ପୂର୍ଣ୍ଣଚନ୍ଦ୍ର

ଓଡ଼ିଆ ଭାଷାକୋଷ

ସ

ସ

ସ—ସ— ବର୍ଣ୍ଣମାଳାର ଦ୍ୱାତ୍ରିଂଶ ବ୍ୟଞ୍ଜନ ବର୍ଣ୍ଣ—The 32nd letter Sa স ସ of the Oriya consonants. [ଦ୍ର—ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ଏହା ଉଷ୍ମ ବା ଅଳ୍ପପ୍ରାଣ ବର୍ଣ୍ଣର ଚତୁର୍ଥ ଅକ୍ଷର । ଜିହ୍ୱାର ଅଗ୍ର ଦନ୍ତମୂଳକୁ ନାମମାତ୍ର ସ୍ପର୍ଶ କଲେ ଏହ ଅକ୍ଷର ଉଚ୍ଚାରିତ ହୁଏ । ଏ ବର୍ଣ୍ଣ ଘ୍ରାମୁଦାନ୍ତ ସାହାଯ୍ୟରେ ଉଚ୍ଚାରିତ ହେଉଥିବାରୁ ଦନ୍ତଘ୍ନନ ଶିଶୁମାନେ ଓ ବୃଦ୍ଧମାନେ 'ସ' ଭଲଭର ଉଚ୍ଚାରଣ କର ପାରନ୍ତି ନାହିଁ । ଏହା ଇଂରାଜୀ 'S' ଓ ଫାରସୀ 'ସିନ୍' ଓ 'ସ୍ୱେ' ଅକ୍ଷରର ଉଚ୍ଚାରଣ ପର୍ । କିନ୍ତୁ ଭାଷାରେ ଏହା ଉଚ୍ଚାରିତ ହେଲବେଳେ ଜାଭ ଓ ମୂର୍ଦ୍ଧାଅଞ୍ଚଳକୁ ଜଭ ଯାଏ । ଏଥିପାଇଁ ଏହା ଶ (ଇଂ. ss) ଓ ଶ (ଇଂ, sh) ପର ଉଚ୍ଚାରିତ ହୁଏ । ସାଧାରଣତଃ କଥାଭାଷାରେ ତାଲବ୍ୟ ଶ, ମୂର୍ଦ୍ଧନ୍ୟ ଷ ଓ ଦନ୍ତ୍ୟ ସ ମଧ୍ୟରେ ପ୍ରଭେଦ ରକ୍ଷିତ ହୁଏ ନାହିଁ, ଅର୍ଥାତ୍ ଶ, ଷ, ସ ବର୍ଣ୍ଣଯୁକ୍ତ ଶବ୍ଦମାନ ପ୍ରାୟ ଏକ ପ୍ରକାର ଉଚ୍ଚାରିତ ହୁଏ । 'ପ୍ରାକୃତ'ରେ ମଧ୍ୟ ଦେଖାଯାଏ ଯେ, ତାଲବ୍ୟ ଶ, ମୂର୍ଦ୍ଧନ୍ୟ ଷ ଓ ଦନ୍ତ୍ୟ ସ-ଯୁକ୍ତ ସଂସ୍କୃତମୂଳକ ଶବ୍ଦମାନ କେବଳ ମାତ୍ର ଦନ୍ତ୍ୟ ସ-ଯୁକ୍ତ ହୋଇ ଲେଖାଯାଏ । କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମତ ଏହ ଯେ, ଓଡ଼ିଆ ଭାଷା ସଂସ୍କୃତମୂଳକ ଥିବାରୁ ସଂସ୍କୃତର ଯେଉଁ ଶବ୍ଦରୁ ଓଡ଼ିଆ ଭାଷାର ପ୍ରଚଳିତ ଦେଶୀୟ ଶବ୍ଦଟି ଆସିଅଛୁ, ତାହୁ ସେହ ମୌଳିକ ଅକ୍ଷର (ଶ, ଷ ବା ସ) ଯୁକ୍ତ କର ଭାଷାରେ ଲେଖିବାକୁ ହେବ ଓ ଅନ୍ୟ ପ୍ରକାରେ ଲେଖିଲେ ତାହା ଅଶୁଦ୍ଧ ହେବ । ଯଥା— ଶିଅଳ (ସଂ ଶୃଗାଳ), ଶୁଆ (ସଂ ଶୁକ), ଷଣ୍ (ସଂ. ଷଣ୍ଡ ବା ଷଣ୍), ସଖୀ (ସଂ. ସଖୀ), ସୁଅ (ସଂ. ସ୍ରୋତ), ଶୋଇବା (ସଂ. ଶୀ ଧାତୁ), ଶିଖିବା (ସଂ. ଶିକ୍ଷ୍ ଧାତୁ) ଇତ୍ୟାଦ ।

କିନ୍ତୁ ଓଡ଼ିଆ ଭାଷା ସାଧାରଣ ସଂସ୍କୃତରେ ସଂସ୍କୃତରୁ ନ ଅସି 'ପ୍ରାକୃତ'ରୁ ଅସିଥିବାର ଭୂରି ଭୂରି ପ୍ରମାଣ ଥିବାସ୍ଥଳେ ଏଥର କତିକଣା କେତେଦୂର ସୁକ୍ତିସଙ୍ଗତ, ତାହା ଶିକ୍ଷିତ-ସାଧାରଣ ବଗ୍ଗର କରିବେ । ଅନ୍ତର ଦେଖାଯାଏ ଯେ, ସଂସ୍କୃତରେ ମଧ୍ୟ ଏ ଭିତ୍ତିଭୂମି ଛଡ଼ନାହିଁ । ଉଦାହରଣ ସ୍ୱରୂପ ଦେଖାଯାଏ ଯେ, ସଂସ୍କୃତରେ ଅନେକ ଶବ୍ଦ 'ଶ' ଓ ବଳକ୍ଲରେ 'ସ' ଅକ୍ଷରବର୍ତ୍ତିଷ୍ଣୁ ହୁଏ ଏବଂ କେତେକ 'ସ' ଯୁକ୍ତ ଧାତୁରୁ ନିଷ୍ପନ୍ନ ଶବ୍ଦ 'ଶ' ଓ 'ଷ' ଯୁକ୍ତ ହୁଏ । ଏଥର ସ୍ଥଳେ ଓଡ଼ିଆରେ ଲେଖିଲ୍ଲବେଳେ 'ଶିଅଳ' ଶୁଦ୍ଧ କି 'ସିଅଳ' ଶୁଦ୍ଧ ଏହା ନିର୍ଣ୍ଣୟ କରିବା ସହଜ ନୁହେ । ଅନ୍ତଃସ୍ଥ 'ଯ', ବର୍ଗୀୟ 'ଜ' ଓ ହ୍ରସ୍ୱ 'ଇ', ଦୀର୍ଘ 'ଈ' ସମ୍ଭରେ ମଧ୍ୟ ଏହାହିଁ ଦେଖାଯାଏ । ଉଦାହରଣ ସ୍ୱରୂପ ଦେଖାଯାଇ ଯେ, ସଂସ୍କୃତ ଶବ୍ଦଭେଦପ୍ରକାଶ, ନାନାର୍ଥ ସଂଗ୍ରହ, ଭୂରିପ୍ରୟୋଗକୋଷ, ନାନାର୍ଥସମୁଚ୍ଚୟ, କଲ୍ପଦ୍ରୁମ, ବିଦ୍ୟାଣ୍ଡ କୋଷାଦ ଗ୍ରନ୍ଥମାନଙ୍କରେ ନିମ୍ନରେ ଲେଖା ଯାଇଥିବା ଶବ୍ଦମାନଙ୍କର ଉଭ ଉଭ ଅକାର ଅନ୍ତ ଏବଂ ଏସୃଡ଼ିକର ଓଡ଼ିଆ ଅକାର ଅଶୁଦ୍ଧ ବୋଲ୍ ବୋଇବା ଅମ୍ମାନଙ୍କ ପକ୍ଷରେ ମ ର୍ଚ୍ଚତା ହେବ । ଯଥା—

ଶବ୍ଦ	ରୂପାନ୍ତର
କୋଷ	କୋଶ

Digitized by srujanika@gmail.com

ସାଧାରଣ ଭାବେ ଅପର ପୃଷ୍ଠାରେ ସୂଚିତ ୧ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ୨ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ବିପରୀତ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଇ' ନ ମିଳିଲେ 'ଗାଈ'ଖୋଜିବେ; 'ମୁଠ' ନ ମିଳିଲେ 'ମୂଠ' ଖୋଜିବେ; 'ବଧୂ'ନ ମିଳିଲେ 'ବଧୁ' ଦେଖିବେ; 'ଅଗର୍ୱ' ନ ପାଇଲେ'ଅଗ୍ଭ' ଦେଖିବେ;'ଅଲବଡ'ନ ପାଇଲେ 'ଅଲ୍‌ବଡ଼'ଦେଖିବେ

ଷତ୍ୱ(ଣ୍)	ଣତ୍ୱ(ଣ୍)
ବେଶ	ବେଷ
ଶୂକର	ସୂକର
ଶୃଗାଳ	ସୃଗାଳ
ମୁସଳ	ମୁଶଳ ମୁଷଳ
କଳଶ	କଳସ
ସୀଦୃଶ (ସିଟ୍)	ସିଦୃଶ, ଶୋଦୃଶ
ସ୍ତନାଶୀର	ଶୁନାଶୀର, ଶୁନାଶୀର, ସ୍ତନାଶୀର
ଶୂନା	ସୂନା
ପାଂଶୁ	ପାଂସୁ
କଶଳଯୂ	କସଳଯୂ, କସଳ
କୁଶୀଦ	କୁସୀଦ, କୁସୀଦ
ଶର(କାଣ୍ଡ)	ସର
ଶୁକ	ସୁକ
ସ୍ରୋତଃ	ଶ୍ରୋତଃ
ସୂର	ସୁର
ଶୃଙ୍ଗ	ସୃଙ୍ଗ
ସ୍ମରଙ୍ଗ	ଶୁରଙ୍ଗ
କଂଶୁକ	କଂସୁକ

ଏଠାରେ ଶତ ଶତ ଦ୍ରାବିଡ଼ାଦିଶବ୍ଦମଧ୍ୟରୁ କେବଳ କେତୋଟି ମାତ୍ର ଉଦାହରଣରୂପେ ଦଆଗଲା । ଏଥିରୁ ଏହା ବୁଝିବାକୁ ହେବ ନାହିଁ ଯେ, ସଂସ୍କୃତ ଭାଷାରେ ଦନ୍ତ୍ୟ ସ, ତାଲବ୍ୟ ଶ ଓ ମୂର୍ଦ୍ଧନ୍ୟ ଷ ପ୍ରୟୋଗରେ ଶୁଦ୍ଧି ଓ ଅଶୁଦ୍ଧି ଧରାଯାଏ ନାହିଁ । କିନ୍ତୁ ଏହି 'ଶୁଦ୍ଧି' 'ଅଶୁଦ୍ଧି' ବାର ଟେକଣା କରିବା ପାଇଁ ଯେତେ 'ସଂସ୍କୃତ-ଭାଷା-ପାଣ୍ଡିତ୍ୟ' ଦରକାର, ତାହା ଓଡ଼ିଆ ଭାଷା ବ୍ୟବହାରକାରୀ କେତେ ଜଣଙ୍କର ଅଛି ? ପୁଣି ସଂସ୍କୃତରେ ମଧ୍ୟ ଏହି ସମସ୍ୟାର ଶେଷ ହୋଇ ପାରି ନାହିଁ; ଯଥା—

ସନ୍ ଧାତୁ=ଦେବା, ବାଣ୍ଟିବା, ସେବା କରିବା+ ଡ ପ୍ରତ୍ୟୟ ହୋଇ ପଦ ବାହାରିଲା ଶତ୍ର ଓ ଷତ୍ (=ତୃପ୍ତ, ନପୁଂସକ)

ସୋ ଧାତୁ=ନାଶ କରିବା + ତ୍ୱ୍ = ଷତ୍ (ଛଅ)

ଏଣୁ ଏଠାରେ ବକ୍ତବ୍ୟ ଏହି କି, ସଂସ୍କୃତ ଭାଷା ପାଇଁ ଯେତେ ପାଣ୍ଡିତ୍ୟ ଆବଶ୍ୟକ, ପ୍ରାକୃତ ଓ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସେତେ ପାଣ୍ଡିତ୍ୟ ଲେଢ଼ା ନ ଥାଏ । ଏଥି ପାଇଁ 'ପ୍ରାକୃତ'ରେ ଗୋଟିଏ 'ସ' ରଖି ଏ ସବୁ ଗୋଲମାଲକୁ ଏଡ଼ାବାକୁ ହୋଇଅଛି । ଓଡ଼ିଆ ଭାଷାରେ ମଧ୍ୟ ସେହି ଅଡ଼ୁଆକୁ ଲଘ୍ୟ ରହିଲେ ଭଲ ହୁଅନ୍ତା ବୋଲି କେତେକ ବ୍ୟକ୍ତିଙ୍କ ମତ ଅଟେ ।

ଅଛ ଯେଉଁ କରଣୀ ଲେଖା, କରରଥା ଲେଖା 'ଅଶୁଦ୍ଧ' ବୋଲି ଶବ୍ଦକୋଷମାନଙ୍କରେ ସ୍ଥାନ ପାଇଁ ନାହିଁ, ଶତାବ୍ଦୀ ପରେ ସେ ସବୁ ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ହାତୁଡ଼େ ପଡ଼ିଲେ ସେମାନେ ଉକ୍ତ ଶବ୍ଦାବଳୀର ଅର୍ଥ କାଢ଼ିବାକୁ ବାଧ୍ୟ ହେବେ । ଯାହା ଭାଷାରେ ଓ ବ୍ୟବହାରରେ ଚଳୁଅଛି ଓ ପରଂରୁ ଚଳି ଅସିଅଛି, ତାକୁ ଶବ୍ଦକୋଷର ସୀମାରୁ ଉଡ଼ି ଦେବା ଯୁକ୍ତିଯୁକ୍ତ ହୋଇ ହେଉ ନାହିଁ । ଉତ୍କଳର ପ୍ରାଚୀନ କରମାନଙ୍କ ଲେଖାରେ ଏଥିର ଭୂରି ଭୂରି ପ୍ରମାଣ ରହି ଅଛି । ସେମାନଙ୍କ ମଧ୍ୟରୁ ଅନେକ ସଂସ୍କୃତ ଜାଣୁ ନ ଥିଲେ ବୋଲି ଭୁଲ କରିଥିବେ; କିନ୍ତୁ ସେମାନେ ଉକ୍ତ 'ଅଶୁଦ୍ଧ' ଶବ୍ଦମାନଙ୍କୁ 'ଶୁଦ୍ଧ' ସଂସ୍କୃତମୂଳକ ଶବ୍ଦମାନଙ୍କ ଅର୍ଥରେ ଯେ ବ୍ୟବହାର କରିଅଛନ୍ତି, ଏ ବିଷୟ ମନା କରିବାର 'ଜୁ' ନାହିଁ ।

ଶ୍ରୀଯୁକ୍ତ ବଜୟଚନ୍ଦ୍ର ମଜୁମଦାର "ଓଡଆ ସାହିତ୍ୟ ପରିଚୟ"ନାମକ ଉତ୍ତମ ଗ୍ରନ୍ଥରେ ଯେଉଁ ଯେଉଁ ଗଦ୍ୟ ଓ ପଦ୍ୟମାନ ଉଦ୍ଧାର କରିଅଛନ୍ତି ଓ ଅଧ୍ୟାପକ ବିଶ୍ୱନାଥେଶ୍ୱର ଆର୍ତ୍ତବଲ୍ଲଭର ମହାନ୍ତ ଯେଉଁ କେତେଖଣ୍ଡି ଗ୍ରନ୍ଥ ପ୍ରକାଶ କରି ଅଛନ୍ତି, ସେଥିରେ ଓ ଓଡଆର ପ୍ରାଚୀନ ଚଉଡଶା-ମାନଙ୍କରେ ମଧ୍ୟ ଏଥିର ଭୂରି ଭୂରି ପ୍ରମାଣ ମିଳେ । ଏଠାରେ କେବଳମାତ୍ର ଗୋଟିକେତେ ଉଦାହରଣ ଦେଲେ ଯଥେଷ୍ଟ ହେବ ।

ସଂସ୍କୃତ	ରୂପାନ୍ତର
ଆୟୁଷ୍	ଆଉଶ
ଦେଶ୍ଟ	ଦେସ
ଉତ୍ତରେଶ୍ୱର	ଉତ୍ତେସ୍ୱର
ସିଦ୍ଧେଶ୍ୱର	ସୀଧେସ୍ୱର
ସାମନ୍ତସିଂହାର	ସାନ୍ତସିଂହାର
ଶତ୍ରୁଜିତ୍	ଶତ୍ରୁଜିତ୍
ପୁଣ୍ଡ	ଶୁଣ୍ଡ

ଭାଷାରେ ଦେଶୀୟ ଓ ଅଦ୍ଭୁତ ଶବ୍ଦମାନଙ୍କରେ ଶ ଗୋଟି ଶ, ଷ ଓ ସ ର ବ୍ୟବହାରରେ ପାର୍ଥକ୍ୟ ରଖାଯାଇ ନ ଥିବାରୁ ଏବଂ ଇଂରେଜୀ, ଫାରସୀ ଆଦି ଅନ୍ୟ ଭାଷାଗତ ଶବ୍ଦମାନଙ୍କୁ ଲେଖକମାନେ ନିଜ ରୁଚି ଅନୁସାରେ ଶ, ଷ ଓ ସ ଯୁକ୍ତ କରି ବ୍ୟବହାର କରୁଥିବାରୁ ଏହି ଭାଷା କୋଷରେ ଏହି ସାଧାରଣ ନିୟମ ଅନୁସୃତ ହୋଇଅଛି ଯେ, ସଂସ୍କୃତ ଓ ସଂସ୍କୃତମୂଳକ ଶବ୍ଦମାନ ଯେଉଁ ଅକ୍ଷର (ଶ, ଷ, ସ) ବିଶିଷ୍ଟ, ସେମାନଙ୍କୁ ସେହି ଶ, ଷ, ବା ସ ବର୍ଣ୍ଣ ଭଲେ ଲେଖା ଯାଇଅଛି ଓ ତାହା ଛଡ଼ା 'ସ' ଉଚ୍ଚାରଣଯୁକ୍ତ ଅନ୍ୟ ଶବ୍ଦମାନ ଏହି ଦନ୍ତ୍ୟ 'ସ' ଭଲେ ଦିଆ ଯାଇଅଛି । ଯେଉଁ କୌଣସି ସ୍ଥଳରେ 'ଶ' 'ଷ' ବିଶିଷ୍ଟ

Digitized by srujanika@gmail.com

୧	ଇ	ଈ	ଋ,ୠ	ଌ	ଏ	ହ୍ରସ୍ୱ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଚ	ଶ,ଫ	ଜ୍ଞ	ଇୟ୍	ଉଅ	ଲ୍ଲ
୨	ଈ	ଊ	ୠ	ୡ	ଐ	ଦୀର୍ଘ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଘ	ସ	ଚ୍ୟ	ଇଅ	ଜ୍ଞ	ନ୍

ଦେଶାତ୍ୟ ଶବ୍ଦମାନ ଏ ଗ୍ରନ୍ଥାକୋଷରେ ସେହି ସେହି ଅକ୍ଷର ଉଲେ ନ ମିଳିବ, ତେବେ ସେଗୁଡ଼ିକୁ ଏହି 'ସ' ଉଲେ ଖୋଜିବାକୁ ହେବ । କେବଳ ସଂସ୍କୃତର 'ଷତ୍ୱ ବିଧାନ' ଅନୁସାରେ 'ଷ୍ଟ' ଓ 'ଷ୍ଟ' ଯୁକ୍ତ ବଦେଶାଗତ ଶବ୍ଦମାନ 'ଷ୍ଟ' ଉଲେ ଲେଖା ଯାଇଥିଲେହେଁ, ଛାଡ଼ା କେତେକ ଲବ୍ଧପ୍ରତିଷ୍ଠ ଲେଖକ ସ୍ତ, ସ୍ତ ଅକାରରେ ମଧ୍ୟ ବ୍ୟବହାର କରୁଥିବା ଦେଖାଯାଏ ।

ସ ର	କରଣୀ	ଆକାର	ୀ
ସା	,,	,,	ୀ
ସି	,,	,,	ି
ସୀ	,,	,,	ା
ସୁ	,,	,,	ୁ
ସେ	,,	,,	େ
ସୋ	,,	,,	ୋ

—ଇତ୍ୟାଦି ।]

ସ—ସଂ. ବି. (ସୋ ଧାତୁ=ଗତି କରିବା, ନାଶ କରିବା ଇତ୍ୟାଦି + କର୍ତ୍ତୃ.ଅ=ଯେ ଗମନ କରେ ବା ନାଶ କରେ ଇତ୍ୟାଦି)—
Sa ୧ । ଶିବ; ମହାଦେବ—1. God Śiba. ୨ । ବିଷ୍ଣୁ—2. God Bishṇu. ୩ । ଚନ୍ଦ୍ର—3. The moon. ୪ । ବାୟୁ—4. Air; wind. ୫ । ଜୀବାତ୍ମା—5. The Living Soul; the Spirit inhabiting the body of a living being. ୬ । ଜ୍ଞାନ—6 Knowledge. ୭ । ଚିନ୍ତା—7. Thought. ୮ । ଦୀପ୍ତି—8. Lustre. ୯ । ସର୍ପ—9. Serpent. ୧୦ । ଭୃଗୁ; ପର୍ବତାଦିର ଢାଲୁ ପ୍ରଦେଶ—10. Mountain-slope; precipice. ୧୧ । ପର୍ବତୋପରସ୍ଥ ଅତି ସମତଳ ପ୍ରଦେଶ—11. Table-land. ୧୨ । ଭୃଗୁମୁନି; ଶୁକ୍ରାଚାର୍ଯ୍ୟ-12. The sage Bhṛugu; the preceptor of the Demons. ସଂ. ବିଣ (ଅନ୍ୟ ଶବ୍ଦ ପୂର୍ବରେ ଯୁକ୍ତ ହୁଏ ଓ ଉକ୍ତ ରୂପେ ବହୁବ୍ରୀହି ପଦ ବଶେଷଣ ହୁଏ)—୧ । (ଅମୁକ) ସହିତ ବର୍ତ୍ତମାନ; ସହିତ ମିଶ୍ରିତ—1. Present with; accompanied with or by; mixed with (something). (ଯଥା—ସଘୃତ, ସଜୀକ, ସଶର୍କର ।) ୨ । (ଅମୁକ) ସହିତ ସମାନ; ଠାରୁ ଅଲ୍ପ—2. Equal in (something); having the same or similar (something). (ଯଥା—ସଗୋତ୍ର, ସଜାତି, ସଧର୍ମ ।) ୩ । ଯହିଁରେ (ଅମୁକ) ଉପସ୍ଥିତ ଥାଏ—3. In which (such a thing) is present. (ଯଥା—ସଜୀବ, ସବଳ, ସଜଳ ।) ଦେ. ବ—ସ (ସଃ)—(କଚରଥ ସାଙ୍କେତିକ) ସରେଜଣ୍ଡ (ମକଦ୍ଦମା)—Original (suit).

ସଅଁ—ଦେ. ବ (ବୈଦ୍ୟକ)—ଏକପ୍ରକାର ଆରଣ୍ୟ ଗୁଳ୍ମ—
Sa-añ A kind of wild plant.

ସଅଁ କରିବା—ପ୍ରାଦେ. (କେଦ୍ରାପଡ଼ା) କି (ସଂ. ସମ)—ସମାନ କରିବା; ଚିକ୍କଣ କରିବା—To plane; to smooth.
Sa-añ karibā

ସଅଁତିରିଶ(ଶି)—ଦେ. ବ ଓ ବିଣ (ସଂ. ସପ୍ତତ୍ରିଂଶତ୍)—ସଇଁତିରିଶ (ଦେଶ)—Saiñtriśa. (See)
Sa-añtiriśa(śi)
ସ(ସା)ଇଁତ୍ରିଶ **सैंतिस** [ସଅଁତିରିଶ(ଶି)—ଅନ୍ୟରୂପ]

ସଅଁପି ଦେବା—ଗ୍ରା. କ୍ରି. (ଗ୍ରାମ୍ୟ) (ସଂ. ସମର୍ପଣ)-ସଁପି ଦେବା (ଦେଶ)
Sa-añpi debā Sañpi debā. (See)
ସଁପେଦେଓୟା **सौंपदेना**

ସଅଁବାର—ଗ୍ରା. ବ (ସଂ. ସୋମବାର)—୧ । ସୋମବାର—
Sa-añbāra 1. Monday. ୨ । ଶିବଙ୍କ ଉଦ୍ଦେଶ୍ୟରେ (ସଂବାର, ସଁବାର—ଅନ୍ୟରୂପ) ଅନୁଷ୍ଠିତ ସୋମବାର ଉପବାସ ସୋମବାର **सोमवार** ବା ଉପବାସ—2. Fast observed on Monday.

ସଅଁବାରି(ରୀ)—ଗ୍ରା. ବ. ପୁଂ ଓ ସ୍ତ୍ରୀ—ସୋମବାର ଦିନ ଜାତ ଲୋକଙ୍କ ନାମ—A name given to persons born on Mondays.
Sa-añbāri(rī)

ସଅଁବାରିଆ(ୟା)—ଗ୍ରା. ବିଣ—୧ । ସୋମବାର ସମ୍ବନ୍ଧୀୟ—ସୋମବାରର ବାରରେ ଘଟିବା—1. Relating to Monday. ୨ । ସୋମବାରିଆ **सोमवारिया** day; recurring on Monday. (ଯଥା—(ସଅଁବାରେଣ—ସ୍ତ୍ରୀ) ସଅଁବାରିଆ ଦ୍ୱାଡ଼ି) ପୁଂ—୧ । ସୋମବାରରେ ଜାତ ବ୍ୟକ୍ତିର ନାମ—1. A name given to a person born on Monday. ୨ । ଯେଉଁମାନେ ସୋମବାର ବ୍ରତ କରନ୍ତି—2. Those who observe fast on Mondays.
Sa-añbāriā(yā)

ସଅଁରାଜ—ଦେ. ବ (ସଂ. ସୋମରାଜା)—ସୋମରାଜା (ଦେଶ)
Sa-añrāja Somarāji. (See)

ସଅଁ ସଅଁ—ଦେ. ଅ (ଦ୍ୱନ୍ୟନୁକରଣ)—ସଁ ସଁ (ଦେଶ)
Sa-añ sa-añ Sañ sañ. (See)

ସଅକ୍(କ) ବଅକ୍(କ)—ବୈଦେ. ବ (ଫା. ସକ୍=ଦୋଷ; ତ୍ରୁଟି)—
Sa-ak(ka) ba-ak(ka) ୧ । କାଇଲ୍; ଦୋଷ; ତ୍ରୁଟି—ଦୋଷ 1. Fault; shortcoming. (ଯଥା—ଏ କାମରେ **सक्** ମୋର ସଅକ୍ ବଅକ୍ ହୋଇଗଲା ।) ୨ । ଭୁଲ୍; ଭୁଲ ଭ୍ରାନ୍ତି **भुल चूक** ଭ୍ରମ—2. Mistake; wrong.

Digitized by srujanika@gmail.com

ସଅଣ,ଣି,ଣୀ,ଣିକ)—ଦେ. ବ ଓ ବଣ—ସହଣ ଇତ୍ୟାଦ (ଦେଶ)
Sa-aṇa(ṇi,ṇī,ṇika) Sahaṇa etc (See)

ସଅପ—ଦେ. ବ—ସପ (ଦେଶ)
Sa-apa Sapa. (See)

ସଅ(ହ୍ମରାଜ)—ଦେ. ବ (ସଂ. ସୋମରାଜ)—ସୋମରାଜ (ଦେଶ)
Sa-a(ha)rāja Somarājī. (See)

ସଅଳ (ଇତ୍ୟାଦ)—ଦେ. କି. ବଣ. ଓ ବଣ (ସଂ. ସରଳ)—ସହଳ ଇତ୍ୟାଦ (ଦେଶ)
Sa-aḷa (etc) Sahaḷa etc. (See)

ଶିଗ୍‌ଗୀର **ଜଲଦୀ** ୧ । ଜଲଦ; ଶୀଘ୍ର; ଚଞ୍ଚଳ—1. Soon. ୨ । ସକାଳ ସକାଳ **ସବେରେ** ସତ୍ୱର—2. Hastily. ୩ । (ସଂ. ସଦ୍ୟଃ ସରଳ କାଳ)—ପ୍ରତ୍ୟୁଷରେ—3. Early. ୪ । (ସଂ. ସରଳ) **ସରଳ** ସରଳ; ସହଜ—4. Easy. ୫ । ସିଧା—5. Straight.

ସଅଳଆ(ୟା)—ଦେ. ବଣ (ସଂ. ସରଳ)—୧ । ସରଳ; ସହଜ—Sa-aḷiā(yā) 1. Easy. ୨ । ସିଧା—2. Straight. ୩ । ସରଳ ସତ୍ୱର; ତ୍ୱରିତ—3. Hasty. ୪ । ସାଧାରଣ ସମୟର **ଜଲ୍‌ଦବାଜ** ଅପେକ୍ଷାକୃତ ଚଟକେ ଘଟିବା—4. Early.

ସଅଳେ—ଦେ. ଅ—ଶୀଘ୍ର—Promptly. [ଉ—ସଅଳେ ସଅଳେ Sa-aḷe ଗୃହସ୍ଥ ଖାଇ ଦେଇ ଶୋଇ ପଡ଼ୁଥାଏ । ଫଳାରମୋହନ ଶିଗୀର **ଜଲ୍‌ଦୀ ଜଲ୍‌ଦୀ** ଭୁମାଣ ଅଠଗୁଣ ।]

ସଇ(ଈ)—ଦେ. ବ. ସ୍ତ୍ରୀ. (ସ. ସଖୀ; ପ୍ରା. ସଗ୍ଗି)—ସଖୀ (ଦେଶ)—Sai(ī) Sahī. (See). [ଉ—ସରସ୍ୱରେ ଭାଷିବେ, ଦେଖ ଗୋ ସଈ ଏଇ । ସ୍ୱଖନାଥ ମେଢଭୂଡ. ।] ବୈଦେ. ଅ (ଆ)—ସଖ **ସଖା, ସହେଜୀ** (ଦେଶ)—Sahi. (See) ସଈ **ସହୀ**

ସଇଅଦ୍—ବୈଦେ. ବ—ସୈୟଦ୍ (ଦେଶ)
Saiad Saiyad. (See)
[ସଇୟୁଦ୍, ସଏ(ୟୁ)ଦ୍—ଅନ୍ୟରୂପ]

ସଇଁ—ଦେ. ଅ(ଧ୍ୱନ୍ୟନୁକରଣ)—କାର୍ଯ୍ୟକ ପରିଶ୍ରମଜନିତ ଘନ ନିଶ୍ୱାସ—Saiñ Hard and repeated hissing sighs due to [ସଇଁ ସଇଁ—ଅନ୍ୟରୂପ] exertion. ଗ୍ରା. ବ—ସ୍ୱାଇଁ ଉପାଧ୍ୟାୟ ସାଇଁ ସାଇଁ ବ୍ୟକ୍ତର ଡାକ ନାମ—The nickname of **ହକ ହକ** person bearing the title of Swāiñ.

ସଇଁଆ(ଆଁ)—ଦେ. ବଣ—ସଯଁା (ଦେଶ)
Saiñā(āñ) Sayāñ (See).

ସଇକତ—ଦେ. ବ. (ପଦ୍ୟ)—ବୈକତ (ଦେଶ)
Saikata Saikata (See).

ସଇଗା—ପ୍ରାଦେ (ଗଡ଼ଜାତ) ବ—ଏକପ୍ରକାର ବନ୍ୟ ଆଳୁ—
Saigā A kind of wild yam.

ସଇତ(ତି,ତୁ)—ପ୍ରା. ବ. ସ୍ତ୍ରଂ (ସ. ସତ୍ୟବାଦୀ)—(ଅଦଗ୍ଧର୍ଥକ)—ସତ୍ୟବାଦୀଙ୍କ ଡାକନାମ—Name for calling 'Satyabādi.

ସଇତା, ସଇତଅ, ସଇତୁଅ } —ଅନାଦରାର୍ଥକ ରୂପ

ସଇତମ୍ବା(ମା)—ପ୍ରାଦେ (ଦ୍ରବିଡ଼ୀ) ବ—ପିଜୁଲ—
Saitambā(mā) Guava.
(ସୋଇତମା—ଅନ୍ୟରୂପ)

ସଇ(ଏ,ୟ)ତାନ୍—ବୈଦେ. ବ (ଅ. ଶୈତାନ୍; ଇଂ. ସାଟାନ୍)—ସୟତାନ **ଶୈତାନ** ଧର୍ମଶାସ୍ତ୍ରବର୍ଣ୍ଣିତ ଈଶ୍ୱରଦ୍ରୋହୀ ସ୍ୱର୍ଗଦୂତ—1. Satan. [ଦ୍ର—ଏ ଈଶ୍ୱରଙ୍କ କର୍ତ୍ତୃତ୍ୱ ନ ମାନବାରୁ ଈଶ୍ୱର ଏହାକୁ ସ୍ୱର୍ଗରୁ ଦୁର୍ଗନ୍ଧମୟ ଓ ଗଳକାଗ୍ନିପୂର୍ଣ୍ଣ ନରକକୁ ଢଡ଼େଇଲେ । ଏ ସେଠାରୁ ବାହାର ଈଶ୍ୱରଙ୍କ ସୃଷ୍ଟି ଭୂମଣ୍ଡଳକୁ ଅରାଜକ କରି ଈଶ୍ୱରଙ୍କୁ ସନ୍ତପ୍ତ କରିବାଯାଇଁ ଉଦ୍ୟମ ଅଦମ ଦମ୍ପତ୍ତି (ଅଡାମ୍ ଓ ଇଭ୍)ଙ୍କୁ ପ୍ରଲୋଭନ ଦେଖାଇ 'ଜ୍ଞାନବୃକ୍ଷ'ର ଫଳକୁ ଖୁଆଇଲା ଓ ସେମାନଙ୍କ ବଂଶଧର-ମାନଙ୍କୁ ଉତ୍ପଥଗାମୀ ସମସ୍ତ ମନୁଷ୍ୟଙ୍କୁ) ଅରାଜାପ ଓ ପାପଗ୍ରସ୍ତ କରାଇଲା । ଉତ୍ପରେ ଈଶ୍ୱର ଜନ୍ମତଃ ପାପୀ ମାନବମାନଙ୍କୁ ଉଦ୍ଧାର କରିବା ପାଇଁ ନିଜ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ପୃଥିବୀକୁ ଅବତାରରୂପେ ପଠାଇଲେ ଏବଂ ଯିଶୁ ନିଜର ପ୍ରାର୍ଥନା, ଅନୁତାପ ଓ ରକ୍ତଦାନଦ୍ୱାରା ଉକ୍ତ ମାନବମାନଙ୍କୁ ପାପରୁ ଉଦ୍ଧାର କଲେ । ତେବେ ମନୁଷ୍ୟମାନେ ଅଦମଦକ୍ଷତାକୃତ ପାପରୁ ଯେପରି ମୁକ୍ତ ହେବେ ସେଥିପାଇଁ ଯୀଶୁ ମୋଶିଏ ଶରେତ୍ କରି ଯାଇ ଅଛନ୍ତି; ତାହା ଏହି :—ଯେଉଁ ନରନାଶ ଈଶ୍ୱରଙ୍କୁ ଯୀଶୁଖ୍ରୀଷ୍ଟଙ୍କ ଜରିଆରେ ଭଜିବେ, ସେମାନେ କେବଳ ପାପମୁକ୍ତ ହେବେ, ଆଉ ଅନ୍ୟମାନେ ମୃତ୍ୟୁ ପରେ ନରକରେ ପଡ଼ି ଅନନ୍ତକାଳ ଯାଏଁ ହେବେ ।] ୨ । ଭୂତ; ମୃତ ବ୍ୟକ୍ତର ପ୍ରେତ—2. The ghost of a deceased person. ୩ । ପଠାଣ ଭୂତ—3. The ghost of a deceased Mahomedan. ୪ । (ଲକ୍ଷଣାର୍ଥ) କ୍ରୂର, ପାପୀ ଓ ଦୁରାତ୍ମାର ବ୍ୟକ୍ତ—4. A very wicked and sinful person.

ସଇତାନ୍ ଚରଖା(ଖି)—ବେଦେ. ବ (ଫା. ଶଇତାନ୍, ଆ. ଶଇତ୍=ସୟତାନେରଯନ୍ତ୍ର **ଶୈତାନକା ଚିରାଗ** ଅଗ୍ନି ବା ମଶାଲ, ଅର୍ଥାତ୍ ସଇତାନ ଯେଉଁ ଅଗ୍ନି ବା ମଶାଲ ସାହାଯ୍ୟରେ ନର-ନାଶଙ୍କୁ ପାପଅଡ଼ୁଆରେ ପ୍ରଲୋଭିତ କରି ଟାଣିନିଏ ବା ବାଟ ଦେଖାଏ ।) ୧ । ସଇତାନର ଭଲ୍ଲାବତ ଯନ୍ତ୍ର ବା ବସ୍ତୁ-1. A devilish or cursed instrument or thing. ୨ । (ବ୍ୟଙ୍ଗୋକ୍ତି)—ଶୂନ୍ୟଗାଡ଼;ବାଇସାଇକଲ୍—Bycycle. ବଣ—ଅତି ପାପିଷ୍ଠ (ବ୍ୟକ୍ତ)—Very sinful (person).

ସଇ(ଏ,ୟ)ତାନି—ବୈଦେ. ବ (ଅ)—ଖଳତା; ଦୁଷ୍ଟାମି—Sai(e,ya)tāni Wickedness. ବଣ—୧ । ସଇତାନ-ସୟତାନୀ **ଶୈତାନୀ** ସମ୍ବନ୍ଧୀୟ—1. Devilish; satanic. ୨ । ଅସୁରକ—2. Demoniac. ୩ । ଖଳ; ଦୁଷ୍ଟତା ଯୁକ୍ତ—3. Wicked. ୪ । ମନ୍ଦ—4. Evil.

Digitized by srujanika@gmail.com

ସଇ(ଏ,ୟ)ତାନଆ—ବେ. ବିଣ—୧ । ସଇତାନ ପର ଶଳ Sai(e,ya)taniā (ବଂଜ୍ଞ)—1. Wicked; satanic; ସୟତାନୀ **शैतानी** devilish [person]. ୨ । ଅପ୍ରଚ୍ଳିତ (କାର୍ଯ୍ୟ)—2. Satanical; devilish [act]. ୩ । ଅତି ମନ୍ଦ—3. Very bad or evil [act or thing].

ସଇତାନ କରିବା(କାଢ଼ ବା)—ବେ. କି—ଦୁଷ୍ଟାପଣ ବା ଖଳତା ପ୍ରକାଶ Saitāni karibā[kārdhibā] କରିବା—To show ସୟତାନି କରା **शैतानी करना** or exhibit satanic ସଇତାନ ଦେଖା(ଖେ)ଇବା } ସଇତାନ କାହାର କରିବା } —ଅନ୍ୟରୂପ propensities; to do wicked acts.

ସଇତାନ ଥଣ୍ଡା କରିବା—ବେ. କି—କୌଣସି ଦୁଷ୍ଟ ବ୍ୟକ୍ତିକୁ ଦଣ୍ଡାଦି ଦ୍ୱାରା ଜବବ୍ Saitāni thandā karibā ସହିତାନି ଠାଣ୍ଡା କରା **सैतानी ठंडा करना** କରିବା—[ସଇତାନ ଜବ୍ଦାଜ୍‌ଦେବା—ଅନ୍ୟରୂପ] To check a person's wickedness; to punish a wicked person and make him discontinue his wicked acts.

ସଇଁତି(ତ୍ରି)ଶ(ଶ)—ବେ. ବି. ଓ ବିଣ (ସଂ. ସପ୍ତତ୍ରିଂଶତ୍)—Saiñti(tri)śa[śi] ସପ୍ତତ୍ରିଂଶ; ୩୭—Thirty-seven. [ସଇଁତିରଶ (ଶ) —ଅନ୍ୟରୂପ] ସହିତ୍ରିଶ **सैंतिस**

ସଇ(ଏ,ନ୍ୟ)ନ୍ୟ)—ସ୍ତ୍ରୀ. ବି (ସଂ. ସୈନ୍ୟ)—୧ । ସେନା; Sai[e]na[ni,nya] ଫଉଜ—1. Army. [ଅ—ସୈନ୍ୟ **सेना** ଯୁଦ୍ଧକଲେ କୁରୁ ପାଣ୍ଡବ ସଇନ—କୃଷ୍ଣସଂଦ. ମହାଭାରତ. ଅଦ] ୨ । ବହୁ ଲୋକ—2. A multitude of persons.

ସଇନ(ନ୍ଧ,ନ୍ୟ) ସାମନ୍ତ—ସ୍ତ୍ରୀ. ବି— ସୈନ୍ୟ ସାମନ୍ତ (ଦେଶ) Saina(ni,nya)sāmanta Sainya sāmanta. (See) ସୈନ୍ୟସାମନ୍ତ **सैन्यसामन्त**

ସଇନ୍ଦୁ—ବେ. (ପ୍ରାଚୀନ) ବିଣ—(ପୁରାଣାଦି ବର୍ଣ୍ଣିତ) ଜନ୍ମମାତ୍ର Saindu ଅବ୍ୟବହିତ ପରେ ଭୂମିଷ୍ଠ (ସନ୍ତାନ)—(a child said in the mythologies to have been) Born immediately after coition or conception. [ଅ—ସସାଶ୍ରୁମେ ସୁନ୍ଦସ୍ୟ ଯେ ନ ଗାଉଇ ଚଳ, ସଇନ୍ଦୁ ପୁତ୍ରକ ହୋଇ ଛଡ଼ିଲ ବୋବାଳି. ସାରଳା. ମହାଭାରତ. ଅଦ ।]

ସଇନ୍ଦ୍ରି(ନ୍ଧ୍ରି)—ସ୍ତ୍ରୀ. (ପ୍ରାଚୀନ) ବ. ସ୍ତ୍ରୀ (ସଂ. ସୈରିନ୍ଧ୍ରୀ)—ଅନ୍ତଃପୁରସ୍ଥା ଦାସୀ **अंतःपुरकी दासी** ରାଣୀ ପ୍ରଭୃତିଙ୍କର ସେବାକାରିଣୀ ରୂପ୍ୟା—A maid servant of the harem; a maid-in-waiting for queens. [ଅ—ସଇନ୍ଦ୍ରୀକ କୋଇଲେ ଥଣା ସାର ଅଣ, କଙ୍କ ଥଣା ଭୁଲରେ ଫେଳିବୁ ଏଷଣ । କୃଷ୍ଣସଂଦ. ମହାଭାରତ. ବଗ୍ଗ ।]

ସଇନ୍ଦ୍ରୀ ସେବା—ସ୍ତ୍ରୀ. ବ (ସଂ. ସୈରିନ୍ଧ୍ରୀ+ସେବା)—ଦାସୀଙ୍କ ପର Saindrī seba କୌଣସି ସ୍ତ୍ରୀଙ୍କ ଶ୍ରୀଅଙ୍ଗସେବା କର୍ମ-ଦାସୀର ସେବା Rendering of personal services to a **अंतःपुरदासीकी सेवा** lady. [—ଶାଶୁ ସୋହୁଲୁ ଧନସ୍ତ ସଇନ୍ଦ୍ରୀ ସେବା ଶଶିଥାଏ । ପୀତାମ୍ବର. କାନ୍ତୁର ବାବୁ ।]

ସଇନ୍ଧ(ନ୍ଦ)ବ—ସ୍ତ୍ରୀ. ବ (ସଂ. ସୈନ୍ଧବ) -ସୈନ୍ଧବ (ଦେଶ) Saindha(nda)ba ସୈନ୍ଧବ **सोंधानमक** Saindhaba. [ସଇନ୍ଧବ ଲକ୍ଷଣ—ଅନ୍ୟରୂପ] (See)

ସଇପ(ଖି,ଫ,ଫି)ନ୍—ବୈଦେ. ବ (ଇଂ)—ସାଇପନ (ଦେଶ) Saipa(pi,pha,phi)n Sāipan. (See) [ସଇପ(ପି)ନ୍(ବ) ପୋଲ—ଅନ୍ୟରୂପ]

ସଇ ବସିବ—ବେ.କି--(ଅନ୍ୟ ସଙ୍ଗେ) ସଖ୍ୟରୂପ ବନ୍ଧୁତା ସ୍ଥାପନ କରିବା-- Sai basibā To set up friendship with a ସଇ ପାତା **सखी होना,सहेली होना** person.

ସଇମୋହର(ରି)—ବୈବେ. ବ (କରଣଅ) (ଫା ସହ+ମୋହର୍) Sai mohara(ri) ସ୍ୱତନ୍ତ୍ର କର୍ମଗୃଖଙ୍କ ସ୍ୱାକ୍ଷର ଓ ଅଙ୍ଗିସ୍ୱର ସହିମୋହର ମୋହର ସହ ଥାଇଥିବା ସରକାରୀ କାଗଜ-**सैमोहर** ପତ୍ରର ଅବିକଳ ନକଲ—Certified copy of an official paper. [ଉ— ଦାରୋଗାଙ୍କ ଉପୋର୍ଟର ଏକ ପ୍ରତ୍ଥ ସଇମୋହର ନକଲ ଦାସଲ କରିଅଛୁଁ । —ଫକିରମୋହନ, ଛମାଣ ଅଠଟୁଣ୍ଠ]

ସଇ(ଏ,ୟ)ରାତ୍—ବୈବେ. ବ. [ଫା. ସାଏର୍]—ଜମିଦାରଙ୍କର Sai (e, ya) rāt ଅନ୍ତର୍ଦ୍ଦେଶ ଭୂମିର ସ୍ଥାୟୀ ସ୍ୱତନ୍ତ୍ର ଲଭ୍ୟ ସୟରାତ ମତ୍ସ୍ୟଦ୍ୟ, ବନଜର, ଫଳଜର ଅଦି ଅସ୍ଥାୟୀ ଜଳଣ; **सायर** ଅଉରତ୍ତ କର—Sair; any fluctuating ସଇ[ଏ]ର, } ସଇ[ଏ]ରତ୍ତ ଜମା } or additional rent payable for fishery, forests etc besides the fixed rent payable for land.

ସଇରିନ୍ଦ୍ରି[ନ୍ଧ୍ରି]—ସ୍ତ୍ରୀ[ଅଦ୍ୟ] ବ.—[ସ ସୈରିନ୍ଧ୍ରୀ]--ସଇନ୍ଦ୍ରୀ(ଦେଶ)— Sairindri (ndhri) Saindri (See) [ଉ—ଦାସୀ **अंतःपुरकी दासी** ଅନ୍ତଃପୁରକୁ ପୁରୋଧା ସଇରନ୍ଧ୍ରୀ ଦ୍ୱତ୍ତେ ଦେଇଁ ଦେଲ ବେଗେ ଯେ ।—ଉଜ୍ଜ. କୋଣବନ୍ଧୁଙ୍କ ପୃଦଗ୍ଧ]

ସଇଲ୍ଲ—ସ୍ତ୍ରୀ. କି—୧ । ସରିବା କ୍ରିୟାର ବର୍ତ୍ତମାନସାମୀପ୍ୟ ଭୂତ Sailā କାଳର ଉତ୍ତମପୁ ପୁରୁଷ ଏକବଚନ (ସେ) 'ସରିବ'ର ଫୁରାଲ **खतम हुआ** ଅନ୍ୟରୂପ—1. Another form **खतमहुआ** of 'Sarilā', past tense, third person, singular of the verb 'Saribā'. [ସୋ କଥାଟି ସଇଲ୍ଲ, ଫୁଲ ଗଛଟି ମଲ୍ଲ ।—କଥାର କଥା] ୨ । 'ସରିବା' କ୍ରିୟାର ବର୍ତ୍ତମାନ ସାମୀପ୍ୟରୂପ ଜାଇ, ଉତ୍ତମପୁ ପୁରୁଷ, ଏକବଚନ 'ସରିବ'ର ଅନ୍ୟରୂପ । 2. Another form of 'Sahilā.

Digitized by srujanika@gmail.com

ସଇ(ଇ) ସମ (ମ୍ଭା)ଳ—ଦେ. କ୍ରି. ବିଣ. ୧ । ସାବଧାନ ହୋଇ—1. Sai(hi) samā(mbhā)li Cautiously. ୨ । ଅଗ ପଛ ସାମଲେ ସମ୍ଭାଲକର ବଗୁର ଭର୍—2. After mature consideration. ୩ । ଅପେକ୍ଷାପଢ଼ିକ—3. After waiting.

ସଇ(ଇ) ସମା[ମ୍ଭା]ଳି କଥା କହିବା—ଦେ. କ୍ରି—ସାବଧାନ ହୋଇ Sai(hi) samā (mbhā)li kathā kahibā କଥା କହିବା-ସାମଲେ କଥାବଲା To be cautious in the use of ସମ୍ଭାଲକର ବୋଲନା one's words or talk.

ସଇ ଏ ସ—ଦେ କି ଦେ. ବି [ଫା: ସାଇସ୍; ଭୁଲ. ସଂ. ଅଶ୍ୱଶାଲ] Sai(e)sa ୧ । ଅଶ୍ୱଶାଳକ—1. A groom. ୨ । ଘୋଡ଼ାର ସାଇସ ସାଇସ ଶବର ବୁଝିବା ବୃତ୍ତର—2. A horse-keeper.

ସଇସି—ଦେ କି ଦେ. ବି (ଫା)—ସଇସର କାମ—The post or duty Saisi of a groom. ଦେ କି ଦେ. ବିଣ—ସଇସିଆ ସଇସି ସାଇସୀ [ଦେଖ]—Saisiā (See)

ସଇସିଆ—ଦେ. ବିଣ: ୧ । ସଇସର ଯୋଗ୍ୟ—1 Befitting a Saisiā groom. ୨ । ସଇସ ସମ୍ପର୍କୀୟ—2, Relating ସଇସି ସଇସିଆ to a groom.

ସଇ ସଙ୍ଗାତ—ଦେ. ବି. ପୁଂ—ସହ ସଙ୍ଗାତ (ଦେଖ) Saī saṅgāta Sahi saṅgāta (See) ସଇ ସାଙ୍ଗାତ ସଖୀ ସହେଳୀ [ସଇ(ଈ) ସଙ୍ଗାତୁଣୀ—ସ୍ତ୍ରୀ]

ସଉ(ଓ) ଆ—ଦେ. ବି. (ସଂ. ସବାଦ=୧+୧; ପାଦ=¼; Sau(o)ā ୧+¼=୧¼)—କୌଣସି ବ୍ରଣ ଓ ଉହୁଁ ସଙ୍ଗେ ସଓୟା ସବା ଉହୁଁରୁ ¼—One and one fourth. (ସବା—ଅନ୍ୟରୂପ) ବିଣ—୧¼ ପରିମିତ—1¼ as much. (ଯଥା—ସଉଆ ସେର=୧¼ ସେର; ସଉଆ ଘଣ୍ଟା=୧¼ ଘଣ୍ଟା ।)

ସଉଆ ମହଣ—ଦେ. ବି.—୧¼ ମହଣ—One and one fourth Sauā mahaṇa maund. (ଦ୍ର—ଏହିପର ସଉଆ ସେର, ସଉଆମନ ସବାମନ ସଉଆ ଘଣ୍ଟା ଆଦ ଶବ୍ଦ ଦ୍ରଷ)

ସଉ(ଓ)ଆର୍—ଦେ କି ଦେ ବି.—(ଫା. ସବାର୍, ଭୁଲ. ସଂ ଅଶ୍ୱବାର) Sau(o) ār—ଯେ ଯାନାଦରେ ଚଢ଼େ; ଅଶ୍ୱାରୋହୀ—A rider. ସଓୟାର ସବାର (ସବାର୍=ଅନ୍ୟରୂପ)

ସଉଆର୍ ହେବା—ଦେ. କ୍ରି—(ଯାନାଦି) ଚଢ଼ିବା—To ride. Sauār hebā ସଓୟାର ହଓୟା ସବାର ହୋନା

ସଉ(ଓ) ଆରି—ଦେ. ବି. ଓ. ବିଣ—ସବାର (ଦେଖ) Sau o)āri Sabāri (See) ସଓୟାରି ସବାରୀ

ସଉଆଲ୍ (ଇତ୍ୟାଦି) କୈ ଦେ. ବି.—[ଅ]—ସବାଲ୍ ଇତ୍ୟାଦି (ଦେଖ) Sauāl [etc] Sabāl etc [See] ସଓୟାଲ୍ ସବାଲ

ସଉଆ ଶଅ(ହ,ହେ)—ଦେ.ବି ଓ ବିଣ (ସଂ.ସବାଦ+ଶତ)—ଏକ ଶହ Sauā śa-a(ha,he) ପଚଶ; ୧୨୫—One hundred (ସଉଆ ଶ—ଅନ୍ୟରୂପ) and twenty five. ସଓୟା ଶତ ସବାସୌ

ସଉଆ ସେର—ଦେ. ବି ଓ ବିଣ—ଏକ ସେର ଓ ଏକ ପାଅ; Sauā sera ପାନ୍ଥ ପାଅ, ୧¼ ସେର ବା ୧। ସେର—ସଓୟାସେର ସବାସେର 1¼ seer. (ଯଥା—ମୁଁ ଗୀରଙ୍କୁ ସଉଆ ସେର ଶିରଗ ଯାଉଛି ।)

ସଉକ୍(ଖ୍,କ,ଗି)—ଦେ. ବିଣ (ଫ. ସୌଖୀନ୍, ଭୁଲ. ଆ ସୌଖ)—Sauk(kh,ki,khi) ୧ । ଯେ କୌଣସି ବିଶେଷ ବସ୍ତୁ ବା ସଉକ(ଖି)ନ୍ (ନ୍) } ସଉକ(ଖି)ଆ } —ଅନ୍ୟରୂପ ପୋଷାକପ୍ରତି ସଙ୍କଳ୍ପ ବିଶେଷ ଅଗ୍ରହାନ୍ୱିତ—ସଖୀ ଶୌକ 1. Having a fancy or special liking for a particular thing or dress. ୨ । ବିଳାସପ୍ରିୟ—2. Luxurious; sportive. ୩ । ଉଜ୍ଜ୍ୱଳ ପୋଷାକ ଅଦର ପ୍ରିୟ—3. Very fond of gala dress. ୪ । ବିଳାସପ୍ରିୟ—4. Gallant; fond of luxury. ୫ । ରସଜ୍ଞ;ରସିକ—5. Witty; humorous. ୬ । ସୁଖେଚ୍ଛୁ—6. Seeking pleasure; desirous of pleasure. ୭ । ଫୁଲ୍ ବସିକ—7. Foppish. ଦେ. ବ (ଫ. ସୌଖ୍ୟ, ଅ. ସୌକ୍=ଅଗ୍ରହ)—୧ । କୌଣସି ବିଶେଷ ବସ୍ତୁ ପ୍ରତି ଅଗ୍ରହ ବା ଅଦର—1. Special liking or fancy to any particular thing. ୨ । ସଉକ ବା ଅସ୍ୱସ୍ତ; ସୁଖଭୋଗ; ବିଳାସ—2. Ease; enjoyment; luxurious living. ୩ । (ପୁଂ. ଓ ସ୍ତ୍ରୀ) ରସିକ ବ୍ୟକ୍ତି—3. A fop; a gallant; a beaux or belle. ୪ । ବିଳାସୀ ବ୍ୟକ୍ତି—4. A person given to dalliance or luxury.

[ଦ୍ର—ଲୋକବିଶେଷଙ୍କର (ପୁରୁଷ ବା ସ୍ତ୍ରୀଙ୍କର) ବିଶେଷ ବସ୍ତୁ (ଯଥା—ପୋଷାକ, ସାଜ, ଅଳଙ୍କାର, ପାଣ୍ଡୁ ଗାମୁଛା, ପାଣ୍ଡଡ ଜବ ଦ୍ରବ୍ୟଦ୍ରବ୍ୟ 'ସଉକ' ଥିବା ଦେଖାଯାଏ ।

'ପୋଷାକ ସଉକ'ମାନେ ଚକଚକିଆ ପୋଷାକ ପିନ୍ଧିବା ଓ ଦେଖାଇ ହେବାପାଇଁ ବ୍ୟସ୍ତ ହୁଅନ୍ତି ।

'ବାଳ ସଉକ'ମାନେ ନାନାପ୍ରକାରେ କେଶବିନ୍ୟାସ କରି ଓ ବାଳକୁ ଭିନ୍ନ ଭିନ୍ନ ପ୍ରକାରେ ମାଙ୍ଗ କାଢି ପାକଥା ସାହାଯ୍ୟରେ ଚିଲାଦ ଦ୍ୱାରା ସଜ୍ଜିତ କରିବାରେ ମାତି ଥାଆନ୍ତି ।

ଏହିପର 'ଲୁଗା ସଉକ' 'ଜୋତା ସଉକ' 'ନୋଳ ସଉକ' 'ଚୁଡ଼ି' ସଉକ' 'ଦାଢ଼ି ସଉକ' 'ମୁଚ୍ଛ ସଉକ' ଦେଖାଯାଆନ୍ତି ।

'ବହୁଥା ସଉକ'ମାନେ ଗାନ ଶୁଣିବାପାଇଁ ରଙ୍ଗିନ ବହୁଥରେ ରୁପାର ଘୁଙ୍ଗୁରଲଗା ଘୁଣ୍ଡି ଲଗାଇ ଉକ୍ତ

Digitized by srujanika@gmail.com

କଟୁଥିବ ଅଣ୍ଡାରେ ଗୋଷ୍ଠି ସର୍ବସାଧାରଣଙ୍କ ଦୃଷ୍ଟି ଉହାଁପ୍ରତି ଆକର୍ଷଣ କରନ୍ତି ।

'ମୃଦ ସଉକ'ମାନେ କଥା କଥାକେ ଫାଉର ମୃଦୁବାକ୍ୟ ପ୍ରୟୋଗ ଅଙ୍ଗଭଙ୍ଗୀମାନଙ୍କୁ ଲୋକଙ୍କ ଆଗରେ ଦେଖାଇ ଦୁଅନ୍ତି ଏବଂ ନୋଳସଉକମାନେ କଥା କହୁ କହୁ ବା ଚାଦ୍ୟ ବଜାଉ ବଜାଉ ମୁଣ୍ଡକୁ ଇତସ୍ତତଃ ସଞ୍ଚାଳିତ କରି ଅପଣା ନୋଳ ପ୍ରତି ଲୋକମାନଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । 'ଘାଟଲ୍ଲ ଗାମୁଛା ସଉକ' ମାନେ ଗାମୁଛା ଘଷୁଇବା (ଅର୍ଥାତ୍ ଘାଣି, ଡୋଡାଣି, ସୋରଷ ତେଲ, ସଇଡ ଘାଣି, ସପୁର ଚୁପୁଡାରସ, ମହୁ ଆଦ ସାହାଯ୍ୟରେ ରଙ୍ଗାଇବା) ଘାଇଁ ବହୁ କଷ୍ଟ ଓ ବ୍ୟୟ ସ୍ୱୀକାର କରନ୍ତି, ଦେହରେ ସୋରଷ ତେଲ ଛଡା ଅନ୍ୟ ତେଲ ଲଗାଇଲେ ଘାଟଲ୍ଲ ଗାମୁଛାରେ ଦାଗ ଲଗିଯିବ [ଧଳାଚଉ ବା କଳାଚଉ ମାରିଯିବ] ବୋଲି ପ୍ରାଣାନ୍ତେ ସ୍ନାନ ଦେହରେ ସୋରଷ ତେଲ ଛଡା ଅନ୍ୟ ତେଲ ଲଗାନ୍ତି ନାହିଁ ଓ ଉକ୍ତ ରଞ୍ଜିତ ଗାମୁଛରେ ଦାଗ ଲାଗିଗଲେ ସେମାନଙ୍କ ମନରେ ଘୋରଶୋକରୁ ବଳ ଶୋକ ଜାତ ହୁଏ ।

ଏହିପରି ନାନାପ୍ରକାର ସଉକ ଅଛନ୍ତି । କେହି ଘର ସଜାଇବାରେ, କେହି ବା ଜୀବଜନ୍ତୁ ପାଳିବାରେ 'ସଉକ' ଦେଖନ୍ତି । ଘୋଡା ସଉକ, ଗାଈ ସଉକ, ଗୋବର ଚଟେଇ ସଉକ, ମେଣ୍ଢା ସଉକ ପ୍ରଭୃତି ଜେଜେଉଲର ସଉକ ଅଛନ୍ତି ।

'ମାଇପି ସଉକ' ଓ 'ବେଶ୍ୟା ସଉକ'ମାନେ ନଜେ ଶତ୍ରୁ କନା ପିନ୍ଧି ଓ ଚୈତ୍ରକ ସମ୍ପତ୍ତି ନଷ୍ଟ କରି ପଥ ନଜ ନଜର ପ୍ରଣୟିନୀମାନଙ୍କୁ ଅନ୍ନବସ୍ତ୍ରରେ ରଖାଇବାଘାଇଁ ପ୍ରାଣ ଉତ୍ସର୍ଗ କରନ୍ତି ।

'ନାଟୁଆ ସଉକ'ମାନେ ନାଟୁଆ ପିଲଙ୍କୁ ଅପଣା ସ୍ତ୍ରୀ-ଝାଲଙ୍କଙ୍କ ଅପେକ୍ଷା ବେଶି ଆଦର ଓ ସ୍ନେହ କରିବା ଦେଖାଯାଏ ।

ଏ ସବୁ ଛଡା ବିଶେଷ ବିଶେଷ ଅମୋଦର ପଥ ସଉକ [ପ୍ରିୟ] ଲୋକ ଦେଖାଯାଆନ୍ତି । ଯଥା—ନାଟ ସଉକ, ଘାଟ୍ଟ ସଉକ, ଅଖଡା ସଉକ, ପଶାଖେଳ ସଉକ, ଗୀତ ସଉକ ଇତ୍ୟାଦି ।]

ସଉକ୍ କରିବା—ଦେ. କି—କୌଣସି ବସ୍ତୁ ପ୍ରତି ବିଶେଷ ଆଗ୍ରହ ବା ଆଦର କରିବା—To have a liking or fancy for a particular article (e g. of dress or show or luxury). ସଖ୍‌କରା **ଶୌକକରନା**

ସଉକ୍(ଖି, କ, ଖି)ରେ ରଖିବା—ଦେ. କି—କୌଣସି ଦ୍ରବ୍ୟ, ବସ୍ତୁ, ଜୀବ ବା ଭୃତ୍ୟ ସଖେରାଖା ଆଦରକୁ ଅତି ଆଦର ଓ ଅନ୍ନବସ୍ତ୍ରରେ ରଖିବା—To maintain a thing or person in luxury and with great care. [ସଉକ(ଖି)ନରେ ରଖିବା—ଅନ୍ୟରୂପ] **ଶୌକସଁରଖନା**

ସଉକ(ଖି)ନ(ନି)—କୌ.ଦେ. ବଣ—(ଅଃ ସୌକାନ୍) —୧ । Sauki(khi)n(ni) କୌଣସି ବିଷୟ ପ୍ରତି ଅତିଳାଷା—ସୋଖୀନ 1. Desirous for anything. ୨ । ରସିକତା-ଶୌଖିନ ବିଶିଷ୍ଟ—2. Gallant. ୩ । ବିଳାସୀ—3. Sportive. ୪ । ଯେ କିଛିର ମନର ସାଧ ମେଣ୍ଟାଇବା ପାଇଁ କୌଣସି ବ୍ୟବସାୟ ବା କର୍ମ କରନ୍ତି—4. Amateur. ବ—୧ । ରସିକ ବ୍ୟକ୍ତି—1. A gallant. ୨ । ସଉକ୍ (ଦେଶ)— . Sauk (See).

ସଉକ(ଖି)ନ୍ ସେନା—ଦେ. ବ—ଭଲଣ୍ଟିଅର୍ ସେନା; ଯେଉଁ Sauki(khi)n senā ଦୈନ୍ୟମାନେ ସବୁଦିନେ ଦୈନ୍ୟବୃତ୍ତି କରନ୍ତି ସୋଖୀନସେନା ନାହିଁ, କିନ୍ତୁ ଅସମୟରେ ଯୁଦ୍ଧ ଓ ଦେଶରକ୍ଷା କରିବା ପାଇଁ ଯୁଦ୍ଧବିଦ୍ୟା ଶିକ୍ଷା କରନ୍ତି—Volunteer corps. **ଶୌଖୀନ ସେନା**

ସଉକ(କୁ)ନିଆଁ—ଦେ. ବଣ—ସଉକ୍ (ଦେଶ)— Sauki(ku)niāñ Sauk (See)

ସଉଖ୍ୟ—ଗ୍ରା. ବି.—(ସଂ. ସୌଖ୍ୟ)—ସୌଖ୍ୟ (ଦେଶ) Saukhya Saukhya (See)

ସଉଣ୍ଡ[ଣ୍ଡା]—ଦେ. ବଣ.—[ସଂ. ଶୌଣ୍ଡ]—କୌଣସି ବିଷୟରେ ଅତି Saunda [ṇdā] ବା ନିପୁଣ—Expert in anything. ଧୁରନ୍ଧର **ନିପୁଣ** [ଉ—ପାଣ୍ଡୁପୁତ୍ରମାନେ ସମର-ସଉଣ୍ଡା—କୃତ୍ତିବିଂହ ମହାଭାରତ ଉଦ୍ଯୋଗ]

ସଉତୁଣିଆ(ଆଁ)—ଦେ.ବଣ—୧ । ସପତ୍ନୀ ସମ୍ବନ୍ଧୀୟ—1. Relating Sautuniā (āñ) to a co-wife. ୨ । ସପତ୍ନୀର ଜଦରୁ-ସତୀନର **ସୌତେଲା** ଜାତ (ସନ୍ତାନ)—2. (Child) Born of a co-wife.

ସଉତୁଣିଆ (ଆଁ) କଥା—ଦେ. ବ—ସପତ୍ନୀର ଉପଯୁକ୍ତ ବିଷୟ—A Sautuniā (āñ) kathā matter befitting a ସତୀନର କଥା **ସୌତିନିୟା ବାତ** co-wife.

ସଉତୁଣିଆ(ଆଁ) ଘର—ଦେ. ବ.- ଯେଉଁ ଚାରିକାରରେ କର୍ତ୍ତାଙ୍କର Sautuniā (āñ) ghara ଏକାଧିକ ଗୃହିଣୀ ଥାନ୍ତି—A family ସତୀନର ଘର **ସୌତିନିୟା ଘର** in which there are co-wives.

ସଉତୁଣିଆ(ଆଁ) ପୁଅ- ଦେ ବ. ପୁଂ—ସପତ୍ନୀ ପୁତ୍ର; ସାବତ ପୁଅ— Sautuniā (āñ) pua Step-son. (ବିପରୀତଲିଙ୍ଗ—ସଉତୁଣିଆ ଝିଅ; ସଉତୁଣି ପୁଅ—ଅନ୍ୟରୂପ) ସତନୀପୋ, ସତୀନ୍‌ପୋ **ସୌତେଲା ଲଡ଼କା**

ସଉତୁଣୀ—ଦେ.ବ.ସ୍ତ୍ରୀ (ସଂ. ସପତ୍ନୀ)--ସମାନଦଶିକା ସ୍ତ୍ରୀ—Co-wife; Sautuṇī one of two or more wives of a ସତନୀ, ସତିନ୍ **ସୌତୀନ** person. [ଉ—ଦୁଇଟ ସଉତୁଣୀ ସମ୍ପତ୍ତି ନ ସହେ । କୃତ୍ତିବିଂହ. ମହାଭାରତ· ସଭା]

Digitized by srujanika@gmail.com

ସଉତୁଣୀ ଖଟା(ଟେ)ଇବା—ଦେ. କ—ଅପେ ଥାଉ ଥାଉ (ଅପଣାର ସ୍ତ୍ରୀ) ଅନ୍ୟ ସତ୍ନୀଙ୍କୁ ବରାଦ୍ଦ ଅନ୍ୟ ବିବାହ କରା କରିବା—To marry more wives in the lifetime of the first. [ଉ—ଭୁସୁଠାରେ ମୁହଁ ବ ଦୋଷ କଲ ଯେ, ସଉତୁଣୀ ଖଟାଇଲ—ପ୍ରଥମା ସତ୍ନୀଙ୍କର ସ୍ୱାମୀଙ୍କ ପ୍ରତ ଖେଦେ ଚ ।]

ସଉଦା—ବୈଦେ. ବ (ଫା. ସୌଦା)—୧ । କଣାବିକା ବେପାର; ସଉଦା କାରବାର; ପଣ୍ୟ ଦ୍ରବ୍ୟର ଜସ୍ତୁ ବିକ୍ରୟ—1. Sale and purchase of merchandise; trading. ୨ । (ଲକ୍ଷଣାର୍ଥ) ସସାରର କାର୍ଯ୍ୟ—2. Business of the world). [ଉ—ବାଷ୍ପୀୟଯାନରେ ଜଉଡ଼ନ୍ତୁ ଦେବେ ଏଣେ ତେଣେ ସଉଦାରେ । ଉଜଳଗୋର. ଶର୍ମିଷ୍ଠା ।] ୩ । ପଣ୍ୟ ଦ୍ରବ୍ୟ—3. Merchandise. ୪ । ଦୋକାନ ବା ବେପାରୀଠାରୁ କଣାଯିବା ପଣ୍ୟ ଦ୍ରବ୍ୟ—4. Any merchandise purchased from a trader or shop-keeper. ୫ । ପଣ୍ୟଦ୍ରବ୍ୟର କସ୍ତୁ—5. Purchase of any commodity. ୬ । ପଣ୍ୟଦ୍ରବ୍ୟର କସ୍ତୁବିକ୍ରୟର ଚୁକ୍ତି—6. Contract for the purchase ar sale of a commodity.

ସଉଦା କରିବା—ଦେ. କ—୧ । ପଣ୍ୟଦ୍ରବ୍ୟ କିଣିବା—1. To purchase commodities. ୨ । କସ୍ତୁ ସଉଦା କରା ବିକ୍ରୟ କାରବାର କରିବା—2. To transact a business of sale and purchase.

ସଉଦାଗର—ବୈଦେ. ବ (ଫା. ସୌଦାଗର)—ବଡ଼ ବର୍ତ୍ତକ—A big merchant.

ସଉଦାଗରୀ—ବୈଦେ. ବ (ଫା. ସୌଦାଗରୀ)—ବଣିଜ୍‌ବୃତ୍ତି; ବାଣିଜ୍ୟ ବ୍ୟବସାୟ; କାରବାର—Trade. ବିଣ—୧ । ସଉଦାଗରର ସମ୍ବନ୍ଧୀୟ—1. Relating to a merchant. ୨ । ବାଣିଜ୍ୟ ସମ୍ବନ୍ଧୀୟ—2. Relating to trade.

ସଉଦାଗରିଆ—ବୈଦେ. ବ. ବିଣ (ଫା)—ସଉଦାଗର ସମ୍ବନ୍ଧୀୟ—Relating to a trader.

ସଉଦାଗରି ଜାହାଜ—ବୈଦେ. ବ (ଫା. ସୌଦାଗରୀ ଓ ଜହାଜ୍)—ଯେଉଁ ଜାହାଜରେ ଜଳପଥ ଦ୍ୱାରା ସଉଦାଗରି ବିଦେଶରୁ ପଣ୍ୟମାନ ଅସେ—Merchantship; trading ship. [ସଉଦାଗର ସ୍ମଲ୍‌ପ୍—ଖୁଦ୍ର ଜାହାଜ]

ସଉଦା ପଟିବା—ଦେ. ବ—ବେଚା ଓ ବକେଚାଙ୍କ ମଧ୍ୟରେ କୌଣସି ପଣ୍ୟ ଦ୍ରବ୍ୟର ଭଉ ଛଣ୍ଡିବା—The settlement of the sale transaction of any commodity [after higgling] and haggling.

ସଉଦା ପତର[ପତ୍ର, ପାତି]—ଦେ. ବ (ସଉଦା ସଙ୍ଗେ 'ପତ୍ର' କରର୍ଥକ Saudā patara [patra, pāti] ସଦୃଚର)—ସଉଦାପତ୍ର ୧ । ଦୋକାନରୁ କଣାଯିବା ନାନାପ୍ରକାରର ପଣ୍ୟଦ୍ରବ୍ୟ; **ସଉଦାବାରି** ପଣ୍ୟଦ୍ରବ୍ୟ ସମୂହ—1. Many sorts of articles or commodities purchased from a shop. ୨ । ନାନାପ୍ରକାର ପଣ୍ୟଦ୍ରବ୍ୟର କସ୍ତୁ—2. Purchase of many commodities.

ସଉଦାମଣି(ଣୀ)—ଗ୍ରା. ବ. ସ୍ତ୍ରୀ (ଫ. ସୌଦାମିଣୀ, ସୌଦାମନୀ, Saudāmaṇi(nī) ସୌଦାମ୍ନୀ)—ସୌଦାମିଣୀ ନାମ୍ନୀ ସ୍ତ୍ରୀର ଡାକସୋଦାମିନୀ ନାମ—Name for calling a woman of **ସଉଦାମନୀ** the name of 'Saudāmini'. [ସଉଦାମିନୀ(ଣୀ)—ଅନ୍ୟରୂପ]

ସଉଦା ହେବା—ଦେ. ବ—ପଣ୍ୟଦ୍ରବ୍ୟର କସ୍ତୁ ବିକ୍ରୟ ସମ୍ପନ୍ନ ହେବା—Saudā hebā The completion of a trade transaction or negotiation. ସଉଦା ହଓୟା **सौदा होना**

ସଉଧ—ଗ୍ରା. (ପଦ୍ୟ) ବ. (ସ. ସୌଧ)—ସୌଧ (ଦେଖ)—Saudha Saudha, (See) ସୌଧ **सौध**

ସଉଧ ସଦନ—ଦେ. (ପଦ୍ୟ) ବ (ସ. ସୌଧ+ସଦନ)—କୋଠା ଘର Saudha sadana Building. [ଉ—ବିଦ୍ରର ସଉଧ ସଦନେ ପାକା ବାଡ଼ୀ ବିଦ୍ରର ଶତ୍ରୁର ସଦନେ ଧନ । ଭଞ୍ଜ. ବୈଦେଶ୍ମଶବଳାସ : ରାଜମହଲ]

ସଉନ୍ଦଯ୍ୟ—ଗ୍ରା. (ପଦ୍ୟ) ବ. (ସ. ସୌନ୍ଦର୍ଯ୍ୟ)—ସୁନ୍ଦରତା; ଶୋଭା—Saundarjya Beauty. ସୌନ୍ଦର୍ଯ୍ୟ **सुन्दरता**

ସଉପ—ଦେ. ବ—ସପ (ଦେଖ) Saupa Sapa. (See)

ସଉପ ଚଟା(ଟେ)ଇ—ଦେ. ବ—ସପ ମସିଣା (ଦେଖ) Saupa chaṭā(ṭe)i Sapa masiṇā. (See) (ସଉପ ମଣ୍ଡ[ପି]ଣା—ଅନ୍ୟରୂପ)

ସଉବଲ—ଗ୍ରା. ବ (ପଦ୍ୟ) (ସଂ. ସୌବଲ)—ସୌବଲ (ଦେଖ) Saubala Saubala. (See) [ଉ—ଶ୍ରୁତ ଦ୍ରୋଣ କହିଁ ଯେ କୃପ ସଉବଲ, ଏମାନେ ଯେ ବୋଲଉଛନ୍ତି ମହାବଲ । କୃଷ୍ଣସିଂହ. ମହାଭାରତ. ବନ ।]

ସଉଭାଗୀ—ଗ୍ରା. ବିଣ. ସ୍ତ୍ରୀ (ସଂ. ସୌଭାଗ୍ୟବତୀ)—୧ । ସୌଭାଗ୍ୟବତୀ—1. Fortunate. ୨ । ପତିଙ୍କ ସ୍ନେହ—ସୋହାଗିନୀ, ସୌଭାଗ୍ୟା ପ୍ରାପ୍ତା—2. Beloved or fondled by one's husband. [ଉ—ସରଉ ରଙ୍କ ଦ୍ୱରଣାର୍ଥୀଜନରୁ, ଶ୍ୟାମ ସଉଭାଗୀ ଯଶ । କବସୂର୍ଯ. ସଙ୍ଗୀତ]

Digitized by srujanika@gmail.com

ସଉଭାଗ୍ୟ—ଗ୍ରା. [ପଦ୍ୟ ବ (ସଂ ସୌଭାଗ୍ୟ)—ସୌଭାଗ୍ୟ (ଦେଶ) Saubhāgya Saubhāgya (See). (ଉ —ପୃଷ ସଉଭାଗ୍ୟର ସୌଭାଗ୍ୟ **सौभाग्य** ହୋଇଲେ ସ୍ତ୍ରୀଜକ—ଲକ୍ଷ୍ମୀ ଜଳାକର ଚନ୍ଦ୍ର. 'ଷ' ଗାଁଡ ।

ଫଳ ହେଲେ କର୍ମଖେଡେ, ସଉଭାଗ୍ୟ ଥସେ ଦାଢେ—
ବାଲକୃଷ୍ଣ· ଜଳାପୁଅ ରଚାଙ୍କଅ ।]

ସଉରଭ—ଗ୍ରା. (ପଦ୍ୟ) ବ. (ସ. ସୌରଭ)—ସୌରଭ (ଦେଶ)—Saurabha Saurabha. (See) ବଣ-ସୁଗନ୍ଧଯୁକ୍ତ; ସୁଗନ୍ଧ—ସୌରଭ **सौरभ** [ଉ—ଘନସାର ମୃଗନାଭି, ଘନସାର ସଉରଭ । ଭଞ୍ଜ· କୋଣବ୍ରହ୍ମାଣ୍ଡ ସୁନ୍ଦର୍ଯ୍ୟ ।]

ସଉରି(ରୀ)—ଦେ. ବ. ପୁଂ ଓ ସ୍ତ୍ରୀ (ସ. ସୌରି)—୧ । ପୁରୁଷ ଓ ସ୍ତ୍ରୀଙ୍କ Sauri(rī) ନାମ—1. Name given to males and ସୌରି females. ୨ । ତୀର୍ଥ ବିଶେଷ—2. Name of a **सारि** sacred place of pilgrimage. [ଉ—ବଦ୍ରିନାଥ ସେତୁ କୂର୍ମ ନାଥ, ସଉରି ନାରାୟଣ ପଥ । ଭୂପତି. ପ୍ରେମଚନ୍ଦ୍ରାମୃତ ।] ୩ । (ପଦ୍ୟ) ଶନି ଗ୍ରହ—3. Planet Saturn. [ଉ—ମଙ୍ଗଳ ସଉରି, ଅବଶ୍ୟ କ ଦୃଢ, ମୋ ସଦାଶିବ ଗତିରି । ଭଞ୍ଜ· ପ୍ରେମ ସୁଧାନିଧି ।]

ସଏନ୍‌ବାର୍—ଗ୍ରାଦେ. (ଖାଡିଶା) ବ—ଶନିବାର—
Saen-bār Saturday.

ସଏମ୍ବର—ଗ୍ରା. ବ. (ସ°· ସ୍ୱୟମ୍ବର)—ସ୍ୱୟମ୍ବର (ଦେଶ)
Saembara Swayambara. (See)

ସଏର୍—ବୈଦେ. ବ. (ଫା. ସାଏର୍)—ସଇରାତ୍ (ଦେଶ)
Saer Sairāt. (See)

ସଏରତା—ବୈଦେ· ବ (ଫା. ସରୋତା)—ଗୁଆକାତ—
Saert-ā Betel-nut cracker.
ଗୁୟାକାତୀ **सरौता, सरोता**

ସ—ଦେ. ବ (ସାଙ୍କେତିକ)—୧ । ସଂକ୍ଷିପ୍ତ—1. Abbreviation Sam for 'Sanskrit'. ୨ । ସଜ୍ଞା—2. Abbreviation for सं स 'definition'. ୩ । ବିଶେଷ୍ୟ ପଦ—3. Abbreviation for 'Noun'. ୪ । (ଇଂରାଜୀ ସାଂକେତିକ) ସବ୍ ଡିଭିଜନ୍—4. Abbreviation for Sub-division. [ଦ୍ର —'ସମ୍' ଉପସର୍ଗଯୁକ୍ତ ସଂସ୍କୃତମୂଳ ସଂସ୍କୃତ ପଦମାନ 'ସଂ' ଓ 'ସଙ୍' ଆଦ ଯୁକ୍ତ ହୋଇ ଲେଖାଯାଏ;

ଯଥା—ସଂକର	ସଙ୍କର
ସଂକ୍ରମଣ	ସଙ୍କ୍ରମଣ
ସଂକୁଳ	ସଙ୍କୁଳ
ସଂଗ୍ୟାତ	ସଙ୍ଗ୍ୟାତ
ସଂଘର୍ଷ	ସଙ୍ଘର୍ଷ ଇତ୍ୟାଦ ।]

ସଅ—ଦେ. ବ (ସଂ. ସୋମା—ପୁଅଁ ତୃଣ—A kind of weed; Sama Panicum Frumentacea. [ଉ —ଇଂରୁଜ ବାଂଗ ସୋମ **यौंवाँ** ସଂଅ ଅଙ୍କୁଲ ବଦର । କୃଷ୍ଣସିଂହ. ମହାଭାରତ. ବନ ।]

ସଙ୍କଟ—ସଂ.ବିଣ. (ସମ୍ =ସମ୍ୟକ୍+ କଟ୍ ଧାତୁ=ଆବରଣ କରିବା+ Saṁkaṭa କର୍ତ୍ତରି. ଅ)—୧ । ବନ୍ଧୁର—1. Thick-set. ୨ । (ସଙ୍କଟ—ଅନ୍ୟରୂପ) ଜନଭାଯୁକ୍ତ—2. Crowded. ୩ । [ସଂକଟା—ସ୍ତ୍ରୀ] ଅଭେଦ୍ୟ—3. Impervious. ୪ । ଅତି-ଦୁର୍ଗମ; ଅନତିକ୍ରମ୍ୟ—4. Impassable; that which cannot be crossed over. ୫। ଅତ୍ୟନ୍ତ ସଂକୀର୍ଣ୍ଣ; ଅଲ୍ପପ୍ରସ୍ତ; ସରୁ—5. Narrow; contracted. ୬ । କଷ୍ଟମୟ—6. Full of troubles or difficulties. ୭ । ବିପଜ୍ଜନକ—7. Dangerous; risky. ସଂ. ବ—୧ । ବିପଦ; ଆପଦ—1. Calamity; danger. ୨ । ଆସନ୍ନ ବିପଦ—2. Impending danger. ୩ । ଭିଡ଼; ଜନତା—3. Crowd. ୪ । ଆଶଙ୍କିତ ବିପଦ—4. Risk. ୫ । ଦୁଃଖ; କ୍ଳେଶ—5. Trouble; suffering. ୬ । ବିଷମ ଅବସ୍ଥା; ଅଗଜ; ଅସଜ—6. Straits; difficult position; awkward position; crisis. ଦେ. ବ—ଗିରି ସଂକଟ—Pass. [ଉ—ଅଛ ସେ ସଂକଟ ଯହିଁ ମୋଚ୍ଛ ଥାଟେ କରଲେ 'ସ୍ୱଭାବ' ମରଣ ବୃଷ୍ଟି । ନନ୍ଦକଶୋର—କୃଷ୍ଣକୁମାର୍ଯ୍ୟ].

ସଙ୍କଟ କାଳ—ସଂ. ବ. (ମ. ଷ. ତତ୍ପୁ.) ୧ । ବିପଜ୍ଜାଳ—1. Time of Saṁkaṭa kāla danger. ୨ । ଅଗଜିଆ ବେଳ—2. Critical moment.

ସଂକଟ ତାରଣ—ସଂ. ବ (୬ମୀ ତତ୍ପୁ.)—ବିପଦରୁ ଉଦ୍ଧାର କରିବା—Saṁkaṭa tāraṇa Delivering a person from (ସ୍ତ୍ରୀ—ସଙ୍କଟତାରିଣୀ) danger. ବିଣ. ପୁଂ—ସଙ୍କଟରୁ ଉଦ୍ଧାରକର୍ତ୍ତା—Delivering a person from danger; deliverer from danger.

ସଂକଟ ତାର(ରେ)ଣୀ—ଗ୍ରା· ସ୍ତ୍ରୀ (ସ. ସଙ୍କଟତାରିଣୀ)—ସଙ୍କଟାଇ (ଦେଶ)—Saṁkaṭā Saṁkaṭa tāra(re)ṇī (see)

ସଂକଟ ପୂର୍ଣ୍ଣ—ସ. ବିଣ. (୩ୟା ତତ୍ପୁ.)—ବିପତ୍ପୂର୍ଣ୍ଣ—
Saṁkaṭa pūrṇṇa Besec with or full of danger. [ସଙ୍କଟମୟ—ଅନ୍ୟରୂପ]

ସଂକଟ ସଂକୁଳ—ସ. ବିଣ. (୩ୟା ତତ୍ପୁ.)—ଯେଉଁ ସ୍ଥାନରେ ବା Saṁkaṭa saṁkula ଅବସ୍ଥାରେ ମନୁଷ୍ୟକୁ ବା ପ୍ରାଣୀକୁ ଗୁରୁତର ବିପଦ ଘେରିଥାଏ—(a place or state) Beset with or surrounded by dauger; full of danger.

Digitized by srujanika@gmail.com

ସଂକଟ ସ୍ଥଳ—ସ. ବ. (ମ.ସ.ତତ୍ପୁ.)—୧ । ବିପଦାକାଣ୍ଡ ସ୍ଥାନ—1. A Saṁkaṭa sthaḷa place beset with dangers. ୨ । (ସଙ୍କଟସ୍ଥାନ—ଅନ୍ୟରୂପ) ବିପଜ୍ଜନକ ବିଷୟ—2. Dangerous or risky matter. ୩ । (ଭୂଗୋଳ ସମ୍ବନ୍ଧୀୟ) ଯୋଜକ—3. Isthmus. ୪ । ଭୂଇଁରେ—4. A deep and narrow hole in the ground; abyss.

ସଂକଟା—ସ. ବ. ସ୍ତ୍ରୀ (ସଙ୍କଟ+ଅ)—୧ । ଦେବୀ ବିଶେଷ; Saṁkaṭā ସଙ୍କଟାଈ ଠାକୁରାଣୀ; ଦୁର୍ଗାଙ୍କ ଗ୍ରାମ ପ୍ରଚଳିତ ମୂର୍ତ୍ତି ବିଶେଷ—1. Name of a Goddess, a popular form of 'Durgā'. ୨ । ଅଷ୍ଟଯୋଗିନୀଙ୍କ ମଧ୍ୟରୁ ଜଣେ; ଦୁର୍ଗାଙ୍କର ସଙ୍ଗିନୀ ଦେବୀ ବିଶେଷ—2. One of the eight companions of Durgā. (ଦ୍ର—ଅଷ୍ଟଯୋଗିନୀଙ୍କ ନାମ, ଯଥା—"ମଙ୍ଗଳା, ପିଙ୍ଗଳା, ଧନ୍ୟା, ଭ୍ରାମରୀ, ଭଦ୍ରିକା ଉଲ୍କା; ସିଦ୍ଧି, ସଂକଟା ଚ ଯୋଗିନ୍ୟୋଽଷ୍ଟୌ ପ୍ରକୀର୍ତ୍ତିତାଃ ।" ୩ । କାଶୀରେ ପ୍ରତିଷ୍ଠିତା ଓ ପୂଜିତା ଦେବୀ ପ୍ରତିମା—3. Name of the image of Durgā worshipped at (ସଙ୍କଟା=ଅନ୍ୟରୂପ) Benares.

ସଂକଟା(ଟେ)ଈ—ଦେ. ବ. ସ୍ତ୍ରୀ (ସ. ସଂକଟା) ୧ । ଗ୍ରାମଦେବତା ବିଶେଷ—1. Name of a popular Saṁkaṭā(ṭe)ī सङ्कटतारिणी संकटा Goddess. (ଦ୍ର—ସନ୍ତାନ କାମନାରେ ସ୍ତ୍ରୀମାନେ ଏ ଦେବୀଙ୍କୁ ଉଦ୍ଦେଶ ମାନସ କରି 'ସଂକଟେଈ ମୁଦ' ପିନ୍ଧନ୍ତି ।) ୨ । ସଂକଟା (ଦେଖ)—2. Saṁkaṭa (See) ୩ । ସଂକଟେଈ ମୁଦ (ଦେଖ)—3. Saṁkaṭei mudi (See)

ସଂକଟାକୀର୍ଣ୍ଣ—ସଂ. ବିଣ. (ଶ୍ୟୁ। ଇତ୍) —ସଂକଟାପନ୍ନ (ଦେଖ)—Saṁkaṭākīrṇṇa Saṁkaṭāpanna (See) (ସଂକଟାକାର୍ତ୍ତା—ସ୍ତ୍ରୀ)

ସଂକଟାକ୍ଷ—ସଂ ବି: (ସମ୍+କଟାକ୍ଷ)—୧ । ଗଭୀର କଟାକ୍ଷ—Saṁkaṭākṣha 1. A very frowning look. ୨ । ଧବଳ ବୃକ୍ଷ; ଅର୍ଜୁନ ବୃକ୍ଷ—2. Name of a tree; Terminalia Arjuna. ବିଣ—କଟାକ୍ଷ-ସହିତ; କଟାକ୍ଷ ଯୁକ୍ତ (ଦୃଷ୍ଟି)—Ogling (look); (ସଙ୍କଟାକ୍ଷ—ଅନ୍ୟରୂପ) accompanied with side glances.

ସଂକଟାପନ୍ନ—ସଂ. ବିଣ (ଶ୍ୟୁ।ଇତ୍)—୧ । ବିପଦ୍ ସଂକୁଳ (ଅବସ୍ଥା ବା ସ୍ଥାନ)—1. Very (ସଂକଟାପନ୍ନା)—ସ୍ତ୍ରୀ dangerous; beset with danger (place or condition); straitened (circumstances) ୨ । ଯେଉଁ ବ୍ୟକ୍ତିକୁ ଚାରିଆଡେ ବିପଦ ଘେରିଥାଏ;ବିପଲ୍ନ—(a person) Surrounded by or overwhelmed with danger; fallen in straits.

ସଙ୍କଟେଈ ମୁଦ—ଦେ. ବ. (ସ. ସଙ୍କଟା+ମୁଦ୍ରା)—ସନ୍ତାନକାମା Saṁkaṭeī mudi ସ୍ତ୍ରୀମାନେ ସନ୍ତାନ ଲାଭଯାଇଁ ମାନସିକ ସଂକଟ ତାରିଣୀର ଆଂଗଟୀ କରି, ଓ ସନ୍ତାନ ହେଲେ ସଂକଟେଈ संकटाकी अंगुठी ଦେବୀଙ୍କୁ ଉଦ୍ଦେଶ ଦେବେ ବୋଲି ସଂକଳ୍ପ କରି, ଡାହାଣ ହାତର ବଙ୍ଗି ଆଙ୍ଗୁଠି ଓ ସହିତ ଆଙ୍ଗୁଠି, ଏ ଦୁଇ ଆଙ୍ଗଠିରେ ଇନ୍ଦ୍ରଜାଲର ପିନ୍ଧିବା ପରସ୍ପରସଂଲଗ୍ନ ଠ ଆକାରର ଧାତୁମୟ ମୁଦ୍ରା—A double ring worn by females desiring offspring.

[ଦ୍ର—ଏହାକୁ ପିନ୍ଧିଥିବା ସ୍ତ୍ରୀର ଉକ୍ତ ଦୁଇ ଆଙ୍ଗୁଠିଯାକ ଏକ ସମୟରେ ମୁଣ୍ଡଉ ହୁଏ । ସାନସିକ କରିଥିବା ସ୍ତ୍ରୀର ସନ୍ତାନ ହେଲେ ଉକ୍ତ ସନ୍ତାନ ଚଉ ଦୋଇ ଯେଉଁଦିନ ମାଆକୁ ପଚାରିବ, "ମା ! ଏ ମୁଦ କିଆଁ ପିନ୍ଧିଛୁ ?" ସେଦିନ ଏ ବ୍ରତ ଉଯୁଆଁ ହେବ ଏବଂ ମାଆ ନିଜ ହାତରୁ ଉକ୍ତ ମୁଦ କାଢ଼ି ସଂଙ୍କଟେଈଙ୍କଠାରେ ମନାସିଥିବା ଉପଗ୍ରହ କରିବେ ।]

ସଙ୍କଥନ—ସ. ବ. (ସମ୍+କଥ୍‌ଧାତୁ+ଭାବ ଅନ)—୧ । କଥୋପ- Saṁkathana କଥନ—1. Conversation. ୨ । (ସଙ୍କଥନ, ସଙ୍କଥା—ଅନ୍ୟରୂପ) ବାକ୍ୟାଳାପ—2. Dialogue.

ସଙ୍କର—ସ. ବ. (ସମ୍=ସମ୍ୟକ୍‌ରୂପେ+କୃ ଧାତୁ=କରିବା+ଭାବଅ) Saṁkara ୧ । ଏକାଧିକ ବସ୍ତୁର ମିଶ୍ରଣ—1. Intermix- (ସଙ୍କର—ଅନ୍ୟରୂପ) ture; mixture. ୨ । ବିରୁଦ୍ଧ ଦୋଷ- ମାନଙ୍କର ମିଶ୍ରଣ—2. Mixture of opposite or incompatible things. ୩ । ବର୍ଣ୍ଣସଙ୍କର ଜାତି ବା ବ୍ୟକ୍ତି—3. A person of mixed blood; hybrid; half caste; mixed caste. ୪ । (ସମ୍+କୃ ଧାତୁ=ବିଶେଷ କରିବା+କର୍ମ ଅ) ଅବର୍ଜ୍ଜନା; ପକ୍ଷାର୍ଜ୍ଜା-ଛିତ୍ର ଚୂଲ୍ୟାଦି-1.Sweepings; scourings. ୫ । ସାଙ୍କୁଚ ମାଛ—5. Rayfish; the stingray. ୬। ଅର୍ଥାଳଂକାର ବିଶେଷ—5. A figure of speech (ଦ୍ର—ଯେଉଁଠାରେ ଏକାଧିକ ଅଳଂକାର ଏକ ବାକ୍ୟରେ ଏକତ୍ର ମିଳିତ ହୋଇ ସାପେକ୍ଷ ଭାବରେ ରହନ୍ତି, ସେଠାରେ 'ସଂକର ଅଳଂକାର' ହୁଏ । ଯଥା—ଶୋଭା ସେ ଲଭଲ ଅତ୍‌ସଶ୍ୱ ଉବ୍ୟ ଶୋଭାକୁ ବଳ, ଫୁଟିଲ ଲକଣ୍ୟ ସରରେ ନବ କମଳକଳ ! (ରଧାନାଥ-ଚନ୍ଦ୍ରିକା)(ଅଳଂକାର ଚନ୍ଦ୍ରିକା-କୁଲମଣି) ଦେ.ବ.ସୁ.—ସଙ୍କର୍ଷଣ ନାମକ ବ୍ୟକ୍ତିର ଡାକନାମ —A name for calling Saṁkarshaṇa.

ସଙ୍କରା—ଦେ. ବ.—(ସଂ. ସଂକର=ମାଚଚାଙ୍ଗାଯୁ)—ଏକ ପ୍ରକାର ବଣୁଆ Saṁkarā କଦଳୀ;ସଙ୍କର କଦଳୀ—A sort of inferior କାଁଠାଲୀକଳା plantain or banana. ଗା. ବ.—୧ । **निकृष्ट केला** (ଗାଳି) ବର୍ଣ୍ଣ ସଂକର—1.(a term of abuse) **सङ्कर** A person of mixed caste ୨ । ସଂକର୍ଷଣର **संकर** ଅନାଦରାର୍ଥକ ଡାକନାମ—2. Name for calling (ସଙ୍କର—ଅନ୍ୟରୂପ) 'Saṁkarshaṇa in disregard.

Digitized by srujanika@gmail.com

ସଂକର କଦଳୀ—ଦେ. ବ. —ଏକ ପ୍ରକାର ନିକୃଷ୍ଟ କଦଳୀ (ଦ୍ର—ଏହା Saṁkarā kadalī କାଠିଆ କଦଳୀ ଜାଙ୍ଗୟ ଏବଂ ଡାହାଠାରୁ କାଁଠାଳୀକଳା ଅଳାରରେ ଛୋଟ ଓ ଖାଇବାକୁ ଅସ୍ପାଦୁ । ଏହାକୁ ନିକୃଷ୍ଟ କେଳା ବନ୍ୟ କଦଳୀ କୋଲ୍ଲ ଯାଇଥାରେ)—A species of inferior wild plantain.

ସଂକର ଧଣ୍ଡ—ଦେ. ବ.—ଏକ ପ୍ରକାର ଖାଣିଧଣ୍ଡ ସାପ—A sort of water snake.

ସଂକରା dhaṇḍa ଚୋଁଚା ଢୌଡ଼

ସଂକରାନୁଭୂତି—ସଂ. ବ.—କାବ୍ୟାଳଂକାର ବିଶେଷ (ଏହା ଚତୁର୍ବିଧ)—Saṁkarānubhūti A kind of figure in rhetoric. (ଉ—ଅବସର ଲୋଗୀ ଦେବେ ଭ୍ରମର ଚକୋର, ଅଲ୍ପ ମୁଜନେ ସୁମନ ଦେବେ ସବଂସ୍ତର । ଅରୁଣ ଲୋକନେ ମୁଦ କୁମୁଦ ଦୋଇବ, ବିପକ୍ଷତ କଥାରେ ସୁମଉ ନ ମିଳବ । ଅଉମନ୍ୟ—ବଦତ୍ ଚନ୍ଦ୍ରାମଣି)

ସଂକରାନ୍ତ—ଜ୍ଞା. ବ. (ପଦ୍ୟ) —ସଂକ୍ରାନ୍ତ (ଦେଶ)

Saṁkarānti Saṁkrānti (See)

(ଉ—ଏ ସଂକ୍ରାନ୍ତରେ ପୃଣି ଜଦସ୍ୟ ଯେବେ ଗ୍ରହୁ । (ଦଙ୍କ୍ରାନ୍ତ—ଅନ୍ୟରୂପ) ପ୍ରାଚୀ—ଶିବ ସ୍ୱରୋଦସ୍ୟ;

ସଂକରୀ—ସଂ ବ. ସ୍ତ୍ରୀ. (ସଂକର+ଈ)—ନବଦୂଷିତା କନ୍ୟା; ଯେଉଁ Saṁkarī କନ୍ୟା ଅଳ୍ପ ଦିନ ହେଲ ଭ୍ରଷ୍ଟା ହୋଇଅଛୁ—A newly spoilt girl; a recently deflowered girl.

ସଂକରୀକରଣ—ସ. ବ (ସଂକର+ଅଭୂତଭ୍ଭାବେ ଚ୍ଵି+କୃ ଧାତୁ+ Saṁkarīkaraṇa ଭାବ. ଅନ)—୧ । ନାନାବିଧ ପାପାନ୍ତର୍ଗତ ପାପ ବିଶେଷ; ଖର, ଅଶ୍ୱ, ଉଷ୍ଟ୍ର, ମୃଗ, ଭସ୍ତ୍ରୀ, ମେଷ, ଗ୍ଭଗଳ, ମହିଷ, ଅହି, ମହିଷ, ଏହି ଜଳମାନଙ୍କର ବଧ); ଗ୍ରାମ୍ୟ ଓ ଆରଣ୍ୟ ପଶୁମାନଙ୍କ ବଧ—1. A sort of sin (amongst the nine kinds of sins enumerated in the Hindu śāstras) commited by killing of certain animals. ୨ । ବହୁ ବଦାର୍ଥର ଏକତ୍ର ମିଶ୍ରଣ—2. Mixing up of many things. ୩ । ଦୁଇ ବତ୍ତଳ ଜାଙ୍ଗୟ ପଶୁ ବା ବୃକ୍ଷାଦିକୁ ଯୋଡ଼ କରାଇ ଦୁଇ ଜାତିର ଗୁଣବଶିଷ୍ଟ ଜୀବ ବା ବୃକ୍ଷାଦି ଉତ୍ପାଦନ କରାଇବା ଶିଦ୍ୟା—3. Cross-breeding. ୪ । ଜାତିଭ୍ରଂଶକରଣ—4. Causing a person to lose his caste.

ସଂକ(କୁ)ରୁ—ଦେ.ବ. (ଅଦରାର୍ଥକ)—ସଙ୍କର୍ଷଣର ଡାକନାମ—Name for calling 'Saṁkarshaṇa.

ସଙ୍କର ସଙ୍କୁର

ସଂକର୍ଷଣ—ସ.ବ. (ସମ୍+କୃଷ୍ ଧାତୁ+ଭାବ. ଅନ)—୧। ସବୁଆଡୁରୁ ଟେ Saṁkarshaṇa କର୍ଷଣ; ଆକର୍ଷଣ—1. Attraction. (ସଙ୍କର୍ଷ—ଅନ୍ୟରୂପ) ୨ । (+କର୍ମ. ଅନ) କୃଷିକର୍ମ—2. Cultivation; agriculture; ploughing up. ୩ । (+କର୍ତ୍ତୃ. ଅନ) ବଳରାମ; ବଳଦେବ; ଶ୍ରୀକୃଷ୍ଣାଗ୍ରଜ (ଦ୍ର—ଏହାଙ୍କର ଜନ୍ମ ଅଯୁଧ)—3. Balarāma. ୪ । ଶିବ-4. God Śiba. ୫ । ବିଷ୍ଣୁଙ୍କର କଳା ବିଶେଷ—5. A phase of Bishṇu. [ଦ୍ର—ବରଷ ମାସ ପ୍ରହର ଦଣ୍ଡ ଯେ ମୁହୂର୍ତ୍ତ, ସଂକର୍ଷଣ ଅଦ ଫଳ ଦୋଇଛୁ ବଦଉ— ପ୍ରାଚୀ. ବିଷ୍ଣୁସ୍ୱରୋଦସ୍ୟ ।) ଦେ. ବ. ପୁଂ—ପ୍ଲେକଙ୍କ ନାମ—A name of males.

ସଂକଳ—ସଂ. ବ (ସମ୍+କଳ୍ ଧାତୁ=ଗଣନା, ସଂଗ୍ରହ କରିବା+ Saṁkala ଔବ. ଅ)—୧ । ସଂଗ୍ରହ—1. Collection. (ସଙ୍କଳ, ସଂକଳନ—ଅନ୍ୟରୂପ) ୨ । ବହୁ ସଂଖ୍ୟକ ଓ ବସ୍ତୁର (ବ୍ୟତକଳନ—ବିପଶ୍ଚିତ) ବସ୍ତୁର ଏକତ୍ରୀକରଣ—2. Compilation; heaping up. ୩ । (ଗଣିତ) ଯୋଗ; ମିଶ୍ରଣ—3. (mathematics) Addition.

ସଂକଳପ—ଜ୍ଞା. (ପଦ୍ୟ) ବ. (ସଂ. ସଂକଳ୍ପ)—ସଂକଳ୍ପ (ଦେଶ)—Saṁkalapa aṁkalpa (See) [ଉ—ନୋହେ ସଙ୍କଳ୍ପ ସଂକଳପ ମାନସେ ରହେ, ହେଲା ନୋହେ (ସଙ୍କଳପ—ଅନ୍ୟରୂପ) ଯତନରେ ଗୋ ଦେହେ—କବିସୂର୍ଯ୍ୟ. ସଙ୍ଗୀତ ।]

ସଂକଳୟିତା—ସଂ. ବଣ. ଓ ବ ପୁଂ (ସମ୍+କଳ୍ ଧାତୁ=ସଂଗ୍ରହ Saṁkalayitā କରିବା+କର୍ତ୍ତୃ. ତୃ; ସଂକଳୟିତୃ ଶବ୍ଦ, ୧ମା. (ସଂକଳୟିତ୍ରୀ—ସ୍ତ୍ରୀ) ୧ବ)—ସଂକଳନକାରୀ; ସଂଗ୍ରହକର୍ତ୍ତା— (ସଙ୍କଳୟିତା—ଅନ୍ୟରୂପ) Collector; compiler.

ସଂକଳିତ—ସଂ. ବଣ (ସମ୍+କଳ ଧାତୁ=ସଂଗ୍ରହ କରିବା+କର୍ମ; Saṁkalita ତ)—୧ । ସଂଗୃଗ୍ଭତ—1. Gathered up. collected. ୨ । ଏକତ୍ର ଯୋଗ କରା ଯାଇଥିବା (ପରିମାଣ)—2. Added up (numbers).

ସଂକଳ୍ପ—ସଂ. ବ (ସମ୍+କୃପ୍ ଧାତୁ=କଳ୍ପନା କରିବା+ଭାବ. ଅ — Saṁkalpa ୧ । ବାଞ୍ଛା; ମନୋରଥ; ମନୋବାଞ୍ଛା; ଇଚ୍ଛା; (ସଙ୍କଳ୍ପ - ଅନ୍ୟରୂପ) ଅଭିଳାଷ—1. Wish; desire. volition. ୨ । ମନରେ କରିସାଇଥିବା ପ୍ରତିଜ୍ଞା—2. Mental determination; resolve. ୩ । ଧର୍ମକର୍ମ ଓ ବ୍ରତାଦ କରିବା ପୂର୍ବରୁ ମନରେ ଯେଉଁ ଫଳ-ବାଞ୍ଛା କରିସାଏ—3. The wished-for aim for which any religious rite is performed. ୪ । ବ୍ରତ ଓ ପୂଜାଦ କରିବା କାଳେ ସଂକଳ୍ପିତ ଉଦ୍ଦେଶ୍ୟ ସଂକଳିତ ଯେଉଁ ମନ୍ତ୍ରାଦ ବା ଜଟନ ଉଚ୍ଚାରଣ କରନ୍ତି—4. An avowal or utterance of the formula embodying the object and nature of the rite performed by a Hindu. [ଦ୍ର—ଏହ ଉଲ ଉଦ୍ଦେଶ୍ୟ, ପୂଜା, ହୋମ, ବ୍ରତାଦ ଆଦି ଯାହାଁ ଉଲ ଉଲ ସଂକଳ୍ପ ବାକ୍ୟ ଉଚ୍ଚାରଣ କରିବାକୁ ହୁଏ । ଏଥିରେ ପ୍ରଥମେ ବିଷ୍ଣୁ ଆଦ ଦେବତାଙ୍କ ନାମ ସ୍ମରଣ ଓ ତୀର୍ଥମାନଙ୍କୁ ଅବାହନ କରି, ବ୍ରତାଦ ଅନୁଷ୍ଠାନ କରି ଯାଉଥିବା ସ୍ଥାନ ଓ ତିଥି, ମାସ, ଋତୁ, ବାଟ, ନକ୍ଷତ୍ରାଦର ନାମୋଲ୍ଲେଖ, ତତ୍ପରେ ସଂକଳ୍ପ କରିବା ବ୍ୟକ୍ତିଙ୍କର ଗୋତ୍ର ଓ ନାମ, ଚ ଉଦ୍ଦେଶ୍ୟରେ ବା

Digitized by srujanika@gmail.com

ଏ ଅନୁଷ୍ଠାନର ପାଇଁ ବ୍ରତାଦ ଅନୁଷ୍ଠିତ ହେଉଅଛ ଓ କ ବ୍ରତ, ପୂଜା, ପ୍ରାୟଶ୍ଚିତ୍ତ ବା ହୋମାଦ ହେଉଅଛ, ତାହା ସବୁ ସଂସ୍କୃତ ଭାଷାରେ ବୋଲିବାକୁ ହୁଏ । ସଂକଳ୍ପ-ବାକ୍ୟର ଉଚ୍ଚାରଣ ପରେ ଅନୁଷ୍ଠିତ କର୍ମ ଆରମ୍ଭ କରିପାଏ । ଦୁର୍ଗାପୂଜା, ଶିବପୂଜା, ବିଷ୍ଣୁପୂଜା, ହୋମ, କାର୍ତ୍ତିକ ବ୍ରତ, ପ୍ରାୟଶ୍ଚିତ୍ତ, ତୀର୍ଥସ୍ନାନ, ଶ୍ରାଦ୍ଧ, ଜଳାଶୟାଦି ପ୍ରତିଷ୍ଠା ପ୍ରଭୃତି ପାଇଁ ଭିନ୍ନ ଭିନ୍ନ ସଂକଳ୍ପ ବାକ୍ୟ ଅଛ । ଶାସ୍ତ୍ରରେ ଅଛ ଯେ, ବିନା ସଂକଳ୍ପରେ କରିପିବା କାର୍ଯ୍ୟର ଫଳ ବୃଥା; ତଦ୍ଦ୍ୱାରା ଧର୍ମର କ୍ଷୟ ହୁଏ । ତାଉରେ ତାମ୍ରପାତ୍ର ଧରି ତହିଁ ମଧ୍ୟରେ ଜଳ, କୁଶଯୁ, ଦୁବୁା, ପୁଷ୍ପ, ଫଳ, ଚନ୍ଦନ ପ୍ରଭୃତି ମିଶ୍ରଣ ବା ଉତ୍ସର୍ଗ କରି ସଂକଳ୍ପ ବାକ୍ୟ ଉଚ୍ଚାରଣ କରିବା ଓ ଉକ୍ତ ଜଳକୁ ପାତ୍ରରୁ ଢାଳି ଦେବା ବିଧିକୁ ସଂକଳ୍ପ କୋଲିପାଏ ।]

ସଂକଳ୍ପ ଗୁଆ—ଦେ. ବ—କୌଣସି ଦୈବୀକର୍ମ କରିବା ପାଇଁ ଯଜମାନ ସଙ্কল্পের সুপারী Saṁkalpa guā ସଂକଳ୍ପ ବାକ୍ୟ ପଢ଼ି ପୁରୋହିତ ତାଉକୁ ଯେଉଁ ଗୁଆଟି ବଢ଼ାଇଥାଏ—The betel nut which is handed over to the priest by a Jājamāna after he has recited the Saṁkalpa formula before beginning the rite. (ତୁ—ଚଣ୍ଡୀପାଠ ଜମନ୍ତେ ବାରୁଟି ତାଉରୁ ସଂକଳ୍ପ ଗୁଆ ଟେକ ନେଇ ଓହ୍ଲାଇ ଆସିଲେ—ପଙ୍କାରମୋହନ. ଗଲ୍ପସ୍ୱଲ୍ପ ।)

ସଂକଳ୍ପଜ—ସଂ. ବିଣ (ସଂକଳ୍ପ+ଜନ୍ ଧାତୁ+କର୍ତ୍ତରି. ଅ)—୧ । Saṁkalpaja ଇଚ୍ଛାରୁ ଉତ୍ପନ୍ନ-1. Born of desire; resulting from desire. ୨ । ପ୍ରଥମେ ସଂକଳ୍ପ ଉଚ୍ଚାରଣ କରି କରିବା (ଭାବି)—2. (Rite) Done after uttering the requisite formula.

ସଂକଳ୍ପ ଜନ୍ୟ, ସଂକଳ୍ପ ପ୍ରଭବ, ସଂକଳ୍ପ ମୂଳ } ଅନ୍ୟରୂପ
ସଂକଳ୍ପଜା, ସଂକଳ୍ପଜନ୍ୟା, ସଂକଳ୍ପ ପ୍ରଭବା, ସଂକଳ୍ପମୂଳା } ସ୍ତ୍ରୀ

ସଂକଳ୍ପଜନ୍ମା—ସଂ. ବ (ବହୁବ୍ରୀହି; ସଂକଳ୍ପ+ଜନ୍ମନ୍; ୧ମା. ୧ତ)—Saṁkalpajanmā ମନସିଜ; କନ୍ଦର୍ପ; କାମ—Cupid.

ସଂକଳ୍ପ ବଚନ(ବାକ୍ୟ)—ସଂ. ବ—ଧର୍ମକାର୍ଯ୍ୟ ଉଦ୍ଦେଶ୍ୟରେ Saṁkalpa bachana(bākya) ବୋଲିବିା ମାନସିକ ଅଭିଳାଷସୂଚକ ସଂସ୍କୃତ ବାକ୍ୟ—The formula avowing the object and nature of the rite to be performed.

ସଂକଳ୍ପ ବିକଳ୍ପ—ସଂ. ବ (ସହଚରୀ)—ଅଭିଳାଷ ଓ ସନ୍ଦେହ—Saṁkalpa bikalpa Determination and doubt.

ସଂକଳ୍ପ ଭବ—ସଂ. ବ (ସଂକଳ୍ପ+ଭୂ ଧାତୁ+କର୍ତ୍ତରି. ଅ)—ସଂକଳ୍ପଜନ୍ମା; Saṁkalpa bhaba କାମ; ମଦନ—Cupid. ସଂ. ବିଣ—ସଂକଳ୍ପଜ (ଦେଖ)—Saṁkalpaja. (See)

ସଂକଳ୍ପ ଯୋନି—ସଂ. ବ (ସଂକଳ୍ପ+ଯୋନି=ଉତ୍ପତ୍ତି, ହେତୁ; ବହୁବ୍ରୀହି)—କାମ; କନ୍ଦର୍ପ—Cupid.

ସଂକଳ୍ପ ରମଣୀ—ସଂ. ବ (ମ. ତ. ସ୍ତ୍ରୀ)—ମନୋରଥ ନାୟିକା; ମାନସୀ Saṁkalpa ramaṇī ନାୟିକା—The lover (lady) the picture of whom is in one's desire or imagination. [ତୁ—ସଂକଳ୍ପ ରମଣୀ ସଙ୍ଗେ ସଲ୍ଲୋଷାସେ ବାହୁଲେ ନୃମଣି ରଥ । ସ୍ୱଧାନାଥ. ଉତ୍କଳୀ ।]

ସଂକଳ୍ପ ସିଦ୍ଧ—ସଂ. ବିଣ—୧ । (ଉତ୍ତୀୟା ତତ୍) ଯାହା ମାନସିକ ଅଭିଳାଷ Saṁkalpa siddha ଦ୍ୱାରା ଜନ୍ମିତ ହୋଇଅଛ—1. Accomplished by mental resolve or will. ୨ । (ସଂକଳ୍ପସିଦ୍ଧା—ସ୍ତ୍ରୀ) ଯେ ମାନସିକ ବଳଦ୍ୱାରା ଅଭାଭୁତ ଶକ୍ତି ଲାଭ କରିଅଛନ୍ତି—2. One who has gained supernatural power through the strength of will.

ସଂକଳ୍ପ ସିଦ୍ଧି—ସଂ. ବ (ଷଷ୍ଠୀ ତତ୍)—ମନୋବାଞ୍ଛାର ପୂର୍ତ୍ତି—The Saṁkalpa siddhi fulfilment of one's desire.

ସଂକଳ୍ପିତ—ସଂ. ବିଣ (ସମ୍+କୃତ ଧାତୁ+କର୍ମ. ତ)—Saṁkalpita ୧ । ଅଭିଳଷିତ; ବାଞ୍ଛିତ—1. Wished-for; desired. ୨। କର୍ତ୍ତବ୍ୟରୂପେ ସ୍ଥିରୀକୃତ—2. Resolved to be done as a duty. ୩ । ପାଦ୍ଧା (ବିଭାଦ) ସଂକଳ୍ପବାକ୍ୟଦ୍ୱାରା ଆରବ୍ଧ ହୋଇଅଛ—3. (Rite) Formally avowed. ୪ । ଚିନ୍ତିତ—4. Thought of. ୫ । ଖ୍ୟାତ—5. Famed.

ସଂକଳ୍ପିତାର୍ଥ—ସଂ. ବ. (କର୍ମଧା)—ସଂକଳ୍ପିତ ଉଦ୍ଦେଶ୍ୟ; ଅଭିଳଷିତ Saṁkalpitārtha ବିଷୟ—Wished for object.

ସଂକଳ୍ପିତାର୍ଥ ଫଳପ୍ରାପ୍ତି (ସିଦ୍ଧି ଲାଭ)—ସଂ.ବ.(ବହୁବ୍ରୀହି, କର୍ମଧା, ୬ଷ୍ଠୀ-ତତ୍)ବାଞ୍ଛିତ ଫଳରୂପ—Saṁkālpitārtha phalaprāpti (siddhi lābha) The attainment of one's wished for object.

ସଂକସୁକ—ସଂ. ବି. (ସମ୍+କସ୍ ଧାତୁ=ଗିବା+କର୍ତ୍ତରି ଉକ)—Saṁkasuka ୧ । ଅସ୍ଥିର; ଚଞ୍ଚଳ—1. Restless. ୨ । (ସଙ୍କୁଚ—ଅନ୍ୟରୂପ) ସଂକୀର୍ଣ୍ଣ—2. Narrow. ୩ । ଅନିତ୍ୟ (ସଂକସୁକା—ସ୍ତ୍ରୀ) —3. Transient. ୪ । ଅପବାଦକାରକ—4. Defaming; vilifying; scandalising. ୫ । ଦୁର୍ବଳ—5. Weak. ୬ । ଦୁର୍ଜ୍ଜନ; ଖଳ—6. Wicked.

ସଂକାର—ସଂ. ବ.—(ସମ୍+କୃ ଧାତୁ=ଉତ୍ସର୍ଗ କରିବା+କର୍ମ ଅ)—Saṁkāra ସଂମାର୍জ୍ଜନୀରୁ ଧୂଳି ଆଦି; ଛାଟଣୀରେ (ସଙ୍କାର—ଅନ୍ୟରୂପ) ଓଳଅ ହୋଇ ଗଦା କରି ଯାଇଥିବା ଅଳିଆ—Sweepings.

ସଂକାରୀ—ସଂ. ବ. ସ୍ତ୍ରୀ.—(ସଂକାର+ଈ)—ସଂକଟ, ନବଦୂଷିତା Saṁkārī କନ୍ୟା—A recently deflowered or ravished girl.

Digitized by srujanika@gmail.com

ସଂକାଶ—ସଂ. ବଣ.—(ସମ୍ + କାଶ ଧାତୁ = ପାଇ ଗାଇବା + Samkāśa ଅ) ୧ । (ଶବ୍ଦର ପରବର୍ତ୍ତୀ ହେଲେ) (ସଙ୍କାଶ—ଅନ୍ୟରୂପ) ତୁଲ୍ୟ; ସଦୃଶ (ଯଥା—ପ୍ରଳୟସଂକାଶ, (ସଂକାଶା—ସ୍ତ୍ରୀ) କୁନ୍ଦେନ୍ଦୁସଂକାଶ)—1. Equal to; similar to. ୨ । ସମାନ ବର୍ଣ୍ଣ ବା କାନ୍ତି ବିଶିଷ୍ଟ—2. Of a like colour or lustre; resemblin

[ଉ—ସେହି ପ୍ରଳୟସଂକାଶ ଭୟଙ୍କର ଦବଧରେ ଯେଉଁ-ସବୁ ଘଟନାମାନ ଘଟିଥିଲ, ମଧୁସୂଦନ. ଲକ୍ଷବଳରୂପିକଳ୍ପ]
ଶା ସମୀପବର୍ତ୍ତି; ନିକଟବର୍ତ୍ତୀ—3. Near; adjacent.

ସଂକିଲ—ସଂ.ବ. (ସମ୍ + କିଲ୍ ଧାତୁ = ଶୁକ୍ଳବର୍ଣ୍ଣ ହେବା + କିଚ୍. Samkiḷa ଅ) ୧ । ଦଡ଼ନୋଳା; ଅଗ୍ନି ପିଣ୍ଡ—1. Fire-ball. ୨ । ମଶାଲ—2. Torch. ୩ । ଜ୍ୱଳନ୍ତ ଅଗ୍ନି—3. Burning fire; flame.

ସଙ୍କୀର୍ଣ୍ଣ—ସ ବଣ (ସମ୍ + କୃ, ଧାତୁ + କର୍ମ.ଭ) ୧ । ଅପ୍ରସର; ଅପ୍ରଶସ୍ତ—Samkīrṇṇa 1. Narrow; strait. ୨ । କ୍ଷୁଦ୍ର; ସୀମାବଦ୍ଧ; (ସଙ୍କୀର୍ଣ୍ଣ—ଅନ୍ୟରୂପ) ସରୁ; ଛୋଟ—2. Limited; small. [ସଙ୍କୀର୍ଣ୍ଣା—ସ୍ତ୍ରୀ] ୩ । ସଙ୍କୁଚିତ—3. Contracted. ୪ । ଉଦାର-ଭାବାପନ୍ନ; ଅନୁଦାର (ହୃଦୟ, ମତ)—4. Not liberal; narrow (view). ୫ । ଘନ; ଘନ—5. Dense. ୬ । ଜନଭାପୂର୍ଣ୍ଣ; ବହୁ ଲୋକ ସମାକୀର୍ଣ୍ଣ—6. Crowded. ୭ । ସମାକୀର୍ଣ୍ଣ; ପରିବ୍ୟାପ୍ତ—7. Overspread; diffused; pervaded; spread over ୮ । ଗୋଳିଆ ମେଳିଆ; ବିଚ୍ଛିନ୍ନ—8. Confused. ୯ । ନାନାଜାତି ମିଳିତ—9. Mixed together. ୧୦ । ଅପବିତ୍ର—10. Impure. ୧୧ । ନାନା ଜାତିର ମିଶ୍ରଣରେ ଜାତ—11. Hybrid; of mixed blood. ୧୨ । ବିଭିନ୍ନର ବିଜାତୀୟ (ବସ୍ତୁ ବସ୍ତୁ)—12. Heterogenous. ୧୩ । ସଂକଟମୟ—13. Dangerous; full of dangers. ସଂ ବ—୧ । ବର୍ଣ୍ଣସଂକର ଜାତି—1. Mixed caste. ୨ । (ସଂଗୀତ) ମିଶ୍ର ରାଗ—2. A mixed tune. ୩ ସଂକଟ-3 Straits; difficulties.

ସଙ୍କୀର୍ଣ୍ଣ କଣ୍ଠ—ସଂ. ବ (କର୍ମଧା)—ସଂକୁଚିତ କଣ୍ଠ—Contracted Samkīrṇṇa kaṇṭha throat. ବଣ. ବ୍ୟୁ—(ବହୁବ୍ରୀହି) ସଂକୁଚିତ କଣ୍ଠ ବିଶିଷ୍ଟ—Having a contracted [ସଂକୀର୍ଣ୍ଣକଣ୍ଠୀ, ସଂକୀର୍ଣ୍ଣକଣ୍ଠା—ସ୍ତ୍ରୀ] throat.

ସଙ୍କୀର୍ଣ୍ଣ ଗ୍ରୀବ—ସଂ. ବଣ. ବ୍ୟୁ (ବହୁବ୍ରୀହି; ସଂକୀର୍ଣ୍ଣ + ଗ୍ରୀବା)—ଯାହାର Samkīrṇṇa grīva ବେକ ସରୁ; ସରୁବେକା; (ସଂକୀର୍ଣ୍ଣ ଗ୍ରୀବା—ସ୍ତ୍ରୀ) ବଙ୍କାବେକା—Having a narrow neck.

ସଙ୍କୀର୍ଣ୍ଣ ଗ୍ରୀବା—ସଂ. ବ (କର୍ମଧା)—ସରୁ ବେକ—Narrow neck. Samkīrṇṇa grīva ସଂ. ବଣ. ସ୍ତ୍ରୀ (ବହୁବ୍ରୀହି)—ସଂକୀର୍ଣ୍ଣ-ଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Samkīrṇṇa-grīva.

ସଙ୍କୀର୍ଣ୍ଣ ଚିତ୍ତ—ସଂ. ବ(କର୍ମଧା)—ନୀଚ ହୃଦୟ; ନୀଚ ମନ—A mean Samkīrṇṇa chitta mind. ସଂ. ବଣ—ସଂକୀର୍ଣ୍ଣମନାଃ [ସଂକୀର୍ଣ୍ଣଚିତ୍ତା—ସ୍ତ୍ରୀ] (ଦେଖ)—Samkīrṇṇamanāḥ. (See)

ସଂକୀର୍ଣ୍ଣ ଚେତା—ଦେ. ବଣ (ସଂ. ସଂକୀର୍ଣ୍ଣ ଚେତାଃ)—ସଂକୀର୍ଣ୍ଣଚେତାଃ Samkīrṇṇa chetā (ଦେଖ)—Samkīrṇṇa chetaḥ. संकीर्णचेता (See)

ସଂକୀର୍ଣ୍ଣ ଚେତାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସଂକୀର୍ଣ୍ଣ + ଚେତସ୍; Samkīrṇṇa chetāḥ ୧ମା. ୧ବ)-ସଂକୀର୍ଣ୍ଣମନାଃ (ଦେଖ)—Samkīrṇṇamanāḥ. (See)

ସଂକୀର୍ଣ୍ଣ ଜାତି—ସଂ. ତ (କର୍ମଧା)—ବର୍ଣ୍ଣସଂକର ଜାତି—
Samkīrṇṇa jāti Mixed caste.

ସଂକୀର୍ଣ୍ଣତା(ତ୍ୱ)—ସଂ. ବ (ସଂକୀର୍ଣ୍ଣ + ଭାବାର୍ଥେ. ତା, ତ୍ୱ)—Samkīrṇṇatā(twa) ୧। ଅପ୍ରସରତା—1. Narrowness. ୨ । (ମନର) ଅନୁଦାରତା—2. Want of liberality (of mind); narrowness (of mind). ୩ । ସାଙ୍କର୍ଯ୍ୟ—3. The state of being of mixed blood. ୪ । ଭିଡ଼; ଜନତା—4. Crowd; state of being crowded.

ସଂକୀର୍ଣ୍ଣ ଦେହ—ସଂ. ବ (କର୍ମଧା)—୧ । ସଂକୁଚିତ ଶରୀର—Samkīrṇṇa deha 1. Contracted body. ୨ । କ୍ଷୁଦ୍ର ଦେହ—2. Small body. ବଣ. ପୁଂ—୧ । (ବହୁବ୍ରୀହି) କ୍ଷୁଦ୍ର ଦେହ ବିଶିଷ୍ଟ—

ସଂକୀର୍ଣ୍ଣାଙ୍ଗ, ସଂକୀର୍ଣ୍ଣକାୟ } ଅନ୍ୟରୂପ
ସଂକୀର୍ଣ୍ଣଦେହ, ସଂକୀର୍ଣ୍ଣାଙ୍ଗୀ } ସ୍ତ୍ରୀ

1. Small-bodied. ୨ । ସଂକୁଚିତକାୟ; ଯାହାର ଶରୀର ସଂକୁଚିତ ହୋଇଅଛି—2. With contracted body.

ସଙ୍କୀର୍ଣ୍ଣ ନୀତି—ସଂ. ବ (କର୍ମଧା)—୧ । ଅନୁଦାର ନୀତି—1. Illi-Samkīrṇṇa nīti beral or narrow policy or principle. ୨ । ନୀଚ ନୀତି—2 Mean policy.

ସଙ୍କୀର୍ଣ୍ଣ ପଥ—ସଂ. ବ (କର୍ମଧା)—ସରୁ ବାଟ—
Samkīrṇṇa patha Narrow path.

ସଙ୍କୀର୍ଣ୍ଣ ମତ—ସଂ. ବ (କର୍ମଧା)—ଅନୁଦାର ମତ—
Samkīrṇṇa mata Illiberal view.

ସଙ୍କୀର୍ଣ୍ଣ ମନ—ସ. ବ (କର୍ମଧା)—ଅନୁଦାର ମନ—
Samkīrṇṇa mana Narrow mind,

ସଂକୀର୍ଣ୍ଣ ମନା—ଦେ. ବଣ (ସଂ. ସଂକୀର୍ଣ୍ଣମନାଃ)—ସଂକୀର୍ଣ୍ଣମନାଃ (ଦେଖ) Samkīrṇṇa manā Samkīrṇṇamanāḥ. (See) संकीर्णमना

ସଂକୀର୍ଣ୍ଣ ମନାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସଂକୀର୍ଣ୍ଣ + ମନସ୍; Samkīrṇṇa manāḥ ୧ମା. ୧ବ)—୧ । ନୀଚମନାଃ—1. Mean-minded. ୨। କ୍ଷୁଦ୍ର ଚେତାଃ; ଅନୁଦାରମନାଃ; ଯାହାର ମନ ଉଦାରଭାବାପନ୍ନ ନୁହେଁ—2. Narrow-minded. ୩ । ସ୍ୱାର୍ଥପର—3. Selfish.

Digitized by srujanika@gmail.com

ସଙ୍କୀର୍ଣ୍ଣ ମୁଖ—ସଂ. ବ (କର୍ମଧା)—୧ । ସରୁ ମୁହଁ—1. Narrow Saṁkīrṇṇa mukha mouth. ୨ । ସଙ୍କୁଚିତ ମୁହଁ; କୁଞ୍ଚି ମୁହଁ—2.Contracted mouth. ସ. ବହୁ—(ବହୁବ୍ରୀହି)—୧। ସରୁ ମୁହାଁ;କୁଞ୍ଚି ମୁହାଁ—1. Narrow-(ସଙ୍କୀର୍ଣ୍ଣମୁଖା—ସ୍ତ୍ରୀ) mouthed. ୨ । ଅପ୍ରଶସ୍ତ ଦ୍ୱାର ବିଶିଷ୍ଟ—2. Having a narrow outlet.

ସଂକୀର୍ଣ୍ଣ ଯୋନି—ସଂ. ବ. (କର୍ମଧା)—ଖରାପ ଜାତି—Low caste. Saṁkīrṇṇa joni ବହୁ. (ବହୁବ୍ରୀହି)—ଖରାପଜାତି; ଖରାପ ଜାତିରୁ—Of low class; low born.

ସଂକୀର୍ଣ୍ଣ ହୃଦୟ—ସଂ. ବ. ଓ ବହୁ (କର୍ମଧା ଓ ବହୁବ୍ରୀହି)—ସଂକୀର୍ଣ୍ଣଚିତ୍ତ Saṁkīrṇṇa hṛudaya (ଦେଖ)--Saṁkīrṇṇa chitta (See). (ସଂକୀର୍ଣ୍ଣହୃଦୟା—ସ୍ତ୍ରୀ)

ସଂକୀର୍ଣ୍ଣାତ୍ମା—ସଂ.ବି. ଓ ବହୁ (କର୍ମଧା ଓ ବହୁବ୍ରୀହି)--ସଂକୀର୍ଣ୍ଣଚିତ୍ତ(ଦେଖ) Saṁkīrṇṇātmā Saṁkīrṇṇachitta (See).

ସଂକୀର୍ଣ୍ଣାୟତନ—ସଂ. ବ (କର୍ମଧା)—କ୍ଷୁଦ୍ର ସ୍ଥାନ—1. Small Saṁkīrṇṇāyatana space or area. ସଂ ବହୁ (ବହୁବ୍ରୀହି)—୧ । ଅପ୍ରଶସ୍ତ ଆକାର ବିଶିଷ୍ଟ—1. Of small or limited area. ୨ । ସଂକୁଚିତ—2. Contracted. ୩ । ଅପ୍ରଶସ୍ତ—3 Narrow.

ସଂକୀର୍ଣ୍ଣାବସ୍ଥ—ସଂ. ବହୁ (ବହୁବ୍ରୀହି; ସଂକୀର୍ଣ୍ଣ+ଅବସ୍ଥା)—୧ । ସଂକୁଚିତ Saṁkīrṇṇāvastha ଅବସ୍ଥାଯୁକ୍ତ—1. Of contracted state. ୨ । ହୀନଦଶା ପ୍ରାପ୍ତ; ହୀନାବସ୍ଥାଯୁକ୍ତ—2. Of low or mean condition.

ସଂକୀର୍ଣ୍ଣାବସ୍ଥା—ସଂ. ବ. (କର୍ମଧା)—୧ । ହୀନଦଶା—1. Low or Saṁkīrṇṇāvasthā mean condition. ୨ । ସଂକୁଚିତ ଅବସ୍ଥା—2. Contracted state. ୩ । ଅପ୍ରଶସ୍ତର ଅବସ୍ଥା—3. Narrow state.

ସଂକୀର୍ଣ୍ଣାୟମାନ—ସଂ. ବହୁ (ସଂକୀର୍ଣ୍ଣ+ଅଭୂତ ଭାବରେ ଯଙ୍ Saṁkīrṇṇāyamāna ସଂକୀର୍ଣ୍ଣାୟ. ନାମଧାତୁ+ଶତୃ ଅନ)—କ୍ରମଶଃ ସଂକୀର୍ଣ୍ଣ ହେଉଥିବା—Gradually narrowing. (ସଂକୀର୍ଣ୍ଣାୟମାନା—ସ୍ତ୍ରୀ)

ସଂକୀର୍ଣ୍ଣୀକରଣ—ସଂ. ବ—ସଂକୁଚିତକରଣ; ଗ୍ରାମ୍ୟ ଓ ଅରଣ୍ୟ ପଶୁବଧ—Saṁkīrṇṇīkaraṇa ଜନ୍ତୁବଧ ପାପ—Sin of killing wild and domestic animals.

ସଂକୀର୍ତ୍ତନ (ନା)—ସଂ.ବ (ସମ୍+କୃତ୍ ଧାତୁ+ଭାବ ଅନ+ସ୍ତ୍ରୀ ଆ)—Saṁkīrttana(nā) ୧ । ଦେବତାଦଙ୍କ ନାମୋଚ୍ଚାରଣ ପୂର୍ବକ ସ୍ତୁତିଗାନ; ସମ୍ୟକ୍ ପ୍ରକାରରେ ଦେବତାଦଙ୍କ ନାମ ଉଚ୍ଚାରଣ ପୂର୍ବକ ଗାନ—1. Songs sung in [ସଙ୍କୀର୍ତ୍ତନ (ନା)—ଅନ୍ୟରୂପ] praise of God or Deities; chanting of hymns or psalms. ୨ । ଗୁଣାଦି-କଥନ; ପ୍ରଶଂସା କହିବା—2. Praising; eulogising. ୩ । ବର୍ଣ୍ଣନ—3. Describing. ୪ । ଉଚ୍ଚାରଣ — 4. Uttering. ଦେ. ବ—ରାଧା,

ସଂକୀର୍ତ୍ତନ, କୀର୍ତ୍ତନ, **ସଙ୍କୀର୍ତନ** କୃଷ୍ଣ ଓ ଶ୍ରୀ ଚୈତନ୍ୟଙ୍କ ସମ୍ବନ୍ଧୀୟ ଖୋଳ କରତାଳ ଓ ନୃତ୍ୟାଦ ସହିତ ଗୀତ ଗାନ—Songs in praise of Rādhā, Kṛushṇa and Chaitanya sung in accompaniment of music. [ଦ୍—ଭଗବାନ ଓ ଦେବତାମାନଙ୍କ ନାମସଂକୀର୍ତ୍ତନର ମାହାତ୍ମ୍ୟ ଭାଗବତ, ନାରଦ ପଞ୍ଚରାତ୍ର, ବୃହନ୍ନାରଦୀୟ ପୁରାଣାଦରେ ବର୍ଣ୍ଣିତ ହୋଇଅଛି; କଳି ଶ୍ରୀ ଚୈତନ୍ୟ ଦେବଙ୍କ ଅମଳରୁ ଖୋଳ କରତାଳ ସହିତ ବନ୍ଧୁ ଲୋକଙ୍କର ସମ୍ମିଳିତ ଗାନ ଓ ବିଶେଷତଃ ଶ୍ରୀରାଧା-କୃଷ୍ଣ ସମ୍ବନ୍ଧୀୟ ଗାନ ବା ସଂକୀର୍ତ୍ତନ ପ୍ରତି ବୈଷ୍ଣବମାନଙ୍କର ବିଶେଷ ଆଗ୍ରହ ଜନ୍ମିଅଛି । ଚୈତନ୍ୟଦେବ ପ୍ରଚାର କଲେ ଯେ, କଳିଯୁଗରେ ହରିନାମ ସଂକୀର୍ତ୍ତନହିଁ ମୁକ୍ତିଲାଭାର୍ଥ ମନୁଷ୍ୟର ଏକମାତ୍ର ଅବଲମ୍ବନ । କୀର୍ତ୍ତିଗାୟ ନାମ ଯଥା—"ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳଂ କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ।" ଯେଉଁଠାରେ ନାମ ସଂକୀର୍ତ୍ତନ ହୁଏ, ତାହା ପ୍ରଧାନତମ ତୀର୍ଥ ଓ ସଂକୀର୍ତ୍ତନକାରୀ ବ୍ୟକ୍ତିଙ୍କ ପାଦରଜ ଯେଉଁଠାରେ ପଡ଼େ, ସେ ସ୍ଥାନ ପବିତ୍ର ହୁଏ । ଏହି କୀର୍ତ୍ତନଧ୍ୱନିରେ ପାପ ସବୁ ଗୁଚ୍ଛ ଛୁଡ଼ ପଳାନ୍ତି ଏବଂ ସଂକୀର୍ତ୍ତନ ଦ୍ୱାରା ଶୋଭା ଓ ଗାୟକଙ୍କର ଉପର ଓ ଭଲର ପାଉ ସୁରୁଖ ଉଦ୍ଧାର ପାଆନ୍ତି । ଶାସ୍ତ୍ରରେ ମଧ୍ୟ ଅଛି ଯେ, ସତ୍ୟଯୁଗରେ ଧ୍ୟାନ, ତ୍ରେତାରେ ଯଜ୍ଞ, ଦ୍ୱାପରରେ ଦାନ ଓ କଳିରେ ନାମ ସଂକୀର୍ତ୍ତନହିଁ ଯୁଗଧର୍ମ । ପୁଣି କଥିତ ଅଛି ଯେ, ଦାନ, ବ୍ରତ, ତପସ୍ୟା, ଯଜ୍ଞ, ଏ ସମସ୍ତ ଅପେକ୍ଷା ସଂକୀର୍ତ୍ତନ ଅଧିକତର ଫଳପ୍ରଦ ଓ ମୁକ୍ତିପ୍ରଦ ଅଟେ ଏବଂ ସଂକୀର୍ତ୍ତନ-ବରହିତ ଦାନାଦି କାର୍ଯ୍ୟ ନିଷ୍ଫଳ ହୁଏ । ଶ୍ରୀ ଚୈତନ୍ୟ ଦେବ ପ୍ରଧାନତଃ ଦୁଇଗୁଡ଼ିଏ ପଦକୁ ଘୋଷି ଖୋଳ କରତାଳ ସାହାଯ୍ୟରେ ବନ୍ଧୁ ସହଚରଙ୍କ ସମବେତ ସାହାରେ ସଂକୀର୍ତ୍ତନ କରୁଥିଲେ । ପଦମାନ ଯଥା—

୧ । ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ
ହରେ ରାମ ହରେ ରାମ ରାମ ରାମ ହରେ ହରେ ।

୨ । କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ହେ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ହେ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ପାହି ମାଂ
କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ କୃଷ୍ଣ ରକ୍ଷ ମାଂ ।

୩ । କୃଷ୍ଣ କେଶବ କୃଷ୍ଣ କେଶବ କୃଷ୍ଣ କେଶବ ପାହି ମାଂ
ରାମ ରାଘବ ରାମ ରାଘବ ରାମ ରାଘବ ରକ୍ଷ ମାଂ ।

ଭଗବତ୍ତତ୍ତ୍ୱଜ୍ଞ ଶ୍ରୀକୃଷ୍ଣ ଓ ରାଧାଙ୍କର ଉଚ୍ଚ ଉଚ୍ଚ ଲୀଳା ଓ ଚରିତ୍ର ମଧ୍ୟ ଶ୍ରୀଚୈତନ୍ୟଦେବ ସମୟେ ସମୟରେ ଗାନ କରୁଥିଲେ । ପରେ ଚୈତନ୍ୟଙ୍କ ଭକ୍ତ-ମାନେ ଓ ବିଶେଷତଃ ସ୍ୱର୍ଗୀୟ ଶ୍ରୀ ରାଧାରମଣ ଚରଣ ଦାସ

Digitized by srujanika@gmail.com

"(ଭଜ) ବଡାଇ ଗଲ୍ଲର ଗ୍ରଧେ ଶ୍ୟାମ
(ଜଗ) ହରେ କୃଷ୍ଣ ହରେ ଗ୍ରମ"

ଏହି ପଦକୁ ସଂକୀର୍ତ୍ତନ କଲେ ଏବଂ ଏହାହିଁ ବର୍ତ୍ତମାନ କେତେ ବୈଷ୍ଣବଙ୍କର ସଂକୀର୍ତ୍ତିତ ପ୍ରଧାନ ପଦ। ସଂକୀର୍ତ୍ତନରେ ଶ୍ରୀଚୈତନ୍ୟ ଦେବଙ୍କ ଜୀବନଚରିତ ମଧ୍ୟ ଗୀତ ହୁଏ ।

ଚୈତନ୍ୟ ଦେବ ପ୍ରଥମରେ ବହୁକାଳ ଅବସ୍ଥିତି କରି ଉତ୍କଳରେ ବୈଷ୍ଣବଧର୍ମର ବଶିଷ୍ଟ ପ୍ରଚାରକ ହୋଇଥିଲେ । ଓଡ଼ିଶାରେ କେବଳ ପୁରୀର ଶାସନ। ବାହ୍ମଣମାନଙ୍କ ଛଡ଼ା ଅନ୍ୟ ସମସ୍ତେ ଆଜି ଶ୍ରୀଚୈତନ୍ୟ ଦେବଙ୍କ ପ୍ରବର୍ତ୍ତିତ ସଂକୀର୍ତ୍ତନକୁ ଗ୍ରହଣ କରିଅଛନ୍ତି ଏବଂ ଉତ୍କଳର ଗ୍ରାମେ ଗ୍ରାମେ ବଙ୍ଗଳା ଭାଷାର ସଂକୀର୍ତ୍ତନ (ବଙ୍ଗ ଭାଷା ଜାଣୁ ନ ଥିବା ଅଶିକ୍ଷିତ ଓଡ଼ିଆଙ୍କ ମୁହଁରେ ବିକୃତ ରୂପ ଧାରଣ କରି ସ୍ୱନ୍ଦା) ଏପର୍ଯ୍ୟନ୍ତ ଖୋଳ କରତାଳ ସାହାଯ୍ୟରେ ଗୀତ ହେଉଅଛି । ଶ୍ରୀକୃଷ୍ଣ ଲୀଳା ଓ ଶ୍ରୀଚୈତନ୍ୟ ଲୀଳା ଏହି ସଂକୀର୍ତ୍ତନମାନଙ୍କ ବିଷୟ । ଦୋଳ ଦଶହରା ଆଦି ଜାନ ଯାତ୍ରାଦରେ, ଦେବତାମାନଙ୍କ ଶୋଭାଯାତ୍ରାରେ ଓ ଦେବ ମେଳନରେ ଏକାଧିକ ସଂକୀର୍ତ୍ତନ ମଣ୍ଡଳ ଖୋଳ କରତାଳ ସହିତ ସଂକୀର୍ତ୍ତନ କରନ୍ତି ଏବଂ ଚୈତନ୍ୟଦେବଙ୍କ ଅମଳରୁ ଅଦ୍ୟାବଧି ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ଉପଲକ୍ଷରେ ଟଣା ହେଉଥିବା ରଥମାନଙ୍କ ଆଗରେ ଉତ୍କଳୀୟ ଓ ବଙ୍ଗୀୟ ସଂକୀର୍ତ୍ତନମଣ୍ଡଳୀମାନେ ସଂକୀର୍ତ୍ତନ କରି କରି ଅଗ୍ରସର ହେଉଥାଆନ୍ତି । ଓଡ଼ିଶାରେ ସଂକୀର୍ତ୍ତନ ବଙ୍ଗୀୟ କୀର୍ତ୍ତନର ମାଧୁର୍ଯ୍ୟ ହରାଇ ପ୍ରାୟ ହାଡେ ବ୍ୟାସବଶିଷ୍ଟ ଝାଞ୍ଜ ଓ ଦୁଇ ହାତ ଲମ୍ବର ମୃଦଙ୍ଗବାଦନଧ୍ୱନି ମିଶ୍ରିତ ହୋଇ ଅତି କର୍କଶ ହୋଇଅଛି । ଯେଉଁଠାରେ ଶିକ୍ଷିତ ଦଳ ବଙ୍ଗୀୟ ସଂକୀର୍ତ୍ତନର ବାଦ୍ୟ (ଛୋଟ ମୃଦଙ୍ଗ ଓ ଛୋଟ ଝାଞ୍ଜ ବା କୁବୁଜ) ସାହାଯ୍ୟରେ ସଂକୀର୍ତ୍ତନ କରିବାକୁ ଶିକ୍ଷିତ ଅଛନ୍ତି, ତାହା ଶ୍ରୁତିମଧୁର; ନଚେତ୍ ଉତ୍କଳର ମଫସଲରେ ସଂକୀର୍ତ୍ତନର ଅର୍ଥାତ୍ ୩ଟି ମୃଦଙ୍ଗର ବଧିମା ବାଡ଼ଆ ଓ ୧୦।୧୨ ଯୋଡ଼ା ଝାଞ୍ଜର ଘୋର ଝଞ୍ଜାବାତ ସଦୃଶ ନାଦ । ଏହି ମାଡ଼ର ଦାଉରେ ଅନେକ ସମୟରେ ମୃଦଙ୍ଗମାନ ଫାଟିଯାଏ, ଝାଞ୍ଜମାନ ଦଦରା ହୁଏ ଓ ବକ୍ତାଙ୍କ କଣ୍ଠର ଦହୁର ନନାଦରେ ପାଏ ବାଟଯାକେ ଲୋକେ ଅସ୍ଥିର ହୋଇଉଠନ୍ତି । ଓଡ଼ଶାର ସଂକୀର୍ତ୍ତନରେ ଝାଞ୍ଜ ମୃଦଙ୍ଗ ବଜା ହୁଏ ନାହିଁ, ବାଡ଼ଆ ହୁଏ । ଓଡ଼ିଶାରେ ଠାକୁରମାନଙ୍କର ଓ ସଂକୀର୍ତ୍ତନମଣ୍ଡଳୀମାନଙ୍କର 'ମେଳନ' ରେ ଉତ୍ତମ ଉତ୍ତମ ଗାୟକଙ୍କ ଗୀତର ମାଧୁର୍ଯ୍ୟ ପରୀକ୍ଷା କରି ଯାଏ ନାହିଁ, କିନ୍ତୁ ମୃଦଙ୍ଗର ସ୍ୱେଚ୍ଛାଚାର ଓ ମୃଦଙ୍ଗ ଏବଂ ଝାଞ୍ଜ ବାଡ଼ଆରେ କେଉଁ ପକ୍ଷ। ଅନ୍ୟ ପକ୍ଷାଙ୍କୁ ଟପିଗଲେ, ଏହାହିଁ ପରୀକ୍ଷା କରିଯାଏ ।

ସଂକୀର୍ତ୍ତନରେ ବ୍ୟବହୃତ ମୃଦଙ୍ଗକୁ 'ଖୋଳ' ଓ ଝାଞ୍ଜକୁ 'କରତାଳ' କୋଲାଯାଏ । ସଂକୀର୍ତ୍ତନ ଶେଷରେ ଖୋଳ କରତାଳକୁ ତ୍ୟାଗ ଓ ନୂତନ ବସ୍ତ୍ର ଅର୍ପିତ ହୋଇ ପୂଜା କରାଯାଏ ।]

ସଂକୀର୍ତ୍ତନ ଅଖ(ଖେ)ଡ଼ା—ଦେ. ବଃ ୧ । ସଂକୀର୍ତ୍ତନ ଶିକ୍ଷା କରିବାର ଗୃହ Saṁkīrttana ākha(khe)ṛdā —1 A room where କୀର୍ତ୍ତନେର ଆଖଡ଼ା Saṁkīrttana is taught. [ଦ୍ର— **ସଂକୀର୍ତନଆଖଡ଼ା**] ଉତ୍କଳରେ ପ୍ରାୟ ପ୍ରତ୍ୟେକ ଗ୍ରାମରେ (ଶାସନ। ବ୍ରାହ୍ମଣ-ପ୍ରଧାନ ଗ୍ରାମ ବ୍ୟତୀତ) ସଂକୀର୍ତ୍ତନ ଅଖଡ଼ା ପାଇଁ ଗୋଟିଏ ସ୍ୱତନ୍ତ୍ର ଗୃହ ଥାଏ । ଯେଉଁ ଗ୍ରାମରେ 'ଶ୍ରୀଗବଡ-ଝୁଙ୍ଗୀ' ଥାଏ, ସେଇ ଝୁଙ୍ଗୀ ମଧ୍ୟ 'ସଙ୍କୀର୍ତ୍ତନ ଅଖଡ଼ା' ରୂପେ ବ୍ୟବହୃତ ହୁଏ । ଏହି ଅଖଡ଼ା ଘର ଗ୍ରାମବାସୀଙ୍କର ସାଧାରଣ ଗୃହ ଓ ଏଥିରେ ଗ୍ରାମବାସୀମାନେ ପ୍ରତିଦିନ ସନ୍ଧ୍ୟା ସମୟରେ ଏକତ୍ର ହୋଇ ସଂକୀର୍ତ୍ତନ ଅଭ୍ୟାସ କରନ୍ତି ଏବଂ ଏହି ଘରେ ଗ୍ରାମବାସୀମାନଙ୍କର ଖୋଳ କରତାଳମାନ ରଖାଯାଏ । ଗ୍ରାମବାସୀମାନେ ସଂକୀର୍ତ୍ତନ ଶିକ୍ଷିବା ପାଇଁ ଗୁରୁ ଛଠାରେ 'ଗୁରୁ' ରଖନ୍ତି ।] ୨ । ସଂକୀର୍ତ୍ତନକାରୀ ଦଳ— 2. A company of Saṁkīrttana chanters.

ସଂକୀର୍ତ୍ତନ ଗୁରୁ—ଦେ. ବ--ସଂକୀର୍ତ୍ତନର ଗୀତ ଓ ବାଦ୍ୟ ଶିକ୍ଷାଇବା Saṁkīrttana guru କାମରେ ନିଯୁକ୍ତ ଶିକ୍ଷକ— କୀର୍ତ୍ତନେର ଗୁରୁ A teacher who teaches songs and **ସଂକୀର୍ତନଗୁରୁ** music relating to Saṁkīrttana.

ସଂକୀର୍ତ୍ତନ ମଣ୍ଡଳ[ଳି]—ଦେ. ବ—୧ । ସଂକୀର୍ତ୍ତନକାରୀ ଦଳ ବା Saṁkīrttana maṇḍala[li] ଦଳ।—1. A band or କୀର୍ତ୍ତନେର ଦଳ choir of persons who perform Sam- **ସଂକୀର୍ତନ ମଣ୍ଡଳୀ** kīrttana, (some singing, some striking the drums and other cymbals). ୨ । ମେଳନ ଆଦି ଉତ୍ସବରେ ବହୁ ସ୍ଥାନରୁ ଅସି ଏକ ସ୍ଥାନରେ ଉପସ୍ଥିତ ବହୁ ସଂକୀର୍ତ୍ତନ ଦଳ —2. A number of Saṁkīrttana parties assembled at a particular place on a particular occasion.

ସଂକୀର୍ତ୍ତନ ମେଳନ(ଣ)—ଦେ. ବ—ପ୍ରତିଯୋଗିତା ପାଇଁ ବା ବିଶେଷ Saṁkīrttana melana(ṇa) ଉତ୍ସବରେ କୌଣସି ସ୍ଥାନରେ କୀର୍ତ୍ତନମେଳା ଏକାଧିକ ସଂକୀର୍ତ୍ତନ ଦଳଙ୍କର ସମ୍ମେଳନ— **ସଂକୀର୍ତନମେଳା** A gathering of more than one (ସଂକୀର୍ତ୍ତନ ମେଳ[ଳା]—ଅନ୍ୟରୂପ) party of Saṁkīr- ttana chanters at a particular place for competition or on some special occasion.

ସଂକୀର୍ତ୍ତନଆ(ଆଁ)—ଦେ ବ—ସଂକୀର୍ତ୍ତନକାରୀ ଦଳର ବ୍ୟକ୍ତି— Saṁkīrttaniā(āñ) A member of a choir of ସଂକୀର୍ତ୍ତନିୟା, କୀର୍ତ୍ତନୀୟା, ସଂକୀର୍ତ୍ତନେ **ସଂକୀର୍ତନିୟା** Saṁkīrttana- chanters.

Digitized by srujanika@gmail.com

ସଂକୀର୍ତ୍ତିତ—ସଂ. ବଣ (ସମ୍+କୃତ୍ ଧାତୁ+କର୍ମ. ତ)—
Saṁkīrttita ୧ । ସମ୍ୟକ୍ ବା ଉଚ୍ଚୈଃସ୍ୱରରେ ଉଚ୍ଚାରିତ—
(ସଂକୀର୍ତ୍ତିତା—ସ୍ତ୍ରୀ) 1. Uttered loudly. ୨ । ସଂସ୍ତୁତ—
2. Solicited. ୩ । ପ୍ରଶଂସିତ - 3. Praised; eulogised. ୪। ବର୍ଣ୍ଣିତ—4. Described.

ସଂକୁଚା ଚେଇବା—ଦେ. (ପଦ୍ୟ) କ୍ରି—ସଂକୁଚିବାର ଣିଜନ୍ତରୂପ—
Saṁkuchā(che)ibā Causative of Saṁkuchibā. ସଂକୁଚାନ ସୁକୁଚ କରାନା

ସଂକୁଚିତ—ସଂ. ବଣ (ସମ୍+କୁଚ୍ ଧାତୁ=ଗୋଡାଇ ନେବା; ଗୁଡ଼ାଇ ନେବା+କର୍ମ. ତ)—୧ । ସଂକୀର୍ଣ୍ଣ;ଯେଉଁ ବସ୍ତୁର (ସଙ୍କୁଚିତ—ଅନ୍ୟରୂପ) ପଦାର୍ଥକୁ ଗୋଡାଇ ନିଆ ଯାଇଥାଏ—
(ସଂକୁଚିତା—ସ୍ତ୍ରୀ) 1. Contracted. ୨ । ମୁଦ୍ରିତ; ନମାଲିତ—2. Closed. ୩ । ଗୁଡଆ ହୋଇଥିବା—3. Wound up. ୪ । ଅପ୍ରସାରିତ—4. Not spread out or expanded. ୫। କୁଣ୍ଠିତ; ସଂକୋଚ ପ୍ରାପ୍ତ—5. Hesitating. ୬ । ସଂକ୍ଷିପ୍ତ—6. Abridged. ୭ । କୁଞ୍ଚି କୁଞ୍ଚି ହୋଇଥିବା—7. Shrivelled up; wrinkled.

ସଂକୁଚିତ କରିବା—ଦେ. କ୍ରି (ସଂ. ସଙ୍କୁଚିତ)—୧। ଜାକିବା—1.To Saṁkuchita karibā contract. ୨ । ଖର୍ବୀକୃତ କରିବା ସଂକୁଚିତ କରା —2.To shorten. [ଉ - ସିକୁଡ଼ଗଲେ ପ୍ରତଃ ଶିଶୁଲେ ସୁକୁଚାନା ସଂକୋଚ ସ୍ୱଭାବ—ଭାଗବତ. ମହାଯାନ୍ତ୍ର]

ସଂକୁଚିବା—ଦେ. କ୍ରି (ସଂ. ସଂକୁଚିତ)—୧ । ସଂକୁଚିତ ହେବା—
Saṁkuchibā 1. To be contracted. ୧ । ଲଜ୍ଜାରେ ସଂକୁଚିତ ହେଇଯା ଜଡ଼ ହେବା—2. To be overtaken
ସୁକୁଚନା with modesty or bashfulness. [ଉ—ଶ୍ରମରୁ ସଂକୁଚିଲେ ଲଜ୍ଜାଭରେ—ଜଗନ୍ନାଥ. ସଙ୍ଗୀତ ।]

ସଂକୁଟନ—ସଂ. ବ (ସମ୍+କୁଟ୍ ଧାତୁ=କୁଟିଲତା ପ୍ରକାଶ କରିବା+
Saṁkuṭana ଭାବ. ଅନ)—ମୃତ୍ୟୁ—Death.
(ସଂକୃତନ—ଅନ୍ୟରୂପ)

ସଂକୁଡ଼—ଦେ. ବ—ସଙ୍କୁଡ଼ (ଦେଶ)
Saṁkuṛdi Saṁkuṛdi (See)

ସଂକୁନ—ଦେ. ବ—ସଙ୍କୁନ (ଦେଶ)—
Saṁkuna Saṁkuna (See)

ସଂକୁ(ଖୁ)ରି—ସ୍ତ୍ରୀ. ବ. ଓ ବଣ—(ଅଶୁଦ୍ଧ; ଭୁଲର ବ୍ୟବହୃତ)
Saṁku(khu)ri ସଂଖୁଡ଼ (ଦେଶ)--Saṁkhuṛdi (See)

ସଂକୁଳ—ସଂ. ବଣ (ସମ୍ = ଏକତ୍ର+କୁଳ୍ ଧାତୁ=ରୁଗ୍ଣ କରିବା
Saṁkula +କର୍ମ. ଅ) ୧ । ବ୍ୟାପ୍ତ; ସମାକୀର୍ଣ୍ଣ; ଦୃଶ୍ୟ;
(ସଙ୍କୁଳ—ଅନ୍ୟରୂପ) ଜଡ଼ୁଳ—1. Full of; surrounded
(ସଂକୁଳା—ସ୍ତ୍ରୀ) by; overspread with. ୨ । ଯୁକ୍ତ; ଏକତ୍ର ଜଡ଼ୀଭୂତ; ମିଶ୍ରିତ—2. Mixed up; united; compounded. ୩ । ଗୋଳମାଳ ଦୃଶ୍ୟ—
3. Tumultuous, [ଉ—ସେହ କାଳେ ସଂକୁଳ ଢୋଇଲ୍ଲ ସମର, ମର୍ମ୍ମର ଢୋଇ ବହୁତ ମଲେ ନର । କୃତ୍ତିବାସ. ମହାପ୍ରସ୍ଥାନ. କଣ୍ଡି] ୪ । ସଂକୀର୍ଣ୍ଣ—4. Narrow; close. ୫ । ଜନସଙ୍କୁଳସମାକୀର୍ଣ୍ଣ—
5. Crowded. ଖ—୧ । ଦ୍ୱନ୍ଦ୍ୱ; ଯୁଦ୍ଧ—1. Contest; fight; affray. ୨ । ଜନତା—
2. Crowd. ୩ । ଝଟ୍ଟୁରର ବହୁଳ ବାଦ୍ୟାଳାପ; କଳି—3. Altercation; quarrel. ୪ । ବହୁ ଲୋକଙ୍କ ସ୍ୱରଜନିତ ଗୋଳମାଳ—4. Hubbub; tumult. [ଦ୍ର—ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ସଙ୍କୁଳ ଶବ୍ଦ ମିଶି ସମାସ ହୁଏ; ଯଥା—ଶ୍ମାପଦସଙ୍କୁଳ; ବହୁଜସଙ୍କୁଳ, ସଂକଟସଂକୁଳ ଇତ୍ୟାଦି ।]

ସଂକୁଳନ—ସ. ବ—ସଙ୍କୁଳନ (ଦେଶ)
Saṁkulana Saṁkulana. (See)

ସଂକୁଳ ଯୁଦ୍ଧ—ସ. ବ (କର୍ମଧା)—ଗୋଳମାଳିଆ ବା ଅନିୟନ୍ତ୍ରିତ ଯୁଦ୍ଧ—
Saṁkula juddha Confused fight; guerilla warfare.

ସଂକୁଳା—ଦେ. ବ ଓ ବଣ—ସଙ୍କୁଳା (ଦେଶ)
Saṁkulā Saṁkulā. (See)

ସଂକୁଳାନ (ଇତ୍ୟାଦି)—ଦେ. ବ ଓ ବଣ—ସଙ୍କୁଳାନ ଇତ୍ୟାଦି (ଦେଶ)
Saṁkulāna (etc) Saṁkulāna etc. (See)

ସଂକୁଳିଆ—ଦେ. ବ—ସଙ୍କୁଳିଆ (ଦେଶ)
Saṁkuliā Saṁkuliā. (See)

ସଂକୁଳିତ—ସଂ. ବଣ (ସମ୍+କୁଳ୍ ଧାତୁ+କର୍ମ. ତ)—ଏକତ୍ରୀଭୂତ;
S m'kulita ସଂଗୃଥିତ—Collected; gathered up.

ସଂକୁଳିବା—ଦେ. କ୍ରି—ସଙ୍କୁଳିବା (ଦେଶ)
S m kulibā Saṁkulibā. (See)

ସଂକେ(ଖେ)ଇବା—ପ୍ରାଦେ. (ବାଲେଶ୍ୱର) କ୍ରି—ସଙ୍କେ(ଙ୍ଖେ)ଇବା
S.mke(khe)ibā (ଦେଶ)—Saṁke(ṅkhe)ibā. (See)

ସଂକେତ—ସଂ. ବ (ସମ୍=ସଂଯୋଗ+କିତ୍. ଧାତୁ=ଜଣାବା+ଘଞ୍.
Saṁketa ଅ)—୧ । ସଂଯୋଗରେ ଅର୍ଥ ଯାହା ପ୍ରକାଶ କରିବାର ଚେଷ୍ଟା; ଇସାରା; ଇଙ୍ଗିତ—1. Indication; hint. ୨ । ନେତ୍ର ବକ୍ତ୍ର ହସ୍ତାଦି ଦ୍ୱାରା ମନୋଭାବବ୍ୟଞ୍ଜକ ଚେଷ୍ଟା-ବିଶେଷ—2. An endeavour to express thoughts by the movement of the eyes, face and hands; gesture. ୩ । (+କରଣ.ଅ)
(ସଙ୍କେତ—ଅନ୍ୟରୂପ) କୌଣସି ବସ୍ତୁ ବା ବିଷୟ ଜ୍ଞାପକ ଶବ୍ଦ—3. Indication; sign; signal; symbol. ୪। ଶବ୍ଦର ଅର୍ଥବୋଧକ ଶକ୍ତି—4.The power of a word to convey a meaning. ୫ । ଠାଟ; ଅନେକଗୁଡ଼ିଏ ବିଷୟକୁ ବା ବାକ୍ୟକୁ ବା ଅନେକାକ୍ଷରଯୁକ୍ତ ଶବ୍ଦକୁ ଅଳ୍ପରେ ପ୍ରକାଶ କରିବାର ଶକ୍ତି—5. A symbolical sign; cypher. ୬ । (+ଅଧିକରଣ. ଅ) ନାୟକ ନାୟିକାଙ୍କର ନିର୍ଦ୍ଦିଷ୍ଟ ମିଳନ ସ୍ଥାନ—6. A place of meeting

Digitized by srujanika@gmail.com

of lovers; a trysting place. ୭ । ବୋଧ—7. Understanding. ୮ । ସନ୍ଧାନ; ଅନୁମାନ—8. Guess. ୯ । ସୂତ୍ର—9. A clue. ୧୦ । ବ୍ୟାକରଣାଦର ସୂତ୍ର—10. Aphorism; axiom; maxim. ୧୧ । ଗୁପ୍ତ ସ୍ଥାନ—11. A place of assignment; a place of appointment; a secret place. ୧୨ । ନିୟମ—12. Rule; regulation. [ତୁ—ସାଧାରଣତଃ କଥାବାର୍ତ୍ତା ଦ୍ୱାରା ଯେକେ ଅନ୍ୟ ଯେକଠାରେ ଯେଉଁ ପର ମନୋଗତ ଭାବ ପ୍ରକାଶ କରନ୍ତି, ତାହା ଅପେକ୍ଷା ସୂକ୍ଷ୍ମତର ଭାବରେ ଚକ୍ଷୁ ମସ୍ତକ ସଞ୍ଚାଳନ, ନେତ୍ର ଘୂର୍ଣ୍ଣନ, ବକ୍ତ୍ର ଓ ମୁଖଭଙ୍ଗୀ, ହସ୍ତଭଙ୍ଗୀ ଦ୍ୱାରା ଭାବ ପ୍ରକାଶକୁ ସଂକେତ କୋଲ୍ଲପାଏ । ଯାହା କେଶୀ ବାକ୍ୟରେ ପ୍ରକାଶିତ ହୁଏ, ତାହାକୁ ଅଳ୍ପ ବାକ୍ୟ ଦ୍ୱାରା ପ୍ରକାଶ କରିବା ପକ୍ଷ ସଂକେତ । ଯାହା ସାଧାରଣବୋଧ ବାକ୍ୟରେ ପ୍ରକାଶିତ ହୁଏ, ତାକୁ ଅନ୍ୟ ଆକାରରେ ପ୍ରକାଶ କରିବା ପକ୍ଷ ସଂକେତ ।]

ସଂକେତ କରିବା—ଦେ. କି—୧ । ଇସାରା ଦ୍ୱାରା ମନର ଭାବ ପ୍ରକାଶ କରିବା—1. To express one's mind by guestures or signs. ୨ । ଠାରିବା—2. To beckon.

Saṁketa karibā

संकेत करना

ସଂକେତକାରୀ—ସଂ. ବିଣ. ସ୍ତ୍ରୀ—ଯେ ଇସାରା କରେ—Giving hints; beckoning; making gestures.

(ସଂକେତକାରିଣୀ—ସ୍ତ୍ରୀ)

Saṁketakārī

ସଂକେତ ଦେବା—ଦେ. କି—୧ । ପ୍ରେରକକୁ ଚହ୍ନିବାର କୌଣସି ଚିହ୍ନ ଦୂତ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କ ନିକଟକୁ ସଂକେତଦେଓୟା ପଠାଇବା—1. To give a token of identification to a messenger. ୨ । ନାୟକ ନାୟିକାଙ୍କ ସଂକେତ ସ୍ଥଳ ନିରୂପଣ କରିବା—2. To appoint or assign a place of meeting between lovers. (ତୁ—କେ ଯିବ ପଦ୍ମ, ଥଣ ଅସ, ପ୍ରାଣସଜିନୀ ! ଦେଇଛନ୍ତି ସଂକେତ ସେ ମୁରଲୀଧର । ସଂଗୀତ ।)

Saṁketa dēbā

संकेत देना

ସଂକେତଜ୍ଞ—ସଂ. ବିଣ. ପୁଂ—ଯେ ସଂକେତ ବା ଠାର ଜାଣେ—Saṁketajña Conversant with signs or cyphers. (ସଂକେତଜ୍ଞା—ସ୍ତ୍ରୀ; ସଂକେତଜ୍ଞତା—ବି)

ସଂକେତ ଜ୍ଞାପକ—ସଂ. ବିଣ (ସଂକେତ+ଷ. ଧାତୁ ଣିଚ=ଜ୍ଞପି. ଧାତୁ+କ୍ୱଚି. ଅକ)—ସାଙ୍କେତିକ—Saṁketa jñāpaka Symbolical; suggestive.

(ସଂକେତଜ୍ଞପିକା—ସ୍ତ୍ରୀ)

[ସଂକେତଜ୍ଞପନ—ବି]

ସଂକେତ ଧ୍ୱନି—ସଂ. ବି (ମ. ତ. ଲୁ)—ସଂକେତସୂଚକ ଧ୍ୱନି—Saṁketa dhwani A symbolical sound.

ସଂକେତ ପାଇବା—ଦେ. କି—ଅନ୍ୟ ବ୍ୟକ୍ତିଠାରୁ ଇସାରା ପାଇବା—Saṁketa pāibā To get a hint or sign from another.

संकेत पाना

ସଂକେତ ବାକ୍ୟ—ସଂ. ବି (ମ. ତ. ଲୁ)—୧ । ଠାର କଥା—1. Saṁketa bākya Cypher words. ୨ । ସାଂକେତିକ ବାକ୍ୟ—2. Symbolical expression.

ସଂକେତ ସ୍ଥଳ(ସ୍ଥାନ)—ସଂ. ନ—ଯେଉଁ ସ୍ଥାନରେ ଦୁଇ ବା ଉତ୍ତୋରଧିକ ବ୍ୟକ୍ତି ଗୁପ୍ତ ଭାବରେ ମିଳିତ ହେବା ପାଇଁ ପୂର୍ବରୁ ସ୍ଥିର କରିଥାଆନ୍ତି—Saṁketa sthala(sthāna) Place of assignment; a secret place of meeting by appointment; rendezvous.

ସଂକେତାଗ୍ନି—ସଂ. ବି (ମ. ତ. ଲୁ)—କୌଣସି ସ୍ଥଳର ବା ବିଷୟର ଅସ୍ତିତ୍ୱସୂଚନା କରିବାପାଇଁ ପ୍ରଜ୍ୱଳିତ ଅଗ୍ନି—Saṁketāgni Beacon.

ସଂକେତାଲୋକ—ସଂ. ବି (ମ. ତ. ଲୁ)—ସଂକେତଜ୍ଞାପକ ଆଲୋକ—Saṁketāloka Beacon light; signal given by means of showing different lights.

ସଂକେତିତ—ସଂ. ବିଣ (ସଂକେତ+ଯୁକ୍ତାର୍ଥେ. ଇତ)—୧ । କୃତ-ସଂକେତ—1. Saṁketita Having made gestures or signs. ୨ । ସଂକେତ ଦ୍ୱାରା ପ୍ରକାଶିତ—2. Hinted; expressed by signs. ୩। ଅନୁଧାବନ ଦ୍ୱାରା ବୋଧିତ—3. Suggested; understood by suggestion.

ସଂକୋଚ—ସ. ବି. (ସମ୍+କୁଚ୍ ଧାତୁ=କୁଞ୍ଚିତ ହେବା+ଘଞ୍. ଅ)—Saṁkocha ୧ । ବିସ୍ତୃତ ପଦାର୍ଥର କ୍ଷୀଣୀଭବନ ବା କମିବାର (ସଙ୍କୋଚ—ଅନ୍ୟରୂପ) ଅଳ୍ପୀଭବନ—1. Contraction. ୨ । ସଂକ୍ଷେପ—2. Abridgement. ୩ । କୁଣ୍ଠା; କୌଣସି କାର୍ଯ୍ୟ କରିବାକୁ କୁଣ୍ଠିତ ବା ପଶ୍ଚାତ୍‌ପଦ ହେବାର ମାନସିକ ଅବସ୍ଥା; ଜଡ଼ୀଭବନ—3. Hesitation. ୪ । ଲଜ୍ଜାଶୀଳତା; ଲଜ୍ଜା—4. Shyness; modesty; sensitiveness. ୫ । ବଡ଼ ପଦାର୍ଥ ଗୁଡ଼େଇ ଗାଡ଼େଇ ଦୋଇ କମ୍ବା କୁଞ୍ଚିତ ହୋଇ ଛୋଟ ଆକାର ଧାରଣ କରିବା ଅବସ୍ଥା—5. Becoming crisp or wrinkled; shrivelling; wrinkling. ୬ । ବହୁ ବାକ୍ୟଯୁକ୍ତ ପଦକୁ ଅଳ୍ପ ପଦରେ ପ୍ରକାଶ କରିବା—6. Expressing a big sentence by a smaller one; expressing much in a smaller compass. ୭ । ଅସ୍ପୃଷ୍ଟତନ; ମୁଦ୍ରଣ; ମୁଦ ହୋଇଯିବା ବା ବୁଜ ହୋଇଯିବା—7. Closing up; the state of not being expanded or blown. ୮ । ବନ୍ଧନ—8. Binding. ୯ । (ବୈଦ୍ୟକ) କୁଙ୍କୁମ; ଜାଫ୍‌ରାନ—9. Saffron. ୧୦ । ମତ୍ସ୍ୟ ବିଶେଷ; ଶାଙ୍କୁଚ ମାଛ—10. Ray fish;

(Raia Sankar). ୧୧ । ପ୍ରତିବନ୍ଧ—11. Obstruction; prevention. ଦେ.ବିଣ—୧ । ସଙ୍କୁଚିତ—1. Contracted. ୨ । ମୁଦ୍ରିତ—2. Closed. [ଉ—ସେ କାଳ ଅଗମନ ଦେଶି, ସକୋଚ ଜଲେ ବେଳ ଅଟି ।—ଜଗନ୍ନାଥ. ଭାଗବତ] (ସଙ୍କୁଚିତ, ସଂକୋଚ୍ୟ, ସଂକୋଚକ—ବିଣ) (ପ୍ରସାର—ବିପରୀତ)

ସଂକୋଚକ—ସ.ବିଣ. ପୁଂ (ସମ୍+କୁଚ୍ ଧାତୁ=କୁଞ୍ଚିତ ହେବା+କର୍ତ୍ତୃ.ଅକ) — Samkochaka ଯାହା ସଙ୍କୁଚିତ କରେ—Contracting; causing contraction. (ପ୍ରସାରକ—ବିପରୀତ) (ସଙ୍କୋଚିକା—ସ୍ତ୍ରୀ)

ସଂକୋଚ କରିବା—ଦେ. କି—୧। (କୌଣସି କାର୍ଯ୍ୟ କରିବାକୁ) Samkocha karibā କୁଣ୍ଠିତ ବା ସଙ୍କୋଚଦ ହେବା—ସଂକୋଚକରା **संकोच करना** 1. To hesitate (to do anything). ୨ । (କୌଣସି କାର୍ଯ୍ୟ କରିବାକୁ) ଲଜ୍ଜ କରିବା—2. To feel shy (of a matter).

ସଂକୋଚ ତ୍ୱକ୍—ସଂ. ବି. (ଅଧିକରଣ ତତ୍ପୁରୁଷରେ ସପ୍ତମୀ) Samkocha twak ୧ । ଶରୀରର ଯେଉଁ ଅଂଶର ଚର୍ମ ମୁଦ ହୋଇଯାଏ (ଯଥା—ଗୁହ୍ୟ ଦ୍ୱାରର, ଓଠର ଇତ୍ୟାଦି)—1. Skin which contracts; Paniculus Carnosus. ୨ । କୁଞ୍ଚିତ ଚର୍ମ—2. Wrinkled skin.

ସଂକୋଚନ—ସଂ. ବି. (ସମ୍+କୁଚ୍ ଧାତୁ ଣିଚ=କୁଚ ଧାତୁ=କୁଞ୍ଚିତ ହେବା)+ଭାବ୍ ଅନ)—୧ । ସଂକୁଚିତ (ପ୍ରସାରଣ- ବିପରୀତ) କରିବା; ସଙ୍କୋଚକରଣ—1. Act of contracting. ୨ । ଚାପି ଚ୍ଛେଟ କରିବା—2. Compressing. ୩ । ମୁଦ୍ରଣ; ମୁଦ୍ରିତ କରିବା—3. Act of closing up.

ସଂକୋଚନୀ—ସଂ. ବି. ସ୍ତ୍ରୀ (ସମ୍+କୁଚଧାତୁ ଣିଚ=କୁଚଧାତୁ+କର୍ତ୍ତୃ-ଅନ+ଈ)—(ବୈଦ୍ୟକ)—ଲଜ୍ଜାଳୁ ଲତା; ଲଜ୍ଜକୁଳୀ ଲତା—The mimosa creeper; Mimosa Pudica.

ସଂକୋଚନୀୟ—ସଂ. ବିଣ (ସମ୍+କୁଚ୍ ଧାତୁ+କର୍ମ ଅନୀୟ)—Samkochaniya ସଂକୋଚ୍ୟ (ଦେଖ)—Samkochya (See).

ସଂକୋଚ ପିଶୁନ—ସଂ. ବି. (ଭାବପ୍ରକାଶ) କୁଙ୍କୁମ; ଜାଫରାନ୍—Samkocha pisuna Saffron.

ସଂକୋଚ ବୋଧ କରିବା—ଦେ. କି.—୧ । କୌଣସି କାର୍ଯ୍ୟ କରିବାକୁ Samkocha bodha karibā କୁଣ୍ଠା ବୋଧ କରିବା—1. ସଂକୋଚ ବୋଧକରା To feel hesitation for doing **संकोच मालूम करना** some thing. ୨ । ଲଜ୍ଜା ବୋଧ କରିବା; ଲଜ୍ଜାଳୁ ହେବା—2. To feel shy.

ସଙ୍କୋଚ୍(ଚେ)ଇବା—ଦେ. କି—ସଙ୍କୋଚବାର ଣିଜନ୍ତ ରୂପ—Samkochā(che)ibā Causative of Samkochibā. ସଂକୁଚିତକରାନ [ଉ—ଏ ଅନ୍ତେ ଉତ୍ତମପୁରୁଷ ଭବ୍ତ ସଂକୋଚ୍ଇ । **संकोच करवाना** କୃତ୍ତସିଂହ, ମହାଭାରତ ବନ]

ସଙ୍କୋଚିବା—ଦେ. କି (ସ. ସଂକୁଚତ)—ଲଜ୍ଜିତ ହେବା—To be Samkochibā ashamed; to feel delicate. ସଂକୁଚିତ ହଓୟା [ଉ—ପଶୁପ-ମନ୍ଦେନ୍ଦ୍ର-ନନ୍ଦନ-ଭାରଙ୍ଗ-ରସୁଁ ସ୍ତଧା **संकोच करना** ସଂକୋଚଲେ । କବିସୂର୍ଯ୍ୟ —ସଙ୍ଗୀତ]

ସଙ୍କୋଚି ହେବା—ଦେ. କି.—(ସଂ. ସଂକୁଚତ) ଲଜ୍ଜାରେ ସଂକୁଚତ Samkochi hebā ହେବା—To shrink in shame. ସଂକୁଚିତ ହଓୟା **संकोचिहोना**

ସଂକୋଚୀ—ସଂ.ବିଣ.ପୁଂ (ସଂକୋଚ+ଇନ୍; ୧ମା.୧ବ.) ୧ । ସଙ୍କୋଚ Samkochī ଯୁକ୍ତ; ସଂକୁଚତ—1. Contracted. ୨ । (ସଂକୋଚନା—ସ୍ତ୍ରୀ, ପ୍ରସାରୀ—ବିପରୀତ) ଜଡ଼ୀଭୂତ; କୁଣ୍ଠିତ—2. Hesitating. ୩ । ଲଜ୍ଜାଳୁ—3. Shy; modest.

ସଂକୋଚ୍ୟ—ସଂ ବିଣ. (ସମ୍+କୁଚ୍ ଧାତୁ+କର୍ମ ଯ)—ସଂକୋଚନ Samkochya କରିବାର ଯୋଗ୍ୟ; ଯାହାକୁ ଚାପିବାର ଚ୍ଛେଟ (ସଂକୋଚ୍ୟା—ସ୍ତ୍ରୀ) କରାଯାଇପାରେ; ସଂକୁଚତ ହେବାର ଯୋଗ୍ୟ—Fit to be compressed; compressible; capable of being contracted.

ସଂକୋଚ୍ୟତା—ସଂ ବି. (ବହୁନ ପରିଭାଷା)—ଜଡ଼ ପଦାର୍ଥର ଗୁଣବିଶେଷ; Samkochyatā ଯେଉଁ ଗୁଣ ଥିବାରୁ କେତେକ ଜଡ଼ ପଦାର୍ଥକୁ ଚାପିଦେଲେ ଚାପା ଚ୍ଛେଟ ହୋଇପାରେ—(Physics) Compressibility of some solid things.

ସଂକ୍ରନ୍ଦନ—ସ.ବି.—୧ । (ସମ୍=ସମ୍ୟକ୍+କ୍ରନ୍ଦନ)—ଅତ୍ୟନ୍ତ କ୍ରନ୍ଦନ; Samkrandana ବାଡ଼ୁନା; ଅତିସ୍ରୋଦନ—1. Lamenta- (ସତ୍କ୍ରନ୍ଦନ—ଅନ୍ୟରୂପ) tion; excessive weeping; bewailing.—୨ । (ସମ୍+କ୍ରନ୍ଦ୍ ଧାତୁ ଣିଚ୍, କ୍ରନ୍ଦ-ଧାତୁ=କନାଇବା+କର୍ତ୍ତୃଅନ; ଯେ ଶତ୍ରୁକୁ କନାନ୍ତି) ଦେବରାଜ; ଇନ୍ଦ୍ର—2. Indra; the king of Hindu Gods.

ସଂକ୍ରମ—ସଂ. ବି. (ସମ୍+କ୍ରମ୍ ଧାତୁ=ଗମନ କରିବା+ଭାବ ଅ) ୧ । Samkrama ସଂଚାର; ଗମନ—1. Act of going; (ସତ୍କ୍ରମ—ଅନ୍ୟରୂପ) walking. ୨ । ଉତ୍କ୍ରମଣ—2. Tra- [ସଂକ୍ରାମକ, ସଂକ୍ରାନ୍ତ, ସଂକ୍ର(କା)ମିତ—ବିଣ] velling. ୩ । ଗତି—3. Motion; movement. ୪ । ଏକ ସ୍ଥାନରୁ ସ୍ଥାନାନ୍ତରକୁ ଗମନ—4. Act of moving from one place to another. ୫ । (ଜ୍ୟୋତିଷ) ଗ୍ରହମାନଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗତି—5. (Astrology) The passing of a planet from one zodiacal sign to another. ୬ । (ଜ୍ୟୋତିଷ) ରବି ସଂକ୍ରମଣ; ସଂକ୍ରାନ୍ତି; ସୂର୍ଯ୍ୟଙ୍କର

ଜ୍ୟୋତିଷ ଶାସ୍ତ୍ରର ପ୍ରବେଶ—6. (Astrology) The passage of the sun from one sign to another. ୭। ପ୍ରତିବନ୍ଧ ଗତି; ବାଧାପ୍ରାପ୍ତ ଗତି—7. Obstructed motion. ୮। ଅତିକ୍ରମ; ବାଟଦେଇ ଯିବା—8. Passing by. ୯। ପାର୍‌ହେବା; ଉତ୍ତର ଦେଇ ଯିବା—9. Crossing over. ୧୦। ସମ-ସାମୟିକତା; ଏକ ସମୟରେ ଦୁଇଟି ଘଟଣା ଘଟିବା—10. Concurrence; the state of being contemporaneous. ୧୧। ପ୍ରାପ୍ତି—11. Receipt; gain; acquisition. ୧୨। (+କରଣ ଅ) ଦୁର୍ଗ-ସଂଲଗ୍ନ; ପ୍ରବେଶ କରିବାର ସୋପାନ—12. A bridge leading to a fort. ୧୩। ସଙ୍ଗ; ସେତୁ; ସୋପାନ—13. Bridge. ୧୪। ସୋପାନ—14. Steps. ୧୫। (+ଉତ୍ତର ଅ) (ରୋଗର) ଏକ ବ୍ୟକ୍ତିଠାରୁ ଅନ୍ୟ ବ୍ୟକ୍ତିକୁ ଅତିକ୍ରମଣ କରିବା—15. Infection of desease (from one person to another) ୧୬। କାର୍ଯ୍ୟ-ସାଧନର ଉପାୟ—16. Resources; means adopted to attain some end. ୧୭। ପ୍ରତିବିମ୍ବନ; ପ୍ରତିବିମ୍ବିତ—17. State of being reflected; (on water or glass etc).

ସଂକ୍ରମଣ—ସଂ.ବ (ସମ୍+କ୍ରମ ଧାତୁ+ଉତ୍ତର. ଅନ)—ସଂକ୍ରମ (ଦେଶ)—Saṁkramaṇa Sāṁkrama (See)

(ଉ—ଅଯୁନଶେଷ ଭୁଲ ସଂକ୍ରମଣ ଦନ, ଯେ ଦାନ ଦେଇଛ ତା ଫଳ ଅକଳନ—କୃଷ୍ଣବିହ ମହାଭାରତ ବନ।)

ସଂକ୍ରମ ସ୍ୱର—ସଂ.ବ—(ସ୍ୱରୋଦୟ ଶାସ୍ତ୍ର) ଏକସମୟରେ ପୂର୍ଣ୍ଣଭାବରେ Saṁkrama swara ଉଦୟ ନାକପୁଡ଼ାରେ ବହୁଥିବା ଚନ୍ଦ୍ରସ୍ୱର ଓ ସୂର୍ଯ୍ୟସ୍ୱର—The two kinds of breaths blowing at one and the same time through both the nostrils. (ଉ—ଦୁଇ ସ୍ୱର ପୂର୍ଣ୍ଣାଙ୍ଗରେ ବହୁଥାଇ ଯେବେ, ଦୁଇ ସନ୍ଧ ଉପୁଜଇ ଜାଣ ତୁ ଗୋ ଏବେ। ଏହାକୁ ସଂକ୍ରମ ସ୍ୱର କହ ଗୋ ଭବାନ୍ତ। × × ପାର୍ବତୀ, ଶିବସ୍ୱରୋଦୟ।)

ସଂକ୍ରମିତ—ସ. ବଣ (ସମ୍+କ୍ରମ ଧାତୁ ଣିଚ୍=କ୍ରମି ଧାତୁ+କର୍ମ ତ)-Saṁkramita ୧। ପ୍ରବେଶିତ—1. Caused to enter into. ୨। ଉତ୍କ୍ଷିପ୍ତ କରାଯାଇଥିବା—2. Thrust into. ୩। ନିବେଶିତ—3. Engaged in; devoted to. ୪। ସ୍ଥାନାନ୍ତର ଗମିତ; ସ୍ଥାନାନ୍ତରିତ—4. Removed; transfered from one place to another. ୫। ପ୍ରତିବିମ୍ବିତ—5. Reflected.

ସଂକ୍ରମିବା—ଦେ. କ୍ରି (ସଦ୍ୟ)—ବ୍ୟାପ୍ତହେବା; ବ୍ୟାପିବା—Saṁkramibā To spread; to pervade. ସଂକ୍ରମା ଫୈଲନା (ଉ—ରାହୁର ସଂକ୍ରମି ଏ ଧରାପୁତ୍ର—ମଧୁସୂଦନ କବିତାବଳୀ।)

ସଂକ୍ରା(କ୍ରି,କ୍ରୁ)—ଗ୍ରା. ଦ. ଧୂ—ସଂକର୍ଷଣର ଡାକ ନାମ—Saṁkrā(kri,kru) A name for calling Saṁkarshaṇa.

ସଂକ୍ରାଇବା—ଗ୍ରାଦେ. (ସମ୍ବଲପୁର) କ୍ରି—(ସଂ. ସଂକୁଚନ)—ସଂକୁଚିତ କରିବା; ଜାକିବା—To contract. Saṁkrāibā [ଯଥା—ଧୁତି ସଂକ୍ରାଇ ପାଏନେ ପଶ୍=ଅର୍ଥାତ୍ (ସକ୍ରାଇବା, ସଙ୍କାଇବା—ଅନ୍ୟରୂପ) ଲୁଗାକୁ ଜାକି ପାଣିରେ ପଶ।]

ସଂକ୍ରାନ୍ତ—ସଂ. ବଣ (ସମ୍+କ୍ରମ୍ ଧାତୁ+କର୍ତ୍ତରି ତ)—୧। Saṁkrānta ସଂବନ୍ଧୀୟ; ସଂପର୍କୀୟ—(ଯଥା—ସ୍ତ୍ରୀ-(ସଂକ୍ରାନ୍ତା—ସ୍ତ୍ରୀ) ସଂକ୍ରାନ୍ତ ବିଷୟ, ଧନସଂକ୍ରାନ୍ତ ବିବାଦ, ସ୍ତ୍ରୀସଂକ୍ରାନ୍ତ ପ୍ରବାଦ)—1. Relating to; apperataining to; concerning (any matter). ୨। ସଂକ୍ରାନ୍ତିଯୁକ୍ତ (ମାସ)—2. (month) Having a saṁkrānti related to it. [ଦ୍ର—ବର୍ଷର ଅନ୍ୟ ସମସ୍ତ ସୌରମାସ ସଂକ୍ରାନ୍ତ ଅଟେ। କିନ୍ତୁ ଅଧିମାସ ବା ମଳମାସ ସଂକ୍ରାନ୍ତ ନୁହେଁ। ଅର୍ଥାତ୍ 'ଅଧିମାସ'ରେ ସଂକ୍ରାନ୍ତି ନ ଥାଏ।] ୩। ପ୍ରାପ୍ତ—3. Attained; received. ୪। (ହିନ୍ଦୁ ଧ) କୌଣସି ବ୍ୟକ୍ତି ଜରିଆରେ ପ୍ରାପ୍ତ ହୋଇଥିବା—4. (Hindu law) (Property) Coming through some person; received through; inherited through.

ସଂକ୍ରାନ୍ତି—ସଂ. ବ (ସମ୍+କ୍ରମ୍ ଧାତୁ=ଗମନ କରିବା+ଉତ୍ତର ଇ) Saṁkrānti ୧। ସଂକ୍ରମଣ—1. Advance. ୨। (ଜ୍ୟୋତିଷାର୍ଥ) ସୂର୍ଯ୍ୟଙ୍କର ଏକ ରାଶିରୁ ଅନ୍ୟ ରାଶିକୁ ଗମନ; ରବି ସଂକ୍ରମଣ—2. The transition of the sun from one sign of the zodiac to another. ୩। ବିସ୍ତାର—3. Extension. ୪। ବ୍ୟାପ୍ତି—4. Overspreading; pervading; diffision. ୫। କାଳର ସୂକ୍ଷ୍ମତମ ଅଂଶ ବିଶେଷ, ଯେଉଁ ସମୟରେ ସୂର୍ଯ୍ୟ ଏକ ରାଶିରୁ ଅନ୍ୟ ରାଶିକୁ ଗତିକରେ—5. The minutest division of time at which the sun passes from one sign of zodiac to another. ୬। ପ୍ରତିଫଳନ—6. Reflection. ୭। ଅବସ୍ଥାନ୍ତର ପ୍ରାପ୍ତି—7. Change of condition; attainment of a different condition. ୮। ପ୍ରତିକରଣ; ଛଳ; ବାହାନା—8. Feigning; imposition. ୯। ରବି ସଂକ୍ରମଣ ଦିବସ—9. The day of the transition of the sun from one sign to another. [ଦ୍ର—ସଂକ୍ରାନ୍ତ ଦିବସକୁ ବଙ୍ଗ ଦେଶରେ ପ୍ରଚଳିତ ଥୁଙ୍କବର୍ତ୍ତୀ ସୌର ମାସର ଶେଷ ଦିନ ବୋଲି ଗଣନା।

କରନ୍ତି; କନ୍ତୁ ଜୁଲୁଲରେ ପଂକ୍ରାନ୍ତିକୁ ପରବର୍ତ୍ତୀ ସୌର ମାସର ପ୍ରଥମ ଦିନ ବୋଲି ଗଣନା କରନ୍ତି; ଯଥା— ଓଡ଼ିଆ ପାଞ୍ଜିରେ ୧୩୩୩ ସାଲର କର୍କଟ ସଂକ୍ରାନ୍ତି (ସୌର ଶ୍ରାବଣ) ମାସର ପ୍ରଥମ ଦିନ ଏବଂ ବଙ୍ଗଳା ପାଞ୍ଜିରେ ୧୩୩୩ ସାଲର ମିଥୁନ (ସୌର ଅଷାଢ଼) ମାସର ୩୨ ଦିନ ଦକ୍ଷିଣାୟନ ସଂକ୍ରାନ୍ତି ବୋଲି ଲେଖାଅଛି । ସଂକ୍ରାନ୍ତିର ପରଦିନ ଠାରୁ ବଙ୍ଗ ଦେଶରେ ପରବର୍ତ୍ତୀ ସୌର ମାସର ପ୍ରଥମ ଦିନ ଆରମ୍ଭ ହୁଏ । ଅର୍ଥାତ୍ ଜୁଲୁଲର ଯାହା 'ମାସାନ୍ତ' ଦିବସ, ତାହା ବଙ୍ଗ ଦେଶରେ ସଂକ୍ରାନ୍ତି ବୋଲାଯାଏ । କନ୍ତୁ ବଗ୍ଗର କରିବାକୁ ଗଲେ ବଙ୍ଗୀୟ ଗଣନାପ୍ରଣାଳୀ ଠିକ୍ ଦୁହେଁ ବୋଲି ଦେଖାଯିବ । କାରଣ, ସଂକ୍ରାନ୍ତିର ନାମକରଣ ପରବର୍ତ୍ତୀ ମାସର ନାମ ଅନୁସାରେ କରିଯାଏ; ଯଥା—ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି । ଓଡ଼ିଆରେ ଧନୁସଂକ୍ରାନ୍ତି ଧନୁ ମାସର ପ୍ରଥମ ଦିନ; କନ୍ତୁ ବଙ୍ଗଳାରେ ଏହା ଉକ୍ତ ମାସର ଶେଷ ଦିନ ବୋଲି ଧରିଯାଏ ।

ଧନୁ (ପୌଷ), ମିଥୁନ (ଅଷାଢ଼), କନ୍ୟା (ଆଶ୍ୱିନ) ଓ ମୀନ (ଚୈତ୍ର) ସଂକ୍ରାନ୍ତିକୁ 'ଷଡ଼ଶୀତି' ସଂକ୍ରାନ୍ତି ବୋଲାଯାଏ । ବୃଷ (ଜ୍ୟୈଷ୍ଠ), ବୃଶ୍ଚିକ (ମାର୍ଗଶିର), ସିଂହ (ଭାଦ୍ର) ଓ କୁମ୍ଭ (ଫଗୁଣ) ସଂକ୍ରାନ୍ତିକୁ 'ବିଷୁବପଦ୍ମା' ସଂକ୍ରାନ୍ତି ବୋଲାଯାଏ । ମକର (ମାଘ) ସଂକ୍ରାନ୍ତିକୁ 'ଉତ୍ତରାୟଣ' ଓ କର୍କଟ (ଶ୍ରାବଣ) ସଂକ୍ରାନ୍ତିକୁ 'ଦକ୍ଷିଣାୟନ' ସଂକ୍ରାନ୍ତି ବୋଲାଯାଏ ।

ମେଷ (ବୈଶାଖ) ସଂକ୍ରାନ୍ତିକୁ 'ମହା ବିଷୁବ' ସଂକ୍ରାନ୍ତି ଓ ତୁଳା (କାର୍ତ୍ତିକ) ସଂକ୍ରାନ୍ତିକୁ 'ଜଳବିଷୁବ' ସଂକ୍ରାନ୍ତି ବୋଲାଯାଏ ।

ଉକ୍ତ ଉକ୍ତ ନକ୍ଷତ୍ରରେ ସୂର୍ଯ୍ୟଙ୍କ ସଂକ୍ରମଣ ଘଟିବା ଯୋଗୁଁ ସଂକ୍ରାନ୍ତିମାନଙ୍କୁ ୨ ଭାଗରେ ବିଭକ୍ତ କରାଯାଇଅଛି; ଯଥା—୧ । ମହା, ୨ । ମହାଜୟା, ୩ । ଦ୍ୱାଂଶୀ, ୪ । ଘୋର, ୫ । ମହୋଦଧି, ୬ । ବିଷତୀ, ୭ । ମିଶ୍ରିତା ।

ବିଷୁବସଂକ୍ରମଣ ସମୟ ଅତ୍ୟନ୍ତ ପୁଣ୍ୟକାଳ । ଏହି ସମୟରେ ସର୍ବୌଷଧିମିଶ୍ରିତ ଜଳରେ ସ୍ନାନ କରି ହୋମ ଦାନାଦି ଓ ବିଷ୍ଣୁମନ୍ତ୍ର ଜପ କରିବାଦ୍ୱାରା ପୁଣ୍ୟ ସଞ୍ଚୟ ହୁଏ; ୧ ମୁହୂର୍ତ୍ତର ଦୁଇ ଭାଗରୁ ଏକ ଭାଗ କାଳ ବିଷୁବସଂକ୍ରମଣ ସମୟ (୧ ନମିଷର ବା ୧ ଲବର ଅର୍ଦ୍ଧେକ=୧ ତ୍ରୁଟି); ସଂକ୍ରାନ୍ତିଦିନ ସ୍ନାନ, ଦୈନ୍ତ ଓ ଅମିତାଦି କର୍ତ୍ତବ୍ୟ । ସଂକ୍ରାନ୍ତିକୁ ବିରଂଶ ଦିବସ ବୋଲାଯାଏ । ସେଥିପାଇଁ ଏ ଦିନ ଯାହାଦି ଶୁଭକର୍ମ ନିଷିଦ୍ଧ । ସଂକ୍ରାନ୍ତି ଦିନ ସାୟଂସନ୍ଧ୍ୟା ନିଷିଦ୍ଧ । ଶୁକ୍ଳପକ୍ଷ ସପ୍ତମୀ ଦିନ ସଂକ୍ରାନ୍ତି ହେଲେ ତାହାର ନାମ 'ମହାଜୟା' ହୁଏ । ଉକ୍ତ ଦିନ ସୂର୍ଯ୍ୟପୂଜା ଓ ଦାନାଦି ପୁଣ୍ୟପ୍ରଦ ।

କେଉଁ ସଂକ୍ରାନ୍ତିରେ କ କ ପୂଜା ବା କାର୍ଯ୍ୟ ଅନୁଷ୍ଠିତ ହୁଏ, ତାହା ନମ୍ବରେ ଦିଆଗଲା । ଯଥା—

୧ । ଚୈତ୍ରର ଷଡ଼ଶୀତି ସଂକ୍ରାନ୍ତି—ଏ ଦିନ ଘଣ୍ଟାକର୍ଣ୍ଣ ପୂଜା ହୁଏ ।

୨ । ବୈଶାଖର ମହାବିଷୁବ ସଂକ୍ରାନ୍ତି—ଏହାର ଅନ୍ୟ ନାମ ପଣାସଂକ୍ରାନ୍ତି । ଏଥିରେ ବ୍ରାହ୍ମଣଙ୍କୁ ପଣା, ବାରପାଟ, ଘଣ୍ଟ, ଛତୁଆ, ବ୍ୟଜନ, ଛତ୍ର ଓ ପାଦୁକା ଦିଆଯାଏ । ଏ ଦିନ ସୂର୍ଯ୍ୟ ବିଷୁବ ରେଖାକୁ ପାର ହୋଇ ଉତ୍ତର ଅଡ଼କୁ ଅର୍ଥାତ୍ କର୍କଟ କ୍ରାନ୍ତି ଅଞ୍ଚଳକୁ ଗତି କରନ୍ତି । ଏହି ଦିନ ମଣ୍ଡର ଓ ବସ୍ତ୍ରପତ୍ର ଖାଇଲେ ବର୍ଷକପାଚ ସର୍ପ ଓ ବିଷଭୟ ନ ଥାଏ ।

୩ । ଜ୍ୟୈଷ୍ଠର ବିଷୁପଦ୍ମା ସଂକ୍ରାନ୍ତି—

୪ । ଅଷାଢ଼ର ଷଡ଼ଶୀତି ସଂକ୍ରାନ୍ତି ବା ରଜ ସଂକ୍ରାନ୍ତି—ଏ ଦିନ ଜଗନ୍ନାଥଙ୍କ ଯାତ୍ରା ଉତ୍ସବ ହୁଏ । ମାସାନ୍ତ-ଠାରୁ ସଂକ୍ରାନ୍ତି ପରଦିନ ଯାଏ ପୃଥିବୀ ୩ ଦିନ ପର୍ଯ୍ୟନ୍ତ ରଜସ୍ୱଳା ରହେ; ଏଣୁ ଏହି ସମୟରେ କୃଷିକର୍ମ ଓ ଭୂମିଖନନାଦି ନିଷିଦ୍ଧ । ଏସମୟରେ ସ୍ତ୍ରୀଲୋକମାନେ ପିଷ୍ଟକାଦି ଭକ୍ଷଣ କରି କ୍ରୀଡ଼ାଦି ଉତ୍ସବରେ ମାତନ୍ତି । ରଜରେ ସ୍ତ୍ରୀ ଓ ବାଳକ ବାଳିକାଙ୍କ ଦୋଳି ଖେଳ ସମଗ୍ର ଉତ୍କଳରେ ପ୍ରସିଦ୍ଧ ।

୫ । ଶ୍ରାବଣ ମାସର ଦକ୍ଷିଣାୟନ ସଂକ୍ରାନ୍ତି—ଏ ଦିନ ସୂର୍ଯ୍ୟ କର୍କଟ କ୍ରାନ୍ତିରୁ ବିଷୁବ ରେଖା ଅଡ଼କୁ ଗତି କରନ୍ତି । ଏହି ଦିନଠାରୁ ୩ ଦିନ ପର୍ଯ୍ୟନ୍ତ ନଦୀମାନେ ରଜସ୍ୱଳା ହୁଅନ୍ତି ।

୬ । ଭାଦ୍ର ମାସର ବିଷୁପଦ୍ମା ସଂକ୍ରାନ୍ତି—

୭ । ଅଶ୍ୱିନର ଷଡ଼ଶୀତି ସଂକ୍ରାନ୍ତି ବା କନ୍ୟା ସଂକ୍ରାନ୍ତି—ଏ ଦିନ କେବଳ ଦେବୋତ୍ଥାର ବର୍ଷାରମ୍ଭ ।

୮ । କାର୍ତ୍ତିକର ଜଳବିଷୁବ ସଂକ୍ରାନ୍ତି—ଏହାର ଅନ୍ୟ ନାମ ଗର୍ତ୍ତଣା ସଂକ୍ରାନ୍ତି । ଏ ଦିନ ଗର୍ତ୍ତଣା ଭାଲ ବା କାଠିକୁ ପୂଜା କରି ଧାନ ଯେଉଁରେ ପୋଛିବାକୁ ହୁଏ । ସୂର୍ଯ୍ୟ ବିଷୁବ ରେଖାକୁ ଝପି ଏହିଦିନ ଦକ୍ଷିଣ ଅଡ଼କୁ ଅର୍ଥାତ୍ ମକର ସଂକ୍ରାନ୍ତି ଅଞ୍ଚଳକୁ ଗତି ଆରମ୍ଭ କରନ୍ତି ।

୯ । ମାର୍ଗଶିରର ବିଷୁପଦ୍ମା ସଂକ୍ରାନ୍ତି—

୧୦ । ପୁଷ ମାସର ଷଡ଼ଶୀତି ସଂକ୍ରାନ୍ତି ବା ଧନୁ ସଂକ୍ରାନ୍ତି—ଏ ଦିନ ଦେବତାଙ୍କୁ ଧନୁମୁଆଁ ଭୋଗ ହୁଏ ଏବଂ ଜଗନ୍ନାଥଙ୍କର ପହୁଡ଼ ଭୋଗ ଆରମ୍ଭ ହୁଏ ।

୧୧ । ମାଘ ମାସର ଉତ୍ତରାୟଣ ସଂକ୍ରାନ୍ତି—ଏହି ଦିନ ସୂର୍ଯ୍ୟ ମକର କ୍ରାନ୍ତିରୁ ଉତ୍ତର ଦଗକୁ ଫେରନ୍ତି । ଦେବତାଙ୍କୁ ମକର ଗୁଡ଼ଳ ଓ ଉଲ୍ଲଅ ଖଜା ଭୋଗ ହୁଏ । ଏହାକୁ ଉଲ୍ଲଅ ସଂକ୍ରାନ୍ତି ମଧ୍ୟ କୁହାଯାଏ । ଏ ଦିନ ବାସ୍ତୁପୂଜା କରିଯାଏ ଏବଂ ଜଗନ୍ନାଥଙ୍କ ଓ ଲକ୍ଷ୍ମୀଜଙ୍କ ଯାତ୍ରା ହୁଏ ।

୧୨ । ଫଗୁଣର ବିଷ୍ଣୁ ପଦ୍ମା ସଂକ୍ରାନ୍ତି—

Digitized by srujanika@gmail.com

ସଂକ୍ରାନ୍ତିମାନଙ୍କରେ ଅଚରଣୀୟ ନାନାପ୍ରକାର କର୍ମାନୁଷ୍ଠାନ ବିଷୟ ପୁରାଣରେ ଉଲ୍ଲିଖିତ ଅଛି । ଯଥା,—

୧ । କାର୍ତ୍ତିକେୟ ବ୍ରତ (ସ୍କନ୍ଦପୁରାଣ)—ମାର୍ଗଶିର ମାସ ସଂକ୍ରାନ୍ତିରେ ସ୍ତ୍ରୀମାନେ ପୁତ୍ରଲାଭାର୍ଥ ଦେବାଠାରୁ ୪ ପ୍ରସ୍ଥର ମଧ୍ୟରେ ୪ ଥର ସ୍ନାନ କର କାର୍ତ୍ତିକେୟ ଷଡ଼ାକ୍ଷର କାର୍ତ୍ତିକେୟ ଚତ୍ତ କରନ୍ତି ।

୨ । ଜଳ ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ବିଷୁବ ସଂକ୍ରାନ୍ତିରୁ ଆରମ୍ଭ କର ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ସଂକ୍ରାନ୍ତିରେ ବ୍ରାହ୍ମଣଙ୍କୁ ଜଳପୂର୍ଣ୍ଣ ଘଟ ଦାନ କରିଯାଏ ।

୩ । ଦାନ ସଂକ୍ରାନ୍ତି ବ୍ରତ (ଦ୍ରୁତ୍ତ ପୁରାଣ)—ବିଷୁବ ସଂକ୍ରାନ୍ତିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ମାସରେ ବ୍ରାହ୍ମଣଙ୍କୁ ନିର୍ଦ୍ଦିଷ୍ଟ ଦ୍ରବ୍ୟ ଦାନ କରିଯାଏ ।

୪ । ଦଧି ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ଉତ୍ତରାଷାଢ଼ ସଂକ୍ରାନ୍ତିଠାରୁ ଆରମ୍ଭ କର ଏକ ବର୍ଷ ଦଧି ଓ ନୈବେଦ୍ୟ ଦାନ କରିଯାଏ ।

୫ । ଅନ୍ନ ସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ)—ମହାବିଷୁବ ସଂକ୍ରାନ୍ତିଠାରୁ ୧ ବର୍ଷ ପର୍ଯ୍ୟନ୍ତ ଅନ୍ନଦାନ କରିଯାଏ ।

୬ । ଫଳସଂକ୍ରାନ୍ତି ବ୍ରତ (ଭବିଷ୍ୟ ପୁରାଣ) ମହାବିଷୁବ ସଂକ୍ରାନ୍ତିଠାରୁ ଏକ ବର୍ଷ ପର୍ଯ୍ୟନ୍ତ ପ୍ରତି ସଂକ୍ରାନ୍ତିରେ ନିର୍ଦ୍ଦିଷ୍ଟ ଫଳ ଦାନ କରିଯାଏ ।

୭ । ମଙ୍ଗଳ ସଂକ୍ରାନ୍ତି ବ୍ରତ—ମଙ୍ଗଳବାର ଦିନ ସଂକ୍ରାନ୍ତି ପଡ଼ିଲେ ମଙ୍ଗଳ ଚଣ୍ଡୀଙ୍କର ପୂଜା କରିଯାଏ ।

୮ । ଯମପୁଷ୍କରଣୀବ୍ରତ (ଭବିଷ୍ୟ ପୁରାଣ)—ସ୍ତ୍ରୀମାନେ କୌଣସି ସଂକ୍ରାନ୍ତିଠାରୁ ଆରମ୍ଭ କରି ପ୍ରତି ସଂକ୍ରାନ୍ତିରେ ୪ ବର୍ଷ ପର୍ଯ୍ୟନ୍ତ ଯମପୂଜା ଓ ଦାନ କରନ୍ତି ।

୯ । ଧର୍ମଘଟ ବ୍ରତ—ବୈଶାଖ ସଂକ୍ରାନ୍ତିଠାରୁ ଜ୍ୟୈଷ୍ଠ ସଂକ୍ରାନ୍ତି ପର୍ଯ୍ୟନ୍ତ ଏକ ମାସ ଲେଖାଏଁ ୪ ବର୍ଷ ଜଳପୂର୍ଣ୍ଣ ଘଟ ବ୍ରାହ୍ମଣଙ୍କୁ ଦାନ କରିଯାଏ । ଏଦ୍ଭା ଛଡ଼ା ମହାବିଷୁବ ସଂକ୍ରାନ୍ତିରେ ବିଷ୍ଣୁ, ଇଷ୍ଟଦେବତା ଓ ପିତୃମାନଙ୍କ ଉଦ୍ଦେଶ୍ୟରେ ଜଳପୂର୍ଣ୍ଣ ଘଟ ଉତ୍ସର୍ଗ କରିବାକୁ ହୁଏ ।]

ସଂକ୍ରାନ୍ତି ଚକ୍ର—ସଂ. ନ. (ଫଳିତ ଜ୍ୟୋତିଷ)—ପ୍ରତ୍ୟେକ ମନୁଷ୍ୟର ଶୁଭାଶୁଭ ଜ୍ଞାପକ ନକ୍ଷତ୍ରାଙ୍କିତ (ସଂକ୍ରାନ୍ତି ମନୁଷ୍ୟ—ଅନ୍ୟରୂପ) ନକ୍ଷତ୍ରାକାର ଚକ୍ର—(Astrology) A figure of man, in the different limbs of which the 27 asterisms are placed and from which the good or evil of persons born under particular asterisms (during the coming month) is predicted. [ଦ୍ର—ସଂକ୍ରାନ୍ତି ଚକ୍ରକୁ ଗୋଟିଏ ମନୁଷ୍ୟ ରୂପରେ ଲେଖି ଉକ୍ତ ମନୁଷ୍ୟର ମସ୍ତକ, ମୁଖ, ହୃଦୟ, ଦକ୍ଷିଣ ଓ ବାମହସ୍ତ, ଦକ୍ଷିଣ ଓ ବାମ ପାଦ, ଦକ୍ଷିଣ ଓ ବାମ ନେତ୍ର ଏବଂ ଗୁହ୍ୟ ସ୍ଥାନମାନଙ୍କରେ ନିର୍ଦ୍ଦିଷ୍ଟ ନକ୍ଷତ୍ରମାନ ଲେଖିବାକୁ ହୁଏ । ଉକ୍ତ ବାଇଶ ନକ୍ଷତ୍ରମାନଙ୍କର ଉକ୍ତ ପୁରୁଷର ବାଇଶ ଅଙ୍ଗରେ ଅବସ୍ଥିତିଦ୍ୱାରା ଫଳତ ଜ୍ୟୋତିଃଶାସ୍ତ୍ରୋକ୍ତ ଶୁଭାଶୁଭ ଫଳ ଜଣାଯାଏ । କୌଣସି ମନୁଷ୍ୟର ଜନ୍ମ ନକ୍ଷତ୍ର ଉକ୍ତ ଚକ୍ରର ଯେଉଁ ଅଙ୍ଗରେ ଥାଏ, ସେହି ମନୁଷ୍ୟର ଉଦ୍ଦିଷ୍ଟ ଶୁଭାଶୁଭ ଫଳ ଲାଭ ହୁଏ । ସୂର୍ଯ୍ୟ ଯେଉଁ ନକ୍ଷତ୍ରରେ ଚଳନ୍ତି, ତତ୍ପରବର୍ତ୍ତୀ ନକ୍ଷତ୍ରଠାରୁ ଆରମ୍ଭ କର ୨୨ ନକ୍ଷତ୍ରଙ୍କୁ ଉକ୍ତ ପୁରୁଷର ଯଥାକ୍ରମେ ମସ୍ତକାଦିରେ ଲେଖି ଫଳ ଜାଣିବାକୁ ହୁଏ । ମହାବିଷୁବ, ଜଳ ବିଷୁବ, ଉତ୍ତରାଷାଢ଼, ଦକ୍ଷିଣାୟନ, ବିଷୁବସଂକ୍ରାନ୍ତି ଓ ଅଡ଼ଶୀତ ସଂକ୍ରାନ୍ତିରେ ନକ୍ଷତ୍ରମାନଙ୍କୁ ଉକ୍ତ ପୁରୁଷର ଭିନ୍ନଭିନ୍ନ ଅଙ୍ଗରେ ସନ୍ନିବେଶିତ କରିଯାଏ । ଉଦାହରଣସ୍ୱରୂପ—ମହାବିଷୁବ ସଂକ୍ରାନ୍ତିରେ ରବି 'ଅଶ୍ୱିନୀ' (୧ନକ୍ଷତ୍ର)କୁ ଚଳନ୍ତିଲ । ଅତଏବ ଉକ୍ତ ପୁରୁଷର ମସ୍ତକରେ ୨ଟି ନକ୍ଷତ୍ର (ଅଶ୍ୱିନୀ, ଭରଣୀ), ମୁଖରେ ୩ଟି (କୃତ୍ତିକା, ରୋହିଣୀ, ମୃଗଶିରା), ହୃଦୟରେ ୪ଟି (ଆର୍ଦ୍ରା, ପୁନର୍ବସୁ, ପୁଷ୍ୟା, ଅଶ୍ଲେଷା), ଦକ୍ଷିଣ ହସ୍ତରେ ୩ଟି (ମଘା, ପୂର୍ବଫାଲ୍ଗୁନୀ, ଉତ୍ତରଫାଲ୍ଗୁନୀ), ବାମ ହସ୍ତରେ ୩ଟି (ହସ୍ତା, ଚିତ୍ରା, ସ୍ୱାତୀ), ଦକ୍ଷିଣ ପାଦରେ ୩ଟି (ବିଶାଖା, ଅନୁରାଧା, ଜ୍ୟେଷ୍ଠା) ବାମ ପାଦରେ ୩ଟି (ମୂଳା, ପୂର୍ବାଷାଢ଼ା, ଉତ୍ତରାଷାଢ଼ା) ଲେଖି ଜ୍ୟୋତିଃଶାସ୍ତ୍ରମତେ ଫଳ ଜାଣିବାକୁ ହେବ; ଯଥା—ମସ୍ତକେ ଗୁଡ଼ଚୁଲା, ମୁଖେ ପଡ଼ୁଆ, ହୃଦୟେ ଧନଲାଭ, ଦକ୍ଷିଣହସ୍ତେ ଅର୍ଥପ୍ରାପ୍ତି, ବାମ ହସ୍ତେ ଦୁଃଖ, ଦକ୍ଷିଣ ପାଦେ ସୁଖ, ବାମ ପଦେ ଭ୍ରମଣ ।]

ସଂକ୍ରାନ୍ତି ଚଳନ—ସଂ. ନ—ମନୁଷ୍ୟର ଜାତକର ଗ୍ରହ ଓ ନକ୍ଷତ୍ରାନୁସାରେ Saṁkrānti chalana ସୂର୍ଯ୍ୟଙ୍କର ଶୁଭ ବା ଅଶୁଭଜନକ ସଂକ୍ରମଣ (ଏଦ୍ଭା ସଂକ୍ରାନ୍ତିଚକ୍ର ଗଣନାରୁ ଧରା ପଡ଼େ)—(ସଂକ୍ରାନ୍ତି ଚଳିବା—ଦେଶଜରୂପ) Auspicious or inauspicious transition of the sun (as far as a person is concerned). [ଦ୍ର—ସଂକ୍ରାନ୍ତି ଚଳନ ଅଶୁଭ ହେଲେ, ଅର୍ଥାତ୍ ସଂକ୍ରାନ୍ତିଚକ୍ରରେ ଜନ୍ମ ନକ୍ଷତ୍ରର ଅବସ୍ଥାନର ଫଳ ଜ୍ୟୋତିଃଶାସ୍ତ୍ର ଅନୁସାରେ ଅଶୁଭସୂଚକ ହେଲେ ଧୁତ୍ତୁର ବାଜମିଶ୍ରିତ ସର୍ବୌଷଧ ଜଳରେ ସ୍ନାନ, ବିଷ୍ଣୁମନ୍ତ୍ର ଜପ ଓ ଦୋଷଦ ନାଦ କଲେ ଅଶୁଭ ଫଳ ହଟିଯାଏ ।]

ସଂକ୍ରାମ—ସଂ. ବ (ସମ୍ + କ୍ରମ୍ ଧାତୁ + ଘଞ୍. ଅ) —ସଂକ୍ରମ (ଦେଖ) Saṁkrāma (ସଙ୍କ୍ରାମ—ଅନ୍ୟରୂପ) Saṁkrama. (See)

ସଂକ୍ରାମକ—ସଂ. ତ୍ରି (ସମ୍ + କ୍ରମ୍ ଧାତୁ = ଗମନ କରିବା + ଣ୍ୱୁଲ୍. Saṁkrāmaka ଅକ)—୧ । ବ୍ୟାପକ—1. Spreading. ୨ । ସଂଗୃହକ—2. Diffused; pervading. ୩ । (ସଂକ୍ରାମିକା—ସ୍ତ୍ରୀ) ସଂକ୍ରମଶୀଳ; ଗତିଶୀଳ—3. Full of transition; transitory. ୪ । ଏକ ସ୍ଥାନରେ ପ୍ରବେଶକାରକ ଅର୍ଥ (ରୋଗ)—4. Contagious, infectious (disease).

Digitized by srujanika@gmail.com

ସଂକ୍ରାମକତା(ତ୍ୱ)—ସଂ. ବ—ରୋଗର ସଂକ୍ରାମକ ଗୁଣ; ଯେଉଁ ଗୁଣଦ୍ୱାରା ବ୍ୟକ୍ତିଠାରୁ ବ୍ୟକ୍ତ୍ୟନ୍ତରକୁ ଚଳଂ—Contagiousness of a disease.

ସଂକ୍ରାମକ ରୋଗ(ବ୍ୟାଧି)—ସଂ. ବ—ଛୁଆଁ ରୋଗ; ଯେଉଁ ରୋଗ ବ୍ୟକ୍ତ୍ୟନ୍ତରକୁ ସଂସ୍ପର୍ଶଦ୍ୱାରା ସଂକ୍ରମଣ କରେ—Infectious or contagious disease.

ସଂକ୍ରମଣ—ଦେ. ବ (ସଂ. ସଂକ୍ରମ ବା ସଂକ୍ରମଣ)—ସଂକ୍ରମ (ଦେଖ) Saṁkrāmaṇa Saṁkrama. (See)

ସଂକ୍ରାମିକ - ଦେ. ବଣ (ସଂ. ସାଂକ୍ରାମିକ)—ସାଂକ୍ରାମିକ (ଦେଖ) Saṁkrāmika Sāṁkrāmika. (See)

ସଂକ୍ରାମିତ ସଂ. ବଣ (ସମ୍+କ୍ରମ୍. ଧାତୁ, ଣିଚ+କର୍ତ୍ତରି. ତ)—ସଂକ୍ରମିତ (ଦେଖ)—Saṁkramita. (See) (ସଂକ୍ରାମିତା—ସ୍ତ୍ରୀ)

ସଂକ୍ରାମିତା(ତ୍ୱ)—ସଂ. ବ (ସଂକ୍ରାମିନ୍+ତା, ତ୍ୱ)—ସଂକ୍ରାମକତା (ଦେଖ)—Saṁkrāmitā(twa) Saṁkrāmakatā. (See)

ସଂକୀର୍ତ୍ତନ—ତ୍ରା. ବ (ଅଶୁଦ୍ଧ)—ସଂକୀର୍ତ୍ତନ (ଦେଖ) Saṁkritana Saṁkīrttana. (See)

ସଂକ୍ଲେଦ—ସଂ. ବ (ସମ୍+କ୍ଲିଦ୍. ଧାତୁ=ତିନ୍ତା ହେବା+ଘଞ୍. ଅ)—ଆର୍ଦ୍ରତା—Dampness. (ସଙ୍କ୍ଲେଦ—ଅନ୍ୟରୂପ)

ସଂକ୍ଷୟ—ସଂ. ବ (ସମ୍+କ୍ଷି. ଧାତୁ+ଘଞ୍. ଅ)-୧। ବିନାଶ; ଧ୍ୱଂସ—Saṁkshaya 1. Ruin; destruction. ୨। ପ୍ରଳୟ—[ସଙ୍କ୍ଷୟ—ଅନ୍ୟରୂପ] 2. Dissolution. ୩। ସମ୍ପୂର୍ଣ୍ଣବିନାଶ—3. Eradication.

ସଂକ୍ଷିପ୍ତ—ସଂ. ବଣ (ସମ୍=ଏକତ୍ର+କ୍ଷିପ୍. ଧାତୁ=ପ୍ରେରଣ କରିବା+କର୍ମ. ତ)—୧ ଇତସ୍ତତଃ ନିକ୍ଷିପ୍ତ; [ସଙ୍କ୍ଷିପ୍ତ—ଅନ୍ୟରୂପ] ନିକ୍ଷିପ୍ତ—1. Thrown about; (ସଂକ୍ଷିପ୍ତା—ସ୍ତ୍ରୀ) scattered. ୨। ସଂକୁଚିତ—2. Con- [ସଂକ୍ଷେପ—ବ] tracted. ୩। ଅଳ୍ପୀକୃତ—3. Concise; condensed; abridged; compressed. ୪। ସଂଚିତ—4. Gathered; stored up. ୫। ସଂକଳିତ; ଏକତ୍ରୀକୃତ—5. Accumulated; compiled. ୬। ପରିତ୍ୟକ୍ତ—6. Abandoned; relinquished; deserted. ୭। ପ୍ରାପ୍ତ—7. Received; obtained. ୮। ଅବରୁଦ୍ଧ କରିଯାଇଥିବା; ବାଧାପ୍ରାପ୍ତ—8. Obstructed; hindered.

ସଂକ୍ଷିପ୍ତ ସାର—ସଂ. ବଣ (ବହୁବ୍ରୀହି; ସଂକ୍ଷିପ୍ତ ହୋଇଅଛି ସାର ଯହିଁରେ ବା ଯାହାର)—ଯାହାର ସାରାଂଶ ସଂକ୍ଷିପ୍ତ କରିଯାଇଅଛି—Having the parts abridged or condensed. ବ—ସମ-ସାମୟିକ ସଂକଳିତ ସଂସ୍କୃତ ବ୍ୟାକରଣ ଗ୍ରନ୍ଥ ବିଶେଷ—The title of a Sanskrit Grammar by Kramadīswara.

ସଂକ୍ଷିପ୍ତାତ୍ସଂକ୍ଷିପ୍ତ—ସଂ. ବଣ (ସଂକ୍ଷିପ୍ତାତ୍=ସଂକ୍ଷିପ୍ତ ଅପେକ୍ଷା+ Saṁkshiptāt-saṁkshipta ସଂକ୍ଷିପ୍ତ)—ଅତି ସଂକ୍ଷିପ୍ତ—Very much abridged or concise.

ସଂକ୍ଷୀୟମାଣ—ସଂ ବଣ (ସମ୍+କ୍ଷି. ଧାତୁ=କ୍ଷୟ ପାଇବା+କର୍ମ. Saṁkshīyamāṇa ଆନ)—କ୍ଷୟ ପ୍ରାପ୍ୟମାଣ; ଯାହା କ୍ଷୟ [ସଙ୍କ୍ଷୀୟମାଣ—ଅନ୍ୟରୂପ] ଯାଉଅଛି—Decaying. [ସଂକ୍ଷୀୟମାଣା—ସ୍ତ୍ରୀ]

ସଂକ୍ଷୁବ୍ଧ—ସଂ. ବଣ (ସମ୍+କ୍ଷୁଭ୍. ଧାତୁ+କର୍ତ୍ତରି ତ)—୧। ସମ୍ୟକ୍ଭାବେ ଚଳିତ—Saṁkshubdha 1. Caused to move. ୨। ବିଚଳିତ—[ସଙ୍କ୍ଷୁବ୍ଧ—ଅନ୍ୟରୂପ] 2. Agitated. ୩। ବ୍ୟାକୁଳ—[ସଂକ୍ଷୁବ୍ଧା—ସ୍ତ୍ରୀ] 3. Troubled.

ସଂକ୍ଷେପ—ସଂ. ବ (ସମ୍+କ୍ଷିପ୍ ଧାତୁ=ଫୋପାଡ଼ିବା+ଘଞ୍. ଅ)—Saṁkshepa ୧। ସଂକୋଚ—1. Contraction. ୨। [ସଙ୍କ୍ଷେପ—ଅନ୍ୟରୂପ] ଅଳ୍ପୀକରଣ—2. Abridgement; condensing. ୩। ସଂକ୍ଷିପ୍ତ ବର୍ଣ୍ଣନ—3. Condensed description. ୪। ଚୁମ୍ବକ—4. Abstract; compendium. ଦେ. ବଣ—ସଂକ୍ଷିପ୍ତ—Concise.

ସଂକ୍ଷେପକ —ସଂ. ବଣ (ସମ୍+କ୍ଷିପ୍ ଧାତୁ+କର୍ତ୍ତରି. ଅକ)—ସଂକୋଚକ Saṁkshepaka —Contracting; condensing. ବ—(ସଂକ୍ଷେପିକା—ସ୍ତ୍ରୀ) ଯେ କୌଣସି ବିଷୟକୁ ସଂକ୍ଷିପ୍ତ କରେ—One who abridges.

ସଂକ୍ଷେପଣ—ସଂ. ବ. (ସମ୍+କ୍ଷିପ୍ ଧାତୁ+ଭାବ. ଅନ)—ସଂକ୍ଷିପ୍ତ Saṁkshepaṇa କରଣ; ଚୁମ୍ବକ କରିବା—Abridging; (ସଂକ୍ଷିପ୍ତ—ବଣ) condensing.

ସଂକ୍ଷେପତଃ—ସଂ. କ୍ରି. ବଣ—(ସଂକ୍ଷେପ+ତସ୍)—ସଂକ୍ଷିପ୍ତ Saṁkshepataḥ ଭାବରେ—In a condensed manner; concisely.

ସଂକ୍ଷେପିବା—ଦେ. (ଧଦ୍ୟ) କ୍ରି—ସଂକ୍ଷିପ୍ତ କରିବା—To condense; Saṁkshepibā to make concise. (ଉ—ଗୁରୁଙ୍କ ଅଗେ ସଂକ୍ଷେପ କରା ଜଣାଇଲେ। ସଂକ୍ଷେପି ସମସ୍ତ କହିଲେ—ଜଗନ୍ନାଥ. ସଂକ୍ଷେପ କରନା ଭାଗବତ।)

ସଂକ୍ଷୋଭ—ସଂ. ବ (ସମ୍+କ୍ଷୁଭ୍. ଧାତୁ=ଗୁଡ଼ୁଡ଼େଇବା+ଭାବ. ଅ)—S mkshobha ୧। ଗୁଞ୍ଜଲ୍ୟ—1. Disturbance; fickleness. ୨। ଅସ୍ଥିରତା—2. Restlessness; instability. ୩। ମନଃଚାଞ୍ଚଲ୍ୟ—3. Caprice; (ସଂକ୍ଷୁବ୍ଧ, ସଂକ୍ଷୋଭିତ—ବଣ) unsteadiness; mental agita- tion. ୪। ଧର୍ଷଣ—4. The daring of a person to comb at: ୫। ମନସ୍ତାପ; ଅତି କ୍ଷୋଭ—5. Mental affliction; perturba-

Digitized by srujanika@gmail.com

tion. ୬। ଗର୍ବ—6. Arrogance; egotism. ୭। ଉତ୍କଣ୍ଠିତତା—7. The state of being alarmed.

ସଂଖ (ଇତ୍ୟାଦି)—ଦେ. ବ—ସଙ୍ଖ ଇତ୍ୟାଦି (ଦେଖ)
Saṁkha (etc) Saṅkha etc (See)

ସଂଖଡ଼ା—ପ୍ରାଦେ. (ବସ୍ତର) ବ ଓ ବଣ —ସଙ୍ଖଡ଼ା (ଦେଖ)
Saṁkhardā Saṅkhardā (See)

ସଂଖଲନା—ଦେ. ବ—ସଙ୍ଖଳନା (ଦେଖ)
Saṁkhalanā Saṅkhalanā (See)

ସଂଖଳା—ଦେ. ବ—ସଙ୍ଖଳା (ଦେଖ)
Saṁkhalā Saṅkhalā (See)

ସଂଖା (ଇତ୍ୟାଦି)—ଦେ. ବ—ସଙ୍ଖା ଇତ୍ୟାଦି (ଦେଖ)
Saṁkhā (etc) Saṅkhā etc (See)

ସଂଖାମୁଠା—ଦେ. ବ—ସଙ୍ଖାମୁଠା (ଦେଖ)
Saṁkhāmuṭhā Saṅkhāmuṭhā (See)

ସଂଖାଲି—ଦେ. ବ—ସଙ୍ଖାଳି (ଦେଖ)
Saṁkhāli Saṅkhāli (See)

ସଂଖୁଆ—ଦେ. ବ—ସଙ୍ଖୁଆ (ଦେଖ)
Saṁkhuā Saṅkhuā (See)

ସଂଖୁଡ଼ି (ଇତ୍ୟାଦି)—ଦେ. ବ—ସଙ୍ଖୁଡ଼ି ଇତ୍ୟାଦି (ଦେଖ)
Saṁkhurḍi (etc) Saṅkhurḍi etc (See)

ସଂଖୁରି—ଗ୍ରା. ବ ଓ ବଣ—ସଙ୍ଖୁରି (ଦେଖ)
Saṁkhuri Saṅkhuri (See)

ସଂଖୁ(ଖୋ)ଲା—ଦେ. ବ—ସଙ୍ଖୁଲା (ଦେଖ)
Saṁkhu(kho)lā Saṅkhulā (See)

ସଂଖ୍ୟ—ଦ୍ର. ବ (ସମ୍+ଖ୍ୟା ଧାତୁ=ସଂଖ୍ୟାର ନାମୋଚ୍ଚାରଣ କରିବା+ଅଧିକରଣ. ଅ)—ଯୁଦ୍ଧ: ସଙ୍ଗ୍ରାମ—Battle; fight; contest.
Saṁkhya
(ସଙ୍ଖ୍ୟ—ଅନ୍ୟରୂପ)

ସଂଖ୍ୟକ—ସ. ବଣ—(ସଂଖ୍ୟା ଶବ୍ଦ ବହୁବ୍ରୀହି ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ 'କ' ଯୁକ୍ତ ହେଲେ ସଂଖ୍ୟ ଆକାର ଧାରଣ କରେ, ଯଥା—ବହୁ ସଂଖ୍ୟକ, ଅଳ୍ପ ସଂଖ୍ୟକ)—୧। ସଂଖ୍ୟାଯୁକ୍ତ—1. Numbered; numbering. ୨। ଗଣିତ; ଗଣା ଯାଇଥିବା—2. Counted; numbered. ୩। ଗଣନୀୟ—3. Countable; which can be counted.
Saṁkhyaka

ସଂଖ୍ୟା—ସ. ବ (ସମ୍+ଖ୍ୟା ଧାତୁ=ଗଣିବା, କହିବା+ସ୍ତ୍ରୀ. ଅ+ସ୍ତ୍ରୀ. ଆ)—୧। ସ୍ମରଣ; ଗଣନା; ଗଣତି—(ସଂଖ୍ୟାତ—ବଣ) 1. Counting; calculation; reckoning. (ଉ—ତ୍ରୈନାଥ ଡୋହୁର ମହୁମା। ସଂଖ୍ୟାରେ କେ କରିବ ସୀମା—ଇଗଲାଥ. ଭାଗବତ।) ୨। ବିଚାର—2. Consideration; deliberation. ୩। (ଗଣିତ) ରାଶି; ଅଙ୍କ (୧, ୨, ୩, ୪ ଆଦି)—3. (arithmetic) Number; notation. ୪। ଗଣନାଦ୍ୱାରା ଜଣାଯିବା ରାଶି ବା ପରିମାଣ—4. A number arrived at after counting. ୫। ଜୋଖିପି ବିଷୟର ଉଦନ୍ତ—5. Investigation. [ଦ୍ର—ଏକ ସଂଖ୍ୟାଠାରୁ କ୍ରମଶଃ ଦଶଗୁଣ ବୃଦ୍ଧି ହୋଇଥିବା ସଂଖ୍ୟାମାନଙ୍କର ନାମ ସମ୍ବନ୍ଧରେ ବ୍ରହ୍ମାଣ୍ଡପୁରାଣର ଗୋଟିଏ ଶ୍ଲୋକ ମନେ ରଖିଲେ ଦଶଗୁଣୋତ୍ତର ସଂଖ୍ୟାମାନଙ୍କ ନାମ ଓ ଗଣନାରେ ବିଶେଷ ସୁବିଧା ହୁଏ। ଯଥା—

ଏକଂ ଦଶଂ ଶତଂ ଚୈବ ସହସ୍ରମଯୁତଂ ତଥା
ଲକ୍ଷଂ ଚ ନିୟୁତଂ ଚୈବ କୋଟିରର୍ବୁଦମେବ ଚ।
ବୃନ୍ଦଃ ଖର୍ବୋ ନଖର୍ବଶ୍ଚ ଶଙ୍ଖ ପଦ୍ମୌ ଚ ସାଗରଃ
ଅନ୍ତ୍ୟଂ ମଧ୍ୟଂ ପରାର୍ଦ୍ଧଂ ଚ ଦଶବୃଦ୍ଧ୍ୟା ଯଥୋତ୍ତରମ୍।

ଏକରେ ଗୋଟିଏ ଶୂନ୍ୟ ଯୋଗ କଲେ ୧୦ (ଦଶ), ଦୁଇଟି ଶୂନ୍ୟଦେଲେ ୧୦୦ (ଶତ ବା ଶହ), ଉନୋଟି ଶୂନ୍ୟଦେଲେ ୧୦୦୦ (ସହସ୍ର ବା ହଜାର) ହେବ। ଏହିପରି ୧୭ଟି ଶୂନ୍ୟରେ ୧୦୦୦୦୦୦୦୦୦୦୦୦୦୦୦୦ (ଏକ ପରାର୍ଦ୍ଧ) ହୁଏ। କେହି କେହି ପରାର୍ଦ୍ଧ ପରେ କ୍ରମେ ଦଶଗୁଣୋତ୍ତର ତ୍ରୌଣି, ବ୍ରୌଣି, କାଲ, ମହାକାଲ ଓ କାଟି ଗଣନା କରନ୍ତି ଏବଂ କାଟିଠାରୁ ସଂଖ୍ୟା ବୃଦ୍ଧି ବୋଲି କହନ୍ତି।] ଦେ. ବଣ (ସ. ସଂଖ୍ୟ, ସଂଖ୍ୟକ)—ସଂଖ୍ୟାଯୁକ୍ତ—Numbered;. (ଉ—ସହସ୍ର ସଂଖ୍ୟା ମୋର ପ୍ରାୟେ। ବାଞ୍ଛାରୁ କରନ୍ତି ଉଦୟେ—ଭୂପତି. ପ୍ରେମତତ୍ତ୍ୱାମୃତ।) [ଦ୍ର—ସାଧାରଣ ଲୋକେ ଅସଂଖ୍ୟ, ବହୁସଂଖ୍ୟକ ଆଦ ସ୍ଥାନରେ 'ଅସଂଖ୍ୟା', 'ବହୁ ସଂଖ୍ୟା', 'ଶତ ସଂଖ୍ୟକ', ସହସ୍ର ସଂଖ୍ୟକ ସ୍ଥାନରେ 'ଶତ ସଂଖ୍ୟା', 'ହଜାର ସଂଖ୍ୟା' ଏବଂ ଏହିପରି 'ଲକ୍ଷ ସଂଖ୍ୟା', 'କୋଟି ସଂଖ୍ୟା' ଓ 'ଶଙ୍ଖ ସଂଖ୍ୟା' ଶବ୍ଦମାନ ବ୍ୟବହାର କରନ୍ତି।] ଦେ. ବ—(ଯୁବକ ସ୍ୱାଧୀନତାସଂଗ୍ରାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନବିଶେଷ) ଜଲଦଜଲର ସଂଖ୍ୟା ଗଣନାକର—An order of Drill—'Number'.

ସଂଖ୍ୟା କରିବା—ଦେ. କ୍ରି (ସଂ ସମ୍+ଖ୍ୟା ଧାତୁ)—ଗଣିତ
Saṁkhyā karibā କରିବା; ଗଣିବା; ସ୍ମରଣ କରିବା—
ସଂଖ୍ୟା କରା ସଂଖ୍ୟା କରନା To count; to reckon.

ସଂଖ୍ୟା-ଚାର୍-ଗଣ—ଦେ. ବ—ଯୁବକ ସ୍ୱାଧୀନତାସଂଗ୍ରାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ ଆଦେଶ ବଚନ—
Saṁkhyā-chār-gaṇ A term of drill; By fours in number

ସଂଖ୍ୟାତ—ସଂ. ବଣ (ସମ୍+ଖ୍ୟା ଧାତୁ+କର୍ମ ତ)—୧ କୃତ-ସଂଖ୍ୟ; ଗଣିତ—1. Counted. ୨। (ସଂଖ୍ୟାତା—ସ୍ତ୍ରୀ) ବିଚାରିତ—2. Considered. ୩। ବିଖ୍ୟାତ; ପ୍ରସିଦ୍ଧ—3. Celebrated; famous.
Saṁkhyāta

Digitized by srujanika@gmail.com

ସଂଖ୍ୟା ଦୁଇ-ଗଣ୍—ଦେ. ବ—ଯୁବକ ରଧାଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ-
Samkhyā-dui-gaṇ ସମ୍ବନ୍ଧୀୟ ଆଦେଶ ବଚନ—
A term of drill "By twos-number"

ସଂଖ୍ୟାନ —ସଂ. ବ (ସମ୍+ଖ୍ୟା ଧାତୁ+ଲ୍ୟୁ ଅନ)—୧ । ଗଣନା;
Samkhyāna ଗଣତ କରିବା—1. Counting. ୨ ।
(ସଙ୍ଖ୍ୟାନ—ଅନ୍ୟରୂପ) ସଂଖ୍ୟା—2. Number.

ସଂଖ୍ୟାପନ(ନା)—ସଂ. ବ (ସମ୍+ଖ୍ୟା ଧାତୁ ଣିଚ୍, ଖ୍ୟାପି ଧାତୁ+
Samkhyāpana(nā) ଲ୍ୟୁ ଅନ; +ଷ୍ଟା ଆ)—
[ସଙ୍ଖ୍ୟାପନ(ନା)—ଅନ୍ୟରୂପ] ୧ । ସଂଖ୍ୟା ନିର୍ଦ୍ଧାରଣ—
1. Ascertainment of the number.
୨ । ନିର୍ଦ୍ଧାରଣ; ସ୍ଥିରୀକରଣ—2. Ascertainment; attestation.

ସଂଖ୍ୟାବାନ୍—ସଂ. ବି. ପୁଂ (ସଂଖ୍ୟା=ଶବ୍ଦରୂପବିଶେଷ+ଅସ୍ତି ଅର୍ଥରେ
Samkhyābān ବତ୍ତୁ ୧ମା ୧ବ)—୧ । ପଣ୍ଡିତ—
[ସଂଖ୍ୟାବତ୍ତା—ସ୍ତ୍ରୀ] 1. A learned man. ୨ । ପ୍ରାଜ୍ଞ
ବ୍ୟକ୍ତି—2. A wise man. ବିଣ. ୧୦—୧ । ପ୍ରାଜ୍ଞ-
1. Wise. ୨ । ବିଦ୍ୱାନ୍—2. Learned.

ସଂଖ୍ୟାବିଦ୍—ସଂ. ବି. ପୁଂ (ସଂଖ୍ୟା+ବିଦ୍ ଧାତୁ=ଜାଣିବା+କ୍ୱିପ୍
Samkhyābid ପ୍ରତ୍ୟୟ; ସଂଖ୍ୟାବିଦ୍ ଶବ୍ଦ ୧ମା ୧ବ)—
[ସଂଖ୍ୟାବିଦ—ଦେଶଜରୂପ] ୧ । ଅଙ୍କ ବିଦ୍ୟାରେ ପାରଙ୍ଗମ
ବ୍ୟକ୍ତି—1. Arithmetician; mathematician.
୨ । ପଣ୍ଡିତ—2. Learned man.

ସଖ୍ୟା ବିଦ୍ୟା(ବିଜ୍ଞାନ,ଶାସ୍ତ୍ର)—ସଂ. ବ—ଅଙ୍କ ଶାସ୍ତ୍ର; ଗଣିତ ଶାସ୍ତ୍ର—
Samkhyā bidyā(bijñāna,śāstra) Arithmetic; mathematics; the science of numbers.

ସଖ୍ୟାବେତ୍ତା—ସଂ. ବିଣ. ପୁଂ (ସଂଖ୍ୟା+ବିଦ ଧାତୁ+କର୍ତ୍ତୃ ତୃ;
Samkhyā bettā ସଂଖ୍ୟାବେତ୍ତୃ ଶବ୍ଦ, ୧ମା ୧ବ)—
(ସଂଖ୍ୟାବେତ୍ତୃ—ସ୍ତ୍ରୀ) ସଂଖ୍ୟାବାନ୍ (ଦେଶ)—Samkhyābān (See)

ସଂଖ୍ୟାଲଘିଷ୍ଠ ସଂପ୍ରଦାୟ—ସଂ. ବ—(ଅଧୁନିକ ପ୍ରୟୋଗ) ଦେଶରେ
Samkhyā laghishṭha sampradāya ଯେଉଁ
(ସଂଖ୍ୟାଗରିଷ୍ଠସଙ୍ଗ ଦାୟ—ବହୁବ୍ରୀ) ସଂପ୍ରଦାୟଙ୍କ ସଂଖ୍ୟା
ଅନ୍ୟ ସମ୍ପ୍ରଦାୟମାନଙ୍କ ସଖ୍ୟା ଅପେକ୍ଷା କମ୍—
Minority community of a country.

ସଖ୍ୟେୟ—ସ. ବିଣ (ସମ୍+ଖ୍ୟା ଧାତୁ+କର୍ମ ଯ]—୧ । ଗଣନୀୟ;
Samkhyeya ଗଣ୍ୟ—Countable; which can
(ସଙ୍ଖ୍ୟେୟା—ସ୍ତ୍ରୀ) be counted. ୨ । ସଂଖ୍ୟାଯୋଗ୍ୟ—
2. Numerable; calculable.

ସଂଗ (ଇତ୍ୟାଦି)—ସ. ବ—ସଙ୍ଗ ଇତ୍ୟାଦି (ଦେଶ)
Saṁga (etc) Saṅga etc (See)

ସଂଗଡ଼—ଦେ. ବିଣ —ସଙ୍ଗଡ଼ [ଦେଶ]
Saṁgarda Saṅgarda (See)

ସଂଗଡ଼ିବା—ଦେ. କି—ସଙ୍ଗଡ଼ିବା [ଦେଶ]
Saṁgarḍibā Saṅgarḍibā (See)

ସଂଗଣିକା—ସଂ. ବ (ସମ୍+ଗଣ୍. ଧାତୁ=ଗଣନା କରିବା+କରଣ
Saṁgaṇikā ଇକ+ସ୍ତ୍ରୀ. ଆ)—ଅନୁପମ କଥୋପକଥନ—
[ସଙ୍ଗଣିକା—ଅନ୍ୟରୂପ] Unparalleled conversation.

ସଂଗତ—ସଂ. ବିଣ (ସମ୍+ଗମ୍. ଧାତୁ+କର୍ତ୍ତୃ. ତ)—୧ । ଉପଯୁକ୍ତ;
Saṁgata ସମୁଚିତ; ଉଚିତ—1. Suitable; fit;
[ସଙ୍ଗତ—ଅନ୍ୟରୂପ] proper. ୨ । ଯଥୋଚିତ—2. Adequate; appropriate. ୩ । ଯୁକ୍ତିଯୁକ୍ତ;
(ସଙ୍ଗତା—ସ୍ତ୍ରୀ) ଯୌକ୍ତିକ—3. Reasonable. ୪ । ସମ୍ମିଳିତ;
ମିଳିତ—4. United. [ଉ—ଏନ ଯଦି ସମୟେ କାହୁଡ଼
ମୋର ପୁତ, ମୋ ଗାଣରେ ଅଷିଣ ଦୋଇବେ ସଂଗତ ।
କୃଷ୍ଣସିଂହ. ମହାଶ୍ୱରତ. ଆଦ ।] ୫ । ସଂଯୁକ୍ତ—
5. Joined; attached. ୬ । ସଂବଦ୍ଧ; ସଂବନ୍ଧ-
ଯୁକ୍ତ—6. Connected; related. ୭ । ସାକ୍ଷାତ୍-
କୃତ—7. Interviewed; met with. ୮ । ମିତ୍ର
ବା ସହଚରରୂପେ ମିଳିତ—8. Associated or met as friends. ୯ । ସଂଚିତ; ଏକତ୍ରୀକୃତ—
9. Collected; accumulated. ୧୦ । ସହବାସ
ବା ସଙ୍ଗମ ଦ୍ୱାରା ପରସ୍ପର ସଙ୍ଗେ ମିଳିତ—10. Joined to each other in coition. [ଉ—ଦୁହେଁ ହେବା
ସଙ୍ଗତ ମୁଁ ହେବ ମଙ୍ଗଗତ, ମହେନ୍ଦ୍ର ବଉରେ । କବିସୂର୍ଯ୍ୟ.
ସଂଗୀତ ।] ୧୧ । ଦୃଷ୍ଟ—11. Seen; viewed. ବ—
(ଗୁବ. ତ)—୧ । ମିତ୍ରତା—1. Friendship, ୨ ।
ଘନିଷ୍ଠାଳି—2. Close friendship; intimacy.
୩ । ମିଳନ—3. Junction. ୪ । ସଂଯୋଗ—
4. Conjunction. ୫ । ସହଚରତ୍ୱ—5. Companionship. [ଉ—କୃଷ୍ଣା ସଖ ତାହାଙ୍କ ସଙ୍ଗତରେ
ଗଲେ । କୃଷ୍ଣସିଂହ. ମହାଶ୍ୱରତ. ଆଦ ।] ୬ । (ଜ୍ୟୋତିଷ)
ଗ୍ରହମାନଙ୍କର ସମରେଖାରେ ଅବସ୍ଥାନ ବା ମିଳନ—
6. (astrology) The conjunction of planets; a position of planets in parallel lines. ୭ । (ସଂଗୀତ) ଗୀତ, ବାଦ୍ୟ, ସ୍ୱର
ଓ ତାଳର ମିଳନ—7. (Music) Harmony produced by the combination of song, music, tunes and symphony. ଦେ. ବ—

ସଂଗତ ୧ । ଶିଖମାନଙ୍କର ଧର୍ମଚର୍ଚ୍ଚାର୍ଥ ବୈଠକ ବା ବନ୍ଧୁ
ସଂଗତ ସମ୍ମେଳନ—1. A religious meeting of the Sikhs. [ଦୃ—ବାହୁମାନଙ୍କର ସାପ୍ତାହିକ ବା
ପାକ୍ଷିକ ଧର୍ମପ୍ରସଙ୍ଗାଲୋଚନାର୍ଥ ବନ୍ଧୁସମ୍ମେଳନକୁ ମଧ୍ୟ
ସଙ୍ଗତ କୋଇଯାଏ ।] ପ୍ରାଦେ. (ଯାଜପୁର). ବ—ଉକ୍ତ
ଉକ୍ତ ସ୍ଥାନର କୌଣସି ଧର୍ମାବଲମ୍ବୀ ଲୋକମାନଙ୍କର
ଉପାସ୍ୟ ଶାସ୍ତ୍ରାଲୋଚନାର୍ଥ ଅନୁଷ୍ଠିତ ସଭା—A meeting

Digitized by srujanika@gmail.com

convened for discussion of religious topics amongst people hailing from different localities and professing a particular religion.

ସଂଗତ କରିବା—ଦେ. କି—୧ । ଗୀତ ସଙ୍ଗେ ଗୀତରୁ ମିଳାଇ ତାଳ Saṁgata karibā ଅନୁସାରେ ବାଜା ବଜାଇବା—1. To keep time with a song by music.(e. g **संगत करना** by beating a drum) ୨ । ଏକତ୍ର ବସି ଧର୍ମ ସଂବନ୍ଧରେ ଆଲୋଚନା କରିବା—2. To discuss religious matters in company.

ସଂଗତ କାରଣ—ଦେ. ବ—ସମୀଚୀନ ହେତୁ— Saṁgata kāraṇa Reasonable cause or ground. **संगतकारण** **युक्तकारण**

ସଂଗତ ସଭା— ଦେ. ବ – ଧର୍ମତତ୍ତ୍ୱ । ଜନମନ୍ତେ କେତେଗୁଡ଼ିଏ ବ୍ୟକ୍ତିଙ୍କ Saṁgata sabhā ଦଳେଇଣ—A religious gathering. **संगत सभा** **संगत सभा**

ସଂ° ତ—ସଂ. ବ (ସମ୍ + ଗମ୍. ଧାତୁ + କ୍ତ. ତ)—୧ । ମିଳନ— Saṁgati 1. Union; meeting; junction. (ତ୍ର— (ସଙ୍ଗତ—ଅନ୍ୟରୂପ) କୋଇନ୍ତେ କୁମ୍ଭ ଶୁଦ୍ଧ କାର୍ଯ୍ୟକ ମୋ ଅତ୍ୟନ୍ତ କେମନ୍ତେ ବାନର ସଂଗତ । ଭଜ. ବୈଦେହୀଶ-ବଳାସ ।) ୨ । ମିଶ୍ରଣ—2. Mixing up; mixture. ୩ । ସହବାସ; ସଙ୍ଗରେ ଚଳ ପ୍ରଚଳନ ହେବା; ଉଠବସ— 3. Society; intercourse. [ତ୍ର—ଅବା ଶ୍ୟାମ ସୁଗତ ଲଭି ସୁସ୍ତଗ୍ୟବନ୍ତ ମଣ୍ଡଳେ ଠେକାଇବ ଛତ୍ରତ୍ର ଗୋ । କବିସୂର୍ଯ୍ୟ. ସଂଗୀତ. ।] ୪ । ସାହଚର୍ଯ୍ୟ—4. Association; companionship. ୫ । ସଂଯମ—5. Co-habitation; contact. ୬ । ସଂସ୍ପର୍ଶ; ରତ୍ତ; ମୈଥୁନ—6. Coition; sexual intercourse. [ତ୍ର—କେଶ୍ୟା ସଂଗତ ପାଇଲେ ରସିକ ପୁଂସ, ବଳଇ ବ ସ୍ୱଚ୍ଛସ୍ଥାରେ ତାର ମାନସ । ଭଜ. ବୈଦେହୀଶବଳାସ ।] ୭ । ଯୋଗ୍ୟତା; କ୍ଷମତା 7. Competence; fitness. ୮ । ସଂଚୟ—8. Storing up. ୯ । ଜ୍ଞାନ— 9. Knowledge. ୧୦ । ବୋଧ—10. Understanding. ୧୧ । ବୈଷୟିକ ସ୍ୱାଚ୍ଛନ୍ଦ୍ୟ; ସଂସ୍ଥାନ— 11. A person's means or competence; easy worldly circumstances. ୧୨ । ଉପଯୋଗିତା—12. Appropriateness; applicability. ୧୩ । ଯୋଗାଡ଼—13. Collection of materials; preparation. ୧୪ । ସଂବନ୍ଧ— 14. Relationship; connection. ୧୫ । ପରସ୍ପରତ ସଂବନ୍ଧ-15. Correlation. ୧୬ । ଔଚିତ୍ୟ— 16. Propriety. ୧୭ । ସାମଞ୍ଜସ୍ୟ—17. Consistency; congruity. ୧୮ । ଅବସର; ସୁଯୋଗ— 18. Opportunity. ୧୯ । (ନ୍ୟାୟଶାସ୍ତ୍ର) ଅନନ୍ତର ବକ୍ତବ୍ୟତ୍ୱ—19. (Logic) Sequence in conversation or argument. ୨୦ । (ନ୍ୟାୟଶାସ୍ତ୍ର) କଥାର ପ୍ରସଙ୍ଗ—20. (Logic) Connection of a topic; course of talk; logical sequence of a discourse or subjet. ଦେ. ବ—

ସଂଗୀତ (ସଂ. ସଂଗୀତ)—୧ । ସଂଗୀତ—1. Song. ୨ । ବାଦ୍ୟାଦି ସହ ସୁଗୀତ ଗାନ—2. Singing of songs accompanied with music. ୩ । ସଙ୍ଗୀ—3. Companion. [ତ୍ର—ଶେଷରେ ଏକରୁପ ହୋଇ, ସଙ୍ଗେ ସଙ୍ଗତ ନ.ହୁଁ ହେବ । —ଜଗନ୍ନାଥ. ଭାଗବତ]

ସଂଗତ କରିବା—ଦେ. କ୍ରି.—୧ । ସଙ୍ଗରେ ବାସ କରିବା—1.To Saṁgati karibā live with. ୨ । ସହବାସ କରିବା ସହବାସକରା 2. To cohabit to.

ସଂଗତିପନ୍ନ—ବି. ବିଣ. ପୁଂ (ଅଯୁ। ଉତ୍ତ; ସଂଗତି + ପନ୍ନ=ପ୍ରାପ୍ତ)— Saṁgatipanna ୧ । ସାଂସାରିକ ସୁଚ୍ଛନ୍ଦ ଅବସ୍ଥାପ୍ରାପ୍ତ— (ସଂଗତିସଂପନ୍ନ, ସଂଗତିଶାଳୀ—ଅନ୍ୟରୂପ) 1. Well-to-do; (ସଂଗତିପଲା, ସଂଗତିସଂପଲା; ସଂଗତିଶାଳଗା—ସ୍ତ୍ରୀ) (man) of (ସଂଗତିସଂପତ୍ତିଆ, ସଂଗତିଶାଳିଆ—ବ) easy circumstances. ୨ । ଧନୀ—2.Affluent; rich.

ସଂଗତି ବିହୀନ—ସଂ. ବିଣ. ପୁଂ (ଅଯୁ। ଉତ୍ତ)—ଧନହୀନ; ସମ୍ବଳ-Saṁgati bihīna ହୀନ—Very poor; of straiten- (ସଂଗତିହୀନ, ସଂଗତିଶୂନ୍ୟ, ସଂଗତିରହିତ—ଅନ୍ୟରୂପ) ed circumstances of poor means. ସଂଗତିବିହୀନା, ସଂଗତିହୀନା, ସଂଗତିଶୂନ୍ୟା, ସଂଗତିରହିତା } —ସ୍ତ୍ରୀ (ସଂଗତିବିହୀନତା, ସଂଗତିହୀନତା, ସଂଗତିଶୂନ୍ୟତା, ସଂଗତିରହିତ୍ୟ } —ବ)

ସଂଗତି ସାଧକ—ସଂ. ବିଣ. ପୁଂ.—ଯାହା ସଂଗତି ବା ସୁଯୋଗ ଘଟାଏ— Saṁgati sādhaka Causing or bringing out (ସଂଗତିସାଧିକା—ସ୍ତ୍ରୀ) (ସଂଗତିସାଧନ –ବ) 'Saṁgati'.

ସଂଗତେ—ଦେ. କ୍ରି. ବିଣ. ଓ ଅ.—ସଙ୍ଗତେ (ଦେଶ)— Saṁgate Saṅgate (See)

ସଂଗବ—ସଂ. ବ.—ସଙ୍ଗବ (ଦେଶ)— Saṁgaba Saṅgaba (See)

ସଂଗମ(ଇତ୍ୟାଦି)—ସଂ. ବ.—ସଙ୍ଗମ ଇତ୍ୟାଦି (ଦେଶ)— Saṁgama(etc) Saṅgama etc (See)

ସଂଗର—ସଂ. ବ—ସଙ୍ଗର (ଦେଶ)— Saṁgara Saṅgara (See)

ସଂଗା(ଇତ୍ୟାଦି)—ଦେ. ବ.—ସଙ୍ଗା ଇତ୍ୟାଦି (ଦେଶ)— Saṁgā(etc) Saṅgā etc. (See)

Digitized by srujanika@gmail.com

ସଂଗା(ଗେ, ଗୋ)ଇବା – ଦେ. କି—ସଙ୍ଗାଇବା (ଦେଶ) —
Saṁgā(ge, go)ibā Saṅgāibā (See)

ସଂଗାର୍ଦ୍ଦି—ଦେ. ବି—ସଙ୍ଗାଡ଼ (ଦେଶ) —
Saṁgārdi Saṅgārdi (See)

ସଂଗାତ(ଇତ୍ୟାଦି)—ଦେ. ବି—ସଙ୍ଗାତ ଇତ୍ୟାଦି (ଦେଶ)—
Saṁgāta(etc) Saṅgāta etc (See)

ସଂଗାତୁଣୀ – ଦେ. ବି. ସ୍ତ୍ରୀ.—ସଙ୍ଗାତୁଣୀ (ଦେଶ)—
Saṁgātuṇī Saṅgātuṇī (See)

ସଂଗିତ(ତା)—ଽ. ଓ ଦେ. ବି. ପୁଂ—ସଙ୍ଗିତ(ତା) (ଦେଶ)—
Saṁgita(tā) Saṅgita(tā) (See)

ସଂଗିନ୍(ଇତ୍ୟାଦି)—ବୈଦେ. ବି. ଓ ବିଶ—ସଙ୍ଗିନ୍ ଇତ୍ୟାଦି (ଦେଶ)
Saṁgin(tc) Saṅgin etc (See)

ସଂଗିନୀ—ସଂ. ବି. ସ୍ତ୍ରୀ—ସଂଙ୍ଗିନୀ (ଦେଶ)—
Saṁginī Saṅginī (See)

ସଂଗିବା— ଦେ. କି—ସଙ୍ଗିବା (ଦେଶ)—
Saṁgibā Saṅgibā (See)

ସଂଗିରମାଣ—ସଂ. ବିଶ. ପୁଂ—ସଙ୍ଗିରମାଣ (ଦେଶ) —
Saṁgirmāṇa Saṅgiramāṇa (See)

ସଂଗୀ—ସଂ. ବି. ପୁଂ – ସଙ୍ଗୀ (ଦେଶ)—
Saṁgī Saṅgī (See)

ସଂଗୀତ—ସଂ. କ୍ରିଶ – (ସମ୍ = ସମ୍ୟକ୍ + ଗେ ଧାତୁ + କର୍ମ ତ) ୧ ।
Saṁgīta ନୃତ୍ୟ ବାଦ୍ୟ ସହକାରେ ଗୀତ—1. Sung in accompaniment with dance and music. ୨ । ସମ୍ୟକ୍ ପ୍ରକାରେ ଗୀତ—2. Sung in chorus; well sung (song). ସଂ. ବି.—(+ ଭାବ ତ) ୧ । ବହୁମିଳିତ ଗାନ—1. Chorus; choral song. ୨ । ଐକିକିକ; ପ୍ରେରଣାର୍ଥ ନୃତ୍ୟ ଗୀତ ଓ ବାଦ୍ୟ—2. Concert; music consisting of dancing, singing and playing on musical instruments. (ଦ୍ର—ଦେବତାମାନଙ୍କ ଦେବାସ୍ଥଳରେ ସଂଗୀତ ଗୋଷ୍ଠିର ପ୍ରଧାନ ଉପକରଣ ବା ଅଙ୍ଗ । ଦେବତାମାନଙ୍କ ସମ୍ମୁଖରେ ନୃତ୍ୟଗୀତ ବାଦ୍ୟଯୁକ୍ତ ସଂଗୀତ କରାଯାଏ । ଦେବସ୍ଥାନବିଶେଷରେ ଏଥିପାଇଁ ଦେବଦାସୀ ଓ ନର୍ତ୍ତକୀମାନେ ମଧ୍ୟ ଥାଆନ୍ତି । "ଗୀତଂ ବାଦ୍ୟଂ ତଥା ନୃତ୍ୟଂ ତ୍ରୟଂ ସଂଗୀତମୁଚ୍ୟତେ" —ସଂଗୀତ ରତ୍ନାକର । ଗୀତ, ବାଦ୍ୟ ଓ ନୃତ୍ୟ ଏହି ତିନୋଟିର ସମାହାରକୁ ସଂଗୀତ କୁହାଯାଏ ।]

୩ । ତାଳ, ଲୟ, ବୃତ୍ତି ସମନ୍ୱିତ ସରସ ହୃଦୟଗ୍ରାହ୍ୟ ରଚନା—3. Enchanting song sung in complete accordance of time, tune, metric and other accompaniments. ଦେ. ବି.—୧ । ଗୀତ—1. Song. ୨ । ଅଦ୍ଭୁତରସଯୁକ୍ତ ଓ ଶ୍ରୁତିମଧୁର ଲୀଳା ବା ନାୟକ ନାୟିକା ବିଷୟକ ଗୀତ—2. Love song; song depicting the adventures of love between Krushṇa and Rādhikā. [ଦ୍ର—(୧) ଅଧୁନିକ ଓଡ଼ିଶାରୁ ପ୍ରାଚୀନ (classical) ଓଡ଼ିଆ ସଙ୍ଗୀତର ଚର୍ଚ୍ଚା ଏକପ୍ରକାର ଜଟିଳିବାର ଜଣାପଡ଼ୁ ଥୋଇଅଛୁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଶିକ୍ଷିତ ଭଦ୍ରଲୋକମାନେ ବଙ୍ଗୀୟ, ହିନ୍ଦୁସ୍ଥାନୀ ଓ ଓ ପାରସ୍ୟ ସଂଗୀତର ଅନୁକରଣରେ ସଂଗୀତ ରଚନା ଓ ଗାନ କରୁଥିବା ଦେଖାଯାଏ । ଜୟଦେବ, ବନମାଳୀ, ଗୋପାଳକୃଷ୍ଣ, କବିସୂର୍ଯ୍ୟ ପ୍ରଭୃତି ଭଦ୍ରଲୋକଙ୍କ ପ୍ରାଚୀନ କବିମାନଙ୍କର ସଂଗୀତମାନ ଅଦ୍ୟାବଧି ଥିଲେହେଁ ଉହାଁର ବଂଶଜମାନଙ୍କର ବଂଶିଷ୍ଟତା ଓ ବୈଦଗ୍ଧ୍ୟ ଅଛୁ । ପ୍ରାଚୀନ ଓଡ଼ିଆ ସଂଗୀତର ଚର୍ଚ୍ଚା କେବଳ ପୁସ୍ତକ ଓ ଗଞ୍ଜାମ ଜିଲ୍ଲାରେ ଥିବାରୁ ପ୍ରାଚୀନ ଓଡ଼ିଆ ସଂଗୀତକୁ 'ଦକ୍ଷିଣୀ' ସଂଗୀତ ନାମ ଦିଆ ଯାଇଅଛୁ । ଓଡ଼ିଶୀ ସଂଗୀତ ଚର୍ଚ୍ଚା ପାଇଁ ମଫସଲରେ ସ୍ଥାନେ ସ୍ଥାନେ 'ସଂଗୀତ ଅଖଡ଼ା' ଓ 'ଗୋଷ୍ଠିପୁଅ' ନାମକ ଦଳ ଥିଲେ । ଗୋଷ୍ଠିପୁଅ ପ୍ରଥା କ୍ରମଶଃ କମିବା ସଙ୍ଗେ ସଙ୍ଗେ ଓଡ଼ିଶୀ ସଂଗୀତର ଚର୍ଚ୍ଚା ଓଡ଼ିଶାରୁ ଲୋପ ପାଉଅଛୁ ବୋଲିବାକୁ ହେବ । ଓଡ଼ିଶୀ ସଂଗୀତରେ ପାରଦର୍ଶିତା ଲାଭ କରିବା ପାଇଁ ଯେତେ ସାଧନା ଓ ତ୍ୟାଗସ୍ୱୀକାର ଦରକାର, ବଙ୍ଗୀୟ ଓ ହିନ୍ଦୁସ୍ଥାନୀ ଗୀତ ଶିଖିବା ପାଇଁ ସେତେ ପରିଶ୍ରମ ଯୋଡ଼ା ହେଉ ନ ଥିବାରୁ ଅଧୁନିକ ଶିକ୍ଷିତମାନେ ଓଡ଼ିଶୀ ସଂଗୀତ ପ୍ରତି ଯଥେଷ୍ଟ ମନୋଯୋଗ ଦେଉ ନ ଥିବା ଦେଖାଯାଏ ।

ସଂଗୀତ ମୁହଁଦ୍ୱାରା ବୋଲାପାଏ, ତାଳ ବାଦ୍ୟଦ୍ୱାରା ସୂଚିତ ହୁଏ ଓ ନୃତ୍ୟ ହସ୍ତପଦାଦିଦ୍ୱାରା ସଂପନ୍ନ ହୁଏ । ସଂଗୀତଜ୍ଞବ୍ୟକ୍ତି ନୃତ୍ୟବଦ୍ୟାରେ ପାରଦର୍ଶୀ ହୋଇ ନ ପାରନ୍ତି; କିନ୍ତୁ ତାଳ ଓ ବାଦ୍ୟରେ ପାରଦର୍ଶୀ ନ ହେଲେ ସଂଗୀତ ବଦ୍ୟାରେ ପାରଙ୍ଗମ ହେବା ଅସମ୍ଭବ ।]

[ଦ—୨ । ସାମବେଦାଦିଦଂ ଗୀତଂ ସଂଜଗ୍ରାହ ପିତାମହଃ ।
—ସଂଗୀତରତ୍ନାକର ।
ଗୀତଂ ବାଦ୍ୟଂ ନର୍ତ୍ତନଂ ଚ ତ୍ରୟଂ ସଂଗୀତମୁଚ୍ୟତେ ।
—ସଙ୍ଗୀତ ଦର୍ପଣ ।
ବ୍ୟଗଃ ସ୍ୱରେଣ ତାଳେନ କିମ୍ବଃ ସଂଗୀତମୁଚ୍ୟତେ ।
—ଗାନଚନ୍ଦ୍ରୋଦୟ ।

ସଂଗୀତ ବେଦର ପ୍ରଧାନ ଅଙ୍ଗ କହିଲେ ଚଳେ । କାରଣ ସଂଗୀତ ଓ ତାଳ ନ ଜାଣିଲେ ବେଦ ପାଠ ପୁଣ୍ୟରୁ ଉଚ୍ଚାରେ ହୋଇ ପାରେ ନାହିଁ । ଅଳ୍ପ ସଂଗୀତର ଅଙ୍ଗମାନଙ୍କ ବ୍ୟତୀତ ଜଗତର କୌଣସି ପ୍ରାଣୀ ଗତ ପୁରା କରି ପାରେ ନାହିଁ । ଆମର ଏହି ଦେଶରେ ଜୀବନର ପ୍ରତି ମୁହୂର୍ତ୍ତରେ ଲୋକ ସଂଗୀତର ଅପେକ୍ଷା କରେ । ଦେବପୂଜାର ସ୍ତୋତ୍ର ଏବଂ ଅରତି ମଧ୍ୟ

ସଂଗୀତକୁ ଅପେକ୍ଷା କରେ । ପୂର୍ବକାଳରେ ରାଜାମାନଙ୍କର ଗୋଟିଏ ଗୋଟିଏ ନୌବତ୍‌ଖାନା ଥିଲା । ପ୍ରହରାନ୍ତରରେ ନୌବତ୍ ବାଜିଲେ ଲୋକେ ସମୟ କଳ ପାରୁଥିଲେ । ଅଦ୍ଭୁତ ମଧ୍ୟ ଏପରି ଅନେକ ଯନ୍ତ୍ର ଅଛି, ଯହିଁର ବାଦନ ମାତ୍ରେ ଲୋକଙ୍କ ହୃଦୟରେ ବିଭିନ୍ନ ଭାବର ଉଦ୍ରେକ ହୁଏ ।(ଯଥା—ଶଙ୍ଖ, ଭେରୀ, କାହାଳୀ, ନାଗରା, ଦୋନ୍ଦରା ଇତ୍ୟାଦି ।)

ସାମାଜିକ ବ୍ୟାପାର ବ୍ୟବହାରରେ ତଥା ଦୈନନ୍ଦିନ ଜୀବନରେ ସଙ୍ଗୀତ ହିନ୍ଦୁମାନଙ୍କର ଦୈନିକ କର୍ମ ଥିଲା । କେବଳ ଏତିକି ନୁହେଁ, ସଙ୍ଗୀତର ପ୍ରଭାବ ଲୋକର ଭାବ ଉପରେ, ବିଶେଷତଃ ଲଳନାମାନଙ୍କ ଗଢ଼ ଭଙ୍ଗୀ ପ୍ରସ୍ତୁତିରେ ମଧ୍ୟ ଦେଖା ଯାଉଥିଲା । ପୂର୍ବେ ଆବାଳବୃଦ୍ଧବନିତା ସମସ୍ତେ ଏହାର ଚର୍ଚ୍ଚା କରୁଥିଲେ ଏବଂ ରାଜାଧିରାଜଙ୍କଠାରୁ ଆରମ୍ଭ କରି କୁଟୀରବାସୀ କୃଷକ ପର୍ଯ୍ୟନ୍ତ ସମସ୍ତେ ଏହି ସଙ୍ଗୀତର ସମାଦର କରୁଥିଲେ ଓ ଉହାଁର ପ୍ରଭାବରେ ମୁଗ୍ଧ ଓ ଚକିତ ହେଉଥିଲେ ।

ସଙ୍ଗୀତ ନାସ୍ତିକଣ୍ଠରେ ଅତି ସନ୍ତୋଷଜନରୂପେ ପ୍ରକାଶ ପାଏ । ଜଣାଯାଏ ଏହା ନାସ୍ତିଜାତିର ସ୍ୱଭାବ-ସିଦ୍ଧ ଦୈବଦତ୍ତ ଗୁଣ । ଏହା ସର୍ବବାଦସମ୍ମତରୂପେ ସ୍ୱୀକୃତ ହୋଇଅଛି ଯେ, ସଂଗୀତ ମାନବହୃଦୟରେ ନୂତନ ଚୈତନ୍ୟ ଉତ୍ପାଦନ କରି ପାରେ । ଶିକ୍ଷିତ ଲୋକମାନଙ୍କ ଦ୍ୱାରା ମଧ୍ୟ ବର୍ତ୍ତମାନ ସିଦ୍ଧାନ୍ତ ହୋଇଅଛି ଯେ, ଏକାଗ୍ରତା ଓ ସଯତ୍ନ ଦ୍ୱାରା ମାନସିକ ବ୍ୟାଧି ତଥା ଶ୍ୱାସୋଚ୍ଛ୍ୱାସ ଜନିତ ଦ୍ୱାରା ଶାସ୍ତ୍ରୀୟ ବ୍ୟାଧି ଦୂର କରିବାକୁ ହେଲେ ସଙ୍ଗୀତ ବିଶେଷ ଆବଶ୍ୟକ ।

ନାଦେନ ବ୍ୟଜ୍ୟତେ ବର୍ଣ୍ଣଃ ପଦଂ ବର୍ଣ୍ଣୈଃ ପଦାଦ୍ବଚଃ
ବଚସୋ ବ୍ୟବହାରୋଽୟଂ ନାଦାଧୀନସ୍ତତୋଜଗତ୍ ।

ଏହି ଶ୍ଲୋକରୁ ଜଗତ୍‌ରେ ନାଦାତ୍ମକ, ଏହା ସ୍ପଷ୍ଟ ପ୍ରମାଣିତ ହୁଏ । ଏହି ନାଦ ଦୁଇ ପ୍ରକାର—ଆହତ ଓ ଅନାହତ । ସଂଗୀତ ଯୋଗତାରୁ କୌଣସି ଅଂଶରେ ନ୍ୟୂନ ନୁହେଁ । ଯୋଗ ଶରୀର—ଏହା ସତ୍ତ୍ୱ; ତାହା ଜୀବାତ୍ମା—ଏହା ସ୍ୱରାତ୍ମ ।

Heard melodies are sweet,
But those unheard are sweeter—
Shelley.

ପୂର୍ବକାଳରେ ଏହି ସଂଗୀତ ଦ୍ୱାରା ବୃଷ୍ଟି, ଅଗ୍ନି ଇତ୍ୟାଦି ଉତ୍ପାଦିତ ହେଉଥିଲା । ଏହା ଅଷ୍ଟର୍ଯ୍ୟର ବିଷୟ ନୁହେଁ; କାରଣ, ସଂଗୀତର ସେପରି ଅଦ୍ଭୁତ ଶକ୍ତି ଅଛି । କେଲାର ସ୍ୱରର ଶ୍ରବଣରେ ବର୍ତ୍ତମାନ ମଧ୍ୟ ବିଷଧର ସର୍ପ ଗର୍ତ୍ତରୁ ବାହାର ଅସି ସୁମଧୁର ସଂଗୀତ ଧ୍ୱନିରେ ମୋହିତ ହୋଇ ସ୍ଥିର ହୋଇ ରହେ ।

ଗୁର ପଦାରଥ ଦେଇ ଦେ ନାଦବନ୍ଧୁ ସୁଖଦାନ
ପଶୁ ଶିଶୁ ମୃଗଖାବ ଜନ୍ତୁ ଦସ ଜାକେ ସଦାପ୍ରମାନ ।
ବ୍ରହ୍ମବଚନ ।

[ଏଥିର ମର୍ମ ନାଦବନ୍ଧୁ ପଶୁ, ଶିଶୁ, ମୃଗ ଓ ସାବଜନ୍ତୁଙ୍କୁ ସୁଖ ଦଏ ଓ ବଶୀଭୂତ କରେ ।]

ସଂଗୀତୋପଯୋଗୀ ନାଦ ତିନି ସ୍ଥାନରୁ, ଅର୍ଥାତ୍ ହୃଦୟରୁ, କଣ୍ଠରୁ ଓ ଶୀର୍ଷରୁ ବାହାରିଥାଏ । ତାହାକୁ ହୃଦାତ୍ମ, ମୁଦାତ୍ମ ଓ ଚାତ୍ମ କୁହାଯାଏ ।

ଯେଉଁ ନାଦ ସଂଗୀତରେ ଉପଯୋଗୀ ହୋଇଥାରେ ଓ ଶୁଣା ଯାଇପାରେ, ତାହାକୁ ଶ୍ରୁତି କୁହନ୍ତି । "ଶ୍ରୁୟତେ ଇତି ଶ୍ରୁତି ।" ସ୍ୱରରେ ଯେପରି 'ମଧୁରତା' ଓ 'ସୁଗୋପୃତ୍ତ୍ୱ' ଏ ଦୁଇ ଅଙ୍ଗ ପ୍ରଧାନ, ଶ୍ରୁତିରେ ମଧ୍ୟ ସେହିପରି 'ଗୀତୋପଯୋଗିତ୍ୱ' ଓ 'ଅଭଙ୍ଗେୟତ୍ୱ' ଏହି ଦୁଇ ଅଙ୍ଗ ଆବଶ୍ୟକ ହୋଇଥାଏ । ତାହା ନ ହେଲେ ସ୍ୱରର ସୃଅଳୀକରଣ କରିପାଇ ପାରେ ନାହିଁ । ଶ୍ରୁତି ଅସଂଖ୍ୟ; କିନ୍ତୁ ସଂଗୀତରେ ଶ୍ରୁତିର ଦ୍ୱାବିଂଶତି ମାତ୍ର ବ୍ୟବହାର ଦେଖାଯାଏ । ତାହା ଗୋଟିଏ 'ସପ୍ତକ'ରେ ଅର୍ଥାତ୍ 'ସା-ଗ୍ଭ-ଗ-ମ-ପ-ଧ ନି'ରେ ଥାଏ; ଯଥା—

ଚତୁଶ୍ଚତୁଶ୍ଚତୁସ୍ତ୍ରୈବ ଷଡ୍‌ଜ ମଧ୍ୟମ ପଞ୍ଚମାଃ
ଦ୍ୱେ ଦ୍ୱେ ନିଷାଦଗାନ୍ଧାରୌ ଋଷଭ ଧୈବତୌ ।

ସେହି ଶ୍ରୁତିମାନଙ୍କ ମଧ୍ୟରୁ ସ୍ୱରର ଉତ୍ପତ୍ତି ହୋଇଥାଏ । ଯଥା—'ସ୍ୱୟଂ ଯୋ ରଞ୍ଜତେ ନାଦଃ ସସ୍ୱରଃ ସର୍ବ-ଜୀର୍ତ୍ତିତଃ ।' ଏହି ସ୍ୱର ସବୁ ମଧ୍ୟ ରସାଦରେ ବ୍ୟବହୃତ ହୋଇଥାଏ ।

'ସ-ଗ୍ଭ' ବୀଣାବେଣୁଭେ ଗୌଦେ,
'ଧୋ' ବାଲ୍ପ ଉପ୍ପାନତେ
କାପୌ 'ଗ-ଗା' ତୁ କରୁଣେ
ଦ୍ୱାସ୍ୟ ଶୃଙ୍ଗାର ଯୋ 'ମ୍ର-ଗୌ' ।

ସେହି ସ୍ୱରମାନଙ୍କ ମଧ୍ୟରେ ସା ଓ ପ ସ୍ୱର ସ୍ଥାୟୀ ବା ଅଚଳ ଏବଂ ଅନ୍ୟଗୁଡ଼ିକ ଚଳ ବା ବିକୃତ ହୁଅନ୍ତି । ଏହାକୁ ସଂଗୀତଶାସ୍ତ୍ରରେ କୋମଳ, ତୀବ୍ର ଅଖ୍ୟା ଦିଆଯାଏ; ଯଥା—ରେ କୋମଳ; ପ କୋମଳ ।

ସ୍ୱର ସବୁ କମରେ ଉଚ୍ଚ ସ୍ତରକୁ ଗଲେ ଆରୋହ ଓ ବସ୍ତୁସ୍ତରକୁ ଫେରି ଅସିଲେ ଅବରୋହ ନାମରେ କଥିତ ହୁଏ ।

ଶୁକ୍ଳ ଓ କୃଷ୍ଣ ବେଦରେ ଦ୍ୱାଦଶ ଗୋଟି ସ୍ୱର ଅଛି । ସେହି ସ୍ୱରର ଉଚ୍ଚ ଉତ୍ତମ ସମନ୍ୱୟରେ ତନ୍ତ୍ର ରାଗାଦିର ସେଳ ରଚନା ହୋଇଥାଏ । ସେଉଁ ସ୍ୱର ରଚନା ମନୋ-ମୋହକାରୀ ଓ ଚିତ୍ତରଞ୍ଜକ ହୋଇଥାରେ, ତାହାର ନାମ ରାଗ । ଏହି ରାଗ ପୁଣି ମାର୍ଗ ଓ ଦେଶୀ ଭେଦରେ ଦୁଇ ପ୍ରକାର । ଯାହା ଭରତାଦି ଗାନ କରିଥିଲେ ତାହା ମାର୍ଗ ଓ ଯାହା ଦେଶଭେଦରେ ଦେଶବାସୀଙ୍କ ରୁଚି ଅନୁଯାୟୀ ଗୀତ ହୁଏ, ତାହା ଦେଶୀ ।

Digitized by srujanika@gmail.com

ଦେଶେ ଦେଶେ ଚଳାନାଂ ଯଦୃଚ୍ଛୟା ହୃଦୟରଞ୍ଜନଂ
ଗାନଂ ଚ ବାଦନଂ ନୃତ୍ୟଂ ତଦ୍ଦେଶୀତ୍ୟଭିଧୀୟତେ ।
—ସଙ୍ଗୀତରତ୍ନାକର ।

ଏହି ରାଗମାନଙ୍କୁ ମଧ୍ୟ ଛଅ ପ୍ରକାରରେ ବର୍ଗୀକରଣ କରଯାଏ । "ଶୁଦ୍ଧାଛାୟାଲଗାଃ ପ୍ରୋକ୍ତାଃ ସଂପୂର୍ଣ୍ଣଃ ଉଡୌବଚ ।" ଯାହାକୁ ଶାସ୍ତ୍ରୋକ୍ତ ସ୍ୱରଠାରେ ଗାନ କରି ମନୋରଞ୍ଜନ କରଯାଏ, ତାହା 'ଶୁଦ୍ଧ' । ଶୁଦ୍ଧ ରାଗ ସହିତ ସାମାନ୍ୟ ପରିବର୍ତ୍ତନରେ ଯାହା ଗାନ କରଯାଏ, ତାହା 'ଛାୟାଲଗ' ଏବଂ ଶୁଦ୍ଧ ଓ ଛାୟାଲଗ ମିଶ୍ରଣରେ ଯାହା ଗାନ କରଯାଏ, ତାହା 'ସଂପୂର୍ଣ୍ଣ ।'

ରାଗ ଛଅଗୋଟି । କେଉଁକଙ୍କ ମତରେ—
ଶ୍ରୀରାଗୋଽଥ ବସନ୍ତଶ୍ଚ ଭୈରବଃ ପଞ୍ଚମସ୍ତଥା
ମେଘ ରାଗୋ ନଟ୍ଟନାରାୟଃ ଷଡ଼େତେ ପୁରୁଷାହ୍ୱୟାଃ ।
ଅନ୍ୟ କେଉଁକଙ୍କ ମତରେ—
ଭୈରବଃ କୌଶିକଶ୍ଚୈବ ହିନ୍ଦୋଲୋ ଦୀପକସ୍ତଥା
ଶ୍ରୀରାଗୋ ମେଘନାଦଶ୍ଚ ଷଡ଼େତେ ପୁରୁଷାହ୍ୱୟାଃ ।

ପୁଣି ପ୍ରତ୍ୟେକ ରାଗର କାହାର କାହାର ମତରେ ପାଞ୍ଚ ଓ ଅଟ କାହାର କାହାର ମତରେ ଛଅ ରାଗିଣୀ ଥିବା ବର୍ଣ୍ଣିତ ଅଛି ।

ରାଗରାଗିଣୀ ଗାନ କରିବାକୁ ଗଲେ ଯେଉଁ ଯେଉଁ ରାଗରାଗିଣୀରେ ଯେଉଁ ଯେଉଁ ସ୍ୱର ଓ ଶ୍ରୁତି ବ୍ୟବହାର କରିବାର ନିୟମ ଅଛି, ତାହା ବ୍ୟତୀତ ଅନ୍ୟ ସ୍ୱର ବ୍ୟବହାର କରିବାକୁ ହେବ ନାହିଁ । ଋତୁ ଓ ସମୟ ଅନୁଯାୟୀ ଗାନ କରିବ । ୫ ସ୍ୱର ବଶିଷ୍ଟ ଔଡ଼ିବ, ୬ ସ୍ୱର ବଶିଷ୍ଟ ଷାଡ଼ବ ଓ ୭ ସ୍ୱର ବଶିଷ୍ଟ ସଂପୂର୍ଣ୍ଣ ଆଦି ଭେଦରେ ରାଗର ଯେଉଁ 'ଜାତି' ଅଛି, ସେ ବିଷୟରେ ପୂର୍ଣ୍ଣ ଜ୍ଞାନ ହେବା ଆବଶ୍ୟକ । ରାଗରାଗିଣୀରେ ବାଦୀ, ସଂବାଦୀ ପ୍ରୟୋଗ କରି ରାଗର ସ୍ୱରୂପ ନଷ୍ଟ ନ କରିବାର ଜ୍ଞାନ ମଧ୍ୟ ଥିବା ଦରକାର । ଗ୍ରହନ୍ୟାସର ଜ୍ଞାନ ମଧ୍ୟ ଅବଶ୍ୟକ । 'ଗ୍ରାମ' ସଙ୍ଗୀତର ଗୋଟିଏ ମହତ୍ତ୍ୱପୂର୍ଣ୍ଣ ବିଷୟ । ଏ ବିଷୟରେ ମଧ୍ୟ ଅନୁଭବ ଥିବା ଉଚିତ । ମନୁଷ୍ୟର ପୋଷାକ ପରିଚ୍ଛଦ ପରି ରାଗରାଗିଣୀର ରୂପଣ ହେଉଛି ମୂର୍ଚ୍ଛନା, ତାନ, ଗମକ ଆଦି । ଏଣୁ ଏହି ଅଳଙ୍କାରଗୁଡ଼ିକ ପ୍ରୟୋଗ କରିବାରେ କୁଶଳତା ଅର୍ଜନ କରିବା ଦରକାର । ଗୀତରେ କେବଳ ଅନ୍ୟସ୍ତ ପଦ ଉତ୍ତମ ହେଲେ ଚଳିବ ନାହିଁ । ସେଥିରେ ସମୟ ଓ ଋତୁ ଆଦର ରସ ଓ ଭାବ ଥିବା ଅବଶ୍ୟକ । ଏହି ସବୁ ପ୍ରତି ଧ୍ୟାନ ରଖି ରାଗ ଓ ରାଗିଣୀର ଭାବ ଓ ରସ ଅନୁସାରେ ଲୟ ଓ ତାଳ ଅନୁସାରେ ଗାନ ଓ ବାଦନ କରିବା ଉଚିତ ।

ଗାୟନ୍ ସୁଭଦ୍ରାଣି ରଥାଙ୍ଗ ପାଣେ
ଜିଷ୍ଣୋର କର୍ମାଣି ଚ ଯାନ ଲୋକେ,
ଗୀତାନ ନାମାନ ଭଦଶ୍ରିକାନ
ଗାୟନ୍ ବଲଶ୍ଚୋ ବିଚରେଦସଙ୍ଗଃ ।

ଓଡ଼ିଆରେ ଛନ୍ଦ, ତାଳପଦ୍ମା ଓ ଚମ୍ପୁ ଇତ୍ୟାଦି ରୂପରେ ସଙ୍ଗୀତ ପ୍ରକାଶିତ ହୋଇଅଛି । ଯେଉଁ ରାଗାଳ ଅନୁଦ୍ଦେଶ୍ୟ ମାତ୍ରାରେ ପ୍ରକାଶ କରଯାଏ, ତାହା ଛନ୍ଦ । ଏହି ଶବ୍ଦ ଛନ୍ଦଃ ଶବ୍ଦର ଅପଭ୍ରଂଶ ହୋଇ ଥିବାରୁ ତାହା କୌଣସି ନିୟମ ଦ୍ୱାରା ନିୟନ୍ତ୍ରିତ ନୁହେଁ । କୌଣସି ତାଳରେ ଅଳ୍ପଛନ୍ଦୀ ତାହା ତାଳପଦ୍ମା ପରି ତାନ ବା ମୂର୍ଚ୍ଛନାରେ ସେତେଦୂର ଅଳଂକୃତ ନୁହେଁ । ତାହାକୁ ଧୀରେ ଧୀରେ ସ୍ୱରବ୍ୟାସ କରି ଗାନ କଲେ ସେହି ସେହି ରାଗର ଅନୁରସ ମିଳିବ ।

ହିନ୍ଦୁସ୍ଥାନ (ଉତ୍ତର ପଶ୍ଚିମ ଭାରତ) ଅଞ୍ଚଳର ତାଳପଦ୍ମା ଧ୍ରୁପଦ ବା ଚୌତାଳ ଗୃହ ପଦରେ ଶୋଭିତ । ତାହାର ପଦମାନଙ୍କରେ ମଧ୍ୟ ଭିନ୍ନ ଭିନ୍ନ ନାମ ଅଛି । ଯଥା :—୧ ସ୍ଥାୟୀ, ୨ ଅନ୍ତରା, ୩ ସଞ୍ଚାରୀ, ୪ ଆଭୋଗ । ଅତି ମଧ୍ୟ ସେଗୁଡ଼ିକ ସେହି ସେହି ରାଗକୁ ପ୍ରକାଶ କରି ଭିନ୍ନ ଭିନ୍ନ ଭଙ୍ଗୀରେ ଗୀତ ହୋଇଥାଆନ୍ତି । ସାଧାରଣ ଓଡ଼ିଆ ତାଳପଦ୍ମା ସେପରି ନୁହେଁ । ଏଥିରେ କେବଳ ସ୍ଥାୟୀ ଓ ଅନ୍ତରା ଥାଏ । କିନ୍ତୁ କୌଣସି କୌଣସି ତାଳପଦ୍ମା ଗୃହପଦ ଭାଙ୍ଗିକି, ସାତ ଆଠ ପଦରେ ମଧ୍ୟ ଶୋଭିତ ହୋଇଥାଏ ।

ରାଗ ସମ୍ବନ୍ଧରେ ଦେଖିବାକୁ ଗଲେ ଉତ୍କଳର ସଙ୍ଗୀତ ଭଣ୍ଡାର ବଡ଼ ବଳବତ୍ତର ନୁହେଁ ।
ଏ ଘନ ସଘି, ଗୃହଁ, ବଜୁବ ଏ କାଲେ.....
ଏ ଘୋର ବରଷାକାଳ.....
ମୋ କଲାମାଣିକରେ.....
ସର ଯିବଳ ଶ୍ରାବନେ କଶୋଷ .....
ଫାଟି ପଡିବାର ଜଳୁଜ୍ଜସମ୍ଭାର.....

ଏହା ବ୍ୟତୀତ ଉତ୍କଳୀୟ ସଙ୍ଗୀତରେ ଅନ୍ୟାନ୍ୟ ଦେଶର ସଙ୍ଗୀତ ପରି ତାଳ ଫେରତା ହୁଏ, ଅର୍ଥାତ୍ ଗୋଟିଏ ଗୀତରେ ପଦଗୁଡ଼ିକ ବିଭିନ୍ନ ତାଳରେ ବାଦତ ହୋଇ ଘୁନ୍ଦାର ସେହି ପୂର୍ବ ତାଳରେ ଆସି ମିଳିଯାଏ । ଯଥା—
"ଭଲେ ଅଜ ଡୋ ସାଇ ରେ, ପଙ୍କଜନୟନା !"

'ଚତୁରଙ୍ଗ'ରେ ଗୀତ, ସ୍ୱର, ମୃଦଙ୍ଗାଦର ଶବ୍ଦ ଓ ଅଲାପର ଶବ୍ଦ ଶୋଭତ । ଅସ ଓଡ଼ଶାରେ ମଧ୍ୟ ଏସବୁ ଗାନର ଅନୁଭବ ନାହିଁ । ଯଥା—
'ନାଚେ ନାଗରବର ନାଗସ୍ତ ସଙ୍ଗେ ।'
ଏହିପରି ରସ ଓ କାଳାଦି ସମ୍ବନ୍ଧରେ ନାନା ପ୍ରକାରର ଗୀତ ଅଛି । କିନ୍ତୁ ସେ ସବୁ ଆଦରସାପେକ୍ଷ ବୋଲି ଅଧୁନିକ ଶିକ୍ଷିତମାନଙ୍କ ସମାଜରେ ଆଦୃତ ହେଉ ନାହିଁ । ଆଦରର ଆବଶ୍ୟକ ନ ହେଲେ ଅନ୍ୟାନ୍ୟ ରସର ପ୍ରତିଷ୍ଠା ହେବ ନାହିଁ—ଏହା ଭଲ ବୋଧହୁଏ ପୂର୍ବ-କାଳୀନ ଲୋକେ ସେହି ରସକୁ ପ୍ରଥମ ସ୍ଥାନ ଦେଇଥିଲେ ।

'ଚମ୍ପୁ' ଗଦ୍ୟପଦ୍ୟାତ୍ମକ ମିଶ୍ରିତ କାବ୍ୟବିଶେଷ । ଉତ୍କଳରେ ଚମ୍ପୁ ମଧ୍ୟ ଏହି ଶ୍ରେଣୀରେ ଲକ୍ଷିତ । ଏଥିରେ

Digitized by srujanika@gmail.com

କେତେକ ଚଳ୍ପଦ୍ଧା ଅଛ ଏବଂ ସପ୍ତଭଲ୍ପାର ମଧ୍ୟ କେତେକ ଗଦ୍ୟ ଅଛ ।

'ବାଦ୍ୟ'—ତା, ଦଡ୍, ଥୁନ୍, ନା, ଏହିପର କେତେକ ଶବ୍ଦ ପ୍ରଯୋଗରେ 'ବାଦ୍ୟ' ଅର୍ଥାତ୍ ପ୍ରଶାଳ୍ଜକ ବା ଭବଲ୍ଭଦ ଯନ୍ତ୍ରରେ ବାଦନ କରିବାକୁ ଦ୍ରୁତ ଏବଂ ଯେଉଁ ଯେଉଁ ତାଳରେ ଗାନ ଦେଇଥାଏ, ତହିଁ ସଙ୍ଗରେ ବାଦନକୁ ମିଳାଇବାକୁ ଦ୍ରୁତ । ଭୂତଳରେ ମଧ୍ୟ ଅନ୍ୟାନ୍ୟ ଦେଶର ତାଳ ପରି ମିସର, ଟୁର୍କି, ଝଙ୍କା, ଆଠତାଳ ପ୍ରଭୃତି ଅଛ ।

'ନୃତ୍ୟ'—ନୃତ୍ୟ ବାଦ୍ୟର ଅନୁଗତ । ବାଦ୍ୟରେ ତା, ଦଡ୍, ଥୁନ୍ ଓ ନା ନାମକ ଯେଉଁ ଗୃତ୍ତୋଟି ପ୍ରଧାନ 'ବୋଲ' ଅଛ, ସେହି ଗୃତ୍ତଗୋଟି ଶବ୍ଦ ନୃତ୍ୟରେ ବ୍ୟବହୃତ ହୋଇଥାଏ ।

ସବଲାଟସୋରଙ୍ଗବଟଷ୍ଟେଷୋ ନୃତ୍ୟମିତ୍ୟୁଚ୍ୟତେ ବୁଧୈଃ
— ବ୍ରଗ ସଟଂସ୍ୱ ।

ଗେୟାନୁଯୁକ୍ତଂ ତତ୍ତାଦ୍ୟଂ
ବାଦ୍ୟାନୁଯୁକ୍ତଂ ଲୟୁଃ,
ଲୟାତ୍ମଳଂ ସମାଶ୍ରିତ୍ୟ
ତତୋ ନୃତ୍ୟଂ ପ୍ରବର୍ତ୍ତତେ--
ସଙ୍ଗୀତ ଦର୍ପଣ ।

ପ୍ରଥମରେ ନାତ୍ତିକ ଜ୍ରତ୍ୟ ପଦଭଲକୁ ସମ୍ମୁଖରେ ରଖି ଦକ୍ଷିଣ ପାଦ ଅପେକ୍ଷା ବାମ ପାଦକୁ ଅର୍ଦ୍ଧ ହସ୍ତ ଦୂରରେ ରଖି ଠିଆ ହେବେ, ପରେ ଦକ୍ଷିଣ ପାଦକୁ ବାମ ପାଦର ବୃତ୍ତାଙ୍ଗୁଷ୍ଠିର ସମସୂତ୍ର ପର୍ଯ୍ୟନ୍ତ ନେଇ ସେହି ପଦର ବୃତ୍ତାଙ୍ଗୁଷ୍ଠଦ୍ୱାର୍ କୋମଳ ଆଘାତ କଲେ 'ତା', ପୁଣି ସେହି ପାଦକୁ ପୂର୍ବ ସ୍ଥାନକୁ ଆଣି ଗୁଲ୍ଫ ସାହାଯ୍ୟରେ ଆଘାତ କଲେ 'ଦଡ୍' ଏବଂ ବାମ ପାଦର ଗୁଲ୍ଫ ଭୂତଳ ସହିତ ସଲଗ୍ନ ରଖି ସେହି ପାଦର ପୂର୍ବାଗ୍ରଦ୍ୱାର୍ ଦୁଇଥର ଆଘାତ କଲେ 'ଥୁନ୍' ଓ 'ନା' ଶବ୍ଦ ବାହାରିବ । ଏହି ଶବ୍ଦ ବାହାର କଲାବେଳେ ସମାନ ମାତ୍ରା ରଖିବା ଉଚିତ । ଆଉ ମଧ୍ୟ ଅନ୍ୟାନ୍ୟ ତାଳ ସହିତ ମାତ୍ରାର ହ୍ରସ୍ୱ, ଦୀର୍ଘ, ପ୍ଲୁତ ଇତ୍ୟାଦି ଭେଦରେ ସେହି ଶବ୍ଦକୁ ସଜାଇ ପାରିଲେ ନୃତ୍ୟ କରିପାଇ ପାରିବ ଏବଂ ତଦ୍ଭିନ୍ନ ଭାବ, ରାଗ, କଟାକ୍ଷ ଓ ନାନାପ୍ରକାର 'ମୁଦ୍ରା' ସହିତ ଯଥା ଜ୍ରତ୍ୟରେ ପଦନ୍ୟାସ କରି ପାରିଲେ ଅପୂର୍ବ୍ୟ ନୃତ୍ୟର ସର୍ଜ୍ଜନ ହୋଇ ପାରିବ । ଅଉନସ୍ୱ ଯଥା—

ଜତ୍ପୁନ୍ନାଗନନନେତ୍ରଂ ଚ
ଗର୍ତ୍ତେବଂସ୍ଥିତେ ରଥ,
ଚଂଚିତ୍ପୁତିଭଦନ୍ତଂ ଚ
ଦ୍ରସ୍ତିତଂ ଚତ୍ରବଧୀସ୍ତୁତେ ।
ଅକୁଞ୍ଚତାଗ୍ରିଗଣ୍ଡଂ ଯତ୍
ସ୍ତନଂ ଚ ମଧୁରଂ ତଥା,
କାଲାଗତଂ ସାସ୍ୟ ବ୍ରଗଂ
ତତ୍ତେବଂ ବତ୍ରସ୍ତିତଂ ଭବେତ୍ ।

ଏହିପର ଅନେକ ପ୍ରକାର ଦ୍ରାବ ଭାବର ଅଉନସ୍ୱ ଅଛ । ତାଡ଼ା ହସ୍ତ ଓ ମୁଖଦ୍ୱାର୍ ଦେଖାଇ ନୃତ୍ୟ କରିଯାଏ ।

ସଙ୍ଗୀତ ସାହିତ୍ୟ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃ ପୁଚ୍ଛବଷାଣହୀନଃ,
ତୃତ୍ୟସ୍ତୌ କନ୍ତୁ ତୃଣଂ ନ ଭୁଂକ୍ତେ
ତତ୍ତଂ ପଶୂନାମପି ଭାଗ୍ୟମେତତ୍ତଃ ।

The man that has no music in himself nor is not moved with concord of sweet sounds is fit for treason—
Shakespeare.

(ସମ୍ଭର୍ତ୍ତ ଲେଖକ—ମଧୁପୁର ପଞ୍ଚାୟତ ଶ୍ରୀ ବଳଭଦ୍ର ଧୀର)

[ଦ୍ର-(୩) — ସ୍ୱାଣାଯାଣାଙ୍କର ଅପାର କରୁଣା ବଳରୁ ପ୍ରାଚୀନ ଭାରତ କଳାବିଦ୍ୟାରେ ଅଗାଧ ପାଣ୍ତିତ୍ୟ ଲାଭ କରିଥିଲା । କଳାବିଦ୍ୟା ୬୪ ପ୍ରକାର । ଶାସ୍ତ୍ର କହେ କଳାବିଦ୍ୟା ଶିକ୍ଷା କଲେ ପ୍ରଜା ଅମରଶକ୍ତି ଲାଭ କରନ୍ତି । "ସକଳ କଳା ଯାଣଂଗତ୍ତାତ୍ସର ଶକ୍ତିମାନ୍ ପ୍ରଜା ।" ଶୈବତନ୍ତ୍ରରେ ୬୪ କଳାବିଦ୍ୟା ବିଷୟ ବିଶେଷଭାବରେ ଲେଖା ଅଛ । ଶ୍ରୀମଦ୍ଭାଗବତ ଟୀକାକାରଙ୍କ ଶ୍ରୀଧର ସ୍ୱାମୀ ମଧ୍ୟ ୬୪ କଳାର ପରିଚୟ ଦେଇଛନ୍ତି । ତହିଁ ମଧ୍ୟରେ ଗୀତ, ବାଦ୍ୟ, ନୃତ୍ୟ ଓ ନାଟ୍ୟ ଅଛ ।

କାଲିଦାସ କହିଅଛନ୍ତି —

"ସଙ୍ଗୀତ ସାହିତ୍ୟ ରସାନଭିଜ୍ଞଃ
ସାକ୍ଷାତ୍ ପଶୁଃ ପୁଚ୍ଛବଷାଣହୀନଃ
ତୃତ୍ୟସ୍ତୌ କନ୍ତୁ ତୃଣଂ ନ ଭୁଂକ୍ତେ
ପରଂ ପଶୂନାମପି ଭାଗ୍ୟମେତତ୍ତ୍ ।"

ସଙ୍ଗୀତ ସାହିତ୍ୟ ଯେ ନ ଜାଣେ ସେ ସାକ୍ଷାତ୍ ପଶୁ— ବରଂ ପଶୁଠାରୁ ଅଧିକ ହୀନ । ପଶୁମାନେ ସଙ୍ଗୀତ ଗାଇ ନ ଜାଣିଲେ ମଧ୍ୟ ସଙ୍ଗୀତ ସ୍ୱର ଶୁଣି ତତ୍ତ୍ୱାର୍ ଆକୃଷ୍ଟ ହୁଅନ୍ତି । ପତ୍ତୁତୋଳା ଗୀତ ଶୁଣିଲେ ସର୍ପ ମୋହିତ ହୁଏ । ଶିଶୁମାନେ ଗୀତ ଶୁଣି ମୋହିତ ହୁଅନ୍ତି । ନଦୀର ଜଳଜଳ ନାଦରେ ସଙ୍ଗୀତ ଅଛ । ପବନ ବହିବାରେ ସଙ୍ଗୀତ ଅଛ । ସଙ୍ଗୀତ ନାହିଁ କେଉଁଠି ? ଏ ଚରାଚର ଜଗତରେ ବ୍ରହ୍ମ ସର୍ବତ୍ର ଅଛନ୍ତି । ନାଦକୁ ବ୍ରହ୍ମ ବୋଲି ମଧ୍ୟ କୁହାଯାଏ । ନାଦ ବ୍ରହ୍ମ ସର୍ବତ୍ର ବିଦ୍ୟମାନ । ସେହି ନାଦକୁ ତାଳ ସ୍ୱର ସହିତ ଗାଇଲେ ସଙ୍ଗୀତ ହୁଏ । ଯନ୍ତ୍ର ସାହାଯ୍ୟରେ ଏହି ନାଦବ୍ରହ୍ମ ନାନା ମୂର୍ତ୍ତି ଧାରଣ କରେ । ମାନବର କଣ୍ଠ ପ୍ରଧାନ ଯନ୍ତ୍ର ଏବଂ ମାନବ ଶରୀର ବୁକେ-ବଳରେ ନାନା ପ୍ରକାର ବାଦ୍ୟ ଯନ୍ତ୍ର ଆବିଷ୍କାର କରି ସେହି ଯନ୍ତ୍ରମାନଙ୍କ ସାହାଯ୍ୟରେ ନାଦକୁ ଝଙ୍କୃତ କରିଅଛ । ସଙ୍ଗୀତର ଭିତ୍ତିଭୂମି ସ୍ୱର ଗ୍ରାମିଣୀ ନାମରେ ପରିଚିତ ।

Digitized by srujanika@gmail.com

ସଙ୍ଗୀତ ମାନବର ସହଜାତ । ପ୍ରତ୍ୟେକ ମାନବ ଜ୍ଞାନ ଅଧିକରେ ସଙ୍ଗୀତପ୍ରିୟ । ହର୍ଷଦ, ବିଷଦ, ଦୁଃଖ ଓ ଆନନ୍ଦରେ, ଚିତ୍ତଶ୍ରମ କରୁଥିଲେ, ଶାନ୍ତିରେ ବସିଥିଲେ ସଙ୍ଗୀତ ସ୍ୱତଃ ମନରୁ ବାହାର ଥାଏ । ସେହି ସଙ୍ଗୀତର ରାଗ ରାଗିଣୀ ଭିନ୍ନଭିନ୍ନ ନାନା ପ୍ରଦେଶରେ ନାନା ଆକାର ପ୍ରକାର ଧାରଣ କରିଅଛି । ସଙ୍ଗୀତ ବିଷୟରେ ନାନା ଗ୍ରନ୍ଥ ମଧ୍ୟ ଲେଖାଯାଇ ଥିଛି ।

ସଙ୍ଗୀତର ପ୍ରଥମ ଉଦ୍‌ଗମ ବେଦ । ଋଗ୍‌ବେଦ, ଅନୁବେଦ ଓ ସ୍ୱରଭ ସ୍ୱର ସଯୋଗରେ ସାମଗାନ ଗୀତ ହୋଇଥିଲା । ସାମ ଶବ୍ଦର ଅର୍ଥ ଗୀତ । ଶବର ସ୍ୱାମୀ ତାଙ୍କ ମୀମାଂସା-ଦର୍ଶନରେ ଲେଖିଅଛନ୍ତି —

"ସାମ ଶବ୍ଦ ବାଚ୍ୟସ୍ୟ ଗାନସ୍ୟ ସ୍ୱରୂପ ମୁଚ୍ଚାରେଣ୍ଟ, କୃଷ୍ଟ୍ୟାଦୟଃ ସପ୍ତସ୍ୱରାଃ ସ୍ୱରୈଃ ଅକ୍ଷରାବୟବାତ୍ମକୈଃ ଶବ୍ଦୈଃ ଉଚ୍ୟନ୍ତେ । କୃଷ୍ଟଃ ପ୍ରଥମଃ, ଦ୍ୱିତୀୟଃ, ତୃତୀୟଃ, ଚତୁର୍ଥଃ, ପଞ୍ଚମଃ, ଷଷ୍ଠଃ ସପ୍ତମଶ୍ଚେତେ ସପ୍ତ ସ୍ୱରାଃ" । ଏଥିରୁ ଦେଖାଯାଏ ଯେ "ଋଗ୍‌ଭିଃ ପାଠ୍ୟ ମଦ୍‌ଗୀତଂ ସାମଭିଃ ସମଯଦ୍ୟତ ଯଜୁର୍ଭିଃ ଉଭୟଭ୍ୟା ଜାତା ବାଙ୍ମାଥର୍ବଣ ସ୍ମୃତା ।" ବେଦ ଗାନ ସମୟରୁ ସା, ରି, ଗା, ମା ପ୍ରଭୃତି ସପ୍ତ ସ୍ୱରର ପ୍ରବର୍ତ୍ତନ ହୋଇଅଛି । ସାମ ବେଦର ଗୋଟିଏ ଉପବେଦ ଥିଲା । ସେହି ଉପବେଦର ନାମ ଗାନ୍ଧର୍ବ ବେଦ । ଏହି ଗାନ୍ଧର୍ବ ବେଦରେ ଗୀତ ବାଦ୍ୟ ନୃତ୍ୟ ପ୍ରଭୃତି ବିଷୟ ବର୍ଣ୍ଣିତ ହୋଇଥିଲା । ଏହି ଉପବେଦ ଲୁପ୍ତପ୍ରାୟ । ଭରତ ପ୍ରଭୃତି ଏହି ବେଦର ପ୍ରବର୍ତ୍ତିକ ଥିଲେ । ସେହି ଗାନ୍ଧର୍ବ ବେଦର ପରବର୍ତ୍ତୀ ସଙ୍ଗୀତଶାସ୍ତ୍ରମାନଙ୍କରେ ପ୍ରତିଫଳିତ ହୋଇ-ଅଛି । ମହର୍ଷି ବାଲ୍ମୀକିଙ୍କ ସମୟରେ ମହାତ୍ମା ଭରତ ସଙ୍ଗୀତ ବିଦ୍ୟାର ପ୍ରଧାନ ଅଧ୍ୟାପକ ଥିଲେ । ତାଙ୍କ ସମୟରେ ନାଟକାଭିନୟ ଉତ୍କର୍ଷ ଲାଭ କରିଥିଲା । ଗାନ୍ଧର୍ବ ବେଦପ୍ରଣେତା ଭରତ ମୁନି ଏକବ୍ୟକ୍ତି କି ବହୁ ବ୍ୟକ୍ତି ସେକଥା ନିଶ୍ଚୟ ରୂପେ କୁହାଯାଇ ପାରିବ ନାହିଁ । ନୃତ୍ୟ ବାଦ୍ୟ-ଗୀତ-ନାଟ୍ୟାଭିନୟ ପ୍ରଭୃତି ସଂଗୀତଶାସ୍ତ୍ରର ଅନ୍ତର୍ଗତ । "ଗୀତ ବାଦ୍ୟନୃତ୍ୟାନାଂ ତ୍ରୟଂ ସଂଗୀତ ମୁଚ୍ୟତେ । ଗୀତଂ ବାଦ୍ୟଂ ନର୍ତ୍ତନଞ୍ଚ ତ୍ରୟଂ ସଂଗୀତ ମୁଚ୍ୟତେ" । ଏହିକ ବିଷୟ ମଧ୍ୟରେ କେବଳ ସଂଗୀତ ପ୍ରଧାନ, ସ୍ୱତନ୍ତ୍ର ସଂଗୀତ ଶବ୍ଦ ସାଧାରଣତଃ କଣ୍ଠସଂଗୀତକୁ ବୁଝାଏ । ସଂଗୀତ ବିଶାରଦମାନେ ସଂଗୀତକୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ କରିଛନ୍ତି ଯଥା.— କଣ୍ଠ ସଂଗୀତ ଓ ଯନ୍ତ୍ର ସଂଗୀତ । ଶାସ୍ତ୍ରାନୁସାରେ ନାଦହିଁ ସଂଗୀତର ମୂଳ । ଏକାଧିକ ବସ୍ତୁର ସଂଘର୍ଷରେ ଅକାଶରୁ ନାଦର ଉତ୍ପତ୍ତି ହୁଏ । ନାଦ ଦୁଇପ୍ରକାର.-ଧ୍ୱନ୍ୟାତ୍ମକ ଓ ବର୍ଣ୍ଣାତ୍ମକ । ଦୁଇଟି ବସ୍ତୁର ଘାତ ପ୍ରତିଘାତରେ ଯେଉଁ ନାଦ ବାହାରେ ତାହା ଧ୍ୱନ୍ୟାତ୍ମକ । ମନୁଷ୍ୟାଦିଙ୍କ କଣ୍ଠ ଓ ତାନ୍ତର ଘାତ ପ୍ରତିଘାତରେ ଯେଉଁ ସ୍ୱର ଜନ୍ମେ ତାହା ବର୍ଣ୍ଣାତ୍ମକ । ସୋମେଶ୍ୱର, ଭରତ, ହନୁମାନ୍ ଓ କଲ୍ଲିନାଥ, ଏମାନେ ପୂର୍ବକାଳରେ ସଙ୍ଗୀତବିଶାରଦ ଥିଲେ । ସଙ୍ଗୀତ ଶାସ୍ତ୍ର ସମ୍ବନ୍ଧରେ ଏମାନଙ୍କର ଗୁରୁ ପ୍ରକାର ମତ ପ୍ରଚଳିତ ଥିଲା । ସେକାଳରେ ସଙ୍ଗୀତଶାସ୍ତ୍ର ସାଧାରଣତଃ ୭ଭାଗରେ ବିଭକ୍ତ ହୋଇଥିଲା । (୧) ସ୍ୱରଧ୍ୟାୟ (୨) ରାଗାଧ୍ୟାୟ (୩) ନୃତ୍ୟାଧ୍ୟାୟ (୪) ତାଳାଧ୍ୟାୟ (୫) ଭାବାଧ୍ୟାୟ (୬) ବୋଧାଧ୍ୟାୟ (୭) ବଦ୍ୟାଧ୍ୟାୟ । ସେ ସବୁ ପ୍ରାଚୀନ ଗ୍ରନ୍ଥ ଆଉ ମିଳୁନାହିଁ, ସୁତରାଂ କ ପ୍ରଣାଳୀରେ ଯେ କାଳରେ ସଙ୍ଗୀତ ଉତ୍ପତ୍ତି ଆଲୋଚିତ ହୋଇଥିଲା, ତାହା ଜଣା ପଡ଼ୁନାହିଁ । ଏ ସବୁ ଗ୍ରନ୍ଥରେ ସଙ୍ଗୀତ ବିଦ୍ୟା ଶିକ୍ଷା ଦେବା ପାଇଁ ଅସଂଖ୍ୟ ଶ୍ଲୋକ ସଂସ୍କୃତ ଭାଷାରେ ରଚିତ ହୋଇଥିଲା । ତହିଁ ମଧ୍ୟରୁ ଅଧିକାଂଶ ଗ୍ରନ୍ଥର ନାମ ସ୍ମୃତି ଲୋପ ହୋଇ ସାରିଲଣି । ଆଜି ଯେଉଁ କେତେଖଣ୍ଡ ଗ୍ରନ୍ଥର ପରିଚୟ ମିଳୁଛି ତା'ହା ନିମ୍ନରେ ଦିଆଗଲା—

ଗ୍ରନ୍ଥକାର	ଗ୍ରନ୍ଥ
ଶୁଦ୍ଧଙ୍କର	ସଙ୍ଗୀତ ଦାମୋଦର
ସାର ନାରାୟଣ	ସଙ୍ଗୀତ ନାରାୟଣ
ହର ଭଟ୍ଟ	ସଙ୍ଗୀତ ସାର ସଙ୍ଗୀତାର୍ଣ୍ଣବ ସଙ୍ଗୀତ ରତ୍ନାବଳୀ
ଶିଲ୍ୟନ	ରାଗ ସର୍ବସ୍ୱ ସାର
ଅଳକ ଭଟ୍ଟ	ତାଣ୍ଡବ ରତ୍ନେଶ୍ୱର ଗୀତ ସିଦ୍ଧାନ୍ତ ଭାସ୍କର
ବଶ୍ୱାବସୁ	ଧ୍ରୁବ ମଞ୍ଜରୀ ରାଗାର୍ଣ୍ଣବ
ଶାର୍ଙ୍ଗଦେବ	ସଙ୍ଗୀତ ରତ୍ନାକର
ସିଂହ ଭୂପାଳ	ସଙ୍ଗୀତ ଦର୍ପଣ ରାଗ ମାଳିକା
ହର ନାରାୟଣ	ସଙ୍ଗୀତ ସାର ନାରଦ ସମ୍ବାଦ ନାରଦ ସ୍ମୃତି
	ରତ୍ନମାଳା ସଙ୍ଗୀତ ଚୌଷ୍ଟିର
ଦାମୋଦର	ସଙ୍ଗୀତ ଦର୍ପଣ
ଅବଦ୍ଦନ	ସଙ୍ଗୀତ ସାରକାଣ୍ଡ

ଏ ସବୁ ଗ୍ରନ୍ଥ ମଧ୍ୟରୁ ସଙ୍ଗୀତ ଦାମୋଦର ଓ ସଙ୍ଗୀତ ଦର୍ପଣ ଗ୍ରନ୍ଥ ଦ୍ୱୟର ଉଲ୍ଲେଖ ନାନା ସ୍ଥଳରେ ଦେଖାଯାଏ । ସଙ୍ଗୀତ ପ୍ରତି ଅନୁରକ୍ତ ଜନ୍ମେ କାହିଁକି ? ସଙ୍ଗୀତବିଶାରଦ-ମାନେ ଏଥିର ସାତ ଗୋଟି କାରଣ ଦେଇଛନ୍ତି—

ଶାଶ୍ୱତଂ ନାଦ ସମ୍ଭୂତଃ ସ୍ଥାନାଳ ଶ୍ରୁତୟୋ ସ୍ତଥା ।
ତତଃ ଶୁଦ୍ଧାଃ ସ୍ୱରଃ ସପ୍ତ ବିକୃତାଃ ଦ୍ୱାଦଶାଥମ୍ଭୀ
ବାଦ୍ୟାଦ ଭେଦା ଶ୍ଚତ୍ୱାରୋ ରାଗେ ପୂଦନ ହେତବଃ ॥

(୧) ଶାଶ୍ୱତ ସଞ୍ଚାଳନ, (୨) ନାଦସମ୍ଭୂତ, (୩) ସ୍ଥାନ ବା ତାଳ ଶ୍ରବଣ, (୪) ଶ୍ରୁତି, (୫) ଶୁଦ୍ଧ ସପ୍ତ ସ୍ୱର, (୬) ବିକୃତ ଦ୍ୱାଦଶ ସ୍ୱର, (୭) ବାଦ୍ୟାଦ ଚତୁର୍ବିଧ ଭେଦ ସଙ୍ଗୀତ

Digitized by srujanika@gmail.com

ଅନୁସ୍ୱରୋପୂର୍ତ୍ତର କାରଣ । ଶୁଦ୍ଧ ସ୍ୱର ଯଥା—ଷଡ଼୍‌ଜ, ଋଷଭ,ଗାନ୍ଧାର,ମଧ୍ୟମ, ପଞ୍ଚମ, ଟୈବତ, ନିଷାଦ । ଏହି ସପ୍ତ ସ୍ୱରକୁ ସ୍ୱର ସ୍ୱରିଣୀର ମୂଳ ସା, ରି, ଗା, ମା, ପା, ଧା,ନି-ରୂପେ ଗ୍ରହଣ କରିଯାଇଅଛି । ଏହି ସପ୍ତ ସ୍ୱରର କେଉଁଠାରୁ ଉତ୍ପତ୍ତି ହୋଇଅଛି ? ସାତ ପ୍ରକାର ଜନ୍ତୁଙ୍କ କଣ୍ଠ ସ୍ୱର ଏହି ସପ୍ତ ସ୍ୱରର ମୂଳଉତ୍ସ । କେଉଁ ଜନ୍ତୁର କଣ୍ଠ ସ୍ୱରରୁ କେଉଁ ସ୍ୱର ନିଆଯାଇଛି, ଏ ବିଷୟରେ ମତାନ୍ତର ଅଛି । କିନ୍ତୁ ସାଧାରଣତଃ ମୟୂର, ବୃଷ, ଅଜ, କ୍ରୌଞ୍ଚ, କୋକିଳ, କୁଞ୍ଜର, ଅଶ୍ୱ, ଏହି ସାତ ଜନ୍ତୁଙ୍କ ସ୍ୱରରୁ ଯଥାକ୍ରମେ ସା ରି ଗା ମା ପା ଧା ନି ସ୍ୱର ନିଆ ଯାଇଅଛି ବୋଲି ଜଣାଯାଏ ।

ଉକ୍ତ ପ୍ରକାର ସାତ ସ୍ୱରର ନାନା ପ୍ରକାର ସଂଯୋଗ ଦ୍ୱାରା ପ୍ରଧାନତଃ ୬ ରାଗ ଓ ୩୬ ରାଗିଣୀ ଓ ତଦ୍ଦ୍ୱାରୁ ଅସଂଖ୍ୟ ଜନ୍ୟରାଗ ଓ ଉପରାଗିଣୀର ଉତ୍ପତ୍ତି । ସଂଗୀତ-ଦାମୋଦର ଗ୍ରନ୍ଥରୁ ଜଣାଯାଏ ଯେ—ଶ୍ରୀକୃଷ୍ଣଙ୍କ ବକ୍ତରେ ଗୋପୀମାନେ ୧୬ ସହସ୍ର ରାଗର ଆଳାପ କରିଥିଲେ ।

ଗୋପୀଃ ପୀତ ମାରବ୍ଧ ମେତୈକିକଂ କୃଷ୍ଣ ସନ୍ନିଧୌ
ତେନ ଜାତାନି ରାଗାଣା ଂ ସହସ୍ରାନି ତୁ ଷୋଡ଼ଶଃ ॥

ପ୍ରଧାନ ୬ ରାଗ—(୧) ଭୈରବ, (୨) କୌଶିକ, (୩) ହିନ୍ଦୋଳ, (୪) ଦୀପକ, (୫) ଶ୍ରୀରାଗ, (୬) ମେଘ । ଏହି ରାଗମାନଙ୍କ ନାମ ସମ୍ବନ୍ଧରେ ନାନା ପ୍ରକାର ମତଭେଦ ଦେଖାଯାଏ । ଭିନ୍ନ ଭିନ୍ନ ପ୍ରଦେଶରେ ରାଗମାନଙ୍କର ଭିନ୍ନ ଭିନ୍ନ ନାମ ମଧ୍ୟ ଦେଖା ଯାଏ । ବ୍ରଜଫୁଲାଳାରେ କୌଶିକ ରାଗର ନାମ ମାଲକୋଷ । ସୋମେଶ୍ୱର ଓ କଲ୍ଲିନାଥଙ୍କ ମତରେ ୬ ରାଗର ନାମ—ଶ୍ରୀରାଗ, ବସନ୍ତ, ପଞ୍ଚମ, ଭୈରବ ମେଘ ଓ ନଟ ନାରାୟଣ । ନାରଦସଂହିତାରେ ୬ ରାଗର ନାମ –ମାଲବ, ମଲ୍ଲାର, ଶ୍ରୀ, ବସନ୍ତ, ହିନ୍ଦୋଳ ଓ କର୍ଣ୍ଣାଟ । ଯେଉଁ ସାତ ସ୍ୱରର କଥା କୁହାଯାଇଅଛି ସେହି ସାତ ସ୍ୱରର ଯୋଜନାର ପରିବର୍ତ୍ତନ ଅନୁସାରେ ଗୋଟିଏ ଗୋଟିଏ ରାଗର ଉତ୍ପତ୍ତି ହିଏ । ନିମ୍ନଲିଖିତ ଉଦାହରଣରୁ ପାଠକ ନିମ୍ନଲିଖିତ ରାଗମାନଙ୍କ ସ୍ୱର-ଯୋଜନା ବିଷୟ ଅବଗତ ହେବେ—

ଶ୍ରୀରାଗ—ସା ରେ ଗା ମା ପା ଧା ନି ସା ରେ ।
ଭୈରବ—ଧା ନି ସା ଗା ମା ଧା ।
ପଞ୍ଚମ—ସା ରେ ଗା ମା ଧା ନି ସା ।
ମେଘ—ଧା ନି ସା ରେ ଗା ମା ପା ଧା ।
ନଟ ନାରାୟଣ—ସା-ରେ ଗା ମା ପା ଧା ନି ସା ।

ଏହି ୬ ରାଗର ୩୬ଟି ରାଗିଣୀ ଅଛି । ପ୍ରତ୍ୟେକ ରାଗର ୬ ଗୋଟି ଅଗ୍ରିତା ସ୍ତ୍ରୀଣୀ । ଉଦାହରଣ ସ୍ୱରୂପ ଗୋଟିଏ ଦୁଇଟି ରାଗର ଅଗ୍ରିତ ରାଗିଣୀ ନମ୍ବରେ ଦିଆଗଲା ।

ଶ୍ରୀରାଗର ରାଗିଣୀଚଣ—ମାଳଶ୍ରୀ, ଦିବେଣୀ, ଗୌଣ୍ଡ, କେଦାର୍ଣ୍ଣ, ମଧୁମାଧବୀ, ପାହାଡ଼ୀ; ବସନ୍ତ ରାଗର—ଦେଶୀ, ଦେବଚିତ୍ର, ବରାଟୀ, ଭୋଡ଼ିକା, ଲଳିତା, ହିନ୍ଦୋଳୀ; ଭୈରବୀ ରାଗର—ଭୈରବୀ, ଗୁର୍ଜ୍ଜରୀ, ରାମକିରୀ, ଗୁଣକିରୀ, ଙ୍ଗାଳୀ, ସୈନ୍ଧବୀ ଇତ୍ୟାଦି ।

ଏହି ରାଗ ରାଗିଣୀଙ୍କ ପୁତ୍ର, ବଧୂ, କନ୍ୟା, ସଖା, ସଦ୍ଧଚରରୂପେ କଳ୍ପିତ ଅସଂଖ୍ୟ ଉପରାଗିଣୀ ଅଛି । କେଉଁ ରସ ପ୍ରକାଶ କରିବା ପାଇଁ କେଉଁ ସ୍ୱର ଆବଶ୍ୟକ ତାହା ସଙ୍ଗୀତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ଅଛି ।

'ସ-ଗ୍ୱ' ସାରେଽଭ୍ୟୁଚ୍ଚେ ରୌଦ୍ରେ 'ଧୋ' ବଭୂତ୍ତେ
ଉତ୍ଥାନକେ
କାର୍ଯ୍ୟେ 'ଗନ'ଭୁ କରୁଣେ ହାସ୍ୟେ ଶୃଙ୍ଗାରସ୍ୟୋ
'ମପୌ' ॥

ସଙ୍ଗୀତର କେତେଗୁଡ଼ିଏ ଅଙ୍ଗ ଅଛି—ମୂର୍ଚ୍ଛନା, ତାନ, ତାଳ, ମାନ, ରସକ । ଏ ସବୁ ଦ୍ୱାରା ରାଗ ରାଗିଣୀର ସ୍ୱରୂପଉତ୍ପତ୍ତି ନିର୍ଦ୍ଦିଷ୍ଟ ହୁଏ । କେଉଁ ରାଗ କେତେବେଳେ ଗାଇବା ଉଚିତ ତାହା ମଧ୍ୟ ନିର୍ଦ୍ଦିଷ୍ଟ ଅଛି । ଭରତ-କର୍ତ୍ତେ ସଙ୍ଗୀତବିଦ୍ୟା ଏତେ ଉନ୍ନତି ଲାଭ କରିଥିଲା ଯେ—ରାଗରାଗିଣୀର ଶବ୍ଦଦ୍ୱାରା ପ୍ରକୃତି ପରିବର୍ତ୍ତିତ ହୋଇ ଯାଉଥିଲା । ସଂଗୀତର ଅସୀମ ଶକ୍ତି । ସଂଗୀତର ମୋହିନୀ ଶକ୍ତି ଅଛି । ସଙ୍ଗୀତ ଶାସ୍ତ୍ରରୁ ଦେଖାଯାଏ ଯେ, ଦୀପକ ରାଗ ଠିକ୍ ନିୟମାନୁସାରେ ଆଳାପ କରିଯିବା ଦ୍ୱାରା ନିବାପିତ ଦୀପ ଶିଖାରେ ଅନଳ ସଞ୍ଚାରିତ ହେଉଥିଲା, ଏବଂ ସଙ୍ଗୀତ ଆଳାପନକାରୀ ସ୍ୱୟଂ ଅଗ୍ନିରେ ଦଗ୍ଧ ହୋଇ ଯାଉଥିଲା । ମେଘ ମଲ୍ଲାର ରାଗ ଆଳାପ ଦ୍ୱାରା ଅନାବୃଷ୍ଟି ସମୟରେ ମେଘ ସଞ୍ଚାର ହେଉଥିଲା ଏବଂ ବାରିବର୍ଷଣ ହେଉଥିଲା । ଭୈରବ ରାଗର ଆଳାପ କରିଗଲେ ଜଳର ଆବର୍ତ୍ତ ହେଉଥିଲା ଓ ମୃଦୁ ମେଘ ଓ ଶୀତଳ ବାୟୁର ସଞ୍ଚାର ହେଉଥିଲା ଓ ଜଳଜନ୍ତୁ କଳରବ ଏବଂ ପ୍ରଫୁଲ୍ଲିତ ପୁଷ୍ପସ୍ପର୍ଶ ଦ୍ୱାରା ପ୍ରାଣ ନାଚି ଉଠୁଥିଲା । ହିନ୍ଦୋଳ ରାଗର ଆଳାପ ଦ୍ୱାରା ନବବସନ୍ତର ସମାଗମ ହୋଇ ନବ ମୁକୁଳିତ କୁସୁମ ସୌରଭରେ ଦଗ୍ ଦଗ୍ ଆମୋଦିତ ହୋଇ ଉଠୁଥିଲା । ଶ୍ରୀରାଗ ଆଳାପ କଲେ ପ୍ରଦୋଷ କାଳର ସମାଗମ ଅନୁଭୂତ ହେଉଥିଲା ଏବଂ ପଶ୍ଚିମାକାଶରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଲୋହିତ ବର୍ଣ୍ଣ ପ୍ରକାଶିତ ହେଉଥିଲା । ମାଳବ ରାଗର ଆଳାପ କରିଲେ ପ୍ରାଣରେ ଅଯଥାବ ଉତ୍ତେଜନା ଜାଗ୍ରତ ହୋଇ ଉଠୁଥିଲା । କାର୍ଯ୍ୟକାରିଣୀ ଶକ୍ତି ଅନୁସାରେ ରାଗର ନାମ-କରଣ କରିଯାଇଅଛି । କେଦାର ରାଗ ଆଳାପ କରିଲେ ପ୍ରାଣରେ ଉଦାସୀନତା ଆସେ ଏବଂ ଅପୂର୍ବଭାବ ଉପସ୍ଥିତ ହୁଏ । ସ୍ୱରସ୍ୱରିଣୀର ଆଳାପ ଲାଗି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଅଛି । ପ୍ରାତଃକାଳଠାରୁ ଦିନ ପ୍ରହରକ ପର୍ଯ୍ୟନ୍ତ ଭୈରବ, ମେଘ, ବସନ୍ତ, ପଞ୍ଚମ ପ୍ରଭୃତି ରାଗ ଏବଂ ଭୈରବୀ, ତୁଡ଼ାଳୀ, ଧନାଶ୍ରୀ, ମଲ୍ଲାସ୍ରୀ ପ୍ରଭୃତି ରାଗିଣୀ ଆଳାପ କରିପାରେ । ଦ୍ୱିପ୍ରହର ସମୟେ ଗୁର୍ଜ୍ଜରୀ, ଗୁଣକିରୀ ଏବଂ ଭୈରବୀ ଆଳାପ କରିଯାଏ । ତୃତୀୟ ପ୍ରହର ମଧ୍ୟରେ କେଦାରୀ, ଭୋଜ, କାମୋଦୀ ପ୍ରଭୃତି ଗାଇବାର

Digitized by srujanika@gmail.com

ବଧ୍ୟ ଅଛ । ଏ ସମ୍ବନ୍ଧରେ ସଙ୍ଗୀତଜ୍ଞମାନଙ୍କ ମଧ୍ୟରେ ନାନା ପ୍ରକାର ମତ ଭେଦ ଅଛ । କେବଳ ଏତଳ ଦୁହେଁ, କେଉଁ ଋତୁରେ କେଉଁ ରାଗ ଅଳାପଯୋଗ୍ୟ ତାହା ସଦ୍ଧ ସଙ୍ଗୀତ ଶାସ୍ତ୍ର ନର୍ଦ୍ଦେଶ କର ଦେଇଅଛ । ୬ ଋତୁରେ ୬ ରାଗ— ପ୍ରତ୍ୟେକ ଋତୁରେ ଗୋଟିଏ ଗୋଟିଏ ରାଗ ଅଳାପ କରିବା ବିଧେୟ । ବସନ୍ତ ଋତୁରେ ସପତ୍ନୀକ ବସନ୍ତ ରାଗ, ଗ୍ରୀଷ୍ମ ଋତୁରେ ସପତ୍ନୀକ ଭୈରବ ଇତ୍ୟାଦ । ଭିନ୍ନ ଭିନ୍ନ ରାଗର ଭିନ୍ନ ଭିନ୍ନ ଅଧିଷ୍ଠାତୃ ଦେବଦେବୀ କଳ୍ପିତ ହୋଇ ଅଛନ୍ତ । ନର୍ଦ୍ଦିଷ୍ଟ ସମୟରେ ନର୍ଦ୍ଦିଷ୍ଟ ରାଗରାଗିଣୀର ଅଧିଷ୍ଠାତୃ ଦେବଦେବୀଙ୍କ ଧ୍ୟାନରେ ମନ୍ତ୍ରସ୍ଥ ହେଇ ସେହି ରାଗ ରାଗିଣୀମାନ ଅଳାପ କଲେ ତାହାର ପ୍ରତ୍ୟକ୍ଷ ସାକ୍ଷାତ୍ ଦେଖାପାଏ । କେଉଁ ସ୍ୱରର କିଏ ଅଧିଷ୍ଠାତୃ ଦେବ, ତାହାଁର ପରିଚୟ ନମ୍ନରେ ଦିଆଗଲ୍ଲ । ସା—ଅଗ୍ନି, ରେ—ବ୍ରହ୍ମା, ଗା—ସରସ୍ୱତୀ, ମା—ମହାଦେବ, ପା—ଲକ୍ଷ୍ମୀ, ଧା—ଗଣେଶ, ନି—ସୂର୍ଯ୍ୟ ।

ମୋଗଲ ସମ୍ରାଟ ଅକବରଙ୍କ ଦରବାରରେ ତାନସେନ ସଙ୍ଗୀତର ଅଦ୍ଭୁତ ଶକ୍ତି ପ୍ରଦର୍ଶନ କର ପାରିଥିଲେ । ତାନସେନଙ୍କ ଗୁରୁ ହରିଦାସ ସ୍ୱାମୀ । ସେ ଏସାର ତ୍ୟାଗୀ ସନ୍ନ୍ୟାସୀ ଥିଲେ । ସଂଗୀତ ସାଧନା ବଳରେ ନିଜାଣ ଲାଭ କରିବା ତାଙ୍କର ଉଦ୍ଦେଶ୍ୟ ଥିଲ୍ଲ । ତାନସେନ ଜଣେ ତାଙ୍କୁ ଅକବରଙ୍କ ଦରବାରକୁ ନେଇ ଯାଇ ଥିଲେ। ହରିଦାସ ସମ୍ରାଟଙ୍କୁ ଗୋଟିଏ ଦୁଇଟି ରାଗ ରାଗିଣୀ ଆଳାପ କରି ଦର୍ଶକମାନଙ୍କୁ ଦେବମୂର୍ତ୍ତି ଦେଖାଇ ଦେଇଥିଲେ । ବାଦସାହା ସଂଗୀତର ଶକ୍ତି ଦେଖି ଅଣ୍ଟର୍ଯ୍ୟାନ୍ୱିତ ହେଲେ । ସମ୍ରାଟ ଏହାର କାରଣ ଅନୁସନ୍ଧାନ କରିବାରୁ ହରିଦାସ କହିଲେ ଯେ, ବିଜ୍ଞାନ ସମ୍ମତ ପ୍ରଣାଳୀରେ ରାଗ ରାଗିଣୀ ଆଳାପ କରିଗଲେ ଅଧିଷ୍ଠାତୃ ଦେବଦେବୀମାନେ ସ୍ୱରୂପ ପରିଗ୍ରହ କରି ଆବର୍ଭୂତ ହୁଅନ୍ତି। ତାନସେନ ଜଣେ ମଧ୍ୟ ସଂଗୀତ ବିଶାରଦ ଥିଲେ । ସାଜଣ ରାଗ ଆଳାପ କରି ସେ ଆଗ୍ନି ଜ୍ୱଳା ଉଠିବା ଦେଖାଇଥିବାର ଏବଂ ମେଘମଲ୍ଲାର ରାଗ ଆଳାପ କରି ବୃଷ୍ଟି କରାଇ ଥିବାର ପ୍ରବାଦ ଅଛ । ତାନସେନ ଗୋୟାଲିଅରର ଗୌଡୀୟ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରିଥିଲେ (୧୫୫୮ ଖ୍ରୀ); ତାଙ୍କର ମୌଳିକ ନାମ ଥିଲ୍ଲ ରାମତନୁ ପାଣ୍ଡେ । ୧୮ ବର୍ଷ ବୟସ ବେଳେ ଜଣେ ମୁସଲମାନ ଯୁବତୀଙ୍କ ପ୍ରେମରେ ପଡ଼ି ସେ ମୁସଲମାନ ଧର୍ମ ଗ୍ରହଣ କରିଥିଲେ । ସେ ସଂଗୀତ ବିଦ୍ୟାରେ ବିଶେଷ ପାରଦର୍ଶିତା ଲାଭ କରିଥିଲେ । ଅକବର ତାଙ୍କଠାରୁ ସଂଗୀତ ଶୁଣି ମୁଗ୍ଧ ହୋଇଥିଲେ ଏବଂ ତାଙ୍କୁ ତାନସେନ ଉପାଧି ଦେଇଥିଲେ । ଶାସ୍ତ୍ରରେ ନର୍ଦ୍ଦିଷ୍ଟ ହୋଇଅଛ ଯେ, ସଂଗୀତ ମୁକ୍ତିର ଗୋଟିଏ ପ୍ରଧାନ ସୋପାନ ।

"ଜପାତ୍ କୋଟୀ ଗୁଣଂ ଧ୍ୟାନଂ ଧ୍ୟାନାତ୍ କୋଟୀ ଗୁଣଂ ଲୟଃ
ଲୟାତ୍ କୋଟୀ ଗୁଣଂ ଗାନଂ ଗାନାତ୍ ପରତରଂ ନହି"
ପୁନଶ୍ଚ—

"ତ୍ରୟୀଂ ଚତୁର୍ଥୀଂ ବେଦାନାଂ ସାରମାକୃଷ୍ୟ ପଦ୍ମଭୂଃ ।
ଉତ୍ପାଦୟତ୍ ପଞ୍ଚମଂ ବେଦଂ ସଂଗୀତାଖ୍ୟ ମକଲ୍ପୟତ୍ ।"

ଭଗବାନ ନିଜେ କହି ଅଛନ୍ତ—

"ନାହଂ ତିଷ୍ଠାମି ବୈକୁଣ୍ଠେ ଯୋଗିନାଂ ହୃଦୟେ ନ ଚ
ମଦ୍ଭକ୍ତାଂ ଯତ୍ର ଗାୟନ୍ତି ତତ୍ର ତିଷ୍ଠାମି ନାରଦ ।"

ଦେବାଦିଦେବ ମହାଦେବ ପ୍ରଥମେ ସଙ୍ଗୀତ ଶାସ୍ତ୍ର ପ୍ରଣୟନ କରିଥିଲେ । ସେହି ମହାଯୋଗୀ ଯେଉଁ ଉତ୍ତମଶ୍ଲୋକମାନଙ୍କୁ ଗାୟିନ କରିଥିଲେ ତାହାହିଁ ମୌଳିକ ସଙ୍ଗୀତ । ବ୍ରହ୍ମା ମହାଦେବଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ଦେବଲୋକରେ ଦୁର୍ଗା, ସରସ୍ୱତୀ, ନାଗଲୋକରେ ବାସୁକୀ, ଗନ୍ଧର୍ବ ଲୋକରେ କଳାନାଗ, ସାରଦଳ, ତୁମ୍ବୁରୁ, କୋହଳ, ହାହା, ହୁ-ହୁ, ଋଷିଲୋକରେ ନାରଦ, ଭରତ, କଶ୍ୟପ, ବ୍ରହ୍ମଙ୍କ ମଧ୍ୟରେ ବ୍ରହ୍ମା, କପି ମଧ୍ୟରେ ହନୁମାନ, ମାନବ ମଧ୍ୟରେ ଅର୍ଜୁନ ସଙ୍ଗୀତ ଶାସ୍ତ୍ର ପ୍ରଣୟନ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ସଂଗୀତ ଅତ୍ୟନ୍ତ ପ୍ରାଚୀନ କାଳର ସମ୍ପତ୍ତି । ଅମରାବତୀରେ ଅମର ସଦନରେ ଅପ୍ସରୀମାନେ ନୃତ୍ୟ ଗୀତ କରୁଥିବା କଥାତ ଅଜଣା ନାହିଁ । ବାଲ୍ମୀକି ରାମାୟଣ ଗାଇଥିଲେ । ଲବ କୁଶ ଅଯୋଧ୍ୟାରେ ସେହି ରାମାୟଣ ଗାଇଥିଲେ । ବୃନ୍ଦାବନରେ ଗୋପାଙ୍ଗନାମାନେ କୃଷ୍ଣ ଲୀଳା କୀର୍ତ୍ତନ କରିଥିଲେ । ପ୍ରାଚ୍ଚ ଯୁଗରେ ସଙ୍ଗୀତ ପ୍ରତିଷ୍ଠା ଲାଭ କରି ମୁସଲମାନଙ୍କର ଏବଂ ଅଲେକ୍‌ଜାଣ୍ଡରଙ୍କ ଭାରତାଗମନ ପରେ ନାନା ବାଜଯନ୍ତ୍ର ଘାତ ପ୍ରତିଘାତ ପାଇ ସଙ୍ଗୀତ ବିଦ୍ୟା ଅବନତ ପ୍ରାପ୍ତ ହୋଇଥିଲ୍ଲ । ମୁସଲମାନମାନଙ୍କ ଶାସନ ସମୟରେ ସ୍ୱଶୃଙ୍ଖଳ ଦେବାପରେ ଆଉ ଥରେ ସଂଗୀତ ବିଦ୍ୟାର ଉନ୍ନତି ପାଇଁ ଚେଷ୍ଟା କରା ଯାଇଥିଲ୍ଲ । ଶିୟାସ୍ତ୍ରଜିନ୍-ଥୋଲ୍ଲକ ରାଜତ୍ୱ ସମୟରେ ଗୋପାଳ ନାୟକ ସଂଗୀତ ବିଦ୍ୟାରେ ପ୍ରସିଦ୍ଧି ଲାଭ କରିଥିଲେ ।

ସକଳ ଦେଶର ସକଳ ମନୁଷ୍ୟ ସମାଜରେ ଗୀତ ବାଦ୍ୟ ନୃତ୍ୟ ଅଦ୍ୟମ କାଳରୁ ପ୍ରଚଳିତ ଅଛ । ସଭ୍ୟ, ଅସଭ୍ୟ ସକଳ ସମାଜ ମଧ୍ୟରେ ନୃତ୍ୟ ଗୀତର ପ୍ରଚଳନ ଅଛ । ଯେଉଁ ସମାଜ ଯେତେ ଉନ୍ନତ ସେ ସମାଜର ନୃତ୍ୟାଦି ସେତେଦୂର ବିଜ୍ଞାନସମ୍ମତ । ଭାରତରେ ସଂଗୀତ ବିଦ୍ୟା ଏପର୍ଯ୍ୟନ୍ତ ବୈଜ୍ଞାନିକ ଉଚ୍ଚ ଆସନରେ ପ୍ରତିଷ୍ଠିତ ଯେ, ଇହାର ଯେଉଁ ଶେଷ ପୃଷ୍ଠା ଅଛ ତାହା ସମ୍ପୂର୍ଣ୍ଣ ପୁଖ୍ୟାନୁପୁଖ୍ୟ ଅନେକ ସଭ୍ୟ ଜାତିର ସଂଗୀତ ସମକକ୍ଷ ହୋଇ ପାରିବ ନାହିଁ । ସର୍ ଚାଲ୍ସ୍ ଜୋନସ୍ ସାହେବ ହନୁମାନଙ୍କ ସଂଗୀତ ସମ୍ବନ୍ଧୀୟ ଇଉରୋପର ସଂଗୀତ ବିଦ୍ୟାର ତୁଳନା କରି କହିଛନ୍ତି ଯେ, ହନୁମାନଙ୍କ ସଂଗୀତବିଜ୍ଞାନ ଅଧିକତର ଶୃଙ୍ଖଳାବଦ୍ଧ । ସେ ପୁନଶ୍ଚ କହିଛନ୍ତି ଯେ, ହନୁମାନଙ୍କ ଅବଶ୍ଚିତ ସା ରି ଗା ମା ପା ଧା ନି ସପ୍ତସ୍ୱରର ଅବଶ୍ଚିତି ପ୍ରଥମେ ସାରସ୍ୟରେ, ପରେ ଥାରବରେ ଏବଂ ପରିଶେଷରେ ଇଉରୋପରେ ସ୍ୱରଗ୍ରାମର ପ୍ରବର୍ତ୍ତନ ହୋଇ

Digitized by srujanika@gmail.com

ଅଛ । ସର୍ ଜୋନ୍ସ୍ ଏବଂ ଅଧ୍ୟାପକ ୱେବାର୍ ବହୁ ଆଲୋଚନା ପରେ ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଏକାଦଶ ଶତାବ୍ଦୀ ପ୍ରାରମ୍ଭରେ ଇଥାଲର ଟସ୍କାନା ପ୍ରଦେଶରେ ଗ୍ରେଗୋରି ଅଃରେଜୋ ଇଉ:ରପରେ ସ୍ୱରସାହଚର୍ଯ୍ୟର ପ୍ରଚଳନ ଆରମ୍ଭ କଲେ । ଐତିହାସିକ ଖ୍ରୀଷ୍ଟୋବଦ୍ଭକାଳ ପୂର୍ବେ ଲେଖିଥିଲେ ଯେ, ଗ୍ରୀସ୍ ଦେଶ ଖ୍ରୀଷ୍ଟଙ୍କରୁ ସଂଗୀତ ବଙ୍ଗାଳର ଅଧିକାଂଶ ଉଚ୍ଚ ଶ୍ରେଣୀ ଜନ୍ମଣ କରିଥିଲା । ଜ୍ରୁଟନ୍ ଖାଙ୍ଗ୍ରେବ ପ୍ରାଚୀନ ଜାତିମାନଙ୍କ ସଂଗୀତ ବିଦ୍ୟା ବିଷୟରେ ଏକ ପୁସ୍ତକ ଲେଖି ଅଛନ୍ତି । ସେ ପୁସ୍ତକରେ ଖ୍ରୀଷ୍ଟର ଜନ୍ମ ସମସାମୟିକ ଶତ୍ରୁ ବିଷୟ ଆଲୋଚନା କରିଛନ୍ତି । ସେହି ପ୍ରସଙ୍ଗରେ ସେ ଗୋପୁ ପୁଦ୍ଦିନ୍ ଖୋଗଲ୍ଟଙ୍କ ସ୍ୱଜଦ୍ଧ ଜାଳର ଗୋପାଳ ନାୟୁକଙ୍କର ସଂଗୀତ ବିଦ୍ୟାରେ ଅଦ୍ଭୁତ ପାଣ୍ଡିତ୍ୟ ବିଷୟ ଉଲ୍ଲେଖ କରିଛନ୍ତି । ପ୍ରବାଦ ଅଛି, ଗୋପାଳ ଯମୁନା-ଜଳରେ ଅନେକ ବୁଢ଼ି ସାଥିକସ୍ୱର ଅଳାପ କରିଥିଲେ, ତଳାଚ ସେହି ସ୍ୱରର ଫଳରେ ଜାଉ ଅଗ୍ନି ଦ୍ୱାରା ତାଙ୍କ ଶରୀର ଦଧ ହୋଇ ଯାଇଥିଲା । ଉକ୍ତ ପୁସ୍ତକରେ ଉଲ୍ଲେଖ ଅଛି, ତାନ୍‌ସେନ୍ ଜନେ ଦ୍ୱିପ୍ରହର ବେଳେ ଶ୍ରାବ୍ୟ ଅଳାପ କରିଥିଲେ ଏବଂ ସେତେ ଦୂର ପର୍ଯ୍ୟନ୍ତ ସେ ସ୍ୱର ଶୁଣା ଯାଇଥିଲା ତେତେଦୂର ପର୍ଯ୍ୟନ୍ତ ଆକାଶ ଅନ୍ଧକାରଚ୍ଛନ୍ନ ହୋଇଥିଲା । ପ୍ରବାଦ ଅଛି, ସମ୍ରାଟ ଅକବର ଅନ୍ୟ ଏକ ସଙ୍ଗୀତଜ୍ଞ ବୈଜୁଙ୍କ ପରାମର୍ଶ ଅନୁସାରେ ତାନ୍‌ସେନ୍‌ଙ୍କୁ ଦୀପକ ସ୍ୱର ଅଳାପ କରିବାକୁ ଆଦେଶ ଦେଇଥିଲେ । ତାନ୍‌ସେନଙ୍କୁ ଦୀପକ ସ୍ୱରର ପ୍ରଭାବରୁ ବଞ୍ଚାଇବା ପାଇଁ ବୈଜୁ ମେଘମଲ୍ଲର ସ୍ୱର ଅଳାପ କରିବେ ବୋଲି ସ୍ଥିର ହେଲା । ତାନ୍‌ସେନ୍ ଦୀପକ ସ୍ୱର ଅଳାପ କରି ସୋରୁଗଲେ, ମାତ୍ର ବୈଜୁଙ୍କ ମନରେ ତାନ୍‌ସେନ୍‌ଙ୍କ ପ୍ରତି ଈର୍ଷା ଥିବାରୁ ସେ ମେଘମଲ୍ଲାର ସ୍ୱରକୁ ପୂର୍ଣ୍ଣ ମାତ୍ରାରେ ଗାଇଲେ ନାହିଁ, ଅତଏବ ତାନ୍‌ସେନଙ୍କୁ ରକ୍ଷା କରିବା ପାଇଁ ସେ ସମୟରେ ମେଘ ବର୍ଷା ହୋଇ ପାରିଲା ନାହିଁ । ସମ୍ରାଟ୍ ଏ ଘଟନା ଦେଖି ବଡ଼ ଶୁବୁଧ ହୋଇଥିଲେ । ଏ କଥାମାନ ଅଜ ସ୍ୱପ୍ନ ପରି ଜଣା ଯାଇ ପାରେ କିମ୍ବା କବି କଲ୍ପନା ବା ଗାଇ ଗଲ୍ପ ବୋଲି ଲୋକେ ଭାବି ପାରନ୍ତି, ମାତ୍ର ଭାରତ ଯେ ଜନେ ସଙ୍ଗୀତ ଆଲୋଚନାରେ ଜଗତରେ ଶୀର୍ଷସ୍ଥାନ ଅଧିକାର କରିଥିଲା ଏହା ଅସ୍ୱୀକାର କରି ହେବ ନାହିଁ ।

ପୂର୍ବେ କୁହା ଯାଇଅଛି, ସଙ୍ଗୀତ ଦୁଇ ପ୍ରକାର । କଣ୍ଠ ସଙ୍ଗୀତ ବିଷୟ ଭାରତରେ ସଂକ୍ଷେପରେ କୁହା ଯାଇଅଛି, ଯନ୍ତ୍ର ସଙ୍ଗୀତ ମଧ୍ୟ ଶ୍ରେଣୀରେ ବଦ୍ଧ । ଯନ୍ତ୍ର ସଙ୍ଗୀତର ଅପର ନାମ ବାଦ୍ୟ ।

ବଂଶୀଦଳନ୍ତୁ ଶୁଷିରଂ କାଂସ୍ୟ ତାଳାଦିକଂ ଘନଂ,
ତତଃ ବୀଣାଦୀକଂ ବାଦ୍ୟମାନଙ୍କଂ ମୁରଜାଦିକମ୍ ।

ଯେଉଁ ଯନ୍ତ୍ରରେ ଛିଦ୍ର ଅଛି ତାହା ଶୁଷିର କହନ୍ତି, ଯଥା—ଶିଙ୍ଗା, ଶଙ୍ଖ, ମୁରଲୀ; ଘନଯନ୍ତ୍ର —ମନ୍ଦିରା, କରତାଳ, ଘଣ୍ଟା, ଘଣ୍ଟି; ତନ୍ତ୍ର ବା ତାର ସମ୍ପୃକ୍ତ ଯନ୍ତ୍ର ·ବୀଣା, ସାରଙ୍ଗି, ସୀତାର, ତାନପୁରା ଚର୍ମରେ ମୁର୍ଚ୍ଛନା (ଆନଦ୍ଧ) ବାଦ୍ୟ —ଢକ୍କା, ଢୋଲ, ତବଲା, ପଖାଜ, ମୃଦଙ୍ଗ । ପୁରୁଷମାନଙ୍କ ନୃତ୍ୟକୁ ତାଣ୍ଡବ ଓ ସ୍ତ୍ରୀମାନଙ୍କ ନୃତ୍ୟକୁ ଲସ୍ୟ କୋଲ୍ଲପ କହି ।

ତାଣ୍ଡବ ଦୁଇ ପ୍ରକାର—ରୁଦ୍ରତ ଓ ପୌରତ । ପୁରୁଷମାନଙ୍କରୁ ଜଗାଯାଏ ଦିତ୍ୟଯୁଦ୍ଧ ବଧ ପରେ ଦେବତାମାନେ ଆନନ୍ଦରେ ନୃତ୍ୟ କଲେ । ତେତେବେଳେ ବ୍ରହ୍ମା ମୃତ୍ତିକାଦ୍ୱାରା ମୃଦଙ୍ଗ ପ୍ରସ୍ତୁତ କରିଥିଲେ । ମୃଦଙ୍ଗର ମାଟି ଖୋଳ ପୋଡ଼ା ହୁଏ ଓ ସେ ଖୋଳ ଉପରେ ଚମଡ଼ାର ସରୁ ପଟ୍ଟମାନ ଗୁଡ଼ା ହୁଏ । ତହିଁର ବଣ୍ଡି ନାଲ ଦେଖାଯାଏ । ଏହା ସେହି ଦିତ୍ୟମୁର ବଧର ସ୍ମୃତିଚିହ୍ନ ବୋଲି ଅନୁମିତ ହୁଏ । ମୃଦଙ୍ଗ ନାନାପ୍ରକାର ଅଛି । ଦେବଲୋକରେ ଅପ୍ସରାମାନଙ୍କ ନୃତ୍ୟ ଗୀତ ବିଷୟ ପୁରାଣବଦ୍ଧ । ସ୍ୱର୍ଗାପୁରୀରେ ସ୍ୱର୍ଗର ନୃତ୍ୟଶାଳାରେ ନର୍ତ୍ତକୀମାନଙ୍କ ନୃତ୍ୟ ଗୀତ ବିଷୟ ବର୍ଣ୍ଣିତ ଅଛି । ସ୍ୱର୍ଗବତରେ ନୃତ୍ୟ ବିଷୟ ମଧ୍ୟ ବର୍ଣ୍ଣିତ ହୋଇଅଛି । ସ୍ୱୟମ୍ବରରେ ଗୋପୀମାନେ ନୃତ୍ୟ କରିଥିଲେ । ଅର୍ଜୁନ ପ୍ରସିଦ୍ଧ ନର୍ତ୍ତକ ଓ ନୃତ୍ୟାଗୁରୁ ଥିଲେ । ପାଣ୍ଡବମାନଙ୍କ ଅଜ୍ଞାତବାସ ବେଳେ ସେ ବିରାଟ ସ୍ୱଜକନ୍ୟାଙ୍କୁ ନୃତ୍ୟ ଗୀତ ବାଦ୍ୟ ଶିକ୍ଷା ଦେଇଥିଲେ । ଗୀତ, ବାଦ୍ୟ, ନୃତ୍ୟ ମାନବ ର ଜନ୍ମରୁ ସହଚର । ତାଣ୍ଡବର ଓ ଲସ୍ୟର ନାନା ଉପଯୋଗ ଅଛି । ତହିଁର ସ୍ପଷ୍ଟ ବର୍ଣ୍ଣନା ସଙ୍ଗୀତ ଦାମୋଦର ଆଦି ଗ୍ରନ୍ଥରେ ବର୍ଣ୍ଣିତ ଅଛି; କେଉଁ ନୃତ୍ୟରେ କିପର ଅଙ୍ଗଭଙ୍ଗୀ ଓ ଶବ୍ଦର ଗୁଳନା ଅବଶ୍ୟକ ତାହା ବିଶଦଭାବରେ ବର୍ଣ୍ଣିତ ଅଛି । ପ୍ରାଚୀନ ଭାରତରେ ନାଟ୍ୟାଭିନୟର ଉତ୍କର୍ଷ ପାଶ୍ଚାତ୍ୟ ପଣ୍ଡିତ ଜୋନସ୍ ସାହେବ ପ୍ରଭୃତି ସ୍ୱୀକାର କରିଅଛନ୍ତି । କାଳର ଘାତ ପ୍ରତିଘାତରେ ଅଦ୍ୟ ପ୍ରାଚୀନ ଭାରତୀୟ ନାଟକଗୁଡ଼ିମାନ ଲୁପ୍ତ ହୋଇ ଯାଇଅଛି । କେବଳ ପରବର୍ତ୍ତୀ କାଳର କାଳିଦାସ, ଭବଭୂତି, ବଶାଖାଦତ୍ତ, ଶୂଦ୍ରକ ପ୍ରଭୃତି କବିମାନଙ୍କ ରଚିତ କେତେ ଖଣ୍ଡ ନାଟକ ଦେଖିବାକୁ ମିଳୁଅଛି । ଗୌତମ ବୁଦ୍ଧଙ୍କ ସମୟରେ ନାଟକାଭିନୟ ସାଧାରଣ କଥା ଥିଲା । ମୌଦ୍ଗଲ୍ୟାୟନ, କାତ୍ୟାୟନ, ଉପତିଷ୍ୟ ପ୍ରଭୃତି ବୁଦ୍ଧଦେବଙ୍କ ଶିଷ୍ୟମାନେ ନାଟକାଭିନୟ କରୁଥିଲେ ।

ଭାରତରେ ସଙ୍ଗୀତ ସାହିତ୍ୟ ବିଶେଷ ଉତ୍କର୍ଷ ଲାଭ କରିଥିଲା । ଉତ୍କଳ ମଧ୍ୟ ସଙ୍ଗୀତ ଚର୍ଚ୍ଚାରେ ପଶ୍ଚାତ୍‌ପଦ ନ ଥିଲା । ଉତ୍କଳର ଅଧିକାଂଶ ପ୍ରାଚୀନ ସାହିତ୍ୟ ପଦ୍ୟରେ ଲେଖା ହୋଇଅଛି । ପଦ୍ୟସାହିତ୍ୟର ବହୁଳତା ଉତ୍କଳରେ ସଙ୍ଗୀତ ବିଦ୍ୟାର ଉତ୍କର୍ଷତା ପ୍ରମାଣ କରୁଅଛି । ଉତ୍କଳର ସଙ୍ଗୀତରେ ସ୍ୱାତନ୍ତ୍ର୍ୟ ଥିଲା । ଓଡ଼ଶୀ ସଙ୍ଗୀତ ଅନ୍ୟାନ୍ୟ

Digitized by srujanika@gmail.com

ପ୍ରାଦେଶିକ ସଙ୍ଗୀତଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଓଡ଼ିଶାର ଛନ୍ଦ ଲେଖା ପର ଲେଖା ଅନ୍ୟତ୍ର ବରଳ । ସଙ୍ଗୀତ ଓଡ଼ିଶାରେ ନନା ଆକାର ପ୍ରକାରରେ ଦେଖାଯାଏ । ଶବ୍ଦଭଅ ଗୀତ, ଦ୍ୱି-ବୁଦ୍ଧ ଗୀତ, ପା ବୁଢ଼ା ଗୀତ, ନଉଡ଼ ଖେଳ ଗୀତ, ଚଉତଘୋଡ଼ା ଗୀତ, ଗାରୁଆ ଗୀତ, ପୁଷ୍ପ ଖେଳ ଗୀତ, ଶିଶୁରଞ୍ଜନ ଓ ଶିଶୁକ୍ରୀଡ଼ା ଗୀତଠାରୁ ଆରମ୍ଭ କର ଚଉପଘା, ଚଉଢଗା, ଭଜନ, ଇଶାଣ, ଛନ୍ଦ, ସଙ୍ଗୀତ ପ୍ରବନ୍ଧ ନାନା ସ୍ୱରର ଓ ନାନା ଛନ୍ଦର ସଙ୍ଗୀତର ଅଲୋଚନା ଉତ୍କଳରେ ହୋଇଥିଲା—ସଦର୍ଭଲେଖକ—ଶ୍ରୀ ଜଗବନ୍ଧୁ ସିଂହ; ଉତ୍ତାପ ସାର- ଶବ୍ଦ ଧାତୁ ଗଣ୍ଡ ଶବ୍ଦରୁ ଉତ୍କଳିତ ।]

ସଂଗୀତ ଆଖଡ଼ା—ଦେ. ବ—ଗୀତ ଓ ବାଦ୍ୟ ସହିତ ନୃତ୍ୟ କରିବା ଗାଇଁ ଗଠିତ ଦଳ—A company formed of singers, musicians and dancers. [ଦ୍ର—ବଙ୍ଗଦେଶରେ ସଙ୍ଗୀତ ଅଖଡ଼ା ଅନୁଷ୍ଠାନ ନାହିଁ ବୋଲି କହିଲେ ଚଳେ । ଦକ୍ଷିଣ ଓଡ଼ିଶାରେ ଓ ଓଡ଼ିଆଗଡ଼ଜାତର ନଉଣିମାନେ ବହିମାନ ପର୍ଯ୍ୟନ୍ତ ପ୍ରାଚୀନ ଓଡ଼ିଆ ସଙ୍ଗୀତ ଗାଇ ନୃତ୍ୟ କରନ୍ତି । ଦକ୍ଷିଣରେ ଅଳ୍ପ ସ୍ୱଳ୍ପ ଓଡ଼ିଆ ସଙ୍ଗୀତ ବିଦ୍ୟାର ଚର୍ଚ୍ଚା ବୁଡ଼ି ନାହିଁ । ଉତ୍କଳର କଟକ ଓ ପୁରୀ ଜିଲ୍ଲାରେ, ବିଶେଷତଃ ପୁରୀ ଜିଲ୍ଲାରେ ଓଡ଼ିଆ ସଙ୍ଗୀତ ଓ ନୃତ୍ୟବାଦ୍ୟାଦି ପାଇଁ ନାରୁଆ ପିଲ୍ଲ ବା 'ଗୋଟିପୁଅ'ଙ୍କ ଦଲମାନ ଥିଲେ; କିନ୍ତୁ ତାହା ବର୍ତ୍ତମାନ କମି ଯାଇଅଛି । ଏଥିରେ ଗୋଟିଏ ପିଲ୍ଲ ନାଚେ ଓ ସଙ୍ଗୀତ ଗାନକରେ; ଅନ୍ୟ ଦୁଇ ଗୃହସ୍ଥ ଲୋକ ଭିନ୍ନ ଭିନ୍ନ ବାଦ୍ୟ ଯନ୍ତ୍ର (ଯଥା—ତବଲା, ପଖୋଜ ବା ଡ୍ରମ୍ଭୀ ଭବଲ୍ଲ, ବେଦ୍ଦେଲ) ବଜାନ୍ତି ଓ ତାଳ ସଙ୍ଗେ ଗତ ବୋଲନ୍ତି ବା ନର୍ତ୍ତକର ଗୀତ ପଦମାନଙ୍କରେ ପୁନରାବୃତ୍ତି କରନ୍ତି । ଏହିପର ଗୃହ ପାଖୋଟି ଲୋକ ସମନ୍ୱିତ ଅଖଡ଼ାକୁ 'ସଙ୍ଗୀତ ଅଖଡ଼ା' ବୋଲିପାରେ ।]

ସଂଗୀତ କରିବା—ଦେ. କି—୧ । ନୃତ୍ୟବାଦ୍ୟାଦି ସହ ସଙ୍ଗୀତ ଗାଇବା—1. To sing songs to the accompaniment of music and dance. ୨ । ସଙ୍ଗୀତ ରଚନା କରିବା—2. To compose songs.

ସଂଗୀତ କଳା (ବିଦ୍ୟା)—ସଂ. ବ—ସଙ୍ଗୀତ ଗାନରୂପ ବିଦ୍ୟା—Saṁgīta kalā(bidyā) The art of singing; the musical art.

ସଂଗୀତ ଗୁରୁ—ସ. ବ—ସଙ୍ଗୀତ ବିଦ୍ୟାର ଶିକ୍ଷକ; ସଙ୍ଗୀତାଚାର୍ଯ୍ୟ—Saṁgīta guru Music master; teacher of Saṅgīta.

ସଂଗୀତ ଚର୍ଚ୍ଚା—ସ. ବ—ସମ୍ୟକ ବିଦ୍ୟାର ଅନୁଶୀଳନ—Saṁgīta charchchā Cultivation of vocal music.

ସଂଗୀତଜ୍ଞ—ସ. ବି. ପୁଂ—ସଙ୍ଗୀତବିଦ୍ୟାରଦ; ଯେ ସଙ୍ଗୀତ ବିଦ୍ୟାରେ ପାରଙ୍ଗମ—Proficient or versed in music and song. Saṁgītajña (ସପ୍ତୀ ତତ୍ପୁ—ଜ୍ଞ)

ସଂଗୀତ ତରଙ୍ଗ—ସ. ବ—ସଙ୍ଗୀତ ଲହରୀ (ଦେଶ) Saṁgīta taraṅga Saṁgīta laharī (See)

ସଙ୍ଗୀତ ତାନ—ସ. ବ (୭ମ୍ୱୀ ତତ୍ପୁ)—ସଙ୍ଗୀତ ପ୍ରଭାବ (ଦେଖ) Saṁgīta tāna Saṁgīta prabhāva (See)

ସଂଗୀତ ତାଳ—ସ. ବ (୭ମ୍ୱୀ ତତ୍ପୁ)—ସଙ୍ଗୀତରେ ତାଳ ବା ସମୟ ଜ୍ଞାପକ ସ୍ୱର—The measure of a song. Saṁgīta tāla

ସଂଗୀତ ଦର୍ପଣ—ସ. ବ—ମୋଗଲ ସମ୍ରାଟ ଜାହାଙ୍ଗୀରଙ୍କ ସମୟରେ (ଖ୍ରୀଷ୍ଟ ସପ୍ତଦଶ ଶତାବ୍ଦୀର ଆଦ୍ୟ ଭାଗରେ) ଓଡ଼ିଆ ଦାମୋଦର ମିଶ୍ରଙ୍କ ବହୁତ ସଂଗୀତ ବିଷୟକ ସଂସ୍କୃତ ଗ୍ରନ୍ଥବିଶେଷ—(ମୟୂରଭଞ୍ଜ ତାଳପତ୍ର ୧୯୩୨ ନମ୍ବର ପୋଥି)—Title of a Sanscrit treatise on Hindu music. Saṁgīta darpana

ସଂଗୀତ ଦାମୋଦର—ସ. ବ—ହିନ୍ଦୁ ସଙ୍ଗୀତ ବିଷୟକ ଶୁଭଙ୍କରଙ୍କ ସଙ୍ଗୀତ ଗ୍ରନ୍ଥ—Title of a treatise on Hindu music by Śubhaṅkara. Saṁgīta dāmodara

ସଂଗୀତ ଧ୍ୱନି—ସ. ବ—(୭ମ୍ୱୀ ତତ୍ପୁ)—ସଙ୍ଗୀତର ଶବ୍ଦ—The sound of vocal music or singing. Saṁgīta dhwani

ସଙ୍ଗୀତ ନିର୍ଣ୍ଣୟ—ସ. ବ.—ନାରାୟଣକୃତ ବରତତ ହିନ୍ଦୁ ସଙ୍ଗୀତ ଗ୍ରନ୍ଥ ବିଶେଷ—Title of a book on Hindu music, composed by Bīranārāyaṇa Saṁgīta nirṇṇaya

ସଙ୍ଗୀତ ପିଲ୍ଲ—ଦେ. ବ.—ଗୋଟିପୁଅ; ନୃତ୍ୟସହ ସଂଗୀତ ଗାଇବା ବାଳକ—A dancing boy singing and dancing to music. Saṁgīta pilā

ସଙ୍ଗୀତ ନାରୁଆ ଛୋକରା

[ଦ୍ର—ଉତ୍କଳରେ ବାଳକମାନଙ୍କୁ ସ୍ତ୍ରୀବେଶରେ ସଜ୍ଜିତ କରି ନାଚ ଓ ଗୀତ ଶିଖାନ୍ତି । ନାଚ ଦୁଇ ପ୍ରକାର ହୁଏ, ଯଥା—ସଙ୍ଗୀତ ଓ ଲୀଳା । ମହାଭାରତ (ଭାରତଲୀଳା), ରାମାୟଣ (ରାମଲୀଳା) ଓ ଭାଗବତ (କୃଷ୍ଣଲୀଳା)ର ବିଶେଷ ବିଶେଷ ଘଟନାକୁ ଅବଲମ୍ବନ କରି ଯେଉଁ ନାଚ ଓ ଗୀତ ହୁଏ ତାହାକୁ ଲୀଳାନାଚ କୁହାଯାଏ । ଏଥିରେ ବାଳକମାନେ ଶ୍ରୀକୃଷ୍ଣ, ବଳରାମ, ରାଧିକା ଆଦିଙ୍କ ବେଶ ପିନ୍ଧି ଉତ୍ତମ ବିଷୟକ ଗୀତ କୁହନ୍ତି ଓ ବସ୍ତ୍ରାଦ୍ରି ମନୁଷ୍ୟମାନେ ପୃଷ୍ଠଶୋକ୍ତ ଋଷି, ରାଜା, ମନ୍ତ୍ରୀ, ଦ୍ୱାରପାଳ ଆଦିଙ୍କ ବେଶ ବା ସ୍ୱାଙ୍ଗ ସାଜି ନାଚନ୍ତି । 'ଲୀଳା' ପାଇଁ ଯେଉଁ ଦଳ ଗଠିତ ହୁଏ, ସେଥିରେ ପୃଷ୍ଠଶୋକ୍ତ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କ ସ୍ୱାଙ୍ଗ ସାଜିବା ପାଇଁ ୧୦।୧୫ ଜଣ ଲୋକ ଓ ଏକାଧିକ ନାରୁଆପିଲ୍ଲ ଛୋଟା ହୁଅନ୍ତି ।

Digitized by srujanika@gmail.com

କନ୍ତୁ 'ସଂଗୀତ' କରିବା ପାଇଁ ସ୍ତ୍ରୀ ବେଶଧାରୀ ଗୋଟିଏ ମାତ୍ର ବାଳକ ଓ ତା ସଙ୍ଗେ ତୁଅ ଧରିବାକୁ ଓ ବାଜା ବଜାଇବାକୁ ଅନ୍ତତଃ ଚାରିଟି ବୟସ୍କ ମନୁଷ୍ୟ ଯେଉଁଠା ଦୁଅନ୍ତି । 'ସଂଗୀତ-ଅଖଡ଼ା'ରେ ନାଚିବା ପିଲ୍ଲ ଗୋଟିଏ ମାତ୍ର ଥିବାରୁ ତାକୁ 'ଗୋଟିପୋ' ବା 'ଗୋଟିପୁଅ' ବୋଲଯାଏ । ଏହି ଗୋଟିପୁଅମାନେ ମୁହଁରେ ସଂଗୀତ ବୋଲି ନେନ୍ତ ବଲ୍ଲାଦର ବଙ୍ଗୀ, ଇଟିତ, ଡ଼ସଦ୍ରାସ୍ତ ଅବଲମ୍ବି ବା ଗାଇଜା(ସଂକେତ) କଣ ଜକ୍ତ ଗୀତର ଅର୍ଥକୁ ଠାରଦ୍ୱାରା ବୁଝାଇଥାଆନ୍ତି । ଜକ୍ତ ସଂଗୀତମାନ ଅଧିକାଂଶ ସ୍ଥଳରେ ଅଦରଗାଣ୍ଡି ବା ଗ୍ରଧାକୃଷ୍ଣ ଲୀଳାଗୀତ । ଗୋଟିପୁଅ ମୁହଁରେ ଗୀତ ବୋଲୁଥାଏ ଓ ସଙ୍ଗେ ସଙ୍ଗେ ଜକ୍ତ ଗୀତର ଅର୍ଥ ଓ ତାତ୍ପର୍ଯ୍ୟ ଯଥୋପଯୁକ୍ତ ଅଙ୍ଗଭଙ୍ଗୀ ଓ ଅବଲମ୍ବି ଦ୍ୱାରା ପ୍ରକାଶ କରୁଥାଏ ଓ ସଙ୍ଗୀତ ବୋଲି ବନ୍ଦ ହେବା ଅବସରରେ ନାନା ଅଙ୍ଗ ଚାଳନ-ବଶିଷ୍ଟ ଅସ୍ଥାସସାଧ୍ୟନ ଭଙ୍ଗି କରୁଥାଏ । ଗୋଟିପୁଅକୁ ନୀତ, ନୃତ୍ୟ ଓ ଗାଇବା ଶିଖାଇବା ପାଇଁ ଯେଉଁ ଗୁରୁ ରହନ୍ତି, ସେମାନେ ମଧ୍ୟ ଗୀତାର୍ଥ ଓ ସଂକେତରେ ପଣ୍ଡିତ ଅଟନ୍ତି । କାରଣ, ପ୍ରାଚୀନ ଓଡ଼ିଆ ସଂଗୀତମାନ ବୁଝିବାକୁ ହେଲେ ସଂସ୍କୃତରେ ଜ୍ଞାନଥିବା ଆବଶ୍ୟକ ।

ଗୋଟିପୁଅଙ୍କ ନୃତ୍ୟ ସଙ୍ଗେ ସଙ୍ଗେ 'ଆଜ୍ ଗୋଟିର ନଷ୍ଟର ପ୍ରଥା ଚଳୁଥିଲା । ଗୋଟିପୁଅମାନେ 'ବଳ' ଭାଙ୍ଗୁଥିଲେ । ଏ 'ବଳ'ର ସୃଚ୍ଚାର୍ଥ ଷୋଡ଼ଶ ପ୍ରକାର 'ରଉବଳ' । ଏ ଗୁଡ଼ିକ ମଧ୍ୟରୁ ଅଧିକାଂଶ ଅତି ଦୁଃସାଧ୍ୟ ଓ ଭଦ୍ୱାରା ଜକ୍ତ ବାଳକମାନଙ୍କର ଅବସ୍ଥିତ ବହୁତ ଆକାର ଧାରଣ କରେ । ଏହି ବଳମାନ ଏପରି ଚମତ୍କାର ଯେ, ନ ଦେଖିଥିବା ବ୍ୟକ୍ତି କଦାପି ବିଶ୍ୱାସ କରି ପାରିବେ ନାହିଁ ଯେ, ବାଳକମାନଙ୍କର କୋମଳ ଅଙ୍ଗ ଏତେଦୂର ନମନୀୟ ହୋଇପାରେ । ଏହା ଦେଖି ଦର୍ଶକମାନେ ମୁଗ୍ଧ ହେଉ କରନ୍ତି ପଡ଼ି, କନ୍ତୁ ଜକ୍ତ ବାଳକଟିର ଅବସ୍ଥିତ ବନ୍ଧିଷ୍ଟ ହୋଇ ସିବା ଫଳରେ ସେ ବଶେଷ କଷ୍ଟ ଓ ଶ୍ରମ ଅନୁଭବ କରୁଥାଏ । ଗୋଟିପୁଅ-ମାନଙ୍କୁ 'ବଳ' ଭଙ୍ଗାଇ ଶିଖାଇବାର ସ୍ୱତ୍ୱ କ୍ରମଶଃ ଓଡ଼ିଶାରୁ ଲୁପ୍ତ ହୋଇଅଛି ଓ ସର୍କସ୍ ଦଳର ଅନେଉଭର୍ତ ଏ 'ବଳ'ମାନ ଦେଖାଇଅଛନ୍ତି ।

ସଂଗୀତ ପ୍ରବାହ—ସଂ. ବ.—(୬ଷ୍ଠୀତତ୍) —ସଙ୍ଗୀତର ସ୍ରୋତ; ଅବିରତ Samgīta prabāha ବୋଲିଯିବା ସଂଗୀତ—Flow of musical singing.

ସଂଗୀତ ପ୍ରିୟ— ସଂ.ବଶ.ପୁଂ—(ବହୁବ୍ରୀହି; ସଂଗୀତ ଅର୍ଥେ ପ୍ରିୟ ଯାହାର) Samgīta priya ସଂଗୀତାନୁରାଗୀ—Fond of vocal music; philo-musical.

(ସଂଗୀତପ୍ରିୟା—ସ୍ତ୍ରୀ, ସଂଗୀତ ପ୍ରିୟତା—ବ)

ସଂଗୀତବିତ୍—ସଂ. ତ୍ରି. ପୁ.—(ସଂଗୀତ+ବିତ୍ ଧାତୁ+କ୍ୱିନ୍ ପ୍ର; Samgītabid ସଙ୍ଗୀତବିତ୍; ୧ମା. ୧ବ) ସଂଗୀତଜ୍ଞ— (ସଂଗୀତବେତ୍ତା—ଅନ୍ୟରୂପ) Versed in music & songs.

ସଂଗୀତ ବିଦ୍ୟା—ସଂ. ବ.—ସଂଗୀତ ବିଷୟକ ଅଭିଜ୍ଞତା ବା କଳା— Samgīta bidyā The art of singing with music; the art of vocal music.

ସଂଗୀତ ବିଶାରଦ—ସ. ବଶ. ପୁ.—(ତତ୍ପୁରୁଷ) ସଂଗୀତ ବିଦ୍ୟାରେ Samgīta bisārada ପାରଙ୍ଗମ—Versed in the art (ସଂଗୀତ ବିଶାରଦା—ସ୍ତ୍ରୀ) of singing.

ସଂଗୀତ ରଚକ(ରଚୟିତା)—ସ. ବଶ ଓ ବ. ପୁ —ଯେ ସଂଗୀତ ରଚନା Samgīta rachaka(rachayitā) କରେ; ସଂଗୀତର କବି —The composer of a song. (ସଂଗୀତ ରଚିକା, ସଂଗୀତରଚୟିତ୍ରୀ—ସ୍ତ୍ରୀ)

ସଂଗୀତ ରଚନା ସଂ. ବ—(ତତ୍ପୁରୁଷ)—ସଂଗୀତ ଯୋଡ଼ିବା— Samgīta rachana(nā) Composition of songs.

ସଂଗୀତ ରତ୍ନାକର—ସ. ବ —ଶାର୍ଙ୍ଗଦେବଙ୍କ ବିରଚିତ ହିନ୍ଦୁ ସଂଗୀତ- Samgīta ratnākara ଗ୍ରନ୍ଥ ବିଶେଷ—The title of a work on Hindu songs by Sāraṅgadeba.

ସଂଗୀତ ରତ୍ନାବଳୀ ସ. ବ.—ହରିଭଟ୍ଟ ବିରଚିତ ହିନ୍ଦୁ ସଂଗୀତ ଗ୍ରନ୍ଥ- Samgīta ratnābalī ବିଶେଷ—The title of a work on Hindu songs by Hari Bhaṭṭa.

ସଂଗୀତରାଜ—ଦେ. ବ.—(ସ. ସଂଗୀତ ରାଜ୍)--ସଂଗୀତଜ୍ଞ ବ୍ୟକ୍ତିଙ୍କୁ ପ୍ରଦତ୍ତ Samgītarāja ସମ୍ମାନାତ୍ମକ ବିଶେଷ—A title bestowed on expert singers by Rājās. [ସଂଗୀତରାଜ୍ଞୀ—ଅନ୍ୟରୂପ]

ସଂଗୀତ ରାଗ—ସଂ. ବ. (୬ଷ୍ଠୀତତ୍)—ସଂଗୀତର ରାଗ ଓ ରାଗିଣୀ— Samgīta rāga The tune of a song. [ଦ୍ର—ରାଗ ରାଗିଣୀ ତଳେ ଟୀକା ଦେଖ]

(ସଂଗୀତ ରାଗିଣୀ—ଅନ୍ୟରୂପ) Rāga rāginī (See)

ସଂଗୀତ ରାଗମାଳିକା—ସ.ବ.--ହରିଭଟ୍ଟ ବିରଚିତ ହିନ୍ଦୁ ସଂଗୀତବିଷୟକ Samgīta rāgamālikā ଗ୍ରନ୍ଥ ବିଶେଷ—The title of a work on Hindu songs by Hari Bhaṭṭa

ସଂଗୀତ ଲହରୀ(ତରଙ୍ଗ)—ସ. ବ. (୬ଷ୍ଠୀତତ)—ସଂଗୀତର ପ୍ରବାହ; Samgīta lahari(taraṅga) ଲହରୀ ପର ଲହରୀ ପର ଧାରାବାହିକରୂପେ ଛୁଟିଥିବା ସଂଗୀତର ଅନୁଭାବ— Continuous flow of songs accompanied with music.

ସଂଗୀତ ଶାସ୍ତ୍ର—ସଂ. ବ—୧ । ସଂଗୀତ ବିଷୟକ ଗ୍ରନ୍ଥ; ଯେଉଁ ଶାସ୍ତ୍ରରେ Samgīta Śāstra ଗାନ,ବାଦ୍ୟ ଓ ନୃତ୍ୟର ପ୍ରକରଣମାନ ସମ୍ୟକ୍ ରୂପେ ଆଲୋଚିତ ହୋଇଥାଏ—1. The science of music. ୨ । ନୃତ୍ୟ ଗୀତବାଦ୍ୟର ଶାସ୍ତ୍ର—2. The science dealing with dancing, singing and music. [ଦ୍ର—ଏହା ବେଦଙ୍କ ନାମାନୁସାରେ ଚତୁର୍ବିଧ । ଯଥା—ସୋମେଶ୍ୱର, ବିରଚ, ହନୁମାନ ଓ ଭଟ୍ଟିନାଥ । ଏମାନଙ୍କର ନାନା ସ୍ଥାନରେ ମତଭେଦ ଦଷ୍ଟିଅଛି । ସଂଗୀତ ଶାସ୍ତ୍ର ୭ ଅଧ୍ୟାୟରେ ବିଭକ୍ତ ।

Digitized by srujanika@gmail.com

ଯଥା—୧ । ସ୍ତବ୍ଧଯାଏ । ୨ । ବ୍ରଜାଧ୍ୟାଏ । ୩ । ଭାଲାଧ୍ୟାଏ । ୪ । ନୃତ୍ୟାଧ୍ୟାଏ । ୫ । ଭୂକାଧ୍ୟାଏ । ୬ । ଦୋଳାଧ୍ୟାଏ । ୭ । ଦ୍ୟୁତାଧ୍ୟାଏ ।]

ସଂଗୀତସାର—ସଂ. ବ—ହରିହର ଭଟ୍ଟଙ୍କ ହିନ୍ଦୁ ସଙ୍ଗୀତ ବିଷୟକ Saṁgītasāra ଗ୍ରନ୍ଥବିଶେଷ—A work on Hindu songs by Hari bhaṭṭa. [ଦ୍ର—ଓଡ଼ିଆରେ ବହୁ ଲୋକପ୍ରିୟ ଜନଦ୍ରୁତ ସଂଗୀତ ସଂକଳନ କରି 'ସଙ୍ଗୀତ ସାର' ନାମକ ପୁସ୍ତକ ପ୍ରକାଶ କରୁ ଅଛନ୍ତି । ଏ ଶ୍ରେଣୀର କେତେକ ପୁସ୍ତକର ନାମ ଶୁଣିଲେ ହସ ମାଡ଼େ ଯଥା—ସଙ୍ଗୀତ ରସଗୋଲ୍ଲା, ସଙ୍ଗୀତ ଛେନାଗୁଡ଼, ସଙ୍ଗୀତ ଗଜିଲ୍ଲା କଦଳ ।]

ସଂଗୀତ ସାଗର—ସ.ବ. (ରୂପକ)—ସାଗର ସଙ୍ଗେ ଭୁଳନୀୟ ଅପରମେୟ Saṁgīta sāgara ସଂଗୀତ—Music or song compared to the sea in its vastness.

ସଂଗୀତ ସୁଧାକର—ସଂ. ବ—ସିଂହଭୂପାଳ ବିରଚିତ ହିନ୍ଦୁ ସଂଗୀତ ବିଷୟକ ଗ୍ରନ୍ଥ Saṁgīta sudhākara —The title of a work on Hindu songs by Simha Bhūpāla.

ବେ. ବ.—ସ୍ୱର୍ଗୀୟ ଦାମୋଦର ଝଟ୍ଟନାୟକଙ୍କ ସଙ୍କଳିତ ୬ ଖଣ୍ଡ ଓଡ଼ିଆ ପ୍ରାଚୀନ ସଂଗୀତ ସମ୍ବନ୍ଧୀ ପୁସ୍ତକ—Six books containing a collection of well-known Oriya songs compiled by the late Dāmodara Paṭṭanāyaka.

ସଂଗୀତାଚାର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍ପୁ)—ସଂଗୀତ ଶିକ୍ଷକ—Saṁgītāchārjya Music master; professor of music.

ସଂଗୀତାନୁରାଗ—ସଂ. ବ (୭ମୀ ତତ୍ପୁ)—ସଂଗୀତ ବିଷୟରେ ଶ୍ରଦ୍ଧା—Saṁgitanurāga Love for vocal music.

ସଂଗୀତାନୁରାଗୀ—ସଂ. ବିଣ. ତ୍ରି (୭ମୀ ତତ୍ପୁ)—ସଂଗୀତ ଶାସ୍ତ୍ର ବା Saṁgītānurāgī ସଂଗୀତ ବିଦ୍ୟା ପ୍ରତି ଶ୍ରଦ୍ଧାସମ୍ପନ୍ନ—Fond (ସଂଗୀତ ନୁରାଗିଣୀ—ସ୍ତ୍ରୀ) of or attached to vocal music; philo-musical.

ସଂଗୀତ—ସଂ. ବ (ସମ୍+ଗୈ. ଧାତୁ+କ୍ତ. ଭାବ;—୧ । ସଂଗୀତ Saṁgīti (ଦେଶ)—1. Saṁgīta. (See) ୨ । ଆଳାପ; (ସଙ୍ଗୀତ—ଅନ୍ୟରୂପ) କଥୋପକଥନ—2. Conversation; discourse. ୩ । ତନ୍ତ୍ରର ଶାକ୍ତ ବିଶେଷ—3. A branch of the Tantras.

ସଂଗୀର୍ତ୍ତି—ସଂ. ବିଣ. (ସମ୍+ଗୃ. ଧାତୁ=ପ୍ରତିଜ୍ଞା କରିବା+କର୍ମ. ତ)—Saṁgīrṇṇa ପ୍ରତିଜ୍ଞାତ; ଅଙ୍ଗୀକୃତ—Promised. (ସଙ୍ଗୀର୍ତ୍ତି—ଅନ୍ୟରୂପ)

ସଂଗୁପ୍ତ—ସଂ. ବିଣ—(ସମ୍+ଗୁପ୍. ଧାତୁ=ଲୁଚିବା+କର୍ମ. ତ)—Saṁgupta ୧ । ଲୁଚାଯାଇଥିବା—1. Concealed; hidden. (ହିନ୍ଦୁ ପ୍ତ—ଅନ୍ୟରୂପ) ୨ । ସୁରକ୍ଷିତ—2. Well protected; carefully guarded; watched well.

ସଂଗୁପ୍ତି—ସଂ. ବ (ସମ୍+ଗୁପ୍. ଧାତୁ+କ୍ତି. ଭାବ)—୧ । ସଂଗୋପନ Saṁgupti (ଦେଶ)—1. Saṁgopana. (See) ୨ । ଲୁଚିବା ଅବସ୍ଥା—2. The state of being hidden.

ସଂଗୁର୍ଦ୍ଧ—ସଂ. ବିଣ (ସମ୍+ଗୁର୍ଦ୍ଧ. ଧାତୁ=ଲୁଚାଇବା+କର୍ମ ତ)—Saṁgurdha ୧। ସଂଗୁପ୍ତ (ଦେଶ)—1. Sangupta. (See) (ସଙ୍ଗୁର୍ଦ୍ଧ—ଅନ୍ୟରୂପ) ୨ । ଭଲମନ୍ଦରୂପେ ଆଚ୍ଛାଦିତ; ସଂବୃତ—2. Well covered. ୩ । ସ୍ତୂପୀକୃତ—3. Heaped p; piled up. ୪ । ସଙ୍କଳିତ—4. Collected; compiled.

ସଂଗୃହୀତ—ସ. ବିଣ (ସମ୍+ଗୃହୀତ)—୧ । ଆହୁତ; ଏକତ୍ରୀକୃତ—Saṁgṛuhīta 1. Collected; gathered up. ୨ । (ସଗୃହୀତ—ଅନ୍ୟରୂପ) ସଙ୍କଳିତ—2. Compiled.

ସଂଗେ (ଇତ୍ୟାଦି—ଦେ. କ୍ରି. ବିଣ—ସଙ୍ଗେ ଇତ୍ୟାଦି (ଦେଶ) Saṁge (etc) Saṁge etc. (See)

ସଂଗେଇ ଦେବା—ପ୍ରାଦେ. (ଇସ୍ପୁର) କ୍ରି—ସଙ୍ଗେଇ ଦେବା (ଦେଶ) Saṁgei debā Saṁgei debā. (See)

ସଂଗେଣ—ତେ. କ୍ରି. ବିଣ (ସଦ୍ୟ)—ସଙ୍ଗେଣ (ଦେଶ) Saṁgeṇa Saṁgeṇa. (See)

ସଂଗେ ସଂଗ୍—ପ୍ରାଦେ. ଅ (ଭହିଁ ଭଙ୍ଗା)—ସଙ୍ଗେ ସଙ୍ଗ୍ (ଦେଶ) Saṁge saṁg Saṁge saṁg. (See)

ସଂଗୋପକ—ସ. ବିଣ. ତ୍ରି (ସମ୍+ଗୁପ୍. ଧାତୁ+ଣ୍ୱୁଲ୍. ଅକ)—Saṁgopaka ୧ । ସଗୋପନକାରୀ—1. Concealing; (ସଗୋପକ—ଅନ୍ୟରୂପ) hiding. ୨ । ରକ୍ଷାକାରୀ—[ସଂଗୋପିକା—ସ୍ତ୍ରୀ] 2. Guarding; protecting.

ସଂଗୋପନ—ସଂ. ବ (ସମ୍+ଗୋପନ)—୧ । ସମ୍ୟକ୍‌ରୂପେ Saṁgopana ଲୁଚାଇବା—1, Careful concealment. ୨ । ସମ୍ୟକ୍ ରକ୍ଷଣ—2. Guarding; protecting.

ସଂଗ୍ରହ—ସଂ. ବ (ସମ୍=ସମ୍ୟକ୍, ଏକତ୍ର, ସମ୍ଭୂ+ଗ୍ରହ. ଧାତୁ=S. ngraha ଗ୍ରହଣ କରିବା+ଘଞ୍ ଭାବ. ଅ)—୧ । ବସ୍ତୁ (ସଙ୍ଗ୍ରହ—ଅନ୍ୟରୂପ) ଦ୍ରବ୍ୟସମାନଙ୍କର ଏକତ୍ରୀକରଣ—[ସଂଗୃହୀତ—ବିଣ] 1. Gathering of things scattered about. ୨ । ଗୋଟାଇବା; ଆହରଣ—2. Collecting. ୩ । ସଂକଳନ—3. Compiling; blending; addition. ୪ । ତୋଳିବା; ଚୟନ—4. Plucking. ୫ । ସଂକ୍ଷେପ—5. Abridgement; condensing. ୬ । ସଂଚୟ—6. Storing. ୭ । ସମୂଚୟ; ସ୍ତୂପୀକରଣ; ଗଦା କରିବା—7. Heaping up; piling up. ୮ । ଉଚ୍ଚତା—8. Height. ୯ । ମହୋଦ୍ୟମ—9. A great endeavour. ୧୦ । ଆଲିଙ୍ଗନ—10. Embrace. ୧୧ । ମୁଷ୍ଟିବଦ୍ଧ—11. Closing of the fistclenching of the fist. ୧୨ । ନାନା ଗ୍ରନ୍ଥରୁ ବିଷୟମାନ ଉଦ୍ଧାର

Digitized by srujanika@gmail.com

କର ଏକ ଗ୍ରନ୍ଥରେ ସନ୍ନିବେଶିତ କରିବା—12. Compilation; compiling of passages or articles from different sources and putting them at one place. ୧୩ । (+ଅଧ୍ୟୟନ. ଅନ) ବ୍ୟାକରଣ ଗ୍ରନ୍ଥବିଶେଷ—13. Title of a Sanscrit grammatical compilation. ୧୪ । ଗ୍ରହଣ—14. Acceptance. [ଉ—ତେଣୁ କରି ତାଙ୍କ ଅମ୍ଭେ ସଂଗ୍ରହ କଲୁଁ; ଏବେ ଜନ ମୁଖେ ଅପବାଦ ପାଇଲୁଁ । ବଳରାମ. ବଡଡ ସ୍ତ୍ରୀପୁଣ ।]

ସଂଗ୍ରହ କରିବା—ଦେ. କ୍ରି—୧ । ଏକତ୍ର କରିବା—1. To collect; to gather. ୨ । ସଂକଳନ କରିବା—2. To compile.

ସଂଗ୍ରହକାର୍(ରି)—ସଂ. ବଣ. ପୁଂ (ସଂଗ୍ରହ+କୃ. ଧାତୁ+କର୍ତ୍ତରି, ଇନ୍, ଦୀର୍ଘ) ୧ମ। ୧ଜ; +କର୍ତ୍ତରି. ଅ)—ଯେ ଗୋଟାଏ (ସଂଗ୍ରହକାରିଣୀ—ସ୍ତ୍ରୀ) ବା ଏକତ୍ର କରେ—Gathering; collecting. ବ—ଏକତ୍ର କରିବା ବ୍ୟକ୍ତି; ସଂକଳୟିତା—Compiler; collector; gatherer.

ସଂଗ୍ରହ ଗ୍ରନ୍ଥ—ସଂ. ବ (ସଂଗ୍ରହପ୍ରଧାନ ଗ୍ରନ୍ଥ; ମ. ପ. ଲୋ) —ପୋଥି Samgraha grantha ପୁସ୍ତକରେ ନାନା ସ୍ଥାନରୁ ସଂଗୃହୀତ ବିଷୟମାନ ଥାଏ—Compendium; compilation.

ସଂଗ୍ରହଣ—ସଂ. ବ (ସମ୍+ଗ୍ରହ, ଧାତୁ+ଭାବ. ଅନ)—୧ । ସଂଗ୍ରହ Samgrahaṇa (ଦେଶ)—1. Samgraha. (See) ୨ । ସଂଗ୍ରହ କରିବା କାର୍ଯ୍ୟ—2. The act of collecting or compiling.

ସଂଗ୍ରହଣୀ—ସ. ବ (ସମ୍+ଗ୍ରହ ଧାତୁ+କରଣ ଅନ+ସ୍ତ୍ରୀ ଈ) Samgrahaṇī ୧ । ଗ୍ରହଣୀ ରୋଗ—1. Chronic dysentery. ୨ । ଭୟଙ୍କର ବା ବହୁକାଳସ୍ଥାୟୀ ଜଦରୂପସ୍ଥ; ଅତିସାର—2. An acute form of diarrhoea; chronic diarrhoea. ୩ । ସଂଗ୍ରହ (ଦେଶ)— 3. Samgraha (See)

ସଂଗ୍ରହାଧ୍ୟାୟ—ସ. ବ—ଗ୍ରନ୍ଥର କେଉଁ କେଉଁ ଅଧ୍ୟାୟରେ କ କ ବିଷୟ Samgrahādhyāya ଓ କେତେ ଶ୍ଲୋକ ଅଛି, ଗ୍ରନ୍ଥ ମୂଳରେ ଯେଉଁ ଅଧ୍ୟାୟରେ ଏହା ଏକତ୍ର ସୂଚିତ ହୋଇଥାଏ—The index chapter of a book; the chapter of a book dealing with the contents of the successive chapters.

ସଂଗ୍ରହିବା—ଦେ. କ୍ରି (ପଦ୍ୟ)—ସଂଗ୍ରହ କରିବା—To collect Samgrahibā [ଉ—ଦୁଷ୍ଟ ପ୍ରେମ ପାସ୍ତବାରେ ସଂଗ୍ରହିଲ ସିନା ସଂଗ୍ରହକରା ସଂଗ୍ରହକରନା ରତ୍ନ କୋଲ୍ଲ ଶୂନ୍ୟି ।—ଚନ୍ଦ୍ରାମଣି. ବଡମାଦଉ୍ୟ

ସଂଗ୍ରହିତା—ସ. ବଣ. ପୁଂ (ସମ୍+ଗ୍ରହ ଧାତୁ+କର୍ତ୍ତରି ତୃ ୧ମା Samgrahitā ୧ବ)—ସଂଗ୍ରହକାରୀ—Collecting; com- (ସଂଗ୍ରହିଣୀ—ସ୍ତ୍ରୀ) piling ବ—ସଂଗ୍ରହକାରୀ ବ୍ୟକ୍ତି—Collector; compiler.

ସଂଗ୍ରାମ—ସ. ବ—(ସମ୍+ଗ୍ରାମ୍ ଧାତୁ=ଯୁଦ୍ଧ କରିବା+ଘଞ୍ ଅ)—Samgrāma ସଙ୍ଗର; ଯୁଦ୍ଧ; ଅହବ—Fight; battle; con- (ସଙ୍ଗ୍ରାମ—ଅନ୍ୟରୂପ) test; war.

ସଂଗ୍ରାମ କ୍ଷେତ୍ର—ସ. ବ (ଚତୁର୍ଥୀ ତତ୍ପୁ)—ଯୁଦ୍ଧକ୍ଷେତ୍ର—Samgrāma kshetra Field of battle.

ସଂଗ୍ରାମ ପଟହ—ସଂ. ବ (ସଂଗ୍ରାମରେ ବାଦିତ ପଟହ; ମଧ୍ୟପଦଲୋପୀ) Samgrāma paṭaha ରଣଢକ୍କା; ବଡଢକାଠ—Battle-drum.

ସଂଗ୍ରାମ ପ୍ରିୟ—ସଂ. ବଣ. ପୁଂ (ବହୁବ୍ରୀହି)—ଯୁଦ୍ଧପ୍ରିୟ—War-Samgrāma priya like; fond of fighting; martial. (ସଂଗ୍ରାମପ୍ରିୟା—ସ୍ତ୍ରୀ) (ସଂଗ୍ରାମପ୍ରିୟତା—ବ)

ସଂଗ୍ରାମ ସିଂହ—ଦେ. ବ (ନାମ) ରାଜପୁତାନା ଅନ୍ତର୍ଗତ ଚତୋରର Samgrāma simha ସୁପ୍ରସିଦ୍ଧ ରାଣା (ରାଜା)—Name of a (ରାଣା ସଂଗ୍ରାମ ସିଂହ—ଅନ୍ୟରୂପ) famous king of Chitor in Rājputāna. ସଂଗ୍ରାମସିଂହ

[ଉ—ପ୍ରଥମେ ଚତୋର ରାଜା ରାଣା ସଂଗ୍ରାମ ସିଂହ ଭରତର ପଠାଣ ସମ୍ରାଟ ଇବ୍ରାହିମ ଲୋଦିଙ୍କ ଅଭ୍ୟାଗୁରରେ ବରଲ୍ ହୋଇ ବଦ୍ଦୋସ୍ତ ହେଲେ ଏବଂ ଇବ୍ରାହିମ୍‌ଙ୍କ ସଙ୍ଗେ ଯୁଦ୍ଧ କରିବା ପାଇଁ ସଂଗ୍ରାମ ସିଂହ କାବୁଲର ରାଜା ବାବରଙ୍କୁ ଅହ୍ୱାନ ପଠାନ୍ତେ ତାହାଙ୍କ ସଙ୍ଗେ ପଣ୍ଡି ପ୍ରଥମ ପାଣିପଥ ଯୁଦ୍ଧ (୧୫୨୬ ସାଲରେ) କରି ଇବ୍ରାହିମ ଲୋଦୀଙ୍କୁ ପରାସ୍ତ କଲେ । କିନ୍ତୁ ବାବର ଏ ଯୁଦ୍ଧ ପରେ ରାଜ୍ୟ ରାଜ୍ୟଧାନୀ କାବୁଲକୁ ଫେରି ନ ଯାଇ ଭାରତରେ ରହି ଦିଲ୍ଲୀଠାରେ ରାଜଧାନୀ କରି ମୋଗଲ ସାମ୍ରାଜ୍ୟର ମୂଳଭିତ୍ତି ସ୍ଥାପନ କଲେ । ଫଳରେ ଭାରତ ସମ୍ରାଜ୍ୟ ଗୋଟିଏ ଶକ୍ତିବଳ ମୁସଲମାନ ରାଜବଂଶ (ମୋଗଲ)ଙ୍କ ହାତରୁ ଯାଇ ପ୍ରବଳତର ଅନ୍ୟ ଏକ ମୁସଲମାନ ରାଜବଂଶ (ମୋଗଲ)ଙ୍କ କବ୍ଜାଭୁକ୍ତ ହେଲ୍ଲ । ପରେ ସଂଗ୍ରାମ ସିଂହ ବାବରଙ୍କର ଭାରତରେ ସାମ୍ରାଜ୍ୟ ପ୍ରତିଷ୍ଠା ରୂପ ଗୁରୁତର ଉଦ୍ଦେଶ୍ୟ ବୁଝି ତାର ଜନେକ ମୁସଲମାନ ରାଜାଙ୍କ ସଙ୍ଗେ ଯୋଗ ଦେଇ ବାବରଙ୍କୁ ଦିଲ୍ଲୀରୁ ଉଡ଼ାଇବା ପାଇଁ ତାଙ୍କ ସଙ୍ଗେ ଯୁଦ୍ଧ କଲେ । କିନ୍ତୁ ସିକ୍ରୀ ନାମକ ରଣକ୍ଷେତ୍ରରେ (୧୫୨୭ ସାଲରେ) ବଳେ ପରାଜିତ ହୋଇ ପରବର୍ଷ ମୃତ ହେଲେ ।

ଗୁଜୁରାଟର ସୁଲତାନ ବାହାଦୁର ସାହା ୧୫୩୫ ସାଲରେ ଚତୋର ଦୁର୍ଗ ଅକ୍ରମଣ କରିବାରୁ ସଂଗ୍ରାମସିଂହଙ୍କ ବିଧବା ରାଣୀ 'କର୍ଣ୍ଣାବତୀ' ବାବରଙ୍କ ପୁତ୍ର ସମ୍ରାଟ ହୁମାୟୁନଙ୍କ ନିକଟକୁ (ରାଜପୁତ ଜାତିସୁଲଭ ରାଖୀବନ୍ଧନ ପ୍ରଥାନୁସାରେ) ରାଖୀ ପଠାଇ ବାହାଦୁର ସାହାଙ୍କ

Digitized by srujanika@gmail.com

ସଙ୍ଗେ ଯୁଦ୍ଧ କରିବାକୁ ଦୁମ୍ନାସୁନଙ୍କୁ ନିମନ୍ତ୍ରଣ କଲେ; କିନ୍ତୁ ଦୁମ୍ନାସୁନ ଠିକ୍ ବେଳରେ ସୈନ୍ୟସଜ୍ଜ ନ ହୋଇପାରିବାରୁ ବାହାଦୁର ସାହା ଶତ୍ରୁର ଦୁର୍ଗକୁ ଅଧିକାର କଲେ। ସାଢ଼େ ୧୫୩୭ ସାଲରେ ଦୁମ୍ନାସୁନ ବାହାଦୁର ସାହାଙ୍କୁ ପରାସ୍ତ କରି ଶତ୍ରୁର ଦୁର୍ଗ ଅଧିକାର କଲେ।]

ସଂଗ୍ରାହ – ସଂ. ବ (ସମ୍+ଗ୍ରହ୍ ଧାତୁ+ଭାବ ଅ) ୧। ସଂଗ୍ରହ Saṁgrāha (ଦେଖ)—1. Saṁgraha (See) ୨। (ସଙ୍ଗ୍ରାହ—ଅନ୍ୟରୂପ) (+କରଣ ଅ) ଅସ୍ତ୍ରାଦିର ମୁଠା—2. The handle of a weapon. ୩। ମୁଷ୍ଟି ଫଳକର ମୁଷ୍ଠି; ଢାଲର ମୁଠା—3. The handle of a shield. ୪। ମୁଷ୍ଟିଦ୍ୱାରା ବନ୍ଧନ—4. Binding with the fist. ୫। ମୁଷ୍ଟି—5. Fist.

ସଂଗ୍ରାହକ—ବି. ବଣ. ତ୍ରି (ସମ୍+ଗ୍ରହ ଧାତୁ+କର୍ତ୍ତୃ ଅକ) —ସଂଗ୍ରହ- Saṁgrāhaka କାରୀ; ସଂଗ୍ରହୀତା—Collecting; compi (ସଙ୍ଗ୍ରାହକ—ଅନ୍ୟରୂପ) ling. ବ—୧। ଯେ ସଂଗ୍ରହ କରେ (ସଂଗ୍ରାହିକା—ସ୍ତ୍ରୀ) 1. Collector. ୨। ସଂକଳନକାରୀ— 2. Compiler.

ସଂଗ୍ରାହୀ –ସଂ. ବଣ. ତ୍ରି—(ସମ୍+ଗ୍ରହ ଧାତୁ+କର୍ତ୍ତୃ ଇନ୍; ୧ମା. Saṁgrāhī ୧ବ.)—ସଂଗ୍ରାହକ (ଦେଖ)—Saṁgrāhaka (ସଙ୍ଗ୍ରାହୀ—ଅନ୍ୟରୂପ) (See) ବ—(ବୈଦ୍ୟକ) କୃତ୍ରିମ ବା (ସଂଗ୍ରାହିଣୀ—ସ୍ତ୍ରୀ) ପିତାକୋରୁଆ ଗଛ—Wrightia Anti-Dysenterica (plant). [ଦ୍ର—ଏହା ସଂଗ୍ରହଣୀ ରୋଗର ପ୍ରଧାନ ଔଷଧ ଥିବାରୁ ଏହାର ଏପରି ନାମ ହୋଇଅଛି।]

ସଂଘ– ସଂ ବ—(ସମ୍+ହନ୍ ଧାତୁ=ବଧ କରିବା, ପରିଚ୍ଛନ୍ନ ହେବା+ Saṁgha କର୍ମ. ଅ) ୧। ସମୂହ; ଶ୍ରେଣି; ଗଦା—1. Collec- (ସଙ୍ଘ; ସଙ୍ଘ—ଅନ୍ୟରୂପ) tion; heap. ୨। ସମିତି; ସଭା; ସମାଜ—2. An association. ୩। ଜନତା; ଲୋକଗହଳ; ଗହଳି—3. Crowd. ୪। ସଜାତୀୟ ଓ ବିଜାତୀୟ ବହୁ ମନୁଷ୍ୟ ବା ଜୀବମାନଙ୍କର ମିଳିତ ଗଣ— 4. A company of men or animals (of the same and different class). ୫। ଭିକ୍ଷୁ ଓ ଭିକ୍ଷୁଣୀମାନଙ୍କ ସମାଜ—5. The society of Buddhist monks and nuns. ୬। ଦଳ; ଝାଙ୍କ; ବୃନ୍ଦ; ଦଳ—6. Flock; multitude. ୭। ବୌଦ୍ଧମାନଙ୍କର ସମାଜ ବା ଦଳ; ବୌଦ୍ଧ ସଂପ୍ରଦାୟ— 7. The aggregate of all the Buddhists; the whole sect of the Buddhists. ୮। ବୌଦ୍ଧ ଧର୍ମର ତିନିଟି ମଧ୍ୟରୁ ଏକତମ (ଅନ୍ୟ ଦୁଇଟି— ଧର୍ମ ଓ ବୁଦ୍ଧ)—8. One of the 3 gems or Trinity of the Buddhist religion.

ସଂଘଚାରୀ—ବି.ବ.ତ୍ରି—(ସଂଘ+ଚରଧାତୁ+କର୍ତ୍ତୃ ଇନ୍; ୧ମା. ୧ବ.) Saṁghachārī —ଯେ ଦଳବଦ୍ଧ ହୋଇ ବିଚରଣ କରନ୍ତି— Moving in flocks; gregarious.

(ସଂଘଚାରିଣୀ—ସ୍ତ୍ରୀ) ବ.—ମତ୍ସ୍ୟ—Fish.

ସଂଘଜୀବୀ – ସଂ ବ. (ସଂଘ=ଦଳ, ଜନତା+ଜୀବନ୍=ଯେ ଜୀବିକା Saṁghajībī ନିର୍ବାହ କରେ,୧ମା. ୧ବ)—୧। ମୂଲଅ; ବାଟୁଆ; —1. A day labourer. ୨। କୁଲି; ବୋଝଅ—2. A common carrier; cooly.

ସଂଘଟ – ବି. ବ.—ଓଡ଼ିଚପାମାନଙ୍କର ବିବାହାଦିରେ ଗୃହ୍ୟ, ଢାଲ, Saṁghaṭa ପରିବା ଆଦି ମିଶି ସିଝାଯାଇ ପ୍ରସ୍ତୁତ ହୋଇଥିବା ଘଣ୍ଟ ଖିଚରୀ ଘାଣ୍ଟିଆ ଖାଦ୍ୟବିଶେଷ, ଯାହା ସେମାନଙ୍କର ଜାତିଅଣ ପଙ୍ଗତରେ ନିମନ୍ତ୍ରିତ ଜାତିଭାଇମାନଙ୍କ ପାଇଁ ପରିବେଷଣ—A hotchpot prepared on the occasion of caste dinner amongst the Orda chashās of Orissa. ବିଣ—ଯଥେଷ୍ଟ; ଯଥେଷ୍ଟ ବସ୍ ପର୍ଯ୍ୟାପ୍ତ —Sufficient; enough. ସଂ. ବ.— ସଙ୍ଘଟ ସଙ୍ଘଟ୍ଟ ସଙ୍ଘଟନ(ନା) ସଙ୍ଘଟ୍ଟନ(ନା) ସଂଘଟ୍ଟନ(ନା) —ଅନ୍ୟରୂପ (ସମ୍+ଘଟ୍ ଧାତୁ=ଚେଷ୍ଟା କରିବା +ଭାବ. ଅ) ୧। ମେଳନ; ଏକତ୍ରୀକରଣ— 1. Meeting; coming together; joining together. ୨। ମିଶ୍ରଣ—2. Combination. ୩। ଗଠନ—3. Formation. ୪। ଘଟଣା—4. Event. ୫। ଘଟିବା—5. Happening. ୬। ବିବରଣ; ବୃତ୍ତାନ୍ତ—6. Description. [ଜ—ତାହାର ସଂଘଟନ ଯେଉଁ, ବୁଝାଇ କହି ମୋ ଅଗ୍ରତେ। ଜଗନ୍ନାଥ—ଭୂଗବତ।]

ସଂଘଟା(ଟୀ)—ସଂ. ବ—(ସଂଘଟ+ଆ)—ଲତା; ବଲ୍ଲୀ— Saṁghaṭā(ṭṭā) Creeper. [ସଘ(ଙ୍ଗ)ଟା(ଟ୍ଟା)—ଅନ୍ୟରୂପ]

ସଂଘଟିତ—ସଂ. ବିଣ—(ସମ୍+ଘଟ୍ଧାତୁ+କର୍ମ. ତ) ୧। ସଂଯୋଜିତ- Saṁghaṭita 1. Joined together; united; [ସଘ(ଙ୍ଗ)ଟିତ—ଅନ୍ୟରୂପ] connected. ୨। ନିର୍ମିତ—2. Built. ୩। ଘଟିଥିବା—3. Happened; taken place.

ସଂଘଟ୍ଟ—ସଂ. ବ. (ସମ୍+ଘଟ୍ଟ୍ ଧାତୁ=ଘର୍ଷଣ କରିବା+ଭାବ. ଅ) ୧। Saṁghaṭṭa ସଂଘର୍ଷ—1. Adherence; cohesion. ସଘଟ୍ଟ ସଙ୍ଘଟ୍ଟ ସଂଘଟ୍ଟନ(ନା) ସଘ(ଙ୍ଗ)ଟ୍ଟନ(ନା) —ଅନ୍ୟରୂପ ୨। ପରସ୍ପର ଘର୍ଷଣ—2. Rubbing together; friction. ୩। ଘୋଟିବା; ମର୍ଦ୍ଦନ—3. Act of rub- (ସଂଘଟ୍ଟିତ—ବିଣ) bing or pounding. ୪। ପରସ୍ପର ଆଘାତ ଲଗିବା—4. Clashing together; collision. ୫। ବାଦବିବାଦ—5. Conflict; encounter. ୬। ମିଳନ; ଏକତ୍ରୀକରଣ—6. Meeting; joining. ୭। ଆଲିଙ୍ଗନ—7. Embracing. ୮। ନିକଟ ସଂସର୍ଗ—8. Close contact.

Digitized by srujanika@gmail.com

୯। ଗୁଳନ—9. Causing to move; moving, ୧୦। ମାଲ୍ୟମାନଙ୍କର ଲୁଣ୍ଡିବାଳିନ ପଞ୍ଚା ସଜାସଜ କା ବାଡ଼ା ଉଡ଼ାଉଡ଼—10. Intertwining of two wrestlers in a bout of wrestling. ୧୧। ଢାବୁଡ଼ାଡାବୁଡ଼; ଭେଃଭେଃ—11. Encounter.

ସଂଘଡ଼(ଢ଼)—ଦେ. ବଣ—ସଘଡ଼ (ଦେଶ)
Saṁghaṛdā(ṛdha) Saṅgharda (See)

ସଂଘ ତଳ—ସଂ ବ—(ବହୁବ୍ରୀହି)—ଯୁକ୍ତ ଜରତଳଦ୍ୱୟ; ଅଞ୍ଜୁଳା; ଅଞ୍ଜଳ ବନ୍ଧନ—The two hands with the open palms brought together. (ସଙ୍ଘତଳ—ଅନ୍ୟରୂପ) ସଂ. ବଣ ପୁ.—କୃତାଞ୍ଜଳ; ଅଞ୍ଜଳ (ସଂଘତଳା—ସ୍ତ୍ରୀ) ଜରଥିବା (ବ୍ୟକ୍ତି)—(a person) With folded palms.
Saṁgha taḷa

ସଂଘନ—ସଂ. ବଣ—(ସମ୍+ଘନ)—ଦୁର୍ଭେଦ୍ୟ
Saṁghana Impervious; impenetrable.

ସଂଘମିତ୍ରା—ଦେ. ବ—(ନାମ)—ଅଶୋକଙ୍କ କନ୍ୟାର ନାମ—Name of the daughter of king Aśoka. ସଂଘମିତ୍ରା [ଦ୍ର—ସଂଘମିତ୍ରା ଓ ଭାଇଙ୍କ ଗୁଇ ମହେନ୍ଦ୍ର ବୌଦ୍ଧଧର୍ମ ପ୍ରଚାର କରିବା ପାଇଁ ଅଶୋକଙ୍କ କଳିଙ୍କ ସିଂହଳକୁ ପ୍ରେରଣ କୋଇଥିଲେ ।]
Saṁghamitrā

ସଂଘର୍ଷ—ସଂ.ବ—(ସମ୍+ଘୃଷ୍ଧାତୁ=ଘଷିବା+ଭାବ. ଅ)—୧। ପର-ସ୍ପର ପରସ୍ପରକୁ ଯୁଦ୍ଧାର୍ଥ ଖର୍ବା ସହୁତ ଆହ୍ୱାନ—Mutual defiance; mutual challenge. ୨। ବାଜି ରଖିବା—2. Laying a wager. ୩। ପରସ୍ପର ଘର୍ଷଣ—3. Rubbing together; friction. ୪। ମର୍ଦ୍ଦନ; ଘୋଷିବା—4. Pounding; pestling. ୫। ଧୀରେ ଧୀରେ ଗମନ—5 Going gently; gliding ୬। ଧୀରେ ଧୀରେ ବହୁବା (ପାଣି, ପବନ)—6. Gentle flowing of water, or blowing of wind. ୭। ଡଙ୍ଗା ଚୋହୁବା—7. The steering of a ship; the plying of a boat. ୮। ସ୍ପର୍ଦ୍ଧା—Rivalry; emulation (Apte). ୯। ଈର୍ଷା—9. Jealousy; envy (Apte). ୧୦। ଯୁଦ୍ଧ; ଦ୍ୱନ୍ଦ—10. Contest; fighting; duel.
Saṁgharsha

ସଂଘର୍ଷଣ—ସଂ. ବ—(ସମ୍+ଘୃଷ୍ଧାତୁ+ଭାବ.ଅନ)—ସଂଘର୍ଷ (ଦେଶ) (ଘର୍ଷଣ—ଅନ୍ୟରୂପ)
Saṁgharshaṇa Saṁgharsha (See)

ସଂଘଶଃ—ଅ. କ୍ରି. ବଣ—(ସଂଘ+ଶସ୍) ୧। ଦଳେ ଦଳେ—1. In crowds; in multitudes; ୨। ବହୁଶଃ 2. Much; in great numbers.
Saṁghaśaḥ

ସଂଘସ—ସ. ବ.—(ସମ୍+ଘସ୍ଧାତୁ=ଖାଇବା+ଭାବଅ)—୧। ଭୋଜନ—1. Eating; taking meals. ୨। (+ଜନ୍ମଅ) ଭୋଜ୍ୟ ଦ୍ରବ୍ୟ—2. Meal; eatables.
Saṁghasa

ସଂଘା(ଇତ୍ୟାଦି)—ଦେ. ବ ଓ ବଣ—ସଘା ଇତ୍ୟାଦି (ଦେଶ)
Saṁghā etc Saṅghā etc (See)

ସଂଘା(ଘେ,ଘୋ)ଇବା—ଦେ. କ୍ରି—ସଘାଇବା (ଦେଶ)
Saṁghā (ghe,gho) ibā Saṅghāibā (See)

ସଂଘାଟିକା—ସଂ ବ.—(ସମ୍+ଘଟ୍ଧାତୁ=ମିଳତ ହେବା+କର୍ତ୍ତୃଅକ +ଟା) ୧। ଯୋଡ଼ା; ଯୁଗ୍ମ—1 Pair couple. ୨। ଘ୍ରାଣ—2. Scent; smell. ୩। ଦୁତୀ; କୁଟୁଣୀ—3. A panderess; a procuress. ୪। ଜଳ ଜଣ୍ଡଳ; ସିଂଘଡ଼ା—4. Water.
Saṁghāṭikā (+ଅନ୍ୟରୂପ)

ସଂଘାଡ଼ି—ଦେ. ବ—ସଘାଡ଼ (ଦେଶ)
Saṁghāṛdi Saṅghāṛdi (See)

ସଂଘ ଡ଼ିବା—ଦେ. କ୍ରି—ସଘାଡ଼ିବା (ଦେଶ)
Saṁghāṛdibā Saṅghāṛdibā (See)

ସଂଘାଣକ—ସଂ. ବ—ସିଂଘାଣି—
Saṁghāṇaka The mucus of the nose (Apte.)

ସଂଘାତ—ସ. ବ—(ସମ୍+ହନ୍ ଧାତୁ+ଭାବ. ଅ)—୧। ଆଘାତ—Saṁghāta 1. Strike; blow. ୨। ହତ୍ୟା; ବଧ—2. Killing; slaughter. ୩। ବାଦଡ଼ତା; ଘନତ୍ୱ—3. Solidity; density; thickness; compactness. ୪। ସମୂହ—4. Collection; multitude; assemblage. ୫। ଦଳ—5. Crowd. ୬। ବାଦଡ଼ ସଯୋଗ; ଜମାଟ ବାନ୍ଧିବା—6. Crystallisation; coagulation; combination. ୭। ପରସ୍ପର ସଙ୍ଗେ ମିଳନ; ସମ୍ମିଳନ—7. Union; combination (Apte). ୮। (+କଫ୍. ଅ) କଫ—8. Phlegm. ୯। (+ଅଧିକରଣ. ଅ) ନରକବିଶେଷ—9. Name of a part of the hell. ୧୦। ନାଟକାଭିନୟରେ ଗତି-ବିଶେଷ ବା ଏକପ୍ରକାର ଗୁଲ୍—10. A kind of walking (in dramatic performance). ଗ୍ର. ବ—ସଘାତ; ମିତ୍ର—A dear friend. [ଉ—ଗୁଣୀ ବୋଇଲ ଶୁଣ ସଘାତ, କଣ୍ଠେ ନାଶିଲେ ମୋହର କାନ୍ତ—ଉତ୍ତରରାମ. ମଧୁସୂଦନଦାଳ ।] ଦେ. ବଣ—ମୃତ—Dead. [ଉ—କାଳେ ସେ ଦେଶର ସଂଘାତ କାଳଦଣ୍ଡେ । ଅକଣ୍ୟ ଦୁଅନ୍ତ ସଘାତ—ଘାନକୁମ୍ଭ. ରସ-କଲ୍ଲୋଳ ।]
Saṁghāta

ସଂଘାତ କଠିନ—ସଂ. ବଣ—ବାଦଡ଼ ସଂଯୋଗ ଯୋଗୁଁ ଘନ—
Saṁghāta kaṭhina Solid; hard like a solid.

ସଂଘାତ ପତ୍ରିକା—ସଂ. ବ (ବୈଦ୍ୟକ)—ଶତପୁଷ୍ପା; ଶଜ୍ଞ—
Saṁghāta patrikā Dill seed (plant).

ସଂଘାତ ବଳ—ଦେ. ବ (ପଦାର୍ଥବିଜ୍ଞାନର ପାରିଭାଷିକ ଶବ୍ଦ)—ଏକ
Saṁghāta baḷa ବସ୍ତୁ ପ୍ରତି ଭିନ୍ନ ଭିନ୍ନ ଦଗରୁ ଦୁଇ ବା ସଂଘାତ ବଳ ଉତ୍ତୋଳକ ବଳ ପ୍ରଯୋଗ କରିଗଲେ ସେହି ବସ୍ତୁ

Digitized by srujanika@gmail.com

ସଂଘାତ ବଳ ବଳର ଫଳସ୍ୱରୂପ ଉତ୍ପନ୍ନ ନୂଉନ ବଳ—(physics) The resultant of two or more forces acting on a thing at one point.

ସଂଘାତୀ—ଦେ ବଣ ଓ ବ—ଘାଉକ—Murderous; murderer Saṁghātī [ଉ--ବଷକଣ୍ଠ ସ୍ତ୍ରୀ ଉଲସେ ଭୁଲଗେ ଗୋରୁକା ସଂଘାତୀ ସାତୀ **संघात करनेवाला** ଦୋଇଲ୍ଲ--ଭଞ୍ଜ. ବୈଦେସ୍ପଶ୍ୱଲାସ ।]

ସଂଘାର - ଗ୍ରା· ବ (ସଂ. ସଂହାରର ଅଶୁଦ୍ଧ ଉଚ୍ଚାରଣ)—ସଂହାର Saṁghāra (ଦେଶ)—Saṁhāra (See)

ସଂଘାରାମ—ସଂ· ବ (ସଂଘ+ଅରାମ; ଅସ୍ତୀ ତତ୍ପୁ)—ବୌଦ୍ଧ ସନ୍ନ୍ୟାସୀ-ମାନଙ୍କର ମଠ—The math of Buddhist mendicants. Saṁghārāma

ସଂଘାରିବା—ଗ୍ରା. (ପଦ୍ୟ) କି (ସଂ· ସଂହାର)—ସଂହାରିବା (ଦେଶ)—Saṁhāribā (See) Saṁghāribā **ସଂହାର କରା ସଂହାର କରନା** [ଉ—ଅଇର ସଂଘର ଉଚ୍ଚୁର ବାଲି—ପ୍ରଭାସ. ଶତିସେଣା ।]

ସଂଘିବା—ଦେ. କି—ସଙ୍ଘିବା (ଦେଶ) Saṁghibā Saṅghibā (See)

ସଂଘୁଷିତ - ସଂ. ବଣ (ସମ୍ +ଘୁଷ୍ ଧାତୁ=ଘୋଷଣା କରିବା+କର୍ମ ତ)—୧ । ସମ୍ୟକ୍‌ରୂପେ ପ୍ରଚାରିତ ବା ଉଦ୍‌ଘୋଷିତ—1. Very widely proclaimed; published broadcast. ୨ । ଶବ୍ଦିତ—2 Sounded; resounded. ସଂ. ବ—୧ । (+ଭାବ ତ) ଶବ୍ଦ—1. Sound. ୨ । ଘୋଷଣା—2. Proclamation. Saṁghushita

ସଂଘୁଷ୍ଟ - ସଂ· ବଣ (ସମ +ଘୁଷ୍ ଧାତୁ+କର୍ମ. ତ)—ସଂଘୁଷିତ (ଦେଶ)—Saṁghushita (See) Saṁghushṭa

ସଂଘୃଷ୍ଟ—ସଂ. ବଣ (ସମ୍ +ଘୃଷ୍ ଧାତୁ=ଘଷିବା+କର୍ମ. ତ)—୧ । ଉତ୍ତମରୂପେ ମର୍ଦ୍ଦିତ—1. Well rubbed; well pounded. ୨ । ଚୂର୍ଣ୍ଣ ହୋଇ ବଟା ଯାଇଥିବା—2. Well bruised; reduced to a fine paste. Saṁghrushṭa

ସଂଘେଣି—ଗ୍ରା. ଅ—ସଙ୍ଘେଣି (ଦେଶ) Saṁgheni Saṅgheni (See)

ସଂଚ—ସଂ· ବ—ସଞ୍ଚ (ଦେଶ) Saṁcha Sañcha (See)

ସଂଚ ଘଂଚ—ଦେ. ବଣ (ସଦ୍ଭବର)—ସଞ୍ଚ ଘଞ୍ଚ (ଦେଶ) Saṁcha ghaṁcha Sañcha ghañcha (See)

ସଂଚତ୍—ସଂ. ବଣ—ସଞ୍ଚତ୍ (ଦେଶ) Saṁchat Sañceat (See)

ସଂଚନ—ଦେ· ବ (ପ୍ରାଚୀନ ପଦ୍ୟ) - ସଞ୍ଚନ (ଦେଶ) Saṁchana Sañchana (See)

ସଂଚପ—ଦେ. ବ ଓ ବଣ—ସଞ୍ଚପ (ଦେଶ) Saṁchapa Sañchapa (See)

ସଂଚପି କହିବା—ଦେ· କି—ସଞ୍ଚପି କହିବା (ଦେଶ) Saṁchapi kahibā Sañchapi kahibā (See)

ସଂଚପିବା—ଦେ. କି—ସଞ୍ଚପିବା (ଦେଶ) Saṁchapibā Sañchapibā (See)

ସଂଚୟ (ଇତ୍ୟାଦି)—ସଂ· ବ—ସଞ୍ଚୟ ଇତ୍ୟାଦି (ଦେଶ) Saṁchaya (etc) Sañchaya etc (See)

ସଂଚୟନ—ସଂ. ବ—ସଞ୍ଚୟନ (ଦେଶ) Saṁchayana Sañchayana (See)

ସଂଚୟନୀୟ—ସଂ. ବଣ—ସଞ୍ଚୟନୀୟ (ଦେଶ) Saṁchayanīya Sañchayanīya (See)

ସଂଚୟୀ—ସଂ. ବଣ. ସ୍ତ୍ରୀ—ସଞ୍ଚୟୀ (ଦେଶ) Saṁchayī (ସଂଚୟିନୀ—ସ୍ତ୍ରୀ) Sañchayī (See)

ସଂଚର - ସଂ. ବ -- ସଞ୍ଚର (ଦେଶ) Saṁchara [ସଞ୍ଚରଣ—ଅନ୍ୟରୂପ] Sañchara (See)

ସଂଚରା(ରେ)ଇବା—ଦେ. କି—ସଞ୍ଚରାଇବା (ଦେଶ) Saṁcharā(re)ibā Sañcharāibā (See)

ସଂଚରିତ—ସଂ· ବଣ—ସଞ୍ଚରିତ (ଦେଶ) Saṁcharita Sañcharita (See)

ସଂଚରିବା—ଦେ. କି—ସଞ୍ଚରିବା (ଦେଶ) Saṁcharibā Sañcharibā (See)

ସଂଚରିଷ୍ଣୁ—ସଂ· ବଣ—ସଞ୍ଚରିଷ୍ଣୁ (ଦେଶ) Saṁcharishṇu Sañcharishṇu (See)

ସଂଚଳନ—ସଂ· ବ—ସଞ୍ଚଳନ (ଦେଶ) Saṁchalana Sañchalana (See)

ସଂଚା—ସଂ. ବ ଓ ବଣ—ସଞ୍ଚା (ଦେଶ) Saṁchā Sañchā (See)

ସଂଚାଇବା—ଦେ. କି—ସଞ୍ଚାଇବା (ଦେଶ) Saṁchā(che)ibā Sañchāibā (See)

ସଂଚାଣ—ଦେ ବ ଓ ବଣ—ସଞ୍ଚାଣ (ଦେଶ) Saṁchāṇa Sañchāṇa (See)

ସଂଚାଣି—ଦେ· ବ ଓ ବଣ—ସଞ୍ଚାଣି (ଦେଶ) Saṁchāṇi Sañchāṇi (See)

ସଂଚାଣୀ—ଦେ. ବ· ସ୍ତ୍ରୀ—ସଞ୍ଚାଣୀ (ଦେଶ) Saṁchāṇī Sañchāṇī (See)

ସଂଚାନ—ସଂ· ବ—ସଞ୍ଚାନ (ଦେଶ) Saṁchāna Sañchāna (See)

ସଂଚାଯ୍ୟ—ସଂ. ବ—ସଞ୍ଚାଯ୍ୟ (ଦେଶ) Saṁchājya Sañchājya (See)

ସଂଚାର (ଇତ୍ୟାଦି)—ସଂ· ବ—ସଞ୍ଚାର ଇତ୍ୟାଦି (ଦେଶ) Saṁchāra Sañchāra (See)

ସଂଚାରକ—ସଂ· ବଣ· ପୁଂ—ସଞ୍ଚାରକ (ଦେଶ) Saṁchāraka Sañchāraka (See)

ସଂଚାରଣ ସଂ· ବ—ସଞ୍ଚାରଣ (ଦେଶ) Saṁchāraṇa Sañchāraṇa (See)

Digitized by srujanika@gmail.com

ସଂଚାରିକା—ସଂ. ବ—ସଞ୍ଚାରିକା (ଦେଶ)
S mchārikā Sañchārikā (See)
ସଂଚାରିଣୀ—ସଂ. ବ ଓ ବଣ—ସଞ୍ଚାରିଣୀ (ଦେଶ)
S mchāriṇī Sañchāriṇī (See)
ସଂଚାରିତ ସଂ. ବଣ—ସଞ୍ଚାରିତ (ଦେଶ)
S mchārita Sañchārita (See)
ସଂଚାରିବା—ଦେ. କି—ସଞ୍ଚାରିବା (ଦେଶ)
S mchāribā Sañchāribā (See)
ସଂଚାରୀ (ଇତ୍ୟାଦି) - ସଂ. ବ ଓ ବଣ—ସଞ୍ଚାରୀ ଇତ୍ୟାଦି (ଦେଶ)
S mchārī (etc) (ସଂଚାରିଣୀ—ସ୍ତ୍ରୀ) Sañchārī etc (See)
ସଂଚାର୍ଯ୍ୟ—ସଂ. ବଣ—ସଞ୍ଚାର୍ଯ୍ୟ (ଦେଶ)
S mchārjya Sañchārjya (See)
ସଂଚାଳନ ସଂ. ବ—ସଞ୍ଚାଳନ (ଦେଶ)
S mchālana (ସଂଚାଳିତ—ବଣ) Sañchālana. (See)
ସଂଚାଳୀ—ସଂ. ବ ଓ ବଣ. ପୁଂ—ସଞ୍ଚାଳୀ (ଦେଶ)
Sañchālī (ସଂଚାଳକ—ସ୍ତ୍ରୀ) Sañchālī (See)
ସଂଚିଆ—ଦେ. ବଣ. ପୁଂ—ସଞ୍ଚିଆ (ଦେଶ)
Sañchiā (ସଂଚେତ—ସ୍ତ୍ରୀ) Sañchiā. (See)
ସଂଚିତ ମାରିବା—ଗାଦେ (ସମ୍ବଲପୁର) କି—ସଞ୍ଚିତ୍ ମାରିବା (ଦେଶ)
Sañchit māribā Sañchit māribā. (See)
ସଂଚିତ (ଇତ୍ୟାଦି)—ସଂ. ବଣ—ସଞ୍ଚିତ ଇତ୍ୟାଦି (ଦେଶ)
Sañchita (etc) Sañchita etc. (See)
ସଂଚିତ୍ରା ସଂ ବ—ସଞ୍ଚିତ୍ରା (ଦେଶ)
Sañchitrā Sañchitrā. (See)
ସଂଚିନ୍ତିତ—ସଂ. ବଣ—ସଞ୍ଚିନ୍ତିତ (ଦେଶ)
S mchintita Sañchintita. (See)
ସଂଚିବା ଦେ. କି—ସଞ୍ଚିବା (ଦେଶ
Sañchibā Sañchibā. (See
ସଂଚିଲା (ଇତ୍ୟାଦି)—ଦେ. ବଣ—ସଞ୍ଚିଲା ଇତ୍ୟାଦି (ଦେଶ)
Sañchilā (etc) Sañchilā etc. (See)
ସଂଚୂର୍ଣ୍ଣନ—ସଂ. ବ—ସଞ୍ଚୂର୍ଣ୍ଣନ (ଦେଶ)
Sañchūrṇṇana Sañchūrṇṇana (See)
[ସଂଚୂର୍ଣ୍ଣିତ—ବଣ]
ସଂଚେତବ୍ୟ—ସଂ. ବଣ—ସଞ୍ଚେତବ୍ୟ (ଦେଶ)
Sañchetabya Sañchetabya (See)
[ସଚେତୟ୍—ଅନ୍ୟରୂପ]
ସଂଜ (ଇତ୍ୟାଦି)—ସଂ. ଓ ଦେ. ବ—ସଞ୍ଜ ଇତ୍ୟାଦି (ଦେଶ)
Sañja (etc) Sañja etc. (See)
ସଂଜନ—ସଂ. ବ—ସଞ୍ଜନ (ଦେଶ)
Sañjana Sañjana. (See)
ସଂଜବନ—ସ ବ—ସଞ୍ଜବନ (ଦେଶ)—
Sañjabana Sañjabana (See)
ସଂଜବ(ମ)ନୀ ପୁର(ରି)(ଇତ୍ୟାଦି)—ଦେ.ବ—ସଞ୍ଜବନୀ ପୁର (ଇତ୍ୟାଦି)
Sañjaba(ma)nī pura (rī) (etc) (ଦେଶ)-Sañjabanī pura etc (See)

ସଂଜୟ—ସ. ବ (ନାମ)—ସଞ୍ଜୟ (ଦେଶ)—
Sañjaya Sañjaya (See)
ସଂଜା (ଇତ୍ୟାଦି)—ସଂ ଓ ଦେ. ବ—ସଞ୍ଜା ଇତ୍ୟାଦି (ଦେଶ)
Sañjā (etc) Sañjā etc (See)
ସଂଜାଇ—ଦେ. ବ.ସ୍ତ୍ରୀ—ସଞ୍ଜାଇ (ଦେଶ)—
Sañjāī Sañjaī (See)
ସଂଜାତ ସଂ. ବଣ.—ସଞ୍ଜାତ (ଦେଶ)—
Sañjāta Sañjāta (See)
ସଂଜାତି—ଦେ. ବଣ—ସଞ୍ଜାତି (ଦେଶ)—
Sañjāti Sañjati (See)
ସଂଜାପ(ବ)—ଦେ ଦେ. ବ—ସଞ୍ଜାପ (ଦେଶ)—
Sañjāpa(ba) Sañjāpa (See)
ସଂଜିଆ—ଗାଂ ବ.—ସଞ୍ଜିଆ (ଦେଶ)
Sañjiā Sañjiā (See)
ସଂଜିଘୃକ୍ଷା—ସଂ. ବ—ସଞ୍ଜିଘୃକ୍ଷା (ଦେଶ)—
Sañjighīrshā Sañjighīrshā (See)
ସଂଜିଘୃକ୍ଷୁ—ସଂ. ବଣ—ସଞ୍ଜିଘୃକ୍ଷୁ (ଦେଶ)—Sañjighīrshu (See)
Sañjighīrshu
ସଂଜୀବନ—ସଂ. ବ—ସଞ୍ଜୀବନ (ଦେଶ)
Sañjībana Sañjībana (See)
ସଂଜୀବନୀ(ଇତ୍ୟାଦି)—ଦେ. ବଣ.—ସଞ୍ଜୀବନୀ ଇତ୍ୟାଦି (ଦେଶ)
Sañjībanī (etc) Sañjībanī etc (See)
ସଂଜୁଆ—ଦେ. ବଣ.—ସଞ୍ଜୁଆ ଦେଶ
Sañjuā Sañjuā (See)
ସଂଜୁ(ଜୋ)ଗ୍(ଟ୍, ଡ୍)—ଦେ. ବ—ସଞ୍ଜୁଗ୍ ଦେଶ—
Sañju(jo)g(ṭ, ḍ) Sañjug (See)
ସଞ୍ଜ୍ଞ—ସ. ବ.ସ. ପୁଂ—(ଅନ୍ୟ ଶବ୍ଦ ପରେ ସମାସରେ 'ସଞ୍ଜ୍ଞା' ଶବ୍ଦ ଅକାରନ୍ତ ହୋଇ 'ସଞ୍ଜ୍ଞ' ହୁଏ)—
Sañjña
[ସଂଜ୍ଞ, ସଂଜ୍ଞକ—ଅନ୍ୟରୂପ] ୧ । ସଞ୍ଜ୍ଞାଯୁକ୍ତ—1. Having the definition of; styled as. ୨ । ଉପାଧିଯୁକ୍ତ—2. Having the title of. ୩ । ଗୁଲୁଷ୍ଟବେଳେ ଯାହାର ଦୁଇ ଆଣ୍ଠୁ ପରସ୍ପର ସାଙ୍ଗେ ବାଙ୍କେ—3. Knock-kneed. (Apte) ୪ । ଅମୁକ ନାମରେ ନାମିତ—4. Named; called. (Apte). ସଂ. ବ—ଏକ ପ୍ରକାର ଦଲଦିଆ ସୁଗନ୍ଧ କାଠ—
A yellow fragrant wood. (Apte)

ସଂଜ୍ଞପନ—ସଂ. ବ (ସମ୍+ଜ୍ଞା. ଧାତୁ, ଣିଚ୍=ଜ୍ଞପି. ଧାତୁ=ଜଣାଇବା+ଲ୍ୟୁ. ଅନ)—୧ । ମାରଣ; ବଧ—1. Slaughter; killing. ୨ । ବଜ୍ଞାପନ—2. Notifying; proclamation.
ସଞ୍ଜ୍ଞପନ, ସଂଜ୍ଞପ୍ତି, ସଞ୍ଜ୍ଞପ୍ତି —ଅନ୍ୟରୂପ

ସଂଜ୍ଞା—ସଂ. ବ (ସମ୍+ଜ୍ଞା. ଧାତୁ+କରଣ. ଅ+ସ୍ତ୍ରୀ. ଆ; ଯାହାଦ୍ୱାରା ବସ୍ତୁ ଆଦି ଚିହ୍ନାଯାଏ)—୧ । ଅଭିଧା; ଆଖ୍ୟା—
[ଜ୍ଞା—ଅନ୍ୟରୂପ] 1. Appellation. ୨ । ନାମ—

Digitized by srujanika@gmail.com

2. Name; designation. ୩। [ବସ୍ତୁର ବା ପ୍ରାଣୀର] ବିଶିଷ୍ଟତାବୋଧକ ଶବ୍ଦ—3. Technical name; a term denoting a particular thing or animal. ୪। ଉପାଧି—4. Title. ୫। ଜ୍ଞାନ—5. Knowledge; sensation; intelligence. ୬। ଚେତନା; ଚୈତନ୍ୟ—6. Consciousness; animation; sense-perception. ୭। ବୁଦ୍ଧି—7. Intellect. ୮। ସଂକେତ; ଦ୍ୱାରାଦ ଦ୍ୱାରା ଅର୍ଥସୂଚନା—8. A sign; a significant sign; gesture. ୯। [ବ୍ୟାକରଣ] ବଶେଷ୍ୟ ପଦ—9. (grammar] A noun. ୧୦। (ବ୍ୟାକରଣ) ବିଶିଷ୍ଟ ଅର୍ଥ ବୋଧକ ବଶେଷ୍ୟ ବା ନାମ; ବ୍ୟକ୍ତି ବା ସ୍ଥାନବଶେଷର ନାମ—10. (grammar) Name or noun having a special meaning; proper name (Apte). ୧୧। (ବ୍ୟାକରଣ) ପ୍ରତ୍ୟୟର ବ୍ୟାକରଣଗତ ନାମ—11. (grammar) A technical name for an affix (Apte). ୧୨। ବେଦମାତା ଗାୟତ୍ରୀ ଦେବୀ; ଗାୟତ୍ରୀ ମନ୍ତ୍ର—12. The mystic formula 'Gāyatrī' said to be the mother of the Vedas. ୧୩। ସୂର୍ଯ୍ୟପତ୍ନୀ (ସୂର୍ଯ୍ୟଙ୍କ ଅନ୍ୟ ପତ୍ନୀଙ୍କ ନାମ ଛାୟା)—13. Name of one of the two wives of the Sun-god [ଦ୍ର—ସଂଜ୍ଞା ବଶ୍ୱକର୍ମାଙ୍କ କନ୍ୟା। ସୂର୍ଯ୍ୟ ଦେବ ଏହାଙ୍କ ପାଣି ଗ୍ରହଣ କରିଥିଲେ। କଥିତ ଅଛି ଯେ, ଏ ସୂର୍ଯ୍ୟଙ୍କର ପ୍ରଖର ତେଜ ସହ୍ୟ କରିବାକୁ ଅସମର୍ଥ ହୋଇ ଅପଣା ଛାୟାକୁ ଛାୟା ନାମ୍ନୀ ଏକ ରମଣୀଙ୍କୁ ସୃଷ୍ଟି କରି ତାଙ୍କ ସୂର୍ଯ୍ୟଙ୍କ ସକାଶରେ ରଖିଦେଇ ନଜେ ପୋତନରେ ପିତ୍ରାଳୟକୁ ପ୍ରସ୍ଥାନ କଲେ। ଏହି ଛାୟାଙ୍କ ଗର୍ଭରେ ଶନି ପ୍ରଭୃତିଙ୍କର ଜନ୍ମ ହେଲା। ପରେ ବଶ୍ୱକର୍ମା ଏହା ଅବଗତ ହୋଇ ତାଙ୍କୁ ଫେରସ୍ଥାନ କରିବାରୁ ସେ ଅଶ୍ୱମାନରେ ପିତୃଗୃହ ପରିତ୍ୟାଗ କରି ଉତ୍ତର କୁରୁବର୍ଷ ଦେଶରେ ଅଶ୍ୱିନୀ (ଘୋଟକୀ) ରୂପ ଗ୍ରହଣ କରି ବିଚରଣ କଲେ। ଅନନ୍ତର ସୂର୍ଯ୍ୟଦେବ ତପୋବଳରେ ଏହା ଜାଣିପାରି ନଜେ ଅଶ୍ୱରୂପ ଧାରଣପୂର୍ବକ ସେହି ସ୍ଥାନରେ ଯାଇ ଅଶ୍ୱିନୀରୂପଧାରିଣୀ ସଂଜ୍ଞାଙ୍କ ସଙ୍ଗେ ମିଳିତ ହେଲେ ଏବଂ ସେଠାରେ ତାଙ୍କ ଔରସରେ ସଂଜ୍ଞାଙ୍କ ଗର୍ଭରୁ ଯମଜ ପୁତ୍ର ଅଶ୍ୱିନୀ-କୁମାର ଦ୍ୱୟ ଜାତ ହେଲେ। ଅଶ୍ୱିନୀରୂପ ଧାରଣ କରିବା ସକାଶୁ ଦଂଷ୍ଟ୍ରାଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସରେ ବୈବସ୍ୱତ ମନୁ, ଯମ ଓ ଯମୁନାଙ୍କର ଜନ୍ମ ହୋଇଥିଲା।] ଦେ. ବ—

ସଂଜ୍ଞା ସଂଜ୍ଞା ୧। ବଂଶୋପାଧି—1. Family-title. ୨। ବିଜ୍ଞାନ, ଶ୍ରେଣୀଚତୁଷ୍ଟୟାଦରେ ବ୍ୟବହୃତ ଶବ୍ଦମାନଙ୍କର ସ୍ୱରୂପ ବର୍ଣ୍ଣନା—2. The definition of technical and scientific terms.

ସଂଜ୍ଞାନ—ସଂ. ବ (ସମ୍ + ଜ୍ଞା ଧାତୁ + ଲ୍ୟୁଟ୍. ଅନ)—୧। ଜ୍ଞାନ—Samjñāna 1. Knowledge; sensation. ୨। ଚେତନା—(ସଜ୍ଞ୍ଜ୍ଞାନ—ଅନ୍ୟରୂପ) 2. Consciousness. ୩। ସଂକେତ—3. Sign; gesture.

ସଂଜ୍ଞାପନ—ସଂ.ବ (ସମ୍ + ଜ୍ଞା, ଧାତୁ ଣିଚ ଣିପ୍ ଧାତୁ = ଜଣାଇବା + ଲ୍ୟୁଟ. Samjñāpana ଅନ)—ବିଜ୍ଞପନ; ଜଣାଇବା—Notifying; (ସଜ୍ଞ୍ଜ୍ଞାପନ—ଅନ୍ୟରୂପ) the making of a thing [ସଂଜ୍ଞାପିତ, ସଂଜ୍ଞାପନୀୟ, ସଂଜ୍ଞପ୍ୟ—ବିଶ] known.

ସଂଜ୍ଞା ବଘାତ - ସଂ. ବ (ସଂଜ୍ଞା + ବ + ହନ୍ ଧାତୁ + କର୍ତ୍ତୃ. ଘଞ୍; Samjñā bighātī ୧ମା. ୧ବ)—ଯାହା ଚେତନ୍ୟ ଲୋପ [ସଂଜ୍ଞାବଘାତିନୀ—ସ୍ତ୍ରୀ] କରେ—Causing loss of consciousness.

ସଂଜ୍ଞା ବପର୍ଯ୍ୟ'ର୍ଯ୍ୟ ସ୍ୱ—ସଂ. ବ (୬ଷ୍ଠୀ ତତ୍)—ଚେତନାର ନାଶ—Samjñā biparjya(rja)ya Loss of consciousness (Apte)

ସଂଜ୍ଞା ଲବ୍ଧ—ସଂ. ବିଶ. ତ୍ପୁ—ଲବ୍ଧସଂଜ୍ଞ; ଲବ୍ଧଚେତନ—Samjñā labdha One who has regained [ସଂଜ୍ଞାଲବ୍ଧା—ସ୍ତ୍ରୀ] consciousness.

ସଂଜ୍ଞା ଲାଭ—ସଂ. ବ (୬ଷ୍ଠୀ ତତ୍)—ଚେତନା ଲାଭ—Samjñā lābha Regaining of consciousness.

ସଂଜ୍ଞା ଲୋପ—ସଂ. ବ (୬ଷ୍ଠୀ ତତ୍)—ଚେତନା ବୁଡ଼ିଯିବା; ବେଟ୍ଟୋସ ହେବା ଅବସ୍ଥା—Loss of consciousness; becoming senseless.

ସଂଜ୍ଞା ଶୂନ୍ୟ—ସଂ. ତତ୍ପୁ (ଶୂନ୍ୟା ତତ୍)—ଅଚେତନ—Unconscious; devoid of sense. Samjñā śūnya [ସଂଜ୍ଞାଶୂନ୍ୟନ—ଅନ୍ୟରୂପ] (ସଜ୍ଞାଶୂନ୍ୟା, ସଂଜ୍ଞାଶୂନ୍ୟା—ସ୍ତ୍ରୀ)

ସଂଜ୍ଞା ସୁତ ସଂ. ବ—୧। ଯମ—1. The God of death. ୨। Samjñā suta ବୈବସ୍ୱତ ମନୁ—2. Vaibaswata Manu. ୩। ଅଶ୍ୱିନୀକୁମାର ଦ୍ୱୟ—3. The twin Aświnī-kumars. ୪। ଶନିଗ୍ରହ (ସୂକ୍ଷ୍ମତତ୍ତ୍ୱବାଦ)—4. The planet- Saturn.

ସଂଜ୍ଞା ସୁତା—ସଂ. ତ—ଯମୁନା (ନଦୀ)—Samjñāsutā The river Jamunā.

ସଂଜ୍ଞିତ—ସଂ.ବିଶ. ତ୍ପୁ— (ସଂଜ୍ଞା + ସଂଜ୍ଞାତ.ଅର୍ଥରେ.ଇତ)—ସଂଜ୍ଞାରେ Samjñita ବା ନାମରେ ଅଭିହିତ- Named as; known (ସଂଜ୍ଞିତା—ସ୍ତ୍ରୀ) as; called. [ଯଥା—କର୍ମସଂଜ୍ଞିତ=ଯାହାକୁ [ସଜ୍ଞ୍ଜ୍ଞିତ—ଅନ୍ୟରୂପ] ଲୋକେ 'କର୍ମ' ନାମରେ ଜାଣନ୍ତି।]

[ଦ୍ର—ଏହି ଶବ୍ଦ କେବଳ ଅନ୍ୟ ନାମ ବା ବଶେଷ୍ୟ ସହିତ ସମାସରେ ଯୁକ୍ତ ହୁଏ, ଯଥା ଗୋପାଳସଂଜ୍ଞିତ।]

ସଂଜ୍ଞୁ—ସଂ. ବିଣ (ବହୁବ୍ରୀହି; ସମ୍ = ମିଳିତ + ଜ୍ଞାନ; ଜ୍ଞାନୁ ସ୍ଥଳରେ Samjñu 'ଜ୍ଞୁ' ଆଦେଶ; ମିଳିତ ହୋଇଅଛୁ ଜ୍ଞାନ ଦ୍ୱୟ (ସଜ୍ଞ୍ଜ୍ଞୁ—ଅନ୍ୟରୂପ) ଯାହାର)—୧। ଯାହାର ଦୁଇଟି ଯାକ ଅଣ୍ଡ ପରସ୍ପର ସହିତ ମିଳ ଯାଇଅଛି—1. (a person)

Having the two knees joined together.
୨ । ଗୋଇଠିବେଳେ ଯାହାର ଦୁଇ ଆଣ୍ଠୁ ପରସ୍ପର ସଙ୍ଗେ ବାଜେ—2. Knock-kneed. (Apte)

ସଂଜ୍ୱର— ସଂ. ବ—ସଞ୍ଜ୍ୱର (ଦେଶ)— sañjwara, (See)
Samjwara (ସଞ୍ଜ୍ୱର—ଅନ୍ୟରୂପ)

ସଂଜ୍ୟା—ଗ୍ରା. ବ—ସଞ୍ଜ୍ୟା (ଦେଶ)—Sañjyā. (See)
Samjyā (ସଞ୍ଜ୍ୟା—ଅନ୍ୟରୂପ)

ସଂଟା(ଟେ)ଇବା—ସଣ୍ଟାଇବା (ଦେଶ)
Saṃṭā(ṭe)ibā Saṃṭāibā (See)

ସଂଠ—ଗ୍ରାଦେ. (ଅଠମଙ୍କିକ) ବଣ—ସଣ୍ଠ (ଦେଶ)
Saṃṭha Saṇṭha (See)

ସଂଠଣା(ଣା) —ଦେ. ବ ଓ ବଣ—ସଣ୍ଠଣ୍ଣ (ଦେଶ)—Saṇṭhaṇa.
Saṃṭhaṇa(ṇā) (ସଂଠଣା ଅନ୍ୟରୂପ) (See)

ସଂଡ—ସଂ. ବ—ସଣ୍ଡ (ଦେଶ)—Saṇḍa. (See)
Saṃḍa (ସଞ୍ଜ୍ଡ—ଅନ୍ୟରୂପ)

ସଂଡା(ଡେ)ଇବା—ଦେ. କି—ସଣ୍ଡେଇବା (ଦେଶ)
Saṃḍā(ḍe)ibā Saṇḍeibā (See)

ସଂଡାଣ୍(ଣ୍)—ବୈଦେ. ବ—ସଣ୍ଡାଣ୍ (ଦେଶ)
Saṃḍāṇ(ṇ) Saṇḍāṇ (See)

ସଂଡାଶି—ଦେ. ବ—ସଣ୍ଡାଶି (ଦେଶ)
Saṃḍāśi Saṇḍāśi. (See

ସଂଡିଶ ସଂ. ବ—ସଣ୍ଡିଶ (ଦେଶ) —Saṇḍiśa. (See)
Saṃḍiśa (ଞ୍ଜଡିଶ—ଅନ୍ୟରୂପ)

ସଂଡୀନ—ସଂ. ବ. ଓ ବଣ—ସଣ୍ଡୀନ (ଦେଶ)—Saṇḍīna. (See)
Saṃḍīna (ସଞ୍ଜ୍ଡୀନ—ଅନ୍ୟରୂପ)

ସଂଡୁଆଶି—ଦେ. ବ—ସଣ୍ଡୁଆଶି (ଦେଶ)
Saṃḍuāśi Saṇḍuāśi. (See)

ସଂଡୁଆସ—ଗ୍ରାଦେ. (ଉତ୍ତର ବାଲେଶ୍ୱର) ବ—ସଣ୍ଡୁଆସ (ଦେଶ)
Saṃḍuāsa Saṇḍuāsa. (See)

ସଂଡେ (ଇତ୍ୟାଦି)—ବୈଦେ. ବ—ସଣ୍ଡେ ଇତ୍ୟାଦି (ଦେଶ)
Saṃḍe (etc) Saṇḍe etc. (See)

ସଂଢିଆ— ଦେ. ବ—ସଣ୍ଢିଆ (ଦେଶ)—Saṇḍhiā. (See)
Saṃḍhiā [ସଂଢିଆଳ—ଅନ୍ୟରୂପ]

ସଂତ(ଇତ୍ୟାଦି) —ସ. ଓ ଦେ-ବ—ସନ୍ତ ଇତ୍ୟାଦି (ଦେଶ)
Samta(etc) Santa etc (See)

ସଂତକ(ଇତ୍ୟାଦି)—ଦେ. ବ— ସନ୍ତକ ଇତ୍ୟାଦି (ଦେଶ)
Samtaka(etc) Santaka etc (See)

ସଂତତ(ଇତ୍ୟାଦି)—ସ. ବଣ ଓ କି. ବଣ—ସନ୍ତତ ଇତ୍ୟାଦି (ଦେଶ)
Saṃtata (etc) Santata etc (See)

ସଂତତି— ସଂ. ଓ ଦେ. ବ—ସନ୍ତତି (ଦେଶ)
Saṃtati Santati (See)

ସଂତତେ—ଦେ. ଅ—ସନ୍ତତେ (ଦେଶ)
Saṃtate Santate (See)

ସଂତପତ(ନ୍ତ, ନ୍ଥ)—ଗ୍ରା. ବଣ—ସନ୍ତପତ (ଦେଶ)
Saṃtapata (nta, ntha) Santapata (See)

ସଂତପତି—ଦେ. ବ—ସନ୍ତପତି (ଦେଶ)
Saṃtapati Santapati (See)

ସଂତପ୍ତ—ସଂ ବଣ ସୂ—ସନ୍ତପ୍ତ (ଦେଶ) Santapta (See)
Saṃtapta (ସନ୍ତପ୍ତା—ସ୍ତ୍ରୀ; ସନ୍ତପ୍ତ,ସନ୍ତାପ—ବ)

ସଂତମସ —ସଂ. ବ—ସନ୍ତମସ (ଦେଶ)
Saṃtamasa Santamasa (See)

ସଂତରଣ (ଇତ୍ୟାଦି) —ସଂ. ବ—ସନ୍ତରଣ ଇତ୍ୟାଦି (ଦେଶ)
Saṃtaraṇa (etc) Santaraṇa etc (See)

ସଂତର ପଂତର—ଦେ. ବଣ—ସନ୍ତର ପନ୍ତର (ଦେଶ)
Saṃtara paṃtara Santara pantara (See)

ସଂତରୀ(ଇତ୍ୟାଦି) ଦେ. ବ—ସନ୍ତରୀ ଇତ୍ୟାଦି (ଦେଶ)
Saṃtarī (etc) Santarī etc(See)

ସଂତରିବା—ଦେ. କି (ପଦ୍ୟ) —ସନ୍ତରିବା (ଦେଶ) —
Saṃtaribā Santaribā (See)

ସଂତର୍ପଣ(ଇତ୍ୟାଦି) —ସଂ. ବ—ସନ୍ତର୍ପଣ ଇତ୍ୟାଦି (ଦେଶ)—
Saṃtarpaṇa (etc) Santarpaṇa etc (See)

ସଂତସ ଶନ୍ତି —ଦେ: ବଣ—ସନ୍ତ ସନ୍ତତି (ଦେଶ)—
Saṃtasaṃtiā Santasantiā (See)

ସଂତା—ଦେ. ବଣ ଓ ବ—ସନ୍ତା (ଦେଶ)—
Saṃtā Santā (See

ସଂତା(ତେ)ଇବା—ଦେ: କି—ସନ୍ତାଇବା (ଦେଶ) —
Saṃtā(te)ibā Santāibā (See)

ସନ୍ତା(ତେ)ଇ ହେବା—ଦେ. କି—ସନ୍ତାଇ ହେବା (ଦେଶ) —
Saṃtā(te)i hebā Santāi hebā (See)

ସଂତାନ(ଇତ୍ୟାଦି)—ସଂ. ବ—ସନ୍ତାନ ଇତ୍ୟାଦି (ଦେଶ)—
Saṃtāna (etc) Santāna etc (See)

ସଂତାନକ—ସଂ: ବ—ସନ୍ତାନକ (ଦେଶ) —
Saṃtānaka Santānaka (See)

ସଂତାନିକା—ସଂ: ବ—ସନ୍ତାନିକା (ଦେଶ)—
Saṃtānikā Santānikā (See)

ସଂତାନିତ—ସଂ: ବଣ. ସୂ. – ସନ୍ତାନିତ (ଦେଶ)
Saṃtānita (ସନ୍ତାନିତା—ସ୍ତ୍ରୀ) Santānita (See)

ସଂତାନି ସଂତାନି(ଇତ୍ୟାଦି) ଦେ: ବ--ସନ୍ତାନି ପନ୍ତାନି ଇତ୍ୟାଦି(ଦେଶ)
Saṃtāni paṃtāni(etc) Santāni pantāni etc(See)

ସଂତାପ ଇତ୍ୟାଦି)—ସଂ; ବ—ସନ୍ତାପ ଇତ୍ୟାଦି (ଦେଶ)
Saṃtāpa (etc) Santāpa etc (See)

ସଂତାପନ —ସଂ. ବ—ସନ୍ତାପନ (ଦେଶ) —
Saṃ āpana Santāpana (See)

ସଂତାପନୀୟ —ସଂ. ବଣ—ସନ୍ତାପନୀୟ (ଦେଶ) —
Saṃtapanīya Santāpanīya (See)

ସଂତାପିତ —ସଂ. ବଣ—ସନ୍ତାପିତ (ଦେଶ) —
Saṃtāpita Santāpita (See)

ସଂତାପି ହେବା ଦେ: କି—ସନ୍ତାପି ହେବା (ଦେଶ) —
Saṃtāpi hebā Santāpi hebā (See)

ସଂତାପୀ—ସଂ. ବଣ—ସନ୍ତାପୀ (ଦେଶ) —
Saṃtāpī (ସନ୍ତାପିନୀ—ସ୍ତ୍ରୀ) Santāpī (See)

Digitized by srujanika@gmail.com

ସଂତି—ସଂ. ବ—ସନ୍ତି (ଦେଶ)—
Samti Santi (See)

ସଂତିଆ ଦେ. ବଣ: ପୁଂ—ସନ୍ତିଆ (ଦେଶ)—
Samtiā (ସନ୍ତୋଷ—ସ୍ତ୍ରୀ) Santiā (See)

ସଂତୁ(ତୋ)ଳା—ଦେ. ବ ସନ୍ତୁଳା (ଦେଶ)—
Samtu(to)lā Santulā (See)

ସଂତୁଳା(ଲେ)ଇବା ଦେ. କ୍ରି—ସନ୍ତୁଳାଇବା (ଦେଶ)—
Samtulā (le) ibā Santulāibā (See)

ସଂତୁଳିବା—ଦେ. କ୍ରି—ସନ୍ତୁଳିବା (ଦେଶ)
Samtulibā Santulibā (See)

ସଂତୁଳି ହେବା—ଦେ: କ୍ରି—ସନ୍ତୁଳି ହେବା (ଦେଶ)—
Samtuli hebā Santuli heba (See)

ସଂତୁଷ୍ଟ(ଇତ୍ୟାଦି)—ସଂ. ବଣ. ପୁଂ—ସନ୍ତୁଷ୍ଟ ଇତ୍ୟାଦି (ଦେଶ)—
Samtushta (etc) (ସଂତୁଷ୍ଟା—ସ୍ତ୍ରୀ) Santushta etc (See)

ସଂତୁଷ୍ଟି (ଇତ୍ୟାଦି)—ସଂ. ବ—ସନ୍ତୁଷ୍ଟି ଇତ୍ୟାଦି (ଦେଶ)—
Samtushti (etc) Santushti etc (See)

ସଂତୋଳନ—ସଂ: ବ—ସନ୍ତୋଳନ (ଦେଶ)—
Samtolana Santolana (See)

ସଂତୋଷ(ଇତ୍ୟାଦି)—ସଂ ବ—ସନ୍ତୋଷ ଇତ୍ୟାଦି (ଦେଶ)—
Samtosha (etc) Santosha etc (See)

ସଂତୋଷଣୀୟ—ସଂ: ବଣ.—ସନ୍ତୋଷଣୀୟ (ଦେଶ)—
Samtoshanīya Santoshanīya (See)

ସଂତୋଷିବା—ଦେ. କ୍ରି (ପଦ୍ୟ)—ସନ୍ତୋଷିବା (ଦେଶ)—
Samtoshibā Santoshibā (See)

ସଂତୋଷୀ—ସଂ: ବଣ. ପୁ. ସନ୍ତୋଷୀ (ଦେଶ)—
Samtoshī (ସନ୍ତୋଷିଣୀ—ସ୍ତ୍ରୀ) Santoshī (See)

ସଂତ୍ରସ୍ତ—ସଂ. ବଣ. ପୁଂ— ତ୍ରସ୍ତ (ଦେଶ)—
Samtrasta (ସନ୍ତ୍ରସ୍ତା—ସ୍ତ୍ରୀ) Santraasta (See)

ସଂତ୍ରା—ଦେ: ବ: ଔ ବଣ—ସନ୍ତ୍ରା (ଦେଶ)—
Samtrā Santrā (See)

ସଂତ୍ରାସ—ସଂ: ବ—ସନ୍ତ୍ରାସ (ଦେଶ)—
Samtrāsa Santrāsa (See)

ସଂତ୍ରାସିତ—ସଂ. ବଣ. ପୁଂ—ସନ୍ତ୍ରାସିତ (ଦେଶ)
Samtrāsita (ସଂତ୍ରାସିତା—ସ୍ତ୍ରୀ) Santrāsita (See)

ସଂଥ(ଇତ୍ୟାଦି)—ଦେ. ବ.—ସନ୍ଥ (ଇତ୍ୟାଦି)
Samtha (etc) Santha etc (See)

ସଂଥା—ଦେ: ବ—ସନ୍ଥା (ଦେଶ)—
Samthā Santhā (See)

ସମ୍ଦ—ବୈଦେ. ବ—ସନ୍ଦ (ଦେଶ)
Samda Sanda (See)

ସମ୍ଦଂଶ ଇତ୍ୟାଦି)—ସଂ. ବ—ସନ୍ଦଂଶ ଇତ୍ୟାଦି (ଦେଶ)
Samdamsa (etc) Sandamsa etc. (See)

ସମ୍ଦରସ—ବୈଦେ. ବ—ସନ୍ଦରସ୍ (ଦେଶ)
Samaras Sandaras (See)

ସମ୍ଦର୍ଭ—ସଂ. ବ—ସନ୍ଦର୍ଭ (ଦେଶ)
Samdarbha Sandarbha (See)

ସମ୍ଦର୍ଶନ—ସଂ. ବ—ସନ୍ଦର୍ଶନ (ଦେଶ)
Samdarsana Sandarasana (See)

ସମ୍ଦଷ୍ଟ (ଇତ୍ୟାଦି)—ସଂ. ବଣ—ସନ୍ଦଷ୍ଟ ଇତ୍ୟାଦି (ଦେଶ)
Samdashta (etc). Sandashta etc. (See)

ସମ୍ଦାର୍ଦ୍ର—ପ୍ରାଦେ. (ବାଲେଶ୍ୱର) ବ—ସନ୍ଦାର୍ଦ୍ର (ଦେଶ)
Samdārda Sandārda (See)

ସମ୍ଦାନ—ସଂ. ବ—ସନ୍ଦାନ (ଦେଶ)
Samdāna (ସମ୍ଦତ୍—ବଣ) Sandāna (See)

ସମ୍ଦାନିତ—ସଂ. ବଣ—ସନ୍ଦାନିତ (ଦେଶ)
Samdānita Sandānita (See)

ସମ୍ଦାନିନୀ—ସଂ. ବ—ସନ୍ଦାନିନୀ (ଦେଶ)
Samdānini Sandānini (See)

ସମ୍ଦାବ—ସଂ. ବ—ସନ୍ଦାବ (ଦେଶ)
Samdāba Sandāba (See)

ସନ୍ଦି—ସ୍ତ୍ରୀ. ବ—ସନ୍ଦି (ଦେଶ)
Samdi Sandi (See)

ସଂନ୍ଧିଆ (ଇତ୍ୟାଦି)—ସ୍ତ୍ରୀ. ବ—ସନ୍ଧିଆ ଇତ୍ୟାଦି (ଦେଶ)
Samdia (etc.) Sandhiā etc. (See)

ସଂନ୍ଧିଆସି—ସ୍ତ୍ରୀ. ବ—ସନ୍ଧିଆସି (ଦେଶ)
Samdiāsi Sandiāsi (See)

ସଂନ୍ଦିଗ୍ଧ (ଇତ୍ୟାଦି)—ସଂ. ବ—ସନ୍ଦିଗ୍ଧ ଇତ୍ୟାଦି (ଦେଶ)
Samdigdha (etc) (ସଂନ୍ଦିଗ୍ଧା—ସ୍ତ୍ରୀ) Sandigdha etc. (See)

ସମ୍ଦିଗ୍ଧତା—ସଂ. ବ—ସନ୍ଦିଗ୍ଧତା (ଦେଶ)
Samdigdhatā Sandigdhatā (See)

ସଂନ୍ଦିତ—ସଂ. ବଣ—ସନ୍ଦିତ (ଦେଶ)
Samdita Sandita (See)

ସଂନ୍ଦିଶା—ସ୍ତ୍ରୀ. ବ—ସନ୍ଦିଶା (ଦେଶ)
Samdisā Sandisā (See)

ସମ୍ଦିଷ୍ଟ (ଇତ୍ୟାଦି)—ସଂ. ବଣ. ପୁଂ—ସନ୍ଦିଷ୍ଟ ଇତ୍ୟାଦି (ଦେଶ)
Samdishta (etc) Sandishta etc. (See)

ସଂନ୍ଦିହାନ—ସଂ. ବଣ. ପୁଂ—ସନ୍ଦିହାନ (ଦେଶ)
Samdihāna (ସନ୍ଦିହାନା—ସ୍ତ୍ରୀ) Sandihāna (See)

ସଂଦୀ—ସଂ. ବ. ସ୍ତ୍ରୀ—ସନ୍ଦୀ (ଦେଶ)
Samdi Sandī (See)

ସଂଦୀପ୍ୟ—ସଂ. ବ. (ବୈଦ୍ୟକ)—ସନ୍ଦୀପ୍ୟ (ଦେଶ)
Samdipya Sandīpya (See)

ସଂଦ୍ରୁବ୍ଧ ସଂ. ବଣ—ସଂନ୍ଦ୍ରୁବ୍ଧ (ଦେଶ)
Samdrubdha Sandrubdha (See)

ସଂଦେ—ପ୍ରାଦେ. (ବାଲେଶ୍ୱର) ବ—ସନ୍ଦେ (ଦେଶ)
Samde Sande (See)

ସଂଦେଶ (ଇତ୍ୟାଦି)—ସଂ. ବ—ସନ୍ଦେଶ ଇତ୍ୟାଦି (ଦେଶ)
Samdesa (etc) Sandesa etc. (See)

Digitized by srujanika@gmail.com

ସଂଦେହ (ଇତ୍ୟାଦି)—ସଂ. ବ—ସନ୍ଦେହ ଇତ୍ୟାଦ (ଦେଖ)
S ṁdeha (etc.) Sandeha etc. (see)

ସଂଦେଶ୍ଚି—ସଂ ଓ ଦେ. ବ ଓ ବଣ—ସନ୍ଦେଶ୍ଚି (ଦେଖ)
Saṁ'ehī Sandehī (see)

ସଂଦୋହ -ସଂ. ବ—ସନ୍ଦୋହ (ଦେଖ)
Saṁdoha Sandoha (see)

ସଂଦ୍ରାବ—ସଂ ଓ ଦେ. ବ—ସଂଦ୍ରାବ (ଦେଖ)
Saṁdrāba Sandrāba (see)

ସଂଧା (ଇତ୍ୟାଦି)—ସଂ. ବ. ଦେ. ବ ଓ ବଣ—ସନ୍ଧା ଇତ୍ୟାଦ (ଦେଖ)
S ṁdhā (etc). Sandhā etc. (see)

ସଂଧା(ଧେ)ଇବା—ଦେ. କି—ସନ୍ଧାଇବା (ଦେଖ)
S ṁdha(dhe)ibā Sandhāibā (see)

ସଂଧାତବ୍ୟ—ସଂ. ବଣ—ସନ୍ଧାତବ୍ୟ (ଦେଖ)
S ṁdhātabya Sandhātabya (see)

ସଂଧାନ (ଇତ୍ୟାଦି)—ସଂ. ବ—ସନ୍ଧାନ ଇତ୍ୟାଦ (ଦେଖ)
S ṁdhāna etc. Sandhāna etc. (see)

ସଂଧାନ—ଦେ. ବ ଓ ବଣ—ସନ୍ଧାନ (ଦେଖ)
Saṁdhān Sandhān (see)
(ସଂଧ ଧାତୁ—ଅନ୍ୟ ବଣ ରୂପ)

ସଂଧାନିକା—ସଂ. ବ—ସନ୍ଧାନିକା (ଦେଖ)
Saṁdhānikā Sandhānikā (See)

ସଂଧାନିତ ସଂ. ବଣ—ସନ୍ଧାନିତ (ଦେଖ)
Saṁdhānita Sandhānita (see)

ସଂଧାନୀ ସଂ. ବଣ. ସ୍ତ୍ରୀ—ସନ୍ଧାନୀ (ଦେଖ)
Saṁdhānī (ସଂଧାନକ—ସ୍ତ୍ରୀ) Sandhānī (See)

ସଂଧି (ଇତ୍ୟାଦ)—ସଂ. ଓ ଦେ. ବ—ସନ୍ଧ ଇତ୍ୟାଦ (ଦେଖ)
S ṁdhi (etc). S ndhi etc. (see)

ସଂଧିଆ (ଇତ୍ୟାଦ)—ଦେ ଓ ଗ୍ରା ବ—ସନ୍ଧିଆ ଇତ୍ୟାଦ (ଦେଖ)
S ṁdhiā (etc) Sandhiā etc. (see)

ସଂଧିଆସୀ ଗ୍ରା. ବ—ସନ୍ଧିଆସୀ (ଦେଖ)
S ṁdhiāsī Sandhiāsī (see)

ସଂଧିକା—ସଂ ବ—ସନ୍ଧିକା (ଦେଖ)
S ṁdhika Sandhika (see)

ସଂଧିକା—ସଂ ବ—ସନ୍ଧିକା (ଦେଖ)
Saṁdhikā Sandhikā (see)

ସଂଧିଜ—ସଂ. ବଣ—ସନ୍ଧିଜ (ଦେଖ)
Saṁdhija Sandhija (see)

ସଂଧିତ୍ସା ସ °.ବ—ସନ୍ଧିତ୍ସା (ଦେଖ)
Saṁdhitsā Sandhitsā (see)

ସଂଧିତ୍ସୁ—ସଂ ବଣ—ସନ୍ଧିତ୍ସୁ (ଦେଖ)
S ṁdhitsu Sandhitsu (see)

ସଂଧିତ ସଂ ବଣ—ସନ୍ଧିତ (ଦେଖ)
S ṁdhita Sandhita (see)

ସଂଧିନୀ -ସଂ. ବ. ସ୍ତ୍ରୀ—ସନ୍ଧିନୀ (ଦେଖ)
S ṁdhinī Sandhinī (see)

ସଂଧିବା—ଦେ. କି—ସନ୍ଧିବା (ଦେଖ)
S ṁdhibā Sandhibā (see)

ସଂଧିଲା—ସ. ବ—ସନ୍ଧିଲା (ଦେଖ)
S ṁdhilā Sandhilā (see)

ସଂଧୁକ୍ଷଣ—ସ. ବ—ସନ୍ଧୁକ୍ଷଣ (ଦେଖ)
S ṁdhukshaṇa Sandhukshaṇa (see)

ସଂଧୁକ୍ଷିତ—ସ. ବ—ସନ୍ଧୁକ୍ଷିତ (ଦେଖ)
S ṁdhukshita Sandhukshita (see)

ସଂଧେଅ ଗ୍ରା. ବ (ଅଶୁଦ୍ଧ ଉଚ୍ଚାରଣ)—ସନ୍ଦେଅ (ଦେଖ)
Saṁdhea Sandhea (see)

ସଂଧେୟ -ସଂ. ବଣ—ସନ୍ଧେୟ (ଦେଖ)
S ṁdheya Sandheya (see)

ସଂଧ୍ୟା (ଇତ୍ୟାଦ)—ସଂ. ବ—ସନ୍ଧ୍ୟା ଇତ୍ୟାଦ (ଦେଖ)
S ṁdhyā (etc) Sandhyā etc (see)

ସନ୍ନତ -ସଂ. ବଣ—ସନ୍ନତ (ଦେଖ)
S ṁnata Sannata (see)

ସଂନତି -ସଂ. ବ—ସନ୍ନତି (ଦେଖ)
S ṁnati Sannati (see)

ସଂନଦ୍ଧ ସଂ. ବଣ. ଭୂ—ସନ୍ନଦ୍ଧ (ଦେଖ)
Saṁnaddha Sannaddha (see)

ସଂନମନ—ସଂ. ବ—ସନ୍ନମନ (ଦେଖ)
S ṁnamana Sannamana (see)

ସଂନୟ—ସଂ. ବ—ସନ୍ନୟ (ଦେଖ)
S ṁnaya Sannaya (see)

ସଂନହନ—ସଂ. ବ—ସନ୍ନହନ (ଦେଖ)
Saṁnahana Sannahana (see)

ସଂନାହ—ସଂ. ବ—ସନ୍ନାହ (ଦେଖ)
Saṁnāha Sannāha (see)

ସଂନାହ୍ୟ—ସଂ. ବଣ. ଓ ବ—ସନ୍ନାହ୍ୟ (ଦେଖ)
S ṁnāhya Sannāhya (see)

ସନ୍ନିକଟ—ସଂ. ବଣ—ସନ୍ନିକଟ (ଦେଖ)
S ṁnikaṭa Sannikaṭa (see)

ସଂନିକର୍ଷ—ସଂ. ବ—ସନ୍ନିକର୍ଷ (ଦେଖ)
S ṁnikarsha Sannikarsha (see)

ସଂନିକର୍ଷଣ—ସଂ. ବ—ସନ୍ନିକର୍ଷଣ (ଦେଖ)
S ṁnikarshaṇa Sannikarshaṇa (see)

ସଂନିକୃଷ୍ଟ—ସଂ. ବଣ—ସନ୍ନିକୃଷ୍ଟ (ଦେଖ)
S ṁnikṛushṭa Sannikṛushṭa (see)

ସଂନିଧ—ସଂ. ବ—ସନ୍ନିଧ (ଦେଖ)
S ṁnidha Sannidha (see)

ସଂନିଧାନ—ସଂ. ବ—ସନ୍ନିଧାନ (ଦେଖ)
S ṁnidhāna Sannidhāna (see)

ସଂନିଧାପନ(ନା)—ସଂ. ବ—ସନ୍ନିଧାପନ (ଦେଖ)
Saṁnidhāpana(nā) Sannidhāpana (see)

Digitized by srujanika@gmail.com

ସଂନଧାପନୀ ମୁଦ୍ରା—ସଂ. ବ—ସନ୍ନିଧାପନୀ ମୁଦ୍ରା (ଦେଖ)
Saṁnidhāpanī mudrā Sannidhāpanī mudrā (see)

ସଂହାର ମୁଦ୍ରା—ସ. ବ—୧ । ପୂଜା ସମୟରେ ଦେବତାଙ୍କ ସମ୍ମୁଖରେ Saṁhāra mudrā ପ୍ରଦର୍ଶିତ କରମୁଦ୍ରାବିଶେଷ—1. A particular pose of the fingers used during worship. [ଦ୍ର—ଦୁଇ କରପୃଷ୍ଠକୁ ପରସ୍ପରର ସମ୍ମୁଖୀନ କର ଅଙ୍ଗୁଳିପର ରଖି ଦୁଇ ହାତର ଅଙ୍ଗୁଳି-ଯାକ ଛାଡ଼ିବା ପରେ ଛାଡ଼ା କଡ଼ୁଆମାନଙ୍କୁ ବାହାର ଆଡ଼କୁ ବୁଲାଇଦେବା ଦ୍ୱାରା ଯେଉଁ ମୁଦ୍ରା ହୁଏ, ତାହାର ନାମ ସଂହାରମୁଦ୍ରା । ଅର୍ପଣ ଜଳଶରେ ଏହି ମୁଦ୍ରା ବ୍ୟବହୃତ ହୁଏ ।] ୨ । ଦୈରବ ବିଶେଷ—2. Name of a Bhairaba.

ସଂହାର ମୂର୍ତ୍ତି(ରୂପ)—ସ. ବ—୧ । ଶିବଙ୍କର ମୂର୍ତ୍ତି ବିଶେଷ; ଯେଉଁ Saṁhāra mūrtti(rūpa) ମୂର୍ତ୍ତି ଧାରଣ କରି ମହାଦେବ ସୃଷ୍ଟିକୁ ସଂହାର କରନ୍ତି—1. The form or incarnation of Śiba which destroys the Universe. ୨ (ଲକ୍ଷଣାର୍ଥ) ଭୟଙ୍କର ରୂପ—2. A frightful shape.

ସଂହାରିବା—ଦେ. କ୍ରି—୧ । (ସ. ସଂହାର) ସଂହାର କରିବା; ବଧ Saṁhāribā କରିବା—1. To kill. (ଉ—ଯେତେ ଗଲେ ସଂହାର କରା ସଂହାରିବା ନମନ୍ତେ, ତାଙ୍କୁ ମାଇଲ ଗୋବଦ କଣ୍ଟୁତେ. **संहार करना** ଉତ୍କଳଦଣ୍ଡ. ମଥୁରାମଙ୍ଗଳ ।] ୨ । (ସଂ. ସଂହରଣ) ଛାଡ଼ି ତ୍ୟାଗ କରିବା—2. To give up. ୩ । (କୋଧ ଆଦିକୁ) ଛାଡାନା କରାଇବା; ଦମନ କରିବା—3. To restrain; to थामना check. ୪ । (ଦୃଷ୍ଟି) ଫେରାଇବା—4. To turn रोकना away (one's eyes). (ଉ—ସଂହାର ନେଲ ତା କ ଫିରାନ **नजरफिरना** ଛଟାରେ ଖେଳାଖଞ୍ଜନ ଲେଉଟା ଅଣି । ବିଧାନାଥ. ଯଯାଉକେଶସ୍ତ ।)

ସଂହିତ—ସଂ. ବଣ. ପୁଂ (ସମ୍ + ଧା. ଧାତୁ = ଧାରଣ କରିବା + କର୍ମ। Saṁhita ଭ)—୧ । ମିଳିତ—1. Joined together. (ସଂହିତା—ସ୍ତ୍ରୀ) ୨ । ଏକତ୍ରୀଭୂତ; ରାଶୀକୃତ—2. Heaped [ସଂଧାନ—ବ] up. ୩ । ସଂଗୃହୀତ—3. Collected. ସଂ. ବ—(ଗଣିତ)+;ଯୋଗ ଚିହ୍ନ—(Mathematics) The sign of addition; the plus sign; +.

ସଂହିତ ପୁଷ୍ପିକା—ସଂ. ବ (ବହୁବ୍ରୀହି; ସଂହିତ+ପୁଷ୍ପ+କ+ସ୍ତ୍ରୀ. ଅ; Saṁhita pushpikā ସଂହିତ=ଏକତ୍ରୀଭୂତ ଅଟେ ପୁଷ୍ପ ଯାହାର) —ମିଶ୍ରେପ୍ପା; ଘାନମଦ୍ଦର୍—Aniseed; Ane-

Digitized by srujanika@gmail.com

thum Panmcrium. ବଣ. ସ୍ତ୍ରୀ—ଯର୍ତ୍ତର ଫୁଲମାନ (ସଂହତ ପୁଷ୍ପକ—ପୁଂ) ଥେନ୍ଥା ଥେନ୍ଥା ହୋଇଥାଏ—Flowering in clusters.

ସଂହିତା—ସଂ. ବ (ସମ୍ + ଧା. ଧାତୁ + କର୍ମ. ତ + ଆ)—୧ । ନାନା Saṁhitā ସ୍ଥଳରୁ ସଂଗୃଗ୍ଧତ ବା ସଂଙ୍କଳତ ଗ୍ରନ୍ଥ—1. A compilation. ୨ । ମନ୍ୟାଦ ସ୍ମୃତି, ସ୍ମୃତି ଶାସ୍ତ୍ର—2. The compilation or code of law by Manu and others. [ଦ୍ର—ମନ୍ୟାଦ ସମସ୍ତ ହଂହିତାର ସଂଖ୍ୟା କୋଡ଼ଏ । ଏହି ସ୍ମୃତି ଗ୍ରନ୍ଥମାନଙ୍କର ନାମ, ଯଥା—

୧ । ମନୁ, ୨ । ଅତ୍ରି, ୩ । ବିଷ୍ଣୁ, ୪ । ହାରତ, ୫ । ଯାଜ୍ଞବଲ୍ଯ, ୬ । ଉଶନା, ୭ । ଅଙ୍ଗିରା, ୮ । ଯମ, ୯ । ଆପସ୍ତମ୍ବ, ୧୦ । ସମ୍ବର୍ତ୍ତ, ୧୧ । କାତ୍ୟାୟନ, ୧୨ । ବୃହସ୍ପତି, ୧୩ । ପରାଶର, ୧୪ । ବ୍ୟାସ, ୧୫ । ଶଙ୍ଖ, ୧୬ । ଲିଖିତ, ୧୭ । ଦକ୍ଷ, ୧୮ । ଗୌତମ, ୧୯ । ଶତାତପ, ୨୦ । ବଶିଷ୍ଠ ।

ଏମାନଙ୍କ ମଧ୍ୟରୁ ମନୁ, ଯାଜ୍ଞବଲ୍ଯ ଓ ପରାଶରଙ୍କ ସଂହିତାରେ ଲିଖିତ ବିଷୟମାନ ଦେଶରେ ପରିଚାଳିତ ହୋଇ ଅଛି । ଉଗୁଙ୍କ ନାମ ସ୍ମୃତିକାରଙ୍କ ମଧ୍ୟରେ ନ ଥିଲେହେଁ ଉତ୍ତମ ଜଣେ ସଂହିତାକାର ଅଟନ୍ତି ।] ୩ । ବେଦର ଶାଖା-ବିଶେଷ—3. Vedic texts arranged into codes. ୪ । ବୈଦିକ କର୍ମକାଣ୍ଡ—4. The body of religious ceremonies and rites enjoined in the Vedas.

ସଂହୃତି—ସଂ. ବ (ସମ୍ + ହ୍ୱେ. ଧାତୁ = ଆହ୍ୱାନ କରିବା + ଭାବ. ଇ)—ଦୂରର; ବହୁଲୋକଙ୍କର ସମ୍ମିଳିତ ସମକାଳୀନ ଆହ୍ୱାନ; ହୋ—A halloo or loud cry of many persons.

ସଂହୃତ—ସଂ. ବଣ (ସମ୍ + ହୃ ଧାତୁ + କର୍ମ. ତ)—୧ । ବିତ୍ତସଂହାର; Saṁhṛuta ବିନାଶିତ—1. Destroyed; annihilated. (ସଂହୃତ—ବ) ୨ । ଆକ୍ରାନ୍ତ—2. Attacked. ୩ । ସଙ୍କଳତ; ସଂଗୃଗ୍ଧତ—3. Collected; compiled. ୪ । ସଂଚିତ—4. Stored. ୫ । ରୁଦ୍ଧ; ବାଧାପ୍ରାପ୍ତ—5. Obstructed. ୬ । ପ୍ରତ୍ୟାକୃଷ୍ଟ—6. Drawn towards; withdrawn. ୭ । ସଂକୁଚିତ—7. Contracted. ୮ । ସଂକ୍ଷିପ୍ତ—8. Abridged. ୯ । ଦମିତ; ସଂଯତ—9. Controlled; checked.

ସଂହୃଷ୍ଟ—ସଂ. ବଣ (ସମ୍ + ହୃଷ୍) — ସମ୍ୟକ୍ ଅନନ୍ଦିତ—Much pleaSaṁhṛushta (ସଂହୃଷ—ବ) sed; very delighted.

ସଂହ୍ରାଦ—ସଂ. ବ. (ସମ୍ + ହ୍ରାଦ୍ ଧାତୁ = ଶବ୍ଦ କରିବା + ଭାବ. ଅ)—Saṁhrāda ଗୋଳମାଳ; ଘୋର ଗର୍ଜ୍ଜନ; ବଡ଼ ଚାଟ— Tumult; noise; uproar.

ସଂହ୍ରାଦୀ—ସଂ. ବଣ. ପୁଂ—ଘୋର ଶବ୍ଦଯୁକ୍ତ; ଘୋର ଚଞ୍ଚଳତାପୂର୍ଣ୍ଣ— Saṁhrādī Tumultuous; uproarious. (ସଂହ୍ରାଦଜ୍ଞା—ସ୍ତ୍ରୀ)

ସଂହ୍ରୀଣ—ସଂ. ବଣ (ସମ୍ + ହ୍ରୀ ଧାତୁ = ଲଜ୍ଜିତ ହେବା + କର୍ତ୍ତୃ. ତ)— Saṁhrīṇa ୧ । ଲଜ୍ଜାଶୀଳ; ଲଜ୍ଜାଯୁକ୍ତ— 1. Bashful; coy; (ସଂହ୍ରୀଣା—ସ୍ତ୍ରୀ) modest. ୨ । ଲଜ୍ଜିତ—2. Ashamed.

ସଂଜ୍ଞାଦ—ସଂ. ବ (ସମ୍ + ଜ୍ଞାଦ୍. ଧାତୁ = ସନ୍ତୁଷ୍ଟ ହେବା + ଭାବ. Saṁhlāda ଅ)—ଅଜ୍ଞାଦ—Delight; joy; exulta(ସଂଜ୍ଞାଦିତ—ବଣ) tion; mirth; exhilaration.

ସଃ—ଦେ. ବ (କଚ୍ଚରଅ ସାଙ୍କେତିକ) ସବ୍‌ଡିଭିଜନ୍ ଶବ୍ଦର Sh ସାଙ୍କେତିକ—The abbreviated form of (ସଂ—ଅନୁରୂପ) Sub-division.

ସଃ ରେଃ(ରେ)—ଦେ. ବ (କଚ୍ଚରଅ ସାଙ୍କେତିକ)—ସବ୍ ରେଜିଷ୍ଟ୍ରାର Sah reh(re) ଶବ୍ଦର ସାଙ୍କେତିକ—The abbreviated ସଃ ରେଃ ସଃ ରଃ form of Sub-Registrar.

ସଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । କଠିନ ପରିଶ୍ରମଜନିତ ଘନଘନ Sañ ବା ଜୋର ନିଶ୍ୱାସ ନେବାର ଓ ଛଡ଼ାବାର ଶବ୍ଦ; ଧଁସଁ— (ସଁଅଁ, ସଁଅଁ ସଁଅଁ, ସଁସଁ—ଅନ୍ୟରୂପ) 1. Sound of hard repeated gaspings due to hard labour ହାଇଁପାଇଁ or exertion. ୨ । ଶବ୍ଦ ବା ଶ୍ୱାସ ଯୋଗୁଁ ନାକବାଟେ ସଁ ସଁ ଶୁଣାଯିବା ଶବ୍ଦ—2. Sound of repeated nasal breathing of a person suffering from cold or catarrh. ୩ । ଜଜନପୂର୍ଣ୍ଣ ସାଦ୍ଦନଶ୍ୱାସର ଶବ୍ଦ—3. Sound of sighs accompanied with crying. [ଦ୍ର—ସାଇଁ ସାଇଁ, ସୁଁସୁଁ, ସେଁସେଁ ଇତ୍ୟାଦି ଧ୍ୱନି ଏହି ସଁସଁ ଶବ୍ଦରୁ ଉତ୍ପନ୍ନ ଓ ଏହା ସଙ୍ଗେ ଅଳ୍ପାଧିକ ମାତ୍ରାରେ ପ୍ରାୟ ସମାନ ।

ସାଇଁ ସାଇଁ—ସଁସଁଠାରୁ ଟାଣୁତର ଓ ଉଚ୍ଚତର ଶବ୍ଦ;
ସୁଁସୁଁ—ସଁସଁଠାରୁ କ୍ଷୁଦ୍ରତର ଶବ୍ଦ
ସେଁସେଁ—ସଁସଁ ଅପେକ୍ଷା ବହୁକାଳ ସ୍ଥାୟୀ ସ୍ୱର ।]

ସଁଇଁସଁଇଁ—ଦେ. ଅ (ଧ୍ୱନ୍ୟର୍ଥକ)—ସଇଁସଇଁ (ଦେଶ)— Sañiñ sañiñ Saiñ saiñ. (See)

ସଁଗୋତ୍ର(ତ୍ରୀ)—ସଂ. ବଣ (ସଂ. ସମ୍ଭଗୋତ୍ର ବା ସଗୋତ୍ର)—ବହୁ Sañgotra(tri) ଗୋତ୍ରୀୟ (ବ୍ୟକ୍ତି)—Agnate. (ସଅଁଗୋତ୍ର[ତ୍ରୀ]—ଅନ୍ୟରୂପ) ସଗୋତ୍ର(ତ୍ରୀ)

ସଁଘା—ସାଦେ (ସିଂଡ୍ରୁସି)ବ—(ଭୁଲ. ହି. ସଗାଇ)—ଶୂଦ୍ରାଣୀ ବିଧବାର Sañghā ବିବାହ; ଦୁଗଅ—Second marriage of a Sūdra widow. ଦେ. ବ— ସଘା (ଦେଶ)— Saṁghā. (See)

ସଁଧୂପ—ସ୍ତ୍ରୀ. ବ (ସଂ. ସଜ୍ୟା + ଧୂପ)—ସଞ୍ଜ ଧୂପ (ଦେଶ;— Sañ dhūpa Sañja dhūpa. (See) (ସଅଁ ଧୂପ—ଅନ୍ୟରୂପ)

ସଁପା—ସ୍ତ୍ରୀ. ବ—ସମ୍ପା (ଦେଶ)— Sañpā Sampā (See).

Digitized by srujanika@gmail.com

ସଁପି ଦେବା—ଦେ. କି—ସମ୍ପି ଦେବା (ଦେଶ)—
Sañpi debā Sampi debā. (See)

ସଁପିବା—ଦେ. କି—ସମ୍ପିବା (ଦେଶ)—
Sañpibā Sampibā. (See)

ସଁବାର—ଗ୍ରା ବ (ସଂ. ସୋମବାର)—ସୋମବାର (ଦେଶ)—
Sañbāra Somabāra. (See)
(ସଅଁବାର—ଅନ୍ୟରୂପ)

ସଁବାରିଆ—ଗ୍ରା. ବିଣ=ସୋମବାର ସମ୍ବନ୍ଧୀୟ Relating to monday. ଗ୍ରା. ବ. ପୁଂ—ସୋମବାରରେ ଜନ୍ମ (ଜ୍ୟୋତିଷ—ସ୍ତ୍ରୀ ଦୋଇଥିବା କେତେକ ବ୍ୟକ୍ତିଙ୍କୁ ଦିଆଯିବା ନାମ—
Sañbāriā monday. ଗ୍ରା. ବ. ପୁଂ—ସୋମବାରରେ ଜନ୍ମ (ଜ୍ୟୋତିଷ—ସ୍ତ୍ରୀ ଦୋଇଥିବା କେତେକ ବ୍ୟକ୍ତିଙ୍କୁ ଦିଆଯିବା ନାମ—
ସଂବାରି A name given to some persons born on
ସୋମ୍ବାରି a monday.

ସଁରାଜ—ଗ୍ରା. ବ (ସଂ. ସୋମରାଜ)—ସୋମରାଜା (ଦେଶ)—
Sañrāja Somarājā. (See)
(ସଅଁରାଜ—ଅନ୍ୟରୂପ)

ସଁହାତି—ଗ୍ରା. ବିଣ (ସଂ. ସହତି)—ସହାତି (ଦେଶ)—
Sañhāti Sahāti (See)
(ସଁହାତିଆ—ଅନ୍ୟରୂପ)

ସକ୍ (ଖ୍)—ବୈଦେ. ବ. (ଫା. ସକ୍; ଇଂ. ଶକ୍)—୧ । ମନୋଦୁଃଖ
Sak (kh) —1. Grief; sorrow; melancholia·
ସକ ୨ । ସନ୍ଦେହ—2. Doubt; suspicion. ୩ । (ଫା.
ଶକ ସଙ୍କ, ସୌକ୍=ଆଗ୍ରହ; ଭୁଲନା, ସଂ. ସୌଖ୍ୟ)—
ସଖ ସଉକ୍; ଆଗ୍ରହ—3. Liking. ୪ । ପସନ୍ଦ—
ଶୌକ 4. Choice. ୫ । ଖ୍ୟାତି—5. Celebrity. ୬ ।
ପଚ୍ଛନ୍ଦ ପସନ୍ଦ ବାବୁଗିରି—6. Foppishness.

ସକ୍ କରିବା—ଦେ. ବ. (ଆ. ସୌକ)—୧ । ପସନ୍ଦ କରିବା—
Sak karibā 1. To choose; to like. ୨ । ଅଭିଳାଷ
ପଚ୍ଛନ୍ଦ କରା କରିବା—2. To hanker after. ୩ । ସଉକ୍
ପସନ୍ଦ କରନା କରିବା (ଦେଶ)—3. Sauk karibā (See)
ସକ କରା ଇଚ୍ଛା କରନା ସକ କରା ଶୌକ କରନା

ସକ୍ ବକ୍—ଦେ. ବ—୧ । କାଇଲ୍ ମାକୁଲ୍; ଭ୍ରମ ଓ ଦୋଷ—
Sak bak 1. Mistake and fault. ୨ । ଅଭାବ
ଭୁଲ ଭ୍ରାନ୍ତି ଭୂଲ ଦୋଷ ଅସୁବିଧା—2. Want; disadvan-
ଅଭାବ ଅସୁବିଧା tage. [ଦ୍—ସକ୍ ବକ୍‌ରେ ଦନେ ଅଧେ କଣ
ଅଭାବ ଅସୁବିଧା ଚଳ ଗଲେ ଦୁଏ ନାହିଁ ।]
[ସକ୍ ବଆଦ୍ଦାଇ,ସଅକବଅ (ଦ୍) କ—ଅନ୍ୟରୂପ]

ସକ୍ବା—ପ୍ରାଦେ. (ଲିଖିଥା) କି. (ସଂ. ଶକ୍ ଧାତୁ)—ପାରିବା;
Sak—bā (କୌଣସି କାର୍ଯ୍ୟ କରିବାକୁ) ସମର୍ଥ ହେବା; ସକ୍‌ବା—
To be able; (to do a thing.)
[ଉ—'ଏ ବାଡ଼ରୁ ଡ଼ିଆଏଇ ସକ୍‌ବେ ?'=ଏ ବାଡ଼ରୁ
ଡ଼ିଆଁ ପାରିବୁ ?]

ସକ୍ ସକ୍—ଦେ. ବ—୧ । ସକାଇ କାନ୍ଦିବା—1. Whimper-
Sak sak ing; cry with restrained or bated
ଘ୍ୟାନ ଘ୍ୟାନାନୀ breathings; sobbing cry; cry
ସୁସୁକ ସୁସୁକ accompanied with restrained sobs.
ସଁତସେଁତେ ୨ । ଭୂମିର ଆର୍ଦ୍ରତା—2. Wetness or
କୀଚଡ଼ dampness of the soil. ଦେ. ବିଣ—୧ । ସକାଇ
ଘ୍ୟାନ୍‌ଘେନେ କାନ୍ଦୁଥିବା—1. Whimpering; crying with
ସୁସୁକ ସୁସୁକ ରୋନେବାଲା bated breath or with res-
ସଁତସେଁତେ trained sobs ୨ । (ଫ. ସିକ୍ତ) ଆର୍ଦ୍ର—
କୀଚ୍ଚଡ ବାଲା, ଗୀଲା 2. Wet; damp, ୩ । (ଫା. ସୌକ୍)
ହାଇଁପାଇଁ ଆଗ୍ରହାନ୍ୱିତ; ଲଲାୟିତ; ଦାଇଁଗାଇଁ—3. Cove-
ଲାଳଚୀ tous; extremely eager.

ସକ୍ ସକ୍ ହେବା—ଦେ. କି—୧ । ସକାଇ କାନ୍ଦିବା—1. To cry
Sak sak hebā with suppressed sobs; to whim-
ଘ୍ୟାନ ଘ୍ୟାନ କରା per; to snivel. ୨ । (ଫା. ସୌକ୍
ସୁସୁକ ସୁସୁକ ହୋନା =ଆଗ୍ରହ) କୌଣସି ବସ୍ତୁ ବା ବିଷୟ ପାଇଁ
ଅଳ ଲଗାଇ କାନ୍ଦିବା—2. To whimper for
anything; to weep or sob plaintively.
ଲାଳଚୀ ହୋନା ୩ । କୌଣସି ବିଷୟ ପାଇଁ ଆଗ୍ରହାନ୍ୱିତ
ବା ଲଲାୟିତ ହେବା; ଦାଇଁଗାଇଁ ହେବା—
3. To hanker after anything. ୪ । (ସଂ.
ସଁତ ସଁତ କରା ସିକ୍ତ) ଆର୍ଦ୍ର ହେବା—4. To be damp.
ଗିଲା ହୋନା

ସକ୍ ସକା ଦେ. ବିଣ. ପୁଂ—ଯେ ସକାଇ କର କାନ୍ଦିବାରେ ଅଭ୍ୟସ୍ତ—
Sak—sakā Given to sobbing cry; habituated
ଘ୍ୟାନ ଘେନେ to weep with sobs; whimpering;
ଟୁନକନେବାଲା (ସକ୍ ସକଆ—ଅନ୍ୟରୂପ) snivelling.
(ସକ୍ ସକ୍ଲା, ସକ୍ ସକା(କେ)ଣୀ—ସ୍ତ୍ରୀ)

ସକ୍ ସକା(କେ)ଇବା—ଦେ. କି—ସକ୍ ସକ୍ ହୋଇ କାନ୍ଦିବା;
Sak—sakā(ke)ibā ସକେଇ କାନ୍ଦିବା—To weep or
ଘ୍ୟାନ ଘ୍ୟାନ କରା cry with suppressed sobs; to
ସୁସୁକ ସୁସୁକ ରୋନା whimper; to whine; to snivel.

ସକ୍ ସକାଣ ଦେ. ବ—ସକାଣ (ଦେଶ)
Sak—sakāṇa Sakāṇa (See)

ସକ୍ ସକିଆ—ଦେ ବିଣ—୧ । (ସଂ. ସିକ୍ତ) ସନ୍ତସନ୍ତିଆ; ଜଳସିକ୍ତ;
Sak—sakiā ଆର୍ଦ୍ର; ଓଦା (ଭୂମି)—1. Damp (soil).
ସଁତସେଁତେ ଗିଲା ୨ । ସକ୍‌ସକା (ଦେଶ)—2. Sak-sakā
(See)

ସକ—ବୈଦେ. ବ—ସକ୍ (ଦେଶ)—Sak (See) (ଉ—
Saka ଏହାର ମୃତ୍ୟୁ ବିଷୟରେ ଅନ୍ୟପ୍ରକାର ସକ କଥା ଦାଖା-
ଦାବା ନ ଥିବା ଏକ ଦୁଘୋର୍ଟ କେଦ୍ରାଘଡ଼ା ଥାନା ଦାରୋଗା
ବଦଳିକୁ ଘଟାଇ ମାମଲା ଗଡମ କଲେ—ଫକ୍କଡମେ ଦୁନ.
ଛମାଣ ଆଠଗୁଣ ।)

ସକଇ କାନ୍ଦିବା—ଦେ. କି—ସକାଇ କାନ୍ଦିବା (ଦେଶ)
Sakai kāndibā Sakāi kāndibā (See)

ସକଇବା—ଦେ. କି—ସକାଇବା (ଦେଶ)
Sakaibā Sakāibā (See)

Digitized by srujanika@gmail.com

ସକଟ—ଫ. ବିଣ. (ସ=ସହିତ+କଟ=ଅଧମ; ଖରାପ) —ଅଧମ; ଖରାପ; ଘୃଣ୍ୟ (ବ୍ୟକ୍ତି) — Vile; base; abominable; wicked (person).
Sakaṭa

ସ° ବି—ଶାରୋଷ ବୃକ୍ଷ; ଶାହାଡା ଗଛ — Streblus Asper (tree).

ସକଟା—ପ୍ରାଦେ· (ସମ୍ବଲପୁର) ବି—ଗୁଲ୍‌ବାସ (ଦେଖ)
Sakaṭā Gulubāsa (See)

ଦେ· ବି—ଶକଟା (ଦେଖ)—Śakaṭā (See)

ସକଟାନ୍ନ—ଫ. ବି. (ସକଟ=ଅଧମ+ଅନ୍ନ)—ଅଶୁଦ୍ଧ ଅନ୍ନ—
Sakaṭānna Defiled or impure food.

ସକଣ୍ଟକ—ଫ. ବିଣ. (ସହାର୍ଥ ବହୁବ୍ରୀହି; ସ=ସହ, ସହିତ+କଣ୍ଟକ)-
Sakaṇṭaka ୧ । କଣ୍ଟାଳଅ; କଣ୍ଟକଯୁକ୍ତ—1. Thorny; (ନପୁଣ୍ଟକ—ବହୁବ୍ରୀ) prickly. ୨ । (ଲକ୍ଷଣାର୍ଥ) ବାଧାଯୁକ୍ତ—2. (figurative) Set with obstacles. ୩ । (ଲକ୍ଷଣାର୍ଥ) ଶତ୍ରୁ ବେଷ୍ଟିତ—3. (figurative) Infested or surrounded by enemies. [ଦ୍ର—ସକଣ୍ଟକ ରାଜ୍ୟ ଭୋଗ ।] ଫ· ବି—(ବୈଦ୍ୟକ) —୧ । ଯଦୁ, କଣ୍ଟକବତ ଅଂଶୁ ବିଶିଷ୍ଟ ଜଳୀୟ ଶାକ ବିଶେଷ; ଶୈବାଳ—1. Valisneria of several species; Conferia; moss. ୨ । କରଞ୍ଜ ବିଶେଷ; ଘୃତ କରଞ୍ଜ; ବଡ଼ଗୋଲ—2. A species of thorny Karañja tree; Cæsalpinia Bonducella. ୩ । କଣ୍ଟା କରଞ୍ଜ; କରଜା କୋଳ; କରମର୍ଦ୍ଦକ—3. A thorny plant; Carissa Carandas.

ସକ(ଖ)ତ୍—ବୈଦେ· ବିଣ ଓ କ୍ରି. ବିଣ. (ଅ. ସତ୍‌ତ୍) —ଅତ୍ୟନ୍ତ; ଖୁବ୍;
Saka(kha) ଶକ୍ତ ସଖତ୍ ଶକତ୍;ଶକ୍ତ — Very; much.

ସକର—ଫ. ବିଣ. ପୁଂ (ସହାର୍ଥ ବହୁବ୍ରୀହି; ସ=ସହ, ସୁକ୍ତ + କର=ହସ୍ତ)
Sakara —୧ । ହସ୍ତଯୁକ୍ତ—1. Having hands; armed; (ସକରା—ସ୍ତ୍ରୀ) furnished with arms. ୨ । ରାଜସ୍ୱଯୁକ୍ତ; (ନପୁଂ—ବହୁବ୍ରୀ) ଯାହା ପାଇଁ କର ବା ରାଜସ୍ୱ ଦେବାକୁ ହୁଏ (ଭୂମି)—2. (land) For which rent or revenue is payable. ୩ । ଶୁଣ୍ଡଯୁକ୍ତ—3. Having a trunk (like an elephant). ୪ । କିରଣ ବିଶିଷ୍ଟ—4. Having rays.

ସକରୁଣ—ଫ.ବିଣ·ପୁଂ· (ସହାର୍ଥ ବହୁବ୍ରୀହି; କରୁଣା ସହିତ ବର୍ତ୍ତମାନ) —
Sakaruṇa ୧ । କରୁଣାଯୁକ୍ତ; କରୁଣାଶୀଳ; ଦୟାଳୁ— (ସକରୁଣା—ସ୍ତ୍ରୀ) 1. Kind; having pity. ୨ । ଯାହା (ନପୁଂରୁଣ—ବହୁବ୍ରୀ) ଦର୍ଶକର ବା ଶ୍ରୋତାର ମନରେ କରୁଣାର ବା ଦୟାର ଉଦ୍ରେକ କରେ; କାରୁଣ୍ୟ ପୂର୍ଣ୍ଣ—2. Pitiful; pitiable; compassionate; exciting pity or compassion.

ସକରୁଣ ସ୍ୱର—ଫ. ବି—କାରୁଣ୍ୟ ବ୍ୟଞ୍ଜକ ସ୍ୱର; ଯେଉଁ ସ୍ୱରକୁ ଶୁଣିବା
Sakaruṇa swara ବ୍ୟକ୍ତିଙ୍କ ମନରେ କରୁଣା ଜନ୍ମେ— Pitiful voice.

ସକର୍ଣ୍ଣ—ଫ. ବିଣ. ପୁଂ. (ସହାର୍ଥ ବହୁବ୍ରୀହି; ସ+କର୍ଣ୍ଣ) — ୧ । ଶ୍ରବଣ-
Sakarṇṇa ଶୀଳ; ଶ୍ରୁତ ଉତ୍ତର—1. Ready to hear. (ସକର୍ଣ୍ଣା—ସ୍ତ୍ରୀ) ୨ । କର୍ଣ୍ଣଯୁକ୍ତ — 2. Having ears.

ସକର୍ମକ—ଫ. ତିଣ. ପୁଂ (ସହାର୍ଥ ବହୁବ୍ରୀହି; ସ+କର୍ମ+କ)—
Sakarmaka ୧ । କର୍ମ ସମନ୍ୱିତ; କର୍ମଯୁକ୍ତ—1. Having (ସକର୍ମିକା—ସ୍ତ୍ରୀ) work; engaged. ୨ । (ବ୍ୟାକରଣ) ଯେଉଁ କ୍ରିୟାର କର୍ମ ଥାଏ—2. (grammar) Having an object; governing an object; transitive (verb).

ସକର୍ମକ କ୍ରିୟା—ଫ. ବି. (ବ୍ୟାକରଣ)—ଯେଉଁ କ୍ରିୟା କୌଣସି
Sakarmaka kriyā କର୍ମକୁ ଅନ୍ୱୟ କରେ—(grammar) Transitive or active verb. [ଦ୍ର—କ୍ରିୟା ଭଳ ପ୍ରକାରର; ଯଥା—ସକର୍ମକ, ଦ୍ୱିକର୍ମକ ଓ ଅକର୍ମକ । ସକର୍ମକ ଯଥା—ରମ ଭାତ ଖାଉଛି । ଦ୍ୱିକର୍ମକ—ମାଆ ରମକୁ ଭାତ ଖୁଆଉଛନ୍ତି । ଅକର୍ମକ—ରମ ଶୋଇଅଛି ।]

ସକଳ—ଫ. ବିଣ. ପୁଂ. (ସହାର୍ଥ ବହୁବ୍ରୀହି; ସ=ସହିତ+କଳା=
Sakala ଅଂଶ; ଯହା ସମସ୍ତ କଳା ସହିତ ବିଦ୍ୟମାନ, ଅର୍ଥାତ୍ (ସକଳା—ସ୍ତ୍ରୀ) ଯାହାରୁ କୌଣସି ଅଂଶ ନ୍ୟୂନ ହୋଇ ନ ଥାଏ)— (ନକଳ, ନିଷ୍କଳ—ବହୁବ୍ରୀ) ୧ । ସବୁ; ସମସ୍ତ—1. All. ୨ । ନିଖିଳ; ସମଗ୍ର; ସମୁଦାୟ—2. Whole. ୩ । ସଂପୂର୍ଣ୍ଣ— 3. Full; entire. [ଦ୍ର—'ସକଳ' ଶବ୍ଦ ଓଡ଼ିଆ ଭାଷାରେ ବିଶେଷ୍ୟର ଦଳରେ ଓ ପରେ ଭିନ୍ନ ସ୍ଥାନରେ ଯୁକ୍ତ ହୁଏ । ଯଥା—'ସକଳ ବନ୍ଧୁ ଉପସ୍ଥିତ ଥିଲେ' ଓ 'ବନ୍ଧୁ ସକଳ ଉପସ୍ଥିତ ଥିଲେ' । ମାତ୍ର ଏଥିରେ ଅର୍ଥର ସାମାନ୍ୟ ତାରତମ୍ୟ ସୂଚିତ ହୁଏ । 'ବନ୍ଧୁ ସକଳ' କହିଲେ ସାଧାରଣ ଭାବରେ ବନ୍ଧୁମାନେ ବା କେତେକ ବନ୍ଧୁ ବୁଝାଯାଏ; କିନ୍ତୁ 'ସକଳ ବନ୍ଧୁ' କହିଲେ ବନ୍ଧୁମାନେ ସମସ୍ତେ—କେହି ବାଦ୍ ପଡ଼ି ନାହାନ୍ତି, ଏହି ଅର୍ଥ ବୁଝାଯାଏ ।] ୪ । (ସହାର୍ଥ ବହୁବ୍ରୀହି; କଳା=ସୂକ୍ଷ୍ମ କାରୁକାର୍ଯ୍ୟ ସହିତ ବର୍ତ୍ତମାନ)—ସୂକ୍ଷ୍ମ କାରୁକାର୍ଯ୍ୟବିଶିଷ୍ଟ; ସୂକ୍ଷ୍ମ ଶିଳ୍ପଯୁକ୍ତ—4. Artistic; having fine sculpture. ୫ । କଳାଯୁକ୍ତ (ଚନ୍ଦ୍ର) —5. (moon) With digits. [ଦ୍ର—ସ୍ୱରଙ୍କ ବାରୁଣୀ ସେବା କରିଛନ୍ତି ବଲେ, ସକଳ ଦୋଷ ତୁଚ୍ଛର ଅଞ୍ଜଳ ମଣ୍ଡଳେ । ଭଞ୍ଜ୍ ପ୍ରେମସୁଧାକାବ୍ୟ ।]

ସକଳଙ୍କ—ଫ. ବିଣ. ପୁଂ. (ସହାର୍ଥ ବହୁବ୍ରୀହି)—୧ । କଳଙ୍କଯୁକ୍ତ;
Sakalaṅka ଦାଗ ଥିବା; ଦାଗ ବିଶିଷ୍ଟ—1. Full of (ସକଳଙ୍କା—ସ୍ତ୍ରୀ) stains; stained. ୨ । କଳଙ୍କିତ— (ନିଷ୍କଳଙ୍କ—ବହୁବ୍ରୀ) 2. Contaminated; defiled.

ସକଳ ପ୍ରିୟ—ଫ. ବି. (୬ଷ୍ଠୀ ତତ୍) —(ବୈଦ୍ୟକ)—ଚଣା; ବୁଟ;
Sakala priya ଚଣକ—Gram; chickpea.
(ଅନ୍ୟ ସଂସ୍କୃତ ନାମ—ଚଣକ, ହରିମନ୍ଥ). ହୋଲା चना, चेना, बुँट ପା. ନଟ୍‌ଦ୍, ଅ· ଦ୍ରମସ୍, ତେ· ଶଲଗାଲୁ

Digitized by srujanika@gmail.com

ସକଳ—ଦେ. ସଂ. ବହୁବଚନ—୧ । ସମସ୍ତ—1. All. ୨ । ସମସ୍ତ ବ୍ୟକ୍ତି—2. All persons.
Sakale
ସକାଳି ସକଳେ **सबआदमीओं, सबकोइ**

ସକଲ୍ପନ—ଦେ. ବଙ୍ଗ—(ଅଧ୍ୟାପକ ଶ୍ରୀ ବପିନ ବହାରୀ ରାୟଙ୍କ ଦେଉଥିବା 'ଭର୍କ'ଙ୍କନ' ର ପାରିଭାଷିକ ଶବ୍ଦ) (ନ୍ୟାୟଦର୍ଶନ) କଳ୍ପିତ **कल्पित** କଲ୍ପିତ—(Logic) Hypothetical.
Sakalpana

ସକଲ୍ପନ ବାକ୍ୟ—ଦେ· ବ (ନ୍ୟାୟ)—କଲ୍ପିତ ବାକ୍ୟ—(Logic) Hypothetical sentence.
Sakalpana bākya
କଳ୍ପିତବାକ୍ୟ **कल्पितवाक्य**

ସକଲ୍ୟାଣ—ସଂ. ବଙ୍ଗ. ପୁଂ (ସଦାର୍ଥ ବହୁବ୍ରୀହି)—କଲ୍ୟାଣଯୁକ୍ତ—Prosperous; blissful.
Sakalyāna
(ସକଲ୍ୟାଣା—ସ୍ତ୍ରୀ)

ସକ(ଖ)ସ୍—ଦେ·ଦେ. ବ. (ଫା. ସଖ୍=ବ୍ୟକ୍ତି)—୧ । ଶକ୍ତିଶାଳୀ ବ୍ୟକ୍ତି—1. Powerful person. ୨ । ଶକ୍ତିମନ୍ତ ଲୋକ, ସକସ୍ **मजबुतआदमि** ବଳିଆ ବ୍ୟକ୍ତି—2. Strong person. [ଉ ମୋ ଗର୍ ସକସ୍] ୩ । ଧୈର୍ଯ୍ୟଶାଳ ବ୍ୟକ୍ତି—3. Patient man. [ଯଥା—ଉଲ୍ଲି ସକସ ଦେଲେ ସୁବା, ତା କଥାରେ ବରକୁ ଦେବ ।] ୪ । ଧୈର୍ଯ୍ୟ—4. Patience. ୫ । ଶାରୀରିକ ବଳ; ସମର୍ଥା—5. Strength; power.

ସକା—ଦେ· ବ—ସକାଇ କାନ୍ଦିବା—Cry accompanied by suppressed sobs; whimper; snivelling. ଠନକନା velling. ଦେ· ବଙ୍ଗ. ପୁଂ—ଯେଉଁ ବ୍ୟକ୍ତି ସକ୍ ସକ୍ ହୋଇ କାନ୍ଦେ; ସକାଇ ଛିଁଚ୍‌କାଁଦୁନେ **सुसुक सुसुक रोने वाला** କାନ୍ଦୁଥିବା—Given to crying with suppressed sobs; whimpering; snivelling.
Sakā
[ସକା(କେ)ଇ—ସ୍ତ୍ରୀ]

ସକା(କେ)ଇ କାନ୍ଦିବା—ଦେ· କି—ସକ୍ ସକ୍ ହୋଇ କାନ୍ଦିବା; ଘନ ରୁଦ୍ଧ ନିଃଶ୍ୱାସ ତ୍ୟାଗପୂର୍ବକ ନାକେକାଁଦା **सुसुक सुसुक रोना** କାନ୍ଦିବା—To cry with restrained or suppressed sobs; to whimper; to snivel. [ଉ—ଭୁଲ ବସି ସକାଇ କାନ୍ଦୁ ଅଛୁ କେତେ ।
କୃଷ୍ଣସିଂହ. ମହାଶ୍ୱରତ. ବରାଟ]
Sakā(ke)i kāndibā

ସକା(କେ)ଇ—ଦେ· ବଙ୍ଗ. ସ୍ତ୍ରୀ—ସକେଇ ସକେଇ କାନ୍ଦୁଥିବା (ସ୍ତ୍ରୀ)—ଛିଚକାଁଦୁନୀ **सुसुक सुसुक रोने वाली**
Sakā(ke)ī Whimpering (woman).

ସକା(କେ)ଇ ନାନା—ଦେ· ବ. ସ୍ତ୍ରୀ (ବ୍ୟଙ୍ଗ)—ଯେଉଁ ବାଳିକା ସବେଇ କାନ୍ଦେ—A girl given to sobbing cry; a whimpering girl.
Sakā(ke)ī nānī
ଛିଚ କାଁଦୁନୀ **ठनकीलड़की**

ସକାଣ—ଦେ. ବ—ସକା କାନ୍ଦଣା; ସକ'ଇ କାନ୍ଦିବା—Weeping accompanied by suppressed sobbings; whimpering.
Sakāṇa
ନାକେକାନ୍ଦା **सुसुक सुसुक रोना**

ସକାମ—ସ. ବଙ୍ଗ. ପୁଂ (ସଦାର୍ଥ. ବହୁବ୍ରୀହି; କାମ=କାମନା ସହିତ ବର୍ତ୍ତମାନ)—୧ । କାମନାଯୁକ୍ତ; ବାସନାପୂର୍ଣ୍ଣ; (ସକାମା—ସ୍ତ୍ରୀ) ସାଭିଳାଷ (ବ୍ୟକ୍ତି)—(ଯଥା—ସକାମ ମୁଦ୍ଦୁସ୍ତ) (ଉଦ୍ଦାମ, ଅକାମ—ବିପରୀତ)—1. Having desires; having an ultimate object in mind. ୨ । ଯାହା ଫଳ କାମନାପୂର୍ବକ କରିଯାଏ—2. (a work) Done with some ultimate motive or end in view. ୩ । କାମୀ—3. Lustful. ୪ । ସନ୍ତୁଷ୍ଟ—4. Content; satisfied. ୫ । ସୁଖୀ—5. Happy.
Sakāma

ସକାମ କର୍ମ (ର୍ମ୍ମ)—ସ ବ. (କର୍ମଧା)—ଯେଉଁ କର୍ମ କୌଣସି ବିଶେଷ ଫଳଲାଭ କରିବା ଉଦ୍ଦେଶ୍ୟରେ କରିଯାଏ—A work done with some ultimate motive or aim or object in view; act done for gaining some difinite object.
Sakāma karma (rmma)

ସକାମ ଧର୍ମ (ର୍ମ୍ମ)—ସଂ. ବ. (କର୍ମଧା)—ଯେଉଁ ଧର୍ମସାଧନରେ ସାଧକର ଫଳଲାଭର ଆଶା (ବିପରୀତ ଧର୍ମ—ନିଷ୍କାମ) ଥାଏ—Religion or conduct in the observance of which the devotee has some ulterior object in view.
Sakāma dharma (rmma)

ସକାରାଦି(ଦ୍ୟ)—ସ. ବିଶ (ବହୁବ୍ରୀହି; ସକାର='ସ' ଅକ୍ଷର ଆଦିରେ ବା ଆଦ୍ୟରେ ଯାହାର)—ଯେଉଁ ଶବ୍ଦର ଆଦ୍ୟରେ 'ସ' ଅକ୍ଷର ଥାଏ—(Word) Beginning with the letter 'S'.
Sakārādi(dya)

ସକାରାନ୍ତ—ସ. ବିଶ. (ବହୁବ୍ରୀହି; ସକାର='ସ' ଅକ୍ଷର ଅନ୍ତରେ ଯାହାର)—ଯେଉଁ ଶବ୍ଦର ଶେଷରେ 'ସ' ଅକ୍ଷର ଥାଏ—(Word) Ending with the letter 'S'.
Sakārānta

ସକାଳ୍—ପ୍ରାଦି. (ସମ୍ବଲପୁର) ବ.—ସକାଲ (ଦେଶ)—Sakāla (See)
Sakāl

ସକାଳ—ସ. ବିଶ. (ସଦାର୍ଥ ବହୁବ୍ରୀହି)—ସମୟୋପଯୋଗୀ—Seasonable; opportune (Apte) ସ. କି. ବିଶ—୧ । ଉପଯୁକ୍ତ ସମୟରେ—1. Seasonably (Apte). ୨ । ପ୍ରତ୍ୟୁଷରେ—2. Early in the morning (Apte). ୩ । ଶୀଘ୍ର—3. Betimes (Apte). ଦେ. ବ (ସ. ସଦ୍ୟଃ କାଳ)—୧ । ପ୍ରାତଃକାଳ—1. Morning. ୨ । ପୂର୍ବାହ୍ଣ—2. Forenoon. ପ୍ରାତ, ସକାଳ, ପ୍ରାତଃକାଳ ଦେ. ବିଶ·—ପୂର୍ବାହ୍ଣରେ କୃତ ବା **सुबह, सवेर** ଅନୁଷ୍ଠିତ—Done or held in the forenoon. [ଉ—ସକାଳ ସ୍ଥଳ; ସକାଳ ବିରଣ୍ଡ]
Sakāla

Digitized by srujanika@gmail.com

ସକାଳ ଓଳ—ଦେ. ବ—ସକାଳ ବେଳା (ଦେଶ)—
Sakāḷa oḷi Sakāḷa belā (See)
ସକାଳବେଳା **ସୁବହ**

ସକାଳ ଖିଆ—ଦେ. ବ—ପ୍ରାତର୍ଭୋଜନ—Breakfast. ଦେ. Sakāḷa khiā ବଣ—ପ୍ରାତର୍ଭୋଜୀ; ଯେଉଁ ଲୋକର ସକାଳେ ସକାଳବେଳା ଖାଓୟା ଖାଇବା ଅଭ୍ୟାସ—Habituated to **ସୁବହକା ଖାନା** taking meals early in the ଯେ ସକାଳେ ଖାଏ morning. (ଯଥା—ସକାଳ ଖିଆ ଲୋକର **ସୁବହମେଁ ଖାନେବାଲା** ଅଳ୍ପ ମୂଲ୍ୟ ଜଗରୁ ବେଳ ଗଡ଼ୁଛଣି, (ସକାଳ ଖାଇବା—ଅନ୍ୟରୂପ) ଏତେବେଳଯାଏ ଗାଧୂଆ ହୋଇ ନାହଁ ।)

ସକାଳ ଗାଧୂଆ—ଦେ. ବ-ପ୍ରାତଃସ୍ନାନ—Morning bath. (ଉ—Sakāḷa gādhuā ସକାଳ ଗାଧୂଆ ସଗାଳ ଖିଆ, ଉଦ୍ଦରେ ଯେବେ ଯାଏ । ଭଗ ।) ଦେ. ବଣ—ସକାଳ ନାଓୟା ପ୍ରାତଃସ୍ନାୟୀ; ସକାଳେ ଗାଧୋଇଥିବା (ବ୍ୟକ୍ତି)—**ସୁବହ ସ୍ନାନ** Taking bath early in the morning.
ସକାଳ ନାଓୟା **ସୁବହସ୍ନାନ କରନେବାଲା**

ସକାଳ ପଖାଳ—ଦେ. ବ—ପ୍ରତ୍ୟୁଷରେ ପଖାଳଗ୍ରତ ଭୋଜନ—
Sakāḷa pakhāḷa Taking stale watered rice
ସକାଳବେଳା ପାନ୍ତାଭାତ ଖାଓୟା **ସୁବହ ପକ୍ଖାଲ ଖାନା** early in the morning.

ସକାଳ ପବନ—ଦେ. ବ—ପ୍ରାତଃକାଳୀନ ବାୟୁ; ପ୍ରତ୍ୟୁଷରେ ସଞ୍ଚାରିତ
Sakāḷa pabana ମୃଦୁ ଶୀତଳ ବାୟୁ—Morning
ସକାଳର ହାଓୟା **ସୁବହକୀ ହବା** breeze.

ସକାଳ ପାଇ(ହି)ବା—ପ୍ରାଦେ (ଗଡ଼ଜାତ) ବ—ପ୍ରାତଃକାଳ ହେବା; ସକାଳ ହେବା—Day-break; the
Sakāḷa pāi(hi)bā ଗତ ପାହୁଡ଼ା breaking of day.

ସକାଳ ବରଷା—ଦେ. ବ—ସକାଳ ହେବା ସଙ୍ଗେ ସଙ୍ଗେ ବା ତତ୍କ୍ଷଣ
Sakāḷa barashā ଦୁଇରୁ ଆରମ୍ଭ ହୋଇଥିବା ବୃଷ୍ଟି ବା ବର୍ଷା—
ସକାଳ ବୃଷ୍ଟି A shower of rain or storm begun
ସୁବହ ବର୍ଷା along with daybreak.
(ସକାଳ ବୃଷ୍ଟି—ଅନ୍ୟରୂପ)

ସକାଳ ବେଳ(ଳା)—ଦେ. ବ—ପୂର୍ବାହ୍ଣ—
Sakāḷa beḷa(ḷā) Fore noon.
ସକାଳବେଳା **ସୁବହକା ସମୟ**

ସକାଳ ମଣିଷ—ଦେ. ବ—ଯେଉଁ ବ୍ୟକ୍ତି ସକାଳୁ ଅସିବାର କଥା—
Sakāḷa manisha A man who is expected
ସକାଳର ଲୋକ in the morning. (ଯଥା—ସକାଳ ମଣିଷ **ସୁବହଆନେବାଲା ଆଦମି** ଆସି ଦନ ଦଅଦ୍ଦରେ ପଡ଼ୁଥିବ ।)

ସକାଳ(ଳେ) ସକାଳ(ଳେ)—ଦେ. ଅ—୧ । ଅତି ପ୍ରତ୍ୟୁଷରେ—
Sakāḷa(ḷe) Sakāḷa(ḷe) 1. Early in the morning.
ସକାଳ ସକାଳ **ସୁବହସେ, ସୁବହ** ୨ । ଅତି ଶୀଘ୍ର—
2. Very soon.

ସକାଳୁ(ଲୁଁ)—ଦେ. ଅ—୧ । ପ୍ରାତଃକାଳରୁ—1. From the
Sakāḷu(luñ) morning. ୨ । ପ୍ରାତଃକାଳରେ—2. In
ସକାଳେ **ସୁବହସେ** the morning,

ସକାଳୁଆ—ଦେ. ବ—ପ୍ରାତଃକାଳ—Morning. ଦେ. ବଣ—
Sakāḷuā ୧ । ପ୍ରାତଃକାଳୀନ—1. Held or happening
ସକାଳ **ସୁବହ** in the morning. ୨ । ପୂର୍ବାହ୍ଣକାଳୀନ—
ସକାଳର **ସୁବହକା** 2. Held in the forenoon.

ସକାଳୁଆ ଅଫିସ୍(ସି)—ଦେ. ବ—ପ୍ରାତଃକାଳରେ ପୂର୍ବାହ୍ଣରେ ବସିବା
Sakāḷuā aphis(si) କାର୍ଯ୍ୟାଳୟ—Morning office.
ସକାଳ ଆଫିସ **ସୁବହକା ଆଫିସ**

ସକାଳୁଆ ଇସ୍କୁଲ—ଦେ. ବ—ପ୍ରାତଃକାଳରେ ପୂର୍ବାହ୍ଣରେ ବସିବା
Sakāḷuā iskula ବିଦ୍ୟାଳୟ—Morning school.
ସକାଳ ଇସ୍କୁଲ **ସୁବହକା ସ୍କୁଲ**
(ସକାଳ ଇସ୍କୁଲ, ସକାଳ ସ୍କୁଲ, ସକାଳୁଆ ସ୍କୁଲ—ଅନ୍ୟରୂପ)

ସକାଳୁଆ କଚି(ଚେ)ରି—ଦେ. ବ—୧ । ପ୍ରାତଃକାଳରେ ପୂର୍ବାହ୍ଣରେ ବସିବା
Sakāḷuā kachi(che)ri ବିଚାରାଳୟ—Morning court.
(ସକାଳ କଚି[ଚେ]ରି—ଅନ୍ୟରୂପ) ୨ । ସକାଳୁଆ ଅଫିସ୍ (ଦେଖ)
ସକାଳ କାଚାରୀ **ସବହକୀ କଚହରୀ** 2. Sakāḷuā aphis. (See)

ସକାଳୁଆ ଖରା—ଦେ. ବ—ପ୍ରଚେଷ୍ଟ ଦହିର ଅଳ୍ପ ସମୟ ପରେ ହୋଇଥିବା
Sakāḷuā kharā ଝାଣ ଖରା—Strong rays of the
ସକାଳବେଳାର ରୋଦ sun felt on some days soon
ସୁବହକୀ ଧୂପ after sunrise.

ସକାଳେ—ଦେ. ଅ—୧ । ପ୍ରାତଃକାଳରେ—1. In the morn-
Sakāḷe ing. ୨ । (ବଙ୍ଗଳାରୁ ଅନୁକୃତ) ଶୀଘ୍ର—2. Soon.
ସକାଳେ ୩ । (ବଙ୍ଗଳାରୁ ଅନୁକୃତ) ନିରୂପିତ କାଳ ଅପେକ୍ଷା
ସୁବହମେ ତତ୍ପୂର୍ବ—3. Earlier than usual

ସକାଶ—ସଂ. ବ. (ସ=ସହିତ+କାଶ୍ ଧାତୁ=ପ୍ରାପ୍ତି କରିବା+ଅ)—
Sakāśa ସାମୀପ୍ୟ; ନିକଟବର୍ତ୍ତିତା—Proximity; vicinity (Apte). ସଂ. ବଣ—୧। କାଶ (ଗୁଳ୍ମ ଓ ମୂଳ) ଯୁକ୍ତ—2. Having Kāśa (plant and flower). ୨ । (ଅମୃତ) ଦିଶା ଦେଖା ଯାଉଥିବା—2.Having the appearance of (Apte). ୩। ଦୃଶ୍ୟ—3. Visible (Apte). ୪। ନିକଟ—4. Near (Apte). ୫। ଉପସ୍ଥାପିତ; ବର୍ତ୍ତମାନ—5. Present (Apte). ଦେ ଅ—୧। ନିକଟକୁ—1.To;near. [ଉ—ମୁଁ ଉତରୁ ସକାଶ ପ୍ରେରଣ ହୋଇଅଛି ।] ୨ । ସକାଶାତ୍; ନିକଟରୁ-2. From. (ଉ—ସଦା ପ୍ରସନ୍ନ ଇଉଦ୍ଦାସ; ଶୁଣିଲି ତୁମ୍ଭର ସକାଶ । —ଉଉଦ୍ଦାଥ. ଭାଗବତ) ୩। ନମିତ୍ତ; (ଦେ ଶେ—ଅନ୍ୟରୂପ) ପାଇଁ (ଉତ୍ତରସ୍ଥଚକ)—3. For.

ସକାଶରୁ—ଦେ. ଅ. (ର ସକାଶାତ୍) —ଯୋଗୁ; ହେତୁରୁ—Owing
Sakāśaru. to; on account of; for. (ଉ—ତୁମ୍ଭ ଜନ୍ୟେ ସକାଶରୁ ବ୍ରାହ୍ମଣେ ପରଜ—କୃଷ୍ଣସିଂହ. ମହାଭାରତ. **କାରଣସେ** ବନ ।)

Digitized by srujanika@gmail.com

ସକାଶାତ୍—ସଂ. ଅ—୧ । (ଅମ୍ଭର) ନକଟରୁ—1. From; from the presnce of (Apte). [ଯଥା—କାହଥେକେ ତାଙ୍କ ସକାଶାତ୍ ମୁଁ ଏ ସମ୍ବାଦ ପ୍ରାପ୍ତ ହେଲି ।] ୨ । ସେ ନକଟରେ—2. Near (Apte ଦେ. ଅ—ସକାଶୁ (ଦେଶ)—Sakāśu See)

ସକାଶୁ (ଶୁଁ, ଶେ)—ଦେ. ଅ (ହେତ୍ୱର୍ଥସୂଚକ)—୧ । ଯୋଗୁଁ; ହେତୁ—Sakāśu (śuñ, śe) 1. Owing to; by reason of, ଜନ୍ୟ, ଜନ୍ୟି, ଜନ୍ୟେ [ଉ—ମାଳଗା ନପାଙ୍କର ସକାଶୁଁ ସେ ଅଶ୍ରମ ବଦୌଲତ ହୋଇଣ ଅଛି ଅତି ମନୋହର ଧାମ—କୃଷ୍ଣ-(ସକାଶରୁ—ଅନ୍ୟରୁଅ) ସିଂହ. ସଦାଶିବଭ. ବନ ।) ୨। କାରଣରୁ —2. Due to; resulting from. [ଯଥା—ଗୃହସ୍ଥର ଅସାବଧାନତା ସକାଶୁଁ ଘରେ ନଅଁ ଲଗିଗଲା ।] ୩ । ଯୋଗେ; ପାଇଁ; ନମିତ୍ତ; ନମନ୍ତେ—3. For. (ଉ—ଏହା ସକାଶରୁ ଯେ ନ ବଶିଲ କହୁ—କୃଷ୍ଣସିଂହ. ସଦାଶିବଭ ଅଛି ।) ୪ । ଉଦ୍ଦେଶ୍ୟରେ—4. With the object of. (ଉ—ସେ କ ସକାଶୁଁ ଏଠାକୁ ଅସିଛ ।) ୫ । ଅଭିପ୍ରାୟରେ—5. With the intention of. (ଯଥା—ଭୁମ୍ଭକୁ ସାହାଯ୍ୟ କରିବା ସକାଶେ ମୁଁ ଏ ପାଖ ଟଙ୍କା ରଖିଅଛି ।) ୬ । ନକଟରୁ—6. From.

ସକାଶେ—ଦେ. ଅ (ସଂ. ସକାଶ)—୧ । ସକାଶୁ (ଦେଶ)—Sakāśe ଜନ୍ୟେ ବଦୌଲତ 1. Sakāśu (See). ସକାଶେ ୨ । ନକଟରେ; ପାଖରେ—2. Near. (ଉ—ଭୃଷ୍ଣା-ନଜଦୀକମେଁ ଥଣ ଦେଖି ଏ ଦଣ୍ଡ ରହିଲେ କହିଲେ ଲୋକ ସକାଶେ—ପ୍ରଧାନାଥ. ପାବଁଟା ।) ୩ । ପାଶ୍ୱର୍ରେ; ପାଖରେ—3. By the side of. (ଉ—ମୁହୂର୍ତ୍ତି ଅନ୍ତରେ ଦେଲେ ଉପସ୍ଥ ଯାଇ ନୃପଙ୍କ ସକାଶେ—ଚନ୍ଦ୍ରାମଣି. ରତ୍ନମାଦଭ୍ୟ ।)

ସକି—ବେ ଦେ. ବଣ (ଅ. ସକ୍)—୧ ସଙ୍କ (ଦେଶ)—Saki 1. Sauki (See). ୨। ବରସ ପ୍ରକୃତ୍ତିକ; ଅଭିମାନଅ;ଯେ ଅଭିମାନୀ ସାମାନ୍ୟ କଥାରେ ମନରେ ଦୁଃଖ କରେ;—2. Of sad temperament; prone to take offence. ସକ୍ରୀ ୩ । ସନ୍ଦିହାନ ଦୁଷ୍ଟବୁଦ୍ଧିଶୀଳ—3. Suspicious.

ସକୁକ୍ଷି—ସଂ ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସ=ସମାନ ଅର୍ଥେ କୁକ୍ଷି= Sakukshi ମାତୃଜଠର ଯାହାଙ୍କର)—ଏକମାତାଙ୍କ ଗର୍ଭରୁ ଜାତ (ଭାଇ ବା ଭଉଣୀ)—Uterine;born of the same mother (Apte).

ସକୁର୍ଡି—ଦେ. ବ ଓ ବଣ—ସଙ୍କୁଡ଼ (ଦେଶ) Sakurdi Saṅkurdi (See)

ସକୁରଣ୍ଡ—ସଂ. ବ (ବୈଦ୍ୟକ)—ବନ୍ୟ ବୃକ୍ଷବିଶେଷ—A kind of wild tree. (ଡ-ବୈଦ୍ୟକ ମତରେ ଏହା କଷା, ପାଚକ,ରୁଚିକର, ସାରକ, ଲଘୁ, ଶ୍ଲେଷ୍ମବିନାଶକ । ଏହାଦ୍ୱାରା ବସ୍ତି ରଞ୍ଜନ କରାଯାଏ ।) Sakuranḍa ଅନ୍ୟ ସଂ-ନାମ— ତ୍ରୁଟିଫଳ, ବକଟ, ବଣ୍ଟକୁଷଣ, କୁରୁଣ୍ଡ, ଜର୍ଜ୍ଜର ଫଳ ସାକୁରୁଣ୍ଡ ସ. ସାଗୁରୁଣ୍ଡ

ସକୁଳ—ସଂ. ବ—୧ । (ଶବ୍ଦ ଧାତୁ+କର୍ତ୍ତୃ. ଉଚ୍ଚ; ବଡାଉନ)—ଶକୁଳ Sakula ମତ୍ସ୍ୟ; ଶ୍ଲେଷ୍ମଳ ମତ୍ସ୍ୟ—1. Ophecephalus (ଶକୁଳ—ଅନ୍ୟରୂପ) Striatus; a kind of fish. ୨ । (ସ=ସମାନ ଅର୍ଥେ କୁଳ ଯାହାର)—ଏକବଂଶରେ ଜାତ ବ୍ୟକ୍ତି; କୁଟୁମ୍ବୀ ବ୍ୟକ୍ତି—2. A kinsman (ସକୁଳା—ସ୍ତ୍ରୀ) (Apte). ସଂ. ବଣ. ପୁଂ—(ବହୁବ୍ରୀହି; ସ+କୁଳ)—୧ । ଏକ ପରିବାରର (ବ୍ୟକ୍ତି) —1. Of the same family (Apte). ୨ । ସତ୍କୁଳପ୍ରସୂତ—2. Belonging to a noble family (Apte). ୩ । ପରିବାର ବିଶିଷ୍ଟ—3. Having a family (Apte). ୪ । ପରିବାର ସହିତ—4. Along with or accompanied by one's family (Apte).

ସକୁଳାର୍ଭକ—ସଂ. ବ (୬ଷ୍ଠୀ ତତ; ସକୁଳ+ଅର୍ଭକ)—ଗଡ଼ୁଶାମାଛ; Sakulārbhaka ସାନ ଶେଉଳ; ଶେଉଳକଡ଼ା— A small Scula fish.

ସକୁଳୀ—ସଂ. ବ (ସକୁଳ+ଈ)—ସାକୁଳୀ ୧ (ଦେଶ)— Sakulī Sākulī 1 (See)

ସକୁଲ୍ୟ—ସ. ବ. ପୁଂ (ବହୁବ୍ରୀହି; ସ=ସମାନ+କୁଲ୍ୟ=କୁଳ, ବଂଶ Sakulya ଯାହାର)—୧ । ସଗୋତ୍ର ବ୍ୟକ୍ତି; ଏକ ବଂଶୀୟ ବ୍ୟକ୍ତି—1. One of the same family; one's distant kinsman between the 7th and 10th degrees from a person. ୨ । ଆପଣା ବଂଶର ସପିଣ୍ଡମାନଙ୍କର ଊର୍ଦ୍ଧ୍ୱତନ ୩ ପୁରୁଷ ଓ ଅମ୍ନତନ ୩ ପରୁଷର ବ୍ୟକ୍ତିଗଣ—2. One's distant kinsmen 3 generations abov'e ones Sapinda ancestors and 3 generations below one's Sapinda descendants. ୩ । ଆପଣାର ଊର୍ଦ୍ଧରୁ ୬ ପୁରୁଷର ଊର୍ଦ୍ଧ୍ୱତନ ୩ପୁରୁଷର ଓ ଅମ୍ନର ୬ ପୁରୁଷର ଅମ୍ନତନ ୩ ପୁରୁଷର ବ୍ୟକ୍ତ—3. One's distant kinsmen in the 7th to 9th generation above and below a pereon i. e. the 7th, 8th and9th degrees. ୪। ବଂଶର ଦୂରବର୍ତ୍ତୀ ପୂର୍ବପୁରୁଷ ଓ ବଂଶଧରଗଣ—4. One's distant agnates in general. (Apte) [ଦ୍ର—ଆପଣାର 'ସପିଣ୍ଡ' ବ୍ୟକ୍ତିଙ୍କର ଊର୍ଦ୍ଧ୍ୱତନ ୩ ପୁରୁଷ ଓ ଅଧସ୍ତନ ୩ ପୁରୁଷଙ୍କ ସୀମା ମଧ୍ୟର ବ୍ୟକ୍ତି 'ସକୁଲ୍ୟ' ଅଟନ୍ତି । ଆପଣାର ଊର୍ଦ୍ଧ୍ୱତନ ଓ ଅଧସ୍ତନ ୩ ପୁରୁଷ ସୀମା ମଧ୍ୟସ୍ଥ ବ୍ୟକ୍ତି 'ସପିଣ୍ଡ' ଅଟନ୍ତି । ସପିଣ୍ଡଙ୍କ ଉପରର ଓ ତଳର ଉକ ପୁରୁଷଙ୍କୁ 'ସକୁଲ୍ୟ' ବୋଲାଯାଏ । ଅର୍ଥାତ୍ ଆପଣାର ଊର୍ଦ୍ଧ୍ୱତନ ଓ ଅଧସ୍ତନ ୪ର୍ଥ ପୁରୁଷଠାରୁ ୬ଷ୍ଠ ପୁରୁଷ ପର୍ଯ୍ୟନ୍ତ ବ୍ୟକ୍ତିଙ୍କୁ 'ସକୁଲ୍ୟ' କହନ୍ତି । କେହି କେହି ଆପଣାର ଉପରେ ଓ ତଳେ ୭ମ, ୮ମ ଓ ୯ମ ପୁରୁଷର ବ୍ୟକ୍ତିଙ୍କୁ ସକୁଲ୍ୟ କହନ୍ତି । ସକୁଲ୍ୟଙ୍କ ବହୁର୍ଦ୍ଧ୍ୱତ ବ୍ୟକ୍ତମାନଙ୍କୁ 'ସଗୋତ୍ର' ବୋଲାଯାଏ । ଆପଣାର

Digitized by srujanika@gmail.com

ସପିଣ୍ଡ ବ୍ୟକ୍ତି ମୃତ ହେଲେ ୧୦ ଦିନ ଓ ସକୁଲ୍ୟଙ୍କ ମୃତ୍ୟୁରେ ୩ ଦିନ ଅଶୌଚ ପାଳିବାକୁ ପଡ଼େ; ଓ ଗୋତ୍ରଜଙ୍କ ମୃତ୍ୟୁରେ ସଦ୍ୟସ୍ନାନ କରି ଶୁଦ୍ଧି ଲାଭ କରିଯାଏ ।]

ସକୃତ୍—ଅ. ଅ (ଏକ+ବାର୍ଥେ. ସ; ନିପାତନ)—୧ । ଏକବାର; Sakṛut ଥରେ ମାତ्र—1. Once only. ୨ । ସର୍ବଦା— 2. Always. ୩ । ସହିତ—3. With; together with; along with. ୪ । ଏକଦା; ପୂର୍ବେ କୌଣସି କାଳରେ—4. Once; at one time; on one occasion; formerly. (Apte) ୫। ଉତ୍ତଷ୍ଣାତ୍— 4. At once. (Apte) ସ. ବ—ଛିଣ୍ଡା—Fœcus; night-soil.

ସକୃତ୍ ଗର୍ଭା—ସଂ. ବ. ସ୍ତ୍ରୀ (ବହୁବ୍ରୀହି; ସକୃତ୍+ଗର୍ଭ+ଅ; ଯେ Sakṛut-garbhā ଥରେ ମାତ୍ର ଗର୍ଭ ଧାରଣ କରି ସନ୍ତାନ ପ୍ରସବାନ୍ତେ ମରିଯାଏ)—୧ । ଖେସର; ଖଚର; ଅଣ୍ଡର; ଖଇର—1. Mule. (Apte) ୨ । ଯେଉଁ ସ୍ତ୍ରୀ ଥରେ ମାତ୍ର ଗର୍ଭିଣୀ ହୋଇଅଛି—2. A woman who has once been pregnant. ସ. ବ୍ରୀ. ସ୍ତ୍ରୀ— ଥରେ ମାତ୍ର ଗର୍ଭଧାରଣକାରିଣୀ (ସ୍ତ୍ରୀ)—(a woman) Who has conceived once.

ସକୃତପ୍ରଜ—ସଂ. ବହୁ. ପୁଂ (ବହୁବ୍ରୀହି; ସକୃତ୍=ଥରେ ମାତ୍ର+ପ୍ରଜା= Sakṛut-praja ସନ୍ତାନ+ଅ)—ଯେ ଥରେ ମାତ୍ର ପ୍ରସବ (ସକୃତ୍ ପ୍ରଜା—ସ୍ତ୍ରୀ) କରେ—Begetting once only. ସଂ. ବ—କାକ; କୁଆ; ବାୟସ—Crow.

ସକୃତ୍ ପ୍ରଜା—ସଂ. ବ. ସ୍ତ୍ରୀ (ବହୁବ୍ରୀହି)—ଯେଉଁ ସ୍ତ୍ରୀ ଥରେ ମାତ୍ର Sakṛut prajā ସନ୍ତାନ ଜନ୍ମ କରିଅଛି; ଏକପ୍ରସୂତି ସ୍ତ୍ରୀ— A woman who has once given birth to a child. ସଂ. ବହୁ. ସ୍ତ୍ରୀ—ସକୃତ୍ପ୍ରଜର ସ୍ତ୍ରୀଲିଙ୍ଗ— Feminine of Sakṛut-praja.

ସକୃତ୍ ପ୍ରସୂତା—ସଂ. ବହୁ, ସ୍ତ୍ରୀ (ସକୃତ୍+ପ୍ରସୂତା)—ଯେଉଁ ସ୍ତ୍ରୀ Sakṛut-prasūtā କେବଳ ଗୋଟିଏ ସନ୍ତାନ ପ୍ରସବ କରେ; (ସକୃତ୍ପ୍ରସୂତିକା—ଅନ୍ୟରୂପ) କାକବନ୍ଧ୍ୟା—(a woman) Who bears only one child. ସଂ. ବ. ସ୍ତ୍ରୀ— ୧ । କାକବନ୍ଧ୍ୟା ସ୍ତ୍ରୀ—1. A woman who bears only one child. ୨ । ଯେଉଁ ଗାଈ ଥରେ ମାତ୍ର ପ୍ରସବ କରିଅଛି—2. A cow that has calved once.

ସକୃତ୍-ଫଳା—ସ. ବ. ସ୍ତ୍ରୀ (ବହୁବ୍ରୀହି; ସକୃତ୍=ଥରେ ମାତ୍ର+ଫଳ Sakṛut-phalā +ଅ; ଯାହାର ଥରେ ମାତ୍ର ଫଳ ହୁଏ)— କଦଳୀ ଗଛ—Plantain tree; Musa Sapientum.

ସକୃଦ୍ଦୁଃଖକର—ସଂ. ବ. ପୁଂ—ଯେ ବା ଯାହା ଥରେ ମାତ୍ର ଦୁଃଖ Sakṛuddukhakara ଦିଏ (ଯାହା ସର୍ବଦା ବା ପଦେ ପଦେ (ସକୃଦ୍ଦୁଃଖପ୍ରଦ—ଅନ୍ୟରୂପ) ଦୁଃଖପ୍ରଦ ନୁହେଁ)—Producing (ସକୃଦ୍ଦୁଃଖତ୍ୱ, ସକୃଦ୍ଦୁଃଖପ୍ରଦା—ସ୍ତ୍ରୀ) grief once for all.

ସକୃଦ୍ବୀର—ସଂ. ବ (ଶବିଦ୍ୟକ)—ଜନ୍ୟ ବୃକ୍ଷବିଶେଷ—Name of Sakṛudbīra a wild tree. (ଦ୍ର—ଏହା କଣ୍ଟୁରସ, ଅନ୍ୟ ସଂ. ନାମ— ଜଙ୍ଗଲିଆର୍ଯ୍ୟ, ମଣ୍ଡଳାଙ୍ଗନକ, ବାଲଙ୍ଗନ୍ଧ ମହାବୀର, ସବୀରକ ସୂଚୀବେଧବତ୍ କେଦନାର ଜ୍ୱରଘ୍ନକ ଏବଂ (ସକୃଦ୍ବୀର—ଅନ୍ୟରୂପ) ଗୃଧ୍ରସୀ, କଣ୍ଠୀଶୂଳ ଓ ଅଗ୍ନାଙ୍ଗଜନ୍ୟ କେଦନାର ନିବାରକ ।)

ସକୃଦ୍ବୀରା—ସଂ. ବ (ବୈଦ୍ୟକ)—ଏକବାର; ବନ୍ଧ୍ୟାକର୍କୋଟକୀ; Sakṛudbīrā ଅପାଡୁଆ (ଗୁଳ୍ମ)—A plant produ- ତିଁତକାଁକଡ଼ୀ cing a bitter fruit which is fried ମାଁମ୍ଫଲସା and eaten. ସ. ଦ୍ରାକ୍ଷାକର୍କୋଟୀ ଓ. ଅପାଡୁଆ

ସକୃପଣ—ସଂ. ବହୁ. ପୁଂ—ଦୁଃସ୍ଥ; ଦୁଃଖଗ୍ରସ୍ତ—Miserable; wret- Sakṛupaṇa (ସକୃପଣା—ସ୍ତ୍ରୀ) ched (Apte).

ସକେଶ—ସଂ. ବହୁ ପୁଂ (ସହାର୍ଥେ; ବହୁବ୍ରୀହି, ସ+କେଶ)—୧। Sakeśa କେଶମୟ—1. Hairy; shaggy. ୨ । କେଶ ମିଶ୍ରିତ—2. Having hairs mixed with it.

ସକୈତବ—ସଂ. ବହୁ. ପୁଂ (ସହାର୍ଥେ ବହୁବ୍ରୀହି; ସ+କୈତବ)— Sakaitaba କପଟୀ; ଛଳଛାମୟ—Deceitful; fraudu- (ସକୈତବା—ସ୍ତ୍ରୀ) lent.

ସକୋପ—ସଂ. ବହୁ. ପୁଂ (ସହାର୍ଥେ ବହୁବ୍ରୀହି; କୋପ ସହିତ ବର୍ତ୍ତମାନ Sakopa ଯେ)—ରାଗାନ୍ୱିତ; କ୍ରୁଦ୍ଧ—Angry; wrathful. (ସକ୍ରୋଧ, ସରୋଷ—ଅନ୍ୟରୂପ) (ସକୋପା, ସକ୍ରୋଧା, ସରୋଷା—ସ୍ତ୍ରୀ)

ସକ୍ରୋଧା—ଦେ. ବହୁ (ସଂ. ସକ୍ରୋଧ)—ସକୋପ (ଦେଶ)— Sakrodhā Sakopa (See) (ଦ୍ର—ଉଧା; ବହୁତ ମାରୁଛ ଦେଇ ସକ୍ରୋଧା—ଇଜ. ଦୈତ୍ୟେଶ୍ୱରଲାସ।)

ସକ୍କା—ଦେ. ବହୁ (ପା)—ଉସ୍ତ୍ରି; ଚର୍ମନିର୍ମିତ ଜଳର ଥଳରେ ପାଣି Sakkā ବୋହୁବା ବ୍ୟକ୍ତି—A carrier of water in a ସକ୍କା ସକ୍କୀ leathern bag.

ସକ୍ତ—ସଂ. ବହୁ. ପୁଂ (ସନ୍ ଜ୍ ଧାତୁ=ଆସକ୍ତ ହେବା+କର୍ତ୍ତୃ. ଜ)— Sakta ୧ । ଅର୍ପିତ—1. Deposited; offered. ୨ । (ସକ୍ତା—ସ୍ତ୍ରୀ) ନିର୍ଦ୍ଦିଷ୍ଟ—2. Fixed; specified. ୩ । ଆସକ୍ତ— 3. Devoted to; attached to; engaged. ୪ । ମନୋଯୋଗୀ—4. Attentive to. ୫ । ସଂଲଗ୍ନ, ଲାଗି ଯାଇଥିବା—5. Connected with; securely joined to; stuck to.

Digitized by srujanika@gmail.com

ସକ୍ତି—ସଂ. ବ (ସଜନ୍ ଧାତୁ + ଭାବ. ଇ)—୧ । ଆସକ୍ତି—
Sakti 1. Attachment; love for any thing or person. ୨ । ସଂଯୋଗ—2. Union; junction. ୩ । ଅଭିନିବେଶ—3. Attention; devotion to any matter.

ସକ୍ତୁ—ସଂ. ବ (ସଚ୍ ଧାତୁ = ସେଚନ କରିବା + କର୍ମ. ତୁ) – ଶକ୍ତୁ; ଛତୁଆ—Corn flour; corn meal.
Saktu

ସକ୍ତୁକ—ସଂ. ବ (ସକ୍ତୁ + ସ୍ୱାର୍ଥେ. କ)—୧ । ସକ୍ତୁ (ଦେଖ)—
Saktuka Saktu (See) ୨ । କ୍ଷୁପବୃକ୍ଷବିଶେଷ (ଯାହାର ଚୂନି ସକ୍ତୁ ତୁଲ୍ୟ ଚୂର୍ଣ୍ଣ ପଦାର୍ଥରେ ପୂର୍ଣ୍ଣ)—2. A sort of poisonous plant the nodes of wich are full of powdery matter.

ସକ୍ତୁଫଳ(ଳୀ) – ସଂ. ବ (ବୈଦ୍ୟକ)—ଶମୀ ବୃକ୍ଷ (ଦେଖ)
Saktuphala(lī) Śamī bṛuksha (See)

ସକ୍ଥି – ସଂ. ବ (ସନ୍ଜ ଧାତୁ = ଅସକ୍ତ ହେବା + ଥି) । ଉରୁ
Sakthi ଉରୁସନ୍ଧି; ଜଙ୍ଘ—1. The thigh. ୨ । ଶକଟର (ସକ୍ଥି—ଅନ୍ୟରୂପ) ଅଙ୍ଗବିଶେଷ—2. A part of a cart. (ଉ—ହଦ୍ୟମିତ ଯୁକ୍ତ ମିଳକଟି ଦ୍ରୁମନ୍ତ ପ୍ରଭୃ ସକ୍ଥ୍ୟାଭାର —ଭଞ୍ଜ. ବେ ଦେପ୍ସାଶବ୍ଦଲାସ ।)

ସକ୍ରେଟିସ୍—ବୈଦେ. ବ (ନାମ)—ପ୍ରାଚୀନ ଗ୍ରୀସ୍ ଦେଶର ଜନୈକ
Sakretis ଦାର୍ଶନିକ ପଣ୍ଡିତ—Socrates; the famous
ସକ୍ରେଟିସ Greek philosopher. (ଦ୍ର—ସକ୍ରେଟିସ୍ ଶ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀର ଲୋକ । ଏ ପ୍ରଥମେ ସୈନିକ ଥାଇ ବୀରତ୍ୱ ଦେଖାଇ ଥିଲେ । ପରେ ଦର୍ଶନ ଶାସ୍ତ୍ର ଅଧ୍ୟୟନ କରି ମହାପଣ୍ଡିତ ହୋଇ କାମ, କ୍ରୋଧ ଆଦି ରିପୁମାନଙ୍କୁ ଦମନ କରିଥିଲେ । ଦେବତାଙ୍କୁ ମାନ୍ୟ ନ ଥିବା ଅଭିଯୋଗରେ ବୃଦ୍ଧାବସ୍ଥାରେ ବିଷପାନ କରି ସେ ପ୍ରାଣତ୍ୟାଗ କରିଥିଲେ । ଏହାଙ୍କ ସ୍ତ୍ରୀ ଖୁବ ଦୁଷ୍ଟା ଥିଲେ ଓ ତାଙ୍କୁ ନାନା କଷ୍ଟ ଦେଇଥିଲେହେଁ ସେ ତାହା ନିର୍ବିକାର ହୃଦୟରେ ସହ୍ୟ କରିଥିଲେ ।

ସକ୍ରେଟିସ୍‌ଙ୍କ ଧୈର୍ଯ୍ୟ ସମ୍ବନ୍ଧରେ ଗୋଟିଏ ପ୍ରବାଦ ଅଛି; ଏହାଙ୍କ ସ୍ତ୍ରୀ ଜ୍ୟାନ୍ଥିପୀ (Xanthipe) ଅତି ଉଗ୍ରଚଣ୍ଡୀ ଥାଇ ସର୍ବଦା ସ୍ୱାମୀଙ୍କ ଭର୍ତ୍ସନା ଦେଉଥିଲେ । ଦିନେ ସକ୍ରେଟିସ୍ ସ୍ତ୍ରୀଙ୍କ ବାକ୍ୟବାଣ ଓ ଗଞ୍ଜନରୁ ଅବ୍ୟାହତି ଲାଭ କରିବା ପାଇଁ ଘରୁ ବାହାର ଯାଇ ବାହାରେ ବସି ପୁସ୍ତକ ପାଠ କଲେ । ଏହା ଦେଖି ତାଙ୍କ ସ୍ତ୍ରୀ ଅଦୂର ବ୍ରତି ଯାଇ କୋଠା ଉପରକୁ ଯାଇ ବାଲ୍ଟିଏ ମଇଳା ପାଣି ଆଣି ଏହାଙ୍କ ଉପରେ ଅଛାଡ଼ ଦେଲେ । ଏଥିରେ ସ୍ୱାମୀ ସକ୍ରେଟିସ୍ ଧୈର୍ଯ୍ୟ ନ ହରାଇ ସ୍ମିତବଦନରେ କହିଲେ, "ଏତେ ବଡ଼ ମେଘ ଗର୍ଜ୍ଜନ ପରେ ଅଳ୍ପବ ଦୁମ୍ବକାଣି ବରଷା ହୋଇ ନ ଥିଲେ ଶୋଭା ପାଇ ନ ଥାନ୍ତା ।)"

ସକ୍ଷମ—ବେ. ବଣ (ଅଶୁଦ୍ଧ) (ସଂ. କ୍ଷମ; ସଂସ୍କୃତ 'ଅକ୍ଷମ' ଶବ୍ଦର
Sakshama ବିପରୀତାର୍ଥକ ଅଶୁଦ୍ଧ ବ୍ୟବହାର) – ଘାରଗ;
ସକ୍ଷମ ସମର୍ଥ ସମର୍ଥ—Able; competent. (ଦ୍ର—'ସକ୍ଷମ' ଶବ୍ଦଟି ବ୍ୟାକରଣଜନିତ ନିୟମାନୁଯାୟୀ ଅଶୁଦ୍ଧ ହେଲେ ମଧ୍ୟ ଅନେକ ଲେଖକ ଏହାକୁ ସଂସ୍କୃତ ଶବ୍ଦଜ୍ଞାନରେ ବ୍ୟବହାର କରିଥାଆନ୍ତି । ଏଥିର କବି, ଔପନ୍ୟାସିକ କେତେକ ପ୍ରତିଷ୍ଠିତ, ପରିଚିତ ଲେଖକ ମଧ୍ୟ ଏହି ଦୋଷରୁ ଅବ୍ୟାହତି ପାଇ ପାରି ନାହାନ୍ତି । ସକ୍ଷମ ନ ଲେଖି 'କ୍ଷମ' ବା 'ସମର୍ଥ' ଲେଖିବା ଉଚିତ; 'କ୍ଷମା ଗୁଣ ବିଶିଷ୍ଟମାନ' ବା 'କ୍ଷମାଶୀଳ' ଅର୍ଥରେ 'ସକ୍ଷମ' ଶବ୍ଦ ବ୍ୟବହାର କରିପାରେ । ମାତ୍ର ସେହି ଅର୍ଥରେ ଏହା କେହି ବ୍ୟବହାର କରନ୍ତି ନାହିଁ; ଏହା ପ୍ରଚଳିତ ନୁହେଁ ।)

ସକ୍ଷମତା—ବେ. ବ (ଅଶୁଦ୍ଧ) (ସଂ. କ୍ଷମତା)—ଘାରଗତା; ସାମର୍ଥ୍ୟ—
Sakshamatā Ability; competence.
ସକ୍ଷମତା ଯୋଗ୍ୟତା

ସକ୍ଷମା—ବେ. ବଣ (ପ୍ରାଚୀନ ପଦ୍ୟ)—କ୍ଷମା ପ୍ରଦାନରେ ସମର୍ଥ—
Sakshamā Able to forgive.
(ଉ—ସକ୍ଷମା ଚକ୍ରିନ୍ ଅତେ ଦ୍ୱେଷ ଶ୍ରୀଦୁଷ୍ଟରେ ।
ପ୍ରାଚୀ. ବ୍ରହ୍ମଜରୁଷ୍ଟଣ ଗୀତା ।)

ସଖ୍ (ଇତ୍ୟାଦି)—ବୈଦେ. ବ—ସକ୍ ଇତ୍ୟାଦି (ଦେଖ)
Sakh (etc) Sak etc. (See)
ସକ୍ ସକ୍

ସଖା—ପୁ. ବ ଓ ବଣ. ସଂ—[ଅନ୍ୟ ଶବ୍ଦ ସଙ୍ଗେ 'ସଖା' ଶବ୍ଦ ସମାସରେ
Sakha ଯୁକ୍ତ ହେଲେ 'ସଖ' ରୂପ (ଯଥା—ଇନ୍ଦ୍ରସଖ, ବାୟୁସଖ)]
ସଖା; ବନ୍ଧୁ Friend; The form of word 'Sakhā' when compounded with another word.]

ସଖା—ପୁ. ବ. ସଂ (ସଖି ଶବ୍ଦ ୧ମା. ୧ବ.; ସ = ସମାନ + ଖ୍ୟା.
Sakhā ଧାତୁ = କହିବା + କର୍ମ. ଇ; ଯାହାଙ୍କୁ ଲୋକେ ସମାନ (ସଖୀ—ସ୍ତ୍ରୀ) ବୋଲି କହନ୍ତି)—୧ । ବୟସ୍ୟ—1. A friend of the same age. ୨ । ମିତ୍ର-2. Friend. (ଉ—ସଖାରେ ଭାକ ଦନେ ନୃପତନୟ, ପୁତ୍ରେ ସ୍ମୋଚନା ଲଭିବାର ଉପାୟ । ଗୋଲ୍ଲେକ. ଇନ୍ଦୁରେଖା ।) [ଦ୍ର—ବନ୍ଧୁ, ସୁହୃତ୍, ମିତ୍ର ଓ ସଖା ମଧ୍ୟରେ ପ୍ରଭେଦ ନିମ୍ନ ଉକ୍ତିରେ ବ୍ୟକ୍ତ ହୋଇଅଛି :—

ଅତ୍ୟାଗସହନୋ ବନ୍ଧୁଃ, ସଦୈବାନୁମତଃ ସୁହୃତ୍ ।
ଏକକ୍ରିୟଂ ଭବେନ୍ମିତ୍ରଂ, ସମପ୍ରାଣଃ ସଖା ମତଃ ॥

ଅର୍ଥାତ୍ ଯେ ମିତ୍ରର ବଚ୍ଛେଦ ସହ୍ୟ ନ ପାରନ୍ତି, ସେ ବନ୍ଧୁ; ଯେ ସର୍ବଦା ଅନୁମତ ବା ଏକମତ ଥାଆନ୍ତି, ସେ ସୁହୃତ୍; ଯାହାଙ୍କ କାର୍ଯ୍ୟକଳାପ ମିତ୍ରଙ୍କ କାର୍ଯ୍ୟକଳାପ ସଙ୍ଗେ ସମାନ, ସେ ମିତ୍ର ଏବଂ ଯେ ମିତ୍ରଙ୍କୁ ସ୍ୱୀୟ ପ୍ରାଣତୁଲ୍ୟ ମଣନ୍ତି, ସେ ସଖା ।] ୩ । ସୁହୃତ୍—3. Bosom-friend. ୪ । ସହଚର—4. Companion.

Digitized by srujanika@gmail.com

ସଖା ଭାବ —ଦେ· ବ—ସଖିଭାବ (ଦେଶ)
Sakhā bhāba Sakhibhāba. (See)

ସଖାଳ (ଇତ୍ୟାଦି) —ଦେ· ବ— ସକାଳ ଇତ୍ୟାଦି (ଦେଶ)
Sakhāla (etc) Sakāla etc (See)
(ଉ—ସେ ଦ୍ୱାଦଶୀ ଦିନ ବଡ଼ ସଖାଳେ ଭୁଚ୍ଛା ବାସନ ମାଜେ । ଯଜ୍ଞାରମୋଦ୍ଦନ. ଛମାଣ ଅଠଗୁଣ ।)

ସଖାଳୁ(ଳୁ) —ଦେ· କି· ବିଣ – ସକାଳୁ (ଦେଶ)
Sakhāḷu(ḷuñ) Sakāḷu. (See)

ସଖାଳୁଆ (ଇତ୍ୟାଦି)—ଦେ· ବ. ଓ ବିଣ—ସଖାଳୁଆ ଇତ୍ୟାଦି (ଦେଶ)
Sakhāḷuā (etc) Sakhāḷuā etc. (See)

ସଖାଳେ —ଦେ. କି ବିଣ—ସକାଳେ (ଦେଶ)
Sakhāḷe Sakāḷe (See)

ସଖା ସୋଦର—ଦେ. ବ—ବନ୍ଧୁ କୁଟୁମ୍ବ—Friends and relatives. (ଉ—ସଖା ସୋଦର ମୋର ସଖା ସୋଦର ନାହିଁ, ମୁଁ ଜନ୍ମା ଥିବ ଏକା ଦୋଇ ? ପ୍ରାଚୀ· ଜର୍ଗୁଣ ଭାଇବନ୍ଧୁ ମାହାତ୍ମ୍ୟ ।]

ସଖି —ସ· ବ ପୁଂ (ଶବ୍ଦ) (ସ=ସମାନ+ଖ୍ୟା·ଧାତୁ=କହିବା+କର୍ମ.ଇ; Sakhi ଯାହାକୁ ଲୋକେ ସମାନ କୋଲି କହନ୍ତି; ଏହି ଶବ୍ଦର ପ୍ରଥମା ବହୁବଚନ ଯୁକ୍ତ ପଦ 'ସଖା' ବାଙ୍ଗଲାରେ ବ୍ୟବହୃତ ହୁଏ)—ବନ୍ଧୁ; ମିତ୍ର; ବନ୍ଧୁ; ସହଚର; ପ୍ରିୟତମ—Companion; bosom friend. (ଉ—ଏ ବାହାରେ ତୁମର ସଖି ଚକ୍ରପାଣି । କୃଷ୍ଣସିଂହ. ମହାଭାରତ ଭଦ୍ରଯୋଗ ।) ସ. ତ. ସ୍ତ୍ରୀ—(ସଖୀ ଶବ୍ଦର ସ୍ତ୍ରୀ ସମ୍ବୋଧନ) (ସମ୍ବୋ—ପୁଂ) ସଖୀ ପ୍ରିୟ ସମ୍ବୋଧନ—Oh friend ! (addressed to a female friend). ଦେ. ବ—(ସଖୀ—ଅନ୍ୟରୂପ) (ସଂ. ସଖୀ)—୧ । କୃତ୍ରିମ; ପୁତ୍ତଳିକା; ପୁତୁଳ ପିତୁଳ—1. An image; doll; puppet. ୨ । ସଖୀ କନିୟାପୁତରା ବା ପିତୁଳା ପରି ସୁନ୍ଦର ବାଳିକା—2. A very pretty beautiful girl. ଦେ. ବିଣ—(ସ. ସଖୀ) ସଖୀ ବା ସଖା ପିତୁଳା ପରି ସୁନ୍ଦର (ବାଳିକା)—Very beautiful (girl). ବୈଦେ. ବିଣ—ସକ (ଦେଶ)—Saki.(See) ପ୍ରାଦେ (ଯାଜପୁର) ବ—ବନ୍ଧୁ; ସାଙ୍ଗ ପୁଅ— Friend.

ସଖିଜନ —ସ. ବ—ବନ୍ଧୁବ୍ୟକ୍ତି; ମିତ୍ରବ୍ୟକ୍ତି—
Sakhijana A friend.
(ସଖୀଜନ ?—ସ୍ତ୍ରୀ)

ସଖିତା(ତ୍ୱ)—ସଂ. ବ (ସଖି+ଭାବ. ତା, ତ୍ୱ)—ମିତ୍ରତା; ସୌହାର୍ଦ୍ଦ; Sakhitā(twa) ସଖ୍ୟ—Close friendship.

ସଖିନାଟ —ଦେ. ବ—କେଳାମାନେ ପିତୁଳା ଖେଳରେ ଘୋଡ଼ାବାଲ Sakhināṭa ଲଗେଇ ସେହି ଘୋଡ଼ାବାଲକୁ ଧରିଚ କରି ପୁତୁଳ ବାଜି, ପୁତୁଳ ନାଚ ପିତୁଳାମାନଙ୍କୁ ନଚାଇ ଅର୍ଥନୟ କରିବା ପୁତରା ନାଚ ଗୋଟଛଲା; କଣ୍ଢେଇ ନାଟ —A puppet dance in which puppets are made to dance by pulling the attached horse-hair from behind.

ସଖୀ—ସଂ. ବ. ସ୍ତ୍ରୀ—(ସଖି ଶବ୍ଦର ସ୍ତ୍ରୀଲିଙ୍ଗ; ସଖି+ସ୍ତ୍ରୀ· ଈ)—
Sakhī ୧ । ବୟସ୍ୟା—1. A female companion. ୨ । ସ୍ତ୍ରୀଲୋକର ସ୍ତ୍ରୀ ସହଚରୀ —
2. A lady's maid or companion.

ସଖୀ ନାଟ—ପ୍ରାଦେ (ଗଞ୍ଜାମ) ବ—ସ୍ତ୍ରୀ ବେଶରେ ସଜ୍ଜିତ ନାଟୁଆପିଲ୍ଲଙ୍କ Sakhī nāṭa ନାଟ—Dancing of boys in the garb of girls.

ସଖୀ ପିଲା—ଦେ. ବ—ସ୍ତ୍ରୀଲୋକ, ଝରଡଲୋକ, କୃତ୍ରିମଲୋକ ଆଦରେ Sakhī pilā ଯେଉଁ ବାଳକ ସଖୀ ବା ସ୍ତ୍ରୀବେଶରେ ନାଚେ— ଯେ ସଖୀ ସାଜେ The boy who takes female part ସଖୀ ବାଳକ in country dance.
(ସଖୀ ପୁଅ – ଅନ୍ୟରୂପ)

ସଖୀ ଭାବ—ଦେ ବ (ବୈଷ୍ଣବ ସମ୍ପ୍ରଦାୟ ବ୍ୟବହୃତ ଶବ୍ଦ)—ବୟସ୍ୟ Sakhī bhāba ଭାବ; ଶ୍ରୀକୃଷ୍ଣଙ୍କ ପ୍ରତି ବୟସ୍ୟା ବା ସହଚରୀର ଭାବ— ସଖୀ ଭାବ The state of being a bosom friend; the ସଖୀ ଭାବ condition of thinking one's self as the 'Sakhā' or 'Sakhī' of Śri Kṛushṇa. [ଉ— ଶ୍ରୀଚୈତନ୍ୟଦେବ ଏହି 'ସଖୀ ଭାବ'ରେ ଓ ବଶେଷତଃ 'ସହଚରୀ'ରୂପେ ଶ୍ରୀକୃଷ୍ଣଙ୍କ ଭକ୍ତି କଲେ କୃଷ୍ଣପ୍ରାପ୍ତି ହୁଏ ବୋଲି ପ୍ରଚାର କଲେ; ଅର୍ଥାତ୍ ଶ୍ରୀକୃଷ୍ଣଙ୍କ ଚାକର ସଖାମାନେ (ସୁଦାମା, ସୁବଳ ପ୍ରଭୃତି) ଓ ସଖୀମାନେ (ରାଧିକା, ଲଳିତା, ବଶାଖା ଆଦି) ଯେଉଁ ମଧୁରଭାବରେ ସଖ୍ୟ ଭାବରେ ଭକ୍ତି କରୁଥିଲେ, ସେହିପରି ମାଧୁର୍ଯ୍ୟଭାବରେ ଭକ୍ତି କଲେ ଭଗବତ୍-ପ୍ରାପ୍ତି ହୁଏ ।]

ସଖୁଡ଼ି—ଦେ. ବ ଓ ବିଣ—ସଙ୍ଖୁଡ଼ି (ଦେଶ)
Sakhurḍi Saṅkhurḍi. (See)

ସଖେ—ସଂ. ପୁଂ (ସଖି ଶବ୍ଦର ପୁଂଲିଙ୍ଗ ସମ୍ବୋଧନ)—ହେ ସଖେ ! ହେ ମିତ୍ର !—Oh friend! (addressed to a male friend.)
(ସଖି—ସ୍ତ୍ରୀ)

ସଖ୍ୟ - ସଂ. ବ (ସଖି+ଭାବ· ଯ) —୧ । ମୈତ୍ରୀ; ସୌହାର୍ଦ୍ଦ— Sakhya 1. Close friendship. ୨ । ଘନିଷ୍ଠତା— 2. Intimacy.
[ଉ—ଏହାକୁ କେହି କେହି ଅଶୁଦ୍ଧ ଆକାରରେ 'ସଖ୍ୟତା' ଲେଖୁଥିବା ଦେଖାଯାଏ]

ସଖ୍ୟ ଭାବ—ସଂ. ବ—ବନ୍ଧୁଗତ ଅନୁରାଗ –
Sakhya bhāba Friendly attachment.

ସଖ୍ୟ ସ୍ଥାପନ—ସଂ. ବ (ଷଷ୍ଠୀ ତତ୍)—କୌଣସି ବ୍ୟକ୍ତିଙ୍କ ସଙ୍ଗେ ବନ୍ଧୁତା ବା ଘନିଷ୍ଠତା ଜନ୍ମାଇବାର ଉଦ୍ୟୋଗ କରଣ – Establishment of close friendship with a person.

ସଗ—ଦେ. ବିଣ— ସଗା (ଦେଶ)
Saga Sagā. (See)

Digitized by srujanika@gmail.com

ସଗଣ—ସଂ. ବହୁ (ବହୁବ୍ରୀହି; ସ=ସହିତ+ଗଣ=ଅନୁଚର; ଅଥବା Sagaṇa ଜାତୀୟ ବସ୍ତୁ ବା ବ୍ୟକ୍ତି)—୧ । ଅନୁଚର—1. Accompanied with one's retinue; attended by one's followers. ୨ । ସଦଳ; ଅଥବା ଦଳୀୟ ବା ଜାତୀୟ ବସ୍ତୁମାନଙ୍କ ବା ବ୍ୟକ୍ତିମାନଙ୍କ ସହିତ—2. Accompanied with the members of one's own class. ୩ । (ସ=ସମାନ ଅର୍ଥେ ଗଣ ଯାହାର;) ଅଥବା ଜାତୀୟ, ଏକଜାତୀୟ—3. Of the same class. ସ ବ ଯେଉଁ ତିନୋଟି ବର୍ଣ୍ଣ ଛନ୍ଦରେ ବ୍ୟବହୃତ ହୋଇଥାଏ—The three letters that are used in a metrical composition. [ଦ୍ର—ଏହି ତିନୋଟି ବର୍ଣ୍ଣ ମଧ୍ୟରୁ ପ୍ରଥମ ଦୁଇ ବର୍ଣ୍ଣ ଲଘୁ ଓ ଶେଷ ବର୍ଣ୍ଣଟି ଗୁରୁ ।] ଦେ. କ୍ରି. ବିଶ୍ଳ-

ସଗଣେ ସଦଳବଳ ହୋଇ—In company with one's attendants and companions. [ଉ—ସଗଣେ ବସିଲେ ସୁନ୍ଦର ରଥେ । ମଧୁସୂଦନ, କବିତାବଳୀ]

ସଗଣ ସହିତ (ସଗଣେ—ଅନ୍ୟ କ୍ରି. ବିଶେଷଣ)

ସଗନ୍ଧ—ସ. ବିଣ. (ବହୁବ୍ରୀହି; ସ=ସହିତ+ଗନ୍ଧ)—୧ । ଗନ୍ଧଯୁକ୍ତ; Sagandha ସୁବାସିତ—1. Scented; smelling; perfumed; fragrant. ୨ । ଗର୍ବଯୁକ୍ତ—2. Proud; arrogant. ୩ । ଏକ ବଂଶଜାତ—3. Born of the same family; kindred. ଦେ. ବ—ଜ୍ଞାତି; କୁଟୁମ୍ବ—Kinsman; kin.

ସଗର—ସଂ. ବି. (ବହୁବ୍ରୀହି; ସ=ସହିତ+ଗର=ଗରଳ; ବିଷ)—Sagara ବିଷଯୁକ୍ତ; ବିଷାକ୍ତ—Mixed with poison,

ସଂ. ବି. ପୁଂ. (ନାମ) (ସ=ସହିତ+ଗର=ବିଷ ଏବେ ସହିତ ମାତୃ ଉଦରୁ ଜନ୍ମି ଥିବାରୁ)—ସୂର୍ଯ୍ୟବଂଶୀୟ ନରପତି ବିଶେଷ—Name of a king of the Solar dynasty of ancient India. (ଉ—ଗରଳ ସଙ୍ଗେ ଜନ୍ମ ଯେଣୁ, ସଗର ନାମ ହେଉ ତେଣୁ । ଜଗନ୍ନାଥ. ଭାଗବତ ।) [ଦ୍ର—ଏ ସୂର୍ଯ୍ୟବଂଶୀୟ 'ବାହୁକ' ନାମକ ନରପତିଙ୍କ ପୁତ୍ର । ସଗରଙ୍କ ପିତା ବାହୁକ ହୈହୟଙ୍କ ଓ ତାଳଜଙ୍ଘ ହୋଇ ବନକୁ ପ୍ରସ୍ଥାନ କଲେ ଓ ସେହି ବନରେ ତାଙ୍କର ମୃତ୍ୟୁ ହେଲା । ଏହି ସମୟରେ ଏହାଙ୍କ ପତ୍ନୀ ଯାଦବୀ ଗର୍ଭବତୀ ହୋଇଥିଲେ । ଯାଦବୀଙ୍କୁ ତାଙ୍କ ସପତ୍ନୀ ଔଦ୍ୟଦ୍ରବ୍ୟ ସଙ୍ଗେ ଗରଳ ଖାଇବାକୁ ଦେଲେ, ତଥାପି ତାଙ୍କର ଗର୍ଭପାତ ହେଲା ନାହିଁ ଏବଂ ଯଥା—ତାଳରେ ଔର୍ବ୍ୱ ମୁନିଙ୍କ ଅଶ୍ରମରେ ତାଙ୍କ ଗର୍ଭରୁ 'ସଗର' ଜାତ ହେଲେ ଓ ତାଙ୍କ ସଙ୍ଗେ ସଙ୍ଗେ ଯାଦବୀଙ୍କୁ ତାଙ୍କ ସପତ୍ନୀ ଦେଇଥିବା ଗରଳ ମଧ୍ୟ ଗର୍ଭରୁ ପଡ଼ିଲା । ବିଷ ସହିତ ମାତୃଗର୍ଭରୁ ଜନ୍ମ ହୋଇଥିବାରୁ ଏହାଙ୍କର ଏପରି ନାମ ହେଲା ।

ସଗର ଜ୍ୟେଷ୍ଠ ଔର୍ବ୍ୱ ମୁନିଙ୍କ ଅଶ୍ରମରେ ବଢ଼ି ବୟଃପ୍ରାପ୍ତ ହୋଇ ହୃତ ଘୋଟକ ସ୍ୱଜ୍ୟକୁ ପୁନରୁଦ୍ଧାର କରି ଧର୍ମପାଳନ-ତତ୍ପର ପୁତ୍ରଜନ୍ମବିଶେଷରେ ପ୍ରଜାଙ୍କୁ ପାଳନ କଲେ । ଏହାଙ୍କର ଏକ ସ୍ତ୍ରୀ 'ଶୈବ୍ୟାଙ୍କ' ଗର୍ଭରୁ 'ଅସମଞ୍ଜ' ନାମକ ଏକ ପୁତ୍ର ଓ ଏକ କନ୍ୟା ଜନ୍ମ ହେଲେ । ସଗରଙ୍କ ଅନ୍ୟତମା ସ୍ତ୍ରୀ 'ବୈଦର୍ଭୀ'ଙ୍କ ଗର୍ଭରୁ ଗୋଟିଏ ମାଂସପିଣ୍ଡ ଜାତ ହେଲା ଓ ସେଇ ମାଂସପିଣ୍ଡରୁ ଷାଠିଏ ହଜାର ପୁତ୍ର ବାହାରିଲେ । ସଗର ୯୯ଟି ଅଶ୍ୱମେଧ ଯଜ୍ଞ ସମ୍ପନ୍ନ କରି ଇନ୍ଦ୍ରତ୍ୱ ଲାଭ କରିବା ପାଇଁ ଶତତମ ଅଶ୍ୱମେଧ ଯଜ୍ଞ ଆରମ୍ଭ କଲେ । ଇନ୍ଦ୍ର ଏଥିରେ ଭୀତ ହୋଇ ଯଜ୍ଞ ଅଶ୍ୱକୁ ନେଇ ପାତାଳରେ କପିଳ ମୁନିଙ୍କ ଅଶ୍ରମରେ ବାନ୍ଧି ରଖିଲେ । ଅଶ୍ୱ ଖୋଜିବା ଦେଖି ସଗରଙ୍କର ଷାଠିଏ ହଜାର ପୁତ୍ର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ଧୂଣ୍ଡି ପକାଇଲେ ଏବଂ ଭୂପୃଷ୍ଠକୁ ଏଉର ଖୋଳ ପକାଇଲେ ଯେ, ଯଜ୍ଞ ଗଭୀର ଖାତ 'ସାଗର' ବା ସମୁଦ୍ରରେ ପରିଣତ ହେଲା । (ସଗର ସନ୍ତାନଙ୍କ ପୂର୍ବପୁରୁଷମାନଙ୍କ ଦ୍ୱାରା ଖୋଳା ହୋଇଥିବାରୁ ସମୁଦ୍ରର ନାମ 'ସାଗର' ହେଲା ।) ସଗରଙ୍କ ପୁତ୍ରମାନେ ଭୂପୃଷ୍ଠ ଖୋଳି ଖୋଳି ପାତାଳରେ ସତ୍ୟ କପିଳ ମୁନିଙ୍କ ଅଶ୍ରମରେ ପଙ୍ଖୀୟ ଅଶ୍ୱକୁ ଦେଖି କପିଳ ମୁନିଙ୍କୁ ଯଜ୍ଞ ଅଶ୍ୱର ଅପହର୍ତ୍ତା ବୋଲି ଭ୍ରମବଶତଃ ମୁନିଙ୍କ ପ୍ରତି କଟୁବାକ୍ୟ ପ୍ରୟୋଗ କରି ତାଙ୍କୁ ଦଣ୍ଡ ଦେବାକୁ ଉଦ୍ୟତ ହୁଅନ୍ତେ କପିଳଙ୍କ ଅଭିଶାପରେ ଏ ୬୦ ହଜାର ଯାକ ପୁତ୍ର ପୋଡ଼ି ଭସ୍ମ ହୋଇଗଲେ । ଅତଃପର ସଗରଙ୍କ ପୌତ୍ର ଅଂଶୁମାନ୍ ପାତାଳକୁ ଗମନପୂର୍ବକ ଉପସ୍ଥିତ ଓ ସ୍ତବ ଦ୍ୱାରା ମୁନିଙ୍କୁ ତୁଷ୍ଟ କରାଇ ଯଜ୍ଞ ଅଶ୍ୱକୁ ଆଣି ପିତାମହଙ୍କ ଆରବ୍ଧ ଯଜ୍ଞକୁ ଶେଷ କରାଇଲେ । ଉତ୍ତରକାଳରେ ଏହି ସୂର୍ଯ୍ୟବଂଶର ବଂଶଧର 'ଭଗୀରଥ' ସ୍ୱର୍ଗରୁ ଗଙ୍ଗାଙ୍କୁ ପୃଥିବୀକୁ ଆଣି (ଏଥିପାଇଁ ଗଙ୍ଗାଙ୍କର ଅନ୍ୟ ନାମ 'ଭାଗୀରଥୀ' ହୋଇଅଛି ।) ଗଙ୍ଗାଙ୍କୁ ବାଟ ଦେଖାଇ ଦେଖାଇ କପିଳ ମୁନିଙ୍କ ଅଶ୍ରମ ବାଟେ ନେଇ ସମୁଦ୍ରରେ ପକାଇଲେ ଓ କପିଳ ମୁନିଙ୍କ ଅଶ୍ରମରେ ସଗରଙ୍କ ୬୦ ହଜାର ପୁତ୍ରଙ୍କ ଭସ୍ମ ଗଙ୍ଗାଜଳ ଦ୍ୱାରା ପ୍ଳାବିତ ହେବାରୁ ସେମାନେ ଉଦ୍ଧାର ପାଇଲେ । ଅଦ୍ୟାବଧି ଗଙ୍ଗାର ସମୁଦ୍ର ସଙ୍ଗେ ମିଳିତ ହୋଇଥିବା ମୁହାଣ (ଗଙ୍ଗାସାଗର ସଙ୍ଗମ) ହିନ୍ଦୁମାନଙ୍କର ମହାତୀର୍ଥରୂପେ ପରିଗଣିତ ହେଇଅଛି ଓ ସେଠାରେ ପ୍ରତିବର୍ଷ ମକରସଂକ୍ରାନ୍ତି ସମୟରେ ସହସ୍ର ସହସ୍ର ହିନ୍ଦୁ ସ୍ନାନ କରନ୍ତି । ଏହାଛଡ଼ା ସେଠାରେ ଗୋଟିଏ ବଡ ମେଳା ମଧ୍ୟ ହୁଏ ।]

ସଗର୍ବ—ସଂ. ବିଣ. ପୁଂ. (ସ+ଗର୍ବ; ବହୁବ୍ରୀହି) ୧ । ଗର୍ବିତ Sagarba (ବ୍ୟକ୍ତି)—1. Proud; arrogant. ୨ । (ସଗର୍ବା—ସ୍ତ୍ରୀ) ଗର୍ବପୂର୍ଣ୍ଣ (ବାକ୍ୟ ବା ବ୍ୟବହାର)—2. (word or act) Full of arrogance.

ସଗର୍ବ(ର୍ବେ)—ଦେ. କ୍ରି. ବିଣ (ସଂ. ସଗର୍ବଂ)—ଉର୍ବ ସହଙ୍କାରେ; Sagarba(rbe) ଗର୍ବିତଭାବରେ—Proudly; arrogant ସଗର୍ବେ ସଗର୍ବ ly; with arrogance. [ଯଥା—ମୁଁ

Digitized by srujanika@gmail.com

(ସଗର୍ଭରେ—ଅନ୍ୟରୁପ) ସଗର୍ଭରେ ଜନ୍ମଗାରେ ଯେ, ମୋ ସାଆନ ଜନ୍ମଲଙ୍କ ଚଭ୍ର ଅଟନ୍ତି ।)

ସଗର୍ଭ—ସଂ. ବ୍ରଣ. ପୁଂ (ବହୁବ୍ରୀହି, ସ=ସହିତ+ଗର୍ଭ=ଉଦର) Sagarbha ୧ । ଅଭ୍ୟନ୍ତରରେ ସୁକ୍ଷ୍ମପତ୍ରାଦି ଯୁକ୍ତ (କୁଶ ତୃଣାଦି)—(ସଗର୍ଭା—ସ୍ତ୍ରୀ) (a blade of Kusa grass) Enclosing a small leaf within it. ୨ । ଗର୍ଭଯୁକ୍ତ; ଉଦରଯୁକ୍ତ—2. Having a garbha i. e. belly; bellied; having an uterus. ସଂ. ବ. ପୁଂ (ବହୁବ୍ରୀହି, ସ=ସମାନ+ଗର୍ଭ=ମାତୃଗର୍ଭ, ଯେ ଏକ ମାତୃଗର୍ଭରୁ ଜାତ) ଭାଇ; ସହୋଦର—One's full brother; uterine brother.

ସଗର୍ଭ—ସଂ. ବ୍ରଣ. ସ୍ତ୍ରୀ (ସଗର୍ଭ+ଅ) ଗର୍ଭବତୀ—Pregnant; big with child. ସଂ. ବ. ସ୍ତ୍ରୀ—ସହୋଦରା; ଏକମାତାଙ୍କ ଗର୍ଭଜାତ କନ୍ୟା; ଅପଣାର ଭଉଣୀ—One's full sister or uterine sister.

ସଗର୍ଭ୍ୟ—ସଂ. ବ ଓ ବ୍ରଣ ପୁଂ. (ସଗର୍ଭ+ଯ)—ସଗର୍ଭ (ଦେଖ)—Sagarbhya (ସଗର୍ଭ୍ୟା—ସ୍ତ୍ରୀ) Sagarbha (See)

ସଗର୍ଭ୍ୟା—ସଂ. ବ ଓ ବ୍ରଣ. ସ୍ତ୍ରୀ—(ସଗର୍ଭ+ଯ+ସ୍ତ୍ରୀ ଆ)—ସଗର୍ଭ (ଦେଖ)—Sagarbhā (See)

ସଗା—ଦେ. ବ୍ରଣ [ଫ. ସଗାନ୍ (ସ=ସହିତ ବା ଫଲଗ୍ନ+ଗାନ୍=ଦେହ); କୋଡ଼ ଅବର ବେଣ୍ଟ, କୋଡ଼ର ଗାନ ବା ଦେହର ସଲଗ୍ନ ହୋଇଥିବାରୁ]—ଯେଉଁ ସେବ କୋଡ଼ର ବା କାନ୍ଦର ମୂଳର କଣା (ଯହିଁ ଭୁଲ ଭୁଲା } ବସଗତ ଭିତରେ ବେଣ୍ଟ ପଶେ) ଏପରି ହୋଇଥାଏ ଯେ, ଉହିଁରେ ପଶୁଯିବା ବେଣ୍ଟଟି କୋଡ଼ର ମୂଳ ପାଖକୁ ଲଗିଯାଏ—(the eye of a spade) Constructed in such a manner that the handle which is passed through it comes very close to its blade or body.

ସଗା(ଗେ)ଇବା—ଦେ. କି—(କୋଡ଼ର ମୂଳର କଣାକୁ) ସଗା କରିବା; କୋଡ଼ର ମୂଳର କଣାକୁ ଏପରି ଭାବରେ ନୀଚୁମୁଖୀ କରା ଉଆର କରିବା, ଯେପରିକି କୋଡ଼ର ସେବ କରନା ବେଣ୍ଟ କୋଡ଼ର ମୂଳୁଣାକୁ ଲକ୍ଷିଗଲ୍ଲ ପରି ହୋଇ ଭୁଲାଇବା } ରହେ—To shape the eye of ଭୁଲ କରିବା } ବସଗତ a spade in such a manner ଭୁଲେଇବା } that the handle passed through it will be very near (making an acute angle with) the blade.

ସଗୁଣ—ସଂ. ବ୍ରଣ (ବହୁବ୍ରୀହି, ସ=ସହ+ଗୁଣ)—୧ । ଗୁଣଯୁକ୍ତ—Saguṇa 1. Possessed of attributes. ୨ । ଉତ୍ତମ (ବଗୁଣ—ବସଗତ) ଗୁଣଯୁକ୍ତ—2. Possessed of good attributes or qualities. ୩ । ସତ୍ତ୍ୱ, ରଜଃ ଓ ତମଃ ଆଦ ଗୁଣତ୍ରୟଶିଷ୍ଟ—3. Possessing the three worldly attributes (ସତ୍ତ୍ୱ—good, ରଜଃ—indifferent, ତମଃ—bad). ୪ । ସାଂସାରିକ—4. Worldly. ୫ । ଗୁଣ ବା ଦଉଡ଼ି ଲଗିଥିବା (ଧନୁ); ଯେଉଁ ଧନୁରେ ଗୁଣ ଚଢ଼ିଥାଏ—5. Stringed (bow). ୬ । ସାକାର; ଶବ୍ଦଗୁଣ—

6. Corporeal; having a form.

ସଗୁଣା—ସ. ବ—ଭକ୍ତିବିଶେଷ—A kind of devotion. [ଜ—Saguṇā ସଦଂଶ ଦେଖାଇ ସମାନ, ସାତ୍ତ୍ୱିକ ଭକ୍ତି ଆଦି ଜାଣ । ଏହି ପ୍ରକାରେ ନବ ନବ, ସଗୁଣା ଏକାଅଣୀ ଭାବ—ଜଗନ୍ନାଥ; ଭାଗବତ ।] [ଦ୍ର—ସାତ୍ତ୍ୱିକ, ରାଜସ ଓ ତାମସ, ଏହି ତିନିବିଧ ଭକ୍ତିଯୋଗ ମଧ୍ୟରେ ମୃଦୁ, ମଧ୍ୟ ଓ ଉତ୍ତମ ଭେଦରେ ନଅ ପ୍ରକାର ଭେଦ ଅଛି । ଏହି ନଅ ପ୍ରକାର ମଧ୍ୟରେ ପ୍ରତ୍ୟେକର ଶ୍ରବଣ କୀର୍ତ୍ତନାଦି ଭେଦରେ ନବଧା ଭେଦ ଥିବାରୁ ସଗୁଣା ଭକ୍ତି ଏକାଅଣୀ ପ୍ରକାର ଅଟେ ।]

ସଗୁଣୋପାସନା—ସଂ. ବ (ସଗୁଣ+ଉପାସନା; କର୍ମଧାରୟ)—୧ । Saguṇopāsanā ଈଶ୍ୱରଙ୍କ ସଗୁଣ ବା ଶବ୍ଦଗୁଣ କଳ୍ପନାରେ ଅର୍ଚ୍ଚନା—1. Worshipping God as manifesting Himself in a visible body having attributes, human and divine. ୨ । ସାକାର ଉପାସନା—2. Image-worship; idolatry; worship of God considered as possessed of different attributes and assuming different bodies. [ଦ୍ର—ସୃଷ୍ଟିକର୍ତ୍ତା ରୂପରେ 'ବ୍ରହ୍ମା', ପାଳନକର୍ତ୍ତାରୂପରେ 'ବିଷ୍ଣୁ' ଓ ସଂହାରକ ରୂପରେ 'ଶିବ'—ଈଶ୍ୱରଙ୍କ ଏହିପରି କଳ୍ପନାପୂର୍ବକ ଅର୍ଚ୍ଚନା କରିବା ସଗୁଣୋପାସନାର ରୂପ ।]

ସଗୋତ୍ର—ସଂ. ବ୍ରଣ. ପୁଂ (ବହୁବ୍ରୀହି; ସ=ସମାନ; ଏକ+ଗୋତ୍ର =ବଂଶ ଯାହାର)—୧ । ଏକ ଗୋତ୍ରରୁ ଜାତ—(ସଗୋତ୍ରା—ସ୍ତ୍ରୀ) 1. Born of the same clan, ୨ । (ଅସଗୋତ୍ର—ବସଗତ) ଏକ ବଂଶୀୟ—2. Of the same kin; kindred. ସଂ. ବ—୧ । କୁଳ; ବଂଶ—1. Lineage; pedigree; family. ୨ । ଜ୍ଞାତି; କୁଟୁମ୍ବ—2. Kinsman; kindred; kinsfolk. ୩ । ଯେଉଁ ବ୍ୟକ୍ତିର ଗୋତ୍ର ଅନ୍ୟ ବ୍ୟକ୍ତିର ଗୋତ୍ର ଏକ (ଅର୍ଥାତ୍ ଯେଉଁ ଦୁଇ ଜଣଙ୍କର କୁଳପ୍ରବର୍ତ୍ତକ ମୂଳ ଜଣେ; ଅର୍ଥାତ୍ ଯେଉଁମାନେ ଜଣେ ଗୋତ୍ରପ୍ରବର୍ତ୍ତକ ମୂଳଙ୍କ ବଂଶଧର ଅଟନ୍ତି)—3. Persons descended from one and the same progenitor (sage). [ଦ୍ର—ସଗୋତ୍ରଙ୍କ ମଧ୍ୟରେ ବାହା ନିଷିଦ୍ଧ । ଯେଉଁ କର ବା କନ୍ୟା ଅପଣାର ତମ୍ଭା ଅପଣା ମାତାମହଙ୍କ ସଗୋତ୍ର, ତାହା ବାହା କରିବା ନିଷିଦ୍ଧ ।]

Digitized by srujanika@gmail.com

ସଗୋତ୍ର ବିବାହ—ସଂ. ବ (ତତ୍ପୁ) —ସଗୋତ୍ର ବ୍ୟକ୍ତିଙ୍କୁ ବିବାହ କରିବା—Marriage with an agnate or kinsfolk. [ଦ୍ର—ଏହା ହିନ୍ଦୁ ସ୍ମୃତି ଅନୁସାରେ ନିଷିଦ୍ଧ ଓ ନିନ୍ଦ୍ୟ ।]

ସଗୋତ୍ର ସପିଣ୍ଡ—ସଂ. ବ (ସ୍ମୃତି) —ଯେଉଁ ସଗୋତ୍ରମାନଙ୍କ ସଙ୍ଗେ ଦୌହିତ୍ରପିଣ୍ଡ ବ୍ୟକ୍ତିର ପିଣ୍ଡଦାନଦ୍ୱାରା ସମ୍ବନ୍ଧ ଅଛି—Persons of the same kin connected with a person by the offering of funeral cakes. (ଦ୍ର—ଜୀବନ୍ତ ବ୍ୟକ୍ତି ଆପଣାର ପିତାଙ୍କୁ, ପିତାମହଙ୍କ ଓ ପ୍ରପିତାମହଙ୍କୁ ପିଣ୍ଡଦାନ କରେ ଏବଂ ମୃତ ବ୍ୟକ୍ତି ଆଦଣାର ପୁତ୍ର, ପୌତ୍ର ଓ ପ୍ରପୌତ୍ରଙ୍କଠାରୁ 'ପିଣ୍ଡ' ପାଏ । ଏଥର ସ୍ଥଳରେ କଜର ଉପରସ୍ଥ ୩ ପୁରୁଷ ଓ ତଳର ୩ ପୁରୁଷ ମୋର ସଗୋତ୍ର ସପିଣ୍ଡ ଅଟନ୍ତି ।

ଯେଉଁମାନେ ଆମ୍ଭମାନଙ୍କ ଗୋତ୍ରର ନୁହନ୍ତି, ଅଥଚ ମୋଠାରୁ ପିଣ୍ଡ ପାଆନ୍ତି ଓ ମୋତେ ପିଣ୍ଡ ଦେବେ, ସେମାନେ ମୋର ଅସଗୋତ୍ର ସପିଣ୍ଡ ଅଟନ୍ତି । ଯଥା—ମାତାମହ, ପ୍ରମାତାମହ ଓ ବୃଦ୍ଧ ପ୍ରମାତାମହ ଏବଂ ଦୌହିତ୍ର, ଦୌହିତ୍ରପୁତ୍ର ଓ ଦୌହିତ୍ରପୌତ୍ର । ଆପଣା ମୋହର ଯେଉଁ ବ୍ୟକ୍ତିମାନଙ୍କ ସଙ୍ଗେ ମୋର ପିଣ୍ଡସମ୍ବନ୍ଧ ନାହିଁ, ସେମାନେ ମୋର ଅସପିଣ୍ଡ ସଗୋତ୍ର ଅଟନ୍ତି । ଯଥା—ପ୍ରପିତାମହଙ୍କ ଜ୍ୟେଷ୍ଠ ପୁରୁଷଗଣ ଓ ପ୍ରପୌତ୍ରର ଅଧସ୍ତନ ପୁରୁଷଗଣ ।]

ସଗୋତ୍ରା—ସଂ. ବଣ ଓ ବ. ସ୍ତ୍ରୀ (ସଗୋତ୍ର+ସ୍ତ୍ରୀ. ଆ)—'ସଗୋତ୍ର'ର ସ୍ତ୍ରୀଲିଙ୍ଗ—Feminine form of 'Sagotra'.

ସଗୋତ୍ରୀ—ଦେ. ବଣ ଓ ବ (ସଂ. ସଗୋତ୍ର)—ସଗୋତ୍ର (ଦେଶ)
Sagotrī Sagotra. (See)
ସଗୋତ୍ର(ତ୍ରୀ) **सगोत्री** (ସଥା ଗୋତ୍ରୀ—ଅନ୍ୟରୂପ)

ସଙ୍ଗି—ସ. ବ-[ସ=ସହ+ଜଗ୍ଧି=ଅଦ ଧାତୁ=ଭୋଜନ କରିବା+ଭାବ. କ୍ତି]—୧ । ସହ ଭୋଜନ; ଏକତ୍ର ଭୋଜନ—1. Dining together; taking meals together; act of eating together. ୨ । ଅନ୍ୟ ବ୍ୟକ୍ତି ସଙ୍ଗେ ଏକ ପଂକ୍ତିରେ ଭୋଜନ—2. Act of dining with others in the same row in caste feast.

ସଘନ—ସଂ. ବଣ (ସ=ସହିତ+ଘନ=ନୃତ୍ୟ ବିଶେଷ; ବହୁବ୍ରୀହି)—Saghana ନୃତ୍ୟଶୀଳ—Dancing. ଦେ. କି. ବଣ ସଘନ, ଘନ ଘନ (ପଦ୍ୟ) (ସଂ. ଘନର ଅଶୁଦ୍ଧ ପ୍ରୟୋଗ)—ଘନଘନ; **ବାରଂବାର** ବାରମ୍ବାର—Repeatedly; over and over. ଘନ ଦେ. ବଣ (ପଦ୍ୟ) (ସଂ. 'ଘନ'ର ଅଶୁଦ୍ଧ ପ୍ରୟୋଗ)—ଘନ—**ଘନ** Dense. (ଉ—ବଳ ସଘନେ ସ୍ୱନେ ଉରି; ସେ ବଳ ଶତ୍ରୁ ସ୍ୱମରି । ଭୂପଉ. ପ୍ରେମ ପଞ୍ଚାମୃତ ।)

ସଙ୍କଟ (ଇତ୍ୟାଦି)—ସଂ. ବଣ—ସଙ୍କଟ ଇତ୍ୟାଦି (ଦେଶ)
Saṅkaṭa (etc) Saṁkaṭa etc. (See)

ସଙ୍କଟା—ସଂ. ବ. ସ୍ତ୍ରୀ—ସଂକଟା (ଦେଶ)
Saṅkaṭā Saṁkaṭā. (See)

ସଙ୍କଟା(ଟେ)ଇ (ଇତ୍ୟାଦି)—ଦେ. ବ. ସ୍ତ୍ରୀ—ସଂକଟା(ଟେ)ଇ ଇତ୍ୟାଦି
Saṅkaṭā(ṭe)ī (etc) (ଦେଶ)—Saṁkaṭā(ṭe)ī etc. (See).

ସଙ୍କଟାକ୍ଷ—ସଂ. ବ—ସଂକଟାକ୍ଷ (ଦେଶ)
Saṅkaṭāksha Saṁkaṭāksha. (See)

ସଙ୍କଥନ—ସଂ. ବ—ସଂକଥନ (ଦେଶ)
Saṅkathana Saṁkathana. (See)
(ସଂକଥା—ଅନ୍ୟରୂପ)

ସଙ୍କର—ସଂ. ବ—ସଂକର (ଦେଶ)
Saṅkara Saṁkara. (See)

ସଙ୍କରା (ଇତ୍ୟାଦି)—ଦେ. ବ - ସଂକରା ଇତ୍ୟାଦି (ଦେଶ)
Saṅkarā (etc) Saṁkarā etc. (See)

ସଙ୍କରାନୁଭୂତି - ସଂ. ବ—ସଂକରାନୁଭୂତି (ଦେଶ)
Saṅkarānubhūti Saṁkarānubhūti. (See)

ସଙ୍କରାନ୍ତି—ଜ୍ୟା. ବ (ପଦ୍ୟ) — ସଂକରାନ୍ତି (ଦେଶ)
Saṅkarānti Saṁkarānti. (See)

ସଙ୍କରୀ—ସଂ. ବ. ସ୍ତ୍ରୀ—ସଂକରୀ (ଦେଶ)
Saṅkarī Saṁkarī. (See)

ସଙ୍କରୀକରଣ—ସଂ. ବ—ସଂକରୀକରଣ (ଦେଶ)
Saṅkarīkaraṇa Saṁkarīkaraṇa. (See)

ସଙ୍କରୁ—ଦେ. ବ—ସଂକରୁ (ଦେଶ)
Saṅkaru Saṁkaru. (See)

ସଙ୍କର୍ଷଣ—ସଂ. ବ—ସଂକର୍ଷଣ (ଦେଶ)
Saṅkarshaṇa Saṁkarshaṇa. (See)

ସଙ୍କଳ—ସଂ. ବ—ସଂକଳ (ଦେଶ)
Saṅkaḷa Saṁkaḷa. (See)

ସଙ୍କଳପ—ଜ୍ୟା. (ପଦ୍ୟ) ବ—ସଂକଳପ (ଦେଶ)
Saṅkaḷapa Saṁkaḷapa. (See)

ସଙ୍କଳୟିତା—ସଂ. ବଣ. ପୁ—ସଂକଳୟିତା (ଦେଶ)
Saṅkaḷayitā Saṁkaḷayitā. (See)

ସଙ୍କଳିତ—ସଂ. ବଣ—ସଂକଳିତ (ଦେଶ)
Saṅkaḷita Saṁkaḷita. (See)

ସଙ୍କଳ୍ପ (ଇତ୍ୟାଦି)—ସଂ. ବ—ସଂକଳ୍ପ ଇତ୍ୟାଦି (ଦେଶ)
Saṅkalpa (etc) Saṁkalpa etc. (See)

ସଙ୍କଳ୍ପିତ (ଇତ୍ୟାଦି)—ସଂ. ବଣ—ସଂକଳ୍ପିତ ଇତ୍ୟାଦି (ଦେଶ)
Saṅkalpita (etc) Saṁkalpita etc. (See)

ସଙ୍କସୁକ—ସ. ବଣ—ସଙ୍କସୁକ (ଦେଶ)
Saṅkasuka Saṁkasuka (See)

ସଙ୍କାର—ସ. ବ—ସଂକାର (ଦେଶ)
Saṅkāra Saṁkāra (See)

ସଙ୍କାରୀ—ସ. ବ. ସ୍ତ୍ରୀ—ସଂକାରୀ (ଦେଶ)
Saṅkārī Saṁkārī (See)

Digitized by srujanika@gmail.com

ସଙ୍କାଶ – ଫ. ବ୍ୟ—ସଂକାଶ (ଦେଖ)
Saṅkāśa Saṁkāśa (See)

ସଙ୍କିଲ—ଫ. ଗ—ସଂକିଲ (ଦେଖ)
Saṅkila Saṁkila (See)

ସଙ୍କୀର୍ଣ୍ଣ (ଇତ୍ୟାଦ)—ଫ. ବ୍ୟ—ସଂକୀର୍ଣ୍ଣ ଇତ୍ୟାଦ (ଦେଖ)
Saṅkīrṇṇa (etc) Saṁkīrṇṇa etc (See)

ସଙ୍କୀର୍ତ୍ତିନ(ନା) (ଇତ୍ୟାଦ)—ସ. ବ—ସଂକୀର୍ତ୍ତନ(ନା) ଇତ୍ୟାଦ (ଦେଖ)
Saṅkīrttana(nā) (etc) Saṁkīrttana(nā) etc (See)

ସଙ୍କୀର୍ତ୍ତିତ—ସ. ବ୍ୟ—ସଂକୀର୍ତ୍ତିତ (ଦେଖ)
Saṅkīrttita Saṁkīrttita. (See)

ସଙ୍କୁଚା(ଚେ)ଇବା—ଦେ. କି—ସଂକୁଚା(ଚେ)ଇବା (ଦେଖ)
Saṅkuchā(che)ibā Saṁkuchā(che)ibā. (See)

ସଙ୍କୁଚିତ (ଇତ୍ୟାଦ)—ସ. ବ୍ୟ—ସଂକୁଚିତ ଇତ୍ୟାଦ (ଦେଖ)
Saṅkuchita (etc) Saṁkuchita etc. (See)

ସଙ୍କୁଚିବା—ଦେ. କି—ସଂକୁଚିବା (ଦେଖ)
Saṅkuchibā Saṁkuchibā. (See)

ସଙ୍କୁଟନ—ସଂ. ବ—ସଂକୁଟନ (ଦେଖ)
Saṅkuṭana Saṁkuṭana. (See)

ସଙ୍କୁଡ଼ି(ଇତ୍ୟାଦ)—ଦେ. ବ ଓ ବ୍ୟ—ସଙ୍କୁଡ଼ି ଇତ୍ୟାଦ (ଦେଖ)
Saṅkuṛḍi(etc) Saṁkhuṛḍi. etc (See)

ସଙ୍କୁନ—ଦେ.ବ (ସଂ କ୍ଷେନ)-ସଂକେତ—To ken; sign. (ଉ—ଏହାଏ ସଙ୍କୁନ ଦେଇ ସବୁ କଥା ଅମ୍ଭମାନଙ୍କଠାରୁ ଶୁଣିଯାଅ । ପଙ୍କାରମୋହନ. ଇମାଣ ଅଠଗୁଣ ।)
Saṅkuna

ସଙ୍କୁରି—ତ୍ରା. ବ ଓ ବ୍ୟ—ସଂକୁରି (ଦେଖ)
Saṅkuri Saṁkuri. (See)

ସଙ୍କୁଳ (ଇତ୍ୟାଦ)—ସଂ. ବ୍ୟ—ସଂକୁଳ ଇତ୍ୟାଦ (ଦେଖ)
Saṅkula (etc) Saṁkula etc. (See)

ସଙ୍କୁଳନ—ସଂ. ବ—(ସମ୍ + କୁଳ୍ · ଧାତୁ = ଏକତ୍ର କରିବା + ଅନ)—୧ । ଏକତ୍ରୀକରଣ—1. Gathering; heaping up. ୨ । ସଂଘଡ଼ କରିବା; ଯୋଗାଡ଼ କରିବା—2. Act of getting up many things together.
Saṅkulana

ସଙ୍କୁଳା—ଦେ. ବ ଓ ବ୍ୟ—ସଙ୍କୁଳା (ଦେଖ)
Saṅkulā Saṁkhulā. (See)

ସଙ୍କୁଳାନ—ଦେ. ବ (ସଂ. ସମ୍ + କୁଳ. ଧାତୁ = ଏକତ୍ର କରିବା)—ସଙ୍କୁଳାନ ପର୍ଯ୍ୟାପ୍ତି—Sufficiency. ବ୍ୟ ୧ । ପର୍ଯ୍ୟାପ୍ତ—1. Sufficient. ୨ । ଯଥେଷ୍ଟ—2, Enough. ଯଥେଷ୍ଟ [ଅକୁଳାନ—ବିପକ୍ଷରେ]
Saṅkulāna

ସଙ୍କୁଳାନ ହେବା—ଦେ. କି—୧ । କୁଳାଇବା; ପର୍ଯ୍ୟାପ୍ତ ହେବା; କାର୍ଯ୍ୟକୁ ଯାଇବା—1. To suffice. ସଙ୍କୁଳାନ ହଓୟା ୨ । ଯଥେଷ୍ଟ ହେବା—2. To be enough. ଯଥେଷ୍ଟହୋନା
Saṅkulāna hebā

ସଙ୍କୁଳିଆ(ୟା)—ଦେ. ବ—ସଂକୁଳିଆ[ୟା] (ଦେଖ)
Saṅkuliā(yā) Saṁkhuliā(yā). (See)

ସଙ୍କୁଳିତ—ସଂ. ବ୍ୟ—ସଂକୁଳିତ (ଦେଖ)
Saṅkulita Saṁkulita. (See)

ସଙ୍କୁଳିବା—ଦେ. କି—ସଙ୍କୁଳିବା (ଦେଖ)
Saṅkulibā Saṁkhulibā. (See)

ସଙ୍କେ(ଙ୍କେ)ଇବା—ତ୍ରାଦେ (ବାଲେଶ୍ୱର) କି—ଧାନ କୁଟାଯିବା ସମୟରେ ଅମଜୁତେ କୁଟା ହେଉଥିବା ଧାନର ସବୁ ଅଂଶ ଉପରେ ସେଂକୁର ଦେଓୟା ଢିଙ୍କିର ଘାଡ଼ାର ସମାନ ଉଚ୍ଚରେ ପଡ଼ିବା ଲଗି ମଝିରେ ମଝିରେ ହାତରେ ବା ଲମ୍ବା ଯଷ୍ଟି ସାହାଯ୍ୟରେ ଧାନକୁ ଓଲଟାଇ ଦେବା—To turn upside down the contents of the pit with the help of the palm or a rod while paddy is being husked.
Saṅke(ṅkhe)ibā

ସଙ୍କେତ (ଇତ୍ୟାଦ)—ସଂ. ବ—ସଂକେତ ଇତ୍ୟାଦ (ଦେଖ)
Saṅketa (etc) Saṁketa etc. (See)

ସଙ୍କୋଚ (ଇତ୍ୟାଦ)—ସଙ୍କୋଚ ଇତ୍ୟାଦ (ଦେଖ)
Saṅkocha (etc) Saṁkocha etc. (See)

ସଙ୍କୋଚନ—ସଂ. ବ—ସଂକୋଚନ (ଦେଖ)
Saṅkochana Saṁkochana. (See)

ସଙ୍କୋଚନୀ—ସଂ. ବ—ସଂକୋଚନୀ (ଦେଖ)
Saṅkochanī Saṁkochanī. (See)

ସଙ୍କୋଚନୀୟ—ସଂ. ବ୍ୟ—ସଂକୋଚନୀୟ (ଦେଖ)
Saṅkochanīya Saṁkochanīya. (See)

ସଙ୍କୋଚା(ଚେ)ଇବା—ଦେ. କି—ସଙ୍କୋଚାଇବା (ଦେଖ)
Saṅkochā(che)ibā Saṁkochāibā (See)

ସଙ୍କୋଚିବା—ଦେ. କି—ସଙ୍କୋଚିବା (ଦେଖ)
Saṅkochibā Saṁkochibā (See)

ସଙ୍କୋଚି ହେବା—ଦେ. କି—ସଙ୍କୋଚ ହେବା (ଦେଖ)
Saṅkochi hebā Saṁkochi hebā (See)

ସଙ୍କୋଚୀ – ସ. ବ୍ୟ – ସଂକୋଚ (ଦେଖ)
Saṅkochī Saṁkochī (See)

ସଙ୍କୋଚ୍ୟ (ଇତ୍ୟାଦ)—ସ ବ୍ୟ—ସଂକୋଚ୍ୟ ଇତ୍ୟାଦ (ଦେଖ)
Saṅkochya (etc) Saṁkochya etc (See)

ସଙ୍କ୍ରନ୍ଦନ—ସଂ. ବ—ସଂକ୍ରନ୍ଦନ (ଦେଖ)
Saṅkrandana Saṁkrandana (See)

ସଙ୍କ୍ରମ (ଇତ୍ୟାଦ)—ସଂ. ବ—ସଂକ୍ରମ ଇତ୍ୟାଦ (ଦେଖ)
Saṅkrama (etc) Saṁkrama etc (See)

ସଙ୍କ୍ରମିତ—ସଂ. ବ୍ୟ—ସଂକ୍ରମିତ (ଦେଖ)
Saṅkramita Saṁkramita (See)

ସଙ୍କ୍ରମିବା—ଦେ. କି— ସଂକ୍ରମିବା (ଦେଖ)
Saṅkramibā Saṁkramibā (See)

ସଙ୍କ୍ରା(ଙ୍କ୍ରି, ଙ୍କ୍ରୁ)—ଦେ. କି—ସଂକ୍ରା (ଦେଖ)
Saṅkrā(ṅkri, ṅkru) Saṁkrā (See)

ସଙ୍କ୍ରା(ଙ୍କ୍ରେ)ଇବା—ଦେ. କି—ସଂକ୍ରାଇବା (ଦେଖ)
Saṅkrā(ṅkre)ibā Saṁkrāibā (See)

Digitized by srujanika@gmail.com

ସଙ୍କ୍ରାନ୍ତ—ସଂ. ବଣ—ସଂକ୍ରାନ୍ତ (ଦେଖ)
Saṅkrānta Saṁkrānta (See)

ସଙ୍କ୍ରାନ୍ତି (ଇତ୍ୟାଦି)—ସଂ. ବ—ସଂକ୍ରାନ୍ତି ଇତ୍ୟାଦି (ଦେଖ)
Saṅkrānti (etc) Saṁkrānti etc. (See)

ସଙ୍କ୍ରାମ—ସଂ. ବ—ସଂକ୍ରାମ (ଦେଖ)
Saṅkrāma Saṁkrāma (See)

ସଙ୍କ୍ରାମକ (ଇତ୍ୟାଦି)—ସଂ. ବଣ—ସଂକ୍ରାମକ ଇତ୍ୟାଦି (ଦେଖ)
Saṅkrāmaka (etc) Saṁkrāmaka etc (See)

ସଙ୍କ୍ରାମଣ—ସଂ. ବ—ସଂକ୍ରାମଣ (ଦେଖ)
Saṅkrāmaṇa Saṁkrāmaṇa (See)

ସଙ୍କ୍ରାମ୍ଭିକ—ଦେ. ବଣ—ସଂକ୍ରାମ୍ଭିକ (ଦେଖ)
Saṅkrāmika Saṁkrāmika (See)

ସଙ୍କ୍ରାମିତ—ସଂ. ବଣ—ସଂକ୍ରାମିତ (ଦେଖ)
Saṅkrāmita Saṁkrāmita (See)

ସଙ୍କ୍ରାମିତା(ତ୍ୱ)—ସଂ. ବ—ସଂକ୍ରାମିତା (ଦେଖ)
Saṅkrāmita(twa) Saṁkrāmita (See)

ସଙ୍କ୍ରି(କ୍ରୀ)ତନ—ତ୍ରା. ବ (ଅଶୁଦ୍ଧ)—ସଂକ୍ରି(କ୍ରୀ)ତନ (ଦେଖ)
Saṅkri(ṅkrī)tana Saṁkri(krī)tana (See)

ସଙ୍କ୍ଲେଦ—ସଂ. ବ—ସଂକ୍ଲେଦ (ଦେଖ)
Saṅkleda Saṁkleda (See)

ସଙ୍କ୍ଷୟ—ସଂ. ବ—ସଂକ୍ଷୟ (ଦେଖ)
Saṅkshaya Saṁkshaya (See)

ସଙ୍କ୍ଷିପ୍ତ (ଇତ୍ୟାଦି)—ସଂ. ବଣ—ସଂକ୍ଷିପ୍ତ ଇତ୍ୟାଦି (ଦେଖ)
Saṅkshipta (etc) Saṁkshipta etc (See)

ସଙ୍କ୍ଷୀୟମାଣ—ସଂ. ବଣ—ସଂକ୍ଷୀୟମାଣ (ଦେଖ)
Saṅkshīyamāṇa Saṁkshīyamāṇa (See)

ସଙ୍କ୍ଷୁବ୍ଧ—ସଂ. ବଣ—ସଂକ୍ଷୁବ୍ଧ (ଦେଖ)
Saṅkshubdha Saṁkshubdha (See)

ସଙ୍କ୍ଷେପ (ଇତ୍ୟାଦି)—ସଂ. ବ—ସଂକ୍ଷେପ ଇତ୍ୟାଦି (ଦେଖ)
Saṅkshepa (etc) Saṁkshepa etc (See)

ସଙ୍କ୍ଷେପକ—ସଂ. ବଣ—ସଂକ୍ଷେପକ (ଦେଖ)
Saṅkshepaka Saṁkshepaka (See)

ସଙ୍କ୍ଷେପଣ—ସଂ. ବ—ସଂକ୍ଷେପଣ (ଦେଖ)
Saṅkshepaṇa Saṁkshepaṇa (See)

ସଙ୍କ୍ଷେପିବା—ଦେ. କି—ସଂକ୍ଷେପିବା (ଦେଖ)
Saṅkshepibā Saṁkshepibā (See)

ସଙ୍କ୍ଷୋଭ—ସଂ. ବ—ସଂକ୍ଷୋଭ (ଦେଖ)
Saṅkshobha Saṁkshobha (See)

ସଙ୍ଖ—ଦେ. ବ (ସଂ. ସଂଜ୍ଞ)—ଘୋଳ; ସେଭୁ—
Saṅkha ସାଁକୋ ପୁଲ Bridge.

ସଙ୍ଖଡ଼ା—ପ୍ରାଦେ. ବ (ବସ୍ତୁର) —ଭୁକ୍ତାବଶିଷ୍ଟ ଦ୍ରବ୍ୟ; ସଙ୍ଖଡ଼—
Saṅkharḍā 1. Food left after being par taken of by somebody. ବଣ—ସଙ୍ଖଡ଼ ଖାଦ୍ୟ; ଉଚ୍ଛିଷ୍ଟ ଖାଦ୍ୟ—(articles of food) Left on the plate after taking meal in it.

ସଙ୍ଖ ଘୋଳ—ଦେ. ବ (ସଂ. ସଂଜ୍ଞପଣ)—ଘୋଳ—
Saṅkha pola ସାଁକୋପୁଳ ପୁଲ Bridge.

ସଙ୍ଖଳନା—ଦେ. ବ—ସଙ୍ଖୋଳା; କୁଶଳ ପୁଣ୍ଡ—Accosting; Saṅkhaḷanā personal enquiry as to how a ତତ୍ତ୍ୱ ନଓୟା person is doing. [ବ—ମୋହ ପଡ଼ ବହୁତ କୁଶଳ ପ୍ରଶ୍ନ ମୁଣ ଭାଙ୍ଗଠାରୁ, ଅସୁଅଛନ୍ତ ସଙ୍ଖଳନା କରିବାରୁ—କୃଷ୍ଣସିଂହ. ମହାଭାରତ. ବନ ।]

ସଙ୍ଖଳା—ଦେ. ବ—ଶଙ୍ଖୁଳା (ଦେଖ)—Śaṅkhuḷā (See) Saṅkhaḷā [ଉ—ଚାଠାରେ ଏହା କଥା କରିବା ସଙ୍ଖଳା—ତତ୍ତ୍ୱ କୁଶଳପ୍ରଶ୍ନ କୃଷ୍ଣସିଂହ. ମହାଭାରତ. ସଭା ।]

ସଙ୍ଖା (ଇତ୍ୟାଦି)—ଦେ. ବ—(ସଂ. ଶଙ୍ଖ; ପୂର୍ବେ ଏହା ଶଙ୍ଖରେ ତିଆରି ହେଉଥିବାରୁ)—ଶଙ୍ଖା ଇତ୍ୟାଦି (ଦେଖ)—Śaṅkhā etc (See) Saṅkhā (etc)

ସଙ୍ଖା ମୁଠା—ପ୍ରାଦେ. (ଚିଲ୍କାଅଞ୍ଚଳ) ବ—ଚିଲ୍କାରେ ମିଳୁଥା ଏକପ୍ରକାର ଚିଙ୍ଗୁଡ଼—A kind of shrimp found in the Chilka lake. Saṅkhā muṭhā

ସଙ୍ଖାଳି(ଳୀ)—ଦେ. ବ—୧ । ଧନ ରତ୍ନ—1. Riches and gems. Saṅkhāḷi(ḷī) [ଉ—ଘରେ ଯାହା ସଙ୍ଖାଳମାନ ରଖିଥିଲେ—ଅଚଳର ନିଧି କୃଷ୍ଣସିଂହ. ମହାଭାରତ. ବନ ।] ୨ । ଧନ-ଲାଭ ରତ୍ନ ପରି ପ୍ରିୟ ବସ୍ତୁ—2. One's beloved or prized article. [ଉ—ବମ୍ପିଷକରେ ଜ୍ୱାଳା, ଜନ୍ମାଏ ଜଣି ହାଲାହୁଲରୁ ଯେ ସଙ୍ଖାଳ ମହାଜାଗେ—ଜଗନ୍ନାଥ. ଚଉ ।] ୩ । ଧନରତ୍ନ ପରି ମନୁଷ୍ୟର ପ୍ରିୟତମ ବ୍ୟକ୍ତି; ଜୀବନସର୍ବସ୍ୱ—3. One's dearest person. [ଉ—ସଙ୍ଖାଳ ଜହ୍ନର ପ୍ରାଣରଙ୍କ ଦେବ—ରଘୁନାଥ ।] [ଦ୍ର—ଅପଣାର ପ୍ରିୟତମ ବ୍ୟକ୍ତିକୁ ଧନରତ୍ନ ନାମରେ ସମ୍ବୋଧନ କରିଯାଏ । ଯଥା—ଧନ, ରତ୍ତନ, ମାଣିକ, ମଣି । ଏହି ସ୍ଥଳରେ ମଧ୍ୟ ସଙ୍ଖାଳ ପ୍ରୟୋଗ କରିଯାଏ । ଯଥା—ନ ବହର ଗୋପ-ସଙ୍ଖାଳ ଏ ଗାପ ଗଡ଼ନରେ ବହୁ ଧନ—କବିସୂର୍ଯ୍ୟ. ବୈଶ୍ୱଚତ୍ତ୍ରାନନ୍ଦଚମ୍ପୂ ଙ ଗୀତ । ଏଠାରେ 'ଗୋପ-ସଙ୍ଖାଳ'ର ଅର୍ଥ ଗୋପବାସୀଙ୍କର ଜୀବନସର୍ବସ୍ୱ ବା ପ୍ରିୟତମ ସମ୍ବଳ ରକ୍ଷା ଧନ ବ୍ୟକ୍ତି] ୪ । ଗଚ୍ଛି; ସଞ୍ଚିତ ଧନ—4. A hoard. ପୁଂଜି ୫ । ବାଣିଜ୍ୟାଦିରେ ମୂଳ ଧନ; ମୂଳ ପଣ୍ଠି—5. The capital or stock in trade. ୬ । [ମନୁଷ୍ୟ ଫଳତ ଧନଦ୍ୱାରା ଭବିଷ୍ୟତରେ ଅପଣାର ଜୀବନ ରକ୍ଷା କରିବାକୁ ଅଶା କଲ୍ପ ଭଲ, ମନୁଷ୍ୟ (ଗିଲା ମାତା) ଯାହା (ପୁତ୍ର) ଦ୍ୱାରା ଭବିଷ୍ୟତରେ ପୋଷି ହେବା ପାଇଁ ପୂର୍ଣ୍ଣ ଆଶା ରଖିଥାଏ; ଏକମାତ୍ର ଭରସାର ସ୍ଥାନ—6. One by whom a person hopes to be maintained in future; one in whom another's future hopes are centred. [ଉ—ଧୋବା ମଲକ, ସଙ୍ଖାଳ କରିଛୁ ତୁମ ଦୁଲକ—ଭଗ ।]

ପୁଂଜି ଭରସା ଆସରା

Digitized by srujanika@gmail.com

ସଙ୍ଖ ଆ—ଦେ; ବ—ନଦୀ ବା ପୋଖରୀ ଆଦରୁ ପାଣି ବୋହିଯିବା ପାଇଁ ନର୍ମିତ ଗୋଲ; କ୍ଷୁଦ୍ର ସେତୁ—Small bridge with sluices underneath to drain water from a river or pond.

Sankhuā ନର୍ମିତ ଗୋଲ; କ୍ଷୁଦ୍ର ସେତୁ
ଶାଁକୋ
ଛୋଟ ପୁଲ

ସଙ୍ଖୁଡ଼ ଦେ· ବ (ସ. ସଙ୍କର, ସଙ୍କାର=ସମ୍ପାର୍ଜିତାଶିନ୍ ଧୂଳ, ଅବର୍ଜନା; କମ୍ବା ସମ୍ +କୃ ଧାତୁ=ପାକ କରିବା, ସାଁକଡ଼ି ସିଦ୍ଧ କରିବା ଅର୍ଥ ଯୁକ୍ତ 'ସମ୍ଭାର' ଶବ୍ଦଜାତ, କମ୍ବା ସକରା; ସକରି; ସଖରୀ ସ. ସକ୍ଷାର)—୧ । ଜଳପକ୍ୱ ଖାଦ୍ୟ (ସିଦ୍ଧ, ଡାଲି, ଉଅଣ, ଜଳପକ୍ୱ ପିଠା ପ୍ରଭୃତି)—1. Any food boiled in water (i. e. rice, curry etc).

ଅସଙ୍ଖୁଡ଼
ବସଙ୍ଖୁଡ଼
ଅମୃଣିଆ
ବ୍ୟଞ୍ଜନ

୨ । ଉଚ୍ଛିଷ୍ଟ ଖାଦ୍ୟ—2. Rice and curry which has already been partaken of and left on the dish. ବଣ—୧ । ରନ୍ଧା ହୋଇଥିବା (ଅନ୍ନ ବ୍ୟଞ୍ଜନାଦ)—1. Boiled (rice, curry etc). ୨ । ସଙ୍ଖୁଡ଼ ରଖା ଯାଇଥିବା (ବାସନ)—2. (a pot) In which rice etc, have been kept, after taking of the meal. [ଦ୍ର—ସାଧାରଣତଃ ଜଳରେ ସିଦ୍ଧ ଖାଦ୍ୟକୁ ସଙ୍ଖୁଡ଼ ଓ ଜଳରେ ସିଦ୍ଧ ନ ହୋଇ ଘିଅଦରେ ପକ୍ୱ ହୋଇଥିବା ଖାଦ୍ୟକୁ ବସଙ୍ଖୁଡ଼ କୁହାଯାଏ । ଉଦାହରଣସ୍ୱରୂପ ଖିରି, ଡାଲି, ଉଅଣ, ପଣ୍ଡା, ଏଣ୍ଡୁର, ଚକୁଳି, ଗୁଜୁଲଖିରି ଆଦି ସଙ୍ଖୁଡ଼; ଏବଂ ମିଠେଇ, କାକରା, ଆରସା, ଗହମ-ଖିରି, ଚୂଡ଼ା, ଭୂଜା, ଭଖୁଡ଼ା, ଗହମ ଉଅରି ଘିଅପକ୍ୱ ପିଠା ପ୍ରଭୃତି ଜଳଖିଆ ସାମଗ୍ରୀ ବସଙ୍ଖୁଡ଼ । ସଙ୍ଖୁଡ଼ ଜିନିଷକୁ ଅନ୍ୟ ଲୋକ ବା ଶୂଦ୍ରାଦି ଛୁଇଁ ଦେଲେ ତାହା ମାସ୍ତ ହୋଇଯାଏ; କିନ୍ତୁ ବସଙ୍ଖୁଡ଼ ପଦାର୍ଥରେ ସ୍ପର୍ଶ ଦୋଷ ଲଗେ ନାହିଁ । ଏ ସଙ୍ଖୁଡ଼ ବସଙ୍ଖୁଡ଼ର କାରଣ ସମ୍ବନ୍ଧରେ ଲୋକଲୋଚନରେ ବିଚିତ୍ର ଦେଖାଗଲା ପଥ ତଳେ । ଯଥା—ଚୁଲା ଉପରେ ହାଣ୍ଡି ଲୁଣ ସଡ଼ି ରନ୍ଧା ହୋଇଥିଲେ ତାହା ସଙ୍ଖୁଡ଼ (ସ. ସକ୍ଷାର) ହୋଇଥାଏ, ଲୁଣ ନ ପଡ଼ିଲେ ତାହା ବସଙ୍ଖୁଡ଼ ଥାଏ । ଗୁଜୁଲର ଓ ବରର ପିଠା ସଙ୍ଖୁଡ଼ରେ ଗଣ୍ୟ ହୁଏ; କିନ୍ତୁ ଗହମ ଅଃାର ପିଠା ଓ ରୁଟି ବସଙ୍ଖୁଡ଼ ଅଟେ । ଦେଖୁଡ଼ ପଦାର୍ଥକୁ ଖାଇବା ପୂର୍ବରୁ ବାହ୍ମଣ ଚଳୁ କରେ; କିନ୍ତୁ ବସଙ୍ଖୁଡ଼ ଖାଦ୍ୟ ପାଇଁ ଚଳୁର ଅବଶ୍ୟକତା ପଡ଼େ ନାହିଁ । ସଙ୍ଖୁଡ଼ ହେଉ ବା ବସଙ୍ଖୁଡ଼ ହେଉ, କୌଣସି ଖାଦ୍ୟକୁ ଜଣେ ବ୍ୟକ୍ତି ପ୍ରଥମେ ଖାଇଲେ ଅବଶିଷ୍ଟ ଖାଦ୍ୟ ଅଇଠା (ଉଚ୍ଛିଷ୍ଟ) ହୁଏ । କିନ୍ତୁ ସଙ୍ଖୁଡ଼ ପଦାର୍ଥ ଅଇଁଠା ହେବାର ବୟସ ବଡ଼ ବଡ଼ । ବସଙ୍ଖୁଡ଼ ପଦାର୍ଥ ଅଇଣ୍ଠା ହେବା ସମ୍ବନ୍ଧରେ ସେତେ ବଡ଼ା ବୟସ ନାହିଁ ।]

ସଙ୍ଖୁଡ଼ ଉଠା(ଠେ)ଇବା—ଦେ· କି—ଭୂମିରେ ପଡ଼ିଥିବା ଅନ୍ନ ଅଦିର Saṅkhurḍi uṭhā(ṭhe)ibā କଣାକୁ ଓ ସଙ୍ଖୁଡ଼ ବାସନ ଆଦିକୁ ସାକଡ଼ି ଓଠାନ ଭୂମିରୁ ଉଠାଇନେବା—To remove utensils or clear the ground where food has been eaten.

ସଖରୀ ଉଠାନା

ସଙ୍ଖୁଡ଼ କରିବା—ଦେ. କି—୧ । କୌଣସି ପାତ୍ରରେ ସଙ୍ଖୁଡ଼ ଜିନିଷ (ଅନ୍ନ ପ୍ରଭୃତି) ଲଗାଇବା—1. To touch any utensil with eaten food etc. ୨ । ପାତ୍ରସ୍ଥ ଅନ୍ନାଦିରୁ ଅଂଶମାତ୍ର ଖାଇବା ଯୋଗୁଁ ଅନ୍ନାଦିକୁ ଅଇଁଠା ବା ଉଚ୍ଛିଷ୍ଟ କରିବା—2. To pollute rice etc by partaking of a part of it from the same pot.

Saṅkhurḍi karibā (ଅନ୍ନ ପ୍ରଭୃତି) ଲଗାଇବା
ସାଁକଡ଼ି କରା,ସକଡ଼ି କରା
ସଖରୀ କରନା

ସଙ୍ଖୁଡ଼ ଜିନିଷ (ଜିନିଷ, ପଦାର୍ଥ, ଦରବ)—ଦେ. ବ—ଜଳପକ୍ୱ ଅନ୍ନ ବ୍ୟଞ୍ଜନ ଓ ପିଷ୍ଟକାଦି—Rice, curry and cakes boiled in water.

Saṅkhurḍi chija (jinisa, padārtha, daraba) ବ୍ୟଞ୍ଜନ
ସକଡ଼ି ଜିନିଷ
ସଖରୀ ଚିଜ

ସଙ୍ଖୁଡ଼ ଧୋଇବା—ଦେ. କି—ସଙ୍ଖୁଡ଼ ବାସନକୁ ଜଳଦ୍ୱାରା ସଫା କରିବା—To wash utensils soiled with particles of eaten rice etc.

Saṅkhurḍi dho-ibā
ସାଁକଡ଼ି ଧୁୟା
ସଖରୀ ଧୋନା

ସଙ୍ଖୁଡ଼ ପକା(କେ)ଇବା—ଦେ.କି—୧। ଭୂମିରେ ସଙ୍ଖୁଡ଼ ଚଳ ବଖୁରା--୨. To leave unwashed utensils at the place of meal.

Saṅkhurḍi pakā(ke)ibā 1.To strew particles of partaken rice etc. on the ground.
ସାଁକଡ଼ି ଫେଲା
ସଖରୀ ଫେଁକନା

ସଙ୍ଖୁଡ଼ ପଡ଼ିବା (ପଡ଼ି ରହିବା)—ଦେ. ବ—ସଙ୍ଖୁଡ଼ ହୋଇଥିବା ବା ବାସନ ଉଚ୍ଛିଷ୍ଟ ନ ହୋଇ ପୂର୍ବ ସ୍ଥାନରେ ରହିଥିବା--୨. To leave unclean-sed or unswept.

Saṅkhurḍi par̤ibā (par̤i rahibā)
ସାଁକଡ଼ି ପଡ଼ା
ସଖରୀ ରଖାହୁଆ

ସଙ୍ଖୁଡ଼ ପ୍ରସାଦ (ଭୋଗ)—ଦେ. ବ— ଅନ୍ନ ଉଅଣ ପ୍ରସାଦ; ଦେବତାଙ୍କୁ ନିବେଦିତ ଅନ୍ନ ବ୍ୟଞ୍ଜନାଦି—Rice, curry etc. offered to a Deity.

Saṅkhurḍi prasāda (bhoga
ସାଁକଡ଼ି ଭୋଗ
ସଖରୀ ପ୍ରସାଦ

[ଦ୍ର—ଜଗନ୍ନାଥଙ୍କ ଅନ୍ନ (ଅନ୍ନ ଉଅଣ)ରେ ସଙ୍ଖୁଡ଼ ଦୋଷ ଲଗେ ନାହିଁ । ଅନ୍ୟ ଦେବତାଙ୍କ ଭୋଗ ସଙ୍ଖୁଡ଼ ହୁଏ ।]

ସଙ୍ଖୁଡ଼ ବରତନ(ବାସନ)—ଦେ. କି—ଯେଉଁ ବାସନରେ ସଙ୍ଖୁଡ଼ ଦ୍ରବ୍ୟ ରଖାଯାଏ—ସାଁକଡ଼ି ବାସନ Utensils containing served rice etc.

Saṅkhurḍi baratana(bāsana) ଜିନିଷ ରଖିଥାଏ—
ସାଁକଡ଼ି ବାସନ
ସଖରୀ ବରତନ

ସଙ୍ଖୁଡ଼ ଲଗା(ଗେ)ଇବା—ଦେ. କି—ସଙ୍ଖୁଡ଼ ହୋଇଥିବାର ସ୍ଥାନରେ ମାଟି ଓ ଗୋବର ଲଗାଇ ତାହା ସକଡ଼ି ଲାଗାନ ପରିଷ୍କାର କରିବା—To wash a place clean of the particles of rice etc. strewn there.

Saṅkhurḍi lagā(ge)ibā ମାଟି ଓ ଗୋବର ଲଗାଇ ତାହା ସକଡ଼ି ଲାଗାନ ପରିଷ୍କାର କରିବା
ସଖରୀ ସାଫ କରନା

Digitized by srujanika@gmail.com

ସଙ୍ଖୁଡ଼ି ଦେବା—ଦେ. କି—ଅଯେ ଅଲ ଆଦରୁ ଛୁଇଁବା—
Saṅkhurdi debā To touch rice etc.
ସଂକଡ଼ି ହଓୟା ସଖରୀ ହୋନା [ଦ୍ର—ଖିଚ ଅଦରୁ ଛୁଇଁଲେ ବା ହାଣ୍ଡିରୁ ବାଢ଼ିଲେ ବା ଅନ୍ୟ ବ୍ୟକ୍ତିରୁ ଗରବେଷଣ କଲେ ଛୁଇଁବା ବ୍ୟକ୍ତିର ହାତ ସଙ୍ଖୁଡ଼ି ହୁଏ; ଏନ୍ତୁ ସଙ୍ଖୁଡ଼ି ପଦାର୍ଥରୁ ଖାଇଲେ ଏକ୍ତ ପଦାର୍ଥ ଅଣ୍ଟଠା ବା ଅଚ୍ଛିଷ୍ଟ ହୁଏ ଏବଂ ଏକ୍ତ ମନୁଷ୍ୟର ହାତ ମଧ୍ୟ ଅଇଁଠା ହେଲ୍ଲ ବୋଲି କୁହାଯାଏ। କୌଣସି ବ୍ୟକ୍ତି ଖିଚ ଖାଇ ବସି ଛଡ଼ି ନ ଖାଇଲେ କମ୍ବା ସାମାନ୍ୟ ମାତ୍ର ଅହାର କଲେ ଲୋକେ କହିଥାଅନ୍ତୁ—'ସେ ଖାଲ ସଙ୍ଖୁଡ଼ି ହେଲ୍ଲ ମାତ୍ର'—ଅର୍ଥାତ୍ ସେ ସଙ୍ଖୁଡ଼ି ହୋଇ ଉଠିଲ, ଅଇଁଠା ହେଲ୍ଲ ନାହିଁ ଅର୍ଥାତ୍ ଖାଇଲ ନାହିଁ।]

ସଙ୍ଖୁରି—ସ୍ତ୍ରୀ. ବ ଓ ବହ. (ଖାତ ଜାଇଙ୍କ ଉତ୍ପାଦିତ) (ସ. ସଙ୍କର, ସଙ୍କାର)—ସଙ୍ଖୁଡ଼ି (ଦେଶ)—Saṅkhurdi ସଂକଡ଼ୀ ସଖରୀ (See) [ଦ୍ର—ଏ ଶବ୍ଦ ପ୍ରାୟଶଃ ଖାଚଜାତୀୟ ଶୂଦ୍ରମାନଙ୍କ ଦ୍ୱାରା ବ୍ୟବହୃତ ହୁଏ, ଏବଂ 'ସଙ୍ଖୁଡ଼ି' ଶବ୍ଦର ଅଶୁଦ୍ଧ ଆକାର; ଏନ୍ତୁ ଦେଖିବାକୁ ଗଲେ ଏହା 'ସଙ୍ଖୁଡ଼ି' ଅପେକ୍ଷା ମୂଳ ସଂସ୍କୃତ ଶବ୍ଦର ନିକଟତର ଅପଭ୍ରଂଶ। ବଙ୍ଗ ଦେଶରେ ଅର୍ଥାତ୍ ଉତ୍ତର ପଶ୍ଚିମ ଓ ଦକ୍ଷିଣ ବଙ୍ଗରେ 'ସକଡ଼' ଓ ଛାକା ଓ ପୂର୍ବ ବଙ୍ଗରେ 'ସକର' ପ୍ରଯୋଗ ହୁଏ; ହୁନ୍ଦରେ ମଧ୍ୟ ସଖଖା ବୋଲିଯାଏ।]

ସଙ୍ଖୁ(ଙ୍ଖୋ)ଲା—ଦେ. ବ—ସଙ୍ଖୁଲା (ଦେଶ)
Saṅkhu(ṅkho)lā Saṅkhulā (See)
[ଦ୍ର—ସଙ୍ଖୁଲା ଯିବା ସମୟରେ 'ଶଙ୍ଖ' ବାଜିବା ପ୍ରଥା ଆମ ଦେଶର ପ୍ରାଚୀନ ସ୍ୱତ୍ୱ ଥିଲା। ତେଣୁ ଓଡ଼ିଆ ଭାଷାରେ 'ସଙ୍ଖୁଲା' ଶବ୍ଦ ସାଧାରଣତଃ 'ଶ' ଲଖିତ ହେଉଥିଲେହେଁ ଏହି କାରଣରୁ ଏକ୍ତ ଶବ୍ଦ ଓ ତତ୍ସମଗର୍ତ୍ତ ଅନ୍ୟାନ୍ୟ ଦେଶଜ ଶବ୍ଦ 'ଶ' ଅକ୍ଷରରେ ପ୍ରଦତ୍ତ ହୋଇଅଛି।]

ସଙ୍ଖ୍ୟ—ସ. ବ ଓ ବହ—ସଂଖ୍ୟ (ଦେଶ)
Saṅkhya Saṁkhya (See)

ସଙ୍ଖ୍ୟକ—ସ. ବହ—ସଙ୍ଖ୍ୟକ (ଦେଶ);
Saṅkhyaka Saṁkyaka (See)

ସଙ୍ଖ୍ୟା (ଇତ୍ୟାଦି)—ସ. ବ—ସଙ୍ଖ୍ୟା ଇତ୍ୟାଦି (ଦେଶ)
Saṅkhyā (etc) Saṁkhyā etc. (See)

ସଙ୍ଖ୍ୟାତ—ସ. ବହ—ସଙ୍ଖ୍ୟାତ (ଦେଶ)
Saṅkhyāta Saṁkhyāta (See)

ସଙ୍ଖ୍ୟାନ—ସ. ବ—ସଙ୍ଖ୍ୟାନ (ଦେଶ)
Saṅkhyāna Saṁkhyāna (See)

ସଙ୍ଖ୍ୟାପନ—ସ. ବ—ସଂଖ୍ୟାପନ (ଦେଶ)
Saṅkhyāpana Saṁkhyāpana (See)

ସଙ୍ଖ୍ୟେୟ—ସଂ. ବହ—ସଂଖ୍ୟେୟ (ଦେଶ)
Saṅkhyeya Saṁkhyeya (See)

ସଙ୍ଗ—ତ୍ରାଦେ. (ସମ୍ବଲପୁର) ବ—ସାଥି; ସାହଚର୍ଯ୍ୟ—Companion-
Saṅg-ti ship. [ଉ—ଭୂସଙ୍ଗତ୍ତର ସଙ୍ଗ ହେଲେ ଲୁହାର ଘଣ୍ଟି ବାଜେ; ଭୂସଙ୍ଗତ୍ତର ସଙ୍ଗ ହେଲେ ସୁନାର ଘଣ୍ଟି ବାଜେ—ଉଗ।]

ସଙ୍ଗ—ସଂ. ବ (ସନ୍ଜ୍ ଧାତୁ=ଆସକ୍ତ ହେବା+ଘଞ୍. ଅ)—
Saṅga ୧। ସଂସ୍ତବ; ସଂସର୍ଗ—1. Association; society. ୨। ସହବାସ—2. Living together; intercourse. ୩। ମିଳନ—3. Meeting together; union. ୪। ସଂଯୋଗ—4. Connection. ୫। ଆସକ୍ତି; ଅନୁରାଗ—5. Attachment; love; affection; devotion. ୬। ବିଷୟାନୁରାଗ—6. Attachment for worldly affairs. ୭। ସଂପର୍କ; ସଂବନ୍ଧ—7. Relationship. ୮। ସାହଚର୍ଯ୍ୟ; ସହଯୋଗ—8. Co-operation. ୯। ସଙ୍ଗମ; ମୈଥୁନ—9. Cohabitation; sexual intercourse. ୧୦। ଦୁଇ ନଦୀ କମ୍ବା ନଦୀ ଓ ସମୁଦ୍ରର ମିଳନ ସ୍ଥାନ—10. Junction of two rivers or junction of a river with the sea. ୧୧। ମିତ୍ରତା; ବନ୍ଧୁତା—11. Friendship. ୧୨। ପ୍ରତିବନ୍ଧ—12. Obstruction. ଦେ. ବ. (ସଂ. ସଙ୍ଗି)—
ସଂଗୀ ୧। ସଙ୍ଗୀ; ସାଥି; ସହଚର—1. Companion; an
ସଂଗୀ associate. [ଉ—ଗୁରୁବେଣୀର ମୁହଁ ଅନ୍ତରଙ୍ଗ, ଚଉପଦୀ ଗୀତ ରଚନା ସଙ୍ଗ। କବିସୂର୍ଯ୍ୟ. କବିତା।] ୨। ସାହଚର୍ଯ୍ୟ—2. Companionship; company. [ଉ—ଏବେ ଭୁମ୍ଭ ସଙ୍ଗ ଯାଇଲ ମୁନବର। କୃଷ୍ଣସିଂହ. ମହାଭାରତ. କନ।] ୩। ସାମ୍ରାଜ୍ଞୀ ରାଜପୁତ ସାର ରାଣା ସଙ୍ଗ୍ରାମସିଂହ—ଓ.Rāṇā Saṁgrāma Siṁha, the
ସଂଗ Rajput warrior. [ଦ୍ର—ଏହୁ ସାର ପୁରୁଷ ମୋଗଲ
ସଂଗ ସମ୍ରାଟ୍‌ ବାବରଙ୍କ ସହିତ ବି କରିଥିଲେ।] ଦେ. ବଣ—
ଆସକ୍ତ ଆସକ୍ତ—Devoted; attached. [ଉ—ସେ କର୍ମ
ଆସକ୍ତ ଫଳେ ନୋହୁ ସଙ୍ଗ, ଦର୍ଶଣେ ଯେପ୍ତେ ଗ୍ରସ୍ୟା ଅଙ୍ଗ। ଜଗନ୍ନାଥ. ଭାଗବତ।]

ସଙ୍ଗ କରିବା—ଦେ. କି—ସଙ୍ଗମ କରିବା; ସହବାସ କରିବା—
Saṅga karibā To cohabit; to have sexual
ସଂଗମ କରା, ସଂଗ କରା intercourse. [ଉ—ବଶିଷ୍ଠ ସଙ୍ଗେ
ସଂଗମ କରନା ସଙ୍ଗ କରି, ଗର୍ଭ ହୋଇଲ୍ଲ ଭାର ନାଶ୍ୟ। ଜଗନ୍ନାଥ. ଭାଗବତ।]

ସଙ୍ଗ ଚ୍ୟୁତ—ସଂ. ବଣ. (୫ମୀ ତତ୍)—ସଙ୍ଗ ଛଡ଼ା (ଦେଶ)
Saṅga chyuta Saṅga chaṛdā (See)
(ସଙ୍ଗଚ୍ୟୁତ୍ୟ—ଅନ୍ୟାରୂଢ଼) (ସଙ୍ଗଚ୍ୟୁତ—ବ)(ସଙ୍ଗଚ୍ୟୁତା—ସ୍ତ୍ରୀ.ବଣ)

ସଙ୍ଗ ଛଡ଼ା—ଦେ. ବଣ—୧। ସଂସ୍ରବ ଶୂନ୍ୟ—1. Devoid of
Saṅga chhaṛdā association or company; dis-
ସଙ୍ଗଛାଡ଼ା sociated from society. ୨। ଯେଉଁ ବ୍ୟକ୍ତି
ସଂଗ ରହିତ ସହଚରମାନଙ୍କଠାରୁ ପୃଥକ୍ ହୋଇ ଯଉଥାଏ; ସଙ୍ଗ-

Digitized by srujanika@gmail.com

ଭ୍ରଷ୍ଟ—2. One who has been separated from his companions. ୩ । ଯେ ଦଳ ଛଡ଼ ହୁଡ଼ରେ ପଡ଼ିଥାଏ—3. Straggling. ୪ । ଯାହାକୁ ସଙ୍ଗୀମାନେ ଏକଘରକିଆ କରିଥାନ୍ତି—4. Ostracised; excommunicated.

ସଙ୍ଗ ଛୁଡ଼ିବା—ଦେ. କି—କୌଣସି ବ୍ୟକ୍ତିର ସାନ୍ନିଧ୍ୟ ତ୍ୟାଗ କରିବା—Saṅga chhārḍibā To give up the company of a person. ସଙ୍ଗଛାଡା ସଂଗଛୋଡ଼ନା

ସଙ୍ଗ (ଙ୍ଗ)ଡ଼—ଦେ. ବିଣ (ସଂ. ସଂଘଟ୍ଟିତ=ଘୋଳା ହୋଇଥିବା; Saṅga(ṅgha)rḍa ମିଶ୍ରିତ)—୧ । ଭଲ ଭଲ ପରିବା ସୁସିଦ୍ଧ ମିଳାହୁଆ ସୁସିଦ୍ଧ ହୋଇ ଏକାଠି ମିଶି ଯାଇଥିବା (ବ୍ୟଞ୍ଜନ)—1. (Curry) In which the component vegetables or materials have been well boiled and become mixed up with one another. ୨ । (ସଂ—ସୁବିଧାଜନକ, ମନର ମତନ ସଂଯତ) ସୁନ୍ଦର; ସୁବ୍ୟବସ୍ଥିତ—ସୁବିଧାବାଲା 2. Convenient; congenial. ୩ । ଗୁଛାନ ସଂଭାଳାହୁଆ ଠିକଣା; ସୁନ୍ଦରଭାବ—3. Well arranged: well set. ୪ । [ଅସଙ୍ଗଡ଼(ଘାଟି)—ବିପଜ୍ଜନକ] ସଂଯତ—4. Restrained.

ସଙ୍ଗ (ଙ୍ଗା,ଙ୍ଗା)ଡ଼ିବା—ଗ୍ରାଦେ. କି. (ଜାହାଜଆ ଭଗ୍ନା) ବାନ୍ଧିବା—Saṅga(ṅgā,ṅghā)rḍibā To tie together. ବାଁଧା ବାଁଧନା [ଉ—ଖଲ୍ଲିମାନେ ମୂରଖଣ୍ଡ ଥାଗଡ଼ [ସଙ୍ଗତ ପକା(କେ)ଇବା—ଅନ୍ୟରୁଗ] ଯିମିତ ଘୋଷାଡ଼ି ଦେଇ-ଅଛନ୍ତି, ଭୁଇକମାନେ ଦୁଇ ଜାହାଜକୁ ସଙ୍ଗଡ଼ି ପଡାଇଲେ । —ଫକୀରମୋହନ. ଗଲ୍ପସ୍ୱଲ୍ପ]

ସଙ୍ଗଣିକା—ସଂ. ବିଣ —ସଂଗଣିକା (ଦେଖ)—Saṅgaṇikā Saṁgaṇikā (See)

ସଙ୍ଗତ(ଇତ୍ୟାଦି)—ସଂ. ବିଣ—ସଂଗତ ଇତ୍ୟାଦି (ଦେଖ)—Saṅgata (etc) Saṁgata etc (See)

ସଙ୍ଗତି(ଇତ୍ୟାଦି)—ସଂ. ବି ସଂଗତି ଇତ୍ୟାଦି (ଦେଖ)—Saṅgati (etc) Saṁgati etc (See)

ସଙ୍ଗତେ—ଦେ. (ସଦ୍ୟ)କି.ବିଣ—ସଙ୍ଗେ (ଦେଖ)—Saṅgate Saṅge (See)

ସଙ୍ଗେ ସଂଗମେ [ଉ—ବାଘାଙ୍କ ସଙ୍ଗତେ ତ ଅସିଥିଲୁ ସେହୁ । କୃଷ୍ଣସିଂହ. ମହାଭାରତ. ବନ.

ମତ ଯେସା ଦେ. ଅ—ପରି; ସଦୃଶ—Like. [ଉ—ବୋଲନ୍ତ ଯେ ଜଗତେ ଅନିତ୍ୟ ଏ ସଙ୍ଗତେ ଗତେ ନ ଥିଲ ହୋଇ ଧନ୍ୟ ସେ । —ବ୍ରଜ. ବୈଦେଘ୍ରଶବଲାସ]

ସଙ୍ଗ ଦୋଷ—ସଂ. ବ—୧ । ମନ୍ଦବ୍ୟକ୍ତି ସଙ୍ଗେ ସଂସର୍ଗ—1. Association with bad people. ୨ । ସଂସର୍ଗ ଦୋଷ—2. Defective or sinful association. ୩ । ଅସତ୍‌ସଙ୍ଗ—3. Keeping bad company. ୪ । ଅସତ୍‌ସଙ୍ଗଜନିତ ମନ୍ଦ ଫଳ—4. Evils due to evil association. ୫ । ଅନୁଚିତ ବା ଅବାଞ୍ଛିତ ବସ୍ତୁର ବା ବ୍ୟକ୍ତିର ସଂସ୍ପର୍ଶ ଜନିତ ଦୋଷ; ସଂସ୍ପର୍ଶ ଦୋଷ—5. Fault due to contact with bad things or persons. ୬ । ସାଂସାରିକ ଅସତ୍ତ୍ୱ ଜନିତ ଦୋଷ—6. Evils due to association with worldly concerns.

ସଙ୍ଗବ—ସଂ. ବି—(ସମ୍‌+ଗୌ+ଅ; ପେଟ୍ଟି ସମସ୍ତରେ ଗୋ ଦୋହନ ହୁଏ) Saṅgaba ସକାଳ ଦୁଇ ଦଣ୍ଡ)—ପ୍ରାତଃକାଳୀନ ପ୍ରଥମ ତିନି ମୁହୂର୍ତ୍ତ—The first three moments of the morning. [ଦ୍ର—ସନ୍ଧ୍ୟା ଚୁକ୍ତିର ତିନି ମୁହୂର୍ତ୍ତକୁ ସ୍ୱପ୍ନସ୍ଥୀ ବେଳା ବୋଲିଯାଏ ।]

ସଙ୍ଗ ଭଙ୍ଗ—ସଂ. ବ.—୧ । ସଙ୍ଗୀ ବା ସଙ୍ଗିକାର ବିଚ୍ଛେଦ—1. Saṅga bhaṅga Separation of a person from company. ୨ । ମେଳରର ଭଙ୍ଗ—2. Breaking up of any association.

ସଙ୍ଗମ—ସଂ. ବ (ସମ୍‌+ଗମ୍‌ ଧାତୁ+ଅପ୍‌. ଅ)—୧। ଏକାଧିକ ନଦୀର ବା ନଦୀର ଓ ସମୁଦ୍ରର ମିଳନ ସ୍ଥାନ(ଯଥା—ଗଙ୍ଗା ଯମୁନା ସଙ୍ଗମ)—1. The junction of rivers or of a river with the sea; the mouth of a river. ୨ । ରତି; ମୈଥୁନ—2. Copulation; cohabitation; coition; sexual union. ୩ । ସାନ୍ନିଧ୍ୟ—3. Association. ୪ । ସ୍ତ୍ରୀ ପୁରୁଷଙ୍କର ମିଥୁନୀଭାବ—4. Conjunction of a male with a female; meeting of lovers. [ଦ୍ର—ଶାସ୍ତ୍ରମତରେ ସଙ୍ଗମ ତିନିପ୍ରକାର—(୧) ପୁରୁଷର ସ୍ତ୍ରୀ ସଙ୍ଗେ କଟାକ୍ଷ, ଭ୍ରୂଭଙ୍ଗ, ଓ ଦୀର୍ଘଶ୍ୱାସ, (୨) ଗଳ୍ପ, ମାଲ୍ୟ, ଧୂପ, ଭୂଷଣ ଓ ବସ୍ତ୍ରାଦି ପ୍ରେରଣ ଏବଂ ଅଙ୍ଗସ୍ପର୍ଶାଦି ଦ୍ୱାରା ପ୍ରଲୋଭନ (୩) କର୍ଦ୍ଦନରେ ଉଭୟଙ୍କର ପରସ୍ପର ସମାଶ୍ରୟ ଓ କେଶାକେଶି ଗ୍ରହ ।] ୫ । ସମ୍ଭୋଗ—5. Enjoyment.

ସଙ୍ଗମ ଋତୁ—ସ. ବ—ଯେଉଁ ଋତୁରେ ଜୀବମାନେ ମୈଥୁନ କରନ୍ତି—Saṅgama ṛutu Paring season.

ସଙ୍ଗମ କରିବା—ଦେ. କ—ସମ୍ଭୋଗ କରିବା—To copulate. Saṅgama karibā ସଂଗମ କରା ସଂଗମ କରନା

ସଙ୍ଗମକାଶ୍ରୀ—ସଂ. ବିଣ. ସ୍ତ୍ରୀ—ଯେ ମୈଥୁନ କରେ; ମୈଥୁନକାରୀ—Saṅgamakāṛī Copulating. (ସଙ୍ଗମକାରିଣୀ—ସ୍ତ୍ରୀ)

ସଙ୍ଗମ କାଳ—ସଂ. ବ—ମୈଥୁନର ସମୟ—Saṅgama kāḷa Time of copulation.

ସଙ୍ଗମ ରହିତ—ସଂ. ବିଣ (ଶସ୍ୟା ଭଳି)—୧ । ସଙ୍ଗରହିତ (ଦେଖ) Saṅgama rahita 1. Saṅgarahita (See). ୨ । ମୈଥୁନ ହୀନ—2. Having no sexual union.

Digitized by srujanika@gmail.com

ସଙ୍ଗମ ଲିପ୍ସା—ସଂ. ବ. (୭ମୀ ତତ୍) —ସହବାସ ବାସନା—
Saṅgama lipsā A desire to copulate.

ସଙ୍ଗ ମେଳ—ଦେ. ବ—ବହୁ ବ୍ୟକ୍ତିଙ୍କର ସଙ୍ଗ ବା ମେଳ—
Saṅga mela Company of many persons.
ପାଁଚ ଜନେର ସଙ୍ଗ **ସଂଗ ମେଲ**

ସଙ୍ଗର—ସଂ. ବ. (ସମ୍+ନୃ ଧାତୁ=ଯୁଦ୍ଧ କରିବା ଇତ୍ୟାଦି+ଅଥ. ଅ) —୧ । ଯୁଦ୍ଧ—1. Fight; contest; war. (ସଙ୍ଗୀର୍ତ୍ତ—ତତ୍ତ) [ଉ—ବୃଷ୍ଟି ତଦା ମୃଦୁର, ଭଗ୍ନ ସ୍ଥଳ ସଙ୍ଗର, ନଗ ନଗର ଘାଡ ସେ । ଭଞ୍ଜ· ବୈଦେଘୀଶବଳାସ ।] ୨ । ଅବାସ—2. Residence. ୩ । ବିପଦ; ଅପଦ—3. Calamity· misfortune. ୪ । ସଂପଦ—4. Prosperity; good fortune. ୫ । (+କର୍ମ. ଅ) ଅଙ୍ଗୀକାର; ପ୍ରତିଜ୍ଞା—5. Promise; solemn declaration. ୬ । ଜ୍ଞାନ—6. Knowledge. ୭ । ବିଷ—7. Poison. ୮ । କ୍ରୟ ବିକ୍ରୟ ନିର୍ଦ୍ଧାରଣ—8. Completion of a sale transaction. ୯ । ପ୍ରଶ୍ନ—9. Question. ୧୦ । ନିୟମ—10. Rule. ୧୧ । (…+ଭୂତ. ଅ) କର୍ମକରଣ—11. Performance; doing. ୧୨ । ଯୁଦ୍ଧ କରିବା-12. Fighting. ୧୩ । (ବୈଦ୍ୟକ) ଶମୀ ବୃକ୍ଷ—13. Acacia Suma tree. ୧୪ । ଶମୀ ବୃକ୍ଷର ଫଳ—14. Fruits of the Acacia Suma tree

ସଙ୍ଗେ ସାଥ } ଦେ.କି.ବ. (ସଦ୍ୟ)—ସଙ ରେ—In the company.

ସଙ୍ଗ ରହିତ—ସଂ. ବ. ବୁଂ (୩ୟା ତତ୍) —୧ । ସାଂସାରିକ ସଂସର୍ଗ-
Saṅga rahita ଶୂନ୍ୟ—1. Free from worldly
ସଙ୍ଗଶୂନ୍ୟ
ଏକ ଘୋଳ
ସଙ୍ଗ ବିରହିତ } ଅନ୍ୟରୂପ concern. ୨ । ଏକାକୀ—2. Lonely; solitary. ୩ । ଆସକ୍ତିରହିତ—3. Free from any attachment.

ସଙ୍ଗରେ—ଦେ. କି. ବ—ସଙ୍ଗେ (ଦେଶ)
Saṅgare Saṅge (See)

ସଙ୍ଗ(ଙ୍ଗୀ) ସାଥୀ—ଦେ. ବ. (ଏକାର୍ଥ ସହଚର)—ସଙ୍ଗୀ ଓ ସହଚର—
Saṅga(ṅgī) sāthī Companions.
ସଂଗ(ଗୀ)ସାଥି **ସଂଗୀ ସାଥୀ**

ସଙ୍ଗ ସୋହ(ହୋ)ବତ୍(ତ)—ଦେ. ବ—୧ । ସଙ୍ଗୀମାନଙ୍କ ଅନୁରୋଧ—
Saṅga soha(ho)bat(ta) 1, Request of one's com-
ସଙ୍ଗୀଦେର କଥା panions. ୨ । ସଙ୍ଗୀମାନଙ୍କ ସଙ୍ଗ—2. Com-
ସଂଗ ସୋହବତ pany of friends. [ଉ—ଯେତେବେ ସଙ୍ଗ ସୋଡବଡରେ ପଡ଼ ମଦଖିଅ ଅଭ୍ୟାସ କରନ୍ତି ।] ୩ । ସଙ୍ଗୀମାନଙ୍କ ମନଖୁଲ୍ଲା—3. Sensibility for not wounding the feelings of one's friends.

ସଙ୍ଗା(ଙ୍ଗା)—ଦେ. ବ. (ସନ୍ଜ୍ ଧାତୁ=ସଂଲଗ୍ନ ହେବା)—୧ । ଗୁଳ
Saṅgā(ṅgā) ଉଳେ ଓ କାନ୍ଥ ଉପରେ ବାଉଁଶ ଘଉାଇ ମାଚାନ, ସାଙା ଦ୍ରବ୍ୟାଦି ରଖିବା ନମନ୍ତେ କରାଯିବା ଛଡ଼—
ମଚାନ 1. A scaffolding made of bamboos inside the triangular thatch. [ଉ-ବରଷାରେ ଜାଳ ଲଗି ଢେଲ୍ଲିଁ ଡରବର, ସଙ୍ଗାରେ ଥିଲ ସେ ଜାଳ ଦେଶିଲ ମାଇଥ, ସରୁପାଚ ଜାଳଜୁଳ ଧ୍ୱନ୍ଧ ଦେଲ ଖୁଉ । ଉଦାସୀ. ଜଃଜବଜଯୁ ।] ୨ । (ସଂ. ସଙ୍ଗମ) ସଙ୍ଗିବା; ପଶୁମାନଙ୍କର ମୈଥୁନ—2. Copulation of ଜୋଡ଼ ଲାଗା, ପାଳ beasts (i. e. a bull—copulating
ପଶୁ ସଂଗମ with a cow). ପ୍ରାଦେ. (ସ୍ତିଂଦ୍ଭୂମ) ବ—୧ । ଘରର ଉର୍—1. The cross-beam of a thatched house. ୨ । (ଭୂଳ. ହି. ସଗାଇ)—(ବାଲେଶ୍ୱର, ଧଳଭୂମ, ମେଦନୀପୁର) ବ—ଦୁଇ ମାନଙ୍କ 'ଦୁଗଯୁ' ବାବାହ ପ୍ରଥା—2. Widow marriage amongst the Śūdras. ଦେ. ବିଣ. ସୁଂ—୧ । ଶକଟ ବହନକାରୀ—1. A bullock which draws carts. ୨ । (ପୁଂ ଓ ସ୍ତ୍ରୀ) ଯେଉଁ ପଶୁ ମୈଥୁନ କରି ଅଛି; କୁଉସଙ୍ଗମ—2. (a beast) Which has
(ଅସଙ୍ଗା—ବିଶେଷତ) already copul ted.

ସଙ୍ଗାଇ ଦେବା—ପ୍ରାଦେ. (ଘାଡ଼ିଣୀ) କି—ଥୋଇ ଦେବା—
Saṅgāi debā To place; to put.

ସଙ୍ଗାଇବା—ପ୍ରାଦେ. (ଘାଡ଼ିଣୀ) କି (ସ. ସଂତ୍ରହ)—ରଖିବା—
saṅgāibā To keep.

ସଙ୍ଗା(ଙ୍ଗେ, ଙ୍ଗୋ)ଇବା—ଦେ. କି—ସଙ୍ଗାଇବା (ଦେଶ)
Saṅgā(ṅge, ṅgo)ibā Saṅghāibā (See)

ସଙ୍ଗା ଗାଈ—ଦେ. ବ—ଯେଉଁ ଗାଈ ବୃଷ-ସଂଗମ ପାଇଅଛି—
Saṅgā gāi A cow which has been co-habited
ପାଲଧରାନ ଗାଈ **ବାହୀ ହୁଇ ଗାୟ** or crossed by a bull.

ସଙ୍ଗାଡ଼ି—ଦେ. ବ—ସଙ୍ଗାଡ଼ି (ଦେଶ)
Saṅgāṛdi Saṅghāṛdi (See)

ସଙ୍ଗାଡ଼ିବା—ଦେ. ବ—ସଙ୍ଗାଡ଼ିବା (ଦେଶ)
Saṅgāṛdibā Saṅghāṛdibā (See)

ସଙ୍ଗାତ—ଦେ. ବ ପୁଂ ଓ ସ୍ତ୍ରୀ. (ସଂ. ସଙ୍ଗ=ସାହଚର୍ଯ୍ୟ; ସଙ୍ଗତ=
Saṅgāta ସ୍ନିଗ୍ଧତା; ସଂଘାତ=ମିଳନ; ଉମା. ସମଗାନ=ଯେ
ସାମେ ଙ୍ଗାତ ଦୁହେଁ ପରସ୍ପରର ଗାଢ଼ତ୍ୱ ଅପରର ବୋଲ ବଚ୍ଚନ୍ତି
ମିତ୍ର ନାହିଁ)—୧ । ପରସ୍ପରର ସଙ୍ଗେ ଅତ୍ୟନ୍ତ ବନ୍ଧୁତା ଦ୍ୱାରା
(ସଙ୍ଗାତୁଣୀ—ସ୍ତ୍ରୀ) ଧର୍ମତଃ ଅବଦ୍ଧ ବ୍ୟକ୍ତି—1. A person connected with another; a close friend-by the establishment of a solemn friend ship; a sort of god-relationship or relationship of warm friends; god-brother. ୨ । ଘନିଷ୍ଠ ବନ୍ଧୁ; ମିତ୍ର; ସୁହୃତ୍—
2, A very close and intimate friend.
[ଦ୍ର—ଶ୍ରୁତିଭ୍ରୁ, ରକ୍ତସଂପର୍କ ବା ବିବାହ ଦ୍ୱାରା ସଂବଦ୍ଧସ୍ଥ ହୋଇ ନ ଥିବା ବ୍ୟକ୍ତିମାନେ ଧର୍ମତଃ, ଇଷ୍ଟ ଦେବତାଙ୍କ

Digitized by srujanika@gmail.com

ବା ମହାପ୍ରସାଦକୁ କମ୍ବା ତୁଳସୀ ଅଦ ପତ୍ର ବସ୍ତୁକୁ, ସାକ୍ଷୀ ରଖି ପରସ୍ପର ମଧ୍ୟରେ ନାନାପ୍ରକାର ମିତ୍ରତା ସ୍ଥାପନ କରନ୍ତି । ଉହାଁ ମଧ୍ୟରୁ 'ସଙ୍ଗାତ' ମିତ୍ରତା ଏକତମ । ଯେଉଁ ଦୁଇ ଜଣଙ୍କର ନାମ ଏକ, ସେମାନେ ପରସ୍ପର ସଙ୍ଗେ 'ମିତ' ବସନ୍ତି । ଏହାଛଡ଼ା ସମ୍ପ୍ର, ସଙ୍ଗାତ ଅଦ ମଧ୍ୟ ବସନ୍ତି । ଆମ ଦେଶରେ 'ସଙ୍ଗାତ' ବସିବାଟା ଅନ୍ୟାନ୍ୟ ମିତ୍ରତା ସ୍ଥାପନ ଅପେକ୍ଷା ବେଶି ।

ସାଧାରଣତଃ ବାଲ୍ୟକାଳରେ ଦୁଇ ଜଣଙ୍କ ମଧ୍ୟରେ (ଦୁଇ ଜଣ ବାଳକଙ୍କ ମଧ୍ୟରେ କମ୍ବା ଦୁଇ ଜଣ ବାଳିକାଙ୍କ ମଧ୍ୟରେ) 'ସଙ୍ଗାତ' ମିତ୍ରତାର ସୂତ୍ରପାତ ହୁଏଥାଏ ।

ପୁଣି ବତ୍ସଲ ଅମାବାସ୍ୟାଦନ ବତ୍ସଲ, ଅଶୋକାଷ୍ଟମୀ ଦନ ଓଣକା କଢ଼ି, କୁମାରପୂର୍ଣ୍ଣିମା ଦନ ଚଦ୍ର କୈବେଦ୍ୟ ଗୃତ, ଗଙ୍ଗାଜଳ, ଗୋଦାବଗ୍ଧଜଳ, ତୁଳସୀ, ପତ୍ରଲ ଭୋଗ ପ୍ରସାଦ, ଅଭଡା, ସରପୁଳ, ମହାପ୍ରସାଦ ପରସ୍ପର ଝୁଅଗୋଇ ଦୋଇ ଦୁଇ ବ୍ୟକ୍ତ ଯଥାକ୍ରମେ ବତ୍ସଲ, ଓଣକା, ଗୃତ, ଗଙ୍ଗାଜଳ, ଗୋଦାବଗ୍ଧ, ତୁଳସୀ, ପତ୍ରଲଭୋଗ, ଅଭଡା, ସରପୁଳ, ମହାପ୍ରସାଦ ବସନ୍ତି ।

ଆଜ କାଲ୍ ଲୋକେ ମତ୍ତଲ, ଗୁଜ୍ରାଟ, ଫୁଲ, ଗୋଲ୍ଡପ ଅଦ ମଧ୍ୟ ବଅଦେଇ ଦୋଇ ସେହ ନାମରେ ପରସ୍ପରକୁ ଡକାଡକି ଦେବା ଦେଖାଯାଏ ।

ସଙ୍ଗାତ ବସିଥିବା ସ୍ତ୍ରୀ ଓ ପୁରୁଷମାନେ ପରସ୍ପରକୁ ସଙ୍ଗାତ, ସମ୍ବୋଧନ କରନ୍ତି; କନ୍ତୁ ସଙ୍ଗାତଙ୍କ ସ୍ତ୍ରୀଙ୍କୁ 'ସଙ୍ଗାତୁଣୀ' ବୋଲି ଡକାଯାଏ, ମଧ୍ୟ ଉଲ୍ଲେଖ କରଯାଏ ।

ସଙ୍ଗାତ ବସିବା ବନ୍ଧୁମାନଙ୍କ ମଧ୍ୟରେ ବବାହ ଅଦ ଉତ୍ସବରେ ବେଶ୍ୱର ନମସ୍କାର ଅଦ ଚଳେ । ମୋ ସଙ୍ଗାତଙ୍କ ଘୁଅ ମୋର ପୁତ୍ରତ୍ୱ ଅଟେ ଏବଂ ମୋତେ ମୋ ସଙ୍ଗାତଙ୍କ ଘୁଅ 'ମତ୍ତସା' ବୋଲି ଡାକିବ । 'ସଙ୍ଗାତ' ଅଦ ବସିଥିବା ବନ୍ଧୁମାନେ ପରସ୍ପରର ନାମ ଧରି ଡକାଡକି ହୁଅନ୍ତି ନାହିଁ ।] ପ୍ରାଦେ (ବାମଣ୍ଡା) ବ —କୌଣସି ପୁରୁଷର ଅପଣା ଶାଳୀକ ସମ୍ବୋଧନ କରିବେଳେ ବ୍ୟବହୃତ ଡାକ— A term used by a male in addressing his wife's younger sister.

ସଙ୍ଗାତ ବସିବା—ଦେ. ବି—(ଦୁଇ ଜଣ) ପରସ୍ପର ମଧ୍ୟରେ ମହାପ୍ରସାଦ Saṅgāta basibā ବଅଦେଇ ଦୋଇ 'ସଙ୍ଗାତ' 'ମିତ୍ରତା' ସାଙ୍ଗାତ ପାତାନ ସ୍ଥାପନ କରିବା—To open a solemn god-**ମିତ୍ର ହୋନା, ଦୋସ୍ତହୋନା** relationship between each other.

ସଙ୍ଗାତ ବାପା—ପ୍ରାଦେ (ଗଡ଼ଜାତ) ବ—ଅପଣା ସଙ୍ଗାତଙ୍କ ପିତା— Saṅgāta bāpā Father of one's god-friend. ସାଁଗାତେର ବାବା [ଦ୍ର—ଓଡ଼ିଶାରେ ଏହାଙ୍କୁ 'ମତ୍ତସା' ବୋଲି **ମିତ ବାପ** ଡାକନ୍ତି ।]

ସଙ୍ଗାତ ବେଶ୍ୱର—ଦେ. ବ—ଦୁଇ ସଙ୍ଗାତଙ୍କ ମଧ୍ୟରେ ବଅଦେଇ Saṅgāta bebhāra ଦେବା ବେଶ୍ୱର ବା ଉପଢୌକନ— ସାଁଗାତ ତତ୍ତ୍ୱ Gifts or presents exchanged between **ଦୋସ୍ତୀ ବ୍ୟବହାର** two god-friends.

ସଙ୍ଗାତ ମତ୍ରତ୍ର—ଦେ. ବ (ବକାର୍ଥକ ସଦ୍ଧତର)—ମହାପ୍ରସାଦ ବନ୍ଧୁତା— Saṅgāta maitra ସାଂଗାତ ମିତା **ଦୋସ୍ତୀ ମେତ୍ରୀ** Sworn (ସଙ୍ଗାତ ମିତ—ଅନ୍ୟରୂପ) friendship

ସଙ୍ଗାତ ମର୍ଯ୍ୟାଦା—ଦେ. ବ—ବବାହାଦ ଉପଲକ୍ଷରେ ବନ୍ଧୁତ୍ୱକ Saṅgāta marjyādā ସଙ୍ଗାତଙ୍କୁ ବଅଯିବା ବସ୍ତ୍ରୋପହାର— ସାଂଗାତେର ମାନ(ମର୍ଯ୍ୟାଦା) Present of cloth mad e to **ଦୋସ୍ତକି ମାନ ମର୍ଯ୍ୟାଦା** a god-friend on festive occasions.

ସଙ୍ଗାତୁଣୀ—ଦେ. ବ. ସ୍ତ୍ରୀ—୧ । ସଙ୍ଗାତଙ୍କ ସ୍ତ୍ରୀ—1. The wife of Saṅgātuṇī one's god-friend. [ଦ୍ର—ସ୍ତ୍ରୀ ସଙ୍ଗାତଙ୍କ ସାଙ୍ଗାତୀ, ସାଙ୍ଗାତ୍ନୀ ସ୍ୱାମୀଙ୍କୁ ମଧ୍ୟ 'ହଇ।ତ' ବୋଲଯାଏ ।] **ସଂଘାତିନୀ** ୨ । ପ୍ରେମିକା—2. A beloved lady.

ସଙ୍ଗା ବଳଦ—ଦେ. ବ (ସଂ. ସଙ୍ଗ + ବଳୀବର୍ଦ)—ଶଗଡ଼ବୁହା Saṅgā balada ବଳଦ—A draft bullock; a ଯୋତା ବଳଦ **ଗାଡୀବୈଳ** bullock drawing the cart.

ସଙ୍ଗିତ—ଦେ. ବି. ପୁଂ (ସ. ସଙ୍ଗ)—ସଦ୍ଧୃଷ୍ଟ; ଏକ ସଙ ରେ Saṅgita ବରଣକାଷ୍ଠ—Travelling or moving ସଙ୍ଗୀ **ସଂଗୀ** together. (ଦ୍ର—ଅସଙ୍ଗରେ ସଙ୍ଗୀତ(ତା), (ସଙ୍ଗିତା—ସ୍ତ୍ରୀ) ଅସଙ୍ଗରେ ସଙ୍ଗ କଲେ କାଠଘଣ୍ଟ ଲମ୍ବିତ(ତା)— ଛଗ ।)

ସଙ୍ଗିନ୍(ନି)—ବୈଦେ, ବ (ଫା• ସଙ୍ଗିନ୍)—ବନ୍ଧୁକର ଅଗରେ Saṅgin(ni) ନଳର ଗାର୍ଣ୍ଣରେ ଗୁଞ୍ଜା ଦୋଇଥିବା ମୁନଅଁ ସଙ୍ଗୀନ ବନ୍ଧୁତ୍ର ଅସ୍ତ୍ର (ଏଥିରେ ଭୁସାଯାଏ); ବନ୍ଧୁକ ସଲଗ୍ନ **ସଂଗୀନ** ଷ୍ଟେତ୍ର—Bayonet. (ଦ୍ର—ବାସ୍ତଲ୍ୟେ ନ ବାଚ୍ଚି ପ୍ରଜାଙ୍କର ଚତ୍ତ, ବଦେଶି-ସଙ୍ଗିନେ ବଲ୍ଲ ଡାକୁ ଖ୍ରିତ— ସ୍ୱଧାନାଥ. ଦରବାର ।) ବୈଦେ. ବଣ `(ଫା. ସଙ୍ଗୀନ୍ = ପଥରରେ ଉଥର, ଡେଣ୍ଟୁ ଦୃଢ଼)—୧ । ଗୁରୁତର—

ସଙ୍ଗୀନ 1. Serious. (ଦ୍ର—ସଙ୍ଗିନ୍ ମକଦ୍ଦମା ।) ୨ । ଗୁରୁ

ସଂଗୀନ ଗୁଣ—2. Heavy; weighty. (ଦ୍ର—ସଙ୍ଗିନ ବୋଝ ।) ୩ । ଅତି କଠୋର—3. Very hard. (ଦ୍ର—ସଙ୍ଗିନ୍ ସଜା ।) ୪ । କଷ୍ଟ ସାଧ୍ୟ—4. Diffi. cult. (ଦ୍ର—ସଙ୍ଗିନ୍ କାମ ।) ୫ । ଦାୟିତ୍ୱପୂର୍ଣ୍ଣ— 5. Full of responsibility. (ଦ୍ର—ସଙ୍ଗିନ ଗୃତ୍ତସ୍ଥ ।) ୬ । ଅସାଧାରଣ—6. Extraordinary. (ଦ୍ର—ସଙ୍ଗିନ୍ ଘଟନା ।) ୭ । ମୋଟ ଓ ମଜଭୁତ— 7. Coarse and strong. (ଦ୍ର—ସଙ୍ଗିନ୍ ଲୁଗା ।) ୮ । ଖୁବ୍ ମଜଭୁତ; ସୁଦୃଢ଼—8. Very strong. (ଦ୍ର—ସଙ୍ଗିନ୍ ମୂଲଦୁଆ ।)

ସଙ୍ଗିନ୍ ଅବସ୍ଥା—ଦେ. ବ—ଅତି ସାଘାତିକ ବା ଗୁରୁତର ଅବସ୍ଥା— Saṅgin abasthā Very fatal or serious ସଙ୍ଗୀନ ଅବସ୍ଥା **ସଂଗୀନ ଅବସ୍ଥା** condition.

Digitized by srujanika@gmail.com

ସଙ୍ଗିନ୍ କାର୍ଯ୍ୟ(କାମ) —ଦେ. ବ —ଅଛ କଷ୍ଟରେ ସାଧ୍ୟ କାର୍ଯ୍ୟ—
Saṅgin kārjya(kāma) An uphill work.
ସଙ୍ଗୀନ କାଜ **संगीन काम**

ସଙ୍ଗିନ୍ ଧାଗ୍ରୀ—ଦେ. ବଣ. ସ୍ତ୍ରୀ (ଫା. ସଙ୍ଗିନ୍+ସ. ଧାରିନ୍)—
Saṅgindhārī ବନ୍ଦୁକର ମୁହଁ ଧରିଥିବା (ସୈନିକ)—(ସଙ୍ଗିନ୍ଧାରୀ—ସ୍ତ୍ରୀ) Armed with bayonets.
ସଙ୍ଗୀନଧାରୀ **संगीनधारी**

ସଙ୍ଗିନ୍ ବେଳ(ଳା)—ଦେ. ବ—ଖୁବ ବଧଦ ଆଶଙ୍କା କରିଯାଇଥିବା
Saṅgin beḷa(ḷā) ସମୟ—Critical moment.
ସଙ୍କଟ ସମୟ **विपद् समय**

ସଙ୍ଗିନ୍ ମକଦ୍ଦମା(ମାମଲା) —ବୈଦେ. ବ (ଫା. ସଙ୍ଗୀନ୍+ମକଦ୍ଦମା; Saṅgin makaddamā(māmalā) ମୁଖ୍ୟମିଳି)--ଗୁରୁତର (ସଙ୍ଗିନ୍ କେସ୍—ଅନ୍ୟରୂପ) ମକଦ୍ଦମା—Serious case. (ଉ—ସଙ୍ଗୀନ ମକଦ୍ଦମା, ସଙ୍ଗୀନ ମାମଲା ...ଏବଂ ମାମଲା ଖୁବ ସଙ୍ଗିନ୍ ଥିବା **संगीन मुकद्दमा** ଜଦ୍ଦାଜ । ଫକୀରମୋହନ, ଛମାଣ ଅଠଗୁଣ ।)

ସଙ୍ଗିନୀ—ସ. ବ. ସ୍ତ୍ରୀ (ସଙ୍ଗିନ୍+ସ୍ତ୍ରୀ. ଈ)—୧ । ସଙ୍ଗୀର ସ୍ତ୍ରୀଲିଙ୍ଗ—
Saṅginī 1. Feminine of 'Saṅgī'. (ଉ—ଦୁଇଜଣ (ଏକୀ—ପୁଂ) କେବଳ ମୁହଁ ସମ୍ପର୍କ-ସଙ୍ଗିନୀ ଥାଣ୍ଡବର । ଗ୍ରନ୍ଥାନାଥ. ମଜାଘାଟା ।] ୨ । ବୟସ୍ୟା; ସଙ୍ଗୀ—2. A female companion. (ଉ—କ ନାଦରେ ପ୍ରାଣସଙ୍ଗିନୀ । ଶୁଭୁଛୁ ଜଲୁଜଳନେ । ସଙ୍ଗୀତ ।)

ସଙ୍ଗିବା—ଦେ. କି (ଫ. ସଙ୍ଗ)—ସଙ୍ଗିବା (ଦେଶ)
Saṅgibā Saṅghibā. (See)

ସଙ୍ଗୀରମାଣ—ସ. ବଣ. ପୁଂ (ସମ୍+ଗୃ. ଧାତୁ=ପ୍ରତିଜ୍ଞା କରିବା+ Saṅgīramāṇa ଉତ୍ତି. ଆନ) ପ୍ରତିଜ୍ଞାକାରୀ—Promising. (ସଙ୍ଗୀରମାଣା—ସ୍ତ୍ରୀ)

ସଙ୍ଗୀ—ସ. ବି. ପୁଂ (ସଙ୍ଗ+ଅଚ୍ ଅର୍ଥରେ, ିଇନ୍; ୧ମା. ୧ବ)—
Saṅgī ୧ । ସହଚର; ବୟସ୍ୟ; ସଙ୍ଗାତ—1. Companion. (ସଙ୍ଗିନୀ—ସ୍ତ୍ରୀ) ୨ । କର୍ମସଙ୍ଗୀ; ଯେଉଁମାନେ ଏକ ସଙ୍ଗରେ କାର୍ଯ୍ୟ କରନ୍ତି—2.Fellow-worker. ୩ । ପଢ଼ାସଙ୍ଗୀ; ଶିକ୍ଷା ସହଚର—3. Class-friend; fellow student. ୪ । ଖେଳସଙ୍ଗ; କ୍ରୀଡ଼ା ସହଚର—4. Play-mate; play-fellow. ସ. ବଣ—୧ । ସମଭବ୍ୟାହାରୀ; ସଙ୍ଗବଶିଷ୍ଟ—1. Accompanying; having the companionship of. ୨ । ଆସକ୍ତ—2. Devoted to; attached to. ୩ । କୌଣସି ବସ୍ତୁରେ ସଂସକ୍ତ—3. Attached to anything.

ସଙ୍ଗୀତ (ଇତ୍ୟାଦି)—ସ. ବଣ ଓ ବ—ସଂଗୀତ ଇତ୍ୟାଦି (ଦେଶ)
Saṅgīta (ଏ Saṁgīta etc. (See)

ସଙ୍ଗୀତି—ସ. ବ—ସଂଗୀତି (ଦେଶ)
Saṅgīti ; Saṁgīti. (See)

ସଙ୍ଗୀର୍ଣ୍ଣ—ସଂ. ବଣ—ସଂଗୀର୍ଣ୍ଣ (ଦେଶ)
Saṅgi¯ṇṇa Saṁgīrṇṇa. (See)

ସଙ୍ଗୁପ୍ତ—ସଂ. ବଣ—ସଂଗୁପ୍ତ (ଦେଶ)
Saṅgupta Saṁgupta. (See)

ସଙ୍ଗୁପ୍ତି—ସଂ. ବ—ସଂଗୁପ୍ତି (ଦେଶ)
Saṅgupti Saṁgupti. (See)

ସଙ୍ଗୂଢ଼—ସଂ. ବଣ—ସଂଗୂଢ଼ (ଦେଶ)
Saṅgūrḍha Saṁgūrḍha. (See)

ସଙ୍ଗୃଗ୍ଭିତ—ସଂ. ବଣ—ସଂଗୃଗ୍ଭିତ (ଦେଶ)
Saṅgṛubīta Saṁgṛubīta. (See)

ସଙ୍ଗେ—ଦେ. ଜି: ବଣ. (ସ. ସଙ୍ଗ)—୧ । ସହ; ସହିତ; ସଙ୍ଗରେ—
Saṅge 1. With; along with. [ଉ—ଖୁସ ଦୁଃଶାସନ ସଙ୍ଗେ ସଙ୍ଗେ ଗଦା ଯୁଦ୍ଧ କଲେ ।] ୨ । ମିଳିତ ହୋଇ; ମିଶ୍ରିତ ହୋଇ—2. Together with; mixed with. [ଉ—ଜଳ ସଙ୍ଗେ ଯେପରି ଗୁଣ୍ଡା ସଙ୍ଗେ ସହୁ ଖାଇବା] ୩ । ସମଭବ୍ୟାହାରରେ—3. In the company of. [ଉ—ମୁଁ ରାଜାଙ୍କ ସଙ୍ଗେ ଯିବି ।]
साथमें

ସଙ୍ଗେଇ ଦେବା—ପ୍ରାଦେ. (ସମ୍ଭଳିବା) କି—କୌଣସି ପଦାର୍ଥକୁ
Saṅgei debā ସଯତ୍ନରେ ରଖିବା; ସାଇତିବା—To keep a thing carefully.

ସଙ୍ଗେ କରି—ଦେ. ଅ—ସଙ୍ଗରେ ସ୍ୱେଚ୍ଛା—Taking one into
Saṅge kari company. [ଉ—ମିନ୍ନ ବସିଲ ତା ଅବୋର, ସଙ୍ଗେ କରେ, ସଙ୍ଗେ ନିଏ ମୁଖୁ ଦେବତା ସଙ୍ଗେ କର । ଜଗନ୍ନାଥ. ଭାଗବତ ।]
साथ करके

ସଙ୍ଗେଣ—ଦେ. କି. ବଣ. (ତଦ୍ଧ)—ସଙ୍ଗେ (ଦେଶ)—Saṅge
Saṅgeṇa (See) [ଉ—ମାତା ଜହ୍ନରେ ବଡ଼ମ୍ବଣ । ଯୁଦ୍ଧ ସେ ମାତାଙ୍କ ସଙ୍ଗେଣ । ପ୍ରାରୀ. ଦ୍ରୌପଦୀ ବସ୍ତ୍ରହରଣ ।]

ସଙ୍ଗେ ସଙ୍ଗ—ପ୍ରାଦେ. ଅ. (ଉଡ଼ିଆ ଖୁଣା)—ସାଙ୍ଗେ ସାଙ୍ଗେ (ଦେଶ)
Saṅge saṅg With; along with.

ସଙ୍ଗେ ସଙ୍ଗେ—ଦେ. ଅ—ସାଙ୍ଗେ ସାଙ୍ଗେ (ଦେଶ)
Saṅge saṅge 'Sāṅge sāṅge (See)

ସଙ୍ଗୋପକ—ସ. ବଣ. ପୁଂ—ସଂଗୋପକ (ଦେଶ)
Saṅgopaka Saṁgopaka (See)

ସଙ୍ଗୋପନ—ସଂ. ବ—ସଂଗୋପନ (ଦେଶ)
Saṅgopana Saṁgopana (See)

ସଙ୍ଗ୍ରହ (ଇତ୍ୟାଦି)—ସଂ. ବ—ସଂଗ୍ରହ ଇତ୍ୟାଦି (ଦେଶ)
Saṅgraha (etc) Saṁgraha etc. (See)

ସଙ୍ଗ୍ରହଣ—ସଂ. ବ—ସଂଗ୍ରହଣ (ଦେଶ)
Saṅgrahaṇa Saṁgrahaṇa (See)

ସଙ୍ଗ୍ରହଣୀ—ସଂ. ବ—ସଂଗ୍ରହଣୀ (ଦେଶ)
Saṅgrahaṇī Saṁgrahaṇī (See)

ସଙ୍ଗ୍ରହିବା—ଦେ. କି. (ତଦ୍ଧ)—ସଂଗ୍ରହିବା (ଦେଶ)
rahibā ସଂଗ୍ରହ Saṁgrahibā (See)

ସଙ୍ଗ୍ରୁଗ୍ଭୀତା—ସ ବଣ. ପୁଂ—ସଂଗୃଗ୍ଭୀତା (ଦେଶ)
Saṅgrahītā Saṁgrahītā (See)

Digitized by srujanika@gmail.com

ସଙ୍ଗ୍ରାମ (ଇତ୍ୟାଦି)—ସ, ବ—ସଂଗ୍ରାମ ଇତ୍ୟାଦି (ଦେଖ)
Saṅgrāma (etc) Saṁgrāma etc. (See)

ସଙ୍ଗ୍ରହ—ସ. ବ—ସଂଗ୍ରାହ (ଦେଖ)
Saṅgrāha Saṁgrāha (See)

ସଙ୍ଗ୍ରାହକ—ସ. ବଣ. ପୁଂ—ସଂଗ୍ରାହକ (ଦେଖ)
Saṅgrāhaka (ସଙ୍ଗ୍ରାହିକା—ସ୍ତ୍ରୀ) Saṁgrāhaka (See)

ସଙ୍ଗ୍ରାହୀ—ସଂ. ବଣ. ପୁଂ—ସଂଗ୍ରାହୀ (ଦେଖ)
Saṅgrāhī (ସଙ୍ଗ୍ରାହିଣୀ—ସ୍ତ୍ରୀ) Saṁgrāhī (See)

ସଙ୍ଘ (ଇତ୍ୟାଦି)—ସଂ. ବ—ସଂଘ ଇତ୍ୟାଦି (ଦେଖ)
Saṅgha (etc) Saṁgha etc. (See)

ସଙ୍ଘଟ—ଦେ ଓ ସଂ. ବ—ସଂଘଟ (ଦେଖ)
Saṅghaṭa Saṁghaṭa (See)

ସଙ୍ଘଟା—ସଂ. ବ—ସଂଘଟା (ଦେଖ)
Saṅghaṭā Saṁghaṭā (See)

ସଙ୍ଘଟିକା—ସଂ. ବ—ସଂଘଟିକା (ଦେଖ)
Saṅghaṭikā Saṁghaṭikā (See)

ସଙ୍ଘଟିତ—ସଂ. ବଣ—ସଂଘଟିତ (ଦେଖ)
Saṅghaṭita Saṁghaṭita (See)

ସଙ୍ଘଟ୍ଟ—ସଂ. ବ—ସଂଘଟ୍ଟ (ଦେଖ)
Saṅghaṭṭa Saṁghaṭṭa (See)

ସଙ୍ଘଡ଼—ଦେ. ବଣ—ସଂଘଡ଼ (ଦେଖ)
Saṅgharḍa Saṁgharḍa (See)
(ଅସ୍ୱଘଡ଼—ବଦ୍ଧଘଡ)

ସଙ୍ଘନ—ସଂ. ବଣ—ସଂଘନ (ଦେଖ)
Saṅghana Saṁghana (See)

ସଙ୍ଘର୍ଷ—ସଂ. ବ—ସଂଘର୍ଷ (ଦେଖ)
Saṅgharsha Saṁgharsha (See)

ସଙ୍ଘସ—ସଂ. ବ—ସଂଘସ (ଦେଖ)
Saṅghasa Saṁghasa (See)

ସଙ୍ଘା—ଦେ. ବ—୧ । (ସଂ. ସନ୍‌ଜ୍ ଧାତୁ=ସଂଲଗ୍ନ ହେବାରୁ ଉତ୍ପନ୍ନ 'ସଙ୍ଘ' ଶବ୍ଦ; କାରଣ ସଙ୍ଘାରେ ଏକ ସଙ୍ଗେ ଅନେକ ସାଁଗା, ମା�ଚା ଗୁଡ଼ଏ ବାନ୍ଧିଣ ପଡ଼ିଥାଏ; କିମ୍ବା ସଂ. ସଙ୍ଘ=ସମୂହ ମଚାନ କାରଣ ଅନେକ ବା। ଶ ପକାଇ ସଙ୍ଘା ଛଅର କରିଯାଏ)—ଗୃହ ଘରର ତ୍ରିକୋଣାକାର ଗୁଲର ତଳେ ଓ ପଶ୍ଚାତ୍ତର ବିପରୀତ କାନ୍ଥମାନଙ୍କ ଉପରେ ଗୁଡ଼ଏ ବାନ୍ଧିଣକୁ ଲଗାଇଲଟି କରି ଅଡ଼ବାଗରେ ପକାଇ ଉଥର କରିଥିବା ଉଡ଼—1. A scaffolding or staging consisting of bamboos put below the triangular portion of the thatch and plaited together, on the tops of opposite walls crosswise and used to store fuel etc. [ଦୃ—ଏହି ସଙ୍ଘାରେ ଶୁଖିଲା ନଡ଼ିଆ ଝାଡ଼ି ଦେଲେ ବନା-କେତେ ବାଦ୍ ନଡ଼ିଆମଧ୍ୟରୁ ପାଣି ସରିଯାଇ ଉକ୍ତ ନଡ଼ିଆମାନ 'ଟୁରୁଡ଼' ହୋଇଯାଏ। ଗୁହାଳ ଘରେ ଓ ବ୍ୟବେଇ ଘରେ ସଙ୍ଘା ଉଥର କରିଯାଏ। କାରଣ ସେଥିରେ ରଖାଯିବା ଜାଳ କାଠ ଓ ଘସି ଆଦି ଉକ୍ତ ଗୃହ ମଧ୍ୟରୁ ଚୂନରୁ ଓ ଜାଁରୁ ଛଟିବା ଧୂଆଁ ଦ୍ୱାରା ଶୀଘ୍ର ଶୁଖିଯାଏ।] ୨। ଗଛରୁ ତୋଳାଯିବା ନଡ଼ିଆମାନଙ୍କୁ ଶୁଖାଇବା ଉଦ୍ଦେଶ୍ୟରେ ଧାଡ଼ି ଧାଡ଼ି ହୋଇ ସୋଜାଇଥିବା ବାଉଁଶ—2. Rows of single bamboos erected on the floor, to which pairs of whole cocoanuts are attached (one pair over the other) so as to cause the newly plucked cocoanuts to become dry. [ଦୃ—ଗଛରୁ ତୋଳା ଯାଇଥିବା ନଡ଼ିଆ ସବୁକୁ ଗୋଟା ଲଗିଥିବା ଅବସ୍ଥାରେ ଅଣି ଉକ୍ତ ଗୋଟାରୁ ଟିକିଏ ଲେଖାଏଁ ଛେଲ ବା ଲସିକୁ କାଢ଼ି ଦୁଇଟି ନଡ଼ିଆର ଲସିକୁ ଗଣ୍ଠି ପକାଇ ଉକ୍ତ ନଡିଆ ଦୁଇଟିକୁ ପରସ୍ପର ସହିତ ସଂଲଗ୍ନ କରିଯାଏ। ଏହି କାର୍ଯ୍ୟକୁ 'ସିଦୋଲବା' କହନ୍ତି। ଏହିପରି ସିଦ୍ଧ ହୋଇଥିବା ନଡ଼ିଆର ଯୋଡ଼ାମାନଙ୍କୁ ଭୂଇଁରେ ସୋଜା ହୋଇଥିବା ବାଉଁଶ (ସଙ୍ଘା) ଦେହରେ ଉପର୍ଯ୍ୟୁପରି ଛନ୍ଦ ରଖାଯାଏ। ଏଥିର ରଖିବା ଦ୍ୱାରା ନଡ଼ିଆ ସବୁ ଶୁଖିବାକୁ ଅଳ୍ପସମୟ ଲାଗେ।] ୩ (ସ. ସଂଗମ)—ପାଳ ଧରା ସଙ୍ଗି ବା; ଗାଈ ସହିତ ବୃଷର ସଂଗମ—3. Cohabitation of a bull with a cow. ଦେ. ବଣ—୧। (ସ.ସଙ୍ଗ; ଶଗଡ଼ ସଙ୍ଗେ ବଳଦ ସଂଯୋଜିତ ହେଉଥିବାରୁ) ଯୋତା —ଶକଟବାହୀ (ବଳଦ)—1. Drawing a cart (bull). ୨। ସ୍ତ୍ରୀ (ସଂ.ସଙ୍ଗମ) ବୃଷ ସହିତ ସହବାସ ପାଳ ଧରାନ କରିଥିବା ଗାଈ-2. Having been cohabited by a bull (cow). ୩। ପୁଂ. (ସଂ. ସଙ୍ଗମ) ଗାଈ (ଅସଙ୍ଘା—ବଦ୍ଧଗର୍ଭ) ସଙ୍ଗେ ସହବାସ କରିଥିବା(ବୃଷ)-3. Having cohabited with a cow (bull). ଗାଦେ—୧। (ସମ୍ବଲପୁର) କାନ୍ଥକୁଲୁ—1. Wall-niche. ୨। (ସିଂଭୂମ) ସଙ୍ଘା (ଦେଖ)—2. Saṅgā (See) ୩। (ସମ୍ବଲପୁର) ଉନ୍ନତ ରଖିବା ପାଇଁ କାନ୍ଥରେ ମଗ୍ନ ଯାଇଥିବା ପଟା—3. A wooden plate attached to a wall and used as bracket.

ସଙ୍ଘା(ଙ୍ଗେ, ଙ୍ଗୋ)ଇବା—ଦେ. କ୍ରି—୧। 'ସଙ୍ଘିବା' କ୍ରିୟାର ଣିଜନ୍ତ ରୂପ—1. The causative form of 'Saṅghibā' ୨। ଗାଈକୁ ବୃଷ ସଙ୍ଗେ ସଙ୍ଗମ କରାଇବା—2. To cause a cow to be cohabited by a bull. ୩। (ସଂ. ସନ୍‌ଜ୍ ଧାତୁ) ସଂଯୋଜିତ କରାଇବା—3. To cause to be joined. ୪। ମିଳାଇବା; ମିଳିତ କରାଇବା—4. To cause to meet.

ସଙ୍ଘା କାଠ—ଗାଦେ. (ସିଂଭୂମ) ବ—ଘୁଜ ତଳେ ଥିବା ଘରର ସଙ୍ଘା କାଠ ପ୍ରଧାନ ମୋଟା କାଠ; ଉତ୍ତ—Beam of a house over which perpendicular props are erected to heald up the thatch.

Digitized by srujanika@gmail.com

ସଙ୍ଗ୍ରାମ (ଇତ୍ୟାଦି)—ସ, ବ—ସଂଗ୍ରାମ ଇତ୍ୟାଦି (ଦେଖ)
Saṅgrāma (etc) Saṁgrāma etc. (See)

ସଙ୍ଗ୍ରହ—ସ. ବ—ସଂଗ୍ରାହ (ଦେଖ)
Saṅgrāha Saṁgrāha (See)

ସଙ୍ଗ୍ରାହକ—ସ. ବଣ. ସ୍ତ୍ରୀ—ସଂଗ୍ରାହକ (ଦେଖ)
Saṅgrāhaka (ସଙ୍ଗ୍ରାହିକା—ସ୍ତ୍ରୀ) Saṁgrāhaka (See)

ସଙ୍ଗ୍ରାହୀ—ସଂ. ବଣ. ପୁଂ—ସଂଗ୍ରାହୀ (ଦେଖ)
Saṅgrāhī (ସଙ୍ଗ୍ରାହିଣୀ—ସ୍ତ୍ରୀ) Saṁgrāhī (See)

ସଙ୍ଘ (ଇତ୍ୟାଦି)—ସଂ. ବ—ସଂଘ ଇତ୍ୟାଦି (ଦେଖ)
Saṅgha (etc) Saṁgha etc. (See)

ସଙ୍ଘଟ—ଦେ ଓ ସଂ. ବ—ସଂଘଟ (ଦେଖ)
Saṅghaṭa Saṁghaṭa (See)

ସଙ୍ଘଟା—ସଂ. ବ—ସଂଘଟା (ଦେଖ)
Saṅghaṭā Saṁghaṭā (See)

ସଙ୍ଘଟିକା—ସଂ. ବ—ସଂଘଟିକା (ଦେଖ)
Saṅghaṭikā Saṁghaṭikā (See)

ସଙ୍ଘଟିତ—ସଂ. ବଣ—ସଂଘଟିତ (ଦେଖ)
Saṅghaṭita Saṁghaṭita (See)

ସଙ୍ଘଟ୍ଟ—ସଂ. ବ—ସଂଘଟ୍ଟ (ଦେଖ)
Saṅghaṭṭa Saṁghaṭṭa (See)

ସଙ୍ଘଡ଼—ଦେ. ବଣ—ସଂଘଡ଼ (ଦେଖ)
Saṅgharḍa Saṁgharḍa (See)
(ଅସଙ୍ଘଡ଼—ବଦ୍ଧେଖ)

ସଙ୍ଘନ—ସଂ. ବଣ—ସଂଘନ (ଦେଖ)
Saṅghana Saṁghana (See)

ସଙ୍ଘର୍ଷ—ସଂ. ବ—ସଂଘର୍ଷ (ଦେଖ)
Saṅgharsha Saṁgharsha (See)

ସଙ୍ଘସ—ସଂ. ବ—ସଂଘସ (ଦେଖ)
Saṅghasa Saṁghasa (See)

ସଙ୍ଘା—ଦେ. ବ—୧ । (ସଂ. ସମ୍‌ଜ୍ ଧାତୁ=ସଂଲଗ୍ନ ହେବାରୁ ଉତ୍ପନ୍ନ 'ସଙ୍ଘ' ଶବ୍ଦ; କାରଣ ସଙ୍ଘାରେ ଏକ ସଙ୍ଗେ ଅନେକ ସଁଗା, ମଁଚା ଗୁଡ଼ଏ ବାଉଁଶ ପଡ଼ିଥାଏ; କିମ୍ବା ସଂ. ସଙ୍ଘ=ସମୂହ ମଚାନ କାରଣ ଅନେକ ବ। ଶ ପକାଇ ସଙ୍ଘା ଉଆର କରାଯାଏ)—ଗୃହ ଘରର ଦିଓାଳାକାର ଗୃହର ଉଲେ ଓ ପଦ୍ମର ବସ୍ତ୍ରଗତ କାନ୍ଥମାନଙ୍କ ଉପରେ ଗୁଡ଼ଏ ବାଉଁଶକୁ ଲଗାଲଗି କରି ଅଡ଼ବାଗରେ ପକାଇ ଉଆର କରିଥିବା ଉଡ଼—1. A scaffolding or staging consisting of bamboos put below the triangular portion of the thatch and plaited together, on the tops of opposite walls crosswise and used to store fuel etc. [ଦ୍—ଏହି ସଙ୍ଘାରେ ଶୁଖିଲା ନଡ଼ିଆ ଝାଡ଼ି ଦେଲେ ଦିନା-କେତେ ବାଦ୍ ନଡ଼ିଆମଧ୍ୟରୁ ପାଣି ମରିଯାଇ ଉକ୍ତ ନଡ଼ିଆମାନ 'ଡ଼ରୁଡ଼' ହୋଇଯାଏ। ଗୁହାଳ ଘରେ ଓ ରୋଷେଇ ଘରେ ସଙ୍ଘା ଉଆର କରାଯାଏ । କାରଣ ସେଥିରେ ରଖାଯିବା କାଠ କାଠ ଓ ଘଷି ଆଦି ଉକ୍ତ ଗୃହ ମଧ୍ୟରୁ ଚୂନରୁ ଓ କଅଁରୁ ଉଠିବା ଧୂଆଁ ଦ୍ୱାରା ଶୀଘ୍ର ଶୁଖିଯାଏ ।] ୨ । ଗଛରୁ ତୋଳାଯିବା ନଡ଼ିଆମାନଙ୍କୁ ଶୁଖାଇବା ଉଦ୍ଦେଶ୍ୟରେ ଧାଡ଼ି ଧାଡ଼ି ହୋଇ ସୋଜାଇଥିବା କାଠଁଶ—2. Rows of single bamboos erected on the floor, to which pairs of whole cocoanuts are attached (one pair over the other) so as to cause the newly plucked cocoanuts to become dry. [ଦ୍—ଗଛରୁ ତୋଳା ଯାଇଥିବା ନଡ଼ିଆ ସବୁକୁ ଗୋଟା ଲାଗିଥିବା ଅବସ୍ଥାରେ ଅଣି ଉକ୍ତ ଗୋଟାରୁ ୫।୬ଏ ଲେଖାଏଁ ଛେଳି ବା ଲସିକୁ କାଢ଼ି ଦୁଇଟି ନଡ଼ିଆର ଲସିକୁ ଗଣ୍ଠି ପକାଇ ଉକ୍ତ ନଡିଆ ଦୁଇଟିକୁ ପରସ୍ପର ସହିତ ସଂଲଗ୍ନ କରାଯାଏ । ଏହି କାର୍ଯ୍ୟକୁ 'ସିଦୋଳିବା' କହନ୍ତି । ଏହିପରି ସିଦ୍‌ଳା ହୋଇଥିବା ନଡ଼ିଆର ଯୋଡ଼ାମାନଙ୍କୁ ଭୂଇଁରେ ସୋଜା ହୋଇଥିବା କାଠଁଶ (ସଙ୍ଘା) ଦେହରେ ଉପର୍ଯ୍ୟୁପରି ଛନ୍ଦ ରଖାଯାଏ । ଏଥିରେ ରଖିବା ଦ୍ୱାରା ନଡ଼ିଆ ସବୁ ଶୁଖିବାକୁ ଅଳ୍ପସମୟ ଲାଗେ ।] ୩ (ସ. ସଂଗମ)—ପାଳ ଧରା ସଙ୍ଗି ବା; ଗାଈ ସହିତ ବୃଷର ସଂଗମ—3. Cohabitation of a bull with a cow. ଦେ. ବଣ—୧ । (ସ.ସଙ୍ଗ; ଶଗଡ଼ ସଙ୍ଗେ ବଳଦ ସଂଯୋଜିତ ହେଉଥିବାରୁ) ଯୋତା —ଶକଟବାହୀ (ବଳଦ) —1. Drawing a cart (bull). ୨ । ସ୍ତ୍ରୀ (ସଂ.ସଙ୍ଗମ) ବୃଷ ସହିତ ସହବାସ ପାଳ ଧରାନ କରିଥିବା ଗାଈ-2. Having been cohabited by a bull (cow). ୩ । ପୁଂ. (ସଂ. ସଙ୍ଗମ) ଗାଈ (ଅସଙ୍ଘା—ବଅଗ୍ଭ) ସଙ୍ଗେ ସହବାସ କରିଥିବା(ବୃଷ)-3. Having cohabited with a cow (bull). ଗାଦେ—୧ । (ସମ୍ବଲପୁର) କାନ୍ଥକୁଲୁ—1. Wall-niche. ୨ । (ସିଂଭୂମ) ସଙ୍ଘା (ଦେଖ)—2. Saṅgā (See) ୩ । (ସମ୍ବଲପୁର) ଜଳପ ରଖିବା ପାଇଁ କାନ୍ଥରେ ସଜ୍ଜ ଯାଇଥିବା ପଟା—3. A wooden plate attached to a wall and used as bracket.

ସଙ୍ଘା (ଘେ, ଘୋ) ଇବା—ଦେ. କ୍ରି—୧ । 'ସଙ୍ଘିବା' କ୍ରିୟାର ଣିଜନ୍ତ ରୂପ—1. The causative form of 'Saṅghibā' ୨ । ଗାଈକୁ ବୃଷ ସଙ୍ଗେ ସଙ୍ଗମ କରାଇବା—2. To cause a cow to be cohabited by a bull. ୩ । (ସଂ. ସମ୍‌ଜ୍ ଧାତୁ) ସଂଯୋଜିତ କରାଇବା—3. To cause to be joined. ୪ । ମିଳାଇବା; ମିଳିତ କରାଇବା—4. To cause to meet.

ସଙ୍ଘା କାଠ—ସ୍ତାଦେ. (ସିଂଭୂମ) ବ—ଘୁଞ୍ଚ ତଳେ ଥିବା ଘରର ସଙ୍ଘା କାଠ; ଉତ୍ତ—Beam of a house over which perpendicular props are erected to heald up the thatch.

Digitized by srujanika@gmail.com

୧	ଇ	ଉ	ଋ,ୠ	ଌ	ଏ	ସ୍ୱରନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ	ଚ	ଶ,ଷ	ଡ଼	ଇସ୍	ଜ୍ଞ	କ୍ଷ
୨	ଈ	ଊ	ୠ	ୡ	ଐ	ଅକାରନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ	ଖ	ଛ	ସ	ଢ଼	ଉସ୍	ଶ୍ର	ତ୍ର

ସଙ୍ଘାଡ଼—ଦେ. ବ (ସ. ସଘଟିକା, ପ୍ରା. ସଘାଡ଼ି=ଯୋଡ଼ା) —୧ । Saṅghāṛdi ଯଜ୍ଞୋପବୀତ ଇତ୍ୟାଦି ପାଇଁ ଦୁଡ଼ାକିଆ ଯୋଡ଼ା, ହୁଦଓ ଦୋ'ଇ ମୋଡ଼ା ଦୋଇଥିବା ପଇତା ସୂତାର ଯୁଇଟଣ ଜୋଡ଼ା ବା ଯୁଇଟି ମୋଡ଼ା— 1, Two rolls of thread twisted for being prepared into a Brahman's sacred thread. [ଦ୍ର—ଶ୍ରବତ୍‌ପିତୃକ ବ୍ରାହ୍ମଣମାନେ ଏକ ସଙ୍ଘାଡ଼ ବା ଯୁଇ ଯଟ ପଇତାସୂତାକୁ ଛଅଖିଅ ଉପବୀତ ଇଆର କର ପିନ୍ଧନ୍ତି । ଯେଉଁମାନେ ଶ୍ରାଦ୍ଧ ଉପଲକ୍ଷେ କରନ୍ତି ଓ ମୃତପିତୃକ, ସେମାନେ ଦେଢ଼ ସଙ୍ଘାଡ଼ ବା ଇକ ଯଟ ପଇତାସୂତାରେ ନଅ ଖିଅ ଉପବୀତ ଇଆର କର ପିନ୍ଧନ୍ତି । ଏହି ନଅ ଖିଅ ମଧ୍ୟରୁ ଛଅ ଖିଅ ଉପବୀତ ଓ ଅନ୍ୟ ଇକ ଖିଅ ଉତ୍ତରୀୟରୂପେ ଲମ୍ବିତ ହୁଏ ।] ୨ ।(ସ.ସଘଟ,ଘଟନ-ମିଶ୍ରଣ, ଯୋଜନ) ଏକାଥରକେ ଚଉଗୁଣରେ ମୁଣ୍ଡାଯିବା କାଠଖଣ୍ଡମାନ— 2, A quantity of fuel which is sufficient to maintain the cremation fire at a time. ୩ । (ସ. ସଘଟିକା=ଯୁଗ୍ମ, ଯୋଡ଼ା) ମଜ୍ଜି ଶୁଙ୍କୁଅର ବା ମାଛମଜ୍ଜିର ଦୁଇଟି ନୋଳା - 3 A pair of fish-roes; two tubes of fish spawn. [ଦ୍ର—ମାଇର ମଜ୍ଜିଟି ଦୁଇ ଫାଳଆ, ଅର୍ଥାତ୍ ଦୁଇଟି ନୋଳାଯୁକ୍ତ । ଏହି ନୋଳାଦ୍ୱୟକୁ 'ସଙ୍ଘାଡ଼' କୋଲ୍ଲପାଏ । ପ୍ରତ୍ୟେକ ନୋଳା ଗୋଟିଏ ସୂକ୍ଷ୍ମ ଚର୍ମାବରଣ ମଧ୍ୟରେ ଥାଏ ଏବଂ ଦୁଇଟିଯାକ ନୋଳା ଏକ ସ୍ଥାନରେ ପରସ୍ପର ସହିତ ସୂକ୍ଷ୍ମଚର୍ମାବରଣ ଦ୍ୱାରା ଫଲଗୁ ଦୋଇ ଥାଏ । ସେହି ସଯୋଜକ ଚର୍ମାବରଣକୁ ଛଣାଇ ଦେଲେ ଭାଜା ପୃଥକ୍ ହୋଇ ସ୍ୱତନ୍ତ୍ର ଦୁଇଟି ନୋଳା ହୁଏ ।]

ସଙ୍ଘାଡ଼ିବା—ଦେ. କି. (ସ. ସଘଟ)—୧ । ବହୁ ପଦାର୍ଥକୁ ବା ବହୁ Saṅghāṛdilibā ଉପାଦାନକୁ ଏକତ୍ର ମିଶ୍ରିତ କରିବା—1. To ମିଶାଇଏ ଦେଓୟା, ମେଶାନ mix up many materials. ୨ । ଉଅଣରେ ପଡ଼ିଥିବା ବିଭିନ୍ନ ପ୍ରକାରର ପରିବା ଅଦି ସିଝିଗଲା ପରେ ତାଡ଼ୁକୁ ଗୋଳାଇ ବା ଘାଣ୍ଟି ମିଶାଇ ଦେବା; ଉଅଣକୁ ଘୋରିବା ବା ଘୋଟିବା—2. To reduce the boiling curry into a consistent mixture by agitating the boiled ingredients. ୩ । ନବପ୍ରସୂତା ଗାଈ ବଜା ବାଛୁରକୁ ନ ଅଦରଲେ ବା ସ୍ତନ୍ୟରେ ଦୁଧ ଦୁହାଁଇ ନ ଦେଲେ, କମ୍ବା ଗାଈର କୁଡ଼ର ଦୁଇଟଣରୁ ଦୁଇଟାରୁ ଦୁଧ ଦୁହିଁବା ପାଇଁ ତା ବଜର ବାଛୁର ପରି ଅନ୍ୟ ଗାଈର ବାଛୁରକୁ ଅଥବା ବାଛୁରର ଗୋଟିଏ ମୂର୍ତ୍ତି କରି ତାକୁ ଗାଈ ଆଗରେ ସୁଧାରାନ ଠିଆ କରାଇ ସେହି ନକଲି ବାଛୁର ଦେହରେ ମଡ଼ି, ଲଣ ସଂସ୍ପର୍ଶନା ଅଦି ଲେଉଟାପଟା ପଦାର୍ଥ ଲଗାଇ ଗାଈକୁ ଚଟାଇ ଓ ଚୁଚୁକାଳ ମାର ଗାଈକୁ ଅଙ୍ଗଁସିବା, କୋମଳ ବଚନ କହିବା ଓ ଏଉଲିନ ଅନ୍ୟ ଉପାୟ ପ୍ରୟୋଗ କରିବା; ଗାଈକୁ ବୁଝାଇବା—3. To employ various means to a milch-cow which is not allowing herself to be milked, in order that she can be easily milked. ୪ । ଦୁଇଟି ଯୋଡ଼ାବାନ୍ଧି ଗୋରୁକୁ ପଘାରେ ପରସ୍ପର ସହିତ ଇକ ବଣରେ ବା ଜୋଡ଼ନା ଚଢ଼ଅରେ ଚରିବା ପାଇଁ ଛଡ଼ ଦେବା—4. To tie two cattle together and leave them for grezing in jungle or field.

ସଙ୍ଘାତ (ଇତ୍ୟାଦି)—ସଂ. ବ—ସଙ୍ଘାତ ଇତ୍ୟାଦି (ଦେଶ)
Saṅghāta (etc) Saṁghāta etc. (See)

ସଙ୍ଘାତୀ—ଦେ. ବଣ—ସଙ୍ଘାତୀ (ଦେଶ)
Saṅghātī Saṁghātī. (See)

ସଙ୍ଘାର—ଦେ. ବ—ସଙ୍ଘାର (ଦେଶ)
Saṅghāra Saṁghāra. (See)

ସଙ୍ଘାରିବା—ଦେ. କି—ସଙ୍ଘାରିବା (ଦେଶ)
Saṅghāribā Saṁghāribā. (See)

ସଙ୍ଗିବା—ଦେ. କି (ସ. ସଙ୍ଗ, ସଙ୍ଗମ=ମୈଥୁନ)—(ବୃଷ) ଗାଈକୁ Saṅghibā ମୈଥୁନ କରିବା—(a bull) To copulate ପାଲଦେଓୟା with a cow. [ଦ୍ର—ଗାଈର ଋତୁକାଳ ହେଲେ ନାଁଘନା ଗାଈ 'ବଉର ପଡ଼ିଛି' ବୋଲି କହନ୍ତି । ବତ୍ସର ଦେଢ଼ବା ଗାଈକୁ ପଣ୍ ସଙ୍ଗମ କଲେ ଉକ୍ତ ଗାଈ 'ବଏ ଗଲ୍ଲ' (ବ. ପାଲ ବଲ) ବୋଲି କହନ୍ତି । ଗାଈ ଥରେ ବଏ ପିବା ପରେ ଗର୍ଭଚ୍ଛଟା ନ ହେଲେ ଗାଈ 'ଲେଉଟ୍ଟ ଇଲ୍ଲ' ବୋଲି କହନ୍ତି ।]

ସଙ୍ଘୁଷିତ—ସଂ. ବଣ—ସଙ୍ଘୁଷିତ (ଦେଶ)
Saṅghushita Saṁghushita. (See)

ସଙ୍ଘୃଷ୍ଟ—ସ. ବଣ—ସଙ୍ଘୃଷ୍ଟ (ଦେଶ)
Saṅghṛushṭa Saṁghṛushṭa. (See)

ସଙ୍ଘୃଷ୍ଟ—ସ. ବଣ—ସଙ୍ଘୃଷ୍ଟ (ଦେଶ)
Saṅghṛushṭa Saṁghṛushṭa. (See)

ସଙ୍ଘେନିବା—ଗ୍ରା. କି—ସଙ୍ଗେ ଘେନିବା ବା ନେବା—To take
Saṅgheniba with; to be accompanied by.
ସଙ୍ଗେ ନଓୟା ସାଥମେ ଲେନା

ସଚ୍ (ଧାତୁ)—ସ—୧ । ସବଳ କରିବା—1. To form connection, ୨ । ଅଭ୍ୟର୍ଥିତ କରିବା—2. To please; to oblige.

ସଚକିତ—ସଂ. ବଣ (ସ=ସହିତ+ଚକିତ=ଭୟ, ଉଦ୍ବେଗ; Sachakita ବହୁବ୍ରୀହି)—୧ । ଭୀତ; ଅଣ୍ଟଘାଣ୍ଟିଆ— 1. Startled; frightened. ୨ । ସାବଧାନ; ଜାଗ୍ରତ— 2. Vigilant. ୩ । ଭୀରୁ—3. Timid.

Digitized by srujanika@gmail.com

ସାଧାରଣ ଭେବେ ଅପର ପୃଷ୍ଠାରେ ସ୍ୱତନ୍ତ୍ର ଭାବରେ ଅକ୍ଷର ଓ ମାତ୍ରା ଏବ ଯୁକ୍ତାକ୍ଷର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରାଯାଇ ନାହିଁ । ଅତଏବ ୧ ବା ୨ ଯୁକ୍ତାକ୍ଷର କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବେ ସେବେ ଏ ସୂଚୀପତ୍ରରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତହିଁର ବିଯୁକ୍ତ ୨ ବା ୧ ଯୁକ୍ତାକ୍ଷର ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଈ' ନ ମିଳିଲେ 'ଗାଇ'ଖୋଜିବେ; 'ମୁଢ' ନ ମିଳିଲେ 'ମୂଢ' ଖୋଜିବେ; 'ବଧୂ'ନ ମିଳିଲେ 'ବଧୁ' ଦେଖିବେ; 'ଅଗ୍ୟା' ର ପାଇଲେ'ଅଜ୍ଞା' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍'ଦେଖିବେ

ସଚକିତ ନୟନ—ସ. ବଣ. ଧୁଂ (ସଦ୍ଭାର୍ଥ ବହୁବ୍ରୀହି; କର୍ମଧାରୟ; ସ + Sachakita nayana ଚକିତନୟନ; ଉମା ସଚକିତ + (ସଚକିତ ଦୃଷ୍ଟି—ଅନ୍ୟରୂପ) ନୟନ; ସଦ୍ଭାର୍ଥ ବହୁବ୍ରୀହି ବା [ସଚକିତ ନୟନା, ସଚକିତ ଦୃଷ୍ଟି—ସ୍ତ୍ରୀ] ବହୁବ୍ରୀହି)—ସଭୟ ଦୃଷ୍ଟି; ଯାହାର ନୟନ ଭୟଯୁକ୍ତ ହୋଇଥାଏ— Having a frightened look.

ସଚଞ୍ଚଳ—ସ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ=ସହିତ+ଚଞ୍ଚଳ= Sachañchala ବାୟୁ)—ବାୟୁଯୁକ୍ତ; ପବନଯୁକ୍ତ—Airy; windy. ଦେ. ବଣ. (ସଂ. 'ଚଞ୍ଚଳ'ର ଅଶୁଦ୍ଧ ପ୍ରୟୋଗ) —ଚଞ୍ଚଳ— Restless.

ସଚଟ୍(ଟ)—ଦେ. ବଣ—ସଚ୍ଚେଟ (ଦେଖ) Sachaṭ(ṭa) Sachoṭa. (See)

ସଚରାଚର—ସଂ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ=ସହିତ+ଚରାଚର= Sacharāchara ସ୍ଥାବରସ୍ଥାବର)—ସ୍ଥାବରସ୍ଥାବର ସହିତ ବର୍ତ୍ତମାନ; ସ୍ଥାବର ଓ ଜଙ୍ଗମଯୁକ୍ତ (ପୃଥିବୀ)—(the world) Comprising all the moveable and the immoveable things. ଦେ. ବଣ— ସଚରାଚର ୧ । ସମସ୍ତ; ସମସ୍ତ—1. All. ୨ । ଜଗତରେ ସର୍ବଦା **ସଚରାଚର** ଦେଖାଯିବା—2. Universal. ଦେ. ବ— ୧ । ବଣ୍ଟସୃଷ୍ଟି; ବ୍ରହ୍ମାଣ୍ଡ—1. The Creation; the Universe. ୨ । ସୃଷ୍ଟ ସମସ୍ତ ପଦାର୍ଥ; ସ୍ଥାବର ଓ ଜଙ୍ଗମ ବସ୍ତୁତତ୍ତ୍ୱ—2. All created things, moving and lifeless. [ଉ—ସଚରାଚର ବସେ ଯହୁ, ସେ ହସ୍ତୁ ପ୍ରଭୁ ଯେ ହୋଇ—ଜଗନ୍ନାଥ. ଭଗବତ ।] ଦେ. କ୍ରି. ବଣ—୧ । ସାଧାରଣତଃ—1. Ordinarily; commonly ୨ । ଏହି ପୃଥିବୀରେ—2. In this world. ୩ । ଏହି ସୃଷ୍ଟିରେ—3. In the creation. (ଯଥା—ସଚରାଚର ଏହା ଦେଖାଯାଏ ଯେ, ବୃଦ୍ଧ ପିତାମାତାଙ୍କୁ ବୟସପ୍ରାପ୍ତ ଯୋଗ୍ୟ ସନ୍ତାନ ପାଳନ କରନ୍ତି ।)

ସଚଳ—ସ. ବଣ (ସ=ସହିତ + ଚଳ = ଗତିଶୀଳତା, ଗତିଲକ୍ଷ୍ୟ; ସଦ୍ଭାର୍ଥ Sachala ବହୁବ୍ରୀହି)—ଚଳନଶୀଳ; ଗତିଶୀଳ—Moving (ଅଚଳ—ବିପରୀତ) ସଚଳ ଦେ. ବଣ—ସଙ୍ଗତିସମ୍ପନ୍ନ (ଅବସ୍ଥା)— **ଚଳତାପୁରଜା, ସଂପନ୍ନ** Well-to-do. (ଉ—ତାଙ୍କର ବର୍ତ୍ତମାନ ଅବସ୍ଥା ବେଶ୍ ସଚଳ ।)

ସଚଳ ଜାତି—ଦେ. ବ—ଗଣିତୁଥିଁ ଜାତି; ଉଚ୍ଚ ଜାତି— Sachala jāti ସଚଳ ଜାତି **सचल जाति** High caste.

ସଚ ଲବଣ—ଦେ. ବ (ସ. ସୌବର୍ଚଳ ଲବଣ)—ପଞ୍ଚ ଲବଣ ମଧ୍ୟରୁ Sacha labaṇa ଏକତମ— Sochal salt; Una- (ସ. ପର୍ଯ୍ୟାୟ—ରୁଚକ,ଅପଟ,ଘାଟ୍ୟ) qua Sodium chloride.

ସଚଳ ଲୁନ, ସଚଳ ଲବନ [ଦ୍ର-ଏହା ଲକ୍ଷଣ ଖଜଜ ଅଟେ । ଏହା **साँचर लवण** କଟୁ ଓ ଲବଣରସଯୁକ୍ତ, ଉଷ୍ଣବୀର୍ଯ୍ୟ, ଫା. ନମକ୍‌ସିୟା ଲଘୁପାକ, ଅଗ୍ନିବର୍ଦ୍ଧକ, ଦୀପ୍ତକାରକ, ଅ. ମଲ୍ଲହୁଲ୍ ଯଜାଜ୍ ରୁଚିକର, ଭେଦକ, ପାଚକ, ସ୍ନିଗ୍ଧ, ସଚଲ୍ଲଣ, ସଚଳ ଲବଣ, ସଚଳ ଲୁଣ } ଅନ୍ୟରୂପ ବା ଯୁନାଶକ, କଂଚଡ଼ ପିତ୍ତକର ଓ ଜଠରାଗ୍ନିର ଶୁଦ୍ଧିକାରକ । ଏହା ବବକ, ଅନାହ, ଶୂଳ, ଗୁଲ୍ମ, କୃମି, ଉର୍ଦ୍ଧ୍ୱବାୟୁ ଓ ଅମ ଦୋଷରେ ଉପକାରୀ ।)

ସଚ୍ଚୁ (ଇତ୍ୟାଦି)—ଦେ. ବ ଓ ବଣ—ସଚ୍ଚା ଇତ୍ୟାଦି (ଦେଖ) Sachchā (etc) Sachchā etc (See)

ସଚ୍ଚୁ(ଚେ)ଇ—ଦେ. ବ—ସଚ୍ଚାଇ (ଦେଖ) Sachchā(che)i Sachchāi (See)

ସଚ୍ଚୁ(ଚେ)ଈ—ଦେ. ବଣ. ସ୍ତ୍ରୀ—ସଚ୍ଚାଇ (ଦେଖ) Sachchā(che)ī Sachchāī (See)

ସଚି(ଚୀ)—ସଂ.ବ.ସ୍ତ୍ରୀ (ସଚ୍ ଧାତୁ=ଅଧ୍ୟାୟିତ କରିବା + କର୍ମ. ଇ, ଈ; Sachi(chī) ଯାହାଙ୍କୁ ଇନ୍ଦ୍ର ଅଧ୍ୟାୟିତ କରନ୍ତି; ଶଚ ବା ଶଚୀର ବଦଳ ରୂପ)—ଶଚୀ ଇତ୍ୟାଦି (ଦେଖ) Śachī etc (See)

ସଚିନ୍ତ—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି, ସ=ସହ+ଚିନ୍ତା) — Sachinta ଚିନ୍ତାଯୁକ୍ତ; ଭାବନାଯୁକ୍ତ— Anxious; full of (ସଚିନ୍ତା—ସ୍ତ୍ରୀ) cares.

ସଚିନ୍ତିତ—ସ୍ତ୍ରୀ ବଣ (ସଂ. ସଚିନ୍ତର ଅଶୁଦ୍ଧ ପ୍ରୟୋଗ)—ସଚିନ୍ତ (ଦେଖ) Sachintita Sachinta (See)

ସଚିବ—ସଂ.ବ. ପୁଂ (ସଚ୍ ଧାତୁ=ସବନ୍ଧ କରିବା + କର୍ତ୍ତୃ. ଇବ)—୧ । Sachiba ମନ୍ତ୍ରୀ; ଅମାତ୍ୟ—1. Minister. ୨ । ସହାୟ— 2. Help. ୩ । ସାହାଯ୍ୟକାରୀ ବ୍ୟକ୍ତି—3. An assistant; a secretary. ୪ । (ବୈଦ୍ୟକ) କୃଷ୍ଣଧତ୍ତୂରକ; କଳାଧାତୁରା—4. The black species of Dhtura plant.

ସଚିବାମୟ—ସ.. ବ (ଅଧୁନକ ପ୍ରୟୋଗ)—ଉସର୍ଗ ରୋଗ; ଘାଆ ବା Sachibāmaya ବ୍ରଣ ଥରର ଉସର୍ଗିଯିବା—Erysipelas.

ସଚିଲ୍ଲକ—ସ. ବଣ. ପୁଂ (ସ=ସହିତ+ଚିଲ୍ଲକ=ଲୁହିତ ଚକ୍ଷୁ; Sachillaka ବହୁବ୍ରୀହି)—୧ । ଲୁଲଚକ୍ଷୁବିଶିଷ୍ଟ—1. Having (ସଚିଲ୍ଲକା—ସ୍ତ୍ରୀ) moistened or bleared eyes. ୨। ଶ୍ୟାମ- ଅକ୍ଷିଥ—2. Having the pupils of the eyes greenish.

ସଚୀ—ସ. ବ—ସଚି (ଦେଖ)—Sachi (See) ଦେ. ବ. ଓ Sachī ବଣ. ସ୍ତ୍ରୀ—ସଚୀ (ଦେଖ)—Sachchī (See) (ସଚୁ—ପୁଂ. ବଣ) ଦେ. ବ. ସ୍ତ୍ରୀ (ନାମ) —ଶ୍ରୀ ଚୈତନ୍ୟଦେବଙ୍କ (ସଚୀ ଦେବୀ—ଅନ୍ୟରୂପ) ମାତା—Name of the mother

Digitized by srujanika@gmail.com

ସଚୀ **सची** of Sri Chaitanya. ଦେ. ବ. ସ୍ତ୍ରୀ—ସଚୀଦ୍ରନାଥର ଡାକ ନାମ—Nickname of Sachīndranātha. ସ. ବ. ସ୍ତ୍ରୀ—ସଚୀ (ଦେଖ) Sachī (See)

ସଚୀ ନନ୍ଦନ—ଦେ. ବ—ଶ୍ରୀ ଚୈତନ୍ୟ ଦେବ—Sri Chaitanya. Sachī nandana ସଚୀ ନନ୍ଦନ **सची नन्दन**

ସଚୀନ୍ଦ୍ର—ସଂ. ବ—୧ । (ଶଚୀ ଚ୍ଚ) —ଇନ୍ଦ୍ର—1. Indra. ୨ । Sachīndra (ଦ୍ୱନ୍ଦ୍ୱ)—ସଚୀ ଓ ଇନ୍ଦ୍ର—2. Sachī and ସଚୀନ୍ଦ୍ର **सचीन्द्र** Indra. ଦେ. ବ. ସୁ°—ପୁରୁଷଙ୍କ ନାମ—(ସଚୀନ୍ଦ୍ରକୁମାର, ସଚୀନ୍ଦ୍ରନାଥ—ଅନ୍ୟରୂପ) A name given to males. ଗ୍ରା. ବଣ—ଛଚନ୍ଦ୍ର (ଦେଖ) Chhachindra (See)

ସଚେଇ—ଦେ. ବ—ସଚ୍ଚେଇ (ଦେଖ)—Sachei Sachchei (See)

ସଚେଇ ହ(ହେ)ବା—ଦେ. କ୍ରି—ସଚ୍ଚେଇ ହବା (ଦେଖ) Sachei ha(he)bā Sachchei habā (See)

ସଚେଈ—ଦେ. ବ ଓ ବଣ. ସ୍ତ୍ରୀ—ସଚ୍ଚେଈ (ଦେଖ) Sachei Sachchei (See)

ସଚେତ୍(ତ୍, ତା)—ଦେ. ବଣ (ସ. ସଚେତନ)—୧ । ଚେଇଁ ଥିବା; ସଚେତ ସଚେତ **सचेत** ଅନବଦ୍ଧତ; ଜାଗ୍ରତ—1. Watching. ୨ । ଚେତାଇ; ସାବଧାନ; ଦୃଷ୍ଟିଆର—2. Watchful; vigilant. ୩ । ସଜ୍ଞାନ—3. Conscious. ୪ । [ଅଚେତ୍(ତ, ତା)—ଅନ୍ୟରୂପ] ପୁନଃ ଚେତନାପ୍ରାପ୍ତ—4. Brought back into sense. [ଜ—ବୁଦ୍ଧା ହୋଇଲେ ଜାତ ସଚେତ, ଜାମୁବନ୍ତ ପୁନଃ ସେ ସୃଷ୍ଟି କରନ୍ତେ—ଉଜ. ବୈଦେସ୍ପଶବଲାସ ।]

ସଚେତ୍(ତ) ନିଦ—ଦେ. ବ—୧ । ଚଅଁ ସହଜ; ଯେଉଁ ନିଦରେ ସଚେତ ନିଦ୍ରା ସଚେତ ନିଦ୍ର Sachet(ta)nida ମନୁଷ୍ୟ ବା ଜୀବ ଦୃଷିଆର ଥାଏ, ଅର୍ଥାତ୍ ଝିଙ୍କା ଶବ୍ଦ ଶୁଣିଲେ ଜାଗ୍ରତ୍ ହୁଏ—1. Watchful or waking sleep. [ଦ୍ର—କୁକୁର (ଅଚେତ୍ ନିଦ—ବହୁବ୍ରୀ) ମାନଙ୍କର ସଚେତ ନିଦ; ଜଗେ ଜଗେ ମନୁଷ୍ୟଙ୍କର ସଚେତ ନିଦ ଓ ଜଣଜଣଙ୍କର ଅଚେତା ଗାଢ଼ ନିଦ ।] ୨ । ସ୍ୱଳ୍ପ ନିଦ୍ରା; ଯାହା ଗାଢ଼ ନିଦ୍ରା ନୁହେଁ —2. Light sleep; nap.

ସଚେତନ—ସ. ବ. ସୁ° (ସ=ସହ+ଚେତନ; ସହାର୍ଥ ବହୁବ୍ରୀ)—Sachetana ୧ । ଚୈତନ୍ୟଯୁକ୍ତ—1. Sentient. ୨ । (ସଚେତନା—ସ୍ତ୍ରୀ) ସଜୀବ; ଜୀବନ୍ତ—2. Living; animate. (ଅଚେତନ—ବହୁବ୍ରୀ) ୩ । ଦୃଷିଆର; ସତର୍କ— 3. Watchful; vigilant.

ସଚେତନ ଜୀବ (ପ୍ରାଣୀ)—ସ. ବ (କର୍ମଧା)—ଜୀବନ୍ତ ପ୍ରାଣୀ—Sachetana jība (prāṇī) Living being; sentient being.

ସଚେତନ ଦୃଷ୍ଟି—ସ. ବ (କର୍ମଧା)—୧ । ତୀକ୍ଷ୍ଣଦୃଷ୍ଟି—1. Sharp Sachetana drushṭi look. ୨ । ସତର୍କ ଦୃଷ୍ଟି—2. Watchful eyes. ସ. ବଣ (ବହୁବ୍ରୀ)—୧ । ତୀକ୍ଷ୍ଣଦୃଷ୍ଟିଶକ୍ତି ବିଶିଷ୍ଟ—1. Having sharp eye. -sight. ୨ । ସତର୍କ ଦୃଷ୍ଟିବିଶିଷ୍ଟ—2. Having watchful or vigilant eyes.

ସଚେଲ—ସ. ବଣ. ପୁ° (ସ=ସହିତ+ଚେଲ=ବସ୍ତ୍ର; ସହାର୍ଥ ବହୁବ୍ରୀ)—ସହିତବସ୍ତ୍ର; ସବସ୍ତ୍ର—Wearing cloth; with clothes on (ସଚେଳକ—ଅନ୍ୟରୂପ) (ସଚେଳା—ସ୍ତ୍ରୀ) [ଯଥା—ଯାନାରୁଢ଼ ଯଜ୍ଞକୁ ଓ ଜଳୁଥିବାରୁଡ଼ା ଜଳସ୍ଥଳାକୁ ଦେଖିଲେ ସଚେଳ ସ୍ନାନ କରିବା ଶାସ୍ତ୍ରର ବିଧାନ ଅଟେ ।]

ସଚେଳ ସ୍ନାନ—ସ. ବ—ସବସ୍ତ୍ର ସ୍ନାନ; ଲୁଗା ସିଦ୍ଧ ଗାଧୋଇବା—Sachela snāna Taking a bath with clothes on.

ସଚେଷ୍ଟ—ସ. ବଣ. ପୁ° (ସ=ସହିତ+ଚେଷ୍ଟା; ସହାର୍ଥ ବହୁବ୍ରୀ)—sacheshṭa ୧ । ଚେଷ୍ଟାଯୁକ୍ତ; ଚେଷ୍ଟାନ୍ୱିତ—1. Exerting; (ସଚେଷ୍ଟା—ସ୍ତ୍ରୀ) endeavouring; striving. ୨ । ଉଦ୍‌ଯୋଗୀ—2. Energetic. ସ. ବ—ଆମ୍ର; ଅମ୍ବ—Mango.

ସଚୋଟ୍(ଟ)—ଦେ. ବଣ. ପୁ° ଓ ସ୍ତ୍ରୀ (ସଂ. ସତ୍) —୧ । ସାଧୁ; ସତ୍—Sachoṭ(ṭa) 1. Honest. ୨ । ପୁତ୍ରବତ୍ସଳ—2. Dutiful; ସାଚ୍ଚା, ସଁାଚା loyal. ୩ । (ସଂ. ସତ୍ୟ) (ପୁ°) ସତ୍ୟବାଦୀ— ସଚ୍ଚା 3. Truthful. ୪ । (ସ୍ତ୍ରୀ) ସତ୍ତା— 4. (a wife) Faithful to the husband; chaste. ଦେ. ବ—ସଚ୍ଚାପଣ—Honesty.

ସଚୋଟ୍ ଦେଖା(ଖେ)ଇ ହ(ହେ)ବା—ଦେ. କ୍ରି—ସଚ୍ଚାପଣ ଦେଖାଇ-ସ(ସା)ଚ୍ଚା ଦେଖାନ ସଚ୍ଚା ଦିଖଲାନା Sachoṭ dekhā(khe)i ha(he)bā ଦେବା—To simulate honesty or truthfulness.

ସଚୋଟ୍ ପଣ—ଦେ. ବ—୧ । ସାଧୁତା—1. Honesty ୨ । ସତ୍ୟ ବାଦିତା—2. Truthfulness. Sachoṭ paṇa ସାଚ୍ଚା ପଣା,, ସଁାଚ୍ଚା ପାଣା ସଚ୍ଚା ପନ (ସଚ୍ଚୋଟ୍ ପଣିଆ—ଅନ୍ୟରୂପ)

ସଚୋଟ୍ ପଣ ଦେଖା(ଖେ)ଇ ଦେବା—ଦେ.କ୍ରି—ସଚୋଟ୍ ଦେଖାଇଦେବା Sachoṭ paṇa dekhā(khe)i hebā (ଦେଖ)—Sochoṭ dekhāi hebā (See)

ସଚୋଟି—ଦେ. ବ—ସଚୋଟ୍ ପଣ (ଦେଖ)— Sachoṭi Sachoṭ paṇa (See) (ସଚୋଟିଆ—ବଣ)

ସଚ୍ଚଟ୍ (ଇତ୍ୟାଦି)—ଦେ. ବ ଓ ବଣ. ପୁ° ଓ ସ୍ତ୍ରୀ (ସଂ. ସତ୍)— Sachchaṭ (etc) ସଚୋଟ୍ ଇତ୍ୟାଦି (ଦେଖ) Sachoṭ etc (See

ସଚ୍ଚଟିଆ—ଦେ. ବଣ. ପୁ° ଓ ସ୍ତ୍ରୀ—ସଚୋଟ୍ (ଦେଖ) Sachchaṭiā Sachoṭ (See)

ସଚ୍ଚଟିଆ ପଣ—ଦେ. ବ—ସଚୋଟ୍ ପଣ (ଦେଖ) Sachchaṭiā paṇa Sachoṭ paṇa (See) [ଦ୍ରଷ୍ଟବ୍ୟ ସଦ୍ଧେଅ, ସଚ୍ଚଟ ପଣ, ସଚ୍ଚଟ ପଣିଆ—ଅନ୍ୟରୂପ]

Digitized by srujanika@gmail.com

ସଚ୍ଚା—ଦେ. ବଣ. ପୁଂ (ହିନ୍ଦୀ ସତ୍ଯ ଅନୁରୂପ) —୧ । ଏଚ୍ଚୋଟ୍ (ଦେଖ) Sachchā 1. Sachoṭ (See) ୨ । (ସଂ. ସତ୍ୟ) ଅଂଲ; ମାଚ୍ଚା, ସାଁଚା ଖାଣ୍ଟି; ଅକୃତ୍ରିମ; ଅବମିଶ୍ର; ପ୍ରକୃତ—1. Genuine; ସଚ୍ଚା pure; unadulterated; unmixed; real [ସଚ୍ଚେଇ, ସଚ୍ଚା—ସ୍ତ୍ରୀ] (article). ଦେ. ବ—ସଚ୍ଚାପଣ—[ଫୁଟା—ବିପରୀତ] Honesty; truthfulness.

ସଚ୍ଚାଇ (ଇତ୍ୟାଦି)—ଦେ. ବ—ସଚ୍ଚେଇ ଇତ୍ୟାଦି(ଦେଖ) Sachchāi (etc) Sachchei etc (See)

ସଚ୍ଚାଇ—ଦେ. ବଣ. ସ୍ତ୍ରୀ—ସଚ୍ଚାର ସ୍ତ୍ରୀଲିଙ୍ଗ (ଦେଖ) Sachchāī (ସଚ୍ଚା—ପୁଂ) Feminine of Sachchā (See)

ସଚ୍ଚା ଜରି—ଦେ. ବ (ସଂ. ସତ୍ୟ+ଫା. ଜରି)—ଅସଲ ସୂତାରୁ Sachchā jari ବା ରୁପାରୁ ବନ୍ଦିତ ଜରି—Lace of pure ସ[ସାଁ]ଚ୍ଚା ଜରି ଅସଲୀ ଜରୀ gold or silver. [ଫୁଟା ଜରି—ବିପରୀତ]

ସଚ୍ଚା ଦେଖା[ଖେ]ଇ ହ[ହେ]ବା—ଦେ. କ୍ରି—ସଚ୍ଚୋଟ୍ ଦେଖାଇ Sachchā dekhā[khe]i ha[he]bā ହେବା (ଦେଖ)—ସାଚ୍ଚା ଦେଖାନ ସଚ୍ଚା ଦିଖଲାନା Sachoṭ dekhāi hebā (See)

ସଚ୍ଚା ପଣ—ଦେ. ବ—ସଚ୍ଚୋଟ୍ ପଣ [ଦେଖ]—Sachoṭ paṇa Sachchā paṇa ସାଚ୍ଚାପନ(ନା) ସଚ୍ଚାପନ [See] [ସଚ୍ଚା ମଣିଷ, ସଚ୍ଚାଗିରି—ଅନ୍ୟରୂପ]

ସଚ୍ଚାପଣ ଦେଖା[ଖେ]ଇ ହ[ହେ]ବା—ଦେ. କ୍ରି—(ମହାର୍ଥ)—Sachchāpaṇa dekhā[khe]i ha(he)bā ୧ । ଲୋକଙ୍କୁ ସାଚ୍ଚାପାନା ଦେଖାନ ଦେଖାଇବା ଯାହିଁ ନଜର ସାମ୍ନାରେ ବା ସଚ୍ଚାପନ ଦିଖଲାନା ସତ୍ୟବାଦତାର ବାହାନା କରିବା—1. To feign honesty or truthfulness; to affect honesty or truthfulness. ୨ । ନଜର ସତ୍ୟବାଦତା, ସାଧୁତା ବା ସତୀତ୍ୱ ବିଷୟରେ ଲୋକସମାଜରେ ଅସ୍ଫାଳନ କରିବା—2. To brag or boast of one's honesty, chastity or truthfulness.

ସଚ୍ଚା ମାଲ—ଦେ. ବ—ଖୁବ୍ ସତ୍ତ୍ୱ ଓ ବଶୁଦ୍ଧ ପଦାର୍ଥ; ଉତ୍ତମ ବସ୍ତୁ; Sachchā māla ଖାଣ୍ଟି ଜିନିଷ; ଅସଲ ଚିଜ—ସ(ସା)ଚ୍ଚା ମାଲ ଅସଲୀ ମାଲ Genuine article.

ସଚ୍ଚାର—ସଂ. ବ (ବୈଦ୍ୟକ)—ହଳଦୀ; ହଲଦୀ— Sachchāra Turmeric.

ସଚ୍ଚିତ୍—ସଂ. ବ (ସତ୍+ଚିତ୍; ଯେ ସତ୍=ନିତ୍ୟ ଓ ଚିତ୍= Sachchit ଜ୍ଞାନମୟ ଅଟନ୍ତି)—ପରଂବ୍ରହ୍ମ; ବ୍ରହ୍ମ—The Divine Essence or the Universal Soul.

ସଚ୍ଚିଦ ଆନନ୍ଦ—ଗ୍ରା. ବ (ପଦ୍ୟ) (ସଂ. ସଚ୍ଚିଦାନନ୍ଦର ଅଶୁଦ୍ଧ ପ୍ରୟୋଗ) Sachchida ānanda —ସଚ୍ଚିଦାନନ୍ଦ (ଦେଖ) ସଚ୍ଚିଦ ଆନନ୍ଦ Sachchidānanda (See) ସଚ୍ଚିଦ ଆନନ୍ଦ [ଉ—ଚୌବିନେ ସଚ୍ଚିଦ ଆନନ୍ଦ, ସ୍ୱରୂପ ଅଟନ୍ତି ଗୋବିନ୍ଦ—ଗ୍ରାଗୀ. ପୁର୍ଣ୍ଣିମ ଚନ୍ଦ୍ରୋଦୟ ।]

ସଚ୍ଚିଦାନନ୍ଦ—ସଂ. ବ (ସତ୍+ଚିତ+ଆନନ୍ଦ; ଯେ ସତ୍=ନିତ୍ୟ Sachchidānanda ଚିତ୍=ଜ୍ଞାନମୟ ଓ ଆନନ୍ଦ=ଆନନ୍ଦମୟ ଅଟନ୍ତି)—୧ । ବ୍ରହ୍ମ—1. The Divine Essence or the Universal Soul. ୨ । ବିଷ୍ଣୁ—2. Bishṇu. ୩ । ପରମେଶ୍ୱର—3. God. ଦେ. ବ. ପୁଂ—ଲୋକଙ୍କ ନାମ—A name given to males.

ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ—ଦେ. ବ (ନାମ)—ବାମଣ୍ଡାର ସ୍ୱନାମ-Sachidānanda tribhubana deba ଧନ୍ୟ ସ୍ୱର୍ଗତ ରାଜା—Name of late illustrious Raja of Bamra State of Orissa.

[ଦ୍ର—ସଚ୍ଚିଦାନନ୍ଦତ୍ରିଭୁବନ ଦେବ—ବାମଣ୍ଡା ରାଜ୍ୟର ସ୍ୱର୍ଗୀୟ ଅଧିଶ୍ୱର । ଜନ୍ମ—ଶକାବ୍ଦ ୧୮୭୨; ଖ୍ରୀଷ୍ଟାବ୍ଦ ୧୯୫୦-୧୯୫୨ ।

ଊନବିଂଶ ଶତାବ୍ଦୀର ଉତ୍କଳୀୟ ଦେଶୀୟ ରାଜାଗଣଙ୍କ ଅଗ୍ରଣୀ ଗଙ୍ଗବଶ ରାଜ୍ଞୀର ଲୋକୋତ୍ତର ପ୍ରତିଭାସମ୍ପନ୍ନ ବାମଣ୍ଡାଧିପ ପ୍ରଥିତଯଶା ସର୍ ବାସୁଦେବ ପୁରଲଦେବଙ୍କର ଯୋଗ୍ୟ ଜ୍ୟେଷ୍ଠାତ୍ମଜ ସଚ୍ଚିଦାନନ୍ଦ ତ୍ରିଭୁବନଦେବଙ୍କ ପବତ୍ର ନାମ ଉତ୍କଳର ସୁରଧଙ୍କୀରେ ଗୃହେ ଗୃହେ ଘୋଷିତ । ପିତୃପଦାଙ୍କ ଅନୁସରଣ କରି ବାମଣ୍ଡାର ନରପତି ରୂପେ ଉତ୍କଳରେ ସେ ଯେଉଁ ଆଜାଦର୍ଶ ପ୍ରତିଷ୍ଠା କରିଯାଇ ଅଛନ୍ତି, ତାହାର ପଶ୍ଚାତ୍ତର ଉତ୍କଳରେ କାହିଁକି, ଭାରତରେ ସ୍ୱଳ୍ପ ରହିଲ । ଏକାଧାରରେ ମୃଗୟାସକ୍ତ, ସୁରତ, ସୁଲେଖକ, ପୃଦଜ, ବୈଜ୍ଞାନିକ, ଯୋଦ୍ଧା, ମୃଗୟୁ, ଚତୁରଚଟ, ସଙ୍ଗୀତଜ୍ଞ ଓ ବେଦାଧ୍ୟାୟୀ ହେବା ଶତକେ କଦାଚିତ୍ ଜଣେ ଜଣେ ନରପତିଙ୍କ ଭାଗ୍ୟରେ ଘଟିଥାଏ । ଅଳ୍ପ ବିତା ପୁନ ଦୁଇଁ ଉତ୍କଳକୋଳରୁ ବଦାସୁ ତନଇ ଦବ୍ୟଧାମକୁ ଗୃଲଯାଇଅଛନ୍ତି ସତ୍ୟ, ତଥାପି ଦୁହିଙ୍କ ଗୁଣାବଳୀର ଦବ୍ୟସୌରଭ ପୂର୍ବ ପର ଉତ୍କଳର ଗଗନ-ପବନକୁ ସୁଲଭତରଙ୍ଗ ରଖିଅଛି। ପ୍ରସ୍ଥରୁ ପ୍ରସ୍ଥାନ ଜାତ ହୋଇ ଧ୍ୱାନ୍ତ ନାଶ କଲ୍ପତର ପୁଣ୍ୟାତ୍ମା ସ୍ୱର୍ଗୀୟ ସଚ୍ଚିଦାନନ୍ଦ ସର୍ ବାସୁଦେବଙ୍କଠାରୁ ଜାତ ହୋଇ ଉତ୍କଳ ଶତାବ୍ଦୀ ନଜର ଶାର୍ଦ୍ଦସ୍ଥାରେ ଧବଳତ କରିଥିଲେ ଏବ ବାମଣ୍ଡାର ଭାଗ୍ୟାକାଶ ତାଙ୍କୁ ପୂର୍ଣ୍ଣିମା ସ୍ୱଧାକର ରୂପେ ଲଭ କରି ଧନ୍ୟ ହୋଇଥିଲ୍ଲ ।

ସ୍ୱଜା ସର୍ ବାସୁଦେବ ପୁରଲଦେବଙ୍କ ପଞ୍ଚମପୁତ୍ରୀ ବଲାଦାଣ୍ଡି ମହାସୁନ୍ଦରୀମାସ ସତୀ ସାଧ୍ୱୀ ସ୍ୱର୍ଗତା ଚିରସୁନ୍ଦରୀମାସ୍ଙ୍କ ଗର୍ଭରେ ୧୮୭୨ ଖ୍ରୀଷ୍ଟାବ୍ଦ ମେ ମାସ ୩ ତାରିଖ ଦନ ସଚ୍ଚିଦାନନ୍ଦଙ୍କର ଆବର୍ଭାବ ହୋଇଥିଲ୍ଲ । ସଚ୍ଚିଦାନନ୍ଦ ଦୁଇଟି ମାସ ବ ମାତୃସ୍ନେହ ଭୋଗ କରିଥିଲେ, କାରଣ ଦାରୁଣ କଯୁଦ୍ଧର ବର୍ଜ୍ଜନ ବ୍ୟବସ୍ଥାରେ ଉଦ୍ଦାସ୍ୟ ମାତା ବଙ୍ଗିଳ ଗୁଣବତ୍ତା ଚିରସୁନ୍ଦରୀମାସ୍ ବାମଣ୍ଡା ରାଜାନ୍ତଃପୁରକୁ ଘୋର ତମସାଚ୍ଛନ୍ନ କରି ଏବ ଅନୁରାଗୀ ପତିଙ୍କ ହୃଦୟକୁ ଶତଧା ଭଗ୍ନ କରି ସ୍ୱର୍ଗାରୋହଣ କଲେ । ତେଣୁ ସଚ୍ଚିଦାନନ୍ଦ ଶୈଶବ ମାତୃସ୍ନେହ ଓ ମାତୃ-

ବାଲ୍ୟକାଳରୁ ବହୁତ । ତାଙ୍କ ସ୍ନେହମୟୀ ଜନ୍ମଦାତ୍ରୀ ମାତାଙ୍କ ସ୍ଥାନ ଅଧିକାର କରି ସଚ୍ଚିଦାନନ୍ଦଙ୍କୁ ଲାଳନପାଳନ କରିଥିଲେ ସ୍ୱର୍ଗତ ମାତୃବିୟୋଗଜନିତ ଶୋକରୁ ମୁମୂର୍ଷୁବାସ୍ଥା ସଚ୍ଚିଦାନନ୍ଦଙ୍କ ଜୀବ-ଦ୍ଦଶାକୁ ଅମରଣ ବର୍ତ୍ତଧ କରିଥିଲା । ଜନନୀ ସ୍ନେହମୟୀ ଜଣଷ୍ଟା କନ୍ୟା ସନ୍ତାନଙ୍କୁ 'ମା', 'ମା' ବୋଲି ସମ୍ବୋଧନ କରି ସେ ଜଥାଶ୍ରିତ୍ ଶାନ୍ତ୍ୱନ୍ତା କରୁଥିଲେ, କନ୍ତୁ ନଦାରୁଣ ବିଧାତା ଏ ଜେମାଙ୍କୁ ମଧ୍ୟ ଶୈଶବାବସ୍ଥାରେ ସଚ୍ଚିଦାନନ୍ଦଙ୍କ କୋଳରୁ ମୃତ୍ୟୁର କରାଳ ହସ୍ତଦ୍ୱାରା ଅପସାରିତ କରି ନେଇଥିଲେ ।

"ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ"ର ଉତ୍ସର୍ଗ ନନ୍ଦରେ ସ୍ୱର୍ଗତା ଜନନୀଙ୍କୁ ଉଦ୍ଦେଶ୍ୟ କରି କବି ସଚ୍ଚିଦାନନ୍ଦ ଯାହା ଲେଖି-ଯାଇଅଛନ୍ତି ତହିଁରେ ତାଙ୍କ ଜନନୀଶ୍ରୀତି ଉଦ୍‌ବେଳ ହୋଇ ଅସ୍ମତ୍ତାଶ କରିଅଛି ।

"ମା ! ନାହିଁ ମୋର ମନେ, ପୁଣି ତାହ ନାହିଁ ତୋରେ
'ମା'—ବୋଲି ପୁଣ୍ଟିତ ସଦା ମୋହର ଓଗ୍ୟରେ
'ମା', ଏମୁଖେ ଦଲାଦଲ ଏ ଅମୀୟ ବାଣୀ;
ତୋଷିବାକୁ ଦୁଃଖମୟ ଜୀବନ ମୋହର
ଡାକିଥିଲି ତବ ନାମେ, ତୁମ୍ଭେ 'ମା' 'ମା' ବୋଲି ।
ଉତ୍ତର ଦୁଦତ୍ୟେ ଦବ୍ୟ ଶାନ୍ତି ସ୍ୱରୂପିଣୀ
ମନୋଜ୍ଞା କୋଡ଼ଲଳତା ଜନ୍ୟାକୁ ମୋର ।
+ + +
"ଅଜ୍ଞଳତ୍ୱ ଅଜାନରେ ସେ ଘର-ପରଣେ
ଧରାଣତୋଡିଣୀ ଉମ୍ମା ଭୁସ୍ମନଦ୍ଧତା
ଅଧିଷ୍ଠିତା ଅଜ ସେହ ତବ ବାମକୋଡ଼େ
ପାଉ ରଣ ଅନ ତବ ଜନ୍ୟ ପାଇଁ ।"

ସଚ୍ଚିଦାନନ୍ଦଙ୍କ ଜନ୍ମପତ୍ରିକାରେ ଗ୍ରହମାନଙ୍କ ସସ୍ଥତ ଅବସ୍ଥାନ ଦେଖି ଜ୍ୟୋତିଷୀମାନେ କହୁଥିଲେ ଯେ, ସେ ଜଣେ ବିଶ୍ୱଚଷ୍ଟାର୍ ନରପତ୍ତି ହେବେ ଏବଂ ମେଧାବତା ଓ ପାଣ୍ଡିତ୍ୟରେ ବଦ୍ୱତ୍ସମାଜରେ ଅର୍ତ୍ତାସ୍ୟ ସ୍ଥାନ ଅଧିକାର କରିବେ । ଯଥା-କାଳରେ ସେମାନଙ୍କର ଉକ୍ତ ବାଣୀ ସଫଳ ହୋଇଥିଲା ।

କୁମାରଙ୍କ ବ୍ରତୋପନୟନାଦି ପରେ ବ୍ରଜା ସର୍ ସୁତ୍ତଲ ଦେବ ସ୍ୱଦଶିତ୍ତ ବ୍ୟକ୍ତି କର ସଚ୍ଚିଦାନନ୍ଦଙ୍କର ବାଲ୍ୟଶିକ୍ଷା ଆରମ୍ଭ କରିଲେ । ମେଦନୀପୁର ନବାସୀ ୺ ଈଶ୍ୱରଚନ୍ଦ୍ର ସିଂହ ସଚ୍ଚିଦାନନ୍ଦଙ୍କର ଅଦ୍ୟ ଶିକ୍ଷକ ଥିଲେ । ଶିକ୍ଷାସମାପ୍ତି ପରେ ସ୍ୱର୍ଗତ ସଚ୍ଚିଦାନନ୍ଦଙ୍କର ସେ ମହାଶୟଙ୍କ ପ୍ରତି ଅଚଳା ଭକ୍ତି ରହିଥିଲା । ସଚ୍ଚିଦାନନ୍ଦ ତାଙ୍କୁ ଅମରଣୀ ୫୩୦୯ ଲେଖାଏଁ ପେନ୍‌ସନ୍ ଦେଇଥିଲେ ଏବଂ ତାଙ୍କ ବଧବା ପତ୍ନୀ ମଧ୍ୟ ଏଯାବତ୍କାଳ ସଚ୍ଚିଦାନନ୍ଦଙ୍କ ପ୍ରଦତ୍ତ ବୃତ୍ତିରେ ପ୍ରତିପାଳିତା ହୋଇ ବାମଣ୍ଡାରେ ଅବସ୍ଥାନ କରୁଅଛନ୍ତି । ଶ୍ରୀଯୁକ୍ତ ଈଶ୍ୱରଚନ୍ଦ୍ର ସିଂହଙ୍କ ପରେ କଟକ ଜିଲ୍ଲା ବାଙ୍କୀ ସୁବର୍ତ୍ତିପୁରବାସୀ ବାବୁ ଜଗନ୍ନାଥ ପଟ୍ଟନାୟକ, ବାଲେଶ୍ୱର ନବାସୀ ବାବୁ ଗୋଲାକନାଥ ସାମନ୍ତରାୟ ଏବଂ ବଙ୍ଗଦେଶର ବାବୁ ବ୍ରମଲାଲ ସିଂହ, ବାବୁ ତୈରଶଚନ୍ଦ୍ର ଘୋଷ, ବାବୁ ବଜୟଚନ୍ଦ୍ର ମଜୁମଦାର, ବାବୁ ଗୋପାଲଚନ୍ଦ୍ର ଚଟୋପାଧ୍ୟାୟ, ବାବୁ ରେବତୀମୋହନ ଦାସ ଏମ. ଏ ଓ ଡେପୁଟୀକାଲର ବାବୁ ରଘୁନାଥର ପଟ୍ଟନାୟକ ବି. ଏ. ସଚ୍ଚିଦାନନ୍ଦଙ୍କର ଗୃହଶିକ୍ଷକ ରୂପେ ନଯୁକ୍ତ ହୋଇଥିଲେ ।

ଯୁବରାଜଙ୍କୁ ପ୍ରଜାସ୍ଥାନୀୟ ସହତ ଏକ ବିଦ୍ୟାଳୟରେ ଶିକ୍ଷାଦେବା ସର୍ ବାସୁଦେବଙ୍କର ମତ ଥିଲା । ଭବିଷ୍ୟତର ସ୍ୱରାଜା ଓ ଭବିଷ୍ୟତର ପ୍ରଜା ପରସ୍ପର ସହତ ଥଗରୁ ମିଶିବାର ଅବକାଶ ପାଇଲେ ପରତତ୍ୟ, ସହଯୋଗ ଓ ସହାନୁଭୂତିର ସ୍ୱଯୋଗ ମିଳିବ, ଏହା ଉଦ୍ଦେଶ୍ୟ ରଖି ସର୍ ବାସୁଦେବ ସଚ୍ଚିଦାନନ୍ଦ-ଙ୍କର ଦେବରତ୍ନ ରାଜକୁମାର ବାଇ ସ୍କୁଲରେ ନାମ ଲେଖାଇ ଦେଲେ । ତେତେବେଳକୁ ବାମଣ୍ଡାରେ ପ୍ରଜାସାଧାରଣଙ୍କ ମଧ୍ୟରେ ଉଚ୍ଚ ଶିକ୍ଷାପ୍ରତି ଆଦୌ ଆଦର ଲକ୍ଷିତ ହେଉ ନ ଥିଲା । ଯୁବରତ୍ନ ସଚ୍ଚିଦାନନ୍ଦ ସ୍କୁଲରେ ପଢ଼ୁଅଛନ୍ତି ଓ ସ୍କୁଲରେ ପଢ଼ିଲେ ପିଲ୍ଲଙ୍କୁ ତାଙ୍କ ସାନ୍ନିଧ୍ୟ ମିଳିବ, ଏହା ଆଶାରେ ଅଭ୍ରାନ୍ତବଂଶୀୟ ଯୁବ ଶିକ୍ଷା ଲାଭ ନମନ୍ତେ ନଜର ପିଲ୍ଲମାନଙ୍କୁ ସ୍କୁଲକୁ ପଠାଇବେ ଏବଂ ଦନକୁ ଦନ ରାଜକୁମାର ବାଇ ସ୍କୁଲର ଗଣ୍ଡ ସଂଖ୍ୟା ବଢ଼ିଛି । ପଠଦ୍ଦଶାରେ ସଚ୍ଚିଦାନନ୍ଦ ନଜର ସୌଜନ୍ୟମୟ ବ୍ୟବହାର ଦ୍ୱାରା ସହାଧ୍ୟାୟୀମାନଙ୍କୁ ମୁଗ୍ଧ କରିଥିଲେ ଓ ତାଙ୍କ ଯୁବରାଜ ପଦବୀକୁ ଭୁଲି ତାଙ୍କୁ ଜଣେ ସାଧାରଣ ସହାଧ୍ୟାୟୀ ବୋଲି ଜ୍ଞାନ କରିବାକୁ ସେମାନଙ୍କୁ ପ୍ରବର୍ତ୍ତାଇ ଥିଲେ । ସାଧାରଣ କ୍ୟକ୍ରି ପରି ସେ ସହାଧ୍ୟାୟୀମାନଙ୍କ ସହତ ନର୍ଦ୍ଦୋଷ ଅମୋଦ ପ୍ରମୋଦରେ ବ୍ୟାପୃତ ରହୁଥିଲେ । ତାଙ୍କ ସହାଧ୍ୟାୟୀମାନଙ୍କ ମଧ୍ୟରୁ ଯେଉଁମାନେ ଜୀବତ ଅଛନ୍ତି ସେମାନେ ଅଜ ସୁଦ୍ଧା ସେମାନଙ୍କ ଜୀବନର ସେହ ସୁଦନର ସ୍ମୃତିରୁ ସର୍ଦ୍ଧ ନଃଶ୍ୱାସ ପକାଇ ସ୍ମରଣ କରିଥାଅନ୍ତି ! ଯୁବରାଜକୁମାର ବାଇ ସ୍କୁଲର ସାପ୍ତାହିକ ସାହିତ୍ୟାଲୋଚନା ସଭା ଥିରୁ ସଚ୍ଚିଦାନନ୍ଦଙ୍କର ସୃଷ୍ଟି ଏବଂ ତାହା ଅଜ ସୁଦ୍ଧା ଜଦ୍ୟମାନ । ଏହି ସଭା ନମନ୍ତେ ସନ୍ଦର୍ଭଲେଖା ଅଭ୍ୟାସ କରିବା ଦ୍ୱାରା ଦେବଗଡ଼ରେ ବହୁ ସାହିତ୍ୟ ସେବକଙ୍କ ସାହିତ୍ୟ ଜୀବନର ମୂଳଘଉ ପଡ଼ି ଥାରିଥିଲା ଓ ବାମଣ୍ଡା ରାଜଧାନୀ 'ବୃଧଦ୍ଦଂସ ଦୋଲସ୍ପର' ରୂପେ ଉଜ୍ଜଳ ଖଣ୍ଡରେ ନଜର ଦେଶକୁ ଅପୂର୍ତ୍ତ ରଖିଲା । ସଚ୍ଚିଦାନନ୍ଦ ଭବିଷ୍ୟତରେ ଯେ ଜଣେ ସାହିତ୍ୟରଥୀ ହେବେ, ଏଥିର ସୂଚନା ମଧ୍ୟ ଏହି ଆଲୋଚନା ସଭା ଥାଇ ଉଦ୍ଦିଷ୍ଟ ତାଙ୍କ ପ୍ରତିଭାବଳ ଓ ପଦ୍ୟାବଳରୁ ମିଳିଥିଲା ।

୧୮୯୦ ଖ୍ରୀଷ୍ଟାବ୍ଦରେ ମିତ୍ତଲ୍ ଇଂଲଣ୍ଡ ପରୀକ୍ଷା ଦେଇ ସଚ୍ଚିଦାନନ୍ଦ ଦେଶାତନପ୍ରେମିକ ପିତାଙ୍କ ନର୍ଦ୍ଦେଶରେ ସ୍ୱରତ ଭ୍ରମଣରେ ବହୁର୍ଗତ ହେଲେ । ଭ୍ରମଣରୁ ଫେରିଥସି ସେ "ସମ୍ବଲପୁର ହିତୈଷିଣୀ"ରେ 'ବମ୍ବେର ଟ୍ରେଣ ବୃତ୍ତାନ୍ତ' ନାମରେ ଗୋଟିଏ ସନର୍ଭ ପ୍ରକାଶ କରିଥିଲେ । ଅଳ୍ପ ବସ୍ତ୍ରରେ ଲକ୍ଷିତ ଉକ୍ତ ପ୍ରବନ୍ଧରୁ ସଚ୍ଚିଦାନନ୍ଦଙ୍କ ଭବିଷ୍ୟତ ଜୀବନର ସୂଚନା ମିଳିଥିଲା । ତାଙ୍କ ଦୂରଦୃଷ୍ଟିସମ୍ପତ୍ତି ପ୍ରତିଭା ବାଲ୍ୟକାଳରୁ ସ୍ୱରା ତାଙ୍କୁ ପାରିପାର୍ଶ୍ୱିକ ଘଟଣାବଳ ଓ ଦୃଶ୍ୟ-କଳକୁ ସୂକ୍ଷ୍ମାନୁସୂକ୍ଷ୍ମ ରୂପେ ପର୍ଯ୍ୟବେକ୍ଷଣ କରିବାକୁ ପ୍ରେରଣା ପ୍ରଦାନ କରିଥିଲା । ଶୈଶବଜୀବନରେ ତାଙ୍କ ବଳାଳ ପ୍ରତିଭା-ଦୃଷ୍ଟର ଅଙ୍କୁରୋଦ୍ଗମ ହୋଇଥିଲା ।

Digitized by srujanika@gmail.com

ବଦ୍ୟାଳୟଗତ ଶିକ୍ଷା ଛଡ଼ା ସର୍ ବାସୁଦେବ ଇଂରାଜୀ, ସଂସ୍କୃତ ଓ ଓଡ଼ିଆ ଭାଷାରେ ସଚ୍ଚିଦାନନ୍ଦଙ୍କର ସ୍ୱତନ୍ତ୍ରେଶ ବ୍ୟକ୍ତିଗତ ଭାବରେ ପଢ଼ାଇବାର ବ୍ୟବସ୍ଥା କରିଥିଲେ । ଏ ସବୁ ଭାଷାରେ ସେହି ଯୁଗର ଶ୍ରେଷ୍ଠ ବିଦ୍ୱାନ୍ ପଣ୍ଡିତମାନେ ସଚ୍ଚିଦାନନ୍ଦଙ୍କ ଗୃହଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ । ସାହିତ୍ୟଶିକ୍ଷା ଛଡ଼ା ବିଜ୍ଞାନଶିକ୍ଷା ନିମନ୍ତେ ମଧ୍ୟ ସର୍ ବାସୁଦେବଙ୍କ ଦ୍ୱାରା ନାନା ବ୍ୟବସ୍ଥା କରି ଯାଇଥିଲା । ବିଜ୍ଞାନ ଶିକ୍ଷାର ଉପଯୋଗୀ ବହୁମୂଲ୍ୟ ଉପକରଣ 'ବିଜ୍ଞାନାଗାର' ନାମକ ଗୃହରେ ସଜ୍ଜିତ ହୋଇ ରଖା ହୋଇଥିଲା ଓ ବେତନପ୍ରାପ୍ତ ଜଣେ ଶିକ୍ଷକଙ୍କ ଦ୍ୱାରା କଟକ ଗଭର୍ନମେଣ୍ଟ କଲେଜରେ ତତ୍କାଳୀନ ବିଜ୍ଞାନାଧ୍ୟାପକ ଗଣ୍ଠିବାବାବୁର ପୋଗେଣ୍ଡାଜନ୍ ଗଣ୍ଠି ବିଦ୍ୟାଳଧି ଏମ୍. ଏ. ଦ୍ୱାରା ବାସୁଦେବଙ୍କ ନିମନ୍ତ୍ରଣ ରକ୍ଷା କରି ବାମଣ୍ଡାରେ କେତେଦିନ ଅବସ୍ଥାନ ପୂର୍ବକ ସଚ୍ଚିଦାନନ୍ଦଙ୍କ ବିଜ୍ଞାନଚର୍ଚ୍ଚାରେ ସହାୟତା କରୁଥିଲେ ।

ସଙ୍ଗୀତ, ଚିତ୍ରାଙ୍କନ ପ୍ରଭୃତି ଲଳିତ କଳା ମଧ୍ୟ ସଚ୍ଚିଦାନନ୍ଦ ଅବହୃତ ଚିତ୍ତରେ ଆସ୍ପୃହା କରିଥିଲେ । ଭାଙ୍କର ସଙ୍ଗୀତଜ୍ଞାନ କବିଜୀବନରେ ତାଙ୍କୁ ବହୁତ ସହାୟତା କରିଥିଲା । କଲିକତାର ତତ୍କାଳୀନ ବିଖ୍ୟାତ ସଙ୍ଗୀତ ସମାଜ ସଚ୍ଚିଦାନନ୍ଦଙ୍କୁ ଅଗ୍ରତନ ସଭ୍ୟତାର ସଭ୍ୟ ପଦରେ ବରଣ ପୂର୍ବକ ତାଙ୍କ ଠାରୁ ୫୦୦୍ ଦାନ ଗ୍ରହଣ କରି ନିଜର ଅର୍ଥାଭାବ ଅବସ୍ଥାର ଉନ୍ନତି ବିଧାନ କରିଥିଲେ । ସଚ୍ଚିଦାନନ୍ଦଙ୍କ ଦ୍ୱାରାଙ୍କିତ ନାନା ବିଜ ତତ୍କାଳୀୟ ଓ ବଙ୍ଗୀୟ ମାସିକ ପତ୍ରିକାମାନଙ୍କରେ ମୁଦ୍ରିତ ହୋଇଥିଲା ଓ ବେଙ୍ଗଲାର ବିଖ୍ୟାତ ଚିତ୍ରକର ଜେ. ପି. ଗାଙ୍ଗୁଲି ପ୍ରଭୃତି ସ୍ୱଧୀବର୍ଗ ସଚ୍ଚିଦାନନ୍ଦଙ୍କ ଚିତ୍ରାଙ୍କନ ପ୍ରତିଭାରେ ମୁଗ୍ଧ ହୋଇ ତାଙ୍କ ସହିତ ବନ୍ଧୁତା ସ୍ଥାପନ କରିଥିଲେ ।

ଏ ସବୁ ଛଡ଼ା ସମିତୋଚିତ ଅସ୍ତ୍ରଶସ୍ତ୍ରବିଦ୍ୟାରେ ମଧ୍ୟ ସଚ୍ଚିଦାନନ୍ଦ ଅସାମାନ୍ୟ ନିପୁଣତା ଅର୍ଜ୍ଜନ କରିଥିଲେ । ଅବ୍ୟର୍ଥସନ୍ଧାନୀ ମୃଗୟୁ ରୂପେ ତାଙ୍କର ଯଥେଷ୍ଟ ଖ୍ୟାତି ଥିଲା ଓ "ଅଶୋକ" ବାମଣ୍ଡାର ହିଂସ୍ର ଶ୍ୱାପଦବର୍ଗଙ୍କ ଜୀବନ ସଚ୍ଚିଦାନନ୍ଦଙ୍କ ମାରଣଚତୁରତା ଯୋଗୁଁ ବାମଣ୍ଡାରାଜ୍ୟବାସିଗଣ ଏକାବେଳକେ ନିରାପଦ ହୋଇ ଯାଇଥିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ କଲିକତାର ରପ୍ୱାଲ୍ ଆସିଆଟିକ୍ ସୋସାଇଟି ତାଙ୍କି ଜ୍ଞାନଗରିମାର ପରିଚୟ ପାଇ ତାଙ୍କୁ ସଭ୍ୟ ପଦରେ ବରଣ କରିଥିଲେ ।

ଦେବଗଡ଼ରେ ସାହିତ୍ୟ ଆଲୋଚନା ନିମନ୍ତେ 'ଆଲୋଚନା ସଭା' ନାମରେ ଯେଉଁ ସମିତି ସଂସ୍ଥାପିତ ହୋଇଥିଲା ସେହି ସମିତିଦ୍ୱାରୁ ଶୀଘ୍ର ସଚ୍ଚିଦାନନ୍ଦଙ୍କ ଅର୍ଥାନୁକୂଲ୍ୟରେ "ଆଲୋଚନା" ନାମକ ପତ୍ରିକା ପ୍ରକାଶିତ ହେଇଥିଲା । ଏ ପତ୍ରିକାରେ ନାନାବିଧ ବିଷୟରେ ସୁଚିନ୍ତିତ ପ୍ରବନ୍ଧମାନ ପ୍ରକାଶ କରି ଯୁବକ ସଚ୍ଚିଦାନନ୍ଦ ତାଙ୍କ ପ୍ରତିଭାମୟୀ ଭବିଷ୍ୟତ ସାହିତ୍ୟିକ ଜୀବନର ସୂଚନା ପ୍ରଦାନ କରିଥିଲେ । ସଚ୍ଚିଦାନନ୍ଦ ଯେ ଜଣେ ପ୍ରତିଭାଶାଳୀ ଭବ ହେବେ ଏହା ମଧ୍ୟ "ଆଲୋଚନା"ରେ ପ୍ରକାଶିତ ତାଙ୍କ ପଦ୍ୟାବଳୀରୁ ସ୍ପଷ୍ଟ ସୂଚିତ ହେଉଥିଲା ।

ସଚ୍ଚିଦାନନ୍ଦଙ୍କ ଷୋଡ଼ଶବର୍ଷ ବୟଃକ୍ରମ ବେଳେ ସର୍ ବାସୁଦେବ ତାଙ୍କର ଶୁଭ ବିବାହପାଇଁ ଆୟୋଜନ କଲେ । କାଶୀପୁର ରାଜପରିବାର ଆଭିଜାତ୍ୟରେ ଓଡ଼ିଶା ରାଜ-ପରିବାରମାନଙ୍କ ମଧ୍ୟରେ ସମୁଚ୍ଚ ସ୍ଥାନର ଅଧିକାରୀ । ସେ ରାଜ-ପରିବାରର ଜେମାଙ୍କ ପାଣିଗ୍ରହଣ ଉତ୍ସବର ରାଜନ୍ୟ ସମ୍ବନ୍ଧରେ ଶାସ୍ତ୍ର ବୋଲି ଜଣାଯାଇଛି । ସେ ସମୟକୁ କାଶୀପୁରର ମହାରାଜା ବୈଦ୍ୟନାଥଙ୍କି ଦେବ ସ୍ୱର୍ଗାରୋହଣ କରିଥିଲେ ଓ ରାଜ୍ୟଶାସନଭାର ତାଙ୍କର ସୁଯୋଗ୍ୟା ବୃଦ୍ଧିମତ୍ତା ରାଣୀ ମହାଁକୁମାରୀ ଦେବୀ ଗ୍ରହଣ କରିଥିଲେ । ମହାଁକୁମାରୀଙ୍କ ଜ୍ୟେଷ୍ଠା ଜେମା ରୂପୈଶ୍ୱର୍ଯ୍ୟଗୁଣଲକ୍ଷ ଅଲୌକିକ ଗୁଣଜାତ ଭିତରୁ ଧରଣ୍ତିଆ ଦେବୀ ସଚ୍ଚିଦାନନ୍ଦଙ୍କ ସହଧର୍ମିଣୀରୂପେ ସର୍ ବାସୁଦେବଙ୍କଦ୍ୱାରା ମନୋନୀତା ହେଲେ ଏବଂ ୧୮୮୯ ଖ୍ରୀଷ୍ଟାବ୍ଦରେ ମହାସମାରୋହରେ ସଚ୍ଚିଦାନନ୍ଦଙ୍କ ଶୁଭ-ବିବାହୋତ୍ସବ କାଶୀପୁରଠାରେ ଅନୁଷ୍ଠିତ ହେଲା । ଏ ବିବାହୋତ୍ସବରୁ ଉତ୍ସୁକ ଉତ୍ସୁଳର ଚତୁର୍ଗୁଣୀ ଓ ପୃଥୀ ଦେବଙ୍କଠାରୁ ନିମନ୍ତ୍ରିତ ହୋଇ ଉପସୁକ୍ତ ପୁରସ୍କାରାଦ୍ୱାରା ସମ୍ମାନିତ ହୋଇଥିଲେ ଏବଂ ସେ ଦୃଶ୍ୟ ଅଜ୍ଞ ସୂଜ୍ଞା ଅନେକଙ୍କ ହୃଦୟପଟରୁ ଅପସାରିତ ହୋଇ ନାହିଁ ।

ସଚ୍ଚିଦାନନ୍ଦ ଆଦର୍ଶ ଯୁବରାଜ, ଆଦର୍ଶସ୍ୱାମୀ ଓ ଆଦର୍ଶ ଜାମାତାରୂପେ ବାମଣ୍ଡା ରାଜପରିବାରରୁ ନିଜର ଦୃଷ୍ଟାନ୍ତଦ୍ୱାରା ସ୍ୱତନ୍ତ୍ରତା କରୁଥିଲେ । ବଡ଼ାଡାଣ୍ଡିର ଜେମା (ସର୍ ବାସୁଦେବଙ୍କ ପ୍ରଥମା ପତ୍ନୀ)ଙ୍କ ବିୟୋଗ ପରେ ସେ ଅଳ୍ପ ଯେତ ଜଣ ରାଜକୁମାରୀଙ୍କ ପାଣିଗ୍ରହଣ କରିଥିଲେ ଓ ସେମାନଙ୍କ ଗର୍ଭରୁ ଅଠ ଜଣ କୁମାର ଓ ତିନ କୁମାରୀ ଭୂମିଷ୍ଠ ହୋଇ-ଥିଲେ । ରାମାଭାମାନଙ୍କ ପ୍ରତି ସଚ୍ଚିଦାନନ୍ଦଙ୍କ ଭକ୍ତି ମାତୃଭକ୍ତ-ଠାରୁ କୌଣସି ଅଂଶରେ ନ୍ୟୂନ ନ ଥିଲା । ବୈମାତ୍ରେୟ ଭ୍ରାତା ଓ ଭଉଣୀମାନେ ତାଙ୍କଠାରୁ ସୋଦରୋଚିତ ବାତ୍ସଲ୍ୟ ଲାଭ କରି କୃତାର୍ଥ ହେଉଥିଲେ ଏବଂ ଅଯୋଧ୍ୟାର ପ୍ରଜାବର୍ଗ ଯୁବରାଜ ସ୍ୱାମଚନ୍ଦ୍ରଙ୍କ ପ୍ରତି ଅନୁରକ୍ତ ଥିଲା ପରି ବାମଣ୍ଡାର ପ୍ରଜାବର୍ଗ ସେମାନଙ୍କ ଭକ୍ତି ଶ୍ରଦ୍ଧାଭାଜନ ପ୍ରତି ଅକୃତ୍ରିମ ହୋଇ ପଡ଼ିଥିଲେ । ସୁବେଦାର୍ ବରଷଣ ସର୍ ବାସୁଦେବ ଠାକୁରାଣୀ ସଚ୍ଚିଦାନନ୍ଦଙ୍କୁ ରାଜ୍ୟଶାସନର ବିଭିନ୍ନ ବିଭାଗ ପରିଚାଳନ କରିବା ପାଇଁ ଅର୍ପଣ କରି ନିଜେ କେବଳ ଅତିଲି ବୁଦ୍ଧିବା ପାଇଁ ପ୍ରକୃତପକ୍ଷରେ ଯୁବରାଜଙ୍କ ଭବିଷ୍ୟତ ରାଜଜୀବନ ଗଠନର ସୁବ୍ୟବସ୍ଥା କରି ଦେଇଥିଲେ ଏବଂ ସର୍ ବାସୁଦେବଙ୍କ ତିରୋଧାନ କେବଳ ରାଜ୍ୟଶାସନର ମହାଦାୟିତ୍ୱ ଗ୍ରହଣ କରିବାପାଇଁ ସଚ୍ଚିଦାନନ୍ଦ ପୂର୍ଣ୍ଣ ଯୋଗ୍ୟତା ଅର୍ଜ୍ଜନ କରି ପାରିଥିଲେ । ୧୮୯୧ ଖ୍ରୀଷ୍ଟାବ୍ଦରେ ସଚ୍ଚିଦାନନ୍ଦଙ୍କର ଜ୍ୟେଷ୍ଠାତ୍ମଜ କୁଲଭାବନ ଭବ୍ୟଶଙ୍କରଙ୍କର ଜନ୍ମ ହୋଇଥିଲା । ସର୍ ବାସୁଦେବ ବାମଣ୍ଡା ରାଜ୍ୟର ଭାବୀ

Digitized by srujanika@gmail.com

ଉତ୍ତରାଧିକାରୀ ଏହୁ ପୌଢ଼ିକ ଅବସର୍ଥରେ ସତ୍ପରାମର୍ଶ ଦେଇ ଏହୁ ମହୋତ୍ସବ ଉପଲକ୍ଷରେ ଅଜସ୍ର ଧନ ବଣ୍ଟନ କରିଥିଲେ । ୧୮୧୭ ଅବ୍ଦରେ ବାମଣ୍ଡାର ବର୍ତ୍ତମାନ ରାଜପିତୃବ୍ୟ ଶ୍ରୀମାନ୍ ହୃଦୟନାଥ ଦେବ ଜନ୍ମଗ୍ରହଣ କରିଥିଲେ ଓ ଦୁଇ ବର୍ଷ ପରେ ପୁଣ୍ୟର ବର୍ତ୍ତମାନ ମହାରାଜା ଲଲମୋହନ ମୋହନ ଦେବ ଜନ୍ମ ପରିଗ୍ରହ କଲେ । ଉପରେ ସୁଦ ତରଙ୍ଗିଣୀ (ବର୍ତ୍ତମାନ କଲାହାଣ୍ଡୀ ରାଜ୍ୟର ସୌଭାଗ୍ୟବତୀ ମହାରାଣୀ) ଏବଂ ୧୯୦୫ ଅବ୍ଦରେ ସର୍ବ କନିଷ୍ଠା କୁମାରୀ ମନୋରମାଙ୍କର ଜନ୍ମ । ଏହୁ କୁମାରୀମାନଙ୍କୁ ମା ମା ବୋଲି ଡାକି ସଚ୍ଚିଦାନନ୍ଦ ମାତୃ ଆବାହନ ସ୍ୱର ଲାଭ କରୁଥିଲେ, କିନ୍ତୁ ଏ ଅକାଳରେ ସ୍ୱର୍ଗାରୋହଣ କଲେ ।

୧୯।୧୧।୧୯୦୩ ତାରିକ ଦିନ ବାମଣ୍ଡା ତଥା ସମଗ୍ର ଉତ୍କଳଖଣ୍ଡକୁ ଶୋକଉମସାଚ୍ଛନ୍ନ କରି ଦେଇ ବ୍ରହ୍ମର୍ଷି ସର ବାସୁଦେବ ଯୋଜିନେଷ୍ଟ ପରଲୋକକୁ ପ୍ରସ୍ଥାଣ କଲେ । ପ୍ରସ୍ଥାଣର ଅର୍ଦ୍ଧଘଣ୍ଟିକା ପୂର୍ବରୁ ସେ ସଚ୍ଚିଦାନନ୍ଦଙ୍କୁ ନିକଟକୁ ଡାକି ଶେଷ ଅଶିଷ ପ୍ରଦାନ ପୂର୍ବକ କହିଲେ, "ଝୀକା ଏବ ବାବୁ ! ଆମ୍ଭେ ଗଲିଲୁଁ । ତୁମ୍ଭେ ଅଖଣ୍ଡଭାବରେ ରାଜ୍ୟ ପାଳନ କର ପକ୍ଷୀ ହୁଅ । ଉତ୍ତରଦିଗକୁ ଲକ୍ଷ୍ୟ ରଖି ଦକ୍ଷିଣ ବିବେଚନା ସହିତ ରାଜକାର୍ଯ୍ୟ ପରିଚାଳନା କଲେ ତୁମ୍ଭର କୌଣସି ଅସୁବିଧା ହେବ ନାହିଁ । ଯେଉଁ ମାର୍ଗରେ ଗଲ୍ଲେ ସର୍ବାଙ୍ଗୀନ କଲ୍ୟାଣ ସାଧିତ ହେବ, ଆମ୍ଭ ସଙ୍ଗେ ଏକଯୋଗରେ ରାଜ-କାର୍ଯ୍ୟରେ ସହାୟତା କର ତୁମ୍ଭର ସେ ଜ୍ଞାନ ମଧ୍ୟ ଯଥେଷ୍ଟ ଜନ୍ମିଅଛି ।"

ପିତୃବ୍ୟ ସଚ୍ଚିଦାନନ୍ଦ ରାଜର୍ଷ୍ୟୋଚିତ ଜନକଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଶୋକରେ ମୁହ୍ୟମାନ ହୋଇ ପଡ଼ିଲେ । ପରେ କର୍ତ୍ତବ୍ୟବୋଧର ତାଡ଼ନାରେ ଧୈର୍ଯ୍ୟଧାରଣ କରି ରାଜ୍ୟଶାସନର ଚକ୍ରାରେ ଅପଣାକୁ ନିୟୋଜିତ କଲେ । ୭।୧୨।୧୯୦୩ ଦିନ ପିତାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ସମାପନ କରି ସ୍ୱର୍ଗତ ଜନକଙ୍କ ଆଶୀର୍ବାଣୀକୁ ସମସ୍ତ ମଙ୍ଗଳର ବିଧାନ ଭାବି ସେହୁ ଦିନ ସେ ନିଜ ଅଭିଷେକୋତ୍ସବର ଆୟୋଜନ କଲେ ଏବଂ ମହାସମାରୋହରେ ଏ ଉତ୍ସବ ଅନୁଷ୍ଠିତ ହେଲା ।

୭।୨।୧୯୦୩ ଠାରୁ ସଚ୍ଚିଦାନନ୍ଦଙ୍କ ରାଜତ୍ୱକାଳର ପ୍ରାରମ୍ଭ । ଏହୁ ଦିନଠାରୁ ୧୯୮୮ ବର୍ତ୍ତମାନ ପରମ୍ପରା ବାମଣ୍ଡା ରାଜ୍ୟର ଶାସନଭାର ପ୍ରତ୍ୟକ୍ଷଭାବରେ ତାଙ୍କ ଉପରେ ନ୍ୟସ୍ତ ହୋଇଥିଲା । ବାମଣ୍ଡାର ଲୋକେ ନବଯୁଗର ଅବତାରଣା ନିମନ୍ତେ ସଚ୍ଚିଦାନନ୍ଦଙ୍କ ଅଙ୍କକୁ ସତୃଷ୍ଣନୟନରେ ଅନାଇଁ ରହିଲେ ।

ଶାସନଭାର ଗ୍ରହଣ କଲା ପରେ ସଚ୍ଚିଦାନନ୍ଦଙ୍କୁ କେତେକ ଗୋଟ ଥାରବାରକ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ନିବାହ କରିବାକୁ ପଡିଥିଲା । ତନ୍ମଧ୍ୟରେ ଅଷ୍ଟମ। ଉତ୍ତୀକର ଓ ଭୂଶିଙ୍ଗୀଙ୍କ ବିବାହ ଓ ଝୀକା ଏବ ବିବ୍ୟଶଙ୍କରଙ୍କ ବ୍ରତୋପନୟନ ସ୍ୱତଃପ୍ରଧାନ । ଏ ସବୁ କାର୍ଯ୍ୟ ସଚ୍ଚିଦାନନ୍ଦ ବାମଣ୍ଡା ରାଜପରି-ବାରର ଚତୁଃଚରିତ ଆଡ଼ମ୍ବର ସହିତ ସମ୍ପାଦନ କରିଥିଲେ ଓ ବରାହୁତା ଜେମାମାନଙ୍କୁ ଅଲଙ୍କୃତ ବସ୍ତ୍ରରେ ଅଜସ୍ର ଯୌତୁକ ପ୍ରଦାନ କରିଥିଲେ ।

ଝୀକା ଏବଙ୍କ ବ୍ରତୋପନୟନ ଉତ୍ସବରେ ସଚ୍ଚିଦାନନ୍ଦ ପୂର୍ବକାଳୀନ ଗତାନୁଗତିକତା ପରିହାର କରିଥିଲେ ଓ ଏ ଉତ୍ସବର ଆଦର୍ଶକୁ ନିମ୍ନଲିଖିତ ପ୍ରକାରେ ଧାର୍ଯ୍ୟ କରିଥିଲେ ।

"ବାହ୍ୟ ଆଡ଼ମ୍ବର ଓ ଗତାନୁଗତିକ ଦେଖାଇ ଅଜସ୍ର ଅର୍ଥ ବ୍ୟୟ କରିବା ଭଲ ନୁହେଁ । ଏଥର ସ୍ୱାବରେ ଏ ଉତ୍ସବ ସମାଧା କରିବାକୁ ହେବ, ଯାହା ସାଧାରଣଙ୍କ ଦୃଷ୍ଟିରେ ଓ ତୃପ୍ତି-ଦାୟକ ହେବ ଓ ଭବିଷ୍ୟତରେ ଦେଶର ଶିକ୍ଷାପ୍ରଦ ବିଷୟ ନିରୂପିତ ହେବ ।"

ଉପନୟନ ଉତ୍ସବର କର୍ମନିର୍ଘଣ୍ଟର ଚଠା ମଧ୍ୟ ସଚ୍ଚିଦା-ନନ୍ଦ ସ୍ୱହସ୍ତରେ ପ୍ରସ୍ତୁତ କରିଥିଲେ ।

ରାଜା ସଚ୍ଚିଦାନନ୍ଦ ଏହୁ ବ୍ରତୋପନୟନ ଉତ୍ସବକୁ ଯେଉଁ କେତୋଟି ବିଶିଷ୍ଟଭାବରେ ମଣ୍ଡିତ କରିଥିଲେ, ତନ୍ମଧ୍ୟରେ ଉତ୍କଳର ବରେଣ୍ୟ ନରପତ୍ତିମାନଙ୍କ ନିକଟକୁ ନିଜେ ଯାଇ ସେମାନଙ୍କୁ ନିମନ୍ତ୍ରଣ କରି ଆଣି ଦେବାରୁଡ଼ରେ ଏକତ୍ର କରିବା ସଂପ୍ରଧାନ । ପୂର୍ବେ ଓଡ଼ଶାର ରାଜାମାନେ ନିଜ ନିଜର ପ୍ରାଧାନ୍ୟ ଓ ଅଉଜାତ୍ୟରେ ବାଧା ପଡ଼ିବା ଭୟରେ ଅନ୍ୟ ରାଜାଙ୍କ ରାଜଧାନୀକୁ ଯାଇ ଅଦ୍ୟାବଧି ଗ୍ରହଣ କରୁ ନ ଥିଲେ । ଯାତାୟାତର ପଥ ମଧ୍ୟ ଭେଦଭେଦେଲେ ସୁଗମ ନ ଥିଲା; କିନ୍ତୁ ରାଜା ସଚ୍ଚିଦାନନ୍ଦ ଏ ସବୁକୁ ଭ୍ରୂକ୍ଷେପ ନ କରି ବାମଣ୍ଡା ରାଜଧାନୀରେ ଏ ଉତ୍ସବ ଉପଲକ୍ଷରେ ଯେଉଁ ରାଜନ୍ୟ ସମ୍ମେଳନୀ ଘଟାଇଲେ, ତାହା ବହୁକାଳ ଦେଲ୍ଲ ଉତ୍କଳରେ ଅଶ୍ରୁତପୂର୍ବ ଓ ଅଦୃଷ୍ଟପୂର୍ବ ଥିଲା । ଉତ୍ସବର କର୍ତ୍ତାରୂପେ ରାଜା ସଚ୍ଚିଦାନନ୍ଦ ପ୍ରତ୍ୟେକ ରାଜଧାନୀକୁ ନିଜେ ଉମନପୂର୍ବକ ରାଜାମାନଙ୍କୁ ଯଥାବଧି ନିମନ୍ତ୍ରଣ ଦେଇ ଅସିଥିଲେ । ବଉଦ୍ଧ ରାଜଧାନୀରେ ଓ ପଥ ମଧ୍ୟରେ ପ୍ରଧାନ ପ୍ରଧାନ ନଗରମାନଙ୍କରେ ରାଜା ସଚ୍ଚିଦା-ନନ୍ଦଙ୍କୁ ଅଭିନନ୍ଦନ କରିବା ପାଇଁ ଯେଉଁ ଆୟୋଜନ ସବୁ ହୋଇଥିଲା, ତହିଁରୁ ବାମଣ୍ଡା ରାଜପରିବାର ଓ ତହିଁର ତନ୍ତ୍ରୀ-ସ୍ୱରୂପ ଏହୁ ସଚ୍ଚିଦାନନ୍ଦଙ୍କୁ ସମସ୍ତ ଉତ୍କଳ ବାସର ଅଶୀୟୁକ୍ତ ନେତ୍ରରେ ଗୃହିଁ ରହିଥିଲା, ଏହା ସ୍ପଷ୍ଟୀକୃତ ହେଉଥିଲା । ଏ ଉତ୍ସବସମ୍ଭାର ରାଜଦରବାର, ସଜ୍ଜିତ ସଭା, ସମ୍ମେଳନ ଓ ଅଢାଇର ଧନ ବଣ୍ଟନ ଆଦି ଯେଉଁମାନେ ସ୍ୱଚକ୍ଷୁରେ ଦେଖି ଅଛନ୍ତି, ସେମାନେ ଶତମୁଖରେ ସଚ୍ଚିଦାନନ୍ଦଙ୍କ ବିଶାଳ କଳ୍ପନା ଓ ପ୍ରଶସ୍ତ ହୃଦୟବତ୍ତାର ପ୍ରଶଂସା କରି ଥାଆନ୍ତି । 'ବ୍ରତୋତ୍ସବ' ନାମକ ବୃହତ୍ ପୁସ୍ତକରେ ଶ୍ରୀଯୁକ୍ତ ପୀତବଲ୍ଲ ପ୍ରଧାନ ଯେଉଁ ଘଟନାବଳି ଉଲ୍ଲେଖ କରିଅଛନ୍ତି, ସେ ସବୁ ଯେ କୌଣସି ରାଜପରିବାର ଯଶରେ ପ୍ରଶଂସାସ୍ପଦ ହୋଇବାକୁ ହେବ । ଏହୁ ଉତ୍ସବରେ ନାନା ଗତାନୁଗତିକତା ମୂଳରେ କୁଠାରାଘାତ କରି ରାଜା ସଚ୍ଚିଦାନନ୍ଦ ତାଙ୍କ କଲ୍ପନାର ପ୍ରଗତିଶୀଳତାର ଯଥେଷ୍ଟ

Digitized by srujanika@gmail.com

ପରବର୍ତ୍ତୀ ସମୟରେ ଏ ବାମଣ୍ଡାରେ ନବଯୁଗର ପ୍ରବର୍ତ୍ତନା ଏହି ବ୍ରତୋପନୟନଠାରୁ ଆରମ୍ଭ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ବାମଣ୍ଡାରୁ ଅଳ୍ପଜାଇକାର ବଦୁରତ କରିବା ପାଇଁ ସଚ୍ଚିଦାନନ୍ଦ ୧୨୪ ଗୋଟି ପ୍ରାଥମିକ ବଦ୍ୟାଳୟ ନୁଆ କରି ବସାଇଥିଲେ ଓ ଗୌନ୍ତିଆମାନଙ୍କ ଜ୍ୟେଷ୍ଠପୁତ୍ରମାନଙ୍କ ପକ୍ଷରେ ରହି ଶିକ୍ଷା ବାଇଭାମୂଲକ କରି ଦେଇଥିଲେ । ସେ ଶିକ୍ଷକ-ମାନଙ୍କୁ ତାଲିମ କରିବା ପାଇଁ 'ଟ୍ରାଙ୍କ ସ୍କୁଲ' ନାମରେ ମୋଟି ଏ ଟ୍ରେନିଙ୍ଗ୍ ସ୍କୁଲ ବସାଇଥିଲେ । ମଫସଲରେ ଶିକ୍ଷକ-ମାନଙ୍କ ଜୀବନକୁ ଅସୁବିଧା କବଳରୁ ରକ୍ଷା କରିବା ନମନ୍ତେ ସେ ସେମାନଙ୍କ ବେତନର ହାର ବଢ଼ାଇ ଦେଇଥିଲେ । ଛତ୍ରିଶି ଜାଲଙ୍କମାନଙ୍କୁ ଛନ୍ଦିଯୋଡ଼ ଶିକ୍ଷା ଦେବାର ମଧ୍ୟ ସେ ବହୁତ ବ୍ୟବସ୍ଥା କରିଥିଲେ । ସ୍ତ୍ରୀଙ୍କର ଆଦମ ଅଧିବାସୀମାନଙ୍କ ଶିକ୍ଷା ପାଇଁ ମଧ୍ୟ ସେ ବୃତ୍ତି ଆଦ ଖୋଲି ସେମାନଙ୍କୁ ପାଠ-ସରଞ୍ଜାମମାନ ମାଗଣା ଯୋଗାଇ ଦେଇଥିଲେ । ସ୍ୱର୍ଗତା ସ୍ତ୍ରୀଙ୍କୁମାଙ୍କ ମନାଙ୍କମାଙ୍କ ସ୍ମୃତିରକ୍ଷା କଲ୍ପେ ସେ ଦେବଗଡ଼ରେ 'ମନାଙ୍କମା ବାଳିକା ବଦ୍ୟାଳୟ' ସ୍ଥାପନ କରିଥିଲେ ।

ବଷ୍ଟବଦ୍ୟାଳୟଙ୍କ ଉଦ୍ଦେଶ୍ୟରେ ସେ ସ୍ତ୍ରୀଜୁମାର ଦ୍ୱାଇ ସ୍କୁଲର ଘରକୁ ଲଦ୍ୱୋର ଇସ୍ଲମିଆ କଲେଜ୍‌ଘରର ଆଦର୍ଶରେ ପୁନର୍ଗଠନ କରି ଦେଇଥିଲେ । ଯୁବରାଜ ଦବ୍ୟ-ଶଙ୍କର ଏହି ସ୍କୁଲରୁ ମାଟ୍ରିକୁଲେସନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।

ସଚ୍ଚିଦାନନ୍ଦଙ୍କ ସ୍ତ୍ରୀହକାଳରେ ବାମଣ୍ଡା ସ୍ତ୍ରୀଙ୍କର ସ୍ତ୍ରୀପଥ ସବୁ ଜନ୍ତୁତ ଧରଣରେ ପ୍ରସ୍ତୁତ କରି ସାରିଥିଲା ।

ମଢ଼ବାଲ୍ଲ ନଦୀ ଉପରେ ଯେଉଁ ପୋଲ ତିଆର କରି ହୋଇଥିଲା ଏକା ଉହିଁରେ ଦଶ ହଜାର ଟଙ୍କା ବ୍ୟୟ ହୋଇଥିଲା ।

ସଚ୍ଚିଦାନନ୍ଦଙ୍କ ସଦ୍ଧର୍ମିଣୀ ସ୍ତ୍ରୀ ଉମରୁଧରତ୍ରିପ୍ତା ଚରଦାଳ କୃଷକମାନଙ୍କର ଅକୃତ୍ରିମ ବନ୍ଧୁ । ଜଳସେଚନର ବ୍ୟବସ୍ଥା ନମନ୍ତେ ସେ ସ୍ୱୀୟ ସ୍ତ୍ରୀଧନରୁ ବହୁଧନ ବ୍ୟୟ କରି ବାରକୁଟ ଅଞ୍ଚଳରେ ୩୦ ମାଇଲ୍ ଲମ୍ବ ମୋଟି ଏ କେନାଲ୍ ଖୋଲାଇ ପ୍ରାୟ ୧୦୦ ବର୍ଗମାଇଲ ଭୂମି ଉପରେ ଜଳ ସେଚତ ଦେବାର ବ୍ୟବସ୍ଥା କରିଅଛନ୍ତି । ସ୍ୱୀୟ ସଦ୍ଧର୍ମିଣୀଙ୍କ ପ୍ରସ୍ତାବ ଓ ବ୍ୟୟରେ ଓ ବହୁ ବ୍ୟୟସାଧ୍ୟ ଜୁଲ୍ୟା ହୋଇଥିବାରୁ ସ୍ତ୍ରୀଙ୍କୀଙ୍କ ନାମ ଅନୁସାରେ ଉକ୍ତ କେନାଲ୍‌କୁ ରଜା ସଚ୍ଚିଦାନନ୍ଦ "ଉମରୁଧରତ୍ରିପ୍ତା କେନାଲ୍" (D. P. Canal) ନାମ ଦେଇଥିଲେ । ଏହୁ କୁଲ୍ୟାଦ୍ୱାରା ୧୦୦ ବର୍ଗମାଇଲ ଭୂମିରଜଳବଞ୍ଚି ଦୂର ହୋଇ-ଥିବାରୁ ରାଜ୍ଞୀ ଉମରୁଧରତ୍ରିପ୍ତାଙ୍କର ଓ ସଚ୍ଚିଦାନନ୍ଦଙ୍କ ପୁଣ୍ୟସ୍ମୃତି ବାମଣ୍ଡାର ପ୍ରଜାମଣ୍ଡଳଙ୍କ ହୃଦୟରେ ଚରଦାଳ ଜାଇଁ ରହିବ । ରାଜ୍ଞୀ ମହୋଦୟାଙ୍କ ଚରିତରେ ଏହାର ବିସ୍ତୃତ ଆଲୋଚନା କରାଯିବ ।

ରଜା ସଚ୍ଚିଦାନନ୍ଦ ଅନେକ ଶମାର ନମିତ ତତ୍ତ୍ୱାବଧାନ କରିଥିଲେ ଏବ ଲୁଗାବୁଣାକଳ ଓ ଚନ ଉଥର ଜଳ ବାମଣ୍ଡାରେ ଅବସ୍ଥାପିତ କରିଥିଲେ । ଏ କାରଖାନାର ଅଖୁପେଡ଼ାକଲରେ ପ୍ରଜାମାନେ ବନା ଖର୍ଚ୍ଚରେ ନଜ ନଜର ଅଖୁ ପେଡ଼ି ନେଇ ଯାଉଥିଲେ । ବଙ୍ଗ ସରକାର ବାମଣ୍ଡା ନରେଶଙ୍କର ଏ ସବୁ କାର୍ଯ୍ୟକଳାପରେ ସନ୍ତୁଷ୍ଟ ହୋଇ ତାଙ୍କୁ ଅଜସ୍ର ପ୍ରଶଂସା କରିଥିଲେ ।

ସଚ୍ଚିଦାନନ୍ଦ ଓଡ଼ିଶାକୁ ସର୍ବପ୍ରଥମେ ବଦ୍ୟୁତ୍ ଆଲୋକ ଆଣିଥିଲେ ଓ ବାମଣ୍ଡାରେ ବଦ୍ୟୁତ୍‌ଗୃହତ ପ୍ରେସ୍ ବସାଇଥିଲେ ।

ପ୍ରଧାନଘାଟପ୍ରପାତରୁ ଦେବଗଡ଼କୁ ଜଳ ଆଣିବା ଯନ୍ତ୍ରର ଉଦ୍ଘାଟ, ପ୍ରଧାନଘାଟ ପର୍ବତର ସାନୁଦେଶରେ 'ବସନ୍ତ ନବାସୀ' ନାମକ ଉପରୋଗ୍ୟ ସ୍ୱଜପ୍ରାସାଦ ବା ବଙ୍ଗାମାଗାର ନର୍ମାଣ କର୍ମ ମଧ୍ୟ ସଚ୍ଚିଦାନନ୍ଦଙ୍କ ଜୀବନର ବର୍ତ୍ତମାନ୍ୟ ଘଟନା ଅଟେ । 'ବସନ୍ତ ନବାସ'ର ଉତ୍ତର ଉନ୍ନ ଉନ୍ନ ଅଂଶରେ ମାତ ଓ ପ୍ରକୃତି-ମୁଜା ବିଷୟରେ ଗୁଡ଼ିଏ ଲେଖାଏଁ ଛନ୍ଦ ମର୍ମର ପ୍ରସ୍ତରରେ ଖୋଦତ ହୋଇ ସଜ୍ଜ ହୋଇଅଛୁ । ବସନ୍ତ ନବାସର ଲୁହା ରେଲିଙ୍ଗ୍ ଦ୍ୱାରା ସ୍ତଲ୍ଭିତ କରିଣ୍ଡାରେ ବସିଲେ, ଚତୁସ୍ପଲିହୁତ ଘୋଡ଼ବନର ପଶୁମାନଙ୍କ ସ୍ୱଚ୍ଛନ୍ଦ ବିଚରଣ ଦର୍ଶକର ଉପରୋଗ୍ୟ ହେଇଥାଏ ।

ନବୀନ ସଭ୍ୟତାର ନବଆଲୋକ ଆଣି ଯେଉଁମାନେ ଓଡ଼ିଶାର ମୁଖ ଉଜ୍ଜ୍ୱଳ କରିଅଛନ୍ତି, ବାମଣ୍ଡା ଅତୀତର ଆଦର୍ଶ ନରପତ୍ତି ପୁଣ୍ୟଶ୍ଲୋକ ସର୍ ବାସୁଦେବ ଓ ସଚ୍ଚିଦାନନ୍ଦ ସେମାନଙ୍କ ନେତୃ ସ୍ମୃତିମାତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଏ ଦୁହିଙ୍କର ପୃଷ୍ଠପୋଷକତାରେ ଉତ୍କଳରେ ନବଯୁଗର କେତେ ଅନୁଷ୍ଠାନ ଓ ସୁଧୀ ବଂଶ ଯେ ସୃଷ୍ଟି ଓ ପ୍ରସାହିତ ହୋଇଅଛନ୍ତି, ତାହାର କଳନା ନାହିଁ । ଏ ଦୁଇଁ ନବଯୁଗର ସାତ୍ରିଣ୍ଡ ଓ ସ୍ୱଧାକରରୂପେ ଉତ୍କଳର ଧ୍ୱାନ୍ତ ନାଶ କରି ଉତ୍କଳକୁ ପ୍ରଗତିପଥର ପଥିକ କରି-ଯାଇଅଛନ୍ତି । ଏ ପୁଣ୍ୟଶ୍ଲୋକ ନରପତ୍ତିଦ୍ୱୟ ଉତ୍କଳର ପ୍ରତି ଗୃହରେ ପ୍ରାତଃସ୍ମରଣୀୟ ହୋଇଅଛନ୍ତି ।

ସନ ୧୯୧୬ ମସିହାରେ ସଚ୍ଚିଦାନନ୍ଦ ତାଙ୍କ ପାଣ୍ଡିତ୍ୟପୂର୍ଣ୍ଣ ସ୍ୱଇଚ୍ଛାକୃତ ଦେଶାଙ୍କୁ କଲାଦାର୍ଶିକ ମହାତ୍ମା ବ୍ରଜମୋହନ ଦେବଙ୍କ ହସ୍ତରେ ଅର୍ପଣ କରିଥିଲେ । ଏହୁ ବବାଦ ଉତ୍କଳପ୍ରେରେ ଉତ୍କଳଖଣ୍ଡର ଓ ବଙ୍ଗ-ବଦାର, ବାରିଶୀ ଅଦର ଶତ ଶତ ଗୁଣୀ ଓ ପଣ୍ଡିତ ଦେବଗଡ଼କୁ ନମନ୍ତ୍ରିତ ହୋଇ ଆସିଥିଲେ । ବଦାଦର ସମାବେଶ, ଅତିଥିମାନଙ୍କ ତର୍ପଣ ଓ ବଦାନ୍ନ,ସ୍ତ୍ରୀଙ୍କର ପ୍ରଜାମାନଙ୍କୁ ଓ ଦରିଦ୍ର, ଅନ୍ଧ, ଞ୍ଜ ଓ ଗୃହଚ୍ଛନ୍ନବୀମାନଙ୍କୁ ଭୂରି-ଭୋଜନ ଦେବା, ବ୍ୟାୟାମ, କ୍ରୀଡ଼ା, ଆତସବାଜି, ସ୍ତ୍ରୀଙ୍କର ଉନ୍ନ ଉନ୍ନ ଅଞ୍ଚଳରେ ଥିବା ବରନ୍ନ ଅନୁଷ୍ଠାନ (ଯଥା—ଶମାର, କେନାଲ୍, ଅଖୁକଳ, ଧାନକଳ, ପ୍ଲାସିଚ୍ କରତ ଦେବା କାରଖାନା, ଉଦ୍ୟାନ ଆଦ)ମାନଙ୍କର ସମାଗତ ଅତିଥିମାନଙ୍କ ଦ୍ୱାରା ପରିଦର୍ଶନ, ସମାଗତ ଅତିଥିମାନଙ୍କୁ ବାମଣ୍ଡା ଷ୍ଟେସନ୍‌ରୁ ୬୦ ମାଇଲ୍ ବାଟ ଦେବଗଡ଼କୁ ଆଣିବା ଓ ସେଠାରୁ ଫେରାଇ ପଠାଇବା ଓ ଜାମାତାଙ୍କୁ ଅଗଣିତ ସାଳବାଦ୍ୟନାଦ ଯୌତୁକ ଦାନ ଆଦର ଯେଉଁ ବ୍ୟବସ୍ଥା ସଚ୍ଚିଦାନନ୍ଦ କରିଥିଲେ, ସେପର ବ୍ୟବସ୍ଥା ଉଦବଧି ଉତ୍କଳର ଅନ୍ୟ କୌଣସି ଉତ୍ସବରେ ଦେଖାଯାଇ ନାହିଁ । ଓଡ଼ିଶାରୁ ରମଣଙ୍କର, ସ୍ୱାମୀତରଣ,

Digitized by srujanika@gmail.com

ବଳନାଥ କର, ଶଶିଭୂଷଣ, ଫକୀରମୋହନ ଓ ଏ ଭନ୍ତର ସଭ୍ରାନ୍ତକ ସେହ୍ନ ଉପଲକ୍ଷରେ ନିମନ୍ତ୍ରିତ ହୋଇଥିଲେ । ସେହ୍ନ ସମୟରେ ଦେବଗଡ଼ରେ ଗୋଟିଏ ସାଧାରଣ ସଭା କରି ସ୍ୱଜା ସଚ୍ଚିଦାନନ୍ଦ ଫକୀରମୋହନଙ୍କୁ 'ସରସ୍ୱତୀ' ଉପାଧିରେ ମଣ୍ଡିତ କରିଥିଲେ ।

ଦୁଃଖର ବିଷୟ ଏହା ଯେ, ବିବାହର କେତେକ ଦିନ ପରେ ସଚ୍ଚିଦାନନ୍ଦ ମଇଧାମ ତ୍ୟାଗ କଲେ ।

ସଚ୍ଚିଦାନନ୍ଦଙ୍କ ବହୁତୋମୁଖୀ ପ୍ରତିଭା ବର୍ଣ୍ଣନ କରି ତତ୍କାଳୀନ ଗୁଣୋପାସକ ଶ୍ରୀଯୁକ୍ତ ଶଶିଭୂଷଣ ରାୟ "ନବ୍ୟନ" ପତ୍ରିକା (୧୦।୧।୫୫)ରେ ଯାହା ପ୍ରକାଶ କରିଥିଲେ ତାହା ଏଠାରେ ଉଦ୍ଧୃତ ହେଲା—

"୧୯୦୩ ସାଲରେ ୪ ସ୍ୱଜା ସର୍ ବାସୁଦେବଙ୍କ ଉତ୍ସାହରୁ ୪ ସଚ୍ଚିଦାନନ୍ଦ ବାମଣ୍ଡାର ଶାସନ ଓ ପାଳନ ଭାର ଗ୍ରହଣ କଲେ । ଯୁବାବସ୍ଥାରେ ଏ ମହୋଦୟ ସାହସିକତା ଓ ବିଜ୍ଞାନର ପ୍ରଭୃତ ଆଲୋଚନା କରିଥିଲେ । ଓଡ଼ିଶାରେ ସର୍ବପ୍ରଥମ Kinematograph (ପାଶ୍ଚାତ୍ୟ ଚଳଚ୍ଚିତ୍ର), ସର୍ବପ୍ରଥମ ରଞ୍ଜନରଶ୍ମି (X-ray), ସର୍ବପ୍ରଥମ ବୈଦ୍ୟୁତିକ ଆଲୋକ (Electric light) ଏହାଙ୍କ କର୍ତ୍ତୃକ ଆମଦାନୀ ହୋଇଥିଲା । ୧୮୯୫ ମସିହାରେ ଯୁବାବସ୍ଥାରେ ସଚ୍ଚିଦାନନ୍ଦଙ୍କଦ୍ୱାରା ଟେଲିଫୋନ୍ ଯନ୍ତ୍ର ସର୍ବପ୍ରଥମରେ ଯେତେବେଳେ ବାମଣ୍ଡାରେ ବସିଲା ସେତେବେଳେ ଉତ୍କଳର ସ୍ୱତନ୍ତ୍ରତାପ୍ରିୟ ସମ୍ବାଦପତ୍ର ଷ୍ଟେଟ୍ସ୍‌ମାନ୍ "Statesman" ଘୋଷଣା କରିଥିଲା, "The longest telephone in India"; ଅର୍ଥାତ୍, ବାମଣ୍ଡାର ଗୋବିନ୍ଦପୁରଠାରୁ ବାରକୋଟ ପର୍ଯ୍ୟନ୍ତ ୮୦ ମାଇଲ୍ ଦୀର୍ଘତାବିଶିଷ୍ଟ ଟେଲିଫୋନ୍ ସେ ସମୟରେ ଉତ୍କଳରେ କୁହାପି ବସି ନଥିଲା । ସଚ୍ଚିଦାନନ୍ଦଙ୍କ ସହୃତ ଲେଖକର ପ୍ରଗାଢ଼ ଘନିଷ୍ଠତା ଓ ଆତ୍ମୀୟତା ଏହାଙ୍କ ତିରୋଧାନ ପର୍ଯ୍ୟନ୍ତ ପରିପୂର୍ଣ୍ଣ ଭାବରେ ଥିଲା । ଲେଖକ ଇଂରେଜୀ ଅବଧାନରେ Many—sidedness (ବହୁତୋମୁଖତା) ଶବ୍ଦ ଦେଖିଅଛୁ; ମାତ୍ର ଏ ଶବ୍ଦର ପ୍ରକୃତାର୍ଥ ସଚ୍ଚିଦାନନ୍ଦଙ୍କ ଜୀବନରେ ପୂର୍ଣ୍ଣଭାବରେହିଁ ଦେଖିଥିଲା । ଦୂରରୁ ଯେଉଁମାନେ ସ୍ୱଜା ବାମଣ୍ଡାର ଅଧୀଶ୍ୱରରୂପେ ସଚ୍ଚିଦାନନ୍ଦଙ୍କ ଗୁଣ ଶୁଣି ଥିଲେ, ସେମାନଙ୍କ ମଧ୍ୟରୁ କେହି କେହି ପୁରାତନ ପ୍ରବାଦ ଅନୁରୂପ ଭାଳିଥିବେ,— 'କାମ୍ ବଡ଼ା, ଦର୍ଶନ୍ (କାମ୍) ଥୋଡ଼ା' । ମାତ୍ର ତାହାଙ୍କ ସଙ୍ଗେ ଘନିଷ୍ଠତା ହୋଇଗଲେ ପ୍ରତ୍ୟେକ ଲୋକ କହୁଥିଲେ, "କାମ୍ ଥୋଡ଼ା, କାମ୍ ବଡ଼ା" । ଲେଖକ ତାହାଙ୍କ ସହୃତ ସବୁବେଳେ ଘନିଷ୍ଠତାସୂତ୍ରରେ ଆବଦ୍ଧ ହୋଇ ତାହାଙ୍କୁ ଉତ୍କଳୀ, ଭୁମ୍ବାର, ଚତୁରାର, କମାର, ମାଳୀ, ଜ୍ୟୋତିଷୀ, ସୁପଉ, ବଢ଼େଇ, କୃଷକ, ଶିକାରୀ ଓ ଭୂତ ରୂପରେ ଅନେକ ଥର ଦେଖିଥିଲା ; ଘୋଡ଼ା, ହାତୀର ପଶ୍ଚାପଦ ଏବଂ ବହୁାଳଙ୍କାର ଓ ବସ୍ତ୍ର ପଶ୍ଚାପଦରୂପେ କେତେ ଥର ଦେଖିଅଛୁ, ଚତୁରଜ, ବାର୍ତ୍ତାଳକ, ବୈଦାନ୍ତିକ, ନୈୟାୟିକ ଓ ବକ୍ତାରୂପେ ଦେଖି ପୁଣି ପରମୁହୂର୍ତ୍ତରେ ନବ୍ୟ ଫେସନ୍‌ର ଉଦ୍ଭାବକ ଓ ଫରସକ ରୂପରେ ମଧ୍ୟ ଦେଖିଛୁ । ସେ ବାମଣ୍ଡାର ଶାସକ ଓ ବଣ୍ଟରକ ହୋଇ ସର୍ବପ୍ରକାର ବୈଜ୍ଞାନିକରୂପରେ ବାମଣ୍ଡାର ଇଞ୍ଜିନଅର୍, ଫଟୋଗ୍ରାଫର୍, ଇଞ୍ଜିନ୍ ଡ୍ରାଇଭର୍, ଟେଲିଫୋନ୍ ଅପରେଟର୍ ପ୍ରଭୃତି କର୍ମ କରୁଥିଲେ । ଯନ୍ତ୍ର ସାହାଯ୍ୟରେ ପ୍ରଜାମାନଙ୍କୁ ବୃଷ୍ଟି ଓ ବାତ୍ୟା ପ୍ରଭୃତିର ପୂର୍ବସଙ୍କେତ ଜଣାଇ ସେମାନଙ୍କର କୃଷି-କାର୍ଯ୍ୟରେ ସହାୟତା କରିବା ତାହାଙ୍କର ସବୁବେଳେ ଅଭ୍ୟାସ ରହିଥିଲା । ତାହାଙ୍କ ପ୍ରଣୀତ ବୃଷ୍ଟିବିଜ୍ଞାନ ନାମକ ପୁସ୍ତକ ବୃଷ୍ଟି ସମ୍ବନ୍ଧୀୟ ପ୍ରଗାଢ଼ ଅଭିଜ୍ଞତାରେ ପରିପୂର୍ଣ୍ଣ ।

ପ୍ରତ୍ୟେକ ଶ୍ରେଣୀର ବହୁତ ବ୍ୟକ୍ତିଙ୍କ ସହୃତ ସେମାନଙ୍କ ବ୍ୟବସାୟ ସମ୍ବନ୍ଧୀୟ ଅଭିଜ୍ଞତାପୂର୍ଣ୍ଣ କଥାବାର୍ତ୍ତା ଲେଖକ କେବଳ ସ୍ୱଜା ସଚ୍ଚିଦାନନ୍ଦଙ୍କ ଜୀବନରେହିଁ ଦେଖିଥିଲା । ଜଣେ ସାପ ଖେଳାଇବାକୁ ଗଲେ ସର୍ପର ପ୍ରତ୍ୟେକ ବିଶେଷତ୍ୱ ସମ୍ବନ୍ଧରେ ସେ କଥାବାର୍ତ୍ତା କରୁଥିଲେ, ଅଥଚ ଜଣେ ତାର୍କିକ ପଣ୍ଡିତ ଗଲେ ତାହାଙ୍କ ତର୍କ ଓ ଯୁକ୍ତିକୁ ସେ ପ୍ରସିଦ୍ଧ ପ୍ରସିଦ୍ଧ ପୁସ୍ତକରୁ ଉଦାହରଣ ଉଦ୍ଧୃତ କରି ଖଣ୍ଡନ କରୁଥିଲେ । ସର୍ ବିଷୟରେ ଏଭଳି ଅସାଧାରଣ ଅଭିଜ୍ଞତା ଲେଖକ ବୋଧହୁଏ ଆଉ କାହାର ନଜରରେ ଦେଖି ନାହିଁ ।"

ମସ୍ତିଷ୍କର ଏସବୁ ଗୁଣ ସହୃତ ହୃଦୟର ଦୟା, ଦାକ୍ଷିଣ୍ୟ, ମହତ୍ତ୍ୱାଦି ନାନାଗୁଣରେ ସଚ୍ଚିଦାନନ୍ଦ ବିଭୂଷିତ ଥିଲେ । ସ୍ୱଦେଶର ଓ ବିଦେଶର ବହୁ ବହୁ ପଣ୍ଡିତ ଓ ଗୁଣୀ ତାଙ୍କର ଅନନ୍ୟସାଧାରଣ ଅମାୟିକତା ଓ ସାରଲ୍ୟମଣ୍ଡିତ ସୌଜନ୍ୟରେ ମୁଗ୍ଧ ହୋଇ ବହୁମୁଖରେ ତାଙ୍କର ପ୍ରଶଂସା ଉଚ୍ଚାରଣ କରିଅଛନ୍ତି । ତାଙ୍କର ପ୍ରଜାପ୍ରୀତି ଅନନ୍ୟସୁଲଭ । ସେ ପୂର୍ବ-ପ୍ରଚଳିତ ଅନେକ କର ଉଠାଇ ଦେଇଥିଲେ ଓ ଦୁର୍ଭିକ୍ଷ ସମୟରେ ନାଗପୁର ଅଞ୍ଚଳରୁ ୫ଙ୍କାକୁ ୮ସେର ଚାଉଳ ବାମଣ୍ଡା ବଜାରରେ ୧୨।୧୫ ସେର ଚାଉଳରେ ବିକ୍ରି କରାଇ ଥିଲେ ।

ବାମଣ୍ଡା ଷ୍ଟେସନ୍‌ଠାରୁ ଦେବଗଡ଼ ପର୍ଯ୍ୟନ୍ତ ୧୨ ବାସୁଦେବ ସୁରଳଦେବଙ୍କଦ୍ୱାରା ୬୪ ମାଇଲ୍ ଲମ୍ବ ଯେଉଁ ଗାଡ଼ରାସ୍ତା ହୋଇଥିଲା ତାହାକୁ ମରମ୍ମତ ଚଳବା ଉପଯୋଗୀ କରି ପକ୍କା ଓ ବେଶୀ ଚଉଡ଼ା କରିବାରେ ସ୍ୱଜା ସଚ୍ଚିଦାନନ୍ଦ ଅକାତରେ ସବୁବେଳେ ବହୁ ସହସ୍ର ୫ଙ୍କା ବ୍ୟୟ କରିଥିଲେ ।

ବାମଣ୍ଡା ଜେଲ୍‌ରେ ଉତ୍କୃଷ୍ଟ ଦଉ, ଆସନ ଓ ବସ୍ତ୍ର ବୁଣା ହେବାର ବ୍ୟବସ୍ଥା ମଧ୍ୟ ସେ କରିଥିଲେ ।

୧୯୦୮।୧୯ ରେ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିବାରୁ ସଚ୍ଚିଦାନନ୍ଦ ୩୦ ହଜାର ୫ଙ୍କାର ଧାନ ବିଦେଶରୁ କିଣି ଆଣି ଶସ୍ତା ଦରରେ ପ୍ରଜାମାନଙ୍କୁ ବିକ୍ରି କରାଇ ଥିଲେ ଏବଂ ତହିଁରେ ସର୍ବାଂଶ ଶସ୍ୟ-ଗୋଲମାନ କରାଇ ପ୍ରଜାମାନଙ୍କୁ ଭବିଷ୍ୟତ୍ ଦୁର୍ଭିକ୍ଷ ବାହୁରୁ ରକ୍ଷା କରିଥିଲେ ।

ବହୁ ସହସ୍ର ୫ଙ୍କା ବ୍ୟୟରେ ଦେବଗଡ଼ରେ ଦରବାର ମନ୍ଦିର, ବଡ଼ ବଡ଼ ନଈ ଉପରେ ଗୁରୁ ଗୋଟ ସାର୍ଥ ଯୋଜ

Digitized by srujanika@gmail.com

ଓ ୨୨୦ ଫୁଟ୍ ଲମ୍ବ ଓ ୧୬ ଫୁଟ୍ ଚଉଡ଼ା ଗୋଟିଏ ଝୁଲ୍ଲା ପୋଲ ମଧ୍ୟ ତିଆରି ହୋଇଥିଲା । ଡସ୍ତଗୁଡ଼ିକ ଶ୍ରଗାଖାନା ଓ ବଦ୍ୟୁତ୍ ଘରଗୁଳିକ ମୁଦ୍ରାଯନ୍ତ୍ର ମଧ୍ୟ ପ୍ରତିଷ୍ଠିତ ହୋଇଥିଲା ।

ଡ଼. ପି. କେନାଲ୍ ସ୍ୱଳ୍ପୀ ଉମରୁଧର ପ୍ରିସ୍ୱାଙ୍କ ଜାର୍ତ୍ତି ଅଟେ । ଏଦ୍ୱାରୁଡା ୨୦୦୦ ଏକର୍ ଭୂମିରେ ଜଳସେଚନପାଇଁ ସ୍ୱତା ସଚ୍ଚିଦାନନ୍ଦ ପାଦ୍ଦତ୍ୟ ନଦୀମାନ ବନ୍ଧାଇ ଜଳାଶସ୍ୱ ଓ ଲୁଙ୍ଗାମାନ ଖୋଲାଇଥିଲେ ।

ମାଛଜାଆଁଳ ଯାଳ ମାଛ ବଢ଼ାଇ ବ୍ୟବସାସ୍ୱ କରିବା ପାଇଁ ସେ ଗୋଟିଏ ବଡ଼ ଜଳାଶସ୍ୱ ଖୋଲାଇଥିଲେ । ଝାଇଲ୍ ତିଆର କାରଖାନା, ମଦ୍ୟ ତିଆର ବ୍ୟବସ୍ଥା, ଲୁଗାକଳ, ଚଉକଳ, ରମ୍ବେଇ ଗ୍ୟାସ ଆଦ ବହୁ ମଙ୍ଗଳମସ୍ୱ କର୍ମ ଏଦ୍ୱାରାଦ୍ୱାରା ପ୍ରତିଷ୍ଠିତ ହୋଇଥିଲା ।

କାଳେ ପ୍ରଜାମାନଙ୍କ ଗୃହପାଳିତ ପଶୁମାନଙ୍କୁ ମାରଜାତୀସ୍ୱ ଉମଡ଼ା ରୋଗ୍ୟମାନେ ମାର ପକାଇବେ, ଏହି ଆଶଙ୍କାରେ ସେ ତାଙ୍କ ରାଜ୍ୟର ଉମଡ଼ା ଠିକା ବନ୍ଦ କରାଇ ଲକ୍ଷାଧିକ ଟଙ୍କାର ଆସ୍ୱ ପ୍ରତି ମାସ୍ୱା ତ୍ୟାଗ କରିଥିଲେ । ଗୋଟି ଗୋଟି କରି ତାଙ୍କର ମହାମାନବତାବ୍ୟଞ୍ଜକ ଗୁଣାବଳୀ ବର୍ଣ୍ଣନା କଲେ ସେ ବର୍ଣ୍ଣନାରେ ଏକାଧିକ ପୃଥାଣ୍ଡ ପୁସ୍ତକ ପୂର୍ଣ୍ଣ ହୋଇଯିବ ।

୧୯୦୩ ମସିହାରେ ତତ୍କା ସଚ୍ଚିଦାନନ୍ଦ ଗ୍ରାଇଷ୍ଟ୍ରେସ୍ (ବଡ଼ଗ୍ରୁ) ଲର୍ଡ଼ ହାର୍ଡିଞ୍ଜଙ୍କର କଟକ ଆଗମନୋପଲକ୍ଷରେ ହୋଇଥିବା ଦରବାରକୁ ଆସିଥିଲେ । ସେ ସମସ୍ୱରେ ଅର୍ଥାତ୍ତାବରୁ ମିସ୍ୟମାଣ କଟକର ଉତ୍କଳ-ସାହିତ୍ୟସମାଜକୁ ଦୃଢ଼ ଆଳିକ ଭିତ୍ତି ଉପରେ ପ୍ରତିଷ୍ଠିତ କରିବାପାଇଁ ସମବେତ ରାଜନ୍ୟବର୍ଗଙ୍କର ଯେଉଁ ସଭା ହୋଇଥିଲା ସେଥିରେ ଉକ୍ତ ସମାଜର ସ୍ଥାସ୍ୱୀ ପାଣ୍ଠିରୁ ରାଜା ସଚ୍ଚିଦାନନ୍ଦ ୫ ଟଙ୍କାମାନ ୫ ଦାନ କରିଥିଲେ ।

କନ୍ତୁ ଏସବୁ ଜାର୍ତ୍ତିଛଡ଼ା ସଚ୍ଚିଦାନନ୍ଦ ଯେଉଁ ଅକ୍ଷର-ସମ୍ବନ୍ଧୀ ଜାର୍ତ୍ତିରେ ଉତ୍କଳ-ଉତ୍ତରଙ୍କ ମନ୍ଦିରକୁ ସଜ୍ଜିତ କରିଯାଇ-ଅଛନ୍ତି ସେ ସବୁ ତାଙ୍କର ନାମକୁ କାଳର ସବ୍ୟଗାସୀ ମୁଖରୁ ରକ୍ଷା କରିବ । ବାମଣ୍ଡା ସ୍ୱଜଘରବାରରେ ସାଗରଦୁଲ୍ଲଣଙ୍କ ଅଖଣ୍ଡ ସ୍ୱଜତ୍ୱ ମଧ୍ୟରେ ସ୍ୱତା ସାରଦା ସପତ୍ନୀସ୍ୱଳଭ ବୈର ବ୍ୟବହାର ତ୍ୟାଗ କରି ସଦ୍ଭାବ ବସ୍ତ୍ରଛତା । ସ୍ୱତା ସଚ୍ଚିଦାନନ୍ଦ ସ୍ୱଜାଧୀଶ୍ୱର ଅପେକ୍ଷା କବି ରୂପରେ ବୋଧହୁଏ ଆହୁରି ବଡ଼ । ତାଙ୍କର ପ୍ରତ୍ୟେକ କାବ୍ୟ ଉତ୍କଳ ଉତ୍ତରଙ୍କ ଗଳାର ଗୋଟିଏ ଗୋଟିଏ ଅମୂଲ୍ୟ ହାର । ତାଙ୍କ "କାଦମ୍ବସ୍ତ୍ରୀ" କାବ୍ୟ, "ବୈଦିକ ପ୍ରକୃତି" କାବ୍ୟ, "ଜାରଗାଥା" କାବ୍ୟ, "ପ୍ରକୃତିଶତ୍ରୁ" କାବ୍ୟ, "ତରଙ୍ଗ" କାବ୍ୟ, "ଭାବ୍ଦ" ଓ "ମାସ୍ୱାସ୍ୱପର" କାବ୍ୟ, ଏ ପ୍ରତ୍ୟେକେ ଉତ୍କଳ-ସାହିତ୍ୟଭଣ୍ଡାରର ଗୋଟିଏ ଗୋଟିଏ ବସ୍ତ୍ରର ରତ୍ନ । "ଯୌନନିର୍ବାଚନ", "ବ୍ରିଟିଶ୍ ବିଜସ୍ୱ", "ଅବାହନ", ଏ ଜେତେବେଳ ଗଦ୍ୟ ଗଣ୍ଡକାବ୍ୟ ଓ କବିତାଗ୍ରନ୍ଥ ମଧ୍ୟ ଅତୁଲ୍ୟ ସାମ୍ପ୍ରତ—ସୁଷମାରେ ମଣ୍ଡିତ । ତାଙ୍କ ରଚିତ "ବୃଷ୍ଟିବିଜ୍ଞାନ" ଗଦ୍ୟର ବିଜ୍ଞାନକେତ୍ରରୁ ପ୍ରେ ତାଙ୍କୁ ସ୍ମରଣୀସ୍ୱ କରି ରଖିବ । ତାଙ୍କ ରଚିତ "ଅଳଙ୍କାର ସାର" ଅଦ୍ୟ ପର୍ଯ୍ୟନ୍ତ ଉତ୍କଳର ଉଚ୍ଚ ଶ୍ରେଣୀମାନଙ୍କରେ ପାଠ୍ୟପୁସ୍ତକରୂପେ ବ୍ୟବହୃତ ।

ତାଙ୍କ ରଚିତ "ଜାରଗାଥା" ନାମକ କାବ୍ୟ ତାଙ୍କ ପରଲୋକ ପ୍ରାପ୍ତି ପରେ ତାଙ୍କ ଦ୍ୱିତୀସ୍ୱ କୁମାର ଶ୍ରୀ ହୃଦସ୍ୱନାଥ ଦେବଙ୍କଦ୍ୱାରା ପ୍ରକାଶିତ । ତହିଁରୁ ତାଙ୍କର ସ୍ୱରଚିତ ଇତିହାସର ଗଦ୍ୟାଂଶ ୨ ଅଧସ୍ୱନର ପ୍ରକୃଷ୍ଟ ପରିଚସ୍ୱ ମିଳେ । ସ୍ୱରଚିତ ବଡ଼ଲାଟ ଲର୍ଡ଼ ହାର୍ଡିଞ୍ଜଙ୍କ କଟକ ଦର୍ଶନ ଓ ଦରବାର ଉପଲକ୍ଷରେ ୧୯୧୭ ମସିହାରେ ରଚିତ "ଅବାହନ" କବିତାରେ ସେ ବାମଣ୍ଡା ସ୍ୱଜବଂଶର ଇତିହାସର ଉଲ୍ଲେଖ କରିଅଛନ୍ତି । ଏସବୁ ଗ୍ରନ୍ଥର ପ୍ରକୃତ ସାହିତ୍ୟିକ ମୂଲ୍ୟ ଯାହା, ତାଡ଼ା ଅପେକ୍ଷା ଏସବୁ ଅନ୍ତତଃ ମୂଲ୍ୟବାନ୍ ଐତିହାସିକ, କାରଣ ଏସବୁ ଜଣେ କବିଙ୍କ—ଶାସନକାର୍ଯ୍ୟ-ବ୍ୟସ୍ତ, କର୍ମଠ, ପ୍ରଜାପ୍ରାଣ ନରପତ୍ତିଙ୍କର ଅବସରଯାପନ ଜୀବନର କୃତି । ସଚ୍ଚିଦାନନ୍ଦ ଗ୍ରନ୍ଥଲକୁ ଯେଉଁ ସ୍ୱାଦଦର୍ଶ ଦେଇଯାଇ ଅଛନ୍ତି ତାହା ଅପେକ୍ଷା ତାଙ୍କ କବିତାଦର୍ଶ ବହୁଗୁଣରେ ଉଚ୍ଚ । ତାଙ୍କ କବିତାରାଜ୍ଞ ତାଙ୍କ ଅଗାଧ ପାଣ୍ଡିତ୍ୟ ଓ ଶବ୍ଦଯୋଜନା ପାଠକର ପ୍ରକୃଷ୍ଟ ପରିପନ୍ଥକ । ଅନ୍ୟାନ୍ୟ କାବ୍ୟ-କବିତା କଥା ଛାଡ଼ି ଦେଲେ ତାଙ୍କ "ସ୍ୱଜଲ୍ଲୀ ଚୌତିଶା" ରୂପ କ୍ଷୁଦ୍ର ଗୀତିକାରେ ଯେଉଁ ପ୍ରସାଦଗୁଣ ଲକ୍ଷିତ ହୁଏ ତାହା ଆଧୁନିକ ସାହିତ୍ୟରେ କଚିତ୍ ଦୃଷ୍ଟ ହୋଇଥାଏ । ବାମଣ୍ଡାରୁ "ବୃଧବଂସ କେଳସର" କର ପିତାପୁତ୍ର ଦୁଇଜଣ ସାରସ୍ୱତ ଆରାଧନାର ଯେଉଁ ଅଭିନବ ଆସ୍ୱୋଜନ କରିଥିଲେ ତାହାର ଚରସ୍ମାସ୍ୱୀ ସ୍ମାରକରୂପେ ସଚ୍ଚିଦାନନ୍ଦଙ୍କ କାବ୍ୟ-କବିତାବଳୀ ଉତ୍କଳରେ ସମ୍ପୃକ୍ତ ହେଇଥିବ । ସଚ୍ଚିଦାନନ୍ଦଙ୍କ ମୃଣ୍ମସ୍ୱ ଶରୀର ଶ୍ମଶାନ ଗ୍ରାସ କରିଅଛି, ତାଙ୍କର ଅନ୍ୟାନ୍ୟ ନଶ୍ୱର ଜାର୍ତ୍ତି ସମସ୍ୱଗତ୍ତରେ ଅଦୃଶ୍ୟ କାଳଜବଳତ ହୋଇ ପଡ଼ିବ, କନ୍ତୁ ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ କାଳଙ୍କୁ ଦଶନକୁ ପରାସ୍ତ କରି ସଗର୍ବ ଦଣ୍ଡାସ୍ୱମାନ ରହିବ । ସରଣ ପରେ ଉତ୍କଳର ବାଣୀସେବକମାନଙ୍କଠାରୁ ସଚ୍ଚିଦାନନ୍ଦ ଆଜ ଯେଉଁ ପୂଜା ଲାଭ କରିବାର ଅଧିକାସ୍ୱ ହୋଇଅଛନ୍ତି ଓ ଉତ୍କଳର ବାଣୀସେବକଙ୍କଠାରୁ ତାଙ୍କର ସ୍ୱର୍ଗତ ଆସ୍ମା ଯେଉଁ ନୈବେଦ୍ୟ ଲାଭ କରୁଅଛି ତାହା ତାଙ୍କର ସାକ୍ଷାତ୍ ପ୍ରେରଣା-ରୂପିଣୀ ଦେବାଜଲ୍ମା ସହଧର୍ମିଣୀ ଶ୍ରୀମତୀ ଉମରୁଧର ପ୍ରିସ୍ୱା ପାଠମନ୍ଦାଦେବୀ ସ୍ୱଚକ୍ଷୁରେ ଦେଖି ସାଇପାରନ୍ତି । ଏ ପୂଜାର ଅନ୍ତ ନାହିଁ । ଅନନ୍ତକାଳ ଯଦି ଏ ପୂଜା ମଧ୍ୟ ଅନ୍ତର୍ଯ୍ୟାନ ।

ପୂର୍ବରୁ କୁଥିତ ହୋଇଅଛି ଯେ, ସଚ୍ଚିଦାନନ୍ଦ ଓଡ଼ିଶାର ପ୍ରଧାନ ସାହିତ୍ୟ ଗୀଠ "ଉତ୍କଳ ସାହିତ୍ୟସମାଜ"କୁ ଓଡ଼ିଶାର ବ୍ରାହ୍ମନ୍ୟମାନଙ୍କ ମଧ୍ୟରୁ ସର୍ବପ୍ରଥମେ ୫ ଟଙ୍କାମାନ ଦାନ କରିଥିଲେ । କହିବା ବାହୁଲ୍ୟ ଯେ "ଉତ୍କଳ ସାହିତ୍ୟ ସମାଜ"ର କତ୍ତିମାନ ରୂପ ତାଙ୍କର ବସ୍ତ୍ରଃ ଜଲ୍ପନାରୁ ଉଦ୍ଭୂତ ।

ସଚ୍ଚିଦାନନ୍ଦ ୧୯୧୭ ମସିହା ମାର୍ଚ୍ଚ ମାସ ୧୧ ତାରିଖ ଦିନ କଲିକତାରେ ନଶ୍ୱର ଦେହ ତ୍ୟାଗ କରି ଦିବ୍ୟଧାମକୁ ପ୍ରସ୍ଥାନ କରିଥିଲେ । ତାଙ୍କ ମରଣରେ ଉତ୍କଳ ସାନଭର ହୋଇ ପଡ଼ିଲ ଓ ଦେଶବ୍ୟାପୀ ଶୋକର ପ୍ରବଳ ବାତ୍ୟା ବହି-ଗଲା । ତାଙ୍କ ମରଣ ଉପଲକ୍ଷରେ ରାଧାନାଥ, ମଧୁସୂଦନ ଓ

Digitized by srujanika@gmail.com

ନ୍ୟୋମଣି ଆଦଙ୍କଦ୍ୱାରା ରଚିତ ଶୋକଗୀତକାମାନଙ୍କରୁ ଦେଖାଯାଏ ଯେ, ସଚ୍ଚିଦାନନ୍ଦ ଏକାଧାରରେ ରାଜମାତଙ୍ଗ, ସାହିତ୍ୟିକ, କବି, ବୈଜ୍ଞାନିକ, ଭ୍ରାତୃତ୍ୱଙ୍କ ମହାପଣ୍ଡିତରୂପେ ଉତ୍କଳମାତାଙ୍କ ସନ୍ତାନ ସନ୍ତତିଙ୍କ ହୃଦୟରେ ଉଚ୍ଚାସନ ବଶିଷ୍ଟ ସ୍ଥାନ ଅଧିକାର କରିଥିଲେ ଓ ଓଡ଼ିଆ ଜାତି ରହିଥିବା ପର୍ଯ୍ୟନ୍ତ ସେ ସ୍ଥାନ ଅଧିକାର କରିଥିବେ ।

ରାଜ୍ଞୀ ଶ୍ରୀମତୀ ଜମରୁଧରପ୍ରିୟା ଦେବୀ

ରାଜା ସଚ୍ଚିଦାନନ୍ଦଙ୍କ ଜୀବନ ଚରିତରେ ତାଙ୍କ ସଦ୍ଧର୍ମିଣୀ ରାଣୀ ଶ୍ରୀମତୀ ଜମରୁଧରପ୍ରିୟା ଦେବୀଙ୍କ ଉଲ୍ଲେଖ ନ ରହିଲେ ଉକ୍ତ ଜୀବନ ଚରିତ ଅସମ୍ପୂର୍ଣ୍ଣାଙ୍ଗ ହେବ ।

ପୂର୍ବେ ରାଜା ସଚ୍ଚିଦାନନ୍ଦଙ୍କ ପ୍ରସଙ୍ଗାନ୍ତରେ ରାଣୀ ଶ୍ରୀମତୀ ଜମରୁଧରପ୍ରିୟାଙ୍କ ନାମ ଉଲ୍ଲେଖ ହୋଇଅଛି ।

କଲାହାଣ୍ଡି ରାଜ୍ୟର ଅନ୍ତର୍ଗତ କାଶୀପୁରର ରାଜା ବୈଦ୍ୟନାଥ ସିଂହ ଦେବଙ୍କ ସ୍ୱର୍ଗାରୋହଣ ସମୟରେ ତତ୍ପୁତ୍ର ରାଜକୁମାର ଜଦଭନ୍ତାଥ ସିଂହ ଅପ୍ରାପ୍ତବୟସ୍କ ହୋଇଥିବାରୁ ତାଙ୍କ ରାଣୀ ଶ୍ରୀମତୀ ସୂର୍ଯ୍ୟମଣି ଦେବୀ ସ୍ୱୟଂ ରାଜକାର୍ଯ୍ୟ ପରିଚାଳନଭାର ଗ୍ରହଣ କରିଥିଲେ । ତାଙ୍କର ରାଜକାର୍ଯ୍ୟ ପରିଚାଳନରେ ଦାକ୍ଷିଣ୍ୟ ବୁଦ୍ଧି, ଅଚ୍ଛିନ୍ନ ଅତ୍ୟାଗତ ସେବା, ପ୍ରଜାଙ୍କୁ ପୁତ୍ର ନିର୍ବିଶେଷରେ ପାଳନ, ଧର୍ମନିଷ୍ଠତା, ମାତୃଭୂମି ଓ ମାତୃଭାଷା ପ୍ରତି ଅନୁରାଗ, ଦରିଦ୍ରପରିପୋଷଣତା, ସାଧୁସଜ୍ଜନମାନଙ୍କ ସେବା ଓ ଦୁଃସ୍ଥ ବ୍ୟକ୍ତିଙ୍କ ଦୁଃଖମୋଚନୋଦ୍ୟମ ଆଦର ସହିତ ସଂଗୃହୀତ ହୋଇଥିଲା ଓ ଜଳୁଳୀୟ ରାଜନ୍ୟବର୍ଗ ରାଣୀ ସୂର୍ଯ୍ୟମଣିଙ୍କୁ ସମ୍ମାନ ଓ ଭକ୍ତି କରୁଥିଲେ । ରାଜା ସ୍ୱର୍ଗତ ବାସୁଦେବ ସୁରଲ ଦେବ କାଶୀପୁରର ସ୍ୱର୍ଗତ ରାଜା ବୈଦ୍ୟନାଥ ସିଂହଙ୍କ ଜ୍ୟେଷ୍ଠା କନ୍ୟା ଶ୍ରୀମତୀ ଜମରୁଧରପ୍ରିୟା ଜ୍ୟୋମାମଣିଙ୍କ ଅଶେଷ ସୁଗୁଣ ଓ ଶିକ୍ଷା ଆଦର ସମ୍ବାଦ ପାଇ ବାମଣ୍ଡାର ରାଜା ଅଧୀଶ୍ୱର ଝଲାଏତ ସଚ୍ଚିଦାନନ୍ଦଙ୍କ ପାଇ ତାଙ୍କୁ ନିଜର ପୁତ୍ରବଧୂରୂପେ ବରଣ କରିବା ସ୍ଥିର କଲେ ଓ ଏ ବିବାହ ପ୍ରସଙ୍ଗର ସ୍ଥିତିକରଣ ପାଇଁ ବିଶ୍ୱାସୀ 'ଭଲଣ୍ଟିୟର' କାଶୀପୁରର ବିଧବା ରାଣୀଙ୍କ ନିକଟକୁ ପଠାଇ ଏ ବିବାହ ପ୍ରସଙ୍ଗ ସ୍ଥିର କଲେ ଏବଂ କୁମାରଙ୍କ ସହିତ ସ୍ୱୟଂ କାଶୀପୁର ରାଜଧାନୀରେ ଉପସ୍ଥିତ ହୋଇ ସେହିଠାରେ ୧୮୮୫ ସାଲରେ [ଝଲାଏତଙ୍କୁ ୧୭ ବର୍ଷ ବୟସ ହୋଇଥିବା ସମୟରେ] ସସ୍ତ୍ରୀକ ଦ୍ୱାଦଶ କାଳ ଅବସ୍ଥାନ କରି ଝଲାଏତଙ୍କ ମଙ୍ଗଳକୃତ୍ୟ ସମାପନ କରାଇ ବିବାହାନ୍ତେ ଆତ୍ମୀୟ ସ୍ୱଜନ, ବରବଧୂ, ଯୌତୁକ ସମ୍ଭାର ସହ ମହାସମାରୋହସହକାରେ ଦେବଗଡ଼କୁ ପ୍ରତ୍ୟାବର୍ତ୍ତନ କଲେ ଓ ଦେବଗଡ଼ରେ ମଧ୍ୟ ଯୁବରାଜଙ୍କ ବିବାହର ପରବର୍ତ୍ତୀ ଉତ୍ସବମାନ ମହାସମାରୋହ ଓ ବହୁ ବ୍ୟୟ ସହକାରେ ସମ୍ପାଦନ କଲେ । କାଶୀପୁରର ରାଜକୁମାର ଉକ୍ତ ଜଣଙ୍କ ମଧ୍ୟରୁ ଜ୍ୟେଷ୍ଠା ପ୍ରଥମେ ବାମଣ୍ଡାର ଯୁବରାଣୀ, ତତ୍ପରେ ପଟ୍ଟମହିଷୀ, ତତ୍ପରେ ରାଜମାତା ଓ ବର୍ତ୍ତମାନ ରାଜମାତାମହାରୂପେ ବିରାଜିତା । ତୃତୀୟା ରାଜକୁମାରୀ ଗାଙ୍ଗପୁରର ଯୁବରାଣୀ ହେଲେ । ତାଙ୍କର ପୁନଃ ଗାଙ୍ଗପୁରର ସ୍ୱର୍ଗତ ବିବାଗାଶଙ୍କର ଶେଖରଙ୍କ ଜନ୍ମର ତୃତୀୟ ବତ୍ସରରେ ସେ ପୁତ୍ରବତୀ ସୌଭାଗ୍ୟର ସ୍ୱର୍ଗତା ହୋଇଥିଲେ । ତୃତୀୟା ରାଜକୁମାରୀ ସୋନପୁରର ଯୁବରାଣୀ, ପରେ ମହାରାଣୀ ଓ ବର୍ତ୍ତମାନ ମହାରାଜ-ଜନନୀରୂପେ ବିରାଜିତା ।

ଯୁବରାଣୀ ଓ ଯୁବରାଜରୂପେ ଦାମ୍ପତ୍ୟ ଜୀବନର ସୁଖ ଉପଭୋଗ କରୁଥିଲେହେଁ ରାଜମାତଙ୍ଗ ସର୍ ବାସୁଦେବଙ୍କ ବ୍ୟକ୍ତିଗତ ତତ୍ତ୍ୱାବଧାନରେ ଯୁବରାଜ ସଚ୍ଚିଦାନନ୍ଦ ରାଜ୍ୟଶାସନ କର୍ମରେ ତାଲିମ୍ ହେଲେ ଓ ପୁତ୍ରବଧୂ ଶ୍ରୀମତୀ ଯୁବରାଣୀ, ଓଡ଼ିଆ, ବଙ୍ଗଳା, ଇଂରାଜୀ, ହିନ୍ଦୁସ୍ତାନୀରେ ବହୁ ପ୍ରକାଶତା ଓ ପାଣ୍ଡିତ୍ୟ ଲାଭ କଲେ । ରାଜା ସର୍ ବାସୁଦେବ କ୍ରମେ କ୍ରମେ ରାଜ୍ୟଶାସନର ସମୁଦାୟ ଭାର ଝଲାଏତଙ୍କ ଉପରେ ଅର୍ପଣ କରି କେବଳ ଅପିଲ ଅଦାଲତର କାର୍ଯ୍ୟ ଅପରା ହାତରେ ରଖିଥିଲେ । ଏଥିପାଇଁ ସଚ୍ଚିଦାନନ୍ଦ ଯୁବରାଜ ଥାଇ ସ୍ୱତନ୍ତ୍ର ରାଜକର୍ମରେ, ରାଜଦରବାରରେ ଓ ଧର୍ମାଧିକରଣରେ ବହୁକାଳ ବ୍ୟାପୃତ ରହିଥିଲେ । ସେହି ସମୟରେ ଯୁବରାଣୀ ଚିତ୍ରକଳା, ସଙ୍ଗୀତ ଓ ସାହିତ୍ୟର ଚର୍ଚ୍ଚାରେ ବ୍ୟାପୃତା ରହିଥିଲେ ।

ସଚ୍ଚିଦାନନ୍ଦ ସାକ୍ଷାତ୍ ସରସ୍ୱତୀସ୍ୱରୂପା ଜମରୁଧରପ୍ରିୟାଙ୍କୁ ପାଇବାରୁ ଦୁହିଙ୍କ ଜୀବନ ସାହିତ୍ୟ ସେବା ଓ ସରସ୍ୱତୀଙ୍କ ଅର୍ଚ୍ଚନାରେ ପୂତ ହେଲା । ସତେ ଯେପରି ପ୍ରଭୁ ଏ ରାଜଦମ୍ପତିଙ୍କ ବିବାହ ବନ୍ଧନଦ୍ୱାରା ଉଚ୍ଚସ୍ତରୀୟ ମିଳନର ସୂଚନା କରି ଦୁହିଙ୍କୁ ଏକା ସୂତ୍ରରେ ଗଢ଼ିଥିଲେ ।

୧୧ ବର୍ଷକାଳ ଯୌବରାଜ୍ୟ ଭୋଗ କରିବା ପରେ ସର୍ ବାସୁଦେବଙ୍କ ସ୍ୱର୍ଗପ୍ରାପ୍ତି ଯୋଗୁଁ ରାଜ୍ୟଶାସନର ସମସ୍ତ ଭାର ୧୯୦୩ ସାଲରେ ସଚ୍ଚିଦାନନ୍ଦଙ୍କ ଉପରେ ପଡ଼ିଲା ଏବଂ ରାଜଦମ୍ପତି ଏକାଙ୍ଗ ହୋଇ ଲୋକସେବା (ରାଜ୍ୟଶାସନ) ଓ ସରସ୍ୱତୀ ସେବା (ମାତୃଭାଷା ଓ ସାହିତ୍ୟାଲୋଚନା)ରେ ଜୀବନକୁ ଧନ୍ୟ ଓ ମଧୁମୟ କଲେ । ରାଜ୍ୟଶାସନର ଯନ୍ତ୍ରିତ୍ରର ବହନ କରିବାରୂପ ଦୁରୂହ ଭାର ରାଜ୍ଞୀ ଶ୍ରୀମତୀ ଜମରୁଧରପ୍ରିୟାଙ୍କ ସହଧର୍ମ୍ୟ, ସହକର୍ମିତା, ସହଧର୍ମିଣୀତ୍ୱ ଓ ଯତ୍ନାର୍ଜନ ଯୋଗୁଁ ରାଜା ସଚ୍ଚିଦାନନ୍ଦ ଅକ୍ଲେଶରେ ବହନ କରିବାକୁ ସମର୍ଥ ହୋଇଥିଲେ । ଏ ଭାର ବହନ କରି ପୁରା ରାଜଦମ୍ପତି ଅବସର ସମୟରେ ଏକତ୍ର ବାଣୀ ଆରାଧନା କରୁଥିଲେ । ରାଜା ସଚ୍ଚିଦାନନ୍ଦଙ୍କ ରଚିତ ଗ୍ରନ୍ଥମାନଙ୍କ ପାଣ୍ଡୁଲିପିମାନ ପ୍ରଥମେ ରାଜ୍ଞୀଙ୍କଦ୍ୱାରା ସମାଲୋଚିତ ଓ ସମ୍ପୂର୍ତ୍ତ ହେବା ପରେ ସେମାନ ମୁଦ୍ରାଯନ୍ତ୍ର ସାହାଯ୍ୟରେ ଲୋକଲୋଚନଗୋଚର ହେଉଥିଲା । ରାଜା ସଚ୍ଚିଦାନନ୍ଦଙ୍କର କ ବଜ୍ଞାନ, କ ଚିତ୍ରକଳା, କ କବିତା କ ସଙ୍ଗୀତ, କବାଦ୍ୟ, କ ବୈଦିକ ଅଧ୍ୟୟନ, କ ସ୍ୱତନ୍ତ୍ର ସାହିତ୍ୟ, କ ବ୍ୟାକରଣଶାସ୍ତ୍ର, କ ଅଳଙ୍କାରଶାସ୍ତ୍ର, ସବୁ ବିଷୟରେ କହିଲେ-ମୁଣ୍ଡୀ ପ୍ରଭୃତିର ଫଳସ୍ୱରୂପ ତାଙ୍କ ଲେଖନୀରୁ ନିସୃତ ସନ୍ଦର୍ଭ ଓ କବିତାମାନଙ୍କ ସମାଲୋଚନା ପାଇଁ ଗଭୀର ପାଣ୍ଡିତ୍ୟ ଲୋଡ଼ା । ଏଥିରୁ ରାଜ୍ଞୀ ଜମରୁଧରପ୍ରିୟାଙ୍କ ବିଦ୍ୱତ୍ତା ସହଜେ ଅନୁମିତ

Digitized by srujanika@gmail.com

ଦେବ । ଏଥର ଵଦୁଷୀ, ସଦ୍ଗୁଣସମ୍ପନ୍ନା, ଧୀ ସଦ୍ଧର୍ମଣୀଙ୍କୁ ଲଭ କର କେବଳ ବାମଣ୍ଡା ନରପତ୍ତି ସଚ୍ଚିଦାନନ୍ଦ ଧନ୍ୟ ହୋଇ ନ ଥିଲେ, ବାମଣ୍ଡା ରାଜ୍ୟ ଓ ରାଜ୍ୟର ପ୍ରକୃତିପୁଞ୍ଜ ମଧ୍ୟ କୃତାର୍ଥ ହୋଇଅଛନ୍ତି । ରାଜ୍ୟଶାସନରେ ଓ ସାହିତ୍ୟଚର୍ଚ୍ଚା ବିଷୟରେ ରାଜା ସଚ୍ଚିଦାନନ୍ଦଙ୍କ ଦକ୍ଷିଣହସ୍ତରୂପେ କର୍ମ କରି ମହାରାଣୀ ମହାଦେବୀ ସନ୍ତୁଷ୍ଟା ରହୁ ନ ଥିଲେ; ତାଙ୍କ ବ୍ୟକ୍ତିଗତ ବ୍ୟୟ ପାଇଁ ରାଜକୋଷରୁ ତାଙ୍କୁ ଯେଉଁ ଧନ ମିଳୁଥିଲା ଓ ତା ୫ ପାଇଁ ଶୁଣୁଥିବା ବୃତ୍ତିରୁ ଯାହା ଲଭ ମିଳୁଥିଲା, ତହିଁରୁ ଅଧିକାଂଶ ଧନ ଗରିବ ପ୍ରଜାଙ୍କୁ ସାହାଯ୍ୟ ଦେବା, ଜଳକଷ ଅଞ୍ଚଳରେ କୂପ, ଭଡ଼ାଗାଦ ଖୋଲାଇ ଦେବା, କନ୍ୟାଦାୟଗ୍ରସ୍ତ ବ୍ୟକ୍ତିଙ୍କୁ କନ୍ୟାଦାୟରୁ ମୁକ୍ତ କରିବା, ଅନୁତୋଷନସ୍ଥ ବାଳକଙ୍କ ଉପନୟନ ବ୍ୟୟ ନିର୍ବାହ, ମରୁଡ଼ି, ବନ୍ୟା, ଗୃହଦାହ ଆଦିରେ କ୍ଲିଷ୍ଟ ପ୍ରଜାମାନଙ୍କୁ ସାହାଯ୍ୟ ଦାନ ଓ କେତେକ ସ୍ଥାନରେ ଦେବମନ୍ଦିର ପ୍ରତିଷ୍ଠାରେ ବ୍ୟୟ ହେଉଥିଲା ଓ ଏ ବ୍ୟୟର ଅଧିକାଂଶ ରାଜା ସଚ୍ଚିଦାନନ୍ଦଙ୍କ କାନରେ ମଧ୍ୟ ପଡ଼ୁ ନ ଥିଲା । ଇଂରାଜୀରେ ଗୋଟିଏ ଉପଦେଶ ଅଛି, "Let not your left hand know what your right hand bestoweth" ଅର୍ଥାତ୍, ତୁମ ଡାହାଣ ହାତରେ ପ୍ରଦତ୍ତ ଦାନର ବିଷୟ ତୁମ ବାମହାତ ସୁଦ୍ଧା ନ ଜାଣୁ—ଏ ଉପଦେଶ ରାଜ୍ଞୀ ଉମରୁଧରତ୍ରିପୁରାଙ୍କ ଜୀବନରେ ଅକ୍ଷରେ ଅକ୍ଷରେ ପ୍ରତିପାଳିତ ହୋଇଅଛି ।

ସର୍ ବାସୁଦେବ ସ୍ତୁଲଦେବଙ୍କ ଅମଳରୁ ରାଜକୁମାରମାନଙ୍କର ବିଦ୍ୟାଶିକ୍ଷା, ସାହିତ୍ୟଚର୍ଚ୍ଚା, ସଙ୍ଗୀତ, କଳ ଅଙ୍ଗଚାଳନାଦିର ଶିକ୍ଷାପାଇଁ ବିଦ୍ୟାଳୟ ରାଜଭବନରେ ପ୍ରତିଷ୍ଠିତ ହୋଇଥିଲା । ତହିଁର ଫଳରେ ବାମଣ୍ଡାର ରାଜକୁମାରମାନଙ୍କ ଠା ସ୍ମୃତିଚିତ୍ତା ଓ ସରସ୍ୱତୀସେବକା ଉତ୍କଳଖଣ୍ଡରେ ଅନ୍ୟତ୍ର ବିରଳ । ରାଜକୁମାରମାନଙ୍କ ଶିକ୍ଷାର ଉପଯୁକ୍ତ ଶିକ୍ଷୟିତ୍ରୀମାନଙ୍କଠାରେ ନ୍ୟସ୍ତ ଥିଲା । ରାଜକୁମାରମାନଙ୍କ ଶିକ୍ଷା ପାଇଁ ରାଜଭବନର ବହୁଦୂରେ ପ୍ରତିଷ୍ଠିତ ବିଦ୍ୟାଳୟର ଜନ୍ମଦାତା (ସୁପରଣ୍ଟେଣ୍ଡେଣ୍ଟ) ଥିଲେ ଯୁବରାଜ ଓ ପରେ ରାଜା ସଚ୍ଚିଦାନନ୍ଦ । ରାଜକୁମାରମାନଙ୍କ ଶିକ୍ଷାପାଇଁ ରାଜଭବନର ମଧ୍ୟରେ ପ୍ରତିଷ୍ଠିତ ବିଦ୍ୟାଳୟର ଜୟନ୍ତୀ ଥିଲେ ଯୁବରାଣୀ ଓ ପରେ ରାଣୀ ଶ୍ରୀମତୀ ଉମରୁଧରତ୍ରିପୁରା ଦେବୀ । ଏଥିରୁ ମହାଦେବୀଙ୍କ ବିଦ୍ୟାନୁରାଗ ଓ ଦେଢ଼ାଗ୍ରହର ଆଭାଷ ମିଳିବ ।

ରାଜା ସଚ୍ଚିଦାନନ୍ଦ ଓ ରାଜ୍ଞୀ ଉମରୁଧରତ୍ରିପୁରାଙ୍କ କୋଡ଼ରେ ପ୍ରଥମ ଜନ୍ମଗୋଟି ପୁତ୍ରସନ୍ତାନ ଓ ଦୁଇଗୋଟି ପୁତ୍ରସନ୍ତାନଙ୍କୁ ଦେଇଥିଲେ । ଜ୍ୟେଷ୍ଠପୁତ୍ର ବାମଣ୍ଡାର ସ୍ୱର୍ଗତ ରାଜା ବିଦ୍ୟାଶଙ୍କର, ତୃତୀୟପୁତ୍ର ବଡ଼କୁମାର ଶ୍ରୀ ଦୁଦସୂନାଥ ଦେବ ଓ ତୃତୀୟପୁତ୍ର କୁମାର ଶ୍ରୀ ଲଲ ମୋହନମୋଦନ ଦେବ (ଯେ ବର୍ତ୍ତମାନ ସ୍ୱର୍ଗତ ପୁତ୍ର ରାଜା ମୃଦୁନ ଦେବଙ୍କ ଦତ୍ତକ ସନ୍ତାନରୂପେ ଉତ୍କଳର 'ସ୍ୱର ଶ୍ରୀ ଗଜପତି ଗଜପତିଶ୍ୱର ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର, ବିବୁଧ ଭାରତୀର ପ୍ରତାପ ଶ୍ରୀ ଗଜପତି ମହାରାଜାଙ୍କ ଯୋଗ। ଦାୟାଦରୂପେ ସୁନ୍ଦର ରାଜଗାଦିରୁ ରାଜା ଶ୍ରୀ ଶ୍ରୀ ଶ୍ରୀ ରାମଚନ୍ଦ୍ର ଦେବ ନାମରେ ଶେଷ ଓ ମହାମନ୍ତ୍ର ଲଭ କରୁଅଛନ୍ତି) ସଚ୍ଚିଦାନନ୍ଦ ଜଦଭ୍ରଙ୍କର କୁମାର୍ଯ୍ୟ ଜ୍ୟେଷ୍ଠା ଜେମାମଣି ଶ୍ରୀମତୀ ସ୍ୱରଭରଙ୍ଗିଣୀ ଦେବୀଙ୍କୁ ରାଜଦମ୍ପତି କଲାହାଣ୍ଡିର ମହାରାଜ ଶ୍ରୀ ବ୍ରଜମୋହନ ଦେବଙ୍କ ହସ୍ତରେ ଅର୍ପଣ କରି ସାରିଅଛନ୍ତି ଓ ଅଜ ମହାରାଣୀ ଶ୍ରୀମତୀ ସ୍ୱରଭରଙ୍ଗିଣୀ ୨ଟି ରାଜକୁମାର ଓ ୩ ଗୋଟି ରାଜକୁମାରୀଙ୍କୁ ଲଭ କରି ରାଜକୁମାରୀମାନଙ୍କ ଜନ୍ମଦାତ୍ରିତ୍ୱ ସମାହୃତ କରିଅଛନ୍ତି । ସଚ୍ଚିଦାନନ୍ଦଙ୍କ କନିଷ୍ଠା ରାଜକୁମାରୀ ମନ୍ଦାକିନୀ ବାଲ୍ୟକାଳରେ ଇହଲୀଳା ସାଙ୍ଗ କରିଥିଲେ ।

ବାମଣ୍ଡା ରାଜ୍ୟର ସଦ୍ରସ୍ତ ସଦ୍ରସ୍ତ ଏକର୍ ଜଳକଷ ଜମିରେ ଜଳ ମଡ଼ାଇବାପାଇଁ ବାରକୋଟ ସବ୍ଡିଭିଜନ୍‌ରେ ୩୦ ମାଇଲ୍ ଲମ୍ବ କେନାଲ୍ ଓ ଅନୁକଟ୍ (ସେତୁ)ର ନିର୍ମାଣ ଓ ଉଦ୍ଘାଟନ କର୍ମ ରାଜା ସଚ୍ଚିଦାନନ୍ଦଙ୍କ ସ୍ୱଚ୍ଛରୁ ଗୋଟିଏ ବିଶିଷ୍ଟ ଉଲ୍ଲେଖ-ଯୋଗ୍ୟ ଘଟଣା ଅଟେ । ଏହି କେନାଲ୍ ବିଷୟରେ ରାଜା ସଚ୍ଚିଦାନନ୍ଦଙ୍କ ଜୀବନଚରିତରେ ଲେଖା ହୋଇଅଛି । ଏହି କେନାଲ୍ ଖୋଲା ହେବାଦ୍ୱାରା ବାମଣ୍ଡା ରାଜ୍ୟର ପ୍ରାୟ ୧୦୦ ବର୍ଗ ମାଇଲ୍ ବ୍ୟାପୀ ଅଞ୍ଚଳର ସଦ୍ରସ୍ତ ସଦ୍ରସ୍ତ ଏକର୍ ଜମି ଆବାଦ ହୋଇ ପାରିଅଛି ଓ ସଦ୍ରସ୍ତ ସଦ୍ରସ୍ତ ପ୍ରଜା ଅନାବୃଷ୍ଟି 'ମରୁଡ଼ି' ଜନିତ ଶସ୍ୟହାନିରୁ ରକ୍ଷା ପାଇଁ ମୁକ୍ତକଣ୍ଠରେ ଅହର୍ନିଶ ସଚ୍ଚିଦାନନ୍ଦ ରାଜଦମ୍ପତିଙ୍କର ଯଶୋଗାନ କରୁଅଛନ୍ତି । ଏ କେନାଲର କଳ୍ପନା ରାଜ୍ଞୀ ଶ୍ରୀମତୀ ଉମରୁଧରତ୍ରିପୁରା ଦେବୀଙ୍କ ଦ୍ୱାରା ହୋଇଥିଲା ଓ ଏହି ପରିକଳ୍ପନା ରାଜା ସଚ୍ଚିଦାନନ୍ଦଙ୍କ-ଦ୍ୱାରା ଅନୁମୋଦିତ ହେବାରୁ ରାଜ୍ଞୀ ଉମରୁଧରତ୍ରିପୁରା ନିଜର ସ୍ତ୍ରୀଧନରୁ ବହୁ ଅର୍ଥ ଏହି କେନାଲ୍ ଖନନ କର୍ମରେ ବ୍ୟୟ କରିଥିଲେ । ଉକ୍ତ କେନାଲ୍ ଖନନ ଓ ଅନୁକଟ୍ କର୍ମାଦି କର୍ମ ସଙ୍ଗେ ଷ୍ଟେଟ୍‌ର କିଛି ସମ୍ପର୍କ ନ ଥିଲା । ରାଜ୍ଞୀ ମହୋଦୟା ସେଥିପାଇଁ ସ୍ୱତନ୍ତ୍ର ଇଞ୍ଜିନିଅର୍, କର୍ମଚାରୀ ଓ ମୂଲ୍ୟ ନିରୂପଣ କରି ସେମାନଙ୍କର ସମସ୍ତ ବ୍ୟୟ ନିଜେ ବହନ କରିଥିଲେ । ଏଥିପାଇଁ ରାଜା ସଚ୍ଚିଦାନନ୍ଦ ଉକ୍ତ କେନାଲ୍‌ର ରାଜ୍ଞୀ ଉମରୁଧରତ୍ରିପୁରାଙ୍କୁ ସ୍ୱତ୍ୱବତ୍ତାରୂପେ ସ୍ୱୀକାର କରିଥିଲେ ଓ ଉକ୍ତ କେନାଲର ଜଳଂ ସେଚନ ଯୋଗୁଁ ଉର୍ବର ହୋଇଥିବା ଜମିରୁ ଉତ୍ପନ୍ନ ଅସ୍ୱ ରାଜ୍ଞୀ ଉମରୁଧରତ୍ରିପୁରା ଭୋଗ କରି ଅସୁଅଛନ୍ତି ଓ ତାଙ୍କ ନାମ ଅନୁସାରେ ଉକ୍ତ କେନାଲର ନାମ ଉମରୁଧରତ୍ରିପୁରା କେନାଲ୍ D. P. Canal ହୋଇଅଛି । ଏହି କାର୍ଯ୍ୟରୁ ରାଣୀ ସାହେବାଙ୍କ ବ୍ୟାବହାରିକ ମନୋବୃତ୍ତି (Business mentality)ର ପ୍ରାଖର୍ଯ୍ୟ ଓ ଉତ୍କୃଷ୍ଟ ଦୂରଦୃଷ୍ଟିର ସ୍ପଷ୍ଟ ପ୍ରମାଣ ମିଳିଅଛି । ସ୍ୱନାମ-ଧନ୍ୟା ଉକ୍ତ ରାଣୀ ସାହେବା (ଯେ ସ୍ୱର୍ଗତ ରାଜା ବିଦ୍ୟାଶଙ୍କରଙ୍କ ରାଜତ୍ୱ କାଳରେ ରାଜମାତା ଓ ରାଜା ସ୍ୱତନ୍ତ୍ରଗଙ୍ଗଙ୍କ ରାଜତ୍ୱକାଳରେ ରାଜପିତାମହୀ ବା ବଡ଼ ଜେଜେମାତାରୂପେ ସମ୍ମାନ ପ୍ରତିଷ୍ଠା ପାଇଅଛନ୍ତି) ଉକ୍ତ କେନାଲର ଭବିଷ୍ୟତ୍ ସୁରକ୍ଷା, ସଂସ୍କାର, ପରଷ୍କାର, ସ୍ୱତ୍ୱାଧିକାର ଓ ଅସୁଭୋଗର ବ୍ୟବସ୍ଥା ମଧ୍ୟ କରିଅଛନ୍ତି ।

Digitized by srujanika@gmail.com

ଭାକର ଜ୍ୟେଷ୍ଠ କୁମାର [ଅଧୁନା ସ୍ୱର୍ଗତ [ବାମଣ୍ଡା ନରପଟ୍ଟ ବଳା ଦବ୍ୟଶଙ୍କରଙ୍କ ପାଇଁ ରାଜ୍ଞୀ ରହିଲା ଥାଇ ତାଙ୍କର ଅନ୍ୟ ଦୁଇ କୁମାର, ଯଥାକ୍ରମେ (ବର୍ତ୍ତମାନ ସିଂହାସନ ବଡ଼ କୁମାର) ଶ୍ରୀ ହୃଦୟନାଥ ଦେବ ଓ ଛୋଟ ଶ୍ରୀ ମୋହନ୍ତ-ମେଦିନ ଦେବ (ବର୍ତ୍ତମାନ ସୁଘର ଗଜପତି ମହାରାଜ ଶ୍ରୀ ରାମଚନ୍ଦ୍ର ଦେବ) ଓ ସେମାନଙ୍କ ଦାୟାଦମାନେ ଏ କେନାଲ୍‌ର ସୁରକ୍ଷା ଓ ସଞ୍ଚାର ଅବ କର ଷ୍ଟେଟ୍‌ର କର୍ତ୍ତୃପକ୍ଷଙ୍କୁ କେନାଲ୍‌ଦ୍ୱାର। ସେଚିତ ସୀମାନର୍ଦ୍ଦିଷ୍ଟ ଜମି ପାଇଁ ବନ୍ଦୋବସ୍ତିତ ରୂପେ ଜଳକର ଦେଇଥିବେ ଓ କେନାଲ୍ ସେଚିତ ଭୂମିର ଉତ୍ପନ୍ନ ଓ ଆୟୁ ଯାବଚ୍ଚନ୍ଦ୍ରାର୍କ ଭୋଗ କରିବେ, ଏହା ମର୍ମରେ ରାଜ୍ଞୀ ରମରୁଧରତ୍ରିପୁରା ଦେବୀ ଗୋଟିଏ ଉଇଲ୍ (Will) ସମ୍ପାଦନ କରିଅଛନ୍ତି; ଓ ଉକ୍ତ ଉଇଲ୍ ସ୍ୱର୍ଗତ ସଚ୍ଚିଦାନନ୍ଦ ଦେବଙ୍କ ରାଜତ୍ୱ ସମୟରେ ଷ୍ଟେଟ୍‌ର କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁମୋଦିତ ଓ ସ୍ୱୀକୃତ ହୋଇଅଛି । ଏହି କେନାଲ୍‌ର ରକ୍ଷଣାବେକ୍ଷଣ ଓ ସ୍ୱତ୍ୱାଧିକାର ବିଷୟରେ ଭବିଷ୍ୟତରେ ଷ୍ଟେଟ୍ କର୍ତ୍ତୃପକ୍ଷଙ୍କୁ କୌଣସି ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ନ ପଡ଼ିବ, ତହିଁର ସଦ୍ଧ ସୁବ୍ୟବସ୍ଥା ହୋଇଅଛି ଓ ଅଳ୍ପଦିନକୁ ଷ୍ଟେଟ୍ କର୍ତ୍ତୃପକ୍ଷ ଏହି ବ୍ୟବସ୍ଥା କୁ ଅନୁମୋଦନ ଓ ପାଳନ କରି ଆସୁଅଛନ୍ତି ।

ଏହି ବ୍ୟବସ୍ଥା ଅନୁସାରେ ଶ୍ରୀମତୀ ରାଜ୍ଞୀ ରମରୁଧରତ୍ରିପୁରା ଦେବୀ ଉକ୍ତ କେନାଲର ଭୋଗଦଖଲସ୍ୱତ୍ୱାଧିକାରୀ ଅଟନ୍ତି ଓ ତାଙ୍କ ସମ୍ପାଦିତ ଦଲିଲର ସର୍ତ୍ତ ଅନୁସାରେ ତାଙ୍କ ଅନ୍ତେ ତାଙ୍କର ଉକ୍ତ କୁମାର ଦ୍ୱୟ ଏବଂ ସେମାନଙ୍କ ଉତ୍ତରାଧିକାରୀମାନେ ସ୍ୱତ୍ୱାଧିକାରୀ ହେବେ । ବର୍ତ୍ତମାନ ରାଜ୍ଞୀ ରମରୁଧରତ୍ରିପୁରା ଓ ତାଙ୍କ ଅନ୍ତେ ତାଙ୍କ ଉକ୍ତ କୁମାରଦ୍ୱୟ ଓ ସେମାନଙ୍କ ଉତ୍ତରାଧିକାରୀମାନେ କେନାଲ୍ ଖୋଲା ହେବା ଆରମ୍ଭ କାଳରୁ ଏକଶତ ବର୍ଷ ଉକ୍ତ କେନାଲକୁ ଓ କେନାଲ୍‌ଦ୍ୱାରା ଉପକୃତ ଭୂଖଣ୍ଡକୁ କରରୂପେ ଭୋଗ କରିବେ ଓ ଏକଶତ ବର୍ଷ ପରେ ଷ୍ଟେଟ୍‌କୁ ଚିରସ୍ଥାୟୀ ନିର୍ଦ୍ଧାରିତ ରାଜସ୍ୱ ଦେବେ ।

ଏହି କେନାଲ୍ ଓ ଆନକଟ୍ (ଜଳଧାରା ଓ ସେତୁ)ର ରଚନ କର୍ମ ସମାପନାନ୍ତେ ରାଜା ସଚ୍ଚିଦାନନ୍ଦ ଏବଂ ଉତ୍କଳସ୍ଥେ ନିମନ୍ତ୍ରିତ ରାଜ୍ୟର ଓ ବାହାରର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଓଡ଼ିଶା ଗଡ଼ଜାତ ସମୂହର ତତ୍କାଳୀନ ପୋଲିଟିକାଲ୍ ଏଜେଣ୍ଟ୍ ଶ୍ରୀଯୁକ୍ତ କବ୍‌ଡେନ୍ ରମ୍ସେ, ସି.ଆଇ.ଇ, ଆଇ. ସି. ଏସ୍. ମହୋଦୟ କେନାଲ୍‌କୁ ଉଦ୍ଘାଟନ କଲେ । ଉତ୍କଳସ୍ଥେ ସାଂଦେବ ମହୋଦୟ ଏ କେନାଲ୍‌ର ପରିକଳ୍ପନା, ଉହାଁର ବ୍ୟୟନିର୍ଦ୍ଧାରଣ, ସୁରକ୍ଷା ଓ ଭବିଷ୍ୟତ୍ ସ୍ୱତ୍ୱାଧିକାରର ସୁବ୍ୟବସ୍ଥା କରିଥିବା ଯୋଗୁଁ ଶ୍ରୀମତୀ ରାଜ୍ଞୀଙ୍କ ଦୂରଦର୍ଶିତା, ବ୍ୟବସାୟାତ୍ମକ ପରିକଳ୍ପନା, ସ୍ଥାପତ୍ୟ ଜ୍ଞାନ, ଜନହିତ କାମନା, ଦୂରଦୃଷ୍ଟି ଆଦି ଅସାଧାରଣ ଗୁଣମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ । ଏହି ଓ. ପି. କେନାଲ୍‌ଦ୍ୱାରା ବାମଣ୍ଡା ରାଜ୍ୟର ୧୦୦ ବର୍ଗମାଇଲ୍ ଅଞ୍ଚଳ ଚିରତାଳ ପାଇଁ ଅନାବୃଷ୍ଟି ଜନିତ ଶସ୍ୟହାନି (ମରୁଡ଼ି)ରୁ ରକ୍ଷା ପାଇବ ଓ ଏହି ପରିବର ଅନୁସରଣ କରିଯାଇ ଷ୍ଟେଟ୍‌ର ଅନ୍ୟାନ୍ୟ ଅଞ୍ଚଳମାନଙ୍କରେ କୁଲ୍ୟାମାନ ଷ୍ଟେଟ୍‌ଦ୍ୱାରା ସୋଦର ହେଲେ ସମସ୍ତ ରାଜ୍ୟ ଜନେ ସୁଜଳା,ସୁଫଳା,ଶସ୍ୟଶ୍ୟାମଳା ହୋଇ ଦୃଷି ଉଠିବ ଓ ଷ୍ଟେଟ୍‌ବାସୀ ସୁଦୃଷ୍ଟ, ସଦ୍ଧନ୍ତ ପ୍ରଜା ଅନାୟାସରେ ଜଳକର ଦେବେ ନାହିଁ, ସେଥିଁ ବଦୁଷୀ ମହାମନା ରାଜ୍ଞୀ ଏଥର ଉଚ୍ଚ ଆଦର୍ଶ ରାଜ୍ୟରେ ପ୍ରତିଷ୍ଠିତ କରିଅଛନ୍ତି ସେ ସ୍ୱନାମକୁ (ରମରୁଧରତ୍ରିପୁରା ଅର୍ଥାତ୍ ଅନାବୃଷ୍ଟି ନାମକୁ) ସାର୍ଥକ କରିଅଛନ୍ତି, ଏହା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ । ଦୈବଦୁର୍ବିପାକରୁ ରାଜ୍ଞୀଙ୍କୁ, ପୁତ୍ରନବିଶେଷରେ ପାଳିତ ଲକ୍ଷାଧିକ ପ୍ରଜାଙ୍କୁ ଓ ରାଜପରିବାରକୁ ଗଭୀର ଶୋକାର୍ଣ୍ଣବରେ ଭସାଇ ରାଜା ସଚ୍ଚିଦାନନ୍ଦ ଦେବ ୧୯୧୭ ସାଲରେ ୫୫ ବର୍ଷ ମାତ୍ର ବୟସରେ ଜନ୍ମଧାମକୁ ଚାଲି ଗଲେ ।

ସଚ୍ଚିଦାନନ୍ଦଙ୍କ ଅନ୍ତେ ଯୁବରାଜ ଦବ୍ୟଶଙ୍କର ସୁରେନ୍ଦ୍ରଦେବ ପିତୃଦେବଙ୍କ ସିଂହାସନାରୋହଣ କଲେ । ତାହାଙ୍କ ବହୁ ଭାଇ ୫ ବର୍ଷ ମାତ୍ର ରାଜତ୍ୱ ପରେ ୨୫ ବର୍ଷ ବୟସରେ ୧୯୨୦ ସାଲ-ରେ ଇହ ସଂସାରରୁ ନେଇଗଲା; ଏବ ସେ ସମୟରେ ଦବ୍ୟ-ଶଙ୍କରଙ୍କ ଯୁବରାଜ ଜ୍ଞାନୁଗଙ୍ଗ କାବାଲଗ ଥିବାରୁ ଷ୍ଟେଟ୍ ପାର୍ଥି ୧୫ ବର୍ଷକାଳ ସରକାରଙ୍କ ତତ୍ତ୍ୱାବଧାନରେ ରହିଲା । ରାଜା ଜ୍ଞାନୁଗଙ୍ଗ କାବାଲଗ ଅବସ୍ଥାରେ ଉପଯୁକ୍ତ ଶିକ୍ଷା ପାଇ। ବୟସର ସାବାଲଗ ହେବାରୁ ୧୯୩୫ସାଲ ଅଦ୍ୟରେ ରାଜା ଜ୍ଞାନୁଗଙ୍ଗ ତ୍ରିଭୁବନ ଦେବ ରୂପେ ସରକାରଙ୍କଠାରୁ ନିଜ ପୈତୃକ ରାଜ୍ୟର ଶାସନଭାର ଗ୍ରହଣ କରିଅଛନ୍ତି । ରାଜା ସଚ୍ଚିଦାନନ୍ଦ ଯେଉଁପର ସ୍ୱୀୟ ପିତୃପଦାଙ୍କ ଅନୁସରଣ କର ରାଜ୍ୟର ସର୍ବାଙ୍ଗୀନ ଉନ୍ନତିରେ ମନ ପ୍ରାଣ ଢାଳ ଦେଇଥିଲେ ଓ ସ୍ୱର୍ଗତ ରାଜା ଦବ୍ୟଶଙ୍କର ସଦ୍ଧ ପିତୃ ପିତାମହଙ୍କ ପଦାଙ୍କ ଅନୁସରଣ କର ରାଜ୍ୟର ସମ୍ୟକ୍ ଉନ୍ନତିରେ ଲାଗିଥିଲେ, ବର୍ତ୍ତମାନ ରାଜା ଜ୍ଞାନୁଗଙ୍ଗ ତ୍ରିଭୁବନ ଦେବ ସଦ୍ଧ ପିତୃପିତାମହଙ୍କ ପଦାଙ୍କ ଅନୁସର ଓ ଅନୁକରଣ କର ନିଜ ରାଜ୍ୟର, ରାଜ-ବରାଦରଙ୍କର, ପ୍ରଜାଗଣଙ୍କର, ମାତୃଭୂମିର, ମାତୃଭାଷାର, ଓଡ଼ିଆ ସାହିତ୍ୟର ଓ ଓଡ଼ିଆ ଜାତିର ଉନ୍ନତି ପାଇଁ ସବଦା ଚେଷ୍ଟା କରୁଅଛନ୍ତି ଓ 'ଭୁଲସୀ ତୁଲ ପତ୍ରରୁ ବାସିବା' ଭଳ ଏହି ସ୍ୱଳ୍ପ ୫ ବର୍ଷ ମଧ୍ୟରେ ଜ୍ଞାନୁଗଙ୍ଗ ସ୍ୱଦେଶବତ୍ସଳତା, ସମ୍ରାଟ୍ ଭକ୍ତି, ସ୍ୱଜାତି ପ୍ରୀତି, ମାତୃଭାଷାର ମଙ୍ଗଳ କାମନା, ସାହିତ୍ୟାନୁରାଗ ହୃଦୟବତ୍ତା, ପ୍ରଜା ପ୍ରୀତି, ସରସ୍ୱତୀ ସେବା ଓ ଦାତୃତ୍ୱର ଯେଉଁ ସୂଚନା ଦେଇଅଛନ୍ତି, ଆଶା କରାଯାଏ ଯେ, ସେ ଅଚରେ ଉତ୍କଳ ମଣ୍ଡଳରେ ଆଦର୍ଶ ନରପତ୍ତି ଶ୍ରେଣୀରେ ଗୋଟିଏ ଅସାଧାରଣ ଓ ଉଚ୍ଚ ସ୍ଥାନର ଅଧିକାରୀ ହେବେ ଓ ଦସ୍ତାସର ଏବଂ ଗୁଣଗ୍ରାହୀ ସ୍ୱରତ ସମ୍ରାଟଙ୍କ ଦ୍ୱାରା ଉପଯୁକ୍ତ ରୂପେ ସମ୍ମାନିତ ଓ ସମ୍ଭାଳିତ ହେବେ ।

ରାଜା ସଚ୍ଚିଦାନନ୍ଦଙ୍କ କୈଳାସ୍ତର ପରେ ରାଜାନ୍ତଃ-ପୁରର ଘୁଣ୍ଟି ପରିବର୍ତ୍ତନାର ଦାୟିତ୍ୱ ରାଜ୍ଞୀ ରମରୁଧରତ୍ରିପୁରାଙ୍କ ଉପରେ ପଡ଼ିଲା । କିଛିଦିନ ପରେ ଘୁଣ୍ଟି ଦବ୍ୟଶଙ୍କରଙ୍କ ଲୈକାନ୍ତରଦ୍ୱାରା ଦବ୍ୟଶଙ୍କରଙ୍କର ଅକ୍ଷବସ୍ପୃଷ୍ଟା, ବୈଧବ୍ୟବଧୂର୍

Digitized by srujanika@gmail.com

ଶ୍ରୀ କନକମଞ୍ଜରୀଙ୍କୁ ସାନ୍ତ୍ୱନା ଦେବା ଛଡ଼ା ରାଜାନ୍ତଃପୁରର ଓ ରାଜପରିବାରଙ୍କ ଜରୁରୀ କାମକୁ ଦେବଗଡ଼କୁ ସମାଗତ ଅଛଥିମାନଙ୍କ ପରିଚର୍ଯ୍ୟାର ଭାର ମଧ୍ୟ ତାଙ୍କ ଉପରେ ପଡ଼ିଲା । ପୂର୍ବେ ରାଜା ହର୍ ବାସୁଦେବଙ୍କ ଓ ସଚ୍ଚିଦାନନ୍ଦଙ୍କ ରାଜତ୍ୱରେ ବାମଣ୍ଡାର ଧନ-ଭଣ୍ଡାରର ଦ୍ୱାର ଉନ୍ମୁକ୍ତ ଥିଲା ଓ ବଙ୍ଗଦେଶ ଆଦର ପଣ୍ଡିତ, ବ୍ରାହ୍ମଣ, ଦୁଃସ୍ଥ ଓ ଅଭୁର ବ୍ୟକ୍ତିମାନଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ରହିଥିଲା । ବାମଣ୍ଡା ରାଜଦ୍ୱାରରୁ କୌଣସି ପ୍ରାର୍ଥୀ ପୂର୍ଣ୍ଣମନୋରଥ ନ ହୋଇ ଫେରୁ ନ ଥିଲେ । ରାଜା ଦେବ୍ୟଶଙ୍କରଙ୍କର ୪ ବର୍ଷ ବ୍ୟାପୀ ରାଜତ୍ୱରେ ମଧ୍ୟ ବାମଣ୍ଡାର ରାଜଭଣ୍ଡାରରୁ ଦାନସ୍ରୋତ ତାଙ୍କ ପିତୃପିତାମହଙ୍କ ଅମଳ ପରି ବହୁଥିଲା । ଷ୍ଟେଟ୍‌ର କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ପରଗ୍ଭଳନକୁ ଅସିବ ସମୟରେ ଏ ସ୍ରୋତର ଗତି ମନ୍ଦ ହେଲା । ଏହା ଦେଶି ରାଜ୍ଞୀ ଉମରୁଧରପ୍ରିୟାଙ୍କ ସତ୍ତତ ଦାନଯୁତ ମନରେ ଅଘାତ ଲଗିଲା । ସେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌କୁ ବାରମ୍ବାର ଜଣାଇ ଖତରାତ୍ ଓ ସାହାଯ୍ୟଦାନ ପାଇଁ ରାଜକୋଷରୁ ଅର୍ଥସ୍ଥାନର ବ୍ୟବସ୍ଥା କରାଇଥିଲେ ଓ ଯେଉଁଠାରେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ପ୍ରଦତ୍ତ ସାହାଯ୍ୟ ବାମଣ୍ଡା ରାଜବଂଶର ପ୍ରତିଷ୍ଠା ଓ ସ୍ୱନାମ ରକ୍ଷଣାବେକ୍ଷଣରେ ସଥେଷ୍ଟ ବୋଲି ସେ ବିବେଚନା କରୁ ନ ଥିଲେ, ସେ ସ୍ଥଳରେ ସେ ନିଜର ବ୍ୟକ୍ତିଗତ ବ୍ୟୟ ନିମନ୍ତେ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଦ୍ୱାରା ଖଞ୍ଜା ଧନରୁ ଅପଣା ଶ୍ରାଦ୍ଧସ୍ତରାକ୍ଟରୁ ଧନ କାଢ଼ି ସେ ଦାନ ବା ସାହାଯ୍ୟକୁ ପୂର୍ତ୍ତିଙ୍କ କରୁଥିଲେ । ଏମନ୍ତୁ କି, ନିଜର ବ୍ୟକ୍ତିଗତ ସୌକର୍ଯ୍ୟ ଓ ବ୍ୟବହାର୍ଯ୍ୟ ବସ୍ତ୍ରାଦ ପାଇଁ ଖଞ୍ଜା ଥିବା ଧନକୁ ଉଚ୍ଚତ୍ କାର୍ଯ୍ୟରେ ବ୍ୟୟନ କରି ପଣ୍ଡିତ ଓ ଦୁଃସ୍ଥମାନଙ୍କ ସହାୟରେ ତାହା ପ୍ରସନ୍ନାନୁକରଣରେ ବିନଯୋଜିତ କରୁଥିଲେ ଓ ଯେଉଁ ସ୍ଥାନରେ ଜଳର ଅଭାବ ଥିବା କଥା ତାଙ୍କ କାନରେ ପଡ଼ୁଥିଲା ସେଠାରେ କୂପ, ଚଉରାଗାଦ ନିଜ ବ୍ୟୟରେ କରା ଦେଉଥିଲେ । ସାଧାରଣତଃ ଦେଖାଯାଏ ଯେ, ସ୍ୱଜାଙ୍କ ମୃତ୍ୟୁ ପରେ ଓ ନାବାଳକ ସ୍ୱଜାଙ୍କ ସ୍ୱଜ୍ୟପ୍ରାପ୍ତି ଯୁଗରୁ କୋର୍ଟ୍‌ଅଫ୍-ୱାର୍ଡ୍‌ସ୍‌ଙ୍କ ଅମଳରେ ସାଧାରଣତଃ ଅନେକ କଥା ପାଇଁ କୋର୍ଟ୍‌ଅଫ୍ ୱାର୍ଡ୍‌ସ୍‌ଙ୍କ ନାମରୁ ସ୍ୱପରିଚାଳନାରେ ଓ ସ୍ୱଜପରିବାରଙ୍କ ମଧ୍ୟରେ ମତଭେଦ ଓ ବିବାଦ ଘଟିବା ଓ ଜଟିଳତା ଧାରଣ କରେ; କିନ୍ତୁ ରାଜ୍ଞୀ ଉମରୁଧର-ପ୍ରିୟାଙ୍କ ଦୂରଦର୍ଶିତା, କର୍ମକୁଶଳତା ଓ ସରକାରଙ୍କ ସଙ୍ଗେ ଅଳ କରିବାରେ ନୈପୁଣ୍ୟ ଓ କୌଶଳ ଯୋଗୁଁ ବାମଣ୍ଡା ସ୍ୱଜବଂଶର ବାର୍ତ୍ତମାନ ଯଶଃ କୋର୍ଟ୍‌ଅଫ୍ ୱାର୍ଡ୍‌ସ୍‌ଙ୍କ ଅମଳରେ ଜଳଜ୍ୱଳ ହୋଇ ଯାଇ ନ ଥିଲା । ଶତ୍ରୁଙ୍କ ଅଦର୍ଶ, ଅଯୁତ ଓ ଆଚରଣରେ ପ୍ରତାରିତ ହୋଇ ବଧୂ [ଦେବ୍ୟଶଙ୍କରଙ୍କ ରାଜ୍ଞୀ ଶ୍ରୀମତୀ କନକମଞ୍ଜରୀ ଦେବୀ ବର୍ତ୍ତମାନ ସ୍ୱଜମାତା] ମଧ୍ୟ ଦସ୍ୟା ଦାହିଜ୍ୟାଦି ସମସ୍ତ ବିଷୟରେ ବିଚୁଣ୍ଡିତା ହୋଇଅଛନ୍ତି । ସଚ୍ଚିଦାନନ୍ଦଙ୍କ ନାମକୁ ସ୍ମରଣୀୟ କରିବା ପାଇଁ ସ୍ୱଜା ଦେବ୍ୟଶଙ୍କର ଦେବଗଡରେ ଯେଉଁ 'ସଚ୍ଚିଦାନନ୍ଦ ଲାଇବ୍ରେରୀ' ସ୍ଥାପନ କରିଥିଲେ, ତହିଁର ମୂଳରେ ସ୍ୱଜମାତା ଉମରୁଧରପ୍ରିୟାଙ୍କ ପ୍ରେରଣା ବଦ୍ୟମାନ ଥିଲା । ଦେବ୍ୟଶଙ୍କରଙ୍କ ଦେହତ୍ୟାଗ ପରେ ଉକ୍ତ ଲାଇବ୍ରେରୀର ପୁଷ୍ଟି ଓ ଉନ୍ନତି ପାଇ ସ୍ୱଜପିତାମହୀ [ଉମରୁଧରପ୍ରିୟା] ଓ ସ୍ୱଜମାତା [କନକମଞ୍ଜରୀ] ସବଦା ସଦସ୍ୟା ଦୃଷ୍ଟି ରଖି ଅଛନ୍ତି । ଏପର ବଧୂନୁସ୍ୱଗତୀ ଶ୍ୱଶୁ ଓ ଶ୍ୱଶୁଙ୍କ ପ୍ରତି ପ୍ରେମଭକ୍ତିମୟୀ ବଧୂ, ସ୍ୱଜସଂସାର କଥା ଛଡ଼ନ୍ତୁ, ସମାଜରେ ଅନ୍ୟତ୍ର ମଧ୍ୟ ଦୁର୍ଲଭ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ସବୁ ବିଷୟରେ ପରାମର୍ଶ କରି କର୍ମ କରନ୍ତି । ଶ୍ରୀମତୀ ଉମରୁଧରପ୍ରିୟା ମହାଦେବୀ ଓ ଶ୍ରୀମତୀ କନକମଞ୍ଜରୀ ମହାଦେବୀଙ୍କ ବଦ୍ୟାନୁରାଗ, ମାତୃଭାଷାନୁରାଗ ଓ ସାହିତ୍ୟାନୁରାଗ ଫଳରେ ବହୁ ପଣ୍ଡିତ, ଲେଖକ ଓ ଚନ୍ତୁକାର ଅର୍ଥସାହାଯ୍ୟ ପାଇ ଅଛନ୍ତି ଓ ଅନେକ ଦୁଃସ୍ଥ ଲେଖକ ସେମାନଙ୍କ ଗ୍ରନ୍ଥମାନ ମୁଦ୍ରଣ କରାଇଅଛନ୍ତି । କୋର୍ଟ୍‌ଅଫ୍ ୱାର୍ଡ୍‌ସ୍ ଅମଳରେ ବାମଣ୍ଡା ରାଜବଂଶର ଦୁଃସ୍ଥ ବିଦ୍ୟାନୁରାଗିଣୀ ଦାତୃତ୍ୱର ଯଶଃସୌରଭରେ ଆକୃଷ୍ଟ ହୋଇ ଦେବଗଡ଼କୁ ସମାଗତ କୌଣସି ପ୍ରାର୍ଥୀ ଶୂନ୍ୟହସ୍ତରେ ବାହୁଡ଼ି ଯିବେ, ଏକଥା ରାଜମାତା ଓ ରାଜପିତାମହୀ ଜୀବନ୍ତ ଅବସ୍ଥାରେ ହେଉଥିଲା ଓ କୋର୍ଟ୍‌ଅଫ୍‌ୱାର୍ଡ୍‌ସ୍‌ଙ୍କ ଅମଳରେ ବିମୁଖ ହୋଇ ଫେରୁଥିବା କୌଣସି ଅନୁସନ୍ଧିତ୍ସୁଙ୍କ ସମ୍ବାଦ ଏହି ଦୁଇ ବାର୍ତ୍ତାଜ୍ଞଙ୍କ କାନରେ ପଡ଼ିବା ମାତ୍ରେ ଅନ୍ତଃପୁରରୁ ତାଙ୍କ ପାଇଁ ସଯୋଚିତ ବଦାନ୍ୟ, ବାତ୍ସଲ୍ୟରେ ଓ ସିଧାସଳଖ ଅନନ୍ତ ବଳରେ ପ୍ରେରିତ ହେଉଥିଲା ।

ଭଗବାନଙ୍କ ଅପାର କରୁଣାରୁ ସ୍ୱଜପିତାମହୀ ଉମରୁଧର-ପ୍ରିୟା ପୁତ୍ର, ପୁତ୍ରୀ, ଜାମାତା, ବଧୂ, ପୁତ୍ରବ୍ୱ, ଦୌହିତ୍ର, ଦୌହିତ୍ରୀ, ପ୍ରପୌତ୍ର, ପ୍ରପୌତ୍ରୀ, ଦୌହିତ୍ରବଧୂ ପ୍ରଭୃତିଙ୍କୁ ଦେଖିବା ପାଇ ସେମାନଙ୍କୁ ଲାଳନ ପାଳନ କରି ସ୍ୱଜବାଟିର ପୁଣ୍ୟଶ୍ଲୋକ ବର୍ଦ୍ଧନ କରୁଅଛନ୍ତି । ସ୍ୱଜା ଦେବ୍ୟଶଙ୍କର ଓ ସ୍ୱଜା ରାମଚନ୍ଦ୍ର ସ୍ୱଜକାର୍ଯ୍ୟ ଓ ସ୍ୱଜମାତୃକ ବିଷୟରେ ମଧ୍ୟ ମାତାଙ୍କର ଓ ପିତାମହୀଙ୍କ ପରାମର୍ଶ ଲୋଡ଼ୁଥିଲେ ଓ ଲୋଡ଼ୁଅଛନ୍ତି ।

ବର୍ତ୍ତମାନ ସ୍ୱଜପିତାମହୀ ଯଅଁଠି ବର୍ଷ ବୟସରେ ନିଜର ଦୈନନ୍ଦିନ ଜୀବନକୁ ଯେଉଁପରି କର୍ମମୟ ଓ ଆଲସ୍ୟମ୍ଳାନ କରି-ଅଛନ୍ତି, ତାହା ଶୁଣିଲେ ତାଙ୍କ ପ୍ରତି ଭକ୍ତି ଓ ବିସ୍ମୟ ଯୁଗପତ୍ ମନରେ ଉଦିତ ହୁଏ ।

ପ୍ରତିଦିନ ବ୍ରାହ୍ମ ମୁହୂର୍ତ୍ତରେ ବହୁ ପୂର୍ବରୁ, ଅର୍ଥାତ୍ ପ୍ରାୟ ୪ଟା ସମୟରେ ଶଯ୍ୟାତ୍ୟାଗ କରି ପ୍ରାତ ୧୦ଟା ବେଳେ ସେ ପୁଣି ଶଯ୍ୟା ଆଶ୍ରୟ କରନ୍ତି । ଶଯ୍ୟାତ୍ୟାଗ କରି ସ୍ୱଜପରିବାରର ଅବାଲବୃଦ୍ଧବନିତା ଓ ଦାସଦାସୀ ପରିଜନ ଓ ପୋଷ୍ୟବର୍ଗଙ୍କ ସ୍ୱାସ୍ଥ୍ୟ ଓ କୁଶଳ ସ୍ୱୟଂ ପରିଦର୍ଶନ କରି ରୁଗ୍ଣବ୍ୟକ୍ତିଙ୍କ ପାଇଁ ଚିକିତ୍ସା, ଔଷଧ ଓ ପଥ୍ୟାଦର ବ୍ୟବସ୍ଥା କରି ନିଜର ଦୈନନ୍ଦିନ ଶୌଚାଦି ସମାପନାନ୍ତେ ସ୍ନାନ କରି ସେ ଦେବାରାଧନରେ ନିଯୁକ୍ତ ହୁଅନ୍ତି ; ତତ୍‌ପରେ ସ୍ୱଜକୀୟ ପାକଶାଳାରେ ସମସ୍ତଙ୍କ ପାଇଁ ଉତ୍ତମ ଉତ୍ତମ ପ୍ରକାରର ଖାଦ୍ୟ ଓ ରୋଗୀମାନଙ୍କ ପାଇଁ ପଥ୍ୟାଦ ପ୍ରସ୍ତୁତ କରିଯିବାର ବ୍ୟବସ୍ଥା କରି, ଗୃହପାଳିତ ପଶୁପକ୍ଷୀ ଓ ଗୋମହିଷାଦିଙ୍କ ଭତ୍ତା ନଅନ୍ତି । ତତ୍‌ପରେ ସ୍ୱଜଦ୍ୱାରକୁ ସମାଗତ ଅଭ୍ୟର୍ଥୀ, ଅଭ୍ୟାଗତ, ସାଧୁ, ସନ୍ଥ, ପଣ୍ଡିତ ଓ ବନ୍ଧୁମାନଙ୍କ ସମ୍ବାଦ ଓ ତତ୍ତ୍ୱ ନିଅନ୍ତି ଓ ସେମାନଙ୍କ ପାଇଁ ସିଧା, ସନ୍ଥା,

Digitized by srujanika@gmail.com

ବଡ଼, ଆଗୁର, କାଝରାଟ ଆଦ ପଠାନ୍ତି; ତତ୍‌ପରେ ଗୃହ-ପରିବାରର ସମସ୍ତ ବ୍ୟକ୍ତିଙ୍କର ଭୋଜନ କ୍ରିୟାର ତଜସ୍ତି ହଜେ କରନ୍ତି ଏବଂ ଗୃହବାଟର ଉତରେ ଏବଂ ବାହାରେ ସମସ୍ତଙ୍କର ଭୋଜନାଦର ସମାପ୍ତ ପରେ 'ଦବସସ୍ୟାଷ୍ଟମେଭ୍ରଗେ' ବେଳ ଗଡ଼ିଲ୍ଲ ବେଳକୁ ଦ୍ୱବଷ୍ୟାନ୍ନ ପ୍ରସ୍ତୁତ ନବେଦନ କର ଜବନ-ମାନ-ଧାରଣୋପଯୋଗୀ ମାତ୍ରାରେ ସେବା କରନ୍ତି । ତତ୍‌ପରେ ତାଙ୍କ ନତଃକୁ ଆସିଥିବା ପଦ୍ୟ ଆଦ ପାଠ କର ସ୍ୱଦସ୍ତରେ ପଦମାନଙ୍କ ଉତ୍ତର ଲେଖନ୍ତି ଓ ସମ୍ବାଦପତ୍ର ପତ୍ରିକା ଆଦ ପାଠ କରନ୍ତି । ଅପରାହ୍ନରେ ପୁଣି ଗୃହପରିବାରର ବ୍ୟକ୍ତି ଓ ଗୃହାଶ୍ରିତ ଓ ଅଭ୍ୟାଗତ ଓ ସମାଗତ ବନ୍ଧୁବାନ୍ଧବମାନଙ୍କ ଚର୍ଚ୍ଚା ବୁଝି ଓ ସେମାନଙ୍କ ସ୍ୱତ୍ରୋଜନ ପାଇଁ ବ୍ୟବସ୍ଥା କର ସାହିତ୍ୟାଲୋଚନା କରନ୍ତି; ଓଡ଼ିଆ, ଇଂରାଜୀ, ବଙ୍ଗଳା, ହିନ୍ଦି ଆଦ ଭାଷାରେ ବହୁ ଉପାଦେୟ ଗ୍ରନ୍ଥ, ପୁରାଣ, ଶାସ୍ତ୍ର, ବଜ୍ଞନ, ଚାରୁକଳା, ଚାରୁସ୍ତା, ଗୋପାଳନ, ସଙ୍ଗୀତବଦ୍ୟା ଆଦର ଚର୍ଚ୍ଚା କରନ୍ତି; ସନ୍ଧ୍ୟା ପୁଂରୁ ଗୃହପାଳତ ହସ୍ତୀ, ଅଶ୍ୱ, ଗୋମହିଷାଦଙ୍କ ଭୋଜନ କଥା ଗୃହବାଟିର ଦ୍ୱିତଳରେ ହଜେ କର ସ୍ୱତନ୍ତ୍ରରେ ଦେଖନ୍ତି; ସନ୍ଧ୍ୟାବେଳେ ଦେବାରାଧନ, ପୁରାଣ ଶ୍ରବଣ, ନାମ-କୀର୍ତ୍ତନରେ କେତେକ ସମୟ ବ୍ୟୟ କରନ୍ତି । ତତ୍‌ପରେ ରାଜ୍ୟ-ଶାସନ ଓ ପ୍ରଜାମାନଙ୍କ ମଙ୍ଗଳ ସମ୍ବନ୍ଧେ ସମ୍ବାଦମାନ ସ୍ୱପ୍ତଜ-ଘୋଡ଼ାହଦଙ୍କଠାରୁ ହମ୍ବା ଜ୍ଞରପ୍ରାପ୍ତ ଜ୍ଞତପଦସ୍ଥ କର୍ମଗୃଦ୍ଧଙ୍କଠାରୁ ବୁଝି ଆବଶ୍ୟକ ସ୍ଥଳରେ ସେମାନଙ୍କୁ ଯଥୋଚତ ଉପଦେଶ ପ୍ରଧ ହଅନ୍ତି; ତତ୍‌ପରେ ରାଜବାଟର ରୋଗୀମାନଙ୍କ ତବସ୍ଥା, ସେବା ଓ ପଥ୍ୟ ଆଦ ଓ ରାଜ୍ଞ ଘରବାରର ଅବାଲବୃଦ୍ଧବନତାଙ୍କର ରାତ୍ରିଭୋଜନ ବଷୟ ବୁଝନ୍ତି ଓ ସିଂହଦ୍ୱାରରେ ଉପସ୍ଥିତ ଶାଦ୍ୟାର୍ଥୀ ଅଭ୍ୟାଗତଙ୍କ ଚର୍ଚ୍ଚା ବୁଝନ୍ତି । କଥିତ ଅଛି, ତାଶୀରେ ମା ଅନ୍ନପୂର୍ଣ୍ଣାଙ୍କ କରାମତ୍‌ରୁ ରାତିରେ କେହି ଜଣେ ଉପବାସୀ ରହନ୍ତି ନାହିଁ । ସେହିପର ବାମଣ୍ଡାର ଅନ୍ନପୂର୍ଣ୍ଣାରୂପିଣୀ ରାଜ-ଗୃହିଣୀଙ୍କ ତୀକ୍ଷ୍ଣ ଦୃଷ୍ଟି ଫଳରେ ରାଜବାଟର ଚତୁଃସୀମାରେ ଓ ସିଂହଦ୍ୱାରରୁ ସମାଗତ ଚୌଦିଗି ବନ୍ଧୁ ଉପବାସୀ ରହନ୍ତି ନାହିଁ ।

ସମସ୍ତଙ୍କ କାର୍ଯ୍ୟ ବୁଝା ହେବା ପରେ ରାତି ୧୦ଟା ବେଳେ ଗୃହପିତାମହୀ ବଶ୍ରାମାର୍ଥ ନତ୍ୟାଦେବୀଙ୍କ ଆଶ୍ରୟ ଗ୍ରହଣ କରନ୍ତି । ଏକାଧାରରେ ଗୃହମାଉଜୀ, ଗୃହକାର୍ଯ୍ୟାଉଜୀ, ସମ୍ବନ୍ଧ-ଦାଶୀ, ଧାଶୀ, ଉଷକ୍, ଅନ୍ତଃପୁର ପରଶ୍ଚଳକା, ପ୍ରଜାପାଳକା ବାଣୀଆଶ୍ୱକା ଆଦଙ୍କ କର୍ମ ଜଗେ ମହଲାଙ୍କଦ୍ୱାରା ସନ୍ତୋଷ-ଜନକରୂପେ ସମାହୃତ ହେବାର ଉଦାହରଣ, ଏକା ଉଜ୍ଜଲରେ କାହିଁକି, ଘରତରେ ବରଳ । ତାଙ୍କ ପର ଆଦର୍ଶଚରିତା, ଗୁଣବତ୍ତା, ବୁଦ୍ଧିମତ୍ତା, ବଦୁଷୀ, ବଦ୍ୟାନୁଗ୍ରହିଣୀ, ଦାଶୀ, କର୍ମଯନ୍ତ୍ର ଜେଜେମାତାଙ୍କୁ ପାଇ ଗୃଜା ଶ୍ରୀଜଗଙ୍କ ଶ୍ରୀମତ୍ୟାନ୍ ହୋଇ-ଅଛନ୍ତି । ତାଙ୍କ ପର ଶ୍ୱଶ୍ରୁକୁ ପାଇ ଗୃଜମାତା ସୁଖ ଓ ଶାନ୍ତି ଘର କରୁଅଛନ୍ତି । ଶ୍ରୀଯୁକ୍ତ ଯେଉଁ ପର ଗୃଜ୍ୟର ସମସ୍ତଙ୍କର ପିତାମହ ଥିଲେ, ଉମରୁଧରସ୍ତ୍ରିଯା ସେହିପର ବାମଣ୍ଡା ଗୃଜ୍ୟର ଆବାଲ-ବୃଦ୍ଧବନତାଙ୍କ 'ଜେଜେମାତା' ରୂପେ ଓ ଗୃଜ୍ୟର ବଜୟଶ୍ରୀରୂପେ ବାମଣ୍ଡାର ଅନ୍ତଃପୁରକୁ ସ୍ୱୀୟ ଅସାଧାରଣ ଗୁଣଗ୍ରାମର ଗରିମାରେ ଓ ଔତ୍କର୍ଷରେ ଉଦ୍ଭାସିତ କରଅଛନ୍ତି । ଏ ସନ୍ଦର୍ଭରେ ଲେଖକ ସପ୍ତାହାଧିକକାଳ ଏକାଧିକ ଥର ବାମଣ୍ଡା ଗୃଜବଂଶର ତଥା ଜେଜେମାତାଙ୍କ ଅତିଥ୍ୟ ଓ ଦାତୃତ୍ୱ ଲାଭ କର ତାଙ୍କର ଦୈନନ୍ଦିନ କାର୍ଯ୍ୟନିର୍ଦ୍ଦେଶକୁ ଲକ୍ଷ୍ୟ କରିବାର ସୁବଧା ପାଇଅଛୁ । ଆଳସ୍ୟ, ଗ୍ଲାନ୍ତି, ଅବସାଦ, ଏ ଶବ୍ଦମାନ ଉମରୁଧରସ୍ତ୍ରିଯାଙ୍କ ଅଧ୍ୟାନରେ ନାହିଁ । ତାଙ୍କ ଆଦର୍ଶରେ ଅନୁପ୍ରାଣିତା ପୁତ୍ରବଧୂ (ଗୃଜମାତା) ଓ ପୌତ୍ରବଧୂ (ଗୃଣୀସାହେବା) ଆଦର୍ଶ ରମଣୀ ହୋଇଅଛନ୍ତି; ଏଥା ସ୍ୱତଃସିଦ୍ଧ ।

ସନ୍ଦର୍ଭ ଲେଖକ
ଏ ତ୍ରୁଟର
ସ୍ତ୍ରାତ୍ରକ ।

Digitized by srujanika@gmail.com

ସଚ୍ଚିଦାନନ୍ଦ ମଠ—ଶ୍ରୀଚୈତନ୍ୟ ଦେବଙ୍କ ଜନ୍ମସ୍ଥାନ ଶ୍ରୀମଦ୍ Sachchidānanda matha ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁରଙ୍କ ନାମାନୁସାରେ ଶ୍ରୀଚୈତନ୍ୟପଦାଙ୍କିତ ଭୂମି ଉପରେ ଖ୍ରୀଷ୍ଟାବ୍ଦ ୧୯୨୨ ସାଲ ୧୧ ଡାର୍ଚ୍ଚ ତାରିଖ ଦିବସ ଶ୍ରୀଗୌଡ଼ୀୟମଠାଗ୍ରଣ୍ୟ ଶ୍ରୀଲ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ଠାକୁର ଏହି ମଠ ସ୍ଥାପନ କରିଥିଲେ । ଏହି ମଠ ଶ୍ରୀଧାମ ମାୟାପୁର ନବଦ୍ୱୀପ ଶ୍ରୀଚୈତନ୍ୟ ମଠର ଗୋଟିଏ ଶାଖାମଠ ଓ ଶ୍ରୀ ଭଗବୈଷ୍ଣବ ବ୍ରଜସଭାର ସଭ୍ୟ-ବୃନ୍ଦଙ୍କଦ୍ୱାରା ପରିଚାଳିତ । ଶ୍ରୀମତ୍ ସଚ୍ଚିଦାନନ୍ଦ ଭକ୍ତିବିନୋଦ ଠାକୁର ୧୮୫୮ ସାଲରେ କଟକକୁ ଆଗମନ କରି ସ୍ଥାନୀୟ ଶିକ୍ଷିତ ସମାଜରେ ଶ୍ରୀଚୈତନ୍ୟମହାପ୍ରଭୁଙ୍କର କଥା କୀର୍ତ୍ତନ କରିଥିଲେ । କିଛି ଦିନ ପରେ ଭଦ୍ରକରେ ଅବସ୍ଥାନ କାଳରେ "ମଠସ୍ ଅଫ୍ ଓରିଶ୍ଶା" (Maths of Orissa) ନାମକ ପୁସ୍ତକ ଲେଖିଲେ । ଇଂରାଜୀ ୧୮୭୯ ସାଲରେ ପୁରୀ ଠାକୁର କଟକ ଓ ପୁରୀରେ ଅବସ୍ଥାନ କରି ଶ୍ରୀଜଗନ୍ନାଥ ମନ୍ଦିରର ଅଧ୍ୟକ୍ଷତା, ଅଭକ୍ତ ମତବାଦବିଦ୍ୱେଷ ଓ ଭାଗବତ ସଭା ସ୍ଥାପନ କରି ଶୁଦ୍ଧଭକ୍ତିର କଥା ପ୍ରଚାର କରିଥିଲେ । ଭକ୍ତିବିନୋଦ ଧାରାରେ ସଚ୍ଚିଦାନନ୍ଦ ସେବାର କଥା ପ୍ରଚାର କରିବା ପାଇଁ ଶ୍ରୀଗୌଡ଼ୀୟମଠାଗ୍ରଣ୍ୟ ଓଡ଼ଶାର ପ୍ରଚାରାଗ୍ର କଟକ ନଗରରେ ଏହି ମଠ ସ୍ଥାପନ କରି ଯାଇଅଛନ୍ତି ।

ପ୍ରଥମେ କାଠଯୋଡୀନଘାଟସ୍ଥ ଗଣ୍ଡେଶଘାଟରେ, ତହିଁରେ ଦରଜାଘାଟରେ ମଠାଳୟ ପ୍ରତିଷ୍ଠିତ ହୋଇଥିଲା । ଏହିଠାରେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ବିଗ୍ରହ ସ୍ଥାପିତ ହୋଇଥିଲେ । ସେହିଠାରୁ ମଠାଳୟ ଓଡିଆବଜାରକୁ ସ୍ଥାନାନ୍ତରିତ ହେଲାରୁ ସଚ୍ଚିଦାନନ୍ଦ ମଠରେ ୨୨ ଜୁନ ୧୯୨୮ ସାଲରେ ଶ୍ରୀ ଶ୍ରୀ ବିନୋଦବିହାରୀ ଜୀଉଙ୍କ ବିଗ୍ରହ ପ୍ରତିଷ୍ଠିତ ହେଲେ । ଏହି ସମୟରେ ଶ୍ରୀଯୁକ୍ତ ଚନ୍ଦ୍ରାମଣି ନାୟକ ନାମକ ଜଣେ ବ୍ୟକ୍ତି ନିଜ ଗୃହରେ ଅଷ୍ଟପ୍ରହର ହରିନାମ କୀର୍ତ୍ତନର ଜମତ୍କାର କରିବା ଉଦ୍ଦେଶ୍ୟରେ ଓଡ଼ିଆବଜାର ସଚ୍ଚିଦାନନ୍ଦ ମଠକୁ ଆସି ଶ୍ରୀଗୌଡ଼ୀୟମଠାଗ୍ରଣ୍ୟଙ୍କର ଅନୁଗତ ତଦାନୀନ୍ତନ ମଠରକ୍ଷକଙ୍କ ନିକଟରେ ହରିନାମ କୀର୍ତ୍ତନର ସିଦ୍ଧାନ୍ତ ବିରୋଧ ଓ ରସାଭାସ ଦୋଷର କଥା ସଦ୍ଯୁକ୍ତି ଓ ଶାସ୍ତ୍ରବାକ୍ୟ ଓ ମହାଜନବାକ୍ୟର ପ୍ରମାଣ ସହିତ ଶ୍ରବଣ କରିଥିଲେ । ଚନ୍ଦ୍ରାମଣି ବାବୁ ଦିନେ ସ୍ୱପ୍ନରେ ଦେଖିଲେ ଯେ, ସଚ୍ଚିଦାନନ୍ଦ ମଠର ଶ୍ରୀଗୌରବିନୋଦରମଣ ଜୀଉ ତାଙ୍କ ଘରେ ଉପସ୍ଥିତ ହୋଇଛନ୍ତି । ଏହି ସ୍ୱପ୍ନ ଦେଖି ସେ ତାଙ୍କ କାମ୍ପକେଲ ଉଦ୍ୟାନସ୍ଥିତ ପୁଷ୍କରିଣୀ ସହ ଏକ ଏକର ଜମି ସଚ୍ଚିଦାନନ୍ଦ ମଠ ନାମରେ ସମର୍ପଣ କରିବାକୁ କୃତସଙ୍କଳ୍ପ ହେଲେ । ପରେ କଟକର ସ୍ୱର୍ଗତ ବ୍ରଜବନ୍ଧୁ ସରକାରଙ୍କର ଭକ୍ତିମତୀ ସହଧର୍ମିଣୀ ଶ୍ରୀଯୁକ୍ତା ବିନୋଦିନୀ ଦାସୀ ଏହି ଜମିରେ ଗୋଟିଏ ଛୋଟ ମନ୍ଦିର ନିର୍ମାଣ କରାଇ ଦେଇଅଛନ୍ତି । ଉତ୍କଳବିଦ୍ୟାର ବର୍ତ୍ତମାନ ବ୍ୟବସ୍ଥାପୀ ଶ୍ରୀଯୁକ୍ତ ବ୍ରଜଗୋପାଳ ସ୍ମୃତିଭି ଭକ୍ତି ମଠ ସଂଲଗ୍ନ ଭକ୍ତିସଙ୍ଗ୍ରହ ବିଦ୍ୟାଳୟ ନିର୍ମାଣ କାର୍ଯ୍ୟ ବନ୍ଦନ କରିଅଛନ୍ତି ।

ସଚ୍ଚିଦାନନ୍ଦ ମଠରୁ ଶ୍ରୀଗୌଡ଼ୀୟମଠାଗ୍ରଣ୍ୟଙ୍କର ଅଦେଶରେ ଜଳନ୍ତ ଭାଷାରେ ଭକ୍ତସ୍ୱରୂପ ମୁଦ୍ରିତ ଓ ପ୍ରକାଶିତ ହେଉଅଛି । ହରିନାମ ଚନ୍ତାମଣି, ଗୀତାବଳୀ, ଶରଣାଗତି ଓ କଲ୍ୟାଣ କଲ୍ପତରୁ ପ୍ରଭୃତି ଗ୍ରନ୍ଥ ପରମାର୍ଥ ସାହିତ୍ୟର ଏକ ଅବଦାନ । ୧୮ ମଇ, ୧୯୩୨ ସାଲରୁ ଏହି ମଠରୁ "ପରମାର୍ଥୀ" ନାମକ ପାକ୍ଷିକ ପତ୍ର ପ୍ରକାଶିତ ହେଉ-ଅଛି । ଗଙ୍ଗାମ ବ୍ରାହ୍ମପୁରର ପ୍ରସିଦ୍ଧ ଜମିଦାର ଶ୍ରୀ ମଧୁସୂଦନ ଶର୍ମା ମହୋଦୟ 'ପରମାର୍ଥୀ' ଓ ପରମାର୍ଥ-ସାହିତ୍ୟ ପ୍ରଚାର ପାଇଁ ଗୋଟିଏ ମୁଦ୍ରାଯନ୍ତ୍ର ଦାନ କରିଅଛନ୍ତି । ଏହି 'ପରମାର୍ଥୀ ପ୍ରିଣ୍ଟିଙ୍ଗ୍ ୱାର୍କସ୍' ସଚ୍ଚିଦାନନ୍ଦ ମଠର ଭକ୍ତିସାହିତ୍ୟ ମୁଦ୍ରଣ ଓ ପ୍ରକାଶନର ଅଟେ । ବାହୁଡ଼ା ଦଶମୀଠାରୁ ଏହି ମଠରେ ଏକପଞ୍ଚକ୍ୟାତ୍ମୀ ବାର୍ଷିକ ହରିସଙ୍କୀର୍ତ୍ତନ-ମହାମହୋତ୍ସବ ଅନୁଷ୍ଠିତ ହୋଇଥାଏ । ପ୍ରତ୍ୟହ ପଙ୍କ୍ତୀରେ ପଙ୍କ୍ତୀରେ ଶୁଦ୍ଧ ହରିକଥା ପ୍ରକାଶ ଓ ପ୍ରତ୍ୟହ ଶ୍ରୀଚୈତନ୍ୟ ଭାଗବତ, ଶ୍ରୀଗୀତା ଓ ଶ୍ରୀଚୈତନ୍ୟଚରିତାମୃତ ପାଠ ଓ ବ୍ୟାଖ୍ୟା ହୋଇଥାଏ । ସମୟେ ସମୟରେ ଶ୍ରୀଗୌଡ଼ୀୟ ମଠାଗ୍ରଣ୍ୟ ଏଠାକୁ ଆଗମନ କରି କଟକବାସୀ ସଜ୍ଜନ-ବୃନ୍ଦଙ୍କ ନିକଟରେ ହରିକଥାମୃତ ବିତରଣ କରିଥାଅନ୍ତି । କଟକ ରେଭେନ୍ସା କଲେଜର ପ୍ରବୀଣ ଅଧ୍ୟାପକ ଅବସରପ୍ରାପ୍ତ ଶ୍ରଯୁକ୍ତ ବଶିକାନ୍ତ ସାନ୍ୟାଲ୍, ଏମ୍. ଏ. ଭକ୍ତିସୁଧାକର, ଭକ୍ତିଶାସ୍ତ୍ରୀ ମହୋଦୟ ବର୍ତ୍ତମାନ ଶ୍ରୀ ସଚ୍ଚିଦାନନ୍ଦ ମଠର ମଠରକ୍ଷକ ।

(ଲେଖକ—ମହାମହୋପଦେଶକ ଶ୍ରୀ ସୁନ୍ଦରାନନ୍ଦ ବିଦ୍ୟାବିନୋଦ ବି. ଏ.) ।

ସଚ୍ଚିଦାନନ୍ଦ ସରସ୍ୱତୀ ସ୍ୱାମୀ—ଓଡ଼ଶା ଜଡ଼ଜାତ ବ୍ରାହ୍ମଣ ମଧ୍ୟରୁ ନୟାଗଡ଼ Sachchidānanda Saraswati swāmī ବ୍ରାହ୍ମଣସ୍ତ ଜଗନ୍ନାଥ ରଥଯାତ୍ରା (ଭଟ୍ଟ ମିଶ୍ର) ଉଚ୍ଚ ବୈଦିକ ବ୍ରାହ୍ମଣକୁଳରେ ସନ ୧୩୧୧ ସାଲ ଅମଷ ୧୩ ଦିନ ବୈଶାଖ ଶୁକ୍ଳ ନବମୀ ତିଥିରେ ଏ ଜନ୍ମଗ୍ରହଣ କରିଥିଲେ ।

ଏହାଙ୍କ ପୂର୍ବପୁରୁଷମାନଙ୍କର ଆଦ୍ୟ ବାସସ୍ଥାନ ପୁଣ୍ୟ ଭିତ୍ତାର ଗ୍ରାମାଙ୍କ ପ୍ରଜାବାର ବାରନରସିଂହପୁର ଶାସନର ପ୍ରଥମ ଶ୍ରେଣୀରେ ଥିଲା ।

ଏହାଙ୍କ ପିତା ସ୍ୱର୍ଗୀୟ ବାଇଧର ମିଶ୍ର ଓ ମାତା ସ୍ୱର୍ଗୀୟା ଅନୁପ୍ତ ଦେବୀ ।

ମାତା ଅନୁପ୍ତ ଦେବୀ ସ୍ୱର୍ଗତ ଜଗନ୍ନାଥ ବଲଦେବ ରଥଙ୍କ ନାତୁଣୀ ଥିଲେ, ଅର୍ଥାତ୍ ବଲଦେବ ରଥଙ୍କ ପୁତ୍ର ବିଶ୍ୱନାଥ ରଥଙ୍କର କନ୍ୟା ।

ସଚ୍ଚିଦାନନ୍ଦଙ୍କର ବାଲ୍ୟାବସ୍ଥାରେ ପିତୃବିୟୋଗ ଘଟିବାରୁ ବଧବା ମାତା ଏହାଙ୍କୁ ପ୍ରତିପାଳନ କରିଥିଲେ; ଏବ ସଂସ୍କୃତ, ପ୍ରାକୃତ, ଜ୍ୟୋତିଷ, ଆୟୁର୍ବେଦ, ଉତ୍ତ,

Digitized by srujanika@gmail.com

ମାଆ, ଯଜ୍ଞଭିଭଙ୍ଗର ମାତାଙ୍କର ଥିବାରୁ ଏହାଙ୍କ ବାଲ୍ୟଶିକ୍ଷା ମାତାଙ୍କ ଦ୍ୱାରା ହୋଇଥାଇଥିଲା । ଏ ଘରେ ନୟାଗଡ଼ ମାଇନର୍ ସ୍କୁଲରେ ଓ ସଂସ୍କୃତ ଟୋଲରେ ଅଧ୍ୟୟନ କରିଥିଲେ ।

ନୟାଗଡ଼ ରାଜାଙ୍କ ଅନୁଗ୍ରହରୁ ଏହାଙ୍କ ପରିବାର ସ୍ୱଚ୍ଛନ୍ଦରେ ଚଳି ପାରୁ ଥିଲେ । ମାତ୍ର ସ୍ୱର୍ଗତ ନୟାଗଡ଼ ରାଜା ଓ ରାଣୀଙ୍କର ବିୟୋଗ ଘଟିବା ସମୟରୁ ସଚ୍ଚିଦାନନ୍ଦଙ୍କର ମାତା ଓ ଜ୍ୟେଷ୍ଠ ଭାଇଙ୍କର ବିୟୋଗ ଘଟିବାରୁ ଏ ଅଗତ୍ୟା ଉକ୍ତ ରାଜ୍ୟ ଛଡ଼ି ପୁରୁଷୋତ୍ତମ କ୍ଷେତ୍ରରେ ଥସି ପ୍ରଥମେ ବେଦକର୍ମକାଣ୍ଡ ବିଦ୍ୟାଳୟରେ କିଛିକାଳ ଅଧ୍ୟୟନ କରି ତଦନନ୍ତର ପୁଣ୍ୟ ନରସିଂହାଶ୍ରମ ମଠସ୍ଥ ଟୋଲରେ ପଣ୍ଡିତ ରାମଚନ୍ଦ୍ର ମହାପାତ୍ର ବ୍ୟାକରଣତୀର୍ଥ ମହାଶୟଙ୍କ ପାଖରେ ସଂସ୍କୃତ ବ୍ୟାକରଣ ଓ ସାହିତ୍ୟର ମଧ୍ୟମାପରୀକ୍ଷାଯାଏଁ ପଢ଼ିଥିଲେ ।

ଇତ୍ୟବସରରେ ଦୈବାତ୍ପ୍ରେରଣା (ପ୍ରାରବ୍ଧକର୍ମ) ବଶତଃ ପୁଣ୍ୟ ଶଙ୍କରାନନ୍ଦ ମଠର ମଠାଧୀଶ ୺ ଶିବାନନ୍ଦ ସରସ୍ୱତୀ ସ୍ୱାମୀଙ୍କଠାରୁ ସନ୍ୟାସଦୀକ୍ଷା ୧୬।୨।୨୪ ତାରିଖରେ ୨୦ ବର୍ଷ ବୟସରେ ଗ୍ରହଣ କରିଥିଲେ ଏବଂ ଗୁରୁପାଦ ଏହାଙ୍କୁ ଉତ୍ତରାମ୍ନାୟ ଶୃଙ୍ଗେରେ ମନୋନୀତ କରି, "ସଚ୍ଚିଦାନନ୍ଦ ସରସ୍ୱତୀ" ନାମ ଦେଇ ଏହାଙ୍କ ନାମରେ ଉଇଲ୍ ରେଜିଷ୍ଟ୍ରାର କରି ଦେଇଥିଲେ ।

ଗୁରୁ ଶିବାନନ୍ଦଙ୍କର ୫।୧।୨୭ରେ ନାମ୍ପୂର୍ଣ ପ୍ରାପ୍ତି ହେବାରୁ ସମ୍ପାଦିତ ଉଇଲ୍ ବଳରେ ୫ାରସ ସୂତ୍ରରେ ଏ ଶଙ୍କରାନନ୍ଦ ମଠରେ ମଠାଧୀଶତ୍ୱ ପ୍ରାପ୍ତ ହେଲେ ।

ଉକ୍ତ ଅନ୍ତରଙ୍ଗଃ ମଠସମ୍ପତ୍ତିଜନିତ ବୈଷୟିକ ବ୍ୟାପାରରେ ଲିପ୍ତ ରହିବାରେ ସ୍ୱକ୍ୟାସୋଚିତ ଧର୍ମ କର୍ମରେ ବାଧା ପଡ଼ିବାରୁ ଗୁରୁଦ୍ୱୟ ବାଲ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ନାମରେ ୧।୪।୩୧ ତାରିଖରେ ଏକ ଲିଖା ଯମତାପତ୍ର ରେଜିଷ୍ଟ୍ରାର କରି ତାଙ୍କୁ ମଠ ସମ୍ପତ୍ତିଜନିତ ଭାର ଦେଇ ଏ ବିଷୟ ଚିନ୍ତାରୁ ଶାନ୍ତ ହୋଇ ତୀର୍ଥ ପର୍ଯ୍ୟଟନ କରିବା ସଙ୍ଗେ ସଙ୍ଗେ ସମସ୍ତ ଉତ୍କଳ ଦେଶଃ ଭ୍ରମଣ କରି ଧର୍ମପ୍ରଚାର କରୁ-ଅଛନ୍ତି ଏବଂ ଉତ୍କଳ ଦେଶରେ ଭୁବନେଶ୍ୱରଠାରେ ପ୍ରାଚୀନ ଗଣ୍ଡରେ ଗୋଟିଏ ଗୁରୁକୁଳ ବ୍ରହ୍ମଚର୍ଯ୍ୟାଶ୍ରମ ସ୍ଥାପନ କରିବାକୁ ପ୍ରୟାସ କରୁଅଛନ୍ତି ।

ଷୋଡ଼ଶ ସର୍ଗବିଶିଷ୍ଟ ସଂସ୍କୃତ ଶଙ୍କରଦଗ୍‌ବିଜୟ ଗ୍ରନ୍ଥକୁ ଉତ୍କଳଭାଷାରେ ଟଦ୍ୟାନୁବାଦ କରି ଅନୁବାଦ ଗ୍ରନ୍ଥକୁ ଗୃରୁଗୃହରେ ବଉକ୍ତା କରି ସ୍ୱାମୀଜୀ ଉହାଁର ପ୍ରଥମଭାଗ ପ୍ରକାଶ କରିଅଛନ୍ତି ଏବଂ "ଭାଷାଜ୍ୟୋତିଷ" ନାମରେ ଗୋଟିଏ ସରଳ ସୂବୋଧ ଜ୍ୟୋତିଷ ଗ୍ରନ୍ଥ ଓଡ଼ିଆରେ ସଂକଳନ କରିଅଛନ୍ତି । ଏହାଛଡ଼ା ଧର୍ମଶିକ୍ଷା, ନୀତିଶିକ୍ଷା ପ୍ରଭୃତି ବିଷୟରେ ଅନେକଗୁଡ଼ିଏ ଛୋଟ ଛୋଟ ଉପାଦେୟ ପୁସ୍ତକ ଲେଖିଅଛନ୍ତି ଓ ବର୍ତ୍ତମାନ ପ୍ରକାଶିତ କରି ଉତ୍କଳବାସୀଙ୍କୁ ବଉପକୃତ କରିବେ ବୋଲି ସଂକଳ୍ପ କରିଅଛନ୍ତି । ତାଙ୍କର ବର୍ତ୍ତମାନ (୧୯୩୮ ସାଲରେ) ବୟସ ୩୪ ବର୍ଷ ଅଟେ । ଏ ପାଖା ଗ୍ରହଣ କରିବା ପୂର୍ବରୁ ବିବାହ କରି ନ ଥିଲେ । ଉତ୍କଳର ସ୍ଥାନେ ସ୍ଥାନେ ଭ୍ରମଣ କରି ଲୋକଙ୍କୁ ଧର୍ମଶିକ୍ଷା ଦେବା ଓ ସ୍ଥାନେ ସ୍ଥାନେ ବ୍ରହ୍ମଚର୍ଯ୍ୟାଶ୍ରମ ବିଦ୍ୟାଳୟ ସ୍ଥାପନ କରିବାପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ଏହାଙ୍କ ଜୀବନର ବ୍ରତ ହୋଇଅଛି । ଏ ବରଭିମାନ, ବାସ୍ତୁମର ଓ ବିଷ୍ଣୁତ । ପୃଥ୍ୱୀଚନ୍ଦ୍ର ଜ୍ୟୋତିଷର ଜନ୍ମ ଦ୍ୱି ସମାପ୍ତି ପାଇଁ ପ୍ରତିଦିନ ଈଶ୍ୱରଙ୍କଠାରେ ପ୍ରାର୍ଥନା କରିବା ଓ ଭୁବନେଶ୍ୱରଠାରେ ଗୁରୁକୁଳ ବ୍ରହ୍ମଚର୍ଯ୍ୟବିଦ୍ୟାଳୟ ସ୍ଥାପନ କରିବା ଏହାଙ୍କ ପରମ ଜୀବନର ବ୍ରତ ହୋଇଅଛି । ଉକ୍ତ ଧର୍ମଶାସ୍ତ୍ରରେ ଏହାଙ୍କର ଗଭୀର ପ୍ରବେଶ ଅଛି ଓ ଏହାଙ୍କ ବାଗ୍ମିତା ସର୍ବତ୍ର ସର୍ବସ୍ତ୍ର ଲୋକଙ୍କୁ ମୁଗ୍ଧ କରିଅଛି । ଜ୍ୟୋତିଷର ଅନ୍ତରଙ୍ଗଃ ମଙ୍ଗଳକାମୀରୂପେ ଏହାଙ୍କ ପ୍ରଚାରିତ ଜ୍ୟୋତିଷରେ ସ୍ଥାନ ପାଇଅଛି ।] (ସଦର୍ଭଲେଖକ—ବଇଦ୍ୟରତ୍ନ ପଞ୍ଚାନନ୍ୟୁକ) ।

ସଚ୍ଚିନ୍ତା—ସଂ. ବ (କର୍ମଧା; ସତ୍+ଚିନ୍ତା)—ଧର୍ମ ସମ୍ବନ୍ଧୀୟ ବା ଶୁଭକର Sachchintā ଚିନ୍ତା—Good or pious thoughts.

ସଚ୍ଚୀ—ଦେ. ବଣ. ସ୍ତ୍ରୀ (ସଂ. ସତ୍ତା)—୧ । ସାଧ୍ୱୀ; ସତ୍ତା—1. Chaste Sachchī (woman). ୨ । ସାଧୁତାଯୁକ୍ତା—2. Honest ସା(ସାଁ)ଚ୍ଚା (woman). ୩ । ସତ୍ୟବାଦିତା—3. Truthful **सच्ची** (woman). ଦେ. ବ—ସଚ୍ଚେଟ୍ ପଣ (ଦେଖ) (ସତ୍ତା—ସୁଂ. ବଣ) —Sachoṭ paṇa (See).

ସଚ୍ଚୀ ପଣ—ଦେ. ବ (ସ୍ତ୍ରୀ ନାମରେ ବ୍ୟବହୃତ)—୧ । ସତ୍ତାତ୍ୱ—Sachchī paṇa 1. Chastity. ୨ । ସାଧୁତା—ସାଚ୍ଚାପଣା 2. Honesty. ୩ । ସତ୍ୟବାଦିତା—**सच्चापन** 3. Truthfulness.

(ସଚ୍ଚୀ ପଣିଆ, ସଚ୍ଚେଇ ପଣ, ସଚ୍ଚେଇ ପଣିଆ—ଅନ୍ୟରୂପ) ।

ସଚ୍ଚେଇ—ଦେ. ବ—୧ । ସତ୍ତାତ୍ୱ—1. Chastity. ୨ । ସାଧୁତା Sachchei ସା(ସାଁ)ଚ୍ଚାଇ **सच्चाइ** —2. Honesty. ୩ । ସତ୍ୟବାଦିତା—3. Truthfulness.

ଦେ. ବଣ. ସ୍ତ୍ରୀ—ସଚ୍ଚୀ (ଦେଖ)—Sachchi (See)

ସଚ୍ଚେଇ ହେବା—ଦେ. କି—ସତ୍ତାପଣ ଦେଖାଇ ହେବା—To make Sachchei hebā a show of honesty. ସା(ସାଁ)ଚ୍ଚାଇ ହଓୟା **सचाई दिखलाना**

ସଚ୍ଚୋଟ (ଇତ୍ୟାଦି)—ଦେ. ବ ଓ ବଣ—ସଚ୍ଚେଟ ଇତ୍ୟାଦି (ଦେଖ) Sachchoṭa (etc) Sachoṭa etc (See)

ସଚ୍ଚୋଟି—ଦେ. ବ—ସଚ୍ଚେଟ (ଦେଖ) Sachchoṭi (ସଚ୍ଚୋଟଆ—ବଣ) Sachoṭi (See)

ସଚ୍ଛ—ପ୍ରା. ବ (ସଂ. ସ୍ୱଚ୍ଛ)—ମନର ସ୍ୱଚ୍ଛତା—Purity of mind. Sachchha ପ୍ରା. ବଣ—ସ୍ୱଚ୍ଛ; ବଳନା ବା ଅସନ୍ତୋଷରହିତ—**स्वच्छ स्वच्छ** Free from discontent or hesitation.

ସଚ୍ଛ(ଚ୍ଛ)ନ୍ଦ—ପ୍ରା. ବଣ (ସଂ. ସ୍ୱଚ୍ଛନ୍ଦ)—ସ୍ୱଚ୍ଛନ୍ଦ—Unrestrained; Sachchha(chha)nda contented; happy. ପ୍ରା. ବ—**स्वच्छन्द स्वच्छन्द** ୧। ସ୍ୱଚ୍ଛନ୍ଦତା—1. Ease ୨। ସୁଖ;ସନ୍ତୋଷ—

Digitized by srujanika@gmail.com

2. Happiness; contentment. ଗ୍ରା. ବି. ବଣ—୧ । ସ୍ୱଚ୍ଛନ୍ଦତାସହକାରେ—1. Happily; with ease. ୨ । ସ୍ୱଇଚ୍ଛାରେ—2. Voluntarily ୩ । ସହଜରେ—3. Easily.

ସଚ୍ଛ(ଛ)ଳ—ଦେ. ବ ଣ (ସ. ସଚ୍ଛୀଳ=ଶୀଳସମ୍ପନ୍ନ, ଦାତା; ବା ସ. Sachchha(chh)la ସତଳ; ବା ସଂ. ଶସ୍ୟଳ)—୧ । ସଙ୍ଗତି-ସଚ୍ଛଳ ଚଲତା ପୁରଜା ସଂପନ୍ନ ସଂଯତ (ଅବସ୍ଥା)—(ଅସ୍ୱଚ୍ଛଳ—ବିପଗ୍ଧତ) 1. Well-to-do (condition). (ବ୍ୟବହାର—ସଚ୍ଛଳଅବସ୍ଥା) ୨ । ସମ୍ପଳ ବଣିଷ୍ଟ ବା ଧନୀ—2. Rich; affluent. (ଉ—ସଚ୍ଛଳ ଲୋକ) ।

[ଦ୍ର-ଉଲ୍ ଉଲ୍ ଲେଖଙ୍କଙ୍କ ଲେଖାରେ ସଧ ଏ ଶବ୍ଦର ବ୍ୟବହାର ଦେଖାଯାଏ]

ସଚ୍ଛ(ଛ)ଲତା—ଦେ. ବ—୧ । ସଙ୍ଗତିସମ୍ପନ୍ନ ଅବସ୍ଥା—Sachchha(chha)latā 1. Ease; well-to-do condi- ସଚ୍ଛଳତା ସଂପନ୍ନତା tion. ୨ । ସଫଳ; ଧନବାନ୍ (ଅସ୍ୱଚ୍ଛଳତା—ବିପଗ୍ଧତ) ଅବସ୍ଥା—2. Affluence; rich or affluent circumstances. ୩ । ଅର୍ଥସଙ୍ଗତି; ଅର୍ଥଗ୍ରାହ୍ୟତା—3. Sufficience in money matters.

ସଚ୍ଛାତ୍ର—ସ.ବ (ଭର୍ମଧା;ସତ୍+ଛତ୍ର)-ଭଦ୍ରମାନ୍,ଅଚ୍ଛକାଗ୍ର,କର୍ତ୍ତବ୍ୟପରାୟଣ Sachchhātra ଓ ସଦାଚରଣଯୁକ୍ତ ଶିଷ୍ୟ—A dutiful (ସଚ୍ଛିଷ୍ୟ—ଅନ୍ୟରୂପ) student or disciple. (ସତ୍‌ଗୁରୁ—ବିପଗ୍ଧତ)

ସଚ୍ଛିଦ୍ର—ସଂ. ବଣ (ସ+ଛିଦ୍ର; ସଚ୍ଚ ପୋଗ୍ ଦ୍ୱିତ୍ୱ)—ଛିଦ୍ରଯୁକ୍ତ— Sachchhidra Having holes; perforated;

ସଜ୍‌ଜ୍ଞାନ—ସଂ. ବ (ସତ୍+ଜ୍ଞନ)—ଧର୍ମ ବା ଈଶ୍ୱରସମ୍ବନ୍ଧୀୟ ଜ୍ଞାନ; Saj-jñāna ପାରମାର୍ଥିକ ଜ୍ଞନ—Philosophical know- (ସଜ୍‌ଜ୍ଞଗ୍ଧା—ବଣ) ledge; spiritual knowledge.

[ଦ୍ର—ଓଡ଼ିଆରେ ଉଚ୍ଚାରଣଦୋଷରୁ 'ଜ୍ଞାନ' ଶବ୍ଦଟି 'ଗ୍ୟାନ'ରୂପେ ଉଚ୍ଚାରିତ ହେଉଥିବାରୁ ଅନେକେ ଭ୍ରମରେ 'ସତ୍+ଜ୍ଞନ'କୁ ସଚ୍ଚ କର 'ଗ' ପରେ ଥିବାରୁ 'ଚ୍' ସ୍ଥାନରେ ବର୍ଗର ଶଯ୍ୟ ବର୍ଣ୍ଣ 'ଦ୍'କର'ସଦ୍‌ଜ୍ଞାନ'ଶବ୍ଦ ଜନ୍ମନ କରନ୍ତି । କନ୍ତୁ ପାଣିନିଙ୍କର ୮।୪।୪୦ "ସ୍ତୋଃଶ୍ଚୁ-ନାଶ୍ଚୁଃ" ସୂତ୍ରାନୁସାରେ ସଚ୍ଚରେ 'ସତ୍+ଜ୍ଞାନ'ର 'ସତ୍' ସ୍ଥାନରେ 'ସଜ୍' ହୋଇ ଶବ୍ଦଟି 'ସଜ୍‌ଜ୍ଞାନ' ହେବ। ଏହାସର ଉତ୍+ଜ୍ଞାନ='ଉଜ୍ଜ୍ଞନ', ଏତତ୍+ଜ୍ଞନ='ଏତଜ୍‌ଜ୍ଞନ' ଇତ୍ୟାଦି ରୂପ ।]

ସଜ—ଦେ. ବ (ସ. ସଜ୍ଜା)—୧ । ଶିଳ୍ପୀର ଶିଳ୍ପପତ୍ର ; କାରିଗରର Saja ଯନ୍ତ୍ରତତ୍ର—1. Apparatus or implements ସାଜ ଔଜାର of an artisan. [ଦ୍ର—ତଖାର ଫଳ, ଚଟାଳ-ଲଢ଼ା ଅଦ; ଚଣାରର ଶୂର, କଡ଼ି ଶୀ ଅଦ; ବଣିଆର ସୂନାରୁପାସମ୍ବନ୍ଧୀୟ ଦ୍ରବ୍ୟଆର;ତନ୍ତୁବାୟର ତନ୍ତୁଆର, ଶିଅଳର ଖଜୁରଗଛକଟା କଣ୍ଟୁର, ଦଉଡ଼ା ଆଦ; ତମାରର ତତ୍ତ୍ୱଆର; ଧୋବାର କୁଗ୍ଦି ଓ ତମାରର ଢାଳ ସଚ୍ଚ କଣ୍ଟା କଣ୍ଟୁଗ୍ଧ ଓ ଦଉଡ଼ାକୁ ସଜ କରନ୍ତୁ ।] ୨ । (ସଂ. ସଜ୍ଜା ବା ସାଜ ସଜା ସାଧନ) ବ୍ୟବସାୟୀର ବ୍ୟବସାୟ ପାଇଁ ଦରକାଗ୍ଧ ସଜ୍ଜା ବା ସାଧନ—2. The fittings or equipments of a trader. [ଦ୍ର—ଦୋକାନୀର ସେର, ତରୁଜ, ମାଣ ଆଦ; ଗଉଡ଼ୁଣୀର ଦୁଧ ଢାଳିବା, ଦହି ଢାଳିବା, ଝୋଟେଇ, ଘାଆ ଆଦ; ଗରୁଡଙ୍କ ଶିଜା, ବାନ୍ଧୁଜୀ, ନଉଡ଼ା ଆଦ ଓ ଚେଲାର ତେଲ ଘଉ, ମାପଘାଟ ଆଉରୁ ସଚ୍ଚ କୁହାଯାଏ] ୩ । (ଗଉଡ଼ୁଣୀ,ଚେଲା ଆଦଙ୍କ) ପସରା—3. The basket or tray in which commodities are hawked. [ଦ୍ର—ଜୀବଜା-ଜଙ୍କାଦ୍ୱାର୍ଥ କାରିଗର, ଚେଥାସ୍ତ, ମୂଲିଆ ଆଦ ଯେଉଁ ଯେଉଁ ଯନ୍ତ୍ର, ଘାଟ, ମାପଘାଟାଦି ବ୍ୟବହାର କରନ୍ତି; ତାକୁ ସଚ୍ଚ ବୋଲିଯାଏ । ଦଶହରା ଆଦ ଉତ୍ସବ ଉପଲକ୍ଷରେ ପ୍ରତ୍ୟେକ କାରିଗର ତାହାର ସଚ୍ଚକୁ ପୂଜା କରେ । ଗଉଡ଼ ଗଉଡ଼ୁଣୀମାନେ ଦୋଳପୂର୍ଣ୍ଣିମା ସମୟରେ ତାଙ୍କ ସଚ୍ଚକୁ ପୂଜା କରନ୍ତି । ଫଳତଃ ପ୍ରତ୍ୟେକ ପ୍ରକାରର କାର୍ଯ୍ୟ, ଶିଳ୍ପ, ବ୍ୟବସାୟ, ଓ ଗୃହ ଆଦର ଆବଶ୍ୟକ ସଜ୍ଜା, ସମ୍ଭାର, ସାଧନ, ଉପକରଣ, ଉପାଦାନ, ଯନ୍ତ୍ର, ଅସ୍ତ୍ର, ପରିଚ୍ଛଦ, ଅଳଂକାର, ବେଶ, ସାଧାରଣ 'ସଜ' ବୋଲିଯାଏ ।] ୪ । (ସ. ସଜ୍ଜ) ଗୃହର ଉପକରଣ— ସାଜ ସାମଗ୍ରୀ 4. Domestic furniture. ୫ । ଗୃହର ବାସନ ବର୍ତ୍ତନ—5. Domestic tusenils. ଔଜାର ୬ । ପଥୁରଅଙ୍କର ପଥର ଢାଣିବା ଜାଣ— ସେଟ ସେଟ 6. Stone-cutter's chisel. ୭ । ପୁସ୍ତକ, ଅଳଂକାର ଓ ଯନ୍ତ୍ର ଆଦର ଏକ ସେଟ୍ ବା ଏକ ସାର— 7. One set (of books, instruments, ସୁବିଧା ସୁବୀତା ornaments). ୮ । (ସ. ସଜ୍ଜ) ସୁବିଧା—8. Convenience. ୯ । ସୁଯୋଗ; ଦାଉ; ସାଜ ସାଜ 9. Opportunity. ୧୦ । (ସଂ. ସଜ୍ଜ) ଘୋଡ଼ାକୁ ବ୍ୟବହାରାର୍ଥ ସଜ୍ଜିତ କରିବାର ପଦାର୍ଥସମୂହ; ଅଶ୍ୱ ସଜ୍ଜା (ଯଥା—ଛନ୍, ଗଦିଚାମା, ଶୁଗୁରୁ)—10. Harness for a horse; the trappings and saddle etc. of a horse. ୧୧ । ଅଳଂକାରସମୂହ; ଭୂଷଣ— 11. Ornaments. ୧୨ । ସଜ୍ଜା—12. Equipments; trappings. [ଉ—ପ୍ରଭୁଙ୍କ ଖୋଜିବାରେ ଅଙ୍ଗେ ଉର ସଜ—ଭୁପ୍ତିସଂଦ୍ଭ ମହାଭାରତ. ବନ ।]

ସାଜ ଟପକା ୧୩ । (ସଂ. ସଦ୍ୟ)—ସଜ ଲୁଗା; (ବାସି—ବିପଗ୍ଧତ) ସଜ ଜଗୁ ଧୋଇଥିବା ଲୁଗା— ଶାସ ବାରକୁନ 13. A cloth which has been washed by the washerman and returned to the owner on the same dya

Digitized by srujanika@gmail.com

when it is given to him for washing ୧୪ । (ସଂ. ଶସ୍ୟ)—କଞ୍ଚା ଡାଳ ମଧ୍ୟରେ ଥିବା କୋମଳ ପଦାର୍ଥ; ଡାଳସଜ—14. The soft kernel inside the unripe palm-fruit.

ସହଜ ୧୫ । (ସ. ସହଜ) ସହଜ ବିଷୟ—15. An easy matter. ୧୬ । ଅବସ୍ଥା—16. Condition; state. [ଉ—ଅସଣ ପେଟ ସଜେ ଅଛନ୍ତି, ସେହି ସଜେ ଅଯୋଧ୍ୟାକୁ ଫେରି ଯିବାକୁ ହେବ । ଗାଲଭଣ୍ଡ ପିଲଙ୍କ ସ୍ୱମାସୁଣ ।] ଦେ. ବିଣ (ସଂ. ସଜ୍ଜ=ସଜ୍ଜିତ)—୧ । ସଜ୍ଜିତ—1. Furnished; equipped. [ଉ—ସୁନ୍ଦରଅଙ୍କା ଗାଇ ସୁଜନସୁନ୍ଦରୀ ସେହିପଣି ହେଲେ ସଜ । ସ୍ୱଧାନାଥ. ଗାବର୍ତ୍ତା ।] ୨ । ଅଳଙ୍କୃତ—2. Decorated. ୩ । କୌଣସି କାର୍ଯ୍ୟ କରିବାକୁ ଉଦ୍ୟତ ବା ପ୍ରସ୍ତୁତ; ସଜଲ,; କୃତାମ୍ବୋଜନ—3. Ready or prepared to do a thing. (ଉ—ଯେବେ ଯାଇଥାଏ ଘରଡା ବୁଢ଼ୀ, ସଜ ହୋଇଥାଏ ବାସ ଘରକୁ । ଉତ୍ତ ।) ୪ ।(ସ. ସଦ୍ୟଃ)ଉତ୍ତଟକା—4. Fresh. (ଯଥା—ସଜ ଫୁଲ, ସଜ ଗୋବର, ସଜ ଦହି; ସଜ ଘଗାଳ, ସଜ ମଡ଼ା, ସଜ ଡଳଦା, ସଜ କିମ୍ବା ।) [ଉ—ତଥାପି ସେ ସଜ-ସରୋଜ-ବଦନ ଶୋକେ ହୋଇଅଛି ଫିକା । ସ୍ୱଧାନାଥ. ଗାବର୍ତ୍ତା ।] ୫ । ଏକାଦନକେ ଧୋବ କରି ଯାଇଥିବା (ବସ୍ତ୍ର)—5. (cloth) Washed, cleansed and returned to the owner in the course of one day (ଯଥା—ସଜ ଲୁଗା ।) ୬ । (ସ. ସହଜ) ସହଜ; ସୁସାଧ୍ୟ; ସୁବୋଧ—6. Easy. (ଉ—ସଜବାଟ; ସଜପାଠ ।) ୭ । ସୁବିଧାଜନକ—7. Convenient. ୮ । ସୁଯୋଗ ସୁଯୁକ୍ତ—8. Opportune. ୯ । ଉପଯୋଗୀ—9. Suitable.

ସଜ ଅସଜ—ବେ. ବ (ବିପରୀତାର୍ଥକ ସହଚର)—୧ । ସୁବିଧା ଓ ଅସୁବିଧା—1. Convenience and inconvenience. ୨ । ସୁଯୋଗ ଓ ଦୁର୍ଯୋଗ; ସୁଯୋଗ ଓ ଅସୁଯୋଗ—2. Opportunities and want of opportunities. ଦେ. ବିଣ—୧ । ସୁବିଧାଜନକ ଓ ଅସୁବିଧାଜନକ (କାର୍ଯ୍ୟ ବା ସମୟ ବା ଘଟଣା)—1. Convenient and inconvenient (things); opportune and inopportune (times), ୨ । ସହଜ ଓ କଷ୍ଟ—2. Easy and difficult.

ସଜ ଉଠା(ଠେ)ଇବା—ଦେ. କି—ଦଶହରା ସମୟରେ ଧୋବା ଭଣ୍ଡାର ଅଦ ପୂଜା କରିବା ପାଇଁ (ସଜ ବସାଇବା—ବିପରୀତ) ବସାଇଥିବା ଡାଙ୍କର ଯନ୍ତ୍ରାଦିକୁ ସାଜଉଁ(ଓ)ଠାନ ଦଶହରା ବାସିଦନ ପୂଜା ସରି ଘରେ ପୂଜାସୀଠରୁ

ଔଜାର ଉଠାନା ଉଠାଇବା—To remove the implements (of barbers and washermen etc) from the place of worship after Dasaharā.

[ଦ୍ର—ଦଶହରା ବାସିଦନ ଧୋବା ଭଣ୍ଡାରମାନେ ସଜ ଉଠାଇ ପ୍ରଥମେ ସଜର 'ଅନୁକୂଳ' କରନ୍ତି ଅର୍ଥାତ୍ ସଜ ଦ୍ୱାରା ପ୍ରଥମେ କାମ କରନ୍ତି;ଓ ସେହି ଦନର ଫଳ ବା ଅସୁ ଅନୁସାରେ ବର୍ଷତର ସୁଖଦୁଃଖ ବା ଲାଭଲାଭର କଳ୍ପନା କରନ୍ତି ।]

ସଜ ଉଟିବା—ଦେ. ବ—ପୂଜା ହେବା ପାଇଁ ଦଶହରା ସମୟରେ Saja uṭhibā ସ୍ଥାପିତ ହୋଇଥିବା ବଡେଇ, କମାର ଅଦଙ୍କ (ସଜ ବସିବା—ବିପରୀତ) ଯନ୍ତ୍ରତନ୍ତ୍ର ପୂଜା ପରେ ପୂଜା ସ୍ଥାନରୁ ସାଜଉଠା ଉଠାସିବାରୁ କର୍ମ—The ceremony of taking **ଔଜାରକା ଉଠନା** out the instruments from the place of worship.

ସଜ ଉଣ୍ଡିବା—ଦେ. କ୍ରି—ଖଞ୍ଜ ଉଣ୍ଡିବା; କୌଣସି କାର୍ଯ୍ୟ କରିବା Saja uṇḍibā ପାଇଁ ଉପଯୁକ୍ତ ସୁଯୋଗ ଅନ୍ୱେଷଣ କରିବା—(ସଜ ଖୋଜିବା—ଅନ୍ୟରୂପ) To be on the look-out **ସୁବିଧାଖୋଜା** for an opportunity. **ସୁଯୋଗ ଦେଖନା**

ସଜ କଚା—ଦେ. ବ—ଲୁଗାକୁ ଏକ ଦନ ମଧ୍ୟରେ କାମ ଚଳବା ଭଳ Saja kachā ସଫା କରିକାରିବା; ଲୁଗାକୁ ସଜ ଧୋବ କରିବା—**ସାଜ କାଚା** The washing of cloth in a day; **ଟଟକା ଧୁଲାଇ** ordinary washig of cloth (in contra- (ବାସିକଚା—ବିପରୀତ) distinction with that which is cleansed with more care and iron).

ସାଜଧୋୟା ଦେ. ବିଣ—ସଜ ଧୋବ; ସଜ କଚା ଯାଇଥିବା **ଟଟକା ଧୋଆଡୁଆ** (ଲୁଗା)—(cloth) Washed in the course of one day. [ଦ୍ର—ମଇଳା ଲୁଗା ପେଟ୍ରୋଲ ଦନ ଧୋବାକୁ କାଢିବା କ୍ଷମତ୍ତେ ବଅଯାଏ, ସେହିଦନ ଧୋବା ଉକ୍ତ ଲୁଗାକୁ ଷାର (କଦଳୀ ବାସୁଡାର ପାଉଁଶରୁ ଉତ୍ପାଦିତ ଷାର)ରେ ସିଝାଇ କାମ ଚଳବାଭଳ ସାମାନ୍ୟ ମାତ୍ରାରେ ପରଷ୍କାର କରି ସେହି ଦନ ଅଣି ବସ୍ତ୍ରସ୍ୱାମୀଙ୍କ ଫେରସ୍ତ ଦେବା ସ୍ଥଳକୁ 'ସଜକଚା' ବୋଲଯାଏ । ଏଥିରେ ଲୁଗା ସାମାନ୍ୟ ପରଷ୍କୃତ ବା 'ସଜଧୋବ' ହୁଏ ।

ପେଟ୍ରୋଲ ଲୁଗାକୁ ବଶେଷ ଯତ୍ନ ସହତ ସାବୁନପାଣି ଦେଇ ସିଝାଇ (ଭୃଷ୍ଟ କରି)ଉତ୍ତମରୂପେ କାଚକୃତ ସଫା କରି ସେଥିରେ ସୁଉର ମଣ୍ଡ ଓ ନେଳ ଅଦ ଲେପି ରଙ୍ଗ କରି ଇସ୍ତି କରିଯାଏ, ତାକୁ 'ବାସି କଚା' କହନ୍ତି । ଲୁଗାକୁ 'ବାସି ଧୋବ' କରିବା ପାଇଁ ଏକ ଦନରୁ ବେଶି କାଳ ଲଗେ । ବାସିଧୋବ ଲୁଗା ସଜଧୋବ ଲୁଗାଠାରୁ ବେଶି ପରଷ୍କୃତ ଓ ଶୁଭ୍ରତର ହୁଏ ।]

Digitized by srujanika@gmail.com

ସଜ କଚ୍ଚା(ଚେ)ଇବା—ଦେ· କି—ଅପଣା ଲୁଗାକୁ ଧୋବାଦ୍ୱାରା ସଜ
Saja kachā(che)ibā ଧୋବ କରାଇବା—To have
साज काचान one's clothes washed in the ordinary
टटका धुलाना manner in one day.
(ବାସି କଚ୍ଚାଇବା—ବଅଗ୍ଭତ)

ସଜ କରିବା—ଦେ. କି—୧ । ସଜ କାଢିବା (ଦେଖ)—1. Saja
Saja karibā kāchibā. (See) ୨ । ସଜ୍ଜିତ କରିବା—
साजकरा 2. To equip; to furnish. (ଉ—ବୁଦାକୁ ଘୁଞ୍ଚି
सजाना ଶେଷ ଦେଲେ, ସ୍ୱତ୍ୱସ୍ତେ କୃଷ୍ଣ ସଜ କଲେ । ଭୂପଡ.
साजिअ देओया ପ୍ରେମପଞ୍ଚାମୃତ ।] ୩ । ଅଳଙ୍କାର ଓ ବସ୍ତ୍ରାଦ୍ୱାରା
ବେଶ କରିବା—3. To equip with dress and
ठीककरा ornaments. ୪ । ସମ୍ପନ୍ନ କରିବା—4. To set
मरम्मत करना right; to repair. ୫ । ଅତ୍ୟାବଶ୍ୟକ କାର୍ଯ୍ୟ
तैयार करा ପାଇଁ ପ୍ରସ୍ତୁତ କରିବା—5. To keep or set
तैयार करना anything ready. ୬ । ଉଚିତସ୍ଥଳେ ଥୋଇଥିବା
सजिये राखा ପଦାର୍ଥକୁ ଯଥାସ୍ଥାନରେ ରଖିବା—6. To place
सजाना an article in its proper place out of a
medley; to put in proper order.
(ଉ—ଲଲ୍ଲମ ଅଦ ଭୁଷା ସଜ କର । କବୀନ୍ଦ୍ରଚ.
ଶୋଷ୍ଣ ଚକ୍ଷୁ: ଲ· ଗୀତ ।)

ସଜ କାଢିବା—ଦେ· କି—ଲୁଗାକୁ ସଜ ଧୋବ କରିବା, ଅର୍ଥାତ୍
Saja kāchibā ସାଧାରଣତ୍ୱରେ ଏକା ଦିନକେ କାଚ
साज काचा टटका धोना ପରିଷ୍କାର କରିବା—To
(ବାସି କାଢିବା—ବଅଗ୍ଭତ) wash a cloth in the
ordinary manner in the course of one
day.

ସଜ କ୍ରିୟା—ଦେ.ବ (ସଂ.ସଦ୍ୟଃ କ୍ରିୟା)—ମୃତ ବ୍ୟକ୍ତିର ମୃତ୍ୟୁ ଦିବସଠାରୁ
Saja kriyā ଦଶ ଦିନ ପର୍ଯ୍ୟନ୍ତ ପ୍ରତିଦିନ କରାଯିବା ପ୍ରେତକର୍ମ—
सद्यक्रिया सद्यप्रेतकर्म Funeral rites comm-
enced to be performed from the day of
death for ten days. [ଦ୍ର—ଅଷ୍ଟମ ଓ ଦଶମ
ଦିବସରେ ମୃତବ୍ୟକ୍ତିଙ୍କର ମୃତ୍ୟୁ ଦିବସରୁ ୧୦ ଦିନଯାକେ ପ୍ରତିଦିନ ଶାସ୍ତ୍ରବିହିତ ଅନ୍ତ୍ୟେଷ୍ଟି-
କ୍ରିୟାମାନ କର ନ ଥାର୍ ୪ର୍ଥ, ୭ମ ବା ୯ମ ଦିନଠାରୁ
ଅରମ୍ଭ କରନ୍ତି ଏହାକୁ 'ବାସିକ୍ରିୟା' କୋଇଯାଏ ।

ସଜ ଗ(ଗା, ଗେ, ଗୋ)ଜ—ଦେ. ବ. ଓ ବି—ସଜବାଜ (ଦେଖ)
Saja ga(gā, ge, go)ja Sajabāja (See)
साज गोज

ସଜ ଗୋବର—ଦେ. ବ (ସ· ସଦ୍ୟଃ+ଗୋମୟ) —ସଦ୍ୟୋଜାତ
Saja gobara ଗୋମୟ—Recently discharged
साज गोबर cowdung. [ଉ—କୁସି ଘଣେ, ଉଇଁ ନ
टटका गोबर ଦିଶେ, ଉତ୍ତର ପବ୍ଦ ଦିଶିଲେ ଘଣେ, ସଜ
ଗୋବରରେ ଅଂଶେଇ ବସେ, ତେବେ ଜାଣ ଘୁଡା !
ଦିଶେ ବରଷେ—କୃଷି ବଚନ ।]

ସଜ ଘାଅ—ଦେ, ବ—ସଦ୍ୟୋଜାତ ଷତ—A new or fresh
Saja ghā-ā ଟାଟିକା ଘା टटका घाव wound.

ସଜଡ଼ା—ଦେ· ବ (ସ.ସଜ୍ଜା)—୧ । ସଜାଡ଼ିବା କ୍ରିୟା—1. The act
Sajarḍā of setting right. ୨ । ସମ୍ପନ୍ନ କରିବା—
साजान, साजड़ान 2. Act of repairing. ୩ । ସଜ୍ଜିତ
सजावट, मरम्मत କରିବା—3. Act of equipping.
सारा, सारान ଦେ. ବଣ—୧ । ସମ୍ପନ୍ନ ହୋଇଥିବା—
मरम्मत किया हुआ 1. Repaired. ୨ । ସଜ୍ଜିତ ହୋଇ
साजा सजाया हुआ ଥିବା—2. Equipped. ୩ । ଜଦ୍ଦୋର୍ଗୀ-
କୃତ; ସୁସଜ୍ଜିତ—3, Set right; well-arranged.
[ଉ—ସଜଡ଼ା ହୋଇ କଳେ ପଡ଼ିଛ ଦୋଷଡ଼ା--କୃଷ୍ଣସିଂହ.
ମହାଭାରତ. ବଉ ।]

ସଜଡ଼ା(ଡ଼େ)ଇବା—ଦେ. କି (ସଜାଡ଼ିବା କ୍ରିୟାର ଣିଜନ୍ତ ରୂପ)—
Sajarḍā(rḍe)ibā ୧ । (ସଜାଡ଼ିବାର ଣିଜନ୍ତ ରୂପ—1. Cau-
साजान, सारान sative of Sajārḍibā. ୨ । ଅନ୍ୟଦ୍ୱାରା
बनाना ଭଙ୍ଗା ଜିନିଷ ସମ୍ପନ୍ନ କରାଇବା—2. To get a
broken article repaired by another.
[ଉ—ଦେଇ ମୁଁ ଧନ ଧନଜ୍ୱର ବଶରେ ଗୃହଗତ
ସଜାଇବ—ଭଞ୍ଜ. ପ୍ରେମସୁଧାବଧି ।] ୩ । ସଜ୍ଜିତ
କରାଇବା—3. To arrange; to put in order.
[ଉ—ବର୍ଦ୍ଧକୀ ଡକାଇ ସଜଡ଼ାଇ ଦଅ ନାବ—ଭଞ୍ଜ.
ବୈଦେଗ୍ଧୀଶବଳାସ ।]

ସଜଡ଼ା ସଜଡ଼ି—ଦେ, ବ—୧ । ସମ୍ପନ୍ନ—1. Act of
Sajarḍā sajarḍi repairing. ୨। ସଜ୍ଜିତ କରିବା କର୍ମ—
सजाना उजाना 2. Act of setting right
or equipping.

ସଜଡ଼ା ହେବା—ଦେ. କି—୧ । ସମ୍ପନ୍ନ ହେବା—1. To be
Sajarḍā hebā repaired. ୨ । ସଜ୍ଜିତ ହେବା—
सारान सजावट होना 2. To be arranged.

ସଜ ତୋରା(ଡ଼ା)ଣି—ଦେ· ବ (ସ. ସଦ୍ୟଃ+ତୋୟାନ୍ନ)—
Saja torā(rḍā)ṇi ସଜ ପଖାଳର ତୋରାଣି—The water
साज आमानि of freshly watered cooked rice.
टटका भातका पानी
[ବାସି ତୋରା(ଡ଼ା)ଣି, ଅମ୍ବିଳ ତୋରା(ଡ଼ା)ଣି—ବଅଗ୍ଭତ]

ସଜ ଦଇ(ହି)—ଦେ. ବ—ସଦ୍ୟୋମଥିତ ଦଧି—Fresh whey.
Saja dai(bi) साज दही टटका दही

(ମତେ) ସଜ ଦେଖା ପଡ଼ିବା—ଦେ. କି—ସ୍ୱବଧାଜନକ ବୋଧ ହେବା;
Saja dekhā parḍibā କୌଣସି ବିଷୟରେ ବା କାର୍ଯ୍ୟରେ
सहज वा सोजा देखायाओया ସୁବିଧା ବା ସୁଯୋଗ ଜଣାଯିବା—
सहज मालूम होना To appear or seem conve-
(ସଜ ଦେଖାଯିବା—ଅନ୍ୟରୂପ) nient or opportune.

ସଜ ଧୋବ—ଦେ. ବ—୧ । ସଜ କଚ୍ଚା ପାଇ ପରିଷ୍କୃତ ହୋଇଥିବା
Saja dhoba ବସ୍ତ୍ର—1. Cloth washed in a day
साज काचा in the ordinary process. ୨ । ସଜ କଚ୍ଚା

Digitized by srujanika@gmail.com

ସଜ କଚା—ଦେ. ବ—ସଜ କଚା (ଦେଶ)— Saja kachā (See) ଦେ. (ବାସି ଧୋବ—ଅନ୍ୟରୁପ) ବଣ—ଏକଦନେ ପରିଷ୍କୃତ (ବସ୍ତ୍ର)—(cloth) Washed in a day.

ସଜନା—ଦେ. ବ—ଶଜନା (ଦେଶ) Sajanā Sajanā (See)

ସଜନା ପତୁରିଆ—ସ୍ତ୍ରୀଦେ (ଗଡ଼ଜାତ) ବ—ଚକୁଣ୍ଡା (ଦେଶ) Sajanā paturiā Chākuṇḍā (See)

ସଜନା ପତୁରିଆ ଟିଣିଆ—ସ୍ତ୍ରୀଦେ (ଗଡ଼ଜାତ) ବ—ବଡ଼ ବକଳା Sajanā paturiā ṭiṇiā (ଦେଶ)—Barda bakalā (See)

ସଜନିତ—ଦେ. ବଣ (ସ. ସଜନିତ)—ସଂଜାତ—Born. [ଦ୍ର—Sajanita ସଜନୀର ଗର୍ଭରୁ ଜାତ ସନ୍ତାନ । ସଜନିତ ଶବ୍ଦେ ସାନସନ୍ତାନ—ସଂଜାତ ପୈଦା ବଙ୍ଗ. ପ୍ରେମସୁଧାଦ୍ୟ ।]

ସଜନୀ—ଦେ. ବ. ସ୍ତ୍ରୀ (ସଂ. ସଜନ, ସ୍ୱଜନ=ଆତ୍ମୀୟ)—୧ । ବୟସ୍ୟା; ସଜନୀ ସଙ୍ଗିନୀ; ସଙ୍ଗିନୀ; ସଖୀ—1. A female companion. ୨ । ମିତ୍ରସ୍ତ୍ରୀଲୋକ; ସ୍ତ୍ରୀ—2. A female friend. ୩ । ପ୍ରଣୟିନୀ; ପ୍ରେମିକା—3. A man's beloved woman; lady-love; one's sweet-heart (lady). ୪ । ସ୍ତ୍ରୀ; ଭାର୍ଯ୍ୟା—4. Wife. ୫ । ନାସ୍ତ୍ର—5. Woman. [ଦ୍ର—ସ୍ତ୍ରୀମାନେ ସଙ୍ଗତସ୍ତ୍ରଙ୍କୁ ଏବଂ ପୁରୁଷମାନେ ସ୍ତ୍ରୀଙ୍କୁ ଓ ପ୍ରେମିକାଙ୍କୁ, ବିଶେଷତଃ ଗୀତରେ, 'ସଜନୀ' ବୋଲି ସମ୍ବୋଧନ କରନ୍ତି । ଯଥା—ଯେତେ କାଳ ଥିଲ ଘଡ଼ରେ ଦିଅ । ସୁନ୍ଦର ବଣୁଥିଲ ସଜନୀ ବହ—ଜଗ ।]

ସଜ ନୁଗା—ସ୍ତ୍ରୀ. ବ (ଅଶୁଦ୍ଧ)—ସଜ ଲୁଗା (ଦେଶ) Saja nugā Saja lugā (See)

ସଜ ପକା(ଙ୍କେ)ଇବା—ଦେ.କି—ସଜ ଧୋବ କରିବା ପାଇଁ ଧୋବାକୁ ସାଜ ଦେଓୟା soiled cloth to the washerman for ଟଙ୍କା ଧୋନେକୋ ଦେନା cleansing by ordinary process and returning it the very day.

ସଜ ପଖାଳ—ଦେ. ବଣ—ଅଜ ରନ୍ଧା ଦୋଇ ପାଣି ମିଶା ଯାଇଥିବା ସାଜ ପାନ୍ତା ଟଙ୍କା ପକ୍ଖାଲା ହୁଆ Saja pakhalā (ଖାଦ୍ୟ)—(boiled rice) Freshly mixed with water.

ସଜ ପଖାଳ—ଦେ. ବ (ସଂ. ସଦ୍ୟଃ+ପ୍ରକ୍ଷାଳନ)—ରନ୍ଧା ଯାଇଥିବା ଭାତରେ ପାଣି ସାଙ୍ଗେ ସାଙ୍ଗେ ମିଶାଯାଇ ଥିବା ପଖାଳ—Moistened rice prepared by mixing water with fresh boiled rice and which in only one day old. [ଦ୍ର—ତରତ ଭାତରେ ପାଣି ମିଶାଇଲେ 'ପଖାଳ' ହୁଏ । ଅଜ ପଖାଳା ଦୋଇଥିବା ହେତୁ 'ସଜପଖାଳ' କହନ୍ତି । ସଜପଖାଳ ଏକ ଦନରୁ ବେଶି ରହିଗଲେ ତାକୁ 'ବାସିପଖାଳ' ବା 'ଅମ୍ବିଳ ପଖାଳ' କହନ୍ତି । ବାସି ପଖାଳର ସ୍ୱାଦ ଟକା ହୁଏ ଓ ତହିଁର ତୋଡ଼ାଣି ମଧ୍ୟ ଖଟା ଲଗେ । ବାସି ତୋରିଣି ବହୁ ଦନ ରହିଲେ ତାହା ଜାନ୍ତି ପାଣି ହୁଏ । ଜାନ୍ତି ପାଣିରେ ମୂଳା ଅଦ ଦେଇ ସିଝାଇଲେ ତାହା ଜାନ୍ତି ହୁଏ ।]

ସଜ ପଟି(ଡ଼ି)ବା—ଦେ. ବ—୧ । ସୁବଧା ହେବା—1. Being Saja paṭi(ṛḍi)bā convenient. ୨ । ଖଞ୍ଜ ପଟିବା; ସୁଯୋଗ ସୁବିଧା ହେବା, ଫାଁକ ମିଳା ଘଟିବା—2. Happening of ସୁବିଧା ହୋନା an opportunity.

ସଜ ଫୁଲ—ଦେ. ବ (ସଂ. ସଦ୍ୟଃ+ପୁଷ୍ପ)—୧ । ସଦ୍ୟଃ ପ୍ରସ୍ଫୁଟିତ Saja phula ପୁଷ୍ପ—1. Newly blown flower. ୨ । ଅଳ୍ପ ଟାଟକା ଫୁଲ ତୁଣ୍ଡା ଯାଇଥିବା ଫୁଲ—2. Freshly plucked ଟଙ୍କା ଫୁଲ flower. (ଦ୍ର—ସଜ ଫୁଲ ବାସି ହେଲେ ନାହିଁ (ବାସି ଫୁଲ—ବାସ୍ତବ) ମଳାରେ । ଗୀତ ।)

ସଜ ବସା(ସେ)ଇବା—ଦେ. କି—ଦଶହରା, ଶ୍ରୀପଞ୍ଚମୀ, ଦୋଳପୂର୍ଣ୍ଣିମା Saja basā(se)ibā ଅଦ ଉତ୍ସବରେ ନଜ ନଜର ଜାତକା-ସାଜ ବସାନ ସାଧନ ଦ୍ରବ୍ୟ ଓ ଯନ୍ତ୍ରାଦ (ଯଥା—ଖଡ଼ିଯୁ, ଖଣ୍ଡାପୁଡ ଆଜାର ବୈଠନା ଓ ଶିଳ୍ପୀମାନେ ଦୁର୍ଗାପୂଜାରେ ନଜ ନଜର (ସଜ ଉଠାଇବା—ବାସ୍ତବ) ଅସ୍ତ୍ରାଦ; ସରସ୍ୱତୀମାନେ ଶ୍ରୀପଞ୍ଚମୀ ଓ ଗଣେଶଚତୁର୍ଥୀ ଦନ ଦୁଅଡ, କଲମ ଅଦ; ଗଣ୍ଡଡ଼ମାନେ ଦୋଳପୂର୍ଣ୍ଣିମା ଦନ ଶିଳା, ବାଡୁଳୀ, ଦଧି ଦୁଗ୍ଧ ଭୃଙ୍ଗମାନ ପୂଜା କରବା ପାଇଁ) ପୂଜା-ପୀଠ ଉପରେ ସ୍ଥାପନ କରବା—To place one's professional implements for being worshipped on special festivals.

ସଜ ବସିବା—ଦେ. ବ—ଶିଳ୍ପୀ ଅଦଙ୍କ ଯନ୍ତ୍ର ଓ ଉପକରଣାଦ Saja basibā ଯଥାଯୁକ୍ତ ଉତ୍ସବ ଉପଲକ୍ଷରେ ପୀଠ ଉପରେ ସାଜ ବସା ପୂଜାର୍ଥ ସ୍ଥାପିତ ହେବା—The placing of the ଆଜାର ବୈଠନା implements of artisans on a plat-(ସଜ ଉଠିବା—ବାସ୍ତବ) form for worshipping on particular festival days.

ସଜବାଜ—ଦେ. ବଣ—୧ । ବୌଣସି କାର୍ଯ୍ୟ ପାଇଁ ବେଶ ହୋଇ Sajabāja ପ୍ରସ୍ତୁତ ହୋଇଥିବା; ସୁସଜ୍ଜିତ—1. Fully ସାଜଗୋଜ ହଓୟା equipped for any work. (ଉ—ସଜାଧଜା ବାଜାବାଲ୍ଲ ଅଜ ବରଯାତୀଏ ସଜବାଜ ହେଇଁ ହେଇଁ .....ଯାଇଛି ଗଁ। ବାହାର ଗପ୍ପର ବଲରେ ଦାଗଲ୍—ଫକୀରମୋହନ. ଗଲ୍ପସ୍ୱଲ୍ପ ।) ୨ । ଅଳଙ୍କାରାଦ ଦ୍ୱାରା ସୁସଜ୍ଜିତ—2. Fully adorned. (ଉ—ଏଡ଼ା କହ ହିଅରୁ ସଜବାଜ କର, ଗାଇବକୁ ସମ୍ପର୍ଦ ଦେଲେ ଦ୍ୱାଡ ଧର । କୁସ୍ତିସିଂଡ, ମଦ୍ୟାଗ୍ନରତ. ଉଦ୍‌ଯୋଗ ।) ଦେ.ବ—ସାଜଗୋଜ (ସଦ୍ଧରର)—୧ । ସାଜସଜ୍ଜା—1. Equipments. ସଜଧଜ ସାଜ ୨ । କାର୍ଯ୍ୟସାଧନ ଯନ୍ତ୍ରାଦ—2. Implements. ୩ । ଅଳଙ୍କାର ଦ୍ୱାରା ସଜ୍ଜା—3. Decoration. ସ୍ତ୍ରୀଦେ (ଯାଜସ୍ତର) ବ—ରଜର ପୂର୍ବ ଦନ—The day before the 'Raja' festival.

Digitized by srujanika@gmail.com

ସଜ ବାସି—ଦେ· ବଣ—୧ । ସଦ୍ୟଃ ଓ ପର୍ଯ୍ୟୁଷିତ (ବସ୍ତୁ ଅବା) —Saja bāsi 1. Fresh and stale (article). ୨ । ଅଳ୍ପ ଟାଟିକାବାସି, ସାଜବାସି ବାସିଧୋବ କରିଯାଇଥିବା (ଲୁଗା)—(Cloth) Which has been washed in a day.

ଟଟକାବାସି ଦେ. ବ—ସଜ ଧୋବ କରିଯାଇଥିବା ଓ ବାସିଧୋବ କରିଯାଇଥିବା ଲୁଗାମାନ—Clothes some of which have been washed by ordinary process and others by the extraordinary process, including ironing.

ସଜ ବିଛଣା—ଦେ. ବ (ସଂ. ସଦ୍ୟ+ବିସ୍ତରଣ) —ଅଳ୍ପ ପଡ଼ିଥିବା ଶଯ୍ୟା—Freshly spread bed.

(ସଜ ଶେଯ, ସଜ ଶେପା—ଅନ୍ୟରୂପ) (ବାସି ବିଛଣା—ବିପରୀତ)

ସାଜ ବିଛାନା **ଟଟକାବିଛାନା**

ସଜ ମଡ଼ା—ଦେ. ବ—୧ । ସଦ୍ୟୋମୃତ ଜୀବର ଶବ—1. The carcass of a recently dead animal. ୨ । ସଦ୍ୟୋମୃତ ବ୍ୟକ୍ତିର ଶବ—2. The corpse of a recently deceased person. (ବାସିମଡ଼ା—ବିପରୀତ) ୩ । ମୃତ୍ୟୁର ସଙ୍ଗେ ସଙ୍ଗେ ଦାହାର୍ଥ ଶ୍ମଶାନକୁ ନୀତ ଶବ—3. Dead body taken to the cremation ground immediately after death. [ଦ୍ର—ଯେଉଁ ଶବକୁ ମରବାଦନ ଶ୍ମଶାନକୁ ନଥା ନ ଯାଏ, ତାକୁ 'ବାସିମଡ଼ା' କହନ୍ତି ।]

ସଜ ମାଉଁସ—ଦେ. ବ (ସଂ. ସଦ୍ୟଃ+ମାଂସ)—ସଦ୍ୟୋମୃତ ଜୀବର ମାଂସ (ଯାହା ସଡ଼ିଯାଇ ନ ଥାଏ)—ସାଜମାଂସ **ଟଟକାମାଂସ** Fresh meat.

ସଜ ମାଉଁସରେ ଅଂଶେଇ ପକା(କେ)ଇବା—(ନ୍ୟାସ୍ୱ) ଦେ. କି—Saja māuñsare aṁśei pakā(ke)ibā (ଲକ୍ଷଣାର୍ଥ)—**ଟଟକା ମାଂସମେ କୀଡା ଲଗାନା** ଜଦ୍ଦୋଷ ବା ନିଷ୍ପଳଙ୍କ ବ୍ୟକ୍ତି ଠାରେ କଳଙ୍କାରୋପ କରିବା—(figurative) To defame a really innocent person. [ଦ୍ର—ସଦ୍ୟୋମୃତ ପ୍ରାଣୀର ମାଂସ ବାସି ହେଲେ ବା ଏକାଧିକ ଦିନ ଯାକେ ରହିଲେ ତାହା ସଡ଼ିଯାଏ ଓ ତହିଁରେ ଅଂଶେଇ ବା ପୋକ ପଡ଼ନ୍ତି; ସଜ ମାଂସରେ ପୋକ ପଡ଼ନ୍ତି ନାହିଁ । ଏଣୁ ସ୍ଥଳରେ ସଜ ମାଂସରେ ପୋକ ପକାଇବାର ଲକ୍ଷଣାର୍ଥ=ଅଦୃଷ୍ଟିତ ପଦାର୍ଥକୁ ଦୃଷ୍ଟିତ ପଦାର୍ଥ ପରି କରିବା, ଅର୍ଥାତ୍ ଜଦ୍ଦୋଷ ବା ନିଷ୍ପଳଙ୍କ ବ୍ୟକ୍ତିଠାରେ କଳଙ୍କ ଆରୋପ କରିବା ବା ଜଦ୍ଦୋଷ ବ୍ୟକ୍ତିଠାରେ କଳଙ୍କ ଲଗାଇବା ।]

ସଜମ୍ବାଳ—ବ. ବଣ (ସ=ସହ+ଜମ୍ବାଳ=ପଙ୍କ; ସହାର୍ଥ ବହୁବ୍ରୀହି)—Sajambāla ପଙ୍କିଳ—Muddy.

ସଜରସ—ଦେ. ବ (ସଂ. ସର୍ଜରସ)—ସର୍ଜରସ; ଧୂଣା—Resin. Sajarasa (ଦ୍ର—ଘୃତ ଛଣ ସଜରସ ଅର୍ଗରେ ଜାଳ କାରୁଚରଣ ମଥୁରାମଙ୍ଗଳ ।)

ଧୂନା **ଧୂନା**

ସଜଳ—ବ. ବଣ. ତ୍ରି (ସ=ସହିତ+ଜଳ, ସହାର୍ଥ ବହୁବ୍ରୀହି)—୧ । ଜଳଯୁକ୍ତ—1. Watery. ୨ । ଜଳ ପୂର୍ଣ୍ଣ—(ସଜଳା—ସ୍ତ୍ରୀ) 2. Full of water; brimming with water. ୩ । ଆର୍ଦ୍ର—3. Moist; wet.

ସଜଳ ନୟନ—ବ. ବ (କର୍ମଧା)—୧ । ଲୋତକାର୍ଦ୍ର ନେତ୍ର—Sajala nayana 1. Eyes wet with tear.

ସଜଳନେତ୍ର } ଅନ୍ୟରୂପ
ସଜଳଲୋଚନ }

୨ । ଲୋତକଭରା ଚକ୍ଷୁ—2. Tearful eyes.

ବ. ବଣ. ତ୍ରି (ବହୁବ୍ରୀହି)—ଅଶ୍ରୁପୂର୍ଣ୍ଣ ନେତ୍ରଯୁକ୍ତ (ବ୍ୟକ୍ତି)—(a person) With tearful eyes.

ସଜଳନୟନା
ସଜଳନେତ୍ରା
ସଜଳଲୋଚନା
} —ସ୍ତ୍ରୀ

ସଜଳସ—ଦେ. ବ (ସ. ସର୍ଜରସ)—ସର୍ଜରସ; ଧୂଣା—Sajalasa Resin used as incense.

ଧୂନା **ଧୂନା**

ସଜଳସ୍ଥଳ—ବ. ବଣ (ସ=ସହିତ+ଜଳସ୍ଥଳ, ସହାର୍ଥ ବହୁବ୍ରୀହି)—Sajalasthala ଜଳସ୍ଥଳ ଓ ସ୍ଥଳସ୍ଥଳ ସମନ୍ୱିତ (ପୃଥିବୀ)—(the world) Consisting of the land and water.

ସମୁଦାୟ ପୃଥିବୀ ଦେ. ବ—ସମୁଦାୟ ପୃଥିବୀ—1. The

ଜଳସ୍ଥଳ whole world including land and water

ସଜ ଲାଗିବା—ଦେ. କି—୧ । ସ୍ୱବଧାଜନକ ବୋଧ ହେବା—Saja lāgibā 1. To seem convenient.

ସହଜ ବା ସେଜା ଲାଗା ୨ । ସହଜ ବୋଧ ହେବା—**ଉପଯୋଗୀ ହୋନା ଠିକ ହୋନା** 2. To seem easy. ୩ । ଉପଯୋଗୀ ବୋଧ ହେବା—3. To seem suitable; to suit.

ସଜ ଲୁଗା—ଦେ. ବ—ସଜ କରି ଲୁଗା—Cloth washed in Saja lugā the course of one day only.

ସାଜ କାପଡ **ଟଟକା ଧୋଆ ହୁଆ କପଡା**

ସଜ ଶଉଚ—ଗ୍ରା. ବ—(ସ. ସଦ୍ୟଃ ଶୌଚ)—ସଦ୍ୟଃ ଶୌଚ; ସଦ୍ୟଃ Saja saucha ସ୍ନାନାଦି ଦ୍ୱାରା ଅଶୌଚରୁ ମୁକ୍ତିଲାଭ କରିବା

(ସଜ ଶୌଚ—ଅନ୍ୟରୂପ) ଅବସ୍ଥା—Purfication

ସଦ୍ୟଶୌଚ **ସଦ୍ୟଶୌଚ** attained or performed just after the happening of an impurity in some cases (as ordained by the Śāstras).

ସଜ ସାଜ—ଦେ. ବ. (ସଂ. ସଜ୍ଜା)—ସାଜସଜ୍ଜା—

Saja sāja ସାଜସଜ୍ଜା **ସଜଧଜ** Equipments

ସଜ ହ(ହେ)ବା—ଦେ. କି (ସଂ. ସଜ୍ଜିତ)—୧ । ସଜ୍ଜିତ ହେବା—Saja ha (he) bā 1. To be fitted up. ୨

ସଜା ତୈୟାର ହୋନା ୨ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବା. 2. To get ready for any work

(ଦ୍ର—ସଜ ହୋଇ ସ୍ୱର ସରଦାର ଅବା ଆସେ—ରବସ୍ଥ ଶ୍ରୀ. ଜଗୋବନ୍ଧୁନାନ୍ଦ ଚମ୍ପୂ ।)

ସାଜା **ସଜାଧଜା ହୋନା** ୩ । ବେଶଭୂଷାଦ୍ୱାରା ଅଳଂକୃତ

Digitized by srujanika@gmail.com

ହେବା—3. To be adorned or dressed up. (ଉ—ସଜ ହେଲେ ସେହିପରି ଅରଣ୍ୟକ କେଶେ—ସହଜ ହଓୟା ସୁବିଧାଜନକ ହୋନା ବିଦ୍ୟାପତି. ମହାଭାରତ।) ୪। ସୁବିଧାଜନକ ହେବା—4. To suit

ସଜା—ଦେ. ବ (ସଂ. ସଜ୍ଜା)— ସଜ୍ଜିତକରଣ—Decoration; Sajā ornamentation. ଦେଦେ. ବ--୧। କଇଦ—ସାଜନ ସଜାବଟ 1. Imprisonment; jail. (ସଜାଏ—ଅନ୍ୟରୂପ) ୨। (ଘା, ସଜାଏ) ଦଣ୍ଡ; ଶାସ୍ତି—ସାଜା ସଜା 2. Punishment. (ଉ—ଥଣ୍ଡି ବୁଢ ଦେଖ, ଦାଢ ବାଳ ଲେଖ,ନ ହେଲେ ସ୍ତ୍ରୈଣର କଠିଣ ସଜା—ଉଦ୍ଭାସ୍ତରଣ. ଗୀତଲହରୀ।) ଦେ. ବଣ—ସାଜା ସଜାବଟ ୧। ସଜ୍ଜିତ—1 Furnished. ୨। ମିଥ୍ୟା ପ୍ରମାଣ ଦ୍ୱାରା ଗଢିତ (ମକଦମା)—2.Fabricated; got up (case). ଘାଦେ(ବାଲେଶ୍ୱର) ବ—ବସା ଦହି କରିବା ନମନ୍ତେ ଆଉଟା ଦୁଧରେ ମିଶାଇ ଦଥଉିବା ମହି—The whey which is added to boiled milk to turn the latter into curd.

ସଜା(ଜେ)ଇବା—ଦେ. କି (ସଂ. ଣିଜନ୍ତ ସଜ୍ଜ୍ ଧାତୁ ବା ସଜ୍ ଧାତୁ)—Sajā(je)ibā ୧। ସଜ୍ଜିତ କରିବା—1. To furnish. ସାଜାନ ସଜାନା (ଉ—ବଳେ ଉପବନେ ଭରୁ ଲତା ଡାଳେ ସଜାଇ ଯତନେ ଅଛ—ମଧୁସୂଦନ ଗ୍ରନ୍ଥମାଳା।) ୨। ସୁସଜ୍ଜିତ କରିବା—2. To furnish well. (ଉ—ବିଗ୍ରହ ବଚନମାନଙ୍କୁ କହନ୍ତେ ସ୍ୱର୍ଗୀୟ ସୈନ୍ୟ ସଜାଇ—ରଙ୍ଗ ବୈଦେହୀଶବିଳାସ) ୩। ଅନ୍ୟ ବ୍ୟକ୍ତିକୁ ବେଶ କରିବା—3. To decorate or adorn a person. ୪। ମକଦମାର ପ୍ରମାଣାଦି ଉପଯୁକ୍ତରୂପେ ସଜ୍ଜିତ କରିବା; ମିଛ ମକଦମା ରଚନ କରିବା—4. To fabricate a case; to get up a case falsely.

ସଜାଇବା ମକଦ(ଦ୍ଦ)ମା—ଦେ. ବ—ମିଥ୍ୟା ଓ ରଚିତ ମକଦମା—Sajāibā makada(dda)mā A got-up case. ସାଜାନ ମକଦ୍ଦମା ଝୁଠା ମୁକଦ୍ମା (ସଜାଇବା ମାମଲା—ଅନ୍ୟରୂପ)

ସଜାଣ—ଦେ. ବ (ସଂ. ସଜ୍ଜା) ବାଦ୍ୟବିଶେଷ; ଢୋଲ—A sort of Sajāu musical instrument; drum. (ଉ—ଢୋଲ ଢୋଲ ବାଜଇ ସଜାଣ ଆର ଝମକ ଝଣାଣ—ସାରଳା. ମହାଭାରତ. ସଭା।)

ସଜା(ସଜାଏ) ଖଟିବା—ଦେ. କି.—୧। ଦଣ୍ଡ ଭୋଗ କରିବା—1. Sajā(Sajāe) khaṭibā To undergo a sentence ସାଜାଖାଟା of punishment. ୨। ଜେଲ ଭୋଗିବା—ସାଜାଖଟନା 2. To undergo imprisonment. [ସଜା (ସଜାଏ) ଖଟିବା (ଭୋଗ କରିବା, ଭୋଗିବା)—ଅନ୍ୟରୂପ]

ସଜାଗ—ଦେ. ବଣ. (ସଂ. ଜାଗ୍ରତ; ସ=ସହଶବ୍ଦ+ଜାଗ=ଜାଗରଣ ଶବ୍ଦ)—ଜାତ; ସଚେତ (ବ୍ୟକ୍ତି ବା ବୁଦ୍ଧି) ସଜାଗ ସଚେତ Watchful; vigilant.

ସଜାଗ ନିଦ—ଦେ. ବ. (ଅଶୁଦ୍ଧ)—ସଚେତ ନିଦ—Waking Sajāga nida sleep; wakeful sleep. ସଜାଗଘୁମ ସଚେତ ନିଁद

ସଜାଡ଼—ଦେ. ବଣ. (ସଂ. ସଜ୍ଜିତ) ୧। ସୁସଜ୍ଜିତ—1. Ship-Sajārda shape; well equipped. ୨। ସୁବିଧା-ସୁସଜ୍ଜିତ ଜନକ—2. Convenient. ୩। ଅରୋଗ୍ୟ ପ୍ରାପ୍ତ-ସଜାଯାହୁଆ 3. Recovered. ୪। ଜୀର୍ଣ୍ଣସଂସ୍କୃତ—4. Repaired. ୫। ପୁନଃାବସ୍ଥା ପ୍ରାପ୍ତ—5. Renovated. ଦେ. ବ.—(ସଂ. ସଜ୍ଜା) ୧। ସଜ୍ଜିତ ଅବସ୍ଥା—ସାଜାବସ୍ଥା 1. Equipped or furnished condition. ସଜାବଟ ୨। ଜୀର୍ଣ୍ଣ ସଂସ୍କୃତ ଅବସ୍ଥା—2. Repaired condition; renovated condition ସାରା, ସାରନ, ମେରାମତ) ମରମ୍ମତ ୩। ରୁଗ୍ଣ ଦେହର ଅରୋଗ୍ୟ; ରୋଗ ମୁକ୍ତ ପୂର୍ବକ-ସାରା, ସୁସ୍ଥହଓୟା ଶରୀରର ପୂର୍ବାବସ୍ଥା ପ୍ରାପ୍ତି; ଅରୋଗ୍ୟ—3. ନୀରୋଗ Convalescence; recovery from an illness; regaining of one's previous health. [ଉ—ଜଦନ ଉପବାସ ରହିବାରୁ ମୋ ଦେହ ସଜାଡ଼ିକୁ ଅସିଲା।] ୪। ସଜା ,ବସ୍ତିଷ୍ଟ ବ୍ୟକ୍ତି, ଡାଳା, ଡାଳି ଅଛଥି ଅଦ୍ଦଙ୍କ ଜଳଖିକୁ ଉପହାର ସ୍ୱରୂପ ପ୍ରେରିତ ରସଦ ଖାଦ୍ୟ ଦ୍ରବ୍ୟ ସମ୍ଭାର; ଡାଲି; ସଜା—4. A present of food to a guest (consisting of many varieties) [ଉ—ବସ୍ତିଷ୍ଟ ଯାହିମାନଙ୍କୁ ପ୍ରଭୁର ଓ ଭୁବନେଶ୍ୱରର ପଣ୍ଡାମାନେ ଅନ୍ନ; ଭଅଣ, ଘିଠା ମହା-ପ୍ରସାଦର 'ସଜାଡ଼' ଦଅନ୍ତି।] [ଦ୍ର—ବସ୍ତିଷ୍ଟ ବ୍ୟକ୍ତିକୁ ଦଥଉିବା କଥା ପରି, ଗୁଡ଼ିଜ, ଡାଳ ଅଦ ଉପହାର ସମ୍ଭାରକୁ 'ସଜା' ବା 'ସିଧା' ବା 'ଡାଲି' ବୋଲିଥାଏ। ଜଳଖିଆ, ମହାପ୍ରସାଦ, ମିଷ୍ଠାନ୍ନ, ପକ୍ୱାନ୍ନ ଆଦ ଦେୟୋଲ୍ଲେଖ୍ୟ ଉପହାରକୁ 'ସଜାଡ଼' ବୋଲିଥାଏ।]

୫। ଯଥାଯୋଗ୍ୟ ସାଜ ସଜାବଟ ସଜ୍ଜା—5. Proper or suitable equipment. ୬। ଯତ୍ନ—6. Care. ୭। ସଜ୍ଜିତ ଓ ସଜ୍ଜନ୍ନ ଅବସ୍ଥା—7. Neat and clean condition. ୮। ଉପଯୁକ୍ତ ବା ସୁବିଧାଯୁକ୍ତ ଅବସ୍ଥା—8. Proper or convenient state.

ସଜାଡ଼ କରିବା—ଦେ. କି—ସଜାଡ଼ିବା (ଦେଖ)—Sajārda karibā Sajārdibā (See).

(ଦେହ)ସଜାଡ଼କୁ ଆସିବା—ଦେ. କି.— (ରୁଗ୍ଣ ଶରୀର) ଆରୋଗ୍ୟ-Sajārdaku āsibā ଲଭ ପୂର୍ବକ ସୁସ୍ଥାବସ୍ଥା ପ୍ରାପ୍ତ ହେବା—ସେରେ ଯାଓୟା, ସାରିୟା ଯାଓୟା To recover one's strength ନୀରୋଗହୋନା and health after illness.

ସଜାଡ଼ିଆ—ଦେ. ବଣ. (ସଂ. ସଜ୍ଜିତ)—୧। ସୁସଜ୍ଜିତ—1. Well-Sajārdiā equipped. ୨। ଜୀର୍ଣ୍ଣ ସଂସ୍କୃତ—2. ସାଜାନ ସଜାଯାହୁଆ Repaired. ୩। ପୂର୍ବ ସ୍ୱାସ୍ଥ୍ୟ (ରୋଗାଡ଼ିଆ—ରୁଗ୍ଣ) ପ୍ରାପ୍ତ; ଅରୋଗ୍ୟ ପ୍ରାପ୍ତ—3. Recovered; convalescent. ଦେ.ବ. ସୁବିଧାଜନକ—4. Con-

Digitized by srujanika@gmail.com

venient. ୫ । କୌଣସି କାର୍ଯ୍ୟ ବା ଯନ୍ତ୍ର ଯେ ସଜାଡ଼େ—Repairer; one who sets things right.

ସଜାଡ଼ିବା—ଦେ: କି. (ସଂ. ସଜ୍ ଧାତୁ)—୧ । ସଜ୍ଜିତ କରିବା—Sajāṛdibā 1. To furnish. ୨ । ସୁସଜ୍ଜିତ କରିବା—ସାଜାନ **ସଜାନା, ବନାନା** 2. To equip; to fit up. (ବଗାଡ଼ିବା—ବିପଶ୍ଚିତ) [ଉ—ଅଣିଘୁଲ୍ ଘାଳ କେତେ କଥା, (ସଜଡ଼ାଇବା—ଶିଳ୍ପୀ ରୂପ) ଧନସମ୍ପତ୍ତି ସୁନଗଣ୍ଠି ଅଉ ଯତ୍ନରେ ସଜାଡ଼ରେ । କବିସୂର୍ଯ୍ୟ. ସଙ୍ଗୀତ ।] ୩ । ନିର୍ମାଣ କରିବା—3. To build. (ଉ—ଶୂନ୍ୟ ଗଗନେ ସଜାଡ଼ି ନିବାସ, ଉଡ଼ୁଛି ଖାଲି ବାଆରେ—ଭିକାଗ୍ନି-ଚରଣ. ଗୀତଲହରୀ ।] ୪ । ସୃଷ୍ଟି କରିବା—4. To create. (ଉ—ନାରୁ ଉପରକୁ ବଡ଼େ ଦୃଢ଼ କରି, ସଜାଡ଼ିଛନ୍ତି ଭୁମ୍ବ କାୟା ଦିଘୁରି । କୃଷ୍ଣମିଂହ. ମହାଭାରତ. ସାରା, ସାରାନ ଚଳ ।) ୫ । ମରାମତ କରିବା; ସୁସମ୍ପନ୍ନ କରିବା—**ସଜାନା** 5. To repair, ୬ । ବଶୃଙ୍ଖଳ ବସ୍ତୁକୁ ସୁଶୃଙ୍ଖଳ କରିବା—6. To set right. ୭ । ସୁବନ୍ୟସ୍ତ କରିବା; ଯଥାସ୍ଥାନାବସ୍ଥିତ ବା ଯଥାବସ୍ଥାବସ୍ଥିତ କରିବା—7. To arrange well. ୮ । ରୁଗ୍ଣ ଶରୀରକୁ ରୋଗମୁକ୍ତ କରିବା—8. To cure (a person of illness). ୯ । ପରିଷ୍କୃତ ପରିଚ୍ଛନ୍ନ କରିବା—9. To make neat and clean. ୧୦ । ଫିଟି ଯାଇଥିବା ବାଳ, ଲୁଗା ପଟା ଅଙ୍ଗକୁ ସୁବନ୍ୟସ୍ତ କରିବା—10. To re-arrange the hair or dress which has been out of order. ୧୧ । ଅସୁବଧାଗ୍ରସ୍ତ ବିଷୟକୁ ସୁବଧାଜନକ କରିବା—11. To set matters right. ୧୨ । ଯତ୍ନପୂର୍ବକ କୌଣସି କାର୍ଯ୍ୟ କରିବା—12. To do a thing with care.

ସଜାତି—ସଂ. ବଣ. (ସ=ସହ+ଜାତି)—ସମଶ୍ରେଣୀୟ—Belonging to the same class or caste. ସଂ. ବ—ଏକ ଜାତିୟ ସ୍ତ୍ରୀ ପୁରୁଷଙ୍କ ସନ୍ତାନ—Offspring of parents belonging to the same species or caste. ଦେ. ବଣ—(ସଂ. [ସଜାତିଥ—ଅନ୍ୟରୂପ] ସଜାତୀୟ) ୧ । ସଜାତୀୟ (ଦେଖ)—**ସଜାତୀୟ** 1. Sajātīya (See) ୨ । ସ୍ୱଜାତିୟ; ଆପଣାର ଜାତିୟ—2. Belonging to one's own class or genus or species or caste or nationality.

ସଜାତୀୟ—ସଂ. ବଣ. (ସ=ସହିତ+ଜାତୀୟ)—୧ । ଏକ ଜାତିୟ—Sajātīya 1. Of the same class or species or (ସଜାତୀୟା—ସ୍ତ୍ରୀ) caste. ୨ । ସମାନ ଜାତିୟ—2. Of similar class or caste or species. ୩ । ସବର୍ଣ୍ଣ—Of the same caste. ୪ । ଏକପ୍ରକାର—4. Of the same kind. ୫ । ଏକଧର୍ମାବଲମ୍ବୀ—5. Of the same religion or attribute. ୬ । ସଦୃଶ; ତୁଲ୍ୟ—6. Similar; like.

ସଜା ଦଆଇବା—ଦେ. କି—ଅନ୍ୟ ବ୍ୟକ୍ତିଦ୍ୱାରା ଦଣ୍ଡିତ ହେବାର Sajā diāibā ବ୍ୟବସ୍ଥା କରିବା—To cause to be ସାଜା ଦେଓୟାନ **ସଜାଦିଲାନା** punished. (ସଜାଏ ଦଆଇବା—ଅନ୍ୟରୂପ)

ସଜା ଦେବା—ଦେ. କି—୧ । ଦଣ୍ଡ ଦେବା—1. To inflict Sajā debā punishment. ୨ । ଦଣ୍ଡାଦେଶ କରିବା—ସାଜାଦେଓୟା **ସଜା ଦେନା** To sentence a man to (ସଜାଏ ଦେବା—ଅନ୍ୟରୂପ) punishment; to convict a person.

ସଜା ପାଇବା—ଦେ. କି—୧ । ଦଣ୍ଡିତ ହେବା—1. To be Sajā pāibā punished ୨ । ଦଣ୍ଡାଜ୍ଞା ପ୍ରାପ୍ତ ହେବା—ସାଜାପାଓୟା **ସଜା ପାନା** 2. To be convicted. (ସଜାଏ ପାଇବା—ଅନ୍ୟରୂପ)

ସଜାରି—ପ୍ରାଦେ. (ହିନ୍ଦୁସ୍ତାନୀ) ବ.—ସାଜଦାର; ଗୁରୁଆଣୀ—Sajāri A partner.

ସଜାରି ଚାଷ—ପ୍ରାଦେ (ହିନ୍ଦୁସ୍ତାନୀ) ବ.—ଦୁଇ ଜଣଙ୍କ ସାଜରେ କରି-Sajāri chāsha ଥିବା କୃଷି—Joint cultivation.

ସଜାରୁ—ଦେ. ବ (ସଂ. ଶଲ୍ଲକୀ, ଛେଦାରୁ)—ଶଜାରୁ—Porcupine Sajāru [ଦ୍—କେହି କେହି 'ଶଜାରୁ' ସ୍ଥଳେ ସଜାରୁ **ସାହୀ** ଲେଖନ୍ତି]

ସଜା ହୁକୁମ୍—ଦେ. ବ—୧ । ଦଣ୍ଡାଜ୍ଞା—1. Sentence of puni-Sajā hukum shment. ୨ । ଜେଲ୍ ସିବାର ହୁକୁମ—ସାଜା ହୁକୁମ, ସାଜାର ହୁକୁମ **ସଜାହୁକୁମ** 2. Sentence of imp- (ସଜାଏ ହୁକୁମ—ଅନ୍ୟରୂପ) risonment.

ସଜିଆ—ଦେ. ବଣ ୧ । (ସ. ସଜ୍ଜା)—ସୁବଧାଜନକ—1. Conveni-Sajiā ent. ୨ । (ସ. ସହଜ) ସହଜ—2. Easy. ସୋଜା **ସହଜ** (ଅପଭ୍ରଂଶ—ବିପଶ୍ଚିତ)

ସଜିଲ୍(ଲ,ଲି)—ଦେ. ବଣ (ସ. ସଜ୍ଜିତ)—୧ । ସୁସଜ୍ଜିତ—1. Well Sajil(la,li) equipped; ship-shape; nicely arra- ସାଜା nged. ୨ । ପ୍ରସ୍ତୁତ; ଉଦ୍ୟତ—2. Prepared; **ତୈୟାର** ready. ୩ । ସଯୋଜିତ—3. Arranged. ୪ । ସୁବଧାଜନକ—4. Convenient. ୫ । ସଗୃହୀତ—5. Gathered; collected. ୬ । ସୁଯୋଗଯୁକ୍ତ—ସୋଜା 6. Opportune. ଦେ. ବ—୧ । ସୁବଧା; ସଜ—**ସୁବିଧା** 1. Convenience. ୨ । ସୁଯୋଗ—2. Opportunity. ୩ । ସୁସଜ୍ଜିତ ଅବସ୍ଥା—3. Well-equipped condition. ୪ । ସ୍ଥାନ; ବନ୍ଦୋବସ୍ତ—4. Arrangement. ୫ । ଯୋଗାଡ଼—5. Preparation. ୬ । ଉପକରଣର ସଙ୍ଗ୍ରହ—6. Gathering of materials.

Digitized by srujanika@gmail.com

ସଜଲ୍(ଲ) କରିବା—ଦେ. କି—୧ । ସୁସଜ୍ଜିତ କରିବା—1. To Sajil(li) karibā equip; to fit up; to arrange সাজান well. ୨ । ଆବଶ୍ୟକ ଧନ, ଉପକରଣାଦି ସଂଗ୍ରହ ବା সুবিধা করনা আয়োজন করিবা—2. To get or collect the requisite funds or materials. ୩ । ସୁବିଧା କରିବା; ବନ୍ଦୋବସ୍ତ କରିବା—3. To arrange. ୪ । ପ୍ରସ୍ତୁତ କରିବା; ଯୋଗାଡ଼ କରିବା—4. To prepare; to make preparations.

ସଜଲ୍(ଲ) ପଡ଼ିବା—ଦେ. ବି—ସଜ ପଡ଼ିବା (ଦେଶ) Sajil(li) paṭibā Saja paṭibā. (See) সজিল হওয়া সুবিধা হোনা

ସଜଲ୍(ଲ) ସାର୍(ତ)—ଦେ. ବି ଓ ବିଣ (ସଦ୍ଭବର)—ସଜଲ୍ (ଦେଶ) Sajil(li) sāt(ti) Sajil. (See)

ସଜଲ୍(ଲ) ହେବା—ଦେ. କି—୧ । (ଧନ ଅର୍ଥ) ଆୟୋଜିତ Sajil(li) hebā ହେବା—1. To be got up. [ଯଥା—ଯୋଗାଡ଼ ହଓୟା ମକଦ୍ଦମା ଖରଚ ପାଇଁ ଟଙ୍କା ସଜଲ ହେଲା ନାହିଁ ।] সুবিধা হোনা ୨ । ବନ୍ଦୋବସ୍ତ ହେବା—2. To be arranged. (ଯଥା—ମକଦ୍ଦମା ଚଳିବାର ଜଲ ନ ହେଲେ ଅମର ସଙ୍କନାଶ ହେବ ।) ୩ । କୌଣସି କାର୍ଯ୍ୟ କରିବାକୁ ପ୍ରସ୍ତୁତ ବା ଉଦ୍ୟତ ହେବା—3. To make preparations or arrangements to do a thing; to get ready; to be ready to do a thing. (ଯଥା—ମୁଁ ତୀର୍ଥଯାତ୍ରା କରିବାକୁ ସଜଲ ହେଉଅଛୁ ।) ୪ । ସୁବିଧାଜନକ ହେବା—4. To be convenient. (ଯଥା—ମତେ ଏଠାରେ ଚଳିବାକୁ ସଜଲ ହେଉ ନାହିଁ ।)

ସଜଲ୍ ସାଜ(ଜ)ଲ୍—ଦେ.ବ—(ନିରର୍ଥକ ସଦ୍ଭବର) ବନ୍ଦୋବସ୍ତ; Sajil sāja(ji)l ଯୋଗାଡ଼—Arrangement. (ଉ—କରେ ଯୋଗାଡ଼ଯନ୍ତ୍ର ଚଦିସ୍ ! ତୁ ଦରୁ ସଜଲସାଜଲ କର ସାଇଲୁଣି ?—সুবিধা ଉଦ୍ଯୋଗାୟୋଜନ. ଯୌତୁକ)

ସଜଲୁତ୍—ଦେ. ବ ଓ ବିଣ—ସଜଲ୍ (ଦେଶ) Sajilāt Sajil (See)

ସଜୀବ—ସଂ. ବିଣ (ସ=ସହ+ଜୀବ=ଜୀବନ; ସହାର୍ଥେ ବହୁବ୍ରୀହି)—Sajiba ୧ । ଜୀବନ୍ତ; ସଚେତନ; ଯାହାର ଜୀବନ ଅଛୁ—(ଜଙ୍ଗମ—ବିପରୀତ) 1. Alive; living; animated, sentient. ୨ । (ଲକ୍ଷଣାର୍ଥେ) ତାଜା; ସତେଜ—2. Vigorous.

ସଜୀବତା(ତ୍ୱ)—ସଂ. ବ—୧ । ସଚେତନତ୍ୱ—1. Animation. Sajībatā(twa) ୨ । ତେଜସ୍ୱୀ ଭାବ—2. Vigorousness. ୩ । ତେଜଃ—3. Vigour.

ସଜୁଆଣି କଦଳୀ—ଦେ. ବ—ଯେଉଁ କଦଳ ଅଧ କଞ୍ଚି ନୁହେଁ କମ୍ଭା Sajuāṇi kadalī ଅଧ ପାକଳ ନୁହେଁ—Plantain अजोह केला which is neither very mature nor very raw.

ସଜୁଆ—ପ୍ରାଦେ (ଉତ୍କଳ ବାଲେଶ୍ୱର) ବ—ଶଜନା (ଦେଶ) Sajanā Śajunā. (See)

ସଜୁଷ୍—ସଂ. ବିଣ (ସ=ସହ+ଜୁଷ୍ ଧାତୁ=ସେବା କରିବା+କ୍ୱିପ୍ ଜୁଷ୍+କ୍ୱିପ୍)—୧ । ପ୍ରୀତିଯୁକ୍ତ—1. Loving; cheerful. ୨ । ସେବାକାର୍ଯ୍ୟ—2. Tending; serving. ୩ । ଏକତ୍ର ସେବାକାର୍ଯ୍ୟ—3. Serving together. ସଂ. ବ—ଜ୍ଞାନୀ—A sage.

ସଜୁ(ଜ୍ୱ)ସ୍—ସଂ. ଅ (ସହ+ଜୁଷ୍. ଧାତୁ=ପ୍ରୀତି ହେବା+କ୍ୱିପ୍. Saju(jwa)s କ୍ୱିପ୍)—ସହିତ; ସହିତ—With; along (ସଜୁଃ, ସଦ୍ମଃ—ଅନ୍ୟରୂପ) with. [ଦ୍ର—ଓଡ଼ିଆରେ ଏ ଶବ୍ଦର ବ୍ୟବହାର ନାହିଁ ।]

ସଜେ—ଦେ. ବ ଓ ବିଣ—ଏକ ସାରସାନ୍ଦ— Saje One set; one set of. এক সেট এক সেট

ସଜେଇବା—ଦେ. କି—ସଜାଇବା (ଦେଶ) Sajeibā Sajāibā. (See)

ସଜୋର—ଦେ. ବିଣ (ସ=ସହ ଶବ୍ଦର+ଫା. ଜୋର୍=ବଳ)—Sajor ବଳଯୁକ୍ତ—Strong; forcible. ଦେ, କି. ବିଣ—ଜୋରାଲ ୧ । ବଳପୂର୍ବକ—1. Strongly; forcibly. বলবান, জোরদার ୨ । ଜୋର କରି—2. With force; সজোরে জোরসে] violently. (ସଜୋରେ—ଅନ୍ୟରୂପ)

ସଜ୍ଜ—ସଂ. ବିଣ (ସସଜ୍. ଧାତୁ=ସଜ୍ଜିତ ହେବା+କ୍ୱିପ୍. ଅ)—Sajja ୧ । ସଜ୍ଜିତ; ସଜ୍ଜା ହୋଇଥିବା—1. Equipped; furnished; fitted up. ୨ । ଭୂଷିତ—2. Adorned. ୩ । ପ୍ରସ୍ତୁତ—3. Prepared; got ready. ୪ । ଉଦ୍ୟତ—4. Ready. ୫ । ସନ୍ନଦ୍ଧ; ସାଜୁ ସିଜିଥିବା—5. Armed; armoured; accoutred. ୬ । ପ୍ରାକାରଦ୍ୱାରା ସୁରକ୍ଷିତ—6. Well protected by walls (a town, a fort). ୭ । ଯେ ବେଶଭୂଷା ପରିଧାନ କରିଥାଏ—7. Dressed; accoutred.

ସଜ୍ଜକ୍ରମ—ସଂ. ବିଣ (ସଜ୍ଜ+କ୍ରମ)—ପ୍ରସ୍ତୁତ; ସଜ୍ଜିତ— Sajjakrama Equipped; arranged.

ସଜ୍ଜନ—ସଂ. ବିଣ (କର୍ମଧାରୟ; ସତ୍=ସାଧୁ+ଜନ)—୧ । ସତ୍ତୁ;ସାଧୁ; Sajjana ସୁଜନ—1. Good; virtuous. ୨ । ସଚ୍ଚରିତ୍ର—2. Of good character or morals. ୩ । ସୁଜାତ; ସତ୍କୁଳୋଦ୍ଭବ—3. Of noble family; respectable, noble. ସଂ. ବ—୧ । ସାଧୁବ୍ୟକ୍ତି—1. A good man. ୨ । ସଚ୍ଚରିତ୍ର ବ୍ୟକ୍ତି—2. A man of good moral character. ୩ । (ସସଜ୍ ଧାତୁ+ଭାବ. ଅନ)—ସଜ୍ଜନା (ଦେଶ)—Sajjanā (See)

Digitized by srujanika@gmail.com

ସଜ୍ଜନା—ସ୍ତ୍ରୀ. ବି (ସଜ୍ଜ୍ ଧାତୁ + ଭାବ. ଅନ + ସ୍ତ୍ରୀ. ଆ) —୧ । ସଜ୍ଜନ; ସଜ୍ଜୀକରଣ—1. Act of fitting up; equipping. ୨ । ସାଜସଜ୍ଜା—2. Equipage; trappings. ୩ । ରକ୍ଷୀ ସୈନ୍ୟଙ୍କ ଅବସ୍ଥିତ ସ୍ଥାନ-3. A resting place for guards; a sentries' post. ୪ । ଚୌକି; ଥାନା, ଘାଟ; ଘାଟୀ—4. Out-post; military out-post. ୫ । ବିପଜ୍ଜନକ ସ୍ଥାନ-ମାନଙ୍କରେ ପ୍ରହରୀ ରଖିବା—5. Act of putting guards at places or points of danger. ୬ । ଘାଟ—6. Landing place; wharf. ୭ । ବନ୍ଦର—7. Port; quay. ୮ । ଯୁଦ୍ଧ ପାଇଁ ସୈନ୍ୟ ସ୍ଥାପନ—8. Battle array; cohort. ୯ । ସାଜ; ବେଶ; ପୋଷାକ—9. Dress; accoutrements. ୧୦ । ଘରର ଅସବାବପତ୍ର—10. Furniture. ୧୧ । ଅଳଂକରଣ—11. Adorning; decorating. ୧୨ । ଆୟୋଜନ; ବନ୍ଦୋବସ୍ତ—12. Arrangement; settlement; preparation. ୧୩ । ବେଶ କରିବା—13. Adorning; decorating. ୧୪ । ଘୋଡ଼ାକୁ ସଜାଇବା—14. Harnessing a horse. ୧୫ । ହାତୀକୁ ସଜାଇବା—15. Act of fitting up an elephant.

ସଜ୍ଜନିତ—ସଂ. ବିଣ (ସତ୍ + ଜନ୍ ଧାତୁ ଣିଜନ୍ତ ଜନ ଧାତୁ + କର୍ମ. ତ)-୧ । ଉତ୍ତମରୂପେ ବା ଭାବରେ ପ୍ରସୂତ—1. Well born. ୨ । ସାଧୁତାଜନିତ—2. Due to honesty. (ଉ—ବହୁତହୁତ ଭେସଜସଜ୍ଜନିତ ଏହି ଯେ— ଭଞ୍ଜ. ବୈଦେସ୍ପଶବ୍ଦଲାସ ।)

ସଜ୍ଜା—ସଂ. ବି (ସସଜ୍ ଧାତୁ + ଭାବ. ଅ + ଆ)—୧ । ସାଜ; ବେଶଭୂଷା; ପୋଷାକ—1. Accoutrements; dress; ornaments. ୨ । ସନ୍ନାହ; ସାଞ୍ଜୁ—2. Arms; armour; coat of mail. ୩ । ଆୟୋଜନ—3. Preparation; arrangement. ୪ । ସଜ୍ଜୀକୃତ ଅବସ୍ଥା—4. Equipped state.

ସଜ୍ଜା ଗୃହ—ସଂ. ବି—ନର୍ତ୍ତକନର୍ତ୍ତକୀମାନଙ୍କ ବେଶ ହେବାର ଗୃହ—Green-room; dressing room.

ସଜ୍ଜିତ—ସଂ. ବିଣ. ଭୂ (ସସଜ୍ ଧାତୁ + କର୍ତ୍ତୃ. ତ ବା ସଜ୍ଜା+ଇତ)—୧ । ସଜ୍ଜୀକୃତ—1. Furnished; equipped. ୨ । ଭୂଷିତ—2. Adorned; decorated. ୩ । ବେଶପରିହିତ—3. Dressed ୪ । ବର୍ମ୍ମିତ—4. Armed. ୫ । ସନ୍ନଦ୍ଧ—5. Accoutred. ୬ । ଆୟୋଜିତ—6. Arranged. ୭ । ଉଦ୍ୟତ—7. Ready; prepared. ୮ । ଉଦ୍‌ଯୁକ୍ତ—8. Prepared for action; set ready for use.

ସଜ୍ଜୀକୃତ—ସଂ. ବିଣ ଭୂ. (ସଜ୍ଜା + ଅଭୂତ ଭାବେ ଚ୍ବି + କୃତ)—ପେ ପ୍ରଥମେ ଅସଜ୍ଜିତ ଥାଇ ସରେ ସଜ୍ଜିତ ହୁଏ— [ସଜ୍ଜୀକୃତା—ସ୍ତ୍ରୀ] (ସଜ୍ଜୀକରଣ—ବି) Adorned; fitted up.

ସଜ୍ଜୀଭୂତ—ସଂ. ବିଣ (ସଜ୍ଜା + ଅଭୂତ ଭାବେ ଚ୍ବି + ଭୂତ)—ପୂର୍ବେ ସଜ୍ଜିତ ନ ଥାଇ ବର୍ତ୍ତମାନ ସମୟେ ଯେ ସଜ୍ଜିତ ହୋଇଥାଏ— Having dressed up; wearing dress; arranged presently.

ସଜ୍ୱର—ସଂ. ବିଣ. ପୁଂ (ସ=ସହିତ + ଜ୍ୱର; ସନ୍ଧାର୍ଥ ବହୁବ୍ରୀହି)—ଜ୍ୱରଯୁକ୍ତ—Feverish; suffering from fever

ସଜ୍ୟ—ସଂ. ବିଣ (ସ=ସହିତ + ଜ୍ୟା; ସନ୍ଧାର୍ଥ ବହୁବ୍ରୀହି)—ଆରୋପିତ ମୌର୍ବୀକ; ଜ୍ୟାଯୁକ୍ତ—Furnished with a bow-string.

ସଞ୍ଜା—ଦେ. ବି (ସଂ. ସ୍ୱାମୀ)—ସାଇଁ; ସ୍ୱାମୀ; ପ୍ରଭୁ— Master; lord.

ସଞ୍ଚ—ସଂ. ବି (ସମ୍ + ଚ-ଧାତୁ = ଏକତ୍ର କରିବା + ଅଧି ଅ)—ପୋଥି ବା ପୁସ୍ତକ ଲେଖିବା ପାଇଁ ପ୍ରସ୍ତୁତ ସଜଡ଼ସୁ;ପୋଥିର ଛଞ୍ଚ —A collection of palm leaves cut and moulded ready for being written on to be used as a palm leaf manuscript.

ସଞ୍ଚ ଦାଗ ଦେ. ବି—୧ । (ସଂ. ସଜ୍ଜ) ଦାଗ; ସଞ୍ଚା; ଚିହ୍ନ— 1. Mark left on a thing. [ଉ—ଦଶନ ସଞ୍ଚ ଗଣ୍ଡସ୍ଥଳେ—ଭୂପଭି. ପ୍ରେମସଞ୍ଚାମୃତ ।] ୨ । ଗ୍ରନ୍ଥି; ଗଣ୍ଠି—2. Knot. ୩ । (ଫା. ସଜ୍ଜା) ଶୋଭା; **ଖୁବ ସୁରତୀ, ସୁଡୌଲ** ସୌନ୍ଦର୍ଯ୍ୟ—3. Beauty. ୪ । ସୁଡ଼ନତା— ସୁନ୍ଦର 4. Symmetry. ଦେ. ବିଣ—୧ । ସୁନ୍ଦର; ଶୋଭା-**ଖୁବ ସୁରତ, ସୁଡୌଲ** ସଂପନ୍ନ—1. Beautiful. [ଉ—ସେହୁ ବନ୍ଦର ଗଛମାନେ ଅଛ ଉଚ୍ଚ । ଦୋଇଅଛନ୍ତୁ ଫୁଲ ଫଳେ ସଞ୍ଚ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ସୁଡ଼ଳ; ସୁଠାମ—2. Symmetrical. [ଉ— ବେବଣ ସଞ୍ଚଅଧସ୍ତାତ୍ତ ଧର ଧାଇଁ ଛ ବେଗେ—ଉତ୍ତରଣ. ମଣୁଗ୍ରସଙ୍ଗଳ ।]

ସଞ୍ଚ ଘଞ୍ଚ—ଦେ. ବିଣ (ଯୁଗ୍ମ ସଦୃଶର)—ସାନ୍ଦ୍ରସ୍ତବରେ ପୁଥୁଳ; ସୁନ୍ଦର Sañcha ghañcha ଓ ଘନ—Densely thick; beauti-ଥଲ୍‌ଥଲେ ful and dense. [ଉ—କବରେ ଅବୁଡ ସଞ୍ଚ ଘଞ୍ଚ **ସାନ୍ଦ୍ର, ଘନ** ସୁନ-କଳ ଲଳତ—ଗୁଧାନାଥ. ଇଷା]

ସଞ୍ଚତ—ସ. ବିଣ (ସମ୍ + ଚ ଧାତୁ + କର୍ତ୍ତୃ. ଅତ୍)—୧ । ପ୍ରତାରକ; Sañchat ବଞ୍ଚକ—1. Deceitful. ୨ । ଚତ— (ସଞ୍ଚତା—ସ୍ତ୍ରୀ) 2. Cheating.

ସଞ୍ଚନ—ସ୍ତ୍ରୀ. ବି (ପ୍ରାଚୀନ ପଦ୍ୟ) (ସଂ. ସଞ୍ଚୟନ)—ସଞ୍ଚୟ (ଦେଖ) Sañchana Sanchaya (See) [ଉ—ଧନ ସଞ୍ଚନେ ମନ ଦୃଢ଼ । ଗର୍ବଡା ସଣ ଡାର ବଡ଼—ପ୍ରାଚୀ. କର୍ଣ୍ଣ-ମାହାତ୍ମ୍ୟ ।]

Digitized by srujanika@gmail.com

ସଞ୍ଚୟ—ଗ୍ରା. ବ (ସ. ସଙ୍କ୍ଷେପ)—ସଙ୍କ୍ଷେପ (ଦେଖ)—Saṁkshepa Sañchapa (See) ଦେ. ବଣ—ସଙ୍କ୍ଷିପ୍ତ (ଦେଖ) Saṁkshipta (See)

ସଞ୍ଚପି କହିବା—ଦେ. କି (ସଂ. ସଂକ୍ଷେପ)—ସଙ୍କ୍ଷେପରେ କହିବା—Sañchapi kahibā To speak concisely. ସଂକ୍ଷେପେ ବଲା **संक्षेपमे कहना**

ସଞ୍ଚପିବା—ଦେ. କି—୧ । (ସଂ. ସଂକ୍ଷେପ) —ସଂକ୍ଷେପ କରିବା—Sañchapibā ସଂକ୍ଷେପ କରା **संक्षेप करना** 1.To abridge. ଜମାନ **संचय करना** ୨ । (ସଂ. ସଞ୍ଚୟ) ସଞ୍ଚୟ କରିବା—2. To store. ୩ । ସଂଗ୍ରହ କରିବା—3. To gather. ୪ । ରାଶୀକୃତ କରିବା; ଗଦା କରିବା—4. To heap up; to amass.

ସଞ୍ଚୟ—ସଂ. ବ (ସମ୍ + ଚି ଧାତୁ = ଏକତ୍ର କରିବା + ଭାବ. ଅ)—Sañchaya ୧ । ସମୂହ—1. Multitude. ୨ । ସଂଗ୍ରହ—2. Collection. ୩ । ସଂଗୃହୀତ ବସ୍ତୁଚୟର ରାଶୀକରଣ—3. Heaping of collected things. ୪ । ରାଶି; ଗଦା—4. Heap; accumulation. ୫ । ରାଶୀକୃତ ଧନ—5. Hoard; stored wealth. ୬ । ଜମା; ଷ୍ଟାଣ୍ଟ—6. Stock; store.

ସଞ୍ଚୟ କରିବା—ଦେ. କି—୧ । ସଂଗ୍ରହ କରି ରାଶି କରିବା—Sañchaya karibā 1. To collect and store. ସଞ୍ଚୟକରା, ଜମାନ ୨ । ଧନ ଜମା କରିବା—2. To hoard **संचय करना** wealth.

ସଞ୍ଚୟ କାରି—ସ. ବଣ. ପୁଂ (ସଞ୍ଚୟ + କୃ ଧାତୁ + କର୍ତ୍ତୃ. ଇନ୍) Sañchaya kārī ଯେ ଜମା କରେ—Hoarding, storing up. (ସ୍ତ୍ରୀ—ସଞ୍ଚୟକାରିଣୀ)

ସଞ୍ଚୟ ଗୃହ—ସ: ବ (୬ମୀ ତତ୍) Sañchaya gṛuha ସଞ୍ଚୟ ବସ୍ତୁ ରଖିବାର ଘର; ଭଣ୍ଡାର—Stock room.

ସଞ୍ଚୟନ—ସଂ. ବ (ସମ୍ + ଚି ଧାତୁ + ଭାବ. ଅନ)—୧ । ସଂଗ୍ରହ—Sañchayana କରିବା—1. Act of collecting; collection. ୨ । ରାଶୀକରଣ—2. Act of storing up; heeping up.

ସଞ୍ଚୟ ନିରତ—ସ: ବଣ. ପୁଂ (୭ମୀ ତତ) Sañchaya nirata ଯେ ସର୍ବଦା ସଞ୍ଚୟ କରିବାରେ ଲାଗିଥାଏ—Engaged in storing up or hoarding. (ସ୍ତ୍ରୀ—ସଞ୍ଚୟନିରତା, ସଞ୍ଚୟନିରତା)

ସଞ୍ଚନୀୟ—ସ. ବଣ (ସମ୍ + ଚି ଧାତୁ + କର୍ମ. ଅନୀୟ) Sañchanīya ସଞ୍ଚିତ ହେବାର ଯୋଗ୍ୟ—Capable of being stored; fit to be hoarded.

ସଞ୍ଚୟଶୀଳ—ସ. ବଣ. ପୁଂ (ବହୁବ୍ରୀ) Sañchayasīla ସଞ୍ଚୟ; ଯେ ସର୍ବଦା ସଞ୍ଚୟ କରେ; ସଞ୍ଚୟ କରିବାରେ ଅଭ୍ୟସ୍ତ—Habituated to storing up; (ସଞ୍ଚୟଶୀଳତା—ବ) Having a tendency to hoard.

ସଞ୍ଚୟାକାଙ୍କ୍ଷା—ସଂ. ବ (୬ଷ୍ଠୀ ବା ୭ମୀ ତତ୍) Sañchayākāṅkshā ସଞ୍ଚୟ କରିବାର ଲିପ୍ସା—Desire to store up. [ସଞ୍ଚୟାଭିଳାଷ—ଅନ୍ୟରୂପ]

[ସଞ୍ଚୟାକାଙ୍କ୍ଷୀ, ସଞ୍ଚୟାଭିଳାଷୀ—ବଣ. ପୁଂ]

ସଞ୍ଚୟାଗାର—ସଂ ବ (୬ଷ୍ଠୀତତ୍) Sañchayāgāra ଭଣ୍ଡାର ଘର; ଗୋଦାମଘର—Store room; godown.

ସଞ୍ଚୟାର୍ଥୀ—ସଂ. ବଣ. ପୁଂ (ଉପପଦ ତତ୍, ସଞ୍ଚୟ + ଅର୍ଥ୍ ଧାତୁ = ଅଭିଳାଷ କରିବା = କର୍ତ୍ତୃ. ଇନ୍) Sañchayārthī ସଞ୍ଚୟ କରିବା ପାଇଁ ଅଭିଳାଷୀ—Desirous of hoarding up. [ସଞ୍ଚୟାର୍ଥିନୀ—ସ୍ତ୍ରୀ]

ସଞ୍ଚୟୀ—ସଂ. ବଣ. ପୁଂ (ସମ୍ + ଚି ଧାତୁ + କର୍ତ୍ତୃ. ଇନ୍, ୧ମା ୧ବ) Sañchayī ଯେ ସଞ୍ଚୟ କରେ—Storing; hoading. ସଞ୍ଚୟିନୀ—ସ୍ତ୍ରୀ)

ସଞ୍ଚର—ସଂ. ବ (ସମ୍ + ଚର୍ ଧାତୁ + ଭାବ. ଅ)—୧ । ଚଳନ; Sañchara ଗମନ—1. Moving, motion. ୨ । (ସଞ୍ଚଳନ—ଅନ୍ୟରୂପ) ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଗମନ—2. Moving from one place to another. ୩ । କମ୍ପନ—3. Vibration. ୪ । କମ୍ପନ—4. Trembling; quaking. ୫ । (+କରଣ, ଅ); ଶଙ୍ଖ; ସେତୁ; ପୋଲ—5. Bridge. ୬ । ଅସ୍ତ୍ରପଥ—6. An opening or passage for water. ୭ । (+ଅଧିକରଣ. ଅ) ପଥ—7. Way. ୮ । (ଅଧିକରଣ. ଅ) ଶଙ୍କର, ଦେହ—8. Body.

ସଞ୍ଚରା(ରେ)ଇବା—ଦେ. କି (ସଂ. ସମ୍ + ଚର୍ ଧାତୁ)—୧। ସଞ୍ଚରିବା Sañcharā(re)ibā କ୍ରିୟାର ଣିଜନ୍ତ ରୂପ—1. Causative form of Sañcharibā. ୨ । ଚାଳିତ କରିବା—2. To cause to move. [ଉ—ତୁମ୍ଭେ ଯେ ଆକାଶରେ ସଞ୍ଚରାଅ ଘନ । —କୃତ୍ତିବାସ. ମହାରାବଣ. ଅଙ୍କ]

ସଞ୍ଚରିତ—ସଂ. ବଣ (ସମ୍ + ଚର୍ ଧାତୁ + କର୍ତ୍ତୃ. ତ)—୧ । ଗତିତ Sañcharita 1. Gone away. ୨ । ଗତିଶୀଳ—2. Moving; Current. ୩ । ଗତ—3. Gone; past.

ସଞ୍ଚରିବା—ଦେ. କି (ସଦ୍ + ଚର୍ ଧାତୁ)—୧ । ଗତି କରିବା; ଗତି- Sañcharibā ଶୀଳ ହେବା—To move. [ଉ—ଯହିଁ ଚାଳିତ ହେଉଥିବା **चलना** ମନ କରେ ତହିଁ କି ଯାଇପାରେ, ସଞ୍ଚରୁ ଥାଏ ସେ କେବଳ ଅକାଶରେ । କୃତ୍ତିବାସ. ମହାରାବଣ. ସପ୍ତ ।] ୨ । ଇତସ୍ତତଃ କରିବା—2. To move to and fro. ୩ । ପାଦଗତି କରିବା; ଭ୍ରମଣ କରିବା—3. To walk. [ଉ—କରପେ ସଞ୍ଚରିବା ନ ସହୁବ, କର ଶକ୍ତିହୀନ ଯେବେ ଥରେହୁବ । —କବିସୂର୍ଯ୍ୟ: ସଂଗୀତ] ରୋମାଞ୍ଚ ହେଉଥିବା **रोमांच होना** ୪ । (ରୋମ) ଝାଙ୍କୁରିବା—4. To stand on end (said of the hairs).

Digitized by srujanika@gmail.com

ଜାତହଓୟା **ପୈଦାହୋନା** (ଉ—ଗାଈଗରୁ ପର ଥରେ ସଞ୍ଚରଣ ଅଘଟନେ। —ସଙ୍ଗୀତ) *। (ଦେହରେ) **ସଞ୍ଚାରିତ** ହେବା; ଜାତ ହେବା; ଉତ୍ପନ୍ନ ହେବା—5. To pervade; to prevail; to be produced. (ଉ—ବ୍ୟାଧି ଅଲପ ହୋଇ ସଞ୍ଚରଇ, ହେଲା ମାତ୍ରକେ ସମ୍ପୂର୍ଣ୍ଣ ମାରଇ ।—ଉତ୍ତରରାମ. ପଥୁସ୍ରସଫଳ) ୬ । **ଥରଥାଟ** ହେବା—6. To frequent. (ଉ—ଏ ଅସ୍ପୃ। ଜର୍ମବନ୍ଦ ହୋଇ, ଆନାଜାନାକରନା ନାନାବି ଘରେ ସଞ୍ଚରଇ ।—ଭୂପତି. ପ୍ରେମ ପଞ୍ଚାମୃତ) ।

ସଞ୍ଚରିଷ୍ଣୁ—ସଂ. ବିଣ—(ସମ୍ + ଚର ଧାତୁ + ଶୀଳାର୍ଥେ ଇଷ୍ଣୁ ଇଷ୍ଣୁ)—Sañcharishṇu ସଞ୍ଚରଣଶୀଳ; ଗତିଶୀଳ; ଭ୍ରମଣକାରୀ—Moving; walking; having a tendency to move.

ସଞ୍ଚଳନ—ସଂ. ବି—(ସମ୍ + ଚଳ ଧାତୁ + ଭାବ ଅନ)—Sañchalana ୧ । କମ୍ପନ—1 Trembling; shaking; quivering. ୨। ଦୋଳନ—2. Oscillation. ୩ । ପ୍ରଚଳନ—3. Currency; prevalence. ୪ । ଗତି କରିବା; ଚଳିବା—4. Moving; motion. [ଦ୍ର—ସ୍ଖଳନ = ଜାଡେ ଚଳିବା; ସଞ୍ଚାଳନ = ଅନ୍ୟଦ୍ୱାରା ଚଳିତ ଘଟିତ ।] (ସଞ୍ଚଳିତ—ବିଣ)

ସଞ୍ଚା—ସଂ. ବି—ସଞ୍ଚ (ଦେଶ)—Sañcha (See) ଦେ. ବି—Sañchā ୧ । ଚର୍ମ; ଅଳଙ୍କାରାଦି ରଗିଘରେ ଦେହରେ ରହି ଦାଗ **ଦାଗ** ଯାଇଥିବା ଦାଗ—1. Marks left on the body by the pressure of ornaments (ଉ— ଶୋଭା **ଶୋଭା** ଅଲଙ୍କାର ବୃଦ୍ଧି ସଞ୍ଚା ଦେହରେ ବସେ । ଗ୍ରାଚୀ. ଶିଶୁଶଙ୍କର. ଉପା ଅଉଲାପ୍ତ ।) ୨ । ଶୋଭା; ସୌନ୍ଦର୍ଯ୍ୟ— ଛିଟା **ଦାଗ**—2. Beauty; grace. ୩ । ରକ୍ତାଦିର ବିନ୍ଦୁ ବା ଦାଗ; ଛିଟା—3. Stain or spots (of blood etc) on a thing. (ଉ—ବସ୍ତ୍ରରେ ପଡ଼ିଶ ରୁଧିର ସଞ୍ଚା; ବଡ଼ଶିଲ୍ଲ ଧୂମ୍ର ପର୍ବତେ ସଞ୍ଚା—ବିଜ. ବୈଦେଗ୍ଧଶବଳାସ) ।

ସାମଗ୍ରୀ **ରସଦ** ୪ । (ସଂ. ସଂଜ୍ଞା) ସାମଗ୍ରୀ; ଉପକରଣ— 4. Materials. ୫ । ଅଗନ୍ତୁକ, ଅଭ୍ୟାଗତ ଓ ବନ୍ଧିଷ୍ଣୁ ବ୍ୟକ୍ତମାନଙ୍କୁ ଖାଦ୍ୟପାକାର୍ଥେ ଦଅସିବା ଗୃହସ୍ଥ, ଚାଉଳ, ପରିବା **ଅବ** ସାମଗ୍ରୀ; ସିଧା; ଖାଦ୍ୟସମ୍ଭାର—5. Victuals presented to guests; materials for cooking meal sent to guests who cook their own food. (ଉ—ଅଜ୍ଞ ଦେବ ଯେବେ, ମଗୋହ ସଞ୍ଚା ଏଥରେ ଭେବେ—ଗ୍ରାଚୀ. ପ୍ରଭାସ ଶଶିସେନା ।)

ସଂଗ୍ରହ **ସଂଗ୍ରହ** ୬ । ସଚ୍ଚୟ; ସମଷ୍ଟି—6. Collection. ୭ । ଏକତ୍ରୀକରଣ; ଗଦା—7. Heaping up. ୮ । ବନ୍ଦୋବସ୍ତ; ବ୍ୟବସ୍ଥାନ—8. Arrangement. [ଉ—ତୁ ଯଦି ସଞ୍ଚା ବେଗେ କର, ଯେମନ୍ତେ ଜଣିବୁ ଅମର । ଜଗନ୍ନାଥ. କଠିନ, ଶକ୍ତ ଜଗତ ।] ଦେ.ବିଣ—୧। ଦୃଢ଼; ଦଟିନ—1. Hard. ଦୃଢ଼ ୨ । (ଫା. ସଞ୍ଚୟୀ) ପୁଂ—ସଞ୍ଚୟଶୀଳ—2. Storing; (ସଞ୍ଚା, ସଞ୍ଚୟ—ସ୍ତ୍ରୀ) hoarding. ୩ । କୃପଣ— ସଞ୍ଚୟୀ **ସଂଚୟୀ** 3. Miserly.

ସଞ୍ଚା(ଞ୍ଚେ)ଇବା—ଦେ. କ୍ରି—ସଞ୍ଚାଇବା କ୍ରିୟାର ଣିଜନ୍ତ ରୂପ— Sañchā(ñche)ibā Causative form of ସଞ୍ଚୟ କରାନ **ସଂଚୟ କରବାନା** Sañchibā.

ସଞ୍ଚାଣି—ଦେ. ବି. (ସ. ସଞ୍ଚୟନ) ୧ । ସଞ୍ଚୟ କରିବା କର୍ମ— Sañchāṇa 1. Act of storing or hoarding. ସଞ୍ଚୟ କରାନ ୨ । (ସ. ସଞ୍ଚାନ) —ଶ୍ୟେନ ପକ୍ଷୀ—2. Hawk.

ସଂଚୟ [ଉ—ଫିଟି ଯାଇଛ କାନ୍ଥଲ, ସଞ୍ଚାଣର ଚମ୍ପୁଃ **ସଂଚାନ** ଉଳ । ଭବଭୂତି. ସଙ୍ଗୀତ ।] ଦେ. ବିଣ. (ସ. ସଞ୍ଚୟୀ) (ସଞ୍ଚାଣିଆ—ଅନ୍ୟ ବିଣ. ରୂପ) ସଞ୍ଚୟକାରୀ (ବ୍ୟଙ୍ଗ); ଯେଉଁ ବ୍ୟକ୍ତି (ସଞ୍ଚାଣୀ—ସ୍ତ୍ରୀ) ଧନ ବା ପଦାର୍ଥମାନ ଭବିଷ୍ୟତ ପାଇଁ ସଞ୍ଚୟ କରି ସଞ୍ଚୟକାରୀ ରୋଗେ—1. Habitually hoarding or **ସଂଚୟ କରନେବାଲା** storing riches or articles for future use.

ସଞ୍ଚାଣି—ଦେ. ବି. (ସ. ସଞ୍ଚୟନ) —ସଞ୍ଚୟ (ଦେଖ) Sañchāṇi Sañchaya (See) ସଞ୍ଚିତ ଦେ. ବିଣ—୧ । ସଞ୍ଚିତ—1. Stored. ୨ । **ସଂଚିତ** ନିର୍ଦ୍ଧାରିତ—2. Settled; fixed. ୩ । ବ୍ୟବସ୍ଥିତ—3 Arranged.

ସଞ୍ଚାଣୀ—ଦେ. ବିଣ ଓ ବି. ସ୍ତ୍ରୀ—ସଞ୍ଚୟକାରିଣୀ ସ୍ତ୍ରୀ—A woman Sañchāṇī ସଞ୍ଚୟକାରିଣୀ given to hoarding. **ସଂଚୟ କରନେବାଲୀ** (ସଞ୍ଚା, ସଞ୍ଚାଣ, ସଞ୍ଚାଣିଆ—ପୁଂ. ବିଣ) (ସଞ୍ଚାଣେଇ—ଅନ୍ୟରୂପ)

ସଞ୍ଚାନ—ସ. ବି. (ସମ୍ + ଚ ଧାତୁ = ଉଡ଼ାଇବା + ଲୁଟି, ଅନ)— Sañchāna ଶ୍ୟେନ ପକ୍ଷୀ; ଉଡ଼ାଣ—Hawk.

ସଞ୍ଚାଯ୍ୟ—ସ. ବି. (ସମ୍ + ଚ ଧାତୁ + ଣ୍ୟତ୍, ଯ)—ଯଜ୍ଞ ବିଶେଷ— Sañchāyya A sort of vedic sacrifice.

ସଞ୍ଚାର—ସଂ, ବି. (ସମ୍ + ଚର ଧାତୁ + ଭାବ. ଅ)—୧ । ଗମନ; Sañchāra ଗତି—1. Moving; motion. [ଉ—ନାନା ବର୍ଣ୍ଣ ଦୋଇଣ କରଣ ଭୂମର, ଉଜ ଲେଜ ଯାକରେ କରନ୍ତ ସଞ୍ଚାର । କୃତ୍ତିବିଂହ. ମହାଶ୍ୱରତ, ଅଦ ।] ୨ । (+କରଣ. ଅ) —ସଞ୍ଚର; ପୋଲ; ସଙ୍କ—2. A bridge. ୩ । (+ଅଧ୍ୱକରଣ. ଅ)—ପଥ—3. Way; passage; road. ୪ । (+ଭାବ. ଅ) ସଂକ୍ରମଣ; ଗ୍ରହମାନଙ୍କର ରାଶ୍ୟନ୍ତରକୁ ଚଳନ—4. Transition of a planet from one zodiacal sign to another. ୫ । ବୃଦ୍ଧି—5. Increase; growth. ୬ । ବିସ୍ତାର—6. Expansion; diffusion; cir-

Digitized by srujanika@gmail.com

culation. ୭ । କଷ୍ଟଗତ—7. Difficult predicament. ୮ । କଷ୍ଟ; ଦୁଃଖ;ବିପଦ—8. Trouble; calamity. ୯ । ପଥପ୍ରଦର୍ଶନ—9. Leading the way. ୧୦ । ଉତ୍ତେଜନ—10. Exciting; urging; instigating. ୧୧। ଗ୍ଲଜନ;ଚଳାଇବା କର୍ମ —11. Causing to move. ୧୨ ।(+କରଣ. ଅ; ଏଥିର ଅଳ୍ପେକ ସାହାପ୍ୟରେ ସର୍ପ ଅବଚାରରେ ଗଛ କର ପାରେ) ସର୍ପମଣି—12. A gem on the hood of a venomous serpent. ୧୩। (+ଭାବ ଅର୍ଥ) ସଂକ୍ରମଣ; ସଂକ୍ରାମକ ରୋଗାକାନ୍ତ ରୋଗୀର ଦେହରୁ ଦେହାନ୍ତରକୁ ରୋଗର ଅନ୍ତର୍ଗମଣ—13. Infection; communication by contagion. ଦେ. ବ—୧ । ଛତ୍ରଣୀ; ପଦାର୍ଥ ଉପରେ ମଡ଼ାସିବା ସ୍ତର—1. Covering; plating.

ଛାଉନୀ, ଢାକା [ର—ବହୁମାନଙ୍କରେ ସ୍ତନା ଦଉଛି ସଞ୍ଚାର । ଭାବନୀ ସ୍ତାତୀ. ବ୍ରହ୍ମକରୁଣା; ଗୀତା ।] ୨ । ବାଦ୍ୟର ଅଦ୍ୟ ତାନ—2. The introductory tunes

ସଂଚାର of a musical instrument.

[ର—ମୃଦଙ୍ଗ ବାଜୁଛୁ ଅଦ୍ୟ ସଞ୍ଚାରକୁ ଫେରି । କୃଷ୍ଣଜନ୍ମ ମହାକାବ୍ୟ ।]

ସଞ୍ଚାରକ—ସଂ. ବ, ପୁଂ, (ସମ୍ +ଚର ଧାତୁ ଣିଜନ୍ତ ଗୁର ଧାତୁ + ଭୁଜି,ଅକ)—୧ । ବିସ୍ତାରକ —1. Spread- (ସଞ୍ଚାରିକା—ସ୍ତ୍ରୀ) ing. ୨ । ସଂକ୍ରାମକ—2. Contagious; infectious. ୩। ଗ୍ଲଜକ; ଯାହା ଅନ୍ୟକୁ ଗତି କରାଏ— 3. Moving; causing motion. ୪ । ପଥ ପ୍ରଦର୍ଶକ—4. Leading the way; guiding.

ସଞ୍ଚାର ଜୀବୀ—ସଂ. ବଣ, ପୁଂ. (ସଞ୍ଚାର=ବିପଦ; ଦୁଃଖ + ଜୀବ୍ ଧାତୁ Sañchāra jībī +କର୍ତ୍ତି. ଇନ୍; ୩ମା. ୧ବ)— (ସଞ୍ଚାର ଜୀବିନୀ—ସ୍ତ୍ରୀ) ୧ । ଶରଣାପନ୍ନ —1. Having taken shelter or refuge under, ୨ । ଦୁଃଖଗ୍ରସ୍ତ; ଦୁରବସ୍ଥାଗ୍ରସ୍ତ—2. Fallen into misfortune or danger.

ସଞ୍ଚାରଣ—ସ. ବ. (ସମ୍ +ଚର୍ ଧାତୁ+ଭାବ. ଅନ)—୧ । ସଞ୍ଚାର Sañchāraṇa କ୍ରିୟା—1. Act of moving. ୨ । ସଞ୍ଚାର (ଦେଶ)—2. Sañchāra (See)

ସଞ୍ଚାର ଫଳ—ସ,ବ. (ଫଳତ ଜ୍ୟୋତିଷ)—ଭିନ୍ନମାନଙ୍କର ସଞ୍ଚାର ଜନିତ Sañchāra phala ଶୁଭାଶୁଭ ଫଳ—Good or bad results happening (to persons born under different zodiacal signs or to the world) as the result of the transition of different planets from one sign to another.

[ଦ୍ର—ରବି ସଞ୍ଚାର ଫଳ 'ସଂକ୍ରାନ୍ତି ଚକ୍ର' ତଳେ ଦେଖ ।]

ସଞ୍ଚାରିକା—ସଂ. ବ. ସ୍ତ୍ରୀ. (ସମ୍ +ଚର୍ ଧାତୁ+କର୍ତ୍ତି, ଅକ+ସ୍ତ୍ରୀ.ଆ)- Sañchārikā ୧ । ଯୁଗ୍ମ; ଯୋଡ଼ା—1. A pair; couple. (ସଞ୍ଚାରକ—ପୁଂ) ୨ । ଦୂତୀ—2. A procuress. ୩ । ଘ୍ରାଣ- 3. Scent; smell. ୪ । ବାୟୁ—4. The air; atmosphere. ସଂ. ବଣ. ସ୍ତ୍ରୀ—ସଞ୍ଚାରକର ସ୍ତ୍ରୀଲିଙ୍ଗ— Feminine of Sañchāraka.

ସଞ୍ଚାରିଣୀ—ସଂ. ବ. (ବୈଦ୍ୟକ) —ଦୁଇପ୍ରକାର ନାମକ ଅନୁପ୍ତ ଗୁଳ— Sañchāriṇī A kind of fern; Maiden-hair fern. (ସଞ୍ଚାର—ପୁଂ.ବଣ) [ଦ୍ର—ଏହା ବର୍ଷା ଋତୁରେ ଓଦା ଗାଈଗୁ ଅତ ଉପରେ ମାଡ଼େ ।] ସଂ. ବଣ. ସ୍ତ୍ରୀ—ସଞ୍ଚାରୀର ସ୍ତ୍ରୀଲିଙ୍ଗ— Feminine of Sañchāri.

ସଞ୍ଚାରିତ—ସଂ.ବଣ. ପୁଂ (ସମ୍ +ଚରଧାତୁ ଣିଜନ୍ତ ଗୁରଧାତୁ+କର୍ମ.ତ)- Sañchārita ୧ । ଇତସ୍ତତଃ ଗ୍ଲଜତ—Caused to move to and fro. ୨ । ଦୋଳାୟିତ; ଦୋଳାୟିତ— (ସଞ୍ଚାରିତା—ସ୍ତ୍ରୀ) Rocked.

ସଞ୍ଚାରିବା—ଦେ. କ୍ରି—(ସଂ ସଞ୍ଚାର)—ସଞ୍ଚାରିତ କରିବା; ବିସ୍ତାର Sañchāribā କରିବା—To diffuse; to spread. ସଞ୍ଚାରକରା ଫୈଲାନା (ର—ଶମଇ ଏ ମହାଅଗ୍ନି ଅମୃତ ସଞ୍ଚାର । ମଧୁସୂଦନ. ଚତୁର୍ଭାବଳୀ)

ସଞ୍ଚାରିବାଦ—ସଂ. ବ—(କର୍ମ ଧା; ଦ୍ର—ସମସ୍ତପଦ ଢେଲେ ସଞ୍ଚାରିଭାବ ଓ Sañchāribhāba ପୃଥକ୍ ପଦଦ୍ୱୟ ଢେଲେ ସଞ୍ଚାରୀ ଭାବ ଦ୍ରବ)— ସଞ୍ଚାରୀ ଭାବ (ଦେଖ)—Sanchāribhāba ī(See)

ସଞ୍ଚାରୀ—ବ. ବଣ. ପୁଂ—(ସମ୍ +ଚରଧାତୁ+କର୍ତ୍ତି, ଇନ୍; ୧ମା ୧ବ) Sañchārī ୧ । ସଞ୍ଚରଣଶୀଳ—1. Walking, ୨। ଗତିଶୀଳ (ସଞ୍ଚାରିଣୀ—ସ୍ତ୍ରୀ) 2. Moving. ୩ । ଅସ୍ଥାୟୀ; ପରିବର୍ତ୍ତିନଶୀଳ— 3. Temporary; passing; fleeting; subject to change. ୪ । ବିସ୍ତାରଶୀଳ—4. Expanding. ୫ । ଆଗନ୍ତୁକ (ବିଷୟୋଷ)—5. Adventitious; casual. ସ. ବ—୧ । ସଞ୍ଚାରୀ ଭାବ (ଦେଖ) Sañchārī bhāba (See). ୨ । ବାୟୁ—2. Air ୩ । ଧୂପ—3. Incense. ୪ । (ସଙ୍ଗୀତ) ଗୀତ ବା ବାଦ୍ୟର ଅଲାପର ଚାରି ପାଦ ମଧ୍ୟରୁ ତୃତୀୟ ପାଦ [ଦ୍ର—ଗୀତ ଶ୍ଲୋକରେ, ସଙ୍ଗୀତରେ ବା ଛନ୍ଦରେ ଯେଉଁର ୪ ଚୋଟି ଚରଣ ଥାଏ, ସେହିପରି ଅଲାପରେ ମଧ୍ୟ ଚାରିଟି ଚରଣ ଜଦ୍ଦିଷ୍ଟ ଅଛୁ; ପ୍ରଥମ ଚରଣର ନାମ ଅସ୍ଥାୟୀ, ଦ୍ୱିତୀୟ ଚରଣର ନାମ ଅନ୍ତରା, ତୃତୀୟ ଚରଣର ନାମ ସଞ୍ଚାରୀ ଓ ଚତୁର୍ଥ ଚରଣର ନାମ ଆଭୋଗ ।] 4. The third of the four parts of a song

ଦୂତୀ **ସଂଚାରିକା** or musical air. ଦେ. ବ. ସ୍ତ୍ରୀ- ଦୂତୀ—A female go-between. ଦେ. ବଣ, ପୁଂ-

ସଞ୍ଚାରକାରୀ **ସଂଚାରୀ** ସଞ୍ଚରଣକାରୀ—Moving;

Digitized by srujanika@gmail.com

walking to and fro. (ଉ—ଜଯ଼ ସୂର୍ଯ୍ୟଚନସ୍ୟା ବଳତଃ ସଞ୍ଚାର୍ଯ୍ୟ—ଭୂସ୍ତମଂହୁ ମହାଭାରତ. ବଗ୍ଗଟ ।)

ସଞ୍ଚାରୀ ଭାବ—ସଂ ବ [ଦ୍—ସମାସ ହେଲେ ଏ ଦୁଇ ପଦ ମିଶି 'ସଞ୍ଚାରି-ଭାବ' ଅକାର ଧାରଣ କରେ ।] ୧ । କାବ୍ୟାଦଦର୍ଶିତ ରସମାନଙ୍କର ଜଦ୍ଦେଦ, ଅବେଗ ଥିବ ଅସ୍ଥାୟୀ ବ୍ୟଭିଗୃଷ୍ଟ ଭାବ—Some fleeting mental conditions resulting from sentiments (in literature). [ଦ୍—ସ୍ଥାୟୀଭାବ, ସାତ୍ତ୍ୱିକଭାବ ଓ ସଞ୍ଚାରୀ ଭାବ ଭେଦରେ ଭାବ ଅନେକ ପ୍ରକାରର; ନାନାଭନସ୍ୟ ସମ୍ଭେଶଜାତ୍ୱାଦ ରସକୁ ଭାବତ କରେ ବୋଲ ତାହାକୁ ଭାବ ବୋଲିପାରି । ଯେଉଁସ୍ଥଳରେ ଏହ ଭାବ ନାନା ବିଷୟରେ ସଞ୍ଚାରଶୀଳ ହୁଏ, ସେଠାରେ ସଞ୍ଚାରୀ ଭାବ ହୁଏ । ଶୃଙ୍ଗାରାଦ ରସରେ ସ୍ଥାୟୀ ଭାବ, ସାତ୍ତ୍ୱିକଭାବ ଓ ସଞ୍ଚାରୀ ଭାବ ଅଛ । ବାତ୍ସଲ୍ୟ-ରସରେ ଅନଷ୍ଟ ଶଙ୍କା, ହର୍ଷ ଓ ଗର୍ବାଦ ସଞ୍ଚାରୀ ଭାବ । ଧୀର ରସରେ ଧୃତ, ସତ୍ତ, ଗର୍ବ, ସ୍ମୃତ, ଉତ୍ସର୍ଜ, ତର୍କମାଦ ସଞ୍ଚାରୀ ଭାବ ଅଟେ । ଏହିସବୁ ସଞ୍ଚାରୀ ଭାବଦ୍ୱାରା ସ୍ଥାୟୀ ଭାବର ପୁଷ୍ଟି ହୁଏ—ବଙ୍ଗଳା ବଣ୍ଡକୋଷ । 'ବ୍ୟଭିଗୃଷ୍ଟ ଭାବ' ଦେଖ—]

ସଞ୍ଚାର୍ଯ୍ୟ—ସଂ. ବଣ.— (ସମ୍+ତର୍ ଧାତୁ+କର୍ମ. ଯ)—ସଂକ୍ରମଣୀୟ—Communicable by contact; contagious; infectious.

ସଞ୍ଚାଳନ—ସଂ. ବ (ସମ୍+ଚଳ ଧାତୁ+ଭାବ, ଅନ)—୧ । ସଂକ୍ରମଣ—1. Traversing. ୨ । ଚଳନ; (ସଞ୍ଚାଳତ, ସଞ୍ଚାଳକ, ସଞ୍ଚାଳୀ—ବଣ) ଚଳାଇବା—2. Causing to move. ୩ । ଇତସ୍ତତଃ ଚଳନ; ଦୋଳାଇବା—3. Causing to move to and fro; rocking.

ସଞ୍ଚାଳୀ—ସଂ. ବ (ସମ୍+ଚଳ୍ ଧାତୁ+କର୍ତ୍ତରି. ଅ+ଙ୍ଗୀ ଈ)—ଗୁଞ୍ଜା; କାଇଁ—The black-tipped red seed of Abrus Precatorius. (ସଞ୍ଚାଳନା—ସ୍ତ୍ରୀ-ବଣ) ସଂ. ବଣ ପୁଂ—ଯାହା ଇତସ୍ତତଃ ଚଳତ କରେ Rocking; causing to move.

ସଞ୍ଚୟ—ଦେ. ବଣ. ପୁଂ (ସଂ. ସଞ୍ଚୟୀ)—୧ । ସଞ୍ଚୟଶୀଳ—1. Hoarding. ୨ । କୃପଣ—2. Miserly. (ସଞ୍ଚୀ, ସଞ୍ଚେଇ—ସ୍ତ୍ରୀ) **सञ्चयशील सञ्चयकरना**

ସଞ୍ଚୟିକା(ଚୀ)ଷୁ—ସଂ. ବଣ (ସମ୍+ଚୀ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତରି. ଉ) —ସଞ୍ଚୟ କରବାକୁ ଇଚ୍ଛୁକ—[ସଞ୍ଚୟିକା(ଚୀ)ଷା—ବ] Wishing to hoard up or heap up.

ସଞ୍ଚୟିକ୍ଷୀପ୍ସୁ—ସ. ବଣ (ସମ୍+କ୍ଷିପ୍ ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତରି ଉ)—ସଂକ୍ଷେପ କରବାକୁ ଅଭଳାଷୀ—(ସଞ୍ଚୟିକ୍ଷୀପ୍ସା—ବ) Desirous of abridging.

ସଞ୍ଚୟ—ପ୍ରାଦେ. (ସମ୍ଭଲପୁର) ବ—ଡୁବ ଡେଇଁ; ମାରଡ଼ାଡେଇ—Sanchit Somersault. (ବ୍ୟବହାର—ସଞ୍ଚୟ ମାରବା)

ସଞ୍ଚୟିତ—ସଂ, ବଣ (ସମ୍+ଚ ଧାତୁ+କର୍ମ. ତ)—୧ । ସଂଗୃହୀତ—Sanchita 1. Collected. ୨ । ରାଶୀକୃତ; ଏକତ୍ରୀକୃତ—2. Heaped up; hoarded; accumulated. ସଞ୍ଚିତ ଦେ. ବଣ—୧ । ଅବସ୍ଥାପିତ—1. Placed; station-**संचित** ed. [ଉ—ସୁଜାଙ୍କ ବଳ ପଶ୍ଚାଖାଟେ । ମଧ୍ୟ ସଞ୍ଚିତ ଭର ମୋତେ—ଜଗନ୍ନାଥ. ଭାଗବତ ।] ୨ । ପାଳିତ—**पालित** 2. Nurtured. [ଉ—ଦୁଃଖେ ସଞ୍ଚିତ ଦାସ ପୁତ—ଜଗନ୍ନାଥ ଭାଗବତ ।] ୩ । ସୃଷ୍ଟ—3. Created. ସୃଷ୍ଟ [ଉ—ବ୍ରହ୍ମା-ସଞ୍ଚିତ ସୃଷ୍ଟି ମଧ୍ୟ । ବ୍ରାହ୍ମଣେ ବସନ୍ତ **पैदा हुआ** ଅନନ୍ତେ—ଜଗନ୍ନାଥ. ଭାଗବତ ।]

ସଞ୍ଚିତ ଧନ—ସ. ବ (କର୍ମଧାରୟ)—ଜମା କରିଯାଇଥିବା ଧନ—Sanchita dhana Hoarded wealth. ସ. ବଣ. ପୁଂ (ବହୁବ୍ରୀ)—ଯେଉଁ ବ୍ୟକ୍ତ ଧନ ସଞ୍ଚୟ କରିଅଛ—(ସଂଚିତଧନା—ସ୍ତ୍ରୀ) Having hoarded wealth.

ସଞ୍ଚିତି—ସଂ. ବ (ସମ୍+ଚ ଧାତୁ+ଭାବ ତି)—୧ । ସ୍ତରେ ସ୍ତରେ ସଜାଇବା (ବଣ୍ଡକୋଷ)—1. Arrangement in layers. ୨ । ଗୁନ୍ଥନ (ବଣ୍ଡକୋଷ) ଗୁନ୍ଥା—2. Stringing together.

ସଞ୍ଚିତ୍ରା—ସଂ. ବ—ମସ୍ତିଳକର୍ଣ୍ଣୀ ନାମକ ଶାକବିଶେଷ; ମୂଷାକାନ—Sanchitrā Salvinia Cuclata (plant).

ସଞ୍ଚିନ୍ତିତ—ସଂ. ବଣ (ସମ୍+ଚନ୍ତ ଧାତୁ+କର୍ତ୍ତରି. ତ)—ସମ୍ୟକ୍ Sanchintita ଚନ୍ତାଯୁକ୍ତ—Vary anxious. [ଉ—ଭରତ ମହାଭାଗବତ । ରାଘବେ ଦୋଇ ସଞ୍ଚିନ୍ତିତ—ଜଗନ୍ନାଥ. ଭାଗବତ ।] (ସଞ୍ଚିତ୍ତା—ସ୍ତ୍ରୀ) ୨ । (+କର୍ମ ତ) ସମ୍ୟକ୍ ଚନ୍ତିତ—2. Well thought of.

ସଚନ୍ତ୍ୟ—ସଂ. ବଣ (ସମ୍+ଚନ୍ତ୍ ଧାତୁ+କର୍ମ. ଯ)—ସମ୍ୟକ୍-Sanchintya ରୂପେ ଚନ୍ତନୀୟ—Deserving to be (ସଞ୍ଚନ୍ତନୀୟ—ଅନ୍ୟରୂପ) thought of carefully.

ସଞ୍ଚୟ—ଦେ, କି (ସମ୍+ଚ ଧାତୁ) ୧ । ସଞ୍ଚୟ କରିବା—1 To Sanchibā store up; to hoard. ୨ । ରକ୍ଷାକରିବା-ସଞ୍ଚୟକରା **संचयकरना** 2. To guard; to protect. ପାଳନକରା **पालनकरना** ୩ । ଯତ୍ନ ସହତ ସାଇତିବା; ସଜାଡିବା; ଛାଣ୍ଟିବା—3. To store up with care. ୪ । ପାଳିବା; ପୋଷିବା—4. To maintain. ୫ । ନର୍ମାଣକରିବା-5.To build. (ଉ—ସେ ଦିନ ଥିଲା ମାଯା ନିର୍ମାଣକରା **निर्माणकरना** ବଳେ, ଦୃଷ୍ଟି ସଞ୍ଚଳେ ଏ ଶସ୍ୟଳେ—ଜଗନ୍ନାଥ, ଭାଗବତ) ୬ । ଦୃଷ୍ଟି କରିବା—6. To ନିର୍ଦ୍ଧାରଣକରା **सिद्धांतकरना** ereate. (ଉ—ଚତୁର୍ଦ୍ଦ ବହ୍ମାଣ୍ଡ ବହ୍ମ ସଞ୍ଚୟ ।—ଘାଟୀ ସରତେ ଗୀତା) ୭ । ଘଟାଇ

Digitized by srujanika@gmail.com

ନିର୍ଦ୍ଧାରଣ କରିବା—7. To preordain. (ଉ—ସ୍ମରଣରାଖା **स्मरणरखना** ଭଲ ସଞ୍ଚୟ ପ୍ରଭାବରେ, ବାଲ୍ମୀକି ରାମ ଯେତେ ଉଚ୍ଚ ।—ଜଗନ୍ନାଥ ଭାଗବତ) ୮ । ସ୍ମରଣରେ ରଖିବା—8. To cherish in memory. (ଉ—ସେ ରସାନ୍ତରେ ସ୍ନେହ କାତରେ ସ୍ନେହ ଭରିରେ ସଞ୍ଚେ ।—ଭକ୍ତ, ପ୍ରେମସ୍ୱଧାଳହ୍ମ ।)

ସଞ୍ଚିଲା—ଦେ· ବ୍ରଣ (ସ, ସଞ୍ଚିତ)—୧ । ସଞ୍ଚିତ—1. Hoarded; Sañchilā gathered up. ୨ । ସୃଷ୍ଟ—2. Created. (ଉ· ସଂଚିତ **संचित** ଔଷଧି ବନସ୍ପତି ଯେତେ, ତାର ସଞ୍ଚିତ ଏ ଜଗତେ ।—ଜଗନ୍ନାଥ ଭାଗବତ) ।

ସଞ୍ଚିଲା ଜନ—ଦେ, ବ—ପାଳିତ ବ୍ୟକ୍ତି—A person who has Sañchilā jana been maintained or brought ପାଳିତବ୍ୟକ୍ତି ଆଶ୍ରିତଲୋକ up by another. (ଉ—ଧ୍ରୁବ ପାଳିତବ୍ୟକ୍ତି କାଳରୁ ସଞ୍ଚିଲା ଜନ ଦେ ।--ଭଗ୍ନନାଥ· ବଳଭ ଗ୍ରମାଯୁଣ)

ସଞ୍ଚିଲା ଧନ—ଦେ, ବ—ସଞ୍ଚିତ ସମ୍ପତ୍ତି—
Sañchilā dhana Hoarded wealth hoard.
ସଞ୍ଚିତ ଧନ **संचितधन**

ସଞ୍ଚୂର୍ଣ୍ଣନ—ସ, ବ—(ସମ୍ + ଚୂର୍ଣ୍ଣଧାତୁ + ଭାବ ଅନ)—୧। ଭଲ୍ମ ରୂପେ Sañchūrṇṇana ଚୂରିବା—1. Pulverising (Apte) ୨ । ବାଟିବା; ମଳିବା—Crushing; bruising. (Apte) (ସଞ୍ଚୂର୍ଣ୍ଣିତ—ଚଳଂ)

ସଞ୍ଚେତବ୍ୟ—ସଂ. ବିଣ. (ସମ୍ + ଚି ଧାତୁ + କର୍ମ. ତବ୍ୟ)—
Sañchetabya ୧ । ସଞ୍ଚୟ କରିବାର ଯୋଗ୍ୟ; ସଞ୍ଚିତ ସଞ୍ଚେୟ ସଞ୍ଚୟୀୟ ଅନ୍ୟରୂପ ହେବାର ଯୋଗ୍ୟ—1. Fit to be stored. ୨। ସଂଗ୍ରାହ୍ୟ—2. Collectable; fit to be collected or gathered.

ସଞ୍ଚୋଦନ—ସଂ. ବ. (ସମ୍ + ଚୁଦ୍ ଧାତୁ + ଭାବ. ଅନ)—ପ୍ରେରଣ
Sañchodana (ବିଣ୍ଟୋଷ)—Sending; deputing.
(ସଚ୍ଚୋଦତ, ସଚ୍ଚୋଦଗାୟୁ—ବିଣ)

ସଞ୍ଜ୍ (ଧାତୁ)—ସଂ. (ସନ୍‌ଜ୍ ଧାତୁ)—ଆସକ୍ତ ହେବା—To be attached to; to stick to.
Sañj (root)

ସଞ୍ଜ(ଞ୍ଜ)—ସଂ. ବି. (ସମ୍ = ସମାନ ରୂପେ + ଜନ୍ ଧାତୁ = ସୃଷ୍ଟି କରିବା
Sañja (ञjba) + କର୍ତ୍ତରି. ଅ; ଯାହାଙ୍କ ଦ୍ୱାରା ସମସ୍ତ ଜୀବ ସମାନ ରୂପେ ସୃଷ୍ଟି ହୋଇ ଅଛନ୍ତି)—୧ । ବ୍ରହ୍ମା—1. Brahmā. ୨ । ଶିବ; ମହାଦେବ—2. Śiba.
ଦେ. ବ. (ସଂ. ସନ୍ଧ୍ୟା; ପ୍ରା. ସଂଝା)—୧ । ସନ୍ଧ୍ୟା;
ସାଁଜ(ଝ) ସାୟଂକାଳ—1. Evening; nightfall. [ଉ—ସାଁଝ ଜହ୍ନୀ ଫୁଲର ଅଇ(ଯୁ)ସ ଯାଅ, ସଞ୍ଜେ ଫୁଟି ସକାଳେ ଯାଅ । ଅଇଶାସ ବାକ୍ୟ ଓ ବ୍ୟଙ୍ଗୋକ୍ତି ।] ୨ । ସନ୍ଧ୍ୟାକାଳରେ ଦେବତାଙ୍କ ଉଦ୍ଦେଶ୍ୟରେ ଜଳାଯିବା ବତ୍ତା; ସଞ୍ଜବତ୍ତା—2. A wick lighted and set in the
ସାଁଜୋଝେ)ର evening and dedicated to a Deity. ଦେ.
ସାମ୍ଜକା ବିଣ—ସନ୍ଧ୍ୟାକାଳୀନ—Pertaining to or happening in the evening. [ଉ—ସଞ୍ଜ ଭୂମଦ ସମ ଦ୍ୱାସ ବଳାସ । କବିସୂର୍ଯ୍ୟ. ସଙ୍ଗୀତ ।]

ସଞ୍ଜ ଆଳ(ର)ତି—ଦେ. ବ. (ସଂ. ସନ୍ଧ୍ୟା + ଆରାତ୍ରିକ) —ସନ୍ଧ୍ୟା
Sañja āla(ra)ti ସମୟରେ ଦେବତାଙ୍କ ସମ୍ମୁଖରେ ଜ୍ୱଳଦ୍-ସାଁଜ(ଝ) ଆରତି ବର୍ତ୍ତିକା ସଂଯୁକ୍ତ କର କରାଯିବା ଆରାତ୍ରିକ— **ସାଁଝ ଆରତୀ** The ceremony of waving lighted wicks before idols in the evening.

ସଞ୍ଜ କରିବା—ଦେ, ବ—ସଞ୍ଜ ଭୁଡ଼ାଇବା (ଦେଖ)
Sañja karibā Sañja burdāibā (See)

ସଞ୍ଜ ଘଣ୍ଟ(ଣ୍ଟା,ଣ୍ଟି)—ଦେ.ବ (ସ. ସନ୍ଧ୍ୟା + ଘଣ୍ଟା)—ସନ୍ଧ୍ୟାଘଣ୍ଟା; ସନ୍ଧ୍ୟା
Sañja ghaṇṭa(ṇṭā, ṇṭi) ସମୟରେ ଠାକୁରଙ୍କ ସାଁଝଘଣ୍ଟା **सांझकाघंटा** ଉଦ୍ଦେଶରେ ବଜାଯିବା ଘଣ୍ଟା—Gongs sounded in the evening when lights are waved before Idols

ସଞ୍ଜ ଦୀପ—ଦେ. ବ (ସଂ. ସନ୍ଧ୍ୟା ଦୀପ)—ସନ୍ଧ୍ୟା ଦୀପ (ଦେଖ)—
Sañja dīpa Sandhyā dīpa (See)
ସାଁଜପ୍ରଦୀପ **दियावती, साजवती**

ସଞ୍ଜ ଦେବା—ଦେ. କି—ସନ୍ଧ୍ୟାବେଳେ ଦେବତାଙ୍କ ଉଦ୍ଦେଶ୍ୟରେ
Sañja debā ଜଳନ୍ତା ବତ୍ତା ବସାଇବା—To set a
ସନ୍ଧ୍ୟାଦେଓୟା **साँझदेना** lighted wick in the evening by offering it to the Deity. (ଉ—ପ୍ରତିଦିନ ସନ୍ଧ୍ୟାବେଳେ ଗୋଟାଏ ବଳନ୍ତା ଜାଳ ଆଣି ଠାକୁରଙ୍କୀ ସ୍ଥାନରେ ସଞ୍ଜ ଦଏ—ଫକୀରମୋହନ· ଛ ମାଣ ଅଠଗୁଣ ।) [ଉ—ସନ୍ଧ୍ୟାବେଳେ ଦେବାଳୟରେ, ତୁଳସୀତରୁର ମୂଳେ, ଦଅଙ୍କ ଘରେ, ଢିଙ୍କି ଦାଣ୍ଡ-ଦୁଆରେ ଓ ଗୃହର ପ୍ରତ୍ୟେକ ପ୍ରକୋଷ୍ଠରେ, ବିଶେଷତଃ ଉଣ୍ଡାରଘରେ ଗୋଟିଏ ଲେଖାଏଁ ସଞ୍ଜବତ୍ତା ଦେବତାଙ୍କ ଉଦ୍ଦେଶ୍ୟରେ ଜଳାଯାଏ ।]

ସଞ୍ଜ ଧୂପ—ଦେ· ବ (ସଂ ସନ୍ଧ୍ୟା + ଧୂପ)—ସନ୍ଧ୍ୟାଧୂପ; ସନ୍ଧ୍ୟା ପରେ
Sañja dhūpa ଦେବତାଙ୍କ ଉଦ୍ଦେଶରେ ଅର୍ପିତ ଭୋଗ ଓ
ସାଁଝଧୂପ **ସାଁଝଧୂପ** ପୂଜା, ଧୂପ ପ୍ରଭୃତି—Worship and offerings of food and incouse to an Idol after evening; evening service of an Idol.

ସଞ୍ଜଧୂପ ବେଶ—ଦେ. ବ (ସଂ ସନ୍ଧ୍ୟା + ଧୂପ + ବେଶ)—ସନ୍ଧ୍ୟାଧୂପ
Sañja dhūpa beśa ବେଳେ ଦେବମୂର୍ତ୍ତିକୁ ପେନ୍ଧା;
ସାଁଝ ଧୂପର ବେଶ **साँझधूपकावेश** ବେଶ ପିନ୍ଧାଯାଏ—The dress put on an Idol for the evening service.

ସଞ୍ଜନ—ସଂ ବ (ସନ୍‌ଜ୍ ଧାତୁ = ଆସକ୍ତ ହେବା + ଭାବ ଅନ)—୧ ।
Sañjana ବନ୍ଧନ—1. Confining; binding.
୨ । ସଂଘଟନ—2. Occurrence; meeting·

Digitized by srujanika@gmail.com

ସଞ୍ଜ ବତ୍ତା—ଦେ. ବ (ସଂ ସନ୍ଧ୍ୟା+ବର୍ତ୍ତୀ)—ସନ୍ଧ୍ୟାବତ୍ତ (ଦେଗ)—
Sañja batī Sandhyā batī (See)
ସାଁଝବାତୀ ସେଁଜତି ସେଁଜୁତି ଦିୟାବତୀ, ସାଁଜବତୀ
(ସଞ୍ଜବଳତା—ଅନ୍ୟରୂପ)

ସଞ୍ଜବତ୍ତା ଲଗିବା—ଦେ. ବ—୧ । ସନ୍ଧ୍ୟା ସମୟରେ ଦେବତା-
Sañja batī lāgibā ମନ୍ଦିରରେ, ଘରଦ୍ୱାରେ ବା ତୁଳସୀ-
ସାଁଝବାତୀଲାଗା ଦିୟାବତୀ ଲଗାନା ତଳସ୍ଥ ମୂଳେ
[ସଞ୍ଜବତ୍ତାଇଗା(ଗେ)ଇବା—କିୟାରୂପ] ଜଳନ୍ତା ବତ୍ତା ଜଳାଯିବା—1.
Offering of lighted wicks in the evening
in temples and houses before idols.
୨ । ସନ୍ଧ୍ୟା ବୁଡ଼ିବା ବେଳ; ସନ୍ଧ୍ୟା—2. Lamplight;
nightfall.

ସଞ୍ଜବ(ମ)ନ—ସଂ ବ (ସମ୍+ଜ ଧାତୁ=ଗମନ କରିବା+ଅଧିକରଣ
Sañjaba(ma)na ଅନ)—ଚତୁଃଶାଳ; ପରସ୍ପରମୁଖୀ ଗୃହ-
ଚତୁଷ୍ଟୟ—A suite of four houses facing
one another bu ilt on the four sides of a
quadrangle.

ସଞ୍ଜବ(ମ)ନୀ ପୁର(ରି)—ଦେ. ବ (ସଂ ସଞ୍ଜୀବନୀ)—ଯମପୁରୀ—
Sañjaba(ma)nī pura(rī) The abode of the
ସଞ୍ଜୀବନୀପୁର ସଂଜମନୀ God of death.

ସଞ୍ଜବନୀପୁର ପଠା(ଠେ)ଇବା—ଦେ. କି—ଯମପୁରକୁ ପଠାଇବା;
Sañjabanīpura paṭhā(ṭhe)ibā ମୃତ୍ୟୁମୁଖକୁ ପଠାଇବା;
ଯମପୁରେପାଠାନ ସଂଜମନୀପୁରଭେଜନା ବଧ କରିବା—
To kill (a being)
(ଉ—କେହି ମନୁଷ୍ୟମାନଙ୍କୁ ପ୍ରହାର ଶସ୍ତ୍ରାଘାତ, ପଠିଅଇ
ଦେଲେ ସେ ସଞ୍ଜମନୀପୁର—କୃଷ୍ଣଙ୍କି ମହାଭାରତ
(ସଞ୍ଜବନୀପୁରକୁ ପଠିଅଇବା—ଅନ୍ୟରୂପ) ଅଦ ।)

ସଞ୍ଜ ବସା(ସେ)ଇବା—ଦେ. କି—ସଞ୍ଜ ଦେବା; ସନ୍ଧ୍ୟାବତ୍ତାକୁ ଜାଳି
Sañja basā(se)ibā ଦେବମୂର୍ତ୍ତିଙ୍କ ସମ୍ମୁଖରେ,
ସନ୍ଧ୍ୟାଦେଓୟା ସାଁଝବତୀଦେନା ତୁଳସୀମୂଳେ ବା ଦାଣ୍ଡ ଦୁଆରରେ
ରଖିବା—To set lighted wicks before
Idols or Tulsi plants in the evening.
[ଦ୍ର—ସଞ୍ଜବତ୍ତା ଦେବତାଙ୍କ ଆଗରେ ବସାଇବା ବେଳେ
ସ୍ତ୍ରୀଲୋକମାନେ ଧର୍ମଦେବତାଙ୍କୁ ଆକ ସିନ୍ଦୂର ଓ ଘିଅ ବ୍ୟତୀତ
ମାନଙ୍କର ମଙ୍ଗଳକାମନା କରନ୍ତି ଏବଂ ଶତ୍ରୁ ଓ ଅପକାରୀ-
ମାନଙ୍କ ନାମ ଉଚ୍ଚାରଣ କରି ସେମାନେ ଧର୍ମଦେବତାଙ୍କ
ଦ୍ୱାରା ଦଣ୍ଡିତ ହେବାପାଇଁ ପ୍ରାର୍ଥନା କରନ୍ତି । ଅତଏବ "ସେ
ଅମୁକ ନାଆଁରେ ସଞ୍ଜ ବା ସଞ୍ଜବତ୍ତା ବସାଉଛି"ର ଅର୍ଥ—
ସେ ଅମୁକର ଅଶୁଭ ପ୍ରାର୍ଥନା କରୁଛି । ଏହିପରି ମଧ୍ୟ
ସକାଳେ ସ୍ନାନ କରିବେଳେ ମାଇପେ 'ଧର୍ମଦେବତାଙ୍କୁ' ଆକ
ପାଣି ଅଞ୍ଜଳି ଟେକନ୍ତି ବା ଦଅନ୍ତି ଏବଂ ସେଥିରେ ମଧ୍ୟ
ସ୍ୱଜନଙ୍କର ଅମଙ୍ଗଳ ପ୍ରାର୍ଥନା କରନ୍ତି । ଏଥିପାଇଁ "ଅମୁକ
ନାଆଁରେ ପାଣି ଟେକିବା, ପାଣିଅଞ୍ଜୁଳା ଟେକିବା, ପାଣି
ଅଞ୍ଜୁଳ ଦେବା" ମଧ୍ୟ ଅମଙ୍ଗଳଜନକ ଅପକାମନା କରିବା
ଏହି ଅର୍ଥରେ ବ୍ୟବହୃତ ହୁଏ ।]

ସଞ୍ଜ ବୁଡ଼(ବେଳ)—ଦେ. ବ (ସଂ. ସନ୍ଧ୍ୟା+ବେଳା)—ବେଳବୁଡ଼;
Sañja burḍa(bela) ସନ୍ଧ୍ୟାବେଳ—Nightfall; sunset-
ସାଂଜବେଳା ସନ୍ଧ୍ୟାବେଳା ସାଂଜସମୟ (ଉ—ସଞ୍ଜବେଳରୁ କଞ୍ଜ
(ସଞ୍ଜବୁଡ଼ିବାବେଳ—ଅନ୍ୟରୂପ) ଫୁଟିବାଯାଏ—ଜହ୍ନଫୁଟି) ।

ସଞ୍ଜ ବୁଡ଼ା(ଡ଼େ)ଇବା ଦେ. ବ.—୧ । ସନ୍ଧ୍ୟା ହେବାର ସରବର୍ତ୍ତୀ
Sañja burḍā(ṛḍe)ibā କାଳଯାଏ କୌଣସି କାର୍ଯ୍ୟ
ସନ୍ଧ୍ୟା ବାହାନ କରିବା—1. To do any work till after
ସାଁଝକରନା evening. ୨ । ସନ୍ଧ୍ୟାକାଳ ଅତିବାହିତ କରି କାର୍ଯ୍ୟ
କରିବା ବା ବିଳମ୍ବ କରିବା—2.To delay a work
till after evening. ୩ । ସନ୍ଧ୍ୟାବତ୍ତାକୁ ତେଲରେ
ବା ଘିଅରେ ବୁଡ଼ାଇବା—To immerse the
wick to be lighted in the evening,
in oil or ghee.

ସଞ୍ଜ ବୁଡ଼ିବା—ଦେ. ବ.—୧ । ସନ୍ଧ୍ୟାବେଳ ହେବା— The
Sañja burḍibā coming of the evening; night-
ସନ୍ଧ୍ୟା ହଓୟା fall. ୨ । ସନ୍ଧ୍ୟାକାଳ ଅତୀତ ହେବା—
ସନ୍ଧ୍ୟାଗତୀତନା 2. It being past evening.

ସଞ୍ଜୟ— ସଂ. ବ. ନାମ—ଅନ୍ଧ ରାଜା ଧୃତରାଷ୍ଟ୍ରଙ୍କ ମନ୍ତ୍ରୀ— Name
Sañjaya of the minister of the blind King
Dhṛutarāshṭra, who narrated the story
of the great battle of Kuruksheṭra in
all its details to Dhṛutarāshṭra.
[ଦ୍ର—କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ବିବାଦ ଓ
ଯୁଦ୍ଧ ନ ଘଟିବା ପାଇଁ ସଞ୍ଜୟ କୃଷ୍ଣ ଚେଷ୍ଟା କରି ବିଫଳ-
ମନୋରଥ ହୋଇଥିଲେ । ବ୍ୟାସଦେବଙ୍କ କୃପାରୁ ସେ
ଦିବ୍ୟ ଚକ୍ଷୁ ଲାଭ କରି ମହାଭାରତ ଯୁଦ୍ଧର ଦୈନନ୍ଦିନ
ବିବରଣ ଯଥାଯଥ ରୂପରେ ଧୃତରାଷ୍ଟ୍ରଙ୍କ ନିକଟରେ
ବର୍ଣ୍ଣନା କରୁଥିଲେ ଏବଂ ଶ୍ରୀକୃଷ୍ଣାର୍ଜୁନ ସମ୍ବାଦ (ଭଗବଦ୍-
ଗୀତା) ଧୃତରାଷ୍ଟ୍ରଙ୍କୁ କହିଥିଲେ । କୁରୁ ସୈନ୍ୟ ଧ୍ୱଂସ
ହେବା ପରେ ସାତ୍ୟକୀ ସଞ୍ଜୟଙ୍କୁ ବନ୍ଧନ କରିବାକୁ
ଉଦ୍ୟତ ହେବାରୁ ବ୍ୟାସଦେବ ତାଙ୍କ ପ୍ରାଣରକ୍ଷା
କଲେ । ଯୁଦ୍ଧାନ୍ତେ ସେ ଧୃତରାଷ୍ଟ୍ରଙ୍କ ସହିତ ୧୫ ବର୍ଷ
ପାଣ୍ଡବମାନଙ୍କ ଆଶ୍ରୟରେ ରହି ଶେଷରେ ଧୃତରାଷ୍ଟ୍ରଙ୍କ
ସଙ୍ଗେ ବାନପ୍ରସ୍ଥ କରିଥିଲେ । ଧୃତରାଷ୍ଟ୍ର ଦାବାନଳରେ
ଦଗ୍ଧ ହେବାରୁ ସଞ୍ଜୟ ହିମାଳୟକୁ ଯାଇ ଉପସ୍ଥରଣ
ପୂର୍ବକ ଅବଶିଷ୍ଟ ଜୀବନ ଯାପନ କଲେ ।]

ସଞ୍ଜ ଲଗା (ଗେ) ଇବା—ଦେ କି.—ସନ୍ଧ୍ୟା ହେବା ପରେ ସଞ୍ଜବାତ
Sañja lagā(ge)ibā ଜାଳିବା—To light the evening
ସନ୍ଧ୍ୟା ଦେଓୟା ସାଁଝବତୀ ଜଗାନା lamp after nightfall.

Digitized by srujanika@gmail.com

ସଞ୍ଜ ଲାଗିବା—ଦେ. ବ-ସନ୍ଧ୍ୟା ବୁଢ଼ିବା ସରୁ ସାଧ ଜାଳିବା (ବେଳ)—
Sañja lāgibā [Lamplight; the lighting of the
ସନ୍ଧ୍ୟାବେଳା ସାଁଝବତୀଜଳନା evening lamp after dusk.

ସଞ୍ଜ ସକାଳ—ଦେ. ବ—ସନ୍ଧ୍ୟା ଓ ପ୍ରାତଃକାଳ—
Sañja sakāla Morning and evening; day-
ସାଁଝସକାଳ, ସନ୍ଧ୍ୟାସକାଳ ସାଁଝସୁବହ break and dusk.

ସଞ୍ଜ ସକାଳ(ଳେ)—ଦେ. କି. ବ—ପ୍ରତିଦିନ ସକାଳେ ଓ
Sañja sakāla(le) ସନ୍ଧ୍ୟାବେଳେ—In the morning
ସାଁଝସକାଳେ ସାଁଝସୁବହମେ and evening daily.

ସଞ୍ଜା—ସଂ. ବ—(ସଜ୍ ଧାତୁ=ଅସକ୍ତ ହେବା+କ୍ତିନ୍.ଅ+ସ୍ତ୍ରୀ.ଆ)—
Sañjā ସ୍ତ୍ରୀ;ମାଈ ଛେଳି (ଜିକାଣ୍ଡ ଶେଷ)—A she-goat.
ସାଁଜା ଦେ.ବ—(ସଂ.ସଜ୍ଞା=ପ୍ରତିଜ୍ଞା, ସ୍ୱୀକାର; ଯାହା ପ୍ରତିଜ୍ଞାତ ବା
ମନଖପ ସ୍ୱୀକୃତ ହୋଇଥାଏ; ଚୁକ୍ତି)—୧ । ଜମିର ନଗଦ ଖଜଣା
ପରିବର୍ତ୍ତରେ ଗୃଖୀର ଜମିଦାରକୁ ଶସ୍ୟର ନିର୍ଦ୍ଧାରିତ
ପରମାଣ ଦେବା ପାଇଁ ଜମିଦାରସଙ୍ଗେ ପୂର୍ବରୁ କରଯିବା
ଚୁକ୍ତି—1. Contract for payment of rent
in kind fixed beforehand (i.e. before the
crop is harvested) and payable to the
landlord by the cultivator in lieu of cash
rent. ୨ । ସଞ୍ଜା ପ୍ରଥା ଦ୍ୱାରା ନିର୍ଦ୍ଧାରିତ ଶସ୍ୟାଂଶରୂପ
କର—2. Stipulated produce-rent set-
tled or previously fixed; rent-in-kind
paid by the cultivator to the landlord.
[ଦ୍ର—ନଗଦ ଖଜଣା ପରିବର୍ତ୍ତରେ ପ୍ରଜାର ଜମିଦାରକୁ
ଶସ୍ୟର ଅଂଶ ଦେବା ପ୍ରଥାକୁ 'ଭାଗ' ଦେବା ପ୍ରଥା କୁହାଯାଏ । ଏହା ଦୁଇ ପ୍ରକାର—୧ । ଧୂଳଭାଗ, ୨ । ସଞ୍ଜା
ଭାଗ । ଧୂଳଭାଗକୁ ଲୋକେ ସାଧାରଣତଃ 'ଭାଗ' ଓ ସଞ୍ଜା-
ଭାଗକୁ 'ସଞ୍ଜା' କୁହନ୍ତି । ଉତ୍ତର ପ୍ରଥାର ମୂଳରେ
ଭୂମିରୁ ଉତ୍ପନ୍ନ ଶସ୍ୟର ଅଂଶ (ଭାଗ) ଜମିଦାରଙ୍କୁ ଦେଇ ପିବା
କଥା ରହ୍ୟମୂଳ । 'ଭାଗ'ରେ ଜମିରୁ ଶସ୍ୟାଦି ଯେତେ
ଉତ୍ପନ୍ନ ହେଲା, ଶସ୍ୟ ଅମଳ ହୋଇ ଦେଖାଗଲା ପରେ
ତହିଁର ଅର୍ଦ୍ଧେକ ଅଂଶ କୃଷକର (ଚଷା ଭାଗ ବା ଗୃହୀଭାଗ)
ଓ ଅପରାର୍ଦ୍ଧ ଜମିଦାରଙ୍କର (ରଜାଭାଗ ବା ରାଜଭାଗ) ବୋଲି
ସ୍ଥିର ହୁଏ । କିନ୍ତୁ 'ସଞ୍ଜା' ରେ ଭୂମିରୁ ଅମଳ ହେବା ପୂର୍ବରୁ
ତହିଁର ଉତ୍ପନ୍ନ ଶସ୍ୟର ଅର୍ଦ୍ଧେକ ପରିମାଣ ଅନୁକଳ ବା ଅନୁମାନ
କରାଯାଏ । ସଞ୍ଜା ପ୍ରଥା 'ଦଲା' ବା ରଜା ପ୍ରଜା ମଧ୍ୟରେ
'ଚୁକ୍ତି' ଉପରେ ନିର୍ଭର କରେ; ଅର୍ଥାତ୍ ପ୍ରଜା ଗୃହୀତ କର-
ଥିବା ଜମିରୁ ଅନ୍ଦାଜ ଏତେ ଧାନ ଅମଦାନ ହେବ, ଏହା
ଧାନ କଟା ହେବା ପୂର୍ବରୁ ଅନୁକଳ ବା ଅନ୍ଦାଜ ଦ୍ୱାରା
ସ୍ଥିରୀକୃତ ହୁଏ ଏବଂ ଉକ୍ତ ପରିମିତ ଧାନ ଜମିଦାରଙ୍କୁ
ପ୍ରଜା ଦେବା କମ୍ଭନ୍ତୁ ପୂର୍ବରୁ ଅଙ୍ଗୀକାର (ଦଲା) ବା ଚୁକ୍ତି
କରେ । ଏଥିରୁ ଦେଖାଯିବ ଯେ 'ଭାଗ ପ୍ରଥା' ଜମିର
ପ୍ରକୃତ ଉତ୍ପାଦନ ଉପରେ ଓ 'ସଞ୍ଜା ପ୍ରଥା' ଅନୁମାନିକ
ଉତ୍ପାଦନ ଅନୁଖାରେ ରଜା ପ୍ରଜା ମଧ୍ୟରେ ହେବା ଚୁକ୍ତି
ଉପରେ ନିର୍ଭର କରେ । 'ଭାଗ' ପ୍ରଥାରେ ଜମିରୁ ମିଳିବା
ଧାନରୁ ଅଧେ ଜମିଦାର ନଅନ୍ତି ଓ ଅଧେ ପ୍ରଜା ନଅନ୍ତି;
'ଧୂଳଭାଗ' ପ୍ରଥାରେ ଜମିରୁ ଯେତେ ଯେତେ ପଦାର୍ଥ
(ଧାନ, ନଡ଼ା, କୁଣ, .ଏମାନଙ୍କ ମଧ୍ୟରୁ 'ଧୂଳ' ପୁଚ୍ଛା) ମିଳେ,
ତହିଁରୁ ଅଧେ ଜମିଦାର ତାଦାଙ୍କର ପ୍ରାପ୍ୟ 'ରାଜଭାଗ'
ନଅନ୍ତି ଓ ଅନ୍ୟ ଅର୍ଦ୍ଧେକ ପ୍ରଜା ତାର 'ଚଷାଭାଗ' ପାଆନ୍ତି ।
ଭାଗ ବା ଧୂଳଭାଗରେ ରଜା ପ୍ରଜା ଉଭୟେ ଥାଇ ଧାନ
କଟା ହୁଏ, ଅଟକା ଧାନଡଲା ଓ ନଡ଼ାପାଚ ରଶତ କର
ପ୍ରଜା ଅଧେ ଧାନଡଲା ଓ ନଡ଼ା ନଅନ୍ତି ଏବଂ ଜମିଦାର
ଅନ୍ୟ ଅର୍ଦ୍ଧେକ ନଅନ୍ତି; କମ୍ଭା ସରୁ ଦଲା ଓ ନଡ଼ା ଏକା
ଭାଗା (ଜମିଦାରଙ୍କ ଖଳା ବା ରଇତର ଖଳା କମ୍ଭା
ଉଭୟଙ୍କ ମନୋମାତ କୌଣସି 'ଖଲ ଲୋକ'ଙ୍କ ଖଳା)କୁ
ନଅପାଇ ସେଠାରେ ବେଙ୍ଗଳା ପଡ଼ି ଏବଂ ବେଙ୍ଗଳା
ଭିତରେ ଯାହା ଯାହା ମିଳେ (ଧାନ, ଅଗାଡ଼ି, ଚଷୁ, କୁଣ)
ସେ ସବୁଥିରୁ ଜମିଦାର ଅଧେ ଓ ପ୍ରଜା ଅଧେ ନଅନ୍ତି ।
ଏହାକୁ 'ଧୂଳଭାଗ' ବୋଲିଯାଏ । ସଞ୍ଜାର ନାନା ପ୍ରକାର ମଧ୍ୟ
ପ୍ରଚଳିତ ଅଛି । ଯଥା—୧ । ସାଧାରଣ ସଞ୍ଜା, ୨ । ମୁଡରସ୍ତ
ସଞ୍ଜା, ୩ । ଦେଖାସଣା ସଞ୍ଜା ।

୧ । ସାଧାରଣ ସଞ୍ଜା—ଜମିଦାର ପ୍ରଜାକୁ ଜମି ପଟା
ଦେଲ ବେଳେ ଜମିଦାର ଓ ପ୍ରଜା ଉଭୟେ ଅନୁମାନ
ଦ୍ୱାରା ସ୍ଥିର କରନ୍ତି ଯେ, ଏ ଜମିରେ ଏତେ ଧାନ ଫଳିବ;
ସେହି ଅନୁମାନ ଉପରେ ନିର୍ଭର କର ଶସ୍ୟର ଉକ୍ତ
ଅନୁମାନିକ ପରମାଣରୁ ଅଧେ ଜମିଦାରଙ୍କୁ ଦେବା ପାଇଁ
ପ୍ରଜା ଚୁକ୍ତି କରନ୍ତି । ପ୍ରଜାଙ୍କ ଜମିକୁ ଯେବେ ଉକ୍ତ ଜମିରେ
ଅନୁମିତ ପରମାଣରୁ ଅଧିକ ଶସ୍ୟ ଫଳିଲା, ତାହା ହେଲେ
ଚୁକ୍ତି ହୋଇଥିବା ପରମାଣରୁ ଅଧିକ ଶସ୍ୟ ଜମିଦାର ପ୍ରଜା-
ଠାରୁ ଦାବି କରି ପାରନ୍ତି ନାହିଁ; ମାତ୍ର ଯେଉଁକ 'ସଞ୍ଜା'
ନିର୍ଦ୍ଧାରିତ ହୋଇଥାଏ, ଜମିଦାର ସେଇକ ସାର ଶସ୍ୟ
ପାଆନ୍ତି । ଆଉ ଯାହା ବେଶୀ ଫଳେ ଓ ନଡ଼ା ପ୍ରଭୃତି
ଯାହା ହୁଏ, ସେ ସମସ୍ତ ପ୍ରଜା ନଅନ୍ତି । ପୁଣି ଯଦି ପ୍ରଜାଙ୍କ
ଦୁର୍ଭାଗ୍ୟରୁ ଉକ୍ତ ଜମିରୁ ଅନୁମିତ 'ସଞ୍ଜା' ଅପେକ୍ଷା
କମ୍ ଶସ୍ୟ ମିଳେ, ତେବେ ପ୍ରଜା ବନା ଓଜରରେ ପୂର୍ବରୁ
ଚୁକ୍ତି କରିଥିବା ପରମାଣର 'ସଞ୍ଜା' ଧାନ ଜମିଦାରଙ୍କୁ
ଦେବାକୁ ବାଧ୍ୟ ହୁଅନ୍ତି । ଯେବେ ଧୋଇ ବା ମରୁଡ଼ି ଯୋଗୁଁ
ଫସଲ ଲୋକସାନ ହୋଇଯାଏ କମ୍ଭା କଛି ନ ଫଳେ,
ଅଥବା ପ୍ରଜା ଉକ୍ତ ଜମିକୁ ପଡ଼ିଆ ପକାନ୍ତି, ତେବେ ପୂର୍ବରା
ପ୍ରଜା ନିର୍ଦ୍ଧାରିତ 'ସଞ୍ଜା' ଜମିଦାରଙ୍କ ଦେବାକୁ ବାଧ୍ୟ ।
ସାଧାରଣ 'ସଞ୍ଜା'ରେ .ଧୋଇ, ମରୁଡ଼ି, ପଡ଼ିଆ, ଛଠିଆ,
ଲୋକସାନ ଆଦର ଓଜର ଆପତ୍ତି ନାହିଁ ।

୨ । ମୁଡରସ୍ତ ସଞ୍ଜା ବା ଚରସ୍ଥାୟୀ ସଞ୍ଜା—ଏ ସଞ୍ଜାର
ପରମାଣ ଅବଶ୍ୟ ଅନୁମାନିକ ଉତ୍ପନ୍ନ ଶସ୍ୟର ଅଧେ

Digitized by srujanika@gmail.com

ବୋଲି କୁହାଯାଏ; କିନ୍ତୁ ଏହା ଜମିଦାର ଓ ପ୍ରଜା ମଧ୍ୟରେ ଚିରସ୍ଥାୟୀ ରୂପେ ନିର୍ଦ୍ଧାରିତ ହୋଇଥାଏ । ଉକ୍ତ ପରିମାଣର 'ସଞ୍ଜା' ପ୍ରଜା ପୁରୁଷାନୁକ୍ରମେ ଜମିଦାରଙ୍କୁ ଦିଅନ୍ତି । ଏଥିରେ ମଧ୍ୟ ଧୋଇ, ମରୁଡ଼ି ପ୍ଲେକସାନ ଅଦରୁ ଓଜର ପ୍ରଜା କରି ନ ପାରେ ।

୩ । ଦେଖାମଣା ସଞ୍ଜା ବା କୁଡ଼ ସଞ୍ଜା—ଏହା ପ୍ରତି ବର୍ଷ ପ୍ରତି ଫସଲର ପରିମାଣ ଅନୁସାରେ କମ୍ ବେଶୀ ହୁଏ ! ଜମିରେ ଯାହାଙ୍କ ଫସଲ ସଦ୍ଭାବ ଥିଲା ବେଳେ ଜମିଦାର ଓ ପ୍ରଜା ଜରିଆରେ କେତେଜଣ ଗଲ୍ଲେକଙ୍କୁ ସଙ୍ଗରେ ଘେନି ଜମି ଜିମରକୁ ଯାଆନ୍ତି ଏବଂ ସେଠାରେ ସଦ୍ଭାବ ଥିବା ଫସଲକୁ ବା ଛେକୁ 'ଦେଖା ମଣା' କରନ୍ତି, ଅର୍ଥାତ୍ ଅନୁମାନ କରନ୍ତି ଯେ, ଉକ୍ତ ଫସଲ ଅମଳ ହେଲେ ପ୍ରଜାଙ୍କୁ ଏତେ ପରିମିତ ଶସ୍ୟ ମିଳିବ । ଏହି ଅନୁମାନ କରିବାକୁ 'କୁଡ଼' କରିବା ବା କୁଡ଼ିବା (ଗଞ୍ଜାମରେ ଗୁଣ୍ଠା ବା ଗୁଣ୍ଡି) କହନ୍ତି । ଏହି ଅନୁମିତ ଉତ୍ପନ୍ନ ଦ୍ରବ୍ୟରୁ ଅଧେ ଜମିଦାରଙ୍କୁ ଦେବା ପାଇଁ ପ୍ରଜା ସେଠାରେ 'ମଣନ୍ତି' ଅର୍ଥାତ୍ ଅଙ୍ଗୀକାର କରନ୍ତି । ଜମିଦାର ଓ ପ୍ରଜା ଜରିଆରେ ଜମିର ପସଲକୁ ଦେଖିବା ବେଳେ ଜମିଦାରଙ୍କ ପ୍ରାପ୍ୟକୁ ପ୍ରଜା ମଣିବାରୁ (ଅଙ୍ଗୀକାର କରିବାରୁ) ଏ ସଞ୍ଜର ନାମ 'ଦେଖାମଣା' । ଭାଟରେ ଫସଲ କଟା ହେବାବେଳେ ଜମିକୁ ଅସିବା ଜମିଦାରଙ୍କର ଆବଶ୍ୟକ ହୁଏ ନାହିଁ । ପ୍ରଜା ଫସଲ କାଟି ଅମଳ କରନ୍ତି ଏବଂ 'ଦେଖାମଣା' ହୋଇଥିବା ପରିମାଣରୁ ପ୍ରଜାଙ୍କୁ ବେଶୀ ମିଳୁ ବା କମ୍ ମିଳୁ, ସେ ଜମିଦାରଙ୍କୁ ପୂର୍ବ ସ୍ୱୀକୃତ 'ଦେଖାମଣା ସଞ୍ଜା' ଦେବାକୁ ବାଧ୍ୟ ଅଟନ୍ତି । ଏହି ଦେଖାମଣା ସଞ୍ଜାର ପରିମାଣ ଧୋଇ ମରୁଡ଼ି ଅଦ ଅନୁପାତୀ ଫଳର ଅବସ୍ଥା ଉପରେ ନିର୍ଭର କରେ ।

ଜମିରେ ଅବାଦ କରିଥିବା ନାନାବିଧ ଶସ୍ୟ (ଧାନ, ମୁଗ, ବରବଟି, କୋଳଥ, ସାନ୍ତିଆ, ତଣ୍ଡା) ସମ୍ବନ୍ଧରେ ମଧ୍ୟ ସଞ୍ଜା ନିର୍ଦ୍ଧାରିତ ହୁଏ । କିନ୍ତୁ 'ମୁକରର ସଞ୍ଜା'ରେ ଓ 'ସାଧାରଣ ସଞ୍ଜାରେ' ଯାହା ପୂର୍ବରୁ ନିର୍ଦ୍ଧାରିତ ବା ଲିପିବଦ୍ଧ ହୋଇଥିବ, ପ୍ରଜା ତଦପେକ୍ଷା ବେଶୀ ଯାଇଲେ କମ୍ ନିର୍ଦ୍ଧାରୁ ଅଧିକ ପ୍ରକାରର ଫଳ ସେ ଜମିରେ ଆବାଦ କଲେ ଜମିଦାର ମୁକରର ଜମାରୁ ବେଶୀ ପ୍ରଜାଠାରୁ ଦାବି କରି ପାରନ୍ତି ନାହିଁ ।

ଗଞ୍ଜାମର ଜମିଦାର (ଅର୍ଥାତ୍ ପ୍ରଜା ଉପାଧ୍ୟାୟ) ମାନେ ପ୍ରଜାଙ୍କଠାରୁ ଏହି 'ଗୁଣ୍ଠି' ପ୍ରଥାରେ ଫସଲରୁ ଅଧେ ନଅନ୍ତି ଏବଂ ଅନେକ ସ୍ଥଳରେ ବହୁ ଗ୍ରାମରୁ ଏହି 'ସଞ୍ଜା' ଅଦାୟ କରିବାର ଅଧିକାରକୁ ଜମିଦାରମାନେ ଜଣେ ଦୃଢ଼ାସ୍ୟ ବ୍ୟକ୍ତିଙ୍କୁ 'ଗୁଣ୍ଠି' ଦିଅନ୍ତି; ଅର୍ଥାତ୍ ଉକ୍ତ ଦୃଢ଼ାସ୍ୟ ବ୍ୟକ୍ତି ଜମିଦାରଙ୍କୁ ନିର୍ଦ୍ଧାରିତ ନଗଦ ଟଙ୍କା ଅଗଭୁଣ୍ଡି ଦେଇ ପରେ ସବ-ଜମିନ୍‌ରେ ପ୍ରଜାଙ୍କଠାରୁ 'ଦେଖାମଣା ସଞ୍ଜା' ଅଦାୟ କରନ୍ତି । ଓଡ଼ିଶାର ଜମିଦାରୀମାନଙ୍କରେ ଜମିଦାର ବା ପ୍ରଜା କଲ୍ଟର କମ୍ବା ବନ୍ଦୋବସ୍ତ ହାକିମଙ୍କ ପାଖେ ଦରଖାସ୍ତ କଲେ ହାକମ 'ସଞ୍ଜା' ବା 'ଭାଗ' ପରିବର୍ତ୍ତରେ ଉକ୍ତ ଜମି ଉପରେ 'ନଗଦ ଖଜଣା' ଧାର୍ଯ୍ୟ କରି ଦିଅନ୍ତି । କେବଳ କେତେକ ଶ୍ରେଣୀର ଅନନ୍ୟୋପାୟ ଜମିଦାର-ମାନଙ୍କ (ଯେଉଁ ଦେବତା-ଜମିଦାରଙ୍କ 'ଭୋଗ' ବସ୍ତୁ, ଯଥା, ଖଇ, ଛତୁଆ, ଚୁଡ଼ା, ଘିଅ ଅଦ ଜମିରୁ ଉତ୍ପନ୍ନ ଶସ୍ୟରୁ ପ୍ରସ୍ତୁତ ହୁଏ,ବଧବା ଜମିଦାର,ନାବାଲଗ ଜମିଦାର, ବ୍ରାହ୍ମଣ, ଅକ୍ଷିୟ ଓ କରଣ ଜାତୀୟ ଜମିଦାର, ସେଉଁମାନେ ନିଜେ ସାମାଜିକ ପ୍ରଥା ଅନୁସାରେ ହଳ ଧରି ଜମିରେ ଚୁନି ଚାଷ କରିବେ ନାହିଁ—ଏମାନଙ୍କ) ଅଧୀନ ରୟତ ଜମିର 'ସଞ୍ଜା' 'ନଗଦ ଖଜଣା'ରେ ବଦଳା ଯାଇ ପାରିବ ନାହିଁ । (୧୯୧୩ ସାଲର ୨ ଅଇନ ଓଡ଼ିଶା ପ୍ରଜାସ୍ୱତ୍ୱ ଅଇନର ୪୭ ଦଫା) । ଯେବେ 'ସଞ୍ଜା' ବା 'ଧୂଳଭାଗ' ନିର୍ଦ୍ଧାର୍ଯ୍ୟ କରିବାକୁ ଜମିଦାର ବା ପ୍ରଜା ଜମି ଉପରକୁ ନ ଅସନ୍ତି ଓ ଏଣେ ପାଚିଲା ଫସଲ ଜଜୁଡ଼ି ଯିବାର ଅଶଙ୍କା ଥାଏ, କମ୍ବା ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଫସଲ ନେବା ବିଷୟରେ ବିବାଦ ବା କଳହ ହେବାର ଅଶଙ୍କା ଥାଏ, ତେବେ ଏଥିଯୋଗୁଁ ଅସନ୍ତୁଷ୍ଟ ପକ୍ଷ (ରୟତ ବା ଜମିଦାର) କଲ୍ଟରଙ୍କ ପାଖେ ଦରଖାସ୍ତ ଦେଲେ କମ୍ବା ଏଥିର ସମ୍ବାଦ କଲ୍ଟରଙ୍କୁ ମିଳିଲେ କଲ୍ଟର ଜଣେ ସରକାରୀ ବ୍ୟକ୍ତି (କାନୁଗୋଇ, ନାଜର ପିଅଦା ବା ସ୍ଥଳସ କର୍ମଗୁଣ୍ଠୀଙ୍କୁ ସର-ଜମିନ୍‌କୁ ପଠାଇ ଶସ୍ୟକୁ କୁଡ଼ କରାଇ ଦିଅନ୍ତି, କମ୍ବା କଟାଇ ଅମଳ କରାଇ ଉପସ୍ଥିତ ପକ୍ଷର ପ୍ରାପ୍ୟ ଶସ୍ୟାଂଶ ଜାକୁ ଦିଆଇ ଦିଅନ୍ତି ଏବଂ ଅନୁପସ୍ଥିତ ପକ୍ଷର ପ୍ରାପ୍ୟ ଫସଲକୁ ଗଲ୍ଲେକଙ୍କ ଜିମାରେ ରଖାଇ ଦେଇ ଅସନ୍ତି; ଅଥବା ଉକୁଡ଼ି ପିଢା ପଦାର୍ଥ ହେଲେ ଜାକୁ ପ୍ରକାଶ୍ୟ ନିଲାମ ଦ୍ୱାରା ଜମି ଉପରେ ବା ନିକଟ-ବର୍ତ୍ତୀ ହାଟରେ ବିକ ଦେଇ ତହିଁରୁ ମିଳିବା ନଗଦ ଟଙ୍କା ଅଣି ସରକାରୀ ଖଜଣା ଖାନାରେ ଉପାଜନ୍ତି କରି ଦିଅନ୍ତି । ଅନୁପସ୍ଥିତ ପକ୍ଷ କଚେଷ୍ଟରେ ହାଜର ହୋଇ ଦରଖାସ୍ତ କଲେ ଉକ୍ତ ଜମା ଥିବା ଶସ୍ୟ ବା ଟଙ୍କା ଜାକୁ ମିଳେ ଓ ସେ ଭବିଷ୍ୟତରେ ଉକ୍ତ ଫସଲ, ସଞ୍ଜା ବା ଭାଗ ଅସର ପକ୍ଷଙ୍କ ଠାରୁ ଦାବି କରି ପାରେ ନାହିଁ । (୧୯୧୩ ସାଲର ଓଡ଼ିଶା ପ୍ରଜାସ୍ୱତ୍ୱ ଆଇନର ୨୯ ଦଫା)

ଭାଗ ଓ ସଞ୍ଜା ସମ୍ବନ୍ଧେ ଏ ସବର୍ତ୍ତ ଲେଖା ହେବା ପରେ ନୂଆ ଓଡ଼ିଶା ପ୍ରଦେଶ ଯାଇ ଅଧିକ ସଂଖ୍ୟକ ଚଂଗ୍ରେସୀ ମେମ୍ବରଙ୍କ ଦ୍ୱାରା ପ୍ରସ୍ତାବିତ ଓଡ଼ିଶା କ୍ୟାସ୍ତାପକ ସଞ୍ଜ ନୂଆ ପ୍ରଜାସ୍ୱତ୍ୱ ଅଇନ ୧୯୩୭-୩୮ ରେ ସେଣ୍ ଓ ପାଣ୍ ହର ଅଇନ୍ତି । ଏଥିରେ ପ୍ରଜାମାନଙ୍କଠାରୁ ଜମିଦାରଙ୍କର ଉତ୍ପନ୍ନ ଫସଲର ଅର୍ଦ୍ଧାଂଶ ପାଇବା ପରିବର୍ତ୍ତେ ନଗଦ ଖଜଣା ଧାର୍ଯ୍ୟ ହେବା ପାଇଁ ମଧ୍ୟ ଚେଷ୍ଟାକରା କରି ଯାଇଅଛ ।]

Digitized by srujanika@gmail.com

ସଞ୍ଜାଇ—ଦେ. ବ. ସ୍ତ୍ରୀ. (ସ. ସନ୍ଧ୍ୟା ଦେବୀ)—ସନ୍ଧ୍ୟାଦେବୀ; ଦେବତା ରୂପେ କଳ୍ପିତା ସନ୍ଧ୍ୟା—The evening personified as a Deity. [ଉ—ସନ୍ଧ୍ୟା ଦେବୀ, ସନ୍ଧ୍ୟା ରାଣୀ]

Sañjāi

ସଂଧ୍ୟାଦେବୀ ସିବେଈସ୍ତ, ସୁରେଶ୍ୱସ୍ତ, ସଞ୍ଜାଇ, ସାରଳା । ଗୀତାମ୍ବର. ନୃସିଂହପୁରୁଣ ।] [ଡ—ସଞ୍ଜବତୀ ବସାଇବା ବେଳେ ସ୍ତ୍ରୀ ଲୋକମାନେ ଏହି ଦେବତାଙ୍କୁ ଡାକନ୍ତି ଓ କୌଣସିଠାରେ ଏ ସ୍ତୁତ୍ତ 'ଗ୍ରାମ ଦେବତା' ରୂପେ ମଧ୍ୟ ପ୍ରତିଷ୍ଠିତା ।]

ସଞ୍ଜା କବୁଲିୟ(ଅ)ତ—ଦେ. ବ—ସଞ୍ଜା ଜମି ପାଇଁ ଜମିଦାରଙ୍କୁ ପ୍ରଜାଙ୍କ ଲେଖି ଦେବା ଚୁକ୍ତିପତ୍ର—ସଁାଜା କବୁଲିୟତ A written agreement executed by a royat in favour of the landlord for payment of rent-in-kind.

Sañjā kabuliya(a)ta

ସଞ୍ଜା କରିବା—ଦେ. କି—୧ । ରୟତ ଜମିର ସଞ୍ଜା ଖଜଣା ଦେବା ସଁାଜା କରିବା 1. To contract with the landlord to pay the estimated rent-in-kind ୨ । ସଞ୍ଜା ଖଜଣା ଦେବାର ଚୁକ୍ତି କରି ଜମିଦାରଙ୍କଠାରୁ (ପ୍ରଜା) ପଟ୍ଟା ନେବା—2. To take lease of a Sanjā-rent-paying holding. ୩ । ସଞ୍ଜା ଖଜଣା ଦେବାର ସର୍ତ୍ତରେ ଜମିଦାରଙ୍କଠାରୁ ରୟତ ଜମି ପଟ୍ଟା ନେଇ ଗୃଷ କରିବା; ସଞ୍ଜା ଧରିବା—3. To hold or cultivate a holding on Sañjā-rent. ୪ । ସଞ୍ଜା ଦେଖିବା (ଦେଖ) 4. Sañjā dekhibā (See)

Sañjā karibā

ସଞ୍ଜା ଖଜଣା—ଦେ. ବ—ଜମିରେ ଫସଲ ଉତ୍ପାଦନ କରି ରୟତ ଜମିଦାରଙ୍କୁ ନଗଦ ଖଜଣା ନ ଦେଇ ସଁାଜା ଖାଜନା ଜମିଦାରଙ୍କ ସହିତ ପୂର୍ବ ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ଫସଲର ସେଇଁ ଅର୍ଦ୍ଧାଂଶ ଭାଗ ଦିଅନ୍ତି—Rent-in-kind payable to the landlord by a tenant on the estimated value of a portion (generally half) of the crop.

Sañjā khajaṇā

ସଞ୍ଜା ଚଷିବା—ଦେ. କି—ସଞ୍ଜା ଧରିବା—To hold land on the Sañjā system. ସଁାଜା ଚାଷ କରା

Sañjā chashibā

ସଞ୍ଜା ଚା(ତା)ଷ—ଦେ. ବ—୧ । ଜମିଦାରଙ୍କୁ ସଞ୍ଜା ଖଜଣା ଦେବା ସର୍ତ୍ତରେ କରାଯିବା କୃଷି—1. Cultivation of land on Sañjā rent. ୨ । ସଞ୍ଜା ଜମି (ଦେଖ)—2. Sañjā jami (See)

Sañjā chā(tā)sha

ସଞ୍ଜା ଜମି—ଦେ. ବ—ପ୍ରଜା ଯେଉଁ ରୟତ ଜମି ପାଇଁ ଜମିଦାରଙ୍କୁ ନଗଦ ଖଜଣା ପରିବର୍ତ୍ତରେ ସଞ୍ଜା ଦିଅନ୍ତି—ସଁାଜା ଜମି A holding for which Sañjā (rent-in-kind) is payable by the cultivator.

Sañjā jami

ସଞ୍ଜାତ—ସଂ. ବଣ. ପୁଂ (ସମ୍ + ଜନ୍ ଧାତୁ + କ୍ତ. ତ)—୧ । ଜାତ; ଉତ୍ପନ୍ନ—1. Born; produced. ୨ । (ସଞ୍ଜାତା—ସ୍ତ୍ରୀ) ପ୍ରାପ୍ତ (ବିଶ୍ୱକୋଷ) —2. Got; attained.

Sañjāta

ସଞ୍ଜାତ—ଗ୍ରା. ବଣ (ସ. ସ୍ୱଜାତୀୟ; ସଜାତୀୟ)—୧ । ସ୍ୱଜାତୀୟ; ସ୍ୱଜାତି one's own caste. ୨ । ସମଜାତୀୟ ବ୍ୟକ୍ତି—2. Belonging to the same caste.

Sañjāta

ସଞ୍ଜା ଦେବା—ଦେ. କି—୧ । ସଞ୍ଜା ଲଗାଇବା; ରୟତ ଜମିକୁ ସଞ୍ଜା ଖଜଣାରେ ପ୍ରଜାଙ୍କୁ ବଳ କରିବା ବା ପଟ୍ଟା ସଁାଜା ଦେଓୟା, ଦେବା—1. To let out a holding to a cultivator on Sañjā-rent. ୨ । ସଞ୍ଜା ଧାନ ଜମିଦାରଙ୍କୁ ଅଦାୟ ଦେବା—2. To pay the fixed rent-in-kind to the landlord.

Sañjā debā

ସଞ୍ଜା ଧରିବା—ଦେ. କି—ଜମିଦାରଙ୍କଠାରୁ ଚୌଣସି ଜମିକୁ ସଞ୍ଜା ଖଜଣା ଦେବାକୁ ଚୁକ୍ତି କରି ଗୃଷ କରିବା—ସଁାଜାୟ ଧରା To hold a land on Sañjā rent.

Sañjā dharibā

ସଞ୍ଜା ଧାନ—ଦେ. ବ—ସଞ୍ଜା ଖଜଣାରୂପେ ଜମିଦାରଙ୍କୁ ଦେୟ ଧାନ—ସଁାଜା ଧାନ Paddy payable to the landlord by the cultivator as Sañjā or rent fixed in kind. [ଦ—ଏହାପର ସଞ୍ଜା ମୃଗ, ସଞ୍ଜା ମାଣ୍ଡିଆ, ସଞ୍ଜା ଲୋଇଥ; ସଞ୍ଜା ବର ଅଦ ଦ୍ରଷ୍ଟ ।]

Sañjā dhāna

ସଞ୍ଜାପ(ବ)—ବୈଦେ. ବ (ଫା. ସଞ୍ଜାଫ୍) —୧ । କୁର୍ତ୍ତା, ରେଜେ ଇ ଅଦର ଧଡ଼ରେ ସିଲାଇ କରିଥିବା କନାର ସରୁ ସଜାବ ସଂଜାफ ବସ୍ତ୍ର ବା ଧଡ଼—1. Thin border sewn to a garment or quilt. ୨ । ଶୋଷାକ ଉପରେ ଦିଅଯିବା ପତଳା ଲୁଗା; ଅସ୍ତର—2. Lining put below a dress.

Sañjāpa(ba)

ସଞ୍ଜା ପଟ୍ଟା(ଟ୍ଟା)—ଦେ. ବ—ପ୍ରଜାଙ୍କୁ ସଞ୍ଜା ସ୍ୱତ୍ତରେ ଜମି ବଳ କରିବା ସଁାଜା ପଟା ଦେବା ପଟ୍ଟା—A written lease granted to a royat on a fixed rent-in-kind by the landlord. ମନଖପ ପଟା

Sañjā paṭā(ṭṭā)

ସଞ୍ଜା ପ୍ରଜା—ଦେ. ବ—ସଞ୍ଜା ରୟତ (ଦେଖ) ସଁାଜା ରାୟତ (See)

Sañjā prajā

ସଞ୍ଜା ବିଲ—ଦେ. ବ—ସଞ୍ଜା ଜମି (ଦେଖ)—ସଁାଜା ବିଲି ସଞ୍ଜା ଜମି (See) (ସଞ୍ଜା ଭୂମି, ସଞ୍ଜା କ୍ଷୋଭ, ସଞ୍ଜା ଖେତ—ଅନ୍ୟରୂପ)

Sañjā bila

ସଞ୍ଜା ବିଲି—ଦେ. ବ—ପ୍ରଜାଙ୍କୁ ରୟତ ଜମି ସଞ୍ଜା ସ୍ୱତ୍ତରେ ଲଗାଇବା ବା ଦେବା—ସଁାଜା ବିଲି ମନଖପ ଲଗାବ The leasing out of land to a royat on a fixed rent-in-kind.

Sañjā bili

Digitized by srujanika@gmail.com

ସଞ୍ଜା ବଲ କ(ଧା)ରିବା —ଦେ· କି—ଜମିକୁ ସଞ୍ଜା ସର୍ତ୍ତରେ ଗ୍ରହଣ କରିବାକୁ
Sāṁjā bila ka(dha)ribā ଜମିଦାରଙ୍କଠାରୁ ନେବା—
ସାଁଜାର ଜମି ନଓୟା To take on lease a royati
ମନଖପ ଲେ· ୮ land on fixed rent in kind.

ସଞ୍ଜା ଭାଗ—ଦେ· ବ—୧ । ଜମିଦାରଙ୍କ ପ୍ରାପ୍ୟ ସଞ୍ଜାରୂପ ଜମିରୁ ଉତ୍ପନ୍ନ
Sāṁjā bhāga ଶସ୍ୟର ଅଂଶ—1. The portion of
ସାଁଜା ଭାଗ the produce of a holding payable
ମନଖପ ହିସ୍ସା to the landlord or rent in kind.
୨ । ସଞ୍ଜା ଖଜଣା ଓ ଧୂଳଭାଗ ଦଇଖା—2. Fixed produce rent and half the actual produce payable as rent.

ସଞ୍ଜା ରଇ(ଏ, ୟ) ତ—ଦେ· ବ—ଜମିଦାରଙ୍କଠାରୁ ସଞ୍ଜା ଖଜଣାରେ
Sāṁjā rai(e, ya)ta ଜମି ଗ୍ରହଣ କରୁଥିବା ଚାଷୀ—A royat
ସାଁଜା ରୟତ or tenant holding land from a
ମନଖପ ରୈୟତ landlord on a stipulated rent in kind.

ସଞ୍ଜା ରଇ(ଏ, ୟ)ତି—ଦେ· ବଣ—ସଞ୍ଜା ରୟତ ସମ୍ବନ୍ଧୀୟ—
Sāṁjā rai(e, ya)ti Relating to a tenant paying
ସାଁଜା ରାୟତି stipulated rent in kind. ଦେ· ବ—
ମନଖପ ରୈୟତୀ ଜମିକୁ ସଞ୍ଜାରେ ଧରିବାର ରୟତ ସ୍ୱତ୍ୱ—
The right of occupancy accruing to a tenant holding land on stipulated rent in kind.

ସଞ୍ଜା ଲଗା(ଗେ)ଇବା—ଦେ· କି—ସଞ୍ଜା ବଲ କରିବା (ଦେଖ)
Sāṁjā lagā(ge)ibā **Sāṁjā bili karibā** (See)
ସାଁଜା ବିଲି କରା **ମନଖପ ଲଗାନା**

ସଞ୍ଜିଆ—ଗ୍ରା· ବ (ସଂ· ସନ୍ଧ୍ୟା)—୧ । ସନ୍ଧ୍ୟ; ସନ୍ଧ୍ୟା—1. Evening;
Sāṁjiā **ସାଁଝ** **ସାଁଝ** nightfall.
ସେଂଜତୀ ୨ । ସନ୍ଧ୍ୟକାଳ; ସନ୍ଧ୍ୟାସମୟ; ସନ୍ଧ୍ୟାପ୍ରଦୀପ—2. Wick
ସାଁଝବତ୍ତି lighted in the house or before a Deity in the evening.

ସଞ୍ଜିଘୃକ୍ଷୁ—ସଂ. ବଣ (ସମ୍+ଗ୍ରହ ଧାତୁ+ଇଚ୍ଛାର୍ଥେ ସନ୍+ଉ)—
Sāṁjighṛukshu ଗ୍ରହଣ କରିବାକୁ ଇଚ୍ଛୁକ—
(ସଞ୍ଜିଘୃକ୍ଷା—ବ) Desirous of accepting.

ସଞ୍ଜିଘୀର୍ଷା—ସ. ବ. (ସମ୍+ହୃ ଧାତୁ ସନନ୍ତ=ଜିହୀର୍ଷ ଧାତୁ=
Sāṁjighīrshā ହରାର କରିବାକୁ ଇଚ୍ଛା କରିବା+ଭାବ. ଅ+
ଆ)—ହରାର କରିବାର ଇଚ୍ଛା—Desire to slaughter.

ସଞ୍ଜିଘୀର୍ଷୁ—ସଂ. ବଣ. (ସମ୍+ହୃ ଧାତୁ ସନନ୍ତ=ଜିହୀର୍ଷ ଧାତୁ+
Sāṁjighīrshu ଉଣ୍ଟି. ଉ)—ହରାର କରିବାକୁ ଇଚ୍ଛୁକ—
Desirous of destroying or killing.

ସଞ୍ଜୀବ—ସଂ. ବଣ (ସମ୍+ଜୀବ ଧାତୁ+ଜଣ୍ଟି. ଅ)—ପୁନର୍ଜୀବନ-
Sāṁjība ଦାନକାରୀ (ବଶବୋପ)—Restoring to life.
ସଂ. ବ: (+ଭାବ. ଅ)—୧ । ପୁନର୍ଜୀବନଦାନ (ବଶ୍ୱକୋଷ)—1. Restoration to life. ୨ । ନରକ ବିଶେଷ (ବୌଦ୍ଧ ମତେ)—2. Name of a hell according to the Buddhists.

ସଞ୍ଜୀବକ—ସଂ. ବଣ. ପୁଂ (ସମ୍+ଜୀବ ଧାତୁ ଣିଚ୍+ଏଣ୍ଟି. ଅକ)—
Sāṁjībaka ଜୀବନଦାନକାରୀ; ଯେ ମୃତ ବ୍ୟକ୍ତିକୁ ବଞ୍ଚାଏ
(ସଞ୍ଜୀବା—ଅନ୍ୟରୂପ) ତାହେ—Restoring the dead to
(ସଞ୍ଜୀବକା, ସଞ୍ଜୀବିକା—ସ୍ତ୍ରୀ) life.

ସଞ୍ଜୀବ କରଣୀ—ଦେ. ବ—ସଞ୍ଜୀବନୀ (ଦେଖ)
Sāṁjība karaṇī **Sāṁjībanī** (See)
[ଦ୍ର—ଚାଷୀ ବ ପ୍ରଚାରରେ ଥିବା ଜାଣିଅଛି, କିନ୍ତୁ ସଞ୍ଜୀବ କରଣୀ ସିଆଉ। ଜରବ ଫି. ରଢ଼ସ୍ୟସଞ୍ଜରୀ ।]

ସଞ୍ଜୀବନ—ସ. ବ. (ସମ୍+ଜୀବ୍ ଧାତୁ ଣିଚ୍+ଲ୍ୟୁ ଅନ)—
Sāṁjībana ୧। ଜୀଅଁଇବା; ପୁନର୍ଜୀବନ ଦେବା—1. Animating; reviving of life. ୨ । ଜୀବ ଦାନ କରିବା; ଜୀବନ୍ତ ଶକ୍ତି ଦେବା—2. Infusing vitality. ୩ । ସମ୍ୟକ୍ ପ୍ରକାରେ ପ୍ରାଣ ଧାରଣ (ବଶ୍ୱକୋଷ)—3. Living excellently. ୪ । ୨୧ ନରକ ମଧ୍ୟରୁ ଏକତମ (ମନୁ ୪।୮୯)—4. One of the 21 hells according to Manu. ସ. ବଣ. ପୁଂ (+ଏଣ୍ଟି. ଅନ)—୧ । ଯାହା ଜୀଅଁଏ ବା ପୁନର୍ଜୀବନ କରେ;
(ସଞ୍ଜୀବନା—ସ୍ତ୍ରୀ) ପୁନର୍ଜୀବନଦାତ୍ରୀ—1. Animating; reviving; infusing vitality. ୨ । ମୃତ ବ୍ୟକ୍ତିକୁ ଯାହା; ପୁର୍ଣ୍ଣ ଜୀଅଁଏ—2. Restoring life to the dead; resusciation.

ସଞ୍ଜୀବନୀ—ସ. ବ. ସ୍ତ୍ରୀ (ସଞ୍ଜୀବନ+ଙ୍କୀ. ଈ)—୧ । ମୃତ ବ୍ୟକ୍ତିକୁ
Sāṁjībanī ଜୀଅଁଇବାର ଦ୍ରବ୍ୟ ବା ଔଷଧ—1. Anything which restores the dead to life. ୨। ଯେଉଁ ବିଦ୍ୟାବଳରେ ମୃତପ୍ରାଣୀ ବଞ୍ଚେ—2. The art or lore by which the dead is restored to life. (ଦ୍ର—ସଞ୍ଜୀବନୀ ବିଦ୍ୟାବଳରେ ଶୁକ ମୃତ, ଜୀବନ ଦାନ ଆଦି ଦଅନ୍ତୁଟି ପୁଣି । କୃଷ୍ଣସିଂହ. ମହାଭାରତ. ଅଦ ।)

ସଞ୍ଜୀବନୀ ପୁର(ରୀ)—ସଂ. ବ—ଯମପୁର; ଯମାଳୟ—The abode
Sāṁjībanī pura(rī) of the God of death.
(ଦ୍ର—ଶୁମ୍ଭୀ ଯେ ମହା-ଦିଶୂଳ ପ୍ରେରଣ ଉତ୍ତରେ, ପୂର୍ବପରି ନିପୁରରତେ ସଞ୍ଜୀବନୀ ପୁରେ । ଚନ୍ଦ୍ରାମଣି. ବଦମାଦତ୍ୟ ।)

ସଞ୍ଜୀବନୀ ସୁଧା—ସ. ବ (କର୍ମଧା)—ମଲ୍ଲ ମନୁଷ୍ୟକୁ ଜୀଅଁଇ ଦେବା
Sāṁjībanī sudhā ଅମୃତ—Elixir of life.

ସଞ୍ଜୀବୟିଷୁ—ସ. ବଣ (ସମ୍+ଜୀବ ଧାତୁ ଣିଚ୍; ଜୀବ ଧାତୁ+
Sāṁjībayishu ଇଚ୍ଛାର୍ଥେ. ସନ୍+ଉ)—ଅନ୍ୟକୁ ଜୀଅଁଇବାକୁ
(ସଞ୍ଜୀବୟିଷା—ବ) ଇଚ୍ଛୁକ—Desirous to restore another's life.

Digitized by srujanika@gmail.com

ସଞ୍ଜୀବିଷୁ—ବି. ବଣ (ସମ୍ +ଜୀବ୍. ଧାତୁ + ଇଚ୍ଛାର୍ଥେ. ସନ୍ + ଉ)—Sañjībishu ଜଗେ ଜୀବିବାକୁ ଇଚ୍ଛୁକ—Desirous to live. (ସଞ୍ଜୀବିଷା—ବ)

ସଞ୍ଜୁଆ—ବେ. ବଣ (ସଂ. ସାନ୍ଧ୍ୟ)—୧ । ସନ୍ଧ୍ୟାକାଳ ସମ୍ବନ୍ଧୀୟ—Sañjuā 1. Relating to evening. ୨ । ସନ୍ଧ୍ୟାବେଳେ ସେଁଝୋ, ସାଁଝର ଘଟିବା; ସନ୍ଧ୍ୟାକାଳୀନ—2. Happening साँझका at dusk. ବେ. ବ—ସଞ୍ଜ (ଦେଶ)—Sāñja. (See)

ସଞ୍ଜୁ(ଞ୍ଜୋ)ଗ(ହ୍ମି,ତ୍)—ବେ. ବ (ସଂ. ସଂଯୋଗ)—୧ । ଆୟୋଜନ Sañju(ñjo)g(ṛ,t) ବ୍ୟବସ୍ଥା—1. Arrangement. ୨ । ସଞ୍ଜୁଗ ଉପକରଣାଦି ପ୍ରସ୍ତୁତ ରଖିବା 2. Collection of उद्योग materials; keeping the materials ready-सञ୍ଜୁଗ ବେ. ବଣ (ସଂ.ସଯୁକ୍ତ)—୧ । ଆୟୋଜିତ—1. Arrang- उद्योगकिया हुआ ed. ୨ । ଉପକରଣାଦି ପ୍ରସ୍ତୁତ ଥିବା—2. With the materials collected and kept ready.

ସଞ୍ଜ୍ୱର—ସଂ. ବ (ସମ୍ +ଜ୍ୱର)—୧ । ଉତ୍ତାପ—1. Great heat. Sañjwara ୨ । ବିଶେଷ ଜ୍ୱର—2. High fever.

ସଞ୍ଜ୍ୱରବାନ୍ } ପୁ.
ସଞ୍ଜ୍ୱପ୍ତ } ପୁ.
ସଞ୍ଜ୍ୱରବତ୍ତା } ସ୍ତ୍ରୀ
ସଞ୍ଜ୍ୱରିଣୀ } ସ୍ତ୍ରୀ
ବଣ

ସଞ୍ଜ୍ୟା(ଜ୍ଞ୍ୟା)—ଗ୍ରା. ବ (ସ. ସନ୍ଧ୍ୟା)—ସଞ୍ଜ (ଦେଶ) Sañjyā(ñjhyā) Sāñja. (See)

ସଟ୍ (ଧାତୁ)—ସ—୧ । ଅଂଶ କରିବା—1. To divide into Saṭ (root) parts. ୨ । ଖଣ୍ଡିତ ହେବା—2. To be cut or riven. ୩ । ଅବୟବ ବା ଅଙ୍ଗ ହେବା—3. To be a part or limb of.

ସଟ୍‌କଲା—ପ୍ରାବେ (ସମୟସୂଚକ) କି. ବଣ—ଶୀଘ୍ର—Soon. Saṭ-kalā

ସ(ସା)ଟ୍‌କିନା(ନି)—ବେ. ଅ (ଧ୍ୱନ୍ୟନୁକରଣ)—୧ । ହଠାତ୍ ଉଚ୍ଚ ଶବ୍ଦ ହେଉଥିବା ଭଳି—Sa(sā)ṭ-kinā(ni) ଉତ୍ପାଦନଯୁକ୍ତ—1. Suddenly, by सट्‌କରେ, सटान emitting a cracking sound. ୨ । सटसे ହଠାତ୍—2. Suddenly. ୩ । ତତ୍ପର—3. Shortly; soon. (ସଟ୍‌ଦ[ଧ]ସ୍, ସଟ୍ କରି—ଅନ୍ୟରୂପ)

ସଟ୍‌ଚଲିଶ(ଶି)—ବେ. ବ ଓ ବଣ—ସତଚାଳିଶ (ଦେଶ) Saṭ-chālisa(śi) Satachālisa. (See)

ସଟ୍‌ତରିଶ(ଶି)—ବେ. ବ ଓ ବଣ—ସଇଁତିରିଶ (ଦେଶ) Saṭ-tirisa(śi) Saiñtrisa. (See)

ସଟା(ଟା)—ସଂ. ବ (ସଟ୍. ଧାତୁ=ଅବୟବ ହେବା + କ୍ତିନ୍. ଟ,ଆ)—Saṭa(ṭā) ୧ । ସିଂହ ଓ ଅଶ୍ୱାଦିଙ୍କ ବେକ ଉପରର କେଶର—1. The manes on the neck of lion or horse. ୨ । ଋଷିଙ୍କ ଜଟା—2. Matted hair of sages. ୩ । ବରଗଛର ଓହ୍ଲାଳ—3. The aerial roots of banian tree. ୪ । ଶିଖା—4. Flame. ୫ । ଚୂଳ; ଶିଖା—5. Crest; a tuft of hair on the crown. ୬ । ପର୍ବତ ଶୃଙ୍ଗ—6. Mountain-peak. ୭ । ଶିଖା; ବୃଦ୍ଧମାନେ ବା ଚାଷୁଣମାନେ ମୁଣ୍ଡ ଉପରେ ରଖିଥିବା ଚୁଟି ବା ଚୂରଡ—7. Pigtail grown on the head.

ସଟର୍‌ସେଁ—ବେ. ବ (ଧ୍ୱନ୍ୟନୁକରଣ)—ଜୋର୍ ବଜାଯାଇ ସେଁ ସେଁ Saṭar-señ ଶବ୍ଦ କରୁଥିବା କାଠର ଏତ୍ତାରୀ ଭଳି ବା ଖେଳନା—A wooden contrivance or plaything tied with a string and producing a simmering sound.

ସଟରୀ—ବେ. ବ—ପୁରୀର ସାଇଯାତରେ ଏହା ଅର୍ଥୀର ଅଙ୍ଗ ଓ ମାଳ Saṭarā ବିଶ୍ୱ ନାଗାଙ୍କ ସଙ୍ଗେ ବାହାରିବା ସନ୍ଧ୍ୟାସ୍ୱୀ- सङ् जोगिरा, सररा ମାନଙ୍କ ସଜ୍ଜାରର ନାଚକ-ପକ୍ଷୀବେଶଧାରୀ ବ୍ୟକ୍ତି—A person wearing the feather of the Era bird and beads and accompanying the Nāgās in the pantomines (sāijāta) of Puri town. [ଦ୍ର—ଏମାନେ ହିନ୍ଦୀ ଭାଷାରେ ଗୀତ ଗାଆନ୍ତି । ବାହାର ଅଞ୍ଚଳରେ ଦୋଲଯାତ୍ରା ସମୟରେ ଏହାଙ୍କର ବେଶଧାରଣ କରି ଯାହାରେ ବାହାର ଗୀତ ବୋଲିବା ବ୍ୟକ୍ତିକୁ 'ସଟ୍ରେ' ବା 'ଯୋଟିଙ୍ଗ' କହନ୍ତି ।]

ସଟାଙ୍କ—ସ. ବ (ସଟ, ସଟା=କେଶର ଅର୍ଥେ ଅଙ୍କ = ଚିହ୍ନ Saṭāṅka ଯାହାର; ବହୁବ୍ରୀହି)—ସିଂହ; କେଶର୍—Lion.

ସଟାଙ୍କ(ଙ୍ଗ)କିନା(ନି)—ବେ.କି. ବଣ(ଧ୍ୱନ୍ୟନୁକରଣେ)—୧। ହଠାତ୍— Saṭāṅk(ṅg)kinā(ri) 1. Suddenly; abruptly. (ସଟାଙ୍କିଲା—ଅନ୍ୟରୂପ) ୨ । ସିଧା ଦୋଟ ଲମ୍ବରେ— सटान् सटसे 2. In straight and long manner; straightaway; straightforwardly

ସଟାଟୋପ—ବେ. ବ – ପଟାଟୋପ (ଦେଶ) Saṭāṭop Paṭāṭop (See).

ସଟାବଟା—ବେ. ବଣ—ଅସୁନ୍ଦର ଭାବରେ ବା ଯେମତେମ ଭାବରେ କରାଯାଇଥିବା (କର୍ମ)—(act) Done clumsily anyhow. ବେ. ବ—ଭଣ୍ଡ ଭଣ୍ଡି—Inveigling.

ସଟାମ—ପ୍ରାବେ (ଲାଟିନ) ବ—ସୈନ୍ୟ ଗାଡ଼ି—An office jaun Saṭām (carriage).

ସଟାଳ—ସ. ବ (ସଟା+ଇଣ୍ଟିଗ୍ଲାର୍ଥେ ଅଳ)—ସିଂହ (ଉତ୍କୋଶ)—Saṭāḷa Lion.

ସଟି(ଟୀ)—ସ. ବ—ଶଠୀ (ଦେଶ)—Saṭi(ṭī) Saṭī (See). (ସଟିକା—ଅନ୍ୟରୂପ)

Digitized by srujanika@gmail.com

ସଠୀକ—ଫ. ବ (ସ=ସହ+ଠୀକା; ସଦାର୍ଥ ବହୁବ୍ରୀହି)—୧ । Saṭīka ଠୀକାସହିତ—1. Annotated, ୨ । ମନ୍ତବ୍ୟ-ସହିତ—2. Joined with or furnished with remarks or notes.

ସଟେନ୍—ଘାଦେ (ଭରଅ) ବ—ଖାଇଁ ଖାଇଁ କାଶିବା—
Saṭen Coughing during meal.

ସଟ୍ଟ୍ (ଧାତୁ)—ଫ—୧ । ବଧକରିବା—1. To kill, ୨। ଜଂଖାଇରିବା 2. To injure.
Saṭṭ(root)

ସଟ୍ଟକ—ଫ. ବ (ସଟ୍ ଧାତୁ=ଖଣ୍ଡିତକରିବା +କର୍ମ.ଣ୍ୱଳ)—ପ୍ରାକୃତ ଭାଷାରେ ରଚିତ ନାଟକବିଶେଷ—A sort of drama in 'Prākṛuta' or ancient vulgar language of India[ଦ୍ର—ଏଥିରେ ପ୍ରବେଶକ ଓ ବିଷ୍କମ୍ଭକ ନ ଥାଏ ଓ ବହୁ ପ୍ରାକୃତ ଶବ୍ଦ ଥାଏ । ଏଥିରେ ପ୍ରତ୍ୟୁଷ ସମୟରେ ଅଭିନୟ ରସ ବର୍ଣ୍ଣିତ ହୁଏ । ଏହାର ଅଙ୍କମାନ ଯବନିକା ନାମରେ ଖ୍ୟାତ—ଶବ୍ଦକୋଷ ।]

ସଟ୍ଟା—ଦେ. ବ—ଅଗତ୍ୟରୁ ସଉଦା କରିବାରୁପ ଜୁଆଖେଳ—
Saṭṭā (ସଟ୍ଟା) Speculation on advance contract.

ସଠ୍ (ଧାତୁ)—ଫ—ଠକିବା—
Saṭh(root) To cheat; to deceive.

ସଠ (ଭଭ୍ୟାଦ)—ଦେ. ବ ଓ ବଣ—ଶଠ ଭଭ୍ୟାଦ (ଦେଶ)
Saṭha (etc) Śaṭha etc. (See)

ସଠା (ଭଭ୍ୟାଦ)—ଦେ. ବ—୧ । ଶଠା ଭଭ୍ୟାଦ (ଦେଶ)—
Saṭhā (etc) 1. Shaṭha etc. (See) ୨ । ଶଠା ଭଭ୍ୟାଦ (ଦେଶ)—2. Śaṭhā etc. (See)

ସଠା(ଠେ)ଇବା—ଦେ. କି—ଭଣ୍ଡାଇବା—
Saṭhā(ṭhe)ibā To inveigle.

ସଠାସଏ(ଏ)—ଦେ. ବ ଓ ବଣ—ଏକଶତ ଷାଠିଏ—
Saṭhāsae(he) One hundred and sixty.

ସଠାସଠି—ଦେ. ବ—ଭଣ୍ଡାଇଣ୍ଡି; ଭଣ୍ଡାଇବା କର୍ମ—
Saṭhāsaṭhi Inveigling.

ସଠିକ—ଦେ. ବଣ—୧ । (ସ.. ସଠୀକ) —ସଠୀକ (ଦେଶ)—
Saṭhika 1. Satīka (See). ୨ । (ଃ. ସଠୀକ ପ୍ରଗ୍ ଧାତୁଜ ଦେଶଜ 'ଠିକ୍' ଶବ୍ଦର ଅଶୁଦ୍ଧ ପ୍ରୟୋଗ) - ଠିକ୍; ସୁନିଶ୍ଚିତ—(ବେଠିକ୍—ବିପରୀତ)2.Certain ୩ । ଅଭ୍ରାନ୍ତ—3. Correct. [ଦ୍ର—ଅନେକ ଟ୍ୟାଡଜମା ଓଡ଼ିଆ ଲେଖକଙ୍କ ଲେଖାରେ ଏ ଅଶୁଦ୍ଧ ପ୍ରୟୋଗ ବହୁତଃ ଦୃଷ୍ଟିଗୋଚର ହୁଏ ।]

ସଠିକ ଖବର(ସମ୍ବାଦ)—ଦେ. ବ. (ଠିକ୍ ଖବରର ଅଶୁଦ୍ଧ ପ୍ରୟୋଗ)-
Saṭhika khabara(sambāda) ୧ । ସତ୍ୟମୂଳକ ସମ୍ବାଦ-
ସଠୀକ ଖବର ଠିକ ଖବର 1. Correct or true news. ୨ । ସବିଶେଷ ବୃତ୍ତାନ୍ତ—2. Detailed news.

ସଠୀ—ଫ. ବ—ଶଠୀ (ଦେଶ)—
Saṭhī Saṭī (See).

ଦେ. ବ—ଷଠୀ ଭଭ୍ୟାଦ (ଦେଶ)—Shaṭhī etc. (See)

ସଡ଼୍କିନା(ନି)—ଦେ. ଅ—ସଟ୍କିନା (ଦେଶ) - Saṭ-kinā (See)
Sard-kinā(ni) [ଦ୍ର—ବ୍ୟବହାରରେ ସଟ୍ ଓ ଦଡ଼୍ ଶବ୍ଦ ମଧ୍ୟରେ ସଡ଼ାଦ୍କିନା(ନି), ସଡ଼ାତ୍କିନା(ନି) } —ଅନ୍ୟରୂପ ସାମାନ୍ୟ ସାଥଦ୍ୟ ମଡ଼ାଦ୍, ସଡ଼୍ସଡ଼୍ ଅଛି । ବୋଉଲରେ ଶୁଦ୍ଧ ବସି ଦୋହ ବସିଥିବା ଠିପିଟି ସଟ୍କିନ ବାହାରେ; କନ୍ତୁ ଦୁଗ୍ଧଳା ଠିପିଟି ସଡ଼୍କିନ ବାହାରେ ।]

ସଡ଼୍କି-ପଲମ—ପ୍ରାଦେ (ଯାଜପୁର) ବ—ଚତୁଳପିଠା ଓ ରୁଟି ଆଦ
Sard-ki palama ଜଳବାଘାଇଁ ମାଟିର ଚଟକା ତେଲେଣି—
Flat earthen frying pan used in preparing pancake or chakuli and bread roll.

ସଡ଼ (ଢ଼) ଭଭ୍ୟାଦ—ଦେ. ବଣ—ଶଡ଼(ଢ଼) ଭଭ୍ୟାଦ (ଦେଶ)—
Sard(rdha)etc Śard(rdha) etc (See).

ସଡ଼ (ଭଭ୍ୟାଦ)—ଦେ ବ ଓ ବଣ—ଶଡ଼ ଭଭ୍ୟାଦ (ଦେଶ)
Sarda (etc) Śarda etc. (See)

ସଡ଼କ – ଦେ. ବ (ଫ. ସଟକ; ସରଣୀ)—୧ । ବୃହତ୍ପଥ—
Sardaka 1. Highway. ୨ । ରସ୍ତା—
ସଡ଼କ ରାସ୍ତା ସଡ଼କ 2. Road. ୩ । ତୋଳା ଢୋଇଥିବା ବା ନର୍ମିତ ରସ୍ତା—3. A constructed road. [ଦ୍ର—ଏ ଶବ୍ଦର ପ୍ରକୃତ ଅନ୍ୟ ଶବ୍ଦ ବ୍ୟବହୃତ ହୋଇ ସେଇଁସବୁ ଶବ୍ଦ ବଶ୍ଚିତ ହୁଏ ସେହିସବୁ ସୂକ୍ଷ୍ମ ଶବ୍ଦ ମାନଙ୍କପାଇଁ ରସ୍ତା ତଳେ ଦେଖ ।]

ସଡ଼କ ଦାଣ୍ଡ(ଣ୍ଡି)—ଦେ. ବ (ଏକାର୍ଥକ ସହତର)—୧ । ଲମ୍ବା ସଡ଼କ-
Sardaka dāṇḍa(ṇḍi) 1. A long road.
(ସଡ଼କ ରସ୍ତା—ଅନାବୃତ) ୨ । ସଡ଼କ; ବୃହତ୍ପଥ—
2. A road; highway.

ସଡ଼କା(ଙ୍ଗ,ଙ୍ଗା)—ଦେ. ବଣ. ଓ ବ—ଶଡ଼କା (ଙ,ଙା) (ଦେଶ)—
Sardakā(ṅga,ṅgā) Śard kā (ṅga, ṅgā) (See)

ସଡ଼ ବ(ଦେ)ବାଲ(ଲି)—ବୈଦେ. ବ (ଫା. ସରବଦାଲ୍)—
Sarda di(de)bāla(li) ସଟ୍ ବଜଥଲ (ଦେଶ)
(ସଡ଼ ଦେଇଥଲ[ଲ]—ଅନ୍ୟରୂପ) Sar-diāla (See)

ସଡ଼ପ—ଦେ. ବ—୧ । (ସ. ସରପ) ସଡ଼କ—1. Road. ୨ ।
Sardapa (ସ. ଛତ୍ରାଫଳ=ଡାଲଗଡ) ସାଗୁ ବା ଗୁଆଗଛ ସଦୃଶ, ଗୋଲସାଗୁ ଡାଗସ୍ୱ ଏକପ୍ରକାର ଗଛ – 2. A sort of palm tree;Uaryota Curens. [ଦ୍ର—ଏହା ଗୁଆ ଠୁ ଶ୍ରେଷ୍ଠ; କନ୍ତୁ ଏଥିର ଡାଣ୍ଡ ଜଡ଼ୁଆ ଗଛ ଭଳି ମୋଟା । ଏଥିର ଫଳ ମଞ୍ଜରେ ଶତ୍ରୁ ଦୋଳ ପରି ଝଲା ଦୋଳମଳ ଲମ୍ବ ଲମ୍ବ ଚେଣ୍ଡା ଚେପଣା ଦୋହ ଫଳେ ଓ ଏହା ଉତ୍ତର ଦେଶରୁ ବଡ଼ଜ ବଡ଼ ଗୁଆ ଗୋଲଥା ଭଳ ଶୁଖିଲ ବାହୁଡ଼ା ଝଡ଼େ । ଏଥିର ଫଳ
ମାଡ଼

Digitized by srujanika@gmail.com

ଓ ମଞ୍ଜି ଏଡ଼ । ଫଳ ଶୁଖିଗଲେ ଭଲା ଦେଖାଯାଏ । ଏହ ଭାଡ଼ାରୁ ଗୁଅକାଢ଼ରେ କାଢିଲେ ଭିତର ବର୍ଣ୍ଣ ଓ ସ୍ୱାଦ ଅବିକଳ ଗୁଅ ପର ଲଗେ । ପଶ୍ଚିମ ଭର ଦେଖା ଯାଇଅଛୁ ଯେ,ଛୋଟ ଗୁଅକୁ କାଢି ଥାନ ସଙ୍ଗେ ସାଧାରଣ ଗୁଅ ପର ଖିଆ ଯାଇ ପାରେ । ଏହା ଏ ଦେଶର ଗଛ ନୁହେଁ; କିନ୍ତୁ ମୋଷ ସଂକ୍ରାନ୍ତ ପାଇଁ ସଉଷ ଓ ବଙ୍ଗଲୋମାନେ ଏ ଗଛକୁ ଆଣି ବଗିଚାରେ ଓ ବାଡ଼ର ଦୁଇ ପାଖରେ ଲଗାନ୍ତି । ଏ ଗଛଗୁଡ଼ିକ ବଡ଼ ହୋଇଗଲେ ସନୋରମ ଦେଖାଯାଏ । ଏହା ଅବିକଳ ସାଗୁ ଗଛ ପର ଓ ସାଗୁ ଗଛର ଅନ୍ତରୁ ଯେଉଁ ପର ସାଗୁଦାନା ପ୍ରସ୍ତୁତ ହୁଏଯାଏ, ଏହାର ଅନ୍ତରୁ ସଦ୍ଧ ସେହିପର ଏକପ୍ରକାର ଦାନା ପ୍ରସ୍ତୁତ ହୁଏଯାଏ ।

ଆସାମରେ ଏହିପ୍ରକାର ଗଛକୁ 'ସରଲ' ବୋଲି କହନ୍ତି । ଓଡ଼ିଶା ସଡ଼ଜାଭର ଜଙ୍ଗଲରେ ଅନେକ ସଉଷ ଗଛ ଦେଖାଯାଏ । ଗରିବ ଲୋକେ ଏହାର ମଞ୍ଜିରୁ ସାଗୁଅ (ଅଟା) ବାହାର କର ପିଠା ଓ ଖିର ଭର ଖାଅନ୍ତି । କିନ୍ତୁ ଏହା ସାଗୁ ପର ଲଘୁପାକ ନ ହୋଇ ଗୁରୁପାକ ଅଟେ ।]

ସଡ଼ପ କୋଲ(ଗୁଅ)—ଦେ. ବ—ସଡ଼ପ ଗଛରୁ ଉତ୍ପନ୍ନ ଭଲା ଭଲା
Sa̲rdapa kol̲i(guā) ଫଳ—Nut-like fruit of
ସଳପକୁଳ ସୁପାଛିୟକୁଳ the Sa̲rd̲apa tree. (ସଡ଼ପ
ମାଡ଼କାଫଳ ଭଳେ ନୋଟ୍ ଦେଖ)

ସଡ଼ସଡ଼—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଘାଣିଆ ଖାଦ୍ୟକୁ କମ୍ଭା
Sa̲rd̲asa̲rd̲a ଭଳମିଶ୍ରିତ ଖାଦ୍ୟ (ଯଥା ଭାତ, ପଖାଳ ଘ୍ରଭ) କୁ
ସପାସପ **ସଡ଼ସଡ଼** ଦାନ୍ତର ଖାଇବାର ଶବ୍ଦ—1. The
ସଡ଼ସଡ଼ **ଚଡ଼ଚଡ଼** chuckling sound produced by eating watery food. ୨ । (ସଂ. ସଟ୍ ଧାତୁ= ଭେଦ କରିବା, ଅବସନ୍ନ ହେବା) ବ୍ରଣ ହେବା ସ୍ଥାନରେ (ଦେହ ଫୋଡ଼ ହେବା ବା ଫାଟି ପଡ଼ିବା ପର) ବେଦନାର ଅନୁଭୂତି; ସର୍‌ସର୍—2. An uneasy and aching sensation felt at the part of the limb where there is a big sore or boil
ସଡ଼ସଡ଼ **ଚଟପଟ** or ulcer. ୩ । ପୂର୍ବେ ଅନୁଭବ ବା ଉପଭୋଗ କରିଥିବା ସୁଖପ୍ରଦ ବସ୍ତୁକୁ ଦେଖିଲେ ପୁଣି ତାହା ଭୋଗ କରିବାର ଲଳସା ବା ମନର ଗଲ୍ପ ବା ଇଚ୍ଛା—3. A hankering after or itching for a thing which has once been enjoyed with pleasure; mental itching. ୪ ।
ସଡ଼ସଡ଼ **ସଡ଼ସଡ଼** ନଳଆଦମଧ୍ୟରେ ନାଡ଼ୁଥ ବା ଦୁଗୁଳା ଜନିଷ ଦୁଗୁଳା ହୋଇ ଯିବା ଅଥବା ଜରାରେ ଅବସ୍ଥା—4. The state of a loose or slimy thing
ସଡ଼ସଡ଼ **ସରସର** passing up and down a hole. ୫ । ସଲସଲ; ଗଲଗଲ; ଦେହରେ କୌଣସି ଦାଲ୍‌ବା ବସ୍ତୁ ଶୁଳଯିବା ବେଳର ଅନୁଭୂତି; ଗଲ୍—5. A creeping sensation felt in the body when a light thing passes over the skin. ୬ । କୁଭୁର୍ ଅନୁଭୂତି; ସଲ୍ ସଲ୍—6. Tickling or tingling sensation in the body. ୭ । ସର୍‌ସର୍ (ଦେଖ)—7. Sar-sar (See)

ସଡ଼ସଡ଼ କରିବା—ଦେ.କି—(ଘାଅ ବା ବଥ) ଅଉଶସ୍ତ ବଥାଇବାଦ୍ୱାରା
Sa̲rd̲a sa̲rd̲a hebā ବେଦନା ଦେବା—To ache with
ସଡ଼ସଡ଼କରା **ଚଡ଼ଚଡ଼ାନା** pain (said of a sore or boil).

ସଡ଼ସଡ଼—ଦେ. ବିଣ—୧ । ଜଳଯୁକ୍ତ—1. Watery ୨ । ଦୁଗୁଳା—
Sa̲rd̲asa̲rd̲i 2. Slack. ୩ । ନାଡ଼ୁଆ—3. Slippery;
ସେଁତସେତେ **ଗୋଳା** sli·ny. ୪ । ନରମ—4. Soft. ୫ । ଢିଲା **ଢିଲ୍ଲା** ଖରହ; ଶୁଷ୍କ—5. Dry. ୬ । ଜଉଁସମୃ—
ଲାଲାମୟ **ଲାରବାଲା** 6. Clayey; muddy.
ନରମ **କୋମଳ** ନୀରସ **ନୀରସ** ଭ୍ୟାଟଭେଟେ, ଭଡ଼ଭଡ଼େ **କୀଚଡ଼ିଆଳା**
(ସଡ଼ସଡ଼ଆ—ଅନ୍ୟ ବିଣ ରୂପ)

ସଡ଼ା(ଡା) (ଇତ୍ୟାଦି)—ଦେ. ବିଣ—ଶଢ଼ା ଇତ୍ୟାଦି (ଦେଖ)
Sa̲rd̲ā(rd̲hā) (etc) Śa̲rd̲ā etc. (See)
ସଡ଼ାଢ଼ା, ଡ଼େ, ଢ଼େ)ଇ (ଇତ୍ୟାଦି)—ଦେ. ବ—ଶଢ଼ାଇ ଇତ୍ୟାଦି
Sa̲rd̲ā (rd̲hā, rd̲e, rd̲he)i (etc) (ଦେଖ)—Śa̲rd̲hāi etc. (See)
ସଡ଼ା(ଡ଼େ)ଇବା—ଦେ, କି—ଶଢ଼ାଇବା (ଦେଖ)
Sa̲rd̲a(rd̲·)ibā Śa̲rd̲āibā (See)
ସଃ ଉଃ ଓଃ—ବୈଦେ. ବ (ଇଂ. ଏସ୍. ଡ଼ି. ଓ. ର ସାଙ୍କେତିକ)—
Sa: di: o: ସବ୍‌ଡିଭିଜନଲ୍ ଅଫିସରର ସଂକ୍ଷିପ୍ତ ଅକ୍ଷର—
ଏସ୍, ଡ଼ି. ଓ. S. D. O; Sub-divisional Officer.
ଏସ. ଡି. ଓ.
ସଡ଼(ଡ଼ି)ଙ୍ଗ(ଙ୍ଗା, ଙ୍ଗି)—ଦେ. ବ—ଶଢ଼ଙ୍ଗା(ଙ୍ଗା) (ଦେଖ)
Sa̲rd̲(rd̲hi)ṅga(ṅgā, ṅgi) Śa̲rd̲iṅga(ṅgā) (See)
ସଃ ଉଃ ମାଃ—ବୈଦେ, ବ (ଇଂ. ଏସ୍. ଡ଼ି. ଏମ୍ର ସାଙ୍କେତିକ)—
Sa: di: mā: ସବ୍‌ଡିଭିଜନଲ୍ ମାଜିଷ୍ଟ୍ରେଟ୍‌ର ସଂକ୍ଷିପ୍ତ ଅକ୍ଷର—
ଏସ. ଡ଼ି. ଏମ Abbreviation for Sub-divisional
ଏସ. ଡି. ଏମ୍ Magistrate.

ସଡ଼(ଡ଼)ବା—ଦେ. କି—୧ । ଶଢ଼ବା (ଦେଖ)—1. Śa̲rd̲ibā
Sa̲rd̲i(rd̲h·)bā (See). ୨ । (ଲକ୍ଷଣାର୍ଥ) ନିଜର ପୁରୁଷାର୍ଥକୁ ବା କର୍ମଠ ଶରୀରକୁ କାମରେ ନ ଲଗାଇ ଅଳସ୍ୟରେ ବା ଇନ୍ଦ୍ରିୟତୃପ୍ତିରେ ବହି ଯାବଜ୍ଜୀବନ ବୃଥା ନଷ୍ଟ କରିବା—(figurative) To rot; to while away one's time without doing work; to idle away one's life by keeping oneself away from public field of action. f

Digitized by srujanika@gmail.com

[ଉ—ଘରର ବୋଟେ ନ ହଡ଼ ଗୋ ! ଅର୍ଥ ନାସ୍ତିଙ୍କର ଚରିତ ଚଢ଼ିଣ ନଇ ଜୀବନକୁ ଗଡ ଗୋ । ବାଲୁକୁଣ୍ଡ ଫୁଲ ବଉଳବେଣୀ ।]

ସଡ଼ୁ(ଡ଼୍)—ଦେ. ବ [ସଂ. ହବୋଢ଼ା (ସ=ସମାନ+ବୋଢ଼ା= Sardu(rdhu) ବରାବରକର୍ତ୍ତା); ଅଥବା ଶ୍ୟାଳୀବୋଢ଼ୁ (ଶ୍ୟାଳୀ ଭାୟ(ୟେ)ରାଭାଇ =ଶାଳୀ+ବୋଢ଼ୁ=ବରାବରକର୍ତ୍ତା [Beames]

ସାଢୁ —(ସ୍ତ୍ରୁପ ପକ୍ଷରେ) ନଜ ସ୍ତ୍ରୀଙ୍କ ଭଉଣୀଙ୍କ ସ୍ୱାମୀ— One's wife's sister's husband.

[ଦ୍ର—ସ୍ତ୍ରୁପ ପକ୍ଷରେ ନଜ ସ୍ତ୍ରୀଙ୍କ ଭଉଣୀ (ସ୍ତ୍ରୁପର ଶାଳୀ ବା ଦେଢ଼ଶାଶୁ)ଙ୍କୁ ବରାବର କରଥିବା ବ୍ୟକ୍ତି ଉକ୍ତ ସ୍ତ୍ରୁପର 'ସଡ଼ୁ' ଅଟନ୍ତି ।

ସ୍ତ୍ରୀ ପକ୍ଷରେ ନଜ ସ୍ୱାମୀଙ୍କ ଭଉଣୀ (ନଣନ)ଙ୍କୁ ବରାବର କରଥିବା ବ୍ୟକ୍ତି 'ନଣନ୍ଦେଇ' ଅଟନ୍ତି ।

ବଡ଼ ସଡ଼ୁଙ୍କ ସ୍ତ୍ରୀ ଅପଣାର 'ଦେଢ଼ଶାଶୁ' ଓ ସାନ ସଡ଼ୁଙ୍କ ସ୍ତ୍ରୀ ଅପଣାର 'ଶାଳୀ' ଅଟନ୍ତି ।]

ସଣ—ସଂ. ବ ('ଶଣ' ଶବ୍ଦର ବକଳ୍ପ ରୂପ; ବସ୍ତ୍ରମୁଖ୍ୟ କୃତ ଅମର ଟୀକା)—ଶଣ (ଦେଶ)— Saṇa Śaṇa (See)

ସଣ ପଟ—ଦେ. ବ. (ସଂ. ଶଣ+ପାଟ)—ଶଣପଟ; ଶଣ— Saṇa paṭa Flex of Saṇa hemp; hemp; hempen fibres.
ଶଣ୍ ସନପଟୁଆ

ସଣ ଭ(ସ)ଣ—ଦେ. ଅ (ସଂ. ସ୍ପନ୍ ଧାତୁ=ଶବ୍ଦ କରିବା)— Saṇa bha(sa)ṇa ୧ । (ଧ୍ୱନ୍ୟର୍ଥକ) ସାଲୁ ସାଲୁ; ଉଣଉଣ; ଶଣ ଶଣ୍, ଭ୍ୟାଣ୍ ଭ୍ୟାଣ୍ ଝାଦ୍ୟାଦରୁ ସାହୁ ଗୁଡ଼ାଏ ବା ପାଟମାନେ
ଭନଭମ ବେଢ଼ିବା ଅବସ୍ଥା; ଘାଆରେ କୃମି ବେଢ଼ିବା ଅବସ୍ଥା; ସ୍ତ୍ରୁରେ ଝୁରୁଣି ସାଲୁ ସାଲୁ ଢେବା ଅବସ୍ଥା— 1. The state of (food etc) being infested with fleas, maggots etc. ୨ । କୌଣସି ସ୍ଥାନରେ ଟଙ୍କ ବା ବସ୍ତା ଅଡ ଦୂରିବା ଅବସ୍ଥା— 2. The state of a place being strewn with mud, nightsoil or filth. ୩ । ପଗୁ ଜନଷ ଓ ମଇଳା ଅଡ ଦୂର୍ଗନ୍ଧ ଢେବା ଯୋଗୁଁ କୌଣସି ପଦାର୍ଥ ବା ସ୍ଥାନ ଭଲାଇବା ଅବସ୍ଥା— 3. The state of a place being full of putrid and foul smell. [ଉ—ରଜା ସୁଅ ଯାଇ ମୂତ୍ରା ମାଟି ରଣଭଣ, ବଲେଇ ଗୁଡ଼ ସଣସଣ, ଗୋଟାଏ ଘରେ ଜବାଟ ଜଳ ମଡ଼ିଁ ମାଡ଼ ଶୋଇଲ—ବାହାଣୀ] ଦେ. ବଣ— [ହଣ ଭ(ସ)ଣିଆ—ଅନ୍ୟ ବଣ ରୂପ] ୧। ପଚ୍ଛିଆ, ବସ୍ତା, ଗୁଣ୍ଡ, ମଇଳା
ଶଣ୍ ଶଣେ ଅଡ ଦ୍ୱାରା ଦୂର୍ଗନ୍ଧ (ସ୍ଥାନ)—1. (a place) Full of filth, maggots, nightsoil etc.; Filthy (place). ୨ । ଦୂଷିତ ଗନ୍ଧମୟ ସ୍ଥାନ— 2. (place) Full of putrid and foul smell.

ସଣର୍ ମଣର୍—ସ୍ତ୍ରାଦେ. (ଗଡ଼ଜାତ) ବଣ—ସାଲୁ ସାଲୁ (ଦେଶ) Saṇar maṇar Sālu sālu (See)

ସଣ ସୂତ୍ର—ସଂ. ବ—ଶଣ ସୂତ୍ର (ଦେଶ) Saṇa sūtra Śaṇa sūtra (See)

ସଣ୍ଟା—ଦେ. ବ—ସାଣ୍ଟିବା କର୍ମ; ସାଣ୍ଟିବା (ଦେଶ) Saṇṭā The act of Sāṇṭibā (See)
ଫେନି ଦେଓୟା, ଘୁଂଟେ ଦେଓୟା ଦେ. ବଣ—ଘେଣ୍ଟା ହୋଇଥିବା— ମୈଦା ହୁଆ Mixed up thoroughly.

ସଣ୍ଟା(ଣ୍ଟେ)ଇବା—ଦେ. କି—୧ । ଶଣ୍ଡାଇବା (ଦେଶ)— Saṇṭā(ṇṭe)ibā 1. Śaṇḍāibā (See) ୨ । ସାଣ୍ଟିବା (ଦେଶ)—2. Sāṇṭibā (See) ୩ । ସାଣ୍ଟିବାର ଣିଜନ୍ତ ରୂପ—3. Causative of Sāṇṭibā (See)

ସଣ୍ଠ—ସ୍ତ୍ରାଦେ. (ଥଠମଚ୍ଛିକ) ବଣ—କୃପଣ— Saṇṭha Niggardly.

ସଣ୍ଠଣ(ଣା)—ଦେ. ବ (ସଂ. ସଂସ୍ଥାନ)—୧ । ଉତ୍ତମ ଗୁଣଚଳଣ— Saṇṭhaṇa(ṇā) 1. Good conduct or deportment. (ହଣ୍ଠଣ—ଅନ୍ୟରୂପ) ୨ । ମର୍ଯ୍ୟାଦା—2. Respect; etiଚାଲିଚଳଣ quette. ୩ । ସୁସଜ୍ଜିତ ଅବସ୍ଥା—3. Well-
ସୁଚାଳୀ arranged condition. ୪। ସୁବ୍ୟବସ୍ଥିତ ଅବସ୍ଥା- 4. Well regulated or equipped condition. ୫ । ପଦ୍ଧତାଣ୍ଟୀ; ପାରିପାଟ୍ୟ—5. The condition of being methodical. ୬ । ସୂକ୍ଷ୍ମକଳା— 6. Fine arts. ୭ । କାରୁକାର୍ଯ୍ୟ—7. Fine [ଅବଣ୍ଠଣ(ଣା), ଅସଣ୍ଠୁଣା—ବଗଯଢ] work. ୮ । କଳାବଦ୍ୟାସାଧନଜନିତ କର୍ମ (ଯଥା—ଚତ୍ର ଅଙ୍କିବା, ମୂରୁଜ ଦେବା ଇତ୍ୟାଦି)—8. Acts done as a result of one's proficiency in fine arts (e.g. painting, drawing). ଦେ. ବଣ—୧ । ସାଜାନ ଗୁଛାନ ସୁବ୍ୟବସ୍ଥିତ—1. Orderly; methodical;
ସୁଚାଳୀବାଳା properly arranged. ୨ । ସୁନ୍ଦର— 2. Elegant. ୩ । ମର୍ଯ୍ୟାଦାଯୁକ୍ତ—3. Respect-
(ହଣ୍ଠଣୀ, ସଣ୍ଠୁଣୀ—ସ୍ତ୍ରୀ) able. ୪ । ଉଦ୍ଦ ସମାଜୋଚିତ ମର୍ଯ୍ୟାଦାସମ୍ପନ୍ନ—4. Well-behaved; conforming to the etiquette of polished society. ୫ । ଯେଉଁ ବ୍ୟକ୍ତି ପଦ୍ଧତାଣ୍ଟୀରୂପେ ବେଶ ଅଡ ପିନ୍ଧେ ବା ବସେ— 5. One who is elegant in the mode of dressing or sitting.

ସଣ୍ଡ—ସଂ. ବ (ସ୍ପନ୍ ଧାତୁ=ସେବା କରିବା+କଣ୍ଡି. ଡ ଶବ୍ଦ ଓ ସଣ୍ଡର Saṇḍa ବକଳ୍ପରୂପ– ଅମର ଟୀକା)—ଶଣ୍ଡ (ଦେଶ) Śaṇḍa (See)

ସଣ୍ଡା(ଣ୍ଡେ)ଇବା—ଦେ. କି—ସଜାଇବା (ଦେଶ) Saṇḍā(ṇḍe)ibā Sandhāibā (See)

ସଣ୍ଡାଶ୍—ବୈଦେ. ବ (ପା. ସଣ୍ଡାଶ୍)—ପକ୍କା ଏକମଦ୍ଦଲ ପାଇ- Saṇḍāś ଖାନା—A pucca ground-privy. [ଦ୍ର—
ସାଁଡ଼ାଶି ଏଥିରେ ମନୁଷ୍ୟ ଛାଡ଼ା ଫେର ବସିବା ବେଳେ ଦୁଇ
ସଂଡାସ ଗୋଡ଼ ରଖିବା ସ୍ଥାନରେ ଦୁଇଖଣ୍ଡ ଇଟା ବା ପଥର ପଡ଼ି ଉହିର ତଳେ ଚୂନକାମ ବା ପକ୍କା କରା ଯାଇଥାଏ ।]

Digitized by srujanika@gmail.com

ସଣ୍ଡାଶି—ଦେ. ବ (ସ. ସଣ୍ଡିଶ; ସନ୍ଦଂଶ)—ସଣ୍ଡୁଅଶି (ଦେଖ)
Saṇḍāśi ସଁାଡ଼ାଶି Saṇḍuāśi (See)

ସଣ୍ଡିଶ—ସ. ବ—ସନ୍ଦଂଶ; ସଣ୍ଡୁଅଶି—
Saṇḍiśa Pincers; pair of tongs.

ସଣ୍ଡୀନ—ସ. ବ (ସମ୍‌=ସଙ୍ଗତ+ଡୀ ଧାତୁ=ଉଡ଼ିବା+ଘଞ୍.ତ)—
Saṇḍīna ପକ୍ଷୀମାନଙ୍କର ଉଡ଼ିବାର ପ୍ରକାରବିଶେଷ; ପକ୍ଷୀମାନଙ୍କର ଉଡ଼ି କରି ବୃକ୍ଷାଦରେ ପଡ଼ିବା—A kind of bird's flight consisting of alighting on trees. [ଦ୍ର—ପକ୍ଷୀମାନଙ୍କର ବସିବା ସ୍ଥାନରୁ ଉଡ଼ିବାକୁ ଉଦ୍ୟମର ନାମ ଡୀନ, ପ୍ରଥମେ ଉଡ଼ିବା କ୍ରିୟାର ନାମ 'ପ୍ରଡୀନ', ଅକାଶକୁ ଉଠିବା କ୍ରିୟାର ନାମ 'ଉଡ୍ଡୀନ' ଓ ଉଡ଼ି କରି ବୃକ୍ଷାଦରେ ପଡ଼ିବା କ୍ରିୟାର ନାମ 'ସଣ୍ଡୀନ'—ଶବ୍ଦକୋଷ. ଉରଡ ।] ସ. ବଣ. ପୁଂ—ଶକୁନ୍ୟରୁ ବୃକ୍ଷାଦରେ ବସିବା ଉଦ୍ଦେଶ୍ୟରେ ଉଡ଼ୁଥିବା (ପକ୍ଷୀ)—(bird) Flying from one place to a tree.

ସଣ୍ଡୁଅଶି—ଦେ, ବ (ସ. ସନ୍ଦଂଶ; ସଣ୍ଡିଶ) —ବଣିଆ ଓ କମାର-
Saṇḍuāśi ମାନଙ୍କର ଦ୍ରବିବାଦ୍ଦ ଯନ୍ତ୍ରବିଶେଷ (ଯାହାଦ୍ୱାରା; ସଁାଡ଼ାଶି ଦୌଣସି ଦ୍ରବ୍ୟକୁ ପାତ୍ରିରେ କାମୁଡ଼ିଲ୍ଲ ପର୍ ଧରିପାଇ ସଂଡସୀ ପାରେ)—A pair of pincers or tongs; pincers. [ଦ୍ର—ଚମ୍ପୁଟାର ଅଣ୍ଟ ଦୁଇଟି ସିଧା; ମାନ୍ର ସଣ୍ଡୁଅଶିର ଅଣ୍ଟ ବଙ୍କା ।]

ସଣ୍ଡୁଆସ—ପ୍ରାଦେ· (ଉତ୍ତର ବାଲେଶ୍ୱର) ବ—ଘୁଳ ଘରରେ ବଅ ।
Saṇḍuāsa ଚିରା ବଡା ବାଡ଼ର କାମଡା—The pairs of split bamboos which keep the sloping rafters of a thatched roof in position,

ସଣ୍ଡେ—ବୈଦେ. ବ (ଇଂ· ସନ୍‌ଡେ)—ରବିବାର—
Saṇḍe ସଣ୍ଡେ ସଂଡେ Sunday.

ସଣ୍ଡେ ଇସ୍କୁଲ୍—ବୈଦେ. ବ (ଇଂ. ସନ୍‌ଡେ ସ୍କୁଲ୍) —ଯାଦ୍ଦ୍ୱାନଙ୍କ
Saṇḍe iskul ଦ୍ୱାରା ଖ୍ରୀଷ୍ଟଧର୍ମ ଶିକ୍ଷାର୍ଥେ ପ୍ରତିଷ୍ଠିତ ରବିବାରଥ ସଣ୍ଡେ ସ୍କୁଲ ସଂଡେ ସ୍କୁଲ ବିଦ୍ୟାଳୟ—Sunday school. (ସଣ୍ଡେ ସ୍କୁଲ୍—ଅନ୍ୟରୂପ)

ସଣ୍ଢିଆ—ଦେ. ବ (ସ. ସନ୍ଧ କାଳକ)—ଶଗଡ଼ ଚକର ପହରେ
Saṇḍhiā ଥିବା ପୁଟ୍‌ଖଣ୍ଡମାନଙ୍କୁ ପରସ୍ପର ସହିତ ଯୋଡ଼ି ଗୋଇ ପୋନା କୀଳ ଦୁଇପ୍ରାନ୍ତରେ ସଲଗ୍ନ କରିଦେବାର ଘର୍ ବା ସଙ୍କର (ସଣ୍ଢିଆ କାଠା—ଅନ୍ୟରୂପ) ଚକରେ ଦଅସିବା କାଠର ଖିଲ—
Wooden pins wedged in between the tennons and mortices of the pieces (arcs) of the rim of a cart. [ଦ୍ର—ଏହି ଖିଲମାନଙ୍କ ଯୋଗୁ ପୁଟ୍‌ଖଣ୍ଡମାନ ପରସ୍ପର ସହିତ ଦୃଢ଼-ସଲଗ୍ନ ହୁଏ ।]

ସତ୍—ସ. ବଣ—[ଅସ୍ ଧାତୁ=ହେବା+କ୍ୱିପ୍· ଅତ୍ (ଷତ୍ୱ); ସତ୍
Sat ଶବ୍ଦ ପୁଂ, ସମ· ୧ବ.] —ବର୍ତ୍ତ ଓ ସ୍ତ୍ରୀ—ସତ୍ତା; ଜୀବ, (ସତ୍ତା—ସ୍ତ୍ରୀ) ସତ୍) —୧ । ବିଦ୍ୟମାନ; ବର୍ତ୍ତମାନ—1. Existing; existent. ୨ । ସତ୍ୟ—
(ଅସତ୍—ବିପରୀତ)
2. True. ୩ । ପ୍ରକୃତ—3. Actual; real. ୪ । ସାଧୁ—4. Honest; righteous. ୫ । ଉତ୍ତମ-5. Good. ୬ । ଉତ୍କୃଷ୍ଟ—6. Excellent. ୭ । ପ୍ରଶସ୍ତ—7. Wide. ୮ । ଧୀର—8. Patient. ୯ । ସୁନ୍ଦର; ଶୋଭନ—9. Beautiful. ୧୦। ଚିର-ସ୍ଥାୟୀ—10. Permanent. ୧୧ । ମାନନୀୟ; ପୂଜ୍ୟ—11. Venerable; honourable. ୧୨। ଜ୍ଞାନୀ; ବିଦ୍ୱାନ୍—12. Wise; learned. ବ—ବ୍ରହ୍ମ—God; the Divine Essence. [ଦ୍ର—ସଂସ୍କୃତରେ 'ସତ୍' ଶବ୍ଦର ପୁଂଲିଙ୍ଗ ୧ମା. ଏକ ବଚନରେ 'ସନ୍' ଓ କ୍ଲୀବଲିଙ୍ଗରେ 'ସତ୍' ଓ ସ୍ତ୍ରୀଲିଙ୍ଗରେ 'ସତ୍ତା' ହୁଏ । ଅନ୍ୟପଦ ସଙ୍ଗେ ସମାସ ବା ସନ୍ଧି ହେଲେ 'ସତ୍' ରୂପ ରହେ, କିନ୍ତୁ ପୁଂଲିଙ୍ଗରେ ବିକଳ୍ପରେ ବ୍ୟବହାର ହେଲେ ସଂସ୍କୃତରେ ସନ୍ ଓ ଓଡ଼ିଆରେ ସତ୍ ବ୍ୟବହାର ହୁଏ ! ଯଥା—ସେ ଅଛି ସତ୍ ଲୋକ । ସତ୍ ଶବ୍ଦ ଦର୍ଶନଶାସ୍ତ୍ରର ପାରିଭାଷିକ ଶବ୍ଦ । ଯାହା ଜଡ଼ ବସ୍ତୁମାନ, ଯାହାର କ୍ଷୟ କ ପରିବର୍ତ୍ତନ ଘଟେ ନାହିଁ ତାହା ସତ୍ । ଏହି ଶବ୍ଦ ଇଂରାଜୀରେ Being ବା Reality ଅର୍ଥସୂଚକ; ଅର୍ଥାତ୍ ଯାହା ଅସ୍ତିତ୍ୱଜ୍ଞାପକ (Existential), ଯାହା ସ୍ପଷ୍ଟ ନାସ୍ତିତ୍ୱ ଅର୍ଥ କଦାପି ଅନ୍ତର୍ଭୁକ୍ତ କରିପାଇ ନ ପାରେ । ଶଙ୍କର-ବେଦାନ୍ତରେ ବ୍ରହ୍ମ ଏକା ସତ୍, ଅନ୍ୟ ସମସ୍ତ ଅସତ୍ । ସଂସାର ପରିବର୍ତ୍ତନଶୀଳ ଏବଂ ଯାହା ପରିବର୍ତ୍ତନଶୀଳ ତାହା ଅସତ୍ (Non-being) । 'ଓଁ ତତ୍ ସତ୍'ରେ 'ସତ୍' ଶବ୍ଦ ଏହି ଅର୍ଥରେ ବ୍ୟବହୃତ । ଏତଦ୍‌ବ୍ୟତୀତ 'ସତ୍'ର ଅନ୍ୟ ଗୌଣ ଅର୍ଥ ମଧ୍ୟ ଅଛି । ଏହି ଅର୍ଥରେ ସତ୍ ଉତ୍କୃଷ୍ଟଭାସୂଚକ (=The good) । 'ସାତ୍ତ୍ୱିକ' ଶବ୍ଦର ଉତ୍ପାଦକ 'ସତ୍' ଏହି ଅର୍ଥବୋଧକ । ସାଧାରଣ ଭାଷାରେ ଏହି ଅର୍ଥର ପ୍ରୟୋଗ ବହୁଳଭାବରେ ଦୃଷ୍ଟ ହୁଏ । ଯଥା—ସତ୍ ଓ ଅସତ୍ ଲୋକ । ଭଗବାନ୍ ସଚ୍ଚିଦାନନ୍ଦ; ଏବଂ ସଚ୍ଚିଦାନନ୍ଦ ଶବ୍ଦରେ ସତ୍ ଶବ୍ଦ ଉତ୍କୃଷ୍ଟ ଅର୍ଥରେ ବ୍ୟବହାର ହୋଇଛି । ସତ୍ (=all good) ଚିତ୍ (all knowing), ଆନନ୍ଦ (all happy) ଅଥବା ଭଗବାନ୍ ସତ୍ (= being), କାରଣ ସେ ଜଡ଼ ନୁହନ୍ତି, ଅନ୍ୟ ସମସ୍ତ ଅନିତ୍ୟ ଅତଏବ ଅସତ୍—ସଦର୍ଥ ଲେଖକ ପ୍ରୋଫେସର୍ ହିରିନ-ବାସ ଗୁପ୍ତ ଏମ୍. ଏ. ।]

ସତ୍‌କଥକ—ସଂ. ବଣ. ପୁଂ (କର୍ମଧା)—ସତ୍‌ବକ୍ତା—Eloquent;
Sat-kathaka fluent. ବ—ଯେ ଭଲ ବକ୍ତୃତା କରି ପାରନ୍ତି—A fluent or eloquent speaker;

ସତ୍‌କଥା—ସଂ·ବ (କର୍ମଧା) —୧। ଭଲ କଥା—1. Good words.
Sat kathā , ଧର୍ମଚର୍ଚ୍ଚା—2. Religious discussion.

ସତ୍‌କଦମ୍ବ—ସଂ. ବ—କେଳିକଦମ୍ବ; ଗୌରକଦମ୍ବ; ବୃକ୍ଷବିଶେଷ—
Sat-kadamba Neuclea Cordifolia (tree).

Digitized by srujanika@gmail.com

ସତ୍ କବ—ସଂ. ବ(କର୍ମଧା)—ଶ୍ରେଷ୍ଠ ବା ଉତ୍ତମ କବ—Sat-kabi An eminent or good poet.

ସତ୍ କର୍ତ୍ତବ୍ୟ—ସଂ.ବିଣ ତୃ.(ସତ୍+କୃ ଧାତୁ+କର୍ମ. ଯ)—ସତ୍‌କୃତ ହେବାର ଯୋଗ୍ୟ—(ସତ୍‌କର୍ତ୍ତବ୍ୟା—ସ୍ତ୍ରୀ) Sat-karttabya Fit to be tended or entertained.

ସତ୍ କର୍ତ୍ତା—ସଂ.ବିଣ. ପୁଂ—୧ । ସତ୍‌କର୍ମକର୍ତ୍ତା—1. Doing good works. ୨ । ସତ୍‌କାରକାର୍ତ୍ତା—2. Entertaining (guests). ୩. ପୁଂ—ବିଷ୍ଣୁ (ସହସ୍ର ନାମୋକ୍ତ)—An epithet of Bishnu. (ସତ୍‌କର୍ତ୍ତ୍ରୀ—ସ୍ତ୍ରୀ) Sat karttā

ସତ୍ କର୍ମ—ଶ.ବ—୧। ବେଦବିହିତ କର୍ମ-1.Ceremonies or acts prescribed by the Vedas. [ଦ୍ର—ପ୍ରଶସ୍ତ କର୍ମ ପୁଣ ସତ୍ ଶବ୍ଦପ୍ରୟୋଗ କରାଯାଏ । ସଦ୍ଭାବ ଓ ସାଧୁଭାବରେ ସତ୍ ଶବ୍ଦ ପ୍ରଯୁକ୍ତ ହୁଏ । ଯଜ୍ଞ, ତପସ୍ୟା ଓ ଦାନ ସମ୍ବନ୍ଧୀୟ କର୍ମକୁ ସତ୍‌କର୍ମ କୋଲଯାଏ । ଅଶ୍ରଦ୍ଧାରେ ଯାହା ହୁତ, ଦତ୍ତ, ତପ୍ତ, ଓ କୃତ ହୁଏ ତାହାକୁ ଅସତ୍ କୋଇଯାଏ--ଭଗବଦ୍‌ଗୀତା—୧୭ଅଧ୍ୟାୟ;୨୬-୨୮ ଶ୍ଲୋକ ।] ୨ । ସାଧୁ କାର୍ଯ୍ୟ; ଉତ୍ତମ କାର୍ଯ୍ୟ—2. Good acts. ୩ । ପୁଣ୍ୟଜନକ କାର୍ଯ୍ୟ—3. Pious act ; virtuous act. ୪ । ଧର୍ମ କାର୍ଯ୍ୟ—4. Religious act. ୫ । ପରୋପକାର—5.Charitable acts;good service rendered to others.

ସତ୍ କାବ୍ୟ——ସଂ. ବ (କର୍ମଧା)—ସେଉଁ କାବ୍ୟ ଅଦୋଷତ୍ୱ-ଗୁଣବିଶିଷ୍ଟ ଅଳଙ୍କାରଦ୍ୱାରା ଅଳଂକୃତ ଓ ରସଯୁକ୍ତ (ବିଶ୍ୱକୋଷ)—An excellent literary production. Sat-kābya

ସତ୍ କାଞ୍ଚନାର—ସଂ.ବ—ରକ୍ତ କାଞ୍ଚନ ଗଛ—The red-flowered species of Kānchana tree. Sat kānchanāra

ସତ୍‌କାଣ୍ଡ—ସଂ. ବ—୧ । ଚଲପକ୍ଷୀ—1. Indian kite. ୨ । ଶ୍ୟେନ; ଇଷାଣ (ବିଶ୍ୱକୋଷ)—2. Hawk. Sat-kāṇḍa

ସତ୍‌କାର—ସଂ. ବ (ସତ୍+କୃ ଧାତୁ+ଘଞ୍. ଅ)—୧ । ସମାଦର; ପରଚର୍ଯ୍ୟା—1. Showing respect;tending; attending; respectful or reverential treatment; welcome, entertainment. ୨ । ପୁରସ୍କାର—2. Reward. ୩ । ପୂଜା—3. Worship. ୪ । ଶବସଂସ୍କାର; ଶବଦାହାଦି କର୍ମ—4. The act of burning or disposing of the dead body; funerals; obsequies. (ସତ୍‌କୃତ—ଅନ୍ୟରୂପ) Sat-kāra

ସତ୍‌କାର କରିବା—ଦେ. କ୍ରି—୧ । ଶବ ଦାହ କରିବା—1.To burn a dead body. Sat-kāra karibā

ସତ କାର କରା सत्कार करना

୨ । କୌଣସି ବ୍ୟକ୍ତିକୁ ସାଦର ପରଚର୍ଯ୍ୟା କରିବା—2. To welcome or entertain a person.

ସତ୍‌କାରଣ—ସ. ବ (କର୍ମଧା)—ବିଦ୍ୟମାନ କାରଣ—Existing cause. ସଂ. ବିଣ (ବହୁବ୍ରୀହି)—ଯାହାଁର କାରଣ ବିଦ୍ୟମାନ—Whose cause is in existence. Satkāraṇa

ସତ୍‌କାର୍ଯ୍ୟ—ସ. ବ (କର୍ମଧା)—ସତ୍‌କର୍ମ (ଦେଖ)—Satkarma (See) ସ. ବିଣ ପୁଂ—(ସତ୍+କୃ ଧାତୁ +କର୍ମ ଯ)—ସତ୍‌କର୍ତ୍ତବ୍ୟ (ଦେଖ)—Sat-karttabya (See) Sat-kārjya (ସତ୍‌କାର୍ଯ୍ୟା—ସ୍ତ୍ରୀ. ବିଣ)

ସତ୍‌କାର୍ଯ୍ୟ ବାଦ—ସ-ବ—ସାଙ୍ଖ୍ୟଦର୍ଶନ ମତରେ ଏ ଜଗତ୍ ସତ୍‌କାରଣ ରୂପ ସତ୍ ପଦାର୍ଥରୁ ଉତ୍ପନ୍ନ ହୋଇଅଛୁ, ଏହାରୁ ନତବାଦ—(Sāṁkhya Philosophy) The theory that the universe has been created out of some existing matter. Sat-kārjya bāda

ସତ୍‌କୁଳ—ସ. ବ (କର୍ମଧା)—ସତ୍‌ବଂଶ; ଉଚ୍ଚ ବଂଶ—Sat-kula Noble family; respectable family.

ସତ୍‌କୁଳଜ—ସ. ବିଣ. ପୁଂ—ସତ୍‌ବଂଶଜାତ—Born of a high or noble family, respectable. ସତ୍‌କୁଳଜାତ, ସତ୍‌କୁଳପ୍ରସୂତ, ସତ୍‌କୁଳୀନ—ଅନ୍ୟରୂପ Sat-kulaja

(ସତ୍‌କୁଳଜା, ସତ୍‌କୁଳଜାତା, ସତ୍‌କୁଳପ୍ରସୂତା, ସତ୍‌କୁଳୀନା—ସ୍ତ୍ରୀ)

ସତ୍‌କୃତ—ସ. ବିଣ (ସତ୍+କୃ ଧାତୁ+କର୍ମ. ତ)—୧ ସମ୍ମାନିତ; ସମାଦୃତ—1. Respected; honoured; hospitably. entertained. ୨ । ପୁରସ୍କୃତ—2.Rewarded. ୩ । ପୂଜିତ—3. Worshipped; revered. ବ (ସହସ୍ରନାମୋକ୍ତ) ବିଷ୍ଣୁ—An epithet of Bishnu. (ସତ୍‌କୃତା—ସ୍ତ୍ରୀ) Sat-kṛuta

ସତ୍‌କୃତି—ସ. ବ (ସତ୍+କୃ ଧାତୁ+ଭାବ.ତି)—ସତ୍‌କାର (ଦେଖ) Sat-kāra (See) Sat-kṛuti

ସତ୍‌କ୍ରିୟା—ସ. ବିଣ. ଦ୍ୱି. (ବହୁବ୍ରୀହି; ସତ୍+କ୍ରିୟା)—୧ । ସତ୍‌କର୍ମକାର୍ଯ୍ୟ—1. Doing good or pious acts. ୨ । ଧାର୍ମିକ—2. Virtuous; pious. (ସତ୍‌କ୍ରିୟା—ସ୍ତ୍ରୀ) Sat-kriya

ସତ୍‌କ୍ରିୟା—ସ. ବ (କର୍ମଧା; ସତ୍+କ୍ରିୟା)—୧ । ସତ୍‌କର୍ମ (ଦେଖ) 1. Sat-karma (See) ୨ । ସତ୍‌କାର (ଦେଖ)—2. Satkāra (See) [ଦ୍ର—ଲଲିତ ଦେଖାଇ ଜଗତେ ଯୋଗ୍ୟତା, ସତ୍‌କ୍ରିୟାରୁପେ ଏ ରୂପକଲ୍ପଲତା—ଗୁଧାନାଥ, ଚଲତା ।] ସଂ. ବିଣ ସ୍ତ୍ରୀ—ସତ୍‌କ୍ରିୟାର ସ୍ତ୍ରୀଲିଙ୍ଗ—Feminine of sat-kriya. Sat-kriyā

ସତ୍ ଗୃକର—ଦେ. ବ—୧ । ନମକହଲାଲ ନୌକର ତୁଲ୍ୟ—1. A servant true to his salt. ୨। ଯେଉଁ ଗୃକର ବିଶ୍ୱାସୀ ଚାକର **ନମକହଲାଲ ନୌକର** ସ୍ୱାମୀଙ୍କ ଧନାଦି ଗୋଟ କରେ ନାହିଁ—2. Honest servant.

ସତ୍ ନାରଣ—ତ୍ରା. ବ—ସତ୍ୟନାରୟଣ (ଦେଖ) Sat-nāraṇa Satyanārāyaṇa (See) (ସତ୍ ନାରୟଣ—ଅନ୍ୟରୂପ)

ସତ୍ ପତ୍ର—ସଂ. ବ—ପଦ୍ମର ନବଦଳ (ଶବ୍ଦଚନ୍ଦ୍ରିକା)— Sat-patra The new petals of a lotus.

ସତ୍ପଥ—ସଂ. ବ—୧ । ସୁପଥ; ସୁଦ୍ଧା; ସନ୍ମାର୍ଗ; ଉତ୍ତମ ମାର୍ଗ— Sat-patha 1. A good road. ୨। ସଦାଚରଣ—2. Good or virtuous practice or conduct.

ସତ୍ (ତ)ପଥୀ(ଥି)—ତ୍ରା. ବ (ସଂ. ଶତପଥୀ)—ବାହ୍ମଣମାନଙ୍କର ବଂଶୋପାଧ୍ୟବଶେଷ—A family-title of Brāhmans. Sat-(ta)pathī(thi)

ସତ୍ ପରାମର୍ଶ—ସଂ. ବ(କର୍ମଧା)—ଉତ୍ତମ ବା ମଙ୍ଗଳମୟ ବା ସମୟୋପଯୋଗୀ ସତ୍ପରାମର୍ଶ—Good counsel; beneficial or opportune advice. Sat-parāmarśa

ସତ୍ ପଶୁ—ସଂ. ବ—ଯଜ୍ଞୀୟ ପଶୁ; ଯଜ୍ଞ ବଳି— Sat-paśu A victim for a Vedic sacrifice.

ସତ୍ପାତ୍ର—ସଂ. ବ (କର୍ମଧା; ସତ୍+ପାତ୍ର)—୧ । ଦାନଗ୍ରହଣ କରିବାର ଉପଯୁକ୍ତ ବ୍ୟକ୍ତି—1. A person deserving of charity or gift. ୨। (ଜନ୍ୟାଦି) ବିବାହ କରିବାର ଉପଯୁକ୍ତ ବ୍ୟକ୍ତି—2. A person deserving to be given a bride. ୩। ଶୁଦ୍ଧ ପାତ୍ର—3. A holy or pure pot or receptacle. ୪। ସଚ୍ଛିଷ୍ୟ—4. A good and dutiful disciple. Sat-pātra

ସତ୍ପିତା—ସଂ, ବ (କର୍ମଧା; ସତ୍+ପିତା)—ପୁତ୍ର ପ୍ରତି ଦୟାଳୁ ଓ ଉତ୍ତମ ବ୍ୟବହାରକାରୀ ପିତା— A good and kind father. Sat-pitā

ସତ୍ପୀର—ତ୍ରା. ବ—୧ । ସତ୍ୟପୀର (ଦେଖ)—1. Satyapira (See) ୨ । (ପୁଂ) ଲୋକଙ୍କ ଦ୍ୱାରା ପଥପିବା ନାମ— Sat-pir 2. A name given to males.

ସତ୍ପୁତ୍ର—ସଂ. ବ (କର୍ମଧା; ସତ୍+ପୁତ୍ର)—ସୁପୁତ୍ର— Sat-putra A good and dutiful son. (ସତ୍ପୁତ୍ରୀ—ସ୍ତ୍ରୀ)

ସତ୍ପ୍ରତିଗ୍ରହ—ସଂ. ବ (କର୍ମଧା)—ସାଧୁଜନଦତ୍ତ ଦ୍ରବ୍ୟର ଗ୍ରହଣ— Sat-pratigraha Acceptance of gifts from a good person.

ସତ୍ପ୍ରତିଜ୍ଞା—ସଂ. ବ (କର୍ମଧା)—ସତ୍କାର୍ଯ୍ୟ କରିବାପାଇଁ ସଂକଳ୍ପ— Sat-pratijñā Vow to do a good act.

ସତ୍ପ୍ରତିପକ୍ଷ—ସଂ. ବ (କର୍ମଧା)—୧ । ତୁଲ୍ୟ ପ୍ରତଯୋଗୀ—1. A suitable rival. ୨। (ନ୍ୟାୟଶାସ୍ତ୍ର) ସାଧ୍ୟାତ୍ମକ ବ୍ୟାପ୍ୟବତ୍ ପକ୍ଷ; ପ୍ରକୃତ ବା ଯୁକ୍ତିପୂର୍ଣ୍ଣ କାରଣ ଉପରେ ସ୍ଥାପିତ ଅନୁମାନ—2. (Logic) A guess based on reasoning; reasonable proposition Sat-pratipakṣa

ସତ୍ପ୍ରସଙ୍ଗ—ସଂ.ବ(କର୍ମଧା)—ଉତ୍ତମ ବା ଧର୍ମବିଷୟକ କଥାବାର୍ତ୍ତା— Sat-prasaṅga Religious topic or discussion.

ସତ୍ଫଳ—ସଂ. ବ (କର୍ମଧା; ସତ୍+ଫଳ)—୧ । ସୁଫଳ— Sat-phala 1. Good result. ୨। (ବୃକ୍ଷ ବୈଦ୍ୟକ) ଡାଳମ୍ବୁଜ—2. Pomegranet tree.

ସତ୍ ବ୍ୟକ୍ତି—ଦେ. ବ (ସମସ୍ତ ପଦ ହେଲେ ସତ୍ୟକ୍ତ ହେବ)— Sat-byakti ୧ । ସଚ୍ଚରିତ୍ର ବ୍ୟକ୍ତି; ସାଧୁବ୍ୟକ୍ତି—1. Good (ସତ୍ ମନୁଷ୍ୟ, ସତ୍ ଲୋକ—ଅନ୍ୟରୂପ) man. ୨ । ଯେ ସାଧୁଲୋକ **ସତ୍ ବ୍ୟକ୍ତି** ଉଲ୍ଲୋଚ ଆଦ ଜଣ ନାହିଁ—2. Honest.

ସତ୍(ତ)ରଙ୍ଗ(ଙ୍କି,ଞ୍ଜି,ଞ୍ଜି)—ଦେ. ବ—ସତରଙ୍ଗ (ଦେଖ) Sat(ta)raṅga(ṅki)ñj,ñji Sataraṅga (See)

ସତ୍ ସଙ୍କଳ୍ପ—ସ. ବ—ସତ୍ ପ୍ରତିଜ୍ଞା—Promise or determination to do good; good resolution. Sat saṁkalpa (ସତ୍ସଙ୍କଳ୍ପ—ଅନ୍ୟରୂପ)

ସତ୍ ସଂସର୍ଗ—ସ. ବ—ସାଧୁ ବ୍ୟକ୍ତିଙ୍କ ସହବାସ— Sat saṁsarga Mixing with good people. (ସତ୍ ସଂସର୍ଗ—ବଙ୍ଗ)

ସତ୍ସଙ୍ଗ—ସଂ. ବ—୧ । ସାଧୁସଙ୍ଗ; ସଜ୍ଜନ ସହବାସ; ଉତ୍ତମ ବ୍ୟକ୍ତିର ସଙ୍ଗ—1. Mixing in good company. ୨ । ଧର୍ମ ଚର୍ଚ୍ଚା କରିବା ବ୍ୟକ୍ତିମାନଙ୍କର ସହବାସ—2. Passing time with pious and religiously-minded persons. ୩ । ଅନେକ ଲୋକ ମିଳିତ ହୋଇ ପାରମାର୍ଥିକ ବିଷୟ ଚର୍ଚ୍ଚା କରିବା—3. Discussion on religious subjects in Company. ବେ. ବ—ଅଜାକାର ଓ ଅଲେଖ ଆଦି ବିଷୟରେ ଯାହା ଜଣ ବସି ଚର୍ଚ୍ଚା କରିବା ସଭା—A meeting where people assemble and talk about a popular form of religion. [ଦ୍ର—ସଙ୍ଗ ତଳେ ନୋଟ ଦେଖ ।] Sat-saṅga **ସତ୍ସଙ୍ଗ** ସତ୍ସଙ୍ଗୀ

ସତ୍ସଙ୍ଗୀ—ସଂ. ବଶ. ପୁଂ—୧ । ଯେଉଁ ବ୍ୟକ୍ତି ସତ୍ସଙ୍ଗ କରେ— Sat-saṅgī 1 One who does 'Sat saṅga'. ୨।ସଦାଚାରୀ (ସତ୍ସଙ୍ଗିଣୀ—ସ୍ତ୍ରୀଲିଙ୍ଗ) ସଜ୍ଜନ—2. A good and virtuous companion. **ସତ୍ସଙ୍ଗୀ** **ସତ୍ସଙ୍ଗୀ**

ସତ୍ସାର—ସଂ. ବ (ବହୁବ୍ରୀ)—ଉତ୍ତମ ସାରଯୁକ୍ତ—Having good essence or pith. ବ—୧ । ବୃକ୍ଷ ବିଶେଷ—1. Name of a tree. ୨ । ଚଟାଘାରୁ Sat-sāra

Digitized by srujanika@gmail.com

(ଦେଖ)—2. Chitāpāru. (See) ୩ । କବି—3. Poet. ୪ । ଚିତ୍ରକର—4. A painter; an artist.

ସତ୍ ସାହସ—ଦେ. ବ (କର୍ମଧା)—୧ । ସତ୍କାର୍ଯ୍ୟ କରିବା ବିଷୟରେ ନିର୍ଭୀକତା—1. Courage to do good things. ୨ । ସତ୍ୟ କହିବା ବିଷୟରେ ନିର୍ଭୀକତା—2. Courage of one's convictions; courage to speak out truth or one's feelings.

ସତ୍ ସେବା—ସଂ. ବ.—(ଷଷ୍ଠୀ ତତ୍)—ସାଧୁଜନ ପ୍ରତି ସେବା—Sat sebā Serving under a good person; attending on a good man.

ସତ—ଦେ. ବ. (ସଂ—ସତ୍ୟ)—୧ । ସତ୍ୟ; ଶପଥ; ପ୍ରତିଜ୍ଞା—Sata 1. Promise; truth. (ଉ—ଆପଣା ପ୍ରତିଜ୍ଞା ରଖିବ, (ମିଛ—ବିପଦ୍ପତ୍ତି) ଭୂସ୍ତର ସତ ଛଡ଼ାଇବ । ଭୂପତି. ପ୍ରେମ ସତ୍ୟ ପଞ୍ଚାମୃତ ।) ୨ । ସତ୍ୟକଥା—2. Truth. ୩ । ବିଶ୍ୱାସ; ସତ୍ୟ ଆସ୍ଥା—3. Faith ୪ । ସତ୍ୟଯୁଗ—4. The Golden Age of truth; the millenium ୫ । ସତ୍ତ୍ୱଗୁଣ (ଦେଖ)—5. Sattwa guṇa. (See) ବିଶ—୧ । ସତ; ସାଧୁ—1. Honest. (ଉ—ଅମ୍ବର ମନ ସତ ଯେବେ ହେତ, ଯାଇଛ ଗୋବିନ୍ଦ ସଙ୍ଗତ । ଭୂପତି ସତ୍, ସଚ୍ଚା ପ୍ରେମପଞ୍ଚାମୃତ ।) ୨ । ସତ୍ୟବାଦୀ—2. Truthful. ୩ । ଯାହା ମିଥ୍ୟା ନୁହେଁ; ପ୍ରକୃତ—3. True. (ଉ—ଚରମ ସୁଦ୍ଧ ଯୋଗ ସତ ସ୍ୱରୂପ । ଭଜ. ବୈଦେଘ୍ୟୁଷ-ବିଳାସ ।) ୪ । ପ୍ରତିଜ୍ଞାପାଳକ—4 True to promise. ୫ । ବିଶ୍ୱାସୀ—5. Faithful. ଦେ. ଅ—ସିନା (ନିଶ୍ଚୟାର୍ଥକ); ନିଶ୍ଚେ—Certainly. (ଉ—ପଛତ ହୋଇ ଦୂରରେ ଥିଲେ ତେ ତେତ ଭଜତ ଥିବାର ସତ । ଭବପୂର୍ଣ୍ଣି. ବିଶୋପ୍ତ ଚରଣ, ଘ. ଗୀତ ।) [ଦ୍—ଏ କଥା ମତେ ସତ ତତେ (ତୁମକୁ) ମିଛ—ଦେ. ବାକ୍ୟ—

କୌଣସି ଅସମ୍ଭବ ବା ଅବଶ୍ୟମ୍ଭାବୀ ଘଟନାକୁ ସ୍ୱତନ୍ତ୍ରରେ ଦେଖିଥିବା ବ୍ୟକ୍ତି ଅନ୍ୟ ବ୍ୟକ୍ତିମାନଙ୍କ ଆଗରେ ବର୍ଣ୍ଣନା କଲାବେଳେ କହିବା ବାକ୍ୟ; ଅର୍ଥାତ୍ ଏହା ମୁଁ ଦେଖିଛି ବୋଲ ମୁଁ ଏ କଥା ସତ୍ୟ ବୋଲି ଜାଣିଛି, କିନ୍ତୁ ତୁମ୍ଭେମାନେ ଏହା ଦେଖି ନାହଁ ବୋଲି ଏହାକୁ ସତ୍ୟ ମଣିବ ନାହଁ ।]

ସତ ଉପୁଜିବା—ଦେ. ବ—ପୃଥିବୀରେ ସତ୍ୟଯୁଗ ଆବିର୍ଭୂତ ହେବା—Sata upujibā The appearance or dawning of the millenium or the Golden Age in the world. ସତ୍ୟ ଉପଜାତ ହଓୟା ସତ୍ ଯୁଗକା ଆଗମନ

[ଉ—ଭରତ ଥିବୁ ତେଏବହୁ, ତତ୍ତ୍ୱ ଘନର କେହ ନ ରହିବେ, ସତ ଉପୁଜିବ ସତ୍ତ୍ୱରୁ । ମାଳତୀ ପ୍ରବଚନ ।]

ସତ କଥା—ଦେ. ବ. (ସଂ. ସତ୍ୟ+କଥା)—୧ । ସତ୍ୟ ବାକ୍ୟ—Sata kathā 1. True words. ୨ । ପ୍ରକୃତ ଘଟନା; ସତ୍ୟି କଥା ପ୍ରକୃତ ବିଷୟ—2. Actual fact. **सच्चि बात**

ସତ କରିବା—ଦେ.କି—୧ । କୌଣସି ବାକ୍ୟରେ ବା କଥାରେ ବିଶ୍ୱାସ Sata karibā ଦୃଢ଼ ଆସ୍ଥା ସ୍ଥାପନ କରିବା; ସତ ମଣିବା—ବିଶ୍ୱାସ କରା 1. To believe a thing to be true. **सच मानना** [ଉ—ବାଦୁକ ଶୁଣିଣ କୋଇଲେ ଏହା ମୁହଁ, ନ ସତ୍ୟି କରା ଉଣିଲେ କେବେ ସତ କରିବ ନାହିଁ । ବୃଷ୍ଣିଦି. **सत करना** ପଦ୍ମାବ୍ତରତ. ବନ ।] ୨ । ସତ୍ୟ କରିବା; ଧର୍ମତଃ ପ୍ରତିଜ୍ଞା କରିବା—2. To promise or vow to do a thing solemnly.

ସତ୍ୟ କହିବା—ଦେ. କି—ସତ୍ୟ କଥା କହିବା—To speak the truth. Satya kahibā [ଉ—ଶପଥ ଶତ ଅଛୁ କହିବାକି ସତ୍ୟି ବଳା **सच कहना** ସତ । କବିସୂର୍ଯ୍ୟ. କବିଚାତୁରଭଙ୍ଗ. ଶ ଗୀତ ।]

ସତ କହିଲା—ଦେ. ବାକ୍ୟ—କୌଣସି ବ୍ୟକ୍ତି ଛିଙ୍କିଲା ବେଳେ ଜଳଦ୍ଦୁ Sata kahilā ବ୍ୟକ୍ତିଙ୍କର ଉଚ୍ଚାରିତ ପଦ; ସତ୍ୟଂଜୀବ— ସତ୍ୟି ସତ୍ୟି An expression uttered by person **सत जीव** present when another person sneezes.

ସତକା(କୁ) ସତ—ଦେ. କି ବିଶ—ପ୍ରକୃତରେ; ବାସ୍ତବରେ—Satkā(ku) sata Actually; truly. ସତ୍ୟି.ସତ୍ୟି [ଉ—ସତକୁ ସତ ବିବାଣ ଯାହା କହିଥିଲ ସେଇପ୍ରା **सचका सच** ଦେଲ । ଗାଲଜଣ ଦାଶ ପିଲଙ୍କ ବିମାଯୁଣ ।]

ସତ ଘଣ୍ଟା ବାଜିଲା—ଦେ. ବାକ୍ୟ—ଲୋକେ ବସି କଥାବାର୍ତ୍ତା ହେଉ-Sata ghaṇṭā bājilā ଥିବା ବେଳେ କୌଣସି ପ୍ରସଙ୍ଗ ବା ସତ୍ୟ ଘଣ୍ଟା ବାବଲ କଥା କୌଣସି ଲୋକ ମୁହଁରୁ ବାହାର ପଡ଼ିବା **सचका घण्टा बजा** ବେଳେ ଯେବେ କଳତରେ ଘଣ୍ଟା ବା ଘଣ୍ଟାର ଧ୍ୱନି ଶୁଣାଯାଏ ତେବେ ଲୋକେ ଏହା କହୁ ଥାଅନ୍ତି; ଅର୍ଥାତ୍, ଏ କଥାର ସତ୍ୟତା ସମ୍ବନ୍ଧେ 'ଘଣ୍ଟା ବାଜିବା' ସାକ୍ଷ୍ୟ ଦେଉଅଛୁ—An expression meaning 'The truth of my saying is testified to by the sounding of the bell at this moment'.

ସତ ଚଲିଶ(ଶି)—ଦେ. ବ ଓ ବିଶ (ସଂ. ସପ୍ତ ଚତ୍ୱାରିଂଶତ୍)—Sata chālisa(śi) ସ୍ତଳଶରୁ ଅଧିକା ସାତ; ୪୭—ସାତଚଲ୍ଲିଶ **सैंतालिस** Fortyseven.

ସତତ—ବ. ବିଶ—ସତତ; ନିରନ୍ତର—Constant; uninterrupted. Satata କି. ବିଶ (ସମ୍ ଉପସର୍ଗ+ତନ୍ ଧାତୁ =ବିସ୍ତାର କରିବା+ତ)—୧। ସର୍ବଦା—1.Always. ୨ । ନିରନ୍ତର—2. Incessantly.

ସତତ ଜ୍ୱର—ସଂ. ବ—ସନ୍ତତ ଜ୍ୱର (ଦେଖ) Satata jwara Santata jwara (See)

Digitized by srujanika@gmail.com

ସତ ତିରିଶ—ଦେ. ବ (ସଂ. ସପ୍ତ ତ୍ରିଂଶତ୍)—ତିରିଶରୁ ଅଧିକ ସାତ; Sata tiriśa ୩୭—Thirty seven. [ଉ—ସତ ତିରିଶେ ସାଇତ୍ରିଶ ଜଣେ ଜାଣ, ତିରଣାଗତ ପାଳ ଗୁଣ । ପ୍ରାଚୀ. **सैंतिस** ମୂର୍ଖଲକ୍ଷ. ଚତ୍ରୋଦୟ ।]

ସତତ୍ତ୍ୱ—ସଂ. ବ. (ସ=ସମାନ+ତତ୍ତ୍ୱ=ପ୍ରକୃତି)—ପ୍ରକୃତି; ସ୍ୱଭାବ— Satattwa Nature; tendency; natural temperament.

ସତନ୍ତର—ପାଦେ. (ଲରଥ) ବଣ—ସ୍ୱତନ୍ତ୍ର— Satantara Separate.

ସତପଥା(ଥୀ, ସ୍ତି, ସ୍ଥି)—ପ୍ରା. ବ—ସତ୍‌ପଥୀ (ଦେଶ) Satapathā(thī, sti, sthi) Sat-pathī (See)

ସତନାମି—ଦେ. ବ—ଛତିଶଗଡ଼ର ଚମାର ଜାତ୍ୟାବଲମ୍ବିଙ୍କ କଥିତ Sata nāmi ଛତିଶଗଢ଼ ବା ଲରଥ ଭାଷାର ରୂପାନ୍ତର— ସତନାମୀ Chhatisgari or Laria language **सतनामी** spoken by the 'Chamāra's in Chhatisgarh.

ସତ ଫଲା(ଳେ)ଇ କହିବା—ଦେ. କି—କହିବା କଥା ସତ୍ୟ ବୋଲି Sata phalā(le)i kahibā ଲୋକଙ୍କୁ ବିଶ୍ୱାସ କରାଇ ସତ୍ୟ ଫଳିଯେ ବଳା କହିବା—To speak a thing, so as **सचके जैसा कहना** to make people believe it to be true.

ସତ ଫଲା(ଳେ)ଇବା—ଦେ. କି—୧ । ମିଛ କଥାକୁ ସତ୍ୟ ବୋଲି Sata phalā(le)ibā ବିଶ୍ୱାସ କରାଇ କଥା କହିବା— ସତ୍ୟ ଫଳାନ 1. To depict a false or untune **सचके जैसा कहना** matter as if it were true. ୨ । ଅପଣାର କଥାକୁ ସତ୍ୟ ରୂପେ ପ୍ରମାଣିତ କରାଇବା— 2. To prove one's words to be true; to substantiate one's sayings.

(ମୋର) ସତ ବଳା(ଳେ)ଇବା—ଦେ.ବ—କୌଣସି ବିଷୟର ସତ୍ୟତା Sata balā(le)ibā ଉପରେ ବିଶ୍ୱାସ ସ୍ଥାପନ—1. Belief in (ସତ ବଳିବା—ଅନ୍ୟରୂପ) the truth of a thing. ୨ । ସତ୍ୟ ବୁଝା (କୌଣସି ବ୍ୟକ୍ତିଠାରେ) ଅଟୁଟା ସ୍ଥାପିତ ହେବା—2. **सच समझना** Having confi dence on a person. ୩ । ସତ୍ୟ ନିର୍ଭର କରା କୌଣସି କାର୍ଯ୍ୟ କି ଗୁରୁତ୍ୱ ସାହସ ହେବା—3. **सच स्थापित होना** Having the boldness to do a ସାହସ ହଓୟା thing; venturing to do a thing. **हिम्मत होना** (ଯଥା—ଛଡ଼ିଆଣି ଦିଅନ୍ତାକୁ ସାତ ଥରୁଦ୍ ଲଙ୍କା ପାରକୁ ମନ ଲାଗା ପଠାଇବାକୁ ମୋର ସତ ବଡ଼ ନାହିଁ ।) ୪ । ମନ ଇଚ୍ଛା ହୋନା ହେବା; ଇଚ୍ଛା ଜାତ ହେବା—4. Desire to do a thing. [ଉ—ଏ ସ୍ତ୍ରୀ ତୋର ନ ଥିଲ ଗୋ । ଘୋଷ ଥିବା ଗଣ୍ଡୀ ମାରିବାକୁ ତୋର ସତ କେମନ୍ତେ ହଲୁଚ୍ଚ ଗୋ—ଭୀଷ୍ମ. ଲବଣ୍ୟବଧ ।]

ସତ ମଣିବା—ଦେ. କି—ସତ୍ୟ ବୋଲି ବିଶ୍ୱାସ କରିବା—To be- Sata manibā lieve a thing to be true. ସତ୍ୟ ବୁଝା **सच समझना**

ସତମସ—ଦେ. ବଣ (ସଂ. ସ+ତମସ୍)—୧ । ଅନ୍ଧକାରଯୁକ୍ତ— Satamasa 1. Dark. ୨ । ରାହୁଗ୍ରହଯୁକ୍ତ—2. Over- ଅାଁଧାରେ ଢାକା shadowed by the planet Rāhu. **सान्धकार** [ଉ—ସତ ମଙ୍ଗଳ ସେ ସେନ ଉପୁଜେ, ସତମସ ତ ତନ୍ଦ୍ରରେ ବରୁଜେ । ଭଞ୍ଜ. କୋଣିବ୍ରହ୍ମାଣ୍ଡପୁରାଣ ।]

ସତ ମିଛ—ଦେ.ବଣ (ସଦ୍ଭବର ଶବ୍ଦ; ସଂ. ସତ୍ୟ, ମିଥ୍ୟା)—୧ । ସତ୍ୟ Sata michha ଓ ମିଥ୍ୟା—2. True and false. ସତ୍ୟମିଥ୍ୟା ୨ । ପ୍ରକୃତ ଓ ଅପ୍ରକୃତ—3. Real and unreal. **सचाझूठा** ବ—୧ । ସତ କଥା ଓ ମିଥ୍ୟା କଥା—2. Truth सत्य मिथ्या and falsehood. ୨ । ପ୍ରକୃତ ପଦାର୍ଥ ଓ ଅପ୍ରକୃତ **सचझूठ** ବସ୍ତୁ—2. Real matter and unreal matter.

ସତ ମିଛ ଲଗା(ଗେ)ଇ କହିବା—ଦେ. କି—ଚୁଗୁଲି କରିବା; Sata michha lagā(ge)i kahibā କୌଣସି ବ୍ୟକ୍ତି ନାମରେ ଚୁଗୁଲି କାଟା କେତେକ ସତ୍ୟ ଓ କେତେକ ମିଥ୍ୟା କଥା **चुगुली खाना** ମିଶାଇ ଅନ୍ୟ ଆଗେ କହିବା— To backbite a person.

ସତ ସତ—ଦେ. ବଣ—ଯତ ସତ (ଦେଖ)—Jata sata (See) Sata jata [ଉ—ସତ ଯତ ପ୍ରାଣୀମାନେ ଜଳରେ ବଢ଼ନ— ପ୍ରାଚୀ. ଶ୍ରୀଗୁରୁଭକ୍ତଗୀତା ।]

ସତର—ଦେ. ବ ଓ ବଣ (ସଂ. ସପ୍ତଦଶ)—ଦଶରୁ ଅଧିକ ସାତ Satara ସଂଖ୍ୟା; ୧୭—Seventeen. ବଣ—ବହୁ ସଂଖ୍ୟକ— ସତେର **सतरह** Many.

ସତର ଉତର ଶହେ—ଦେ. ବ—ଏକଶତ ସତର; ୧୧୭—One Satara utara śahe hundred and seventeen; ଏକଶ ସତେର **एकसौ सतरह** 117.

ସତର ଉତର ଦୁଇ ଶହ—ଦେ. ବ—ଦୁଇଶ ସତର; ୨୧୭— Satara utara dui śaha Two hundred and ଦୁଶ ସତେର seventeen; 217. [ଉ—ଏହିପର ସତର **दोसौ सतरह** ଉତର ଉନ ଶହ, ଗୁର ଶହ ଅଦ ଦୋଇ ଘାରେ ।]

ସତରକ—ଦେ. ବଣ (ସଂ. ସପ୍ତର୍କ)—ସତର୍କ (ଦେଖ)—Sataraka (See) ଦେ. ବ (ସଂ. ସପ୍ତଦଶ)—ସତର ସତେରର ଘର ଘର ଘଣ୍ଟିକାର ୧୦ ଗଣା—Arithmetical **सतरहकी पट्टी** tables from 17×1 to 17×10.

ସତର କଥାରେ ସତୀ ଭୁଲେ—ଦେ. (ପ୍ରବଚନ)—୧ । ସ୍ୱାମୀଙ୍କ ପ୍ରତି Satara kathāre satī bhule ଭକ୍ତିମତୀ ସ୍ତ୍ରୀ ଲୋକମୁଖରୁ ସ୍ୱାମୀଙ୍କ ସମ୍ବନ୍ଧରେ (ସତର) ନାନା ଦୁର୍ନାମ ଶୁଣିଲେ ଉକ୍ତ ସ୍ତ୍ରୀର ମନ ମଧ୍ୟ ଭୁଲିଯାଏ ବା ସ୍ୱାମୀଙ୍କ ପ୍ରତି ବିମୁଖ ହୁଏ—1. Even a devoted woman becomes prejudiced against her husband on hearing many bad reports against her husband. ୨ । ସ୍ୱାମୀଙ୍କ ପ୍ରତି ଏକାନ୍ତ ଅନୁରକ୍ତା ସ୍ତ୍ରୀକୁ ସତର (ଅର୍ଥାତ୍ ନାନା ପ୍ରକାରେ ବା ବହୁବାର)ଅପ୍ରଲୋଭନଯୁକ୍ତ କଥା କହିଲେ

Digitized by srujanika@gmail.com

ସେ ମଧ୍ୟ ସତ୍ପଥରୁ ବିଚଳିତ। ହୁଏ—2. Even a chaste woman is led astray from the path of virtue by many honeyed and tempting words.

ସତରଙ୍ଗ(ଙ୍ଗି, ଞ୍ଜ, ଞ୍ଜି)—ବୈଦେ. ବ (ଆ, ଶତ୍‌ରଞ୍ଜୀ)—ଚତୁ-
Satarańga(ńgi, ñja, ñji) ରଙ୍ଗ ଥାଲ ପର ଘର ଘର
ସତରଞ୍ଜି ସତରଂଜୀ ଦୋଇ ବୁଣା ଦୋଇଥିବା ମୋଟା ତୁଚ୍ଛ ର
(ସତର[ରେ]ଜି—ଅନ୍ୟରୂପ) ବଚ୍ଛଣା; ଦଗ୍ଧ—Durry; a carpet made of cotton thread. ଦେ. ବ
ସତରଞ୍ଜ (ସ.ଚତୁରଙ୍ଗ)—(ଏହ ଶବ୍ଦରୁ ଆ. ଓ ଫା, ସାତ୍‌ରଞ୍ଜ୍ ଖେଳ
ସତରଂଜ ସତ୍‌ରଂଜ ଜପୁତ୍ର ହୋଇଅଛ; ଅରବୀ ଭାଷାରେ ସତ୍—
୧୦୦ ଲୋକଙ୍କୁ ଯେ ରଞ୍ଜେ ବା ଅନନ୍ଦିତ କର୍‌ଏ (ରାଜା ବ୍ରାଜାକାନ୍ତଦେଙ୍କ ସମର୍ଥକୋଷ)—ଚତୁରଙ୍ଗ ବା ନ୍ୟାୟୁବଲ ଖେଳ—The game of chess. [ଦ୍ର—ସତରଞ୍ଜ ଖେଳରେ ଉଭୟ ପକ୍ଷରେ ଚତୁରଙ୍ଗ ସେନା (ହସ୍ତୀ, ଅଶ୍ୱ, ରଥ ଓ ପଦାତି)ଙ୍କୁ ଯୋଜ ମନ୍ତ୍ରୀ ଓ ରାଜା, ଦୁଇ ଜଣଙ୍କ ମଧ୍ୟରେ ଯୁଦ୍ଧର ଅନୁକରଣରେ ଖେଳ ହୁଏ। ଏହ ଖେଳରେ ଚତୁଷ୍କି ଘର ବା କୋଠି କଟା ଦୋଇଥିବ ଥାଲି ବା ପଟା (chess board) ଉପରେ ରାଜା ମନ୍ତ୍ରୀ ଓ ଚତୁରଙ୍ଗବଳରୁପ ଗୋଟୀମାନଙ୍କୁ ଦୁଇ ଜଣ ଖେଳାଳି ଗୁଣନ ଦର ଖେଳନ୍ତି। ପ୍ରତ୍ୟେ ଖେଳାଳିଙ୍କ ଗୋଟୀର ରଙ୍ଗ ଭିନ୍ନ ଭିନ୍ନ କରିଯାଇଥାଏ। ପ୍ରତ୍ୟେ ପକ୍ଷରେ ଚତୁଣ ରାଜା ଓ ତାହାଙ୍କ ବଳ, ଯଥା—ଜଣେ ମନ୍ତ୍ରୀ (ଫା. ଦାବା, ଇଂ. Queen), ଦୁଇଟି ହାତୀ, (ଫା. ପିଲ୍ଲ, ଇଂ. Bishop), ଦୁଇଟି ଅଶ୍ୱ (ଫା. ଘୋଡ଼ା, ଇଂ Knight). ଦୁଇଟି ରଥ ବା ନୌକା (ଫା. ଇସ୍ତି ବା ରୋଖ୍, ଇଂ, Rook or castle) ଏବଂ ଅଠଜଣ ପଦାତି (ଫା. ବଡ଼ୟା, ଇଂ. Pawn), ଏପର ପ୍ରତ୍ୟେ ପକ୍ଷରେ ୧୬ଟି ଗୋଟୀରେ ଖେଳାଯାଏ। ବପକ୍ଷ ଦଳର ଅନ୍ୟମାନଙ୍କୁ ରାଜାଙ୍କୁ ଜିତିବା ପାଇଁ ସ୍ୱପକ୍ଷର ବଳମାନଙ୍କୁ ଚଳାଇବାକୁ ହୁଏ। ଅପର ପକ୍ଷ ରାଜାଙ୍କୁ ଆକ୍ରମଣ କରନ୍ତି। ପଦାତିମାନେ ସାମନାରେ ଗୋଟିଏ ଘର ମାତ୍ର ଅଗ୍ରସର ହେବେ। ଅନ୍ୟ ବଳମାନଙ୍କର ଚଲନ ଗତି ନିର୍ଦ୍ଦିଷ୍ଟ। ମନ୍ତ୍ରୀର ଗତି ଅବାରତ। 'ବଳ'ମାନେ ବପକ୍ଷର ବଳଦ୍ୱାରା ପରାଜିତ ହେଲେ ରାଜା କ୍ରମଶଃ 'ସ୍ପାନବଳ' ହୁଅନ୍ତି ଏବଂ ବପକ୍ଷ ବଳ ଜରୁ ଦୁର୍ବଳ ରାଜାଙ୍କୁ ଆକ୍ରମଣ କରନ୍ତି। ଏହରୂପ ଆକ୍ରମଣକୁ 'କିସ୍ତି' ବୋଲିଯାଏ। କିସ୍ତି ହେଲାପରି ରାଜାଙ୍କୁ ବପକ୍ଷ ବଳର ଆକ୍ରମଣରୁ ଘୁଞ୍ଚାଇନେବାକୁ ହୁଏ। କିନ୍ତୁ ଦୁର୍ବଳ ରାଜାଙ୍କୁ ଯେତେବେଳେ ଅପର ପକ୍ଷର ବଳ ଏପର ଘେର ଯାଆନ୍ତି ଯେ, ରାଜାଙ୍କୁ ଆଉ ଘୁଞ୍ଚିବାକୁ ଘର ନ ଥାଏ, ତେବେ ରାଜା 'ବନ୍ଦୀ' ହୁଅନ୍ତି। ଏହାକୁ 'କିସ୍ତିମାତ୍' ବୋଲିଯାଏ। ତାହାହେଲେ ବପକ୍ଷ ପକ୍ଷର ଖେଳାଳି ଜିତନ୍ତି। ରାଜା ଅସୁରକ୍ଷା ପାଇଁ ହାତୀର ଗୁହକଡ଼ରେ ବୁଲିଲେ 'ଘୁଲ୍‌ଚି' (ବା ଗଜଚକ) ଓ ପଦାତିର ଗୁର ଘାଟରେ ବୁଲିଲେ ଚତୁରଙ୍ଗ (ବା ଚତୁର) ଓ ଅଶ୍ୱର ଗୁହଘାଟେ ବୁଲିଲେ 'ଅଶ୍ୱଚକ' (ଅଶ୍ୱଚକ୍ର) ଦ୍ୱାର୍ ହୁଏ। ଏ ଖେଳରେ ବଶେଷ ମସ୍ତିଷ୍କ ଚାଳନା ଦରକାର ହୁଏ ଓ ଏଥିରେ ମାଇବା ଲୋକେ ବର୍‌ବଦଗ୍ଧାନଶୂନ୍ୟ ହୁଅନ୍ତି। ଏ ଖେଳର ଉତ୍ପତ୍ତି ସ୍ୱରଭରେ ଦୋଇଥିଲା। ସ୍ୱରଭରୁ ପାରସ୍ୟ ଓ ପାରସ୍ୟରୁ ଇଉରୋପକୁ ପ୍ରଚୁରଭ ଦୋଇ ଏହା ପାଶ୍ଚାତ୍ୟ ସଭ୍ୟ ସମାଜର ପ୍ରଧାନ ମସ୍ତିଷ୍କଚାଳନାପୂର୍ଣ୍ଣ ଟେଲରେ ପରଣତ ଦୋଇଅଛି। ଏହାକୁ ନ୍ୟାୟୁବଳ ଖେଳ ବୋଲିପାଏ। ଏ ଖେଳର ମାଦକତା ବା ବ୍ୟସନ ସମ୍ବନ୍ଧରେ ଆମ ଓଡ଼ଆରେ ଗୋଟିଏ ପ୍ରବଚନ ଅଛି—ଜୁଆ, ଚକଟା,ପାରୁଚ୍ଚ, ପଶା, ନ୍ୟାୟୁବଳ, ବେଶ୍ୟା ସଙ୍ଗ। ଏ ଚତୁଷ୍ଟୟରେ ଯେଉଁ ପୁଅ ଥାଏ, ସେକେ ପର ଝାକର ଖାଏ।]

ସତରଙ୍ଗ(ଙ୍ଗି, ଞ୍ଜ, ଞ୍ଜି) ପକା(କେ)ଇବା—ଦେ. କି—ଭୂମିରେ ସତ-
Satarańga(ńgi, ñja, ñji) pakā(ke)ibā ରଞ୍ଜ ବସ୍ତୁର
ସତରଞ୍ଜି ପାତା, ସତରଞ୍ଜି ବିଛାନ କରିବା—To spread a durry on the ground.
ସତରଂଜୀ ବିଛାନା
(ସତରଙ୍ଗ ଖାଇବା, ସତରଙ୍ଗ ବାଜି[ଜ୍ଜେ]ଇବା—ଅନ୍ୟରୂପ)

ସତରଞ୍ଜ ଗୁଡ଼ି—ପୁ.ଦେ. (ବାଲେଶ୍ୱର) ବ—ନାନା ରଙ୍ଗର ଅନେକ
Sataranja gurdi ଖଣ୍ଡ ଜାଗଳ ଯୋଡ଼ ଯେଉଁ ଗୁଡ଼ି ଉପର ଦୋଇଥାଏ—A kite which is made of pieces of paper of varions colours. [ଦ୍ର—ଏହା ଦେଖିବାକୁ ସତରଞ୍ଜି ପର ଦୋଇଥିବାରୁ ଏପର ନାମ ଦୋଇଅଛି।]

ସତର ପନ୍ଦର—ଦେ. ବଶ—୧। ବହୁ ସଂଖ୍ୟକ—1. A many.
Satara pandara ୨। ଅନିର୍ଦ୍ଦିଷ୍ଟ ସଂଖ୍ୟକ—2. Of unବାର ରକମ ascertained number. ୩। ଅନିଶ୍ଚିତ—
ବାରହ ବାତ 3. Uncertain. ବ—୧। ଅନିଶ୍ଚିତତା; ଅନିର୍ଦ୍ଦେଶ—
1. Uncertainty ୨। ସନ୍ଦେହ—2. Doubt.

ସତର ପନ୍ଦର କରିବା—ଦେ. କି—୧। ମନରେ କୌଣସି କଥା ସ୍ଥିର
Satara pandara karibā କର ନ ପାରିବା; ସନ୍ଦେହ
ସାତ ପାଞ୍ଚ ଭାବା କରିବା—1. To be in doubt. ୨। ଦ୍ୱନ୍ଦ
ଉଧେଡବୁନ କରନା ହେବା—2. To be in dilemma.

ସତର ଫଳା—ଦେ. ବଶ—ଓଡ଼ଆର ଯେଉଁ ବ୍ୟଞ୍ଜନବର୍ଣ୍ଣ ମାନଙ୍କର
Satara phalā ଫଳକ ବା 'ଫଳା'ମାନ ଅନ୍ୟ ବ୍ୟଞ୍ଜନବର୍ଣ୍ଣ ସଙ୍ଗେ
ଫଳା ମିଶି ଯୁକ୍ତାକ୍ଷର ହୁଏ, ସେହ ଫଳକ ଚହ୍ନିତ ଅପରମାନ—
ଯୁକ୍ତାକ୍ଷର The signs representing the consonants while forming dipthongs with other consonants. [ଦ୍ର—ଯେଉଁ ବ୍ୟଞ୍ଜନ ଅକ୍ଷରମାନ ଅନ୍ୟ ବ୍ୟଞ୍ଜନବର୍ଣ୍ଣ ସଙ୍ଗେ ଯୁକ୍ତ ହେଲେ ସଂଯୁକ୍ତ ବର୍ଣ୍ଣରେ ମୂଳଅକ୍ଷର ରୂପେ ତାକୁ ଫଳା ବୋଲିପାଏ ନାହିଁ, ଯଥା—ବ+ଧ=ବ୍ଧ, କ+ଷ=କ୍ଷ, ଗ+ଜ=ଗ୍ଜ); ବ୍ୟଞ୍ଜନ

Digitized by srujanika@gmail.com

ବର୍ଣ୍ଣରେ ଯୁକ୍ତ ହେବା ସ୍ୱରବର୍ଣ୍ଣର ଚିହ୍ନମାନଙ୍କୁ 'ମାତ୍ରା' କୋଲ୍ଲଯାଏ । (ଯଥା—କ+ଅ=କ; ଖ+ଇ=ଖି) । ଦ୍ୱିତ୍ୱ ବ୍ୟଞ୍ଜନକୁ ଫଳା କୋଲ୍ଲଯାଏ ନାହିଁ । ଯଥା—ଚ୍ଚ, ଛ୍ଛ, ଜ୍ଜ, ଝ୍ଝ, ଟ୍ଟ, ଠ୍ଠ, ଡ୍ଡ, ଢ୍ଢ, ତ୍ତ, ଥ୍ଥ, ଦ୍ଦ, ଧ୍ଧ, ନ୍ନ, ପ୍ପ, ବ୍ବ, ମ୍ମ । ଅନୁନାସିକ ବର୍ଣ୍ଣ ସଙ୍ଗେ ସେହି ବର୍ଗର ବ୍ୟଞ୍ଜନବର୍ଣ୍ଣ ଯୁକ୍ତ ହେଲେ ତାହାକୁ ମଧ୍ୟ ଫଳା କୋଲ୍ଲଯାଏ ନାହିଁ । (ଯଥା—ଟ୍+ଟ=ଣ୍ଟ ବା ଣ୍ଟ, ଟ୍+ଠ=ଣ୍ଠ ବା ଣ୍ଠ, ଟ୍+ଗ=ଣ୍ଡ ବା ଣ୍ଡ, ଟ୍+ଡ=ଣ୍ଢ ବା ଣ୍ଢ, ଞ୍+ଚ=ଞ୍ଚ, ଞ୍+ଛ=ଞ୍ଛ, ଞ୍+ଜ=ଞ୍ଜ, ଞ୍+ଝ=ଞ୍ଝ, ଣ୍+ତ=ଣ୍ତ, ଣ୍+ଥ=ଣ୍ଥ, ଣ୍+ଦ=ଣ୍ଦ, ଣ୍+ଧ=ଣ୍ଧ, ନ୍+ଦ=ନ୍ଦ, ନ୍+ଧ=ନ୍ଧ, ମ୍+ପ=ମ୍ପ, ମ୍+ଫ=ମ୍ଫ)

ବ୍ୟଞ୍ଜନଗତ ୧୭ଟି ଫଳା ଓଡ଼ିଆ ବର୍ଣ୍ଣ ପରିଚୟରେ ପିଲାମାନେ ଶିଖନ୍ତୁ—

୧ । କ ଫଳା=୍ର ଯଥା—କ୍ର, ସ୍ର ।

୨ । ଟ ଫଳା=୍ର ଯଥା—ଟ୍ର, ଷ୍ର ।

୩ । (କ) ଡ ଫଳା (ବର୍ଣ୍ଣର ପରେ)=୍ର, ୍ରି, କ୍ର, ଗ୍ର, ପ୍ର, ଫ୍ର, ସ୍ର ।

(ଖ) (ବର୍ଣ୍ଣର ପୂର୍ବେ) ଡ ଫଳା=ର୍୍ର ଯଥା=ର୍କ, ର୍ଗ୍ର ।

୪ । ଥ ଫଳା=୍ଥ, ଯଥା=ସ୍ଥ, ସ୍ଥ ।

୫ । ନ ଫଳା=୍ନ, ଯଥା—କ୍ନ, ଜ୍ଞ; ହ୍ନ, ସ୍ନ ।

୬ । ବ ଫଳା=୍ୱ, ଯଥା=କ୍ୱ, ଜ୍ୱି, ଷ୍ୱି, ଶ୍ୱ, ସ୍ୱ ।

[ଦ୍ର—ମ ଓ ଦ ଅକ୍ଷର ଛଡ଼ା ଅନ୍ୟ ଅକ୍ଷର ସଙ୍ଗେ 'ବ' ଫଳା ଯୁକ୍ତ ହେଲେ ଉକ୍ତ 'ବ' ଫଳା ଅବର୍ଗ୍ୟ ବ'ରୂପେ ଉଚ୍ଚାରିତ ହୁଏ । 'ମ'ରେ 'ବ' ଫଳା ଯୁକ୍ତ ହେଲେ ଉକ୍ତ ଫଳା 'ବର୍ତ୍ୟ ବ' ଓ 'ଅବର୍ଗ୍ୟ ବ'ରୂପେ ଉଚ୍ଚାରିତ ହୁଏ, ଯଥା—୧ । ଅମ୍ବର (ବର୍ତ୍ୟ ବ ଉଚ୍ଚାରଣ), ୨ । ତମ୍ବାଦ୍ୱରଣ (ଅବର୍ଗ୍ୟ ବ ଉଚ୍ଚାରଣ); 'ଦ'ରେ 'ବ'ଫଳା ଯୁକ୍ତ ହେଲେ ମଧ୍ୟ ଦୁଇ ପ୍ରକାରେ ଉଚ୍ଚାରିତ ହୁଏ,ଯଥା—୧ । ସଦ୍ବଳ (ବର୍ତ୍ୟ ବ ଉଚ୍ଚାରଣ) ଓ ୨ । ଅଦ୍ୱୈତ (ଅବର୍ଗ୍ୟ ବ ଉଚ୍ଚାରଣ)

୭ । ମ ଫଳା=୍ମ, ଯଥା—କ୍ମ, ଖ୍ମ, ଜ୍ମ, ଦ୍ମ, ଧ୍ମ, ନ୍ମ, ମ୍ମ ।

୮ । ଯ ଫଳା=୍ୟ, ଯଥା—କ୍ୟ, ଖ୍ୟ, ଗ୍ୟ, ଚ୍ୟ, ଜ୍ୟ ।

୯ । ର ଫଳା (ବର୍ଣ୍ଣର ପରେ)=୍ର ଯଥା—ନ୍ର, ଶ୍ର, ହ୍ର ।

୧୦ । ର ଫଳା (ବର୍ଣ୍ଣର ପୂର୍ବେ)=ର୍୍, ଯଥା—ର୍କ, ର୍ଗ, ର୍ଗ ।

[ଦ୍ର—ବର୍ଣ୍ଣର ପୂର୍ବେ ର ଯୁକ୍ତ ହେଲେ ଉକ୍ତ ବର୍ଣ୍ଣ ଉଚ୍ଚାରଣେ ଦ୍ୱିତ୍ୱ ହୁଏ । ଯଥା—ର୍କ, ର୍ଗ, ର୍ଜ, ର୍ଡ, ର୍ତ ।]

୧୧ । ଳ ଫଳା=୍ଳ ଯଥା—କ୍ଳ, ଖ୍ଳ, ଗ୍ଳ, ପ୍ଳ

ଲ ଫଳା=୍ଲ ଯଥା—ସ୍ଲ, କ୍ଲ

୧୨ । ରେଫ୍+କ ଫଳା ଯଥା—ର୍କ୍ୟ

୧୩ । ରେଫ୍+ଯ ଫଳା ଯଥା—ର୍କ୍ୟ

୧୪ । ରେଫ୍+ମ ଫଳା ଯଥା—ର୍କ୍ମ

୧୫ । ରେଫ୍+ବ ଫଳା ଯଥା—ର୍କ୍ୱ

୧୬ । ରେଫ୍—ର ଫଳା ଯଥା—ର୍କ୍ର

୧୭ । ରେଫ୍+ଳ ଫଳା ଯଥା—ର୍କ୍ଳ

ଅତଏବ ଦେଖାଯାଏ ଯେ, ସତର ଫଳାର ଫଳ୍ୟାବଲୀ ବହୁତ ବଡ଼ ବୟସ ଅତୁଟାରେ ଚଳ ନାହିଁ; ଗୁଡ଼ାଏ ଫଳା ଓ ଯୁକ୍ତାକ୍ଷର ନ ଶିଖିଲେ ଯୁକ୍ତବର୍ଣ୍ଣର ଜ୍ଞାନ ସମ୍ପୂର୍ଣ୍ଣ ହୁଏ ନାହିଁ । ଏଥିପାଇଁ ଗୃହଶାଳ ପାଠୁଆମାନେ ଯୁକ୍ତାକ୍ଷର ବିଷୟରେ ଅନେକ ଯାଗାରେ ଫ୍ରଷ୍ଟାନ୍ତ । ଋ ଔ ଃ ସ୍ୱରବର୍ଣ୍ଣ ହେଲେ ସ୍ୱରା ବ୍ୟଞ୍ଜନ ବର୍ଣ୍ଣ ସହିତ ମିଶିଲେ ତାକୁ କେତେ ଲେଖକ ଫଳା କହନ୍ତି । ବଙ୍ଗଳାରେ ଦଶଟି ଫଳା ଯଥା—ଯ, ର, ଲ, ବ, ଶ, ନ, ମ, ଉ, ଊ, ଃ ।]

ସତରେ—ଦେ. କି. ବିଣ—୧ । ପ୍ରକୃତରେ—1. Actually.
Satare ୨ । ବିଶ୍ୱାସପୂର୍ବକ—2. With confidence.
सत्यि **वास्तवमे**

ସତର୍କ—ସ. ବିଣ. ପୁଂ (ବହୁବ୍ରୀହି; ସ=ସହିତ+ତର୍କ=ବୁଦ୍ଧି ଦ୍ୱାରା Satarka ବିଶ୍ଳେଷଣ)—୧ । ବିବେଚକ; ଭର୍କଯୁକ୍ତ—(ସତର୍କା—ସ୍ତ୍ରୀ) 1. Reasoning; reasonable. ୨ । (ସତର୍କତା—ବି) ସାବଧାନ; ହୁସିଆର; ଜାଗରୁକ—2. Watchful; careful; guarded; vigilant, cautious. ୩ । ଯେ ଅଗ ପଛ ଭର୍କଣା କରି କାମ କରେ—3. Acting after due deliberation; sagacious. ୪ । ଯତ୍ନଶୀଳ—4. Diligent; strenuous. ୫ । ମନୋଯୋଗଶୀଳ—5. Attentive.

ସତର୍କ କରିବା—ଦେ. କି—କୌଣସି ବ୍ୟକ୍ତିକୁ ଅସନ୍ନ ବିପଦାଦି Satarka karibā ବିଷୟରେ ଅଗରୁ ସାବଧାନ କରି ଦେବା ସତର୍କକରା ବା ଚେତାଇ ଦେବା—To warn a person **सतर्क करना** about an impending danger; to caution a person.

ସତର୍କତା—ସ. ବି (ସତର୍କ+ତା. ତା)—ସାବଧାନତା; ହୁସିଆରି—
Satarkatā Sagacity; watchfulness.

ସତର୍କତାବଲମ୍ବନ—ସ. ବି (ଅନ୍ତୀ ତତ୍; ସତର୍କତା+ଅବଲମ୍ବନ)—
Satarkatābalambana ସତର୍କତାର ଆଶ୍ରୟ ନେବା—Having recourse to due deliberation or sagacity.

ସତର୍କ ହେବା—ଦେ. କି—ସାବଧାନ ହେବା—
Satarka hebā To be careful or vigilant.
सतर्क हओया **सतर्क होना**

ସତଲ—ଦେ. ବିଣ (ସ. ସମତଳ)—ସମତଳ; ଚଉରସ—
Satala Level; levelled.
समतल **समतल**

Digitized by srujanika@gmail.com

ସତ ଷଠା ଶଏ(ଢ଼େ)—ଦେ. ବ ଓ ବଣ (ସଂ.ସପ୍ତଷଷ୍ଟ୍ୟୁତ୍ତରଶତ)—Sata shaṭhā̃ śae(he) ଏକଶ ସତଷଠି, ୧୬୭—One hundred sixty seven; 167. [ଦ୍ର.-ଏହାପର] **ଏକସୌ ସରସଠ** ସତଷଠା ଦୁଇଶହ ଦ୍ୱାରା ୨୬୭ ।]

ସତଷଠୀ—ଦେ. ବ ଓ ବଣ (ସଂ. ସପ୍ତ ଷଷ୍ଟୀ)—ଷାଠି ଏରୁ ଅଧିକା Satashaṭhī ସାତ; ୬୭— Sixty seven; 67. ସାତଯଟି **ସରସଠ**

ସତସତିଆ—ଦେ. ବ—ଟିଟିଟି—The house lizard. [ଦ୍ର.—Satasatiā କୌଣସି କଥାରୁ ସଙ୍ଗ ଯୁଡ଼ିଥିବା ବେଳେ ଟିଟିଟି ଟିକିଟିକି ସ୍ୱରକଲେ ଲୋକେ କହନ୍ତି 'ସତ ସତିଆ ବା ସତିଆ ଛିପକଲି ଡାକୁଛୁଣି, ଏ କଥା ନିଶ୍ଚେ ସତ ହେବ ।']

ସତସା—ସଂ. ବ—ଏକ ପ୍ରକାର ନାଗବଲ୍ଲୀ ବା ପାନ— Satasā̃ A kind of betel.

ସତସ୍ତୁ(ସ୍ତୁ)ରି—ଦେ. ବ ଓ ବଣ (ସଂ. ସପ୍ତ ସପ୍ତତି)—ସାତ ଅଧିକ Satasta(stu)ri ସତୁର; ୭୭—Seventy seven; 77. ସାତାତ୍ତର **ସତହତ୍ତର**

ସତସ୍ତୁରୀ ଶଏ(ଢ଼େ)—ଦେ. ବ ଓ ବଣ (ସଂ. ସପ୍ତସପ୍ତତ୍ୟୁତ୍ତରଶତ)—Satasturā̃ śae(he) ଏକଶ ସତତୁର; ୧୭୭—One hundred seventy seven; 177. ଏକସୌ **ସତହତ୍ତର** [ଦ୍ର.—ଏହାପର ସତସ୍ତୁରୀ ଦୁଇଶହ ଦ୍ୱାରା ୨୭୭ ହୁଏ]

ସତ ହୁ(ହେ)ବା—ଦେ. କି—କୌଣସି ବ୍ୟକ୍ତିର ବର୍ତ୍ତିତ ବିଷୟରେ ବା Sata ha(he)bā̃ ବାକ୍ୟ ତାତ୍ପର୍ଯ୍ୟତଃ ସତ୍ୟ ବୋଲି ଦେଖାଯିବା; ସତ୍ୟ ହଓୟା (କହିବା କଥା) ସଟରେ ସତରେ ଘଟିବା— **ସତ ହୋନା** To come to pass; to actually happen. (ସତ ଫଳିବା—ଅନ୍ୟରୂପ) (ଯଥା—ତୁମ୍ଭ ଅଣୀବଚନ ସତ ହେଉ ।)

ସତା—ଦେ. ବ—୧ । ସତ୍ତା (ଦେଶ) —1. Santā̃ (See) ୨ । Satā̃ (ସଂ. ସତ୍ତା) ସାର; ବଳ; ପରାକ୍ରମ—2. Strength. ସତ୍ତା ୩ । ସାମର୍ଥ୍ୟ—3. Power. ୪ । ସତ୍ତା —4. Exis- **ସାର, ସତ୍ତା** tence; presence.

ସତାଅଶି—ଦେ. ବ ଓ ବଣ (ସଂଖ୍ୟାବାଚକ) (ସଂ. ସପ୍ତାଶୀତି)—Satā-aśi ସତାଶି; ସାତ ଅଧିକ ଅଶି; ୮୭—Eighty- (ସତାଶି—ଅନ୍ୟରୂପ) seven; 87. ସାତାଶି **ସତାସୀ**

ସତାଅଶିଆ ଶଏ(ଢ଼େ)—ଦେ. ବ ଓ ବଣ—ଏକଶ ଶତାଅଟେ; ୧୮୭—Satā-aśiā̃ śae(he) One hundred eighty-seven; ଏକଶ ସାତାଶି 187. [ଦ୍ର.—ଏହାପର ସତାଅଶିଆ ଦୁଇଶହ **ଏକସୌ ସତାସୀ** =୨୮୭ ହୁଏ ।]

ସତା(ତେ)ଇ ପତା(ତେ)ଇବା—ଦେ. କି (ସକର୍ମକ) (ସଂ. ସନ୍ତପ୍ତ)—Satā(te)i patā̃(te)ibā̃ ସନ୍ତାଇବା ୨ (ଦେଶ) [ସତା(ତେ)ଇ ପତା(ତେ)ଇ ହେବା—ଅକର୍ମକରୂପ] Santāibā̃ [ସତା(ତେ)ଇ ପତା(ତେ)ଇ ମାରିବା—ଅନ୍ୟରୂପ] 2 (See) କଷ୍ଟ ଦେଓୟା **ସନ୍ତାପ ଦେନା**

ସତା(ତେ)ଇବା—ଦେ. କି—ସନ୍ତାଇବା (ଦେଶ) Satā̃(te)ibā̃ Santāibā̃ (See)

ସତା(ତେ)ଇଶ(ଶି)—ଦେ. ବ ଓ ବଣ (ସଂଖ୍ୟା; ସଂ. ସପ୍ତତିଂଶତ୍; Satā̃(te)iśa(śi) ସପ୍ତତିଂଶତ) —ସପ୍ତତିଂଶତ; ସାତ ଅଧିକ ସାତାଶ, ସାତାଇଶ ତୋତ୍ରିଶ—Twentyseven; 27. **ସତାଇସ** [ଜ୍ର— ସତାଇସି ବଳ୍ୟା ଘାଇଲେ ବଳାତ୍କାର— କୃଷ୍ଣମିଂହ. ମହାଭାରତ. ଅଦ ।]

ସତାଇଶ(ଶି) ନକ୍ଷତ୍ର—ଦେ. ବ—ଜ୍ୟୋତିଷଶାସ୍ତ୍ରୋକ୍ତ ସପ୍ତତିଂଶ Satāiś(śi) nakshatra ନକ୍ଷତ୍ର—The 27 asterisms ସାତାଶ ନକ୍ଷତ୍ର or groups of stars taken as the **ସତାଇସ ନକ୍ଷତ୍ର** bases of calculation of time and the motions of the planets and of the sun in Hindu astrology. [ଦ୍ର—ଏମାନଙ୍କର ନାମ ଯଥା—(୧) ଅଶ୍ୱିନୀ, (୨ ଭରଣୀ ବା ଭିଜା, (୩) କୃତ୍ତିକା, (୪) ରୋହିଣୀ, (୫) ମୃଗଶିରଃ ବା ମୃଗଶିର, (୬) ଆର୍ଦ୍ରା, (୭) ପୁନର୍ବସୁ, (୮) ପୁଷ୍ୟ ବା ପୁଷା, (୯) ଅଶ୍ଲେଷା, (୧୦) ମଘା, (୧୧) ପୂର୍ବଫାଲ୍ଗୁନୀ, (୧୨) ଉତ୍ତରଫାଲ୍ଗୁନୀ, (୧୩) ହସ୍ତା, (୧୪) ଚିତ୍ରା, (୧୫) ସ୍ୱାତି, (୧୬) ବଶାଖା, (୧୭) ଅନୁରାଧା, (୧୮) ଜ୍ୟେଷ୍ଠା, (୧୯) ମୂଳା, (୨୦) ପୂର୍ବାଷାଢ଼ା, (୨୧) ଉତ୍ତରାଷାଢ଼ା, (୨୨) ଶ୍ରବଣା, (୨୩) ଧନିଷ୍ଠା, (୨୪) ଶତଭିଷା, (୨୫) ପୂର୍ବଭାଦ୍ରପଦ, (୨୬) ଉତ୍ତର ଭାଦ୍ରପଦ, (୨୭) ରେବତୀ ।

କେହି କେହି ଜ୍ୟୋତିର୍ବିଦ୍ ଏହି ୨୭ ନକ୍ଷତ୍ର ସଙ୍ଗେ 'ଅଭିଜିତ୍' (Vega) ନାମକ ନକ୍ଷତ୍ରକୁ ମିଶାଇ ୨୮ ନକ୍ଷତ୍ର ଗଣନା କରନ୍ତି । ଉତ୍ତରାଷାଢ଼ାର ଶେଷ ୧୫ ଦଣ୍ଡ ଓ ଶ୍ରବଣାର ପ୍ରଥମ ୪ ଦଣ୍ଡକୁ ଅଭିଜିତ୍ ନକ୍ଷତ୍ର କହନ୍ତି—ଶବ୍ଦକଳ୍ପଦ୍ରୁ ।]

ସତା(ତେ)ଇଶ(ଶି) ପୁରୁଷ—ଦେ. ବ—କୌଣସି ବ୍ୟକ୍ତିର ଊର୍ଦ୍ଧ୍ୱତନ Satā̃(te)iśa(śi) purusha ଓ ଅଧସ୍ତନ ବହୁସଂଖ୍ୟକ ପୁରୁଷ— ଚୌଦ ପୁରୁଷ Many generations of a man's proge- **ସତାଇସ ପୁରୁଷ** nitors and successors. (ଯଥା—ଏ କଥା ତ ଆମ ସତାଇଶ ପୁରୁଷରେ ଦେଖା ନ ଥିଲା ।)

ସତା(ତେ)ଇଶ(ଶି) ଯୋଗ—ଦେ. ବ—ଜ୍ୟୋତିଷୋକ୍ତ ସପ୍ତତିଂଶ ଶୁଭ- Satā̃(te)iśa(śi) yoga ଶୁଭ ଯୋଗମାନ—The 27 ସାତାଶ ଯୋଗ astrological conjunction. [ଦ୍ର— **ସତାଇସ ଯୋଗ** ୨୭ ଯୋଗ ଯଥା—୧ ବିଷ୍କମ୍ଭ, ୨ ପ୍ରୀତି, ୩ ଆୟୁଷ୍ମାନ୍, ୪ ସୌଭାଗ୍ୟ, ୫ ଶୋଭନ, ୬ ଅତିଗଣ୍ଡ, ୭ ସୁକର୍ମା, ୮ ଧୃତି, ୯ ଶୂଳ, ୧୦ ଗଣ୍ଡ, ୧୧ ବୃଦ୍ଧି, ୧୨ ଧ୍ରୁବ, ୧୩ ବ୍ୟାଘାତ, ୧୪ ହର୍ଷଣ, ୧୫ ବଜ୍ର, ୧୬ ସିଦ୍ଧ, ୧୭ ବ୍ୟତିପାତ, ୧୮ ବରିୟାନ୍, ୧୯ ପରିଘ, ୨୦ ଶିବ, ୨୧ ସାଧ୍ୟ, ୨୨ ସିଦ୍ଧି, ୨୩ ଶୁଭ, ୨୪ ଶୁକ୍ଳ, ୨୫ ବ୍ରହ୍ମ; ୨୬ ଇନ୍ଦ୍ର, ୨୭ ବୈଧୃତି ।]

ସତା(ତେ)ଇଶ(ଶି) ହଜାରି—ଦେ. ବଣ—ଅତି ଧନୀ (ବ୍ୟକ୍ତି); Satā̃(te)iśa(śi) hajāri (ଯେ ନଉଦ ୨୭ ହଜାର ଟଙ୍କା ସାତାଶ ହାଜାରି ଗଣି ଦେଇ ପାରେ)—Very rich (man).

Digitized by srujanika@gmail.com

ଲାଖପତୀ ବ—୧ । ଅତି ଧନୀ ବ୍ୟକ୍ତି—1. A very rich man. ୨ । ପୁରୀ ଜିଲ୍ଲାର ସାରଙ୍ଗଡାରେ ଥିବା ଜଗନ୍ନାଥ ମହାପ୍ରଭୁଙ୍କ ସେବା ପାଇଁ ଶଙ୍କା ସୁଗଜଣାରେ ଅବସ୍ଥିତ ଜମିଦାରୀ—2. Name of a Zamindary or estate in the Puri district which has been endowed for the worship of the Deity Jagannath of Puri. [ଦ୍ର—ଏହାର ଅନ୍ୟୂ ୨୨ ହଜାର ଟଙ୍କା ଥିବା ବଖରା ପ୍ରଦେଶ କମୋଟ କରିଯାଇଥିବାରୁ ଏହି ନାମ ହୋଇଅଛି । ଏହାକୁ ଦୁଇଜଣ ଇଂରାଜ ଗଭର୍ଣ୍ଣମେଣ୍ଟ ଜଜ ଦତ୍ତମୃଦ ବା ଖାସ୍ ଭଦ୍ରସ୍ଥିଲ୍ ଅଧୀନ କରି ଏଥିର ଖଜଣା ଆଦାୟ କରି ପୁରୀର ରାଜାଙ୍କୁ ଜଗନ୍ନାଥଙ୍କ ସେବା ଖରଚ ପାଇଁ ୨୨ ହଜାର ଟଙ୍କା ନଗଦ ଦେଉଥିଲେ । ତନ୍ତୁ ପରେ ଏ ଜମିଦାରୀକୁ ରାଜାଙ୍କୁ ଛାଡ଼ ଦେଲେ ଓ ବର୍ତ୍ତମାନ ଏ ଜମିଦାରୀ ମାଦ୍ରାଲକୁ ପୁରୀ ରାଜା ଜଜେ ଚୁଣ୍ଟୁଅନ୍ତନ୍ତି । ଏହି ଜମିଦାରୀର ଗୋଟିଏ ବିଶେଷତ୍ୱ ଏହି ଯେ, ଏଥିର କେତେକ ଜମିର ଖଜଣାରୁ ଉଇଡ ଓ ମଧ୍ୟସତ୍ତ୍ୱାଧିକାରୀମାନେ ବାଣ୍ଟି କରି ପୁରୀ ରାଜାଙ୍କୁ ଦଅନ୍ତି ଓ କେତେକ ଅଂଶ ରାଜାଙ୍କ ଜମିଦାରର ଜମିଦାର ପାଇକପଡ଼ା ଷ୍ଟେଟ୍‌ର ମାଲିକଙ୍କୁ ଦଅନ୍ତି । ଖଜଣାର ଯେଉଁ ଅଂଶରୁ ଉଇଡ ପୁରୀ ରାଜାଙ୍କୁ ଦିଏ ତାକୁ 'ସତେଇଶି ହଜାର' ଜମା କୋଲ୍ଲଯାଏ ।]

ସତା(ତେ)ଇଶ(ଶି) ହଜାରିଆ—ଦେ. ବଣ—୧ । ଧନୀ (ବ୍ୟକ୍ତି)—Satā(te)iśa(śi) hajāriā 1. Very rich. ୨ । ଯାହାର ସାତାଶ ହଜାରି ଅନେକ ହଜାର ଟଙ୍କା ସଞ୍ଚିତ ଅଛି—2. Having a rich hoard or cash. **ଲାଖପତୀ**

ସତା(ତେ)ଇଶ(ଶି) ହଜାର ମାହାଲ୍—ଦେ. ବ—ସତାଇଶ ହଜାର Satā(te)iśa(śi) hajāri māhāl ୨ (ଦେଖ)—Satāiśa hajāri 2 (See)

ସତା(ତେ)ଇଶା ଶବ(ଅ, ହ, ହେ)—ଦେ. ବ ଓ ବଣ (ସଂଖ୍ୟାବାଚକ, ସ. ସପ୍ତବିଂଶତି + ଅତ) Satā(te)iśā śae(a, ha, he)—ଏକଶ ସତାଶି ଏକ ହଡ଼ରୁ ସତାଇଶ ଅଧିକ ସଂଖ୍ୟା—**ଏକସୌ ସାତାସୀ** One hundred twenty seven. (ସତା[ତେ]ଇଶିଆ ଶବ[ଅ,ହ,ହେ]—ଅନ୍ୟରୂପ) [ଦ୍ର—ଏହାପରି ସତା(ତେ)ଇଶା ଦୁଇ ଶବ୍ଦ (୨୨୭) ଦ୍ରବ ।]

ସତାଁ—ଦେ. କି. ବଣ—ସପ୍ତ ଗୁଣିତ ବା ସାତଦ୍ୱାର ଗୁଣିତ ହେଲେ—Satāñ Multiplied by seven. [ଦ୍ର—ଏହା ଗଣିସାତା **ସତାଁ** ଦ୍ୱାରା ସପ୍ତମ ଗଣା ଅଟେ । ଯଥା—୧୬ ସଟାଁ । ୮୪ ପଣ ୫ ଚାଦ୍ରାଣ ଗୁରୁ ପଣ ।]

ସତା(ତାଁ)ଣ(ନ, ନ୍ନ, ଲ, ଳ୍ଳ)ବେ—ଦେ. ବ. ଓ ବଣ (ସଂଖ୍ୟାବାଚକ; ସ. ସପ୍ତନବତି) Satā(tāñ)ṇa(na, nna, la, lla)be—ସାତାନବଇ **ସଂତାନବେ** ସାତ ଅଧିକ ନବେ; ୯୭—Ninety-seven; 97. [ସତା(ତାଁ),ଣୋ(ନୋ, ଲୋ, ଳୋ)ଇ—ଅନ୍ୟରୂପ]

ସତା(ତାଁ)ଣୁ(ଡୁ, ନ୍ନୁ, ଳୁ)ଅ ଶବ(ଟେ)—ଦେ. ବ. ଓ ବଣ (ସଂଖ୍ୟା-ବାଚକ)—ଏକଶ ସାତାନବଇ ଏକ ଶତ ସତାଇବେ; ୧୯୭—One hundred ninety-seven; 197. **ଏକସୌ ସଂତାନବେ**

ସତାନ(ଇ)ଅ ଶବ(ଟେ) } ଅନ୍ୟରୂପ
ସତାନ(ଇ)ବା ଶବ(ଟେ) }

ସତାନ—ଦେ. ବ. ଓ ବଣ (ସଂଖ୍ୟାବାଚକ)—ସତାବନ; ୫୭—Satāna ସତାନ **ସତାବନ** Fifty seven; 57. [ଦ୍ର—ସତାନ ଗୁଣେ ବେଣୁଧର; କୋଟିବ୍ରହ୍ମାଣ୍ଡ ଜଲେଇର—ଜ୍ଞାନୀ. ପୂର୍ଣ୍ଣଭଗ ଚଦ୍ରୋଦୟ ।]

ସତାନନ୍ଦ—ସ. ବ (ନାମ)—ଗୌତମ ମୁନିଙ୍କ ପୁତ୍ର ଓ ଜନକ ରାଜାଙ୍କ ପୁରୋହିତ—Name of the son of Sage Gautama and priest of king Janaka. (ଶତାନନ୍ଦ—ଅନ୍ୟରୂପ)

ସତାନ(ନ୍ନ,ଲ,ଳ୍ଳ)ବେ ପୁରୁଷ—ଦେ ବ—କୌଣସି ବ୍ୟକ୍ତିର ଉର୍ଦ୍ଧ୍ୱତନ ଅସଂଖ୍ୟ ପୁରୁଷ ଓ ଅଧସ୍ତନ ଅସଂଖ୍ୟ ସାତାନବବେ ପୁରୁଷ Satāna(nna,la,lla)be puruṣha—Countless generations of a person's progenitors and descendants. **ସଂତାନବେ ପୁରୁସ**

ସତାନି ପତାନି—ଦେ. ବ—ସତାଇଶ ପୁରୁଷ (ଦେଖ) Satāni patāni Satāiśa puruṣha. (See)

ସତାନି ପତାନି ଉଝାଲିବା—ଦେ. କି—କୌଣସି ବ୍ୟକ୍ତିର ଉର୍ଦ୍ଧ୍ୱତନ ଓ ଅଧସ୍ତନ ବହୁ ପୁରୁଷଙ୍କୁ ଲକ୍ଷ୍ୟ କରି ଗାଳି ଦେବା—To abuse a person by alluding to innumerable generations of his progenitors and descendants.

ସତାନି ପତାନି ଶୋଧିବା
ସତାନି ପତାନି ଶ୍ରାଦ୍ଧ କରିବା
ସତାନି ପତାନି ଧରି ଉଝାଳିବା
ସତାନି ପତାନି ଧରି ଶୋଧିବା
ସତାନି ପତାନି ଧରି ଶ୍ରାଦ୍ଧ କରିବା
ସତାନି ପତାନି ଲଗା(ଗେ)ଇ ଉଝାଳିବା
ସତାନି ପତାନି ଲଗା(ଗେ)ଇ ଶୋଧିବା
ସତାନି ପତାନି ଲଗା(ଗେ)ଇ ଶ୍ରାଦ୍ଧ କରିବା
} ଅନ୍ୟରୂପ

ଚଉଦ ପୁରୁଷ ଉଦ୍ଧାର କରା **ସତାନବେ ପୁରୁସ ଉଖେଲନା**

ସତାବନ—ଦେ. ବ ଓ ବଣ (ସଂଖ୍ୟାବାଚକ)—(ସଂ.ଖ୍ୟା; ସଂ. ସପ୍ତ Satābana ପଞ୍ଚାଶତ୍)—ସପ୍ତପଞ୍ଚାଶତ୍; ସାତଅଧିକ ପଚାଶ; ୫୭—ସାତାନ୍ନ **ସତାବନ** Fifty seven; 57.

ସତାବନ ପୁରୁଷ—ଦେ. ବ—ସତାଇଶ ପୁରୁଷ (ଦେଖ) Satābana puruṣha Satāiśa puruṣha. (See)

ସତାବନାଶବ(ହେ)—ଦେ. ବ ଓ ବଣ—(ସଂଖ୍ୟା; ସଂ. ସପ୍ତ-Satābanaśae(he) ପଞ୍ଚାଶତ୍ଦୁତ୍ତର ଶତ)—ଏକଶ ସତାବନ; ଏକଶସାତାନ୍ନ ୧୫୭—One hundred fifty-seven; **ଏକସୌସତାବନ** 157.

ସତାର୍—ବୈଦେ. ବ (ଫା)—୧ । ଅପେକ୍ଷା କରିବା—1. Waiting. ୨ । କାଳ ବିଳମ୍ବ—2. Deferring; postponement. **ସବୁର**

Digitized by srujanika@gmail.com

ସତାର୍ କରିବା—ଦେ. କି—୧ । କେତେକ ସମୟ ପାଇଁ ଅପେକ୍ଷା Satār karibā କରିବା—1. To wait for some time. ସବୁରକରା ୨ । କୌଣସି କାର୍ଯ୍ୟରେ ବିଳମ୍ବ ସହ୍ୟ କରିବା; **सबूर करना** ସମ୍ଭାଳିବା—2. To brook delay; to acquiesce in a matter being delayed for some time. ୩ । ସମୟ ଦେବା; ମହଲତ ଦେବା—3. To grant time; to adjourn; to grant adjournment.

ସତାର ମଦାର୍—ବୈଦେ. ବି (ଫା. ସଦ୍ଦର ଶବ୍ଦ)—ସହ୍ୟ ସମ୍ଭାଳିବା; Satār madār ବାଳ ବିଳମ୍ବ—Waiting: deferring ସାମ୍ଭଳେ ସବୁରକରେ of a matter to some future time. **सबूरउबूर** [ଦ୍ର—'ସତାର'ର ଅର୍ଥ କାଳ ବିଳମ୍ବ ପାଇଁ ଅପେକ୍ଷା ଓ 'ସଦାର'ର ଅର୍ଥ କୌଣସି କାର୍ଯ୍ୟସାଧନାର୍ଥ ଅନ୍ୟ ବ୍ୟକ୍ତି ଉପରେ ଭର ଦେବା । ଉଭୟ କାର୍ଯ୍ୟରେ ଫଳତଃ କାର୍ଯ୍ୟସାଧନରେ ବିଳମ୍ବ ଘଟେ ।]

ସତାର ମଦାର୍ କରିବା—ଦେ. କି—୧ । କୌଣସି କାର୍ଯ୍ୟସାଧନାର୍ଥ Satār madār karibā କାଳ ବିଳମ୍ବକୁ ସମ୍ଭାଳିବା ବା ମହଲତ ଦେବା—1. To brook delay; to ସାମ୍ଭଳେସବୁର କରେ କରା grant postponement. ୨ । କୌଣସି **सबूर उबूर करना** କାର୍ଯ୍ୟସାଧନ ପାଇଁ ମହଲତ ବା ସମୟ ନେବା—2. To take time; to get time by praying for postponement.

ସତାର—ସଂ. ବିଣ (ବହୁବ୍ରୀହି)—୧ । (ସ+ତାର) ତାର ସହିତ Satāra ବିଦ୍ୟମାନ ବା ଯୁକ୍ତ—1. Having or furnished with stars ୨ । (ସ+ତାର) ସତନ୍ତ୍ର (ବଣ୍ଟକୋଷ)—2. Furnished with strings.

ସତାରିଆ—ଦେ. ବିଣ—୧। ଯେଉଁ ବ୍ୟକ୍ତି କାଳ ବିଳମ୍ବକୁ ସହ୍ୟ କରେ Satāriā ବା ସମ୍ଭାଳେ—1. Brooking delay. ସବୁରକରା **सबूरकरनेवाला** ୨ । ଧୈର୍ଯ୍ୟଶୀଳ—2 Patient.

ସତାରିବା—ଦେ. କି—ସବୁର କରିବା; କାଳ ବିଳମ୍ବ ସହିବା; ଅପେକ୍ଷା Satāribā କରିବା—To wait; to brook delay. ସବୁର କରା **सबूर करना**

ସତା(ତାଁ)ଲବେ—ଗ୍ରା. ବି ଓ ବିଣ (ସଂଖ୍ୟାବାଚକ)—ସତାନବେ Satā(tān)labe (ଦେଖ)—Satānabe. (See)

[ସତା(ତାଁ)ଲୋ(ବୋ)ଇ—ଅନ୍ୟରୂପ]

ସତାସମ—ଦେ. ବି—ସତ୍ତା—Existence. [ଉ—ଇଜଲାକ । ସତାସମ Satāsama କହିବେ ନାହିଁ । ଅନୁସନ୍ଧ୍ୟ. ବିଦଗ୍ଧ ଚନ୍ଦ୍ରାମଣି ।] (ସତା ସମ୍ବନ୍ଧ—ଅନ୍ୟରୂପ)

ସତି—ସଂ. ବି (ସନ୍. ଧାତୁ=ଦାନ କରିବା+ଭାବ. ଇ; ନ ଲୋପ)—Sati ୧ । ଦାନ—1. Gift. ୨ । (ଷୋ. ଧାତୁ=ନାଶ କରିବା+ଭାବ. ଇ; କର୍ତ୍ତାଭଜନ) ଅବସାନ; ବିନାଶ—2. Decline; extinction; end.

ସତିଅ (ଇତ୍ୟାଦି)—ଗ୍ରା. ବି ଓ ବିଣ—ସତ୍ୟ ଇତ୍ୟାଦି (ଦେଖ) Satiā Satya etc. (See)

ସତିଆ—ଦେ. ବିଣ. ପୁଂ (ସଂ. ସତ୍ୟବାଦୀ)—ସତ୍ୟବାଦୀ—Ttruth-Satiā ful (person). (ଉ – ସତିଆ ପୁରୁଷ ମୁଣ୍ଡରେ ଜଟ, ବୃଥା (ସତ୍ତା, ଚଉଇ—ସ୍ତ୍ରୀ) ଜୁରି ଦଏ ଲୁଚେପଟି । ଉଗ ।) ବ—ସତ୍ୟବାଦୀ ୧ । ସତ୍ୟବାଦୀର ଡାକ ନାମ—1. Name for **सचबोलनेवाला** calling 'Satyabādi'. ୨ । ଝିଟିପିଟି; ଗୃହ ଟିକିଟିକି ଗୋଖୁରା; ଚଣ୍ଟୀ—2. The common house-**छिपकली** lizard. [ଦ୍ର—ଘରଣୀ ସଙ୍ଗରେ ଝିଟିପିଟି ମନୁଷ୍ୟ ଉପରେ ଅଙ୍ଗବଙ୍ଗେଶରେ ଖସି ପଡିଲେ ତମ୍ଭା ମନୁଷ୍ୟ ଅବସ୍ଥାନ କରୁଥିବା ସ୍ଥାନର ଉନ୍ନ ଉନ୍ନ ଦଗରେ ଟିକ୍ ଟିକ୍ ଶବ୍ଦ ହେଲେ, ଭବିଷ୍ୟରୁ ଉତ୍ତମଫଳ ଶୁଭଶୁଭ ଫଳ ଜଣାପଡ଼େ । ଏଥିଗାଇଁ ଚଣ୍ଟୀ ସତ କହେ ବୋଲି ଏହାର ନାମ 'ସତିଆ' । କଥାବାର୍ତ୍ତା ହେଲବେଳେ କଣେ ବ୍ୟକ୍ତି କୌଣସି ପ୍ରସଙ୍ଗ କହୁଥିବା ସମୟରେ ଠେରେ ଝିଟିପିଟି ଟିକ୍ଟିକ୍ ଶବ୍ଦ ହଉଛେ, ତେବେ ଉକ୍ତ ପ୍ରସଙ୍ଗ ସତ୍ୟଥିବାର ଦୃଢତ ପାଇଁ ବୋଲ ଲୋକେ ବିଶ୍ୱାସ କରି ସେହି ସମୟରେ କହନ୍ତି 'ସତିଆ ସତ କହିଲ' ।]

ସତିଆ ଆମ୍ବ(ମ୍ବା)—ଦେ. ବି (ସଂ. ସତ୍ୟାମ୍ର)—ସତ୍ୟ ଅମ୍ବ (ଦେଖ) Satiā āmba(mbā) Satya āmba (See) (ସତ୍ତ ଅମ୍ବା—ଅନ୍ୟରୂପ)

ସତିଆନାଶ (ଇତ୍ୟାଦି)—ଗ୍ରା. ବି—ସତ୍ୟାନାଶ ଇତ୍ୟାଦି (ଦେଖ) Satiānāśa (etc) Satyānāśa etc (See)

ସତିଆନାଶିଆ—ଗ୍ରା. ବିଣ. ପୁଂ—ସତ୍ୟାନାଶିଆ (ଦେଖ)—Satiānāśiā Satyānāśiā (See) (ସତିଆନାଶୀ—ସ୍ତ୍ରୀ)

ସତିଆ ପୁରୁଷ—ଦେ. ବି (ସଂ. ସତ୍ୟବାଦୀ ପୁରୁଷ)—୧ । ସତ୍ୟବାଦୀ Satiā purusha ବ୍ୟକ୍ତି—1. A truthful person. ସାଚ୍ଚା ଲୋକ ୨ । ସତ୍ୟଯୁଗର ପୁରୁଷ ପରି ବିଶ୍ୱସ୍ତ ଓ ଧାର୍ମିକ **सच्चा आदमी** ପୁରୁଷ—2. A truthful and upright man (like a person of the Golden Age). ୩ । (ବ୍ୟଙ୍ଗ୍ୟ) ମିଥ୍ୟାବାଦୀ ବ୍ୟକ୍ତି—3. A liar. ୪ । (ବ୍ୟଙ୍ଗ୍ୟ) କପଟାଚାରୀ ବ୍ୟକ୍ତି—

4. A hypocrite.

ସତିଆ ସତ କହିଲ—ଦେ. ବାକ୍ୟ—(କୌଣସି ଗୃହରେ କଥାପ୍ରସଙ୍ଗ Satiā sata kahilā ଚଳୁଥିବା ସମୟରେ ଗୃହର କୌଣସି ଟିକିଟିକି ପାଦ୍ଭ ଅଂଶରେ ଝିଟିପିଟି କୋବାଇବାର ଶବ୍ଦ ଶୁଣାଗଲେ କଥିତ ବକ୍ତା ସତ୍ୟ ବୋଲି କହି ଏ ବାକ୍ୟ ଉଚ୍ଚାରଣ କରିଥାଏ; ଏଥିର ତାତ୍ପର୍ଯ୍ୟ—) ମୋ ବାକ୍ୟର ସତ୍ୟତା ଏହି 'ସତିଆ'ର ଅର୍ଥାତ୍ ଝିଟିପିଟିର ସ୍ୱରଦ୍ୱାରା ପ୍ରମାଣିତ ହେଉଅଛି —(A sentence exclaimed by a speaker in asserting the truth of his statement when the ticking of a lizard is heard while he is making a statement;. It

Digitized by srujanika@gmail.com

means—) The truth of my statement is borne out by the ticking of the truthful animal. i, e. the lizard.

ସତ୍ୟକ(କା, କେ)ଈ—ଦେ. ବ. ସ୍ତ୍ରୀ (ସ. ସତ୍ୟବାଦିନୀ)—୧ । ସତ୍ୟବାଦିନୀ ସ୍ତ୍ରୀ ୨ । (ସ. ସତୀ) ସତୀ; ସାଧ୍ୱୀ ସ୍ତ୍ରୀ—2. A chaste woman. [ଦ୍ର—ସତ୍ତକଈ (ସତ୍ତକା—ଅନ୍ୟରୂପ) ସ୍ୱରସ୍ତ୍ରମ ଉଚ୍ଚ । ଗାଦ ଦଉନ୍ଦ ଦଉନ୍ତ ପଚ୍ଚ—ଉଗ ।]

Satika(kā, ke)ī —1. A truthful woman.

ସତ୍ୟକାପଣ—ଦେ. ବ—ସତୀପଣ (ଦେଶ)—Satīpaṇa (See) Satikāpaṇa ସତୀପଣା

[ସତ୍ତକାପଣିଅ, ସତ୍ତକ(କା, କେ)ଉପଣ—ଅନ୍ୟରୂପ]

ସ(ସଁ)ତ୍ତରିଶ(ଶି)—ଦେ. ବ ଓ ବଣ (ସଂଖ୍ୟାବାଚକ; ସ. ସପ୍ତତ୍ରିଂଶତ୍) —ସପ୍ତତ୍ରିଂଶତ୍; ତ୍ତରିଶରୁ ଅଧିକା ସାତ— ସଁଇତ୍ରିଶ **ସୈଁତିସ** Thirty seven; 37.

Sa(saṁ)tiriśa(śi) —ସପ୍ତତ୍ରିଂଶତ୍;

[ସଁତ୍ରିଶ(ଶି), ସଂନ୍ତୁରଶ(ଶି), ସନ୍ତ୍ରିଶ(ଶି)—ଅନ୍ୟରୂପ]

ସ(ସଁ)ତ୍ତରିଶାଶଏ(ଢେ)—ଦେ. ବ. ଓ ବଣ (ସଂଖ୍ୟାବାଚକ; ସ. ସପ୍ତ-ତ୍ରିଂଶୋତ୍ତରଶତ)—ଏକଶ ସତତ୍ତରିଶ; ଏକଶ ସଁଇତ୍ରିଶ ୧୩୭—One hundred thirty seven; **ଏକସୌ ସୈଁତିସ**. 137. (ଯଥା—ଏହିପର ସତ୍ତରିଶା ଦୁଇଶହ ସଅଁ ତ୍ତରିଶାଶଏ(ଢେ), ସଂନ୍ତୁରଶାଶଏ(ଢେ), ସଁତ୍ରିଶାଶଏ(ଢେ), ସନ୍ତ୍ରିଶାଶଏ(ଢେ) } ଅନ୍ୟରୂପ = ୨୩୭ ଦୁଏ ।)

Sa(saṁ)tiriśāśae(he) ହିଂଶୋତ୍ତରଶତ)—ଏକଶ ସତତ୍ତରିଶ; ଏକଶ ସଁଇତ୍ରିଶ ୧୩୭—One hundred thirty seven; **ଏକସୌ ସୈଁତିସ**. 137. (ଯଥା—ଏହିପର ସତ୍ତରିଶା ଦୁଇଶହ ସଅଁ ତ୍ତରିଶାଶଏ(ଢେ), ସଂନ୍ତୁରଶାଶଏ(ଢେ), ସଁତ୍ରିଶାଶଏ(ଢେ), ସନ୍ତ୍ରିଶାଶଏ(ଢେ) } ଅନ୍ୟରୂପ = ୨୩୭ ଦୁଏ ।)

ସତୀ—ସ, ବଶ. ସ୍ତ୍ରୀ—[ଅସ୍ ଧାତୁ + କ୍ତିନ୍. ଅତ୍ (ଶତୃ) + ସ୍ତ୍ରୀ. ଈ; ସତ୍ ଶବ୍ଦର ପୁଂଲିଙ୍ଗ ସନ୍; ସ୍ତ୍ରୀଲିଙ୍ଗ ସତୀ]—୧ । ବଦ୍ୟମାନା—1. Existent (female). ୨ । ସତ୍ପ୍ରକୃତା; ଜଡ଼ମା; ସତ୍ତରିଣା—2. Good (woman); virtuous. ୩ । ସାଧ୍ୱୀ; ପତିବ୍ରତା—3. Chaste (woman). ବ—[ସୋ. ଧାତୁ = ନାଶ କରିବା + କ୍ତିନ୍. ଅତ୍ (ଶତୃ) + ଈ; ଯାହାକୁ ଦର୍ଶନ କରିବା ମାତ୍ରେ ପାପ ନାଶ ହୁଏ]—୧ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ସଙ୍ଗେ ଚତାନଳରେ ନିଜ ଦେହକୁ ହୋମ କରେ; ସ୍ୱାମୀଙ୍କ ସହମୃତା ସ୍ତ୍ରୀ—1. A woman who burns herself on her husband's funeral pyre. [ଦ୍ର—ଇଂରେଜ ଗଭର୍ଣ୍ଣମେଣ୍ଟ ହିନ୍ଦୁମାନଙ୍କ ସତୀଦାହ ପ୍ରଥା ଉଠାଇ ଦେବା କାଳରୁ ଯେଉଁ ସ୍ତ୍ରୀମାନେ ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ମରଣ କ୍ଷମା ସ୍ୱାମୀଙ୍କ ମୃତ୍ୟୁର ଅବ୍ୟବହିତ ପରେ ଅଗ୍ନିହତ୍ୟା କରନ୍ତି ତାଙ୍କୁ ସାଧାରଣତଃ ସ୍ତ୍ରୀମାନେ ସତୀ ବୋଲି କହନ୍ତି ।]

ସତୀ—ସ, ବଶ. ସ୍ତ୍ରୀ—[ଅସ୍ ଧାତୁ + କ୍ତିନ୍. ଅତ୍ (ଶତୃ) + ସ୍ତ୍ରୀ. ଈ; ସତ୍ ଶବ୍ଦର ପୁଂଲିଙ୍ଗ ସନ୍; ସ୍ତ୍ରୀଲିଙ୍ଗ ସତୀ]—୧ । ବଦ୍ୟମାନା—1. Existent (female). ୨ । ସତ୍ପ୍ରକୃତା; ଜଡ଼ମା; ସତ୍ତରିଣା—2. Good (woman); virtuous. ୩ । ସାଧ୍ୱୀ; ପତିବ୍ରତା—3. Chaste (woman). ବ—[ସୋ. ଧାତୁ = ନାଶ କରିବା + କ୍ତିନ୍. ଅତ୍ (ଶତୃ) + ଈ; ଯାହାକୁ ଦର୍ଶନ କରିବା ମାତ୍ରେ ପାପ ନାଶ ହୁଏ]—୧ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ସଙ୍ଗେ ଚତାନଳରେ ନିଜ ଦେହକୁ ହୋମ କରେ; ସ୍ୱାମୀଙ୍କ ସହମୃତା ସ୍ତ୍ରୀ—1. A woman who burns herself on her husband's funeral pyre. [ଦ୍ର—ଇଂରେଜ ଗଭର୍ଣ୍ଣମେଣ୍ଟ ହିନ୍ଦୁମାନଙ୍କ ସତୀଦାହ ପ୍ରଥା ଉଠାଇ ଦେବା କାଳରୁ ଯେଉଁ ସ୍ତ୍ରୀମାନେ ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ମରଣ କ୍ଷମା ସ୍ୱାମୀଙ୍କ ମୃତ୍ୟୁର ଅବ୍ୟବହିତ ପରେ ଅଗ୍ନିହତ୍ୟା କରନ୍ତି ତାଙ୍କୁ ସାଧାରଣତଃ ସ୍ତ୍ରୀମାନେ ସତୀ ବୋଲି କହନ୍ତି ।]

୨ । ସାଧ୍ୱୀ ସ୍ତ୍ରୀ; ପତିଗତପ୍ରାଣା ସ୍ତ୍ରୀ; ପତିବ୍ରତା ସ୍ତ୍ରୀ—2. A chaste woman; a woman devoted to the loving service of her husband; a woman who has consecrated or offered her body and soul to her husband (even unto death). ୩ । ଦାନ—3. Gift. ୪ । ଅବସାନ—4. Extinction; end. ୫ । ସୌରସ୍ତ୍ରୀ ମୃତ୍ତିକା—5. A kind of coloured earth. ୬ । ଚତୁରକ୍ଷର ସଂସ୍କୃତ ଛନ୍ଦୋବିଶେଷ—6. Name of a Sanskrit metre of 4 syllables. ୭ । (ନାମ) ସାବିତ୍ରୀ (ସତ୍ୟବାନଙ୍କ ସ୍ତ୍ରୀ)—7. sābitrī; the wife of Satyabān. ୮ । (ନାମ) ଦୁର୍ଗା; ପାର୍ବତୀ; ଦୁର୍ଗା; ଦକ୍ଷକନ୍ୟା; ମହାଦେବଙ୍କ ପତ୍ନୀ—8. The daughter of Daksha and wife of Śiba. [ଦ୍ର—ଏ ଦକ୍ଷପ୍ରଜାପତିଙ୍କ କନ୍ୟା ଥାଇ ମହାଦେବଙ୍କ ବିବାହ କରିଥିଲେ; କିନ୍ତୁ ମହାଦେବ ପ୍ରଜାପତି ଦ୍ୱାରା ଦକ୍ଷଙ୍କୁ ସମ୍ମାନ ପ୍ରଦର୍ଶନ ନ କରିବାରୁ ଦକ୍ଷ ତାଙ୍କ ଉପରେ ବରଞ୍ଚି ହୋଇ ତାଙ୍କୁ ଅପମାନ ଦେବା ପାଇଁ ଏକ ଯଜ୍ଞ ଆରମ୍ଭ କଲେ; ସେହି ଯଜ୍ଞରୁ ସତୀ ନିଜେ ଦେହର ଅନ୍ୟ ସମସ୍ତଙ୍କୁ ନିମନ୍ତ୍ରଣ କଲେ, ମାତ୍ର ଶିବଙ୍କୁ ନିମନ୍ତ୍ରଣ ତଲେ ନାହିଁ । ନିମନ୍ତ୍ରଣ କରିବାର ଭାର ନାରଦ ମୁନିଙ୍କ ଉପରେ ଥିଲା । ସେ ଗୋପନରେ କୈଳାସକୁ ଯାଇ ଏ ଯଜ୍ଞର ସମ୍ବାଦ ସତୀଙ୍କୁ ଦେଲେ । ସତୀ ଅନମନ୍ତିଆ ହୋଇ ସୁଦ୍ଧା ପିତୃଯଜ୍ଞ ଦେଖିବାକୁ ଯାଇ ପିତୃଗୃହରେ ଦକ୍ଷଙ୍କ ମୁଖରୁ ସ୍ୱାମୀଙ୍କ ନିନ୍ଦା ଶୁଣି ତାହା ସହି ନ ପାରି ଯଜ୍ଞକୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କଲେ । ସତୀଙ୍କ ସଙ୍ଗେ ଯାଇଥିବା ନନ୍ଦୀ ସତୀଙ୍କ ମୃତ୍ୟୁସମ୍ବାଦ ଘେନି କୈଳାସରେ ପହଞ୍ଚିବାରୁ ମହାଦେବ ସତୀଙ୍କ ବିୟୋଗବାର୍ତ୍ତା ଶୁଣି ବୋଧ ଓ ଜଟାପାଟରେ ଜନ୍ମିତ ହୋଇ ପ୍ରୀତି ଜନିତ ଭେଦନ ପୁଟକ ଉହାଁରୁ ବୀରଭଦ୍ର ନାମକ ଭୈରବକୁ ସୃଷ୍ଟି କର ସ୍ୱଗଣ ସମରବ୍ୟାଦ୍ଧାରରେ ଦକ୍ଷଗୃହରେ ପଠାଇଲେ । ଶିବାନୁଚର-ମାନେ ନାନା ଅତ୍ୟାଗ୍ରହ କର ଦକ୍ଷଯଜ୍ଞକୁ ନଷ୍ଟ କଲେ ଓ ଦକ୍ଷଙ୍କୁ ବଧ କଲେ । ପରେ ବ୍ରହ୍ମାଙ୍କ ଅନୁରୋଧରେ ଦକ୍ଷଙ୍କ ଉର୍ଦ୍ଧରେ ଛନ୍ନ ମସ୍ତକ ପରବର୍ତ୍ତିରେ ଗୋଟିଏ ଛଗ ମୁଣ୍ଡ ଯୋଜନ କର ମହାଦେବ ଦକ୍ଷଙ୍କୁ ବଞ୍ଚାଇଲେ । ମହାଦେବ ସତୀଙ୍କ ମୃତ ଦେହକୁ ନିଜର ଉପରେ ଧାରଣ କର ତ୍ରିଭୁବନ ବୁଲିଲେ । ଏହା ଦେଖି ବିଷ୍ଣୁ ସୁଦର୍ଶନ ଦ୍ୱାରା ସତୀଙ୍କ ଶବକୁ ଖଣ୍ଡଖଣ୍ଡ କଲେ ଓ ଉକ୍ତ ଶବର ଯେଉଁ ଯେଉଁ ଅଙ୍ଗ ଯେଉଁ ଯେଉଁଠାରେ ପଡ଼ିଲା, ସେହି ସେହି ସ୍ଥାନମାନ ଗୋଟିଏ ଲେଖାଏଁ ପୀଠ ଓ ଉପପୀଠରେ ପରିଣତ ହେଲା । ଉକ୍ତ ପୀଠମାନ ହିନ୍ଦୁ-ମାନଙ୍କର ମହାତୀର୍ଥ ରୂପେ ଅଦ୍ୟାବଧି ସ୍ୱରଭର ଯେଉଁ ସ୍ଥାନରେ ବର୍ତ୍ତମାନ ଅଛି । (ପୀଠ ଭଳେ ନୋଟ୍ ଦେଖ ।). ଅତଃପର ସତୀ ପରଜନ୍ମରେ ହିମାଳୟଙ୍କ ସ୍ତ୍ରୀ ମେନାଙ୍କ ଗର୍ଭରୁ ପାର୍ବତୀ ରୂପରେ ଜନ୍ମ ଗ୍ରହଣ କର କଠୋର ତପଃ-ସାଧନ ପୂର୍ବକ ପୁଣି ଶିବଙ୍କୁ ସ୍ୱାମୀ ରୂପେ ପାଇଲେ ।}

ସତୀ ଦେ. ବଶ—ସତ୍ୟବାଦିନୀ (ସ୍ତ୍ରୀ)—Truthful (woman). ବ—୧ । ଯେଉଁ ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପୂର୍ବରୁ ମୃତା ହୁଅନ୍ତି—1. A woman who

ସତୀ

predeceases her husband. ୨ । ସତ୍ୟବାଦିନୀ ସ୍ତ୍ରୀ —2. A truthful woman.

ସତୀ ଖଡ୍ଡ—ଦେ. ବ—ମୃତ ସ୍ୱାମୀଙ୍କ ସଙ୍ଗେ ସହମୃତା ହୋଇଥିବା ସ୍ତ୍ରୀଙ୍କ Satī khardā ହସ୍ତର ବଳୟ (ଓ ଅଞ୍ଚ ଭାଳ ସତୀଦାହ ପ୍ରଥା ସତୀ ନନାୟଁ, ସତୀବାଳା ଉଠି ଯିବାରୁ ସ୍ୱାମୀ ଥାଇଁ ଥାଇଁ ଯେଉଁ **सतीकी अंगेली** ସ୍ତ୍ରୀ ମୃତା ହୁଅନ୍ତି ତାଙ୍କ ହାତର ଖଡ୍ଡୁ)— The wristlet of a woman who predeceases or dies with her husband. [ଦ୍ର—ଏହାକୁ ସଧବା ସ୍ତ୍ରୀମାନେ ସବୁଦିନ ହାତରୁ ଖୋଲନ୍ତି ନାହିଁ ।]

ସତୀ ଚଉରା—ଦେ. ବ. (ସ. ସତୀ ଓ ଚତ୍ୱରମ୍) —୧ । ସହମୃତା Satī chaurā ସ୍ତ୍ରୀଙ୍କ ସମାଧି ସ୍ମରଣି ଚଉରା ବା ମଣ୍ଡପ—1. A platform **सती चौरा** raised in her honour, on the ashes of a woman who died with her husband. ୨ । କଟକ ସହରର ପଶ୍ଚିମ ପ୍ରାନ୍ତସ୍ଥ କାଠଯୋଡ଼ୀ ନଦୀ କୂଳର ଶ୍ମଶାନର ନାମ (ସମ୍ଭବତଃ ଏଠାରେ କୌଣସି ପ୍ରସିଦ୍ଧା ସତୀ ସ୍ତ୍ରୀଙ୍କର ମଣ୍ଡପ ଥିଲା)—2. Name of a cremation ground on the bank of the Kāṭhajordi river just to the west of the town of Cuttack. [ଦ୍ର—ଏହିଠାରେ କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ବିଶ୍ୱନାଥ କର, ନୀଳମଣି ବିদ୍ୟାରତ୍ନ, ମୃତ୍ୟୁଞ୍ଜୟ ରଥ, ଅଔିଳାଣ ଶତପଥୀଙ୍କ ଶ୍ମଶାନସ୍ଥ ଚଉରା ଭିତରେ ସମାଧି ସ୍ମାରକମାନ ସ୍ମରିତ ହୋଇଅଛି ଓ ଏହି ଶ୍ମଶାନରେ ଅଜି ବେଭେଗୁଡ଼ିଏ ପୁରୁଣନ ଓ ନୂତନ ସମାଧି-ଚତ୍ୱର ଦୃଶ୍ୟମାନ ।]

ସତୀ ଡେଙ୍ଗୁରା—ଦେ. ବ—ସତୀ ନାଗରା (ଦେଖ) Satī deṅgurā Satī nāgarā. (See)

ସତୀତ୍ୱ(ତା)—ସ. ବ (ସତୀ+ତ୍ୱ. ତ୍ୟ, ତା)—ସତୀ ସ୍ତ୍ରୀଙ୍କ ଧର୍ମ; Satītwa(tā) ପାତିବ୍ରତ୍ୟ; ପରପୁରୁଷସଂସର୍ଗଶୂନ୍ୟତା— Chastity; female purity.

ସତୀତ୍ୱ ଧର୍ମ—ସଂ. ବ (ରୂପକ; ସତୀତ୍ୱ+ଧର୍ମ)-ପାତିବ୍ରତ୍ୟରୂପ ବ୍ରତ— Satītwa dharma The vow of chastity observed by a woman.

ସତୀତ୍ୱ ନାଶ (ଭଙ୍ଗ)—ସଂ. ବ—ସ୍ତ୍ରୀର ସତୀତ୍ୱ ନଷ୍ଟ କରିବା; ପରପୁରୁଷ Satītwa nāśa (bhaṅga) ଦ୍ୱାରା ସତୀସ୍ତ୍ରୀର ରମଣ— The violation of the chastity of a woman; ravishment or rape of a chaste woman.

ସତୀତ୍ୱ ରକ୍ଷା (ପାଳନ)—ସଂ. ବ—୧ । ପାତିବ୍ରତ୍ୟ ଧର୍ମ ପାଳନ— Satītwa rakshā (pālana) 1. The observance of chastity by a woman. ୨ । ସତୀ ସ୍ତ୍ରୀର ସତୀତ୍ୱ ନାଶ କରିବା ବ୍ୟକ୍ତିର ଆକ୍ରମଣରୁ ସତୀକୁ ରକ୍ଷା କରିବା—2. Saving a chaste woman from ravishment.

ସତୀ ଦାହ—ସଂ. ବ—ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଚିତାଗ୍ନିରେ ସତୀର Satī dāha ଜୀବନୋତ୍ସର୍ଗ; ସହମରଣ; ଅନୁମରଣ—The voluntary immolation or burning of the wife on the funeral pyr of the husband. [ଦ୍ର—ଅତି ପ୍ରାଚୀନକାଳରୁ ଭାରତୀୟ ହିନ୍ଦୁରମଣୀ ପତିଙ୍କ ଚିତାନଳରେ ଆତ୍ମୋତ୍ସର୍ଗକୁ ମୃତା (ସହମୃତା) ହେଉଥିଲେ, କ୍ୱଚିତ୍ ଦୂରରେ ମୃତ ପତିଙ୍କ ଶବ ନ ମିଳିଲେ ପତିଙ୍କ ମୃତ୍ୟୁ ପରେ ଚିତାରୋହଣ-ପୂର୍ବକ ମୃତା (ଅନୁମୃତା) ହେଉଥିଲେ । ମୋଗଲ ସମ୍ରାଟ୍ ସପ୍ତଦାହ ବନ୍ଧୁକରେ ଜଷେଧାଜ୍ଞା ପ୍ରଚାର କରିଥିଲେ, କିନ୍ତୁ ଜିଜ୍ଞୁ ପ୍ରଥା ଦଳାଇ ଦେଇ ପାର ନ ଥିଲେ । ଇଂରାଜ ରାଜତ୍ୱରେ ଖ୍ରୀଷ୍ଟିୟ ବଡ଼ଲାଟ ଲର୍ଡ୍ ୱିଲିୟାମ୍ ବେଣ୍ଟିଙ୍କ୍ ବଙ୍ଗୀୟ ସମାଜସଂସ୍କାରକ ରାଜା ରାମମୋହନ ରାୟଙ୍କ ସାହାଯ୍ୟରେ (ଅନେକ ରକ୍ଷଣଶୀଳ ହିନ୍ଦୁଙ୍କ ଅବଜ୍ଞା ସତ୍ତ୍ୱେ) ଏ ପ୍ରଥା ରହିତ କରି ୧୮୧୯ ସାଲରେ ଗୋଟିଏ ଆଇନ୍ ପ୍ରଣୟନ କଲେ ଓ ତହିଁରେ ଏପରି ବିଧାନ କଲେ ଯେ, ଯେଉଁ ବ୍ୟକ୍ତିମାନେ ସତୀଦାହ କାର୍ଯ୍ୟରେ ସହାୟତା କରିବେ ସେମାନେ ନରହତ୍ୟା ଅପରାଧରେ ଦଣ୍ଡିତ ହେବେ । ସେହି ସମୟରୁ ଭାରତରୁ ସତୀଦାହ ପ୍ରଥା ଉଠି ଯାଇଅଛି ।

ସତୀଦାହ ଦୁଇ ପ୍ରକାର—

୧ । ସହମରଣ—ପତିଙ୍କ ମୃତ୍ୟୁ ସଙ୍ଗେ ସ୍ତ୍ରୀ ପତିଙ୍କ ଚିତାରେ ଆରୋହଣ କରି ପତିଙ୍କ ଶବକୁ ଆଲିଙ୍ଗନ କରି ଚିତାନଳରେ ଦଗ୍ଧ ହେଉଥିଲେ ।

୨ । ଅନୁମରଣ—ପତିଙ୍କର ଦୂରଦେଶରେ ମୃତ୍ୟୁ ହେଲେ ବା ପତିଙ୍କ ଶବ ନ ମିଳିଲେ କିମ୍ବା ପତିଙ୍କ ମୃତ୍ୟୁ କାଳରେ ସ୍ତ୍ରୀ ଗର୍ଭବତୀ ଥିଲେ (ଗର୍ଭରୁ ମୁକ୍ତା ହେଲେ) ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ୱାମୀଙ୍କର ବ୍ୟବହୃତ କୌଣସି ବସ୍ତୁକୁ ବା ପଳାଶପତ୍ରାଦି ରଚିତ ସ୍ୱାମୀଙ୍କ କଳ୍ପିତ ମୂର୍ତ୍ତିକୁ ସପତ୍ନୀରୂପେ ଧାରଣ କରି ବଧବା ସ୍ୱତନ୍ତ୍ର ଚିତାରେ ଆରୋହଣ କରୁଥିଲେ ।]

ସତୀ ଧର୍ମ—ସଂ. ବ—ସତୀତ୍ୱ (ଦେଖ) Satī dharma Satītwa. (See)

ସତୀ ଧର୍ଷଣ—ସଂ. ବ (ତତ୍ପୁ ତତ୍)—ସତୀର ସତୀତ୍ୱ ନଷ୍ଟ କରିବା— Satī dharshaṇa Outraging the chastity of a woman.

ସତୀନ—ସଂ. ବ (ବୈଦ୍ୟକ)—୧ । କଲାଯ; ମଟର—1. Pea; Satīna field pea; Pisum Sativum. [ଦ୍ର—ଏହା ଅନ୍ୟ ସଂ. ନାମ—କଳାପୃ, ମଧୁର, କଷାପୃଷ୍ଠସ, ମଧୁର ବଟାକ, ବର୍ତ୍ତୁଳ, ଢଣ୍ଢେଶୁ। ରୁକ୍ଷ, ଶୀତବୀର୍ଯ୍ୟ, ବାୟୁବର୍ଦ୍ଧକ, ଅମ୍ର-ମଟର दोषकारक, ପିତ୍ତ, ଦାହ ଓ କଫ କେराव, मटर ନାଶକାରକ ।] ୨। (ସତୀ+ଗା. ଧାତୁ+ ଅ; ବ) ସତୀଲ (ଦେଖ)— 2. Satīla. (See)

ଡେ. ଥେଓଫ୍ରାଷ୍ଟ (ସତୀନକ—ଅନ୍ୟରୂପ)

ସତୀ ନାଗର—ଦେ. ବ—ପୂର୍ବେ ସହମୃତା ବା ଅନୁମୃତା ହେବାକୁ Satī nāgarā ଶ୍ମଶାନକୁ ଯାତ୍ରା କରୁଥିବା ସତୀ ସ୍ତ୍ରୀଙ୍କ ଯାତ୍ରା ସତୀଡଙ୍କା, ସତୀନାଗରା ସମୟରେ ବଜା ଯାଉଥିବା ନାଗର; (ଜନ୍ମ **सतीनगारा** ବହିମାନ ସତୀଦାହ ପ୍ରଥା ରହିତ ହେବାରୁ,ସ୍ୱାମୀ ବହୁ ଥାଇଁ ଥାଇଁ ମୃତା ସ୍ତ୍ରୀଙ୍କ ଶବ ଦାହାର୍ଥ ଶ୍ମଶାନକୁ ନେଇ ଯିବା ବେଳେ ଶବଯାତ୍ରା ସଙ୍ଗେ ବାଜିବା ବାଦ୍ୟ—

Digitized by srujanika@gmail.com

Drum accompanying the corpse of a wife who predeceases her husband and of a woman who jumped with the funeral pyre of her husband (when this custom had not been prevented by law.)

ସତ୍ତାନାଥ—ସଂ ବ (ଷଷ୍ଠୀ ତତ୍) —ମହାଦେବ; ଶିବ—Śiba, ଦେ. Satī nātha ବ. ପୁଂ—ଲୋକକୁ ଦଥଉିବା ନାମ—A name ସତୀନାଥ **सतीनाथ** given to males. (ସତ୍ତାନ୍ତ—ଅନ୍ୟରୂପ)

ସତ୍ତାପଣ—ଦେ. ବ—୧ । ସତ୍ତାତ୍ୱ—1. Chastity. ୨ । ସତ୍ତାତ୍ୱର Satīpaṇa ବଢ଼ାଇ—2 Boasting about one's (ସତ୍ତାପଣିଆ—ଅନ୍ୟରୂପ) chastity. ୩ । (ସ୍ତ୍ରୀ ଲୋକର) ସତୀପଣା ସତ୍ୟବାଦିତା—3. Truthfulness of a **सतीपण** woman). ୪ । (ସ୍ତ୍ରୀ ଲୋକର) ସାଧୁତା—4. Honesty (of a woman).

ସତ୍ତା ପୀଠ—ସଂ. ବ (ନାମ)—୧ । ବରଜା କ୍ଷେତ୍ର; ଯାଜପୁରର ଏକ Satī pīṭha ନାମ—1. A name of Jājapura (which is one of the places where parts of the body of Satī fell). [ଦ୍ର—ବଥିତ ଅଛୁ—ମହାଦେବଙ୍କ ସ୍ତ୍ରୀ ସତୀଙ୍କ ଶବ ସୁଦର୍ଶନ ଚକ୍ର ଦ୍ୱାରା ୫୧ ଖଣ୍ଡ ହୋଇ, ଭାରତବର୍ଷର ବିଭିନ୍ନ ସ୍ଥାନମାନଙ୍କରେ ପଡ଼ିଥିଲା । ଯେଉଁ ଖଣ୍ଡ ଚକ୍ରକ ବନରେ ପଡ଼ିଥିଲା ତାହା 'ବିରଜା' ନାମରେ ବିଦିତ ଓ ସେ ସ୍ଥାନ ସତୀପୀଠ ବା ବିରଜାକ୍ଷେତ୍ର ନାମରେ ପୃଥିବୀ ଲଭ କରିଥିଲା ।

ଶୈବ ପୁରାଣମତରେ—ଯାଜପୁର କାଳୀଙ୍କର ଏକ ପୀଠ । ଶିବଙ୍କ ସ୍ତ୍ରୀ ସତୀଙ୍କ ମୃତ୍ୟୁରେ ଶିବ ବାଉଳ ହୋଇ ପୃଥିବୀର ଗୃହଅଡ଼େ ବୁଲିଲେ । ତାଙ୍କର ବାଉଳତା ନାଶ କରିବା ପାଇଁ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରରେ ଉକ୍ତ ଶବକୁ ୫୧ ଖଣ୍ଡ କଲେ । ଯେଉଁ ସବୁ ସ୍ଥାନରେ ଏହା ଖଣ୍ଡ ଖଣ୍ଡ ହୋଇ ପଡ଼ିଲା, ସେ ସବୁ ସ୍ଥାନ ସତୀପୀଠ ନାମରେ ପରିଚିତ ହେଲା । ବିରଜା ନାମରେ ସତୀଙ୍କର ଗୋଟିଏ ମନ୍ଦିର ଯାଜପୁରରେ ଅଛି । ଯେଉଁ ସ୍ଥାନରେ ଏ ମନ୍ଦିର ବିଦ୍ୟମାନ, ସେଠାରେ ସତୀଙ୍କର ଶବରୁ ନାଭି ପଡ଼ିଥିଲା ବୋଲି କଥିତ । ଲୋକକ—ଚନ୍ଦ୍ରଶେଖର ଦାସ ।]

୨ । ଯେଉଁ ଯେଉଁ ସ୍ଥାନରେ ସତୀଙ୍କ ଶବର ଅଂଶମାନ ପଡ଼ିଥିଲା (ପୀଠ ତଳେ ଟୀକା ଦେଖ)—2. Places where parts of the corpse of Sati fell. (See note under Pīṭha)

ସତ୍ତା ଯିବା—ଦେ. କି (ବର୍ତ୍ତମାନ ଏ ପ୍ରଥା ରହିତ)—ସ୍ୱାମୀଙ୍କ ସତ୍ତ- Satī jibā ମୃତା ହେବା—To commit suicide on the ସତୀଯୋଇଯା, ସତୀହୋଇଯା cremation pyre of the **सती होना** husband. (ସତ୍ତାରେ ଯିବା, ସତ୍ତା ହେବା—ଅନ୍ୟରୂପ)

ସତ୍ତାର୍ଥ(ର୍ଥ୍ୟ)—ସଂ. ବ (ସ=ସମାନ + ତୀର୍ଥ=ଗୁରୁ ଯାହାର; ସତ୍ତାର୍ଥ= Satīrtha(rthya) ସମାନ ଗୁରୁ;+କାସାର୍ଥେ. ଯ)—ସମଭାଲରେ ଏକ ଗୁରୁଙ୍କ ନିକଟରେ ଅଧ୍ୟୟନ କରୁଥିବା ଶିଷ୍ୟ; ସତ୍ତାଧ୍ୟାସ୍ୱୀ; ସତ୍ତୀର୍ଥୀ—Fellow student; a fellow disciple; a co-disciple under the same preceptor.

ସତ୍ତାଳ—ସଂ. ବ (ସତ୍ତା=ସାଧ୍ୱୀ + ଲ୍ଲ.ଧାତୁ=ଧାରଣ କରିବା + କ୍ତ୍ରି.ଅ; Satīla ଯାହା ସାଧ୍ୱୀ ଭଲବଧୂମାନଙ୍କୁ ଧାରଣ (ସତ୍ତାଳକ—ଅନ୍ୟରୂପ) କରେ)—୧ । ବଂଶ; କୁଳ—1. Family; race. ୨ । (ସ=ସମାନ + ଛଲ= ଖସା; ଖସାପରି କୃଷ୍ଣବର୍ଣ୍ଣ) ମାଷ; ବରବଟି—2. Kidney bean; Phasolus Radiatus. ୩ । ମଟର; ବଲାଯୁ— Pea; field pea; Pisum Sativum.

ସତ୍ତା ଲକ୍ଷ୍ମୀ—ଦେ. ବ. ସ୍ତ୍ରୀ (ସ. ସତ୍ତା, ଲକ୍ଷ୍ମୀ; ସ୍ତ୍ରୀମାନଙ୍କ ପ୍ରତି Satī lakshmī ଅଶୀର୍ବଚନ)—ଲକ୍ଷ୍ମୀଙ୍କ ପରି ସତ୍ତା ଓ ଗୁଣବତ୍ତା ସତୀଲକ୍ଷ୍ମୀ ସଧବା ସ୍ତ୍ରୀ—A chaste and good woman **सतीलक्ष्मी** (whose husband is alive); a paragon among wives.

ସତ୍ତାଳା(ଳ୍ଳ)—ସଂ. ବ (ସତ୍ତାଳ + ଆ) —କିପୁଠୀ; ଖେସାରି; ତଣା— Satīlā(lā) A species of kidney bean; Lathyrus Sativus.

ସତ୍ତାଶ—ସଂ. ବ (ସତ୍ତା=ପାର୍ବତୀ + ଈଶ=ସ୍ୱାମୀ; ୬ଷ୍ଠୀ ତତ୍)— Satīśa ମହାଦେବ; ଶିବ—Śiba. ଦେ. ବ. ପୁଂ—ଲୋକଙ୍କ ନାମ—A name given to males.

ସତ୍ତା ସାଧ୍ୱୀ—ଦେ. ବ. ସ୍ତ୍ରୀ (ଏତାର୍ଥକ ସଦ୍ଭବ;ଆଶୀର୍ବାଦ (ସତ୍ତା ସ୍ତ୍ରୀ— Satī sādhabī A chaste woman; a paragon ସତୀସାଧ୍ୱୀ **सतीसाध्वी** among women. (ସତ୍ତା ସାଧ୍ୱୀ—ଅନ୍ୟରୂପ);

ସତ୍ତା ସାବିତ୍ରୀ—ଦେ. ବ (ଆଶୀର୍ବାଦ)—ସାବିତ୍ରୀଙ୍କ ପରି ସତ୍ତା— Satī Sabitrī A woman as chaste as Sābitrī; a ସତୀସାବିତ୍ରୀ **सतीसावित्री** paragon among women.

ସତୁଆ—ଦେ. ବିଣ. ପୁଂ—ସତ୍ୟବାଦୀ—Truthful. [ଜ—କନ୍ୟାରୁ Satuā ଯେତେବେଳେ ଦେଖିବୁ, ବୁଝିବୁ ଅଳା ସତୁଆ କ ମିରୁଆ। ସାଚ୍ଚା **सच्चा** ଫକାରସୋଡନ. ଗଲ୍ପସ୍ୱଲ୍ପ ।] (ସତେ[ତୋ]ଇ—ସ୍ତ୍ରୀ) [ମିରୁଆ—ବଘସ୍ତ]

ସତୁରଶଏ(ହେ) —ଦେ. ବ ଓ ବିଣ (ଫଗ୍ୟା; ସ. ସପ୍ତତ୍ୟୁତ୍ତର ଶତ)— Saturāśae(he) ଏକ ଶହ ସତୁରି; ୧୭୦—One hundred ଏକଶ ସତ୍ତର and seventy; 170. (ଯଥା—୧୭ ଦର୍ଶା ସତୁରଶ. **ଏକସୌ ସତ୍ତର** ଶବ୍ଦେ ଯଣ ଦଶ କାଢ଼ାଣ ଦଶ ଯଣ—ଯଣକଅ ।) [ଦ୍ର—ଏହିପରି ସତୁରି ଦୁଇଶ=୨୭୦ ।]

ସତୁରି—ଦେ. ବିଣ. ଓ ବ (ଫଗ୍ୟା; ସ. ସପ୍ତତି; ପା. ସତ୍ତରି)—ସତ୍ତରି; Saturi ୨×୧୦; ୨୦ ଫଗ୍ୟାରୁ ଅଧିକ ୧୦; ୭୦— ସତ୍ତର **सत्तर** Seventy; 70.

ସତୁଲ—ଟ୍ରାଦେ (ସିଂହଭୂମି) ବ. (ଜଠର ଅଞ୍ଚଳରେ ଅତୁଲ) —ଦୁସ୍ତ- Satula ଜନିତ ଶବ୍ଦ; ଦାନ୍ତଥିବା ହାଡ ଶବ୍ଦ—Toothed wristlet.

ସତୁଷ—ସଂ. ବିଣ (ସତ୍ତାର୍ଥେ , ବହୁବ୍ରୀହି; ସ=ସହିତ + ତୁଷ)—ତୁଷ- Satusha ଯୁକ୍ତ (ଶସ୍ୟ)—(grain) Chaffed; having chaff. ବ—ଧାନ୍ୟ—Paddy.

Digitized by srujanika@gmail.com

ସତୃଟ୍—ସ. ବଣ. ସୁ° (ସ+ତୃଷ୍; ସତୃଷ୍ ଶବ୍ଦ ୧ମା. ୧ବ)—ସତୃଷ୍ଣ; Satruṭ (ସତୃଷା—ସ୍ତ୍ରୀ) ତୃଷିତ—Thirsty.

ସତୃଷ୍ଣ—ସଂ. ବଣ (ସ+ତୃଷ୍ଣା; ସହାର୍ଥେ ବହୁବ୍ରୀହି)—୧। ତୃଷାଯୁକ୍ତ; Satṛushṇa ପିପାସୁ——1. Thirsty. ୨। ସତୃଷ୍ଣ—(ସତୃଷ୍ଣା—ସ୍ତ୍ରୀ) 2. Full of hankering. ୩। ସାଗ୍ରହ; ଅତ୍ୟନ୍ତ ଅଗ୍ରହଯୁକ୍ତ (ଦୃଷ୍ଟି)—3. Very eager(look).

ସତୃଷ୍ଣ ଦୃଷ୍ଟି—ସଂ. ବ (କର୍ମଧା; ସତୃଷ୍ଣ+ଦୃଷ୍ଟି)—୧। ସାଗ୍ରହ Satṛushṇa dṛushṭi ନୟନ—1. Eager eyes; (ସତୃଷ୍ଣ ନୟନ—ଅନ୍ୟରୂପ) wistful eyes. ୨। ଲାଳସାଯୁକ୍ତ ଦୃଷ୍ଟି—2. Hankering look; hungering look. ସ. ବଣ (ବହୁବ୍ରୀହି) ସାଗ୍ରହ ଦୃଷ୍ଟିଯୁକ୍ତ—With wistful look.

ସତେ—ଦେ. ଅ—୧। ସତରେ; ସତ୍ୟରେ; ପ୍ରକୃତରେ—Sate 1. Truly; actually. (ଉ—୯୩ ଗୀରଚ୍ଚ ସତେ, କ (ସତେକ, ସତେରେ, ସତେ ସତେ—ଅନ୍ୟରୂପ) ପଦାର୍ଥ କହୁ ସତ୍ୟି सच पर्ण୍ଡେ ସତେ। କବିସୂର୍ଯ୍ୟ. କବତା।) ୨। (କାମନା ଓ ପ୍ରଶ୍ନାର୍ଥକ) ପ୍ରକୃତରେ ବା ଫଳତଃ ଏହାକ ଘଟିବ ?—2. (conjunction) Will it so happen ?; will it come to pass ? ୩। (ପ୍ରଶ୍ନାର୍ଥକ) ଏହା କ ସତ୍ୟ ? ଉଲ୍ଲ ?—3. (Interjection) Pray ! Is it true ? (ଉ—ଚେଙ୍କି ଲଞ୍ଚିନ ସତେ, ଗ୍ରମର ଚଲ୍ଲ ମତେ, ଚହଲାଇ ପଗ୍ଲଲ୍ଲ କହ୍ନ। କବସୂର୍ଯ୍ୟ. 'ଉଶୋସ୍ତ ଚମ୍ପୁ. ଚ ଗୀତ।) ୪। (ଉପସ୍ଥାର୍ଥକ) ପ୍ରକୃତରେ; ପ୍ରକୃତରେ—5. Actually; in fact. (ଉ—ପୃଷ୍ଠ ମଣ୍ଡୀହାସିରେ ! ସତେ ତୁ ଚ ସାହସୀରେ। କବିସୂର୍ଯ୍ୟ. ସଙ୍ଗୀତ।) ୬। ପରଚ୍ଛଃ—6. In the long run. (ଉ—ସତେ ସତେ ସେହୁ ବାଣୀ ହୋଇଲ୍ଲ ବଫଳ। ମଧୁସୂଦନ, ବାଲପ୍ରମାସୂଣ।)

ସତେଇଁ ହେ(ହ)ବା—ଦେ. କି—୧। ଉଲେଇ ହେବା; ଅପଣାର ସାଧୁତା Satei he(ha)bā ଦେଖାଇ ହେବା ବା କହି ହେବା—1. To ସାଚା ହୁଅୟା show off one's honesty; to boast of सच्चा होना one's honesty. ୨। ନିଜର ନିଷ୍ଲଙ୍କତ୍ୱ ପଦାରେ କହି ବୁଲିବା—2. To boast that one has no blemishes or secrets to be ashamed of. ୩। ଅପଣାର ସତୀତ୍ୱ ଦେଖାଇ ହେବା—3. To boast of on'es chastity. (ଉ—ସତୀ ଲେ ! ସତେଇ ହଉଛୁ କେତେ ! ତୋତୋ ଘର କଥା ଅଣ୍ଡିରେ ଦୁରେଇ, ଶତେଇ ହଉଛୁ ସତେ !—ଉଗ।)

ସତେଜ—ଦେ. ବଣ (ସ+ତେଜଃ=ସତେଜସ୍ ୧ମା. ୧ବ; Sateja ସତେଜାଃ)—୧। ପ୍ରଖର; ତେଜସ୍ୱୀ)—1. Vigorous; energetic; sharp. ୨। ସାର୍ଥକୀଳ; ସତେଜ तेजी ବଳବାନ୍—2. Strong. ୩। ସଜୀବ—3. Healthy; lively; hale. ୪। ପୁଷ୍ଟପୁଷ୍ଟ—4. Well-developed; hale and hearty.

ସତେଜାଃ—ସ. ବଣ (ସ+ତେଜଃ=ସତେଜସ୍ ୧ମା. ୧ବ)—ସତେଜ Satejāḥ (ଦେଶ)—Sateja (See)

ସତେର—ସ. ବ—ଭୂସ (ବଯିତ୍ତାର ଛଣାଡ଼ ବୁଝ)—Satera Chaff of grains.

ସତ୍କଥନ—ସ. ବ ଓ ବଣ—ସତ୍କଥନ (ଦେଶ)—Sat-kathana Satkathana (See) [ଦ୍ର—ସତ୍ ଶବ୍ଦର ତ୍+କ (କୃ) ଅଦ ଯୁକ୍ତାକ୍ଷର ବଶିଷ୍ଟ ଶବ୍ଦମାନଙ୍କ ପାଇଁ ସତ୍ ତଳେ ବଥ ଯାଇଥିବା ଶବ୍ଦମାନ ଦେଖ।]

ସତ୍ତ—ଦେ. ବ. ଓ ବଣ (ସ. ସତ୍ତ୍ୟ)—ସତ୍ତ୍ୟ (ଦେଶ)—Satta Satya (See) ବଣ (ସ. ସତ୍) —ସତ୍ (ଦେଶ) Sat (See)

ସତ୍ତମ—ସଂ. ବଣ (ସତ୍=ପ୍ରଶସ୍ୟ+ଅତିଶୟାର୍ଥେ ତମ)—୧। ଅତି Sattama ପ୍ରଶସ୍ୟ; ସବୋତ୍ତମ; ଅତ୍ୟନ୍ତ—1. Best; very (ସତ୍ତମା—ସ୍ତ୍ରୀ) good. ୨। ପୂଜ୍ୟତମ—2. Most venerable. [ଦ୍ର—ଏହା ବଶେଷ୍ୟ ପରେ ଯୁକ୍ତ ହୁଏ; ଯଥା—ଦିଜଶ୍ରେଷ୍ଠ, ନୃପଶ୍ରେଷ୍ଠ, ନାଗ୍ନଶ୍ରେଷ୍ଠା ।]

ସତ୍ତା—ସ. ବ (ସତ୍+ତ୍ୱବେ. ତା)—୧। ବଦ୍ୟମାନତା; ସ୍ଥିତି—Sattā 1. Presence; existence; being. ୨। ଉତ୍ପତ୍ତି—2. Birth; origin; production. ୩। ସାଧୁତା—3. Honesty. ୪। ଉତ୍କର୍ଷ—4. Excellence. [ଦ୍ର—ଏହା ଦର୍ଶନଶାସ୍ତ୍ରର ପାରିଭାଷିକ ଶବ୍ଦ। ଯାହା ପଦାର୍ଥର ସାର ବିଷୟ, ଯାହା ପଦାର୍ଥର ପଦାର୍ଥତ୍ୱ ନିର୍ଦ୍ଦେଶକ, ତାହା ଭିନ୍ନ ପଦାର୍ଥର ସତ୍ତା। ସତ୍ (ବା ସ୍ଥିତିବଶିଷ୍ଟ) ପଦାର୍ଥ ମାନେ ସତ୍ତାବଶିଷ୍ଟ ଏବଂ ଏକ ପଦାର୍ଥର ସତ୍ତା ଅନ୍ୟ ପଦାର୍ଥର ସତ୍ତାଠାରୁ ଭିନ୍ନ। ବେଦାନ୍ତ ମତରେ ବ୍ରହ୍ମ ଏକା ବ୍ରହ୍ମାଣ୍ଡର ସତ୍ତା। ଜୀବାତ୍ମା (Human Soul) ଏବଂ ପରମାତ୍ମା (World Soul) ଏକ ସତ୍ତାବଶିଷ୍ଟ। ଜାଗତିକ ପରିବର୍ତ୍ତନ ମାୟା ଅଟେ। ଯଦି ମାୟାବାଦ ସ୍ୱୀକୃତ ନ ହୁଏ, ଅର୍ଥାତ୍ ସାଂସାରିକ ପରିବର୍ତ୍ତନର ସତ୍ୟତା ଗୃହୀତ ହୁଏ, ତେବେ ସମ୍ଭ ସତ୍ତାର ଏକତ୍ୱ ସଂସ୍ଥିତ ରହେ। ଏହି ଅର୍ଥରେ ସାଗ ଜାଗତିକ ପରିବର୍ତ୍ତନ (evolution) ଏକ ସତ୍ତାର ବିକାଶ =ଭେଦ ମାତ୍ର। ସାଂଖ୍ୟ ମତରେ ଜଗତ୍ ପ୍ରକୃତି (=body) ଏବଂ ପୁରୁଷ (=soul), ଏତଦ୍ରୂପ ଦୁଇ ସତ୍ତାଯୁକ୍ତ। ବୈଶେଷିକ ଦର୍ଶନରେ ଜଗତ୍ ପରମାଣୁରୁ ସୃଷ୍ଟ। ପରମାଣୁ ଅନେକ ଏବ ନିତ୍ୟ। ଏଣୁ ସତ୍ତା ଯେକ ଏକ ପଦାର୍ଥ ଅନ୍ୟଠାରୁ ଭିନ୍ନ—ସତ୍ତର୍ଲେଖକ. ଚାଫେ ସର ବିଚିତ୍ରବିଦ୍ୟାସ୍ତ୍ର ବାସ୍ତ୍ର ଏମ୍. ଏ.।] ଦେ. ବ—ଚିହ୍ନ ସତ୍ତା; ଚିହ୍ନ—Trace; indication. (ଯଥା—चिह्न ତୁ ମୋତେ ଅମୁକ ବିଷୟର ସତ୍ତା ଦେଖାଇଲ ନାହିଁ।)

ସତ୍ତେ—ସ୍ତ୍ରା. ଅବ୍ୟୟ (କଙ୍ଗଳାରୁ ଅନୁକୃତ. ସଂ·ସତ୍ ଶବ୍ଦୋତ୍ପନ୍ନ ସପ୍ତମୀ)—Satte ଦୌଡ଼ିସି ବିଷୟର ଉପସ୍ଥିତି ଥାଉ ହୁଏ—सत्ते सत्वे (conjunction) In spite of; in the (ସତ୍ତ୍ୱେ—ଅନ୍ୟରୂପ) face of; notwithstanding.

ସତ୍ତ୍ୱ—ସଂ. ବ (ସତ୍+ତ୍ୱବ· ତ୍ୱ)—୧। ବଦ୍ୟମାନତା—Sattwa 1. Presence. ୨। ସ୍ଥିତି—2. Existence; being. ୩। ଚେତନ ପଦାର୍ଥ—3. Sentient being. ୪। ଜୀବ; ପ୍ରାଣୀ; ଜନ୍ତୁ—4. Animal. ୫। ସତ୍ତ୍ୱଗୁଣ; ସ୍ପୃହାର ବା ପ୍ରବୃତ୍ତିର ୩ଟି ଗୁଣ ମଧ୍ୟରୁ

Digitized by srujanika@gmail.com

ପ୍ରଧାନ ବା ଉତ୍ତମ ବା ଶ୍ରେଷ୍ଠ ଗୁଣ—5. Moral goodness; the best of the 3 qualities in the material Nature; the aggregate of moral good qualities. [ଦ୍ର—ଏହ ଗୁଣରୁ ସତ୍ୟ, ଧର୍ମ୍ମ. ଦୟା, ସତ୍ତ୍ୱ, ପ୍ରେମ, ନ୍ୟାସ୍ଥ, ପରୋପକାର, ସବିନତା, ଈଶ୍ୱର ଭକ୍ତି ଆଦ ଶୁଭ ଜନ୍ମେ ।

ମହାଭାରତ ମତରେ ସତ୍ତ୍ୱଗୁଣର ଧର୍ମ ୬ ପ୍ରୋଟି; ଯଥା—ପ୍ରସାଦ, ଦ୍ୱର୍ତ୍ତ, ପ୍ରୀଚ୍ଚ, ଅସନ୍ଦେହ, ଧୃଚ୍ଚ ଓ ଦୃଚ୍ଚି ।] ୬ । ଦ୍ରବ୍ୟ; ପଦାର୍ଥ—6. Article; thing. ୭ । ମନଃ; ଅନ୍ତାକରଣ; ଚିତ୍ତ—7. Mind; the intellectual faculty of mind; intelligence; sensation; feeling. ୮ । ସ୍ୱଭାବ; ପ୍ରକୃଚ୍ଚି—8. Nature; disposition; natural propensities. ୯ । ବ୍ୟବସାୟ; ବ୍ୟବହାର—9. Trade; business. ୧୦ । ସ୍ୱାଭାବିକ ଅବସ୍ଥା—10. Natural condition. ୧୧ । ବଳ; ଶକ୍ତି; କ୍ଷମତା—11. Strength; power; ୧୨ । ବଳବତ୍ତ୍ୱ—12. Force; might. ୧୩ । ଧୈର୍ଯ୍ୟ—13. Patience; coolness. ୧୪ । ତେଜଃ—14. Vigour; energy. ୧୫ । ଉତ୍ସାହ—15. Eagerness; exertion. ୧୬ । ଧନ—16. Wealth. ୧୭ । ଜୀବନ; ପ୍ରାଣ—17. Life; vitality. ୧୮ । ଜୀବନଧାରଣ—18. State of living; livelihood. ୧୯ । ଜୀବନକାଳ; ଅୟୁଃ—19. Life-time. ୨୦ । ଚୈତନ୍ୟ—20. Consciousness; sensation. ୨୧ । ଆତ୍ମା—21. Spirit; soul. ୨୨ । ସାହସ—22. Courage; boldness. ୨୩ । ରସାଃ; ରସ—23. Juice; fluid. ୨୪ । ସାର—24. Essence. ୨୫ । ରସ; ମନୋଗତ ଭାବ—25. Sentiment; passion. ୨୬ । କୁବେର—26. The God of wealth. ୨୭ । ପିଶାଚାଦି—27. Aerial beings; demigods, ଦେ.ବ (ତତ୍ପୁରୁଷ) (ସଂ.ସ୍ୱତ୍ତ୍ୱ)—ସମ୍ପତ୍ତିରେ ସ୍ୱାମୀର ଅଧିକାର; ସ୍ୱାମିତ୍ୱ, ସ୍ୱତ୍ୱ—Proprietory right over a thing; ownership.

ସତ୍ତ୍ୱ ହକ

ସତ୍ତ୍ୱ ଗୁଣ—ସ. ବ—ସତ୍ତ୍ୱ ୫ (ଦେଖ)—Sattwa 5 (See)

Sattwa guṇa [ଦ୍ର—ସତ୍ତ୍ୱ, ରଜଃ ଓ ତମଃ—ଏହ ତିନଗୋଟ ପ୍ରକୃତିର ଗୁଣ; ଜୀବାତ୍ମା ଏହ ଗୁଣତ୍ରୟ ଦ୍ୱାରା ସଂସାରରେ ଆବଦ୍ଧ ହୁଏ । ଏହ ସତ୍ତ୍ୱଗୁଣ ନିର୍ମଳ, ପ୍ରକାଶକ ଓ ଅନାମୟ; ଏହା ମନୁଷ୍ୟକୁ ସବଦା ସୁଖରେ ଓ ଜ୍ଞାନରେ ଆବଦ୍ଧ କର ରଖେ । ଯେଉଁ ପଦାର୍ଥ ଦ୍ୱାରା ପରମାୟୁ, ସତ୍ତ୍ୱ, ବଳ, ଅରୋଗ୍ୟ, ସୁଖ ଓ ପ୍ରୀତି ବଢ଼େ ଓ ଯାହା ରସମୟ, ହୃଦୟଗ୍ରାହ୍ୟ, ସ୍ନିଗ୍ଧ ଓ ସ୍ନିଗ୍ଧ ଖାଦ୍ୟପଦାର୍ଥ, ତାହା ସାତ୍ତ୍ୱିକ ପ୍ରକୃତିବଶିଷ୍ଟ ଲୋକର ପ୍ରିୟ]

ସତ୍ତ୍ୱବାନ୍—ସ. ବଶ. ପୁଂ—(ସତ୍ତ୍ୱ + ଅଃ ଅର୍ଥରେ ବତ୍ତ; ୧ମା ୧ବ)—

Sattwabān (ସତ୍ତ୍ୱବତ୍ତା—ସ୍ତ୍ରୀ) ୧ । ସତ୍ତ୍ୱଗୁଣ ବଶିଷ୍ଟ—1. Possessing moral goodness. ୨ । ସ୍ଥାୟୀ—2. Permanent. ୩ । ସ୍ୱାଭାବିକ—3. Natural. ୪ । ଧାର୍ମ୍ମିକ—4. Virtuous; pious. ୫ । ନଷ୍ପାପ—5. Sinless. ଦେ ବଶ (ତତ୍ପୁରୁଷ)—ସତ୍ତ୍ୱବାନ୍ (ଦେଖ)—Satwabān (See).

ସତ୍ତ୍ୱସ୍ଥ—ସ. ବଶ—(ସତ୍ତ୍ୱ + ସ୍ଥା ଧାତୁ + କର୍ତ୍ତୃ ଅ)—ସତ୍ତ୍ୱଗୁଣ ପ୍ରଧାନ

Sattwastha (ବ୍ୟକ୍ତ)—(a person) In whom (ସତ୍ତ୍ୱସ୍ଥା—ସ୍ତ୍ରୀ) moral virtues predominate.

ସତ୍ତ୍ୱେ—ଦେ. ଅ—(ସ. ସତ୍ତ୍ୱ ଶବ୍ଦର ୭ମୀ ବଭକ୍ତି ସତ୍ତ)—ଥାଇ ମଧ୍ୟ; Sattwe ଅବସ୍ଥିତ ଥିଲେ ମଧ୍ୟ; ହେଲେ ମଧ୍ୟ; ବ; ହେଲେହେଁ—

ସତ୍ତ୍ୱେ; ସତ୍ତ୍ୱେ (ଅନୁକର) ବଦ୍ୟମାନତା ଥାଇ ସୁଦ୍ଧା—Even though; even if; inspite of; in the presence of. [ଦ୍ର—ଶତ୍ରୁସତ୍ତ୍ୱେ ଽମାଗୁଣ ପରକାଶି—(ସତ୍ତ୍ୱେ—ଅନ୍ୟରୂପ) ସ୍ୱଧାନାଥ—ମହାସ୍ୱର୍ଗୀ ଉତ୍କୋଚ୍ୟା]

ସତ୍ତ୍ର(ତ୍ର)—ସ. ବ—(ସଦ୍. ଧାତୁ = ଗମନ କରିବା + ଅଧିକରଣ. ତ୍ର)—

Sattra(tra) ୧ । ଯଜ୍ଞ—1. Vedic sacrifice or offering of oblations to the Deities through fire. ୨ । ସତତ ଅନ୍ନପାନାଦ ଦାନ—2. Act of free and constant distribution of food and drink. ୩ । ଦୟାବ୍ରତ; ଶ ଏବ୍ରତ; ସଦା ଦାନ—3. Charity; act of giving gifts continuously. ୪ । ବନ; ଅରଣ୍ୟ—4. Forest. ୫ । ଗୃହ—5. House; abode; residence. ୬ । ଧନ —6. Riches. ୭ । ଆଚ୍ଛାଦନ—7. Covering. ୮ । କୌଟୁକ; ଛଳ—8. Deceit; fraud; cheating. ୯ । ସରୋବର—9. Tank; pond. ୧୦ । (ବିଷ୍ଣୁସହସ୍ର ନାମ) ବିଷ୍ଣୁଙ୍କର ଏକନାମ—10. A name of Bishnu. ୧୧ । ଯେଉଁଠାରେ ଅନ୍ନପାନାଦ ଯେକଙ୍କୁ ବତରଣ କରିଯାଉ ଥାଏ—11. A place where food or drink or both is distributed free. [ଦ୍ର—ଏହ ସବ ଶବ୍ଦ ଅପଭ୍ରଷ୍ଟ ହୋଇ ଓଡ଼ିଆରେ ଛତ୍ର ବା ଛତରରେ ପରିଣତ ହୋଇଅଛ । ଜଳଛତ୍ର = ଜଳଦାନ ଓ ଜଳଦାନ ଦଆଯିବାର ସ୍ଥାନ; ଅନ୍ନଛତ୍ର = ଅନ୍ନ ଦଆଯିବାର ସ୍ଥାନ ।]

ସତ୍ତ୍ର ଶାଳା—ସ, ବ—୧ । ଯଜ୍ଞଶାଳା—1. A room or shed

Sattra śāla where vedic sacrifice is performed. ୨ । ଅନ୍ନ ଦାନାଦର ଗୃହ; ଯେଉଁ ଗୃହରେ ଅନ୍ନଦାନାଦ ହଆଯାଏ—2. A house where food is freely distributed; a free kitchen.

ସତ୍ତ୍ରା(ତ୍ରା)ଜିତ୍—ସ.ବ. (ନାମ)(ସତ୍ତ୍ର + ଅ + ଜ.ଧାତୁ + କର୍ତ୍ତୃ.କୃ ତ୍)—

Sattrā(trā)jit ଶ୍ରୀକୃଷ୍ଣଙ୍କ ଶ୍ୱଶୁର; ଶ୍ରୀକୃଷ୍ଣଙ୍କ ଅଷ୍ଟ ମହିଷୀଙ୍କ ମଧ୍ୟରୁ ଏକତମା ସତ୍ୟଭାମାଙ୍କ ପିତା—Name of a father-in-law of Srikrushna. [ଦ୍ର—ସୂର୍ଯ୍ୟଦେବ ସନ୍ତୁଷ୍ଟ ହୋଇ ଏହାଙ୍କୁ 'ସ୍ୟମନ୍ତକ' ମଣି ଦାନ କରିଥିଲେ । ଏ ମଣି ନଜ ସହୋଦର ପ୍ରସେନଜିତ୍‌ଙ୍କୁ ଏହା ଦେଇଥିଲେ; ପ୍ରସେନଜିତ୍ ମୃଗୟାରେ ହିଂସ୍ର ଜନ୍ତୁଙ୍କ ଦ୍ୱାରା ନିହତ ହେବାରୁ, ଏହାକୁ ଜାମ୍ବବାନ୍ ପାଇଥିଲେ । ଜାମ୍ବବାନ୍‌ଙ୍କୁ ପରାଜିତ କରି ଶ୍ରୀକୃଷ୍ଣ ପୁଣି ଏ ମଣିକୁ ଅଣି

Digitized by srujanika@gmail.com

ସତ୍ତ୍ରାନ୍ନଭୋଜୀ ଦେଲେ । ଅତ୍ୟନ୍ତ ପ୍ରତ୍ୟେକଳାରେ ଶତଧନ୍ୟା ସତ୍ତ୍ରାନ୍ନଭୋଜୀ ବଧ ଜରୁ ଏମଣିକି ଦ୍ରୁଣ କଲେ ।]

ସତ୍ତ୍ରାନ୍ନ—ଫ. ବ—(ସ. ଷ. ତତ୍ପୁ; ସତ୍ତ୍ର+ଅନ୍ନ)—ସତ୍ତ୍ରରେ ପ୍ରଦତ୍ତ ଅନ୍ନ; ଅନୁଷ୍ଠାନରେ ଷ୍ଟ୍ରତ ବ୍ୟକ୍ତିମାନଙ୍କୁ ଦିଆଯିବା ପକ୍ୱାନ୍ନ—Boiled rice distributed to the famished people who come to a public free kitchen.
Sattrānna

ସତ୍ତ୍ରାନ୍ନଭୋଜୀ—ଫ. ବ ଓ ବିଣ. ପୁଂ—ଯଜ୍ଞଶାଳାରେ; ଯେଉଁ ବ୍ୟକ୍ତି ଅନ୍ନ-ଛତରେ ଖାଇବାକୁ ଦିଆଯିବା ଅନ୍ନ ଖାଏ—(ସତ୍ତ୍ରାନ୍ନଭୋଜିନୀ—ସ୍ତ୍ରୀ) (ସତ୍ତ୍ରାନ୍ନଭୁକ୍—ଅନ୍ୟରୂପ) A person partaking of boiled rice distributed free in a public kitchen.
Sattrānnabhojī

ସତ୍ତ୍ରି—ଫ.ବ.(ସଦ୍+ଧାତୁ=ଗମନ କରିବା; ହିଂସା କରିବା+କ୍ତ୍ରିନ୍)-୧। ମେଷ, ମେଣ୍ଢା—1. Sheep. ୨। ହସ୍ତୀ—2. Elephant. ବିଣ—ଜୟଶୀଳ—Conquering; victorious.
Sattri

ସତ୍ତ୍ରୀ—ବଂ. ବିଣ. ପୁଂ—(ସତ୍ତ୍ର+ଇନ୍; ୧ମା ୧ ବ)—ଯାଗଶୀଳ—Habitually performing vedic sacrifices. ବି. ୧। ସଦାଗୃସ୍ଥ ଗୃହସ୍ଥ—1. A dutiful or pious householder. ୨। ଦୂତ—2. An ambassador.
Sattrī

ସତ୍ପଥ—ସ·ବ.—ସତ୍ ପଥ (ଦେଶ)—Sat-patha (See)
Satpatha [ଦ୍—ସତ୍ ଶବ୍ଦ ପୁଂକ୍ତ ତ+ପ (ପୃ) ଥଦ ପୁରାସିର ବଶିଷ୍ଠ ଶବ୍ଦମାନଙ୍କ ପାଇଁ ସତ୍ ଶବ୍ଦ ଘରେ ଦଅଯାଇ ଥିବା ଶବ୍ଦ ମାନ ଦେଖ ।]

ସତ୍ୱ—ସଂ. ବ—(ସତ୍+ଷ୍ଣ୍ୟ. ତ୍ୱ; ତ ଲୋପ)—ସତ୍ତ୍ୱ (ଦେଖ)—Satwa Sattwa (See). ବି.ବ. (ସଂ.ସତ୍ତ୍ୱ) (ଜରିଥ) ବସ୍ତୁରେ ବା ସମ୍ପତ୍ତିରେ ସ୍ୱାମିତ୍ୱ; ଅଧିକାର; ସ୍ୱତ୍ୱ—Right and title; ownership; interest; proprietory right. [ଦ୍—ଆମ୍ଭମାନଙ୍କ ଦେଶରେ ଭୂସମ୍ପତ୍ତିରେ ଯେତେ ପ୍ରକାର ସତ୍ତ୍ୱର ନାମ ପ୍ରଚଳିତ ଅଛି ଯଥା—ଅସ୍ଥାୟୀସତ୍ତ୍ୱ, ଖରଦାସତ୍ତ୍ୱ, ଚିରସ୍ଥାୟୀ ସତ୍ତ୍ୱ, ଜୀବନ ସତ୍ତ୍ୱ, ଦଖଲ(ସ୍ଥିତିବାନ)ସତ୍ତ୍ୱ, ନଷ୍ଟୁଡ଼ ସତ୍ତ୍ୱ, ବରୁବ ସତ୍ତ୍ୱ, ପ୍ରଜା (ରଇତ) ସତ୍ତ୍ୱ, ଭୂସତ୍ତ୍ୱ, ପଟ୍ଟରସୀ ସତ୍ତ୍ୱ, ମଧ୍ୟସତ୍ତ୍ୱ, ଲଖରଜ ସତ୍ତ୍ୱ, ସିକ୍ତମି ସତ୍ତ୍ୱ, ଜମିଦାରି ସତ୍ତ୍ୱ, ମକଦମି ସତ୍ତ୍ୱ, ବାଣ୍ଡେଲ ସତ୍ତ୍ୱ ଇତ୍ୟାଦି ।]

ସତ୍ୱ ଉଚ୍ଛେଦ—ଦେ. ବ. (ଜରିଥ)—ସତ୍ତ୍ୱର ଲୋପ—Satwa uchchheda Extinction of title.
ସତ୍ୱ ଉଚ୍ଛେଦ **सत्व लोप, हक मारना**

ସତ୍ୱ ଉଦ୍ଭବ—ଦେ. ବ. (ଜରିଥ)—ଖରଦ ବା ବହୁକାଳ ଦଖଲ ବା ଉତ୍ତରାଧିକାରତ୍ୱ ବା ଦାନଗ୍ରହଣ ସତ୍ୱ ଉତ୍ତବ . ଜଇଥିବା ବ୍ୟକ୍ତିର ଉକ୍ତ ସମ୍ପତ୍ତିରେ ସ୍ୱତ୍ୱର ଉତ୍ପତ୍ତି—Satwa udbhaba Accrual of title to land by purchase or long possession or inheritance or gift.
सत्व उद्भव, हकप्राप्त

ସତ୍ୱ ଦଖଲ—ଦେ. ବ. (ଜରିଥ; ସଦ୍ଭବ ଶବ୍ଦ)—କୌଣସି ସତ୍ୱ ଦଖଲ Title and possession in a property.
Satwa dakhala **सत्व दखल हक दखल**

ସତ୍ୱ ଦାବି—ଦେ. ବ. (ଜରିଥ)—ସମ୍ପତ୍ତିରେ ସ୍ୱାମିତ୍ୱ ବା ଅଧିକାର ସାବ୍ୟସ୍ତ କରାଇବାକୁ ଦାବି—Claim of title to a property.
Satwa dābi **सत्व दावी, हक दावी**

ସତ୍ୱ ଦାୟୀ—ଦେ. ବ. (ଜରିଥ) – ସମ୍ପତ୍ତିରେ ଯାହାର ସ୍ୱତ୍ୱ ବା ସ୍ୱାମିତ୍ୱ ଅଛି; ଦାବିବାନ୍ (ବ୍ୟକ୍ତି)—(A person) ସ୍ୱତ୍ୱବାନ୍ Having title or interest in a property.
Satwa dāyī **सत्वदायी, हकदार**

ସତ୍ୱ ପ୍ରଚାର—ଦେ. ବ. (ଜରିଥ) – କୌଣସି ସମ୍ପତ୍ତିରେ ବାସ୍ତବ ସ୍ୱାମିତ୍ୱ ଥିବା ବିଷୟ ଅଦାଲତଙ୍କଦ୍ୱାରା ସତ୍ୱପ୍ରଚାର ଘୋଷଣା—Judicial declaration of one's title to a property.
Satwa prachāra **सत्व घोषणा, हककी डिक्री**

ସତ୍ୱବାନ୍—ବିଣ.—ସତ୍ତ୍ୱବାନ୍ (ଦେଖ)
Satwabān Sattwabān (See)

ସତ୍ୱବାନ୍ ଦେ. ବିଣ (ଜରିଥ; ସଂ. ସତ୍ତ୍ୱବାନ୍) – ଯାହାର ସମ୍ପତ୍ତିରେ ସତ୍ୱ ବା ସ୍ୱାମିତ୍ୱ ଥାଏ; ହକ୍‌ଦାର—Having title to any property.
सत्ववान्, हकदार

ସତ୍ୱ ବୁଡ଼ା(ଡ଼େ)ଇବା—ଦେ. କି. (ଜରିଥ)—ଅନ୍ୟ ବ୍ୟକ୍ତିର ସ୍ୱତ୍ୱକୁ ବା ସ୍ୱାମିତ୍ୱକୁ ଯବରଦସ୍ତି ସତ୍ୱ ଡୁବାନ ଅଧିକାର ଦ୍ୱାରା ଲୋପ କରିବା—To extinguish a person's title by forcible possession.
Satwa burdā (rde) ibā **सत्व मिटाना, हक मारना**

[**ସତ୍ୱ ବୁଡ଼ିବା (ବୁଡ଼ିଯିବା)**—ବିଶେଷ୍ୟରୂପ] [ଦ୍—କେତେ କାଳ ଅନ୍ୟର ସମ୍ପତ୍ତିକୁ ବଳପୂର୍ବକ ଅଧିକାର କରିଲେ ସମ୍ପତ୍ତିସ୍ୱାମୀଙ୍କର ଉକ୍ତ ସମ୍ପତ୍ତିରେ ସତ୍ୱ ବୁଡ଼ିଯାଏ ବା ସତ୍ତ୍ୱଲୋପ ହୁଏ, ତାହା ଭିନ୍ନ ଆଇନରେ ଭିନ୍ନ ଭିନ୍ନ ଦେଖାଯାଇଅଛି ।]

ସତ୍ୱର—ଅ. କି. ବିଣ—(ଜନ୍ଧାତୁ) (ସ=ସହିତ+ତ୍ୱର)—ଶୀଘ୍ର—Soon; speedily; hastily.
Satwara ବିଣ—ଶୀଘ୍ର; ତୁରନ୍ତ; ଅତ୍ୟଳ୍ପ—Speedy; hasty.

ସତ୍ୱର ଗତି—ଫ. ବ.—ଷ.ତ. (କର୍ମଧା; ସତ୍ୱର+ଗତି) ଶୀଘ୍ର ଗମନ—Satwara gati Speedy movement. ବିଣ (ଜନ୍ଧାତୁ) ତ୍ୱରିତ ଗତି କରିଥିବା—Moving speedily.

ସତ୍ୱରତା(ତ୍ୱ)—ଫ ବ—(ସତ୍ୱର+ତ୍ୱ+ଷ୍ଟ୍ରୀ.ବ. ତା)—ଶୀଘ୍ରତା—Satwaratā (twa) Swiftness; speediness; quickness.

ସତ୍ୱ ଲାଭ—ଦେ. ବ. (ଜରିଥ)—୧। ସତ୍ୱ ଉଦ୍ଭବ (ଦେଖ) Satwa lābha Satwa udbhaba (See). ୨। ସମ୍ପତ୍ତିରେ ସତ୍ୱଲାଭ ଜନ୍ମିଥିବା ସବୁ ପ୍ରକାରର ସ୍ୱତ୍ୱ—2. All rights which have accrued in a property. (ଦ୍—କବଲ୍ଲରେ ଲେଖାଯାଏ—ଏ ସମସ୍ତ ଓ ଉହାଁର ସମସ୍ତ ସତ୍ୱଲାଭ ସତ୍ତ୍ୱରତ୍ୱ ମୁଁ କାଲୋଚିତ ମୂଲ୍ୟ ପ୍ରମାଣେ ଅପଣଙ୍କ ହସ୍ତେ ବକି ଦଲି) ।
सत्वलाभ, हकलाभ

ସତ୍ୱ ଲୋପ—ଦେ. ବ. (ଜରିଥ)—ବର୍ତ୍ତି ବା ଦୀର୍ଘକାଳ ଅପେକ୍ଷା ବେଶି ସମୟ ବେଦଖଲ ଥାଇ ଦ୍ୱାରା ସମ୍ପତ୍ତିରେ ସତ୍ତ୍ୱଲୋପ ସମ୍ପତ୍ତିସ୍ୱାମୀର ଥିବା ସ୍ୱାମିତ୍ୱର ନାଶ—Extinction
Satwa lopa

Digitized by srujanika@gmail.com

सत्वलोप, हकलोप of one's title to a property by sale or long dispossession.

ସତ୍ୱ ସାବ୍ୟସ୍ତ—ଦେ. ବ. (ଉତ୍ତରପଦ)—ସମ୍ପତ୍ତିରେ କୌଣସି ବ୍ୟକ୍ତିର Satwa sābyasta ସ୍ୱତ୍ୱ ଥିବା ସମ୍ବନ୍ଧେ ଅଦାଲତଙ୍କ ଦ୍ୱାରା ସତ୍ୱସାବ୍ୟସ୍ତ ବିଚାରପୂର୍ବକ ନିର୍ଦ୍ଧାରଣ —Declaration or **सत्व निर्द्धारण** establishment of one's title to a property by a court of justice.

ସତ୍ୱସାବ୍ୟସ୍ତ ମକଦ୍ଦମା—ଦେ. ବ (ଉତ୍ତରପଦ)—କୌଣସି ସମ୍ପତ୍ତିରେ Satwasābyasta makaddamā କାହାର ସ୍ୱାମିତ୍ୱ ଥିବା ସତ୍ୱସାବ୍ୟସ୍ତ ମୋକଦ୍ଦମା ବିଷୟ ନିର୍ଦ୍ଧାରିତ କରିବା ପାଇଁ କରାଯିବା **सत्वनिर्द्धारण मुकदमा** ମକଦ୍ଦମା—Suit for establishment and declaration of one's title to a property.

ସତ୍ୱ ହାନି—ଦେ. ବ (ଉତ୍ତରପଦ)—୧ । ସ୍ୱତ୍ୱ ସମ୍ବନ୍ଧେ କ୍ଷତି—1. Loss Satwa hāni of one's title. ୨ । ସ୍ୱତ୍ୱ ସମ୍ବନ୍ଧେ ବାଧା—ସତ୍ୱହାନି **सत्वहानि, हकनुकसान** 2. Detriment to one's title.

ସତ୍ୱାସତ୍ୱ—ଦେ. ବ (ଉତ୍ତରପଦ)—ସ୍ୱତ୍ୱ ସମ୍ବନ୍ଧୀୟ ବିଷୟ; ବାଦୀ ଓ Satwāsatwa ପ୍ରତିବାଦୀ ଦୁଇ ଜଣଙ୍କ ମଧ୍ୟରୁ କାହାର ଦାବୀକୃତ ସତ୍ୱାସତ୍ୱ ସମ୍ପତ୍ତିରେ ସତ୍ୱ ଅଛି ଓ କାହାର ନାହିଁ, ଏହି ବିଷୟ— **सत्वासत्व, हकवेहक** Title of one party and want of title of the other party in a disputed property, the subject matter of a title suit.

ସତ୍ୱାସତ୍ୱ ମକଦ୍ଦମା—ଦେ. ବ (ଉତ୍ତରପଦ)—ଯେଉଁ ମକଦ୍ଦମାରେ Satwāsatwa makaddamā ସମ୍ପତ୍ତି (ବିଶେଷତଃ ସତ୍ୱାସତ୍ୱ ମୋକଦ୍ଦମା ଭୂସମ୍ପତ୍ତି)ରେ ବାଦୀ ପ୍ରତିବାଦୀ ଉଭୟଙ୍କ ମଧ୍ୟରୁ **सत्वासत्व मुकदमा, हकवेहक मुकदमा** କାହାର ସତ୍ତ୍ୱ ଅଛି କାହାର ନାହିଁ, ଏହି ପ୍ରଶ୍ନର ମୀମାଂସା କରାଯାଏ— Title suit.

ସତ୍ୟ—ବି. ବିଣ (√ସତ୍+ଯ)—୧ । ପ୍ରକୃତ; ଯଥାର୍ଥ— Satya 1. Actual. ୨ । ଯାହା ଭ୍ରମାତ୍ମକ ନୁହେଁ; ଠିକ୍— 2. Right. ୩ । ଯାହା ମିଥ୍ୟା ନୁହେ—3. True. ୪ । ଚିରସ୍ଥାୟୀ; ଅବିନାଶୀ—4. Permanent; indestructible. ୫ । ନିଃସନ୍ଦେହ; ନିଶ୍ଚିତ— 5. Certain; sure. କି. ବିଣ (ସଂ. ସତ୍ୟଂ)—୧ । ଯଥାର୍ଥରେ—1. Really. ୨ । ପ୍ରକୃତରେ— 2. Actually. ୩ । ନିଶ୍ଚେ—3. Certainly; verily. ଉ—୧ । ଚିରସ୍ଥାୟିତ୍ୱ; ଅନଶ୍ୱରତ୍ୱ—1. Permanence; indestructibility. ୨ । ଯାଥାର୍ଥ୍ୟ— 2. Reality. ୩ । ଯଥାର୍ଥ କଥନ; ମିଥ୍ୟା; ପ୍ରକୃତ ଘଟନାର ବର୍ଣ୍ଣନା—3. Speaking what is true; truth. ୪ । ପବିତ୍ରତା—4. Purity. ୫ । ପୁଣ୍ୟ— 5. Virtue. ୬ । ଯଥାର୍ଥ ଜ୍ଞାନ—6. True knowledge. ୭ । ବିଜ୍ଞାନ—7. Science; scientific knowledge. ୮ । ସିଦ୍ଧାନ୍ତ—8. Conclusion; resolution. ୯ । ବୈଜ୍ଞାନିକ ବା ପ୍ରାକୃତିକ ଅପରିବର୍ତ୍ତନୀୟ ନିୟମ—9. Natural or scientific rules or maxims or truths; axiomatic truths; scientific maxims. ୧୦ । ଧର୍ମତଃ ପ୍ରତିଜ୍ଞା; ଶପଥ—10. Vow; solemn declaration. [ଦ୍ର—ଦୁନିଆରେ ସତରେ ସତ୍ୟ କହିବାଠାରୁ ଓ ସତ୍ୟ-ପାଳନ ବା ପ୍ରତିଜ୍ଞାପାଳନଠାରୁ ବଳ ଅନ୍ୟ ଧର୍ମ ସଂସାରରେ ନାହିଁ । ଶାସ୍ତ୍ରରେ ଅଛି, ସତ୍ୟଠାରୁ ବଳ ଧର୍ମ ନାହିଁ, ମିଥ୍ୟା ବା ଅନୃତଠାରୁ ବଳ ପାତକ ନାହିଁ; ମାତାଙ୍କଠାରୁ ବଳ ବନ୍ଧୁ ନାହିଁ, ମନ୍ତ୍ରଦାତାଙ୍କଠାରୁ ବଳ ଗୁରୁ ନାହାନ୍ତି; ଯେ ସତ୍ୟ କଥେ ଓ ସତ୍ୟ ପାଳନ କରେ ସେ ସମସ୍ତ ଧର୍ମ-କାର୍ଯ୍ୟର ଫଳ ପାଏ; ସତ୍ୟ ସୋପାନ ଏ ସୃଷ୍ଟି ଚଳୁଅଛି । ସତ୍ୟରକ୍ଷା ବା ପ୍ରତିଜ୍ଞା ପାଳନହିଁ ମନୁଷ୍ୟର ପ୍ରାଣାନ୍ତେ ମଧ୍ୟ କର୍ତ୍ତବ୍ୟ; ଯେ ମିଥ୍ୟା କଥେ ଓ ପ୍ରତିଜ୍ଞା ଭଙ୍ଗ କରେ ତାହାରୁ ବଳ ପାତକୀ ଏ ବ୍ରହ୍ମାଣ୍ଡରେ ନାହିଁ; ମହାପୁରୁଷ-ମାନେ ପ୍ରାଣାନ୍ତେ ମଧ୍ୟ ମିଥ୍ୟା କଥନ ନାହିଁ କମ୍ବା ସତ୍ୟ (ପ୍ରତିଜ୍ଞା) ଲଙ୍ଘନ ନାହିଁ ।] ୧୧ । ସତ୍ୟଯୁଗ; କୃତଯୁଗ; ସୃଷ୍ଟିର ଚତୁର୍ଯୁଗ ମଧ୍ୟରୁ ପ୍ରଥମ ଯୁଗ—11. The first of the four ages of the creation according to the Hindu mythology. [ଦ୍ର—ଏହାର କାଳ ୧୦ କୋଟି ୭ ଲକ୍ଷ ୨୮ ହଜାର ବର୍ଷ; ମତାନ୍ତରରେ ୧୭ ଲକ୍ଷ ୨୮ ହଜାର ବର୍ଷ ।

ସୃଷ୍ଟିର ପ୍ରଥମରେ ସତ୍ୟଯୁଗ ଆରମ୍ଭ ହୁଏ । ତହୁରେ ତ୍ରେତା, ଦ୍ୱାପର ଓ କଳିଯୁଗ ଯୋଗ ହେଲାପରେ ପୁଣି ସତ୍ୟଯୁଗ ଆରମ୍ଭ ହୁଏ । ବୈଶାଖ ଶୁକ୍ଳ ଅକ୍ଷୟ ତୃତୀୟା ଦିନ ସତ୍ୟଯୁଗର ଜନ୍ମଦିନ । ଏଯୁଗର ପରମାଣ ୧୭ ଲକ୍ଷ ୨୮ ହଜାର ବର୍ଷ; ମନୁଷ୍ୟମାନଙ୍କ ପରମାୟୁ ଲକ୍ଷେ ବର୍ଷ; ମନୁଷ୍ୟ ଉଚ୍ଚରେ ୨୧ ହାତ ବଢ଼ନ୍ତି; ମହାଗଛ ପ୍ରାଣ; ଇଚ୍ଛାମୃତ୍ୟୁ; ବ୍ୟବହାରଭାଷା ସ୍ୱବର୍ଣ୍ଣ; ସାମବେଦର ଅଧିକାର; ତୀର୍ଥନାମ ପୁଷ୍କର; ଲୋକେ ସତ୍ୟଧର୍ମରତ ଓ ତୀର୍ଥାଶ୍ରୟୀ । ସତ୍ୟ-ଯୁଗରେ ୬ଜଣ ଚକ୍ରବର୍ତ୍ତୀ ରାଜତ୍ୱ କରିଥିଲେ—ବଳି; ବେଣ, ମାନ୍ଧାତା, ପୁରୁରବାଃ, ଧୁନ୍ଧୁମାର, କାର୍ତ୍ତବୀର୍ଯ୍ୟାର୍জ୍ଜୁନ, ଭାରତବନ୍ଧୁନାମ—ନାରସିଂହପୁରାଣଂ ବେଦାଃ ନାରସିଂହ ପଦ୍ମ-ଗର୍ଭାଃ । ନାରସିଂହ ଦର୍ଶମୁକ୍ତ ନାରସିଂହ ପଦ୍ମ ଗତାଃ । ପଞ୍ଜିକୋଦ୍ଧୃତ ବଚନ ।)

୧୨ । ବ୍ରହ୍ମଲୋକ; ସପ୍ତଲୋକର ବା ସପ୍ତ ଭୁବନର ଉଚ୍ଚତମ ଲୋକ—12. The highest of the 7 upper worlds of the Hindu mythology. [ଦ୍ର—ଏହି ଲୋକରେ ବିଷ୍ଣୁ ଓ ବ୍ରହ୍ମା ବାସ କରନ୍ତି । ଯେଉଁ-ମାନେ ମୃତ୍ୟୁରେ ବଳ ବଳର ପୁଣ୍ୟଫଳରେ ସତ୍ୟଲୋକରେ ଯାଇଥାନ୍ତି ସେମାନେ ଅନ୍ୟ ଯୋନିରେ ପୁନର୍ଜନ୍ମ ଲାଭ କରନ୍ତି

Digitized by srujanika@gmail.com

ନାହିଁ ।] ୧୩ । (ସତ୍ତ୍ୱସ୍ ନାମ) ବିଷ୍ଣୁ—13. A name of Bishnu. ୧୪ । (ଶବ୍ଦରତ୍ନାବଳୀ) ଶ୍ରୀସତ୍ୟଚନ୍ଦ୍ର—14. A name of Rāmachandra. ୧୫ । (ସ୍ୱର୍ଜ୍ଜାର୍ଦ୍ଧଣ୍ଡ) ଅଶ୍ୱତ୍ଥ ବୃକ୍ଷ—15. The religious fig tree. ୧୬ । ନାନ୍ଦୀମୁଖ ଶ୍ରାଦ୍ଧରେ ଅଇଁତ ଦେବତା—16. The Deity invoked in the Nāndīmukha Srāddha. ଦେ. ବ.—ଉଥ୍ୟ; ବଞ୍ଚନ ବା ଦର୍ଶନାଦ

ସତ୍ୟ ସତ୍ୟ ଶାସ୍ତ୍ରସଙ୍ଗତ ଅଯଥାବର୍ତ୍ତମାନ ବିଷୟକ; ସ୍ୱତଃସିଦ୍ଧ, ସ୍ୱକାର୍ଯ୍ୟ— Scientific; philosoplical or religious truths; axioms; axiomatic truths.

ସତ୍ୟ(ତ୍ୟା) ଆମ୍ବ(ମ୍ବା)—ଦେ. ବ—(ସ ସତ୍ୟ ଓ ଅମ୍ବ)—ନାଗେଶ୍ୱର୍ବ

Satya (tyā)āmba(mbā) ବର୍ଗର ସ୍ଥାନ ଶ୍ୟାମଳ ଉରୁ; [ସତ୍ୟାମ୍ବ(ମ୍ବା)—ଅନ୍ୟରୂପ] ବିଶେଷ—Garcina Xanthochymus (a tree). [ଦ୍ର—ଏ ଗଛ

ସ୍ୱରକ୍ଲକ ଉମାଳ ଗଛ ପର ଚଟଣ୍ୟାମଳ ଓ ସ୍ଥୂଳ-

ଦାମ୍ପଲ ସ୍ନିଗ୍ଧ ଗଛ । ଏଥିର ଫଳ ନେଙ୍ଗଡା ଅମ୍ବ

ଦମ୍ପଲ ବା ଛେନ୍ଦ ଫଳ ପର ଗୋଲ । କଞ୍ଚା

ମ, ଝାଡ଼ୀ **ଥମ୍ବା** ଫଳ ଖଟା; ଫଳ ପାଚିଲେ ଈଷତ୍ ମିଠା

ଚେ. ଜୁରମାଚୁ ଓ ଖଟା ଲଙ୍କେ ଓ ଜଳଦଥ ବା ନାଇଙ୍ଗୀ ବର୍ଣ୍ଣ ବା ପାଚଲ ଅମ୍ବର ବର୍ଣ୍ଣ ଧରେ । ଫଳ ଗୁଡ଼ିକ ଅମ୍ବ ଫଳଠାରୁ ବଡ଼, ଛୁ ମୋଟା ଓ ଚକ୍କଣ । ଫୁଲ ଧଳା ଓ ସୁଗନ୍ଧ । ବସନ୍ତ କାଳରେ ଫୁଲ ଫୁଟେ । ବର୍ଷା ଓ ଶରତ୍ କାଳରେ ଫଳ ପାଚେ । ପାଚଲ ଫଳକୁ ଗରବ ଲୋକେ ଖାଆନ୍ତି ଏବଂ ଅମ୍ଳିଲ ତରକାସ୍ତ କରନ୍ତି । କଞ୍ଚା ଫଳକୁ କେହି କେହି କାଟି ଅଗୁର କରନ୍ତି । ଫଳ ଭିତରେ ଗୁଡ଼ଏ ଖୋସା ବା ଚରୁଡ଼ା ଥାଏ ଓ ବଲ୍କଳ ମଞ୍ଜିଠାରୁ ବଡ଼ ଓ ଜଲା ଜଲା ଅନେକଗୁଡ଼ଏ ଲମ୍ବ ମଞ୍ଜି ଥାଏ । ଏଡ଼ାର ଛାଲମାଳ ଘନ ଓ ପତ୍ରମାନ ମଧ୍ୟ ଘନସନ୍ନିବିଷ୍ଟ । ଓଡ଼ିଶାର ସ୍ଥାନେ ସ୍ଥାନେ ଓ ସଡ଼କଛାଡରେ ଏ ଗଛ ପ୍ରଚୁର ଜନ୍ମେ । ଚଟ୍ଟଗ୍ରାମ, ଆସାମ, ବ୍ରହ୍ମଦେଶ ଓ ଦାକ୍ଷିଣାତ୍ୟରେ ଏ ଗଛ ଦୃଶ୍ୟ ।

ଏଡ଼ାର ଅପକ୍ୱ ଫଳ ଅମ୍ଳ, ଧାତୁକ, ବାୟୁନାଶକ, ଉଷ୍ଣ-ବୀର୍ଯ୍ୟ, ଗୁରୁ ଓ ପିତ୍ତ ବର୍ଦ୍ଧକ । ଏଡ଼ାର ପକ୍ୱ ଫଳ—ପାଚକ, ରୁଚିଜନକ, ଲଘୁ, ଉଷ୍ଣବୀର୍ଯ୍ୟ, କଫ ଓ ବାୟୁନାଶକ ।

ଏଡ଼ାର ସାଜର ତୈଳ ଉତ୍ତୁ, ଅମ୍ଳ—ମଧୁର, ଶୀତଳ, ଗୁରୁତାରକ, ବଳକର, ସାରକ; କୃମି, କୁଷ୍ଠ ଓ କ୍ରଣ ରୋଗରେ ଉପକାରକ ।] ୨ । କୁସୁମ ୨ (ଦେଖ)

2. Kusuma 2. (See)

ସତ୍ୟଂକାର—ସଂ. ବ—ସତ୍ୟଙ୍କାର (ଦେଖ)

Satyaṁkāra Satyaṅkāra (See)

ସତ୍ୟକ—ସଂ. ବ (ସତ୍ୟ+କ)—ସତ୍ୟଙ୍କାର (ଦେଖ)

Satyaka Satyaṅkāra (See)

ସତ୍ୟ କଥନ—ସଂ. ବ (ସପ୍ତୀ ତତ୍)—ସତ କହିବା—

Satya kathana Speaking of truth.

ସତ୍ୟକଥା—ଦେ. ବ—ଅମିଥ୍ୟା; ପ୍ରକୃତ ଘଟଣାର ବର୍ଣ୍ଣନା—

Satya kathā Truthful speech.

ସତ୍ୟି କଥା **सच्चि बात**

ସତ୍ୟ କରଣ—ସଂ. ବ—୧ । ସତ୍ୟଙ୍କାର (ଦେଖ)—1. Satya-

Satya karaṇa ṁkāra (See) ୨ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରତିଜ୍ଞା କରିବା—2. A resolution to do something. ୩ । ଶପଥ; ଧର୍ମତଃ ପ୍ରତିଜ୍ଞା—3. Vow; promise on oath.

ସତ୍ୟ କରିବା—ଦେ. କି—କୌଣସି କାର୍ଯ୍ୟ କରିବା ପାଇଁ ଧର୍ମତଃ

Satya karibā ପ୍ରତିଜ୍ଞା କରିବା—To take a solemn

ସତ୍ୟ କରା **सत्य करना** vow to do some thing.

ସତ୍ୟ କହିବା—ଦେ. କି—ସତ୍ୟ ବାକ୍ୟ କହିବା—

Satya kahibā To speak the truth.

ସତ୍ୟ ବଲା **सच कहना**

ସତ୍ୟକାର—ସଂ. ବ—ସତ୍ୟଙ୍କାର (ଦେଖ)

Satyakāra Satyaṅkāra (See)

(ସତ୍ୟ କିମ୍ବା—ଅନ୍ୟରୂପ)

ସତ୍ୟ କିଙ୍କର—ସଂ. ବ ଓ ବିଣ (ସପ୍ତୀ ତତ୍;ସତ୍ୟ+କିଙ୍କର)—ସତ୍ୟର

Satya kiṅkara ଦାସ; ସତ୍ୟକୃତପରମ୍ପରାଗ— A servant of truth; practising truthfulness.

ସତ୍ୟକୁ ଆସିବା—ଦେ. କ୍ରି—ସତ୍ୟ ରୂପେ ଘଟିବା—

Satyaku āsibā To come to be true.

ସତ୍ୟ ହୁଅନ୍ତା **सच हाना**

ସତ୍ୟଙ୍କାର—ସଂ. ବ (ସତ୍ୟଂ+କୃ ଧାତୁ+ଘଞ୍, ଅ)—୧ । କୌଣସି

Satyaṅkāra ଦ୍ରବ୍ୟ କ୍ରୟ କରିବା ପାଇଁ ଅଙ୍ଗୀକାର— 1. The conclusion or ratification of a bargain; agreement or promise to purchase a thing. ୨ । ଚୁକ୍ତିତ କାର୍ଯ୍ୟର ଅବଶ୍ୟ-କିୟା ସାଧନ ନମନ୍ତେ ପର ହସ୍ତରେ ସମର୍ପିତ ବସ୍ତୁ ବା ବ୍ୟକ୍ତି (ପ୍ରତିଭୂବାଦ)—2. Any person or thing given as security for the performance of an act.

ସତ୍ୟଙ୍କାର କୃତ—ସଂ. ବ—କୌଣସି ଦ୍ରବ୍ୟ କିଣିବା ନମନ୍ତେ କଥା

Satyaṅkāra kṛuta ସ୍ଥିର ହେବାସରେ ହସ୍ତେତାକୁ ଅଗତ୍ୟ ଦିଆ ଯିବା ଧନ; ବାୟନା—Advance made towards the settled consideration-money for the purchase of an article.

ସତ୍ୟ ଛଡ଼ା—ଦେ. ବିଣ—ମିଥ୍ୟାବାଦୀ—Liar. [ଦ୍ର—ଅଦ୍ଦେ ନୁସ

Satya chhardā ନୋହିଲେ ତୁମେ ସତ୍ୟଛଡ଼ା, ସାରଲଭ ସତ୍ୟଛାଡ଼ା କାର୍ଯ୍ୟ, ଦଥ ଆମ୍ଭର ଘୋଡ଼ା । କୃଷ୍ଣସିଂହ.ମହାଭା.ରଉ.ବନ]

सच छोड़ा

ସତ୍ୟ ଜଲ୍ପନ—ସଂ. ବ (ସପ୍ତୀ ତତ୍)—ସତ୍ୟକଥନ; ସତ୍ୟ କହିବା—

Satya jalpana Speaking of truth.

Digitized by srujanika@gmail.com

ସତ୍ୟତପାଃ—ପୁ· ବ· ଯୁ—(ସତ୍ୟ + ତପସ୍, ୬ ମା ୧ ବ) —
Satya tapāḥ ମୁନ ବିଶେଷ — Name of a sage. [ଦୃ—ଏ ପ୍ରଥମେ ବ୍ୟାଧ ଥିଲେ, ପରେ ତପସ୍ୟା ଦ୍ୱାରା ଦୁର୍ବାସାଙ୍କ ବରରେ ଏହି ନାମଧାରୀ ସର୍ବଶାସ୍ତ୍ରଜ୍ଞ ମୁନ ହୋଇଥିଲେ । (ବରାହ ପୁରାଣ ସତ୍ୟତପାଃ-ଉପାଖ୍ୟାନାଧ୍ୟାୟ)]

ସତ୍ୟ ଦେବ— ପୁ· ବ—ସତ୍ୟ ନାରାୟଣ (ଦେଖ)
Satya deba Satya nārāyaṇa (see)

ସତ୍ୟଧର୍ମ—ସଂ· ବ· (ରୂପକ)—ପ୍ରତିଜ୍ଞା ପାଳନରୂପ ଧର୍ମ; ସତ୍ୟବ୍ରତ-
Satya dharma The vow of keeping one's promise.

ସତ୍ୟଧର୍ମ ପରାୟଣ—ସଂ· ବିଣ· ପୁ·—ସତ୍ୟବ୍ରତପାଳନତତ୍ପର—
Satyadharma parayāṇa Always true to one's promise.
(ସତ୍ୟ ଧର୍ମ ପରାୟଣା—ସ୍ତ୍ରୀ)
(ସତ୍ୟଧର୍ମପରାୟଣତା—ବ)

ସତ୍ୟ ଧୃତ—ସଂ· ବ·—ମୁନ ବିଶେଷ—Name of a sage.
Satya dhruti [ଦୃ—ଏ ଗୌତମଙ୍କ ଔରସରେ ଅହଲ୍ୟାଙ୍କ ଗର୍ଭରୁ ଜାତ ହୋଇ ବେଦବତ୍ୟା ପାରଙ୍ଗମ ହୋଇଥିଲେ]

ସତ୍ୟ ନାରାୟଣ—ସଂ· ବ—ବିଷ୍ଣୁ ବା ନାରାୟଣ—Bishṇu.
Satya nārāyaṇa [ଦୃ—ବାଞ୍ଛାସିଦ୍ଧିପ୍ରଦାନରେ ଏହାଙ୍କ ପୂଜାପଦ୍ଧତି ଓ ବ୍ରତ ଓ ସେହି ବ୍ରତର ବିଧାନ ଓ ଫଲଲାଭ ସମ୍ବନ୍ଧେ ଉପଦେଶ ସ୍କନ୍ଦପୁରାଣ ରେବା ଖଣ୍ଡରେ ସତ୍ୟ ନାରାୟଣ କଥା ନାମକ ୪ ଗୋଟି ଅଧ୍ୟାୟରେ ଅଛି । ଏହା ଭବିଷ୍ୟ ପୁରାଣୋକ୍ତ ବୋଲି କେହି କେହି କହନ୍ତି । ଭଗବାନ୍ ନାରଦଙ୍କୁ ଏହା କହିଥିଲେ; ନାରଦ ଶୁକଙ୍କୁ କହିଥିଲେ ଓ ଶୁକ ନୈମିଷାରଣ୍ୟରେ ଶୌନକାଦିଙ୍କୁ କହିଥିଲେ । ଭାରତରେ ମୁସଲମାନ୍ ରାଜତ୍ୱକାଳରେ ଏହି ସତ୍ୟନାରାୟଣ ବା ବିଷ୍ଣୁଙ୍କୁ ହିନ୍ଦୁମାନେ 'ସତ୍ୟପୀର' ନାମ ଦେଇ ମୁସଲମାନ ପ୍ରଭୃତିମାନଙ୍କ ନଜରରେ ହିନ୍ଦୁ ଧର୍ମର ସାର୍ବଭୌମିକତା ଦେଖାଇଅଛନ୍ତି ।

ପୁରାଣରେ ଲିଖିତ ଅଛି, ସତ୍ୟନାରାୟଣ ବୃଦ୍ଧ ବ୍ରାହ୍ମଣ ବେଶରେ କଥାବର୍ଣ୍ଣିତ ଜଣେ ବ୍ରାହ୍ମଣଙ୍କୁ ଦେଖା ଦେଇଥିଲେ । ହିନ୍ଦୁମାନେ ଉକ୍ତ ବୃଦ୍ଧ ବ୍ରାହ୍ମଣ ବେଶଧାରୀ ସତ୍ୟନାରାୟଣଙ୍କୁ ପୂଜା ଶୃଙ୍ଖଳାରେ ପଞ୍ଚାର ରୂପରେ ଓ ପୁରାଣ କଥିତ ଏକାଦିକ ପକ୍ୱ ରମ୍ଭାଫଳ, ଘୃତ, ଦୁଗ୍ଧ, ଶର୍କରା ଓ ଗୋଧୂମ ଚୂର୍ଣ୍ଣ ବା ଶାଳି ତଣ୍ଡୁଳ ଚୂର୍ଣ୍ଣ ବା 'ଅମୃତକୁଣ୍ଡ'କୁ ମୁସଲ୍ମାନଙ୍କ ଶିରିନ୍ନି ରୂପରେ ଓ ସତ୍ୟନାରାୟଣଙ୍କ ପୂଜାକୁ ସତ୍ୟପୀରଙ୍କ ପାଲ୍ଟ ରୂପରେ ନାମକରଣ କରି ପୁରାଣ ବର୍ଣ୍ଣିତ ୪ ଗୋଟି କାହାଣୀର ଅଙ୍ଗ ବୃଦ୍ଧି କରି ୧୬ ଗୋଟି ଲେଖା ବା ୧୬ ପାଲ୍ଟରେ ପରିଣତ କରିଅଛନ୍ତି । ଏ ସବୁ ନାମକରଣ ମୁହେଁ ମୁହେଁ ହୁଏ, କିନ୍ତୁ ଉକ୍ତ ସତ୍ୟପୀରଙ୍କ ପାଲ୍ଟ ଗୀତ ବୋଲୁସିବା ପୂର୍ବରୁ ପୁରାଣୋକ୍ତ ବିଧିରେ ପଞ୍ଚଦେବତା (ଗଣେଶ, ଶିବ, ଦୁର୍ଗା, ସୂର୍ଯ୍ୟ ଓ ବିଷ୍ଣୁ)ଙ୍କର ଓ ନବଗ୍ରହଙ୍କର ଓ ଦଶ ଦିଗପାଳାଦିଙ୍କର ଅର୍ଚ୍ଚନା କର "ଧ୍ୟାୟେତ୍ ସତ୍ୟଂଗୁଣାକ୍ତଂ ଗୁଣହୟୟସମନ୍ୱିତଂ, ସ୍ମେକନାଥଂ ହିସ୍ମେତ୍ରେଶଂ ଶୀତାମ୍ବରଧରଂ ହରିଂ; ଇନ୍ଦୀବରଦଳଶ୍ୟାମଂ ଶଙ୍ଖଚକ୍ରଗଦାଧରଂ, ସତ୍ୟ-ଦେବଂ ଚତୁର୍ବାହୁଂ ଶ୍ରୀବତ୍ସପଦଭୂଷିତଂ, ଗୋବିନ୍ଦଂ, ଗୋକୁଳାନନ୍ଦଂ ଜଗତଃ ପିତରଂ ଗୁରୁମ୍" ଧ୍ୟାନ ଦ୍ୱାରା ଓ 'ଶ୍ରୀମତ୍ ସତ୍ୟନାରାୟଣ ଗୋବିନ୍ଦାୟ ନମଃ' ମନ୍ତ୍ରଦ୍ୱାରା ଉକ୍ତ ନୈବେଦ୍ୟକୁ ଉତ୍ସର୍ଗ କରନ୍ତି ଓ "ଅଚ୍ୟୁତଂ ପୁଣ୍ଡରୀକାକ୍ଷଂ ନୃସିଂହଂ ଦୈତ୍ୟସୂଦନଂ, ହୃଷିକେଶଂ ଜଗନ୍ନାଥଂ ବାଗୀଶଂ ବରଦାୟକଂ, ଗୁଣହୟୟଂଗୁଣାକ୍ତଂ ଗୋବିନ୍ଦଂ ଗରୁଡ଼ଧ୍ୱଜଂ, ଜଳାର୍ଦ୍ଦନଂ ଜନାନନ୍ଦଂ ଜ୍ଞାନଙ୍କା ବୃଦ୍ଧିଦଂ ଜୟଂ, ପ୍ରଣମାମି ସଦା ସତ୍ୟନାରାୟଣଂମତଃପରଂ" ଏହି ସ୍ତବ ଦ୍ୱାରା ପୂଜା ଶେଷ କରି ଚତୁରରେ ବୁଡା ଫଙ୍ଗାରଙ୍କ କର୍ମଭଙ୍ଗ ବର୍ତ୍ତିନାମକ ୧୬ ଗୋଟି ବଙ୍ଗଳା ପଦ୍ୟରେ ରଚିତ ଗଲ୍ପ ସଧବୁ ଗୋଟିଏ ଗଲ୍ପ କା ପାଲ୍ଟ ବୋଲନ୍ତି । ଉତରର ଅନ୍ୟ ଅଞ୍ଚଳର ହିନ୍ଦୁମାନେ ଧୂପଦୀପାଦି ଦ୍ୱାରା ସତ୍ୟନାରାୟଣ ପୂଜା କରନ୍ତି; ଉତ୍କଳରେ ଓ ବଙ୍ଗରେ ତାହାହିଁ ହୁଏ; କିନ୍ତୁ ସତ୍ୟପୀରଙ୍କ ପାଲ୍ଟ ଉତ୍କଳ ଓ ବଙ୍ଗ ଛଡ଼ା ଅନ୍ୟତ୍ର ଦେଖାଯାଏ ନାହିଁ ।

ସ୍କନ୍ଦ ପୁରାଣରେ ଲେଖାଅଛି ଯେ, କଳିଯୁଗରେ ନାରାୟଣଙ୍କୁ 'ସତ୍ୟନାରାୟଣ' ରୂପେ ପୂଜା କର ବ୍ରତ ପାଳିବାରୁ ଶ୍ରେୟସ୍କର ଓ ଏଚ୍ଛଦ୍ୱାରା ବାଞ୍ଛାସିଦ୍ଧି, ଦାରିଦ୍ର୍ୟ-ନାଶ, ପୁତ୍ର କନ୍ୟା ଲାଭ, ନଷ୍ଟଧନ ପ୍ରାପ୍ତି, ପୂଣ୍ୟଲାଭ, ଜୟଲାଭ, ଶ୍ରୀଲାଭ, କାରୁରୁ, ପୀଡ଼ାରୁ ଓ ବନ୍ଧନାଦିରୁ ମୁକ୍ତି-ଲାଭ ହୁଏ ଏବଂ ମରଣାନ୍ତେ ସତ୍ୟ ଲୋକ ବା ସ୍ୱର୍ଗପ୍ରାପ୍ତି ହୁଏ ।]

ସତ୍ୟନାରାୟଣ କଥା—ସଂ· ବ—୧ । ସ୍କନ୍ଦପୁରାଣ ରେବାଖଣ୍ଡର ୪୫ ଅଧ୍ୟାୟରେ ବର୍ଣ୍ଣିତ 'ସତ୍ୟନାରାୟଣ' ବ୍ରତ ଓ ପୂଜା ଏବଂ ଉକ୍ତ ବ୍ରତାନୁଷ୍ଠାନ ବ୍ୟକ୍ତିଙ୍କ ଜୀବନୀ ବା ଗଳ୍ପ—1. The story (four in number) of the effect of worshipping the Deity Satyanārāyaṇa as narrated in the Purāṇas. [ଦୃ— ସ୍କନ୍ଦ ପୁରାଣରେ ଲିଖିତ ଜନ୍ମୋତ୍ତ କଥା ବା ଗଳ୍ପକୁ ସତ୍ୟ ନାରାୟଣଙ୍କ ପୂଜା ଶେଷରେ ଶ୍ରବଣ କରି ବନ୍ଧୁ ବାନ୍ଧବ କୁଟୁମ୍ବ ପରିବାରଙ୍କ ସଙ୍ଗେ ପ୍ରସାଦ ଭକ୍ଷଣ କଲେ ପୁଣ୍ୟଲାଭ ହୁଏ ଓ ମନୋବାଞ୍ଛାର ସିଦ୍ଧି ହୁଏ ।

୧ । କାଶୀପୁରରେ ଗୋଟିଏ ଦରିଦ୍ର ଭିକ୍ଷୁକ ବ୍ରାହ୍ମଣ ଅତି କଷ୍ଟରେ ଦିନ ଯାପନ କରୁଥିଲେ । ଦିନେ ସତ୍ୟ-ନାରାୟଣ ଦେବ ବୃଦ୍ଧ ବ୍ରାହ୍ମଣ ବେଶ ଧାରଣ କରି ଉକ୍ତ ବ୍ରାହ୍ମଣଙ୍କୁ ଦେଖା ଦେଇ ସତ୍ୟନାରାୟଣ ପୂଜା ଓ ବ୍ରତ କରିବା ପାଇଁ ତାଙ୍କୁ ପରାମର୍ଶ ଦେଇ ଅନ୍ତର୍ଦ୍ଧାନ ହେଲେ । ବ୍ରାହ୍ମଣ ଉଚ୍ଚ ଆନନ୍ଦ ସକାଳୁ ଉଠି ଭିକ୍ଷା କରିବାକୁ ଗଲେ;

Digitized by srujanika@gmail.com

ଓ ଗୁରୁଙ୍କ ଦୟାରୁ ସେ ଧନ ପ୍ରଚୁର ଧନ ଉଷା ଯାଇ ଉକ୍ତ ବ୍ରତ ଅତରଣ କର ପ୍ରତି ମାସରେ ସତ୍ୟନାରାୟଣ ପୂଜା କଲେ । ଏଥିର ଫଳରେ ତାହାଙ୍କର ଦାରିଦ୍ୟ ନାଶ ହୋଇ ସେ ସଂସଷ୍ଟ୍ରଭ୍ସମନ୍ୱିତ ଓ ସର୍ବସାଧାରଣ ହୋଇ ଦେହାନ୍ତେ ମୋକ୍ଷ ଲାଭ କଲେ । (ରେବାଖଣ୍ଡ ସତ୍ୟନାରାୟଣ-ବ୍ରତ —ନାମକ—ପ୍ରଥମ ଅଧ୍ୟାୟ ।)

୨ । ଉକ୍ତ ବ୍ରାହ୍ମଣ ଅନ୍ୟ ଦନେ ଉକ୍ତ ବ୍ରତ ଉତ୍ସବ କରୁଥିବା ସମୟରେ ତାଙ୍କ ଘରେ 'କାଷ୍ଠକେତୁ' ନାମକ ଜଣେ କାଠୁରିଆ ଅତି କ୍ଷୁଧାର୍ତ୍ତ ଓ ତୃଷାର୍ତ୍ତ ହୋଇ ଆସି ପହଞ୍ଚି ସେଠାରେ ଜଳପାନ ଓ ପ୍ରସାଦ ସେବନ ପୂର୍ବକ ଏ ବ୍ରତର ବଧାନ ଓ ଫଳ ବ୍ରାହ୍ମଣଠାରୁ ଶୁଣି କାଠ ବିକିବାକୁ ଗଲ୍ଲ ଓ ସେ ଦନ କାଠ ବିକି କର ବହୁ ଧନ ପ୍ରାପ୍ତ ହୋଇ ବଜାରରୁ ପାଚନ୍ତା କଦଳ, ଘିଅ, ଦୁଧ, ଗୁଡ଼ ଓ ଗହମ ଅଟା କିଣି ଆଣି 'ଅମୃତ କୁମ୍ଭ' କର ସତ୍ୟନାରାୟଣଙ୍କୁ ପୂଜା କଲ୍ଲ ଓ ବନ୍ଧୁ ବାନ୍ଧବମାନଙ୍କୁ ଡାକି ବ୍ରତ ଓ ଉତ୍ସବ କଲ୍ଲ । ଏଥିର ଫଳରେ କାଠୁରିଆ ଧନପୁତ୍ର ସମନ୍ୱିତ ହୋଇ ଦେହାନ୍ତେ 'ସତ୍ୟପୁର'କୁ ଗଲ୍ଲ । (୨ୟ ଅଧ୍ୟାୟ)

୩ । ଉଲ୍କାମୁଖ ନାମରେ ଜଣେ ଜ୍ଞାନବାନ୍ ରାଜା ଥିଲେ ଓ ସେ ତାଙ୍କ ଭାର୍ଯ୍ୟା ସହିତ ସତ୍ୟନାରାୟଣ ବ୍ରତ ଆଚରଣ କରୁଥିଲେ । ସେଠାରେ ଜଣେ ନିଃସନ୍ତାନ ବଣିକ ଉପସ୍ଥିତ ହୋଇ ରାଜାଙ୍କଠାରୁ ଶୁଣିଲ୍ଲ ଯେ, ଏ ବ୍ରତ କଲେ ସନ୍ତାନ ଲାଭ ହୁଏ । ସାଧବ ନଜ ଘରକୁ ଫେରି ଯାଇ ନଜର ସ୍ତ୍ରୀ ଲୀଳାବତୀକୁ ଏ କଥା କହି ପ୍ରତିଜ୍ଞା କଲ୍ଲ,—ମୋର ସନ୍ତାନ ଲାଭ ହେଲେ ମୁଁ ଏ ବ୍ରତ କରିବି । ସତକୁ ସତ ଛଅଦନ ପରେ ସାଧବର କଳାବତୀନାମ୍ନୀ ଗୋଟିଏ କନ୍ୟା ଜାତ ହେଲ୍ଲ । କଛଦନ ପରେ ଲୀଳାବତୀ ସାଧବକୁ ପ୍ରତିଜ୍ଞାତ ବ୍ରତ କରଣାକୁ କହିବାରୁ ସାଧବ କହିଲ୍ଲ,—ଏ କନ୍ୟାର ବବାହ ସମୟରେ ବ୍ରତ କରିବ । ଏହା କହି ବର ଖୋଜାଇ କାଞ୍ଚନ ନଗରବାସୀ ଗୋଟିଏ ସୁନ୍ଦର ଯୁବା ସଙ୍ଗେ କନ୍ୟାର ବବାହ ଦେଲ୍ଲ, କନ୍ତୁ ଦୈବ ଯୋଗୁଁ ସାଧବ ଏ ବ୍ରତ କଥା ଭୁଲିଗଲ୍ଲ । ଉତ୍ତରେ ଜାମାତା ସହିତ ସିନ୍ଧୁତୀରସ୍ଥ ରତ୍ନସାର ପୁରକୁ ଯାଇ ସେଠାରେ ବାଣିଜ୍ୟ କର ପୁର ନମ୍ରାଣ କର ରହିଲ୍ଲ । ସାଧବ ବ୍ରତ ନ କରିବାରୁ ସତ୍ୟନାରାୟଣ କ୍ରୁପିତ ହୋଇ ତାକୁ ଅଭଶାପ ଦେଲେ,— ତୋର ମହାଦୁଃଖ ଉପସ୍ଥିତ ହେଉ । ଦନେ ଜଣେ ଚୋର ସେ ଦେଶର ରାଜା ଚନ୍ଦ୍ରକେତୁଙ୍କ ଘରୁ ଚୋରି କରି ଧନ ନେଇ ପଳାଇ ଯାଉ ଯାଉ ରାଜଦୂତମାନଙ୍କୁ ଦେଖି ଭୟରେ ଧନଯାକ ସାଧବର ଘରେ ପକାଇ ଦେଇଯାଇଲ୍ଲ । ରାଜଦୂତ-ମାନେ ସାଧବ ଘରେ ଚୁତଧନକୁ ଦେଖି ସାଧବକୁ ଓ ତାହାର ଜାମାତାକୁ ଚୋର ବୋଲି ସ୍ଥିର କରି ରାଜାଙ୍କ ନକଟକୁ ନେଲେ ଓ ରାଜାଜ୍ଞାରେ ସେ ଦୁହିଙ୍କୁ କାରାବଦ୍ଧ କଲେ ଓ ରାଜା ସାଧବର ସମସ୍ତ ଧନ ଚଉଡ଼ଣ କଲେ । ଏଣେ ସାଧବର ନଜ ଗ୍ରାମରେ ଥିବା ସ୍ତ୍ରୀ ଓ କନ୍ୟାଙ୍କ ନକଟରୁ ସଧ୍ୟ ଚୋରମାନେ ସମସ୍ତ ଧନ ଅପହରଣ କଲେ ଓ ସେମାନେ ଶେଷକୁ ଚୋରାଇ ହୋଇ ଉଷା କଲେ । ଦନେ ସାଧବକନ୍ୟା ଜଣେ ବାହ୍ମଣ ଘରକୁ ଯାଇ ସେଠାରେ ବ୍ରତ ହେଉଥିବା ଦେଖି ମାଆକୁ ଆସି କହିବାରୁ ମାତା ଓ କନ୍ୟା ଦୁହେଁ ଉକ୍ତ ବ୍ରତ କର, ସାଧବ ଓ ଜାମାତା ଫେରି ଆସନ୍ତୁ ବୋଲି ସତ୍ୟନାରାୟଣଙ୍କୁ ପ୍ରାର୍ଥନା କଲେ । ସତ୍ୟନାରାୟଣ ଏଥିରେ ସନ୍ତୁଷ୍ଟ ହୋଇ ଚନ୍ଦ୍ରକେତୁ ରାଜାଙ୍କୁ ସ୍ୱପ୍ନରେ ଦେଖାଦେଇ, ସାଧବ ଓ ଜାମାତା ନର୍ଦ୍ଦୋଷୀ ଅଟନ୍ତି ବୋଲି ଆଦେଶ ଦେବାରୁ ରାଜା ତାହାଁ ଧନ ସକାଳୁ ସାଧବକୁ ଓ ଜାମାତାଙ୍କୁ ବନ୍ଧନରୁ ମୁକ୍ତ କର ତାଙ୍କୁ ଦ୍ୱିଗୁଣ ଧନ ଦେଇ ତାଙ୍କ ଦେଶକୁ ବଦାୟ କଲେ । ଏମାନେ ନୌକାରେ ଧନ ରତ୍ନ ବୋଝାଇ କର ଘରକୁ ଆସୁ ଆସୁ ତାଟରେ ସତ୍ୟନାରାୟଣ ପ୍ରଭୁ ବୃଦ୍ଧ ଦଣ୍ଡୀ ବେଶରେ ଦେଖାଦେଇ ସାଧବକୁ ପଚାରିଲେ;—ଏ ଡଙ୍ଗାରେ କଅଣ ଅଛ ? ସାଧବ ଲେଭିପରବେଶ ହୋଇ କହିଲ୍ଲ,—ହେ ଦଣ୍ଡି ! ତୁମେ ମୋ ଡଙ୍ଗାର ଧନରତ୍ନ ଜେବାକୁ ଲୋଭ କର ସତ୍ତେ ପଚାରୁଛ; ଏ ଡଙ୍ଗାରେ ଧନରତ୍ନ କିଛି ନାହିଁ, କେବଳ ଗୁଡ଼ଏ ଲତାପତ୍ର ଅଛ । ଏହା ଶୁଣି ଦଣ୍ଡୀ କହିଲେ—ତଥାସ୍ତୁ । ସତକୁ ସତ ସାଧବ ଯାଇ ଡଙ୍ଗା ଦେଖିଲ୍ଲବେଳକୁ ଧନରତ୍ନ ଲୁଅଡ଼େ ହୁଏଇ ଯାଇଥାଏ ଓ ଡଙ୍ଗାଟି ଯାକ ଲତା ପତ୍ରରେ ପୂର୍ଣ୍ଣ ହୋଇଥାଏ । ସାଧବ ଏହା ଦେଖି କାନ୍ଦ ବୋବାଇ ଅସ୍ଥିର ହେଲ୍ଲ । ଜାମାତା ସାଧବକୁ କହିଲ୍ଲ,—ତୁମେ ସେ ଦଣ୍ଡୀଙ୍କୁ ଅପମାନିତ କରିବାରୁ ତାଙ୍କ ଶାପରେ ଏପରି ହେଲ୍ଲ; ଶୀଘ୍ର ତାଙ୍କର ଶରଣାପନ୍ନ ହେବା । ଏହା କହି ଦୁହେଁ ଯାଇ ଦଣ୍ଡୀଙ୍କଠାରେ ଶରଣ ପଶିବାରୁ ଦଣ୍ଡୀ କହିଲେ,— ତୁ ସତ୍ୟନାରାୟଣ ବ୍ରତ କରିବା ପ୍ରତିଜ୍ଞା ଭଙ୍ଗ କରିବାରୁ ଦୁଃଖ ପାଉଛୁ । ସାଧବ ପ୍ରତିଜ୍ଞା କଲ୍ଲ ଯେ, ଘରକୁ ଯାଇ ବ୍ରତ କରିବ । ଦଣ୍ଡୀରୂପଧାରୀ ଜନାର୍ଦ୍ଦନ ତା ଉପରେ ସନ୍ତୁଷ୍ଟ ହେଲେ ଓ ସାଧବ ଯାଇ ଦେଖିଲ୍ଲବେଳକୁ ନୌକା ପୂର୍ବପର ଧନରତ୍ନ ଭରା ହୋଇଅଛ । ସାଧବ ଓ ଜାମାତା ଅନ୍ତତା ଗ୍ରାମ ନକଟରୁ ଖଣ୍ଡ ଦୂରରୁ ତାଙ୍କ ଅସିବା ଖବର ସ୍ତ୍ରୀ ଓ କନ୍ୟାଙ୍କ ନକଟକୁ ପଠାଇବାରୁ ସ୍ତ୍ରୀ ସତ୍ୟ-ନାରାୟଣଙ୍କ ପୂଜାକର ପ୍ରସାଦ ସେବା କର ସ୍ୱାମୀଙ୍କ ନକଟକୁ ଅସିଲ୍ଲ । କନ୍ତୁ ତାହାର କନ୍ୟା ନଜର ପଛକୁ ଦେଖିବା ଲୋଭରେ ସତ୍ୟନାରାୟଣଙ୍କ ପ୍ରସାଦ ଭୋଜନ ନ କର ନଜ ପତିଙ୍କ ନକଟକୁ ଅସିଲ୍ଲବେଳକୁ ସତ୍ୟନାରାୟଣ ମାୟା କର ନୌକାକୁ ଓ ତାର ସ୍ୱାମୀକୁ ପାଣିରେ ବୁଡ଼ାଇ ଦେଲେ । ସାଧବ ଓ ତାର ସ୍ତ୍ରୀ ଏହା ଦେଖି ଅବାକ୍ ହେଲେ । କନ୍ୟା କାନ୍ଦ କାନ୍ଦ ଅନ୍ତର୍ଦ୍ଧାନ ହେବାକୁ ବସିଲ୍ଲ । ସାଧବ ସତ୍ୟ-ନାରାୟଣଙ୍କ ପ୍ରାର୍ଥନା କରିବାରୁ ସତ୍ୟନାରାୟଣ ବୃଦ୍ଧବ୍ରାହ୍ମଣ ବେଶରେ ଦେଖା ଦେଇ କହିଲେ,— ତୋ କନ୍ୟା ମୋ ପ୍ରସାଦକୁ ଲଙ୍ଘନ କର ସ୍ୱାମି-ଦର୍ଶନାର୍ଥ ଅସିବାରୁ ତାକୁ ଏ ଦଣ୍ଡ ହୋଇଛି; ସେ ଘରକୁ ଯାଇ ମୋ ପ୍ରସାଦକୁ ଖାଇ

Digitized by srujanika@gmail.com

ପୁଣି ଅସିଲେ ତା ପଛକୁ ଯାଇବ । ଉଦନ୍ତସାରେ ଉନ୍ୟା ଘରକୁ ଫେରଯାଇ ଚେଟାରେ ଛଡ଼ି ଅସିଥିବା ପ୍ରସାଦକୁ ଖାଇ ଫେର ଅସି ଦେଖେ ଯେ, ନଷ୍ଟସ୍ୱାମୀ ଓ ନଷ୍ଟନୌକା ମିଳି ଅଛନ୍ତି । ସମସ୍ତେ ଆନନ୍ଦରେ ଘରକୁ ଗଲେ । ସାଧବ ସତ୍ୟନାରାୟଣ ପୂଜା କଲ୍ଲ ଓ ପୂର୍ଣ୍ଣିମୀରେ ଓ ସଂକ୍ରାନ୍ତିରେ ଯଥାବିଧି ଏ ବ୍ରତ ତର ଇହଲୋକରେ ସୁଖଭୋଗ କର ଦେହାନ୍ତେ ସତ୍ୟଲୋକକୁ ଗଲ୍ଲ (ଅସ୍ମି ଅଧ୍ୟାୟ) ।

୪ । ବଶଧ୍ୱଜ ନାମକ ଜଣେ ରାଜା ଥିଲେ, ସେ ମୃଗୟାରୁ ଫେରଯାବେଳେ ବାଟରେ ଦେଖିଲେ ଯେ, ଗୁଜର ଗୋପାଳ ସବାନ୍ଧବ ସତ୍ୟନାରାୟଣ ପୂଜା କରୁଅଛନ୍ତି । ରାଜା ଗଡ଼ରେ ଦ୍ୱାଟାରୁ ଓଲ୍ଲାଇଲେ ନାହିଁ ଓ ଗଇଡ଼ମାନେ ରାଜାଙ୍କୁ ସତ୍ୟନାରାୟଣଙ୍କ ପ୍ରସାଦ ଯାଚବାରୁ ରାଜା ତାହାକୁ ଲଘନ କର ଗୃହ ଅସିଲେ । ଏଥିଯାଇଁ ପ୍ରଭୁ ସତ୍ୟନାରାୟଣ ରାଜାଙ୍କ ଉପରେ କ୍ରୁପିତ ହେବାରୁ ରାଜାଙ୍କର ଶତ ପୁତ୍ର ସଲେ ଓ ଧନ ସମ୍ପତ୍ତି ସମୁଦାୟ ନଷ୍ଟ ହେଲ୍ଲ । ରାଜା ଏହା ଦେଖି ପୁଣି ସେହ ଗୋପାଳମାନଙ୍କ ନକଟକୁ ଯାଇ ତାଙ୍କ ପୂଜାରେ ଯୋଗ ଦେଇ ତାଙ୍କଠାରୁ ପ୍ରସାଦ ଖାଇ ଭେଣ୍ଟ ଅସି ନଜେ ସତ୍ୟନାରାୟଣ ବ୍ରତ କଲେ ଓ ନଷ୍ଟପୁତ୍ର ଓ ଧନାଦି ସ୍ୱନଃପ୍ରାପ୍ତ ହୋଇ ପରକାଳରେ ସତ୍ୟଲୋକ ପ୍ରାପ୍ତ ହେଲେ (୫ଥ ଅଧ୍ୟାୟ) ।

ସତ୍ୟନାରାୟଣଙ୍କ ପୂଜା କର ବନ୍ଧୁବାନ୍ଧବମାନଙ୍କ ସହିତ ଏ କଥା ଶୁଣି ପ୍ରସାଦ ସେବନ କଲେ ଇହକାଳରେ ଧନ, ସମ୍ପତ୍ତି, ସନ୍ତାନଲାଭ, ଶତ୍ରୁନାଶ, ଜୟ, ବାଞ୍ଛିତଫଳସିଦ୍ଧି ଓ ପରକାଳରେ ମୋକ୍ଷଲାଭ ଓ ବିଷ୍ଣୁଲୋକ ବା ସତ୍ୟଲୋକ ପ୍ରାପ୍ତ ହୁଏ ବୋଲି ସ୍କନ୍ଦ ପୁରାଣରେ ଉକ୍ତ ଅଛି ।]

୨ । ବଙ୍ଗ ଦେଶରେ ଏ ଯୁଗରେ ରଚିତ ଏବଂ ବଙ୍ଗଦେଶରୁ ଓଡ଼ିଶାକୁ ଅଣାତ ଦରଦ୍ରୀଆ ବଙ୍ଗୋଳ ଭାଷାରେ ବଙ୍ଗ ଭାଷାନଭିଜ୍ଞ ଓଡ଼ିଆଙ୍କଦ୍ୱାରା ଗୋଥି ଧର ବୋଲ୍ଲିବା (ଗୋଥିପୂଜା) ଓ ନୃତ୍ୟଗୀତାଦ ସହିତ ବୋଲ୍ଲିବା (ଠିଅଚଢ଼ା) ପଦ୍ୟାତ୍ମକ ୧୬ଟି ଗଲ୍ଲ ବା ଘାଲ୍ଲ—2. The stories of the effect of worshipping 'Satyapīra' as depicted in Bengalee rhymes and also sung in Oriya (in Bengalee mixed with Oriya language). (The stories are 16 in number). [ଦ୍ର—ଅଧିକନ୍ତୁ ବଙ୍ଗୀୟମାନେ ସତ୍ୟନାରାୟଣ ବ୍ରତର ୫ ଗୋଟି କଥା ସ୍ଥାନରେ ୧୬ ଗୋଟି କଥା ସୃଷ୍ଟି କରଅଛନ୍ତି । ସେହ ୧୬ ଟି କଥା ମଧ୍ୟରୁ ଉକ୍ତ ୫ ଗୋଟି କଥା ପୁରାଣରେ ଅଛୁ, ଅନ୍ୟ ୧୧ ଗୋଟି ନାହିଁ । ସେମାନଙ୍କର ନାମ ନମ୍ନରେ ଦଅଗଲ୍ଲ । ଏ'ସବୁ କବିକଳ୍ପିତ କଥୋଳକଳ୍ପିତ ରଚନା; ଏବଂ ପୀର, କୋରାନ, ଦରଅ, ବାଦସାହା ଅଦ ଢେରେକ ଫାରସୀ ଶବ୍ଦର ପ୍ରୟୋଗ ଏ ସବୁ କଥାରେ ଅଛୁ ।

ଏହାଙ୍କ ଦେଖାଦେଖି ବଙ୍ଗଳାରେ ରୁଗ୍ରମ୍ପ ନାମକ ଜଣେ କବି ଓ ଓଡ଼ିଶାର କେତେକ ବ୍ୟକ୍ତି ବଙ୍ଗଳା ଶ୍ଲୋକରେ ସତ୍ୟ ପାଲ୍ଲ ରଚନା କରଅଛନ୍ତି । ସାଧାରଣତଃ କବକଣ୍ଠଙ୍କ ରଚିତ ନମ୍ନଲିଖିତ ୧୬ଟି ଗଲ୍ଲାତ୍ମକ ପଦ୍ୟକୁ ଖୋଳ ପାଲ୍ଲ ବୋଲ୍ଲଯାଏ । ଯଥା—

୧ । ଜନ୍ମପାଲ୍ଲ—ଏକ ବାଦଶାହଙ୍କନ୍ୟାଙ୍କ ଗର୍ଭରେ ସତ୍ୟପୀର'ଙ୍କର, ଅବତାର । ମୃତ ବାଳକର ପୁନର୍ଜୀବନଲ୍ଭ ।

୨ । ପଦ୍ମଲୋଚନ ପାଲ୍ଲ—ପଦ୍ମଲୋଚନ ନାମକ ଏକ ଅପୁତ୍ରକ ରାଜାଙ୍କର ସତ୍ୟନାରାୟଣଙ୍କ କୃପାରୁ ପୁତ୍ରଲ୍ଭ ।

୩ । ମର୍ଦ୍ଦଗାଜ ଜନ୍ମ ପାଲ୍ଲ—ଅଲ୍ପମୃତ୍ୟୁ ମୃତ ଅପୁତ୍ରକ ପଶ୍ଚିତ ରାଜାଙ୍କର ଝଙ୍କାରବେଣଧାସ୍ତ ସତ୍ୟପୀରଙ୍କ କୃପାରୁ ପୁତ୍ରଲ୍ଭ ।

୪ । ମର୍ଦ୍ଦଗାଜ ବଲ୍ଲ ପାଲ୍ଲ—ଗଜେନ୍ଦ୍ର ନାମକ ରାଜାଙ୍କର ଏକ ମାତ୍ର ପୁତ୍ର ମର୍ଦ୍ଦଗାଜର ବିଦେଶ ଗମନ ଓ ବିବାହ ।

୫ । ବତ୍ୟାଧର ପାଲ୍ଲ—ଭୈରବ ଦେଶର ନୃସିଂହ-ରାଜାଙ୍କ ଗଲ୍ଲ ।

୬ । ମଦନସୁନ୍ଦର ପାଲ୍ଲ—ରତ୍ନାକର ନାମକ ରାଜାଙ୍କର ଓ ଦୁଇଟି ବଣିକ ସାନନ୍ଦ ଓ ବନୋଦଙ୍କ ସାନ ପୁତ୍ର ମଦନ ସୁନ୍ଦରର ଗଲ୍ଲ ।

୭ । ସଦାନନ୍ଦ ସୌଦାଗର ପାଲ୍ଲ ବା ଖଗ ସୌଦାଗର ପାଲ୍ଲ—ଉକ୍ତ ମଦନ ସୁନ୍ଦରର ଗଲ୍ଲ ।

୮ । ଶ୍ୱେତ ବସନ୍ତ ପାଲ୍ଲ—ଜାଳଧ୍ୱଜ ରାଜାଙ୍କ ପୁତ୍ର ଶ୍ୱେତ ବସନ୍ତର ଗଲ୍ଲ ବା ଫାସିଆସ୍ ବା ମନୋହର ଫାସିଆସ୍ ପାଲ୍ଲ—ଏକ ଉକାଇତ ହସ୍ତରୁ ରାଜପୁତ୍ରର ପ୍ରାଣରକ୍ଷା ।

୯ । ଶଙ୍କର ଗୁଡ଼ଆ ପାଲ୍ଲ—କାଞ୍ଚିନପୁର ବାସୀ ଶଙ୍କର ନାମକ ଜଣେ ନାସ୍ତିକ ଗୁଡ଼ଆର ଓ ତାହାର ଛଅ ପୁତ୍ରଙ୍କର ଗଲ୍ଲ ।

୧୦ । ଦୁର୍ଜନସିଂହ ପାଲ୍ଲ ବା ଚନ୍ଦ୍ରାଙ୍ଗଦ ପାଲ୍ଲ—ଅମ୍ବିକା ନଗରର ଦୁର୍ଜନ ନାମକ ନାସ୍ତିକ ରାଜାଙ୍କର ଗଲ୍ଲ ।

୧୧ । ଦ୍ୱାରଗୃହ ପାଲ୍ଲ—ମାଣିକା ସହରର ଅପୁତ୍ରକ ରାଜା ସନାତନର ଗଲ୍ଲ ।

୧୨ । ଦ୍ୱର ଅର୍ଜୁନ ପାଲ୍ଲ—ସନାତନ ନାମକ ଜଣେ ଅପୁତ୍ରକ ରାଜା ଓ ତାଙ୍କର ଦୁଇସ୍ତ୍ରୀଙ୍କ ଗଲ୍ଲ । ମୃତ କୁମାରର ପୁନଜୀବନ ଲାଭ ବା ଜ୍ୱରତ୍ରାସ୍ ପାଲ୍ଲ ।

୧୩ । କାଟୁଆ ପାଲ୍ଲ—ସତ୍ୟ ନାରାୟଣ ପ୍ରତିକ ଗୋଟିଏ ଗରିବ ବ୍ରାହ୍ମଣ. କୃଷ୍ଣଦାସର ପୂଜା ଦେଖି ଜଣେ କାଟୁଆର ଉକ୍ତବ୍ରତ ପାଳନ ଓ ବରପ୍ରାପ୍ତ ।]

୧୪ [। ଲକ୍ଷ୍ମୀପୁରର ପାଲ୍ଲ—ବନାଯୁକ ଦେଶର ଶୀଲଥ ରାଜାଙ୍କ ଗଲ୍ଲ ।

Digitized by srujanika@gmail.com

୧୫ । ଅରଲମଦନ ପାଲ୍ଲ ବା ଚନ୍ଦ୍ରାଙ୍ଗଦ ପାଲ୍ଲ— ବୀରସିଂହ ନାମକ ଜଣେ ରାଜାଙ୍କ ଗଲ୍ପ ।

୧୬ । ସ୍ୱର୍ଗାରୋହଣ ପାଲ୍ଲ —ବରୁଣ ସହରର ସ୍ୱଜା ପଦ୍ମଲୋଚନଙ୍କ ଗଲ୍ପ । (ଏଥିରେ କବିକଣ୍ଠି ବରଚିତ ୧୬୫ ପାଲ୍ଲର ନାମ ଦିଆଯାଇ ଅଛି ।]

ସତ୍ୟନାରାୟଣ ପାଲ୍ଲ—ଦେ. ବ. (ସଂ· ସତ୍ୟନାରାୟଣ ଓ ପାଳ, Satyanārāyaṇa pāla ଓଡ଼ିଆ ପାଳ, ପାଲା; ପାଲ୍ଲ ଶବ୍ଦ ସତ୍ୟନାରାୟଣପାଲା ବଙ୍ଗଳାରୁ ଆଗତ) —

ସତ୍ୟନାରାୟଣ ପୂଜା ସତ୍ୟନାରାୟଣଙ୍କ ମାହାତ୍ମ୍ୟ ବର୍ଣ୍ଣନାମୂର୍ବକ ୧୬ ଗୋଟି ପାଲ୍ଲ ବା ଗଲ୍ପକୁ ଗୀତ ଦ୍ୱାରା ବର୍ଣ୍ଣନ— The chanting of the doings of the Deity Satyanārāyana in 16 poems.

[ଦ୍ର—ଓଡ଼ିଶାରେ ବୋଲ୍ଲ ସାଉଥିବା 'ପାଲ୍ଲ' ମାନ 'କବିକଣ୍ଠି' ବରଚିତ ବଙ୍ଗଳା ପାଞ୍ଚାଳି ଛନ୍ଦରେ ରଚିତ ବଙ୍ଗଳା ଗୀତର ଛନ୍ଦୁଡ ମାନ । ସଂ· ପାଳ, ଓ. ପାଳ ବଂ. ପାଲ୍ଲ ଶବ୍ଦର ଅର୍ଥ ପର୍ଯ୍ୟାୟ ବା କ୍ରମ । ପାଲ୍ଲଶବ୍ଦ ବଙ୍ଗଳା ଭାଷାରୁ ଆଗତ । ଜଣେ 'ଗାୟୁକ' ଗୀତ ବୋଲନ୍ତି ଓ ତାଙ୍କ ସଙ୍ଗେ ଅନ୍ୟ ଜଣେ ବାଦ୍ୟ ବଜାନ୍ତି ଓ କେତେ ଗୁଡ଼ଏ ଲୋକ ପାଳ ଧରନ୍ତି ବୋଲ୍ଲ ଏହାର ନାମ ପାଲ୍ଲ ଡୋଇଅଛ । 'ଗାୟୁକ' ଗୀତ ବୋଲନ୍ତି 'ବାୟୁକ' ମୃଦଙ୍ଗ ବଜାନ୍ତି । ଗାୟୁକ ଏକୁଟିଆ ଗୀତ ବୋଲ୍ଲ ଅନ୍ୟ ଜଣେ ତାଙ୍କୁ ସାହାଯ୍ୟ କରିବାକୁ କ୍ରମ୍ଭା ଗୀତର ପ୍ରସଙ୍ଗରେ କଥୋପକଥନଚ୍ଛଳରେଗାୟୁକଙ୍କୁ ଉତ୍ତର ଦେବାକୁ ଗାୟୁକଙ୍କ ସଙ୍ଗେ 'ଶିଶ୍ୱ ପାଳଆ' ବା 'ଡାହାଣ ପାଳଆ' ବା 'ଶ୍ରୀ ପାଳଆ' ଆସନ୍ତି । ଗାୟୁକଙ୍କ ଡାହାଣ ହାତରେ 'ମନ୍ଦିରା ବା ଚିନ ବଜା ଡୋଇଥାଏ ଓ ବାଖରେ ଚାଁର ମୁଠା ଥାଏ । ଶ୍ରୀପାଳଆ ଝାଞ୍ଜି ଧରିଥାଆନ୍ତି । କନ୍ତୁ ଗାୟୁକ ଗୀତ ବୋଲିବା ବେଳେ ଶ୍ରୀପାଳଆ ଝାଞ୍ଜି ବଜାନ୍ତି ନାହିଁ । ପାଳଆମାନେ ପାଳ ଧରିବା ବେଳେ ଶ୍ରୀପାଳଆ ଅନ୍ୟ ପାଳଆମାନଙ୍କ ସହିତ ଝାଞ୍ଜି ବଜାନ୍ତି ଓ ବାୟୁକ ଗାୟୁକଙ୍କ ସଙ୍ଗେ ଓ ପାଳଆଙ୍କ ସଙ୍ଗେ ମୃଦଙ୍ଗ ବଜାନ୍ତି ।

ଗୋଟିଏ ପାଲ୍ଲଦଳ ଦୁଇଟି ପଖାରେ ରହନ୍ତି । ଗାୟୁକଙ୍କ ବୋଲିବା ଗୀତର ପାଳ ଧରିବାକୁ ୬ ଜଣ 'ପାଳଆ' ଆସନ୍ତି । ଗାୟୁକଙ୍କ ଗୀତର ଶେଷାଂଶ ବା ଧୁଆ ବା ଘୋଷାକୁ ଏମାନେ ବୋଲନ୍ତି ଓ ଝାଞ୍ଜି ବଜାନ୍ତି ।

ପାଲ୍ଲବାଲ୍ଲମାନେ ନାନାପ୍ରକାର ବେଶରେ (ଅର୍ଥାତ୍ ମୁଣ୍ଡରେ ପଗଡ଼, ଦେହରେ ଚପ୍‌କନ୍ ପର ବଡ କୁଡ଼ି। ଅଣ୍ଟାରେ ଘାଗରା ଓ ଗୋଡ଼ରେ ବଳା ବା ଘାଙ୍ଗୁର ବିନ୍ଧି ନାଚନ୍ତି ।

ପୁସ୍ତକ ସାହାଯ୍ୟରେ ଯେଉଁ ପାଲ୍ଲ ବୋଲିଯାଏ ଓ ପୂଜା କରିଯାଏ ତାକୁ ପୋଥିପାଲ୍ଲ ବା ପୋଥିପୂଜା ବୋଲିଯାଏ ।

ପୁସ୍ତକର ବଦଳା ସାହାଯ୍ୟରେ ଗାୟୁକ ଓ ନଚ୍ଚିକମାନେ ବାଜା ବଜାଇ ଯାହାକୁ ବୋଲ ଅଉନଯ୍ କରନ୍ତି ତାକୁ ଠିଆପୂଜା ବା ଠିଆପାଲ୍ଲ ବୋଲିଯାଏ ।

ଏକ ଦଳ ପାଲ୍ଲବାଲ୍ଲ ପାଲ୍ଲ ଅଉନଯ୍ କଲେ ତାକୁ 'ଗୋଷ୍ଠିକଥା ପାଲ୍ଲ' କହନ୍ତି ।

ଦୁଇଦଳ ପ୍ରତିଦ୍ୱନ୍ଦ୍ୱୀ ହୋଇ ପାଲ୍ଲ ଅଉନଯ୍ କଲେ ତାକୁ 'ଜାଜିଁଳ ପାଲ୍ଲ' ବା 'ଜାଜିଲ ପୂଜା' କହନ୍ତି । ଏକାଧିକ ଦଳ ପ୍ରତିଦ୍ୱନ୍ଦ୍ୱୀ ହୋଇ ପାଲ୍ଲ କଲେ ତାକୁ 'ବାଘା ପାଲ୍ଲ' ବା 'ଲଢ଼େଇ ପାଲ୍ଲ' ବୋଲିଯାଏ ।

ପାଲ୍ଲ ଅଉନଯ୍‌କାରୀମାନଙ୍କ ମଧ୍ୟରେ ଜଣେ 'ଗାୟୁକ', ଜଣେ 'ବାୟୁକ', ଜଣେ 'ଶିରପାଳଆ' ଓ ଦୁଇ ବା ୩ ଜଣ 'ପାଳଆ' ଥାଆନ୍ତି ।

କବିକଣ୍ଠିଙ୍କ ରଚିତ 'ପାଲ୍ଲ'ମାନଙ୍କର ଭାଷା ବଙ୍ଗଳା ଓ ତତ୍ସମ ଭାଷାରେ ଫାରସୀ ଶବ୍ଦର ବହୁଳତା (ଯଥା—ବାଦସା, ଜାଗୀର, ଜାଲ୍ମ, ମୋଲ୍ଲାଜୀ, ସଲ୍ଲମ, ଦୁଲ୍ଲଭ, ଦଲଗୋସ ଓ ଦାସିଲ ଇତ୍ୟାଦି ଶବ୍ଦ) ଦେଖାଯାଏ ଓ କେଲେ କେଲେ ଫାରସୀ ଭାଷାର ବାକ୍ୟ ମଧ୍ୟ ଦେଖାଯାଏ । କବିକଣ୍ଠିଙ୍କ ରଚିତ ବଙ୍ଗଳା ପାଲ୍ଲ ବଙ୍ଗଳା ଓ ହିନ୍ଦୁ ଭାଷାର 'ଖେଗୁଡ଼ି'; ତାହା ପୁଣି ବଙ୍ଗଳା ଅକ୍ଷରଙ୍କ ଓଡ଼ିଅଙ୍କ ମୁହଁରେ ବଙ୍ଗଳା, ହିନ୍ଦି ଓ ଓଡ଼ିଆ ମିଶା 'ପଲଟ୍' ହୁଏ । ତହିଁରୁ କେତେଗୁଡ଼ିଏ ଧାଡ଼ିର ଉଦାହରଣ ତଳେ ଦିଆଗଲା—

ଶୁନ ସଭେ ବର୍‌ଦ୍ଦରେ ସୀତେର ଭାଲ୍ମ୍
ଜସ୍ଟ ଜାସଲ୍ ଦୁଏ, ଫଡେ ଦୁଏ କାମ୍ ।
ଇସ୍ୱାର ପିସ୍ୱାର ଭାଇ ସକଲେ ଶୁନଡ
ଯେହଁ ରୂପେ ଶ୍ୱେତ ବସନ୍ତ ପାଲ୍ଲ ହବିତଣ୍ଡ ।
ହର ହର ବୋଲ ତଥ ସବୁ ସଜ୍ଜନ
ବସନ୍ତ ପଡ଼ିଲେ ରତ୍ତେ ସତ୍ୟ ନାରାୟଣ ।

× × ×

ଯାର ଘରେ ହୁଏ ପୂଜା ସାଙ୍ଗେବେର ନାମ୍
ବଡ଼ାଏ ଦୌଲତ ତାର ଫଡେ କରେ କାମ୍ ।
ଶ୍ରୀ ଜବ କଣ୍ଠିତେ ଗାଏ ନାରାୟଣେର ଗାସ୍
ହର ହର ବୋଲ ସଭେ ପାଲ୍ଲ ହଲ ସାସ୍ ।

ସାଧରଣତଃ 'ପାଲ୍ଲ ଗୀତ' ପ୍ରତ୍ୟେକ ୧୪ଅକ୍ଷର ଯୁକ୍ତ ଦୁଇଟି ଧାଡ଼ିରେ ରଚିତ, କନ୍ତୁ ମଝିରେ ମଝିରେ ଏକାଦାଣ୍ଡିଆ (monotony) ଭାଙ୍ଗିବା ପାଇଁ —

'ରଜଗାଈ ଅବଶେଷେ ଗ୍ରାମର ଉତରେ ପଶେ
ଚନ୍ଦ୍ରହାସ ହାକାର କୁମାର'

୮ ଅକ୍ଷରିଆ ୬ ପାଦ ଓ ୧୦ ଅକ୍ଷରିଆ ଏକାଦାଣ୍ଡି ଯୁକ୍ତ 'ତ୍ରିପଦୀ' ଦ୍ୱୟ ସମ୍ବଳିତ ଗୀତ ମଧ୍ୟ ବୋଲିଯାଏ ।

ଉତ୍ତର ପ୍ରସଙ୍ଗ ଓ ଅବସର କ୍ରମେ ପାଲ୍ଲବାଲ୍ଲମାନେ ଏଥିରେ ଯମକ, ଅନୁପ୍ରାସ, ବ୍ୟାଘ୍ରଗତି, ସ୍ଲେଷ ପ୍ରଭୃତି ଅଳଙ୍କାର ଆଦି ଶବ୍ଦ ବସରତ୍ ପୁରାତନ ଓ ନବ୍ୟ ସଙ୍ଗୀତ, ଚଉପଦୀ, ଚାହୁଡା, ଭଜନ, ବନ୍ଦନା ଆଦି ଲଗାଇ 'ପାଲ୍ଲକୁ' ଲମ୍ବା କରନ୍ତି ଓ ତେତେବେଳେ ଗାୟୁକଙ୍କର ଅବଧାନ, ଅଳଙ୍କାର, ବାକ୍ୟଲାଳିତ୍ୟ, ଚାତୁର୍ଯ୍ୟ ଆଦିରେ

Digitized by srujanika@gmail.com

ଅସାଧାରଣ ପାଣ୍ଡିତ୍ୟ ଦେଖାଯାଏ ଓ କେତେକଙ୍କଠାରେ ଅଶ୍ରୁକବତ୍ୱ ମଧ୍ୟ ଲକ୍ଷିତ ହୁଏ ।]

ସତ୍ୟନାରାୟଣ ପୂଜା—ଦେ. ବ—୧ । ସ୍କନ୍ଦ ପୁରାଣାନ୍ତର୍ଗତ ରେବା Satyanārāyaṇa pūjā ଖଣ୍ଡର ୪ର୍ଥ ଅଧ୍ୟାୟରେ ବର୍ଣ୍ଣିତ ସତ୍ୟନାରାୟଣ ପୂଜା । ସତ୍ୟନାରାୟଣ ବା ସତ୍ୟଦେବ ବା ବିଷ୍ଣୁଙ୍କର

ସତ୍ୟନାରାୟଣ ପୂଜା ପୂଜା—1. The worship of Satyanārāyaṇa or Bishṇu according to the instructions given in the Skandapurāṇa. [ଦ୍ର—ଏଥିରେ ଗାଈର ଦହଲୀକୁ ସମଭାଗିତ ବା କଞ୍ଚା ଦୁଧ, ଘିଅ ଓ ଗୁଡ଼ ବା ଚକ୍କର ଚକ୍କି ଉଣ୍ଡୁରେ ଗହମ ଚୂନା ବା ଗୁଣ୍ଡଳ ଚୂନା ମିଶାଇ ଓ ମସଲାଗୁଣ୍ଡ ଦେଇ ପ୍ରସ୍ତୁତ କରିବା 'ଚକ୍କା' ବା 'ଦହଲୀ ଚକ୍କା' ବା ଅମୃତକୁଣ୍ଡ ଭୋଗ ଦିଆଯାଏ । ଗୋଟିଏ ପୀଠ ଉପରେ ଆସନ ପକାଇ ଶାସ୍ତ୍ର ବିଧିମତେ ପ୍ରତିବାଚନ ଓ ସଙ୍କଳ୍ପ ଓ ଆବାହନାଦିପୂର୍ବକ ସେଥିର ଗୃହ କୋଣରେ କଳ୍ପିତ ଗୃହ ଦେବତା (ଗଣେଶ, ଶିବ, ଦୁର୍ଗା ଓ ସୂର୍ଯ୍ୟ)ଙ୍କୁ ସ୍ଥାପନକର କେନ୍ଦ୍ରରେ 'ସତ୍ୟନାରାୟଣ'ଙ୍କ (ଶାଳଗ୍ରାମଶୀଳା ରଖି ନ୍ୟୁନ ପୁଷ୍ପାଦି ସ୍ଥାପନ କର ବିଷ୍ଣୁଙ୍କୁ କଳ୍ପନା କର) ଅର୍ଚ୍ଚନା କର ଉକ୍ତ କଦଳୀ ଚକ୍କାକୁ ବିଷ୍ଣୁ ମନ୍ତ୍ରରେ ନୈବେଦ୍ୟ କରିଯାଏ । ତତ୍‌ପରେ ଅପଣାର ଗ୍ରାମବାସୀ ଓ ବନ୍ଧୁ କୁଟୁମ୍ବଙ୍କୁ ନିମନ୍ତ୍ରଣ କର ପୁରାଣୋକ୍ତ ସତ୍ୟନାରାୟଣଙ୍କ କଥା ଶୁଣାଇବାକୁ ହୁଏ; ନାରାୟଣଙ୍କ ସ୍ତବ ପାଠ କରି ମନୋବାଞ୍ଛା ସିଦ୍ଧ୍ୟର୍ଥ ପ୍ରାର୍ଥନା କରିଯାଏ ଓ ପୂଜକଙ୍କୁ ଦକ୍ଷିଣାଦ୍ୱାରା ସନ୍ତୁଷ୍ଟ କର ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ସଙ୍ଗେ ଓ ପ୍ରସାରବାରର ବ୍ୟକ୍ତିମାନଙ୍କ ସଙ୍ଗେ ଉକ୍ତ ପ୍ରସାଦ ସେବା କରିବାକୁ ହୁଏ । ଯୋଉ ଧର ଉକ୍ତ 'କଥା' ବୋଲୁଗଲେ ତାକୁ ଯୋଥିପୂଜା ବୋଲିଯାଏ । ପଞ୍ଚଦେବତା ସ୍ଥାପିତ ହୋଇଥିବା ପୀଠର ବା ପୀଢ଼ାର ଗୃହ କୋଣରେ ୪ଖଣ୍ଡି ମସୂରଚନ୍ଦ୍ରକାୟୁକ୍ତ 'କାଣ୍ଡସର'ର କାଣ୍ଡ ଯୋଡା ଯାଇ ତା ଉପରେ ଫୁଲର ବା ଲୁଗାର ଗୁଜୁଆ ଝଣା ଯାଏ । ଏହାକୁ ପୁରାଣୋକ୍ତ ସତ୍ୟନାରାୟଣ ପୂଜା ଯଜ୍ଞଉ । ଉକ୍ତ ପୁରାଣରେ ଏହି ବ୍ରତର ନିୟମ ଓ ପାଳନ ବିଧି ମଧ୍ୟ ଲେଖାଅଛି, ଯଥା—'ନିଶାମୁଖରେ ଅର୍ଥାତ୍ ସନ୍ଧ୍ୟାବେଳେ ଏ ପୂଜା କରିବ । କଦଳୀ ଚକ୍କାକୁ ନିବେଦନ କର ବାହୁଣଙ୍କୁ ଦକ୍ଷିଣା ଦେଇ, ବନ୍ଧୁବାନ୍ଧବଙ୍କ ସହିତ ସତ୍ୟନାରାୟଣ କଥା ଶୁଣି ଉକ୍ତ ପ୍ରସାଦ ସମସ୍ତେ ସେବନ କରିବେ; ତହିଁରେ 'ନୃତ୍ୟଗୀତାଦି' କରିବେ । ଏହି ନୃତ୍ୟଗୀତାଦିରୁ, ଅଧୁନିକ 'ଠିଅଘାଲ୍ଲ'ର ସୃଷ୍ଟି ହୋଇଥିବା ବୋଧ ହୁଏ । ଅଧୁନିକ 'ପାଲ୍ଲ'ରେ ପୂର୍ବୋକ୍ତ ପୁରାଣୋକ୍ତ କଥାରେ ପୂଜା କରି ସାରିବା ପରେ ଦ୍ୱେଷ ମୁଖରେ 'ପୂଜା' ନାମରେ ଅଖ୍ୟାତ 'ସତ୍ୟପୀର ପାଲ୍ଲ' ପୁସ୍ତକର ସାହାଯ୍ୟରେ (ଯୋଥିପୂଜା) ଗୀତ ବୋଲିଯାଏ ବା ନାଟ, ଗୀତ ଓ ବାଦ୍ୟ ଦ୍ୱାରା (ଠିଅଘାଲ୍ଲା) ଅନୁଷ୍ଠିତ ହୁଏ ।] ୨ । ବଙ୍ଗଦେଶରୁ ଉତ୍କଳକୁ ଅଗତ 'ଦ୍ୱବକଣ୍ଡି' ରଚିତ ବଙ୍ଗଳା ଭାଷାର ପାଞ୍ଚାଳୀ ଛନ୍ଦର (୧୪ ଅକ୍ଷରଥ) (ଯଥା—

ଶୁନ ଶୁନ ସଜ୍ଜନ କର ନିବେଦନ
ଜାଡୁରସ୍ୱା ପାଲ୍ଲ ଅମି ଦରବ ଗାସ୍ୱନ)

୧୬ ଗୋଟି ଉତ୍ତ ଉତ୍ତ ଗଲ୍ପ କଣ୍ଡିନାମକ ୧୬ଟି ପୃଥକ୍ ନାମରେ ଅଖ୍ୟାତ ପାଲ୍ଲ ମଧ୍ୟରୁ ନିର୍ଦ୍ଦାରିତ ଗୋଟିଏ ଚରିତ୍ରର ଗୀତକୁ ପୁସ୍ତକ ସାହାଯ୍ୟରେ ଜମା ନୃତ୍ୟ-ବାଦ୍ୟାଦି ସାହାଯ୍ୟରେ ବୋଲିଯିବାରୁ ଏହି ପୂଜା—

2. The performance of dancing and singing (accompanied with drum and cymbals by a party of choristers) in chorus, of one of the 16 stories relating to the prowess of the Deity Satyanārāyaṇas. [ଦ୍ର—ପୂର୍ବୋକ୍ତ 'ସତ୍ୟନାରାୟଣ ପୂଜା' ଭାରତର ଉତ୍ତର ପଶ୍ଚିମାଞ୍ଚଳ, ମଧ୍ୟପ୍ରଦେଶ, ଗୁଜରାଟ୍, ବମ୍ବେ ଓ ଦାକ୍ଷିଣାତ୍ୟରେ ଅନୁଷ୍ଠିତ ହୁଏ । କିନ୍ତୁ ସତ୍ୟନାରାୟଣ ପାଲ୍ଲ କେବଳ ବଙ୍ଗଦେଶରେ ଓ ବଙ୍ଗ-ଦେଶରୁ ଅଣାଯାଇ ଓଡ଼ିଶାରେ ଦେଖାଯାଏ । ସ୍କନ୍ଦ ପୁରାଣରେ ଥିବା ୪ଟି ଉପାଖ୍ୟାନ ଛଡ଼ା ଅନ୍ୟ କେତେ-ଗୁଡ଼ିଏ ଗଲ୍ପକୁ ମିଶାଇ ବଙ୍ଗର 'ଦ୍ୱବକଣ୍ଡି' ୧୪ ଅକ୍ଷରଥ ଛନ୍ଦ (ଯେଉଁ ଛନ୍ଦରେ ଓଡ଼ିଆ ନୃସିଂହ ପୁରାଣ, ଶାରଳା ମହାଭାରତ ଆଦି ରଚିତ ହୋଇଛି)ରେ ୧୬ଟି ପଦ୍ୟ ରଚନା କରିଥିଲେ । ସେହି ଗୁଡ଼ିକର ପ୍ରତ୍ୟେକର ଗୋଟିଏ ଗୋଟିଏ ନାମ ଅଛି । ଲୋକେ ମନୋବାଞ୍ଛା ସିଦ୍ଧ ହେବାର କାମନା କରି 'ପୂଜା' କରନ୍ତି, କମ୍ବା ମନୋବାଞ୍ଛା ସିଦ୍ଧ ହେଲେ ୧ଟର ବା ୪ଥର ବା ୮ ଥର ବା ୧୬ ଥର ପୂଜା କରିବେ ବୋଲି ଯଟନ୍ତି ବା ମନାଏନ୍ତି । ଏହି ପୂଜାରେ ଦେଖାଯାଏ ଯେ, ପ୍ରଚ୍ଛନ୍ନବେଶୀ ମୁସଲମାନମାନଙ୍କ ଦ୍ୱାରା ହିନ୍ଦୁ ଧର୍ମାବଲମ୍ବୀଙ୍କର ମୁସଲମାନଙ୍କ ଧର୍ମ ପ୍ରତି ଅଟୁଟା ଥିବା ବିଷୟ ଦେଖାଇବା ପାଇଁ 'ସତ୍ୟନାରାୟଣ'ଙ୍କୁ 'ସତ୍ୟପୀର', ପୂଜାକୁ 'ପାଲ୍ଲ', 'ନୈବେଦ୍ୟ'କୁ 'ଶିରନ୍ନି' ରୂପେ ଅଖ୍ୟାତ କରିଯାଇଅଛି । ସତ୍ୟପୀରଙ୍କୁ ମୁସଲମାନଙ୍କ ଭାଷାରେ 'ସତ୍ତଅସେର୍', 'ଶିରନ୍ନି', 'ସତ୍ତଅମହଣ ଶିରନ୍ନି', 'ସତ୍ତଅସହ କେଲ୍ଲ' ଯଗିଯାଏ । ପୂର୍ବୋକ୍ତବର୍ଣ୍ଣିତ 'ଅମୃତକୁଣ୍ଡ ବା କଦଳୀ-ଚକ୍କାକୁ' 'କଚ୍ଚୀ ଶିରନ୍ନି' ନାମ ଦେଇ ମୁସଲମାନଙ୍କ ପ୍ରିୟ ଗହମ ଅଟାର ଛଅର ଦୁଇ ଓ ଚିନାଇକୁ 'ପକ୍କୀଶିରନ୍ନି' ନାମ ଦେଇ 'ସତ୍ୟପୀର'ଙ୍କଠାରେ ପୂଜା କରିଯାଏ । ପୁରାଣରେ ସତ୍ୟନାରାୟଣ ଦେବ 'ବୃଦ୍ଧବ୍ରାହ୍ମଣ' ବା ବୃଦ୍ଧଦଣ୍ଡୀ ବେଶରେ ମନୁଷ୍ୟମାନଙ୍କୁ ଦେଖା ଦେଇଥିଲେ । ଦ୍ୱବକଣ୍ଡି ରଚିତ ପାଲ୍ଲରେ ସତ୍ୟନାରାୟଣ ଦେବ 'ବୁଢ଼ା ଫକୀର' ବେଶରେ ଦେଖା ଦେଇଥିବା ବର୍ଣ୍ଣିତ ଅଛି । ପୀଢ଼ା ଉପରେ ଆବାହନ କର ସ୍ଥାପିତ ହୋଇଥିବା ପଞ୍ଚ-ଦେବତାଙ୍କ ମଧ୍ୟରୁ କେନ୍ଦ୍ରସ୍ଥ ସତ୍ୟନାରାୟଣ ବା ସତ୍ୟପୀରଙ୍କ

Digitized by srujanika@gmail.com

ନମନ୍ତେ ଅଉପ୍ତେତ ନୈବେଦ୍ୟ ଗୋଟିଏ ବଡ଼ ପାତ୍ରରେ ରଖାଯାଇଥାଏ ଓ ଅନ୍ୟ ୪ ଦେବତାଙ୍କ ପ୍ରତ୍ୟେକଙ୍କ ନକଟରେ ପାନ, ଗୁଆ ସହିତ ସାମାନ୍ୟ ପରିମାଣରେ ନୈବେଦ୍ୟ ବା ଗୋଟିଏ କଦଳୀ ପୃଥକ୍ ପୃଥକ୍ ରଖାଯାଏ,। ଉକ୍ତ ନୈବେଦ୍ୟକୁ 'ମୃତାମ୍' ବା 'ମୃତା' ବା 'ମୋକାମ୍' କହନ୍ତି । (ଫା, ମକାନ୍ =ବାସସ୍ଥାନ)

ଶାସ୍ତ୍ରୋକ୍ତ ବିଧିଦ୍ୱାରା ସତ୍ୟନାରାୟଣଙ୍କ ପୂଜା ଶେଷ କରି ବଙ୍ଗଳାଭାଷାରେ ରଚିତ 'ପୂଜା' ବା ପାଞ୍ଚାଳୀଟି ଆରମ୍ଭ କରାଯାଏ ।

ସତ୍ୟନାରାୟଣଙ୍କ ପୂଜାବିଧି ଉକ୍ତ ସ୍ୱର୍ଗରେ ଅଛି ଓ ସତ୍ୟନାରାୟଣ କଥାଶ୍ରବଣ ଓ ନୃତ୍ୟଗୀତାଦି କରିବା କଥା ଉଲ୍ଲେଖ ଅଛି; କିନ୍ତୁ ଅଧୁନା ଆଚରିତ 'ପାଞ୍ଚି'ର କଥାମାନ ସ୍ୱର୍ଗରେ ମିଳେ ନାହିଁ । ଏହା ମୂଳାରୁ ଯେ କୌଣସି ଜନ 'ନଶାମୁଖ'ରେ ଅର୍ଥାତ୍ ସ୍ୱହିର ପ୍ରଥମ ପ୍ରହରରେ କରିବାର ବିଧି ଅଛି । ସତ୍ୟନାରାୟଣ ଦେବଙ୍କୁ ନୈବେଦ୍ୟ ଅର୍ପଣ କରାଇ, ପୂଜକକୁ ଦକ୍ଷିଣା ଦେଇ, ବନ୍ଧୁବାନ୍ଧବମାନଙ୍କୁ ନମନ୍ତ୍ରଣ କରି ସତ୍ୟନାରାୟଣଙ୍କ କଥା ଶୁଣି, ସେମାନଙ୍କ ସଙ୍ଗେ (ସମସାଦ ପକ୍ୱନ୍ନ, ଦୁଧ, ଘିଅ, ଶର୍କରା ଓ ଗୋମ୍ବୁରଣ୍ଡି—ଅଭାବେ ଶାଳ ଚଣ୍ଡୁଳଚୂର୍ଣ୍ଣ ମିଶ୍ରଣଦ୍ୱାରା ପ୍ରସ୍ତୁତ ଓ ସତ୍ୟନାରାୟଣଙ୍କୁ ନବେଦିତ) ଉକ୍ତ ପ୍ରସାଦ ସେବନ କରି ନୃତ୍ୟଗୀତାଦି କରିବ । ଏହା କଲେ ବାଞ୍ଛିତ ସିଦ୍ଧି ହୁଏ । କଳିଯୁଗରେ ଏହା ଛଡ଼ା ମୋକ୍ଷଲାଭର ପ୍ରକୃଷ୍ଟତର ଉପାୟ ନାହିଁ । ଆମ ଦେଶରେ ସାଧାରଣତଃ ଶିଶୁର ଏକୋଇଶିଅକୁ 'ସତ୍ୟନାରାୟଣ ପୂଜା' କରାଯାଏ । ଅକ୍ଷମ ବ୍ୟକ୍ତି ସେଥିପାଇଁ ପୂଜା କରେ ଓ କ୍ଷମ ବ୍ୟକ୍ତି 'ଠିଆଁ ପୂଜା', 'ଜାଉଁଳି ପୂଜା' 'ବାଘପୂଜା' ଆଦି କରନ୍ତି । ଯେଉଁମାନେ ଏକାଧିକ ପୂଜା ଯାଚ ଥାଆନ୍ତି, ସେମାନେ ପ୍ରତି ବର୍ଷର ପିଲ୍ଲଳ ଜନୁଦନ ଗୋଟିଏ ଲେଖାଏଁ ପୂଜା କରି ମାନସିକ ଅନୁସାରେ ୪, ୮ ବା ୧୬ ଗାଣ୍ଠି ଶେଷ କରନ୍ତି ।]

ସତ୍ୟନାରାୟଣ ବ୍ରତ—ସଂ· ବ—ମନୋବାଞ୍ଛିତସିଦ୍ଧି ହେବା ପାଇ Satyanārāyaṇa brata ଅନୁଷ୍ଠିତ ସତ୍ୟନାରାୟଣଙ୍କ ପୂଜା କରା ବାଞ୍ଛିତସିଦ୍ଧି ହେଲେ ସତ୍ୟନାରାୟଣ ପୂଜା କରିବା ପାଇଁ ମନୁଷ୍ୟ ଯେଉଁ ସଙ୍କଳ୍ପ (ମାନସିକ) କରିଥାଏ, ବାଞ୍ଛିତସିଦ୍ଧି ଉଦ୍ଦେଶ୍ୟରେ ଉକ୍ତ ପୂଜା କରିବା ଓ ବନ୍ଧୁ କୁଟୁମ୍ବ ସହିତ ସତ୍ୟନାରାୟଣ କଥା ଶୁଣିବା ଓ ପ୍ରସାଦ ସେବନ କରିବାରୂପ ବ୍ରତ—The vow or promise for the worship of Satyanārāyaṇa and the carrying out of the same vow. [ଦ୍ର—ସ୍କନ୍ଦ ପୁରାଣରେ ଲେଖାଅଛି ଯେ, ଯେ କେଉଁ ଶସି ଦିନ ଓ ବିଶେଷତଃ ସବାନ୍ତ, ଦ୍ୱାଦଶୀ ଅଦି ପୁଣ୍ୟ ବାସରରେ 'ନଶାମୁଖ'ରେ ବା ସ୍ୱହିର ପ୍ରଥମ ପ୍ରହରରେ ଏ ପୂଜା କରିବ ଏବଂ କଳିଯୁଗରେ ଯେଉଁ ବ୍ୟକ୍ତି ଏ ବ୍ରତ କରିବ, ତାହାର ସବୁ ବାଧା ପ୍ରଶମନ, ସବୁ କାମ ସିଦ୍ଧି, ଇହଲୋକରେ ବହୁତ ଓ ପରଲୋକରେ ବୈକୁଣ୍ଠ ପ୍ରାପ୍ତି ହେବ । ବଚନ ଯଥା—

ଧନଧାନ୍ୟାଦିକଂ ତସ୍ୟ ଭବେତ୍ ସତ୍ୟ ପ୍ରସାଦତଃ,
ଦରିଦ୍ରୋ ଲଭତେ ବିତ୍ତଂ ବନ୍ଧୋମୁକ୍ତୋଽତ ବନ୍ଧନାତ୍ ।
ସ୍ତ୍ରୀଭୋଗ୍ୟାଢ଼ ପ୍ରମୁଚ୍ୟେତ ସତ୍ୟମେତତ୍ ନସଂଶୟଃ
ଇତ୍ୟସ୍ମିଂଚ ଫଳଂ ଭୁକ୍ତ୍ୱା ଗନ୍ତେ ସତ୍ୟପୁରଂ ବ୍ରଜେତ୍ ।

ଓ

ଏବଂ କୃତେ ମନୁଷ୍ୟାଣାଂ ବାଞ୍ଛିତସିଦ୍ଧି ଭବେତ୍ ଧ୍ରୁବ
ବିଶେଷତଃ କଳଯୁଗେ ନାନ୍ୟୋପାୟୋଽସ୍ତି ଭୂତଳେ —
ସ୍କନ୍ଦପୁରାଣ ରେବାଖଣ୍ଡ, ୪ର୍ଥ ଓ ୧୪ ଅଧ୍ୟାୟ ।]

ସତ୍ୟନାଶ—ଦେ. ବ—ସତ୍ୟାନାଶ (ଦେଖ) Satyanāśa Satyānāśa (See)

ସତ୍ୟନିଷ୍ଠ—ସଂ. ବଣ, ପୁଂ (ବହୁବ୍ରୀହି; ସତ୍ୟ+ନିଷ୍ଠା; ସତ୍ୟରେ ନିଷ୍ଠା Satyanishṭha ଯାହାର)—୧ । ସତ୍ୟବାଦୀ; ଯେ ସଦାବା (ସତ୍ୟନିଷ୍ଠା—ସ୍ତ୍ରୀ) ସତ୍ୟ କହିବାକୁ ଦୃଢ଼ ବ୍ରତ କରିଥାଏ— (ସତ୍ୟନିଷ୍ଠତା—ବ) 1. Resolved to speak the truth. ୨ । ସତ୍ୟ ବା ପ୍ରତିଜ୍ଞା ପାଳନ କରିବାକୁ ଦୃଢ଼ବ୍ରତ— 2. Resolved to keep one's vow or solemn promise. ୩ । ସତ୍ୟାନୁରାଗୀ—3. Attached to truth; devoted to the cause of truth.

ସତ୍ୟ ନିଷ୍ଠା—ସଂ.ବଣ. ସ୍ତ୍ରୀ (ସତ୍ୟନିଷ୍ଠ+ଆ)—ସତ୍ୟନିଷ୍ଠର ସ୍ତ୍ରୀଲିଙ୍ଗ— Satya nishṭhā The feminine of Satyanishṭha. ବ. (୭ମୀ ତତ୍ପୁ, ସତ୍ୟରେ ନିଷ୍ଠା)—ସତ୍ୟରେ ବା ସତ୍ୟ ବିଷୟରେ ନିଷ୍ଠା—Rigidity or constancy in the observance of Satya (truth or one's solemn vow).

ସତ୍ୟ ପରାୟଣ—ସଂ. ବଣ. ପୁଂ (ବହୁବ୍ରୀହି; କର୍ମଧା. ସତ୍ୟ+ପର+ Satya parāyaṇa ଅୟନ)—ସତ୍ୟନିଷ୍ଠ (ଦେଖ)— (ସତ୍ୟପରାୟଣା—ସ୍ତ୍ରୀ) Satyanishṭha (See) (ସତ୍ୟପରାୟଣତା—ବ)

ସତ୍ୟପାଠ—ଦେ. ବ (କତରଥ)—ସତ୍ୟ ପ୍ରତିଜ୍ଞା ୩ (ଦେଖ) Satyapāṭha Satya pratijñā 3 (See)

ସତ୍ୟ ପାଳନ—ସଂ. ବ (୬ଷ୍ଠୀ ତତ୍ପୁ)—ପ୍ରତିଜ୍ଞାପାଳନ; ସତ୍ୟରକ୍ଷା— Satya pālana Carrying out of one's vows. (ସତ୍ୟପାଳକ, ସତ୍ୟପାଳୟିତା—ବିଣ. ପୁଂ) (ସତ୍ୟପାଳନା—ଦେ. ରୁଅ)

ସତ୍ୟ ପାଳିବା—ଦେ· କି—ସତ୍ୟ ବା ଧର୍ମତଃ କରିଯାଇଥିବା ଅଙ୍ଗୀ- Satya pālibā କାରକୁ କାର୍ଯ୍ୟରେ ପରିଣତ କରିବା— ସତ୍ୟ ପାଳା [सत्य पालना To carry out one's vow; to keep one's promise.

ସତ୍ୟପୀର—ଦେ. ବ—୧ । ସତ୍ୟନାରାୟଣ (ଦେଖ)—1. Satya- Satyapīra nārāyaṇa (See). ୨ । (ପୁଂ) ଲୋକକୁ ସତ୍ୟପୀର ଦଥପିବା ନାମ—A name given to (ସତ ପୀର ଗୋସ [ସ୍ପେ]ଇଁ – ଅନ୍ୟରୂପ) males.

Digitized by srujanika@gmail.com

ସତ୍ୟପୁର—ସ. ବ—ସତ୍ୟଲୋକ (ଦେଖ)
Satyapura Satyaloka (See)

ସତ୍ୟପ୍ରତିଜ୍ଞ—ସ. ବହୁ. ପୁଂ (ବହୁବ୍ରୀ.); ସତ୍ୟ+ପ୍ରତିଜ୍ଞା; ସତ୍ୟ ଅଟେ ପ୍ରତିଜ୍ଞା ଯାହାର)—୧ । ଯେ ପ୍ରତିଜ୍ଞାପାଳନ
Satyapratijña (ସତ୍ୟପ୍ରତିଜ୍ଞା—ସ୍ତ୍ରୀ) ବିଷୟରେ ଅଟଳ—1. Rigid or unalterable in the keeping of one's promise.
୨ । ଦୃଢ଼ପ୍ରତିଜ୍ଞ—2. Resolute.

ସତ୍ୟ ପ୍ରତିଜ୍ଞା—ସ. ବହୁ. ସ୍ତ୍ରୀ (ସତ୍ୟ ପ୍ରତିଜ୍ଞ+ସ୍ତ୍ରୀ, ଅ)—ସତ୍ୟପ୍ରତିଜ୍ଞର
Satyapratijñā ସ୍ତ୍ରୀଲିଙ୍ଗ—The feminine of Satyapratijña. ଦେ. ବ (କରଣଅ)—୧ । ଶପଥ; ମୁଁ ଯାହା ଜାଣୁଛି ଏହା ସତ ବୋଲି ଶପଥ କରିବା; ଦୃଢ଼ତା—1. Swearing to the truth of one's statement; statement on oath. ୨ । ଏଫିଡେଭିଟ୍; ମୁଚୁଲକା; ଲିଖିତ ଦଲିଲରେ ଲେଖାଥିବା ବିଷୟ ସତ ଥିବା ବିଷୟରେ ଲେଖକର ଶପଥ—2. Affidavit; sworn testimony. ୩ । ମକଦ୍ଦମାରେ ପକ୍ଷମାନେ (ଅର୍ଥାତ୍ ବାଦୀ ତାହାର ଅରଜର ଶେଷରେ, ପ୍ରତିବାଦୀ ତାହାର ଜବାବର ଶେଷରେ ଓ ଦରଖାସ୍ତକାରୀ ତାହାର ଦରଖାସ୍ତର ଶେଷରେ) କଚିରରେ ଦାଖଲ କରିବା ଅରଜ ଅଦର ପ୍ରାନ୍ତରେ ଲେଖିବା ଧର୍ମତଃ ଶପଥ ବାକ୍ୟ; ସତ୍ୟଖାତ—3. Verification at the end of a plaint or a written statement or of a petition filed in court.
ଦ୍ର—ଆଇନ୍ ଅନୁସାରେ ନମ୍ନଲିଖିତ ଆକାରରେ ସତ୍ୟପ୍ରତିଜ୍ଞା ବା ସତ୍ୟଖାତ ଲେଖାଯାଏ—
ଆମ୍ଭେ ଅମୁକ ଅଜ ଅମୁକ ତାରିଖରେ ଅମୁକ ମୁକାମରେ ଉପସ୍ଥିତ ହୋଇ ଧର୍ମତଃ ପ୍ରତିଜ୍ଞା କରୁଅଛୁଁ କି, ଏଥି ଲିଖିତ ଅମୁକ ଅମୁକ ଦଫାର ବିଷୟମାନ ଆମ୍ଭ ଜ୍ଞାନମତେ ସତ୍ୟ ଅଟେ ଓ ଅମୁକ ଅମୁକ ଦଫାର ବିଷୟମାନ ଆମ୍ଭର ବିଶ୍ୱାସମତେ ସତ୍ୟ ଅଟେ ।
ବିଶିଷ୍ଟରୂପେ ଜମଜାଇ,ାନ୍ତ ନ ହେଲେ କୌଣସି ତାରପରଦାଜ ବା ଏଟର୍ଣ୍ଣି ସ୍ୱାମୀ (Principal)ଙ୍କ ପକ୍ଷରୁ ସତ୍ୟପ୍ରତିଜ୍ଞାରେ ଦସ୍ତଖତ୍ କରି ପାରନ୍ତି ନାହିଁ ।]

ସତ୍ୟପ୍ରସନ୍ନ ସିଂହ—ଦେ. ବ (ନାମ)—ସ୍ୱର୍ଗତ ମାନ୍ୟବର ଲର୍ଡ଼
Satyaprasanna simha ଏସ୍. ପି. ସିଂହ ବା ଲର୍ଡ଼ ସିନ୍‌ହା—The late Lord S. P. Sinha of Raipur. [ଦ୍ର—ଏ ବଙ୍ଗ ପ୍ରଦେଶରେ ବୀରଭୂମି ଜିଲ୍ଲାର ରଘୁପୁର ଗ୍ରାମରେ ବଙ୍ଗୀୟ କାୟସ୍ଥ କୁଳରେ ୧୮୬୩ ସାଲରେ ଜନ୍ମଗ୍ରହଣ କରି ଏଫ୍. ଏ. ପାଶ୍ କରି କଲିକତା ଯାଇ ସେଠାରେ ଲିନ୍‌କଲ୍‌ନ୍ସ୍ ଇନ୍ (Lincoln's Inn) ନାମକ ବାରିଷ୍ଟର୍ ଶିକ୍ଷାଭବନରୁ ୧୮୮୨ ରେ ବାରିଷ୍ଟର୍ ପାଶ୍ କରି କଲିକତା ହାଇକୋର୍ଟରେ ବାରିଷ୍ଟରୀ ବ୍ୟବସାୟ କଲେ, ଓ ୧୯୦୪ ସାଲରେ ହାଇକୋର୍ଟରେ ପ୍ରଥମ Standing Council (ସରକାର ପକ୍ଷସମର୍ଥକ ଓକିଲ୍) ପଦରେ Advocate General (ପ୍ରାଦେଶିକ ସରକାରଙ୍କ ପ୍ରଧାନତମ ବାରିଷ୍ଟର) କାର୍ଯ୍ୟରେ ନିଯୁକ୍ତ ହୋଇ ୧୯୦୭ ସାଲରେ ବଡ଼ଲାଟଙ୍କ ଶାସନ ସଭା (Executive Council) ର (Law member) ଆଇନ୍ ସଚିବ ରୂପେ ନିଯୁକ୍ତ ହେଲେ । ସ୍ୱରାଜ୍ୟସ୍ଥାନଙ୍କ ମଧ୍ୟରେ ଏ ପ୍ରଥମେ ଏହି ଉଚ୍ଚ ପଦ ଲାଭ କରିଥିଲେ । ତତ୍‌ପରେ ବଲ୍ଲଭର ପାର୍ଲିଆମେଣ୍ଟ୍ ସଭାରେ ସ୍ୱରାଜ୍ୟ ସଚିବ (Under Secretary) ରୂପେ କାର୍ଯ୍ୟ କରି ସେଠାରେ ସମ୍ରାଟଙ୍କଠାରୁ (Lord Sinha of Raipur) ଲର୍ଡ଼ ଉପାଧି ପାଇ ସ୍ୱରାଜ୍ୟକୁ ଆସି ବିହାର ଓଡ଼ିଶାର ଲାଟ୍ (Governor) ହେଲେ । ଏ ଉଚ୍ଚପଦବୀ ପ୍ରାପ୍ତ ସ୍ୱରାଜବାସୀଙ୍କ ମଧ୍ୟରୁ ଏ ପ୍ରଥମ ପାଇଥିଲେ ଓ ଅଦ୍ୟାବଧି ଅନ୍ୟ କେହି ସ୍ୱରାଜ୍ୟ ଏ ଲର୍ଡ଼ ପଦବୀ ପାଇ ନାହାନ୍ତି । ତତ୍‌ପରେ ଶାସ୍ତ୍ରୀୟକ ଅସୁସ୍ଥତା ବଶତଃ ଲାଟ ପଦରୁ ଅବସର ନେଇ କେତେକ ଦିନ ବଙ୍ଗଦେଶରେ ଓକିଲତି କରି ବଲ୍ଲଭରେ ଏ ରହିଥିଲେ । ଏ ବାରିଷ୍ଟରୀ କରିବା ସମୟରେ ସ୍ୱରାଜ୍ୟ କାଙ୍ଗ୍ରେସ୍ ମହାସଭା ଜାତୀୟ (Indian National Congress) ର ସଭାପତି ରୂପେ ସ୍ୱରାଜବାସୀଙ୍କୁ ସ୍ୱରାଜ୍ୟ ଓ ସାମରିକ ବିଭାଗର ଉଚ୍ଚ ପଦରେ ନିଯୁକ୍ତ କରିବା ପାଇଁ ମତ ପ୍ରକାଶ କରିଥିଲେ । ଏ ସମୟ ଜାତିସଂଘର ଅନୁର୍ଜାତୀୟ ସଂଘ (League of Nations) ରେ ସ୍ୱରାଜ୍ୟ ଜନସାଧାରଣ (The people of India) ଙ୍କର ପ୍ରତିନିଧି ରୂପେ ବଡ଼ଲାଟଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ଲର୍ଡ଼ ମର୍ଲି ଓ ମିଣ୍ଟୋଙ୍କ ଅମଳରେ ସ୍ୱରାଜ୍ୟକୁ ଯେଉଁ ଶାସନ-ସଂସ୍କାରମାନ ମିଳିଥିଲା ପାର୍ଲିଆମେଣ୍ଟ୍ ପ୍ରଦାନ କରିଥିଲେ, ତତ୍‌ସମ୍ବନ୍ଧେ ଏ କଥା ଆଲୋଚନା କରିଥିଲେ ଓ ଉକ୍ତ ସଂସ୍କାର ସମ୍ବନ୍ଧୀୟ ଆଇନକୁ ବଲ୍ଲଭର ପାର୍ଲିଆମେଣ୍ଟର ଲର୍ଡ଼ସଭା (House of Lords) ରେ ଏ ଦେଶ କରିଥିଲେ । ପାର୍ଲିଆମେଣ୍ଟର ଲର୍ଡ଼ସଭା (House of Lords) ର ସଭ୍ୟ ରୂପେ ଏହାକୁ ସମାପ୍ତ ପ୍ରତିପନ୍ନ କରିଥିଲେ ।

ତତ୍‌ପରେ ଏ ବଲ୍ଲଭର ପ୍ରିଭିକାଉନ୍ସିଲ୍ ବା ଚୂଡ଼ାନ୍ତ ବିଚାରାଳୟର ବିଚାରପତ୍ତି ରୂପେ ସମ୍ରାଟଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ ।

ଏହାଙ୍କର ଜ୍ୟେଷ୍ଠ ପୁତ୍ର ଏଚ୍. ପି. ସିନ୍‌ହା ବଲ୍ଲଭରୁ ଚିକିତ୍ସା ବିଦ୍ୟାରେ ଉତ୍ତୀର୍ଣ୍ଣ ହୋଇ ସିବିଲ୍ ସର୍ଜନ୍ (Civil Surgeon) ବା ଉଚ୍ଚ ସାହେବ କାର୍ଯ୍ୟ କରି ଅବସର ଗ୍ରହଣ କରି ଅଛନ୍ତି । ଏହାଙ୍କ ଦ୍ୱିତୀୟ ପୁତ୍ର ଲର୍ଡ଼ ସିଂହ ଉତ୍ତରାଧିକାରୀ ହୋଇଅଛନ୍ତି ।]

Digitized by srujanika@gmail.com

ସତ୍ୟପ୍ରସାଦ ସର୍ବାଧିକାରୀ—ଦେ. ବ. (ନାମ)—ବଙ୍ଗ ଦେଶର ଜଣେ
Satyaprasāda Sarbādhikārī ସୁନାମଧନ୍ୟ ପ୍ରଖ୍ୟାତ ସ୍ୱର୍ଗୀୟ ବ୍ୟକ୍ତି
Name of a late celebrated Bengalee doctor. [ତ—ଏ ଦୁଗୁଲ ଜିଲ୍ଲାରେ ୧୮୫୮ ରେ ଜନ୍ମଗ୍ରହଣ କରିଥିଲେ । ଏ କଲିକତା ମେଡ଼ିକାଲ୍ କଲେଜରୁ ପାଶ୍ କରି କଲିକତାରେ ଡାକ୍ତରି କରୁଥିଲେ । ଏ ବଲ୍ଲଭର ସ୍ୱୟଂପ୍ରକାଶ ସଙ୍ଘର ମେମ୍ବର ଜଳଚର ଦୋଇ—ପୃଥିବୀ ବ୍ୟାପୀ ଫ୍ରୀ ମାସନ୍ (Free mason) ନାମକ ସାଙ୍କେତିକ ଜ୍ଞାନ ଉଦ୍ଦାର ଧର୍ମ ସମ୍ପ୍ରଦାୟରେ ପୋଟିଏ ଉଚ୍ଚପଦ (Part-assistant Grand Director of Ceremonies of England) ଲାଭ କରିଥିଲେ । ଅନ୍ୟ ଧାରଣାବାଦୀଙ୍କ ଦୃଷ୍ଟିରେ ଏ ସାମ୍ପ୍ରଦାୟିକ ଉଚ୍ଚ ପଦବୀ ଅଳଯାଏ ଘଟିନାହିଁ ।]

ସତ୍ୟପ୍ରାଣ—ବ.ବ.ସ.—(ବହୁବ୍ରୀହି, ସତ୍ୟ ଅର୍ଥେ ପ୍ରାଣ ଯାହାଙ୍କର)—
Satyaprāṇa ସତ୍ୟୈକନିଷ୍ଠ; ଯେ ସତ୍ୟ କହିବା ଓ ସତ୍ୟ
(ସତ୍ୟପ୍ରାଣା—ସ୍ତ୍ରୀ) ପାଳନ କରିବା ପାଇଁ ଜୀବନକୁ ଉତ୍ସର୍ଗ
କରିଅଛନ୍ତି— A person whose life is dedicated to the pursuit of truth and to the performance of his vows.

ସତ୍ୟପ୍ରିୟ—ବ. ବ୍ରୀ.ସ.—(ବହୁବ୍ରୀହି; ସତ୍ୟ ଅର୍ଥେ ପ୍ରିୟ ଯାହାର)—
Satyapriya ବି । ସତ୍ୟବାଦୀ—1. Truthful. ବି ।
(ସତ୍ୟପ୍ରିୟା—ସ୍ତ୍ରୀ) ସତ୍ୟାନୁରାଗୀ—2. Attached to
(ସତ୍ୟପ୍ରିୟତା—ବ) truth.

ସତ୍ୟଫଳ—ବ. ବ—ବଲ୍ଲବୃକ୍ଷ; ଶ୍ରୀଫଳ—The Bael tree;
Satyaphala Aegle Marmelos.

ସତ୍ୟବକ୍ତା—ବ. ବ୍ରୀ. ସ୍ତ୍ରୀ—ସତ୍ୟବାଦୀ—
Satyabaktā Truthful.
(ସତ୍ୟବକ୍ତ୍ରୀ—ସ୍ତ୍ରୀ) (ସତ୍ୟବକତା—ଦେ. ରୂପ)

ସତ୍ୟ ବଚନ—ବ. ବ (କର୍ମଧା)—ସତ୍ୟକଥା—
Satya bachana True words.

ସତ୍ୟବଚାଃ—ବ. ବ୍ରୀ. ସ୍ତ୍ରୀ ଓ ସ୍ତ୍ରୀ (ବହୁବ୍ରୀହି; ସତ୍ୟ+ବଚସ୍; ସତ୍ୟ
Satyabachāḥ ଅର୍ଥେ ବଚସ୍=ବାକ୍ୟ ଯାହାର)—
(ସତ୍ୟବାଚ୍—ଅନ୍ୟରୂପ) ସତ୍ୟବାଦୀ—Truthful. ବ—
ଋଷି; ମୁନି—A sage; hermit.

ସତ୍ୟବତୀ—ବ. ବ୍ରୀ. ସ୍ତ୍ରୀ (ସତ୍ୟବତ୍ +ସ୍ତ୍ରୀ. ଈ; ସତ୍ୟବତ୍ ଶବ୍ଦର
Satyabatī ସ୍ତ୍ରୀ ଲିଙ୍ଗ)—ସତ୍ୟବାଦିନୀ—The feminine of satyabat; Truthful (woman). ବ. ସ୍ତ୍ରୀ—
୧ । ବ୍ୟାସ ଜନନୀ; ଶାନ୍ତନୁଙ୍କର ଦ୍ୱିତୀୟା ପତ୍ନୀ—
1. Name of the 2nd wife of 'Sāntanu' and mother of sage 'Byāsa'.
[ଦ୍ର—ବ୍ୟାସଜନନୀଙ୍କର ବାଲ୍ୟ ନାମ ମତ୍ସ୍ୟଗନ୍ଧା । ଏ ବସୁବ୍ରଜଙ୍କ ଔରସରେ ମତ୍ସ୍ୟରୂପା ଅଦ୍ରିକା ନାମ୍ନୀ ଅପ୍ସରାଙ୍କ ଗର୍ଭରୁ ଜନ୍ମିଥିଲେ । ମତ୍ସ୍ୟର ଗର୍ଭରୁ ଜନ୍ମିଥିବାରୁ ଏହାଙ୍କ ଦେହରୁ ମତ୍ସ୍ୟଗନ୍ଧ ଥିଲା । (ସେଥିପାଇଁ ଏହାଙ୍କ ନାମ ମତ୍ସ୍ୟଗନ୍ଧା) । ଜନ୍ମ ପରେ ବସୁବ୍ରଜ ଏହାଙ୍କୁ ଲାଳନପାଳନାର୍ଥ ଦାସବ୍ରଜ (ଦୈବଜ୍ଞ)ଙ୍କୁ ଅର୍ପଣ କରିଥିଲେ । ଏ ବସୁଃପ୍ରାପ୍ତ । ଦୈବଜ୍ଞରୁ ଦାସବ୍ରଜ ଏହାଙ୍କୁ ଯମୁନା ନଦୀ ଘାଟରେ ଓଟ ଚରାଣିଲନର କର୍ମରେ ରଖିଲେ । ଏହି ଅବସ୍ଥାରେ ଦେବ ପରାଶର ମୁନି ଯମୁନା ନଦୀ ପାର ହେବା ସମୟରେ ଏହାଙ୍କ ରୂପରେ ମୁଗ୍ଧ ହୋଇ ସଙ୍ଗମ ଲାଳସାରେ ଯୋଗ ସମ୍ଭବା-ଦଳରେ ଏହାଙ୍କ ଦେହରୁ ମତ୍ସ୍ୟଗନ୍ଧ ଦୂରଇତ କରି ଏହାଙ୍କ ଦେହକୁ ପଦ୍ମଗନ୍ଧମୟ କଲେ । ପରାଶରଙ୍କ ଔରସରେ ଏହାଙ୍କ ଗର୍ଭରୁ ବ୍ୟାସଦେବ ଜନ୍ମ ହୋଇଥିଲେ । ଏହା ସତ୍ୟବତୀଙ୍କ ଜୀବନର ପ୍ରଥମ ଅଧ୍ୟାୟ ।

ବେଶେ ଦିନ ପରେ ଗଙ୍ଗା ଦେବୀଙ୍କ ସ୍ୱାମୀ ଓ ଦେବବ୍ରତ (ପରବର୍ତ୍ତୀ ନାମ ଭୀଷ୍ମ)ଙ୍କ ପିତା ଶାନ୍ତନୁବ୍ରଜ ସତ୍ୟବତୀଙ୍କ ଦେହର ପଦ୍ମଗନ୍ଧ ଦ୍ୱାରା ଆକୃଷ୍ଟ ହୋଇ ଏହାଙ୍କୁ ବିବାହ କରିବା ପାଇଁ ପ୍ରସ୍ତାବ କରି ଦାସବ୍ରଜଙ୍କ ଜଳଚରେ ଉପସ୍ଥିତ ହେବାରୁ ଦାସବ୍ରଜ ଶାନ୍ତନୁଙ୍କୁ କହିଲେ—ଋଷିଶ ଯେତେବେ ଋଷିଙ୍କ ଔରସରେ ଏହି କନ୍ୟା ଗର୍ଭରୁ ଜାତ ସନ୍ତାନକୁ ଋଷିଙ୍କ ଅନ୍ତେ ସିଂହାସନର ଅଧିକାର ଦେବାକୁ ସତ୍ୟ କରିବେ ତେବେ ଏ କନ୍ୟାକୁ ଋଷିଙ୍କ ହସ୍ତରେ ଅର୍ପଣ କରିବି; ନଚ୍ଚୁ ପ୍ରଥମା ପତ୍ନୀ ଗଙ୍ଗାଙ୍କ ଗର୍ଭଜାତ 'ଦେବବ୍ରତ' ଥାଇଁ ଥାଇଁ ଶାନ୍ତନୁ ଏଥର ପ୍ରତିଜ୍ଞା କରିବାକୁ ଅସମର୍ଥ ହୋଇ ନିରାଶ ହୃଦୟରେ ସ୍ୱଜ୍ୟକୁ ଫେରି ଆସିଲେ । ଏଣେ ପିତୃଭକ୍ତ ଦେବବ୍ରତ ପିତାଙ୍କ ମନୋ-ଦୁଃଖର କାରଣ ଅନୁସନ୍ଧାନ ଦ୍ୱାରା ଜାଣି ପାର ସ୍ୱୟଂ ଦାସବ୍ରଜଙ୍କ ଜଳଚରେ ଉପସ୍ଥିତ ହୋଇ ସତ୍ୟବତୀ ପ୍ରତିଜ୍ଞା କଲେ ଯେ,ଦାସବ୍ରଜଙ୍କ ଅଭିଳାଷ ପୂର୍ଣ୍ଣ କରିବା ଉଦ୍ଦେଶ୍ୟରେ ସେ ପିତାଙ୍କ ମୃତ୍ୟୁ ପରେ କଦାପି ପିତୃ ସିଂହାସନ ଅଧିକାର ନ କରି ସତ୍ୟବତୀଙ୍କ ସନ୍ତାନମାନଙ୍କୁ ଉକ୍ତ ସିଂହାସନରେ ବସାଇବେ ଓ ସ୍ୱୟଂ ଚରଦିନ ରହିବେ । ଦେବବ୍ରତ ଏହି 'ଭୀଷ୍ମ ପ୍ରତିଜ୍ଞା' କରି ତାହା ପାଳନ କରିଥିବାରୁ ତଦବଧି ତାଙ୍କ ନାମ ଭୀଷ୍ମ ହେଲା । ଦାସବ୍ରଜ ଏ ପ୍ରତିଜ୍ଞା ଶୁଣି ସତ୍ୟବତୀଙ୍କୁ ଭୀଷ୍ମଙ୍କ ହସ୍ତରେ ପ୍ରଦାନ କଲେ ଓ ଭୀଷ୍ମ ସତ୍ୟବତୀଙ୍କୁ ଆଣି ପିତୃଦେବଙ୍କ ଚରଣରେ ଅର୍ପଣ କଲେ । କାଳକ୍ରମେ ସତ୍ୟବତୀଙ୍କ ଗର୍ଭରୁ ଶାନ୍ତନୁଙ୍କ ଔରସରେ ଚିତ୍ରାଙ୍ଗଦ ଓ ବିଚିତ୍ରବୀର୍ଯ୍ୟ ନାମକ ଦୁଇଟି ପୁତ୍ର ଜନ୍ମ ହେଲେ । ଶାନ୍ତନୁଙ୍କ ଅନ୍ତେ ଭୀଷ୍ମ ଚିତ୍ରାଙ୍ଗଦଙ୍କୁ ସିଂହା-ସନରେ ବସାଇଲେ, କିନ୍ତୁ ଚିତ୍ରାଙ୍ଗଦ ଅଳ୍ପଦିନ ପରେ ଗନ୍ଧର୍ବମାନ ହୋଇ ମୃତ ହେବାରୁ ଭୀଷ୍ମ ତାଙ୍କ ଜନିଷ୍ଠ ବିଚିତ୍ରବୀର୍ଯ୍ୟଙ୍କୁ ସିଂହା ଦେଲେ । ସତ୍ୟେ ବାଣୀଗ୍ରହଣ କନ୍ୟା ଅମ୍ବାଳିକାଙ୍କୁ ଓ ଅମ୍ବିକାଙ୍କୁ ସ୍ୱୟମ୍ବର ସଭାରୁ ହରଣ କରି ଆଣି ବିଚିତ୍ରବୀର୍ଯ୍ୟଙ୍କୁ ବିବାହ ଦେଲେ । ଦୈବଗତ୍ୟା ବିଚିତ୍ରବୀର୍ଯ୍ୟ ମଧ୍ୟ କ୍ଷୟରୋଗ ହୋଇ ମୃତ ହେଲେ । ଅପଣାର କୁଳ ଲୋପ ହେବା ଦେଖି ସତ୍ୟବତୀ ଅତି ଦୁଃଖିତା ହୋଇ ଭୀଷ୍ମଙ୍କ ସମ୍ମର୍ଶରେ ସ୍ୱୀୟ ଜ୍ୟେଷ୍ଠ ପୁତ୍ର

Digitized by srujanika@gmail.com

ବ୍ୟାସ ଦେବଙ୍କୁ ଜନ୍ମକ୍ଷଣ କରି ତାଙ୍କ ସାହାଯ୍ୟରେ ନିୟୋଗ ବିଧି ଦ୍ୱାରା ମୃତ ବିଚିତ୍ରବୀର୍ଯ୍ୟଙ୍କ ଔରସରେ (ଅମ୍ବିକା ଓ ଅମ୍ବାଳିକାଙ୍କ ଗର୍ଭରେ) ଧୃତରାଷ୍ଟ୍ର ଓ ପାଣ୍ଡୁ ନାମକ ପୁତ୍ରଦ୍ୱୟଙ୍କୁ ଉତ୍ପାଦନ କରାଇ ଶାନ୍ତନୁଙ୍କ ବଂଶ ରକ୍ଷା କଲେ । ଦୌହିତ୍ରଦ୍ୱୟ ବୟଃପ୍ରାପ୍ତ ହେବା ପର୍ଯ୍ୟନ୍ତ ସତ୍ୟବତୀ ଭୀଷ୍ମଙ୍କ ଅଞ୍ଚଳରେ ରହିଥିଲେ । ଧୃତରାଷ୍ଟ୍ର ବଡ଼ ପୁଅ ଥିଲେହେଁ ଜନ୍ମାନ୍ଧ ଥିବାରୁ ରାଜ୍ୟ ପାଣ୍ଡୁ ରାଜା ହେଲେ, କିନ୍ତୁ ଦୈବଗତ୍ୟା 'ଅଚାଲକାଣ୍ଡ' କଥାଳେ ବାଛିବାରୁ ପାଣ୍ଡୁ ଅଳ୍ପ ବୟସରେ ମୃତ ହେଲେ । ପାଣ୍ଡୁଙ୍କ ମୃତ୍ୟୁ ପରେ ସତ୍ୟବତୀ ପୁତ୍ରବଧୂ ଦ୍ୱୟଙ୍କ ସହ ବନବାସ ଆଶ୍ରୟ କରି ତପଶ୍ଚରଣରେ ନିଯୁକ୍ତା ହୋଇ ଦେହ ତ୍ୟାଗ କଲେ ।] ୨ । ନାରଦ ମୁନିଙ୍କ ପତ୍ନୀ—2. Name of the wife of sage 'Nārada'. ୩ । ବିଶ୍ୱାମିତ୍ରଙ୍କ ଭଉଣୀ; ରୁଚିକ ଋଷିଙ୍କ ପତ୍ନୀ ଓ ଶୁନଃଶେଫ ଋଷିଙ୍କ ମାତା—3. The sister of 'Biswāmitra' and wife of sage 'Ruchika'. [ଦ୍ର—ତପୋବଳରେ ଏ ଦେହରେ ସଶରୀର ସ୍ୱର୍ଗାରୋହଣ କରିବା ପରେ ପୃଥିବୀର ଦୁଃଖୀ କାମନାରେ ସ୍ରୋତସ୍ୱତୀ ରୂପେ ହିମାଳୟରୁ ପ୍ରବାହିତ ହୋଇ 'କୌଶିକୀ' ନାମ ଧାରଣ କଲେ । କୌଶିକୀ ହିମାଳୟରୁ ପ୍ରବାହିତ ହେଉଥିବା ବିହାର ପ୍ରଦେଶାନ୍ତର୍ଗତ ନଦୀବିଶେଷ । ଏହା ଭାଗଲପୁରର କିଛି ଦୂର ତଳେ ଯମୁନାରେ ଗଙ୍ଗା ନଦୀ ସଙ୍ଗେ ମିଶି ଅଛି ।]

ସତ୍ୟବତୀ ସୁତ—ସ. ବି. ପୁଂ (୬ଷ୍ଠୀ ତତ୍ପୁ)—ବ୍ୟାସ ଦେବ—Satyabatī suta The sage Byāsa.

ସତ୍ୟବନ୍ତ—ଦେ. ବିଣ. (ସ. ସତ୍ୟବତ୍ ଶବ୍ଦର ୧ମା ବହୁବ୍ରୀ, ବହୁ Satyabanta ବଚନରେ ଅକାର 'ସତ୍ୟବନ୍ତଃ')—[ସତ୍ୟବନ୍ତୀ(ନ୍ତୀ)—ସ୍ତ୍ରୀ] ୧ । ସତ୍ୟବାଦୀ—1. Truthful. ସତ୍ୟବନ୍ତ ୨ । ଯେ ସତ୍ୟ ପାଳନ କରେ—2. True to one's promise or vow. [ଉ—ଉତ୍ତର ବଂଶେ ହେଲେ ଏହାର ନୃପତି, ସତ୍ୟବନ୍ତ ଯେ ମହାରଥ ସେ ସତ୍ୟବାନ୍ ଅତିଶୟ । କୃତ୍ତିବି. ମହାପ୍ରସ୍ଥାନ ।] ବ. ପୁଂ—**ସତ୍ୟବାନ** ସତ୍ୟବାନ୍; ସାବିତ୍ରୀଙ୍କ ସ୍ୱାମୀ—Satyabān; the husband of 'Sābitrī.' [ଉ—ଏ ରୂପେ ବରଷ ସମ୍ପୂର୍ଣ୍ଣେ ସତ୍ୟବନ୍ତ, ଦେହରେ କାଳ ଅସି ହେଲା ଜୀବଗତ । କୃତ୍ତିବି. ମହାପ୍ରସ୍ଥାନ. ବନ ।]

ସତ୍ୟବନ୍ତୀ—ଦେ. ବିଣ ପୁଂ. ଓ ସ୍ତ୍ରୀ—ସତ୍ୟବନ୍ତ (ଦେଖ) Satyabantā Satyabanta (See)

ସତ୍ୟବାକ୍—ସ. ବିଣ. ପୁଂ (ବହୁବ୍ରୀହି; ସତ୍ୟ ଅଟେ ବାକ୍ ଯାହାର)—Satyabāk ସତ୍ୟବାଦୀ—Truthful. ବ—୧ । ମୁନି; ଋଷି—(ସତ୍ୟବାଚୀ—ସ୍ତ୍ରୀ) 1. Sage. ୨ । କାମୁଡ଼; କାକ—(ସତ୍ୟବାକ—ଦେ. ରୂପ) 2. Crow.

ସତ୍ୟବାଦିତା—ସ. ବିଣ (ସତ୍ୟବାଦିନ୍ ଶବ୍ଦ; ସତ୍ୟ+ବଦ୍. ଧାତୁ+କର୍ତ୍ତୃ. ଇନ୍)—ସତ୍ୟଭାଷୀ; ଯେ ସତ୍ୟ କହେ—(ସତ୍ୟବାଦିତା—ସ୍ତ୍ରୀ) Truthful; speaking the truth

ସତ୍ୟବାଦୀ—ବି—୧ । ମୁନି—1. Sage. ୨ । କାମୁଡ଼; କାକ—2. Crow. ଦେ. ବି. ପୁଂ—୧ । ପୁରୁଷଙ୍କୁ ଦିଆଯିବା ନାମ—1. A name given to males. ୨ । ପୁରୀ ଜିଲ୍ଲା ଅନ୍ତର୍ଗତ ସୁନ୍ଦାଟ ପ୍ରଗନ୍ନାର ସୁପ୍ରସିଦ୍ଧ ଗ୍ରାମ—2. Name of a village in Puri district. [ଦ୍ର—ଏହା ପୁରୀଠାରୁ କଟକ ଅଡ଼ରୁ ଅସିଥିବା ଜଗନ୍ନାଥ ସଡ଼କର ବାକଟରେ ପୁରୀଠାରୁ ୧୦ ମାଇଲ ଦୂରବର୍ତ୍ତୀ ଜୟପୁର ନାମକ ଗ୍ରାମର ଅଧମାଇଲ ପଶ୍ଚିମରେ ଅବସ୍ଥିତ । ଏଠାରେ ଶ୍ରୀ ଗୋପୀନାଥ ବା ସାକ୍ଷୀଗୋପାଳ ନାମକ ଶ୍ରୀକୃଷ୍ଣବିଗ୍ରହଙ୍କ ମନ୍ଦିର ଅଛି । ଏଥିପାଇଁ ଏ ସ୍ଥାନର ନାମ ମଧ୍ୟ ସାକ୍ଷୀଗୋପାଳ ହୋଇଅଛି ଓ ଏହି ଗ୍ରାମର ପ୍ରସିଦ୍ଧି ଯୋଗୁଁ ଜୟପୁର ମୌଜାରେ ଅବସ୍ଥିତ ଡାକ୍ତରଖାନା, ଡାକଘର, ଥାନା ଆଦି ପତ୍ରରୁ ସତ୍ୟବାଦୀ ଶବ୍ଦ ଲଗାଇ ଲେଖାଯାଏ । ଏଠାରେ ଦେବତା 'ସାକ୍ଷୀଗୋପାଳ'ଙ୍କ 'ସତ୍ୟବାଦୀ ଗୋପୀନାଥ' ଓ 'ଗୋପାଳଜୀଉ' ବା 'ଗୋପାଳଜୀ' ବୋଲି ଲୋକେ ଡାକନ୍ତି । ଏହି ବିଗ୍ରହଙ୍କୁ ପୁରୁଷୋତ୍ତମଦେବ କାଞ୍ଚିବିଜୟ କରି ସେଠାରୁ ଅଣି କଟକରେ ରଖିଥିଲେ ଓ ଶ୍ରୀ ଚୈତନ୍ୟଦେବ ଏହାଙ୍କୁ କଟକଠାରେ ଦେଖିଥିଲେ । ତତ୍ପରେ କେତେକ ଦିନ ଏ ବିଗ୍ରହ ପୁନଃପ୍ରତିଷ୍ଠାର ରଥିପୁର ଓ କଲ୍ୟାଣବାଇରେ ରଖାଯାଇଥିଲେ ଓ ସେଠାରେ ମଧ୍ୟ ଏ ପର୍ଯ୍ୟନ୍ତ ଜଣେ ଠାକୁରଙ୍କର ଭୁଲ୍ଲା ଓ ଉଙ୍ଗା ଦେଉଳମାନ ଅଛି । ଏହାଙ୍କର ବର୍ତ୍ତମାନ ମନ୍ଦିର ସତ୍ୟବାଦୀଠାରେ ଏକ ପ୍ରକାଣ୍ଡ (୯ ବାହି ୯ ମାଣ ୯ ଗୁଣ ୯ ହାତ ଜମିରେ ଥିବା) ବହୁଳ ଜୀପବନ ମଧ୍ୟରେ ଅଳ୍ପକ ଅଦାଜ ୧୫୦ ବର୍ଷ ହେବ ନିର୍ମିତ ହୋଇଅଛି । ପୂର୍ବେ ଏ ମନ୍ଦିରର ଚତୁଃପାର୍ଶ୍ୱରେ ଗୃହ ଓ ବସତି ଆଦି ନ ଥିଲା । ସେହି କି, ଏହାଙ୍କ ସେବକମାନଙ୍କ ବସତି ଦେଉଳଠାରୁ ଅଧମାଇଲ୍ ଦୂରରେ ଅବସ୍ଥିତ । ଏ ଦେବତାଙ୍କ ସେବା ନିମନ୍ତେ ଓ ସେବତଙ୍କ ଜାଗିର ନିମନ୍ତେ ଓଡ଼ିଶାର ରାଜାମାନେ ଅନେକ ଭୂସମ୍ପତ୍ତି ଦେଇଅଛନ୍ତି ଓ ପୂର୍ବେ ଏହାର ତତ୍ତ୍ୱାବଧାରଣର ଭାର ଜଣେ ରାଜବରଦର (ରାଏ ସାହେବ)ଙ୍କ ହସ୍ତରେ ଥିଲା, କିନ୍ତୁ ସେ ମନ୍ଦିରର କାର୍ଯ୍ୟରେ ବିଶୃଙ୍ଖଳା ଦେଖାଇବାରୁ ଇଂରେଜ ଗଭର୍ଣ୍ଣମେଣ୍ଟ ଏ ମନ୍ଦିରର ପରିଚାଳନାର୍ଥ ୧୮୬୩ ସାଲରୁ ୨୦ ଅଇନ ଅନୁସାରେ ପ୍ରଥମେ ୩ ଜଣ ଓ ବର୍ତ୍ତମାନ ୫ ଜଣ ମେମ୍ବର ସମ୍ବଳିତ ଗୋଟିଏ ପରିଚାଳନ କମିଟି (Endowment Committee or Temple Committee) ମୁକରର କରିଅଛନ୍ତି । ବର୍ତ୍ତମାନ ଏହି ଜଣ। ସମସ୍ତଙ୍କର ବାର୍ଷିକ ଅୟ ପ୍ରାୟ ୨୦ ହଜାର ଟଙ୍କା ।

ବର୍ତ୍ତମାନ ଏ ଦେଉଳର ଚତୁର୍ପାଖେ ଅନେକଗୁଡ଼ିଏ ଘର, ଦୋକାନ, ବଜାର, ମନ୍ଦିରଅଫିସ୍, ଧର୍ମଶାଳା, ଜମି ଦେବାରୁ ସ୍ଥାନଟି ବସତିପୂର୍ଣ୍ଣ ଓ ଜନଭାମୟ

Digitized by srujanika@gmail.com

ହୋଇଅଛି । ଦେଉଳର ପଶ୍ଚିମ ପାଖେ ବଡ଼ଜଳ ତୋଳା ମଧ୍ୟରେ କେତେଗୁଡ଼ିଏ ଦେଶକର୍ମୀ ଇଚ୍ଛାଶିତ ବ୍ୟକ୍ତ ୧୫ ବର୍ଷ କାଳ ସରକାର ସାହାଯ୍ୟକୁ ଅପେକ୍ଷା ନ କର ଗୋଟିଏ ଅଦର୍ଶ ବଦ୍ୟାଳୟ ସ୍ଥାପନ କରି ସ୍ୱଗୌରବ ସହିତ ଚାଳନା ପରିଚାଳନ କରିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ ଉତ୍ତରର ଜନ୍-କୋ-ଅପରେସନ୍‌ର ଚେଷ୍ଟାରେ ଏ ବଦ୍ୟାଳୟଟି କିଛିଦିନ ପାଇଁ ଜାତୀୟ ବଦ୍ୟାଳୟରେ ପରିଣତ ହୋଇ ପରେ ଧ୍ୱସ୍ତ ପ୍ରାୟ ହୋଇ ଯାଇଥିଲା; କିନ୍ତୁ ପରେ କେତେକ ଉତ୍ସାହୀ ବ୍ୟକ୍ତିଙ୍କ ଯତ୍ନରେ ଏବେ ଗୋଟିଏ ସରକାର ସାହାଯ୍ୟପ୍ରାପ୍ତ ଢାଞ୍ଚାରେ ଏହା ପରିଣତ ହୋଇଅଛି ।

ଏହି ସ୍ଥାନଟି ସ୍ୱର୍ଗତ କଣ୍ଟାବାସୀ ସ୍ୱର୍ଗୀୟ ଗୋପବନ୍ଧୁ ଦାଶ, ସ୍ୱର୍ଗୀୟ କୃପାସିନ୍ଧୁ ମିଶ୍ର, ପଣ୍ଡିତ ନୀଳକଣ୍ଠ ଦାଶ, ଅଗ୍ନିଯୁଗ ହରିହର ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର ଆଦି ଦେଶକର୍ମୀମାନଙ୍କର ଜାତୀୟ କର୍ମସାଧନାର ଚେଷ୍ଟାସ୍ଥଳୀ ଥିଲା ଓ ଏଠାରେ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ ସାପ୍ତାହିକ, ପରେ ଦୈନିକ, ସମାଦୃତ ପତ୍ର 'ସମାଜ'ର ଜନ୍ମ । ସ୍ଥାନଟି ସ୍ୱତ୍ୱ ଜଜ୍ଜ୍ୱର ବ୍ରାହ୍ମଣ ଶାସନମାନଙ୍କର ପ୍ରାୟ କେନ୍ଦ୍ରସ୍ଥଳରେ ଅବସ୍ଥିତ ।

ଏହାର ପଶ୍ଚିମବର୍ତ୍ତୀ ଶଙ୍ଖସରୋତ୍ତମପୁର ଶାସନରେ ଅନେକ ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କର ବାସ ଓ ଗୋପାଳପୁର ପଟ୍ଟଣାରେ ଏ ଅଞ୍ଚଳର ପ୍ରସିଦ୍ଧ ପଡ଼େଇବାଲିଆ ମହାଜନ 'ଓଡ଼ା'ବଂଶର ଓ ଜଳଟ୍ଟୁ ଜୟପୁର ଗ୍ରାମରେ ସ୍ଥାପ୍ୟ ଅନ୍ୟ ମହାଜନ 'ଶତପଥୀ'ବଂଶଙ୍କ ବାସସ୍ଥାନ ଅଛି । ସତ୍ୟବାଦୀରେ ଗୋଟିଏ ଦାତବ୍ୟ ଚିକିତ୍ସାଳୟ, ଥାନା, ପୋଷ୍ଟ ଓ ଟେଲଗ୍ରାଫ୍ ଅଫିସ, ଡାକବଙ୍ଗଳା, ବେଙ୍ଗଲ ନାଗପୁର ରେଲୱେର ସ୍ୱତ୍ୱ ଶାଖାର ଗୋଟିଏ ଷ୍ଟେସନ, ଇଉନିୟନ୍ କମିଟି, କେତେ ମାରୁଆଡ଼ି ଓ ସେମନ୍ ମହାଜନଙ୍କ ଗୋଦାମ ଓ ବ୍ୟବସାୟର ଜମିଦାର ଘାଇକଡ଼ା ଷ୍ଟେଟ୍‌ର 'ଲଛବାବୁ'ଙ୍କ କଚରି ଓ ଗୋଟିଏ ସୁରମ୍ୟ ଧର୍ମଶାଳା ଅଛି । ଏହା ମଧ୍ୟ ନଡ଼ିଆ ବ୍ୟବସାୟର ଗୋଟିଏ ପ୍ରଧାନ କେନ୍ଦ୍ରସ୍ଥଳ ଓ ପ୍ରତିବର୍ଷ ଏଠାର ନଡ଼ିଆ-ମହାଜନମାନେ ବହୁ ଲକ୍ଷ ଟଙ୍କାର ନଡ଼ିଆ ବିଭିନ୍ନ ଦେଶକୁ ରେଳଦ୍ୱାର ପଠାନ୍ତି ।

ସତ୍ୟବାଦୀ କମି(ମେ)ଟି —ଦେ. ବ—ସତ୍ୟବାଦୀ ମନ୍ଦିର ପରିଚାଳନାର୍ଥ Satyabādī kami(me)ṭi ଜିଲ୍ଲାଜଜ୍‌ଙ୍କ ଦ୍ୱାରା ୧୮୬୩ ସତ୍ୟବାଦୀ ମନ୍ଦିର କମି(ମେ)ଟି } ଅନ୍ୟରୂପ ସାଲର ୨୦ ଅଇନ
ସତ୍ୟବାଦୀ ଟେମ୍ପଲ କମି(ମେ)ଟି } ଅନୁସାରେ ନିଯୁକ୍ତ
(ବର୍ତ୍ତମାନ ୫ ଜଣ ମେମ୍ବର ସମ୍ବଳିତ) ସମିତି—The Sākhigopāl Endowment Committee appointed by the District Judge under Act 20 of 1863. [ଦ୍ର—ସତ୍ୟବାଦୀଠାରେ ଇଉନିୟନ୍ କମିଟି, ଡାକ୍ତରଖାନା କମିଟି ଅବ ଅନ୍ୟ କମିଟିମାନ ଥିଲେ ମଧ୍ୟ, 'ମନ୍ଦିର କମିଟି' ପ୍ରସିଦ୍ଧ ଥିବାରୁ ସତ୍ୟବାଦୀ କମିଟି କହିଲେ ସାଧାରଣତଃ ସତ୍ୟବାଦୀ ମନ୍ଦିର କମିଟି ବୋଲି ବୁଝେ ।]

ସତ୍ୟବାଦୀ ଗୋପୀନାଥ —ଦେ. ବ·—ସତ୍ୟବାଦୀରେ ଜାତ୍ରତ 'ସାକ୍ଷୀ-ଗୋପାଳ' ବା 'ଗୋପାଳଜୀ' ନାମକ ଶ୍ରୀକୃଷ୍ଣଙ୍କ ବିଗ୍ରହ-ରୂପ The Deity Gopi-nātha at Sākhigopāl.

Satyabādī gopīnātha

ସତ୍ୟବାଦୀ ଗୋପୀନାଥ ଜୀଉ(ଜୀ) } ଅନ୍ୟରୂପ
ସତ୍ୟବାଦୀ ଗୋପୀନାଥ ଦେବ }

(ଦ୍ର—ଏ କଳାମୁଗୁନି ପଥରରେ ନିର୍ମିତ ମନୁଷ୍ୟପ୍ରମାଣ ମୂର୍ତ୍ତି ଅଟନ୍ତି । ଏହାଙ୍କ ବାମ ପାର୍ଶ୍ୱରେ ସମକୋଣ ସୃଷ୍ଟି କରି ପିତ୍ତଳପ୍ରଧାନ ଧାତୁମୟୀ ରାଧିକା ବା ଠାକୁରାଣୀ ମୂର୍ତ୍ତି ବିରାଜିତା । କଥିତ ଅଛି ଯେ, ଏ ମୂର୍ତ୍ତି ପ୍ରଥମେ ବୃନ୍ଦାବନରେ ଥିଲେ । ସେଠାରୁ ପାଶ୍ଚିମାତ୍ୟର ଗୋଟିଏ ବୃଦ୍ଧ ବ୍ରାହ୍ମଣ ଓ ଗୋଟିଏ ଯୁବକ ତୀର୍ଥ କରିବାକୁ ଯାଇ-ଥିଲେ । ସେମାନେ ଏହି ମୂର୍ତ୍ତିଙ୍କୁ ମନ୍ଦିରରେ ଦର୍ଶନ କରୁଥିବାବେଳେ ବୃଦ୍ଧ ବ୍ରାହ୍ମଣ ଅପଣା କନ୍ୟାକୁ ଯୁବକଙ୍କୁ ବିବାହ ଦେବାପାଇଁ 'ସତ୍ୟ' କରିଥିଲେ । ଏହି ଅଙ୍ଗୀକାରକୁ କେବଳ ଗୋପୀନାଥ ମୂର୍ତ୍ତିଙ୍କ ଛଡ଼ା ଅନ୍ୟ କେହି ଶୁଣି ନ ଥିଲେ । କାଳକ୍ରମେ ବ୍ରାହ୍ମଣଦ୍ୱୟ ସ୍ୱଦେଶକୁ ଫେରି ଆସିବାପରେ କେତେକ କାରଣରୁ ବୃଦ୍ଧ ଆପଣାର ସତ୍ୟ ରକ୍ଷା ନ କରିବାରୁ ଯୁବକ ପଞ୍ଚାଏତଙ୍କ ନିକଟରେ ଫେରିଦ ହେଲେ; ପଞ୍ଚାଏତ ଯୁବକକୁ ସାକ୍ଷୀ ଭଲବ କଲେ । ଯୁବକଙ୍କର ଅନ୍ୟ କେହି ସାକ୍ଷୀ ନ ଥିବାରୁ ବୃନ୍ଦାବନର ଗୋପୀନାଥ ମୂର୍ତ୍ତି ତାଙ୍କର ସାକ୍ଷୀଥିବା କଥା କହି ଓ ଦୃଢ଼ ବିଶ୍ୱାସରେ ପ୍ରତ୍ୟୋଦିତ ହୋଇ ତାଙ୍କୁ ବୃନ୍ଦାବନରୁ ଏଠାକୁ ସତ୍ୟରକ୍ଷାରେ ଆଣିବାପାଇଁ ଯୁବକ ବୃନ୍ଦାବନ ଗଲେ ।

ଦେବମୂର୍ତ୍ତିଙ୍କୁ ସ୍ୱଗ୍ରାମକୁ ଆଣିବା ପାଇଁ ଯୁବକ ଅନାହାରରେ ମନ୍ଦିରରେ ଅଧା ପଡ଼ି ଯେତେବେଳେ ମୃତପ୍ରାୟ ହୋଇ ଗଲେ, ସେତେବେଳେ ଶ୍ରୀଗୋପାଳ ଅଳ୍ପ ସହ୍ୟ ନ ପାରି କହିଲେ,—ମୁଁ ତୋ ସାଙ୍ଗ ଯାଇଁ ସାକ୍ଷ୍ୟ ଦେବାକୁ ତୋ ପଛେ ପଛେ ତୋ ଗ୍ରାମକୁ ଯିବି; ତୁ ଆଗେ ଆଗେ ଯାଉଥିବୁ ଓ ମୋ ନୂପୁର କଠାରର ଝୁମୁଝୁମୁ ଶବ୍ଦ ତୋ କାନକୁ ଶୁଭୁଥିବ । ସେହି ଶବ୍ଦରୁ ତୁ ଠାଉରଉଥିବୁ ଯେ, ମୁଁ ତୋ ପଛେ ପଛେ ଯାଉଅଛି; ତୁ ବାଟରେ ହଠାତ୍ ପଡ଼ିବୁ ଫେରି ଯଦି ଗୁହିଁବୁ, ତେବେ ମୁଁ ସେହି ସ୍ଥାନରେ ପାଷାଣ ହୋଇଯିବି ଯାଇ ଅଚଳ ହୋଇଯିବି । ଯୁବକଙ୍କ ଗୋପୀନାଥ ଏତେ ପ୍ରକାର ସାବଧାନ କରିଥିଲେହେଁ ସେ ଅଳ୍ପ ଅଳ୍ପ ବାଟେଣ୍ଟ ନଦୀ ବାଲିରେ ଗୋପୀନାଥଙ୍କ ନୂପୁର କଠାରୁ ବାଲିରେ ପୋତି ହୋଇ ଯାଇ ଝୁମଝୁମଶବ୍ଦ ନ ଶୁଣିବାରୁ ଧୈର୍ଯ୍ୟ ଧରି ନ ପାରି ଯୁବକ ପଛ ପଡ଼ିବୁ ମୁହଁ ବୁଲାଇ ଗୁହିଁ ଦେଲେ । ଦେଖିଲିବେଳକୁ ସେହିଠାରେ ଶ୍ରୀଗୋପୀନାଥ ସତକୁସତ ପାଷାଣମୟୀ ଅଚଳ ବିଗ୍ରହ ହାଲିଟି ଗଲେ ଓ ଅଳ୍ପ ସେହି ସ୍ଥାନରୁ ଚଲିଲେ

Digitized by srujanika@gmail.com

ନାହିଁ । ଯୁବକ ଏହା ଦେଖି ବଜର ଖୁଗୀକୁ ଜଜ୍ଞା କର ଉହୁଲେ । ଶ୍ରୀଗୋପୀନାଥ ଦେବ ବ୍ରାହ୍ମଣ ଯୁବକ ଘାଇଁ ସାକ୍ଷ୍ୟ ଦେବାକୁ ବୃନ୍ଦାବନରୁ ଅସିଜାରୁ ଉଦବଧୂ ଭାଙ୍କ ନାମ 'ସାକ୍ଷୀଗୋପାଳ' ବା 'ସାକ୍ଷୀ ଗୋପୀନାଥ' ହେଲ୍ଲ । ଏ ବୃତ୍ତନ୍ତ ପୂର୍ବେ କାହ୍ନ ବ୍ରଜ୍ୟରେ ଥିଲେ, ସରେ କାହ୍ନ ବଜଯୁ ସମୟରେ କାହ୍ନରୁ ବ୍ରଜା ମରୁପୋତ୍ତମଦେବଙ୍କ ଦ୍ୱାର୍ ଜଃକରୁ, ସେଠାରୁ ଗୋରଧାର ରଥିପୁରକୁ, ପରେ କତ୍ତଲବାଇକୁ ସ୍ଥାନାନ୍ତରିତ ହୋଇ ବାବା ବ୍ରହ୍ମଗୃଗ୍ଧଙ୍କ ଦ୍ୱାର୍ ଅଗତ ହୋଇ ବର୍ତ୍ତମାନ ସ୍ଥଗ୍ଧଜଲ୍ଲା, ସ୍ୱାଙ୍କ ପ୍ରଗଲ୍ଭା, ସତ୍ୟବାଦୀ ସଜ୍ଜା 'ଫୁଲ ଅଲସା' ବଜ୍ଜଲ ଡୋଃରେ ପ୍ରତିଷ୍ଠିତ ହୋଇ ପୂଜା ପାଉଅନ୍ତନ୍ତ । ଏଠାରେ ପ୍ରତିଷ୍ଠିତ ଗୋପୀନାଥ 'ସତ୍ୟବାଦୀ' ଥିବାରୁ ଏ ସ୍ଥାନର ନାମ 'ସତ୍ୟବାଦୀ' ହୋଇଅଛୁ । ଏହାଙ୍କ ମନ୍ଦର ପୁସ୍ତଳନ ନୁହେଁ । ଏହାକୁ ପ୍ରାୟ ୧୦୦ ବର୍ଷ ହେଲ୍ଲ ବାବା ବ୍ରହ୍ମଗୃଗ୍ଧ ଜନ୍ମୀଶ କସ୍ୱାଇଥିଲେ । ଏହାର ଗୁର ପାଖରେ ୯ ବାଃ ୯ ମାଣ ୯ ଗୁଣ ଓ ୯ ବଣ୍ଡା ପରିମିତ ଗୋଃଏ ବଲୁଲବନ (ବଜୁଲ ଡୋଃ) ଅଛୁ । ଏ ଡୋଃଟାଃ ବଜୁଲ ଓ ଜୁରଅନା ଗଛରେ ପରପୂର୍ଣ୍ଣ । ଏହୁ ଡୋଃ। ମଧ୍ୟରେ ଗୋପୀନାଥଙ୍କ ବେଢ଼ାର ପଶ୍ଚିମ ପଃ ପଛରେ 'ସତ୍ୟବାଦୀ ସ୍ଥଳ' ପ୍ରତିଷ୍ଠିତ ହୋଇ-ଅଛୁ । ଏ ବୃତ୍ତନ୍ତ ମୁସ୍ତନ ପଥରରେ ଉତ୍କୀର୍ଣ୍ଣ, କନ୍ତୁ ଏହାଙ୍କ ଜଃକରେ ସ୍ଥାପିତ ଶ୍ରୀଗ୍ଧକାଙ୍କ ବୃତ୍ତନ୍ତ ଧାତୁ ଜନ୍ମିତ । କଥିତ ଅଛି ଯେ, ଏ ବୃତ୍ତନ୍ତ କେତେକ ଦନ ଏଠାରେ ଏକାସ୍ତ ରହ୍ନବାସରେ ଜଣାଯୋଗେ ମନୁଷ୍ୟ ରୂପଧର ଗୋଃଏ ଅସାଧାରଣ ରୂପବନ୍ତ ବ୍ରାହ୍ମଣ-ସେବକ-ବାଳକ ଜଃକରୁ ଯିବା ଅସିବା କଲେ । ଉକ୍ତ ବ୍ରାହ୍ମଣ ଜନ୍ୟା ଜଃକରୁ କୌଣସି ପୁରୁଷ ଜଣାଯୋଗେ ଯିବା ଅସିବା କରୁଥିବାକଥା ଗ୍ରାମ୍ଭ ହେବାରୁ ଓ ସକାଳୁ ଜନ୍ୟାର ଶେଯରେ ଶାଳୀଙ୍କ ପରିତ୍ତତ ଫୁଲ ମାଳ ଓ ବଂଶୀ ପଡ଼ିଥିବା ଦେଖା-ଯିବାରୁ, ଗୋପୀନାଥଦେବ ସ୍ୱପ୍ନରେ ତତ୍କାଳୀନ ବ୍ରଜ-ବଦ୍ଦରକୁ ଦେଖାଦେଇ ଭାଙ୍କ ଜଃକରେ ସ୍ଥାପିତ ବୃତ୍ତନ୍ତ ନ ଥିବାରୁ ଏସତ ଜଣା ଘଃଥିବା ବଷୟ ବ୍ରଜେ ସ୍ୱପ୍ନାଦେଶ କଲେ । ସ୍ଥାଙ୍କର ଧାତୁମୟୀ ପ୍ରତିମା, ଜନ୍ମିତ ହୋଇ ଗୋପୀନାଥଙ୍କ ବୃତ୍ତନ୍ତର ବାମ ପାର୍ଶ୍ୱରେ ପ୍ରତିଷ୍ଠିତ ହେଲେ, ଏବଂ ଏହୁ ଧାତୁ ପ୍ରତିମାଙ୍କଠାରେ ମନ୍ତ୍ରଦ୍ୱାର୍ ଜୀବନ୍ୟାସ କରିବା ମୃତ୍ତୁର୍ତ୍ତରେ ପୂଜୋତ୍ତା ବ୍ରାହ୍ମଣ ଜନ୍ୟାଟି ସ୍ୱତଃ ଦେହତ୍ୟାଗ କଲେ ।

କଥିତ ଅଛୁ ଯେ, ଏହୁ 'ଫୁଲଅଲସା' ନାମକ ବଲୁଲବନ ସ୍ଥାକୃଷ୍ଣଙ୍କର ଲଲାଭୂମି ଥିବାରୁ ବ୍ରଜିରେ ଏହୁ ସୀମା ମଧ୍ୟରେ କୌଣସି ଜନପ୍ରାଣୀଙ୍କୁ ରଖାଯାଉ ନ ଥିଲ୍ଲ । ଏମନ୍ତ କ, ସ୍ୱପ୍ନରେ ଏହୁ ଚକଡ଼ା ମଧ୍ୟରେ କାନର ଓ ପକ୍ଷୀଥିବ ରହିବେ ନାହିଁ ବୋଲ ସର୍ତ୍ତ୍ୟାବେଦ୍ଧ ସେମାନଙ୍କୁ ଏହୁ ଡୋଃରୁ ଦୂରୁଡ଼ାଇ ଚଢ଼ଦେବା ପାଇଁ ଜାତିରଙ୍ଗିଆ ଲୋକ (ଗୃକର) ଥିଲେ । ବର୍ତ୍ତମାନ ଏହୁ ଡୋଃ। ମଧ୍ୟରେ ଦୋକାନ, ବଜାର, ସ୍କୁଲ, ଅଫିସ ଅବ ନର୍ମିତ ହୋଇଅଛୁ ।

ଏ ଦେବତାଙ୍କ ଜଃକରେ କୌଣସି ସଙ୍କୁଡ଼-ଭୋଗ (ଅନ୍ନ ବ୍ୟଞ୍ଜନ) ଲଗେ ନାହିଁ; ଖଇ, ଖଇଚୂନା, ଗହ୍ମ ଚୂନାରେ ତଥର କାକତ, ଚୂଡ଼ା ପଖାଳ, ଡାଲମ, ସରପୁଳ, ସର, ଲବଣୀ, ଦୁଧ, କଦଳୀ ଅଡ଼ ଭୋଗ କସ୍ୱାଏ । କେବଳ କାକତ, କଦଳୀ ଓ ଦେଶୀ ଅଜୁର ଭଜା ଏଥି ସଙ୍ଗେ ଭୋଗ ଲଗେ ।

ସତ୍ୟବାନ୍—ପୁ.ବଣ. ଯୁଂ.—(ସତ୍ୟ+ଅଛୁ ଅର୍ଥରେ ବତ୍, ସତ୍ୟବତ୍) Satyabān ୧ । ସତ୍ୟସତ୍ୟୁଣ; ସତ୍ୟବାଦୀ—1.Truthful. (ସତ୍ୟବତ୍ତା—ସ୍ତ୍ରୀ) ୨ । ସତ୍ୟବ୍ରତ—2. Determined to carry out a vow or solemn promise. ୩ । ସତ୍ୟଯୁକ୍ତ; ସତ୍ୟ ଉପରେ ପ୍ରତିଷ୍ଠିତ—3. Based on truth. ବ—୧ । ମୁନି ବଶେଷ—Name of a sage ୨ । ଶାଲ୍ୱ ଦେଶର ଦ୍ୟୁମତ୍ସେନ ସ୍ୱାଙ୍କର ପୁତ୍ର, ନୃପ ବଶେଷ; ସାବତ୍ରୀଙ୍କ ସ୍ୱାମୀ—2. Name of a king, husband of Sābitrī.

[ପୁ—ଶାଲ୍ୱଦେଶର ସ୍ୱାଜା ଦ୍ୟୁମତ୍ସେନଙ୍କ ଔରସରେ ତତ୍ପତ୍ନୀ ଦୈବ୍ୟାଙ୍କ ଗର୍ଭରୁ ଏ ଜନ୍ମଗ୍ରତ୍ତଣ କରିଥିଲେ । ଦୈବଦୁର୍ବିପାକରୁ ସତ୍ୟବାନଙ୍କ ଶୈଶବାବସ୍ଥାରେ ଦ୍ୟୁମତ୍ସେନ ଅନ୍ଧ ହୋଇଗଲେ ଓ ଭ୍ରଷ୍ଟରାଜ୍ୟ ହୋଇ ପତ୍ନୀ ଓ ପୁତ୍ରଙ୍କ ସହିତ ବନବାସୀ ହେଲେ । ସତ୍ୟବାନ୍ ବନରେ ଫଳମୂଳ ଖାଇ ମୁନିବୃତ୍ତି ଅବଲମ୍ବନ କରି ଉତ୍ତସତ୍ତାରେ ପିତାମାତାଙ୍କର ସେବା କରୁଥାଆନ୍ତି । ଏତଦା ଅଶ୍ୱପତି ସ୍ୱାଙ୍କ ଦୁହିତା 'ସାବତ୍ରୀ' ପିତାଦେଶରେ ସ୍ୱୀୟ ମନୋମତ ପତ୍ତ ଅନ୍ୱେଷଣାର୍ଥେ ଭ୍ରମଣ କରୁ କରୁ ଏହୁ ବନରେ ଅସି ପତ୍ତଙ୍କ ସତ୍ୟବାନଙ୍କ ଅଶୀମ ପିତୃଭକ୍ତି ଓ ଧର୍ମନିଷ୍ଠତା ଓ ରୂପରେ ମୁଗ୍ଧା ହୋଇ ଐଶ୍ୱର୍ଯ୍ୟଭୋଗଲାଳସା ତ୍ୟାଗ କରି ଏହାଙ୍କ ସଙ୍ଗରେ ବନରେ ମୁନିବୃତ୍ତି ଓ ଦାରଦ୍ର୍ୟରୁ ତରସତ୍ତରେ କରି ଜୀବନଯାପନ କରିବା ପଇଁ ସଂକଲ୍ପ କରି ଏହାଙ୍କୁ ପତ୍ତରୂପେ ବରଣ କଲେ । ଉଭୟ ପକ୍ଷଙ୍କ ପିତାମାତାଙ୍କ ଅନୁମତ୍ତକ୍ରମେ ଏ ଦୁହିଙ୍କର ବବାହ ହେଲ୍ଲ । ଦୈବ ନର୍ବନ୍ଧରେ ସତ୍ୟବାନ୍ ସାବତ୍ରୀଙ୍କ ସଙ୍ଗେ ବନରୁ କାଷ୍ଠ ଆହରଣ କରିବାକୁ ଯାଇଥିବା ସମୟରେ ମୃତ୍ୟୁମୁଖରେ ପତିତ ହୁଅନ୍ତେ, ସାବତ୍ରୀ ନିଜ ସ୍ୱାମୀଙ୍କ ମୃତଦେହକୁ କୋଡ଼ରେ ରଖି ସେହୁଠାରେ ବସିରହିଲେ । ଯମଦୂତ-ମାନେ ସତ୍ୟବାନଙ୍କ ଶବକୁ ନେବାପାଇଁ ଅସିଲ୍ଲରୁ ସାବତ୍ରୀ ଉକ୍ତ ଶବକୁ ଛାଡ଼ ଦେଲେ ନାହିଁ । ସେମାନେ ଯାଇ ଏ ବୃତ୍ତନ୍ତ ଯମଙ୍କୁ କହିବାରୁ ଯମ ନଜେ ଆସି ସେଠାରେ ପହଞ୍ଚିଲେ । ସାବତ୍ରୀ ଯମଙ୍କୁ ସ୍ତବ କରି ମୃତପତିଙ୍କ ପ୍ରାଣ ଆଣି କଲେ । ଯମଙ୍କ ଏହାଙ୍କ ପତିଭକ୍ତି ଓ ସ୍ତବରେ ତୁଷ୍ଟ ହୋଇ ଏହାଙ୍କ ପତିଙ୍କୁ ପୁନରୁଜ୍ଜୀବିତ କଲେ ଓ ତତ୍ପରେ ଯମଙ୍କ ବରପ୍ରାପ୍ତ ଏହାଙ୍କ ଶ୍ୱଶୁରଙ୍କ ନଷ୍ଟ ଚକ୍ଷୁ

Digitized by srujanika@gmail.com

ଓ ହୃତ ସତ୍ୟ ପୁନଃପ୍ରାପ୍ତ ହେଲ । ସାବର୍ଣ୍ଣୀ ସତ୍ୟବାନଙ୍କ ସହିତ ସ୍ୱଗରେ ବାସ କରି ଅପତ୍ୟାଦି ଲାଭ କରି ବହୁ ବର୍ଷ ସ୍ୱଗରେ କଟାଇ ପ୍ରାଣତ୍ୟାଗ କଲେ ।

ସାବର୍ଣ୍ଣୀ ପାଧ୍ୱୀ ନାମଙ୍କର ଅଦର୍ଶ; ଭେଣ୍ଡୁ ଅଦ୍ୟାବଧି ଏ ଦେଶର ସଧବା ସ୍ତ୍ରୀମାନେ ସାବର୍ଣ୍ଣୀଙ୍କ ପରସାଧ୍ୱୀ ହେବେ ବୋଲି ସାବର୍ଣ୍ଣୀ ଅମାବାସ୍ୟା ଦିନ ବରଦ୍ୱାର ରହି ସାବର୍ଣ୍ଣୀ-ବ୍ରତ ପାଳନ କରନ୍ତି ।]

ଦେ. ବ. (ପୁଂ) ପୋକକୁ ଦିଆଯିବା ନାମ

A name given to males.

ସତ୍ୟବ୍ରତ—ଫ. ବିଣ. ପୁଂ—(ବହୁବ୍ରୀହି; ସତ୍ୟ ଅଟେ ବ୍ରତ ଯାହାର) Satyabrata ସତ୍ୟନିଷ୍ଠ (ଦେଖ)—Satyanishṭha (See)

(ସତ୍ୟବ୍ରତା—ସ୍ତ୍ରୀ) ବି—୧ । ଭୀଷ୍ମଙ୍କର ନାମାନ୍ତର—1. A name of a Bhīshma. ୨ । ମୂର୍ଯ୍ୟବଂଶୀୟ ଜନୈକ ରାଜା—2. Name of a king of the Solar dynasty. ଦେ.ବି. ପୁଂ—ପୋକଙ୍କ ନାମ—A name given to males.

ସତ୍ୟ ଭଙ୍ଗ—ଫ. ବି (ଷଷ୍ଠୀତତ)—ସତ୍ୟଲଙ୍ଘନ; ଅଙ୍ଗୀକାର ଅନୁସାରେ Satya bhaṅga କାର୍ଯ୍ୟ ନ କରିବା—Breach of faith; breach of promise.

ସତ୍ୟଭାମା—ସ.ବି.ସ୍ତ्री—(ସତ୍ୟ+ଭାମ=ସୁନ୍ଦର+ଆ)—ସତ୍ରାଜିତ୍ Satyabhāma ରାଜାଙ୍କର ଜନ୍ୟା; ଶ୍ରୀକୃଷ୍ଣଙ୍କର ୮ ଜଣ ମହିଷୀଙ୍କ ମଧ୍ୟରୁ ଜଣେ—Name of one of the eight Ranees of Srīkṛushṇa and daughter of king Satrājit. [ଦ୍ର—ଏହାଙ୍କ ଅନୁରୋଧ ପୂରଣ କରିବା ପାଇଁ ଶ୍ରୀକୃଷ୍ଣ ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରି ସ୍ୱର୍ଗରୁ ଇନ୍ଦ୍ରଙ୍କ ନନ୍ଦନକାନନରୁ ପାରିଜାତ ବୃକ୍ଷକୁ ଆଣି ଏହାଙ୍କୁ ଉପହାର ଦେଇଥିଲେ । ଏ ଘଟଣାକ୍ରମ ବ୍ରତ ଅନୁଷ୍ଠାନ କରି ଶ୍ରୀକୃଷ୍ଣଙ୍କୁ ପାରିଜାତ ବୃକ୍ଷରେ ବନ୍ଧନ କରିଥିଲେ । ଏହାଙ୍କ ଗର୍ଭରେ ଶ୍ରୀକୃଷ୍ଣଙ୍କ ଔରସରେ ଭାନୁଅଦ ପାଟପୁତ୍ର ଜାତ ହୋଇଥିଲେ । ଯଦୁବଂଶର ଧ୍ୱଂସ ଓ ଶ୍ରୀକୃଷ୍ଣଙ୍କ ଦେହତ୍ୟାଗ ପରେ ଯଦୁବଂଶୀୟା ଅନ୍ୟ ମହିଲାମାନଙ୍କ ସଙ୍ଗେ ଅର୍ଜୁନ ଏହାଙ୍କୁ ଦ୍ୱାରକାରୁ ହସ୍ତିନାପୁରକୁ ନେଇ ଯାଇଥିଲେ । ପରେ ଏ ବନବାସିନୀ ହୋଇ ଉତ୍ତରଣତ ଜୀବନର ଶେଷ ଅଂଶ ଅତିବାହିତ କଲେ ।

ଶ୍ରୀକୃଷ୍ଣଙ୍କ ଅଷ୍ଟ ପଟ୍ଟମହିଷୀଙ୍କ ନାମ ଯଥା—୧ । ରୁକ୍ମିଣୀ, ୨ । ସତ୍ୟଭାମା; ୩ । କାଳିନ୍ଦୀ, ୪ । ଶୈବ୍ୟା, ୫ । ମିତ୍ରବିନ୍ଦା, ୬ । ଜାମ୍ବବତୀ, ୭ ନାଟ୍ୟଜିତୀ; ୮ । ସୁଲକ୍ଷଣା]

ସତ୍ୟଭାରତ—ସ. ବି (ବହୁବ୍ରୀହି; ସତ୍ୟ+ଭାରତ=ମହାଭାରତ)—Satyabhārata ମହାଭାରତ ପ୍ରଣେତା ବେଦବ୍ୟାସ--Name of Byāsa; the author of the Mahābhārata.

ସତ୍ୟ ଭାଷଣ—ସ. ବ. (ଷଷ୍ଠୀ ତତ୍)—ସତ କହିବା; ସତ୍ୟ କଥନ—Satya bhāshaṇa Speaking of truth; truthfulness.

ସତ୍ୟଭାଷୀ—ସ. ବିଣ. ପୁଂ (ସତ୍ୟଭାଷଣ ଶବ୍ଦ; ସତ୍ୟ+ଭାଷ୍. ଧାତୁ—କର୍ତ୍ତା+କର୍ତ୍ତୃ. ଇନ୍) Satya bhāshī—ସତ୍ୟବାଦୀ—(ସତ୍ୟଭାଷିଣୀ—ସ୍ତ୍ରୀ) Truthful; speaking the truth. [ସତ୍ୟଭାଷିତା—ବି]

ସତ୍ୟଭ୍ରଷ୍ଟ—ସ. ବିଣ. ପୁଂ (୬ମୀ ତତ୍; ସତ୍ୟ+ଭ୍ରଷ୍ଟ)—ଯେ ସତ୍ୟ Satya bhrashṭa ଲଙ୍ଘନ କରିଅଛି—One who has (ସତ୍ୟଭ୍ରଷ୍ଟା—ସ୍ତ୍ରୀ) plighted his truth.

ସତ୍ୟମ୍—ଅ. ଅ (ସତ୍+ଯମ୍)—୧ । ସ୍ୱୀକାରାର୍ଥେ ବ୍ୟବହୃତ—1. Yes; I Satyam agree. ୨ । ପ୍ରତିଜ୍ଞାସୂଚକ ବ୍ୟବହୃତ—2. Yes; I (ସତ୍ୟଂ—ଅନ୍ୟରୂପ) promise. ୩ । ପ୍ରଶ୍ନାର୍ଥ-ସୂଚକ; ଏହା କି ସତ୍ୟ—3. Is it so ? Is it true ? ବି—ସତ୍ୟ ଲୋକ (ଦେଖ)—Satyaloka. (See)

ସତ୍ୟମୂଲକ—ସଂ. ବି (ବହୁବ୍ରୀହି; ସତ୍ୟ+ମୂଳ+କ, ସତ୍ୟ ଅଛି Satyamūlaka ମୂଳରେ ଯାହାର)—ସତ୍ୟ ଉପରେ ପ୍ରତିଷ୍ଠିତ—Based on truth.

ସତ୍ୟଯୁଗ—ସଂ. ବି—କୃତଯୁଗ; ସୃଷ୍ଟିର ୪ଟି ଯୁଗ ମଧ୍ୟରୁ ପ୍ରଥମ ଯୁଗ—Satya jūga The first of the 4 ages or cycles of the creation according to the Hindu mythology. [ଦ୍ର—ଏ ଯୁଗର ପରିମାଣ ୧୭ ଲକ୍ଷ ୨୮ ହଜାର ବର୍ଷ । ମତାନ୍ତରରେ ୧ କୋଟି ୭ ଲକ୍ଷ ୨୮ ହଜାର ବର୍ଷ । ସୃଷ୍ଟିର ପ୍ରଥମେ ସତ୍ୟଯୁଗ, ତହିଁରେ ହେତା, ଦ୍ୱାପର ଓ ଶେଷରେ କଳିଯୁଗ, ଏହି କ୍ରମ ଅନୁସାରେ ଯୁଗମାନ ହୁଏ । ବୈଶାଖ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା) ଦିନ ସତ୍ୟଯୁଗର ଉତ୍ପତ୍ତି ଏହି ଯୁଗରେ ମତ୍ସ୍ୟ, କୂର୍ମ, ବରାହ ଓ ନୃସିଂହ ଏହି ୪ ଗୋଟି ଅବତାର; କୁରୁକ୍ଷେତ୍ର ତୀର୍ଥ; ମନୁଷ୍ୟମାନେ ସର୍ତ୍ତ୍ୟପରମ୍ପରା ଓ ମନ୍ତ୍ରାଗତ ପ୍ରାଣ, ଭୋଗଶୂନ୍ୟ, ଇଚ୍ଛାମୃତ୍ୟୁ; ଉଚ୍ଚରେ ୨୧ ହାତ ବଡ଼ନ୍ତି । ପରମାୟୁ ୧ ଲକ୍ଷ ବର୍ଷ । ସତ୍ୟ ଯୁଗରେ ବଳି, ବେଣୁ, ମାନ୍ଧାତା, ଯୁଦ୍ଧେଶ୍ୱରାଃ, ଧୁନ୍ଧୁମାର, ହାରିଶ୍ଚାର୍ଯ୍ୟ ଏହି ୬ଜଣ ଚକ୍ରବର୍ତ୍ତୀ ରାଜା ଥିଲେ ।

ସତ୍ୟଯୁଗର ଚାରିକ ବାହ୍ୟ ନାମ—

ନାସ୍ତିପୁଣ ପସ୍ତବେଦାଃ, ନାସ୍ତିପୁଣ ପସ୍ତଷଗ୍ଃ
ନାସ୍ତିପୁଣ ପସ୍ତ ମୃତ୍ତିଃ, ନାସ୍ତିପୁଣ ପସ୍ତ ଗତ୍ତଃ”

ଏହି ଯୁଗରେ ଧର୍ମ ଚତୁଷ୍ପାଦ । ଦେବତାମାନେ ପୃଥିବୀରେ ସର୍ବଦା ବିଚରଣ କରି ଲୋକଙ୍କୁ ସଦ୍ୟଃଫଳ ଦେଉଥିଲେ । କମ୍ବୁଗ୍ରୀବ ସର୍ବଶସ୍ୟପ୍ରଦା ଓ ହୃଷ୍ଟପୁଷ୍ଟଜନାବୃତ ଥିଲା ।]

ସତ୍ୟ ଯୌବନ—ସ. ବ. ପୁଂ (ସତ୍ୟ=ଚିରସ୍ଥାୟୀ ଅର୍ଥେ ଯୌବନ Satya Jaubana ଯାହାର; ଯେ ଚିର ଯୁବା)—ଦେବଯୋନି; (ସତ୍ୟ ଯୌବନା—ସ୍ତ୍ରୀ) ଦେବଯୋନି ବିଶେଷ—A class of demigods (literally, of unfading youth).

ସତ୍ୟ ରକ୍ଷା—ସ. ବ. (ଷଷ୍ଠୀ ତତ୍)—ସତ୍ୟ ପାଳନ (ଦେଖ) Satya rakshā Satya pālana (See)

Digitized by srujanika@gmail.com

ସତ୍ୟର ଦାସ—ଦେ. ବ ଓ ବଣ—୧ । ଯେ ସତ୍ୟ ପାଇଁ ସର୍ବସ୍ୱ ତ୍ୟାଗ କରେ ସେ—1. A servant of truth; a person who is ready to sacrifice everything for truth or for keeping his vow. ୨ । ସତ୍ୟନିଷ୍ଠ (ବ୍ୟକ୍ତି)—2. One who has dedicated his life to the service of truth. ୩ । ସତ୍ୟପ୍ରତିଜ୍ଞ—3. True to one's vows.

Satvara dāsa
सत्येर दास
सतयका दास
(ସତ୍ୟଦାସ, ସତ୍ୟଭକ୍ତର—ସ. ରୂପ)

ସତ୍ୟ ଲଙ୍ଘନ—ସ. ବ· (୬ଷ୍ଠୀ ତତ୍)—ସତ୍ୟ ଭଙ୍ଗ (ଦେଖ)

Satya lamghana Satya bhanga (See)

ସତ୍ୟ ଲଙ୍ଘିବା—ଦେ. କି—ସତ୍ୟ ଭଙ୍ଗ କରିବା; ପ୍ରତିଜ୍ଞା ପାଳନ ନ କରିବା—To break one's promise; to plight one's truth.

Satya lamghibā
सत्य लंघन करा
सतय लांघना

ସତ୍ୟ ଲୋକ—ସ. ବ (କର୍ମଧା; ସତ୍ୟ=ଅବିନଶ୍ୱର ଅର୍ଥେ ପେଉଁ ଲୋକ =ଭୁବନ)—ସପ୍ତଲୋକାନ୍ତର୍ଗତ ଉଚ୍ଚତମ ଲୋକ; ବ୍ରହ୍ମଲୋକ; ବିଷ୍ଣୁଲୋକ—The highest of the 7 worlds according to the Hindu mythology. [ଦ୍ର—ସପ୍ତଲୋକ; ଯଥା—ଭୂଃ; ଭୁବଃ, ସ୍ୱଃ, ମହଃ, ଜନଃ, ତପଃ, ସତ୍ୟମ୍ । ଏହି ସତ୍ୟଲୋକରେ ବ୍ରହ୍ମା ଓ ବିଷ୍ଣୁ ବାସ କରନ୍ତି । ଏହି ଲୋକକୁ ଦେବତାମାନେ ବିଷ୍ଣୁଲୋକ, ସତ୍ୟବ୍ରତ ବ୍ୟକ୍ତିମାନେ ଯାଆନ୍ତି । ଏଠାକୁ ଗଲେ ଆଉ ମନୁଷ୍ୟ ପୃଥିବୀରେ ଜନ୍ମଗ୍ରହଣ କରନ୍ତି ନାହିଁ ।]

Satya loka =ଭୁବନ)
सत्यलोकाच्यागर्गत
ब्रह्मलोक; विष्णुलोक

ସତ୍ୟ ସଙ୍ଗର—ସ. ବଣ. ପୁଂ. (ସତ୍ୟ+ସମ୍+ଗୃ ଧାତୁ=ଗ୍ରାସ କରିବା+କର୍ତ୍ତୃ. ଅ)—ସତ୍ୟପ୍ରତିଜ୍ଞ—(ସତ୍ୟସଙ୍ଗରୀ—ସ୍ତ୍ରୀ) ବ—କୁବେର—The God of wealth.

Satya saṅgara
सत्य संगर

ସତ୍ୟସଜ୍ଜା—ସ. ବ ସ୍ତ୍ରୀ(ସତ୍ୟ+ସଜ୍ଜା; ସ୍ତ୍ରୀ.ଅ; ସତ୍ୟ ଅର୍ଥେ ସଜ୍ଜା ଯାହାର)—ପାଣ୍ଡବ ମହିଷୀ; ଦ୍ରୌପଦୀ—The consort of the five Pāṇḍaba brothers.

Satya sajjā
सत्य सज्जा

ସତ୍ୟ ସତ୍ୟ ସତ୍ୟ—ଦେ. ଅ—କୌଣସି ପ୍ରତିଜ୍ଞାକୁ ପାଳନ କରିବା ପାଇଁ ଧର୍ମତଃ ପ୍ରତିଜ୍ଞାପୂର୍ବକ 'ସତ୍ୟ' ଶବ୍ଦର ତିନିଥର ଉଚ୍ଚାରଣ—(Interjection) ସତ୍ୟ ସତ୍ୟ ସତ୍ୟ Repetition of the word Satya to emphasise a person's vowing to act up to his promise, by saying—'I vow', 'I vow','I vow'; 'I vow thrice'.

Satya satya satya
सत्य सत्य सत्य

ସତ୍ୟସନ୍ଧ—ସ. ବଣ. ପୁଂ (ବହୁବ୍ରୀହି; ସତ୍ୟ+ସନ୍ଧା=ପ୍ରତିଜ୍ଞା ଯାହାର) —୧ । ଦୃଢ଼ ପ୍ରତିଜ୍ଞ; ସତ୍ୟ ପାଳନ କରିବା (ସତ୍ୟସନ୍ଧା—ସ୍ତ୍ରୀ). କର୍ମରେ ଦୃଢ଼ପରିକର—1. One who has determined to keep his vows; true to one's vows. ୨ । ସଫଳ ପ୍ରତିଜ୍ଞ—2. One who has carried out his vow. ବ. ପୁଂ—୧ । ଭରତ—1. Bharata. ୨ । (ପିତୃ ସତ୍ୟ ପାଳନ କରିଥିବାରୁ) ରାମଚନ୍ଦ୍ର—2. An epithet of Rāmachandra. ୩ । ବୃତ୍ତ। ପରୀକ୍ଷିତଙ୍କ ପୁତ୍ର ଜନମେଜୟ—3. Janamejaya; a king of the Lunar dynasty. [ଦ୍ର—ପ୍ରିୟଂବଦା ଭଳିକ ନାଗର ବଶ କ୍ଲେଶ କରିବା ପାଇଁ ଏହାଙ୍କ ପିତାଙ୍କ କରିଥିବା ସତ୍ୟକୁ ଏ ପାଳନ କରିଥିଲେ ।]

सत्यसन्ध —୧ । दृढ प्रतिज्ञ; सत्य पालन करिबा (सत्यसन्धा—स्त्री). कर्मरे दृढ़परिकर—1. One who has determined to keep his vows; true to one's vows. ୨ । सफल प्रतिज्ञ—2. One who has carried out his vow. ब. पुं—

ସତ୍ୟା—ସ. ବଣ. ସ୍ତ୍ରୀ (ସତ୍ୟ+ଷ୍ଟାଃ ଅ)—ସତ୍ୟର ସ୍ତ୍ରୀ ଲିଙ୍ଗ—Satyā The feminine of Satya. ବ. ସ୍ତ୍ରୀ—୧ । ସତ୍ୟବତୀ; ବ୍ୟାସ ଜନନୀ—1. A name of the mother of Byāsa. ୨ । ସତ୍ୟଭାମା (ଦେଖ)—2. Satyabhāmā (See). ୩ । ରାମଚନ୍ଦ୍ରଙ୍କ ପତ୍ନୀ ସୀତା—3. Sitā, the wife of Rāmachandra. ୪ । ଦୁର୍ଗା—4. Goddess Durgā.

ସତ୍ୟାମ୍ବ (ମ୍ବା)—ଦେ. ବ—ସତ୍ୟାମ୍ବ (ଦେଖ)—Satyā āmba(mbā) Satya āmba (See)

ସତ୍ୟାକୃତି—ସ. ବ (ସତ୍ୟ +ଅ+କୃ ଧାତୁ+ତ୍ତିନ ପ)—ସତ୍ୟଙ୍କାର (ଦେଖ)—Satyaṅkāra (See)

Satyākṛuti

ସତ୍ୟାଗ୍ନି—ସ: ବ—(ସତ୍ୟ=ଚତୁସ୍ପାଠୀ ଅର୍ଥେ ଅଗ୍ନି=ଯଜ୍ଞାଗ୍ନି ଯଜ୍ଞାଙ୍କର)—ଅଗସ୍ତ୍ୟ ମୁନି—Sage Agastya.

Satyāgni

ସତ୍ୟାଗ୍ରହ—ସ. ବ—ସତ୍ୟପ୍ରତି ଅନୁରକ୍ତି; ସତ୍ୟନିଷ୍ଠା; ସତ୍ୟାନୁସରଣ—Satyāgraha Attachment to the truth. ଦେ: ବ—ହିଂସାଶୂନ୍ୟ ଓ ଶାନ୍ତ ଢଙ୍ଗରେ ମିଥ୍ୟା ସଙ୍ଗେ ଯୁଦ୍ଧ କରିବା ପ୍ରତି; ମହାତ୍ମା ଗାନ୍ଧିଙ୍କ ପ୍ରସୃତ କର୍ମପ୍ରତି-The line of conduct preached by Mahātmā Gāndhi; unrevengeful or peaceful passive resistence to untruth; the doctrine of passive resistence or non-co-operation preached by Mahātmā Gāndhi, [ଦ୍ର—ଯାହାକୁ ସତ୍ୟ ବୋଲି ଜାଣିବ ଛାଡ଼ା ଅବଲମ୍ବନ କରିବା ପାଇଁ କୌଣସି କଷ୍ଟ ବା ନିର୍ଯାତନକୁ ଡରିବ ନାହିଁ । ଏମନ୍ତ କି, ସତ୍ୟର ପକ୍ଷ ଅବଲମ୍ବନ କରିବା ପାଇଁ ନିଜ ପ୍ରାଣକୁ ପୁଣା ଉତ୍ସର୍ଗ କରିବ ଓ ଏପରି କରିବା ସଙ୍ଗେ ସଙ୍ଗେ ମନରୁ ଓ କାର୍ଯ୍ୟରୁ ସବୁ ପ୍ରକାରର ହିଂସାତ୍ମକ ଭାବକୁ ତ୍ୟାଗ କରିବ ଓ ଅସତ୍ୟଗୁର ବ୍ୟକ୍ତିକୁ କୌଣସି ପ୍ରକାରେ ସାହାଯ୍ୟ କରିବ ନାହିଁ ଓ ପ୍ରାଣାନ୍ତେ ଅନ୍ୟାୟ ଆଦେଶ ପାଳନ କରିବ ନାହିଁ । ଏହି ଗୁଣ ପାଳନ କରିବା ବ୍ୟକ୍ତିମାନଙ୍କ ପାଇଁ ଅହମ୍ମଦାବାଦ ଉପକଣ୍ଠରେ ସାବରମତୀରେ ମହାତ୍ମା ଗୋଟିଏ ଆଶ୍ରମ ସ୍ଥାପନ କରିଥିଲେ ।]

सत्याग्रह सतयाग्रह

ସତ୍ୟାଗ୍ରହୀ—ଦେ. ବ ଓ ବଣ—ଯେଉଁମାନେ ମହାତ୍ମା ଗାନ୍ଧିଙ୍କ ପ୍ରସୃତ ସତ୍ୟାଗ୍ରହ ପନ୍ଥାକୁ ଅବଲମ୍ବନ କରିଅଛନ୍ତି—ସତ୍ୟାଗ୍ରହୀ ସତ୍ୟାଗ୍ରହୀ The followers of the

Satyāgrahī

Digitized by srujanika@gmail.com

doctrine of Satyāgraha preached by Mahātmā Gāndhi. ଦେ. ଵ—ସତ୍ୟାଗ୍ରହୀ ସେନା (ଦେଖ)—Satyāgrahī senā (See)

ସତ୍ୟାଗ୍ରହୀ ସେନା—ଦେ. ବ—ମହାତ୍ମା ଗାନ୍ଧିଙ୍କ ଦ୍ୱାରା ଗଠିତ ରାଜନୈତିକ Satyāgrahī senā ଦଳ—The political party सत्याग्रहीसेना formed by Mahātmā Gāndhi. [ଦ୍ର—୧୯୩୦ ସାଲର ଏପ୍ରିଲ୍ ଓ ମଇ ମାସରେ ଏମାନେ ଆଇନ ଅମାନ୍ୟ କରିବା ପାଇଁ ପ୍ରଥମେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଲୁଣସତ୍ୟ ଆରମ୍ଭ କରିଥିଲେ ।]

ସତ୍ୟାଚରଣ—ଷ. ବ (ଷଷ୍ଠୀ ତତ୍) —୧ । ସତ କହିବା; ସତ୍ୟ- Satyācharaṇa ବାଦିତା—1. Truthfulness. ୨ । (ସତ୍ୟାଗ୍ରହ—ଅନ୍ୟରୂପ) ସତ୍ୟପାଳନ—2. Carrying out (ସତ୍ୟାଗ୍ରହ—ବଣ. ମୁ୦) of one's promise.

ସତ୍ୟାନାଶ—ଦେ. ବ—(ଷ: ସତ୍ୟ ଓ ନାଶ)—୧ । ସର୍ବନାଶ—1. Satyānaśa Utter ruin or destruction. ୨ । ସର୍ବ୍ବନାଶ ସବ୍ବନାଶ ସତ୍ୟଭଙ୍ଗ—2. Breach of faith. सत्यानाश

ସତ୍ୟାନାଶ କରିବା—ଦେ. କି—୧ । ସର୍ବନାଶ ଘଟାଇବା—1. To Satyānāśa karibā cause utter ruin; to ସର୍ବ୍ବନାଶକରା ସବ୍ବନାଶକରା bring about destruction. सतयानाशकरना ୨ । କୌଣସି ବିଷୟ ନଷ୍ଟ କରିବା—2. To spoil a thing. ୩ । ସତ୍ୟଭଙ୍ଗ କରିବା—3.To break one's vow.

ସତ୍ୟାନାଶିଆ—ଦେ. ବଣ. ପୁ୦ (ଗାଳି)—୧ । ଯେ ସର୍ବନାଶ Satyānāśiā ଘଟାଏ—1. One who causes ruin; (ସତ୍ୟାନାଶୀ—ସ୍ତ୍ରୀ) one whe brings about destruc- ସବନେଶେ ସବନେଶେ tion. ୨ । ନାଶକାରୀ—2. सतयानाशी One who spoils any thing. ୩ । ସତ୍ୟଭଙ୍ଗକାରୀ—3. One who breaks his vow or promise.

ସତ୍ୟାନୁରାଗ—ଷ. ବ (ଷଷ୍ଠୀ ତତ୍; ସତ୍ୟ+ଅନୁରାଗ; ସତ୍ୟରେ Satyānurāga ଅନୁରାଗ)—ସତ୍ୟନିଷ୍ଠା (ଦେଖ)—(ସତ୍ୟାନୁରକ୍ତ, ସତ୍ୟାନୁରାଗୀ—ବଣ) Satyaniṣṭhā (See)

ସତ୍ୟାନୁସନ୍ଧାନ—ଷ୦ ବ (ଷଷ୍ଠୀ ତତ୍; ସତ୍ୟ+ଅନୁସନ୍ଧାନ)—ସତ Satyānusandhāna କଥାକୁ ବା ପ୍ରକୃତ ତଥ୍ୟକୁ ଖୋଜିବା- (ସତ୍ୟନେ୍ୱଷଣ—ଅନ୍ୟରୂପ) Search after truth. (ସତ୍ୟାନୁସନ୍ଧାନୀ; ସତ୍ୟାନେ୍ୱଷୀ—ବଣ)

ସତ୍ୟାନୁସନ୍ଧିତ୍ସା—ଷ: ବ—(ସତ୍ୟ+ଅନୁସନ୍ଧିତ୍ସା)—ସତ୍ୟ ବା ତଥ୍ୟ Satyānusandhitsā ଅନୁସନ୍ଧାନ କରିବା ପାଇଁ ଇଚ୍ଛା—(ସତ୍ୟାନୁସନ୍ଧିତ୍ସୁ—ବଣ) A desire to seek after the truth.

ସତ୍ୟାନୃତ—ଷ. ବଣ—(ବିପରୀତାର୍ଥ ବହୁତର ଶବ୍ଦ)—୧ । ସତ୍ୟ ଓ Satyānṛuta ମିଥ୍ୟା—1. True and false. ୨ । ସତ୍ୟ ଓ ମିଛମିଶା ମିଶ୍ରିତ—2. Partly true and partly false. ବ—୧ । ସତ ଓ ମିଛ କଥା—1. Truth and falsehood; mixturs of truth and falsehood. ୨ । (ବଡ଼ଯନ୍ତ୍ରୀ; ସତ୍ୟ ଓ ଅନୃତ ଅଛି ଚରିତ୍ରରେ)—ବାଣିଜ୍ୟ; ବ୍ୟବସାୟ—2. Trade; commerce [ଦ୍ର—ଏଥିରେ ସତ୍ୟର ଓ ମିଥ୍ୟାର ଅଶୁଦ୍ଧି କଥା ନ ଗଲେ ଏହା ଭଲ ଘାରେ ନାହିଁ ।]

ସତ୍ୟାପନ(ନା)—ସଂ. ବ—(ସତ୍ୟ+ଙି=ସତ୍ୟାପି ନାମ ଧାତୁ+ଭାବ Satyāpana(nā) ଅନ; +ଆ)—ସତ୍ୟଙ୍କାର (ଦେଖ)—Satyaṅkāra (See)

ସତ୍ୟାର୍ଥ ପ୍ରକାଶ—ଦେ. ବ (ନାମ)—ସ୍ୱର୍ଗୀୟ ସ୍ୱାମୀ ଦୟାନନ୍ଦଙ୍କ ପ୍ରଣୀତ Satyārtha prakāśa ସ୍ୱନାମଖ୍ୟାତ ଗ୍ରନ୍ଥ—The title of सत्यार्थ प्रकाश a treatise composed by Swāmī Dayānanda. [ଦ୍ର—ଏଥିରେ ବେଦୋକ୍ତ ଈଶ୍ୱର ଓ ମନ୍ତ୍ରମାନଙ୍କର କେତେକ ବ୍ୟାଖ୍ୟା ରହିଯାଇ ଅଛି ।]

ସତ୍ୟାଶ୍ରିତ—ଷ. ବଣ (ସତ୍ୟ+ଆଶ୍ରିତ)—ସତ୍ୟ ଯାହାକୁ ଆଶ୍ରୟ Satyāśrita କରିଥାଏ; ସତ୍ୟମୂଳକ—Based on truth. (ଯଥା—ସତ୍ୟାଶ୍ରିତ ଘଟଣା, ସତ୍ୟାଶ୍ରିତ ବର୍ଣ୍ଣନ ।)

ସତ୍ୟାସତ୍ୟ—ଷ. ବ (ବହୁତର ଶବ୍ଦ; ଦ୍ୱନ୍ଦ୍ୱ; ସତ୍ୟ ଓ ଅସତ୍ୟ)—Satyāsatya ୧ । ସତ୍ୟ ଓ ମିଥ୍ୟା—1. Truth and falsehood. ୨ । କୌଣସି ବିଷୟ ସତ୍ୟ ଅଟେ ବା ନୁହେଁ, ଏହି ବିଷୟ—2. The truth or otherwise of any matter. [ଦ୍ର—ଗୋଟିଏ ବିଷୟ ଶ୍ଲେଷ-ମୂଳରୁ ଶୁଣିଲେ ତହିଁର ସତ୍ୟାସତ୍ୟ ନିରୂପଣ ନ କରି ଶୁଣା କଥା ଉପରେ ତାର୍କି କରିବା ମୂର୍ଖତା ଅଟେ ।]

ସତ୍ୟେନ୍ଦ୍ରନାଥ ଠାକୁର—ଦେ. ବ (ନାମ)—କଲିକତା ଖୋଷ୍ପଜାରର Satyendranātha ṭhākura ବଙ୍ଗୀୟ ଜମିଦାର ସ୍ୱର୍ଗୀୟ ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କ ସ୍ୱର୍ଗତ ଦ୍ୱିତୀୟ ପୁତ୍ର—The 2nd son of Maharshi Debendranāth Tagore; who was the first Indian who passed the I. C. S. examination in England and was District Magistrate and Sessions Judge in the Bombay Presidency; and was the author of some Bengalee hymns. [ଦ୍ର—ଏ ବଲ୍ଲଭପୁର ଯାଇ ସେଠାରେ 'ସିଭିଲ୍ ସର୍ଭିସ୍' ପରୀକ୍ଷାରେ ପାଶ୍ କରି ବୋମ୍ବାଇ ପ୍ରଦେଶରେ ଜଜ୍ ମାଜିଷ୍ଟ୍ରେଟ୍ ଓ ସେସନ୍ସ ଜଜ୍ ହୋଇଥିଲେ । ବ୍ରାହ୍ମସମାଜମାନଙ୍କ ମଧ୍ୟରେ ଏ ପ୍ରଥମ "ସିଭିଲିଅନ୍" ଥିଲେ । ଏ ବଙ୍ଗୀୟ ସାହିତ୍ୟାନୁରାଗୀ ଥିଲେ ଓ ଅନେକଗୁଡ଼ିଏ ସୁଲଳିତ ବଙ୍ଗଳା ଭଜନ ରଚନା କରିଥିଲେ ।]

Digitized by srujanika@gmail.com

ସତ୍ୟୋଦ୍ୟ—ସ. ବଣ. ପୁଂ (ସତ୍ୟ+ବଦ୍ ଧାତୁ=କହିବା+କ୍ୟପ୍. ଯ)—ସତ୍ୟବାଗ୍ମ—Truthful. (ସତ୍ୟୋଦ୍ୟା—ସ୍ତ୍ରୀ)

Satyodva

ସତ୍ର—ସ. ବ—ସତ୍ତ୍ର (ଦେଖ)—

Satra Sattra (See)

ସତ୍ରଙ୍ଗ(ଙ୍ଗି, ଜ୍ଞ, ଜ୍ଞି)—ଦେ. ବ—ସତରଙ୍ଗ (ଦେଖ)—

Satraṅga(ṅgi, ṅja, ṅji) Sataraṅga (See)

(ସତ୍ର[ବି,ଜ୍ଞେ]ଙ୍ଗି[ଜ୍ଞି]—ଅନ୍ୟରୂପ)

ସତ୍ର ସମାପତ୍ତି—ଦେ. ବ (ସଂ. ସତ୍ର ସମାପ୍ତି)—ହିନ୍ଦୁମାନଙ୍କର ତୀର୍ଥ-ବିଶେଷ—Name of a place of Hindu pilgrimage. [ଦ୍ର—ସତ୍ର ସମାପତ୍ତି ସ୍ଥାନରୁ ନେପ ଦୁଇ, ଯାର ଦେଖିଅଛ ପାଉଁକ ଭାର ନାହିଁ (ସତ୍ରସମାପ୍ତି—ସଂ. ରୂପ)—କୃଷ୍ଣସିଂହ. ମଦାଗ୍ରରଡ. ବଳ ।]

Satra samāpati

ସତ୍ରା—ସ. ଅ—୧ । ସହିତ—1. With. ୨ । ସଙ୍ଗେ; ସମ-ଭିବ୍ୟାହାରରେ—2. Along with; together with.

(ଦ୍ର—ଏ ଶବ୍ଦର ବ୍ୟବହାର ଓଡ଼ିଆରେ ନାହିଁ ।)

Satrā

ସତ୍ରାଜିତ୍—ସ. ବ—ସତ୍ରାଜିତ୍ (ଦେଖ)—Sattrājit (See)

Satrājit (ସତ୍ରାଜିତ—ଦେ. ରୂପ)

ସତ୍ରାନ୍ନ—ସ. ବ (ମ. ଷ. ତତ୍ପୁ.)—ସତ୍ତ୍ରାନ୍ନ (ଦେଖ)

Satrānna Sattrānna (See)

ସତ୍ରିଜାତକ—ସ. ବ (ବୈଦ୍ୟକ; ସ=ସହିତ+ମତ୍ରିଜାତକ=ଡାଲ-ଚନା, ଅଳାଇଚ ଓ ତେଜପତ୍ର)—ମାଂସ ତରକାରିବିଶେଷ—A kind of meat-curry. [ଦ୍ର—ମାଂସକୁ କଦଳୀପତ୍ରମିଶ୍ର ଦୁଧରେ ଭାଜିବା ଅବସ୍ଥାରେ ତହିଁ ଉପରେ ମୁହୁର୍ମୁହୁ ପାଣି ଛିଞ୍ଚୁଥିବ ଓ ତହିଁରେ ଗାରୁ ଆଦ ମସଲାର ଗୁଣ୍ଡା ଛିଞ୍ଚୁଥିବ । ଏପରି ଭାବରେ ସନ୍ତୁଳା ହୋଇଥିବା ଶୁଖିଲା ମାଂସକୁ "ପରଶୁଷ୍ଟ" କହନ୍ତି । ଏହିପରି ଶୁଷ୍ଟ ମାଂସକୁ ଦୁଧ ଓ ଭକରେ ବଘାର ମିଜାତକ (ଡାଲଚନା, ଅଳାଇଚ ଓ ତେଜପତ୍ର) ମିଶାଇ ଉଥର କରିପିବା ତରକାରୀର ନାମ ସତ୍ରିଜାତକ—ଶବ୍ଦରତ୍ନାକର ।]

Satrijātaka

ସତ୍ରୀ—ସ. ବଣ. ଓ ବ—ସତ୍ତ୍ରୀ (ଦେଖ)

Satrī Sattrī (See)

ସତ୍ସଂସର୍ଗ—ସ. ବ—ସତ୍ସଙ୍ଗସର୍ଗ (ଦେଖ)—Sat-saṁsarga (See)

Satsaṁsarga [ଦ୍ର-ସତ୍ ଶବ୍ଦରୁ ଜାତ ତ+ସ(ସ୍ର) ଅନ୍ତ ସୁକ୍ତାକ୍ଷର ବିଶିଷ୍ଟ ଶବ୍ଦମାନ ସତ୍ ଶବ୍ଦ ଯୁକ୍ତ ଶବ୍ଦମାନଙ୍କ ପରେ ଦେଖ ।]

ସଦ୍ (ଧାତୁ)—ସ—୧ । ଗମନ କରିବା—1. To go. ୨ । ଭ୍ରମଣ କରିବା—2. To walk. ୩ । ଗତି କରିବା—3. To move. ୪ । ଲାଭ କରିବା; ପ୍ରାପ୍ତ ହେବା—4. To get; to acquire.

Sad (root)

ସଦ୍‌ଗତି—ସଂ. ବ (ସତ୍+ଗତି; କର୍ମଧା)—୧ । ଉତ୍ତମ ଗତି—1. Good motion. ୨ । ମନ୍ଦ ଅବସ୍ଥାରୁ ଉତ୍ତମ ଅବସ୍ଥା ପ୍ରାପ୍ତି—2. Attainment of a better condition. ୩ । ଉତ୍ତମ ଅବସ୍ଥା-ଲାଭ—3. Attainment of a good condition. ୪ । ସଦ୍‌ବ୍ୟବହାର—4. Good behaviour; good treatment. ୫ । ଉତ୍ତମ ପରିଣାମ; ସୁଖମୟ ପରିଣାମ—5. Good result; good and happy end. ୬ । ମୁକ୍ତି—6. Liberation; emancipation. ୭ । ମୋକ୍ଷ; କୈବାଣ—7. Final beatitude. ୮ । ସଦାଚରଣ—8. Good conduct. ୯ । ମୃତ୍ୟୁ ପରେ ମୃତ ବ୍ୟକ୍ତିର ଆତ୍ମାର ମୋକ୍ଷଲାଭ—9. The emancipation of the soul from matter after death.

(ସଦ୍‌ଗତି—ଅନ୍ୟରୂପ)

ସଦ୍‌ଗନ୍ଧ—ସଂ. ବ (କର୍ମଧା; ସତ୍+ଗନ୍ଧ)—ଉତ୍ତମ ବା ମନୋମୋହ-କର ଗନ୍ଧ; ସୁଗନ୍ଧ—Good smell; sweet odour.

Sad-gandha

(ସଦ୍‌ଗନ୍ଧ—ଅନ୍ୟରୂପ)

ସଦ୍‌ଗୁଣ—ସଂ. ବ (କର୍ମଧା; ସତ୍+ଗୁଣ)—ସୁଗୁଣ; ଉତ୍ତମଗୁଣ—Good quality; noble quality. ବଣ. ପୁଂ (ବହୁବ୍ରୀ) —ଉତ୍ତମଗୁଣବିଶିଷ୍ଟ—Good; having good qualities; noble.

Sad-guṇa

(ସଦ୍‌ଗୁଣ—ଅନ୍ୟରୂପ) (ସଦ୍‌ଗୁଣା—ସ୍ତ୍ରୀ. ବଣ)

ସଦ୍‌ଗୁରୁ—ସଂ. ବ (କର୍ମଧା; ସତ୍+ଗୁରୁ)—ଜ୍ଞାନଯୁକ୍ତ ବା ଯୋଗ୍ୟ ବା ଶିକ୍ଷା ଗୁରୁ—A good or wise preceptor; a fit or capable teacher.

Sad-guru

(ସତ୍‌ଗୁରୁ—ଅନ୍ୟରୂପ)

ସଦ୍‌ଗୁରୁ ବୋଧଗମ୍ୟ—ସଂ. ବଣ (କର୍ମଧା; ସତ୍+ଗୁରୁ; ବୋଧ୍ୟ ଉତ୍ତ; ସଦ୍‌ଗୁରୁଙ୍କଦ୍ୱାରା ବୋଧଗମ୍ୟ)—ଯେଉଁ ବିଷୟ ସଦ୍‌ଗୁରୁଙ୍କ ସାହାଯ୍ୟରେ ବୁଝିବାକୁ ଶିକ୍ଷ୍ୟ ସକ୍ଷମ ହୁଏ—(a subject) Capable of being clearly explained by a fit preceptor.

Sad-gruha

ସଦ୍ ଗୃହ—ସଂ. ବ.—(କର୍ମଧା; ସତ୍+ଗୃହ)—ଉତ୍ତମ ଘର—A good or excellent house.

(ସଦ୍‌ଗୃହ—ଅନ୍ୟରୂପ)

ସଦ୍ ଗୋପ—ଦେ. ବ—୧ । ଧଳଭୂମିର ଓଡ଼ିଆ ଗୋପ ବା ଗଉଡ଼-ମାନଙ୍କ ଜାତିର ଶାଖା ବିଶେଷ—1. A sub caste amongst the cowherds of Dhalbhum. [ଦ୍ର—ଏମାନେ ଓଡ଼ିଶାର ସଦ୍‌ଗୋପ ଶୂଦ୍ରମାନଙ୍କ ପରି ମୃତଜାଶୌଚରେ ୧୦ ଦିନରେ ଶୁଦ୍ଧି ହୁଅନ୍ତି । ଏମାନଙ୍କର କୁଳପୁରୋହିତ ଓଡ଼ିଆ ବ୍ରାହ୍ମଣ ।]

Sad-gopa

୨ । ବଙ୍ଗଦେଶର ଶୂଦ୍ର ବା ବୈଶ୍ୟ ଜାତି ବିଶେଷ—2. A caste of Sudras or Baisyas in Bengal.

ସଦ୍ ଗ୍ରାମ—ସଂ. ବ (କର୍ମଧା; ସତ୍+ଗ୍ରାମ)—ଦେବ୍ୟକ୍ତି ବା ଉଚ୍ଚ-ଜାତୀୟ ବ୍ୟକ୍ତି ବା ଉଦ୍ଦ ବ୍ୟକ୍ତିମାନଙ୍କ ଅଧ୍ୟୁଷିତ ଗ୍ରାମ—A village inhabited by good or high-caste people.

Sad-grāma

(ସତ୍‌ଗ୍ରାମ—ଅନ୍ୟରୂପ)

ସଦ୍ ଜ୍ଞାନ—ଦେ. ବ—ସଜ୍ଜ୍ଞାନ (ଦେଖ)—Saj-jñāna (See)

Sad-jñāna [ଦ୍ର—ସଂସ୍କୃତ ନିୟମାନୁସାରେ 'ସତ୍+ଜ୍ଞାନ' ସନ୍ଧି (ସଦ୍ ଜ୍ଞାନ—ବଣ) ହେଲେ 'ସଜ୍ଜ୍ଞାନ' ହୁଏ, ତେଣୁ 'ସଦ୍

Digitized by srujanika@gmail.com

ଜ୍ଞାନ' ବ୍ୟାକରଣ ମତେ ଅସିଦ୍ଧ । 'ସଜ୍ଜ୍ଞାନ' ତତ୍ତେ ତୋଟ୍ ଦେଖ ।]

ସଦ୍ ବଂଶ—ସ. ବ (କର୍ମଧା)—ଉତ୍ତମ ବା ଉଚ୍ଚ କୁଳ; ସତ୍କୁଳ—Sad-bamsa Noble family; high family. (ସଦ୍ ବଶଜ, ସଦ୍ ବଂଶୀୟ—ବିଶ) (ସତ୍ବଂଶ—ଅନ୍ୟରୂପ)

ସଦ୍ ବକ୍ତା—ସଂ. ବ ଓ ବଶ. ପୁଂ (କର୍ମଧା)—ସୁବକ୍ତା; ବାଗ୍ମୀ—Sad-baktā Eloquent speaker. (ସତ୍ବକ୍ତା—ଅନ୍ୟରୂପ) (ସଦ୍ବକ୍ତ୍ରୀ—ସ୍ତ୍ରୀଲିଙ୍ଗ)

ସଦ୍ ବନ୍ଧୁ—ସ. ବ (କର୍ମଧା; ସତ୍+ବନ୍ଧୁ) —୧ । ସହୃଦୟ; ଉତ୍ତମ ବନ୍ଧୁ—Sad-bandhu 1. A good friend. ୨ । ପ୍ରକୃତ ବନ୍ଧୁ—2. A real friend. (ସତ୍ବନ୍ଧୁ—ଅନ୍ୟରୂପ)

ସଦ୍ ବସଥ—ସଂ. ବ—(ସତ୍+ବସ୍ ଧାତୁ+ଅଧିକରଣ· ଅଥ)—Sad-basatha ଗ୍ରାମ—Village. (ସତ୍ବସଥ—ଅନ୍ୟରୂପ)

ସଦ୍ ବିଚାର—ସ. ବ (କର୍ମଧା; ସତ୍+ବିଚାର)—ସୁବିଚାର; ନ୍ୟାୟ୍ୟ-Sad-bichāra ବିଚାର—Good judgment; just consideration; equitable adjudication. (ସତ୍ବିଚାର—ଅନ୍ୟରୂପ) (ଅସଦ୍ ବିଚାର—ବିପରୀତ) (ସଦ୍ ବିଚାରକ—ବିଶ. ପୁଂ)

ସଦ୍ ବିଦ୍ୟା—ସ. ବ (କର୍ମଧା)—୧ । ଉତ୍ତମ ବିଦ୍ୟା—1. A good learning. ୨ । ପେଜୁଁ ବିଦ୍ୟା ବା ବିଜ୍ଞାନ ଦ୍ୱାରା (ସତ୍ବିଦ୍ୟା—ଅନ୍ୟରୂପ) ଜଗତର ଉପକାର ହୁଏ—2. A science which benefits society. ୩। ପାରମାର୍ଥ ବିଦ୍ୟା—3. Metaphysical learning.

ସଦ୍ ବିବେକ—ସ. ବ—୧ । ଉତ୍ତମ ବିବେକ—1. A pure or good conscience. ୨ । ସଦ୍ ବିବେଚନ (ଦେଖ)—2. Sad-bibechana (See) (ସତ୍ବିବେକ—ଅନ୍ୟରୂପ) (ସଦ୍ବିବେଚନା—ବିଶ. ପୁଂ)

ସଦ୍ ବିବେଚନ(ନା)—ସ. ବ—୧। ସୁବିବେଚନା; ଉତ୍ତମ ବିବେଚନା—Sad-bibechana(nā) 1. Good or just consideration. ୨ । ଭଲ ମନ୍ଦ ବାଛିବା ବିଷୟରେ ନିପୁଣତା—2. Proper discrimination. (ସତ୍ବିବେଚନା—ଅନ୍ୟରୂପ) (ସଦ୍ବିବେଚକ—ବିଶ, ପୁଂ)

ସଦ୍ ବୃତ୍ତ—ସ. ବ (କର୍ମଧା; ସତ୍+ବୃତ୍ତ) —୧ । ସତ୍ ବ୍ୟବହାର Sad-brutta 1. Good behaviour. ୨ । ସଚ୍ଚରିତ୍ର—2. Good conduct. ବିଶ. (ସତ୍ ବୃତ୍ତ—ବିପରୀତ) (ଅସଦ୍ ବୃତ୍ତ—ବିପରୀତ) (ସତ୍ବୃତ୍ତ—ଅନ୍ୟରୂପ) ଅନ୍ତେ ବୃତ୍ତ=ବ୍ୟବହାର ଯାହାର; ବହୁବ୍ରୀହି) —୧ । ସଚ୍ଚରିତ୍ର ବିଶିଷ୍ଟ—1. Of good conduct. ୨ । ସମ୍ପୂର୍ଣ୍ଣ ରୂପେ ଗୋଲ; ସୁଗୋଲ—2. Well-rounded; fully circular.

ସଦ୍ ବୃତ୍ତି—ସ. ବ (କର୍ମଧା; ସତ୍+ବୃତ୍ତି) —୧ । ସଦ୍ଭ୍ୟବହାର—Sad-brutti 1. Good conduct. ୨ । ଉତ୍ତମ ଜୀବିକା—(ଅସଦ୍ ବୃତ୍ତି—ବିପରୀତ) 2. Noble profession or (ସତ୍ବୃତ୍ତି—ଅନ୍ୟରୂପ) livelihood; honest business. ୩ । ଶବ୍ଦାଳଙ୍କାର ଗ୍ରନ୍ଥ ବିଶେଷ—3. A very good commentary. ୪ । ଉତ୍ତମ ଚରିତ; ଉତ୍ତମ ଲୋକମାନଙ୍କ ସମ୍ବନ୍ଧେ ବିବରଣ—4. A commentary containing descriptions of good people.

ସଦ୍ ବୃତ୍ତି ଜୀକ—ସଂ. ବଶ. ପୁଂ (ସଦ୍ବୃତ୍ତି+ଉଞ୍ଛ୍ ଧାତୁ=ଖାଇବା+ Sad-brutti bhāk ଭିକ୍ଷି, କ୍ଷୁଦ୍; ସଦ୍ବୃତ୍ତିଜୀବକ ଶବ୍ଦ; ୧ମା. (ସତ୍ବୃତ୍ତି ଭୁକ୍—ଅନ୍ୟରୂପ) ୧ବ)—୧ । ସଦ୍ବୃତ୍ତି ବିଶିଷ୍ଟ—2. Of good conduct. ୨ । ଉତ୍ତମ ଜୀବିକା ଅବଲମ୍ବନକାରୀ—2. Pursuing a noble or honest profession.

ସଦ୍ ବ୍ୟବହାର—ସଂ. ବ (କର୍ମଧା)—୧ । ସମୁଚିତ ବ୍ୟବହାର—Sad-byabahāra 1. Good or proper use. (ସତ୍ବ୍ୟବହାର—ଅନ୍ୟରୂପ) ୨ । ଉତ୍ତମ ବ୍ୟବହାର—2. Good treatment. ୩ । ଉତ୍ତମ ଆଚରଣ—3. Good conduct. ୪। ପ୍ରଶଂସ୍ୟ କାରବାର ବା ଜୀବିକା 4. A noble profession; a laudable or honest business.

ସଦ୍ ବ୍ୟୟ—ସଂ. ବ. (କର୍ମଧା; ସତ୍+ବ୍ୟୟ)—ସତ୍କାର୍ଯ୍ୟରେ ବ୍ୟୟ Sad-byaya —Expenses incurred for good purposes. (ଅସଦ୍ ବ୍ୟୟ—ବିପରୀତ) (ସତ୍ବ୍ୟୟ—ଅନ୍ୟରୂପ)

ସଦ୍ ବ୍ୟାଖ୍ୟାନ—ସଂ. ବ—୧ । ଉତ୍ତମ ରୂପେ ବ୍ୟାଖ୍ୟାକରଣ—Sad-byākhyāna 1. Good and clear explanation. (ସତ୍ବ୍ୟାଖ୍ୟାନ—ଅନ୍ୟରୂପ) ୨ । ସଚ୍ଚରିତ୍ର ବ୍ୟକ୍ତିମାନଙ୍କ ବିବରଣ—2. Description of good people.

ସଦ୍ ଭାବ—ସଂ. ବ (କର୍ମଧା; ସତ୍+ଭାବ)—୧ । ପ୍ରଣୟ; ବନ୍ଧୁତା; Sad-bhāba ଘନିଷ୍ଠତା—1. Good feeling (between (ଅସଦ୍ ଭାବ—ବିପରୀତ) persons); friendship; good terms (between 2 persons); intimacy. ୨ । ଭଲ ମନୋଭାବ—2. Good disposition. ୩ । ସାଧୁତା—3. Honesty; uprightness. ୪ । ଶିଷ୍ଟତା; ଭଦ୍ରତା—4. Gentlemanliness; civility; courtesy. ୫ । ସତ୍ତା; ସ୍ଥିତି—(ଅସ୍ତିତ୍ୱ—ବିପରୀତ) 5. Existence; being. ୬ । ସଦ୍ବୃତ୍ତ (ଦେଖ)—6. Sad-brutta (See) ୭ । (ସଭ୍ୟତା—ଅନ୍ୟରୂପ) ସଦ୍ବୃତ୍ତି (ଦେଖ)—7. Sad-brutti (See)

ସଦ୍ ଭୂତ—ସଂ. ବଶ—(ସତ୍+ଭୂତ)—୧ । ସତ୍ୟ—1. True. Sadbhūta ୨ । ଯଥାର୍ଥ—2. Real (ଅସଦ୍ଭୂତ—ବିପରୀତ) (ସଦ୍ଭୂତ, ସତ୍ଭୂତ—ଅନ୍ୟରୂପ)

ସଦା—ସ. ବ (ସଦ୍. ଧାତୁ=ଯିବା+ଭାବ. ଅ)—୧ । ଲାଭ— Sada 1. Profit; acquisition. ୨ । (+କର୍ମ. ଅ)—କ୍ଷେତ୍ରଫଳ—2. Area. ଦେ. ବିଶ—(ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ପରିଭାଷିତ ସତ୍ ଶବ୍ଦରୁ ଅନ୍ୟ ଶବ୍ଦ ସଙ୍ଗେ

Digitized by srujanika@gmail.com

ସଦ୍ଧ ଦ୍ୱାର ଉପରୁ ସଦ୍‌ର ଅଶୁଦ୍ଧ ଉଚ୍ଚାରଣ (ଯଥା—ସଦଞ୍ଜନ)—ଉତ୍ତମ; ସାଧୁ—Good; noble. (ଉ—ସଦ ଅସଦ ପରେ ସ୍ଥିତ । ଜଗନ୍ନାଥ. ଭାଗବତ ।) ବ—ସଧ ୩ (ଦେଶ)—Sadha 3. (See)

ସଦଂଶ—ସ. ବହୁ (ବହୁବ୍ରୀହି; ସ=ସହିତ+ଦଂଶ=ଦାନ୍ତ)—Sadaṁsa ଦନ୍ତଯୁକ୍ତ—Having teeth; toothed. ବ—୧ । ସଣ୍ଡାଶି—1. A pair of tongs. ୨ । (କର୍ମଧା; ସତ୍+ଅଂଶ) ଉତ୍ତମଭାଗ—1. A good portion.

ସଦଂଶକ—ସ. ବହୁ (ସ=ସହିତ+ଦଂଶ=ଦାନ୍ତ+କ)--ଦନ୍ତଯୁକ୍ତ—Sadaṁsaka Having tooth; toothed. ବ—୧ । କଙ୍କଡ଼ା—1. Crab. ୨ । ସଣ୍ଡାଶି—2. Tong

ସଦଂଶ ବଦନ—ସଂ. ବ (ବହୁବ୍ରୀହି; ସଦଂଶ=ଦନ୍ତଯୁକ୍ତ ବଦନ ଯାହାର)—(ଏହାର ମୁହଁ ସଣ୍ଡାଶିପରି ଲମ୍ବା ଓ ବଙ୍କା ଥିବାରୁ)-କଙ୍କ ପକ୍ଷୀ; ବଡ଼ିଆକାଙ୍କ—Sadaṁsa badana Crane; heron.

ସଦଃ—ସଂ. ବ (ସ୍ତ୍ରୀ ଓ ବ୍ଲୀ)—(ସଦସ୍ ଶବ୍ଦ; ସଦ୍ ଧାତୁ=ଗମନ ବାଚକ+ଅଧିକରଣ. ଅସ୍; ଯେଉଁଠାକୁ ଅନେକ ଲୋକ ଯାଆନ୍ତି)—ସମିତି; ସଭା; ପରିଷଦ୍—Sadaḥ Meeting; association; committee; assembly.

ସଦଗତି—ଦେ. (ପଦ୍ୟ) ବ. (ସଂ. ସତ୍‌ଗତି)—ସତ୍ ଗତି (ଦେଶ)—Sadagati Sad-gati. (See) (ଉ—ଭାବତ ନୋହେ ସଦଗତି, ଯଜ୍ଞତ କର୍ମେ ନ ତରନ୍ତି । ଜଗନ୍ନାଥ, ଭାଗବତ ।)

ସଦଜ୍ଞାନ—ଆ. (ପଦ୍ୟ) ବ—(ସଂ. ସତ୍‌ଜ୍ଞାନ)—ସଜ୍ଞାନ (ଦେଶ)—Sadajñāna Saj-jñāna. (See)

ସଦଜ୍ଞାନୀ—ଆ. ବଣ—ସତ୍‌ଜ୍ଞାନ ବିଶିଷ୍ଟ; ପାରମାର୍ଥିକ ଜ୍ଞାନବିଶିଷ୍ଟ—Sadajñānī Having spiritual wisdom; versed in metaphysics or philosophy. ସଦ୍‌ଜ୍ଞାନୀ **सद्ज्ञानी**

ସଦନ—ସଂ. ବ (ସଦ୍ ଧାତୁ=ଯିବା+ଅଧିକରଣ ବାଚକ କର୍ମ ଅନ; ଯେଉଁ ସ୍ଥାନକୁ ଲୋକେ ବାସ କରିବାକୁ ଯାଆନ୍ତି)—୧ । ଘର; ଗୃହ; ଆଳୟ; ବାସସ୍ଥାନ—1. House; residence; abode. ୨ । (+ଜଳ. ଅନ) ଜଳ—2. Water. ୩ । (+ଦୁଃଖ.ଅନ) ମନୋଦୁଃଖ;ବିଷାଦ—3. Sorrow; grief; dejection.

ସଦନୁଷ୍ଠାନ—ସଂ. ବ (କର୍ମଧା; ସତ୍+ଅନୁଷ୍ଠାନ)—୧ । ସତ୍‌କାର୍ଯ୍ୟ—Sadanushṭhāna 1. Good work. ୨ । ଲୋକହିତକର (ସଦନୁଷ୍ଠାତା—ଭତ୍ରି. ବଣ) କାର୍ଯ୍ୟ ବା ଅନୁଷ୍ଠାନ—2. A [ସଦନୁଷ୍ଠିତ—କର୍ମ. ବଣ] work or establishment of public utility; a public institution.

ସଦନ୍ତଃକରଣ—ସ.ବ (କର୍ମଧା)—ସାଧୁ ହୃତ୍—Pious or good Sadantaḥkaraṇa heart. ବଣ. ପୁଂ (ବହୁବ୍ରୀହି) —ସାଧୁ (ସଦନ୍ତଃକରଣା—ସ୍ତ୍ରୀ) ହୃଦୟଯୁକ୍ତ—Having a good heart.

ସଦୟ—ସ. ବଣ (ବହୁବ୍ରୀହି; ସ=ସହିତ+ଦୟା; ଦୟା ସହିତ Sadaya ବର୍ତ୍ତମାନ)—୧ । ଦୟାମୟ; ଦୟାଳୁ; ଦୟାଶୀଳ; (ସଦୟା—ସ୍ତ୍ରୀ) କୃପାଳୁ—1. Kind; merciful. ୨ । ସଦୟ [ଶବ୍ଦର୍ଥ—ଉପଶ୍ଳୋକ] ଦୁଃଖରେ କାତର—2. Compassionate; sympathetic. ୩ । ଦୟାଯୁକ୍ତ—3. Full of kindness. ବ—(ସତ୍=ଉତ୍ତମ+ଅୟ=ବିଧାନ)—ଶୁଭଜନକ ବିଧି—A good or beneficial rule.

ସଦୟତା—ସଂ. ବ (ସଦୟ+ତ୍ୱ ବ. ବା)—ଦୟାଶୀଳତା—Sadayatā Mercifulness.

ସଦୟପ୍ରକୃତି—ସଂ. ବ (କର୍ମ. ଧା)—ଦୟାଳୁ ସ୍ୱଭାବ—Sadaya prakṛuti Kind nature.

ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ସଦୟ ପ୍ରକୃତିକ (ଦେଶ) Sadaya prakṛutika.

ସଦୟ ପ୍ରକୃତିକ—ସ. ବଣ. ପୁ.—(କର୍ମଧା)—ଦୟାଳୁ ସ୍ୱଭାବ ବିଶିଷ୍ଟ Sadaya prakṛutika (ବ୍ୟକ୍ତି)—Compassionate; (ସଦୟ ପ୍ରକୃତିକା—ସ୍ତ୍ରୀ) of kind or merciful nature.

ସଦୟ ବ୍ୟବହାର—ସ. ବ.—(କର୍ମଧା)—ଦୟାଯୁକ୍ତ ବ୍ୟବହାର—Sadaya byabahāra Kind or sympathetic treatment.

ସଦୟ ଭାବ—ସଂ. ବ.— (କର୍ମଧା) ୧ । କୃପାଳୁ ଅବସ୍ଥା—Sadaya bhāba 1. Merciful condition. ୨ । ଦୟାଯୁକ୍ତ ବ୍ୟବହାର—2. Kind treatment.

ସଦୟ ହୃଦୟ—ସ. ବ.—(କର୍ମଧା)—ଦୟାମୟ ହୃତ୍—Kind Sadaya hṛudaya heart. ବଣ. ପୁଂ—(ବହୁବ୍ରୀହି) ଯାହାର (ସଦୟ ହୃଦୟା—ସ୍ତ୍ରୀ) ହୃଦୟ ଦୟାପୂର୍ଣ୍ଣ ଅଟେ—Of a kind heart; kind-hearted.

ସଦୟେ—ଆ. ବଣ —(ପଦ୍ୟ) ସଦୟ (ଦେଶ) Sadaya (see) Sadaye [ଉ—ବଧୂ ସଙ୍ଗେଶ୍ୱର ବଡ଼ ଭ ନୁହଇ ସେ ମୁହଁ କଲ୍ପ ଦୟା ଥାଏ, ବସୁଧା ଘରେ ଜନ୍ୟ ଧନ୍ୟ ସେ ରୁଏ ମୋଠାରେ ଦୟା ପ୍ରଭୁ ସଦୟେ । ଭଞ୍ଜ ବୈଦେହୀଶବଳାସ] ବ—ଦୟା—Kindness [ଉ—ଲୋଭଲ ମଧୁକର ଥାଏ, ସେ ମୁନ କରିବା ସଦୟେ । ଜଗନ୍ନାଥ ଭାଗବତ ।]

ସଦର—ବୈଦେ. ବଣ—(ଅ. ସଦର୍) —୧ । ପ୍ରଧାନ; ଶ୍ରେଷ୍ଠ-Sadara 1. Chief. ୨ । ପ୍ରକାଶ୍ୟ; ବ୍ୟକ୍ତ; ଯାହା ସମସ୍ତଙ୍କ ଦୃଷ୍ଟିରେ ପଡ଼େ—2. Public; patent; that which is visible to the public. ୩ । ରାଜ୍ୟଶାସନ ସମ୍ପର୍କରେ କେନ୍ଦ୍ରସ୍ଥାନୀୟ ରାଜଧାନୀ ସମ୍ବନ୍ଧୀୟ; ଶାସନକେନ୍ଦ୍ରିକ; ରାଜଧାନୀରେ ଅବସ୍ଥିତ—3. Central (in respect of the administration of a country); relating to the capital or head quarters of a country; situated at the capital. ୪ । ବହିଃସ୍ଥ—4. Outward; outer; external. ୫ । ଘରର ବାଣ୍ଡଆଡ଼େ ଅବସ୍ଥିତ—5. Situated on the सदर् **सदर**

Digitized by srujanika@gmail.com

outside or exterior of a residence ସ. ବଣ. (ବଡ଼ଙ୍କୁ ଦ୍ର; ସ+ଦର=ଭସ୍ତ୍ର)—ଭସ୍ତ୍ରସ୍ତ୍ରୁ [ଉ· ସଦ ଦ୍ରସ ନବ ବଲଶ ବର, ଅମ୍ବକ ସଖ ବରଣ ସଦର । ଭଞ୍ଜ ପ୍ରେମସୁଧାକନ୍ଦ ।] ବୈଦେ· ବ—୧। ଛଣ୍ଡାର, ବସ୍ତ୍ରଗର ବା ପ୍ରଦେଶର ସ୍ତ୍ରଜଦାର୍ଥ ପରସ୍ତ୍ରଜନାର ବେନ୍ଦ୍ର (ମଫସଲ—ବପସ୍ତ୍ରତ) ସ୍ଥାନ—1. Administrative head-quarters of a District or Division or (ମଫସଲ—ବପସ୍ତ୍ରତ) Province. ୨। ସ୍ତ୍ରଳଧାନ—2. Capi-(ଅଦର—ଦଃସ୍ତ୍ରତ) tal. ୩। ଘରର ବାଣ୍ଡ ଖାଶ—3. Exte-rior of a residence. ୪। ପିନ୍ଧା ଲୁଗାର ବା (ମଫସଲ—ବପସ୍ତ୍ରତ) ଯୋଖାଡର ଯେଉଁ ଖାଶ ବାହାରକୁ ଥାଏ; ଲୁଗାର ଅର ଖାଶ—4. The outer side or exterior of a cloth or dress. ୫। ସହର—5. A town [ଦ୍ର—ଏହୁ ଶବ୍ଦ ଇଂସ୍ତ୍ରଜ ଭ୍ରଷାରେ ମଧ୍ୟ ବ୍ୟବହୃତ ହେଇଛି—Sadar)

ସଦର ଅନ୍ଦର—ବୈଦେ· ବ—(ଅ; ବପସ୍ତ୍ରତାର୍ଥ ସବ୍ଦରର)—୧। ଗୃହର Sadara andara ବାଣ୍ଡଖାଶ ଓ ସ୍ତ୍ରୀଲୋକମାନଙ୍କ ରହିବା ସଦରଅନ୍ଦର **सद्रअन्द्र** ଖାଶ—1. The outer and inner apartments of a house. ୨। କୌଣସି ବସ୍ତୁର ବାହାର ଖାଶ ଓ ଭିତର ଖାଶ—2. Outside and inside of a thing.

ସଦର ଅଫିସ୍—ବୈଦେ. ବ—(ଅ ସଦର୍ ଓ ଇଂ ଅଫିସ) ସଦର Sadara aphis ସହରମାର କାର୍ଯ୍ୟାଳୟ—The office ସଦରଆଫିସ **सद्रअफिस** at the head quarters.

ସଦର ଅଫିସର୍—ବୈଦେ. ବ—(ଅ ସଦର ଓ ଇଂ ଅଫିସର୍)—Sadara aphisar ସଦର ହାକିମ; ସଦର ସହରମାର ଉଚ୍ଚ-ସଦରଅଫିସର **सद्रअफिसर** କର୍ମଗୃସ୍ତ—An officer at the headquarters.

ସଦର ଅ(ଆ)ମଲ—ବୈଦେ. ବ—(ଅ: ସଦର୍ ଓ ଫା. ଅମଲ)—Sadara a(ā)mala ଜମିଦାରଙ୍କ ସଦର କଚେରୀରେ ବା ସଦରଆମଲା **सद्रअमला** ଛଣ୍ଡାର ସଦର କଚେରୀରେ ନିସ୍ତୁକ୍ତ ଅମଲ ବା କର୍ମଗୃସ୍ତ—The ministerial officer at the headquarter.

ସଦର ଅମୀନ—ବୈଦେ. ବ—(ଅ. ସଦର୍ ଓ ଫା. ଅମୀନ୍)—Sadara amina ୧। ଜମି ମାପ କରବାଗାଇଁ ନିସ୍ତୁକ୍ତ ଅମୀନ-ସଦର ଆମୀନ,**सद्र अमीन** ମାନଙ୍କ ମଧ୍ୟରେ ପ୍ରଧାନ ଅମୀନ—1. The head surveyor. ୨। ଜମିଦାରଙ୍କ ସଦର କଚ୍ଚରୀରେ ଥିବା ଅମୀନ—2. The surveyor who works at the headquarters of a Zamindar. ୩। ମୋଗଲ ଅମଲରେ ଦେବାନ୍ଦ ମକଦମା ବୁଝିବା ନମନ୍ତେ ନିସ୍ତୁକ୍ତ ହସ୍ତୁରତ (ବର୍ତ୍ତମାନ ମୁନସଫ୍)—The civil judges who were exercising the jurisdiction (under the Moghal government), now vested in the Munsifs.

ସଦର ଅମିନ ଆଲ୍ଲ(ଲ୍ଲା)—ବୈବେ· ବ—(ଫା.)—ମୋଗଲ Sadara amina ā(lā) ବାଦସାହାଙ୍କ ଅମଳରେ ଛଣ୍ଡାର ସଦର ଆମିନ ଆଲା ସଦର ମହକୁମାରେ ନିସ୍ତୁକ୍ତ ଭୂମିସଂକାନ୍ତ **सद्र अमीन आल्ला** ହସ୍ତୁର ହସ୍ତୁଗର ପ୍ରଧାନ ହାକିମ—The Chief Revenue Judge of a District under the Moghals.

ସଦର ଆଲ୍ଲ (ଲ୍ଲା)—ବୈଦେ. ବ—(ଅ. ସଦର ଓ ଫା. ଆଲା)—Sadara ā(lā) ଛଣ୍ଡାର ସଦରରେ ବା ଜେଲ୍ରେ ନିସ୍ତୁକ୍ତ ସଦର ଆଲା,**सद्र आला** ଦେବାନ୍ଦ ହସ୍ତୁରର ସବୋଚ୍ଚ ହାକିମ—[ସଦରଅଲ୍ଲା (ଲ୍ଲା)-ଅନ୍ୟରୂପ] The highest Civil Judge at the District headquarters under the Moghals.

(ଦ୍ର—ବଙ୍ଗ, ବହାର, ଓଡ଼ିଶାର 'ଦେବାନ୍ଦ'କୁ ଇଂସ୍ତ୍ରଜ-ମାନେ ମୋଗଲ ସମ୍ରାଟଙ୍କଠାରୁ ପ୍ରଥମେ ଇପାସ୍ତ୍ର ନେବା ସମୟରେ ଏ ସ୍ତ୍ରଜ୍ୟର ଖଜଣା ଅସୁଲର ସ୍ତ୍ରବସ୍ତ୍ରାସ୍ତ କର୍ମଗୃସ୍ତ୍ରଙ୍କୁ ଇଂରେଜମାନେ ନିସ୍ତୁକ୍ତ କରୁଥିଲେ । ଉକ୍ତ କର୍ମଗୃସ୍ତ୍ରଙ୍କ ନାମ 'କଲେକ୍ଟର୍' ବା ତହସିଲଦାର ଥିଲ । ବର୍ତ୍ତମାନର 'କଲେକ୍ଟର୍'ମାନେ ସେତ୍ତ ତହସିଲଦାର-ମାନଙ୍କ ସ୍ଥଳାଭିଷିକ୍ତ ଅଟନ୍ତି । ସେମାନେ ଖଜଣା ଅସୁଲ କରୁଥିଲେ ଓ ଖଜଣା (ମାଲ୍=Revenue) ସଂକ୍ରାନ୍ତ ବିଷୟମାନ କଲେକ୍ଟରମାନେ ବୁଝୁଥିଲେ । ସେ ସମୟରେ ମୋଗଲ ବାଦସାହାଙ୍କ ନିସ୍ତୁକ୍ତ ହସ୍ତୁରତମାନେ ଦେବାନ୍ଦ (Civil) ଓ ଫଉଜଦାର୍ଣ୍ଣ (Criminal) ମକଦମା ବୁଝୁଥିଲେ । ମଫସଲରେ ସ୍ଥାନେ ସ୍ଥାନେ ସେଉଁ ହସ୍ତୁରତମାନେ ରହୁଥିଲେ ସେମାନଙ୍କୁ 'କାଜି', ସହରର ଛୋଟ ହାକିମଙ୍କୁ ସଦର ଅମିନ୍ ଓ ଛଣ୍ଡାର ସଦରରେ ଯେଉଁ ପ୍ରଧାନ ହସ୍ତୁରତ ରହୁଥିଲେ ତାଙ୍କୁ ସଦର ଅଳ୍ଲା କୋଲ୍ଟପାଇଥିଲ୍ଲ ଓ ସର୍ବୋପରି ଜଲ୍ଲଜଜ୍ଙ୍କରେ ସଦର ଦେବାନ୍ଦ ଅଦାଲତ ଥିଲ୍ଲ । କ୍ରମଶଃ ବଙ୍ଗବହାର ଓଡ଼ିଶାର ଅନ୍ୟାନ୍ୟ ଶାସନ ଓ ହସ୍ତୁର ହସ୍ତୁଗକୁ ଇଂରେଜ-ମାନେ ହସ୍ତୁତତ କର ବନାକେତେ ହସ୍ତୁରତମାନଙ୍କର ପୁର୍ବ ଜ୍ଞାଧ୍ୟ ଉଠିଥିଲେ ଓ ପରେ ସେ ହସ୍ତୁରତମାନଙ୍କର ଜ୍ଞାଧ୍ୟ ପରବର୍ତ୍ତନ କଲେ । ସାବକର ସଦର ଅମିନମାନେ ବର୍ତ୍ତମାନ ମୁନସଫ୍; ସାବକର 'ସଦର ଅଳ୍ଲା'ମାନେ ବର୍ତ୍ତମାନ 'ସବଜଜ୍' ଅଟନ୍ତି ଓ ସାବକର ସଦର 'ଦେବାନ୍ଦ ଅଦାଲତ' ବର୍ତ୍ତମାନ 'ହାଇକୋର୍ଟ' ଅଟେ । ସାବକର 'କାଜି' (village Munsiff) ପ୍ରଥା ବର୍ତ୍ତମାନ ବଙ୍ଗ ବହାର ଓଡ଼ିଶାରୁ ଉଠିଯାଇଅଛୁ ।]

ସଦର ଇ(ଏ)ଲାକା—ବୈଦେ. ବ (ଅ. ସଦର ଓ ଫା. ଏଲ୍ଲକା)—Sadara i(e)lāka ଛଣ୍ଡାର ସ୍ତ୍ରଳଧାନର ନଜଦିକବର୍ତ୍ତୀ ବା ସଂଲଗ୍ନ ସଦର ଇଲାକା ଅଞ୍ଚଳ—Part of the country ad-**सद्र एलाका** joining the capital of a district.

Digitized by srujanika@gmail.com

ସଦର କଚ(ଚେ)ରି —ବୈଦେ. ବ (ଅ. ସଦର ଓ ଫା· କଚହ୍ରି)— Sadara kachi(che)ri ସଦର ଅଫିସ୍; ସଦର ମହକୁମାରେ ସଦର କାଚାରୀ ଥିବା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ—The court or **सदर कचहरी** office at the headquarters.

ସଦର କାନ(ନୁ)ଗୋଇ—ବୈଦେ. ବ—(ଅ. ସଦର ଓ ଫା. Sadar kāna(nu)goi କାନୁନ୍‌ଗୋ) —ଜିଲ୍ଲାର ସଦରରେ ବା ସଦର କାନୁନ୍ ଗୋ } —ଅନ୍ୟରୂପ ଗୁରୁତ୍ୱପୂର୍ଣ୍ଣ ମୁଖ୍ୟ ସଦର କାନୁନ୍ ଗୋଇ } କାନୁନଗୋ—Sudder ସଦର କାନୁନଗୋ **सदर कानून गो** Kanungo.

[ଦ୍ର—ଓଡ଼ିଶାର ଭୂତତ୍ତ୍ୱ ଓ ଭୂମି ସମ୍ବନ୍ଧେ ଫରାଦ ସରଗ୍ରହ ଓ କେତେକ ପ୍ରତ୍ନତାତ୍ତ୍ୱିକ ତଥ୍ୟ ସଂଗ୍ରହ, ଫସଲ କୋରଶ ଆଦ କାର୍ଯ୍ୟ କରିବା ପାଇଁ ମୋଗଲ ଆଦ. ସାହାଙ୍କ ଅମଳରେ ଜାଟିଦ୍ରଗିଅ ପଣ୍ଡିତମାନେ ନିଯୁକ୍ତ ଥିଲେ । କ୍ରମଶଃ ଇଂରାଜଙ୍କ ଅମଳରେ ଓଡ଼ିଶାରେ ପ୍ରତ୍ନତତ୍ତ୍ୱିକ ପ୍ରଗତିରେ ଜଣେ ଲେଖାଏଁ କାନୁନଗୋ ନିଯୁକ୍ତ ହେଲେ ଓ ପଣ୍ଡିତଙ୍କ ପ୍ରଥା ରହିଲା ନାହିଁ । ବର୍ତ୍ତମାନ କାନୁନଗୋ-ମାନଙ୍କ ସଂଖ୍ୟା ଚାରିଅଛି ଓ ସେମାନଙ୍କ ପ୍ରତ୍ନତତ୍ତ୍ୱିକ ପ୍ରଗତି ଜଣେ ଜଣେ କାନୁନଗୋଙ୍କ ତତ୍ତ୍ୱାବଧାନରେ ଅଛି । ପ୍ରତ୍ୟେକ କାନୁନଗୋଙ୍କ ଅଧୀନ ଇଳାକାକୁ 'ଚକଲ୍ଲା' କୁହାଯାଏ ଓ ମଫସଲର କାନଗୋଇମାନଙ୍କୁ 'ଚକଲ୍ଲା କାନଗୋଇ' କୁହାଯାଏ । ସେମାନଙ୍କ କାଗଜ ପତ୍ର ଓ କାର୍ଯ୍ୟ ଓ ଗବେଷଣାମାନ ଚଳନ୍ତି କର ଜଲଥର ସାହେବଙ୍କ ନକଟ ଛାଡ଼ା ସେଶ କରିବା ନିମନ୍ତେ ସଦର ମହକୁମାରେ ସେଉଁ କାନୁନଗୋ ଥାଆନ୍ତି ତାଙ୍କୁ ସଦର କାନୁଗୋଇ କୁହାଯାଏ ।]

ସଦର ଗୁ(ଗୋ) ମାସ୍ତା—ବୈଦେ· ବ —(ଅ ସଦର ଓ ଫା ଗୋମସ୍ତା) Sadara gu (go) mastā ୧ । ଜମିଦାରଙ୍କ ବାସସ୍ଥାନରେ ସଦରଗୋମାସ୍ତା ବା ଗୁରୁଘାଣରେ ନିଯୁକ୍ତ ଗୁମାସ୍ତା ବା ମୋହରର— **सदर गुमाश्ता** 1. The clerk at the suddar or head-quarters. ୨ । ପ୍ରଧାନ ଗୁମସ୍ତା—2 Head-mohorir [ଦ୍ର—ବଡ଼ଘର ସଦର ତହସିଲଦାର, ସଦର ମୋହରର, ସଦର ଜମିଦାର, ଆଦ ଶବ୍ଦ ବ୍ୟବହୃତ ହୁଏ ।]

ସଦର ଜମା—ବୈ. ବେ.—(ଅ ସଦର ଓ ଫା. ଜମାହ୍) —ଜମିଦାର Sadara jamā ଗଭର୍ଣ୍ଣମେଣ୍ଟଙ୍କୁ ଯାହା ଗୁରୁତ୍ୱ ବଅନ୍ତି— ସଦର ଜମା The revenue payable by the Zamindar **सदर जमा** to the Government.

[ଦ୍ର—ପୂର୍ବେ ମୋଗଲ ଓ ମରହଟ୍ଟା ଅମଳରେ ପ୍ରଜା ମାନଙ୍କଠାରୁ ଖଜଣା ଅଦାୟ କରିବା ପାଇଁ ଯେଉଁମାନେ ନିଯୁକ୍ତ ହୋଇଥିଲେ ସେମାନେ ପ୍ରଜାଙ୍କଠାରୁ ଅଦାୟ କରିବା ଖଜଣାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପାରି-ଶ୍ରମିକ କାଟି ରଖି ବାକି ଧନ ରାଜସ୍ୱରୁପେ ସରକାରଙ୍କ-ଠାରେ ଦାଖଲ କରୁଥିଲେ। ସେତେବେଳେ ଜମିଦାରମାନେ କେବଳ ମାନ ତହସିଲଦାର ବା ପ୍ରଜାଙ୍କଠାରୁ ଖଜଣା ଅସୁଲ କରିବା କର୍ମଚାରୀ ମାନ ଥିଲେ ଓ ସରକାର ଅଯଥା ଇଚ୍ଛା ଅନୁସାରେ ସେମାନଙ୍କୁ, ସମୟରେ ଓ ବରଖାସ୍ତ କରି ପାରୁଥିଲେ । ଇଂରାଜମାନେ ଓଡ଼ିଶା ଅଧିକାର କରିବା ପରେ ଯେଉଁମାନେ ସାବକ ସରକାରଙ୍କ ଅଧୀନ ତହସିଲଦାର ଥିଲେ ସେମାନଙ୍କୁ 'ଜମିଦାର' ବୋଲି ସ୍ୱୀକାର କରି ସେମାନଙ୍କୁ ଯେ ସାହାର ଅସୁଲ ଇଚ୍ଛାକାର 'ମାଲିକ' କଲେ । ପ୍ରଜାମାନଙ୍କଠାରୁ ଜମିଦାରମାନେ ଯେଉଁ ଖଜଣା ଅଦାୟ କରିବେ, ତାହା ପାଇଁ ଜମିଦାର-ମାନଙ୍କ ସଙ୍ଗେ ବନ୍ଦୋବସ୍ତ (Settlement) କରିଗଲ୍ଲ । ଏହି ମଙ୍ଗଳାଚରଣରୁ ଜମିଦାର ତାଙ୍କ ସାରଗ୍ରାହିତ ବା 'ମାଲିକାନା' ଖଜଣାରୁ ୫ ୩୫୯ ଠାରୁ ୫ ୫୦୯ ପର୍ଯ୍ୟନ୍ତ କାଟି ରଖି ବାକି ୫୯ । ଗଭର୍ଣ୍ଣମେଣ୍ଟଙ୍କୁ ବର୍ଷକୁ ବର୍ଷ ଯାହା ଦେବେ ବୋଲି ସ୍ଥିର କରି କବୁଲିୟତ ଲେଖି ଦେଲେ ଏହାକୁ ଦେୟର ନାମ 'ସଦରଜମା' ବା 'ମାଲଗୁଜାର' ଅଟେ । କାଳକ୍ରମେ ଗଭର୍ଣ୍ଣମେଣ୍ଟ ଏରୂପର ସ୍ଥଳସ୍ଥ ବନ୍ଦୋବସ୍ତ(Revenue Settlement)କରି ଜମିଦାରର ଜମିମାନଙ୍କ ପାଇଁ ପ୍ରଜାଙ୍କଠାରୁ କେତେ ଖଜଣା ଅଦାୟ ହେବ, ତାହା ଉଦନ୍ତ କରି ସେଥିରୁ ଜମିଦାରଙ୍କ ପ୍ରାପ୍ୟ ମାଲିକାନା କାଟି ବାକି ଗଭର୍ଣ୍ଣମେଣ୍ଟଙ୍କୁ ଦେୟ 'ସଦର ଜମା' ପ୍ରତିବର୍ଷ ଲଟିବନ୍ଦ କରି ମୁଦ୍ରାବଦ ଗଭର୍ଣ୍ଣମେଣ୍ଟଙ୍କ ଠାରେ ଦାଖଲ କରିବା ନିମନ୍ତେ ଜମିଦାରମାନଙ୍କଠାରୁ ପ୍ରତି ସେଟଲମେଣ୍ଟ ଶେଷରେ କବୁଲିୟତ୍ ଲେଖାଇ ନେଇଅଛନ୍ତି । କବୁଲିଅତରେ ଯେଉଁ ସରେଉମାନ ଥାଏ ତାହା ଜମିଦାର ପାଳନ କରିବାକୁ ବାଧ ଅଟନ୍ତି; ତାହା ପାଳନ ନ କଲେ ଜମିଦାରଙ୍କ ଠାରୁ ସରକାର ଉକ୍ତ ଜମିଦାରି ଛଡ଼ାଇ ନେବେ ।]

ସଦର ଥାନା—ଦେ. ଜ—ଜିଲ୍ଲାର ଗୁରୁଘାଣର ବା ସଦରର ସଂଲଗ୍ନ Sadara thānā ଅଞ୍ଚଳର ଶାନ୍ତିରକ୍ଷା, ଅପରାଧପ୍ରତିରୋଧ ଆଦ୍ୟାଇଁ ସଦର ଥାନା ନିଯୁକ୍ତ ପୁଲିସ କର୍ମଚାରୀମାନେ ଯେଉଁ ସ୍ଥାନରେ ରହନ୍ତି-- **सदर थाना** The Police station having jurisdiction over the tract of country adjoining the district headquarters.

ସଦର ଦର(ରୋ)ଜା—ବୈଦେ. ବ (ଅ. ସଦର ଓ ଦରୱାଜା)— Sadara dara(ro)jā ଘରର ବାଣ୍ଡ ପାଖରେ ଥିବାର ଦ୍ୱାର; (ସଦର ଦୁଆର—ଅନ୍ୟରୂପ) ଯେଉଁ ଦ୍ୱାର ବାଟେ ସଦରରୁ ବା ସଦର ଦରଜା ବାଣ୍ଡରୁ ଲୋକେ ଘର ଭିତରକୁ ଯାଆନ୍ତି— **सदर दरवाजा** The main door or entrance of a house.

ସଦର ଦି(ଦେ)ବାନି ଅଦାଲତ—ବୈଦେ. ବ (ଅ. ସଦର+ଫା· Sadara di(de)bāni adalata ଦେବାଗା+ଅଦାଲତ)— ସଦର ଦେଉଅନ ଅଦାଲତ } ଅନ୍ୟରୂପ— ଇଂରେଜମାନେ ପ୍ରଥମେ ସଦର ଦେବାନ ଅଦାଲତ } ବଙ୍ଗ ବିହାର ଓଡ଼ିଶାର ସଦପଦେଓୟାନି ଆଦାଲତ ରାଜସ୍ୱର ଉଚ୍ଚତମ (ଦେବାଗା) ମୋଗଲ **सदर दिवानी अदालत** ବାଦସାହାଙ୍କଠାରୁ ନେବା ସମୟରେ ଦଲଦଭାରେ ସ୍ଥାପିତ ହୋଇଥିବା ଦେବାନ ମକଦମାମାନଙ୍କ

ବଙ୍ଗ୍‌ବର୍ଥ ସବୌଚ୍ଚ ଅଦାଲତ (ଯରେ ଯାହା କଲ୍‌କତ୍ତା ହାଇକୋର୍ଟରେ ପରିଣତ ହେଲା)—The name of the former highest civil court in Bengal, Bihar and Orissa, which has now been replaced by the Calcutta High Court.

ସଦର ପିଠିକା ଦେ. ବ (ଅ. ସଦର+ସଂ ପୁସ୍ତକ)—ତାଳପତ୍ର ଗାଦିବନ୍ଧାର ସ୍ୱଳ୍ପ ଗୋଳ ବା ଉପରର ପତ୍ର—ସଦର ପିଠିକା The outermost leaf of a bundle of palm-leaf manuscript account book (which is the front cover of the book).

ସଦର ଫି(ଫେ)ରସ୍ତ—ବୈଦେ. ବ (ଅ. ସଦର ଓ ଫା. ଫିହରସ୍ତ୍)—ସଦରଫିରିସ୍ତି ସୂଚପତ୍ର; ଖାତା ମଧ୍ୟରେ ଲେଖାଥିବା ବିଷୟର ସୂଚୀ—**ସଦର ଫିରିସ୍ତ** ପତ୍ର, ଯାହା ଖାତାର ଆଦ୍ୟରେ ସଂଯୁକ୍ତ ହୋଇଥାଏ—The index attached at the beginning to a book; the table of contents of a book attached to it.

ସଦର ବୋର୍ଡ୍(ର୍ଡ୍)—ବୈଦେ. ବ (ଅ. ସଦର ଓ ଇଂ. ବୋର୍ଡ୍)—ସଦର ବୋର୍ଡ୍(ର୍ଡ୍) ପ୍ରଦେଶର ରାଜଧାନୀରେ ପ୍ରତିଷ୍ଠିତ ରାଜସ୍ୱ ସଦରବୋଡ଼ ସମ୍ପର୍କୀୟ ବିଷୟମାନଙ୍କର ସର୍ବପ୍ରଧାନ ବିଚାରକ ସମିତି—**ସଦ୍‌ରବୋର୍ଡ** The Board of Revenue in the capital (ସଦର ବୋରଡ୍[ର୍ଡ୍]—ଗ୍ରାମ୍ୟ ରୂପ) of a Province.

ସଦର ମପ(ଫ)ସଲ—ବୈଦେ. ବ (ଅ. ସଦର+ଅ. ମୁଫସ୍‌ସଲ; ବିପରୀତାର୍ଥକ ସବ୍ଦରୁ)—ସଦର ମଫସ୍ୱଲ ୧ । ଜିଲ୍ଲାର ରାଜଧାନୀ ଓ ମଫସଲ; ସହର ଓ ଗ୍ରାମାଞ୍ଚଳ ଦେଶ—1. The town and the country; the headquarters and the interior of a District. ୨ । ଲୁଗାର ବା ପୋଷାକର ବାହାର ପାଖ ଓ ଭିତର ପାଖ—2. The outside and inside of a garment or cloth.

ସଦର ମହକୁମା—ବୈଦେ. ବ (ଅ. ସଦର ଓ ଫା. ମହକମା)—Sadara mahakumā ୧ । ଜିଲ୍ଲାର ରାଜଧାନୀସ୍ଥ ରାଜକୀୟ ସଦର ମହକୁମା ବିଚାରାଳୟ ଓ କାର୍ଯ୍ୟାଳୟ ଆଦି ସରକାର **ସଦର ମୁହକମା** ଅନୁଷ୍ଠାନମାନ—1. The offices and courts in the headquarters of a District. ୨ । ଜିଲ୍ଲାର ରାଜଧାନୀ—2. The headquarters of a District. ୩ । ସଦର ସବ୍‌ଡିଭିଜନ୍; ଯେଉଁ ସବ୍‌ଡିଭିଜନରେ ଜିଲ୍ଲାର ରାଜଧାନୀ ଅବସ୍ଥିତ—3. The Sudder Subdivision of a District; the Headquarters Subdivision of a District.

ସଦର ମାଲଗୁଜାର୍—ସ୍ଥାଦେ. (ସମଲପୁର) ବୈଦେ.ବ—ଲମ୍ବରଦାର୍(ଦେଶ) (ସଦର ମାଲଗୁଜାର୍‌ଦାର୍—ଅନ୍ୟରୂପ)

ସଦର ମାଲଗୁଜାସ୍ତ—ସ୍ଥାଦେ. (ସମଲପୁର) ବ—ଏଦର ଜମା (ଦେଶ) Sadara mālagujāri Sadara jamā (See)

ସଦର ଲୋକାଲ୍ ବୋର୍ଡ୍(ର୍ଡ୍)—ବୈଦେ.ବ—(ଅ. ସଦର ଓ ଇଂ Sadara lokāl bord (bord) ଲୋକାଲବୋର୍ଡ୍)—ଜିଲ୍ଲାର ସଦର ଲୋକାଲ ବୋର୍ଡ **ସଦର ଲୋକାଲ ବୋର୍ଡ** ଜିଲ୍ଲାସ୍ଥର ସ୍ଥାନୀୟ ସ୍ୱାୟତ୍ତଶାସନ ସମିତି—The Local Board at the headquarters of a District. [ଦ୍ର-ସ୍ଥାନୀୟ ସ୍ୱାୟତ୍ତ ଶାସନ (Local self-Government) ଅଞ୍ଚଳ ଅନୁସାରେ ସହରମାନଙ୍କର ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା, ସ୍ୱସ୍ଥ ଆଦର ବାଟ୍ୟ ବୁଝିବା ନମନ୍ତେ ସରକାର 'ମିଉନିସିପାଲିଟି' (Municipality) ସୃଷ୍ଟି କରିଅଛନ୍ତି ଓ ମଫସଲର ଉକ୍ତ ସୁବିଧାମାନ ବୁଝିବା ପାଇଁ ଜିଲ୍ଲାବୋର୍ଡ୍ (District Board) ସୃଷ୍ଟି କରିଅଛନ୍ତି । ଗୋଟିଏ ଜିଲ୍ଲାର ମଫସଲର ସ୍ୱାୟତ୍ତଶାସନ ଜିଲ୍ଲାସ୍ଥ ପରିଚାଳନ ଜିଲ୍ଲାବୋର୍ଡ୍ ଉପରେ ନ୍ୟସ୍ତ ଥାଏ । ଗୋଟିଏ ଜିଲ୍ଲା ଏକାଧିକ ସବ୍‌ଡିଭିଜନ୍‌ରେ ବିଭକ୍ତ । ଜିଲ୍ଲାବୋର୍ଡ଼ର ଅଧୀନତାରେ ପ୍ରତ୍ୟେକ ସବ୍‌ଡିଭିଜନ୍‌ର ସ୍ୱାୟତ୍ତ ଶାସନ ସମ୍ପର୍କୀୟ ବିଷୟମାନଙ୍କ ପରିଚାଳନ ଭାର ଲୋକାଲ୍ ବୋର୍ଡ୍ (Local Board) ଉପରେ ନ୍ୟସ୍ତ ହୋଇଥାଏ । ଜିଲ୍ଲାର ସଦର ସବ୍‌ଡିଭିଜନର ସ୍ୱାୟତ୍ତଶାସନ ଲୋକାଲ୍ ବୋର୍ଡ଼କୁ ସଦର ଲୋକାଲ୍‌ବୋର୍ଡ୍ ବୋଲିଥାଏ ।]

ସଦର ସବ୍‌ଡିଭି (ବି) ଜନ୍—ବୈଦେ. ବ—(ଅ. ସଦର୍ ଓ ଇଂ, Sadara sab-dibhi(bi)jan ସବ୍‌ଡିଭିଜନ୍)—ଜିଲ୍ଲାର ସଦର ସବଡିଭିଜନ, **ସଦର ସବଡ଼ିବିଜନ** ରାଜଧାନୀ ଯେଉଁ ସବ୍‌ଡିଭିଜନର ଅନ୍ତର୍ଭୁକ୍ତ—The Sub-division of a District which is directly administered by the authorities stationed at the headquarters of the District.

ସଦର ସବ୍‌ରେଜ(ଜେ)ଷ୍ଟର ଅଫିସ୍ (କଚରି)—ବୈଦେ.ବ (ଅ. ସଦର; Sadara sab-reji(je)shṭari aphis (kachiri) ଇଂ.ରେଜଷ୍ଟ୍ରି ସଦର ସବରେଜିଷ୍ଟାରୀ ଅଫିସ +ଇଂ. ଅଫିସ୍; ଫା, କଚହ୍ରି)—**ସଦର ସବରେଜିସ୍ଟରୀ ଅଫିସ** ଜିଲ୍ଲାର ରାଜଧାନୀରେ ସ୍ଥାପିତ ଯେଉଁ ସଦର ସବ୍‌ରେଜିଷ୍ଟ୍ରେସନ ଅଫିସ୍ } ଅନ୍ୟରୂପ କଚରିରେ ଦଲିଲ-ସଦର ରେଜ(ଜେ)ଷ୍ଟର ଆଳା } ପତ୍ର ରେଜିଷ୍ଟର କରାଯାଏ—Sadar Subregistration Office.

ସଦର ସବ୍‌ରେଜିଷ୍ଟ୍ର(ଷ୍ଟ୍ରା)ର୍—ବୈଦେ. ବ (ଅ. ସଦର ଓ ଇଂ. Sadra sab- rejishṭra(shṭa, shṭrā)r ସବ୍‌ରେଜିଷ୍ଟ୍ରାର୍) ସଦର ସବରେଜିଷ୍ଟାର —ଜିଲ୍ଲାର ରାଜଧାନୀରେ ଯେଉଁ କର୍ମଚାରୀ **ସଦର ସବରାଜିସ୍ଟାର** ଦଲିଲମାନ ରେଜିଷ୍ଟର କରନ୍ତି—The Subregistrar of deeds stationed at the headquarters of a District; the District Sabregistrar. [ଦ—ଜିଲ୍ଲାର ରାଜଧାନୀରେ ଯେଉଁ ଉଚ୍ଚ ପଦସ୍ଥାର କର୍ମଚାରୀ ଜିଲ୍ଲାର ସମସ୍ତ ସବ୍-

Digitized by srujanika@gmail.com

ରେଜଷ୍ଟ୍ରର ଅଫିସର କାର୍ଯ୍ୟ ଚଳାଇବା ପାଇଁ ଓ ସବୁ ସବ୍‌ରେଜଷ୍ଟ୍ରାରମାନଙ୍କ ଅଦେଶ ବରୁଦ୍ଧରେ ଅପିଲ୍ ବୁଝିବା ନମନ୍ତେ ନଯୁକ୍ତ ଦୁଅନ୍ତ ଡାକୁ ଡ଼ିଷ୍ଟ୍ରିକ୍ଟ ରେଜଷ୍ଟ୍ରର୍ (District Registrar) ବୋଲଯାଏ ।]

ସଦର୍ ସବ୍‌ରେଜଷ୍ଟ୍ରୀ—ବୈଦେ· ବ (ସଦର ଓ ଇଂ· Sadara sabrejistri ରେଜଷ୍ଟ୍ରେସନ୍)—ଜଲ୍ଲାର ମୁଖ୍ୟ (ସଦରସବରେଜିଷ୍ଟର—ଅନ୍ୟରୂପ) ଥାନାରେ ଥିବା ଦଲିଲମାନ ସଦରସବରେଜିଷ୍ଟରି ରେଜଷ୍ଟର କରିବା କଚେରି—The Registration office at the headquarters a district.

ସଦର ସର୍(ର)ବରାକାର—ବେ· ବ (ପ୍ରାଚୀନ)—ଉକ୍ତ ଯେଉଁ ଗ୍ରାମରୁ ସଦରତହସିଲଦାର ମଫସଲର ସରବରାକାରମାନଙ୍କଠାରୁ ମୁଦ୍ରା ସଦରତହସିଲଦାର ଅଦାୟ କରି ତହସିଲଦାରମାନଙ୍କ ନଜରରେ (ସଦର ସଂସ୍ଥାର—ଅନ୍ୟରୂପ) ଦାଖଲ କରୁଥିବା ମୁଦ୍ରା କର୍ମଗୃସ୍ଥ—The Revenue Officer who used to collect the sums realised by Moffassal Sarbarakars and remit it to the Sadar Treasury.

ସଦର ସିରସ୍ତା—ଦୈବେ· ବ (ଅ· ସଦର ଓ ଫା· ସେରସ୍ତା) ଜମିଦାରଙ୍କ ସଦର କଚେରିର କାର୍ଯ୍ୟାଳୟ ସଦରସେରେସ୍ତା ସଦରସିରସ୍ତା ଓ ଦାଗଜପତ୍ର—The office and accounts kept at the headquarters of a Zamindar.

ସଦର ହାକିମ—ବୈଦେ·ବ—ମୁଦ୍ରାଖାଲର ସଦର ଅଫିସରେ ନଯୁକ୍ତ ମର୍· Sadara hākima ପ୍ରଧାନ ହାକିମ—The Officer of ସଦରହାକିମ ସଦରହାକିମ Head of any department stationed at the headquarters or the capital.

ସଦରୀ—ବେ· ବଣ—ସଦର ବା ମୁଦ୍ରାଖାଲ ସମ୍ବନ୍ଧୀୟ—Relating Sadari to the headquarters. (ସଦରଆ—ଅନ୍ୟରୂପ) ସଦରିଆ ସଦରକା

ସଦରୀ କୋରୁଆ—ବେ· ବ—ମଧ୍ୟପ୍ରଦେଶର ଯାଶପୁରର କୋରୁଆ Sadari koruā ଜାତିର କଥିତ ଛତିଶିଗଢ଼ ଓ ଲରିଆ ଭଷାର ରୂପାନ୍ତର—A form of Chhatisigarḍi or Loriā language spoken by Koruās in Jāspur in C. P.

ସଦରୀ କୋଲ(ଲ)—ବେ·ବ—ବାମଣ୍ଡାର କୋଲ୍ଲ ଜାତିସୃ ଲୋକଙ୍କ କଥିତ Sadari kola(bla) ମଗାହି ଭଷାର ରୂପାନ୍ତର—A form of Eastern Magāhi dialect spoken by the Kolhas in the Bamra State of the Eastern States Agency.

ସଦର୍ଜନ—ସ୍ତ୍ରୀ· ବ—(କର୍ମଧା· ସତ୍+ଅର୍ଜନ)—ସଦୁପାୟରୁ ଦ୍ୱାରା Sadarjana ଧନାର୍ଜନ—Honest acquisition or earning.

ସଦର୍ଜିତ—ସ୍ତ୍ରୀ· ବଣ—(ସତ୍+ଅର୍ଜିତ)—ସଦୁପାୟରୁ ଦ୍ୱାରା ଅର୍ଜିତ— Sadarjita Honestly acquired or earned.

ସଦର୍ପ—ପୁ· ବଣ—(ସଦ୍ଭାର୍ଥ ବହୁବ୍ରୀ· ସ=ସହିତ+ଦର୍ପ)—ଅହଙ୍କାର ଯୁକ୍ତ—Arrogant; full of pride. Sadarpa

ସଦର୍ପରେ—ଦେ· କ୍ରି· ଅଣ (ପୁ· ସଦର୍ପ)—ଦର୍ପ ସହକାରେ— Sadarpare Arrogantly; with pride. (ସଦର୍ପେ—ଅନ୍ୟରୂପ) ସଦର୍ପେ ସଦର୍ପମେ

ସଦଳ—ପୁ·ବଣ—(ସଦ୍ଭାର୍ଥ ବହୁବ୍ରୀ· ସ=ସହିତ+ଦଳ)—୧। ସପତ୍ରକ Sadala —1. With leaves attached to it. ୨। ସାଙ୍ଗୁଡ଼ାସୁକ୍ତ—2. With petals attached. ୩। ଆଶ୍ରିତର ଗୋଷ୍ଠୀ ସହିତ— 3. Accompanied with one's party or retinue.

ସଦଳବଳ—ପୁ· ବଣ—(ସ=ସହିତ+ଦଳବଳ—ଆଶ୍ରିତର ଦଳ- Sadalabala ବଳ ସହିତ—Accompanied with one's party and retinue.

ସଦଳସ—ବେ· ବ—(ପୁ· ସଦ୍ରସ)—ଧୂଣା— Sadalasa Resin. ଧୂନା ଧୂପଧୂନା

ସଦଶିଷ୍ୟ—ବେ· ବ—(ପ୍ରାଚୀନ ପଦ୍ୟ)—(ପୁ· ସତ୍+ଶିଷ୍ୟ)— Sadaśishya ସୁଶିଷ୍ୟ—Honest disciple. [ଉ— ସତ୍‌ଶିଷ୍ୟ ସଦ୍‌ଶିଷ୍ୟ ସତ୍‌ଗୁରୁ ମିଳଲେ ଯେ ସଦଶିଷ୍ୟ ପାଇ —ପ୍ରାଚୀ, ଶ୍ରୀ ଗୁରୁଭକ୍ତ ଗୀତା ।]

ସଦସଜ୍‌ଜ୍ଞାନ—ପୁ, ବ—ସଦସତ୍ ବିବେକ (ଦେଖ)— Sadasaj-jñāna Sadasat-bibeka (See) (ସଦସଜ୍ଜ—ବଣ) (ସଦସତ୍‌ଜ୍ଞାନ—ବେ· ରୂପ)

ସଦସତ—ପୁ· ବଣ (ବିପରୀତ ସଦତର; ସତ୍+ଅସତ୍)—୧। ସତ୍ Sadasat ଓ ଅସତ୍; ଭଲ ଓ ମନ୍ଦ—1. Good and bad· ସତଅସତ ସତ୍‌ସତ

୨। (ବେଦାନ୍ତ) ସ୍ଥୂଳ ଓ ସୂକ୍ଷ୍ମ (ବସ୍ତୁ) —2. (Vedānta) Material and etherial. [ଉ—ସେଣୁ ଏ ସଦସତ୍ ରୂପ ପ୍ରାଣୀକି ହୃଦରେ କଲ୍ପିତ । —ଜଗନ୍ନାଥ ଭାଗବତ] ବ—ଭଲ କଥା ଓ ମନ୍ଦକଥା— Good and bad things; thingsgood and bad.

ସଦସଦ୍ ବଚ୍ଚାର—ପୁ. ବ (ସଦସତ୍+ବଚ୍ଚାର; ସନ୍ଧି)—ଉତ୍ତମ ଓ ମନ୍ଦ Sadasad-bichāra ବିଷୟର ବଚ୍ଚାର; କେଉଁ ଉତ୍ତମ କେଉଁ ମନ୍ଦ (ସଦସତ୍ ବଚ୍ଚାରକ—ବଣ) ଏଥିର ବଚ୍ଚାର—Discrimination between good and evil.

Digitized by srujanika@gmail.com

ସଦସଦ୍ ବିବେକ—ସଂ. ବି. (ସଦସତ୍+ବିବେକ)—ସଦସତ୍ ଜ୍ଞାନ; Sadasad-bibeka ଭଲ ଭଲ ବିଚାର ମନ ଏ ସମ୍ବନ୍ଧେ ଜ୍ଞାନ— (ସଦସଦ୍ ବିବେଚନା—ବଙ୍ଗ. ସଂ) Knowledge about or discrimination between good and evil; power of discrimination between good and evil.

ସଦସଦ୍ ବିବେଚନା—ସଂ. ବି (ସଦସତ୍+ବିବେଚନା)—ସଦସତ୍ Sadasad-bibechanā ବିବେକ; ଜ୍ଞାନ ଓ ମନ ମଧ୍ୟରେ ପ୍ରଭେଦ (ସଦସଦ୍ ବିବେଚନ—ବଙ୍ଗ. ସଂ) ସମ୍ଭେ ବିଚାର ବା ସିଦ୍ଧାନ୍ତ— Ascertaining what is good and what is evil; discriminating the good from the evil.

ସଦସ୍—ସଂ. ବି—୧ । ସଦଃ (ଦେଖ)—1. Sadaḥ (See) Sadas ୨ । ସଭା—2. Assembly.

ସଦସ୍ୟ—ସଂ. ବିଣ (ସଦସ୍=ସଭା+ମୈତ୍ରାର୍ଥେ. ଯ)—୧ । ସଭା Sadasya ସମ୍ବନ୍ଧୀୟ—1. Relating to an assembly. ୨ । ସାମାଜିକ—2. Social. ସଂ.ବି ପୁଂ (ସଦସ୍+ସାଧୁ ବା କୁଶଳ ଅର୍ଥରେ. ଯ)—୧ । ସଭାସଦ; ସଭାର ସଭ୍ୟ— 1. Member of an assembly or association. ୨ । ଯଜ୍ଞାଦି ସ୍ଥଳରେ ବିଧିଦର୍ଶୀ ବ୍ୟକ୍ତି; ଯଜ୍ଞ-ସ୍ଥଳରେ ଉପସ୍ଥିତ ଯେଉଁ ବ୍ୟକ୍ତି ଯଜ୍ଞାଦି ଅନୁଷ୍ଠାନ କରୁ ଥିବା ପୁରୋହିତମାନଙ୍କର ଭ୍ରମାଦି ସଂଶୋଧନ କରନ୍ତି— 2. A person whose duty is to point out the mistakes, if any, committed by per- (ସଦସ୍ୟା—ସ୍ତ୍ରୀ) sons performing Vedic sacrifices.

[ଦ୍ର—ପ୍ରତ୍ୟେକ ଯଜ୍ଞାନୁଷ୍ଠାନରେ ଯେତେଗୁଡ଼ିଏ ପୁରୋହିତ ବା ଯାଜକ ନଯୁକ୍ତ ହୁଅନ୍ତି, ତାଙ୍କ ମଧ୍ୟରୁ ସଦସ୍ୟ ଏକତମ; ଏହାଙ୍କ ନାମାନ୍ତର 'ପ୍ରଶ୍ନବକ୍ତା' ।'ବକ୍ତା' ଦୋଷାଦି କରିବେ, ପୁରୋହିତ ବା 'ବ୍ରହ୍ମା' ତାକୁ ସନ୍ଧାଦି କରାଇ ଦେଉଥିବେ ଓ ସାହାଯ୍ୟ କରୁଥିବେ; ଅନ୍ୟ ଜଣେ 'ବ୍ୟକ୍ତ' ପୁରୁଡାଗୃଙ୍କି ବା 'ଉନ୍ଦ୍ଗାତୃ' ଥୋଥି ଧରି ପୁରୋହିତଙ୍କୁ ସାହାଯ୍ୟ କରୁଥିବେ। ଅନ୍ୟ ଜଣେ ବ୍ୟକ୍ତି ପ୍ରଶ୍ନବକ୍ତା ବା 'ସଦସ୍ୟ' ଦେଖୁ-ଥିବେ ଯେ, ବେଦୋକ୍ତ ବିଧି କେଉଁଠାରେ ନ୍ୟୁନାଧିକ୍ୟ ହେଲା, କେଉଁଠାରେ ବ୍ରହ୍ମା ଓ ଉନ୍ଦ୍ଗାତୃ କଅଣ ଭୁଲ ଗଲେ ।] ବି. ବ—ବ୍ରାହ୍ମଣମାନଙ୍କ ବଂଶୋପାଧି ବିଶେଷ— A family-title of Brāhmaṇas. [ଦ୍ର— ଫଳତଃ ଦେଖାଯାଏ ଯେ, ଯେଉଁମାନଙ୍କ କୌଣସି ପୂର୍ବ-ପୁରୁଷ ପୂର୍ବେ ଯଜ୍ଞରେ 'ସଦସ୍ୟ' ରୂପେ ବରିତ ହୋଇ ସେହି ଉପାଧି ପାଇଥିଲେ, ତାଙ୍କର ବଂଶଧରମାନେ ସେହି ସଦସ୍ୟ ଉପାଧି ଅପଣା ନାମ ସଙ୍ଗେ ଅଦ୍ୟାବଧି ରଖିଅଛନ୍ତି; ମାତ୍ର ଦୁଃଖର କଥା, ଏମାନଙ୍କ ମଧ୍ୟରୁ ଅନେକଙ୍କ ପକ୍ଷରେ 'ସଦସ୍ୟ'ର ଅର୍ଥ ଜାଣିବା ଅତି ଦୁରୂହବ୍ୟାପାର ହୋଇଅଛୁ ।]

ସଦା—ଅ. ଅ—(ସର୍ବ+କାଲାର୍ଥେ. ଦା)—୧ । ସର୍ବଦା; ସବୁବେଳେ— Sadā 1. Always. ୨ । ଅବିଚ୍ଛିନ୍ନ ରୂପେ—2. Continually. ୩ । ଚିରକାଳ ସଦାଶେ— 3. Perpetually; in perpetuity.

ଦେ. ବ—୧ । (ପୁଂ) ସଦାନନ୍ଦ ଓ ସଦାଶିବର ଅନାଦରାର୍ଥକ ଡାକ ନାମ 1. Name for calling Sadānanda and Sadāśiba in familiarity. ୨ । ସଧା (ଦେଖ)—2. Sadhā (See) ପ୍ରାଦେ. (ଲରଅ) ବିଣ—ଖାଦା—White.

ସଦା କାଳ—ଦେ. ବି—୧ । ସବୁ ସମୟ—1. All time. ୨ । Sadā kāla ଚିରକାଳ—2. Perpetuity. ଦେ. ବି. (ଷଠାତ୍କାଳେ—ଅନ୍ୟ ଯ. ବିଣ. ରୁପ) ବିଣ—୧ । ନିତ୍ୟ; ସର୍ବଦା ସଦାକାଲ **ହମେଶା** —1. Always. ୨ । ଚିରକାଳ—ଘାଇଁ 2. Perpetually.

ସଦା ଗତି—ସଂ. ବିଣ (ସଦା=ସର୍ବଦା+ଗତି ଯାହାର; ବହୁବ୍ରୀହି)— Sadā gati ସର୍ବଦା ଗତିଶୀଳ—Perpetually moving; ସଦାଗତି **ସଦାଗତି** always moving. ସଂ. ବି—୧ । ବାୟୁ; ପବନ—1. Air. ୨ । ସୂର୍ଯ୍ୟ—2. Sun. ୩ । ଆତ୍ମା— 3. The soul; the spirit. ୪ । (ଅବ୍ୟୟୀଭାବ) ମୁକ୍ତି— 4. Freedom. ୫ । ମୋକ୍ଷ—5. Final beatitude. ୬ । (ବହୁବ୍ରୀହି) ପରମେଶ୍ୱର—6. God. ଦେ. ବି— ଅବିଚ୍ଛିନ୍ନ ଗମନ—Continual motion. [ଉ—ବଚନ କୋକିଳ ସଦାଗତ ମେଳ ହୋଇ । ଭଞ୍ଜ. ବୈଦେହୀଶବିଳାସ ।] ଦେ. ବିଣ—ମୁକ୍ତି ବହନକାରୀ— Carrying or causing liberation or final beatitude. [ଉ—ବଦ୍ଧେ ଅଭଦ୍ର, ବଦ୍ଧେ ଯନ୍ଦ୍ରେ ସଦାଗତ । ଭଞ୍ଜ. ବୈଦେହୀଶବିଳାସ ।]

ସଦାଗର—ବୈଦେ. ବ (ଫା. ସୌଦାଗର)—ବଣିକ; ସଦାଗର— Sadāgara Trader; merchant.
ସଦାଗର **ସୌଦାଗର**

ସଦାଗରି—ବୈ ଦେ. ବ (ଫା. ସୌଦାଗରୀ)—ସଦାଗର; ବାଣିଜ୍ୟ; Sadāgari ବେପାର—Business of a merchant; ସଦାଗରି **ସୌଦାଗରୀ** trade; commerce.
ବୈଦେ. ବିଣ—ବାଣିଜ୍ୟ ସମ୍ବନ୍ଧୀୟ—Relating to trade.

ସଦାଚରଣ—ସଂ. ବି (କର୍ମଧା; ସତ୍+ଆଚରଣ)—୧ । ସାଧୁ Sadācharaṇa ବ୍ୟବହାର; ଉତ୍ତମ ଶୀଳଚଳନ—1. Good (ଅସଦାଚରଣ—ବିପରୀତ) conduct. ୨ । ଶାନ୍ତ ଓ ଶିଷ୍ଟ ବ୍ୟବହାର—2. Gentle conduct; good behaviour.

ସଦାଚରଣ ଜାମିନ୍(ନ୍)—ଦେ. ବି (ସଂ. ସଦାଚରଣ+ଫା. ଜାମିନ୍) Sadācharaṇa jāmin(ni) (ବଚରଥ)—ବହୁପ୍ରଚଳିତ କାଢ଼ା ସଦାଚରଣ ଜାମିନ ପ୍ରଭୁ ଅଭ୍ୟାଗତର ନ କର ଶାନ୍ତ ଓ ଶିଷ୍ଟ ଭାବରେ **ସଦାଚରଣ ଜାମୀନ** ଚଳିବା ପାଇଁ ଦୁଷ୍ଟ ଓ ଅପରାଧୀ ବ୍ୟକ୍ତିଠାରୁ

Digitized by srujanika@gmail.com

ମାଜିଷ୍ଟ୍ରେଟ୍ ଯେଉଁ ଜାମିନ୍ ଗ୍ରହଣ କରନ୍ତି—Bail or security taken by a magistrate from a wicked person to be of good behaviour.

ସଦାଚରଣ ମୁ(ମୋ)ଚ୍ଲିକା—ଦେ.ବ (ଚରିତ୍ର; ସ. ଦୋଚରଣ + ଫା. Sadācharaṇa mu(mo)chālikā ମୁଚଲ୍‌କା)—ଦୁଷ୍ଟ ବ୍ୟକ୍ତି ସଦାଚରଣ ମୁଚଲିକା ବା ଅପରାଧୀ ବ୍ୟକ୍ତିଙ୍କ ଦ୍ୱାରାସ୍ଥିତ ଦୁଷ୍ଟାମି **सदाचरण मुचालिका** କରିବ ନାହିଁ ବୋଲି ମାଜିଷ୍ଟ୍ରେଟଙ୍କୁ ଦେଇ ଯେଉଁ ଏକରାରନାମା ଲେଖି ଦିଏ—An agreement or recognisance bond executed by a wicked person before a magistrate to be of good behaviour in future.

ସଦାଚାର—ସ. ବ (କର୍ମଧା. ସତ୍=ସାଧୁ+ଆଚାର)—୧ । ସାଧୁ Sadāchāra ବ୍ୟବହାର—1. Good conduct. ୨ । (ଅସଦାଚାର—ବିପରୀତ) ଶାସ୍ତ୍ରବିହିତ ବିଧି ବା ସ୍ୱୀକୃତ—2. Approved usage. ୩ । ଶାସ୍ତ୍ରବିହିତ ଆଚାର—3. Conduct approved or enjoined by the scriptures. ୪ । ଧର୍ମିଷ୍ଠମାନଙ୍କର ଆଚରଣ—4. Virtuous course of action. ୫ । ସାଧୁ ବ୍ୟକ୍ତିଙ୍କ ଓ ମହାପୁରୁଷମାନଙ୍କ ଅନୁଷ୍ଠିତ ଆଚରଣ—5. The conduct or course of action of good and great men. [ଦ୍ର—ମନୁସ୍ମୃତିରେ ଅଛି ଯେ, ସରସ୍ୱତୀ ଓ ଦୃଶଦ୍ୱତୀ ନାମକ ଦେବନଦୀଦ୍ୱୟର ମଧ୍ୟବର୍ତ୍ତୀ ଦେବନିର୍ମିତ ଦେଶକୁ 'ବ୍ରହ୍ମାବର୍ତ୍ତ' ବୋଲିଯାଏ; ସେହି ଦେଶରେ ଯେଉଁ ଯେଉଁ ବର୍ଣ୍ଣମାନଙ୍କର ସାରଙ୍ଗଫଳାଦିତ ଆଚରଣକୁ 'ସଦାଚାର' ବୋଲିଯାଏ । ସତ୍ ଅର୍ଥାତ୍ ସାଧୁବ୍ୟକ୍ତିମାନଙ୍କ ଆଚରଣକୁ ସଦାଚାର ବୋଲାଯାଏ । "ମହାଜନୋ ଯେନ ଗତଃ ସ ପନ୍ଥାଃ"; ମହାଜନମାନେ ଯେଉଁ କାର୍ଯ୍ୟମାନ କରି ଯାଇଅଛନ୍ତି, ସେହି ଅନୁସାରେ କରିବା ଆଚରଣକୁ ସଦାଚାର କହନ୍ତି । ଆଶ୍ରମ, ପୁରାଣ ଓ ସ୍ମୃତିରେ ବ୍ରାହ୍ମଣଙ୍କ ଜାତିକର୍ତ୍ତବ୍ୟ ସଦାଚାର, ଗୃହସ୍ଥର କର୍ତ୍ତବ୍ୟ ସଦାଚାର ଅତି ବିସ୍ତୃତ ଅଛି । ଯଥା—ବେଦାଧ୍ୟୟନ, ହୋମ, ପୂଜା, ଶ୍ରାଦ୍ଧ, ବୈଶ୍ୱଦେବ, ବଳିଦାନ, ସ୍ନାନ, ଦନ୍ତଧାବନ, ଶାରଦୀୟା ଦୁର୍ଗାପୂଜା, ପୃଷ୍ଠାଭିଷେକ, ଶ୍ରାବଣିମା ପୂଜା, ମୃତବ୍ୟକ୍ତିର ଧନରେ ଉତ୍ତରଧିକାରିତ୍ୱ, ଜାତ୍ୟଚିତ କର୍ମ, ବ୍ରତ, ଯଜ୍ଞ, ଦଶବିଧ ସଂସ୍କାର, ଶୌଚାଶୌଚ, ଖାଦ୍ୟାଖାଦ୍ୟ, ସ୍ପୃଶ୍ୟାସ୍ପୃଶ୍ୟ, ଅନ୍ତ୍ୟେଷ୍ଟିକ୍ରିୟା, ବର୍ଣ୍ଣାଶ୍ରମଧର୍ମ, କର୍ତ୍ତବ୍ୟାକର୍ତ୍ତବ୍ୟ ଇତ୍ୟାଦି । ମନୁସଂହିତା, କାଳିକାପୁରାଣ—୮୬, ୮୯ ଅଧ୍ୟାୟ, ବାମନପୁରାଣ ୧୪ଶ ଅଧ୍ୟାୟ, ପଦ୍ମପୁରାଣ ସୃଷ୍ଟିଖଣ୍ଡ, ବହ୍ନିପୁରାଣର ୧୧୫ ଅଧ୍ୟାୟ, ମାର୍କଣ୍ଡେୟ ପୁରାଣର ସଦାଚାର ନାମକ ଅଧ୍ୟାୟରେ ସଦାଚାର ବିଶେଷରୂପେ ବର୍ଣ୍ଣିତ ହୋଇଅଛି ।]

ସଦାଚାର ନିରତ—ସ. ବି. ପୁଂ (୭ମୀ ତତ୍) —ଯେ ସର୍ବଦା ସଦାSadāchāra nirata ଚାରରେ ରତ ହୋଇଥାଏ—Pursuing a virtuous course of action.

ସଦାଚାର ରତ; ସଦାଚାର ନିଷ୍ଠ. } ଅନ୍ୟରୂପ
ସଦାଚାର ପରାୟଣ, ସଦାଚାର ଶୀଳ }

ସଦାଚାର ରତା, ସଦାଚାର କରତା, ସଦାଚାର-} ସ୍ତ୍ରୀ
ନିଷ୍ଠା, ସଦାଚାର ପରାୟଣା, ସଦାଚାର ଶୀଳା }

ସଦାଚାର ନିଷ୍ଠା—ସ. ବି. ସ୍ତ୍ରୀ (ସଦାଚାରନିଷ୍ଠ + ଆ)—ସଦାଚାର-Sadāchāra nishṭhā ନିଷ୍ଠର ସ୍ତ୍ରୀଲିଙ୍ଗ—The feminine form of Sadāchāra nishṭha ସ. ବ (ସଦାଚାର + ନିଷ୍ଠା; ୭ମୀ ତତ୍)—ସଦାଚାର ପ୍ରତି ଅଭ୍ୟାସଗତ—Reverence or respect for approved course of conduct.

ସଦାଚାର ବାନ୍—ସ. ବି. ପୁଂ (ସଦାଚାର + ଅସ୍ତି ଅର୍ଥରେ ବତ୍; Sadāchāra bān ୧ମା. ୧ବ)—ସଦାଚାରୀ (ଦେଖ) (ସଦାଚାରବନ୍ତା—ସ୍ତ୍ରୀ) Sadāchārī (See)

ସଦାଚାର ବିଗର୍ହିତ—ସଂ. ବି (ଷଷ୍ଠୀ ତତ୍) —ସଦାଚାରର ପ୍ରତିକୂଳ Sadāchāra bigarhita (କାର୍ଯ୍ୟ)—Opposed to (ସଦାଚାର ବିରୁଦ୍ଧ—ଅନ୍ୟରୂପ) approved usage.

ସଦାଚାର ବିହିତ—ସଂ. ବି (ଷଷ୍ଠୀ ତତ୍)—ସଦାଚାର ଅନୁସାରେ Sadāchāra bihita କୃତ—Conformable to approved usage or conduct. (ସଦାଚାର ସଙ୍ଗତ, ସଦାଚାର ସମ୍ମତ—ଅନ୍ୟରୂପ)

ସଦାଚାର ବିହୀନ—ସଂ. ବି. ପୁଂ (ଷଷ୍ଠୀ ତତ୍)—ଯେ ସଦାଚାର Sadāchāra bihīna ପାଳନ କରେ ନାହିଁ—Devoid of (ସଦାଚାର ବିହୀନତା—ବ) virtuous actions. (ସଦାଚାର ରହିତ, ସଦାଚାର ହୀନ—ଅନ୍ୟରୂପ) (ସଦାଚାର ବିହୀନା, ସଦାଚାର ରହିତା, ସଦାଚାର ହୀନା—ସ୍ତ୍ରୀ)

ସଦାଚାର ଭ୍ରଷ୍ଟ—ସଂ. ବି. ପୁଂ (୪ର୍ଥୀ ତତ୍)—ସଦାଚାରରୁ ସ୍ଖଳିତ; Sadāchāra bhrashṭa ଯେଉଁ ବ୍ୟକ୍ତି ସଦାଚରଣ ତ୍ୟାଗ (ସଦାଚାର ଭ୍ରଷ୍ଟା—ସ୍ତ୍ରୀ) କରିଅଛି—One who has deviated from virtuous line of conduct.

ସଦାଚାରୀ—ସଂ. ବି. ପୁଂ (ସଦାଚାର + ଅସ୍ତି ଅର୍ଥରେ ଇନ୍; ୧ମା. Sadāchārī ୧ବ) —ଯେ ସଦାଚାର ବା ସାଧୁ ଆଚରଣ କରେ— (ସଦାଚାରିଣୀ—ସ୍ତ୍ରୀ) Practising or following a virtuous course of action.

ସଦା ଜୟ(ୟେ)—ଗ୍ରା. ବିଣ—ସର୍ବଦା ଜୟଯୁକ୍ତ—Always victorious. ଚଦ. ବ ଓ ଅ.—ସର୍ବଦା ଜୟ—Sada jay(ye) ସଦା ଜୟ **सदा जय** Constant victory. [ଦ୍ର—କେତେକ ପ୍ରାଚୀନ ପୋଥିର ଆଦ୍ୟରେ ଲେଖକମାନେ ଶୁଭକାମନା କରି ଏ ବାକ୍ୟ ଲେଖିଥିବା ଦେଖାଯାଏ ।]

ସଦା ଜୟୁ—ଦେ. ବ (ନାମ)—ପ୍ରାଚୀନ ଓଡ଼ିଆ କବି ବିଶେଷ—Sadā jaya The name of an ancient Oriya ସଦା ଜୟ **सदा जय** poet. [ଦ୍ର—ଏହି କବି ସାରଳା ଗ୍ରନ୍ଥ, ମଙ୍ଗଳା ଗ୍ରନ୍ଥ ଓ ବତ୍ସଳାସ୍ତୁତ ଲେଖିଥିଲେ—ତାରିଣୀ. ଇନ୍ଦୁଲ ସାହୁଡ଼ୀର ଇତିହାସ ।]

Digitized by srujanika@gmail.com

ସଦାତନ—ସଂ. ବଣ. ପୁଂ (ସଦା + ତନ୍‌ଟା ବା ଡେରା ଅର୍ଥରେ ତନ)—
Sadātana ୧ । ଚିରସ୍ଥାୟୀ; ନିତ୍ୟ; ସନାତନ—1. Perma-
(ସଦାତନୀ—ସ୍ତ୍ରୀ) nent; perpetual; eternal. ୨ । ଅବି-
ଶ୍ରାନ୍ତ—2. Continual; incessant. ସଂ. ବ—
ବିଷ୍ଣୁଙ୍କର ଏକ ନାମ—An epithet of Bishṇu.

ସଦା ତୋୟା—ସଂ. ବ. ସ୍ତ୍ରୀ (ସଦାତୋୟ + ସ୍ତ୍ରୀ. ଅ)—୧ । ରାସ୍ନା
Sadā toyā (ଦେଖ)—1. Rāsnā (See). ୨ । ସଦା
ନୀରା (ଦେଖ)—2. Sadā nīrā (See)

ସଦାତ୍ମା—ସଂ. ବଣ. ପୁଂ (ବହୁବ୍ରୀହି; ସତ୍ ଅର୍ଥେ ଆତ୍ମନ୍ = ଆତ୍ମା
Sadātmā ଯାହାଠାରୁ; ୬ମ. ୧ବ)—ସାଧୁ; ସଦନ୍ତଃକରଣ—
Having a good or noble heart.

ସଦା ଦାନ—ସଂ. ତ (ବହୁବ୍ରୀହି; ସଦା = ସର୍ବଦା + ଦାନ = ମଦବାରି
Sadā dāna ବହେ ଯାହାଠାରୁ)—୧ । ମତ୍ତଦ୍ୱିପ—1. An
infuriated elephant; an elephant in
his ruts. ୨ । ଐରାବତ ଦ୍ୱିପ—2. Indra's
elephant. ୩ । ଗଣେଶ—3. The elephant-
headed son of Śiba. ୪। (ଅବ୍ୟୟୀଭାବ; ସଦା +
ଦାନ) ସଦାବ୍ରତ; ଖଇରାତ—4. Charity; dis-
tribution of alms.

ସଦା ଦିନ(ନେ)—ଦେ. କି. ବଣ—୍ । ସବୁଦିନେ—1. Every
Sadā dina(ne) day. ୨ । ସବୁ ସମୟରେ—2. Al-
ସବ ଦିନ ways. [ଉ—ଭକ୍ତ ମୋ ଜୀବନ ଭକ୍ତ ଠାକୁର,
ସବରୋଜ ଭକ୍ତ ହୃଦରେ ସଦା ବିନେ ଘର—ପ୍ରାଚୀ. ପରତେଗୀତା]

ସଦାନନ୍ଦ—ସଂ ବଣ. ପୁଂ (ସଦା = ସର୍ବଦା + ଆନନ୍ଦ ଯାହାର;
Sadānanda ବହୁବ୍ରୀହି)—ନିତ୍ୟ ହର୍ଷଯୁକ୍ତ—Always
(ସଦାନନ୍ଦା—ସ୍ତ୍ରୀ) merry; perpetually joyful. ସଂ.
ବ—୧ । ବିଷ୍ଣୁ—1. Lord Bishṇu. ୨ । ଶିବ;
ମହାଦେବ—2. Lord Śiba. ୩ । ବ୍ରହ୍ମ; ପରମାତ୍ମା
—3. The Divine Soul pervading the
ସଦାନନ୍ଦ Universe. ଦେ. ବ. ପୁଂ—ପୁରୁଷଙ୍କ ନାମ—
ସଦ୍‌ାନନ୍ଦ A name of males.

ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା—ଦେ. ବ (ନାମ)—୧୮ଶ ଶତାବ୍ଦୀର
Sadānanda kabisūrjya brahmā ଶେଷ ଭାଗର ଗଡ଼-
ଜାତ ନୟଗଡ଼ର ଜନୈକ ବ୍ରାହ୍ମଣ ବୈଷ୍ଣବ କବି—
A Brahmana and Baishnaba poet of
Nayāgarda state of 18th century A. D.
[ଦ୍ର—ଏ 'ନାମଚନ୍ଦ୍ରାମଣି', 'ପ୍ରେମଚନ୍ଦ୍ରାମୃତ' ଓ
'ପ୍ରେମଲଦ୍ଧୀ' ପ୍ରଭୃତି ଗ୍ରନ୍ଥର ପ୍ରଣେତା—ଜଗବନ୍ଧୁ. ପ୍ରାଚୀନ
ଓ ନ ।]

ସଦାନନ୍ଦ ସଉଦାଗର—ଦେ. ବ. (ନାମ)—ସତ୍ୟପୀର ପାଲ୍ଲାରେ ବର୍ଣ୍ଣିତ
Sadānanda saudāgara ସଉଦାଗରର ବା ବଣିକ୍ ପ୍ରବର
(ସଦାନନ୍ଦ ସୌଦାଗର—ଅନ୍ୟରୂପ) ନାମ—Name of a
ସଦାନନ୍ଦ ସୌଦାଗର trader mentioned in one of
ସଦାନନ୍ଦ ସୌଦାଗର the 'Satya Pīra Pāḷā' songs.

ସଦାନନ୍ଦ ହୃଦୟ—ସଂ. ବଣ. ପୁଂ (ବହୁବ୍ରୀହି; ସଦାନନ୍ଦ ଅଟେ ହୃଦୟ
Sadānanda hṛudaya ଯାହାର)—ସର୍ବଦା ଆନନ୍ଦମୟ;
(ସଦାନନ୍ଦ ହୃଦୟା—ସ୍ତ୍ରୀ) ସବୁବେଳେ ପ୍ରଫୁଲ୍ଲ ଚିତ୍ତ—Always
joyful; always merry.

ସଦାନର୍ତ୍ତ—ସଂ. ତ (ସଦା = ସବୁବେଳେ + ନର୍ତ୍ତ = ନର୍ତ୍ତକ)—
Sadānartta ଖଞ୍ଜନପକ୍ଷୀ; ଜଳଚଲାଘ ଚଢ଼େଇ—The
blue wagtail (bird) ସଂ. ବଣ. ପୁଂ—ସର୍ବଦା
(ସଦାନର୍ତ୍ତୀ—ସ୍ତ୍ରୀ) ନୃତ୍ୟକାରୀ—Constantly dancing.

ସଦାନୀରା—ସଂ. ତ (ବହୁବ୍ରୀହି; ସଦା = ସର୍ବଦା + ନୀର = ଜଳ
Sadānīrā ଯହିଁରେ)—ବଙ୍ଗ ଦେଶର କରତୋୟା ନଦୀ;
(ସଦାନୀରବହା—ଅନ୍ୟରୂପ) କରତୋୟା (ଦେଖ)—
Karatoyā. (See) [ଦ୍ର—ପୁରାଣ ମତରେ ସବୁ ନଦୀ
ଶ୍ରାବଣ ମାସରେ ରଜସ୍ୱଳା ହୁଅନ୍ତି; କିନ୍ତୁ ଏ ନଦୀ ରଜସ୍ୱଳା
ହୁଏ ନାହିଁ ।]

ସଦାନୁଗତ—ସଂ. ବଣ. ପୁଂ—ସର୍ବଦା ଅନୁଗତ (ବ୍ୟକ୍ତି)—
Sadānugata Always subservient (person).
(ସଦାନୁଗତା—ସ୍ତ୍ରୀ) (ସଦାନୁଗତ୍ୟ—ବ)

ସଦାପୁଷ୍ପ—ସଂ. ବ (ବହୁବ୍ରୀହି; ସଦା = ସବୁ ଋତୁରେ ପୁଷ୍ପ ଫୁଟେ
Sadāpushpa ଯାହାର; ସର୍ବଦା ପୁଷ୍ପଯୁକ୍ତ)—୧ । ନାଡ଼ିକେଳ
ବୃକ୍ଷ; ନଡ଼ିଆଗଛ—1. Cocoanut tree. ୨ । ଧଳା
ଅର୍କ ଗଛ—2. The white variety of
Calotropis Gigantea plant. ସଂ. ବଣ. ପୁଂ—
(ସଦାପୁଷ୍ପା—ସ୍ତ୍ରୀ) ସର୍ବଦା ପୁଷ୍ପଯୁକ୍ତ (ବୃକ୍ଷଲତାଦି); ସବୁ ଋତୁରେ
ଯହିଁର ଫୁଲ ଫୁଟେ—Flowering in all the
seasons of the year.

ସଦାପୁଷ୍ପୀ—ସଂ. ବ (ସଦା ପୁଷ୍ପ + ଙୀଷ୍, ଇନ୍; ୧ମା. ୧ବ)—ଲାଲ ଅର୍କ
Sadāpushpī ବୃକ୍ଷ; ନାଲ ଅରଖ ଗଛ (ଉତ୍ପମାଳା)—
The red variety of Calotropis Gigantea
plant.

ସଦାପ୍ରଭୁ—ଦେ. ବ (ଖ୍ରୀଷ୍ଟିୟାନ୍ ଧର୍ମଗ୍ରନ୍ଥରକ୍ତମାନଙ୍କ ବାଇବଲ୍
Sadāprabhu ଅନୁବାଦ ଅବରେ ବ୍ୟବହୃତ ଶବ୍ଦ)—
ସଦାପ୍ରଭୁ ସଦାପ୍ରଭୁ ପରମେଶ୍ୱର; ସନାତନ ବ୍ରହ୍ମ—The
Eternal God.

ସଦା ପ୍ରସୂନ—ସଂ, ବଣ । ବୈଦ୍ୟକ)—(ବହୁବ୍ରୀହି, ସଦା = ସର୍ବଦା +
Sadā prasūna ପ୍ରସୂନ = ପୁଷ୍ପ ଯାହାର)—ସର୍ବଦା ପୁଷ୍ପଯୁକ୍ତ
(ସଦାପ୍ରସୂନା—ସ୍ତ୍ରୀ) (ବୃକ୍ଷ)—Always flowering. ସଂ. ବ—
୧ । ଗ୍ରେହଉଚ୍ଚ ବୃକ୍ଷ; ପୀତମ ଗଛ—1. A timber
tree; Indian redwood, ୨ । ଅର୍କ ଗଛ—
2. Calotropis Gigantea. ୩ । କୁନ ଗୁଲ୍ମ (ଦ୍ୱିଜ
କବିଚନ୍ଦ୍ର)—3. A flowering shrub; Jasminum
Multiflorum.

Digitized by srujanika@gmail.com

ସଦାଫଳ—ସ. ବଣ. ପୁ (ବହୁବ୍ରୀ; ସଦା=ସବୁ ଋତୁରେ ଫଳ Sadāphala ଦୃଶ ଯାହାର)—ସବୁ ଋତୁରେ ଫଳ ଧରିବା (ସଦାଫଳା—ସ୍ତ୍ରୀ) (ବୃକ୍ଷ)—(Tree) Bearing fruit in all seasons. ସ. ବ—୧ । ନାଡ଼ିକେଳ; ନଡ଼ିଆ (ମେଦଗା)—1. Cocoanut. ୨ । ଡୁଡୁମର (ମେଦଗା)—2. Fig. ୩ । ବେଲ; ବେଲ (ଛତାଧର)—3. Marmalos fruit and tree.

ସଦାଫଳା—ସଂ. ଟା (ସଦାଫଳ+ଅ)—୧ । ବିଷଘ୍ନପୁଷ; ଏକ Sadā phalā ପ୍ରକାର ବାଇଗଣ, ନାଇକର ବାଇଗଣ—ଅନ୍ୟ ସଂସ୍କୃତ ନାମ—1. A variety of brinjal; Solanum Melonga—variety Esculenta. [ଏହା ବାଇଗଣ ଲମ୍ବା, ବଙ୍କା ସଲା ବେଗୁନ, କୁଳୀ ବେଗୁନ ଓ ଗୋଲ ଉଚ୍ଚାଦର୍ଣ୍ଣ । ଏ ବାଇଗଣଗଛ ଦଁକୋ ବେଗୁନ, ଶିଂ ଘାବେଗୁନ ସବୁ ଋତୁରେ ଫଳେ । ଏହ

ଲମ୍ବା ବୈଗନ ବିଦୋଷଘ୍ନୀ, ରକ୍ତ ପିତ୍ତ ପ୍ରସାଦଗ୍ନ; ଭଣ୍ଡା ଚତୁଷ୍ପ୍ରସ୍ଥ ।—ବ୍ରଜବଲ୍ଲଭ] ୨ । ବୃକ୍ଷଜ; ବେଙ୍ଗି ବାଇଗଣ—2. Solanum Indicum. ୩ । ଏକପ୍ରକାର ଫୁଲ—

ଫଗୁନିୟାଁ 3. A kind of flower. [ଦ୍ର—ଏହା ନାଲି, ଅନ୍ୟ ସଂସ୍କୃତ ନାମ—ସାନ୍ଧ୍ୟକୁସୁମା, ସନ୍ଧ୍ୟାବଲ୍ଲୀ, ବିଚକ୍ୟକୁସୁମା, ଭାଣ୍ଡା, ସୁକୁମାର୍ଯ୍ୟ, ସନ୍ଧ୍ୟଜା) ଧଳା ଓ କଳା ଭେଦରେ ଦ୍ୱିବିଧ ପ୍ରକାର । ବୈଦ୍ୟକମତରେ ଏହା ରୁଚକାରବ୍ଧ ଏବଂ ବଫ, କାଶ ଓ ବିଦୋଷର ନାଶକ ।]

ସଦାବର୍ତ୍ତ—ଦେ. ବ. (ସ. ସଦାବ୍ରତ)—୧ । ସବୁଦା ଦାନ—Sadābartta 1. Constant bestowal of gifts. ସଦାବ୍ରତ, **ସଦାବର୍ତ୍ତ** ୨ । ଖଇରାତ—2. Giving of doles; charitable distribution of rice etc. ୩ । ଭିକାରୀ, ଉଦାସୀ ଓ ବୈରାଗୀମାନଙ୍କୁ ଅନ୍ନଦାନ, ଭୋଜନ ଓ ଦାନ ଦେବାରୂପ ପୁଣ୍ୟ କର୍ମ—3. Pious act of giving shelter, food and alms to the poor, [the beggars and mendicants;charities.

ସଦାବର୍ତ୍ତ (ର୍ତ୍ତି) ଦେବା—ଦେ. କି.—ଲୋକଙ୍କୁ ଖଇରାତ ଦେବା—Sadābart ta(rtti)debā To distribute food, ସଦାବ୍ରତ କରା shelter, money and alms; charitably. **ସଦାବର୍ତ୍ତ ଦେନା**

ସଦାବର୍ତ୍ତ (ର୍ତ୍ତି) ମଠ—ଦେ. ବ.—ଖଇରାତ ମଠ; ଯେଉଁ ମଠରେ Sadābartta(rtti)matha ସମାଗତ ଅତିଥି ଓ ବୈରାଗୀ-ସଦାବ୍ରତୀମଠ; **ସଦାବର୍ତ୍ତ ମଠ** ମାନଙ୍କୁ ଅନ୍ନଦାନ ଓ ଭୋଜନାଦି ଦେବା କାମରେ ସମ୍ପତ୍ତି ଖଞ୍ଚାଥାଏ—Charitable endowments.

ସଦାବର୍ତ୍ତ (ର୍ତ୍ତି) ସମ୍ପତ୍ତି—ଦେ.ବ.—ଯେଉଁ ସମ୍ପତ୍ତିର ଆୟୁ ଅତ୍ୟାଗତ- Sadābartta(rtti) sampatti ମାନଙ୍କ ଭୋଗାର୍ଥେ ଖଞ୍ଚା ସଦାବ୍ରତ ସମ୍ପତ୍ତି,ଖୟରାତି ସମ୍ପତ୍ତି ଯାଇଥାଏ—Property **संदावर्त्त सम्पति** endowed for charitable purposes; [ସଦାବ୍ରତ(ତୀ) ସମ୍ପତ୍ତି—ଅନ୍ୟରୂପ] charitable endowment.

ସଦାବର୍ତ୍ତ—ଦେ. ବ.—ସବୁଦା ଭଙ୍ଗାଲୀ, ଯୋଗୀ,ଉଦାସୀ ଓ ବୈରାଗୀ Sadābartti ମାନଙ୍କୁ ଖଇରାତ ଦେବାରୂପ ଧର୍ମକର୍ମ—ସଦାବ୍ରତୀ Pious act of giving shelter, food and **सदावर्त** alms to the poor and beggars and mendicants. ଦେ.ବଣ.—ସଦାବ୍ରତ ସମ୍ବନ୍ଧୀୟ—ସଦାବ୍ରତୀ, **सदावर्ती** Relating to charities;charitable.

ସଦାବର୍ତ୍ତିଆ—ଦେ. ବଣ.—୧ । ସଦାବର୍ତ୍ତ ସମ୍ବନ୍ଧୀୟ—1. Rela- Sadābarttia ସଦାବ୍ରତୀ; **सदावर्ती** ting to charisସଦାବ୍ରତଗ୍ରାହୀ, **सदावर्तलेनेवाला** ties. ୨ । ଖଇରାତିଆ; ଯେଉଁମାନେ ଅନ୍ୟଠାରୁ ଅନ୍ନଗ୍ରହଣ, ଖାଦ୍ୟ ଓ ଉତ୍ସା ପ୍ରଭୃତି କରନ୍ତି—2. Living on the charitable gifts from others.

ସଦା ବି(ବେ)ହାରି—ଦେ. ବ. (ସ. ସଦା+ବିହାର; ଏହା ସବୁ Sadā bi(behāri ଋତୁରେ ଫଟେ)—ଅଇଁସିକାଢ ଫୁଲ ଓ ଫିକା ଟଗର, ସଦାଇସୁଖୀ ଗୁଳ୍ମ—Myrtle; periwinkle. **सदाबहार** Vinca Minor; Vinca Alba and ପା—ଗୁଳ୍-ଇ-ଫରଙ୍ଗ Vinca Rosea. [ଦ୍ର—(ସଂସ୍କୃତ ନାମ—ଫିରଙ୍ଗୀଚଗର) ଏହି ଗୁଳ୍ମ ଦେଢ଼ ହାତ ପର୍ଯ୍ୟନ୍ତ ଉଚ୍ଚ ହୁଏ । ଏହାର ଫୁଲ ଧଳା ଓ ଫିକା ନାଲି ଭେଦରେ ଦୁଇ ଜାତିର ଦେଖାଯାଏ । ଏହି ଗଛରୁ ଅନେକଗୁଡ଼ିଏ ଶାଖା ବାହାରେ । ସବୁ ଋତୁରେ ଏଥିରେ ଫୁଲ ଫୁଟେ । ପ୍ରତି ଫୁଲରୁ ଦୁଇଟି ଲେଖାଏଁ ଛୁଇଁ ହୁଏ । ପ୍ରତି ଫୁଲରେ ଗୋଟେଇ ଲେଖାଏଁ ପାଖୁଡ଼ା ଥାଏ । ଏହି ଫୁଲର କୌଣସି ଗନ୍ଧ ନାହିଁ ।]

ସଦା ବେଳ—ଦେ. ବ. (ଅଶୁଦ୍ଧ ପ୍ରଯୋଗ)—ସବୁ କାଳ; ସଦାକାଳ— Sadā bela **सर्व्वदा हमेशा** All time.

ସଦାବେଳେ—ଦେ. କି ବଣ—ସର୍ବଦା; ସବୁ ସମୟରେ—Sadābele Always; at all times. [ଦ୍ର—ଶୁଣିବଜ୍ଜ ସର୍ବଦାଇ **हमेशा** ହୋଇ କର ସଦାବେଳେ ଥିବ । ପ୍ରାତଃ. ଶ୍ରୀଗୁରୁଭକ୍ତ ଗୀତା ।]

ସଦାବ୍ରତ—ସ. ବ (ସଦା=ସର୍ବଦା+ବ୍ରତ=ପୁଣ୍ୟକାର୍ଯ୍ୟ)—Sadābrata ୧ । ଅନ୍ନସତ୍ର—1. Charitable distribution of cooked rice to the needy. ୨ । ସଦାବର୍ତ୍ତ; ସଦାଦାନ; ଖଇରାତ—2. Charitable distribution of rice and food and alms and giving shelter.

ସଦାବ୍ରତ—ଦେ. ବ. ଓ ବଣ—ସଦାବର୍ତ୍ତ (ଦେଶ) Sadābrati Sadābartti. (See)

ସଦାବ୍ରତିଆ—ଦେ. ବଣ—ସଦାବର୍ତ୍ତିଆ (ଦେଶ) Sadābratiā Sadābarttiā (See)

ସଦାଭଦ୍ରା—ସ. ବ—ଗମ୍ଭାରି ଗଛ (ଶବ୍ଦ ରତ୍ନମାଳା) (ଦେଶ) Sadābhadrā Gambhāri (tree), (See).

Digitized by srujanika@gmail.com

ସଦାଭବ—ଷ. ବହୁ (ସଦା+ଭୁ· ଧାତୁ=ହେବା+ଭବିଁ· ଅ)—Sadābbaba ସଦାତନ (ଦେଶ)—Sadātana. (See) (ସଦାଭବା—ସ୍ତ୍ରୀ)

ସଦାମୁନି—ଷ. ବ—ପେଇଁ ଗୃହସ୍ଥ ସର୍ବଦା ମୁନିବୃତ୍ତି ଅବଲମ୍ବନ କରନ୍ତି Sadāmuni (ଅର୍ଥାତ୍ ମଦ୍ୟ ଓ ଆମିଷାଦ ଭକ୍ଷଣ ନ କରି, ବ୍ରହ୍ମଚର୍ଯ୍ୟ (ସଦାଯୋଗୀ—ଅନ୍ୟରୁଚ) ଅବଲମ୍ବନ କରନ୍ତି)—A householder who practises abstinence in food, drink and sexual matters; a householder practising continence.

ସଦା ଯୋଗୀ—ଷ°. ବ—୧ । ବିଷ୍ଣୁ (ନିତ୍ୟାଣ୍ଡ ଶେଷ)—Sadā jogī 1. An epithet of Bishnu. ୨ । ସଦା ମୁନ (ଦେଶ)—2. Sadāmuni (See)

ସଦାର—ଫ. ବଣ. ପୁଂ (ସଦାର୍ଥ ବହୁବ୍ରୀ; ସ+ଦାର୍=ସହୀ)—Sadāra ୧ । ସହଧର୍ମିଣୀଙ୍କ—1. Accompanied with or joined by one's wife. ୨ । ସାଙ୍ଗାର ସ୍ତ୍ରୀଙ୍କଠାରେ—2. Having one's wife living.

ସଦାଳାପ—ଫ. ବ (କର୍ମଧା; ସତ୍+ଆଳାପ)—୧ । ଭଦ୍ରତା ବା ଭଦ୍ର Sadālāpa କଥାବାର୍ତ୍ତା—1. Polite talk; friendly (ସଦାଳାପୀ—ବଣ ପୁଂ) conversation. ୨ । ସତ୍କଥା (ଦେଶ)—(ସଦାଳାପିଙ୍ଗ—ବଣ. ସ୍ତ୍ରୀ) 2. Sat-kathā. (See)

ସଦାଶଙ୍କିତ—ସଂ· ବଣ, ପୁ—ଜସ୍ତତ ଶଙ୍କାଯୁକ୍ତ—Sadā śaṅkita Always apprehensive. [ସଦା ଶଙ୍କିତା—ସ୍ତ୍ରୀ]

ସଦାଶୟ—ସଂ· ବଣ. ପୁଂ (ବହୁବ୍ରୀହି; ସତ୍ ଅଙ୍ଗ ଆଶୟ=ଚିତ୍ତ Sadāśaya ଯାହାର)—ମହାଶୟ; ସହୃଦୟ; ଉନ୍ନତଚେତାଃ—(ସଦାଶୟା—ସ୍ତ୍ରୀ) Magnanimous; noble-minded; [ସଦାଶୟତା—ବ] high-minded.

ସଦାଶିବ—ସଂ, ବ (ସଦା=ସର୍ବଦା+ଶିବ=ଶୁଭଦ)—ମହାଦେବ; Sadāśiba ଶିବ—Śiba. ଦେ. ବ. ପୁଂ—ଲୋକଙ୍କ ନାମ—ସଦାଶିବ **सदाशिव** A name of males.

ସଦାଶିବ ବିଦ୍ୟାଭୂଷଣ—ଦେ. ବ (ନାମ)—ଜଞ୍ଜାମ ବ୍ରହ୍ମପୁରବାସୀ Sadāśiba bidyābhūshaṇa ସ୍ୱର୍ଗୀୟ ଉତ୍କଳୀୟ ବ୍ରାହ୍ମଣ ପଣ୍ଡିତ—A late Oriya Brahmin Pandit of Berhampur of Ganjam district.

[ଦ୍ର—୧୮୬୬ ଖ୍ରୀଷ୍ଟାବ୍ଦରେ ଏହାଙ୍କର ଜନ୍ମ ଏବଂ ୧୯୩୦ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗାରୋହଣ । ଏ ସମ୍ବନ୍ଧରେ ବ୍ରହ୍ମପୁରଠାରେ ଜନ୍ମଗ୍ରହଣ କରି ସାମୁଙ୍କର ଘୋଷୀପୁତ୍ର ହୋଇଥିଲେ । ଏହାଙ୍କ ଜନ୍ମଦାତା ପିତା ନାରାୟଣ ମିଶ୍ର ଅନ୍ଧ୍ର ପ୍ରଦେଶର ସାଲଭୋଣ୍ଡା ଗ୍ରାମବାସୀ ଥିଲେ । ଏହାଙ୍କ ମାତା ଅନ୍ନପୂର୍ଣ୍ଣା ସଂସ୍କୃତ, ଓଡ଼ିଆ ଓ ତେଲୁଗୁ ଭାଷାରେ ସୁପଣ୍ଡିତା ଥିଲେ । ଏହାଙ୍କ ସାନକ ପିତା (ମାତୁଳ) ଚନ୍ଦ୍ରଶିଖର ବାସୁଗୁରୁ ତତ୍କାଳୀ ବ୍ରହ୍ମପୁର ସଂସ୍କୃତ-ପଣ୍ଡିତ ଥିଲେ । ବ୍ରହ୍ମପୁର ନର୍ମାଲ୍ ସ୍କୁଲରେ ଏତ ବର୍ଷ ଅଧ୍ୟୟନ କରି ନବମ ଶ୍ରେଣୀରୁ ଉତ୍ତୀର୍ଣ୍ଣ ହେବାପରେ ଏହାଙ୍କ ସ୍କୁଲ ଶିକ୍ଷା ସାଙ୍ଗ ହୋଇଥିଲା; କିନ୍ତୁ ଘରେ ବହୁ ଗଦ୍ୟାନୁଶୀଳନ କରି ଏ କାବ୍ୟ, ନାଟକ, ସଙ୍ଗୀତ, ବ୍ୟାକରଣ ଆଦିରେ ପାଣ୍ଡିତ୍ୟ ଲାଭ କରିଥିଲେ । ଉତ୍କଳ ଭାଷା, ଉତ୍କଳ ସାହିତ୍ୟ ଓ ଉତ୍କଳୀୟ ସଙ୍ଗୀତ ଚର୍ଚ୍ଚାରେ ଅପରାହ୍ଣ ନିୟୋଜିତ କରି ତାହାଳକ ବ୍ରଜଗ୍ରାମର ଓଡ଼ିଆ ସଙ୍ଗେ ଗଞ୍ଜାମର ମିଶ୍ରଣ ସମ୍ବନ୍ଧେ ଏ ସବିଶେଷ ଚେଷ୍ଟା କରିଥିଲେ । ଏ ଗଞ୍ଜାମସ୍ଥ ଚତୁର୍ଥୀ ବ୍ରଜ୍ୟର ବ୍ରଜ ବ୍ରଥାମୋଦ୍ଦନ ବ୍ରଜେନ୍ଦ୍ର ଦେବଙ୍କ ସଭ୍ରପଣ୍ଡିତ ଥାଇ ତାଙ୍କୁ ଅନେକଗୁଡ଼ିଏ ଓଡ଼ିଆ ନାଟକ ରଚନାରେ ଖୁବ୍ ସହାୟତା କରିଥିଲେ । ଏ ଇଂରାଜୀ, ବଙ୍ଗଳା, ହିନ୍ଦୀ, ତେଲୁଗୁ, ମରହଟ୍ଟୀ, ଗୁଜରାଟୀ, ତାମିଲ ପ୍ରଭୃତି ଭାଷାରେ ଥିଲେ । ତେଲୁଗୁ, ଓଡ଼ିଆ, ବଙ୍ଗଳା, ସଂସ୍କୃତ ଓ ହିନ୍ଦୀରେ ଏ ଅତି ସୁନ୍ଦରରୂପେ କଥାବାର୍ତ୍ତା କରି ପାରୁଥିଲେ । ସଦାଶିବଙ୍କର ଜ୍ଞାନପିପାସା ଅତି ପ୍ରବଳ ଥିଲା । ଏ ବଙ୍ଗ, ବିହାର, ଓଡ଼ିଶା, ମାଦ୍ରାଜ, ବମ୍ବେ ଆଦି ବିଭିନ୍ନ ଅଞ୍ଚଳ ପୁନଃ ପୁନଃ ଦର୍ଶନ କରି ନିଜର ଜ୍ଞାନଭଣ୍ଡାର ବଢ଼ାଇଥିଲେ । ସଭ୍ୟଜଗତ ଓ ରଙ୍ଗଭୂମି ତାଙ୍କର ସବୁଠାରୁ ଅଧିକ ପ୍ରିୟସ୍ଥଳ ଥିଲା । ଏ ତେଲୁଗୁରେ ଓ ସଂସ୍କୃତରେ ଗୁଡ଼ିଏ ସଙ୍ଗୀତ ଓ ନାଟକ ରଚନା କରିଥିଲେ । ବାଲ୍ୟକାଳରୁ ଏହାଙ୍କର ନାଟକ ଅଭିନୟ ଦଗରେ ଶ୍ରଦ୍ଧା ଥିଲା । ପୌରନ ବୟସ୍ତରେ ଏ ବ୍ରହ୍ମପୁରରେ ଗୋଟିଏ ଓଡ଼ିଆ ନାଟକଦଳ ଗଠନ କରିଥିଲେ । ବର୍ତ୍ତମାନ ବ୍ରହ୍ମପୁରରୁ ପ୍ରକାଶିତ 'ଓଡ଼ିଆ' ନାମକ ସାପ୍ତାହିକ ସମ୍ବାଦପତ୍ରର ସମ୍ପାଦକ ପଣ୍ଡିତ ଅନନ୍ତ ଅଗୃଦ୍ଧି ଏହାଙ୍କ ଜ୍ୟେଷ୍ଠ ପୁତ୍ର ।]

ସଦାଶିବ ମିଶ୍ର—ଦେ. ବ—(ନାମ)—ପୁରୀ ଜିଲ୍ଲାର ଜନୈକ ସ୍ୱର୍ଗୀୟ Sadāśiba miśra କୁଳୀନ ବ୍ରାହ୍ମଣ ପଣ୍ଡିତ—Late Pandit Sadāśiba Misra, Brahmin Pandit of Puri district. [ଦ୍ର—ଓଡ଼ିଶାରେ, ବିଶେଷତଃ ରାଜଧାନୀର ବ୍ରାହ୍ମଣମାନଙ୍କ ମଧ୍ୟରେ ଇଂରାଜୀ ଶିକ୍ଷା ପ୍ରଚଳନ କରାଇବା ପାଇଁ ଏ ବିଶେଷ ଯତ୍ନ କରି ଜିଲ୍ଲାର ଉତ୍କଳୀୟମାନଙ୍କୁ ସର୍ବଶ୍ରେଷ୍ଠ ସାହାଯ୍ୟ କରିଥିଲେ । ଏହାଙ୍କ ଚେଷ୍ଟାରେ ପୁରୀଜିଲ୍ଲାର ବ୍ରାହ୍ମଣମାନେ ଅଧୁନିକ ଶିକ୍ଷା ପ୍ରତି ଅଗ୍ରସର ହୋଇଥିଲେ ।]

ସଦାଶିବ ମିଶ୍ର କାବ୍ୟକଣ୍ଠ (ମହାମହୋପାଧ୍ୟାୟ)—ଦେ. ବ (ନାମ)—Sadāśiba miśra kābyakaṇṭha (mahāmahopādhyāya) ଓଡ଼ିଶାର ସମ୍ପ୍ରତିବାସୀ ଜନୈକ ପ୍ରସିଦ୍ଧ ସ୍ୱର୍ଗୀୟ ବ୍ରାହ୍ମଣ ପଣ୍ଡିତ—The late famous Brahmin Pandit of Orissa. [ଦ୍ର—ଏ ପୁରୀ ସହରରୁ ପ୍ରାୟ ମାଇଲ୍ ଦୂରବର୍ତ୍ତୀ ଶାସନ ଦାମୋଦରପୁରରେ ୧୮୫୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ ଏବଂ ୭୩ ବର୍ଷ ବୟସ୍ତରେ ତା. ୧୭-୮-୧୯୨୫ ରେ

Digitized by srujanika@gmail.com

ଇନ୍ଦୁଲୀଳା ସାଙ୍ଗ କଲେ । ଏ ବାଲ୍ୟକାଳରେ ଗ୍ରାମର ପ୍ରାଇମେରୀ ବଦ୍ୟାଳୟରେ ପଢ଼ିସାରି ପୁଣି ସ୍ଥାନୀୟ ସ୍କୁଲରେ ଜଗାଧୁ ପଣ୍ଡିତଙ୍କ ନିକଟରେ ଇଂରାଜୀ ଦୋଇ ୧୮୮୧ ଖ୍ରୀଷ୍ଟାବ୍ଦରେ ଶିକ୍ଷାବିଭାଗର ଅଧୀନତାରେ ସରକାରୀ ଗୃହୀତ ବୃତ୍ତିଣ କର ପୁଣି କଲ୍ଲାସ୍କୁଲର ଦୋଡ଼ ପଣ୍ଡିତ କାର୍ଯ୍ୟରେ ରହିଲେ । ଏହି କାର୍ଯ୍ୟରେ ପ୍ରାୟ ୩୫ ବର୍ଷ କାଳ ରହି ଏ ଖୁବ୍ ସୁନାମ ଅର୍ଜ୍ଜନ କରିଥିଲେ । ୧୯୦୯ ରେ ଏ ଗବର୍ଣ୍ଣମେଣ୍ଟଙ୍କ ଦ୍ୱାରା 'ମହାମହୋପାଧ୍ୟାୟ' ଜଗାଧୁରେ ଭୂଷିତ ଦୋଇଥିଲେ । ଏହାଛଡ଼ା ଗୁରୁତ ଧର୍ମମହାମଣ୍ଡଳ ଅଦ ସଭା ତାଙ୍କୁ 'ସଦୋପଦେଶକ', 'ବଦ୍ୟାଭୂଷଣ' ଓ 'ଇନ୍ଦୁଲ ଭୂଷଣ' ଜଗାଧୁମାନ ଦେଇଥିଲେ ।

ଏ ଇନ୍ଦୁଲରେ ଶିକ୍ଷା ବସ୍ତାର ଓ ବ୍ରାହ୍ମଣସମାଜର ଇନ୍ଦତ ପାଇଁ ନାନା ଦେଶହିତକର ଅନୁଷ୍ଠାନରେ ଜଦ୍ୟୋଗୀ ରୂପେ କଳର ବହୁ ସମସ୍ୟ ଇନଯୋଗ କରିଥିଲେ । ଇନ୍ଦୁଲ ବ୍ରାହ୍ମଣ ସମିତି, ପୁଣି ମୁକ୍ତ ମଣ୍ଡପ ପଣ୍ଡିତ ସଭା, ପୁଣିର କର୍ମକାଣ୍ଡ ବେଦ-ବଦ୍ୟାଳୟ ଓ ଚନ୍ଦ୍ରଶେଖର ଇଲ୍ଲ. ଏହାଙ୍କ ପ୍ରତିଷ୍ଠାନମାନଙ୍କ ମଧ୍ୟରେ ପ୍ରଧାନ । ଏ କଳ ଗ୍ରାମରେ ମୋଟିଏ ମାଇନର୍ ସ୍କୁଲ କସାଇଥିଲେ । ଏହା ଛଡ଼ା ଏ ପୁଣି ମୁକ୍ତମଣ୍ଡପ ପଣ୍ଡିତ ସଭାର ସଭାପତ୍ତି, ବଙ୍ଗଳା ଅବିଅଣ୍ଟିକ୍ ସୋସାଇଟିର ସଦସ୍ୟ, ବନାରସ ହିନ୍ଦୁ ବିଶ୍ୱବଦ୍ୟାଳୟର ସଦସ୍ୟ, ବଦ୍ୟାର ଓଡ଼ଶା ସଂସ୍କୃତ କାଲ୍ଜନ୍ସିଲ୍ର ମେମ୍ବର, ପାଟଣା ବିଶ୍ୱବଦ୍ୟାଳୟର ସିନେଟ୍ର ମେମ୍ବର, ପ୍ରତ୍ନତତ୍ତ୍ୱ ବଲ୍ଲମଣ୍ଡଳର ସଂସ୍ଥତ ବିଶ୍ୱବଦ୍ୟାଳୟର ଗ୍ରୁନ୍ସେଲର୍ ଏବଂ ପାଟଣା ଓ ବଙ୍ଗଳା ବିଶ୍ୱବଦ୍ୟାଳୟମାନଙ୍କର ସଂସ୍କୃତ ପରୀକ୍ଷକ ଥିଲେ । ଏ ସଂସ୍କୃତ ଶିକ୍ଷା ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ଅଧିକାଂଶ ଅନୁଷ୍ଠାନ ଓ ସଭା ସମିତିମାନଙ୍କ ସଙ୍ଗେ ସମ୍ପୃକ୍ତ ଥିଲେ । ଏହାଙ୍କ ସମସ୍ତଙ୍କରେ ମୁକ୍ତମଣ୍ଡପ ପଣ୍ଡିତ ସଭା ତରଫରୁ ବହାରେ ଲଣ୍ଡ୍ ସର୍ ଏଡ୍ୱାର୍ଡ୍ ଗେଟ୍, କେ. ଏଚ୍. ମାକ୍ଡୋନାଲ୍ଡ୍, ସୋନପୁରର ସ୍ୱର୍ଗତ ମହାରାଜ ଆଦଙ୍କୁ ସମ୍ମାନସୂଚକ ଜଗାଧୁମାନ ପ୍ରଦତ୍ତ ଦୋଇଥିଲା ।

ଏ ଇନ୍ଦୁଲସମ୍ପର୍କତ ସ୍ମୃତି ଶାସ୍ତ୍ରମାନଙ୍କରୁ ସାର ସଂଗ୍ରହ କରି 'ଇନ୍ଦ୍ୟାପଦ୍ଧତି ସର୍ବସ୍ୱ' ନାମକ ମୋଟିଏ ପ୍ରକାଣ୍ଡ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ଏହା ଛଡ଼ା ପରୁଷୋତ୍ତମ ସେତୁ ତତ୍ତ୍ୱ, ଜ୍ୱରତତ୍ତ୍ୱ ଅର୍ଘ୍ୟ ଦର୍ଶନ, ଜଗନ୍ନାଥ ମନ୍ଦର, ବ୍ୟାକରଣାନୁଶୀଳନୀ, ମହାଷ୍ଟମୀ ବ୍ୟବସ୍ଥା ଅଦ ଗ୍ରନ୍ଥମାନ ମଧ୍ୟ ଏହାଙ୍କ ରଚନା ।

ସୋନପୁରର ସ୍ୱର୍ଗୀୟ ମହାରାଜ ସର ହାରିକେଶୋଦସ୍ୱ ସିଂହ ଦେବ ଧର୍ମନିଷ୍ଠ ଜ୍ଞାନଗୁଣାଢ୍ୟର K. C. I. E. ଙ୍କ ଅର୍ଥ ସାହାଯ୍ୟରେ ଏ କେତେ ଖଣ୍ଡ ସଂସ୍କୃତ ଗ୍ରନ୍ଥର ମୁଦ୍ରଣ କରାଇଥିଲେ ।

ଏ ସର୍ବଦା ଦେଶର ସାଧାରଣ କାର୍ଯ୍ୟରେ ପରିଶ୍ରମ କରୁଥିଲେ ଏବଂ ଜଣେ ନୈଷ୍ଠିକ ବ୍ରାହ୍ମଣ ଥାଇ ସ୍ୱଦ୍ଧା ହିନ୍ଦୁ ସମାଜରେ ସମୟୋଚିତ ସଂସ୍କାରର ପକ୍ଷପାତୀ ଥିଲେ । ଏ ଇଂରାଜ ପଢ଼ି ନ ଥିଲେ; କନ୍ତୁ ଅଧୁନିକ ସମାଜରେ ପ୍ରବର୍ତ୍ତିତ ସଧନାବଳୀ, ସମୁଦ୍ର-ଯାତ୍ରା ଅଦ ସମ୍ବନ୍ଧରେ ଏହାଙ୍କ ମତ ମରଡ଼ନ୍ଥୀ ବିଦ୍ୟୋତ୍ସାହୀ ପଣ୍ଡିତମାନଙ୍କ ମତ ଅପେକ୍ଷା ଜଦାରତର ଥିଲା । ଧର୍ମ, ସାହିତ୍ୟ ଓ ସମାଜ ସମ୍ବନ୍ଧୀୟ ଏହାଙ୍କର ବହୁ ମୌଳିକ ସାମୟିକ ପତ୍ରପତ୍ରିକାମାନଙ୍କରେ ପ୍ରକାଶିତ ଦୋଇଥିଲା । ସରକାର ଭୁବନେଶ୍ୱର ମନ୍ଦିର ସମ୍ବନ୍ଧରେ କାର୍ଯ୍ୟର ଖର ପ୍ରକାଶ କରିବା ପୂର୍ବରୁ ଏ ସାଧାରଣ ମୁଦ୍ରାଦ୍ୱାରା ଉକ୍ତ ମନ୍ଦିରର ସମ୍ବନ୍ଧ କାର୍ଯ୍ୟର ସୂଚନାଟ କରିଥିଲେ । ଏପ୍ରକାରେ ତାଙ୍କର ସମସ୍ତଜୀବନ ସାମାଜିକ ନାନା କର୍ମଜାଲରେ ସଡ଼ତ ହଇଡ଼ତ ଥିଲା । ପୁଣିରେ ଏହାଙ୍କ ବିଯୋଗଜନତ ଅସ୍ତର ଗତ ୧୦ ବର୍ଷ ମଧ୍ୟରେ ପୂର୍ଣ୍ଣ ଦୋଇ ପାର ନାହିଁ ।]

ସଦାଶ୍ରିତ—ବି. ବର୍ଣ. ପୁଂ (ସତ୍+ଆଶ୍ରିତ)—୧ । ଯେ ସାଧୁ ବ୍ୟକ୍ତିଙ୍କ Sadāśrita ଆଶ୍ରୟ ଗ୍ରହଣ କରି ଅଛନ୍ତି—1. One who has (ସଦାଶ୍ରିତା—ସ୍ତ୍ରୀ) taken shelter under a good man. ୨ । (ସଦା+ଆଶ୍ରିତ) (କୌଣସି ବ୍ୟକ୍ତିଙ୍କର) ସର୍ବଦା ଆଶ୍ରୟାଧୀନ—2. Always dependent on.

ସଦା ସର୍ବଦା—ଦେ. ବି. ବର୍ଣ (ଏକାର୍ଥ ସହଚର)—୧ । ସଦା; ସର୍ବଦା; Sadā sarbadā ସବୁ ବେଳେ—1. Always. ୨ । ନିରନ୍ତର ସଦାସର୍ବଦା सदासर्वदा —2. Constantly.

ସଦିଚ୍ଛା—ସଂ. ବ (କର୍ମଧା)—ସାଧୁ ଇଚ୍ଛା; ସାଧୁ ସଂକଳ୍ପ—A good Sadicchhā wish; honest desire.

ସଦୁକ୍ତ—ସଂ. ବର୍ଣ (ସତ୍+ଉକ୍ତ)—୧ । ଉତ୍ତମ ରୂପେ କଥିତ— Sadukta 1. Well spoken. ୨ । ଉପଯୁକ୍ତ ରୂପେ ଉକ୍ତ —2. Properly or rightly said.

ସଦୁକ୍ତି—ସଂ. ବ. (କର୍ମଧା) -୧ । ସାଧୁକ୍ତି—1. Good saying. Sadukti ୨ । ମହାପୁରୁଷମାନଙ୍କ ବଚନ—2. Sayings of great men.

ସଦୁତ୍ତର—ସଂ. ବ (ସତ୍+ଉତ୍ତର) (କର୍ମଧା)—୧ । ଉତ୍ତମ ଉତ୍ତର— Saduttara 1. Good reply. ୨ । ଉପଯୁକ୍ତ ଉତ୍ତର— 2. Proper reply; fit answer.

ସଦୁଦ୍ଦେଶ୍ୟ—ସଂ. ବ. (କର୍ମଧା; ସତ୍+ଉଦ୍ଦେଶ୍ୟ)—1. Honest Saduddeśya intention. ୨ । ମହତ୍ ଅନୁଷ୍ଠାନ— 2. Noble aim.

ସଦୁପଦେଶ—ସଂ. ବ (କର୍ମଧା; ସତ୍+ଉପଦେଶ)—୧ । ଉତ୍ତମ Sadupadeśa ଉପଦେଶ—1. Good advice or instruction. ୨ । ମଙ୍ଗଳକର ପରାମର୍ଶ—2. Salutary (ସଦୁପଦେଶକ—ବିଶ. ପୁ°) advice.

ସଦୁପଦେଶ ଗର୍ଭ—ସଂ, ବିଶ (ବହୁବ୍ରୀହି; ସଦୁପଦେଶ ଅଛି ଗର୍ଭରେ Sadupadeśa garbha ଯାହାର)—ସଦୁପଦେଶ ପୂର୍ଣ୍ଣ (ସଦୁପଦେଶ ଗର୍ଭକ—ଅଳଂରୂପ) (ବାକ୍ୟ)—Full of salutary advice.

ସଦୁପାୟ—ସଂ. ବ (କର୍ମଧା)—୧ । ସତ୍ ଉପାୟ; ଉତ୍ତମ ଉପାୟ— Sadupāya 1. Good means. ୨ । ଉପଯୁକ୍ତ ଉପାୟ - 2. Proper means.

Digitized by srujanika@gmail.com

ସଦୃଚ୍—ସଂ. ବଣ. ପୁଂ (ସ=ସମାନ, ଅନୁରୂପ+ଦୃଶ୍. ଧାତୁ= Sadṛuk ଦେଖିବା+କର୍ମ. କ୍ୱିପ୍; ସଦୃଶ ଶବ୍ଦର ୧ମା ୧ବ)—(ସଦୃଶୀ—ସ୍ତ୍ରୀ) ୧ । ସଦୃଶ; ତୁଲ୍ୟ; ଅନୁରୂପ—1. Similar. ୨ । ଉପଯୁକ୍ତ; ଯୋଗ୍ୟ—2. Fit; fitting.

ସଦୃକ୍ଷ—ସଂ. ବଣ. ପୁଂ (ସ=ସମାନ+ଦୃଶ୍. ଧାତୁ+କର୍ମ. ସକ୍)—Sadṛuksha ସମାନ; ତୁଲ୍ୟ—Similar to; resembling. [ସଦୃକ୍ଷା, ସଦୃକ୍ଷୀ—ସ୍ତ୍ରୀ]

ସଦୃଶ୍—ସଂ. ବଣ (ସ+ଦୃଶ୍. ଧାତୁ+କର୍ମ. କ୍ୱିପ୍)—ସଦୃକ୍ (ଦେଖ) Sadṛuś Sadṛuk. (See)

ସଦୃଶ—ସଂ. ବଣ. ପୁଂ (ସ=ସମାନ+ଦୃଶ୍. ଧାତୁ+କର୍ମ. ଅ)—Sadṛuśa ୧ । ସମାନ; ତୁଲ୍ୟ—1. Equal to; similar (ସଦୃଶୀ—ସ୍ତ୍ରୀ) to; same as; resembling. ୨ । ଉପଯୁକ୍ତ; [ସାଦୃଶ୍ୟ, ସଦୃଶତା—ବ] ଯୋଗ୍ୟ—2. Fit; befitting; fitting. ଦେ. ଅ.—ସର୍ବ—Like.

ସଦୃଶ ବ୍ୟବସ୍ଥା—ଦେ. ବ (ଅଧୁନିକ ପ୍ରୟୋଗ)—ହୋମିଓପାଥି Sadṛuśa byabasthā ଚିକିତ୍ସା—Homeopathy; सदृशव्यवस्था the system of Homoeopathic होमियोपैथिक चिकित्सा treatment. [ଦ୍ର—ଏହ ଚିକିତ୍ସା-ପ୍ରଣାଳୀର ବ୍ୟବସ୍ଥା ଏହ କି, ଯେଉଁ ଦ୍ରବ୍ୟ ସେବନ କଲେ କୌଣସି ରୋଗ କି ରୋଗର ଲକ୍ଷଣ ଉତ୍ପନ୍ନ ହୁଏ, ପୁଣି ସେହ ଦ୍ରବ୍ୟର ଅଲ୍ପମାତ୍ରା ପ୍ରୟୋଗ ଦ୍ୱାରା ସେହ ରୋଗର ନିରାକରଣ ହୁଏ ।]

ସଦୃଶା—ସ୍ତ୍ରୀ. ବଣ (ପ୍ରାଚୀନ ପଦ୍ୟ)—ସଦୃଶ (ଦେଖ)—Sadṛuśā Sadṛuśa (See)

[ଉ—ଉରସି ଯିବାକୁ ନାହିଁ ଭାରସା,
ଖଣ୍ଡାଧାର ବାଟ ସେହ ସଦୃଶା ।
—ପ୍ରାଚୀ. ପରତେ ଗୀତା]

ସଦୃଶି—ସ୍ତ୍ରୀ. ଅ (ପ୍ରାଚୀନ ପଦ୍ୟ)—ସଦୃଶ; ସଦୃଶ—Alike; Sadṛuśi सदृश सदृश resembling.

[ଉ—ଜଗତିଷଗ ଭୂମ୍ନକଣ୍ଡି ମନ୍ଦର ନ ନାଣି,
ଦଃଖ ମାର୍କଣ୍ଡେପୁ ଜତ ପଳପୁ ସଦୃଶି ।
—ଅଜ, ବୈଦେଘୁଶବଳାସ]

ସଦୃଷ୍ଟାନ୍ତବାଦୀ—ବ. ବଣ. ପୁଂ—ଉପଯୁକ୍ତ ଦୃଷ୍ଟାନ୍ତ ଦର୍ଶାଇବାକୁ ଷମ—Sadṛuṣṭānta bādī Able to cite similer instances or similes in speech. ସ. ବ. ପୁଂ—ଯେଉଁ ବ୍ୟକ୍ତ କଥାବାର୍ତ୍ତାରେ ଉପଯୁକ୍ତ ଦୃଷ୍ଟାନ୍ତ ବ୍ୟବହାର କରନ୍ତି—A person who uses similes or similar instances in ordinary conversation.

ସଦେଇ—ଦେ.ବ.ନୁଂ—(ନାମ)—ସଦାନନ୍ଦ ବା ସଦାଶିବର ଅପଭ୍ରଂଶ ଡାକନାମ—Name for calling Sadānanda or Sadāsiba. Sadei ସଦାଇ सदानन्द

ସଦେଶ—ସଂ. ବଣ. (ବହୁବ୍ରୀ; ସ=ସମାନ+ଦେଶ)—୧ । ଏକ Sadeśa ଦେଶସ୍ଥ—1. Of the same country. ୨ । ସମାନ ଦେଶୀପୂ—2. Of a similar tract of country. ୩ । (ସ=ସହିତ+ଦେଶ) ସମୀପସ୍ଥ; ଲଗଟଲଗା—3. Contiguous; adjoining.

ସଦେଶଜ—ସଂ. ବଣ (ସଦେଶ+ଜନ୍ ଧାତୁ+କର୍ତ୍ତୃ ଅ)—ଏକ Sadeśaja ଦେଶଜାତ—Born or produced in the same country.

ସଦ୍ଧନ—ସଂ. ବ (ସତ୍+ଧନ; ସଦୁପାୟାର୍ଜ୍ଜିତ ଧନ; ସଦ୍ଧାଦଙ୍କେପୀ)—Saddhana ସଦୁପାୟରେ ଅର୍ଜ୍ଜିତ ଧନ—Wealth earned honestly; honestly acquired wealth.

ସଦ୍ଧର୍ମ—ସଂ. ବ (କର୍ମଧା; ସତ୍+ଧର୍ମ)—୧ । ଶ୍ରେଷ୍ଠ ଧର୍ମ—1. Saddharma An eminent religion. ୨ । ଉତ୍ତମ କର୍ମାନୁଷ୍ଠାନ—2. A good observance. ୩ । ବୌଦ୍ଧ ଧର୍ମ—3. The Buddhistic religion; Buddhism. [ଦ୍ର—ବୌଦ୍ଧ ଶାସ୍ତ୍ରୋକ୍ତ ତିରତ୍ନ (ଯଥା, ବୁଦ୍ଧ, ସଙ୍ଘ ଓ ଧର୍ମ) ମଧ୍ୟରେ ଧର୍ମ ଏକତମ ଅଟେ ।]

ସଦ୍ଧର୍ମ ବିଶାରଦ—ସଂ. ବଣ. ପୁଂ (କର୍ମଧା, ୭ମୀ ତତ୍)—ବୌଦ୍ଧ-Saddharma bisārada ଧର୍ମରେ ପାରଦର୍ଶୀ—Versed in Buddhism. (ସଦ୍ଧର୍ମ ବିଶାରଦା—ସ୍ତ୍ରୀ) ସ. ବ—ବୌଦ୍ଧ ସନ୍ନ୍ୟାସୀଙ୍କର ଉପାଧି ବିଶେଷ—One of the titles of Buddhist saints.

ସଦ୍ଧେତୁ—ସଂ. ବ (ସତ୍+ହେତୁ)—(ନ୍ୟାୟଶାସ୍ତ୍ର)—ହେତ୍ୱାଭାସ Saddhetu ଦୋଷ ରହିତ ପ୍ରତିଜ୍ଞା—(Logic) A proposition to be proved in which the attribute is inherent.

ସଦ୍ୱୀପ—ସଂ. ବଣ. ପୁଂ (ସ=ସହିତ+ଦ୍ୱୀପ)—ଦ୍ୱୀପ ସମନ୍ୱିତ—Sadwīpa Comprising or including the (ସଦ୍ୱୀପା—ସ୍ତ୍ରୀ) islands; together with the islands. (ଯଥା—ସଦ୍ୱୀପ ଭାରତବର୍ଷ; ସଦ୍ୱୀପା ବସୁନ୍ଧରା)

ସଦ୍ମ—ସଂ. ନ. କ୍ଲୀ (ସଦ୍ ଧାତୁ=ଗମନ କରିବା+ଅଧିକରଣ ମନ୍; ସଦ୍ଧାତୁର ଶବ୍ଦର ୧ମା ୧ବ; ମନୁଷ୍ୟମାନେ ବିଶ୍ରାମାର୍ଥ ଯେଉଁଠାକୁ ଗମନ କରନ୍ତି)—୧ । ନିକେତନ; ଗୃହ; ଘର—1. House; home. ୨ । ବାସଗୃହ—2. Residence; abode. ୩ । ଉଦ୍ଯାନ; ପୈତୃକ ବାସଗୃହ—3. Residential house; one's ancestral house; ୪ । (+କାନ୍ତି ମନ୍; ଯାହା ଗର୍ତ୍ତ କରେ) ଜଳ—4. Water.

ସଦ୍ୟ—ଦେ. ବଣ (ସଂ. ସଦ୍ୟସ୍)—ସଦ୍ୟ; ତତ୍କାଳ—Fresh. ଦେ. ଅ: Sadya ସଦ୍ୟସ୍ (ଦେଖ)—Sadyaḥ (See) ୧ । सद्य सद्य ତତ୍କ୍ଷଣାତ୍ (ବିଶ୍ୱକୋଷ)—1. Immediately. ୨ । ଅଳ୍ପକ୍ଷଣ ପୂର୍ବେ—2 Recently; freshyl ୩ । ନୂତନଦୋଇ—3. Newly.

Digitized by srujanika@gmail.com

ସଦ୍ୟ ଉଦ୍ଧୃତ—ଅ.ବ୍ୟ (ସଦ୍ୟଃ + ଉଦ୍ଧୃତ; ସନ୍ଧିଦ୍ୱାରା ବିସର୍ଗର ଲୋପ)—
Sadyauddhṛuta ସଦ୍ୟଃସମୁଦ୍ଧୃତ (ଦେଖ)—Sadyaḥ-samuddhṛuta (See)

ସଦ୍ୟଃ—ଅ. ଅ [ସ=ସମାନ + ଦ୍ୟସ୍ (ଦିବା · ଶବ୍ଦ); ସମେ ଦିବସେ =ସେହି ଦିନ; ଏକା ଦିନରେ]—୧ । ସତ୍ୱର; ତତ୍କ୍ଷଣେ; ସେହିକ୍ଷଣି; ତତ୍କାଳେ—1. Immediately; at once. ୨ । ସେହି ମୁହୂର୍ତ୍ତରେ—2. At that moment. ୩ । ବର୍ତ୍ତମାନ ସମୟରେ—3. At the present moment. ୪ । ଉପସ୍ଥିତ ଦିବସରେ—4. On the very day; the same day. [ଦ୍ର—ଏହାର ଓଡ଼ିଆ ଅପଭ୍ରଂଶ 'ସଜ' ।]

ସଦ୍ୟଃକୃତ—ଅ. ବିଣ—୧ । କିଛିକ୍ଷଣ ପୂର୍ବେ କରି ଯାଇଥିବା—Sadyaḥkṛuta 1. Recently done. ୨ । ତତ୍କ୍ଷଣାତ (ସଦ୍ୟଃକୃତ—ଅନ୍ୟରୂପ, ଶବ୍ଦକୋଷ) —2. Done immediately. ସ. ବ—୧ । ଅଖ୍ୟା—1. Appellation. ୨ । ସଜ୍ଞା—2. Definition. ୩ । ନାମ—3. Name.

ସଦ୍ୟଃକ୍ରିୟ—ଅ. ବିଣ. ପୁଂ (ସଦ୍ୟଃ + କ୍ରିୟା ଯାହାର; ବହୁବ୍ରୀହି)—Sadyaḥkriya ଯେ ତତ୍କ୍ଷଣାତ୍ କାର୍ଯ୍ୟ କରେ—Prompt (ସଦ୍ୟଃ କ୍ରିୟା—ସ୍ତ୍ରୀ) in doing a work; prompt in (ସଦ୍ୟଃ କ୍ରିୟତା—ବ) action.

ସଦ୍ୟଃ କ୍ରିୟା—ଅ. ବ—ମୃତ ବ୍ୟକ୍ତିର ମରିବା ଦିନଠାରୁ ଆରମ୍ଭ କରି Sadyaḥ kriyā କରାଯିବା ଅନ୍ତ୍ୟେଷ୍ଟି କ୍ରିୟା; ସଦ୍ୟ କ୍ରିୟା—Funeral ceremonies commenced from the very day of death. ଅ. ବିଣ. ସ୍ତ୍ରୀ—ସଦ୍ୟଃକ୍ରିୟର ସ୍ତ୍ରୀ ଲିଙ୍ଗ—Feminine of Sadyaḥkriya.

ସଦ୍ୟଃ କ୍ଷତ—ଅ.ବିଣ—ଯାହା ତତ୍କ୍ଷଣାତ୍ ଅତି ଦୋଇଅଛି(ଶବ୍ଦକୋଷ) Sadyaḥ kshata —Freshly wounded.

ସଦ୍ୟଃ ପକ୍ୱ—ଅ. ବିଣ—୧ । କିଛିକ୍ଷଣ ପୂର୍ବେ ପାଚିଥିବା—Sadyaḥ pakwa 1. Recently ripened. ୨ । କିଛିକ୍ଷଣ ପୂର୍ବେ ଖାଦ୍ୟ ରନ୍ଧା ଯାଇଥିବା—2. Freshly cooked or dressed.

ସଦ୍ୟଃ ପ୍ରସୂତ—ଅ.ବିଣ.ପୁଂ—ଅତି ଅଳ୍ପକାଳ ହେଲା ଜାତ(ସନ୍ତାନ)—Sadyaḥ prasūta Newly born (baby). (ସଦ୍ୟଃ ପ୍ରସୂତା—ସ୍ତ୍ରୀ)

ସଦ୍ୟଃ ପ୍ରସୂତି—ଅ. ବିଣ ଓ ବ. ସ୍ତ୍ରୀ—ଯେଉଁ ସ୍ତ୍ରୀ ବର୍ତ୍ତମାନ ଅର୍ଥାତ୍ Sadyaḥ prasūti ସନ୍ତାନ ପୂର୍ବେ ପ୍ରସବ କରିଅଛି— A woman who has been recently delivered of a child.

ସଦ୍ୟଃ ପ୍ରାଣକର—ଅ. ବିଣ—ତତ୍କ୍ଷଣାତ୍, ଅର୍ଥାତ୍ ସେହିକ୍ଷଣ ମାତ୍ରେ Sadyaḥ prāṇakara ବଳକାରକ—Immediately infusing strength or vigour or vitality. [ଦ୍ର—ସଦ୍ୟୋମାଂସଂ, ନବାନ୍ନଂ ଚ, ବାଲା ସ୍ତ୍ରୀ, କ୍ଷୀର ଭୋଜନଂ ଘୃତମୁଷ୍ଟୋଦକଂଚୈବ ସଦ୍ୟଃ ପ୍ରାଣକରାଣି ଷଟ୍— (ସଦ୍ୟଃ ପ୍ରାଣକର—ସ୍ତ୍ରୀ) ଗୃଣଭ୍ୟ ।]

ସଦ୍ୟଃ ପ୍ରାଣହର—ଅ. ବି. ପୁଂ—୧ । ତତ୍କ୍ଷଣାତ୍ ପ୍ରାଣନାଶକ— Sadyaḥ praṇahāra 1. Causing instant death. ୨ । ସେହିକ୍ଷଣ ମାତ୍ରେ ବଳ ଓ ଅସ୍ଥିରତ୍ୱକର— 2. Immediately causing loss of strength and vitality. [ଦ୍ର—ଶୁଷ୍କଂ ମାଂସଂ ସ୍ତ୍ରିୟୋବୃଦ୍ଧାଃ ବାଲାର୍କସ୍ତରୁଣଂ ଦଧ୍ନ, ପ୍ରବୃଦ୍ଧେ ମୈଥୁନଂ ନଦୀ ସଦ୍ୟଃ-ପ୍ରାଣହରାଣି ଷଟ୍—ଗୃଣଭ୍ୟ ।]

(ସଦ୍ୟଃପ୍ରାଣ ହାସ୍ୟ, ସଦ୍ୟଃପ୍ରାଣାପହାସ୍ୟ, ସଦ୍ୟଃପ୍ରାଣହାରକ, ସଦ୍ୟଃପ୍ରାଣାପହାରକ—ଅନ୍ୟରୂପ)

(ସଦ୍ୟଃପ୍ରାଣହର, ସଦ୍ୟଃପ୍ରାଣହାରିଣୀ, ସଦ୍ୟଃପ୍ରାଣାପହାରିଣୀ ସଦ୍ୟଃପ୍ରାଣହାରକା, ସଦ୍ୟଃପ୍ରାଣାପହାରକା—ସ୍ତ୍ରୀ)

ସଦ୍ୟଃ ଶୁଦ୍ଧି—ଅ. ବ—ସଦ୍ୟଃ ଶୌଚ (ଦେଖ)
Sadyaḥ śuddhi Sadyaḥ śaucha (See)

ସଦ୍ୟଃ ଶୋଥା—ଅ. ବ (ସଦ୍ୟଃ + ଶୋଥସ୍=ଫୁଲା; ୧ମା. ୧ବ; Sadyaḥ śothā ଯାହା ତତ୍କ୍ଷଣାତ୍ ଦେହକୁ ଫୁଲାଇ ଦିଏ)—ବାଇଡଙ୍ଗ; କପିକଚ୍ଛୁ (ଶବ୍ଦ ରତ୍ନାକର)—Cowhage; cowage; Mucura Pruriens.

ସଦ୍ୟଃ ଶୌଚ—ଅ. ବ—ତତ୍କ୍ଷଣାତ୍ ଶୁଦ୍ଧି; ଅଶୁଦ୍ଧ ହେବାର ପର Sadyaḥ śaucha କ୍ଷଣରେ ଶୁଦ୍ଧ ହେବା—Purification immediately after the attainment of impurity. [ଦ୍ର—ଯଦି ମୃତ ହେଲେ ବା ବାଲକ ଦେଶାନ୍ତରରେ ମୃତ ହେଲେ ଉଲ୍ଲିଖିତ ବ୍ୟକ୍ତିମାନେ ସ୍ନାନ ଦ୍ୱାରା ସଦ୍ୟଃ ଶୌଚ ହେବେ—ଗରୁଡ ପୂର୍ବ, ୧୦୭ ଅଧ୍ୟାୟ ।] ଦେ ବିଣ—ଯାହାର ଶୁଦ୍ଧି ଲାଭ କରିବା ପାଇଁ ବିଳମ୍ବ ଘଟେ ନାହିଁ; ଯେ ଅଶୁଚି ହେବା ମାତ୍ରକେ ଶୁଦ୍ଧିଲାଭ କରେ—One who becomes purified immediately after he becomes impure. [ଦ୍ର—ଶିଳ୍ପୀ, କାରୁ (ଅର୍ଥାତ୍ ସୂତ୍ରଧାରାଦି), ବୈଦ୍ୟ, ଦାସୀ, ଦାସ, ଭୃତ୍ୟ, ଅଗ୍ନିମାନ୍, ଶ୍ରୋତ୍ରିୟ, ନାପିତ, ରାଜା, ଏମାନେ ସଦ୍ୟଃଶୌଚ ଅଟନ୍ତି । ଏମାନେ ଅଶୁଚି ହେବା ମାତ୍ରେ ସ୍ନାନାଦି ଦ୍ୱାରା ଶୁଦ୍ଧିଲାଭ କରନ୍ତି—ଗରୁଡ ପୂର୍ବଖ. ୧୦୭ ଅଧ୍ୟାୟ ।

ବଟୁ, ଶ୍ରାଦ୍ଧ ଓ ଯଜ୍ଞ ଆରମ୍ଭ କରିଥିବା ବ୍ୟକ୍ତିମାନେ, ବ୍ରତଧାରୀ ବ୍ୟକ୍ତିମାନେ, ହୋମାରମ୍ଭକାରୀ ବ୍ୟକ୍ତିମାନେ ସଦ୍ୟଃଶୌଚ ଅଟନ୍ତି—ବିଷ୍ଣୁ ପୂର୍ବଖ ।

ଦୁର୍ଭିକ୍ଷ, ରାଷ୍ଟ୍ରବପ୍ଳବ, ଅଘାତ ଦ୍ୱାରା ବହୁ ଲୋକଙ୍କ ମୃତ୍ୟୁ ଘଟିବା କାଳରେ ଲୋକେ ସଦ୍ୟଃଶୌଚ ହୁଅନ୍ତି—କୂର୍ମ ପୂର୍ବଖ ।

ଅସ୍ମାନଙ୍କ ଦେଶରେ ମଧ୍ୟ ଦେଖାଯାଏ ଯେ, ସ୍ୱଜାତିଙ୍କ ମୃତ୍ୟୁ ଘଟିବା ଘରେ ଉତ୍ତରକ୍ରିୟାକାରୀ ଏବଂ ସଦ୍ୟଃଶୌଚ ବ୍ୟକ୍ତି

Digitized by srujanika@gmail.com

ଉଦ୍ଦେଶରେ ଦୋଇ ସଜ୍ୟାଉଖେକ ଅଦ କର୍ମ କରନ୍ତି । ମୃତ ସ୍ୱଜାତି ଯାଇଁ ଅଳ୍ପଦିନ ହୋଇଥିବା 'ସୁଅ ବ୍ରାହ୍ମଣ' ଅଶୌଚ ଓ ଶ୍ରାଦ୍ଧାଦ ପାଳନ କରନ୍ତି ।]

ସଦ୍ୟଃ ସମୁଦ୍ଧୃତ—ବି· ତ୍ରି—ଯାହା ଅଳ୍ପକ୍ଷଣ ହେଲା ଉଦ୍ଧୃତ ହୋଇଅଛି Sadyaḥ samuddhṛuta —Which has been taken up or extracted recently.

ସଦ୍ୟଃ ସମୁଦ୍ଧୃତ ନବନୀତ—ବି.ତ—ତତ୍କା ଲହୁଣୀ—Fresh butter. Sadyaḥ samuddhṛuta nabanīta [ଦ୍ର—ବୈଦ୍ୟକ ମତରେ ଏହା ମଧୁରରସ, ଧାରକ, ଶୀତବୀର୍ଯ୍ୟ, ଲଘୁ ଓ ମେଧାଜନକ । ଉତ୍କାଂଶ ସପୁକ୍ତ ଥିଲେ ଏହା କଫପିତ୍ତ ତତ୍କାସ୍ଥାସ୍ଥ୍ୟରସ ଅଟେ ।]

ସଦ୍ୟଃ ସ୍ନାତ—ବି· ତ୍ରି. ପୁଂ—ତତ୍କ୍ଷଣାତ୍ ସ୍ନାନ କରିଥିବା (ବ୍ୟକ୍ତ)— Sadyaḥ snāta Having bathed immediately; (ସଦ୍ୟଃ ସ୍ନାତା—ସ୍ତ୍ରୀ) recently washed.

ସଦ୍ୟଃ ସ୍ନାନ—ବି. ତ—ତତ୍କ୍ଷଣାତ୍ ସ୍ନାନ—Taking a bath Sadyaḥ snāna immediately. [ଦ୍ର—ମୃତ ବ୍ୟକ୍ତିଙ୍କ ବନ୍ଧୁ ଓ ସଗୋତ୍ରମାନେ ସଦ୍ୟଃସ୍ନାନଦ୍ୱାରା ଶୁଦ୍ଧି ଲାଭ କରନ୍ତି ।]

ସଦ୍ୟଃ ସ୍ନାୟୀ—ବି. ତ୍ରି. ପୁଂ—ଯେ ସଦ୍ୟ ସ୍ନାନ କରିଅଛନ୍ତି— Sadyaḥ snāyī One who has taken a bath (ସଦ୍ୟଃ ସ୍ନାୟିନୀ—ସ୍ତ୍ରୀ) recently; just bathed.

ସଦ୍ୟ କ୍ରିୟା—ଦେ. ତ (ସଂ· ସଦ୍ୟଃ କ୍ରିୟା) —ସଦ୍ୟଃ କ୍ରିୟା (ଦେଶ) Sadya kriyā Sadyaḥ kriyā (See)

ସଦ୍ୟ କ୍ରିୟା ଧରିବା—ଦେ· କ୍ରି—ମୃତ ବ୍ୟକ୍ତିଙ୍କ ମରିବା ତତ୍ପରଠାରୁ Sadya kriyā dharibā ଅରମ୍ଭ କରି ମୃତାହ କ୍ରିୟା କରିବା— ସଦ୍ୟ କ୍ରିୟା ଧରା To perform the funeral cere- **सद्य प्रेतकर्म करना** monies beginning from the day of a person's death.

ସଦ୍ୟ ଗର୍ଭ—ଦେ. ତ—ସଦ୍ୟବାସ ସଙ୍ଗେ ସଙ୍ଗେ ଗର୍ଭାଧାନ—Concep- Sadya garbha tion taking place immediately ସଦ୍ୟଗର୍ଭ after the 1st coition. [ଦ୍ର—ସଦ୍ୟଜାତ **सद्यगर्भ** ହୋଇଲେ ଅଦ୍ୟେ ପ୍ରସବର, ଯେରୂପେ ସଦ୍ୟଗର୍ଭ ହେବ ତାହାଙ୍କର—କୃଷ୍ଣସିଂହ· ମହାଭାରତ, ଅଦ ।]

ସଦ୍ୟ ପାତ(ତି)—ଦେ. ତ୍ରି (ସଂ. ସଦ୍ୟଃ ପତିତ)—ତତ୍କ୍ଷଣାତ୍ Sadya pāti(tī) ପଡ଼ିଥିବା—Having fallen imme- ସଦ୍ୟପଡ଼ା diately; which has been just shed. **सद्य गिरा हुआ,** [ଦ୍ର—ସଦ୍ୟପାତ ରକ୍ତ ପାଠଳ-ମଦସ୍ୱ ପ୍ରେତ- **तटका गिरा हुआ** କୃତ ସନ୍ତର୍ପଣ—ସୁଧାକାଣ୍ଡ. ପାର୍ବତୀ ।]

ସଦ୍ୟ ପୁଷ୍ପ—ଦେ. ତ (ସଂ. ସଦ୍ୟଃ+ପୁଷ୍ପ) —ସଦ୍ୟ ଫୁଲ—Fresh Sadya pushpa ସଦ୍ୟପୁଷ୍ପ **तटका फुल** flower·

ସଦ୍ୟ ମୁକ୍ତି—ଦେ. ତ (ସଂ· ସଦ୍ୟୋମୁକ୍ତ)—ସଦ୍ୟୋମୁକ୍ତି (ଦେଶ) Sadya mukti Sadyo mukti (See) [ଦ୍ର—ଯେ ସଦ୍ୟମୃତ ତନ୍ମମୁକ୍ତି, ସ୍ୱତ୍ତ୍ୱସିକ ଦେନ ଅଛ— ଜଗନ୍ନାଥ. ଭୁଗତତ ।]

ସଦ୍ୟ ଶୌଚ—ଦେ. ତ (ସଂ· ସଦ୍ୟଃ ଶୌଚ)—ସଦ୍ୟଃ ଶୌଚ (ଦେଶ) Sadya śaucha Sadyaḥ śaucha (See)

ସଦ୍ୟସ୍କ—ସଂ. ତଣ. ପୁଂ (ସଦ୍ୟସ୍+କ)—୧ । ସଦ୍ୟୋଜାତ— Sadyaska 1. Recently born. ୨ । ନୂତନ— (ସଦ୍ୟସ୍କା—ସ୍ତ୍ରୀ) 2. New. ୩ । ତତ୍କା—3. Fresh.

ସଦ୍ୟୋ ଗୋମୟ—ସଂ· ତ (ସଦ୍ୟଃ+ଗୋମୟ)—ସଦ୍ୟ ଗୋବର— Sadyo gomaya Recently discharged cowdung.

ସଦ୍ୟୋ ଜାଗରିତ—ସଂ. ତଣ (ସଦ୍ୟଃ+ଜାଗରିତ)—ଯେ ବର୍ତ୍ତମାନ Sadyo jāgarita ନଦରୁ ଉଠିଅଛି—Freshly awaken (ସଦ୍ୟୋଜାଗ୍ରତ୍—ଅନ୍ୟରୂପ) from sleep.

ସଦ୍ୟୋ ଜାତ—ସଂ. ତଣ. ପୁଂ (ସଦ୍ୟଃ+ଜାତ) —୧ । ବର୍ତ୍ତମାନ Sadyo jāta ଜନ୍ମ ହୋଇଥିବା—1. Recently born. (ସଦ୍ୟୋଜ—ଅନ୍ୟରୂପ) ୨ । ନବୋତ୍ପନ୍ନ—2. Newly pro- (ସଦ୍ୟୋଜାତା, ସଦ୍ୟୋଜା—ସ୍ତ୍ରୀ) duced. ସଂ. ତ—୧ । କଅଁଳା ବାଛୁରୀ; ଉତ୍ତୁଙ୍ଗ—1. A newly born calf. ୨ । ଶିବଙ୍କ ମୂର୍ତ୍ତିବିଶେଷ—2. One of the incarnations of Mahādeba. [ଦ୍ର—ଶିବସ୍ତୁତି ଉତ୍ତରେ ଶିବସ୍ନାନ ମନ୍ତ୍ର, ଯଥା—"ଓଁ ସଦ୍ୟୋ-ଜାତାୟ ନମଃ ।]"

ସଦ୍ୟୋ ଦୁଗ୍ଧ—ସଂ· ତ (ସଦ୍ୟଃ+ଦୁଗ୍ଧ)—ତତ୍କା ଦୁଧ; କଞ୍ଚାକ୍ଷୀର ସାଦି Sadyo dugdha ଦୁହିଁବା ଦୁହାଁ ଯାଇଥିବା ଦୁଗ୍ଧ— Fresh milk.

ସଦ୍ୟୋ ବିଚ୍ୟୁତ—ସଂ. ତଣ (ସଦ୍ୟଃ+ବିଚ୍ୟୁତ)—ତତ୍କ୍ଷଣାତ୍ Sadyo bichyuta ପଡ଼ିତ—Recently fallen. (ସଦ୍ୟସ୍ଚ୍ୟୁତ—ଅନ୍ୟରୂପ) (ସଦ୍ୟୋବିଚ୍ୟୁତ, ସଦ୍ୟାଶ୍ଚ୍ୟୁତ—ତ)

ସଦ୍ୟୋ ବୃଷ୍ଟି—ସଂ. ତ (ସଦ୍ୟଃ+ବୃଷ୍ଟି)—ତତ୍କ୍ଷଣାତ୍ ବର୍ଷିବା; Sadyo brushṭi ତତ୍କା ବର୍ଷା—Fresh shower of (ସଦ୍ୟୋବର୍ଷ, ସଦ୍ୟୋବର୍ଷଣ—ଅନ୍ୟରୂପ) rain.

ସଦ୍ୟୋ ବ୍ରଣ—ସଂ. ତ (ସଦ୍ୟଃ+ବ୍ରଣ)—(ବୈଦ୍ୟକ) ନୂଆ Sadyo braṇa ଘାଆ—Fresh wound.

ସଦ୍ୟୋ ଭାବୀ—ସଂ. ତ (ସଦ୍ୟଃ+ଭାବୀ)—ସଦ୍ୟୋଜାତ ବସ୍ତୁ; Sadyo bhābī କଅଁଳା ବାଛୁରୀ; ଉତ୍ତୁଙ୍ଗ (ଶବ୍ଦରତ୍ନାବଳୀ)— A newly born calf; a very young calf.

ସଦ୍ୟୋ ମନ୍ୟୁ—ସଂ. ତ (ସଦ୍ୟଃ+ମନ୍ୟୁ) —ସାଙ୍ଗେ ସାଙ୍ଗେ ଜାତ Sadyo manyu ହେଉଥିବା ରୋଷ—Anger which rises immediately or on sudden provocation. ସଂ. ତଣ—ଯାହା ସାଙ୍ଗେ ସାଙ୍ଗେ କ୍ରୋଧ ଜାତ କରାଏ— That which produces anger at sight; provocative of anger.

ସଦ୍ୟୋ ମରଣ—ସଂ. ତ (ସଦ୍ୟଃ+ମରଣ) —୧ । ତତ୍କ୍ଷଣ ପୂର୍ବେ Sadyo maraṇa ଘଟିଥିବା ମୃତ୍ୟୁ—1. Recently (ସଦ୍ୟୋ ମୃତ୍ୟୁ—ଅନ୍ୟରୂପ; occurred death. ୨ । ଅ- (ସଦ୍ୟୋମୃତ—ତଣ) ଘାତ ମୃତ୍ୟୁ—2. Death by accident·

Digitized by srujanika@gmail.com

ସଦ୍ୟୋ ମାଂସ—ସଂ· ବ (ସଦ୍ୟଃ+ମାଂସ)—ଅଯଥାସ୍ଥିତ ମାଂସ; ସଦ୍ୟ Sadyo māṁsa ମାଇଁସ; ଉତ୍କା ମାଇଁସ—Fresh meat.

ସଦ୍ୟୋ ମୁକ୍ତି—ସଂ. ବ (ସଦ୍ୟଃ+ମୁକ୍ତ) —ସଙ୍ଗେ ସଙ୍ଗେ ମୁକ୍ତ Sadyo mukti ଖାଇବା—Immediate delivery; recent release. (ସଦ୍ୟୋମୁକ୍ତ—ବଣ)

ସଦ୍ୟୋ ମୃତ—ସଂ. ବଣ, (ସଦ୍ୟ+ମୃତ)—୧ । ଯେ ଅଳ୍ପକ୍ଷଣ ହେଲ Sadyo mṛuta ମରିଅଛି—1 Recently dead. (ସଦ୍ୟୋ ମୃତା—ସ୍ତ୍ରୀ) ୨ । ହଠାତ୍ ବା ଅଘଘାତ ମୃତ— 2. Suddenly dead

ସଦ୍ୟୋହତ—ସଂ. ବଣ· ତ୍ରି (ସଦ୍ୟଃ+ହତ) —ଯେ ଅଳ୍ପକ୍ଷଣ Sadyohata ହେଲ ହତ ହୋଇଅଛି—Recently killed (ସଦ୍ୟୋହତା—ସ୍ତ୍ରୀ) (animal). ସଂ. ବ. ତ୍ରି—ଅଳ୍ପକ୍ଷଣ ହେଲ ହତ ହୋଇଥିବା ଜୀବ—A recently killed animal.

ସଦ୍ୟୋହତ ମାଂସ—ସଂ. ବ (୬ଷ୍ଠୀ ତତ୍) —ସଦ୍ୟୋହତ ଜୀବର Sadyohata māṁsa ମାଂସ; ସଦ୍ୟ ମାଇଁସ—The flesh of a recently killed animal; fresh meat. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ସଦ୍ୟୋହତ ଜୀବର ମାଂସ ବ୍ୟାଧିନାଶକ, ବୟଃସ୍ଥାପକ, ପୁଷ୍ଟିକାରକ ଓ ରୁଚିକର ।]

ସଦ୍ରୁ—ଧ. ବଣ (ସଦ୍· ଧାତୁ=ଗମନ କରିବା+ଶୀଳାର୍ଥେ· କ୍ରୁ. Sadru ରୁ)—୧ । ଗମନଶୀଳ; ଗଛଉଣିଆ—1. Moving; going. ୨ । ଅବସନ୍ନ—2. Pulled down; tired. ୩ । ଅବସ୍ଥିତ—3. Situated.

ସଦ୍ରୂପ—ଧ. ବ (କର୍ମଧା; ସତ୍+ରୂପ)—ସୁନ୍ଦର ରୂପ— Sadrūpa A good form or shape; beautiful form.

ସଧ—ଦେ. ବ (ଧ. ଶ୍ରଦ୍ଧା)—୧ । କୌଣସି ବସ୍ତୁ ପ୍ରତି ଆକାଙ୍କ୍ଷା; Sadha ଇଚ୍ଛା—1 Desire for anything ସାଧ (ଉ—ନ ଭଜ ଚତୁରାଯୁଧ, ଭରିବ ବୋଲି ସଧ, ସାଧ ଭଲ ସଂସାର ଅକୂପାରରୁ ରେ । କବିସୂର୍ଯ୍ୟ. ସଙ୍ଗୀତ ।] ୨ । ଲଲସା; ଆଗ୍ରହ—2. Relish; hankering. (ଉ—ବଲରୁ ଆଣ୍ଠା କଲେ ବହୁ ଅଛ ସଧ । କୃଷ୍ଣସିଂହ. ମହାଭାରତ. ସଭା ।) ୩ । କାର୍ଯ୍ୟସାଧନାର୍ଥ ଉପାୟ— 3. Expedients; means. ୪ । ସାଧ (ଦେଶ)— 4. Sādha. (See) (ଉ—ଅଜ ସାଧ ସଂଗୀତ ବିଦ୍ୟାସ୍ଥରେ ଚତୁର, ନ ଦେବ ବୋଲି କଲ ସଂକଳପ। କବିସୂର୍ଯ୍ୟ. ସଂଗୀତ ।) ୫ । (ସଂ, ଶ୍ରଦ୍ଧା ବା ସ୍ୱାଦ) ସ୍ପୃହା; ଗର୍ଭିଣୀ-ମାନଙ୍କ ଦୋହଦ ବାସନା—5. Desire of a pregnant woman for certain foods. ୬ । ମାୟା; ମମତା; ସ୍ନେହ; ଶ୍ରଦ୍ଧା—6. Love; affection; attachment. (ଉ—ଏହୁରୁତେ ଅଜ ଘଡ଼ଏ ହୁମ୍ବେ ଯୁବ, ତଲେ ଛଡ଼ ଦେଇ ମୁଁ ସସ୍ତଙ୍କରୁ ସଧ । କୃଷ୍ଣସିଂହ. ମହାଭାରତ. ବରାଟ ।) ୭ । ଗର୍ଭିଣୀର ଦୋହଦ ଯୋଗୁଁ ଅଭିଳଷିତ ଖାଦ୍ୟ—7. Particular article of food hankered after by a pregnant woman.

ସଧ (ଇତ୍ୟାଦି)—ଦେ. ବ—ଶାଧ ଇତ୍ୟାଦି (ଦେଶ) Sadha (etc) Śādha etc. (See)

ସଧନ—ସଂ. ବଣ. ତ୍ରି (ସହାର୍ଥ ବହୁବ୍ରୀହି; ସ+ଧନ)—ଧନଶାଳୀ; Sadhana ଧନବାନ୍—Rich; wealthy. (ସଧନା—ସ୍ତ୍ରୀ) [ଜଳର୍ଜନ—ବହିଷ୍କୃତ]

ସଧବା—ସଂ. ବଣ. ସ୍ତ୍ରୀ (ସ=ସହିତ+ଧବ: ସହାର୍ଥ ବହୁବ୍ରୀହି)— Sadhabā ସଭର୍ତ୍ତୃକା; ପତିବତୀ; ଜୀବତ୍-ସ୍ୱାମିକା; ଅକ୍ଷୟ; (ବିଧବା—ବହିଷ୍କୃତ) ଅହଅ (ସ୍ତ୍ରୀ)—(A woman) Having her husband living.

ସଧର୍ମୀ(ର୍ମ୍ମୀ)—ସଂ. ବ (କର୍ମଧା)—୧ । ତୁଲ୍ୟ ଧର୍ମ—1. Same Sadharma(rmma) religion. ୨ । ସମାନ ଗୁଣ—2. Same quality.

ସଧର୍ମଚାରିଣୀ—ସଂ. ବ. ସ୍ତ୍ରୀ (ସ=ସହ+ଧର୍ମଚାରିଣୀ; ଯେ ପତିଙ୍କ Sadharmchāriṇī ସଙ୍ଗେ ଧର୍ମାଚରଣ କରେ)—ସହଧର୍ମିଣୀ; ଧର୍ମ ପତ୍ନୀ—One's lawfully wedded wife.

ସଧର୍ମ(ର୍ମ୍ମ)ଣୀ—ସଂ. ବଣ ଓ ବ. ସ୍ତ୍ରୀ—ସଧର୍ମିଣୀ (ଦେଶ) Sadharma(rmma)ṇī Sadharmiṇī. (See)

ସନ୍ତୁଳିବା—ଦେ. କି (ସଂ. ସନ୍ତୋଳନ)—୧ । ଭଜା ପରିବା ବା ମାଛ ପ୍ରଭୃତିକୁ ସାମାନ୍ୟ ଘିଅରେ ବା ତେଲରେ ଭଜିବା ଚଡ଼ଚଡ଼ି କରା, ସନ୍ତୁଳାନ **तलाना** ବାଦ୍ଧାଇବା ଜଳ ଛଡ଼ା ଉହାଁରେ ଅନ୍ୟ ଜଳ ଯୋଗ ନ କରି ଟାଣାଟାଣି ଜର୍ଜଳ କରି ସିଦ୍ଧ କରି ଉପଯୋଗୀ ପ୍ରସ୍ତୁତ କରିବା—1. To fry vegetable or fish with a little ghee or oil and then let it boil with a little or no water added to it. [ଦୃ—ମାଛ ଓ ମାଂସକୁ ସିଦ୍ଧିବା ପୂର୍ବରୁ ପ୍ରଥମେ ସନ୍ତୁଳିବାକୁ ହୁଏ । ତାହା ସନ୍ତୁଳା ହୋଇ ସାରିଲା ପରେ ସେଥିରେ ବେସର ପାଣି ବା ମସଲାପାଣି ମିଶାଇ ତାକୁ ସିଦ୍ଧ କରି ମାଛ ବା ମାଂସର ଝୋଳ ବା ଉଅଣ ରନ୍ଧାଯାଏ । ନଚେତ୍ ସନ୍ତୁଳା ମାଛ ମାଂସକୁ ରନ୍ଧିଦେଇ ପରେ ତାହାଦ୍ୱାରା ଉଅଣ କରାଯାଏ । ଖରଡ଼ିବା ପଦାର୍ଥକୁ ସାମାନ୍ୟ ଘୃତ ବା ତୈଳଦ୍ୱାରା ଜାଁ ଉପରେ ଥିବା ପାତ୍ର ମଧ୍ୟରେ ଚଟୁ ଦ୍ୱାରା ଘାଣ୍ଟି ତାହାକୁ ଅର୍ଦ୍ଧସିଦ୍ଧ ଓ ଶୁଷ୍କ ଅବସ୍ଥାରେ ଜାଁରୁ ଓହ୍ଲାଇ ଯାଏ; (ଯଥା—ଶାଗ ଖରଡ଼ା) । ସନ୍ତୁଳିବା ପଦାର୍ଥକୁ ପ୍ରଥମେ ଖରଡ଼ି ସାରିବା ପରେ ତହିଁରେ ସାମାନ୍ୟ ଜଳ ଯୋଗକରି ଉତ୍ତମ ରୂପେ ସିଝାଇ ତାଡ଼ା ସାମାନ୍ୟ ଜଳଯୁକ୍ତ ଥିବା ଅବସ୍ଥାରେ ତାକୁ ଚୁଲିଉପରୁ ଓହ୍ଲାଇ ନେବାକୁ ହୁଏ; (ଯଥା —ବଡ଼ ସନ୍ତୁଳା, ମାଛ ସନ୍ତୁଳା, ବାଇଗଣ୍ଡା ସନ୍ତୁଳା) । ଭଜିବା ପଦାର୍ଥକୁ ବହୁତ ପରିମାଣ ଘିଅରେ ବା ତେଲରେ ସିଦ୍ଧକରି ତାଡ଼ା ସମ୍ପୂର୍ଣ୍ଣରୂପେ ଜର୍ଜଳ ହେବା ପର୍ଯ୍ୟନ୍ତ ଜାଁ ଉପରେ ବସାଯାଏ ।] ୨ । (ଲକ୍ଷଣାର୍ଥ) ଦୌଣସି ବ୍ୟକ୍ତିକୁ ଅତ୍ୟନ୍ତ କଷ୍ଟ ଦେବା—2 (Figurative)To afflict or give much pain to a person; to harass. ପ୍ରାଦେ. (ସିଂହଭୂମି) କି—ବଘାରିବା (See).

ସନ୍ତୁଳି ହେବା—ଦେ. କି (ଲକ୍ଷଣାର୍ଥ)—୧ । ଦୁଃଖରେ କ୍ଲିଷ୍ଟ ହେବା— Santuli hebā 1. To be afflicated with pain. ଭାଜାଭାଜା ହୋଇଯିବା [ଉ—ସଂସାରର ଜ୍ୱାଳାରେ ମୁଁ ସନ୍ତୁଳି ହୋଇ **कष्ट पाना** ଗଲଣି ।] ୨ । ଅତିଶୟ ଗ୍ରୀଷ୍ମ ଯୋଗୁଁ ବ୍ୟଥିତ ହେବା—2. To be afflicted with excessive heat. [ଯଥା—ଏ ବର୍ଷ ଖରା ଦିନରେ ଗ୍ରୀଷ୍ମଯୋଗୁଁ ପଥରେ ମୁଁ ଘର ଭିତରେ ସୁଦ୍ଧା ସନ୍ତୁଳି ହୋଇଯାଉଛି ।]

Digitized by srujanika@gmail.com

ସନ୍ତୁଷ୍ଟ—ସ. ବଣ. ତୃ (ସମ୍=ସମ୍ୟକ୍+ତୁଷ୍ ଧାତୁ=ତୃପ୍ତ ହେବା+ Santushṭa କ୍ତ. ତ)—୧ । ସନ୍ତୋଷଯୁକ୍ତ; ତୃପ୍ତ; ପ୍ରସନ୍ନ— (ସନ୍ତୁଷ୍ଟା—ସ୍ତ୍ରୀ) 1. Contented; gratified; satisfied; Pleased.

(ଅସନ୍ତୁଷ୍ଟ—ବିପରୀତ) ୨ । ତୁଷ୍ଟ; ଅତ୍ୟାହ୍ଲାଦିତ—2. Overjoyed.

ସନ୍ତୁଷ୍ଟ କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ତୃପ୍ତ କରାଇବା— Santushṭa karibā To please a person; to make ସନ୍ତୁଷ୍ଟ କରା **ସନ୍ତୁଷ୍ଟ କରିନା** one satisfied or gratified. [ସନ୍ତୁଷ୍ଟ କରା(ରେ)ଇବା—ଅନ୍ୟରୂପ] [ଦ୍ର– 'ସନ୍ତୁଷ୍ଟ କରାଇବା' ଅର୍ଥରେ ଓଡ଼ିଆ ଭାଷାରେ 'ସନ୍ତୁଷ୍ଟ କରିବା' ପ୍ରୟୋଗ କେତେକ ସ୍ଥାନରେ ଦେଖାଯାଏ । ମାତ୍ର ତାହା ବ୍ୟାକରଣର ନିୟମାନୁଯାୟୀ ଅସିଦ୍ଧ; ସନ୍ତୁଷ୍ଟ କରାଇବା ଶୁଦ୍ଧ ପ୍ରୟୋଗ ।]

ସନ୍ତୁଷ୍ଟ ଚିତ୍ତ—ସ. ତ (କର୍ମଧାରୟ)—ତୁଷ୍ଟ ମନ—Contented Santushṭa chitta mind. ସ. ବଣ. ପୁଂ (ବହୁବ୍ରୀହି)—(ସନ୍ତୁଷ୍ଟ ଚିତ୍ତା—ସ୍ତ୍ରୀ) ତୃପ୍ତମନାଃ; ଯାହାର ମନସ୍ତୁଷ୍ଟି ହୋଇଅଛି— Inwardly pleased; gratified at heart.

ସନ୍ତୁଷ୍ଟ ଚେତା—ଦେ.ବଣ (ସ. ସନ୍ତୁଷ୍ଟଚେତାଃ)—ସନ୍ତୁଷ୍ଟ ଚେତାଃ(ଦେଶ) Santushṭa chetā Santushṭa chetāḥ (See)

ସନ୍ତୁଷ୍ଟ ଚେତାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସନ୍ତୁଷ୍ଟ ହୋଇଅଛି Santushṭa chetāḥ ଚେତସ୍ ଯାହାର=ସନ୍ତୁଷ୍ଟ ଚେତସ୍; ୧ମା. ୧ବ)—ତୃପ୍ତମନାଃ—Gratified at heart; inwardly pleased.

ସନ୍ତୁଷ୍ଟ ମନ—ଦେ. ତ (କର୍ମଧାରୟ,ସନ୍ତୁଷ୍ଟ+ମନସ୍)—ଅନାହତ ମନ— Santushṭa mana Contented or satisfied mind. (ସନ୍ତୁଷ୍ଟ ମନାଃ, ସନ୍ତୁଷ୍ଟ ମାନସ—ସଂସ୍କୃତ ଅନ୍ୟରୂପ) ଦେ. ବଣ. ସନ୍ତୁଷ୍ଟ ମନାଃ (ବହୁବ୍ରୀହି; ସଂ. ସନ୍ତୁଷ୍ଟ ମନାଃ)—ସନ୍ତୁଷ୍ଟମନାଃ (ଦେଶ) **ସନ୍ତୁଷ୍ଟ ମନ** Santushṭa manāḥ (See) (ସନ୍ତୁଷ୍ଟ ମନା—ଅନ୍ୟ ବଣ ରୂପ)

ସନ୍ତୁଷ୍ଟ ମନାଃ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସନ୍ତୁଷ୍ଟ+ମନସ୍ Santushṭa manāḥ ଯାହାର;୧ମା. ୧ବ)—ସନ୍ତୁଷ୍ଟ ଚେତାଃ— ସନ୍ତୁଷ୍ଟ ମାନସ.ପୁଂ / ସନ୍ତୁଷ୍ଟ ମାନସା.ସ୍ତ୍ରୀ } ଅନ୍ୟରୂପ Gratified at heart; inwardly pleased.

ସନ୍ତୁଷ୍ଟି—ସଂ. ତ (ସମ୍=ସମ୍ୟକ୍+ତୁଷ୍+କ୍ତି=ତୃପ୍ତି)—୧ । ସନ୍ତୁଷ୍ଟି Santushṭi ସନ୍ତୁଷ୍ଟି—1. Contentment. ୨ । ମନୋଯୋଗ —2. Satisfaction; gratification.

ସନ୍ତୁଷ୍ଟି କର—ସଂ. ବଣ. ପୁଂ (ସନ୍ତୁଷ୍ଟି+କୃ ଧାତୁ+କ୍ତୃ. ଅ)— Santushṭi kara ଯାହା ମନୁଷ୍ୟକୁ ସନ୍ତୁଷ୍ଟ କରେ— ସନ୍ତୁଷ୍ଟି କରା / ସନ୍ତୁଷ୍ଟି ପ୍ରଦା } ସ୍ତ୍ରୀ Gratifying; satisfactory. (ସନ୍ତୁଷ୍ଟି ପ୍ରଦ—ଅନ୍ୟରୂପ)

ସନ୍ତୋଳନ—ସଂ. ବି. (ସମ୍+ତୁଳ୍ ଧାତୁ+ଲ୍ୟୁ. ଅନ)—ସନ୍ତୁଳିବା Santolana କ୍ରିୟା—The act of frying any (ସନ୍ତୋଳିତ—ବଣ) kitchen vegetable etc. to a point when it becomes almost waterless. (ସନ୍ତୋଳା – ଦେ. ବି; ସନ୍ତୁଳିବା—ଦେ.କ୍ରି).

ସନ୍ତୋଷ—ସଂ. ତ. (ସମ୍+ତୁଷ୍ ଧାତୁ+ଘଞ୍. ଅ)—୧ । ପରିତୋଷ; Santosha ତୃପ୍ତି—1. Satisfaction; gratification; ସନ୍ତୁଷ୍ଟି contentment. ୨ । ଆହ୍ଲାଦ; ଆନନ୍ଦ—2. Joy; **ସନ୍ତୁଷ, ସନ୍ତୋଷ** pleasure. ଗୁ. ବଣ—ସନ୍ତୁଷ୍ଟ—Satisfied, gratified. [ଉ—ସନ୍ତୋଷ ହେଲ ମାଗ ଯେ ଅତ୍ୟ ମନରେ । କୃଷ୍ଣସିଂହ· ସତ୍ୟାର୍ଥଭ. ତନ ।]

ସନ୍ତୋଷ କର—ସଂ. ବଣ (ସନ୍ତୋଷ+କୃ ଧାତୁ+କ୍ତୃ. ଅ)— Santosha kara ତୃପ୍ତିକର; ଯାହା ଆନନ୍ଦ ଜନ୍ମାଏ— Gratifying; satisfying; pleasing; satisfactory. (ସନ୍ତୋଷ ଜନକ, ସନ୍ତୋଷ ପ୍ରଦ, ସନ୍ତୋଷ ପ୍ରଦାୟୁକ— ଅନ୍ୟରୂପ) (ସନ୍ତୋଷ କଷ, ସନ୍ତୋଷ ଜନକତା, ସନ୍ତୋଷ ପ୍ରଦା, ସନ୍ତୋଷ ପ୍ରଦାୟିତା—ସ୍ତ୍ରୀ)

ସନ୍ତୋଷ କରିବା—ଗୁ. କ୍ରି—କୌଣସି ବ୍ୟକ୍ତିକୁ ସନ୍ତୁଷ୍ଟ କରାଇବା— Santosha karibā To please or gratify a person, ସନ୍ତୋଷ କରା **ସନ୍ତୁଷ୍ଟ କରନା**

ସନ୍ତୋଷଣୀୟ—ସଂ. ବଣ (ସମ୍+ତୁଷ୍. ଧାତୁ ଣିଚ=ଣୋଷି. Santoshaṇīya ଧାତୁ+ଅନୀୟ. ଅଗାୟ)—୧ । ଯାହାକି ସନ୍ତୁଷ୍ଟ କରାଇବା ଉଚିତ –1. Fit to be pleased or gratified. ୨ । ଯାହାକି ସନ୍ତୁଷ୍ଟ କରାଯାଇ ପାରେ— 2. Capable of being gratified.

ସନ୍ତୋଷ ବର୍ଦ୍ଧନ—ସଂ. ତ (ସନ୍ତୋଷ+ବୃଧ୍. ଧାତୁ+ଲ୍ୟୁ. ଅନ)— Santosha bardhana ତୃପ୍ତି ବଢ଼ାଇବା; ସନ୍ତୋଷକୁ କମଣଃ ଅଧିକତର କରାଇବା—Increasing or promoting satisfaction or pleasure. ସଂ. ବଣ (+କର୍ତ୍ତୃ. ଅନ)—ଯେ ସନ୍ତୋଷ ବର୍ଦ୍ଧନ କରେ—Promoting satisfaction; (ସନ୍ତୋଷବର୍ଦ୍ଧକ—ଅନ୍ୟ ବଣରୂପ) conducive of pleasure.

ସନ୍ତୋଷ ବୃଦ୍ଧି—ସଂ. ତ (ଷଷ୍ଠୀ ତତ୍ପୁ)—କ୍ରମଶଃ ତୃପ୍ତି ବଢ଼ିବା— Santosha bruddhi Promotion of pleasure.

ସନ୍ତୋଷ ହେବା—ଗ୍ରା· କ୍ରି—ସନ୍ତୁଷ୍ଟ ହେବା; ସନ୍ତୁଷ୍ଟ ହେବା— Santosha hebā To be pleased; to be contented. ସନ୍ତୋଷ ହଓୟା **ସନ୍ତୁଷ୍ଟ ହୋନା**

ସନ୍ତୋଷିବା—ଦେ. କ୍ରି (ସଦ୍ୟ)—ସନ୍ତୁଷ୍ଟ କରାଇବା— Santoshibā To please; to satisfy; to gratify. ସନ୍ତୋଷ (ସନ୍ତୁଷ୍ଟକରା) (ଉ—ଘାଗରେ ସନ୍ତୋଷନ୍ତ ରମଣୀ ମନ । **ସନ୍ତୁଷ୍ଟ କରନା** ରାଧାନାଥ. ମେଘଦୂତ ।)

ସନ୍ତୋଷୀ—ସଂ. ବଣ ପୁଂ—୧ । (ସମ୍+ତୁଷ୍. ଧାତୁ ଣିଚ+କର୍ତ୍ତୃ. Santoshī ଇନ୍; ୧ମା. ୧ବ)—ଆହ୍ଲାଦକର—1. Pleas- (ସନ୍ତୋଷିଣୀ—ସ୍ତ୍ରୀ) ing; gratifying. ୨ । (ସନ୍ତୋଷ+ ଅର୍ଥ ଅର୍ଥରେ ଇନ୍; ୧ମା. ୧ବ) ସନ୍ତୁଷ୍ଟ—2. Contented. ୩ । ସନ୍ତୁଷ୍ଟ ପ୍ରକୃତିକ—3. Contented by nature.

Digitized by srujanika@gmail.com

ସନ୍ତ୍ରସ୍ତ—ସଂ. ବ୍ରଣ. ଭୂ (ସମ୍=ବଶେଷ ଭାବରେ+ତ୍ରସ୍ ଧାତୁ+କର୍ତ୍ତୃ. ତ)—ଅତ୍ୟନ୍ତ ଭୀତ; ଖୁବ ଡରିଛି Santrasta Terrified; very much afraid. [ଦ୍ର—ଅନ୍ୟଦ୍ୱାର ଭୀତିପ୍ରାପ୍ତ ବ୍ୟକ୍ତି ସମ୍ବନ୍ଧରେ ସନ୍ତ୍ରାସିତ ଶବ୍ଦ ବ୍ୟବହୃତ ହୁଏ ।]

ସନ୍ତରା—ଗା. ବ ଓ ବଣ—ସନ୍ତୁର୍ (ଦେଶ) Santarā Santarā. (See)

ସନ୍ତ୍ରାସ—ସଂ. ବ (ସମ୍+ତ୍ରସ୍ ଧାତୁ+ଭାବ. ଅ)—ଅତ୍ୟନ୍ତ ଭୀତି—ଖୁବ ଡର Santrāsa Terror; much fright; great fear.

ସନ୍ତ୍ରାସିତ—ସଂ. ବଣ ଭୂ (ସମ୍+ତ୍ରସ୍ ଧାତୁ, ଣିଚ୍+କର୍ମ. ତ)—ଅନ୍ୟ ଦ୍ୱାରା ଭୀତିପ୍ରାପ୍ତ—ଡରାଯାଇଥିବା Santrāsita (ସନ୍ତ୍ରାସିତା—ସ୍ତ୍ରୀ) Frightened; terrified. [ଦ୍ର—ସନ୍ତ୍ରସ୍ତ=ନଜେ ଭୀତ; ସନ୍ତ୍ରାସିତ—ଅନ୍ୟଦ୍ୱାରା ଭୟପ୍ରାପ୍ତ ।]

ସନ୍ତ୍ରୀ—ବୈଦେ. ବ (ଲ୍ଲି. ସେଣ୍ଟ୍ରୀ)—ସତ୍ତ୍ୱର୍ତ୍ତାଲ ସିପାହୀ—ସନ୍ତ୍ରୀ ସନ୍ତ୍ରୀ ସନ୍ତ୍ରୀ Sentry; sentinel.

ସନ୍ତ—ବେ. ବ. ପୁଂ (ଫା. ସତ୍ ଶବ୍ଦର ପୁଂଲିଙ୍ଗ ପ୍ରଥମା ବହୁବଚନ ସନ୍ତଃ; ପ୍ରା. ସନ୍ତ)—୧ । ସତ୍ପୁରୁଷ; ସଜ୍ଜନ ବ୍ୟକ୍ତି; ସନ୍ତ ସନ୍ତ ସାଧୁ ବଂଶ—1. A good person, (ଉ—ପୁଙ୍କେ ଅଶେଷ ମୁନ ସନ୍ତେ, ମୋଷ ଦୋଇଲେ ସେହିଁ ପଥେ । ଜଗନ୍ନାଥ. ଭାଗବତ ।) ୨ । ଧାର୍ମିକ ବ୍ୟକ୍ତି—2. A pious person. (ଉ—ଅଶାନ୍ତକୁ ଶାନ୍ତ ଯେ ଅସନ୍ତକୁ ସନ୍ତ, କରୁଥିବାରୁ ଦଣ୍ଡ ବୋଲନ୍ତି ଜଗତ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।) ୩ । ମହାପୁରୁଷ—3. A great man. ୪ । ସାଧାରଣ ବୈରାଗୀ; ବାବାଜି—4. A recluse; an anchorite, [ଦ୍ର—ଉପର୍ଯ୍ୟୁକ୍ତ ୪ ଅର୍ଥରେ ଏ ଶବ୍ଦର ସ୍ତ୍ରୀଲିଙ୍ଗ ଆକାର ସ୍ତ୍ରୀଭାଷାରେ ବ୍ୟବହୃତ ହୁଏ ନାହିଁ ।] ୫ । ଅଭ୍ୟାସ ବା ଅଯୁକ୍ତ ନୂତନ ପଢ଼ା ଜରିବା ପାଇଁ ଗୁରୁଙ୍କଠାରୁ ଛାତ୍ରର ଗ୍ରହଣ କରିବା ନୂତନ ନୟା ପାଠ ପାଠ—5. New lesson imparted or set to a student by a teacher for preparing it. (ଉ—ପ୍ରେମ-ଗୁରୁଠାରୁ ଶିଷ୍ୟିଲ୍ଲ ସେ ଅମୃତଭରଣ ଅଦ୍ୟ ସନ୍ତ । ଗ୍ରାମାନାଥ. ଯଯାତି ।) [ଦ୍ର—ସଂ. ସନ୍ତ=ଦୁଇ ହାତକୁ ଯୋଡ଼ିବା ଅବସ୍ଥା । ସମ୍ଭବତଃ ଛାତ୍ର ଗୁରୁଙ୍କଠାରୁ 'ସନ୍ତ' ଗ୍ରହଣ କଲ୍ଲବେଳେ ଦୁଇ ହାତ ଯୋଡ଼ କର ତାଙ୍କ ଆଗରେ ଅବନତଭାବ ହୋଇ ଠିଆ ହେବାର ସ୍ମୃତିରୁ ଏହି ଶବ୍ଦର ଏହି ଅର୍ଥ ଅସିଥାଇ ।] ୬ । (ପୁଂ) ଲୋକଙ୍କ ଦିଆଯିବା ନାମ—6. A name given to males. ଦେ. ବଣ—ସାଧୁଶୀଳ; ସତ୍ଶୀଳ—Honest; noble; good (person). (ଉ—ଦୁଷ୍ଟ ଦ୍ୱିଜ ଛଡ଼ଣ ଯେ ସନ୍ତଦ୍ୱିଜଙ୍କ, ଅଗେ ଏହା ଚହ୍ନି ନ ଲଭେ ଥଉଙ୍କ । କୃଷ୍ଣସିଂହ. ମହାଭାରତ. ବନ ।)

ସନ୍ତ ଘେ(ଘି)ନବା—ଦେ. କି—ସନ୍ତ ନେବା (ଦେଶ) Santha ghe(ghi)nibā Santha nebā. (See)

ସନ୍ତ ଜନ—ଦେ. ବ (ସ. ସତ୍+ଜନ)—ସାଧୁ ବ୍ୟକ୍ତି—A good Santha jana person. (ଉ—ଭେଣୁ ବୋଲ୍ଲାଇ ସନ୍ତଜନ ସନ୍ତ ଜନ ସନ୍ତ ଆଦ୍‌ମୀ ବଡ଼, ସନ୍ତଙ୍କ ବନ୍ଦୁ ଯେତେ ସବୁ ସ୍ୱତ୍ତ ପ୍ରାଚୀ ରହସ୍ୟମଞ୍ଜୁଷା ।

ସନ୍ତ ଦେବା—ଦେ. କ୍ରି—ଛାତ୍ରକୁ ଅଭ୍ୟାସ କରିବା ପାଇଁ (ଗୁରୁ) ନୂତନ Santha debā ପାଠ ନ୍ୟସ୍ତ କରିବା—To set a new lesson ନୂତନ ପଢ଼ା ଦେଓୟା to a pupil to prepare it at ନୟା ପାଠ ଦେନା home.

ସନ୍ତ ନେବା—ଦେ. କ୍ରି—(ଛାତ୍ର) ଗୁରୁଙ୍କଠାରୁ ନୂଆ ପାଠ ଗ୍ରହଣ Santha nebā କରିବା—To take a new lesson ନୂତନ ପଢ଼ା ନେଓୟା ନୟା ପାଠ ଲେନା from a teacher.

ସନ୍ତ ପଇଟା(ଟେ)ଇବା—ଦେ. କ୍ରି—ଗୁରୁଙ୍କ ପ୍ରଦତ୍ତ ନୂଆ ପାଠକୁ Santha paiṭā(ṭe)ibā ଅଯୁକ୍ତ ବା ମୁଖସ୍ଥ କରିବା—ନୂତନ ପଢ଼ା ମୁଖସ୍ଥ କରା To get by heart or prepare a ନୟାପାଠ ଯାଦ୍ କରନା new lesson.

ସନ୍ତପଣା—ଦେ, ବ—୧ । ସାଧୁତା—1. Nobility; goodness; Santhapaṇa honesty. ୨ । ଆଚରଣର ଧୀରତା; ଉଦ୍ଦ୍ରତା—ସନ୍ତପନା 2. Civility; gentleness of manners, ସନ୍ତତା nobility of character. ୩ । ଭଦ୍ର ବ୍ୟବହାର—(ସଜ୍ଜନୀଆ—ଅନ୍ୟରୂପ) 3. Gentlemanly conduct; civil manners.

ସନ୍ତ ମହନ୍ତ—ଦେ. ବ (ସତ୍ଚର; ବହୁବଚନ)—ସାଧାରଣ ବୈରାଗୀ ଓ Santha mahanta ମଠାଧିକାରୀ ବୈରାଗୀମାନେ—Ordinary ସନ୍ତ ମହାନ୍ତ ସନ୍ତ ମହନ୍ତ anchorites and abbots.

ସନ୍ତ ମେଳ(ଳା)—ଦେ. ବ-ସାଧୁ ବୈଷ୍ଣବମାନଙ୍କର ମିଳନମହୋତ୍ସବ—Santha mela(lā) A gathering of anchorites. ସନ୍ତ ସମ୍ମେଳନ ସନ୍ତ ସମ୍ମେଳନ (ଇଂରାଜୀ-ଅନ୍ୟରୂପ)

ସନ୍ତ ସାଧୁ—ଦେ, ବ (ଏକାର୍ଥକ ସହଚର; ବହୁବଚନ)—ବାଦାଡ଼-ବୈଷ୍ଣବଗଣ—Anchorites. ସନ୍ତ ସାଧୁ ସାଧୁ ସନ୍ତ

ସନ୍ଥା—ଦେ.ବ—ଘାଆର ବା ଘାଟିଥିବା ବଥର ମୁହଁ ଯେଉଁର ବୁଜି ହୋଇ Santhā ନ ଯିବ ଓ ଭିତରୁ ମଧ୍ୟରୁ ମୁଡ଼ିବାରେ ତୂଳ ଓ ପାଣି ଅଦି ପଳିତା ବାହାରିଥିବ, ଏଥିପାଇଁ ତା ମୁହଁରେ ହଅଯିବା କାଠି ବା ସଲାଇ ସଳତା—A probe or wick or plug thrust into the mouth of a sore or abcess, so that the purulent matter inside it will be drained out when the plug is taken out. [ଦ୍ର—ଏହାକୁ ଘାଆର ମୁହଁରୁ କାଢ଼ିଦେଲେ ସେହ ଛିଦ୍ରବାରେ ପୂଜ ଅଦି ବୋହିଯାଏ ।]

ସନ୍ଦ—ବୈଦେ. ବ (ଫା. ସନଦ୍)—ସନନ୍ଦ (ଦେଶ) Sanda Sananda. (See)

ସନ୍ଦଂଶ—ବ (ସମ୍+ଦନ୍ଶ୍ ଧାତୁ=କାମୁଡ଼ିବା+କର୍ତ୍ତୃ. ଅ; ଯେ Sandaṁśa ଅଡୁା କରି ଦୌଣସି ପଦାର୍ଥକୁ କାମୁଡ଼ ଧରେ)—

Digitized by srujanika@gmail.com

୧ । ସଣ୍ଡାଅଣ—1. A pair of tongs. ୨ । ଚମୁଟା—2. Pincers. ୩ । ନୁଆକାଉ—3. Nut-cracker.

ସଦଂଶ ପ୍ରାପିତ ନ୍ୟାୟ—ସଂ.ବ (ନ୍ୟାୟ) – ସଣ୍ଡାଅଣର ଦୁଇ ବାହୁଦ୍ୱାରା Sandaṁśa prāpita nyāya ଦୃଢ଼ ବସ୍ତୁକୁ ଗୃଥିବା ପରି ଦୁଇ ଅଙ୍ଗ ଉତ୍ପୀଡ଼ନରୂପେ ବା ଦୃଢ଼ ଭାବରେ ଧରି ହେବା ବସ୍ତୁ ବା ଦୁଇ ଦଳରୁ ଅତ୍ୟନ୍ତ ହୋଇଥିବା ବ୍ୟକ୍ତି ସମ୍ବନ୍ଧରେ—ଏହ ନ୍ୟାୟ ପ୍ରଯୁକ୍ତ ହୁଏ—A metaphorical expression or analogy used in the case of a person or thing tightly pressed from both sides, as by a vice, and thus being incapable of freeing himself or itself.

ସଦଂଶ ଯାତନା—ସଂ. ବ-(ବହୁବ୍ରୀ)--ହିନ୍ଦୁମାନଙ୍କର ନରକ ବିଶେଷ — Sadaṁśa jātanā Name of a part of the hell of the Hindu mythology.

[ଦ୍ର—ସଣ୍ଡାଅଣ ଦ୍ୱାରା ଚପିଲେ ମନୁଷ୍ୟର ଯେପରି କଷ୍ଟ ଅନୁଭୂତ ହୁଏ, ଏ ନରକରେ ପାପୀଙ୍କୁ ସେହିପରି ଯାତନା ହୁଅଯାଏ ବୋଲି ଏସର ନାମ ହୋଇଅଛି ।]

ସନ୍ଦରସ—ଦେ. ବ.—(ସଂ. ସର୍ଜ୍ଜରସ; ଇଂ. ସଣ୍ଡରକ୍) —ବୃକ୍ଷବିଶେଷର ଶୁଷ୍କ ନିର୍ଯ୍ୟାସ; ଧୂନା Sandarasa ବାହାରିବା ଗୁଣ; ଧଳା ଗୁଣା—Gum sandaras; a kind of resin; the dried juice of Vateria India. [ଦ୍ର—ଏହା ବାର୍ଣ୍ଣିଶ୍ ପ୍ରସ୍ତୁତ କରିବାରେ ଲାଗେ ।]

ସନ୍ଦର୍ଭ—ସଂ. ବ. (ସମ୍=ସମ୍ୟକ୍+ଦୃବ୍ ଧାତୁ=ସଜ୍ଜିତ କରିବା+ଭାବ. Sandarbha ଅ; ଶବ୍ଦ ଓ ଅର୍ଥ ସମ୍ୟକ୍‌ରୂପେ ସଜ୍ଜୀତ ହୋଇଥିବା ରଚନା)—୧ । ରଚନା; ପ୍ରବନ୍ଧ—1. An essay; a composition; a thesis. ୨ । ପରସ୍ପର ସହିତ ସମ୍ୟକ୍‌ରୂପେ ସମ୍ବଦ୍ଧ ରଚନା—2. A discourse in which the parts are well connected; a connected narrative. ୩ । ସଙ୍ଗ୍ରହ—3. Collection; compendium; compilation. ୪ । ସମ୍ବନ୍ଧ—4. Connection. ୫ । ବିନ୍ୟାସ—5. Arrangement. ୬ । (+କର୍ମ. ଅ) କୌଣସି ବିଷୟ ସମ୍ବନ୍ଧରେ ଗ୍ରନ୍ଥ ପୁସ୍ତକ—6. A treatise on a particular subject. ୭ । ବିସ୍ତାର—7. Expansion. ୮ । ରହସ୍ୟ; ଗୂଢ଼ାର୍ଥ—8. Secret or hidden meaning.

(ସଂ.ଦର୍ଭ—ଅନ୍ୟରୂପ)

ସନ୍ଦର୍ଶନ—ସଂ. ବ.—(ସମ୍+ଦୃଶ୍ ଧାତୁ+ଭାବ.ଅନ)—୧ । ସମ୍ୟକ୍ Sandarśana ଦର୍ଶନ; ଅବଲୋକନ; ନିରୀକ୍ଷଣ—1. Observation; act of looking at a thing. ୨। ପରୀକ୍ଷା —2. Examination; scrutiny. ୩। ଦେଖିବା— 3. Act of seeing. ୪ । ଜ୍ଞାନ—4. Knowledge; wisdom; idea. ୫ । ମୂର୍ତ୍ତି; ଅବୟବ— 5. Form; shape; image.

(ସଂ.ଦର୍ଶନ—ଅନ୍ୟରୂପ)

ସନ୍ଦଷ୍ଟ—ସଂ. ବିଣ. (ସମ୍+ଦନଶ୍ ଧାତୁ+କର୍ମ ଭ)—୧ । ଗୁଡ଼ୁଇର Sandaṣṭa ଭାବରେ କାମୁଡ଼ା ହୋଇଥିବା—1. Severely bitten ୨ । ସଂଲଗ୍ନ—2. Brought into contact. ୩ । ଦୃଢ଼ରୂପେ ଲଗ୍ନ—3. Closely (ସଂ.ଦଷ୍ଟ—ଅନ୍ୟରୂପ) joined with; made to adhere to.

ସନ୍ଦଷ୍ଟୋଷ୍ଠ ପୁଟ—ସଂ. ବିଣ. ପୁଂ. (ବହୁବ୍ରୀ; ସନ୍ଦଷ୍ଟ ହୋଇଅଛ ନିଜର Sandaṣṭoṣṭha puṭa ଔଷ୍ଠପୁଟ ଯାହା ଦ୍ୱାରା)—ଅଛ (ସନ୍ଦଷ୍ଟୋଷ୍ଠ ପୁଟା—ସ୍ତ୍ରୀ) ଦନ୍ତ ହୋଇ ଯେ ସ୍ୱଗରେ ନିଜର ଓଠକୁ ଖୁବ୍ ଜୋର୍‌ରେ କାମୁଡ଼ି ଧରିଅଛ—One who has very firmly pressed his teeth on his own lips in a paroxysm of anger.

ସନ୍ଦାଡ଼—ପ୍ରାଦେ. (ବାଲେଶ୍ୱର) ବ.—କାଠର ମୋଟ ଚେଲା— Sandārda A thick cudgel of wood.

ସନ୍ଦାନ—ସଂ.ବ.—(ସମ୍+ଦୋଧାତୁ=ଛେଦନ କରିବା+ଭାବ.ଅନ)- Sandāna ୧ । ସମ୍ୟକ୍ ଛେଦନ—1.Cutting through; tearing asunder. ୨। ବନ୍ଧନ—2. Binding. ୩ । (+କର୍ମ ଅନ)ଶୃଙ୍ଖଳ—3.Chain. ୪ । ରଜ୍ଜୁ— 4. Rope; chord. ୫ । ବନ୍ଧନ ସାଧନ ବସ୍ତୁ— 5. Bond. ୬ । (ସମ୍+ଦାନ=ଗଜଗଣ୍ଡ ବାର) ଦୁଷ୍ଟୀର କପୋଳର ଉର୍ଦ୍ଧ୍ୱ ଦେଶ ଓ ଜାନୁଦ୍ୱୟର ଅଧୋଭାଗ, ଯେଉଁ ସ୍ଥାନରୁ ମଦ ଜଳ ସ୍ରବିତ ହୁଏ— 6. The upper part of the brow and the lower part of the knees of an elephant from which a sweet-scented juice is (ସଂ.ଦାନ—ଅନ୍ୟରୂପ) exuded.

ସନ୍ଦାନିତ—ସଂ. ବିଣ: (ସନ୍ଦାନ+ସୁଲ୍ଲାର୍ଥେ ଇତ୍) —୧ । ଶୃଙ୍ଖଳିତ— Sandānita 1. Enchained. ୨ । ବଦ୍ଧ— 2. Bound. (ସଂ.ଦାନିତ—ଅନ୍ୟରୂପ) ୩ । ଛିନ୍ନ—3. Torn.

ସନ୍ଦାନିନୀ—ସ୍ତ୍ରୀ. ବ. ସ୍ତ୍ରୀ (ସନ୍ଦାନ+ଇନ୍+ସ୍ତ୍ରୀ. ଈ; ଯେଉଁଠାରେ Sandāninī ଗୋରୁଙ୍କୁ ବନ୍ଧାଯାଏ)—ଗୋଶାଳା; ଗୁହାଳ ଘର-- Cow-shed; a place where cattle are (ସଂ.ଦାନିନୀ—ଅନ୍ୟରୂପ) tied.

ସନ୍ଦାବ—ସଂ. ବ (ସମ୍+ଦୁ ଧାତୁ=ଗମନ କରିବା+ଭାବ. ଅ)— Sandāba ୧ । ପଳାୟନ—1. Fleeing. ୨ । ହଟିଯିବା— (ସଂ.ଦାବ—ଅନ୍ୟରୂପ) 2. Retiring.

ସନ୍ଦି—ଓଡ଼ି. ବ (ସଂ. ସନ୍ଧି)—ସନ୍ଧି (ଦେଖ) Sandi Sandhi (See)

ସନ୍ଦିଆ (ଇତ୍ୟାଦି)—ଓଡ଼ି. ବ —ସନ୍ଧିଆ ଇତ୍ୟାଦି (ଦେଖ) Sandiā (etc) Sandhiā etc. (See)

ସନ୍ଦିଆସି—ଓଡ଼ି. ବ (ସଂ. ସନ୍ନ୍ୟାସୀ)—ସନ୍ନ୍ୟାସୀ ଦେଖ) Sandiāsi Sannyāsī (See)

ସନ୍ଦିଗ୍ଧ—ସଂ. ବିଣ. ତ୍ରି. (ସମ୍+ଦିହ୍ ଧାତୁ=ସଂଶୟ କରିବା+କର୍ତ୍ତରି. Sandigdha ତ)—ସନ୍ଦେହୀ; ସଂଶୟ ଯୁକ୍ତ—Suspicious; (ସଂ.ଦିଗ୍ଧ—ଅନ୍ୟରୂପ) sceptic; doubtful.

Digitized by srujanika@gmail.com

ସନ୍ଦିଗ୍ଧ ଚିତ୍ତ—ସଂ. ବ (କର୍ମଧାରୟ) —ସଂଶୟ ଯୁକ୍ତ ମନ—
Sandigdha chitta Suspicious mind.

(ସନ୍ଦିଗ୍ଧ ମନାଃ—ଅନ୍ୟ ବହୁ ରୂପ) ସଂ. ଭୂ. ପୃ (ବନ୍ଦୁଟ୍‌ହି)—
(ସନ୍ଦିଗ୍ଧ ଚିତ୍ତ—ସ୍ତ୍ରୀ) ସନ୍ଦିଗ୍ଧ ଚେତାଃ (ଦେଖ)
Sandigdha chetāḥ (See)

ସନ୍ଦିଗ୍ଧ ଚେତାଃ—ସଂ. ବହୁ. ପୁଂ ଓ ସ୍ତ୍ରୀ (ବନ୍ଦୁଟ୍‌ହି; ସନ୍ଦିଗ୍ଧ + ଚେତସ୍;
Sandigdha chetāḥ ୪୩ ୧ବ)—ଯାହାର ମନ ସଂଶୟୁ-
[ସନ୍ଦିଗ୍ଧ ଚେତା—ଦେ. ରୂପ] ଯୁକ୍ତ ଅଟେ; ଯାହାର ମନରେ
ସନ୍ଦେହ ଭାବ ଦୋଇଅଛି—Of a suspicious
mind; doubting.

ସନ୍ଦିଗ୍ଧତା—ସଂ. ବ (ସଂ. ସନ୍ଦିଗ୍ଧ + ତ୍ୱ+ଟାପ୍. ଭା)—୧ । ସନ୍ଦେହ ଯୁକ୍ତତା;
Sandigdhatā ସନ୍ଦିହାନତା—1. Doubtfulness; hesi-
tativeness. ୨ । ଅଳଙ୍କାର ଶାସ୍ତ୍ରରେ ଶବ୍ଦଦୋଷ—
ବଶେଷ; ଶବ୍ଦର ପ୍ରୟୋଗ ଦ୍ୱାରା ଅର୍ଥର ଅବଗତିରେ
ସନ୍ଦେହ ଭାବ ହେବା ଦୋଷ—2. A defect in com-
position consisting of the use of a word
capable of conveying more that one sense.

[ଏଥିର ଉଦାହରଣ—

ଶୁଣ ଅହେ ବନ୍ଧୁଗଣ କହାଇଁ ଉରସ ମନ
ଏଡ଼ ଦେଶ ସ୍ୱଚ୍ଛଳସ୍ୱ ଭର ଗମନ
ଭହିଁ ନଭ୍ୟ ସେବା ଭର ମନେ ପ୍ରଫୁଲ୍ଲ ଅରେ
କମେ ଅସକ୍ତ ବଢ଼ିବ ତୁମ୍ଭ ମନର ।

କୁଲମଣି. ଅଳଙ୍କାର ଭରଙ୍ଗିଣୀ ।]

ସନ୍ଦିଗ୍ଧ ମନାଃ—ସଂ. ବହୁ. ପୁଂ ଓ ସ୍ତ୍ରୀ (ବନ୍ଦୁଟ୍‌ହି;ସନ୍ଦିଗ୍ଧ + ମନସ୍; ୧ମା.
sandigdha manāḥ ୧ବ)—ସନ୍ଦିଗ୍ଧ ଚେତାଃ (ଦେଖ)
[ସନ୍ଦିଗ୍ଧ ମନା—ଦେଶଜ ରୂପ) Sandigdha chetāḥ (See)

ସନ୍ଦିତ—ସଂ. ଭୂ (ସମ୍ + ଦୋ ଧାତୁ=ଛେଦନ କରିବା + କର୍ମ. ତ)-
Sandita ସନ୍ଦାନିତ (ଦେଖ)—Sandānita (See)

ସନ୍ଦିଶା—ଗ୍ରା ବ (ସଂ. ସନ୍ଦେଶ)—ଅଭିଳାଷ; ମନୋରଥ; ବାଞ୍ଛା—
Sandiśā ଅଭିଳାଷ ସଦିଚ୍ଛା Desire; wish.

ସନ୍ଦିଷ୍ଟ—ସଂ. ଭୂ. ପୁଂ (ସମ୍ + ଦଶ୍ ଧାତୁ=ଆଦେଶ କରିବା,
Sandishṭa କହିବା + କର୍ମ. ତ)—୧ । ଆଦିଷ୍ଟ; ଆଦେଶ ପ୍ରାପ୍ତ;
(ସନ୍ଦିଷ୍ଟା—ସ୍ତ୍ରୀ.ବହୁ) ଆଜ୍ଞପ୍ତ —1. Commanded; ordered.
୨ । କଥିତ—2. Spoken; told. ସଂ. ବ (+ଭାବ.ତ)
୧ । ଆଦେଶ—1. Order; command. ୨ । ବାର୍ତ୍ତା;
ସମ୍ବାଦ—2. News; information; intelli-
(ସନ୍ଦିଷ୍ଟ—ଅନ୍ୟରୂପ) gence.

ସନ୍ଦିଷ୍ଟାର୍ଥ—ସଂ. ବହୁ. ପୁଂ (ବନ୍ଦୁଟ୍‌ହି; ସନ୍ଦିଷ୍ଟ=ଆଦିଷ୍ଟ ଦୋଇଅଛି;
Sandishṭārtha ଅର୍ଥ=ସମ୍ବୋଧନ ବା ଉଦ୍ଦେଶ୍ୟ ଯାହାର)-
(ସନ୍ଦିଷ୍ଟାର୍ଥୀ—ସ୍ତ୍ରୀ) ବାର୍ତ୍ତାବହ; ଦୂତ—Messenger.

ସନ୍ଦିହାନ—ସଂ. ବହୁ. ପୁଂ (ସମ୍ + ଦହ୍ ଧାତୁ=ଲେପନ କରିବା,
Sandihāna ସଂଶୟ କରିବା + କର୍ତ୍ତୃ. ଅନ)—ସନ୍ଦେହାନ୍ୱିତ;
(ସନ୍ଦିହାନା—ସ୍ତ୍ରୀ) ସଂଶୟ ଯୁକ୍ତ; ଯାହାର ମନରେ ସନ୍ଦେହ ଭାବ
ଦୋଇଅଛି—Suspicious; sceptic; doubtful,

ସନ୍ଦୀ—ସଂ. ବହୁ. ସ୍ତ୍ରୀ (ସମ୍ + ଦୋ ଧାତୁ=ଛେଦନ କରିବା + କର୍ମ.
Sandī ଅ + ସ୍ତ୍ରୀ. ଈ) —୧ । ଶଯ୍ୟା—1. Bed. ୨ । ଖଟ—
2. Bedstead. ୩ । ଅସ୍ଥାୟୀ; ଚଉକା —3. A stool;
(ସଂଜ୍ଞା—ଅନ୍ୟରୂପ) a small chair.

ସନ୍ଦୀପ୍ୟ—ସଂ. ବ. -(ବୈଦ୍ୟକ)—ମୟୂରଶିଖା ଗୁଳ୍ମ; ମୟୂରଚୂଳଆ
Sandīpya ଗଛ—Name of a tree; Celesia
(ସଂଜ୍ଞାନ୍ୟ—ଅନ୍ୟରୂପ) Cristata.

ସଂନ୍ଦୃବ୍‌ଧ—ସଂ. ବହୁ.—(ସମ୍ + ଦୃନ୍‌ବ୍ ଧାତୁ=ଗ୍ରନ୍ଥନ କରିବା +
Sandṛubdha କର୍ମ. ତ) ୧ । ଗ୍ରଥିତ—1. Sewn;orderly
arranged. ୨ । ରଚିତ—2. Composed.

ସନ୍ଦେ—ଗ୍ରାଦେ. (ବାଲେଶ୍ୱର) ବ—ସନ୍ଦେହ—
Sande Doubt.

ସନ୍ଦେଶ—ସ. ବ. (ସମ୍ + ଦଶ୍ ଧାତୁ=ଆଜ୍ଞା କରିବା + କର୍ମ ଅ)
Sandeśa ୧ । ସମ୍ବାଦ; ବାର୍ତ୍ତା; ଖବର—1. News; intel-
ସନ୍ଦେଶ ligence. ୨ । ଅନ୍ୟର ନିକଟକୁ ପ୍ରେରିତ ସମ୍ବାଦ—
ସନ୍ଦେଶ 2. Message. ୩ । ଆଜ୍ଞା; ଆଦେଶ—3. Order;
(ସନ୍ଦିଷ୍ଟ—ବଣ) command. ଦେ. ବ.—୧ । (ସ. ସନ୍ଦେଶ
=ବାର୍ତ୍ତା,ସଂବାଦ । ବନ୍ଧୁ ଘରକୁ କୁଶଳ ସଂବାଦ ବୁଝିବା
ପାଇଁ ଯେଉଁ ଦ୍ରବ ପଠାଯାଏ, ତା ହାତରେ ସନ୍ଦେଶ ବା
ମିଷ୍ଟାନ୍ନ ଠୋଇିବା ବଙ୍ଗ ଦେଶୀୟ ପ୍ରଥାରୁ ଏହା ବ୍ୟବହାର
ଅସିଅଛୁ ।)—ଗୁଡ଼ରେ ବା ଚନାରେ ପାଗ କରି ଯାଇଥିବା
ନଡ଼ିଆ କୋରାରେ ବା ଛେନାରେ ପ୍ରସ୍ତୁତ ମିଷ୍ଟାନ୍ନ ବଶେଷ
—1.A sweetmeat made of the scrapings
of cocoanut or cheese fried with sugar.
[ଦ୍ର—ବଙ୍ଗ ଦେଶରେ 'ଚତ୍ତ' ପଠାଇବା ଉପଲକ୍ଷରେ ପୂର୍ବେ
ନଡ଼ିଆ କୋରା ଓ ଗୁଡ଼ରେ ଭିଆର ସନ୍ଦେଶ ପଠାଯାଉଥିଲା;
ବର୍ତ୍ତମାନ ଦୁଧଛେନାରେ ଭିଆର ସନ୍ଦେଶ ନାମକ ମିଠେଇ
ପଠାଯାଏ । ଓଡ଼ିଶାରେ 'ଶଙ୍କୁଳ' କୋଳ ସଙ୍ଗେ ମିଶିରେ,
ଭୁଶୁଡ଼ାରେ ଓ ଡୁଙ୍ଗୁରରେ ଭିଆର ମୁଆ ଏବ ମନୋହର
ଅଦ ପଠାଯାଏ । ସନ୍ଦେଶର ମିଷ୍ଟାନ୍ନ ଅର୍ଥରେ ବ୍ୟବହାର
ବଙ୍ଗ ଦେଶର ଅନୁକରଣରେ ଓଡ଼ିଶାରେ ଚଳିଅଛୁ ।] ୨ ।
କର୍କଳ ଦୁଧଛେନାସଙ୍ଗେ ଚନି ମିଶାଯାଇ କରେଇରେସନ୍ତୁଳା
ଦୋଇ ପ୍ରସ୍ତୁତ କରାଯିବା ମିଷ୍ଟାନ୍ନବଶେଷ—2. Asweet-
meat prepared by frying fresh cheese
with sugar.[ଦ୍ର—ଗୃହ ପ୍ରୟୋଗ ପୂର୍ବକ ଦୁଧଛେନାରୁ
ପାଣିଯାକ ନଗାଡ଼ି ପକାଇ ତହିଁରେ ଚନି ମିଶାଇ ଚାରୁ
ଉତ୍ତମରୂପେ ବାଟି କରେଇରେ ସନ୍ତୁଳଲେ ସନ୍ଦେଶ ହୁଏ;
ପୁଣି ଛନ୍ଦ ସନ୍ଦେଶକୁ ନାନାପ୍ରକାର ଛାଞ୍ଚରେ ଢାଳ ନାନା
ଆକୃତିର ସନ୍ଦେଶ ଭିଆର କରାଯାଏ । ଏହାଛଡ଼ା ନଡ଼ିଆ
ଦୋରାକୁ ଚନାରେ ମିଶାଇ ସନ୍ତୋଳିଲେ ମଧ୍ୟ ତହିଁରୁ
ସନ୍ଦେଶ ଭିଆର ହୁଏ । ବଙ୍ଗ ଦେଶରେ ଛଞ୍ଚ ପାଢ଼ାଯିବାରେ
ଅନ୍ନ ଅକାରରେ ପ୍ରସ୍ତୁତ ସନ୍ଦେଶକୁ 'ଅନ୍ନ ସନ୍ଦେଶ',
ଛଞ୍ଚରେ ସ୍ତମନାମ ମୃତ୍ତଳିଥିବା ଚକାକୃତି ସନ୍ଦେଶକୁ

Digitized by srujanika@gmail.com

'ସ୍ୱମଗୃହ ସନ୍ଦେଶ', ଉପରେ ଛୋଟ ଛୋଟ ଛନ୍ଦ ଦଥଯାଇ ଥାଏ ବୋଲି ଏପରି ସନ୍ଦେଶକୁ 'ସ୍ୱଗୋ ବା ଜେଜେ ସନ୍ଦେଶ', ନଡ଼ିଆକୋରୁରେ ତିଆରି ସନ୍ଦେଶକୁ 'ନାରକେଲ ସନ୍ଦେଶ' ବୋଲିପାଏ । ଓଡ଼ଶାରେ ଛେନାର ସନ୍ଦେଶକୁ ଚଣା ଗୋଲ୍ଲା (କାଁଚାଗୋଲ୍ଲା) ବୋଲିଯାଏ । ଏହାଛଡ଼ା କଞ୍ଚିଲାଙ୍କାର ସନ୍ଦେଶକୁ ବଙ୍ଗଳାରେ 'ଗୋଲ୍ଲା ବା ମୋଣ୍ଡା ବା ମଣ୍ଡା ସନ୍ଦେଶ', ଏବଂ ଝିଙ୍କ ଝିଙ୍କ ବାଟୁଳ ସଦୃଶ ବଲା ଦୋଇଥିବା ସନ୍ଦେଶକୁ 'ମୁଣ୍ଡ ସନ୍ଦେଶ,ବୋଲିଯାଏ ।] ଗା. (ସଦ୍ୟ) ବ —ସନ୍ଦେହ—Doubt. (ଉ—ଏ ତଥା କଡ଼ ବ୍ୟାପ୍ତ ମୋଷ, ଫଣିବ ମନର ସନ୍ଦେଶ । —ପ୍ରାଚୀ· ଜଗୁର୍ଣ୍ଣ-ମାହାତ୍ମ୍ୟ ।)

ସନ୍ଦେଶ ବହ ସ. ବ. ପୁଂ—(ସନ୍ଦେଶ+ବହ୍ ଧାତୁ+କର୍ତ୍ତୃ. ଅ)—
S ndesa baha ବାର୍ତ୍ତାବହ; ଦୂତ; ଦରକସ୍—Mes-
ସନ୍ଦେଶ-ହର-ର—ଅନ୍ୟରୂପ] senger; news-bearer.
ବିଦେଶନ୍ତରା—ସ୍ତ୍ରୀ)

ସନ୍ଦେହ —ସ. ବ (ସମ୍+ଦହ୍ ଧାତୁ=ଦ୍ୱୈଧ ଜ୍ଞାନ କରିବା+ଘଞ୍.
S. udeha ଅ) ୧ । ସଶୟ; ଦ୍ୱୈଧଜ୍ଞାନ—1. Doubt; suspicion; suspense. ୨ । ଅର୍ଥାଲଙ୍କାର ବିଶେଷ—2. A figure of speech.
[ଦ୍ର—ଉପମେୟ ଓ ଉପମାନର ଗାର୍ଥକ୍ୟ କରୁଥିଲାରେ ପ୍ରକୃତସ୍ଥଳକ ବସ୍ତୁର କଳ୍ପନାରେ ସନ୍ଦେହ ଅଳଙ୍କାର ହୁଏ ।]
କବିକଳ୍ପନାକୃତ ସଶୟକୁ ସନ୍ଦେହାଳଂକାର ବୋଲିଯାଏ । କୌଣସି ବସ୍ତୁକୁ ଦେଖି ତାକୁ ଏତାଦୃଶ ବସ୍ତୁ ସଦୃଶ ତାହା ସଙ୍ଗେ ତୁଳନା କରିଯିବ ଏବଂକୃତ ସନ୍ଦେହ କବିଙ୍କ ମନରେ ଜାତ ହେବା ସ୍ଥଳରେ ସନ୍ଦେହାଳଂକାର ହୁଏ ।
ଏଥିର ଉଦାହରଣ—

ଖଣ୍ଡୁଛି ନୁହଇ ମାର, ଅଛ ଫୁଲ ଧନୁଶର,
ନୁହେ ସୁଧାକର, ତହିଁ ବଳଙ୍କ ଅଛୁ;
ଆରୁ ଦେବତାମାନଙ୍କୁ କର୍ପା ଆଣିବ ମନକୁ,
ମୋହର ସୁକୃତ ଏ ପୁରୁଷ ହୋଇଛୁ
ମୋର ଧୂଣି ସୁକୃତ କେତେ
ଏମନ୍ତ ଶୋଭୁ ଜାତ ହେବାରୁ ଜଗତେ ।
—ଉଜ୍ଜ. ଲବଣ୍ୟବତ୍ତୀ ।]

ସନ୍ଦେହ କରିବା—ଦେ. କି—କୌଣସି ବିଷୟରେ ମନରେ ଦ୍ୱିଧାଜ୍ଞାନ
Sandeha karibā ଘୋଷଣ କରିବା—To doubt; to
ସନ୍ଦେହ କରା ସନ୍ଦେହ କରନା suspect.

ସନ୍ଦେହ ଜନକ—ସ. ବଣ—ଯାହା ମନୁଷ୍ୟ ମନରେ ସଶୟ ଜାତ
Sandeha janaka କରିଥାଏ—Engendering doubt in one's mind; suspicious.

ସନ୍ଦେହ ଦୋଳା—ସଂ. ବ (ରୂପକ କର୍ମଧାରୟ)—ଦୋଳା ସଙ୍ଗେ
Sandeha dolā ଉପମିତ ସନ୍ଦେହ—Suspense; doubt compared to a swing

ସନ୍ଦେହ ଭଞ୍ଜନ—ସଂ. ବ. (ଷଷ୍ଠୀତତ୍)—ମନରୁ ସଂଶୟର ଦୂରୀ-
Sandeha bhanjana କରଣ—Removal of a doubt

ସନ୍ଦେହ ସଙ୍କର—ସଂ· ବ—ଅର୍ଥାଲଙ୍କାର ବିଶେଷ—
Sandeha saṅkara A kind of figure of speech.
[ଦ୍ର—ଯେଉଁଠାରେ ଦୁଇଟି ଅଳଙ୍କାର ସମ୍ଭାରେ କେଉଁଟି ପ୍ରଯୋଜ୍ୟ ବୋଲି ସନ୍ଦେହ ହୁଏ, ସେଠାରେ "ସନ୍ଦେହ ସଙ୍କର" ଅଳଂକାର ହୁଏ; ଯଥା—"ମୃଗଡଦ୍ରୁ ଶୋଭୁ ଯାଉଛ" । ଏହି ବାକ୍ୟରେ ଶୋଭୁ ଯାଉଥା ରୂପ ସାଧାରଣ ଧର୍ମ ମୃଗରେ ସମ୍ଭବପର,ପୁଣି ତଦ୍ରୁରେ ସମ୍ଭବ ସମ୍ଭବ ହେଉ ଏହା 'ରୂପକ' ବୋଇଯାରେ, ପୁଣି 'ଉପମା' ସମ୍ଭ ବୋଇ ପାରେ । ଏହିପର ସ୍ଥଳରେ 'ସନ୍ଦେହ ସଙ୍କର' ଅଳଙ୍କାର ବୋଲ ବୁଝାଯାଏ ।]

ସନ୍ଦେହ ସଙ୍କୁଳ—ସଂ. ବଣ (ଷଷ୍ଠୀ ତତ୍)—ସନ୍ଦେହପୂର୍ଣ୍ଣ; ସନ୍ଦେହ-
Sandeha saṁkula ଜନକ—Doubtful; suspicious.

ସନ୍ଦେହାକୁଳ—ସଂ. ବଣ. (ତୃତୀୟାତତ୍)—ସଂଶୟଦ୍ୱାରା ଘାତ୍ତ;
Sandehākula ସଂଦଗ୍ଧ—Troubled with doubt
[ସନ୍ଦେହାନ୍ୱିତ—ଅନ୍ୟରୂପ]
(ସନ୍ଦେହାକୁଳା, ସନ୍ଦେହାନ୍ୱିତା—ସ୍ତ୍ରୀ)

ସନ୍ଦେହାଳଂକାର—ସ. ବ—ସନ୍ଦେହ ୨ (ଦେଖ)
Sandehālaṁkāra Sandeha 2. (See)

ସନ୍ଦେହୀ—ସଂ.ବଣ.ପୁ.—(ସମ୍+ଦହ୍ ଧାତୁ+କର୍ତ୍ତୃ.ଇନ୍ ବା ସନ୍ଦେହ
Sandehī +ଇନ୍ ୧ ମା. ୧ ବଚନ)—ସଂଶୟୁକ୍ତାତ୍ମା—
ସନ୍ଦେହୀ Doubting; suspicious; sceptic. ଦେ ବଣ.
ସନ୍ଦେହୀ (କତରଥା) —ଯାହାପ୍ରତି କୌଣସି ବିଷୟରେ ମନରେ ସନ୍ଦେହ ଜାତ ହୁଏ—Suspected. (ଉ—ପୁଲସ ସନ୍ଦେହୀ ଅସାମୀମାନଙ୍କ ଘର ତଲ୍ଲାସ କରି କେତେକ ଜିନିଷ ମାଲ ଜବ୍ତମଦ୍ କଲେ ।)

ସନ୍ଦେହୀ ଆସାମୀ—ଦେ. ବ· (କତରଥା)—ପୋଲିସ ଅନୁସନ୍ଧାନ କରି-
Sandehī āsāmī ଥିବା ବିଷୟରେ ଯାହାକୁ ସନ୍ଦେହ କରୁ
ସନ୍ଦେହୀଆସାମୀ ସନ୍ଦେହୀଆସାମୀ ଯାଉଥାଏ—A suspect.

ସନ୍ଦୋହ—ସ. ବ.—(ସମ୍+ଦୁହ୍ ଧାତୁ=ଦୁହିଁବା+ଘଞ୍, ଅ)—୧ ।
Sandoha ସମ୍ୟକ୍ ଦୋହନ; ଉତ୍ତମ ରୂପେ ଦୁହିଁବା—
1. Milching well. ୨ । (+କର୍ମ. ଅ) ଯାହା ସମ୍ୟକ୍ ଦୋହନ କରି ଦୋଇଅଛୁ —2. That which has been milched well. ୩ । ଦୁଗ୍ଧ—3. Milk. ୪ । ସମୂହ—4 Multitude; assemblage. ୫ । ରାଶି—5. Heap.

ସନ୍ଦ୍ରାବ—ସ. ବ. (ସମ୍+ଦ୍ରୁ ଧାତୁ=ବେଗରେ ଗମନ କରିବା+
Sandrāba ଘଞ୍. ଅ)—ବେଗରେ ଗମନ; ପଳାୟନ—
Fleeing away; flight.
[ଉ—ବଦ୍ଧଲକ୍ଷ ମାନସ ହିଁ ହିଁ ବା ସ୍ୱନ ଶୁଣି,
ବାଜୁଛ ତ ନୂପୁର ସନ୍ଦ୍ରାବ ଯୋସାଣି ।
—ଉଜ୍ଜ· ବୈଦେହୀଶବିଳାସ]

Digitized by srujanika@gmail.com

ସନ୍ଧ—ଗାଦେ.(ଲଇଥ)ବ.—ସୁଗନ୍ଧ ବସ୍ତୁବିଶେଷ—
Sandha A kind of scent.

ସନ୍ଧା—ସ. ବ (ସମ୍ + ଧା ଧାତୁ = ଧାରଣ କରିବା + ଭାବ. ଅ + ସ୍ତ୍ରୀ. ଆ)—୧ । ଅନୁସନ୍ଧାନ—1. Investigation; searching. ୨ । ପ୍ରତିଜ୍ଞା—2. Promise; vow. [ଦ—ଏହା ସମାସରେ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ଶେଷଟିରେ 'ସନ୍ଧ' ରୂପ ଧାରଣ କରେ । ଯଥା—'ସତ୍ୟସନ୍ଧ'—ସ. ବିଣ—(ସତ୍ୟ = ଅଟଳ ଅଟେ ସନ୍ଧା = ପ୍ରତିଜ୍ଞା ଯାହାଙ୍କର; ବହୁବ୍ରୀ ହି) ପ୍ରତିଜ୍ଞା ପାଳନ କରିବା ବିଷୟରେ ଅଟଳ ।] ୩ । ସ୍ଥିତି—3. Staying; existence. ୪ । ଫାଙ୍କ; ଯୋଡ—4. Space between two things; joint. ୫ । ମିଳନ—5. Meeting; mixing up; alliance; union. ୬ । ସନ୍ଧ୍ୟା—6. Evening. ଦେ.ବ.—୧ । ସାଙ୍ଗିବା; ଚକଟାନ **ମିଲାବ** ଘାଣ୍ଟିବା—1. Intimately mixing ଫାଙ୍କାଙ୍କ, ସାଂଧି **ଫାଂକ** up many things. ୨ । ସନ୍ଧିଯାଙ୍କ—2. Interstice; space between.

ସନ୍ଧା(ନ୍ଧେ)ଇବା—ଦେ· କି.—୧ । ସାଙ୍ଗିବା କ୍ରିୟାର ଣିଜନ୍ତ ରୂପ; ଅନ୍ୟ ବ୍ୟକ୍ତଦ୍ୱାରା ସାଙ୍ଗିବା କ୍ରିୟା କରାଇବା—
Sandhā(ndhe)ibā ଚକଟାନ **ସାଁଉବାନା** 1. Causative form of ଗଜାନ କଲାନ **ଜକିରାଲଗାନା** 'Sāndhibā. ୨ । ସାରୁର ମଞ୍ଜିରୁ ବା ବହନରୁ ଗଜା ବାହାର୍‌ବା ପାଇଁ ଛାଡୁ ଗୋଟିଏ ଗାତରେ ଏକାଠେଇଁ ପୋତିଦେବା—2. To put the arum seeds in a hole under the ground for sometime for causing them to sprout. [ଦ୍ର—ସାରୁ ମଞ୍ଜିରୁ ଗଜା ବାହାର୍‌ବା ପରେ ଚାହା କାଥରେ ପୋତାଯାଏ]

ସନ୍ଧା ଘାଅ—ଗାଦେ.(ଯାଜପୁର)ବ·—ଖାଣ୍ଡିରେ ବହୁତ ସମୟ ବୁଡ଼
Sandhā ghāā ରହିବାରୁ ଅଙ୍ଗୁଳ ସନ୍ଧିରେ ହେବା ଘାଅ—Eczima between two fingers due to the palms or the feet being drenched too often in water.

ସନ୍ଧାତବ୍ୟ—ସ. ବିଣ (ସମ୍ = ସମ୍ୟକ୍ + ଧା ଧାତୁ = ଧାରଣ କରିବା + ତବ୍ୟ ଭାବ୍ୟ)—୧ । ଯାହା ସହିତ ସନ୍ଧି ହେବାର ଯୋଗ୍ୟ ହୋଇଛି—1. (A person) Fit to be allied with; (a person) with whom an alliance should be formed. ୨ । ଯାହାକୁ ସନ୍ଧାନ କରିବା ଉଚିତ—2. Fit to be searched after.

ସନ୍ଧାନ—ସ. ବ.—(ସମ୍ = ସମ୍ୟକ୍ + ଧା ଧାତୁ = ଧାରଣ କରିବା + ଭାବ. ଅନ)—୧ । ଖୋଜିବା; ଅନ୍ୱେଷଣ; ଖୋଜ; ତଲାସ—1. Searching; enquiry. ୨ । ହଜି ଯାଇଥିବା ବା ଚୋରି ଯାଇଥିବା ବସ୍ତୁକୁ ଖୋଜିବା—2. Searching after a lost or stolen thing. ୩ । ମିଶ୍ରଣ; ସଂଘଟ୍ଟନ—3. Mixing up. ୪ । ମିଳନ; ସଂଯୋଜନ; ଯୋଜନା—4. Joining. meeting; union; junction. ୫ । ସ୍ଥିତି—5. Staying; situation. ୬ । ସନ୍ଧି; ଦୁଇ ବସ୍ତୁର ଯୋଗସ୍ଥାନ—6. Joint; juncture; confluence ୭ । ପାଳନ—7. Supporting; bringing up; cherishing; fostering. ୮ । ବାଣ ଯୋଜନା—ଧନୁରେ ଶର ଯୋଗିବା—8. Fixing or setting an arrow to the bow ୯ । ବନ୍ଧନ—9. Binding; bond. ୧୦ । ଅଉଷଧ; ମଦ୍ୟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ଦ୍ରବ୍ୟ ବା ଜିନିଷମାନଙ୍କର ଯୋଗ—10. Mixing up the materials for wine; fermentation. ୧୧ । ମଦ୍ୟ; ମଦ; ସୁରା—11. Wine; spirits. ୧୨ । ତାଡି—12. Fermented or sour rice-gruel. ୧୩ । ସାଜସରଞ୍ଜା; ଘଷ୍ଟା—13. Equipments; accoutrements. ୧୪ । ମଦ୍ୟ ସଂସ୍କାରଣ—14. Act of distiling or fermenting spirituous liquor. ୧୫ । ଉପାୟ; କର୍ମକୌଶଳ—15. Expediency. ୧୬ । ଲକ୍ଷ୍ୟ—16. Aim. ଦେ. ବ.—୧ । ହଜିଥିବା ବା
ସନ୍ଧାନ **ପତ** ଚୋରି ଯାଇଥିବା ଦ୍ରବ୍ୟ କିମ୍ବା ଅପରାଧ ସମ୍ବନ୍ଧରେ ତଥ୍ୟ ବା ସମାଦ; ସୁତ୍ର—1. Clue; information about a lost or stolen thing or
ସନ୍ଧାନ **ଗୂଢ଼ଛିଦ୍ର** about an offence. ୨ । ପରିବାରର ଗୁପ୍ତ କଥା; ଗୃଢ଼ଚ୍ଛିଦ୍ର—2. The mysteries or
ସନ୍ଧାନ **ସଂଧାନ** secrets of a family. ଦେ, ବିଣ—ଫଳପ୍ରଦ; ସଂଯୋଜିତ—Attached.

[ଜ—କଟି ସନ୍ଧାନ ପାଦ କର
ଉହିଁ ବସିଲେ ନରବର ।
—ଜଗନ୍ନାଥ. ଭକ୍ତଭ]

ସନ୍ଧାନ କରଣୀ—ସଂ· ବ—ସଦ୍ଭୌଷଧ ବିଶେଷ—Name of a
Sandhān karaṇī panacea.

[ଜ—ସନ୍ଧାନ କରଣୀ ଯେ ବିଶଲ୍ୟକରଣୀ
ମୃତ୍ୟୁ ସଞ୍ଜୀବନୀ ଯେ ସାବଣି କରଣୀ ।
—କୃଷ୍ଣସିଂହ· ମହାଭାରତ. ବନ]

ସନ୍ଧାନ କରିବା—ଦେ କି·—୧ । ଖୋଜିବା—1. To search
Sandhāna karibā after. ୨ । ତଲସ କରିବା—2. ସନ୍ଧାନ କରା **ପତ ଲଗାନା** To enquire into.

ସନ୍ଧାନ ଦେବା—ଦେ· କି.—ଚୌଣସି ବିଷୟରେ ତଥ୍ୟ ଅନ୍ୟ ବ୍ୟକ୍ତକୁ
Sandhāna debā ଦେଖାଇବା—To suggest or point
ସନ୍ଧାନ ଦେଓରା **ପତା ଦେନା** out the clue to a person.

Digitized by srujanika@gmail.com

ସନ୍ଧାନ ନେବା—ଦେ. କି—କୌଣସି ବିଷୟ ସମ୍ବନ୍ଧରେ ଜ୍ଞାତବ୍ୟ ସମ୍ବାଦ ବା ତଥ୍ୟ ଖୋଜିବା; ଅନୁସନ୍ଧାନରେ ରହିବା—To be on the look-out for a clue; to enquire into a matter; to make enquires into a matter.
Sandhāna nebā
ସନ୍ଧାନ ଲଓୟା
ପତା ଲେନା

ସନ୍ଧାନ ପାଇବା—ଦେ. କି—ସୂତ୍ର ପାଇବା; କୌଣସି ବିଷୟର ତଥ୍ୟ ବା ସମ୍ବାଦ ଅବଗତ ହେବା—To get a clue to a matter; to find out a clue.
Sandhāna pāibā
ସନ୍ଧାନ ପାଓୟା
ପତା ପାନା

ସନ୍ଧାନ ବର୍ଗ—ସଂ. ବ (ବୈଦ୍ୟକ)—ବୈଦ୍ୟଶାସ୍ତ୍ରୋକ୍ତ ନାନା ପ୍ରକାର ମଦ୍ୟ (ଯଥା—ମଦ୍ୟ, ଗୌଡ଼ୀ, ମାଧ୍ୱୀ, ପୈଷ୍ଟୀ, କାଦମ୍ବୀ, ମାଧୂକା, ମୈରେୟୀ, ମାର୍ଦ୍ୱୀକ, ସୁରା, ଶୀଧୁ)—The different sorts of wine mentioned in the Hindu medical treatises.
Sandhāna barga

ସନ୍ଧାନ ମିଳିବା—ଦେ. କି—ଖୋଜା ଯାଉଥିବା କୌଣସି ବିଷୟର ତଥ୍ୟ ଜଣା ପଡିବା—The clue to a matter being found out.
Sandhāna milibā
ସନ୍ଧାନ ମେଳା
ପତା ମିଲନା

ସନ୍ଧାନ ସୂତ୍ର—ସଂ. ବ—ସୂତ୍ରକ; କୌଣସି ବିଷୟ ଖୋଜ କରି ପାଇବାର ଉପାୟ—The clue to find out a thing which one is searching for.
Sandhāna sūtra
[ସନ୍ଧାନ ସୂତ୍ର(ତ୍ର)ର—ଦେ. ରୂପ]

ସନ୍ଧାନିକା—ସ. ବ (ସନ୍ଧାନ+କ+ସ୍ତ୍ରୀ. ଆ)—ବହୁ ଫଳରୁ ପ୍ରସ୍ତୁତ ଅଗୁର—Pickles prepared from various fruits. [ଦ୍ର—ସାଧାରଣତଃ ଏହା ଅମ୍ଳ ମଧୁର ରସ, ଶୀତବୀର୍ଯ୍ୟ, ସାରକ, ବଦାପ୍ନ ଓ ଜଟିତ୍ରି-ବର୍ଦ୍ଧକ ଅଟେ ।]
Sandhānikā

ସନ୍ଧାନିତ—ସ. ବଣ (ସନ୍ଧାନ+ଯୁକ୍ତାର୍ଥେ. ଇତ)—୧ । ସଙ୍କଳିତ—1. Mixed up. ୨ । ସମ୍ମିଳିତ—2. Joined together. ୩ । ଯାହାର ସନ୍ଧାନ ମିଳିଅଛି—3. Traced.
Sandhānita

ସନ୍ଧାନୀ—ସ. ବଣ. ସ୍ତ୍ରୀ (ସନ୍ଧାନ+ଅଛି ଅର୍ଥରେ ଇନ୍; ୧ମା.୧ବ)—୧ । ଅନୁସନ୍ଧାନକାରୀ—1. Searching. ୨ । (ସନ୍ଧାନିକା—ସ୍ତ୍ରୀ) ଲକ୍ଷ୍ୟକାରୀ—2. Aiming. ସ. ବ (ସମ୍+ଧା ଧାତୁ+ଲ୍ୟୁ. ଅନ+ସ୍ତ୍ରୀ. ଈ)—ସନ୍ଧାନ (ଦେଖ) Sandhāna (See) ସ. ବଣ (ତତ୍ତ୍ୱରଥ)—୧। ସନ୍ଧାନ କରିବାରେ ସିଦ୍ଧହସ୍ତ—1. Expert or skilled in tracing; having detective capacity. ୨ । ଅପରାଧ ଆଦର ସନ୍ଧାନରେ ନିଯୁକ୍ତ—2. Detective; engaged in detecting crimes.
Sandhānī

ସନ୍ଧି—ସଂ. ବ (ସମ୍+ଧା ଧାତୁ=ଧାରଣ କରିବା+କ୍ତି. ଇ)—୧ । ସଂଯୋଗ; ମିଳନ—1. Meeting; union. ୨ । (+ବର୍ତ୍ମ. ଇ) ଦୁଇ ବସ୍ତୁ ମଧ୍ୟରେ ବ୍ୟବଧାନ; ଫାଙ୍କ—2. Space between two things; interstice. [ଉ—ଚଣ୍ଡୁ ଅରଜୁନ ଦୃଅନ୍ତେ ବଜାବଲେ, ଅକାଶ ଦେଖେ ବଜ୍ର ନ ରହିଲା ସନ୍ଧି । କୃଷ୍ଣସିଂହ. ସଦ୍ଭାସ୍ତ୍ରରତ. ଚଣ୍ଡି ।] ୩ । (+ଅଧି. ଇ) ମିଳନ ସ୍ଥାନ; ଯୋଡ଼; ଗଣ୍ଠି—3. Junction; joint. ୪ । (+ତ୍ତ୍ୱ. ଇ) ମୈତ୍ରୀକରଣ—4. Establishment of friendship. ୫ । (+ତରଣ. ଇ) (ଯୁଦ୍ଧଶେଷ) ଯୁଦ୍ଧ ପରେ ବଳବାନ୍ ଓ ଅରିଙ୍କ ମଧ୍ୟରେ ବ୍ୟବସ୍ଥା ପୁଂଜ ଐତ୍ୟ ସ୍ଥାପନ—(political) 5.Treaty; alliance set up between the rival parties after war. [ଉ—ବସ୍ତୁତେ ସନ୍ଧି ଯେ ନ ସମ୍ଭାଦ । ଭଟ୍ଟ. ବେଦେଦ୍ଭାଶବଲାସ ।] [ଦ୍ର—ବସ୍ତୁଶର୍ମାଙ୍କ କୃତ ହିତୋପଦେଶାବ ଗ୍ରନ୍ଥରେ ୧୭ ପ୍ରକାର ସନ୍ଧିର ଉଲ୍ଲେଖ ଅଛି । ପରସ୍ପର ମଧ୍ୟରେ ଧନାଦି ଆଦାନ ପ୍ରଦାନ, ପୁତ୍ର କନ୍ୟାଦି ଆଦାନ ପ୍ରଦାନ, ଜଳପୃଙ୍କ ଶତ୍ରୁ ଶାସନ କରିବା ପାଇଁ ଅଙ୍ଗୀକାର, ପରସ୍ପରର ଉପକାର କରିବାର ଅଙ୍ଗୀକାର, ଋଣ ପୂରଣ ପ୍ରଦାନ, ଅପଶାର ସୈନ୍ୟ ଦ୍ୱାରା ମିତ୍ରର ରକ୍ଷାକରଣ, ବାର୍ଷିକ କରଦାନର ଅଙ୍ଗୀକାର, ସ୍ୱଳ୍ପାଂଶ ଦାନ ଇତ୍ୟାଦି ଉପାୟରେ ଦୁଇ ପକ୍ଷ ମଧ୍ୟରେ 'ସନ୍ଧି' ଜରୁଯାଏ ।] ୬ । (+କାଳି. ଇ) (ଯୁଗଣ) ଏକ ଯୁଗର ଅବସାନ ଓ ଅନ୍ୟ ଯୁଗର ଆରମ୍ଭ ସ୍ଥଳ; ଦୁଇ ଯୁଗର ମଧ୍ୟର ମିଳନ କାଳ—6. The meeting space between two ages; the period of time between two successive ages. ୭ । (ଶରୀର ବଦ୍ୟା) ଦେହ ଗ୍ରନ୍ଥି; ଅସ୍ଥି ବା ଶିର ଦୁଇଟିର ମିଳନ ସ୍ଥଳ; ଗଣ୍ଠି—7 (Anatomy) The joints of the body. [ଦ୍ର—ଆଦ ଦେହରେ ୨୧୦ଟି ସନ୍ଧି ଅଛି । ଉଲ୍ଲମରେ ହାତ ଓ ମୋଡ଼ରେ ୬୮, ମୋଷ୍ଟରେ ୫୯, ଗ୍ରୀବାର ଊର୍ଦ୍ଧ୍ୱ ଭାଗରେ ୮୩ । ସନ୍ଧି ସମୂହ ଦୁଇ ଭାଗରେ ବିଭକ୍ତ; ଯଥା—ଚେଷ୍ଟାଶୀଳ ଓ ସ୍ଥିର । ଚେଷ୍ଟାଶୀଳ ସନ୍ଧି ଦ୍ୱାରା ଅଙ୍ଗମାନ ଗୁଳତ ହୁଏ । ସ୍ଥିର ସନ୍ଧିମାନ ଦେହର ଅନ୍ୟାନ୍ୟ ଅଂଶରେ ଥାଏ । ଅସ୍ଥିତତ୍ତ୍ୱବିଦରେ ସନ୍ଧିମାନଙ୍କ ୮ ଗୋଟି ନାମ ଅଛି; ଯଥା—ଦୋଶ, ଉଦ୍‌ଖଳ; ସାମୁଦ୍ର, ପ୍ରତର, ଚୂଣ ସେବନୀ, କାଳଭୁଣ୍ଡ, ମଣ୍ଡଳ ଓ ଶଙ୍ଖାବର୍ତ୍ତ ।] ୮ । (+ତ୍ତ୍ୱ. ଇ) (ବ୍ୟାକରଣ) ସନ୍ନିକଟସ୍ଥ ଦୁଇଟି ବର୍ଣ୍ଣର ସଂଯୋଗଜାତ ବିକାର; ବର୍ଣ୍ଣଦ୍ୱୟର ସଂଯୋଗଜାତ ରୂପାନ୍ତର—(grammar) 8 The resultant letter formed by the blending of two letters (the last letter of a word and the first letter of the next word); conjunction of two letters.

[ଦ୍ର—ବ୍ୟାକରଣରେ ସନ୍ଧି ୩ ପ୍ରକାର—ସ୍ୱରସନ୍ଧି, ବ୍ୟଞ୍ଜନ ସନ୍ଧି ଓ ବିସର୍ଗ ସନ୍ଧି । ସ୍ୱରବର୍ଣ୍ଣ ସଙ୍ଗେ ସ୍ୱରବର୍ଣ୍ଣ

Digitized by srujanika@gmail.com

ମିଳିତ ହେଲେ ସ୍ୱରସନ୍ଧି ହୁଏ, ବ୍ୟଞ୍ଜନ ବର୍ଣ୍ଣ ସଙ୍ଗେ ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣ ମିଳିତ ହେଲେ ବ୍ୟଞ୍ଜନ ସନ୍ଧି ହୁଏ ଏବଂ ପ୍ରଥମ ପଦର ଶେଷରେ ଥିବା ବିସର୍ଗ ସଙ୍ଗେ ସରଯିବା ବ୍ୟଞ୍ଜନ ବର୍ଣ୍ଣ ବା ସ୍ୱରବର୍ଣ୍ଣ ମିଳିତ ହେଲେ ବିସର୍ଗସନ୍ଧି ହୁଏ ।] ୯ । (+କ୍ରି. ଇ) (ଅଳଂକାର ଶାସ୍ତ୍ର) ନାଟକାଂଶ ବିଶେଷ; ନାଟକର ଦୁଇଟି ଅଙ୍କ ବା ଗର୍ଭାଙ୍କ (ଦୃଶ୍ୟ, ସମୟ ବ୍ୟବଧାନ—9. Part of a drama between two acts or scenes. ୧୦। (+କରଣ ଇ) ଭିତ୍ତି ଗାତ; ଗ୍ରୋର କରିବା ପାଇଁ ଗ୍ରୋରମାନେ ଘର-ଭିତରକୁ ଫୁଟାଇବା ଗାତ—10. A hole bored into a house by house-breakers. ୧୧ । ସୁରଙ୍ଗ; ସୁଡ଼ଙ୍ଗ—11. Tunnel. ୧୨ । ଗାତ; ଗୋଲ—12. Hole; breach. ୧୩ । ଖଣିଗାତ—13. Mine; excavation; pit. ୧୪ । ଦ୍ୱାର—14. Door; entrance. ୧୫ । (+କ୍ରି. ଇ) ଭଗ; ଯୋନଦ୍ୱାର—15. The vaginal orifice. ୧୬ । (+କରଣ. ଇ) ବିଶ୍ରାମ—16. Rest; repose; recess ୧୭ । ସନ୍ଧିପୂଜା (ଦେଶ)—17. Sandhi-pūja. (See) ୧୮ । (+କରଣ. ଇ) ସାଧନ; କାର୍ଯ୍ୟ-ସାଧନାର୍ଥ ପ୍ରଯୋଜ୍ୟ ଉପାୟ—18. Means or instruments for the accomplishment of an act. ୧୯ । (+ସ୍ତ୍ରୀ. ଇ) ସନ୍ଧାନ; ଉକ୍ତି; ଉପାୟ—19. Clue; information; the key to matter. ୨୦ । (କର୍ମ. ଇ) ଗୁପ୍ତ କଥା; ରହସ୍ୟ—20. Secret; mystery. ୨୧ । ରୋଗର ଅତି ବିଷମ ଅବସ୍ଥା (ଯେଉଁ ଅବସ୍ଥା ପରେ ରୋଗ କ୍ରମଶଃ କମିଯାଏ କମ୍ବା ମାରିପକାଏ) —21. Crisis of a disease. ଦେ. ସନ୍ନିପାତ ଜ—୧ । (ସଂ. ସନ୍ଧି+ଆ) ସର୍ଦ୍ଦିଯାଉ ବିଶେଷ; ଜ୍ୱର ଆଦରେ ସାନ୍ନିପାତ ବାତ, ପିତ୍ତ ଓ କଫର ପ୍ରକୋପଜନିତ ଅବସ୍ଥା—1. Typhoid; state of collapse in fever, ଛନ୍ଦ cholera etc. ୨ । (ପଦ୍ୟ) ଛନ୍ଦ; କପଟ—2. Con-ଛଳ ceit; deceit; hypocricy. (ଉ—ଏମନ୍ତ ଲୋକ ଜଗତରେ, ସନ୍ଧି ନ କରି ପଡ଼ିରେ । ପ୍ରାଚୀ. ଜଗନ୍ନାଥ-ସନ୍ଧି ମାହାତ୍ମ୍ୟ ।) ୩ । ଅତି ସଂକୀର୍ଣ୍ଣ ଗଳି—3. Narrow ତଂଗଳୀ lane. ୪ । କଥାର ଗୁପ୍ତ ମର୍ମ୍ମ ବା ରହସ୍ୟ—4. The hidden purport or meaning of any speech. (ଉ—କହିବା ଏଥିର ସନ୍ଧି ଯେ ଏଥି ରହସ୍ୟ, ସନ୍ଧି ରହସ୍ୟ ବ୍ୟବସ୍ଥା । ପ୍ରାଚୀ, ଶ୍ରୀଗୁରୁଚରିତ ଗୀତା ।) ସନ୍ଧି ୫ । କଥା କହିବାର ଭଙ୍ଗୀ ବା କୌଶଳ—5. The mode ଢଙ୍ଗ କୌଶଳ of expressing a matter. (ଉ—କଥାର କୁଆ ଖାଳ ଖାଏ ବୋହୁରୁ ବାଳ । ଭଗ ।)

ସନ୍ଧିଆ—ଗ୍ରା. ବି—୧ । (ସଂ. ସନ୍ଧ୍ୟା) ସନ୍ଧ୍ୟା (ଦେଶ)—Sandhiā 1. Sandhyā. (See) ୨ । (ସଂ. ସନ୍ଧି) ସନ୍ଧି (ଦେଶ)—2. Sandhi. (See) ଦେ. ବି—୧ । ଶରଡ଼ ସନ୍ଧି ଚକର ପରସ୍ପର ୨ ଖଣ୍ଡ ଅଂଶର ଯୋଡ଼ ଜାଗା—1. The joint between the two arcs of the rim of a cart-wheel; the tenon or mortise by which the arcs of a cart wheel are joined together. ଦେ. ବିଣ— ସନ୍ଧିଯୁକ୍ତ **संधियुक्त** (ସଂ. ସନ୍ଧି) ସନ୍ଧିବିଶିଷ୍ଟ—Having joints.

ସନ୍ଧିଆ ପ(ପୋ)ଚରା—ଦେ. ବି—ଶରଡ଼ଚକର ପରସ୍ପରରେ ଥିବା ଖନ୍ଦ Sandhiā pa(po)charā ଭଳି ବୃତ୍ତଖଣ୍ଡମାନଙ୍କୁ ସଜଡ଼ିତ ସନ୍ଧିଥିଲ କରିବା ପାଇଁ ବ୍ୟବହୃତ ଖିଲ ଓ ଗୋଲ—The **संधिका कीला** tenon and mortise which secures the different arcs of a cart wheel; the holes and pins of the different pieces of the cart wheel.

ସନ୍ଧିଆ ପ(ପୋ)ଚରା ମାରିବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଦୌଡ଼ିବା Sandhiā pa(po)charā māribā କାର୍ଯ୍ୟକୁ ଖୁବ୍ ସଜଡ଼ିତ ସନ୍ଧିଥିଲ ଅଁଟି। କର ସମ୍ପାଦନ କରିବା—1. To accomplish **संधिमें कीला लगाना** a work very strongly and securely. ୨ । ଶରଡ଼ ଚକର ପରସ୍ପରକୁ ଦୃଢ଼ କରିବା ପାଇଁ ଛିଦ୍ରରେ ଖିଲ ପ୍ରଭୃତି ମାରିବା—2. To make the rim of a cart wheel strong by securely putting the pins into the holes of the different arcs.

ସନ୍ଧିଆସୀ—ଗ୍ରା. ବି (ସଂ. ସନ୍ଧ୍ୟାସୀ)—ସନ୍ଧ୍ୟାସୀ— Sandhiāsi An anchorite. ସନ୍ନ୍ୟାସୀ, ସନ୍ନିସୀ **सन्यासी**

ସନ୍ଧିକ—ସଂ. ବି (ସନ୍ଧି+ସ୍ୱାର୍ଥ. କ)—କୈଦ୍ୟଶାସ୍ତ୍ରୋକ୍ତ ତ୍ରୟୋଦଶ Sandhika ସନ୍ନିପାତ ମଧ୍ୟରୁ ଏକପ୍ରକାର—One of the 13 kinds typhoid fever. [ଦ୍ର—ଏଥିରେ ରୋଗୀର ପରମାୟୁ ୭ଦିନ; କିନ୍ତୁ ଏହା ସାଧ୍ୟ ('ସନ୍ନିପାତ' ଶବ୍ଦର ଟିପ୍ପଣୀ ଦେଖ ।)]

ସନ୍ଧି କଥା—ଦେ. ବି (ସଂ. ସନ୍ଧି+କଥା)—୧ । ବିଷମ ସମସ୍ୟା— Sandhi kathā 1. A dilemma. ୨ । ଗୁପ୍ତ କଥା; ସନ୍ଧି କଥା ରହସ୍ୟ —2. A secret; a mystery. ୩। ଅଟକଣିଆ ଦୁବିଧା ଅବସ୍ଥା—3. A critical position. ରହସ୍ୟ **रहस्य**

ସନ୍ଧି କର—ସଂ. ବିଣ. ପୁଂ (ସନ୍ଧି+କୃ. ଧାତୁ+କ୍ରି. ଅ)—ଯେଉଁ Sandhi kara ବ୍ୟକ୍ତି ଦୁଇ ବିପକ୍ଷ ପକ୍ଷଙ୍କ ସନ୍ଧିଦ୍ୱାରା ମିଳିତ ସନ୍ଧିକର୍ତ୍ତା—ର୍ତ୍ତୃ) କରେ—(a person) Causing or bringing about alliance between two opposite parties.

ସନ୍ଧି କରିବା—ଦେ. କ୍ରି—ବିପକ୍ଷ ପକ୍ଷଙ୍କ ସଙ୍ଗେ ମୈତ୍ରୀ ସ୍ଥାପନ Sandhi karibā କରିବା—To enter into an alli-ସନ୍ଧି କରା ance or to make a treaty with the **संधि करना** enemy.

Digitized by srujanika@gmail.com

୧	ଇ	ଉ	ଋ,ୠ	ଌ	ଏ	ଜସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଚ	ଶ,ଫ	ଛ	ଇସ୍	ଉଅ	ଜ
୨	ଈ	ଊ	ୠ	ଲୃ	ଐ	ଅକାରନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ	ଖ୍ୟ	ଯ	ସ	ଗ୍ୟ	ଇଅ	ଈ	ନ

ସନ୍ଧିକା—ସଂ. ବ (ସନ୍ଧ+ସ୍ୱାର୍ଥେ କ+ଆ)–ମଦ୍ୟ ସନ୍ଧାନ; ମଦର Sandhikā ଉପାଦାନଗୁଡ଼ିକୁ ବଧୂଚୁଙ୍କ ସଡ଼ାଇବା—Distillation; fermentation of the materials for distilling wine.

ସନ୍ଧି କାଳ–ଦେ. ବ (ସଂ. ସନ୍ଧ+କାଳ)—ପୂର୍ଣ୍ଣିମା ଓ ପ୍ରତିପଦର Sandhi kāla ମଧ୍ୟବର୍ତ୍ତୀ ତୁହିନ କାଳ—The time of ସନ୍ଧିକାଳ eclipse between the full moon and the succeeding day. (ଉ—ଦ୍ୱାଃ-ଯୀଶୁଃ ଯାନ ଜରଦେଲ୍ଲ ସନ୍ଧିକାଳ ଦୋଇ ମେଳ ଯେ । ଭଞ୍ଜ. କୋଃ ବ୍ରହ୍ମାଣ୍ଡପୁରଣ୍ଡ ।) ସଂ. ବ–ସନ୍ଧିକ୍ଷଣ (ଦେଶ)—Sandhikshaṇa. (See)

ସନ୍ଧି କ୍ଷଣ–ସଂ. ବ (୬ଷ୍ଠୀ ତତ୍ପୁ.)–୧ । ସନ୍ଧି ସମୟ; ଦୁଇଟି କାଳର Sandhi kshaṇa ବା ଦୁଇଟି ବିଷୟର ମିଳନ କାଳ—1. The period of transition between two periods or things. ୨ । ଅଶ୍ୱିନ ଓ ଚୈତ୍ର ଶୁକ୍ଳାଷ୍ଟମୀ ଓ ଶୁକ୍ଳନବମୀର ଯଥାକ୍ରମେ ଅନ୍ତିମ ଓ ପ୍ରଥମ ଦଣ୍ଡ (ଯହିଁରେ ସନ୍ଧି ପୂଜା ହୁଏ)—2. The 2 daṇḍas of the 8th and 9th days of the bright lunar fortnights of Āswina and Chaitra.

ସନ୍ଧି ଗୁଲ୍ମ—ସ. ବ. (ବୈଦ୍ୟକ)—ବନ୍ୟଗୁଲ୍ମ ବିଶେଷ—Name Sandhi gulma of a plant; Laurus Lanceolaria

ସନ୍ଧି ଚୌର—ସ. ବ. (ବହୁବ୍ରୀ ବା ମ. ତ. ଲେ; ସନ୍ଧିକାସ୍ତ ଚୌର)–Sandhi chaura ଯେଉଁ ଗୃହର ଘରେ ସିନ୍ଧ ଗାତ ଖୋଳ ଗୃହର କରେ—A house-breaker who enters into a house by boring a hole from out-side.

ସନ୍ଧି ଚୌର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—ସିନ୍ଧଗାତ ଖୋଳ ଘରେ ପଶି Sandhi chaurjya ଯେଉଁ ଗୃହର କରିଥିବା—Theft committed by boring a hole into a house.

ସନ୍ଧି ଚ୍ୟୁତ—ସଂ. ବିଣ (୬ମୀ ତତ୍)–ହାଡ଼ଗଣ୍ଠିରୁ ଖସି ଯାଇଥିବା Sandhi chyuta (ହାଡ଼)—Dislocated (bone)

ସନ୍ଧି ଚ୍ୟୁତି—ସଂ. ବ—(୬ମୀ ତତ୍)—ହାଡ଼ଗଣ୍ଠିରୁ ହାଡ଼ଖସିଯିବା—Sandhi chyuti Dislocation of a bone from the joint.

ସନ୍ଧିଜ—ସଂ. ବ—(ସନ୍ଧି=ମଦ୍ୟସନ୍ଧାନ+ଜନ୍ ଧାତୁ=ଜନ୍ମିବା+Sandhija କର୍ତ୍ତୃ. ଅ)—ବଳଯନ୍ତ୍ରଦ୍ୱାରା ତରଳ ହୋଇ ପ୍ରସ୍ତୁତ ହେବା ମଦ୍ୟ; ସୁରା—Distilled spirit; fermented liquor.

ସନ୍ଧି ଜୀବକ—ସଂ. ବିଣ. ପୁଂ. (ସନ୍ଧି+ଜୀବ୍ ଧାତୁ=ବଞ୍ଚିବା+ଜୀବ୍. Sandhi jībika ଅକ)—୧ । ଯେଉଁ ବ୍ୟକ୍ତି ଶଠତାଦ୍ୱାରା ଜୀବିକା ନିର୍ବାହ କରେ—1. Earning one's livelihood by pursuing unfair means. ୨ । ସନ୍ଧି ଚୌର୍ଯ୍ୟ କରି ଯେ ଜୀବିକା ନିର୍ବାହ କରେ—2. Earning livelihood by housebreaking. ସଂ. ବିଣ. ପୁଂ—୧ । ସନ୍ଧିଚୌର—1. A regular house-breaker by boring holes. ୨ । କୁଟୁଣ୍ଡୀ; ଉଡୁଅ—2. A panderer; a bawd; a procurer.

ସନ୍ଧି ଜୀବିକ—ସଂ. ବିଣ ଓ ବ, ପୁଂ (ତତ୍ପୁ.ବ; ସନ୍ଧି ଅତେ ଜୀବିକା Sandhi jībika ଯାହାର)—ସନ୍ଧି ଜୀବକ (ଦେଶ)—Sandhi jībaka (See) (ସନ୍ଧିଜୀବିକା—ସ୍ତ୍ରୀ)

ସନ୍ଧିତ୍ସା—ସଂ. ବ.—(ସମ୍+ଧା. ଧାତୁ+ଇଚ୍ଛାର୍ଥେ ସନ୍. ଅ+ସ୍ତ୍ରୀ. Sandhit-sā ଆ)—ସନ୍ଧାନ କରିବାର ଇଚ୍ଛା—A desire (ସନ୍ଧିତ୍ସା—ଅନ୍ୟରୂପ) to enquire; inquisitiveness.

ସନ୍ଧିତ୍ସୁ—ସ. ବିଣ.—(ସମ୍+ଧା ଧାତୁ+ଇଚ୍ଛାର୍ଥେ ସନ୍+କର୍ତ୍ତୃ. ଉ) Sandhit-su ସନ୍ଧାନ କରିବାକୁ ଇଚ୍ଛୁକ—Inquisitive; (ସନ୍ଧିତ୍ସୁ-ଅନ୍ୟରୂପ) desirous of enquiry.

ସନ୍ଧିତ—ସ. ବିଣ.–(ସନ୍ଧା+ସଙ୍କ୍ତାର୍ଥେ ଇତ)—୧ । ମିଳିତ—1. Sandhita United; joined together; mixed up. ୨ । (ବ୍ୟାକରଣ) ସନ୍ଧିଯୁକ୍ତ—2. (words) Combined into a composite word by the rules of 'Sandhi'. ୩ । ବଦ୍ଧ—3. Bound down. ୪ । ପୁନର୍ମିଳିତ—4. Re-united ୫ । ସନ୍ଧି ଦ୍ୱାରା ଆବଦ୍ଧ—5. Bound by treaty.

ସନ୍ଧିନୀ—ସ. ବ. ସ୍ତ୍ରୀ. (ସନ୍ଧା=ମିଳନ+ଅନ୍ତ ଅର୍ଥରେ ଇନ୍+ସ୍ତ୍ରୀ. ଈ) Sandhinī ୧ । ବୃଷ ଦ୍ୱାରା ଆକ୍ରାନ୍ତା ଋତୁମତୀ ଗାଈ; ଯେଉଁ ଗାଈ ବଦ ପାଇଅଛୁ; ବୃଷାଦଭମୈଥୁନା ଋତୁମତୀ ଗାଈ—1. A menstruated cow which has been copulated by a bull. ୨ । ଅକାଳରେ ଦୁଗ୍ଧଦାୟିନୀ ଗାଈ—2. A cow which is milked in wrong time without a calf. [ବ୍ର—ଏ ଗାଈର ଦୁଗ୍ଧ ଅପେକ୍ଷଣୀୟ—ପାଣ୍ଡବଚନ୍ଦ୍ର] ୩ । ସ୍ତ୍ରୀକୁ ଭୁଜୀଭୂତକାର ବଳୀକାର ବିଶେଷ—3. A kind of indication for exciting love. [ବ୍ର—ସନ୍ଧିନୀ ସମ୍ବନ୍ଧିନୀ ଅଦ୍ଭାବିନୀ, ବଳୀକାର ଉତ୍ପୁ ଚିହ୍ନ ଅଛି ଯେଣୁ। ଅଭିମନ୍ୟୁ. ବଦସ୍ତ ଉତ୍ତାମଣି]

ସନ୍ଧି ପତ୍ର—ସ. ବ.—(ମ. ତ. ଲେ)—ଯେଉଁ ପତ୍ରରେ ବା ଲେଖାରେ Sandhi patra ସନ୍ଧିକାସ୍ତ ଉଭୟ ପକ୍ଷ ସ୍ୱାକ୍ଷର କରନ୍ତି—A document signed by the parties to a (ସନ୍ଧିଲେଖ—ଅନ୍ୟରୂପ) treaty.

Digitized by srujanika@gmail.com

'ସାଧାରଣ ଭେକେ ଅପର ପୃଷ୍ଠାରେ ସୂଚିତ ୧ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବ ୨ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ସେବେ ଏ ଭାଷାକୋଷରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ସଥାକ୍ରମେ ବିପରୀତ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାର' ନ ମିଳିଲେ 'ଗାର'ଖୋଜନ୍ତୁ; 'ମୁଡ' ନ ମିଳିଲେ 'ମୂଡ' ଖୋଜନ୍ତୁ; 'ବଧୂ' ନ ମିଳିଲେ 'ବଦ୍ଧୂ' ଦେଖିବେ; 'ଅଗର୍ଦ୍ଧ' ନ ପାଇଲେ 'ଅଜ୍ଞ' ଦେଖିବେ; 'ଅଲବତ' ନ ପାଇଲେ 'ଅଲ୍‌ବତ୍' ଦେଖିବେ

ସନ୍ଧ ପୂଜା—ସ.ବ (ସ.ଷ.ତ୍ପୁ) —ଆଶ୍ୱିନ ଓ ଚୈତ୍ର ଶୁକ୍ଳାଷ୍ଟମୀ ଓ ନବମୀ Sandhi pūjā ତିଥି ଦ୍ୱୟର ସନ୍ଧିକ୍ଷଣରେ ଅନୁଷ୍ଠିତ ଦୁର୍ଗା ପୂଜା; ମହାଷ୍ଟମୀର ଶେଷ ଦଣ୍ଡ ଓ ମହାନବମୀର ଆଦ୍ୟ ଦଣ୍ଡର ମଧ୍ୟକାଳୀନ ଦୁର୍ଗା ପୂଜା-The worship of Goddess Durgā which is done during the transitory moment between the 8th and 9th days of the bright lunar fortnights in the months of Āswina and Chaitra. [ଦ୍ର—ଶାସ୍ତ୍ର ବର୍ଷ ଅନୁସାରେ ଶାରଦୀୟା ଓ ବାସନ୍ତୀ ଦୁର୍ଗା ପୂଜାରେ ଏହି 'ସନ୍ଧି' କାଳକୁ ଦେବୀଙ୍କ ସ୍ୱଗବଳ ଦଅଯିବା ବଷୟରେ ପ୍ରଶସ୍ତ; ଅଷ୍ଟମୀର ଶେଷ ଏକ ଦଣ୍ଡ ଓ ନବମୀର ପ୍ରଥମ ଏକ ଦଣ୍ଡ, ଏହି ଦୁଇ ଦଣ୍ଡ ସନ୍ଧିକାଳ; ଏହି କାଳରେ ସନ୍ଧି ପୂଜା କରିଥାଏ । ସପ୍ତମୀ ପୂଜାକୁ ପ୍ରଥମା ପୂଜା, ଅଷ୍ଟମୀ ପୂଜାକୁ ଦ୍ୱିତୀୟା ପୂଜା ଓ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭରେ କରିପିବା ପୂଜାକୁ ତୃତୀୟା ପୂଜା ବା ସନ୍ଧି ପୂଜା କୋଲ୍ଲଥାଏ । ଅଷ୍ଟମୀ ଗତେ ନବମୀର ପ୍ରଥମ ଦଣ୍ଡରେ ବଳଦାନ ପ୍ରଶସ୍ତ— ଚଣ୍ଡକୋଷ ।]

ସନ୍ଧ ବଦ୍ଧ—ସ. ବ୍ରୀ (ଜ୍ୟା ଉଡ୍)—ସନ୍ଧିସୂତ୍ରରେ ଆବଦ୍ଧ; ପରସ୍ପର Sandhi baddha ମଧ୍ୟରେ ସନ୍ଧି ବନ୍ଧନ ଦ୍ୱାରା ମିଳିତ— Allied with each other by a treaty; mutually allied.

ସନ୍ଧ ବନ୍ଧ—ସ. ବ (ବୈଦ୍ୟକ)—୧ । ଭୂମି ଚମ୍ପକ; ଭୂଇଁ ଚମ୍ପା। Sandhi bandha (ଶବ୍ଦ ଚନ୍ଦ୍ରିକା)—1. A sort of flower; Koemferia Rotunda. ୨। ସନ୍ଧି ବନ୍ଧନ (ଦେଖ)—2. Sandhi bandhana (See)

ସନ୍ଧ ବନ୍ଧନ—ସ. ବ (ଜ୍ୟା ଉଡ୍)—୧ । ସନ୍ଧି ଦ୍ୱାରା ପରସ୍ପର Sandhi bandhana ସହିତ ମିଳନ—1. Formation of alliance by a treaty. ୨ । (ବହୁବ୍ରୀହି) ଶିରା— 2. Vein; artery. [ଦ୍ର—ଏହି ଶିର ଶବ୍ଦରର ସନ୍ଧି ସ୍ଥାନକୁ ବନ୍ଧନ କର ରଖେ ।]

ସନ୍ଧବା—ଦେ. କି (ସ. ସନ୍ଧାନ)—୧ । ସନ୍ଧାନ କରିବା; ଖୋଜିବା; Sandhibā ଉଲ୍ଲସିବା—1. To enquire; to search. ସନ୍ଧାନ କରା ୨ । ଶକ୍ତି ରୂପକ ଅସ୍ତ୍ରର ସନ୍ଧାନ କରିବା— पता लगाना 2. To aim the weapon Śakti at the शर सन्धान करना target. [ଦ୍ର—ସାର ସାତୁଳକୁ ଶକ୍ତି ସନ୍ଧ । अस्त्र संधान करना ବଙ୍ଗ. ବୈଦେଗ୍ଧଶବଳାସ ।] ୩ । ଶର ସନ୍ଧାନ କରିବା; ଫେଙ୍ଗିବା ପାଇଁ ଶରକୁ ଧନୁରେ ଯୋଡିବା—3. To fit the arrow to the bow.

[ଦ୍ର—ସନ୍ଧଲ ମାନେ ଛିଡ଼ିବ ଘୁଣ, ଜଗ କରିବ ଯେ । ବଙ୍ଗ. କୋଟିବ୍ରହ୍ମାଣ୍ଡସୁନ୍ଦର୍ଯ୍ୟ ।] ୪ । ସନ୍ଧବା (ଦେଖ) 4. Sandhibā (See) ୫ । ସନ୍ଧାଇବା (ଦେଖ) 5. Sandhāibā (See) ୬ । ଯୋଜନା କରିବା; ସନ୍ଧାନ କରା ପ୍ରୟୋଗ କରିବା— 6. To attach. [ଦ୍ର—ଧନୁରେ ଜୋଡ଼ନା ଜାଣ ସନ୍ଧ ବନ୍ଧଣ ଶିଖଣ୍ଡୀ । କୃତ୍ତିଂବ. ମହାଭାରତ-ବନ ।] ୭ । ଯୋଡିବା—7. To join together. [ଦ୍ର— ଜଗ ଘୃଷ୍ଟୀ ଯେଣୁ ସନ୍ଧ ଭାବୁ ଥିଲ୍ଲ, ଏଥୁଁ ପୁନ ନାମ ଜଗସନ୍ଧ ଦୋଇଲ୍ଲ । କୃତ୍ତିଂବ. ମହାଭାରତ. ସଭା ।]

ସନ୍ଧ ବାତ—ସ. ବ (ସନ୍ଧ ସ୍ଥଳରେ ଜାତ ବାତ)—ଗଣ୍ଠିବାତ; ଦେହର Sandhi bāta ଗଣ୍ଠିରେ ଜନ୍ମିବା ବାତ ରୋଗ— Rheumatism of the joints.

ସନ୍ଧ ବିଗ୍ରହ—ସ. ବ (ବିପରୀତାର୍ଥକ ସହଚର; ଦ୍ୱନ୍ଦ୍ୱ)—ସନ୍ଧି ଓ ଯୁଦ୍ଧ-- Sandhi bigraha Peace and war.

ସନ୍ଧ ବିଗ୍ରହକ—ସ. ବ (ସନ୍ଧିବିଗ୍ରହ+କ)—ସାନ୍ଧି ବିଗ୍ରହକ; ରାଜ୍ୟର ସନ୍ଧି Sandhi bigrahaka ଓ ଯୁଦ୍ଧ ସମ୍ବନ୍ଧେ ଯେଉଁ ସଚିବ ପରାମର୍ଶ ଦଅନ୍ତି (ବିଶ୍ୱକୋଷ)—War-minister.

ସନ୍ଧ ବିଚ୍ଛେଦ—ସ. ବ—୧ । ସନ୍ଧି ଭଙ୍ଗ (ଦେଖ)—1. Sandhi Sandhi bichchheda bhanga. (See) ୨ । (ବ୍ୟାକରଣ) ସନ୍ଧି ଦ୍ୱାରା ନିଷ୍ପନ୍ନ ଶବ୍ଦର ଉତ୍ପନ୍ନ ଉତ୍ପନ୍ନ ଅଂଶକୁ ପୃଥକ କରିବା—2. (grammar) Taking to pieces the elements of a word formed by 'Sandhi' or grammatical combination, by separating its combined letters.

ସନ୍ଧ ବିସନ୍ଧ—ଦେ. ବ (ବିପରୀତାର୍ଥକ ସହଚର)—୧ । ବଡ଼ ଓ ଛୋଟ Sandhi bisandhi ସମସ୍ତ ସନ୍ଧି—1. All the joints, सन्धि विसन्धि big and small. ୨ । ବାହାରର ଓ ଭିତରର रत्ती रत्ती ସମସ୍ତ ସ୍ଥାନ—2. All the spaces in and out. ୩ । ସାନ ବଡ଼ ସବୁ ଫାଙ୍କ—3. All the interstices, big and small.

ସନ୍ଧ ବେଳ—ଦେ. ବ—୧ । ସନ୍ଧିକ୍ଷଣ ସମୟ; ଅଙ୍ଗଭଙ୍ଗ ସମୟ; ବିଷମ Sandhi bela ଅବସ୍ଥା—1. Critical time. ୨ । ସନ୍ଧି ସନ୍ଧି କାଳ ବେଳା (ଦେଖ)—2. Sandhi belā (See) सांघातिक समय

ସନ୍ଧ ବେଳା—ସ. ବ—୧ । ଦିନ ଓ ରାତିର ମିଳନ କାଳ; Sandhi belā ସନ୍ଧ୍ୟା—1. Evening. ୨ । ତିଥି ଦ୍ୱୟର ମିଳନ କାଳ—2. The meeting space between two lunar days. ୩। ସନ୍ଧି ଷଣ ୨ (ଦେଖ) 3. Sandhi kshaṇa 2 (See)

Digitized by srujanika@gmail.com

ସନ୍ଧି ଭଙ୍ଗ—ସଂ. ବ (ଷଷ୍ଠୀ ତତ୍ପୁ)— Sandhi bhanga ୧। ଦୁଇ ପକ୍ଷଙ୍କ ମଧ୍ୟରେ ଚଳୁ ଥାଇ-ଥିବା ସନ୍ଧିର ଲଙ୍ଘନ-1. Disruption of an alliance. ୨। (ବୈଦ୍ୟକ) ସନ୍ଧି ଚ୍ୟୁତି; ଦେହର ଗଣ୍ଠି ଖସିଯିବା—2. Dislocation of a joint.

ସନ୍ଧି ରନ୍ଧ୍ରକା—ସଂ. ବ (ସନ୍ଧି+ରନ୍ଧ୍ର+ବୈଧାର୍ଥ+ସ୍ୱାର୍ଥ. ଅ; ସ୍ତ୍ରୀ. ଆ)— Sandhi randhrakā ସୁରୁଙ୍ଗା; ସୁଡ଼ଙ୍ଗ—A mine; a tunnel.

ସନ୍ଧି ରାଗ—ସଂ.ବ. (ବହୁବ୍ରୀହି; ସନ୍ଧି=ସନ୍ଧ୍ୟାର ରାଗ ପର ରାଗ ଯାହାର) Sandhi rāga —ସିନ୍ଦୂର—Red lead.

ସନ୍ଧିଳା—ସଂ. ବ (ସନ୍ଧି+ଳ ଧାତୁ=ଗ୍ରହଣ କରିବା+କର୍ତ୍ତୃ. ଅ+ସ୍ତ୍ରୀ. ଆ) Sandhilā —୧। ସୁଡ଼ଙ୍ଗ—1. A tunnel. ୨। ସିନ୍ଧ ଗାତ—2. A hole made by house-breakers. ୩। ନଦୀ—3. River. ୪। (+ଅଶ୍ୱ. ଅ) ମଦ୍ୟ—4. Wine; spirituous liquor.

ସନ୍ଧି ସର(ରେ)ତ୍—ଦେଶ. ବ—ସନ୍ଧିର ଶର୍ତ୍ତସମାନ Sandhi sara(re)t —The conditions or terms of a treaty. (ଦ୍ରଷ୍ଟବ୍ୟ—ଅନ୍ୟରୂପ) ସନ୍ଧିସର୍ତ୍ତ ସଂଧି ସର୍ତ୍ତ

ସନ୍ଧି ସ୍ଥଳ—ସଂ. ବ—୧। ଗଣ୍ଠି ଜାଗା—1. Joint, ୨। ଯୋଡ଼-ମୁଣ୍ଡି Sandhi sthala —2. Juncture. ୩। ସଙ୍କଟ ଅବସ୍ଥା-2. Critical position. ୪। ଦୁଇ କାଳର ମିଳନ କାଳ—4. The juncture of two periods.

ସନ୍ଧି ହାରକ—ସଂ. ବ (ଉପପଦ ତତ୍.; ହନ୍ଧି=ସିନ୍ଧ ପାଟ ହାରୁ ହରଣ Sandhi hāraka କରେ ଯେ)—ସିନ୍ଧଆ ଚୋର; ସନ୍ଧିଚୌର—A thief who commits house-breaking by boring a hole into the house.

ସନ୍ଧୁକ୍ଷଣ— ସଂ. ବ (ସମ୍+ଧୁକ୍ଷ୍ ଧାତୁ=ପାପ୍ତ କରିବା+ଭାବ. ଅନ)— Sandhukshana ୧। ଅଗ୍ନି ପ୍ରଜ୍ୱାଳନ; ନିଆଁକୁ ଜଳାଇବା—1. Kindling of a fire. ୨। ନିଆଁକୁ ଝେଜିକା; ଉଦ୍ଦୀପନ; ଅଗ୍ନି ଉତ୍ତେଜନ—2. Trimming of a fire.

ସନ୍ଧୁକ୍ଷିତ—ସଂ. ବ୍ରଣ (ସମ୍+ଧୁକ୍ଷ୍ ଧାତୁ=ଜଳାଇବା+କର୍ମ. ତ) Sandhukshita ୧। ପ୍ରଜ୍ୱାଳିତ—1. Kindled. ୨। ଝେଜା ଯାଇଥିବା; ଉତ୍ତେଜିତ—2. Trimmed (fire).

ସନ୍ଧେଅ—ଗ୍ରା. ବ (ଅଶୁଦ୍ଧ ଉଚ୍ଚାରଣ) (ସଂ. ସନ୍ଦେହ)—ସନ୍ଦେହ Sandhea (ଦୋଷ)—Sandeha (See)

ସନ୍ଧେୟ—ସଂ. ବ୍ରଣ (ସମ୍+ଧା ଧାତୁ+କର୍ମ. ଯ)—୧। ସନ୍ଧି Sandheya କରିବାର ଯୋଗ୍ୟ—1. Fit to be allied with. ୨। ଯାହା ଅନୁସନ୍ଧାନ କରିବାର ଯୋଗ୍ୟ—2. Fit to be enquired into. ୩। ଲକ୍ଷ କରି-ବାର ଉପଯୁକ୍ତ—3. Fit to be aimed at (a target).

ସନ୍ଧ୍ୟ—ସଂ. ବ୍ରଣ.—୧। ସନ୍ଧ୍ୟାରୁ ବ—1. Resulting from Sandhya Sandhi. ୨। ସନ୍ଧି ସମ୍ବନ୍ଧୀୟ—2. Relating to Sandhi (See)

ସନ୍ଧ୍ୟା ବେଳା—ସଂ. ବ—ଭୂଷା ଓ ସନ୍ଧ୍ୟାକାଳ (ଉଷଦୋଷ)— Sandhyā belā Dawn & dusk.

ସନ୍ଧ୍ୟର୍କ୍ଷ—ସଂ. ବ—(ସନ୍ଧି+ଋକ୍ଷ)—(ଜ୍ୟୋତିଷ) ଯେଉଁ ନକ୍ଷତ୍ରରେ Sandhyarksha ଦୁଇଟି ରାଶିର ସନ୍ଧି ହୁଏ—(Astrono-(ସନ୍ଧି ନକ୍ଷତ୍ର—ଅଳୁକ୍ସମା) my)—An asterism in which two zodiacal signs meet. [ଦ୍ର—କୃତ୍ତିକା ନକ୍ଷତ୍ରର ପ୍ରଥମପାଦ ମେଷରାଶି ଓ ଶେଷ ତିନି ପାଦ ବୃଷରାଶି । ଅତଏବ କୃତ୍ତିକା ନକ୍ଷତ୍ର ସନ୍ଧ୍ୟର୍କ୍ଷ ଅଟେ ।]

ସନ୍ଧ୍ୟା—ସଂ. ବ.—(ସନ୍ଧି=ଦିବା ରାତ୍ରିର ମିଳନ+ଯ+ସ୍ତ୍ରୀ ଆ; ଅଥବା Sandhyā ସମ୍+ଧେ ଧାତୁ=ଧ୍ୟାନ କରିବା+ଅଧିକରଣ ଅ+ଆ; ଯେଉଁ ସମୟରେ ଦେବାରାଧନା କରିଥାଏ ତହୁଁ ସମ୍+ଧା ଧାତୁ+କର୍ତ୍ତୃ. ଯ+ଆ ପାଦା ମଙ୍ଗଳକୁ ଧାରଣ କରେ)—୧। ଦିବା ଓ ରାତ୍ରିର ସନ୍ଧିକାଳ; ଦିନ ଓ ରାତ୍ରର ମିଳନ ସମୟ—1 The space of time between the day and the night; twilight; nightfall ; dusk [ଦ୍ର—ସାଧାରଣତଃ ସନ୍ଧ୍ୟା ତ୍ରିବିଧ; ଯଥା—ପ୍ରାତଃସନ୍ଧ୍ୟା (ବହୁଭୋର୍, ପ୍ରତ୍ୟୁଷ) ଓ ସାୟଂସନ୍ଧ୍ୟା (ମୁହଁସନ୍ଧ୍ୟା, ଗୋଧୂଳି) । କନ୍ତୁ ଶାସ୍ତ୍ରାଦିରେ ସନ୍ଧ୍ୟା ତ୍ରିବିଧ; ଯଥା—୧। ପ୍ରାତଃସନ୍ଧ୍ୟା (ଉଷାର ପଞ୍ଚ-ବିଂଶୀ ଦାଳ; ରାତ୍ରିର ଶେଷ ଦଣ୍ଡ ଓ ଦିନର ପ୍ରଥମଦଣ୍ଡ)—

୨। ମଧ୍ୟାହ୍ନ ସନ୍ଧ୍ୟା (ଠିକ୍ ଦିନ ଦୁଇପ୍ରହର ବେଳ; ତେଣେକେଳେ ଆକାଶର ଠିକ୍ ମଧ୍ୟ ସ୍ଥଳରେ ସୂର୍ଯ୍ୟ ଥାଆନ୍ତି ।)

୩। ସାୟଂସନ୍ଧ୍ୟା (ସୂର୍ଯ୍ୟାସ୍ତର ପରବର୍ତ୍ତୀ କାଳ; ଦିବସର ଶେଷଦଣ୍ଡ ଓ ରାତ୍ରିର ପ୍ରଥମ ଦଣ୍ଡ ।)

୨। ପ୍ରାତଃସନ୍ଧ୍ୟା ଓ ସାୟଂସନ୍ଧ୍ୟା ସମୟରେ କରିବ୍ୟ ଉପାସନାଦି; ସନ୍ଧ୍ୟାହ୍ନିକ; ସନ୍ଧ୍ୟାବନ୍ଦନା—2. Worship or other rituals performed at dawn and evening; the morning and evening meditations. [ଦ୍ର—ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତିଖଣ୍ଡରେ କଥିତ ଅଛି ଯେ, 'କାଳ'ର ୩ ଗୋଟି ସ୍ତ୍ରୀ; ଯଥା—ସନ୍ଧ୍ୟା, ରାତ୍ରି ଓ ଦିନ ।

'ସନ୍ଧ୍ୟା'ର କାଳ ଦୁଇନାଡ଼ିକା ଅର୍ଥାତ୍ ଦୁଇ ଦଣ୍ଡ ମାତ୍ର । ସୂର୍ଯ୍ୟୋଦୟ, ମଧ୍ୟାହ୍ନ ଓ ସୂର୍ଯ୍ୟାସ୍ତର ପୂର୍ବର ଏକ ଦଣ୍ଡ ଓ ପରର ଏକ ଦଣ୍ଡ କାଳ ସନ୍ଧ୍ୟା ଅଟେ । 'ସନ୍ଧ୍ୟା' କାଳରେ ଭୋଜନ, ଶୟନ, ସ୍ନାନ ଆଦି ନିଷିଦ୍ଧ । ଏହି ସନ୍ଧ୍ୟା (ଅର୍ଥାତ୍ ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳ) ବ୍ରାହ୍ମଣମାତ୍ରଙ୍କର ଉପାସନା କାଳ । ବ୍ରାହ୍ମଣ ପ୍ରତ୍ୟହ କୃତ୍ୟମିତ ରୂପେ ସନ୍ଧ୍ୟା କଲେ ତାହାର ପୁଣ୍ୟ ବଢ଼େ ନାହିଁ; ପରନ୍ତୁ ସନ୍ଧ୍ୟା ନ କଲେ

Digitized by srujanika@gmail.com

ଗାଅ ହୁଏ । ସନ୍ଧ୍ୟା କଲେ ସମସ୍ତ ପାପ ନାଶ ହୁଏ । ଏହି ଉପାସନା ବେଦ ଗୁରୁ ବେଦ ଅନୁସାରେ ପୃଥକ୍ ପୃଥକ୍ ଏବଂ ପ୍ରତି ବେଦସ୍ଥ ବ୍ରାହ୍ମଣ ଉକ୍ତରୁ ବେଦୋକ୍ତ ବିଧିଦ୍ୱାରା ଉପାସନା କରନ୍ତି । ଏଥିରେ ଭଗବାନଙ୍କ ନାମ ସ୍ମରଣ, ଜଳଦ୍ୱାରା ମାର୍ଜ୍ଜନ, ଅଘୋ ଦେବତା, ସୂର୍ଯ୍ୟ ଦେବତା, ଇତ୍ୟାଦି ସମସ୍ତ ଦେବତାଙ୍କ ସବୁଠାରୁ ମଧ୍ୟବର୍ତ୍ତୀ ପଦ୍ମାସନ ସଦୃଶ ଶଙ୍ଖ-ଚକ୍ରଧାରୀ ନାରାୟଣଙ୍କ ଧ୍ୟାନ, ଉପାସନା ଅଦ ଥାଏ । ସ୍ଥୂଳତଃ ସନ୍ଧ୍ୟାର ପ୍ରଧାନ ଅଙ୍ଗ ୪ ଗୋଟି; ଯଥା—୧ । ଜଳଦ୍ୱାରା ମାର୍ଜ୍ଜନ, ୨ । ପ୍ରଣବ ଓ ପ୍ରାଣାୟାମ (ରେଚକ, ପୂରକ, କୁମ୍ଭକ), ୩ । ଗାୟତ୍ରୀ ଜପ ଓ ଧ୍ୟାନ ଏବଂ ୪ । ସୂର୍ଯ୍ୟୋପାସନା । ଏହି ସବୁର ଉଲ୍ଲ ଉଲ୍ଲ ମନ୍ତ୍ର ଅଛି । ଫଳତଃ ସନ୍ଧ୍ୟାରେ ସୂର୍ଯ୍ୟଦେବତା ଓ ସୂର୍ଯ୍ୟମଣ୍ଡଳ ମଧ୍ୟସ୍ଥ ବ୍ରହ୍ମା, ବିଷ୍ଣୁ, ଶିବଙ୍କର ଏବଂ ବାୟୁ, ଅଗ୍ନି, ଜଳ ଆଦ ଦେବତାଙ୍କର ଉପାସନା ଓ ପ୍ରାଣାୟାମ ବା ଶ୍ୱାସ-ବାୟୁର ସାଧନା କରିଥାଏ ।]

୩ । ପ୍ରାତଃସନ୍ଧ୍ୟା, ମଧ୍ୟାହ୍ନ ସନ୍ଧ୍ୟା ଓ ସାୟଂସନ୍ଧ୍ୟା କାଳରେ ଉପାସ୍ୟ ଦେବତା—3. The Deities worshipped at morning, noon and evening. [ଦ୍ର—ଏହି ସନ୍ଧ୍ୟାର ୩ ଟି ଉପାସ୍ୟ-ଦେବତା, ଯଥା—ପ୍ରାତଃସନ୍ଧ୍ୟାରେ 'ଗାୟତ୍ରୀ', ମଧ୍ୟାହ୍ନ ସନ୍ଧ୍ୟାରେ 'ସାବିତ୍ରୀ' ଓ ସାୟଂସନ୍ଧ୍ୟାରେ 'ସରସ୍ୱତ୍ତୀ' । ଏହି ଗାୟତ୍ରୀ ଦେବତା ଅଟନ୍ତି । ଏହାଙ୍କ ଉପାସନା କଲେ ସମସ୍ତ ଦେବତାଙ୍କର ଉପାସନା ହୁଏ । ଏହି ତିନି ଦେବତାଙ୍କର ରୂପ ଓ ଧ୍ୟାନ ଉଲ୍ଲ ଉଲ୍ଲ । ଏମାନେ ସୂର୍ଯ୍ୟ-ମଣ୍ଡଳ ମଧ୍ୟସ୍ଥ । (୧) ଗାୟତ୍ରୀ ଦ୍ୱିଭୁଜା, ରକ୍ତବର୍ଣ୍ଣା, ହଂସ—ବାହନା, କୁମାସ୍ତ ଓ ଅକ୍ଷମାଳା କମଣ୍ଡଳୁ ଧାରଣୀ । (୨) ସାବିତ୍ରୀ ଚତୁର୍ଭୁଜା, ଶୁକ୍ଳବର୍ଣ୍ଣା, ଗରୁଡ ବାହନା, ଯୁବତୀ ଓ ଶଙ୍ଖଚକ୍ର ଗଦାପଦ୍ମ ଧାରଣୀ । (୩) ସରସ୍ୱତ୍ତୀ ଦ୍ୱିଭୁଜା, କୃଷ୍ଣବର୍ଣ୍ଣା, ବୃଷ ବାହନା, ବୃଦ୍ଧା, ଡମରୁ ତ୍ରିଶୂଳ ଧାରଣୀ । ଗାୟତ୍ରୀଙ୍କ ଅସ୍ପା ବ୍ରହ୍ମା, ସାବିତ୍ରୀଙ୍କ ଅସ୍ପା ବିଷ୍ଣୁ ଓ ସରସ୍ୱତ୍ତୀଙ୍କ ଅସ୍ପା ମହାଦେବ ଅଟନ୍ତି ।] ୪ । ଏହି ସନ୍ଧ୍ୟାରେ ଉପାସ୍ୟ ଦେବତାଙ୍କ ଉଦ୍ଦେଶ୍ୟରେ ଉଚ୍ଚାରିବା ମନ୍ତ୍ର—4. The mystic incantations uttered respectively at dawn, noon and evening. [ଦ୍ର—ଏହି ଉପାସ୍ୟ ମନ୍ତ୍ର ରୂପ ଦେବତାଗଣଙ୍କୁ ମଧ୍ୟ ସନ୍ଧ୍ୟା ବୋଲିଥାଏ ।] ୫ । ଯୁଗସନ୍ଧି; ଦୁଇ ଯୁଗର ମିଳନ କାଳ; ସନ୍ଧ୍ୟାଂଶ—5. The meeting of two successive ages. [ଦ୍ର—କାହାର କାହାର ମତରେ ଯୁଗର ଆଦ୍ୟକୁ ସନ୍ଧ୍ୟା ଓ ଯୁଗର ଶେଷ କାଳକୁ ସନ୍ଧ୍ୟାଂଶ ବୋଲିଥାଏ ।] ୬ । କାଳ—6. Time. ୭ । କାଳ ଦେବତାଙ୍କର ତିନି ସ୍ତ୍ରୀ ମଧ୍ୟରୁ ଏକତମା—7. One of the three wives of time deified. ୮ । ଉପାସନା—8. Worship; prayer; ritual. ୯ । ଧ୍ୟାନ—9. Religious or spiritual meditation. ୧୦ । ପ୍ରତିଜ୍ଞା—10. Promise; vow; declaration. ୧୧ । ସୀମା—11. Boundary. ୧୨ । ନଦୀ ବିଶେଷ; ସନ୍ଧ୍ୟାଚଳରୁ ଉତ୍ପତ୍ତି ନଦୀ—12. Name of a river. ୧୩ । ପୁଷ୍ପ ବିଶେଷ (ହେମରଜ)—13. Name of a flower. ୧୪ । ପ୍ରତିଷ୍ଠା—14. Consecration; establisnment. ୧୫ । ଚିନ୍ତା—15. Contemplatioh ୧୬ । ସମ୍ବନ୍ଧ—16. Connection. ୧୭ । ସନ୍ଧାନ. (ଦେଖ)—17. Sandhāna. (See) ୧୮ । (ଲକ୍ଷଣାର୍ଥ) ଜୀବନର ଅବସାନ କାଳ; ମୃତ୍ୟୁର ପୂର୍ବ କାଳ—18. (figurative) The time before death; the time of impending death.

ସନ୍ଧ୍ୟା ଦୀପ ଦେ. ବ—୧ । ସନ୍ଧ୍ୟାସ୍ନାନ (ଦେଖ)—1. Sandhyādīpa. (See) ୨ । ସାୟଂକାଳ; ସନ୍ଧ୍ୟା ଅବାବସ୍ଥାନ—2. Evening; dusk.

ସନ୍ଧ୍ୟା ଆହ୍ନିକ—ଦେ. ବ (ସଂ. ସନ୍ଧ୍ୟାହ୍ନିକ) —ସନ୍ଧ୍ୟାହ୍ନିକ (ଦେଖ) Sandhyā āhnika Sandhyāhnika. (See)

ସନ୍ଧ୍ୟା ଆଳ(ର)ତି—ଦେ. ବ (ସଂ. ସନ୍ଧ୍ୟା+ଆରାତିକ)—ସନ୍ଧ୍ୟାକାଳରେ ଦେବତାଙ୍କ ନକଟରେ ସନ୍ଧ୍ୟା ଆରତି ପ୍ରଜ୍ୱାଳିତ ବତ୍ତୀ ଦ୍ୱାରା ଆରାଧନା—Evening service of a Deity accompanied by the waving of lighted wicks before It.

ସନ୍ଧ୍ୟାଂଶ—ସଂ. ବ—୧ । ଯୁଗସନ୍ଧି; ଦୁଇ ଯୁଗର ମଧ୍ୟବର୍ତ୍ତୀ କାଳ—Sandhyāmśa 1- The transitory period between two Ages, ୨ । ଯୁଗର ଶେଷ କାଳ—2. The closing period of an Age. [ଦ୍ର—ପୁରାଣ ଅନୁସାରେ ସତ୍ୟଯୁଗର ସନ୍ଧ୍ୟାଂଶ ୪୦୦ ମାନୁଷ ବର୍ଷ, ତ୍ରେତା ଯୁଗର ୩୦୦ ବର୍ଷ, ଦ୍ୱାପରଯୁଗର ୨୦୦ ବର୍ଷ ଓ କଳିଯୁଗର ୧୦୦ ବର୍ଷ । ମନୁ ।] ୩ । ପ୍ରତ୍ୟେକ ଯୁଗର ପ୍ରଥମ ଓ ଶେଷାଂଶ (ଉଣ୍ଡୋଷ)—3. The first and last part of every mythological Age. [ଦ୍ର—ଦୈବ ପରିମାଣରେ ୪ ହଜାର ବର୍ଷ ସତ୍ୟ ଯୁଗର କାଳ । ଏଥିର ପ୍ରଥମ ୪ଶତ ବର୍ଷ ସନ୍ଧ୍ୟା ଓ ଶେଷ ୪ଶତ ବର୍ଷ ସନ୍ଧ୍ୟାଂଶ; ତ୍ରେତା ଯୁଗର କାଳ ୩ ହଜାର ବର୍ଷ; ଏଥିର ପ୍ରଥମ ୩ଶତ ବର୍ଷ ସନ୍ଧ୍ୟା ଓ ଶେଷ ୩ଶତ ବର୍ଷ ସନ୍ଧ୍ୟାଂଶ; ଦ୍ୱାପର ଯୁଗର କାଳ ୨ ହଜାର ବର୍ଷ; ତହିଁର ପ୍ରଥମ ୨୦୦ ବର୍ଷ ସନ୍ଧ୍ୟା ଓ ଶେଷ ୨୦୦ ବର୍ଷ ସନ୍ଧ୍ୟାଂଶ; କଳିଯୁଗର କାଳ ୧ ହଜାର ବର୍ଷ; ତହିଁରୁ

Digitized by srujanika@gmail.com

ପ୍ରଥମ ୧୦୦ ବର୍ଷ ସନ୍ଧ୍ୟା ଓ ଶେଷ ୧୦୦ ବର୍ଷ ସନ୍ଧ୍ୟାଂଶ ବୃଗ୍ଦୋଷ; ମନୁ ୧।୬୯—୭୦ ।]

ସନ୍ଧ୍ୟା ଢଇବା—ଦେ· କି—୧ । ହିଁ ସନ୍ଧ୍ୟାରେ ଅନୁଷ୍ଠେୟ ଉପାସନା କରିବା—1. To perform the rituals enjoined for the dawn and noon and evening. ୨ । ସନ୍ଧ୍ୟା ବୁଡାଇବା; ଦୈନଂଦିନ କାର୍ଯ୍ୟକୁ ସନ୍ଧ୍ୟା ସମୟ ପର୍ଯ୍ୟନ୍ତ ବିଳମ୍ବ କରିବା—2. To delay a work till nightfall.

Sandhyā karibā **संध्या करना**

ସନ୍ଧ୍ୟା କାଳ—ସ. ବ—୧ । ସାଞ୍ଜଂକାଳ; ଦିବାବସାନ—1. Evening. ୨ । ସନ୍ଧ୍ୟାଭ୍ୟୁକ କରିବାର ସମୟ; ତିନିସନ୍ଧ୍ୟା—2. The three periods of the day in which daily worship is enjoined to be performed.

Sandhyā kāla **संध्या काल**

ସନ୍ଧ୍ୟାକାଳୀନ—ସ. ବଣ (ସନ୍ଧ୍ୟାକାଳ+ଉବାର୍ଥେ ଇନ୍)—ସନ୍ଧ୍ୟା କାଳରେ ଘଟିବା—Happening in the evening.

Sandhyākālīna **संध्याकालीन**

ସନ୍ଧ୍ୟା କୃତ୍ୟ—ସ. ବ—ସନ୍ଧ୍ୟାଭ୍ୟୁକ (ଦେଖ)

Sandhyā kṛutya Sandhyābhnika. (See)

ସନ୍ଧ୍ୟାଗମ—ସ. ବ (ଗମ୍+ଘଞ୍)—ସନ୍ଧ୍ୟାର ପୂର୍ବବର୍ତ୍ତୀ କାଳ; ସୂର୍ଯ୍ୟାସ୍ତର ପୂର୍ବବର୍ତ୍ତୀ ସମୟ—The time just before sunset.

Sandhyāgama **संध्यागम**

ସନ୍ଧ୍ୟା ଗାୟତ୍ରୀ—ସ.ବ—ତିସନ୍ଧ୍ୟାରେ ଉପାସ୍ୟ ଦେବତାତ୍ରୟ (ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ)—The three Deities worshipped respectively during morning, noon and evening in the course of the daily Sandhyā.

Sandhyā gāyatrī **संध्या गायत्री**

ସନ୍ଧ୍ୟା ଘଣ୍ଟ(ଣ୍ଟା)—ଦେ. ବ—ସନ୍ଧ୍ୟାବେଳେ ଦେବମନ୍ଦିରରେ ଅରତି ହେବା ସମୟରେ ବଜାଯିବା ସନ୍ଧ୍ୟା ଘଣ୍ଟା—Gongs sounded in temples during the evening service.

Sandhyā ghaṇṭa(ṇṭā) **सन्धयाघंण्टा**

ସନ୍ଧ୍ୟାଚଳ—ସଂ. ବ—ପୁରାଣୋକ୍ତ ପର୍ବତ ବିଶେଷ—Name of a mythological mountain. [ଦ୍ର—କାଳିକା ପୁରାଣର ୫୦ ଓ ୮୧ ଅଧ୍ୟାୟରେ ଏହି ପର୍ବତର ଓ ଏହି ପର୍ବତରୁ ନିର୍ଗତ କାନ୍ତା ବା ସନ୍ଧ୍ୟାନାମ୍ନୀ ନଦୀର ବିଷୟ ଲିଖିତ ଅଛି । ବଶିଷ୍ଠ ଏହିଠାରେ 'ସନ୍ଧ୍ୟା' କରିଥିଲେ ବୋଲ ଏଥିର ଏପରି ନାମ ହୋଇଅଛି । ଏହି ପର୍ବତ 'କାମରୂପ' (ଅସାମ) ଦେଶରେ ଥିବାର ଉଲ୍ଲେଖ ଅଛି । ଏହି ପର୍ବତରୁ ବାହାରିଥିବା 'ସନ୍ଧ୍ୟା' ନଦୀରେ ସ୍ନାନ କଲେ ମନୁଷ୍ୟ ଚତୁର୍ଯୁଗ ଓ ଜାତ୍ରେଗ ଦ୍ରୁତ ।]

Sandhyāchala **संध्याचल**

ସନ୍ଧ୍ୟା ଦର୍ଶନ—ଦେ. ବ·—ଅଷାଢ଼ ଶୁକ୍ଳା ନବମୀ ଦିନ ସନ୍ଧ୍ୟାବେଳେ ଗୁଣ୍ଡିଚ ଘରେ ଜଗନ୍ନାଥ ମହାପ୍ରଭୁଙ୍କ

Sandhyā darśana **संध्या दरशन**

ସଂଧ୍ୟା ଦର୍ଶନ ଦର୍ଶନ—Paying visit to Lord Jagannāth in the Gundichāghara in the evening of the ninth day of the bright lunar fortnight of Āsārdha. [ଦ୍ର—ସନ୍ଧ୍ୟା ଦର୍ଶନର ଅନ୍ୟ ନାମ ନବମୀ ଦର୍ଶନ ।]

ସନ୍ଧ୍ୟା ଦୀପ—ସ. ବ·—(ମ.ବ·ଲୋ; ସନ୍ଧ୍ୟାକାଳରେ ପ୍ରଜ୍ୱାଳିତ ଦୀପ)—ସନ୍ଧ୍ୟାକାଳରେ ଗୃହରେ ବା ଦେବମନ୍ଦିରରେ ପ୍ରଜ୍ୱାଳିତ ପ୍ରଦୀପ—Lamp lighted in a house or temple at nightfall.

Sandhyā dīpa **संध्या दीपक**

ସନ୍ଧ୍ୟା ଦେବା—ଦେ· କି—ସନ୍ଧ୍ୟାବେଳେ ଘରେ ବା ଦେବମନ୍ଦିରରେ ବା ତୁଳସୀତରୁତ୍ୱ ମୂଳେ ଆଲୋକ ଜାଳିବା ସଂଧ୍ୟା ଦେଓୟା—To light a lamp or wick in the house or temple or near the holy Basil plant in the evening.

Sandhyā debā **संध्या देना, सांझ देना**

ସନ୍ଧ୍ୟା ଧୂପ—ଦେ· ବ.—ସଞ୍ଜ ଧୂପ (ଦେଖ)—ସଂଧ୍ୟା ଧୂପ

Sandhyā dhūpa Sañja dhūpa (See) **सांझधूप**

ସନ୍ଧ୍ୟାନାଟୀ—ସଂ ବ.—(ସନ୍ଧ୍ୟା+ନଟଧାତୁ+କୀ ଇନ୍; ୧ସା. ୧ବ.) ଶିବ; ମହାଦେବ (ବୃଗ୍ଦୋଷ)—Śiba.

Sandhyā nāṭī **शिव**

ସନ୍ଧ୍ୟା ପହର—ଦେ. ବ.—(ସଂ. ସନ୍ଧ୍ୟା+ପ୍ରହର)—ସାଞ୍ଜଂକାଳର ପ୍ରଥମ ପ୍ରହର; ରାତ୍ରିର ପ୍ରଥମପ୍ରହର—ସଂଧ୍ୟା ପ୍ରହର The first watch (3hours) of the night.

Sandhyā pahara **संध्या पहर**

ସନ୍ଧ୍ୟା ପୁଷ୍ପୀ—ଦ·ବ.—(ସନ୍ଧ୍ୟା+ପୁଷ୍ପ+ଈ)—ଜାଉ; ଜାଇଫୁଲ (ବୃକ୍ଷ ବିଶେଷ)—A kind of single-petalled jasmine; Jasminum Grandiflorum.

Sandhyā pushpī

ସନ୍ଧ୍ୟା ବତ୍ତା(ବଲିତା)—ଦେ. ବ.—(ସଂ. ସନ୍ଧ୍ୟା+ବର୍ତ୍ତୀ)—ସନ୍ଧ୍ୟା ବେଳେ ଗୃହରେ ବା ଦେବମନ୍ଦିରରେ ଜଳାଯିବା ବର୍ତ୍ତିକା—Wick lighted in the house or before a Deity in the evening.

Sandhyā bati (balitā) **संध्यावती, सांझवती**

ସନ୍ଧ୍ୟା ବନ୍ଦନ(ନା)—ସ. ବ.—ତିସନ୍ଧ୍ୟାରେ ଅନୁଷ୍ଠେୟ ଉପାସନାଦି—Worship or ritual enjoined to be daily performed during morn, noon and evening.

Sandhyā bandana(nā)

ସନ୍ଧ୍ୟା ବଲ—ସଂ ବ.—(ବହୁବ୍ରୀହି; ସନ୍ଧ୍ୟା=ସାଞ୍ଜଂକାଳ ଅର୍ଥେ ବଲ=ଶକ୍ତ ଯାହାର)—ରାକ୍ଷସ; ନିଶାଚର (ନିକାଶ ଶେଷ)—Demon.

Sandhyā bala

ସନ୍ଧ୍ୟା ବଳି—ସଂ ବ.—ଶିବାଳୟସ୍ଥ ପାଷାଣମୃତ୍ତିକାକାଷ୍ଠାଦି ନିର୍ମିତ ବୃଷ-ପ୍ରତିମା (ବାରବଳ)—The image of a bull (made of stone, earth or wood) kept in the temple of Śiba.

Sandhyā bali

(ସନ୍ଧ୍ୟାବାଳ—ଅନ୍ୟରୂପ)

Digitized by srujanika@gmail.com

ସନ୍ଧ୍ୟା ବୁଡ଼—ଦେ. ବ.—ସନ୍ଧ୍ୟାବେଳ (ଦେଖ)
Sandhyā burḍa Sandhyā beḷa (See)
ସଂଧ୍ୟାବେଳା **सन्ध्या**

ସନ୍ଧ୍ୟା ବୁଡ଼ିବା—ଦେ. ବ.—ସୂର୍ଯ୍ୟାସ୍ତ ସମୟରେ ଅନ୍ଧକାର ହୋଇବା—It
Sandhyā burḍibā being sunset; nightfall; the
ସଂଧ୍ୟା ହଏଯାଓୟା **संध्या होजाना** sun being set and the earth being enveloped with darkness.

ସନ୍ଧ୍ୟା ବେଳ—ଦେ. ବ.—(ସ. ସନ୍ଧ୍ୟା+ବେଳା)—ସନ୍ଧ୍ୟା ସମୟ;
Sandhyā beḷa ସୂର୍ଯ୍ୟାସ୍ତର ପରବର୍ତ୍ତୀ କାଳ—Eventide;
ସଂଧ୍ୟା ବେଳା **संध्या समय** evening; dusk.
(ସନ୍ଧ୍ୟାବେଳା—ସ. ରୂପ)

ସନ୍ଧ୍ୟାଭ୍ର—ସ. ବ—୧ । (ସନ୍ଧ୍ୟା କାଳରେ ଅଭ୍ର ପର ଦେଖାଯିବା;
Sandhyābhra ବହୁବ୍ରୀ; ସନ୍ଧ୍ୟା+ଅଭ୍ର) —ସୁବର୍ଣ୍ଣ ଗୈରିକ (ସ୍ୱର୍ଣ୍ଣ ଜର୍ଦ୍ଦା)—1. A sort of golden ochre.
୨ । (ଷଷ୍ଠୀ ତତ୍ପୁ) ସନ୍ଧ୍ୟାକାଳୀନ ମେଘ (ରଣ୍ଟକୋଷ)—
2. Evening cloud.

ସନ୍ଧ୍ୟାଭ୍ରମ—ସଂ. ବ.— ମେଘ ଘୋଟାଇବା ଯୋଗୁଁ ସନ୍ଧ୍ୟା ନ ହେଇଣୁ
Sandhyā bhrama ସନ୍ଧ୍ୟା ହେଲ ବୋଲ ମନରେ ଭାବିବା
ଭ୍ରମ—Mistaking daytime for evening owing to cloudy weather.

ସନ୍ଧ୍ୟାମଣି—ଦେ. ବ.—କୃଷ୍ଣକେଳି ଫୁଲ; ରକ୍ତ ବର୍ଣ୍ଣ ପୁଷ୍ପ ବିଶେଷ;
Sandhyā maṇi ରଙ୍ଗଣୀ ଫୁଲ—A sort of red flower
सन्ध्याफुल, कृष्णकलि Mirabiles Jalapa; marvel of
ସଂଧ୍ୟାମଣି, କୃଷ୍ଣକ(କେ)ଳି Peru. [ଦ୍ର—ଏହି ଫୁଲର ଅରବୀ ନାମ ଗୁଲ୍-ଇ-ଆବାସି । ଧଳା, ନାଲି ଓ ଦୁଲଦୁଅ ଭେଦରେ ଏହା ୩ ପ୍ରକାର; ଏହା ସନ୍ଧ୍ୟାବେଳେ ଫୁଟେ ।]

ସନ୍ଧ୍ୟାମୁଖ—ସ. ବ. (ଷଷ୍ଠୀ ତତ୍) —ସନ୍ଧ୍ୟାର ଆରମ୍ଭ ବେଳା —
Sandhyā mukha The beginning of the evening

ସନ୍ଧ୍ୟାମୁହାଁ—ଦେ. ବଣ (ସ.ସନ୍ଧ୍ୟା+ମୁଖ) —ସନ୍ଧ୍ୟା ବା ସାୟଂକାଳରେ
Sandhyā muhāṅ ଅସି ପହଞ୍ଚିବା (ବ୍ୟକ୍ତ)—Reaching
ସଂଧ୍ୟାମୁଖୋ a place at night fall. [ଉ—ମୁଁ ସନ୍ଧ୍ୟାମୁହାଁ **सांझमें आने** ହୋଇ ଭଡ଼ଭରେ ପହଞ୍ଚି ଗଲି ।]

ସନ୍ଧ୍ୟାର(ରା)ତ୍ରିକ—ସ ବ.—(ସ.ଷ.ତତ୍ପୁ)-ସନ୍ଧ୍ୟାକାଳୀନ ଅଳତ; ଦେବ-
Sandhyāra(rā)trika ମନ୍ଦିରଦରେ ପ୍ରାତଃ ସନ୍ଧ୍ୟା ଓ ସାୟଂ ସନ୍ଧ୍ୟାରେ କରିଯିବା ଆରତିକ—The ceremony of waving of lighted wicks before a Deity in the morning and evening.

ସନ୍ଧ୍ୟା ରାଗ—ସଂ. ବ. ୧ । (ବହୁବ୍ରୀ;ସନ୍ଧ୍ୟା ପର ରାଗ=ରଙ୍ଗ ପାହାର)
Sandhyā rāga ସିନ୍ଦୂର (ସ୍ୱର୍ଣ୍ଣ ଜର୍ଦ୍ଦା)—1. Red lead; vermillion. ୨। ସକାଳେ ପୂବାକାଶରେ ଦୁଇଟି ତିନିଟି ଘଣ୍ଟା ଓ ସନ୍ଧ୍ୟାବେଳେ ପଶ୍ଚିମାକାଶରେ ସୂର୍ଯ୍ୟାସ୍ତ ପରେ ଦେଖାଯିବା ଅରୁଣିମା—2. The red colour in the eastern sky (before sun-rise) and in the western sky (after sun-set).

ସନ୍ଧ୍ୟାରାମ—ସ.ବ. (ବହୁବ୍ରୀ,ତତ୍; ସନ୍ଧ୍ୟା+ରାମ;ସନ୍ଧ୍ୟାରେ ରମଣ ଯାହାଙ୍କର)
Sandhyārāma ପ୍ରଜାପତ୍ତ; ବ୍ରହ୍ମା (ଶବରଡ଼ାବଲୀ)—
Brahmā; the Creator.

ସନ୍ଧ୍ୟା ଶଙ୍ଖ—ଦେ. ବ:—ସନ୍ଧ୍ୟାବେଳେ ଯେଉଁ ଶଙ୍ଖ ବଜାଯାଏ—
Sandhyā śaṅkha Conch-shell sounded
ସନ୍ଧ୍ୟାଶଙ୍ଖ **सन्धाशङ्ख** in the evening.

ସନ୍ଧ୍ୟାଶଙ୍ଖଧ୍ୱନି—ସ. ବ—ସନ୍ଧ୍ୟାକାଳରେ ବଜାଯିବା ଶଙ୍ଖର ଧ୍ୱନି—
Sandhyā śaṅkha dhwani The sound of conchshells sounded in the evening.
[ଦ୍ର—ସନ୍ଧ୍ୟା କାଳରେ ଶଙ୍ଖ ବଜାଇଲେ ଅମଙ୍ଗଳ ନାଶ ହୁଏ । ଯେତେଦୂର ଯଏଁ ଶବ୍ଦ ସେ ଶବ୍ଦ ଶୁଭେ ସେତେଦୂର ପର୍ଯ୍ୟନ୍ତ ଅଞ୍ଚଳରେ ଶୁଭ ହୁଏ ବୋଲ ଶାସ୍ତ୍ରରେ ଅଛି । —ବିଶ୍ୱକୋଷ]

ସନ୍ଧ୍ୟାହ୍ନିକ—ସଂ.ବ. (ସନ୍ଧ୍ୟା+ଅହ୍ନିକ)—ସନ୍ଧ୍ୟାବନ୍ଦନା; ଦିନେ ସନ୍ଧ୍ୟାରେ
Sandyāhnika ଅନୁଷ୍ଠେୟ ଉପାସନାଦି—Rituals and worship done in the morning, noon and evening.

ସନ୍ନ—ସ. ବଣ. ପୁ (ସଦ୍ ଧାତୁ=ଗମନ କରିବା+କ୍ତ ତ)—୧ ।
Sanna ଶୀଣ—1. Thin; wasted; worn out. emaciated. ୨ । ହୀନ; ରହିତ—2. Destitute of; bereft of; devoid of. ୩ । ଅବସନ୍ନ
3. Wearied; fatigued; ୪ । ଗତ—4. Gone. (ସନ୍ନା-ସ୍ତ୍ରୀ) ୫ । ନଷ୍ଟ—5. Lost; exhausted; spoilt. (ସ୍ୱାଦ—ତ) ୬ । ଜଡ଼ ଓ ସ୍ଥାବର—6. Immoveable. ୭ । ଭଗ୍ନୋତ୍ସାହ—7. Dispirited; dejected. ସ. ବ
ପିୟାଳ ବୃକ୍ଷ—Name of a tree; Buchanonia Latifolia

ସନ୍ନକ—ସ. ବଣ. ପୁଂ.—(ସନ୍ନ+ସ୍ୱାର୍ଥେ. କ)— ଖର୍ବ (ଉତ୍ତର)—
Sannaka (ସନ୍ନିକା—ସ୍ତ୍ରୀ) Dwarf.

ସନ୍ନକଦ୍ରୁ—ସ. ବ.=(ସନ୍ନକ=ଖର୍ବ+ଦ୍ରୁ=ବୃକ୍ଷ)—ପିୟାଳ ବୃକ୍ଷ
Sannakadru (ଅମର)—A tree; Buchanonia Latifolia.

ସନ୍ନତ —ସ. ବଣ.—(ସମ୍=ସମ୍ୟକ୍+ନମ୍ ଧାତୁ+କ୍ତ ତ)—୧ ।
Sannata ପ୍ରଣତ—1. Making obeisance; prostrate. ୨ । ଶବ୍ଦିତ; ଧ୍ୱନିତ—2. Sounded; resounded. ୩ । ବଶୀଭୂତ—3. Humbled;
[ଦ୍ର—ନଇଁ ନଇଁପଡ଼ିଥିବା=ସନ୍ନତ; ଅନ୍ୟଦ୍ୱାର ଦୂଅଁ ଯାଇଥିବା=ସନ୍ନମିତ ।]

ସନ୍ନତି—ସ.ବ. ଧାତୁ(ସମ୍=ସମ୍ୟକ୍+ନମ୍ ଧାତୁ=ନଇଁବା+ସ୍ତ୍ରୀ. ତି)
Sannati ୧ । ଅବନତି—1. Bending; prostration; lowliness. ୨ । ପ୍ରଣତି; ପ୍ରଣାମ—2.

Digitized by srujanika@gmail.com

Obeisance; low salutation. ୩ । ନମ୍ରତା; ନମ୍ରତ୍ୱ—3. State of being bent. ୪ । ବିନୟ—4. Humility; humbleness. ୫ । ଧ୍ୱନି—5. Sound; noise. ୬ । ହୋମ ନିମନ୍ତେ—6. A form of offering oblations to fire.

ସନ୍ନଦ୍ଧ—ସ. ବି. ପୁଂ (ସମ୍ =ସମ୍ୟକ୍ +ନହ୍ ଧାତୁ=ବାନ୍ଧିବା+କର୍ମ. ତ)—୧ । ସନ୍ନାହ ବିଶିଷ୍ଟ; ବର୍ମିତ, (ସନ୍ନହ୍ୟ—ସ୍ତ୍ରୀ) ସାଜୁ ପିନ୍ଧିଥିବା; କବଚଧାରୀ; ଲୁପ୍ତସନ୍ନାହ—1. Accoutred; girt with armour, (ସନ୍ନାହ, ସନ୍ନହନ—ବି) ୨ । ସାଜସଜ୍ଜା ସହିତ—2. Equipped with fittings; harnessed. (ସନ୍ନଦ୍ଧବ୍ୟ, ସନ୍ନାହ୍ୟ—ବିଣ) ୩ । ଶସ୍ତ୍ରସଜ୍ଜିତ—3. Armed. ୪ । ପୋଷାକ ପିନ୍ଧିଥିବା—4. Dressed. ୫ । ବ୍ୟୂଢ଼ଭ; ବ୍ୟୂଢ଼ଲକ୍ଷ୍ୟ ଯୁକ୍ତ; ବ୍ୟୂହ—5. Arranged in battle order; arrayed. ୬ । ଶ୍ରେଣୀବଦ୍ଧ—6. Arranged; in row or lines ୭ । ବଦ୍ଧ,ସଂବଦ୍ଧ—7. Well bound; connected, confined. ୮ । ଉତ୍ପନ୍ନ—8. Born; produced. ୯ । ଆତତାୟି ବଧାର୍ଥ ଉଦ୍ୟତ—9. Ready to kill the enemy. ୧୦ । ଯାହାର ବାହୁରେ କବଚ ବା ତେଜିରଅ ବନ୍ଧା ହୋଇଅଛ—10. Wearing an amulet ୧୧ । ମନ୍ତ୍ରାଦି ସଂଯୁକ୍ତ; ମନ୍ତ୍ରାଦି ରକ୍ଷିତ; ଅଭିମନ୍ତ୍ରିତ—11. Consecrated with mystic formula or charms.

ସନ୍ନ ଭାବ—ସଂ. ବି.—୧ । ଅବସନ୍ନତା—1. Weariness. ୨ । ଭୀରୁତା (ଉଣ୍ଟୋଷ)—2. Cowardice

ସନ୍ନମନ—ସ. ବି. (ସମ୍+ନମ୍ ଧାତୁ=ନଇଁବା+ଭାବ. ଅନ)—ଉଜୁ ନଇଁବା—Bending down; (ସନ୍ନମିତ—ବିଣ) causing to bend low; lowering.

ସନ୍ନୟ—ସ. ବି. (ସମ୍=ସମ୍ୟକ୍+ନୀ ଧାତୁ=ନେବା, ପାଇବା+କର୍ମ ଅ)—୧ । ସମୂହ—1. Multitude; assemblage. ୨ । ପଶ୍ଚାଦ୍ଭାଗସ୍ଥ ସୈନ୍ୟ—2. Rearguard; soldiers placed at the rear of an army.

ସନ୍ନହନ—ଷ.ବି. (ସମ୍=ସମ୍ୟକ୍+ନହ୍ ଧାତୁ=ବାନ୍ଧିବା+ଭାବ. ଅନ) —୧। କର୍ମ ସହଧାନ—1. Putting on an armour. ୨ । ଦେହରେ ଅସ୍ତ୍ର ବାନ୍ଧିବା;ଅସ୍ତ୍ର କବନ—2. Putting on of arms or weapons; arming one's body with weapons. ୩ । ରଣ ସଜ୍ଜା—3. Battle array; preparation for battle. ୪ । ଉଦ୍‌ଯୋଗ—4. Readiness for action; exertion; attempt.

ସନ୍ନା—ଦେ. ବି. (ସ. ସଂଦଂଶ)—ଛୋଟ ସଣ୍ଡାଶୀ; ଚୁମ୍ବା— Sannā ସନ୍ନା; ଚିମଟା Small pincers,

ସନ୍ନାଦ—ସ. ବି—(ସମ୍+ନଦ୍‌ଧାତୁ+ଭାବ ଅ)—ଭୟଙ୍କର ଶବ୍ଦ Sannāda (ଉଣ୍ଟୋଷ)—Fierce sound. (ସନ୍ନାଦିତ—ବିଣ)

ସନ୍ନାମ—ସଂ. ବି. ୧ । (ସମ୍+ନମ୍ ଧାତୁ+ଭାବ ଅ)—ନମ୍ରତା Sannāma (ଉଣ୍ଟୋଷ)·1. The state of being bent. ୨ । (ସତ୍+ନାମ)—ଉତ୍ତମ ନାମ—2. A good name

ସନ୍ନାମା—ସଂ.ବିଣ (ସତ୍+ନାମନ୍; ବହୁବ୍ରୀ.ସ; ସନ୍ନାମନ୍; ୧ସା.୧ବ) Sannāmā ଉତ୍ତମ ନାମ ଯୁକ୍ତ—Having or bearing a good name.

ସନ୍ନାହ—ସଂ. ବି. (ସମ୍+ନହ୍ ଧାତୁ=ବାନ୍ଧିବା+କରଣ ବା କର୍ମ.ଅ) Sannāha —୧। କବଚ;ସାଜୁ; ବର୍ମ; ଚନ୍ଦ୍ରହ—1. Armour; coat of mail. ୨ । ପୋଷାକ; ପରିଚ୍ଛଦ—2. Dress. ୩ । ସାଜସଜ୍ଜା—3. Equipment; trappings. ୪। (+ଭାବ.ଅ) ଉଦ୍‌ଯୋଗ—4. Readiness for action.

ସନ୍ନାହ୍ୟ—ସଂ. ବିଣ. (ସନ୍ନାହ+ଯୋଗ୍ୟାର୍ଥେ ଯ)—୧ । ସନ୍ନଦ୍ଧ ହେବାର ଯୋଗ୍ୟ—1. Fit to be armed or equipped. ୨ । ବର୍ମିତ—2. Armed; accoutred. ସଂ. ବି—ଯୁଦ୍ଧରେ ବ୍ୟବହୃତ ହେବାର ଉପଯୁକ୍ତ ହସ୍ତୀ; ସମ୍ୟଗ୍‌ରୂପେ ଗଜ—An elephant fit for being employed in war

ସନ୍ନିକଟ—ସଂ.ବିଣ. (ସମ୍=ସମ୍ୟକ୍+ନିକଟ)—୧ । ଅତି ନିକଟ— Sannikaṭa 1. Very near. ୨ । ଲଗାଲଗି—2. Adjacent; adjoining each other ୩ । ଆସନ୍ନ—3 Impending.

ସନ୍ନିକର୍ଷ—ସଂ. ବି -(ସମ୍+ନି+କୃଷ୍ ଧାତୁ=ଅକର୍ଷଣ କରିବା+ଭାବ. ଅ)—୧ । ସାନ୍ନିଧ୍ୟ; ନୈକଟ୍ୟ— Sannikarsha Nearness; proximity; propinquity ୨ । (+କର୍ତ୍ତୃ.ଅ) ଇନ୍ଦ୍ରିୟଗୋଚର ବିଷୟ—2. Matter; anything perceptible by the sense-organs. ୩ । (ନ୍ୟାୟ)ବିଷୟେନ୍ଦ୍ରିୟ ସମ୍ବନ୍ଧ—3. (Logic) The correlation or connection between matter and senses; preception of matter through the sense-organs [ନ୍ୟାୟ ଶାସ୍ତ୍ର ମତରେ ସନ୍ନିକର୍ଷ ବା ବିଷୟେନ୍ଦ୍ରିୟ ସମ୍ବନ୍ଧ ଦ୍ୱିବିଧ; ଯଥା—୧। ଲୌକିକ ସନ୍ନିକର୍ଷ, ୨ । ଅଲୌକିକ ସନ୍ନିକର୍ଷ; (୧) ଲୌକିକ ସନ୍ନିକର୍ଷ ୬ ପ୍ରକାରର—(କ) ଇନ୍ଦ୍ରିୟ ସଯୋଗ, (ଖ) ଇନ୍ଦ୍ରିୟ ସଂଯୋଗ ସମବାୟ, (ଗ) ଇନ୍ଦ୍ରିୟ ସଂଯୁକ୍ତ ସମବେତ ସମବାୟ, (ଘ) ଶ୍ରୋତ୍ରାଦି ସମବାୟ, (ଙ) ଶ୍ରୋତ୍ରାଦି ସମବେତ ସମବାୟ, (ଚ) ତଦାଦି ବିଶେଷଣତା । (୨) ଅଲୌକିକ ସନ୍ନିକର୍ଷ ତିନିବିଧ—(କ) ସାମାନ୍ୟ ଲକ୍ଷଣା, (ଖ) ଜ୍ଞାନ ଲକ୍ଷଣା, (ଗ) ଯୋଗଜ ।] ୪(ନ୍ୟାୟ ଦର୍ଶନ)

Digitized by srujanika@gmail.com

ସାମାନ୍ୟ ଲକ୍ଷଣା, ଜ୍ଞାନ ଲକ୍ଷଣା ଓ ଯୋଗଜ, ଏହି ତିନିବିଧ ଅଲୌକିକ ପ୍ରତ୍ୟକ୍ଷ ସାଧନ ଇନ୍ଦ୍ରିୟ—3. (Logic) The three supernatural methods of perceiving objects.

ସନ୍ନିକର୍ଷଣ—ସଂ. ବି (ସମ୍ + କ + କୃଷ୍ ଧାତୁ + ଭାବ. ଅନ)—Sannikarshaṇa ୧ । ସନ୍ନିଧାନ—1. Nearness; vicinity. ୨ । ସମ୍ବନ୍ଧ—2. Relation.

ସନ୍ନିକୃଷ୍ଟ—ସ. ବିଣ (ସମ୍ + କ + କୃଷ୍ ଧାତୁ + କର୍ମ, ତ)—Sannikṛushṭa ସନ୍ନିହିତ; ଅତିଶୟ ନିକଟବର୍ତ୍ତୀ—Very near; adjoining; proximate.

ସନ୍ନିଗ୍ରହ—ସ. ବ (ସମ୍ + ନିଗ୍ରହ)—ଗୁରୁ ଦଣ୍ଡ ଦାନ—Sannigraha Severe punishment (ସନ୍ନିବୃତ୍ତ—ବିଣ)

ସନ୍ନିଧ—ସ. ବ (ସମ୍ + ନି + ଧା ଧାତୁ + ଭାବ. ଅ)—ସନ୍ନିଧାନ (ଦେଖ)—Sannidha (See) Sannidhāna (See) [ଉ—ଏକାତ୍ମ ସନ୍ନିଧରେ ସେ ସ୍ଥାନ ସେ ଅଟଇ । ପ୍ରାର୍ଥୀ. ଗୁରୁଭକ୍ତ. ଗୀତା ।]

ସନ୍ନିଧାତା—ସ. ବି ଓ ବିଣ. ପୁଂ (ସମ୍ + ନି ଧାତୁ + କର୍ତ୍ତୃ, ତୃ; ୯ମା. ସନ୍ନିଧାତାଃ ୧ବ)—କର୍ତ୍ତୃ (ମନୁ)—Doer; performer. (ସନ୍ନିଧାତ୍ରୀ—ସ୍ତ୍ରୀ)

ସନ୍ନିଧାନ—ସ. ବ (ସମ୍ + ନି + ଧା. ଧାତୁ = ଧାରଣ କରିବା + ଭାବ. ଅନ)—୧ । ସାମୀପ୍ୟ; ନୈକଟ୍ୟ—1. Nearness. ୨ । ସମାଗମ; ଅବତୀର୍ଣ୍ଣ—2. Arrival; meeting; unfolding; appearance. ୩ । ସ୍ଥିତି—3. Staying; continuance. ୪ । (+ଅଧି. ଅନ) ଇନ୍ଦ୍ରିୟଗୋଚର ବିଷୟ—4. Things perceived by the senses. ୫। (କର୍ମ ଅନ) ଆଶ୍ରୟ—5. Shelter; refuge. ୬ । ଅବସ୍ଥାନ—6. Situation.

ସନ୍ନିଧାପନ—ସଂ. ବ (ସମ୍ + ନି + ଧା. ଧାତୁ, ଣିଚ୍ = ଧାପି. ଧାତୁ ଅନିବା + ଭାବ. ଅନ)—୧ । ସଂସ୍ଥାପନ—Sannidhāpana 1. Act of placing. ୨ । ନିକଟରେ ରଖିବା; କୌଣସି ପଦାର୍ଥକୁ ନିକଟକୁ ଆଣି ଥୋଇବା—2. Act of placing a thing near another.

ସନ୍ନିଧାପନୀ ମୁଦ୍ରା—ସଂ. ବ—ଦେବପୂଜାରେ ବ୍ୟବହୃତ ମୁଦ୍ରା ବା ଅଙ୍ଗୁଳିଚାଳନାବିଶେଷ—Sannidhāpanī mudrā A certain posture of the fingers used in worshipping Deities. [ଦୃ—ବାମ ହସ୍ତର ବୃଦ୍ଧାଙ୍ଗୁଳିକୁ ଡାହାଣ ହାତର ମୁଠାଦ୍ୱାରା ମୁଠାଇ ଧରି ଏହି ମୁଦ୍ରା ଦେଖାଇବାକୁ ହୁଏ ।]

ସନ୍ନିଧି—ସଂ. ବ (ସମ୍ + ନି + ଧା ଧାତୁ + ଭାବ. ଇ)—୧ । ସାମୀପ୍ୟ, ସନ୍ନିଧାନ—Sannidhi 1. Nearness; vicinity; propinquity. ୨ । (ସହ + ନଧୃ, କର୍ମଧା)—ଉତ୍ତମ ରତ୍ନ; ସମ୍ପତ୍ତି; ସଂପଦ—2. Good jem; riches. [ଉ—(୧ ଓ ୨ ଅର୍ଥ) ବେଶ୍ମରେ ଢୋଇଲ, ଯତ୍ନ ଏ ସନ୍ନିଧି, ସନ୍ନିଧି ଗମ୍ଭୀରାବର ଯେ । ଭଞ୍ଜ. ବୈଦେଗ୍ଧୀଶତକଲାପ ।] ୩ । ଅବସ୍ଥାନ; ଅବସ୍ଥିତି—3. Staying; situation. ୪ । ଇନ୍ଦ୍ରିୟଗ୍ରାହ୍ୟ ବିଷୟ—4. A thing perceived by the senses.

ସନ୍ନିଧିକୁ—ଦେ. କ୍ରି. ବିଣ—ନିକଟକୁ; ପାଖକୁ—To. [ଉ—ଏ Sannidhiku ଚତୁର୍ଥାନ୍ତ ସ୍ୱଜାତି ସନ୍ନିଧିକୁ ପ୍ରେରଣ ହେବ ।]

(ସନ୍ନିଧେ, ସନ୍ନିଧିକୁ—ଅଳ୍ପରୂପ) ସନ୍ନିଧିତେ, ସନ୍ନିଧିକେ **समीपमे**

ସନ୍ନିଧେ(ଧେୟ)—ଦେ. କ୍ରି. ବିଣ—ନିକଟରେ—At. [ଉ—ଅପଣା ସନ୍ନିଧେ(ଧେୟ) ସନ୍ନିଧି କରାଇ । ଯଶୋବନ୍ତ. ପ୍ରେମରତ୍ନ (ସନ୍ନିଧି[ଧ]ରେ—ଅଳ୍ପରୂପ) ବ୍ରହ୍ମ ଗୀତା ।] सन्निधिते **समीपमें**

ସନ୍ନିନ(ନା)ଦ—ସଂ ବ (ସମ୍ + ନିନଦ; ନନାଦ)—୧ । ଘୋରଶବ्द—Sannina(nā)da 1. Fierce; sound. ୨ । ଉଚ୍ଚ ଶବ୍ଦ—2. Loud sound.

ସନ୍ନିପତନ—ସଂ. ବ (ସମ୍ + ନିପତନ)—ସନ୍ନିପାତ (ଦେଖ) Sannipatana Sannipāta (See)

ସନ୍ନିପତିତ—ସଂ. ବିଣ (ସମ୍ + ନିପତିତ)—୧। ସମ୍ୟକ୍ ରୂପେ ପତିତ—Sannipatita 1. Fallen completely. ୨ । ଉପସ୍ଥିତ—2. Present. ୩ । ଆଗତ—3. Come; arrived. ୪ । ସମ୍ମିଳିତ; ଏକତ୍ର ମିଳିତ—4. Joined together; meeting together. ୫ । ମିଶ୍ରିତ—5. Mixed together; mixed up. ୬। ଅବତୀର୍ଣ୍ଣ—6. Arrived at; descended; alighted. ୭ । ମୃତ—7. Dead; deceased. ୮ । ଏକୀଭୂତ—8. Unified.

ସନ୍ନିପାତ—ସଂ. ବି. (ସମ୍ + ନି + ପତ୍ ଧାତୁ + ଭାବ ଅ)—୧ । ସମ୍ୟକ୍ ରୂପେ ପତନ—Sannipāta 1. Falling completely. ୨ । ବିନାଶ—2. Ruin; destruction. ୩ । ଅବତରଣ—3. Descent. ୪ । ଉପସ୍ଥିତି—4. Presence; arrival. ୫ । ସମ୍ଭୂୟ; ସମଷ୍ଟି—5. Aggregate; multitude. [ଉ—ଭୂତସନ୍ନିପାତ ମଧ୍ୟରେ ଗୋଟିଏ ମାତ୍ର ଦୋଷ ବଢ଼ିଯାଏ । —ଚାଳଦାସ ଭଗ୍ନଦୂତ]

୬ । ସମ୍ଭୂୟର ମିଳନ—6. The conglomeration of a multitude. ୭ । (+ଅଧ୍ୱରଣ ଅ) ଯୁଦ୍ଧ; ସଙ୍ଗ୍ରାମ—7. War; battle. ୮ । ସନ୍ଧି; ବାତପିତ୍ତକଫର ପ୍ରକୋପଜନିତ ଦ୍ୱିଦୋଷଜ ବିକାର; ଜ୍ୱରରୋଗର ମାରତ୍ମକ ଅବସ୍ଥା—8. State of collapse due to a morbid condition of the three humours of the body; fatal condition of fever. [ଦୃ—ଏକ ସମୟରେ କଫବାତପିତ୍ତର

Digitized by srujanika@gmail.com

ପ୍ରକୋପ ଅଧିକ ହୋଇଗଲେ ରୋଗୀର ଅସନ୍ନମୃତ୍ୟୁ ଅବସ୍ଥା ଘଟେ । ଏହାକୁ ସନ୍ନିପାତ ବା 'ନିସନ୍ନ' ବୋଲିଯାଏ ।

ବୈଦ୍ୟକ ଗ୍ରନ୍ଥ (ଯଥା—ହଂସଗ୍ରଜ ପ୍ରଣୀତ ଜ୍ୱରତନ ଗ୍ରନ୍ଥ) ଅନୁସାରେ ସନ୍ନିପାତ ୧୩ ପ୍ରକାରର । ଯଥା—ସନ୍ଧିଜ, ଅନ୍ତକ, ରୁଗ୍‌ଦାହ, ଚତୁର୍ଥକ୍ରମ, ଶୀତାଙ୍ଗ, ଜିହ୍ୱକ, କଣ୍ଠକୁବ୍ଜ, କର୍ଣ୍ଣିକ, ଭ୍ରୁନେତ୍ର, ରକ୍ତପ୍ଲୀହ, ପ୍ରଳାପକ, ଜିହ୍ୱକ ଓ ଅତନ୍ୟାସ । ସନ୍ଧିଜରେ ୭ ଦିନ, ଅନ୍ତରରେ ୧୦ ଦିନ, ରୁଗ୍‌ଦାହରେ ୨୦ ଦିନ, ଚତୁର୍ଥକ୍ରମରେ ୨୪ ଦିନ, ଶୀତାଙ୍ଗରେ ୧୫ ଦିନ, ଜିହ୍ୱକରେ ୨୫ ଦିନ, କଣ୍ଠକୁବ୍ଜରେ ୧୩ ଦିନ, କର୍ଣ୍ଣିକରେ ୩ ମାସ, ଭ୍ରୁନେତ୍ରରେ ୮ ଦିନ, ରକ୍ତପ୍ଲୀହରେ ୧୦ ଦିନ, ପ୍ରଳାପକରେ ୧୪ଦିନ, ଜିହ୍ୱକରେ ୧୭ଦିନ, ଅତନ୍ୟାସରେ ୧୬ ଦିନ ଥରମାତ୍ର । ଏଥି ମଧ୍ୟରୁ ସନ୍ଧିଜ, ଜିହ୍ୱକ, କର୍ଣ୍ଣିକ, କଣ୍ଠକୁବ୍ଜ, ଜିହ୍ୱକ ଓ ଚତୁର୍ଥକ୍ରମ ଏହି ୬ଟି ସାଧ୍ୟ ଓ ଅନ୍ୟ ୭ଟି ମାରକ ।

'ଭାବପ୍ରକାଶ' ରେ ଏହି ତ୍ରୟୋଦଶ ସନ୍ନିପାତକୁ ଏକୋଲ୍ବଣ, ଦ୍ୱ୍ୟଲ୍ବଣ ଓ ତ୍ର୍ୟଲ୍ବଣ ଏହି ତିନ ଶ୍ରେଣୀରେ ବିଭକ୍ତ କରି ଯାଇଅଛି ।

ଚରକାଦିର ମତରେ ବିଷ୍ଫାରକ, ଅଂଶୁକାମ୍ଳ, କଫଜ, ବାତ, ଶୀତ୍ରକାମ୍ଳ, ଉଷ୍ଣ, ସପ୍ତମ, କୃତ୍ରିମକାଳ, ସଂମୋହକ, ଯାତଳ, ଯାମ୍ୟ, ନିକୁଚ, କର୍କଟକ, ବୈଦାରବାଦଦ— ସନ୍ନିପାତ ଏହି ୧୪ ପ୍ରକାରର ।]

ସନ୍ନିପାତ ଜ୍ୱର—ସଂ. ବ. (ବୈଦ୍ୟକ)—ତ୍ରିଦୋଷଜ ଜ୍ୱର— Sannipāta jwara Typhoid fever; Typhus; (ସନ୍ନିପାତଜ ଜ୍ୱର; ସାନ୍ନିପାତିକଜ୍ୱର—ଅନ୍ୟରୂପ) fever accompanied with collapse. [ଦ୍ର—ଏହାକୁ ଚରକ କଥାରେ 'ଜ୍ୱର ବିକାର' ବା 'ବିକ୍ର' କହନ୍ତି । ଏହି ଜ୍ୱରରେ ସବୁ ସମୟ ଦାହ, ପୂର୍ଣ୍ଣି ପରିସ୍ରାରେ ଶୀତ ଏବଂ ଅସ୍ଥି ଓ ସନ୍ଧିସମୂହରେ ବେଦନା ଅନୁଭବ ହୁଏ; ନେତ୍ରଦ୍ୱୟ ଅଶ୍ରୁପୂର୍ଣ୍ଣ, ଆବଳ, ରକ୍ତାଭ ଓ ବସ୍ତ୍ରାଚ୍ଛାଦିତ ବା ଲୁଚିଳ ହୁଏ; କର୍ଣ୍ଣରନ୍ଧ୍ରରେ ନାନା ପ୍ରକାରର ଶବ୍ଦ ଅନୁଭୂତ ହୁଏ; କଣ୍ଠନାଳ ମଧ୍ୟରେ ଧାନର ଶୁଆଁରେ ଫୋଡ଼ି ଫୋଡ଼ି ଦେଲ ପରି ଜଣାଯାଏ; ଜିହ୍ୱା କୃଷ୍ଣବର୍ଣ୍ଣ, କର୍କଶ ଓ କଣ୍ଟକଯୁକ୍ତ ହୁଏ; ଉଦ୍ଗାର, ମୂର୍ଚ୍ଛା, ପ୍ରଳାପ, ଜାଡ୍ୟ, ଶ୍ୱାସ, ଅରୁଚି, ଭ୍ରମ, ଉଷ୍ମା ଓ ଜଡ଼ାଜାଡ୍ୟ ହୁଏ; ମଳ, ମୂତ୍ର ଓ ଘର୍ମର ରୋଧ ଏବଂ ଅତିସାର ଘଟେ; ମୁଖ, ନାସିକା, କର୍ଣ୍ଣ ଓ କଣ୍ଠ ମଧ୍ୟରେ ଶୁଷ୍କ ହୁଏ ଏବଂ ଦେହରେ ଉରୁଡ଼ି ମାରିବା ପରି ଶୋଥ ଦେଖାଯାଏ । ଏହା ଛଡ଼ା ସନ୍ନିପାତ ଜ୍ୱରର କେତେଗୁଡ଼ିଏ ବିଶେଷ ଲକ୍ଷଣ ଦେଖାଯାଏ । ବକ୍ଷସ୍ଥଳରେ ବେଦନା ଓ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ବୋଧହୁଏ; କଣ୍ଠ ଭିତର ଶୁଖିଯାଏ; ଛଡ଼ ଦରଜ ହୁଏ; କର୍ଣ୍ଣି ମଧ୍ୟରେ ନାନା-ପ୍ରକାର ଶବ୍ଦ ଅନୁଭୂତ ହୁଏ, କଣ୍ଠ ଶୁଷ୍କ (କଠିନ ଶ୍ଲେଷ୍ମ) ଦ୍ୱାରା ଆବୃତ ହେଲ ପରି ଅନୁଭୂତ ହୁଏ; ମୂର୍ଦ୍ଧା ବାଟେ ସମସ୍ତ ସମୟରେ ରକ୍ତ ପଡ଼େ । ଏହାକୁ ଡାକ୍ତରମାନେ 'ନ୍ୟୁମୋନିଆ' (Pneumonia) କହନ୍ତି । ନ୍ୟୁମୋନିଆରେ ହୃଦୟ ମଧ୍ୟସ୍ଥ ଫୁସ୍‌ଫୁସ୍ ଭୁଷ୍ଟିତ ହୋଇ ଯାଇଥାଏ । ସନ୍ନିପାତ ଜ୍ୱର କଷ୍ଟସାଧ୍ୟ । ୭, ୯, ୧୦, ୧୧, ୧୬, ୧୮, ୨୨ ବା ୨୪ ଦିନ ଏ ରୋଗର କାଳ । ଏହାପରେ ରୋଗୀ ଅରୋଗ୍ୟ ଲାଭ କରେ ବା ମୃତ ହୁଏ । କାଷ, ପିତ୍ତ, କଫ ଅତି ପ୍ରକୁପିତ ହୋଇ ଜ୍ଞାନେନ୍ଦ୍ରିୟ ଓ ମନକୁ ବିକୃତ କଲେ ଏହି ଜ୍ୱରକୁ 'ଅତନ୍ୟାସ ଜ୍ୱର' କହନ୍ତି । ଏଥିରେ ରୋଗୀ ଅତିଷ୍ଟ ହୁଏ ଏବଂ ରୋଗୀର ଶ୍ରବଣ, ଦର୍ଶନ, ସ୍ପର୍ଶନ, ସ୍ପନ୍ଦନ ଓ ଘ୍ରାଣଶକ୍ତି ରହିତ ହୁଏ ଏବଂ ରୋଗୀ ଯେତିକୁ ଚଳିପାରେ ନାହିଁ; ସର୍ବଦା ମସ୍ତକ ସଞ୍ଚାଳନ କରି ଅସ୍ଥିର ହୁଏ । ବେଳେବେଳେ ସନ୍ନିପାତ ଜ୍ୱରରେ ଜାନୁମଣ୍ଡା, ବେକ ଓ ଗାଲପାଟି ଫୁଲି ବେଦନା-ଯୁକ୍ତ ହୁଏ । ଏହାକୁ "କୁମୁଣ୍ଟ ସନ୍ନିପାତ" ବୋଲିଯାଏ । ଅତନ୍ୟାସ ଜ୍ୱର ସର୍ବଥା ଅସାଧ୍ୟ ।

ସନ୍ନିପାତ ଜ୍ୱର ସଙ୍ଗେ ଅତିସାର ଘଟିଲେ ତାହାକୁ ସନ୍ନିପାତିକ ଜ୍ୱରାତିସାର ବା Typhoid fever କହନ୍ତି । ସାଧାରଣ ଲୋକେ ଏହାକୁ "ବାଇଶିବନଆ ଜ୍ୱର" କହନ୍ତି ।]

ସନ୍ନିପାତନ—ସଂ.ବ. (ସମ୍ + ନି+ପତ୍ ଧାତୁ+ଭାବ ଅନ)—ସନ୍ନିପାତ Sannipātana (ଦେଖ)—Sannipāta (See)

ସନ୍ନିପାତ ମନୁ(ରୋଗୀ)—ଦେ.ବ.—ସନ୍ନିପାତ ଦ୍ୱାରା ଅକ୍ରାନ୍ତ ରୋଗୀ— Sannipāta malu(rogī) A patient in a state of collapse. **ସନ୍ନିପାତରୋଗୀ**

ସନ୍ନିପାତୀ—ଫ. ବଃ. ପୁଂ (ସନ୍ନିପାତ+ଇନ୍; ୧ମା ୧ବ)—ସନ୍ନିପାତ Sannipāti ରୋଗଗ୍ରସ୍ତ—Suffering from pneumonia. (ସନ୍ନିପାତଗ୍ର—ସ୍ତ୍ରୀ)

ସନ୍ନିବଦ୍ଧ—ସଂ. ବିଣ. (ସମ୍ + ନି + ବନ୍ଧ୍ ଧାତୁ + କର୍ମ. ତ)—୧ । Sannibaddha ଦୃଢ଼ ଭାବରେ ବଦ୍ଧ; ସମ୍ୟକ୍ ବନ୍ଧନପ୍ରାପ୍ତ— Securely or very tightly bound. ୨ । ଗ୍ରଥିତ—2. Strung together. ୩ । ଘନ-ଭାବରେ ଶ୍ରେଣୀବଦ୍ଧ—3. Arranged in thick set rows; thickly set.

ସନ୍ନିବନ୍ଧ—ସଂ. ବ. (ସମ୍ + ନି + ବନ୍ଧ୍ ଧାତୁ = ଏକାଠି ବାନ୍ଧିବା + ଭାବ. ଅ)—୧ । ସନ୍ନିବେଶ—1. Arrangemnet; setting. ୨ । ଦୃଢ଼ ବନ୍ଧନ—2. Tight binding. ୩ । ଗୁନ୍ଥନ; ଗୁନ୍ଥା—3. Stringing up. ୪ । ପ୍ରବନ୍ଧ ରଚନା—4. Composition of an essay.

ସନ୍ନିବନ୍ଧନ—ସଂ. କ୍ଲ. (ସମ୍ + ନି + ବନ୍ଧ୍ ଧାତୁ + ଭାବ. ଅନ) ୧ । Sannibandhana ସଙ୍କଳନ—1. Compilation ୨ । ଗ୍ରଥନ—2. Stringing. ୩ । ଦୃଢ଼ ବନ୍ଧନ—3. Tight binding. ୪ । ରଚନା—4. Composi-

Digitized by srujanika@gmail.com

tion. ୫ । ଶୃଙ୍ଖଳା; ବନ୍ୟାସ; ସୁଶୃଙ୍ଖଳ ବନ୍ୟାସ- 5. Orderly arrangement. ସ. ବଣ.—(ବହୁ-ଗ୍ରନ୍ଥ; ସତ୍=ଉତ୍ତମ ଦୋଇଅଛ ଜବଜନ ଯାହାଙ୍କ) ୧ । ଉତ୍ତମ ରୂପ୍ୟ ଗ୍ରନ୍ଥପୂର୍ଣ୍ଣ—1. Excellently or profusely annotated. ୨ । ଉତ୍ତମ ପ୍ରୀତିଦାନ-ଯୁକ୍ତ—2. Very pleasing.

ସନ୍ନିବପନ—ସଂ. ବ.—(ସମ୍ + ନବପନ)—ଉତ୍ତମରୂପେ ବୁଣିବା— Sannibapana Sowing well. (ସନ୍ନିବାପ—ଅନ୍ୟରୂପ)

ସନ୍ନିବାପ୍—ସ. ବ.—୧ । ସମୁଦାୟ—1. Whole. ୨ । ସମଷ୍ଟି— Sannibāya (ଜଣ୍ଟଦୋଷ)—2. Collection; multitude.

ସନ୍ନିବିଷ୍ଟ—ସଂ ବଣ. (ସମ୍ + ନ. + ବଶ୍ ଧାତୁ=ପ୍ରବେଶ କରିବା + Sannibishṭa କର୍ତ୍ତରି. ତ) ୧ । ଉପବିଷ୍ଟ; ଗୁପ୍ତଭାସନ— 1. Seated. ୨ । ସମ୍ମୁଖରେ ଉପସ୍ଥିତ—2. Appearing before. ୩ । ନିକଟସ୍ଥ; ସମୀପ— 3. Contiguous; adjoining. ୪ । ସମ୍ବନ୍ଧୀୟ— (ସନ୍ନିବେଶ—ବ) 4. Relating to; pertaining to.

ସନ୍ନିବୃତ୍ତ—ଦଂ. ବଣ. (ସମ୍ + ନ + ବୃତ୍ ଧାତୁ=ନିବୃତ୍ତ ହେବା + Sannibṛutta କର୍ତ୍ତରି. ତ) ୧ । ବିରତ—1. Ceased. ୨ । ନିବୃତ୍ତ—2. Desisted; stopped. ୩ । ଅପଗତ— (ସନ୍ନିବୃତ୍, ସନ୍ନିବର୍ତ୍ତିନ—ବ) 3. Departed. ୪। ପ୍ରତ୍ୟାଗତ— 4. Returned.

ସନ୍ନିବୃତ୍ତି—ସ. ବ. (ସମ୍ + ନ + ବୃତ୍ ଧାତୁ=ନିବୃତ୍ତ ହେବା + Sannibṛutti ଭାବ. ତ)—୧ । ବିରତି—1. Cessation. ୨ । ନିବୃତ୍ତି—2. Stoppage; relinquishment. ୩ । ଅପଗମ—3. Departure. ୪ । ପ୍ରତ୍ୟାଗମନ— 4. Returning.

ସନ୍ନିବେଶ—ସ. ବ. (ସମ୍ + ନ + ବିଶ୍ ଧାତୁ=ପ୍ରବେଶ କରିବା + Sannibesa ଅଧିକରଣ ଅ)—୧। ଆଶ୍ରମ—1. Hermitage; a retreat. ୨ । ସ୍ଥାନ—2. Place; position. ୩ । ନୈକଟ୍ୟ—3. Nearness; propinquity. ୪ । ନଗରାଦର ବହିଃସ୍ଥ ବିହାର ସ୍ଥାନ—4. A park or place of diversion or recreation outside a city. ୫ । ନଗରର ବହିଃସ୍ଥ ପ୍ରଦେଶ— (ବିନ୍ନିବିଷ୍ଟ, ସନ୍ନିବେଶିତ—ବିଣ,) 5. Place outside a town; precincts of a town. ୬। (ସମ୍ + ନ + ବିଶ୍ ଧାତୁ + ଣିଚ + ଭାବ ଅ) ଭିତରକୁ ପ୍ରବେଶ କରାଇବା— 6. Act of thrusting inside. ୭ । (ସମ୍ + ନ + ବିଶ ଧାତୁ + ଭାବ ଅ) ସମଷ୍ଟି—7. Total; aggegrate. ୮ । ସ୍ଥିତି—8. Continuance; permanence; staying. ୯ । ବନ୍ୟାସ— 9. Orderly arrangement. ୧୦ । ସ୍ଥାପନ— 10 Establishment; placing. ୧୧ । ସଂଯୋଗ; ମିଳନ—11. Union; close contact; (ସନ୍ନିବେଶନ-ଅନ୍ୟରୂପ) ୧୨ । ରଚନା—12. "Composing- ୧୩ । ବସାଇବା—13. Placing; setting up-

ସନ୍ନିଭ—ସଂ. ବଣ. (ସମ୍ + ନଭ୍=ଭୁଲ୍ୟ ବା ସମ + ନ + ଭା ଧାତୁ Sannibha —ପାଇଁ ଯାଇବା + କର୍ତ୍ତରି. ଅ)—ତୁଲ୍ୟ; ସଦୃଶ— Like; similar.

ସନ୍ନିରୁଦ୍ଧ—ସଂ ବ (ସମ୍ + ନ + ରୁଧ ଧାତୁ + କର୍ମ. ତ)— Sanniruddha ଉତ୍ତମ ରୂପେ ନିରୁଦ୍ଧ— (ସନ୍ନିରୋତ୍ତବ୍ୟ, ସନ୍ନିରୋଧଗାୟ—ଅନ୍ୟ ବିଣ ଆକାର) Well (ସନ୍ନିରୋଧ, ସନ୍ନିରୋଧନ—ବ) obstructed or confined.

ସନ୍ନିରୁଦ୍ଧ ଗୁଦ—ସଂ. ବ (ବହୁବ୍ରୀହି)—ଦାରୁଣ କୋଷ୍ଠକାଠିନ୍ୟ ରୋଗ- Sanniruddha guda ବିଶେଷ—A kind of very painful constipation. [ତୁ—ମଳବେଗ ଧାରଣ ଦ୍ୱାରା କୁପିତ ଅପାନ ବାୟୁ ମଳବାହୀ ସ୍ରୋତକୁ ସଙ୍କୁଚିତ କରି ବୃହତ୍ ଦ୍ୱାରକୁ ସ୍ତମ୍ଭିତ କରେ । ଏଥିଯୋଇଁ ଅଳ୍ପ କଠିନ ଓ ଅଳ୍ପଳା ସଦୃଶରେ ମଳନିର୍ଗମ ହୁଏ । ଏଥିର ନିବୃତ୍ତିକରଣାର୍ଥ ବାହ୍ୟ ସ୍ନେହିଳ ଦ୍ରବ୍ୟ ପରସେକ ଓ ଘୃତ ସ୍ନେହାଦି ମିଶ୍ରିତ ଲୌହ ନଳ ଗୁହ୍ୟରେ ପୁରାଇ ମଳ ନିଃସାରଣ କରାଯାଏ— ବୃଣ୍ଟଦୋଷ ।]

ସନ୍ନିହିତ—ସ. ବିଣ (ସମ୍=ସମ୍ୟକ୍ + ନ + ଧା ଧାତୁ + କର୍ମ. ତ)— Sannihita ୧ । ସନ୍ନିକର୍ଷଯୁକ୍ତ, ସଂଲଗ୍ନ—1. Placed; (ସନ୍ନିଧାନ, ସନ୍ନିଧି—ବ) set up; ୨ । ସମୀପସ୍ଥ; ନିକଟବର୍ତ୍ତୀ— 2. Adjoining; neighbouring. ୩ । ଦୃଢ଼ ରୂପେ ସ୍ଥାପିତ—3. Firmly set. ସଂ. ବ— (+ଭାବ. ତ) ସନ୍ନିଧାନ—Nearness.

ସନ୍ନ୍ୟ(ନ୍ୟ)—ଗ୍ରା. ବ (ସଂ. ସୈନ୍ୟ)—ସୈନ୍ୟ (ଦେଶ)—Sainya Sannya(nya) (See) [ତୁ—ଗ୍ରାମରେ ପଶି, ସନ୍ୟଙ୍କୁ ନାଶି, ସୈନ୍ୟ **सैन्य** ସନ୍ତୁଷ୍ୟ ମାରଇ, ବଡ଼ ବରସି । ପ୍ରଭାସ. ଶଶିଶେଖା ।]

ସନ୍ନ୍ୟସ୍ତ—ସଂ. ବଣ (ସମ୍ + ନ + ଅସ୍ ଧାତୁ=ତ୍ୟାଗ କରିବା + Sannyasta କର୍ମ. ତ)—୧ । ଗଚ୍ଛିତ; ସଂରକ୍ଷିତ— ସନ୍ନ୍ୟାସ } ବ 1. Deposited; kept for safe ସନ୍ନ୍ୟସନ } custody. ୨ । ସମର୍ପିତ—2. Entrusted; made over. ୩ । କ୍ଷିପ୍ତ—3. Thrown into. ୪ । ତ୍ୟକ୍ତ—4. Relinquished; renunciated.

ସନ୍ନ୍ୟାସ—ସଂ. ବ (ସମ୍ + ନ + ଅସ୍ ଧାତୁ=ତ୍ୟାଗ କରିବା + Sannyāsa ଭାବ. ଅ)—୧ । ସଂସାର ବାସନା ତ୍ୟାଗ; ଋଣ ଧର୍ମ—1. Renunciation of worldly desires and pursuits; religious mendicancy. [ତୁ—ଭଗବାନଙ୍କଠାରେ ସମସ୍ତ କର୍ମର ନ୍ୟାସ ବା (ସନ୍ନ୍ୟସ୍ତ, ସନ୍ନ୍ୟାସୀ—ବିଣ) ସମର୍ପଣକୁ 'ସନ୍ନ୍ୟାସ' କୋଇଥାଏ ।] ୨ । ବିସ୍ତାର କର୍ମ; କାମ୍ୟ କର୍ମ ସଙ୍କଳ୍ପତ୍ୟାଗ—2. Renunciation of acts done with a definite aim. [ତୁ—ସଙ୍କଳ୍ପ କର୍ମଫଳତ୍ୟାଗକୁ ସନ୍ନ୍ୟାସ

Digitized by srujanika@gmail.com

ବୋଲଯାଏ । କାମ୍ୟକର୍ମ ପରିତ୍ୟାଗର ନାମ ସନ୍ନ୍ୟାସ; ସମସ୍ତ କର୍ମ ଫଳର ତ୍ୟାଗର ନାମ ତ୍ୟାଗ (ଗୀତା—୧୮।୨) । ସ୍ୱର୍ଗାଦି ଫଳଲାଭାର୍ଥ କାମନା ପୂର୍ବକ ଯେଉଁ କର୍ମ ଅନୁଷ୍ଠିତ ହୁଏ ତାହାକୁ କାମ୍ୟ କର୍ମ ଓ ସନ୍ଧ୍ୟା, ଉପାସନା, ନିତ୍ୟ ହୋମ, କର୍ତ୍ତବ୍ୟବୋଧରେ ତପସ୍ୟା ଓ ଦାନ ପ୍ରଭୃତିକୁ ନିତ୍ୟକର୍ମ ବୋଲଯାଏ । ସନ୍ନ୍ୟାସୀମାନେ କାମ୍ୟ-କର୍ମ ପରିତ୍ୟାଗ କରିବେ ବୋଲି ନିତ୍ୟକର୍ମ ପରିତ୍ୟାଗ କରିବେ ନାହିଁ; ଅନାସକ୍ତ ହୋଇ କର୍ତ୍ତବ୍ୟ ବୁଦ୍ଧିରେ ନିତ୍ୟ କର୍ମର ଅନୁଷ୍ଠାନ କରିବେ ।

କର୍ମ ସନ୍ନ୍ୟାସ (କର୍ମ ପରିତ୍ୟାଗ) ଓ କର୍ମ ଯୋଗ (ନିଷ୍କାମ ଭାବରେ ଜଗତର ଉପକାର ପାଇଁ କର୍ମାନୁଷ୍ଠାନ), ଏହି ଦୁଇଟି ବିଧ ଅନୁଷ୍ଠାନ ଦ୍ୱାରା ଅପ୍ରଜ୍ଞାନ ପ୍ରାପ୍ତ ହୋଇ ମାନବ ମୋକ୍ଷ ଲାଭ କରେ । କର୍ମ ସନ୍ନ୍ୟାସ ଓ କର୍ମ ଯୋଗ, ଏ ଉଭୟଙ୍କ ଅପ୍ରଜ୍ଞାନର ଦ୍ୱାର ସ୍ୱରୂପ ବୋଲି ଭଗବାନ୍ ଭଗବଦ୍ଗୀତାର ୫ମ ଅଧ୍ୟାୟରେ ପ୍ରତିପାଦନ କରିଅଛନ୍ତି ଓ ସଂସାର୍ଗ ସ୍ଥଳରେ କର୍ମ ସନ୍ନ୍ୟାସ (ସମସ୍ତ କର୍ମ ପରିତ୍ୟାଗ କରି କେବଳ ସଦାବ୍ରହ୍ମ ଚିନ୍ତନ) ଅପେକ୍ଷା କର୍ମ ଯୋଗ (କର୍ମର ଫଳର ଆଶା ନ ରଖି କର୍ତ୍ତବ୍ୟାନୁରୋଧରେ କର୍ମ କରଣ)କୁ ଶ୍ରେଷ୍ଠ ବୋଲି କହିଅଛନ୍ତି ।] ୩ । ହିନ୍ଦୁଙ୍କର ଚତୁର୍ଥ ଆଶ୍ରମ—3. The fourth stage of a Hindu's life. [ଦ୍ର—ବର୍ଣ୍ଣାଶ୍ରମ ଧର୍ମହିଁ ହିନ୍ଦୁ ଧର୍ମର ମୂଳ । ଉପନୟନ ପରେ ଗୁରୁଗୃହରେ ଅବସ୍ଥାନ ପୂର୍ବକ ଜୀବନର ଚତୁର୍ଥ ଭାଗ ବ୍ରହ୍ମଚର୍ଯ୍ୟାଶ୍ରମ, ତହିଁରେ ଗୁରୁଙ୍କ ଆଦେଶରେ ଜୀବନର ଏକ ଚତୁର୍ଥାଂଶ ଗୃହସ୍ଥାଶ୍ରମ, ତହିଁରେ ଗାତ୍ରଚର୍ମ ଲୋଳ, କେଶ ପକ୍ୱ ଓ ପୃଷ୍ଠ ଶୌର୍ଯ୍ୟ ହେଲେ ଜୀବନର ଏକ ଚତୁର୍ଥାଂଶ ବାନପ୍ରସ୍ଥାଶ୍ରମ ଓ ତହିଁରେ ଜାତେନ୍ଦ୍ରିୟତ୍ୱ ଓ ବଳପୂର୍ବକ ତୁଣ୍ଡା ଲୁପ୍ତ ହେଲେ ଜୀବନର ଅବଶିଷ୍ଟ ଚତୁର୍ଥାଂଶ ସନ୍ନ୍ୟାସାଶ୍ରମ ଅବଲମ୍ବନ ଦ୍ୱିଜାତି ମାତ୍ରରେ କର୍ତ୍ତବ୍ୟ ।] ୪ । ନିକ୍ଷେପ—4. Act of throwing. ୫ । ସମର୍ପଣ—5. Entrusting. ୬ । ଗଚ୍ଛିତ ରଖିବା—6. Act of depositing. ୭ । (+କର୍ମ. ଅ) ଗଚ୍ଛିତ ଧନ—7. Deposit; something deposited on trust. ୮ । ଦେହତ୍ୟାଗ; ହଠାତ୍ ମୃତ୍ୟୁ—8. Sudden death. ୯ । ସନ୍ନ୍ୟାସ ରୋଗ (ଦେଖ)—9. Sannyāsa roya (See). [ଦ୍ର—ଏହି ରୋଗ ହଠାତ୍ ଉପସ୍ଥିତ ହୋଇ ଚୈତନ୍ୟ ଲୋପ କରେ ଓ ହୃତ୍‌ପନ୍ଦର କ୍ରିୟା ବନ୍ଦ କର କ୍ଷଣକାଳ ପରେ ମୃତ୍ୟୁ ଘଟାଏ, ଏହା ମୂର୍ଚ୍ଛା ରୋଗର ପ୍ରକାର ଭେଦ ।] ୧୦ । ତ୍ୟାଗ—10. Relinquishment. ୧୧ । ଜଟା-ମାଂସୀ—11. Indian spikenard. ୧୨ । ଶିବ-ପୂଜା ଉଦ୍ଦେଶ୍ୟରେ ମାଳସୀକୃତ ସନ୍ନ୍ୟାସବ୍ରତ ଅବଲମ୍ବନ ରୂପ ବ୍ରତ ବିଶେଷ (ବିଶ୍ୱକୋଷ)—12. A religious vow undertaken for the worship of Śiba.

[ଦ୍ର—ଚୈତ୍ର ମାସ ଚଡ଼କ ପୂଜା (ପଶା ସଂକ୍ରାନ୍ତି) ପୂର୍ବରୁ ଏ ବ୍ରତ କରିଥାଇ ସଂକ୍ରାନ୍ତି ଦିନ ଏହା ଉଦ୍‌ଯାପନ କରିଥାଏ । ବ୍ରହ୍ମବୈବର୍ତ୍ତ ପୁରାଣ ଉତ୍ତର ଖଣ୍ଡ ୫ମ ଅଧ୍ୟାୟରେ ଏ ବ୍ରତର ବର୍ଣ୍ଣନ ଅଛି । ନୃତ୍ୟ ଗୀତାଦି ଦ୍ୱାରା ମହାଦେବଙ୍କ ଉଦ୍ଦେଶ୍ୟରେ ମହୋତ୍ସବ କରିବା ଅଙ୍ଗ ଦେଶରେ ଏହି ବ୍ରତ ମାତ ଜାତିୟ ବ୍ୟକ୍ତିମାନେ କରନ୍ତି । ଏ ସନ୍ନ୍ୟାସୀମାନଙ୍କୁ 'ଗାଜୁଆ' ବୋଲଯାଏ । ଏମାନେ ଚୈତ୍ର ମାସରୁ ନିଜ ନିଜ ସ୍ଥାନ, ଗାଁରେ ଦୁଇପ୍ରହର ଯେଉଁଠାରେ ନୃତ୍ୟ ଗୀତ କରି ସଂକ୍ରାନ୍ତି ଦିନ ଉପବାସ ଓ ହୋମ କରି ଦେହକୁ ପୀଡ଼ା ଦେଇ ପିଠିରୁ ଦୁକ ଲଗା କଣ୍ଟାରେ ଫୋଡ ବାଡ଼ିଥିବେ ଝୋଲା ହୋଇ ଶୂନ୍ୟରେ ଘୁରି ଯାଆନ୍ତି । ଏ ବ୍ରତରେ ଶଙ୍ଖବାଦ୍ୟ ଓ ଶଙ୍ଖଜଳ ବ୍ୟବହାର ନିଷିଦ୍ଧ—ବିଶ୍ୱକୋଷ ।]

ସନ୍ନ୍ୟାସ ଗ୍ରହଣ—ସଂ. ତ (ଷଷ୍ଠୀ ତତ୍)—ଗୃହସ୍ଥ ଧର୍ମ ପରିତ୍ୟାଗପୂର୍ବକ Sannyāsa grahaṇa ସନ୍ନ୍ୟାସ ବ୍ରତ ଅବଲମ୍ବନ—Act of entering into the order of a recluse. [ଦ୍ର—କେହି କେହି ବ୍ରହ୍ମଚର୍ଯ୍ୟାଶ୍ରମରୁ, କେହି କେହି ଗୃହସ୍ଥାଶ୍ରମରୁ ଓ କେହି କେହି ବାନପ୍ରସ୍ଥାଶ୍ରମରୁ ସନ୍ନ୍ୟାସଗ୍ରହଣ କରନ୍ତି ।]

ସନ୍ନ୍ୟାସ ଧର୍ମ—ସଂ. ବ—ସଂସାରବାସନା ପରିତ୍ୟାଗପୂର୍ବକ ଯୋଗ Sannyāsa dharma ସାଧନାରୂପ ଧର୍ମ—The act of (ସନ୍ନ୍ୟାସବ୍ରତ—ଅନ୍ୟରୂପ) practising 'joga' or spiritual exercise after renouncing the world. [ଦ୍ର—ଭଗବତ୍ ଗୀତାରେ ପଞ୍ଚମ ଅଧ୍ୟାୟରେ ଶାସ୍ତ୍ରୋକ୍ତ ଅଙ୍ଗ ଲକ୍ଷଣ ସନ୍ନ୍ୟାସଧର୍ମ ପାଳନ ଏବଂ ସନ୍ନ୍ୟାସୀର ଲକ୍ଷଣ ଓ ସାଧନ ସମ୍ବନ୍ଧରେ ଉପଦେଶ ଦେଇଅଛନ୍ତି ।]

ସନ୍ନ୍ୟାସନ—ସଂ. ବ (ସମ୍+ନି+ଅସ୍. ଧାତୁ+ଭାବ. ଅନ)—Sannyāsana ୧ । ସଂସାର ତ୍ୟାଗ କରିବା—1. Act of renouncing the world. ୨ । ଅନ୍ୟ ବ୍ୟକ୍ତି ନିକଟରେ ଧନାଦି ଗଚ୍ଛିତ ରଖିବା—2. Causing a thing or money to be deposited on trust. ୩ । ନିକ୍ଷେପ କରିବା—3. Act of throwing away. ୪ । ତ୍ୟାଜନ—4. Relinquishment.

ସନ୍ନ୍ୟାସ ରୋଗ—ସଂ. ବ. (ବୈଦ୍ୟକ) ମାରାତ୍ମକ ମୂର୍ଚ୍ଛାରୋଗ ବିଶେଷ—Sannyāsa roga Apopelxy; heart failure, [ଦ୍ର—ବାତାଦି ଦୋଷସମୂହ ଅତ୍ୟନ୍ତ କୁପିତ ହୋଇ ହୃତ୍‌ପିଣ୍ଡକୁ ଓ ମସ୍ତିଷ୍କକୁ ଆକ୍ରମଣ କରି ମନ ଓ ଇନ୍ଦ୍ରିୟ ସମୂହର କାର୍ଯ୍ୟକାରିତାକୁ ବିନଷ୍ଟ କରେ ଏବଂ ମନୁଷ୍ୟକୁ ମୂର୍ଚ୍ଛିତ କରେ । ଏହି ରୋଗ ଅତି ଭୟାନକ । ପୂର୍ବରୁ ରୋଗର ଲକ୍ଷଣ ଜଣାପଡ଼ି ପ୍ରକାଶ ପାଏ ନାହିଁ ଓ ହଠାତ୍ ହୃତ୍‌ପିଣ୍ଡର କ୍ରିୟା ପ୍ରତିତ ହେବାରୁ ମୂର୍ଚ୍ଛା ଘଟି ମୃତ୍ୟୁ ହୁଏ । ମୂର୍ଚ୍ଛା, ଭ୍ରମ ଓ ସନ୍ନ୍ୟାସ ରୋଗମାନ ଏକଶ୍ରେଣୀସ୍ଥ ରୋଗ ।

Digitized by srujanika@gmail.com

ରୋଗୀ ବସିଥାଏ ବା ଶୁଇଥାଏ, ବା କାମ କରୁଥାଏ, ହଠାତ୍ ଚଲପଡ଼ ଅତେଚନ ହୁଏ ଓ ଜହ୍ନକ୍ଷଣ ପରେ ତାର ମୃତ୍ୟୁ ଘଟେ ।

ସନ୍ନ୍ୟାସ ରୋଗ ଜନିତ ମରଣ ଅନ୍ୟାନ୍ୟ ରୋଗ ଜନିତ ମରଣ ଅପେକ୍ଷା ଅତି ଅଳ୍ପ କଷ୍ଟପ୍ରଦ । ସନ୍ନ୍ୟାସୀ ଓ ଯୋଗୀମାନେ ଏହି ପ୍ରକାର ମୃତ୍ୟୁ କାମନା କରୁଥିବାରୁ ଏହାକୁ 'ସନ୍ନ୍ୟାସ' ରୋଗ କୋଲ୍ଲଯାଏ । ଏହି ରୋଗ ହଠାତ୍ ମସ୍ତିଷ୍କର ଓ ହୃତ୍‌ପିଣ୍ଡର କିୟାକୁ ବନ୍ଦ କରିଦଏ ।]

ସନ୍ନ୍ୟାସାଶ୍ରମ—ସଂ. ବ (ରୂପକ) — ହିନ୍ଦୁର ଚତୁର୍ଥ ଅଶ୍ରମ; ଉକ୍ତ ଧର୍ମ— Sannyāsāśrama The 4th stage of the life of a Hindu house-holder.

ସନ୍ନ୍ୟାସିନୀ—ସଂ. ବଣ. ସ୍ତ୍ରୀ (ସନ୍ନ୍ୟାସ+ଅର୍ଥ ଅର୍ଥେ ଇନ୍+ସ୍ତ୍ରୀ. ଈ)— Sannyāsinī ସନ୍ନ୍ୟାସଧର୍ମ ଗ୍ରହଣକାରିଣୀ; ସଂସାରତ୍ୟକ୍ତିନୀ— (Female) Renouncing the world. ସ.ବ— (ସନ୍ନ୍ୟାସ]—ସ୍ତ୍ରୀ) ସନ୍ନ୍ୟାସାବଲମ୍ବିନୀ ନାରୀ; ସଂସାରତ୍ୟାଗିନୀ ନାରୀ— A female recluse.

ସନ୍ନ୍ୟାସୀ—ସଂ. ବଣ. ସ୍ତ୍ରୀ (ସମ୍+ନ+ଅସ୍ ଧାତୁ=ତ୍ୟାଗ କରିବା+ Sannyāsī କର୍ତ୍ତୃ. ଇନ୍; ୧ମା. ୧ବ) —ସଂସାରତ୍ୟାଗୀ; ସଂସାର ବିରକ୍ତ—Renouncing the world. ସଂ. ବ— (ସନ୍ନ୍ୟାସିନୀ—ସ୍ତ୍ରୀ) ୧ । ସଂସାରତ୍ୟାଗୀ ବ୍ୟକ୍ତି; ଯେ ସଂସାର ଆଶ୍ରମ ଓ ବାନପ୍ରସ୍ଥ ଆଶ୍ରମ ତ୍ୟାଗ କରି ଉକ୍ତ ହୋଇଥାଆନ୍ତି— 1. A person who has renounced the world; a recluse. ୨ । ଉକ୍ତ—2. A religious mendicant. ୩ । ଯୋଗୀ—3. A person who is practising spiritual concentration. [ଦ୍ର—୧ । ସନ୍ନ୍ୟାସ ବ୍ରତ ଅବଲମ୍ବନକାରୀ ବ୍ୟକ୍ତି ମୁଣ୍ଡିତ-କେଶ ଏବଂ ଗୈରିକ ବସନ, କୌପୀନ ଓ ଦଣ୍ଡ-କମଣ୍ଡଳୁଧାରୀ ହୋଇ ଜୀବନରକ୍ଷାର୍ଥ ଭିକ୍ଷାବୃତ୍ତି ଅବଲମ୍ବନ ପୂର୍ବକ ନିର୍ଜନରେ ଯୋଗ ସାଧନା କରନ୍ତି । ସେ ନିଜର କୃତ ସମସ୍ତ କର୍ମକୁ ଭଗବାନଙ୍କଠାରେ ସମର୍ପଣ ଦେଇନ୍ତି । ସୁଖ-ଦୁଃଖ, ନିନ୍ଦା-ସ୍ତୁତି, ଶୀତୋଷ୍ଣ, ମାନାପମାନ, ଓ ଶତ୍ରୁ-ମିତ୍ର ଦ୍ୱାରା ସେ ବିଚଳିତ ହୁଅନ୍ତି ନାହିଁ । ସେ ସମସ୍ତ ବସ୍ତୁକୁ ଜୟ କରିଥାଆନ୍ତି ।

ସନ୍ନ୍ୟାସୀ ଶବ୍ଦର ପର୍ଯ୍ୟାୟ:—ଯାବ୍ଜଶୁକ, ସନ୍ନ୍ୟସ୍ତ, କର୍ମନ୍ଦୀ, ଶ୍ରମଣ, ଉକ୍ଷ, ପଚ୍ଚ । କଷାୟବସ୍ତ୍ରଧାରୀ ହୋଇ ଗୃହତ୍ୟାଗ, ସଂସାର ତ୍ୟାଗ, ସମାଜ ତ୍ୟାଗ, ସଙ୍ଗତ୍ୟାଗ, ମସ୍ତକ ମୁଣ୍ଡନ, ଗୈରିକ କୌପୀନ ଓ ଦଣ୍ଡ କମଣ୍ଡଳୁ ଧାରଣ କରି ଭିକ୍ଷାବୃତ୍ତିଦ୍ୱାରା ଜୀବନଧାରଣ କରି ନିର୍ଜନ ପ୍ରଦେଶରେ ଅବସ୍ଥାନ ପୂର୍ବକ କେବଳ ପରବ୍ରହ୍ମଙ୍କ ଉପାସନାକାର୍ଯ୍ୟକୁ ସନ୍ନ୍ୟାସୀ କୋଲ୍ଲଯାଏ । ସନ୍ନ୍ୟାସୀଙ୍କର ସଦନ, ବଦନ୍ୟ, ଲୋଷ୍ଟ୍ର ଓ କାଞ୍ଚନରେ ସମବୁଦ୍ଧି । ସେ ନିତ୍ୟ ପ୍ରବାସୀ ହେବେ ଓ ଚତୁର୍ମାସ୍ୟ ଛଡ଼ା ଅନ୍ୟ ସମୟରେ ଏକ ସ୍ଥାନରେ ଅଧିକ ଦିନ ରହିବେ ନାହିଁ; ବ୍ରାହ୍ମଣଗୃହରେ ଅନ୍ନ ଭୋଜନ କରିବେ । କାହାଠାରୁ କିଛି ପ୍ରାର୍ଥନା କରିବେ ନାହିଁ; କ୍ରୋଧ ମୋହ ଅନ୍ତଃକାରଣରହିତ ହେବେ; ଅପାତ୍ରଭାବରେ ଯାହା ମିଳିବ ତାହା ଭୋଜନ କରିବେ, ସ୍ତ୍ରୀମାନଙ୍କ ମୁଖାବଲୋକନ ବା ଜଳସ୍ପର୍ଶରେ ଅବସ୍ଥାନ କରିବେ ନାହିଁ । ସେ ମରଣ ବା ଜୀବନ ଅଭିଳାଷ କରିବେ ନାହିଁ, ନିରପେକ୍ଷଭାବେ ମୃତ୍ୟୁକାଳ ପାଇଁ ପ୍ରତୀକ୍ଷା କରିବେ । ଶତ୍ରୁ, ମିତ୍ର, ମାନ, ଅପମାନ, ଶୀତ, ଉଷ୍ଣ, ନିନ୍ଦା, ସ୍ତୁତିକୁ ସମଜ୍ଞାନ କରିବେ । ସେ ହିଂସାରୁ ଓ ସବୁପ୍ରକାର ଅସତ୍କର୍ମରୁ ନିବୃତ୍ତ ହେବେ, ମୌନାବଲମ୍ବନ କରିବେ, ଜିତେନ୍ଦ୍ରିୟ ହେବେ । ଗୀତାରେ ଭଗବାନ୍ କହିଅଛନ୍ତି, ଯେ ଭଗବାନଙ୍କଠାରେ ସବୁକର୍ମାର୍ପଣ କରନ୍ତି ସେ ସନ୍ନ୍ୟାସୀ ।

ସ୍ମୃତିସ୍ମରଣରେ, କୂର୍ମପୁରାଣରେ ଓ ଅନ୍ୟାନ୍ୟ ପୁରାଣମାନଙ୍କରେ ସନ୍ନ୍ୟାସୀମାନଙ୍କର ବହୁ ଶ୍ରେଣୀ ଓ ଉପଶ୍ରେଣୀ ବିଷୟ ବର୍ଣ୍ଣିତ ହୋଇଅଛି । ସ୍ମୃତିସଂହିତାରେ ଶୈବ-ସନ୍ନ୍ୟାସୀ ଓ ଭାଗବତ ୧୧ଶ ସ୍କନ୍ଦ ଅଷ୍ଟାଦଶ ଅଧ୍ୟାୟରେ ବୈଷ୍ଣବ ସନ୍ନ୍ୟାସୀମାନଙ୍କ ବିଷୟ ଲେଖା ଅଛି । ସନ୍ନ୍ୟାସୀ-ମାନଙ୍କର ମଣ୍ଡଳୀ ଅଛି । ମଣ୍ଡଳୀର ଅଧିପତିଙ୍କୁ ସ୍ୱାମୀ କୋଲ୍ଲଯାଏ । ବୃତ୍ତଭେଦରେ ସନ୍ନ୍ୟାସୀଙ୍କର କୁଟୀଚକ, ବହୂଦକ, ହଂସ ଓ ପରମହଂସ ବିଭାଗ ଅଛି । ସନ୍ଧାନବାଣଭନ୍ତରେ ଭକ୍ତିମାର୍ଗାଶ୍ରିତ ନାନାଶ୍ରେଣୀର ସନ୍ନ୍ୟାସୀଙ୍କର ଉଲ୍ଲେଖ ଅଛି । ଏହାଛଡ଼ା ଭାରତରେ ନାନାମଠାଳଲମ୍ବୀ, ନାନାମାର୍ଗଗାମୀ, ନାନାଭାବସମ୍ପୋଷକ, ନାନାସାଧନରତ ବହୁପ୍ରକାରର ସନ୍ନ୍ୟାସୀ ଦେଖାଯାଆନ୍ତି, ଯଥା :—ଜ୍ୟୋତିର୍ମାର୍ଗ, ନାଗାସନ୍ନ୍ୟାସୀ, ଅଲେଖିଆ, ଦଣ୍ଡୀ, ଅଘୋରୀ, ଊର୍ଦ୍ଧ୍ୱବାହୁ, ଆକାଶମୁଖୀ, ନଖୀ, ଠାଢ଼େଶ୍ୱରୀ, ଊର୍ଦ୍ଧ୍ୱମୁଖ, ଯଅଁଧୂଳୀ, ମୌନୀ, ଜଳଶାୟୀ, ଜଳାଧାରବ୍ରତୀ, କଡ଼ାଲଙ୍ଗୀ, ଫଳାହାରୀ, ଦୁଗ୍ଧାହାରୀ, ଅଲକ୍ଷ, ଅଓଘଡ଼, ଚିତ୍ତରନାଥ, ସ୍ୱର୍ଭଙ୍ଗୀ, ଘରବାସୀ, ତ୍ୟାଗୀ, ଆଉଳ, ମାନସ ସନ୍ନ୍ୟାସୀ, ଅନ୍ତଃସନ୍ନ୍ୟାସୀ, ଓ ସ୍ତ୍ରୀସନ୍ନ୍ୟାସିନୀ ଭୈରବୀ । ବିଶ୍ୱକୋଷ]

୨ । ଶ୍ରୀମତ୍ ଶଙ୍କରାଚାର୍ଯ୍ୟଙ୍କ ପ୍ରବର୍ତ୍ତିତ ଦଶନାମୀ ସନ୍ନ୍ୟାସୀମାନଙ୍କ ବ୍ୟବହାର ପାଇଁ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ଭାରତର ବିଭିନ୍ନ ସ୍ଥାନରେ ତାଙ୍କର ଗୃହଜଣ ଶିଷ୍ୟଙ୍କ ଅଧୀନ ଦଶଜ୍ଞାଧ୍ୟାସ୍ପଦ ସନ୍ନ୍ୟାସୀଙ୍କ ପାଇଁ ଯଥାକ୍ରମେ ୪ଟି ମଠ ପ୍ରତିଷ୍ଠିତ ହୋଇଥିଲା ଯଥା—

୧ । ଭୋଗବାଗାର୍ଯ୍ୟ..... { ୧ । ତୀର୍ଥ ଜ୍ଞାଧ୍ୟାସ୍ପଦ
(ସାରଦାମଠ, ଦ୍ୱାରକା) { ୨ । ଆଶ୍ରମ

୨ । ଭଦ୍ରପାଦାର୍ଯ୍ୟ..... { ୩ । ବନ
(ଜୋର୍ଦ୍ଦନ ମଠ, ପୁରୀ) { ୪ । ଅରଣ୍ୟ

୩ । ଭୋଗକାର୍ଯ୍ୟ..... { ୫ । ଗିରି
(ଜୋଶୀ ମଠ, ବଦରିକା) { ୬ । ପର୍ବତ
{ ୭ । ସାଗର

୪ । ସ୍ୱଯଂପ୍ରକାର୍ଯ୍ୟ..... { ୮ । ସରସ୍ୱତୀ
(ଶୃଙ୍ଗେରୀ ମଠ, ରାମେଶ୍ୱର) { ୯ । ଭାରତୀ
{ ୧୦ । ପୁରୀ

Digitized by srujanika@gmail.com

୧ । ଗାର୍ଥ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ଜିବେଣୀ ସଙ୍ଗମେ ଗାର୍ଥେ ଚତ୍ରମସ୍ୟାଦ ଲକ୍ଷଣେ
ସ୍ନାସ୍ୟାଚ୍ ଚତୁର୍ଥାର୍ଥ ଗ୍ରବେନ ଗାର୍ଟନାମା ସ ଜଚ୍ୟତେ ।
୨ । ଅଶ୍ରମ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ଅଶ୍ରମଚତୁରେ ମୌଢ଼ ଅଶା ପାଶ ବଦଜଁତଃ
ଯାତାସ୍ୟାଚ୍ଚବନମୁକ୍ତ ଏଷ ଅଶ୍ରମ ଚ୍ୟତେ ।
୩ । ବନ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ସ୍ୱରମ୍ୟେ ଜଙ୍ଗର ଟାନେ ତନେ ବାସଂ କରୋତି ଯଃ
ଅଶାବନ୍ଧ ଚନମୁକ୍ତୋ। ବନ ନାମା ସ ଜଚ୍ୟତେ ।
୪ । ଅରଣ୍ୟ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ଅରଣ୍ୟେ ସଂସ୍ଥିତୋ ଜତ୍ୟଂ ଅନନ୍ୟେ ନନ୍ଦନେ ବନେ
ତ୍ୟକ୍ତ୍ୱା ସର୍ବମିଦଂ ବଶ୍ୟମରଣ୍ୟଃ ପରିକୀର୍ତ୍ତ୍ୟତେ ।
୫ । ଗର ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ବାସୋ ଗିଉବନେ ଜତ୍ୟଂ ଗୀତାଧ୍ୟୟନ ଉତ୍ସୁରଃ
ଶମ୍ଭୀସ୍ତଚଳଚୁକ୍ତିଷ୍ଟ ତୈରାମା ସ ଜଚ୍ୟତେ ।
୬ । ପଙ୍ଚ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ବସନ୍ ପଙ୍ଚମ ଲୈସ୍ତୁ ମୌଢ଼ଂ ଜ୍ଞାନଂ ବଦର୍ତ୍ତି ଯଃ
ସାତ୍ସାରଂ ବଜାନାତି ପର୍ବତଃ ପରିକୀର୍ତ୍ତ୍ୟତେ ।
୭ । ସାଗର ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ତତ୍ତ୍ୱସାଗର ଗମ୍ଭୀରେ ଜ୍ଞାନରତ୍ନ ପରତ୍ତଃ
ମର୍ଯ୍ୟାଦାଃ କୈବ ଲଙ୍ଘଜ ସାଗରଃ ପରିକୀର୍ତ୍ତ୍ୟତେ ।
୮ । ସରସ୍ୱତୀ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ସ୍ୱରଜ୍ଞାନରତୋ। ନତ୍ୟଂ ସ୍ୱରବାସ୍ତ ଜଗଣ୍ଟୁରଃ
ସଂସାର ସାଗର୍ସାର ତ୍ତାର୍ଣ୍ଣୀ ତୁ ସରସ୍ୱତୀ ।
୯ । ଭାରତୀ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ବଦ୍ୟାଭ୍ୟରେଣ ସଂପୂର୍ଣ୍ଣଃ ସର୍ବଭ୍ୟରଂ ପରତ୍ୟଜନ୍
ଦୁଃଖଭ୍ୟରଂ ନ ଜାନାତି ଭାରତୀ ପରିକୀର୍ତ୍ତ୍ୟତେ ।
୧୦ । ପୁରୀ ଜଗାଧ୍ୟଧାସ୍ତ ସନ୍ଧ୍ୟାସୀ—
ଜ୍ଞାନତତ୍ତ୍ୱେନ ସଙ୍ଗୁ ଃ ପୂର୍ଣ୍ଣତତ୍ତ୍ୱ ପଦେ ସ୍ଥିତଃ
ପରଂବ୍ରହ୍ମସ୍ୱରୋ। ନତ୍ୟଂ ପୁରୀ ନାମା ସ ଜଚ୍ୟତେ ।
ଶ୍ରୀଯୁକ୍ତ ଲକ୍ଷ୍ମୀନାରସିଂହ ସ.ତ୍ତ, ଏମ୍. ଏଙ୍କ ଜୁଦ୍ଧୃତ ।]
୪ । ବୌଦ୍ଧ ଋଷି—4. A Buddhist recluse.
୫ । ବାରାଣସୀ ଜଞ୍ଚାବାସୀ. ଏକଜାତିସ୍ୱ ଗୃତ୍ତ୍ୱ—
5. A class of householders in Benares.
ଦେ. ବ.ପୁଂ—ଲୋକଙ୍କୁ ପ୍ରଦତ୍ତ ନାମ—A name given to males.

ସନ୍ମତ—ତ୍ରା. ବ (ସଂ. ସମ୍ମତ)—୧ । ସମ୍ମତ; ସ୍ୱୀକାର
Sanmata —1. Agreement. (ଉ—ତୋ। ବନୁ ଶୁବ ନୋହୁଁ ବତ୍ତ, ସନ୍ମତ ମୋର ସନ୍ଦତ ଯେହୁ ଅତ୍ତ । ଯଶୋବନ୍ତ. ପ୍ରେମବ୍ରତ-ତୀତା ।) ୨ । ଇତ୍ତ; ଅଙ୍ଗୀକାର—2. Consent.
ତ୍ରା. ବଣ. ସମ୍ମତ—A greed

ସନ୍ମତ—ସଂ. ବ (କର୍ମଧା)— ଜତ୍ତମ ବୁଦ୍ଧି—Good intelligence.
Sanmati ତ୍ରା.ବ ଉଚ୍ଚାରଣ— ସନ୍ମତ (ଦେଶ)—Sanmata(See)

ସନ୍ମତେ—ତ୍ରା. କି. ବଣ.—ସମ୍ମତତମେ—With consent. (ଉ—Sanmate ପୁତ୍ରଗମାନଙ୍କ ଜୁକତେ, ସାଧୁମାନଙ୍କର ସନ୍ମତେ ।
ସନ୍ମତେ **सम्मतिमे** ପ୍ରାଚୀ. ପୁର୍ତ୍ତଭମତତ୍ରୋଦଯୀ ।

ସମ୍ମାନ—ତ୍ରା. ବ. (ସଂ ସମ୍ମାନ)—ସନ୍ମାନ (ଦେଶ)—Sammāna, Sanmāna (See). [ଉ—ଋଗ୍ବେଦର ପ୍ରଚ୍ଛାଶାଖ୍ୟରେ ସମ୍ମାନ ସମ୍ମାନ ଅର୍ଥରେ ସନ୍ମାନ ଶବ୍ଦର ପ୍ରଯୋଗ ଅଛି ।] ସ. ବ.—୧ ।
ସନମାନ (ଚଷ୍ଟୀତତ୍) ସତ୍ତ୍ୱବ୍ୟକ୍ତଙ୍କ ପ୍ରଦର୍ଶିତ ମର୍ଯ୍ୟାଦା—1. Esteem or regard of the good, ୨ । (ଚମୀତତ୍) ସତ୍ତ୍ୱବ୍ୟକ୍ତଙ୍କୁ ପ୍ରଦର୍ଶିତ ସମ୍ମାନ—2. Respect or honour shown to the good people.

ସନ୍ମାର୍ଗ—ସ. ବ (ସତ୍=ଜତ୍ତମ+ମାର୍ଗ=ପନ୍ଥା; କର୍ମଧା)—
Sanmārga ୧ । (ଲକ୍ଷଣାର୍ଥ) ସତ୍ପନ୍ଥା; ସଦାଚାର—1. Good conduct. ୨ । ସତ୍ପୁଜାସ୍ୱ —2. Honest means. ୩ । ସାଧୁମାନଙ୍କର ଆଚରିତ ପନ୍ଥା—3. The ways of the virtucus.

ସନ୍ମିତ୍ର—ସ. ବ (କର୍ମଧା; ସତ୍=ଜତ୍ତମ+ମିତ୍ର)—୧ । ଜତ୍ତମ
Sanmitra ବନ୍ଧୁ—1. A good friend. ୨ । ପ୍ରକୃତ ଜୁପକାସ୍ତ ବନ୍ଧୁ—2. A real friend.

ସମ୍ମିଳନ—ତ୍ରା. ବ (ସ. ସମ୍ମିଳନ)—ସମ୍ମିଳନ (ଦେଶ)
Sammilana Sammilana. (See)
ସମ୍ମିଳନ **सनमीलन** ସ. ବ. (ଚଷ୍ଠୀ ତତ୍) ସାଧୁମାନଙ୍କ ମିଳନ—A meeting of good people.

ସମ୍ମିଳନୀ—ତ୍ରା. ବ (ସଂ. ସମ୍ମିଳନୀ)—ସମ୍ମିଳନୀ (ଦେଶ)
Sammilani Sammilani. (See)
ସମ୍ମିଳନୀ **सनमीलनी**

ସମ୍ମୁଖ—ତ୍ରା. ବ (ସଂ. ସମ୍ମୁଖ)—ସମ୍ମୁଖ (ଦେଶ)
Sammukha Sammukha. (See)
ସମ୍ମୁଖ **सनमुख** ତ୍ରା. ବଣ. ସାମନାରେ ଥିବା.—Frontal.

ସପ୍(ଧାତୁ)—ସଂ.—୧ । ଏକତ୍ର ହେବା—1. To be Sap (root) gathered or collected together ୨ । ସମ୍ୟକ୍ ଅବରୋଧ କରିବା—2. To besiege.

ସପ୍(ପ)—ଦେ.ଦେ. ବ (ଅ. ସପ୍; ସ. ଶତ୍ତ=ଭୂଣ ତ୍ୱଗେନ୍ଦ୍ର)—
Sap(pa) ଶପ (ଦେଶ)—Sapa. (See)
ସପ **सफ**

ସପ୍(ପ)ଟା(ଟେ)ଇ ଧରିବା—ଦେ. କି—ଜାରୁଡ଼ କରି ଧରିବା—
Sap-(pa)ṭā(ṭe)i dharibā To hold tightly.
ସାପ୍‌ଟେଧରା **चिकेटना**

ସପ୍(ପ)ଟା(ଟେ)ଇବା—ଦେ, କି (ସ. ସର୍ଷ ବା ସ. ସମ୍+ଘୃଷ୍)—
Sap-(pa)ṭā(ṭe)ibā ଧାତୁ)—୧ । କୌଣସି ପଦାର୍ଥକୁ ଅନ୍ୟ ସାପ୍‌ଟୀନ ପଦାର୍ଥ ସଙ୍ଗେ ସଂଶ୍ଳେଷିତ କରିବା; ଜଡ଼ାଇବା; ଜଡ଼ିତ ମିଳାନା କରିଇବା—1. To cause any thing to ସାପଟିୟେ ଧରା adhere to another thing. ୨ । ଜାରୁଡ଼ ଚିମଟନା କରି ଧରିବା—2. To hold tightly. ୩ । ଗୁଡ଼େଇ ସାପ୍‌ଟୀନ ଲିପଟନା ଦେବା—3. To entwine.

Digitized by srujanika@gmail.com

ସପ୍(ପ)ଟା ସପ୍(ପ)ଟି କରିବା—ଆଦେ. (ଯାଚପ୍ପର) କ୍ରି—ସାନ୍ତ୍ୱନ Sap-(pa)ṭā sap-(pa)ṭi karibā ସାନ୍ତ୍ୱନ କରିବା; ବଦ୍ଧଜ୍ଞ-ବଦ୍ଧଜ୍ଞ କରିବା; ଚାଟୁଚାଟି କରି ପ୍ରବର୍ତ୍ତାଇବା— To pursuade by coaxing; to cajole.

ସପ୍(ପ)ଟିବା—ଦେ. କ୍ରି. (ଫ. ସମ+ପୃଟ ଧାତୁ କ୍ତ ସର୍ଯ+ପୃଟ; Sap-(pa)ṭibā ସାଗ ଗଛ ଅଦର ଦେହରେ ଜଡ଼ କର ଗୁଡ଼େଇ [ସପ୍(ପ)ଟିଯିବା—ଅନ୍ୟରୂପ] ଦୋଇଯିବା ଘର) ୧। କୌଣସି ବସ୍ତୁର ସାପଟି ଦେହରେ ଲଗିକର ଜଡ଼ିଯିବା—1. To closely **ଜଡ଼ନା** adhere or cling to a thing. ୨। ସଙ୍କୁଚିତ ହେବା ଗୁଟିଯେଯାଓନ୍ନା —2. To shrink. [ଉ—ଜଈନ୍ଧ ଦବରେ **ସଙ୍କୁଚନା** ହାତ ବଳାଇଲେ ତା ମୂଣ୍ଡ ସପ୍ଟ ଯାଏ ।] ୩। (ଶିକାର ଗୁଟିଯେ ସୁଟିଯେ ଯାଓନ୍ନା କରୁଥାଲୁ ଯିବା ବେଳେ ଶିକାରୀପଶୁ) **ସୁକୁଚନା** ଲେଖଁଟେଇ ପଡ଼ିବା—3. To cringe; to crouch.

ସପକ୍ଷ—ବି. ବିଣ. (ସ=ସମାନ+ପକ୍ଷ=ଦଳ ଯାଦାଇ; ବହୁବ୍ରୀହି) Sapaksha ୧। ଏକ ପକ୍ଷାବଲମ୍ବୀ—1. Belonging to (ବିପକ୍ଷ—ବିପକ୍ଷତ) the same side or party; (ସପକ୍ଷତ—ଅନ୍ୟରୂପ) partisan. ୨। ସାହାଯ୍ୟକାରୀ—2. Helping; assisting. ୩। ଅନୁକୂଳ—3. Favourable. ୪। ତୁଲ୍ୟ—4. Similar; equal. ୫। (ସହାର୍ଥ ବହୁବ୍ରୀହି) ପକ୍ଷ ବା ଡେଣାଯୁକ୍ତ 5. Winged.

ସପକ୍ଷତା(ତ୍ୱ)—ସଂ.ବି. (ସପକ୍ଷ+ତ୍ୱ/ତା,ତ୍ୱ)—୧। ସହାୟତା; ସାହାଯ୍ୟ Sapakshatā(twa) —1. Help; assistance. ୨। ଏକ (ବିପକ୍ଷତା—ବିପକ୍ଷତ) ପକ୍ଷାବଲମ୍ବନ—2. Act of joining the same party; partisanship. ୩। ପକ୍ଷ ବା ଡେଣାଯୁକ୍ତ ଅବସ୍ଥା—3. The state of being winged. ୪। ଅନୁଗ୍ରହ; ଅନୁକୂଲ୍ୟ—4. Favour.

ସପଠ—ଦେ.ବିଣ.—ପାଠୁଆ;ବିଦ୍ୱାନ୍—Learned; wise. [ଉ—Sapaṭha ଦେଖିଚ ପଢ଼ିଅଛ କି ଜୁବନ ପାଠ, ଆଦେ ଋଷି ଭୁମ୍ଭେ ବିଦ୍ୱାନ, ବା ପଢ଼ାଶୁନା (ଲୋକ) ଉ ଜେଡେକ ସପଠ । —କୁଣ୍ଡୁଳି ଭି **ପଢୁଁଆ** ସହାଯ୍ୟରତ ବନ]

ସପତ—ଗ୍ରା. ବି ଓ ବିଣ (ଅଦ୍ୟ)—(ସ ସପ୍ତ) ସପ୍ତ; ସାତ—Seven Sapata in number. [ଉ—କମ୍ପୁ ଜଣେ ଥୋଇଲ ସପତ ସାତ ଅଦ୍ୟ ସୁର । — ଶିଶୁଶଙ୍କର ଜ୍ୟୋତିଲାଗ] ବି. (ସଂ ଶପଥ) **ସାତ** ବିଣ—Oath. [ଉ—ସପତଟି ମୋରରେ, ସତ୍ୟ ଏହ ଦିବ୍ୟି ଥରରେ । —ଭକ୍ତକବି ଦୋସ୍ତ ଭମ୍ପୁ. ୨ ଗୀତ] **ସପଥ**

ସପତ କରିବା—ଦେ. କ୍ରି—ଶପଥ କରିବା— Sapata karibā To take oath. ଦିବ୍ୟିକରା **ସପଥ କରନା**

ସପତ ଜନମ—ଆ. ବ.—ସପ୍ତ ଜନ୍ମ (ଦେଖ) Sapata janama Sapta janma (See) (ସପତ ଜନ୍ମ—ଅନ୍ୟରୂପ) **ସପ୍ତଜନ୍ମ ସାତଜନମ**

ସପତଣୀ—ଦେ. ବ. ସ୍ତ୍ରୀ (ଅଦ୍ୟ) (ସଂ·ସପତ୍ନୀ)—A co-wife; one Sapatanī of the wives of the same husband. ସତୀନ [ଉ—ସପତଣୀ ହୁଂସା ମୋଠାରୁ ଦୂରଇବ, ଖଡ଼ ମୋ **ସୌତିନ** ପଛକି ବସନ୍ତୁ ବୋଲେ ଧର । —କୁଣ୍ଡୁସିଂହ ମହାଭାରତ ଶଲ୍ୟ]

ସପତ ପାତାଳ—ଆ. ବ. (ଅଦ୍ୟ)—ସପ୍ତ ପାତାଳ (ଦେଖ) Sapata pātāla Sapta pātāla (see) ସପ୍ତ ପାତାଳ **ସାତପାତାଳ**

ସପତ ପୁରୁଷ—ଆ. ବ. (ସଂ. ସପ୍ତ+ପୁରୁଷ)—ସପ୍ତପୁରୁଷ (ଦେଖ) Sapata purusha Sapta purusha (see) ସାତପୁରୁଷ **ସାତପୁରୁଷ**

ସପତ ଫେଣା(ଣି)—ଦେ. ବ. (ସଂ. ସପ୍ତ+ଫଣା, ଫଣୀ)—ସପ୍ତଫେଣି Sapata phenā (ṇi) ଗଛ—Cactus; Opuntia Dil- [ସପତ ଫେଣିଆ (ର୍ଆ) ଅନ୍ୟରୂପ] leni. [ଉ—ଏହା ଏକ ଫେଣିମନସା ଜାତୀୟ ଗଛ । ନାଗଫେଣି ଆ ଗଛ । ନାଗଫେଣିଆର **ସପତ ଫେଣି** ଶାଖା ଅଂଶଯୁକ୍ତ; କନ୍ଦୁ ସପତଫେଣିଆର ଶାଖା ଚେପ୍ଟା ।] ଦେ. ବିଣ.—(ସଂ. ସପ୍ତଫଣୀ) ସପ୍ତଫେଣି; ସପ୍ତଫଣାଯୁକ୍ତ (ସର୍ପ)—Seven hooded (serpent).

ସପତ ଭୁବନ—ଆ. ବ (ଅଦ୍ୟ) —ସପ୍ତ ଭୁବନ (ଦେଖ) Sapata bhubana Sapta bhubana (See) ସପ୍ତ ଭୁବନ [ଉ—ଏହପର ପତସ୍ପିଜ୍, ସପତ ସାଗର, ସପତ **ସାତ ଭୁବନ** ଜନମ, ସପତ ଦ୍ୱୀପ ଅଦ ଶବ୍ଦ ବ୍ୟବହୃତ ହୁଏ ।]

ସପତମ—ଆ. ବିଣ (ଅଦ୍ୟ) (ସଂ. ସପ୍ତମ) —ସପ୍ତମ (ଦେଖ) Sapatama Saptama (See) [ଉ—ସପତମ ଦନ ବୋଇଲ ସତ୍ୟବେଗ । କୁଣ୍ଡୁସିଂହ ମହାଭାରତ. ଅଦ ।]

ସପତମ ଶୀତଳ—ଦେ. ବ—ମୃତାଦର ସପ୍ତମ ଦନ ଖଇକୁଟୁମ୍ବଅଡ଼କୁ Sapatama śītala ଦଆଯିବା ଜଳଖିଆ ଭୋଜନ— Light refreshment served to relatives and kinsmen on the 7th day of the funerals.

ସପତମୀ—ଆ. ବିଣ (ସଂ. ସପ୍ତମୀ)—ସପ୍ତମୀ (ଦେଖ) Sapatam Saptamī (See)

ସପତ ସୁ(ସ୍ୱ)ର୍(ର)—ଦେ. ବିଣ (ସଂ. ସପ୍ତସ୍ୱର) —ସପ୍ତସ୍ୱର; ସପ୍ତସ୍ୱର Sapata su(swa)ri(rā) ଯୁକ୍ତ (ବାଦ୍ୟ)—(musical ସପ୍ତସୁରା, instrument) Having seven tunes. **ସାତସୁରୀ** ଦେ. ବ—ସପ୍ତସ୍ୱର ଯୁକ୍ତ ବାଜା—A musical instrument with seven tunes.

ସପତା (ଇତ୍ୟାଦ)—ଆ. ବ (ସଂ. ସପ୍ତାଦ୍ୟ)—ସପ୍ତା ଇତ୍ୟାଦ (ଦେଖ) Sapatā (etc) Saptā etc (See)

ସପତ୍ନ—ସଂ. ବ. ପୁଂ (ସପତ୍ନୀ+ତୁଲ୍ୟାର୍ଥେ. ଅ; ଅଥବା ସ=ସହ+ପତ୍ Sapatna ଧାତୁ=ଯହୁ କରିବା+କ୍ତନ୍. ନ; ଯାହା ଉଦ୍ଦେଶ୍ୟରେ (ସପତ୍ନ—ଅନ୍ୟରୂପ) ଅପକାର ଦଳ ସହ ଯହୁ କରିଥାଏ)—ଶତ୍ରୁ; ରିପୁ; ବୈରୀ—An enemy; adversary; antagonist. ସଂ. ବିଣ—ଶତ୍ରୁଭାବାପନ୍ନ— Inimical; antagonistic.

ସପତଣୀ—ଦେ. ବ. ସ୍ତ୍ରୀ (ଅଦ୍ୟ) (ସଂ·ସପତ୍ନୀ)—A co-wife; one Sapatanī of the wives of the same husband. ସତୀନ [ଉ—ସପତଣୀ ହୁଂସା ମୋଠାରୁ ଦୂରଇବ, ଖଡ଼ ମୋ **ସୌତିନ** ପଛକି ବସନ୍ତୁ ବୋଲେ ଧର । —କୁଣ୍ଡୁସିଂହ ମହାଭାରତ ଶଲ୍ୟ]

Digitized by srujanika@gmail.com

ସପତ୍ନଘ୍ନ—ସଂ. ବ ଓ ବଣ—ଶତ୍ରୁନଷ୍ଟକାରୀ—
Sapatnaghna Vanquisher of one's foes.
(ସପତ୍ନଜିତ୍, ସପତ୍ନ ଦୁଷଣ—ଅନ୍ୟରୂପ)

ସପତ୍ନାରି—ସଂ. ବ (ସପତ୍ନ+ଅରି)—ଏକ ପ୍ରକାର କାଣ୍ଡିଶ; କଣ୍ଟା ବାଉଁଶ; ଚଳ ବାଉଁଶ—A species of
(ଶତରୀ—ଅନ୍ୟରୂପ) thorny bamboo; Bambosa
ବେଉଡ଼ ବାଂଶ Arundanacia.

ସପତ୍ନୀ—ଦେ. ବ. ସ୍ତ୍ରୀ (ସ=ସମାନ+ପତ୍ତ=ସ୍ୱାମୀ ଯାହାର; ବହୁବ୍ରୀହି)
Sapatnī —ସମାନପତ୍ତକା ସ୍ତ୍ରୀ; ସଜ୍ଜୁଣୀ—Co-wife;
(ସପତ୍ନୀ—ଅନ୍ୟରୂପ) one married to a man who
has got another wife.

ସପତ୍ନୀକ—ଅ. ବଣ. ପୁଂ (ସପତ୍ନୀ+କ)—୧ । ଯାହାର ଏକାଧିକ
Sapatnīka ବାହୁଡା ସ୍ତ୍ରୀ ଥାଅନ୍ତି—1. A person hav-
(ସପତ୍ନୀକ—ଅନ୍ୟରୂପ) ing more than one wife.
(ବପତ୍ନୀକ—ବପଷ୍ଟତ) ୨ । (ସହାର୍ଥ ବହୁବ୍ରୀହି; ସ+ସପତ୍ନୀ+କ)
ଯାହାର ସ୍ତ୍ରୀ ବଞ୍ଚିଥାଏ—2. A person having his
wife living. ୩ । ସସ୍ତ୍ରୀକ; ସ୍ତ୍ରୀଙ୍କ ସମଭିବ୍ୟାହାର୍ଯ୍ୟ—
3. Accompanied with one's wife.

ସପତ୍ନୀ ପୁତ୍ର—ସଂ. ବ. ପୁଂ (ଶସ୍ତ୍ରୀ ତତ୍)—ସଜ୍ଜୁଣୀଆ ପୁଅ; ସପତ୍ନୀର
Sapatnī putra ପୁତ୍ର; ସାବତ ପୁଅ—The son of one's
(ସପତ୍ନୀ ତନୟା, ସପତ୍ନୀ ପୁତ୍ର—ଅନ୍ୟରୂପ) co-wife; stepson.

ସପତ୍ନୀ ପୁତ୍ରୀ—ସଂ. ବ. ସ୍ତ୍ରୀ—ସାବତ ଝିଅ; ସଜ୍ଜୁଣୀଙ୍କ ଝିଅ—
Sapatnī putrī One's co wife's daughter;
(ସପତ୍ନୀ ତନୟା—ଅନ୍ୟରୂପ) step-daughter.

ସପତ୍ର—ସଂ. ବଣ (ସ=ସହିତ+ପତ୍ର; ସହାର୍ଥ ବହୁବ୍ରୀହି)—
Sapatra ୧ । ପତ୍ରଯୁକ୍ତ—1. Leaved; leafy; hav-
(ସପତ୍ରକ—ଅନ୍ୟରୂପ) ing leaves. ୨ । ପକ୍ଷଯୁକ୍ତ—
2. Winged. ସଂ. ବ—ଶର; ବାଣ (ଜଣ୍ଟକୋଷ)—
Arrow; dart.

ସପତ୍ର(ତ୍ରା)କୃତ—ସଂ. ବଣ (ସ=ସହିତ+ପତ୍ର=ବାଣର ପକ୍ଷ+କୃ
Sapatra(trā)kṛuta ଧାତୁ+କର୍ମ. ତ; ପକ୍ଷେ ଅ ଅଗମ)—
[ସପତ୍ର(ତ୍ରା)କୃତ—ବ] ୧ । ବାଣବିଦ୍ଧ; ଶରବିଦ୍ଧ (ପ୍ରାଣୀ)—
1. (animal) Pierced with arrow or dart.
୨ । ଅତିଶୟ ପ୍ରପୀଡ଼ିତ—2. Much oppressed;
tortured; troubled; tormented.

ସପତ୍ରାକରଣ—ସଂ. ବ (ସ+ପତ୍ର=ବାଣର ପକ୍ଷ+କୃ ଧାତୁ+ଭାବ-
Sapatrākaraṇa ଅନ)—୧ । ବାଣ ବା ଶର ଦ୍ୱାରା ବେଧନ—
(ସପତ୍ରାକୃତ—ଅନ୍ୟରୂପ) 1. Piercing with an arrow.
୨ । ଅତିଶୟ ପୀଡ଼ନ; ପ୍ରପୀଡ଼ନ—2. Oppression;
torturing; harassing; tormenting.

ସପଦି—ସଂ. ଅ (ସ=ସହ+ପଦ ଧାତୁ=ଗମନ କରିବା+କ୍ତିନ୍. ଇ)—
Sapadi ୧ । ତତ୍‌କ୍ଷଣାତ୍; ସଙ୍ଗେ ସଙ୍ଗେ; ଏକାବେଳକେ—
1. Immediately; instantly; at once;
simultaneously. ୨ । ଦ୍ରୁତ; ଶୀଘ୍ର—
2. Speedily; hastily.

ସପଦ୍ମ—ସଂ. ବ (ସହାର୍ଥ ବହୁବ୍ରୀହି)—ପଦ୍ମ ବିଶିଷ୍ଟ—
Sapadma Full of lotus flowers.

ସପନ (ଇତ୍ୟାଦି)—ତ୍ରା. ବ (ସଂ. ସ୍ୱପ୍ନ)—୧ । ସ୍ୱପ୍ନ ଇତ୍ୟାଦି (ଦେଶ)
Sapana (etc) 1. Swapna etc. (See)
ସପନ ୨ । (ପୁଂ) ସ୍ୱପ୍ନେଶ୍ୱର ଭାକ ନାମ—2. (masculine)
ସପନ Name for calling Swapneswara.
[ସପନା(କ), ସପନ(ନେ)ଶ(ଣ୍ଟ)ର—୨ୟ ଅର୍ଥରେ ଅନ୍ୟରୂପ]

ସପନ କଥା—ତ୍ରା. ବ—୧ । ସ୍ୱପ୍ନରେ ଦେଖାପିବା ବିଷୟ; ସ୍ୱପ୍ନଦୃଷ୍ଟ
Sapana kathā ବିଷୟ—1. A thing seen in dream.
ସପନ କଥା [ଉ—ସପନ କଥା କ ପଡ଼, ମଣିବାର ଉଚ୍ଚତ—
ସପନୋକି ବାତ ସଙ୍ଗୀତ ।] ୨ । କାଳ୍ପନିକ ବା ଅବାସ୍ତବ ବିଷୟ—
2. Imaginary thing. ୩ । ଆଶ୍ଚର୍ଯ୍ୟଜନକ ବିଷୟ
—3. Wonderful matter. ୪ । ଯେଉଁ କଥାର
ସତ୍ତା ନାହିଁ—4. Nonexistent thing.

ସପନ ଦୋଷ—ତ୍ରା. ବ (ସଂ. ସ୍ୱପ୍ନଦୋଷ)—ସ୍ୱପ୍ନଦୋଷ (ଦେଶ)
Sapana dosha Swapna dosha (See)

ସପନା—ଦେ. ବ—୧ । ସ୍ୱପ୍ନେଶ୍ୱର ନାମକ ବ୍ୟକ୍ତିର ଅଳାଦରାର୍ଥକ
Sapanā ଡାକ ନାମ—1. A name for calling Swap-
neswara in contempt. ୨ । ସପନାଇବା;
ସ୍ୱପ୍ନରେ ଦେଖା ଦେବା—2. Appearing in
dream.

ସପନା(ନେ)ଇବା—ତ୍ରା. କି. (ସଂ. ସ୍ୱପ୍ନ)—ସ୍ୱପ୍ନାଇବା (ଦେଶ)—
Sapanā(ne)ibā Swapnāibā (See)

ସପନାବତୀ—ତ୍ରା. ବ.—ସ୍ୱପ୍ନ ସ୍ୱରୂପିଣୀ ଦେବୀ—The Goddess
Sapanābatī of dream; dream personified.
ସ୍ୱପ୍ନଦେବୀ **ସ୍ୱପନଦେବୀ** [ଉ—ଅଗୋ ତୁ ସପନାବତୀ ! ସପନ
ଯାଉନା ଯାଉ, ବଞ୍ଚାଇ ତୁ ନେଉ ସ୍ୱଉ, ଜନମାନଙ୍କୁ ।
(ସ:ଭସ୍ୱନସ୍ୱ—ଅନ୍ୟରୂପ) —ପ୍ରାତୀ. ରତ୍ନସ୍ୟ ମଞ୍ଜୁସ୍ୱ]

ସପ ମଶିନ୍ଦା—ଦେ. ବ—ସପ ଚଟେଇ; ଏକ ପ୍ରକାର ମସୃଣ ତୃଣଦ୍ୱାରା
Sapa masinā ବୁଣା ଯାଇଥିବା ମଶିଣା—A mat
ସପ୍,ସପ୍‌ମାଁଦୁର **ସଫଚଟାଇ** made of a kind of
[ସପମଣ୍ଡୀ,ସପଚଟା(ଟେ)ଇ—ଅନ୍ୟରୂପ] slender reed. [ଦ୍ର—
ମେଦନୀପୁର, ବାଙ୍କି ଓ ବାଲେଶ୍ୱରର ଉତ୍ତରାଞ୍ଚଳରେ
ମିଳିବା ଏକପ୍ରକାର ଜଳଜ ତୃଣର ଦଣ୍ଡରୁ ସପ ମଶିଣା
ବୁଣା ହୁଏ । ଏହାର କାଠି ସବୁ ସୁତାଇ ସରୁ ଦଉଡ଼ି
ବା ଝୋଟିର ସରୁ ଦଉଡ଼ି ଦ୍ୱାରା ବୁଣାଯାଏ । ବୁଣିବାର
ତତ୍ତଡ଼ି ଗୋଟିଏ ଢୋଇ ଖୋଲା ଯାଇଥିଲେ ଉକ୍ତ ସପ-
ମଶିଣାକୁ ଏକଭାର, ଯୋଡ଼ ଢୋଇ ହଏ ଯାଇଥିଲେ
ଦୋଭାର ଓ ପୁରା ପୁରା ଢୋଇ ହଏ ଯାଇଥିଲେ ତାକୁ
ତତ୍ତଭାର ସପ ମଶିଣା କୋଇଯାଏ ।]

ସପର(ଧାତୁ)—ସ.—ପୂଜା କରିବା—
Sapara(root) To worship; to adore.

ସପର ସଲେଇ ହେବା—ଦେ: କି.—ଅଯଥାରେ ଗଡ଼ ଦୁଉଥା କହିବା-
Sapara salei hebā To give advice gratis.
ଉପରେ ପଡେ ଉପଦେଶ ଦେଓୟା **ବିନା ପୁଛେ ଉପଦେଶ ଦେନା**

Digitized by srujanika@gmail.com

ସପରିତୋଷ—ଅ. ବ୍ୟ. (ସଦ୍ଭାବ ବହୁବ୍ରୀହି; ସ+ପରିତୋଷ) —
Saparitosha ପରିତୋଷ ସହିତ ବର୍ତ୍ତମାନ—With contentment or satisfaction; satisfied.

ସପରିବାର—ଅ. ବ୍ୟ. (ସ=ସହିତ+ପରିବାର; ସଦ୍ଭାବ ବହୁବ୍ରୀହି)
Saparibāra ୧। ପରିଜନ ବର୍ଗ ସମନ୍ୱିତ—1. Having a family. ୨। ସ୍ତ୍ରୀ ପୁତ୍ରାଦି ପରିବାର ସହିତ ବିଦ୍ୟମାନ—2. Being accompanied with one's family members. ଅ. କ୍ରି. ବ୍ୟ.—ଅପଣାର ସ୍ତ୍ରୀ ପୁତ୍ରାଦି ପରିବାର ସହିତ (କୌଣସି ଜାଗକୁ ଚାଲିବା)—Along with or accompanied by the members of one's family.
[ସପରିବାରେ, ସପରିବାରରେ—ଅନ୍ୟ କ୍ରି. ବ୍ୟ. ରୂପ]

ସପରିବାର ବିଦେଶ ବାସ—ସଂ. ତ—ଅପଣାର ସ୍ତ୍ରୀ ପୁତ୍ରାଦିଙ୍କ ସଙ୍ଗେ
Saparibāra bideśa bāsa ସେମାନ ବିଦେଶରେ ବାସ କରିବା—Living abroad with one's family. [ଦ୍ର—ପୂର୍ବେ ଓଡ଼ିଆମାନଙ୍କ ସମାଜରେ ସପରିବାର ବିଦେଶ ବାସ ନ ଥିଲ ବୋଲି କହିଲେ ଚଳେ; ଏପରି କି, ସପରିବାର ବିଦେଶକୁ ଯିବା ବ୍ୟକ୍ତି ସମାଜଚ୍ୟୁତ ହେଉଥିଲେ ଓ ତଦ୍ଦ୍ୱାରା ଫଳରେ ସମାଜଶାସନ ଯୋଗୁଁ ବାଧ୍ୟ ହୋଇ ବିଦେଶରୁ ଏକାକୀ ଫେରିବା ବ୍ୟକ୍ତିମାନେ ଅବୈଧ ପରିବାରିକ ସ୍ୱତ୍ତ୍ୱ ଓ ସୁଯୋଗ ହରାଉଥିଲେ । ବର୍ତ୍ତମାନ ମଧ୍ୟ ଜମ୍ମୁଶ୍ରେଣୀସ୍ଥ ଅଶିକ୍ଷିତ ବ୍ୟକ୍ତିମାନଙ୍କ ସମାଜରେ ସପରିବାର ବିଦେଶବାସ ଚଳ ନାହିଁ; କିନ୍ତୁ ପାଶ୍ଚାତ୍ୟ ଶିକ୍ଷାର ବିସ୍ତାର ସଙ୍ଗେ ସଙ୍ଗେ ଓଡ଼ିଆମାନେ ସପରିବାର ଉପନିବେଶରେ ବାସ କରିବାକୁ ବେଶ୍ ଅରମ୍ଭ କରିଅଛନ୍ତି ।]

ସପରିଷତ୍କ—ଅ. ବ୍ୟ ଓ କ୍ରି. ବ୍ୟ (ସଦ୍ଭାବ ବହୁବ୍ରୀହି; ସ+
Saparishat-ka ପରିଷଦ୍+କ)—ସଦଳ—Accompanied by one's party

ସପର୍ଯ୍ୟା—ସ୍ତ୍ରୀ. ବ—(ସପର ଧାତୁ=ପୂଜା କରିବା+ଭାବ, ଯ+ଅ+
Saparĭyā ଆ)—ପୂଜା (ଅମର)—Worship.

ସପ(ପା)ସପ(ପ)—ଦେ. ଅ. (ଧ୍ୱନ୍ୟନୁକରଣ)—୧। ଜୋତା
Sapa(pā)sap(pa) ପାଦ ଚଞ୍ଚଳ ଗତିରେ ଶବ୍ଦ—
ସପ୍‌ସପ୍, ସପାସପ ଫଟ୍‌ଫଟ 1. Sound of brisk walking with shoes on. ୨। ଜୋରରେ ପଡୁଥିବା ବେତାଘାତର ଶବ୍ଦ—2. Sound of repeated canings inflicted on a person.
ସପାସପ ସରସର ଆ ଭାତରେ ଡାଲି ଗୋଲାଇ ଶୀଘ୍ରଶୀଘ୍ର ମୁଣ୍ଡାଇ-ମୁଣ୍ଡା ଖାଇବାର ଶବ୍ଦ—3. The sound of briskly eating handfuls of rice mixed with dal. ୪। ଫଟାଫଟି; ଜୋରରେ ଓ ଶୀଘ୍ର ଶୀଘ୍ର —4. Repeatedly and hurriedly.

ସପାତ୍(ତ୍)—ବି. କ୍ରି. ବ୍ୟ.—ତୁରନ୍ତ; ଝଟ୍—
Sapāt(m) Swiftly; at once.
ହଠାତ୍ ଥେକାପେକ

ସପାଦ—ଅ. ବ୍ୟ. (ସ=ସହିତ+ପାଦ=ଚରଣ, ଚତୁର୍ଥାଂଶ)—
Sapāda ୧। ଚରଣଯୁକ୍ତ—1. Footed; legged. ୨। ଚତୁର୍ଥ ଭାଗ ସହିତ—2. With one fourth. ୩। ସଜ୍ଞା —3. One and one fourth of.

ସପାଦ ପୀଠ—ଅ. ବ.—(ସ=ସହିତ+ପାଦ ପୀଠ)—ପାଦପୀଠଯୁକ୍ତ
Sapāda pīṭha (ସିଂହାସନ)—Having a foot-stool attached to it.

ସପାଦ ଶିରଣୀ—ପୁ. ବେ. (ଜାଜପୁର)ବ.—ସତ୍ୟନାରାୟଣ ପୂଜାରେ
Sapāda śiraṇī ୧୦୦ ପାଚିଲା କଦଳୀ ସଙ୍ଗେ ଏକସେର ଏକଘଅ ଘିଅ, ଏକସେର ଏକଘଅ ଦୁଧ, ଏକସେର ଏକଘଅ ଗନ୍ତ୍ରମଅଟା ମିଶାଯାଇ ଭଲର କରିପିଟା ଭୋଗ—A preparation made by mixing $1\frac{1}{4}$ seers each of ghee, sugar, milk and wheaten flour with 100 ripe plantains and offered to Satyanārāyaṇa.

ସପାଦୁକ—ଅ. ବ୍ୟ. ପୁଂ—(ସଦ୍ଭାବ ବହୁବ୍ରୀହି; ସ+ପାଦୁକା ଦେଶ)
Sapāduka ଛୋଟା ବା କଠାଳ ସହିତ—With shoes & (ସପାଦୁକା—ସ୍ତ୍ରୀ) sandals cn.

ସପିଣ୍ଡ—ଅ, ବ୍ୟ. ପୁଂ. (ସ=ସମାନ ଦୋଇଲ୍ଲ ପିଣ୍ଡ=ଶ୍ରାଦ୍ଧରେ
Sapiṇḍa ଦେଯ ଅନ୍ନ ଗୋଳକ ଯେଉଁମାନଙ୍କଠାରୁ; ବହୁବ୍ରୀହି)—
(ସପିଣ୍ଡା—ସ୍ତ୍ରୀ) ପିଣ୍ଡଦ୍ୱାରା ସଂବନ୍ଧ—Related with one another by the funeral oblations and cakes. (ସଂ. ବ.—ସନାତ; ମନୁଷ୍ୟର ଜନ୍ମରୁ ୩ ପୁରୁଷ (ପିତା, ପିତାମହ ଓ ପ୍ରପିତାମହ ଏବଂ ଏମାନଙ୍କ ସ୍ତ୍ରୀମାନେ), ଉଲ ୩ ପୁରୁଷ (ପୁଅ, ନାତି ଓ ଅନାତି ଏବଂ ଏମାନଙ୍କ ସ୍ତ୍ରୀମାନେ) ଓ ନଜର, ଏପରି ୭ ପୁରୁଷ ଅନ୍ତର୍ଗତ ଜ୍ଞାତି; ପିଣ୍ଡଦ୍ୱାରା ସଂବନ୍ଧ ଏକବଂଶୀୟ ବ୍ୟକ୍ତିଗଣ—Agnates of a person within 7 generations (related with each other on account of the offering of funeral cakes) [ଦ୍ର—ଯେଉଁମାନଙ୍କୁ ମୁଁ ପିଣ୍ଡ ଦବି (ଅର୍ଥାତ୍, ମୋ ପିତୃ ପିତାମହ ଓ ପ୍ରପିତାମହ ଏବଂ ସେମାନଙ୍କ ସ୍ତ୍ରୀମାନେ) ସେମାନେ ଓ ସେମାନଙ୍କୁ ଯେଉଁ ବଂଶରବାଟନେ (ଅର୍ଥା ମୋ ଭଲ, ମୋ ପିତୃବ୍ୟ ଓ ପିତୃବ୍ୟଙ୍କ ପୁତ୍ର ଆଦି) ପିଣ୍ଡ, ଦଅନ୍ତି, ମୋଟେ ମୋର ସପିଣ୍ଡ; ଯେଉଁମାନେ ମୋତେ ପିଣ୍ଡ ଦେଇବେ (ଅର୍ଥାତ୍, ମୋ ପୁଅ, ନାତି ଓ ଅଣନାତି ଏବଂ ସେମାନଙ୍କ ସ୍ତ୍ରୀମାନେ), ସେମାନେ ସ୍ୱଳ୍ପ ସହିତ ବ୍ୟବହାର ଓ ଦାୟାଦାଧିକାରରେ 'ସପିଣ୍ଡ'—ସଂପର୍କ ବୋଲି ବୁଝାଏ ଦୁଅନ୍ତୁ; ଅର୍ଥାତ ମୃତ ବ୍ୟକ୍ତିର ସପିଣ୍ଡମାନେ ଅଶୌଚ (ଅର୍ଥାତ୍ ୧୦ ଦିନ) ପାଳନ କରନ୍ତି । ସପିଣ୍ଡମାନଙ୍କ ମଧ୍ୟରେ ବିବାହ ନିଷିଦ୍ଧ । ମୃତ ବ୍ୟକ୍ତିର ଜ୍ଞାତ ଥିବା

Digitized by srujanika@gmail.com

ଜଢ଼ଭରତ ସପିଣ୍ଡ ଭାଦ୍ୱାର ଡ୍ୟୁକ୍ ସଂଗ୍ରହରେ ଅଛନ୍ତି ।

ସ୍ୱାମୀ ଯାଡ଼ାଙ୍କର 'ସପିଣ୍ଡ' ଅଟନ୍ତି, ସ୍ତ୍ରୀ ମଧ୍ୟ ଭାଙ୍କର 'ସପିଣ୍ଡ' ଅଟନ୍ତି ।

ଅଥଣ୍ଡା ବଂଶର (ଜ୍ଞାତର = ପୁରୁଷ, ସ୍ୱୟଂ ଓ ଭଲ = ପୁରୁଷ) ୭ମ ପୁରୁଷ ପର୍ଯ୍ୟନ୍ତ ବ୍ୟକ୍ତି 'ସପିଣ୍ଡ', ୧୪ଶ ପୁରୁଷ ପର୍ଯ୍ୟନ୍ତ 'ସମାନୋଦକ' ଓ ତହିଁରୁ ଊର୍ଦ୍ଧ୍ୱ ବା ଅଧଃ 'ସଗୋତ୍ର' ଅଟନ୍ତି ।

ସପିଣ୍ଡ ୨ ପ୍ରକାରର ; ଯଥା—ସଗୋତ୍ର ସପିଣ୍ଡ (ଅର୍ଥାତ ଜଜ ଗୋତ୍ରର ପିତୃ, ପିତାମହ, ପ୍ରପିତାମହ ଓ ପୁତ୍ର, ପୌତ୍ର ଓ ପ୍ରପୌତ୍ରାଦି) ଓ ଅସଗୋତ୍ର ସପିଣ୍ଡ (ଅର୍ଥାତ୍ ମାତାମହ, ପ୍ରମାତାମହ, ବୃଦ୍ଧ ଓ ପ୍ରମାତାମହ ଓ ଦୌହିତ୍ର, ଦୌହିତ୍ରପୁତ୍ର ଓ ଦୌହିତ୍ରପୌତ୍ରାଦି, ଯେଉଁମାନେ ମୋ ବଂଶଜ ନୁହନ୍ତି) ।

ଅଶୌଚ, ବିବାହ ଓ ଦାୟ ଭେଦରେ ସପିଣ୍ଡ ତିବିଧ ॥ ଅଶୌଚ ବିଷୟେ ଉପରୋକ୍ତ ସପ୍ତମ ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ ନାମରେ ଅଭିହିତ । ଉକ୍ତ ପୁରୁଷ ପର୍ଯ୍ୟନ୍ତ ପିଣ୍ଡଭୋକ୍ତା ଓ ତଦୂର୍ଦ୍ଧ୍ୱ = ପୁରୁଷ ପିଣ୍ଡର ଲେପଭୋକ୍ତା; ଏହି ୬ ପୁରୁଷ ଓ ସ୍ୱୟଂ ପିଣ୍ଡଦାତା—ଏତତ୍ ସାତପୁରୁଷ ସପିଣ୍ଡ ଅଟନ୍ତି । ଏହା ପୁରୁଷମାନଙ୍କ ବିଷୟରେ ଜଣେ । ସ୍ତ୍ରୀ ମାନଙ୍କ ପକ୍ଷରେ ବିଶିଷ୍ଟ ବିଧାନ ଏହିକ, ଉଦ୍ଢାଙ୍କ ସପିଣ୍ଡ ଦତ୍ତା କନ୍ୟାର ସପିଣ୍ଡ ଅଟନ୍ତି । ଅଦତ୍ତା କନ୍ୟାର ପିତୃ, ପିତାମହ ଓ ପ୍ରପିତାମହ ସପିଣ୍ଡ; ତଦୂର୍ଦ୍ଧ୍ୱ ପୁରୁଷଙ୍କ ସହିତ ଅଦତ୍ତାକନ୍ୟାର ସପିଣ୍ଡତ୍ୱ ନାହିଁ । ସପିଣ୍ଡ ଜ୍ଞାତିଙ୍କ ମରଣରେ ବା ଜନ୍ମରେ ପୂର୍ଣ୍ଣ ଶୌଚ ପାଳିବାକୁ ହୁଏ । କନ୍ତୁ କନ୍ୟାର ଜନ୍ମରେ = ପୁରୁଷ ପର୍ଯ୍ୟନ୍ତ ପୂର୍ଣ୍ଣାଶୌଚ ହୁଏ; ତଦୂର୍ଦ୍ଧ ପୁରୁଷଙ୍କର ନିତ୍ୟନ ଅଶୌଚ ହୁଏ । ବିବାହ ବିଷୟରେ ପିତା ଓ ପିତାଙ୍କ ପିତୃସ୍ୱସା ଘୁଅ ଝିଅଙ୍କ ଠାରୁ ସପ୍ତମ ପୁରୁଷ ପର୍ଯ୍ୟନ୍ତ ଓ ମାତାମହ ଓ ମାତୃସ୍ୱସା ଘୁଅ ଝିଅଙ୍କ ଠାରୁ ପଞ୍ଚମ ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ ଅଟନ୍ତି ॥ ବରେ ଓ କନ୍ୟାର ପିତୃ ପକ୍ଷଠାରୁ ସପ୍ତମ ଓ ମାତୃ ପକ୍ଷଠାରୁ ପଞ୍ଚମ ପୁରୁଷ ବାଦ୍ ଦେଇ ବିବାହସ୍ଥିର କରିବା କର୍ତ୍ତବ୍ୟ । ଦାୟ ବିଷୟରେ = ପୁରୁଷ ପର୍ଯ୍ୟନ୍ତ ସପିଣ୍ଡ, ଅର୍ଥାତ ଦାୟ ବିଷୟରେ ପିତା, ପିତାମହ ଓ ପ୍ରପିତାମହ ଓ ସେମାନଙ୍କ ପୁତ୍ର, ପୌତ୍ର, ପ୍ରପୌତ୍ର ଓ ମାତାମହ, ପ୍ରମାତାମହ ଓ ବୃଦ୍ଧପ୍ରମାତାମହ ଓ ସେମାନଙ୍କ ପୁତ୍ର, ପୌତ୍ର, ପ୍ରପୌତ୍ର ସପିଣ୍ଡ ଅଟନ୍ତି—ବିଶ୍ୱକୋଷ]

ସପିଣ୍ଡନ—ସଂ. ବ (ସ+ପିଣ୍ଡ. ଧାତୁ+ଭାବ. ଅନ)—ସପିଣ୍ଡୀକରଣ—The ritual of incorporating a deceased among the Sapiṇḍas of a person.

ସପିଣ୍ଡା—ସଂ. ବ ଓ ବଣ. ସ୍ତ୍ରୀ—ସପିଣ୍ଡର ସ୍ତ୍ରୀଲିଙ୍ଗ—Feminine of Sapiṇḍa.

ସପିଣ୍ଡୀକରଣ—ସଂ. ବ (ସପିଣ୍ଡ+ଅନୁତ ଡାଭାବେ ଚ୍ବି+କୃ ଧାତୁ+ଭାବ. ଅନ)—ମୃତାଦ୍ଦରେ ମୃତ ବ୍ୟକ୍ତର ପ୍ରେତ ଉଦ୍ଦେଶ୍ୟରେ ପ୍ରଦତ୍ତ ପିଣ୍ଡକୁ ପିତା, ପିତାମହ, ପ୍ରପିତାମହଙ୍କ ପିଣ୍ଡ ସଙ୍ଗେ ମିଶାଇବା ରୂପ କର୍ମ; ପିତୃପିଣ୍ଡ ସଙ୍ଗେ ପ୍ରେତପିଣ୍ଡର ମିଶ୍ରୀକରଣ—The ritual of admitting the deceased to the category of Sapiṇḍa and excluding the erstwhile eldest Sapiṇḍa from the category.

[ଦ୍ର—ଏହା ମୃତ୍ୟୁର ସଂବତ୍ସରାନ୍ତେ କର୍ତ୍ତବ୍ୟ । କୌଣସି ବ୍ୟକ୍ତିଙ୍କ ଜୀବତ ଥିବା ସମୟରେ ସେ ତାଡ଼ାଙ୍କ ଉପରସ୍ଥ = ପୁରୁଷଙ୍କୁ ଅର୍ଥାତ୍, ପିତୃ, ପିତାମହ ଓ ପ୍ରପିତାମହଙ୍କୁ ପିଣ୍ଡଦାନ କରନ୍ତି; କନ୍ତୁ ସେ ମରଣରେ ତାଙ୍କ ପୁଅ ଜଜର ଉପରସ୍ଥ ତିନ ପୁରୁଷଙ୍କୁ (ଅର୍ଥତ, ମୃତ ବ୍ୟକ୍ତ, ଏବଂ ମୃତ ବ୍ୟକ୍ତିଙ୍କ ପିତା ଓ ପିତାମହ, ଏମାନେ = ପୁରୁଷଙ୍କୁ) ପିଣ୍ଡ ଦିଅନ୍ତି । ଏଥିଲଗି ମୃତ ବ୍ୟକ୍ତିଙ୍କର ମରିବାର ଏକବର୍ଷ ପୂରିଲେ ମୃତ ବ୍ୟକ୍ତିଙ୍କ ଉପରସ୍ଥ = ପୁରୁଷଙ୍କ ପାଇଁ = ଗୋଟି ପିଣ୍ଡ ସ୍ଥାପିତ କରିଯାଏ ଓ ଉକ୍ତ = ଗୋଟି ପିଣ୍ଡର ପାଖରେ ମୃତ ବ୍ୟକ୍ତିଙ୍କ ପ୍ରେତଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ପିଣ୍ଡ ରଖାଯାଏ । ତଉପରେ ଉକ୍ତ ପ୍ରେତପିଣ୍ଡକୁ = ଭାଗ କରି ପୂର୍ବର = ପିଣ୍ଡରେ ମିଶାଇ ଦିଆଯାଏ ଓ ମୃତ ବ୍ୟକ୍ତିଙ୍କ ପ୍ରପିତାମହ 'ସପିଣ୍ଡ' ଶ୍ରେଣୀରୁ କଟିଯାଅନ୍ତି ଓ ମୃତ ବ୍ୟକ୍ତି (ଯେ କ ଏପର୍ଯ୍ୟନ୍ତ ପ୍ରେତ ଥିଲେ) 'ସପିଣ୍ଡ' ଶ୍ରେଣୀଭୁକ୍ତ ହୁଅନ୍ତି । ଏହି କ୍ରିୟାକୁ 'ସପିଣ୍ଡୀ କରଣ' କୋଲ୍ଲପାଏ । ଏହା ମୃତ୍ୟୁର ଏକ ବର୍ଷ ପୂରିଲେ କରିବାର ବିଧି, କନ୍ତୁ ସାଧାରଣତଃ ଲୋକେ ଏହାକୁ ଓ ବର୍ଷକ ମଧ୍ୟରେ କରିବା ଅନ୍ୟ ଶ୍ରାଦ୍ଧମାନଙ୍କୁ ମୃତ୍ୟୁର ଦ୍ୱାଦଶଦିନ କରିନେଇ ଗୋଟାଏ ଦାୟିତ୍ୱରୁ ମୁକ୍ତ ହୋଇ ଯାଆନ୍ତି । ଏତତ୍ କରିବା ପାଇଁ ମଧ୍ୟ ଶାସ୍ତ୍ର ବଚନ ଅଛି । ସପିଣ୍ଡୀକରଣ ପରେ ମୃତ ବ୍ୟକ୍ତିଙ୍କ ଆତ୍ମା ପ୍ରେତଦେହତ୍ୟାଗକର 'ପ୍ରେତ-ଦେହ' ବା ପିତୃ ଲୋକରେ ଧାରଣ କରିଯିବା ଦେହ ଲାଭ କରନ୍ତି । ସପିଣ୍ଡୀ କରଣ ପୂର୍ବରୁ ମୃତ ବ୍ୟକ୍ତି 'ଅମୋଘ-ପ୍ରେତ' ହୋଇ ରହି ଥାଆନ୍ତି ଓ ସପିଣ୍ଡୀକରଣ ପରେ 'ପିତୃ-ତ୍ୱ' ଲାଭ କରନ୍ତି ।]

ସପିଣ୍ଡୀକୃତ—ସଂ. ବଣ. ପୁଂ—ଯେଉଁ ମୃତବ୍ୟକ୍ତିଙ୍କର ସପିଣ୍ଡୀକରଣରୂପ କ୍ରିୟା କରି ସାଇଅଛି—(a deceased) (ସପିଣ୍ଡୀକୃତା—ସ୍ତ୍ରୀ) For whom the Sapiṇḍikaraṇa rites have been performed, i. e. who has been admitted to the category of Sapiṇḍa by the Sapiṇḍīkaraṇa ritual.

ସପିନା—ବୈଦେ. ବ (ଇଂ. ସପିନା)—ବଗ୍ଧଗଲସ୍ଥରେ ଦାଢର ହେଡ଼ା ପାଇଁ ପଶ ବା ସାର୍ଥୀଙ୍କ ଗୁଡ କୋର୍ଟ୍‌ରୁ ବାହାରିବା ସମନ୍—Subpœna; summons.

ସପିନା ସବିନା

ସପିବା—ଗ୍ରାଦେ. (ସମ୍ବଲପୁର) କି· (ସଂ. ଶପ୍, ଧାତୁ)—୧ । ସଙ୍କିବା.
Sapiba ଗାଳ ଦେବା—1. To rebuke. ୨ । ଅଭିଶାପ ଦେବା—2. To curse.

ସପୀତକ—ସଂ. ବି (ସ+ପୀତ+କ) (ବୈଦ୍ୟକ)—୧ । ବବୂଳ;
Sapītaka ବବୁର ଗଛ—1. Acacia Arabica (tree). ୨ । ବ୍ରଜକୋଷାତକୀ; ଜଙ୍ଗୀ (ବ୍ରଜ ନର୍ଘଣ୍ଟ)—2, A kind of Luffa fruit.

ସପୀତି—ସଂ. ବ (ସ=ସହ+ପୀତି=ପାନ)—ଏକାଧିକ ବ୍ୟକ୍ତିଙ୍କର
Sapīti ଏକତ୍ର (ପଦ୍ୟ ଓ ଜଳାଦ ଓ ଅଜଭାଜ୍ୟ ଗୃହୀ, କାଫୀ) (ସମ୍ପୀତି—ଅନ୍ୟରୂପ) ପାନ କିମ୍ବା; ସହପାନ; ବନ୍ଧୁ ଓ ଅତ୍ମୀୟଙ୍କ ସଙ୍ଗେ ବସି ଏକତ୍ର ପାନ କରିବା ରୂପ କ୍ରିୟା—The act of more than one person drinking together; drinking in company.

ସପୀତିକା—ସଂ. ବ (ବୈଦ୍ୟକ)—ହ୍ରସ୍ୱକୋଷାତକୀ; ମଧୁକୋଷାତକୀ;
Sapītikā ମଧୁର ଭରଡ଼ା (ବ୍ରଜ ନର୍ଘଣ୍ଟ)—The Luffa Aegyptica (fruit).

ସପୁତ୍ର—ସଂ. ବ୍ରୀ. ତ୍ରି° (ସହାର୍ଥ ବହୁବ୍ରୀହି; ସ=ସହିତ+ପୁତ୍ର)—
Saputra ୧ । ପୁତ୍ର ସହିତ ବର୍ତ୍ତମାନ; ପୁତ୍ର ବିଶିଷ୍ଟ—(ସପୁତ୍ରକ—ଅନ୍ୟରୂପ) 1. Having a son. ୨ । ଯାହା ସଙ୍ଗେ [ସପୁତ୍ରା, ସପୁତ୍ରିକା—ସ୍ତ୍ରୀ] ପୁତ୍ର ଥାଏ—2. Attended with (ଅପୁତ୍ରକ—ବିପରୀତ) or accompanied by one's son.

ସ(ସୁ)ପୁର୍—ଗ୍ରାଦେ. (ସମ୍ବଲପୁର, ଗାଣ୍ଡିଶା, ଦୌଦ୍ଧ, ବାମଣ୍ଡା). ବଣ—
Sa(su)pur ୧। ସରୁ; କ୍ଷୀଣ—1. Tender; fine. (ଉ—ସପୁର ଲୁଗା, ସପୁର୍ ଗୁଜୁଲ୍ ।) ୨ । ଅଣଓସାରିଆ—2. Narrow. ୩ । ଅତ୍ୟନ୍ତୁଦ୍—3. Tiny.

ସ(ସୁ)ପୁର୍ ଚକୁଲି—ଗ୍ରାଦେ (ବାମଣ୍ଡା) ବ—ସରୁ ଚକୁଳି—
Sa(su)pur chakuli Thin Chakuli cake.

ସପୁରି—ବୈଦେ. ବ [ଅ. ସଫର୍=ବିଦେଶ; ସଫସ୍ତ=ବିଦେଶାଗତ
Sapuri (ଫଳ)]—ଅମ୍ଳ ମଧୁର ରସଯୁକ୍ତ ଫଳ ବିଶେଷ—ଆନାରସ **आनानस** Pineapple; Ananas Sativus. (ସମ୍ପୁର, ସପୁର ପଣସ—ଅନ୍ୟରୂପ) [ଦ୍ର—ଅମେରିକାର ବ୍ରାଜିଲ୍ (ସଂ. ବବ୍ରୁନେତ୍ର ଫଳ; ଅନଂକାଶ) ଦେଶରୁ ଏହା ପ୍ରଥମେ ୱାରତୀୟ ଅଗାଡ ଓ ବର୍ତ୍ତମାନ ସର୍ବତ୍ର କୃଷିଦ୍ୱାରା ଉତ୍ପାଦିତ ହେଉଅଛି । ଅସାମର ଓ ବ୍ରହ୍ମଦେଶର ଜଙ୍ଗଲରେ ଏହା ପ୍ରଚୁର ଜନ୍ମେ । ଏହା ବଆଜାତୀୟ ଗୁଳ୍ମ; ଉହାର ଶାଖାଗ୍ରରୁ ବହୁ ପୁଷ୍ପ ଜାତ ହୋଇ ଉହାରେ ଏହ ଫଳ ଧରେ । ଏହା ଦ୍ରେତୀୟ ପ୍ରାଚୀନ ଗଛ ନୁହେଁ । ଏହାର ବ୍ରାଜିଲ୍‌ଦେଶୀୟ ନାମ 'ନନସ୍' (Nanas) । ପର୍ତ୍ତୁଗୀଜ (ଯେଉଁମାନେ ପ୍ରଥମେ ଅମେରିକାକୁ ଯାଇଥିଲେ ସେମାନେ)ଙ୍କ ଦ୍ୱାରା 'ଥନାନସ୍' (Ananas)=ପାଇନ୍ (Pine) ଗଛର ଫଳ ସହିତ ଏହ ଫଳର ସାଦୃଶ୍ୟ ଥିବାରୁ ଇଂରେଜମାନେ ଏହାକୁ ପାଇନ୍ ଆପ୍‌ଲ୍ (Pine apple) କହୁଲେ ।

ବୈଦ୍ୟଗ୍ରନ୍ଥ ଅନୁସାରେ ଏହା କୃମିଘ୍ନ, ମଧୁର ବଲକର, ବାତହର, ରୁଚ୍ୟ, ଶ୍ଳେଷ୍ମଳ, ତୃପ୍ତିପ୍ରଦ ଓ ଗୁରୁପାକ ଅଟେ । ଏହାର ରସ ଅମ୍ଳମଧୁର ଓ ଏହ ଫଳ ଉପରୁ ଗୋଟା ଛଡ଼ାଇ, ତା ମଝିରେ ଥିବା କାଣୁଆ ଉଣ୍ଡିକୁ ବାଦ୍ ଦେଇ ଚେରା ଚେରା କରି ବାଟି ବଡ଼ା ଅବସ୍ଥାରେ ଅମ୍ଳିଲ କରିଯାଏ ଓ ପାଚିଲ ଅବସ୍ଥାରେ ଖିଆଯାଏ । ଏଥିରେ ମରଚ୍ଚା ମଧ୍ୟ ଦିଏ । ସପୁରରସକୁ ଲୋକେ ପାଚିଲ ଗାମୁଛାରେ ମଡ଼ାନ୍ତି ଓ ସପୁର ଜନ୍ମାର ରସକୁ କୃମିରୋଗଗ୍ରସ୍ତ ଶିଶୁଙ୍କୁ ଖୁଆନ୍ତି ।]

ସପୁରି ଆଖି—ଦେ. ବ—ସପୁର ଫଳର ଦେହ ଉପରେ ବା ଗୋଟାରେ
Sapuri ākhi ଥିବା ଗୋଲାକାର ଚକ୍ରମାନ—The eylets ଆନାରସେର ଚୋଖ or circular marks on the skin of **नानसकी बिची** the pineapple fruit.

ସପୁର କନ୍ଦା—ଦେ.ବ—ସପୁର ଗଛର ଦଣ୍ଡର ମୂଳରେ ପଡ଼ର ପାଖୁଡ଼ା-
Sapuri kandā ମାନଙ୍କ ଭିତରେ ଥିବା କୋମଳାଂଶ—ଆନାରସ ଗାଛର ମାଝ The soft kernal inside the **आनानस कन्द** stem of the pine apple plant near the root.

[ଦ୍ର—ଏହ କନ୍ଦାର ରସକୁ କୃମିରୋଗଯୁକ୍ତ ଶିଶୁଙ୍କୁ ଅଇଳେ କୃମି ନଷ୍ଟ ହୋଇଯାଅନ୍ତୁ ଏବ ଶିଶୁ ମାରୋଗ ଓ ସବଳ ହୁଅନ୍ତୁ ।]

ସପୁର ମୁ(ମୋ)ରବା(ବ୍ବା)—ଦେ. ବ—ସପୁରର ଗୋଟା ଛଡ଼ାଯାଇ
Sapuri mu(mo)rabā(bbā) ଭିତ୍ତିର କୋମଳାଂଶକୁ ଚନ ଆନାରସ ମୋରବା ସହିତ ପାକ କରିଯାଇ ପ୍ରସ୍ତୁତ କରିବା ମିଷ୍ଟାନ୍ନ—**कानानसका मोरब्बा** Preserve or marmalade made from pineapple.

ସପୁଣ୍ଣି (ର୍ଣି)ଆ—ଗ୍ରାଦେ, (ଗଡ଼ଜାତ) ବ—ଝଙ୍କାଳିଆ ବନ୍ୟଗୁଳ୍ମ-
Sapurṇṇi(rni)ā ବିଶେଷ—Heptapleurum Venulosum (plant)—(Haines Botany of Bihar and Orissa).

ସପୁଷ୍ପ—ବି. ତ୍ରି. ବ୍ରୀ° (ସ=ସହିତ+ପୁଷ୍ପ; ସହାର୍ଥ ବହୁବ୍ରୀହି)—
Sapushpa ପୁଷ୍ପଯୁକ୍ତ—Flowered; having flowers. (ସପୁଷ୍ପା—ସ୍ତ୍ରୀ)

ସପେଟା—ବୈଦେ. ବ (ଇଂ. ସପୋଟା)—ବକୁଳାଦିବର୍ଗର ଉଦ୍ଭି-
Sapeṭā ବିଶେଷ ଓ ଉହାର ସୁସ୍ୱାଦ୍ୟ ଫଳ—Achras Sapota; ସପୋଟା **सपेता** sapodilla. [ଦ୍ର—ଏହ ଗଛ ବିଦେଶୀ; ଜାମୈକାଦ୍ୱୀପରୁ ପୂର୍ବେ ଭାରତକୁ ଅଣାଯାଇ ଅଢ଼ବାଲ ଉଦ୍ୟାନରେ ଲାଗି ଫଳ ଫଳୁଛି । ଏହାର ଫଳ କୁକୁଟ-ଉମ୍ବାକୃତି ଓ ପାଚିଲେ ମାଂସଳ । ଏଥିମଧ୍ୟରେ ଚରୁଡ଼ା ଚରୁଡ଼ା ଈଷତ୍ କୃଷ୍ଣବର୍ଣ୍ଣ କୋମଳ ଶସ୍ୟ ମଧ୍ୟରେ ବହୁଲକୋଳ ଠାରୁ ଲମ୍ବା କଳା ମଞ୍ଜିମାନ ଥାଏ । ଏ ଫଳର ଉପର ଗୋଟା ନଷ୍ୟବର୍ଣ୍ଣ । ପାଚିଗଲେ ଏହାର ଗୋଟା ଉପରେ ବନ୍ଦୁ ବନ୍ଦୁ ଚକ୍ର ଦେଖାଯାଏ । ଅମେରିକା ସେଣ୍ଟ୍ରିକୋ

Digitized by srujanika@gmail.com

ଦେଶର ଭାଷାରେ ଏହାର ନାମ କୋଚିଟ୍ ଜାପୋଟେ (Cochit-Zapote) ଓ ସ୍ପେନ୍‌ଦେଶୀୟ ଭାଷାରେ ଜାପୋଟେ (Zapote) (କାରଣ ସ୍ପେନ୍‌ଦେଶବାସୀମାନେ ପ୍ରଥମେ ଏ ଫଳକୁ ଅମେରିକାରେ ଦେଖିଥିଲେ) । ଏହାର ଫଳକୁ ଇଂରାଜରେ ସପୋଟା (Sapota; the Sapotilla plum) କହନ୍ତି ।]

ସପ୍ତା (ପ୍ତେ)ଇବା—ଦେ କି—ସପ୍ତାଇବା (ଦେଖ)
Saptā(pte)ibā Sap-tāibā. (See)

ସପ୍ତିବା—ଦେ. କି—ସପ୍ତିବା (ଦେଖ)
Saptibā Sap-tibā. (See)

ସପ୍ତ—ଶ. ବ (ସଂଖ୍ୟାବାଚକ; ବହୁବଚନ) (ସପ୍ . ଧାତୁ=ଏକତ୍ର ଦେବା+କର୍ମ. ତନ୍ ; ସପ୍ତନ୍ ଶବ୍ଦ, ୧ମା,ବହୁବଚନ)—ସାତ (ସଂଖ୍ୟା)—Seven. ସଂ. ବହୁ—ସାତସଂଖ୍ୟକ—Seven in number. [ଦ୍ର—ସପ୍ତ ସଂଖ୍ୟାର ବ୍ୟବହାର ଅନେକ ସ୍ଥଳରେ ଓ ଅନେକ ଗଣନାରେ ଦେଖାଯାଏ ଏବଂ ପ୍ରାଚୀନ ଜାତିମାନଙ୍କ ମଧ୍ୟରେ ଏହି ସଂଖ୍ୟା ଶୁଭସୂଚକ ବୋଲି ବିବେଚିତ ହେଇଥିଲା । ଏହି ଶବ୍ଦ ବହୁବଚନାନ୍ତ । ସପ୍ତବାଚକ ବା ସପ୍ତସଂଖ୍ୟକ ବସ୍ତୁସୂଚକ କେତେକ ଶବ୍ଦ :—ସାତାଳ, ଭୁବନ, ଧାତୁ, ଋଷି, ମନ୍ତ୍ରଷ୍ୟ, ଦ୍ୱୀପ, ସିନ୍ଧୁ, ବାର, ସ୍ୱର୍ଗାଶ୍ୱ, ସ୍ୱର, ସ୍ୱଜାଙ୍କ, ଅଙ୍ଗ, ଗ୍ରହ, କଡ଼ି, ଶିଖା, ପର୍ବତ ।

ଅନ୍ୟାନ୍ୟ ଭାଷାରେ 'ସପ୍ତନ୍' ଶବ୍ଦର ସାଦୃଶ୍ୟ ଯଥା,—ସଂସ୍କୃତ ସପ୍ତ, ଇଂରେଜ—ସେଭେନ୍, ଆରବୀ—ସବଅ୍, ଗ୍ରୀକ୍—ହେପ୍ତ, ଲାଟିନ—ସେପ୍ତମ୍, ଜର୍ମାନ୍—ସେପ୍ତ୍, ଓଡ଼ିଆ ଓ ହିନ୍ଦି ଓ ବଙ୍ଗଳା—ସାତ ।]

ସପ୍ତକ—ସଂ. ବ. (ସପ୍ତନ୍+ସ୍ୱାର୍ଥେ କ)—୧ । ସପ୍ତ ସଂଖ୍ୟା—1. The number seven. ୨ । ସାତ ଗୋଟି ବସ୍ତୁର ଏକତ୍ର ମିଳନ—2. The aggregate of seven things; a group of seven things. ୩ । (ସଂଗୀତ) ସାତ ଗୋଟି ସ୍ୱରର ଏକତ୍ର ମିଳନ—3. The combination of the seven musical tunes. [ଦ୍ର—ସଂଗୀତର ୩ଟି ଗ୍ରାମ (ଯଥା—ଉଦାତ୍ତ, ମୁଦାତ୍ତ ଓ ଜାତ୍ତ) ରେ ଗୋଟିଏ ଲେଖାଏଁ ସପ୍ତକ ଅଛି । ଷଡ଼ଜ (ସା), ଋଷଭ (ର), ଗାନ୍ଧାର (ଗା), ମଧ୍ୟମ (ମା), ପଞ୍ଚମ (ପା), ଦୈବତ (ଧା), ନିଷାଦ (ନି), ଏହି ୭ଟି ସ୍ୱରରେ ଗୋଟିଏ ସପ୍ତକ ହୁଏ । ଇଂରାଜରେ ସ୍ୱରଗ୍ରାମକୁ Octave (ଅଷ୍ଟକ) କୋଇଥାଏ । କାରଣ ମୁଦାତ୍ତର 'ସା' ଉଦାତ୍ତର ସାତସ୍ୱର ସଙ୍ଗେ ଓ ଜାତ୍ତର 'ମା' ଉଦାତ୍ତର ୭ ସ୍ୱର ସଙ୍ଗେ ଗଣାଯାଇ ୮ ବିବେଚିତ ହୁଏ ।

ହିନ୍ଦୁ ସଂଗୀତର ୨ ଗୋଟି ମୌଳିକ ଧ୍ୱନି ଅଛି; ଯଥା, 'ସା, ର, ଗା, ମା, ପା, ଧା; ନି' । ଏହି ସପ୍ତକ ପୁଣି ଗ୍ରାମ-ଭେଦରେ ତ୍ରିବିଧ, ସଥା, ଉତ୍ତମ, ମଧ୍ୟମ ଓ ମନ୍ଦ୍ର ଏହିପରି ଉଚ୍ଚ ସ୍ୱରରେ ଗାନ୍ତି । (୧) ମୁଦାତ୍ତ, (୨) ଉଦାତ୍ତ ବା ମନ୍ଦ୍ର, (୩) ଜାତ୍ତ ।

ଏହି ସପ୍ତକ ମଧ୍ୟରେ ୫ ଗୋଟି ବିକୃତ ସ୍ୱର ଅଛି ଯଥା, ୨ ଓ ୩ ମଧ୍ୟରେ କୋମଳ ରେଖାବ୍(ଋ), ୩ ଓ ୪ ମଧ୍ୟରେ କୋମଳ ଗାନ୍ଧାର (ଗା), ୪ ଓ ୫ ମଧ୍ୟରେ କଡ଼ି ମଧ୍ୟମ (ମା), ୬ ଓ ୭ ମଧ୍ୟରେ କୋମଳ ଦୈବତ (ଧା), ୭ ପରେ କୋମଳ ନିଷାଦ (ନି) । 'ସ୍ୱର' ତଳେ କୋଷ ଦେଖ ।]

ସଂ. ତଣ—ସପ୍ତ ସଂଖ୍ୟକ—1. Numbering seven; consisting of seven. ୨ । ସପ୍ତମ; ସାତର ପୂରଣ; ସପ୍ତ ସ୍ଥାନୀୟ—2. Seventh.

ସପ୍ତକାଣ୍ଡ—ସଂ. ବ.—ରାମାୟଣ ଗ୍ରନ୍ଥର ୭ ଗୋଟି କାଣ୍ଡ ବା ବିଭାଗ—
Sapta kāṇḍa The seven books or parts of the Rāmāyāṇa.

ସପ୍ତକୀ—ସଂ. ବ. (ସପ୍ତକ=ସପ୍ତ ସଂଖ୍ୟକ+ଈ; ଯାହାର ୭ ଗୋଟି
Saptakī ସର ଥାଏ; କିମ୍ବା ସମ୍ ଧାତୁ=ଏକତ୍ର, ଦେବା+କର୍ତ୍ତୃ ଭଳ+ଈ; ଯାହା କଟିରେ ଏକତ୍ର ଦିଏ) ୧ । କାଞ୍ଚୀ; ଅଣ୍ଟାସୂତା; ମେଖଳା; (ଅସଭ)—1. Waist-chain; girdle. ୨ । ସାତ ସରଥ ଗୋଠ —2 A seven-stringed waist-chain. ଦେ. ବ. ବୀଣା—Harp [ଦ୍ର—ସପ୍ତକୀ ନନାଦ, ଶୁଣି ମୁଁ ଅନନ୍ଦ, ରସସାଗରେ ବିସ୍ମିତ ।—ଅଭିମନ୍ୟୁ, ବିଦଗ୍ଧ ଚିନ୍ତାମଣି]

ସପ୍ତକୋ(କୋ)ଶୀ ଗଣ୍ଡ—ଦେ.ବ. ନାମ—(ସାତ କୋଶିଆ ଗଣ୍ଡ (ଦେଖ)
Sapta ko(kro)śī gaṇḍa Sāta kośiā gaṇḍa (see

ସପ୍ତଗଙ୍গ—ସ. ବ. (ସମାହାର ଦ୍ୱିଗୁ)—(ସପ୍ତନ୍+ଗଙ୍ଗା)—ସାତ ଗୋଟି
Sapta gaṅga ନଦୀର ମିଳନ ସ୍ଥାନ—The junction of 7 rivers.

ସପ୍ତଗ୍ରନ୍ଥି ଶୁଣ୍ଡ—ସଂ.ବ. (ଜୀବବିଜ୍ଞାନ ପରିଭାଷା)—ଯେଉଁ ଜୀବମାନଙ୍କର
Sapta granthi śuṇḍa ଶୁଣ୍ଡ ଦ୍ୱୟର ଅଗରେ ୭ଟି ଲେଖାଏ ଗ୍ରନ୍ଥି ଥାଏ (ଯଥା—ଚୁଣ୍ଟିକ) The chilopoda.

ସପ୍ତଗ୍ରାମ—ଦେ. ବ. (ନାମ) ସାତଗାଁ। ନାମକ ବଙ୍ଗ ଦେଶର ପ୍ରାଚୀନ
Saptagrāma ବିଭାଗ ଅନ୍ତର୍ଗତ ଓ ତତ୍ତ୍ୱର ରାଜଧାନୀ—Name of a province & its capital of ancient Bengal. (ଦ୍ର—ଏହି ସପ୍ତଗ୍ରାମନଗର ଅଧୁନିକ ହୁଗୁଳି ସହରର ଉତ୍ତର ପଶ୍ଚିମରେ ପ୍ରାୟ ୧୯ କୋଶ ଦୂରରେ ତ୍ରିବେଣୀ ତୀର୍ଥ ନିକଟରେ ବର୍ତ୍ତମାନ ଛୋଟ୍ଟ ସରସ୍ୱତୀ ନାମକ ନଦୀ ତୀରରେ ଅବସ୍ଥିତ ଥିଲା । ହିନ୍ଦୁ ରାଜତ୍ୱରେ ଏହା ସମୃଦ୍ଧିଶାଳୀ ନଗର ଥିଲା । ଖ୍ରୀଃ ତ୍ରୟୋଦଶ ଶତାବ୍ଦୀ ପରେ ବଙ୍ଗ ମୁସଲ୍‌ମାନଙ୍କ ଅଧିକୃତ ହେବା ପରେ ସପ୍ତ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଗୋଟିଏ ପ୍ରଧାନ ଅନ୍ତର୍ଜାତିକ ବାଣିଜ୍ୟ କେନ୍ଦ୍ର ଓ ବନ୍ଦର ଥିଲା । ମୁସଲମାନ୍ ମାନେ ଅନେକ ହିନ୍ଦୁ ମନ୍ଦିରକୁ ଭାଙ୍ଗି ତହିଁ ଉପରେ ମସଜିଦମାନ ନିର୍ମାଣ କଲେ । ଷୋଡ଼ଶ ଶତାବ୍ଦୀ ପୁଙ୍ଗର ଇଉରୋପୀୟ ପର୍ଯ୍ୟଟକଗଣ ଏ ନଗରର ବାଣିଜ୍ୟ ସମୃଦ୍ଧି ବର୍ଣ୍ଣନା କରିଅଛନ୍ତି । କବିକଙ୍କଣ ମୁକୁନ୍ଦ ଚଣ୍ଡୀ, ବୃନ୍ଦାବନଦାସଙ୍କ

Digitized by srujanika@gmail.com

ଚୈତନ୍ୟ ଶ୍ରୀଗବତ ଓ କୃଷ୍ଣସ୍ୱମଙ୍ଗ ପଞ୍ଚୀମଙ୍ଗଲରେ ସପ୍ତ ଗ୍ରାମର ସମ୍ବନ୍ଧ ବର୍ଣ୍ଣନା ହୋଇଅଛ । ମୁସଲମାନ ସ୍ୱଜତ୍ୱରେ ଏହା ସୋଳିବ ସ୍ୱଜସ୍ଥ ଅବାସ୍ଥ ଢେଜ୍ (ପ୍ରଗନା ବା ସରକାର) ଥିଲ ଓ ଏଠାରେ ସୋଳଶ ଶତାବ୍ଦୀ ପର୍ଯ୍ୟନ୍ତ ଟାଙ୍କଶାଳ। ଥିଲ । ସମ୍ରାଟ ଅକବରଙ୍କ ସମୟରେ ଏଥିର ଅଧଃପତନ ହେଲ୍ଲ । ସେ ପର୍ତ୍ତୁଗୀଜମାନଙ୍କୁ ହୁଗୁଲୀରେ ସହର ନର୍ମାଣ କରିବାକୁ ଆଦେଶ ଦେବାରୁ ହୁଗୁଲୀ ସହର ନର୍ମିତ ହେଲ୍ଲ ଓ ସପ୍ତଗ୍ରାମ ଜନଶୂନ୍ୟ ହେଲ୍ଲ— ବଶବୋଷ ।]

ସପ୍ତ ଚତ୍ୱାରିଂଶ—ସ. ବଣ (ସପ୍ତ ଚତ୍ୱାରିଂଶତ୍+ପୂରଣାର୍ଥେ. ଅ)— Sapta chatwārimśa ୪୭ ସଂଖ୍ୟାର ପୂରଣ— Forty seventh.

ସପ୍ତ ଚତ୍ୱାରିଂଶତ୍—ସଂ. ବ (ସପ୍ତ ଅଧିକ ଚତ୍ୱାରିଂଶତ୍; ମଧ୍ୟପଦଲୋପୀ Sapta chatwārimśat କର୍ମଧାରୟ)—ସତଚତ୍ୱାରିଂଶ; ୪୭ ସଂଖ୍ୟା—Forty seven; 47. ସଂ. ବଣ—ସତଚତ୍ୱାରିଂଶ ସଂଖ୍ୟକ—Numbering fortyseven.

ସପ୍ତ ଚତ୍ୱାରିଂଶତ୍ତମ—ସଂ. ବଣ (ସପ୍ତ ଚତ୍ୱାରିଂଶତ୍+ପୂରଣାର୍ଥେ. Sapta chatwārimśattama ତମ)—୪୭ ସଂଖ୍ୟାର ପୂରଣ—Forty seventh.

ସପ୍ତଚ୍ଛଦ—ସଂ. ବ (ବହୁବ୍ରୀହି; ସପ୍ତନ୍+ଛଦ=ପତ୍ର ଯାହାର; ସପ୍ତ Saptachchadda ସୋଗେ 'ଚ୍ଛ'ର ଦ୍ୱିତ୍ୱ; ଏହାର ଗୁଡି ଛାତିମ୍(ନ୍) ଚତୀବନ ଗଣ୍ଡିରେ ୭ଟି ଲେଖାଏଁ ପତ୍ର ଡାଳକୁ ବେଢ଼ିଥାଏ)—ସପ୍ତପର୍ଣ୍ଣ; ଛତିଅନା (ଗଛ)— Alstonia Scholaris tree.

ଛତିନା ୧ (ଦେଖ)

ଅନ୍ୟ ସଂ ନାମ—ଗୁଚ୍ଛପୁଷ୍ପ, ଯୁଗପର୍ଣ୍ଣ, ମଣିଚ୍ଛଦ, ବୃହତ୍ପତ୍ରକ, ବହୁପର୍ଣ୍ଣ, ଶାଳ୍ମଳପତ୍ରକ, ମଦାତ୍ତ, ଗନ୍ଧପର୍ଣ୍ଣ)

ସପ୍ତ ଜନ୍ମ—ସଂ. ବ—ସାତ ଥର ଦେହ ଧାରଣ କରିବା—Seven births in the world. Sapta janma

ସପ୍ତ ଜାଗର—ଦେ. ବ—ସାତ ପାଁ (ଦେଖ) Sapta jāgara Sāta dipa (See)

ସପ୍ତ ଜିହ୍ୱ(ଜ୍ୱାଳ)—ସ.ବ (ସପ୍ତନ୍=୭+ଜିହ୍ୱା, ଜ୍ୱାଳା=ଶିଖା ଯାହାର Sapta jihwa(jwāla) ବହୁବ୍ରୀହି)—ଅଗ୍ନି; ନଅଁ—Fire.

[ଦ୍ର—ଅଗ୍ନିର ୭ ଗୋଟି ଜିହ୍ୱାର ନାମ, ଯଥା—କାଳୀ, କରାଳୀ, ମନୋଜବା, ସୁଲୋହିତା, ସୁଧୂମବର୍ତ୍ତୀ, ସ୍ଫୁଲିଙ୍ଗିନୀ ବା ଭଦ୍ରା, ବିଶ୍ୱରୂପିଣୀ ବା ବିଶ୍ୱରୁଚି ବା ପ୍ରଭାସ୍ୱରା । ମତାନ୍ତରରେ ସପ୍ତ ଜିହ୍ୱାର ନାମ, ଯଥା—ଅବହ, ପ୍ରବହ, ଉଦ୍‌ବର୍ତ୍ତ, ସଂବହ, ବିବହ, ନିବହ, ପରିବହ । ଏହି ୭ ଗୋଟି ବାୟୁ ଅଗ୍ନିର ୭ ଗୋଟି ଜିହ୍ୱା ରୂପେ କଥିତ ।

ଏମ୍ଭ ବିଶେଷରେ ଏହି ସପ୍ତ ଜିହ୍ୱାଙ୍କର ନାମାନ୍ତର ମଧ୍ୟ ଅଛ, ଯଥା—(କ) ୧ ହିରଣ୍ୟା, ୨ ତନକା, ୩ ରକ୍ତା, ୪ କୃଷ୍ଣା, ୫ ସୁପ୍ତା, ୬ ବହୁରୂପା, ୭ ଅତିରିକ୍ତା । (ଖ) ୧ ଶ୍ୱେତ, ୨ ଧୀତ, ୩ ରକ୍ତ, ୪ କୃଷ୍ଣି, ୫ ପାଳ, ୬ ଧୂମ୍ର, ୭ ଖାଣ୍ଡଳ ।]

ସପ୍ତ ତନ୍ତୁ—ସଂ. ବ (ବହୁବ୍ରୀହି; ସପ୍ତନ୍=ଅଗ୍ନିର ସପ୍ତ ଜିହ୍ୱା ବା ସପ୍ତ Sapta tantu ବିଧ ପ୍ରାର୍ଥନା+ତନ୍ ଧାତୁ+ଅଧିକରଣ ଭୂ; ଯଜ୍ଞରେ ଅଗ୍ନିର ସପ୍ତ ଜିହ୍ୱା ବିସ୍ତୃତ ହୁଏ)—ଯଜ୍ଞ; ଯାଗ; (ଅମର)—Vedic sacrifice. [ଦ୍ର—ଭୂ ଦେବ ସପ୍ତତନ୍ତୁ ହେଉ, ତଭୁର ହୋଇ ମୂଳତତ୍ତ୍ୱ । ଜଗନ୍ନାଥ. ଶ୍ରୀଗବତ ।]

ସପ୍ତ ତାଳ—ସଂ.ବ—ଏକ ଧାଡ଼ିରେ ବା ଏକତ୍ର ସ୍ଥିତ ୭ ଗୋଟି ତାଳଗଛ Sapta tāla —Seven palmyra trees standing together or in a row. [ଦ୍—ସ୍ୱମତତ୍ତ୍ୱ ଏତ ଶର ଦ୍ୱାରା ସପ୍ତ (ସାତ) ତାଳଗଛ ଭେଦ କରିଥିଲେ ।]

ସପ୍ତତି—ସ. ବ ଓ ବଣ [ସଂଖ୍ୟାବାଚକ; ସପ୍ତଦଶ+ପରମାଣାର୍ଥେ. ତି Saptati (ଜଣାଇବା); ଯାହାର ପରମାଣ ସାତ×୧୦]—୭୦; ସତୁର—70; Seventy.

ସପ୍ତତିତମ—ସ. ବଣ (ସପ୍ତତି+ପୂରଣାର୍ଥେ. ତମ)—୭୦ ର ପୂରଣ— Saptatitama Seventieth.

ସପ୍ତ ତ୍ରିଂଶ—ସ. ବଣ (ସପ୍ତ ତ୍ରିଂଶତ୍+ପୂରଣାର୍ଥେ. ଅ)— Sapta trimśa ୩୭ ସଂଖ୍ୟାର ପୂରଣ—Thirtyseventh.

ସପ୍ତ ତ୍ରିଂଶତ୍—ସ. ବ (ସଂଖ୍ୟାବାଚକ; ସପ୍ତ ଅଧିକ ତ୍ରିଂଶତ୍)— Sapta trimśat ୩୦ ରୁ ସାତ ଅଧିକ ସଂଖ୍ୟା—Thirty-seven. ବଣ—୩୭ ସଂଖ୍ୟକ—Numbering thirty seven.

ସପ୍ତ ତ୍ରିଂଶତି—ସ. ବଣ (ସପ୍ତ ତ୍ରିଂଶତ୍+ପୂରଣାର୍ଥେ. ଇ)—୩୭ Sapta trimśati ସଂଖ୍ୟାର ପୂରଣ—Thirty seventh.

ସପ୍ତ ଦଶ—ସଂ. ବ (ସପ୍ତ ଦଶନ୍ ଶବ୍ଦ; ବହୁବଚନ; ସପ୍ତନ୍+ଦଶନ୍; Sapta daśa ସପ୍ତ ଅଧିକ ଦଶ; ମଧ୍ୟପଦଲୋପୀ କର୍ମଧାରୟ)— (ସପ୍ତ ଦଶତ—ଅନ୍ୟରୂପ) ୧୭; ସତର—Seventeen; 17. ସଂ. ବଣ—୧ । ସତର ସଂଖ୍ୟକ—1. Numbering seventeen. ୨ । ସତର ସଂଖ୍ୟାର ପୂରଣ— 2. Seventeenth.

ସପ୍ତ ଦଶମ—ସଂ. ବଣ—ସତର ସଂଖ୍ୟାର ପୂରଣ (ବଶବୋଷ)— Sapta daśama Seventeenth.

ସପ୍ତ ଦିବ୍ୟ ମନୁଷ୍ୟ—ସଂ. ବ—ସପ୍ତ ମନୁଷ୍ୟ (ଦେଖ) Sapta dibya manushya Sapta manushya (See)

ସପ୍ତ ଦୀଧିତ—ସଂ. ବ (ସପ୍ତନ୍+ଦୀଧିତ=ପ୍ରଭା ଯାହାର; ବହୁବ୍ରୀହି)— Sapta dīdhiti ସପ୍ତଜିହ୍ୱ; (ନିଘାଣ୍ଟ ଶେଷ)—Fire.

ସପ୍ତ ଦୀପ—ସଂ. ବ—ସାତ ପାଟ; ସାତ ମୋଟି ମୁଖଯୁକ୍ତ ପ୍ରଦୀପ— Sapta dīpa A lamp with seven mouths.

[ଦ୍ର—ଏହି ପାଟରେ ୭ ମୋଟି ବତତା ଦଅଯାଇ ଦେବତା ଓ ବର କନ୍ୟାଙ୍କୁ ବନ୍ଦାଅନା କରିଥାଏ ।]

ସପ୍ତ ଦ୍ୱୀପ—ସଂ. ବ (ଦ୍ୱିଗୁ)—ପୁରାଣୋକ୍ତ ପୃଥିବୀର ୭ ମୋଟି ଦ୍ୱୀପ— Sapta dwīpa The seven islands comprising the earth according to the Hindu mythology.

Digitized by srujanika@gmail.com

[ଉଃ—ସେ ସ୍ୱଜାରଥରଙ୍କେ କର
ଦୋଇଲ୍ଲ ଯେତେକ ବସ୍ତାର ।
ତେଣୁ ସପତଦ୍ୱିକୁ ଦେଲ
ପୃଥ୍ୱୀ ସାଉସ୍ତଗ କଲ ।
ଶାକ ଶାଲ୍ମଳି ଜମ୍ବୁ ପ୍ଲକ୍ଷ
କୁଶ ପୁଷ୍କର ଅଉ କୌଞ୍ଚ ।
ଜଗନ୍ନାଥ ଭାଗବତ ।]

ଦ୍ର—ପୁରାଣୋକ୍ତ ଏହି ୭ଟି ଦ୍ୱୀପର ନାମ, ଯଥା—ଜମ୍ବୁ, ପ୍ଲକ୍ଷ, ଶାଲ୍ମଳୀ, କୁଶ, କୌଞ୍ଚ, ଶାକ ଓ ପୁଷ୍କର । ଏମାନେ ପୁରାଣୋକ୍ତ ସପ୍ତସମୁଦ୍ର ମଧ୍ୟରେ ଯଥାକ୍ରମେ ଅବସ୍ଥିତ ଓ ଏମାନଙ୍କର ସୀମା ମଧ୍ୟ ଯଥାକ୍ରମେ ୭ ଜଣ । ଭାରତବର୍ଷ ଜମ୍ବୁଦ୍ୱୀପ ଅନ୍ତର୍ଗତ । ପ୍ରତ୍ୟେକ ଦ୍ୱୀପରେ ଭେତେଗୁଡ଼ିଏ ବର୍ଷ ବା ଦେଶ ଅଛି । ଏହି ସପ୍ତଦ୍ୱୀପ ମେରୁ ପର୍ବତକୁ ବେଷ୍ଟନ କରି ଅବସ୍ଥିତ । ଏହି ସପ୍ତଦ୍ୱୀପର ମଧ୍ୟ ସ୍ଥଳରେ ଜମ୍ବୁଦ୍ୱୀପ ଅବସ୍ଥିତ ।

ଆମ୍ଭେମାନେ ବର୍ତ୍ତମାନ ଭୂଗୋଳରେ ଦ୍ୱୀପ ଅର୍ଥରେ ଯାହା ବୁଝୁଁ, ଏ ଦ୍ୱୀପମାନ ତାହା ନୁହେଁ । ଯେଉଁ ଭୂଖଣ୍ଡ ଚାରିଆଡ଼େ ଜଳବେଷ୍ଟିତ, ତାହା ଦ୍ୱୀପ ଅଟେ, ଏହାହିଁ ଭୌଗୋଳିକ ସଂଜ୍ଞା । କିନ୍ତୁ ହିନ୍ଦୁ ପୁରାଣୋକ୍ତ ଏ ଦ୍ୱୀପ-ମାନ ଗୋଲାକାର ପାତ୍ରୀ ଓ ଉହାଁର ଦୁଇ ଦଗରେ ଜଳ-ବେଷ୍ଟିତ ବଳୟ ବା ଅଙ୍ଗୁଶ୍ୟୟୁକ୍ତଭୁଲ୍ୟ ଭୂଭାଗ (rings) ଅବସ୍ଥିତ ।

ମେରୁଗିରିକୁ ବେଢ଼ି ଗୋଟିଏ ସମୁଦ୍ର ବଳୟ ଓ ତାକୁ ବେଢ଼ି ଗୋଟିଏ ଦ୍ୱୀପ ବଳୟ; ତାକୁ ବେଢ଼ି ପୁଣି ଗୋଟିଏ ସମୁଦ୍ର ବଳୟ ଓ ତାକୁ ବେଢ଼ି ପୁଣି ଗୋଟିଏ ଦ୍ୱୀପ ବଳୟ —ଏହିପରି ମେରୁଗିରିକୁ କେନ୍ଦ୍ର କରି ୭ ଗୋଟି ସମୁଦ୍ର ଓ ୭ ଗୋଟି ଦ୍ୱୀପ ବଳୟାକାରରେ ବେଢ଼ିଥିବା ପୁରାଣରେ ଲେଖାଅଛି ।

(ସପ୍ତ ଦ୍ୱୀପା—ସ୍ତ୍ରୀ) ବି. ବହୁ (ବହୁବ୍ରୀହି)—ସପ୍ତଦ୍ୱୀପ ବସିଷ୍ଠ—Consisting of 7 islands.

ସପ୍ତ ଦ୍ୱୀପ ପତି—ସଂ, ବ (ସପ୍ତନ୍ + ଦ୍ୱୀପ + ପତି)—ପୁରାଣୋକ୍ତ ସପ୍ତ Sapta dwīpa pati ଦ୍ୱୀପମାନଙ୍କର ପୁରାଣୋକ୍ତ ରାଜଗଣ—The seven mythological kings of the seven mythological islands. [ଦ୍ର—ଏହ ସପ୍ତ ଦ୍ୱୀପପତିଙ୍କର ନାମ, ଯଥାକ୍ରମେ ଅଗ୍ନୀଧ୍ର, ମେଧାତିଥି, ବପୁଷ୍ମାନ୍ ଜ୍ୟୋତିଷ୍ମାନ୍, ଦ୍ୟୁତିମାନ୍, ହବ୍ୟ ଓ ସବନ ।]

ସପ୍ତ ଦ୍ୱୀପା—ସଂ. ବଣ, ସ୍ତ୍ରୀ (ବହୁବ୍ରୀହି)—ସପ୍ତଦ୍ୱୀପ ବସିଷ୍ଠା—Sapta dwīpā. Having seven islands.

ସଂ. ବ (ସପ୍ତଦ୍ୱୀପ ବସିଷ୍ଠା)—ପୃଥିବୀ; ଧରଣୀ—The earth.

ସପ୍ତଧା—ସଂ.କି.ବଣ (ସପ୍ତ + ପ୍ରକାରାର୍ଦ୍ଧେ ଧା)—୧। ସାତ ପ୍ରକାରେ Saptadhā —1. In seven ways. ୨। ସାତ ଥର—2. Seven times. ୩। ସାତ ଦଗରେ—3. In seven direcions. ୪। ସାତ ଅଂଶରେ—4. In seven parts.

ସପ୍ତ ଧାତୁ—ସଂ. ବ—ଶରୀରସ୍ଥ ସପ୍ତ ସଂଖ୍ୟକ ଧାତୁ ବା ସାର ବା Sapta dhātu ଉପାଦାନ—The seven ingredients of the body.

[ଉ—ହୃଦୟୁ ଅବୋଇବା ଅଣେ
ଅସ୍ଥି ସଜ୍ଜିଲ୍ଲ ପୃଷ୍ଠଦେଶେ ।
ଅସ୍ଥି ଉଉରେ ମଜ୍ଜା କଲ
ଅସ୍ଥିରେ ମେଦ ଉଥଇଲ୍ଲା ।
ତାର ଉପରେ ମାଂସ ଧର
ରୁଧିର ଆବରଣ କର ।
ତାର ଉପରେ ଚୁକ ଚର୍ମ
ମଜ୍ଜାର ମଧ୍ୟେ ରହେ ବ୍ୟୋମ ।
ଏମନ୍ତେ କର ସପ୍ତଧାତୁ
ସେ ଭୂମି ଜଳ ତେଜ ହେଉ ।
ଜଗନ୍ନାଥ ଭାଗବତ]

[ଦ୍ର—ରସ, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ଏହି ସପ୍ତଧାତୁ ଯୋଗୁଁ ଶରୀର ବଦ୍ଧ ରହେ । ଏମାନ ଶରୀରର ସ୍ଥୈର୍ଯ୍ୟପ୍ରଦ । ଏ ସପ୍ତଧାତୁ ଶରୀରକୁ ଧାରଣ କରନ୍ତୁ ବୋଲ ଏମାନଙ୍କ ନାମ ଧାତୁ । ଅଦାରର ସାର ପ୍ରଥମେ ରସରେ, ରସ ରକ୍ତରେ, ରକ୍ତ ମାଂସରେ, ମାଂସ ମେଦରେ, ମେଦ ଅସ୍ଥିରେ, ଅସ୍ଥି ମଜ୍ଜାରେ ଓ ମଜ୍ଜା ଶୁକ୍ରରେ ପରିଣତ ହୁଏ । ଖାଦ୍ୟର ଅସାର ଅଂଶ ମଳ, ମୂତ୍ର, ଘର୍ମ ଆଦ ରୂପରେ ଦେହରୁ ବାହାର ଯାଏ । ସପ୍ତଧାତୁର ଉପଚୟରେ ଶରୀରର ପୁଷ୍ଟି ଓ କ୍ଷୟରେ ଶରୀରର କ୍ଷୟ ହୁଏ ।]

ସପ୍ତ ନବତ—ସଂ. ବଣ (ସପ୍ତ ନବତି + ପୂରଣାର୍ଥେ ଅ)—ସତାନବେ Sapta nabata ସଂଖ୍ୟାର ପୂରଣ—Ninety seven. (ସପ୍ତ ନବତି ତମ—ଅନ୍ୟରୂପ)

ସପ୍ତ ନବତି—ସଂ. ବ ଓ ବଣ (ସଂଖ୍ୟାବାଚକ; ସପ୍ତନ୍ + ଅଧିକାର୍ଥେ Sapta nabati ନବତି)—ନବେଠାରୁ ସାତ ଅଧିକ ସଂଖ୍ୟା—Ninety seventh.

ସପ୍ତ ନବୟା—ଦେ. ବଣ (ସ. ସପ୍ତନ୍ + ନବ + ବୟସ୍)—ଷୋଡ଼ଶ Sapta nabayā ବର୍ଷୀୟା; ଷୋଡ଼ଶୀ—Sixteen year old ଷୋଡ଼ଶୀ (female). [ଉ—ସପ୍ତ ନବୟା ଡୋଷିବି । ସୋଳହ ବର୍ଷକୀ ଅଉମନୁଷ୍ୟ ବଦଖ ଚନ୍ଦ୍ରାମଣି ।]

ସପ୍ତ ନଳୀ—ସଂ. ବ—ସାତ ନଳୀ; ଯଷ୍ଟି ଧରିବା ସାଇଁ ଢେଲାଙ୍କ Sapta nalī ବ୍ୟବହୃତ ନଳ—Seven long hollow rods, the head of one fitting to the tail of the other, and used in catching birds.

ସପ୍ତନାଡ଼ିକ—ସ. ବଣ. ତ୍ରି (ସପ୍ତନ୍ + ନାଡ଼ୀ ଯାହାର; ବହୁବ୍ରୀହି; Sapta nārdika ସପ୍ତନ୍ + ନାଡ଼ୀ + କ)—୧। ସାତ ଗୋଟି (ସପ୍ତ ନାଡ଼ିକା—ସ୍ତ୍ରୀ) ନାଡ଼ୀଯୁକ୍ତ—1. Having seven stems or veins. ୨। (ଜ୍ୟୋତିଷ) ସପ୍ତନାଡ଼ୀ ଚକ୍ର ବସିଷ୍ଠ—2. Having the astrological figure of Sapta nārdi chakra.

Digitized by srujanika@gmail.com

ସପ୍ତ ନାଡ଼ୀ ଚକ୍ର—ସଂ.ବ (ଜ୍ୟୋତିଷ)—ବୃଷ୍ଟିଜ୍ଞାନାର୍ଥ ଗ୍ରହନକ୍ଷତ୍ରାଙ୍କିତ
Sapta nārdī chakra ସପ୍ତନାଡ଼ୀକ ସର୍ଜିତ ଚକ୍ର ବିଶେଷ--An astrological circle set up with planets and asterisms indicating the amount of rain which will fall on the earth.

[ଦ୍ର—ସର୍ତ୍ତଥାରମ୍ଭରେ ୨୫ ନାଡ଼ୀ ଅଙ୍କନ କର ତହିଁରେ ଜ୍ୟୋତିଷ ଶାସ୍ତ୍ରର ଉପଦେଶ ଅନୁସାରେ ଗ୍ରହ-ନକ୍ଷତ୍ରାଦି ସଂସ୍ଥାପିତ ହଲେ ସେହି ଗ୍ରହନକ୍ଷତ୍ରାଦିଙ୍କ ଅବସ୍ଥାନ ଅନୁସାରେ ଅଗାମୀ ବର୍ଷ ହେବା ବୃଷ୍ଟିର ପରିମାଣ ଓ କାଳ ଜଣା ପଡ଼େ । ଗୃହେଷ୍ଟ ଲେଖାଏଁ ନକ୍ଷତ୍ରରେ ଗୋଟିଏ ନାଡ଼ୀ ହୁଏ । ସେ ନାଡ଼ୀମାନଙ୍କର ଯଇ ଯବ ନାମ ଓ ଫଳ ଅଛି ।]

ସପ୍ତନାମା—ସ. ବ. (ବୈଦ୍ୟକ)—ଅଦଭ୍ୟ ଉତ୍ତା (ସ୍ୱଳ୍ପଜଘର୍ଦ୍ଧ); ଅଣ
Saptanāmā ସୋରପିଆ ଗୁଳ୍ମ; ବନ୍ୟ ଶାକ ବିଶେଷ—Cleome Viscosa (a plant).

ସପ୍ତ ପଞ୍ଚାଶ—ସ. ବିଣ (ସପ୍ତ ପଞ୍ଚାଶତ୍ + ପୂରଣାର୍ଥେ ଅ)—ସତାବନ
Sapta pañchāśa ସଙ୍ଖ୍ୟାର ପୂରଣ—Fifty seventh.

ସପ୍ତ ପଞ୍ଚାଶତ୍—ସ.ବ ଓ ବିଣ (ସଙ୍ଖ୍ୟାବାଚକ; ସପ୍ତନ୍ ଅଧିକ ପଞ୍ଚାଶତ୍)
Sapta pañchāśat ସପ୍ତଣ ଅତିରିକ୍ତ। ଅଧିକ ସାତ ସଙ୍ଖ୍ୟା Fifty seven.

ସପ୍ତପତ୍ର—ସ. ବ. (ବନ୍ଦୁଗ୍ରନ୍ଥି)—୧ । (ବୈଦ୍ୟକ) ମୁଦୁର ବୃକ୍ଷ;
Sapta patra (ସ୍ୱଳ୍ପ ବର୍ଦ୍ଧିଷ୍ଣୁ); ମୁସୁର ମଲ୍ଲୀ ଗୁଳ୍ମ—1. A flowering plant; Double Jasmine. ୨ । ସୁଗନ୍ଧଯୁକ୍ତ ଗୁଳ୍ମ—2. A flowering plant; Gardenia Florida. ୩ । (ସପ୍ତନ୍ + ଛଦ ପାହାର; (ସପ୍ତପର୍ଣ୍ଣ—ଅନ୍ୟରୂପ) ବନ୍ଦୁଗ୍ରନ୍ଥି) ସପ୍ତଚ୍ଛଦ (ଦେଶ)—3. Saptachhada (See).

ସପ୍ତପଦ—ସ. ବ.—(ଦ୍ୱିତ୍ୱ; ସପ୍ତନ୍ + ପଦ)—୧ । ସାତ ପାହୁଣ୍ଡ;
Saptapada ସାତ ଥର ପଦ ବିକ୍ଷେପ—1. Seven steps. ୨ । ବରାଦ ଜାଣିବେ ବରକୁ ଦେଇ ସାତ ଗୋଟି ବସ୍ତୁ (ବିଶେଷ)—2. Seven items of articles given to the bridegroom at marriage. ୩ । ଯେଉଁ ମନ୍ତ୍ରର ଆଦ୍ୟରେ 'ସପ୍ତପଦୀ' ଶବ୍ଦ ଉକ୍ତ ହୋଇଥିବ (ବିଶେଷ)—3. A mystic formula beginning with the word Saptapadī.

ସପ୍ତ ପଦାର୍ଥ—ସ. ବ. (ଦ୍ୱିତ୍ୱ; ସପ୍ତନ୍ + ପଦାର୍ଥ)—(ନ୍ୟାୟ ଓ
Sapta padārtha ବୈଶେଷିକ ଦର୍ଶନ)-ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ବିଶେଷ, ସମବାୟ ଓ ଅଭାବ, ବସ୍ତୁର ଏହି ୭ ଗୋଟି ବିଷୟ (ବିଶେଷ)-(Nyāya & Baiseshika philosophy) The seven articles or attributes of matter.

ସପ୍ତପଦୀ—ସ. ବ.—ସ୍ତ୍ରୀ (ସମାହାର ଦ୍ୱିତ୍ୱ; ସପ୍ତନ୍ = ୭ + ପଦ =
Sapta padī ପଦଗୁଣ + ସମାହାରାର୍ଥେ ଈ; ସପ୍ତ ପଦର ବା ସାତ ପାହୁଣ୍ଡର ମିଳନ)-ବରାଦ ଜାଣରେ ବରଙ୍କର ଓ କନ୍ୟାଙ୍କର ୭ଥର ଏକ ଏକ ମଣ୍ଡଳରେ ପାଦନ୍ୟାସ କରିବା ରୂପ ବିଧି। —The ceremony performed just after the rite of marriage when the bride steps on seven circles chalked on the ground beforehand and the bridegroom follows on her footsteps uttering mystic formulas. [ଦ୍ର—କନ୍ୟାସମ୍ପ୍ରଦାନ ପରେ ଓ ପାଣିଗ୍ରହଣ ହୋମ ସରିବା ପରେ ବରାଦ୍ୱେଷୀମାନଙ୍କୁ ଛାଡି ବର ଓ କନ୍ୟାଙ୍କର ଦଗଲ୍ ଯାଇ କନ୍ୟାଙ୍କ ହାତ ଧରି, ଉତ୍ତର ଉତ୍ତର ଗାର୍ହସ୍ଥ୍ୟ ଉତ୍ତିବ୍ୟ ଯାଚନ କରିବା ବସିଥିବା ବସ୍ତୁ ଦୁଇ) ଭୂମିକୁ ବାମ ଦେଖାନ୍ତୁ, ଏହି ସମୟର ୭ ଗୋଟି ମନ୍ତ୍ର ଉଚ୍ଚାରଣ ପୂର୍ବକ ଭୂମିରେ ପୂର୍ବରୁ ଥିଠାରେ ବା ମୃତ୍ତିକାରେ ଅଙ୍କିତ ଦୋହରିଥିବା ୭ ଗୋଟି ମଣ୍ଡଳ ବାମ କନ୍ୟାର ବାମ ଚରଣାଙ୍ଗୁଷ୍ଠ ଦକ୍ଷିଣ ଓ କନ୍ୟା ସେହି ମଣ୍ଡଳମାନଙ୍କରେ ଯଥାକ୍ରମେ ଗୋଡ଼ ପକାଇ ଉଠି ଚାଲନ୍ତି। ତତ୍ପରେ କନ୍ୟା ପୁଣି ୭ ଗୋଟି ମନ୍ତ୍ର ଉଚ୍ଚାରଣ କରନ୍ତି ଓ କନ୍ୟା ଯେଉଁ ୭ ଗୋଟି ମଣ୍ଡଳରେ ପାଦ ପକାଇ ଯାଇଥାଆନ୍ତି, ବର ପୁଣି ସେହି ସାତ ଗୋଟି ମଣ୍ଡଳରେ ପାଦ ଦେଇ ତାଙ୍କ ଅନୁଗମନ କରି ଫେରି ଅସନ୍ତି। ଏହାକୁ 'ସପ୍ତପଦୀ ଗମନ' କୋଇଯାଏ।]

ସପ୍ତପଦୀ ଗମନ—ସଂ.ବ—ବରାଦ ପରେ ମନ୍ତ୍ରୋଚ୍ଚାରଣ ପୂର୍ବକ ବରଙ୍କର
Saptapadī gamana ଓ କନ୍ୟାଙ୍କର ୭ଗୋଟି ମଣ୍ଡଳରେ ପାଦ ପକାଇ ବିବାହର ଶେଷ କର୍ମ—The concluding ceremony of marriage consisting of the bride & the bridegroom walking seven steps together through seven circles drawn on the ground, chanting some mystic formulae.

ସପ୍ତ ପରାକ—ସଂ. ବ—୧ । ବାହ୍ୟ ବସ୍ତୁରୁ ମନୁଭୂତ୍ୱ ନିବୃତ୍ତିର ରଖିବା
Sapta parāka (ବିଶେଷ)—1. Keeping the mind away from outer matters. ୨ । ଏକ ସପ୍ତାହ କାଳ ଅନବାସୀ ରହିବା (ବିଶେଷ) 2. Fasting for a week continuously.

ସପ୍ତ ପର୍ଣ୍ଣ—ସଂ. ବ. (ବୈଦ୍ୟକ) ୧ । ଛତିନା ୧ (ଦେଶ)—
Sapta parṇṇa Astonia Scholaris (tree) (ସପ୍ତ ପର୍ଣ୍ଣ, ସପ୍ତ ପଲାଶ —ପ୍ରଥମ ଅର୍ଥରେ ଅନ୍ୟରୂପ) (ପ୍ରଥମ ଅର୍ଥର ପର୍ଯ୍ୟାୟ—ବିଶାଲତ୍ୱକ୍, ଶାରଦା, ବତ୍ସମତ୍ତକ, ଶାରଦ, ଦେବ ବୃକ୍ଷ, ଦାନବନ୍ଧୁ, ଶିତ୍ୱେରୁକା, ସପ୍ତଳାଶ, ଶୁଭ୍ରପର୍ଣ୍ଣି, ବୃହାଗୀ, ସପ୍ତଳାଶନ, ଶୁକ୍ଲପୁଷ୍ପ, ଶ୍ୱେତପୁଷ୍ପ, ଶତ୍ରୁପର୍ଣ୍ଣି, ସ୍ୱପର୍ଣ୍ଣିକ, ବୃହତ୍ତ୍ୱକ୍ । (ବ) ଛତିମ, (ହି) ଶ୍ୱେତବନ, (ମ) ସାନବର୍ଣ୍ଣୀ, ଏଡ଼ାଲୁଲ, ଅରଣ୍ୟାରୁ; (ଓ) ଶ୍ୱେତଥଳା, ଛତିନା,

Digitized by srujanika@gmail.com

(ତ୍ତ) ଏଲେଲଗା। ଏହା ବ୍ରଣ, ଶ୍ଲେପ୍ମା, କାଚ, କୃଷ୍ଠ, ରକ୍ତ-ଦୋଷ ଓ କୃମିନାଶକ; ପାପହ, ଶ୍ୱାସଘ୍ନ, ଶୂଳଘ୍ନ, ସ୍ନିଗ୍ଧ ଓ ହୃଷ୍ଟ—(ବଣ୍ଟଦୋଷ) ୨। (ଏଥିରେ ଦ୍ରାକ୍ଷା, ଡାଳମ, ଖଜୁର, ଶର୍କରା, ଲଙ୍ଗଚୂଣ୍ଡି, ଘୃତ ଓ ମଧୁ, ଏହି ସାତଟି ଦ୍ରବ୍ୟ ମିଶା ଥିବାରୁ) ମିଷ୍ଟାନ୍ନ ବିଶେଷ; ଦ୍ରାକ୍ଷା, ଦାଡ଼ମ, ଖର୍ଜ୍ଜୁର, ଗୁଡ଼, ଘୃତ ଓ ମଧୁଦ୍ୱାରା ମିଶ୍ରିତ ଅମ୍ଳ ଜଳରେ ଖଇ ଚୂନା ହୋଇ ଥିବା ମିଷ୍ଟାନ୍ନ (ଶବ ଚଉଳା)—2. A sort of sweetmeat prepared from grape, pomegranate, date, mango, mixed with molasses, ghee & honey and sprinkled ver with the powder of fried paddy.

ସପ୍ତପର୍ଣ୍ଣୀ—ସଂ. ବ. (ବୈଦ୍ୟକ)— ଲଜ୍ଜାଳୁ ଲତା; ଲଜ୍ଜକୋଳ ଲତା Sapta parnnī (ଇନ୍ଦ୍ରପାଳା, ବ୍ରଜବର୍ଦ୍ଧଣ)—The Mimosa Pudica (creeper).

ସପ୍ତ ପାତାଳ—ସ. ବ—(ଦ୍ୱିଗୁ)—ସପ୍ତଦଶୀୟ ଅଧୋଭୁବନ—The Sapta pātāla seven nether worlds according to Hindu mythology. [ଦ୍ର—ଏହି ସପ୍ତ ପାତାଳର ନାମ, ଯଥା—ଅତଳ, ବିତଳ, ନିତଳ, ଗଭସ୍ତିମତ୍ ବା ତଳାତଳ, ମହାତଳ, ସୁତଳ ଓ ଅଗ୍ର। ମତାନ୍ତରରେ ଏହି ୭ଟିର ନାମ, ଯଥା—ଅତଳ, ବିତଳ, ସୁତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ।]

ସପ୍ତପିତୃକାମାବାସ୍ୟା—ସଂ. ବ—ସାତପୁରୁଷ ଅମାବାସ୍ୟା; ଭାଦ୍ର ଅମାବାସ୍ୟା-Saptapitṛukāmābāsyā The new moon of the month of Bhādra. [ଦ୍ର—ଏହି ଅମାବାସ୍ୟାରେ ଜଗନ୍ନାଥ ଅନ୍ଧ ମହାପ୍ରଭୁଙ୍କ ନବଯୌବନରେ ସାତ ପ୍ରକାର ପୁରଦ୍ୱାର ପ୍ରସ୍ତୁତ ପିଠା ପୂଜା ହୁଏ।]

ସପ୍ତ ପୁତ୍ର—ସ. ବ—(ଦ୍ୱିଗୁ)—ସାତଗୋଟି ସନ୍ତାନ—Seven sons. Sapta putra ସ. ବଣ ଓ ବ. ପୁଂ—୧। (ବହୁବ୍ରୀ) (ସପ୍ତପୁତ୍ରା—ସ୍ତ୍ରୀ) ଯାହାଙ୍କର ୭ଟି ପୁଅ ଅଛନ୍ତି—1. Father of seven sons. ୨। ସ. (ବହୁବ୍ରୀ) ସପ୍ତଲୋକ ଯାହାଙ୍କ ପୁତ୍ର—2. Father of the seven worlds.

ସପ୍ତ ପୁତ୍ରସୂ—ସ. ବଣ ଓ ବ. ସ୍ତ୍ରୀ.—(ସପ୍ତପୁତ୍ର+ସୂ ଧାତୁ+କ୍ୱିପ୍.) ସପ୍ତପୁତ୍ରସୂ କ୍ୱିପ୍)—ସୁତବତ୍ସଳା; ଯେଉଁ ସ୍ତ୍ରୀ ସାତ ଗୋଟି ପୁତ୍ର ଜନ୍ମ କରିଥାଆନ୍ତି—Mother of seven sons.

ସପ୍ତ ପୁରୁଷ—ସ. ବ—ମନୁଷ୍ୟର ଉପରର ଓ ତଳର, କିମ୍ବା ଉପରକୁ, ତଳକୁ ଓ ନିଜକୁ ମିଶାଇ ଗଣାଯିବା ସାତଜଣ ବଂଶଧର—Seven generations (above and below) and either including or excluding himself.

ସପ୍ତ ପ୍ରକୃତି—ସଂ. ବ (ହିନ୍ଦୁ ଦର୍ଶନ)—ପଞ୍ଚଭୂତ, ମହତ୍ ତତ୍ତ୍ୱ ଓ ଅହଂକାର—(Hindu philosophy)—The seven elements of nature e.g. the five elements, the Divine and the Human natures.

ସପ୍ତ ଫ(ଫେ)ଣା(ର୍ଣୀ)—ବେ. ବ· (ସ. ସପ୍ତଫଣୀ, ଏହାର ଶାଖାପ୍ରାନ Sapta pha(phe)ṇā(ṇī) ସର୍ପର ଫଣା ସଦୃଶ)—୧। [ସପ୍ତ ଫ(ଫେ)ଣିଅ(ଆଁ)—ଅନୀରୁପ] ନାଗଫେଣିଆ ଗଛ—ଫେଣୀମନସା, ଫଣାମନସା 1. A species of cactus; ସପତଫଣୀ Apuntia Dillenii (plant) [ଦ୍ର—ସପ୍ତଫଣା ଏ ଦେଶୀୟ ଗଛ ନୁହେ। ପ୍ରାୟ ସାତେ ଶହ ବର୍ଷ ପୂର୍ବେ ରଙ୍ଗ ବ୍ୟବସାୟୀମାନେ ଏହାକୁ ଦକ୍ଷିଣ ଅମେରିକାରୁ ଆଣି ଏ ଦେଶରେ ଲଗାଇଥିଲେ। ଏକପ୍ରକାର ରଙ୍ଗ ଉତ୍ପାଦନ କରୁଥିବା ପୋକ (cochineal insect) ସପ୍ତଫଣା ଗଛରେ ଜନ୍ମନ୍ତି ବୋଲି ସେମାନଙ୍କର ବିଶ୍ୱାସ ଥିଲା। ଏହି କୋଚନିଏଲ୍ ରଙ୍ଗ ପ୍ରସ୍ତୁତ କରୁଥିବା ବ୍ୟବସାୟୀମାନେ ସପ୍ତଫଣାକୁ ଆମ ଦେଶକୁ ଆଣି ଦେଖିଲେ ଯେ, ଏ ଗଛରେ କୌଣସି ରଙ୍ଗ ଉତ୍ପାଦନକାରୀ ପୋକ ଜନ୍ମନ୍ତି ନାହିଁ। ଏହାର ଇଂରାଜୀ ନାମ ପ୍ରିକ୍ଲି ପିଅର୍ (Prickly Pear)। ଏହାର ଶାଖାଗୁଡ଼ି ନାଗସାପର ଫଣାପରି ଦେଖାଯାଉଥିବାରୁ ଲୋକେ ଏହାକୁ ନାଗଫଣା ବୋଲି କହି ଥାଆନ୍ତି।

ସପ୍ତଫଣା ଦୁଇପ୍ରକାର—କଣ୍ଟକଯୁକ୍ତ ଓ କଣ୍ଟକଘ୍ନ। ଏହି ଗଛ ଯାଇଁ ବେଶି ଯାଗି ଲେଉଡ଼ା ହୁଏ ନାହିଁ। ଶୃଙ୍ଗିଙ୍କ ଭୂଇଁରେ, ପାହାଡ଼ିଆ ରୁପିରେ ଓ ବାଲୁରେ ମଧ୍ୟ ଏହା ଯାଇଁ ଯାଏ। ଏହାର ଫଣା ବା ଶାଖା ସବୁ ଏତେ କୋମଳ ଯେ, ସୂର୍ଯ୍ୟକିରଣ ଏହାର ଉପରକୁ ଶୁଖାଇଯାରେ ନାହିଁ। ଫଣାରେ ବହୁତ କଣ୍ଟା ଥିବାରୁ ପଶୁଆଦିଙ୍କ ଆକ୍ରମଣରୁ ଏହା ରକ୍ଷାପାଏ। ଏଗଛର ତେର ମାଡ଼ ତେରରୁ ହୁଏତ ବେର ଅଳ୍ପ ସମୟରେ ଏଥିର ଦୁର୍ଦ୍ଦେଦ୍ୟ ବଣ ହୋଇଯାଏ। ଏଗଛ ମାଡ଼ିବା ଯାଗାରେ ଅନ୍ୟ ଫସଲ ଜନ୍ମାଏ ନାହିଁ।

ଭାରତର ଚଥା ସପ୍ତଫଣାର ଆଦ ଜନ୍ମଭୂମି ଦକ୍ଷିଣ ଅମେରିକାର କୃଷକମାନେ ସପ୍ତଫଣା ଯୋଗୁଁ ବହୁତ ଅସୁବିଧାରେ ପଡ଼ିଅଛନ୍ତି। ଏଣୁ ଏଥିର ଦଶ ଲୋପ ପାଇଁ ଔଷଧ-ପ୍ରଯୋଗାଦି ବହୁ ଉପାୟ ଅବଲମ୍ବନର ଚେଷ୍ଟା ହୋଇଅଛି; ତନ୍ମଧ୍ୟ ତାହିଁରେ କଛ ଫଳ ଦେବା ଦେଖାଯାଇ ନ ଥିଲା।

ବହୁ ଚେଷ୍ଟା ପରେ ଏବେ ସେହି ଦକ୍ଷିଣ ଅମେରିକାରୁ ଏକ ଜାତୀୟ ପୋକ ଏଦେଶକୁ ଅଣା ହୋଇଅଛି। ସପ୍ତଫେଣା ଗଛର ଡାଳରେ ଏ ପୋକକୁ ଛଡ଼ାଦେଲେ ଏପୋକମାନଙ୍କ ବଂଶ ବୃଦ୍ଧି ହୁଏ ଓ ସେହି ପୋକମାନଙ୍କ ଧଲାସ୍ରାବ ଏ ଗଛର ଦେହସାକ ମାଡ଼ିଯାଏ ଓ ଗଛକୁ ମାରିପକାଏ। ଏ ପୋକମାନଙ୍କର ସପ୍ତଫଣା ଗଛକୁ ନାଶ କରିବାରେ ଅଦ୍ଭୁତ ଶକ୍ତି ଅଛି। ମାଦ୍ରାଜର ଦକ୍ଷିଣ ଜିଲ୍ଲାମାନଙ୍କରେ, ବଙ୍ଗାଳୋରାଟଣାରେ ଓ ପୁଣାରେ ଏହି ପୋକମାନଙ୍କ ସାହାଯ୍ୟରେ ସପ୍ତଫେଣାର ବଂଶ

Digitized by srujanika@gmail.com

ଧ୍ୱଂସ କରବାର ଉପାୟ ଅବଲମ୍ବିତ ହୋଇଅଛ । ଏମାନଙ୍କ ସପ୍ତଫଣା ଉପରେ ଅଣି ଉଣ୍ଡେଲେ ଦଶ ବୃଦ୍ଧି ହୋଇ ଏମାନେ ଗଉର ଦେହଯାକ ମାଡ଼ଯାଆନ୍ତି ଓ ଗଉର ଡାଳ ଓ ଗଣ୍ଡିମାନ ଏକ ସପ୍ତାହ ମଧ୍ୟରେ ଝାଉଁଳି, ସଜୁଳ ଶୁଖିଯାଏ । ଶାଳ ମାସ ମଧ୍ୟରେ ବଣାଗାଧାଣ୍ଡାରେ ସପ୍ତଫଣା ଦଶ ଜର୍ମ୍ମଳ ହୋଇଥିବା ଦେଖାଯାଇଅଛ;ପୁଣ୍ଡ ସହରର ଅନେକ ସ୍ଥାନରେ ସପ୍ତଫଣା ଗଛଯାକ ଏ ଘୋଡଙ୍କ ଯୋଗୁଁ ମରଯାଇଥିବା ମଧ୍ୟ ଦେଖାଯାଇଅଛ ।] ୨ । ସାତଫେଣୀ ୨ (ଦେଖ)— 2. Sātapheṇī 2. (See)

ସପ୍ତଫଣୀ—ସଂ· ବଣ.—(ସପ୍ତ ଫଣା+ଇନ୍; ୧ମା· ୧ବ.)—ପୁରୁଣୋକ୍ତ Sapta phaṇī ସାତଟି ଫଣାଯୁକ୍ତ (ସର୍ପ)—(Mythological serpent) Having seven hoods.

ସପ୍ତ ବ୍ରାହ୍ମଣ—ସଂ· ବ ୧ । (ସମାହାର ଦ୍ୱିଗୁ) ଏକସ୍ଥାନରେ ସାତଜଣ Sapta brāhmaṇa ବ୍ରାହ୍ମଣଙ୍କ ସମ୍ମିଳନ—1. Seven Brāhmaṇas assembled at one place. ୨ । (ଦ୍ୱିଗୁ) ସପ୍ତର୍ଷି (ଦେଖ)—2. Saptarshi (See).

ସପ୍ତଭଦ୍ର—ସଂ. ବ (ବୈଦ୍ୟକ) (ବହୁବ୍ରୀହି; ସପ୍ତ=ସାତ+ଭଦ୍ର ଶୁଭକର)—ଶିଗ୍ରୁ ବୃକ୍ଷ (ଶୁଦ୍ଧ ଚଳ୍ଲା)- Acacia Lebbec (tree).

ସପ୍ତ ଭୁବନ—ସଂ. ବ (ସମାହାର ଦ୍ୱିଗୁ)—ସପ୍ତଲୋକ (ଦେଖ)— Sapta bhubana Saptaloka (See).

ସପ୍ତମ—ସଂ. ବଣ—(ସପ୍ତନ୍+ପୂରଣାର୍ଥେ ମ) ସାତସଙ୍ଖ୍ୟାର ପୂରଣ— Saptama (ସପ୍ତମୀ ସପ୍ତମୀ—ସ୍ତ୍ରୀ) Seventh.

ସପ୍ତମ ଗୃହ(ସ୍ଥାନ)—ସଂ. ବ (ଜ୍ୟୋତିଷ)—ଜାତକରେ ଲଗ୍ନଠାରୁ Saptama gṛuha (sthāna) ୭ମ ଗୃହର ଅବସ୍ଥିତି; ରାଶିଚକ୍ରରେ ଲଗ୍ନଠାରୁ ୭ମ ସ୍ଥାନ—(Astrology) The seventh room counted from one's natal sign; [ଦ୍ର—ଜାତକର ଏହି ଗୃହ ଉକ୍ତ ବ୍ୟକ୍ତିଙ୍କ ଜାୟା ସ୍ଥାନ ଅଟେ । ଏହି ଗୃହରେ ଥିବା ଗ୍ରହର ପ୍ରକୃତି ଅନୁସାରେ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀମାନଙ୍କର ବା ସ୍ତ୍ରୀଙ୍କର ଅବସ୍ଥା ସୂଚିତ ହୁଏ ।

ସପ୍ତ ମଙ୍ଗଳା—ଦେ· ବ.—(ସଂ. ସପ୍ତ+ମଙ୍ଗଳ)—ବରାବର ସପ୍ତମ Sapta maṅgalā ଦିବସ ଓ ସେ ଦିନ କର୍ତ୍ତବ୍ୟ କର- ସାତମଙ୍ଗଳା विवाहकासप्तपदिन ଜନ୍ୟାଙ୍କ ବରାବରାଦ ଜର୍ମ- The 7th day of the marriage and the ceremonies performed on that day.

ସପ୍ତ ମନୁଷ୍ୟ—ସଂ· ବ—ମନୁଷ୍ୟମାନଙ୍କର ପୁରୁଣୋକ୍ତ ସାତଜଣ ଆଦ- Sapta manushya ପୁରୁଷ—Names of seven pro (ସପ୍ତମନୁଷ୍ୟଗଣ—ଅନ୍ୟରୂପ) genitors of mankind. [ଦ୍ର—ଶ୍ରାଦ୍ଧ ଓ ତର୍ପଣାଦିରେ ଏହି ସପ୍ତ ଆଦପୁରୁଷଙ୍କୁ ପିଣ୍ଡ ଓ ଉଲୋଦକାଦି ଦିଆଯାଏ । ଏମାନଙ୍କ ନାମ ଯଥା—ସନକ, ସନନ୍ଦ, ସନାତନ, କପିଳ, ବୋଢ଼ୁ, ଅପୁଣ୍ଡ ଓ ଗଡ଼ଗିଡ଼ । 'ସନକ ଓ ସନନ୍ଦ' ତଳେ ନୋଟ୍ ଦେଖ]

ସପ୍ତ ମରୀଚ(ମନ୍ତ୍ର)—ସଂ. ବ (ବହୁବ୍ରୀହି)—ଅଗ୍ନି (ବୀଜକୋଷ)— Sapta marīcha(mantra) Fire.

ସପ୍ତ ମାତୃକା—ସଂ. ବ—(ଦ୍ୱିଗୁ) ତାନ୍ତ୍ରିକମାନଙ୍କର ସାତ ଦେବତା— Sapta mātṛukā A class of seven female Deities worshipped in Tantric rites. [ଦ୍ର—ଏମାନଙ୍କର ନାମ, ଯଥା—ବ୍ରହ୍ମୀ, ମାହେଶ୍ୱରୀ, କୌମାରୀ, ବୈଷ୍ଣବୀ, ବାରାହୀ, ଇନ୍ଦ୍ରାଣୀ ଓ ଚାମୁଣ୍ଡା]

ସପ୍ତମାଧିପତି—ସଂ. ବ.—(ଜ୍ୟୋତିଷ) ଲଗ୍ନଠାରୁ ୭ମ ଗୃହରେ ଥିବା Saptamādhipati ଗ୍ରହ—The planet which presides in the seventh compartment. counted from one's 'Lagna'.

ସପ୍ତମୀ—ସଂ. ବଣ. ସ୍ତ୍ରୀ—(ସପ୍ତମ+ଈ)—'ସପ୍ତମ' ଶବ୍ଦର ସ୍ତ୍ରୀଲିଙ୍ଗ— Saptamī Feminine of Saptama. ସଂ· ବ.—(ସପ୍ତମ—ପୁଂ) ୧ । ସପ୍ତମର ଯଉଣୀ ଭିଥି; ପୂର୍ଣ୍ଣିମାର ପରଦିନ (କୃଷ୍ଣ ପ୍ରତିପଦ) ଠାରୁ ଚନ୍ଦ୍ରମା ଅମାବାସ୍ୟାର ପରଦିନ (ଶୁକ୍ଳ ପ୍ରତିପଦ) ଠାରୁ ଗଣାଯିବ ସପ୍ତମ ତିଥି—1. The seventh day of the dark or bright lunar fortnight of a month; the seventh day after the full moon or new moon. [ଦ୍ର—କୃଷ୍ଣ ପକ୍ଷର ସପ୍ତମୀକୁ କୃଷ୍ଣା ସପ୍ତମୀ ଓ ଶୁକ୍ଳ ପକ୍ଷର ସପ୍ତମୀକୁ ଶୁକ୍ଳା ସପ୍ତମୀ କୋଇଯାଏ । ଉକ୍ତ ଉଭୟ ଶୁକ୍ଳ-ସପ୍ତମୀରେ ନାନା ବ୍ରତ ଆଚରଣ କରିବା ପାଇଁ ପୁରାଣରେ ଉପଦେଶ ଅଛି । ତନ୍ମଧ୍ୟରେ ଜନ୍ମ ସପ୍ତମୀମାନ ପ୍ରଧାନ । ସପ୍ତମୀ ସୂର୍ଯ୍ୟମୂର୍ତ୍ତି ପ୍ରକାଶିତ ଥିବାରୁ ସପ୍ତମୀମାନଙ୍କରେ ସୂର୍ଯ୍ୟପୂଜା ଓ ଉପବାସାଦି କରିବାର ବିଧି ଅଛି । ମତ୍ସ୍ୟ ପୁରାଣର ୨୫ ଅଧ୍ୟାୟଠାରୁ ୨୫ ଅଧ୍ୟାୟ ମଧ୍ୟରେ ଉକ୍ତ ଉକ୍ତ ସପ୍ତମୀର ନାମ ଓ ବ୍ରତବିଧି ଲେଖା ଅଛି । ଯଥା—୧ । କଲ୍ୟାଣସପ୍ତମୀ, ୨ । ବଶୋକ ସପ୍ତମୀ; ୩ । ଶର୍କରା ସପ୍ତମୀ, ୪ । କମଳ ସପ୍ତମୀ, ୫ । ମନ୍ଦାର ସପ୍ତମୀ, ୬ । ଶୁଭ ସପ୍ତମୀ ।

ଏହାଛଡ଼ା ଅନ୍ୟାନ୍ୟ ପୁରାଣୋକ୍ତ ଜନ୍ମ ସପ୍ତମୀମାନ ମଧ୍ୟ ହିନ୍ଦୁମାନଙ୍କ ପର୍ବ ରୂପରେ ଗଣ୍ୟ ହୋଇ ଅସୁଅଛି । ଯଥା—

୧ । ଅରୋଗ୍ୟ ସପ୍ତମୀ, ବା ମାକଣ୍ଡ ସପ୍ତମୀ ବା ମାଘ ସପ୍ତମୀ ବା ରଥ ସପ୍ତମୀ ବା ଅରୁଣୋଦୟ ସପ୍ତମୀ ବା ଚନ୍ଦ୍ରଭଗା ସପ୍ତମୀ ବା ମାଘୀ ସପ୍ତମୀ—

ଏହି ସପ୍ତମୀରେ ପ୍ରାତଃସ୍ନାନ, ଉପବାସ, ସୂର୍ଯ୍ୟପୂଜା ଓ ତୀର୍ଥସ୍ନାନ କରାଯାଏ । ଏହି ଦିନ ଭୁବନେଶ୍ୱର ଲିଙ୍ଗରାଜ ଶଣ୍ଡତିରରେ ମେଳା ହୁଏ । ପୁଣି ପୁରୁଷୋତ୍ତମର ସମୁଦ୍ରୋପକୂଳସ୍ଥ କୋଣାର୍କ ବା ଚନ୍ଦ୍ରଭଗା ତୀର୍ଥରେ ଅରୁଣୋଦୟ ବେଳାରେ ସ୍ନାନ କରି ଉଦୟମାନ ସୂର୍ଯ୍ୟଙ୍କ ଦର୍ଶନ କଲେ ମହାପୁଣ୍ୟ ହୁଏ ବୋଲି ବହୁ ସହସ୍ର ନରନାରୀ ଚନ୍ଦ୍ରଭଗା-ଠାରେ ମାଘ ସପ୍ତମୀ ଦିନ ସୂର୍ଯ୍ୟୋଦୟ ପୂର୍ବେ ଏକତ୍ର ହୁଅନ୍ତି ।

Digitized by srujanika@gmail.com

ମାଘସପ୍ତମୀଠାରୁ ଆରମ୍ଭ କରି ଚୈତ୍ର ପର୍ଯ୍ୟନ୍ତ ୧୨୫ ସପ୍ତମୀରେ (ପଲମାସର ସପ୍ତମୀକୁ ଛଡ଼ି) ଉପବାସ, ପ୍ରାତଃସ୍ନାନ ଓ ସୂର୍ଯ୍ୟପୂଜାସହ କରିବା ବ୍ରତକୁ 'ଅର୍କସପ୍ତମୀ ବ୍ରତ' କୁହାଯାଏ । ଏହି ବ୍ରତର ବିଧାନ କରିବାସୂତ୍ରରେ, ଭବିଷ୍ୟ ପୁରାଣ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ଅଛି । ଏହି ବ୍ରତରେ ଆଦିତ୍ୟଙ୍କୁ ବିଷ୍ଣୁ ରୂପରେ କଳ୍ପନା କରି ପୂଜା କରିପାରେ ଏବଂ ଏ ବ୍ରତ କଲେ ମନୁଷ୍ୟ ସବୁପ୍ରକାର ରୋଗରୁ ମୁକ୍ତି ହୁଏ । ଏହି ସପ୍ତମୀରେ ସ୍ନାନଦାନାଦି ସୂର୍ଯ୍ୟ-ଗ୍ରହଣ କାଳରେ ଅନୁଷ୍ଠିତ ସ୍ନାନଦାନାଦି ତୁଲ୍ୟ ଫଳଯୁକ୍ତ ଅଟେ ।

ଏହି ବ୍ରତ ଏକପ୍ରକାର ଉପଷ୍କରଣ । ଅର୍କ ଗଛର ଅଗ୍ର ବା ଅଙ୍କୁର, ଯବପରିମିତ ଗୋମୟ, ଶୋହନ ମରଚ, ଜଳ, ଅପକ୍ୱ କଦଳୀର କଣ ପରିମିତ ମଧ୍ୟଭାଗ, ଯବ-ପରିମିତ କୁଶମୂଳ ଭୋଜନ, ନକ୍ତବ୍ରତାଚରଣ, ମୟୂର ଉତ୍ପର ଏକ ଗ୍ରାସ ମାତ୍ର ଭୋଜନ, ଅର୍କକୋଷ ପରିମିତ ଦୁଟ୍ଥାନ, ସ୍ନାନାନ୍ତେ ବାୟୁଭୋଜନ, ପୌଷମାସରେ ଅଷ୍ଟାଙ୍ଗ ଦୃତ ଭୋଜନ, ଏହିପରି ମାଘ ମାସରୁ ଆରମ୍ଭ କରି ଏକବର୍ଷ ପର୍ଯ୍ୟନ୍ତ ପ୍ରତି ସପ୍ତମୀରେ କରିଯାଏ । ଘରେ ଉକ୍ତପୂର୍ବକ ବ୍ରାହ୍ମଣଭୋଜନ କରାଇ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ଚତୁର୍ଥରବର୍ତ୍ତୀ ଅଷ୍ଟମୀ ଦିନ ଏ ବ୍ରତର ପାରଣା କରିଯାଏ (ବୃଦ୍ଧଗୋତମ ଉଦ୍ଧୃତ ଉତ୍ସତନ୍ତ୍ର) । ଏ ଦିନ ଭୁବନେଶ୍ୱର ଲିଙ୍ଗରାଜ ଦେବଙ୍କର ଚତୁର୍ଦ୍ଦଶ ଯାତ୍ରା ମଧ୍ୟରୁ ଗୋଟିଏ ଯାତ୍ରା ।

୬ । ଭୁକ୍ତ ଠୀ ସପ୍ତମୀ ବା ଲଳିତା ସପ୍ତମୀ—

ଏହାକୁ ଭଦ୍ର ଶୁକ୍ଳ ସପ୍ତମୀ ବା କୋଳହ ବ୍ରତ ମଧ୍ୟ କୁହାଯାଏ । ଏଥିରେ ପାର୍ବତୀଙ୍କୁ ଓ ମହାଦେବଙ୍କୁ ପୂଜା କରିଯାଏ । ଏଥିରେ ସ୍ତ୍ରୀଲୋକମାନେ ଗଣ୍ଠି ପଡ଼ିଥିବା 'ବ୍ରଡ' ବାନ୍ଧନ୍ତି । ସମ୍ଭବତଃ ଭୁକ୍ତଠୀମାନଙ୍କ ପରି ବନ୍ଧୁ ସନ୍ତାନ ପ୍ରସବ କାମନାରେ ସ୍ତ୍ରୀଲୋକମାନେ ଏ ବ୍ରତ ଆଚରଣ କରନ୍ତି କୋଲି ଏ ସପ୍ତମୀର ଏହି ନାମ ହୋଇଅଛି ।

୩ । ଗୋଥୂପପୂଜାସପ୍ତମୀ ବା ନବ ପତ୍ରିକା ସପ୍ତମୀ ବା ମହାସପ୍ତମୀ—

ଏହା ଆଶ୍ୱିନ ଶୁକ୍ଳ ସପ୍ତମୀ ଅଟେ । ଏ ଦିନ ଦୁର୍ଗାଙ୍କର ବିଶେଷ କର୍ତ୍ତବ୍ୟ ପୂଜା ଆରମ୍ଭ ହୁଏ ଏବଂ ନବ ପତ୍ରିକା ପୂଜା ଓ ଅସ୍ତ୍ରଶସ୍ତ୍ର ପୁସ୍ତକାଦିର ପୂଜା ହୁଏ ।

୪ । ଜନ୍ମ ସପ୍ତମୀ—ଏହା ବୈଶାଖ ଶୁକ୍ଳସପ୍ତମୀ ଅଟେ । ଏ ଦିନ ଜାହ୍ନବୀ ବା ଗଙ୍ଗାଙ୍କ ପୂଜା ହୁଏ ।

୫ । ମିତ୍ର ସପ୍ତମୀ—ମାର୍ଗଶିର ମାସର ଶୁକ୍ଳସପ୍ତମୀ ଦିନ ଏହା ପଡ଼େ ।

୬ । ଚୈତ୍ର ସପ୍ତମୀ—ଏହା ଚୈତ୍ର ମାସର ଶୁକ୍ଳପକ୍ଷ ସପ୍ତମୀରେ ହୁଏ । ଏ ଦିନ ଦୁର୍ଗାଙ୍କର ବାସନ୍ତୀ ପୂଜା କରିଯାଏ ।

୭ । ବଳସ୍ଥା ସପ୍ତମୀ—କୌଣ୍ଡିଲ୍ୟ ମାସର ଶୁକ୍ଳପକ୍ଷ ସପ୍ତମୀ ଯଦି ରବିବାରରେ ପଡ଼ିଲେ, ସେହିଦିନ ବଳସ୍ଥା ସପ୍ତମୀ ହୁଏ । ବିହିତ ମୁହୂର୍ତ୍ତରେ ଏହି ସପ୍ତମୀର ବିଧାନ ଲିଖିତ ହୋଇଅଛି । ଏଦିନ ଶାଳଭଣ୍ଡୁଲର ସୂକ୍ଷ୍ମଚୂର୍ଣ୍ଣିତ ଅନ୍ନ ଗନ୍ଧ ସୂର୍ଯ୍ୟଙ୍କୁ ଚରୁ ବା ନୈବେଦ୍ୟ ଦେବାକୁ ହୁଏ । ଉକ୍ତ ଅନ୍ନରେ ଯେତେଗୋଟି ତଣ୍ଡୁଳ ଥାଏ, ତୁଲକ ଦେହାନ୍ତେ ସେତେ ସହସ୍ର ବର୍ଷ ସୂର୍ଯ୍ୟଲୋକରେ ବାସ କରନ୍ତି ।]

୨ । (ବ୍ୟାକରଣ) ସପ୍ତମୀ ବିଭକ୍ତି; ଅଧିକରଣ କାରକର ବିଭକ୍ତି । ବିଶେଷ୍ୟ ଓ ସର୍ବନାମ ପଦର ବିଭକ୍ତି ବିଶେଷ— 2. (Grammar) The seventh case of nouns and pronouns. [ତ୍ର—ସପ୍ତମୀ ବିଭକ୍ତିର ଚିହ୍ନ, —ରେ, ଠାରେ । ଯୁଣି ଅକାରନ୍ତ ଶବ୍ଦର ଶେଷାକ୍ଷରରେ ଏକାର ଯୋଗକର ମଧ୍ୟ ଏହି ବିଭକ୍ତିଚିହ୍ନ ସ୍ଥଳେ ସ୍ଥାନେ ଦେଖାଇବଅଯାଏ; ଯଥା—ଘରେ (ଘରରେ) ଭାତ ନାହିଁ । ଅଳ୍ପ କାଲ ଓଡ଼ିଆ ଲେଖକମାନେ ଅକାରାନ୍ତ ଶବ୍ଦ ଛଡ଼ା ଅନ୍ୟ ଶବ୍ଦକୁ ଅକାରାନ୍ତରୂପେ କଳ୍ପନା କରି ଏକାର ଯୋଗ କରି ସପ୍ତମୀ ବିଭକ୍ତିକୁ ଚଳାଇଲେଣି; ଯଥା—ଗୃହରେ, ସ୍ଥଳରେ ଗୃହେ । ଏସବୁ ବ୍ୟବହାର ଦୂଷ୍ୟ । ସପ୍ତମୀ ବିଭକ୍ତିର ପ୍ରୟୋଗ ଓଡ଼ିଆ ଭାଷାରେ ନାନା ସ୍ଥଳରେ ହୋଇଥାଏ । ଯଥା—

୧ । ବିଷୟାଧିକରଣରେ ସପ୍ତମୀ—ଖାଇବା(ବିଷୟ)ରେ ତାକୁ କେହି ବଳିବ ନାହିଁ ।

୨ । ସ୍ଥାନାଧିକରଣରେ ସପ୍ତମୀ—କଟକ(ସ୍ଥାନ)ରେ କଲେଜ ଅଛି ।

୩ । କର୍ତ୍ତାଦ୍ୟର୍ଥକରଣରେ ସପ୍ତମୀ—ପଶୁମାନଙ୍କ ମଧ୍ୟ (ଶ୍ରେଣୀ)ରେ ସିଂହ ବଳବାନ୍ । ମନୁଷ୍ୟମାନଙ୍କରେ ଗୁଜା ଶ୍ରେଷ୍ଠ ।

୪ । କାଳାଧିକରଣରେ ସପ୍ତମୀ-ଶୀତଦିନେ (ଶୀତଋତୁରେ) ଥଣ୍ଡା ଯାଡେ ।

୫ । ଘାରଙ୍ଗମ, ସାଧୁ, କୁଶଳ, ନିପୁଣ, ଚତୁର, ସାଙ୍ଗୀ ପ୍ରଭୃତି ଶବ୍ଦର ପୂର୍ବରେ ଥିବା ବିଶେଷ୍ୟରେ ସପ୍ତମୀ— କାର୍ଯ୍ୟରେ ନିପୁଣ, ବିଦ୍ୟାରେ କୁଶଳ ।

୬ । ଭାବାଧିକରଣରେ ସପ୍ତମୀ—ସୂର୍ଯ୍ୟୋଦୟରେ (ସୂର୍ଯ୍ୟୋଦୟ ହିବା ବା ଅବସ୍ଥା ଘଟିଲେ) ପଦ୍ମ ଫୁଟେ ।

୭ । ସମୀପାର୍ଥରେ ସପ୍ତମୀ—ଅଳ ମୋଠାରେ ଘଇସାଙ୍କ ସ୍ମୃତି କାହିଁ ।

୮ । ହେତ୍ୱର୍ଥକ ଶବ୍ଦର ପରେ—କ କାରଣରେ (ବା ହେତୁରେ) ଅପଣ ମତେ ଡକାଇଲେ ? କ ପୋଗେ ମତେ ଡାକିଲେ ?

୯ । ଦୂର ଓ ଅନ୍ତିକାର୍ଥ ଶବ୍ଦ ପରେ—ତାଙ୍କ ନିକଟରେ ବସ; ସେ ବହୁଦୂରରେ ଅଛନ୍ତି ।

୧୦ । ଅଧାରାର୍ଥରେ ସପ୍ତମୀ—ବାକ୍ସ(ଅଧାର)ରେ ଧନ ଅଛି; ଯୋଗାସ୍ତରେ ମାଛ ଅଛି ।

୧୧ । ଏକଦେଶାର୍ଥ ବା ଏକଦାଳାର୍ଥରେ ସପ୍ତମୀ—ନଈରେ (ନଈର ଏକ ଦେଶରେ) କମ୍ମୀର ଅଛି; ବର୍ଷାରେ

ବାଘ ଅଛ; ଦ୍ୱାପର(ଦ୍ୱାପରର ଏକ ସମୟରେ)ରେ କୃଷ୍ଣ ଜନ୍ମିଥିଲେ ।

୧୨ । ବ୍ୟାପ୍ତ୍ୟର୍ଥରେ ସପ୍ତମୀ—ଦୁଧରେ (ଦୁଧଯାକ ବ୍ୟାପି) ଶର୍କରା ଅଛୁ, ଜଳରେ ତୈଳ ଅଛୁ ।

ସପ୍ତମୀଜ—ସଂ. ବଣ. ପୁଂ (ସପ୍ତମୀ+ଜନ୍. ଧାତୁ+କ୍ୱିପ୍. ଅ)—(ସପ୍ତମୀଜା—ସ୍ତ୍ରୀ) Saptamīja Born on the 7th day of the lunar fortnight. [ଦ୍ର—ବୋଷ୍ଟୀପ୍ରଯୋଗ ଗ୍ରନ୍ଥ ମତରେ ସପ୍ତମୀରେ ଜାତ ହେବା ବ୍ୟକ୍ତ କନ୍ୟାପ୍ରଜ, ବୈଶ୍ୱନାଶକ, ବଶାଲନେତା, ବଶ୍ୟାତ, ଦେବଦ୍ୱିଜପୂଜକ ଓ ପିତୃବତ୍ସଳ ହୁଅନ୍ତି ।]

ସପ୍ତମୀ ତତ୍‌ପୁରୁଷ—ସଂ.ବ—ତତ୍‌ପୁରୁଷ ସମାସବିଶେଷ; ଯେଉଁ ତତ୍‌ପୁରୁଷ ସମାସରେ ସପ୍ତମୀବିଭକ୍ତିର ଚିହ୍ନର ଲୋପ ହୁଏ—Saptamī tat-purusha A compound word in which one of the component parts has the 7th case-ending. (ଯଥା—ରଣରେ ପଣ୍ଡିତ—ରଣପଣ୍ଡିତ ଜଳରେ ମଗ୍ନ—ଜଳମଗ୍ନ ବାକ୍ୟରେ ପଟୁ—ବାକ୍‌ପଟୁ ସୁପାକ୍ଷରେ କନ୍ୟସ୍ତ—ସୁପାକ୍ଷକନ୍ୟସ୍ତ) ।

ସପ୍ତମୀ ପୂଜା—ସଂ. ବ—୧ । ସପ୍ତମୀ ତିଥିରେ ଅନୁଷ୍ଠିତ ସୂର୍ଯ୍ୟ, ଦୁର୍ଗା, ଶିବ ଓ ବିଷ୍ଣୁ ଆଦି ଦେବତାଙ୍କ ପୂଜା—Saptamī pūjā 1. The worship of certain Deities performable on the senventh days of lunar fortnight. ୨ । ଆଶ୍ୱିନ ଶୁକ୍ଳା ସପ୍ତମୀ ଦିନ ଆରମ୍ଭ ନବପତ୍ରିକା ଦୁର୍ଗାପୂଜା—2. The worship of the Goddess Durgā begun on the 7th day of the bright lunar fortnight of Āswina. ୩ । ଚୈତ୍ର ଶୁକ୍ଳା ସପ୍ତମୀ ଦିନ ଆରମ୍ଭ ବାସନ୍ତୀ ଦୁର୍ଗାପୂଜା—3. The worship of Durgā begun on the 7th day of the bright lunar fortnight of the month of Chaitra.


ସପ୍ତମୀ ବିଭକ୍ତି—ସ.ବ—(ବ୍ୟାକରଣ) ଅଧିକରଣ କାରକର ଚିହ୍ନ (ଏଥିର ଅର୍ଥ)—Saptamī bibhakti (Grammar) The signs of the seventh case-ending. [ଦ—'ସପ୍ତମୀ' ଶବ୍ଦର, ଦ୍ୱିତୀୟା ଅର୍ଥ ତଳେ ନୋଟ୍ ଦେଖ ।]

ସପ୍ତ ରକ୍ତ—ସଂ. ବ—(ଦ୍ୱିତ୍ୱ; ସପ୍ତନ୍.+ରକ୍ତ=ରକ୍ତବର୍ଣ୍ଣ ଅବୟବ)—Sapta rakta ଶରୀରର ରକ୍ତବର୍ଣ୍ଣ ବା ରକ୍ତାଭ ସାତ ଗୋଟି ଅବୟବ (ଯଥା—କରତଳ, ପାଦତଳ, ଜେଭପ୍ରାନ୍ତ, ଓଷ୍ଠ, ତାଳୁ, ଓଷ୍ଠ ଓ ନଖ)—The seven reddish parts of the body (e. g. palms; soles, ends of the eyes, tongue, palate, lips and nails.

ସପ୍ତ ସ୍ରୋତ—ସ.ବ (ସମାହାର ଦ୍ୱିଗୁ)—ସପ୍ତାହ; ପ୍ରାୟେପ୍ରାୟେ ସାତଦିନ ଓ ସାତରାତ୍ରିବ୍ୟାପୀ ସମୟ—Sapta rātra A week.

ସପ୍ତର୍ଷି—ସଂ. ବ (ସପ୍ତନ୍+ଋଷି; ସମାହାର ଦ୍ୱିଗୁ)—ସାତ ଜଣ ପ୍ରଧାନ ଋଷିଙ୍କ ସମୂହ । (ଯାହାଙ୍କ ଉଦ୍ଦେଶ୍ୟରେ ତିନ୍ଥ ହୋଇଯାଏ ଓ ଉର୍ଦ୍ଧ କରାଯାଏ)—Saptarshi Seven of the famous sages. [ଦ୍ର—ନକ୍ଷତ୍ର ଶବ୍ଦ ତଳେ ନୋଟ୍ ଦେଖ) । ଏମାନଙ୍କ ନାମ ଯଥା—୧. ମରୀଚି, ୨. ଅତ୍ରି-୩. ଅଙ୍ଗିରା, ୪. ପୁଲସ୍ତ୍ୟ, ୫. ପୁଲହ, ୬. କ୍ରତୁ ଓ ୭. ବଶିଷ୍ଠ । ଏମାନଙ୍କ ସ୍ତ୍ରୀମାନଙ୍କ ନାମ ଯଥାକ୍ରମେ—୧ ସଂଭୂତି, ୨. ଅନସୂୟା, ୩. କ୍ଷମା, ୪. ପ୍ରୀତି, ୫. ସନ୍ନତି ୬. ଲଜ୍ଜା, ଓ ୭. ଅରୁନ୍ଧତୀ । ଯଦୁପୁରାଣ ସ୍ୱର୍ଗଖଣ୍ଡ ୧୧ଶ ଅଧ୍ୟାୟରେ ଲେଖାଅଛି ଯେ, ଏ ଋଷିମାନେ ଜଗତ୍‌ରେ ପ୍ରଜା ସୃଷ୍ଟିପାଇଁ ବିଧାତାଙ୍କ ଦ୍ୱାରା ବନସୃଜା ହୋଇଥିଲେ । ଏମାନେ ବ୍ରହ୍ମାଙ୍କର ମାନସ-ପୁତ୍ର ଅଟନ୍ତି ଏମାନଙ୍କୁ ମଧ୍ୟ ସପ୍ତ-ବ୍ରାହ୍ମଣ କୋହଯାଏ । ଏମାନେ ଲୋକପିତା ଅଟନ୍ତି ଓ ଏମାନଙ୍କ ସ୍ତ୍ରୀମାନେ ଲୋକମାତା ଅଟନ୍ତି । ଏମାନଙ୍କ ତପସ୍ୟାଦ୍ୱାରା ଜଗତ୍ ଜୀବନ ଯଜ୍ଞ ହୋଇ ରହୁଅଛି । ଏମାନେ ସନ୍ଦ୍ୟା ଜପବନ୍ଦ୍ୟାରେ ଜପାସଜା ଓ ଗାୟତ୍ରୀ ଜପ କରୁ-ଅଛନ୍ତି କୋଲ କଥିତ ।] ୨ । ସପ୍ତର୍ଷିମଣ୍ଡଳ (ଦେଖ)—2. Saptarshi maṇḍala. (See)

ସପ୍ତର୍ଷି ମଣ୍ଡଳ—ସଂ. ବ—ଉତ୍ତରାକାଶର ସପ୍ତତାରକ ୭ଟି ନକ୍ଷତ୍ରର ପୁଞ୍ଜ—Saptarshi maṇḍala The constellation of the Great Bear (Ursa Major) which rises & sets round the Polestar in the northen sky. [ଦ୍ର—ଏ ନକ୍ଷତ୍ରମାନଙ୍କ ସଂଖ୍ୟା ସାତ ।ଉତ୍ତରାକାଶରେ ଧ୍ରୁବନକ୍ଷତ୍ରର ଗୃହଅଡ଼େ ଘୂରୁଥିବା ପର ଏହି ନକ୍ଷତ୍ର ମଣ୍ଡଳ ଦେଖାଯାଏ । ଏହି ମଣ୍ଡଳର ଆକାର ଗୋଟିଏ ପୁଚ୍ଛପୁକ୍ତ ଚତୁର୍ଭୁଜ ବା ଡୋରଲଗା ଘୁଡ଼ୁଷଦୃଶ । ପୁରାଣ ମତରେ ଏହି ସାତ ଗୋଟି ନକ୍ଷତ୍ର ଯଥାକ୍ରମେ ମରୀଚି, ଅତ୍ରି ଆଦ ଜ୍ଞାପର୍ଯ୍ୟନ୍ତ ସାତ ଗୋଟି ଋଷି ଅଟନ୍ତି । ଏମାନଙ୍କର ଅବସ୍ଥିତି



ଏହିପରି ଅଟେ । ଏହି ନକ୍ଷତ୍ରପୁଞ୍ଜର ଚତୁର୍ଭୁଜର ବାମପ୍ରାନ୍ତର ବା ମୁଣ୍ଡଅଡର ଦୁଇଟି ନକ୍ଷତ୍ରକୁ ଯୋଗ କରିବା କଳ୍ପିତ ରେଖାକୁ ଆକାଶରେ ବଢ଼ାଇଲେ ତାହା ଧ୍ରୁବ ନକ୍ଷତ୍ରକୁ ପ୍ରାୟ ସ୍ପର୍ଶ କରେ । ଏହି ସପ୍ତର୍ଷି ଦଲଟି ରାତ୍ରିରେ ଅନ୍ନ ଅନ୍ନ ଅବସ୍ଥାନରେ ଧ୍ରୁବ ନକ୍ଷତ୍ରର ଗୃହଅଡ଼େ ବେଢାଳା ବୁଲିବାପରି ଦାଉଁସି ଖାଇ ବୁଲିଥାଆନ୍ତି । ଏଥିପାଇଁ ଭବଭର ବିଦ୍ୟାନାଥ ମହାଯାତ୍ରାରେ ବର୍ଣ୍ଣନା କରିଅଛନ୍ତି—"ମେରୁ ନରେ ସପ୍ତର୍ଷିଙ୍କ ସ୍ୱବର୍ତ୍ତି ବେଢ଼ଳା" ।

Digitized by srujanika@gmail.com

ଏହାମାନଙ୍କୁ କାଲ୍ପନିକ ରେଖାମାନଙ୍କଦ୍ୱାରା ଯୋଗ କଲେ ବଡ଼ା ଗୋଟିଏ କାଲ୍ପନିକ ଉଲ୍ଟୁଚ ପରି ଦେଖାଯିବ ଓ ଏହା ନକ୍ଷତ୍ର-ମଣ୍ଡଳର କଳ୍ପିତ ଲାଞ୍ଜ ଉତ୍ତର କଳ୍ପିତ ଉଚ୍ଚିକର ଲାଞ୍ଜ ହେବ। ଏଥିଗାଇଁ ଲାଟିନ୍‌ରେ ଏହା ମଣ୍ଡଳକୁ ବୃହତ୍ ଋକ୍ଷସୂଚ୍ଚ (Ursa Major ବା The Great Bear) କୋଲ୍ଲଯାଏ। ଏହା ନକ୍ଷତ୍ରପୁଞ୍ଜର କଳ୍ପିତ ଲାଞ୍ଜର ମଝି ନକ୍ଷତ୍ରଟି ବଶିଷ୍ଠ ନାମରେ ଅଭିହିତ। ଏହା ବଶିଷ୍ଠ ନକ୍ଷତ୍ର ପାଖରେ ଅରୁ ଗୋଟିଏ କ୍ଷୁଦ୍ର ନକ୍ଷତ୍ର ଦେଖାଯାଏ; ତାହା ବଶିଷ୍ଠଙ୍କ ସ୍ତ୍ରୀ ଅରୁନ୍ଧତୀ। କଥିତ ଅଛି ଯେ, ଯେଉଁ ମନୁଷ୍ୟର ଖାଲି ଆଖିରେ ଏହି ଅରୁନ୍ଧତୀ ନକ୍ଷତ୍ର ଦେଖା ନ ଯାଏ, ୭ ମାସ ମଧ୍ୟରେ ସେ ସ୍ତ୍ରୈରେ ମୃତ୍ୟୁ ଘଟେ। ମଗ୍ନତ ଅଦ ପାଉଟି ଋଷି ଏହି ନକ୍ଷତ୍ରପୁଞ୍ଜରୁପେ ଧ୍ରୁବମଣ୍ଡଳର (ଧ୍ରୁବଲୋକ) ନାମରେ ଉତ୍ତରଚ ବୋଲି ଥିବାରେ ଲକ୍ଷିତ ଅଛନ୍ତି।]

ସପ୍ତଲା—ସଂ. ବି. ସ୍ତ୍ରୀ— (ସପ୍ତନ୍=ସାତ ଗୋଟି ଥର ବା ପାଖୁଡ଼ା + ଲ୍ଲ ଧାତୁ=ଉଦ୍ଗତ ହେବା + କ୍ତି ଅ + ଆ. ସ୍ତ୍ରୀ)— Saptalā ୧। ନବମଲ୍ଲିକା ଫୁଲ; ବଅଳୀ ଫୁଲ—1. A sort of Jasmine; Jasminum Zambac. ୨। ଗୁଞ୍ଜା; କାଇଁଚ—2. A sort of black-tipped red or white seed enclosed in a pod; Abrus Precatorius. ୩। ବର୍ମଚଖା; ଦେଉଳଅ ସିନ୍ଦୁ (ଗଛ)—3. Origanum Vulgaris (tree). ୪। ସୋପରେହଣୀ ନାମକ ବୃକ୍ଷ—4. Red wood tree; Soymida Febrifuga.

ସପ୍ତ ଲୋକ—ସଂ. ବ.— (ସପ୍ତନ୍ + ଲୋକ; ସମାହାର ଦ୍ୱିଗୁ)—ଭୂଃ Sapta loka ପ୍ରଭୃତି ୭ ଗୋଟି ଉର୍ଦ୍ଧ୍ୱଭୁବନ—The seven upper worlds according to the Hindu mythology. [ଦ୍ର—ଏହି ସପ୍ତଲୋକର ନାମ ଯଥାକ୍ରମେ—ଭୂଃ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟମ୍। ପୃଥିବୀ (ଭୂଃ) ଓ ପୃଥିବୀ ଉପରେ ଥିବା ଅନ୍ତରୀକ୍ଷ ଗୋଟି କଳ୍ପିତ ଭୁବନ ସପ୍ତଲୋକ ନାମରେ ଅଭିହିତ।]

ସପ୍ତ ଶତ—ସଂ. ବି. ଓ ବଣ୍— (ସଂଖ୍ୟାବାଚକ; ସପ୍ତନ୍ + ଶତ)— Sapta śata ସାତ ଶହ—Seven hundred. [ଦ୍ର—ଏହିପରି ସପ୍ତସହସ୍ର, ସପ୍ତଲକ୍ଷ, ସପ୍ତକୋଟି ଆଦି ଶବ୍ଦ ହୁଏ।]

ସପ୍ତଶତିକା—ସଂ. ବଣ. ସ୍ତ୍ରୀ—(ସପ୍ତଶତ + କ + ଆ)—ସପ୍ତଶତ ଶ୍ଲୋକ Sapta śatikā ବଶିଷ୍ଟ—(feminine) Having seven (ସପ୍ତଶତୀ—ଅନ୍ୟରୂପ) hundred slokas. ସଂ. ବ.—(ସାତ ଶହ ଶ୍ଲୋକଯୁକ୍ତ ଗ୍ରନ୍ଥ)—ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀମହାତ୍ମ୍ୟ ବା ଚଣ୍ଡୀ ନାମକ ଗ୍ରନ୍ଥ—The book called Chaṇḍī which consists of 700 slokas).[ଦ୍ର—ଏଥିରେ ଦୁର୍ଗାଙ୍କ ଦ୍ୱାରା ଶୁମ୍ଭ ଉମ୍ଭ ଅସୁରଙ୍କ ବଧ ଓ ତହିଁର ଇତିହାସ ବର୍ଣ୍ଣିତ ହୋଇଅଛି। ଏଥିରେ ଅଦ୍ୟନ୍ତରତ ୫ ଅଧ୍ୟାୟରେ ୧୦୪ ଶ୍ଲୋକ, ମଧ୍ୟଚରିତ ୩ ଅଧ୍ୟାୟରେ ୧୪୫ ଶ୍ଲୋକ ଓ ଉତ୍ତରଚରିତ ୫ଅଧ୍ୟାୟରେ ୪୪୧ ଶ୍ଲୋକ ଅଛି। ସୋଽରେ ୩ ଚରିତରେ ୧୩ ଅଧ୍ୟାୟରେ ୭୦୦ ଶ୍ଲୋକ ଅଛି। ଉପରୋକ୍ତ କାରଣରୁ ଏହା ସପ୍ତଶତୀ ବୋଲାଯାଏ, କାରଣ ଏଥିରେ ଶ୍ଲୋକ ସଂଖ୍ୟା ୭୦୦ (ସପ୍ତଶତୀ)। ଦେ. ବ.— ପଶ୍ଚିମବଙ୍ଗ ଦେଶରେ ପୁଟକେ ବାସ କରୁଥିବା ସାତ ଶହ ବ୍ରାହ୍ମଣ ପରିବାରଙ୍କ ସମବାୟ—The aggregate of 700 families of Brāhmaṇas who were formerly living in Bengal.

ସପ୍ତ ଶୈଯ୍ୟା—ଦେ. ବ.—(ସପ୍ତ ସଙ୍ଖ୍ୟକ ଶପ୍ୟା ଯାହାର; ବହୁବ୍ରୀ)— Sapta śaiśyā ଢେଙ୍କାନାଳ ଗଜପତି ସାଉଗୋଟି ସ୍ଥିତ ବା ଶ୍ରେଣୀ ବଶିଷ୍ଟ ପାହାଡ଼ର ନାମ—Name of a range of seven layers of hills in the Dhenkanal State of Orissa. [ଜ—ଝରଝରିଆ ଧାଡ଼ି ସପ୍ତଶପ୍ୟା-ଶିଖରଶୃଙ୍ଗେ ଉଥଲା—ବ୍ରଧାନାଥ ପାଙ୍ଗୀ]. [ଦ୍ର—ଏହି ପାହାଡ଼ରେ ଗୋଟିଏ ପ୍ରାସ୍ତ୍ୟକର ଝର ଅଛି ଓ ଏହା ଉପରେ ଥିବା ଜଙ୍ଗଲରେ ଲେମ୍ବୁ; ଝିଙ୍ଗା, ଜଦଲୀ, ଢେଙ୍କଣି, ଧାନୁଆ ଲକ୍ଷାମଉତ ପ୍ରଭୃତି ଅନେକ ଗଛ ଅଛି। ସ୍ଥାନୀୟ ଲୋକେ ଏ ସବୁକୁ ଖାଦ୍ୟପାଇଁ ସଂଗ୍ରହ କରନ୍ତି। ଢେଙ୍କାନାଳ ସଡ଼କଠାରୁ ସାତ ମାଇଲ୍ ଦୂରରେ ଦକ୍ଷିଣପୂର୍ବ କୋଣରେ ଏହି ପର୍ବତ ଅବସ୍ଥିତ।]

ସପ୍ତଶଲାକ—ସଂ. ବଣ—(ସପ୍ତନ୍ + ଶଲାକା; ସପ୍ତଶଲାକା ଅଛି ଯହିଁରେ; ବହୁବ୍ରୀ)—ସାତ ଗୋଟି ଶଲାକା ଯୁକ୍ତ— Sapta śalāka Having seven rods, pins or straight lines. ୨। ସପ୍ତଶଲାକ ଚକ୍ର (ଦେଖ)—2. Sapta-śalāka chakra (See)

ସପ୍ତ ଶଲାକ ଚକ୍ର—ସଂ. ବ.—(ସପ୍ତନ୍ + ଶଲାକା = ରେଖା; ସମାହାର ଦ୍ୱିଗୁ ଓ କର୍ମଧା)—ଜ୍ୟୋତିଷ (ଫଳିତ) Sapta śalāka chakra ମତରେ ବବାହର ଶୁଭାଶୁଭ ଦିନ ଜ୍ଞାପାର୍ଥ ଅଙ୍କିତ ଜ୍ୟୋତିଶ୍ଚକ୍ର ସପ୍ତରେଖା ବଶିଷ୍ଟ ଚକ୍ର ବିଶେଷ—An astrological figure consisting of seven lines crossing 7 other lines and drawn to ascertain an auspicious day for marriage. [ଦ୍ର—ସାତ ଗୋଟି ରେଖା କାଟି ଚାରୁ ଅଙ୍କ ସାତ ଗୋଟି ରେଖା ଦ୍ୱାରା ଛକାଚାରୁ ହୁଏ ଓ ଏହାପର ଛକା ଢୋଇଥିବା ୧୪ ରେଖାର ମୁଣ୍ଡରେ କୃତ୍ତିକା (ଅଗ୍ନି) ନକ୍ଷତ୍ର ଠାରୁ ଆରମ୍ଭ କରି ଚାହାଣ ଉପରୁ ନକ୍ଷତ୍ରମାନ ସଂଖ୍ୟା ଉମେ ବସାଇ ଯିବାକୁ ହୁଏ ଓ ୨୧ (ଉତ୍ତରସ୍ୱାଡ଼ା) ପରେ ୦ (ଶୂନ୍ୟ ଅର୍ଥାତ୍ ଅଭିଜିତ୍ ନାମକ ନକ୍ଷତ୍ର) ଲେଖି, ତହିଁ ପରେ ୨୨ (ଶ୍ରବଣା) ଲେଖି ୧୪ଟି ରେଖାର ୨୮ଟି ଅନ୍ତସ୍ଥାନ ପୂରଣ କରିଯାଏ। ଯଥା, ୩।୮।୫।୨।୩।୮।୫।୦।୧୧।୨।୧୦।୩।୮।୫।୨।୩।୮।୫।୦।୨୧।୦।୨୨।୩।୮।୫।୨।୩।୮।୫।୦।୨୧।୦।୨୨।

Digitized by srujanika@gmail.com

ଯେଉଁ ନକ୍ଷତ୍ରରେ ବବାହର ଦିନ ସ୍ଥିର ହୋଇଥିବ, ଏହି ଚକ୍ର ଅନୁସାରେ ସେହି ନକ୍ଷତ୍ରର ବିପରୀତ ମୁଣ୍ଡରେ ଅବସ୍ଥିତ ନକ୍ଷତ୍ର ପ୍ରଥମ ନକ୍ଷତ୍ରର ବେଧ ଅର୍ଥାତ୍ ପ୍ରତିବନ୍ଧକ ଅଟେ; ଉକ୍ତ ଦ୍ୱିତୀୟ ନକ୍ଷତ୍ରରେ ଯଦି ଚନ୍ଦ୍ର ତାରା ଅନ୍ୟ ଗ୍ରହ ସେ ଦିନ ଅବସ୍ଥାନ କରୁଥିବା ଦେଖାଯାଏ, ତେବେ ଏହା 'ସପ୍ତଶଲାକ ବେଧ' ନାମକ ଦୋଷଯୁକ୍ତ ବୋଲି ବିବେଚିତ ହୁଏ ଓ ଏହି ନକ୍ଷତ୍ରଯୁକ୍ତ ଥିରେ ବବାହ କଲେ ଜନ୍ୟା ବିଧବା ହୁଏ ।

(୬) କୃତ୍ତିକା ସହିତ ତ୍ରିବର୍ଣ୍ଣା (୨୨)ର ବେଧ ଅଟେ
(୪) ରୋହିଣୀ ,, ଅଭିଜିତ୍ (୦) ,,
(୫) ମୃଗଶିର ,, ଉତ୍ତରାଷାଢ଼ା (୨୧) ,,
(୬) ଆର୍ଦ୍ରା ,, ପୂର୍ବାଷାଢ଼ା (୨୦) ,,

ସପ୍ତଶଲାକ ବେଧ—ସଂ. ବି (ଜ୍ୟୋତିଷ)—ସପ୍ତଶଲାକ ଚକ୍ର ଘାତନ Saptaśalākā bedha ଦ୍ୱାରା ଗଣନା କରି ଗଲେ ବବାହ ଯାଇଁ ସ୍ଥିରୀକୃତ ଥିର ନକ୍ଷତ୍ରରେ ଘଟିବା ଅଶୁଭକର ଦୋଷ—The inauspicious condition of an asterism, found out by calculation by drawing the Saptaśalākā chakra. (ସପ୍ତଶଲାକ ଚକ୍ର ତଳେ ନୋଟ୍ ଦେଖ) ।

ସପ୍ତ ଶାଳ—ସଂ. ବି.—ସମାସ୍ତରଣ ବିଶିଷ୍ଟ ଏକତ୍ରାବସ୍ଥିତ ସାତଗୋଟି Saptaśāla ଢେଙ୍ଗା ଓ ସିଧା ଶାଳଗଛ—Seven Śāla trees which grew together, as described in the Rāmāyaṇa and which were simultaneously pierced with one arrow by Rāmachandra.

ସପ୍ତ ଶିରା—ସଂ. ବି (ସପ୍ତନ୍+ଶିରା ଯାହାର; ବହୁବ୍ରୀହି, 'ଏହି ପତ୍ରରେ Sapta śirā ସାତ ଗୋଟି ଶିରା ଥିବାରୁ)—ନାଗବଲ୍ଲୀ (ବୃକ୍ଷ-ବର୍ଦ୍ଧକ)—The betel plant. ଦେ. ବି—ସଂ, ସପ୍ତଶିରସ୍—ସାତଟି ମସ୍ତକ ବିଶିଷ୍ଟ) ସହସ୍ରଗ୍ରୀବଙ୍କର ସପ୍ତଶିରା ଜଣେ ମନ୍ତ୍ରୀ—Name of a minister of Sahasrā Rāvaṇa. ସହସ୍ରଶିରା

ସପ୍ତ ଶୀର୍ଷ—ସଂ. ବି ବହୁବ୍ରୀହି —କୃତ୍ତିକା ନକ୍ଷତ୍ର—
Sapta śīrsha The Kṛttikā asterism.
[ଦ୍ର—କୃତ୍ତିକା ତାହା ଶୁଣି ମାନସରେ ଭାବି, ଆକାଶରେ ଯାଇ ରହିଲେ ବାସ କରି । ଅଜହିଁ ସପ୍ତଶୀର୍ଷ ନାମରେ ବ୍ୟକ୍ତ × × × କୃତ୍ତିସିଂହ. ମହାଭାରତ. ବନ ।]

ସପ୍ତ ଶୂନ୍ୟ—ସଂ. ବି—ଜ୍ୟୋତିଷ ଗଣନା ଦ୍ୱାରେ ଗ୍ରହମାନଙ୍କର Sapta śūnya ଅମଙ୍ଗଳଜନକ ଅବସ୍ଥାନ ବିଶେଷ—A very inauspicious conjunction of planets according to a particular astrological calculation. [ଦ୍ର—ଜ୍ୟୋତିଷ ଗଣନା ଦ୍ୱାରେ କୌଣସି ଜାତକରେ ଜଣାଯାଏ, ସପ୍ତଶୂନ୍ୟ ଯୋଗ ଘଟିଲେ ଉକ୍ତ ବ୍ୟକ୍ତିଙ୍କର ମୃତ୍ୟୁ ଘଟିବାର ଅଶଙ୍କା ହୁଏ ।]

ସପ୍ତଷଷ୍ଠ—ବି.ବଣ—(ସପ୍ତଷଷ୍ଟି+ପୂରଣାର୍ଥେ ଥ)—ସତଷଠୀର ପୂରଣ—Saptashashṭha Sixtyseventh. (ସପ୍ତଷଷ୍ଟିତମ—ଅନ୍ୟରୂପ)

ସପ୍ତଷଷ୍ଟି—ବି. ବ ଓ ବଣ—(ସଂଖ୍ୟାବାଚକ, ସପ୍ତ ଅଧିକ ଷଷ୍ଟି)—Sapta shashṭhi ଷାଠିରୁ ସାତ ଅଧିକ—Sixty-seven.

ସପ୍ତସପ୍ତକ—ବି. ବ ଓ ବଣ—(ସଂଖ୍ୟାବାଚକ; ସପ୍ତଗୁଣିତ ସପ୍ତ+କ)—Saptasaptaka ଅଣଚାଳିଶ (ଉଣ୍ଚାଳିଶ)—Fortynine.

ସପ୍ତସପ୍ତତି—ବି. ବ ଓ ବଣ—(ସଂଖ୍ୟାବାଚକ; ସପ୍ତ ଅଧିକ ସପ୍ତତି)—Saptasaptati ୭୭; ସତସତୁରି—77; seventyseven.

ସପ୍ତସପ୍ତତିତମ—ବି. ବଣ. (ସପ୍ତସପ୍ତତି+ପୂରଣାର୍ଥେ ତମ)—ସତସତୁରି Saptasaptatitama ସ୍ତାନୀୟ—Seventyseventh.

ସପ୍ତସପ୍ତି—ସଂ. ବି—(ସପ୍ତନ୍+ସପ୍ତି=ଘୋଡ଼ାକ ଅଛନ୍ତି ଯାହାଙ୍କ Saptasapti ରଥରେ; ବହୁବ୍ରୀହି)—ସପ୍ତାଶ୍ୱ; ସୂର୍ଯ୍ୟ (ହିନ୍ଦୁ ଚନ୍ଦ୍ର)—The sun (who, according to the Hindu mythology, has seven horses in his one-wheeled chariot).

ସପ୍ତ ସମୁଦ୍ର—ସଂ. ବି—(ସମାହାର ଦ୍ୱିଗୁ)—ସପ୍ତସିନ୍ଧୁ; ହ୍ରଦ ସ୍ୱରୂପ Sapta samudra ମଝିରେ ମେରୁଗିରିର ଗୁରୁ ଯାଏ ଗୋଟିଏ ଲେଖାଏଁ ଦ୍ୱୀପକୁ ଯଥାକ୍ରମେ ଘେରିଥିବା ୭ ଗୋଟି ସମୁଦ୍ର—The seven concentric oceans or rings of fluids surrounding the Meru mountain and in turn surrounded by rings of seven concentric islands.
[ଦ୍ର—ଏହି ସପ୍ତ ସାଗରର ନାମ ଯଥା—ଲବଣ, ଇକ୍ଷୁ ବା ମଧୁ, ସୁରା, ଘୃତ, ଦଧି, କ୍ଷୀର ବା ଦୁଗ୍ଧ ଓ ଜଳ ସମୁଦ୍ର । ଏହି ସମୁଦ୍ରମାନ ମେରୁ ପର୍ବତକୁ ବେଢ଼ି ରହି ଯଥାକ୍ରମେ ସପ୍ତ ଦ୍ୱୀପକୁ ବେଷ୍ଟନ କରିଅଛନ୍ତି । ଏଥି ମଧ୍ୟରୁ କ୍ଷୀର ସାଗର ମଧ୍ୟସ୍ଥିତ ବୈକୁଣ୍ଠରେ ବିଷ୍ଣୁଙ୍କର ନିବାସ ।]

ସପ୍ତ ସାଗର—ବି. ବ—୧ । ମତ୍ସ୍ୟପୁରାଣୋକ୍ତ (୬୬୧ ଅଧ୍ୟାୟ) ମହାଦାନ Saptasāgara ବିଶେଷ—1. Name of a kind of [ସପ୍ତସାଗରକ (ଦାନ)—ଅନ୍ୟରୂପ] gift mentioned in the Matsya Purāṇa. [ଦ୍ର—ଏହି ଦାନ ସର୍ବପାପ-ନିବାରକ । ଗୋଟିଏ ପୂର୍ଣ୍ଣ ବିବସ ନିର୍ଜ୍ଜଳ ଉପବାସ କରି ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ସ୍ୱଗୃହରେ ପ୍ରାଦେଶ ବା ଏକଗୁଣ୍ଠ ପରିମିତ ୭ ଥଳଠାରୁ ସହସ୍ର, ଥଳ ଓଜନରେ ୭ ଗୋଟି କୁମ୍ଭ ରଚନା କରି ଉକ୍ତ କୁମ୍ଭମାନଙ୍କୁ କୃଷ୍ଣାଜିନ ଓ ତିଳ ଉପରେ ରଖିବ । କୁମ୍ଭମାନଙ୍କରେ ଯଥାକ୍ରମେ ଲବଣ, ଦୁଗ୍ଧ, ଘୃତ, ଗୁଡ଼ ବା ମଧୁ, ଦଧି, ଶର୍କରା ଓ ତୀର୍ଥବାରି ପୂର୍ଣ୍ଣ କରିବ ଏବଂ ଉକ୍ତ ପାତ୍ରମାନଙ୍କ ମଧ୍ୟରେ ଯଥାକ୍ରମେ ସୃଷ୍ଟି କର୍ତ୍ତା ବ୍ରହ୍ମା, ବିଷ୍ଣୁ, ଶିବ, ଈଶ୍ୱର, ଇନ୍ଦ୍ର, ଲକ୍ଷ୍ମୀ ଓ ପାର୍ବତୀଙ୍କର ବିଗ୍ରହମାନ ରଖି ଉକ୍ତ କୁମ୍ଭ-

Digitized by srujanika@gmail.com

ମାନଙ୍କ ଗୁରୁଥରେ ଧାନ୍ୟ ଓ ବହୁ ବୁଣି ଦେବ । ଉତ୍ସବରେ ହୋମ କର ସମୁଦ୍ର ଓ ସମୁଦ୍ରାଧିଷ୍ଠାତୃ ଦେବତାମାନଙ୍କ ନାମ ଉଚ୍ଚାରଣ ପୂର୍ବକ ମନ୍ତ୍ର ପାଠ କର ଜଳୁ ବ୍ରାହ୍ମଣମାନଙ୍କୁ ଯଥାକ୍ରମେ ଜଣେ ଜଣେ ବ୍ରାହ୍ମଣଙ୍କୁ ଦାନ କରିବ ।] ୨ । ଶିବଲିଙ୍ଗ ବିଶେଷ (ପ୍ରବୃତ୍ତିବାଦ)— 2. Name of a phallic image of Śiba. ୩ । ସପ୍ତସମୁଦ୍ର (ଦେଖ)— 3. Sapta Samudra (See)

ସପ୍ତ ସାମ—ସଂ. ବ—(ସପ୍ତନ୍+ସାମନ୍; ଦ୍ୱିଗୁ)—ଉଥଲୁର, ବୃହତ୍, ରଥନ୍ତର, ବାମଦେବ୍ୟ, ବୈରୂପ, ଶାବମାନ, ବୈରାଜ ଓ ଗୃଦ୍ଧ୍ରସ—ଏହି ସାତ ଗୋଟି ସାମ ବା ସାମବେଦୋକ୍ତ ଗୀୟମାନ ମନ୍ତ୍ର—The seven mystic incantations in the Sāma Beda.

ସପ୍ତ ସିନ୍ଧୁ—ସଂ. ବ—(ସପ୍ତନ୍+ସିନ୍ଧୁ; ଦ୍ୱନ୍ଦ୍ୱ)—ସପ୍ତ ସମୁଦ୍ର, (ଦେଖ) Sapta sindhu Sapta samudra (See)

ସପ୍ତ ସୁର—ଦେ. ବ.—ସପ୍ତସ୍ୱର (ଦେଖ)— Sapta sura Saptaswara (See) सप्तस्वर सप्तस्वर

ସପ୍ତସୁ(ତୋ)ର୍(ରି)—ଦେ. ବି.—(ସଂ. ସପ୍ତସ୍ୱର) ୧ । ସପ୍ତସ୍ୱର ବିଶିଷ୍ଟ Saptasu(so)ri(ri) ବାଜା—A musical instrument with seven tunes. ୨ । ସପ୍ତସ୍ୱରା (ଦେଖ)—2. Saptaswarā (See) सप्तस्वरा सप्तस्वरा

ସପ୍ତସୂ—ସଂ. ବଣ୍. ସ୍ତ୍ରୀ—(ସପ୍ତନ୍+ସୂ ଧାତୁ+କ୍ୱିପ୍. କୃପ୍)— Saptasū ସୁତବତ୍ସଳା; ସପ୍ତପୁତ୍ରପ୍ରସୂତା (ସ୍ତ୍ରୀ); ଯେଉଁ ସ୍ତ୍ରୀ ସାତଟି ପୁତ୍ର ଜନ୍ମ କରିଅଛନ୍ତି—A mother of seven sons.

ସପ୍ତ ସ୍ୱର—ସଂ. ବ—ହିନ୍ଦୁ ସଙ୍ଗୀତଶାସ୍ତ୍ରୋକ୍ତ ସାତ ଗୋଟି ସ୍ୱର—ସା,ରି, ଗା, ମା, ପା, ଧା, ନି—The seven notes in the Hindu musical gamut. [ଦ୍ର—ସ୍ୱର ଉଚ୍ଚେ କୋଠ୍ ଦେଖ । ସଙ୍ଗୀତ ଶାସ୍ତ୍ରରେ ଲେଖାଅଛି ଯେ, ଏହି ସାତ ଗୋଟି ସ୍ୱର ଉନ୍ନ ଉନ୍ନ ଜନ୍ତୁଙ୍କ ସ୍ୱରରୁ ଗୃହୀତ ହୋଇଅଛି ଯଥା—

ସା...ଷଡ଼ଜ...ମୟୂରର ..ଇଂ—C (Do).
ରି...ଋଷଭ...ବୃଷଭର...ଇଂ—D (Re).
ଗା...ଗାନ୍ଧାର...ଛଗର...ଇଂ—E (Mi).
ମା...ମଧ୍ୟମ...କୌଞ୍ଚର...ଇଂ—F (Fa).
ପା...ପଞ୍ଚମ...କୋକିଳର...ଇଂ—G (So).
ଧା...ଧୈବତ...ଘୋଡ଼କର—ଇଂ—A (La).
ନି...ନିଷାଦ...ହସ୍ତୀର...ଇଂ—A (Ta).

ଏହି ସାତଗୋଟି ସ୍ୱରମିଶି ଗୋଟିଏ ଲେଖାଏଁ ସପ୍ତକ ହୁଏ । ସପ୍ତକ ତିନି ଗୋଟି । ଯଥା—

ଉଦାତ୍ତ—ଉଚ୍ଚ ପାଟି ବା ଉଚ୍ଚୈଃସ୍ୱର; ମୁଦାତ୍ତ—ସାଧାରଣ ପାଟି, ମନୁଷ୍ୟର ସ୍ୱର; ତାତ୍ତ—ଢେଁ ଢେଁ ଶବ୍ଦ ବା ସ୍ତ୍ରୀ ଓ ଶିଶୁଙ୍କ ସ୍ୱର ।

ଏହି ସାତ ଗୋଟି ସ୍ୱରର ତୁଣି ହୋମଳ, ଅଉ ହୋମଳ, ତାବ୍ର (ଉଡ଼ା) ଓ ଅତି ତାବ୍ର ପ୍ରଭୃତି ଭେଦ ଅଛି ।]

ସପ୍ତସ୍ୱରା—ସଂ. ବ. (ସପ୍ତସ୍ୱର+ଆ)—୧ । ତନ୍ତ୍ରୀ ବାଦ୍ୟଯନ୍ତ୍ରବିଶେଷ Saptā swarā (ଏଥିରେ ସାତ ଗୋଟି ସ୍ୱର ଥାଏ)— 1. A stringed instrument striking 7 tunes. ୨ । ଜଳ ତରଙ୍ଗ ନାମକ ବାଦ୍ୟ ଯନ୍ତ୍ର [ଦ୍ର—ସାତ ଗୋଟି ପାତ୍ରରେ ଉନ୍ନ ଉନ୍ନ ପରିମାଣରେ ଜଳ ରଖି ଉକ୍ତ ପାତ୍ରକୁ ଖଣ୍ଡିଏ କାଠିଦ୍ୱାରା କ୍ରମାନୁସାରେ ବଜାଇ ସପ୍ତୋତ୍ତର ସପ୍ତସ୍ୱର ଏଥିରୁ ଉତ୍ପାଦନ କରିପାରେ ।]— 2. A musical instrument consisting of a set of seven cups containing different quantities of water and struck with a stick successively to produce the seven tunes of the gamut. ସଂ. ବହୁ. ସ୍ତ୍ରୀ—ସପ୍ତସ୍ୱର ବିଶିଷ୍ଟ—Striking 7 tunes. [ଉ—ଏକ ହସ୍ତେ ଗ୍ରାହ୍ୟ; ଅନେକ ସାଙ୍ଗ। ସପ୍ତସ୍ୱର—ରଘୁନାଥ (ସପ୍ତସ୍ୱର—ଦେ ରୂପ) ମହାପାତ୍ର]

ସପ୍ତ ସ୍ୱର୍ଗ—ଦେ.ବ.—ଭୂ, ଭୁବଃ, ସ୍ୱଃ, ମହଃ, ଜନଃ, ତପଃ ଓ ସତ୍ୟମ୍,— Sapta swarga ଏହି ସପ୍ତଲୋକ—The seven heavens or upper worlds according to सप्तस्वर्ग सप्तस्वर्ग Hindu mythology.

ସପ୍ତା—ଦେ. ବ.—୧ । (ସଂ. ସପ୍ତାହ)—ସପ୍ତାହ—1. A week. Saptā ୨ । ସପ୍ତାହକାଳ ଅହୋରାତ୍ର ବୋଲ୍ଲଯାଇ ଅଦ୍ୟରୁ ହପ୍ତା ଶେଷ ପର୍ଯ୍ୟନ୍ତ ଭାଗବତର ୧୨ ସ୍କନ୍ଧଯାକ ପାଠ କରିପିବା सप्ताह ରୂପ ଅନୁଷ୍ଠାନ—The reading out of the ଭାଗବତ ସପ୍ତାହ Oriya Bhāgabata in the course भागवत सप्ताह of 7 days & nights continuously. [ଦ୍ର—ଗ୍ରୋକେ ମାନସିକ କର କମ୍ବା ଗ୍ରାମରେ ମହାମାରୀ ଆଦ ଉପସ୍ଥିତ ହେଲେ ତନ୍ନିବାରଣ କାମନା କର ଅହୋରାତ୍ର ୭ ଦିନ ଭାଗବତ ପାଠ କରନ୍ତି ବା 'ସପ୍ତା କରାନ୍ତି'। ଏହା ଶେଷ ହେଲେ ପୂଜା ଓ ଉତ୍ସବ ଆଦ କରିପାରେ । ଏ ସାତ ଦିନଯାକ ପକ୍ଷାଏ ଲେଖାଏଁ ପାଠକ ସାଙ୍ଗକର ଭାଗବତ ବୋଲି ଥାଆନ୍ତି । ପକ୍ଷାଏ ବୋଲି ବୋଲି ଥକ ଗଲେ ଆଉ ଦୁଇାଏ ବୋଲନ୍ତି ।] ୩ । (ସଂ ସପ୍ତମ)— ଶଳ୍ପସପ୍ତା; ଶନୈଶ୍ଚରର ଲଗ୍ନଠାରୁ ୭ମ, ୮ମ ଓ ୯ମ ସ୍ଥିତିରେ ଥିବା ଅବସ୍ଥା—(ଏହା ଅତି ଅଶୁଭ ଫଳପ୍ରଦ)—3. Astrology) The state of the planet Saturn being in its 7th, 8th and 9th places from a man's natal sign. ସଂ. ବହୁ—(ସପ୍ତ

Digitized by srujanika@gmail.com

+ଅ)—୧। ସପ୍ତମ ଅଷ୍ଟମ ଓ ନବମର ପୂରଣ—1. The 7th, 8th and 9th. [ଯଥା—ଶନସପ୍ତା।]

୨। ସପ୍ତାହବ୍ୟାପୀ—2. Extending over a week. [ଯଥା—ସପ୍ତାହ୍ୱଗବତ]

ସପ୍ତାଂଶୁ Saptaṁśu—ସଂ. ବ.—୧। (ସପ୍ତନ୍+ଅଂଶୁ=କରଣ ଯାହାର; ବହୁବ୍ରୀହି)—ଅଗ୍ନି; ସପ୍ତାର୍ଚ୍ଚିହ୍ନ—1. Fire. [ଦ୍ର—ଲୁଣାଣ୍ଡ ଦୋମରେ ଅଗ୍ନିଙ୍କର ଶ୍ୱେତ, ରକ୍ତ, ପୀତ, ଘାଳ, କୃଷ୍ଣ, ଧୂମ୍ର ଓ ପାଟଳ, ଏହି ସାତ ଗୋଟି ଅଂଶୁ ଉଦ୍ଦେଶ୍ୟରେ ଆହୁତି ଦିଆଯାଏ।] ୨। ଶନଗ୍ରହ—2. The planet Saturn. ସଂ. ବହୁ—(ସପ୍ତାଂଶୁ ବା ଶନଙ୍କର ଗୋଟିଏ କ୍ରୂର ନେତ୍ର ଥିବାରୁ)—କ୍ରୂର-ନେତ୍ର; ଯେଉଁ ବ୍ୟକ୍ତର ଦୃଷ୍ଟି ଅଶୁଭ ଫଳପ୍ରଦ—A person having malignant eyes.

ସପ୍ତାଂଶୁ ପୁଙ୍ଗବ Saptāṁsu puṅgaba—ସଂ. ବ.—(ସପ୍ତାଂଶୁ+ପୁଙ୍ଗବ=ଶ୍ରେଷ୍ଠ) ଶନଗ୍ରହ—The planet Saturn.

ସପ୍ତାଙ୍ଗ Saptāṅga—ସଂ. ବ.—(ସପ୍ତନ୍+ଅଙ୍ଗ; ସମାହାର ଦ୍ୱିଗୁ)—୧। ଗଣ୍ଡ-ଶାସ୍ତ୍ରୋକ୍ତ ରାଜ୍ୟର ସାତ ଗୋଟି ଅଙ୍ଗ—1. The seven components of a kingdom. [ଯଥା—ସ୍ୱାମୀ, ଅମାତ୍ୟ, ସୁହୃତ୍, ଟକୋଷ, ରାଷ୍ଟ୍ର, ଦୁର୍ଗ ଓ ବଳ; ମତାନ୍ତରରେ ରାଜା, ଅମାତ୍ୟ, ପୁର, ରାଷ୍ଟ୍ର, କୋଷ, ଦଣ୍ଡ ଓ ସୁହୃତ୍ (ମନୁ ୯-୨୯।୨୯୬); ମତାନ୍ତରରେ ରାଜା, ଅମାତ୍ୟ, ପ୍ରଜା, ଦୁର୍ଗ, କୋଷାଗାର, ତତ୍ତ୍ୱରଙ୍ଗ ସୈନ୍ୟ, ମିତ୍ର (ଯାଜ୍ଞବଲ୍କ୍ୟ ୧—୩୫୬) ୨। ଏକପ୍ରକାର ଯୋଗ ସାଧନ—2. A sort of spiritual exercise. ୩। (ଜ୍ୟୋତିଷ) କୌଣସି ବିଷୟ ସମ୍ବନ୍ଧେ ଜ୍ଞାତବ୍ୟ ଜ୍ୟୋତିଷୋକ୍ତ ସାତ ଗୋଟି ବିଷୟ (ପାଞ୍ଜି ପଞ୍ଜିକାରେ ଉଲ୍ଲେଖ ହୋଇଥାଏ; ଯଥା—ତିଥି, ବାର, ନକ୍ଷତ୍ର, ଯୋଗ, କରଣ ଓ ରବ୍ୟଂଶ)—3. The seven items or information which are calculated according to astrology in respect of every day. ୪। (ବହୁବ୍ରୀହି; ସପ୍ତଅଙ୍ଗ ବିଶିଷ୍ଟ)—ରାଜ୍ୟ—4. A kingdom.

ସପ୍ତା ବଢ଼ା Saptā bardhā—ଦେ. ବି—ସପ୍ତାହ ବ୍ୟାପୀ ଭାଗବତ ପାଠ ରୂପ ଉତ୍ସବର ଶେଷ(ବା ସମାପନ—ଅନ୍ୟରୂପ) ଭାଗବତ ସପ୍ତାହର ଉଦଯାପନ **ସପ୍ତା ବଢ଼ିବା—ଅନ୍ୟରୂପ ଭାଗବତ ସପ୍ତାହକା ଖତମ** ceremonial completion of the continuous reading of the Bhāgabata for a week.

ସପ୍ତା ବଢ଼ା(ଢ଼େ)ଇବା Saptā bardhā(rdhe)ibā—ଦେ. କି—ସପ୍ତାହ ବ୍ୟାପୀ ଭାଗବତ ପାଠରୂପ ଉତ୍ସବକୁ ସମାପନ କରିବା—ଭାଗବତ ସପ୍ତାହର ସମାପ୍ତି କରା **ଭାଗବତ ସପ୍ତାହକା ଖତମ କରନା** To bring about the completion of the reading of the Bhāgabata for a week.

ସପ୍ତା ବସା(ସେ)ଇବା Saptā basā(se)ibā—ଦେ. କି—ସଂଳଗ୍ନ ପୂଜକ ଏକ ସପ୍ତାହକାଳ ଅନବରତ ଭାଗବତ ପାଠରୂପ ଭାଗବତ ସପ୍ତାହ ବସାନ ଅନୁଷ୍ଠାନର ସୂତ୍ରପାତ କରିବା—**ଭାଗବତ ସପ୍ତାହ ବୈଠାନା** To begin the reading of the Bhāgabata constantly throughout of a week.

ସପ୍ତା ବସିବା Saptā basibā—ଦେ. କ—ସପ୍ତାହକାଳ ଅନବରତ ଭାଗବତ ପାଠରୂପ ଅନୁଷ୍ଠାନର ଆରମ୍ଭ—The beginning of the reading of the Bhāgabata continuously for a week. **ଭାଗବତ ସପ୍ତାହ ବୈଠନା**

ସପ୍ତା ଭାଗବତ Saptā bhāgabata—ଦେ. ବି (ସଂ. ସପ୍ତାହ ଓ ଭାଗବତ)—ଏକ ସପ୍ତାହକାଳ ଭାଗବତ ପୁରାଣ ଅନବରତ ବୋଲିଯିବା ରୂପ ଉତ୍ସବ—The festival of reading the Bhāgabata constantly for a week. **ସପ୍ତାହ ଭାଗବତ**

ସପ୍ତା ମଜୂରା Saptā mainā(majuri, mūla)—ଦେ. ବ.—କାରଖାନା ଆଦିରେ କାମ କରୁଥିବା ମୂଲ୍ୟଆମାନଙ୍କୁ ସପ୍ତାହ ମଜୁରୀ ସପ୍ତାହର ଶେଷ ଦିନ ଦିଆଯିବା ଉକ୍ତ ସପ୍ତାହର ମଜୁରୀ—Weekly wages paid to day—labourers in a factory once in a week. **ସପ୍ତାହ ମଜୂର** କର୍ମ ପାଇଁ ପ୍ରାପ୍ୟ ମଜୁରୀ

ସପ୍ତାର୍ଚ୍ଚିଃ Saptārchchiḥ—ସଂ. ବ (ସପ୍ତନ୍+ଅର୍ଚ୍ଚିସ୍=କରଣ ଯାହାର; ବହୁବ୍ରୀହି)—୧। ସପ୍ତାର୍ଚ୍ଚିହ୍ନ; ଅଗ୍ନି—1. The fire. ୨। ସପ୍ତାଂଶୁ (ଦେଖ)—2. Saptāṁśu (See) ୩। ତତ୍ତ୍ୱିକ ବୃକ୍ଷ (ଜଣ୍ଟକୋପ)—3. The plumbago Zeylanica (tree). ସଂ. ବହୁ—କ୍ରୂର ଚକ୍ଷୁ ବିଶିଷ୍ଟ—Having malignant look.

ସପ୍ତାର୍ଣ୍ଣବ Saptārṇṇaba—ସଂ. ବ (ସପ୍ତନ୍+ଅର୍ଣ୍ଣବ; ଦ୍ୱିଗୁ)—ସପ୍ତ ସମୁଦ୍ର (ଦେଖ) Saptā samudra (See)

ସପ୍ତାଶ୍ୱ Saptāśwa—ସଂ. ବ (ସପ୍ତନ୍+ଅଶ୍ୱ=ଘୋଡ଼ା ଯାହାର; ବହୁବ୍ରୀହି)—୧। ସୂର୍ଯ୍ୟ—1. The sun. ୨। (ଦ୍ୱିଗୁ) ସାତଟା ଘୋଡ଼ା—2. Seven horses. ୩। ଗାୟତ୍ରୀ, ତ୍ରିଷ୍ଟୁପ୍, ଅନୁଷ୍ଟୁପ୍, ବୃହତୀ, ପଂକ୍ତି, ତ୍ରିଷ୍ଟୁପ୍, ଜଗତୀ—ଏହି ୭ଟି ବୈଦିକ ଛନ୍ଦ; (ପ୍ରକୃତବାଦ)—3. Seven vedic metres. ସଂ. ବହୁ (ବହୁବ୍ରୀହି)—ସାତ ଗୋଟି ଅଶ୍ୱ ବିଶିଷ୍ଟ—Having seven horses.

ସପ୍ତାଶ୍ୱ ବାହନ Saptāśwa bāhana—ସଂ. ବ (ସପ୍ତନ୍+ଅଶ୍ୱ+ବାହନ; ସପ୍ତ ଅଶ୍ୱ ଅଛନ୍ତି ଯାହାଙ୍କର; ବହୁବ୍ରୀହି)—ସୂର୍ଯ୍ୟ (ଶାସ୍ତ୍ର ପୁରାଣୋକ୍ତ ସୂର୍ଯ୍ୟରଥରେ ଥିବା ନାମ)—The sun. [ଦ୍ର—ପୁରାଣରେ ସୂର୍ଯ୍ୟଙ୍କ ଏକଚକ୍ର ରଥର ସାତ ଗୋଟି ଅଶ୍ୱ ଥିବା କଳ୍ପିତ ହୋଇଅଛି ଓ ଅଧୁନାତନ ବୈଜ୍ଞାନିକମାନେ ସୂର୍ଯ୍ୟ କରଣରୁ ବଙ୍ଗେଗଣ ତର ତହିଁରେ ସାତଗୋଟି ମୌଳିକ ରଶ୍ମି (Vybgior) ଥାଇଅଛନ୍ତି ।]

Digitized by srujanika@gmail.com

ସପ୍ତାଶ୍ର—ସଂ. ବ (ବହୁବ୍ରୀହି; ସପ୍ତନ୍+ଅଶ୍ର)—ସପ୍ତକୋଣ ବିଶିଷ୍ଟ—
Saptāśra Having seven angles; septangular.

ସପ୍ତାହ—ସଂ. ବ (ସପ୍ତନ୍+ଅହନ୍=ଦିନ, ସମାହାର ଦ୍ୱିଗୁ)—
Saptāha ସପ୍ତଦିନ ବ୍ୟାପୀ କାଳ—A week; an aggregate of seven days.

ସପ୍ତି—ସଂ. ବ (ସପ୍ ଧାତୁ=ବଳବାନ ହେବା, ସମର୍ଥ ହେବା+କ୍ତିନ୍. ଈ; ଯୁଦ୍ଧ କାଳରେ ଯୁଦ୍ଧ ଭୂମିରେ ଅଶ୍ୱ ବଳବାନ ବା ସମର୍ଥ ହେବା ଯୋଗୁଁ)—ଅଶ୍ୱ; ଘୋଡ଼ା—Horse.
Sapti

ସପ୍ତିତା—ସଂ. ବ (ସପ୍ତି+ତା)—ବେଗଗାମିତ୍ୱ (ବିଶ୍ୱକୋଷ)—
Saptitā Fleetness.

ସପ୍ତୋତ୍ତର—ସଂ. ବିଣ (ସପ୍ତନ୍+ଉତ୍ତର; ସପ୍ତ ସଂଖ୍ୟା ଅନ୍ତ ଉତ୍ତରରେ ବା ଶେଷରେ ଯାହାର; ବହୁବ୍ରୀହି)—ସାତ ଉତ୍ତର; ଯେଉଁ ସ୍ତ୍ରୀର ଶେଷରେ ୭ ସଂଖ୍ୟା ଅଛି—
Saptottara Having the digit 7 at the end.
(ଯଥା—ସପ୍ତୋତ୍ତର ଶତ=୧୦୭; ସପ୍ତୋତ୍ତର ଦ୍ୱିଶତ=୨୦୭)

ସପ୍ନ(ଇତ୍ୟାଦି)—ସ୍ତ୍ରୀ. ବ (ସଂ. ସ୍ୱପ୍ନ)—ସ୍ୱପ୍ନ ଇତ୍ୟାଦି (ଦେଖ)
Sapna(etc) Swapna etc (See)

ସପ୍ନା—ସ୍ତ୍ରୀ. ବ (ଅନାଦରାର୍ଥକ)—ସ୍ୱପ୍ନେଶ୍ୱରର ଡାକ ନାମ—
Sapnā A name for calling Swapneśwara.
(ସପ୍ନି—ଆଦରାର୍ଥକ ରୂପ)

ସପ୍ନା(ପ୍ନେ)ଇବା—ସ୍ତ୍ରୀ. କ୍ରି. (ସଂ. ସ୍ୱପ୍ନରୁ ଓଡ଼ିଆ ନାମ ଧାତୁ)—
Sapnā(pne)ibā ସପନାଇବା (ଦେଖ)
Sapanāibā (See)

ସପ୍ରକାରକ—ସଂ. ବିଣ (ସ+ପ୍ରକାର+କ)—ବହୁ ବହୁ ପ୍ରକାରବିଶିଷ୍ଟ
Saprakāraka —Of various sorts.

ସପ୍ରଜ—ସଂ. ବିଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ପ୍ରଜା)—୧ । ପ୍ରଜା
Sapraja ବିଶିଷ୍ଟ—1. Having subjects. ୨। ସନ୍ତତିବାନ୍ (ସପ୍ରଜା—ସ୍ତ୍ରୀ) —2. Having issues.

ସପ୍ରତିବନ୍ଧ—ସଂ. ବିଣ. (ସ=ସହ+ପ୍ରତିବନ୍ଧ=ବାଧା)—ବାଧାଯୁକ୍ତ
Sapratibandha Attended with obstacles;
(ସପ୍ରତିବନ୍ଧ—ଅପ୍ରତିବନ୍ଧ) obstructive.

ସପ୍ରତିଭ—ସଂ. ବିଣ. ପୁଂ (ସ=ସହିତ+ପ୍ରତିଭା; ପ୍ରତିଭା ସହିତ
Sapratibha ବର୍ତ୍ତମାନ)—୧ । ଅସାଧାରଣ ବୁଦ୍ଧିସମ୍ପନ୍ନ—
(ସପ୍ରତିଭା—ସ୍ତ୍ରୀ) 1. Possessing extra-ordinary
(ଅପ୍ରତିଭ—ବିପରୀତ) genius. ୨ । ପ୍ରତିଭାବାନ୍; ମେଧାବୀ—
2. Acute; witty; intelligent. ୩ । ପ୍ରତ୍ୟୁତ୍ପନ୍ନମତି—3. Ready-witted.

ସପ୍ରଭ—ସଂ. ବିଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ପ୍ରଭା)—ପ୍ରଭା ବିଶିଷ୍ଟ
Saprabha Lustrous.
(ସପ୍ରଭା—ସ୍ତ୍ରୀ) [ସପ୍ରଭତା(ତ୍ୱ)—ବ]

ସପ୍ରଭାବ—ସଂ. ବିଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି)—ପ୍ରଭାବ ବା ପରାକ୍ରମ
Saprabhāba ବିଶିଷ୍ଟ—Mighty.
(ସପ୍ରଭାବା—ସ୍ତ୍ରୀ)

ସପ୍ରମାଣ—ସଂ. ବିଣ (ସ=ସହିତ+ପ୍ରମାଣ)—୧ । ପ୍ରମାଣଯୁକ୍ତ—
Sapramāṇa 1. Attended with proof. ୨ । (ବିପରୀତ—ଅପ୍ରମାଣ) ପ୍ରମାଣିତ—2. Proved.

ସପ୍ରାଣ—ସଂ. ବିଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ପ୍ରାଣ)—
Saprāṇa ପ୍ରାଣବିଶିଷ୍ଟ; ଜୀବନ—Living.
(ସପ୍ରାଣା—ସ୍ତ୍ରୀ)

ସପ୍ରୁଣିଆ—ପ୍ରାଦେ (ବିଶେଷ ଓ ଗୋବର୍ଦ୍ଧା) ବ—ଝଟାଳିଆ ଗୁଳ୍ମ-
Sapruṇiā ବିଶେଷ—A bushy shrub; Heptaplenrum Renulosum (Haines).

ସପ୍ଲା(ପ୍ଲେ)ଇ—ବୈଦେ. ବ. ପ୍ରାଦେ (ଗଜାମ)—(ଇଂ. ସପ୍ଲାଇ)—
Saplā(ple)i ଅତିଥଙ୍କ ଖାଦ୍ୟ ସାମଗ୍ରୀ ପାଇଁ ପଠାଯିବା ଅତିଥ ବସ୍ତୁତଃ—ଡାଲି, ଗୁଡ଼ାଳ, ପତ୍ରବା ଓଟରେ ସିଧା—
A supply of victuals sent to a guest.

ସଫତାଳୁ—ବୈଦେ. ବ (ଫା)—ଏକପ୍ରକାର ବିଦେଶୀୟ ଖାଦ୍ୟଫଳ
Saph-tālu ଓ ବୃକ୍ଷ; ଗୀତ୍ ଗଛ ଓ କୋଳ—Peach (tree and fruit).
ସକତାଳୁ ସଫତାଲୁ

ସଫ—ଦେ. ବ—ସପ (ଦେଶ)—Sapa. (See) ସଂ. ବ (ନାମ)—
Sapha ବଶିଷ୍ଠଗୋତ୍ରୀୟ ଜଣେ ଆର୍ଷଦ୍ରଷ୍ଟା (ବିଶ୍ୱକୋଷ)—
Name of a sage.

ସଫ ମଶିଣା—ଦେ. ବ—ସପ ମଶିଣା (ଦେଖ)
Sapha masiṇā Sapa masiṇā. (See)

ସଫର୍—ବୈଦେ (ଅରବ୍ଦ) —ବ—୧ । ପର୍ଯ୍ୟଟନ; ଦେଶାନ୍ତରେ
Saphar ଭ୍ରମଣ—1. Travelling abroad; tour; ସଫର journey. ୨ । ବିଦେଶବାସ—2. Sojourn. ୩ । ଜଳ
ସଫର ଯାତ୍ରା (ବିଶ୍ୱକୋଷ)—3. Voyage.

ସଫର—ସଂ. ବ—(ପ୍ଲୁର୍. ଧାତୁ+କ୍ତିନ୍. ଅ; ଯେ ଜଳରେ ପ୍ଲୁତି ହୁଏ, ଅର୍ଥାତ୍ ପାଣ୍ଟଦ୍ୱାରା ଗତି କରେ)—(ଶଫର (ଶଫର—ଅନ୍ୟରୂପ) ଅନ୍ୟରୂପ) ଶଫର (ଦେଶ)—Śaphara. (See) (ଭରତକୃତ ଅମର ଟୀକା)
Saphara

ସଫର କରିବା—ଦେ. କ୍ରି—ଦେଶବିଦେଶ ଭ୍ରମଣ କରିବା—
Saphara karibā To travel abroad; to make a ସଫର କରିବା ସଫର କରନା journey.

ସଫର ଦରି—ଦେ. ବ (ଜାହାଜ ଘୋଷା)—ଜାହାଜର ପଶ୍ଚାଦ୍ଭାଗରେ
Saphara darī ପତାକା ଉଡ଼ାବାର ସ୍ତମ୍ଭ—The hind flag-ସଫର ଦରି ମାଲୁମ କାଠ mast of a ship. [ଦ୍ର—ଡାଙ୍ଗା ବାଦେ ଦଣ୍ଡିଲ
ପଙ୍କାରମୋହନ. ଗଲ୍ପସ୍ୱଲ୍ପ ।]

ସଫରିଆ(ୟା)—ଦେ. ବିଣ—୧ । ଭ୍ରମଣକାରୀ—
Sapharīā(yā) 1. Travelling; itinerant.
ସଫରିଆ ମୁସାଫିର

ସଫରି—ସଂ. ବ—ଶଫରୀ (ଦେଖ) (ଭରତକୃତ ଅମର ଟୀକା)—
Saphari Śaphari. (See) ବୈଦେ. ବିଣ—ଭ୍ରମଣକାରୀ

ସଫରୀ ବ୍ୟବହାର୍ଯ୍ୟ—Fit for camp use. (ଯଥା—ସଫରୀ ଖଟ, ସଫରୀ ଟେବୁଲ ।)
सफरी

ସଫଳ—ସଂ. ବଣ (ସ=ସହିତ+ଫଳ, ସହାର୍ଥ ବହୁବ୍ରୀହି; ଫଳ ସହିତ ବର୍ତ୍ତମାନ)—୧ । ଫଳବାନ୍—1. Bearing (ସଫଳା—ସ୍ତ୍ରୀ) fruit; fructified. ୨ । ଫଳ ବହିଷ୍ଟ—[ବହୁବ୍ରୀହି—ବଫଳ, ବହୁଳ] 2. Fruitful. ୩ । ଯେଉଁ (ସଫଳତା[ତ୍ୱ], ସାଫଲ୍ୟ—ବ) ଗଛରେ ଫଳ ଧରିଥାଏ—3. Fruit-bearing (tree). ୪ । ଲାଭଜନକ—4. Attended with profit; profitable. ୫ । ଫଳରେ ବା କାର୍ଯ୍ୟରେ ପରିଣତ—5. Realised. ୬ । ଅମୋଘ; ସୁସିଦ୍ଧ—6. Efficacious; effectual. ୭ । ଯହିଁରେ ଅଶାନୁରୂପ ଫଳ ମିଳେ—7. Attended with the desired or hoped for result. (ଉ—ସଫଳ ହୋଇଛ ତୁମ୍ଭର ଆଶା କ ସ୍ୱଜନ ? କୃଷ୍ଣସିଂହ. ମହାଭ୍ରତ. ସଭା ।)

ସଫଳ କ୍ଲେଶ(କ୍ଲିଷ୍ଟ)—ସଂ. ବ (ସଫଳ+କ୍ଲେଶ; କର୍ମଧା) —ଯେଉଁ Saphala kleśa(kashṭa) କ୍ଲେଶ ପାଇବା ଦ୍ୱାରା ଅଭିପ୍ସିତ ଫଳଲାଭ ହୁଏ—Pains attended with the hoped for result; fruit-bearing pain.

ସଫଳ ପରିଶ୍ରମ—ସଂ. ବ (କର୍ମଧା)—ଫଳଯୁକ୍ତ ପରିଶ୍ରମ— Saphala pariśrama Fruitful labour.

ସଫଳ ପ୍ରଯତ୍ନ—ସଂ. ବ (କର୍ମଧା)—ଫଳଯୁକ୍ତ ଉଦ୍ୟମ—Fruitful Saphala prajatna endeavour. ବଣ.ସଂ (ବହୁବ୍ରୀହି)—(ସଫଳ ପ୍ରଯାସ, ସଫଳ ଯତ୍ନ, ସଫଳୋଦ୍ୟମ—ଅନ୍ୟରୂପ) ଯାହାର ସଫଳ ପ୍ରଯତ୍ନ, ସଫଳ ପ୍ରୟାସ, ସଫଳଯତ୍ନ, ସଫଳୋଦ୍ୟମ } ବି. ବଣ ଯତ୍ନ ସଫଳ ହୋଇ ଅଛି—Rewarded with success for his endeavours.

ସଫଳ ସ୍ୱପ୍ନ—ସଂ ବ (କର୍ମଧା)—ଯେଉଁ ସ୍ୱପ୍ନଦୃଷ୍ଟ ଘଟନା ସତରେ ଘଟେ ବା ସଫଳ ହୁଏ—Realised dream.

(ସଫଳ ସ୍ୱପ୍ନା—ସ୍ତ୍ରୀ) ସ. ବଣ ପୁଂ (ବହୁବ୍ରୀହି)—ଯାହାର ସ୍ୱପ୍ନଦୃଷ୍ଟ ବିଷୟ ବାସ୍ତବ ଘଟନାରେ ପରିଣତ ହୋଇଛି—Having one's dream realised.

ସଫା—ବି ବେ. ବ.—(ଅ. ସାଫ୍)—୧ । ସୁସ୍ପଷ୍ଟ—1. Clear; distinct. ୨ । ସରଳ; ଛଳପଟ—2. Frank; guileless. ୩ । ପ୍ରକାଶ୍ୟ—3. Public; apparent. ୪ । ଦୋଷ; ଦୋଷଶୂନ୍ୟ—5. Faultless. ୬ । ଯହିଁରେ ରାଗ ନାହିଁ—6. Unstained. ବି ବେ. ବ—ପରିଷ୍କୃତ ଲୁଗା ଓ ପୋଷାକ—Neat and clean dress. [ଉ—ସଜାଡ଼ି ଗାଧୋଇ ଖଣ୍ଡିଏ ସଫା ପିନ୍ଧିଲେ ମନ ଖୁସି ହୁଅନ୍ତି ରହେ ।] ୧ । (ଅ. ସଫା) ପୃଷ୍ଠା—1. Page. ୨ । (ଜମିଦାର ପିରନ୍ତା) ଖାତାର ଯେଉଁ ପୃଷ୍ଠାରେ ପୂର୍ବପୃଷ୍ଠାମାନଙ୍କ ଜମିଜମା ଆଦର ସମସ୍ତି ଲେଖା ଥାଏ—2. The page of an account book in which the total of the entries of previous pages is entered. କି. ବଣ—୧ । ସ୍ପଷ୍ଟରୂପେ—1. Clearly; distinctly. [ଉ—ଏ କଥାର ଅର୍ଥ ସଫା ବୁଝାଗଲ୍ଲ ନାହିଁ; ଫଟାର ମୋହନ; ଛ ମାଣ ଅଠଗୁଣ] ୨ । ପ୍ରକାଶ୍ୟ ରୂପେ—2. Publicly; apparently; palpably.

ସଫାଇ—ବି ବେ. ବଣ (ଅ. ସାଫ୍)—୧ । ପରିଷ୍କୃତ—1. Cleansed. ୨ । ସ୍ପଷ୍ଟୀକୃତ—2. Cleared; made clear. ବ. (ଅ. ସଫାଇ) ୧ । ପରିଷ୍କରଣ—1. Act of cleansing; clearance. ୨ । ଗ୍ରାମର ବା ନଗରର ମଇଳାର ପରିଷ୍କରଣ—2. Conservancy or clearance of the dirts of a town or village. ୩ । (ଜରିପ) ଅଭିଯୁକ୍ତ ବ୍ୟକ୍ତ ଅପରାଧୀ ନଦୋଷ ବୋଲି ଅଦାଲତଙ୍କ ନଜରରେ ପ୍ରମାଣ ଦର୍ଶାଇବା କର୍ମ—3. Defence of an accused person. ୪ । (ଜରିପ) ସଫାଇ ସାକ୍ଷୀ (ଦେଖ)—4. Saphāi sākshī (See). ୫ । ସଫାଇ ନାଳ (ଦେଖ)—5. Saphāi nāla (See). ୬ । ନିର୍ଦ୍ଦୋଷିତା—6. Innocence. ୭ । ସତ୍ୟାପଣ; ବିଶ୍ୱାସିତା—7. Reliability; trustworthiness. ୮ । ସରଳତା; ନିଷ୍କପଟତା—8. Frankness.

ସଫାଇ ଗାଡ଼ି—ଦେ. ବ.—ଯେଉଁ ଗାଡ଼ିରେ ମିଉନିସିପାଲିଟିଣ୍ଡାସିତ ସହରର ବା ଗ୍ରାମର ମଇଳା ସ୍ଥାନାନ୍ତରିତ Saphāi gārdi ହୁଏ—Conservancy carts; carts used for carrying away the sweepings of a town or village.
सफाई गाड़ि

ସଫାଇ ଗୁଜାରିବା(ଦେବା)—ବି ବେ. କି.—(ଜରିପ)—ଅଭିଯୁକ୍ତ Saphāi gujāribā(debā) ବ୍ୟକ୍ତ ନିଜର ନିର୍ଦ୍ଦୋଷିତା ସାବ୍ୟସ୍ତ ପାଇଁ ଅଦାଲତରେ ଏପକ୍ଷ ପ୍ରମାଣ ଉପସ୍ଥାପିତ କରିବା—To adduce evidence in one's defence in a court.
सफाई देना

ସଫାଇ ଗୁଜୁରିବା—ବି ବେ. କି. (ଜରିପ)—ଅଭିଯୁକ୍ତ ବ୍ୟକ୍ତ Saphāi gujuribā ନିଜର ସଫାଇ ସାକ୍ଷୀରୂପେ ଅଦାଲତରେ ସାକ୍ଷ୍ୟ ଦେବା—To give evidence in a court as a defence witness.
सफाई देना

ସଫାଇ ଦେଖା(ଖେ)ଇବା—ଦେ. କି—ନିଜର ନିର୍ଦ୍ଦୋଷିତା ନିଜ ମୁଖରେ Saphāi dekhā(khe)ibā ନିଜେ ପ୍ରକାଶ କରିବା ବା କହି [ସଫାଇ ଦେଖା(ଖା)ଇବା(ବି)ବା—ଅବ୍ୟରୂପ] ହେବା—To boast of one's own innocence.
सफाई दिखाना

ସଫାଇ ଦେବା—ଦେ. କି.— Saphāi debā
सफाई देना

୧ । ସଫାଇ ଗୁଜାରିବା (ଦେଖ) 1. Saphāi gujāribā (see)

୨ । ସଫାଇ ଗୁଜୁରିବା (ଦେଖ) Saphāi gujuribā (see).

Digitized by srujanika@gmail.com

ସଫାଇ ନାଳ—କୌଦେ. ବ.—(ଅ. ସଫାଇ ଓ ଇଂ. କେନାଲ, Saphāi nāla ଫ. ନାଳ)—ଯେଉଁ ନାଳ ବା ପଯ୍ଯଃପ୍ରଣାଳୀ ସାଫାଇ ନାଳା ଦ୍ୱାରା କୌଣସି ଅଞ୍ଚଳର ଜଳ ସରୁ ଖାଲ ଅଡ଼କୁ ସାଫାଇ କେନାଲ ବହିଯାଏ—The natural drain of a **ସଫାଇ ନହର** country.

ସଫାଇ ନେବା—ଦେ. କି. (କରଣ)—ଅଯଥାର୍ଥ ବ୍ୟକ୍ତି ପକ୍ଷରୁ ସଫାଇ Saphāi nebā ସାକ୍ଷୀ ପ୍ରଦତ୍ତ କରିବା—To take defen- ସାଫାଇ ନେଓୟା ce evidence from an accused. **ସଫାଇ ଲେନା**

ସଫାଇ ମାନିବା—ଦେ. କି. (କରଣ)—(ଅଯଥାର୍ଥ ବ୍ୟକ୍ତି) ଅପରାଧର Saphāi mānibā ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ସାକ୍ଷୀ- ସାଫାଇ ମାନା ମାନଙ୍କୁ ସମନ କରିବା ପାଇଁ କୋର୍ଟକୁ ଆବେଦନ **ସଫାଇ ମାନନା** କରିବା—To cite defence witness in one's own defence (said of an accused person.)

ସଫାଇ ସାକ୍ଷ—ଦେ. ବ. (କରଣ)—ଅଯଥାର୍ଥ ବ୍ୟକ୍ତିର ପକ୍ଷରେ ପ୍ରଦ Saphāi sāksha ପ୍ରାପିତ ମୌଖିକ ପ୍ରମାଣ—Oral evi- ସାଫାଇ ସାକ୍ଷ୍ୟ dence adduced for the defence. **ସଫାଇ ଗବାହ**

[ସଫାଇ ଗଲ୍ପ (ଦେ) ଇ—ଅନ୍ୟରୂପ]

ସଫାଇ ସାକ୍ଷୀ(ଖୀ)—ଦେ. ବ. (କରଣ)—ଅଯଥାର୍ଥ ବ୍ୟକ୍ତିର ପ୍ରୀତ୍ୟ Saphāi sākshī(khī) ନିର୍ଦ୍ଦୋଷତା ପ୍ରମାଣାର୍ଥ ଅଦାଲତରେ ସାଫାଇସାକ୍ଷୀ ଉପସ୍ଥାପିତ ସାକ୍ଷୀ—Defence witness; witness **ସଫାଇ ଗବାହ** cited in one's defence in a criminal (ସଫାଇ ସାକ୍ଷୀ—ଅନ୍ୟରୂପ) court.

ସଫାଇ ସାହା(ହି,ହେ)ବ—ପ୍ରାଦେ (ସମ୍ବଲପୁର) ବ—୧। ମ୍ୟୁନସିପାଲିଟିର Saphāi sāhā(hi,he)ba ଚେୟରମ୍ୟାନ୍—The Chair- man of a Municipality. ୨ । ସଫା ରହିଲା ବ ନାହିଁ, ଏ ବିଷୟ ପରିଦର୍ଶନ କରିବା ପାଇଁ ସହରରେ ମ୍ୟୁନସିପାଲିଟି ଦ୍ୱାରା ନିଯୁକ୍ତ ପ୍ରଧାନ କର୍ମଚାରୀ—2. Conservancy Inspector of a Municipality.

ସଫା କଥା—ଦେ. ବ.—(ଅ.ସାଫ୍+ସ.କଥା)—୧ । ସ୍ପଷ୍ଟ କଥା— Saphā kathā 1. Clear or distinct speech. **ସାଫ କଥା** ୨ । ସରଳ ବା ନିଷ୍ପଟ କଥା **ସାଫ ବାତ** 2. Frank words.

ସଫା କରିବା—ଦେ. କି.—୧। କୌଣସି ସ୍ଥାନକୁ ପରିଷ୍କୃତ କରିବା— Saphā karibā 1. To cleanse a place. **ସାଫକରା** ୨ । ଜମିର ବା ମଇଳାମୁକ୍ତ କରିବା— **ସାଫ କରନା** 2. To clear a place of its impurities or dirt.

ସଫା କହିବା—ଦେ. କି—୧ । ସ୍ପଷ୍ଟ ରୂପେ କଥା କହିବା— Saphā kahibā 1.To speak clearly or distinct- **ସାଫ୍ ବୋଲା** ly. ୨ । ନିଷ୍ପଟ ଭାବରେ କଥା କହିବା— **ସାଫ ବୋଲନା** 2. To speak frankly.

ସଫା ଜବାବ—ଦେ. ବ—୧ । ସ୍ପଷ୍ଟ ଉତ୍ତର—1. Clear Sap'hā jabāba reply. ୨ । ନିଃସନ୍ଦେହ ଉତ୍ତର— **ସାଫ୍ ଜବାବ** 2. Definite response. ୩ । ନିଷ୍ପଟ ଉତ୍ତର **ସାଫ ଜବାବ** —3. Frank reply.

ସଫା ଝାଡ଼ା—ଦେ. ବ—କୋଷ୍ଠ ଶୁଦ୍ଧି—Evacuation of the Saphā jhāṛdā bowels; free motion of the **ସାଫ୍ ବାହ୍ୟି, ସାଫ୍ ଦାସ୍ତ** **ସାଫ ଦେଖାନା** bowels. (ସଫା ଯୋଗର, ସଫା ବାନ୍ଧାଘର—ଅନ୍ୟରୂପ)

ସଫା ଦି(ଦେ)ହ—ଦେ. ବ—ପରିଷ୍କୃତ ଦେହ— Saphā di(de)ha Cleansed body. **ସାଫ୍ ଶରୀର** **ସାଫ ଶରୀର**

ସଫା ପାଣି—ଦେ. ବ—୧ । ନର୍ମଳ ଜଳ—1. Purified or Saphā pāṇi clear water; water cleared of **ସାଫ୍ ଜଳ** its impurities. ୨ । ସ୍ୱଚ୍ଛ ଜଳ— **ସାଫ ପାନୀ** 2. Transparent water.

ସଫା ଲୁଗା—ଦେ. ବ—୧ । ପରିଷ୍କୃତ ବସ୍ତ୍ର— Saphā lugā 1. Cleansed cloth. **ସାଫ୍ କାପଡ଼** **ସାଫ କପଡ଼ା** ୨ । ମଇଳ ବା ଚଟ ବସ୍ତ୍ରନ ଲୁଗା—2. Unstained cloth.

ସଫା ସକାଳ—ଦେ. ବ—ପରିଷ୍କୃତ ସକାଳ; ଯେତେବେଳେ ଅନ୍ଧାର Saphā sakāla ବାକ୍ ଛଡ଼ ଯାଇଥାଏ—Clear day- **ସାଫ୍ ସକାଳ ବେଳା** **ସାଫ ସୁବହ** break.

ସଫା ସଫା—ଦେ, କି. ବିଣ—୧ । ସ୍ପଷ୍ଟ ରୂପେ— Saphā saphā 1. Very clearly. ୨ । ନିଷ୍ପଟ ଭାବରେ—2. Frankly. (ସଙ୍ଗାସଙ୍ଗି—ଅନ୍ୟରୂପ) **ସାଫ୍ ସାଫ୍** **ସାଫ ସାଫ**

ସଫା ସାବି(ବି)ତ—କୌଦେ. ବ (କରଣ) (ଫା. ସାଫ୍ ଓ ସାବୂତ୍= Saphā sābi(bī)ta ପ୍ରମାଣ)—ସ୍ପଷ୍ଟ ପ୍ରମାଣ; ନିଃସନ୍ଦେହ [ସଫା ସାବୁତ୍(ତ୍)—ଅନ୍ୟରୂପ] ପ୍ରମାଣ—Clear and un- **ସାଫ୍ ସାବୁତି** deniable proof. ବିଣ—ସ୍ପଷ୍ଟରୂପେ **ସାଫ ସାବିତ** ପ୍ରମାଣିତ—Clearly proved; proved be- yond doubt.

ସଫା ସୁତ(ତୁ)ରା—କୌଦେ. ବିଣ (ଫା. ସାଫ୍ ଓ ଉର୍ଦ୍ଦୁ ସୁଥ୍ରା)— Saphā suta(tu)rā ୧। ପରିଷ୍କୃତ —1. Well cleaned; (ସଫାସୁତ୍ରା—ଅନ୍ୟରୂପ) well swept (house) ୨। ସ୍ୱଚ୍ଛ ନର୍ମଳ— **ସାଫ୍ ସୁଫ, ସାଫସୁତ୍ରା** **ସାଫସୁତରା** 2. Purified. ୩ । ପରିଷ୍କୃତ ଓ ପରିଚ୍ଛନ୍ନ—3. Neat and clean.

ସଫି—ସ.ବ—ଏକପ୍ରକାର ବନବୃକ୍ଷ (ବଙ୍ଗ ଦେଶର ଉତ୍ତରପୂର୍ବ ପ୍ରାନ୍ତରେ Saphi ଜନ୍ମେ)—Myrica integrifolia. (tree)

ସଫିଆ(ୟା)ନା—କୌଦେ. ବ. ଫା (କରଣ)—ସାଫିଆନା (ଦେଖ) Saphiā(yā)nā Sāphiānā. (See) ସାଫିୟାନା **ସାଫିଆନା**

Digitized by srujanika@gmail.com

ସଫିନା—ବୈଦେ. ବ—ସଫିନା (ଦେଖ)
Saphinā Sapinā. (See)

ସଫୁର୍—ପ୍ରାଦେ. (ସମ୍ଭଲପୁର) ବଣ—ସରୁ—Delicate; tender; fine. (ଯଥା—ସୂତା, ଧାନ, ଗୁଣ୍ଡଲ, ଧୋଇ)
Saphur

ସଫେଇ(ଇତ୍ୟାଦି)—ବୈଦେ.ବ (ଆ.ସଫାଇ)—ସଫାଇ ଇତ୍ୟାଦି (ଦେଖ)
Saphei (etc) साफाई सफाई Saphāi etc (See)

ପ୍ରାଦେ. (ବଲାଙ୍ଗିର ପାଟଣା) ବଣ—ସଫା; ପରିଷ୍କୃତ—Clear; clean.

ସଫେଦ୍(ଦ)—ବୈଦେ. ବଣ (ଫା. ସଫେଦ୍, ସୁଫେଦ୍)—
Saphed(da) ୧ । ଧଳା; ଶ୍ୱେତ; ଶୁକ୍ଲ—1. White.
सफेद ୨ । ଶୁଭ୍ର; ଉଜ୍ଜ୍ୱଳ—2. Bright.
सफेद ବ—୧ । ଶୁକ୍ଲବର୍ଣ୍ଣ—1. White colour. ୨ । ଶୁକ୍ଲବର୍ଣ୍ଣ ଚୂନା—2. White powder. ୩ । ରଙ୍ଗ ଦେବା ନିମନ୍ତେ ବ୍ୟବହୃତ ସୀସକରୁ ପ୍ରସ୍ତୁତ ଧଳାଚୂନା ଓ ରଙ୍ଗ ବିଶେଷ—3. A white powder used in painting; white lead.

ସଫେ(ଫୈ)ଦ୍କୋ—ବୈଦେ. ବ. (ନାମ)—ଅଫଗାନସ୍ଥାନର
Saphe(phai)d-ko ପର୍ବତମାଳା ବିଶେଷ—Name of a
(ସୁଲିମ୍କୋ—ଅନ୍ୟରୂପ) range of mountains in
सफेदको Afganistan. [ଦ୍ର—ଏ ପର୍ବତ ଅଫଗାନସ୍ଥାନର
सफैदको ଗଜନୀଠାରୁ କାବୁଲ ଓ ଗଜନୀ ନଗରର ପଶ୍ଚିମସ୍ଥିତୀସ୍ଥାନରୁ ଉଠି ୭୫ ମାଇଲ୍ ପର୍ଯ୍ୟନ୍ତ ଲମ୍ବ ହୋଇ ସେଠାରୁ ଦୁଇ ଶାଖା ହୋଇଅଛି । ଗୋଟିଏ ଶାଖା ଖାଇବାର୍ ବୈରସଙ୍କଟ ଅଡ଼ୁ ଓ ଅନ୍ୟଟି କାବୁଲ ଓ ସିନ୍ଧୁ ନଦୀର ସଙ୍ଗମ ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ପର୍ବତରୁ ଅନେକଗୁଡ଼ିଏ ନଦୀ ବାହାର ଅଛି । ଏ ପର୍ବତରେ ଅନେକଗୁଡ଼ିଏ ଶୃଙ୍ଗ ଓ ବୈରସଙ୍କଟ ଅଛି । ସର୍ବୋଚ୍ଚ ହିମାବୃତ ଶୃଙ୍ଗ ସମୁଦ୍ରପୃଷ୍ଠରୁ ୧୬୨୨୨ ଫିଟ୍ ଉଚ୍ଚ । ପର୍ବତର ଉଚ୍ଚତମ ପୃଷ୍ଠରେ ପାଇନ୍ (ଦେବଦାରୁ) ଓ ବାଦାମ ଆଦି ଅନେକ ବଡ଼ ବଡ଼ ଗଛ ଜନ୍ମେ । ଏହି ପର୍ବତର ପୃଷ୍ଠଦେଶରେ ଅତ୍ୟଲ୍ପ ମେଣ୍ଢା ବଗିଚା ଅଛି । ଏହି ପର୍ବତରେ ଜଙ୍ଗଲୀ ଡାଳମ (ବେଦାନା), ଅଙ୍ଗୁରେଟ; ପେସ୍ତା, ବାଦାମ, ଜଇପାଇ, ଖୋବାଗ, ଅଙ୍ଗୁର, ବନ୍ୟପିମ୍, ଅଡୁବୋଖାରା ଆଦି ମେଣ୍ଢାଅଣ୍ଡ ଜନ୍ମଉଛି ଅସି ବେଶି ହୁଏ । ଏ ପର୍ବତରେ ଅନେକ ଦୁର୍ଦ୍ଦାନ୍ତ ଅଫଗାନ ଜାତି ବାସ କରନ୍ତି ଓ ବିଦେଶୀମାନଙ୍କ ଏ ଅଞ୍ଚଳକୁ ମାତ୍ର କର ଏଥି ରେ ଜ୍ଞାତବ୍ୟ ଭଦ୍ରମାନ ପ୍ରଦ୍ରବ କରିବା ବିଷୟରେ ଏ ଅଫଗାନ୍‌ମାନେ ବଡ଼ବଡ଼ ବାଧା ଦେଇ ଅସୁଅଛନ୍ତି—ବିଶ୍ୱକୋଷ ।]

ସଫେଦା—ବୈଦେ. ବଣ (ଫା. ସଫେଦା)—୧ । ଶୁକ୍ଲ; ଧଳା—
Saphedā 1. White. ୨ । ଶୁଭ୍ର; ଉଜ୍ଜ୍ୱଳ—2. Bright.
सफेदा ବ—୧ । ରଙ୍ଗ ଘାଇଁ ବ୍ୟବହୃତ ଏକପ୍ରକାର ଧଳାରଙ୍ଗ—
सफेदा (ସୀସରୁ ଉତ୍ପନ୍ନ)—1. A sort of white paint; white lead. ୨ । ଲକ୍ଷ୍ନୌର ପ୍ରସିଦ୍ଧ ଧଳା ଖରମୁଜ—2. A white species of melon of Lucknow. ୩ । ଲକ୍ଷ୍ନୌର ପ୍ରସିଦ୍ଧ ଧଳା ଅମ୍ବ—3. A white species of mango of Lucknow. ୪ । ରଙ୍ଗରେ ଓ ଔଷଧରେ ବ୍ୟବହୃତ ଦସ୍ତାଧାତୁର ଭସ୍ମ—4. Oxide of Zinc. ୫ । ଗୁଣ୍ଡଳରୁ ପାଣିରେ ଧୁଇସଫା କରି ଚାଉଳ ଗୁଣ୍ଡାଇ ଚୂନ କରି ପ୍ରସ୍ତୁତ ଚୂପିବା ଶୁକ୍ଲ ଗୁଣ୍ଡା—5. Powdered rice. [ଦ୍ର—ଏଥିରେ ପିଠା ଓ ଜଳିବ ଅଦ ଉଅଟ ହୁଏ । ଏହାରୁ ସିଂଘଡ଼ାର ଚୂନା ଓ ଖାଲୁଅର ଚୂନାରୁ ମଧ୍ୟ ସଫେଦା ଜନ୍ମନ୍ତି ।] ୬ । ଏକପ୍ରକାର ବଡ଼ଜାଗଡ ସ୍ୱାଦୁ ଫଳ ଓ ତହିଁର ବୃକ୍ଷ (ବିଶ୍ୱକୋଷ); ସପୋଟା ?—6. A kind of sweet fruit and its tree; Achras Sapota ? [ଦ୍ର—ଏ ଗଛମାନ ଖୁବ୍ ବଡ଼ ଓ ଏଥିର ଗଣ୍ଡିରୁ ଛର୍କା ଉଅଟ ହୁଏ; ଭିନ୍ନ କାଠ ଖୁବ୍ ଭାର ସହ ହୁଏଁ (ବିଶ୍ୱକୋଷ) ।]

ସଫେଦ—ବୈଦେ. ବ—(ଫା. ସଫେଦ୍) ୧ । ଶୁକ୍ଲୀକରଣ—1.
Saphedi Whitening. ୨ । ଘରର କାନ୍ଥ ଆଦିକୁ
सफेदी ସଫେଦି କଳି ଚୂନରେ ବା ଚକଖଡ଼ି ଗୋଳା ପାଣିରେ ଧଳା କରିବା; ଧଳାଇବା—2. Whitewashing.

ସଫେଦ କରିବା—ଦେ. କି.—ଧଳାଇବା; ଶୁକ୍ଲ କରିବା—To
Saphedi karibā whiten; to whitewash.
सफेदिकरना सफेदिकरना

ସଫେନ—ସ.ବଣ.—(ସଦ୍ଭାର୍ଥ ବହୁବ୍ରୀହି; ସ=ସହିତ+ଫେନ)—ଫେଣ
Saphena ଯୁକ୍ତ—Frothy; foamy.

ସବ୍(ବ)—ବୈଦେ. ବଣ.—[ଲ୍ଟ ଓ ଲ୍ୟାଟିନ୍ ସବ୍; ଅନ୍ୟ ଶବ୍ଦ
Sab(ba) ପୂର୍ବେ ବ୍ୟବହୃତ ଇଂରାଜୀ ଉପସର୍ଗ (ଏହାର ଅର୍ଥ
सब सब ଅଧୀନ, ଜନ୍ମ]—The prefix 'Sub' denoting under., subordinate. [ଦ୍ର—ଇଂରାଜୀ ଭାଷା ବ୍ୟବହୃତ ସବ (Sub) ଯୁକ୍ତ ଅଧିକାଂଶ ଶବ୍ଦ ଉଦାହାରରେ ଜନ୍ମ ହୋଇଅକାରରେ ଓଡ଼ିଆ ଭାଷାରେ ବ୍ୟବହୃତ ହୁଏ । ତହିଁ ମଧ୍ୟରୁ କେତେଗୁଡ଼ିଏ ଶବ୍ଦ ଅକ୍ଷରକ୍ରମରେ ଜନ୍ମରେ ପ୍ରଦତ୍ତ ହେଲା ।] ସର୍ବନାମ—(ଫା. ସବ୍; ସ. ସର୍ବ) ସବୁ—All. (ଯଥା—ସବ୍ ଜାନତା ।)

ସବ୍ଅ(ଆ)ଫିଁ(ପି)ସ୍(ସି)=ବୈଦେ. ବ. (ଇଂ. ସବ୍ ଅଫିସ୍)—୧ ।
Sab-a(ā)phi(pi)s(si) କୌଣସି କାର୍ଯ୍ୟାଳୟର ବା
सब्अफिसे सबआफिस କେତେଇର ଅଧୀନ ବା ଅଧସ୍ତନ କାର୍ଯ୍ୟାଳୟ—1. Sub-office; an office subordinate to a central office. ୨ । ମଫସ୍ସଲରେ ଗ୍ରାମରେ ପ୍ରତିଷ୍ଠିତ ଛୋଟ ଡାକଘର—2. Sub Post-office.

ସବ୍ଇଞ୍ଜିନିଅ(ୟ)ର୍—ବୈଦେ. (ଇଂ) ବ.—ବଡ଼ ଇଞ୍ଜିନିଅରଙ୍କ ଅଧ
Sab injinia(ya)r ସ୍ତନ ଇଞ୍ଜିନିଅର୍—Sub-Engineer.
साब्इञ्जिनियार सबईंजिनियर

Digitized by srujanika@gmail.com

ସବ୍‌ଇନ୍‌(ନି)ସ୍‌ପେକ୍‌ଟର୍‌—ବୈଦେ. (ଇଂ) ବ.—
Sab in(ni)s-pekṭar ଇନ୍‌ସପେକ୍ଟରଙ୍କ ଅଧସ୍ତନ ପଦବୀର କର୍ମଗୃଖ୍ଯ—Sub-Inspector. [ଦ୍ର—
ସବ୍‌ଇନ୍‌ସ୍‌ପେକ୍ଟର୍‌
ସବ୍‌ଇନ୍‌ସ୍‌(ସ୍ପି)ପିଟର୍‌
ସବ୍‌ଇନ୍‌ସ(ସ୍ପ)ପେକ୍ଟର
ସବ୍‌ଇନ୍‌ସପିଟର୍‌
—ଅନ୍ୟରୂପ]
ସାବ୍‌ଇନସ୍ପେକ୍‌ଟାର
ସାବହନସିପିଟର
ସ୍କୁଲ୍‌ (School), ପୁଲସ୍‌ (Police), ଜମକ (Salt), ଅବକାଶ୍ଯ (Excise), ଇତ୍ୟାଦି ବିଭାଗର ଇନ୍‌ସ୍ପେକ୍ଟରଙ୍କ ଅଧସ୍ତନ କର୍ମଗୃଖ୍ଯଙ୍କ ନାମପୂର୍ବରେ ସବ୍‌ ଶବ୍ଦ ଲଗାଇ ତତ୍ତତ ବିଭାଗର ଅଧସ୍ତନ ଦାରୋଗଙ୍କୁ ଚିହ୍ନାଇ ଦିଆଯାଏ। ଯଥା ସବ୍‌ଇନ୍‌ସପେକ୍ଟର ଅଫ୍‌ ସ୍କୁଲସ୍‌, ସବ୍‌ଇନ୍‌ସପେକ୍ଟର ଅଫ୍‌ ପୋଲସ୍‌, ସବଇନ୍‌ସପେକ୍ଟର ଅଫ୍‌ ଏକ୍‌ସାଇଜ୍‌।]

ସବ୍‌ ଓଭ୍‌ର୍‌ ସିଅ(ସ୍ଯ)ର୍‌— ବୈଦେ. (ଇଂ)ବ.—ଓଭର୍‌ସିଅରଙ୍କ ଅଧସ୍ତନ
Sub obhar-sia(ya)r କର୍ମଗୃଖ୍ଯ—Sub-overseer. [ଦ୍ର-
ସାବଓଭରସିଅର **ସାବଓଭାରସିୟର** ସାଧାରଣତଃ ବାରଜମ୍ପିଙ୍କୀ (P W. D. ବା ପୂର୍ତ୍ତ ବିଭାଗରେ ଏହା କର୍ମଗୃଖ୍ଯ ନଯୁକ୍ତ ହୁଅନ୍ତି।]

ସବ୍‌ କମି(ମେ)ଟୀ—ବୈ ଦେ. (ଇଂ)ବ—କୌଣସି କମିଟିର ବା ସମିତିର
Sab kami(me)tī ଅଧୀନ ଛୋଟ କମେଟି—Sub-com-
ସବ୍‌କମିଟୀ **ସବକାମିଟୀ** mittee. [ଦ୍ର—କୌଣସି ସମିତିଙ୍କ ଦ୍ୱାରା ଯେଉଁ ଯେଉଁ ବିଶେଷ ବିଶେଷ କାର୍ଯ୍ୟର ବିଚାର ବା ଅନୁସନ୍ଧାନ ବା ସମାଧାନ ପାଇଁ ସବ୍‌କମିଟି ନଯୁକ୍ତ ହୁଅନ୍ତି, ସେହି ସେହି କାର୍ଯ୍ୟର ଇଂରାଜୀ ବା ଦେଶୀଯ ନାମ ପୂର୍ବେ ପୃକ୍ତ ହୋଇ ଏ ଶବ୍ଦ ବ୍ୟବହୃତ ହୁଏ। ଯଥା—ଟେକସ୍‌ଟ୍‌ ବୁକ୍‌ ବା ପାଠ୍ୟ ପୁସ୍ତକ ସବ୍‌କମିଟି (Text Book Subcommittee ଡିଷ୍ଟ୍ରିକ୍ଟ ବୋର୍ଡ୍‌ ବା ଲୋକାଲ୍‌ ବୋର୍ଡ ବା ମିଉନିସିପାଲ୍ଟିଙ୍କ ଅଧୀନ ଏଡୁକେସନ୍‌ ବା ଶିକ୍ଷା ସବ୍‌କମିଟି (Education Subcommittee), ଫାଇନାନ୍ସ୍‌ ବା ଅର୍ଥ ସବ୍‌କମିଟି (Finance Subcommittee), ହେଲ୍‌ଥ୍‌ ବା ସ୍ୱାସ୍ଥ୍ୟ ସବ୍‌ କମିଟି (Health Subcommittee; ପବ୍ଲିକ୍‌ ୱାର୍କସ୍‌ ବା ପୂର୍ତ୍ତ ବିଭାଗ ସବ୍‌ କମିଟି (Public works Sub committee ।]

ସବ୍‌ କଲେକ୍ଟର୍‌—ବୈଦେ. (ଇଂ) ବ.—କଲେକ୍ଟରଙ୍କ ଅଧୀନ ଅଫିସର
Sab kalekṭar ଦାରୋଗ—Sub-collector. [ଦ୍ର—ଏ
(ସବ୍‌ କଲେକ୍ଟର୍‌) ଅଶୁଦ୍ଧରୂପ] ଦାରୋଗ ଓଡିଶାର କେବଳ ଗଞ୍ଜାମ
(ସବ୍‌ କଲ୍‌(ଲ)ଟର୍‌) ଓ କୋରାପୁଟ ଜିଲ୍ଲାରେ ଅଛନ୍ତି।]
ସବ କଲେକ୍‌ଟର **ସବ କଲକ୍‌ଟର**

ସବ୍‌ କୋର୍ଟ(ର୍ଟ)—ବୈଦେ. (ଇଂ) ବ—(ଗଞ୍ଜାମ)ବଡ କୋର୍ଟର ବା
Sab koṭ(rṭ) କଚେରୀର ଅଧୀନ ଛୋଟ ଦାରୋଗଙ୍କ କଚେରୀ—
(ସବ୍‌ କୋରଟ୍‌—ଅନ୍ୟରୂପ) Sub-court. [ଯଥା—ଜଜଙ୍କ
ସବ୍‌ କୋର୍ଟ ଅଧୀନ ସବ୍‌ ଜଜଙ୍କ କୋର୍ଟ, ମାଜିଷ୍ଟ୍ରେଟଙ୍କ ଅଧୀନ
ସବ କୋର୍ଟ ସବ୍‌ମାଜିଷ୍ଟ୍ରେଟଙ୍କ କୋର୍ଟ ଇତ୍ୟାଦି।]

ସବ୍‌ ଜଜ୍‌—ବୈଦେ(ଇଂ)ବ.—ଜଜ୍‌ଙ୍କ ଅଧସ୍ତନ ବିଚାରପତି—
Sab jaj Sub-judge.
[ସବ ଜଜ-ଅନ୍ୟରୂପ] **ସବ୍‌ ଜଜ୍ଜ ସବ ଜଜ**

ସବ୍‌ଜା—ବୈଦେ. ବିଣ.—(ଫା)—ସବଜା (ଦେଶ)—
Sabjā Sabajā (see)

ସବ୍‌ଜୀ—ବୈଦେ. ବି.—(ଫା)—ସବଜା (ଦେଶ)
Sab-jī Sabajī (see)

ସବ୍‌ ଜାନ୍ତା—ବୈଦେ(ଫା) ବି ଓ ବିଣ--(ତୁଳନାତ୍ମକର—ସ୍ୱ-ସବଜ୍ଞ)—
Sab-jāntā (ବ୍ୟଙ୍ଗାତ୍ମକ) ଯେଉଁ ବ୍ୟକ୍ତି ସବୁଜାନ୍ତା ବୋଲି ଗର୍ବ କରେ
(ସବ୍‌ଜାନ୍ତା—ଅନ୍ୟରୂପ) (Ironical) A person who
ସବ୍‌ ଜାନତା boasts that he is all-knowing; a
ସବ ଜାନନେ ବାଲା quidnunc.

ସବ୍‌ ଜେଲ୍‌—ବୈଦେ (ଇଂ) ବ —ଜିଲ୍ଲାର ସବଡିଭିଜନରେ ଥିବା
Sab-jel ଜେଲ୍‌ ଖାନା—Sub-jail.
[ସବ୍‌ ଜ (ଜେ) ଇଲ୍‌—ଗଞ୍ଜାମୀରୂପ] **ସବ୍‌ ଜେଲ ସବ ଜେଲ**

ସବଡ଼ି(ଡେ, ଦି, ଦେ, ଦୋ)ପୁ(ପୋ)ଟି—ବୈଦେ. (ଇଂ)ବ—
Sab ḍi(ḍe, di, de, do)pu(po)ṭi ଡେପୁଟିଙ୍କ ଅଧସ୍ତନ
(ସବ୍‌ଡୁ ଟ (ଟ୍ଟ)ଟି ଅନ୍ୟରୂପ) ଦାରୋଗ—Subdeputy. [ଦ୍ର—
ସବ ଡେପୁଟି ଏମାନେ ଦୁଇ ଶ୍ରେଣୀର ଯଥା—ସବ ଡେପୁଟି
ସବ ଡିପୁଟି କଲେକ୍ଟର ଓ ସବ୍‌ ଡେପୁଟି ମାଜିଷ୍ଟ୍ରେଟ ।]

ସବ୍‌ ଡି(ଡେ)ପୁ(ପୋ)ଟି କଲେକ୍ଟର୍‌— ବୈଦେ. (ଇଂ) ବ—ବ୍ରିଟିଶ
Sab ḍi(ḍe)pu(po)ṭi kalekṭar ସରକାର ଡେପୁଟି କଲେକ୍ଟରଙ୍କ
ସବ୍‌ଡେପୁଟି କଲେକ୍ଟର୍‌ ଅଧସ୍ତନ ଦାରୋଗ—Sub Deputy-
ସବଡିପୁଟୀ କଲକ୍‌ଟର collector.
[ସବ୍‌ ଦ(ଡୁ, ଦୋ)ଯ(ପୁ, ପୋ)ଟି(ଟ୍ଟୀ)କ(କ୍ଟ)ଲ(ଲେ)ଟ(କ୍ଟ)ର—
ଅନ୍ୟରୂପ]

ସବ୍‌ ଡି(ଡେ)ପୁ(ପୋ)ଟି ମା(ମେ)ଜି(ଜେ)ଷ୍ଟ୍ରା(ଷ୍ଟ୍ର)ର—ବୈଦେ. (ଇଂ)
Sab ḍi(ḍe)pu(po)ṭi mā(me)ji(je)shṭa(shṭra)r. ବ.
ସବ ଡେପୁଟି ମାଜିଷ୍ଟ୍ରେଟ. —ଫଉଜଦାରୀ ବିଚାର ବିଭାଗୀଯ ଡେପୁଟି
ସବଡିପୁଟୀ ମଜିସ୍ଟର ମାଜିଷ୍ଟ୍ରେଟଙ୍କ ଅଧସ୍ତନ ଦାରୋଗ—
Subdeputy majistrate.
[ସବ୍‌ ଦ(ଡୁ, ଦୋ)ଯ(ପୁ, ପୋ)ଟି ମା(ମେ)ଜ(ଜେ)ଷ୍ଟ୍ରେଟ୍‌—
ଅନ୍ୟରୂପ]

ସବ୍‌ ଡିଭି(ବି)ଜନ୍‌—ବୈଦେ. ବି. (ଇଂ) —୧ । ଜିଲ୍ଲାର ଅଧସ୍ତନ
Sab ḍibhi(bi)jan ପ୍ରଶାସନିକ—1. (administrative)
ସବ୍‌ଡିଭିଜନ୍‌ Subdivision of a District. ୨ । ବାରଡ
ସବଡିଭିଜନ ଜିଲ୍ଲା ଇଞ୍ଜିନୀୟର ବିଭାଗର ଅଧୀନ ଇଞ୍ଜିନୀୟର—
2. Subdivision under a P. W. D. Division. [ଦ୍ର—ଗ୍ରାଜୁଏଟ୍‌ମାନଙ୍କୁ ଶାସନାର୍ଥ ପ୍ରତ୍ୟେକ ଜିଲ୍ଲା ଅଧୀନ ଗୁଡ଼ିଏ ସବ୍‌ ଡିଭିଜନ୍‌ ଥାଏ ଓ ବାରଡ ପିଡ୍ଲୀ (P. W. D.) ଇଞ୍ଜିନୀୟର ପ୍ରତ୍ୟେକ ଡିଭିଜନ୍‌ ଅଧୀନ ୨୩ ଗୁଡ଼ିଏ ସବ୍‌ ଡିଭିଜନ ଥାଏ; ଜିଲ୍ଲାର ଗ୍ରାଜୁଏଟ୍‌ ଓ ଡିପ୍ଲୋମାଧାରୀ ଅଞ୍ଚଳର ଶାସନାର୍ଥ ଯେଉଁ ସବ୍‌ଡିଭିଜନ

Digitized by srujanika@gmail.com

ଥାଏ ତାହା ସଦର ସବ୍‌ଡିଭିଜନ୍ ଓ ତହିଁର ତ୍ୱରପ୍ରାପ୍ତ ଅଧସ୍ତନ ହାକିମଙ୍କୁ ସଦର ସବ୍‌ଡିଭିଜନ୍ ବା (ସଦର ସବ୍‌ଡିଭିଜନଲ୍) ମାଜିଷ୍ଟ୍ରେଟ୍ ବୋଲିଥାଏ ।]

ସବ୍ ଡିଭି(ବି)ଜନ୍ ଅ(ଆ)ଫି(ପି)ସ୍—ବୈଦେ· (ଇଂ) ବ—ସବଡିଭିଜନର ସବ୍‌ଡିଭିଜନ୍ ଅଫିସ୍ ଥିବା ସରକାର୍ଯ୍ୟାଳୟ—**ସବଡିଭିଜନ ଔଫିସ** Sub-Divisional Office.

[ସବ୍· ଡିଭିଜନ(ନା)ଲ୍ ଅଫିସ୍—ଅନ୍ୟରୂପ]

ସବ୍ ଡିଭି(ବି)ଜନ୍ ଅ(ଆ)ଫି(ପି)ସ(ସା)ର୍—ବୈଦେ· (ଇଂ) ବ—Sub dibhi(bi)jan a(ā)phi(pi)sa(sā)r

[ସବ୍‌ଡିଭି(ବି)ଜନ(ନା)ଲ୍ ଅ(ଆ)ଫି(ପି)ସ(ସା)ର୍—ଅନ୍ୟରୂପ]

ସବ୍ ଡିଭିଜନ ଅଫିସର୍ ସବ୍‌ଡିଭିଜନର ଶାସନ କର୍ମ ପରିଚାଳନାର୍ଥେ ତ୍ୱରପ୍ରାପ୍ତ ପ୍ରଧାନ ହାକିମ—**ସବଡିଭିଜନ ଔଫିସର** Subdivisional Officer.

ସବ୍ ଡିଭି(ବି)ଜନ୍ ମା(ମେ)ଜି(ଜେ)ଷ୍ଟ୍ରି(ଷ୍ଟ୍ରେ)ର୍(ଟ୍)—Sab dibhi(bi)jan mā(me)ji(je)shṭa(shṭre)r(ṭ)

[ସବ୍‌ଡିଭି(ବି)ଜନ(ନା)ଲ୍ ମା(ମେ)ଜି(ଜେ)ଷ୍ଟ୍ରି(ଷ୍ଟ୍ରେ)ର(ଟ୍)—ଅନ୍ୟରୂପ]

ସବ୍ ଡିଭିଜନ ମାଜିଷ୍ଟ୍ରେଟ୍ ସବ୍‌ଡିଭିଜନର ଫଉଜଦାର ବିଚାର ବିଭାଗ ତ୍ୱରପ୍ରାପ୍ତ ପ୍ରଧାନ କର୍ମଚାରୀ—**ସବଡିଭିଜନ ମଜିସ୍ଟର** Sub-divisional Magistrate.

ସବ୍ ଡିଷ୍ଟ୍ରିକ୍ଟ୍—ବୈଦେ· (ଇଂ) ବ—ଜିଲ୍ଲାର ଅଧସ୍ତନ ଶାସନ ବିଭାଗ; ସବ୍‌ଡିଭିଜନ—Subdivision.

ସବ୍ ଡିଷ୍ଟ୍ରିକ୍ଟ **ସବ ଡିସ୍ଟ୍ରିକ୍ଟ**

ସବ୍ ପୋଷ୍ଟ୍ ଅ(ଆ)ଫି(ପି)ସ୍—ବୈଦେ· (ଇଂ) ବ—ଜିଲ୍ଲାର ବଡ଼ ଡାକଘରର ଅଧୀନ ଡାକ ଘର—ସବ୍ ପୋଷ୍ଟ ଅଫିସ୍ Sub Post office.

ସବ ପୋସ୍ଟ ଅଫିସ [ଦ୍ର—ଜିଲ୍ଲାର ଡେଜ୍ ପୋଷ୍ଟ ଅଫିସର ଅଧୀନଭାରେ ସବ୍ ପୋଷ୍ଟ ଅଫିସ, ବ୍ରାଞ୍ଚ ପୋଷ୍ଟ ଅଫିସ, ଭିଲେଜ୍ ପୋଷ୍ଟ ଅଫିସ, ଏକସ୍‌ଟ୍ରାଡିପାର୍ଟମେଣ୍ଟାଲ୍ ପୋଷ୍ଟ ଅଫିସ, ଏକସ୍‌ଟେରମେଣ୍ଟାଲ୍ ପୋଷ୍ଟ୍ ଅଫିସ୍ ମାନ ଥାଏ ।]

ସବ୍ ପୋଷ୍ଟ୍ ମାଷ୍ଟର୍—ବୈଦେ· (ଇଂ) ବ—ସବ୍ ପୋଷ୍ଟ୍ ଅଫିସ୍‌ର ତ୍ୱରପ୍ରାପ୍ତ ଡାକ ବାବୁ—Sub Post-master; the master of a sub post office.

Sab posṭ māshṭar ତ୍ୱରପ୍ରାପ୍ତ ଡାକ ବାବୁ—Sub Post-master; the master of a sub post office.

ସବ୍ ପୋଷ୍ଟ୍ ମାଷ୍ଟର୍ ସବ୍ ପୋଷ୍ଟ୍ ମାଷ୍ଟର୍

ସବ୍ ପ୍ରୋଟେମ୍—ବୈଦେ· ବିଣ. ଲାଟିନ୍ (ଉତ୍ତରଥା) —ସରକାର ଗୁରୁତର ଏକ ପ୍ରକାର ଅସ୍ଥାୟୀ ବ୍ୟବସ୍ଥା—ସବ୍ ପ୍ରୋଟେମ୍ **ସବପ୍ରୋଟେମ** Sub pro tem.

Sab protem ଏକ ପ୍ରକାର ଅସ୍ଥାୟୀ ବ୍ୟବସ୍ଥା—

ସବ୍ ପ୍ରୋପ୍ରାଇଟର୍—ବୈଦେ· ବ (ଉତ୍ତରଥା)—ଭୂମିର ସ୍ୱତ୍ୱବାନ୍ ବା ସବ୍ ପ୍ରୋପ୍ରାଇଟର୍ **ସବ୍‌ପ୍ରୋପ୍ରାଇଟର** A subproprietor.

Sab proprāiṭar ମାଲିକ ବ୍ୟକ୍ତିଙ୍କ ଅଧସ୍ତନ ସ୍ୱତ୍ୱବାନ୍ ବ୍ୟକ୍ତି—

ସବ୍‌ରତ –ବୈଦେ· ବ—ସବୁରତ (ଦେଶ)

Sab-rāt **ସବୁର ସବର** Saburāt (See)

ସବ୍‌ରତ କରିବା—ଦେ· କି—୧ । ଅପେକ୍ଷା କରିବା—1. To wait. ୨ । ସହ୍ୟ କରିବା—2. To bear. ୩ । ସମ୍ଭାଳ ଥିବା—3. To forbear. **ସବର କରନା** ୪ । ଧୈର୍ଯ୍ୟ ସହକାରେ ରହିବା—4. To remain patient and calm.

Sab-rāt karibā ୧ । ସହ୍ୟ କରିବା—2. To bear. ୩ । ସମ୍ଭାଳ ଥିବା—3. To forbear. **ସବର କରନା** ୪ । ଧୈର୍ଯ୍ୟ ସହକାରେ ରହିବା—4. To remain patient and calm.

ସବରତି—ବୈଦେ. ବିଣ—୧ । ସହନଶୀଳ—1. Forbearing. ୨ । ଧୈର୍ଯ୍ୟଶୀଳ—2. Patient. ୩ । ସୁସ୍ଥିରମନାଃ—3. Calm and quiet.

Sab rāti [ସବ୍ ଧାତୁ (ସୃ) – ଅନ୍ୟରୂପ] **ସବରକା**

ସବ୍‌ରେଜି(ଜେ)ଷ୍ଟ୍ରା(ଷ୍ଟ୍ରା,ଷ୍ଟ୍ରୁ;ଷ୍ଟ୍ରାର୍—ବୈଦେ(ଇଂ)ବ—ସବ୍ ରେଜିଷ୍ଟର ଅଫିସର ହାକିମ—**ସବରଜିଷ୍ଟାର** Sub-registrar.

Sab reji(je)shṭa(shṭā, shṭra, shṭrār)r ସବ ରେଜିଷ୍ଟାର

ସବ୍‌ରେଜି(ଜେ)ଷ୍ଟ୍ରି(ଷ୍ଟ୍ରି)ର—ବୈଦେ. (ଇଂ) ବ—ବଡ଼ ରେଜିଷ୍ଟ୍ରେସନ୍ ଅଫିସ୍‌ର ଅଧୀନ ରେଜିଷ୍ଟ୍ରେସନ୍ ସବ୍ ରେଜେଷ୍ଟ୍ରି ଅଫିସ୍—ସବ୍‌ରେଜିଷ୍ଟ୍ରେସନ୍ ଅ(ଅ)ଫି(ପି)ସ୍ } ଅନ୍ୟରୂପ Sub—registry; sub-registration office.

Sab-reji(je)shṭa(shṭi)ri ଅଫିସ୍‌ର ଅଧୀନ ରେଜିଷ୍ଟ୍ରେସନ୍ ସବ୍ ରେଜେଷ୍ଟ୍ରି ଅଫିସ୍—ସବ୍‌ରେଜିଷ୍ଟ୍ରେସନ୍ ଅ(ଅ)ଫି(ପି)ସ୍ } ଅନ୍ୟରୂପ Sub—registry; sub-registration office.

ସବ୍ ରେଜିଷ୍ଟରୀ **ସବରଜିସ୍ଟରୀ**

ସବ୍ ଲମ୍ବର୍ ଦାର୍—ପ୍ରାଦେ. (ସମ୍ବଲପୁର) ବ—ମାଡ଼ାଲର ଜମି ଚଷା-ସବ୍ ଲମ୍ବର୍ ଦାର୍ ଖଜଣା ବ୍ୟକ୍ତିମାନଙ୍କ ଜବାଦିତ ପ୍ରତିନିଧି—A person appointed to represent the inferior proprietors of a village or estate. (ସମ୍ବଲପୁର ମାନୁଆଲ୍, ୧୦୨୮ ।)

Sab lambar-dār ଖଜଣା ବ୍ୟକ୍ତିମାନଙ୍କ ଜବାଦିତ ପ୍ରତିନିଧି—A person appointed to represent the inferior proprietors of a village or estate. (ସମ୍ବଲପୁର ମାନୁଆଲ୍, ୧୦୨୮ ।)

ସବ୍‌ଲିଜ୍—ବୈଦେ· ବ (ଇଂ) —ଯଥାଦ୍ୱାରା ଗୃହାଦି ଯୋଡ଼ା ବା ସ୍ୱତ୍ୱରୁ ଅନ୍ୟକୁ ଯଥା ଦେବା ଖତ—Sublease. ସବଲୀଜ **ସବଲୀଜ**

Sab-lij ଅନ୍ୟକୁ ଯଥା ଦେବା ଖତ—Sublease.

ସବ୍ ଲେଟ୍ କରିବା—ଦେ· କି (ଇଂ· ସବ୍ ଲେଟ୍)—୧ । ନିଜର ସବ୍ ଲେଟ୍ କରିବା ରାଇତ ବା ଅନ୍ୟ ଅଧସ୍ତନ ସ୍ୱତ୍ୱରୁ ଅନ୍ୟ କାହାକୁ ଯଥା ଦେବା—1. To sublet one's tenancy holding or lease. ୨ । ଗୃହସ୍ୱାମୀଙ୍କଠାରୁ ଭଡ଼ାରେ ନେଇଥିବା ଗୃହ ଅବର ଅନ୍ୟ ବ୍ୟକ୍ତିକୁ ଭଡ଼ା ଦେବା—2. To sublet a house which one has taken from the owner on hire or rent.

Sab let karibā ରାଇତ ବା ଅନ୍ୟ ଅଧସ୍ତନ ସ୍ୱତ୍ୱରୁ ଅନ୍ୟ କାହାକୁ ଯଥା ଦେବା—1. To sublet one's tenancy holding or lease. ୨ । ଗୃହସ୍ୱାମୀଙ୍କଠାରୁ ଭଡ଼ାରେ ନେଇଥିବା ଗୃହ ଅବର ଅନ୍ୟ ବ୍ୟକ୍ତିକୁ ଭଡ଼ା ଦେବା—2. To sublet a house which one has taken from the owner on hire or rent. **ସବଲେଟ କରନା**

ସବ୍‌ଲୁ(ଲୋ)ଟ୍—ଦେ. ବିଣ (ସଂ. ସଦ୍ ଓ ଲୁଠ ଧାତୁ; ଯେ ସବୁ ମଜା ଲୁଟେ)—୧ । ଲମ୍ପଟ—1. Lecherous. ୨ । ମଉଜିଆ (ବ୍ୟକ୍ତି)—2. A merry and sportive person. ଲମ୍ପଟ **ଲମ୍ପଟ**

Sab-lu(lo)ṭ ଲମ୍ପଟ କରେ)—୧ । ଲମ୍ପଟ—1. Lecherous. ୨ । ମଉଜିଆ (ବ୍ୟକ୍ତି)—2. A merry and sportive person. ଲମ୍ପଟ **ଲମ୍ପଟ**

ସବ୍‌ସିଡିଆରି ସନ୍ଧି—ଦେ. ବ—ଇଷ୍ଟ ଇଣ୍ଡିଆ କମ୍ପାନି ଏବଂ ଦେଶୀୟ ସବସିଡିଆରୀ ସନ୍ଧି ଠାରୁ ରକ୍ଷାରେ ସାହାଯ୍ୟ କରିବା ସର୍ତ୍ତରେ ହୋଇଥିବା ସନ୍ଧି—Sabsidiary

Sab sidiārī sandhi ରକ୍ଷା ପରସ୍ପରକୁ ଯୁଦ୍ଧରେ ଓ ଶତ୍ରୁ-ସବସିଡିଆରୀ ସନ୍ଧି ଠାରୁ ରକ୍ଷାରେ ସାହାଯ୍ୟ କରିବା ସର୍ତ୍ତରେ ହୋଇଥିବା ସନ୍ଧି—Sabsidiary

Digitized by srujanika@gmail.com

treaty between the East India Company and some of the Indian princes,

ସବ୍ ସେକ୍ସନ୍—ବୈଦେ· (ଇଂ) ;ବ—୧ । ଅଇନ୍ ଆଦର ସେକ୍ସନ୍ Sab seksan ବା ଧଫା ତଳେ ଥିବା ଉପବିଧି—1. Subsব সেক্সন section of a Law or Act or Rule. **সব সেক্সন** ୨ । କୌଣସି କର୍ମବିଭାଗର ଅଧୀନ ଉପବିଭାଗ—2. Subsection of a section of a department.

ସବ୍ ସ୍କ୍ରିପ୍ସନ୍—ବୈଦେ. (ଇଂ) ବ—ଗୁଜା; ସାଧାରଣ କାର୍ଯ୍ୟ ପାଇଁ Sab skripsan ବହୁ ଲୋକଙ୍କଠାରୁ ଅଦାୟ ହେବା ଧନ—সব স্ক্রিপ্সন **সব স্কীপ্সন** Sabscription.

ସବ—ସ. ବ (√ ଧାତୁ=ପ୍ରସବ କରିବା+କର୍ମ. ଅ) —୧ । ଅପତ୍ୟ; Saba ସନ୍ତାନ (ସେଦଜ) —1. Child; son; offspring. ୨ । (+ତତ୍ତ୍ୱି. ଅ) ଜଳ (ନିଃଘଣ୍ଟୁ)—2. Water. ୩ । ଯଜ୍ଞ (ଅମର)—3. Vedic sacrifice. ୪ । (+ଭାବ. ଅ) ପ୍ରସବ—4. The bringing forth of a child. ୫ । ସୁରା ସନ୍ଧାନ—5. Fermentation of liquor. ୬ । (+କର୍ମ.ଅ) ଚନ୍ଦ୍ର—6. The moon. ୭ । ସୂର୍ଯ୍ୟ—7. The sun. ୮ । ପୁଷ୍ପମଧୁ—8. The honey of flowers.

ବୈଦେ. ବଣ—ସବ୍ (ଦେଖ) —Sab (See)

ସବଂଶ—ସ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ=ସହିତ+ବଂଶ=କୁଳ)— Sabaṁsa ବଂଶ ସହିତ; ସପରିବାର—

Attended with one's family.

ସବଂଶେ—ଦେ. କ୍ରି. ବଣ (ସ. ସବଂଶ)—ବଂଶର ସମସ୍ତ ବ୍ୟକ୍ତିଙ୍କ ସହିତ- Sabaṁse With all the members of the family ସବଂଶେ **সবংশ** or race.

ସବଜ—ବୈଦେ. ବଣ—ସବୁଜ (ଦେଖ) Sabaja Sabuja (See)

ସବଜା—ବୈଦେ. ବଣ—ସବୁଜା (ଦେଖ) Sabajā Sabujā (See)

ସବଜାଣି—ଦେ. ବଣ (ସ. ସର୍ବଜ୍ଞ)—ଯେ ସବୁ କଥା ଜାଣେ— Sabajāṇa All-knowing; omniscient. ସବଜାନ, ସବଜାନତା **সব জাননেবালা, সবজানতা** (ସବଜାଣତା[ତ୍ତା], ସବଜାନତା, ସବଜାନ୍ତା—ଅନ୍ୟରୂପ)

ସବଜି—ବୈଦେ. ବଣ ଓ ବ—ସବୁଜ (ଦେଖ) Sabaji Sabuji (See)

ସବ(ବା)ର୍ଡି(ର୍ଡି)ନେଟ୍—ବୈଦେ. (ଇଂ) ବଣ—ଅଧସ୍ତନ; ଅଧୀନ— Saba(bā)rḍi(rḍi)neṭ Subordinate. ସବାଡ଼ିନେଟ **সবাড়িনেট**

ସବ(ବା)ର୍ଡି(ର୍ଡି)ନେଟ୍ ଜଜ୍—ବୈଦେ. (ଇଂ) ବ—ଉଚ୍ଚତର ଅଧସ୍ତନ Saba(bā)rḍi(rḍi)neṭ jaj ଦେବାଙ୍କ ସଦୃଶମାନ ବିଚାରପତି; ସବାଡ଼ିନେଟ ଜଜ ସବଜଜ୍—Subordinate judge. **সবাড়িনেট জজ**

ସବତ—ଦେ· ବ (ସ. ଶପଥ)—ବିଶ—Oath. [ଉ—ଲୋକଟି Sabata ଦୀବୀ **সৌগন্দ** ସବତେ ଅଲୀଙ୍କର ଦେଲେ ଲୋକଟି ନ ଘେନୁ ତମ୍ଭନ—ଇବନ୍ମୁର୍ଫ. ସଙ୍ଗୀତ ।]

ସବତ୍ସ—ସ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ=ସହ+ବତ୍ସା=ବାଛୁରୀ; Sabatsa ଗିଲ) —ବତ୍ସା ସହିତ—Accompanied with (ସବତ୍ସା—ସ୍ତ୍ରୀ) calf or a young one.

ସବତ୍ସା ଗାଭି—ଦେ. ବ (ସ. ସବତ୍ସା+ଗବୀ) —ବାଛୁରୀ ସହିତ ଥିବା Sabatsā gābhī ଗାଈ—A cow accompanied [ସବତ୍ସା ଧେନୁ—ସ. ରୂ] with the calf.

ସବତ୍ସା ଧେନୁ ଦାନ—ସ. ବ—ସନ୍ତାନୋତ୍ପାଦକର ଦାନବିଶେଷ; Sabatsā dhenu dāna ବାଛୁରୀଙ୍କୁ ବାଛୁରୀ ସହିତ ଦୁହାଁଳୀ ଗାଈ ଦାନ କରିବା—The gift of a milch cow with the calf to a Brāhmaṇa.

ସବନ—ସ. ବ (√ ଧାତୁ—ପ୍ରସବ କରିବା; ଅଭିଷବ କରିବା+ଭାବ, Sabana ଅନ) —୧ । ପ୍ରସବ—1. Begetting; giving birth to; producing child. ୨ । [+ଅଧ୍ୱରଣ. ଅ) ଯଜ୍ଞସ୍ନାନ [ଅମର]—2. Ablution after a vedic sacrifice. ୩ । ଅଧ୍ୱର; ଯଜ୍ଞ [ମେଦଜ]—3. Vedic sacrifice. ୪ । ସୋମ ପାନ [ଭରତ]—4. Drinking of the juice of the Soma creeper. ୫ । ସୋମରସ ସନ୍ଧାନ; ସୋମ ଲତାଚ୍ଛେଦନ (ମେଦଜ)— 5. The act of crushing the twigs and fermenting the juice pressed from the Soma creeper, Asclepias Acida. ୬ । ଚନ୍ଦ୍ର —6. Moon. ୭ । ପୁଷ୍କର ଦ୍ୱୀପର ପୌରାଣିକ ରାଜା— 7. The mythological king of the island of Pushkara. ୮ । (+ଅସ୍ତ୍ର. ଅ) ଯନ୍ତ୍ର— 8. Instrument. ୯ । (ନାମ) ଭୃଗୁଙ୍କର ଏକ ପୁତ୍ର—9. Name of a son of sage Bhṛugu. ୧୦ । (ନାମ) ସ୍ୱାୟମ୍ଭୁବ ମନୁଙ୍କର ଏକ ପୁତ୍ର—10. Name of a son of Swāyambhuba Manu. ୧୧ । ପ୍ରିୟବ୍ରତ ରାଜାଙ୍କର ଏକ ପୁତ୍ର—11. Name of a son of King Priyabrata. ୧୨ । ଅଗ୍ନିର ନାମାନ୍ତର (ଅମରକୋଷ)—12. A name of fire ସ. ବଣ (ସଦ୍ଭାର୍ଥ ବହୁବ୍ରୀହି)—ବନ ବିଶିଷ୍ଟ - Having. forest or wood.

ସବନିକ—ସ. ବଣ (ସବନ+ଇକ)—ଯଜ୍ଞରେ ସମ୍ପାଦ୍ୟ— Sabanika Relating to vedic sacrifice. (ସବନୀୟ—ଅନ୍ୟରୂପ)

ସବୟଃ—ସ· ବଣ (ସ=ସମାନ+ବୟସ୍; ସବୟସ୍ ୧ମା. ୧ବ; Sabayāḥ ବହୁବ୍ରୀହି) —୧ । ସମ ବୟସ୍କ (ଅମର) —1. Of the same age. ବ—୨ । ସହଚର—2. Companion; mate. ୩ । (ସ୍ତ୍ରୀ) ସହଚରୀ; ବୟସ୍ୟା;

Digitized by srujanika@gmail.com

ସଙ୍ଗୀ; (ଜଣାଧର)—3. A female companion of a lady.

ସବର(ଇତ୍ୟାଦି)—ତ୍ରା.ବ.ପୁଂ (ସଂ. ଶବର)—୧। ଶବର ଇତ୍ୟାଦି (ଦେଶ) Sabara (etc) 1. Sabara etc (See). ୨। ସଙ୍କେଶ୍ୱରଙ୍କ ଡାକନାମ-2. Name for calling Sarbeśwara. ୩। (ନାଡ଼ାଜଅ ଭାଷା) ଜାଡ଼ାଜରେ ବ୍ୟବହୃତ ପାଲ ବିଶେଷ —3. (Nautical) Name of one of the sails of a ship. [ଉ—ଡୋଲ ଜଗରେ ସବର, ଗଭର, ଗଭର ପଛକୁ ଜଲମି ଡୋଲ ଥଉ ବରଗାମାନ ଟେକ ଦେଇ ଶେଡ଼ ଗୁଡ଼ାଇ ଟିକ୍ କର ରଖି ଦେଇଛନ୍ତି । ପଙ୍କାରମୋଦନ. ଗଲ୍ପଲ୍ଲ ।]

ସବର—ସଂ. ବ (ସୃ ଧାତୁ=ସ୍ରବ କରିବା+କର୍ତ୍ତୃ. ଅର)—୧। ଜଳ; Sabara ସଲିଲ (ନିଘଣ୍ଟୁ ଶେଷ)—1. Water. ୨। ଶିବ (ନିଘଣ୍ଟୁ ଶେଷ)—2. Śiba.

ସବରଣୀ—ତ୍ରା. ବ—ସବରୁଣୀ (ଦେଶ) Sabaraṇī Sabaruṇī (See)

ସବରା—ଦେ. ବିଣ—ଉପରଉର; ନଈର ପୂର୍ଣ୍ଣ ବଢ଼ି ହୋଇ (ଅବସ୍ଥା)— Sabarā Fully flooded (condition of a river). (ଯଥା—ଏଥର ବଢ଼ିରେ ନଈଟା ସବରା ହୋଇଗଲା ।)

ସବରାତ୍—ବୈଦେ; ବ—ସବୁରାତ (ଦେଶ) Sabarāt Saburāta (See) (ସବରାତ, ସବରାତଆ – ବିଣ)

ସବରି—ଦେ. ବ ଓ ବିଣ—ସାବରି (ଦେଶ) Sabari Sābari (See) (ସବରି ଭମଡ଼ା, ସବରି ଭମ—ଅନ୍ୟରୂପ),

ସବରୁଣୀ—ତ୍ରା. ବ. ସ୍ତ୍ରୀ (ସଂ. ଶବରୀ)—ଶବରସ୍ତ୍ରୀ— Sabaruṇī A female of the śabara caste.

ସବର୍ଣ୍ଣ—ସଂ. ବିଣ. (ସ=ସମାନ ଅର୍ଥେ ବର୍ଣ୍ଣ ଯାହାର; ବହୁବ୍ରୀହି)— Sabarṇṇa ୧। ସମବର୍ଣ୍ଣ; ଏକ ରଙ୍ଗ ବିଶିଷ୍ଟ—1. Of the (ସବର୍ଣ୍ଣା—ସ୍ତ୍ରୀ) same caste or colour. ୨। ସଦୃଶ— (ଅସବର୍ଣ୍ଣ—ବିପରୀତ) 2. similar. ୩। (ବ୍ୟାକରଣ) ଏକ ସ୍ଥାନରୁ ଉଚ୍ଚାରିତ (ବର୍ଣ୍ଣ ବା ଅକ୍ଷରମାନ)—3. (letters) Uttered from the same place. ବ—୧। ସମାନ ଜାତି—1. Same caste or tribe. ୨। ସଦୃଶ ରଙ୍ଗ—2. Same colour. ୩। (ବ୍ୟାକରଣ) ଏକ ସ୍ଥାନ (ଯଥା—କଣ୍ଠ, ତାଳୁ, ଉହ୍ୟ ମୂଳ, ମୂର୍ଦ୍ଧା ଇତ୍ୟାଦି) ରୁ ଉଚ୍ଚାରିତ ବର୍ଣ୍ଣ—(ଯଥା କଣ୍ଠ୍ୟବର୍ଣ୍ଣ, ତାଲବ୍ୟ ବର୍ଣ୍ଣ) 3. (grammar) Letters uttered from the same place.

ସବର୍ଣ୍ଣ ବିବାହ—ସଂ. ବ.—ସମଜାତୀୟ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ Sabarṇṇa bibāha ବିବାହ—Marriage in the (ବିପରୀତ—ଅସବର୍ଣ୍ଣ ବିବାହ) same caste; marriage between persons of the same caste.

ସବର୍ଣ୍ଣା—ସଂ. ବିଣ. ସ୍ତ୍ରୀ—(ସବର୍ଣ୍ଣ+ଆ.ସ୍ତ୍ରୀ) —୧। ସବର୍ଣ୍ଣର ସ୍ତ୍ରୀଲିଙ୍ଗ— Sabarṇṇā 1. Feminine form of Sabarṇṇa. ବ.ସ୍ତ୍ରୀ—୧। ସୂର୍ଯ୍ୟଙ୍କ ପତ୍ନୀ, ଛୟାଦେବୀ—1. One of the two wives of the Sun-god. (shade personified). ୨। ସମାନଜାତୀୟା ସ୍ତ୍ରୀ—2. A woman of the same caste.

ସବର୍ଣ୍ଣିକରଣୀ —ଦେ. ବ. — ଅବ୍ୟର୍ଥ ମହୌଷଧ ବିଶେଷ— Sabarṇṇikaraṇī A kind of never-failing महोषध महौषध medicine. [ଉ—ଏଡେ ଔଷଧ ମୃତ୍ୟୁ ସଞ୍ଜୀବନୀ । ବିଶଲ୍ୟକରଣୀଙ୍କ ଯେଜ । ସନ୍ଧାନକରଣୀ ଔଷଧ ଭଳ । ଚତୁର୍ଥେ ସବର୍ଣ୍ଣିକରଣୀ ଯୋଜ । ବିଶ୍ୱନାଥ—ବିଚିତ୍ର ରାମାୟଣ ।]

ସବର୍ଯ୍ୟ—ସଂ. ବିଣ—୧। ଶ୍ରେଷ୍ଠ ଗୁଣ ବିଶିଷ୍ଟ (ବିଶ୍ୱକୋଷ)— Sabarjya 1. Having excellent quality— (ସବର୍ଯ୍ୟା—ସ୍ତ୍ରୀ) ୨। ଶ୍ରେଷ୍ଠଧନବିଶିଷ୍ଟ (ବିଶ୍ୱକୋଷ)— 2. Having much riches. ୩। ବସ୍ତ୍ରଯୁକ୍ତ (ବିଶ୍ୱକୋଷ)—3. Excellent.

ସବଳ—ସଂ. ବିଣ. ପୁଂ—(ସବଳାର୍ଥ ବହୁବ୍ରୀହି; ସ=ସହିତ+ବଳ)— Sabala ୧। ବଳବାନ୍; ସାମର୍ଥ୍ୟଯୁକ୍ତ—1. Powerful. (ସବଳା—ସ୍ତ୍ରୀ) ୨। ସୈନ୍ୟଯୁକ୍ତ—2. Attended with an (ସବଳତା—ବ) army or force. ୩। ବଳବାଳ ସହିତ— 3. Attended with one's party or retinue. ୪। ବଳ ପ୍ରୟୋଗଯୁକ୍ତ—4. Forceful; forcible. ତ୍ରା. ବିଣ—(ସଂ. ଶବଳ)—ନାନାବିଧ ବର୍ଣ୍ଣ ବିଶିଷ୍ଟ— Variegated. [ଉ—ମଦନ ଦଦ ବରଧନ-ଜର । ସବଳ ଫରଲ ଉରଲ ଦାର ।—ଭଞ୍ଜ. ପ୍ରେମସୁଧାକାବ୍ୟ ।]

ସବଳ—ସଂ. ବ. — ଔପରାହ୍ଣିକ (ଦ୍ୱେମଉଜ)—Afternoon.

Sabali ସଂ. ବିଣ (ସବଳାର୍ଥ ବହୁବ୍ରୀହି; ସ+ବଳ)—ବଳ ବିଶିଷ୍ଟ—Having Bali.

ସବଳେ—ଦେ. କ୍ରି. ବିଣ—୧। ବଳପୂର୍ବକ; ଜୋର୍ ସହିତ— Sabale 1. Forcibly; with force. ୨। ସୈନ୍ୟ ସବଳେ ଜୋରସେ ସହିତ—2. With force or army.

ସବସ୍ତ୍ର —ସଂ. ବିଣ.—(ସ=ସହିତ+ବସ୍ତ୍ର=ଲୁଗା)—୧। ବସ୍ତ୍ର ସହିତ— Sabastra 1. With cloth. ୨। ପରିଚ୍ଛଦବସ୍ତ୍ର— (ସବସ୍ତ୍ରା—ସ୍ତ୍ରୀ) 2. Wearing clothes.

ସବହା—ସଂ. ବ—(ବୈଦ୍ୟକ) — ନିବୁଆ; ଇପୋମୁ (ଉରଡ)— Sabahā A medicinal root; Ipomea Turpethum.

ସବହୁମାନ—ସଂ. ଅ. ବିଣ—(ସ+ବହୁମାନ)—ବହୁମାନ ସହକାରେ; Sabahumāna ସମ୍ମାନ ସହକାରେ—With great respect or honour.

ସବା—ଦେ. ସର୍ବନାମ.—(ସ.ସର୍ବ)—୧। (ଏହା ଅନ୍ୟ ଶବ୍ଦ ପୂର୍ବେ ଲଗେ) Sabā ସବୁ—1. All. (ଯଥା—ସବାଶିଅ, ସବାକାଳ)— ସବ,ସବା, सब, सबसे ୨। ସମସ୍ତଙ୍କ ମଧ୍ୟରେ—2. Amongst

Digitized by srujanika@gmail.com

all. (ସମ:—ସବା ସାନ, ସବା ବଡ଼) । ଦେ. ବିଣ. ସଓସା **ସବା** (ସଂ• ସଘାଦ) ସଜଅ (ଦେଶ)—Saubā (See).

ସବା ଅଗ—ଦେ. ବିଣ.—(ସଂ. ସର୍ବାଗ୍ର)—୧ । ସର୍ବାଗ୍ର—1. First Sabā āga of all. ୨ । ସର୍ବାଗ୍ରେ ସ୍ଥିତ—2. Standing **ସବାର ଆଗେ, ସବସେଆଗେ** in the front line. କି. ବିଣ—ସମସ୍ତଙ୍କ ଅଗରେ ବା ପଡ଼ିଲେ—First of all. (ବିପରୀତ—ସବା ପଛ) ବି.—୧ ।ସର୍ବାଗ୍ରସ୍ଥାନ—1. Front or first position. [ଦୃ—ପ୍ରେମାକୁ ସବା ଅଗେ ଚାହିଁ । ଜଣା ତୁ ରହ ଗୋ ଏଠାରୁ ।—ଭୂଗଡ, ପ୍ରେମପଞ୍ଚାମୃତ] ୨ । ସମସ୍ତଙ୍କ ଅଗ — 2. Front rank of all persons.

ସବାଇ—ଦେ. ବି.—('ଦ୍ର. ସଂ• ଶଉପର୍ବିକା ବମ୍ବା ଶଉପର୍ଦ୍ୟା = Sabāi ତୃଣଧାନ୍ୟ)—ଏକପ୍ରକାର ଘାସ; ସବାଘାସ—ସବାଇ,ବାବଇ, ବାବୁଇ ଘାସ, Sabai grass; Ischaemum **ଆମର, ବବଇ** Augustifolium; Pollindium Augustifolium. [ଦୃ—ଏହା ଏକ ପ୍ରକାର ଘାସ ଅରଣ୍ୟ ତୃଣ । ଏହାର ପତ୍ର ଦୁଇ ହାତ ପର୍ଯ୍ୟନ୍ତ ଲମ୍ବ ହୁଏ । ଏହା ପଥ-ପାରତ, ଓଡ଼ଶା ଗଡ଼ଜାତ ଓ ଉତ୍ତରପଶ୍ଚିମ ପ୍ରଦେଶରେ ଶୁଷ୍କ ଦେଶରେ ଜନ୍ମେ । ଏହ ଘାସକୁ ବଳ ଗୁରୁ ଶକ୍ତ ଦଉଡ଼ି ତଇାର; ଏବେ ଏହ ଘାସରୁ କାଗଜ ପାଇଁ ମଣ୍ଡ (pulp) ଉଥାର ହେଉଅଛ ।]

ସବାଇ ଦଉଡ଼ା(ଡ଼ି)—ଦେ. ବି—ସବାଘାସି ଦଉଡ଼ା—A rope Sabāi daurdā(rdi) made of sabai grass. **ବାବଇଦଉଡ଼ି ବବଇରସ୍ସୀ**

ସବାକାଳେ—ଦେ.କି.ବିଣ.—(ପ୍ରାଚୀନପଦ୍ୟ)—୧। ସବୁକାଳପାଇଁ—Sabākāle 1. For all time. ସବସମୟେ. **ସବ ସମୟ** [ଦୃ—କାନୁହୁ ଅଉହୁଁ ବକଲେ, ମୋତେ କାଶିଲେ ସବାକାଳେ—ଭୂପଢ, ପ୍ରେମପଞ୍ଚାମୃତ ।] ୨ । ସବଦା—2. Always.

ସବାକ୍ରାନ୍ତ—ଦେ. ବିଣ—(ସ. ସମାକ୍ରାନ୍ତ ବା ସୀମାକ୍ରାନ୍ତ)—୧ । ନିର୍ଦ୍ଦିଷ୍ଟ Sabākrānta ସୀମାରେ ଅବସ୍ଥିତ ସମସ୍ତ ଭୂମି ସମ୍ବନ୍ଧ—1. ସବାକ୍ରାନ୍ତ **ସମୂଚା** Consisting of all the lands within a boundary. ୨ । ଚତୁର୍ଦ୍ଦିଗରେ ନିର୍ଦ୍ଦିଷ୍ଟ ସୀମାବିଶିଷ୍ଟ—2. Being bounded on all sides by certain limits.

ସବାକ୍ରାନ୍ତ ଚକଡ଼ା—ଦେ. ବି—(ସ. ସୀମାକ୍ରାନ୍ତ ଓ ଚକ) — Sabākrānta chakard ଚୌହଦି ନିର୍ଦ୍ଦିଷ୍ଟ ସୀମା ମଧ୍ୟସ୍ଥ ସବାକ୍ରାନ୍ତ ଚାକଡ଼ା ସମୁଦାୟ ଜମି—All the lands com- **ସମୂଚା ଚକଲା** prised within given boundaries on all sides. [ଦୃ—ଓଡ଼ଶାର ରାଜାମାନେ ଦାନପତ୍ରରୁ ନୈଷ୍ଠିକ ବ୍ରାହ୍ମଣମାନଙ୍କୁ ଅଣାଇ ପୁଣ୍ଡ ଓ ଯାଜପୁରରେ ଶାସନ ଗ୍ରାମ ମାନ କରାଇ ଥିବା ବ୍ରାହ୍ମଣମାନଙ୍କୁ ସନଦଦ୍ୱାରା 'ସବାକ୍ରାନ୍ତ ଚକଡ଼ା' ଈଶ୍ୱର ବା ଈଶ୍ୱରୀରୂପେ ଦାନ କରୁଥିଲେ ।]

ବା ଖଇଙ୍ଗା--ଦେ. ବି.--ଚଲ୍ଲିକା ହ୍ରଦରେ ମିଳୁଥିବା ଏକପ୍ରକାର ବଡ଼ ମାଛ Sabā khaingā —A class of big salt-water-fish (found in the Chilkā lake).

ସବାଖାଇ—ଦେ· ବି. ସ୍ତ୍ରୀ—(ସ. ସବ୍ଦ + ଖାଦକ)—୧ । ସବା- Sabākhāi ଖିଆର ସ୍ତ୍ରୀଲିଙ୍ଗ; ସବାଖିଆ ଜେଲାଘାଟସ୍ଥା ସ୍ତ୍ରୀ— ସବାଖିଆ—ଅନ୍ୟରୂପ 1. A woman of the Sabākhiā (ସବାଖିଆ—ସଂ) gypsy caste. ୨ । (ସ୍ତ୍ରୀମାନଙ୍କୁ ସବଖାକୀ(ଗୀ) ବଅଥିବା ଗାଳ ବଚନ) ଯେଉଁ ସ୍ତ୍ରୀ ସମସ୍ତ ପଦାର୍ଥ **ସର୍ବଭକ୍ଷୀ** ଖାଏ, ଅର୍ଥାତ୍ ଅଖାଦ୍ୟ ଖାଏ; ଯେ ଜଷିଦ୍ଧ ଓ ଘୃଣ୍ୟ ଦ୍ରବ୍ୟ ଖାଏ; ଅନେଧ୍ୟ ଭୋଜକା—2. A term of abuse used to women (Literally; all— devouring) Eating everything, even prohibited articles.)

ସବାଖିଆ(ଖୀ)—ଦେ. ବିଣ· ପୁଂ—(ସ ସବ୍ଦ ଖାଦକ)—(ଘୃଣାର୍ଥକ) Sabākhiā(yā) ଯେ ସବୁ ପଦାର୍ଥ ଖାଏ; ଯାହାର ଖାଇବା (ସବାଖାଇ—ସ୍ତ୍ରୀ) ବିଷୟରେ ମେଧ୍ୟାମେଧ୍ୟ ବିଚାର ନ ଥାଏ— ସବଖେକୋ Eating everything; omnivorous, **ସର୍ବଭକ୍ଷୀ** eating prohibited food. ବି.—ଜେଲା- ମାନଙ୍କ ଶ୍ରେଣୀ ବିଶେଷ—A class of kelās or wandering tribe of gypsies. [ଦୃ — ଏମାନେ ସବୁ ପ୍ରକାରର ଜୀବ, ଯଥା ସାପ, ବେଙ୍ଗ, ଭୂମୀର, ବଲ୍ଲା ଅଦ ଜନ୍ତୁଙ୍କ ମାଂସ ଖାଆନ୍ତି । ଏମାନେ ଯାଯାବର ଜାତି; ଏମାନେ ଅତି କ୍ରୁର ଓ ଗ୍ରାମେ ଗ୍ରାମେ ବୁଲି ଅସଲା ଦେହକୁ କୁଷ୍ଠ ଦ୍ୱାରା ବବକର ଦେହରୁ ରକ୍ତ ବୁହାଇ ଲୋକଙ୍କ ଦୟା ଓ ସଦାନ୍ତଃକରଣ ଆକର୍ଷଣ କରନ୍ତି । ଫଳରେ ଲୋକେ ଏମାନଙ୍କୁ ଭିକ୍ଷା ଦେବାକୁ ବାଧ ହୁଅନ୍ତି ।]

ସବାଗିଲା—ଦେ. ବିଣ—ସବଭକ୍ଷୀ; ସବାଖିଆ— Sabāgilā Omnivorous. ସବଖେକୋ **ସର୍ବଭକ୍ଷୀ**

ସବାଧାଲେ—ଦେ· କି. ବିଣ—ଏକବାରକେ Sabādhāle Once for all; all at once. ଏକେବାବେ **ଏକାଏକ**

ସବାଧ—ସ· ବିଣ—(ସବାର୍ଥ ବଢ଼ୁଥିବା; ସ + ବାଧା)-୧ । ବାଧାଯୁକ्त- Sabādha 1. Having impedements. ୨ । ପୀଡ଼ାଯୁକ्त- (ଅବାଧ—ବିପରୀତ) 2. Diseased. ୩ । ନିଷେଧଯୁକ्त — (ବିଣକୋଷ)—3. Having prohibition.

ସବା ଧୋଇ—ଦେ. ବି.—(ସ ସବ୍ଦ + ଧୌତ) ୧ । ଅଚ୍ଛନ୍ନ ବୃଷ୍ଟି ଦେଇ ସବ୍ଦ ଧୋଇଦିଆ—Complete **ଧୁଇହାଜା ବିଲକୁଲ ବାହର** destruction of crops owing to excessive rain. [ଦୃ—ଜଗିଲେନ୍ଦ୍ର ଦେବଙ୍କ ୩୨ ଓ ୩୩ ଅଙ୍କରେ ସବାଧୋଇ, ବଢାସ ଓ ଦୁର୍ଭିକ୍ଷ ଦୋଇଥିଲା ।—ଜଗବନ୍ଧୁ, ପ୍ରାଚୀନ ଉତ୍କଳ ।] ୨ । ନଇବଢ଼ି ଯୋଗୁଁ ସମସ୍ତ ଜମିର ଫସଲର ଚଷ୍ଟି—2. Complete

Digitized by srujanika@gmail.com

destruction of the crops of a place due to river flood.

ସବା ପଛ—ଦେ. କି.ବିଣ—୧। ସମସ୍ତଙ୍କ ପଛପଟ୍ଟରେ—1.On the Sabā pachha back side of all. ୨। ଅବଶେଷରେ; ସବା ପଛରେ } କି. ବିଣ.] ସମସ୍ତଙ୍କ ଶେଷରେ—2.At last. ସବା ପଛେ } ଅନ୍ୟରୂପ] [ଉ—ସବା ପଛେ ଗାଇଲେ ସବାରି ପିଟି(ପେ)ହୁନେ ଗାଣ୍ଡବ ସ୍ୱଜନ—କୃଷ୍ଣଦ୍ୱିଜ ମହାଭାରତ **सबसे पिछे** ବଜା] ୩। ସମସ୍ତଙ୍କ ପରେ—3. After all.

ସବା ବଡ଼—ଦେ. ବିଣ୍—(ସ. ସର୍ବ ଓ ପା. ବଡ଼ା)—୧। ସମସ୍ତଙ୍କ- Sabā barda ଠାରୁ ବଡ଼;ବୃହତ୍ତମ—1.Largest;biggest. ସବାର ବଡ଼ ୨। ସମସ୍ତଙ୍କଠାରୁ ଅଧିକବୟସ୍କ—2. Eldest; **सबसे बडा** oldest.

[ସବାସାନ, ସବାଶ୍ରେଷ—ବିଶେଷତ]

ସବା ବାଳ—ଦେ. ବ.—(ସ. ସର୍ବ ଓ ବାଳ=କେଶ)—ଗୌର Sabā bāla ନ କେବାରୁ ମସ୍ତକରେ ଓ ମୁଖରେ ବଢ଼ିଥିବା ସବୁଚୁଲ କେଶ; ମସ୍ତକ ଓ ମୁଖରେ ବଢ଼ିଥିବା ସମସ୍ତ କେଶ— **सब बाल** The hair of the whole head left as a result of not shaving the head; the whole head of hair.

ସବା ବାଳ ଛଡ଼ାବା—ଦେ. କି.—ଗୌର ନ କେବାଇ ମସ୍ତକର ସମସ୍ତ Sabā bāla chhārdibā କେଶକୁ ବଢ଼ାଇବା—To let ସବାବାଳ ବଢ଼ା(ଡ଼େ)ଇବା } ଅନ୍ୟରୂପ the hair of the ସବାବାଳ ରଖିବା } whole head grow ସବଚୁଲ ରାଖା as a result of not shaving any **सववालछोड़ना** part thereof.

ସବା ବାଳୁଆ—ଦେ. ବିଣ ପୁ—ଯେଉଁ ପୁରୁଷ ଗୌର ନ କେବାଇ Sabā bāluā ମସ୍ତକର କେଶ ଓ ଶ୍ମଶ୍ରୁ ଅଧିକ ବଢ଼ାଇଥାଏ— ସବଚୁଲ ବାଲା A person who has let the hair of **सबबाल रखनै वाला** the head and face grow long without shaving.

ସବ୍ଭ ମଝି—ଦେ. ବ.—(ସ. ସର୍ବ ମଧ୍ୟ)— ୧। ସମସ୍ତଙ୍କ ମଧ୍ୟ ଭାଗ— Sabhā majhi 1.The middle of all. ୨। ସମସ୍ତଙ୍କ ଦେଇ- ସବାର ମାଝ 2. The centre of all. ଦେ.ବିଣ.—ସବାମଝିଆଁ **सबका बीच** (ଦେଖ) Sabā majhiāñ See) (ସବା ମଝିରେ—କି.ବିଣ ରୂପ) (ସବାମଝିଆ—ଅନ୍ୟରୂପ)

ସବା ମଝିଆଁ—ଦେ. ବିଣ. (ସଂ ସର୍ବ ମଧ୍ୟସ୍ଥ)—୧। ସମସ୍ତଙ୍କର ଦେଇ ସ୍ଥ- Sabē majhiāñ 1. Central. ୨। ସମସ୍ତଙ୍କର ମଧ୍ୟ ସ୍ଥଳରେ ସବାର ମାଝେର ଅବସ୍ଥିତ—2. Middlemost. ୩। (ଘୁ°) ସବୁ **सबका बीचका** ଭିତର ଅଧିକ ମଝିରେ ଜାତ—3· Middle- (ସବା ମଝିଆଣୀ—ସ୍ତ୍ରୀ) most in point of age or seniority or birth.

ସବା ମରୁଡ଼—ଦେ.ବ· —ବୃଷ୍ଟି ଅଭାବରୁ କୌଣସି ଅଞ୍ଚଳର ସମସ୍ତ ଫସଲର Sabā marurdi ସମ୍ପୂର୍ଣ୍ଣ ନଷ୍ଟ—Complete failure of crops in a place due to drought.

ସବାର(ବା)ର୍—ବୈ.ଦେ. (ଫା) ବ.—(ଫା· ସବାର୍)—୧। ଅଶ୍ୱାରୋହୀ— Sabā(wā)r 1. Rider. ସଓୟାର ୨। ଅଶ୍ୱାରୋହୀ— **सवार** 2. Horse-rider.

ସବାର ହେବା—ଦେ. କି.—୧। ଘୋଡ଼ା ପିଠିରେ ଅଶ୍ୱାରୋହଣ କରିବା Sabāra hebā 1.To ride on a horse. ୨। କୌଣସି ସଓୟାର ହଓୟା ବ୍ୟକ୍ତି ଉପରେ ଚଢ଼ିବା—2.To ride on a **सवार होना** person. ୩। (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିର ଗଳଗ୍ରହ ହେବା—3.(figurative) To be a burden on a person ୪। (ଭୂତ ଆଦ ମନୁଷ୍ୟଠାରେ) ଅଧଷ୍ଟ ହେବା; ମନୁଷ୍ୟର ଅସ୍ୱାଭାବିକ ଅଧିକାର କରିବା—4. To possess a person (said of a ghost or evil spirit.)

ସବାରାଶି—ଦେ. ବ.—୧। ପ୍ରତ୍ୟେକ କ୍ଷେତ୍ରକୁ ଖଣ୍ଡ ଖଣ୍ଡ କରି ମାପିବା Sabārāsi ପ୍ରକାର—Mode of measuring each plot କିତାଓ ୟାରି of land. ବିଣ ୧। କ୍ରମିକ—1. Serial. ୨। **कितावार क्रमिक** କ୍ରମାନୁଯାୟୀ (ମାପ) 2. Measurement plot by plot.

ସବାରାଶି ଜରିପ୍ (ପି,ବ,ବି)—ଦେ·ବ.—ପ୍ରତ୍ୟେକ କ୍ଷେତ୍ରକୁ କ୍ରମା- Sabā rāsi jarip (pi, b, bi) ନୁଯାୟୀ ମାପିବା (ସବାରାଶି ମାପ—ଅନ୍ୟରୂପ) Serial measurement of the କେତାଓୟାରି ଜରିପ plots of land; plot by plot **कितावारी जरिब** measurement

ସବାରାଶି ଜରିପ(ପି, ବ , ବି)ଭଉଁରିଆ(ୟା)—ଦେ· ବି—ଯେଉଁ Sabārāsi jarip(pi,ba,bi)bhauñriā(yā) ଭଉଁରିଆରେ (ସବାରାଶି ଭଉଁରିଆ[ୟା]—ଅନ୍ୟରୂପ) ପ୍ରତ୍ୟେକ କ୍ଷେତ୍ରର କିତାଓୟାରି ଜରିପର ଖତିୟାନ ଚତୁଃସୀମା ମାପର ସବିସ୍ତାର, **कितावारी जरिब खतियान** ହକହରଣ ଓ ହଦଦର୍ଶନ ଲେଖାଥାଏ— A fieldbook containing the particulars of measurement of land plot by plot.

ସବାରାଶି ମର୍ଦ୍ଦାଣ—ଦେ. ବ - ସବାରାଶି ଜରିବ ଭଉଁରିଆରେ ଲେଖା- Sabārāsi mardāna ଥିବା ହକହରଣ ସୁଦ୍ଧାକରି ପ୍ରତ୍ୟେକ କିତାଓୟାରି ଜରିପର ଖତିୟାନ ମିଳାନ କ୍ଷେତ୍ରକୁ ଖଣ୍ଡ ଖଣ୍ଡ କରି ମାପି ପ୍ରତିଲ କରିବା—Remeasuring and checking every plot of land according to the directions given in the plot-by- **माप पड़तालकरना** measurement field book.

ସବାରି—ବୈ.ଦେ. (ଫା) ବ. (ଭୁଲ. ସଂ. ଶିବିକା ଓ ତେଲୁଗୁ— Sabāri ସ୍ୱାମାରି)—୧। ପାଲଙ୍କି; ଖଡ଼ଖଡ଼—1. A (ପୃଥକ୍—ଅନ୍ୟରୂପ) palankeen; a palki. ୨। ଘୋଡ଼ା ସଓୟାରି ବା ହାତୀ ଅଦରେ ଚଢ଼ିବା—2. Riding on horse **सवारी** or elephant. ୩। ଘୋଡ଼ା, ଗାଡ଼ି, ହାତୀ ଅଦରେ ଚଢ଼ିବାର ଥର—3. The using of a horse or carriage for riding once. (ଯଥା--ଏ ଘୋଡ଼ାର ଅଜ ଟଙ୍କାଏ ସବାରି ଦେଲ ।) ବିଣ—୧। ଚଢ଼ିବା ବସନ୍ତେ.

Digitized by srujanika@gmail.com

ବ୍ୟବହୃତ—1. Used for riding. (ଯଥା—ସବାଇ ଘୋଡ଼ା, ସୁଜାଙ୍କ ସବାର୍ ଦାନ୍ତ ।) ୨ । ଅରୋହଣ ଯୋଗ୍ୟ—2. Fit for riding. [ଦ୍ର—ଜାଠରେ ଓ ବେଉରେ ସବାଇ ଉଥର ଦୃଢ଼ ଏବଂ ଲମ୍ବାରେ ଉଥର ବେଢୋଟି ଭୂପାଦାନ ସଦୃଶ ଏଥିପାଇଁ ଅବଶ୍ୟକ ଦୃଢ଼ । ସବାରର ଦୁଇ ପାଖରେ କବାଟ ଲଗିଥାଏ, ତାହୁ ଟାଣିକର ମେଲ୍ଲ ଓ ବନ୍ଦ କରିପାଏ । ସେ କବାଟମାନ ଗ୍ଲେଟ୍ ଉପରମାନଙ୍କ ଉପରେ ଚଳେ । ଏଥିପାଇଁ ସବାରକୁ ସଦୃ ଖଡ଼ଖଡ଼ି ବୋଲିଯାଏ । ସବାରର ଉନ୍ନ ଉନ୍ନ ଅଂଶର ନାମ; ଯଥା—

[କ] ବାଉଁଶ—ସବାରର ଅଗରେ ଓ ପଛରେ ଲଗିଥିବା ଦଣ୍ଡଦ୍ୱୟର, ଯାହାକୁ ବେହେରାମାନେ କାନ୍ଧେଇ କର ସବାର୍ ବୁହାନ୍ତି ।

[ଖ] କୁମ୍ଭ— ସବାରର ଅଗପାଖ ବାଉଁଶ (ସବାରର ଅଗ ବାଉଁଶର ଅଗରେ ଗୋଟିଏ କୁମ୍ଭାକାର ଅଳଙ୍କାର ଲଗିଥିବାରୁ)

[ଗ] ପିଙ୍ଗ, ଫିଙ୍ଗ—ସବାରର ପଛ ବାଉଁଶ ।

[ଘ] ପାହୁଆ ବା ପାଦ୍ୟା—ସବାରର ତଳେ ଥିବା ଗୁରେଟି ଗୋଡ଼ ।

[ଙ] ଛତ—ସବାରର ଉପର ଆବରଣ ବା ଛଦ ।

[ଚ] ଚାନ—ସବାରର ବାଉଁଶରୁ ଯେଉଁ ଲମ୍ବାର ଦଣ୍ଡମାନ ସବାରର ଦୁଇମୁଣ୍ଡରେ ତଳ ଓ ଉପରଥଡ଼ ସହିତ ଜଡ଼ା ହୋଇଥାଏ ।

[ଛ] ବାଡ଼ ବା ବାଡ଼ା—ସବାରର ପାର୍ଶ୍ୱଦେଶସ୍ଥ କାଷ୍ଠ ।

[ଜ] ଫରସା ବା ଫର୍ସି—ସବାରର ପ୍ରକୋଷ୍ଠାକୃତ ଚତୁଷ୍କୋଣ ଅଂଶ (ଅର୍ଥାତ୍ ଯହିଁର ଅଗରେ ଓ ପଛରେ ଦୁଇ ଗୋଟି ବାଉଁଶ ଯୋଜା ହୋଇଥାଏ ।)

[ଝ] ତଳ ବା ତଳା—ସବାରର ଯେଉଁ ଅଂଶରେ ଥରୋଟ୍ଟା ବସନ୍ତି ।

[ଞ] ଖଡ଼ଖଡ଼ ବା କବାଟ—ସବାରର ପାର୍ଶ୍ୱସ୍ଥ ଅଂଶରେ ଲଗିଥିବା ଦ୍ୱାର (ଯାହାକୁ ଖୋଲି ଓ ବନ୍ଦ କରି ଯାଇପାରେ) ।]

ସବାର୍ଆ(ୟା)—ଦେ. ବଣ—ଯେଉଁ ଘୋଡ଼ା ସବାର ବା ଚଢ଼ିବା ପାଇଁ ବ୍ୟବହୃତ ଦୃଢ଼—(Horse) Used for riding.
Sabāriā(yā) ସଓୟାରିୟା **ସବାରିକା**

ସବାର କାନ୍ଧ(ନ୍ଦ୍)ଆ—ଦେ. ବ—ସବାରର ବାଉଁଶକୁ କାନ୍ଧ ଉପରେ Sabāri kāndhi(ndhu) ବୁହାଇବା କାହୁଜଣ—Bearers
ସଓୟାରି ବେହାରା carrying the poles of the palki
ସବାରୀଢୋଲାଇ on the shoulders. ଦେ. ବଣ—ଯେଉଁମାନେ
ସଓୟାରିଓୟାଲା ସବାରର ବାଉଁଶକୁ କାନ୍ଧଦ୍ୱାର ବୁହାନ୍ତି—
ସବାରୀଢୋନେବାଲା Bearing the pālki on their shoulders. (ଯଥା—ସବାର୍କାନ୍ଧିଆ ଗଉଡ଼)

ସବାର୍ ଗଉଡ଼(ବେହେର୍)—ଦେ.ବ—ସବାର କାନ୍ଧେଇବା ବେହେରାଗଣ Sabāri gaurda(beherā) The—bearers of a pālki
ସଓୟାରି ବେହାରା [ଦ୍ର—ତେତେକ ଅଞ୍ଚଳରେ ଗଉଡ଼ମାନେ,କେତେକ
ସବାରି କହାର ସ୍ଥଳରେ ବାଉରି, କେତେକ ସ୍ଥଳରେ କୋଚ୍ଚ,
କେତେକ ସ୍ଥଳରେ ସାନ୍ତାଳ ଅଦ ଅନାର୍ଯ୍ୟଜାତି ଓ
କେତେକ ଅଞ୍ଚଳରେ ଦାଢ଼ମାନେ ସବାର ବୁହନ୍ତି ।]

ସବାର୍ ଗାଡ଼ି—ଦେ. ବ—୧ । ଯେଉଁ ଶୂନ୍ୟଚତୁଆ ଗାଡ଼ି ଉପରେ Sabāri gārdi ସବାର ପର ଗୋଟିଏ ପ୍ରକୋଷ୍ଠ ସେଇକି
ପାଲ୍‌କି ଗାଡ଼ି ବସିବା ପାଇଁ ସଯୁକ୍ତ ହୋଇଥାଏ—1. A four-
ସବାରୀ ଗାଡୀ wheeled carriage on which is attached a frame like a palki; an office-jaun. ୨ । ଅରୋଗ୍ଟାଙ୍କ ବସିବା ପାଇଁ ସବାର ପର ଅବୃତ ଅସନ ଯେଉଁ ବଳଦ ଗାଡ଼ର ଦଣ୍ଡା ଉପରେ ଉଣ୍ଟା ଯାଇଥାଏ—2. A cart on which is attached a sedan-chair-like contrivance.

ସବାର୍ ଘୋଡ଼ା—ଦେ. ବ—ଯେଉଁ ଘୋଡ଼ା ଚଢ଼ିବା ପାଇଁ ବ୍ୟବହୃତ
Sabāri ghordā ଦୃଢ଼—Riding horse. (ଏହିପର
ସଓୟାରି ଘୋଡ଼ା ସବାର ଓଟ, ସବାର୍ ଦାନ୍ତ **ଅଦ** ଶବ୍ଦ ବ୍ୟବହୃତ
ସବାରୀ ଘୋଟା ଦୃଢ଼ ।)

ସବାର୍ ଡାକ—ଦେ. ବ—୧ । ଉଚ୍ଚ ଦୂରରେ (ପ୍ରାୟ ପ୍ରତ୍ୟେକ ୧୦
Sabāri ḍāka ମାଇଲ, ଅନ୍ତରରେ) କ୍ଲାନ୍ତ ବେହେରାମାନଙ୍କ
ସବାରି ଡାକ ବଦଳରେ ଚଞ୍ଚା ପଞ୍ଚା ନୂଆ ବେହେରାଙ୍କ ଦ୍ୱାରା
ସବାରୀ ଡାକ ସବାରକୁ ବହୁଦୂର ବାଟକୁ ନେବାରୁ ବ୍ୟବସ୍ଥା—
1. Arrangement for carrying a pālki to a long distance by having it carried by fresh relays of bearers at fixed intervals (of 10 miles). ୨ । ସବାର ବେହେରା-
ମାନେ ସବାର କାନ୍ଧେଇବା ସମୟରେ କ୍ଲାନ୍ତିନବାରଣାର୍ଥ
ବଡ଼ ସାରି କରି ଡାକିବା ବାକ୍ୟମାନ—2. The hal-looing of pālki-bearers while carrying the pālki.

[ଦ୍ର—ସାଧାରଣତଃ ସବାରର ଅଗ ବାଉଁଶକୁ କାନ୍ଧେଇ ଥିବା ବେହେରାମାନେ ଚଲିବାବେଳେ ଡାକ ଡାକ ଚଲନ୍ତି । ପଛ ବାଉଁଶକୁ କାନ୍ଧେଇଥିବା ବେହେରାମାନଙ୍କୁ ସମ୍ମୁଖ ଦୃଶ୍ୟ ଦେଖାଯାଏ ନାହିଁ, ଏଥିପାଇଁ ଆଗରେ କାନ୍ଧେଇଥିବା ବେହେରାମାନେ ସେମାନଙ୍କ ଡାକ ଡାକ ପଛ ବେହେରା-ମାନଙ୍କୁ ଉଚ୍ଚ ଉଚ୍ଚ ବାକ୍ୟ ଦ୍ୱାରା ରାସ୍ତା ସମ୍ବନ୍ଧେ ସାବଧାନ କରାଇ ଦିଅନ୍ତି । ଏହାଛଡ଼ା ବେହେରାମାନେ ଡାକ ଦ୍ୱାରା ନାନାପ୍ରକାରର ଗୀତ, ଡାକ ବଚନ ଓ ପ୍ରବଚନ ବୋଲନ୍ତି ଏବଂ ରସିକତା ମଧ୍ୟ କରନ୍ତି । ଏହି ଡାକ ନାନା ଛନ୍ଦରେ ବୋଲାଯାଏ । ଆଗରେ କାନ୍ଧେଇଥିବା ବେହେରାମାନଙ୍କ ମଧ୍ୟରୁ ଜଣେ ବା ଦୁଇଜଣ ଗୋଟିଏ 'ଡାକ' ଡାକନ୍ତି ଓ

Digitized by srujanika@gmail.com

କଣ୍ଢାଏ ମାରବାକୁ କ୍ଷଣକ ପାଇଁ ଛନ ହୁଅନ୍ତୁ । ଏହି ଅବସରରେ ଅନ୍ୟ ବେଢ଼େଇ ଜଣେ ବା ଦୁଇଜଣ ସେହି ଡାକକୁ ମିଶାଇ ଡାକ ମାରନ୍ତୁ । ଅତଏବ ଡାକମାରିବା ବେଢ଼େଇମାନେ ଦୁଇଟି ଦଳରେ ବଇନ୍ତୁ ହୁଅନ୍ତୁ । ଏକ ଦଳ ଡାକ ମାର ଛନ ଢେଲ୍ଲବେଳେ ଅର ଦଳକ ଡାକ ମାରନ୍ତୁ ଓ ଦୂରରୁ ଏ ଦୁଇଦଳଙ୍କ ଡାକ ମିଶି ଗୋଟିଏ ଅବଚ୍ଛିନ୍ନ ଶବ୍ଦଧାରା ପରି ଶୁଣାଯାଏ । ଏମାନଙ୍କ ଡାକ ସାଧାରଣତଃ ୪ ଅକ୍ଷରଥା (ଯଥା—ଯାଉଗୁଲ, ବଥ ଯେଲ), ୫ ଅକ୍ଷରଥା (ଯଥା—ଦୁଁ ମେରା ଖଇ, ଖବର ଖାଇ), ୬ ଅକ୍ଷରଥା (ଯଥା—ଦୁଁ ମେରା ଖଇରେ, ଖବର ଖାଇରେ, ଆକାଶି ଲଗାରେ, ଆଗିଲ୍ଲ ଖୁରରେ), ଓ ୭ ଅକ୍ଷରଥା (ଯଥା—ଡାହାଣକୁ ମୋଡ଼ରେ, ବାଆଁ ଛଡ଼ ଖୁରରେ, ଦକ୍ଷିଣରୁ ଡାଇରେ) ଅବ ଛନ ବଶିଷ୍ଟ ଢୋଇ-ଥାଏ । କେଉଁକ ଅଞ୍ଚଳରେ "ଘେ ଘା ! ଘେ ଘେ ! ହେଁ ହେଁ ! ହେଁ ହାଁ !" ଇତ୍ୟାଦି ବରର୍ଥକ ଡାକ ମଧ୍ୟ ବେଢ଼େଇ ମାନେ ଡାକନ୍ତି । ଅଗର ବେଢ଼େଇମାନେ 'ଡାକ' ଡାକନ୍ତୁ ଓ ପଛ ବେଢ଼େଇମାନେ ଡାକା ଶୁଣି ସେହି ଡାକର ଅର୍ଥକୁ ବୁଝି କାର୍ଯ୍ୟ କରନ୍ତୁ ଏବଂ ଯେଉଁ ପଞ୍ଚାକ ବେଢ଼େଇ କାଢ଼େଇବାରୁ ଅବସର ପାଇ ସବାରର ପଛରେ ଗୁଲ ଥାଅନ୍ତୁ, ସେମାନେ କିଛି ସମୟ ପରେ ଅଗ ବେଢ଼େଇଙ୍କୁ ବା ପଛ ବେଢ଼େଇଙ୍କୁ ଛଡ଼ନ୍ତୁ, ଅର୍ଥାତ୍ ଡାଙ୍କୁ କାଢ଼େଇବା କାର୍ଯ୍ୟରୁ କିଛି ସମୟ ପାଇଁ ମୁକ୍ତ (Relief) ଦଅନ୍ତୁ । ଏହି ସବାର ଡାକରେ କେତେଗୁଡ଼ିଏ ବାକ୍ୟ ବଶିଷ୍ଟ ଅର୍ଥରେ ବ୍ୟବହୃତ ହୁଏ । ତନ୍ମଧ୍ୟର କେତୋଟି ଉଦାହରଣ ନମ୍ନରେ ଦଆ ଯାଉଅଛି—

୧ । ଆକାଶି ଲଗାରେ-ସବାର ଯାଉଥିବା ବାଟର ମୁଣ୍ଡ ଉପରେ ଗଛର ଡାଳ ବା ଲଡା ଓହଳ ଥିଲେ ଏହି ଡାକ ବ୍ୟବହୃତ ହୁଏ ।

୨ । ଖଡ଼ପା ଲଗାରେ—ବାଟରେ କଣ୍ଟା ପଡ଼ିଥିଲେ କମ୍ବା କୌଣସି ବେଢ଼େଇର ଗୋଡ଼ରେ କଣ୍ଟା ଗଳଗଲେ ଏହି ଡାକ ବ୍ୟବହୃତ ହୁଏ ।

୩ । ଗୋବର ଲଗାରେ—ବାଟରେ ଅଲ୍ପ କାଦୁଅ ଥିଲେ ଏହି ଡାକଟି ଡକାଯାଏ । କେତେକ ଅଞ୍ଚଳରେ ଏହି ଡାକଟି ଗୋବର କାଳରେ, ଦେଇଛ କାଳରେ—ରୂପରେ ଶୁଣାଯାଏ ।

୪ । ଉକୁଟି ଲଗାରେ—ବାଟରେ ଚହଟା କାଦୁଅ ଥିଲେ ଏହି ଡାକ ଉଚ୍ଚାରଣ କରାଯାଏ ।

୫ । ଠୋକର ଲଗାରେ—ବାଟରେ ଗଛର ଶିଅ ଅଧ ପୁଣ୍ଡିବାର ଅଶଙ୍କା ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୬ । ଆଗିଲ୍ଲ ଖୁରରେ—ସମ୍ମୁଖରେ ଅନ୍ୟ ସବାର ବା ଲୋକ ଗହଳ ଯୋଗୁଁ ଶୀଘ୍ର ଗୁଲିଯିବାର ସୁବଧା ନଥିଲେ ଏହି ଡାକଟି ଉଚ୍ଚାରଣ କରାଯାଏ ।

୭ । କୋରେଇ ଗାଡ଼ରେ, ବୁଲେଇ ମାଡ଼ରେ—ବାଟରେ ଗାତ ଥିଲେ କିଏ ବାଟ ଚାଲିକର ଯିବାବେଳେ ଏହି ଡାକଟି ଡାକବାକୁ ହୁଏ ।

୮ । ଡାହାଣ ଛଡ଼ରେ ବା ବାଆଁକୁ ଖରରେ—ବାଟରେ ଡାହାଣ ଅଡ଼େ ଗଛ ଅଧ ଥିଲେ ଡାକବାକୁ ହୁଏ ।

୯ । ବାଆଁକୁ ଛଡ଼ରେ ବା ଡାହାଣେ ଖରରେ—ବାଟର ବାମଅଡ଼େ ଗଛ ଅଧ ଥିଲେ ଏହର ଡାକ ଉଚ୍ଚାପାଏ ।

୧୦ । ବାଆଁ ଡାହାଣେ ରେ ବା ଡାଆଁ ବାଆଁଣେ ରେ—ବାଟର ଦୁଇ ପାଖେ ଗଛ ଅଧ ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୧ । ଠିଆ ପନ୍ଥରେ ବା ଉଆଁ ପନ୍ଥରେ—ବାଟରେ ନଳା ବା ନର୍ଦ୍ଦମା ବା ଖୁଡ଼ ଥିଲେ ଡାକୁ ଡେଇଁ କର ଯିବାବେଳେ ଏ ଡାକଟି ଦଆଯାଏ ।

୧୨ । ଦୋସର ଉଆଁରେ—ଥରେ ଡେଇଁ ସାରିଲ ପରେ ପୁଣି ଆଉ ଥରେ ନଳା ବା ଖୁଡ଼ ଅଧକୁ ଡେଇଁବାକୁ ପଡ଼ିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୩ । ଡାକ ବଦଳରେ—ଅମ୍ଭେମାନେ ଚାଲି ଢେଲ୍ଲୁଣି, ଚାଲିଥିବା ବେଢ଼େଇମାନେ ଥସି ଅମ ଡାକରୁ ସବାର ନଅନ୍ତୁ—ଏହି ଅର୍ଥ ପ୍ରକାଶ କରେ ।

୧୪ । ଲଙ୍ଗଳ ଡାଡ଼ାରେ—ଯିବା ବାଟରେ ହଲରେ ଲଙ୍ଗଳ ଦ୍ୱାରା ଚଡ଼ା ଢୋଇ ଥିବା ବଡ଼ ବଡ଼ ମାଟି ମୁଣ୍ଡା ପଡ଼ିଥିଲେ ସାବଧାନ ହୋଇ ଚାଲିବାକୁ ଏହି ଡାକଟି ବ୍ୟବହୃତ ହୁଏ ।

୧୫ । ଦାରୁଡ଼ା ଲଗାରେ—ଯିବା ବାଟର କଡ଼ରେ ଥଣ୍ଟା ଗଛ, ଖୁଣ୍ଟ ବା ଦୁକା ଅଛି; ତେଣୁ ସବାରର ପାହୁଆ ଉହିଁରେ ଲାଗିଯିବାର ଆଶଙ୍କା, ଏହି ଅର୍ଥ ପ୍ରକାଶ କରେ ।

୧୬ । ଅନ୍ଧାର ଲଗାରେ—ଅନ୍ଧକାର ଯୋଗୁଁ ବା ପାଣି ଯୋଗୁଁ ଗୋଡ଼ତଳର ଭୂମି ଅଂଶକୁ ଦେଖାଯାଉ ନ ଥିଲେ ଏହି ଡାକଟି ବ୍ୟବହୃତ ହୁଏ ।

୧୭ । ଅଛପ ଅଛୁ, ଅଂଶି ମାରୁଛି, ସୂଚା ଶିଅ ପରି ଲାଗି ରହିଛି—ଯେଉଁ ସ୍ଥାନକୁ ଯାଉଥାଇଁ, ତାହା ସନ୍ନିକଟ-ବର୍ତ୍ତୀ ଢେଲ୍ଲାଣି, ଆଉ ଅଧିକ ଦୂର ଯିବାକୁ ପଡ଼ିବ ନାହିଁ—ଏହି ଅର୍ଥ ପ୍ରକାଶ କରେ ।

୧୮ । କଅ ଗୋହିର, ମାର୍ ମୁଣ୍ଡିଆ ଯାଉ ବାହାର—ସବାର କଅ ;ଗୋହିର ମଧ୍ୟରେ ଯାଉଅଛି, ବାଟ ସଙ୍କୀର୍ଣ୍ଣ ଥିବାରୁ ଓ ଦୁଇ ଅଡ଼ର କଅ ଗଛର ସଂଘର୍ଷ ଯୋଗୁଁ ଗଛରେ ବାଧା ଢେକାରୁ ପଛ ବେଢ଼େଇମାନେ ସବାରକୁ ଚୋଟରେ ଘେଲ ଦଅ—ଏହି ଅର୍ଥ ପ୍ରକାଶ କରେ ।

୧୯ । ମାଅ ଠାକୁରାଣୀ ଢୋଇକେ ସାନ୍ଦା ଲେ—ବାଟ ପାଖରେ କୌଣସି ଗ୍ରାମ ଦେବତାଙ୍କ ଅସ୍ଥାନ ଦେଖା ଗଲେ ଏହି ଡାକଟି ବ୍ୟବହୃତ ହୁଏ ।

୨୦ । ଚଲନ୍ତ ପାଇରେ—ସ୍ତ୍ରୀ ଜଲ ଥିବାରୁ ଗୁଲିବାକୁ ସୁବଧା ଢେଉଅଛି—ଏହି ଅର୍ଥ ପ୍ରକାଶ କରେ ।]

Digitized by srujanika@gmail.com

ସବାରି ପାଇକ(ସିପାଇ, ସିପାହି)—ଦେ· ବ—ସବାର ପାଖେ ପାଖେ Sabāri pāika(sipāi, sipāhi) ଅସ୍ତ୍ର ଶସ୍ତ୍ର ଧର ସିବା ପାଇଁ ସଓୟାରୀ ସିପାହୀ ନିଯୁକ୍ତ ପାଇକ ବା ପାଇକମାନେ— **सवारी सिपाही** An armed guard or guards who accompany a palki while it carries a Raja or Ranee or an official.

ସବାରି ବଗି—ଦେ· ଦ—ସବାର ଗାଡ଼ି ୧ (ଦେଖ) Sabāri bagi Sabāri gārdi 1 (See)

ସବାରି ବେହେରା—ଦେ. ଦ—ସବାରକୁ କାନ୍ଧ ଦ୍ୱାରା ବୋହିବା Sabāri beherā ବେହେରା—Palki-bearers. ସଓୟାରି ବେହାରା [ଦ୍ର—ଉତ୍କ ଉତ୍ତ ଅଞ୍ଚଳରେ ଉତ୍ତ ଉତ୍କ ଜାତୀୟ ସବାରି କହାର ବ୍ୟକ୍ତିମାନେ ସବାର କାନ୍ଧାନ୍ତି । ଓଡ଼ିଶାରେ କହାର, ପୂର୍ବ ଜିଲ୍ଲାରେ ଗଉଡ଼ ଓ ବାଉରିମାନେ ସବାର ବୁହାନ୍ତି । ବାଲେଶ୍ୱରର ଉତ୍ତରାଞ୍ଚଳରେ ପାଣ ଓ ମେଦନ୍ତ ପୁରରେ ପାଣ ଓ ଡାଡ଼ମାନେ ସବାର କାନ୍ଧାନ୍ତି । ପଶ୍ଚିମ ଓ ଉତ୍ତରାଞ୍ଚଳରେ କାହାରମାନେ, ଗଡ଼ଜାତ ଅଞ୍ଚଳରେ କନ୍ଧ, କୋଲ୍ଧ ଓ ସାନ୍ତାଳମାନେ ସବାର କାନ୍ଧେଇବା ଦେଖାଯାଏ ।]

ସବାରି ଭିଡ଼ିବା—ଦେ· କି-ବେହେରାମାନେ କାନ୍ଧେଇ ଦେଇ ଚଲାଉଥିବା ସବାରକୁ ପାଳ୍କୀ ରାଖି ଏକସ୍ଥାନରେ ରଖିବା—To stop a moving Pālki and set it down at a place. Sabāri bhirdibā **सवारी रखना**

ସବାରି ହାତୀ—ଦେ ବି. ପୁଂ—ସେଉଁ ହାତୀ ରାଜାଙ୍କର ବା ଅନ୍ୟାନ୍ୟ ବଶିଷ୍ଠ ଲୋକଙ୍କ ଅରୋହଣାର୍ଥ ବ୍ୟବହୃତ ହୁଏ— ସଓୟାରୀ ହାତୀ An elephant which is used by a Raja or high official for riding. Sabāri hāti **सवारी हाथी** (ସବାର ହାତୁଣୀ—ସ୍ତ୍ରୀ) [ଦ୍ର—କେତେକ ହାତୀ ଗୃହଲକ୍ଷ୍ମୀଙ୍କ ଭାଙ୍କ ପିଠି ଏପର ଦୋହ୍ଲୋଲେ ଯେ, ସେଥିରେ ଅରୋହୀଙ୍କ ଶଙ୍କର ଖୁବ୍ ଦୋହ୍ଲୋଲେ । ଏପର ହାତୀର ଅରୋହଣ କ୍ଲାନ୍ତିପ୍ରଦ । ଗୋଟିଏ ଗୋଟିଏ ହାତୀ ଗୃହଲକ୍ଷ୍ମୀଙ୍କ ପିଠି ସାମାନ୍ୟ ଦୋହ୍ଲୋଲେ ଓ ସେମାନଙ୍କ ଉପରେ ଅରୋହଣ କରିବା ଅସୁବିଧାଜନକ ।]

ସବାରି ହେବା—ଦେ. କି—ସବାର ହେବା (ଦେଖ) Sabāri hebā Sabāra hebā (See)

ସବାରୀ—ପ୍ରାଦେ. (ଲକ୍ଷଣା) ବଣ—ଇଜମାଲି Sabārī Joint.

ସବା(ବା)ଲ୍—ବୈଦେ. ବି.(ତତ୍ସମ)—(ଫା.ସଓ୍ୱାଲ୍)—୧। ପ୍ରଶ୍ନ—ସଓୟାଲ ପକ୍ଷରୁ ଲେଖିକରି ପଚାରିବା ପ୍ରଶ୍ନ—2. Interrogatory submitted to court by one party to be served on the opposite party in a case. Sabā(wā)l **सवाल**

ସବାଲ୍ କରିବା—ଦେ. କି (ତତ୍ସମ)—ପ୍ରଶ୍ନ କରିବା Sabāl karibā To question. (ସବ୍ୟାଲ୍ ଦେବା—ଅନ୍ୟରୂପ) ସଓୟାଲ କରା **सवाल करना**

ସବାଲ୍ ଜବାବ୍—ବୈଦେ (ଫା.) ବି. (ତତ୍ସମ)—୧। ପ୍ରଶ୍ନୋତ୍ତର—ସଓୟାଲ ଜବାବ ମକଦ୍ଦମାରେ ଉଭୟ ପକ୍ଷରୁ ପ୍ରମାଣ ଦର୍ଶାଇବା ପରେ ଉଭୟ ପକ୍ଷର ଓକିଲଙ୍କ ବାଦାନୁବାଦ— Sabāl jabāb 1. Question and reply. **सवाल जवाब** 2. The argument of the pleaders of both sides after evidence is taken.

ସବାଲ୍ ଫରଦ୍(ର୍ଦ)—ବୈଦେ(ଫା)ବି.(ତତ୍ସମ)—ଯେଉଁ କାଗଜରେ ସଓୟାଲ ଫର୍ଦ୍ଦ ପ୍ରଶ୍ନମାନ ଲେଖାଥାଏ—A sheet containing the interrogatories put by one party to the other. Sabāl pharad(pharda) **सवाल फरद्**

ସବାଲିଆ(ୟା)—ଦେ· ତଣ ପୁଂ—ପ୍ରଶ୍ନକାରୀ Sabāliā(yā) Questioning; interrogating. ସଓୟାଲକାରୀ **सवाल करनेवाला** [ସବାଲ(ଲ୍)—ସ୍ତ୍ରୀ]

ସବା(ଭା) ଶଅ(ହ୍ର)—ଦେ.ବି ଓ ବଣ(ସଂଖ୍ୟାବାଚକ; ସଦାଦ+ଶତ)—ଏକ ଶତ ପଚିଶ—One hundred twenty five. Sabā(wā) sa·a(ha) ସଓୟାଶତ **सवासौ**

ସବାସ—ବି. ତଣ—(ସ=ସହିତ+ବାସ=ଗନ୍ଧ, ଗୃହ; ଦ୍ୱୋର୍ଥ ବହୁବ୍ରୀ)—୧। ଗନ୍ଧଯୁକ୍ତ—1. Having smell; scented. ୨। ଗୃହଯୁକ୍ତ—2. Having a habitation. ୩। ଗୃହସ୍ଥ—3. Having a household; householder. ଦେ· ବଣ—(ଫା. ସବାସାଃ)—ସବାସା (ଦେଖ)—Sabāsā (See) Sabāsa ବହୁବ୍ରୀ)

ସବାସା(ସାଃ)—ଫା. ବଣ·—(ସ=ସହିତ+ବାସସ୍=ବସ୍ତ୍ର; ସବାସସ୍ ଶବ୍ଦର ୧ମା. ୧ବ·)—ସବସ୍ତ୍ର (ଦେଖ)—ସବା ସାନ—ଦେ. ବଣ—ସମସ୍ତଙ୍କ ମଧ୍ୟରେ ସାନ—Youngest or smallest of all. Sabā sāna [ଦ୍ର—ଯୁଧିଷ୍ଠିର ଓ ସବାସାନ ଦୁଇଜଣ, ଯେଉ ଦ୍ରୋଣଠାରୁ ଅସ୍ତ୍ରିଲେ ସବସେନ୍ଥୋଟା ବେଗେ ଧାଇଁ । —କୃଷ୍ଣସିଂହ ମହାପ୍ତରଭ । ଖୁଣ୍ଟ]

ସବାହ୍ୟାନ୍ତଃକରଣ—ବି·· ବଣ (ଦ୍ୱନ୍ଦ୍ୱ ଓ ସତ୍ତାର୍ଥ ବହୁବ୍ରୀହି; ବାହ୍ୟ+ଅନ୍ତଃକରଣ) ଅନ୍ତଃକରଣ ସହିତ ବାହ୍ୟମାନ—With the body and mind. Sabāhyāntaḥkaraṇa

ସବାହ୍ୟାଭ୍ୟନ୍ତର—ବି. ବଣ (ଦ୍ୱନ୍ଦ୍ୱ ଓ ସତ୍ତାର୍ଥ ବହୁବ୍ରୀହି)—ବାହାର ଓ ଭିତରର ସହିତ—Including outside and inside. Sabāhyābhyantara

ସବୁ—ଗ୍ରା. ସର୍ବନାମ—(ସଂ. ସର୍ବ)—ସମସ୍ତେ; ସମସ୍ତ—All. Sabi ସବୁ ସବୁଏ **सब**

ସବୁଏ—ଦେ· ସର୍ବନାମ—(ବହୁବଚନ ସବୁେ)—୧। ସମସ୍ତ—Sabie 1. All. ୨। ପ୍ରତ୍ୟେକ ବ୍ୟକ୍ତି—2. Every one.

ସବ୍‌କଲ୍ପ—ସଂ. ବଣ·—(ସ=ସହିତ+ବିକଳ୍ପ)—ଦ୍ୱୈଧଜ୍ଞାନଯୁକ୍ତ; Sabikalpa ସନ୍ଦିଗ୍ଧ—Sceptic. ବି.—୧। (ବେଦାନ୍ତ) (ସବିକଲ୍ପକ—ଅନ୍ୟରୂପ) ଜ୍ଞାତା ଓ ଜ୍ଞେୟର ଭେଦଜ୍ଞାନ—1. The

Digitized by srujanika@gmail.com

knowledge of the individual existence of the knower and the knowable. ୨ । (ନ୍ୟାସ୍ପଦର୍ଶନ) ବିଶେଷଣ(ଗୁଣ)ଯୁକ୍ତ ବିଶେଷ୍ୟ(ବସ୍ତୁ)ର ଜ୍ଞାନ —2. (Logic) Knowledge of a thing with its attribute. ୩ । (ଯୋଗଶାସ୍ତ୍ର) ସମାଧିବିଶେଷ—(Jōga) A kind of deep meditation. [ଦ୍ର— ସବିକଳ୍ପ ଓ ନିର୍ବିକଳ୍ପ ଭେଦରେ ସମାଧି ଦୁଇ ପ୍ରକାର। ଯେଉଁ ସମାଧିରେ କୌଣସି ଗୋଟିଏ ଆଲମ୍ବନ ଥାଏ ତାକୁ ସବିକଳ୍ପ ବା ସଗୁଣ ସମାଧି କହନ୍ତି— ବିଶ୍ୱକୋଷ ।]

ସବିକାର—ଶ. ବିଣ (ସଦ୍ଭାର୍ଥ କହୁବ୍ରୀହି)—୧ । ବିକାରଯୁକ୍ତ— Sabikāra 1. Having transformation. (ସବିକାର—ସ୍ତ୍ରୀ) ୨ । ଚଞ୍ଚଳକାର ବିଶିଷ୍ଟ—2. Having change or agitation of mind.

ସବିକାଶ(ଶ)—ଶ. ବିଣ (ସଦ୍ଭାର୍ଥ କହୁବ୍ରୀହି; ସ+ବିକାଶ)— Sabikāsa(śa) ୧ । ବିକାଶ ପ୍ରାପ୍ତ; ପ୍ରସାରିତ; ଅସଙ୍କୁଚିତ— 1. Expanded. ୨ । ପ୍ରଫୁଲ୍ଲ; ବିକଶିତ—2. Full-blown.

ସବିଗ୍ରହ—ଶ.ବିଣ (ସଦ୍ଭାର୍ଥ କହୁବ୍ରୀହି; ସ=ସହ+ବିଗ୍ରହ=ଶରୀର)— Sabigraha ୧ । ମୂର୍ତ୍ତିମାନ୍; ଦେହ ବିଶିଷ୍ଟ; ସଶରୀର— 1. Embodied; corporeal. ୨ । ରୂପ ବିଶିଷ୍ଟ— 2. Having a form or shape. ୩ । ଦେବମୂର୍ତ୍ତି ସହ ବିଦ୍ୟମାନ—3. Accompanied by the image of a Deity. ୪ । (ବ୍ୟାକରଣ) ସମାସଯୁକ୍ତ ବା ସମସ୍ତ (ପଦ)—4. (a word) Formed by compounding several words. ୫ । ଅର୍ଥଦ୍ୟୋତକ —5. Signifying a meaning. ୬ । ତାତ୍ପର୍ଯ୍ୟ-ସୂଚକ—6. Indicative of a purport; denotative.

ସବିଙ୍କ—ଦେ. ସର୍ବନାମ—ସମସ୍ତଙ୍କର—Of all. [ଜ—ଏକତାର Sabiṅka ଚିହ୍ନ ଯାଜ୍ ନାହିଁ ଦେଖା ବୁଥା ଅହଂକାର ସବିଙ୍କର (ସବିଙ୍କର—ଅନ୍ୟରୂପ) ସଙ୍ଗା—ଭାଗଣୀତରଣ. ରାଷ୍ଟ୍ରିକୁଲ୍ୟା ।] ସବାର, ସବାକାର सबका

ସବିଙ୍କି(ଙ୍କୁ)—ଦେ. ସର୍ବନାମ—ସମସ୍ତଙ୍କୁ—To all. [ଜ—ଏଞ୍ଚଣି Sabiṅki(ṅku) ସବିଙ୍କି ପେଟିବି ଯମସୂତ୍ର, ବସିବି ଅସି ପୁଣି ସକଳକେ, ସବାଇକେ ଡୋରେ ଡୋଳେ ଧର୍। କୃଷ୍ଣସିଂହ. ମହା- सबको ଭାରତ. ବନ ।]

ସବିଜ୍ଞାନ—ଶ. ବିଣ (ସ=ସହ+ବିଜ୍ଞାନ)—ବିଜ୍ଞାନ ସହିତ— Sabijñāna With science; with special knowledge.

ସବିଡ଼ାଲମ୍ବ—ଶ. ବି—ଉତ୍ସବାଦି ବା କୌତୁକ ନାଟକ ଭେଦ (ଭରତ Sabiḍālambha ନାଟ୍ୟ ଶାସ୍ତ୍ର)—A kind of jestive dancing or acting.

ସବିତା—ଶ. ବିଣ. ପୁଂ [ସୂ ଧାତୁ=(ସଙ୍କଳ୍ପେକ) ପ୍ରସବ କରିବା+ତୃଚ୍ Sabitā ତୃ, ସବିତୃ ଶବ୍ଦ; ୧ମା. ୧ବ)—୧ । ଜନୟିତା— (ସବିତ୍ରୀ—ସ୍ତ୍ରୀ) 1. Begetting; giving birth. ୨ । ସୃଷ୍ଟା —2. Creating. ବି—୧ । ସୂର୍ଯ୍ୟ—1. The sun. ୨ । ଜଗତର ସୃଷ୍ଟା; ଈଶ୍ୱର—2. God. [ଦ୍ର— ଋଗ୍ବେଦରେ ସବିତାଙ୍କୁ ଅଦଦେବ ରୂପେ ଅନ୍ତର୍ଯ୍ୟତ; ବ୍ରାହ୍ମଣାଦ ବର୍ଣ୍ଣି ଜଯିର ମୂଳ ଗାୟତ୍ରୀ ମନ୍ତ୍ରରେ ସବିତାଙ୍କୁ ଉପାସିତ—(ବିଶ୍ୱକୋଷ) । ଗାୟତ୍ରୀର ଧ୍ୟାନରେ ନାରାୟଣଙ୍କୁ ସବିତୃମଣ୍ଡଳମଧ୍ୟବର୍ତ୍ତୀ ପଦ୍ମାସନସନ୍ନିବିଷ୍ଟ ରୂପେ କଳ୍ପନା କରି ଯାଇଅଛି ।] ୩ । ଅର୍କ ବୃକ୍ଷ—3. A plant; Calotropis Gigantea.

ସବିତୃ—ଶ. ବିଣ ଓ ବ (ଶବ୍ଦ)—ସବିତା (ଦେଖ) Sabitṛu Sabitā (See)

ସବିତୃତନୟ—ଶ. ବ (୬ଷ୍ଠୀ ତତ୍)—ଶନି ଗ୍ରହ— Sabitṛu tanaya The planet Saturn. (ସବିତୃ ପୁତ୍ର, ସବିତୃ ସୁତ—ଅନ୍ୟରୂପ)

ସବିତୃଦୈବତ—ଶ. ବ (ସବିତା ଅଟନ୍ତି ଦୈବତ=ଦେବତା, ଯେଉଁ Sabitṛu daibata ନକ୍ଷତ୍ରର; ବହୁବ୍ରୀହି)—ହସ୍ତା ନକ୍ଷତ्र— The 13th asterism.

ସବିତୃମଣ୍ଡଳ—ଶ. ବ (ସବିତୃ+ମଣ୍ଡଳ; ୬ଷ୍ଠୀ ତତ୍)—ସୂର୍ଯ୍ୟ ମଣ୍ଡଳ. Sabitṛu maṇḍala The circumference or halo of the sun; the solar sphere; the orb of the sun.

ସବିତ୍ରିୟ—ଶ. ବିଣ (ସବିତୃ+ଇୟ)—ସୂର୍ଯ୍ୟ ସମ୍ବନ୍ଧୀୟ (ବିଶ୍ୱକୋଷ)— Sabitriya Solar; relating to the sun.

ସବିତ୍ରୀ—ଶ.ବିଣ.ସ୍ତ୍ରୀ (ସୂ ଧାତୁ+ତୃ+ସ୍ତ୍ରୀ.ଈ)—ଜନୟିତ୍ରୀ; ପ୍ରସୂତି— Sabitrī (female) Begetting; giving birth to. ବି. ସ୍ତ୍ରୀ—୧ । ଜନନୀ; ମାତା—1. Mother. ୨ । ଗାଈ —2. Cow.

ସବିଦ୍ୟ—ଶ. ବିଣ. ପୁଂ (ସ=ସହିତ+ବିଦ୍ୟା; ସଦ୍ଭାର୍ଥ କହୁବ୍ରୀହି)— Sabidya ବିଦ୍ୱାନ୍; କୃତବିଦ୍ୟ—Learned; educated. (ସବିଦ୍ୟା—ସ୍ତ୍ରୀ)

ସବିଧ—ଶ. ବିଣ (ସ=ସମାନ ଅର୍ଥେ ବିଧା=ପ୍ରକାର ଯାହାର; Sabidha ବହୁବ୍ରୀହି)—୧ । ସଦୃଶ—1. Similar. ୨ । ସନ୍ନିହିତ; ନିକଟ—2. Contiguous; near.

ସବିଧାନ—ଶ. ବିଣ (ସ=ସହିତ+ବିଧାନ; ବହୁବ୍ରୀହି)—ବିଧିପୂର୍ବକ— Sabidhāna (ସବିଧି—ଅନ୍ୟରୂପ) With all the formalities.

ସବିନୟ—ଶ. ଣେ (ସ=ସହ+ବିନୟ; ବହୁବ୍ରୀହି) —ବିଗତ; ବିନୟ- Sabinaya ଯୁକ୍ତ—With modesty; modest; res- [ସବିନତ—ଅନ୍ୟରୂପ] pectful, କି. ବିଣ—ବିନୟ ସହକାରେ (ସବିନୟ—ଅଶୁଦ୍ଧରୂପ) Modestly; respectfully.

ସବିନୟ ନିବେଦନ—ଶ. ବ (କର୍ମଧା)—ବିନୟ ସହକାରେ ଅନୁରୋଧ Sabinaya nibedana —Respectful request; (ସବିନୟ ପ୍ରାର୍ଥନା—ଅନ୍ୟରୂପ) respectful solicitation.

Digitized by srujanika@gmail.com

ସବନସ୍ୟ ନବେଦନ ମିଦଂ—ସ. ବାକ୍ୟ—ଚଠି ଲେଖିବା ଆଦ୍ୟରେ Sabinaya nibedana midam ଶିରୋନାମାରେ ଲେଖାଯିବା ବାକ୍ୟ; ଏଥିର ଅର୍ଥ—"ଏହା ମୋର ସବନସ୍ୟ ନବେଦନ ଅଟେ"—A phrase written at the beginning of a letter meaning "This is my respectful solicitation".

ସବରାମ—ସଂ. ବଣ (ସ=ସହିତ+ବରାମ=ବିଚ୍ଛେଦ, ନବୁଝି; Sabirāma. ବହୁବ୍ରୀ)—୧ । ବରାମଯୁକ୍ତ—1. Remittent; (ବଯତ୍ୱିତ—ଅବରାମ) intermittent. ୨ । ବିଚ୍ଛେଦ ବିଶିଷ୍ଟ—2. Having separation or space.

ସବରାମ ଜ୍ୱର—ସଂ. ବ (ବୈଦ୍ୟକ)—ଯେଉଁ ଜ୍ୱର ମଝିରେ ମଝିରେ Sabirāma jwara ଛାଡ଼ିଥାଏ ଓ ପୁଣି ଆକ୍ରମଣ କରେ—Remittent fever; intermittent fever.

ସବିଶେଷ—ସଂ. ବଣ (ସ=ସହ+ବିଶେଷ)—୧ । ଅତ୍ୟନ୍ତ—Sabiśesha 1. Excessive. ୨ । ବିସ୍ତାରିତ—2. Detailed. ୩ । ବିଶେଷ ପ୍ରକାରର—3. Of a particular kind; special; particular. କି. ବ—୧ । ବିଶେଷ ରୂପେ—1. Particularly; specially. ୨ । ବିସ୍ତାରିତ ବିବରଣ ସହ—2. In detail.

ସବିସ୍ତା(ସ୍ତା)ର—ସଂ. ବଣ (ସ=ସହ+ ସ୍ତର=ବିସ୍ତୃତ; ବହୁବ୍ରୀ)—Sabista(stā)ra ୧ । ବିସ୍ତାରିତ—1. Detailed. ୨ । ଅଳ୍ପଖିଣ୍ଡ—2. Not very abridged. ୩ । ବାହୁଲ୍ୟଯୁକ୍ତ—3. Exaggerated.

ସବିସ୍ତାରିତ—ଦେ. ବଣ (ଅଶୁଦ୍ଧ ପ୍ରୟୋଗ)—ସବିସ୍ତର (ଦେଖ) Sabistārita Sabistara (See) (ସବିସ୍ତୃତ—ଅନ୍ୟ ଅଶୁଦ୍ଧରୂପ)

ସବିସ୍ତୃତି—ସ. ବଣ (ସହାର୍ଥ ବହୁବ୍ରୀ; ସ=ସହ+ବିସ୍ତୃତ)—ସବିସ୍ତର; ବିସ୍ତୃତ ସହିତ; ବିସ୍ତାରିତ— Sabistṛuti Detailed; minute.

ସବିସ୍ମୟ—ସ. ବଣ. ପୁଂ (ସ=ସହ+ବିସ୍ମୟ; ବହୁବ୍ରୀ)—୧ । Sabismaya ଆଶ୍ଚର୍ଯ୍ୟ; ବିସ୍ମିତ—1. Wondering; astonished. ୨ । ବିସ୍ମୟ ସହକାରେ—2. With wonder or amazement. କି. ବଣ—ବିସ୍ମିତଭାବରେ—With wonder; in an astonished manner. (ବହୁବ୍ରୀ—ସ୍ତ୍ରୀ)

ସବିସ୍ମୟେ—ଦେ. କି. ବଣ (ସ. ସବିସ୍ମୟଂ)—ବିସ୍ମିତ ଢଙ୍ଗରେ— Sabismaye In an astonished manner; with astonishment. ସବିସ୍ମୟରେ **सविस्मय**

ସବିସ୍ମିତ—ଦେ. ବଣ (ଅଶୁଦ୍ଧ)—ସବିସ୍ମୟ (ଦେଖ) Sabismita Sabismaya (See)

ସବୁହେ(ହେଁ)—ଦେ. ସର୍ବନାମ—ସମସ୍ତେ; ସମସ୍ତେ—All; one and Sabihe(heñ) all. [ଉ—ଦେହ ଛାଡ଼ି ମୋର ସବୁହେ ସବାଇ **सबकोइ** ଅଇଲେ— ଶିଶୁଶଙ୍କର. ଉଷାଅଉଳାଖ ।]

ସବୁଜ—ସ. ବଣ (ସହାର୍ଥ ବହୁବ୍ରୀ; ସ+ବଜ) —ବାଜ ସହିତ Sabīja ବର୍ତ୍ତମାନ—With the Bīja or seed.

ସବୀର୍ଯ୍ୟ—ସ. ବଣ (ସହାର୍ଥ ବହୁବ୍ରୀ; ସ+ବୀର୍ଯ୍ୟ)—ବୀର୍ଯ୍ୟବିଶିଷ୍ଟ— Sabīrjya Having Bīrjya.

ସବୁ—ଦେ. ସର୍ବ ନାମ (ସଂ. ସର୍ବ)—୧ । ସର୍ବ—1. All. [ଉ—ସବୁ ଷ୍ଟେ ଅଷ୍ଟେ ସେ ଢୋଇଲେ କୁଶଳ—କୃଷ୍ଣବିଂଶ. ସବୁଇ ମହାଶ୍ୱରଉ. ଥଦ ।] ୨ । ଅନ୍ୟ ଶବ୍ଦ ପରେ ବହୁବଚନାର୍ଥରେ ବ୍ୟବହୃତ ପଦାଂଶ—2. Signifying plural number when used after words. [ଦ୍ର—ସବୁ ଲୋକ=ସମସ୍ତ ଲୋକ; ଲୋକ ସବୁ= ଲୋକମାନେ ।] **सब**

ସବୁ କରି—ଦେ. ଅ—ସର୍ବମୋଟ; ସବୁ ମିଶାଇଲେ—In all. Sabu kari ସର୍ବମୋଟ, ସବ ଜଡ଼ିଲେ **सब मिलाकर**

ସବୁଙ୍କର(ରି)—ଦେ. ସର୍ବନାମ—ସମସ୍ତଙ୍କର—Of all. [ଉ—ସବାର, ସବାକାର **सबका** Sabuṅkara(ri) ସବାଙ୍କେ ଶୁକଳ ବଣେ ସବୁଙ୍କର କାଏ—ପ୍ରାଚୀ. ବ୍ରହ୍ମକରୁପଣ ଗୀତା ।]

ସବୁଙ୍କୁ—ଦେ. ସର୍ବନାମ—ସବୁକି; ସମସ୍ତଙ୍କୁ—To all persons. Sabuṅku [ଉ—ଭୂତମାନଙ୍କୁ ଦଢାରବ, ସବୁଙ୍କୁ ଈଥର କହିବ ସବାଇକେ **सबको** ଭୂତଉ. ପ୍ରେମପଞ୍ଚାମୃତ ।]

ସବୁଜ(ଜା)—ବୈଦେ. (ଫା) ବ (ଫା. ସବ୍‌ଜା)—ଶାଗୁଆ ରଙ୍ଗ; Sabuja(jā) ଦୂରଦ୍‌ବର୍ଣ୍ଣ; ଗଛପତ୍ରର ବର୍ଣ୍ଣ—Green colour; ସବୁଜ **सवजा** emerald. ବଣ—ଶାଗୁଆ; ଦୂରତ୍ୱ— Green.

ସବୁ ଜାଣ—ଦେ. ବଣ (ସ. ସର୍ବଜ୍ଞ)—ସର୍ବଜ୍ଞାଣ; ସର୍ବଜ୍ଞ— Sabu jāṇa Omniscient. ସବ ଜାନ୍ତା **सब जाननेवाला**

ସବୁ ଜାଣତା(ନ୍ତା)—ଦେ. ବଣ (ବ୍ୟଙ୍ଗ୍ୟ. ସଂ. ସର୍ବଜ୍ଞ)—ସବ୍‌ଜାନ୍‌ତା; Sabu jāṇatā(ntā) ସର୍ବଜ୍ଞ—Omniscient; all-knowing. ସବ ଜାନ୍ତା **सब जाननेवाला** (ସବୁ ଜାନ୍‌ତା—ଅନ୍ୟରୂପ)

ସବୁଜି—ବୈଦେ. ବ (ଫା. ସବ୍‌ଜି)—୧ । ସାଗୁଆ ବସ୍ତୁ—1. A Sabuji green thing. ୨ । ବୃକ୍ଷଲତାଦି—2. Trees and plants. ୩ । ଶାକାଦି ରନ୍ଧିବା ପତ୍ର— 3. Kitchen vegetables. ସବୁଜି **सबजी**

ସବୁଠା(ଠାଁ)ରୁଁ—ଦେ. ସର୍ବନାମ—ସବୁଠୁଁ (ଦେଖ)— Sabuṭha(ṭhā)uñ Sabuṭhuñ (See) ସବଥେକେ **सबसे**

ସବୁଠା—ଦେ. ସର୍ବନାମ (ସଂ. ସର୍ବ ଓ ସ୍ଥାନ)—ସବୁ ଜାଗା; ସବୁ Sabuṭhā ସବ ଜାୟଗା **सब जगह** ସ୍ଥାନ—All places.

ସବୁଠାଈଁ—ଦେ, ସର୍ବନାମ (ସଂ. ସର୍ବସ୍ମିନ୍‌ସ୍ଥାନେ)—ସବୁଠି (ଦେଖ) Sabuṭhāiñ ସବଠାଇଁ **सब जगह** Sabuṭhiñ (See)

ସବୁଠାକୁ—ଦେ. ସର୍ବନାମ—ସବୁ ସ୍ଥାନକୁ—To all places. Sabuṭhāku ସବ ଜାୟଗାୟ **सब जगहको**

Digitized by srujanika@gmail.com

ସବୁଠାରୁ—ଦେ. ସର୍ବନାମ—୧ । ସବୁ ସ୍ଥାନରୁ—1. From all Sabuṭhāru places. ୨ । ସର୍ବାପେକ୍ଷା—2. Than all. ସବ ଜାୟଗାଥେକେ, ସବାଚ୍ଛେ **सबजगहसे, सबसे**

ସବୁଠାରେ—ଦେ. ସର୍ବନାମ—ସବୁ ସ୍ଥାନରେ—At all places. Sabuṭhāre ସବ ଜାୟଗାୟ **सब जगहमें**

ସବୁଟିଁ(ଠି)—ଦେ. ସର୍ବନାମ—ସବୁଠାରେ—At all places. Sabuṭhiñ(ṭhi) ସବ ଜାୟଗାୟ **सब जगहमें**

ସବୁଠିକା—ଦେ. ସର୍ବନାମ—ସବୁ ସ୍ଥାନର—Of all places. Sabuṭhikā ସବ ଜାୟଗାର **सब जगहका** (ସବୁଁକାର—ଅନ୍ୟରୂପ)

ସବୁଠିକ(କୁ)—ଦେ. ସର୍ବନାମ—ସବୁ ସ୍ଥାନକୁ—To all places. Sabuṭhiki(ku) ସବ ଜାୟଗାୟ **सब जगहको**

ସବୁଠୁଁ(ଠୁ)—ଦେ. ସର୍ବନାମ—୧ । ସବୁଠାରୁ; ସବୁ ସ୍ଥାନରୁ—Sabuṭhuñ(ṭhu) 1. From all places. ୨ । ସର୍ବାପେକ୍ଷା—2. Than all; of all. [ଉ—ସବସେ ଭଲ। ସବୁଠୁଁ ସାର, ମଲେ ଦାଣ୍ଡ କୁଣ୍ଢେରୁ ବାଡ଼ାର—ଉଗ ।] ସବାଚ୍ଛେ

ସବୁଠେଇଁ—ଦେ. ସର୍ବନାମ—୧ । ସର୍ବସ୍ଥାନରେ—1. At all Sabuṭheiñ places. ୨ । ସବୁ ଦେଶରେ—2. In all ସବ ଜାୟଗାୟ **सब जगहमें** countries.

ସବୁତ୍—ବୈଦେ. ବ (ଅ ସ୍ୱରୁତ୍)—୧ । ପ୍ରମାଣ—1. Proof. Sabut ୨ । କାରଣ—2. Cause. ବୈଦେ. ବଣ—ସାବୁଦ **सबूत, सुबूत** ପ୍ରମାଣିତ—Proved.

ସବୁଥି—ଦେ. ସର୍ବନାମ—ସବୁ ବିଷୟ—All things or matters Sabuthi ସବ **सबविषय**

ସବୁଥିକ(କୁ)—ଦେ. ସର୍ବନାମ—୧ । ସବୁ ସ୍ଥାନକୁ—1. To all Sabuthiki(ku) places. ୨ । ସବୁ ବିଷୟ ପ୍ରତି—ସବ ବିଷୟେ 2. For all matters. ୩ । ସବୁ କାର୍ଯ୍ୟକୁ—**सबकेलिये** 3. To all works.

ସବୁଥିରୁ—ଦେ. ସର୍ବନାମ—୧ । ସବୁ ବିଷୟରୁ—1. From all Sabuthiru matters. ୨ । ସବୁ ବସ୍ତୁରୁ—2. From all ସବଥେକେ things. ୩ । ସବୁ କାର୍ଯ୍ୟରୁ—3. From all **सबसे** works. ୪ । ସର୍ବାପେକ୍ଷା—4. Than all.

ସବୁଥିରେ—ଦେ. ସର୍ବନାମ—୧ । ସର୍ବତଃ; ସବୁଠାରେ—1. In all Sabuthire places. ୨ । ସବୁ ବିଷୟରେ; ସବୁ କଥାରେ—ସବଜାୟଗାୟ, ସବାତେ **सबमें** 2. In all matters.

ସବୁ ଦିନ—ଦେ. ବ—୧ । ସବୁବେଳ—1. All times. ୨ । Sabu dina ପ୍ରତିଦିନ—2. Everyday. ବି. ଅ—୧ । ସବସମୟ ସବୁ ଦିନରେ; ସବୁ କାଳରେ—1. At all times. **सब दिन** ୨ । ପ୍ରତିଦିନ—2. Daily.

ସବୁନ୍ତି—ଦେ. ସର୍ବନାମ (ସ. ସର୍ବ)—୧ । ସମସ୍ତେ—1. All- ୨ । Sabunti ସବୁକି; ସମସ୍ତଙ୍କୁ—2. To all. ଗ୍ରା. ସର୍ବନାମ—ସବାଇ ସମସ୍ତଙ୍କର; ସବୁର—Of all. (ଉ—ଏହୁମଚ ସବୁନ୍ତି **सबको** ସ୍ୱର୍ଗ, ସୁକୃତୀକେ ଭୁଜ ମୁଗକେ ମୁଖ । ଗ୍ରାଚୀ. ରହସ୍ୟମଞ୍ଜସ୍ୟ ।)

ସବୁ ପ୍ରତିକ(କୁ)—ଦେ. ଅ—ସମସ୍ତଙ୍କ ଅପେକ୍ଷା—Of all. (ଉ—Sabupratiki(ku) କୃଷ୍ଣଙ୍କ ସବୁପ୍ରତିକ ବଡ଼ ଭାୟା। ସବଚେୟେ **सबसे** କୃଷ୍ଣସିଂଦ. ମହାଭାରତ. ବଳ ।)

ସବୁ ବେଳ—ଦେ. ସର୍ବନାମ (ସ. ସର୍ବ ଓ ବେଳା)—ସର୍ବକାଳ—Sabu bela All times. ସବ ସମୟ **सब समय**

ସବୁବେଳେ—ଦେ. କି. ବଣ—୧ । ସର୍ବଦା—1. Always. ୨ । Sabubele ସତତ—2. Constantly. ୩ । ଅଧିକାଂଶ ସବ ସମୟେ **सब समयमें** ସମୟରେ—3. Very often.

ସବୁମତେ—ଦେ. ଅ—ସବୁ ପ୍ରକାରେ—In all respects. (ଉ—Sabumate ସେ ସବୁ ମତରେ ସୁରୂପ ବୋଲାଉଛି। କୃଷ୍ଣସିଂଦ (ସବୁ ମତରେ—ଅନ୍ୟରୂପ) ମହାଭାରତ. ସଭା ।) ସବ ରକମେ **सब तरहसे**

ସବୁର୍—ବୈଦେ. ବ (ଫା. ସବର୍; ସବୁର୍)—୧ । ଅପେକ୍ଷା Sabur କରିବା—1. Waiting. ୨ । ଧୈର୍ଯ୍ୟ—2. Pati- ସବୁର ence. ୩ । ସହ୍ୟଶୀଳତା—3. Fortitude; forbear- **सबूर** ance. ବଣ—ଧୈର୍ଯ୍ୟଶୀଳ—Patient. ଅ—୧ । ଅଯି ଧର—1. (Interjection) Be patient! ୨ । ବନ୍ଦ କର! ଛାଡ଼ ଦୁଅ! - 2. Stay! stop!

ସବୁର୍ କରିବା—ଦେ. ବ—୧। ଧୈର୍ଯ୍ୟ ଧରିବା—1. To forbear; Sabur karibā to have patience. ୨ । କାଳ ଅପେକ୍ଷା ସବୁର କରା କରିବା—2. To bide one's time. ୩ । **सबूर करना** ଧୈର୍ଯ୍ୟସହକାରେ ଅପେକ୍ଷା କରିବା—3. To wait patiently. ୪ । ଚଳନ ଢେଉ ବା; କୌଣସି କାର୍ଯ୍ୟ ବନ୍ଦ କରିବା—4. To stop; to cease.

ସବୁର୍ ଗଛରେ ମେଉଁଆ ଫଳେ—ଦେ. ଛଗ—ହିନ୍ଦର 'ସବୁର୍ ତା ସବୁରେ ମେଓୱା ଫଳ୍‌ତା' ସବୁରେ ମେଓୱା ଫଳେ ପ୍ରବଚନର ଅନୁବାଦ)—ଧୈର୍ଯ୍ୟଶୀଳ ବ୍ୟକ୍ତି **सबुरके पेड़में मेवा फलताहै** ସୁଫଳ ଲାଭ କରେ—A patient man gets a good reward. [ଦ୍ର—ମେଉଁଆ=ସୁମିଷ୍ଟ କାନୁଲ ଫଳ। ଧୈର୍ଯ୍ୟ ସହକ ଅପେକ୍ଷା କଲେ ମେଉଁଆ ପରି ସୁମିଷ୍ଟ ଫଳ ଲାଭ ହୁଏ ।]

ସବୁର୍ ସହିବା—ଦେ. କି—କାଳ ବିଳମ୍ବ ସମ୍ଭାଳିବା—Sabur sahibā To brook delay. ସବୁର ସହା **सबुर करना**

ସବୁରାତ୍—ବୈଦେ. ବ (ଫା. ସବ୍‌ରାତ୍)—ସବୁର୍ (ଦେଖ)—Saburāt Sabur (see). ସବୁର **सबुर**

ସବୁରାତ୍ କରିବା—ଦେ. କି—ସବୁର୍ କରିବା (ଦେଖ) Saburāt karibā Subur karibā. (See) ସବୁର କରା **सबुर करना**

ସବୁରାତ୍ ଦେବା—ଦେ. କି—କ୍ଷମା ଦେବା—Saburāt debā To grant remission. ରେହାଇ ଦେଓୱା **सबुर देना**

Digitized by srujanika@gmail.com

ସବୁରାତି - ଦେ· ବିଣ—୧ । ଧୈର୍ଯ୍ୟଶାଳ—1. Patient. ୨ । ସେ
Saburāti ସମସ୍ତ ଦଏ—2. Granting time. ୩ । ସେ
(ସବୁରାତିଆ[ୟା]—ଅନ୍ୟରୂପ) ଢଙ୍ଗଟ ବ୍ୟକ୍ତିଭାବ ନାହିଁ--
ସବୁରେ **ସବୁର କରନେବାଲା** 3. Of a calm temper.

ସବୁର—ଦେ. ସର୍ବନାମ. ବହୁବଚନ (ଫା. ସର୍ବନାମ 'ସବୁ' ଶବ୍ଦର ଷଷ୍ଠୀ
Saburi ବିଭକ୍ତି)—୧ । ସମସ୍ତଙ୍କର—1. Of all· (ଉ—
ସବାକାର, ସବାର, ସବାରୀ ସବୁଠୁ ସବୁର ଗୁଡି, ଯୋଷିଥିବ ଜନ
ସବକା, ସବକାଇ ବ୍ୟକ୍ତି—ବାଳକୃଷ୍ଣ, ବ୍ରଜାବୁଅ ବ୍ରାହ୍ମଣିଅ ।) ୨ । ସବୁ
ବ୍ୟକ୍ତିଙ୍କର—2. Of all persons. (ଉ—ଘରଦର
ମାଇପ ସବୁର ଶାଳୀ । ଭଗ ।)

ସବୁରଆ(ୟା)—ଦେ. ବିଣ—ସବୁରାତି (ଦେଶ)—
Saburiā(yā) Saburāti. (See)
ସବୁରେ, ଧୈର୍ଯ୍ୟଶୀଳ **ସବୁର କରନେବାଲା**

ସବୁରିଙ୍କି(ଙ୍କୁ)—ତ୍ରା· ସର୍ବନାମ ସମସ୍ତଙ୍କୁ—
Saburiṅki(ṅku) To all.
ସବାଇକେ **ସବକୋ**

ସବୁର ଠ(ଠା)ଉଁ—ଦେ. ସର୍ବନାମ—୧ । ସବୁଠୁଁ (ଦେଶ)—
Saburi ṭha(ṭhā)uñ 1· Sabuṭhuñ. (See) ୨। ସମସ୍ତଙ୍କ
(ସବୁରଠୁଁ—ଅନ୍ୟରୂପ) ଠାରୁ—2. From all. ୩ । ସମସ୍ତଙ୍କ
ସବାର କାଛଥେକେ, ସବଚେୟେ **ସଚସେ** ଅଧେକ୍ଷା; ସମସ୍ତଙ୍କ
ପକ୍ଷରେ—3. Than all; of all.

ସବୁର ଠା(ଠେ)ଇଁ—ଦେ. ସର୍ବନାମ—୧ । ସବୁଠିଁ (ଦେଶ)—
Saburi ṭhā(ṭhe)iñ 1. Sabuṭhiñ, (See) ୨ । ସମସ୍ତଙ୍କ
(ସବୁଇଠାରେ—ଅନ୍ୟରୂପ) ନିକଟରେ—2. At, near or
ସବ ଜାୟଗାୟ, ସବାର କାଛେ **ସବକେ ପାଶମେଁ** before all
persons.

ସବୁରିବା—ଦେ. କ୍ରି—ସବୁର କରିବା (ଦେଶ)
Saburibā Sabur karibā. (See)
(ସବୁର ଦିବା—ଅନ୍ୟରୂପ) ସବୁର କରା **ସବୁର କରନା**

ସବୁଲ୍—ତ୍ରାଦେ· (ଲରଅ) ସର୍ବନାମ—ସମସ୍ତ—
Sabul All.

ସବୃଦ୍ଧିକ—ସ୍ର. ବିଣ (ସ=ସହ+ବୃଦ୍ଧି+କ; ବୃଦ୍ଧି ସହିତ ବର୍ତ୍ତମାନ;
Sabṛuddhika ସହାର୍ଥ ବହୁବ୍ରୀହି)—୧ । ବୃଦ୍ଧିଯୁକ୍ତ—
1. With increase· ୨ । ସୁଦ ସମେତ—
2. With interest.

ସବୃଷ୍ଟିକ—ସ· ବ (ସହାର୍ଥ ବହୁବ୍ରୀହି; ସ+ବୃଷ୍ଟି+କ)—ବୃଷ୍ଟିସହିତ—
Sabṛushṭika Accompanied with rain

ସବେ—ଦେ. ସର୍ବନାମ—ସମସ୍ତେ—
Sabe ସବେ **ସବ** All.

ସବେଇ—ଦେ. ବ—ସବାଇ (ଦେଶ)—
Sabei Sabāi, (See)

ସବେକାଦର୍—ଦେଁଦେ· ୍ର (ଅ) ବ—ମୁସଲମାନ ରମ୍‌ଜାନ୍ ମାସର
Sabekādar ସପ୍ତବିଂଶ ଦିନ—The 27th day of the
ସବେକାଦର month of Ram-jan of the Mahomedan
ସବେକାଦ୍‌ର year.

ସବେଗ—ସ°. ବିଣ (ସ=ସହ+ବେଗ)—ବେଗବାନ୍—
Sabega With force; forceful; fleet.
ସବେଗ **ବେଗବାନ** (ସବେଗା—ସ୍ତ୍ରୀ)

ସବେ(ବି,ଭେ)ବରାତ୍—ଦେଁଦେ· ବ (ଫା· ସବ୍=ଶବ୍ଦଗ୍ଧ=ରାତ୍ରି+
Sabe(bi,bbe)barāt ଇ=ର+ବରାତ୍=ମୁକ୍ତିଦାନ;ପାପମୋଚନ,
[ସବେରାତ୍, ସବ୍‌ରାତ୍, ସବ୍‌ବେରାତ୍—ଅନ୍ୟରୂପ] ସବ୍-ଇ-ବରାତ୍=
ପାପ ମୋଚନର ରାତ୍ରି)—ମୁସଲମାନଙ୍କ ପର୍ବ-
ସବେବରାତ୍; **ସୋବରାତସ** ବିଶେଷ—Name of a Maho-
medan festival. [ଡ—ଏହି ଦିନ ରାତ୍ରିରେ
ନମାଜ ପଢ଼ିଲେ ଓ ରୋଜା ରଖିଲେ ଅର୍ଥାତ୍ ଉପବାସ
କଲେ ବହୁ ପୁଣ୍ୟଲାଭ ହୁଏ । ଏହି ଦିନ ପିତୃଲୋକଙ୍କ
ନାମରେ ଦରଦ୍ରଙ୍କୁ ଖାଦ୍ୟଦ୍ରବ୍ୟ ଦେବାର ଉପଦେଶ
ମୁସଲମାନ୍ ଶାସ୍ତ୍ରରେ ଅଛି ।]

ସବେଶ(ଷ)—ସ. ବିଣ.—ସ=[ସହ+ବେଶ (ଷ)]—୧ । ସମୀପସ୍ଥ;
Sabesa(sha) ନିକଟବର୍ତ୍ତୀ—1. Contiguous; near.
୨ । ଭୂଷିତ; ବେଶ-ସମନ୍ୱିତ — 2. Dressed;
accoutred.

ସବୋ—ତ୍ରାଦେ (ଘାଟଣା) ସର୍ବ—ସବୁ—All.
Sabo

ସବ୍ଜା (ବ୍ଜ) ଦେ. ବିଣ.—ସବୁଜ (ଦେଶ)—Sabuja (See)
Sabjā (bji)

ସବ୍‌ଜାନ୍‌ତା—ଦେ. ବିଣ.—ସବ୍‌ଜାନ୍‌ତା (ଦେଶ)—Sab·jān-tā
Sabjān-tā (See)

ସବ୍ଜି—ଦେଁଦେ. ବ.—(ଫା)—୧ । ଶାଗ ପ୍ରଭୃତି ପକ୍ଷ ପତ୍ରବା—
Sabji ସବଜୀ; **ସବଜୀ** 1. Potherbs and kitchen
vegetables· ୨ । ଗଞ୍ଜ; ସିଦ୍ଧି—2. A drink
made of the leaves of Cannabis Indica.

ସବ୍ଭା (ବ୍ଭା)—ଦେ. ବିଣ.—ସବା (ଦେଶ)—Sabā (See)
Sabbhā (bbhā)

ସବ୍ଭା(ବ୍ଭା) ଅଗ—ଦେ. ବ. ବିଣ ଓ କ୍ରି. ବିଣ—ସବା ଆଗ (ଦେଶ)
Sabbhā (bbhā) āga Sabā āga (See)
[ସବ୍ଭା (ବ୍ଭା) ଘଡ଼ ବ୍ୟବଧାନ)]

ସବ୍ଭାଇ—ଦେ. ବ—ସବାଇ (ଦେଶ)—Sabāi (See)
Sabbhāi

ସବ୍ଭା(ବ୍ଭା)ଖାଇ—ଦେ. ବ. ଓ ବିଣ—ସବାଖାଇ (ଦେଶ)
Sabbhā(bbhā)khāi Sabākhāi (See).

ସବ୍ଭା (ବ୍ଭା)·ଖିଆ—ଦେ. ବ. ଓ ବିଣ—ସବାଖିଆ (ଦେଶ)
Sabbhā(bbhā)khiā Sabākhiā (See)

ସବ୍ଭା(ବ୍ଭା)ବଡ଼—ଦେ. ବ.—୧ । ସବୁଠାରୁ ଜ୍ୟେଷ୍ଠ—1. Eldest.
Sabbhā(bbhā)barda ୨ । ବୃହତ୍ତମ—2. Biggest;
largest.

ସବ୍ଭା(ବ୍ଭା)ବାଲ—ଦେ. ବ.—ସବାବାଲ (ଦେଶ)
Sabbhā(bbhā)bāla Sabā bāla (See).

ସବ୍ଭା(ବ୍ଭା)ବାଳୁଆ—ଦେ. ବିଣ—ସବାବାଳୁଆ (ଦେଶ)
Sabbhā(bbhā)bāluā Sabābāluā (See)

Digitized by srujanika@gmail.com

ସବ୍ବା (ବ୍ବା) ସାନ—ଦେ· ବିଣ.—୧ । ସମସ୍ତଙ୍କଠାରୁ ସାନ—
Sabbā (bbhā) sāna 1. Youngest. ୨ । କ୍ଷୁଦ୍ରତମ—
ସବସେଛୋଟ; ସବସେଚ୍ଛୋଟା 2. Smallest.
[ସବ୍ବା(ବ୍ବା)ବଡ଼—ବହୁବ୍ରୀ]

ସବ୍ବା—ଦେ. ବିଣ·—(ସ. ସର୍ବ)—୧ । ସବୁ—1. All. (ଅନ୍ୟ
Sabbhā ଶବ୍ଦ ପୂର୍ବେ ଯୁକ୍ତ ହୁଏ ।) ୨ । ସମସ୍ତଙ୍କ ଅପେକ୍ଷା—
ସରୀର; ସବସେ 2. Of all; others all than. (ଯଥା—
ସବ୍ବା ବଡ଼, ସବ୍ବା ସାନ, ସବ୍ବା ଅଗ ।

ସବ୍ୟ—ଫ. ବିଣ. —(ସୂ ଧାତୁ=ପ୍ରସବ କରିବା, ପ୍ରେରଣ କରିବା +
Sabya କର୍ମ. ଯ)—୧ । ବାମ; ବାଆଁ—1. Left. ୨ ।
ଦକ୍ଷିଣ; ଡାହାଣ—2. Right. [ତ୍ର—ସବ୍ୟ ଶବ୍ଦର
ବାମ ଓ ଦକ୍ଷିଣ ଦୁଇ ଅର୍ଥ ଥିଲେ ମଧ୍ୟ ସାଧାରଣତଃ ଏହା
ବାମ ଅର୍ଥରେ ବ୍ୟବହୃତ ହୁଏ; (ବିଶ୍ୱକୋଷ)] ୩ ।
ପ୍ରତିକୂଳ—3. Contrary. ୪ । ପଶ୍ଚାତ୍—4. Hind;
back; rear; backward. ୫ । ଦକ୍ଷିଣଦିଗସ୍ଥ—
5. Southern. ୬ । ବାମ ଓ ଦକ୍ଷିଣ ଉଭୟ—
6. Both right and left. ୭ । ବାଆଁ କାନ୍ଧରେ
ପଇତାକୁ ପକାଇ କଟୀର ଡାହାଣ ଦଉକୁ ଲମ୍ବାଇବା
ପ୍ରକାରେ ପଡ଼ିଥିବା (ଯଜ୍ଞୋପବୀତ)—7. (the sacred
thread) Passed over the left shoulder
down to the right side of the waist.
ଫ. ବ (+କଞ୍ଚି. ଯ)—୧ । ବିଷ୍ଣୁ (ବିଶ୍ୱକୋଷ) —
1. Bishṇu. ୨ । ଯଜ୍ଞୋପବୀତ (ବିଶ୍ୱକୋଷ)—
2. The sacred thread. ୩ । ସୂର୍ଯ୍ୟ ବା ଚନ୍ଦ୍ର
ଗ୍ରହଣର ୧୦ ପ୍ରକାର ଗ୍ରାସ ମଧ୍ୟରୁ ଏକତମ (ବିଶ୍ୱକୋଷ)—
3. One of the ten kinds of eclipse.
୪ । ଅଙ୍ଗିରା ଋଷିଙ୍କର ଏକ ପୁତ୍ର (ବିଶ୍ୱକୋଷ)—
4. A son of a sage Aṅgirā. [ତ୍ର—ଅଙ୍ଗିରା
ଇନ୍ଦ୍ରଙ୍କୁ ପୁତ୍ର ରୂପେ ଲାଭ କରିବାକୁ କାମନା କରି
ଦେବାରାଧନ କରିଥିଲେ । ଇନ୍ଦ୍ର ତାହାଙ୍କ ପୁତ୍ର ରୂପେ ଜନ୍ମ
ଗ୍ରହଣ କରିଥିଲେ । ସେହି ପୁତ୍ର ସବ୍ୟ ନାମରେ ଖ୍ୟାତ ।
ଏ ଋଗ୍ବେଦର ୧—୫୧।୫୭ ସୂକ୍ତର ମନ୍ତ୍ରଦ୍ରଷ୍ଟା ଋଷି ।
ବିଶ୍ୱକୋଷ ।]

ସବ୍ୟ କର—ଫ. ବ (କର୍ମଧା)—୧ । ବାମ ହାତ—1. Left hand.
Sabya kara ୨ । ଉଭୟ ହସ୍ତ—2. Left and right
hands. ୩ । ଦକ୍ଷିଣ ହସ୍ତ—3. Right hand.

ସବ୍ୟ ସାଚୀ—ଫ. ବିଣ. ପୁଂ (ସବ୍ୟ=ବାମ+ସଚ୍ ଧାତୁ=ସେବଣ
Sabya sāchī କରିବା+କଞ୍ଚି. ଇନ୍; ୧ମା. ୧ବ)—
(ସବ୍ୟସଚ୍—ଅନ୍ୟରୂପ) ୧ । ଯେଉଁ ବ୍ୟକ୍ତି ବାମ ହସ୍ତ
ଦ୍ୱାରା ଶର ନକ୍ଷେପ କରେ—1. Able to
shoot an arrow with the left hand.
୨ । ଯେଉଁ ବ୍ୟକ୍ତି ଉଭୟ ହାତ ଦ୍ୱାରା ଶର ନକ୍ଷେପ
କରିବାରେ ପଟୁ—2. Ambidexterous; using
the left hand with as much facility as

ସମଦ—ସ. ବିଣ. ପୁଂ (ସତ୍ତାର୍ଥ ବହୁବ୍ରୀହି, ସ+ମଦ)—୧ । ସଦଂ— Samada 1. Proud. ୨ । ମତ୍ତତା ବିଶିଷ୍ଟ—(ସମଦା—ସ୍ତ୍ରୀ) 2. Intoxicated; furious. ୩ । କାମମଦ-(ସମଦେଭ—ହିଁ. ବିଣ. ରୂପ) ବିଶିଷ୍ଟ—3. Mad with rut (Apte). ୪ । ଅତି ଆନନ୍ଦିତ—4. Delighted; glad (Apte).

Digitized by srujanika@gmail.com

ସମଦେ—ଅ. ବି. ବଣ—ଗର୍ବସହକାରେ—Proudly.
Samade [ଉ—ସମସ୍ତ ମନ୍ତ୍ରୀ ସମଦେ କହି, ସକଳେ ଯେଉଁ ସୁଦର ନାହିଁ । ଇଙ୍ଗ. କୋଟିବ୍ରହ୍ମାଣ୍ଡସୁନ୍ଦର ।]
ସଗର୍ବେ **ଗର୍ବରେ**

ସମ ଦଣ୍ଡ—ଦେ.ବ (ଭୁଲନାଜର—ସମଦଳ=ଦୈଦଳ ଅର୍ଥ, ଯୁଦ୍ଧ)—
Sama daṇḍa ସେନା; ସୈନ୍ୟ—Army. [ଉ—ସମଦଣ୍ଡ ଯୋଜଣ ଯେ ସବନ ଅସୁଚେ, ଅଷ୍ଟମ ଦଗରୁ ସ୍ୱାମସେନ କଲ୍ଲ ବଡେ । ସାରଳା ଦାସ· ମହାଭାରତ ।]
ସମ ଦରଶନ—ତ୍ରା. ବ ଓ ବଣ (ସଦ୍ୟ) (ସ. ସମ ଦର୍ଶନ)—ସମଦର୍ଶନ
Sama daraśana (ଦେଶ)—Sama darśana (See)
ସମ ଦରଶି—ତ୍ରା. ବଣ (ସଂ· ସମଦର୍ଶୀ)—ସମଦର୍ଶୀ (ଦେଶ)
Sama daraśi Sama darśī (See)
[ଉ—ଚତୁର ସମ ସବୁ ଦୋଷରେ ରହିତ, ସମ ଦରଶିକି ସେ ଦୁଅଇ ପ୍ରାପତ । କୁଷ୍ଣସିଂହ· ମହାଭାରତ ।]
ସମଦର୍ଶନ—ସ. ବ (କର୍ମଧା)—୧ । ସବୁ ବିଷୟ ପ୍ରତି ଧୀର ବିଚାର
Sama darśana ପୂର୍ଣ୍ଣ ଦୃଷ୍ଟି—1. Moderate or calm view of every matter. ୨ । ଅପକ୍ଷପାତ ଦୃଷ୍ଟି—2. Impartial view of things. ୩ । ତତ୍ତ୍ୱ ଜ୍ଞାନ—3. Knowledge of the Essence of things. ୪ । ସବୁ ବିଷୟ ଓ ଭୂତ ପ୍ରତି ତୁଲ୍ୟ ଦୃଷ୍ଟି—4. Equal look or consideration for all.
ବଣ· ପୁଂ (ବହୁବ୍ରୀ ହି; ସମ=ସମାନ ଅଟେ ଦୃଷ୍ଟି=(ସମ ଦର୍ଶନା—ବଣ. ସ୍ତ୍ରୀ) ଦର୍ଶନ ଯାହାର)—ସମଦର୍ଶୀ (ଦେଶ)
Samadarśī (See)

ସମ ଦର୍ଶିତା—ସ. ବ (ସମ ଦର୍ଶିନ୍+ଭାବ· ତା)—୧ । ଅପକ୍ଷପାତତା—
Sama darśitā 1. Impartiality. ୨ । ଉଦାରଧୀରତା—2. Moderation in view. ୩ । ତୁଲ୍ୟଦର୍ଶିତା—3. Equal consideration for all.

ସମ ଦର୍ଶୀ—ସ. ବଣ.ପୁଂ (ସମ+ଦୃଶ୍ ଧାତୁ=ଦେଖିବା+ଇନ୍ଧି. ଇନ୍;
Sama darśī ୧ସା. ୧ ବଚନ)—୧ । ଅପକ୍ଷପାତୀ; ଯେ ସବୁକୁ (ସମଦର୍ଶିନୀ—ସ୍ତ୍ରୀ) ଅପକ୍ଷପାତତା ସହକାରେ ଦୃଷ୍ଟି ବିଏ; ଭେଦଜ୍ଞାନରହିତ-1.Impartial in outlook; indifferent to all things. ୨ । ବିବେଚକ; ବିବେଚୀ—2. Discerning; considerate; conscientious. ୩ । ଧୀର ସ୍ଥିର ବିଚାର ଯୁକ୍ତ—3. Moderate in view. ୪ । ଜ୍ଞାନୀ; ପଣ୍ଡିତ—3. Learned; wise. ୫ । ଆତ୍ମବୋଧସଂପନ୍ନ; ଆତ୍ମଜ୍ଞ—5. Self-knowing. ୬ । ତତ୍ତ୍ୱ ଜ୍ଞାନୀ—6. Acquainted with true knowledge of things. ୭ । ସୁଖ-ଦୁଃଖ,ଶତ୍ରୁ—ମିତ୍ର,ଜନ୍ମ—ମୃତ୍ୟୁ,ବ୍ୟାଧି—ଚିକିତ୍ସା ଆଦିଙ୍କ ପ୍ରତି ଏକ ଦୃଷ୍ଟି ସମ୍ପନ୍ନ—7. Looking on or regarding everything with equanimity; viewing everything or being equally. (ଭଗବଦ୍ ଗୀତା—୫।୧୮)

ସମ ଦଳକ—ସ. ବ. (ଅଧୁନିକ ବଙ୍ଗାଳ ପରିଭାଷା; ସମ=ସମାନ+ଦଳ
Sama dalaka =ଖାଲୁଡ଼ା+କ)—ଯେଉଁ ଶ୍ରେଣୀ ଶାମୁକାର ଦୁଇଟିଯାକ ଖାଲୁଡ଼ା ସମାନ—Lamellibranchiata; having both the valves similar; bivalve (shell).

ସମ(ମୁ)ଦା(ଧା) ସମ(ମୁ)ଦ(ଧି)—ଦେ· ଦ୍ୱି.(ସ.ସମ୍ବ ଓ ସମୃଦ୍ଧି)—ବରାବର
Sama(mu)dā(dhā) sama(mu)di(dhi) ପରେ ବରଙ୍କ ଓ ବେୟାଇ ମିଳନ ଜନ୍ୟାଙ୍କ ପିତା, ଅର୍ଥାତ୍ ଦୁଇ ସମ୍ବନ୍ଧୀଙ୍କ ମଧ୍ୟରେ **ସମଧୀ ମିଳନ** ମିଳନ ଓ ଅଭ୍ୟାସ ରୂପକ କର୍ମ(ଏଥିରେ ଜନ୍ୟାପିତା ବରପିତାଙ୍କୁ ନୂଆ ଲୁଗା ପିନ୍ଧାନ୍ତି ଓ କଣ୍ଠ ଜଡ଼ାଧାର ଦେଇ ଦୁହେଁ ଦୁହିଙ୍କୁ ଅଲଙ୍ଗନ କରନ୍ତି)—The act of the bridegroom's and the bride's fathers embracing and befriending each other after the marriage is over.

ସମଦ(ଧି)—ଦେ ବ. ପୁଂ—ସମୁଦ (ଦେଶ)
Samadi(dhi) Samudi (See)
[ସମଦୁ(ଧି)ଣୀ—ସ୍ତ୍ରୀ] [ଉ—ତାଙ୍କ ସମଦୁଣୀମାନେ ତ ଅଛ ଆମ ଗୁରୁଙ୍କ ଆଶ୍ରମକୁ ଅସିଅଛନ୍ତି । ମଧୁସୂଦନ. ଉତ୍ତରଭାଗ-ବରତ ।]

ସମ ଦୁଃଖ—ସଂ· ବଣ (ବହୁବ୍ରୀହି)—୧ । ସମାନ ରୂପେ ଦୁଃଖ ଭୋଗ
Sama duḥkha କରୁଥିବା—1. Suffering similarly; (ସମଦୁଃଖୀ—ସ୍ତ୍ରୀ) fellow-sufferer. ୨ । ଯାହାର ଅନ୍ୟର ଦୁଃଖରେ ସହାନୁଭୂତି ଥାଏ—2. Feeling for another's woe; sympathising (Apte).

ସମ ଦୁଃଖ ସୁଖ—ସଂ. ବଣ· ପୁଂ (ବହୁବ୍ରୀହି)—୧ । ଦୁଃଖ ଓ ସୁଖ
Sama duḥkha sukha ଯାହା ଦୃଷ୍ଟିରେ ସମାନ (ବିଶ୍ୱକୋଷ; (ସମ ଦୁଃଖ ସୁଖା—ସ୍ତ୍ରୀ) ଗୀତା ୨।୫୧)—1. Looking on misery and happiness with the same eye. ୨ । ଦୁଃଖରେ ଓ ସୁଖରେ ସମଭାଗୀ—2. Partner in joy and sorrow (Apte).

ସମ ଦୃଶ୍(ଷ୍ଟି)—ସଂ. ବ (ସମ+ଦୃଶ୍ ଧାତୁ+କ୍ତିନ୍. କ୍ୱିପ୍; ସମ ଅଟେ
Samadṛuś(shṭi) ଦୃଷ୍ଟି ଯାହାର; ବହୁବ୍ରୀହି)—ସମଦର୍ଶୀ (ଦେଶ)—Samadarśī (See)

ସମଦୃଶ—ଦେ. ବଣ (ପଦ୍ୟ)—ସଦୃଶ—Equal; similar. [ଉ—
Samadṛuśa ବସ୍ତୁ ଅନୁଉ ସମଦୃଶ, ବାଳ ନବୀନ ଭୂମେ ସମାନ **ସମଦୃଶ** ଦଶ—ଜଗନ୍ନାଥ. ଭାଗବତ]

ସମଦ୍ୱାଦଶାସ୍ର—ସ. ବ (ବହୁବ୍ରୀହି)—୧ । ଯେଉଁ ଦ୍ୱାଦଶଭୁଜ
Samadwādaśāsra ଷେତ୍ରର ବା ଚିତ୍ରର ବାହୁମାନ ସମାନ 1. An equilateral dodecagon (Apte). ୨ । ଦ୍ୱାଦଶଟି ସମଭୁଜ ଓ ସମକୋଣ ବିଶିଷ୍ଟ ଚିତ୍ର ବା ଷେତ୍ର (ବିଶ୍ୱକୋଷ)—2. Dodecahedron.

ସମଦ୍ୱିବିଭୁଜ—ସ. ବ (ବହୁବ୍ରୀହି)—ଯେଉଁ ଚତୁର୍ଭୁଜର ପରସ୍ପର
Samadwidwibhuja ବିପରୀତ ବାହୁଦ୍ୱୟ ସମାନ—Rhomboid.
(ସମଦ୍ୱିଭୁଜ—ଅଳୀକରୂପ)

Digitized by srujanika@gmail.com

ସମଧ(ନ୍ଧ)—ତ୍ରା. ବ (ସଂ. ସମ୍‌ବନ୍ଧ)—୧ । ସମ୍ବନ୍ଧ; ସମ୍ପର୍କ—1. Relation; connection. ୨ । ସମ୍ପର୍କ **ସମଂଧ** ବବାହଦ୍ୱାରା ବନ୍ଧୁତା ସମ୍ପର୍କ—2. Relationship by marriage. ବଣ—ସମ୍ପର୍କୀୟ; ସଂପର୍କୀୟ—Relating to. [ଦୃ—ଚରଣୀ ଲେଖାରେ ଏହି ଶବ୍ଦର ସାଙ୍କେତିକ । ସ୍ମୃ ।]

ସମଧ(ନ୍ଧ) କରିବା—ଦେ. କି—ବବାହ ସମ୍ବନ୍ଧଦ୍ୱାରା କୌଣସି ବ୍ୟକ୍ତି ବା Samadha(ndha) karibā ବଂଶ ସଙ୍ଗେ ବନ୍ଧୁତା ସ୍ଥାପନ ସମଧକରା **ସମଂଧକରନା** କରିବା—To establish **ସମଂଧାନା** relationship with a person or family by marriage.

[ସମଧ ବାନ୍ଧିବା—ଅନ୍ୟରୂପ]

ସମଧରାତଳ—ସ. ବ (ଜ୍ୟାମିତି)—ଯେଉଁ ଧରାତଳର ସମସ୍ତ ସଂପୂର୍ଣ୍ଣରୂପେ Samadharātaḷa ସମତଳ—(Geometry) A plane (Apte). ବଣ—ଏକ ସମତଳରେ ସ୍ଥିତ—Situated on the same plane.

ସମଧର୍ମୀ[ର୍ମି]—ସ. ବଣ—ସମାନ ଧର୍ମ ବିଶିଷ୍ଟ—Of the same Samadharmā(rmi) dharma. [ଉ—କେବଳ ସମ-ଠମି ଦୁଇଯୋଗ ଏକ ମିଳ, ନନ୍ଦକଶୋର—ସୀତା ବବାହ]

ସମଧାନ—ତ୍ରା. ବ (ସଂ ସନ୍ଧାନ)—୧ । ସଂଧାନ—1. Investi- Samadhāna gation; search. ୨ । ସୂତ୍ର—2. ସନ୍ଧାନ **ସମଧାନ** Trace; clue.

ସମଧିକ—ସଂ. ବଣ—(ସମ୍=ସମ୍ୟକ୍+ଅଧିକ)—ଅତ୍ୟଧିକ; ଅତିରିକ୍ତ Samadhika —Too much; excessive.

ସମଧୃତ—ସଂ. ବଣ—ତୁଲ୍ୟରୂପ; ଏକରୂପ ବିଶିଷ୍ଟ; ଏକବିଧ— Samadhṛuta Same; similar; equal.

ସମଧେ—ତ୍ରା. ଅ—(ଅନୁକରଣ) ସମ୍ବନ୍ଧରେ ବା ସଂପର୍କରେ ବା Samadhe ବିଷୟରେ—In relation to (so and ସମ୍ବନ୍ଧେ **ସମଂଧମେଁ** so); with reference to (so and **ସମଂଧମେ** so); relating to (such or such matter).

ସମଧ୍ୱା—ସଂ. ବଣ. ସ୍ତ୍ରୀ (ବହୁବ୍ରୀହି, ସମ=ସମାନ ହୋଇଅଛି ଅଧ୍ୱା Samadhwa =ପଥ ଯାହାର)—୧ । ସମ ଯାତ୍ରିକ; ସହ- [ସମଧ୍ୱା—ସ୍ତ୍ରୀ] ଯାତ୍ରୀ; ଏକତ୍ର ଭ୍ରମଣକାରୀ—1. Travelling together. ୨ । ଯାହା କାଳୀନ ସହଚର—2. Accompanying a person during his journey.

ସମନ[ନ୍ସ୍]—ବୈଦେ. ବ—(ଚତୁରଥ)—[ଇଂ ସମ୍‌ମନ୍ସ୍]—Saman (ns) ନିର୍ଦ୍ଦିଷ୍ଟ ଭାରଖରେ ଯବାନବନ୍ଦୀ ଦେବା ସମନ **ସମନ** ପାଇଁ କମ୍ବା ଦଲିଲ ଦାଖଲ କରିବାପାଇଁ ବା ବିଚାରାଳୟରେ ହାଜର ହେବା ପାଇଁ ମୁଦାଲ୍ଲ ବା ଅପରାଗୀ ବା ସାକ୍ଷୀଙ୍କ ପ୍ରତି ବିଚାରାଳୟର ମୋହର ଓ ଦସ୍ତଖତ ସହିତ ପଠାଯିବା ଅଦେଶନାମ—Summons to a witness or defendant or accused. [ଦୃ—ସମନ ଅନେକ ପ୍ରକାରର—ଯଥା, ସାକ୍ଷୀ ସମନ, ମୁଦାଲ୍ଲ ସମନ, ପ୍ରତିବାଦୀ ସମନ, ସାବଧସମନ ।]

ସମନ କରିବା—ଦେ. କି (ଚତୁରଥ)—ସାକ୍ଷୀ, ପ୍ରତିବାଦୀ ବା Saman karibā ଅପରାଗୀକୁ ନିର୍ଦ୍ଦିଷ୍ଟ ଭାରଖରେ ହାଜର ସମନକରା **ସମନକରନା** ହେବା ପାଇଁ ତା ପାଖକୁ ପରୱାନା ପଠାଇବା ବା ତାକୁ ଡକିବ କରିବା—To summon a witness or an accused or a defendant. [ଦୃ—ଅଦାଲତ ସାକ୍ଷୀଙ୍କୁ ବା ପକ୍ଷଙ୍କୁ ସମନ କରନ୍ତୁ ଓ ପକ୍ଷ ନିର୍ଦ୍ଦିଷ୍ଟ ସାକ୍ଷୀକୁ ବା ଅପର ପକ୍ଷକୁ ଅଦାଲତଙ୍କ (ସମନ୍ କରାଇବା—ଣିଜନ୍ତରୂପ) ଦ୍ୱାରା ସମନ କରନ୍ତୁ ।]

ସମନ ଖରଚ—ବୈଦେ. ବ (ଚତୁରଥ)—୧ । ସମନ ପାଇ କରାଇବା Samana kharachā ପାଇଁ ସରକାରଙ୍କ ଠାରେ ମାର୍ଥୀର ସମନଖରଚା **ସମନଖରଚା** ଜମାଛଟ୍ କରିବା ପାଇଁ ପ୍ରକାରର ଖରଚ [ଯଥା—ସାକ୍ଷୀଙ୍କ ଖୋରାକ ଓ ବୃତ୍ତା ଖର୍ଚ୍ଚ] 1. Expenses deposited for the issue of summons. ୨ । ସମନ ନିମନ୍ତ (ଦେଶ)—2. (ସମନ୍ ଖର୍ଚ୍ଚ—ଅନ୍ୟରୂପ) Saman misādi (See)

ସମନ ଖୁ(ଖୋ)ରାକୀ—ବୈଦେ. ବ (ଚତୁରଥ)—ସାକ୍ଷୀ କାମରେ Saman khu (kho) rākī ସମନ କରାପିବା ସମୟରେ ସମନଖୋରାକୀ **ସମନଖୁରାକୀ** ତାହାର କଚେରିକୁ ଅସିବା ଯିପଲଯରେ ଖାଇବା ପାଇଁ, ଯାହା ସମନ କରିପିବାପାଇଁ ଦରଖାସ୍ତ ସଙ୍ଗେ ଦାଖଲ ହୁଏ—Diet expenses of a witness, deposited with a petition for issue of summons.

ସମନ ଜାରି—ବୈଦେ. ବ (ଚତୁରଥ)—ଯେଉଁ ବ୍ୟକ୍ତିକୁ ସମନ saman-jāri କରାଯାଏ ତାହା ଜଣଙ୍କେ ଉକ୍ତ ସମ କୁ ସମନଜାରି **ସମନଜାରୀ** ପଢ଼ାଇ ତାକୁ ବଝାଇବା—Service of a summons. [ଦୃ—ଆଇନ ଅନୁସାରେ ଯେଉଁ ବ୍ୟକ୍ତିକୁ ଅଦାଲତରେ ହାଜର ହେବା ପାଇଁ ସମନ କରାଯାଏ ଉକ୍ତ ସମନ ସ୍ୱୟଂ ସେ ବ୍ୟକ୍ତି ଉପରେ କମ୍ବା ତାହାର ସ୍ୱୀକୃତିପ୍ରାପ୍ତ ଏଜେଣ୍ଟ ଉପରେ ଜାରି କରାଯାଏ କମ୍ବା ତାହାର ଏକାନ୍ନବର୍ତ୍ତୀ ପରିବାରର କୌଣସି ସାବାଳକ ବ୍ୟକ୍ତି ଉପରେ ଜାରି କରାଯାଏ; କମ୍ବା ସେ ଜଣେ ଘରେ ନ ମିଳିରେ କମ୍ବା ସମନ ନେବାକୁ ତା ପରିବାରର ଅନ୍ୟ କେହି ଉପଯୁକ୍ତ ବ୍ୟକ୍ତି ନ ମିଳିଲେ ତାହାର ବାସଗୃହର ସଦର ଦରୱାଜାରେ ପିଆଦା ସମନକୁ ଟାଙ୍ଗିଦିଏ ।]

ସମନ ଜାରି ରିତନ୍(ର୍ତ୍ତ୍)—ବୈଦେ. ବ (ଚତୁରଥ) ସମନ ରିତନ୍ Saman-jāri ritan (rn̥n) (ଦେଶ)—Samana ritan (See)

ସମନ ବାହାର କରିବା—ଦେ. କି (ଚତୁରଥ)—କୌଣସି ବ୍ୟକ୍ତି Saman bāhāra karibā ହାଜର ହେବା ପାଇଁ ତାହାର ସମନ୍‌ବାହିରକରା ଜଜତକୁ ଅଦାଲତରୁ ପିଥିବା ଦ୍ୱାରା ସମନ **ସମନନିକାଲନା** ପଠାଯିବାର ବନ୍ଦୋବସ୍ତ କରିବା—To have a summons issued from a cour

Digitized by srujanika@gmail.com

ସମନ୍ ବାହାରିବା—ଦେ· କ୍ର (କରଣଥ)—ଅଦାଲତରୁ ପିଅଦା
Saman bāhāribā ଦ୍ୱାରା କର୍ତ୍ତିବ୍ୟ କାର୍ଯ୍ୟ ନକରିବା ସମନ
ସମନ୍ ବାହିରହଓୟା ପ୍ରେରିତ ହେବା—Issue of summons.
ସମନନିକଲନା

ସମନ୍ ମିଆଦି—ବୈ·ଦେ· କ୍ର (କରଣଥ)—ଚଳବଳା ମିଆଦ; ଚଳ-
Saman miādi ବାଜା; କୌଣସି ବ୍ୟକ୍ତି ଉପରେ ସମନଜାରି
ସମନ୍ ମେୟାଦି **ସମନମ୍ୟାଦୀ** କରିବା ପାଇଁ ସରକାରଙ୍କର
ଯେଉଁ ଖରଚ ହୁଏ ତାହାଁ ପାଇଁ ପ୍ରାର୍ଥୀ ସରକାରଙ୍କ
କୋର୍ଟ ଅଗତୁଆ କର୍ତ୍ତିବ୍ୟ ପରିମାଣରେ କୋର୍ଟଫି ଦ୍ୱାରା
ଯେଉଁ ଖରଚ ଦାଖଲ କରେ—Process fees for
the service of summons, deposited by
the party who applies for the issue of
summons.

ସମନ୍ ରିଟନ୍ (ର୍ଣ୍ଣ)—ବୈ·ଦେ· କ୍ର (କରଣଥ)—ସମନଜାରି ରିଟନ୍;
Saman ritan (rṇn) ପିଅଦା ଅଉଟେଡ ବ୍ୟକ୍ତି ଉପରେ
ସମନ୍ ରିଟାନ୍ **ସମନବାପସ** ସମନଜାରି କରି ସାରି, କାହାର
ଓଜରରେ ସମନଜାରି କରିପାରି ନାହିଁ, କାହାର
ଏଡ଼ା ବର୍ତ୍ତିନା କରି କୋର୍ଟରେ ଦାଖଲ କରିବା ରିଟୋର୍ଟ—
Return of service of a summons.

ସମନନ୍ତର—ସଂ· ବିଣ. (ସମ୍+ଅନନ୍ତର)—ଅବ୍ୟବହିତ ପରବର୍ତ୍ତୀ
Samanantara (ଭିଗବତ)-Immediately succeeding.

ସମନାଥ—ଗ୍ରା. କ୍ର—(ନଂ ସୋମନାଥ)—୧ । ସୋମନାଥର ଡାକନାମ·
Samanātha 1.Nickname for calling Somanātha.
ସମନାଥ **ସୋମନାଥ** ୨ । ହାତର ଅଳଙ୍କାର ବିଶେଷ—2.
A kind of ornament for the hand. [ଉ—
ଖଞ୍ଜି କରେ ଚୁଡ଼ ଗୁଞ୍ଜର ବଳ ସମନାଥ ଗରଜଉଥା—
ପ୍ରାଚୀ. ଉତ୍ସବ୍ୟମଞ୍ଜରୀ]

ସମନାଥ ବ୍ରତ—ଗ୍ରା. କ୍ର—ସୋମନାଥ ବ୍ରତ (ଦେଖ)
Samanātha brata Somanātha brata. (See)

ସମନୁଜ୍ଞା—ସଂ· କ୍ର (ସମ୍+ଅନୁଜ୍ଞା)—ସମ୍ପୂର୍ଣ୍ଣ ଅନୁମତି—
Samanujñā Full approval or concurrence.
(ସମନୁଜ୍ଞତ—ଅନ୍ୟରୂପ) [ସମନୁଜ୍ଞତ—କ୍ରିଣ]

ସମନୁବ୍ରତ—ସଂ· କ୍ରିଣ. ପୁଂ (ସମ୍+ଅନୁ+ବ୍ରତ)—ସଂପୂର୍ଣ୍ଣରୂପେ
Samanubrata ଅନୁଗତ—Completely devoted to
(ସମନୁବ୍ରତା—ସ୍ତ୍ରୀ) or attached to.

ସମନ୍ତ—ସଂ· କ୍ର (ସମ୍+ଅନ୍ତ)—୧ । ଶେଷଭାଗ—1. End;
Samanta extremity. ୨ । ସୀମା—2. Boundary.
୩ । ସମୁଦାୟ—3. All; whole. ସଂ. କ୍ରିଣ—୧ ।
ସମ୍ପୂର୍ଣ୍ଣ—1. Complete; entire. (Apte) ୨ ।
ସର୍ବଜନୀନ—2. Universal. (Apte). **ସର୍ବନାମ**—
ସମସ୍ତ; **ସବୁତ**—Whole; all. କ୍ରି. ବିଣ—୧ ।
ଚତୁର୍ଦ୍ଦିଗରେ—1. On all sides· ୨ । ପୂର୍ଣ୍ଣରୂପେ—
2. Entirely; completely.

ସମନ୍ତତଃ—ଫ. ଅ. କ୍ରି· ବିଣ (ସମନ୍ତ+ତସ୍ ବରଣ୍ଟରେ ତହ୍)—
Samantatah ୧ । ସମସ୍ତାତ୍; ସବୁଆଡୁ; ସବୁ ଦଗରୁ—
1. From all sides. ୨ । ଚାରିଆଡେ; ସବୁଆଡେ;
ସର୍ବତ୍ର—2. On all sides; everywhere.
୩ । ସମ୍ପୂର୍ଣ୍ଣରୂପେ—3. Wholly; altogether.

ସମନ୍ତ ଦୁଗ୍ଧା—ସ୍ତ୍ରୀ. କ୍ର (ବୈଦ୍ୟକ; ବହୁବ୍ରୀହି; ସମନ୍ତ=ଗୋଟାଏଥରେ
Samanta dugdhā ଦୁଗ୍ଧ=କ୍ଷୀର ଅଛି ଯାହାର)—ସିଜୁ
ଗଛ; ସୂଚ୍ଚ ବୃକ୍ଷ— The Euphorbia tree.

ସମନ୍ତ ପଞ୍ଚକ—ସ୍ତ. କ୍ର (ବହୁବ୍ରୀହି; ସମନ୍ତ=ଚାରିଆଡ଼େ+ପଞ୍ଚକ=
Samanta pañchaka ପାଞ୍ଚଗୋଟି ହ୍ରଦ ଯାହାର)—
କୁରୁକ୍ଷେତ୍ର ପ୍ରଦେଶର ନାମ—Name of the district Kurukshetra. [ଦ୍ର—ପରଶୁରାମ ୨୧ ଥର
କ୍ଷତ୍ରିୟମାନଙ୍କୁ ନିର୍ବଂଶ କରି କ୍ଷତ୍ରିୟ ରକ୍ତଦ୍ୱାରା ତତ୍କାଳୀନରେ
୫ ଗୋଟି ହ୍ରଦ ପୂର୍ଣ୍ଣ କରିଥିବାରୁ ଏହା ନାମ ।] [ଉ—
କ୍ଷତ୍ରିୟଙ୍କ ରକ୍ତରେ ସମନ୍ତ ପଞ୍ଚକ । ତୀର୍ଥେ ପାଞ୍ଚ ହ୍ରଦ
ସେତୁ ଦ୍ୱିଜ ନାୟକ— କୃତ୍ତିସିଂହ. ମହାଭାରତ ।] ୨ ।
କୁରୁକ୍ଷେତ୍ରସ୍ଥ ତୀର୍ଥବିଶେଷ—2. Name of a holy
place at Kurukshetra. [ଉ—ବହୁତ ତୀର୍ଥ
ସ୍ନାନ ପରନ୍ତୁମ କର । ସମନ୍ତ ପଞ୍ଚକକୁ ପ୍ରଥ ମୁଁ ଦେଖିଲି—
କୃତ୍ତିସିଂହ. ମହାଭାରତ ।]

ସମନ୍ତ ଭଦ୍ର—ସ୍ତ. କ୍ର (ସମନ୍ତ=ସମ୍ପୂର୍ଣ୍ଣରୂପେ+ଭଦ୍ର=ଭାଗ୍ୟବାନ୍)—
Samanta bhadra ବୁଦ୍ଧଦେବଙ୍କର ନାମ—A name of
(ସମନ୍ତ ପ୍ରଶସ୍ତ—ଅନ୍ୟରୂପ) the Buddha.

ସମନ୍ତଭୁକ୍—ସ୍ତ· କ୍ର (ସମନ୍ତ=ସମୁଦାୟ+ଭୁଜ ଧାତୁ=ଖାଇବା+
Samantabhuk କର୍ତ୍ତୃ. କ୍ୱିପ୍; ସମନ୍ତଭୁକ୍; ୧ମା. ୧ବ)—
ଅଗ୍ନି; ଦୁତାଶନ—Fire. କ୍ରିଣ—ସର୍ବଭକ୍ଷ—All-
eating; omnivorous

ସମନ୍ତା —ସ୍ତ. ଅ. ଓ କ୍ରି· ବିଣ—ସମନ୍ତତଃ (ଦେଖ)
Samantāt Samantatah (See)

ସମନ୍ତ୍ରକ—ସ୍ତ. କ୍ରିଣ (ସ=ସହିତ+ମନ୍ତ୍ର+କ; ମନ୍ତ୍ର ସହିତ ବଦ୍ୟ-
Samantraka ମାନ)—୧ । ମନ୍ତ୍ରଯୁକ୍ତ—1. Joined with
a mystic formula. ୨ । ମନ୍ତ୍ରପୂତ—
2. Hallowed with mystic incantations.

ସମନ୍ତ୍ରିକ—ସ୍ତ· କ୍ରିଣ (ସ+ମନ୍ତ୍ରିନ୍+କ୍)—ମନ୍ତ୍ରିଯୁକ୍ତ (ରାଜା)—
Samantrika Attended by minister.

ସମନ୍ୱୟ—ସ୍ତ. କ୍ର (ସମ୍=ସମ୍ୟକ୍+ଅନ୍ୱୟ=ସମ୍ବନ୍ଧ)—୧ । ସଯୋଗ;
Samanwaya ମିଳନ; ସଙ୍ଗତି; ସଙ୍ଗମ—1. Union; connection. ୨ । ସମଭିବ୍ୟାହାର—2. Accompaniment; sequence. ୩ । ପ୍ରାୟଶ୍ଚିତ୍ତ କରିବା
ପରେ ପତିତ ବ୍ୟକ୍ତିର ସମାଜରେ ପୁନର୍ଗ୍ରହଣ—3. Re-admission of an excommunicated person to the fold of his society after atonement or expiation. ୪ । ଅବରୋଧ; ଶାନ୍ତି—

Digitized by srujanika@gmail.com

4. Peace; concord. ୫ । ପ୍ରାକୃତିକ କାର୍ଯ୍ୟକାରଣ ସମ୍ବନ୍ଧ—5. Natural sequence; conneection with the suceeding object as a natural consequence. ୬ । ଧାରାବାହିକତା; କ୍ରମ—6. Regular succession; order (Apte).

ସମନ୍ୱିତ—ଅ· ବ୍ରୀ (ସମ୍ + ଅନ୍ୱିତ)—୧ । ମିଳିତ; ସଂପୃକ୍ତ—Samanwita 1. Connected or joined with. ୨ । ସମଯୋଗ୍ୟାଦ୍ୱାରଦ୍ୱାରା ଯୁକ୍ତ—2. Possessed of; accompanied by; followed by.

ସମନ୍ୟୁ—ବି·· ବ୍ରୀ (ସ=ସହିତ + ମନ୍ୟୁ=ରୋଷ) —୧ । ସରୋଷ; Samanyu ସକ୍ରୋଧ; କ୍ରୋଧଯୁକ୍ତ—1. Angry; full of anger; wrathful. ୨ । ଦୁଃଖିତ—2. Sorrowful. ବ—ମହାଦେବ; ଶିବ—The God Śiba.

ସମନ୍ଧ—ଗ୍ରା. ବି (ସଂ· ସମ୍ବନ୍ଧ) —ସମ୍ବନ୍ଧ (ଦେଶ) Samandha Sambandha (See)

ସମ(ମୁ)ନ୍ଧୀ—ଗ୍ରା. ବ· ପୁଂ—ସମ୍ବନ୍ଧୀ (ଦେଶ)—Samudhi (See) Sama(mu)ndhi [ତୁ—ଢାକଯୋଡ଼ାରୁ ସମ୍ବନ୍ଧୀଙ୍କ ସ୍ୱାଗତ] (ସମ[ମୁ]ନ୍ଧିଣୀ—ସ୍ତ୍ରୀ) ଅପି ଓଲଏ ଦେହ ଦାଣ୍ଡ ଦୁଅରେ ବସିଛିଣି—ଫଗୁରମୋଡ଼ନ. ଛ ମାଣ ଅଠ ଗୁଣ ।]

ସମ ପଦ—ବି·. ବି (ସମ=ସମାନ ଦୁଏ ପଦ=ଚରଣ ଯହିଁରେ)—Sama pada ୧ । ରତିବନ୍ଧବିଶେଷ (ବଗଦୋପ)—1. Name of a pose during coition. [ତୁ—ରମଣୀର ପାଦଦ୍ୱୟକୁ ପୁରୁଷ ହୃଦୟରେ ସ୍ଥାପନ କର କରଦ୍ୱୟ ସ୍ତନଦ୍ୱୟଧରିଚ୍ଛନ—ରଚିପ୍ରଜଗ୍ଧ ।] ୨ । ଧନୁର୍ବାସର ପାଦଦ୍ୱୟକୁ ଭୁଲ୍ୟରୂପ ଧାରଣପୂର୍ବକ ଅବସ୍ଥାନବିଶେଷ—2. One of the various postures assumed by an archer. ୩ । ତୁଲ୍ୟ ପଦ ବା ଅବସ୍ଥିତି—3. Equal or similar position or grade.

ସମ ପଦସ୍ଥ – ସଂ. ବିଣ (ସମପଦ + ସ୍ଥା, ଧାତୁ + କଯ଼ି. ଅ)—୧ । ତୁଲ୍ୟ Sama padastha ରୂପ ପଦ ବା ପଦବୀ ଯୁକ୍ତ—1. Of equal (ସମପଦସ୍ଥା—ସ୍ତ୍ରୀ) position or grade. ୨ । ତୁଲ୍ୟ ସମ୍ମାନବଶିଷ୍ଟ—2. Occupying equal position of respect.

ସମ ପାଦ—ସଂ. ବ—ସମପଦ ୨ (ଦେଶ)—Samapada 2 Sama pāda (See). ସଂ. ବହି—୧ । ସମାନ ଚରଣ ବଶିଷ୍ଟ—1. Having equal pāda or feet. ୨ । ଯେଉଁ ଛାନର ଗୁର ପାଦ ସମାନ (ଚତୁଷ୍କୋପ)—2. (a metre) Having the four feet equal.

ସମ ପାଦ ଯମକ—ବି·. ବ (ଅଳଙ୍କାର)—ଯମକବିଶେଷ—A kind Sama pāda jamaka of alliteration. [ତୁ—ପଦର ଅନ୍ତ୍ୟରେ ଓ ଶେଷରେ ସମାନ ବାକ୍ୟବିନ୍ୟାସ ଥିଲେ ଏ ଯମକ ହୁଏ; ଯଥା—ହରି ସ୍ମରର ଧନ ସବା ବାଞ୍ଛିତ ମନ ହେତୁ ହରିସ୍ମ ବରଧନ । ବଧୂଜୀବଜୀବନ ନୋହିଲେ ତ ଜଦାନ ମୋର ଏଁଦୁ ପିବ ଜୀବନ—ଅଭିମନ୍ୟୁ. ବଦଶ୍ଚତନ୍ତ୍ରାମଣି ।]

ସମ ପୃଷ୍ଠ—ସଂ. ବିଣ (ବହୁବ୍ରୀହି; ସମ=ସମାନ ଅଟେ ପୃଷ୍ଠ ଯାହାର)—Sama prushtha ସମତଳ; ଅବନ୍ଧୁର—Level; smooth. (ସମପୃଷ୍ଠତା—ବ)

ସମ ପ୍ରାଣ—ସଂ. ବିଣ. ପୁଂ (ବହୁବ୍ରୀହି; ସମ ଅଟେ ପ୍ରାଣ ଯାହାର)—Sama prāṇa ଏକ ପ୍ରାଣ; ଯାହାଙ୍କର ହୃଦୟ ଏକ; ସହୃଦୟ—(ସମପ୍ରାଣା—ସ୍ତ୍ରୀ) Of one mind. ବ—ସୁହୃଦ୍—(ସମପ୍ରାଣତା—ବ) A hearty friend.

ସମବକାର—ସଂ. ବ (ସମ୍ + ଅବ + କୃ ଧାତୁ + ଅଘ୍· ଅ, ଯହିଁରେ Samabakāra ବହୁ ଅର୍ଥ ସମବକୀର୍ଣ୍ଣ ହୁଏ)—ନାଟକବିଶେଷ—A kind of drama. [ତୁ—ନାଟକ ନାନା ପ୍ରକାର; ଯଥା—ନାଟକ, ପ୍ରକରଣ, ଭାଣ, ସମବକାର ଓ ଡିମ । ସମବକାରରେ ବହୁ ଅର୍ଥର ସମବକରଣ ଅର୍ଥାତ୍ ଏକତ୍ର ସନ୍ନିବେଶ ହେବାରୁ ଏହା ନାମ ହୋଇଅଛି । ଦେବତା ବା ଅସୁରଦଳଙ୍କ ଅଶ୍ରୟ କର କୌଣସି ପ୍ରସିଦ୍ଧ ବୃତ୍ତାନ୍ତ ଏଥିରେ ବର୍ଣ୍ଣିତ ହୁଏ । ଏହା ୩ରସପ୍ରଧାନ, ଦେବାସୁର ଯୁଦ୍ଧ ବର୍ଣ୍ଣନା ଏଥିର ପ୍ରଧାନ ଉଦ୍ଦେଶ୍ୟ; ଏଥିର ଅଙ୍କ ସଂଖ୍ୟା ତିନି । ନାଟକର ଯଅଙ୍ଗସବୁ ପ୍ରାୟ ସେସବୁ ଏଥିରେ ଥାଏ । ଏଥିର ନାୟକ ଧୀରୋଦାତ୍ତ; ଏଥିରେ ଯୁଦ୍ଧସୈନ୍ୟ, ଯୁଦ୍ଧ, ନଗରାଦ୍ୟଂଶ ବଶଦରୂପେ ବର୍ଣ୍ଣିତ; ରିନ ଶୃଙ୍ଗାର (ଶାସ୍ତ୍ରର ଅବତରଣରେ ଧର୍ମଶୃଙ୍ଗାର, ଅର୍ଥଲାଭାର୍ଥ କଲ୍ପିତ ଅର୍ଥଶୃଙ୍ଗାର ଓ କାମଶୃଙ୍ଗାର) ଏଥିରେ ବର୍ଣ୍ଣିତ; କାମଶୃଙ୍ଗାର ପ୍ରଥମ ଅଙ୍କରେ ବର୍ଣ୍ଣିତ । ନାଟକ ପର ପ୍ରବେଶକ ବା ବିଷ୍କମ୍ଭ ଏଥିରେ ନ ଥାଏ । ସାହିତ୍ୟ ଦର୍ପଣ ଗ୍ରନ୍ଥରେ 'ସମୁଦ୍ର ମନ୍ଥନ' ନାମକ ସମବକାର ନାଟକର ନାମ ଉଲ୍ଲେଖ ଅଛି—ବଶ୍ୱକୋପ ।]

ସମବତାର—ସଂ. ବ (ସମ୍ = ସହିତ + ଅବ = ଉପସର୍ଗ + ତୃ ଧାତୁ = Samabatāra ପାର ହେବା, ପିବା + କରଣ· ଅ, ଯାହାଦ୍ୱାରା ଉଲଘି ଓହ୍ଲାଇ ପାଅନ୍ତି)—୧ । ସୋପାନ; ସିଢ଼ିର ପାହାଚ—1. Steps of a staircase. ୨ । (+ ଭୂବ. ଅ) ଅବତରଣ; ଓହ୍ଲାଇବା—2. Descending, alighting. ୩ । (+ କର୍ମ. ଅ) ପାର ହେବା ଘାଟ; ତୀର୍ଥ—3. Landing place; landing stage; ferry.

ସମବଧାନ—ସଂ. ବ (ସମ୍ = ସମ୍ୟକ୍ + ଅବଧାନ)—୧ । ବିଶେଷ Samabadhāna ମନୋଯୋଗ—1. Close attention. (ସମବହିତ—ବିଣ) ୨ । ନିଷ୍ପତ୍ତି; ମୀମାଂସା—2. Decision; settlement.

Digitized by srujanika@gmail.com

ସମ ବୟଃସ୍ଥ—ଶ. ବିଣ. ଯୁ—(ସମ=ସମାନ+ବୟଃ=ସ୍ଥା ଧାତୁ+ Samabayahstha କର୍ତ୍ତୃ.+ଅ)—ସମବୟସ୍ଥା;ବହୁବୟସ୍ଥା—(ସମବୟସ୍କ—ଅନ୍ୟରୂପ) Of the same age; (ସମବୟଃସ୍ଥା; ସମବୟସ୍କ—ସ୍ତ୍ରୀ) coeval.

ସମ ବୟସ୍—ଦେ. ବିଣ—ସମବୟଃସ୍ଥ—Of the same age. Sama bayasa [ଜ—ସମବୟସ ଯେ କୁମରେ ଜାଣୁଅଛନ୍ତି ସମ ବୟସୀ ବାବୁ ତୋରେ । —ଇଗଲାଥ ଭ୍ରାଗବତ] **सम वयसी** ଦେ. ବ—ଏକବୟସ—Same age.

ସମ ବୟସ୍ୟା—ଦେ. ବିଣ. ଯୁ ଓ ସ୍ତ୍ରୀ (ସ. ସମବୟଃସ୍ଥ)—ସମବୟଃସ୍ଥ Sama bayasī (ଦେଶ)—Sama bayahstha (see). ସମ ବୟସୀ **सम वयसी** (ସମବୟସ୍କ—ଅନ୍ୟରୂପ)

ସମବର୍ଣ୍ଣ—ସଂ ବିଣ (ବହୁବ୍ରୀ)—ଏକ ବା ସମାନ ବର୍ଣ୍ଣ ବିଶିଷ୍ଟ—Samabarṇṇa Of the same or similar barnṇa. (ସମବର୍ଣ୍ଣା—ସ୍ତ୍ରୀ) (ସମବର୍ଣ୍ଣିତା—ବ)

ସମବର୍ତ୍ତୀ—ସଂ. ବିଣ. ପୁ—(ସମ=ସମାନ+ବୃତ୍ ଧାତୁ=ରହିବା+ Sama bartti କର୍ତ୍ତୃ. ଇନ୍, ୧ମା ୧ବ)—ତୁଲ୍ୟରୂପେ ସ୍ଥିତ (ସମବର୍ତ୍ତିନୀ—ସ୍ତ୍ରୀ ବିଣ) Similarly situated or placed (ସମବର୍ତ୍ତିତା—ବ) ସଂ. ବ. ପୁ. (୧ମା ୧ବ; ସବୁ ପ୍ରାଣୀଙ୍କ ସଂବନ୍ଧେ ଏଡାଙ୍କର ଅବସ୍ଥିତ ସମାନ) ଯମ; କାଳ—The God of death.

ସମବଲମ୍ବ—ସଂ. ବିଣ. (ବହୁବ୍ରୀ)—ସମାନ ଲମ୍ବ ବିଶିଷ୍ଟ—Samabalamba Having equal perpendiculars. ସଂ. ବ. (କ୍ଷେତ୍ରମିତି)—ଯେଉଁ ଚତୁର୍ଭୁଜର ଲମ୍ବରେଖା ସମାନ (ବିଶ୍ୱକୋଷ)—Trapezoid or rectange; a quadrilateral figure having 2 equal perpendiculars.

ସମ ବସରଣ—ସଂ. ବ. (ସମ୍+ଅବ+ସୃ ଧାତୁ+କର୍ମ ଅନ)—୧ । Samabasaraṇa ସଭାଗୃହ—1. Assembly hall. ୨ । ଧର୍ମ ମଣ୍ଡପ; ଯେଉଁ ମଣ୍ଡପରେ ଧର୍ମୋପଦେଶ ହୁଅଯାଏ (ବିଶ୍ୱକୋଷ)—2. A pavillion in which religious discourses are delivered.

ସମବସ୍କନ୍ଦ—ସଂ. ବ. (ସମ୍+ଅବ+ସ୍କନ୍ଦ ଧାତୁ+ଭାବ ଅ)—୧ । Samabaskanda ଦୁର୍ଗାଦି ଦ୍ୱାରା ସମ୍ୟକ୍‌ରୂପେ ସୁରକ୍ଷିତକରଣ (ବିଶ୍ୱକୋଷ)—1. Protecting a place securely by raising forts. (+କରଣ. ଅ) ଦୁର୍ଗ ପ୍ରାକାର (ବିଶ୍ୱକୋଷ)—Rampart or wall of a fort.

ସମବସ୍ଥା—ସଂ. ବ.—(ସମ୍+ଅବସ୍ଥା)—୧ । ସମାନ ଅବସ୍ଥା; ତୁଲ୍ୟ Samabasthā ଦଶା—1. Similar condition. ୨ । (ସମବସ୍ତୁ—ବିଣ) ସମତା; ସାମ୍ୟ—2. Similarity; identity.

ସମବସ୍ଥାନ—ସଂ. ବ. (ସମ୍+ଅବସ୍ଥାନ)—୧ । ସମ୍ୟକ୍ ଅବସ୍ଥାନ— Samabasthāna 1.Peculiar or special situation; unique position. ୨ । ସମତ୍ୱରେ ଅବସ୍ଥାନ— 2.Equal or similarposition.

ସମବସ୍ଥିତ—ସଂ.ବିଣ. (ସମ୍+ଅବସ୍ଥିତ)—୧। ସମ୍ୟକ୍‌ରୂପେ ଅବସ୍ଥିତ Samabasthita —1.Peculiarly situated. ୨ । ସମତ୍ୱରେ ଅବସ୍ଥିତ—2. Similarly placed or situated.

ସମବସ୍ଥିତି—ସଂ. ବ। (ସମ୍+ଅବସ୍ଥିତ)—ସମବସ୍ଥାନ (ଦେଶ)— Samabasthiti Samabasthāna (See)

ସମବହାସ୍ୟ—ଶଂ. ବିଣ. (ସମ୍+ଅବ+ହସ୍ ଧାତୁ+କର୍ମ ଯ)— Samabahāsya ସମ୍ୟକ୍‌ରୂପେ ଉପହସିତ ହେବାକୁ—Deserving (ସମବହାସ୍ୟା—ସ୍ତ୍ରୀ) to be derided or hooted out. (ସମବହସିତବ୍ୟ—ଅନ୍ୟରୂପ)

ସମବାୟ—ସଂ. ବ. (ସମ୍+ଅବ+ଇ ଧାତୁ=ଗମନ କରିବା+କର୍ତ୍ତୃ Samabāya ଅ)-୧ । ସମୂହ—1. Multitude; conglo- (ସମବେତ—ବିଣ) moration; aggregate. ୨। (+ଭାବ ଅ) ସଂଯୋଗ; ମିଳନ—2. Union; conjunction; cohesion. ୩ । ସମ୍ବନ୍ଧ—3. Connection. ୪ । ପରସ୍ପର ସଂବନ୍ଧ—4. Co-relation. ୫ । (ବୈଶେଷିକ ଦର୍ଶନ ଶାସ୍ତ୍ର) ନିତ୍ୟ ସଂବନ୍ଧ—(Philosophy) 5. Constant or intimate relation (between subject and attribute, cause and effect, the owner and the owned, the species and the genus); (one of the 7 categories. Baiseshika philosophy).

[ଦ୍ର—ଏହ ସମବାୟ-ସମ୍ବନ୍ଧର ଉଦାହରଣ, ଯଥା—କାର୍ଯ୍ୟ ସହିତ କାରଣର, ଅବୟବ ସହିତ ଅବୟବୀର, ଗୁଣ ସହିତ ଗୁଣୀର, ବ୍ୟକ୍ତି ସହିତ ଜାତିର, ଦେହ ସହିତ ଦେହୀର, ଦ୍ରବ୍ୟର ଗୁଣ ସହିତ କର୍ମର, ବିଶିଷ୍ଟ ବସ୍ତୁ ସହିତ ଉତ୍ତଶ୍ରେଣୀର ସମ୍ବନ୍ଧ ଇତ୍ୟାଦି] ୬ । ନ୍ୟାସୃଶାସ୍ତ୍ରାନୁମୋଦିତ ସଂବନ୍ଧ— 6. Logical relation, ବିଣ—୧ । ସମବେତ 1. Collective; joint. ୨ । ଯୌଥ; ଦଳବଦ୍ଧ— 2. Co-operative.

ସମବାୟ ଋଣ ସମିତି—ସଂ. ବ. (ଅଧିକ ବ୍ୟବହାର)—ବହୁ ବ୍ୟକ୍ତିଙ୍କ ବିଶେଷଙ୍କୁ ପ୍ରୟୋଜନ ବେଳେ ଋଣ ଦେବା ପାଇଁ ଗଠିତ ସମିତି; ଯୌଥ ମହାଜନ ସମିତି—Co-operative credit society; a joint stock society formed for lending money to its members.

ସମବାୟୀ—ସଂ. ବିଣ.—(ସମବାୟ+ଇନ୍; ୧ମା ୧ବ)—(ଦର୍ଶନ ଶାସ୍ତ୍ର) ସମବାୟ Samabāyī ବା ନିତ୍ୟ ସଂବନ୍ଧଯୁକ୍ତ—Having intimate relationship; having or holding an attribute.

ସମବାୟୀ କାରଣ—ସଂ. ବ.—(ଦର୍ଶନ ଶାସ୍ତ୍ର) ଯେଉଁ କାରଣର କାର୍ଯ୍ୟ Samabāyī kāraṇa ସଙ୍ଗେ ଅବଚ୍ଛେଦ୍ୟ ବା ନିତ୍ୟ ସଂବନ୍ଧ ଥାଏ (Philosophy) Material cause; a cause to

Digitized by srujanika@gmail.com

which the effect is held in constant or eternal relation.

ସମବାର—ଗ୍ରା. ବ (ସଂ. ସୋମବାର)—ସୋମବାର—
Samabāra ସୋମବାର **सोमवार** Monday.

ସମବାରିଆ—ଗ୍ରା. ବଣ. ପୁଂ—୧ । ସୋମବାରରେ ଜାତ—1. Born
Samabāriā on a Monday. ୨ । ସୋମବାର ଦିନ (ସମବାର୍ଯ୍ୟ—ସ୍ତ୍ରୀ) ଘଟିବା—2. Happening on Monday. ସୋମବାରେ ଖାଇବେ ସୋମବାର ବ୍ରତ ଥାଳେ—3. Fasting on **सोमवारिआ** Mondays. ବ. ପୁଂ—ଲୋକଙ୍କ ନାମ—
A name given to males.

ସମବାଲି—ଦେ. ବ—ସମ୍ବାଲୁଆ (ଦେଶ)
Samabāli Sambāluā. (See)
(ସମବାଳ[ଳୁ]ଆ—ଅନ୍ୟରୂପ)

ସମବାହୁ—ସଂ. ବଣ (ବହୁବ୍ରୀ; ଜ୍ୟାମିତି)—ସମାନ ବାହୁଯୁକ୍ତ
Samabāhu (କ୍ଷେତ୍ର); ଯେଉଁ କ୍ଷେତ୍ରର ବାହୁମାନ ପରସ୍ପର (ସମବାହୁକ—ଅନ୍ୟରୂପ) ସହିତ ସମାନ—(Geometry)
Equilateral; (a figure) having the sides equal.

ସମବେକ୍ଷଣ—ସଂ. ବ (ସମ୍+ଅବେକ୍ଷଣ)—ସମ୍ୟକ୍‌ରୂପେ ଦର୍ଶନ;
Samabekshaṇa ଅର୍ଥାବେକ୍ଷଣ (ବଶବ୍ଦକୋଷ)—Observa-
(ସମବେକ୍ଷକ; ସମବେକ୍ଷିତ—ବଣ) tion.

ସମବେତ—ସଂ. ବଣ (ସମ୍+ଅବ+ଇ. ଧାତୁ+କ୍ତ. ତ)—
Samabeta ୧ । ଏକତ୍ରୀଭୂତ—1. Collected together; assembled. ୨ । (ବହୁଲୋକଙ୍କ) ସମ୍ମିଳିତ; ଇଜମାଲ୍ଲୀ; ଯୌଥ—2. Joint. ୩ । ପରସ୍ପର ସଂବଦ୍ଧ—3. Correlated. ୪ । ପରସ୍ପର ସଂସୃକ୍ତ—4. Connected or joined together; united together; ୫ । ନିତ୍ୟ ସଂବନ୍ଧ ଦ୍ୱାରା ଯୁକ୍ତ—5. Inseparably or inevitably or eternally connected. ୬ । ସଞ୍ଚିତ (ବଶବ୍ଦକୋଷ)—6. Stored. ୭ । ଏକ ଶ୍ରେଣୀ ଭୁକ୍ତ (ବଶବ୍ଦକୋଷ)—7. Included in one class.

ସମବେତ ଚେଷ୍ଟା—ସଂ. ବ—ବହୁ ଲୋକଙ୍କ ସମ୍ମିଳିତ ଚେଷ୍ଟା—
Samabeta cheshṭā The joint efforts of many persons.

ସମବେତ ବାଣିଜ୍ୟ—ସଂ. ବ (ମଧ୍ୟପଦ)—ବହୁ ଲୋକଙ୍କ ସମବେତ
Samabeta bāṇijya ମୂଳଧନ ଦ୍ୱାରା ହେଉ ବାଣିଜ୍ୟ; ଇଜମାଲି (ସମବେତ ବ୍ୟବସାୟ—ଅନ୍ୟରୂପ) ବେପାର— Jointstock business or trade.

ସମବେତ ମୂଳଧନ—ସଂ. ବ (ମଧ୍ୟପଦ)—ବାଣିଜ୍ୟାଦି ପାଇଁ ବହୁ
Samabeta mūladhana ଲୋକଙ୍କ ସମ୍ମିଳିତ ପୁଞ୍ଜି—
ସମବେତ ମୂଳଧନ **समवेत पूँजी** Joint stock; joint capital.

ସମବେତ ହେବା—ଦେ. କ୍ରି—ଏକତ୍ର ହେବା; ଜମିବା—To be
Samabeta hebā collected together; to
ସମବେତ ହଓୟା **समवेत होना** assemble.

ସମ ବେଦନା—ସଂ. ବ (ମଧ୍ୟପଦ କର୍ମଧାର)—ଅନ୍ୟର ଦୁଃଖରେ
Samabedanā ଦୁଃଖାନୁଭବ; ବେଦନାପ୍ରାପ୍ତ ବା ଦୁର୍ଦ୍ଦଶାଗ୍ରସ୍ତ ବ୍ୟକ୍ତି ପ୍ରତି ସହାନୁଭୂତି—Sympathy with a suffering person; commiseration.
(ଉ—ଅଜାଏ ଜେବଳ ମାନ କଣ୍ଠକ ସେ ପଥେ ସମବେଦନାର, ନାଥ! ଏହା ତାର ଖତ । ସ୍ୱଧାନାଥ. ମହାଯାତ୍ରା ।) ଦେ.ବ—ଅନ୍ୟର ସୁଖ ଦୁଃଖରେ ସହାନୁଭୂତି—Fellow-feeling (in joy and grief).

ସମବେଶ(ଷ)—ସଂ. ବ—୧ । ସମାନ ବେଶ ବା ସଜ୍ଜା—1. Same
Samabeśa(sha) or similar dress. ୨ । ଯୁଦ୍ଧସଜ୍ଜା; ସେନା ସମାବେଶ (ବଶବ୍ଦକୋଷ)—2. Battle-array.

ସମବେଶନ—ସଂ. ବ—ବାହାଘର ଚତୁର୍ଥି ରାତ୍ରିରେ ଜୋଡ଼ାଦାଣ୍ଡି ବର-
Samabeśana କନ୍ୟାଙ୍କର ଏକତ୍ର ଶୟନ; ଚଉଥିକା—
The ceremony of consummation held on the fourth night of marriage and consisting in both the bride and the bridegroom occupying the same bed.

ସମ ଭାଗ—ସଂ. ବ (କର୍ମଧା)—ସମାନଭାଗ—Equal share or
Sama bhāga part. ସଂ. ବଣ—(ବହୁବ୍ରୀ) ସମାନ ଭାଗ ବିଶିଷ୍ଟ—Of equal shares.

ସମ ଭାବ—ସଂ. ବ—୧ । ସମାନତା—1. Equality. ୨ । ସମତା;
Sama bhāba ସାମ୍ୟ—2. Equability. ୩ । ଏକ ରୂପତା—3. Continuance in the same state; sameness. ୪ । ସାଦୃଶ୍ୟ—4. Similarity. ୫ । ଅପରିବର୍ତ୍ତନୀୟ ଭାବ—5. Unchangeable condition.

ସମଭିଧା—ସଂ, ବ—(ସମ୍+ଅଭିଧା)—ସମ ନାମ (ବଶବ୍ଦକୋଷ)—
Samabhidhā Same name.

ସମଭିବ୍ୟାହାର—ସଂ. ବ (ସମ୍+ଅଭି+ବ+ଅ+ଘ ଧାତୁ=ଦ୍ୱିତୀୟା
Samabhibyāhāra କର୍ତ୍ତା+ଭାବ. ଅ)—୧ । ସାହଚର୍ଯ୍ୟ;
ସମଭିବ୍ୟାହୃତ } ବଣ ସଙ୍ଗ—1. Company; association. ୨ । ଏକତ୍ରାବସ୍ଥିତି—2. Remaining together; co-existence. ୩ । ଏକତ୍ର ସଂଯୋଗ—3. Juxtraposition. ୪ । ଏକତ୍ର ଗମନ—4. Going together. ୫ । ଏକ ସଙ୍ଗେ ଉଚ୍ଚାରଣ—5. Simultaneous utterance.

ସମଭିବ୍ୟାହାରରେ—ଦେ. କ୍ରି ବଣ—ଏକ ସଙ୍ଗେ; ସାଙ୍ଗ ହୋଇ—
Samabhibyāhārare In the company of; along
ସମ ଭିବ୍ୟାହାରେ **समभिव्याहारमे** with.
(ସମଭିବ୍ୟାହାରେ—ଅନ୍ୟରୂପ)

Digitized by srujanika@gmail.com

ସମଭିବ୍ୟାହାରୀ—ସଂ. ବି ଓ ବିଣ. ପୁଂ (ସମଭିବ୍ୟାହାର+ଇନ୍)—୧ । ସାଥୀ; ସଙ୍ଗୀ—1. Associate; com-
Samabhibyāhārī panion. ୨ । ଏକତ୍ର ଗମନକାରୀ; ସହ-
(ସମଭିବ୍ୟାହାରିଣୀ-ସ୍ତ୍ରୀ) ଗାମୀ—2. Going together.
(ସମଭିବ୍ୟାହାର, ସମଭିବ୍ୟାହାରିତା, ସମଭିବ୍ୟାହୃତ—ଦ୍ରଷ୍ଟବ୍ୟ)

ସମଭିବ୍ୟାହୃତ—ସଂ· ବିଣ. (ସମ୍+ଅଭି+ବି+ଆ+ହୃ ଧାତୁ+କର୍ମ+
Samabhibyāhṛuta ତ)—୧ । ଏକତ୍ରୀଭୂତ—1 Gather-
ed together; collected at one place.
(ସମଭିବ୍ୟାହୃତ—ବି) ୨ । ଏକ ସଙ୍ଗେ ଗୃହୀତ—2. Moved together. ୩ । ସମୋଚ୍ଚାରିତ—3. Uttered together; simultaneously uttered. ୪। ସହିତ-together with; accompanied by; attended by.

ସମଭିହାର—ସଂ· ବି. (ସମ+ଅଭି+ହୃ ଧାତୁ=ହରଣ କରିବା+
Samabhihāra ଅ) ୧ । ପୌନଃପୁନ୍ୟ; ବାରଂବାର—
1. Repeatedness. ୨ । ଅତିଶଯ୍ୟ—2. Excessiveness.

ସମଭୂମି—ସଂ. ବି. (କର୍ମଧା)—୧ । ସମତଳ ସ୍ଥାନ—1. Level
Samabhūmi ground; even surface. ୨ ।
ସମ ଧରାତଳ—2. A plane ୩। ମନ୍ଦିର ଅଟ୍ଟାଳିକାଦି ଭାଙ୍ଗି ଉହାଁର ଭଳିକୁମିକୁ ସମତଳ କରଣ (ଭଗ୍ନକୋପ)—3. Lavelling of the site of a demolished building or temple.

ସମମ୍—ସଂ. ଅ. (ସମଧାତୁ=ସମାନ ହେବା, ଅବ୍ୟୟ ହେବା+ଉଣି
Samam ଅମ୍)—୧ । ସହ; ସହିତ—1. With. ୨। ଏକଦା; ଏକ କାଳରେ; ଏକ ସମୟରେ—2. At one time. ୩ । ସ୍ୟୁଗପତ୍—3. Simultaneously.

ସମ ମଣ୍ଡଳ—ସଂ; ବି. (ଭୂଗୋଳ ପଦ୍ଧତ୍ୟର୍ଥ—ଅଧୁନକ ପ୍ରଯୋଗ)
Sama maṇḍala ଭୂମଣ୍ଡଳର ପେଟ୍ ଅଂଶ ଶୀତମଣ୍ଡଳଦ୍ୱୟ ଓ ଗ୍ରୀଷ୍ମମଣ୍ଡଳଦ୍ୱୟର ମଧ୍ୟବର୍ତ୍ତୀ—(Geography) The temperate zones of the globe. [ଦ୍ର—ଭୂମଣ୍ଡଳସ୍ଥ ବିଷୁବରେଖାର ଉତ୍ତର ଓ ଦକ୍ଷିଣକୁ ଲଗିଥିବା ମଣ୍ଡଳଟିକୁ 'ଗ୍ରୀଷ୍ମ ମଣ୍ଡଳ' (Torrid Zone) କହନ୍ତି । ଏଠାରେ ଗ୍ରୀଷ୍ମର ପରିମାଣ ଖୁବ୍ ଅଧିକ । ପୁଣି ସେଠାରୁ ବେଢ଼ିଥିବା ମଣ୍ଡଳ ଦ୍ୱୟକୁ 'ଶୀତ ବା ହିମ ମଣ୍ଡଳ' (Frigid Zone) କହନ୍ତି । ଏହି ଶୀତ ମଣ୍ଡଳରେ ଶୀତର ପ୍ରକୋପ ଅଧିକ ଅଟେ ।]

ଗ୍ରୀଷ୍ମ ମଣ୍ଡଳର ଉତ୍ତରକୁ ଓ ଉତ୍ତର ଶୀତ ମଣ୍ଡଳର ଦକ୍ଷିଣକୁ ଲଗିଥିବା 'ସମମଣ୍ଡଳ'କୁ 'ଉତ୍ତର ସମ ମଣ୍ଡଳ' (North temperate zone) ଏବଂ ଗ୍ରୀଷ୍ମ ମଣ୍ଡଳର ଦକ୍ଷିଣ ଓ ଦକ୍ଷିଣ ଶୀତ ମଣ୍ଡଳର ଉତ୍ତରକୁ ଲଗିଥିବା 'ସମ ମଣ୍ଡଳ'କୁ 'ଦକ୍ଷିଣ ସମ ମଣ୍ଡଳ' (South temperate zone) କୋଇଯାଏ । ସମମଣ୍ଡଳଦ୍ୱୟରେ ଥିବା ଭୂପୃଷ୍ଠରେ ଶୀତଋ ଓ ଗ୍ରୀଷ୍ମର ଅଧିକ୍ୟ ନ ଥିବାରୁ ଅର୍ଥାତ୍ ସମତା ଥିବାରୁ ଏହି ମଣ୍ଡଳଦ୍ୱୟକୁ 'ସମମଣ୍ଡଳ' କୋଇଯାଏ ।]

ସମୟ—ସଂ. ବି. (ସମ୍=ସମାନ+ଇ ଧାତୁ=ଗମନ କରିବା+
Samaya ଅଚ୍ଛି. ଅ; ଅଥବା ସମ୍=ସମାନ+ଯା ଧାତୁ=ଗମନ କରିବା+କରଣ ଅ; ଯାହା ଚରକାଳ ସମଭାବରେ ଗତ କରେ)—୧ । କାଳ—1. Time. ୨ । ଋତୁ—2. Season; period. ୩ । ପରିମିତ କାଳ-3. A space of time. ୪। ସୀମା—4. Boundary; limit. ୫ । ଉପଯୁକ୍ତ ବେଳା; ଯଥାଯୋଗ୍ୟ କାଳ—5. Proper time: fit season. ୬ । ନିର୍ଦ୍ଦିଷ୍ଟ କାଳ—6. Appointed time. ୭ । ଫୁରସେତ୍; ଅବକାଶ; ଅବସର—7. Leisure. ୮ । ସୁଯୋଗ—8. Opportunity. ୯ । ନିୟମ—9. Rule, ୧୦ । ସତ୍ୟପ୍ରତିଜ୍ଞା; ଶପଥ—10. Promise; vow; oath. ୧୧ । ସିଦ୍ଧାନ୍ତ—11. Resolution. ୧୨ ।ଅନ୍ତ୍ୟକାଳ—12. Time of death. ୧୩ । ନିର୍ଦ୍ଦେଶ—13. Indication. ୧୪ । ସଙ୍କେତ—14. Sign· ୧୫ । ଚୁକ୍ତି—15. Agreement; contract; convention. ୧୬ । ଆଦେଶ; ଆଜ୍ଞା—16. Command; order. ୧୭ । ଆଗୁର; ବ୍ୟବହାର—17. Custom. ୧୮ । ମୀମାଂସା—18. Decision. ୧୯ । କର୍ତ୍ତବ୍ୟ ନିଷ୍ପାଦନ-19. Doing of a duty; fulfilment of duty; carrying out of a duty. ୨୦ । ପ୍ରଚାର; ଘୋଷଣା—20. Publication; promulgation; notification. ୨୧ । ଦୁଃଖାବସାନ—21. The end of misery. ୨୨ । ଉପଦେଶ—22. Advice; instruction. ୨୩। ଧର୍ମ—23. Religion; righteousness. ୨୪। ନ୍ୟାୟ—24. Justice. ୨୫। ସମୃଦ୍ଧି (ଭଗ୍ନକୋପ)—25.Prosperity; affluence. ୨୬। କାଳ୍ୟ (ଭଗ୍ନକୋପ)—26. World. ୨୭। କଥିତା-27. Speech. ଦ୍ର. ଚ୍ଚଣ ପୁଂ—(ସମ୍=ସମ୍ୟକ୍ (ସମସ୍ୟା—ସ୍ତ୍ରୀ) ଦୋଇଅଛ ଅସୁ=ସୌଭାଗ୍ୟ ଯାହାର; ବହୁବ୍ରୀ) ସୌଭାଗ୍ୟଶାଳୀ—Prosperous; fourtunate. ତେ. ବି. ୧। ମୃତ୍ୟୁ; ଜୀବଲୀଳା—1. Death. ୨। ନିଅତ; କାଳର

समय **समय** ସୀମା—2. Limit of time. ୩। ସମ୍ଭଳତ; କୌଣସି କାର୍ଯ୍ୟପାଇଁ ଦିଆଯିବା ନିର୍ଦ୍ଦିଷ୍ଟ କାଳ—3. Time granted for the performance of a work; adjournment. ୪। ବୟସ—4. Age. ୫। କୌଣସି ବ୍ୟକ୍ତିର ଉଦ୍ଭବର ବା ଅଧିକାରର ବା ପ୍ରଭୁତ୍ୱର କାଳ—5. Time of reign or predominance or prevalence; regime. [ଯଥା—ଅକବରଙ୍କ ଟୋଡାଙ୍କର ସମୟ ଦୋଇଛି, ବୁଢ଼ାଙ୍କ କଥା ଶୁଣିବ କଏ ?] ୬ । ପଶୁମାନଙ୍କର ଋତୁକାଳ ବା ସଙ୍ଗମକାଳ—6. The mating season of animals.

Digitized by srujanika@gmail.com

ସମୟ ଅସମୟ—ଦେ. ବ—୧ । କାଳାକାଳ; ସୁସମୟ ଓ ଦୁଃସମୟ—Samaya asamaya 1. Proper and improper seasons; good and bad times. ୨ । ସବୁ ବେଳ—2. All times

ସମୟ କରିବା—ଦେ. କି—୧ । କୌଣସି କାର୍ଯ୍ୟ କରିବା ପାଇଁ ସମୟର ବ୍ୟବସ୍ଥା କରିବା—1. To Samaya karibā ସମୟକରା **समयकरना** make time. ୨ । ନିଶ୍ଚିତ ସ୍ଥିର କରିବା; ଠିକ୍ କରିବା—2. To appoint a time. limit. [ଜୁ—ଖାଣ୍ଡବେ ସମୟ ତ କରିଥାଇନ୍ତ କାହିଁକି ଲେଖିଟିବେ କଡ଼ ତ ଯୁଜଉ । —ବୃଷ୍ଣସିଂଦ୍ଧ. ମହାଭାରତ. ବନ]

ସମୟକାର—ଫ. ବ. (ସମୟ + କୃ ଧାତୁ + କର୍ତ୍ତୃ. ଅ)—୧। ପରିଭାଷା—Samayakāra 1. Glossary of technical terms. ୨ । ସଙ୍କେତ (କିମ୍ବାଣ୍ଡଶେଷ)—2. Sign; indication.

ସମୟ ଘଟିବା—ଦେ. ବ—ସମୟ ମିଳିବା (ଦେଖ)—Samaya ghaṭibā Samaya milibā (See)

ସମୟ ଦେବା—ଦେ. କି—୧ । ସମୟଲାଭ ଦେବା; ଅବସର ମଞ୍ଜୁର କରିବା—1. To grant time; to Samaya debā ସମୟଦେଓୟା **समयदेना** grant an adjournment. ୨ । ସମୟ ନିର୍ଦ୍ଦେଶ କରିବା—2. To appoint or fix a time.

ସମୟ ନ ଥିବା—ଦେ. ବ—୧ । ଫୁରୁସେତର ବା ଅବସରର ଅଭାବ—Samaya na thibā 1. Want of leisure. ସମୟନାଥାକା **समयनरहना** ୨ । ସୁବିଧାର ଅଭାବ—2. (ସମୟ ନ ମିଳିବା; ସମୟ ନ ହେବା—ଅନ୍ୟରୂପ) Want of opportunity.

ସମୟ ନିରୂପଣ—ଙ. ବ—ନିର୍ଦ୍ଦିଷ୍ଟ ସମୟର ସ୍ଥିରୀକରଣ—A ascertainment of the exact time. Samaya nirūpaṇa

ସମୟ ନେବା—ଦେ. କି—ସମୟଲାଭ ନେବା; ଅବକାଶ ପ୍ରାର୍ଥନା କରିବା —To take time. ସମୟ ନେଓୟା **समय लेना**

ସମୟ ପାଇବା—ଦେ. କି—୧ । ସମୟଲାଭ ପାଇବା; କୌଣସି କାର୍ଯ୍ୟ Samaya pāibā ପାଇଁ ଅବକାଶ ପ୍ରାପ୍ତ ହେବା—1. To get ସମୟ ପାଓୟା time. ୨ । ଉପଯୁକ୍ତ ଅବସର ପ୍ରାପ୍ତ ହେବା— **समय पाना** 2. To get an opportunity. ୩ । ଫୁରୁସେତ ପାଇବା—3. To get leisure.

ସମୟ ବିଭାଗ—ଙ. ବ (ଶ୍ରୀ ଉତ୍ତ)—୧ । ଅଳ୍ପ ଅଳ୍ପ କାର୍ଯ୍ୟ ପାଇ Samaya bibhāga ଅଳ୍ପ ଅଳ୍ପ ବେଳର କଳ୍ପନ— 1. Division of time into a routine. ୨ । କାଳକୁ ଅଳ୍ପ ଅଳ୍ପ ଅଂଶରେ ବିଭାଗ କରିବା— 2. Division of time into distinct periods.

[ଦ୍ର—ଅଳ୍ପ ଅଳ୍ପ ଦେଶରେ ଲୋକେ ସମୟକୁ ବିଭିନ୍ନ ଅଂଶରେ ବିଭାଗ କରିଥାନ୍ତି । ଯଥା—୧ ଶତାବ୍ଦୀ = ୧୦୦ ବର୍ଷ । ୧ ବର୍ଷ = ୧୨ ମାସ = ୬ ଋତୁ । ୧ଋତୁ = ୨ ମାସ । ୧ ମାସ = ୩୦ ଅହୋରାତ୍ର = ୩୦ ତିଥି = ୨ ପକ୍ଷ । ୧ ପକ୍ଷ = ୧୫ ଅହୋରାତ୍ର । ୧ ତିଥି = ୧ ଅହୋରାତ୍ର = ୧ ଦିନ + ୧ ରାତ୍ରି = ୮ ପ୍ରହର = ୨୪ ଘଣ୍ଟା । ୧ ଦିନ = ୧୨ ଘଣ୍ଟା = ୪ ପ୍ରହର = ୩୦ ଦଣ୍ଡ । ୧ ରାତ୍ରି = ୧୨ ଘଣ୍ଟା = ୪ ପ୍ରହର = ୩୦ ଦଣ୍ଡ । ୧ ପ୍ରହର = ୪ ଘଡ଼ି = ୭୨ ଦଣ୍ଡ । ୧ ଘଣ୍ଟା = ୬୦ ମିନିଟ୍ । ୧ମିନିଟ୍ = ୬୦ ସେକେଣ୍ଡ୍ । ୧ ଦଣ୍ଡ = ୬୦ ପଳ । ୧ ପଳ = ୬୦ ବିପଳ । ୧ ବିପଳ = ୬୦ ଲବ । ୧ ଲବ = ୬୦ ବିଲବ ଇତ୍ୟାଦି ।]

ସମୟ ମିଳିବା—ଦେ. ବ—୧ । ସୁଯୋଗ ଘଟିବା; ସୁବିଧା ଘଟିବା— Samaya milibā 1. The happening of an opportunity. ୨ । ଫୁରୁସେତ ବା ଅବକାଶ ମିଳିବା- ସମୟ ମିଳା **समय मिलना** 2. The getting of leisure.

ସମୟ ସେବୀ—ବି. ବଣ. ତ୍ରି (ସମୟ + ସେବ୍ ଧାତୁ + କର୍ତ୍ତୃ. ଇନ୍; Samaya sebī ୧ମା. ୧ବ)—୧ । ଯେ କେବଳ ଦେଖି କାମ (ସମୟ ସେବଗ—ସ୍ତ୍ରୀ) କରେ—1. Time-serving. ୨ । କାଳର ମୂଲ୍ୟଜ୍ଞ—2. Knowing the value of time.

ସମୟ ହେବା—ଦେ. ବ—୧ । ମୃତ୍ୟୁ ଘଟିବା; ମରଣହେବା—1. Death; Samaya hebā breathing one's last. ୨ । ସମୟ ସମ୍ପନ୍ନ ହଓୟା ମିଳିବା (ଦେଖ)—2. Samaya milibā (See) **समय होना** ୩ । ଉପଯୁକ୍ତ ସମୟ ଉପସ୍ଥିତ ହେବା—3. The arrival of proper or fit time.

ସମୟା—ଫ. ଅ (ସମ୍ + ଇ ଧାତୁ + କର୍ତ୍ତୃ. ଆ)—୧ । ସମୀପରେ; Samayā ନିକଟରେ—1. Near; in the vicinity ସମୟ **समय** of. ୨ । ମଧ୍ୟରେ—2. In the middle; (ସମୟ—ଗୁ°) amidst; in the midst of. ଫ. ବଣ. ସ୍ତ୍ରୀ (ସମୟ + ସ୍ତ୍ରୀ. ଅ)—ସୌଭାଗ୍ୟଶାଳିନୀ—(Feminine) Fortunate (woman). ଗ୍ରା. ବ (ସ. ସମୟ)—୧ । ସମୟ; କାଳ—1. Time. ୨ । ମୃତ୍ୟୁ— 2. Death.

ସମୟାଧ୍ୟୁଷିତ—ଙ. ବ—ଯେଉଁ ସମୟରେ ସୂର୍ଯ୍ୟ ବା ନକ୍ଷତ୍ର ଦୃଷ୍ଟି- Samayādhyushita ଗୋଚର ହୁଏ ନାହିଁ; ସୂର୍ଯ୍ୟ ନକ୍ଷତ୍ର- ବିହିତକାଳ (ମନୁ. ୨।୧୫)—A time when the sun or the stars are not visible.

ସମୟାନ୍ତର—ଫ. ବ (କର୍ମଧାରୟ; ଅନ୍ୟ + ସମୟ = ସମୟାନ୍ତର)— Samayāntara ୧ । ଅନ୍ୟ ସମୟ—1. An other time. ୨ । ଭିନ୍ନ କାଳ—2. Different time.

Digitized by srujanika@gmail.com

ସମୟାଭାବ—ଫ. ବ. (୭ମୀ ତତ୍; ସମୟ+ଅଭାବ)—୧ । କାଳର ଅଭାବ; ବେଳ ନ ଥିବା—1. Want of time. ୨ । ଅବସର ନ ମିଳିବା—2. Want of leisure.

Samayābhāba

ସମ ଯୋଗ୍ୟ—ଫ. ବଣ. ପୁଂ (ସମ=ସମାନ ରୂପେ+ଯୋଗ୍ୟ;କର୍ମଧା)—୧ । ସମକକ୍ଷ; ସମତୁଲ—1. Equal; similar, ୨ । ସମାନ ରୂପେ ଯୋଗ୍ୟ—2. Equally fit. (ସମଯୋଗ୍ୟା—ସ୍ତ୍ରୀ; ସମଯୋଗ୍ୟତା—ବ)

Sama joggya

ସମୟୋଚିତ—ଫ ବଣ—କାଳର ଉପଯୁକ୍ତ; ଯେଉଁ କାଳରେ ଯାହା ଉପଯୋଗୀ—Befitting the times, suited to the occasion; opportune; seasonable.

ସମୟୋଚିତ, ସମୟୋପଯୋଗୀ, ସମୟୋପଯୁକ୍ତ } ଅନ୍ୟରୂପ

Samayochita

ସମ ଯୋଦ୍ଧା—ସ. ବ (ସମ+ଯୁଧ୍ ଧାତୁ+ତୃ; ସମଯୋଦ୍ଧୃ; ୧ମା. ୧ବ) —୧ । ଏକ ସଙ୍ଗରେ ଏକ ପକ୍ଷରେ ଯୁଦ୍ଧ କରୁଥିବା ବୀର—1. Comrade in arms; warriors fighting on the same side. [ଉ—ଉଠ ଉଠ ଆହେ ସମଯୋଦ୍ଧାଗଣ ! କରେ କରବାଳ ପଣ ସମରେ । ଗ୍ରଧାନାଥ· କଉଡାବଳୀ ।] ୨। ଯୁଦ୍ଧରେ ପ୍ରତିଦ୍ୱନ୍ଦ୍ୱୀ ବୀର—2. A rival or opponent; warrior; adversary.

Sama joddhā —(ସମଯୋଧା; ସମଯୋଧୃ—ଦେ. ରୂ)

ସମର୍ କ(ଖ)ନ୍ଦ—ବୈଦେ· ବ (ନାମ)—ତୁର୍କୀସ୍ଥାନର ଅନ୍ତର୍ଗତ ଓ ଅଧୁନା ରୁଷ ରାଜ୍ୟର ଅଧିକୃତ ପୂର୍ଗାଧିଷ୍ଠିତ ନଗର—Samarkand; name of a famous town in Turkistan.

Samar k(kha)nd

[ଦ୍ର—ଏହି ନଗର ବହୁ ପ୍ରାଚୀନ; ପୁଙ୍କେ ଏହି ନଗର ଇସ୍ଲାମ୍ ଧର୍ମର ଓ ପାର୍ସୀ ସାହିତ୍ୟଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଥିଲା । ପ୍ରାଚୀନ ନଗର ଧ୍ୱସ୍ତ ହେବାରୁ ବର୍ତ୍ତମାନ ନୂତନ ନଗର ନିର୍ମିତ ହୋଇଛି । ଖ୍ରୀ ୭୦୨ ରେ ଆରବମାନେ ଏହା ଅଧିକାର କଲେ, ୧୨୧୯ ରେ ଏହା ଚେ(ଙ୍ଗେ)ଙ୍ଗିସ୍ ଖାଁଙ୍କର ଓ ୧୩୫୯ ରେ ଏହା ତୈମୁର୍ ଲଙ୍ଗଙ୍କ ଅଧିକାରରେ ଆସିଲା । ତୈମୁରଙ୍କ ସମୟରେ ନଗରର ବିଶେଷ ଉନ୍ନତି ସାଧିତ ହୋଇଥିଲା । ପରବର୍ତ୍ତୀ କେତେକ ଶତାବ୍ଦୀ ପର୍ଯ୍ୟନ୍ତ ଏ ନଗର ବିদ୍ୟାଚର୍ଚ୍ଚାର ପ୍ରଧାନ କେନ୍ଦ୍ର ଓ ବିଶ୍ୱବିদ୍ୟାଳୟ ରୂପେ ପ୍ରତିଷ୍ଠା ଲାଭ କରିଥିଲା । ୧୮୬୮ ଖ୍ରୀଷ୍ଟାବ୍ଦରେ ଏହା ରୁଷ ସାମ୍ରାଜ୍ୟ ଭୁକ୍ତ ହେଲା—ବିଶ୍ୱକୋଷ ।]

ସମର—ଫ. ବ (ସମ=ସମାନ+ର ଧାତୁ=ଗମନ କରିବା+ଅଥ-କରଣ, ଅ; ଯହିଁରେ ଏକାଧିକ କର୍ତ୍ତା ସମାନରୂପେ ଗମନ କରନ୍ତି; କିମ୍ବା ସ=ସହିତ+ମର=ମରଣଶୀଳ, ମରଣଶୀଳମାନଙ୍କ ସହିତ ବର୍ତ୍ତିମାନ; ସହାର୍ଥ ବହୁବ୍ରୀ)—ଯୁଦ୍ଧ; ରଣ;ସଂଗ୍ରାମ; ଲଢ଼େଇ— Battle; fight; war; conflict. ଦେ. ବ (ନାମ)—ସମରସିଂହ (ଦେଶ)—Samarasimha (See) [ଉ—ସମର ସାଙ୍ଗରେ ଦେଶସ୍ଥ 'ସମର' ପୃଥ୍ୱୀସ୍ଥଳ ସହ ଜଡ଼ିତ ରଣ—ଜଜ-କଟୋର, କୃଷ୍ଣକୁମାସ୍ତ ।]

Samara

ସମର କୁଶଳ—ଫ, ବଣ. ପୁଂ (୭ମୀ ତତ୍)—ଯୁଦ୍ଧବିଦ୍ୟାରେ ପଟୁ—Versed the art of war; skilful in fighting, (ସମର କୁଶଳା—ସ୍ତ୍ରୀ) (ସମର କୁଶଳତା—ବ)

Samara kusala

ସମର କୌଶଳ—ଫ. ବ (୭ମୀ ତତ୍)—ଯୁଦ୍ଧ ବିଦ୍ୟାରେ କୌଶଳ ବା ନୈପୁଣ୍ୟ—Skill in war; the art of war.

Samara kausala

ସମର କ୍ଷେତ୍ର—ଫ. ବ (ମଧ୍ୟପଦଲୋପୀ କର୍ମଧା; ସମର ପାଇଁ ବ୍ୟବହୃତ କ୍ଷେତ୍ର)—ଯୁଦ୍ଧ ଭୂଇଁ; ଲଢ଼େଇ ଥାନ; ଯୁଦ୍ଧ ସ୍ଥାନ—War-field battlefield.

ସମର କ୍ଷେତ୍ର, ସମର ଭୂମି, ସମର-ଭୂଇଁ, ସମର ଭୁ, ସମର ବସୁଧା } ଅନ୍ୟରୂପ

Samara kshetra

ସମର ଜିତ୍—ଫ. ବଣ ପୁଂ ସ୍ତ୍ରୀ (ସମର+ଜି ଧାତୁ+କ୍ୱିପ୍)—ଯୁଦ୍ଧଜୟୀ—Victorious in fight. (ସମରଜେତା, ସମରଞ୍ଜୟ —ଅବ୍ୟ ପୁଂ, ରୂପ)

Samara jit

ସମରତ—ସ·ବ—ରତ୍ତବନ୍ଧବିଶେଷ—A particular pose in copulation. [ଦ୍ର—ନାସ୍ତର ପଦଦ୍ୱୟକୁ ଉଫାଦ୍ଦସ୍ତ ସଙ୍ଗେ ସଂଯୁକ୍ତ କରି ସ୍ତନ ଧାରଣ ପୂର୍ବକ ରମଣକୁ ସମରତ କୋଇପାଏ—ରତ୍ତମଞ୍ଜସ୍ତ ।]

Samarata

ସମରଥ—ପ୍ରା. ବଣ (ସଦ୍ୟ) (ସ. ସମର୍ଥ)—ସମର୍ଥ (ଦେଶ)—Samaratha Samartha (See). [ଉ—ପାଣ୍ଡୁଙ୍କର ପୁତ୍ର ସମର୍ଥ ଜଣିବାକୁ ଦଉଣ, ସମରଥ ନୋହୁଲ ମୋ ପୁତ୍ର ଅପଣେ—କୃଷ୍ଣସିଂହ ମହାଭାରତ ଅଦ ।] ପ୍ରା. ବ (ସ. ସାମର୍ଥ୍ୟ) —ସାମର୍ଥ୍ୟ (ଦେଶ)—Sāmarthya (See)

ସମର୍ଥ

ସାମର୍ଥ୍ୟ

ସମରଥା—ପ୍ରା. ବଣ (ସ. ସମର୍ଥ)—୧ । ସାମର୍ଥ୍ୟଯୁକ୍ତ; ସମର୍ଥ—1. Strong; able. ୨ । ପରାକ୍ରମଶାଳୀ—2. Powerful. ଦେ. ବ—୧ । ଶୂଦ୍ରମାନଙ୍କର ବଂଶୋପାଧି ବିଶେଷ—1. A family title of Sūdras. ୨। ଦେବସେବକ ବିଶେଷ; ଭୁବନେଶ୍ୱର ଓ ପୁରୀ ମନ୍ଦିରରେ ଯେଉଁମାନେ ଠାକୁରଙ୍କ ନୈବେଦ୍ୟ ପାଇଁ ପନିବା କାଟନ୍ତି, ଗୁଜୁଲ ଧୁଅନ୍ତି, ରୁନା ରୁଷନ୍ତି ଓ ବର ବାଟନ୍ତି—2. A class of servants in Puri and Bhubaneswara temples who prepare and cleanse rice and kitchen--vegetables etc for the kitchen. [ଦ୍ର —ସମରଥା ବା ସମର୍ଥା ଦୁଇ ଶ୍ରେଣୀର--ବ୍ରାହ୍ମଣ ସମର୍ଥା ଓ ଶୂଦ୍ର ସମର୍ଥା । ମହାପ୍ରଭୁଙ୍କ ଭୋଗ ପାଇଁ ବଟା ସଢା ଅଦ କରିବା ସେବକ ବ୍ରାହ୍ମଣ-ସମରଥା ଓ ରୁନା ରୁଷା, ବର ମୁଗ ରଗଡ଼ା ଅଦ କରିବା ସେବକ ଶୂଦ୍ର ସମରଥା ଅଟନ୍ତି ।]

Samarathā

ସମରପଣା—ପ୍ରା· ବ (ସଦ୍ୟ) (ସ. ସମର୍ପଣ)—ସମର୍ପଣ (ଦେଶ)

Samarapaṇa Samarpaṇa (See)

Digitized by srujanika@gmail.com

ସମରପିବା—କ୍ରି. ଅ (ସ. ସମର୍ପିବା)—ସମର୍ପିବା (ଦେଖ)
Samarapibā Samarpibā (See)

ସମର ପୋତ—ସ. ବ (ସ. ଷ. ତତ୍ପୁ. କର୍ମଧା)—ଯୁଦ୍ଧ ଜାହାଜ—
Samara pota A man-o-war; a warship.
(ସମର ଉତ୍ସ—ଅନ୍ୟରୂପ)

ସମର ପ୍ରିୟ—ସ. ବଣ. ପୁଂ (ବହୁବ୍ରୀହି)—ଯୁଦ୍ଧପ୍ରିୟ; ଯେ ଯୁଦ୍ଧ
Samara priya କରିବାକୁ ସ୍ୱଳ ପାଏ—War-loving;
(ସମରପ୍ରିୟା—ସ୍ତ୍ରୀ) (ସମର ପ୍ରିୟତା—ବ) warlike.

ସମର ବିଜ୍ଞାନ—ସ. ବ (ଅନୁଚିତ ପ୍ରୟୋଗ)—ଯୁଦ୍ଧ ବିଜ୍ଞାନ—
Samara bijñāna The science of war.

ସମର ବିଦ୍ୟା—ସଂ. ବ—୧ । ଯୁଦ୍ଧ ବିଜ୍ଞାନ—1. The science
Samara bidyā of war. ୨ । ଯୁଦ୍ଧ କୌଶଳ—
2. The art of war; skill in battle.

ସମର ମୁହାଁ—ଦେ. ବଣ—ଯୁଦ୍ଧ ପାଇଁ ସହିତ; ଯୁଦ୍ଧ ପାଇଁ ଅଗ୍ରସର—
Samara muhāṅ Ready for battle. [ଉ—ଛଡ଼
ସମର ମୁଖୋ ପ୍ରାଣ ମାୟା ଛାଡ଼ିସାରି ହୁଅ ଯୁଝିବାକୁ ଢେଲେ ସମର
ସମର ମୁଁହା ମୁହାଁ—ବଲରାମ ଦେବ, ବାଲ୍ୟଷ୍ଟକ ।]

ସମର ମୂର୍ଦ୍ଧା—ସ. ବ (୬ଷ୍ଠୀ ତତ୍, ସମରର ମୂର୍ଦ୍ଧନ୍=ଅଗ୍ରଭାଗ, ୧ମା
Samara mūrddhā ୧ବ)—ଯୁଦ୍ଧର ସପ୍ତ ଶାଖା; ଯେଉଁ-
ଠାରେ ଯୁଦ୍ଧ ପ୍ରଥମେ ଆରବ୍ଧ ହୁଏ—The front of
battle.

ସମର ଶଯ୍ୟା—ସ. ବ (ରୂପକ କର୍ମଧା)—ଯୁଦ୍ଧସ୍ଥଳରୂପ ଶଯ୍ୟା (ଅର୍ଥାତ୍
Samara śaỵyā ଯେଉଁ ଶଯ୍ୟାରେ ଯୋଦ୍ଧାମାନେ ଶୋଇଲା
ପରି ମହାନିଦ୍ରାରୂପକ ହୁଅନ୍ତି)—Field of battle
compared to a bed for the fallen warriors.

ସମର ଶାୟିତ—ସଂ. ବଣ. ପୁଂ (ଶୟ୍ + ଭକ୍ତ୍)—ଯୁଦ୍ଧରେ ପଡ଼ିଚ; ମୃତ
Samara śāyita ଯେ ଯୁଦ୍ଧ କରୁ କରୁ ହତ ହୋଇ ସମର-
(ସମରଶାୟିତା—ସ୍ତ୍ରୀ) ଭୂମିରେ ଚରନିଦ୍ରା ଭଜେ—Fallen in
battle.

ସମର ଶାୟୀ—ସଂ. ବଣ. ପୁଂ (୬ମୀ ତତ୍)—ସମର ଶାୟିତ (ଦେଖ)
Samara śāyī Samara śāyita (See)
(ସମର ଶାୟିନୀ—ସ୍ତ୍ରୀ)

ସମର ଶୀଳ—ସଂ. ବଣ. ପୁଂ (ବହୁବ୍ରୀହି)—୧। ରଣକୁଶଳ; ଯୁଦ୍ଧପଟୁ—
Samara śīla 1.Skilful in warfare ୨। ଯୁଦ୍ଧରେ ନିଯୁକ୍ତ
—2. Engaged in fight. [ଉ—କୃଷ୍ଣବାର
ଅତଳଉତ୍କଳ ମହାବଳ ଦେଖ ଦେଇ ସମରଶୀଳ ସେ—
(ସମରଶୀଳା—ସ୍ତ୍ରୀ) ଭଞ୍ଜ. ଚଂ ଦେଖିଶତ୍ରୁଲାସ ।]

ସମର ସଚିବ—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧ ମନ୍ତ୍ରୀ; ଯୁଦ୍ଧ ସମ୍ବନ୍ଧରେ
Samara sachiba ରାଜାଙ୍କୁ ପରାମର୍ଶ ଦେଉଥିବା—
A war-minister; war lord.

ସମର ସଚିବତା—ସଂ. ବ (ସମର ସଚିବ + ଭାବେ ତା)—ଯୁଦ୍ଧ-
Samara sachibatā ମନ୍ତ୍ରିତ୍ୱ; ଯୁଦ୍ଧମନ୍ତ୍ରୀଙ୍କ ପଦ—The post
[ସମର ସାଚିବ୍ୟ—ଅନ୍ୟରୂପ] of a war-minister.

ସମର ସଜ୍ଜା—ସଂ. ବ—ଯୁଦ୍ଧସଜ୍ଜା; ରଣସଜ୍ଜା; ଯୁଦ୍ଧ କରିବା ପାଇଁ
Samara sajjā ପ୍ରସ୍ତୁତ ହେବା—Battle-array.

ସମର ସିଂହ—ଦେ. ବ (ନାମ)—୧ । ମିବାର ବା ଚଉଡାରର
Samara simha ଜନୈକ ରାଜା—1. Name of an anci-
ସମର ସିଂହ ent king of Mewar in North India.
समर सिंह [ଦ୍ର—ଏ ବଂଶର ଶେଷ ହିନ୍ଦୁ ରାଜା ପୃଥ୍ୱୀରାଜଙ୍କ ଭଗିନୀ-
ପତି ଥିଲେ । ଜାନ୍ୟକୁବ୍ଜର ରାଜା ଜୟଚନ୍ଦ୍ରଙ୍କ ଅହ୍ୱାନ
କ୍ରମେ ଅଫଗାନସ୍ଥାନର ରାଜା ମହମ୍ମଦ ଘୋରୀ ଦିଲ୍ଲୀକୁ
ଆକ୍ରମଣ କରିବାରୁ ଏ ପୃଥ୍ୱୀରାଜଙ୍କ ସଙ୍ଗେ ଯୋଗ ଦେଇ
ପ୍ରଥମବାର ମହମ୍ମଦ ଘୋରୀଙ୍କ ଆକ୍ରମଣକୁ ପ୍ରତିରୋଧ କରି
ନାରାୟଣ ନାମକ ସ୍ଥାନରେ ତାଙ୍କୁ ପରାଜିତ କଲେ । କିନ୍ତୁ
ଦ୍ୱିତୀୟଥର ଯୁଦ୍ଧରେ ପୃଥ୍ୱୀରାଜ ବନ୍ଦୀ ହେଲେ ଓ ସମର
ସିଂହ ସ୍ୱୀୟ ପୁତ୍ର କଲ୍ୟାଣ ସିଂହଙ୍କ ସଙ୍ଗେ ସମରଶାୟୀ
ହେଲେ—୧୧୯୩ ଖ୍ରୀ. ।] ୨ । ଗୁଜରାଟର ଜଣେ
ବିଖ୍ୟାତ ପ୍ରାଚୀନ ଜ୍ୟୋତିର୍ବିତ୍—2. Name of a
famous ancient astronomer of gnjeerat.
[ଦ୍ର—ଜଗଦ୍ଭୂଷଣ କୋଷ୍ଟକ, ତାଜକ ସିଦ୍ଧାନ୍ତ, ମନୁଷ୍ୟ
ଜାତକ, ତାଜକ ଉଦ୍ଧ, ବର୍ଷଚର୍ଯ୍ୟା ବର୍ଣ୍ଣନ, ତାଜିକତତ୍ତ୍ୱସାର
ପ୍ରଭୃତି ଗ୍ରନ୍ଥ ଏହାଙ୍କ ରଚିତ—ବିଶ୍ୱକୋଷ ।]

ସମରାଙ୍ଗଣ(ନ)—ସଂ. ବ (୬ଷ୍ଠୀ ତତ୍)—ଯୁଦ୍ଧକ୍ଷେତ୍ର—The field
Samarāṅgaṇa(na) of battle; the scene of battle.
ସମରାଜି—ଦେ. ବ (ସଂ. ସୋମରାଜୀ)—ସୋମରାଜି (ଦେଖ)—
Samarāji Somarāji (See) [ଉ—ସମରାଙ୍କ କୁଅଦ
ଜାଲୁଆ ଜଳ । ମନୋହର ପାଣ୍ଡୀ ହରତାଳ—ଭଞ୍ଜ.
ଲକ୍ଷଣଚନ୍ଦ୍ର ।]

ସମ ରାଶି—ସଂ. ବ (କର୍ମଧା)—୧ । (ଗଣିତ) ଯେଉଁ ରାଶିକୁ ଦୁଇ
Sama rāśi ଦ୍ୱାରାରେ ହରଲେ ବାକି ଭାଗଶେଷ ରହେ ନାହିଁ;
ଅଯମ ରାଶି, ବିଷମ ରାଶି ବିପରୀତ ଯୋଡ଼ ସଂଖ୍ୟା (ଯଥା—୨, ୪, ୬, ୮—
1. Even number. ୨। (ଜ୍ୟୋତିଷ)
ମେଷାଦି ଦ୍ୱାଦଶରାଶି ମଧ୍ୟରୁ ୨ୟ, ୪ର୍ଥ, ୬ଷ୍ଠ, ୮ମ, ୧୦ମ
ଓ ୧୨ଶ ରାଶି—2. The signs of the Zodiac
comprising of even numbers

ସମରୁ—ଦେ. ବ (ନାମ)—ଭାରତୀୟ ଜର୍ମାନ ସୈନିକ ବିଶେଷ—
Samaru A German warrior of Indian warfare
ସମରୁ of the 18th Century. [ଦ୍ର—ଏହାଙ୍କ
समरु ଜନ୍ମ ଖ୍ରୀ. ୧୭୨୦ ଓ ମୃତ୍ୟୁ ୧୭୭୮ । ଏହାଙ୍କର ପ୍ରକୃତ
ନାମ ୱାଲ୍‌ଟର୍ ରେନ୍‌ହାର୍ଡ୍ (Walter Reinhard);
ଏହାଙ୍କ ଜନ୍ମସ୍ଥାନ ଜର୍ମାନୀରେ । ଏ ଭାରତକୁ ଆସି
ପ୍ରଥମେ ଫରାସୀ ସୈନିକ ବାହିନୀରେ, ପରେ ଯଥାକ୍ରମେ
ଇଷ୍ଟଇଣ୍ଡିଆ କମ୍ପାନୀଙ୍କ ସୈନିକ ବାହିନୀରେ, ଫରାସୀମାନଙ୍କ
ଅଧୀନତାରେ ଏବଂ ପରେ ଅଯୋଧ୍ୟା ନବାବଙ୍କର, ବଙ୍ଗ
ନବାବଙ୍କର ଭରତପୁର ଓ ଜୟପୁର ରାଜାଙ୍କର ଓ ବଂଶୀୟ
ରାଜାଙ୍କ ସୈନ୍ୟ ବାହିନୀରେ କାର୍ଯ୍ୟ କରିଥିଲେ । ବଙ୍ଗ
ନବାବ ମିରକାସିମଙ୍କ ଅଧୀନରେ ସେନାଧ୍ୟକ୍ଷ ଥିଲାବେଳେ
ଏ ୧୭୬୩ ସାଲରେ ପାଟନାରେ ୫୧ ଜଣ ଇଂରେଜ
ଓ ୧୦୦ ଅନ୍ୟ ଜାତିସ୍ଥ ବ୍ୟକ୍ତିଙ୍କୁ ଧରି ହତ୍ୟା କରିଥିଲେ ।

Digitized by srujanika@gmail.com

ଏଥି ପରେ ବଳାକେତେ ଅଯୋଧ୍ୟାର ନବାବଙ୍କ ଅଧୀନତାରେ ରହୁ ଥାଇଠାରୁ 'ସରଧାନା' ନାମକ ଏକ ମୂଲ୍ୟବାନ୍ ଜୁ-ବୃତ୍ତ ପାଇଁ ସେଠାରେ ଗୋଟିଏ ଦୁର୍ଗ ନର୍ମାଣପୂର୍ବକ ତହିଁ ମଧ୍ୟରେ ସୁଡ଼ିଏ ସୈନ୍ୟ ରଖି ସମରୁ ବେଗମଙ୍କୁ ସହୁତ ବାସ କଲେ । ଅଗ୍ରାରେ ଏହାଙ୍କ ମୃତ୍ୟୁ ଘଟିଲା । ଏ ମୂର୍ଖ ଓ ନଷ୍ଟଚରିତ୍ରକୁ ଥିଲେ । ଖ୍ରୀଷ୍ଟିୟମାନେ ଏହାଙ୍କୁ Summer ବା Somers ନାମ ଗ୍ରହଣ କଲେ ଏବଂ ଖ୍ରୀଷ୍ଟିୟମାନେ ଏହାଙ୍କୁ 'ସମରୁ' ନାମରେ ଡାକୁଥିଲେ ।]

ସମରୁ ବେଗମ୍—ଦେ. ବ (ନାମ)—ସମରୁଙ୍କ ରକ୍ଷିତା ସ୍ତ୍ରୀ—The Samaru begam name by which the mistress ସମରୁବେଗମ୍ of Samaru was known. [ଦ୍ର—ଏହାଙ୍କ ଜନ୍ମ ୧୭୫୨ ରେ ଓ ମୃତ୍ୟୁ ୧୮୩୨ ରେ । ଏହାଙ୍କର ପ୍ରକୃତ ନାମ ଜୋବଲିନା । ଏ ଜାତିରେ ଜର୍ଜିଆନ୍ (Georgian) ଥିଲେ । ଏହାଙ୍କ ଜନ୍ମ କାଶ୍ମୀରରେ ହୋଇଥିଲା । ଏ 'ସମରୁ'ଙ୍କ ସ୍ତ୍ରୀରୂପେ ବାସ କରୁଥିଲେ ଏବଂ ସମରୁଙ୍କ ମୃତ୍ୟୁ ପରେ ତାଙ୍କ ଜମିଦାରୀର ଓ ପ୍ରଭୂତ ସୈନ୍ୟର ଅଧିକାରିଣୀ ହେଲେ । ତା ପରେ ଏ ରୋମାନ୍‌କାଥଲିକ୍ ଧର୍ମ ଗ୍ରହଣ କରି ଜଣେ ଫରାସୀଙ୍କୁ ବାହା କଲେ । ଜଣେ ଫରାସୀ ଅମୃତସର କଲ୍ଲ ପରେ ଏ ଇଂରେଜମାନଙ୍କ ସହିତ ଯୁଦ୍ଧ କରି ୧୮୦୩ ସାଲରେ 'ଅସାଇ' ନାମକ ଯୁଦ୍ଧରେ ପରାସ୍ତ ହୋଇ ପରେ ଇଂରେଜଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ଏ ଖ୍ରୀଷ୍ଟାନ୍ ଧର୍ମର ଉନ୍ନତି ପାଇଁ ବହୁ ଧନ ଦାନ କରିଥିଲେ । ଏ କଲ୍‌କତାର ବିଷପ୍ (ଖ୍ରୀଷ୍ଟାନ୍ ଧର୍ମୋପଦେଶକ)ଙ୍କ ହସ୍ତରେ ଦାନାର୍ଥ ପଚାଶ ହଜାର ଟଙ୍କା ଅର୍ପଣ କରିଥିଲେ ଏବଂ ମିରଠରେ ଗୋଟିକେତେ ଗୀର୍ଜ୍ଜା ନର୍ମାଣ କରାଇଥିଲେ । ଏ ସବ୍ଦା ଖୁବ୍ ଅଡ଼ମ୍ବର ସହକାରେ ଚଳୁଥିଲେ ଓ ମୃତ୍ୟୁ ସମୟରେ ନଗଦ ୭୦।୮୦ ଲକ୍ଷ ଟଙ୍କା ରଖି ଯାଇଥିଲେ । ତାଙ୍କ ଘରେ ତାଙ୍କ ଦୌହିତ୍ର (Dyce Sembre) ତାଙ୍କ ସମ୍ପତ୍ତି ଭୋଗ କଲେ ।]

ସମରେନ୍ଦ୍ର ସିଂହ—ଦେ. ବ (ନାମ)—ମିବାରର ରାଣା ପ୍ରତାପ ସିଂହଙ୍କ Samarendra simha କନିଷ୍ଠ ଭ୍ରାତା—The younger ସମରେନ୍ଦ୍ର ସିଂହ brother of Pratap Singh, Rāṇā of Mewar. [ଦ୍ର—ଏହାଙ୍କର ଅପର ନାମ ଶକ୍ତସିଂହ ବା ଶାକ୍ତସିଂହ । ଏ ପ୍ରଥମେ ବଡ଼ ଭାଇ ପ୍ରତାପଙ୍କ ବିରୁଦ୍ଧାଚରଣ ହୋଇ ବିପକ୍ଷୀୟ ମୋଗଲସମ୍ରାଟ୍ ଅକବରଙ୍କ ସଙ୍ଗେ ଯୋଗ ଦେଇ ତାଙ୍କ ସେନାପତିରୂପେ ବଡ଼ ଭାଇଙ୍କ ବିରୋଧରେ ଅସ୍ତ୍ର ଧାରଣ କରିଥିଲେ । ମୋଗଲମାନଙ୍କ ସହିତ 'ହଲଦିଘାଟ' କ୍ଷେତ୍ରରେ ପ୍ରତାପ ସିଂହ ପରାସ୍ତ ହୋଇ ପ୍ରାଣରକ୍ଷାର୍ଥ ଯୁଦ୍ଧକ୍ଷେତ୍ର ତ୍ୟାଗ କଲ୍ଲବେଳେ ଭ୍ରାତାଙ୍କୁ ହତ୍ୟା କରିବା ପାଇଁ ପଶ୍ଚାଦ୍ଧାବନ କରୁଥିବା ଦୁଇଜଣ ମୋଗଲ ଯୋଦ୍ଧାଙ୍କୁ ଏ ହତ୍ୟା କରି ଜ୍ୟେଷ୍ଠ ଭ୍ରାତାଙ୍କ ଜୀବନ ରକ୍ଷା କରିଲେ ଏବଂ ଘରେ ଦୁଇ ଭାଇଙ୍କର ମିଳନ ହେଲା ।]

ସମରୋଚିତ—ବି. ବିଣ(ଷଷ୍ଠୀ ତତ୍)—ସମର ପାଇଁ ଉପଯୁକ୍ତ—
Samarochita Fit for war; warlike.
(ସମରୋପଯୁକ୍ତ—ଅନ୍ୟରୂପ) (ଯଥା—ସମରୋଚିତ ବେଶ)

ସମରୋତ୍ସବ—ସଂ. ବି(ରୂପକ)—ଯୁଦ୍ଧରୂପ ରୁଚିର କ୍ରୀଡ଼ା ପର୍ବ—
Samarotsaba Fight compared to a festival.

ସମରୋଦ୍ଦେଶ—ସଂ. ବ (୭ମ୍ୱୀ ତତ୍) —ରଣକ୍ଷେତ୍ର (ମହାଭାରତ)
Samarod desa Battle-field.

ସମରୋପାୟ—ସଂ. ବ (୭ମ୍ୱୀ ତତ୍)—ସମର କୌଶଳ (ବିଶ୍ୱକୋଷ)—
Samaropāya The art of war; skill in warfare.

ସମର୍ଘ—ସଂ. ବ—ସ୍ଥଳର ମୂଲ୍ୟ (ବିଶ୍ୱକୋଷ)—
Samargha Cheap price.
ସ. ବିଣ—ସସ୍ତା (ବିଶ୍ୱକୋଷ)—Cheap.

ସମର୍ଚ୍ଚନ(ନା)—ସଂ. ବ (ସମ୍=ସମ୍ୟକ୍+ଅର୍ଚ୍ଚନ)—ସମ୍ୟକ୍ ପୂଜନ—
Samarchana(nā) Much adoration.
(ସମର୍ଚ୍ଚିତ—ବିଣ. ପୁଂ) [ସମର୍ଚ୍ଚିତା—ବିଣ. ସ୍ତ୍ରୀ]

ସମର୍ଣ୍ଣ(ର୍ଣ)—ସ. ବିଣ (ସମ୍=ସମ୍ୟକ+ଅର୍ଦ୍ଦ. ଧାତୁ=ପୀଡ଼ନ
Samarṇṇa(rṇa) କରିବା+କର୍ମ. ତା)—୧ । ସମ୍ୟକ୍ ଉତ୍‌ପୀଡ଼ିତ—1. Tormented; afflicted. ୨।ପ୍ରାର୍ଥିତ—2. Prayed for; solicited; asked for.

ସମର୍ଥ—ସ. ବିଣ. ପୁଂ (ସମ୍=ସମ୍ୟକ୍+ଅର୍ଥ. ଧାତୁ=ସାଧ୍ଭା
Samartha କରିବା, ଶକ୍ତ ହେବା+କର୍ତ୍ତରି, ଅ)—୧ । ଶକ୍ତ (ସମର୍ଥା—ସ୍ତ୍ରୀ) ବଳିଷ୍ଠ; ବଳବାନ୍—1. Strong; mighty. [ସାମର୍ଥ୍ୟ, ସମର୍ଥତା—ବ] (ଜ—ମନେ କରେ ଶ୍ରମ ଓ ଅନ୍ୟନ୍ତ ସମର୍ଥ । କୃଷ୍ଣସିଂହ. ମହାଭାରତ. ବିରାଟ ।) ୨ । କ୍ଷମତାପନ୍ନ—2. Powerful. ୩ । କ୍ଷମ; ଶକ୍ତ; ଯୋଗ୍ୟ—3. Able, capable. ୪ । ଯୋଗ୍ୟ; ଉପଯୁକ୍ତ—4. Fit; proper; appropriate. ୫ । ଉପକାରୀ; ହିତକାରୀ—5. Beneficial; wholesome. ୬ । ପ୍ରଶସ୍ତ—6. Spacious; wide; capacious; efficient. ୭ । ଅଭୀଷ୍ଟ—7. Intended; desired. ୮ । ଯୁକ୍ତିଯୁକ୍ତ; ଯୁକ୍ତିସଙ୍ଗତ—8. Reasonable. ଦେ. ବିଣ. ସ୍ତ୍ରୀ (ସ. ସମର୍ଥା)—୧ । ବଳଶାଳୀ ଓ ହୃଷ୍ଟପୁଷ୍ଟ—1. Strong and well developed. ୨ । ରଜସ୍ୱଳା ହୋଇଥିବା—2. Arrived at puberty. ତା.ବ—ସାମର୍ଥ୍ୟ; ବଳ—Strength; power; capacity.

ସମର୍ଥକ—ସ, ବ (ସମ୍+ଅର୍ଥ. ଧାତୁ+କର୍ତ୍ତରି. ଅକ)—ଚନ୍ଦନ
Samarthaka କାଷ୍ଠ)—Sandal wood. ସଂ. ବ ଓ ବିଣ. ପୁଂ—ସମର୍ଥନକାରୀ; ଯେ କୌଣସି ପ୍ରସ୍ତାବକୁ ସମର୍ଥନ କରେ—Supporting; supporter of a proposal. [ଦ୍ର—ସମ୍ବନ୍ଧରେ ପ୍ରସ୍ତାବକ କୌଣସି.

Digitized by srujanika@gmail.com

ପ୍ରସ୍ତାବକୁ ଉପସ୍ଥାପିତ କଲେ ତାହା ଅନୁମୋଦକଙ୍କ ଦ୍ୱାରା ଅନୁମୋଦିତ ହେବା ପରେ ସମର୍ଥକଙ୍କ ଦ୍ୱାରା ସମର୍ଥିତ ହୁଏ । ଅଧିକାଂଶ ସଭ୍ୟଙ୍କ ଦ୍ୱାରା ବା ସମସ୍ତ ସଭ୍ୟଙ୍କ ଦ୍ୱାରା ସମର୍ଥିତ ପ୍ରସ୍ତାବ ସଭାରେ ଗୃହୀତ ବା ନିର୍ଦ୍ଧାରିତ ହୁଏ ।]

ସମର୍ଥତା (ତ୍ୱ)—ସଂ. ବି (ସମର୍ଥ + ତ୍ୱା ବେ. ତା; ତ୍ୱ) — ୧ । ସାମର୍ଥ୍ୟ— Samarthatā(twa) 1. Strength; ability; capability. ୨ । ବଳଶାଳିତା—2. Powerfulness. ୩ । ଯଥେଷ୍ଟତା—3. Adequacy. ୪। ଯୋଗ୍ୟତା—4. Fitness.

ସମର୍ଥନ—ସଂ. ବି (ସମ୍ + ଅର୍ଥ ଧାତୁ + ଭାବ ଅନ)—୧ । ଯାଚଞ୍ଜା· Samarthana 1. Asking; begging. ୨ । ସୁନିଶ୍ଚିତ, ସମର୍ଥିତ, ସମର୍ଥନୀୟ, ସମର୍ଥ୍ୟ } ବିଣ ନିରଣ—2. Ascertainment. ୩ । ଦୃଢ଼ୀକରଣ—3. Corroboration; strengthening. ୪ । ବିବାଦମୀମାଂସା-4. Settlement or decision of a dispute. ୫ । ବିବାଦରଞ୍ଜନ—5. Reconciling a dispute or difference. ୬ । ବିବେଚନା; ଏବା ଭଲତ, ଏବା ଅନୁଚିତ, ଏବଂଭୂତ ବିବେଚନା—6. Discrimination. ୭ । ଅଧ୍ୟବସାୟ—7. Perseverance. ୮ । ଉତ୍ସାହ—8. Exertion; encouragement. ୯ । କୌଣସି ପ୍ରସ୍ତାବକୁ ଦୃଢ଼ ଭାବରେ ଅନୁମୋଦନ; ମତର ସୋପଜତା କରିବା—9. Supporting of a proposal. ୧୦। ସମ୍ଭାବନା —10. Probability. ୧୧ । ନିଷେଧ; ମନା (ବଙ୍ଗଭାଷା)—11. Prohibition.

ସମର୍ଥନ କରିବା—ଦେ. କି—୧ । ସଭା ସମିତି ପ୍ରଭୃତିରେ ପ୍ରସ୍ତାବକଙ୍କ Samarthana karibā ଦ୍ୱାରା ଉପସ୍ଥାପିତ ଓ ଅନୁମୋଦକଙ୍କ ସମର୍ଥନ କରା ଦ୍ୱାରା ଅନୁମୋଦିତ ପ୍ରସ୍ତାବର ଅନୁକୂଲ୍ୟରେ ମତ ଦେବା; **ସମର୍ଥନ କରନା** ସେପକତା କରିବା—1. To support a proposed which has been duly proposed and seconded at a meeting. ୨ । କୌଣସି କଥାର ଅନୁକୂଲ୍ୟରେ ମତ ଦେବା— 2. To support any matter in question.

ସମର୍ଥ କୋଷ—ଦେ. ବି (ନାମ)—କଲିକତାର ସ୍ୱର୍ଗୀୟ ରଜା ସର Samartha kosba ରାଧାକାନ୍ତ ଦେବଙ୍କ ଦ୍ୱାରା ପ୍ରକାଶିତ ସମର୍ଥ କୋଷ ବିରାଟ ଯୁକ୍ତ ବଙ୍ଗଳା ଶବ୍ଦାର୍ଥ କୋଷ— **ସମର୍ଥ କୋଷ** A dictionary published by the late Sir Raja Radhakanta Deb from Sobha bazar Rājbāṭi Calcutta.

[ଦ୍ର—ଏଥିରେ ପ୍ରତ୍ୟେକ ପୃଷ୍ଠାରେ ଛଅ ଗୋଟି ସ୍ତମ୍ଭ ବା କଲମ୍ ଧରିବାହକରୂପେ ଲେଖା ଅଛି । ଯଥା—୧ମ କଲମ୍—ବଙ୍ଗଳା ଶବ୍ଦର ବଙ୍ଗଳା ଅର୍ଥ ଓ ଇଂରାଜୀ ଅର୍ଥ ।

୨ୟ କଲମ୍—ଇଂରାଜୀ ଶବ୍ଦର ଇଂରାଜୀ ଅର୍ଥ ଓ ବଙ୍ଗଳା ଅର୍ଥ ।

୩ୟ କଲମ୍—ପୌରାଣିକ ଶବ୍ଦ ଓ ନାମସାରଙ୍କ ଇତିବୃତ୍ତ ।

ଚତୁର୍ଥ ଅରମ୍ଭରୁ ଏହି ଛନୋଟି କଲମ୍ (Column) ରେ ଯଥାକ୍ରମେ ବର୍ଣ୍ଣମାଳାନୁସାରେ ଏହି ଛଅ ଗୋଟି ବିଷୟ ଲେଖା ଅଛି । ଉକ୍ତ ପୁସ୍ତକଟି ବଙ୍ଗଳାର ଗୋଟିଏ ଅତି ଉପାଦେୟ ଗ୍ରନ୍ଥ ଅଟେ ଓ ଏହି 'ଉପାକୋଷ'ର ସକଳନରେ ସେହି ଗ୍ରନ୍ଥରୁ ବିଶେଷ ସାହାଯ୍ୟ ନିଆ ଯାଇଅଛି ।]

ସମର୍ଥନା—ସଂ. ବି (ସମ୍ + ଅର୍ଥ ଧାତୁ + ଭାବ. ଅନ + ଆ)— Samarthanā ୧ । ସମର୍ଥନ (ଦେଖ)—1. Samarthana (See). ୨ । ଅସାଧ୍ୟ ବିଷୟରେ ଅଧ୍ୟବସାୟ (ଯଥା—ସମୁଦ୍ର ନୁ ମୁଁ ଶୋଷଣ କରିବି, ଏବଂଭୂତ ଦୃଢ଼ ସଙ୍କଳ୍ପ—ବିଶ୍ୱକୋଷ)—2. Perseverance in the accomplishment of an impossible thing.

ସମର୍ଥୀ—ଦେ. ବିଣ ଓ ବି – ସମରଥା (ଦେଖ) Samarthā Samarathā (See)

ସମର୍ଥିଆ—ଦେ. ବିଣ (ସଂ ସମର୍ଥ)—ସମର୍ଥ; କଲ୍ପିତ— Samarthiā ସମର୍ଥ ସମର୍ଥ Strong.

ସମର୍ଥିତ—ସଂ. ବିଣ (ସମ୍ + ଅର୍ଥ ଧାତୁ = ପାଚ୍ଞା କରିବା + କର୍ମ.ତ) = Samarthita ୧ । କୃତସମର୍ଥନ—1. Supported. ୨ । ଯାଚିତ—2. Asked for. ୩ । ନିଷ୍ପନ୍ନ—3. Settled. ୪ । ଦୃଢ଼ୀକୃତ—4. Corroborated. ୫ । ମିମାଂସିତ—5. Decided; settled; reconciled. ୬ । ସୁବିବେଚିତ—6. Discriminated. ୭ । ସମ୍ଭାବିତ—7. Adored; praised.

ସମର୍ଦ୍ଦକ—ସଂ. ବିଣ. ପୁଂ (ସମ୍ = ସମ୍ୟକ୍ + ରୁଦ୍ ଧାତୁ = ବୁଝି ପାଇବା Samarddhaka + କର୍ତ୍ତରି. ଅକ) — ୧ । ବରଦ; ଅଭୀଷ୍ଟପ୍ରଦ— (ସମର୍ଦ୍ଧୟିତା—ଅନ୍ୟରୂପ) 1. Granting boons. ୨ । ସମର୍ଦ୍ଧିକା ସମର୍ଦ୍ଧୟିତ୍ରୀ } ସ୍ତ୍ରୀ କାମନା ପୂର୍ତ୍ତିକାରୀ—2. Fulfilling one's desires

ସମର୍ପକ—ସଂ ବିଣ. ପୁଂ (ସମ୍ + ଅର୍ପ୍ ଧାତୁ + କର୍ତ୍ତରି. ଅକ)— Samarpaka ସମର୍ପଣ କର୍ତ୍ତା (ଦେଖ) (ସମର୍ପିକା—ସ୍ତ୍ରୀ) Samarpaṇa karttā (See)

ସମର୍ପଣ—ସଂ. ବି (ସମ୍ + ଅର୍ପଣ = ଦାନ)—୧ । ଦାନ—1. Giving; absolute gift. ୨ । ନୈବେଦ୍ୟାଦି ସମର୍ପିତ ସମର୍ପଣୀୟ ସମର୍ପ୍ୟ } ବିଣ ଦେବତାଙ୍କୁ ଉତ୍ସର୍ଗ କରିବା—2. Offering of some thing to a Deity. ୩ । ଅନ୍ୟ ବ୍ୟକ୍ତିଠାରେ କୌଣସି ବସ୍ତୁର ଭାର ଦେବା— 3. Entrusting a thing to another; committing a thing to the charge of. ୪ । ସ୍ଥାପନ—4. Placing. ୫ । ଅନ୍ୟ ବ୍ୟକ୍ତିର ହସ୍ତରେ ଅର୍ପଣ—5. Delivery of a thing to the care of another person; handing over. ୬ ।

Digitized by srujanika@gmail.com

ସଂପ୍ରଦାନ; ସ୍ୱତ୍ୱ ସ୍ୱତ୍ୱ ତ୍ୟାଗପୂର୍ବକ ପ୍ରଦାନ—6. Surrender of a thing by relinquishing one's rights over it. ୭ । ଉତ୍କୃଷ୍ଟ ପୂଜାର ଶେଷରେ ପ୍ରଭୁ ଦେବତାଙ୍କ ଉଦ୍ଦେଶ୍ୟରେ ଆତ୍ମ-ସମର୍ପଣ (ବଶ୍ୱକୋଷ)—7. Offering or surrendering one's self to the Deity after worship. [ଦ୍ୱ—ଏଥିର ବାକ୍ୟ—ସର୍ବଂ କୃଷ୍ଣାର୍ପଣମସ୍ତୁ ଓଁ ତତ୍ ସତ୍ ।]

ସମର୍ପଣ କର୍ତ୍ତା—ସଂ. ବଣ. ପୁଂ—ଯେ କୌଣସି ପଦାର୍ଥକୁ କୌଣସି ବ୍ୟକ୍ତିଙ୍କ ହସ୍ତରେ ଅର୍ପଣ କରେ—Samarpaṇa karttā (ସମର୍ପଣ କର୍ତ୍ତୃ—ସ୍ତ୍ରୀ) Entrusting; surrendering.

ସମର୍ପଣ ଗ୍ରହୀତା—ଦେ. ବ (ତତ୍ସମ ଭାଷା)—ସମର୍ପିତ ବସ୍ତୁକୁ ଯେ Samarpaṇa grahītā ଗ୍ରହଣ କରେ—Trustee; donee; ସମର୍ପଣ ଗ୍ରହୀତା a person who accepts a trust; **समर्पण ग्रहीता** a beneficiary.

ସମର୍ପଣ ଦାତା—ଦେ. ବ (ତତ୍ସମ ଭାଷା)—ଟପରୁ ବ୍ୟକ୍ତ ସେବା ବା Samarpaṇa dātā ଦେବୋତ୍ତର ସଂପତ୍ତିକୁ ଅନ୍ୟ ବ୍ୟକ୍ତିକୁ ସମର୍ପଣ ଦାତା ସମର୍ପଣ କରେ—Doner of a trust. **समर्पण दाता**

ସମର୍ପଣ ପତ୍ର—ସଂ. ବ (ତତ୍ସମ ଭାଷା)—ଯେଉଁ ଦଲିଲ ଦ୍ୱାରା ଦେବ-Samarpaṇa patra ସେବା ଓ କୌଣସି ଦେବୋତ୍ତର ସଂପତ୍ତି କୌଣସି ବ୍ୟକ୍ତି ହାତରେ ସମର୍ପିତ ହୁଏ—A deed of trust; a deed of surrender or gift.

ସମର୍ପୟିତ୍ରୀ—ସଂ. ବଣ. ସ୍ତ୍ରୀ (ସମ୍ + ଅର୍ପ ଣାତୃ + କ୍ତ୍ରି. ଙ୍ଗୀ; ୧ମା. Samarpayitā ୧ବ)—ସମର୍ପଣ କର୍ତ୍ତା (ଦେଖ) (ସମର୍ପିତା—ଅନ୍ୟରୂପ) Samarpaṇa karttā (See) (ସମର୍ପୟିତ୍ରୀ, ସମର୍ପିନ୍ତୀ—ଅନ୍ୟରୂପ)

ସମର୍ପା—ଦେ. ବ (ନାମ)—ରାକ୍ଷସୀ ବିଶେଷ; ଅଶୋକ ବନରେ ରାବଣ Samarpā କର୍ତ୍ତୃକ ନିଯୁକ୍ତା ସ୍ତ୍ରୀ ଘାଙ୍କର ପ୍ରଧାନ ରକ୍ଷୟିତ୍ରୀ— ସମର୍ପା **समर्पा** The arch-demoness engaged by Rāvaṇa to keep guard over Sītā in the Asoka forest. [ଉ—ଦେଖିବାରେ ସମର୍ପି ସମର୍ପାକୁ ସଖୀ ନିଜଠୁ କରାଇ । ଉଜ. ବୈଦେଘୁଶବଳାସ ।]

ସମର୍ପିତ—ବି. ବଣ (ସମ୍ + ଅର୍ପିତ)—୧ । ସମ୍ୟକ୍ ରୂପେ ନ୍ୟସ୍ତ; Samarpita ସନ୍ୟସ୍ତ—1. Entrusted; delivered made over; surrendered; committed to the care of another. ୨ । ସ୍ଥାପିତ—2. Placed.

ସମର୍ପିବା—ଦେ. କ୍ରି—୧ । ସମର୍ପଣ କରିବା; ସଞ୍ଚିବା—1. To Samarpibā surrender; to make over; to ସଂପା **समर्पणकरना** entrust. [ଉ—ସେ କରରେ ଯେବେ ଘନକେଶୀ ସମର୍ପିଲ ସ୍ତନ ।—ଜଗନ୍ନାଥ. ସଙ୍ଗୀତ] ୨ । ଭାର ଅର୍ପଣ କରିବା—2. To commit to the care of. [ଉ—ଏହା କହୁ ସମର୍ପି ସନ୍ତାନ ଦୁଇଟି ଦେ ।—ମଧୁସୂଦନ. ବ୍ରଜମାଳା]

ସମର୍ଯ୍ୟାଦ—ବି. ବଣ. ପୁଂ (ମର୍ଯ୍ୟାଦା ସହ ବର୍ତ୍ତମାନ; ସହାର୍ଥ ବହୁବ୍ରୀ)-Samarjyāda ୧ । ସୀମାଯୁକ୍ତ—1. Bounded. ୨ । (ସମର୍ଯ୍ୟାଦା—ସ୍ତ୍ରୀ) ମର୍ଯ୍ୟାଦାଯୁକ୍ତ—2. Respectful; reverent. ୩ । ନଜଝସ୍ଥ; ସନ୍ନିହିତ—3. Adjoining. ୪ । ସଚ୍ଚରିତ—4. Of good conduct; honest.

ସମର୍ହଣା(ଣା)—ବି. ବ (ସମ୍ + ଅର୍ହଣା)—ସମ୍ୟକ୍ ପୂଜନ (ବଶ୍ୱକୋଷ)—Samarhaṇa (ṇā) Great worship.

ସମଳ—ବି. ବଣ. ପୁଂ (ସହାର୍ଥ ବହୁବ୍ରୀ; ମଳ ସହିତ ବର୍ତ୍ତମାନ)—Samala ୧ । ମଳଯୁକ୍ତ; ମଇଳା; ମଳଅ—1. Filthy. ୨ । (ସମଳା—ସ୍ତ୍ରୀ) ଅତ୍ୟନ୍ତ ମଳିନ—2. Dirty; foul. ୩ । ଜଳମିଶ୍ରିତ—3. Muddy. ୪ । କଳଙ୍କିତ; କଳୁଷିତ 4. Tarnished; tainted. [ଉ—ବାଞ୍ଛିତ କର୍ମପ୍ରାପ୍ତିର ଶ୍ରମ କଲେ ପ୍ରଯାଉ ବାହିଁ, ବିମଳ ପଦାର୍ଥକୁ ସଦାବା ସମଳ କଲ୍ଲ ଯହିଁ ।—ଉଜ. ବୈଦେଘୁଶବଳାସ] ଫ. ବ—ବିଷ୍ଠା—Ordure; dung.

ସମଳପୁର—ଦେ. ବ—ସମ୍ବଲପୁର (ଦେଶ)—Samalapura Sambalapura (See)

ସମଳପୁରୀ—ଦେ. ବଣ—ସମ୍ବଲପୁରୀ (ଦେଶ) Samalapurī Sambalapurī (See) (ସମଳପୁରଅ—ଅନ୍ୟରୂପ)

ସମଳା(ଇତ୍ୟାଦି)—ଦେ. ବ—ସମ୍ବଲା ଇତ୍ୟାଦି (ଦେଶ) Samalā(etc) Sambhalā etc (See)

ସମଲା(ଲେ)ଈ—ଦେ. ବ· ସ୍ତ୍ରୀ ୧ । ଦେବୀଙ୍କ ନାମବିଶେଷ—1. Samalā(le)ī Name of a popular Goddess. [ସମଲା—ଅନ୍ୟରୂପ] ୨ । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ— ସମଲା **समला** 2. The Goddess presiding over Sambalpur.

ସମଲା(ଲେ)ଈ ଗଣ୍ଡ—ଦେ. ବ—ସମ୍ବଲପୁର ନଜଝବର୍ତ୍ତୀ ମହାନଦୀ-Samalā(le)ī gaṇḍa ଗର୍ଭସ୍ଥ ଗଭୀର ଅଂଶବିଶେଷର **समलाह्रोन** ନାମ—Name of a deep part of the bed of the Mahanadi river near Sambalpur.

ସମଲେଶ୍ୱରୀ—ଦେ. ବ. ସ୍ତ୍ରୀ—ସମଲାଈ ୨ (ଦେଶ) Samaleśwarī Samalāī 2 (See)

ସମ ଶଙ୍କୁ—ବି. ବ (ବହୁବ୍ରୀ)—ଯେଉଁ ସମୟରେ ସୂର୍ଯ୍ୟ ଠିକ୍ Sama śaṅku ମସ୍ତକୋର୍ଦ୍ଧ୍ୱ ଦେଶରେ ଅବସ୍ଥାନ କରୁଥାଅନ୍ତି (ବଶ୍ୱକୋଷ)—A time when the sun is just overhead.

ସମଶନ—ବି. ବ (ସମ୍ + ଅଶନ)—ଅତ୍ୟନ୍ତ ଭୋଜନ (ବଶ୍ୱକୋଷ) Samaśana A full meal.

ସମଶର ପୁର—ଦେ. ବ (ସ. ସୋମେଶ୍ୱର + ପୁର)—ପୁରୀ ଜିଲ୍ଲାର Samaśara pura ସ୍ୱତନ୍ତ୍ର ପ୍ରଗନ୍ନା ଅନ୍ତର୍ଗତ ବ୍ରାହ୍ମଣ-ସମଶରପୁର **समसरपुर** ଶାସନ ବିଶେଷ—Name of a Brahmin village in the Puri district.

Digitized by srujanika@gmail.com

[ଦ୍ର—ଏହି ଶାସନ ସତ୍ୟବାଦୀଠାରୁ ୩ ମାଇଲ୍ ଦୂରରେ ଅବସ୍ଥିତ; ଏହି ଗ୍ରାମର ପ୍ରଥମ ଦାଳାଗ୍ରସ୍ତା (ଘାଣିଗ୍ରାସ୍ତା) ଯଜ୍ଞ କରିଥିଲେ ।]

ସମଶର୍କର ଚୂର୍ଣ୍ଣ—ସଂ. ବ—ବୈଦ୍ୟଶାସ୍ତ୍ରାନୁମୋଦିତ ଗ୍ରହଣୀ ଓ ଦାଶ ରୋଗର ପଥ୍ୟଯିତ ଅବ୍ୟର୍ଥ ମହୌଷଧ ଚୂର୍ଣ୍ଣ ବିଶେଷ—An efficacious medicinal powder used as an effective antidote against cough and dysentery. [ଦ୍ର—ଏହାର ଉପାଦାନ ଲବଙ୍ଗ, ଜାଇଫଳ, ପିପ୍ପଳୀ ପ୍ରତ୍ୟେକ ୧ ଭର; ମରିଚ ୨ ଭର, ଶୁଣ୍ଠି ୧୬ ଭର ଓ ଓ ଶର୍କରା ୨୧ ଭର । ଏହି ଉପାଦାନସମାନ ଚୂର୍ଣ୍ଣ ଦୋଇ କରଡ଼ାଟଣ ଦୋଇ ଏ ଚୂର୍ଣ୍ଣ ପ୍ରସ୍ତୁତ ହୁଏ । ଏଥିରେ କାଶ, ଶ୍ୱାସ, ଅଗ୍ନିମାନ୍ଦ୍ୟ, ଗ୍ରହଣୀ, ଅମ୍ଳପିତ୍ତ, ଅର୍ଶ ଭଲ ହୁଏ । ଯାଜପୁରର ସ୍ୱର୍ଗୀୟ ପଣ୍ଡିତ ଶାଲମଣି ମିଶ୍ରଙ୍କ ଦ୍ୱାରା ଏହା ସୁପ୍ରସିଦ୍ଧ ।]

ସମ ଶୀତଳ—ସଂ· ବିଣ—୧। ସାମାନ୍ୟ ରୂପେ ଶୀତଳ—1. Temperately cool. ୨ । ଯାହା ଅଧ ଥଣ୍ଡା ବା ଅଧ ଗରମ ନୁହେଁ—2. Temperate.

Sama śītaḷa (ସମଶୀତଳତା—ବ)

ସମଶୋଧନ—ସଂ. ବ—(ଗାଳଗଣିତ)—ସମୀକରଣର ଉଭୟ ପାଖରୁ Samaśodhana ସମସଂଖ୍ୟା ବିଯୋଗ କରିବା ରୂପ କ୍ରିୟା (ସମବ୍ୟବକଳନ—ଅନ୍ୟରୂପ) ବିଶେଷ—(Algebra) Equal substraction (i.e. the subtraction of an equal quantity) from both sides of an equation.

ସମଶ୍ନୁବାନ—ସଂ· ବି. ପୁଂ (ସମ୍+ଅଶ୍ ଧାତୁ=ବ୍ୟାପିବା+କ୍ତ୍ୱି ବାଚ୍ୟେ ଶୀଳାର୍ଥେ ଆନ; ୧ମା ୧ବ)—(ସମଶ୍ନୁବାନା—ସ୍ତ୍ରୀ) ୧ । ବ୍ୟାପନଶୀଳ—1. Diffusing; spreading. ୨ । ବ୍ୟାପ୍ତିବିଶିଷ୍ଟ—2. Diffused.

Samaśnubāna

ସମଶ୍ରେଣୀ(ଣୀ)—ସଂ. ବ (କର୍ମଧା)—୧ । ଏକଶ୍ରେଣୀ—1. Same class;same species. ୨ । ତୁଲ୍ୟ ଶ୍ରେଣୀ—2. Similar class.

Samaśreṇi(ṇī)

ସମଶ୍ରେଣୀ(ଣୀ)ଭୁକ୍ତ—ସଂ. ବିଣ—୧ । ଏକ ଶ୍ରେଣୀର ଅନ୍ତର୍ଗତ—1. Of the same class or species. ୨ । ଏକ ଦଳର ଅନ୍ତର୍ଗତ—2. Of the same flock.

Samaśreṇi(ṇī)bhukta

ସମଷ୍ଟି—ସଂ. ବ (ସମ୍=ସମ୍ୟକ୍+ଅଶ୍. ଧାତୁ=ବ୍ୟାପିବା+କ୍ତିବ. ଈ)—୧ । ସମ୍ୟକ୍ ବ୍ୟାପ୍ତି; ଗୁରଅଡ଼େ ବ୍ୟାପିଯିବା—1. Overspreading; pervading. ୨ । ସାକଲ୍ୟ; ସାମଗ୍ରୀ; ସମସ୍ତତା—2. Wholeness; entirety. ୩ । ପୁଞ୍ଜୀଭୂତ ବା ଏକତ୍ର ରାଶୀକୃତ ସମସ୍ତ ବସ୍ତୁ—3. Aggregated or heaped up thing. ୪ । (ଦର୍ଶନ) ସମସ୍ତ ବସ୍ତୁର ଏକତ୍ରାବସ୍ଥିତି—4. (philosophy) Totality of things. ୫ । (ଗଣିତ) ବହୁସଂଖ୍ୟକ ସଂଖ୍ୟାର ଯୋଗଫଳ; ସୋଟ—5. (Mathematics) Sumtotal of many numbers or units.

Samaṣṭi(ṣṭī,ṣṭi,ṣṭī)ḷa(ḷā)

ସମଷ୍ଟିଭୂତ—ବି. ବିଣ (ସମଷ୍ଟି+ଅଭୂତ ଚ୍ଭାବେ ଚ୍ଭୂ+ଭୂ+କ୍ତ. ତ) —ସମଷ୍ଟୀଭୂତ; ଏକତ୍ର କରି ଯାଇଥିବା—Totalled up; aggregate.

Samaṣṭībhūta

ସମ ସଂଖ୍ୟକ—ବି. ବିଣ (ବହୁବ୍ରୀହି; ସମ+ସଂଖ୍ୟା+କ)—୧ । ସମାନ ସଂଖ୍ୟାବିଶିଷ୍ଟ—1. Of equal or same number. ୨ । ସମ ରାଶି ବିଶିଷ୍ଟ—2. Consisting of even numbers.

Sama saṁkhyaka (ସମ ସଂଖ୍ୟାତ—ଅନ୍ୟରୂପ) (ସମସଂଖ୍ୟତା—ସ୍ତ୍ରୀ)

ସମ ସଂଖ୍ୟା—ବି. ବ—୧ । ସମାନ ସଂଖ୍ୟା—1. Equal number. ୨ । ସମ ରାଶି (ଦ୍ୱେଷ)—2. Sama rāśi (See)

Samasaṁkhyā

ସମ ସଂସ୍ଥାନ—ବି. ବ (ବଜ୍ଞାନ ପରିଭାଷା)—ଉଭୟ ଦଗଡ଼ର ସମାନ ଅବସ୍ଥାନ; ସମାନଭାବରେ ଅବସ୍ଥାନ—(ସମ ସଂସ୍ଥିତ—ବିଣ) Equilibrium.

Sama saṁsthāna

ସମସନ—ବି· ବ(ସମ୍+ଅସ୍ ଧାତୁ=କ୍ଷେପଣ କରିବା+ଭାବ ଅନ)—୧ । ସଂକ୍ଷେପ କରଣ—1. Abridgement. ୨ । (ବ୍ୟାକରଣ) ଏକାଧିକ ଶବ୍ଦର ସମାସ—2. (grammar) A compound or aggregate formed of many words. ୩ । ସମାସ କରଣ—3. Formation of a compound word.

Samasana

ସମସର—ବେ. ବ—ଗଞ୍ଜେଇ ସାରରେ ଦଅଯିବା ଏକପ୍ରକାର ରଙ୍ଗ—A red paint used to paint the cards of 'Gañjapā' game. [ଦ୍ର—ଗେରୁ ମାଟିରେ କଇଥ ଅଠା ମିଶାଇ ଏହି ରଙ୍ଗ ପ୍ରସ୍ତୁତ କରାଯାଏ ।]

Samasara

ସମସେର

ସମ ସରି—ବେ. ବିଣ (ସଂ. ସମ+ସଦୃଶ)—୧ । ଠିକ୍ ସମାନ—1. Exactly equal. ୨ । ସଦୃଶ୍ୟ; ତୁଲ୍ୟ—

Sama sari

Digitized by srujanika@gmail.com

ସମତୁଲ୍ୟ 2. Similar; [ଉ—ଉଭୟେ ବୁଦ୍ଧ୍ୟାପଣା କର । ଶବ୍ଦ ସମାନ ମଇଳ ସମ ସର—ରୂପଉ· ପ୍ରେମପତ୍ରାମୃତ ।] (ସମ ସରଣ୍ଟିଶା]—ଅନ୍ୟରୂପ) ଦେ. ଅ (ସ. ସମମ୍) —ସହୁଉ— ସହିତ सहित With; along with.

ସମ ସାମୟିକ—ସ. ବଣ (ସମ=ତୁଲ୍ୟ, ଏକ+ସାମୟିକ)— Sama sāmayika ସମକାଳୀନ; ଏକ କାଳରେ ଘଟିବା— Contemporary; happening at the same time; simultaneous.

ସମ ସାମୟିକ ଭାରତ—ଦେ. ବ (ନାମ)—ପ୍ରାଚୀନକାଳରୁ ଭାରତ- Sama sāmayika bhārata ବର୍ତ୍ତ ସମୟରେ ସମସାମୟିକ ବ୍ୟକ୍ତିମାନେ ଯେଉଁ ଯେଉଁ ବର୍ଣ୍ଣନା ଲିପିବଦ୍ଧ କରି ଯାଇ ଅଛନ୍ତି, ବଙ୍ଗୀୟ ଅଧ୍ୟକ୍ଷ ଶ୍ରୀ ଯୋଗେନ୍ଦ୍ରନାଥ ସମାଦାରଙ୍କ ସଙ୍କଳିତ ସେହି ସେହି ବର୍ଣ୍ଣନା ସମନ୍ୱିତ ପ୍ରକାଣ୍ଡ ବଙ୍ଗଳା ଗ୍ରନ୍ଥ—The title of a Bengalee historical work in many volumes compiling the various descriptions of India given by successive visitors to India (Greek, Chinese, French, English, Russian) by Prof J. N. Samāddār.

ସମ ସୁଖ ଦୁଃଖ—ସଂ. ବହ. ପୁଂ (ବହୁବ୍ରୀହି)—୧ । ସମବେଦନା- Sama sukha dukkha ଅନୁଭବ—1. Sympathetic. (ସମ ସୁଖ ଦୁଃଖ—ସ୍ତ୍ରୀ· ବଣ) ୨ । ଯାହାର ସୁଖ ଓ ଦୁଃଖରେ ସମାନ ମନୋଭାବ—2. Having the same feeling in pleasure and pain. ସଂ. ବ (କର୍ମଧାରୟ) —ସୁଖ ଦୁଃଖାଦର ସମାନୁଭୂତ (ପ୍ରକୃତବାଦ)— Same feeling in pleasure and pain.

ସମ ସୁପ୍ତି—ସଂ. ବ (ସମ=ସକଳ+ସୁପ୍ତି=ନଦ୍ରା; ଯେଉଁ ସମୟରେ Sama supti ସମସ୍ତ ମହାଜନ୍ତ୍ରା ଭଜନ୍ତି)—ମହାପ୍ରଳୟ; ଚରାନ୍ତ—The great or final dissolution of the universe.

ସମସେର୍—ପ୍ରାଦେ· (ଗଡ଼ଜାତ) ବ—କ୍ଷତ୍ରିୟ ବୀରମାନଙ୍କ ଦଅପିବା Samaser ଉପାଧି ବିଶେଷ—A title given to the Kshatriya heroes.

ସ(ସା)ମସେର୍ ଜଙ୍ଗ୍—ବୈଦେ· ବ—ନେପାଳର ମନ୍ତ୍ରୀ ଓ ସେନାପତିଙ୍କ Sa(sā)maser jang ଉପାଧି—Title of the Prime ସାମସେର ସମସେର minister and General of Nepal.

ସମ ସ୍କନ୍ଧ—ସଂ. ବହ· ପୁଂ (ବହୁବ୍ରୀହି; ସମ=ସମାନ ଅଟେ ସ୍କନ୍ଧ Sama skandha ଯାହାର)—ସମାନ ସ୍କନ୍ଧ (ଦେଖ) (ସମସ୍କନ୍ଧା—ସ୍ତ୍ରୀ) Samāna skandha (See)

ସମସ୍ତ—ସଂ· ବଣ (ସମ୍+ଅସ୍ ଧାତୁ=ଯୋଡ଼ଣ କରିବା+କର୍ମ. ତ)— Samasta ୧ । ସବୁ; ସମୁଦାୟ; ସକଳ—1. All. ୨ । ସମଗ୍ର (ବ୍ୟସ୍ତ—ବିପରୀତ) —2. Whole. ୩ । ଏକତ୍ରୀଭୂତ; (ସମଷ୍ଟି, ସମସନ, ସମାସ-ବ) ସଞ୍ଚିତ—3. Gathered; stored. ସମସ୍ତ ଶବ୍ଦର ସର୍ଦ୍ଧାପୁ—ସମ, ୪ । ସମଷ୍ଟିକୃତ—4. Totalled. ୫ । (ବ୍ୟାକରଣ) କୃତ ସମାସ; ସମାସ- କୃତ୍ରିମ, ଜଟିଳ, ଅଟିଳ, ଦ୍ୱାରା ନିଷ୍ପନ୍ନ (ପଦ)—5. Formed ନିଃଶେଷ, ସକଳ, ପୂର୍ଣ୍ଣ, into a compound word. ଅଖଣ୍ଡ, ଅମୂଳକ, ଅଜସ୍ର, ୬। ସଂକ୍ଷିପ୍ତ—6. Abridged. ୭ । ଅନସନ (ଜଳଧର) ସଂଯୁକ୍ତ—7. United; joined together. ଦେ. ବ (ବହୁବ୍ରୀହି)—୧ । ସମୁଦାୟ ସମସ୍ତ ପଦାର୍ଥ—1. All things; the whole. ୨ । ସବୁ ବ୍ୟକ୍ତି—2. All persons. ଦେ. ସର୍ବନାମ—ସବୁ— All.

ସମସ୍ତ ଦୁଗ୍ଧା—ସଂ. ବ (ବୈଦ୍ୟକ)—ସେଣ୍ଡୁଣ; ଘରର ସିଜୁ— Samasta dugdhā Euphorbia Nerifolia (plant).

ସମସ୍ତା(ସ୍ଥା)ନ—ପ୍ରାଦେ. (ଗଞ୍ଜାମ ଓ ବଣାଗାପଟଣା) ବ—୧ । ଜମିଦାର୍ଯ୍ୟ Samastā(sthā)na —1. Estate. ୨ । ଦକ୍ଷିଣ ଓଡ଼ଶାର ସମସ୍ତା[ସ୍ଥା]ନମ୍—ଅନ୍ୟରୂପ) ରଜା ବା ଜମିଦାରଙ୍କ ରାଜଧାନୀ— 2. The headquarters of a Zamindar or Rajā of South Orissa.

ସମସ୍ତା(ସ୍ଥା)ନମ୍ ଅ(ଆ)ଫିସ୍(ସୁ)—ପ୍ରାଦେ· (ଦକ୍ଷିଣ ଓଡ଼ିଶା) ବ— Samastā(sthā) a(ā)phis(su) ଦକ୍ଷିଣ ଓଡ଼ଶାର ଜମିଦାର ଓ ରାଜାଙ୍କ ସଦର କାର୍ଯ୍ୟାଳୟ—The Sadar office of a Zamindar of South Orissa.

ସମସ୍ତିଙ୍କି—ଦେ. ସର୍ବନାମ (ବହୁବଚନ)—ସକଳ ବ୍ୟକ୍ତିଙ୍କୁ; ସମସ୍ତଙ୍କୁ— Samastiṅki To all persons. ସକଳକେ, ସବାଇକେ सबको

ସମସ୍ତେ—ଦେ. ସର୍ବନାମ (ବହୁବଚନ) —ସବୁ ବ୍ୟକ୍ତି; ସର୍ବେ— Samaste सकलें सब All men; all.

ସମସ୍ଥ—ସଂ, ବଣ. ପୁଂ (ସମ+ସ୍ଥା ଧାତୁ+କର୍ତ୍ତୃ. ଅ)—ସମଭାବରେ Samastha ସ୍ଥିତ—Placed equally; similarly (ସମସ୍ଥା—ସ୍ତ୍ରୀ) (ସମସ୍ଥିତ—ବ) placed; juxtraposed.

ସମସ୍ଥଳୀ—ସଂ. ବ (ସମ+ସ୍ଥଳୀ)—ଗଙ୍ଗା ଯମୁନାର ମଧ୍ୟବର୍ତ୍ତୀ ସମତଳ Samasthalī ପ୍ରଦେଶ; ଦୋଆବ୍; ଅନ୍ତର୍ବେଦୀ—The plain country or valley between the Ganges and the Jamunā rivers; the modern Doab in the Panjab.

ସମସ୍ଥାନ—ପ୍ରାଦେ, (ଗଞ୍ଜାମ ଓ ବଣାଗାପଟଣା) ବ (ସଂ. ସ୍ତ୍ରୀଲିଙ୍ଗ + Samasthāna ସ୍ଥାନ)—୧ । ଶିରୋଦେଶ; ମୁଣ୍ଡ —1. Head. (ସମସ୍ଥାନମ୍—ଅନ୍ୟରୂପ) ୨ । ଅଗ୍ରଭାଗ—2. Top. ୩ । ଦକ୍ଷିଣ ଓଡ଼ଶାର ଜମିଦାରଙ୍କ ରାଜଧାନୀ ବା ସଦର— 3. Headquarters or capital of a Zamindar in South Orissa. ୪ । ଦକ୍ଷିଣ ଓଡ଼ିଶାର ରାଜ୍ୟ; ଜମିଦାର୍ଯ୍ୟ—4. Estate in South Orissa.

ସମସ୍ୱାମିକ—ସଂ. ବହ (ବହୁବ୍ରୀହି)—ଏକସ୍ୱାମିକ; ଯାହାଙ୍କର ସ୍ୱାମୀ Samaswāmika ଏକ—Having the same master; owned by one and the same proprietor.

Digitized by srujanika@gmail.com

ସମସ୍ୱାମିତ୍ୱ—ସଂ. ବ (ସମ+ସ୍ୱାମିତ୍ୱ)—ତୁଲ୍ୟ ସ୍ୱତ୍ୱ; ସମାନ ଅଧିକାର—Equal proprietory right over property.
Samaswāmitwa

ସମସ୍ୟମାନ—ସଂ. ବଣ (ସମ୍+ଅସ୍ ଧାତୁ=କ୍ଷେପଣ କରିବା+କର୍ମ. ଆନ)—ଯେଉଁ ପଦମାନଙ୍କର ସମାସ କରି ଯାଇଅଛି—(words) Joined together and formed into a compound word.
Samasyamāna

ସମସ୍ୟା—ସଂ ବ (ସମ୍+ଅସ୍. [ଧାତୁ=କ୍ଷେପଣ କରିବା+କରଣ ଯ+ଆ)—୧ । ଶ୍ଲୋକର ଶାଦପୂରଣାର୍ଥ ପ୍ରଶ୍ନ—1. [ପ୍ରଥମ ଅର୍ଥରେ ସମସ୍ୟା ଶବ୍ଦର A part of a stanza given out to a person to be filled up as a trial of poetic skill. [ବ୍ର—ସମସ୍ୟାରେ ପ୍ରଶ୍ନକର୍ତ୍ତା ଶ୍ଲୋକର ଗୋଟିଏ ବା ଦୁଇଟି ଚରଣ ପ୍ରଶ୍ନରୂପେ ବୋଲନ୍ତି । ସମସ୍ୟା-ସାଧାନକାରୀ ଉକ୍ତ ଶ୍ଲୋକର ଅବଶିଷ୍ଟ ଚରଣ ପୂରଣ କରନ୍ତି ।] ୨ । ଜଟିଳ ବିଷୟ; ଦୁରୂହ ବିଷୟ; କଠିନ ପ୍ରଶ୍ନ; କୂଟ ପ୍ରଶ୍ନ—2. A knotty question. ୩ । ନାଥ ଦଥ; ହେଣ୍ଡାଗଣ୍ଡ; ପଦଳ; ପୂରଣାର୍ଥ ପ୍ରଦେଳିକା—3. A riddle; a puzzle; a conundrum. ୪ । ଉତ୍ତର ବା ସାଧନ ପାଇଁ ଜିଜ୍ଞାସିତ ପ୍ରଶ୍ନ—4. A problem. ୫ । (+ଉବ. ଯ+ଆ) ଘଟାଇବା—5. Causing to happen. ୬ । ସଂଘଟ୍ଟନ; ଘୋଟିବା—6. Pestling; ୭ । ମିଶ୍ରଣ—7. Mixing together; compounding.
Samasyā

ସମସ୍ୟା ଜବାବ ଦେ. ବ.—ଉତ୍ତର—Reply; answer. [ବ୍ର—ରହୁଛ ବାସୁଦେବେ ଲଘୁ, ବଚନେ ସମସ୍ୟା ନ ଦଏ ।—ଜଗନ୍ନାଥ. ଭାଗବତ ।]
समस्या जवाब

ସମସ୍ୟା ଦେବା—ଦେ. କି.—୧ । ସମାଧାନ ପାଇଁ ଜଟିଳ ପ୍ରଶ୍ନ ଉତ୍ଥାପନ କରିବା—1. To ask a problem; to put a knotty riddle for solution.
Samasyā debā
समस्या देना

ସମସ୍ୟା ପୂରଣ—ସଂ. ବ (ଷଷ୍ଠୀ ତତ୍ପୁ)—୧ । ପ୍ରଶ୍ନ କରି ଯାଇଥିବା ଶ୍ଲୋକାଂଶର ଅସର ପାଦ ପୂରଣ—1. Filling up of the rest of an incomplete stanza given to be filled up. ୨ । ଜଟିଳ ବା କୂଟିଳ ପ୍ରଶ୍ନର ଉତ୍ତର ଦେବା; କଠିନ ବିଷୟର ସମାଧାନ—2. Solution of a problem, [ବ୍ର—ବିସ ପୁଣି ଦେଖା ନ ଯାଇ ଯେବେ ଥାଇ ଜାବରେ, ବିଷମ ସମସ୍ୟା ପୂରଣ ହେଲ ଏହି ଠାବରେ । ଭଞ୍ଜ—ଲବଙ୍ଗଲତା ।]
समस्या पूरण
समस्या समाधान
} —ଅନ୍ୟରୂପ

ସମସ୍ୟାର୍ଥୀ—ସଂ. ବ—ସମସ୍ୟା (ଦେଶ)
Samasyārthā
Samasyā (See)

ସମସ୍ୟା ସାଧିବା—ଦେ. କି—୧ । ଜଟିଳ ପ୍ରଶ୍ନର ଉତ୍ତର କରିବା—1. To answer a riddle or problem. ୨ । ଶ୍ଲୋକାଂଶର ଅବଶିଷ୍ଟାଂଶ ପୂରଣ କରିବା—2. To complete an incomplete stanza put to a person to test his poetic skill.
Samasyā sādhibā
समस्या पूरण करना

ସମହ୍ୟା—ସଂ ବ—(ସମ୍=ସମ୍ୟକ୍+ଅହ୍ ଧାତୁ=ବ୍ୟାପିବା+କ୍ତିନ୍. ଯ+ଆ) ଖ୍ୟାତି; ଯଶଃ; କୀର୍ତ୍ତି (ଶବ୍ଦରତ୍ନାବଳୀ)—Fame; renown; celebrity.
Samahyā

ସମା—ସ. ବଣ. ସ୍ତ୍ରୀ (ସମ+ଆ)—ତୁଲ୍ୟା; ସମ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of 'Sama'. ସ. ବ (ସମ୍ ଧାତୁ+କ୍ତିନ୍.ଅ+ଆ; ସମ୍ ଧାତୁ=ବୈକଲ୍ପ୍ୟ ହେବା+କ୍ତିନ୍. ଅ+ଆ; ଜଳ୍ପ୍ୟବତ୍ସରବଚନାତ୍ତ ଶବ୍ଦ)—ସମ୍ବତ୍ସର; ବର୍ଷ—A year. ଦେ. ବ—୧ । (ଫା. ଶମ୍ବ) ଶମା (ଦେଶ)—1. Samā. (See) ୨ । ସୋମନାଥର ଅନାଦରପ୍ରତି ଭାକ ନାମ—2. Nickname of 'Somanātha'.
Samā

ସମା(ମେ)ଇବା—ଦେ. କି—ସମ୍ଭାଇବା (ଦେଶ)
Samā(me)ibā
Sambhāibā. (See)

ସମାଂଶ—ସ. ବ (ଉମଧା)—ତୁଲ୍ୟ ଅଂଶ—Equal share.
Samāmsa

ସ. ବଣ—ତୁଲ୍ୟ ଅଂଶ ବିଶିଷ୍ଟ—Having equal share.

ସମାଂଶହାରୀ—ସ. ବଣ. ପୁଂ (ସମାଂଶ+ହୃ. ଧାତୁ+କର୍ତ୍ତୃ. ଇନ୍; ୧ମା. ସମାଂଶହାରିନ୍ ୧ବ)=୧ । ସମାନ ଅଂଶର ବା ଭାଗର (ସମାଂଶହାରିଣୀ—ସ୍ତ୍ରୀ) ଗ୍ରହଣକାରୀ—1. Taking an equal share. ୨ । ସମାଭାଗାର୍ହ—2. Entitled to an equal share.
Samāmsahārī

ସମାଂଶିକ-ସଂ. ବଣ. ପୁଂ (ସମ+ଅଂଶ+ଇକ)—୧ । ତୁଲ୍ୟାଂଶ-ଗ୍ରାହୀ—1. Taking equal shares. (ସମାଂଶୀ—ଅନ୍ୟରୂପ) ୨ । ସମାଂଶଭାଗୀ—2. Entitled to equal shares.
Samāmsika
(ସମାଂଶିକା, ସମାଂଶିନୀ—ସ୍ତ୍ରୀ)

ସମାଂସ—ସଂ. ବଣ (ସ=ସହ+ମାଂସ)—୧ । ମାଂସଯୁକ୍ତ—1. Having flesh; with flesh. ୨ । ମାଂସଳ—2. Fleshy. [ବ୍ର—ଶାସ୍ତ୍ରରେ ଲିଖିତ ଅଛି ଯେ ଦେବତାଙ୍କ ଉଦ୍ଦେଶ୍ୟରେ ପଶୁହନନ କରି ସମାଂସ ବୁଧର ସେହି ଦେବତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା-ବିଶ୍ୱକୋଷ ।]
Samāmsa

ସମାଂସମୀନ—ସଂ. ବଣ. ପୁଂ (ସ=ସହିତ+ମାଂସ+ମୀନ)—ମାଂସ ଓ ମତ୍ସ୍ୟଯୁକ୍ତ (ଭୋଜନ ବା ଖାଦ୍ୟ)—(ସମାଂସମୀନା—ସ୍ତ୍ରୀ) (Meal or food) With meat and flesh.
Samāmsamīna

ସମାଂସମୀନା—ସଂ. ବ. ସ୍ତ୍ରୀ (ସ=ସମ୍ବତ୍ସର+ଇନ୍+ଆ; ବଚାଭଦ)—ପ୍ରତିବର୍ଷ ପ୍ରସବକା ଗାଈ; ବର୍ଷବିଆଣୀ
Samāmsamīnā

Digitized by srujanika@gmail.com

ଗାଈ—A cow which brings forth calf every year. (ଉ—ସମାଂସମୀନା ଅସ୍ତୁଡେ, ସମଘଂ ଦେବଃ ଚଡେ । କବିରହସ୍ୟ. ଇଶୋରୀ ସ ଗୀତ ଚଞ୍ଚୁ) ସଂ. ଉଣ. ସ୍ତ୍ରୀ—ସମାଂସମୀନ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Samāmsamīna.

ସମାକର୍ଷଣ—ସଂ. ବ (ସମ୍ = ସମ୍ୟକ୍ + ଆକର୍ଷଣ)—ସମ୍ୟକ୍ ଆକର୍ଷଣ—Great attraction. (ସମାକୃଷ୍ଟ, ସମାକର୍ଷିତ—ଉଣ)

ସମାକର୍ଷିତ—ସଂ. ଉଣ. ପୁଂ (ସମ୍ + ଆ + କୃଷ୍. ଧାତୁ = ଟାଣିବା; ଣିତ୍ + କର୍ମ. ତ)—ସମ୍ୟକ୍‌ରୂପେ ଆକର୍ଷଣ - Strongly attracted. (ସମାକର୍ଷିତା—ସ୍ତ୍ରୀ)

ସମାକର୍ଷୀ—ସଂ. ଉଣ. ପୁଂ (ସମ୍ + ଆ + କୃଷ୍. ଧାତୁ = ଟାଣିବା + କ୍ତୁ. ଇନ୍)—ଉଗ୍ରେଷ ଭାବରେ ଆକର୍ଷଣ-କାରୀ—Strongly attracting. (ସମାକର୍ଷିଣୀ—ସ୍ତ୍ରୀ)

ସଂ. ବ—୧ । ବହୁଦୂରବ୍ୟାପୀ ଗନ୍ଧ—1. A smell which is diffused through a vast space. ୨ । ଉତ୍ତାଳଜନକ ଗନ୍ଧ ବିଶିଷ୍ଟ ଉତ୍ତମ୍ୟଦ୍ରବ୍ୟ (ଭକ୍ଷ୍ୟକୋଷ)—2. Food which has a very attractive and savoury smell.

ସମାକାର—ସଂ. ବ (କର୍ମଧା)—ସମାନ ଆକାର—Samākāra Similar shape. (ସମାକାର—ସ୍ତ୍ରୀ) ସଂ. ଉଣ (ବହୁବ୍ରୀ)—ତୁଲ୍ୟ ଆକାରବିଶିଷ୍ଟ—Having similar shape.

ସମାକୁଳ—ସଂ. ଉଣ. ପୁଂ (ସମ୍ + ଆକୁଳ)—୧ । କାତର; ବ୍ୟାକୁଳ; ଅଧୀର; ଅସ୍ଥିର—Samākula 1. Much perturbed; agitated; distressed. ୨ । ସଂଦିଗ୍ଧ; ସଂଶୟିତ; ସନ୍ଦେହାକୁଳ—2. Doubtful; perplexed. ୩ । ହତବୁଦ୍ଧି—3. Bewildered. ୪ । (ଦ୍ୱାରା) ବ୍ୟାପ୍ତ—4. Pervaded by; diffused with. [ଯଥା—କୁସୁମ ସୁରଭି ସମାକୁଳ ଜଗତନ ।] ୫ । (—ଦ୍ୱାରା) ପରପୂର୍ଣ୍ଣ; ସଂକୁଳ—5. Full of; abounding in. [ଯଥା—ହଂସ ଜଳ ସମାକୁଳ ଅରଣ୍ୟ ।] (ସମାକୁଳା—ସ୍ତ୍ରୀ)

ସମାକୃଷ୍ଟ—ସଂ. ଉଣ. ପୁଂ (ସମ୍ = ସମ୍ୟକ୍ + ଆକୃଷ୍ଟ)—ସମ୍ୟକ୍ ଆକୃଷ୍ଟ—Tightly attracted. (ସମାକୃଷ୍ଟା—ସ୍ତ୍ରୀ)

ସମାକ୍ରନ୍ଦନ—ସଂ. ଉଣ. ପୁଂ (ସମ୍ + ଆନନ୍ଦ)—ସମ୍ୟକ୍ ପ୍ରକାରେ ଆକ୍ରମଣ—Fierce attack.

ସମାକ୍ରାନ୍ତ—ସଂ. ଉଣ. ପୁଂ (ସମ୍ + ଆକ୍ରାନ୍ତ)—୧ । ଚତୁର୍ଦ୍ଦିଗରୁ ଆକ୍ରାନ୍ତ—Samākrānta 1. Attacked on all sides; overtaken. ୨ । ବଳପ୍ରକାଶ ଭାବରେ ଆକ୍ରାନ୍ତ—2. Forcibly attacked by. ୩ । ଗୃହୀତ—3. Taken ୪ । ପରିବ୍ୟାପ୍ତ; ବିସ୍ତୃତ—4. Spread; pervaded ୫ । ଚତୁର୍ଦ୍ଦିଗରେ ନିର୍ଦ୍ଦିଷ୍ଟ ସୀମାବିଶିଷ୍ଟ; ସୀମାବିଶିଷ୍ଟ—5. Bounded on all sides by given boundaries.

ସମାକ୍ଷର—ସଂ. ବଣ (ବହୁବ୍ରୀ)—ସମାନ ଅକ୍ଷର ବିଶିଷ୍ଟ—Samākshara Having similar or equal letters.

ସମାଖ୍ୟା—ସଂ. ବ (ସମ୍ = ସମ୍ + ଖ୍ୟା ଧାତୁ = କହିବା + କରଣ ଅ + ଆ) ୧ ଖ୍ୟାତି; ଯଶଃ—Samākhyā 1. Celebrity; renown. ୨ । ବାଚକ ଶବ୍ଦ; ନାମ; ଉପାଧି—2 Title; name; term.

ସମାଖ୍ୟାତ—ସଂ. ବି. ପୁଂ (ସମ୍ = ସମ୍ୟକ୍ + ଆଖ୍ୟାତ)—୧ । ବିଖ୍ୟାତ—Samākhyāta 1. Renowned; celebrated. ୨ । ବାଚକ ଶବ୍ଦ (ସମାଖ୍ୟାତା—ସ୍ତ୍ରୀ) ନାମଯୁକ୍ତ—2 Termed; named; titled.

ସମାଗତ—ଫ. ବଣ. ପୁଂ (ସମ୍ = ସମ୍ୟକ୍ + ଆଗତ)—୧ । ଉପସ୍ଥିତ—Samāgata 1. Present; arrived at. ୨ । ଏକତ୍ର ମିଳିତ—2. Assembled. ୩ । ଆଗତ; ଅସ୍ଥି-କାର କରିଥିବା; ସାକ୍ଷାତ୍‌କୃତ—4. Met. (ସମାଗମ, ସମାଗତ—ବ) ଥିବା—3. Come.

ସମାଗତି(ମ)—ଫ. ବ (ସମ୍ + ଆ + ଗତ; ସମ୍ + ଆଗମ)—Samāgati(ma) ୧ । ଉପସ୍ଥିତି—1. Presence. ୨ । ସମ୍ମିଳନ; ଏକ ସ୍ଥାନରେ ମିଳନ—2. Meeting together; assembling; gathering. ୩ । ଆଗମନ—3. Coming; arrival. ୪ । ସଙ୍ଗମ—4. Union; connection; junction. ୫ । ଗମନାଗମନ; ଗତାୟାତ; ସମ୍ଭର—5. Coming and going; concourse. ୬ । ସଂପ୍ରାପ୍ତି (ଭକ୍ଷ୍ୟକୋଷ)—6. Acquisition.

ସମାଘାତ—ସ. ବ (ସମ୍ = ସମ୍ୟକ୍ + ଆଘାତ)—୧ । ଗୁରୁତର ଆଘାତ—Samāghāta 1. Heavy blow. ୨ । ସଂଗ୍ରାମ; ଯୁଦ୍ଧ—2. Battle; fight. ୩ । ହତ୍ୟା; ବଧ—3. Killing; slaughter; murder.

ସମାଚୟନ—ସଂ. ବ (ସମ୍ + ଆ + ଚୟନ)—ଏକତ୍ର ସ୍ଥାପନ (ଭକ୍ଷ୍ୟକୋଷ)—Samāchayana Placing or putting together.

ସମାଚରଣ—ସଂ. ବ (ସମ୍ + ଆଚରଣ)—ସଦାଚାର; ଉତ୍ତମ ଆଚରଣ—Samācharana Good conduct. (ସମାଚରଣୀୟ—ବଣ)

ସମାଚରିତ—ସଂ. ବଣ (ସମ୍ + ଆଚରିତ)—ସମ୍ୟକ୍ ଆଚରିତ—Samācharita Practised; followed.

ସଂ. ବ—ସମାଚାର (ଦେଶ)—Samāchāra (See)

ସମାଚାର—ସଂ. ବ (ସମ୍ + ଆଚାର)—୧ । ଖବର; ସଂବାଦ—Samāchāra 1. News; report; intelligence; relation; tidings. ୨ । ସଦାଚାର; ଉତ୍ତମ ଆଚରଣ—2. Good conduct; good behaviour. ୩ । ଶିଷ୍ଟାଚାର—3. Etiquette; approved social usage.

Digitized by srujanika@gmail.com

ସମାଚ୍ଛନ୍ନ—ସ.ବ.ଣ.ପୁଂ (ସମ୍ + ଅଚ୍ଛନ୍ନ)—୧ । ସମ୍ପୂର୍ଣ୍ଣରୂପେ ଆବୃତ—Samāchchhanna 1. Wholly covered. ୨ । ଅଉଭୂତ (ସମାଚ୍ଛନ୍ନା—ସ୍ତ୍ରୀ) —2. Overclouded. ୩ । ଲୁକ୍କାୟିତ —3. Concealed; enveloped. ୪ । ଚାରି ଦିଗରେ ବେଢ଼ା ହୋଇଥିବା—4. Surrounded on all sides.

ସମାଚ୍ଛାଦନ—ସ. ବ (ସମ୍ + ଅଚ୍ଛାଦନ)—୧ । କୌଣସି ବସ୍ତୁକୁ ସମ୍ୟକ୍ ରୂପେ ବା ସମ୍ପୂର୍ଣ୍ଣ ରୂପେ ଘୋଡ଼ାଇ ପକାଇଥିବା ଆବରଣ; ଘଟାଟୋପ—1. A cover; envelope. ୨ । ସମ୍ପୂର୍ଣ୍ଣ ରୂପେ ଆବରଣ କରିବା—2. Covering wholly.

Samāchchhādana ସମ୍ୟକ୍ ରୂପେ ବା ସମ୍ପୂର୍ଣ୍ଣ ରୂପେ
ସମାଚ୍ଛାଦିତ / ସମାଚ୍ଛାଦନୀୟ } ବଣ] ଘୋଡ଼ାଇ ପକାଇଥିବା ଆବରଣ; ଘଟାଟୋପ—1. A cover; envelope.

ସମାଜ—ସ, ବ (ସମ୍ = ସମ୍ୟକ୍ + ଅଜ୍ ଧାତୁ = ଗମନ କରିବା + Samāja ଅଧିକରଣେ. ଅ)—୧ । ସଭା—1. Assembly; (ସାମାଜିକ—ବଣ) meeting. ୨ । ଗଣ; ସମୂହ—2. Multitude. [ଉ—ଧୂତ ହୋଇ ବଳଗ୍ଭନ, ଦୂଷିତ ହୋଇବା ମନ, ଧୋଇ ଚଳା ଜଳଙ୍କ-ସମାଜ ମାଜ । କବିସୂର୍ଯ୍ୟ. ଚକ୍ଷୁ. ୪ ଗୀତ ।] ୩ । ଦଳ; ସଙ୍ଘ—3. Company; crowd. ୪ । ସମ୍ପ୍ରଦାୟ; ବିଶେଷ କାର୍ଯ୍ୟ ବା ଉଦ୍ଦେଶ୍ୟ ସାଧନାର୍ଥ ଗଠିତ ଦଳ—4. A society formed for a particular purpose; corporation. ୫ । ବୈଷ୍ଣବବିଶେଷଙ୍କ ସମାଧି ସ୍ଥାନ—5. The burial ground of an anchorite. ୬ । ଏକ ଧର୍ମ ଓ ଏକ ଆଚାର ସପକ୍ଷ ଲୋକ ସମଷ୍ଟି—6. A number of persons following the same religion or course of conduct, formed into a body or society or club. ୭ । ଦୈନନ୍ଦିନ କାର୍ଯ୍ୟ କଳାପ ଓ ଜହ୍ନବାଦରେ ପରସ୍ପରକୁ ସାହାଯ୍ୟ କରି, ପରସ୍ପରର ସୁଖ ଦୁଃଖରେ ସାଥୀ ହୋଇ ଏକ ସଙ୍ଗେ ସଂସାରରେ ଚଳାଚଳ ହେବା ଓ ସଦାଗ୍ରସ୍ତ ହେବା ନିମନ୍ତେ ଉଚ୍ଚ ଉଚ୍ଚ ବର୍ଣ୍ଣ, ଜାତି ବା ସଂପ୍ରଦାୟର ବ୍ୟକ୍ତି-ମାନଙ୍କ ଦ୍ୱାରା ଗଠିତ ହୋଇଥିବା ସଙ୍ଘ ବା ଗୋଷ୍ଠୀ—7. A society formed by different sects or castes for the purpose of worldly and everyday intercourse; community. ୮ । ଜାତିଅଣ ସଭା—8. Caste-guild; a society of different caste-men. ୯ । (ସାଚାଳ ସଂପୃକ୍ତ) ମେଳା; ସାମାଜିକ ଉତ୍ସବ—9. A social festival or gathering. ୧୦ । ପଶୁମାନଙ୍କ ଛଡ଼ା ଅନ୍ୟ ପ୍ରାଣୀମାନଙ୍କର ଦଳ (ଅମର କୋଷ)—10. A crowd of animals other than beasts. [ଦ୍ର—ପଶୁ ସମୂହ ବା ଦଳକୁ 'ସମଜ' କୋଇଯାଏ । ଧର୍ମ, ଆଚାର, ମତ, ବଦ୍ୟା ଅଦ ଯେଉଁ ବିଷୟ ପେଇ ସମାଜ ଗଠିତ ହୁଏ, ତାହା ସେହି ନାମରେ ନାମିତ ହୁଏ । ଯଥା—ହିନ୍ଦୁ ସମାଜ, ବ୍ରାହ୍ମ ସମାଜ, ପଣ୍ଡିତ ସମାଜ, ସାହିତ୍ୟ ସମାଜ, ବ୍ରାହ୍ମ ସମାଜ ଇତ୍ୟାଦି । ପୁଣି ଏକ ଶ୍ରେଣୀ ବା ଏକ ଜାତି ବଶିଷ୍ଟ ବ୍ୟକ୍ତି ସମଷ୍ଟିକୁ ଉତ୍ତମ ସମାଜ ବୋଲି ଯାଏ; ଯଥା—ନାପ୍ତ ସମାଜ, ପଟ୍ୟ ସମାଜ, ଶିକ୍ଷିତ ସମାଜ ଜନ ସମାଜ ।] ୧୧ । (+କଣ୍ଠି. ଅ) ହସ୍ତୀ (ଅନେକାର୍ଥ କୋଷ)—11. Elephant. ୧୨ । (+ଗତି. ଅ) ଏକତ୍ର ଗମନ—12. Going together; travelling in company. ଦେ. ବ (ନାମ) ପ୍ରଥମେ ପୁଣ୍ୟ ଇଚ୍ଛାର ସତ୍ୟବାଦୀଠାରେ ସ୍ୱର୍ଗତ ଗୋପବନ୍ଧୁ ଦାଶଙ୍କ ଦ୍ୱାରା ସାପ୍ତାହିକରୂପେ ପରିଚାଳିତ ଓ ତତ୍ପରେ ତାଙ୍କ ଦ୍ୱାରା କଟକଠାରେ ସାପ୍ତାହିକରୂପେ ପ୍ରକାଶିତ ଓ ବର୍ତ୍ତମାନ କଟକଠାରେ ଶ୍ରୀ ଲିଙ୍ଗରାଜ ମିଶ୍ର ଏମ୍. ଏଙ୍କ ଦ୍ୱାରା ସମ୍ପାଦିତ ଓ ଶ୍ରୀ ରାଧାନାଥ ରଥଙ୍କ ପରିଚାଳିତ ଓ ସମାଜ ପ୍ରେସରୁ ପ୍ରକାଶିତ ସାପ୍ତାହିକ ଓ ଦୈନିକ ସମ୍ବାଦପତ୍ର—Name of the daily and weekly editions of a Newspaper started by the late Gopabandhu Das and now edited by Babu Lingraj Misra M.A. and managed by Babu Radhanath Rath.

ସମାଜ ଗତ—ସଂ. ବଣ (୬ୟା ତତ୍)—୧ । ସମାଜ ସମ୍ବନ୍ଧୀୟ—Samāja gata 1. Relating to society. ୨ । ସମାଜ ବଦ୍ଧ (ଦେଖ)—2. Samāja baddha (See). ୩ । ସାମାଜିକ—3. Social.

ସମାଜ ଗୃହ—ସଂ. ବ (ଅଧିକରଣ ପ୍ରୟୋଗ)—୧ । ବ୍ରାହ୍ମସମାଜ ଆଦର Samāja gṛuha ଉପାସନାଲୟ—1. The prayer house (ସମାଜ ଘର—ଦେଶଜ ରୂପ) of Brāhma Samāja etc.; the prayer hall of a community. ୨ । ସଭା ଗୃହ—2. Meeting house.

ସମାଜ ଚ୍ୟୁତ—ସଂ. ବଣ. ପୁଂ (୫ମୀ ତତ୍)—କୌଣସି ସମାଜରୁ Samāja chyuta ବହିଷ୍କୃତ—Excommunicated; (ସମାଜ ଚ୍ୟୁତ—ଅନ୍ୟରୂପ) out-casted.
(ସମାଜ ଚ୍ୟୁତା, ସମାଜ ଚ୍ୟୁତ୍ତା—ସ୍ତ୍ରୀ)
(ସମାଜ ଚ୍ୟୁତି, ସମାଜ ଚ୍ୟୁତ୍ତି—ବ)

ସମାଜ ତତ୍ତ୍ୱ—ସଂ. ବ—ସାମାଜିକ ତଥ୍ୟସମୂହ—Social facts; Samāja tattwa facts about society.

ସମାଜ ନାୟକ—ସଂ.ବ.ପୁଂ (୬ଷ୍ଠୀ ତତ୍)--ସମାଜର ନେତା ବା ଅଗ୍ରଣୀ Samāja nāyaka ବ୍ୟକ୍ତି—A headman or leader of a society or community.

ସମାଜ ନୀତି—ସଂ. ବ (୬ଷ୍ଠୀ ତତ୍) —୧ । ସାମାଜିକ ନିୟମ—Samāja nīti 1. Social rules. ୨ । ଯେଉଁ ବିଦ୍ୟା ଦ୍ୱାରା ସାମାଜିକ ତତ୍ତ୍ୱମାନଙ୍କ ଚର୍ଚ୍ଚା କରିଯାଏ—2. Sociology.

Digitized by srujanika@gmail.com

ସମାଜ ପତ—ସଂ. ବ ପୁଂ (୬ଷ୍ଠୀ ତତ୍) —ସମାଜର ନାୟକ; କୌଣସି ସଂପ୍ରଦାୟର ମୁଖ୍ୟ ବ୍ୟକ୍ତି; ଗୋଷ୍ଠୀ ପତ—The headman or leader of a community. ଦେ. ବ—ବଙ୍ଗଦେଶର ବଂଶୋପାଧି ବିଶେଷ—A family title in Bengal.

ସମାଜ ପତିତ—ସଂ. ଭୂ. ପୁଂ (୫ମୀ ତତ୍)—ସମାଜ ଚ୍ୟୁତ (ଦେଖ) Samāja patita Samāja chyuta (See) (ସମାଜ ପତିତା—ସ୍ତ୍ରୀ) (ସମାଜ ପତନ—ବ)

ସମାଜ ବଦ୍ଧ—ସଂ. ବିଶେ. ପୁଂ (୩ୟା ତତ୍)—ଦଳବଦ୍ଧ—Samāja baddha Formed into a society. (ସମାଜ ବଦ୍ଧା—ସ୍ତ୍ରୀ)

ସମାଜ ବନ୍ଧନ—ସଂ. ବ (୬ଷ୍ଠୀ ତତ୍ ବା ରୂପକ କର୍ମଧା)—Samāja baudhana ୧ । ସାମାଜିକ ନିୟମ ବା ବ୍ୟବସ୍ଥା—1. Social rules. ୨ । ଯେଉଁ ବନ୍ଧନ ଯୋଗୁଁ ସମାଜରେ ମନୁଷ୍ୟ ଅନ୍ୟମାନଙ୍କ ସହିତ ଦଳବଦ୍ଧ ହୋଇ ରହେ—2. Social tie; bonds of society. ୩ । ସମାଜରେ ଅନ୍ୟ ବ୍ୟକ୍ତିମାନଙ୍କ ସଙ୍ଗେ ସଂପର୍କ—3. Social relationship.

ସମାଜ ବହିର୍ଭୂତ—ସଂ. ବିଶ (୫ମୀ ତତ୍)—୧ । ସମାଜଚ୍ୟୁତ Samāja bahirbhūta (ଦେଖ)—1. Samājachyuta (See). ୨ । ସମାଜ ବିରୁଦ୍ଧ (ଦେଖ) —2. Samāja biruddha (See)

ସମାଜ ବିଧାନ—ସଂ. ବ (୬ଷ୍ଠୀ ତତ୍)—ସମାଜ ଶାସନ (ଦେଖ) Samāja bidhāna Samāja śāsana (See) [ସମାଜ ବିଧି—ଅନ୍ୟରୂପ]

ସମାଜ ବିରୁଦ୍ଧ—ସଂ. ବିଶ (୬ଷ୍ଠୀ ତତ୍)—ସାମାଜିକ ନିୟମର ବିପକ୍ଷ ବା ପ୍ରତିକୂଳ—Samāja biruddha Contrary or opposed to the rules of society.

ସମାଜ ବିରୋଧୀ—ସଂ. ବିଶ. ପୁଂ (ଜ୍ଞାପଦ ତତ୍) —୧ । ସମାଜର Samāja birodhī ନିୟମ ବିରୋଧରେ କାର୍ଯ୍ୟକାରୀ— (ସମାଜ ବିରୋଧିନୀ—ସ୍ତ୍ରୀ) 1. Acting contrarily to the rules of society. ୨ । ସମାଜ ବିରୁଦ୍ଧ (ଦେଖ) 2. Samāja biruddha (See)

ସମାଜ ଭୁକ୍ତ—ସଂ. ବିଶ (୭ମୀ ତତ୍) —୧ । ସମାଜର ଅନ୍ତର୍ଗତ— Samāja bhukta 1. Included in society. ୨ । କୌଣସି ସଂପ୍ରଦାୟର ସଭ୍ୟ ହୋଇଥିବା—2. Being a member of a community.

ସମାଜ ଭୂଷଣ—ସଂ. ବ (୬ଷ୍ଠୀ ତତ୍)—ଜନର ପୂଜାଦ୍ୱାରା ସମାଜର Samāja bhūshaṇa ଭୂଷଣ ବା ଅଳଙ୍କାରସ୍ୱରୂପ (ବ୍ୟକ୍ତି)— An ornament to a society.

ସମାଜ ମନ୍ଦିର—ସଂ. ବ (ଅଧୁନିକ ବ୍ୟବହାର)—ସମାଜ ଗୃହ (ଦେଖ) Samāja mandira Samāja gṛuha (See)

ସମାଜ ରହିତ—ସଂ. ବିଶ (୫ମୀ ବା ୩ୟା ତତ୍)—୧ । ସମାଜଚ୍ୟୁତ Samāja rahita (ଦେଖ)—1. Samājachyuta (See). (ସମାଜ ରହିତା—ବ) ୨ । ଯେଉଁମାନଙ୍କର ସମାଜ ନାହିଁ; ସମାଜ ହୀନ—2. (persons) Having no society or community.

ସମାଜ ଶକ୍ତି—ସଂ. ବ (୬ଷ୍ଠୀ ତତ୍)—ସମାଜର କ୍ଷମତା—The Samāja śakti power of a society; social strength.

ସମାଜ ଶାସନ—ସଂ. ବ (୬ଷ୍ଠୀ ତତ୍)—୧ । ସମାଜରେ ପ୍ରଚଳିତ Samāja śāsana ନିୟମ—1. Social rules. ୨ । ସମାଜରେ ଚଳୁଥିବା ପ୍ରଥା—2. Social customs. ୩ । ସାମାଜିକ ଶାସ୍ତି—3. Social punishment; social sanction. ୪ । ସମାଜର ସଭ୍ୟଙ୍କ ଉପରେ ସମାଜର ଥିବା ଅଧିକାର—4. The rule or mastery of a society over its members.

ସମାଜ ଶୃଙ୍ଖଳ—ସଂ. ବ (ରୂପକ କର୍ମଧା)—ସମାଜ ବନ୍ଧନ (ଦେଖ) Samāja śṛuṅkhala Samāja bandhana (See)

ସମାଜ ଶୃଙ୍ଖଳା—ସଂ. ବିଶ (୬ଷ୍ଠୀ ତତ୍)—୧ । ସାମାଜିକ ପରିପାଟୀ— Samāja śṛuṅkhalā 1. Social nicety. ୨ । ସମାଜ ବନ୍ଧନ (ଦେଖ)—2. Samāja bandhana (See)

ସମାଜ ସଂସ୍କାର—ସଂ. ବ (୬ଷ୍ଠୀ ତତ୍)—ସମାଜରେ ଚଳୁଥିବା ଅହିତ- Samāja saṁskāra କର ନିୟମ ବା ପ୍ରଥା ରହିତ କରି ତତ୍ପରିବର୍ତ୍ତରେ ସୁନିୟମ ବା ହିତକର ପ୍ରଥା ଚଳାଇବା କର୍ମ; ସାମାଜିକ ତ୍ରୁଟିମାନଙ୍କ ଶୋଧନ—Social reform.

ସମାଜ ସଂସ୍କାରକ—ସଂ. ବି. ପୁଂ (ଜ୍ଞାପଦ ତତ୍) —ସାମାଜିକ Samāja saṁskāraka କୁପ୍ରଥା ପରିବର୍ତ୍ତନ ନିମନ୍ତ୍ର ସୁପ୍ରଥା (ସମାଜ ସଂସ୍କାରିକା—ସ୍ତ୍ରୀ) ପ୍ରବର୍ତ୍ତନ ପ୍ରତି ଯତ୍ନଶୀଳ ବ୍ୟକ୍ତି— Social reformer.

ସମାଜ ସଂସ୍କାରୀ —ସଂ.ବି.ପୁଂ—ସାମାଜିକ ସଂସ୍କାର ବା ପରିବର୍ତ୍ତନରେ ସଦାଯତ୍ନ Samāja saṁskārī ବା ଶୁଭକର ବ୍ୟକ୍ତି; ଯେ ସମାଜ ହିତକର (ସମାଜ ସଂସ୍କାରିଣୀ—ସ୍ତ୍ରୀ) କୌଣସି ସୁପ୍ରଥାକୁ ପ୍ରଚଳିତ କରଥନ୍ତି— Social reformer.

ସମାଜ ହିତ—ସଂ. ବ (୬ଷ୍ଠୀ ତତ୍) —ସମାଜର ଉପକାର— Samāja hita The good or benefit of society; communal welfare.

ସମାଜ ହିତକର—ସଂ. ବିଶ. ପୁଂ (ଜ୍ଞାପଦ ତତ୍)—୧ । ସମାଜର Samāja hitakara ଉପକାରୀ (ପ୍ରଥା ବା କାର୍ଯ୍ୟ)— (ସମାଜ ହିତକରୀ—ସ୍ତ୍ରୀ) 1. Beneficial to society. ୨ । ସଦ୍ଭାବ ସମାଜର ମଙ୍ଗଳ ଘଟେ— 2. Bringing good to the community.

ସମାଜ ହିତୈଷଣା—ସଂ. ବ (୬ଷ୍ଠୀ ତତ୍)—ସମାଜର ମଙ୍ଗଳକାମନା— Samāja hitaiṣhaṇā Good wishes for the society.

ସମାଜ ହିତୈଷୀ—ସଂ. ବିଶ. ପୁଂ (ଜ୍ଞାପଦ ତତ୍)—ସମାଜର Samāja hitaiṣhī ମଙ୍ଗଳକାମୀ (ବ୍ୟକ୍ତି)—Wishing (ସମାଜ ହିତକାମୀ—ଅନ୍ୟରୂପ) good to the society.

Digitized by srujanika@gmail.com

(ସମାଜ ହୁଡୈଷଣା, ସମାଜ ହୁତକାରଣୀ —ସ୍ତ୍ରୀ)
ସମାଜ ହୁଡୈଷିଣୀ; ସମାଜ ହୁଡୈଷିତା, ସମାଜ ହୁତ, ସମାଜ ହୁତକାରତା } ବ

ସମାଜୀ—ଦେ. ବଣ (ସଂ. ସାମାଜିକ)—୧ । ସାମାଜିକ—1. Social.
Samājī ୨ । କୌଣସି ସମାଜର ଅଧୀନ—2. Belonging
ସାମାଜିକ **समाजी** to any society.

ସମାଜ୍ଞା—ସଂ. ବ (ସମ୍ + ଆ + ଜ୍ଞା ଧାତୁ = ଜାଣିବା + ଭାବ. ଅ + ସ୍ତ୍ରୀ. ଆ)—ଖ୍ୟାତି; ଯଶଃ—Celebrity; fame;
Samājñā renown.

ସମାତୃ(ତା)—ସଂ. ବଣ. ସ୍ତ୍ରୀ—ମାତୃ ସମାନ; ମାତୃସ୍ଥାନୀୟା—Occupy-
Samātṛu(tā) ing the position of one's mother.
ବ. ସ୍ତ୍ରୀ—ବମାତା (ବଶ୍ଚୋଷ)—Step-mother.

ସମାତୃକ—ସଂ. ବଜ. ତ୍ରି (ସହାର୍ଥ ବହୁବ୍ରୀହି; ସ + ମାତୃ + କ)—
Samātṛuka ୧ । ମାତୃବିଶିଷ୍ଟ—1. Having one's
(ସମାତୃକା—ସ୍ତ୍ରୀ) (ଅମାତୃକ—ବପଶ୍ଚାତ) mother.
୨ । ମାତାଙ୍କ ସମଭିବ୍ୟାହାରୀ—
2. Accompanied by on 's mother.

ସମାତ୍ମକ—ସଂ ବଣ (ବହୁବ୍ରୀହି)—ତୁଲ୍ୟ ସ୍ୱଭାବବିଶିଷ୍ଟ—Of the
Samātmaka same or similar nature.
[ସମାତ୍ମିକା—ସ୍ତ୍ରୀ] [ସମାତ୍ମା—ଅନ୍ୟ ତ୍ରି ଓ ସ୍ତ୍ରୀରୂପ]

ସମାଦର—ସଂ. ବ (ସମ୍ = ସମ୍ୟକ୍ + ଆଦର)—୧ । ସମ୍ମାନ; ବହୁମାନ
Samādara ଆଦର—1. Honour; veneration;
ସମାଦୃତ } ବଣ great respect. ୨ । ସମ୍ବର୍ଦ୍ଧନା—
ସମାଦରଣୀୟ } 2. Welcome; honouring.

ସମାଦାନ—ସଂ. ବଣ. ସ୍ତ୍ରୀ (ସମ୍ + ଆଦାନ)—୧ । ସମ୍ୟକ୍ ଗ୍ରହଣ—
Samādāna 1. Proper acceptance. ୨ । ଉପଯୁକ୍ତ
ଦାନ ଗ୍ରହଣ—2. Act of receiving proper
gift. ୩ । ବୌଦ୍ଧମାନଙ୍କ ପ୍ରାତଃକାଳୀନ ଉପାସନା—
3. The daily rites of the Buddhists.

ସମାଦା(ଦ୍ଦା)ର—ଦେ. ବ.— ବଙ୍ଗ ଦେଶୀୟ ପାରମ୍ପରାଗତ ଉପାଧି
Samādā(ddā)ra ବହୁଶ—A family title in
ସମାଦାର **समादार** Bengal.

ସମାଧି(ତ୍ୟାଦି)—ଗ୍ରା. ବ (ଅଶୁଦ୍ଧ) (ସଂ. ସମାଧି)—ସମାଧି ଇତ୍ୟାଦି
Samādi(etc) (ଦେଖ)—Samādhi etc (See)

ସମାଧିବା—ଦେ· କ୍ରି—ଆଶ୍ୱାସନା କରିବା—
Samādibā To give consolation; to console
ଆଶ୍ୱାସ ଦେଓୟା **आश्वासदेना** [ଜ—ସ୍ୱଜା ସଜ୍ଞି ସାଧକ ସମାଦଇ
କୁସ୍ତି ଦହ ମନ ଗେଦ ।—ଗ୍ରାତୀ. ରସବାରଥି]

ସମାଦୃତ—ସଂ· ବଣ. ତ୍ରି (ସମ୍ + ଆଦୃତ)—ସମ୍ମାନିତ; ଅତି ଆଦୃତ—
Samādṛuta 1. Very much respected; honour-
(ସମାଦୃତା—ବଣ) ed. ୨ । ସମ୍ବର୍ଦ୍ଧିତ—2. Welcome.

ସମାଦେଶ—ସଂ· ବ (ସମ୍ + ଆଦେଶ)—ସମ୍ୟକ୍ ଆଦେଶ; ଅଜ୍ଞା—
Samādeśa Special order.
ସମାଦିଷ୍ଟ } ବଣ (ସମାଦେଶନ—ଅନ୍ୟରୂପ)
ସମାଦେଶିତ

ସମାଧା—ସ. ବ (ସମ୍ + ଅ + ଧା ଧାତୁ = ଧାରଣ କରିବା + ଭାବ
Samādhā ଅ + ଆ) ୧ । ସିଦ୍ଧାନ୍ତ; ମୀମାଂସା; ନିଷ୍ପତ୍ତି-
[ସମାଧାନ—ଅନ୍ୟରୂପ] 1. Decision; settlement of
[ସମାହୃତ—ବଣ] an affair. ୨ । ବିରୋଧ ଭଞ୍ଜନ—
2. Reconciling of a dispute or differ-
ence. ୩ । ବିବାଦ ନିଷ୍ପତ୍ତି—3. Settlement of
a dispute. ୪ । ନିୟମ—4. Rule; regula-
tion. ୫ । ତପସ୍ୟା—5. Practice of religious
austerities. ୬ । ନିଜର ଇଚ୍ଛାପ୍ରଣୋଦିତ ଧର୍ମାନୁଷ୍ଠାନ-
6. Any religious observance voluntarily
undetraken. ୭ । ସମାଧି; ଯୋଗ ସାଧନ; ବ୍ରହ୍ମରେ
ମନକୁ ସ୍ଥିର କରି ରଖିବା—7. Abstraction of
mind from external objects and fixing it
on God; concentration of the mind on
the Brahma. ୮ । ଅନୁସନ୍ଧାନ—8. Enquiry;
research; investigation. ୯ । ସମର୍ଥନ—9.
Act of seconding or supporting a pro-
posal. ୧୦ । ଚିତ୍ତର ଏକାଗ୍ରତା; ଅବଧାନ; ପ୍ରଣିଧାନ—
10. Concentration of mind; mental
abstraction; composure. ୧୧ । ଧ୍ୟାନ—
11. Religious meditation. ୧୨ । ପ୍ରତିକାର—
12. Remedy. ୧୩ । କାର୍ଯ୍ୟର ସମାପନ—
13. Co mpletion or accomplishment of
any work. ୧୪ । ନାଟକର ଅଙ୍କ ବିଶେଷ—
14. Part of a drama [ଦ୍ର—ଯେଉଁଠାରେ
ସାଜର ଅର୍ଥାତ୍ ନାଟକବର୍ଣ୍ଣିତ ପ୍ରଧାନ କାରଣର ଅପ୍ରଧାନ
ହୁଏ ତାକୁ ସମାଧା ବୋଲିଯାଏ—ସାହିତ୍ୟ ଦର୍ପଣ]

ସମାଧାନ—ସଂ· ବ (ସମ୍ + ଆ + ଧା ଧାତୁ = ଧାରଣ କରିବା + ଭାବ
Samādhāna ଅନ)—୧। ସମାଧା (ଦେଖ)—1. Samādhā
(See) ୨ । ପ୍ରଶ୍ନର ଉତ୍ତର ଦାନ—2. An-
[ସମାହୃତ, ସମାଧାନୀୟ—ବଣ] swering a question. ୩ ।
ସମସ୍ୟା ପୂରଣ—3. Solution of a problem or
riddle. ଦେ· ବ ୧ । ଦୁଇ ଜଣଙ୍କ ବିବାଦ
ମୀମାଂସା ପୂର୍ବକ ମିଳନ—1. Reconciliation bet-
ସମାଧାନ **समाधान** ween two disputing per-
sons after settlement of dispute. ୨ ।
(ସମାଧାନ—ଗ୍ରା· ରୂପ) ଅଘୋଷିରେ ବିବାଦର ମୀମାଂସା-
2. Amicable settlement.

ସମାଧାନ(ନି)କରିବା—ଦେ· କ୍ରି—୧ । ସଂପନ୍ନ କରିବା—1. To
Samādhāna(ni) karibā accomplish. ୨ । (ବିବାଦ)
ସମାଧାନ କରା **समाधान करना** ମେଣ୍ଟାଇବା—2. To set-
tle or cause reconciliation of a dispute.

ସମାଧାନୀ—ଦେ· ବଣ., ତ୍ରି ଓ ସ୍ତ୍ରୀ—୧ । ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିର
Samādhānī ବିବାଦ ମୀମାଂସା କରି ଦିଅନ୍ତି—1. (a person)

Digitized by srujanika@gmail.com

[ସମାଧାଳଅ—ଅନ୍ୟରୂପ] Who amicably settles disputes between other persons. ୨ । ବିବାଦ ଭଞ୍ଜନ କରିବାରେ ପ୍ରବୀଣ—2. Skilful in bringing about amicable settlement. ୩ । ଶାନ୍ତପ୍ରକୃତିକ—3. Of a mild or cool temper.

ସମାଧି—ସ. ବି. (ସମ୍ + ଆ + ଧା ଧାତୁ = ଧାରଣ କରିବା + ଅଧି କରଣ ଇ, ଯହିଁରେ ଲୋକଙ୍କର ମନ ସମାହୃତ ହୁଏ) (ସମାହୃତ—ବିଣ) —୧ । ସମାଧା (ଦେଶ)—1. Samādhā (See) ୨ । ସମାଧାନ (ଦେଶ)—2 Samādhāna (See). ୩ । ପରମାତ୍ମାଙ୍କ ସହିତ ଜୀବାତ୍ମାର ଏକୀଭବ—3. The unification of the human mind with the divinity; the mental operation by which 'the God in man is one with the man in God'. [ଜ—ଉର୍ଗ ସମାଧି ଭଙ୍ଗ କରିବ । —ଭବସ୍ଫୋ. ଉପୋଦ୍ଘା ଚତୁ. ଭ. ଗୀତ] [ଦ୍—ଇନ୍ଦ୍ରିୟମାନଙ୍କୁ ନିରୋଧ କରି ଗୋଟିଏ ମାତ୍ର ବିଷୟରେ ଦୃଢ଼ରୂପେ ମନୋନିବେଶ କଲେ ଉକ୍ତ ବିଷୟରେ ଏକାଗ୍ରତା ଜନ୍ମେ । ମନୋମଧ୍ୟରେ ଏକାଗ୍ରତା ବଦ୍ଧମୂଳ ହେଲେ 'ଧ୍ୟାନ' ହୁଏ । ଧ୍ୟାନ ବଦ୍ଧମୂଳକ ହେଲେ ତାହାକୁ 'ସମାଧି' ବୋଲଯାଏ । ସମାଧି ହେଲେ ମନୁଷ୍ୟ ମନରୁ 'ଅହଂ ଭାବ' ଅର୍ଥାତ୍ ନିଜର ଅସ୍ତିତ୍ୱ ଭାବ ଲୁପ୍ତ ହୋଇ ଧ୍ୟେୟ ବସ୍ତୁ ପ୍ରତି ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ରହେ । ଈଶ୍ୱରପ୍ରଣିଧାନ ଦ୍ୱାରା ଉତ୍କୃଷ୍ଟ 'ସମାଧି' ଲାଭ ହୁଏ । ପରମାତ୍ମା ସହିତ ଜୀବାତ୍ମାର ଏକତ୍ୱ ମିଳନରୁ 'ସମାଧି'ର ଚରମ ଲକ୍ଷ୍ୟ । ଏହାହିଁ ଯୋଗସାଧନ ।

ଯୋଗର ଚରମ ଫଳ ସମାଧି—ପ୍ରଥମେ ଏକାଗ୍ରଚିତ୍ତ ଦ୍ୱାରା ଧାରଣା; ତତ୍ପରେ ଧ୍ୟାନ ଓ ତତ୍ପରେ ସମାଧି ହୁଏ । ଇନ୍ଦ୍ରିୟସକଳକୁ ନିରୋଧ କରି କୌଣସି ଗୋଟିଏ ବିଷୟରେ ଚିତ୍ତ ସ୍ଥିର କରିବାକୁ ଏକାଗ୍ରତା କୁହାଯାଏ । ମନ ଯେତିକାଳ ଏକାଗ୍ର ହେଲେ ଧାରଣା ଜନ୍ମେ । ଧାରଣା ବଦ୍ଧମୂଳ ହେଲେ ଧ୍ୟାନ ହୁଏ । ଧ୍ୟାନ ବଦ୍ଧମୂଳ ହେଲେ ସମାଧି ହୁଏ । ପାତଞ୍ଜଳ ଓ ବେଦାନ୍ତାଦି ଦର୍ଶନରେ ଏହି ସମାଧି ବିଷୟରେ ବିସ୍ତୃତ ବିବରଣ ଓ ସାଧନ ଲିପିବଦ୍ଧ ହୋଇଅଛି । ଯେତେବେଳେ 'ମୁଁ ସତ୍ୟ, ଅନନ୍ତ, ଅବ୍ୟୟ ବ୍ରହ୍ମସ୍ୱରୂପ ଅଟେ' ଏବମ୍ଭୂତ ଜ୍ଞାନ ଜନ୍ମେ ଏବଂ ଚିତ୍ତବୃତ୍ତି ନଷ୍ଟ ହୋଇ ଅଖଣ୍ଡ ବ୍ରହ୍ମରୂପରେ ଅବସ୍ଥାନ କରିବାକୁ ସମର୍ଥ ହୁଏ, ସେତେବେଳେ ଉକ୍ତ ଯୋଗୀକୁ ସମାଧିସ୍ଥ ବୋଲଯାଏ । ଏହି ସମାଧିହିଁ ସମାଧିର ଚରମୋତ୍କର୍ଷ; ଏହାକୁ ନିର୍ବିକଳ୍ପ ସମାଧି ବୋଲଯାଏ । ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଏହି ତ୍ରିତୟର ଜ୍ଞାନସତ୍ତ୍ୱେ ଅଦ୍ୱିତୀୟ ବ୍ରହ୍ମ ବସ୍ତୁରେ ଅଖଣ୍ଡାକାରରୂପେ ଅନାରତ ଚିତ୍ତବୃତ୍ତିର ଅବସ୍ଥାନକୁ ସବିକଳ୍ପ ସମାଧି ବୋଲଯାଏ । ସେହିଁ ପର ମାତ୍ରରେ ଉଥର ଗୋଟିଏ ଦାଗକୁ ଦେଖିଲେ ତହିଁରେ ତାହାର ଜ୍ଞାନ ଥାଇ ସୁଦ୍ଧା ମୁଦ୍ରାର ଜ୍ଞାନ ଥାଏ, ସେହିପରି ଦ୍ୱୈତଜ୍ଞାନ ଥାଇ ସୁଦ୍ଧା ଅଦ୍ୱୈତଜ୍ଞାନ ହେତୁରୁ ତାକୁ ସବିକଳ୍ପ ସମାଧି ବୋଲଯାଏ । ତତ୍ପରେ ସାଧକ ଜଗତ ସମାଧିବସ୍ତୁମାନଙ୍କ ଅନ୍ତିତ୍ୱ କଥା ଯେତେବେଳେ ଜ୍ଞାତା, ଜ୍ଞାନ ଓ ଜ୍ଞେୟ ଏହି ତ୍ରିକଲ୍ପମୟର ଅତୀତରେ ଅଦ୍ୱିତୀୟ ବ୍ରହ୍ମ ବସ୍ତୁରେ ଏକୀଭୂତ ହୋଇ ଅଖଣ୍ଡାକାରାକାରିତଚିତ୍ତବୃତ୍ତିର ଅବସ୍ଥାନ ହୁଏ ସେତେବେଳେ ନିର୍ବିକଳ୍ପ ସମାଧି ହୁଏ । ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସବିକଳ୍ପ ସମାଧି, ଏସବୁ ନିର୍ବିକଳ୍ପ ସମାଧିର ଅଙ୍ଗ ବା ସୋପାନ । ଚିତ୍ତ ଯେତେବେଳେ ନିଶ୍ଚଳ ପ୍ରଶ୍ନାସ ପରି ଅଚଳ ହୋଇ କେବଳ ଅଖଣ୍ଡ ଚୈତନ୍ୟମାତ୍ରର ଚିନ୍ତାପର ହୁଏ, ସେତେବେଳେ ସମାଧିର ଶେଷ ଅବସ୍ଥା—ନିର୍ବିକଳ୍ପ ସମାଧି ହୁଏ—ବିଶ୍ୱକୋଷ ।]

୪ । ପ୍ରତିଜ୍ଞା—4. Vow; engagement. ୫ । ସମ୍ମତି—5. Consent; agreement. ୬ । ଚୁକ୍ତି—6. Contract; settlement. ୭ । ପ୍ରତିଶୋଧ—7. Requital; liquidation. ୮ । ସଞ୍ଚୟ—8. Storing. ୯ । ଅସାଧ୍ୟ ବିଷୟରେ ଅଧ୍ୟବସାୟ—9. Perseverance in a difficult or impracticable matter ୧୦ । ମୌନଭାବ; ବାକ୍‌ସଂଯମ; ମୌନାବଲମ୍ବନ—10. Silence. ୧୧ । କାବ୍ୟର ଗୁଣ ବିଶେଷ (ଯେଉଁଠାରେ ଦୁଇଟି ଘଟନା ଦୈବବଶେ ଏକ ସମୟରେ ଘଟେ ଏବଂ ଏକ କ୍ରିୟା ସହିତ ଦୁଇ କର୍ତ୍ତାର ଅନ୍ୱୟ ହୋଇ ଦୁଇଟି ଘଟନା ପ୍ରକାଶିତ ହୁଏ)—11. A quality or condition of an epic [in a case where two events happen simultaneously and are expressed by using one verb (conveying double meaning) governed by two nominatives.] [ଉଦାହରଣ--ବାଟରେ ଯାଉଁ ଯାଉଁ ଦୁଇ ସଙ୍ଗୀଙ୍କ ମଧ୍ୟରେ କଳି ହେଲା ଏବଂ ଉଚ୍ଚସ୍ୱରରେ ବାଟରେ ଦୁଇଜଣଙ୍କ ଦୃଷ୍ଟି ପଡ଼ିଲେ । ଫଳରେ ଦୁଇ ସଙ୍ଗୀଙ୍କର ମନ ଓ ଗୋଡ଼ ଫାଟିଗଲା ।] ୧୨ । ଅର୍ଥାଳଂକାର ବିଶେଷ—12. A figure of speech, where an intended act is effected by an accidental occurrence. [ଦ୍—ଦୈବାନୁକୂଲ୍ୟରୁ ଆରବ୍ଧ କର୍ମ ଦୃଢୀଭୂତ ଅପ୍ରତ୍ୟାଶିତ ଉପାୟ ଦ୍ୱାରା ସିଦ୍ଧ ହେଲେ ତାହାକୁ ସମାଧି ଅଳଙ୍କାର କୁହାଯାଏ । ଯଥା—

ଶ୍ରୀକୃଷ୍ଣ କଂସକୁ ବଧ କରିବାକୁ ପ୍ରସ୍ତୁତ ହୋଇ ମଥୁରାକୁ ଯାଇଥିଲେ; ତତ୍ର 'ମଞ୍ଚାରୁ ତୁଙ୍ଗ ମାମୁଁ ମଲ—ମତେହିଁ ଦରବ ରଙ୍ଗିଲ୍ଲ' । ଏଉଥର ସ୍ଥଳରେ 'ସମାଧି ଅଳଙ୍କାର' ହୋଇଥାଏ ।] ୧୩ । ଭବିଷ୍ୟତ୍ ଯୁଗର ଜୈନମୁନି ବିଶେଷ—13. Name of a Jaina sage

whose advent is predicted in the Jaina scripture. ୧୪ । ଅଙ୍ଗୀକାର (ବଣ୍ଟୋଷ)—14. Promise. ୧୫ । ଧ୍ୟାନ (ବଣ୍ଟୋଷ)—15. Contemplation. ୧୬ । ଅଧ୍ୟାରୋପ (ବଣ୍ଟୋଷ)—16. Attributing a thing or an attribute to another thing. ୧୭ । ନିଦ୍ରା (ବଣ୍ଟୋଷ)—17. Sleep. ୧୮ । ଏକାଗ୍ରତା (ବଣ୍ଟୋଷ)—18. Concentration of mind. ୧୯ । (ନାମ) ମାର୍କଣ୍ଡେୟ ପୁରାଣାନ୍ତର୍ଗତ ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ବୈଶ୍ୟ—19. Name of a Baiśya described in the Chaṇḍī. [ଦ୍ର—ସପ୍ତମବର୍ଣୀୟ ସ୍ୱରଥ ସ୍ୱଜ୍ୟଚ୍ୟୁତ ହୋଇ ମେଧସ ଋଷିଙ୍କ ଅଶ୍ରମରେ ଉପସ୍ଥିତ ହେବା ସମୟରେ ଅସାଧୁ ସ୍ତ୍ରୀ-ପୁତ୍ରଙ୍କ ଦ୍ୱାରା ଗୃହରୁ ତାଡ଼ିତ ସମାଧି ନାମକ ବୈଶ୍ୟ ସେଠାରେ ଉପସ୍ଥିତ । ସେ କହିଲା ଯେ, ମୋତେ ମୋ ସ୍ତ୍ରୀପୁତ୍ରାଦି ଘରୁ ତଡ଼ି ଦେଇଛନ୍ତି; ତଥାପି ମୋ ମନ ସେମାନଙ୍କ ପ୍ରତି ମମତା-ଶୂନ୍ୟ ହେଉ ନାହିଁ; ସେମାନଙ୍କ କୁଶଳ ସମ୍ବାଦ ଶୁଣିବାକୁ ଏବଂ ଜାଣିବାକୁ ଉତ୍କଣ୍ଠିତ ହେଉଅଛି । ସୁରଥ ସ୍ୱଜ୍ୟ ସଖ ସ୍ୱଜ୍ୟରୁ ବଡାଡ଼ତ ହୋଇ ସ୍ୱତ୍ୱା ସ୍ୱଜ୍ୟ ପ୍ରତି ଓ ସ୍ତ୍ରୀସ୍ୱ ଅମାତ୍ୟଙ୍କ ପ୍ରତି ମମତାଶୂନ୍ୟ ହୋଇ ନ ଥାନ୍ତି । ମେଧସ ମୁନି ବୈଶ୍ୟର ଏ ମମତା ଶୁଣି, ଏହା 'ମହାମାୟା'ଙ୍କ ପ୍ରଭାବ ଓ ଏ ମହାମାୟାଙ୍କି ଦୁର୍ଗାଦେବୀ ବୋଲି କହିଲେ । ମୁନି ଦୁଟାଙ୍କର ଉନ୍ନ ଉନ୍ନ ସମୟରେ ଅବତାର ଓ ଦୁଷ୍ଟ ସ୍ୱଷସ୍ୱାଦ (ମହିଷାସୁର, ଶୁମ୍ଭ, ନିଶୁମ୍ଭ, ରକ୍ତବୀଜ ଆଦ)ଙ୍କ ବଧ ଇତ୍ୟାଦି ବର୍ଣ୍ଣନା କଲେ । ଏହା ଶୁଣି ସ୍ୱଜା ଓ ବୈଶ୍ୟ, ଏ ଦୁହିଙ୍କ ମନରେ ଜ୍ଞାନୋଦ୍ଦ ଉପସ୍ଥିତ ହେଲା । ସେମାନେ ନଦୀତଟରେ ଦେବୀଙ୍କ ମୃତ୍ତିକାମୂର୍ତ୍ତି ନିର୍ମାଣ କରି ଦେବୀଙ୍କୁ ଜପ କରି ଦେବୀଙ୍କ ଆରାଧନା କଲେ । ଏହିରୂପେ ନବତ ଦେବ୍ୟାରାଧନା ଓ ଦେବୀପୂଜା କରିବାରୁ ଦେବୀ ଅତ୍ୟନ୍ତ ତୁଷ୍ଟା ହୋଇ ସେ ଦୁଇ ଜଣଙ୍କୁ ବର ଦେଲେ । ସ୍ୱଜା ନଷ୍ଟରାଜ୍ୟ ପ୍ରାପ୍ତ ହେଲେ ଓ ବୈଶ୍ୟ ବିବ୍ୟଜ୍ଞାନ ଲାଭ କରି ସାଂସାରିକ ମୋହରୁ ମୁକ୍ତ ହେଲା ।]

ଦେ. ବ.—୧ । ପ୍ରାଣତ୍ୟାଗ ପାଇଁ ଥାଇଁ ଥାଇଁ ହିନ୍ଦୁ ସାଧୁ ସନ୍ନ୍ୟାସୀମାନେ ଭୂଗର୍ଭରେ ଅପଣା ପାଇଁ ଯେଉଁ ଶେଷ

ସମାଧି ସମାଧି ବାସଗାଗାରର ଆୟୋଜନ କରନ୍ତି ଏବଂ ଯେଉଁଠାରେ ସେମାନଙ୍କ ମୃତ୍ୟୁରେ ଦେହର ଅସ୍ଥି ବା ଚଡାଉସ୍ୱ ସଞ୍ଚିତ ହୋଇ ପୂଜା ପାଏ—1. The place selected by Hindu mendicants for depositing their bones or ashes after death. [ଦ୍ର—ମୁସଲ୍‌ମାନଙ୍କ ଭଳରେ ଅନ୍ତଃଗଣରେ ମୁସଲ୍‌ମାନମାନଙ୍କ କବର ପ୍ରଥାକୁ ଦେଖି ବୈଷ୍ଣବମାନେ ଏହି ସ୍ୱତ ଚଳାଇ ଥିବା ଅନୁମିତ ହୁଏ ।] ୨ । ଯୋଗ ଅସନ—2. A kind of seat during Jōga exercise:

[ଉ-ସଦାନନ୍ଦ ସମାଧିସ୍ଥଃ କରିଲେ ।—ପ୍ରାତୀ. ପ୍ରଭାତ. ଶଶିସେଣା] ୩ । କବର—3. Grave; tomb. [ଉ—ଜୀବନେ ଦେଲେହେଁ ଘରଖରେ ବାସ; ମରଣେ ଲଭିଲେ ଏକଟେ ସମାଧି ।—ଗ୍ରାମାନାଥ. ନଇକେଣ୍ଡା] ୪ । ଶବ ପୋତିବା—4. Burial. ୫ । ଶବର ଚଡା ଉସ୍ୱ ପୋତାଯିବା ସ୍ଥାନ—5. A place where the ashes of a dead body is buried. [ଦ୍ର— କେତେକ ବୈଷ୍ଣବଙ୍କର ମୃତ ଦେହକୁ ଦାହ ନ କରି ସମାଧି ଦଆଯାଏ ଓ ଉକ୍ତ କବରକୁ ଗାଧ ବୋଲାଯାଏ ।]

ସମାଧି କ୍ଷେତ୍ର—ସ ବ.—(ସ୍ତ୍ରୀ ଉତ୍ତ) ଯେଉଁ ସ୍ଥାନରେ ଶବମାନଙ୍କ Samādhi kshetra କବର ଦଆଯାଏ—Grave-yard;

ସମାଧିଭୂମି, ସମାଧିସ୍ଥାନ } —ଅନ୍ୟରୂପ burial ground; cemetery; sepulchre.

ସମାଧି ଗୃହ—ସଂ. ବ.—ସମାଧି ମନ୍ଦିର (ଦେଖ)—Samādhi gṛuha Samādhi mandira (See)

ସମାଧି ଘି(ଘେ)ନିବା—ଦେ. କି—ମୃତ୍ୟୁ ପରେ ପୋତାଯିବା—Samādhi ghi(ghe)nibā To be buried after death; (the dead body) (ସମାଧି ନେବା—ଅନ୍ୟରୂପ) to be consigned to the grave. ସମାଧି ଲଓୟା **ସମାଧି ଲେନା**

ସମାଧିତ୍ସୁ—ସଂ. ବିଶ—(ସମ୍ + ଆ + ଧା ଧାତୁ-ଇଚ୍ଛାର୍ଥେ ସନ୍ + ଉ)-Samādhit-su ସମାଧାନ କରିବା ପାଇଁ ଇଚ୍ଛୁକ—Desirous of making "Samādhāna". ସମାଧି ଦେବା—ଶବକୁ ପୋତିବା—To bury a dead body.

Samādhi debā ସମାଧି ଦେଓୟା **ସମାଧି ଦେନା**

ସମାଧି ପାଇବା—ଦେ. କି.—ମୃତ୍ୟୁ ପରେ ପୋତାଯିବା—To be

Samādhi pāibā buried after death. ସମାଧି ପାଓୟା **ସମାଧିପାନା**

ସମାଧି ପ୍ରସ୍ତର—ଦେ. ବ—ସମାଧି ଉପରେ ପୋତାଯିବା ପଥର—

Samādhi prastara Tomb-stone. ସମାଧି ପାଥର **ସମାଧିପତ୍ଥର** [ଦ୍ର—ଏ ପଥରରେ ସମାହିତବ୍ୟକ୍ତିଙ୍କ ନାମ ଧାମ ଅଦ ଲେଖା ହୁଏ ।]

ସମାଧି ବିଘ୍ନ—ସଂ. ବ.—(ସପ୍ତମ ପଦଲୋପୀ କର୍ମଧା)—ଧ୍ୟାନ ବିଷୟରେ

Samādhi bighna ବାଧା—Obstacles to one's meditation. ୨ । ଯୋଗୀଙ୍କର 'ନିର୍ବିକଳ୍ପ ସମାଧି' ଅବସ୍ଥା ଲାଭ ହେବା ବିଷୟରେ ଉପସ୍ଥିତ ବିଘ୍ନମାନ—2. Obstacles encountered by a Jōgi to attain the final stage of Samādhi. [ଦ୍ର-ସାଧକ ସବିକଳ୍ପ ସମାଧି ଲାଭ କରି ଯେତେବେଳେ ନିର୍ବିକଳ୍ପ ସମାଧିରେ ଉପସ୍ଥିତ ହେବାକୁ ଥରଥର ହୁଅନ୍ତି, ସେହି ଅବସ୍ଥାରେ ତାଙ୍କୁ ବିଗୋଳ କରି ଅଭିଭୂତ କରିବାକୁ ଯେଉଁ—ଲୟ, ବକ୍ଷେପ, କଷାୟ ଓ ରସାସ୍ୱାଦନ। ଅଖଣ୍ଡ ବ୍ରହ୍ମ ବସ୍ତୁକୁ ଅବଲମ୍ବନ କରିବାକୁ ଅସମର୍ଥ ଅନ୍ତଃକରଣବୃତ୍ତିର ଜଡ଼ତାକୁ ଲୟ କୋଲ୍ଲଗାଏ । ଅଖଣ୍ଡ ବ୍ରହ୍ମକୁ ଅବଲମ୍ବନ କରି ନ

Digitized by srujanika@gmail.com

ସାହ ଅନ୍ତଃକରଣବୃତ୍ତି ଅନ୍ୟ କୌଣସି ବସ୍ତୁକୁ ଅବଲମ୍ବନ କଲେ ବକ୍ଷେପ ହୁଏ । ତାପରା ବଶତଃ ଅନ୍ତଃକରଣବୃତ୍ତି ଅଖଣ୍ଡ ବ୍ରହ୍ମ ବସ୍ତୁକୁ ଅବଲମ୍ବନ କରିବାକୁ ଅସମର୍ଥ ହେଲେ ତାକୁ ବିକ୍ଷିପ୍ତ କୋଇଯାଏ । ନର୍ବିକଳ୍ପ ସମାଧି ନ ହେଇଥିବା ସବିକଳ୍ପ ସମାଧିଜନିତ ଅତୀନ୍ଦ୍ରିୟ ଆନନ୍ଦାସ୍ୱାଦନରେ ଚିତ୍ତବୃତ୍ତି ମଜ୍ଜିଗଲେ ତାକୁ ରସାସ୍ୱାଦନ କୋଇଯାଏ । ଚିତ୍ତ ଏ ଗୁରୁ ପ୍ରକାରଂବସ୍ତୁରୁ ରହିତ ହେଲେ ବା ବସ୍ତୁକୁ ଅତିକ୍ରମ କଲେ ସମାଧିର ତରମ ଅବସ୍ଥା—ନର୍ବିକଳ୍ପ ସମାଧି—ଲାଭ ହୁଏ । ବଙ୍ଗଳୋଷ ।]

ସମାଧି ବିଧି—ଙ. ବ—ଯୋଗଶାସ୍ତ୍ରୋକ୍ତ ସମାଧି ଲାଭ କରିବା ପାଇଁ Samādhi bidhi ଶାସ୍ତ୍ରରେ ଉପଦିଷ୍ଟ ବିଧାନ ବା ଉପାୟସମୂହ— Rules enjoined in the Śāstras for attaining Samādhi.

ସମାଧି ଭଗ୍ନ(ଙ୍ଗ)କରିବା—ଦେ. କି—ସମାଧି ଭାଙ୍ଗିବା (ଦେଖ)— Samādhi bhagna(ṅga)karibā Samādhi bhāṅgibā (See)

ସମାଧି ଭଙ୍ଗ—ଙ. ବ (୬ଷ୍ଠୀ ତତ୍ପୁ.)—ଧ୍ୟାନଭଙ୍ଗ; ଧ୍ୟାନ ଭାଙ୍ଗିଯିବା— Samādhi bhaṅga Interruption of meditation.

ସମାଧି ଭାଙ୍ଗିବା—ଦେ. କି (ସକର୍ମକ)—ଚୌଣସି ବ୍ୟକ୍ତିର ଧ୍ୟାନ ବା Samādhi bhāṅgibā ଉପସ୍ୟା ଭଙ୍ଗ କରିବା—To [ସମାଧି ଭଙ୍ଗକରିବା—ଅନ୍ୟରୂପ] interrupt the medi- [ସମାଧି ଭଙ୍ଗାଇବା—ଣିଜନ୍ତରୂପ] tation of a person.

ସମାଧି ଭାଙ୍ଗା **समाधि तोड़ना** [ଦ୍ର—ଉପସ୍ୟାକାଷ୍ଠ କଠିନ ଉପସ୍ୟା ଅତରଣ ପୂର୍ବକ କାଳେ ଇନ୍ଦ୍ରପଦ ଲାଭ କରିବେ, ଏହି ଅଶଙ୍କାରେ ଇନ୍ଦ୍ର ଅପ୍ସରମାନଙ୍କୁ ପଠାଇ ଉପସ୍ୟାକାଷ୍ଠ ବ୍ୟକ୍ତିଙ୍କ ସମାଧି ଭଙ୍ଗ କରନ୍ତି ।] ଦେ. ବ.—ଧ୍ୟାନ ଭଙ୍ଗ ହେବା—The interruption of a person's meditation.

ସମାଧି ମଗ୍ନ—ଙ. ବଣ. ପୁଂ (୭ମୀ ତତ୍ପୁ.)—ଧ୍ୟାନମଗ୍ନ— Samādhi magna Immersed in deep meditation. (ସମାଧିମଗ୍ନା—ସ୍ତ୍ରୀ)

ସମାଧି ମଠ—ଦେ.ବ—ପୁଷ୍କର ମଠବିଶେଷ—Name of a Maṭha Samādhi matha or religious institution in **समाधिमठ** **समाधिमठ** Puri.

ସମାଧି ମନ୍ଦିର—ଦେ. ବ—୧ । ସମାଧି ଉପରେ ନର୍ମିତ ଗୃହ ବା ଦେଉଳ- Samādhi mandira 1. A mausoleum; a **समाधिमन्दिर** **समाधिमन्दिर** temple raised over a grave. ୨ । ମୃତବ୍ୟକ୍ତିଙ୍କ ଚିତାଭସ୍ମରୁ ପୋତି ଉହାଁ ଉପରେ ନର୍ମିତ କରିବା ମନ୍ଦିର—2. A temple raised over the ashes of a dead person

ସମାଧି ସ୍ତମ୍ଭ—ଦେ. ବ—୧ । ସମାଧି ଉପରେ ନର୍ମିତ ସ୍ତମ୍ଭ; ଚୂଡ଼ାଭୂତ Samādhi stambha ଉଚ୍ଚତ ଶବୋପରି ରଚିତ ସ୍ତମ୍ଭ— **समाधि स्तम्भ** **समाधि स्तम्भ** 1. A pillar raised over a grave.

ସମାଧିସ୍ଥ—ଙ. ବଣ. ପୁଂ—(ସମାଧି + ସ୍ଥା ଧାତୁ + କର୍ତ୍ତୃ. ଅ)—୧। ଧ୍ୟାନ- Samādhistha ନମଗ୍ନ—1. Engaged in deep [ସମାଧିସ୍ଥା—ସ୍ତ୍ରୀ] meditation. ୨ । ସମାଧି ମଧ୍ୟସ୍ଥ—2. Which is inside a grave. ୩ । ପରମାତ୍ମାଙ୍କ ଧ୍ୟାନରେ ସମ୍ପୂର୍ଣ୍ଣରୂପେ ମଗ୍ନ (ମନ, ବ୍ୟକ୍ତି, ଚିତ୍ତ)— 3. (mind or person) Devoted exclusively to the sole thought of the Paramātmā [ଦ୍ର—ସଚ୍ଚଲଚ୍ଚହ୍ନ ଦୋଳ ଇନ୍ଦ୍ରସ୍ୱାର୍ଥଚିନ୍ତନରୁ ମୁକ୍ତ ହୋଇ ବ୍ରହ୍ମରେ ଲୀନ ହେବା ଅବସ୍ଥାକୁ ସମାଧିସ୍ଥ ଅବସ୍ଥା କୋଇଯାଏ ।]

ସମାଧି ହାଣ୍ଡି—ଦେ. ବ—ପୁଷ୍କରେ ଅନ୍ନ ମହାପ୍ରସାଦ ରଖାଯିବାର ଏକ Samādhi hāṇḍi ମୃତ୍ତିକା ହାଣ୍ଡି—Name of an ear- ସମାଧି ହାଁଡ଼ି **समाधि हाँड़ि** then pot of the capacity of containing boiled rice weighing 3 to 4 seers. [ଦ୍ର— ଏଥିରେ ୩।୪ ସେର ଗୃଦ୍ଧଲର ଅନ୍ନ ରନ୍ଧାଯାଏ । ସମ୍ଭବତଃ ପୁଷ୍କର ସମାଧି ମଠ ତରଫରୁ ଜଗନ୍ନାଥଙ୍କଠାରେ ଭୋଗ କରି ଯାଇଥିବା ଅନ୍ନ ମହାପ୍ରସାଦ ଏହି ଆକାରର ହାଣ୍ଡିରେ ରଖାଯାଇଥିବାରୁ ଏହାର ଏପରି ନାମ ହୋଇଅଛି ।]

ସମାଧେୟ—ସଂ. ବଣ (ସମ୍ + ଆ + ଧା ଧାତୁ + କର୍ମ. ଯ)— Samādheya ସମାଧାନର ଉପଯୁକ୍ତ—Fit for Samādhāna.

ସମାଧ୍ମା(ଧ୍ମା)ତ—ସଂ. ବଣ. (ସମ୍ + ଅଧ୍ମାତ; ଅଧ୍ମାତ)—୧ । ସମ୍ୟକ୍ Samādhmā(dhmā)ta ଶବ୍ଦିତ—1. Resounded. ୨ । ଉତ୍ସାହିତ—2. Encouraged. ୩ । ସମ୍ପ୍ରଜ୍ୱଳିତ— 3. Very much kindled. ୪ । ଗର୍ବିତ—4. Proud. ୫ । (ସମ୍ = ସମାନ + ଧ୍ୱାତ) ସମାନରୂପେ ଶବ୍ଦିତ—5. Emitting similar sounds.

ସମାଧ୍ୟାୟୀ—ସଂ. ବଣ. ପୁଂ (ସମ୍ + ଅଧ୍ୟାୟୀ)—୧ । ସହପାଠୀ— Samādhyāyī 1. Studying together. ୨ । ତୁଲ୍ୟ (ସମାଧ୍ୟାୟିନୀ—ସ୍ତ୍ରୀ) ଅଧ୍ୟୟନକାରୀ—2. Reading in the same or equal standard.

ସମାନ୍—ଦେ. ବଣ (ସଂ. ସମାନ)—ସମାନ (ଦେଖ) Samān Samāna (See)

ସମାନ—ପ୍ରାଦେ. (ଗଞ୍ଜାମ) ବ—ସାମାନ୍ (ଦେଖ) **समान** Sāmān (See)

ସମାନ—ସଂ. ବଣ (ବହୁବ୍ରୀହି; ସ = ସହିତ; ସମ + ମାନ = ପରିମାଣ; Samāna ସମାନ ଅଟେ ପରିମାଣ ଯାହାର; କିମ୍ବା ସମ୍ + ଆ + (ଅ ମାନ—ବିଶେଷଣ) ମା ଧାତୁ = ନେବା + କର୍ତ୍ତୃ. ଅ)— ୧ । ସମ; ସଦୃଶ; ତୁଲ୍ୟ—1. Equal. ୨ । ସମତଳ—2. Level. ୩ । ଅଭିନ୍ନ; ଏକ ରୂପ— 3. Same; uniform. ୪ । ତୁଲ୍ୟ ପରିମାଣ ବା ଆକାର ବା ଗୁଣ. ବିଶିଷ୍ଟ—4. Equal in quantity, shape or quality. ୫ । ସଗର୍ବ—5. Proud.

Digitized by srujanika@gmail.com

ସ. ବ (ସମ୍=ସମ୍ୟକ୍+ଅନ୍ ।ଭୂ=ବହୁତା+ଭୂବ· ଅ)—୧ । ପ୍ରାଣବାୟୁରଶେଷ; ଶରୀର ମଧ୍ୟସ୍ଥ ପଞ୍ଚବାୟୁ ମଧ୍ୟରୁ ନାଭି ଦେଶରେ ଅବସ୍ଥିତ ବାୟୁ—1. Name of one of the five winds inside the body. [ଦ୍ର ଅନ୍ୟ ୬ଟି ବାୟୁର ନାମ—(ହୃଦୟରେ) ପ୍ରାଣ, (ଗୁଦରେ) ଅପାନ, (ସର୍ବାଙ୍ଗ) ବ୍ୟାନ ଓ (ଉର୍ଦ୍ଧ୍ୱଦେଶରେ) ଉଦାନ ।] ୨। (ବ୍ୟାକରଣ) ଏକସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ— 2. Letters uttered from the same place. ତେ· ବ—ସମାନା (ଦେଶ)—Samānā (See)

ସମାନ କରଣ—ସ. ବ— ୧ । ବକ୍ର ବସ୍ତୁକୁ ସଳଖ କରିବା (ଶସ୍ତ୍ରୋପ) Samāna karaṇa —1. Straightening. ୨ । ଏକ ଜାତୀୟ ଦୁଇଟି ବସ୍ତୁକୁ ସମାନ ଅକାରରୁ ଅଣିବା (ଶସ୍ତ୍ରୋପ)—2. Equalising of two things of the same class. ୩ । ଶିଥିଳ ଶିଶ୍ନର ଦୃଢୀକରଣ (ଅଥବା ପ୍ରାତିଶାଖ୍ୟ)—3. Bringing about the erection of a prostrate penis.

ସମାନ କର୍ମା—ସ. ବଣ (ବହୁବ୍ରୀହି; ସମାନ+କର୍ମନ୍; ୧ମା· ୧ବ)— Samāna karmā ୧ । ସମ ବ୍ୟବସାୟୀ—1. Of the same profession. ୨ । ସମାନ କର୍ମକାରୀ— 2. Doing equal or similar acts

ସମାନ କାରଣ—ସ. ବଣ (ବହୁବ୍ରୀହି)—ତୁଲ୍ୟକାରଣ ବିଶିଷ୍ଟ— Samāna kāraṇa Having similar causes.

ସମାନ କାଳୀନ(କାଳିକ)—ସ. ବଣ (ସମାନକାଳ+ଖନ; ଉକ) — Samāna kālīna(kālika) ୧। ସମକାଳୀନ; ଏକ କାଳରେ ଜାତ ବା ଉତ୍ପନ୍ନ—1.Born or produced at same time. ୨ । ସମସାମୟିକ—2. Contemporary. ୩ । ଏକ ସମୟରେ ଘଟିବା—3. Happening simultaneously.

ସମାନ ଜନ୍ମା—ସଂ. ବଣ (ବହୁବ୍ରୀହି; ସମାନ+ଜନ୍ମନ୍; ୧ମା. ୧ବ)— Samānā janmā ତୁଲ୍ୟ ବୟସ୍କ—Of the same age.

ସମାନ ଜାତୀୟ—ସଂ. ବଣ. ପୁଂ (ସମାନ+ଜାତି+ଈୟ) — Samāna jātīya ୧ । ତୁଲ୍ୟ ଜାତୀୟ—1. Of similar (ସମାନ ଜାତୀୟା—ସ୍ତ୍ରୀ) class. ୨ । ଏକ ଜାତୀୟ— 2. Of the same caste or species.

ସମାନ ତନ୍ତ୍ର—ସଂ. ବଣ· (ବହୁବ୍ରୀହି) —୧ । ଏକ ବ୍ୟବସାୟୀ— Samāna tantra 1. Of the same profession. (ସମାନ ତନ୍ତ୍ରା—ସ୍ତ୍ରୀ) ୨ । ଏକ ରୂପ ପ୍ରକୃତି ବିଶିଷ୍ଟ—2. Of the same nature. ୩ । ଏକ ଶାଖାଧ୍ୟୟନ ପୂର୍ବକ ଏକରୂପ ଯାଗଯଜ୍ଞ ଉତ୍ତ (ଶବ୍ଦକୋଷ)—3. Engaged in the performance of similar vedic practices and reading the same branch of the Beda.

ସମାନତା(ତ୍ୱା)—ସଂ. ବ (ସମାନ+ତ୍ୱତେ· ଟା; ତ୍ୱ)—ସମତା— Samānatā(twa) Equality; similarity.

ସମାନ ଧର୍ମା—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସମାନ+ଧର୍ମନ୍; ୧ମା Samāna dharmā ୧ବ)—୧ । ତୁଲ୍ୟ ଧର୍ମୀ; ଏକଧର୍ମ ବିଶିଷ୍ଟ— 1. Of the same attribute. ୨। ଏକ ଧର୍ମାବଲମ୍ବୀ; ସଧର୍ମୀ—2. Professing the same religion.

ସମାନନ—ସଂ. ବଣ. ପୁଂ (ସମ+ଆନନ; ବହୁବ୍ରୀହି)— Samānana ତୁଲ୍ୟ ଆନନ ବା ମୁଖ ବିଶିଷ୍ଟ— (ସମାନନା—ସ୍ତ୍ରୀ) Having similar faces.

ସମାନ ନାମା—ସଂ. ବଣ (ବହୁବ୍ରୀହି; ସମାନ+ନାମନ୍; ୧ମା, ୧ବ)— Samāna nāmā ୧ । ସନାମା; ସମାନନାମବିଶିଷ୍ଟ— 1. Having similar names. ୨ । ଏକନାମ-ବିଶିଷ୍ଟ—2. Having the same name.

ସମାନବୟସ୍କଃ—ସଂ. ବଣ (ବହୁବ୍ରୀହି; ସମାନ+ବୟସ୍) —୧ । ଏକ- Samānaḥ bayaḥ ବୟସ୍କ—1. Of the same age (ସମାନବୟସ୍କ—ଅନ୍ୟରୂପ) ୨ । ତୁଲ୍ୟବୟସ୍କ—2. Of similar age.

ସମାନ ବୟସୀ—ଦେ.ବଣ. ପୁଂ ଓ ସ୍ତ୍ରୀ (ସ.ସମାନ ବୟସ୍)—ସମାନବୟସ୍ Samāna bayasī (ଦେଶ)—Samānabāyaḥ (See) (ସମାନ ବୟସିଆ—ଅନ୍ୟରୂପ)

ସମାନ ବର୍ଣ୍ଣ—ସ. ବ (ବ୍ୟାକରଣ)—ଏକ ସ୍ଥାନରୁ ଉଚ୍ଚାରିତ ବର୍ଣ୍ଣ; Samāna barṇṇa ସମୋଚ୍ଚାରିତ ବର୍ଣ୍ଣ—Letters uttered (ସମାନବର୍ଣ୍ଣା—ସ୍ତ୍ରୀ) from the same place. ବଣ— ୧ । ତୁଲ୍ୟ ବର୍ଣ୍ଣବିଶିଷ୍ଟ —1. Of the same colour. ୨ । ତୁଲ୍ୟ ଜାତିବିଶିଷ୍ଟ — 2. Of the same caste.

ସମ ବଳ—ସ. ବ (କର୍ମଧା)—୧ । ତୁଲ୍ୟ ବଳ—1. Equal Samāna bala strength. ୨ । (ବିଜ୍ଞାନ) କୌଣସି ପଦାର୍ଥ ପ୍ରତି ବିପରୀତ ଦିଗରୁ ପ୍ରଯୁକ୍ତ ତୁଲ୍ୟ ବଳ— 2. (physical science) Equal forces applied to a thing from opposite directions. ବଣ. ପୁଂ (ବହୁବ୍ରୀହି)—ତୁଲ୍ୟ ବଳବିଶିଷ୍ଟ— Of equal strength

ସମ ବାହୁ—ସ. ବଣ. ପୁଂ (ବହୁବ୍ରୀହି; ସମାନ ଅଙ୍ଗ ବାହୁ ଯାହାର) Samāna bāhu —ସମ ବାହୁ (ଦେଖ)— (ସମାନ ବାହୁକ—ଅନ୍ୟରୂପ) Sama bāhu (See)

ସମ ବ୍ରହ୍ମଚାରୀ—ସ. ବଣ. ପୁଂ—୧ । ଏକରୂପ ବ୍ରହ୍ମଚର୍ଯ୍ୟ ଆଚରଣ- Samāna brahmachārī କାରୀ— 1. Practising (ସମାନ ବ୍ରହ୍ମଚାରିଣୀ—ସ୍ତ୍ରୀ) similar continence. ୨ । ଏକ ବ୍ରତଚାରୀ—2. Performing the same penance. ସ. ବ. ପୁଂ—ସଗୋତ୍ର (ଶବ୍ଦକୋଷ)— Fellow-student.

ସମାନ ଭୂତି—ସ. ବ—୧ । ସାର୍ଦ୍ଧି ମୃତ (ଅର୍ଥାତ୍ ମୃତ୍ୟୁ ସରେ ବିଷ୍ଣୁଙ୍କ Samānā bhūti ସମାନ ଐଶ୍ୱର୍ଯ୍ୟରେ ବୈକୁଣ୍ଠରେ ଅବସ୍ଥାନ)— 1. The privilege of sitting in equal

Digitized by srujanika@gmail.com

glory with Bishṇu in heaven after death. ୨ । ସମାନ ତେଜର୍ଯୁକ୍ତ—2. Similar effulgence. [ଉ—ସବୁ ସ୍ଥାନର ମୋଟ ଧାନ । ତରେ ସମାନଭୁକ୍ତ ଦାନ—ଜଗନ୍ନାଥ. ଭାଗବତ ।]

ସମାନୟନ—ସଂ. ବ (ସମ୍+ଅନୟନ)—୧ । ସମ୍ୟକ୍ ଅନୟନ—Samānayana 1. Upbringing; special bringing up; (ସମାଜଭ—ବଣ) ୨ । ମିଳନ—2. Union.

ସମାନ ଶଯ୍ୟ—ସଂ. ବଣ, ପୁଂ (କର୍ମ୍ମଧା; ସମାନ+ଶଯ୍ୟା)—ଏକ ଶଯ୍ୟାରେ ଶୟନକାରୀ—Samāna śaiya (ସମାନ ଶଯ୍ୟା—ସ୍ତ୍ରୀ) Sleeping on the same bed.

ସମାନ ଶୀଳ—ସଂ. ବଣ. ପୁଂ (କର୍ମ୍ମଧା; ସମାନ+ଶୀଳ)—୧ । Samāna śīla ଭୁଲ୍ୟ ଆଚରଣ ବିଶିଷ୍ଟ—1. Of the same (ସମାନଶୀଳା—ସ୍ତ୍ରୀ) conduct. ୨ । ଭୁଲ୍ୟ ସ୍ୱଭାବ ବିଶିଷ୍ଟ—2. Possessing the same nature.

ସମାନ ସଂଖ୍ୟ—ସଂ. ବଣ. ପୁଂ (ସମାନ+ସଂଖ୍ୟା+ଅ)—ଭୁଲ୍ୟ Samāna saṁkhya ସଂଖ୍ୟକ—Of equal number. (ସମାନ ସଂଖ୍ୟକ—ଅନୟରୁ ୨) (ସମାନ ସଂଖ୍ୟା, ସମାନ ସଂଖ୍ୟକା ସ୍ତ୍ରୀ)

ସମାନ ସୁଖ ଦୁଃଖ—ସଂ. ବଣ. ପୁଂ (କର୍ମ୍ମଧା; ସମାନ+ସୁଖ ଦୁଃଖ)—Samāna sukha duḥkha ଯାହାର ଦୁଃଖରେ ସୁଖ ଓ ଦୁଃଖ (ସମାନ ସୁଖ ଦୁଃଖା—ସ୍ତ୍ରୀ) ସମାନ—Feeling the same in pleasure and grief.

ସମାନ ସ୍କନ୍ଦ—ଗ୍ରା. ବଣ (ସଂ. ସମାନସ୍କନ୍ଧ)—ସମାନ ସ୍କନ୍ଧ (ଦେଖ) Samana skanda Samāna skandha (See)

ସମାନ ସ୍କନ୍ଧ—ସଂ. ବଣ (କର୍ମ୍ମଧା) —୧ । ସମସ୍କନ୍ଧ; ଯେଉଁ ବ୍ୟକ୍ତିର Samāna skandha ସ୍କନ୍ଧରଜ୍ଜୁଭା ଅନ୍ୟବ୍ୟକ୍ତିର ସ୍କନ୍ଧର ଉଚ୍ଚତା (ସମାନ ସ୍କନ୍ଧା—ସ୍ତ୍ରୀ) ସଙ୍ଗେ ସମାନ—1. Of the same height (ସମାନ ସ୍କନ୍ଧତା—ବ) (literally of the same height as that of the shoulder of another). ୨ । (ଲକ୍ଷଣାର୍ଥ)—ଏକ ଅବସ୍ଥିତିଯୁକ୍ତ; ସମଯବସ୍ଥ — 2. Of the same position. ୩ । ଧନ, ବଦ୍ୟା, ବୟସ ଆଦରେ ପରସ୍ପର ସଙ୍ଗେ ସମାନ— 3. Equal in position; wealth and age.

ସମାନା—ସଂ. ବ—ନାୟିକା ଭଳେ ନୋଟ (ଦେଖ)—See note Samānā below Nāyikā. ସଂ. ବଣ. ସ୍ତ୍ରୀ (ସମାନ+ସ୍ତ୍ରୀ ଆ)—ସମାନର ସ୍ତ୍ରୀଲିଙ୍ଗ—Feminine of Samāna.

ସମାନାଧିକରଣ—ସଂ. ବ (ସମାନ+ଅଧି କରଣ)—ଯେଉଁ ସାଧାରଣ Samānādhikaraṇa ଗୁଣ ଥିବାରୁ ପଦାର୍ଥଗଣକୁ ଏକଜାତୀୟ (ବ୍ୟାପ୍ତିକରଣ—ବହୁବ୍ରୀ) କୋଇଯାଏ—Apposition; general property; common quality (the possession of which makes two things belong to the same class).

ସମାନାଧିକାର—ସଂ. ବ (କର୍ମ୍ମଧା)—ଭୁଲ୍ୟ ଅଧିକାର ବା ସତ୍ତ୍ୱ — Samānādhikāra Equal right or title. (ସମାନାଧିକାର—ବଣ.ସ୍ତ୍ରୀ) ବ.ବଣ.ପୁଂ—ସମାନ ଅଧିକାର ବିଶିଷ୍ଟ—Having similar rights.

ସମାନାର୍ଥ—ସଂ. ବ (କର୍ମ୍ମଧା)—ଭୁଲ୍ୟ ଅର୍ଥ; ଏକ ଅର୍ଥ—Same or Samānārtha similar meaning. ସଂ. ବଣ (ବହୁବ୍ରୀହି) —୧ । ଏକ ଅର୍ଥ ବିଶିଷ୍ଟ—1. Having the same meaning. ୨ । (ପୁଂ) ସମ ପ୍ରୟୋଜନ ବା ଉଦ୍ଦେଶ୍ୟ (ସମାନାର୍ଥା—ସ୍ତ୍ରୀ) ବିଶିଷ୍ଟ—2. Having the same necessity or aim.

ସମାନୀକରଣ—ସଂ. ବ (ସମାନ+ଅଭୂତ ଭାବାର୍ଥେ ଚ୍ବି [ଈ]+ Samānīkaraṇa ଭାବଣ)—ଅସମାନ ବସ୍ତୁକୁ ସମାନ କରିବା— Equalisation.

ସମାନୀତ—ସଂ. ବଣ (ସମ୍+ଆନୀତ)—୧ । ସମ୍ୟକ୍ ଆନୀତ— Samānīta 1. Specially brought. ୨ । ମିଳିତ— (ସମାନୀତା—ସ୍ତ୍ରୀ) 2. Joined together. ୩ । ସଙ୍ଗତ— [ସମାନୟନ—ବ] 3. Reasonable; united.

ସମାନୁପାତ—ସଂ. ବ—(ଗଣିତ) ଏକାଧିକ ଅନୁପାତର ସମାନତ୍ୱ- Samānupāta ସମ୍ବନ୍ଧ; ଦୁଇ ବା ବହୁ ଅନୁପାତର ସମାନତ୍ୱ- ସମ୍ବନ୍ଧ—(Mathematics) Equal ratio; proportion; equality of ratio.

ସମାନେ—ଗ୍ରା. ଅ—ସହ; ସଦୃଶ; ଭଳଅ—Like. [ଉ—ତାହାଙ୍କ Samāne ଶୃଙ୍ଗ ଗାତ୍ରଣ ଧାର, ସେ ଲେଢ଼ ସମାନେ ତଠୋର । समाने समाने ଜଗନ୍ନାଥ. ଭାଗବତ ।]

ସମାନୋଦକ—ସଂ. ବ (କର୍ମ୍ମଧା; ସମାନ=ଏକ+ଉଦକ=ତର୍ପଣ Samānodaka ଜାଳରେ ଦେଯ ଜଳ; ସମାନ ଅର୍ଥେ ତର୍ପଣ ଜଳ ଯେଉଁମାନଙ୍କର)—ଏକୋଦକ; ଚତୁର୍ଦ୍ଦଶ ପୁରୁଷ ପର୍ଯ୍ୟନ୍ତ ତର୍ପଣୀୟ ଜ୍ଞାତି; ଜ୍ଞାତର ୭ ପୁରୁଷ ଓ ତଳ ୭ ପୁରୁଷ ଏହର ୧୪ ପୁରୁଷ ପର୍ଯ୍ୟନ୍ତ ସପ୍ତଦ୍ଧାସ୍ପୃ · ଜ୍ଞାତି—Kinsmen within fourteen generations of relationship; kinsmen connected by libation of water between 7th and 14th degrees.

[ଦ୍ର—ସାତ ପୁରୁଷ ଅନ୍ତର୍ଗତ ଜ୍ଞାତିଙ୍କୁ ସପିଣ୍ଡ କୋଇଯାଏ । ୧୪ ପୁରୁଷ ପର୍ଯ୍ୟନ୍ତ ସମାନୋଦକ, ତତୁର୍ଦ୍ଧ ସଗୋତ୍ର । ଯଥା—

ସପିଣ୍ଡତା ତୁ ପୁରୁଷେ ସପ୍ତମେ ବିନିବର୍ତ୍ତତେ,
ସମାନୋଦକଭାବସ୍ତୁ ନବତ୍ୱୈତାତଭୁର୍ଦ୍ଧତଃ ।
(ମିତାକ୍ଷରା, ବ୍ୟବହାରକାଣ୍ଡ)

ମତାନ୍ତରରେ ଏକାଦଶ ପୁରୁଷଠାରୁ ଚତୁର୍ଦ୍ଦଶ ପର୍ଯ୍ୟନ୍ତ ଜ୍ଞାତିଙ୍କୁ ସମାନୋଦକ କୋଇଯାଏ ।]

ସମାନୋଦର୍ଯ୍ୟ—ସଂ. ବ. ପୁଂ (ବହୁବ୍ରୀହି ସମାନ+ଉଦର+ଯ)— Samānodarjya ଏକମାତାଙ୍କ ସନ୍ତାନ—Blood brothers. [ସମାନୋଦର୍ଯ୍ୟା—ସ୍ତ୍ରୀ]

ସମାନୋପମା—ସ୍ତ୍ରୀ. ବ—ଉପମାଲଙ୍କାରରେ ଦ—A kind of simile Samānopamā (figure of speech). [ଦ୍ର— ଯେଉଁ ସ୍ଥଳରେ ସମାନ ବା ସଦୃଶ ଶବ୍ଦ ଦ୍ୱାରା ସାଧାରଣ

Digitized by srujanika@gmail.com

ଧର୍ମର ବର୍ଣ୍ଣନ ହୁଏ, ସେହି ସ୍ଥଳରେ ଏହି ଅଳଙ୍କାର ହୁଏ; ଯଥା—

"ସାଲକାନନଶୋଭଶ୍ଚ ଏତ୍ତ ହ୍ରଦ୍ୟାନମାଳା ବାଲାନ୍ୟାସ୍ୟ ଶୋଭ୍ୟ ଯାଉଅଛ୍ଟ ।" ଏଠାରେ ହ୍ରଦ୍ୟାନମାଳା ଉପମାନ ଓ ବାଳା ଉପମେୟ । ସାଲକାନନଶୋଭଶ୍ଚ ଉଭୟପଣ ହ୍ରଦ୍ୟାନମାଳା ପକ୍ଷରେ 'ସାଲବନଶୋଭିତା' ଓ ବାଳା ପକ୍ଷରେ 'ଅଳକ ବା କୁଣ୍ଡଳଯୁକ୍ତ ଆନନ ବା ମୁଖ ଶୋଭିତା' ପ୍ରଯୋଜିତ ହୋଇଅଛ୍ଟ । କେହି କେହି ଏହାକୁ ସରୂପୋପମା ଅଳଙ୍କାର ବା ଶ୍ଳେଷୋପମା ଅଳଙ୍କାର କହନ୍ତି । ଯେଉଁଠାରେ ଅର୍ଥଶ୍ଳେଷ ହୋଇ ଉପମା ହୁଏ ସେଠାରେ ଶ୍ଳେଷୋପମା ଓ ଯେଉଁଠାରେ ଶବ୍ଦଶ୍ଳେଷ ହୋଇ ଉପମା ହୁଏ ସେଠାରେ ସମାନୋପମା ହୁଏ— ଉଦ୍ଭୋଷ ।]

ସମାନ୍ତକ—ସଂ. ବ—କାମଦେବ (ଉଦ୍ଭୋଷ)— Samāntaka Cupid.

ସମାନ୍ତର—ସଂ. ବଣ (ବହୁବ୍ରୀ; ସମ + ଅନ୍ତର)-ସଦୃଶ ସମଦୂରବର୍ତ୍ତୀ-- Samantara Parallel.
[ସମାନ୍ତରଳ—ଅନ୍ୟରୂପ]

ସମାନ୍ତର କ୍ଷେତ୍ର—ସଂ. ବ (କ୍ୟାମିତି)—ଯେଉଁ କ୍ଷେତ୍ରର ବିପରୀତ Samāntara kshetra ବାହୁମାନ ସମାନ୍ତର--(Geometry) [ସମାନ୍ତରଳ କ୍ଷେତ୍ର—ଅନ୍ୟରୂପ] A parallellogram.

ସମାନ୍ତର ବୃତ୍ତ—ସଂ. ବ (କ୍ୟାମିତି) ଯେଉଁ ବୃତ୍ତମାନଙ୍କର ପରସ୍ପର ପରସ୍ପର Samāntara brutta ଠାରୁ ସମଦୂରବର୍ତ୍ତୀ; ଐକକେନ୍ଦ୍ରକ (ସମାନ୍ତରଳ ବୃତ୍ତ—ଅନ୍ୟରୂପ) ବୃତ୍ତ—(Geometry) concentric circles.

ସମାନ୍ତର ରେଖା—ସଂ. ବ— ଯେଉଁ ରେଖାମାନ ସଦୃଶ ପରସ୍ପରଠାରୁ Samāntara rekhā ସମଦୂରବର୍ତ୍ତୀ ହୋଇଥାଆନ୍ତି— (ସମାନ୍ତରଳ ରେଖା—ଅନ୍ୟରୂପ) (Geometry) Parallel lines.

ସମାନ୍ତର ଶ୍ରୋଢ଼ୀ [ଶ୍ରେଣୀ]—ସଂ. ବ—(ଗଣିତ) ପରବର୍ତ୍ତୀ ପ୍ରତି Samāntara śrordhi (śreṇi) ଅପେକ୍ଷା ସମ ପରିମାଣରେ ବୃହତ୍ତର ବା ଲଘୁତର ପ୍ରଶ୍ନିସମୂହ—(Arithmetic) Arithmetical progression.

ସମାନ୍ତର ସରଳରେଖା—ସଂ. ବ (କ୍ୟାମିତି) ଯେଉଁ ସରଳରେଖା Samāntara saralarekhā ପରସ୍ପରର ସମାନ୍ତର— (ସମାନ୍ତରଳ ସରଳରେଖା--ଅନ୍ୟରୂପ) (Geometry) Parallel straight lines. [ଦ୍ର-- ଯେଉଁ ଦୁଇ ବା ତତୋଽଧିକ ବିନ୍ଦୁଳ ସରଳରେଖା ହ୍ରସ୍ୱ ଦୂରରେ ଯେତେ ଇଚ୍ଛା ସେତେ ଦୂରକୁ ପ୍ରସାରିତ ହେଲେ ମଧ୍ୟ ପରସ୍ପର ସହିତ ମିଳିତ ବା ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି ନାହିଁ ସେମାନଙ୍କୁ ସମାନ୍ତର ବା ସମାନ୍ତରଳ ସରଳରେଖା କୋଲ୍ଲଯାଏ ।]

ସମାନ୍ତରାଳ(ଇତ୍ୟାଦି)—ସ.ବଣ (ବହୁବ୍ରୀ; ସମ + ଅନ୍ତରାଳ)--ସମାନ୍ତର Samāntarāla (etc. ଇତ୍ୟାଦି (ଦେଖ) Samāntara etc. (See)

ସମାନ୍ତରିତ କ୍ଷେତ୍ର—ସ. ବଣ (ସମାନ୍ତର+ଇତ) (କ୍ୟାମିତି) ସମାନ୍ତର Samāntarika kshetra କ୍ଷେତ୍ର; ସମାନ୍ତର ଚତୁର୍ଭୁଜ; ଯେଉଁ ଚତୁର୍ଭୁଜର ସମ୍ମୁଖବର୍ତ୍ତୀ ଦୁଇ ଦୁଇଟି ବାହୁ ପରସ୍ପରର ସମାନ୍ତର—(Geometry) Parallellogram.

ସମାପ୍ (ଧାତୁ)—ସ. (ସମ୍ ଉପସର୍ଗ + ଆପ୍ ଧାତୁ)—୧ । ଶେଷ Samāp (root) କରିବା; ସମାପ୍ତ କରିବା— 1. To finish. ୨ । ସମ୍ପୂର୍ଣ୍ଣ କରିବା— 2. To complete. ୩ । ଶେଷ ହେବା— 3. To be completed.

ସମାପ—ସ. ବ (ବହୁବ୍ରୀ; ସମ = ସମାନ + ଅପ୍ = ଜଳ ଯହିଁରେ; Samāpa ସମ୍ + ଅପ୍ + ଅ)—୧ । ଦେବଯଜନ ସ୍ଥାନ— 1. A place for vedic worship. ୨ । ଯଜ୍ଞ— 2. Vedic sacrifice.

ସମାପକ—ସ. ବଣ (ସମ୍ + ଆପ୍ ଧାତୁ ଣିଜନ୍ତ, ଅପି ଧାତୁ + ଭୂତ୍ୱ. ଅକ)—ସମାପନକାରୀ; ଯେ କୌଣସି କାର୍ଯ୍ୟର Samāpaka (ସମାପିକା—ସ୍ତ୍ରୀ) ସମାପ୍ତି କରେ; ଉଦ୍ଯାପକ— Accompplishing; fulfilling; finishing.

ସମାପତ—ଗ୍ରା. ବଣ ପଦ୍ୟ (ସ. ସମାପ୍ତ)—ସମାପ୍ତ (ଦେଖ)— Samāpata Samāpta (See) (ଉ —ଯେଉଁଠାରେ ସମାପ୍ତ **समाप्त** ଯାଗ କରେ ସେ ସମାପତ—କୃଷ୍ଣହିଁ ହୁ. ମହାଭାରତ. ସଭା ।)

ସମାପତି—ଗ୍ରା. ବ (ସ. ସମାପ୍ତି)—ସମାପ୍ତି (ଦେଖ)— Samāpati Samāpti (See) (ଉ—ଏଠାରୁ ସମାପ୍ତି **समाप्ति** ହେଲା ଉତ୍ତରଜସୁ ସମାପତି-କୃଷ୍ଣହିଁ ହୁ. ମହାଭାରତ. ସଭା ।)

ସମାପତି କରିବା—ଗ୍ରା. କି.—ସମାପ୍ତି କରିବା (ଦେଖ)— Samāpati karibā Samāpti karibā. (See) ସମାପ୍ତି କରା **समाप्ति करना**

ସମାପତି ରସିଦ—ଗ୍ରା. ବ (ଜରିଆ)—ସମାପ୍ତି ରସିଦ (ଦେଖ)— Samāpati rasida Samāpti rasida (See).

ସମାପତ୍ତି—ସ. ବ (ସମ+ଆପତ୍)—୧ । ସମକାଳରେ ଉପସ୍ଥିତି— Samapatti 1. Simultaneous presence. ୨ । ପରସ୍ପରର ଆପତ୍ତି—2. Mutual objection. ୩ । ଯଦୃଚ୍ଛାସଙ୍ଗତି—3. Voluntary meeting or union.

ସମାପନ—ସ. ବ (ସମ+ଆପ୍ ଧାତୁ ଣିଜନ୍ତ=ଅପି ଧାତୁ+ଭାବ. Samāpana ଅନ)—୧ । ସମାଧାନ; ଶେଷକରଣ— (ସମାପକ—ଅନ୍ୟରୂପ) 1. Completion; accomplishment. ୨ । ସମାପ୍ତି—2. Finis; (ସମାପିତ—ବଣ) end. ୩ । ଉଦ୍ଯାପନ—3. Fulfilment; bringing to a close.

Digitized by srujanika@gmail.com

ସମାପନ କରିବା—ଦେ. କ୍ରି—୧ । ସମାଧା କରିବା—1. To Samāpana, karibā accomplish. ୨ । ଶେଷ କରିବା—ସମାପନ କରା; **समापन करना** 2. To bring to an end.

ସମାପନୀୟ—ବି. ବିଣ (ସମ+ଆପ୍+ଅନୀୟ ପ୍ରତ୍ୟୟ) ଦ୍ର. ଅଗାପ୍ୟ—ସମାପ୍ୟ Samāpanīya Samāpya (See) (ସମାପଯିତବ୍ୟ—ଅନ୍ୟାରୂପ)

ସମାପନ୍ନ—ବି. ବିଣ (ସମ+ଆ+ପଦ୍ ଧାତୁ+କର୍ମ. ତ)—୧ । ଲବ୍ଧ; Samāpanna ପ୍ରାପ୍ତ— 1. Obtained; got. ୨ । (ସମାପତ୍ତା—ସ୍ତ୍ରୀ (+କତ୍ତି. ତ) ବିପନ୍ନ; ବିପଦ୍ଗ୍ରସ୍ତ—2. Endangered. ୩ । ନିଷ୍ପାଦିତ; ସମ୍ପନ୍ନ; ସମ୍ପାଦିତ— 3. Accomplished. ୪ । ହତ (ପ୍ରାଣହତ୍ୟାଦି)— 4. Killed. ୫ । ସମାପ୍ତ—5. Finished. ୬ । କ୍ଲିଷ୍ଟ (ବିଶୃଙ୍ଖଳିତ)—6. Troubled.

ସମାପି (ଧାତୁ)—ବି. (ସମ୍+ଆପ୍ ଧାତୁ ଣିଚ୍) —ଅନ୍ୟ ଦ୍ୱାରା ସମାପ୍ତ Samāpi(root) କରାଇବା—To cause to be completed or finished.

ସମାପିକା—ବି. ବିଣ. ସ୍ତ୍ରୀ—(ସମାପକ+ସ୍ତ୍ରୀ. ଆ.)—୧ । ସମାପକର Samāpikā ସ୍ତ୍ରୀଲିଙ୍ଗ—1.Feminine of "Samāpaka". ୨ । (ବ୍ୟାକରଣ) ଯାହାର ପ୍ରଯୋଗ ଦ୍ୱାରା ବାକ୍ୟ ସମାପ୍ତି ହୁଏ (କ୍ରିୟା)—2. Finite; (a verb) which closes or completes a sentence. ଦ୍ର.— ସମାପିକା କ୍ରିୟା(ଦେଖ) Samāpikā kriyā(See)

ସମାପିକା କ୍ରିୟା—ବି. ବ—(ବ୍ୟାକରଣ) ଯେଉଁ କ୍ରିୟା ଦ୍ୱାରା ବାକ୍ୟର ସମାପ୍ତି ହୁଏ Samāpikā kriyā ବାକ୍ୟର ସମାପ୍ତି ହୁଏ—A finite (ଅସମାପିକାକ୍ରିୟା—ବିପରୀତ) verb; a verb which closes or completes a sentence.

ସମାପିତ—ବି.ବିଣ(ସମ୍+ଆପ୍ ଧାତୁ ଣିଚ୍=ଅପି ଧାତୁ+କର୍ମ ତ)— Samāpita ୧ । ନିଷ୍ପାଦିତ; ସମ୍ପାଦିତ—1. Accomplished; fulfilled. ୨ । ସମାପ୍ତ—2. Completed. ୩ । ମାରିତ—3. Killed; murdered.

ସମାପିତବ୍ୟ—ବି. ବିଣ (ସମ+ଆପ୍ ଧାତୁ ଣିଚ୍+ତବ୍ୟ)—ସମାପ୍ତ Samāpitabya ହେବାର ଯୋଗ୍ୟ—Fit to be completed.

ସମାପିତି—ସ୍ତ୍ରୀ. ବ (ସଂ. ସମାପ୍ତି)—ସମାପ୍ତି (ଦେଖ)—Samāpti Samāpiti (See).

ସମାପିତୁମିଚ୍ଛୁ—ବି. ତ୍ରି(ସମ୍+ଆପ୍ ଧାତୁ ଣିଚ୍+ଇଚ୍ଛାର୍ଥେ ସନ୍+ Samāpipayishu କତ୍ତି ଉ)—ସମାପନ କରିବାକୁ ଇଚ୍ଛୁକ— Desirious of finishing or completing a thing.

ସମାପୀ—ବି. ବିଣ. ପୁଂ—(ସମ୍+ଆପ୍ ଧାତୁ+କତ୍ତି. ଇନ୍; ସମାପିନ୍, Samāpi ୧ମା. ୧ବ) — ସମାପନକାରୀ—Finishing; (ସମାପିନୀ—ସ୍ତ୍ରୀ) accomplishing.

ସମାପ୍ତ—ବି. ବିଣ (ସମ୍+ଆପ୍ ଧାତୁ+କର୍ମ.ତ)—୧ । ନିଷ୍ପନ୍ନ; Samāpta ଶେଷ ହୋଇ ଯାଇଥିବା; ଯାହା ଶେଷ ହୋଇଅଛି— (ସମାପ୍ତି—ବ) 1. Finished. ୨ । ସଂପ୍ରାପ୍ତ—2. Got; received; attained. ୩ । ସମ୍ପୂର୍ତ୍ତି—3. Completed. ୪ । ସମାହିତ—4. Accomplished. [ଦ୍ର—ଗ୍ରନ୍ଥ ଶେଷରେ 'ସମାପ୍ତ' ଶବ୍ଦ ଲେଖାଯାଏ, ଏହାର ଅର୍ଥ—ଏହିଠାରେ ଗ୍ରନ୍ଥର ସମାପ୍ତି ବା ଶେଷ ହେଲା ।)

ସମାପ୍ତ କରିବା—ଦେ. କ୍ରି—୧ । ସମ୍ପୂର୍ତ୍ତି କରିବା—1. To com- Samāpta karibā plete. ୨ । (ପୁସ୍ତକାଦର ପାଠ ବା ସମାପ୍ତ କରା **समाप्त करना** ଲେଖନ) ଶେଷ କରିବା—2. To finish (the writing or reading of something).

ସମାପ୍ତ ପୁନରାବୃତ୍ତ—ବି. ବ.—ବାକ୍ୟାନ୍ତ ଦୋଷ ବିଶେଷ; ରଚନାର Samāpta punarāttata ଦୋଷ ବିଶେଷ; ଯେଉଁ ସ୍ଥଳରେ ବାକ୍ୟକୁ ସମାପ୍ତ କରି ସାର୍ ପୁଣି ସେହି ବାକ୍ୟର ସୂଚନା ପ୍ରଦାନ କରିଯାଏ—A defect in composition wherer after closing the sentence the write continues it again. [ଦ୍ର—ସାହିତ୍ୟ ଦର୍ପଣ ମତରେ ଏହା ରଚନାର ଗୋଟିଏ ଦୋଷ, 'ଚନ୍ଦ୍ରକିରଣ ପଡୁଛି' ଏ ବାକ୍ୟକୁ ସମାପ୍ତ କରି ପୁଣି ପଦ ଉପରେ ଲେଖାଯାଏ 'ପୃଥିବୀ ଉପରକୁ ଉଦ୍ଭାସିତ କରି', ଏଠାରେ ଏହି ଦୋଷ ହେବ । 'ଚନ୍ଦ୍ରକିରଣ ପୃଥିବୀ ଉପରକୁ ଉଦ୍ଭାସିତ କରି ପଡୁଛି, ଏଥିର କହିବା ଉଚିତ ଥିଲା । ଅଧୁନିକ ବଙ୍ଗଳାରେ ଲକ୍ଷିତ ଏହି ଦୋଷକୁ ଅନେକ ଅଧୁନିକ ଓଡ଼ିଆ ଲେଖକ ଅନୁକରଣ କରି ଅଧୁନିକ ଓଡ଼ିଆ ସାହିତ୍ୟକୁ ସମାପ୍ତ ପୁନରାବୃତ୍ତି ଦୋଷରେ ପୂର୍ଣ୍ଣ କରୁଅଛନ୍ତି ।]

ସମାପ୍ତାର୍ଥ୍ୟା—ବି.ବ (ସମାପ୍ତ+ଅର୍ଥ+ଯ+ଆ)—ସମସ୍ୟା (ଦେଖ)— Samāptārthyā Samasyā (See)

ସମାପ୍ତାଳ—ବି. ବ. ପୁଂ (ସମାପ୍ତ+ଅଳ ଧାତୁ+କର୍ତ୍ତୃ. ଅ)—ପତ୍ନୀ; ସ୍ୱାମୀ Samāptāla (ସ୍ତ୍ରୀପୁରୁଷ)—Husband; lord.

ସମାପ୍ତି—ବି. ବ. (ସମ୍+ଆପ୍ ଧାତୁ=ପାଇବା+ଭାବ ତି)—୧ । Samāpti ଶେଷ; ଅବସାନ—1. Termination; completion; conclusion. ୨ । ପ୍ରାପ୍ତି—2. Attainment; receipt. ୩ । ସମର୍ଥନ—3. Supporting; ratification. ୪ । କାର୍ଯ୍ୟ ସମାଧା— 4. The end or accomplishment of any work. ୫ । ଉଦ୍ଯାପନ; ଉଦ୍‌ଯାପନ—5. Accomplishment or bringing to completion (said of a religious vow) ୬ । ବିବାଦନିରସନ (ବିଶ୍ୱକୋଷ)—6. Settlement of a dispute.

ସମାପ୍ତି ଦେ. ବ.—(ଉଚ୍ଚାରଣ)—ଡିଗ୍ରି ଦେଇଥିବା ସଉଦାରେ **ସମାପ୍ତି** ଡିଗ୍ରିଦାର ଦେଣଦାରଠାରୁ ଡିଗ୍ରି ହୋଇଥିବା ସମସ୍ତ ପାଣ୍ଠିଣା ପାଇବା ଦ୍ୱାରା ଡିଗ୍ରିଦାର ଅବସାନ—Termination of a decree by full satisfaction; the full satisfaction of a decree (on the

Digitized by srujanika@gmail.com

judgment—debtor fully satisfying the decree holder).

ସମାପ୍ତିକ—ଫ. ବ. ପୁଂ—(ସମାପ୍ତି+କ)—ଅଧୀତବେଦଶାଖ; ଯେ ବେଦ ଶାଠ ସମାପ୍ତ କରିଅଛନ୍ତି (ବଙ୍ଗକୋଷ)—
Samāptika A person who has completed his course of study of the Bedas.

ସମାପ୍ତି କରିବା—ଦେ. କ୍ରି—୧ । ସମାପନ କରିବା—1. To accomplish; to bring to an end; to conclude.
Samāpti karibā
ସମାପ୍ତିକରିବା **समाप्तिकरिबा**
୨ । (କଚରଅ) କୌଣସି ମକଦ୍ଦମାରେ ଡିଗ୍ରିଦାର ଓ ଦେଣଦାରଙ୍କ ମଧ୍ୟରେ ଦେଣଶୋଝ ସାଙ୍ଗକୁ ନଷ୍ପତ୍ତି କରିବା—2. To have a decree fully satisfied, as between the decree holder and the judgment debtor.

ସମାପ୍ତି ଦରଖାସ୍ତ—ଦେ. ବ (କଚରଅ)—ମକଦ୍ଦମାରେ ଡିଗ୍ରୀ ହୋଇ-
Samāpti darakhāsta ଥିବା ଧନାଦ ସମ୍ପୂର୍ତ୍ତିରୂପେ ଗାଇ-
ସମାପ୍ତିଦରଖାସ୍ତ **समाप्तिदरखास्त** ଥିବା ବିଷୟ ଉଲ୍ଲେଖ କରି ଡିଗ୍ରୀଦାର ଓ ଦେଣଦାରଙ୍କ ତରଫରୁ ଅଦାଲତରେ ଦାଖଲ ହୋଇଥିବା ଆବେଦନ ପତ୍ର—A petition filed in court intimating the full satisfaction of a decree.

ସମାପ୍ତି ଯାଇବା—ଦେ. କ୍ରି.—ସମାପ୍ତ ହେବା—To be finished.
Samāpti paibā or completed.
ସମାପ୍ତିହେବା **समाप्तिहोना**

ସମାପ୍ତି ରସିଦ—ଦେ. ବ (କଚରଅ) (ସଂ ସମାପ୍ତି ଓ ଇ ରସିଦ୍)
Samāpti rasida ଡିଗ୍ରୀ ହୋଇଥିବା ଧନାଦ ଦେଣଦାର-
ସମାପ୍ତିରସିଦ **समाप्तिरसीद** ଜଣାଇ ଦେଇଥିବାର ଜଦର୍ଶନ ସ୍ୱରୂପ ଡିଗ୍ରୀଦାର ଦେଣଦାରକୁ ଯେଉଁ ରସିଦ ଦଅନ୍ତି ବା ଅଦାଲତରେ ଦାଖଲ କରନ୍ତି—A receipt of full satisfaction of a decree granted by the decree holder on his decree being fully satisfied.

ସମାପ୍ତୋଽୟଂ ଗ୍ରନ୍ଥଃ—ଫ. ବାକ୍ୟ—(ସ. ସମାପ୍ତଃ ଅୟଂ ଗ୍ରନ୍ଥଃ)—ଗ୍ରନ୍ଥ-
Samāpto(a)yaṁ granthaḥ ଶେଷରେ ଲେଖାଥିବା ସଂସ୍କୃତ ବାକ୍ୟ—ଏଥିର ଅର୍ଥ; ଏହି ଗ୍ରନ୍ଥ ଶେଷ ହେଲା—A Sanskrit sentence written at the end of a book, meaning—This book is finished here; the end; finis.

ସମାପ୍ତ୍ୟର୍ଥା—ଫ. ବ—ସମସ୍ୟା (ଦେଖ)—
Samāptyarthā Samasyā (See)

ସମାପ୍ୟ—ଫ. ବଣ (ସମ୍+ଅପ୍ ଧାତୁ+କର୍ମ ଯ)—ସମାପନୀୟ; ସମାପ୍ତ ହେବାର ଯୋଗ୍ୟ—Fit to be completed.
Samāpya

ସମାପ୍ରିୟ—ଫ. ବଣ. ତ୍ରି—(ସମ୍+ଅ+ପ୍ରିୟ)—ଅତ୍ୟନ୍ତ ପ୍ରିୟ—
Sāmāpriya Very dear; beloved.
(ସମାପ୍ରିୟା—ସ୍ତ୍ରୀ)

ସମାପ୍ଲୁ(ପ୍ଲା)ବ—ଫ. ବ (ସମ୍+ଅ+ପ୍ଲୁ ଧାତୁ+ଭାବ ଅ)—୧ ।
Samāplu(plā)ba ସ୍ନାନ; ଅବଗାହନ—1. Bath; immersion. ୨ । ଉତ୍ତମ ରୂପେ ଗାଧୁଅ—2. A good bath; a thorough bath.

ସମାବର୍ତ୍ତନ—ଫ. ବ (ସମ+ଅବର୍ତ୍ତନ)—୧ । ପ୍ରତ୍ୟାଗମନ; ଲେଉଟି
Samābrtana ଆସିବା—1. Coming back; return-
(ସମାବର୍ତ୍ତ—ଅନ୍ୟରୂପ) ing. ୨ । ବେଦାଧ୍ୟୟନାନନ୍ତର-
[ସମାବୃତ୍ତ, ସମାବର୍ତ୍ତିତ, ସମାବର୍ତ୍ତୀୟ—ବଣ] ଗାର୍ହସ୍ଥ୍ୟାଶ୍ରମାଚାର ପ୍ରତ୍ୟୋଜିତ କର୍ମ; ଦ୍ୱିଜ ଯୁବକର ଗୁରୁଗୃହରେ ପ୍ରଥମାଶ୍ରମ ସମାପନାନ୍ତର ଦ୍ୱିତୀୟାଶ୍ରମକୁ ପ୍ରବୃତ୍ତି; ବାଲ୍ୟକାଳରେ ଯଜ୍ଞୋପବୀତ ଗ୍ରହଣ କରି ବ୍ରହ୍ମଚାରୀରୂପେ ଗୁରୁଗୃହରେ ବେଦଶିକ୍ଷା ଶେଷ କରି ବରାଦ ହେବା ପୂର୍ବରୁ ଗୁରୁଙ୍କ ଆଦେଶ କ୍ରମେ ଦ୍ୱିଜାତି ଯୁବକର ନିଜ ଗୃହକୁ ଫେରିବାରୂପ କର୍ମ—2. The ceremonial act of a twice-born youth returning to his house for marriage and becoming a householder after completing his student's career in his tutor's house. [ଦ୍ର—ପୂର୍ବକାଳରେ ବ୍ରତ ବା ଅଧ୍ୟୟନ ହେବା ପରେ ଦ୍ୱିଜ-ବାଳକ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରି ଗୁରୁଗୃହରେ ରହି ବେଦପାଠ କରୁଥିଲେ । ବେଦ ପାଠ ଶେଷ ହେଲେ ଗୁରୁଙ୍କୁ ଦକ୍ଷିଣା ଦେଇ ଗୁରୁକଠାରୁ ଅନୁମତି ଓ ବଦାନ୍ୟ ପ୍ରହଣ କରି ନିଜ ଗୃହକୁ ଫେରି ଅସି ବରାଦ କରିବା ପୂର୍ବରୁ 'ସମାବର୍ତ୍ତନ'ରୂପ କର୍ମ ଅନୁଷ୍ଠାନ କରୁଥିଲେ । ତାରଚନ୍ଦ୍ରଶୁଦ୍ଧି ଓ ଶୁଭ ଉତ୍ସବରେ ଗୁରୁଗୃହବାସୀ ବ୍ରହ୍ମଚାରୀ ଥୋର ହୋଇ ସର୍ବୌଷଧି ଜଳରେ ସ୍ନାନ କରି ଜଦଙ୍ଗ ମୃଗ, ରୁଶାସନୋପରିସ୍ଥ ଗୁରୁଙ୍କ ନିକଟରେ ପ୍ରାଙ୍ମୁଖ ହୋଇ ବସି ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପାଇଁ ଗୁରୁଙ୍କଠାରୁ ଅନୁମତି ପାଇବା ପରେ ଘରକୁ ପ୍ରତ୍ୟାବର୍ତ୍ତନ କରି ବରାଦ କରୁଥିଲେ । ଅଜକାଲି ଦ୍ୱିଜବାଳକ ମାନଙ୍କର ଗୁରୁଗୃହ-ବାସପୂର୍ବକ ବ୍ରହ୍ମଚର୍ଯ୍ୟାଶ୍ରମ ପାଳନ ପ୍ରଥା ନ ଥିବାରୁ ଦ୍ୱିଜାତିର ଦଶକର୍ମ 'ସଂସ୍କାର'ର ଅନ୍ତ୍ୟମ ସଂସ୍କାର କୁଡୋପନୟନ ବାଳକର 'ବ୍ରେପଣୀ' କର ତେଣୁ ସେହି ଦିନ ଜଦ୍ଭଶାତ୍ ଘରକୁ ଫେରି ଅସିବାରେ ପର୍ଯ୍ୟବସିତ ହେଉଅଛୁ ।]

ସମାବର୍ତ୍ତିତ—ଫ. ବଣ. ପୁଂ(ସମ୍+ଅ+ବୃତ୍ ଧାତୁ ଣିଜନ୍ତ+କର୍ମ.ତ)—
Samābarttita ପ୍ରତ୍ୟାବର୍ତ୍ତିତ; ଯାହାକୁ ଫେରାଇ ଅଣାଯାଇ ଅଛି—Caused to come back; made to return.
(ସମାବର୍ତ୍ତିତା—ସ୍ତ୍ରୀ)

ସମାବାସ୍ୟ—ଫ. ବ (ଜଚତତ୍ତ୍ୱ ଅମର ଟୀକା)—୧ । ସମୂହ—
Samābāya 1. Multitude. ୨ । ସମବାୟ; ସମାହାର—
2. Aggregate.

Digitized by srujanika@gmail.com

ସମାବାଳ—ଦେ· ବ—ପୃଅଁବାଳ; ସମ୍ବାଳୁଆ—
Samābāḷi Caterpillar.
(ସମାବାଳ[ଳୁ]ଆ—ଅନ୍ୟରୁଗ) ଶୁଣାପୋକା ମୂଆ

ସମାବିଷ୍ଟ—ଫ. ବଣ (ସମ୍ + ଅବିଷ୍ଟ)—୧ । କାର୍ଯ୍ୟରେ ନିବିଷ୍ଟ—1. Samābishṭa Occupied. ୨ । କୌଣସି କାର୍ଯ୍ୟରେ ନିଯୁକ୍ତ— (ସମାବିଷ୍ଟା—ସ୍ତ୍ରୀ) 2. Engaged in. ୩ । ଅଭିନିବିଷ୍ଟ; ଏକାଗ୍ର- (ସମାବେଶ—ବ) ଚିତ୍ତ—3. Engrossed in. ୪ । ଏକତ୍ର ଅବସ୍ଥିତ—4. Situated or placed together.

ସମାବୃତ—ଫ. ବଣ (ସମ୍ + ଅବୃତ) - ୧ । ଗୃହଆଡ଼େ ଅବୃତ; Samābṛuta ଚତୁର୍ଦ୍ଦିଗରେ ବେଷ୍ଟିତ—1. Enveloped; (ସମାବରଣ—ବ) enclosed. ୨ । ଲୁକ୍କାୟିତ—2. Concealed; hidden under

ସମାବୃତ୍ତ—ସଂ. ବଣ (ସମ୍ + ଆ + ବୃତ ଧାତୁ + କର୍ତ୍ତୃ· ତ)—
Samāvṛutta ୧ । ପ୍ରତ୍ୟାବୃତ୍ତ—1. Returned; come
(ସମାବୃତ୍ତ—ବ) back. ୨ । ଗୁରୁଗୃହରେ ବେଦ ଶାଠ ଶେଷ କରି ଗୃହସ୍ଥାଶ୍ରମ ଅନ୍ତେ କରିବା ପାଇଁ ଗୃହକୁ ପ୍ରତ୍ୟାବୃତ୍ତ; ଲବ୍ଧାନୁଜ୍ଞ; ଯେଉଁ ଦ୍ୱିଜଯୁବକ ବ୍ରହ୍ମଚର୍ଯ୍ୟାଶ୍ରମ ଘରେ ଗୁରୁଙ୍କ ଆଦେଶ ପାଇ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ଗୃହକୁ ଫେରି ଆସି ଅଛନ୍ତି—2. Returned to one's home for being married after finishing the study of the Bedas at the preceptor's house and getting the preceptor's permission.

ସମାବେଶ—ସଂ. ବ (ସମ୍ + ଆ + ବିଶ୍ ଧାତୁ + ଘଞ୍ ପ୍ର· ଅ)—
Samābeśa ୧ । ପ୍ରବେଶ—1. Entrance; admitt-
(ସମାବିଷ୍ଟ—ବଣ) ance; admission. ୨ । ସଂସ୍ଥିତି— 2. Accomodation. ୩ । ମନୋଯୋଗ— 3. Attention. ୪ । ଏକତ୍ରାବସ୍ଥିତି; ସନ୍ନିବସ୍ଥାନ— 4. Association; being placed together.

[ଦ୍ର—ବଙ୍ଗଭାଷାରେ ସମ୍ବନ୍ଧୀର ଶବ୍ଦର ଅର୍ଥ ଶଳା, ଦୁନ୍ନୀ ଭାଷାରେ ସମ୍ଧୀର ଅର୍ଥ ବୈବାହିକ ବା ଓଡ଼ିଆ ଭାଷାର ସମ୍ଭନ୍ଧ । ବଙ୍ଗଳାରେ ପୁଅପାନଙ୍କ ଶ୍ୱଶୁରଙ୍କୁ ବେଆଇ ବା ବେଡ଼ାଇ ଏବଂ ଶାଶୁଙ୍କୁ ବେଆଇନ୍ ବା ବେଡ଼ାଇନ କହନ୍ତି ।]

ସମ୍ଭ୍ରଦିତ—ସଂ. ବଣ (ସମ୍ + ଉଦିତ)—୧ । ଉତ୍ଥିତ—1. Risen; Samudita ascended. ୨ । ସମ୍ୟକ୍ ଉଦିତ ବା [ସମ୍ଭଦ(ଦା)ସ୍—ବ] ଉତ୍ଥିତ—2. Fully risen; risen up. ୩ । ସମୁତ୍ପନ୍ନ; ସମୁତ୍ଭୂତ—3. Produced. ୪ । ଉନ୍ନତ—4. Lofty. ୫ । ସମ୍ୟକ୍ରୂପେ କଥିତ—5. Specially spoken. ୬ । ଉଚ୍ଚୈସ୍ୱରରେ କଥିତ—6. Uttered loudly.

ସମ୍ଭ୍ରଦୀରଣ—ସଂ. ବ (ସମ୍ + ଉଦୀରଣ = ଉଚ୍ଚାରଣ)-୧ । ଉଚ୍ଚାରଣ—
Samudīraṇa 1. Utterance. ୨ । ସମ୍ୟକ୍ କଥନ—
(ସମୁଦୀରିତ; ସମୁଦୀର୍ଣ୍ଣ—ବଣ) 2. Special speech.

Digitized by srujanika@gmail.com

ସମୁଦୁଣୀ—ଦେ. ବ. ସ୍ତ୍ରୀ—ସମୁଦାଙ୍କ ସ୍ତ୍ରୀ; ଅପଣାର ପୁଅର ବା ଝିଅର ଶାଶୁ—The mother-in-law of one's son or daughter.
Samuduṇī ଶାଶୁ

ସମୁଦୁର—ଗା. ବ (ସଂ. ସମୁଦ୍ର) – ସମୁଦ୍ର (ଦେଶ)
Samudura Samudra. (See)
ସମୁଦ୍ର ଦରିଆ

ସମୁଦ୍ଗ—ସଂ. ବଣ (ସ=ସହ+ମୁଦ୍ଗ=ମୁଗ)—ମୁଗମିଶ୍ରିତ—
Samudga Mixed with Moong grain.

ସମୁଦ୍ଗ—ସଂ. ବ (ସମ୍+ଉତ୍+ଗମ୍. ଧାତୁ+କର୍ତ୍ତୃ. ଅ)—
Samudga ୧ । ସଙ୍କଟ; ଫରୁଆ (ଦେଶଜ) ପେଡ଼ା (ସମୁଦ୍ଗକ—ଅଳ୍ପାର୍ଥ) (ଅମର)—1. A casket. ୨। ପତର-ଦନା; ଠୋଙ୍ଗା—2. A pot made of leaves. ୩। ପେଢ଼ି ଆଦର ଉପର ଫାଳ ବା ଚାଲ୍ଲ ଖୋଲ୍ଲଯାଇ ଯାଏ—3. A box with a removable cover.
ସଂ. ବଣ—ମୁଦ୍ଗବଶିଷ୍ଟ - Having moong grains.

ସମୁଦ୍ଗତ—ସଂ. ବଣ (ସମ୍+ଉଦ୍ଗତ)—୧ । ସମୁତ୍ଥିତ (ଦେଶ)—
Samudgata 1. Samutthita. (See) ୨ । ସମୁଦିତ—(ସମୁଦ୍ଗମ—ବ) 2. Samudita. (See). ୩ । ଉତ୍ପନ୍ନ—3. Produced.

ସମୁଦ୍ଗମ—ସ୍ତ. ବ (ସମ୍+ଉଦ୍ଗମ)—୧ । ଉଦୟ ଥାନ; ଉଦଯ—
Samudgama 1. Rising up; ascent. ୨। ଉତ୍ପତ୍ତି—2. Birth.

ସମୁଦ୍‌ଗାର—ସ୍ତ. ବ (ସମ୍+ଉଦ୍‌ଗାର)—ଅତ୍ୟନ୍ତ ବମନ—
Samud-gāra Violent vomiting.

ସମୁଦ୍ଗୀତ—ସ୍ତ. ବଣ (ସମ୍+ଉତ=ଉଚ୍ଚୈଃସ୍ୱରରେ+ଗୀତ)—
Samudgīta ଉଚ୍ଚୈଃସ୍ୱରରେ ଗୀତ—Sung loudly.

ସମୁଦ୍ଗୀରଣ—ସଂ. ବ (ସମ୍+ଉଦ୍ଗୀରଣ)—୧ । ଉଦ୍‌ବମନ—
Samudgīraṇa 1. Vomiting forth. ୨ । (ସମୁଦ୍ଗୀର୍ଣ୍ଣ—ବଣ) ଉତ୍ତୋଳନ—2. Lifting up. ୩ । ଉଚ୍ଚାରଣ; କଥନ—3. Speaking; utterance.

ସମୁଦ୍ଗୀର୍ଣ୍ଣ—ସଂ. ବଣ (ସମ୍+ଉଦ୍+ଗୃ ଧାତୁ+କର୍ମ୍ମ.ତ)—୧। ବମିତ
Samudgīrṇṇa 1. Vomited forth. ୨ । ଉତ୍ତୋଳିତ—2. Lifted up. ୩ । ଉକ୍ତ—3. Spoken. ୪ । ଉଚ୍ଚାରିତ—4. Uttered.

ସମୁଦ୍ଦିଷ୍ଟ—ସଂ. ବଣ (ସମ୍+ଉଦ୍ଦିଷ୍ଟ)—୧ । ସମ୍ୟକ୍ ଉଦ୍ଦିଷ୍ଟ; ଲକ୍ଷୀକୃତ—1. Striven after.
Samuddishṭa (ସମୁଦ୍ଦେଶ—ବ) ୨ । ଅନ୍ୱେଷିତ—2. Searched for; investigated.

ସମୁଦ୍ଧତ—ସଂ. ବଣ (ସମ୍+ଉତ୍+ହନ୍ ଧାତୁ=ବଧ କରିବା+କର୍ତ୍ତୃ. ତ)—୧ । ଅଶିଷ୍ଟ; ଅବଜ୍ଞାତ (ଅମର)—
Samuddhata 1. Ill-mannered; rude. ୨ । ଗର୍ବିତ—2, Arrogant; proud; puffed up with pride, ୩ । ଉତ୍କ୍ଷିପ୍ତ—3. Thrown up. ୪ । ସମୁଦ୍ଗୀର୍ଣ୍ଣ (ଦେଶଜ) (ଦେଶ)—4. Samudgīrṇṇa (See)

ସମୁଦ୍ଧରଣ—ସଂ. ବ (ସମ୍+ଉଦ୍ଧରଣ)—୧ । ଓଘାଡ଼ିବା; ଉନ୍ମୂଳନ—
Samuddharaṇa 1. Uprooting. ୨ । ଉତ୍ତୋଳନ—(ସମୁଦ୍ଧାର—ଅଳ୍ପାର୍ଥ) 2. Lifting up. ୩ । ଉନ୍ନମନ (ସମୁଦ୍ଧୃତ—ବଣ) (ଅମର)—3. Raising up. ୪ । ମୋଚନ; ଉଦ୍ଧାର କରିବା—4. Loosening; liberation; deliverance. ୫ । ବମନ; ଉଦ୍‌ଗିରଣ—5. Vomiting. ୬ । ବାନ୍ତାନ୍ନ (ଅମର)—Vomited food.

ସମୁଦ୍ଧର୍ତ୍ତା—ସଂ. ବଣ. ପୁଂ (ସମ୍+ଉତ୍+ଧୃ ଧାତୁ=ଧାରଣକରିବା+କର୍ତ୍ତୃ. ତୃ ୧ମା.୧ବ.)—୧ । ଉଦ୍ଧାରକର୍ତ୍ତା—(ସମୁଦ୍ଧର୍ତ୍ତ୍ରୀ—ସ୍ତ୍ରୀ) 1. Delivering. ୨ । ଉନ୍ମୂଳନକର୍ତ୍ତା—2. Uprooting; eradicating. ୩ । ଋଣପରିଶୋଧକର୍ତ୍ତା—3. Liquidating one's loan.

ସମୁଦ୍ଧସ୍ତ—ସଂ ବ (ସମ୍+ଉତ୍+ହସ୍ତ)—ହାତଦ୍ୱାରା ପୋଛପକାଇବା (ଭୋଜନୋତ୍ତର)—Wiping out with the hand.
Samuddhasta

ସମୁଦ୍ଧାର—ସଂ.ବ (ସମ୍+ଉଦ୍ଧାର)—୧ । ମୁକ୍ତି; ପରିତ୍ରାଣ; ମୋଚନ—
Samuddhāra 1. Deliverance; salvation. (ସମୁତ୍ଖାତ—ବଣ) ୨ । ଉନ୍ମୂଳନ—2, Eradication; uprooting. ୩ । ଉତ୍ତୋଳନ—3. Lifting up.

ସମୁଦ୍ଧୃତ—ସଂ. ବଣ (ସମ୍+ଉଦ୍ଧୃତ)—୧ । ଉତ୍ତୋଳିତ—
Samuddhruta 1. Drawn up; lifted up; raised up. ୨ । ମୋଚିତ; କୃତୋଦ୍ଧାର; 2. Delivered; rescued. ୩ । ଉଦ୍ଗୀର୍ଣ୍ଣ ବାନ୍ତ; ବମିତ—3. Vomited forth; emitted. ୪ । ଉନ୍ମୂଳିତ (ବୃକ୍ଷକୋଷ)—4. Uprooted. ୫ । ଅସଦ୍‌ବ୍ୟବହାରପ୍ରାପ୍ତ (ବୃକ୍ଷକୋଷ)—5. Ill-treated. ୬ । ଅଂଶୀକୃତ—6. Divided into shares. ୭ । ଗୃହୀତ—7. Taken. ୮ । ଅଧିକୃତ—8. Taken possession of.
ସମୁଦ୍ଧରଣ } —ବ
ସମୁଦ୍ଧାର }

ସମୁଦ୍ୱହ—ସଂ. ବଣ (ସମ୍+ଉତ୍+ବହ୍ ଧାତୁ+କର୍ତ୍ତୃ ଅ)—
Samudbaha ୧ । ଉଦ୍ବହନକର୍ତ୍ତା; ଉତ୍ତୋଳକ—1, Lifting. ୨ । ବହନକାରୀ—2. Carrying. ୩ । ଶ୍ରେଷ୍ଠ—3. Chief; principal.

ସମୁଦ୍ୱାହ—ସଂ. ବ—୧ । ସମ୍ୟକ୍ ପ୍ରକାରେ ବହନ—
Samudbāha 1. Carrying. ୨ । ବିବାହ (ବୃକ୍ଷକୋଷ)—2, Marriage.

ସମୁଦ୍ୱେଗ—ସଂ. ବ (ସମ୍+ଉଦ୍‌ବେଗ)—ସମ୍ୟକ୍ ଉଦ୍ୱେଗ—
Samudbega Great anxiety.
(ସମୁଦ୍ଭିତ୍ତ—ବଣ)

Digitized by srujanika@gmail.com

ସମୁଦ୍ଭବ—ସଂ. ବ (ସମ୍ + ଉଦ୍ଭବ)—୧ । ଉତ୍ପତ୍ତି Samudbhaba—1. Production. ୨ । ଜନ୍ମ—2. Birth; origin. (ସମୁଦ୍ଭୂତ—ଅନ୍ୟରୂପ) ୩ । ହୋମାଗ୍ନିର ନାମଭେଦ—3. Name of one of the sacrificial fires. (ସମୁଦ୍ଭୂତ—ବଣ) ବଣ—ଉଦ୍ଭୂତ; ଉତ୍ପନ୍ନ—Born; produced from.

ସମୁଦ୍ଭାସିତ—ସଂ. ବଣ (ସମ୍ + ଉଦ୍ଭାସିତ)—୧ । ପ୍ରଜ୍ୱଳିତ Samudbhāsita 1. Lighted; illuminated. ୨ । ଉଜ୍ଜ୍ୱଳୀକୃତ—2. Brightened. ୩ । ଶୋଭିତ—3. Decorated; shining.

ସମୁଦ୍ଭୂତ—ସଂ. ବଣ (ସମ୍ + ଉଦ୍ଭୂତ)—୧ । ଜାତ—1. Born Samudbhūta of. ୨ । ଉତ୍ପନ୍ନ—2. Produced from; originating from.

ସମୁଦ୍ୟତ—ସଂ. ବଣ. ପୁଂ (ସମ୍ + ଉଦ୍ୟତ)—ଉଦ୍ୟତ; ଉଦ୍ୟୁକ୍ତ—Samudyata Striving; ready for; prepared for.

ସମୁଦ୍ୟମ—ସଂ. ବ (ସମ୍ + ଉଦ୍ୟମ)—୧ । ସମ୍ୟକ୍ ଉଦ୍ୟମ—Samudyama 1, Great striving. ୨ । ବିଶେଷ (ସମୁଦ୍ୟତ—ବଣ) ଚେଷ୍ଟା—2. Great endeavour. ୩ । ଆରମ୍ଭ—3. Beginning.

ସମୁଦ୍ର—ସଂ. ବ (ସମ୍ = ସମ୍ୟକ୍ + ଉନ୍ଦ୍, ଧାତୁ = କ୍ଲିନ୍ନ ହେବା + କ୍ର ପ୍ରତ୍ୟୟ, କର୍ମା ସ = ସହିତ + ମୃଦା = ମର୍ଯ୍ୟାଦା, ସୀମା; ଯାହା ମର୍ଯ୍ୟାଦା ବା ସୀମାଯୁକ୍ତ ହୋଇ ଅବସ୍ଥିତ; କର୍ମା ସ = ସହିତ + ମୃଦା = ରତ୍ନାକର ସହିତ; ଅର୍ଥାତ୍ ଯାହା ରତ୍ନାକର ଅଟେ । କର୍ମା ସମ୍ = ସମ୍ୟକ୍ + ଉଦ୍ରେକ : ଜଳାଭନ-ପିଣ୍ଡ; ଏଥିରେ ଜଳର ସମ୍ୟଗ୍ରେକ ବା ବାହୁଲ୍ୟ ହୁଏ; କର୍ମା ସମ୍ = ସମ୍ୟକ୍ + ଉଦ୍ଗତ + ର = ଅଗ୍ନି ଯହିଁରୁ)—୧ । ସାଗର; ପୃଥିବୀର ବେଷ୍ଟନ କରିଥିବା ଜଳରାଶି—1. The sea; ocean. ୨ । (ଲକ୍ଷଣାର୍ଥ) ସମୁଦ୍ର ପରି ବିସ୍ତାରବିଶିଷ୍ଟ ଓ ଅସୀମ ଜିନିଷ ବସ୍ତୁ—2, A thing illimitable and unfathomable as the ocean. ୩ । ସାମୁଦ୍ରିକ ଗ୍ରନ୍ଥକାର ମୁନିବିଶେଷ—3. Name of a sage who compiled a book on chiromancy. ୪ । ଏକ ବଡ଼ା ବିଶିଷ୍ଟ ସାତ ଅକ୍ଷରର ପଦ୍ୟଛନ୍ଦ, ସମାଗ୍ରାଚୀର (ବିଜ୍ଞାନ-ଶେଷ), ସମ୍ଫୋଧି, ସର୍ବନାଥ, ଅମ୍ଭୋଗ୍ନି, ଧୁଜାନାଥ, ଜଳଧି, ଜଳ୍ପ, ଅପାଂନାଥ (ମେଦିନୀ) । ଗୁଣରୁ ଗୁଣେ—4. One-seventh part of a courie. ୫ । ଗୁଣ ସଂଖ୍ୟା—5. The number four.

[ସାମୁଦ୍ରକ, ସାମୁଦ୍ରୀୟ, ସାମୁଦ୍—ବଣ] (Apte) ୬ । ଶିବ—6. An epithet of Śiba. (Apte) ସଂ. ବଣ—(ସମ୍ଯକ୍ ଅର୍ଥ ବଦ୍ଧକରିବା; ସ + ମୁଦ୍ + ଅ)—ମୁଦ୍ରିତ; ମୁଦ୍ରା-ଯୁକ୍ତ—Sealed. (Apte) [ଦ୍ର—ପୁରାଣ ମତରେ ମେରୁର ଚତୁର୍ଦ୍ଦିଗରେ ଅବସ୍ଥିତ ସୀକଚ୍ଛେଦ୍ୟ ସାତଗୋଟି ଦ୍ୱୀପ ଓ ସାତଗୋଟି ଦ୍ୱୀପକୁ ବେଢ଼ି ସାତ ଗୋଟି ସମୁଦ୍ର ଅଛି । ପୁରାଣ ମତରେ ସମୁଦ୍ର ବ୍ରହ୍ମାଙ୍କ ମେଢ଼ରୁ ଜାତ ହୋଇ ଥିଲା । ପୁରାଣାନ୍ତର ମତରେ ଶ୍ରୀକୃଷ୍ଣଙ୍କ ଔରସରେ ରତ୍ନଜାଙ୍କ ଗର୍ଭରୁ ଜାତ ୭ଟି ପୁତ୍ର ସପ୍ତ ସମୁଦ୍ର ହୋଇଲେ । ଲବଣାମ୍ବୁଧି ସର୍ବଜଳଶ୍ରେଷ୍ଠ । ସପ୍ତ ସମୁଦ୍ରର ନାମ—ଲବଣ, ଇକ୍ଷୁ, ସୁରା, ସର୍ପିଃ, ଦଧି, ଦୁଗ୍ଧ, ଜଳ । ପୁରାଣାନ୍ତର ମତରେ ସୂର୍ଯ୍ୟବଂଶୀୟ ସଗର ରାଜାଙ୍କ ଅନୁଷ୍ଠିତ ଯଜ୍ଞର ଅଶ୍ୱକୁ ଇନ୍ଦ୍ର ହରଣ କରିବାରୁ ସଗରଙ୍କର ୬ ହଜାର ପୁତ୍ର ଉକ୍ତ ଘୁଡ ଅଶ୍ୱକୁ ଖୋଜିବାକୁ ଭୂମି ଖୋଳିବାରୁ ଉକ୍ତ ଖାଲ ସାଗରରୂପରେ ପରିଣତ ହେଲା । ଏଥିପାଇଁ ସମୁଦ୍ରର ଅନ୍ୟ ନାମ ସାଗର ।

ପୂର୍ବ ଯୁଗମାନଙ୍କରେ ଦ୍ୱିଜାତିମାନେ ସମୁଦ୍ରଯାତ୍ରା କରୁଥିଲେ । କିନ୍ତୁ କଳିଯୁଗରେ ଦ୍ୱିଜାତିମାନଙ୍କର ସମୁଦ୍ର-ଯାତ୍ରା ନିଷିଦ୍ଧ ହୋଇଅଛି । ରତ୍ନଗର୍ଭପୁତ୍ର ଦେବତା ଓ ଅସୁରମାନେ ଅମୃତଲାଭାର୍ଥ ମନ୍ଦର ଗିରିକୁ ଖୁଣ୍ଟ ଓ ବାସୁକିକୁ ଦଉଡ଼ି କରି ସମୁଦ୍ରକୁ ମନ୍ଥିବାରୁ ସମୁଦ୍ର ମଧ୍ୟରୁ କାଳକୂଟ ହଳାହଳ ବିଷ [ଏହାକୁ ମହାଦେବ ପାନ କଲେ], ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ଆଦି ଅଷ୍ଟଦିଗ୍ଗଜ, ଓ ଅଠଗୋଟି ରତ୍ନଣୀ, କୌସ୍ତୁଭମଣି, ପାରିଜାତପୁଷ୍ପ, ଅପ୍ସରାମାନେ, ଲକ୍ଷ୍ମୀ, ବାରୁଣୀ ଅର୍ଥାତ୍ ସୁରା [ଏହାକୁ ଅସୁରମାନେ ଗ୍ରହଣ କଲେ], ଧନ୍ୱନ୍ତରି, ଚନ୍ଦ୍ର ଓ ଅମୃତ ବାହାରିଲେ । ଏହି ଅମୃତକୁ ଭଗବାନ ମାୟାରଚନାପୂର୍ବକ ଦେବତାମାନଙ୍କୁ ଖୁଆଇଲେ । ପୁରାଣ ଅନୁସାରେ ସମୁଦ୍ରର ଅଧିପତି ଦେବତା ବରୁଣ ଓ ତାଙ୍କର ସ୍ତ୍ରୀଧାରା ସମୁଦ୍ର ମଧ୍ୟରେ । ସମୁଦ୍ର ଜଳ ଲବଣାକ୍ତ । ବ୍ରହ୍ମବୈବର୍ତ୍ତପୁରାଣରେ ଏହି ଜଳର ଗୁଣ ବସ୍ତୁତ୍ୱ, ରତ୍ନାମସ୍ପଦତ୍ୱ, ଅକ୍ଷୟତ୍ୱ, ବୈବସ୍ୱତଦୋଷଜନକତ୍ୱ, ବାନ୍ଧାତ୍ରିପିତୃତାରକତ୍ୱ ।

ପୂର୍ବେ ଉତ୍କଳୀୟମାନେ ସମୁଦ୍ର ଲଙ୍ଘନ କରି ଯାବା, ବାଲି, ହିନ୍ଦୁ ଦ୍ୱୀପ ଆଦରେ ବାଣିଜ୍ୟ କରୁଥିଲେ । ସମୁଦ୍ରଗାମୀ ଜାହାଜମାନଙ୍କୁ ବୋଇତ ବୋଲି ଯାଉଥିଲା ଓ ଜାହାଜର ନାବିକ ବା କାପ୍ତାନଙ୍କୁ ବୋଇତଆଳ ବୋଲି ଯାଉଥିଲା ।]

Digitized by srujanika@gmail.com

ସମୁଦ୍ରକ ପାଣି ଚଳୁ କରିବା—ଦେ. କ୍ରି—(ନ୍ୟାସ୍ୱ) (ଅଗସ୍ତ୍ୟ ଋଷି Samudraka pāṇi chalu karibā ମହାସ୍ତମ୍ଭାସୀ ଥିବାରୁ ଉପଃ ପ୍ରସ୍ତ୍ରବରୁ ସମୁଦ୍ରର ସମସ୍ତ ଜଳକୁ ଅଞ୍ଜଳା ଗଣ୍ଡୁଷ ମଧ୍ୟରେ ରଖି ପିଇଥିଲେ ।) ଅସମ୍ଭବ କାର୍ଯ୍ୟ କରିବାକୁ ସାହସ କରିବା ବ୍ୟଙ୍ଗ ଛଳ ଏ ଉକ୍ତି ପ୍ରୟୋଗ କରାଯାଏ— A proverb meaning 'He is going to quaff the whole ocean empty.

ସମୁଦ୍ର କଫ—ସଂ.ବ (୬ଷ୍ଠୀ ତତ୍) --ସମୁଦ୍ର ଫେନ (ଜିନ୍ଦାଣ୍ଡ ଶେଷ) (ଦେଖ) Samudra kapha Samudra phena (See).

ସମୁଦ୍ର କଲ୍ଲୋଳ (ଗର୍ଜ୍ଜନ)—ସଂ. ବ (୬ଷ୍ଠୀ ତତ୍) ସମୁଦ୍ରର ଲହଡ଼ି- Samudra kallola (garjana) ମାନଙ୍କର ପରସ୍ପର ସହିତ ଓ କୂଳ ସହିତ ଅଘାତପ୍ରତିଘାତଜନିତ ଭୟଙ୍କର ଶବ୍ଦ— The roar of the sea.

ସମୁଦ୍ର କାଞ୍ଚୀ—ସଂ. ବ. (ବହୁବ୍ରୀହି; ସମୁଦ୍ର ଅନ୍ତେ କାଞ୍ଚି ପରି ଯାହାର)— Samudra kāñchī ପୃଥିବୀ—The (sea-girt) earth.

ସମୁଦ୍ର କାନ୍ତା—ସଂ. ବ (୬ଷ୍ଠୀ ତତ୍)—୧ । ନଦୀ—1. River. ୨ । Samudrakāntā ସମୁଦ୍ରରେ ପଡ଼ୁଥିବା ନଦୀ (ଦ୍ୱିଲାସୁଧ)— 2. A river falling in the sea. ୩ । ପୁନ୍ନା; ପିଡ଼ଙ୍ଗ ଶାଗ (ରାଜ ନିଘଣ୍ଟୁ)—3. A species of potherb; the trigonella herb.

ସମୁଦ୍ରକୁ ଶଙ୍ଖେ ପାଣି—ଦେ. ପ୍ରବଚନ (ନ୍ୟାସ୍ୱ) [ଦ୍ର—ଗୋଷ୍ପଦ Samudraku śaṅkhe pāṇi ଶଙ୍ଖରେ ଅଳ୍ପ ଅଳ୍ପ ପରମିତ ସମୁଦ୍ରକୁ ଶଙ୍ଖେ ପଣା ସମୁଦ୍ରରେ ବନ୍ଦୁଗାଡ } —ଅନ୍ୟରୂପ] ଜଳ ସମ୍ଭାଏ । ସମୁଦ୍ରରେ ଜଳର ପରମାଣ ଅପରମିତ; ସମୁଦ୍ର ଜଳରେ ଏକ ଶଙ୍ଖ ପରମିତ ଜଳ ମିଶାଇଲେ ବା ବିଶାଳ ସମୁଦ୍ରରେ ଜଳର ସାମାନ୍ୟ ବିନ୍ଦୁ ପାଉ ଦେଲେ ତାହା ବିଶେଷ କିଛି ନୁହେଁ ।] ବହୁ ଲୋକଙ୍କୁ ଅତି ସାମାନ୍ୟ ବସ୍ତୁ ସାଗରକେ ଏକବିନ୍ଦୁ ଜଳ ଦେଓୟା ବା ଖାଦ୍ୟ ଦେବା ଭଳି ମହା- **सागरको एक बुन्दा पानि देना** ଅତ୍ୟନ୍ତସ୍ଥଳରେ ସାମାନ୍ୟ ବସ୍ତୁ ଦେବା ନ୍ୟାସ୍ୱ—An analogy meaning the same as the English proverb 'A drop in the ocean'.

ସମୁଦ୍ରକୁ ଡେଇଁବା—ଦେ. କ୍ରି—୧ । ସମୁଦ୍ର ଜଳକୁ ଲମ୍ଫ ଦେବା— Samudraku ḍeiñbā 1. To jump into the ocean. ସମୁଦ୍ରେ ଝାଁପ ଦେଓୟା ୨ । (ଲକ୍ଷଣାର୍ଥ) ସଙ୍କଟ ବା ବିପଦ **समुद्रमे कुदना** ମଧ୍ୟରେ ଅସ୍ୱସମର୍ପଣ କରିବା; ଇଚ୍ଛା ପୂର୍ବକ ବିପଦକୁ ବରଣ କରିବା—(figurative) To voluntarily jump into danger; to court danger.

ସମୁଦ୍ରକୁ ପେଲି ଦେବା—ଦେ. କ୍ରି—୧ । ସମୁଦ୍ର ଜଳରେ ବୁଡ଼ି ମରିବା Samudraku peli debā ଯାଇଁ (କୌଣସି ବ୍ୟକ୍ତିକୁ) ଠେଲିଦେବା **समुद्रमे ढकेलना** 1. To push a person to the sea. ୨ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିକୁ ବିପଦ ସଙ୍କୁଳ ସ୍ଥାନକୁ ବା ଅବସ୍ଥାକୁ ଛଡ଼ିଦେବା— (figurative) To consign a man to a dangerous predicament.

ସମୁଦ୍ର ମଝିକୁ(କି) ପେଲିଦେବା
ସମୁଦ୍ରକୁ ମେଲିଦେବା
ସମୁଦ୍ରରେ ଭସା(ପେ)ଇ ଦେବା } —ଅନ୍ୟରୂପ

ସମୁଦ୍ର କୂଳ—ସଂ. ବ (୬ଷ୍ଠୀ ତତ୍)—ସମୁଦ୍ର ତଟ (ଦେଖ)— Samudra kūla Samudra taṭa (See)

ସମୁଦ୍ରଗ—ସଂ. ବି. ପୁଂ—୧ । ବୋଇଦଅଲ; ନାବିକ—1. Sailor; Samudraga mariner. ୨ । ପୋତ ବଣିକ—2. A (ସମୁଦ୍ରଗାମୀ—ଅନ୍ୟରୂପ) merchant trading with ships; maritime trader, ସମୁଦ୍ରଗା ସମୁଦ୍ରଗାମିନୀ } —ସ୍ତ୍ରୀ ଜଣ— ସମୁଦ୍ରଗାମୀ (ଦେଖ) Samudragāmī (See)

ସମୁଦ୍ର ଗର୍ଭ—ସଂ. ବ (୬ଷ୍ଠୀ ତତ୍)—୧ । ସମୁଦ୍ରର ଅଭ୍ୟନ୍ତର; Samudra garbha ସମୁଦ୍ରର ସେଇଁ ଅଂଶରେ ଜଳ ଥାଏ— 1. The bed of the ocean; the inside of the ocean. ୨ । ଯୁଥରର ଉଚ୍ଚତମ ସୀମା ମଧ୍ୟସ୍ଥ ସମୁଦ୍ର —2. The bed of the ocean upto the highest water-mark.

ସମୁଦ୍ରଗା—ସଂ. ବ. ସ୍ତ୍ରୀ (ସମୁଦ୍ରଗ+ଆ)—ନଦୀ (ବ୍ୟେମତତ୍)— Samudragā A river. ବିଶେଷ୍ୟସ୍ତ୍ରୀ—ସମୁଦ୍ରଗର ସ୍ତ୍ରୀଲିଙ୍ଗ— Feminine form of samudraga.

ସମୁଦ୍ରଗାମୀ—ଦେ. ବିଶେ. ପୁଂ (ସମୁଦ୍ର+ଗମ୍ ଧାତୁ+ଇନ୍; ୩ମା. Samudra gāmī ୧ବ)—୧ । ଯାହା (ଯେଉଁ ନଦୀ ଆଦି) (ସମୁଦ ପାସ୍ତ୍ରୀ—ଅନ୍ୟରୂପ) ସମୁଦ୍ର ଆଡ଼କୁ ଯାଇଥାଏ— ସମୁଦ୍ର ଗାମିନୀ ସମୁଦ୍ର ଯାସ୍ତ୍ରିନୀ } ସ୍ତ୍ରୀ 1. (River) Going or running towards the sea; falling into the ocean. ୨ । ଯାହା (ଯେଉଁ ନୌକା ଆଦି) ସମୁଦ୍ରରେ ଗମନାଗମନ କରେ—2. Sea-going; ocean-going. ୩ । ଯେଉଁ ବ୍ୟକ୍ତି ସମୁଦ୍ରପଥରେ ଗମନାଗମନ କରେ—3. Sea-faring. ୪ । ସମୁଦ୍ର ସ୍ଥିତ (ପ୍ରବୃତ୍ତିବାଦ)—4. Situated in the ocean.

ସମୁଦ୍ର ଗୁପ୍ତ—ଦେ. ବ ନାମ—୪ର୍ଥ ଶତାବ୍ଦୀର ଅର୍ଯ୍ୟାବର୍ତ୍ତସ୍ଥ ମଗଧ Samudra gupta ରାଜ୍ୟର ଜନୈକ ନରପତ୍ତି—Name of समुद्र गुप्त a king of northern India in the 4th century A. D.

[ଦ୍ର—ଏ ପ୍ରଥମ ଚନ୍ଦ୍ରଗୁପ୍ତଙ୍କର ପୁତ୍ର ଥିଲେ ଓ ୩୨୬ ଖର୍ଷ ରାଜତ୍ୱ କରିଥିଲେ । ଏହାଙ୍କର ରାଜ୍ୟସୀମା ବେରଳ ଓ କାଞ୍ଚୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ମଗଧର ରାଜଧାନୀ ପାଟଳି ପୁତ୍ରଠାରୁ ଅଯୋଧ୍ୟାବାଦର ଉତ୍କୃଷ୍ଟଭିତ୍ତି ଚୌଶାମଙ୍କା ବା ବୁନ୍ଦସମୁରକୁ ଏ ଜିଲ୍ଲର ରାଜଧାନୀ ଉଠାଇ ନେଇ- ଥିଲେ ।]

ସମୁଦ୍ର ଗୃହ—ସ. ବ (ରୂପକ କର୍ମଧା)—୧ । ବରୁଣାଳୟ—1. The Samudra gṛuha sea which is the abode of the

Digitized by srujanika@gmail.com

Hindu God Baruna. ୨ । ଜଳପଲ୍ଲ ଗୃହ— 2. A house with a contrivance to fill it with water so as to be used as a place of resort during summer.

ସମୁଦ୍ର ଚୁଲୁକ—ସ, ବ. ପୁଂ (ସମୁଦ୍ର+ଚୁଲୁକ+ଗଣ୍ଡୁଷ; ବହୁବ୍ରୀହି; ଯେ ସମୁଦ୍ରକୁ ଚଳୁ କରିଥିଲେ)—
Samudra chuluka ଅଗସ୍ତ୍ୟ ମୁନି—Sage Agastya.

ସମୁଦ୍ର ଚୌର—ସ. ବ (ଅଧୁନିକ ପ୍ରୟୋଗ)—ପେଣ୍ଡୁ ଚୋର ବା ଡକାଏତମାନେ ସମୁଦ୍ରଗାମୀ ଯୋଉ
Samudra chaura ସମୁଦ୍ରର ଚୋର ଅଦଳୁ ଅଚମଣ କରି ଲୁଣ୍ଠନ କରନ୍ତି—
समुद्र चोर Pirate; corsair.

ସମୁଦ୍ର ଚୌର୍ଯ୍ୟ—ସ. ବ (ଅଧୁନିକ ପ୍ରୟୋଗ)—ସମୁଦ୍ରଗାମୀ ଜାହାଜରୁ ଧନାଦି ଲୁଣ୍ଠନ କରିବା ବୃତ୍ତି
Samudra chaurjya ସମୁଦ୍ରେ ଚୋରି **समुद्र चौर्य** —Piracy.

ସମୁଦ୍ରଜ—ସ, ବିଣ (ସମୁଦ୍ର+ଜନ୍ ଧାତୁ+କର୍ତ୍ତୃ, ଅ)—ସମୁଦ୍ର-ଜାତ; ସମୁଦ୍ରରୁ ଉତ୍ପନ୍ନ; ସାମୁଦ୍ରିକ; ସମୁଦ୍ରରୁ
Samudraja ମିଳିବା—Sea-born; got from the sea. ବ—୧ । ସମୁଦ୍ର ଲବଣ; ପଙ୍ଗାଲୁଣ—1. Sea salt. ୨ । ପ୍ରବାଳ ମୁକ୍ତାଦି ରତ୍ନ—2. Coral, pearl etc found in the sea.

ସମୁଦ୍ର ଜନ୍ତୁ—ସ. ବ—ସମୁଦ୍ର ଜୀବ (ଦେଖ)
Samudra jantu Samudra jība (See)

ସମୁଦ୍ରଜା—ସ, ବିଣ. ସ୍ତ୍ରୀ (ସମୁଦ୍ର+ଜନ୍ ଧାତୁ+କର୍ତ୍ତୃ. ଅ+
Samudrajā ସ୍ତ୍ରୀ, ଆ)—ସମୁଦ୍ରଜର ସ୍ତ୍ରୀଲିଙ୍ଗ—
Feminine of Samudraja.
ସ. ବିଣ, ସ୍ତ୍ରୀ—ଲକ୍ଷ୍ମୀ—Goddess Lakshmī.

ସମୁଦ୍ର ଜାତ—ସ. ବିଣ (୫ମୀ ତତ୍)—ସମୁଦ୍ରରୁ ଉତ୍ପନ୍ନ—
Samudra jāta Produced or got from the ocean.

ସମୁଦ୍ର ଜୀବ—ସ. ବ (୭ମ୍ଭୀ ତତ୍)—ସମୁଦ୍ରରେ ବାସ କରୁଥିବା
Samudra jība ଜନ୍ତୁ; ସାମୁଦ୍ରିକ ଜୀବ—Creatures living in the sea; marine animals.

ସମୁଦ୍ର ଢେଉ—ଦେ. ବ—ସମୁଦ୍ରରେ ଉଠିବା ଢେଉ ବା ତରଙ୍ଗ;
Samudra dheu ସମୁଦ୍ର ଲହଡ଼ି—The waves of the
ସମୁଦ୍ରେର ଢେଉ **समुद्र ढेउ** sea; billows.

ସମୁଦ୍ର ତଟ(ତୀର, ବେଳା, କୁକ୍ଷି)—ସ. ବ (୭ମ୍ଭୀ ତତ୍)—ସମୁଦ୍ରର
Samudra taṭa(tīra, belā, kukshi) କୂଳବର୍ତ୍ତୀ ଦେଶ; ଉପକୂଳ—Sea-shore; sea coast.

ସମୁଦ୍ର ତନୟା—ସ. ବ. ସ୍ତ୍ରୀ (୭ମ୍ଭୀ ତତ୍)—ଶୀତ୍ଭୁତନୟା; ଲକ୍ଷ୍ମୀ—
Samudra tanayā Goddess Lakshmī; the daughter of the ocean.

ସମୁଦ୍ର ତଳ—ସ. ବ (୭ମ୍ଭୀ ତତ୍)—ସମୁଦ୍ରର ଜଳମଗ୍ନିତ୍ତୀ ଭୂମି—
Samudra tala The bed or floor of the ocean.

ସମୁଦ୍ର ଦୟିତା(ପତ୍ନୀ, ଯୋଷିତ୍)—ସ. ବ. ସ୍ତ୍ରୀ (୭ମ୍ଭୀ ତତ୍)—
Samudra dayitā (patnī, joshit) ନଦୀ—River.

ସମୁଦ୍ର ନବନୀତ—ସ. ବ (ସମୁଦ୍ରର ନବନୀତ)—୧ । ଚନ୍ଦ୍ର—
Samudra nabanīta 1. Moon. ୨ । ଅମୃତ—2. Nectar.

ସମୁଦ୍ର ନେମି—ସଂ. ବ (ବହୁବ୍ରୀହି; ସମୁଦ୍ର ଅନ୍ତେ ନେମି=ପରିଧି
Samudra nemi ଯାହାର)—ପୃଥିବୀ—The earth.

ସମୁଦ୍ର ପୀଡ଼ା—ସଂ. ବ (ଅଧୁନିକ ଇଂରାଜି ବ୍ୟବହାରମୂଳକ
Samudra pīrdā ପ୍ରୟୋଗ)—ଜାହାଜରେ ବସି ସମୁଦ୍ରରେ
ସମୁଦ୍ର ପୀଡ଼ା ଗଲା ବେଳେ ଜାହାଜର ଅନୋଳନ ଯୋଗୁଁ
समुद्र पीड़ा ମଣ୍ଡ ବାଥା, ବାନ୍ତି ଓ ଜର ଆଦି ହେବା ରୋଗ
ପୀଡ଼ା—Sea sickness.

ସମୁଦ୍ର ପୋକ—ଦେ. ବ—ଏକ ପ୍ରକାର ଛାଙ୍ଗ ପରି ଫଡ଼ିଙ୍କା—A
Samudra poka kind of twig-like grasshopper.
ସମୁଦ୍ରର ପୋକା **समुद्रका कीड़ा**

ସମୁଦ୍ର ଫଳ—ସଂ. ବ—୧ । ଅଣ୍ଡି ଫଳ; ବୃକ୍ଷ ବିଶେଷ (ସୁଶ୍ରୁତସଂହିତା)
Samudra phala —1. Name of a medicinal tree.
[ଦ୍ର—ଏହା କଟୁ, ଉତ୍ତିକର, ବାତଦୋଷ ନାଶକ, ବ୍ରଣ ବରୋଧକାରୀ, କଫ ଓ ଭ୍ରମବର୍ଦ୍ଧକ (ସୁଶ୍ରୁତସଂହିତା); ଏହାର ପତ୍ରର ପ୍ରଲେପ ଦେଲେ ଚର୍ମରୋଗ ନଷ୍ଟ ହୁଏ; ଏହାର ମୂଳ ବାତନାଶକ ଓ ସ୍ନାୟୁ ଦୌର୍ବଲ୍ୟରେ ଉପକାର, ବାତଘ୍ନ, ଲୁଣ୍ଡା ବସ୍ତି ନାଶକ, ଜିଦୋଷଘ୍ନ, କଫ ଓ ଭ୍ରାନ୍ତି ନାଶକ (ଭାବ ପ୍ରକାଶ) ।] ୨ । କପିତ୍ଥ ଫଳ; କଇଥ (ଶବ୍ଦରତ୍ନାବଳୀ)—2. Elephant-apple.

ସମୁଦ୍ର ଫେଣ—ଦେ. ବ (ସଂ. ସମୁଦ୍ରଫେନ)—ସମୁଦ୍ର ଫେନ (ଦେଖ)
Samudra phena Samudra phena (See)
ସମୁଦ୍ର ଫେନା ପ୍ରାଦେ. (ସଂଜ୍ଞାଭୂମି) ବ—ଏକ ପ୍ରକାର ଧାନ—
समुद्र फेन A species of paddy.

ସମୁଦ୍ର ଫେନ—ସଂ. ବ (ଷଷ୍ଠୀ ତତ୍)—୧ । ସମୁଦ୍ରର ଢେଉମାନଙ୍କ
Samudra phena ଆଘାତ ପ୍ରତିଘାତରେ ଉତ୍ପନ୍ନ ଫେଣ
ସମୁଦ୍ରଫେନା —1. Sea-foam. ୨ । ସମୁଦ୍ରସ୍ଥ
समुद्रफेन ଶମ୍ବୁକାଦିବର୍ଗର ପ୍ରାଣିବିଶେଷର କଙ୍କାଳ-
ଫା. କଫେଦରିଯା 2. Sepia Officinalis; cuttle-
ଆ. ଜବଦୁଲ୍ ଜଟବର୍ fish bone. [ଦ୍ର—ଏହା ଶୀତଳ,
ଫେଁ. ସାମୁଦ୍ର ନାଲକେ କଷାୟ, ନେତ୍ରରୋଗହର, କଫଘ୍ନ ଓ
[ଅନ୍ୟ ସଂ. ନାମ— କଣ୍ଡୁମୟତ୍ନ, ବ୍ରଣକର ଓ ବସ୍ତିଦୋଷ
ଧନ୍ୱାର, ଫେନ, ଅମ୍ବିବ- ଏବଂ କର୍ଣ୍ଣଶୂଳ ରୋଗର ଔଷଧ ।
ଜ ମଳ, ଅବ୍ଧି କଫ, ସମୁଦ୍ର- ଏହା ଗଳଙ୍କ ପର ବହୁଛିଦ୍ର ପୂର୍ଣ୍ଣ, କନ୍ଦୁ
କଫ, ଜଳବାସ ଫେନକ, ଠାରୁ ଥିବାରୁ ରଙ୍ଗ ଲଗାଇବା
ଅବ୍ଧି ଫେନ, ବାର୍ଦ୍ଧି ଫେନ, ପୂର୍ବରୁ ସାଲସ କରିବାଘାଇ କାଠର
ପୟୋଧିଜ, ସୁଫେନ, ଅସବାର୍ ଉପରେ ରଙ୍ଗକଲ୍ଲାବାଲା-
ଅବ୍ଧିଫେଣୀର, ସାମୁଦ୍ର] ମାନେ ସମୁଦ୍ର ଫେଣ ଘଷନ୍ତି ।]

ସମୁଦ୍ର ବକ୍ଷଃ—ସଂ. ବ (ଷଷ୍ଠୀ ତତ୍)—ସମୁଦ୍ରର ଉପରିଭାଗ—
Samudra bakshaḥ The surface of the sea.
(ସମୁଦ୍ର ବକ୍ଷ—ଦେ. ରୂପ)

Digitized by srujanika@gmail.com

ସମୁଦ୍ର ବଚନ—ସଂ. ବ—ସାମୁଦ୍ର ବଚନ (ଦେଖ)
Samudra bachana Sāmudra bachana (See)

ସମୁଦ୍ର ବଲୟ—ସଂ. ବ (ରୂପକ ସମାସ)—ମନୁଷ୍ୟର ହାତରୁ ବଳୟ Samudra balaya କେଡିଥିବା ପରି ପୃଥିବୀକୁ କେଡିଥିବା ସମୁଦ୍ର—The sea surrounding the sea like a bangle encircling the hand. ସ. ବ୍ରୀ (କଡ଼ୁଗ୍ରହ; ସମୁଦ୍ର ହୋଇଛି ବଳୟ ଯାହାର) [ସମୁଦ୍ର ମେଖଳ—ଅନ୍ୟ ରୂପ] —ଚତୁର୍ଦ୍ଦିଗରେ ସମୁଦ୍ର-ସମୁଦ୍ର ବଳୟା, ସମୁଦ୍ର ମେଖଳା—ସ୍ତ୍ରୀ ବିଣ. ଦ୍ୱାରା ବେଷ୍ଟିତ—Surrounded by the sea; sea-girt; ocean-girt.

ସମୁଦ୍ର ବହ୍ନି—ସଂ. ତ (ଷଷ୍ଠୀ ତତ୍ପୁ)—ବଡ଼ବାନଳ—Samudra bahni Submarine fire.

ସମୁଦ୍ର ବାସୀ—ସଂ. ବିଣ. ପୁଂ (ସମୁଦ୍ର+ବସ୍. ଧାତୁ+ଣିନି. ଇନ୍, ୧ମା ୧ବ; ଭୁଜନାଙ୍କର ଗଙ୍ଗାବାସୀ = ଗଙ୍ଗା-ଭୁଜବାସୀ)—୧। ସମୁଦ୍ର ଭିତରେ ବାସ କରୁଥିବା (ବ୍ୟକ୍ତି) (ବିଶ୍ୱକୋଷ)—1. (Person) Residing on the shore of the sea. ୨। ସମୁଦ୍ରରେ ବାସକାରୀ (ଯଥା—ଜୀବ)—2. Living in the ocean.

ସମୁଦ୍ର ବେଳା—ସଂ. ବ (ଷଷ୍ଠୀ ତତ୍)—ସମୁଦ୍ର ତୀର—Samudra belā Sea-shore.

ସମୁଦ୍ର ମତ୍ସ୍ୟ—ସଂ. ବ—ସାମୁଦ୍ରିକ ମାଛ; ଲୁଣିମାଛ—Samudra matsya Seafish.
[ସମୁଦ୍ର, ମାଛ—ଦେଶଜ ରୂପ]

ସମୁଦ୍ର ମଥ(ନ୍ତ)ନ—ସଂ. ବ (ଷଷ୍ଠୀ ତତ୍)—ହିନ୍ଦୁ ପୁରାଣରେ ବର୍ଣ୍ଣିତ ଦେବତା ଓ ଅସୁରମାନଙ୍କଦ୍ୱାରା ସମୁଦ୍ରର ଅଲୋଡ଼ନ—Samudra matha(ntha)na The churning of the ocean by the Gods and the demons as described in the Hindu mythology. [ଦ୍ର—ଦୁର୍ବାସାଙ୍କ ଶାପରୁ ଇନ୍ଦ୍ର ଶ୍ରୀହୀନ ହେବାରୁ ଲକ୍ଷ୍ମୀ ସ୍ୱର୍ଗରୁ ଯାଇ ସମୁଦ୍ର ଗର୍ଭରେ ବାସ କଲେ। ବ୍ରହ୍ମାଙ୍କ ଉପଦେଶ ଅନୁସାରେ ମନ୍ଦର ପର୍ବତକୁ ମନ୍ଥନ ଦଣ୍ଡ ଓ ବାସୁକୀକୁ ପନ୍ଥନ ରଜ୍ଜୁ କରି ଲେଜୁର ଏକ ପାଖକୁ ଦେବତାଗଣ ଓ ଅନ୍ୟ ପାଖକୁ ଅସୁରମାନେ ଧରି ସମୁଦ୍ରକୁ ମୋହିଲେ। ଦେବାସୁର ମଥନର ଫଳରେ ପ୍ରଥମେ ହଳାହଳ ବିଷ ବାହାରିଲା। ଏ ବିଷର ଜ୍ୱାଳାରେ ସମସ୍ତେ ଅସ୍ଥିର ହୋଇ ମହାଦେବଙ୍କୁ ସ୍ତବ କରିବାରୁ ସେ ସନ୍ତୁଷ୍ଟ ହୋଇ ଉକ୍ତ ବିଷକୁ ପାନ କଲେ। ତତ୍ପରେ ପୁଣି ମନ୍ଥନ ଚାଲିଲା। ଏଥିରୁ ଚନ୍ଦ୍ର, ଧନ୍ୱନ୍ତରି, ଉଚ୍ଚୈଃଶ୍ରବା ଅଶ୍ୱ, ଐରାବତ ଗଜ, ଓ ସୁରଭୀ ଗାଈ ବାହାରିଲେ ଓ ଧନ୍ୱନ୍ତରି ଅମୃତ ଭାଣ୍ଡ ସହିତ ବାହାରିଲେ ଓ ଲକ୍ଷ୍ମୀ ବାହାରିଲେ। ଅସୁରମାନେ ଅମୃତ ଭାଣ୍ଡ ହରଣ କରିବାକୁ ଉଦ୍ୟତ ହେବାରୁ ବିଷ୍ଣୁ ମୋହିନୀ ରୂପ ଧରି ଅସୁରମାନଙ୍କୁ ବଞ୍ଚନା କରି ଦେବତା-ମାନଙ୍କୁ ଉକ୍ତ ଅମୃତ ଦେଲେ। ଏଥି ଯୋଗୁଁ ଦେବ ଓ ଅସୁରମାନଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଲାଗିଲା। ନାରଦ ଅସ୍ତି ଏ ଯୁଦ୍ଧ ନିବାରଣ କଲେ। ଦେବତାମାନଙ୍କ ଦ୍ୱାରା ହତ ଅସୁରମାନଙ୍କୁ ଅସ୍ତାଚଳରୁ ଶୁକ୍ର ବଞ୍ଚାଇଥିଲେ। ଶ୍ରୀମଦ୍ଭାଗବତର ଅଷ୍ଟମ ସ୍କନ୍ଧରେ ୭ମ ଠାରୁ ୧୨ଶ ଅଧ୍ୟାୟ ପର୍ଯ୍ୟନ୍ତ ସମୁଦ୍ର ମନ୍ଥନର ବିବରଣ ବର୍ଣ୍ଣିତ ହୋଇ-ଅଛି—ବିଶ୍ୱକୋଷ]

ସମୁଦ୍ର ମାଳୀ—ସଂ. ବିଣ (ସମୁଦ୍ର+ମାଳା+ଇନ୍; ୧ମା. ୧ବ)—Samudra mālī ସମୁଦ୍ର ଦ୍ୱାରା ବେଷ୍ଟିତ—Sea-girt. [ସମୁଦ୍ର ମାଳିନୀ—ସ୍ତ୍ରୀ] ସ. ବ—ପୃଥିବୀ—The earth.

ସମୁଦ୍ର ମେଖଳ——ସଂ. ବିଣ) (ବଡ଼ୁଗ୍ରହ; ସମୁଦ୍ର+ମେଖଳା+ଅ)-Samudra mekhala ସମୁଦ୍ର ଦ୍ୱାରା ବେଷ୍ଟିତ—Sea-girt. ସମୁଦ୍ରବସନ, ସମୁଦ୍ରାମ୍ବର, ସମୁଦ୍ରବସନା } ଅନ୍ୟରୂପ (ଯଥା ସମୁଦ୍ର ମେଖଳ ଦ୍ୱୀପ) ସମୁଦ୍ର ମେଖଳା; ସମୁଦ୍ରବସନା, ସମୁଦ୍ରାମ୍ବର, ସମୁଦ୍ରବସନା } —ସ୍ତ୍ରୀ

ସମୁଦ୍ର ମେଖଳା—ସଂ. ବ—୧। (ବଡ଼ୁଗ୍ରହ; ସମୁଦ୍ର ଏହାର ମୁରଅଡ଼େ Samudra mekhalā କେଡ଼ିଥାଏ) ପୃଥିବୀ—The earth. ସମୁଦ୍ରବସନା; ସମୁଦ୍ରାମ୍ବର—ଅନ୍ୟରୂପ ୨। (ରୂପକ କର୍ମଧାରୟ) ମନୁଷ୍ୟର କଟିଦେଶକୁ ମେଖଳା କେଡ଼ିଥିବା ପରି ପୃଥିବୀକୁ କେଡ଼ିଥିବା ସମୁଦ୍ର—2. The sea surrounding the earth like a girdle. ସ. ବିଣ. ସ୍ତ୍ରୀ—ସମୁଦ୍ର ମେଖଳର ସ୍ତ୍ରୀଲିଙ୍ଗ-Feminine of Samudra-mekhala.

ସମୁଦ୍ର ଯାତ୍ରା—ସଂ. ବ (ଷଷ୍ଠୀ ତତ୍)—ବେଶାନ୍ତରକୁ ବିଦ୍ୟାଭ୍ୟାସ ପାଇଁ ସମୁଦ୍ର-Samudra jātrā ଭ୍ରମଣ—Sea voyage. [ଦ୍ର—ପୂର୍ବେ ଅର୍ଯ୍ୟମାନେ ସମୁଦ୍ର ଯାତ୍ରା କରୁଥିଲେ; କିନ୍ତୁ କଳି-ଯୁଗରେ ସମୁଦ୍ର ଯାତ୍ରା କେତେକ ଶାସ୍ତ୍ରରେ ନିଷିଦ୍ଧ ହୋଇ-ଅଛି। ମନୁ (୩।୧୫୮) ସମୁଦ୍ର ଯାତ୍ରାକାରୀମାନଙ୍କୁ ଅଭିଶପ୍ତ କରିଅଛନ୍ତି। ପୂର୍ବେ ଅର୍ଯ୍ୟମାନେ ସମୁଦ୍ର-ଯାତ୍ରା କରୁଥିବା ବିଷୟ ଏହ ନିଷେଧ ବଚନରୁ ଜଣାଯାଏ। କେହି କେହି କହିଅଛନ୍ତି ଯେ, ତୀର୍ଥଯାତ୍ରା, ଧର୍ମାର୍ଥଯାତ୍ରା, ବାଣିଜ୍ୟ ଓ ବିଦ୍ୟାଶିକ୍ଷାର୍ଥ ସମୁଦ୍ର ଯାତ୍ରା କରି ଯାଇ ପାରେ। କିନ୍ତୁ ତୀର୍ଥଯାତ୍ରା ଛଡ଼ା ଅନ୍ୟ ଉଦ୍ଦେଶ୍ୟରେ ସମୁଦ୍ର ଯାତ୍ରା କରିଥିବା ବ୍ୟକ୍ତିଙ୍କର ପ୍ରାୟଶ୍ଚିତ୍ତ କରିବା ଉଚିତ। ଐତି-ହାସିକ ଯୁଗରେ ଉତ୍କଳୀୟ ଓ କଳିଙ୍ଗ ବାସୀମାନେ ଯାବା, ବାଲି ଅଦି ଦ୍ୱୀପକୁ ବାଣିଜ୍ୟ ଓ ଉପନିବେଶ ସ୍ଥାପନାର୍ଥେ ଓ ଧର୍ମପ୍ରଚାରାର୍ଥ ଯାଇ ଥିବାର ବହୁ ପ୍ରମାଣ ମିଳେ—ବିଶ୍ୱକୋଷ]

ସମୁଦ୍ର ଯାନ—ସଂ. ବ (ମଧ୍ୟପଦଲୋପୀ କର୍ମଧା)—୧। (ଷଷ୍ଠୀ ତତ୍) Samudra jāna ଅର୍ଣ୍ଣବ ପୋତ; ଜାହାଜ; ବୋଇତ—1. Ship; ocean going vessel. ୨। (ଷଷ୍ଠୀ ତତ୍) ସମୁଦ୍ର ଯାତ୍ରା—2. A voyage.

Digitized by srujanika@gmail.com

ସମୁଦ୍ର ଲବଣ—ଷ. ବ—ସମୁଦ୍ରର ଜଳରୁ ଜାତ ଲବଣ; କରଚ ଲବଣ- Samudra labaṇa Sea salt.
(ସମୁଦ୍ରଲବଣ—ଦେ. ରୂ୩)

ସମୁଦ୍ରଲହଡ଼ା(ଡ଼ି)—ଦେ. ବ (ସଂ. ସମୁଦ୍ର+ଲହର୍ଗ)—ସମୁଦ୍ରଲହର୍ଗ Samudra laharḍā(ḍi) (ଦେଶ)—Samudra laharī ସମୁଦ୍ରର ଢେଉ समुद्र लहर (See)

ସମୁଦ୍ରଲହର୍ଗ—ଷ. ବ (୬ଷ୍ଠୀ ତତ୍) —ସମୁଦ୍ରର ଉତ୍ତାଳ ତରଙ୍ଗ; Samudra laharī ସମୁଦ୍ର ଖାଣିର ପରସ୍ପର ଅଘାତରୁ ଜାତ ସମୁଦ୍ରତରଙ୍ଗ, ସମୁଦ୍ରୋର୍ମି, ସମୁଦ୍ରୋତ୍ଥାସ } ଅନ୍ୟରୂପ ବଡ଼ ବଡ଼ ଢେଉ— Big waves; billows; the waves of the sea.

ସମୁଦ୍ର ସୁଭଗା—ଷ. ବ—ଗଙ୍ଗାନଦୀ— Samudra subhagā The river Ganges (Apte).

ସମୁଦ୍ର ସ୍ନାନ—ଷ. ବ (୬ଷ୍ଠୀ ତତ୍)—ସମୁଦ୍ର ଜଳରେ ଗାଧୋଇବା— Samudra snāna Sea bath.

ସମୁଦ୍ରା—ଷ. ବ—୧ । ଅମ୍ଳ ଅଦା; ଅମ୍ଳତିଅ ଗଦ—1. The Samudrā plant Zedoary (Apte). ୨ । ଶମୀବୃକ୍ଷ— 2. Acacia Suma (tree).

ସମୁଦ୍ରାନ୍ତ—ଷ. ବ (୬ଷ୍ଠୀ ତତ୍)—୧ । ସମୁଦ୍ରକୂଳ—1. The Samudrānta sea shore (Apte). ୨ । ଜାଇଫଳ— 2. Nutmeg (Apte). ଫ. ବଣ (ବହୁବ୍ରୀ)— ସମୁଦ୍ରଦ୍ୱାରା ସୀମାବର୍ତ୍ତିତ୍ୱ—Bounded by the sea.

ସମୁଦ୍ରାନ୍ତା—ଷ. ବ (ବୈଦ୍ୟକ)—୧ । ପିଙ୍ଗ ଶାଗ; ତ୍ରିକୂଳା— Samudrāntā 1. A potherb; Trigonella Corniculata; ୨ । କାର୍ପାସୀ; କଣାଗଛ—2. Cotton plant; Gossypium Herbaceum. ୩ । କୂଦ୍ରଲତା—3. A thorny shrub; Alhagi Maurorum. ୪ । ପୃଥିବୀ—4. The earth.

ସମୁଦ୍ରାରୁ—ଷ. ବ (ସମୁଦ୍ର+ଅ+ରୁ ଧାତୁ=ଗମନ କରିବା+ Samudrāru କ୍ତିଁ. ତ୍ତ)—୧ । କୁମ୍ଭୀର—1. Crocodile. ୨ । ଉତ୍ପିଙ୍ଗିଳ ମତ୍ସ୍ୟ—2. A large fabulous animal; devourer of whales. ୩ । ସେତୁବନ୍ଧ; ରାମଙ୍କଦ୍ୱାରା କର୍ମିତ ସମୁଦ୍ର ସେତୁ—3. Adam's bridge constructed by Rāmachandra.

ସମୁଦ୍ରା(ଦ୍ରି)ୟ—ଷ. ବଣ (ସମୁଦ୍ର+ଈୟ; ଇୟ) —୧ । ସାମୁଦ୍ରିକ; Samudrī(dri)ya ସମୁଦ୍ର ସମ୍ବନ୍ଧୀୟ—1. Relating to (ସମୁଦ୍ର୍ୟ—ଅନ୍ୟରୂପ) the sea; maritime; marine. oceanic. ୨ । ସମୁଦ୍ରଜାତ—2. Born of the sea.

ସମୁଧା ସମୁଧି—ଦେ. ବ—ସମଧା ସମଧି (ଦେଶ)
Samudhā samudhi Samadhā samadhi (See)

ସମୁଧୀ—ଦେ. ବ. ସ୍ତ୍ରୀ (ଷ. ସମ୍ବନ୍ଧୀ) —ସମୁଦ୍ଦା (ଦେଶ)— Samudhī ବେଆଇ समधी Samudī (See)
[ସମୁଧୁଣୀ, ସମୁଧ୍ୟଣୀ—ସ୍ତ୍ରୀ]

ସମୁନାଥ—ଗ୍ରା. ବ (ନାମ) (ଷ. ସୋମନାଥ) —ସୋମନାଥର ଡାକ Samunātha ନାମ—Name for calling Somanātha. (ସମୁନାଥ୍ୟ—ଅନାଦରାର୍ଥକରୂପ)

ସମୁନାଥ ବ୍ରତ—ଗ୍ରା. ବ—ସୋମନାଥ ବ୍ରତ (ଦେଖ)
Samunātha brata Somanātha brata (See)

ସମୁନ୍ଦନ—ଷ. ବ (ସମ୍+ଉନ୍ଦ୍ ଧାତୁ=ଓଦା କରିବା; ଓଦା ହେବା Samundana +ଭାବ. ଅନ) —୧ । ଓଦା କରିବା— 1. Moistening (Apte). ୨ । ଆର୍ଦ୍ରତା— 2. Wetness; moisture (Apte).

ସମୁନ୍ଦୀ(ନ୍ଧୀ)—ଦେ. ବ. ସ୍ତ୍ରୀ (ଷ. ସମ୍ବନ୍ଧୀ)—ସମୁଦ୍ଦା (ଦେଖ)— Samundī(ndhī) Samudī (See) [ଉ—ଜନ୍ୟା ଜାତ ବେଆଇ समधी କୁ ରତ୍ନ ଦେଇ । ସମୁନ୍ଦୀ ଚରଣେ ବନୋଯୀ— ବୃଘଉ. ପ୍ରେମଘଣ୍ଟାମୁଡ ।]
[ସମୁନ୍ଦ(ନ୍ଧ)ଆଣୀ, ସମୁନ୍ଦ(ନ୍ଧ୍)ଣୀ—ସ୍ତ୍ରୀ]

ସମୁନ୍ନ—ସଂ. ବଣ (ସମ୍+ଉନ୍ଦ ଧାତୁ=ଓଦା ହେବା+କର୍ତ୍ତୃ. ତ)— Samunna ଆର୍ଦ୍ର; ଓଦା—Moist; wet (Apte).

ସମୁନ୍ନତ—ସଂ. ବଣ (ସମ୍+ଉନ୍ନତ)—୧। ଅତ୍ୟନ୍ତ ଉଚ୍ଚ—1. Very Samunnata high; lofty; elevated. ୨ । ଉଚ୍ଚପଦସ୍ଥ— [ସମୁନ୍ନଦ୍ଧ, ସମୁନ୍ନଦ୍ଧନ—ଅନ୍ୟରୂପ] 2. Of high position exalted. ୩ । ମହତ୍—3. Great; noble; sublime. ୪ । ଉନ୍ନଇ ପ୍ରାପ୍ତ; ସମୃଦ୍ଧ—4. Prosperous; improved. ୫ । ଉପରକୁ ଟେକା ଯାଇଥିବା; ଉତ୍ତୋଳିତ—5. Lifted up; upraised. (Apte). ୬ ଗର୍ବିତ—6. Proud (Apte) ୭ । ନ୍ୟାୟନିଷ୍ଠ—7. Upright; just (Apte) ୮ । ଉଦାତ୍ତ ବାହାରିଥିବା—8. Projecting (Apte).

ସମୁନ୍ନତି—ସଂ. ବ (ସମ୍+ଉନ୍ନତ)—୧ । ବିଶେଷ ଉନ୍ନତି; ସମୃଦ୍ଧି— Samunnati 1. Much improvement; prosperity. ୨ । ଉଚ୍ଚ ଅବସ୍ଥା ପ୍ରାପ୍ତି—2. Elevation; exaltation. ୩ । ଉଚ୍ଚତା—3. Height; loftiness. ୪ । ଉତ୍ତୋଳନ—4. Lifting; raising (Apte). ୫ । ଉଚ୍ଚ ଅବସ୍ଥା—5. Eminence; high position (Apte). ୬ । ସମ୍ମାନ; ମର୍ଯ୍ୟାଦା—6. Dignity (Apte). ୭ । ବୃଦ୍ଧି—7. Increase (Apte). ୮ । ସଫଳତା—8. Success (Apte). ୯ । ଗର୍ବ—9. Pride; arrogance (Apte).

ସମୁନ୍ନଦ୍ଧ—ସଂ. ବଣ (ସମ୍+ଉତ୍+ନହ୍ ଧାତୁ=ବାନ୍ଧିବା+କର୍ତ୍ତୃ. Samunnaddha ତ)—୧ । ଗର୍ବିତ—1. Bloated with pride; arrogant. ୨। ଅତି ଅଂମନ୍ୟ—2. Thinking one's self as very learned; conceited. ୩ । ପ୍ରଧାନ; ଶ୍ରେଷ୍ଠ—3. Principal; supreme. ୪ । ଉଦ୍‌ବଦ୍ଧ—4. Bound down; hung up; suspended. ୫ । ବଦ୍ଧ—5. Bound.

Digitized by srujanika@gmail.com

୨ । ସମ୍ପ୍ତ; ସମୁନ୍ନତ—6. Elevated; exalted (Apte). ୨ । ସ୍ଫୀତ—7. Swollen (Apte). ୮ । ପୂର୍ଣ୍ଣ—8. Full (Apte)

ସମୁନ୍ନୟନ—ସଂ. ବ (ସମ୍+ଉନ୍ନୟନ)—୧ । ଦୌଣସି ବସ୍ତୁକୁ ଉଚ୍ଚ ଜାଗାକୁ ନେବା—1. Act of elevating. ୨ । ଉପରକୁ ଉଠାଇବା; ଉତ୍ତୋଳନ—2. Lifting or raising up. ୩ । ଉଦ୍ଭାବନ—3. Invention. ୪ । ଉଚ୍ଚସ୍ୱରରେ ଗୋଷାଡ଼ିବା—4. Throwing up. ୫ । ପ୍ରାପ୍ତି—5. Getting; obtaining (Apte). ୬ । ଘଟଣା—6. Occurence; event (Apte).

ସମୁନ୍ମୂଳନ—ସଂ. ବ (ସମ୍+ଉନ୍ମୂଳନ)—ଉପାଡ଼ି ଦେବା; କର୍ମ୍ମୂଳୀକରଣ—Uprooting; eradication. (ସମୁନ୍ମୂଳିତ—ବିଣ)

ସମୁପଗମ—ସଂ. ବ (ସମ୍+ଉପଗମ)—୧ । ଜଳଚ୍ଛତ୍ରୁ ଅସିବା; ଜଳଚ୍ଛାଗମନ—1. Approach (Apte). ୨ । ସଂଙ୍ଗବ—2. Contact (Apte). (ସମୁପଗତ—ବିଣ)

ସମୁପଚିତ—ସଂ. ବିଣ (ସମ୍+ଉପ+ଚି ଧାତୁ=ଚୟନ କରିବା, ଇଦାଦିରୁ+କର୍ମ. ତ)—୧ । ସମ୍ୟକ୍ ବୃଦ୍ଧିପ୍ରାପ୍ତ—1. Much enlarged or increased. ୨ । ବଢ଼ଲୀକୃତ—2. Magnified. (ସମୁପଚୟ—ବ)

ସମୁପଜୋଷସ୍—ସଂ. ଅ (ସମ୍+ଉପ୍+ଜୁଷ୍ ଧାତୁ=ସେବାକରିବା+ଭାବ. ଅସ୍)—୧ । ଇଚ୍ଛାର ସମ୍ପୂର୍ଣ୍ଣ ଅନୁକୂଳରେ—1. Entirely according to wish (Apte) ୨ । ସୁଖରେ; ଅନନ୍ଦରେ—2. Happily (Apte).

ସମୁପଧାନ—ସଂ. ବ (ସମ୍+ଉପ+ଧା ଧାତୁ=ଧାରଣ କରିବା+ଭାବ. ଅନ)—୧ । ସମ୍ପୂଦନ—1. Producing. ୨ । ସ୍ଥାପନ—2. Placing. ୩ । ରକ୍ଷାକରିବା—3. Saving. (ସମୁପହିତ—ବିଣ)

ସମୁପବେଶ—ସଂ. ବ (ସମ୍+ଉପ+ବିଶ୍ ଧାତୁ ଭାବ. ଅ)—୧ । ଉପବେଶନ—1. Sitting. ୨ । ଅଭ୍ୟର୍ଥନା—2. Welcoming; entertaining. ୩ । ଏକତ୍ର ବସିବା—3. Sitting down together. (ସମୁପବିଷ୍ଟ—ବିଣ)

ସମୁପବେଶନ—ସଂ. ବ (ସମ୍+ଉପ+ବିଶ୍ ଧାତୁ+ଣ୍ୟ. ଅନ)—୧ । ଗୃହ; ବାସସ୍ଥାନ—1. Residence; habitation (Apte). ୨ । (ସମ୍+ଉପ+ବିଶ୍. ଧାତୁ ଣିଚ୍+ଭାବ. ଅନ)—୨ । ବସାଇଦେବା—2. Setting down.

ସମୁପଯୁକ୍ତ—ସଂ. ବିଣ (ସମ୍+ଉପଯୁକ୍ତ)—ସମ୍ୟକ୍ ଉପଯୁକ୍ତ—Samupajukta Befitting. (ସମୁପଯୋଗ୍ୟ—ଅନ୍ୟରୂପ)

ସମୁପସ୍ଥିତ—ସଂ. ବିଣ (ସମ୍+ଉପସ୍ଥିତ)—୧ । ଉପସ୍ଥିତ; ଉପସ୍ଥିତ ହୋଇଥିବା—Samupasthita 1. Present; arrived. (ସମୁପସ୍ଥାନ, ସମୁପସ୍ଥିତି—ବ) ୨ । ସମୁପେତ (ଦେଶ)—2. Samupeta (See). ୩ । ଘଟିଥିବା—3. Happened; occurred. ୪ । ନିକଟସ୍ଥ—4. Near; proximate.

ସମୁପାର୍ଜ୍ଜନ—ସଂ. ବ (ସମ୍+ଉପାର୍ଜ୍ଜନ)—୧ । ଏକତ୍ର ଅର୍ଜ୍ଜନ—Samupārjana 1. Acquiring together. (ସମୁପାର୍ଜ୍ଜିତ—ବିଣ) ୨ । ଏକସମୟରେ ଅର୍ଜ୍ଜନ—2. Simultaneous acquisition.

ସମୁପେତ—ସଂ. ବିଣ (ସମ୍+ଉପେତ)—୧ । ସମାଗତ; ଏକତ୍ର ଉପସ୍ଥିତ—Samupeta 1. Come together; assembled. ୨ । ଉପସ୍ଥିତ—2. Arrived at (Apte). ୩ । (ଦ୍ୱାରା) ଅଧ୍ୟୁଷିତ—3. Inhabited by (Apte). ୪ । ଯୁକ୍ତ; ବିଶିଷ୍ଟ—4. Furnished with; possessed of [Apte].

ସମୁପେୟିବାନ୍—ପୁ. ବିଣ. ପୁଂ (ସମ୍+ଉପ+ଇ. ଧାତୁ=ଯିବା+Samupeyibān କ୍ତ୍ୱି. ବସୁ; ସମୁପେୟିବସ୍ ୧ମା. ୧ବ)—(ସମୁପେୟୁଷୀ—ସ୍ତ୍ରୀ) ୧ । ସମୁପସ୍ଥିତ (ଦେଶ)—1, Samupasthita. (See) ୨ । ସମୁପେତ (ଦେଶ)—2. Samupeta. (See)

ସମୁପୋଢ଼—ପୁ. ବିଣ (ସମ୍+ଉପ+ବହ୍. ଧାତୁ=ବହନ କରିବା+Samupordha କର୍ମ. ତ)—୧ । ଦମିତ—1. Controlled; checked; restrained. ୨ । ଫଳାଢ; ସମୁତ୍ପନ୍ନ—2. Produced; born. ୩ । ସମାସନ୍ନ—3. Impending. ୪ । ସମୁତ୍ଥିତ; ଉପରକୁ ଉଠିଥିବା—4. Risen; gone upwards. ୫ । ସଂଗତ—5. Assembled; collected. ୬ । ବୃଦ୍ଧିପ୍ରାପ୍ତ; ବର୍ଦ୍ଧିତ—6. Increased. (Apte). ୭ । ଆରବ୍ଧ—7. Begun. (Apte). ୮ । ନିକଟସ୍ଥ ଆଣିତ—8. Brought near. (Apte).

ସମୁର୍ବ(ର୍ବ୍ବ)ର—ପୁ. ବିଣ (ସମ୍+ଉର୍ବ୍ବର)—ଅତ୍ୟନ୍ତ ଉର୍ବ୍ବର—Very fertile. (ଉ—× × × ତରେ ସମୁର୍ବର, ଜ୍ଞାନ-ଭକ୍ତି-ପ୍ରୀତି-ଜଳେ ହୃଦୟ-ଉପରେ। ଚିନ୍ତାମଣି. ବଡ଼ମାଧଡ଼ା।)

ସମୁଲ୍ଲ(ଲ୍ଲା)ସିତ—ସଂ. ବ (ସମ୍+ଉଲ୍ଲସିତ; ଉଲ୍ଲାସିତ)—୧ । ଅତ୍ୟନ୍ତ ଆନନ୍ଦିତ; ସମୁତ୍ଫୁଲ୍ଲ—Samulla(llā)sita 1. Rejoicing; over-joyed; greatly delighted; exhilarated. ୨ । ଶୋଭିତ—2. Shining; looking beautiful. ୩ । କ୍ରୀଡ଼ାଶୀଳ—3. Playful. ୪ । ଅତି ଉଜ୍ଜ୍ୱଳ—4. Very brilliant.

Digitized by srujanika@gmail.com

ସମୁଲ୍ଲସିବା—ଦେ. କି (ଉଦ୍ଗ) —ସମୁଲ୍ଲସିତ ହେବା—To be glad or delighted. (ଉ—ହୃଦ ସଦନ ହରିବ ସମୁଲ୍ଲସି ଥରେ । ଜଗତ୍ପର୍ଯ୍ୟ. ସଂଗୀତ ।)
Samullasibā
ସମ୍ଭୁଲ୍ଲସିତ ହଓୟା **समुल्लसित होना**

ସମୁଲ୍ଲାସିବା—ଦେ. କି (ଉଦ୍ଗ) (ସମୁଲ୍ଲସିବାର ଣିଜନ୍ତ ରୂପ)—ଉଲ୍ଲାସିତ କରିବା; ଆନନ୍ଦିତ କରାଇବା—To delight.
Samullāsibā
ସମୁଲ୍ଲାସିତ କରା **समुल्लासित करना** (ଉ—କଦେ ବସୁନ୍ଧରେଶ ଅଦ୍ଭୁତଭାବରେ ଶବ୍ଦେଗୁଣରେ ସମୁଲ୍ଲାସିଲ ରେ । ଜଗତ୍ପର୍ଯ୍ୟ. ସଙ୍ଗୀତ ।)

ସମୁଲ୍ଲେଖ—ସଂ. ବ. (ସମ୍ + ଉଲ୍ଲେଖ)—୧ । ସମ୍ୟକ୍ ଉଲ୍ଲେଖ—
Samullekha
1. Special mention. ୨ । ଜ୍ଞାନ; (ସମୁଲ୍ଲେଖନ—ଅନ୍ୟରୂପ) ଖୋଦନ—2. Engraving. ୩ । [ସମୁଲ୍ଲିଖିତ, ସମୁଲ୍ଲେଖିତ—ବଣ] ଚିହ୍ନ ପଡ଼ିବା—3. Scratching. ୪ । ଘୃଷ୍ଟି ବା—4. Scraping. ୫ । କଥନ—5. Talking, speaking.

ସମୁଢ଼—ଫ. ବଣ (ସମ୍ + ବହ୍. ଧାତୁ = ବହନ କରିବା + ଉର୍ମ.ଉ)—
Samūrdha
୧ । ଉଢ଼; ବିବାହିତ—1. Married. ୨ । ଧୃତ—2. Caught. ୩ । ସ୍ତୂଣୀକୃତ—3. Heaped up; accumulated. ୪ । ଶୋଧିତ—4. Rectified; purified. ୫ । ଭଗ୍ନ; କୁବ୍ଜୀକୃତ—5. Bent; crooked. ୬ । ସଦ୍ୟୋତ୍ପାଦିତ—6. Produced afresh. ୭ । ପରିଷ୍କୃତ—7. Cleansed. ୮ । ନିୟମିତ—8. Restrained. ୯ । ଅନୁଦ୍ଧତ—9. Tranquilised. ୧୦ । ସଙ୍ଗତ—10. Associated. ୧୧ । ଏକତ୍ରୀକୃତ—11. Assembled. (Apte) ୧୨ । ସଙ୍ଗୃହୀତ—12. Collected. (Apte) ୧୩ । ଗୂଢ଼ଅଙ୍ଗେ ଆଚ୍ଛନ୍ନ—13. Enveloped. (Apte). ୧୪ । ବାହିତ—14. Borne along. (Apte) ୧୫ । ନୀୟମାନ—15. Led; conducted. (Apte)

ସମୁରୁ(ରୁ)—ଫ. ବ (ସମ୍ = ଶୋଭନ + ଉରୁ ପାଦାର; ବହୁସ୍ଥାନ)—
Samūru(ra)
ଏକପ୍ରକାର ମୃଗ—A species of deer. (ସମୁରକ—ଅନ୍ୟରୂପ)

ସମୂଳ—ବି. ବଣ (ସ = ସହ + ମୂଳ)—୧ । ମୂଳ ସହିତ—
Samūla
1. With the root; with the root (ସମୂଳକ—ଅନ୍ୟରୂପ) attached to it. ୨ । କାରଣ ସହିତ; [ନିର୍ମୂଳ, ଅମୂଳକ—ବିପରୀତ] ସକାରଣ—2. Having foundation; well-founded. ୩ । ସହେତୁକ—3. Having cause. ଦେ. କ. ବଣ (ଫ. ସମୂଳ°)—
ସମୂଳ ସମୂଳେ (ଦେଖ)—Samūle (See). ଦେ. ବଣ—
ସମୂଳ ବଦ୍ଧମୂଳ, ସ୍ଥିର—Ascertained (ଉ—ବନ୍ଦୀ କରିଛ ସ୍ଥିର **स्थिर** ତେ ରମଣୀମଣିକି ସମୂଳ କରିବା ଭାର । ଭକ୍ତି. ବୈଦେହୀଶବଲାସ ।)

ସମୂଳେ—ଦେ. କି. ବ (ଫ. ସମୂଳ°)—୧ । ମୂଳ ବା ତେର
Samūle
ସହିତ—1. With root. ୨ । ସମ୍ପୂର୍ଣ୍ଣରୂପେ—ସମୂଳେ 2. Completely. ୩ । ଅଦ୍ୟକୁ ନିଶାଇ—3. Inସମୂଳ cluding the beginning. ୪ । ଅଦ୍ୟରୁ ଆରମ୍ଭ କରି—4. From the beginning. ୫ । ମୂଳଗୋଟ କରି—5. From the very root; by tearing up the root.

ସମୂଳେ(ସମୂଳରେ) ନାଶ(ନଷ୍ଟ, ବିନାଶ, ନିର୍ମୂଳ) ହେବା (ପାଇବା, ଲଭିବା)—ଦେ. କି—୧ । ଲୁପ୍ତ ପ୍ରେୟ ହେବା—1. To be
Samūle(samūlare) nāśa
extinct. ୨ । ମୂଳ ସହିତ (nashṭa, vināśa, nirmūla) ଉଚ୍ଛେଦପ୍ରାପ୍ତ ହେବା;
hebā (pāibā, labhibā)
ସମ୍ପୂର୍ଣ୍ଣରୂପେ ନିର୍ମୂଳ (ନଷ୍ଟ; ନାଶ) ହଓୟା eradicated. ୩ । ବଧ୍ୟତ୍ୱ
समूल नाश होना ହେବା—3. To be exterminated.

ସମୂଳେ ନିର୍ମୂଳ—ଦେ. ବ (ଫ. ବାକ୍ୟ "ସମୂଳଂ ବିନଶ୍ୟଚ୍ଛ"=
Samūle nirmūla
ମୂଳ ସହିତ ନାଶ ହେବା)—(ସମୂଳେ ବିନଶ୍ୟତି ଗ ଉ—ଅନ୍ୟରୂପ) ୧ । ମୂଳୋଚ୍ଛେଦ; ସମୂଳେ ନିର୍ମ୍ମୂଳ ବିନାଶ—1. Eradication; extinction.
समूल नाश ୨। କୁଳ ଲୋପ—2. Extinction; extermination.

ସମୂହ—ସଂ. ବ (ସମ୍ + ବହ୍ ଧାତୁ = ବହନ କରିବା + ଉତ୍ତି ଅ)—
Samūha
୧ । ସମୁଦାୟ; ସମସ୍ତ—1. All; whole; entirety. ୨ । ରାଶି—2. Heap; collection. ୩ । ବହୁତ; ଗଣ; ସମାହାର—3. Multitude; assemblage; aggregate. ୪ । ଦଳ—4. Flock; troop; (Apte). ୫ । (ସମ୍ + ଊହ୍ ଧାତୁ = ତର୍କ କରିବା + ଘଞ୍ ଅ)—ସମ୍ୟକ୍ ତର୍କ—5. Special argument. ୬ । ବହୁତ ତର୍କ—6. Much argument. ୭ । ଅତ୍ୟନ୍ତ ସନ୍ଦେହ—7. Great doubt. ଦେ. ବଣ.—୧ । ସମୁଦାୟ—1. All; entire; whole. ୨ । ବହୁ; ଅନେକ—2. Many; much. ୩ । ଏକ ଜାତୀୟ ବହୁ—3. Many of the same class or species. ୪ । ବହୁତର; ଅତ୍ୟନ୍ତ; ଅତ୍ୟଧିକ—4. Excessive. [ଦ୍ର—ଅନ୍ୟ ଶବ୍ଦ ପରେ ବ୍ୟବହୃତ ହେଲେ ବହୁତ୍ୱ ବଚନ ସୂଚନା କରେ । ଯଥା—ପ୍ରାଣି ସମୂହ ।]
ସମୂହ **समूह** ଦେ. ବ—ଗ୍ରାମର ବା ସମାଜର ସମ୍ପର୍କିତ ବ୍ୟକ୍ତିଗଣ ବା ସଙ୍ଘ—All the members of a community acting jointly. [ସଂସ୍କୃତ ଭାଷାରେ ସମୂହ, ସମୁଦାୟ, ଅଧିକାଂଶ ପ୍ରଚଳିତ ଶବ୍ଦ କେବଳ ବିଶେଷ୍ୟ ରୂପେ ବ୍ୟବହୃତ ହୁଏ । ମାତ୍ର ଓଡ଼ିଆରେ ସବୁ ଶବ୍ଦ ବିଶେଷ୍ୟ ଓ ବିଶେଷଣ ଦୁଇ ଭାବରେ ବ୍ୟବହୃତ ହୋଇଥାଏ ।]

Digitized by srujanika@gmail.com

ସମୂହ କ୍ଷତି—ଫ. ବ—୧ । ଅତ୍ୟନ୍ତ କ୍ଷତି—Much loss. ୨ । ସବୁ ଦଗରେ କ୍ଷତି—2. Loss on all sides. ୩ । ଯେଉଁ କ୍ଷତି ସମସ୍ତ ସମାଜର ଅଟେ—3. General loss. [ବ୍ୟ—ବହୁତର ସମୂହ ବଧଦ, ସମୂହ ଲଭ ସମୂହହତ, ସମୂହ ମଙ୍ଗଳ ଇତ୍ୟାଦି ଭାଷାରେ ବ୍ୟବହୃତ ହୁଏ ।]

Samūha kshati

ସମୂହନ—ଫ. ବ (ସମ୍ + ବହ୍ ଧାତୁ + ଭାବ. ଅନ)-୧ । ଏକତ୍ରୀ ଭବନ-୨. ସଙ୍କଳନ—1, Bringing together. ୨ । ସଙ୍କଳନ-2. Collection; compilation.

Samūhana

ସମୂହନୀ—ଫ. ବ [ସମୂହ=(ଅଳଅର) ବୃଦ୍ଧି + ଗ ଧାତୁ=ନେବା + କୃତ୍ତି ଅ + ଙ୍ଗୀ ଈ]—ଖରାଝୁଙ୍ଗା; ଝାଡୁ—Broom; sweeping brush.

Samūhanī

ସମୂହରେ କାମ କରିବା—ଦେ. କି—ବହୁଲୋକ ସନ୍ମିଳିତ ହୋଇ କାର୍ଯ୍ୟ କରିବା—To act conjointly.

Samūhare kāma karibā

ସମୂହେ କାଯ କରା

समूहमें काम करना

ସମୂହାବଲମ୍ବନ ଜ୍ଞାନ—ଫ. ବ (ଦର୍ଶନ ଶାସ୍ତ୍ର)—ବହୁତା ବା ସମାହାର ସମ୍ବନ୍ଧୀୟ ଜ୍ଞାନ—(philosophy) Perception of simultaneity or entity.

Samūhāvalambana jñāna

ସମୂହ୍ୟ—ଫ. ବ (ସମ୍ + ବହ୍ ଧାତୁ + କର୍ତ୍ତରି. ଯ)-୧ । ଯଜ୍ଞୀୟ ଅଗ୍ନି ବିଶେଷ—1. A kind of sacrificial fire. ୨ । ଯଜ୍ଞର ପ୍ରକାର ବିଶେଷ—2. A kind of vedic ritual for consecration of fire. ୩. ବିଣ (ସମ୍ + ଋହ ଧାତୁ + କର୍ମ ଯ)—ତର୍କଣୀୟ—Arguable.

Samūhya

ସମୃଦ୍ଧ—ସଂ. ବିଣ (ସମ୍ + ଋଧ୍ ଧାତୁ = ବୃଦ୍ଧି ପାଇବା + କର୍ତ୍ତରି. ତ) (ସମୃଦ୍ଧି—ବ)—୧ । ସମ୍ୟକ୍ ବୃଦ୍ଧି ପ୍ରାପ୍ତ—1. Much increased; full grown. ୨ । ସମୁନ୍ନତ—2. Exalted; elevated. ୩ । ବଢ଼ିବଶାଳୀ; ସଂଦ୍ଧିବାନ୍; ଧନଯୁକ୍ତ—3. Rich; wealthy. ୪ । ସମୃଦ୍ଧିଯୁକ୍ତ; ଶ୍ରୀସମ୍ପନ୍ନଶାଳୀ—4. Prosperous; thriving; flourishing. ୫ । କଲ୍ୟାଣ ଯୁକ୍ତ—5. Auspicious; blessed; blissful. ୬ । (+କର୍ମ. ତ) ଉତ୍ପନ୍ନ; ଜାତ—6. Born; produced. ୭ । ସୁଖୀ—7. Happy. ୮ । ଭାଗ୍ୟବାନ୍—8. Fortunate. ୯ । ଫଳ ପୂର୍ଣ୍ଣ—9. Fruitful (Apte). ୧୦ । ପୂର୍ଣ୍ଣ—10. Full; complete; entire (Apte). ୧୧ । ବହୁଳ; ପ୍ରଚୁର—11. Copious; abundant (Apte).

Samṛiddha

ସମୃଦ୍ଧି—ସଂ. ବ (ସମ୍ + ଋଧ୍ ଧାତୁ = ବଢ଼ିବା + ଭାବ. ଇ)—୧ । ସମ୍ୟକ୍ ବୃଦ୍ଧି—1. Increase; great growth. ୨ । ସମୁନ୍ନତି; ଉନ୍ନତି—2. Great improvement. ୩ । ସଂପତ୍ତି; ବହୁତ—3. Riches; wealth; affluence; opulence. ୪ । କଲ୍ୟାଣ; ଶ୍ରେୟଃ; ମଙ୍ଗଳ—4. Weal. ୫ । ସୁଖ—5. Happiness; bliss. ୬ । ଶ୍ରୀବୃଦ୍ଧି—6. Prosperity. ୭ । ଉତ୍ପତ୍ତି—7. Production. ୮ । ପ୍ରାଚୁର୍ଯ୍ୟ—8. Exuberance; profusion; abundance (Apte). ୯ । ଷମତା—9. Power. ୧୦ । ପ୍ରଭୁତ୍ୱ—10. Supremacy (Apte).

Samṛiddhi

ସମୃଦ୍ଧିମନ୍ତ—ବି. ବିଣ (ସଂ. ସମୃଦ୍ଧିମତ୍)—ସମୃଦ୍ଧିମାନ୍ (ଦେଖ)

Samṛiddhi manta Samṛiddhimān (See)

(ସମୃଦ୍ଧିମାନ୍—ସଂ ରୂପ) [ବ୍ୟ—ମଦ୍ଦା ସଂପତ୍ତିରେ ସେ ଯୁକ୍ତ, ସମୃଦ୍ଧିମନ୍ତ ସମୃଦ୍ଧମାନ ବୃଧାକାନ୍ତ । ପ୍ରାଚୀ. ଦୃଷ୍ଟତ୍ତମ ତତ୍ତ୍ୱାଦିସ୍ୱ ।]

समृद्धिमन्त

ସମୃଦ୍ଧିମାନ୍—ସଂ. ବିଣ. ପୁଂ (ସମୃଦ୍ଧିମତ୍ ଶବ୍ଦ; ୧ମା. ୧ବ)—(ସମୃଦ୍ଧ ମତ୍—ସ୍ୱାର୍ଥ) ୧ । ସମୃଦ୍ଧିବିଶିଷ୍ଟ; ଶ୍ରୀଯୁକ୍ତ—1. Grand; prosperous; thriving. (ସମୃଦ୍ଧିମତ୍—ବ) ୨ । ଉନ୍ନତିଶୀଳ—2. Improving. ୩ । ଧନଶାଳୀ—3. Rich; opulent.

Samṛiddhimān (See)

ସମୃଦ୍ଧିଶାଳୀ—ସଂ. ବିଣ. ପୁଂ (ସମୃଦ୍ଧିଶାଳିନ୍ ଶବ୍ଦ; ୧ମା. ୧ବ)—(ସମୃଦ୍ଧିଶାଳିନ୍—ଅନ୍ୟରୂପ) ସମୃଦ୍ଧିମାନ୍ (ଦେଖ) (ସମୃଦ୍ଧିଶାଳକ, ସମୃଦ୍ଧିଶୀଳ—ସ୍ୱାର୍ଥେ) (ସମୃଦ୍ଧିଶାଳତା, ସମୃଦ୍ଧିଶୀଳତା—ବ)

Samṛiddhiśālī Samṛiddhimān (See)

ସମୃଦ୍ଧି ସଂପନ୍ନ—ସଂ. ବିଣ. ପୁଂ (ଷଷ୍ଠୀ ତତ୍ପୁ)—ସମୃଦ୍ଧିମାନ୍ (ଦେଖ)

Samṛiddhi saṁpanna Samṛiddhimān (See)

ସମେ—ଦେ. କି. ବିଣ (ଦେଶ) (ସଂ. ସମମ୍)—୧ । ସମାନ ସଂଖ୍ୟା-ବିଶିଷ୍ଟ ଦଳରେ—1. In equal batches. [ବ୍ୟ—ସମେ ଡୋଇଲେ ଗୁରା ଭଗ, ଖୋଜନ୍ତି ବନ ଗୁରି ବଗ । ଭୁସଣ. ପ୍ରେମଚନ୍ଦ୍ରିକାମୃତ ।] ୨ । ସମାନ ରୂପରେ—2. Equally.

Same

समानमें

[ବ୍ୟ—ସମେ ପ୍ରକାଶ ସବୁଠାରେ, ଜଗନ୍ନାଥ ଅଭ୍ୟନ୍ତରେ । ଜଗନ୍ନାଥ. ଭଗବତ ।]

ସମେତ—ଦେ. ବିଣ (ସଂ. ସମେତ)—ସହିତ; ସହୃତ—

Samet With; associated with; including.

ସମେତ **समेत**

ସମେତ—ସଂ. ବିଣ (ସମ୍ + ଅ + ଇ ଧାତୁ = ଯିବା + କର୍ତ୍ତରି. ତ)—୧ । ସହୃତ—1. Together with; accompanied by. ୨ । ସହୃତ ଯୁକ୍ତ; ସଙ୍ଗେ ଯୁକ୍ତ—2. Conjoined or associated with; combined with. ୩ । ସଂଗତ; ସଂଯୁକ୍ତ-3. Joined; attached. ୪ । ପ୍ରାପ୍ତ—4. Got; received. ୫ । ଉପସ୍ଥିତ—5. Present. ୬ । ସମୁପସ୍ଥିତ—6. Arrived at. ୭ । ଏକତ୍ର ମିଳିତ—7. Come or met together; united (Apte). ୮ ।

Sameta

Digitized by srujanika@gmail.com

ନିକଟକୁ ଆଗତ—3. Come near; approached (Apte). ୪ । ଦାବୁଡ ପାଇଥିବା—9. Come into collusion with; encountered by (Apte). ୧୦ । ଏକମତ; ସ୍ୱୀକୃତ—10. Agreed upon (Apte). ୧୧ । (ଅନୁକ୍ରମ) ସିଶାଇ—11. Including.

ସମେତେ—ସ୍ଥା. ଅ—ସହିତ—With. [ଉ—ଗୋବିନ୍ଦ ମୁଖ୍ୟ ଅଦ ଜର, କୁନ୍ତୀ ସମେତେ ପେତେ ନାସ୍ତ । ସେ ଧର୍ମ ସମେତ(ତେ) ଅନ୍ତରେ ଜାଣିଲେ, ସଜ୍ଜନେ ବହୁ ନ ବୋଇଲେ—ଜଗନ୍ନାଥ. ଭାଗବତ ।] ସ୍ଥା. ବହୁନାମ—ସମସ୍ତେ—All.

ସମେତେଣ—ସ୍ଥା. ଅ (ସପ୍ତମ୍ୟ)—ସହିତ—With. [ଉ—Sameteṇa ବସନ୍ତ ସମୟସ୍ୱ ସଜ୍ଜନ, ସଙ୍ଗରୁଭୁଙ୍କ ସମେତେଣ । ସମେତେ(ତ) ଲେଭ ମୋହ ମଦ ମତ୍ସର, ସଙ୍ଗେ ଯେତ ଚଳ ସଦ୍ଗୁର ସମେତ —ଜଗନ୍ନାଥ. ଭାଗବତ ।]

ସମେଧିତ—ବିଂ. ବ (ସମ୍+ଇଜ୍ ଧାତୁ=ଜଳିବା; ଣିଚ୍ ଏଧ ଧାତୁ +କର୍ମ. ତ)—୧ । ପ୍ରଜ୍ୱଳିତ—1. Enkindled; lighted; ignited. ୨ । ସମ୍ବର୍ଦ୍ଧିତ—2. Greatly increased. ୩ । ଉନ୍ନତ—3. Elevated. ୪ । ଉତ୍ତମିତ—4. Raised up. ୫ । ସବଳ; ବଳବାନ୍—5. Strong (Apte). ୬ । ସଂଯୁକ୍ତ—6. United (Apte).

ସମେଲେ—ଦେ. କ୍ରି. ବଣ (ସଂ. ସମ୍ମିଳିତ)—୧ । ସମ୍ମିଳିତ ଦୋଇ—Samele 1. Together; together with. [ଉ—ସମେଲେ ବଦାଇ ସୁମିତ୍ରାସୁତ, ଭାଗ୍ୟବନ ରମ ମିଶ । ଅଞ୍ଜନେସୁ ମିଲକର କପିଗୋଳ, ଯୁତ ସମେଲେ—ଭଞ୍ଜ, ବୈଦେଘୀଶ-ବିଳାସ ।] ୨ । ସମଭବ୍ୟାହାରରେ—2. Accompanied by.

ସମୋଦକ—ସଂ. ବ—୧ । (କର୍ମଧା; ସମ+ଉଦକ) ସମ ପରିମିତ Samodaka ଜଳ—1. An equal quantity of water. ୨ । (ବହୁବ୍ରୀ) ସମ ପରିମିତ ଉଦକ ଯହିଁରେ) ସମ-ପରିମିତ ଜଳଯୁକ୍ତ ଦଧି, ଯେଉଁ ଘୋଇରେ ଅଧେ ଦହ ଅଧେ ପାଣିଥାଏ; ମଥିତାର୍ଦ୍ଧାମୁ ଦଧି—2. Churned curd containing whey and water in equal proportions; a mixture of half butter-milk and half water (Apte).

ସମୋପମା—ସଂ. ବ—ଉପମାଲଙ୍କାର ବିଶେଷ—Samopamā A class of simile.

ସମ୍ପକ୍ୱ—ସଂ. ବଣ (ସମ୍+ପକ୍ୱ)—୧ । ଉତ୍ତମରୂପେ ପାଚିଥିବା—Sampakwa 1. Fully riped. ୨ । ଉତ୍ତମରୂପେ ପାକ (ସଂପକ୍ୱ—ଅନ୍ୟରୂପ) କରା ଯାଇଥିବା—2. Well cooked.

ସମ୍ପତ୍ ପ୍ରଦ—ସଂ.. ବଣ. ପୁଂ (ସମ୍ପଦ୍+ସ+ଦା ଧାତୁ+କର୍ତ୍ତା. ଅ)—Sampat prada ଯେ ସମ୍ପତ୍ତି ଦିଅନ୍ତି—Bestowing affluence or bliss. (ସମ୍ପତ୍ ପ୍ରଦା—ସ୍ତ୍ରୀ)

ସମ୍ପତ୍ ପ୍ରଦା ଭୈରବୀ—ସ ବ—ସମ୍ପତ୍ତି ପ୍ରଦାଶୀ ଉତ୍ତମାସ୍ତ୍ରୀ। Sampat pradā bhairabī ଭୈରବାବତାରେଶ—Name of a Goddess worshipped by the Tantrikas.

ସମ୍ପତ୍-ଶାଳୀ—ସଂ. ବଣ. ପୁଂ (ସମ୍ପତ୍+ଅସ୍ତି ଅର୍ଥରେ ଶାଳନ୍)—Sampat-śālī ସମ୍ପତ୍ତିଶାଳୀ (ଦେଶ)—Sampattiśālī (See) (ସଂପତ୍-ଶାଳୀ—ଅନ୍ୟରୂପ) (ସମ୍ପତ୍-ଶାଳଜା—ସ୍ତ୍ରୀ) (ସମ୍ପତ୍ଶାଳତା—ବ)

ସମ୍ପତ୍ତି—ସ୍ତ୍ରୀ. ବ (ସଂ, ସମ୍ପତ୍)—୧ । ସମ୍ପତ୍ତି—1. Property. Sampati ୨ । ଅବଲମ୍ବନ; ବ୍ୟବସାୟ—2. Occupation; resort. [ଉ—ବାଞ୍ଛ ମାଇପର କ ସମ୍ପତ୍ତି । ସିନ୍ଦୁର ଫରୁଆ ଜଳଲପାଉ—ଭଗ ।] **सम्पति**

ସମ୍ପତ୍ତି—ସ. ବ (ସମ୍+ସଦ୍. ଧାତୁ=ଯାଇବା, ସିବା+କର୍ମ. ତ)—Sampatti ୧ । ଧନ; ଜାବଦାଦ୍—1. Wealth; riches; (ବସ୍ତୁ—ଅନ୍ୟରୂପ) property. ୨ । ଶ୍ରୀବୃଦ୍ଧି; ବଢ଼ବ; ଧନ-[ବସ୍ତୁ—ବସ୍ତୁତ] ବୃଦ୍ଧି—2. Prosperity; affluence; (ସମ୍ପନ୍ନ—ବଣ) opulence. (ଉ—ଘୋଡ଼ାବଡ଼ା ଠଁ ସମ୍ପତ୍ତି ନାହିଁ, ଘରଘୋଡ଼ଠାରୁଁ ବସ୍ତୁ ନାହିଁ । ଭଜ ।) ୩ । ଶୋଭା—3. Beauty. ୪ । ଗୁଣୋତ୍କର୍ଷ—4. Excellence of quality. ୫ । ଗୌରବ—5. Glory; greatness. ୬ । ବୈଭବ—6. Majesty. ୭ । ସୁଖ—7. Happiness; bliss. (ଉ—ସ୍ତ୍ରୀସ୍ୱ ଓ ସଜ୍ଜନୀ ସମ୍ପତ୍ତି ନ ସହେ । କୃଷ୍ଣସିଂହ. ମହାଶ୍ୱରଭ. ସଭା ।) ୮ । ସୌଭାଗ୍ୟ—8. Good fortune. (ଉ—ଏଣୁ ସଜ୍ଜ୍ୟ ଭୁଲେ ପାଇବ ପ୍ରିୟକନ୍ତା, ପୁତ୍ରକନ୍ୟା ପୁଣିଟି ଭୂଞ୍ଜିବ ସମ୍ପତ୍ତି । କୃଷ୍ଣସିଂହ. ମହାଶ୍ୱରଭ. ବନ ।) ୯ । ସାଫଲ୍ୟ—9. Success; fulfilment; accomplishment. (Apte) ୧୦। ଉପଯୁକ୍ତ ଅବସ୍ଥା-10. Suitable state. (Apte) ୧୧ । ପ୍ରାଚୁର୍ଯ୍ୟ—11. Exuberance; plenty. (Apte) ୧୨। ପୂର୍ଣ୍ଣତା—12. Perfection. (Apte) ଦେ. ବ—**सम्पत्ति** ଭୂସମ୍ପତ୍ତି—Landed property.

ସମ୍ପତ୍ତି ଅରଜିବା—ଦେ. କ୍ରି—ଧନ ଅର୍ଜ୍ଜନ କରିବା—Sampatti arajibā To acquire or earn riches. **सम्पत्ति अरजना** ସମ୍ପତ୍ତି କ(କା)ମାନ (ସମ୍ପତ୍ତି ଅରଜନ କରିବା, ସମ୍ପତ୍ତି କମା[ମେ]ରିବା, ସମ୍ପତ୍ତି ଅର୍ଜ୍ଜିବା—ଅନ୍ୟରୂପ)

ସମ୍ପତ୍ତିଆ—ଦେ. ବଣ—ସମ୍ପତ୍ତିଶାଳୀ; ଧନବାନ୍; ଧନୀ—Sampattiā (ସମ୍ପତ୍ତିବାନ୍—ଅନ୍ୟରୂପ) Wealthy. **सम्पत्तिवाला** ସମ୍ପତ୍ତିଶାଳୀ

ସମ୍ପତ୍ତିକ—ସଂ. ବଣ. ପୁଂ (ସମ୍ପତ୍ତି+କ)—ସମ୍ପତ୍ତିଶାଳୀ (ବହୁକୋଷ) Sampattika [ସମ୍ପତ୍ତିକା—ସ୍ତ୍ରୀ] Affluent.

ସମ୍ପତ୍ତି କରିବା—ଦେ. କ୍ରି—୧ । ସମ୍ପତ୍ତି ଅର୍ଜ୍ଜନ କରିବା—1. To Sampatti karibā earn riches; to acquire

ସମ୍ପତ୍ତି କରା wealth. ୨ । ଧନ ଜମାଇବା—2. To **ସମ୍ପତ୍ତି କରନା** amass wealth. ୩ । ଧନ ଦ୍ୱାରା ଭୂସମ୍ପତ୍ତି କିଣିବା—3. To acquire or purchase landed property.

ସମ୍ପତ୍ତି କ୍ଷୟ—ସଂ. ବ (୬ଷ୍ଠୀ ତତ୍)—୧ । ଧନର ନାଶ—1. Loss Sampatti kshaya of property. ୨ । ବିପତ୍ତି—2. Adversity.

ସମ୍ପତ୍ତି ଗମା(ମେ)ଇବା—୧ । ସମ୍ପତ୍ତିକୁ ଅପବ୍ୟୟ କରିବା—1. To Sampatti gamā(me)ibā squander away pro- ସମ୍ପତ୍ତି ଖୋୟାନ perty. ୨ । ବଡ଼ ବ୍ୟୟ ଓ ଦେଣା ଆଦ **ସମ୍ପତ୍ତି ଗମାନା** ଯୋଗୁଁ ସ୍ୱସମ୍ପତ୍ତିଚ୍ୟୁତ ହେବା—2. To lose (ସମ୍ପତ୍ତି ଜିର[ରେ]ଇବା, ସମ୍ପତ୍ତି ଝଲା[ଳେ]ଇବା-ଅନ୍ୟରୂପ) one's [ସମ୍ପତ୍ତି ଜମା(ମେ)ଇବା—ତତ୍ସଦ୍ଭବ] property.

ସମ୍ପତ୍ତି ନାଶ—ସଂ. ବ (୬ଷ୍ଠୀ ତତ୍)—୧ । ଧନର ନାଶ—1. Loss Sampatti nāśa of property. ୨ । ଐଶ୍ୱର୍ଯ୍ୟ କ୍ଷୟ; ବିପତ୍ତି ନାଶ—2. Adversity.

ସମ୍ପତ୍ତି ବାଜ୍ୟାପ୍ତି—ତ. ବ (ତତ୍ତତ୍ସ)—ତୌଣସି ଦୋଷର ଦଣ୍ଡସ୍ୱରୂପ Sampatti bājyāpti ରାଜକାର୍ଯ୍ୟ ବିଧାନ ଅନୁସାରେ କୌଣସି ସମ୍ପତ୍ତି ବାଜେୟାପ୍ତ ଯୋଇ ସମ୍ପତ୍ତି ତାହାଠାରୁ ଛଡ଼ାଇ ନିଆଯାଇ **ସମ୍ପତ୍ତି ବାଜ୍ୟାପ୍ତି** ସରକାରଙ୍କ ଖାସ୍ ଦଖଲକୁ ନିଆଯିବା—Forfeiture of property.

ସମ୍ପତ୍ତିବାନ୍—ତ. ବ୍ରୀ—ଧନବାନ୍—Sampattibān Rich; well-to-do. ସମ୍ପତ୍ତିବାନ୍ **ସମ୍ପତ୍ତିବାନ୍** (ସମ୍ପତ୍ତିବନ୍ତ—ଅନ୍ୟରୂପ)

ସମ୍ପତ୍ତି ବିଜ୍ଞାନ—ସଂ. ବ (ଅଧୁନତ)—ସମ୍ପତ୍ତିଶାସ୍ତ୍ର (ଦେଖ) Sampatti bijñāna Sampattiśāstra. (See)

ସମ୍ପତ୍ତି ବେଳ(ଳା)—ତ. ବ—ଐଶ୍ୱର୍ଯ୍ୟର ସମୟ; ଯେଉଁ ସମୟରେ Sampatti bela(lā) ମନୁଷ୍ୟର ଐଶ୍ୱର୍ଯ୍ୟ ବୃଦ୍ଧି ହେଉଥାଏ—ସମ୍ପତ୍ତିରବେଳା, ସମ୍ପଦେର ବେଳା Time of prosperity. **ସମ୍ପତ୍ତିକା ବକ୍ତ** (ତ୍ର—ସମ୍ପତ୍ତିବେଳେ ଋଣର ନ କରିବ, ବିପତ୍ତିବେଳେ କାହାର ନ ହେବ—ଉଗ ।)

ସମ୍ପତ୍ତି ଶାସ୍ତ୍ର—ପୁ. ବ. (ଅଧୁନତ)—ଧନ ବିଜ୍ଞାନ—Sampatti Śāstra Economics; the science of property.

ସମ୍ପତ୍ତି ହୀନ—ସଂ. ବହ. ତ୍ରି (୩ଷ୍ଠୀ ତତ୍)—୧ । ଧନହୀନ—Sampatti hīna 1. Having no property. (ସମ୍ପତ୍ତିବିହୀନ—ଅନ୍ୟରୂପ) ୨ । ଗରିବ—2. Poor. (ସମ୍ପତ୍ତିହୀନା, ସମ୍ପତ୍ତିବିହୀନା—ସ୍ତ୍ରୀ)

ସମ୍ପଦ୍—ସଂ. ବ (ସମ୍+ପଦ୍ ଧାତୁ=ସିଦ୍ଧି, ପାଇବା+କର୍ମ. କ୍ୱିପ୍; Sampad ୧୧୩. ୧୯)—୧ । ସମ୍ପତ୍ତି (ଦେଖ)—(ସଂଦତ୍—ଅନ୍ୟରୂପ) 1. Sampatti (See) (ବିପଦ୍—ବିପତ୍ତ) ୨ । ଅଳଙ୍କାର—2. Decoration. (Apte). ୩। ମୁକ୍ତାର ହାର—3. A necklace of pearls (Apte). ୪ । ପଥୋଚିତ ପ୍ରଣାଳୀ—4. Right method (Apte).

ସମ୍ପଦ୍ବର—ସଂ. ବ. ପୁଂ (ସମ୍ପଦ୍+ସଂଜ୍ଞାର୍ଥ ବର) —ସ୍ୱଜା; ଭୂପତି—Sampad-bara King.

ସମ୍ପଦ୍ବିନିମୟ—ସଂ. ବ (୬ଷ୍ଠୀ ତତ୍)—ପରସ୍ପର ମଧ୍ୟରେ ସମ୍ପତ୍ତିର Sampad-binimaya ଆଦାନ ପ୍ରଦାନ—Exchange of riches between each other.

ସମ୍ପଦ୍ବିପଦ୍—ସଂ. ବ (ସମାହାର ଦ୍ୱନ୍ଦ; ସମ୍ପଦ୍+ବିପଦ୍)—ସମ୍ପତ୍ତି ଓ Sampad-bipad ବିପତ୍ତିର ସମାହାର (ବିଶ୍ୱକୋଷ)—Aggregate of prosperity and [ସମ୍ପତ୍ତି ବିପତ୍ତି—ଅନ୍ୟରୂପ] adversity.

ସମ୍ପଦ—ଦେ. ବ (ସଂ. ସଂପଦ୍) —ସମ୍ପତ୍ତି (ଦେଖ)— Sampada ସମ୍ପଦ **ସମ୍ପତ୍** Sampatti (See) (ବିପଦ—ବିପତ୍ତ) ସଂ. ବ (ବହୁବ୍ରୀ; ସମ୍+ପଦ)—ଯୁକ୍ତ ପଦରେ ଠିଆହେବା (ବିଶ୍ୱକୋଷ)—Standing with the legs joined together.

ସମ୍ପଦ୍ଲକ୍ଷଣ—ସଂ. ବ (ସମ୍ପଦ୍+ଲକ୍ଷଣ; ୬ଷ୍ଠୀ ତତ୍)—ଐଶ୍ୱର୍ଯ୍ୟର ଚିହ୍ନ—The sign of Sampad-lakshaṇa [ସମ୍ପଲ୍ଲକ୍ଷଣ—ଅନ୍ୟରୂପ] prosperity (Apte).

ସମ୍ପଧି—ଗ୍ରା. ବ (ପ୍ରାଚୀନ ପଦ୍ୟ) (ସଂ. ସମ୍ପଦ୍)—ସମ୍ପତ୍ତି (ଦେଖ)—Sampadhi Sampatti (See) (ଉ—ବିପତ୍ତ କାଳରେ ଜଲ୍ଦି ବିପତ୍ତିଟା ବୁଝି, ଅଦରୁନ୍ତେ ବିପଦରୁ ଏଡ଼େଇ ସମ୍ପଧି—ସାରଳା ଦାସ ମହାଭାରତ ସଭା)

ସମ୍ପନ୍ନ—ସଂ. ଭୂତ. ତ୍ରି (ସମ୍+ପଦ୍ ଧାତୁ=ସିଦ୍ଧି, ପାଇବା+କର୍ତ୍ତା.ତ)- Sampanna ୧ । ଐଶ୍ୱର୍ଯ୍ୟଯୁକ୍ତ; ସମ୍ପତ୍ତିଶାଳୀ—(ସଂପନ୍ନ—ଅନ୍ୟରୂପ) 1. Prosperous; affluent; (ସମ୍ପନ୍ନା—ସ୍ତ୍ରୀ) thriving. ୨ । ଧନୀ—2. Wealthy; (ସମ୍ପନ୍ନତା—ସ୍ତ୍ରୀ) rich. ୩ । (+କର୍ମ ତ) ସମ୍ପାଦିତ; ନିଷ୍ପନ୍ନ—3. Accomplished; effected; brought about. ୪ । ସମାପ୍ତିତ; ସମ୍ପୂର୍ଣ୍ଣ—4. Completed; finished. ୫ । ସଙ୍ଗରେ ଯୁକ୍ତ—5. Joined with; possessed of; having. [ଦ୍ର—ଏହି ଅର୍ଥରେ 'ସମ୍ପନ୍ନ' ଶବ୍ଦ ଅନ୍ୟ ଶବ୍ଦ ସହିତ ସଂଯୁକ୍ତ ହୋଇଥାଏ । ଯଥା—ବିଦ୍ୟାଧନସମ୍ପନ୍ନ, ସୌନ୍ଦର୍ଯ୍ୟ ସମ୍ପନ୍ନ ।] ୬ । ସୌଭାଗ୍ୟବାନ୍—6. Fortunate (Apte). ୭ । ସୁଖୀ—7. Happy (Apte). ୮ । ସମ୍ପୂର୍ଣ୍ଣରୂପେ ବଢ଼ିଥିବା; ପୋକ୍ତ; ପାକଲ—8. Full-grown; mature (Apte). ୯ । (ଅଗୁକ) ବିଶିଷ୍ଟ; ଯୁକ୍ତ—9. Endowed with; possessed of. (ଯଥା—ବିଦ୍ୟାଧନସମ୍ପନ୍ନ) ୧୦ । ପ୍ରକୃତ; ଠିକ୍—10. Right; correct (Apte).

ସମ୍ପରାୟ—ସଂ. ବ (ସମ୍+ପର୍+ଇ ଧାତୁ=ସିଦ୍ଧି+ଅଧିକରଣ ଅ). Samparāya ୧ । ଯୁଦ୍ଧ—1. Fight; conflict. (ସଂପରାୟ—ଅନ୍ୟରୂପ) ୨ । ଉତ୍ତରକାଳ; ଭବିଷ୍ୟତ୍; ଅପୂର୍ତ୍ତ—2. Future. ୩ । ଅପଦ—3. Calamity. ୪ । (+କର୍ତ୍ତା. ଅ) ସନ୍ତାନ (ବିଶ୍ୱକୋଷ) —4. Offspring.

Digitized by srujanika@gmail.com

ସମ୍ପରାୟ(ୟି)କ—ସ. ବ(ସମ୍ପରାୟ+ସ୍ୱାର୍ଥେ. କ; +ଇକ)—ସମ୍ପରାୟ Samparāya(yi)ka (ଦେଶ)—Samparāya (See.)

ସମ୍ପରିଗ୍ରହ—ସଂ. ବ. (ସମ୍+ପରିଗ୍ରହ)—୧। ଗ୍ରହଣ—1. Acceptance. ୨। ସ୍ୱୀକାର—2. Consent. ୩। ବିବାହ—3. Marriage.

ସମ୍ପର୍କ—ସଂ. ବ (ସମ୍=ସହିତ+ପୃର୍ ଧାତୁ=ଯୁକ୍ତ ହେବା+ଘଞ୍ ପ୍ରତ୍ୟୟ ଅ)—୧। ସମ୍ବନ୍ଧ; ସଂସ୍ରବ—1. Relation; connection. ୨। ସଂସର୍ଗ—2. Contact; association; society. ୩। ସଂଯୋଗ; ମିଳନ—3. Union; mixture. ୪। ବିବାହ ବା ରକ୍ତାଦି ଜନିତ ବନ୍ଧୁତା—4. Relationship by marriage or blood. ୫। ସ୍ତ୍ରୀ ସଂସର୍ଗ; (ସମ୍ଭୁକ୍ତ, ସମ୍ପର୍କୀ, ସମ୍ପର୍କୀୟ—ବିଣ) ମୈଥୁନ—5. Coition; sexual union. ୬। ସ୍ପର୍ଶ—6. Touch; contact (Apte). ଦେ. ବ—ବନ୍ଧୁତାର ଦୂର ସମ୍ପର୍କ; ସଂପର୍କ **सम्पर्क** Distant relationship. [ତୁ—ସେ ମୋର ସମ୍ପର୍କରେ ଭାଇ ଅଟନ୍ତି।]

ସମ୍ପର୍କବର୍ଜ୍ଜିତ—ସଂ. ବିଣ (ତୃ.ବା ଭତ୍)—ସମ୍ବନ୍ଧଶୂନ୍ୟ—ସମ୍ପର୍କଶୂନ୍ୟ, ସମ୍ପର୍କହୀନ } ଅନ୍ୟରୂପ Samparka barjjita Unconnected; having no connection.

ସମ୍ପର୍କ ରଖିବା—ଦେ. କି—କୌଣସି ଲୋକ ସଙ୍ଗେ ବା କାଯ୍ୟ ସଙ୍ଗେ ସଂପର୍କରଖା **सम्पर्करखना** Samparka rakhibā To have any connection with a person or thing.

ସମ୍ପର୍କୀ—ସଂ. ବିଣ. ସ୍ତ୍ରୀ. (ସମ୍ପର୍କ+ଅଣ୍ ଅର୍ଥରେ ଇନ୍; ୧ମା. ୧ବ)—ସମ୍ପର୍କୀୟ (ସମ୍ପର୍କୀୟା—ସ୍ତ୍ରୀ) Samparkī ସମ୍ବନ୍ଧଯୁକ୍ତ; ସମ୍ପର୍କୀ—Connected with; related to.

ସମ୍ପର୍କୀୟ—ସ. ବିଣ ପୁଂ (ସମ୍ପର୍କ+ସମ୍ବନ୍ଧାର୍ଥେ. ଈୟ୍) —୧। ସମ୍ବନ୍ଧୀୟ; (ସମ୍ପର୍କୀୟା—ସ୍ତ୍ରୀ) Samparkiya ସମ୍ବନ୍ଧୀୟ—1. Relating to; connected with. ୨। ବନ୍ଧୁତା ଦ୍ୱାରା ଆବଦ୍ଧ—2. Related with. ୩। ରକ୍ତ ସଂପର୍କଯୁକ୍ତ ବା ବିବାହ ସଂପର୍କଯୁକ୍ତ—3. Related by marriage or kinship.

ସମ୍ପର୍ଦ୍ଦା(ର୍ଦ୍ଦା)—ଗ୍ରା. ବ (ସଂ. ସମ୍ପ୍ରଦାୟ)—୧। ଗାଈନ ସମ୍ପ୍ରଦାୟ; ଗାୟନ ସମ୍ପ୍ରଦା Sampardd(rdā) ଦଳ—1. A company of hymn-singers and players; a company of chanters of hymns with music. ୨। ବୈଷ୍ଣବମାନଙ୍କ ପ୍ରଭୃତ୍ୱ ସମାଜ—2. Sect of ascetics.

ସମ୍ପର୍ଦ୍ଦାନ—ଗ୍ରା. ବ (ସଂ. ସମ୍ପ୍ରଦାନ)—ସମ୍ପ୍ରଦାନ (ଦେଶ) Samparddāna Sampradāna (See) ସମ୍ପ୍ରଦାନ **सम्प्रदान**

ସମ୍ପା—ସଂ. ବ (ସମ୍+ପତ୍ ଧାତୁ=ପଡ଼ିବା+କ୍ତି. ଅ+ସ୍ତ୍ରୀ. ଆ)—Sampā ବିଦ୍ୟୁତ୍; ବିଜୁଳି—Lightning. ଦେ. ବ—(ସଂଜ୍ଞା—ଅନ୍ୟରୂପ) ୧। (ସଂ. ସମ୍ପାତ)—ଗାଳି ଦେବା—ସଁପା, ସାଁପା 1. Abusing. ୨। ଅଭିଶାପ ଦେବା—ଅଭିଶାପ 2. Cursing. ଦେ. ବିଣ. ପୁଂ—୧। ଯେ ଗାଳି ସାଁପା ଦେବାରେ ଓ ଅଭିଶାପ ଦେବାରେ ଅଭ୍ୟସ୍ତ ବା ଘାରଗ-ଶାପ ଦେନେବାଲା 1. Given to cursing and rebuk-(ସମ୍ପୀ, ସମ୍ପେଇ—ସ୍ତ୍ରୀ) ing, ୨। (ସଂ. ସମର୍ପିତ) ସମର୍ପିତ; ସଂପା ସଂପନା ଉତ୍ସୃଷ୍ଟ—2. Made over; consigned.

ସମ୍ପା(ମ୍ପେ)ଇବା—ଦେ. କି—ସମ୍ପିବା କ୍ରିୟାର ପ୍ରଯୋଜକ ରୂପ; Sampā(mpe)ibā ଅନ୍ୟ ଦ୍ୱାରା ଗାଳ ଦଅଇବା—ସାଁପାନ The causative form of Sampibā; to शाप दिलाना cause to be rebuked.

ସମ୍ପାକ—ସଂ. ବିଣ. ପୁଂ (ସମ୍+ପଚ୍ ଧାତୁ=ପାକ କରିବା+କ୍ତି. ଅ) Sampāka ୧। ଲମ୍ପଟ (ଧରଣୀ)—1. Lecherous; (ସଂପାକ—ଅନ୍ୟରୂପ) lewd. ୨। ଧୃଷ୍ଟ (ମେଦନୀ)—2. Arrogant. ୩। ଦୁଷ୍ଟ; ଅବନାତ—3. Wicked; wanton. ୪। ତାର୍କିକ (ମେଦନୀ)—4. Argumentative; reasoning well. ୫। ଅଳ୍ପ (ଧରଣୀ)—5. Little. ୬। ଚତୁର—6. Cunning; subtle (Apte). ୭। କାମୁକ—7. Lustful. ୮। କ୍ଷୁଦ୍ର—8. Small. ଦେ. ବ—୧। (ବୈଦ୍ୟକ) ଅରଗ୍ୱଧ; ପୁଟାର ଗଛ—1. A tree; Cassia Fistula. ୨। ଉତ୍ପନ୍ନରୂପେ ପକ୍ୱ ହେବା ଅବସ୍ଥା—2. Matured condition.

ସମ୍ପା କଟା—ଦେ. ବ (ସଦ୍ଭବ)—ଅଭିଶାପ ଦଅ ଓ ଗାଳ ଦଅ—सम्पा काटा गाली शाप Sampā kaṭā Cursing and abusing.

ସମ୍ପାଗ—ଦେ. ବ—ସଂପାଗ (ଦେଶ) Sampāga Sampāga (See)

ସମ୍ପାଗୀ—ସଂ. ବିଣ—ସଂପାକୀ (ଦେଶ) Sampāgī Sampāgī (See)

ସମ୍ପା ଗଉରୀ—ଦେ. (ପଦ୍ୟ) ବିଣ. ସ୍ତ୍ରୀ (ସମ୍ପା+ଗୌରୀ)—ବିଦ୍ୟୁତ୍ ପରି ଉଜ୍ଜ୍ୱଳ ଗୌରବର୍ଣ୍ଣ ବିଶିଷ୍ଟା—(a woman) Of a सम्पा गउरी bright colour or complexion (as that of the lightning). (ସମ୍ପା ଗୋଟ୍ଟ—ଅନ୍ୟରୂପ)

ସମ୍ପା ଗୌର—ସଂ. ବିଣ. ପୁଂ (ସମ୍ପା ସହ ଗୌର)—ଉଜ୍ଜ୍ୱଳ ଗୌରବର୍ଣ୍ଣ Sampā gaura ବିଶିଷ୍ଟ—Of a dazzling bright (ସମ୍ପା ଗୌରୀ—ସ୍ତ୍ରୀ) complexion.

ସମ୍ପାତ—ସଂ. ବ (ସମ୍+ପତ୍ ଧାତୁ=ଗମନ କରିବା+ଘଞ୍. ଅ)—Sampāta ୧। ଚକ୍ର; ଚାକତି (ଶବ୍ଦମାଳା)—1. Spindle. (ସଂପାତ—ଅନ୍ୟରୂପ) ୨। (+ଉତ୍ତ. ଅ) ପରସ୍ପରକୁ କାଟିବା—2. Intersection.

Digitized by srujanika@gmail.com

ସମ୍ପାତ—ସଂ. ବ (ସମ୍ + ପତ୍‌ଧାତୁ = ଉଡ଼ିବା + ଘଞ୍ ଅ)—୧ । ପତନ-
Sampāta 1. Falling. ୨ । ସମୂହ—2. Multitude.
(ସଂପାତ—ଅନ୍ୟରୂପ) ୩ । ଅଭିସମ୍ପାତ; ଅପଶାପ—3. Curse. ୪ । ଉଡ୍ଡୟନ—4. Flying. ୫ । ଗମନ (ବିଶ୍ୱକୋଷ) —5. Going. ୬ । ପ୍ରବେଶ (ବିଶ୍ୱକୋଷ)—6. Entrance. ୭ । ପକ୍ଷୀମାନଙ୍କର ଗତି ବିଶେଷ; ଚଢ଼େଇମାନଙ୍କର ଉପରୁ ତଳକୁ ଖସି ପଡ଼ିବାର ଗତି—7. A kind of bird's motion; a bird's sudden dropping down.

ସମ୍ପାତ ଜଳଧାରା ଦେ. ବ—ଜଳଧାର—Shower of rain. [ଉ—ଦୋଇ ଭୁମ୍ଭେ ଜସ୍ତୁନତ ନ ଜର ସମ୍ପାତ ପାତ ନ ଦେନ୍ତ ତ ନଭସ୍ପତ ସ୍ପତଃ । —ଭଞ୍ଜ. ପ୍ରେମସୁଧାନ୍ଧି]

ସମ୍ପାତ ବଚନ—ସଂ. ବ—ଅଭିଶାପ ବାକ୍ୟ—
Sampāta bachana A curse; imprecatory words. [ସମ୍ପାତ ବାକ୍ୟ—ଅନ୍ୟରୂପ]

ସମ୍ପାତି—ଦେ. ବ (ନାମ)—ଅରୁଣ ପୁତ୍ର; ଜଟାୟୁର ବଡ଼ ଭାଇ—
Sampāti Name of a son of Aruṇa.
[ସମ୍ପାତି—ଅନ୍ୟରୂପ] [ଦ୍ର—ଅରୁଣଙ୍କ ଦୁଇଁଙ୍କ ନାମ ଶ୍ୟେନ ଓ ଦୁଇ ପୁତ୍ର ଯଥାକ୍ରମେ ସମ୍ପାତି ଓ ଜଟାୟୁ । ସମ୍ପାତିଙ୍କ ଜନ୍ମଦିନ୍ୟା କାଣ୍ଡରେ ୪୨ ସର୍ଗଠାରୁ ୬୨ ସର୍ଗ ପର୍ଯ୍ୟନ୍ତ ଏମାନଙ୍କ ବିବରଣ ବର୍ଣ୍ଣିତ ହୋଇଅଛି । ଇନ୍ଦ୍ରଙ୍କ ଦ୍ୱାରା ବୃତ୍ରାସୁରର ବଧ ପରେ ଇନ୍ଦ୍ରଙ୍କୁ ଜୟ କରିବାକୁ ସମ୍ପାତି ଓ ଜଟାୟୁ ସ୍ୱର୍ଗପୁରକୁ ଗଲେ । ଯୁଦ୍ଧ କରୁ କରୁ ଏମାନେ ସୂର୍ଯ୍ୟଙ୍କ ସନ୍ନିଧାନ ହେଲେ । ଜଟାୟୁ ସୂର୍ଯ୍ୟଙ୍କ ପ୍ରଖର କିରଣ ସହ୍ୟ କରି ନ ପାରି ସନ୍ତପ୍ତ ହେଉଛି ସମ୍ପାତି ଜଟାୟୁକୁ ପକ୍ଷଦ୍ୱାରା ଆଚ୍ଛାଦନ କଲା । ସୂର୍ଯ୍ୟ କିରଣରେ ସମ୍ପାତିର ପକ୍ଷ ଯୋଡ଼ି ଗଲା ଓ ସେ ଦିବ୍ୟ ଯନ୍ତଳରେ ପଡ଼ିଚ ହେଲା । ବାନରଗଣ ସୀତାଙ୍କ ଅନ୍ୱେଷଣରେ ପ୍ରବୃତ୍ତ ହେବାବେଳେ ଶ୍ରବଣଦ୍ୱାରା ସୀତା-ହରଣ ବୃତ୍ତାନ୍ତ ସମ୍ପାତିଠାରୁ ଶୁଣିଲେ— —ବିଶ୍ୱକୋଷ]

ସମ୍ପାତିକ—ସଂ. ବ (ସମ୍ପାତି + ସ୍ୱାର୍ଥେ.କ)—ସମ୍ପାତି (ଦେଖ) (ଶବ୍ଦମାଳା)
Sampātika Sampāti (See

ସମ୍ପାତୀ—ସଂ. ବଣ. ପୁଂ (ସମ୍ + ପତ ଧାତୁ + କ୍ତିନ୍ ଇନ୍; ୧ମା. ୧ବ)
Sampātī ସମ୍ୟକ୍ ପତନଶୀଳ—Falling.
(ସମ୍ପାତିନୀ—ସ୍ତ୍ରୀ)

ସମ୍ପାଦ—ଗ୍ରା. ବ (ସଂ. ସମ୍ବାଦ)—୧ । ପୁରାଣ ବର୍ଣ୍ଣିତ ବିଷୟ ବା ଘଟଣା—1. Any mythological episode. [ଉ—ଏ ଅଧ୍ୟା ଘନର ସମ୍ପାଦ, ଶବ ଅଠଗୁଳଣ ପଦ । ଗ୍ରାଚୀ. ବର୍ତ୍ତୁଣ ମାହାତ୍ମ୍ୟ] ୨ । ସମ୍ବାଦ; ଖବର—2. News; intelligence. ୩ । ପୁରାଣରେ ବର୍ଣ୍ଣିତ ଦୁଇଜଣଙ୍କର କଥୋପକଥନ-3. Dialogue between two persons described in a mythological work. [ଉ-ତୋହ୍ନର ମୋହର ସମ୍ପାଦ ଏହୁ, ଏକମନ ହୋଇ ଶୁଣିବ ଯେହୁ । ପ୍ରାଚୀ. ନଲଚରିତ] ୪ । (ଚରିତ୍ର) କଚେଶ୍ୱର ପଦାଙ୍ଗିବ୍ଦ୍ଧାନାରେ ରକ୍ଷିତ ନଥିରେ ଥିବା ବିଷୟର ଖବର-4. Information about the contents of any record in a public record-room. ୫ । କିରଣ—5. Rays. [ଉ—କାଯୁତ ଅରୁଣ ସହସ୍ରମିତ ସମ୍ପାଦରେ ଦୁନ୍ଦୁଭଦ୍ଦୁ ଡୋଖିରେ ।—ଭଞ୍ଜ. ବୈଦେଘୁଶବଳାସ] ୬ । ସଂଘର୍ଷ—6. Collision. [ଉ—ବିରୁଦ୍ଧନ୍ତୁ ଯେ ଶିଲେ ଜନ୍ୟାଜନ୍ତୁ ସଦ୍ଭଲେ ଯୁଦ୍ଧେ ଶୂରେ ଶୂରେ ସମ୍ପାତ ।—ଭଞ୍ଜ. ବୈଦେଘୁଶବଳାସ ।] ୭ । ସମ୍ପାଦନ; ଅଭିନ୍ନ—7. Performance. [ଉ-ଶୁଣ ମୋ ଜନନୀ ପିଅର ଅସ୍ମା ଯଗଁ ସମ୍ପାଦ କର ।—ପ୍ରାଚୀ. ବର୍ତ୍ତୁଣ ମାହାତ୍ମ୍ୟ] ଦେ. ବଣ—ସମ୍ପୃଷ୍ଟ—Finished.

ସମ୍ପୂର୍ଣ୍ଣ ସଂପୂର୍ଣ୍ଣ [ଉ—ଦୁଇଶ ଚଉବଂଶ ପଦ, ଏ ଅଧ୍ୟ ହୋଇଲା ସମ୍ପାଦ । —ପ୍ରାଚୀ. ବର୍ତ୍ତୁଣମାହାତ୍ମ୍ୟ] ସଂ. ବ. (ସମ୍ + ପଦ ଧାତୁ + ଘଞ୍ ଅ)—୧ । ସମ୍ୟକ୍ ନିଷ୍ପାଦନ-(ବିଶ୍ୱକୋଷ) । 1. Completion; accomplishment. (Apte) ୨ । ଅର୍ଜ୍ଜନ—2. Acquisition (Apte).

ସମ୍ପାଦକ—ସଂ. ବଣ. ପୁଂ (ସମ୍ + ପଦ୍ ଧାତୁ ଣିଚ୍ = କର୍ତ୍ତରି. ଅଚ)—
Sampādaka ସମ୍ପାଦନକାରୀ; କାର୍ଯ୍ୟ ନିର୍ବାହକ—Acco-
(ସଂପାଦକ—ଅନ୍ୟରୂପ) mplishing; performing;
(ସମ୍ପାଦିକା—ସ୍ତ୍ରୀ) superintending. ସଂ. ବ. ପୁଂ—
(ସମ୍ପାଦକତା, ସଂପାଦକତ୍ୱ—ବ) ୧ । ସଭାର କାର୍ଯ୍ୟ ସମ୍ପାଦନକର୍ତ୍ତା; ସଭାର କାର୍ଯ୍ୟ ନିର୍ବାହକ—1. Secretary to an association. ୨ । ଯେଉଁ ବ୍ୟକ୍ତି ସଂବାଦପତ୍ର ବା ସାମୟିକ ପତ୍ରିକାର ପ୍ରବନ୍ଧାଦି ପ୍ରସଙ୍ଗ ପୁସ୍ତକ ପ୍ରକାଶିତ କରନ୍ତି; ପତ୍ରିକାର ସଂକଳୟିତା ବା ପରିଚାଳକ—2. Editor to any newspaper or magazine,
(ସମ୍ପାଦକୀୟ—ବଣ) ୩ । ବିଦ୍ୟାଳୟର ବା କୌଣସି ଅନୁଷ୍ଠାନର କାର୍ଯ୍ୟପରିଚାଳନାଧ୍ୟକ୍ଷ—3. Secretary to a school or an institution.

ସମ୍ପାଦକତା(ତ୍ୱ)—ସଂ. ବ (ସମ୍ପାଦକ + ତ୍ୱବେ. ତା, ତ୍ୱ)—
Sampādakatā(twa) ୧ । ସମ୍ପାଦକଙ୍କ କର୍ମ—1. Editorship; secretaryship. ୨ । ସମ୍ପାଦନ-2. Accomplishment.

ସମ୍ପାଦକୀୟ—ସଂ. ବଣ (ସମ୍ପାଦକ + ସମ୍ବନ୍ଧାର୍ଥେ. ଈୟ)—ସମ୍ପାଦକ-
Sampādakīya ସମ୍ବନ୍ଧୀୟ—Editorial.

ସମ୍ପାଦକୀୟ ମନ୍ତବ୍ୟ—ସଂ. ବ (ଅଧିକରଣ)—ସମ୍ବାଦପତ୍ର ବା ସାମୟିକ
Sampādakiya mantabya ପତ୍ରିକାରେ ସମ୍ପାଦକଙ୍କ ସୁଲେଖନୀ-
(ସମ୍ପାଦକୀୟ ଟିପ୍ପଣୀ—ଅନ୍ୟରୂପ) ପ୍ରସୂତ ମନ୍ତବ୍ୟ ବା ଟିପ୍ପଣୀ—

Digitized by srujanika@gmail.com

Editorial remarks; the editor's notes in a newspaper or magazine.

ସମ୍ପାଦକୀୟ ସ୍ତମ୍ଭ –ଷ. ବ (ଅଧୁନିକ)—ସମ୍ପାଦଥ ବା ସାମୟିକ Sampādakīya stambha ପତ୍ରିକାର ଯେଉଁ ସ୍ତମ୍ଭରେ ସମ୍ପାଦକଙ୍କ ମନ୍ତବ୍ୟ ସ୍ଥାନ ପାଏ—Editorial column in a newspaper or magazine.

ସମ୍ପାଦ ଦରଖାସ୍(ସ୍ତ)—ଦେ. ବ (ଜରଥ)—ଜରଥର ମହାଫିସ୍- Sampāda darkhās(sta). ଖାନାରେ ରକ୍ଷିତ ନଥିରୁ କୌଣସି ସଂବାଦ ଦରଖାସ୍ତ ସମାଦ ପାଇବା ନମନ୍ତେ ଲିଖିତ ପ୍ରାର୍ଥନା ପତ୍ର— **सम्बाद् दरखास्त** Application for certain information from a record stored in a public record-room.

[ଦ୍ର—ଏହ ଦରଖାସ୍ତ ସଙ୍ଗେ ମହାଫିସ୍‌ଖାନାରୁ ଖୋଜା-ଯିବା ନଥି ଖୋଜବାରେ ନଯୋଜତ ସରକାର କର୍ମଗୃଙ୍କ ପାରଶ୍ରମିକ ନମନ୍ତେ ଦରଖାସ୍ତକାରୀଙ୍କଠାରୁ ନର୍ଦ୍ଧାରିତ ମୂଲ୍ୟର କୋର୍ଟ୍‌ଫିସ୍ ନଆଯାଏ । ଏହ କୋର୍ଟ୍‌ଫିସ୍‌କୁ 'ଉଇସି ଫିସ୍' ବୋଲାଯାଏ ।]

ସମ୍ପାଦନ—ସ. ବ (ସମ୍+ଣିଜନ୍ତ ପଦ ଧାତୁ ବା ସାଦ ଧାତୁ=ଗତ Sampādana ଜଣାଇବା+ଉତ. ଅନ)—୧ । ସମାଧାନ; (ସଂଘଦନ—ଅନ୍ୟରୂପ) ସମାପନ; ନଷ୍ପାଦନ—1. Accomplishment; completion. ୨ । ଗ୍ରନ୍ଥାଦର ପ୍ରକାଶନ ଓ (ସମ୍ପାଦନୀୟ, ସମ୍ପାଦ୍ୟ, ସମ୍ପାଦିତବ୍ୟ, ସମ୍ପାଦିତ—ବଣ) ପ୍ରସ୍ତୁତ— 2. Editing or publication of any book. ୩ । ଉପାର୍ଜନ (ବଣକୋଷ)—3. Acquisition; earning.

ସମ୍ପାଦନ କରିବା—ଦେ. କି—୧ । ସମ୍ପାଦକରୂପେ ସମ୍ପ ଦସ୍ତାଦ Sampādana karibā ଚଲାଇବା—1. To edit a ସମ୍ପାଦନ କରା paper. ୨ । ସମାଧା କରିବା—2. To accomplish. **सम्पादन करना** ୩ । ସମ୍ପାଦିବା (ଦେଶ)— 3. Sampādibā (See)

ସମ୍ପାଦନୀୟ—ସଂ. ବଣ (ସମ୍+ଣିଜନ୍ତ ପଦ. ଧାତୁ=ସାଦ. ଧାତୁ+ Sampādanīya କର୍ମ. ଅନୀୟ)-ସମ୍ପାଦିତ ହେବାର ଯୋଗ୍ୟ— Fit to be accomplished.

ସମ୍ପାଦୟିତା—ସଂ. ବଣ (ସମ୍+ପଦ. ଧାତୁ ଣିଚ୍+କର୍ତ୍ତୃ. ତୃ; ୧ମା. Sampādayitā ୧ବ)—ସମ୍ପାଦନକାରୀ—Accomplish- (ସମ୍ପାଦୟିତ୍ରୀ—ସ୍ତ୍ରୀ) ing.

ସମ୍ପାଦ (ଧାତୁ)—ସଂ. (ସମ୍+ଣିଜନ୍ତ ପଦ. ବା ସାଦ ଧାତୁ)—ସମାପନ Sampādi (root) କରିବା—To accomplish.

ସମ୍ପାଦିତ—ସଂ. ବଣ (ସମ୍+ସାଦ. ଧାତୁ+କର୍ମ. ତ)—୧ । କୃତ- Sampādita ସମ୍ପାଦନ; ସମାପିତ; ନଷ୍ପାଦିତ; ନଷ୍ପାଦିତ— (ସଂସାଦିତ—ଅନ୍ୟରୂପ) 1. Accomplished; finished. ୨ । (ସମ୍ପାଦଥଯଥଦ) ଙ୍କ ଲିତ—2. Edited,

ସମ୍ପାଦିବା—ଦେ. କି (ସମ୍ପାଦଧାତୁ)—୧ । ସମାଧାନ କରିବା—1. To Sampādibā accomplish. (ଉ-ଅନ୍ତେଷ୍ଟି ସମ୍ପାଦ ବାଡ଼ୁଡ଼ଙ୍କେ ସମାଧାନ କରା ଶୂନ୍ୟ ମନେ ସଜଲେ । ଗୁଧାନାଥ. ଉତ୍ତା ।]

समाधान करना ୨ । ସାଇତିବା; ଯତ୍ନପୂର୍ବକ ରକ୍ଷା କରିବା; ଯତ୍ନକରେ ରାଖା ରକ୍ଷଣାବେକ୍ଷଣ କରିବା—2. To preserve; to

हिफाजत करना store with care; to keep in custody. (ଉ—ଯତ୍ନେ ସମ୍ପାଦିବା ଚନ୍ଦ୍ରାମଣି ଅବା ମୋ କଣ୍ଠରେ ଦେଲ୍ଲ ସୁସାରେ । କବିସୂର୍ଯ୍ୟ. ଚତୋଷ୍ଟରମ୍ଭ. 'ଯ' ଗୀତ । ୩ । ସଂଗ୍ରହ କରିବା—3. To gather; to collect. ୪ । ମନରେ ସ୍ଥାନ ଦେବା—4. To entertain in the mind. (ଉ-ଉନ୍ନମଧା ଚତୋଷ, ମନ ଦେଇ ସାସୋର, ସେ ସ୍ନେହ ସମ୍ପାଦୁନ୍ଥ ଘର ଘର । ଚବ-ଟୂର୍ଯ. ସଙ୍ଗୀତ ।) ୫ । ଚନ୍ତା କରିବା—5. To brood over a matter. (ଉ—ଚମ୍ପା କହନା ଜଗତ ବନ୍ଧନାକୁ ସମ୍ପାଦବ ସିନା ଏସନ । ଭଞ୍ଜ. କୋଣିବ୍ରହ୍ମାଣ୍ଡ ସୃଜନ୍ତା ।)

୬ । କାମନା କରିବା; ମନାସିବା; ବାଞ୍ଛା କରିବା— 6. To wish. [ଉ—ସୃଷ୍ଟିରଙ୍କର ସେ ସମ୍ପାଦ ସଫଳ—କୃତ୍ତିସିଂହ. ମହାଭାରତ. ସଭା ।] ୭ । ଘଟାଇବା; ଫଳରେ ଘଟାଇବା—7. To bring about; to cause a thing to take place. [ଉ—ସରସେ ସିଝିବେ ଉକା । ସମ୍ପାଦବୁ ଏତେ ଏକା—ଜବସୂର୍ଯ୍ୟ ଚତୋଷ୍ଟ ଚକ୍ଷୁ ସ ଗୀତ ।] ୮ । ଖୋଜିବା; ଲେଉଟିବା— 8. To inquire after; to search. [ଉ—କଣ୍ଠୁଙ୍କର ଯେ, ଅଲ୍ଲୁକେ ଉଜେ, ମଳନ ନ ସମ୍ପାଦ —ଭଞ୍ଜ. ବୈଦେଶ୍ୱଶବଳାସ ।] ୯ । (ଅର୍ଥ ଅବବୁ) ବୁଝାଇବା— 9. To denote; to convey (a meaning). [ଉ—ବେନ ଅର୍ଥ ଯେଣୁ ନ ସମ୍ପାଦେ— ଭଞ୍ଜ. ବୈଦେଶ୍ୱଶବଳାସ ।] ୧୦ । ବଧାନ କରିବା — 10. To make provision for. [ଉ— ସମ୍ପାଦିବା ଲାଗି ଜନତାର ସୀତ, ଖୋଳ ଘରେ ଖୋଳ ଦେଉଅଛ ଜଳ—ଗୁଧାନାଥ. ଦରବାର ।] ୧୧ । ସ୍ତ୍ରୀର ଗର୍ଭରେ ଜନ୍ମାଇବା—11. To cause to conceive; to impregnate. [ଉ—ତାହାର ଗର୍ଭରେ ଗୁରୁ ସୁତ, ଧର୍ମେ ସମ୍ପାଦ ପଶ୍ଚାତ୍ତିତ । କୁମାର ଜନ୍ମେଜୟ ଆଦ, ସକଳ ଗୁଣେ ସେ ପ୍ରସିଦ୍ଧି—ଜଗନ୍ନାଥ. ଭାଗବତ ।] ୧୨ । (କୌଣସି କର୍ମ) କରିବା—12. To perform; to do (any act). [ଉ—ପଣ୍ଡିତଜନ ଯାର ସାଦେ । ସେବା ସମ୍ପାଦ ଅପ୍ରମାଦେ—ଜଗନ୍ନାଥ. ଭାଗବତ] ୧୩ । ଭବିଷ୍ୟତ୍‌ରେ କାମରେ ଲଗିବା ପାଇଁ ଅର୍ଜ୍ଜନ କରିବା—13. To earn for future use [ଉ—ଯେ ପ୍ରାଣୀ ଭୟ ଦାନ କରେ । ସପ୍ତ ସମ୍ପାଦ ଏ ସଥାରେ— ଜଗନ୍ନାଥ. ଭାଗବତ] ୧୪ । ସଞ୍ଚୟ କରିବା; ସଞ୍ଚୟ କରିବା— 14. To store. ୧୫ । ଜାତ କରିବା— 15. To produce

Digitized by srujanika@gmail.com

ସମ୍ପାଦ୍ୟ—ଫ. ବଣ (ସମ୍ + ପାଦ ଧାତୁ + କର୍ମ. ଯ)—ସମ୍ପାଦଯାଇ
Sampādya Fit to be accomplished; accompli-
(ସଂପାଦ୍ୟ—ଅନ୍ୟରୂପ) shable. ସଂ. ବ (କ୍ୟାମ୍ପିଅ)—
(ଜ୍ୟାମିତିକ ପ୍ରଶ୍ନର ସମ୍ପାଦନ ବା ପ୍ରଣାଳୀ ଯାହାଦ୍ୱାରା କଲ୍ପିତ କ୍ଷେତ୍ରର ଜ୍ୟାମିତିକ ପ୍ରଶ୍ନର ବା ସମସ୍ୟା—(geometry) A problem. [ଦ୍—କ୍ୟାମ୍ପିଅର ପ୍ରଶ୍ନମାନ ସାଧାରଣତଃ ୬ ଶ୍ରେଣୀରେ ବଭକ୍ତ । ୧ । ସମ୍ପାଦ୍ୟ; ୨ । ଜ୍ୟାମିତାଦ୍ୟ । ଯେଉଁ ପ୍ରଶ୍ନରେ କୌଣସି ସତ୍ୟର ସମାଧାନ କରିଯାଏ କିମ୍ବା କୌଣସି କିଛି ସମ୍ପାଦନ କରିବାର ଅବଶ୍ୟକତା ପଡ଼େ, ତାହା ସମ୍ପାଦ୍ୟ । ଯଥା—'ଗୋଟିଏ ସରଳରେଖା ଉପରେ ଗୋଟିଏ ସମଦ୍ୱିବାହୁ ତ୍ରିଭୁଜ ଅଙ୍କିତ କରିବାକୁ ହେବ' । ଯେଉଁ ପ୍ରଶ୍ନରେ ଦତ୍ତ ବିଷୟ ପ୍ରମାଣିତ କରିବାକୁ ହୁଏ, ତାହା ଜ୍ୟାମିତାଦ୍ୟ । ଯଥା—'ଏକ ସରଳରେଖା ଅନ୍ୟ ସରଳରେଖା ଉପରେ ଦଣ୍ଡାୟମାନ ହେଲେ ଦଣ୍ଡାୟମାନ ରେଖାର ଉଭୟ ପାର୍ଶ୍ୱସ୍ଥ କୋଣଦ୍ୱୟର ସମଷ୍ଟି ଦୁଇ ସମକୋଣର ସମଷ୍ଟି ସଙ ସମାନ' ।]

ସମ୍ପି ଦେବା—ଦେ. କି—୧ । (ସଂ. ସମର୍ପଣ)—ସମର୍ପଣ କରିବା—
Sampi debā 1. To make over; to make over
ସଁପା, ସଁପେ ଦେଓୟା charge of. ୨ । ଅନ୍ୟର ହସ୍ତକୁ ବଢ଼ାଇ
ସୌଁପ ଦେନା ଦେବା—2. To hand over.

ସମ୍ପିବା—ଦେ. କି—୧ । (ସଂ. ସମ୍ଶାପ) ଅତିସମ୍ପାତ କରିବା—
Sampibā 1. To curse; to imprecate. ୨ । ଗାଳି
ସଁପା, ସଁପା ଦେବା—2. To call names; to abuse.
ଶାପ ଦେନା [ଜ—ସମ୍ପୃଥିଲ ସହିଁ ସଖୀ ଶର୍ମିଷ୍ଠାକୁ, କୃପଗତ ହୋଇ ଯେଣୁ—ନଦଜଗୋର. ଶର୍ମିଷ୍ଠା ।] ୩ ।
ସଁପେ ଦେଓୟା (ସଂ. ସମର୍ପ) ଅର୍ପଣ କରିବା—3. To
ସୌଁପ ଦେନା commit a thing to the charge of; to offer; to dedicate. [ଜ—ସ୍ୱ କୁଳର ହତେ ପିତୃସତ୍ୟ ହତେ ସମ୍ପିଲେ ଜୀବନ ମନ—ନଦଜଗୋର. ଶର୍ମିଷ୍ଠା ।]

ସମ୍ପୀ—ଦେ. ବଙ. ସ୍ତ୍ରୀ—ଯେଉଁ ସ୍ତ୍ରୀ ଅନ୍ୟ ବ୍ୟକ୍ତିକୁ ଗାଳଦେବାରେ
Sampī ବା ଅଭିଶାପ ଦେବାରେ ଅତ୍ୟନ୍ତ—
ଯେ ସ୍ତ୍ରୀ ଗଳାଗାଳି ଦେୟ **ଶାପଦେନେବାଳି** Termagant;
(ସମ୍ପୀ—ଅନ୍ୟରୂପ) shrewish; (a woman) given to cursing; foul-mouthed (woman).

ସମ୍ପୀଡ଼ (ଧାତୁ)—ଫ. (ସମ୍ + ପୀଡ଼)-୧ । ନିଷ୍ପୀଡ଼ନ କରିବା; ଚିପୁଡ଼ିବା
Sampīrd(root) 1. To press; to wring out by pressing. ୨ । ପୀଡ଼ାଦେବା; ଉତ୍ପୀଡ଼ନ କରିବା-2. To oppress; to harass; to torture. ୩ । ପ୍ରେରଣ କରିବା—3. To send forth. ୪ । ଚପିବା—4. To compress; to squeeze together (Apte) ୫ । ଆଲୋଡ଼ନ କରିବା; ପାଣ୍ଟିବା—5. To agitate; to disturb. ୬ । ଗଣନା କରିବା-6. To compute; to reckon. (Apte). ୭ । ବୁଡ଼ାଇଦବାଇବା; ଘୋଡ଼ାଇଦବାଇବା—7. To obscure; to eclipse.

ସମ୍ପୀଡ଼ନ—ଫ. ବ (ସମ୍ + ପୀଡ଼ ଧାତୁ + ଭାବ. ଅନ)—୧ । ଚପିବା
Sampīrdana କର୍ମ; ନିଷ୍ପୀଡ଼ନ – 1. Pressing; squeezing
(ସଂପୀଡ଼ନ—ଅନ୍ୟରୂପ) together. ୨ । ନିଙ୍ଗୁଡ଼ିବା କର୍ମ—
2. Wringing out by pressing ୩ । ଉତ୍ପୀଡ଼ନ; ପୀଡ଼ାଦାନ; ଅତ୍ୟାଗୁର—3. Oppressing; oppression; harassment; torture.
(ସମ୍ପୀଡ଼ିତ, ସମ୍ପୀଡ଼ନୀୟ, ସମ୍ପୀଡ଼ୟମାନ—ବଣ) ୪ । ପ୍ରେରଣ—4, Transmission; sending forth; directing (Apte) ୫ । ଚପିବା—5. Compression. ୬ । ଘଣ୍ଟାଘଣ୍ଟି—6. Agitating; stirring up; disturbing. (Apte) ୭ । ଦଣ୍ଡ ଦେବା—7. Punishment; castigation. (Apte)

ସମ୍ପୀଡ଼ନୀୟ—ଫ. ବଣ (ସମ୍ + ପୀଡ଼ ଧାତୁ + କର୍ମ. ଅନୀୟ)—୧ ।
Sampīrdanīya ସମ୍ପୀଡ଼ିତ ହେବାର ଯୋଗ୍ୟ—
1. Fit to be squeezed or compressed. ୨ । ଉତ୍ପୀଡ଼ିତ ହେବାର ଯୋଗ୍ୟ—2. Deserving to be oppressed. ୩ । ଦଣ୍ଡନୀୟ—
3 Punishable.

ସମ୍ପୀଡ଼ା—ଫ. ବ (ସମ୍ + ପୀଡ଼ା)—ଉତ୍ପୀଡ଼ନ—
Sampīrdā Torment (Apte).

ସମ୍ପୀଡ଼ିତ—ଫ. ବଣ (ସମ୍ + ପୀଡ଼ ଧାତୁ + କର୍ମ. ତ)—୧ ।
Sampīrdita ଉତ୍ପୀଡ଼ିତ—1. Oppressed. ୨ ।
(ସମ୍ପୀଡ଼ିତା—ସ୍ତ୍ରୀ) ନିଷ୍ପୀଡ଼ିତ; ଚିପୁଡ଼ା ହୋଇଥିବା—
2. Squeezed; pressed. ୩ । ଚପା ହୋଇଥିବା—
3. Compressed.

ସମ୍ପୀଡ଼ୟମାନ—ଫ. ବଣ, ପୁଂ (ସମ୍ + ପୀଡ଼ ଧାତୁ + କର୍ମ ଅନ)—
Sampīrdyamāna ୧ । ଯାହାକୁ ଚପା ଯାଉଥାଏ—
(ସମ୍ପୀଡ଼ୟମାନା—ସ୍ତ୍ରୀ) 1. Being pressed or squeezed. ୨ । ଯାହାକୁ ଉତ୍ପୀଡ଼ିତ କରା ଯାଉଥାଏ—
2. Being oppressed or harassed.

ସମ୍ପୀତି—ସଂ. ବ (ସମ୍ = ଏକତ୍ର + ପା ଧାତୁ = ପିଇବା + ଭାବ. ଇ)—
Sampīti ବନ୍ଧୁ ଲୋକଙ୍କର ଏକତ୍ର ପାନ—
Drinking together; a drinking bout; compotation.

ସମ୍ପୁଟ—ସଂ. ବ (ସମ୍ + ପୁଟ୍ ଧାତୁ = ଲଗା ହେବା + ଅଧି. ଅ)—
Samputa ୧ । ପେଡ଼ା; ଢାଙ ପେଟି—1. A wooden
[ସଂପୁଟ—ଅନ୍ୟରୂପ] case. ୨ । ପେଟି; ଉପରପାଳ ଯୁକ୍ତ ପେଟିବ—2, A box with a lower part and a removable upper lid; a case with a cover; covered box. ୩ । ପରୁଅ; ଚଉଟ—3. Casket. ୪ । ପୋଟଳା; ପୁଡ଼ା-4, Bundle; packet

Digitized by srujanika@gmail.com

୫ । ଏକପ୍ରକାର ପ୍ରେମାଲିଙ୍ଗନ; ରତିବନ୍ଧ ବିଶେଷ—5. A form of amatory embrace during coition. [ଦ୍ର—ଏଥିରେ ପୁରୁଷ ଉପର୍ଯ୍ୟ ଯାଦବ ସଂପ୍ରସାରିତ କର ଶଯ୍ୟାଗତଜଘୋଳକ ଦୋଇ ରମଣ କରେ—ରତିମଞ୍ଜରୀ ।] ୬ । (ବୈଦ୍ୟକ)—ଜୁରବନ; ଦାସକେରେଣ୍ଟା ଗୁଳ୍ମ—6. Barlaria Cristata plant. ୭। ଗାତ; ଖୋଲ—7. A cavity (Apte). ବି. ବଣ (+ତତ୍ପୁ. ଅ)—୧ । ମିଳତ; ଯୁକ୍ତ—1. Joined together. ୨ । ଏକଜାତୀୟ ଦୁଇ ପଦାର୍ଥର ମଧ୍ୟବର୍ତ୍ତୀ—2. Placed within two things of the same kind. ୩ । କୌଣସି ମନ୍ତ୍ରକୁ ପ୍ରତ୍ୟେକ ଶ୍ଲୋକର ପୂର୍ବରେ ଓ ପରେ ଉଚ୍ଚାରଣ ପୂର୍ବକ ବୋଲିବା (ଚଣ୍ଡୀପୁରାଣ)—3. (Purāṇa) Of which every sloka is preceded and followed by the utterance of a particular formula.

ସମ୍ପୁଟକ(କା)—ସଂ. ବ (ସମ୍ପୁଟ+ସ୍ୱାର୍ଥେ କ+ଅ) —ସମ୍ପୁଟ Sampuṭaka(kā) (ଦେଖ)—Sampuṭa (See) (ସମ୍ପୁଟିକା—ଅନ୍ୟରୂପ)

ସମ୍ପୁଟ କର—ସଂ. ବଣ. ପୁଂ (ବହୁବ୍ରୀ) —କୁଡାଞ୍ଜଳି—With Sampuṭa kara the hands folded; having the (ସମ୍ପୁଟ ପାଣି—ଅନ୍ୟରୂପ) palms folded. (ସମ୍ପୁଟକରା—ସ୍ତ୍ରୀ)

ସମ୍ପୁଟ ଚଣ୍ଡୀ—ସଂ. ବ—ଚଣ୍ଡୀ ବା ଦେବୀ ସୂକ୍ତର ପ୍ରତ୍ୟେକ ଶ୍ଲୋକ Sampuṭa chaṇḍī ପାଠ କରିବା ସମୟରେ ପ୍ରତ୍ୟେକ ଶ୍ଲୋକର ପୂର୍ବେ ଓ ପରେ କୌଣସି ବିଶେଷ ମନ୍ତ୍ର ବା ପ୍ରାର୍ଥନାକୁ ଉଚ୍ଚାରଣ କର (ଅର୍ଥାତ୍ ପ୍ରତ୍ୟେକ ଶ୍ଲୋକକୁ ସମ୍ପୁଟ କର) ପାଠ କରିବା ଚଣ୍ଡୀ—Reciting every Śloka of the Chaṇḍī Purāṇa by uttering a certain formula before and after every Śloka.

ସମ୍ପୁଟ ଜପ—ସଂ. ବ—କୌଣସି ମନ୍ତ୍ରକୁ କୌଣସି ବିଶିଷ୍ଟ କତନ ବା Sampuṭa japa ସଂଜ୍ଞା ବାକ୍ୟ ଦ୍ୱାରା ସମ୍ପୁଟିତ କର ଜପ କରିବା—Utterance of a certain mantra by prefixing and suffixing it with a certain formula. [ଦ୍ର—ଉଦ୍ଦ୍ଦେଶ୍ୟରରେ ଲକ୍ଷିତ ଅଛ ଯେ, ସକାମ ବ୍ୟକ୍ତି କାମନାସିଦ୍ଧି ପାଇଁ ଇଷ୍ଟ ମନ୍ତ୍ରକୁ ସମ୍ପୁଟ କର ଜପ କରିବେ ଓ ନିଷ୍କାମ ବ୍ୟକ୍ତି ସମ୍ପୁଟ ବ୍ୟତୀତ ଜପ କରିବେ । କୌଣସି ବିଶିଷ୍ଟ ମନ୍ତ୍ର ବା କତନ ବା ଶ୍ଲୋକ ଦ୍ୱାରା ସମ୍ପୁଟ କର ଚଣ୍ଡୀ ପାଠ କଲେ ଇଷ୍ଟ ସଲଭ୍ଧ ହୁଏ—ବଶିଷ୍ଠକୋଷ ।]

ସମ୍ପୁଟିତ—ସଂ. ବଣ (ସମ୍+ପୁଟ୍ ଧାତୁ=ଲଗାଯିବା+କର୍ମ. ତ) —Sampuṭita ୧ । ଉପରୁର ସଙ୍ଗେ ସେଡ଼ା ପର ଯୋଡ଼ା ଦୋଇ-ଥିବା—1. Joined together as to form a hollow case. ୨ । ଉପରେ ଓ ତଳେ ଦୋଡ଼ଣୀ ଥିବା—2. Enclosed by an upper and a lower lid.

ସମ୍ପୂନ୍ନ(ନ୍ୟ, ର୍ଣ)—ପ୍ରା. ବଣ (ସଂ. ସମ୍ପୂର୍ଣ୍ଣ)—ସମ୍ପୂର୍ଣ୍ଣ (ଦେଖ)—Sampunna(nya, rna) Sampūrṇṇa (See) [ଦ୍ର—ସଂପୂର୍ଣ୍ଣ=ସମ୍ପୂର୍ଣ୍ଣ ସବୁ ଗୁଣରେ ସେ ଅଟନ୍ତି ସମ୍ପୂନ୍ନ—ବୃଦ୍ଧସିଂହ. ମହାଶ୍ୱରତ. ଅବ ।]

ସମ୍ପୂଜନ—ସଂ.ବ (ସମ୍+ପୂଜ ଧାତୁ ଭାବ. ଅନ) —ସମ୍ୟକ୍ ପୂଜା—Sampūjana (ସମ୍ପୂଜା—ଅନ୍ୟରୂପ) Great adoration or (ସମ୍ପୂଜିତ, ସମ୍ପୂଜନୀୟ, ସମ୍ପୂଜ୍ୟ—ବଣ) worship

ସମ୍ପୂର୍ଣ୍ଣ—ସଂ. ବଣ (ସମ୍+ପୃର୍ ଧାତୁ+କର୍ମ. ତ ବଦ୍ଧା ସମ୍+ପୃ Sampūrṇṇa ଧାତୁ+କର୍ମ. ତ)—୧ । ପରିପୂର୍ଣ୍ଣ—1. Filled (ସଂପୂର୍ଣ୍ଣ—ଅନ୍ୟରୂପ) up. ୨ । ସମାପ୍ତ—2. Finished, (ସମ୍ପୂର୍ତ୍ତି—ସ୍ତ୍ରୀ) completed. ୩ । ଉଦ୍‌ଯାପିତ—3. Accomplished. ୪ । ସମଗ୍ର—4. Full; whole; all; entire. ସଂ. ବ (ସଙ୍ଗୀତ) ୧ ।—ସପ୍ତସ୍ୱରବିଶିଷ୍ଟ ରାଗ—1. (music) A melody or mode of music in which all the notes of the gamut are used. [ଦ୍ର—ପଞ୍ଚସ୍ୱରବିଶିଷ୍ଟ ରାଗକୁ ଓଡ଼ବ, ଷଡ଼ସ୍ୱରବିଶିଷ୍ଟ ରାଗକୁ ଷାଡ଼ବ ଓ ସପ୍ତସ୍ୱରବିଶିଷ୍ଟ ରାଗରାଗିଣୀକୁ ସମ୍ପୂର୍ଣ୍ଣ କୋଇଥାଏ । ଯଥା—ନଟ ବସନ୍ତ ରାଗ—ସଙ୍ଗୀତ ଦାମୋଦର ।] ୨ । ଶୂନ୍ୟ—2. Ether ସଂପୂର୍ଣ୍ଣରୂପେ (Apte). ବେ. କି. ବଣ ଓ ବଣର ବଣ—**ସମ୍ପୂର୍ଣ୍ଣରୂପସେ** ସମ୍ପୂର୍ଣ୍ଣରୂପେ—Wholly; quite; completely; totally; entirely.

ସମ୍ପୂର୍ଣ୍ଣତୟା—ସଂ. କି. ବଣ (ସମ୍ପୂର୍ଣ୍ଣତା ଶବ୍ଦର ତୃତୀୟା ବହୁବଚନରେ Sampūrṇṇatayā ରୂପ; ସଂସ୍କୃତଭାଷାଶବ୍ଦଗୁଡ଼ିକୁ ପଣ୍ଡିତମାନଙ୍କ ବ୍ୟବହୃତ ଶବ୍ଦ)—ସମ୍ପୂର୍ଣ୍ଣରୂପେ (ଦେଖ) Sampūrṇṇarūpe (See)

ସମ୍ପୂର୍ଣ୍ଣତର—ସଂ. ବଣ (ସମ୍ପୂର୍ଣ୍ଣ+ଅତିଶୟାର୍ଥେ. ତର)—ସମ୍ୟକ୍ Sampūrṇṇatara ପରିପୂର୍ଣ୍ଣ—Full to the brink.

ସମ୍ପୂର୍ଣ୍ଣତା(ତ୍ୱ)—ସଂ. ବ (ସମ୍ପୂର୍ଣ୍ଣ+ଭାବେ. ତା,ତ୍ୱ)—୧ । ପରିପୂର୍ଣ୍ଣତା—1. Fullness; perfection. ୨ । ସମଗ୍ରତା—2. Completeness; entirety. ୩ । ସମାପ୍ତି—3. Completion.

ସମ୍ପୂର୍ଣ୍ଣ ମୂର୍ଚ୍ଛା—ସଂ. ବ—୧ । ପୂର୍ଣ୍ଣ ଅଜ୍ଞାନ ଅବସ୍ଥା—1. Complete Sampūrṇṇa mūrchchhā fainting. ୨ । ମୃତ୍ୟୁ (ସମ୍ପୂର୍ଣ୍ଣ ମୂର୍ଚ୍ଛିତ—ବଣରୂପ) (ବଶିଷ୍ଠକୋଷ)—2. Death.

ସମ୍ପୂର୍ଣ୍ଣରୂପେ—କେ. କି. ବଣ—୧ । ପୂର୍ଣ୍ଣରୂପରେ—1. Fully. Sampūrṇṇarūpe ୨ । ସମଗ୍ରରୂପରେ—2. Completely. ସଂପୂର୍ଣ୍ଣରୂପେ **ସମ୍ପୂର୍ଣ୍ଣରୂପସେ**

Digitized by srujanika@gmail.com

ସମ୍ପୂର୍ଣ୍ଣା—ସଂ. ବି. ସ୍ତ୍ରୀ—ପୂର୍ଣ୍ଣୋଦୟର ଦୁଇ ମୁହୂର୍ତ୍ତ ପୂର୍ବରୁ ଆରବ୍ଧ ହୋଇଥିବା ଏକାଦଶୀ—Name of the 11th day of the lunar fortnight which begins two Muhūrttas before sunrise. [ତ—ପୂର୍ଣ୍ଣୋଦୟ କାଳର ପୂର୍ବ ମୁହୂର୍ତ୍ତଦ୍ୱୟ ବଶିଷ୍ଟ ଏକାଦଶୀକୁ ସମ୍ପୂର୍ଣ୍ଣା; ଅନ୍ୟ ଏକାଦଶୀକୁ ବିଦ୍ଧା କୋଲ୍ଲଯାଏ—ଉଥିବଦ ।]

ସମ୍ପୂର୍ତ୍ତି—ସଂ. ବ (ସମ୍ + ପୂର୍ତ୍ତି)—ସମ୍ୟକ୍ ପୂର୍ତ୍ତି—Completion: (ସଂପୂର୍ତ୍ତି—ଅନ୍ୟରୂପ)

ସମ୍ପୃକ୍ତ—ସଂ. ବିଣ (ସମ୍ + ପୃଚ୍ ଧାତୁ=ମିଳିତ ହେବା + କର୍ମ. ତ)—Sampṛukta ୧ । ସମ୍ବନ୍ଧ; ସଂସୃଷ୍ଟ; ସଂଲାଗ୍ନ—1. Related. (ସଂପୃକ୍ତ—ଅନ୍ୟରୂପ) ୨ । ଏକତ୍ର ମିଶ୍ରିତ; ମିଳିତ—(ସମ୍ପର୍କ—ବ) 2. Mixed up with; blended. ୩ । ସଂଯୁକ୍ତ—3. Connected; joined. ୪ । ଗୁନ୍ଥିତ—4. Strung; sewn. ୫ । ଜଡ଼ିତ; ସଂଲଗ୍ନ—5. Affixed. ୬ । ଖଚିତ—6. Set; inlaid (Apte). ୭ । ସ୍ପର୍ଶ କରିଥିବା—7. Touching.

ସମ୍ପୂର୍ଣ୍ଣ—ସ. ବିଣ (ସମ୍ + ପୃ ଧାତୁ + କର୍ମ. ତ)—୧ । ପୂର୍ଣ୍ଣତାପ୍ରାପ୍ତ Sampṛuṇa (ବିଶ୍ୱକୋଷ)—1. Which has attained completion. ୨ । ପୂର୍ଣ୍ଣ କରାଯାଇଥିବା—2. Filled up.

ସମ୍ପେଇ ଦେବା—ପ୍ରାଦେ. (ଯାଜ୍ଞିକ) କ୍ରି—ସମର୍ପଣ କରିବା—Sampei debā To make over.

ସମ୍ପେଇବା—ଦେ. କ୍ରି—(ସମ୍ପିବା କ୍ରିୟାର ଣିଜନ୍ତ ରୂପ)—ଅନ୍ୟ ଦ୍ୱାରା ସମ୍ପିବା କ୍ରିୟା କରାଇବା—Causative of सँपाना शाप दिलाना Sampibā.

ସମ୍ପେଷ—ସ. ବ (ସମ୍ + ପିଷ ଧାତୁ + ଭାବ. ଅ)—୧ । ସମ୍ୟକ୍ ପେଷଣ Sampesha —1. Careful grinding; pulverisa- (ସମ୍ପେଷଣ—ଅନ୍ୟରୂପ) tion. ୨ । (+କର୍ମ. ଅ) ଉତ୍ତମ ରୂପେ (ସମ୍ପିଷ୍ଟ, ସମ୍ପେଷିତ—ବିଣ) ଚୂର୍ଣ୍ଣ ହୋଇଥିବା ଗୁଣ—2. Very fine powder.

ସମ୍ପୋର୍ଡ—ଦେ. ବ (ସମ୍ପୃଚ୍=ଆଲିଙ୍ଗନ)—୧ । ଖେଳ; କୌତୁକ—Samporda 1. Amusement; sport. ୨ । ଆଲିଙ୍ଗନ सम्पुट कौतुक 2. Embrace. आलिंगन आलिङ्गन

ସମ୍ପୋର୍ଡେ—ଦେ. କ୍ରି. ବିଣ—ଅବଲୀଳାକ୍ରମେ; ଅନାୟାସରେ; ସହଜରେ Samporde —Easily; as in sport. अनायासे अनायासमें

ସମ୍ପୋଷ୍ୟ—ସ. ବିଣ (ସମ୍ + ପୋଷ୍ୟ)—୧ । ଅତ୍ୟବଶ୍ୟକ ପୋଷ୍ୟ Samposya —1. Sufficient for filling up a (ସଂପୋଷ୍ୟ—ଅନ୍ୟରୂପ) want. ୨ । ଜୀବନଯାତ୍ରା ନିର୍ବାହ (ସମ୍ପୋଷଣ—ବ) ପାଇଁ ଯଥେଷ୍ଟ—2. Sufficient for one's livelihood. ୩ । ଯଥେଷ୍ଟ; ଅଣ୍ଟିବାର ପୋଗ୍ୟ—3. Sufficient. ୪ । ପୋଷାଦେବାର ପୋଗ୍ୟ—4. Fit to be supported; maintainable.

ସମ୍ପ୍ରକ୍ଷାଳନ—ସଂ, ବ (ସମ୍ + ପ୍ରକ୍ଷାଳନ)—୧ । ସମ୍ପୂର୍ଣ୍ଣ ସ୍ନାନ; Samprakshāḷana ଗାଧୋଇବା—1. Complete ab- (ସମ୍ପ୍ରକ୍ଷାଳ—ଅନ୍ୟରୂପ) lution; bathing. ୨ । ପ୍ଲାବନ—(ସମ୍ପ୍ରକ୍ଷାଳିତ—ବିଣ) 2. Inundation. (ସଂପ୍ରକ୍ଷାଳନ—ଅନ୍ୟରୂପ)

ସମ୍ପ୍ରଣେତା—ସଂ.ବି.ପୁଂ (ସମ୍ + ପ୍ର + ନୀ ଧାତୁ + କର୍ତ୍ତୃ. ତୃ; ୧ମା.୧ବ)—Sampraṇetṛ ୧ । ଶାସକ—1. A ruler (Apte). ୨ । (ସଂପ୍ରଣେତା—ଅନ୍ୟରୂପ) ବିଚାରପତି—2. A judge (Apte). (ସମ୍ପ୍ରଣେତ୍ରୀ—ସ୍ତ୍ରୀ)

ସମ୍ପ୍ରତର୍ଦ୍ଦନ—ସଂ. ବ (ସମ୍ + ପ୍ର + ତର୍ଦ୍ଦ୍ ଧାତୁ + କର୍ତ୍ତୃ. ଅନ) —Sampratarddana (ବିଷ୍ଣୁ ସହସ୍ରନାମୋକ୍ତ) ବିଷ୍ଣୁ— (ସଂପ୍ରତର୍ଦ୍ଦନ—ଅନ୍ୟରୂପ) A name of Bishṇu.

ସମ୍ପ୍ରତାପନ—ସଂ. ବ (ସମ୍ + ପ୍ରତାପନ)—୧ । ତତାଇବା—Sampratāpana 1. Heating (Apte ୨ । ପୋଡ଼ିବା- (ସଂପ୍ରତାପନ—ଅନ୍ୟରୂପ) Burning (Apte). ୩ । ଉତ୍ପୀଡ଼ନ ସମ୍ପ୍ରତାପଯତି / ବିଣ —3. Torturing; tormenting ସମ୍ପ୍ରତାପିତ (Apte). ୪ । ନରକବେଦ (ବିଶ୍ୱକୋଷ)—4. Name of a hell.

ସମ୍ପ୍ରତି—ସଂ. ଅ (ସମ୍ + ପ୍ରତି; ସମ୍ ଓ ପ୍ରତି ଶବ୍ଦ ଦ୍ୱୟର ସମାହାର, Samprati ବିଶ୍ୱକୋଷ)—୧ । ଇଦାନୀଂ; ଅଧୁନା; ବର୍ତ୍ତମାନ; (ସଂପ୍ରତି ଇତ୍ୟାଦି—ଅନ୍ୟରୂପ) ଆଜକାଲି—1. Now; at present. ୨ । ଏହିକ୍ଷଣି; ଏହି ମୁହୂର୍ତ୍ତରେ—2. At the present moment. ୩ । ସମ୍ପ୍ରତିକାଳ ପୂର୍ବରୁ—3. Lately; recently. ସଂ.ବ (ନାମ)—୧ । ଅଙ୍ଗଦଳୀୟ ଉପସ୍ୱତିଣୀ ଶାଖାର ଚତୁର୍ବିଂଶ ଅର୍ହତ୍ (ବିଶ୍ୱକୋଷ)—1. Name of a Jaina saint. ୨ । ଅଶୋକଙ୍କ ନାତି ଦୌଣି; କୁଣାଳଙ୍କର ଏକ ପୁତ୍ର (ବିଶ୍ୱକୋଷ)—2. Name of a grandson of Aśoka.

ସମ୍ପ୍ରତିପତ୍ତି—ସଂ. ବ (ସମ୍ + ପ୍ରତିପତ୍ତି) —୧ । ସମ୍ୟକ୍ ଜ୍ଞାନ—Sampratipatti 1. Comprehension; complete understanding. ୨ । (ହିନ୍ଦୁ ଦଣ୍ଡବିଧି) ଏକତ୍ରର; ଅଭିଯୁକ୍ତ ବ୍ୟକ୍ତିର ଅପରାଧ ସ୍ୱୀକାର (ମନୁ ୫।୧୮)—2. (Hindu law) Confession; admission of an accused person. ୩ । (ହିନ୍ଦୁ ଦଣ୍ଡବିଧି) ପ୍ରତିବାଦୀର ଏକତ୍ରସ୍ୱ ଜବାବ—3. A statement of the defendant admitting plaintiff's claim. ୪ । ସ୍ୱୀକାର—4. Consent; acknowledgement. ୫ । ଚୁକ୍ତି—5. Agreement; contract. ୬ । ସାହଚର୍ଯ୍ୟ—6. Companionship; co-operation. ୭ । ଉପସ୍ଥିତି—7. Presence; attendance. ୮ । ଆକ୍ରମଣ—8. Attack; assault. ୯ । ସମ୍ପାଦନ—9. Accomplishment; performance. ୧୦ । ଘଟଣା—10. Occur-

Digitized by srujanika@gmail.com

rence (Apte). ୧୧ । ଅନ୍ୟୋନ୍ୟ (ବିଶ୍ୱକୋଷ)—11. Mutual agreement.

ସମ୍ପ୍ରତିପାଦନ—ସଂ. ବି (ସମ୍+ପ୍ରତିପାଦନ)—୧ । ସମ୍ୟକ୍ ରୂପେ ପ୍ରତିପାଦନ—1. Proving beyond doubt. ୨ । ଅନ୍ୟକୁ କୌଣସି ବସ୍ତୁର ପ୍ରଦାନ—2. Delivering over (Apte). ୩ । ଦାନ—3. Giving; granting; bestowal. (Apte)

Sampratipādana (ସମ୍ପ୍ରତି ପାଦତ—ବିଣ)

ସମ୍ପ୍ରତିରୋଧକ—ସଂ. ବି (ସମ୍+ପ୍ରତିରୋଧକ)—୧ । ପ୍ରତିବନ୍ଧକ; ବିଘ୍ନ—1. Obstacle. ୨ । ସମ୍ୟକ୍ ରୂପେ ବାଧା—2. Complete obstruction (Apte). ୩ । କାରାବନ୍ଧନ—3. Confinement; imprisonment (Apte). ସଂ. ବିଣ—୧ । ଯାହା ସମ୍ୟକ୍ ବାଧା ଦିଏ—1. Completely obstructing. ୨ । ଯାହା ଅବରୁଦ୍ଧ କରେ—2. Confining.

Sampratirodhaka

ସମ୍ପ୍ରତିଷ୍ଠା—ସଂ. ବି (ସମ୍+ପ୍ରତିଷ୍ଠା)—୧ । ସ୍ଥିତି; ଅବସ୍ଥିତି—1. Existence. ୨ । ସମ୍ୟକ୍ ପ୍ରତିଷ୍ଠା—2. Establishment.

Sampratishṭhā (ସମ୍ପ୍ରତି ଷ୍ଠିତ—ବିଣ)

ସମ୍ପ୍ରତିସଞ୍ଚର—ସଂ. ବି (ସମ୍+ପ୍ରତି+ସଞ୍ଚର)—ପ୍ରଳୟ ବିଶେଷ; ବ୍ରାହ୍ମ ପ୍ରଳୟ—A kind of universal dissolution. [ଦ୍ର—ଏ ପ୍ରଳୟରେ ବ୍ରହ୍ମାଙ୍କର ମଧ୍ୟ ବିନାଶ ହୁଏ ।]

Sampratisañchara

ସମ୍ପ୍ରତୀକ୍ଷା—ସଂ. ବି (ସମ୍+ପ୍ରତୀକ୍ଷା)—୧ । ସମ୍ୟକ୍ ରୂପେ ବା ଧୈର୍ଯ୍ୟର ସହିତ ପ୍ରତୀକ୍ଷା—1. Patient waiting. ୨ । ଆଶା—2. Expectation; hope (Apte).

Sampratīkshā

ସମ୍ପ୍ରତୀକ୍ଷଣୀୟ
ସମ୍ପ୍ରତୀକ୍ଷ୍ୟ
ସମ୍ପ୍ରତୀକ୍ଷିତ
} ବିଣ

ସମ୍ପ୍ରତୀତ—ସଂ. ବିଣ—୧ । ସମ୍ୟକ୍‌ରୂପେ ପ୍ରତୀତ; ଯାହା ହୃଦୟଙ୍ଗମ ହୋଇଥାଏ—1. Fully comprehended; well understood. ୨ । କୌଣସି ବିଷୟରେ ନିଃସନ୍ଦେହୀକୃତ—2. Fully convinced (Apte). ୩ । ପ୍ରମାଣିତ—3. Proved (Apte). ୪ । ସ୍ୱୀକୃତ—4. Admitted (Apte). ୫ । ପ୍ରସିଦ୍ଧ—5. Renowned (Apte); notorious. ୬। ସମ୍ପୂର୍ଣ୍ଣ ରୂପେ ସ୍ଥିରୀକୃତ—6. Fully ascertained.

Sampratīta

ସମ୍ପ୍ରତୀତି—ସ୍ତ୍ରୀ. ବି (ସମ୍+ପ୍ରତୀତି)—୧ । ସମ୍ୟକ୍ ଜ୍ଞାନ—1. Intimate or full knowledge. ୨ । ପ୍ରତ୍ୟୟମୂଳକ ଜ୍ଞାନ—2. Knowledge based on belief. ୩ । ପୂର୍ଣ୍ଣ ବିଶ୍ୱାସ—3. Full belief. ୪ । ପ୍ରସିଦ୍ଧି; ଖ୍ୟାତି—4. Renown; celebrity; notoriety (Apte).

Sampratīti

ସମ୍ପ୍ରଦା—ସ୍ତ୍ରୀ. ବି (ସ. ସମ୍ପ୍ରଦାୟ)—୧ । ବୈଷ୍ଣବ ବା ବୈରାଗୀମାନଙ୍କର ବିରାଟ ଦଳ; ଆଖଡ଼ା—1. Sect of anchorites. ୨ । ଗୋଳ କରତାଳ ସହ ନାମ ସଂଙ୍କୀର୍ତ୍ତନ କରିବା ଦଳ—2. A company of choristers for singing hymns with music. ୩ । ଖୋଳ କରତାଳ ସହ ନାମ ସଙ୍କୀର୍ତ୍ତନ—3. Chanting of hymns along with music.

Sampradā

ସମ୍ପ୍ରଦାତା—ସଂ. ବିଶ. ପୁଂ (ସମ୍+ପ୍ର+ଦା ଧାତୁ=ଦେବା+ତୃଚ୍ ତୃ; ୧ମା ୧ବ)—ସମ୍ପ୍ରଦାନ କର୍ତ୍ତା—(ସ୍ତ୍ରୀପ୍ରଦାତା—ଅନ୍ୟରୂପ) Giving away; bestowing. (ସମ୍ପ୍ରଦାତ୍ରୀ—ସ୍ତ୍ରୀ) ସଂ. ବି—ଦାତା; ଦାନକାରୀ ବ୍ୟକ୍ତି—Doner; giver; bestower.

Sampradātā

ସମ୍ପ୍ରଦାନ—ସଂ. ବି (ସମ୍+ପ୍ରଦାନ)—୧ । ସମ୍ପୂର୍ଣ୍ଣରୂପେ ଦାନ; ସମର୍ପଣ; ସ୍ୱ ସ୍ୱତ୍ୱ ଧ୍ୱଂସ ପୂର୍ବକ ଅନ୍ୟସ୍ୱତ୍ୱର (ସପ୍ରଦାନ—ଅନ୍ୟରୂପ) ଉତ୍ତମ ଢଙ୍ଗରେ ଦେବା ଯାଇଁ ଦାନ—1. Act of giving away; bestowing; donation; a gift out and out. ୨ । ବରଙ୍କୁ କନ୍ୟାଦାନରୂପ କର୍ମ—2. The act or ceremony of giving away a daughter in marriage to the bridegroom. ୩ । (ସଂସ୍କୃତ—ବ୍ୟାକରଣ) ଚତୁର୍ଥୀ ବିଭକ୍ତିର କାରକ; ଯେଉଁ ବ୍ୟକ୍ତିକୁ ଦାନ କରାଯାଏ ତତ୍ସମ୍ବନ୍ଧୀୟ କାରକ—ଏ. (Sanskrit grammar) The dative case. [ଦ୍ର—ଦାତାର ସ୍ୱତ୍ୱକୁ ଲୋପ କରି ଦତ୍ତ ବସ୍ତୁରେ ଦାନଗ୍ରହୀତାଙ୍କ ସ୍ୱତ୍ୱର ଉଦ୍ଭବ କରାଯିବା ଉଦ୍ଦେଶ୍ୟରେ ଦାନ କରିବା କ୍ରିୟା ସ୍ଥଳରେ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହୁଏ; ଯଥା ରଜା ବ୍ରାହ୍ମଣଙ୍କୁ ଗୋରୁ ଦାନ କଲେ—ଏଠାରେ ବ୍ରାହ୍ମଣଙ୍କୁ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହେଲା; କନ୍ତୁ ଯେଉଁଠାରେ ଦାତାଙ୍କ ସ୍ୱତ୍ୱକୁ ଲୋପ ନ ହୁଏ ସେଠାରେ ସମ୍ପ୍ରଦାନ କାରକ ଚତୁର୍ଥୀ ବିଭକ୍ତି ହୁଏ ନାହିଁ । ଯଥା ସେ ଧୋବାକୁ କାଚିବାକୁ ଲୁଗ ଦେଲେ । ଏଠାରେ 'ଧୋବାକୁ' ସମ୍ପ୍ରଦାନ କାରକ ହେବ ନାହିଁ । ସଂସ୍କୃତରେ କର୍ମ କାରକ ଓ ସମ୍ପ୍ରଦାନ କାରକର ଚିହ୍ନ ପୃଥକ୍; ଓଡ଼ିଆରେ ଏ ଦୁଇ କାରକର ଚିହ୍ନ 'କୁ'; ସଂସ୍କୃତ ବ୍ୟାକରଣରେ ରୁଚ୍ ଧାତୁ (ରୁଚିବା), ଧାରଧାତୁ (ଧାରିବା), ଶ୍ଲାଘ ଧାତୁ (ପ୍ରଶଂସା କରିବା), ହ୍ନୁ ଧାତୁ, ଶପଧାତୁ ଅତିରିକ୍ତ ପ୍ରୟୋଗ ସ୍ଥଳରେ ସମ୍ପ୍ରଦାନ କାରକ ହୁଏ । ଓଡ଼ିଆରେ ଏ ସବୁର ବ୍ୟବହାର ନାହିଁ ।] ୪ । ପ୍ରକୃଷ୍ଟ ଦାନ—4. Excellent gift. ୫ । ଦାନଗ୍ରହୀ ବ୍ୟକ୍ତି; ଯାହାଙ୍କୁ କୌଣସି ବସ୍ତୁ ଦାନ କରାଯାଏ—5. Donee.

ସମ୍ପ୍ରଦତ୍ତ
ସମ୍ପ୍ରଦାୟିକ
ସମ୍ପ୍ରଦାତା
} —ବିଣ

ସମ୍ପ୍ରଦାନୀୟ—ସଂ. ବିଣ (ସମ୍+ପ୍ର+ଦା ଧାତୁ+କର୍ମ ଅନୀୟ)—୧ । ଯେଉଁ ପଦାର୍ଥ ସମ୍ପ୍ରଦାନ କରି-

Sampradānīya

Digitized by srujanika@gmail.com

ଯିବାର ଯୋଗ୍ୟ ବା ସମ୍ପ୍ରଦାନ କରିଯିବା ପାଇଁ ଅଭିପ୍ରେତ—(ସଂପ୍ରଦାସ୍ୟ—ଅନ୍ୟରୂପ) 1. (A thing) Fit to be given away or dedicated to be given away. ୨ । (+ସମ୍ପ୍ରଦାନ ଅର୍ଥସ୍ୟ) ଯେଉଁ ବ୍ୟକ୍ତିକୁ କୌଣସି ବସ୍ତୁ ଦାନ କରିବା ପାଇଁ ସଂକଳ୍ପ କରୁ ଥାଇଥାଏ—2. (A person) To whom any thing is proposed to be given away. ୩ । (+କର୍ମ ଅର୍ଥସ୍ୟ) ସମ୍ପ୍ରଦାନର ଯୋଗ୍ୟ—3. Fit to be donated. ଫ. ବ ଦାନ—A gift; donation (Apte)

ସମ୍ପ୍ରଦାସ୍ୟ—ସଂ· ବ (ସମ୍+ପ୍ର+ଦା ଧାତୁ=ଉପଦେଶ ଦେବା+କର୍ମ ଅ, ଯ ଆଗମ)—୧ । ଗୁରୁପରମ୍ପରା· (ସଂପ୍ରଦାସ୍ୟ—ଅନ୍ୟରୂପ) ଗତ ଉପଦେଶ—1. Instruction (ପାମ୍ପ୍ରଦାୟିକ—ବଣ) transmitted from a preceptor to a disciple for generations; (Apte); traditions handed down from generation to generation of teachers. ୨ । ପୂର୍ବ ପରମ୍ପରା କ୍ରମେ ପ୍ରଚଳିତ ଧର୍ମ ମତବାଦ—2. Traditional religious doctrines; a peculiar system of religious teaching. ୩ । ସମାଜ—3. Sect; community. ୪ । ଦଳ; ଗୋଷ୍ଠୀ—4. A company; band, a troupe. ୫ । ସଦାଚାର; ପ୍ରଥା—5. Established custom; usage (Apte). ୬ । ଏକ ଜାତି ବା ସମାଜ ବା ଧର୍ମାବଲମ୍ବୀଙ୍କ ମଧ୍ୟରୁ ବିଶିଷ୍ଟ ମତାବଲମ୍ବୀ ବା ସ୍ୱତନ୍ତ୍ର ଦେବଦେବୀଭକ୍ତଦଳ ବା ଶାଖା—6. Subsect; sub caste. [ଦ୍ର—ହିନ୍ଦୁ ଧର୍ମାବଲମ୍ବୀମାନେ ବୈଷ୍ଣବ ଶୈବ, ଶାକ୍ତ, ଗାଣପତ୍ୟ, ସୌର ଆଦି ନାନା ସମ୍ପ୍ରଦାୟରେ ବିଭକ୍ତ । ଏହି ସମ୍ପ୍ରଦାୟମାନେ ପୁଣି ନାନା ଉପସମ୍ପ୍ରଦାୟରେ ବିଭକ୍ତ । ଯଥା—ବୈଷ୍ଣବମାନେ ରାମାନୁଜ ଆଦି, ଗୌଡ଼ୀୟମାନେ ଶ୍ରୀ ଆଦି ନାନା ସମ୍ପ୍ରଦାୟ ବା ଉପସମ୍ପ୍ରଦାୟରେ ବିଭକ୍ତ । ଖ୍ରୀଷ୍ଟାନମାନେ ପ୍ରୋଟେଷ୍ଟାଣ୍ଟ, ରୋମାନ୍ କାଥଲିକ; ଗ୍ରୀକ୍ ଚର୍ଚ୍ଚ ଓ ଯିହୁ ଆଦି ସମ୍ପ୍ରଦାୟରେ ବିଭକ୍ତ । ମୁସଲମାନମାନେ ସିଆ ସୀଦ୍ଦା, ସୁନ୍ନା ଆଦି ସମ୍ପ୍ରଦାୟରେ ବିଭକ୍ତ ।] ଦେ. ବ.—ସମ୍ପ୍ରଦା

सम्प्रदा सम्प्रदा (ଦେଶ)—Sampradā (See)

ସମ୍ପ୍ରଦାସ୍ୟ ଭୁକ୍ତ—ସଂ· ବଣ. ପୁଂ (୭ମୀ ତତ୍ପୁ)—ଏକ ସମ୍ପ୍ରଦାୟର (ସମ୍ପ୍ରଦାୟୀ—ଅନ୍ୟରୂପ) Sampradāya bhukta ଅନ୍ତର୍ଭୁକ୍ତ—Included in a sect; being a member of a sect.

ସମ୍ପ୍ରଧାରଣା(ଣୀ) Sampradhāraṇa(ṇā) ସଂ· ବ (ସମ୍+ପ୍ର+ଣିଜନ୍ତ ଧୃ ଧାତୁ+ଭାବ. ଅନ; +ଅ)—୧ । ସୂକ୍ଷ୍ମାତିସୂକ୍ଷ୍ମ ବିବେଚନା; ସତ୍‌ସତ୍ ବିବେଚନା; ଉଚିତାନୁଚିତ ନିଷ୍ପତ୍ତି—1. Disicrimination; making disitinction between right and wrong; determining the propriety or otherwise of anything. ୨ । କର୍ତ୍ତବ୍ୟାବଧାରଣ; କର୍ତ୍ତବ୍ୟ ନିର୍ଣ୍ଣୟ—2. Moral judgment; ascertainment of one's duty. ୩ । ଅବଧାରଣ, ନିର୍ଣ୍ଣୟ—3. Ascertainment.

ସମ୍ପ୍ରପଦ—ଫ· ବ (ସମ୍+ପ୍ର+ପଦ୍ ଧାତୁ+ଭାବ· ଅ)—ଭ୍ରମଣ; Samprapada ପରିଭ୍ରମଣ—Travelling; roaming about.

ସମ୍ପ୍ରପନ୍ନ—ଫ. ବଣ (ସମ୍+ପ୍ରପନ୍ନ)—୧ । ଠାରେ ଉପସ୍ଥିତ—Samprapanna 1. Arrived at (Apte). ୨ । ବିଶିଷ୍ଟ—2. Endowed with; possessed of (Apte). ୩ । ପ୍ରବିଷ୍ଟ—3. Entered; fallen into (Apte).

ସମ୍ପ୍ରବଦନ—ଽଂ. ବ (ସମ୍+ପ୍ରବଦନ)—କଥାବାର୍ତ୍ତା— Samprabadana Conversation; dialogue (Apte).

ସମ୍ପ୍ରବର୍ତ୍ତନ—ସଂ. ବ (ସମ୍+ପ୍ରବର୍ତ୍ତନ)—୧ । କାର୍ଯ୍ୟାରମ୍ଭ— Samprabarttana 1. Beginning. ୨ । କାର୍ଯ୍ୟରେ ପ୍ରବୃତ୍ତି, ସମ୍ପ୍ରବର୍ତ୍ତନ } ବଣ ଉପକ୍ରମଣ—2. Undertaking.

ସମ୍ପ୍ରବୃଷ୍ଟି(ଷ୍ଟି)—ସଂ. ବ (ସମ୍+ପ୍ରବୃଷ୍ଟି)—ସମ୍ପୂର୍ଣ୍ଣ ବର୍ଷା— Samprabṛushṭa(shṭi) Complete rainfall (Apte).

ସମ୍ପ୍ରବେଶ—ସଂ. ବ (ସମ୍+ପ୍ରବେଶ)—ପୂର୍ଣ୍ଣରୂପେ ପ୍ରବେଶ; ଉପଯୁକ୍ତ Samprabesa ପ୍ରବେଶ—Complete entrance; introduction (Apte). [ସମ୍ପ୍ରବିଷ୍ଟ, ସମ୍ପ୍ରବେଶିତ—ବଣ]

ସମ୍ପ୍ରଭିନ୍ନ—ସଂ. ବଣ (ସମ୍+ପ୍ରଭିନ୍ନ)—୧ । ଚିରି ଯାଇ ମେଲ ହୋଇ Samprabhinna ଯାଇଥିବା—1. Split open; cleft (Apte). ୨ । ମତ୍ତ (ହସ୍ତୀ ଆଦ)— 2. (an animal) In rut (Apte).

ସମ୍ପ୍ରମାଦ—ଽଂ· ବ (ସମ୍+ପ୍ରମାଦ)—ମୋହ; ଭ୍ରାନ୍ତି (ବିଶ୍ୱକୋଷ)— Sampramāda [ସମ୍ପ୍ରମତ୍ତ—ବଣ] Delusion.

ସମ୍ପ୍ରମୋଦ—ସଂ. ବ (ସମ୍+ପ୍ରମୋଦ)—ଅତ୍ୟନ୍ତ ଆନନ୍ଦ (ବିଶ୍ୱ- Sampramoda କୋଷ)—Excessive joy; jubilee [ସମ୍ପ୍ରମୋଦିତ—ବଣ] (Apte).

ସମ୍ପ୍ରମୋଷ—ସଂ. ବ (ସମ୍+ପ୍ରମୋଷ)—୧ । ଚୌର୍ଯ୍ୟ (ବିଶ୍ୱକୋଷ)— Sampramosha 1. Theft. ୨ । ବିନାଶ—2. Destruction (Apte), ୩ । କ୍ଷତି—3. Loss (Apte). ୪ । କାଢ଼ିନେବା—4. Abstraction (Apte),

ସମ୍ପ୍ରଯୁକ୍ତ—ସଂ. ବଣ (ସମ୍+ପ୍ର+ଯୁଜ୍ ଧାତୁ=ଯୋଗ କରିବା+ Samprajukta କର୍ମ. ତ)—୧ । ଏକତ୍ର ଯୋଗ୍ୟ ପିନ୍ଧା— 1. Yoked together. ୨ । ଲାଭ ଉଦ୍ଦେଶ୍ୟରେ ବିନିଯୋଜିତ (ଧନ)—2. Invested for profit. ୩ । ପରସ୍ପର କୃତସଙ୍ଗମ—3. Sexually united (Apte). ୪ । କୃତମନୋଭାବ—4. Intent upon. ୫ । (ବ୍ୟସନରେ) ଅସକ୍ତ—5. Addicted to.

Digitized by srujanika@gmail.com

ସମ୍ପ୍ରଯୋ(ଯ୍ଜୋ)ଗ—ସଂ. ବ (ସମ୍+ପ୍ର+ଯୁଜ୍ ଧାତୁ=ଯୋଗ କରିବା Samprajo(yo)ga +ଘଞ୍.ଅ)—୧ । ବନ୍ଧନ ଯୋଗ; ପ୍ରୟୋଗ—[ସଂପ୍ରଯୋ(ଯ୍ଜୋ)ଗ ଇତ୍ୟାଦି—ଅନ୍ୟରୂପ] 1. Application.

ସମ୍ପ୍ରଯୁକ୍ତ, ସମ୍ପ୍ରଯୋଜିତ (ଶିର୍.) } ବିଣ
ସମ୍ପ୍ରଯୋଜକ, ସମ୍ପ୍ରଯୋଗୀ } ବିଣ ୨ । ଧନାଦିର ବୃଦ୍ଧି ନିମନ୍ତେ ପ୍ରୟୋଗ; ଧନ ପ୍ରୟୋଗ; ଲାଭଖାଇଁ ବା ସୁଧଖାଇଁ ଟଙ୍କା ଖଟାଇବା—2. Investment of money. ୩ । ମାରଣ, ବଶୀକରଣ,ଉଚ୍ଚାଟନ ଆଦି ତାନ୍ତ୍ରିକ କ୍ରିୟା—3. Tāntric or esoteric or mesmeric rites employed to control the action of other persons. ୪ । ଇନ୍ଦ୍ରଜାଲ; କୁହୁକ—4. Magic; the black art. ୫ । ସାପେକ୍ଷତା—5. Corelation; mutual dependence. ୬ । ସମ୍ବନ୍ଧ—6. Relationship. ୭ । ସଂଯୋଗ—7. Connection. ୮ । ଯୌନ ସଙ୍ଗମ; ସଂସର୍ଗ; ରମଣ; ମୈଥୁନ—8. Cohabitation; mutual sexual intercourse; sexual union. ୯ । ଲମ୍ପଟ୍ୟ—9. Lechery. ୧୦ । ସଂଯୋଗ; ମିଳନ—10. Union; meeting (Apte). ୧୧ । ଧାରା—11. Connected series or order. ୧୨ । ତାନ୍ତ୍ରିକ ଅନୁଗ୍ରହ (ଯଥା—ମାରଣ, ବଶୀକରଣ, ଉଚ୍ଚାଟନ) ର ପ୍ରୟୋଗ (ବଶ୍ୟକୋଷ)—12. Application of Tantric charms against persons. ୧୩ । ଦୁଇ ପଦାର୍ଥକୁ ଯୋଡ଼ିବା ପଦାର୍ଥ ବା ମୁଦଅ—13. A connecting link; fastener (Apte).

ସମ୍ପ୍ରଯୋଗୀ—ସଂ. ବିଣ. ପୁଂ (ସମ୍+ପ୍ର+ଯୁଜ ଧାତୁ=ଯୋଗ Samprajogī କରିବା+କର୍ତ୍ତରି ଇନ୍, ୧ମା. ୧ବ) —୧ । (ସମ୍ପ୍ରଯୋଗିଣୀ—ସ୍ତ୍ରୀ) ସମ୍ପ୍ରୟୋଜକ—1. Investing; employing. ୨ । ଐନ୍ଦ୍ରଜାଲିକ; ତାନ୍ତ୍ରିକ ଅଭିଚାର ପ୍ରୟୋଗକାରୀ—2. Practising magic; conjurin. ୩ । କାମୁକ; କଳାକେଳି—3. Amorous; wanton. ୪ । ଲମ୍ପଟ—4. Adulterous; lecherous. ସଂ. ବ—୧ । ଧନ ଖଟାଇବା ବ୍ୟକ୍ତି—1. Investor. ୨ । ଐନ୍ଦ୍ରଜାଲିକ—2. Magician; a conjurer. ୩ । ଲମ୍ପଟ ବ୍ୟକ୍ତି—3. A lecher; a libertine. ୪ । ଅଙ୍ଗନିଃସର୍ଗକ ଉପାୟରେ ଇନ୍ଦ୍ରିୟ ତରତାର୍ଥକାରୀ ବ୍ୟକ୍ତି—4. A catamite (Apte).

ସମ୍ପ୍ରଯୋ(ଯ୍ଜୋ)ଜକ—ସଂ. ବିଣ. ପୁଂ (ସମ୍+ପ୍ର+ଣିଜନ୍ ଯୁଜ୍ Samprajo(yo)jaka ଧାତୁ ବା ଯୋଜ ଧାତୁ=ଯୋଗ କରି- (ସମ୍ପ୍ରଯୋ[ଯ୍ଜୋ]ଜକା—ସ୍ତ୍ରୀ) ଇବା+କର୍ତ୍ତରି. ଅକ)—୧ । କାମୁକ; ଲମ୍ପଟ—1. Wanton; addicted to sexual intercourse (Apte). ୨ । ସମ୍ପ୍ରଯୋଗ ଘଟାଇବା ବ୍ୟକ୍ତି—2. Bringing about samprajoga. ସଂ. ବ—୧ । ଦଲାଲ—1. Broker; tout. ୨ । ଯେଉଁ ବ୍ୟକ୍ତି ସ୍ତ୍ରୀକୁ ଓ ପୁରୁଷକୁ ସଙ୍ଗମାର୍ଥ ମିଳିତ କରାଏ—2. Bawd; panderer; procurer. ୩ । ସଂଯୋଗିକାରୀ ବ୍ୟକ୍ତି—3. A joiner; uniter (Apte).

ସମ୍ପ୍ରଯୋ(ଯ୍ଜୋ)ଜନ—ସଂ. ବ (ସମ୍+ପ୍ର+ଣିଜନ୍ ଯୁଜ୍ ଧାତୁ ବା Samprajo(yo)jana ଯୋଜ ଧାତୁ=ଯୋଗ କରାଇବା+ଘଞ୍. ସମ୍ପ୍ରଯୋ(ଯ୍ଜୋ)ଜିତ ସମ୍ପ୍ରଯୋ(ଯ୍ଜୋ)ଜ୍ୟ } ବିଣ ଅନ)—ଅନ୍ୟଦ୍ୱାରା ସମ୍ପ୍ରଯୋଗ ଘଟାଇବା—Bringing about Samprajoga.

ସମ୍ପ୍ରସାଦ—ସଂ. ବ (ସମ୍+ପ୍ର+ସଦ୍ ଧାତୁ=ପ୍ରସନ୍ନ ହେବା+ Samprasāda ଘଞ୍. ଅ)—୧ । ପ୍ରସନ୍ନତା—1. Favour. (ସମ୍ପ୍ରସନ୍ନ—ବିଣ) ୨ । ବିଶ୍ୱାସ—2. Trust. ୩ । ସୁଷୁପ୍ତି; ଗଭୀର ନିଦ୍ରା—3. Slumber; sound sleep. ୪ । ଯୋଗ ଶାସ୍ତ୍ରୋକ୍ତ ଚିତ୍ତର ନିର୍ମଳତାସଂପାଦକ ପରୀକ୍ଷଣ—4. (Joga) A trial for bringing about peace or contentment of mind.

ସମ୍ପ୍ରସାରଣ—ସଂ. ବ (ସମ୍+ପ୍ରସାରଣ)—୧ । ବିସ୍ତାରଣ— Samprasāraṇa 1. Extending. ୨ । ବିସ୍ତାର—(ସମ୍ପ୍ରସାରିତ—ବିଣ) 2. Extension. ୩ । (ବ୍ୟାକରଣ) ଇ, ଈ, ଉ, ଊ, ୠ ସ୍ଥାନରେ ଯଥାକ୍ରମେ ଯ, ୱ, ର, ଲ ଆଗମ ହେବାସୂତ୍ର—3. (grammar) The substitution of the letters Ja, Wa, Ṛa, Ḷa in the place of the letters I, Ū, Ṛu, Ḷu. ୪ । ସମ୍ପୂର୍ଣ୍ଣ ରୂପେ ମେଲଣି ଦେବା—4. Complete spreading out.

ସମ୍ପ୍ରସ୍ଥିତ—ସଂ. ବିଣ (ସମ୍+ପ୍ରସ୍ଥିତ)—୧ । ପ୍ରସ୍ଥାନୋଦ୍ୟତ— Samprasthita 1. Ready to start. ୨ । ଗତ; ଯେ (ସମ୍ପ୍ରସ୍ଥିତି, ସମ୍ପ୍ରସ୍ଥାନ—ବ) ଯାଇଅଛି—2. Gone; departed.

ସମ୍ପ୍ରହାର—ସଂ. ବ (ସମ୍+ପ୍ରହାର)—୧ । ସମ୍ୟକ୍ ପ୍ରହାର; ବିଶେଷ Samprahāra ପ୍ରହାର—1. Sound beating. ୨ । ସମ୍ପ୍ରହତ ସମ୍ପ୍ରହାସ } ବିଣ ହନନ; ମାରଣ (ଧରଣୀ)—2. Slaughter. ୩ । ଗମନ (ମେଦନୀ)—3. Going; motion. ୪ । ଯୁଦ୍ଧ (ଅମର)—4. Fight; battle. ୫ । ମାଡ଼ ମର୍ଦ୍ଦନ; ପିଟାପିଟି—5. Mutual striking; a strife.

ସମ୍ପ୍ରହାସ—ପୁ. ବ (ସମ୍+ପ୍ରହାସ)—ଉପହାସ; ବିଦ୍ରୂପ (ବଶ୍ୟକୋଷ) Samprahāsa Ridicule.

ସମ୍ପ୍ରାପତ—ତ୍ରି. ବିଣ (ତଦ୍ଧୀ)—ସମ୍ପ୍ରାପ୍ତ (ତଦ୍ଧୀ)—Samprāpta. Samprāpata (See) (ଜ୍—ଏକା କଳରେଟି ସ୍ୱରଅ, ସଦା ସମ୍ପ୍ରାପ୍ତ ସମ୍ପ୍ରାପ ସ୍ୱରୂପ ସମ୍ପ୍ରାପତ । ଦ୍ୱାତ୍ରୀ. ପୂର୍ଣ୍ଣତ୍ୱମ ତଦ୍ଦୋଦସ୍ୟ ।)

ସମ୍ପ୍ରାପ୍ତ—ପୁ. ବିଣ (ସମ୍+ପ୍ରାପ୍ତ)—୧ । ସମ୍ୟକ୍ ଲବ୍ଧ— Samprāpta 1. Specially obtained; received. (ସମ୍ପ୍ରାପ୍ତି—ବ) acquired, attained. ୨ । ସମାଗତ; ଉପସ୍ଥିତ—2. Arrived.

Digitized by srujanika@gmail.com

ସମ୍ପ୍ରୀତ—ବି. ବଣ (ସମ୍ + ପ୍ରୀତ) —୧ । ସନ୍ତୁଷ୍ଟ —1. Satisfied; Samprīta content. ୨ । ଅତି ତୁଷ୍ଟ; ଅତ୍ୟନ୍ତ ପ୍ରୀତିଯୁକ୍ତ— (ସଂପ୍ରୀତ—ଅନ୍ୟରୂପ) 2. Much pleased; gratified; [ସମ୍ପ୍ରୀତ—ବ] delighted; overjoyed. ୩ । ପରସ୍ପର ପ୍ରତି ପ୍ରୀତ—3. Mutually loving; on good terms with each other.

ସମ୍ପ୍ରେକ୍ଷଣ—ସଂ. ସ (ସମ୍ + ପ୍ରେକ୍ଷଣ)—୧ । ସମ୍ୟକ୍ ଦର୍ଶନ; Samprekshaṇa ଭଲଭାବେ ଦେଖିବା—1. Observation. (ସଂପ୍ରେକ୍ଷଣ—ଅନ୍ୟରୂପ) [ସମ୍ପ୍ରେକ୍ଷିତ—ବଣ] ୨ । ଅନୁସନ୍ଧାନ— 2. Investigation; inquiry.

ସମ୍ପ୍ରେଷ—ସଂ. ବ (ସମ୍ + ପ୍ର + ଇଷ୍. ଧାତୁ = ଗମନ କରିବା + Sampresha ଭାବ. ଅ)—୧ । ନିଯୋଗ; ବିଧି— 1. Rule. ୨ । ପ୍ରେରଣ—2. Sending away. (Apte). ୩ । ସଂବାଦ ପ୍ରେରଣ—3. Sending of message. (Apte)

ସମ୍ପ୍ରୋକ୍ଷଣ— ସଂ. ବ (ସମ୍ + ପ୍ରୋକ୍ଷଣ)—୧ । ସମ୍ୟକ୍ ଜଳସେଚନ— Samprokshaṇa 1. Thorough sprinkling. ୨ । (ସମ୍ପ୍ରୋକ୍ଷିତ—ବଣ) ବଳିଦାନ ପୂର୍ବରୁ ପଶୁ ବଧ ସ୍ଥାନରେ ପଶୁ ଉପରେ ମନ୍ତ୍ରୋଚ୍ଚାରଣପୂର୍ବକ ଜଳସେଚନ—2. Consecration of the victim by sprinkling water over it by uttering some formulas.

ସମ୍ପ୍ଲବ—ବଂ. ବ (ସମ୍ + ପ୍ଲୁ. ଧାତୁ = ଯିବା + ଭାବ. ଅ)— Samplaba ୧ । ସମ୍ୟକ୍ ପ୍ଲାବନ; ବନ୍ୟା; ଜଳର ଅଭିଶୟ (ସଂପ୍ଲବ—ଅନ୍ୟରୂପ) ବୃଦ୍ଧି—1. Inundation; flood. [ସମ୍ପ୍ଲୁତ, ସମ୍ପ୍ଲାବିତ—ବଣ] ୨ । ପ୍ରଳୟକାଳୀନ ବନ୍ୟା— 2. Deluge. ୩ । ଗତିଲମ୍ବ; ସଂକ୍ଷୋଭ—3. Restlessness. ୪ । ଇତସ୍ତତଃ ପତନ; ଗୃହଆଡ଼େ ବର୍ଷଣ (ଅପକୋଷ)—4. Showering on all sides. ୫ । ବନାଶ; ବନଷ୍ଟି—5. Falling into ruin; destruction (Apte).

ସମ୍ଫାଳ— ସଂ. ବ (ସମ୍ + ଫଲ୍. ଧାତୁ = ଫଳ ଧାରଣ କରିବା + Samphāḷa ଭାବ. ଅ) ୧ । ମେଘ—1. Cloud. ୨ । ମେଷ (ସଂଫାଳ—ଅନ୍ୟରୂପ) (ଭେମଚଉ)—2. Ram.

ସମ୍ଫୁଲ୍ଲ—ସଂ. ବଣ (ସମ୍ = ସମ୍ୟକ୍ + ଫୁଲ୍ଲ୍. ଧାତୁ = ପ୍ରସ୍ଫୁଟିତ Samphulla ହେବା + କର୍ତ୍ତା. ତ)—୧ । ପ୍ରଫୁଲ୍ଲ— (ସଂଫୁଲ୍ଲ—ଅନ୍ୟରୂପ) 1. Delighted. ୨ । ପ୍ରସ୍ଫୁଟିତ; ବିକସିତ—2. Full blown; expanded.

ସମ୍ଫେଟ—ସଂ. ବ (ନାଟ୍ୟୋକ୍ତିରେ)—୧ । ଅସ୍ଫାଳନ; ସ୍ପେଟପୂର୍ବକ Samphēṭa ବଚନ—1. Angry discourse. ୨। ଦୁଇ ଜଣ କ୍ରୁଦ୍ଧ ବ୍ୟକ୍ତିଙ୍କର ହେଠାହେଠି—2. Encounter between two angry persons. (Apte).

ସମ୍ବ୍ (ଧାତୁ) —ସଂ.—୧ । ଗତି କରିବା—1. To go; to Samb (root) move. (Apte) ୨ । ଗଦା କରିବା; ସଂଚିତ (ସଂଚ. ସ୍ୟନ୍ — ଅନ୍ୟରୂପ) କରିବା—2. To accumulate; to heap up; to collect.

ସମ୍ବ—ସଂ. ବ (ସମ୍ବ. ଧାତୁ = ଗମନ କରିବା + ଭାବ. ଅ)— Samba ୧ । ଦୁଇ ଥର ଚଷିବା; ଦୁଇ ଓଳ ଗ୍ରହ—1. Repeated cultivation; ploughing twice. (Apte) ୨ । ପ୍ରତିପ୍ରୋମାକର୍ଷଣ; ବିପରୀତ ଦିଗରୁ ଚଷିବା—2. Cultivating or ploughing from the opposite side. ୩ । କ୍ଷେତିକୁ ଦ୍ୱିତୀୟ ଥର ଚଷିବା—3. Ploughing of a field for the second time. (Apte) ୪ । (+କର୍ତ୍ତା. ଅ) ଜଳ—4. Water.

ସମ୍ବତ୍—ସଂ. ବ (ସମ୍ + ବଦ୍. ଧାତୁ = କହିବା + କର୍ମ. କ୍ୱିପ୍)— Sambat ୧। ସମ୍ବତ୍ସର, ବର୍ଷ—1. Year. ୨। ରାଜା ବିକ୍ରମାଦିତ୍ୟଙ୍କ (ସବତ୍—ଅନ୍ୟରୂପ) ପ୍ରବର୍ତ୍ତିତ ଅବ୍ଦ—2. The era promulgated by king Bikramāditya. [ଦ୍ର— ଖ୍ରୀଷ୍ଟଜନ୍ମର ୫୭ ବର୍ଷ ପୂର୍ବରୁ ଏ ଅବ୍ଦ ପ୍ରବର୍ତ୍ତିତ ହୋଇଅଛି । ଖ୍ରୀଷ୍ଟାବ୍ଦ ସଙ୍ଗେ ୫୭ ସଂଖ୍ୟା ଯୋଗ କଲେ ସମ୍ବତ୍ ଅବ୍ଦର ସଂଖ୍ୟା ମିଳେ । 'ସନ' ଶବ୍ଦ ତଳେ ଟିପ୍ପଣୀ ଦେଖ ।

'ଅମରକୋଷ' ଅବଧାନରେ 'ସମ୍ବତ୍' ଶବ୍ଦ ଅବ୍ୟୟରୂପେ ପରିଗଣିତ ହୋଇଅଛି ।]

ସମ୍ବତ୍ସର—ଅ. ବ (ସମ୍ + ବତ୍ସର)—ପୂର୍ଣ୍ଣ ଏକ ବର୍ଷ; ବାର ମାସ— Sambatsara A year; a twelve month. (ସଂବତ୍ସର—ଅନ୍ୟରୂପ)

ସମ୍ବଦନ—ଅ. ବ (ସମ୍ + ବଦ୍. ଧାତୁ = କହିବା + ଭାବ. ଅନ)— Sambadana ୧ । କଥନ—1. Speaking. ୨।ଉଚ୍ଚାରଣ— (ସବଦନ—ଅନ୍ୟରୂପ) 2. Uttering. ୩ । (+କର୍ମ. ଅନ) ସମ୍ବାଦ—3. News; intelligence. ୪ । ସଦୃଶୀକରଣ—4. Act of making similar; equalisation.

ସମ୍ବଦ୍ଧ—ସଂ. ବଣ (ସମ୍ + ବନ୍ଧ୍. ଧାତୁ = ବାନ୍ଧିବା + କର୍ମ. ତ)— Sambaddha ୧ । ସମ୍ବନ୍ଧଯୁକ୍ତ—1. Having relation (ସଂବନ୍ଧ—ଅନ୍ୟରୂପ) or connection; related to. ୨ । [ସମ୍ବନ୍ଧ—ବ] ଦୃଢ଼ବଦ୍ଧ; ଉତ୍ତମରୂପ ସହିତ ବନ୍ଧା ହୋଇଥିବା— 3. Well tied; bound; fastened together. ୩ । ସଂଯୁକ୍ତ; ମିଳିତ—3. Associated; joined to; united with; connected with. ୪। ବନ୍ଦ (ଦ୍ୱାର) —4. Closed; shut. (Apte) ୫ । ବିଶିଷ୍ଟ—5. Endowed with. (Apte) . ୬ ।

Digitized by srujanika@gmail.com

(ବ୍ୟାକରଣ) ଅର୍ଥ ବା ରଚନା ସମ୍ବନ୍ଧ ବିଶିଷ୍ଟ—6. Connected in sense; grammatically connected (Apte)

ସମ୍ବନନ—ସଂ. ବ (ସମ୍ + ବନ୍. ଧାତୁ=ଯାଚ୍ଞା କରିବା, ଅଧୀନ Sambanana କରିବା + ଭାବ. ଅନ) —୧ । ଆଲୋଚନା—1. Discussion; debating. ୨ । ବଶୀକରଣ—2. Subjugating; bringing under control. ୩ । ମନ୍ତ୍ରୌଷଧି ଦ୍ୱାରା ମୁଗ୍ଧ କରିବା—3. Fascinating; infatuating; charming.

ସମ୍ବନ୍ଧ—ସ. ବ (ସମ୍ + ବନ୍ଧ୍ ଧାତୁ + ଭାବ. ଅ)—୧ । ସମ୍ପର୍କ—Sambandha 1. Relationship. [ବ୍ୟୁ—ଦୁଇ (ସଦୃଶ ଇତ୍ୟାଦି—ଅନ୍ୟରୂପ) ବସ୍ତୁଙ୍କ ମଧ୍ୟରେ ଘଟିବା (ସମ୍ବନ୍ଧୀ, ସମ୍ବନ୍ଧୀୟ, ସମ୍ବଦ୍ଧ—ଜଣ) ସମ୍ବନ୍ଧ ୩ ପ୍ରକାରର; ଯଥା—(୧) ବଦ୍ୟାଜ ସମ୍ବନ୍ଧ (ଯଥା—ଗୁରୁଙ୍କ ସଙ୍ଗେ ଶିଷ୍ୟର ସଦ୍ଭାବ; ଦୁଇ ଗୁରୁ ଭାଇଙ୍କ ମଧ୍ୟରେ ସମ୍ବନ୍ଧ) । (୨) ପ୍ରୀତିଜ ସମ୍ବନ୍ଧ (ଯଥା—ମିତ୍ରତାଦ୍ୱାରା ସ୍ଥାପିତ ସମ୍ବନ୍ଧ) । (୩) ଯୋନିଜ ସମ୍ବନ୍ଧ (ଯଥା—ରକ୍ତ ବା ଜନ୍ମ ଓ ବିବାହାଦି ଦ୍ୱାରା ସ୍ଥାପିତ ସମ୍ବନ୍ଧ)] । ୨। ସଂସର୍ଗ—2. Connection; association. [ବ୍ୟୁ—ଏ ସଂସର୍ଗ ପ୍ରତିଯୋଗୀ, ଅନୁଯୋଗୀ, ଆଧାର, ଅଧେୟ, ବିଷୟୀ ଓ ବିଷୟିଭାବରୂପ—ବିଶ୍ୱକୋଷ ।] ୩ । ଏକ ପଦାର୍ଥ ସଙ୍ଗେ ଅନ୍ୟ ପଦାର୍ଥର ସଂଯୋଗ—3. Connection or union of one thing with another. (ଉ—ରତ୍ନର ସମ୍ବନ୍ଧେ ଯାତେସ୍ତ ପଡ଼ୁଛି—କୁସୁମଚିହ୍ନ ମଦାଲ୍ସରତ ପଦ୍ୟ ।) ୪ । ମିଳନ—4. Union. ୫ । ସଂଘଟନ—5. Combination. ୬ । ସମୀଚୀନତା; ଉପଯୁକ୍ତତା; ଯୋଗ୍ୟତା—6. Propriety; fitness. ୭ । (+ ଭାବ ଅ.) ଅନ୍ତରଙ୍ଗତା; ବନ୍ଧୁତା; ମିତ୍ରତା; ସଖ୍ୟ—7. Friendship; friendly connection. ୮ । ଜ୍ଞାତିତ୍ୱ—8. Kinship, (ଉ—ବାପୁ, ଭାଇ, ପୁଅ ଯେ ସମ୍ବନ୍ଧ ବାନ୍ଧବ, ଦୁରାଇଲେଟି ଯୁଧିଷ୍ଠିର ନରଧବ—କୁସୁମଚିହ୍ନ ମଦାଲ୍ସରତ ଅଦ୍ୟ ।] ୯ । କାର୍ଯ୍ୟକାରଣତା ବା ଜନ୍ୟଜନକତା ଭାବ—9. Relationship of cause and effect. ୧୦ । (ବ୍ୟାକରଣ) ଷଷ୍ଠୀବିଭକ୍ତ୍ୟର୍ଥକ କାରକ—10. [grammar] The genitive case; the 6th case. [ବ୍ୟୁ—ସମ୍ବନ୍ଧ ଅନେକ ପ୍ରକାରର; ଯଥା—ଆଧାର ସଙ୍ଗେ ଅଧେୟର ସମ୍ବନ୍ଧ; ପ୍ରତିଯୋଗ୍ୟ ସଙ୍ଗେ ଅନୁଯୋଗ୍ୟର ସମ୍ବନ୍ଧ, ବିଷୟୀ ସଙ୍ଗେ ବିଷୟୀର ସମ୍ବନ୍ଧ ଇତ୍ୟାଦି ।] ୧୧ । ବିବାହଦ୍ୱାରା ସ୍ଥାପିତ ବନ୍ଧୁତ୍ୱ—11. Relationship by marriage; matrimonial alliance. ୧୨ । ସମୃଦ୍ଧି—12. Affluence; prosperity. ୧୩ । ବନ୍ଧୁ—13. A relative (Apte) ୧୪ । ଜ୍ଞାତି; ସଗୋତ୍ର—14. Kinsman (Apte). ୧୫ । ବିବାହ ଦ୍ୱାରା ବନ୍ଧୁତ୍ୱ ସ୍ଥାପନ—15. Establishment of relationship by marriage. ବେ. ବହୁ—୧ । ସମର୍ଥ 1. Able; capable. ୨ । ଉପଯୁକ୍ତ; ସମୀଚୀନ—2. Proper right. ୩ । ମିଳିତ—3. United; joined together; combined.

ସମ୍ବନ୍ଧ **ସମନ୍ଧ**

ସମ୍ବନ୍ଧ କରିବା—ବେ. କ୍ରି—କୌଣସି ବ୍ୟକ୍ତି ବା କଣ୍ଠ ସଙ୍ଗେ ଅପଣା Sambandha karibā ବଂଶର କୌଣସି ବ୍ୟକ୍ତିର ସମ୍ବନ୍ଧ କରା **ସମନ୍ଧ କରନା** ବୈବାହିକ ସମ୍ବନ୍ଧର ପ୍ରତିଷ୍ଠା କରିବା—To form matrimonial alliance with any person or family.

ସମ୍ବନ୍ଧ ପକା(କେ)ଇବା—ବେ. କ୍ରି—ଦୁଇ ବ୍ୟକ୍ତି ବା ଦୁଇ ବଂଶ ମଧ୍ୟରେ Sambandha pakā(ke)ibā ବୈବାହିକ ସମ୍ବନ୍ଧ ଘଟିବାର ସମ୍ବନ୍ଧେରକଥା ଚାଳନ **ସମନ୍ଧ ଚଲାନା** ପ୍ରସ୍ତାବ କରିବା—To propose a matrimonial alliance between 2 persons or 2 families.

ସମ୍ବନ୍ଧ ପଡ଼ିବା—ବେ. କ୍ରି—ବୈବାହିକ ସମ୍ବନ୍ଧର ପ୍ରସ୍ତାବ ବା କଥାବାର୍ତ୍ତା Sambandha pardibā ଚଳିବା—The mooting of ସମ୍ବନ୍ଧେର କଥା ଚଳା **ସମନ୍ଧ ଚଲନା** a proposal for marriage relationship.

ସମ୍ବନ୍ଧ ବାନ୍ଧିବା—ବେ. କ୍ରି—କୌଣସି ବ୍ୟକ୍ତି ବା ବଂଶ ସଙ୍ଗେ ଅପଣା Sambandha bāndhibā ବଂଶର ବୈବାହିକ ସମ୍ପର୍କ ସମ୍ବନ୍ଧ ବାନ୍ଧା **ସମନ୍ଧ ବାନ୍ଧନା** ସ୍ଥାପନ କରିବା—To form a marriage relationship between one's family and another's.

ସମ୍ବନ୍ଧରେ—ବେ. ଅ—୧ । ସମ୍ପର୍କରେ—1 In relation to; Sambandhare in connection with. ସମ୍ବନ୍ଧେ **ସଂବନ୍ଧମେ** ୨ । ବିଷୟରେ—2. About; in respect of; in the matter (ସମ୍ବନ୍ଧେ—ଅନ୍ୟରୂପ) of; in regard to. [ବ୍ୟୁ—ସମ୍ବନ୍ଧରେ ବା ସମ୍ବନ୍ଧେ ଶବ୍ଦର କରଣିଆ ସାଙ୍ଗେଭଳି । ସ୍ମୃ । ବା ସ୍ମୃଥେ ଅଟେ ।]

ସମ୍ବନ୍ଧରେ ଷଷ୍ଠୀ ବିଭକ୍ତି—ବେ. ବି. (ବ୍ୟାକରଣ)—ଦୁଇ ବସ୍ତୁ ବା ଦୁଇ Sambandhare shashṭhī bibhakti ବ୍ୟକ୍ତି ମଧ୍ୟରେ ବା ସମ୍ବନ୍ଧେ ଷଷ୍ଠି ବିଭକ୍ତି ଏକ ବ୍ୟକ୍ତିସଙ୍ଗେ ଅନ୍ୟ ବସ୍ତୁର ବା ଗୁଣର **ସମ୍ବନ୍ଧେ ଷଷ୍ଠୀ ବିଭକ୍ତି** ସମ୍ବନ୍ଧ ଥିଲେ ପ୍ରଥମ ବସ୍ତୁର ବା ବ୍ୟକ୍ତିର ବୋଧକ ଷଷ୍ଠୀ ବିଭକ୍ତି—Genitive case based on relationship or connection.

[ଉ—ଘରେର କଥା—ଘର ସମ୍ବନ୍ଧୀୟ କଥା ।]

ସମ୍ବନ୍ଧା ସମ୍ବନ୍ଧୀ—ବେ. ବ.—ସମଦା ସମଧା (ଦେଶ)—Sambandhā sambandhi **Samadā samadī** (See) ବେଆୟେ ବେଆୟେ କୋଳାକୁଳି **ସମନ୍ଧା ସମନ୍ଧୀ**

Digitized by srujanika@gmail.com

ସମ୍ବନ୍ଧୀ—ଫ. ବ. ପୁଂ (ସମ୍ବନ୍ଧ+କର୍ତ୍ତୃ. ଇନ୍; ୧ମା ୧ବ)—୧ । Sambandhī ସମ୍ବନ୍ଧ ବିଶିଷ୍ଟ—1. Having relation· (ସମ୍ବନ୍ଧୀ—ସ୍ତ୍ରୀ) ୨ । ମିଳିତ—2. Joined; associated· ୩ । ବନ୍ଧୁତା ଦ୍ୱାରା ସମ୍ପର୍କ ଯୁକ୍ତ—3. Related to. [ତୁ—ଶବ୍ଦ ସମ୍ବନ୍ଧୀରେ ଅଦ୍ଭୁତ ରସ ଦୋଇ । —କୃତ୍ତିବିଂଦ. ମହାଭାରତ. ସଭା] ୪ । ସଦ୍‌ଗୁଣ ବିଶିଷ୍ଟ—4. Possessing good qualities. ୫ । ଉପଯୁକ୍ତ-5. Fit; befitting. ୬ । ସମର୍ଥ—6. Capable. ୭ । ସମ୍ବନ୍ଧୀୟ—7. Relating to; belonging to. ୮। ବହୁଗୁଣ ବିଶିଷ୍ଟ—8. Possessing many qualities (Apte). ୯ । ବିଦ୍ୱାନ୍ (ବିଶ୍ୱକୋଷ)—9. Learned. ଫ. ବ. ପୁଂ—୧ । କୁଟୁମ୍ବ—1. Kinsman. ୨ । ବିବାହ ଜନ୍ୟ ଦ୍ୱାରା ଉତ୍ପନ୍ନ ବନ୍ଧୁତ୍ୱ—2. A marriage relation. ୩। ମିତ୍ର (ବିଶ୍ୱକୋଷ)—3. A friend. ଦେ. ବ. ପୁଂ.—ସମଧୀ; ଅଘଣା (ସମ୍ବନ୍ଧୁଣୀ—ସ୍ତ୍ରୀ) ସ୍ୱାମୀର ବା ଜନ୍ୟାର ଶ୍ୱଶୁର—The father-ବେଆଇ **समधी** in-law of one's off spring. [ତୁ—ସ୍ୱଯୋଧନ ଭୂମର ସମ୍ବନ୍ଧୀ ଅଟଇ, ତାହୁ ଶୁଣି ଏହାଙ୍କ ସେନ ନ ଯୋଗାଇ ।—କୃତ୍ତିବିଂଦ. ମହାଭାରତ. ଶଲ୍ୟ ।] [ତୁ—ବଙ୍ଗଳାରେ ଶଳାଘୁ 'ସମ୍ବନ୍ଧୀ' ବୋଲିସାଏ ।]

ସମ୍ବନ୍ଧନା—ଃଂ. ବ—ସ୍ନେହ ଉଦ୍ଦୀପନାର ବିକାଶ ବିଶେଷ—A phase **Sambandhinī** of kindling of affection or love. (ତୁ—ବନ୍ଧନା ସମ୍ବନ୍ଧନା ଅଭ୍ୟର୍ଥନା, ବିକାର ଭଳି ଗୁଣ ଅଣ୍ଟି ସେନ । ସାମନ୍ତସିଂହାର. ବିଦଗ୍ଧଚିନ୍ତାମଣି ।) ସଂ. ବିଣ. ସ୍ତ୍ରୀ—ସମ୍ବନ୍ଧୀର ସ୍ତ୍ରୀଲିଙ୍ଗ—Feminine of Sambandhī.

ସମ୍ବନ୍ଧୀୟ—ଫ. ବିଣ (ସମ୍ବନ୍ଧ+ଈୟ) ସମ୍ବନ୍ଧଯୁକ୍ତ; ସମ୍ପର୍କୀୟ— Sambandhīya Related to; relating to; pertaining to.

ସମ୍ବର—ସଂ, ବ (ସମ୍ ଧାତୁ=ଗମନକରିବା+ଉତ୍ତ୍ର. ଅଚ; କମ୍ବା ସମ୍ Sambara +ବୃ ଧାତୁ=ଆବରଣ କରିବା+ଉତ୍ତ୍ର. ଅ)-(ସବର ଇତ୍ୟାଦି—ଅଳ୍ୟରୂପ) ୧ । ଜଳ—1. Water. ୨ । ପର୍ବତ—2. Mountain. ୩ । ପର୍ବତବିଶେଷର ନାମ—3. The name of a mountain. ୪ । ସେତୁ—4. Bridge; dam. ୫ । ବୌଦ୍ଧ-ଦ୍ଭବିଶେଷ (ମେଦଘ)—5. Name of a Buddhist religious observance. ୬ । (+ଶ୍ରବ ଅ) ସଯମ (ଜିତାତ୍ମବିଶେଷ)—6. Self control; self-restraint. ୭ । ଇନ୍ଦ୍ରିୟଦମନ—7. Controlling of the sense-organs. ୮ । ସମ୍ବରଣ—8. Controlling. ୯ । ଦମନ—9. Checking. ୧୦। ସମ୍ବର ହ୍ରଦ (ଦେଶ)—10. Sambara hrada (See) ୧୧। ସମ୍ବର ମତ୍ସ୍ୟ (ଦେଶ)—11. Sambara matsya (ଦେଶ) ୧୨। ଶମ୍ବର ୧ (ଦୈତ୍ୟ)—12. Sambara. (See) ୧୩। ଶମ୍ବର ୧୩ (ଦୈତ୍ୟ)—13. Sambara 13 (See). ଦେ. ବ. ସମ୍ବର ଦଶମୀ (ପର୍ବ)—Sambara daśamī (See)

ସମ୍ବରଣ—ସଂ. ବ (ସମ୍+ବୃ ଧାତୁ=ଆବରଣ କରିବା+ଲ୍ୟୁ. ଅନ)-Sambaraṇa ୧। ଆବରଣ—1. Covering. ୨। ଲୁଚାଇବା ସଗୋପନ; ଗୋପନ—2.Concealing, ୩। ଦମନ—3. Checking. repression. suppressing. ୪ । ସମ୍ଭାଳିବା; ସଂଯମନ—4. Controlling; restraining. ୫ । ବରଣ—5. Selecting. ୬। ବରମାଲାଦାନ—6. The act of selecting one's husband by presenting him with a garland. ୭। ଇନ୍ଦ୍ରିୟସଂଯମ—7. Controlling of the passions. ୮ । ଚନ୍ଦ୍ରବଂଶୀୟ ଜନୈକ ରାଜା—8. Name of a king of the Lunar dynasty. [ତୁ—ଏ ପଞ୍ଚାଳରାଜାଙ୍କ ଦ୍ୱାରା ସତ୍କୃତ ହୋଇ ରାଜ୍ୟ ହରାଇଥିଲେ; ପରେ ବଶିଷ୍ଠଙ୍କୁ ପୁରୋହିତ କରି ବହୁ ଚେଷ୍ଟାରେ ରାଜ୍ୟ ପାଇଲେ । ଏ ସମ୍ପର୍କରୁ ତପତ୍ତାଙ୍କୁ ବିବାହ କରିବାକୁ ଚାଲାଯିବା ହେବାରୁ ବଶିଷ୍ଠ ସ୍ୱର୍ଗଲୋକକୁ ଯାଇ ସୂର୍ଯ୍ୟଙ୍କ ଅନୁମତି ଗ୍ରହଣପୂର୍ବକ ତପତ୍ତାଙ୍କୁ ଏହାଙ୍କ ସଙ୍ଗେ ବିବାହିତା କରାଇଲେ ଓ ଏହାଙ୍କ ଗର୍ଭରୁ କରୁର ନାମକ ବିଖ୍ୟାତ କୁମାର ଜନ୍ମଗ୍ରହଣ କରିଥିଲେ ।]

ସମ୍ବରଣ କରିବା—ଦେ. କି—ସମ୍ଭାଳିବା; ଦମନ କରିବା— Sambaraṇa karibā To restrain; to check. सम्वरण करा **सम्वरण करना**

ସମ୍ବର ଦଶମୀ—ଦେ. ବ (ସଂ. ଶାମ୍ ଦଶମୀ)—ପୌଷ ଶୁକ୍ଳ ଦଶମୀରେ Sambara daśamī ଅନୁଷ୍ଠିତ ହନ୍ଦୁମାନଙ୍କ ବ୍ରତ ବିଶେଷ; (ସମ୍ବର ଦଶେଇଁ —ଗ୍ରାମ୍ୟରୂପ) (ଏହି ବ୍ରତରୁ ଅଗ୍ନ୍ୟାଳ ସରୁ ଚାଉଳ ସମ୍ବର ଦଶମୀ ଘାଲନ କରନ୍ତି)—A Hindu festival of **सम्बर दशमी** worshipping the Sun-god on the 10th day of the bright lunar fortnight of the month of Pausba, observed by all classes of people. [ତୁ—ଏହି ଦିନ ପିଷ୍ଟକ, ନାଡ଼ୁକେଳ, ଚଦଳୀ, ଶର୍କରା ଆଦି ନୈବେଦ୍ୟ ଅର୍ପଣ କରି ମଧ୍ୟାହ୍ନରେ ସୂର୍ଯ୍ୟଙ୍କୁ ପୂଜା କରାଯାଏ । ଏହାର ବାକ୍ୟ—"ପୌଷେ ମାସି ସିତେ ପକ୍ଷେ ଦଶମ୍ୟାଂ ଧର୍ମ ଦେବତାଂ ଘୃତସାଚିତ ଘୃତାଦୌଃ ଘୃତସ୍ନେଦଷ୍ଟାଲ୍ଲବ୍ଧଃ ।" କେହି କେହି ଉଦୟ କାଳରେ, ମଧ୍ୟାହ୍ନରେ ଓ ସନ୍ଧ୍ୟାରେ ମଧ୍ୟ ସେହିପରି ପୂଜା କରନ୍ତି । ଏହି ତିନିଥର ପୂଜାରେ ନୈବେଦ୍ୟ ବଦଳି ।]

ସମ୍ବର ଦୈତ୍ୟ—ସଂ. ବ—ଶମ୍ବର ୧୩ (ଦେଶ) Sambara daitya Sambara 13 (See)

Digitized by srujanika@gmail.com

ସମ୍ବର ମତ୍ସ୍ୟ—ସଂ.ବ—ବୃହତ୍ଜାତି ସାମୁଦ୍ରିକ ମତ୍ସ୍ୟ ବିଶେଷ; ଶିଶୁମାର ?
Sambara matsya —A species of big sea fish; gangetic porpoise ?

ସମ୍ବର ମୃଗ—ସଂ. ବ—ଶମ୍ବର ୧ (ଦେଖ)
Sambara mṛuga Sambara 1 (See)

ସମ୍ବର ସିଙ୍ଘା—ଦେ. ବ—ଘଣ୍ଟି ୩ (ଦେଖ)
Sambara singhā Ghaṇṭi 3 (See)
ଘଣ୍ଟା ଘଂଟୀ

ସମ୍ବର ରିପୁ—ସଂ, ବ (୬ଷ୍ଠୀ ତତ୍) —ମଦନ; କାମଦେବ—
Sambara ripu Cupid (Apte).

ସମ୍ବର ହ୍ରଦ—ସଂ. ବ—ରାଜପୁତାନା ଅନ୍ତର୍ଗତ ଲବଣାକ୍ତ ହ୍ରଦ
Sambara hrada ବିଶେଷ—The Sambara lake in Rājputānā (from the water of which salt is extracted by evaporation). (ଉ—ଅସଙ୍ଖ୍ୟ ସମ୍ବରକୁଳଂ ବୈତ୍ରତ ପଦାତ ପ୍ରାଂଶୁତନୁ । ରଘୁବଂଶ. ମହାପାତ୍ର ।) [ଟି—ଏହି ହ୍ରଦର ଜଳରୁ ସୂର୍ଯ୍ୟକିରଣରେ ଶୁଖାଇ ତହିଁରୁ ଲବଣ ଉତ୍ପାଦନ କରାଯାଏ ।]

ସମ୍ବରାରି—ସ. ବ (୬ଷ୍ଠୀ ତତ୍) —ମଦନ; କାମଦେବ—
Sambarāri A name of the Cupid.
[ଟି—କାମ ସମ୍ବରାସୁରକୁ ବଧ କରିଥିଲେ ।]

ସମ୍ବରାସୁର—ସ. ବ—ଶମ୍ବର ୧୩ (ଦେଖ)
Sambarāsura Sambara 13 (See)

ସମ୍ବରି—ଦେ. ବିଣ (ସଂ. ସାମ୍ବର)—ସମ୍ବର ସମ୍ବନ୍ଧୀୟ—Relating
Sambari to sambara. (ଉ—ସମ୍ବର ଚର୍ମ, ସମ୍ବରଲବଣ)
ସମ୍ବରି ସମ୍ବରକା

ସମ୍ବରି ଚମ(ଚମଡ଼ା)—ଦେ. ବ—ସମ୍ବର ମୃଗର ଚର୍ମ—The hide
Sambari chama(chamarḍā) or skin of the
ସମ୍ବରି ଚାମଡ଼ା ସମ୍ବରକା ଚମଡ଼ା Sambara deer.

ସମ୍ବରିତ—ଦ. ବିଣ (ସମ୍+ଣିଜନ୍ତ ବୃ ଧାତୁ ବା ବର୍ ଧାତୁ+କର୍ମ. ତ
Sambarita —୧ । ଆବୃତ—1. Covered over. ୨ ।)
(ସମ୍ବରଣ—ବ) ଗୋପିତ—2. Concealed. ୩ । ଦମିତ—
3. Controlled; restrained; checked. ୪ ।
ବରିତ—4. Selected.

ସମ୍ବରି ଲୁଣ—ଦେ. ବ (ସଂ. ସମ୍ବର ଲବଣ)—ସମ୍ବର ହ୍ରଦର ଜଳରୁ
Sambari luṇa ଉତ୍ପନ୍ନ ଲବଣ—Salt extracted
ସମ୍ବରି ନୂନ from the Sambara lake.
ସାମ୍ଭର ନମକ

ସମ୍ବରିବା—ଦେ. କି (ଉଦ୍ୟ) (ସଂ. ସମ୍ବରଣ)—ଲୁଚାଇବା; ଗୋପନ
Sambaribā କରିବା—To conceal. [ଟି—ଅନ୍ୟେ ସମ୍ବରଣ କରା ଯେଉଁଥାଳ । ଜିଣୁଲ ତୁମର ରଙ୍ଗିଲ କାହିଁ ସମ୍ବର— ରୋକନା ରାଧାନାଥ ଗ୍ରନ୍ଥାବଳୀ ।]

ସମ୍ବରୀ—ସ. ବ (ବୈଦ୍ୟକ) (ସମ୍ବ ଧାତୁ+କୃତ୍. ର+ଈ)—
Sambarī ୧ । ବୃହଦ୍ଦନ୍ତୀ ନାମକ ଔଷଧ ଉଦ୍ଭିଦ—1. Croton
(ଶବ୍ଦ—ଅନ୍ୟରୂପ) seeds. ୨ । ଶତାବରୀ (ଶଜଚନ୍ଦ୍ରିକା)—
2. Asparagcs Racemosus. ୩ । ଦୁଧିଲତାଣ୍ଡୀ; ଥାଳକୁଣୀ (ଅମର)—3. Ipomoea Reniformis (weed).

ସମ୍ବର୍ତ୍ତ—ସ. ବ (ସମ୍+ବୃତ୍ ଧାତୁ=ଢ଼େକା+ଘଞ୍. ଅ)—୧ ।
Sambartta ଜଲାଦ୍ର ମହାପ୍ରଳୟ—1. The universal
(ସମ୍ବର୍ତ୍ତି ଇତ୍ୟାଦି—ଅନ୍ୟରୂପ) Deluge at the end of a Kalpa or age. ୨ ।(+କର୍ତ୍ତି. ଅ) ବହୁ ଜଳବର୍ଷୀ ମେଘବିଶେଷ; ଗୁରୁ ପ୍ରକାର ମେଘରୁ ଏକତମ—
2. The name of one of the four classes of clouds, which rains much. ୩ । ପ୍ରଳୟ କାଳୀନ ବୃତ୍ତ ମେଘରୁ ଏକତମ—3. Name of a kind of cloud raining during the Dissolution of the universe. ୪ । ମୁନିବିଶେଷ—
4. Name of a sage. [ଟି—ଏ ମହର୍ଷି ଅଙ୍ଗିରାଙ୍କ ପୁତ୍ର ଓ ବୃହସ୍ପତିଙ୍କ ଭାଇ ଥିଲେ । ବୃହସ୍ପତିଙ୍କର ଏହାଙ୍କ ପ୍ରତି ବିଦ୍ୱେଷ ଥିବାରୁ ଏ ଗୁରୁତ୍ୟାଗ କରି ବହୁ ଦେଶ ପର୍ଯ୍ୟଟନ କରିଥିଲେ । ଏହାଙ୍କ ଅନୁପସ୍ଥିତିରେ ମରୁତ୍ତ ରାଜା ଜବଚ୍ଛିଦ୍ରର ଯଜ୍ଞ ସମ୍ପାଦନ କରିବାରୁ ଇନ୍ଦ୍ର, ଉକ୍ତ ଯଜ୍ଞରେ ବଦ୍ଧ ପଶୁମାନଙ୍କୁ ଅସମର୍ଥ ହୋଇ ଶେଷରେ ମରୁତ୍ତଙ୍କ ସଙ୍ଗେ ଦେଖା ସ୍ଥାନେ କଲେ । ଏହି ଋଷି ଉପସ୍ୟାଦ୍ୱାରା ବିଶେଷ ଅଭିଜ୍ଞତା ଲାଭ କରିଥିଲେ ।] ୫ । ଜର୍ତ୍ତିଳ ଫଳ ବୃକ୍ଷ--5. Name of a fruit-bearing tree. ୬ । (+ବୃତ୍. ଅ) (କୌଣସି) ଅଡ଼ୁରୁ ବୁଲିବା—
6. Turning towards Apt e ୭ । (+ କର୍ତ୍ତି. ଅ) ମେଘ—7. A cloud (Apte). ୮ । କର୍ତ୍ତ— A year (Apte). ୯ । (+ଅଧି. ଅ)
ସମୂହ—9. Collection; multitude.

ସମ୍ବର୍ତ୍ତକ—ସ. ବ (ସମ୍+ଣିଜନ୍ତ ବୃତ୍ ଧାତୁ ବା ବର୍ତ୍ତ ଧାତୁ+କର୍ତ୍ତୃ.
Sambarttaka ଅକ) —୧ । ବଳଦେବଙ୍କ ଲଙ୍ଗଳ—
1. The plough of Baladeba. ୨ । (+କର୍ତ୍ତି. ଅକ) ବଳଦେବ; ଶ୍ରୀକୃଷ୍ଣଙ୍କ ବଡ଼ ଭାଇ—2. The elder brother of Śrīkṛushṇa. ୩ । (+ କର୍ତ୍ତି. ଅକ) ବଡ଼ବାନଳ—3. The oceanic fire; the submarine fire. ୪ । ମେଘବିଶେଷ—
4. A kind of cloud. ୫ । ପ୍ରଳୟକାଳୀନ ଅଗ୍ନି—
5. The fire of destruction at the end of a Kalpa.

ସମ୍ବର୍ତ୍ତକୀ—ସ. ବ. ସ୍ତ୍ରୀ (ସମ୍ବର୍ତ୍ତକ+କର୍ତ୍ତି. ଇନ୍; ୧ମା. ୧ବ)—
Sambarttakī ସମ୍ବର୍ତ୍ତକ ନାମକ ଲଙ୍ଗଳଧାରୀ ବଳଦେବ—
An epithet of Baladeba who held a plough named Sambarttaka.

ସମ୍ବର୍ତ୍ତି—ସ. ବ (ସମ୍+ଣିଜନ୍ତ ବୃତ୍ ଧାତୁ ବା ବର୍ତ୍ତ ଧାତୁ+କର୍ତ୍ତି.
Sambartti ଇ)—୧ । ପଦ୍ମର କେଶର ସମୀପସ୍ଥ ଦଳ—
(ସମ୍ବର୍ତ୍ତିକା—ଅନ୍ୟରୂପ) 1. The lotus petal near the

Digitized by srujanika@gmail.com

filaments. ୨ । ପଦ୍ମାଦର ନବ ପତ୍ର—2. The new petals of lotus. ୩ । ବତୀ; ପାପାବଲୀର ବର୍ତ୍ତିକା—3. Wick of a lamp.

ସମ୍ବର୍ଦ୍ଧକ—ସ. ବଣ. ପୁଂ (ସମ୍+ବୃଧ୍ ଧାତୁ=ବଢ଼ିବା+କର୍ତ୍ତୃ. ଅକ) Sambarddhaka —୧ । ସମ୍ୟକ୍ ବୃଦ୍ଧିକାରକ—1. Augmenting. ୨ । ସମ୍ବର୍ଦ୍ଧନା-(ସମ୍ବର୍ଦ୍ଧକା—ସ୍ତ୍ରୀ) କାରକ; ସମ୍ମାନକାରକ; ଅଭ୍ୟର୍ଥନାକାରୀ—2. Welcoming; paying homage; honouring.

ସମ୍ବର୍ଦ୍ଧନ(ନା) —ସ. ବ. (ସମ୍+ବୃଧ୍ ଧାତୁ ଣିଚ୍ ବର୍ତ୍ତି ଧାତୁ=ବଢ଼ା-Sambarddhana(nā) ଇବା+ଭାବ. ଅନ+ସ୍ତ୍ରୀ. ଆ)—୧ । ସମ୍ୟକ୍ ବୃଦ୍ଧି କରାଯତ; ବଢ଼ାଇବା—1. Augmenting; enhancing; augmentation. ୨ । ସମ୍ମାନନ; ସମ୍ମାନ ଦେଖାଇବା—2. Act of paying respects; or doing homage. ୩ । ଅଭ୍ୟର୍ଥନା—3. Welcoming. ୪ । (ସମ୍+ବୃଧ୍ ଧାତୁ=ବଢ଼ିବା+ଭାବ. ଅନ+ଅ) ସମ୍ୟକ୍ ବୃଦ୍ଧି—4. Increase. ୫ । (+କର୍ତ୍ତୃ. ଅନ) ସମୃଦ୍ଧି; ସମ୍ପତ୍ତି—5. Prosperity. ସ. ବଣ. ପୁଂ (+କର୍ତ୍ତୃ ଅକ)—ସମ୍ବର୍ଦ୍ଧକ (ଦେଖ)—Sambarddhaka (See)

ସମ୍ବର୍ଦ୍ଧିତ—ସ. ବଣ (ସମ୍+ବୃଧ୍ ଧାତୁ ଣିଚ୍+କର୍ମ. ତ)—୧ । Sambarddhita ସମ୍ୟକ୍ ବୃଦ୍ଧି ପ୍ରାପିତ—1. Augmented; enhanced. ୨ । ସମ୍ମାନିତ—2. Honoured. ୩ । ଅଭ୍ୟର୍ଥିତ—3. Welcomed.

ସମ୍ବର୍ଦ୍ଧିତ କେଶ—ସ. ବ (କର୍ମଧା)—ଅଭିଶୟ ବଢ଼ିଥିବା କେଶ; Sambarddhita kesa ବଢ଼ା ଯାଇଥିବା କେଶ; ଯେଉଁ କେଶ ଖିଅର ବା କଭୁତ୍ତ ନ ଦେଇଥିବାରୁ ବଢ଼ି ଯାଇଥାଏ—Hairs suffered to grow very long. (ସମ୍ବର୍ଦ୍ଧିତ କେଶା—ସ୍ତ୍ରୀ. ବଣ) ସ. ବଣ. ପୁଂ (ବହୁବ୍ରୀହି)—ଯେଉଁ ବ୍ୟକ୍ତି ଖିଅର ନ ଦେଇ ବା କେଶନାଶକ ଔଷଧାଦି ପ୍ରୟୋଗ ନ କରି ଅପଣାର କେଶକୁ ବଢ଼ାଇଥାଏ—(a person) Who has caused his hairs to grow very long.

ସମ୍ବର୍ଦ୍ଧିତ ବେଗ—ସ. ବ (କର୍ମଧା)—ବୃଦ୍ଧି ପ୍ରାପିତ ବେଗ—Sambarddhita bega Augmented velocity. (ସମ୍ବର୍ଦ୍ଧିତ ବେଗା—ସ୍ତ୍ରୀ. ବଣ) ସଂ. ବଣ. ପୁଂ (ବହୁବ୍ରୀହି)—ଯାହାର ବେଗ ଅତିଶୟ ବଢ଼ା ଯାଇଅଛି—Having one's velocity enhanced.

ସମ୍ବର୍ମି(ର୍ମ୍ମି)ତ—ସଂ. ବଣ (ସମ୍+କର୍ମିତ)—କମିଚ୍ଛାବତ; ସମ୍ୟକ୍ Sambarmi(rmmi)ta ଦେହରେ ସାଜୁ ପିନ୍ଧିଥିବା—(ସଂକର୍ମିତ—ଅନ୍ୟରୂପ) Completely clad in armour.

ସମ୍ବଳ—ସଂ. ବ (ସମ୍ ଧାତୁ=ଗମନ କରିବା+କରଣ. ଅଲ)—Sambalr ୧ । ପାଥେୟ; ବାଟ ଖରଚ—1. Travelling. ସମ୍ବଳ ଇତ୍ୟାଦି } ଅନ୍ୟରୂପ expenses. ୨ । ବାଟରେ ଚଲିବା ପାଇଁ ଖାଦ୍ୟ ସାମଗ୍ରୀ—2. Provisions for a journey. [ଦ୍ର—ବନଜ ନାଳ ସମ୍ବଳ କର—ଭଞ୍ଜ. ବୈଦେଘ୍ମାଶବଲାସ ।] ୩ । ଜୀବନଧାରଣୋପାୟ; ସଂସ୍ଥାନ—3. Means of subsistence; resources; livelihood. ୪ । ଧନ—4. Riches. ୫ । ପାଣ୍ଠି; ବ୍ୟବସାୟାଦିର ମୂଳଧନ—5. Capital of a trade. ୬ । ପୁଞ୍ଜି—6. Hoard. ୭ । (+କର୍ତ୍ତୃ. ଅ) ଜଳ—7. Water.

ସମ୍ବଲପୁର—ଦେ. ବ (ନାମ)—ଉତ୍କଳର ପଶ୍ଚିମପ୍ରାନ୍ତସ୍ଥ ଜିଲ୍ଲାର ଓ Sambalapura ନଗରର ନାମ—Name of a western ସମ୍ବଲପୁର ସମ୍ବଲପୁର District and town of Orissa; Sambalpur. [ଦ୍ର—ଏହି ର ପ୍ରାଚୀନ ନାମ 'ସମ୍ବଳା' ବା 'ସମ୍ବରା' ଥିବା ଜଣାଯାଏ । ଜଗବନ୍ଧୁ. ପ୍ରାଚୀନ ଉତ୍କଳ ।

ଏହି ଜିଲ୍ଲା ପୂର୍ବେ ବିହାର-ଓଡ଼ିଶା ପ୍ରଦେଶର ଓ ବର୍ତ୍ତମାନ ନବ-ଓଡ଼ିଶାପ୍ରଦେଶର ଗୋଟିଏ ଜିଲ୍ଲା । ଏ ଜିଲ୍ଲାର ସୁଜଧାରା ସମଲପୁର ମହାନଦୀର କୂଳରେ ଦ୍ରାଘିମା ୨୧-୩୧ ଉତ୍ତର ଓ ୮୩-୪୭ ପୂର୍ବ ଅଂଶରେ ଅବସ୍ଥିତ । ପୂର୍ବେ ମହାନଦୀ ବାଟେ ବଡ଼ ବଡ଼ ଡଙ୍ଗା ଦ୍ୱାରା ସମଲପୁର ସଙ୍ଗେ ଜହରର ଧାନ, ଗୁଜୁଲ, ଶସ୍ୟ, ମଠା, ଚଟେର, ଲ୍ୟାଣ, ନଡ଼ିଆ ଆଦର କାରବାର ଚଳୁଥିଲା ।

୧୮୦୩ ସାଲର ସନ୍ଧି ଦ୍ୱାରା ମରହଟ୍ଟାମାନେ ଏହା ଇଂରେଜଙ୍କୁ ଦେଲେ । ଦୁଇ ବର୍ଷ ପରେ ଇଂରେଜମାନେ ଏହାକୁ ନାଗପୁରର ଭୋଂସଲଙ୍କୁ ଫେରାଇ ଦେଲେ । ୧୮୧୭ ଖ୍ରୀଷ୍ଟାବ୍ଦରେ ଶେଷ ମରହଟ୍ଟା ଯୁଦ୍ଧରେ ଭୋଂସଲା ପରାସ୍ତ ହେବାରୁ ସମଲପୁର ପୁଣି ଇଂରେଜମାନଙ୍କ ଅଧିକାରକୁ ଆସିଲା । ଏହା ପୂର୍ବେ ଚୌହାନବଂଶୀୟ ସତ୍ତରିଯ ରାଜାଙ୍କର ରାଜ୍ୟ ଥିଲା । ଶେଷ ରାଜା ନାରାୟଣସିଂହ ଅପୁତ୍ରକ ହୋଇ ପ୍ରାଣତ୍ୟାଗ କରିବାରୁ ୧୮୪୧ ଖ୍ରୀଷ୍ଟାବ୍ଦରେ ଗଭର୍ଣ୍ଣମେଣ୍ଟ ଏହାକୁ ଖାସ୍ କଲେ । ପ୍ରଥମେ ଏହା ମଧ୍ୟପ୍ରଦେଶ ଅଧୀନ ଥିଲା । ପରେ ୧୯୦୫ରେ ଓଡ଼ିଶାରେ ସାମିଲ ହେଲା । ଏହା ବର୍ତ୍ତମାନ ଗୋଟିଏ ବେ-କାନୁନ ଜିଲ୍ଲା (Non-regulation District; Partially excluded area) ଅଟେ । ପ୍ରାଚୀନକାଳରେ ସ୍ୱତନ୍ତ୍ର ରାଜ୍ୟ ଭାବରେ ସମଲପୁର ଇତିହାସରେ ବିଖ୍ୟାତ ଥିଲା । ୧୯୩୧ ସାଲର ଲୋକଗଣନା ଅନୁସାରେ ଏହି ଜିଲ୍ଲାର ଲୋକସଂଖ୍ୟା ପ୍ରାୟ ୯ ଲକ୍ଷ । ବର୍ତ୍ତମାନ ଏଠାରେ ବଲ ମଠା ତିଆରି ହୁଏ । (ଡମୀର ଦେବ ଚଲେ ନୋଟ ଦେଖ ।)]

Digitized by srujanika@gmail.com

ସମ୍ବଲପୁର—ବେ. ବଣ—୧ । ସମ୍ବଲପୁର ସଂବନ୍ଧୀୟ—1. Relating Sambalapuri to Sambalpur. ୨ । ସମ୍ବଲପୁର ଅଞ୍ଚଳରେ (ସମ୍ବଲପୁରଅ—ଅନ୍ୟରୂପ) ଛାତ ବା ପ୍ରସ୍ତୁତ—2. Produced सम्बलपुरी or manufactured in Sambalpur. **सम्बलपुरी** ୩ । ବଣ ଓ ବ (ପୁଂ) ସମ୍ବଲପୁରର ଅଧିବାସୀ; ସମ୍ବଲପୁରବାସୀ—3. Resident of Sambalpur.

ସମ୍ବଲପୁରଆଣୀ—ବେ.ବଣ—'ସମ୍ବଲପୁର' ବା 'ସମ୍ବଲପୁରଅ'ର ସ୍ତ୍ରୀଲିଙ୍ଗ—Sambalapuriāṇī Feminine of 'Sambalapuri' or सम्बलपुरिणी 'Sambalapuriā'. ବେ. ବ—ସମ୍ବଲପୁର **सम्बलपुरकी** ଅଧିବାସିନୀ ସ୍ତ୍ରୀ—A female of Sambalpur.

ସମ୍ବଲପୁରଆ ପୋକ—ପ୍ରାବେ. (ସିଂହଭୂମି) ବ—ଅସରପା (ପୋକ)—Sambalapuriā poka Cockroach.

ସମ୍ବଲପୁରୀ ଭାଷା—ବେ. ବ—ସମ୍ବଲପୁରରେ ପ୍ରଚଳିତ ଓଡ଼ିଆଭାଷା—Sambalapuri bhāshā The Oriya language of Sambalpur. [ଦ୍ର—ସମ୍ବଲପୁରୀ ଭାଷାରେ ହିନ୍ଦୀଭାଷା-ପ୍ରଭାବିତ ଅନେକ ଶବ୍ଦ ବ୍ୟବହୃତ ହୁଏ ଏବଂ ବଙ୍ଗଳା-ଭାଷା ପରି ଅନେକ ଶବ୍ଦ ଶେଷରେ ହଳନ୍ତ ଉଚ୍ଚାରଣ କରାଯାଏ ଓ କ୍ରିୟାପଦ ସଦୃଶ ହଳନ୍ତଯୁକ୍ତ ହୋଇ ଉଚ୍ଚାରିତ ହୁଏ । ଯଥା—ଜଉଁଲ୍, ଉଠ୍ଲ୍, ବସ୍ଲ୍ । ଏହା ଛଡ଼ା ଳ ସ୍ଥାନରେ ଲ, ଣ ସ୍ଥାନରେ ନ ଉଚ୍ଚାରଣ ହୁଏ । ପୁଣି 'ଅଚ୍ଛନ୍ତ' ସ୍ଥାନରେ 'ଚ୍ଛନ୍' (ଯଥା—ଶୁଚ୍ଛନ୍=ଶୋଇଛନ୍ତି) ଓ 'ଓ' ସ୍ଥାନରେ 'ଉ' (ଯଥା—ଶୋଇବା ସ୍ଥାନରେ ଶୁଇବା) ଉଚ୍ଚାରଣ ଏବଂ 'ଅଛ' ସ୍ଥାନରେ 'ଅଚ୍ଛେ'—ଏହିପରି ଅନେକ ପ୍ରାଦେଶିକ ବୈଶିଷ୍ଟ୍ୟ ସମ୍ବଲପୁରୀ ଭାଷାରେ ଲକ୍ଷିତ ହୁଏ ।

ସମ୍ବଲପୁରୀ ଭାଷାର ଗୋଟିଏ ନମୁନା :—

"ଗୁଟେ ଲୋକର ଦୁଇ ପୋ ଥିଲେ । ସେଥୁଁ ସାନ ପୋ ବାପ୍‌କେ କଡ଼େଇଲ୍—'ହେ ଗୋ ବାପା ! ସମ୍ପତ୍ତିରୁ ମୋର ଯାହା ଭାଗ୍ ହଡ଼୍‌ବା, ସେହା ମତେ ଭାଗ୍ କରିଦେ ।' ବାପ୍ ଏହା ଶୁଣି କରି ଜଜର ସମ୍ପତ୍ତିକେ ଦୁଇ ପୋକେ ବାଣ୍ଟି ଦେଲ । କେତେ ଦିନ ଗଲ । ସାନ୍ ପୋଟା ଭାରି ଖୁଗେଁ ପଡ଼୍‌ବା ଦମ୍ପତ୍ତିଯାକ ଗୁଟେ ଠାନେ କରି ବଦେଶ୍‌କେ ବାହାରଗଲ । ସେ ଠାନେ ଯାହା ଘାର୍‌ଲ, ଖରଚ୍ କରି କେତେକ୍ ଦନେ ସବୁ ସମ୍ପତ୍ତିକେ ଉଡ଼ାଇ ଦେଲ । ଏନ୍ତାବେଲ୍‌କେ ସେ ଦେଶେଁ ଦୁର୍ଭିକ୍ଷ ପଡ଼୍‌ଲ ବେଲ୍‌କେ ସେ ପିଲ୍ଲ ଖାଇବାକୁ ନାଇ ଘାଇ ଜଖାସେ ଦୁଖ୍ ପାଇଲ ।" (ଗ୍ରୀଅର୍‌ସନ୍)

ସମ୍ବଳ ହୀନ—ସଂ. ବଣ. (ଂସ୍ଥା ଭଉ)—୧ । ନାସମ୍ବଳ; ସଂସ୍ଥାନ Sambala hīna ହୀନ—1. Resourceless; having no capital; without capital. ୨। ଧନହୀନ—2. Poor.

ସମ୍ବଳା (ଇଡ୍ୟାଦ)—ବେ. ବ ଓ ବଣ—ସମ୍ବଳା ଇଡ୍ୟାଦ (ଦେଶ) Sambalā (etc) Sambhalā etc. (See)

ସମ୍ବଳା(ଳ୍ଲା)—ପ୍ରାବେ (ସମ୍ବଲପୁର) ବ—ସମ୍ବାଳୁଆ; ପଁବାଳୁଆ—Sambalā(lā) Caterpillar; wooly bear.

ସମ୍ବଳ୍ଲ(ଲ୍ଲେ)ଇ—ବେ. ବ (ନାମ)—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ—Sambalā(le)ī The Goddess presiding over सम्बलाई सम्बलाई Sambalpur. (ସମ୍ବଲେଇଶ୍ୱର—ଅନ୍ୟରୂପ)

ସମ୍ବଳ୍ଲ(ଲ୍ଲେ)ଇ ଗଣ୍ଡ—ବେ. ବ—ସମଲାଇ ଗଣ୍ଡ (ଦେଶ) Sambalā(le)ī gaṇḍa Samalāī gaṇḍa. (See)

ସମ୍ବଳିତ—ସଂ. ବଣ (ସମ୍.+ବଳ୍. ଧାତୁ+କର୍ମ. ତ)—୧ମିଳିତ—Sambalita 1. Joined to; associated with. ୨। (ସଂବଳିତ—ଅନ୍ୟରୂପ) ବଳପ୍ରାପ୍ତ—2. Strengthened. ୩। ସଂଯୋଜିତ—3. Conjoined to. ୪। ସହିତ—4. Along with. ୫। ବେଷ୍ଟିତ—5. Surrounded by. ୬। ଚୂର୍ଣ୍ଣିତ—6. Pounded; powdered; reduced to powder. ୭। ସଙ୍ଗେ ଥିବା; ଯୁକ୍ତ ହୋଇଥିବା—7. Accompanied with; provided with; comprising of. ୮। (ଅନୁକର) ଅନ୍ତର୍ଭୁକ୍ତ—8. Included in.

ସମ୍ବସଥ—ସଂ. ବ (ସମ୍.+ବସ୍. ଧାତୁ=ବାସ କରିବା+ଅଧିକରଣ. Sambasatha ଅଥ)—1. Residence; habitation. (ସଂବସଥ—ଅନ୍ୟରୂପ) ୨। ବସତି; ଗ୍ରାମ—2. Village. ୩। ପଲ୍ଲୀ—3. Hamlet.

ସମ୍ବହ—ସଂ. ବ (ସମ୍=ସମ୍ୟକ୍+ବହ୍. ଧାତୁ=ବହନ କରିବା+Sambaha ଭାବ. ଅ)—୧ । ସମ୍ୟକ୍ ବହନ—1. Carrying; wafting. ୨। (+କାରୀ. ଅ) ବାୟୁ ବିଶେଷ; ମେଘବାହୀ ୫ ଗୋଟି ବାୟୁରୁ ଏକତମ—2. Name of one of the 5 winds, which wafts or carries the clouds to and fro. [ଦ୍ର—ଯେଉଁ ବାୟୁ ମେଘମାନଙ୍କୁ ଇତସ୍ତତଃ ସଂଚାଳନ କରେ ଓ ଆକାଶରେ ବମାନାଦିକୁ ଚଲାଏ, ତାହାର ନାମ ସମ୍ବହ ବାୟୁ । ଅନ୍ୟ ୪ ଗୋଟି ବାୟୁର ନାମ ଆବହ, ପ୍ରବହ; ଉଦ୍‌ବହ, ବିବହ ଓ ପରିବହ ।]

ସମ୍ବହିକା—ସଂ. ବ (ବୈଦ୍ୟକ) (ସମ୍ବହ+କ+ଆ)—ଶୃଙ୍ଗାଟକ; Sambahikā ଶିଙ୍ଘଡ଼ା—The throny fruit of an aquatic creeper; Trapa Bicornus.

ସମ୍ବା(ମ୍ବେ)ଇବା—ବେ. କି—ସମ୍ଭାଇବା (ଦେଶ) Sambā(mbe)ibā sambhāibā (See)

ସମ୍ବାକୃତ—ସ. ବଣ—ଦ୍ୱିତୀୟ ବାର କର୍ଷିତ (ଭୂମି)—Sambākṛuta (Land) Ploughed for the 2nd (ସମ୍ବାକୃତ—ଅନ୍ୟରୂପ) time. ସ. ବ—ଦୁଇ ଓଡ଼ (ସମ୍ବାକୃତ—ଅନ୍ୟରୂପ) ଗୁପ ଦୋଇଥିବା ଜମି; ଦୋଓଡ଼ ଚଷା

ପାଇଥିବା କ୍ଷେତ—A field which has been ploughed twice.

ସମ୍ବାଦ—ସଂ. ବ (ସମ୍ + ବଦ୍ ଧାତୁ = କହିବା + କର୍ମ. ଅ)—Sambāda ୧ । ଖବର; ବାର୍ତ୍ତା; ସମାଗୁର—(ସବାଦ ଇତ୍ୟାଦି—ଅନ୍ୟରୂପ) 1. News; tidings; intelligence; report. ୨ । ଲୋକ ମୁଖରେ ପ୍ରଚୁରତ ସମାଗୁର—2 Report or news spread from mouth to mouth. ୩ । ବୃତ୍ତାନ୍ତ—3. Information; detailed account. ୪ । ସାଦୃଶ୍ୟ—4. Resemblance; similarity. ୫ । ସମ୍ଭାଷ; ସମ୍ଭାଷଣ; କଥୋପକଥନ—5. Conversation; discourse. ୬ । ଦୁଇଜଣଙ୍କ ମଧ୍ୟରେ କଥାଭାଷା—6. Dialogue. ୭ । ପୁରାଣରେ ବର୍ଣ୍ଣିତ ଦୁଇ ଜଣଙ୍କ କଥୋପକଥନ—7. A dialogue between two persons as reported in the mythology. (ଉ—ଯଜ୍ଞ ବୋଇଲେ ଅଦ୍ଭେ ବଳ ଶୁକ୍ରଙ୍କର, ଏ ବିଷୟେ ସମ୍ବାଦ ଅଛ ଦ୍ୱିଜବର —କୃଷ୍ଣଦ୍ୱୈପ ମହାଭାରତ ଅନୁଶାସନ ।) ୮ । ପୁରାଣବର୍ଣ୍ଣିତ ଘଟଣା ବା ବିଷୟ—8. A mythological episode. ଦେ. ବ (କତରଅ) କଚରରେ ସଞ୍ଚିତ ନଥିରେ ଥିବା କୌଣସି ବିଷୟର ସମାଗୁର; ସଙ୍ଖାଦ—Information regarding the contents of any public record.

ସମ୍ବାଦ ଦରଖାସ(ସ୍ତ)—ଦେ. ବ (କତରଅ)—କଚରର ନଥିରେ ଥିବା Sambāda darakhāsa(sta) କୌଣସି ବିଷୟର ସମ୍ବାଦ ପାଇବା ସମ୍ବାଦ ଦରଖାସ୍ତ **संवाद दरखास्त** ପାଇଁ ଦଖଲିବା ଦରଖାସ୍ତ—Application for getting any information from a public office.

ସମ୍ବାଦଦାତା—ସଂ. ବଣ. ପୁଂ (ସମ୍ବାଦ + ଦା + କର୍ତ୍ତୃ. ତୃ; ୧ମା ୧ବ)· Sambādadātṛ ଯେ ଅନ୍ୟ ବ୍ୟକ୍ତିକୁ କୌଣସି ସମ୍ବାଦ ଦଏ—(ସମ୍ବାଦଦାତ୍ରୀ—ସ୍ତ୍ରୀ) Supplying or giving any news. ସଂ. ବ (ଅଧୁନିକ)—ସମ୍ବାଦପତ୍ରରେ ପ୍ରକାଶିତ ହେବା ପାଇଁ ସ୍ଥାନାନ୍ତରରୁ ସମ୍ବାଦ ପ୍ରେରକ ବ୍ୟକ୍ତି—A correspondent of any newspaper.

ସମ୍ବାଦ ଦେବା—ଦେ. କି—୧ । ସମାଦ ପଠାଇବା; କୌଣସି ବ୍ୟକ୍ତିଙ୍କ Sambāda deba ନିକଟକୁ କୌଣସି ସମ୍ବାଦ ପଠାଇବା—**ସମ୍ବାଦ ଦେଓୟା** **सम्बाद् देना** 1. Te send any information. ୨ । କୌଣସି ବ୍ୟକ୍ତିକୁ କୌଣସି ଖବର ଜଣାଇବା; ଏତଲ୍ଲ ଦେବା—2. To give or lodge any information.

ସମ୍ବାଦ ନେବା—ଦେ. କି—କୌଣସି ବ୍ୟକ୍ତିର ବା ବିଷୟର ଖବର Sambāda neba ନେବା ବା ଜାଣିବା—**ସମ୍ବାଦ ନେଓୟା** **संवाद् लेना** To be informed or to enquire about any person or matter.

ସମ୍ବାଦ ଦେଇ(ଦେ)ବା—ଦେ. କି—ଅନ୍ୟ ବ୍ୟକ୍ତିଦ୍ୱାରା ବା ପତ୍ରଦ୍ୱାରା Sambāda pathā(ṭhe)ibā ସ୍ଥାନାନ୍ତରକୁ ସମ୍ବାଦ ପ୍ରେରଣ **सम्बाद् पठाना** କରିବା—To send news.

ସମ୍ବାଦ ପତ୍ର(ପତ୍ରିକା)—ସଂ. ବ (ଅଧୁନିକ ବ୍ୟବହାର)—ପେନ୍ସି Sambāda patra(patrikā) ପତ୍ରିକାରେ ଦେଶର ନାନାବିଧ ସମ୍ବାଦ ପ୍ରକାଶିତ ହୁଏ—Newspaper.

[ସମ୍ବାଦ ପତ୍ର ।

ସଦର୍ଭ ଲେଖକ—ଶ୍ରୀଯୁକ୍ତ ଜଗନ୍ନାଥ ମିଶ୍ରାଠୀ ବଏ, ବଟି.

ଦ୍ୱେତୀୟାଷ୍ଟର କଟକ ଟ୍ରେନିଙ୍ଗ ସ୍କୁଲ୍

ମୁଦ୍ରାଯନ୍ତ୍ର ବା ଛପାକଳର ପ୍ରଭାବର ଦ୍ୱାରା ମାନବସମାଜର ଯେତେ ଉପକାର ହୋଇଅଛି ତାହା କଣ୍ଠିନାଙ୍ଗଟ । କାରଣ, ପୁସ୍ତକ ଏବଂ ସମ୍ବାଦ ପତ୍ରମାନଙ୍କର ପ୍ରଚାର ଦ୍ୱାରା ମାନବସଭ୍ୟତା ଯେତେ ଦ୍ରୁତବେଗରେ ଗତି କରୁଅଛି, ମୁଦ୍ରାଯନ୍ତ୍ର ଅବିହନେ ତାହା ହୋଇ ପାରନ୍ତା ନାହିଁ । ବହୁକାଳ ପୂର୍ବରୁ ଚୀନ ଦେଶର ଲୋକମାନେ ସର୍ବପ୍ରଥମେ କାଠଖଣ୍ଡମାନଙ୍କ ସାହାଯ୍ୟରେ ଅକ୍ଷର ଛପିବାକୁ ସର୍ବପ୍ରଥମେ ଉଦ୍ୟମ କରିଥିଲେ । ମାତ୍ର ଏହି ପ୍ରଣାଳୀରେ ବିଶେଷ ସୁବିଧା ହେଉ ନ ଥିଲା । ଅଜରୁ ପ୍ରାୟ ୫୦୦ବର୍ଷ ପୂର୍ବେ ଜର୍ମାଣୀ ଦେଶର ଅନ୍ତର୍ଗତ ମେଞ୍ଜ୍ (Mainz) ନଗର-ବାସୀ ଗୁଟେନବର୍ଗ (Guttenburgh) ନାମକ ବ୍ୟକ୍ତିଙ୍କ ଦ୍ୱାରା ପ୍ରକୃତ ଛପାକଳ ଉଦ୍ଭାବିତ ହୋଇଥିଲା । ଅଳ୍ପକାଳ ଛପାକଳ ସାହାଯ୍ୟରେ ଖୁବ୍ ବିଷୟର ଇତିହାସ ଲିଖିତ ହେଉଅଛି । ମାତ୍ର ଅଳ୍ପଦିନର ବିଷୟ, ଛପାକଳର ଇତିହାସ ବିଷୟରେ ସାଧାରଣଙ୍କ ବିଶେଷ କିଛି ଜଣା ନାହିଁ । ଖ୍ରୀଷ୍ଟିୟ କାଠରେ ଅକ୍ଷରମାନ ଖୋଲି ଲୋକେ ବହି ଛପିବାକୁ ଆରମ୍ଭ କଲେ । ମାତ୍ର ସେଥି ଖୋଲାକାଠ ଘଷି ହୋଇଯିବାରୁ ତଦ୍ଦ୍ୱାରା ଅନ୍ୟ ବହି ଛପା ହୋଇ ପାରୁନ୍ଥା ନାହିଁ । ସୁତରାଂ ଲୋକେ ଭାବିଲେ, ଯଦି ସେମାନେ ଧାତୁ ଦ୍ୱାରା ଅକ୍ଷର(ଟାଇପ୍)ମାନ ପ୍ରସ୍ତୁତ କରି ପାରନ୍ତେ, ତାହାହେଲେ ସେହି ଅକ୍ଷରମାନଙ୍କ ଦ୍ୱାରା ଗୋଟିଏ ବହି ଛପା ସାରିବା ପରେ ତଦ୍ଦ୍ୱାରା ଅନ୍ୟ ବହି ସହଜ ଛପି ହୋଇ ପାରନ୍ତା । ଉପର୍ଯ୍ୟୁକ୍ତ ମହାତ୍ମା ଗୁଟେନବର୍ଗ୍ ଜଣେ ଧାତୁ ବ୍ୟବସାୟୀଙ୍କ ସାହାଯ୍ୟରେ ପ୍ରଥମେ ଚଳନଶୀଳ ଅକ୍ଷର ବା ଟାଇପ୍ ଉଦ୍ଭାବନ କରିଥିଲେ । ପ୍ରଥମେ କୌଣସି ଅକ୍ଷରର ଛାଞ୍ଚ ପ୍ରସ୍ତୁତ କରି ତହିଁରେ ତରଳ ଧାତୁ ଢାଳିବା ଦ୍ୱାରା ଅଳ୍ପ ସମୟ ମଧ୍ୟରେ ସେ ବହୁସଂଖ୍ୟକ ଟାଇପ୍ ପ୍ରସ୍ତୁତ କରିପାରିଲେ । ଖ୍ରୀଷ୍ଟଧର୍ମର ଧର୍ମଗୁରୁ ବାଇବଲ୍ ସର୍ବପ୍ରଥମେ ଲାଟିନ୍ ଭାଷାରେ ଏହି ଟାଇପ୍ ଦ୍ୱାରା ମୁଦ୍ରିତ ହୋଇଥିଲା । ଏହାହିଁ ପାଶ୍ଚାତ୍ୟ ଜଗତର ସର୍ବପ୍ରଥମ ଛପା ପୁସ୍ତକ । ଏଥିରେ ବହୁ ଅର୍ଥ ବ୍ୟୟିତ ହୋଇଥିଲା ସତ୍ୟ, ମାତ୍ର ଏହାଦ୍ୱାରା ସମସ୍ତ ପୃଥିବୀରେ ଛାପାକଳର ଜୟ ପ୍ରତିଷ୍ଠିତ ହେଲା ।

Digitized by srujanika@gmail.com

ଏହାର ଅଳ୍ପ ସମୟ ପରେ ଇଉରୋପର ବହୁନ ଦେଶମାନଙ୍କରେ ଛାପାକଳମାନ ପ୍ରତିଷ୍ଠିତ ହେଲା । କାକ୍ସ୍ଟନ୍ (Caxton) ନାମକ ବ୍ୟକ୍ତି ପ୍ରଥମେ ଇଂଲଣ୍ଡରେ ଛାପାକଳ ପ୍ରତିଷ୍ଠିତ କରିଥିଲେ । ଛାପାକଳ ସାହାଯ୍ୟରେ ପୁସ୍ତକମାନ ପ୍ରକାଶିତ ହେଲା । ସାଧାରଣଲୋକମାନେ ସମାଦମାନ ଜାଣିବାକୁ ଇଚ୍ଛା କରିବାରୁ ସମାଦପତ୍ରର ସୃଷ୍ଟି ହେଲା । ପୃଥିବୀର ସର୍ବପ୍ରଥମ ସମ୍ବାଦପତ୍ର Frankfurter Journal (ଫ୍ରାଙ୍କଫୋର୍ଟର ପତ୍ରିକା) ଜର୍ମାନୀ ଦେଶରୁ ସାପ୍ତାହିକରୂପେ ଖ୍ରୀ: ୧୬୧୫ ସାଲରେ ମୁଦ୍ରିତ ହେଲା । ତତ୍ପରେ ୧୬୧୬ ସାଲରେ ବେଲ୍ଜିଅମ୍ ଦେଶର ଆଣ୍ଟ୍ୱର୍ପ୍ ସହରରୁ ଦ୍ୱିତୀୟ ସମ୍ବାଦପତ୍ର ପ୍ରକାଶିତ ହେଲା । ୧୬୨୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ Weekly News (ସାପ୍ତାହିକ ସମ୍ବାଦ) ନାମକ ପ୍ରଥମ ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହେଲା । ସାଧାରଣେ ଇଉରୋପର ଅନ୍ୟାନ୍ୟ ସହରମାନଙ୍କରେ ପ୍ରକାଶିତ କେତେକ ସମ୍ବାଦପତ୍ରମାନଙ୍କ ତାଲିକା ନମ୍ନରେ ପ୍ରଦତ୍ତ ହେଲା ।

ସହର	ଖ୍ରୀଷ୍ଟୀୟ ବର୍ଷ
ଫ୍ରାନ୍ଫୁର ଘାରସ୍	୧୬୩୧
ନରୱେର ଷ୍ଟକ୍ହଲ୍ମ	୧୬୫୦
ସ୍କଟଲଣ୍ଡର ଏଡନ୍ବର୍ଗ୍	୧୬୭୦
ରୁସିଆର ସେଣ୍ଟ୍ପିଟର୍ସ୍ବର୍ଗ୍	୧୭୦୨
ଇଟାଲ୍ଟର ଭେନ୍	୧୭୧୬
ସ୍ପେନର ମାଡ୍ରିଡ୍	୧୭୨୬

ପ୍ରଥମ ସାପ୍ତାହିକ ଇଂରାଜୀ ସମ୍ବାଦପତ୍ର ୧୬୨୨ ରେ ପ୍ରକାଶିତ ହୋଇଥିଲେ ସୁଦ୍ଧା ସର୍ବପ୍ରଥମ ଇଂରାଜୀ ଦୈନିକ ସମ୍ବାଦପତ୍ର The Daily Courant, (ଦୈନିକ ବାର୍ତ୍ତାବହ) Queen Anne (ରାଣୀ ଅନ୍ନ)ଙ୍କ ରାଜତ୍ୱକାଳରେ ୧୭୦୩ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା ।

ଭାରତରେ ଇଂରାଜୀ ଶାସନ ପ୍ରତିଷ୍ଠିତ ହେବା ପରେ ୧୭୮୦ ଖ୍ରୀଷ୍ଟାବ୍ଦରେ କଲିକତା ନଗରରୁ ସର୍ବପ୍ରଥମ ଇଂରାଜୀ ସମ୍ବାଦପତ୍ର Bengal Gazette (ବେଙ୍ଗଲ୍ ଗେଜେଟ୍) ପ୍ରକାଶିତ ହେଲା । ୧୭୮୯ ସାଲରେ Bombay Herald (ବମ୍ବେ ହେରଲ୍ଡ) ଏବଂ ୧୭୯୦ ସାଲରେ Bombay Courier (ବୋମ୍ବେ କାର୍ଣ୍ଣିବହ) ପ୍ରକାଶିତ ହେଲା । ଶେଷୋକ୍ତ ସମ୍ବାଦପତ୍ରଟି ୧୮୫୮ ସାଲରେ Bombay Times (ବୋମ୍ବେ ସମସ୍) ନାମ ଧାରଣ କଲା ଏବଂ ୧୮୬୧ ଖ୍ରୀଷ୍ଟାବ୍ଦରେ ଏହାର ନାମ Times of India (ଭାରତର ସମସ୍) ହେଲା । ଏହା ବର୍ତ୍ତମାନ ଭାରତରେ ପୋଟିଏ ବଡ଼ପାଟ ଦୈନିକ ସମ୍ବାଦପତ୍ର ଏବେ ଏହାର ଅତିରିକ୍ତ The Illustrated Weeklyof India (ଭାରତର ସଚିତ୍ର ସାପ୍ତାହିକ) ନାମକ ବଡ଼ପାଟ ସଚିତ୍ର ସାପ୍ତାହିକ ପତ୍ରିକା ପ୍ରକାଶିତ ହେଉଅଛି ।

୧୮୫୮ ଖ୍ରୀଷ୍ଟାବ୍ଦରେ Calcutta Gazette (କଲିକତା ଗେଜେଟ୍) ପ୍ରକାଶିତ ହୋଇଥିଲା । ଉତ୍କଳରେ ବଙ୍ଗଳା ଅକ୍ଷରରେ ଛାପିବା ସୁବିଧା ହେବାରୁ ୧୮୧୮ ଖ୍ରୀଷ୍ଟାବ୍ଦରେ ଲର୍ଡ୍ ହେଷ୍ଟିଙ୍ଗ୍ସ୍ (Lord Hastings) ଭାରତର ବଡ଼ ଲାଟ ଥିବାବେଳେ 'ସମାଚାର ଦର୍ପଣ' ନାମକ ସର୍ବପ୍ରଥମ ବଙ୍ଗଳା ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା । ଏହା ଶ୍ରୀରମ୍ପୁରର ପାଦ୍ରୀମାନଙ୍କ ଉଦ୍ୟମରେ ପ୍ରକାଶିତ ହୋଇଥିଲା । ତତ୍ପରେ ୧୮୨୨ ଖ୍ରୀଷ୍ଟାବ୍ଦରେ 'ବମ୍ବେ ସମାଚାର' ନାମକ ଗୁଜରାଟୀ ଭାଷାରେ ମୁଦ୍ରିତ ଅନ୍ୟ ଏକ ସମ୍ବାଦପତ୍ର ପ୍ରକାଶିତ ହେଲା । କ୍ରମେ କ୍ରମେ ଭାରତର ବିଭିନ୍ନଦେଶୀୟ ଭାଷାରେ ସମ୍ବାଦପତ୍ରମାନ ପ୍ରକାଶିତ ହେଲା । 'ଉତ୍କଳ ଦୀପିକା' ଓଡ଼ିଆ ଭାଷାର ସର୍ବପ୍ରଥମ ସାପ୍ତାହିକ ସମ୍ବାଦପତ୍ର । ନମ୍ନରେ ଭାରତବର୍ଷର କେତେକ ପ୍ରସିଦ୍ଧ ବର୍ତ୍ତମାନ ସମ୍ବାଦପତ୍ରମାନଙ୍କ ତାଲିକା ପ୍ରଦତ୍ତ ହେଲା —

ଇଂରାଜୀ ଦୈନିକ ପତ୍ରିକା

1. Advance—କଲିକତା, 2. Advocate of India—ବମ୍ବେ, 3. Amrit Bazar Patrika —କଲିକତା, 4. Bombay Chronicle—ବମ୍ବେ, 5. Civil and Military Gazette—ଲାହୋର, 6. Star of India—କଲିକତା, 7. Hindu—ମାଦ୍ରାଜ, 8. Hindustan Times—ଦିଲ୍ଲୀ, 9. National Call—ଦିଲ୍ଲୀ, 10. Indian Daily Telegraph—ଲକ୍ଷ୍ନୌ, 11. Leader—ଅଲ୍ଲାହାବାଦ, 12 Madras Mail—ମାଦ୍ରାଜ, 13. Pioneer —ଲକ୍ଷ୍ନୌ, 14. Rangoon times—ରେଙ୍ଗୁନ, 15. New Orissa—ବ୍ରହ୍ମପୁର, ଓଡ଼ିଶା, 16. Search Light—ବାଙ୍କିପୁର, 17. Statesman—କଲିକତା, 18. Tribune—ଲାହୋର, 19. The Observer—କଟକ ।

ଇଂରାଜୀ ସାପ୍ତାହିକ ପତ୍ରିକା

1. Orient—କଲିକତା, 2. The Illustrated Weekly of India--ବମ୍ବେ, 3. Marhatta —ପୁନା, 4. People—ଲାହୋର, 5. Dipali—କଲିକତା, 6. Dharmarajya—ଦିଲ୍ଲୀ ।

ଇଂରାଜୀ ମାସିକ ପତ୍ରିକା

1. Modern Review—କଲିକତା, 2. Indian Review—ମାଦ୍ରାଜ, 3. Calcutta Review—କଲିକତା, 4. Baitarani—କଟକ, 5. Theosophy of India—ବନାରସ ।

Digitized by srujanika@gmail.com

ବଙ୍ଗଳା ଦୈନିକ ପତ୍ରିକା

୧. ଆନନ୍ଦ ବଜାର ପତ୍ରିକା—କଲିକତା, ୨. ବସୁମତୀ—କଲିକତା, ଯୁଗାନ୍ତର—କଲିକତା ।

ବଙ୍ଗଳା ମାସିକ ପତ୍ରିକା

୧. ପ୍ରବାସୀ—କଲିକତା, ୨. ବସୁମତୀ—କଲିକତା, ୩. ଭରତା—କଲିକତା, ୪. ଉତ୍ତର—ବନାରସ, ୫. ଭାରତବର୍ଷ—କଲିକତା ।

ବଙ୍ଗଳା ସାପ୍ତାହିକ ପତ୍ରିକା

୧. ବସୁମତୀ—କଲିକତା, ୨. ପାପାଳୀ—କଲିକତା ।

ଓଡ଼ିଆ ଦୈନିକ ପତ୍ରିକା

୧. ଅଶା—ବ୍ରହ୍ମପୁର, ୨. ସମାଜ—କଟକ, ୩. ଦେଶକଥା—କଟକ ।

ଓଡ଼ିଆ ସାପ୍ତାହିକ ପତ୍ରିକା

୧. ସମାଜ—କଟକ, ୨. ଉତ୍କଳୀୟ ବାସିକା—ଭାଲତେର, ୩. ଜୁଷଙ—କଟକ, ୪. ଅଶା—ବ୍ରହ୍ମପୁର, ୫. ଓଡ଼ିଆ—ବ୍ରହ୍ମପୁର, ୬. ଲୋକମତ—କଟକ, ୭. ଜଗତ୍ ଜ୍ୟୋତି। ବ୍ରହ୍ମପୁର, ୮. ଉତ୍କଳ ବାର୍ତ୍ତା—ପୁରୀ ।

ଓଡ଼ିଆ ମାସିକ ପତ୍ରିକା

୧. ସତ୍କାର—କଟକ, ୨. ନବସ୍ରତ—କଟକ, ୩. ଉତ୍କଳ ସାହିତ୍ୟ—କଟକ, ୪. ଭଞ୍ଜ ପ୍ରଭାସ—ବାରପଦା । ଏହାଛଡ଼ା ବେତେଗୁଡ଼ିଏ ସାମୟିକ ପତ୍ରିକା ଉତ୍କଳର ଭିନ୍ନ ଭିନ୍ନ ସ୍ଥାନରୁ ଓ ବିଦ୍ୟାଳୟମାନଙ୍କରୁ ପ୍ରକାଶିତ ହେଉଅଛୁ ।

ସମ୍ବାଦ ପତ୍ରମାନ ଦୈନିକ, ସାପ୍ତାହିକ, ଅର୍ଦ୍ଧସାପ୍ତାହିକ, ପାକ୍ଷିକ, ମାସିକ, ସାମୟିକ ଅଦି ବିଭିନ୍ନ ରୂପେ ପ୍ରକାଶିତ ହୁଏ । ସମ୍ବାଦ ପତ୍ରର ପରିଚାଳିକାଙ୍କୁ 'ସଂପାଦକ' (Editor), ସଂବାଦ ପତ୍ରରେ ପ୍ରକାଶିତ ହେବା ପାଇଁ ସଂବାଦ ଯୋଗାଇବା ବ୍ୟକ୍ତିକୁ 'ସଂବାଦଦାତା' ବା 'ପତ୍ରପ୍ରେରକ' (News agent ବା correspondent) ଓ ଯେଉଁ ବ୍ୟକ୍ତିମାନେ ମୂଲ୍ୟ ଦେଇ ପତ୍ରିକା ନେଇ ଥାନ୍ତି, ସେମାନଙ୍କୁ 'ଗ୍ରାହକ' (Subscriber) କୁହନ୍ତି । ଅଧୁନିକ ସଭ୍ୟ ଜଗତରେ ସମ୍ବାଦ ପତ୍ର ଦ୍ୱାରା ଲୋକମତ ଗଠିତ ଓ ପ୍ରସାରିତ ହୁଏ ।]

ସମ୍ବାଦ ପାଇବା—କ୍ରି. କି ଅନ୍ୟ ବ୍ୟକ୍ତିଠାରୁ ଖବର ପାଇବା; Sambāda pāiba କୌଣସି ବିଷୟର ଖବର ଜାଣିବା—ସଂବାଦ ପାଓୟା **सम्वाद पाना** To get any news;

ସମ୍ବାଦ ପ୍ରାପ୍ତି—ସଂ. ବ—କୌଣସି ବିଷୟର ସମାଦ ପାଇବା—Sambāda prāpti Receipt of any news.

ସମ୍ବାଦ ବହ—ସଂ. ବଣ ଓ ବ ପୁଂ (ସମ୍ବାଦ=ବହ୍. ଧାତୁ+ଭୁଚ୍. ଅ) Sambāda baha —ଯେଉଁ ବ୍ୟକ୍ତି ଖବର ବଅଅଣା କରେ—(ସମ୍ବାଦ ବାହକ, ସମ୍ବାଦଦାତା—ଅନ୍ୟରୂପ) Carrier of [ସମ୍ବାଦବହା, ସମ୍ବାଦବାହକା, ସମ୍ବାଦବାହିକା—ସ୍ତ୍ରୀ] news; messenger.

ସମ୍ବାଦ ବାହିକା ନାଡ଼ି(ଡ଼ୀ)—ଦେ. ବ—(ମନୋବିଜ୍ଞାନ) ଶରୀରର ସଂବାଦବାହିକା ନାଡ଼ି Sambāda bāhikā nārḍi(ṛḍī) ଯେଉଁ ନାଡ଼ୀମାନ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁମାନଙ୍କ ସମ୍ବନ୍ଧୀୟ **सम्वादवाहिका नाड़ी** ଜ୍ଞାନକୁ ମସ୍ତିଷ୍କରେ ପହଞ୍ଚାନ୍ତି—(Psychology) Sensory nerves; the nerves which carry messages of the outside world to brain centre.

ସମ୍ବାଦୀ—ବି. ବଣ. ପୁଂ (ସମ୍+ବଦ୍ ଧାତୁ+ତୁଚ୍ ଇନ୍; ୧ମା. ୧ବ)—Sambādī ୧। ଗାନକାରୀ—1. Singing. ୨। ଉଚ୍ଚାରଣ-(ସମ୍ବାଦଜ—ସ୍ତ୍ରୀ) କାରୀ; କଥନକାରୀ—2. Speaking; uttering. ୩। ଏକରୂପ ସମ୍ଭାଷଣକାରୀ—3. Speaking similarly. ୪। ତୁଲ୍ୟ; ଏକରୂପ—4. Similar, ୫. ବ—(ସଙ୍ଗୀତ) ବାଦ୍ୟସ୍ୱରର ସହଗାମୀ ସ୍ୱର—A tune accompanying a principal tune; paraphonia.

ସମ୍ବାଧ—ବି. ବ (ସମ୍+ବାଧ୍ ଧାତୁ=ପୀଡ଼ନ କରିବା+ଘଞ୍. ଅ; Sambādha ସମ୍+ବାଧା+ଅ)—୧। ସମ୍ୟକ୍ ବାଧା; (ଚଳାଚଳ ଇତ୍ୟାଦି—ଅନ୍ୟରୂପ) ବିଶେଷ ବିଘ୍ନ—1. Impediment; serious obstacle. ୨। ଭିଡ଼; ଜନତା—2. Crowd. ୩। ଭଗ; ଯୋନିମାର୍ଗ (ସ୍ତ୍ରୀଜାତି)—3. The female organ; the vulva. ୪। ସଙ୍କଟ (ସ୍ତ୍ରୀଜାତି)—4. Critical condition; a narrow pass. ୫। ଭୟ (ଶବ୍ଦଟି ପ୍ରାବଳ୍ୟ)—5. Fear; dread. ୬। ମହାବିପଦ—6. Great danger; difficulty. ୭। ସଘର୍ଷ—7. Collision. ୮। ନରକର ଦ୍ୱାର (ଶବ୍ଦଟି ପ୍ରାବଳ୍ୟ)—8. The door leading to hell. ୯। ଉପରକୁ ମାଡ଼ିଆସିବା—9. Pressing on (Apte). ୧୦। ଆଘାତ କରିବା—10. Striking; hurting (Apte). ବି. ବଣ (ବହୁବ୍ରୀହି; ସମ୍+ବାଧା+ଅ)—୧। ସଙ୍କୀର୍ଣ୍ଣ; ଅପ୍ରଶସ୍ତ—1. Narrow. ୨। ଜନତାପୂର୍ଣ୍ଣ—2. Crowded. ୩। ଅନ୍ୟ ବସ୍ତୁଦ୍ୱାରା ବୁଜି ଦେଇଥିବା; ବରୁଦ୍ଧ—3. Blocked up (Apte). ୪। ଉପରକୁ ମାଡ଼ି ଆସୁଥିବା—4. Pressing. ଦେ. ବଣ—ପୂର୍ଣ୍ଣ, ବଢ଼ୁଲ—Full of; replete with. [ବି—ସେ ପୁଣି ଇଚ୍ଛଇ ଡୋ ସଙ୍ଗ ସୁଧା । ସମ୍ବାଧ ବମାଧର ଭସ ରଧା—ଗ୍ରାଚୀ. ଭସ-ବାହ୍ୟ ।]

ପୂର୍ଣ୍ଣ
ପୂର୍ଣ

ସମ୍ବାଧନ—ବି. ବ (ସମ୍+ବାଧ ଧାତୁ+ଭୁଚ୍. ଅନ)—୧। ବାଧା Sambādhana ଦେବା—1. Obstructing, ୨। (+କୃତ୍. ଅ) ମଦନ ଦ୍ୱାର; ଯୋନି ଦ୍ୱାର (ସ୍ତ୍ରୀଜାତି)—2. Vaginal orifice; the vulva. ୩। ଦ୍ୱାରପାଳ (ସ୍ତ୍ରୀଜାତି)—3. Door-keeper. ୪। ଶୂଳାଗ୍ର (ସ୍ତ୍ରୀଜାତି)—4. The point of a pin or

Digitized by srujanika@gmail.com

spit. ୫ । (+ଭାବ. ଅନ) ବାଟ ଆଦ ବନ୍ଦ କରବା—5. Blocking up (Apte). ୬ । ଚପିବା 6. Compressing (Apte). ୭ । (+ଦ୍ୱାର. ଅନ) ଫାଟକ—7. Gate (Apte). ୮ । ବାଡ଼; ଅଟକାଇବା ପାଇଁ ଦଅପିବା ବାଡ଼—

S. Barrier (Apte); fencing.

ସମ୍ବାର—ତ୍ରା. ବ (ସ. ସୋମବାର)—ସୋମବାର—Monday.

Sambāra ସୋମବାର सोमवार

ସମ୍ବାରିଆ—ଦେ. ବଣ—୧ । ସୋମବାରରେ ଘଟିବା—1. Happening on or relating to monday.

Sambāriā ସୋମବରିୟା [ଦ୍ର—ସମ୍ବାରଆ ଦ୍ୱାର, ସମ୍ବାରଆ ଦଣ୍ଡର ।] ୨ । सोमवारका (ପୁ°) ସୋମବାର ଦନ ଜନ୍ମଗ୍ରହଣ କରଥିବା—(ସମ୍ବାର-ସ୍ତ୍ରୀ) 2. (a male) Born on monday. ୩ । (ପୁ°) ସୋମବାର ବ୍ରତ ପାଳଥିବା—3. (masculine) Observing fast on monday. ତେ.ଇ. ପୁ°—

ସମ୍ବାରି ସୋମବାର ଦନ ଜନ୍ମ ହୋଇଥିବା କୌଣସି କୌଣସି सोमवारिआ ବ୍ୟକ୍ତିକୁ ଦଅପିବା ନାମ—1. A name given to a person born on a Monday. ୨ । ସୋମବାର ଦନ ଦ୍ୱବପ୍ୟ ବା ବ୍ରତ କରଥିବା ବ୍ୟକ୍ତି—2. A person who observes fast on Monday.

ସମ୍ବାଳ—ତେ. ବ ଓ ବଣ—ସମ୍ବାଲ (ଦେଶ)

Sambāla Sambhāla (See)

ସମ୍ବାଲି(ଳୁ)ଆ—ଦେ. ବ—ପୃଥଁ ବାଳ ପୋକ—

Sambāli(lu)ā Caterpillar; the wooly bear. ସୋଆଁ ପୋକା भूआ (ସଂବାଳ—ଅନ୍ୟରୂପ)

ସମ୍ବାଳିବା—ତେ. କି—ସମ୍ଭାଳବା (ଦେଶ)

Sambāliba Sambhāliba (See)

ସମ୍ବାସ—ସ. ବ (ସମ୍+ବସ୍ ଧାତୁ+ଅଘ୍ଞ. ଅ)—୧ । ବାସସ୍ଥାନ—

Sambāsa 1.Residence; abode. ୨ । (+ଭାବ. ଅ) (ସଂବାସ—ଅନ୍ୟରୂପ) ଅବସ୍ଥତ—2. Residence; living; staying. ୩ । (+ଅଧ୍ୟ. ଅ) ଅଳାବୃତ ବହାର ସ୍ଥାନ—3.A park; an open space for recreation. ୪ । ସଭା; ସମାଜ—4. Assembly; meeting; association.

ସମ୍ବାହ—ସଂ. ବ(ସମ୍+ବହ୍ ଧାତୁ ଶିତ୍=ବାହ ଧାତୁ+ଭାବ. ଅ)—

Sambāha ୧ । ଅଙ୍ଗ ମର୍ଦ୍ଦନ; ଅନ୍ୟର ଦେହ ହାତରୁ (ସଂବାହ ଇତ୍ୟାଦ—ଅନ୍ୟରୂପ) ଆଙ୍ଠୁଘା ଘଷା କରବା; କ୍ଳାନ୍ତ ନବାରଣାର୍ଥ କୌଣସି ବ୍ୟକ୍ତିର ହାତ ଗୋଡ଼ ଅଦକୁ ଚପିବା ବା ଦଳବା—1. Shampooing; squeezing and rubbing of another person's limbs. ୨ । ଭାରୀ ବହନ—2. Carrying or conveying of a load.

ସମ୍ବାହକ—ସଂ. ବଣ. ପୁ° (ସମ୍+ବହ୍ ଧାତୁ ଶିତ୍=ବାହ ଧାତୁ+ Sabāhaka ଭାବ୍ଚି. ଅକ)—୧ । ବାହକ; ବହନକାରୀ—(ସମ୍ବାହକା—ସ୍ତ୍ରୀ) 1. Conveying; carrying. ୨ । ଅଙ୍ଗ ମର୍ଦ୍ଦନକାରୀ; ଯେ ଅନ୍ୟ ବ୍ୟକ୍ତିଙ୍କ ହାତ ଗୋଡ଼ ଆଦ ଘଷା ମୋଡ଼ା କରେ—2. Shampooing. ୩ । (ଇଞ୍ଜିନିୟରିଙ୍ଗ) (ଅଧୁନାତନ ପ୍ରୟୋଗ) ଯାହା ଏକ ପଦାର୍ଥର ଉତ୍ତାପ ବା ବ୍ୟଦ୍ୟୁତ୍‌କୁ ଅନ୍ୟ ପଦାର୍ଥକୁ ବହନ କରେ—3. (physics) Conveying or conducting heat or electricity from one body to another. ସଂ. ବ. ପୁ°—୧ । ଗୋଡ଼ଘଷା ଭୃତ୍ୟ—1. A servant who shampoos the master's legs etc. ୨ । (ଇଞ୍ଜିନିୟରିଙ୍ଗ) ପଦାର୍ଥରୁ ପଦାର୍ଥାନ୍ତରକୁ ଉତ୍ତାପ ଆଦ ବହନକାରୀ ବାସ୍ତୁ—

2. Conductor of heat or electricity.

ସମ୍ବାହନ—ସ. ବ (ସମ୍+ବହ୍ ଧାତୁ, ଣିତ୍+ଭାବ. ଅନ)—

Sambāhana ୧ । ସମ୍ବାହ (ଦେଖ)—1. Sambāha (See) (ସମ୍ବାହିତ—ବଣ) ୨ । (ଇଞ୍ଜିନିୟରିଙ୍ଗ) ଜଳ ବା ବାୟୁଦ୍ୱାରା କୌଣସି ପଦାର୍ଥର ତାପ ଅନ୍ୟ ପଦାର୍ଥକୁ ବାହିତ ହେବା—2. (physics) Convection of heat by water or air.

ସମ୍ବାହିତ—ସ. ବଣ (ସମ+ବାହିତ)—୧ । ପଦ୍ଦଳିତ—1. Sham-

Sambāhita pooed. ୨। ବାହିତ—2. Conveyed; convected.

ସମ୍ବିଗ୍ଧ(ଗ୍ନ)—ସ.ବ (ସମ୍+ବଜ୍. ଧାତୁ=ଭୀତ ହେବା+କର୍ତ୍ତୃ.ତ)—

Sambigdha(gna) ୧ । ଭୀତ; ତ୍ରସ୍ତ—1. Terrified. ୨ । ଉଦ୍‌ବିଗ୍ନ—2. Anxious; concerned; agitated.

ସମ୍ବିତ୍(ଦ୍)—ସ. ବ (ସମ୍+ବଦ୍. ଧାତୁ=ଜାଣିବା+ଭାବ. ବ୍ଚ୍; Sambit(d) ୧ସା. ୧ବ)—୧ । ଜ୍ଞାନ; ବୁଦ୍ଧି—1. Understanding; intellect; (ସମ୍ବିତ୍[ଦ୍] ଇତ୍ୟାଦ—ଅନ୍ୟରୂପ) wisdom; knowledge; perception. ୨ । ପରଚୟ—2. Acquaintance. ୩ । ପ୍ରତିଜ୍ଞା—3. Promise; vow. ୪ । ଚୁକ୍ତିର ସର୍ତ୍ତ—4. Condition of an agreement. ୫ । ନଯମ; ବଧ୍ୟ—5. Rule; regulation. ୬ । ସ୍ୱାଭାବିକ; ବଧ୍ୟ—6. Law of nature. ୭ । ଧର୍ମ-ବଧ୍ୟ—7. A religious observance. ୮ । ଆଚରଣ—8. Conduct; practice; usage. ୯ । ଯୁଦ୍ଧ ସ୍ଥଳରେ ଚଳାଇବା ଧ୍ୱନି—9. A battle-cry; war-cry. ୧୦ । ସଂକେତ—10. Sign; signal. ୧୧ । ସାଂକେତିକ ପଦ; ଠାର—11. A watch-word; cypher. ୧୨ । ସମାଧି—12. Burial; deep contemplation; mental abstraction. ୧୩ । ସମ୍ଭାଷଣ—13. Discourse; conversation. ୧୪ ।

Digitized by srujanika@gmail.com

ସମ୍ବୋଷ—14. Satisfaction; contentment. ୧୫ । (+କର୍ମ. ଚ୍ୱି) ଗଣ ଗୁଲ୍ମ—15. A plant; Crotolaria Juncea. ୧୬ । ସ୍ୱଦ୍ଧ—16. War; fight. ୧୭ । ନାମ—17 Name. ୧୮ । ଗଞ୍ଜାଇ ଗଛ—18. The Indian intoxicating hemp plant; Cannabis Indica. ୧୯ । ଘୁଙ୍ଗା—19. An intoxicating drink made from Ganjā.

ସମ୍ବିତ୍—ସ. ବ (ସମ୍+ବଦ୍ ଧାତୁ+ତ୍ୱବ.ଈ)-୧ । ଅନୁଭବ; ଅନୁଭୂତି—Sambitti 1. Experience. ୨ । ଚେତନା—2. Perception. ୩ । ବୁଦ୍ଧି—3. Intelligence. ୪ । ପୂର୍ବ ସ୍ମୃତି—4. Recollection, ୫ । (ମନୋବିଜ୍ଞାନ) ଇନ୍ଦ୍ରିୟଲବ୍ଧ ଜ୍ଞାନର ପ୍ରଥମ ସ୍ତର—5. (Psychology) Sensation. [ଦ୍ର—ଏହା ମନୋବିଜ୍ଞାନର ପାରିଭାଷିକ ଶବ୍ଦ । ଇଂରାଜରେ ଏହାକୁ ସେନ୍ସେସନ୍ (Sensation) କହନ୍ତି । ସଂବିତ୍ ବାହ୍ୟ ବସ୍ତୁର କିମ୍ବା ଓ ମାନସ ପ୍ରତିକ୍ରିୟା ଇନ୍ଦ୍ରିୟଦ୍ୱାରା ଜ୍ଞାତବ୍ୟ ହୁଏ । ବସ୍ତୁଜଗତ୍ ପ୍ରଥମତଃ ଇନ୍ଦ୍ରିୟ ଉପରେ ଆଘାତ କରେ ଏବଂ ଉକ୍ତ ଆଘାତ ମସ୍ତିଷ୍କ ପ୍ରଦେଶରେ ପ୍ରବିଷ୍ଟ ହୋଇ ମାନସଶକ୍ତିର ଚେତନା ଜାଗ୍ରତ କରାଇଲେ 'ସଂବିତ୍' ଜନ୍ମେ । ସଂବିତ୍ ସାହାଯ୍ୟରେ ଆମ୍ଭେମାନେ ଏଭଳି ମାତ୍ର ଜାଣୁଁ ଯେ, ତୋଟିଏ ଶକ୍ତିଯୁକ୍ତ ପଦାର୍ଥ ବିଦ୍ୟମାନ;କିନ୍ତୁ ଉକ୍ତ ପଦାର୍ଥ କେଉଁ କେଉଁ ଗୁଣରେ ଭୂଷିତ, ଅର୍ଥାତ୍ ତାହାର 'ରୂପ', 'ବର୍ଣ୍ଣ', ପରିମାଣ ପ୍ରଭୃତି କିପରି ବା କେତେ, ତାହା କେତେ ଦୂରରେ ଅବସ୍ଥିତ, ଏ ପ୍ରକାର ଜ୍ଞାନ ଜନ୍ମିଲେ ବସ୍ତୁ-ପ୍ରତ୍ୟକ୍ଷ ଜନ୍ମେ । ସମ୍ବିତ୍ ପ୍ରତ୍ୟକ୍ଷ ଜ୍ଞାନର ମୂଳବନ୍ଧ । ସମ୍ବିତ୍ ସାହାଯ୍ୟରେ ବାହ୍ୟ ବସ୍ତୁର ଅସ୍ତିତ୍ୱ ମାତ୍ର ଅନୁଭୂତ ହୁଏ; ପ୍ରତ୍ୟକ୍ଷ ସାହାଯ୍ୟରେ ବାହ୍ୟ ବସ୍ତୁର ପରିଚୟ ଘଟେ । ଇନ୍ଦ୍ରିୟ ଦୁଇ ପ୍ରକାର; ଯଥା ସମ୍ବିତ୍ ମଧ୍ୟ ଦୁଇ ପ୍ରକାର; ଯଥା—ଦର୍ଶନ-ସମ୍ବିତ୍, ଶ୍ରବଣ-ସମ୍ବିତ୍, ସ୍ପର୍ଶସମ୍ବିତ୍, ଘ୍ରାଣ-ସମ୍ବିତ୍ ଓ ସ୍ୱାଦ-ସମ୍ବିତ୍ । ପଦାର୍ଥର ବହୁତ ଗୁଣଧର୍ମ ଜ୍ଞାନ ହେଉଛି ସଂବିତ୍-ସାପେକ୍ଷ; ଯଥା—ପଦାର୍ଥର 'ରୂପ' 'ବର୍ଣ୍ଣ' ଦର୍ଶନ-ସଂବିତ୍ ସାହାଯ୍ୟରେ, ପଦାର୍ଥର 'ଗନ୍ଧ' ଘ୍ରାଣ-ସଂବିତ୍ ସାହାଯ୍ୟରେ ସମାହୃତ ହୁଏ ।

ସହାର୍ତ୍ତ ଲେଖକ—

ଅଧ୍ୟାପକ ଶ୍ରୀ ବିପିନବିହାରୀ ରାୟ, ଏମ୍. ଏ.]

ସମ୍ବିଦା—ସଂ. ବ (ସମ୍+ବଦ୍. ଧାତୁ+ତ୍ୱବ. ଅ+ଆ)—ସମ୍ବିତ୍ Sambidā (ଦେଖ) Sambit. (See)

ସମ୍ବିଦା ମଞ୍ଜରୀ—ସଂ. ବ (ସମ୍ବିଦା=ଗଞ୍ଜେଇ+ମଞ୍ଜରୀ)—ଗଞ୍ଜେଇ; Sambidā mañjarī ଗଞ୍ଜା ଗଛର ମଞ୍ଜରୀ ବା ଢଙ୍କ— The (ଅନ୍ୟ ସଂସ୍କୃତ ନାମ—ଭାଙ୍ଗା, ମାଦନା, ଦର୍ଶିଣୀ) spike of the flowers of the Indian hemp; Cannabis Sativa. [ଦ୍ର—ଏହା ମାଦକ, ଅଗ୍ନିସାଦକ, ବୃଷ୍ୟୋତ୍ପାଦକ, ବଲ୍ୟ, କାମୋଦ୍ଦୀପକ, ନିଦ୍ରାକାରକ, ଗର୍ଭପାତକ, ବେଦନା ଓ ଆକ୍ଷେପନାଶକ । ଏହା ବାତଶ୍ୱାସ୍ରମ, ଅନ୍ତର୍ବସ୍ରାମ, ବିସୂଚିକା, ମଦାତ୍ୟୟ, ଶୂଳ, ଅମ୍ଳପିତ୍ତ, ଅଗ୍ନିମାନ୍ଦ୍ୟ, ଅଭିଷ୍ୟନ୍ଦୀ-ରଜୁଶୋଣିତ ଓ କୃମିରୋଗର ଦଂଶନଜନିତ ଜଳାତଙ୍କ ରୋଗରେ ଉପକାରୀ । ଏହାକୁ କେହି କେହି ବାଟି କରି, କେହି କେହି ଜଳ ଲଗାଇ ଚଲମ ଦ୍ୱାରା ଧୂମ ଓ ପୁଣି କେହି ମୋଦକରେ ମିଶାଇ ଖାଆନ୍ତି । ଗଞ୍ଜାଇମଞ୍ଜରୀର ଅଠାକୁ 'ଚରସ' ବୋଲାଯାଏ ।]

ସମ୍ବିଦିତ—ସଂ. ବଣ (ସମ୍+ବିଦିତ)—୧ । ପରିଜ୍ଞାତ—Sambidita 1. Known. ୨ । ପ୍ରତିଜ୍ଞାତ—2. Promised. ୩ । ସୁପରିଚିତ; ଉତ୍ତମରୂପେ ଜଣାଶୁଣା—3. Well acquainted; well-known.

ସମ୍ବିଦ୍ୟତିକ୍ରମ—ସଂ. ବ (୬ଷ୍ଠୀ ତତ୍) —ପ୍ରତିଜ୍ଞା ଲଙ୍ଘନ—Sambidbyatikrama Infringement or breach of promise; violation of (ସମ୍ବିଦ୍ବ୍ୟତିକ୍ରମ—ଅନ୍ୟରୂପ) promise.

ସମ୍ବିଧା—ସଂ. ବ (ସମ୍+ବି+ଧା. ଧାତୁ=ଧାରଣ କରିବା+କରଣ. ଅ+ଆ)—୧ । ଅଳଂକାର—Sambidhā 1. Ornament. (ସଂବିଧା, ସମ୍ବିଧାନ—ଅନ୍ୟରୂପ) ୨ । ସାଜସଜ୍ଜା—2. Dress; fittings. ୩ । ରଚନା; ସଜ୍ଜା—3. Arrangement; orderly arrangement of parts; toilet; decoration. ୪ । ସଂଘଟନ; ଘଟନା—4. Event; affair. ୫ । ଆୟୋଜନ—5. Preparation. ୬ । ବୈଚିତ୍ର୍ୟ—6. Variety. ୭ । ସେବାର ସାମଗ୍ରୀ—7. Articles used in service. ୮ । ଭେଟି—8. Articles presented as a token of respect.

ସମ୍ବିଭକ୍ତ—ସଂ. ବଣ (ସମ୍+ବିଭକ୍ତ)— ପୃଥକ୍କୃତ—Sambibhakta Divided; separated. (ସଂବିଭକ୍ତ— ଅନ୍ୟରୂପ)

ସମ୍ବିଶ୍ଚ—ସଂ. ବଣ (ସମ୍+ବିଶ୍ ଧାତୁ+କ୍ତ. ତ)—୧ । ନତ୍ତ; ସୁପ୍ତ—Sambishṭa 1. Asleep; sleeping. (ସଂବିଷ୍ଟ—ଅନ୍ୟରୂପ) ୨ । ନିବିଷ୍ଟ—2. Engaged in; (ସମ୍ପୂର୍ବ —ବି) devoted to.

ସମ୍ମୀକ୍ଷଣ—ସଂ. ବ (ସମ୍+ମୀକ୍ଷଣ)—୧ । ପର୍ଯ୍ୟବେକ୍ଷଣ—Sambīkshaṇa 1. Observation. ୨ । ଅନ୍ୱେଷଣ— (ସମୀକ୍ଷଣ—ଅନ୍ୟରୂପ) 2, Searching; enquiry; (ସମ୍ମୀକ୍ଷିତ—ବଣ) ୩ । ଦର୍ଶନ; ଭେଟ—3. Seeing; interview.

ସମ୍ବୀତ—ସଂ. ବଣ (ସମ୍+ବେ ଧାତୁ=ଘୋଡ଼ାଇବା+କର୍ମ. ତ) Sambita ୧ । ଆବୃତ; ଆଚ୍ଛାଦିତ—1. Covered. (ସମ୍ବୀତ —ଅନ୍ୟରୂପ) ୨ । ଗୋପିତ—2. Concealed;

Digitized by srujanika@gmail.com

hidden. ୩ । ବଦ୍ଧ—3. Confined; bound. ୪ । (ସମ୍ + ବ + ଇ ଧାତୁ = ସିଦ୍ଧା + କର୍ତ୍ତରି ତ)—ସମ୍ମିଳିତ—4. United; joined together. ୫ । ଏକତ୍ରୀଭୂତ— Collected.

ସମ୍ବୁଦ୍ଧ—ସଂ. ବଣ (ସମ୍ + ବୁଧ୍ ଧାତୁ = ଜାଣିବା + କର୍ତ୍ତରି ତ)—୧ । Sambuddha ଜ୍ଞାତବୁଦ୍ଧ; ଜାଗରିତ—1. Awakened. (ସବୁଦ୍ଧ ଇତ୍ୟାଦି—ଅନ୍ୟରୂପ) ୨ । ଚେତନାଯୁକ୍ତ; ଚୈତନ୍ୟ ବିଶିଷ୍ଟ—2. Sentient; conscious. ୩ । ସମ୍ୟକ୍ ଜ୍ଞାନୀ—3. Very wise. ସ. ବ— ବୁଦ୍ଧାବତାର—The incarnation of Bishnu as the Buddha.

ସମ୍ବୁଦ୍ଧି—ସ. ବ (ସମ୍ + ବୁଧ୍ ଧାତୁ = ଜାଣିବା + ଭାବ. କ)—Sambuddhi ୧ । ଆହ୍ୱାନ; ସମ୍ବୋଧନ—1. Calling; addressing. ୨ । ଜାଗରଣ—2. Awakening. ୩ । ଆମନ୍ତ୍ରଣ—3. Invitation. ୪ । ଦର୍ଶନ- 4. Seeing; sight. ୫ । (ବ୍ୟାକରଣ) ସମ୍ବୋଧନ- 5. (grammar) Vocative case. ୬ । ସମ୍ପୂର୍ଣ୍ଣ ଜ୍ଞାନ—6. Perfect knowledge. ୭ (ବ୍ୟାକରଣ) ସମ୍ବୋଧନର ଏକବଚନ—7. (Grammar) The singular number of the vocative case.

ସମ୍ବୃତ—ସ. ବଣ (ସମ୍ + ବୃ ଧାତୁ = ଆବୃତ କରିବା + କର୍ମ. ତ)—Sambṛuta ଗୁପ୍ତ- Concealed.

ସମ୍ବୃତି—ସ. ବ (ସମ୍ + ବୃ ଧାତୁ = ଘୋଡ଼ାଇବା + ଭାବ କ)—Sambṛuti ୧ । ଗୋପନ—1. Concealment. ୨ । (ସଂବୃତ—ଅନ୍ୟରୂପ) ଆଚ୍ଛାଦନ—2. Covering. ୩ । (+ କରଣ. କ) ଘୋଡ଼ଣୀ—3. A cover; a lid.

ସମ୍ବୃତ୍ତ—ସ. ବଣ (ସମ୍ + ବୃତ୍ ଧାତୁ + କର୍ତ୍ତରି ବା କର୍ମ ତ)—Sambṛutta ୧ । ନିଷ୍ପନ୍ନ; ସମ୍ପାଦିତ—1. Accomplished; finished. ୨ । ଜାତ- 2. Born. ୩ । ଗୋପିତ—3. Hidden. ସ. ବ— ବରୁଣଦେବ—The Indian Neptune; the Seagod.

ସମ୍ବୃତ୍ତି—ସ. ବ (ସମ୍ + ବୃତ୍)—୧ । ଗୋପନ— 1. Concealment. ୨ । ନିଷ୍ପତ୍ତି—2. Completion; settlement. ୩ । ସିଦ୍ଧି—3. Accomplishment; success.

ସମ୍ବୃହଣ—ସ. ବ.—ବଳ ସମ୍ବର୍ଦ୍ଧନ (ଚରକ)—Sambṛuhaṇa Conservation or accumulation of strength.

ସମ୍ବେଗ—ସଂ. ବ (ସମ୍ + ବିଜ୍ ଧାତୁ = ଖୁବ ଦୌଡ଼ା + ଭାବ. ଅ; ସମ୍ + ବେଗ)—୧ । ଭୟ—1. Fear. (ସଂବେଗ ଇତ୍ୟାଦି—ଅନ୍ୟରୂପ) ୨ । ଭୟଜନିତ ଦ୍ରୁତ— (ସମ୍ବିଗ୍ନ—ବଣ) 2. Fright; haste due to fear. ୩ । ଅତି ବେଗ—3. Violent force; fury. ୪ । ଅତିବେଗ; ଉଦ୍‌ବେଗ—4. Anxiety.

ସମ୍ବେଜନ—ସଂ. ବ—ଅତ୍ୟନ୍ତ କମ୍ପନ (ସ୍ପୃଶ୍ ତ)—Sambejana Shiver; violent trembling.

ସମ୍ବେଦ—ସଂ. ବ (ସମ୍ + ବିଦ୍ ଧାତୁ = ଜାଣିବା + ଭାବ ଅ)—Sambeda ୧ । ଅନୁଭବ—1. Experience; cognisance. (ସଂବେଦ ଇତ୍ୟାଦି—ଅନ୍ୟରୂପ) ୨ । ଜ୍ଞାନ— 2. Knowledge; comprehension; perception. ୩ । ବୋଧ—3. Understanding.

ସମ୍ବେଦନ(ନା)—ସଂ. ବ (ସମ୍ + ବିଦ୍ ଧାତୁ = ଜାଣିବା + ଭାବ ଅନ; Sambedana(nā) + ଆ) ୧ । ଅନୁଭବଜନିତ ଜ୍ଞାନ— 1. Experimental knowledge; experience. ୨ । ଅନୁମାନ—2. Supposition; guess; inference. ୩ । (+ କରଣ. ଅନ)—ହିକ୍କା (ହିକ୍କାରୋଗ); ହିଙ୍କ—3. Sneezing.

ସମ୍ବେଦ୍ୟ—ସଂ. ବଣ (ସମ୍ + ବିଦ୍ ଧାତୁ = ଜାଣିବା + କର୍ମ. ଯ)—Sambedya ୧ । ଜ୍ଞେୟ—1. Cognizable, ୨। ଅନୁଭବ- (ସଂବେଦନୀୟ—ଅନ୍ୟରୂପ) ଯୋଗ୍ୟ—2. Fit to be experienced.

ସମ୍ବେଶ—ସଂ. ବ (ସମ + ବିଶ୍ ଧାତୁ = ପ୍ରବେଶ କରିବା, ଉତ୍ତ କରିବା, ଶୋଇବା + ଭାବ. ଅ)—୧ । ନିଦ୍ରା— [ସଂବେଶ ଇତ୍ୟାଦି—ଅନ୍ୟରୂପ] 1. Sleep. ୨ । ବିଶ୍ରାମ 2. Repose. ୩ । (+ ଅଧ୍ୟ ଅ)ପୀଠ;ଆସନ;ବଇଠକା— 3. A stool; a pedestal. ୪ । (+ ଭାବ ଅ) ଉପବେଶନ—4. Act of sitting. ୫। ସ୍ୱରତ; ରତି —5. Coition. ୬। (+ଅଧି.ଅ) ଶଯ୍ୟା—6. Bed. (ଉ—ସମେଶ ଅଶନ ବରଞ୍ଚରେ —ଜଗନ୍ନାଥ ଜଗୋତ୍ଥଙ୍କ୍ଷ୍ କ ଗୀତ) ୭ । ସ୍ୱପ୍ନ—7. Dream. (ଉ - ଶୁଣ ଅଦ୍ଦେ ସ୍ୱମନେ ଜଦ୍ଦାବଣେ ସ୍ୱମନେ ସଂବେଶ ଅବେଶ ଶ୍ରୀସ୍ୱମ— ଭଞ୍ଜ.ବୈଦେହୀଶକଳାସ) ୮। ରତିବଳ୍ଧବିଶେଷ (ବିଶ୍ୱକୋଷ) 8.A posture during copulation. ୯। ଉପଭୋଗର ସ୍ଥାନ—9. Place of enjoyment. ୧୦। (ଭାବ.ଅ)- ଶୟନ (ବିଶ୍ୱକୋଷ); ଶୋଇବା—11. Sleeping.

ସମ୍ବେଷ୍ଟ—ସଂ. ବଣ (ସମ୍ + ବିଷ ଧାତୁ ଣିଚ୍ + କର୍ମ. ତ)—Sambeshṭa ୧ । ସମ୍ୟକ୍ ବେଷ୍ଟିତ—1. Surrounded. (ସଂବେଷ୍ଟ—ଅନ୍ୟରୂପ) ୨ । ବସ୍ତ୍ରାଚ୍ଛାଦିତ (ବସ୍ତ୍ରକୋଷ)— (ସମ୍ବେଷ୍ଟନ—ଅନ୍ୟ. ବ. ରୂପ) 2. Covered with cloth.

ସଂ. ବ (+ ଭାବ. ଅ)—ବେଷ୍ଟନ; ଘେରିବା— Surrounding.

ସମ୍ବୋଧ—ସଂ. ବ (ସମ୍ + ବୁଧ୍ ଧାତୁ = ବଜାଣ କରିବା + ଭାବ. ଅ)— Sambodha ୧ । ନାଶ (ଜଯୁଘାଲ)—1. Destruction. (ସଂବୋଧ—ଅନ୍ୟରୂପ) ୨ । ଗଚ୍ଛିତ; ନ୍ୟାସ (ମେଦଗା)— 2. Deposit. ୩ । ବୋଧନ (ମେଦଗା)— 3. Awakening; explaining.

Digitized by srujanika@gmail.com

ସମ୍ବୋଧନ—ସଂ. ବ (ସମ୍ + ବୁଧ୍ ଧାତୁ; ଣିଚ୍ + ଲ୍ୟୁ. ଅନ)—Sambodhana ୧ । ଆମନ୍ତ୍ରଣ—1. Invitation. ୨ । (ସବୋଧନ—ଇତ୍ୟାଦି, ଅନ୍ୟରୂପ) କୌଣସି ବ୍ୟକ୍ତିଙ୍କର ମନୋଯୋଗ ଆକର୍ଷଣାର୍ଥ ଅହ୍ୱାନ—2. Address to draw attention. ୩ । ଅହ୍ୱାନ—3. Calling. ୪ । (ବ୍ୟାକରଣ) କାରକବିଶେଷ—4. (grammar) The vocative case. [ଉ—ବ୍ୟାକରଣରେ ସମ୍ବୋଧନ ପ୍ରଥମା ବିଭକ୍ତି ହୁଏ—ଶବ୍ଦକୋଷ]

ସମ୍ବୋଧନ ଚିହ୍ନ—ଦେ. ବ (ଅଧିକ) —ସମ୍ବୋଧନ ସୂଚନାରେ Sambodhana chihna ଯୁକ୍ତାକ୍ଷରରେ ବ୍ୟବହୃତ ସଂକେତ—ସଂବୋଧନ ଚିହ୍ନ Note of admiration or vocation. **सम्बोधन चिह्न** [ଉ—ଏହା '!' ଏହିପରି ବାକ୍ୟ ମଧ୍ୟରେ (ସମ୍ବୋଧନ ସୂଚକ ଚିହ୍ନ—ଅନ୍ୟରୂପ) ଲେଖାଯାଏ ।]

ସମ୍ବୋଧିବା—ଦେ. କି (ପଦ୍ୟ)—ସମ୍ବୋଧନ କରିବା; ଡାକିବା—Sambodhiāb To address. ସଂବୋଧନ କରା [ଉ—ପୁଣି ଗୁରୁଯୋଧଙ୍କ ସମ୍ବୋଧି ଗୃହକୋଦର ! ଗଧାନାଥ. ବେଣୀସଂହାର ।] **सम्बोधन करना**

ସମ୍ଭ୍ୟାନ—ସଂ. ବ (ସମ୍ + ବ୍ୟେ ଧାତୁ=ଆଚ୍ଛାଦନ କରିବା + କରଣ. Sambyāna ଅନ)—୧ । ବସ୍ତ୍ର—1. Cloth. ୨ । ଉତ୍ତରୀୟ (ସଂବ୍ୟାନ—ଅନ୍ୟରୂପ) ବସ୍ତ୍ର—2. The upper garment.

ସମ୍ଭ୍ୟୁଢ—ସ. ବିଣ (ସମ୍ + ବ୍ୟୁଢ)—୧ । ଦୃଷ୍ଟ—1. Pounded; Sambhyūrdha bruised. ୨ । ଏକତ୍ର ମିଶ୍ରିତ—(ସମ୍ଭ୍ୟୁଢ, ସମ୍ଭ୍ୟୁଢନ—ବ) 2. Mixed together.

ସମ୍ଭ୍ରାତ—ସଂ. ବିଣ—୧ । ପ୍ରଚୁର (ଶବ୍ଦକୋଷ)—1. Enough; Sambrāta copious. ୨ । ବହୁ ସଂଖ୍ୟକ—2. Numerous.

ସମ୍ଭବ—ସଂ. ବ (ସମ୍ + ଭୂ ଧାତୁ=ହେବା + ଲ୍ଭବ. ଅ)—୧ । ଉତ୍ପତ୍ତି; Sambhaba ଜନ୍ମ—1. Birth; origin. ୨ । (+ (ସଭବ ଇତ୍ୟାଦି—ଅନ୍ୟରୂପ) କର୍ମ. ଭ) ହେତୁ; କାରଣ—2. Reason; cause. ୩ । ଅନୁମାନ—3. Guess. ୪ । ସମ୍ଭାବନା—4. Probability. ୫ । ସମ୍ଭୀଚୀନତା—5. Propriety. ୬ । ଯୁକ୍ତି—6. Argument. ୭ । ଯୋଗ୍ୟତା—7. Fitness; ability; proficiency. ୮ । ସଙ୍କେତ—8. Sign; signal. ୯ । ଶକ୍ତତା; ଶକ୍ତି—9. Power; ability; might, ୧୦ । ପରିଚୟ—10. Acquaintance. ୧୧ । ସଖ୍ୟ—11. Friendship. ୧୨ । (+ତୃତୀ. ଅ) ବର୍ତ୍ତମାନ କଳ୍ପର ତୃତୀୟ ଜୈନାବତାର—12. Name of the third incarnation of the Jainas in the modern age. ୧୩ । (+ଲ୍ଭବ. ଅ) କ୍ଷତି; ହାନି (ଶବ୍ଦକୋଷ)—13. Ruin; loss. ଦେ. ସଂଭବ ବିଣ—୧ । ସମ୍ଭବ୍ୟ; ସମ୍ଭାବନା ଯୋଗ୍ୟ; ସମ୍ଭବପର—**सम्भव** 1. Possible. ୨ । ଯାହା ଘଟିଥାରେ—2. Pro- (ଅସମ୍ଭବ—ବିପରୀତ) bable. ଦେ. କି. ବିଣ—ସମ୍ଭବତଃ—ସଂଭବ **सम्भव** Possibly; probably.

ସମ୍ଭବ କରିବା—ଦେ. କି—ଅନୁମାନ କରିବା—To guess. Sambhaba karibā ସମ୍ଭବ କରା **सम्भव करना**

ସମ୍ଭବତଃ—ସଂ. ଅ (ସମ୍ଭବ + ତସ୍) —୧ । ବୋଧ ହୁଏ—1. Pro- Sambhabatah bably. ୨ । ଅନୁମିତ ହୁଏ ଯେ— 2. It seems.

ସମ୍ଭବନ—ସଂ. ବ (ସମ୍ + ଭୂ ଧାତୁ + ଲ୍ଭବ. ଅନ)—୧ । ଉଦ୍ଭାବନ Sambhabana (ଶବ୍ଦକୋଷ)—1. Inventing. ୨ । ଉତ୍ପାଦନ—2. Producing.

ସମ୍ଭବପର—ସଂ. ବିଣ—ସମ୍ଭବ୍ୟ (ଦେଖ)—Sambhabya (See) Sambhabapara [ଉ—ଉପସ୍ଥାରେ ଅବଶ୍ୟ ପ୍ରସନ୍ନ ହେବ ବର । ଅଜ୍ ଦେଇ ଉପାସ୍ୟ ତୁହେ ସମ୍ଭବପର—ସମ୍ଭାବ୍ୟ ବରଦାତାର ବଦ୍ୟ. ଭୂଲସୀ. ବିନୟ ପତ୍ରିକା ।]

ସମ୍ଭବ ଲାଗିବା—ଦେ. କି—କୌଣସି ବିଷୟ ସମ୍ଭବ୍ୟ ବୋଧ ହେବା— S mbhaba lāgibā To seem possible. ସମ୍ଭବ ଲାଗା **सम्भव मालुम होना**

ସମ୍ଭବ ହେବା—ଦେ. କି—(କୌଣସି ବିଷୟ) ସମ୍ଭବ୍ୟ ବୋଧ ହେବା; Sambhaba hebā ସମ୍ଭାବିତ ହେବା; ଅନୁମିତ ହେବା—ସମ୍ଭବ ହଉଥିବା (anything) To be thought possible; **सम्भव होना** to seem probable.

ସମ୍ଭବାତୀତ—ସଂ. ବିଣ—୧ । ଅସମ୍ଭବ୍ୟ—1. Improbable Sambhabātīta ୨ । କାରଣଶୂନ୍ୟ—2. Groundless. ୩ । ଯୋଗ୍ୟତା ରହିତ—3. Unfit.

ସମ୍ଭବିବା—ଦେ. କି (ପଦ୍ୟ) (ସଂ. ସମ୍ଭବ)—୧ । ଜାତ ହେବା— Sambhabibā 1. To be born. [ଉ—କେତୱାରୁ ସମ୍ଭବି, ସମ୍ଭବ ହଉଥିବା **पैदा होना** ସମ୍ଭବଲେ ପୁଦ୍ୟାସ—କବିସୂର୍ଯ୍ୟ. ସମ୍ଭବ ହଉଥିବା **घटना** କରିବା ।] ୨ । ଘଟିବା—2. To happen. [ଉ—ଘଟାଇବାର ସମ୍ଭ-ବିଲ୍ଲାହିଁକ ଅମ୍ଭ-ସଂଯୋଗ ସିନା କଞ୍ଚ ଅଇଲ୍ଟି ରେ । କଶୋରୀରମ୍ଭ ଘ ଗୀତ] ସମ୍ଭବପର ହଉଥିବା ୩ । ସମ୍ଭବପର ହେବା—3. To be possible. **सम्भव होना** [ଉ—ଜକଗାଡ ଭଟ୍ଟି ମୁହୁ ଦେହେ ଚାଟି ସମ୍ଭବିବ ଏ କଦନ—କବିସୂର୍ଯ୍ୟ. କଶୋରୀରମ୍ଭ ଞ ଗୀତ]

ସମ୍ଭବିଷ୍ଣୁ—ସଂ. ବିଣ (ସମ୍ + ଭୂ ଧାତୁ + କର୍ତ୍ତୃ ଇଷ୍ଣୁ) —ଉତ୍ପାଦନଶୀଳ— Sambhabishnu Productive.

ସମ୍ଭବୀ—ଦେ. ବିଣ—(ଅମୁକ କୁଳରୁ) ସମ୍ଭୂତ; ଜାତ—Born of Sambhabī (such a family). [ଉ—ଅଜି ମୃଗଙ୍କର ସମ୍ଭବୀ ଗୋଟି ସମ୍ଭବୀ । ବୁଦେକ ଗ୍ରସ୍ତରୁ କବିରବ—କବିସୂର୍ଯ୍ୟ. **पैदा हुआ** କବିତା ।]

ସମ୍ଭବ୍ୟ—ସଂ. ବିଣ (ସମ୍ + ଭୂ ଧାତୁ=ହେବା + କର୍ମ. ଯ)—Sambhabya ୧ । ସମ୍ଭାବନୀୟ; ଯାହା ଘଟି ପାରେ ବୋଲି (ଅସମ୍ଭବ୍ୟ—ବିପରୀତ) ଅନୁମାନ କରାଯାଏ—1. Possible;

Digitized by srujanika@gmail.com

probable. ୬ । ବିଶ୍ୱାସ ଯୋଗ୍ୟ—2. Credible. ୩ । ଉତ୍ପନ୍ନ ଯୋଗ୍ୟ—3. Fit to be produced. ସଂ ବ—କପିତ୍ଥ (ଶବ୍ଦଚନ୍ଦ୍ରିକା) —Wood apple.

ସମ୍ଭର—ସଂ. ବ (ସମ୍ + ଭୃ ଧାତୁ + ଅପ୍. ଅ) —୧ । ଅଡ଼ରଣ; Sambhara ସଂଗ୍ରହ—1. Collecting. ୨। ସମ୍ୟକ୍ ଭର— 2. Big load or responsibility.

ସମ୍ଭର(ବ)—ଗ୍ରା. ବ (ସଂ. ସମାରମ୍ଭ)—୧ । ସମାରମ୍ଭ; ଅଡ଼ମ୍ବର; Sambhara(rba) ଜାକଜମକ—1. Pomp; show; ସମାରୋହ **समारोह** grandeur. [ଉ—ଅଇ ସମ୍ଭରେ (ସମ୍ଭରବ—ଅନ୍ୟରୂପ) ବଜାୟେ ଅଖିଳ ମଙ୍ଗଳ—ଶିଶୁଶଙ୍କର. ଚିତାଉଲାପ ।] ୨ । ଉତ୍ସବ—2. Festival. ୩ । ଚମତ୍କାର—3. Brilliance; brilliant display.

ସମ୍ଭରଣ—ସଂ. ବ (ସମ୍ + ଭୃ ଧାତୁ + ଅପ୍. ଅନ) —୧ । ପୂର୍ତ୍ତି ବା Sambharana ପ୍ରାପଣ—1. Bringing to comple- (ସମ୍ଭରଣୀୟ, ସମ୍ଭୃତ—ବ୍ୟ) tion or fulfilment. ୨ । ସମ୍ୟକ୍ ପୂର୍ତ୍ତିକରଣ (ବ୍ୟାକୋଷ) —2. Filling up.

ସମ୍ଭରବେ—କ୍ରି. ବିଣ—ସମାରମ୍ଭରେ; ଅଡ଼ମ୍ବର ସହକାରେ— Sambharabe With pomp. [ଉ—ବ୍ୟାକର୍ମୀ ସ୍ୱତ ଦ୍ୱନ୍ଦ୍ୱ ସମାରୋହେ ସନ୍ତ ଦଣ୍ଡି ପଛ ସୁନ୍ଦ ସମ୍ଭରବେ ଆରମ୍ଭେ ଭୂମୁଳ ଯେ— **समारोहसे** ଉଜ. ବୈଦେଘୀଶବିଳାସ ।]

ସମ୍ଭରିବା—ଦେ. କ୍ରି (ଯଦ୍ୟ) (ସଂ. ସମ୍ଭରଣ)—ସମ୍ଭାଳିବା (ଦେଶ) Sambharibā Sambhāḷibā (See) (ଉ—ସମ୍ଭର ନ ଯାଏ ବ୍ରହ୍ମାଣ୍ଡ । ଫାଟିଣ ଗଲ୍ଲ ଉର୍ଦ୍ଧ୍ୱ ପିଣ୍ଡ—ପ୍ରାତୀ. ମୁଣ୍ଡିଉମ ତତ୍ରୋଦସ୍ୱ ।)

ସମ୍ଭଲ—ସଂ. ବ—୧ । (ନାମ) (ସମ୍ + ଭଲ୍ ଧାତୁ=ରକ୍ଷଣ Fambhala କରିବା + କର୍ମ ଅ) ପ୍ରାଚୀନ ଗ୍ରୀକ୍‌ମାନଙ୍କର ପୂର୍ବ- (ସଂଜ୍ଞା—ଅନ୍ୟରୂପ) ପ୍ରାନ୍ତସ୍ଥ ସାମ୍ରାଜ୍ୟର ନାମ—1. A Buddhist name for Selucia or Bactriana,the eastern empire of the ancient Greeks. ୨ । କନ୍ୟାର୍ଥୀ ପୁରୁଷ (ଅଥର୍ବବେଦ)—

2. A person disirous of getting a bride.

ସମ୍ଭଳା—ଦେ. ବ (ସଂ. ସମ୍ଭରଣ) —୧ । ସମ୍ଭାଳିବା (ଦେଶ)— Sambhaḷā 1. Sambhāḷibā (See) ୨ । ଧୈର୍ଯ୍ୟ- ସାମଳାନ, ସାମାଲ **सँभाल** 2. Patience, ୩ । ସହିବା— (ଅସମ୍ଭଳା—ବ୍ୟତ୍ୟୟ) 3. Bearing; enduring.

ଦେ. ବିଣ—ସମ୍ଭାଳ (ଦେଶ)—Sambhāḷa (See).

ସମ୍ଭଳା ପଡ଼ିବା—ଦେ. କ୍ରି—ସମ୍ଭାଳ ହେବା (ଦେଶ) Sambhaḷā paṛdibā Sambhāḷi hebā (See) ସାମଳାନ **सम्भाल पड़ना**

ସମ୍ଭଳା ଯି(ହେ)ବା—ଦେ. କ୍ରି—ସହ୍ୟ ହେବା— Sambhaḷā ji(he)bā To be borne. ସାମାଲ ହେଉଥା **सम्भालजाना**

ସମ୍ଭଳି—ସଂ. ବ. ସ୍ତ୍ରୀ (ସମ୍ + ଭଲ୍ ଧାତୁ=ରକ୍ଷଣ କରିବା + କ୍ତିନ୍ Sambhaḷi ଅ + ଙ୍ଗୀ. ଈ) —ଭ୍ରଷ୍ଟିଗା; ଦୂତୀ (ଅମର)— (ସଂଜ୍ଞା—ଅନ୍ୟରୂପ) A procuress; a bawd.

ସମ୍ଭା(ମ୍ଭେ)ବିବା—ଦେ.କ୍ରି (ସଂ. ସମ୍ଭବ)—୧ । ସମ୍ଭବ ଜଣା ହେବା— Sambhā(mbhe)ibā 1. To be thought probable ସମ୍ଭାବିତ ହେଉଥା ୨ । ପ୍ରବିଷ୍ଟ ହେବା; ପ୍ରବେଶ କରିବା—2. To **सम्भावित होना** enter into. [ଉ—ବ୍ରହ୍ମାଣ୍ଡ ଯାହା ଉଦରେ ସେ ଧୋନ ପ୍ରଳୟେ ସମ୍ଭାଇ । ଉଜ. ବୈଦେଘୀଶବିଳାସ ।] **समाना** ୩ । ଉଣ୍ଡି ହୋଇଯିବା—3. To be contained inside. [ଉ-ସେ ବ୍ରହ୍ମା ସୁଭଦ୍ରା ହୋଇଲେ,ଗ୍ରଧାଙ୍କ ସଙ୍ଗେ ସମ୍ଭାଇଲେ । ଯଶୋବନ୍ତ. ଗ୍ରେସଭ୍ରକ୍ତ ବ୍ରହ୍ମଗୀତା ।] ୪ । ଯଥେଷ୍ଟ ହଓୟା ଯଥେଷ୍ଟ ହେବା; କୌଣସି ପାତ୍ରର ଅକାରତ୍ୱ ଗୁଡ଼ିଁ **यथेष्ट होना** ଯଥେଷ୍ଟ ହେବା—4. To suffice for the capacity of any pot; to be capable of being contained in it [ଯଥା—ଏ ଟୋକେଇରେ ୫ ସୌଣୀ ଧାନ ସମ୍ଭାଇବ, ଅଉ ବେଶୀ ଧାନ ସମ୍ଭାଇବ ନାହିଁ ।]

ସମ୍ଭାବ—ସଂ. ବ (ସମ୍ + ଭୁବ)—ଅବସ୍ଥା; ଦଶା (ରତ୍ନାପୃଣ)— Sambhāba Condition; predicament.

ସମ୍ଭାବନ(ନା)—ସଂ. ବ (ସମ୍ + ଭୂ ଧାତୁ ଣିଚ=ଭାବ ଧାତୁ=ଚନ୍ତା Sambhābana(nā) କରିବା + ଭାବ୍ ଅନ; + ଅ)— [ସଂଭାବନ(ନା), ଇତ୍ୟାଦି—ଅନ୍ୟରୂପ] ୧ । ଚନ୍ତା— (ବିଶ—ସମ୍ଭାବନୀୟ, ସମ୍ଭାବିତ, ସମ୍ଭବ୍ୟ, ସମ୍ଭାବ୍ୟ) 1. Thought. ୨ । ଧ୍ୟାନ—2. Meditation. ୩। ପୂଜା; ସତ୍କାର— 3. Worship. [ଉ—ଅର୍ଜୁନଙ୍କୁ ଦେଖିଣ ଦେବତା ଗନ୍ଧର୍ବେ, ବହୁତ ସମ୍ଭାବନା କଲେ ଭାଙ୍କୁ ଖୁବେ । କୁନ୍ତିସିଂହ ମହାଖୁରତ, ବନ ।] ୪। ଗୌରବ; ସମ୍ମାନ— 4. Honour; respect. [ଉ—ସମ୍ଭାବନା ଗଉରବ କରିବାକୁ ଜଣେ ସାଥିକ ନ ଥେପିଲ୍—ପୁଲଖଣା ।] ୫ । ଯୋଗ୍ୟତା—5. Fitness; proficiency. ୬ । ପାଇବାର ଆଶା—6. Expectancy. ୭ । ଅନୁରୂପ- ଦୈବିକ ସଂଖ୍ୟା; ବାସ୍ତବାତ୍ମକ ସମ୍ଭେଦ—7. Great chance; possibility; probability; contingency. (ଉ—ଧୂମ ଦେଖା ଗଲେ ଅଗ୍ନିର ଜ୍ଞାନକୁ ସମ୍ଭାବନା ବୋଲିଯାଏ ।) ୮ । ସଂଘାତନ—8. Accomplishment. ୯ । ଅନୁଗ୍ରହ—9. Favour. ୧୦ । ସୁଖ୍ୟାତି—10. Reputation. ୧୧ । (ବ୍ୟାକରଣ) କ୍ରିୟାରେ ଯୋଗ୍ୟତା ବା ଅଧ୍ୟବସାୟ; କୌଣସି କ୍ରିୟାରେ କୌଣସି ଯୋଗ୍ୟତାର ଅନ୍ୱେଷଣ—11. (grammar) Capability or fitness of a verb to express some action; attributing of a capacity to a verb. ୧୨ । ଭାବ୍ୟାଳଙ୍କାର ବିଶେଷ— 12. A figure of speech. [ଉ—ଯେଉଁଠାରେ

Digitized by srujanika@gmail.com

କଳଂକଣ୍ଠିତ ବିଷୟରେ ସମ୍ଭାବନାର ଅବ୍ୟେପ କରଥାଆନ୍ତି, ସେଠାରେ ଏହି ଅଳଙ୍କାର ହୁଏ ।] ୧୩ । ସ୍ୱୀକାର (ବଗଡୋଷ୍ଠ)—13. Consent; agreement.

ସମ୍ଭାବନା—ଦେ. ବ (ସଂ.ସମ୍ମାନନା)—ସମ୍ମାନନ—Showing Sambhābanā respect. [ଉ—ଚୈତନ୍ୟେ ବାବୁ ଭୁଲେ ସମ୍ଭାବନା କରନ୍ତୁ ସମ୍ଭାବନା, ନ ଜଣନ୍ତୁ କହୁ କଥା ଦେ ମାନ ସଦ୍ଭାମନା । କୃଷ୍ଣସିଂହ. ସଦ୍ଭାଷ୍ଟରଙ୍ଗ. ବନ ।]

ସମ୍ଭାବନା କରିବା—ଦେ. କି—୧ । ସମ୍ଭାବ୍ୟ ବୋଲି ମନେ କରିବା—Sambhābanā karibā 1. To think it probable ସମ୍ଭାବନା କରା or likely. [ଉ—ବନାଲୀ ଗୁରୁ କରଣ କର ଖୟାଲ କରନା ସମ୍ଭାବନା । ରଙ୍ଗ. ବୈଦେଘୁଶବଲାସ ।]

୨ । ସମ୍ମାନିତ କରିବା—2. To honour.

ସମ୍ଭାବନୀୟ—ବି. ବଣ (ସମ୍ + ଭୂ ଧାତୁ, ଶିତ୍ + କର୍ମ. ଅନୀୟ)—Sambhābanīya ୧ । ଚିନ୍ତନୀୟ—1. Thinkable. ୨ । (ସମ୍ଭାବନୀୟତା—ବଣ) କଲ୍ପନୀୟ—2. Conceivable possible. ୩ । ପୂଜନୀୟ—3. Adorable. ୪ । ସମ୍ମାନନୀୟ—4. Respectable. ୫ । ପ୍ରଶଂସନୀୟ—5. Praiseworthy.

ସମ୍ଭାବିତ—ସଂ. ବଣ (ସମ୍ + ଭୂ ଧାତୁ + କର୍ମ. ତ)—୧ । ଜାତ; ଉତ୍ପନ୍ନ; Sambhābita ବଡ଼ଲୋକ; ପ୍ରସିଦ୍ଧ—1. Famous; reputed; ଜାତ celebrated. ୨ । ପ୍ରଶଂସିତ—2. Praised. ବଦାହୁଆ ୩ । ପୂଜିତ; ସତ୍କୃତ—3. Adored; honoured ୪ । ଉଦ୍ଦିଷ୍ଟ; ସମ୍ମାନିତ—4. Respected. ୫ । ଚିନ୍ତିତ 5. Thought of; contemplated. ୬ । ଯାହା ଘଟିବ ବୋଲି ସମ୍ଭବ କଳ୍ପାଯାଏ—6. Possible; probable; likely to happen. ୭ । ଉତ୍ପ୍ରେକ୍ଷିତ—7. Inferred; guessed. ଦେ. ବଣ (ସଂ. ସମ୍ପୂର୍ବ) ଜାତ—Born. [ଉ—ବୋଲୁବା ରମଣୀମଣି ଏବେ ସମ୍ଭାବିତ । ରଙ୍ଗ. ବୈଦେଘୁଶବଲାସ ।]

ସମ୍ଭାବ୍ୟ—ସଂ. ବଣ (ସମ୍ + ଭୂ ଧାତୁ + କର୍ମ. ଯ)—୧ । ସମ୍ଭାବ୍ୟ; Sambhābya ସମ୍ଭବନୀୟ—1. Possible; probable. ୨ । ପ୍ରଶଂସନୀୟ; ଶ୍ଲାଘ୍ୟ—2. Prisewortby.

ସମ୍ଭାର—ସଂ. ବ (ସମ୍ + ହୃ ଧାତୁ=ଧାରଣ କରିବା + ଭାବ. ଅ)—Sambhāra ୧ । ସାମଗ୍ରୀ; ଉପକରଣ: ଦ୍ରବ୍ୟଜାତ—(ସଂଗ୍ରହ—ଅନୁରୂପ) 1. Materials. ୨ । ସଂଗ୍ରହ—2. Collection. ୩ । ଦ୍ରବ୍ୟସମୂହ; ସଂଗୃହୀତ ପଦାର୍ଥ ସମୂହ—3. Collected things. ୪ । ରାଶି; ଗଦା—4. Heap; assemblage. ୫ । ସମୂହ—5. Multitude. ୬ । ସମ୍ପୂର୍ଣ୍ଣତା; ସମ୍ଭାରୋହ ପୂର୍ଣ୍ଣତା—6. Fullness; completeness. ୭ । ପୁଷ୍ଟି ସମାରୋହ ସାଧନ; ପୋଷଣ—7. Nourishment; maintenance. ଦେ. ବ (ସଂ. ସମାରୋହ)—୧ । ସମାରୋହ—ସମ୍ଭାର ଭାର 1. Pomp; show; grandeour. ୨ । (ସଂ.ସମ୍ଭାର) କଳ୍ପୁ ଘରକୁ ଏକଦି ପ୍ରେରିତ ଅନେକ ଦ୍ରବ୍ୟର ଦେଦ୍ରବ୍ୟ—2. An assemblage of presents sent to a relative with pomp. (ଉ—ଚେଲା ଯିବେ ଶାଶୁଘର, ନେବେ ସମ୍ଭାର ଯେ—ଚେଲାଦେଇ କାନ୍ଦ ।)

ସମ୍ଭାରେ—ଦେ. କି. ବଣ—ସମାରୋହରେ; ଅଡ଼ମ୍ବରରେ—With Sambhāre pomp; ostentatiously. ସମ୍ଭାରେ **ସମାରୋହେ** (ଉ—ବହୁ ବସ୍ତ୍ରାବସ୍ତ୍ର ଥାଉଁ ଯେ ବେଲ୍ତରେ ସମ୍ଭାରେ ସୈନ୍ୟ ଅଣାଇ—ରଙ୍ଗ. ବୈଦେଘୁଶ. ବଲାସ ।)

ସମ୍ଭାଳ—ଦେ. ବଣ (ସ. ସଂବରଣ)—୧ । ସମ୍ବୃତ; ଆବୃତ—Sambhāla 1. Covered. ୨ । ଯାହା ସହ୍ୟ ସାମାଳ ସାମଳାନ **ସଂବରଣ ସଂଭାଳନା** 2. Borne. ଅସମ୍ଭାଳ ଦେସମ୍ଭାଳ } —ବିସମ୍ବୃତ ୩ । ରୁଦ୍ଧ; କୃତସଂରୋଧ—3. Checked; restrained. ୪ । ଧୈର୍ଯ୍ୟଶୀଳ—4. Patient. ୫ । ସହନଶୀଳ-ସାମାଳ **ସହିଷ୍ଣୁତା** ଯୁକ୍ତ—5. Forbearing. ଦେ. ବ. ୧ । ଧୈର୍ଯ୍ୟଶୀଳତା—1. Patience. ୨ । ସହନଶୀଳତା-2. Forbearance.

ସମ୍ଭାଳ କରିବା—ଦେ. କି—ସମ୍ଭାଳିବା (ଦେଶ)—Sambhāla karibā (See) ସାମଳାନ **ସଂଭାଳନା** (ଉ—ଗୁରୁ ଧର୍ମ ଉହ୍ନି ଦୋଇଛନ୍ତି ଅଧିକାର, ସମ୍ଭାଳ କରୁଅଛନ୍ତି ଅଳ୍ପା ଶିରେ ଧର—ପ୍ରାଚୀ. ବ୍ରହ୍ମବରୂପଣ୍ଡ ଗୀତା ।)

ସମ୍ଭାଳନ୍ତା—ଦେ. ବଣ—ରକ୍ଷାକାରୀ—Protecting. (ଉ—Sambhālantā ମୋତେ ସମ୍ଭାଳନ୍ତା ଥିଲ ଜଣେକ, ତାହା ସାମଳାନେଓୟଲା **ସମ୍ଭାଳନେବାଲା** ଘର ବେ ଦୋଇବ ଅଟେଜଣ ପାଚୀ. ରହସ୍ୟମଞ୍ଜରୀ ।)

ସମ୍ଭାଳି(ଳୁ)ଆ—ଦେ. ବଣ (ସଂ. ସଂବରଣ)—୧ । ଧୈର୍ଯ୍ୟଶୀଳ—Sambhāli(lu)ā 1. Patient. ୨ । ସହନଶୀଳ—ସାମଳା, ସାମାଇୟେ **ସମ୍ଭାଳନେବାଲା** 2. Forbearing. ୩ । ସମ୍ଭାଳିବାକୁ; କୌଣସି କାର୍ଯ୍ୟର ଦାୟିତ୍ୱ ବା ଭାର ତୁଲଣ କରି ତାହାକୁ ସୁଶୃଙ୍ଖଳ କରିବାରେ ସମର୍ଥ ବା ଦକ୍ଷ—3. Capable of managing any ସୂୟାପୋକା **ସୁଆ** undertaking ଦେ. ଜ—(ସଂ. ତୁଲ)—ସମାଳଅ; ସଂକାଳୁଅ; ଶୁଆଁବାଳ ପୋକ—Caterpillar.

ସମ୍ଭାଳ ନେବା—ଦେ. କି—ସମ୍ଭାଳିବା (ଦେଶ)—Sambhāli nebā Sambhālibā (See) ସାମଳେନେଓୟା **ସମ୍ଭାଳିନେନା**

ସମ୍ଭାଳିବା—ଦେ. କି (ସଂ. ସଂବରଣ; ତାତ୍ପର୍ଯ୍ୟ—ସମ୍ପୂର୍ବ ଧାତୁ; ତୁଳନା ଭତ ୨. ସମ୍ଭାଳ ଓ ଅସାମୀ. ସାମର)—Sambhālibā ସାମଳା ସମାଳାନ **ସମ୍ଭାଳନା ସମ୍ଭାଳନା** ୧ । (ଦେହରେ ବସ୍ତ୍ରାଦି) ଆବରଣ କରିବା—1. To cover the body with clothes. (ଉ—ଗୋଟିକା ସମ୍ଭାଳ ବସନ, ଲଜ୍ଜିତ ଜାନୁ ଯଜ୍ଞବନ—ରୁଘତ. ପ୍ରେମଭକ୍ତାମୃତ) ।

Digitized by srujanika@gmail.com

୨ । ନିବାରଣ କରିବା—2. To prevent. (ଉ—ପ୍ରଭୁ ଦୋଳ ଯେବେ ଦୃଅଇ ଅବବେଳା, ଲୁଚ୍ୟ ତେବେ ତାହାକୁ ସମ୍ଭାଳ ଯାରେ ଜ—କୃଷ୍ଣସିଂହ. ମହାଭାରତ. ବନ ।) ୩ । (କୋଧ, ଲୋଭ ଆଦି) ସମ୍ବରଣ କରିବା; ନିରୋଧ କରିବା; ନିବାରଣ କରିବା—3. To check or restrain (one's passions). ୪ । ଧୈର୍ଯ୍ୟ ସହିତ ସହ୍ୟ କରିବା—4. To bear with patience. ୫ । (ବାକ୍ୟକୁ, ଇନ୍ଦ୍ରିୟ) ସଂଯତ କରିବା—5. To control (one's tongue); to hold (the tongue). ୬ । (ବେଗ, ଆଘାତ ବା ଦାରୁ) ସହିବା—6. To bear the brunt of (an attack or impact or force). ୭ । ଆତ୍ମରକ୍ଷା କରିବା—7. To preserve or defend one's self. ୮ । (ସମ୍ପତ୍ତି, ଦ୍ରବ୍ୟ, ସଦ୍ଭାବ) ପରମ୍ପରାଗତ ରକ୍ଷା ବା ପାଳନ କରିବା—8. To maintain or preserve (any thing or family (ଉ—ସମ୍ଭାଇ ମୋର ଆଦର, ସବୁ ଦମ୍ଭ ତୁ ମୋତେ—କବିସୂର୍ଯ୍ୟ ବୈଶୋରୀ ଚମ୍ପୂ ଗୀତ ।) ୯ । (ଧୈର୍ଯ୍ୟ) ଚ୍ୟୁତ ନ ହେବା ପାଇଁ ଉପର ହେବା—9. To try for not losing (one's patience) (ଉ—କେମନ୍ତେ ସମ୍ଭାଳବ ଧୃତ୍ତଚ ରେ—କବିସୂର୍ଯ୍ୟ ସଙ୍ଗୀତ ।) ୧୦ । ସବୁରିବା କରିବା; କିଛିକାଳ ଅପେକ୍ଷା କରିବା—10. To wait for some time. ୧୧ । ରକ୍ଷା କରିବା—11. To protect; to save. (ଉ—ବାଳକ ମୁଁ ସତେ, ତୁ ବୁଢ଼ାଉ ମୋତେ, କେ ତୋତେ ସମ୍ଭାଳୁ—ଉଷା. ବୈଦେହୀଶବଳାସ ।) ୧୨ । (ମଳ-ମୂତ୍ରାଦିର ବେଗ) ଧାରଣ କରିବା ବା ନିରୋଧ କରିବା—12. To bear with fortitude (calls or nature); to check the propensity or impulse (of easing one's self), ୧୩ । (ନଈ, ସ୍ରୋତ) ନିଜର ମଧ୍ୟରେ ଧାରଣ କରିବା; ସମ୍ଭାଇବା—13, To be able to contain within one's self. (ଉ—ଦେବ ଗୋ ! ପ୍ରାବୃଟ୍ରେ ଉଛୁଣା ଯେସନେ ନ ପାରେ ବାଢ଼ି ସମ୍ଭାଳ—ଗୁଣାକର. ଗାଙ୍ଗଟା ।) ୧୪ । ସ୍ଥିର ଓ ଅଟଳ ରଖିବା—14. To keep firm. (ଉ—ନାହିଁ ବୋଲିବା କଥା ଜାଣିବୁ ତ ସବଥା ଅରି ତ ସମ୍ଭାଳିବୁ ଧୃତ୍ତଚ ରେ—କବିସୂର୍ଯ୍ୟ ସଙ୍ଗୀତ ।)

ସମ୍ଭାଳଆ—ବି. ବଣ, ପୁଂ (ସଂ. ସମ୍ଭରଣଶୀଳ)—୧ । Sambhāḷiā ଅପେକ୍ଷାକାରୀ—1. Waiting. ୨ । ଧୈର୍ଯ୍ୟଶୀଳ-(ସମ୍ଭାଳେ[ଲି]ଆ—ସ୍ତ୍ରୀ) 2. Patient. ୩ । ସହନଶୀଳ—(ଅସମ୍ଭାଳଆ—ବିପରୀତ) 3. Forbearing.

ସାମଳା, ସାମାଇୟେ **सम्भालनेवाला**

ସମ୍ଭାଳ ଘିଅ(ହେ)ବା—ଦେ. କି—୧ । ଧୈର୍ଯ୍ୟଧାରଣ ପୂର୍ବକ ଅପେକ୍ଷା Sambhāḷi ji(he)bā କରିବା—1. To wait patiସାମଳେ ଯାଅନ୍ତା, ସାମଳାନ ently. ୨ । ଅସଦ୍ଭାବରୋଧ କରିବା—**सँभलयाना** 2. To restrain or check one's self; to exercise self-restraint.

ସମ୍ଭାଷ(ଷା)—ସ. ବ (ସମ୍+ଭାଷ୍ ଧାତୁ=କହିବା+ଭାବ. ଅ;+ Sambhāsha(shā) ସ୍ତ୍ରୀ. ଆ)—୧ । ଅଳାପ; ପରସ୍ପର [ସଂଭାଷ(ଷା) ଇତ୍ୟାଦି—ଅନ୍ୟରୂପ] କଥୋପକଥନ—1. Talk; [ସମ୍ଭାଷଣ(ଣା)—ଅନ୍ୟରୂପ] conversation; discourse. (ସମ୍ଭାଷୀ—ପୁଂ, ବ୍ୟକ୍ତିବାଚକ ବଣ) ୨ । ଅଭ୍ୟର୍ଥନା—

ସମ୍ଭାଷିତ } ବଣ
ସମ୍ଭାଷଣୀୟ } ବଣ
ସମ୍ଭାଷ୍ୟ

2. Welcome. ଦେ. ବ (ସ. ସବାଦ)—୧ । ଖବର—1. News; intelligence. ୨ । ପରିଚୟ—2. Recognition.

ସଂବାଦ **सम्वाद** [ଉ—ମୃତ୍ତି କେମନ୍ତେ ଦୋଇ ଉହିଁକ ଯିବ ? କନ୍ୟା ବୋଲି କାହାକୁ ସମ୍ଭାଷଣ ଦେବ ? ପ୍ରାଚୀ. ନଳଚରିତ ।]

ସମ୍ଭାଷଣା ଦେବା—ଦେ. କି—ଅନନ୍ଦରେ କଥା କହିବା—
Sambhāshaṇā debā To talk in joy.
ସମ୍ଭାଷଣା ଦେଓୟା [ଉ—ସତେ କ ସୁନର ! ତୁପି ସମ୍ଭାଷଣା ଦେବ ।
सम्भाषण देना ପ୍ରାଚୀ. ପ୍ରଭାତ. ଶଶିସେଣା ।]

ସମ୍ଭାଷିବା—ଦେ. କି (ଅଦ୍ୟ)—ସମ୍ଭାଷଣ କରିବା; କଥୋପକଥନ Sambhāshibā କରିବା—To converse with. [ଉ—ସମ୍ଭାଷିଲେ ତୁନ୍ତୁକୁ ଉରୁ ଉତ୍ତରେ । ଗୁଧାନାଥ.
सम्भाषण देना ମେଘଦୂତ ।]

ସମ୍ଭାଷୀ—ସ. ବଣ. ପୁଂ (ସମ୍+ଭାଷ୍ ଧାତୁ=କହିବା+କର୍ତ୍ତୃ. ଇନ୍; Sambhāshī ୧ମ. ୧ବ)—ଅଳାପକାରୀ—Talking; con-(ସମ୍ଭାଷିଣୀ—ସ୍ତ୍ରୀ) versing; discoursing.

ସମ୍ଭିନ୍ନ—ବି. ବଣ (ସମ୍+ଭିଦ୍ ଧାତୁ=ଭେଦ କରିବା+କର୍ମ. ତ)—Sambhinna ୧ । ମନ୍ଥୋଳିତ; ଆଲୋଡ଼ିତ—1. Churned; (ସଂଭିନ୍ନ—ଅନ୍ୟରୂପ) agitated. ୨ । ଗଲିତ—2. Moved ୩ । ମିଳିତ—3. Joined; united. ୪ । ମର୍ଦ୍ଦିତ 4. Pressed; pounded. ୫ । ମିଶ୍ରିତ—5. Mixed up; combined. ୬ । ପ୍ରସ୍ଫୁଟିତ—6. Full-blown. ୭ । ଭଗ୍ନ (ଭଗ୍ନକୋଷ)—7. Broken.

ସମ୍ଭୁ—ସ. ବଣ (ସମ୍+ଭୂ ଧାତୁ=ହେବା+କର୍ତ୍ତୃ. ଉ)—
Sambhu ପାହା ଜାତ ବୃତ—Born (M. W.)
(ସଂଭୁ—ଅନ୍ୟରୂପ)

ସମ୍ଭୁକ୍ତ—ବି. ବଣ (ସମ୍+ଭୁଜ୍ ଧାତୁ=ଖାଇବା+କର୍ମ. ତ)—Sambhukta ୧ । ଉପଭୁକ୍ତ—1. Enjoyed. ୨ । ସଙ୍ଗମିତ; (ସଂଭୁକ୍ତ—ଅନ୍ୟରୂପ) ରମିତ—2. Cohabited; ravished. (ସମ୍ଭୋଗ—ବ)

ସମ୍ଭୂତ—ସଂ. ବଣ (ସମ୍+ଭୂ ଧାତୁ=ହେବା+କର୍ତ୍ତୃ. ତ)—ଜାତ; Sambhūta ଉତ୍ପନ୍ନ—Born; produced. ଦେ. ବ (ସଂ. [ସଂଭୂତ ଇତ୍ୟାଦି—ଅନ୍ୟରୂପ] ସମ୍ଭବ)—ଜନ୍ମ—Birth.

Digitized by srujanika@gmail.com

(ସମ୍ଭୂତ, ସମ୍ଭବ—ବ) [ଦ୍—ଅସ୍ମାରୁ ଅସ୍ମାର ସମ୍ଭୂତ, ଏ ବେଦ ସମ୍ଭୂତ କାବ୍ୟ ଅନୁପମ । ଜଗନ୍ନାଥ. ଭାଗବତ. ।]

ସମ୍ଭୂତ ବଜୟ୍—ସଂ. ବ (କାମ)—'ଶ୍ରୁତ କେବଳ' ସଂଜ୍ଞକ ଜୈନ Sambhūta bijaya ବର୍ଗେଷ (ଦେବତତ୍ତ୍ୱ)—Name of a class of Jaina saints.

ସମ୍ଭୂତି—ସଂ. ବ (ସମ୍+ଭୂ ଧାତୁ=ହେବା+କ୍ତିବ. ଈ)—Sambhūti ୧ । ଉତ୍ପତ୍ତି; ଜନ୍ମ; ଉଦ୍ଭବ—1. Birth. ୨ । ବଢ଼ୁତି; ଐଶ୍ୱର୍ଯ୍ୟ—2. Majesty. ୩ । ସମତା; ଶକ୍ତି (ବିଶ୍ୱକୋଷ)—3. Power.

ସମ୍ଭୂୟ କାରି—ସଂ. ଣ ଓ ବ. ପୁଂ (ସମ୍+ଭୂ ଧାତୁ+କ୍ତିନ୍. ସ୍ତ୍ରୀ=କୃ Sambhūya kāri ଧାତୁ+ଇନ୍;୧୩।୧୧)—୧ । ଏକ ସଙ୍ଗେ (ସମ୍ଭୂୟକାରିଣୀ—ସ୍ତ୍ରୀ) କାର୍ଯ୍ୟକାରୀ; ଏକତ୍ର ମିଳିତ ହୋଇ କାର୍ଯ୍ୟକାରୀ—1. Coadjuter; acting in unision. ୨ । ସହକର୍ମୀ—2. Colleague; working jointly. ୩ । ଅଂଶୀଦାର—3. Co-partner; carrying on joint business.

ସମ୍ଭୂୟ ସନ୍ଧାନ—ସଂ. ବ (ସମ୍ଭୂୟ=ଏକତ୍ର ହୋଇ+ସନ୍ଧାନ=ସନ୍ଧି ସ୍ଥାପନ) Sambhūya sandhāna —ମିଳିତ ସନ୍ଧିକରଣ—A joint treaty; league.

ସମ୍ଭୂୟ ସମୁତ୍ଥାନ—ସଂ. ବ (ସମ୍ଭୂୟ=ଏକତ୍ର ହୋଇ+ସମୁତ୍ଥାନ =ଉଠିବା)—Sambhūya samutthāna ୧ । ସମ୍ମିଳିତ ଉତ୍ଥାନ—1. A joint rising. ୨ । ଯୌଥ କାରବାର; ବହୁ ଅଂଶୀଦାରଙ୍କ ସମ୍ମିଳିତ ମୂଳଧନରେ ହେଉଥିବା କାରବାର; ବହୁ ଲୋକଙ୍କର ଏକତ୍ର ମିଳିତ ହୋଇ ବାଣିଜ୍ୟକରଣ—2. Joint stock business; fellowship in trade. [ଦ୍—ଏହି କାରବାରରେ ଲାଭ ବା କ୍ଷତ ଘଟିଲେ ତାହା ଅଂଶୀଦାରମାନେ ସମସ୍ତେ ନିଜ ନିଜର ଅଂଶ ଅନୁଯାୟୀରେ ଗ୍ରହଣ କରନ୍ତି ।] ୩ । ଅଂଶିଦାସ୍ୱ—3. Partnership. ୪ । ଯୌଥ କାରବାରରେ ଅଂଶୀଦାରମାନଙ୍କ ମଧ୍ୟରେ ଉପସ୍ଥିତ ବିବାଦ (ବିଶ୍ୱକୋଷ)—4. Any dispute between the cosharers in a joint stock business.

ସମ୍ଭୃତ—ସଂ. ବିଣ (ସମ୍+ଭୃ ଧାତୁ=ଭରଣ କରିବା+କ୍ତ, ତ)—Sambhṛuta ୧ । ସମ୍ୟକ୍ ପୁଷ୍ଟ—1. Brought up with (ସଂଯୁକ୍ତ ଉତ୍ପାଦ—ଅନ୍ୟରୂପ) care; fully developed. (ସମ୍ଭୃତ—ବ) ୨ । ଯତ୍ନ ସିଦ୍ଧ—2. Accomplished after much care. ୩ । ଦତ୍ତ—3. Given; bestowed. ୪। ଲବ୍ଧ—4. Got; received. ୫ । ସଂଚିତ—5. Stored. ୬ । ବର୍ଦ୍ଧିତ—6. Increased; lengthened. ୭ । ଜନିତ—7. Produced. ୮ । ପୂର୍ଣ୍ଣ—8. Full; filled up. ୯ । ସଙ୍କଳିତ; ସଂଗୃଥିତ—9. Collected; compiled. ୧୦ । ପ୍ରସ୍ତୁତ 10. Prepared.

ସମ୍ଭୃତାଙ୍ଗ—ସଂ. ବିଣ. ପୁଂ (ବହୁବ୍ରୀହି)—ପୁଷ୍ଟାଙ୍ଗ—Having the body fully developed. (ସମ୍ଭୃତାଙ୍ଗୀ—ସ୍ତ୍ରୀ)

ସମ୍ଭୃତି—ସଂ. ବ (ସମ୍+ଭୃ ଧାତୁ=ଭରଣ କରିବା+କ୍ତିବ. ଈ)—Sambhṛuti ୧ । ସମ୍ୟକ୍ ପୋଷଣ—1. Bringing up with care. ୨ । ବର୍ଦ୍ଧନ—2. Increasing. ୩ । ପ୍ରସ୍ତୁତକରଣ—3. Preparation.

ସମ୍ଭେଦ—ସଂ. ବ (ସମ୍+ଭିଦ୍ ଧାତୁ =ପ୍ରବେଶକରିବା+ଘଞ୍. ଅ)—Sambheda ୧ । ମିଳନ—1. Union; meeting. ୨ । ନଦୀଦ୍ୱୟର ସଙ୍ଗମ ସ୍ଥଳ—2. The meeting place of two rivers. ୩ । ସ୍ଫୁଟନ; ଭେଦନ—3. Piercing through. ୪ । ନଦୀର ଓ ସାଗରର ସଙ୍ଗମ—4. Confluence; estuary of a river. ୫ । ଘଟଣା; ଘଟନା—5. Happening. ବିଡ଼ମ୍ବନା—6. Mockery; disappointment. ୭ । ଅସାମଥ୍ୟର୍ଗର୍ତ୍ତ ତୀର୍ଥବିଶେଷ (ବିଶ୍ୱକୋଷ)—7. Name of a place of Hindu pilgrimage, [ଦ୍—ଏ ତୀର୍ଥରେ ଶୁଭବାସିଲା ଦେବା ବଦ୍ୟମାନା ।]

ସମ୍ଭୋକ୍ତା—ଙ. ବିଣ ଓ ବ. ପୁଂ (ସମ୍+ଭୁଜ୍ ଧାତୁ+ତୃଚ୍. ତୃ; ୧ମା. ବ)—Sambhoktā ସମ୍ଭୋଗକାରୀ—Enjoying. (ସମ୍ଭୋକ୍ତ୍ରୀ—ସ୍ତ୍ରୀ)

ସମ୍ଭୋଗ—ସଂ. ବ (ସମ୍+ଭୁଜ୍ ଧାତୁ=ଭୋଗ କରିବା+ଘଞ୍. ଅ)—Sambhoga ୧ । ଉପଭୋଗ; ସମ୍ୟକ୍ ଭୋଗ କରିବା—(ସମ୍ଭୋଗ ଇତ୍ୟାଦି—ଅନ୍ୟରୂପ) 1. Enjoyment. ୨ । ହର୍ଷ ସମ୍ଭୁକ୍ତ, ସମ୍ଭୋଗା ସମ୍ଭୋଗ } ବିଣ —2. Delight. ୩ । ରତିକ୍ରୀଡ଼ା; ସଙ୍ଗମ; ରମଣ—3. Sexual enjoyment; dalliance; ravishment; coition. [ଦ୍—ନାଗର ନାଗରୀଙ୍କ ମଧ୍ୟରେ ପରସ୍ପର ଅନୁରାଗପୂର୍ଣ୍ଣ ଦର୍ଶନ, ସ୍ପର୍ଶନ, ଆଲିଙ୍ଗନ, ଚୁମ୍ବନ, ଅଧର ପାନ, ବଳବଦ୍ଧାର, ଜଳକେଲି ଓ ମୈଥୁନକୁ ସମ୍ଭୋଗ ବୋଲାଯାଏ ।] ୪ । ଶୃଙ୍ଗାରଭେଦ—4. A kind of making love. [ଦ୍—ସାହିତ୍ୟ ଦର୍ପଣ ୨୨୫। ୨୨୭ରେ ଅଛି ଯେ,ଶୃଙ୍ଗାର ୨ ପ୍ରକାର; ଯଥା—କରୁଣ ବିପ୍ରଲମ୍ଭାତ୍ମ୍ୟ ଶୃଙ୍ଗାର ଓ ସମ୍ଭୋଗାତ୍ମ୍ୟ ଶୃଙ୍ଗାର ।

ଯେଉଁ ସ୍ଥାନରେ ବଲାସୀ ବଲାସିନ୍ଧ ଦର୍ଶନ ଓ ସ୍ପର୍ଶନାଦଦ୍ୱାରା ଅନୁରକ୍ତ ହୋଇ ପରସ୍ପରକୁ ଭଜନା କରନ୍ତି ତାହା ସମ୍ଭୋଗାତ୍ମ୍ୟ ଶୃଙ୍ଗାର । ଚୁମ୍ବନ, ଆଲିଙ୍ଗନ, ଅଧରପାନ, ଜଳକେଲି, ବଳବଦ୍ଧାର, ରତି କ୍ରୀଡ଼ା ରତିଗାରେ ମିଳନ ଅବ ଏଥିର ଅଙ୍ଗ ।

ବିପ୍ରଲମ୍ଭ ଅର୍ଥାତ ବିରହଦ୍ୱାରା ସମ୍ଭୋଗ ପୁଷ୍ଟି ଲାଭ କରେ ନାହିଁ, ନାସ୍ତିକ ନାସ୍ତିକାଙ୍କ ମିଳନ ପରେ ବିଚ୍ଛେଦରେ ପରସ୍ପର ପ୍ରେମ-ଚନ୍ଦ୍ରାଲୁ ବିପ୍ରଲମ୍ଭାତ୍ମ୍ୟ ଶୃଙ୍ଗାର ବୋଲାଯାଏ] ୫ । (+ଚତ୍ତି. ଅ) କେଳିନାଗର—5. A gallant; a lover; paramour.

Digitized by srujanika@gmail.com

ସମ୍ଭୋଗ ଶୃଙ୍ଗାର—ସଂ. ବ—ନାୟକ ନାୟିକାଙ୍କର ପରସ୍ପର ମିଳନ—
Sambhoga śṛuṅgāra Amorous enjoyment or
(ବ୍ରଜଲମ୍ବ ଶୃଙ୍ଗାର—ବଗସ୍ତ) dalliance between
lovers.

ସମ୍ଭୋଗୀ—ସଂ.ବଣ. ପୁଂ (ସମ୍+ଭୁଜ୍ ଧାତୁ+କର୍ତ୍ତୃ. ଇନ୍ ୧ମା.୧ବ)—
Sambhogī ୧ । ଭୁମ୍ଭୋଗକାରୀ; ସମ୍ଭୋଗକାରୀ—1. Enjoy-
(ସମ୍ଭୋଗିନୀ—ସ୍ତ୍ରୀ) ing. ୨ । ସଙ୍ଗମକାରୀ—2. Cohabi-
ting. ସଂ. ବ. ପୁ—ଜେଲନାଗର—
Paramour; a gallant

ସମ୍ଭୋଜନ—ସଂ. ବ (ସମ୍+ଭୋଜନ)—୧ । ମିଳତାସାଦନ;
Sambhojana ଗୋଷ୍ଠୀଭୋଜନ—1. Dining in-
company. ୨ । ଜାତିଅଣ ଭୋଜୀ—
2. Social feast; caste-dinner.

ସମ୍ଭ୍ରମ—ସଂ. ବ (ସମ୍+ଭ୍ରମ୍ ଧାତୁ=ଭ୍ରମଣ କରିବା+ଭାବ. ଅ)—
Sambhrama ୧ । ଭ୍ରମଣ—1. Walking. ୨ । ଘୂର୍ଣ୍ଣନ
(ସମ୍ଭ୍ରମ ଇତ୍ୟାଦି—ଅନ୍ୟରୂପ) —2. Whirling. ୩ ।
(ସମ୍ଭ୍ରାନ୍ତ—ବଣ) ମହାଭ୍ରମ; ଭ୍ରାନ୍ତି—3. Error. [ଉ—
ତେବେ ଦ୍ୱାରୁଚ ଭ୍ରବ ଯାଇ, ଶୋକ ସମ୍ଭ୍ରମ ଥରୁ ତାହି—
ଜଗନ୍ନାଥ. ଭ୍ରଗବତ ।] ୦ । ଭୟ—4. Fear.
[ଉ—ବସ ସମ୍ଭ୍ରମ ତୋର କୃଷ୍ଣ ଭୁଲେ—ସାର୍ତ୍ତା. ଉସ-
ବାରମ୍ଭ ।] ୫ । ଭୟ ବା ଅନନ୍ଦଜନିତ ଆବେଗ;
ଉଦ୍‌ବେଗ—5. Flurry; excitement due to
fear or joy. ୬ । ମର୍ଯ୍ୟାଦା; ସମାଦର; ଅଦର;
ସମ୍ମାନ; ଗୌରବ; ଖାତର୍—6. Respect; regard;
honour; reverence. [ଉ—ଛପାଁ ବସିନ୍ଥୁ, ଫୁଙ୍କ
ପର ସମ୍ଭ୍ରମେ ପରଭମ୍ଭଣ ନ ଦେଇ—ସାର୍ତ୍ତା. ରସବାରମ୍ଭ]
୭ । ଉଦ୍ଦତା—7. Civility; manners. ୮ ।
ଉତ୍ତଜନିତ ବ୍ୟସ୍ତତା ବା ଉତ୍‌କଣ୍ଠା; ଭୟ ମିଶ୍ରିତ ଭକ୍ତି—
8. Awe; confused mental condition due
to devotion. ୯ । ଅସ୍ଥା; ବିଶ୍ୱାସ; ବ୍ୟବସାୟରେ
ବା ସମାଜରେ ସାଧାରଣଙ୍କର ଅସ୍ଥା—
9. Credit in business or society; trust.

ସମ୍ଭ୍ରମ କରିବା—ଦେ. କି—୧ । ସମ୍ମାନ କରିବା; ଆଦର କରିବା—
Sambhrama karibā 1. To show regard or
ସଂଭ୍ରମ କରା reverence; to pay one's respects.
सम्भ्रम करना ୨ । ଭକ୍ତି ସହିତ ଭୟ କରିବା—
2. To look up with awe.

ସମ୍ଭ୍ରାନ୍ତ—ସଂ. ବଣ (ସମ୍+ଭ୍ରମ୍ ଧାତୁ+କର୍ତ୍ତୃ. ତ)—୧ । ସମ୍ଭ୍ରମ-
Sambhrānta ଯୁକ୍ତ—1. Respectful. ୨ । ମର୍ଯ୍ୟାଦା-
(ସଂଭ୍ରାନ୍ତ ଇତ୍ୟାଦି—ଅନ୍ୟରୂପ) ବନ୍ତ; ମାନମାନ୍ୟ; ଅଦରଣୀୟ—
ସମ୍ଭ୍ରମ
ସମ୍ଭ୍ରାନ୍ତ } —ବ 2. Respectable; honorable. ୩ ।
ଉଦ୍‌ବିଗ୍ନ—3. Agitated; con-
fused. ୪ । ଉଦ୍ଦ—4. Gentle; noble.

ସମ୍ଭ୍ରାନ୍ତ ତନ୍ତ୍ର—ସଂ. ବ (ଅଧୁନକ ପ୍ରୟୋଗ)—ଭଦ୍ର ବା ଭଲଦଂଶୀୟ
Sambhrānta tantra ବ୍ୟକ୍ତିମାନଙ୍କଦ୍ୱାରା ଚାଳିତ ଶାସନ—
rule by the Oligarchy; aristocracy.

ସମ୍ଭ୍ରାନ୍ତ ବଂଶୀୟ—ସଂ. ବଣ—ଉଦ୍‌ବଂଶରେ ଜାତ; କୁଳୀନ—Born
Sambhrānta baṁśiya of a noble or respectable
family.

ସମ୍ଭ୍ରାନ୍ତ ସଭା—ସଂ. ବ (ଅଧୁନକ ପ୍ରୟୋଗ)—ବ୍ରିଟିଶ ପାର୍ଲିଅମେଣ୍ଟର
Sambhrānta sabhā ସମ୍ଭ୍ରାନ୍ତବଂଶୀୟ ବ୍ୟକ୍ତିମାନଙ୍କଦ୍ୱାରା
ଗଠିତ ଶାଖା—The House of Lords of the
British Parliament.

ସମ୍ଭ୍ରାନ୍ତ ସମାଜ—ସଂ. ବ (ଅଧୁନକ ପ୍ରୟୋଗ)—ଭଦ୍ରବଂଶୀୟ
Sambhrānta samāja ବ୍ୟକ୍ତିଗଣ—The aristocracy;
the nobility.

ସମ୍ମତ—ସଂ. ବଣ (ସମ୍+ମନ୍ ଧାତୁ=ବୋଧ କରିବା+କର୍ମ. ତ)—
Sammata ୧ । ଅନୁମତ—1. Approved; admi-
(ସଂମତ ଇତ୍ୟାଦି—ଅନ୍ୟରୂପ) tted. ୨ । ସ୍ୱୀକୃତ—
(ସମ୍ମତି—ବ) 2. Agreed; consented. ୩ ।
ଅଭିପ୍ରେତ—3. Wished for. ୪ । ପ୍ରିୟ—
सम्मति 4. Dear. ଦେ. ବ—ସମ୍ମତ; ସ୍ୱୀକୃତ—Consent.
[ଉ—ରଜା ବୋଇଲେ ଅହେ ଶୁଣ ପୁତ୍ରେହୁତ । ଏରୂପେ
କର ମୋର ହୋଇଲା ସମ୍ମତ—କୃଷ୍ଣସିଂହ. ମହାଭାରତ;
ବଳ ।]

ସମ୍ମତ ହେବା—ଦେ. କି—୧ । ସ୍ୱୀକୃତ ହେବା—1. To agree;
Sammata hebā to consent. ୨ । ଏକମତ ହେବା—
सम्मत होना 2. To be of the same opinion.
सहमत होना

ସମ୍ମତି—ସଂ. ବ (ସମ୍+ମନ୍, ଧାତୁ+ଭାବ. ତି)—୧ । ସ୍ୱୀକାର—
Sammati 1. Consent; agreement. ୨ । ଅନୁଜ୍ଞା;
(ସମ୍ମତ ଇତ୍ୟାଦି—ଅନ୍ୟରୂପ) ଅନୁମତ—2. Permission. ୩ ।
ମଞ୍ଜୁର; ମତ—3. Assent. ୪ । ଆଦେଶ—
4. Order. ୫ । ଇଚ୍ଛା; ବାସନା—5. Wish;
desire. ୬ । ସମ୍ମାନ—6. Respect. ୭ । ମତ—
7. Opinion. ୮ । ଅଭିପ୍ରାୟ—8. Intention. ୯ ।
ଐକ୍ୟମତ୍ୟ—9. Concensus of opinion. ୧୦ ।
ଆତ୍ମବୋଧ; ଆତ୍ମଜ୍ଞାନ (ବ୍ରହ୍ମବୋଧ)—10. Know-
ledge of the soul. ଦେ. ବ—(କନ୍ୟାର ସମାଜ)
पाकादेखा ସମ୍ମତ; ବରକର୍ତ୍ତା ଓ କନ୍ୟାକର୍ତ୍ତାଙ୍କ ମଧ୍ୟରେ ବିବାହ
सिद्धान्त ସମ୍ବନ୍ଧରେ ଚୂଡ଼ା ବା ମହାପ୍ରସାଦ ବଦଳ—Solemn
betrothal between the bride's and the
bridegroom's guardians. ଦେ. ଅ (ସଂ. ସମ୍ମତ)
ତୁଲ୍ୟ—Like. (ଉ—କାତ୍ତ୍ୟାୟନ ପ୍ରଭୃତ ଦଗସମ୍ମତ
ସମ୍ମତ ସ୍ମୃତୀନ ଅହ ହେଲେ ଦତ । ଭଃ. ବୈଦେପ୍ସୁଶ-
ବଳାସ୍ୱ ।)

Digitized by srujanika@gmail.com

ସମ୍ମତି ଗ୍ରହଣ—ସ. ବ. (୬ଷ୍ଠୀ ତତ୍) —ଅନ୍ୟ ବ୍ୟକ୍ତିଠାରୁ ସମ୍ମତି ନେବା Sammati grahaṇa —Taking permission from or getting consent of a person.

ସମ୍ମତି ଗ୍ରାହିତା—ସ. ବଣ. ଔ ବ. ପୁଂ—ଅନ୍ୟଠାରୁ ସମ୍ମତି ନେବା ବ୍ୟକ୍ତି (ସମ୍ମତିଗ୍ରହୀ—ସ୍ତ୍ରୀ) Sammati grahītā —One who has taken permission from another.

ସମ୍ମତି ଦାତା—ସ. ବଣ. ଔ ବ. ପୁଂ—ଯେ ସମ୍ମତି ଦଏ Sammati dātā Grantor; giver of consent. (ସମ୍ମତିଦାତ୍ରୀ—ସ୍ତ୍ରୀ)

ସମ୍ମତି ଦାନ—ସ. ବ—ସମ୍ମତି ଦେବା Sammati dāna Giving of consent or permission. (ସମ୍ମତି ପ୍ରଦାନ—ଅନ୍ୟରୂପ)

ସମ୍ମତି ଦେବା—ଦେ. କି—୧ । ଅନୁକୂଳ ମତ ଦେବା; ସମ୍ମତି ଦେବା Sammati debā —1. To consent; to give assent. ୨ । ଅନୁମତି ଦେବା—2. To give permission; to permit. सम्मति देना

ସମ୍ମଦ—ସ. ବ (ସମ୍ + ମଦ୍, ଧାତୁ = ହୃଷ୍ଟ ହେବା + ଘଞ୍. ଅ)—୧ । ଆହ୍ଲାଦ; ଆନନ୍ଦ; ହର୍ଷ Sammada —1. Delight. (ସମ୍ମଦ—ଅନ୍ୟରୂପ) ୨ । ଆମୋଦ—2. Merriment. ୩ । ବିଷ୍ଣୁ ପୁରାଣୋକ୍ତ ଗଙ୍ଗାଜଳସଞ୍ଜାତ କଳ୍ପ ସମ୍ଭୂତ ମତ୍ସ୍ୟ ବିଶେଷ (ବିଷ୍ଣୁପୁରାଣ ୪ । ୧ । ୧୯)—3. Name of fabulous big fish. ଦେ. ବ—ଗର୍ବ—Pride. (ଉ—ବିପୁଳ ମେଘନାଦେ ଘନାଘନ ଅସ୍ତ୍ରେ ବଡ଼େ ନଶାଚର ସମ୍ମଦେ । ଭଞ୍ଜ. ବୈଦେଘ୍ଯଶବ୍ଦଲାସ ।) ସ. ବଣ—ପୃଗୀ; ଆନନ୍ଦିତ—Happy; pleased.

ସମ୍ମର୍ଦ(ର୍ଦ୍ଦ)—ସ. ବ (ସମ୍ + ମୃଦ୍. ଧାତୁ = ମର୍ଦ୍ଦନ କରିବା + ଘଞ୍. ଅ)—୧ । ସଂଘର୍ଷ—1. Collision. (ସଂମର୍ଦ[ର୍ଦ୍ଦ]—ଅନ୍ୟରୂପ) ୨ । ଭିଡ଼; ଜନତା—2. Crowd. [ସମ୍ମର୍ଦି(ର୍ଦି)ତ—ବଣ] ୩ । ପେଷଣ—3. Pounding. ୪ । (+ ଅଧିକରଣ. ଅ) ଯୁଦ୍ଧ; ସଂଗ୍ରାମ—4. Fight; battle; affray.

ସମ୍ମାତୁର—ସ. ବ. ପୁଂ (ସତ୍ + ମାତୃ + ଅପତ୍ୟାର୍ଥେ. ଅ; ନଞାଭନ)—Sammātura ଭଦ୍ରମାତୁର; ସତୀସୁତ; ପତିବ୍ରତା ସ୍ତ୍ରୀଙ୍କ ପୁତ୍ର—(ସମ୍ମାତା—ଅନ୍ୟରୂପ) The son of a chaste or virtu- [ସମାତୁର, ସମ୍ମାତ୍ରୀ—ସ୍ତ୍ରୀ] ous mother.

ସମ୍ମାଦ—ସଂ, ବ (ସମ୍ + ମଦ୍. ଧାତୁ = ଉର୍ଦ୍ଦ କରିବା + ଘଞ୍. ଅ)—Sammāda ୧ । ମତ୍ତତା—1. Intoxication. ୨ । ଉନ୍ମାଦ—(ସଂମାଦ—ଅନ୍ୟରୂପ) 2. Madness. ୩ । ଅତି ରୋଷ—3. Fury of anger; rage. ୪ । (ନାମ) ବିଷ୍ଣୁପୁରାଣୋକ୍ତ ମତ୍ସ୍ୟାଧିପତି—4. Name of a mythological king of fishes described in the Bishṇu Purāṇa.

ସମ୍ମାନ—ସଂ. ବ—୧ । (ସମ୍ + ମନ. ଧାତୁ = ପୂଜା କରିବା + ଘଞ୍. ଅ)—୧ । ମର୍ଯ୍ୟାଦା; ଗୌରବ; ସମାଦର; ପୂଜା—(ସମ୍ମାନିତ—ବଣ) 1. Respect; regard; honour; [ସଂମାନ ଇତ୍ୟାଦି-ଅନ୍ୟରୂପ] esteem; homage. ୨ । (ସମ୍ + (ସମ୍ମିତ—ବଣ) ମା. ଧାତୁ = ମାପିବା + ଘଞ୍. ଅନ) ସମ୍ୟକ୍ ପରିମାଣ—2. Measuring.

ସମ୍ମାନ କରିବା—ଦେ. କି—କୌଣସି ବ୍ୟକ୍ତିକୁ ସମାଦର ବା ମର୍ଯ୍ୟାଦା Sammān karibā କରିବା—To respect a person; (ସମ୍ମାନ ଦେଖା[ଦେଖ]ଇବା, ସମ୍ମାନ ଦେବା—ଅନ୍ୟରୂପ) to tender सम्मान करना, सम्मान दिखाना homage; to honour a person.

ସମ୍ମାନନ(ନା)—ସଂ. ବ (ସମ୍ + ମନ୍. ଧାତୁ = ପୂଜା କରିବା + ଘଞ୍. ଅନ + ଅ; + ଆ)—୧ । ମର୍ଯ୍ୟାଦା ସମ୍ମାନତ ସମ୍ମାନଯା ସମ୍ମାନ୍ୟ } —ବଣ ଦେଖାଇବା; ସମ୍ମାନ କରିବା—1. Rendering of respects; paying of homage. ୨। ପରିମାଣ କରିବା—2. Measuring.

ସମ୍ମାନ ନାଶ—ସଂ. ବ (୬ଷ୍ଠୀ ତତ୍)—୧ । ମର୍ଯ୍ୟାଦାର ହାନି—Sammāna nāśa 1. Loss of honour ୨ । ପୁନାମର ହାନି—2. Loss of prestige.

ସମ୍ମାନଯା—ସଂ. ବଣ. ପୁଂ (ସମ୍ + ମନ ଧାତୁ = ପୂଜା କରିବା + କର୍ମ ଅଯା)—ସମ୍ମାନିତ ହେବାର ଯୋଗ୍ୟ—(ସମ୍ମାନଯା—ସ୍ତ୍ରୀ) Sammānaniya Fit to be honoured; respectable.

ସମ୍ମାନ ପାଇବା—ଦେ. କି—ସମ୍ମାନିତ ହେବା—Sammāna pāibā To be respected or treated with respect, सम्मानपाना।

ସମ୍ମାନ ପାତ୍ର—ସଂ. ବ (୬ଷ୍ଠୀ ତତ୍)—ସମାନାସ୍ପଦ (ଦେଖ) Sammāna pātra Sammānāspada (See)

ସମ୍ମାନ ପୁରଃସର ନିବେଦନ ମିଦଂ—(ସଂସ୍କୃତବାକ୍ୟ)—(ସମ୍ମାନଯା ପୂର୍ବକ ସମ୍ମାନାନନ୍ତର } ନିବେଦନ ମିଦଂ—ଅନ୍ୟରୂପ] ଲେଖିବା ଅଦ୍ୟରେ ଲେଖାପିବା ବାକ୍ୟ)—ଏହାର ଅର୍ଥ 'ପ୍ରଥମେ ମର୍ଯ୍ୟାଦା ଜଣାଇ ଏହି ନିବେଦନ'—Sammāna purahsara nibedana midam A sentence written at the beginning of a letter, meaning—I beg to make this submission after tendering my regards to you.

ସମ୍ମାନ ପ୍ରାପ୍ତ—ସଂ. ବଣ (ପୁଂ) (୬ଷ୍ଠୀ ତତ୍)—ସମ୍ମାନିତ [ଦେଖ] Sammāna prāpta Sammānita. [See]

ସମ୍ମାନ ପ୍ରାପ୍ତି—ସଂ. ବ [୬ଷ୍ଠୀ ତତ୍]—ସମ୍ମାନଲାଭ [ଦେଖ] Sammāna prāpti Sammāna labha. [See]

ସମ୍ମାନ ରକ୍ଷା—ସଂ. ବ [୬ଷ୍ଠୀ ତତ୍]—ସମ୍ଭ୍ରମ ରକ୍ଷିବା— Sammāna rakshā Keeping one's honour intact.

Digitized by srujanika@gmail.com

ସମ୍ମାନ ଲାଭ—ସଂ. ବ [ଷଷ୍ଠୀ ତତ୍] —ନୂତନ ମର୍ଯ୍ୟାଦା ପ୍ରାପ୍ତି —Sammāna lābha Acquisition of honour.

ସମ୍ମାନ ହାନି—ଦଂ ବ [ଷଷ୍ଠୀ ତତ୍] —ସମ୍ମାନ ନାଶ [ଦେଖ] Sammāna hāni Sammāna nāśa. [See]

ସମ୍ମାନାନନ୍ତର—ଦେ. କ୍ରି. ବିଣ—ସମ୍ମାନ ବା ମର୍ଯ୍ୟାଦା କରିବା ପରେ Sammānānantara (ନିବେଦନ କରିବା)—After ସମ୍ମାନାନନ୍ତର **सम्मानानन्तर** paying respects. (ସମ୍ମାନାନନ୍ତର—ଅନ୍ୟରୂପ)

ସମ୍ମାନାର୍ହ—ସ. ବିଣ. ତ୍ରି (ତତ୍ପୁରୁଷ ତତ୍)—ସମ୍ମାନଲାଭ; ସମ୍ମାନ Sammānārha ପାଇବାର ଯୋଗ୍ୟ—Fit to be honoured respectable; honourable. (ସମ୍ମାନାର୍ହା—ସ୍ତ୍ରୀ)

ସମ୍ମାନାସ୍ପଦ—ସ. ବ. (ଷଷ୍ଠୀ ତତ୍)—୧ । ସମ୍ମାନ ପାଇବାର ଉପଯୁକ୍ତ Sammānāspada ବ୍ୟକ୍ତି—1. A person fit to be honou r. ୨ । ସମ୍ମାନଲାଭୀ ବ୍ୟକ୍ତି—2. Respectable man.

ସମ୍ମାନିତ—ସ. ବିଣ (ସମ୍ +ମାନ୍ ଧାତୁ+କର୍ମ ତ)—୧ । ସମାଦୃତ— Sammānita 1. Respected. ୨ । ସତ୍କୃତ; [ସମ୍ମାନ, ସମାନନ(ନା)—ବ] ପୂଜିତ—2. Venerated; honoured; adored.

ସମ୍ମାର୍ଗ—ସ. ବ—ସତ୍ ମାର୍ଗ (ବିଶ୍ୱକୋଷ) Sammārga Honest way.

ସମ୍ମାର୍ଜ(ର୍ଜ୍ଜ)କ—ସ. ବିଣ. ତ୍ରି (ସମ୍ +ମୃଜ୍ ଧାତୁ=ଶୁଦ୍ଧ କରିବା+ Sammārja(rjja ka ଭାବେ ଅକ)—୧ । ସମ୍ମାର୍ଜକ— (ସମ୍ମାର୍ଜିକା—ସ୍ତ୍ରୀ) 1. Clearing. ୨ । ଶୋଧକ— [ସମ୍ମାର୍ଜ(ର୍ଜ୍ଜ)କ—ଅନ୍ୟରୂପ] 2. Rectifying. ୩ । ଯାହା ସଫା କରେ—3. Cleansing; sweeping. ସ. ବ (+କରଣ ଅନ)—୧ । ଯାହାଦ୍ୱାରା ସଫା କରାଯାଏ; ସମ୍ମାର୍ଜ୍ଜନୀ—1. Brush. ୨ । (ପୁଂ) (+କର୍ତ୍ତୃ ଅନ)—ଯେଉଁ ବ୍ୟକ୍ତି ସଫା କରେ— 2. Sweeper.

ସମ୍ମାର୍ଜ(ର୍ଜ୍ଜ)ନ(ନା)—ସ. ବ (ସମ୍ +ମୃଜ୍ ଧାତୁ=ଶୁଦ୍ଧ କରିବା+ Sammārja(rjja)na(nā) ଭାବ ଅନ+ଆ)—୧ । ସଂଶୋଧନ- [ସଂମାର୍ଜ(ର୍ଜ୍ଜ)ନ(ନା) ଇତ୍ୟାଦି—ଅନ୍ୟରୂପ] 1. Correction. ୨ । ସଂଶୋଧନ—2 Rectifying. ୩ । ସମ୍ମାର୍ଜ୍ଜନ ସମ୍ମାର୍ଜ୍ଜନୀ } ବିଣ— କରଣ—3. Act of cleansing; cleansing. ୪ । ଓଳାଇବା; ସମ୍ମାର୍ଜ୍ଜନ କରିବା 4. Act of sweeping or brushing. ୫ । ଶୁଦ୍ଧ କରିବା—5 Purifying. ୬ । କୌଣସି ଲିଖିତ ପୁସ୍ତକ ବା ଖାତ୍ରାଲିପିକୁ ସମ୍ପୂର୍ଣ୍ଣରୂପେ ପଢ଼ି ସଂଶୋଧନ, ସଂଯୋଜନ, ପରିବର୍ତ୍ତନ ଆଦି ପ୍ରକ୍ରିୟା; ସମ୍ପାଦନ—6. Revision of any book of written matter.

ସମ୍ମାର୍ଜ(ର୍ଜ୍ଜ)ନୀ—ସ. ବ (ସମ୍ମାର୍ଜ୍ଜନ+ଈ)—ଝାଡୁ; ସମ୍ମାର୍ଜ୍ଜନୀ; ବର୍ହଣୀ;ବଡ଼ିଶା Sammārja(rjja)nī —Broomstick; a broom; cleansing brush. [ଏହାର ପର୍ଯ୍ୟାୟ—ଶୋଧନୀ, ଉତ୍ତୃଣୀ, ସମ୍ମୃଜ୍ଜୀ, ବଦ୍ଧୁକାର, ବର୍ହଣୀ] [ଦ୍ର—ଗୃହସ୍ଥର ପଞ୍ଚ ସୂନା ମଧ୍ୟରେ ଏହା ଏକ । ଗୃହସ୍ଥ ପ୍ରତିଦିନ ପଞ୍ଚ ସୂନାର ବ୍ୟବହାର ଯୋଗୁଁ ବହୁ କ୍ଷୁଦ୍ର ପ୍ରାଣୀଙ୍କୁ ନାଶ କରେ । ଏ ପାପରୁ ମୁକ୍ତ ଲାଭ ପାଇଁ ପ୍ରତିଦିନ ପଞ୍ଚ ସୂନାର ବିଧାନ ଅଛି ।]

ସମ୍ମିତ—ସଂ: ବିଣ (ସମ୍ +ମା ଧାତୁ=ମାପିବା+କର୍ମ ତ)—୧ । Sammita ସଦୃଶ—1. Similar. ୨ । ତୁଲ୍ୟ ପରିମାଣ- (ସମ୍ମିତ—ଅନ୍ୟରୂପ) ବିଶିଷ୍ଟ—2. Of equal quantity or (ମିତ୍ତ୍ୱ—ତ୍ୱ) measure; commensurate.

ସମ୍ମିଳନ(ନା)—ସଂ. ବ (ସମ୍ +ମିଳନ=ମିଶ୍ରଣ)—୧ । ବହୁ ବସ୍ତୁର Sammilana(nī) ଏକତ୍ର ମିଶ୍ରଣ—1. Mixing up of (ସମ୍ମିଳନ[ନା]—ଅନ୍ୟରୂପ) many things. ୨ । ସଯୋଗ ସମ୍ମିଳନୀୟ, ସମ୍ମିଳିତ, ସମ୍ମିଳ୍ୟ } ବିଣ —2. Union. ୩ । ବିବାଦ କରୁଥିବା ବ୍ୟକ୍ତିଙ୍କର ମିଳନ— 3. Reconciliation. ୪ । ଏକତ୍ର ହେବା— 4. Gathering together. ଦେ. ବ (ସ. ସମ୍ମିଳନୀ ସମ୍ମେଳନ, ସମ୍ମେଳନୀ)—ବହୁ ବ୍ୟକ୍ତିଙ୍କ ସମ୍ମିଳିତ ସଭା— **सम्मेलन** Congress; assembly; a conference. [ଦ୍ର—ସମ୍ମିଳନୀ ଶବ୍ଦର ଅର୍ଥ ବହୁ ବ୍ୟକ୍ତିଙ୍କ ଏକତ୍ର ମିଳନ; ସମ୍ମେଳନୀର ଅର୍ଥ ଯେଉଁ ଠାରେ ବା ଯେଉଁ ସଭାରେ ବହୁ ବ୍ୟକ୍ତି ସମ୍ମିଳିତ ହୁଅନ୍ତି—ସାହୁଭାଷ୍ୟ ସମ୍ରାଟ୍ ମହାବ୍ରାହ୍ମଣ ବିରଚନ ଦେବ ।]

ସମ୍ମିଳନୀ ମଣ୍ଡପ—ଦେ. ବି—ଯେଉଁ ମଣ୍ଡପରେ ସମ୍ମିଳନୀର ଅଧିବେଶନ Sammilani mandapa କରାଯାଏ—The pandal of ସମ୍ମିଳନୀ ମଣ୍ଡପ **सम्मेलन मण्डप** a conference.

ସମ୍ମିଳନୀର ଅଧିବେଶନ—ଦେ. ବ—ସମ୍ମିଳନୀ ବୈଠକ— Sammilanira adhibesana A session of a ସମ୍ମିଳନୀର ଅଧିବେଶନ **सम्मेलनका अधिवेशन** conference.

ସମ୍ମିଳିତ—ସ. ବିଣ (ସମ୍ +ମିଳିତ)—୧ । ଏକତ୍ରୀଭୂତ— Sammilita 1. Combined; amalgamated. (ସମ୍ମିଳିତ—ଅନ୍ୟରୂପ) ୨ । ସଯୋଜିତ—2. Associated; (ସମ୍ମିଳନ—ବ) united; joined. ୩ । ଏକ ସ୍ଥାନରେ ଉପସ୍ଥିତ—3. Assembled; come together.

ସମ୍ମିଳିତ ଚେଷ୍ଟା—ସ. ବ—ବହୁ ଲୋକଙ୍କର ଏକତ୍ରୀଭୂତ ଉଦ୍ୟମ— Sammilita cheshṭā Joint endeavour; combined endeavour.

ସମ୍ମିଳିତ ହେବା—ଦେ. କ୍ରି—୧ । ଏକତ୍ର ହେବା—1. To be Sammilita hebā assembled together. ୨ । ଏକ- ସମ୍ମିଳିତ ହେବା ଜୋଟ ହେବା—2. To combine. **सम्मिलित होना**

Digitized by srujanika@gmail.com

ସମ୍ମିଶ୍ର—ସଂ. ବଣ (ସମ୍ + ମିଶ୍ର୍ ଧାତୁ = ମିଶିବା + କର୍ତ୍ତରି ଅ)—୧ । Sammiśra ଏକତ୍ର ମିଶ୍ରିତ—1. Mixed up. ୨ । ଏକତ୍ର (ସମିଶ୍ର ଇତ୍ୟାଦି—ଅନ୍ୟରୂପ) ମିଳିତ—2. Commingled; combined. ୩ । ସଯୁକ୍ତ—3. Joined together.

ସମ୍ମିଶ୍ରଣ—ସଂ. ବ (ସମ୍ + ମିଶ୍ରଣ)—୧ । ଏକତ୍ର ମିଳନ— Sammiśraṇa 1. Amalgamation; comming- (ସମ୍ମିଶ୍ରିତ—ବଣ) ling. ୨ । ବହୁ ପଦାର୍ଥର ମିଶ୍ରଣ— 2. Compound; mixture. ୩ । ଏକତ୍ର ମିଶାଇବା —3. Mixing up together.

ସମ୍ମୀଳନ—ସଂ. ବ (ସମ୍ + ମୀଳ ଧାତୁ + ଲ୍ୟୁ, ଅନ) —୧ । ମୁଦ Sammīlana ହୋଇଯିବା; ବୁଜ ହୋଇଦିବା—1. Clos- (ସମ୍ମୀଳିତ—ବଣ) ing up (Apte). ୨ । ଘୋଡ଼ାଇ ପକାଇବା—2. Enveloping; covering (Apte).

ସମ୍ମୁଖ—ସଂ ବଣ (ମୁଖର ସମୀପ = ସମ୍ମୁଖ; ନଞତ୍ପୁରୁଷ) —୧ । Sammukha ସାମନା ସାମନ; ଅଗମୁଖ; ସମକ୍ଷ —1. Front; (ସାମ୍ମୁଖ୍ୟ—ବ) in the front of. ୨ । ଆଗ—2. Fore. ୩ । କୌଣସି ଆଡ଼କୁ ମୁହଁ କରିଥିବା—3. Facing; confronting. ୪ । ମୁହାଁମୁହିଁ—4. Facing each other. ୫ । ସମର୍ଥ—5. Capable.

ସମ୍ମୁଖା ସମ୍ମୁଖୀ } ସ୍ତ୍ରୀ ୬ । ଏକ ଆଡ଼କୁ ମୁହଁ କରି ବିପରୀତ ଦିଗରେ ଅବସ୍ଥିତ—6. Opposite (Apte). ୭ । ଅମୁକ ଆଡ଼କୁ ସିଧା ଭାବ ଗତି ହୋଇଥିବା—7. Looking towards (Apte). ୮ । (ଅମୁକକୁ) ଭେଟିଥିବା—8. Encountering; meeting (Apte). ୯ । ଅନୁକୂଳ—9. Propitious (Apte). ୨°. ବ (ସର୍ବ + ମୁଖ) ସମସ୍ତ ମୁଖ (ବିଶ୍ୱକୋଷ)— The whole face. କେ. କି. ବଣ (ସଂ. ଅବ୍ୟୟ) —୧ । ସାମନାରେ—1. In front of; before. ୨ । ସାମନା ସାମନ—2. Face to face. ୩ । (ଅମୁକଙ୍କ) ଉପସ୍ଥିତିରେ—3. In the presence of [ଦ୍ର—ଏହାର ଅନ୍ତର୍ଭାଗ ଛାମୁ ଓ ସମୁଖ ।]

ସମ୍ମୁଖ ଦନ୍ତ—ସଂ. ବ—ଖାଲିର ସାମନାରେ ଥିବା ଦାନ୍ତ; ଛାମୁଦାନ୍ତ— Sammukha danta Frout teeth.

ସମ୍ମୁଖବର୍ତ୍ତୀ—ସଂ. ବଣ. ତ୍ରି (ସମ୍ମୁଖ + ବୃତ୍ ଧାତୁ + କର୍ତ୍ତରି. ଇନ୍; Sammukhabartti ୧ମା, ୧ବ)—୧ । ସାମନାରେ ଥିବା— (ସମ୍ମୁଖବର୍ତ୍ତିନୀ—ସ୍ତ୍ରୀ) 1. Being in front of; front. ୨ । ସାମନା ଭାଗର—2. Fore.

ସମ୍ମୁଖ ଯୁଦ୍ଧ—ସଂ. ବ (ମ. ଯ. ତତ୍ପୁ)—ସମ୍ମୁଖସ୍ଥ ଦୁଇ ପୋକ୍ଷା ବା Sammukha juddha ଦୁଇ ପୋକ୍ଷଦଳ ମଧ୍ୟରେ ହେବା

ସମ୍ମୁଖ ରଣ, ସମ୍ମୁଖ-ସଂଗ୍ରାମ, ସମ୍ମୁଖ ସମର } ଅନ୍ୟରୂପ ଯୁଦ୍ଧ; ମୁହାଁମୁହିଁ ଯୁଦ୍ଧ— Hand to hand fight; fighting at close quarters. (ଦ୍ର— ଜୁଲୁଲ ସମ୍ରାଟ ବଗ୍ଗଃ ବାହୁଗା ସହତେ ସମ୍ମୁଖ ରଣ— ବ୍ୟାକୋଥ. ପାର୍ଦ୍ଦୀ ।)

ସମ୍ମୁଖରେ—ତେ. କି. ବଣ—୧ । ସାମନା ସାମନ; ସାମନାରେ; Sammukhare ଆଗରେ—1. In front of; before. ସମ୍ମୁଖେ ୨ । ଉପସ୍ଥିତିରେ—2. In the presence of. **ସମ୍ମୁଖମେଁ** (ସମ୍ମୁଖେ—ଅନ୍ୟରୂପ)

ସମ୍ମୁଖ ସମର—ସଂ. ବ—ସାମନା ସାମନ ଲଢ଼େଇ, ପେଛେ ପୃଷ୍ଠରେ Sammukha samara ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧାମାନେ ସମ୍ମୁଖୀନ ହୋଇ ଯୁଦ୍ଧ କରନ୍ତୁ—Hand to hand fight; a fighting in close quarters.

ସମ୍ମୁଖସ୍ଥ—ସଂ. ବଣ—ସାମନାରେ ଥିବା— Sammukhastha Lying in front of.

ସମ୍ମୁଖା ସମ୍ମୁଖୀ—ବେ. ବଣ—ପରସ୍ପର ସମ୍ମୁଖବର୍ତ୍ତୀ; ସାମନା ସାମନ— Sammukhā sammukhī Facing each other. ସୁମୁଖା ସୁମୁଖୀ **सामने सामने**

ସମ୍ମୁଖୀ—ସଂ. ବ (ସମ୍ମୁଖ + ଇନ୍; ୧ମା. ୧ବ)—ଦର୍ପଣ— Sammukhī Mirror (Apte).

ସମ୍ମୁଖୀନ—ସଂ. ବଣ. ପୁଂ (ସମ୍ମୁଖ + ଖଳ)—ସମ୍ମୁଖବର୍ତ୍ତୀ— Sammukhīna Front; standing in front. (ସମ୍ମୁଖୀନା—ସ୍ତ୍ରୀ)

ସମ୍ମୁଖୀନ ହେବା—ବେ. କି—୧ । ସାମନାକୁ ଅସିବା—1. To Sammukhīn hebā confront; to encounter. ସମ୍ମୁଖୀନ ହଓୟା **सम्मुखीन होना** ୨ । ଭେଟିବା—2. To meet.

ସମ୍ମୁଗ୍ଧ—ସଂ.ବଣ.(ପୁଂ)(ସମ୍ + ମୁହ୍) ୧। ଅତ୍ୟନ୍ତ ମୋହିତ; ବିମୋହିତ— Sammugdha 1. Charmed; fascinated. ୨ । (ସମୁଗ୍ଧ—ଅନ୍ୟରୂପ) ଜଡ଼ୀଭୂତ—2. Stupefied.

ସମ୍ମୂର୍ଦ୍ଧ—ସଂ. ବଣ.(ପୁଂ)(ସମ୍ + ମୂର୍ଦ୍ଧ) ୧। ଅଜ୍ଞାନ—1. Ignorant. Sammūrdha ୨ । ରାଗାଦି ଦ୍ୱାରା ଅନ୍ଧୀଭୂତ—2. Blinded (ସମ୍ମୂର୍ଦ୍ଧ—ଅନ୍ୟରୂପ) by passion. ୩ । କାମ ବା (ବିମୋହ—ବ) ସ୍ନେହାଦିଦ୍ୱାରା ଅନ୍ଧୀଭୂତ; ସମ୍ୟକ୍ ମୋହପ୍ରାପ୍ତ— 3. Infatuated; stupefied. ୪ । ମୂର୍ଚ୍ଛାପ୍ରାପ୍ତ— 4. Fainted; swooning. ୫ । କଡ଼ୋଧ— 5. Stupid; indolent. ୬ । ରାଶୀକୃତ (ବିଶ୍ୱକୋଷ) 6. Heaped up. ୭ । ଭଗ୍ନ (ବିଶ୍ୱକୋଷ)— 7. Broken. ୮ । ଶୀଘ୍ର ଜାତ (ବିଶ୍ୱକୋଷ)— 8. Born soon.

ସମ୍ମୂର୍ଚ୍ଛିତ—ସ. ବ (ବୈଦ୍ୟକ)—ଉଣାଦ— Sammūrchchhada Grass.

ସମ୍ମୂର୍ଚ୍ଛନ(ନା)—ସଂ· ବ (ସମ୍ + ମୂର୍ଚ୍ଛ୍, ମୂର୍ଚ୍ଛନା)—୧ । ଅଚେତନ୍ୟ; Sammūrchchhana(nā) ମୂର୍ଚ୍ଛା—1. Fainting; fit; [ସଂମୂର୍ଚ୍ଛନ(ନା)—ଅନ୍ୟରୂପ] loss of consciousness. ୨ । ବୃଦ୍ଧି—2. Increase. ୩ । ସର୍ବତଃ ବ୍ୟାପ୍ତି— 3. Diffusion. ୪। ବ୍ୟାପ୍ତି—4. Spreading out. ୫ । ବିସ୍ତାର; ପ୍ରସାର—5. Extension; extent.

Digitized by srujanika@gmail.com

୬ । ଉଚ୍ଚତା; ଉଚ୍ଚ୍ରାସ୍ (ବିଶ୍ୱକୋଷ)—6. Elevation; height.

ସମ୍ମୂର୍ଚ୍ଛନୋଦ୍ଭବ—ସଂ. ବ (ବହୁବ୍ରୀ)—ମତ୍ସ୍ୟାଦି—Sammūrchchhanodbhaba Fishes.

ସମ୍ମୂଳ—ଦେ. ବିଣ (ସଂ. ସମ୍+ମୂଳ)—ସମୂଳ; ଅଦ୍ୟ ସହିତ; ଅଦ୍ୟରୁ ଆରମ୍ଭକରି—Sammūla From the beginning.

समूल समूल (ଉ—ସର୍ବ ସମ୍ପୂର୍ଣ୍ଣ ନାଶ ଇହ, ସମ୍ମୂଳକରି ଚୁଡ଼େ ଚହ—ବୁଯଇ ପ୍ରେମଯଞ୍ଜାମୁଡ ।)

ସମ୍ମୃଷ୍ଟ—ସଂ. ବିଣ (ସମ୍+ମୃଜ୍ଧାତୁ)—୧ । ସଂଶୋଧିତ—Sammṛishṭa 1. Rectified. ୨ । ପରିଷ୍କୃତ; (ସଂମୃଜ୍—ଅନ୍ୟରୂପ) ନିର୍ମଳୀକୃତ—2. Cleansed. ୩ । ଚିଲ୍ଲର ଦୋଇଥିବା (ବ୍ୟଞ୍ଜନାଦି)—3. (curry) Flavoured by frying. ୪ । ସଜାଡ଼ିତ—4. Polished; swept.

ସମ୍ମେଳନ(ଣ)—ସଂ. ବ (ସମ୍+ମିଲ୍ ଧାତୁ ଣିଚ୍=ମିଳିତ କରାଇବା+ଭାବ Sammelana(ṇi) ଅନ; +ସ୍ତ୍ରୀ.ଈ)—୧ । ଏକତ୍ର କରାଇବା; ମିଳିତ [ସମ୍ମେଳନ(ଣ)ଅନ୍ୟରୂପ] କରାଇବା-1. Mixing up; gathering. ୨ । (+ଅଧ୍ୟୟନ; +ସ୍ତ୍ରୀ ଈ)—ମେଳା; ସଭା; ସମିତି—2. Conference. [ଦ୍ର—ଏକତ୍ର ମିଳନ କରିଥିବା ବୁଝାଇଲେ ଏ ଶବ୍ଦର ଆକାର ସମ୍ମିଳନ ଓ ମେଳା, ସଭା, ସମିତି ଅର୍ଥ ବୁଝାଇଲେ ସମ୍ମେଳନ ହୁଏ ବୋଲି ସାହିତ୍ୟ ସମ୍ରାଟ୍ ମହାତ୍ମାଜୀ ବିବାମଦେବଙ୍କ ମତ ଅଟେ । ତଥାପି ଆମ୍ଭେ, ବିଶ୍ୱକୋଷ ଆଦି ଅଭିଧାନରେ ଏ ବିଷୟ ବ୍ୟବସ୍ଥା ଲକ୍ଷିତ ହୁଏ ନାହିଁ ।]

ସମ୍ମୋଦ—ସଂ. ବ (ସମ୍+ମୋଦ)—୧ । ଆମୋଦ; ଖୁସି—Sammoda 1. Delight. ୨ । ପ୍ରମୋଦ—[ସଂମୋଦ—ଅନ୍ୟରୂପ] 2. Merriment.

ସମ୍ମୋହ—ସଂ. ବ (ସମ୍+ମୋହ)—୧ । ଅଜ୍ଞତା—1, Ignorance. Sammoha ୨ । ଅତ୍ୟନ୍ତ ମୋହ—2. Fascination; (ସଂମୋହ ଇତ୍ୟାଦି—ଅନ୍ୟରୂପ) stupefaction. (ସମ୍ମୁଗ୍ଧ; ସମ୍ମୋହିତ—ବିଣ) ୩ । ବିମୁଗ୍ଧ କରିବା—3. Enchanting; fascinating. ୪ । ରାଗାଦି ଜନିତ ଅନ୍ଧତା—4. Blindness due to passion. ୫ । ମୂର୍ଚ୍ଛା—5. Swoon.

ସମ୍ମୋହକ—ସଂ. ବିଣ. ପୁଂ—ସମ୍ୟକ୍ ମୋହ ଜନ୍ମାଦନକାରୀ—Sammohaka Causing stupefaction, (ସମ୍ମୋହକା—ସ୍ତ୍ରୀ) ୧ଂ. ବ—ସନ୍ନିପାତ ଜ୍ୱରବିଶେଷ—A kind of malignant fever. [ଦ୍ର—ଏଥିରେ ବେଦନା, କମ୍ପ, ଜଡ଼ାନାଶ, ବିଷ୍ମୟ, ଦାହ, ପିପାସା, ଜୃମ୍ଭିତା, ଘର୍ମ, ପ୍ରଳାପ, ମୋହ, ମୂର୍ଚ୍ଛା, ଭ୍ରମ, ବାମ ବା ଦକ୍ଷିଣ ଅଙ୍ଗର ଅବସନ୍ନତା ହୁଏ—ବିଶ୍ୱକୋଷ ।]

ସମ୍ମୋହନ—ସଂ. ବ (ସମ୍+ମୁହ୍ ଧାତୁ ଣିଚ୍=ମୋହ. ଧାତୁ=Sammohana ମୁଗ୍ଧ କରିବା+ଭାବ. ଅନ)—୧ । ବିମୁଗ୍ଧ ସମ୍ମୋହିତ ସମ୍ମୋହିତା ସମ୍ମୋହିତ-ବ୍ୟକ୍ତି ବାଚକ } —ବିଣ କରିବା—1. Fascinating; stupefying. ୨ । (+କନ୍ଦର୍ପ. ଅନ) କନ୍ଦର୍ପର କାଶକଶେଷ (ଯଦ୍ୱାରା କାମାତୁର ବ୍ୟକ୍ତି ସମ୍ମୋହ ଗ୍ରସ୍ତ ହୁଏ)—2. Name of one of the 5 stafts of Cupid (by which a lover is fascinated). ସଂ. ବିଣ—ମୋହଜନକ—Fascinating; stupefying.

ସମ୍ୟକ୍—ସଂ. ଅ ଓ କି. ବିଣ (ସମ୍+ଅନ୍ଚ୍. ଧାତୁ=ପିବା+କ୍ୱିପ୍. Samyak କ୍ୱିପ୍)—୧ । ଉତ୍ତମରୂପେ—1. Excellently; well. ୨ । ଘନିଷ୍ଠରୂପେ—2. Intimately. ୩ । ଯଥାରୂପେ—3. Rightly; correctly. ୪ । ସଂପୂର୍ଣ୍ଣରୂପେ—4. Fully; perfectly; entirely; thoroughly. ୫ । ବିଶିଷ୍ଟରୂପେ—5. Specially. ୬ । ସର୍ବପ୍ରକାରେ-6. In all manners. ସଂ. ବିଣ—(ସମ୍+ଅଞ୍ଚ. ଧାତୁ+କ୍ୱିପ୍=ସମ୍ୟଚ୍ ଶବ୍ଦ ୧ମା. ୧ବ) ମନୋଜ୍ଞ—1. Beautiful. ୨ । ଯୋଗ୍ୟ; ଉପଯୁକ୍ତ—2. Befitting; fit. ୩ । ଶୁଦ୍ଧ—3. Pure; correct; right. ୪ । ସମୁଦାୟ—4. Whole; entire. ୫ । ସତ୍ୟ—5. True. ୬ । ସଙ୍ଗତ (ବିଶ୍ୱକୋଷ)—6. Reasonable. ସଂ. ବ-ସତ୍ୟବଚନ (ବିଶ୍ୱକୋଷ)—Truth; true words. ବିଣ.ର ବିଣ—୧ । ଅତ୍ୟନ୍ତ—1. Very; much. ୨ । ସର୍ବତୋଭାବରେ—2. In every respect.

ସମ୍ୟକ୍(ଗ୍) ଦୃଷ୍ଟି—ସଂ. ବ (ସଙ୍କଳ୍ପାଦ୍ ଚ୍ ସ୍ଥାନରେ ଗ୍)—ଉତ୍ତମରୂପେ ଦେଖିବା; ପର୍ଯ୍ୟବେକ୍ଷଣ—Observation.

ସମ୍ୟଗ୍ ଯୋଗ—ସଂ. ବ—ସମାଧି (ଦେଖ) Samyag-jōga Samādhi (See)

ସମ୍ରାଜ୍ଞୀ—ସଂ. ବ. ସ୍ତ୍ରୀ (ସମ୍ରାଜ୍+ସ୍ତ୍ରୀ. ଈ)—୧ । ସମ୍ରାଟ୍ ପଦରେ ଅଧିଷ୍ଠିତା ସ୍ତ୍ରୀ—1. Empress. ୨ । ସମ୍ରାଟଙ୍କ (ସମ୍ରାଟ୍—ପୁଂ) ପତ୍ନୀ—2. The wife of an Emperor. [ଦ୍ର—କେହି କେହି କହନ୍ତି 'ସମ୍ରାଟ୍' ଶବ୍ଦ ଉତ୍ତର ଲିଙ୍ଗରେ ବ୍ୟବହୃତ ହୁଏ ।]

ସମ୍ରାଜ୍ଞୀ—ଦେ ଓ ବୈଦିକ ସଂ.ବ. ସ୍ତ୍ରୀ (ଦ୍ର· ସମ୍ରାଜ୍ଞୀ)—ସମ୍ରାଜ୍ଞୀ; ସମ୍ରାଜ୍ଞୀ Samrajñi ଧରର ଅଧୀଶ୍ୱର—Empress. [ଦ୍ର—ଅଥର୍ବ ସମ୍ରାଜ୍ଞୀ ବେଦ, ଋଗ୍ବେଦ ଓ ତୈତ୍ତିରୀୟ ବ୍ରାହ୍ମଣରେ 'ସମ୍ରାଜ୍ଞୀ ସମ୍ରାଜ୍ଞୀ ଶବ୍ଦ ସ୍ତ୍ରୀ ବା ଉଚ୍ଚପଦସ୍ଥା ସ୍ତ୍ରୀ ବା ସ୍ୱାମିନୀ ଅର୍ଥରେ ବ୍ୟବହୃତ ହୋଇଅଛୁ—M. W.)

ସମ୍ରାଟ୍—ସଂ. ବ. ପୁଂ [ସମ୍=ସମ୍ୟକ୍+ରାଜ୍ ଧାତୁ=ଶୋଭା ପାଇବା Samrāṭ +ଉଣ୍. କ୍ୱିପ୍; ସମ୍ରାଜ୍ ଶବ୍ଦ, ୧ମା. ୧ବ; ଯେ (ସମ୍ରାଜ୍—ସ୍ତ୍ରୀ) ସମ୍ୟକ୍ ରୂପେ ଉତ୍କର୍ଷରେ (ସ୍ୱକୀୟ ଶାସନ

(ସମ୍ରାଜ୍ଞୀ—ବୈଦିକ ସ୍ତ୍ରୀ) ଦ୍ୱାରା) ଓ ସର ଲୋକରେ (ରାଜସୂୟ ଯଜ୍ଞାନୁଷ୍ଠାନର ଫଳସ୍ୱରୂ ଦ୍ୱାରା) ଶ୍ରୋତ୍ର ଗଥାନ୍ତ]—ରାଜାଧିରାଜ; ରାଜରାଜେଶ୍ୱର; ସାର୍ବଭୌମ; ଚକ୍ରବର୍ତ୍ତୀ; ବାଦସାହା—An emperor; a king of kings; a paramount sovereign. [ଦ୍ର—ଯେଉଁ ରାଜା ଚତୁରବ୍ଧି କେନ୍ଦ୍ରିତ ସମାଗର ଧରାର ଅଧୀଶ୍ୱର, ଯେ ଦ୍ୱାଦଶ ରାଜମଣ୍ଡଳର ଅଧିପତି ଏବଂ ଯାହାଙ୍କ ଆଦେଶରେ ଅଧୀନ ଭୂପତିମାନେ ନିଜ ନିଜର ରାଜ୍ୟ ଶାସନ କରନ୍ତି ଏବଂ ଯେ ରାଜସୂୟ ଯଜ୍ଞର ଅନୁଷ୍ଠାନ କରନ୍ତି, ତାହାଙ୍କୁ 'ସମ୍ରାଟ୍' କୋଲଯାଏ ।

ସ୍ତ୍ରୀରେ 'ସମ୍ରାଟ୍' ଶବ୍ଦର ସ୍ତ୍ରୀଲିଙ୍ଗ ରୂପେ ବ୍ୟବହାର ହେଉଥିବା 'ସମ୍ରାଜ୍ଞୀ' ଶବ୍ଦ ଲୌକିକ ସଂସ୍କୃତ ବ୍ୟାକରଣ-ସମ୍ମତ ନୁହେଁ । 'ସମ୍ରାଜ୍' ଶବ୍ଦର ପୁଂଲିଙ୍ଗ ୧ମା ୧ ବଚନ 'ସମ୍ରାଟ୍' ଏବଂ ସ୍ତ୍ରୀ ଲିଙ୍ଗ ୧କ ବଚନରେ 'ସମ୍ରାଜ୍ଞୀ' । ଏହିପରି 'ଧରତ୍ରାଟ୍' ଶବ୍ଦର ସ୍ତ୍ରୀଲିଙ୍ଗ 'ଧରତ୍ରାଜ୍ଞି' । ତେବଳ ବୈଦିକ ସଂସ୍କୃତରେ 'ସମ୍ରାଜ୍ଞୀ' ଶବ୍ଦର ପ୍ରୟୋଗ ଦେଖାଯାଏ । କେହି କେହି ସମ୍ରାଟଙ୍କ ସ୍ତ୍ରୀକୁ 'ସମ୍ରାଟ୍ ପତ୍ନୀ' କହନ୍ତି, କିନ୍ତୁ 'ସମ୍ରାଜ୍-ପତ୍ନୀ' ଶବ୍ଦ ବ୍ୟାକରଣ ସିଦ୍ଧ । ବୈଦିକ ସଂସ୍କୃତରେ ସମ୍ରାଜ୍ଞୀ ଶବ୍ଦର ବ୍ୟବହାର ଅଛି । ସମ୍ରାଟଙ୍କ ରାଜ୍ୟକୁ ସାମ୍ରାଜ୍ୟ (Empire) କୋଲଯାଏ ।]

ସମ୍ରାଟ— ଦେ· ବି· ପୁଂ (ସଂ· ସମ୍ରାଟ୍) —ସମ୍ରାଟ୍ (ଦେଖ)
Samrāṭa Samrāt (See)

ସମ୍ମିଶ୍ର—ସଂ· ବ (ସମ୍+ମିଶ୍ର, ଧାତୁ=ମିଳିତ ହେବା+କ୍ତ) —ସମ୍ମିଳିତ (ଦେଖ)—Sammilita (See)
Samlishṭa

ସୟ୍ (ଧାତୁ)—ସଂ—ଗତି କରିବା—
Say (root) To go; to move (Apte)

ସଯତନ(ନ)—ଦେ· କ୍ରି· ବିଣ (ସଂ· ସଯତ୍ନଂ; ସ=ସହିତ+ଯତ୍ନ)—ଯତ୍ନ ପୂର୍ବକ—Carefully.
Sajatana(na) ସଯତ୍ନ **सयत्न**

ସଯତନେ—ଦେ· କ୍ରି· ବିଣ (ସଂ· ସଯତ୍ନ) —ସଯତ୍ନ (ଦେଖ)
Sajatane Sajatna (See)
ସଯତନେ **सयत्नमें**

ସୟାଁ— ଦେ· ବିଣ—ଯଇଁ ରୋଗୀ; ଯେ ସବୁ ବେଳେ ଏଇଁ ସଇଁ ହୋଇ
Sayāṁ ଶ୍ୱାସ ମାରୁଥାଏ; ଶ୍ୱାସରୋଗୀ—Asthmatic.
ହାଁପାନୀ ରୋଗୀ, ହାଇପେଁୟେ **साँसिया**
[ଏଇଁ ଥ(ଯାଁ)—ଅନ୍ୟରୂପ]

ସଯୂଥ୍ୟ ସଂ· ବିଣ (ସ+ସୂଥ+ଯ)—କୌଣସି ଦଳର ବା ଗୋଷ୍ଠୀର
Sajūthya ଜଣେ—One of the same flock or
(ସଯୂଥ୍ୟା—ସ୍ତ୍ରୀ) tribe (Apte).

ସଯୋନି—ସଂ· ବ (ସ=ସହ+ଯୋନି=ଉତ୍ପତ୍ତି)—୧ । (ସହିତ ଯୋନି
Sajoni ବିଶିଷ୍ଟ; ସହାର୍ଥେ ବହୁବ୍ରୀହି)—ଇନ୍ଦ୍ର—1. Indra.
[ଦ୍ର—ଗୌତମଙ୍କ ଅଭିଶାପରୁ ଇନ୍ଦ୍ରଙ୍କ ଦେହରେ ଯୋନି-ଚିହ୍ନସବୁ ହୋଇ ଯାଇଥିଲା । ଏଥିରୁଇଁ ଇନ୍ଦ୍ରଙ୍କର ଅନ୍ୟ ନାମ 'ସହସ୍ର ଯୋନି' ।] ୨ । ଏକ ମାତାଙ୍କ ଗର୍ଭଜାତ ଭାଇ—2. One's whole or uterine brother (Apte). ୩ । ଦୁଇଟି ବାହୁ ବିଶିଷ୍ଟ ଗୁଆକାତ 3. A pair of clippers for cutting betel-nut (Apte). ସଂ· ବିଣ (ବହୁବ୍ରୀହି; ସ=ସମାନ ଅଟେ ଯୋନି=ଉତ୍ପତ୍ତି ସ୍ଥାନ ଯାହାର)—୧ । ଯେଉଁମାନଙ୍କର ଉତ୍ପତ୍ତି ସ୍ଥାନ ଏକ=1. Of the same origin. ୨ । (ସ=ସମାନ ଅଟେ ଯୋନି ଉତ୍ପତ୍ତି ସ୍ଥାନ ଯାହାର; ବହୁବ୍ରୀହି)—ଏକ ମାତାଙ୍କ ଗର୍ଭଜାତ (ମାତାଙ୍କ ଗର୍ଭ ଦ୍ୱାରା ସହୋଦର ସଂପୃକ୍ତ—Having the same womb; born of the same mother, uterine (brother or sister) (Apte) ୩ । ଘନିଷ୍ଠ ସମ୍ପର୍କରେ ସମ୍ପୃକ୍ତ)—3. Closely related to. (Apte)

ସର୍—ବୈଦେ. ଅ (ଇଂ· ସର୍)—୧ । ଭଦ୍ରଲୋକମାନଙ୍କ ସମ୍ମାନାର୍ଥକ
Sar ସମ୍ବୋଧନ—1. (vocative) Sir ! Oh Sir !
ସ୍ୟାର୍, ସାର୍ **सर, सार** ୨ । ଶିକ୍ଷକମାନଙ୍କ ଛାତ୍ରମାନଙ୍କର ସମ୍ମାନାର୍ଥକ ସମ୍ବୋଧନ—2. Sir, a word addressed to a teacher by a student. ବୈଦେ· ବ (ଇଂ· ସର୍) — ୧ । ଇଂଲଣ୍ଡରେ ରାଜଦତ୍ତ ଉପାଧିବିଶେଷ; ନାଇଟ୍ (ଭଦ୍ରଜଣୀୟ ବ୍ୟକ୍ତି)ମାନଙ୍କ ଉପାଧି—1. Sir, a title of knights in England, ୨ । ଭାରତବାସୀ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ପ୍ରଦତ୍ତ ଉପାଧି—2. Sir, an honorary title granted to distinguished Indians by the British Government. ୩ । (ଛାତ୍ରମାନଙ୍କ ଭାଷା) ନିଜ ନିଜର ଶିକ୍ଷକ—3. A student's own teacher or master. (ଯଥା—ଆଜି ଅମ ସର୍ ଘରକୁ ଯାଇଅଛନ୍ତି ।)

ସର୍—ଦେ· ଅ (ଦ୍ୱନ୍ୟନୁକରଣ) ଅନବରତ ସୂକ୍ଷ୍ମ ଧାରାରେ ଜଳକୁ
Sar ପଡ଼କା ଜଳ ବା ଦୁଗ୍ଧାଦି ତରଳ ଶବ୍ଦ—
(ସର୍ର୍, ସର୍ରଘେଁ—ଅନ୍ୟରୂପ) (Onomatopoeic)
ସରସର **सरसर** The sound of water or milk falling into a pot in a slender continuous flow.

ସର୍ତ୍ତୁ(ଉ)ତା—ସ୍ରାଦେ (ସମ୍ବଲପୁର) ବ—(ହି· ସରୌତା;
Sar-tu(o)tā ସଂ· ସାର=ଲୌହ+ତନ; ସ୍ତ୍ରୀ· ସାରତନ୍ତ୍ରୀ)
(ସରୌତା—ଅନ୍ୟରୂପ) ଗୁଆକାତ—Betel-nut-cutter.

ସର୍କଲ୍ (ଇତ୍ୟାଦି)—ବୈଦେ· ବ (ଇଂ·)—ସର୍କଲ୍ ଇତ୍ୟାଦି (ଦେଖ)
Sar-kal (etc) Sarkal etc (See)

ସର୍କୁ(କ୍ୟୁ)ଲ୍ଲ(ଲା)ର୍ ଇତ୍ୟାଦି—ବୈଦେ· ବ [ଇଂ·]—ସର୍କୁଲର୍
Sar-ku(kyu)la(lā)r etc ଇତ୍ୟାଦି (ଦେଖ)—
Sarkular etc (See).

Digitized by srujanika@gmail.com

ସର୍ ଗମ୍—ଦେ· ବ—ସରଗମ (ଦେଖ)
Sar-gam Sarigama (See)

ସର୍ ଗରମ୍—ବୈଦେ. ବଣ—ସରଗରମ୍ (ଦେଖ)
Sar-garam Saragaram (See)
(ସର୍ଗଭମ୍—ଅନ୍ୟରୂପ)

ସର୍‌ଜନ୍ ଇତ୍ୟାଦି—ବୈଦେ. ବ (ଇଂ)—ସର୍ଜନ୍ ଇତ୍ୟାଦି (ଦେଖ)
Sar-jan etc Sarjan etc (See)

ସର୍ ଜନ୍ ହୁବ୍ବାକ୍—ବୈଦେ. ବ (ନାମ)—ଉତ୍କଳର ପ୍ରଦେଶର ପ୍ରଥମ ଗବର୍ଣ୍ଣର୍—The first Governor of the Orissa Province.
Sar-jan hubbāk

[ଦ୍ର—ଏହାଙ୍କ ପୂର୍ଣ୍ଣ ନାମ ଓ ଜ୍ଞାତି ମାନ୍ୟବର ସର୍ ଜନ୍ ହୁବ୍ବାକ୍ ଏମ୍. ଏ., ବେ· ସି. ଏସ୍. ଆଇ., ଆଇ. ସି· ଏସ୍· । ଏ ନବ ଓଡ଼ଶା ପ୍ରଦେଶର ପ୍ରଥମ ଗବର୍ଣ୍ଣର୍ । ଇଣ୍ଡିଅନ ସିଭିଲ୍ ସର୍ଭିସ୍‌ର ଶାସନ ଶାଖା (Executive branch) ର ଏ ସଦସ୍ୟ । ଏ ଇଂଲଣ୍ଡର କାମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟରୁ ଏମ୍. ଏ. ପାସ୍ କର ପ୍ରଥମେ ଜଏଣ୍ଟ୍ ମାଜିଷ୍ଟ୍ରେଟ ରୂପେ ୬୩।୧୦।୧୯୦୨ ରେ କାର୍ଯ୍ୟ କରି କ୍ରମଶଃ ମାଜିଷ୍ଟ୍ରେଟ ଓ କମିସନର୍ ଓ ବଦାର ଓଡ଼ିଶା ଶାସନ ସମିତି (Executive Council) ର ସଭ୍ୟ ଓ ଅତିରିକ୍ତ ସଭ୍ୟ ଦୋଇ ଶେଷରେ ଓଡ଼ିଶାର ପ୍ରଥମ ଗବର୍ଣ୍ଣର ହୋଇଛନ୍ତି । ୮।୩।୧୯୬୮ ସୁଦ୍ଧା ଏହାଙ୍କର ସରକାରୀ କର୍ମରେ ୩୫ ବର୍ଷ ୬ ମାସ ୨୬ ଦିନ ବଉଅଛି । ଓଡ଼ିଶାର କମିସନର୍ ହେବା ପରେ ଏ ବଦାର ଓଡ଼ଶା ପ୍ରଦେଶର ବାକିଥିବା ଏନ୍‌କ୍ୟାଇସ୍ଥ କମିଟିର ସଭାପତି ଓ ପରେ ଓଡ଼ଶା ପ୍ରାଦେଶିକ ଶାସନସଭାର୍ ଜମିଟିର ସଭାପତି ହୋଇଥିଲେ । ଏ ଜଣେ ପଣ୍ଡିତ ଅଟନ୍ତି । ଗଣିତ, ଜ୍ୟୋତିଷ ଓ ଜ୍ୟୋତିର୍ବିଜ୍ଞାନରେ ଏହାଙ୍କର ଖୁବ୍ ଅଭିଜ୍ଞତା ଅଛି । ଓଡ଼ଶାର କମିସନରରୂପେ ଏହି ଓଡ଼ିଆ ଭାଷାକୋଷଟିର ବିଦ୍ୟାର ଓଡ଼ଶା ସରକାରଙ୍କ ଦୃଷ୍ଟି ଏ ଅକର୍ଷଣ କରି ଜଣେ ଗବର୍ଣ୍ଣମେଣ୍ଟଙ୍କଠାରୁ ଅର୍ଥିକ୍ଷ ସାହାଯ୍ୟ ଲାଭ କରାଇଥିଲେ । ଏହାଙ୍କ ନାମରେ ଭାଷାକୋଷର ପ୍ରଥମଖଣ୍ଡି ଉତ୍ସର୍ଗ ହୋଇଅଛି । ଓଡ଼ିଆ ଭାଷାର ଓ ସାହିତ୍ୟର ଏ ଜଣେ ପ୍ରେମିକ ଅଟନ୍ତି । ବିଲାତର ପ୍ରାଚ୍ୟ ବିଦ୍ୟାଳୟ [London College of Oriental Studies]ର ପୁସ୍ତକାଗାରକୁ ଓଡ଼ିଆ ଭାଷାର ପୁସ୍ତକମାନ ଯୋଗାଇବା ପାଇଁ ଏ ଖୁବ ଯତ୍ନବାନ୍ ଅଟନ୍ତି । ମନ୍ତ୍ରୀମାନଙ୍କ ବଦା ସାହାଯ୍ୟରେ ୧ ବର୍ଷକାଳ ଓଡ଼ଶାପ୍ରଦେଶ ଶାସନ କର ୧।୪।୧୯୩୬ଠାରୁ ବଦାଚଉ ମନ୍ତ୍ରୀମାନଙ୍କ ସାହାଯ୍ୟରେ ଏ ଓଡ଼ଶା ଶାସନ କରୁଅଛନ୍ତି । ଓଡ଼ିଶାରେ ଗୋବଶର ଉନ୍ନତି, କୁଷ୍ଠରୋଗ ଓ ଗୁନଯଷ୍ଟାର ପ୍ରତିକାର ପାଇଁ ଏ ବହୁ ଯତ୍ନ କରିଅଛନ୍ତି । ଏ ସ୍ୱୟଂ ସଭ ଭାଷାକୋଷକୁ ଅର୍ଥ ସାହାଯ୍ୟ କରିଅଛନ୍ତି । ଏହାଙ୍କ ଜୀବନର ଅନ୍ୟ ଘଟନା ଓ ବିବରଣ ପାଇଁ 'ହୁବାକ୍' ଶବ୍ଦ ତଳେ ଦେଖନ୍ତୁ ।]

ସର୍‌ଜନିଆ—ପାଦେ (ଲଣଅ) ବ—ଉଚ୍ଚବଶୀୟ ବ୍ୟକ୍ତି—
Sar-janiā A person of high caste.

ସର୍‌ଡ଼ି(ଳି) ପଡ଼ିବା—ପାଦେ (ସମଲପୁର—ସର୍‌ଦ୍ଦିପଡ଼ିବା (ଦେଖ)
Sar-ṛdi(li) paṛdibā Sarrdi paṛdibā (See)

ସର୍ ତାଲ—ବୈଦେ. ବ (ହି. ସଡ଼୍ ତାଲ)—ସର୍ ତାଳ ଜରିବ ସରେ ଜମିର ତୃତୀୟ ଜରିବ—The third measurement of a land after the second measurement.
Sar-tāla
ସରତାଲ सरताल, पड़ताल

ସର୍‌ପୀସ୍—ପାଦେ (ଖଡ଼ିଆଳ) ବଣ—ମିଥ୍ୟାବାଦୀ—Lying; untruthful. ବ—୧ । ମିଥ୍ୟା—1. Lie; falsehood. ୨ । ମିଥ୍ୟାବାଦୀ ବ୍ୟକ୍ତି—2. A liar.
Sar-pīṇs

ସର୍‌ପୁନି—ଦେ· ବ—ଡେଙ୍ଗ ବେଜାରି (ଦେଖ)
Sar-puni Ḍenga bejāri (See)

ସର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ(ଓ)—ଦେ. ବ (ନାମ)—ମୟୂରଭଞ୍ଜର ମହାରାଜା—Sir Pratāp Chandra Bhanj Deo, K. C. I. E; name of the present Mahārajā of Mayurbhanj State.
Sar pratāp chandra bhañja deba(o)

[ଦ୍ର—ଏ ସ୍ୱର୍ଗତ ମହାରାଜା ଶ୍ରୀ ରାମଚନ୍ଦ୍ରଙ୍କ ପୁତ୍ର ଓ ସ୍ୱର୍ଗତ ମହାରାଣୀ ସୁଶୀଳଭଦ୍ରଙ୍କର କନିଷ୍ଠ ସହୋଦର । ଏହି ଭାଷାକୋଷ ଛପୁଚ୍ଚର ଏ ଜଣେ ମୌଳିକ ପୃଷ୍ଠପୋଷକ ଓ ଅର୍ଥସାହାଯ୍ୟକାରୀ ।]

ସର୍ ବାସୁଦେବ ସୁଢଲ ଦେବ—ଦେ· ବ (ନାମ)—ବାମଣ୍ଡାର ସ୍ୱର୍ଗତ ରାଜା—The late Sir Bāsudeb Sudhal Deb C.I.E, late Raja of Bamrā State.
Sar bāsudeba sudhala deba

[ଦ୍ର—ଏ ଜଣେ ସଂସ୍କୃତଜ୍ଞ ପଣ୍ଡିତ ଥିଲେ । ଏହାଙ୍କ ରଚିତ 'ଅଳଙ୍କାର ବୋଧାଦର୍ଶ' ନାମକ ଅଳଙ୍କାର ପୁସ୍ତକ ଏବଂ 'ସାରବାମା' ଓ 'ଚନ୍ଦ୍ରୋପୂଳା' କାବ୍ୟ ଓଡ଼ିଶାରେ ସୁପରିଚିତ । ତତ୍କାଳୀନ ସ୍ୱାଧୀନାଥ, ମଧୁସୂଦନ ପ୍ରଭୃତି କବି ଓ ପଣ୍ଡିତମାନେ ତାଙ୍କଠାରୁ ପଥେଷ୍ଟ ଉତ୍ସାହ ପାଇଥିଲେ । ତାଙ୍କ ଯୋଗୁଁ ଓଡ଼ିଶାରେ ଆଧୁନିକ ସାହିତ୍ୟ ଅନେକ ଅଗ୍ରସର ହୋଇଅଛି । ସେ ନିଜ ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ଅନୁଷ୍ଠାନ ଜରି ରାଜ୍ୟର ଶ୍ରୀବୃଦ୍ଧି ସାଧନରେ ଅସାଧାରଣରୂପେ କୃତକାର୍ଯ୍ୟ ହୋଇ ଥିଲେ । ତାହାଙ୍କ ସୁଯୋଗ୍ୟ ପୁତ୍ର ସ୍ୱର୍ଗତ ସଚ୍ଚିଦାନନ୍ଦ ଦେବ ମଧ୍ୟ ପିତାଙ୍କ ତୁଲ୍ୟ ସାହିତ୍ୟଜ୍ଞ, ମାତୃଭୂମିର ଓ ପ୍ରଜାଙ୍କର ସେବାରେ ଅତ୍ୟନ୍ତ ଉତ୍ସର୍ଗ କରି ସର୍ବସାଧାରଣଙ୍କର ଶ୍ରୀତିଭାଜନ ହୋଇଥିଲେ ।] (ଦ୍ର—ସଚ୍ଚିଦାନନ୍ଦଙ୍କର ଓ ଏହାଙ୍କର ଜୀବନୀ ସମ୍ବନ୍ଧେ ଅନ୍ୟ ବିବରଣ ପାଇଁ ସ୍ୱର୍ଗତ ଦେବ ତଳେ ଦେଖନ୍ତୁ ।)

Digitized by srujanika@gmail.com

ସର୍ ବୀର ମିତ୍ରୋଦୟ ସିଂହ ଦେବ—ଦେ. ବ ନାମ—ସୋନପୁରର Sar bira mitrodaya sinha deba ସ୍ୱର୍ଗତ ମହାରାଜା ମହାରାଜା ସର୍ ବୀର ମିତ୍ରୋଦୟ ସିଂହ ଦେବ, କେ. ସି. ଅଇ. ଇ., ଧର୍ମନିଧି, ଜ୍ଞାନଗୁଣାକର (ସୋନପୁର ଭଳେ ଝୀକା ଦେଖ)—The late Maharaja Sir Bira Mitrodaya Singha Deb K. C. I. E. Dharmanidhi, Gyānaguṇākara, the late Ruling Chief of Sonepur State.

ସରଭ(ରେ)ଅର୍—ବୈଦେ. ବ (ଇଂ)—ସର୍ଭେଅର୍ (ଦେଖ) Sar-bhi(bhe)ar Sarbhear (See)

ସରଭେ (ଇତ୍ୟାଦି)—ଦେ. ବ. (ଇଂ)—ସର୍ଭେ ଇତ୍ୟାଦି (ଦେଖ) Sar-bhe (etc) Sarbhe etc. (See)

ସର ରାଜେନ୍ଦ୍ର ନାରାୟଣ ଭଞ୍ଜ ଦେବ—ଦେ. ବ (ନାମ)—ଜନକାର Sar rājendra nārāyaṇa bhañja deba ରାଜା କାନ୍ଦାଡୁର Sir Rajendra Narayan Bhanj Deo, Raja Bahadur of Kanika Estate of Orissa. [ଦ୍ର—ଏ ମହାଶୟ ଜଣାର ଓଡ଼ିଶା ପ୍ରଦେଶର ଶାସନ ସଭାର ଅର୍ଥ ସଦସ୍ୟ ଥୋଇଥିଲେ ।]

ସର୍ର ସାଇଁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ତରଳ ପଦାର୍ଥର Sar-ra ଶବ୍ଦରତ ସରୁ ଧାର ପଡୁନର ଶବ୍ଦ—1. Sound (ସର୍ରେ ହେଁ—ଅନ୍ୟରୂପ) of liquid falling down in narrow current. ୨। ଟିଣର ସାଇଁଶଗଡ଼ ନାମକ ଖେଳନାର ଘୂର୍ଣ୍ଣନ ଜାତ—2. The sound produced by whirling a toy-cart made of tin.

ସର୍ ସର୍—ଦେ. ଅ—ସର ସର (ଦେଖ) Sar-sar Sara sara (See)

ସରସିଆ—ସ୍ତାଦେ (ଖଡ଼ିଅଳ) ବଣ (ସଂ. ସଦୃଶ)—ସମାନ; ସଦୃଶ— Sar-sia Equal; similar. ବ—୧ । ଥୋଇଥିଆ; କବାଟରେ ଲଗିଥିବା ଟିକୁଳର ମୂଳ ଅଂଶ, ଯାହା କବାଟରେ ମରୁଆଇ ଥାଏ—1. The hasp of a door chain. ୨ । କବାଟରେ ବା ସିନ୍ଦୁକରେ ମରୁଆଇ ଥିବା ଟିକୁଳର କୁନ୍ଦୁଣା, ଯାହା ଚଉକାଠରେ ମରୁଆଇ ଥାଏ—2. The staple of a door chain.

ସର—ସଂ. ବ (ସୃ ଧାତୁ=ଗମନ କରିବା+କର୍ତ୍ତୃ ଅ)—୧ । ଶର Sara (ଦେଖ)—1. Śara (See) ୨ । ସରୋବର; ଥୋଇଥି (ଶବ୍ଦ ରତ୍ନାବଳୀ)—2. Tank; pond; lake. ୩ । ଭୂଷଣ ବିଶେଷ—3. A kind of ornament. ୪ । ମଧୁ—4. Honey. ୫ । ମାଳ୍ୟ—5. Garland. ୬ । ହାରର ଡୋରି—6. String of garland or necklace. ୭ । ଲୁଣ—7. Salt (Apte). ୮ । ଝରଣା—8. Waterfall (Apte); cascade. ୯ । ଜଳ—9. Water (Apte). ୧୦। (+ଭାବ. ଅ) ଗତି—10. Motion; movement (Apte).

ସଂ. ବଣ (ସୃ ଧାତୁ=ଗମନ କରିବା+କର୍ତ୍ତୃ. ଅ)—୧ । ଗମନକାରୀ; ଗତି କରୁଥିବା (ଏ ଅର୍ଥରେ 'ସର' ଶବ୍ଦ ପରେ ପ୍ରାୟ ଯୁକ୍ତ ହୁଏ, ଯଥା—ଅଗ୍ରସର, ଅବସର ଇତ୍ୟାଦି)—1. Moving; going. ୨ । ସାରକ; ଭେଦକ; ଯାହା କୋଷ୍ଠଶୁଦ୍ଧି କରେ—2. Laxative; cathartic. ଦେ.ବ (ଈ) (ସ.ସରସ୍ୱତୀ)—୧ । ଶିଶୁମାନେ ବାଳକାକୁ ଡାକିବା ନାମ—1. Name for calling Saraswatī in fondness. ୨ । (ସଂ. ସରଃ) ସର (ସର୍—ଅନ୍ୟରୂପ) ସର୍ପ; ଲିଙ୍ଗ; (ବିଶେଷତଃ) ଛେଳି, କୁକୁର, ଷଣ୍ଢ, ଘୋଡ଼ା, ମାଙ୍କଡ଼ ଆଦି ପଶୁଙ୍କର ଉଦ୍ଧୃତ ଲିଙ୍ଗର ଅଗ୍ରଭାଗ) —2. Penis; the fore part of the erect penis (specially of a goat, dog, bull, horse or monkey). ୩ । (ସଂ. ସରଃ) ଜଳୀୟ ପଦାର୍ଥ ଉପରେ ପଡ଼ିବା ଘନସ୍ତର—3. A thick layer of scum formed over any liquid. [ଦ୍ର—ସେ ସର୍ପ ଯାଣି ଉପରେ ସର ପଡାଇବା ଛେକ ।] ୪ । ସରଃ ୩ (ଦେଖ)—4. Saraḥ 3 (See) ୫ । ସ୍ୱରଃ ୪ (ଦେଖ)—5. Saraḥ 4 (See) ୬ । ନୌକାରେ ବ୍ୟବହୃତ ଅଡ୍ଡୁର ଦଣ୍ଡ-ଅଂଶ—6. The pole portion of an oar. ୭ । ପୁରୀ ଜିଲ୍ଲାର ପୁରୀ ସହର ନିକଟବର୍ତ୍ତୀ ହ୍ରଦବିଶେଷ—7. Name of a lake in the Puri district near the Puri town. [ଦ୍ର—ପୁରୀ ନଗରର ଉତ୍ତର-ପୂର୍ବର ସମୁଦ୍ର ଉପକୂଳରେ ଅବସ୍ଥିତ । ଏହା ପଶ୍ଚିମରେ ଏଡ଼ା ୪ ମାଇଲ୍ ଓ ଉତ୍ତର ଦକ୍ଷିଣରେ ୨ ମାଇଲ୍ । ଏଡ଼ା ସ୍ୱର୍ଗଦ୍ୱାର ନଗର ନିକଟରେ ପୁରୀ; ହ୍ରଦ ଓ ସମୁଦ୍ର ମଧ୍ୟରେ ଛୋଟ ବାଲି ହୁଡ଼ ଅଛି—ଏହାର ସ୍ଥାନୀୟ ନାମ ସମଗ୍ର ସର ଘାଟ ।]

ସ୍ୱର ଦ୍ର. ବ (ସଂ. ସ୍ୱର)—ସ୍ୱର—Voice. (ଉ—ସେ ଭୋଳ ସେ କ ସରେ, ପ୍ରବେଶ ଫୁଲ ବନରେ—ପ୍ରତାପ. ଶଶିସେନା ।)

ସରଉ(ଓ)ତା—ଦେ. ବ (ଦ୍ର. ସରୌତା)—ଗୁଆତାଣ୍ଡ— Sarau(o)tā ଜାତି **ସରୌତା** Nut-cracker.

ସରଃ—ସ. ବ (ସୃ ଧାତୁ=ଗମନ କରିବା+ଅସି. ଅ)—୧। ପୁଷ୍କରଣୀ; Saraḥ ପୋଖରୀ; ସରୋବର; ଜଳାଶୟ (ଶବ୍ଦସାଗର)—(ସରସ୍—ଅନ୍ୟରୂପ) 1. Pond; tank; lake. ୨ । (+କର୍ତ୍ତୃ. ଅ) ଜଳ (ଅମରକୋଷ)—2. Water. ୩ । ଦଧିସର; ବସା ଦହିର ଉପରେ ପଡ଼ିବା ମୋଟ ସ୍ତର (ରତ୍ନମାଳା)—3. The film formed over curd. ୪ । ଅଉଟା ଦୁଧ ଉପରେ ପଡ଼ିବା ଘନ ଆବରଣ; ଦୁଗ୍ଧର ସାରଭାଗ—4. Cream of milk; the film formed on the surface of milk cooled after boiling. ୫ । (+ଭାବ. ଅ) ଗତି (ମେଦନୀ)—5. Motion. ୬। (+କର୍ତ୍ତୃ.ଅ) ବାଣ; ଶର (ହେମଚନ୍ଦ୍ର)

Digitized by srujanika@gmail.com

—6. Arrow. ୭ । କାଣଚୁଣ; ଏକପ୍ରକାର ତୃଣ; ଶରଚୁଣ—7. A kind of reed; Saccharum Arundinaceum. ୮ । ଲବଣ (ରେଫଚନ୍ଦ୍ର)—8. Salt. ୯ । ନର୍ଦ୍ଦର (ଉରଡ)—9. A water-spring. ୧୦ । ମଦାପିଣ୍ଡୀ ଛରୁ (ବ୍ରହ୍ମଜଟିଣୀ)—10 Name of a tree. ଫ. ରୂପ—ସର (ଦେଶ) Sara (See)

ସରଃ କାକ—ଫ.ବ.ବ୍ରୀ (ସରୋବଲାସୀ କାକ; ମ. ତ. ଲୋ; କର୍ମଧା)—Sarah kāka ହଂସ (ଶବ୍ଦରତ୍ନାବଳୀ)—Swan. (ସରଃ କାକା—ସ୍ତ୍ରୀ)

ସରକ—ସ ରୂପ. ପୁଂ (ସୃ ଧାତୁ=ଗମନ କରିବା+କଞ୍ଚି. ଅକ)—Saraka ଗମନଶୀଳ; ଗଚ୍ଛତ୍ସଶିଷ୍ଟ (ଶବ୍ଦରତ୍ନାବଳୀ)—Moving. (ସରକା—ସ୍ତ୍ରୀ) ସ. ବ—୧ । ସରୋବର (ଶବ୍ଦରତ୍ନାବଳୀ)—1. Tank; lake. ୨ । ଅକାଶ (ସିଦ୍ଧାନ୍ତକୌମୁଦୀ)—2. The sky. ୩ । ଶୀଧୁ ପାତ୍ର; ମଦ୍ୟ ପାତ୍ର(ମେଦନୀ)-3. A wine glass; goblet. ୪ । ଶୀଧୁ ପାନ; ମଦ୍ୟପାନ (ମେଦନୀ)—4. Drinking of wine. ୫ । ଇକ୍ଷୁ ଶୀଧୁ; ଅଖୁ ରସରୁ ପ୍ରସ୍ତୁତ ମଦ (ମେଦନୀ)—5. Wine distilled from sugarcane juice. ୬ । ଅଚ୍ଛିନ୍ନ ଅଧ୍ୱର୍ଗଡେଣ୍ଡ୍ରୁ; ଅଖଣ୍ଡିତ ବଡ଼ ପଥ; ସଡ଼କ (ମେଦନୀ)—6. A continuous line of road. ୭ । ମଦ୍ୟ ପରିବେଶନ (ଉରଡ)—7. The serving of wine to drinkers; distribution of spirituous liquor. ୮ । ସୁରା; ମଦ୍ୟ—8. Spirituous liquor; spirits (Apte). ୯ । (+ଭୂ ଧାତୁ. ଅକ) ଗତି; ଗମନ—9. Going. ୧୦ । (+କର୍ମ. ଅକ) ସ୍ୱର୍ଗ—10. Heaven (Apte). ଦେ. ବ—୧ । ପଣ୍ୟଦ୍ରବ୍ୟ—1. Merchandise. [ଉ—ତାର ନଜର କୋଡ଼ିଏ ସରକ ବାରଗୋଡ଼ିଆ, ପଦର ଗୋଡ଼ିଆ କୁଶଲୀ, ଚକ୍ତକ ନାଆ ଅଛ । ବର୍ଷା ଦିନେ ସେଥିରେ ସଇକ ନେ ଅଶ କରେ—ଫକ୍କାରମୋହନ. ଗଲ୍ପସ୍ୱଲ୍ପ ।) ୨ । ସ୍ଥାନାନ୍ତରରୁ ପଣ୍ୟବସ୍ତୁତଯୁ ବହନ କରିବାର ଥର; ଟେଖ—2. A trip of conveying merchandise.

ସରକଟ—ଦେ. ବଣ—ଶୁଭ ବର୍ଷାଯୁକ୍ତ (ସମୟ) —(a time) Of Sarakaṭa plentiful rain. (ଉ—ଉତ୍ତକଟ ସରକଟ, ସ୍ପିଂଦ୍ର ଶୁଖାଏ, ଜନ୍ୟେ କାନେ କାନ । ବଦ୍ଦୁ ବଦ୍ଦୁ ଛୁଲେ ବରଷିଲେ କାହିଁ ରଖିବୁ ଧାନ—କୃତ୍ତିବଚନ ।)

ସର କଢ଼ା—ଦେ. ବଣ—ଯେଉଁ ଅଉଟା ଦୁଧର ଉପରେ ପଡ଼ିଥିବା ସର ତୋଳା (milk) From which cream has been removed. ଦେ. ବ—ଗୁଣି ବଦ୍ୟା ବା ମନ୍ତ୍ର ଯନ୍ତ୍ର ପ୍ରୟୋଗଦ୍ୱାରା ଚୌଣସି ଗାଈର ଦୁଗ୍ଧରୁ ସର-ସ୍ନାନ କରିବାର ପ୍ରକ୍ରିୟା—Causing the milk of a cow to be devoid of cream by employing black magic. [ଦ୍ର—ଯେଉଁ ଗାଈ ପ୍ରତି 'ସର କଢ଼ା' ପ୍ରୟୋଗ କରି ଯାଇଥାଏ, ତାହାଠାରୁ ଦୁହାଁ ଦେବା ଦୁଧରୁ ଅଉଟିଲେ ସେ ଦୁଧରେ ଅଦୌ ସର ପଡ଼େ ନାହିଁ ।]

ସରକଲ୍—ବୈଦେ. ବ—ଶର୍କଲ୍ (ଦେଶ)—Sarkal (See) Sarakal ସାରକେଲ **सरकल**

ସର କଲମ—ଦେ. ବ—ଲେଖିବା ରୂପେ ବ୍ୟବହୃତ ଶରତୃଣର କାଠି—Sara kalama Reed of 'Sara' grass used as pen; reed-pen. ସର କଲମ **सरकण्डाका कलम**

ସରକସ୍ ବୈଦେ. ବ (ଇଂ)—ସର୍କସ୍ (ଦେଶ)—Sarkas (See) Sarakas ସାର୍କାସ **सरकस**

ସରକା—ବୈଦେ. ବ (ଫା. ସରୋକାର୍)—୧ । ସରକ; ସଂସର୍ଗ—Sarakā 1. Connection; relation. ୨ । ଅଂଶ; ସରୋକାର ହିସ୍ସା—2. Share. ପ୍ରାଦେ. (ଘାଟଣା)—ସରୋକାର କୁଟା ଅଦର ଲୁଣ୍ଡା—A wisp of straw for igniting fire.

ସରକା(କେ)ଇବା—ଦେ. କି. (ସ. ସୃ ଧାତୁ)—୧ । ଏକଘାଖରୁ Sarakā(ke)ibā ଘୁଞ୍ଚାଇବା—1. To remove a thing ସରାନ to one side. ୨ । ସ୍ଥାନାନ୍ତରିତ କରିବା—ସରକାନା 2. To remove a thing.

ସର କାଢ଼ିବା—ଦେ. କି—୧ । ଅଉଟା ଦୁଧ ଉପରେ ପଡ଼ିଥିବା ସରକୁ Sara kārdhibā ଉଠାଇ ନେବା—1. To remove the ସରତୋଳା **मलाई निकालना** layer of cream from [ସରକାଢ଼ା(ଢ଼େ)ଇବା—ଣିଜନ୍ତରୂପ] boiled milk. ୨ । ମନ୍ତ୍ରପନ୍ତ ପ୍ରୟୋଗଦ୍ୱାରା ଗାଈର ଦୁଧକୁ ସରସ୍ନାନ କରିବା—2. To cause the milk of a cow to be devoid of cream by the employment of black magic. ୩ । (ଲକ୍ଷଣାର୍ଥ) ଚୌଣସି ପଦାର୍ଥର ସାର ଅଂଶକୁ ବାହାର କରିନେଇ ଅକାମିକା ଅଂଶକୁ ଛଡ଼େଇବା—3. (figurative) To take away the essential part out of a thing and to leave the husk only.

ସରକାର୍(ର) —ବୈଦେ. ବ (ଫା. ସରକାର୍) ୧ । ପ୍ରଭୁ—1. Lord; Sarakār(ra) master. ୨ । ସ୍ୱାମୀ; ମାଲିକ—2. Owner; ସରକାର **सरकार** lord. ୩ । ଦେଶର ରାଜା—3. The king of a country. ୪ । ଦେଶୀୟ ରାଜାମାନଙ୍କ ପ୍ରତି ସମ୍ମାନସୂଚକ ବଚନ—4. His Highness. [ଉ—ସରକାରଙ୍କୁ କହୁ କଥା ଅଛଯା ନାହିଁ ।] ୫ । ଦେଶର ଗଭର୍ଣ୍ଣମେଣ୍ଟ୍—5. The Government of a country. ୬ । ଦେଶର ଶାସନକର୍ତ୍ତା—6. Governor of a country. ୭ । ମୁସଲମାନ ରାଜତ୍ୱରେ ଦେଶର ରାଜସ୍ୱ ଅଦାୟର ସୁବିଧା ନିମନ୍ତେ ଗଠିତ ବିଭାଗ;

Digitized by srujanika@gmail.com

ସୁବା—7. A fiscal division of a Province during Mahomedan rule. [ଦ୍ର—୧ । ମୁଡ଼ଏ ସରକାର ସମଷ୍ଟିରେ ପ୍ରଗନ୍ନା ଏବଂ ମୁଡ଼ଏ ପ୍ରଗନ୍ନାର ସମଷ୍ଟିରେ ଗୋଟିଏ ସରକାର୍ ହେଉଥିଲ୍ଲ ।

୨ । ମୁସଲମାନ୍‌ମାନଙ୍କ ସୁଜଉରେ 'ଦଣ୍ଡପାଟ' ପରବର୍ତ୍ତିରେ 'ସରକାର' ନାମ ହେଲ୍ଲ । ଇଗବବନ୍ଦ୍. ପ୍ରାଚୀନ ଉତ୍କଳ]

୮ । ଦେଣଦାରଙ୍କ ଠାରୁ ପାଉଣା ଟଙ୍କା ଅଦାୟକାର୍ତ୍ତା—8. A collector of dues from debtors or persons who are liable to pay. [ଦ୍ର—ସଦ୍ଭରବାସୀଙ୍କଠାରୁ ଟିକସ ଅଦାୟକାର୍ତ୍ତା, ଦୋକାନଦାର ବା ମହାଜନଙ୍କ ନିଯୁକ୍ତ ଦେଣାଅଦାୟକାର୍ତ୍ତା ଓ ପ୍ରଜାଙ୍କଠାରୁ ଗୁଜସ୍ତ ଅଦାୟକାର୍ତ୍ତାମାନଙ୍କୁ 'ସରକାର' କହନ୍ତି ।]

୯ । ଘରର ଜମା ଖରଚ ପରିଦର୍ଶକ କର୍ମଗ୍ଦ୍ଦ; ଗୃହର ଭତ୍ତାବଧାରକ—୬. Superintendent of a household. ୧୦ । ବଙ୍ଗଦେଶର ବନ୍ଦ୍ୟୋପାଧ୍ୟ ବଶେଷ 10. A family title in Bengal (ଦ୍ର—ବଙ୍ଗ ଦେଶରେ ମୁସଲମାନ୍ ସୁଜଉ ସମୟ୍ରରେ ଲେଖାପଢ଼ା ଜାଣୁଥିବା ସମ୍ଭ୍ରାନ୍ତ ହିନ୍ଦୁ ଓ ମୁସଲମାନଙ୍କୁ ନବାବ ଏହି ଉପାଧି ଦେଉଥିଲେ ଏବଂ ତାହା କାଳକ୍ରମେ ବଂଶଗତ ଉପାଧିରେ ପରିଣତ ହୋଇଯାଇଅଛ ।] ୧୧ । ମୋଗଲ ସୁଜଉକାଳରେ ଦାକ୍ଷିଣାତ୍ୟର ପୂର୍ବ ଉପକୂଳବର୍ତ୍ତୀ କେତେକ ଅଞ୍ଚଳର ନାମ 11. A name formerly given to the seaside tracts on the east coast of South India; the Sircars. [ଦ୍ର—ଏହା ଦୁଇ ଭାଗରେ ବଭକ୍ତ । ଯଥା—

୧ । ଉତ୍ତର ସରକାର (The Northern Sircars), ଅର୍ଥାତ୍ ଅଧୁନିକ ଗଞ୍ଜାମ, ବଶାଖାପଟ୍ଟଣା, ଗୋଦାବସ୍ତ ଓ କୃଷ୍ଣା ଜିଲ୍ଲାମାନ ।

୨ । ଦକ୍ଷିଣ ସରକାର (The Southern Sircars) ଅର୍ଥାତ୍ ଉତ୍ତର ସରକାରର ଦକ୍ଷିଣରୁ ଲାଗିଥିବା ଦାକ୍ଷଣାତ୍ୟର ଉପକୂଳାଂଶ ।]

ବୈଦେ. ଅ—ପ୍ରଭୁ ଓ ଦାତାମାନଙ୍କୁ ଅନୁଗତ ବ୍ୟକ୍ତିମାନଙ୍କର ସଂବୋଧନ; ହେ ମହାଶୟ ! ହେ ପ୍ରଭୋ ! ହେ ସ୍ୱାମିନ୍ !—A word used in addressing kings and higher personages e. g. 'Your Honour' ! My Lord ! Your Highness. [ଦ୍ର— ଏହି ଶବ୍ଦ ଇଂରାଜୀଭାଷାରେ ମଧ୍ୟ ବ୍ୟବହୃତ ହେଲଣି ।]

ସରକାର୍ ବାହାଦୁର—ବୈଦେ. ବ ('ସରକାର' ଶବ୍ଦ ସଙ୍ଗେ Sarakār bāhādur ସମ୍ମାନାର୍ଥକ 'ବାହାଦୁର' ଯୋଗର ସରକାରବାହାଦୁର ଯୋଗ)—ମାନନୀୟ ଗଭର୍ଣ୍ଣମେଣ୍ଟ—The Hon'ble Government.

ସରକାର୍ ଉମେଶଚନ୍ଦ୍ର—ଦେ. ବ (ନାମ)—ଓଡ଼ିଶାର ସର୍ବପ୍ରଥମ Sarakāra Umeśa Chandra ମୁଦ୍ରିତ ଉପନ୍ୟାସ-ଉମେଶଚନ୍ଦ୍ର ସରକାର ଉମେଶଚନ୍ଦ୍ର ସରକାର ଲେଖକ—The first novel writer of modern Orissa; the late Babu Umeschandra Sircar. [ଦ୍ର—ଏ ଓଡ଼ିଆ ଭାଷାରେ ପ୍ରଥମେ ଉପନ୍ୟାସ ଲେଖିଥିଲେ । ତାଙ୍କର ଲିଖିତ "ପଦ୍ମମାଳୀ" ଓଡ଼ିଆ ଭାଷାରେ ସର୍ବପ୍ରଥମ ଐତିହାସିକ ଉପନ୍ୟାସ ୧୮୮୮ ଖ୍ରୀଷ୍ଟାବ୍ଦରେ ଚେଙ୍କାନାଳଠାରୁ ପ୍ରକାଶିତ । ମାଳଗିରି ରାଜ୍ୟର ଉତ୍ତରାଧିକାରୀମାନଙ୍କଦ୍ୱାରା ସାମନ୍ତଗଡ଼ ଅକ୍ରମଣ ଓ ତତ୍କାଳୀନ ଭ୍ରମରବରଙ୍କ ଦ୍ୱାରା ମାଳଗିରି ଆକ୍ରମଣ ଏହି ଦୁଇଗୋଟି ଐତିହାସିକ ଘଟଣା ଅବଲମ୍ବନରେ ଲିଖିତ ଓ ପ୍ରସଙ୍ଗକ୍ରମେ ମାଳଗିରି ସୁଜ୍ୟର ଇତିବୃତ୍ତ ଓ ସାମନ୍ତଗଡ଼ ମାଳଗିରର ଅନ୍ତର୍ଭାରରୁ ଚ୍ୟୁତ ହୋଇ ଗଭର୍ଣ୍ଣମେଣ୍ଟଙ୍କ ଶାସନାଧୀନ ଚାଲି ଆସିବା ଇତିହାସ ଏଥିରେ ସନ୍ନିବେଶିତ । ଶିନ୍ଧିଭ ସମାଜରେ ଏହି ପୁସ୍ତକଖଣ୍ଡି ଯଥେଷ୍ଟ ସମାଦର ଲାଭ କରିଥିଲ୍ଲ ଏବଂ ଏହାର ଭାଷା ପ୍ରାଞ୍ଜଳ ଓ ଦୋଷବର୍ଜିତ ଥିବାରୁ କଲିକତା ବଶ୍ୱବଦ୍ୟାଳୟ ଦ୍ୱାରା ଓଡ଼ିଆ ପାଠ୍ୟପୁସ୍ତକରୂପେ ଏହା ନିର୍ବାଚିତ ହୋଇଥିଲ୍ଲ । "ପଦ୍ମମାଳୀ"ର ଦ୍ୱିତୀୟ ସଂସ୍କରଣ ୧୯୧୨ ଖ୍ରୀଷ୍ଟାବ୍ଦରେ ଚାଲତେର ଉତ୍କଳୀୟ ଏବଂ ତୃତୀୟ ସଂସ୍କରଣ ୧୯୩୦ ରେ କଟକ ଲକ୍ଷ୍ମୀନାରାୟଣ ପ୍ରେସରୁ ପ୍ରକାଶିତ ହୋଇଥିଲ୍ଲ । ଉତ୍କଳ ସାହିତ୍ୟର ଶୈଶବବର୍ଦ୍ଧନ ଓ ଉତ୍କଳୀୟ ଜନସମାଜର ପ୍ରକୃତ ଶିକ୍ଷାଦାନ ଉମେଶଚନ୍ଦ୍ରଙ୍କ ଲକ୍ଷ୍ୟ ଥିଲ୍ଲ ।

ଉମେଶଚନ୍ଦ୍ର ୧୮୫୨ ମସୀହାରେ ପୁରୀ ଧାମରେ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କର ପିତା ଈଶ୍ୱରଚନ୍ଦ୍ର ରଭର୍ଣ୍ଣମେଣ୍ଟଙ୍କ ଅଧୀନରେ କମଳ ଦାଣ୍ଡଗାରୂପେ କାର୍ଯ୍ୟ କରୁ-ଥିଲେ । ପିତାଙ୍କର ଦୁଇ ପୁତ୍ର ଓ ଏକ କନ୍ୟା ମଧ୍ୟରୁ ଉମେଶଚନ୍ଦ୍ର ସର୍ବକନିଷ୍ଠ । ଅଳ୍ପ ବୟସରେ ବସନ୍ତରୋଗରେ ଈଶ୍ୱରଚନ୍ଦ୍ରଙ୍କ ମୃତ୍ୟୁ ହେବାରୁ ଦୁରବର୍ତ୍ତବସ୍ଥାରେ ବାଳକ ଉମେଶଚନ୍ଦ୍ର ଜ୍ୟେଷ୍ଠ ଭାଇ, ବୌଦି ଓ ଜନନୀଙ୍କ ସହତ କଟକରୁ ଅସି କାଜବଳାରରେ ଅପ୍ପାସ୍ୱ କୁଟୁମ୍ବଙ୍କ ସାହାଯ୍ୟରେ ଇ. ଏ. ପର୍ଯ୍ୟନ୍ତ ଅଧ୍ୟୟନ କରି ପ୍ରଥମେ ଓଡ଼ିଶାର କମିଶନର୍ ସାହେବଙ୍କ ଅଫିସ୍‌ରେ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କର ଦୂରଦର୍ଶିତା, ଉଦ୍ଭାବନା ଓ କାର୍ଯ୍ୟଦକ୍ଷତା ହେତୁ ସେ କ୍ରମେ ଚେଙ୍କାନାଳରେ ଅସିଷ୍ଟାଣ୍ଟ୍ ମାନେଜର, ଚାଲତେରର ଓ ତତ୍କାଳୀନ ମାନେଜର ପଦମାନ ପ୍ରାପ୍ତ ହୋଇଥିଲେ । ସେହି ସମୟରେ ଉକ୍ତ ରାଜ୍ୟମାନ କୋର୍ଟ୍ ଅଫ୍ ୱାର୍ଡ୍‌ସ୍‌ଙ୍କ ଅଧୀନ ଥିଲ୍ଲ ଏବଂ ଗଭର୍ଣ୍ଣମେଣ୍ଟ ସ୍ୱୟଂ ଉକ୍ତ ରାଜ୍ୟମାନ ପରିଚାଳନ କରୁଥିଲେ । ଚେଙ୍କାନାଳରେ କାର୍ଯ୍ୟ କରୁଥିବା ସମୟରେ ୧୮୮୮ ଖ୍ରୀଷ୍ଟାବ୍ଦରେ ତାଙ୍କର ଲିଖିତ

Digitized by srujanika@gmail.com

"ସଦ୍ଦମାଳୀ" ପ୍ରଥମେ ପ୍ରକାଶିତ ହେଲା । କଲିକାତାରେ ଥିବା ସମୟରେ ଅସୁସ୍ଥତା ହେତୁ ଡାକ୍ତାଙ୍କୁ ସ୍ୱଚ୍ଛକାର୍ଯ୍ୟରୁ ଅବସର ଗ୍ରହଣ କରିବାକୁ ହୋଇଥିଲା (୧୮୫୯) । ସେଗର ଜୀବନର ଦ୍ୱିତୀୟ ଭାଗରେ ସେ କଟକ ରାଜକାରସ୍ଥ ସ୍ୱାମୀଙ୍କ ବାସଭବନରେ ଥାଇ ଓଡ଼ିଆ ସାହିତ୍ୟ ସେବାରେ ମନୋଯୋଗୀ ହୋଇଥିଲେ ଏବଂ ତହିଁର ଫଳସ୍ୱରୂପ "ସତ୍ୟୋଧର୍ମ ସ୍ତତୋଜସ୍ୱଃ" ନାମକ ଓଡ଼ିଆ ଐତିହାସିକ ନାଟକ ପ୍ରକାଶିତ ହୋଇଥିଲା । ସେ ଛଦ୍ମନାମ ଗ୍ରହଣ କରି ଓଡ଼ିଆ ଭାଷାରେ ଭଗମାଳିକା, ମହତ୍ପ୍ରସବ ନାମକ ଦୁଇଖଣ୍ଡ ପୁସ୍ତିକା ମଧ୍ୟ ପ୍ରକାଶ କରିଥିଲେ । ସୁନ୍ଦର ନାମକ ଓଡ଼ିଆ ମାସିକ ପତ୍ରିକାର ସେ ଜଣେ ପ୍ରଧାନ ଲେଖକ ଥିଲେ । ସେଥିରେ ସେ "ଭଦାଶୀ" ଏହି ଛଦ୍ମ ନାମ ଗ୍ରହଣ କରି "ଭେଦାନ୍ତର ବଦ୍ରୋଦ" ନାମକ ଏକ ଐତିହାସିକ ଉପନ୍ୟାସ ଧାରାବାହିକରୂପେ ପ୍ରକାଶ କରୁଥିଲେ । କିନ୍ତୁ ତାହା ସମ୍ପୂର୍ଣ୍ଣ ହୋଇ ପାରି ନ ଥିଲା ।

ଇଂରାଜୀରେ ସାହିତ୍ୟ ସମ୍ବନ୍ଧରେ ଯଥେଷ୍ଟ ପାରଦର୍ଶିତା ଥିଲେ ଏବଂ ସେ ଇଂରାଜୀରେ ମଧ୍ୟ କେତେଖଣ୍ଡି ପୁସ୍ତକ ପ୍ରଣୟନ କରିଥିଲେ । ସେଥିମଧ୍ୟରୁ ସହଜ ଇଂରାଜୀ ଶିକ୍ଷା ୧ମ ଭାଗ (Easy way to learn English, Part I) Temple of Truth, Speaking the truth ଓ ହିତୋପଦେଶର ଇଂରାଜୀ ପଦ୍ୟାନୁବାଦ (ଅର୍ଥାତ୍ ଅପ୍ରକାଶିତ) ଉଲ୍ଲେଖଯୋଗ୍ୟ । ଶେଷ ବୟସରେ ଅର୍ଥାଭାବ ହେତୁ ତାହାଙ୍କୁ ପୁଣି ତାଳତେର ସ୍ୱଜାଙ୍କର 'ଅଜଟର' ପଦ ଗ୍ରହଣ କରିବାକୁ ପଡ଼ିଥିଲା (୧୯୧୧) ଏବଂ ସେହିଠାରେ ସେ ଅସାଧାରଣ ସ୍ୱେଗରେ ୧୯୧୪ ଖ୍ରୀଷ୍ଟାବ୍ଦରେ ଇହଲୀଳା ସମ୍ବରଣ କଲେ ।

ତାହାଙ୍କର ଜଣେ ପୁତ୍ର ମଧ୍ୟରୁ ଜ୍ୟେଷ୍ଠ ପୁତ୍ର ଶ୍ରୀ ଅପୂର୍ବ କୁମ୍ଭ ସରକାର ବି. ଏ. ଶିକ୍ଷାବିଭାଗରେ ଗଭର୍ଣ୍ଣମେଣ୍ଟଙ୍କ ଅଧୀନତାରେ କାର୍ଯ୍ୟ କରନ୍ତି । ତାହାଙ୍କର ମଧ୍ୟ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ଅଛି ଏବଂ ସେ ଓଡ଼ିଆ ଭାଷାରେ 'ଇଂଲଣ୍ଡର ଇତିହାସ' ୧ମ ଭାଗ ଓ ୨ୟ ଭାଗ ନାମକ ଦୁଇଖଣ୍ଡି ପୁସ୍ତକ ପ୍ରଣୟନ କରିଅଛନ୍ତି—ସଜ୍ଜନ ଲେଖକ ଡାକ୍ତର କୈଳାସଚନ୍ଦ୍ର ସ୍ୱତ ।]

ସରକାର ମୁଦେଇ—କୈଦେ. ବ (କଚରଥା)—ସ୍ୱରୁତର ଫଜ୍ଜଦାସ୍ପ ସମ୍ବନ୍ଧୀୟ ଥିବା ଗଭର୍ଣ୍ଣମେଣ୍ଟ—The Crown as complainant in serious criminal cases.

Sarakāra mudei
ସରକାର ମୁଦ୍ଦେଇ
सरकार मुदेई

ସରକାରୀ—କୈଦେ. ବଣ (ଫା.)—୧ । ସରକାର ବା ଗଭର୍ଣ୍ଣମେଣ୍ଟ ସମ୍ବନ୍ଧୀୟ—1. Relating to Government; official. ୨ । ସ୍ୱତ୍ତାସ୍ପ—2. Relating to (ସରକାରଅ—ଦେ. ରୂପ) the king; royal. ୩ । ଯହିଁର (ସେସରକାସ୍ପ—ବହୁତ) ସାଜକ ସ୍ୱତ୍ତା ବା ଗଭର୍ଣ୍ଣମେଣ୍ଟ ସ୍ୱୟଂ ଅଟନ୍ତି—3. Belonging to the King or the Government. ୪ । ସର୍ବସାଧାରଣଙ୍କ ବ୍ୟବହାର ଯୋଗ୍ୟ ବା ଯହିଁରେ ସର୍ବସାଧାରଣଙ୍କର ଅଧିକାର ଅଛି—4. Open to the public; used by the public. ୫ । ଯେଉଁ ସମ୍ପତ୍ତି କ୍ୟକ୍ତିବିଶେଷଙ୍କର ନୁହେଁ—5. Not private; public (property).

ସରକାରୀ ଓକିଲ—କୈଦେ. ବ (ଫା. ସରକାରୀ + ଓକିଲ୍)—ଗଭର୍ଣ୍ଣମେଣ୍ଟ ପ୍ଲିଡର୍; ଯେଉଁ ଓକିଲ ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରୁ ମକଦ୍ଦମା ଚଲାନ୍ତି—Government pleader.

Sarakārī okila
ସରକାରୀ ଉକିଲ
सरकारी वकील

ସରକାରୀ କର୍ମଚାରୀ—ଦେ. ବ—ସରକାରୀ ଚାକର (ଦେଖ)
Sarakārī karmachārī Sarakārī chākara (See)
ସରକାରୀ କର୍ମଚାରୀ **सरकारी कर्मचारी**

ସରକାରୀ କାଗଜ—କୈଦେ. ବ (ଫା)—୧ । ସ୍ୱତ୍ତାସ୍ପ ନଥି ଆଦି—1. Government record; public records. ୨ । ସ୍ୱତ୍ତାସ୍ପ କାର୍ଯ୍ୟରେ ବ୍ୟବହୃତ କାଗଜ—2. Papers intended for use in Government service.

Sarakārī kāgaja
ସରକାରୀ କାଗଜ
सरकारी कागज
(ସରକାରୀ କାଗଜ ପତ୍ର—ଅନ୍ୟରୂପ)
(ସରକାରୀ କାଗଜାତ୍—ବହୁବଚନ)

ସରକାରୀ କାମ(ର୍ଯ୍ୟ)—ଦେ. ବ—୧ । ସ୍ୱତ୍ତାସ୍ପ କର୍ମ—1. Government service. ୨ । ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ସ୍ୱକର—2. Service under the Government.

Sarakārī kāma(rjya)
ସରକାରୀ କାଜ
सरकारी काम

ସରକାରୀ ଚାକର—କୈଦେ. ବ—ଗଭର୍ଣ୍ଣମେଣ୍ଟଙ୍କ ଅଧୀନତାରେ କାର୍ଯ୍ୟ କରୁଥିବା ଭୃତ୍ୟ—Government servant; a public servant. [ଦ୍ର—ସରକାରୀ ଚାକରଅ, ସରକାରୀ ନଉକର, ସରକାରୀ ନୌକର } ଅନ୍ୟରୂପ ଉଚ୍ଚ ଶ୍ରେଣୀର ସ୍ୱତ୍ତାସ୍ପ ଭୃତ୍ୟଙ୍କୁ ସରକାରୀ କର୍ମଗୁସ୍ପ ଓ ନିମ୍ନ ଶ୍ରେଣୀର ଭୃତ୍ୟଙ୍କୁ ସରକାରୀ ସ୍ୱକର କୋଲ୍ଲଯାଏ ।]

Sarakārī chākara
ସରକାରୀ ଚାକର
सरकारी नौकर

ସରକାରୀ ଚାକିରୀ—କୈଦେ. ବ—ଗଭର୍ଣ୍ଣମେଣ୍ଟଙ୍କ ଅଧୀନ ସ୍ୱକର
Sarakārī chākara(ki)rī —Government service.
ସରକାରୀ ଚାକରୀ **सरकारी नौकरी**
(ସରକାରୀ ନୌକିସ୍ପ[ନଉକସ୍ପ]—ଅନ୍ୟରୂପ)

ସରକାରୀ ଚିଠି(ଟି)—ଦେ. ବ—୧ । ସ୍ୱତ୍ତାସ୍ପ ପତ୍ର—1. A Government letter. ୨ । ସ୍ୱତ୍ତାସ୍ପ ସରକାରୀ ପତ୍ର କର୍ମ ସମ୍ବନ୍ଧୀୟ ପତ୍ର—2. An official letter.

Sarakārī chiṭi(ṭhi)
ସରକାରୀ ଚିଠି
सरकारी चिट्ठी

ସରକାରୀ ସିରସ୍ତା—କୈଦେ. ବ (ଫା)—ସ୍ୱତ୍ତାସ୍ପ ଅଫିସ୍—Government office.

Sarakārī sirastā
ସରକାରୀ ସେରସ୍ତା
सरकारी सिरस्ता

Digitized by srujanika@gmail.com

ସରକାସ୍—ବୈଦେ. ବ (ସଂ. ସର୍କସ୍)—ସର୍କସ୍ (ଦେଖ)
Sarakās Sarkas (See)

ସରକିଟ୍ (ଇତ୍ୟାଦି)—ବୈଦେ. ବ—ସର୍କିଟ୍ ଇତ୍ୟାଦି (ଦେଖ)
Sarakiṭ (etc) Sarkiṭ etc (See)

ସର(ରି)କିଦାର-ବୈଦେ, ବ (ଫା)-ସରକ୍‌ଦାର୍; ଅଂଶୀଦାର; କୌଣସି ସଂସ୍ଥାର ଅଂଶର ମାଲିକ—A cosharer.
Sara(ri)kidāra **ସରୀକଦାର** **ସରୀକ**

ସରକିବା—ଦେ. କି ଫା. ସରକ୍‌ନା—ଘୁଞ୍ଚିବା—To move off.
Sarakibā **ସରା** **ସରକନା**
(ସରିବା—ଅନ୍ୟରୂପ) (ସରକା[କେ]ଇବା—ଣିଜନ୍ତରୂପ)

ସରକୁଲ—ଗ୍ରା. ବୈଦେ. ବ—ସର୍କଲ୍ (ଦେଖ)
Sarakula Sarkal (See)

ସରକୁ(କ୍ୟୁ)ଲ(ଲା)ର—ବୈଦେ. ବ—ସର୍କୁଲର୍ (ଦେଖ)
Saraku(kyu)la(lā)r Sarkular (See)

ସରଖତ୍—ବୈଦେ. ବ (ଫଂ)—ଘର ଭଡ଼ା ଦଅଯିବାର ସର୍ତ୍ତମାନ ଲେଖାଥିବା ଦସ୍ତାବିଜ—A deed in which the conditions of the lease of a house are recorded.
Sarakhat **ସରଭାଡ଼ା ପାଟା କବୁଲିୟତ** **ସରଖତ**

ସରଗ—ଗ୍ରା. ବ (ସ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven. ୨ । ଆକାଶ—2. The sky.
Saraga **ସ୍ୱରଗ** **ସରଗ**

ସରଗ ଚାନ୍ଦ—ବୈ. ବ (ସ. ସ୍ୱର୍ଗ+ଚନ୍ଦ୍ର)—୧ । ସ୍ୱର୍ଗର ଚନ୍ଦ୍ରମା—1. The moon in the sky. ୨ । (ଲକ୍ଷଣାର୍ଥ) ଚନ୍ଦ୍ରମା ତୁଲ୍ୟ ସୁନ୍ଦର ବସ୍ତୁ ବା ବ୍ୟକ୍ତି—2. [figurative] A person or thing as beautiful as the moon. ୩ । (ଲକ୍ଷଣାର୍ଥ) ଚନ୍ଦ୍ରମା ତୁଲ୍ୟ ମନୁଷ୍ୟର ଅପ୍ରାପ୍ୟ ବସ୍ତୁ—3. [figurative] A thing as unattainable as the moon.
Saraga chānda **ସ୍ୱର୍ଗର ଚାନ୍ଦ** **ସରଗ ଚାଁଦ** (ସରଗରୁ ଚାନ୍ଦ ଆଣିବା—ଅନ୍ୟରୂପ)

ସରଗ ତ(ତା)ର୍—ବୈ. ବ (ସ. ସ୍ୱର୍ଗ+ତାର୍)—୧ । ସ୍ୱର୍ଗର ତାର୍—1. A star in the sky. ୨ । (ଲକ୍ଷଣାର୍ଥ) ତାର୍ ପରି ଜ୍ୱଜ୍ୱଳ ପଦାର୍ଥ—2. (figurative) A shining thing. ୩ । (ଲକ୍ଷଣାର୍ଥ) ତାରକା ପରି ଅପ୍ରାପ୍ୟ ବସ୍ତୁ—3. (figurative) Any unattainable thing.
Saraga ta(tā)rā **ସ୍ୱର୍ଗର ତାରା** **ସରଗ ତାରା** **ସରଗ ତାରା**

ସରଗ ପଥର—ବୈ. ବ—ବୃଷ୍ଟିପଥର—Hail-stone.
Saraga pathara **ଶିଳ** **ଓଳା**

ସରଗ ଫଳ—ବୈ. ବ—ବୃଷ୍ଟିପଥର—Hail-stone. ଗ୍ରାବୈ. (ଗଡ଼ଜାତ)ବ—ମାଇପଙ୍କର ପରସ୍ପର ମଧ୍ୟରେ ସ୍ଥାପନ ହେଉଥିବା ବନ୍ଧୁତା—A kind of god-relationship amongst women.
Saraga phala **ଶିଳ** **ଓଳା** **ସ୍ଥାପନ ହେବା ବନ୍ଧୁତା**

ସରଗମ୍—ବୈ. ବ (ଫ. ସା. ରେ. ଗା. ମା. ଦମା ସ୍ୱରଗ୍ରାମ)—୧ । (ସଙ୍ଗୀତ) ସ୍ୱରଗ୍ରାମ; ସପ୍ତସ୍ୱରର କ୍ରମଗତ ସାରିଗାମା—1. (music) Musical gamut. ୨ । ସଙ୍ଗୀତର ମୌଳିକ ସ୍ୱରମାନ—2. The elementary tunes of music. (ଯଥା—ତାକୁ ତ ସରଗମ୍ ଜଣା ନାହିଁ; ସେ ଧୂଣି ଓସ୍ତାଦ୍ ହେବାକୁ ଦୁରୁଣା କରୁଛି ।)
Saragam **ସରଗମ** **ସରଗମ**

ସରଗରମ୍—ବୈଦେ. ବଣ (ଫା. ସର୍‌ଗରମ୍)—୧ । ଅତ୍ୟନ୍ତ ଗରମ ବା ଉଷ୍ଣ—1. Very hot or warm. ୨ । ଉତ୍ତେଜିତ—2. Excited. ୩ । (ସରଗରମୀ—ବି) ଆଗ୍ରହାନ୍ୱିତ; ଅତି ବ୍ୟସ୍ତ—3. Very eager. ୪ । ତେଜୀୟାନ୍ ଓ; ଚୁଟ୍‌କିଶିଷ୍ଟ; ତେଜସ୍ୱର—4. Energetic; vigorous. ୫ । ଜାକଜମଠଥ; ଆଡ଼ମ୍ବରମୟ—5. Showy. ୬ । କୋଳାହଳପୂର୍ଣ୍ଣ—6. Full of ado. ୭ । ଲୋକପୂର୍ଣ୍ଣ; ଜନତାପୂର୍ଣ୍ଣ—7. Crowded. ୮ । ପ୍ରେମବିହ୍ୱଳ—8. Mad with love. ୯ । ତତ୍ପରତାପୂର୍ଣ୍ଣ; ତତ୍ପରତାଯୁକ୍ତ—9. Full of promptness or energy. ୧୦ । କୌଣସି ଦ୍ରବ୍ୟର ବେଶି ଚାହିଦା ହେବାରୁ ତହିଁର ମୂଲ୍ୟ ବା ଘରୋଇ ବଢ଼ି ଯାଇଥିବା (ଅବସ୍ଥା)—10. The state of the market in which the price of a particular commodity has been rising very high. (ଯଥା—ଏ ମାସରେ ଅନେକ ବଦାହ ଉତ୍ସବ ଥିବାରୁ ଲଙ୍କାର ବଜାର ସରଗରମ ହୋଇ ଯାଇଛି ।)
Saragarama **ସରଗରମ** **ସରଗରମ**

ସରଗରୁ ତୋଳିବା—ଦେ. କି (ଲକ୍ଷଣାର୍ଥ)—ନ ଥିବା ବସ୍ତୁକୁ ବା ଅସମ୍ଭବ ଦ୍ରବ୍ୟକୁ କଳ୍ପନାପ୍ରସୂତ ଆକାଶ ଫୁଁଡ଼େ ତୋଳା ଆଣିବା—(figurative) To produce a non-existing or physically impossible thing by stretch of imagination. [ଉ—ଚଢ଼ରେ ବର ଗଢ଼ିବ, ନାଁ ସରଗରୁ ତୋଳ ଆଣିବ ?—ଭୁତୁଳାଭୁମାଗ୍ଭ. ନଅଭୁଣୀ ।]
Saragaru tolibā **ସରଗରୁ ତୋଳ ଆଣିବା—ଅନ୍ୟରୂପ)** **ସରଗସେ ତୋଡ଼ନା** **ସରଗସେ ତୋଡ଼ନା**

ସରଗରୁ ପଡ଼ିବା—ବୈଦେ. ବିଣ—୧ । ଯାହା ଆଶା କରିଯାଇ ନ ଥାଏ—1. Unexpected. ୨ । ଅଚମ୍ଭିତ—2. Wonderful. ସ୍ୱରଗ ଥେକେ ପଡ଼ା ବୈଦେ. କି—୧ । ଉପରୁ ଖସି ପଡ଼ିବା—1. To fall down from high, [ଉ—ସ୍ୱରଗରୁ ପଡ଼ିଲେ ପଞ୍ଚୁପାଣ୍ଡବେ, ମାର ବନବାସ ଗଲେ —ଉଗ ।] ୨ । (ଲକ୍ଷଣାର୍ଥ) ଅପ୍ରତ୍ୟାଶିତଭାବରେ ଉପସ୍ଥିତ ହେବା ବା ଘଟିବା—2. [figurative] To happen unexpectedly.
Saragaru pardibā **ସରଗସେ ଗିରା ହୁଆ** **ସରଗସେ ଗୀରନା**

ସରଗୀ—ଗ୍ରାବୈ. ବ—୧ । (ସିଂହଭୂମି) ଶାଳଥ ଜାତି—1. Śāla Saragi timber. ୨ । (କଲାହାଣ୍ଡି) ଶାଳଥ ଗଛ—2. Śāla tree. [ଦ୍ର—ସରଗୀ ଘାସ=ଶାଳଥ ଗଛ ବଢ଼ୁଳ ଥାଆନ୍ତି ବିସ୍ତୃତ ଗ୍ରାମବିଶେଷର ନାମ ।]
Saragi **ସରଗୀ**

ସରଗୁଣା—ବୈ. ବ—ସାରଗୁଣା; ଏକପ୍ରକାର ସାଜଣା; ବାଦ୍ୟଯନ୍ତ୍ରବିଶେଷ
Saraguṇā A kind of musical instrument; a kind of harp **ବୀଣାବିଶେଷ**

ସରଗୁଜା—ବୈ. ବ—୧ । ଛୋଟନାଗପୁର ଜୁଗର ଜଣେ ଜମିଦାରୀ
Saragujā **ଦେଶୀୟ ରାଜ୍ୟବିଶେଷ**—1. Name of a Ruling

Digitized by srujanika@gmail.com

ସରଗୁଜା ସରଗୁଜା State near the Chotanagpur Division; Sarguja, **ସରଗୋଜା, ସରଗୁଜା** ୨ । ସ୍ୱତନ୍ତ୍ରତା; **ରାମତିଲ** ସୋମବ୍ରଜ୍ୟାଦ ବର୍ଗର କୃଷିଜାତ ବର୍ଷାଯୁଃ ଶାଳ-ବଗେଶ୍ୱର ତୈଳବୀଜ—2. Niger seed; Guizotia Abyssinica. [ଦ୍ର—ଏହାର ଅବବାସ ଅଣ୍ଡିକା; କନ୍ତୁ କଣ୍ଡିମାନ ଉତ୍ତରର ସବଂଶ ଏହାର ଗୃଷ ଦେଇଅଛୁ । ଏଥିରେ ଶୀତ ଦନେ ଦୁଇଦଥ ଫୁଲ ଫୁଟେ । ଏହାର ମଞ୍ଜି ତେଘୁଣ । ଏଥିର ତେଲ ଗୁଜବାରେ, ଦେହରେ ଜଗାଇବାରେ, ଜଳାଇବାରେ ଓ ରଙ୍ଗରେ ମିଶାଇବାରେ ଲଗେ । ଏହା ସୋଳଷ ତେଲ ଅପେକ୍ଷା ପତଳା ।]

ସରଗୁଞ୍ଜା—ଗ୍ରାଦେ. (ସିଂହଭୂମ)ବ—ଲମ୍ବାକୁଉବଶିଷ୍ଟ ଗ୍ରନ୍ଥି (ଉଲ)—Saragunjā A species of long sesame.

ସର ଘର—ଦେ. ବ (ଫ. ସାର+ଗୃହ)—ଉଣ୍ଡାର ଘର; ଅଦ୍ୟାର୍ଦ୍ଧ Sara ghara ସାମଗ୍ରୀ ସଚ୍ଚଉ ଦେବାର ଗୃହ—Store-room **ଭାଁଡାର ଘର ମଣ୍ଡାର ଘର** for victuals,

ସର ଘର(ରୁ)ଆ—ଦେ. ବ. ପୁଂ—ସର ଘରର ସ୍ୱତନ୍ତ୍ରାପ୍ତ ଲୁବ୍ଧ; Sara ghari(ru)ā ଉଣ୍ଡାର ରକ୍ଷକ—A store keeper; **ଭାଁଡାରୀ ମଣ୍ଡାରୀ** the servant in charge of the (ସରଘରଅଣୀ—ସ୍ତ୍ରୀ) store room.

ସରଘା—ଫ. ବ (ସୃ ଧାତୁ+ଅ=ସର=ଗମନକାଶ୍ୱ+ଘନ୍ ଧାତୁ= Saraghā ଅଘାତ କରିବା+କଞ୍ଚି. ଅ)—ମଧୁମକ୍ଷିକା; ମଧୁମାଛୁ —Bee.

ସରଘା ପଟଳ—ଫଂ. ବ (୬ଷ୍ଠୀ ତତ୍) —ମଧୁମାଛୁଙ୍କ ଦଳ— Saraghā paṭala A multitude of bees.

ସରଙ୍ଗ—ଫ. ବ (ସୃ ଧାତୁ+କଞ୍ଚି. ଅଙ୍ଗ)—୧ । ଚତୁଷ୍ପଦ ଜନ୍ତୁ— Saraṅga 1. A quadruped (Apte). ୨ । ପକ୍ଷୀ— 2. A bird (Apte).

ସର୍ଚ୍ଚ(ଚେ)କି—ଦେ. ବ (ଫ. ସର+ଚକି) —ଛରେଇରେ ଅଉଠା Sara cha(che)ki ଦେବା ଦୁଧ ଜଘରେ ପଡ଼ୁଥିବା ଚକାଚାଇ (ସରଚକ୍ଲ—ଅନ୍ୟରୂପ) ସରକୁ ଉଠାଇ ଆଣି ପରସ୍ପର ପରସ୍ତ କରି ସର ଚାକତି ସଜାଇ ଚକ୍ଲଳ ପର ଯେଉଁ ପିଠା ଉପର **ମଲାଇ ରାବଡୀ** କରାଯାଏ—Round thin flakes of cream formed ov r boiling milk and taken out and placed one over the other to make one thick layer.

ସରଜ୍—ବୈଦେ. ବ (ଇଂ. ସର୍ଜ୍) —ଏକପ୍ରକାର ପଶମୀ ଲୁଗା— Saraj Serje; a kind of woolen cloth. **ସାର୍ଜ ସର୍ଜ**

ସରଜ—ଫ.ବି (ସର=ଦଧିର+ଜନ୍ ଧାତୁ+କଞ୍ଚି. ଅ)— Saraja ୧ । ଦୈଯୁଙ୍ଗବାନ; କାଲିର ଦୁଧରୁ ପ୍ରସ୍ତୁତ ଘିଅ— 1. Ghee prepared from yesterday's milk. ୨ । ନବନୀତ; ଲହୁଣୀ—2. Butter. ଫ. ବଣ— ମଇଳ (ସ୍ୱଗବତ)—Dirty. ଗ୍ରା. ବ (ସ.ସରୋଜ)— ପଦ୍ମ—Lotus. ବୈଦେ. ବ—ସରଜ୍ (ଦେଖ) Saraj (See)

ସରଜଃ—ସ. ବ ଓ ବଣ. ସ୍ତ୍ରୀ (ବହୁବ୍ରୀହି; ସ+ରଜସ୍) —ସରଜସ୍କା Sarajaḥ (ଦେଖ)—Sarajaskā (See) ଫ. ବ— ପଙ୍କଜ, ପଦ୍ମ (ଉଣ୍ଣଦୋପ)—Lotus.

ସରଜକ—ଗ୍ରା. ବ (ପଦ୍ୟ)—ସର୍ଜକ (ଦେଖ) Sarajaka Sarjaka (See) **ସର୍ଜକ** [ଉ—ସରଜକ ଉତ୍ପନ୍ନ ତ ରସର । ଅମରକୁ. ବଦସ୍ତ ଚନ୍ଦ୍ରାମଣି ।]

ସରଜ(ଜେ)ଣ୍ଟ—ବୈଦେ. ବ (ଇଂ. ସର୍ଜ୍ଣ୍ଟ୍)—ସର୍ଜଣ୍ଟ୍ (ଦେଖ) Saraja(je)ṇṭ Sarjaṇṭ (See)

ସରଜତ—ସଂ. ବଣ (ସପ୍ତାର୍ଥ ବହୁବ୍ରୀହି; ସ+ରଜତ)—ରଜତ ବିଶିଷ୍ଟ; Sarajata ରୌପ୍ୟଯୁକ୍ତ—Having silver.

ସରଜନ୍—ବୈଦେ. ବ (ସ. ସର୍ଜନ୍)—ସର୍ଜନ୍ (ଦେଖ) Sarajan Sarjan (See)

ସରଜନ(ନା)—ଗ୍ରା. ବ (ପଦ୍ୟ) (ସ. ସର୍ଜନ)—୧ । ସର୍ଜନ (ଦେଖ) Sarajana(nā) 1. Sarjana (See) [ଉ—ଦେବତା-ମାନଙ୍କର ଦବ୍ୟ ପୁରମାନ, ବଢ଼ାଇ ଦୋଇ ଚଟେ ସେହ ସରଜନ । କୃଷ୍ଣଦ୍ୱିଜ. ମହାଶ୍ୱରତ. ଆଦ ।]

ସରଜମିନ୍(ନ୍)—ବୈଦେ. ବ (ତତ୍ସମ) (ଫା. ସର୍=ପ୍ରଧାନ+ Sarajamin(ni) ଜମିନ୍=ସ୍ଥାନ; ସରେଜମିନ୍=ସମସ୍ତ ଭୂମି) ସରଜମିନ —୧ । ଭୂପୃଷ୍ଠ—1. The surface of the **ସରଜମୀନ** earth. ୨ । ସ୍ଥାନ—2. Place. ୩। ମକଦମା ଘଟିଥାନ୍ତ ସ୍ଥାନ—3. The spot or locality connected with a case. [ଦ୍ର—ଅଧୀନ ×××ସର ଜମିନରେ ସଦ୍ଭୁତ ଦସ୍ତୁର ମୁତାବକ ଆସାମୀ ଘର×× ଜାନଉଜ୍ଜୁସ କର କଦ୍ଭତ ହୁସିଆରରେ ଆସାମୀକୁ ଗ୍ରେପ୍ତାର କଲ—ଫଜାରମୋଦ୍ଦନ. ଛମାଣ ଅଠପୁଣ୍ଠ ।] ୪ । ଉତ୍ପତ୍ତିସ୍ଥଳ 4. Place of occurrence.

ସରଜମିନ୍ ତଦନ୍ତ(ତଦାରଖି[ଖା])—ବୈଦେ.ବ (ତତ୍ସମ)—ମକଦମା Sarjamin tadanta(tadārakhi[khā]) ଘଟିଥାନ୍ତ ସ୍ଥାନରେ ସରଜମିନ ତଦନ୍ତ ଉପସ୍ଥିତ ହୋଇ ସେଠାରେ କରିବା ଅନୁସନ୍ଧାନ— **ସରଜମୀନ ତହକିକାତ** A local investigation; local enquiry; local inspection.

ସରଜରି—ବୈଦେ.ବ (ଇଂ. ସର୍ଜରି)—ଡାକ୍ତର ଅସ୍ତ୍ର-ଚିକିତ୍ସା ବିଦ୍ୟା— Sarajari ସାର୍ଜରୀ **ସର୍ଜରୀ** Surgery.

ସରଜସା—ସ. ବ ଓ ବଣ. ସ୍ତ୍ରୀ (ସ+ରଜସ୍+ଅ)—ସରଜସ୍କା Sarajasā (ଦେଖ)—Sarajaskā (See)

ସରଜସ୍କ—ସ. ବଣ. ପୁଂ (ବହୁବ୍ରୀହି; ସ=ସଞ୍ଜାତ+ରଜସ୍+କ)— Sarajaska ରଜୋବିଶିଷ୍ଟ; ଧୂଳିଯୁକ୍ତ—Dusty. (ସରଜାଃ—ଅନ୍ୟରୂପ) (ସରଜସା, ସରଜାଃ—ସ୍ତ୍ରୀ)

ସରଜସ୍କା—ସ. ବଣ ସ୍ତ୍ରୀ (ସରଜସ୍କ+ଅ)—୧ । ରଜସ୍ୱଳା; ରଜୋ- Sarajaskā ବିଶିଷ୍ଟା—1. Menstruated. ୨ । ଋତୁ; (ସରଜାଃ—ଅନ୍ୟରୂପ) ଋତୁମତୀ—2. In her menses.

ସ. ବ. ସ୍ତ୍ରୀ—୧ । ଋତୁମତୀ ସ୍ତ୍ରୀ—1. A menst-

Digitized by srujanika@gmail.com

ruated woman; a woman during her menses. ୨ । ପ୍ରାପ୍ତଯୌବନା ସ୍ତ୍ରୀ—2. A woman who has attained puberty.

ସରଜା—ଗ୍ରା· ବି (ସଦ୍ୟ) (ସଂ. ସୃଜ୍ ଧାତୁ)—ସର୍ଜନ (ଦେଶ)—
Sarajā
ସରଜନ **सरजन**
Sarjana (See)

ସରଜାଇବା—ଗ୍ରା· କି (ସଦ୍ୟ)—'ସରଜିବା' କ୍ରିୟାର ଣିଜନ୍ତରୂପ—
Sarajāibā
ସରଜାନ **सरजवाना**
Causative form of 'Sarajibā'.

ସରଜା(ଞ୍ଜା, ଦା)ମ—ବୈଦେ. ବି (ଘା. ସର୍+ଅଞ୍ଜାମ୍; ଯାହାଦ୍ୱାରା
Sarajā(ñjā,dā)ma
ସରଂଜାମ **सरंजाम, सरअंजाम**
ସମସ୍ତ କର୍ମର ଅଞ୍ଜାମ ବା ସମାଧାନ କୃ)—୧ । ଅବଶ୍ୟକ ଉପକରଣ; ସାମଗ୍ରୀ—1. Requisite articles; materials; appurtenances. (ଉ—ଠାକୁରଙ୍କୀଙ୍କ ଠାରେ ପୂଜା ସରଞ୍ଜାମ କାହିଁ ଅସିଲ ?—ଫକୀରମୋହନ. ଉତ୍ସାଣଅଠଗଣ୍ଠ ।) ୨ । ଅସବାବ୍; ଗୃହର ଉପକରଣ—2. Furnitures. ୩ । ସାଜସଜ୍ଜା—3. Equipments. ୪ । ବସ୍ତୁଚୟ—4. Articles; things.

ସରଜିବା—ଗ୍ରା. କି (ସଦ୍ୟ)—(ସଂ.ସୃଜ୍ ଧାତୁ)—୧। ସର୍ଜନ କରିବା—
Sarajibā
ସରଜିବା **सरजना**
1. To create. [ଉ—କୃଷ୍ଣା ଜରେ ମୁଁ ଧାଡାକୁ କାହିଁକି ସରଜ ଲାଜୁ ରଖିଲ ଜଉଜରେ—କବିସୂର୍ଯ୍ୟ. କଥୋପ୍ତଚମ୍ପୂ ଓ ଗୀତ] ୨ । ଜାତ କରିବା; ଜନ୍ମାଇବା—2. To cause; to produce. (ଉ—ବ୍ରହ୍ମଅଣ୍ଡ ଜର ଦୈତ୍ୟକୁ ଘୋଡ଼େଲେ, ସବୁ ପ୍ରାଣୀଙ୍କର ଅନନ୍ଦ ସରଜଲେ—କୃଷ୍ଣଜିତ୍ର. ସମ୍ବାପ୍ତରତ. ବନ ।) ୩ । କ୍ଷେପଣ କରିବା—3. To throw. (ଉ—ଅନ୍ୟୋନ୍ୟରେ ଦୁଇଁ ସରଜ ଶରମାଳା, ଯୁଝିଲେ ଜଣାଜଣି ହେବାପାଇଁ ଗଲା କୃଷ୍ଣଜିତ୍ର. ସମ୍ବାପ୍ତରତ. କର୍ଣ୍ଣ ।)

ସରଜୁ—ଦେ. ବି. ସ୍ତ୍ରୀ (ନାମ)—'ସରୋଜନୀ'ର ଡାକ ନାମ—
Saraju
The name for calling Sarojini.

ସରଜୋର—ବୈଦେ. ବିଣ (ଘା. ସର୍+ଜୋର୍)—୧ । ଜବରଦସ୍ତ—
Sarajor
ସରଜୋର **सरजोर**
1. Using force; making use of force; forcible. ୨ । ଦୁର୍ଜୟ; (ସରଜୋର୍—ବି) ଦୁର୍ଦ୍ଧର୍ଷ—2. Invincible; redoubtable. ୩ । ଅତି ଦୁଷ୍ଟ—3. Very wicked.

ସରଞ୍ଜାମ ପତ୍ର—ଦେ· ବି (ଜରୁର୍ତ୍ତିକ ୨ୟ ସଦ୍ଦରୁ)—୧ । ନାନାପ୍ରକାର
Saranjāma patra
ସରଂଜାମପତ୍ର **सरंजाम, बमेसरअजाम**
ସରଞ୍ଜାମ—1. Various articles. ୨ । ନାନାପ୍ରକାରର ଉପକରଣମାନ—2. Various necessary materials.

ସରଞ୍ଜାମୀ—ଦେ. ବି—ସରଞ୍ଜାମ ସମ୍ବନ୍ଧୀୟ—
Sarañjāmi
ସରଂଜାମୀ **सरंजामी**
Relating to materials.

ସରଞ୍ଜାମୀ ଖରଚ—ଦେ· ବି (ଜରିଅ)—ଜମିଦାରଙ୍କ କର୍ମଚାରୀମାନଙ୍କୁ
Sarañjāmi kharacha
ପ୍ରଜାମାନେ ଦେବା ଖରଚ—
ସରଞ୍ଜାମି ଖରଚ **सरंजामी खरच**
An abwab paid to a zamindar's tahsildar.

ସରଟ୍—ସ. ବି (ସୃ ଧାତୁ+କଟ୍ଟି. ଅଟ୍)—୧ । ବାୟୁ—1. Air;
Sarat
wind ୨ । ମେଘଖଣ୍ଡ—2. A cloud (Apte) ୩ । ଟିଟିପିଟି—3. A lizard (Apte). ୪ । ମହୁମାଛି—4. A bee (Apte) ୫ । ଏଣ୍ଡୁଅ—5. Chameleon.

ସରଟ(ଠୁ)—ସ· ବି (ସୃ ଧାତୁ=ଗମନଜରିବା+କଟ୍ଟି.ଅଟ, ଅଠ)—୧ ।
Saraṭa(ṭu)
ଚୁଜଲସ; ଏଣ୍ଡୁଅ—Chameleon; Lacertilia. (ଉ—ଶତ ଦୋଇଲ ମଯୂର ସରଟ ଦେଲ ଲୁବେର—ଉତ୍କଳମାଧୁର୍ଯ୍ୟ ।) [ଉ—ଏମାନଙ୍କ ଦେହ ଖଇର୍ ଓ ଚହିଁରେ ଜଳା ଛୋର୍ ଥାଏ; ଦେହ ପାଞ୍ଚି ଇଞ୍ଚ ଅଙ୍ଗୁଳ ଲମ୍ବ, ଏବ ଲଙ୍ଗୁଳ ଦେହର ଦୁଇଗୁଣ; ଏମାନେ ଗଛରେ ଚଲଫୁରଳ ଦୃଅନ୍ତି ।] ୨ । ଟିଟିପିଟି—2. House lizard. ୩ । ବାୟୁ (ବିଶ୍ୱକୋଷ)—3. Air.

ସରଟି—ସ.ବି (ସୃ ଧାତୁ=ଗମନଜରିବା+କଟ୍ଟି.ଅଟି)—୧ । ବାୟୁ—
Saraṭi
1. Wind; air. ୨ । ମେଘ—2. Cloud.

ସରଡ଼ିଆ—ପ୍ରାଦେ· (ବମ୍ବାଙ୍ଗୀର ପାଟଣା) ବିଣ—ପିଚ୍ଛଳ; ଖସଡ଼ା—
Sarardiā
Slippery.

ସରଡ଼ି ଯିବା—ପ୍ରାଦେ. (ବମ୍ବାଙ୍ଗୀର ପାଟଣା) କି—ଖସିଯିବା—
Sarardi jibā
To slip.

ସରଣ—ସ.ବି (ସୃ ଧାତୁ=ଗତି କରିବା+ଭାବ. ଅନ)—୧ । ଘୁଞ୍ଚିବା;
Saraṇa
ଗମନ; ଗତି—1. Moving; going; motion. ୨ । ଧୀରଗତି (ଉ· ଶ)—2. Slow motion. ୩ । ଲୌହମଳ—3. Rust of iron; scoria. ୪ । ମାଧ୍ୱୀ ସୁରା (ବୈଦ୍ୟକ ଜର୍ଦ୍ଧ)—4. Wine made from honey. ସଂ. ବିଣ (+କଟ୍ଟି· ଅ) ଗମନଶୀଳ; ଗତିଶୀଳ—Moving. ଦେ. ବି (ନାମ)—ଓଡ଼ିଶାରେ ବ୍ରାହ୍ମଣମାନଙ୍କର ବଂଶୋପାଧିବିଶେଷ—A family title of Brāhmaṇas in Orissa.

ସରଣା—ସଂ. ବି (ସରଣ+ଆ)—(ବୈଦ୍ୟକ)—୧ । ପ୍ରସାରଣୀ
Saraṇā
ଲତା; ପସାରୁଣୀ ଲତା—1. Foetida; Paederia Foetide (creeper) ୨ । ଜୀବନ୍ତୁ; ଛତୁଡ଼ (ବିଶ୍ୱକୋଷ)—2. Ipomoea Turpethum (plant) ଦେ. ବି—ଏହା ଅର୍ଥରେ ଅଳ୍ପ ସଂସ୍କୃତ ନାମ—ପ୍ରସାରଣୀ, ସୁଜବଲା, ବୃତ୍ତପର୍ଣ୍ଣୀ, ଗୁଡାଚୀ, ସରଣୀ, ସାରଣୀ, ଭଦ୍ରା,

Digitized by srujanika@gmail.com

ବଲା, କଣ୍ଟମଞ୍ଜ ସରଗାପୁଁଟି ବଡ଼ୀପୋଠୀ ସେରଣା ମାଛ; ମହାଶଫର; ବୁଢ଼ୁଡ଼ ଫେଙ୍ଗ ମତ୍ସ୍ୟ; ଛୋଲ କେରୁଣ୍ଡୀ—A kind of fish; Barbus Sarana.

ସରଣି(ଣୀ)—ସଂ.ତ (ସୃ ଧାତୁ=ଗତି କରିବା+ଅଥୁଚ୍ଚଣ, ଅନି; + ଙ୍କୀ; ଯହିଁରେ ଗମନ କରିଯାଏ— [ଶରଣି(ଣୀ)—ଅନ୍ୟରୂପ] ୧ । ପଥ; ବାଟ—1. Way; course. ୨ । ମାର୍ଗ; ସଡ଼କ—2. Road. ୩ । ଶ୍ରେଣୀ; ସଡ଼ୁକ—3. Row. ୪ । ପ୍ରକାର—4. Mode. ୫ । (+ଜାତି. ଅ) ଗଳରୋଗବିଶେଷ—5. A sort of disease of the throat. ୬ । ଦୁର୍ଗାନ୍ଧୀ ଲତା; ପଶାରୁଣୀ ଲତା—6. Foetida Paederia (creeper). ୭ । (+ଜାତି, ଅ) ସିଧା ବା ଅଖଣ୍ଡିତ ରେଖା—7. Straight or continuous line (Apte). ୮ । ବ୍ୟବସ୍ଥା; ବନ୍ଦୋବସ୍ତ—8. Arrangement (Apte). ୯ । ଲୋକେ ଯେଉଁ ପଥାରେ କେବଳ ଗୁଲନ୍ତି, ଅର୍ଥାତ୍ ଯହିଁରେ ଗାଡ଼ି ଅବା ଚଳେ ନାହିଁ (ହି. ଶ)—9. Footpath.

ସରଣି କକୁଭ—ସଂ. ବ (ଷଷ୍ଠୀ ତତ୍) —କୌଣସି ବ୍ୟକ୍ତିର ଯିବାର ବା Saraṇi kakubha ଆସିବାର ବାଟର ଦିଗ —The direction of a person's path; the direction from which a person comes or to which a person goes. [ଉ—ଗୃହିଁ ଗୃହିଁ ଚୋ ସରଣି-କକୁଭରେ ଉରୁଣୀ—କବସ୍ତୁ ଯଂ. ଚଣୋସ୍ମଚମ୍ଭୁ. ଚ ଗୀତ ।]

ସରଣୀ ବରଣୀ—ଦେ. ବ (ସଂ. ସରଣି=ସଥ+ବରଣ)—୧ । ବାଟ Saraṇī baraṇī ବରଣ; ବିବାହ କରିବାକୁ କନ୍ୟା ଘରକୁ ଅସୁଥିବା ବରଙ୍କୁ କନ୍ୟାଗୃହର କିଛି ଦୂରକୁ କନ୍ୟା ଜାଣି ଯାଇ ଅର୍ଘ୍ୟ ଅଦ ଦେଇ ବରଣ ବା ବମଲ୍ତଣ କରି କନ୍ୟା ଗୃହକୁ ଅଣିବାରୂପ ଜମ୍ର—1. The ceremonial welcome extended to the coming bridegroom by the bride's father before he reaches the bride's house for marriage. [ଉ—ମାନକେଉ ନାମ କୁସଙ୍କୁ ପଠିଥାଇ, ଅଣାଇଲେ ସରଣୀ ବରଣୀ କରି ଉହିଁ—ଉଜ. ଉବଣ୍ୟ. ବଙ୍ଗ ।] ୨ । କୌଣସି ସ୍ଥାନକୁ ଅସୁଥିବା ବଶିଷ୍ଟ ଅତିଥିଙ୍କୁ ଗନ୍ତବ୍ୟସ୍ଥଳ ଠାରୁ ଦୂର ଆଗକୁ ଯାଇ ଆତ୍ମୋଚି ଅଣିବା—2. Welcoming a guest by meeting him at some distance and accompanying him to his destination.

ସରଣ୍ଡ—ସଂ. ବ (ସୃ ଧାତୁ=ଗତି କରିବା+ଜାତି. ଅଣ୍ଡ)—୧ । ପକ୍ଷୀ Saraṇḍa 1. A bird [Apte]. ୨ । ବିଟପୁରୁଷ; କାମୁକ ବ୍ୟକ୍ତି—2. A libertine; a dissolute person [Apte]. ୩ । ସରଠ; ଗଣ୍ଡୁଅ (ଉଭଚୋଷ)—3. Chameleon. ୪ । ଝିଟିପିଟି—4. Lizard [Apte]. ୫ । ଶଠ ବ୍ୟକ୍ତି; ଧୂର୍ତ୍ତ ବ୍ୟକ୍ତି—5. A rogue [Apte]. ୬ । ଏକପ୍ରକାର ଅଳଙ୍କାର (ଉଣ୍ଡ-ଚୋଷ)—6. A sort of ornament [Apte].

ସରଣ୍ଡା—ଦେ. ବ (ନାମ)—ଜଣେ ଉତ୍କଳର ବାଙ୍କୀ ରାଜ୍ୟ ଅନ୍ତର୍ଗତ Saraṇḍā ଓ ମହାନଦୀର ଉତ୍ତରତୀରବର୍ତ୍ତୀ କ୍ଷୁଦ୍ର ପର୍ବତବିଶେଷ —Name of a hill on the north bank of the Mahānadī in the estate of Banki in the Cuttack district. [ଉ—ଏ ସରେ ସରଣ୍ଡା ମୁଣ୍ଡେ ପରତଣ୍ଡେ ଜଠିବ ବହ୍ନ-ମସ୍ଥୁଳ—ରାଧାନାଥ. ଯାଙ୍କଡ ।]

ସରଣ୍ୟୁ—ସଂ. ବ (ସୃ ଧାତୁ=ଗତି କରିବା+ଜାତି. ଉଣ୍ଡ୍ୟ)—୧ । Saraṇyu ବାୟୁ—1. Air. ୨ । ଅଗ୍ନି—2. Fire. (ଶରଣ୍ୟୁ—ଅନ୍ୟରୂପ) ୩ । ମେଘ—3. Cloud. ୪ । ଜଳ—4. Water. ୫ । ବସନ୍ତ—5. The spring season. ୬ । ଯମଦେବ—6. A name of Jāma (Deity) [Apte].

ସର(ରେ)ତ୍—ବୈଦେ. ବ (ଧା. ଶତ୍ରି)—କୌଣସି କଥାବାର୍ତ୍ତାର ବା Sara(re)t ଚୁକ୍ତିର ଆନୁଷଙ୍ଗିକ ନିୟମ ବା ଅଙ୍ଗ—Condition of any contract. [ଉ—ବହ୍ନେ ସଦା ଉରସ ସରତ ଦାସ ଦେବ —ଉଜ. ବୈଦେପ୍ରଶବଳାସ ।] ସଂ. ବଣ [ସୃ. ଧାତୁ+ଜାତି. ଅତ୍ (ଶତୃ)]—ଗମନ କରୁଥିବା— Moving. ସଂ. ବ—ସୂତ୍ର (ଉଣ୍ଡଚୋଷ)— Thread.

ସରତ୍ତା—ଗାଦେ (ସମ୍ବଲପୁର) ବ—ସରୋତା (ଦେଖ) Saratta Sarotā (See)

ସରତ୍ନ—ସଂ. ବଣ (ସ=ସହିତ+ରତ୍ନ)—ରତ୍ନ ସହିତ ବର୍ତ୍ତମାନ — Saratna Accompanied with gem.

ସରତ୍ନି—ସଂ.ବ (ସୃ ଧାତୁ=ଗତି କରିବା+କରଣ.ଅଣ୍ଡ୍)—୧। ମୁଷ୍ଟିବଦ୍ଧ Saratni କର; ମୁଠା କରି ଯାଇଥିବା ହାତ—1. The hand with closed fist. ୨ । ମୁଠୁଣି ସରମାଣ; କଣ୍ଡୁଣି-ଠାରୁ ହାତ ମୁଠାର ଅଗ ପର୍ଯ୍ୟନ୍ତ ମାପ; ରତ୍ନି—2. A kind of cubit measure of length from the elbow-joint upto the end of the fisted palm. [ଦ୍ର—କଣ୍ଡୁଣି ମୁଣ୍ଡଠାରୁ ମୁଷ୍ଟିବଦ୍ଧ ହସ୍ତର କାଣି ଅଙ୍ଗୁଠିର ମହେ ସବର ମୂଳଯୋଗ ପର୍ଯ୍ୟନ୍ତ ପରମାଣକୁ ରତ୍ନି ବା ସରତ୍ନି କୋଇଯାଏ ।]

ସରଥ—ସଂ. ବଣ.ତ୍ରି (ସହାର୍ଥ ବହୁବ୍ରୀ;ସ+ରଥ)—୧। ରଥାରୋହୀ— Saratha 1. Mounting a chariot. [ଉ—ବନ୍ଧୁ ପିଣ୍ଡାର ଗାଳେ ସରଥେ ଚରୁ ଶୈଳେ ଧୂମ୍ରାଞ୍ଚ ଗୃହିଁ ଧାଇଁ ଯେ—ଉଜ. ବୈଦେପ୍ରଶବଳାସ ।] ୨ । ରଥବଶିଷ୍ଟ— 2. Having a car. ସଂ. ବ. ପୁଂ—ରଥାରୋହୀ. ଯୋଦ୍ଧା—A warrior riding on a chariot (Apte).

Digitized by srujanika@gmail.com

ସରଦ(ଇତ୍ୟାଦ)—ବୈଦେ. ବ (ଫା. ସର୍ଦ)—ସର୍ଦ ଇତ୍ୟାଦ (ଦେଶ) Sarada etc Sarda (etc) (See)

ସରଦଙ୍ଗା—ସ୍ତ୍ରୀଦେ. (ବଲ୍ଲଭିର ପାଠଣା) ବ—ମେଳା— Saradaṅgā A congregation; a gathering; a fair.

ସରଦଲ(ଲି)—ଦେ. ବ (ସଂ: ଶାର୍ଦ୍ଦୂଳ)—କବାଟର ଚଉକାଠ Saradala(li) ଉପରେ ରଖିବା କାଠର ଚଉଡ଼ା ପଟା— ସାରଦୋଲ A broad plank put over the door- ସରଦ୍ଦଲ frame.

ସରଦା—ବୈଦେ. ବ (ଫା. ସର୍ଦ୍; ଏହା ଖାଇଲେ ସର୍ଦ୍ଦି ଦୂର) — Saradā କାବୁଲରୁ ଆସୁଥିବା ଏକପ୍ରକାର ଉତ୍କୃଷ୍ଟ ତରଭୁଜ— ସରଦା A kind of excellent water melon imported ସରଦ୍ଦା from Kābul.

ସରଦାର୍(ର) (ଇତ୍ୟାଦ)—ବୈଦେ. ବ. ପୁଂ—ସର୍ଦ୍ଦାର ଇତ୍ୟାଦ Saradār(ra) (etc) (ଦେଶ)—Sarddāra. etc (See)

(ସରଦାରଅଣୀ—ଦେ. ସ୍ତ୍ରୀ) [ଉ—ବାପ ସରମାଣିକ ଥିଲ୍ଲ ବୋଲି ଦୁଖାଠାକୁ ସରଦାର କର ସବୁ ଭଉଣୀଗୁଡାକ ଡାକୁ ଚୁଡ଼ାରୁଛନ୍ତି । ଫଙ୍କାରମୋହନ. ଛମାଣ ଅଠଗୁଣ ।]

ସରଦାଶ୍ରି—ବୈଦେ. ବ (ଫା. ସର୍ଦ୍ଦାଶ୍ରି)—ସର୍ଦ୍ଦାର (ଦେଶ) Saradāri Sarddāri (See)

ସରଦ୍ଦି (ଇତ୍ୟାଦ)—ବୈଦେ. ବ—ସର୍ଦ୍ଦି ଇତ୍ୟାଦ (ଦେଶ) Saradi (etc) Sarddi etc. (See)

ସରଦିଆ—ଦେ. ବଣ—ସର୍ଦ୍ଦିଆ (ଦେଶ) Saradiā Sarddiā. (See)

ସରଦ୍ଦ ଗରମୀ—ଦେ. ବଣ—ସର୍ଦ୍ଦି ଗରମୀ (ଦେଶ) Saradi garamī Sarddi garamī. (See)

ସରଦ୍ବାନ୍—ସ. ବ. ପୁଂ (ନାମ) (ସରତ୍ତ ଶବ୍ଦ)—୧ । ଗୌତମ ମୁନି Saradbān (ବିଶ୍ୱକୋଷ)—1. A name of Sage Gautama. ୨ । ଗୌତମ ମୁନିଙ୍କ ପୁତ୍ର (ବିଶ୍ୱକୋଷ)— 2. Name of the son of Sage Gautama.

ସରଧା (ଇତ୍ୟାଦ)—ସ୍ତ୍ରୀ. ବ (ସ. ଶ୍ରଦ୍ଧା)—ଶରଧା ଇତ୍ୟାଦ (ଦେଶ) Saradhā (etc) Śaradhā etc. (See)

ସରଧି—ସ. ବ (ସର=ଜଳ+ଧା. ଧାତୁ=ଧାରଣ କରିବା+ କଞ୍ଚି. ଇ)—ସମୁଦ୍ର—The sea. [ଉ—ବଶୀଭୂତ ସରଧି ଶରଧି ଅଭୁଟ କାଣ୍ଡ କାଣ୍ଡ ଉତ୍ଥୋଳତ । ଭାଷ. ବୈଦେପ୍ରଶବଲାସ ।] ସ୍ତ୍ରୀ. ବ. ସ୍ତ୍ରୀ—ଶ୍ରଦ୍ଧାମୟୀ ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling a woman named Śraddhāmayī.

ସର(ରେ)ନଉ(ଓ)—ବୈଦେ. ବଣ (ଚତୁରଥ) (ଫା. ସରେନଓ)— Sara(re)nau(o) ସରେନ (ଦେଶ)—Sarena. (See)

ସରନାମ୍(ମି)—ବୈଦେ. ବଣ (ଫା. ସର୍ ନାମ୍)—ପ୍ରସିଦ୍ଧ (ତ୍ରି. ଶ) Saranām(mi) Celebrated; famous.

ସରନାମା—ବୈଦେ. ବଣ (ଫା. ସର୍ନାମାହ୍)—୧ । ପତ୍ର ବା ପୁସ୍ତକା- Saranāmā ଦର ଶିରୋନାମା—1. The heading of a letter or written article. ୨ । ଚଠିରେ ସରନାମା ଅଥଚ୍ଚେତ ବିଷୟ ଲେଖାଯିବା ପୂର୍ବରୁ ପତ୍ରଗ୍ରାହାଙ୍କ ନାମ ଓ ବିଶେଷଣ ଆଦ ଯୁକ୍ତ ଅବତାରଣା—2. The addressing portion before the beginning of the writing of the main contents of a letter. ୩ । ପତ୍ରାଦରେ ଉପରେ ଲେଖାଯିବା ପତ୍ରଗ୍ରାହକଙ୍କ ନାମ ଓ ବାସସ୍ଥାନ ଆଦ—3. Superscription or name and address of the addressee of a letter.

ସରନ୍ତା(ନ୍ତି)—ଦେ. ବଣ—୧ । ଯାହା ସରପାଏ—1. Exhaus- Sarantā(nti) tive. ୨ । ଶେଷ; ସର୍ବଶେଷ; ସଦ୍ୟ ପଛ— ଶେଷ ଶେଷହୋନେବାଲା 2. Last; latest. [ଉ—ସରନ୍ତ [ଅସରନ୍ତା, ଅସରନ୍ତ—ବିପଗ୍ଧତ] ସୋମବାର ।]

ସରନ୍ତା(ନ୍ତି) ଭଣ୍ଡାର—ଦେ. ବ—୧ । ଯେଉଁ ଭଣ୍ଡାରର ଧନ ବ୍ୟୟ Sarantā(nti) bhaṇḍāra ଦ୍ୱାରା ସରପାଏ—1. A store- କ୍ଷୟିତ ଭଣ୍ଡାର house of which the contents are ଶେଷହୋନେବାଲା ଭଣ୍ଡାର exhausted by being spent up. (ଅସରନ୍ତା[ନ୍ତି] ଭଣ୍ଡାର—ବିପଗ୍ଧତ) ୨ । ଯେଉଁ ଭଣ୍ଡାରରେ କାରବାରି ଭଣ୍ଡାର ରକ୍ଷିତ ଧନରୁ ଚଳନ୍ତି ଖରଚ ଚଳେ; ବାରବାଣ୍ଡ କାରବାରୀ ଭଣ୍ଡାର ଭଣ୍ଡାର—2. Treasury or store from which amo unts are drawn from time to time for current expenses.

ସରନ୍ତା(ନ୍ତି) ସୋମବାର—ଦେ. ବ—ବୈଶାଖ ମାସର ଶେଷ Sarantā(nti) somabāra ସୋମବାର—The last (ସରନ୍ତା[ନ୍ତି] ସର୍ତ[ମ]ବାର, Monday of the month ସରନ୍ତ[ନ୍ତି] ବଂବାର—ଗ୍ରାମ୍ୟରୂପ) of Baiśākha. [ଉ— ଶେଷ ସୋମବାର ଏହୁ ସୋମବାର ଦନ ଶିବମନ୍ଦିରମାନଙ୍କରେ, ଅନ୍ତିମ ସୋମବାର ବିଶେଷତଃ ପୁଷ୍ପ ସେବର ବାଲୁକେଶ୍ୱରନାଥଙ୍କ ଠାରେ ପଞ୍ଚକୋଶୀ ଲୋକଙ୍କର ଗୋଟିଏ ବଡ଼ ମେଳା ପ୍ରଚଳିତ ଦୃଶ୍ୟ ।]

ସରନ୍ତା(ନ୍ତି) ସୋମବାର ମେଳା—ଦେ. ବ—ବୈଶାଖ ମାସର Sarantā(nti) somabāra melā ସର୍ବଶେଷ ସୋମବାର ଦନ ଶେଷ ସୋମବାର ମେଳା ପୁରୀର ଲୋକନାଥଙ୍କ ଠାରେ ଅନୁଷ୍ଠିତ ହେବା ବାର୍ଷିକ ମେଳା—A gathering at the shrine of Lokanātha (in the Puri town) held annually on the last Monday of Baiśākha.

ସରନ୍ଧ୍ର—ସ. ବ (ସନ୍ଧାର୍ଥ ବନ୍ଧୁଗ୍ରନ୍ଥି; ସ+ରନ୍ଧ୍ର)—ଛିଦ୍ରବିଶିଷ୍ଟ— Sarandhra Having holes; perforated. [ସରନ୍ଧ୍ରା—ବ]

ସରପ—ସ୍ତ୍ରୀ. ବ (ଯଦ୍ୟ) (ସ. ସର୍ପ)—ସର୍ପ (ଦେଶ)—Sarpa. (See) Sarapa [ଉ—ଚନ୍ଦନ ବୋଲା ବାହୁଗଣ ମାରଗଛ, ଛଣ୍ଡା ସରପ ସର୍ପ ସରପ ଚେଷ୍ଟା କଲେ କାଣ । ଦୃଷ୍ଟବିଂଡ. ମହାଭାରତ. (ସରପା—ଅନାଦରାର୍ଥକ ରୂପ) ସ୍ପୃଷ୍ଟ ।] ୨ । (ଅଦରାର୍ଥକ) ସର୍ପେଶ୍ୱରର

Digitized by srujanika@gmail.com

[ସରପି(ପୁ)—ଆଦରାର୍ଥକ ରୂପ] ଡାକ ନାମ—2. Name for calling 'Sarpeswara' in fondness.

ସରପଞ୍ଚ୍—ବୈଦେ. ବ (ଫା)—୧ । ପଞ୍ଚାଏତର ସଭ୍ୟପତ୍ତ—1. The President of a Panchāyet. ୨। ଚଉକିଦାରି ବାର ଇଉନିୟନ୍‌ର ପଞ୍ଚାଏତମାନଙ୍କ ପ୍ରେସିଡେଣ୍ଟ୍; ଦ୍ୱେଜ୍‌ପଞ୍ଚାଏତ—2. The President of the Panchāyet of a Chowkidāri village-union. ୩। ଗ୍ରାମ୍ୟ ସହଯୋଗ ସମିତିର ସଭ୍ୟ ବା ପଞ୍ଚାଏତମାନଙ୍କ ସଭ୍ୟପତ୍ତ—3. The President of a village-Co-operative Society.

Sarapaṭ ସରପଟ୍—ଦେ. ବ୍ୟ—ଜରଜର; ସରସର—Saturated; drenched. ଦେ. କ୍ରି, ବିଶ—୧ । ସମ୍ପୂର୍ଣ୍ଣରୂପେ—ଆବୁଇଁ ଟି ଜରଜର 1. Fully. ୨ । ପୂର୍ଣ୍ଣରୂପେ ଅର୍ଦ୍ର ହେବା ଆବୁଇଁ ଟି ସମ୍ପୂର୍ଣ୍ଣରୂପେ ପ୍ରକାରର—2. In a fully drenched condition. ଦେ. ବ (ଅ. ସର୍ପଣ)—ଘୋଡ଼ା ପୁଜି ଛଟାଇ ଦଉଡ଼ିବା; ଥରଥରକେ ଦୁଇ ଅଗ ଗୋଡ଼କୁ ଓ ପଛି ଦୁଇ ପଟ୍ଟ ଗୋଡ଼କୁ ଛଟାଇ ଦଉଡ଼ିବା—Running of a horse on all fours; horse's gallop.

Sara paṭhā ସର ପଠା—ଦେ. ବ—ସରଡୁଣ ଜନ୍ମିଥିବା ନଦୀଗର୍ଭସ୍ଥ କାଦ—A land on the bed of a river on which grow the 'Sara' reeds.

Sara paṇā ସର ପଣା—ଦେ. ବ (ସ. ସର + ପ୍ରପାନକ)—ଦୁଧସରମିଶ୍ରିତ ମିଷ୍ଟ ପ୍ରପାନକ—A sweet drink mixed with cream. (ଦ୍ର—ଛଣା ସୁଧା ସରପଣାରୁ ମଧୁର ଲାଗୁଥିଲ ଶ୍ୟାମ-ପ୍ରୀତି ଗୋ—ଜବସୁ. ସଙ୍ଗୀତ ।)

Sara patrikā ସର ପତ୍ରିକା—ସ. ବ (ସର=ଜଳ + ପତ୍ର + କ + ଆ; ବହୁବ୍ରୀ)—୧ । ପଦ୍ମପତ୍ର—1. Lotus leaf. ୨ । ପଦ୍ମ (ବଣ୍ଟକୋଷ)—2. Lotus.

Sara parpaṭī ସର ପର୍ପଟୀ—ସଂ. ବ—ଶରଭଜା (ଦେଶ)—Śarabhajā (See)

Sarapā ସରପା—ପ୍ରାଦେ. (ଉଡ଼ାଉ) ବିଶ—ଶସ୍ତା—Cheap.

Sara pāṭa(hrada) ସର ପାଟ(ହ୍ରଦ)—ଦେ.ବ (ନାମ)—ପୁରୀର ଉତ୍ତରବର୍ତ୍ତୀ ଅଗଣ୍ଠିର ହ୍ରଦ—The shallow Sara lake near hte Puri town. (ଦ୍ର—ସରପାଟୁ ଉଡ଼ି ସ୍ୱର୍ଗେ ଭ୍ରମି ଭ୍ରମି ଚରଳ ଶଶି-ମୟୂଖେ—ରାଧାନାଥ. ପାର୍ବତୀ ।)

Sara pāpa(pu)rḍi ସର ପାପ(ପୁ)ଡ଼ି—ଦେ .ବ (ସ. ସର + ପର୍ପଟୀ)—ଶରଭଜା (ଦେଶ)—Śarabhajā [See]

Sarapuli ସରପୁଲି—ଦେ. ବ—ସରପୁଳ (ଦେଶ)—Śarapuli [See]

Sarapuli ସର ପୁରିୟା [ଦ୍ର—ଗୋରସ ଘନ ସରପୁଳ, ନାନା ପିଷ୍ଟକେ ଖଣ୍ଡ ବୋଳ—ଜଗନ୍ନାଥ. ଭଗବତ ।]

Sarapech[ñch] ସରପେଚ୍[ଞ୍ଚ୍]—ବୈଦେ. ବ (ଫା. ସର୍ ପେଚ୍)—ପଗଡ଼ି ଉପରେ ଲଗାଯିବା ରତ୍ନଖଚିତ ସ୍ୱର୍ଣ୍ଣାଳଙ୍କାରବିଶେଷ ଶରପେଚ ସରପେଚ —An ornament set with gems attached to the turban.

Sarapeśwara ସରପେଶ୍ୱର—ପ୍ରା. ବ (ପଦ୍ୟ)—ସର୍ପେଶ୍ୱର (ଦେଶ) Sarpeśwara [See]

Sarapoś ସରପୋଶ୍—ବୈଦେ. ବ (ଫା. ସର୍‌ପୋଶ୍)—୧ । ଗ୍ଲାସ୍ ଆଦର ଉପରସ୍ଥ ଢାଙ୍କଣୀ—1. The lid or cover of a glass or pot. [ଦ୍ର—ଦୁଢ଼ା ଉପରେ ସାନ ଆଣ୍ଠିକା ପର୍ଯ୍ୟନ୍ତ ଚଲମ, ତହିଁ ଉପରେ ସରପୋଶ—ଫକୀରମୋହନ. ଛମାଣ ଅଠଗୁଣ ।] ୨ । ଉପଢୌକନାଦି ସଜାଯାଇଥିବା ଥାଳର, ଡାଲିର, ହାଣ୍ଡି ଆଦର ଉପରେ ଘୋଡ଼ାଯିବା କଳା ବା ରୁମାଲ—2. A napkin or piece of cloth covering a plate or tray in which any present is sent out.

Saraph ସରଫ୍—ବୈଦେ. ବ (ଇଂ. ଷ୍ଟ୍ରଫ୍; ଫା.ସରଫ୍)—୧ । ଟଙ୍କା ଆଦ ଉଙ୍ଗା-ରିବା ବ୍ୟବସାୟୀରେ ନଯୁକ୍ତ ବ୍ୟକ୍ତି; ଚ୍ୟାଙ୍ଗାର—ସର(ରା)ଫ ସରାଫ 1. A shroff; a money-changer ୨ । ସରକାର ଖଜଣାଖାନା ଓ ବ୍ୟାଙ୍କ ଆଦରେ ଦାଖଲ ହେବା ଟଙ୍କା ଆଦ ମୁଦ୍ରାକୁ ପରୀକ୍ଷା କରିବା ପାଇଁ ନଯୁକ୍ତ କର୍ମଗୃଦ୍ଧ—2. A person who tests coins while they are paid to the treasury of Government or of a bank.

Saraph besi ସରଫ୍ ବେଶି—ବୈଦେ. ପ୍ରାଦେ (ଜଙ୍ଗାମ) ବ [ଫା. ସର୍‌ଫ୍‌ବେଶ୍]—ସଦ୍ଦାଳନକୁ ଲୁଣ ମାପିବାର ବଅଯିବାବେଳେ ମାପିବା ସରେ ବଳପଡ଼ିବା ଲୁଣ—Excess quantity of salt found on final weighment on delivery to a trader. [ଦ୍ର—କେହି କେହି ଚୁଲିଆ ସରଫ୍‌ବେଶି ବାବଦରେ ମଧ୍ୟ କିଛୁ କିଛି ପ୍ରାପ୍ତ ହୁଅନ୍ତି—ଫକୀରମୋହନ. ଗଲ୍ପସ୍ୱଲ୍ପ ।] [ଦ୍ର—ଅଲ୍ପକାଳ ହେଲ ମଗ୍ ଯାଇଥିବା ଭଟକା ଲୁଣରୁ ପରେ ପାଣି ଶୁଖିଗଲେ ତାହା ଓଜନରେ କମି ହୋଇଯିବ, ଏହ ଆଶଙ୍କାରେ ସଦ୍ଦାଳନକୁ ବଅଯିବା ପାଇଁ ଲୁଣ ଅଣିବା-ବେଳେ ଚୁଲିଆ [ଲୁଣ ଉଥାର କରିବା ବ୍ୟକ୍ତି] ଲୁଣ-ଗୋଲାରୁ ଆବଶ୍ୟକ ପରିମାଣ ଅପେକ୍ଷା କିଛି ବେଶି ଲୁଣ ଅଣିଥାଏ । ସୁଖି ଲୁଣକୁ ସଦ୍ଦାଳନକୁ ଦେବା ସମୟରେ ଶ୍ଲେଷିବାର ମାପ ହେବାବେଳେ ସେଥିଁ ବଳକା ଲୁଣ ବାହାରେ ତାହାକୁ 'ସରଫ୍‌ବେଶି' କୁହାଯାଏ ।]

Saraphrāj (ja) ସରଫ୍‌ରାଜ୍ (ଜ)—ବୈଦେ. ବିଶ. (ଫା—ସରଫ୍‌ରାଜ୍)—୧। ଗର୍ବୀ; ଗର୍ବିତ—1. Arrogant; proud. ୨ । ଅଷ୍ଟାଳନ କାଷ୍ଟ—2. Boastful, bragging. ୩ । ଖୁସି; ଆନନ୍ଦିତ—3. Glad.

Digitized by srujanika@gmail.com

ସରଫ୍‌ରାଜ **सरफराज** ୪ । ଧନ୍ୟ—4. Praiseworthy. ୫ । କୃତାର୍ଥ (ଯୁ. ଶ)—5, Having one's aim fulfilled. ୬ । ଉଚ୍ଚପଦସ୍ଥ—6. Occupying a high position. ବୈଦେ. ବ. (ଫା. ସରଫ୍‌ରାଜ=ଉଚ୍ଚପଦସ୍ଥତା)—୧ । ଗର୍ବ—1. Pride. ୨ । ଦାମ୍ଭିକତା; ଖର୍ବ—2. Arrogance. ୩ । ଅସ୍ଫାଳନ—3. Boasting; bragging. ୪ । (ପୁଂ) ମୁସଲମାନଙ୍କୁ ଦିଆଯିବା ନାମବିଶେଷ—4. A name given to Mahomedans.

ସରଫ୍‌ରାଜ୍ ଖାଁ—ବୈଦେ.ବ (ଫା.)--ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ବଙ୍ଗର

Sarapharāj khāṅ ଜଣେ ମୁସଲମାନ୍ ନବାବ—Name of a Nabob of Bengal of the eighteenth century A. D. (ଦ୍ର—ଏ ବଙ୍ଗ, ବଙ୍ଗାର ଓଡ଼ିଶାର ସୁବାଦାରୁ ବା ନବାବ୍ ସୁଜା ଜୁଦ୍ଦୌଲ୍ଲା ବା ସୁଜା ଜୁଦ୍ଦିନ୍ ଖାଁଙ୍କ ପୁତ୍ର ଓ ନବାବ ମୁର୍ସିଦ୍ କୁଲଖାଁଙ୍କ ଦୌହିତ୍ର; ଏହାଙ୍କର ନାମ ଅଷ୍ଟାଇଦ୍ଦୌଲ୍ଲା ଥିଲା । ମୁର୍ସିଦ୍ କୁଲି ଖାଁ ଜଜର ଜାମାତା ସୁଜାଉଦ୍ଦିନ୍ ଖାଁଙ୍କୁ ପ୍ରଥମେ ନାୟେବ୍ ଦେୱାନ୍, ପରେ ନାୟେବ୍ ନାଜିମ୍ ଓ ଉପରେ ଓଡ଼ିଶାର ଶାସନକର୍ତ୍ତା ନଯୁକ୍ତ କରିଥିଲେ । ନବାବ ମୁର୍ସିଦ କୁଲଖାଁଙ୍କ ମୃତ୍ୟୁ ପରେ ସରଫ୍‌ରାଜ ଖାଁ ତାଙ୍କ ମାତାମହଙ୍କ ଉତ୍ତରାଧିକାରୀ ହେବା ପାଇଁ ଉଦ୍‌ଗ୍ରୀବ ଥିବା ଅବସ୍ଥାରେ ସୁଜାଉଦ୍ଦିନ୍ ନବାବ୍ ପଦ ଅଧିକାର କରିବାକୁ ସ୍ୱଇଚ୍ଛାରେ ମୁର୍ସିଦାବାଦକୁ ଅଗ୍ରସର ହେଲେ । ସରଫ୍‌ରାଜ୍ ଏହା ଦେଖି ପିତା (ସୁଜାଉଦ୍ଦିନ୍)ଙ୍କୁ ନବାବ ଗାଦି ଛାଡ଼ି ଦେଲେ । ସୁଜାଉଦ୍ଦିନ୍ ସରଫ୍‌ରାଜଙ୍କୁ ବାଦସାହୀ ଦେବାନ ପଦରେ ନଯୁକ୍ତ କରି ନିଜେ ନବାବ୍ ହେଲେ । ୧୭୩୯ ଖ୍ରୀ. ରେ ସୁଜାଉଦ୍ଦିନଙ୍କ ମୃତ୍ୟୁ ହେବାରୁ ଏ ସରଫ୍‌ରାଜ୍ ନାମ ଗ୍ରହଣ କରି ନବାବ୍ ହେଲେ । ଏ ରାଜ୍ୟ ଶାସନରେ ମନୋଯୋଗୀ ନ ଥାଇ ନର୍ତ୍ତକୀ ଓ ଲୌକିକାମୋଦରେ ସଦାବା ନଯୁକ୍ତ ରହିଥିଲେ । ଏକ ବର୍ଷ ଦୁଇ ମାସ କାଳ ନବାବ୍ ହେବା ପରେ ତାହାର ଶାସନ-କର୍ତ୍ତା ଅଲିବର୍ଦ୍ଦି ଖାଁ ସରଫ୍‌ରାଜ ଖାଁଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ । ଗିରୀଆ କୂଳରେ ଯୁଦ୍ଧରେ ସରଫ୍‌ରାଜ ନିହତ ହେଲେ ଓ ଅଲିବର୍ଦ୍ଦି ଖାଁ ନବାବ୍ ହେଲେ—ବଙ୍ଗକୋଷ ।]

ସରଫ୍(ଫ)ରାଜି—ବୈଦେ. ବ (ଫା. ସରଫ୍‌ରାଜ=ଉଚ୍ଚପଦସ୍ଥତା) —

Saraph(pha)rāji ୧ । ଅହର୍ବା; ବୃଥା ଅସ୍ଫାଳନ—1. Boasting; bragging. ୨ । ଗର୍ବିତା—2. Arrogance. ୩ । ଆନନ୍ଦ—3. Joy.

सरफराजी सरफराजि

ସରଫା—ଦେ. ବିଣ—ଶସ୍ତା—

Saraphā ଶସ୍ତା **सस्ता** Cheap.

ସରାଫୀ **सराफा** ବୈଦେ. ବ (ଅ. ସରଫାହ୍)—୧ । ସରଫର କର୍ମ—1. The act or post of a shroff. ୨ । ଯେଉଁ ସ୍ଥାନରେ ବା ବଜାରରେ ଟଙ୍କା ଓ କୋଡ଼ି ଆଦି ରଖାଯାଏ—2. Money-changer's market.

ସରଫୀ—ବୈଦେ. ବ (ଫା)—ସରଫ୍‌ର କର୍ମ ବା ଗୃହର—

Saraphī The act or post of a shroff

सराफी सराफी

ସରବ୍‌ଜାନ୍—ଖ୍ରୀଦେ. (ବହୁଳିର ଘାତଣା) ବ—ସର୍ବଜ୍ଞ—

Sarab-jāna All-knowing.

ସରବ—ଖ୍ରୀ. (ସର୍ବନାମ, ଗଦ୍ୟ) (ସ. ସର୍ବ)—ସର୍ବ (ଦେଶ)

Saraba ସରବ **सरब** Sarba (See) [ଉ—କୋଇଲ । ସର୍ବ **सरब** ଗଲ୍ପ ଜମେ ଧୂରୁବ ବରବ । ଗ୍ରାମେ ଗ୍ରାମେ ଜଡ଼ ବୁଦ୍ଧ (ସରବା, ସରବୁ—ଅନ୍ୟରୂପ) ଜଣାଅ ସରବ ଲୋ—ବାଳକୃଷ୍ଣ. ଅବାଳ ବୋଇଲ୍ଲ ।) ଦେ. ବ (ନାମ)—ସର୍ବେଶ୍ୱରର ଡାକ ନାମ—Name for calling Sarbeswara.

ସରବ ଜାଣ—ଖ୍ରୀ. ବ ଓ ବଣ—ସର୍ବଜ୍ଞାଣ (ଦେଶ)

Saraba jāṇa Sarbajāṇa (See)

ସରବଜ୍ଞ—ଖ୍ରୀ. ବ ଓ ବଣ (ପୁଂ ଓ ସ୍ତ୍ରୀ) (ସ. ସର୍ବଜ୍ଞ)—ସର୍ବଜ୍ଞ

Sarabajña (ଦେଶ)—Sarbajña (See) (ଉ—ସରବଜ୍ଞ ନସ୍କୃତା ଆଉଟ୍ୟ ବରନ । ପ୍ରକୃଉରୁ ପର ଅଚନ୍ୟୁ ଚରନ୍ତନ—କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।)

ସରବତ୍—ବୈଦେ. ବ (ଫା. ସର୍‌ବତ୍)—ସର୍ବତ୍ (ଦେଶ)

Sarabat Sarbat (See)

ସରବତି—ବୈଦେ. ବଣ—ସର୍ବତ୍ତ (ଦେଶ)

Sarabati Sarbati (See)

ସରବଥା—ଖ୍ରୀ. ଅ (ଗଦ୍ୟ) (ସ, ସର୍ବଥା)—ସର୍ବଥା (ଦେଶ)

Sarabathā Sarbathā (See) (ଉ—ଫସଉ ଇଚ୍ଛା ସରବଥା ଥିଲେ ଘର ଉଲ ବଥା । ନଦା ନ ବଉବ ଦେ ଦୁଜ **सरवथा** ସରବଥା—କୃଷ୍ଣସିଂହ. ମହାଭାରତ. ବନ ।)

ସରବଦା—ଖ୍ରୀ. ଅ (ଗଦ୍ୟ) (ସ. ସର୍ବଦା)—ସର୍ବଦା (ଦେଶ)

Sarabadā ସରବଦା **सरवदा** Sarbadā (See)

ସରବନ—ଦେ. ବ (ନାମ) (ସ. ଶ୍ରବଣ)—ଅନ୍ଧକ ମୁନିଙ୍କ ପୁତ୍ର—

Sarabana Name of the son of a blind sage.

ସରବନ **सरवन** [ଦ୍ର—ଏ ପୁତ୍ର ନିଜର ଅନ୍ଧ ପିତାମାତାଙ୍କୁ ଖୁସିରେ ବୋହୁ କଥା ଅଣା କରୁଥିଲା । ଏ ସରଯୂ ନଦୀରେ ଜଳପ୍ରୁ ବୁଡ଼ାଇବାର ଶବ୍ଦ ଶୁଣି ଦଶରଥ ଏ ଶବ୍ଦକୁ ବଣ ଜନ୍ତୁର ଗର୍ଜନ ବୋଲି ଅନୁମାନ କରି ଶବ୍ଦଭେଦୀ ଶରଦ୍ୱାରା ଏହାକୁ ମାରିଥିଲେ । ରାମାୟଣରେ ଏ ମୃଗଲୁମାରର ନାମ ନାହିଁ । କନ୍ତୁ ବୌଦ୍ଧ ଶାମଜାତକ ଗ୍ରନ୍ଥରେ ଅନ୍ଧ ମୃନଙ୍କ ପୁତ୍ରକୁ ଜଣେ ବ୍ୟାଧ ଶବ୍ଦଭେଦୀ ଶରଦ୍ୱାରା ମାରିଥିବା ଓ ସେ ପୁତ୍ରର ନାମ ସରବନ ଥିବା ଉଲ୍ଲେଖ ଅଛି ।

ଅନ୍ଧ ମୁନି ବୃଦ୍ଧଙ୍କ ଦ୍ୱାରା ଦେବାରୁ ଏକ ଦେବୀ ମୂର୍ତ୍ତି ଅନ୍ତର୍ଭୂତା ହୋଇ ମୃତ ପୁତ୍ରକୁ ଜୀଅଁାଇ ଦେଲେ । ସରବନର ପିତୃଭକ୍ତିର ଗୀତ ଗାଇବା ବାଦ୍ୟ ଏକ ଇକ୍ଷୁଦ ଫଞ୍ଚଦାସ୍ୱ ଅଯୋଧ୍ୟା ଅଞ୍ଚଳରେ ଦେଖାଯାଅନ୍ତି—ହିନ୍ଦୁ. ଶବ୍ଦସାଗର ।]

Digitized by srujanika@gmail.com

ସରବ ନାଶ—ଗ୍ରା. ବ (ସଦ୍ୟ) (ସ. ସର୍ବନାଶ)—ସର୍ବନାଶ
Saraba nāśa (ଦେଶ)—Sarbanāśa (See)
ସରବନାଶ **सरबनाश**

ସରବ ନାଶୀ—ଗ୍ରା. ବିଣ (ସୁଂ ଓ ସ୍ତ୍ରୀ)—ସର୍ବନାଶୀ (ଦେଶ)—Sarba-
Saraba nāśi ସରବନାଶୀ **सरबनाशी** nāśi (See)
(ସର୍ବନାଶିଆ—ଅନ୍ୟ ସୁଂ ରୂପ)

ସରବନ୍ଦ୍(ନ୍ଧ୍)—ଦେ. ବ (ଫା. ସର୍ବନ୍ଦ୍=ସଂ. ଶିରୋବନ୍ଧନ)—ପଗଡ଼
Saraband(ndh) —Turban. ବୈଦେ. ବ ଓ ବିଣ—
ସରବନ୍ଦ **सरबन्ध** ସରବନ୍ଦୀ (ଦେଶ) Sarabandi (See)

ସରବନ୍ଦୀ(ନ୍ଧୀ)—ବୈଦେ. ବ (ଫା. ସରବନ୍ଦୀ)—ଧନୁର୍ଦ୍ଧର; ଯୋଦ୍ଧା;
Sarabandi(ndhi) ତୀରନାଜ (ହି. ଶ)—Bowman.
ସରବଂଧୀ ବିଣ—ଧନୁର୍ଦ୍ଧର—Armed with a bow.
सरबंधी

ସରବର—ପ୍ରାଦେ. (ବଲ୍ଲଙ୍ଗିର ପାଃଣା) ଅ—ସରସର—Well-
Sarabara saturated; from which any liquid
is dripping; drenched.

ସରବରା - ଦେ. ବ—ଚଲ୍କାରେ ମିଳୁଥିବା ଏକପ୍ରକାର ମାଛ —
Sarabarā A class of fish found in the Chilkā.

ସରବରା (ଇତ୍ୟାଦି)—ବୈଦେ. ବ (ଫା. ସର୍ବରାହ୍)—ସର୍ବରା
Sarabarā (etc) ଇତ୍ୟାଦି (ଦେଶ)—Sarbarā etc
(ସରବରାହ—ଅନ୍ୟରୂପ) (See) [ଉ—ବରଗି ଓଡ଼ିଶା କଲେ
ଅମଳ । ସରବରା ଦେଇଥିଲେ ଭୂପାଳ—ବ୍ରଜନାଥ.
ସମରଉରଙ୍ଗ ।]

ସରବରି(ରୀ) (ଇତ୍ୟାଦି)—ବୈଦେ. ବ ଓ ବିଣ (ଇଂ. ସର୍ବେ)—ସର୍ଦ୍ଦର
Sarabari(rī) (etc) ଇତ୍ୟାଦି (ଦେଶ)-Sarbari etc (See)

ସରବସ୍ୱ[ସ]—ଗ୍ରା. ବ (ସ. ସର୍ବସ୍ୱ)—ସର୍ବସ୍ୱ (ଦେଶ)—Sarbaswa
Sarabaswa[sa] ସରବସ୍ୱ **सरबस्व** (See)

ସରବ(ଭେ, ଭି, ଭେ)ଅ(ୟ)ର—ବୈଦେ ବ (ଇଂ. ସର୍ଭେଅର୍)—
Sarabi(be, bhi, bhe)a(ya)ra ସର୍ଭେଅର (ଦେଶ)
ସର୍ଭିୟର **सरबीअर** Sarbheara (See)

ସରବ(ଭେ, ଭି, ଭେ)ଆ(ୟ)ରି—ଦେ. ବ—ସର୍ଭେଅରି (ଦେଶ)
Sarabi(be, bhi, bhe)a(ya)ri Sarbhe-ari (See)
ସର୍ଭେୟାରୀ **सरबीअरी**

ସରବେ—ଦେ. ସର୍ବନାମ (ସଦ୍ୟ) (ସ. ସର୍ବ)—୧ । ସମସ୍ତେ—1. All.
Sarabe [ଉ—ବିଷ୍ଣୁ ସରବେ ଦେଲେ ବ୍ରହ୍ମାଙ୍କ ବରତନେ—
ସର୍ବେ **सर्वे** ରଘାନାଥ. ମନ୍ଦାଯାତ୍ରା ।] ୨ । ସମସ୍ତ ବ୍ୟକ୍ତି—
2. All men; all persons. [ଉ—ଦୋଇଲ୍ଲ ।
ଥାଇବାରୁ ସମ ଯେବେ ରବେ, ଥୟେ ଦେଶ ହୁଙ୍କେ
ସନ, ଦିଅନ୍ତୁ ସରବେ ଲେ—କାଳକୃଷ୍ଣ. ଅକାଳ
ସର୍ବେ **सर्वे** ଦୋଇଲ୍ଲ ।] ବୈଦେ. ବ (ଇଂ. ସର୍ଭେ)—ସର୍ଭେ
[ଦେଶ]—Sarbhe [See]

ସରବେଶ୍ୱର—ପ୍ରା. ବ (ସ. ସର୍ବେଶ୍ୱର)—ସର୍ବେଶ୍ୱର [ଦେଶ]
Sarabeśwara ସର୍ବେଶ୍ୱର Sarbeśwara [See]
सरवेश्वर [ସରବେଶ୍ୱର—ଅନ୍ୟରୂପ]

ସରବ୍ୟ—ସ. ବ (ଶରବ୍ୟର ଅନ୍ୟରୂପ)—ଶରବ୍ୟ [ଦେଶ]
Sarabya Śarabya [See]

ସରଭଜା—ଦେ. ବ—ଶରଭଜା [ଦେଶ]
Sarabhajā ସରଭାଜା Śarabhajā [See]

ସରଭିସ୍(ସି) ଇତ୍ୟାଦି—ବୈଦେ. (ଇଂ. ସର୍ଭିସ୍)—ସର୍ଭିସ୍ ଇତ୍ୟାଦି
Sarabhis(si) etc [ଦେଶ]—Sarbhis etc [See]
ସାର୍ଭିସ **सरबिस**

ସରଭେ (ଇତ୍ୟାଦି)—ବୈଦେ. ବ (ଇଂ. ସର୍ଭେ)—ସର୍ଭେ ଇତ୍ୟାଦି
Sarabhe (etc) [ଦେଶ]—Sarbhe etc [See]

ସରମ୍ ମ)—ବୈଦେ· ବ (ଫା. ସର୍ମ୍)—୧ । ଲଜ୍ଜା—1. Shame.
Saram(ma) ୨ । ମାନ; ସମ୍ଭ୍ରମ—2. Respects; regard·
ସରମ **शरम** ୩ । ଅପମାନ—3. Humiliation. ୪ ।
ସଙ୍କୋଚ—4. Delicacy; coyness; modesty.
[ଉ—ନ ରହେ ରସବତ୍ତା ଜମଣ ଚତ୍ତ । ରସାଇ ଅନୁରୁଗ
କରେ ପାପିଉ—ଗ୍ରଧାନାଥ. ସେଯଜୁତ ।] ପ୍ରା· ବ
(ସ. ଶ୍ରମ)—ଶରମ ଇତ୍ୟାଦି (ଦେଶ)
śarama etc [See]

ସରମ୍ କଥା—ଦେ· ବ—ଲଜ୍ଜାର ବିଷୟ—A matter of shame;
Saram kathā a shameful affair.
ସରମ କଥା **शरमकी बात**

ସରମ୍ କରିବା—ଦେ. କି—ଲଜ୍ଜା ବୋଧ କରିବା; ସଙ୍କୋଚ ବୋଧ
Saram karibā କରିବା—To feel coy; to feel shy.
ସରମ କରା **शरम करना**

ସରମ୍ ପାଇବା—ଦେ· କି—୧ । ଲଜ୍ଜିତ ହେବା—1. To be put
Saram pāibā to shame; to be ashamed.
ସରମ ପାଓୟା ୨ । ଅପମାନିତ ହେବା—
शरम पाना 2. To be humiliated.

ସରମ୍ ହେବା— ଦେ. କି—ଲଜ୍ଜିତ ହେବା—
Saram hebā To be put to shame.
ସରମ ହଓୟା **सरमिंदा होना**

ସରମା—ସ· ବ. ସ୍ତ୍ରୀ (ସ=ସହ+ଉମ୍ ଧାତୁ=ଜୀର୍ଣ୍ଣ କରିବା+ଜନ୍ତୁ.
Saramā ଅ+ଅ)—୧ । କୁକୁରୀ; କୁତ୍ତୀ—1. A bitch.
[ଉ—କୁକୁରଙ୍କର ମାତା ସରମା ସ୍ତ୍ରୀଙ୍କ । ସେହ ସିଲ୍ଲ
ଖାଇଲ ଦୋଇଣ ଲଲଙ୍କୀ—କୃତ୍ତିବାସ. ମହାଯୁଦ୍ଧ. ବନ]
୨ । (ନାମ) କଶ୍ୟପ ପତ୍ନୀବିଶେଷ—2. Name of
one of the wives of sage Kāśyapa, who
gave birth to bees and insects. [ଉ—
ଏହାଙ୍କ ଗର୍ଭରୁ ଭ୍ରମରାଦି ଜନ୍ତୁ ଦୋଇଥିଲେ ।] ୩ ।
(ନାମ) (ସର=ସର୍ବେଶ୍ୱର+ମା=ନାହିଁ) ଉତ୍ତରବର୍ତ୍ତୀ
ଶୈଲୂଷଙ୍କ ଜନ୍ୟା ଓ ବ୍ରହ୍ମଣୀ. ବିଭୀଷଣଙ୍କ ପତ୍ନୀ—
3. Name of the wife of Bibhīshaṇa; the
younger brother of Rābaṇa. [ଉ—ସରମା
ମାନସସ୍ୱରର କୂଳରେ ଜନ୍ମଗ୍ରହଣ କରିବା. ସମସ୍ତଙ୍କୁ ଛକ୍ତ
ସରୋବରର ଜଳ ବଢ଼ିଲ ଏବ ନବଜାତା ଶିଶୁର ଦେହରୁ

Digitized by srujanika@gmail.com

ବଡ଼ି ଘାଣି ଲଟିବାର ଭୟରୁ ସରମାଙ୍କ ମାତା ଉକ୍ତ ସଙ୍ଗୋରକୁ ସମ୍ବୋଧନ କରି ଡାକ ପକାଇବେ, 'ସରଃ ! ମା ବର୍ତ୍ତସ୍ୱ' (ଅର୍ଥାତ୍ 'ଡେଇ ସରୋବର । ତୁ ଅଜ୍ଞ ବଡ଼ ନଁ।)' । ଏଥିଯୋଗୁ ଏହି ବାକ୍ୟର ଅବ୍ୟୟ ଦୁଇଟି ପଦକୁ ଅବଲମ୍ବନ କରି କନ୍ୟାର ନାମକରଣ ହୋଇଥିଲା । ସରମା ଧର୍ମପରାୟଣା ଥିଲେ ଓ ସ୍ୱବଣଦ୍ୱାର ଦୁଗ୍ଧା ଓ ଜାତବତ୍ସା ଗାଈଙ୍କୁ ସରମା ସର୍ବଦା ଖାଦ୍ୟ ଦେଉଥିଲେ । ସ୍ୱବଣର ମୁଖ ଘରେ ଜଳିଥିବା ଲଙ୍କାର ସ୍ୱଜା ହେଲେ ଓ ସରମା ସ୍ୱଜସ୍ୱରୂପା ହେଲେ । ଏହାଙ୍କ ପୁତ୍ର ଭରଣୀସେନ ମଧ୍ୟ ଧର୍ମଶୀଳ ଓ ସାଧୁ ଥିଲେ ।]

ଲାଜୁକ **ଶର୍ମିଲା** ଦେ. ବଣ. ସ୍ତ୍ରୀ—ଲଜ୍ଜାଶୀଳ—Modest. (ସରମିଥ—ଅନ୍ୟରୂପ) (ସରମା—ସ୍ତ୍ରୀ)

ସରମାତ୍ମଜ—ସ. ତ. ପୁଂ (୬ଷ୍ଠୀ ତତ୍) —୧ । ବଳିଷ୍ଠଙ୍କ ଔରସରେ Saramātmaja ସରମାଙ୍କ ପୁତ୍ର; ଭରଣୀସେନ—1. Son of Saramā. ୨ । ଅଣ୍ଡିଆ କୁକୁରଛୁଆ—2. Male puppy.

ସରମି ଆ(ନା)—ଦେ. ବଣ. ସ୍ତ୍ରୀ—ଲଜ୍ଜାଶୀଳ—Modest; coy. Saramiā(nā) ଲାଜୁକ **ଶର୍ମିଲା**

ସରମି ଯିବା—ଦେ. କି—ସଙ୍କୁଚିତ ହୋଇଯିବା—To shrink; Sarami jibā to be contracted. ଘାଦେ (ବଲ୍ଲିରେ) ସଂକୁଚିତ ହେଉଥିବା ଘାଟଣା) କି—ଅଚେତ ହେବା—**ଶର୍ମିଲା ହୋନା** To become unconcious.

ସରଯୁ—ସ. ବ (ସୃ ଧାତୁ=ଗମନ କରିବା+କୁ ଉ. ସୃ) —ବାୟୁ Sarāju (କିମ୍ବା ଶ୍ଲେଷ)—Air; wind.

ସରଯୁ(ଜୂ)—ସ. ବ. ସ୍ତ୍ରୀ (ସର=ମାନ ସରୋବର+ଯା ଧାତୁ= Sarāju(jū) ଗମନ କରିବା+କୁ ଉ. ଉ, ଊ; କିମ୍ବା ସୃ ଧାତୁ =ଗମନ କରିବା+କୁ ଉ. ଅସୁ; ଅଯ୍) —ଅଯୋଧ୍ୟା ପ୍ରଦେଶସ୍ଥ ନଦୀବିଶେଷ—Name of a river in Oudh, on which the town of Ajodhyā stands.

[ଦ୍ର—ଋଗ୍ବେଦ,'ସପ୍ତାବ୍ଦରଭ ଓ ସ୍ତମାସ୍ୟଣରେ ଏ ନଦୀର ନାମୋଲ୍ଲେଖ ଅଛି । ମାନସରୋବରରୁ ଏହି ନଦୀ ବାହାରି ହିମାଳୟକୁ ଭେଦ କରି ଗଙ୍ଗାରେ ମିଶିଅଛି । ଅଯୋଧ୍ୟା ନଗରୀ ଏହି ନଦୀ କୂଳରେ ଅବସ୍ଥିତ । ସମୁଦାୟ ନଦୀର ନାମ ଘର୍ଘର ବା ଘୋଘରା; ମାତ୍ର ଅଯୋଧ୍ୟାରେ ଏ ନଦୀର ଯେଉଁ ଅଂଶ ପ୍ରବାହିତ ତାହାକୁ ସରଯୂ ବୋଲି ଯାଏ । ସ୍ୱମରଜ ଓ ଉଦୟ ଭ୍ରାତାମାନେ ଏହି ନଦୀରେ ପ୍ରବେଶ କରି ଯୋଗାବଲମ୍ବନ ପୂର୍ବକ ଦେହ ତ୍ୟାଗ କରିଥିଲେ । ବୈଦ୍ୟଶାସ୍ତ୍ର ମତରେ ଏହି ନଦୀର ଜଳ ସ୍ୱାଦୁ ଓ ଜଳପୁଷ୍ଟିପ୍ରଦାୟକ ଅଟେ ।] ଦେ. ବ. ସ୍ତ୍ରୀ—ସ୍ତ୍ରୀମାନଙ୍କର ନାମ—A name given to females.

ସରଯୂ ପ୍ରସାଦ—ଦେ. ବ. ପୁଂ (ନାମ)—ପଶ୍ଚିମାମାନଙ୍କର ନାମ ବିଶେଷ Sarāju prasāda Name of males in N. W. India. ସରଯୁ ପ୍ରସାଦ **ସରଯୁ ପ୍ରସାଦ**

ସରଳ—ସ. ବ (ସୃ ଧାତୁ=ଗମନ କରିବା+କଞ୍ଚି. ଅଳ) —Sarala ୧ । ଶାଳ ଗଛ (ଦେଶ)—1. Sāla gachha (See) ୨ । ଏତତ୍ପ୍ରକାର ଦେବଦାରୁ ଗଛ—2. A sort of pine; Pinus Longifolia.

ଅନ୍ୟ ଅର୍ଥରେ ଅନ୍ୟ ସମସ୍ତ ନାମ—ଶାଳବୃକ୍ଷ, ସୁରଦାରୁ, ଘୀଚଦ୍ରୁ, ପୁଚ୍ଛକାଷ୍ଠ, ଧୂପ ବୃକ୍ଷକ, ଭଦ୍ରଦାରୁ, ଶୀଚଦାରୁ, ମନୋଜ୍ଞ, ସ୍ନିଗ୍ଧ, ସରତ ପଦ୍ମଳ, ଶୀତ **चिरका पेड़, सरल, धूप सरल** ଦେ. ସରଳ ଦେବଦାରୁ, ଗଛକେ

[ଦ୍ର—ଏହି ଗଛର କାଠ ଜଳଦଅ ଓ ସୁଗନ୍ଧ ବିଶିଷ୍ଟ । ଏଥିର କାଠକୁ ଚିରାଇଲେ ତାରପିନ୍ ତେଲ ବାହାରେ ଏବଂ ଏହାର ଜର୍ଯାସ ଶୁଖି ଗଲେ ତାହା ରଜନ୍ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁର, ଉତ୍ତରସ, କଫ ଓ ବାତନାଶକ ଅଟେ ।] ୩ । ବୁଦ୍ଧ (ଅଷ୍ଟମବୋଧି)—3. The Buddha. ୪ । ଅଗ୍ନି (ଧରଣୀ)—4. Fire

ସ. ବଣ—୧ । ଋଜୁ; ଅବକ୍ର; ସିଧା—1. Straight. ୨ । ସହଜ—2. Easy. ୩ । ସହଜସାଧ୍ୟ—3. Easy of solution. ୪ । ଉଦାର—4. Liberal-minded. ୫ । ମସୃଣ—5. Smooth. ୬ । ନିଷ୍କପଟ—6. Frank; artless; guileless. ୭ । ସତ୍ୟ; ସତ; ନ୍ୟାୟପର—7. Honest; righteous; upright.

(ସରଳତା, ସରଳତ୍ୱ; ସା ଉଲ୍ୟ—ବ) (ସରଳା—ସ୍ତ୍ରୀ) ଦେ. ବ—ଅଳଙ୍କାର ବିଶେଷ—A kind of ornament. [ଜ—ଜାଡ଼, ଝୁମ୍ପା, ସରଳ, ବାଦ୍ଧଁ, ଜଗଦଳ। —ସାରଳା. ମହାଭାରତ. ସତ୍ୱ ।]

ସର ଲଗା—ଦେ. (ବସ୍ତୁର) ବଣ—ଅକ୍ଲାନ୍ତ—Sara lagā Unfatigued.

ସରଳ ଚତ୍ତ—ସ. ବ (କର୍ମଧା)—ନିଷ୍କପଟ ହୃଦୟ—Sarala chitta Frank mind. (ସରଳଚତ୍ତା—ସ୍ତ୍ରୀ) ସ. ବଣ. ପୁଂ (ବହୁବ୍ରୀହି)—ସରଳ ଚେତା (ଦେଶ)—Sarala chetāh (See)

ସରଳ ଚେତାଃ—ସ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସରଳ+ଚେତସ୍ Sarala chetāh ଘାଦାର)—ନିଷ୍କପଟ ହୃଦୟ (ବ୍ୟକ୍ତି)— (ସରଳ ଚେତା—ଦେଶଜ ରୂପ) Frank-hearted (person).

ସରଳ ଝାଡ଼ା—ଦେ.ବ--କୋଷ୍ଠଶୁଦ୍ଧି—Free movement of the Sarala jhārdā ସରଳଦାସ୍ତ ଖୁଲାସା ପୈଖାନା bowels. [ସରଳ ଦାଦା)ସ୍ତ, ସରଳ ଗୋଖସ୍—ଅନ୍ୟରୂପ]

ସରଳତା(ତ୍ୱ)—ସ. ବ (ସରଳ+ତ୍ୱ ବେ. ତା, ତ୍ୱ)—୧ । ଋଜୁତା— Saralatā(twa) 1. Straightness. ୨ । ନିଷ୍କପଟତା—2. Frankness; sincerity. ୩ । ନ୍ୟାୟପରତା—3. Uprightness; rectitude.

ସରଳ ତୃଣ—ସ. ବ - ଭୂସ୍ତୃଣ (ଦେଶ) Sarala tṛuna Bhustṛuna (See)

Digitized by srujanika@gmail.com

ସରଳ ଦ୍ରବ(ନିର୍ଯ୍ୟାସ)—ସଂ. ବି° (ଷଷ୍ଠୀ ତତ୍ପୁ) (ବୈଦ୍ୟକ)—ସରଳ ବୃକ୍ଷର ରସ; ଚାଁଡ଼ିନ୍; ଟର୍ପେନ୍‌ଟାଇନ୍; ଶ୍ରୀପିଷ୍ଟ (ଦେଖ)—Śrīpishṭa (See)

Sarala drab

(ଅନ୍ୟ ଶବ୍ଦଯୁକ୍ତ ନାମ—ଗାୟୁସ, ଶ୍ରୀବାସ, ବୃକଧୂପ, ଶ୍ରୀବେଷ୍ଟ, ଚୈଲ-ପର୍ଣ୍ଣୀ, ଶ୍ରୀପିଷ୍ଟ, ଶ୍ରୀବେଷ୍ଟ, ଶ୍ରୀବେଶ, ସରଲାଙ୍ଗ, ଯାସ, ଯବାସ, ଘୃତ-ଦ୍ରବ୍ୟ, ଦଧ୍ୟାଦ୍ରବ୍ୟ, କ୍ଷୀରଦ୍ରବ୍ୟ, ଅବଙ୍କ, କ୍ଷୀରଜ୍ଞ, ବାୟୁସ, ସରଲସ୍ରାବ)

ସରଳଦ୍ରୁ—ସଂ. ଈ—ସରଳ ଗଛ; ଏକ ପ୍ରକାର ଦେବଦାରୁ ଗଛ—A sort of pine; Pinus Longifolia.

Saraladru

(ସରଳ ଦ୍ରୁମ—ଅନ୍ୟରୂପ)

ସରଳ ପ୍ରକୃତି—ସଂ. ତ (କର୍ମଧା)—୧ । ଉଦାର ପ୍ରକୃତି—1. Liberal nature. ୨ । ନିଷ୍କପଟ ପ୍ରକୃତି; ଭାବଭାଙ୍ଗୁନ ସ୍ୱଭାବ—2. Frank nature.

Sarala prakṛuti

ସଂ.ବହୁ.ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ସରଳ ପ୍ରକୃତିକ (ଦେଖ)

Sarala prakṛutika (See)

ସରଳ ପ୍ରକୃତିକ—ସଂ. ବହୁ. ପୁଂ (ବହୁବ୍ରୀହି)—ନିଷ୍କପଟ ପ୍ରକୃତି-ବିଶିଷ୍ଟ—Of frank nature.

Sarala prakṛutika

(ସରଳ ପ୍ରକୃତିକା—ସ୍ତ୍ରୀ)

ସରଳ ପ୍ରଶ୍ନ—ସଂ. ବି (କର୍ମଧା)—୧ । ଭାବଭାଙ୍ଗୁନ୍ୟ ଅଉସଙ୍କ-ରହିତ ପ୍ରଶ୍ନ—1. Frank question. ୨ । ସହଜସାଧ୍ୟ ପ୍ରଶ୍ନ—2. Easy question.

Sarala praśna

ସରଳ ପ୍ରାଣ—ସଂ. ବି (କର୍ମଧା)—ଭାବଭାଙ୍ଗୁନ ହୃଦୟ—Frank heart; guileless mind.

Sarala prāṇa

(ସରଳପ୍ରାଣା—ସ୍ତ୍ରୀ) ସଂ. ବହୁ. ପୁଂ (ବହୁବ୍ରୀହି)—ସରଳ ଚେତାଃ (ଦେଖ)—Sarala chetāḥ (See)

ସରଳ ବିଶ୍ୱାସ—ସଂ. ବହୁ (କର୍ମଧା)—ନିଷ୍କପଟ ବିଶ୍ୱାସ—Frank faith; good faith; bonafides.

Sarala biswāsa

ସଂ. ବହୁ. ପୁଂ (ବହୁବ୍ରୀହି)—ସରଳ ବିଶ୍ୱାସୀ (ଦେଖ)

Sarala biswāsī (See)

ସରଳ ବିଶ୍ୱାସୀ—ସଂ. ବହୁ (ବହୁବ୍ରୀହି)—ଯେଉଁ ଲୋକ ମନରେ ଦୌଣସି ଭାବଃ ବା ସନ୍ଦେହ ନ ରଖି ଅନ୍ୟ ଠାରେ ବା ଅନ୍ୟର କଥାରେ ବିଶ୍ୱାସ ସ୍ଥାପନ କରେ—Of good faith; bonafide.

Sarala biswāsī

ସରଳ ବୁଦ୍ଧି—ସ. ବି (କର୍ମଧା)—ଭାବଃଭାଙ୍ଗୁନ୍ୟ ବୁଦ୍ଧି ବା ମନ—Intelligence or understanding (ସରଳମତି—ଅନ୍ୟରୂପ) free from crookedness; frank mind. ସଂ. ବହୁ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—[କୁଟବୁଦ୍ଧି, କୁଟିମତି—ବିପରୀତ] ୧ । ନିଷ୍କପଟ—1. Frana, ୨ । ସରଳହୃଦୟ—2. Frank-hearted.

Sarala buddhi

ସରଳ ରେଖା—ସଂ. ବି—ଋଜୁ ରେଖା; ସିଧା ରେଖା—Straight line.

Sarala rekhā

ସରଳ ସ୍ରାବ (ସ୍ୟନ୍ଦ, ରସ)—ସ. ବି (କର୍ମଧା) (ବୈଦ୍ୟକ)—ଶ୍ରୀପିଷ୍ଟ (ଦେଖ)—Śrīpishṭa (See)

Sarala srāba (syanda, rasa)

ସରଳ ହୃଦୟ—ସ. ବି (କର୍ମଧା)—ସରଳ ଚିତ୍ତ (ଦେଖ)—[ସରଳହୃଦୟା—ସ୍ତ୍ରୀ] (ବହୁବ୍ରୀହି) ସରଳଚେତାଃ (ଦେଖ)—Sarala chetāḥ. (See)

Sarala hṛudaya chitta. (See)

ସରଳା—ସଂ. ବିଶ. ସ୍ତ୍ରୀ [ସରଳ + ସ୍ତ୍ରୀ. ଆ]—ସରଳର ସ୍ତ୍ରୀଲିଙ୍ଗ—Feminine of Sarala. ସଂ. ବି—୧ । [ବୈଦ୍ୟକ] ନିଷ୍ପତ୍ରଃ; ଉତ୍ପଳ; ଶ୍ୱେତ ନିଉଁ—1. White species of Ipomoea Turpethum (plant and root). ୨ । କଣ୍ଟା ବିଶେଷ—2. Name of a river. ୩ । କଫିଳ ଦ୍ରାକ୍ଷା (ବିଶ୍ୱକୋଷ)—3. Brown grape. ୪ । କୃଷ୍ଣତୁଳସୀ (ବୈଦ୍ୟକ ନିର୍ଘଣ୍ଟୁ)—4. Black-leaved Basil plant. ୫ । ନବ୍ଲିକା (ହି. ଶ)—4. Jasmine. ଦେ. ବି. ସ୍ତ୍ରୀ—ସରଳା सरला ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

Saralā

ସରଲ୍ଲ—ଗ୍ରାମ୍ୟ. (ବାଲୁଙ୍କିର ଘାଟଣା) କ୍ରି—ସରଗଲ୍ଲ—(ସରଲ୍ଲ—ଅନ୍ୟରୂପ) Finished; ended.

Saralla

ସରଳା ଦେବୀ—ଦେ. ବି—ଜନୈକ ବିଦୁଷୀ ନାସ୍ନକମିଶ୍ରୀ ଶ୍ରୀମତୀ ସରଳା ଦେବୀ, ଏମ୍. ଏଲ୍. ଏ—Śrimatī Saralā Debi, M. L. A., the educated public-spirited lady of modern Orissa.

Saralā debi

[ଦ୍ର—ଏହାଙ୍କ ଜନ୍ମ—ଖ୍ରୀ. ୧୯୦୫, ଜନ୍ମସ୍ଥାନ—କଟକ ଜିଲ୍ଲା । ପିତାଙ୍କ ନାମ—ଶ୍ରୀ ବାସୁଦେବ ଜାନୁନ୍‌ଗୋ । ମାତାଙ୍କ ନାମ—ଶ୍ରୀମତୀ ପଦ୍ମାବତୀ ଦେବୀ । ଶ୍ରୀମତୀ ସରଳା-ଦେବୀଙ୍କ ଜନ୍ମ ହେବା ଦିନଠାରୁ ତାଙ୍କର ଖୁଲ୍ଲତାତ ସ୍ୱର୍ଗତଃ ଶ୍ରୀଯୁକ୍ତ ବାଳମୁକୁନ୍ଦ ଜାନୁନ୍‌ଗୋ ଓ ତାଙ୍କ ସ୍ତ୍ରୀ ଶ୍ରୀମତୀ ହେମନ୍ତକୁମାରୀ ଦେବୀ ତାଙ୍କୁ ପୋଷ୍ୟପୁତ୍ରୀରୂପେ ପାଳନ-ପାଳନ କରୁଥିଲେ । ୺ ବାଳମୁକୁନ୍ଦ ଜାନୁନ୍‌ଗୋ ବିହାର ଓ ଓଡ଼ିଶା ପ୍ରଦେଶର ଜଣେ ଡେପୁଟି କଲେକ୍ଟର୍ ଥିଲେ । ସରଳାଦେବୀଙ୍କ ସ୍ୱାମୀ ଶ୍ରୀଯୁକ୍ତ ଭାଗୀରଥି ମହାପାତ୍ର ଏମ୍. ଏ., ବି. ଏଲ୍. କଂଗ୍ରେସର ଜଣେ ବିଶିଷ୍ଟ ନେତା ଓ ବର୍ତ୍ତମାନ କଟକ ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ । କଟକ ଜିଲ୍ଲା ଅନ୍ତର୍ଗତ ଜଗତ୍‌ସିଂହପୁର ଥାନାର ଗୃଷ୍ଟା ଗ୍ରାମରେ ତାଙ୍କର ନିବାସ । ଭାଗୀରଥି ବାବୁ ୧୯୨୧ ସାଲର ଅସହଯୋଗ ଆନ୍ଦୋଳନ ବେଳେ ଓକିଲାତି ଛାଡ଼ିଥିଲେ ଏବଂ ଦୁଇ ବର୍ଷ କାରାଗାର ମଧ୍ୟ ବରଣ କରିଥିଲେ ।

ସରଳା ଦେବୀ ହାଇସ୍କୁଲ୍‌ରେ ଶିକ୍ଷା ଶେଷ କରି ସ୍କୁଲ ଛାଡ଼ିଥିଲେ । ସେ ନିଜେ ଅଟ୍ଟାନ୍ତି ପରିଶ୍ରମ କରି ଓଡ଼ିଆ, ବଙ୍ଗଳା, ହିନ୍ଦି ଓ ଇଂରେଜୀ ଭାଷା ଶିକ୍ଷା କରିଅଛନ୍ତି ।

ସେ ପ୍ରାୟ ୧୭।୧୮ ବର୍ଷ ହେଲା ଦେଶସେବା କରି ଅସୁଅଛନ୍ତି । ଯେତେବେଳେ ସେ ସରଦା ପ୍ରଥାକୁ ଲଙ୍ଘନ କରି ବାଲ୍ୟକୁ ବାହାଘରେ ସେତେବେଳେ ଅନ୍ୟ ଓଡ଼ିଶାର ହିନ୍ଦୁ ଘରର ମାଆ ଭଉଣୀମାନେ ବାହାଘ କଣରେ ଖଣି ରହି ଥିଲେ; ସେମାନଙ୍କର ଦୌଣସି ସାଧାରଣ କାର୍ଯ୍ୟରେ

Digitized by srujanika@gmail.com

ଯୋଗଦାନ କରିବା ଦୂରେ ଥାଉ, ସେମାନେ ଦାଣ୍ଡକୁ ବାହାରିବାକୁ ସାହସ କରୁ ନ ଥିଲେ । ସରଳାଦେବୀ ଜୁଲୁଲର ହିନ୍ଦୁ ସମାଜର ମାଆ ଭଉଣୀଙ୍କର ଅନ୍ଧଯୋଷ୍ଟୁଳୀ ଅଗ ଖୋଲିଦେଲେ, କହିଲେ ଚଳେ । ୧୯୨୪ ସାଲରେ କଟକରେ ଅନୁଷ୍ଠିତ ପ୍ରଫୁଲ୍ଲଚନ୍ଦ୍ର ଘୋଷଙ୍କ ସଭାପତିତ୍ୱରେ ଯେଉଁ ସଭା ହୋଇଥିଲା ସେଠାରେ ସରଳାଦେବୀଙ୍କ ଅକ୍ଲାନ୍ତ ଚେଷ୍ଟା ଓ ପ୍ରଚାରର ଫଳରେ, ହିନ୍ଦୁ ଘରର ଝିଅ ବୋଉମାନେ ପ୍ରଥମେ ବହୁ ସଂଖ୍ୟାରେ ସାଧାରଣ ସଭାକୁ ଆସିଥିଲେ । ତହିଁ ପୂର୍ବରୁ କେବେଦେଲେ ପୁରୁଷ-ମାନଙ୍କ ସଭାକୁ ହିନ୍ଦୁ ଓଡ଼ିଆଣୀମାନେ ଯାଇ ନ ଥିଲେ । ସେଦିନଠାରୁ ପ୍ରତ୍ୟେକ ସଭା ସମିତିରେ ହିନ୍ଦୁ ମାଆ ଭଉଣୀମାନେ ଯୋଗ ଦେଇଥିବା ଦେଖାଯାଇଅଛି । ଉକ୍ତ ସତ୍ୟାଗ୍ରହ ଆନ୍ଦୋଳନରେ ସ୍ତ୍ରୀମାନଙ୍କ ତରଫରୁ ପ୍ରଥମେ ସରଳାଦେବୀ ସୈନିକଜାତ୍ରାରେ ନାମ ଲେଖାଇଥିଲେ । ଆଉନ୍ ଅନ୍ୟାନ୍ୟ ଆନ୍ଦୋଳନରେ ଓଡିଶାର ସ୍ତ୍ରୀମାନଙ୍କ ଉଦ୍ଦେଶ୍ୟରେ ସର୍ବପ୍ରଥମେ କାର୍ଯ୍ୟାରମ୍ଭ କରିଥିଲେ । ଜଲିଲ ଜାତୀୟ କଂଗ୍ରେସର ଅଧିବେଶନ ୧୯୩୨ ସାଲରେ ପୁଣାରେ ହେବ ବୋଲି ସ୍ଥିର ହୋଇଥିଲା । ସେ କାର୍ଯ୍ୟକାରୀ କଂଗ୍ରେସରେ ବକ୍ତୃତା ଦେଇ କଂଗ୍ରେସକୁ ଓଡ଼ିଶାକୁ ନିମନ୍ତ୍ରଣ କରିଥିଲେ । ଏଥି ପୂର୍ବରୁ କୌଣସି ଓଡ଼ିଆ ମହିଳା ଜାତୀୟ କଂଗ୍ରେସ ମହାସଭାରେ ବକ୍ତୃତା ଦେଇ ନ ଥିଲେ । ୧୯୩୧ ସାଲରେ ମାଦ୍ରାଜ ପ୍ରଦେଶର ଇରୋଡ଼ଠାରେ ଯେଉଁ ପ୍ରାଦେଶିକ ତାମିଲ ମହିଳା ସମ୍ମେଳନୀ ବସିଥିଲା ଉହିଁରେ ସରଳାଦେବୀ ସଭାପତି ପଦରେ ବରତ ହୋଇଥିଲେ । ତହିଁ ପୂର୍ବରୁ କୌଣସି ଓଡ଼ିଆଣୀ ବା ଓଡ଼ିଆ ଏତେ ବଡ଼ ସମ୍ମେଳନରେ ଓ ପ୍ରଦେଶରେ ସଭାପତି ହୋଇ-ନ ଥିଲେ । କଟକ ସମବାୟ ବାଙ୍କରେ ସେ ଅନେକ ବର୍ଷ ହେଲା ଡରେକ୍ଟର ରୂପେ କାର୍ଯ୍ୟ କରିଅସୁଅଛନ୍ତି । ଏଥି ପୂର୍ବେ ଓଡ଼ିଶାରେ କୌଣସି ମହିଳା ଡରେକ୍ଟର ହୋଇ ନ ଥିଲେ । ସରଳାଦେବୀ ଡରେକ୍ଟର ହେବା ପୂର୍ବରୁ ଭାରତର ଅନ୍ୟ ପ୍ରଦେଶମାନଙ୍କରେ ମଧ୍ୟ କୌଣସି ମହିଳା ବାଙ୍କ ଡରେକ୍ଟର ହୋଇ ନ ଥିଲେ । ୧୯୩୮ରେ ନାଗପଙ୍କଲ ସମିତିର ସଭ୍ୟାଗ୍ରହରୂପେ ନିର୍ବାଚିତ ହୋଇ ବାଲ୍ୟବିବାହ ନିରୋଧ, ବହୁବିବାହ ପ୍ରଭୃତି ସାମାଜିକ ସୁଧାରକର୍ମରେ ସେ କାର୍ଯ୍ୟ କରି ଅସୁଅଛନ୍ତି । ପ୍ରାୟ ୨।୩ ବର୍ଷ ହେଲା ସେ କଟକ ସଦର ଲୋକାଲ୍ ବୋର୍ଡର ମେମ୍ବର ହୋଇଅଛନ୍ତି । ଏଥି ପୂର୍ବରୁ ଓଡ଼ିଶାର କୌଣସି ମହିଳା ଲୋକାଲ୍ ବୋର୍ଡର ସଭ୍ୟା ହୋଇ ନ ଥିଲେ । ୧୯୩୧ ରେ ଯେଉଁ ଜୁଲୁଲ ଯୁବକସଙ୍ଘ ଗଠିତ ହୋଇଥିଲା ସେଥିରେ ସେ ସଭାପତି ହୋଇଥିଲେ । ସେ ହିନ୍ଦୁସ୍ଥାନ ଗ୍ରନ୍ଥମାଳାର ସମ୍ପାଦନ ଭାର ଗ୍ରହଣ କରି ଅନେକ ପୁସ୍ତକ ସମ୍ପାଦନ କରିଅଛନ୍ତି । 'ସରଳା' ନାମକ ମାସିକ ପତ୍ରିକା ମଧ୍ୟ ତାଙ୍କଦ୍ୱାରା ସମ୍ପାଦିତ ହେଉଥିଲା । ସେ ଇଂରେଜୀ, ଓଡ଼ିଆ, ବଙ୍ଗଳାରେ ଅନେକ ପ୍ରବନ୍ଧ ଗ୍ରନ୍ଥରଚନା ଉଚ୍ଚ ଉଚ୍ଚ ପତ୍ରିକାମାନଙ୍କରେ ବହୁବର ଲେଖି ଅସୁଅଛନ୍ତି । ଜୁଲୁଲ ସମ୍ମେଳନୀର ସାଫଲ୍ୟ ପାଇଁ ମଧ୍ୟ ସେ ଅନେକବାର୍ଯ୍ୟ କରିଅଛନ୍ତି । ସମ୍ମେଳନୀର ସାଧା-ରଣ ସମିତିର ସେ ଜଣେ ସଭ୍ୟ । ଦେଶମିତ୍ରଣ ଆନ୍ଦୋଳନରେ ସେ ଅନେକ ପରିଶ୍ରମ କରିଅଛନ୍ତି । 'ନିଖିଳ ଭାରତ ପରିତ୍ୟକ୍ତ ଅଞ୍ଚଳ ସମ୍ମେଳନୀ'ରେ ଜୁଲୁଲର ପ୍ରତିନିଧି ରୂପେ ସେ ସମ୍ମି ଅଃନ୍ତି । ଜୁଲୁଲ ପ୍ରାଦେଶିକ କଂଗ୍ରେସ କମିଟିର ଓ କଟକ ଜିଲ୍ଲା କଂଗ୍ରେସ କମିଟିର ସଭ୍ୟା ରୂପେ ସେ କାର୍ଯ୍ୟ କରି ଆସୁଅଛନ୍ତି । ସେ ତାଙ୍କର ସମ ପ୍ରାଣକୁ କଂଗ୍ରେସ କାର୍ଯ୍ୟରେ ଓ ଜନସେବାରେ ଓ ବିଶେଷତଃ ନାସ୍ତ ଜାତିର ପ୍ରଗତିରେ ଉତ୍ସର୍ଗ କରିଅଛନ୍ତି । କଂଗ୍ରେସ ତରଫରୁ ସେ ବର୍ତ୍ତମାନ ଓଡ଼ିଶା ବ୍ୟବସ୍ଥାପକ ସଭାରେ ନାସ୍ତ ନିର୍ବାଚନ ମଣ୍ଡଳରୁ ପ୍ରତିନିଧି ରୂପେ ନିର୍ବାଚିତ ହୋଇଅଛନ୍ତି । ବାଲ୍ୟବିବାହ ନିରୋଧ ଆଇନର ସଂଶୋଧନ, ଯୌତୁକ ପ୍ରଥା ନିରୋଧ Anti-slavery ବା Concubinage Bill (ଦାସୀ ବା ଘୋଇଲା ପ୍ରଥା ନିରୋଧକ ବିଲ୍), ପଶୁ ରକ୍ଷା ପ୍ରଭୃତି ସମ୍ବନ୍ଧରେ କେତୋଟି ବିଲ୍ ସେ ଓଡ଼ିଶା ଅସେମ୍ବ୍ଲୀରେ ଉପସ୍ଥାପିତ କରିଅଛନ୍ତି । ଦେଶର ଦୁରବସ୍ଥାରୁ ଓ ବିଶେଷତଃ ନାସ୍ତ ସମାଜର ମଙ୍ଗଳ ଦୃଷ୍ଟିରୁ ଅନେକଗୁଡ଼ିଏ ପ୍ରସ୍ତାବ ସେ ବ୍ୟବସ୍ଥାପକ ସଭାରେ ଥାଣ୍ ଉତ୍ଥାପନ କରି ଥାଇ ଅଛନ୍ତି । ଦେଶର ମ୍ୟୁନିସିପାଲିଟି ଓ ଲୋକାଲ୍ ବୋର୍ଡକୁ ସଂସ୍ପର୍ଶ ଦେଇ ସେ ବହୁତ ଭଲ କାର୍ଯ୍ୟ ମଧ୍ୟ କରିଅଛନ୍ତି । ଅନେକ ଲୋକହିତକର ଅନୁଷ୍ଠାନ ସହିତ ସେ ସଂପୃକ୍ତା । ଦେଶସେବା ଓ ନିଃସ୍ୱାର୍ଥପରତା ଯୋଗୁଁ ଆମ ଓଡ଼ିଶାରେ କାହିଁକି, ଭାରତର ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ସେ ସମ୍ମାନିତ ହୋଇଅଛନ୍ତି—ସଦର୍ଭ ଲେଖକ- ଶ୍ରୀ ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ ।]

ସରଳାଙ୍ଗ—ବି. ବ (ବୈଦ୍ୟକ)—ଶ୍ରୀପିଷ୍ଟ (ଦେଖ)
Saralāṅga Śripishṭa (See)

ସରଳାନ୍ତଃକରଣ—ବି. ବ(କର୍ମଧା, ସରଳ + ଅନ୍ତଃକରଣ)—ସରଳ ଚିତ୍ତ
Saralāntaḥ karaṇa (ଦେଖ)—Sarala chitta (See)
ବି. ବ (ବହୁବ୍ରୀହି)—ସରଳ ଚେତାଃ (ଦେଖ)
(ସରଳାନ୍ତଃକରଣା—ତ୧· ସ୍ତ୍ରୀ) Sarala chetāḥ (See)

ସରଲି—ପ୍ରାଦେ· (କାଲେଶ୍ୱର) ବ—ଶରାଳି (ଦେଖ)
Sarali Śarāli (See)

ସରଲି—ଦେ. ବ—ପଲ୍ଲଠାରୁ ଛୁଦ୍ର ଓ ଗଭୀରତର ଛୋଟ ପଲ୍ଲ—
Sarali A concave crucible or pan smaller
ମାଲସା and deeper than an ordinary one.
କୋହୀ [ଦ୍ର—ଏ ଥିରେ ଦହିରୁ ଛେନା ପ୍ରସ୍ତୁତ କରିଥାଏ ।]
(ସରଲଥ—ଅନ୍ୟରୂପ)

ସରଳିଆ—ଦେ. ବିଣ. ସ୍ତ୍ରୀ (ସଂ. ସରଳ)—୧ । ସରଳ; ନିଷ୍ପଟ—
Saraliā 1. Frank. ୨ । ଛେଚା ଓ ପତଳା; ସରୁ ଓ
(ସରଳୀ—ସ୍ତ୍ରୀ) ଲମ୍ବା—2. Tall and thin; slender

Digitized by srujanika@gmail.com

(ଭଥଃଥ—ଭଥସ୍ତତ) and long. ୩ । ସହଜ—3. Easy. ସରଳ ସରଳ ୪ । (ଅଳଙ୍କାର ଥଦ) ଯାହା ସହଜରେ ଅଙ୍ଗରେ ଗଲ ଯାଏ—4. (any ornament) Which easily fits into any limb. ଦେ. ବ—ସରଳ (ଦେଶ) Saraḷi (See)

ସରଳଥା—ପ୍ରାଦେ. (ଜଳାଦାଣ୍ଡ) ବ—ଡେନ୍ତୁଳଥାବନ୍ତ— Saraḷiā Centiped.

ସରଳଥା ଝାଡ଼ା—ଦେ. ବ—କୋଷ୍ଠ ଶୁଦ୍ଧି—Easy evacuation; Saraḷiā jhārdā free movement of the ସରଳ ବାହ୍ୟି, ସରଳ ଦାସ୍ତ୍ ଖୁଲାସା ଟଟ୍ଟୀ bowels. [ସରଳଥ ଦ(ଦା)ସ୍ତ, ସରଳଥ ଥୋଷସ୍ତ, ସରଳଥ ବାହାରସ୍ତ— ଅନ୍ୟରୂପ]

ସରଳିବା—ଦେ. କି (ସ. ସରଳ)—ଖଣ୍ଡାର ଖାପରୁ ବାହାରି ଆସିବାରେ Saraḷibā ଖଣ୍ଡାର ପହରୁ ସଳଖିବା—To straighten ସୋଜା କରା the blade of a sword after un- ସିଧା କରନା sheathing it. [ଉ—ଘାଇରେ ଫଟ୍ଟିମାନ ଅଣ୍ଡରେ କଣ୍ଡିଡ଼ଲେ, ସରଳ ଧୂସ ଖଣ୍ଡାମାନ ବାହାଁଇଲେ । କୃଷ୍ଣସିଂହ. ମହାଭାରତ. ବଳ ।]

ସରଳୋନ୍ନତ—ସ. ବ (ସରଳ ଅଥଚ ଉନ୍ନତ; କର୍ମଧା)— Saraḷonnata ସିଧା ଭାବରେ ଉଚ୍ଚ; ଡେଙ୍ଗା—Straight and high; tall.

ସରଶିଆ—ପ୍ରାଦେ. (ସମ୍ବଲପୁର) ବଣ—ସର୍ଶିଆ (ଦେଖ) Saraśiā Sarśiā (See)

ସରଶୁଆ(ଆଁ)ରି(ଲି)—ଦେ. ବ—ମିଷ୍ଟାନ୍ନ ବଶେଷ—Name of a Saraśuā(āñ)ri(li) sweetmeat enclosing cream in it. [ଉ—ଏଢ଼ା ମଇଦା ଅଖା, ଘିଅ ଓ ଦୁଧ ସରରେ ମିଶ୍ରିତ ଓ ଘୃତପକ୍ୱ ଦୋଇ ପ୍ରସ୍ତୁତ ଦ୍ରବ । ଏଥିମଧ୍ୟରେ ସରର ପୁର ମଧ୍ୟ ଦଆଯାଇ ଥାଏ ।]

ସରସ୍—ସଂ. ବ—ସରଃ (ଦେଖ)—Sarah (See) Saras ଦେ. ବଣ—ସରସ (ଦେଶ)—Sarasa (See)

ସରସ—ସଂ. ବ (ସୃ ଧାତୁ=ଗତି କରିବା+ଅଥ. ଅସ୍; ଉତ୍ପା ସ= ସହ+ରସ=ଜଳ)—ସରୋବର—Tank; ଗାରସ ଗାରସ ଭରସ୍ତତ lake; pond. ସଂ. ବଣ (ସହାର୍ଥ ବହୁବ୍ରୀହି; ସ=ସହ+ସରସ)—୧ । ରସଯୁକ୍ତ; ରସୁଆଳ— 1. Juicy; luscious. ୨ । ସ୍ୱାଦୁ; ମଧୁର— 2.Sweet; agreeable to the taste. ୩ । ନୂତନ; ତାଜା; ଭତ୍ତା—3. New; fresh; blooming (Apte). ୪ । ରସିକତାପୂର୍ଣ୍ଣ—4. Full of wit; humorous. ୫ । ପ୍ରଫୁଲ୍ଲ; ହାସ୍ୟଯୁକ୍ତ—5. Smiling; joyous. ୬ । ଆର୍ଦ୍ର; ଓଦା—6. Moist. ୭ । ସୁନ୍ଦର—7. Beautiful; charming; lovely (Apte). ୮ । ପ୍ରେମମୟ—8. Full of love; impassioned (Apte). ୯ । କବତାମୟ— 9. Expressive of poetical sentiment

ସରେସ (Apte). ଦେ. ବଣ—୧ । ଉତ୍କୃଷ୍ଟ—1. Excellent. ସରସ ୨ । ଉତ୍କୃଷ୍ଟତର—2. Superior. [ଉ—ସବୁ ଗଡ଼େ (ଗାରସ—ଭରସ୍ତତ) ରସ, ପୁଧି । ସ-ଅନୁପ୍ରାସ, ଶବ୍ଦାଳଙ୍କାର ଅଃଥାତ୍ ଲଘୁ ସଜ୍ଯୋଷ—ଗୋଲ୍ମେଳ· ଇନ୍ଦୁରେଖା ।] ୩ । ରସିକତା-ପୂର୍ଣ୍ଣ; ରସିକ; ରସଜ୍ଞ—3. Witty; humorous; appreciative of wit and humour. ୪ । ନାଗରତା ପୂର୍ଣ୍ଣ—4. Full of gallantry. ୫ । ସ୍ୱଗୁଣଗ୍ରାହକ—5. Appreciative of good qualities in others. ଦେ. ବ—ସରସା (ଦେଖ) Sarasā (See).

ସରସ କଥା—ସ. ବ—୧ । ରସିକତାଯୁକ୍ତ ବାକ୍ୟ—1. Witty or Sarasa kathā humorous words. ୨ । ଉତ୍କୃଷ୍ଟ (ସରସ ବଚନ—ଅନ୍ୟରୂପ) କଥା—2. Excellent words.

ସରସତା(ତ୍ୱ)—ସ.ବ (ସରସ+ଭାବେ.ତା,ତ୍ୱ)—ସରସ ହେବାର ଭାବ— Sarasatā(twa) The state of being Sarasa.

ସରସତୀ—ସ୍ତ୍ରୀ. ବ (ସ. ସରସ୍ୱତୀ; ସ୍ତ୍ରୀ· ସରସଇ)—୧ । ସରସ୍ୱତୀ Sarasatī ଦେବୀ—1. The Goddess Saraswati. ସରସତୀ [ଉ—ସରସତୀଙ୍କ ଗୁଣ ଭରେ । ଶିଶୁ ମୁଖ ଦେଖା ସରୋସତୀ, ସରସଈ ପ୍ରଭେ. ଶିଶୁବଚନ ।] [ଦ୍ର—ମକର ସରସ୍ୱତୀଙ୍କ ବାହାନ ଥିବାରୁ ଶିଶୁମାନେ ଜଳରେ କୁମ୍ଭୀରକୁ ଦେଖିଲେ ଏହି ପଦ ବୋଲି ଥାଆନ୍ତି ।] ୨ । ସରସ୍ୱତୀ ନାମରୁ ସ୍ତ୍ରୀର ଡାକ ନାମ—

2. A nick name for calling Saraswati.

ସରସ ପଣ(ପଣିଆ)—ଦେ.ବ—ସରସତା—The state of being Sarasa paṇa(paṇiā) ସରସତା ସରସାହ Sarasa.

ସରସ ବଦନ—ସ. ବ (କର୍ମଧା)—ପ୍ରଫୁଲ୍ଲ ମୁଖ; ହର୍ଷଯୁକ୍ତ ମୁଖ— Sarasa badana Laughing or smiling face. (ସରସ ମୁଖ—ଅନ୍ୟରୂପ) ସ. ବଣ· ପୁଂ (ବହୁବ୍ରୀହି)—ହାସ୍ୟ- (ସରସ ମୁହଁ—ବ ଦେଶଜରୂପ) ମୁଖ; ସହର୍ଷ ବଦନ—Having (ସରସ ମୁହାଁ—ବଣ ଦେଶଜରୂପ) a smiling face. (ସରସ ବଦନା, ସରସ ମୁଖା—ସ୍ତ୍ରୀ)

ସରସ ବଦନିଆ—ଦେ. ବଣ. ପୁଂ—ପ୍ରଫୁଲ୍ଲ ମୁଖଯୁକ୍ତ; ହାସ୍ୟମୁଖବଶିଷ୍ଟ Sarasa badaniā Having a smiling or laughing ସରସ ବଦନ ହସମୁହ face. (ସରସ ମୁଖା[ହାଁ]—ଅନ୍ୟରୂପ) (ସରସ ବଦନା; ସରସ ମୁଖା[ହାଁ]—ସ୍ତ୍ରୀ)

ସରସର—ଦେ. ବଣ—୧ । ଜୁଡ଼ୁବୁଡ଼ୁ; ଜରଜର; ବଶେଷତ୍ୱରେ Sarasara ତୈଳାଦଦ୍ୱାରା ଜର୍ଜରିତ ବା ଲେପିତ; ଅତି ଆର୍ଦ୍ର— ସପ୍ ସପ୍ 1. Copiously anointed or drenched ଜର୍ଜର, ସରାବୋର with oil or ghee. ୨। ଯାହା ଦେହରୁ ତୈଳାଦି ଜଳିଯି ବସ୍ତୁ ବୋହୁ ପଡ଼ୁଥାଏ—2. From which a liquid is dripping; much besmeared with. [ଉ—ଘାଣି ସରସର ।] ୩ । ଅମୁକରେ ପୂର୍ଣ୍ଣ—

Digitized by srujanika@gmail.com

3. Full of. [ଯଥା—ମଳ ସରସର ।] ଦେ. ଅ (ଅ. ସୀତ୍‌କାର)—୧। ଝଡର ବା ତୁଣର ବ୍ୟଥା କରଜା ଅବସ୍ଥା; ସିରୁସିରୁ—1. The aching condition of a boil or sore. ୨ । ସଲସଲ; ଗଲଗଲ ହେଉ ଅବସ୍ଥା—2. Tickling sensation. ୩ । ଦେହ ସୋରାକାନ୍ତ ବୋଧ ହେବା ଅବସ୍ଥା—3. A feeling of being unwell. ୪ । ଖଟା ଖାଇବା ଯୋଗୁଁ ଦାନ୍ତ ସଡ଼ ଚଢ଼ିବା—4. An uneasy sensation felt in the teeth on taking too much sour things. ଦେ. ବଙ୍ଗର ବଣ—ଅତ୍ୟନ୍ତ—Very much. (ଯଥା—ରଙ୍ଗସରସର ।) ଦି. ବଣ—ବାରଂବାର—Repeatedly. [ଉ—ସରସର ବଜାଇ ଭୁସୁସଙ୍ଗର ।]

ଟନଟନ
ସରସର

ସରସର—ବୈଦେ. ବଣ (ଫା. ସରସଙ୍ଗ)—ସର୍ଦ୍ଦର (ଦେଶ) Sarasari Sarsari (See)

ସରସର୍‌ଆ—ଦେ. ବଣ—ସରସର ବଣ (ଦେଶ) Sarasariā Sarasara adj (See)

ସରସା—ସଂ. ବଣ (ସରସ+ଅ) (ବୈଦ୍ୟକ)—ଶ୍ୱେତକୁଚୁଚ୍; ଧଳା ଛତୁଡ—White species of Ipomoea Turpethum. ଦେ. ବଣ—ସରସ (ଦେଶ) Sarasa (See)

Sarasā

ସରସ
ସରସ, ସରେସ

ସରସ
ପାନିସରା, ଦାନ୍ତର ଗୋଡ଼ା ଫୋଳା ଦେ. ବ—ଦନ୍ତ ରୋଗବଶେଷ—A sort of tooth disease resulting in the looseness of teeth and bleeding of the gums. [ଦୁ—ଏ ରୋଗରେ ଦାନ୍ତର ମୂଳ ଦୁନୁଲା ହୁଏ ଏବଂ ସାମାନ୍ୟ ଆଘାତରେ ଦାନ୍ତ ହଲେ ଓ ଦାନ୍ତ ମଢରୁ ରକ୍ତ ବହେ ।]

ସୁସିର

ସରସା ଦନ୍ତା—ଦେ. ବଣ. ପୁଂ—ସରସା ଦାନ୍ତିଆ (ଦେଶ)—Sarasā dantā Sarasā dāntiā (See) (ସରସା ଦାନ୍ତୀ—ସ୍ତ୍ରୀ)

ସରସା ଦାନ୍ତ—ଦେ. ବ—ସରସା ରୋଗଯୁକ୍ତ ଦାନ୍ତ—Tooth affected with the disease (looseness and bleedig of the gums).

Sarasā dānta

ପାନସେ ଦାଁତ **ସୁସିର ଦାଁତ**

ସରସା ଦାନ୍ତିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତିର ଦନ୍ତରୋଗ ଅଛି—Suffering from looseness and bleeding in the teeth or gingivitis.

Sarasā dāntiā

ପାନସେ ଦେଁତୋ **ସୁସିର ଦାଁତ ବାଲା**

(ସରସାଦାନ୍ତୀ, ସରସା ଦାନ୍ତୁଆ—ସ୍ତ୍ରୀ)

ସରସି—ସ୍ତ୍ରୀଦେ (ଷଡ଼ଥାଳ) ବ—ବଡ଼ାଇ; ବାହାଦୁସ୍ତ; ଆତ୍ମପ୍ରଶଂସା—Self-applause.

Sarasi

ସରସିଆ—ଦେ. ବଣ—ସରସ (ଦେଶ)—Sarasa (See)

Sarasiā ସରେସ **ସରସ**

ସରସିଆଁ ମାଳି—ସ୍ତ୍ରୀଦେ. (ଷଡ଼ଥାଳ) ବ—ସୋରଷ ପର ଗୋଟିରେ ଗଥିବା ସୁନାର ହାର; ସୋରଷିଆ (ସେରସୋ ମିଳ—ଅନ୍ୟରୂପ) ହାର—A necklace of mustardshaped beads.

Sarasiā māli

ସରସି(ସୀ)କ—ସଂ. ବ—ସାରସ ପକ୍ଷୀ—Sarasi(sī)ka Crane (bird) (Apte).

ସରସିଜ—ସଂ. ବ (ସରସି=ସରୋବରରେ+ଜନ୍ ଧାତୁ=ଜନ୍ମିବା, ଜ+କଞ୍ଚି. ଅ; ଅଲୁକ୍ ସମାସ)—ପଦ୍ମ; ସରୋରୁହ; ସରୋଜ—Lotus.

Sarasija

ସରସିତ—ଦେ. ବଣ (ପଦ୍ୟ)—ରସଯୁକ୍ତ—withy. [ଉ—Sarasita ସରସିତ ଚଉ ପୁଣି ବଣ୍ଟସ୍ୱ ସରସୀ । ଅଶେଷ ଗାଲୋ-ସରସିତ **ସରସିତ** ପୁଲକୁ ଯହୁଁ ସରକାଶି—ଭଜ. କୋଣ୍ଡବ୍ରାଣ୍ଡ ସୁନ୍ଦସ୍ୱ ।]

ସରସୀ—ସଂ. ବ. ସ୍ତ୍ରୀ (ସୃ ଧାତୁ ଗମନ କରିବା+ଅଧି. ଅଚ୍+ସ୍ତ୍ରୀ. ଈ)—ସରୋବର; ପୁଷ୍କରଣୀ—Tank; pond. [ଉ—ସରସୀ ବନାରେ ସାରସ ସରଜାଣ । ଅନଠାରେ ଅଛ ଦେ କଢ଼ କରଗଣ !—କୃଷ୍ଣସିଂହ. ସଦ୍ଭାଭ୍ରଉଦ୍ଭ. ବନ ।]

Sarasī

ସରସୀକ—ସଂ. ବ—ସାରସ ପକ୍ଷୀ (ଶବ୍ଦରତ୍ନାବଳୀ)—A sort of Indian crane.

Sarasīka

ସରସୀରୁହ—ସ. ବ (ସରସୀ=ସରୋବର+ରୁହ୍ ଧାତୁ=ଜନ୍ମିବା+କଞ୍ଚି. ଅ)—୧ । ସରୋରୁହ; ସରୋଜ; ପଦ୍ମ—1. Lotus. ୨ । ସାରସ ପକ୍ଷୀ—2. The crane (bird) (Apte).

Sarasīruha

ସରସୀରୁହେକ୍ଷଣା—ସ. ବଣ. ପୁଂ (ବହୁବ୍ରୀହି; ସରସୀରୁହ ପର ଈକ୍ଷଣ=ନୟନ ଯାହାର)—ପଦ୍ମ ପର ସୁନ୍ଦରନେତ୍ର-(ସରସୀରୁହେକ୍ଷଣା—ସ୍ତ୍ରୀ) ବଶିଷ୍ଟ—Having eyes beautiful or charming as the petals of a lotus flower.

ସରସୋଁ—ସ୍ତ୍ରୀଦେ. (ତତ୍ସର) ବ—(ସଂ. ସର୍ଷପ) ସୋରଷ—Sarasoñ Mustard seed.

ସରସ୍ତ—ସ୍ତ୍ରୀ. ବଣ (ସଦ୍ୟ) (ସଂ. ସ୍ରସ୍ତ)—ଶିଥିଳ—Slack. [ଉ—Sarasta ହସ୍ତେ ସରସ୍ତ ବଳାସ ରସ ବଶୀ ସଙ୍ଗୀତେ ନୁଭଇ ଢିଲା **ଶିଥିଳ** ଭ୍ରୂଭଙ୍ଗ । ପ୍ରାଚୀ. ରସବାରଧି ।]

ସରସ୍ୱତୀ—ସ. ବ. ସ୍ତ୍ରୀ (ସରସ୍=ଜଳ+ଅଚ୍ ଅର୍ଥରେ ବତ୍+ସ୍ତ୍ରୀ. ଈ)—୧ । ବାଗ୍‌ଦେବୀ; ବସ୍ତୁତଃ ଏକଦେବୀ ଯନ୍ତ୍ରୀ-ବଦ୍ୟାର ଅଧିଷ୍ଠାତ୍ରୀ ଦେବୀ—1. The Hindu Goddess of learning and speech. [ଉ—ସୃଷ୍ଟି ସମୟରେ ଏ ଧର୍ମଦେବଙ୍କ ବାମ ପାର୍ଶ୍ୱରୁ ଅବତୁର୍ଣ୍ଣ ହୋଇଥିଲେ । ଏ ଶୁକ୍ଳବର୍ଣ୍ଣ, ମସ୍ତକର ବା ଢଂସାରୁଡ଼ା, ଶ୍ୱେତପଦ୍ମାସନା, ବୀଣା ପୁସ୍ତକଧାରିଣୀ ଓ ବଦ୍ୟାର ଅଧିଷ୍ଠାତ୍ରୀ ଦେବୀ । ମାଘ ଶୁକ୍ଳପଞ୍ଚମୀ ବା ଶ୍ରୀପଞ୍ଚମୀ ଦନ ଓ ଶିଶୁଙ୍କ ବଦ୍ୟାରମ୍ଭ କାଳରେ ଏହାଙ୍କର ପୂଜା କରିଥାଏ । ବ୍ରହ୍ମ-ବୈବର୍ତ୍ତ ପୁରାଣରେ ଏ ଦେବୀଙ୍କ ଉତ୍ପତ୍ତି ବସ୍ତୁରେ ଲେଖା ଅଛି ଯେ, ପରମାତ୍ମାଙ୍କ ମୁଖରୁ ଶୁକ୍ଳବର୍ଣ୍ଣୀ, ବୀଣାଧାରିଣୀ ଓ ତୋଟିତନ୍ତ୍ର ପ୍ରଭା ଦେବୀ ଅବତୁର୍ଣ୍ଣ ହେଲେ । ଏ ଦେବୀ ଶ୍ୱେତ ଓ ଶୀତ ପଦ୍ମରେ ବେଷ୍ଟିତା ଓ ସର୍ବଦେବମାନଙ୍କ ବନ୍ଦନୀୟା ।

Digitized by srujanika@gmail.com

ଏ ବାଗଧ୍ୱଷ୍ଟାଦ୍ୟୀ ଦେବୀ । ଏହି ପୁରାଣରେ ଗଣେଶ ଖଣ୍ଡରେ ଲେଖାଅଛି ଯେ, ମନ୍ୱନ୍ତରକାଳରେ ପ୍ରଧାନାଶକ୍ତି ଈଶ୍ୱରଙ୍କ ଇଚ୍ଛାନୁସାରେ ପଞ୍ଚଧା ବିଭକ୍ତା ହେଲେ, ଯଥା—ରାଧା, ପଦ୍ମା, ସାବିତ୍ରୀ, ଦୁର୍ଗା ଓ ସରସ୍ୱତୀ । ଏମାନଙ୍କ ମଧ୍ୟରୁ ବାଗଧ୍ୱଷ୍ଟାଦ୍ୟୀ, ଶାସ୍ତ୍ରଜ୍ଞାନଦାୟିନୀ, କୃଷ୍ଣତୁଲ୍ୟାଦ୍ଭବା ଦେବୀ ସରସ୍ୱତୀ ଜଣେ ଅଟନ୍ତି । ଶ୍ରୀକୃଷ୍ଣ ପ୍ରଥମେ ଏ ଦେବୀଙ୍କ ପୂଜା କଲେ । ଏ ଦେବୀଙ୍କ ଅରାଧନାରେ ମନ୍ତ୍ର ପଣ୍ଡିତ ହୁଏ । ମାଘ ମାସର ଶୁକ୍ଲପଞ୍ଚମୀରେ ଓ ଶ୍ରୀଶୁଙ୍କ ବଦ୍ୟାରମ୍ଭକାଳରେ ଏ ଦେବୀଙ୍କର ପୂଜା କରାଯାଏ । ଶ୍ରୀକୃଷ୍ଣଙ୍କ ଜ୍ଞାନଦେଶକ୍ରମେ ଏ ଦେବୀ ନାରାୟଣଙ୍କୁ ଭଜନା କଲେ । ମାଘ ମାସ ଶୁକ୍ଲ-ପଞ୍ଚମୀର ସରସ୍ୱତୀ ପୂଜା ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରବର୍ତ୍ତିତ । ଈଶ୍ୱର-ତୋଷ ।] ୨ । ବାଣୀ; ବାକ୍ୟ; କଥା—2. Word; speech. [ଜ—ବାଳାସ୍ନେହ-ସରସ୍ୱତୀଙ୍କ 'ଘାଳ, ବନ୍ଦନ ସରସ୍ୱତୀରେ ସେ ମିଳ । ଭଞ୍ଜ. ବୈଦେପ୍ରାଶବଳାସ ।] ୩ । ସ୍ତ୍ରୀରତ୍ନ; ଉତ୍ତମା ସ୍ତ୍ରୀ (ମେଦଙ୍ଗ)—3. An excellent lady. ୪ । ସୋମଲତା (ଶବ୍ଦଚନ୍ଦ୍ରିକା)—4. The 'Soma' creeper. ୫ । ମନୁପତ୍ନୀବିଶେଷ (ମେଦଙ୍ଗ)—5. One of the wives of Manu. ୬ । ଗୋ; ଗାଈ (ମେଦଙ୍ଗ)—6. Cow. ୭ । ଲେମ୍ବାଉ-ଷ୍ଟୁଙ୍ଗ (ବ୍ରଜବର୍ଦ୍ଧଣ୍ଡ)—7. A creeper. ୮ । ବ୍ରାହ୍ମୀ (ବ୍ରଜ-ବର୍ଦ୍ଧଣ୍ଡ)—8. A pot-herb. ୯ । ମଣ୍ଡୁକପର୍ଣ୍ଣୀ; ଥାଲକୁଡ଼ି—9. The Indian pennywort. ୧୦ । ଦୁର୍ଗା—10. The Goddess Durgā. [ଦ୍ର—ଦେବୀ-ଭାଗବତରେ ଅଛି ଯେ, ଅନନ୍ତଶକ୍ତି ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ଏହି ତିନି ଶକ୍ତି ପ୍ରଦାନ କଲେ । ଅନନ୍ତଶକ୍ତି ବ୍ରହ୍ମାଙ୍କୁ କହିଲେ ତୁମ୍ଭେ ଏହି ବିଶ୍ୱରୂପା, ଗୁରୁବାସିନୀ, ତ୍ରିଗୋଗୁଣଯୁକ୍ତା ଶ୍ୱେତାମ୍ବରଧାରିଣୀ, ଶ୍ୱେତ ସରୋଜବାସିନୀ ମହାସରସ୍ୱତୀ ନାମ୍ନୀ ଶକ୍ତିଙ୍କୁ ବାଗ୍ଭିଳାସଦ୍ରବସ୍ୱ-ରୂପେ ଗ୍ରହଣ କର । ଈଶ୍ୱରତୋଷ ।] ୧୧ । ଅଯୋଧ୍ୟାର ନଦୀ ବିଶେଷ -11. Name of a river, a branch of the Ganges. [ଜ—ସରସ୍ୱତୀ-ସମୁଦ୍ର-ସଙ୍ଗମରେ ସ୍ନାନ, କଲେ ସତ ଗୋଦେ ସତ୍ତର୍ଷେ ଗାଈ ଦାନ । କୃତ୍ତିବାସ· ମହାତ୍ମରତ, ବନ ।] [ଦ୍ର—ହିନ୍ଦୁ ପୁରାଣୋକ୍ତ ପୁଣ୍ୟସଲିଳା ୭ଟି ନଦୀ (ଗଙ୍ଗା, ଯମୁନା, ଗୋଦାବରୀ, ସରସ୍ୱତୀ, ନର୍ମଦା, ସିନ୍ଧୁ, କାବେରୀ) ମଧ୍ୟରୁ ଏହା ଗୋଟିଏ । ଦେବ ପୂଜାଦିକାଳରେ ପୂଜାର୍ଥଜଳରେ ଏହି ସାତୋଟି ନଦୀର ଜଳକୁ କଳ୍ପନା କରି ତତ୍ତ୍ୱାରା ପୂଜା କରାଯାଏ । ମନୁ ଲେଖିଛନ୍ତି ଯେ, ସରସ୍ୱତୀ ଓ ଦୃଷଦ୍ୱତୀ ନାମ୍ନୀ ଦେବନଦୀଦ୍ୱୟର ମଧ୍ୟବର୍ତ୍ତୀ ଦେଶକୁ ବ୍ରହ୍ମାବର୍ତ୍ତ ଏବଂ ଏହି ଦେଶରେ ପ୍ରଚଳିତ ଆଚାରକୁ ସଦାଚାର ବୋଲଯାଏ । ମହାତ୍ମରତ ଓ ବ୍ରହ୍ମବୈବର୍ତ୍ତ ପୁରାଣରେ ସମୁଦାୟ ନଦୀଙ୍କ ମଧ୍ୟରେ ଏ ନଦୀ ଅତି ପବିତ୍ର ବୋଲି କଥିତ । ବ୍ରହ୍ମବୈବର୍ତ୍ତ ପୁରାଣରେ ଏ ନଦୀର ଉତ୍ପତ୍ତି ବିଚରଣ ନିମ୍ନଲିଖିତରୂପେ ବର୍ଣ୍ଣିତ ହୋଇଅଛି । ଲକ୍ଷ୍ମୀ, ସରସ୍ୱତୀ ଓ ଗଙ୍ଗା ଦ୍ୱାରପତ୍ନୀ ଥିଲେ । ଏକଦା ବିଷ୍ଣୁଙ୍କର ଗଙ୍ଗାଙ୍କ ପ୍ରତି ବେଶି ପ୍ରେମ ଥିବା ଦେଖି ସରସ୍ୱତୀ ଗଙ୍ଗାଙ୍କ ଉପରେ ରାଗ କରି ଅଭିଶାପ ଦେଲେ; ସେହି ଅଭିଶାପ ଫଳରେ ଗଙ୍ଗା ନଦୀରୂପ ଧାରଣ କଲେ । ଗଙ୍ଗା ଏଥିରେ କୁପିତ ହୋଇ ସରସ୍ୱତୀଙ୍କୁ ଶାପ ଦେବାରୁ ସରସ୍ୱତୀ ମଧ୍ୟ ଗୋଟିଏ ନଦୀ ହେଲେ । ବେଦ ଓ ପୁରାଣାଦିରୁ ଦେଖାଯାଏ ଯେ, ଏକାଧିକ ଅଞ୍ଚଳରେ ସରସ୍ୱତୀ ନଦୀର ଅବସ୍ଥାନ କଳ୍ପିତ ହୋଇଥିଲା । ବୈଦିକ ଯୁଗର ଆର୍ଯ୍ୟମାନେ ଉତ୍ତର-ପଶ୍ଚିମ ଭାରତରେ ସିନ୍ଧୁନଦୀ କୂଳରେ ପଞ୍ଚନଦ ପ୍ରଦେଶରେ ଉପନିବେଶ କଲେ । ତହିଁରେ କ୍ରମଶଃ ପୂର୍ବଅଞ୍ଚଳକୁ ଅଗ୍ରସର ହୋଇ ସପ୍ତସିନ୍ଧୁ ସରସ୍ୱତୀ ତୀରରେ ବାସକଲେ । ଋଗ୍ବେଦ ସଂହିତାରୁ ଜଣାଯାଏ ଯେ, ଏ ନଦୀ ମଧ୍ୟଅସିଆରୁ ବାହାର ଆର୍ଯ୍ୟ-ମାନଙ୍କ ଉପନିବେଶ ସ୍ଥାନକୁ ପ୍ରବାହିତ ହେଉଥିଲା ଓ ଏହି ନଦୀଜଳର ସାହାଯ୍ୟରେ ଆର୍ଯ୍ୟମାନେ ଶସ୍ୟାଦି ଉତ୍ପାଦନ କରି ସମୃଦ୍ଧିମନ୍ତ ହୋଇ ଏ ନଦୀକୁ ଦେବନଦୀ ରୂପେ ପୂଜା କରୁଥିଲେ । ତହିଁରେ ସେମାନେ ଆହୁରି ପୂର୍ବକୁ ଆସି ଆଉ ଗୋଟିଏ ନଦୀକୁ ସରସ୍ୱତୀରୂପେ ପୂଜା କଲେ । ତହିଁରେ ପୁଣି ଆହୁରି ପୂର୍ବକୁ ଆସି ଆଉ ଗୋଟିଏ ନଦୀର ସରସ୍ୱତୀ ନାମ ଦେଲେ ବୋଲି ଜଣାଯାଏ । ସରସ୍ୱତୀ ନଦୀ ଅଳ୍ପାବାଦ (ପ୍ରୟାଗ) ଠାରେ ଗଙ୍ଗା ଓ ଯମୁନା ସଙ୍ଗେ ମିଳିତ ହୋଇ ତ୍ରିବେଣୀ ସୃଷ୍ଟି କରିଥିଲା । ବର୍ତ୍ତମାନ ସରସ୍ୱତୀ ନଦୀର ଚିହ୍ନ ପ୍ରୟାଗଠାରେ ମିଳେ ନାହିଁ । କେଦୋଲ୍ରୁ ସରସ୍ୱତୀ ନାମ୍ନୀ ନଦୀ ସିମଲା ଦକ୍ଷିଣସ୍ଥ ସିରମୁର ରାଜ୍ୟର ପର୍ବତମାଳାରୁ ବାହାର କୁରୁକ୍ଷେତ୍ର ବାଟେ କର୍ଣ୍ଣାଲ ଜିଲ୍ଲା ଓ ପଟିଆଲ ରାଜ୍ୟବାଟେ ସିର୍ସା ଜିଲ୍ଲାର ଭାଗାର (ଦୃଷଦ୍ୱତୀ) ନଦୀରେ ମିଶି ରାଜପୁତାନାର ମରୁ ପ୍ରଦେଶରେ ବିଲୀନ ହୋଇଅଛି । ବୈଦିକ ଯୁଗରେ ଏ ନଦୀ ବହିଯାଇ ପ୍ରୟାଗଠାରେ ଗଙ୍ଗାଯମୁନାସଙ୍ଗମରେ ଗଙ୍ଗାରେ ପଡ଼ୁଥିଲା । ବର୍ତ୍ତମାନ ଯେଉଁ ଯେଉଁ ସ୍ଥାନରେ ସରସ୍ୱତୀ ଅନ୍ତଃସଲିଳା (ଅଦୃଶ୍ୟ) ହୋଇଅଛି, ପୁରାଣରେ ସେ ସ୍ଥାନମାନଙ୍କୁ ବିନଶନ ବୋଲିଯାଏ । ଆଉ ଗୋଟିଏ ସରସ୍ୱତୀ ନଦୀ ରାଜପୁତାନାର ଅବୁ ପାହାଡ଼ରୁ ବାହାର ପାଲନପୁର ଓ ରାଧନପୁର ରାଜ୍ୟବାଟେ ବୋହି ଯାଇଅଛି (ପୁନଃପୁରାଣ ରେବାଖଣ୍ଡ) । ଆଉ ଗୋଟିଏ ସରସ୍ୱତୀ ନଦୀ ବଙ୍ଗଦେଶର ଡୁମୁଲ ଜିଲ୍ଲାର ସପ୍ତଗ୍ରାମବାଟେ ଯାଇ ଗଙ୍ଗାରେ ପଡ଼ିଥିଲା । ଏହା ବର୍ତ୍ତମାନ ଗୋଟିଏ ନାଲିର ଆକାର ଧାରଣ କରିଅଛି । ଏ ନଦୀ ଗଙ୍ଗାରେ ବୈଦ୍ୟବାଟି ଜଳଦ୍ୱରେ ପଡ଼ିବା ସ୍ଥାନରେ ଛୋଟିଟି ସ୍ରୋତ ମିଳିତ ହୋଇଥିବାରୁ ଏ ସ୍ଥାନର ନାମ ମଧ୍ୟ ତ୍ରିବେଣୀ ଓ ଏହା ତୀର୍ଥରୂପେ ପରିଚିତ । ଋଗ୍ବେଦରେ ସରସ୍ୱତୀ ସମୁଦ୍ରବାହିନୀ ବୋଲି ଲେଖା ଅଛି ଓ ବୈଦିକ କାଳରେ ଏ ଦେବତାରୂପେ

Digitized by srujanika@gmail.com

ସ୍ତୁତ। ବେଦରେ ସରବତ୍ତୀ ବାଜସନେୟୀ ସଂହିତା ଓ 'ବ୍ରାହ୍ମଣ' ଗ୍ରନ୍ଥରେ ସରସ୍ୱତୀଙ୍କୁ ବାଗ୍‌ଦେବୀ କୋଲ୍ଲ ଯାଇଅଛି । ପୁରାଣମାନଙ୍କରେ ସରସ୍ୱତୀଙ୍କୁ ବ୍ରହ୍ମାଙ୍କ କନ୍ୟା ଓ କେତେକ ଗ୍ରନ୍ଥରେ ବ୍ରହ୍ମାଙ୍କ ସ୍ତ୍ରୀ ଓ ମହାଭାରତରେ ଦକ୍ଷପ୍ରଜାପତିଙ୍କ କନ୍ୟା କୋଲ୍ଲ ଲେଖାଯାଇଅଛି ।

(ଶବ୍ଦକୋଷ)

ବୈଦ୍ୟଶାସ୍ତ୍ର ଅନୁସାରେ ସରସ୍ୱତୀ ନଦୀର ଜଳ ସ୍ୱସ୍ଥାଦୁ, ଲଘୁପାକ, ରୁଚିକର, ଅଗ୍ନିବର୍ଦ୍ଧକ, ପରମ ଓ ସର୍ବରୋଗହର ଅଟେ ।] ୧୨ । ସାୟଂ-ସନ୍ଧ୍ୟାରେ ଗାୟତ୍ରୀ ଜପକାଳରେ ବ୍ରାହ୍ମଣଙ୍କର ଧ୍ୟେୟା ଦେବୀ—12. The Goddess contemplated by the Brāhmaṇas during the evening prayers. [ଦ୍ର—ଏହାଙ୍କର ବୃତ୍ତାବସ୍ଥା, ବୃଷ୍ଟାବର୍ଣ୍ଣ ଦେହ, ବୃଷ୍ଟାମ୍ବର, ବୃଷବାହନ ଓ ତ୍ରିନୟନ ଅଟେ । ଏହାଙ୍କ ହସ୍ତରେ ତ୍ରିଶୂଳ ଓ ଡମରୁ । ଏ ରକ୍ତମଣ୍ଡଳମଧ୍ୟସ୍ଥା ଓ ରୁଦ୍ରଦେବତାରୁପେ କଳ୍ପିତା ।] ୧୩ । ରୁଦ୍ରାଣୀ—13. The wife of Śiba. ୧୪ । ବ୍ରହ୍ମାଣୀ—14. The wife of Brahmā. [ଦ୍ର—ତନ୍ତ୍ର ଭାଗବତ ମତରେ ସରସ୍ୱତୀ ବ୍ରହ୍ମାଙ୍କ ସ୍ତ୍ରୀ, କନ୍ତୁ ବ୍ରହ୍ମବୈବର୍ତ୍ତପୁରାଣ ଅନୁସାରେ ଲକ୍ଷ୍ମୀ ଓ ସରସ୍ୱତୀ ଉଭୟେ ନାରାୟଣଙ୍କ ପତ୍ନୀ । କୌଣସି କୌଣସି ପୁରାଣରେ ଅଛି ଯେ, ସରସ୍ୱତୀ ବ୍ରହ୍ମାଙ୍କ କନ୍ୟା । କନ୍ତୁ ଏକ ସମୟରେ ବ୍ରହ୍ମା ସ୍ୱୀୟ କନ୍ୟାଙ୍କୁ ଦେଖି କାମମୋହିତ ହେଲେ; ପରେ ଅତି କଷ୍ଟରେ କାମବେଗ ଦମନ କରି କାମଦେବଙ୍କୁ ଅଭିଶାପ ଦେଲେ । ଉକ୍ତ ଅଭିଶାପ ଫଳରେ ପରେ ମହାଦେବଙ୍କ ନୟନାନଳରେ କାମଦେବ ଭସ୍ମୀଭୂତ ହେଲେ । ଶବ୍ଦକୋଷ ।] ଦେ. ବ. ସ୍ତ୍ରୀ—୧ । ଜୈନଦେବୀ ବିଶେଷ—1. A female Deity worshipped by the Jainas. ୨ । ସ୍ତ୍ରୀ ଲୋକଙ୍କ ନାମ—2. A name given to females. ୩ । (ପୁଂ) ପଣ୍ଡିତମାନଙ୍କୁ ଦିଆଯିବା ଉପାଧି ବିଶେଷ—3. A title bestowed on pandits. [ଦ୍ର—ସ୍ୱର୍ଗତ ଫକୀରମୋହନ ସେନାପତିଙ୍କୁ ବାମଣ୍ଡାର ସ୍ୱର୍ଗତ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନଦେବ ସରସ୍ୱତୀ ଉପାଧି ଦେଇଥିଲେ ।]

ସରସତୀ
सरस्वती

ସରସ୍ୱତୀ କଣ୍ଠାଭରଣ—ସଂ. ବ (ଶ୍ରୀ ଭଜ୍; ସରସ୍ୱତୀ+କଣ୍ଠ+ଆଭରଣ) Saraswatī kaṇṭhābharaṇa —୧ । କଣ୍ଠସ୍ଥିତ ସରସ୍ୱତୀ ଦେବୀଙ୍କର ବା ସରସ୍ୱତୀ ମୂର୍ତ୍ତିଙ୍କ ଗଳାର ହାର—1. The necklace of the Deity Saraswatī. ୨ । (ନାମ) ଖାଟିଆ ଭାଲ ପଦରୁ ଗୋଟିଏ (ହ. ଶ)—2. Name of one of the 60 musical cadence. ୩ । ଭୋଜରାଜ କୃତ ଅଳଙ୍କାର ଗ୍ରନ୍ଥବିଶେଷ (ହ. ଶ)—3. Title of a Sanscrit work on rhetoric by king Bhoja. ୪। ପ୍ରମାର ବଂଶୀୟ ରାଜା ଭୋଜରାଜଙ୍କଦ୍ୱାରା ପ୍ରତିଷ୍ଠିତ ଧାରାନଗରସ୍ଥ ବିଦ୍ୟାଳୟର ନାମ—4. Name of a school started by king Bhoja.

ସରସ୍ୱତୀଙ୍କ ବର ପୁତ୍ର—ଦେ. ବ—ମହା ପଣ୍ଡିତ ବା ମହା ଜ୍ଞାନୀ ସରସ୍ୱତୀର ବର ପୁତ୍ର
सरस्वतीका वर पूत्र

Saraswtīnka bara putra A gifted poet or very learned person. [ଦ୍ର—ଜାଳ-ସରସ୍ୱତୀକା ବର ପୂତ୍ର ବାସ ସରସ୍ୱତୀଙ୍କ ବର ପୁତ୍ର ବୋଲି ବଙ୍ଗୀୟ ଲୋକଥରେ ।]

ସରସ୍ୱତୀ ପୁତ୍ର (କୁଟୁମ୍ବ)—ସଂ. ବ—ପଣ୍ଡିତ ବା ବିଦ୍ୱାନ୍ ବ୍ୟକ୍ତି—Saraswatī putra (kuṭumba) A pandit or learned man.

ସରସ୍ୱତୀ ପୂଜା—ସଂ. ବ—ମାଘ ଶୁକ୍ଳ ପଞ୍ଚମୀ ବା ଶ୍ରୀପଞ୍ଚମୀଦିନ ବିଦ୍ୟାଧିଷ୍ଠାତ୍ରୀ ସରସ୍ୱତୀ ଦେବୀଙ୍କ ପୂଜା—Saraswatī pūjā The worship of the Goddess of learning; Saraswatī on the 5th day of the bright lunar fortnight of the month of Māgha.

ସରସ୍ୱତୀ ବାଲବାଣୀ—ସଂ. ବ—ବାଳ ଜନୋଚିତ ଭାଷା (ଶବ୍ଦକୋଷ)—Saraswatī bālabāṇī The laugnage used by children. [ଦ୍ର—ଏଥିରେ ର ଓ ଳ ସ୍ଥାନରେ ଲ, ଶ ସ୍ଥଳରେ ଛ ଇତ୍ୟାଦିରୂପ ଲକ୍ଷିତ ହୁଏ ।]

ସରସ୍ୱତୀ ବିଳାସ—ସଂ. ବ (ନାମ)—ହିନ୍ଦୁଲର ରାଜା ପ୍ରତାପରୁଦ୍ର Saraswatī bilāsa ଦେବଙ୍କ ସଙ୍କଳିତ ସ୍ମୃତି ସମ୍ବନ୍ଧୀୟ ପ୍ରସିଦ୍ଧ ଗ୍ରନ୍ଥ—
सरस्वती विलास

Name of a treatise on Hindu law and usage by king Pratāparudra Deba of Orissa. [ଦ୍ର—ଦାକ୍ଷିଣାତ୍ୟରେ ଏହା ପ୍ରାମାଣିକ ସ୍ମୃତି ଗ୍ରନ୍ଥରୂପେ ବ୍ୟବହୃତ ।]

ସରସ୍ୱାନ୍—ସଂ. ବ(ସରସ୍+ମତ୍=ଜଳ+ଅଛ ଅର୍ଥରେ ବତ୍); ୧ମା. ୧ବ)—Saraswān ୧ । ସରୋବର—1. Tank; lake. ୨ । ନଦ—2. River. ୩ । ସମୁଦ୍ର—3. The ocean. ୪ । ମହିଷ—4. A buffalo. ସଂ. ବଶ—ରସଯୁକ୍ତ—Juicy.

ସର(ରି)ହଦ୍(ଦ୍)(ଦ୍ଧ) (ଇତ୍ୟାଦି)—ବୈଦେ. ବ (ଆ. ସରହଦ୍)—Sara(ri)had(dd) (etc) ସର୍ହଦ୍ ଇତ୍ୟାଦି (ଦେଶ)
सरहद **सरहद्** Sarhad etc (See)

ସରହସ୍ୟ—ସଂ. ବଶ (ବହୁବ୍ରୀହି; ସ=ସହିତ+ରହସ୍ୟ)—୧ । Sarahasya ସମନ୍ତ୍ରକ; ମନ୍ତ୍ର ସହିତ—1. Joined with mystic formulae. ୨ । ସୋପନିଷତ୍—2. Joined with Upanishad. ୩ । ରହସ୍ୟଯୁକ୍ତ—3. Mystical; magical.

ସରା—ସଂ. ବ (ସୃ ଧାତୁ=ଗତି କରିବା+ଅ+ଆ)—୧ । ଝରଣା—Sarā 1. A spring. ୨ । (ବୈଦ୍ୟକ)—ପଥାରୁଣୀ ଲତା; ଗନ୍ଧରଦା; ପ୍ରସାରଣୀ—2. Pæderia Foetida (creeper). ଦେ. ବ—୧ । (ସଂ. ସର)—ସରୁ; ଛଡ଼ ଏକାଧିକ ଶିଅଯୁକ୍ତ ମାଳା ଅଦର ଶିଅ; ସୋତ୍—1. String (of garlands etc). ୨ । (ସଂ

ସରା ସରାଇ; କସୋରି ସରାଇ ସରାୟ ସରାୟ(ଇ) ଖୋନେବାଲା ସରା(ରେ)ଇ ସରାଇ ସରାୟ(ଇ) ଖୋନେବାଲୀ ସରା(ରେ)ଇକ(କେ)ଲା ସରାଇକ(କେ)ଲା ସରା(ରେ)ଇ ଦେ(ନେ)ବା ସରା(ରେ)ଇବା ସରାନ ହାରାନ ସରାନ ହଟାନା ସରାଏ ଏକସରା ଏକଛଡ଼ ସରାକ, ସରାକ ସରାକତ ସ(ସୁ)ରାକତ ସରାକତ ସରାକତି ସରାକତକା ସରାକତ କାରବାର ସ(ସୁ)ରାକତି କାରବାର ସରାକତ ନାମା ସରାଗ ସରାଗ

ସରା ସରାଇ (ଦେଶ)—2. Sarā (See) [ଦ୍ର—ବୃକ୍ଷ ସଦେ ସ୍ଥିତ ଢୋଇ କେଣ୍ଡୁ । ବଳକୁ ଅଭୁକ୍ତ ସମି ଧସ୍ତ ସଟଣ ସସ୍ତ—ସ୍ତ୍ରଧାକାଥ. ମହାଯାତ୍ରା] ବୈଦେ ବ—୧ । ମୁସଲମାନ୍‌ମାନଙ୍କର ଦାୟାଧିକାର ଧର୍ମଶାସ୍ତ୍ର—1. The law of inheritance of the Mahamedans; the Mahomedan law-book of succession. ୨ । (ଅ. ସସ୍ତଇ) ସସ୍ତଇ; ଘାଡୁ-ବବାସ; ଚଟ୍ଟୀଘର—2. Inn. ଦେ. ବଣ. ପୁଂ (ଅନ୍ୟ ଇଜତ ଖୋୟା ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ସମ୍ଭତସସ୍ତ; ଇଜତ-ସସ୍ତ)—୧ । ଯାହାଦ୍ୱାସ୍ତ (ସମ୍ଭୁଜ୍ଜ ଅଦ) ସରଯାଏ ବା ନଷ୍ଟ ହୁଏ; ନଷ୍ଟିକାସ୍ତ—1. Causing loss of (reputation, honour). (ଯଥା—ନାଆଁସସ୍ତ, =ସ୍ତନାମ ନଷ୍ଟିକାସ୍ତ ।) ୨ । ପେଉଁ ବ୍ୟକ୍ତି ସାର୍ ଦଏ—2. (a person) Causing loss of. (ଉ—ଇଜତ ସସ୍ତ ଲୋକ ।)

ସରା(ରେ)ଇ—ବୈଦେ. ବ (ଅ. ସସ୍ତଇ)—୧ । ଘାଡୁଶାଳା; ବାଟରେ ପଥିକମାନଙ୍କର ବଶ୍ରାମ କରବାର ସ୍ଥାନ; ଚଟ୍ଟୀ—1. Caravanserai; an inn; serai. ୨ । ଖାନଶାଳା; ମଦଖଟି—2. A drinking house; a tavern. ଦେ. ବଣ. ସ୍ତ୍ରୀ (ଅନ୍ୟ ଶବ୍ଦ ପରେ ଲଗେ) —ସସ୍ତଇ ସ୍ତ୍ରୀଲିଙ୍ଗ—Feminine form of Sarā. ପ୍ରାଦେ. (ଘାଟଣୀ) ବ—ଅଟିଆ—A small earthen cooking pot.

ସରାଇକ(କେ)ଲା—ଦେ. ବ (ନାମ)—ବଙ୍ଗଳାରେ ପଢ଼ାଇବଳା ନାମର ଅପଭ୍ରଂଶ ଆକାର; ସଡ଼େଇକଳା ଘଡ଼ୁ-ଲାଇ—Sareikela (of the Orissa States). [ଦ୍ର—ସଂସ୍କୃତ ଷୋଡ଼ଶକଳା ଶବ୍ଦ ବଙ୍ଗଳାରେ ସସ୍ତଇ-କ(କେ)ଲ ଓ ଇଂସ୍ତଇରେ ସେସ୍ତଇକେଲ୍ଲ (Seraikela) ଢୋଇଅଛୁ । ଏହିଭୂମି ଉଳେ ନୋହ୍ ଦେଶ ।]

ସରା(ରେ)ଇ ଦେ(ନେ)ବା—ଦେ. କି (ବଙ୍ଗଳାରୁ ଅନୁକୃତ)—Sarā(re)i de(ne)bā ସ୍ଥାନାନ୍ତରିତ କରବା; ଘୁଞ୍ଚାଇ ଦେବା—ସରିଯେ ଦେଓୟା (ନେଓୟା) हटा देना (लेना) To remove.

ସରା(ରେ)ଇବା—ଦେ. କି (ସଂ. ସୃ. ଧାତୁ ଶିର୍; ସାର୍ ଧାତୁ)—Sarā(re)ibā ୧ । ସାରିବା (ଦେଶ)—1. Sāribā (See) ଶେଷ କରନା (ଉ—ସସ୍ତଇବ ଭାବ ଅଙ୍ଗଦେଶର—ଅରମନ୍ୟୁ. ବଦଶ୍ଚରନ୍ତାମଣି ।) ୨ । ହଜିଯିବା—2. To lose. (ଉ—ଅଢ଼େଇ ଦନକୁ ବଢ଼େଇ ଘରେ. ସମ୍ଭତ ସରେଇଲ୍ଲ—ଉଗ) ୩ । (ବଙ୍ଗଳାରୁ ଅନୁକୃତ) ସରଜାଇବା; ଘୁଞ୍ଚାଇବା—3. To remove.

ସରାଏ—ଦେ. ବଣ ଓ ବ—୧ । (ହାରଅଦର) ଏକ ସରି ମାଳ—1. One string only (of a necklace). [ଦ୍ର—ବଶେଷଣ ପ୍ରୟୋଗରେ ସସ୍ତଏ ଶବ୍ଦ ବଶେଷ୍ୟର ପରେ ଲଗେ । ଯଥା—ସସ୍ତଏ ସୂତା; ବଶେଷ୍ୟ ପ୍ରୟୋଗରେ ଅନ୍ୟ ବଶେଷ୍ୟର ପରେ ଲଗେ ।ଯଥା—ହାର ସସ୍ତଏ ଘୁଣ୍ଟି ଦଅ ।] ୨ । ଏକ ସସ୍ତଏ ପରମିତ—2. One Sarā (small earthen saucer) of. (ଯଥା—ବଶେଷଣରେ ସସ୍ତଏ ଗୁଡ଼, ବଶେଷ୍ୟରେ ଗୁଡ଼ ସସ୍ତଏ ।)

ସରାକ—ଦେ. ବ (ସ. ଶ୍ରାବକ)—ସିଂହଭୂମି ଓ ଉତ୍ତର ଗଡ଼ଜାତ-ବାସୀ ଓଡ଼ିଆଭାଷୀ ତନ୍ତୀଜାତିବଶେଷ—A class of Oriya-speaking weavers of Singhbhum and northern Orissa States. [ଦ୍ର—ଏମାନଙ୍କ ବଶୋଗାଧି ଦେବତା । ଏମାନେ ଜୈନଧର୍ମାବଲମ୍ବୀ । ଏମାନେ କହନ୍ତି ଯେ, ଏମାନଙ୍କ ବଦ୍ଭୂର୍ବ ପୁରୁଷ ବଙ୍ଗଦେଶରୁ ବାଣିଜ୍ୟାର୍ଥ ଏ ଦେଶକୁ ଅସିଥିଲେ । ଏମାନେ ମାନ୍ସ ମାଂସ ଖାଅନ୍ତି ନାହିଁ ।] ଦେ. ବ ଓ ବଣ—ସସ୍ତଏ (ଦେଶ) Sarāe (See)

ସରାକତ(ତି)—ବୈଦେ. ବ (ତତ୍ସମ) (ଫା. ସସ୍ତକତ୍, ଅ. ସିସ୍ତକତ= ଯୋଗ; ସମ୍ପର୍କ)—୧ । ହୁଁସାଦାସ୍ତ; ଅଂଶୀଦାସ୍ତ; ସରକ୍‌ଦାସ୍ତ—1. Copartnership; coparcenary. ୨ । ବଦ୍ଧ ଲୋକଙ୍କର ଏକତ୍ର ବ୍ୟବସାସ୍ତ—2. Partnership in business; joint stock business, ୩। ସମ୍ପର୍କ—3. Connection. ୪ । ହୁଂସାଦାର୍—4. Cosharer. ୫ । ହୁଂସା; ଅଂଶ—5. Share. ବୈଦେ. ବଣ—ସସ୍ତକତ୍ ସମ୍ବନ୍ଧୀସ୍ତ—Relating to joint busines or partnership.

ସରାକତ୍(ତି) ନାମା—ବୈଦେ. ବ (ତତ୍ସମ) (ଫା)—ଯେଉଁ ସରାକତ ନାମା ଦସ୍ତାବିଜଦ୍ୱାସ୍ତ ଏକାଧିକ ବ୍ୟକ୍ତି ଏକତ୍ର ସରାକତ ବ୍ୟବସାସ୍ତ ଆରମ୍ଭ କରନ୍ତି—A deed of partnership.

ସରାକତିଆ—ଦେ. ବଣ (ତତ୍ସମ) (ଅ. ସିସ୍ତକତ)—ସସ୍ତକତ୍ ସମ୍ବନ୍ଧୀସ୍ତ—Relating to copartnership. (ସସ୍ତକତ—ଅନ୍ୟରୂପ)

ସରାକତ କାରବାର—ବୈଦେ. ବ (ତତ୍ସମ) (ଫା. ସସ୍ତକତ + କାରବାର)—Joint stock business; partnership business.

ସରାଗ—ସ. ବଣ (ସ=ସହିତ + ରାଗ=ମ୍ନେହ; ସହାର୍ଥ. ବହୁବ୍ରୀହି)—୧ । (ଅମୁକ ପ୍ରତି) ଅନୁରକ୍ତ—1. Attached to; passionate for. ୨ । (ଅମୁକ ପ୍ରତି) ସ୍ନେହ ଓ ପ୍ରେମଯୁକ୍ତ—2. Affectionate; fond of. ୩ । ଲାଳାୟିତ—3. Hankering after. ୪ । ଅଭି-ଳାଷୀ—4. Desirous of. ୫ । ରଞ୍ଜିତ—5. Coloured. ୬ । ରକ୍ତବର୍ଣ୍ଣବିଶିଷ୍ଟ—6. Red.

ସରାଗ ସରାଗ ଦେ. ବଣ—୧ । କୋଧଯୁକ୍ତ; କ୍ରୁଦ୍ଧ—1. Angry; enraged. ୨ । ଉତ୍କଣ୍ଠାସ୍ତ୍ରୁକ୍ତ—2. Anxious. ୩ । ଅତ୍ୟନ୍ତାନ୍ତ୍ରକ୍ତ—3. Eager. ୪ । ଗୁର୍ବ୍ୱିକ୍ତ—

Digitized by srujanika@gmail.com

4. Vigorous. ୫ । ଉତ୍ସର୍ଯ୍ୟୁକ୍ତ—5. Joyous. ୬ । ସରସ; ରସିକତାଯୁକ୍ତ—6. Gallant; witty. ୭ । ହାସ୍ୟଯୁକ୍ତ—7. Smiling. ୮ । ଉଜ୍ଜ୍ୱଳ—8. Bright; splendid. ଦେ· ବ—୧ । ସ୍ନେହ—

ସରାଗ 1. Affection; fondness; doting. [ଉ—ପୂଜା
ସରାଗ କର ଯତ୍ନକୁ ଅଛ ସରୁଗରେ—କୁଷ୍ଣସିଂହ· ମହାଭାରତ· ବନ ।] ୨। ସ୍ଫୁର୍ତ୍ତି—2. Vigour. [ଉ—କର୍ମାଣ କରନ୍ତୁ ବହୁ ସରୁଗରୁ । କୁଷ୍ଣସିଂହ· ମହାଭାରତ· ସଭା ।] ୩। ସୁଖ—3. Happiness. [ଉ—ଏହା ଜାଣି ସିନା ବୋଲୁଛ ମହାଭାଗ, ଯାଣବେ ବଢ଼ାଇବେ ଯମଙ୍କ ସରୁଗ । କୁଷ୍ଣସିଂହ· ମହାଭାରତ· ବନ ।] ୪ । ଔତ୍ସୁକ୍ୟ; ଆଗ୍ରହ—4. Eagerness. [ଉ—ଅରମ୍ଭ କଲେ ହୁଦେ ବହୁତ ସରୁଗ । କୁଷ୍ଣସିଂହ· ମହାଭାରତ· ବନ ।] ୫ । ଇଚ୍ଛା; ମମତା—5. Liking. [ଉ—ଏହା ଶୁଣି ଯାଅ ଦେ ଯହିଁକ ସରୁଗ । କୁଷ୍ଣସିଂହ· ମହାଭାରତ· ବନ ।] ୬ । ସଉକ; ଶିଯୁତା—6. Fondness. [ଉ—ଶୁଲ ଭାହାଙ୍କୁ ଦେଲେ ବହୁତ ସରୁଗ । କୁଷ୍ଣସିଂହ· ମହାଭାରତ· ସଭା ।] ୭ । ଅନୁରାଗ; ଲଳସା—7. Desire; hankering. [ଉ—ତତ୍ତ୍ୱ ଭୁବନେ ଯେଡ଼ୁ ଅପୂରୁବ ଭାହାରେ ବଳଲ ସରୁଗ । ଶିଶୁଶଙ୍କର· ଉଷାଅନୁଲାଭ ।]

ସରୁ ଗାତ—ଦେ· ବ—କାନ୍ଥ ଉଉରେ ବା ଭୂଇଁ ତଳେ ଟଙ୍କା ପଇସା
Sarā gāta ଲୁଚାଇ କର ରଖିବା ପାଇଁ ଗୋଟିଏ ସରୁ ଉପରେ
ଚୋରା ଗର୍ତ୍ତ ଥଉ ଗୋଟିଏ ସରୁର ମୁହଁ ମଡ଼ା ଢୋଇ ରଖାଯିବା
ଚୋରୀ ତାକ ପାଇଁ କର ଯାଇଥିବା ଗର୍ତ୍ତ—A hole or recess made under the ground or inside a wall to conceal a Sarā with its cover for keeping money secretly.

ସରୁଗୀ—ଦେ. ବଣ. ପୁଂ (ସଂ. ସରୁଗ)—୧ । ପ୍ରଫୁଲ୍ଲ; ଉତ୍ସର୍ଯ୍ୟୁକ୍ତ—
Sarāgī 1. Merry; joyful. ୨ । ସ୍ଫୁର୍ତ୍ତିଯୁକ୍ତ—
(ସରୁଗିଆ—ଅନ୍ୟରୂପ) 2. Vigorous; energetic. [ଉ—
(ସରୁଗିଣୀ, ସରୁଗିଆଣୀ—ସ୍ତ୍ରୀ) ଘାଦ ବେନ ଘଣ୍ଟିଲେ ଢୋଇଣ ସରାଗୀ ସରୁଗୀ । କୁଷ୍ଣସିଂହ· ମହାଭାରତ· ବନ ।] ୩ । ଉତ୍ସୁକ;
ସରାଗୀ ବ୍ୟଗ୍ର—3. Eager; hankering after.

ସରୁଟି(ଡ଼, ଡ, ଋ)—ଦେ· ବ—ଶରୁଟି (ଦେଖ)
Sarāṭi(ṛḍi, ṭi, ri) Śarāṭi (See)

ସରୁଣୀ—ଦେ. ବ. ସ୍ତ୍ରୀ—ସୁଳାନ୍ତଃପୁରରେ ସର ଘରର ଭରପ୍ରାପ୍ତ
Sarāṇī ଗୃହରୁଣୀ—A maid servant in charge
ଭାଣ୍ଡାରନୀ of the store room of a Rajā's
ମଣ୍ଡାରିଣୀ, ମଣ୍ଡାରେନ harem.

ସରୁପ(ବ)—ବୈଦେ. ବ (ଫା. ସରୁବ୍; ମୂଳ· ସ. ସୁରୁ)—୧ । ମଦ—
Sarāpa(ba) 1. Wine. ୨ । ଉକ୍ତ ଦ୍ୱାରା ପ୍ରସ୍ତୁତ ମଦ—
ସରାପ୍(ବ୍) ସରାବ 2. Spirituous liquor.

ସରୁପ(ବ) ଖାନା—ବୈଦେ. ବ (ଫା. ଶରୁବ୍‌ଖାନା)—ମଦ୍ୟଶାଳା;
Sarāpa(ba) khānā ଯେଉଁଠାରୁ ଲୋକେ ମଦ ବଣି ଖାଆନ୍ତି-
ସରାପ ଖାନା A wine-shop; a place where people
ସରାବ ଖାନା assemble for drinking wine; grogshop.

ସରୁପ(ବ) ଖୋର୍—ବୈଦେ. ବଣ (ଫା. ଶରୁବ୍‌ଖୋର୍)—ଅତ୍ୟନ୍ତ
Sarāpa(ba)khor ମଦ୍ୟ ପାନାଭ୍ୟାସକ; ପାନାସକ୍ତ; ସୁରାପାୟୀ—
ସରାପ ଖୋର Addicted to drink; drunkard.
ସରାବଖୋର

ସରୁପୀ—ବୈଦେ. ବଣ (ଫା)—ସରୁପ ଖୋର୍ (ଦେଖ)
Sarāpī ସରାବୀ ସରାବୀ Sarāpa khor (See)
(ସରୁପିଆ—ଦେ. ରୂପ)

ସରୁଫ୍(ଫା, ଫୀ)—ବୈଦେ. ବ (ଇଂ)—ସରଫ୍(ଫା, ଫୀ) (ଦେଖ)
Sarāph(phā, phī) Saraph(phā, phī (See)

ସରୁବ—ସ. ବ (ସର=ଜଳ + ଅବ୍ ଧାତୁ=ରକ୍ଷା କରିବା + କର୍ତ୍ତୃ·ଅ)
Sarāba —ଶରୁବ (ଦେଖ)—Śarāba (See)
ବୈଦେ· ବ (ଫା. ସରୁବ୍)—ସରୁପ ଇତ୍ୟାଦି (ଦେଖ)
Sarāpa etc. (See)

ସରୁବକ—ସ. ବ (ସରୁବ + ସ୍ୱାର୍ଥେ. କ)—ଶରୁବକ (ଦେଖ)
Sarābaka Śarābaka (See)

ସରୁବ ସଂପୁଟ—ସ. ବ—ଅଗ୍ନି ଉତ୍ତାପରେ ଔଷଧ ପ୍ରସ୍ତୁତ କରିବା
Sarāba saṃputa ପାଇଁ ପରସ୍ପରର ମୁହଁ ଯୋଡ଼ା ଢୋଇ ବନ୍ଦ କର ଯାଇଥିବା ପାତ୍ର—A contrivance consisting of 2 shallow dishes with the mouths sealed to each other, used in preparing some medicines over fire.
ଦେ. ବଣ (ବଡ଼ୁଟୀହୁ)—ଯେଉଁ ପାତ୍ରର ଉପରେ ବା ମୁହଁରେ ଶରା ଘୋଡ଼ଆ ଢୋଇଥାଏ—(a pot) Covered with a flat dish as its lid.

ସରୁବିକା—ସ. ବ (ସରୁବ + ସ୍ୱାର୍ଥେ· କ + ଭଦ୍ରାର୍ଥେ. ଆ)—ଛୋଟ ସରା
Sarābikā —A smaller shallow earthen dish.

ସରା ମୁହାଁ—ଦେ.ବଣ. ପୁଂ (ଅନାଦରାର୍ଥ)—ସରର ମୁହଁ ପରି ଚଟକା ଓ
Sarā muhāṃ ଅସୁନ୍ଦର ମୁଖମଣ୍ଡଳ (ବ୍ୟକ୍ତି)—
ଗୋମଦା ମୁହାଁ (a person) Having a flat and
ଚକର ମୁହାଁ wide face; flat faced.
(ସରା ମୁହାଁ—ସ୍ତ୍ରୀ)

ସରୁଳ(ଳ)—ଦେ. ବ (ସଂ. ସରୁଳ, ସରୁଳ)—ଶରୁଟି (ଦେଖ)
Sarāḷa(ḷi) Śarāṭi (See)
[ଉ—ଝଟାରେ ଉର୍ବ୍ବୀ, ଅଟାରେ ଉତ୍ତୀର୍ଣ, ସରୁଳ-ଚୂଳ-ଝଟାରେ । ବିଧାନାଥ· ଯଯାତିଚରିତ୍ର ।]

ସରୁସର୍—ବୈଦେ. ଅ (ଫା· ସର୍ ଅ ସର୍ =ଏକ ମୂଳରୁ ଅନ୍ୟ ମୂଳ
Sarāsar ପର୍ଯ୍ୟନ୍ତ)—୧ । ସମ୍ପୂର୍ଣ୍ଣ ରୂପେ; ପୂର୍ଣ୍ଣ ରୂପରେ—
ସରାସର 1. Fully; completely. ୨ । ସ୍ଥୂଳତଃ—
ସରାସର 2. Summarily.

Digitized by srujanika@gmail.com

ସରସର—ବୈଦେ. ଵଣ (ଫା· ସରସର୍ଗ)—୧ । ସମାନ୍ତରଭାବ—Sarāsari 1. Parallel. ୨ । ଏକ ମୁଣ୍ଡରୁ ଅନ୍ୟ ମୁଣ୍ଡ ପର୍ଯ୍ୟନ୍ତ ସରାସରି ବ୍ୟାପ୍ତ—2. Extending from one end to the other. ୩ । ସ୍ଫିପ୍ତ; ସ୍ଥୂଳ; ମୋଟାମୋଟି; ସର-ସର—3. Summary; cursory. ବୈଦେ. ବ—୧ । ସ୍ଥୂଳ ବଗୁର—2. Summary consideration. ୨ । ଅନୁମାନ; ଅନାଜ—2. Inference. ୩ । ସରସରି ମକଦ୍ଦମା (ଦେଖ)—3. Sarāsari makaddamā. (See) ୪ । (ଫା· ସର୍=ମୁଣ୍ଡ) ସରାସ୍ରି (ମୁସଲମାନ ଅଲଙ୍କାର) କପାଳରେ ପିନ୍ଧାଯିବା ଅଳଙ୍କାର; ମାଂଗଟୀକା ଅଳଙ୍କା—4. An ornament for the brow worn by Mahomadan ladies. ବେ. ଅ—୧ । ବସ୍ତୁତଃ; ସମ୍ପୂର୍ଣ୍ଣରୂପେ—1. Absolutely; completely. ୨ । ଏକମୁଣ୍ଡରୁ ଅନ୍ୟମୁଣ୍ଡ ପର୍ଯ୍ୟନ୍ତ—2. From one end to the other. ୩ । ସମାନ୍ତରାଳ ରୂପରେ—3. Parallelly. ୪ । ସ୍ଥୂଳଭାବର ଫଳରେ; ସ୍ଥୂଳତଃ; ମୋଟାମୋଟି—4. Summarily; cursorily. ବେ. ବଣ—ଶେଷକେଳଆ; ସରନ୍ତ—ଶୋଷକା Waning; concluding. [ଉ—ସରସର ସାମଲତ; ଦାଃ ସରସର ବେଳ ।]

ସରସର ଅଦାଲତ—ବୈଦେ. ବ (ବଚରଥ)-୧ । ଯେଉଁ ଅଦାଲତରେ Sarasari adālata ସତ୍ତ୍ୱରେ ସମ୍ପାଦନ ସରସର ବଗୁର ଦ୍ୱାରା ସରାସରି ଆଦାଲତ (ଯଥା—ଫଉଜଦାର ଓ ବୃଜସ୍ୱ ଓ ସ୍ମଲ୍ କାଜ୍-ସରାସରି ଅଦାଲତ କୋର୍ଟ)—1. A court for summary trial. ୨ । ବାକି ଖଜଣା ଅଦ ଯାଇଁ ସତ୍ତ୍ୱରେ ବଗୁର ଯେଉଁ ଅଦାଲତରେ ଦ୍ୱାରା—2. Rent court.

ସରସରି ବିଗୁର—ବେ. ବ—୧ । (ବଚରଥ) ସ୍ଫିପ୍ତ ବଗୁର; ଯେଉଁ Sarāsari bichāra ବଗୁର ବାଳରେ ପ୍ରମାଣ ଅଦ ସ୍ଥୂଳଭାବରେ ସରାସରି ବିଚାର ଗ୍ରହଣ କରାଯାଏ—1. Summary trial. ସରାସରି ବିଚାର ୨ । ସ୍ଥୂଳ ବଗୁର—2. Cursory view.

ସରସରି ମକଦ(ଦ୍ଦ)ମା—ବୈଦେ. ବ (ବଚରଥ)—୧ । ଯେଉଁ Sarāsari makada(dda)mā ଫଉଜଦାର ସତ୍ତ୍ୱରେ ସାକ୍ଷୀ ସରାସରି ମକଦ୍ଦମା ଅଦଙ୍କ ଜମାନବନ୍ଦ ସମ୍ପୂର୍ଣ୍ଣରୂପେ ଲେଖା ନ ଯାଇ ସରାସରି ମୁକଦ୍ଦମା ସ୍ଥୂଳତଃ ଚହିଁର ମର୍ମ ନିଆ ଯାଏ—1. A case of summary trial before a magistrate. ୨ । ବାକି ଖଜଣା ଯାଇଁ ଜମିଦାରଙ୍କ ଦ୍ୱାରା ପ୍ରଜାମାନଙ୍କ ସାଲ ଅଦାଲତରେ ବାବର ବଗୁଯିବା ମକଦ୍ଦମା—2. Rent suit; suit for arrears of rent. ୩ । ଯେଉଁ ଦେବାଣୀ ମକଦ୍ଦମାରେ ସ୍ପେଃ ବାଗ୍ଦାନ ବୁଝାଯାଏ—3. Small Cause Court cases.

ସର(ଗ୍ଭ)—ସ.ବ-(ସୃ ଧାତୁ=ଗତି କରିବା+ଉତ୍ତି.ଇ;+ଈ)—ଝରଣା; Sari(rī) ନିର୍ଝର—A spring; fountain. ବେ. ବ—୧ । (ସ. ସର) ଦ୍ୱାର ବା ମାଳ ବା ସୂତା ନର୍ ଛଡ଼ ଆଦର ସୋର୍—1. A string (of garland or necklace or thread). ୨ । (ସ. ସର=ବାଣ) ସରଘର୍; ଲିଙ୍ଗ (ବିଶେଷତଃ ପଶୁ ଆଦଙ୍କ ଲିଙ୍ଗ)—2. Penis (specially of beasts). ୩ । (ସ ସର=ମାଳା) ଧାଡ଼; ଶ୍ରେଣୀ—3. Row; line. ୪ । (ସୃ ସରୁଣ) ସଦୃଶ ସରିସ, ସରି ତୁଳନା; ତୁଳନା—4. Comparison. ୫ । (ସ. ସୃ ଧାତୁ=ଗମନ କରିବା) ଶଗଡ଼ ଚକ୍ର ଦ୍ୱାରା ନିର୍ମିତ ଲିଖ ଭୂମିରେ ଅଙ୍କିତ ଚକ୍ର—5. The track of a cart wheel left on the ground.

ସଦୃଶ ସରିସ, ସରି ବେ. ବଣ—୧ । ସଦୃଶ—1. Similar. [ଉ—ଶିଶୁ ଦେଲେଦେଁ ତୁମ୍ଭେ କଲଭ ସର । କବସୂର୍ଯ୍ୟ—ବଗୋସ୍ୱ ରଙ୍ଗ—ସ ଗୀତ ।]

[ଗୁଣ ଅଛୁ ଯେବେ ଦେହେ ଗୋ ! ରୂପ ଯଉବନ ଭେକ ବା ଭୂଷଣ ସର ତା ସଙ୍ଗରେ ତୁହେ ଗୋ—ବାଳକୃଷ୍ଣ—ଫୁଲ ବଲ୍ଲଭବେଣୀ]

୨ । ସମାନ—2. Equal. [ଉ—ଅସ୍ମଦ୍ ବ୍ୟସ୍ମଦ୍ ମୋର ଅଛୁ ସର ହୋଇ ।—କୃଷ୍ଣସିଂହ—ମହାଭାରତ, ବନ ।]

୩ । ତୁଲ୍ୟ—3. Alike; similar. [ଉ—ବଳରେ ତ ସର ଜଗତେ ନାହିଁ ମୋତେ । କୃଷ୍ଣସିଂହ—ମହାଭାରତ, ସଭା ।] ୪ । ଯୋଗ୍ୟ; ଉଚିତ—4. Proper; fit. [ଉ—ଯାହା ଯାତେ ଲଷା, ଲେଖୁଥିଲେ ଶତୀ-ନାହା ସତ ଭୁଚ୍ଛ କର, ତାହା ସତ୍ତ୍ୱ ରମ୍ୟ ପଦାର୍ଥକୁ ଯାହା, ସର ସର—ଉବ ସର । କବସୂର୍ଯ୍ୟ—ସଙ୍ଗୀତ ।]

୫ । (ଏତେ, ସେତେ, କେତେ ଓ ଯେତେ ସରେ ବ୍ୟବହୃତ) ଅବସ୍ଥା ପ୍ରାପ୍ତ; ଅବସ୍ଥାପନ୍ନ—5. Having attained such condition. [ଉ—କେ କ ଦେଲ୍ଲ ଅବା ମୁଁ ଏକା ନ ଦେବା ଯେନ ଏତେ ସର ହେଲ, ହେ ମହାପ୍ରଭୁ !—କବିସୂର୍ଯ୍ୟ ଇଶାଣି] ବେ. ଅ—୧ । ସମାନ ସରିସ ତୁଲ; ସତ୍ତ୍ୱ—1. Like; same as; similar to. [ଉ—କମଳେ ରବ-ବତ୍ତା ତା ସର କି ସେ ? —ରଘାନାଥ ସେଘଦୂତ] ୨ । (ଅମୁକ ସ୍ଥାନ) ପର୍ଯ୍ୟନ୍ତ; ସତ୍ତ୍ୱକ—2. Up to (a place) ୩ । (ଅମୁକକାଳ) ପର୍ଯ୍ୟନ୍ତ ପର୍ଯ୍ୟନ୍ତ—3. Till (a time) ୪ । (ଅମୁକ ଅବସ୍ଥା) ପର୍ଯ୍ୟନ୍ତ—4. To (such condition.) [ଉ—ବଷରେ ପାଘୁଣ ବୃଦ୍ଧି କରିବାର ଫଳ ହେଲ୍ଲ ଏତେ ସର ।—କବିସୂର୍ଯ୍ୟ ସଙ୍ଗୀତ] ସ୍ଥାଦେ. (ଗଣ୍ଡାମ) ଅ.—୧ । (ପର୍ଯ୍ୟାପ୍ତବୋଧକ) ଏହାହିଁ ଯଥେଷ୍ଟ ବା ପର୍ଯ୍ୟାପ୍ତ ହେବ—1. (Interjection denoting), That will do; This is enough; Enough ! [ଦ୍—ଗ୍ରାମ ଗାଇଥିବା ଲୋକର ସଙ୍ଗରେ ସରଖା ପିବା ଅଲ ଅଧ ଘଥେଷ୍ଟ ହୋଇଗଲେ, ଗାଇବା ବ୍ୟକ୍ତି ସରଖୁ-ଥିବା ବ୍ୟକ୍ତିକୁ କହନ୍ତି—'ସର', ଅର୍ଥାତ୍ 'ଯଥେଷ୍ଟ' ହେଲ୍ଲ, ଆଉ ଦଅନାଁ] ୨ । ଏହା ଅନନ୍ତର ବ୍ୟବସୃ

Digitized by srujanika@gmail.com

ଦେବ—2. (Interjection denoting) This is well; This will be all right; This will be a matter for congratulation. [ଉ—ଅଦୃଷ୍ଟ ବଳ ଜଣୋସ୍ତ. ଅଙ୍ଗୀକାର କଲେ ସର । —ଜଉସୁ ଫି ଜଣୋସ୍ତ ଚମ୍ଭୁ ଣ ଗୀତ

ସରଅ(ୟେ)ତ୍—ବୈଦେ.ବ. (ଫା.ସର୍ତ୍ତ୍)—ସର୍ତ୍ତ; ଚୁକ୍ତର ଉଲ୍ଲଇନ ଅଂଶ
Saria(ye)t —Conditions of an agreement.
ସର୍ତ୍ତ ଶର୍ତ ବୈଦେ. ବଣ. (ଫା. ସରୀୟତ୍)—ମୁସଲମାନଙ୍କ ସମ୍ବନ୍ଧୀୟ
ସରୀୟତ **ସରୀୟତ୍** ବା ଦାୟାଧିକାର ଶାସ୍ତ୍ର ସମ୍ବନ୍ଧୀୟ—Relating to the Mahomedan law of inheritance.

ସରଅ—ବେ. ବଣ—ସୋସ୍ତ ବା ମାଳଯୁକ୍ତ—(used in a com-
Sariā pound word after a word denoting
ନରୀ number,-as in three-stringed necklace)
ଛଡ଼ୀ —Stringed; having (so many) strings. [ଦ୍ର—ଏହ ଶବ୍ଦ ଅନ୍ୟ ସଙ୍ଖ୍ୟାବାଚକ ଶବ୍ଦପରେ ବ୍ୟବହୃତ ହୁଏ । ଯଥା—ଛନ୍ନସରଅ ହାର; ବୁତ୍ତସରଅ ଚନ୍ଦ୍ରହାର ।]

ସରଅଣୀ—ବେ. ବ. ସ୍ତ୍ରୀ—ସରୁଣୀ (ଦେଶ)
Sariāṇī Sarāṇī (See)

ସର ଆସିବା—ବେ. କି.—(କୌଣସି କାର୍ଯ୍ୟ ବା ସମୟ) ଶେଷ ହୋଇ
Sari āsibā ଅସିବା; ଶେଷ ହେବାର ପୂର୍ବ ଅବସ୍ଥାରେ ବା ଅବସ୍ନ
ଖତମ ହୋ ରହନା ଶେଷ ହୟେଆସା ଅବସ୍ଥାରେ ସତ୍ତ୍ୱହବା—To approach the end; about to end. [ଉ—ଚତ୍ତଦ ବର୍ଷ ବନବାସ ସର ଆସିଥିଲ । ମାଳଙ୍କ—ପିଲଙ୍କ ସ୍ତମାସୃଣ]

ସରକ୍(କି)—ବୈଦେ. ବ. (ଆ. ସରକ୍=ଭାଗବାର) ୧ । ଅଂଶ; ଭାଗ;
Sarik(ki) ହଂସା—1. Share; partnership. ୨ । ଅଂଶୀ-
ସରିକ୍ **ସରୀକ** ଦାର—2. Cosharer; partner.

ସରକ୍(କି)ଦାର—ବୈଦେ. ବ (ଅ) କୌଣସି ସମ୍ପତ୍ତିର ଅଂଶୀଦାର
Sarik-(ki)dāra —Cosharer; copartner. (ଉ—
ସରିକଦାର **ସରୀକଦାର** ଏଥିର ଜଣେ ୨୯ ପ୍ରାଣିଆ ସରତଦାର ଥିବାରୁ ଜଜ ଅଦାଲତରେ ଅପିଲ ଦାବର ଅଛି । ଫଳର ମୋହନ—ଭ୍ରମାଣ ଅଠସ୍ତଣ ।)

ସରକ୍(କି)ଦାର୍—ବେ. ବ—ସରକ୍ଦାରର ଅବସ୍ଥା—Partner-
Sarik-(ki)dāri ship; the state or condition of
ସରିକଦାରୀ being a co-sharer. ବେ. ବଣ—ସରକ୍ଦାରଅ
ସରୀକଦାରୀ (ଦେଶ)—Sarik-dāria. (See)
ସରିକିଦାରୀ **ସରୀକଦାରୀ**

ସରକ୍(କି)ଦାରଅ—ବେ. ବଣ—୧ । ସରକ୍ଦାର ସମ୍ବନ୍ଧୀୟ—
Sarik-(ki)dāriā 1. Relating to a cosharer. ୨ ।
ସରିକାନୀ ଯହିରେ ଅଂଶୀଦାରମାନଙ୍କର ସ୍ୱାମିତ୍ୱ ଥାଏ—
ସରୀକଦାରକା 2. Owned by many cosharers. [ଦ୍ର—ସରକଦାରଅ ମାଲାଲ=ଯେଉଁ ଜମିଦାସ୍ତରେ ଅନେକ ଅଂଶୀଦାର ଜମିଦାର ଥାଅନ୍ତି ।]

ସରକ—ସଂ, ବଣ. ପୁଂ (ସୃ· ଧାତୁ+ଉତ୍ତି. ଉକ)—ଗମନକାସ୍ତ; ଗତ୍ତା
Sarika (ସରତା—ସ୍ତ୍ରୀ) (ବଶ୍ୱଦୋଷ)—Going; moving

ସରକନ୍ତ—ବେ. ବଣ—ପରସ୍ପର ସହିତ ମାପରେ ସମାନ; ସମତୁଳ; ସର
Sarikanta ସମାନ—Equal in measurement;
ଠିକ୍ ସମାନ exactly equal to each other in
ବରାବର quantity or measurement. ବେ. ବ—ଠିକ୍ ନିର୍ଦ୍ଧାରଣ ଅନୁଯାୟୀ ଯଥାସମସ୍ତ; ଠିକ୍ ନିରୂପିତ ବେଳ—
Just the fixed or appointed time.

ସରକା—ସଂ. ବଣ. ସ୍ତ୍ରୀ (ସୃ· ଧାତୁ=ଗତି କରିବା+ଉତ୍ତି. ଅକ+
Sarikā ସ୍ତ୍ରୀ. ଆ)—ଗତ୍ତିକାରିଣୀ; ଗମନକାରିଣୀ—(Femi-
(ସରକ, ସରକ—ପୁଂ) nine) Moving. ସଂ. ବ—
୧ । (ବୈଦ୍ୟକ) ହୁଙ୍ଗୁଥଡ଼ୀ—1. Name of a herb.
୨ । ମୋତିର ସତ୍ତ ବା ଏକମାଳ (ହି· ଶ)—2. A string of beads. ୩ । ମୋତି; ମୁକ୍ତା (ହି. ଶ)—3. Pearl. ୪ । ଛୋଟ ପୋଖତ୍ତୀ (ହି. ଶ)—4. A small tank. ୫ । ରତ୍ନ (ହି. ଶ)—5. Gem.
ହିସ୍ତା **ସରୀକ** ବୈଦେ. ବ—୧ । (ଅ. ସରକ୍) ହଂସା; ଅଂଶ;
ସରିକାନି ଭାଗ—1. Share. ୨ । (ଫା. ସରୋକାର) ସମ୍ପର୍କ—
ସରୋକାର 2. Connection. ୩ । ସଂବନ୍ଧ—3. Relation.
ଗ୍ରା. ବଣ—ସମାନ; ସଦୃଶ—Similar; like.

ସରକି—ବେ· ଅ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ; ଯଥା—ଏ ସରତ;
Sariki ଜେଉଁ ସରତ)—୧ । (ଅମୁକ ସୀମା) ପର୍ଯ୍ୟନ୍ତ; ଯାଏଁ;
ଦୂର, ଅବଧି ଯାଏ—1. Upto (a limit) (ଉ—ଝଡ଼ାର
ପର୍ଯ୍ୟନ୍ତ କ ଶୁବା ସରକ ବାସବ ବୋଦଣ୍ଡରୁ ଚଣ୍ଡ ଧନୁ । କବସୂର୍ଯ୍ୟ; ଜଣୋସ୍ତଚମ୍ଭୁ· ଝ ଗୀତ ।) ୨ । (ଅମୁକ ସ୍ଥାନ) ପର୍ଯ୍ୟନ୍ତ—2. Upto (a place). (ଉ—ପାସକୁଞ୍ଜ ପୃଞ୍ଜ ସରକ । କବସୂର୍ଯ୍ୟ. ଜଣୋସ୍ତଚମ୍ଭୁ· ଉ ଗୀତ ।) ୩ । (ଅମୁକ ସମସ୍ତ) ପର୍ଯ୍ୟନ୍ତ—3. Upto or till (a time). (ଉ—ଆଜ ସରକ ତାହା କହିବ ମୁଁ କେତେ । କୃଷ୍ଣପିଂଦ୍ର. ମହାସ୍ତରତ. ଉଦ୍ଯୋଗ ।) ୪ । (ଅମୁକ ଅବସ୍ଥା) ପର୍ଯ୍ୟନ୍ତ—4. To the condition of; to the extent of. (ଯଥା—ତାଙ୍କ ରୋଗ ଏ ସରକ ହେଲଣି, ଡେବେ ସୁବା ବୈଦ୍ୟ ଉଡାଉ ନାହାନ୍ତି ।) ୫ । ବ; ସଧ;
ଓ ମି ସୁଦ୍ଧା—5. Even. (ଉ—ଘଟି ସରକ ଜରେ, ନାହିଁକ ଜରେକରେ, ମହାଣ୍ଡିକରେ ଅବଗାହିଲ ଗୋ । କବସୂର୍ଯ୍ୟ. ଜଣୋସ୍ତଚମ୍ଭୁ· ଘ ଗୀତ ।) ୬ । ଠାରେ; ପ୍ରତି—6. At; near. (ଉ—ଦାସର ସରକ ଜର କ ଲଜ । କବସୂର୍ଯ୍ୟ. ସଙ୍ଗୀତ ।) ବୈଦେ. ବ (ଅ· ସରକ୍)—
ସରକ୍ (ଦେଶ)—Sarik. (See)

ସରକଅ—ବେ. ବଣ—ଏକ ସୋସ୍ତ ବଶିଷ୍ଟ—Having one
Sarikiā string only; single-stringed. ୨ ।
ଏକନରି **ଏକଛଡକା** (ଫା ସରତ୍) ସରକ୍ ବା ହଂସା
ସରିକାନି **ସରୀକଦାରୀକା** ସମ୍ବନ୍ଧୀୟ—2. Relating to

Digitized by srujanika@gmail.com

a cosharer. ୩ । ସରିକ୍‌ଦାରିଅ (ଦେଶ)—3. Sarik-dāriā (See)

ସରିକ ସରି—ଦେ. ଅ·—ସରିସରି (ଦେଶ)—
Sariki sari Sari sari (See)

ସରିଗମ—ଦେ. ବ—ସାରିଗାମାଧାନ; ସଙ୍ଗୀତର ସପ୍ତସ୍ୱର; ସ୍ୱରଗ୍ରାମ—
Sarigama The notes of the gamut; Solfa.
(ସରିଗମଧନ—ଅନ୍ୟରୂପ) ସାରିଗାମା **सरिगम**

ସରିଘର(ରା)—ଦେ. ବ—(ସ. ଶର)—୧ । ଲିଙ୍ଗ—1. Penis.
sarighara(rā) ୨ । ପଶୁ ଥଦଙ୍କର ଉତ୍ତୁରୁ ଲିଙ୍ଗ—2. The
ଧନ ଲିଂଗ erect penis of beasts.

ସରିତ—ସଂ. ବ (ସୃ ଧାତୁ=ଚଲିବା+କ୍ତି ଇତ୍) ୧ । ନଦୀ—
Sarit 1. River. ୨ । ସୂତ୍ର—2. String; thread.
୩ । ଦୁର୍ଗା—3.Goddess Durgā.

ସରିତ୍‌କଫ—ସଂ. ବ (୬ଷ୍ଠୀ ତତ୍) —ନଦୀର ଫେଣ (ଜ. ଶ)—
Sarit-kapha The foam of the waters of a river.

ସରିତ୍‌-ପତି—ସଂ.ବ (୬ଷ୍ଠୀ ତତ୍) —ସମୁଦ୍ର—The sea (litterally
Sarit-pati the lord of rivers).
(ସରିତ୍‌ପତି—ଅନ୍ୟରୂପ)

ସରିତ୍‌ ପ୍ରବାହ—ସଂ. ବ (୬ଷ୍ଠୀ ତତ୍)—ନଦୀର ସ୍ରୋତ—
Sarit-prabāha The current of a river.
(ସରିତପ୍ରବାହ—ଅନ୍ୟରୂପ)

ସରିତ୍‌-ସୁତ—ସଂ. ବ (୬ଷ୍ଠୀ ତତ୍) —ଗଙ୍ଗାପୁତ୍ର ଭୀଷ୍ମ—
Sarit-suta Bhishma, the son of the Ganges.
(ସରିତ୍‌ସୁତ—ଅନ୍ୟରୂପ)

ସରିତ୍‌-ସ୍ରୋତଃ—ଦେ. ବ. (୬ଷ୍ଠୀ ତତ୍)—ନଦୀର ସ୍ରୋତ—
Sarit-srotah The current of a river.
(ସରିତ୍‌ସ୍ରୋତଃ—ଅନ୍ୟରୂପ)

ସରିତ—ଦେ. ବ (ସ. ସରତ୍)—ସରତ୍; ନଦୀ—River. [ତ୍ର-
Sarita ତୁରତ ଜ୍ଞାନ୍ତା ସରିତ ବର୍ତ୍ତିଲ୍ଲ ଦମ୍ନ-ଦ୍ରୁମ ଗଲ୍ଲ
ସରିତ **सरित** ଭ୍ରୁସି—ଜ୍ଞାନସୂର୍ଯ୍ୟ ସଙ୍ଗୀତ ।]

ସରିତ ଈଶ—ଦେ. ବ (ଯଦ୍ୟ)—ସମୁଦ୍ର—The sea. (ତ୍ର—
Sarita īśa ଜ୍ଞାନ୍ତଲତ ପାପେ ପେ ସରିତଈଶ ସର—ଭଷ୍ଟ
ସରିତଈଶ **सरितईश** ବୈଦେଘ୍ରଶବଲାଚ ।)

ସରିତପତି—ଦେ. ବ (ସ ସରିତ୍+ପତି)—ସମୁଦ୍—
Saritapati ସରିତପତି **सरितपति** The sea.

ସରିତାଂନାଥ—ସ. ବ (୬ଷ୍ଠୀ ତତ୍; ସରିତାଂ=ନଦୀମାନଙ୍କର+ନାଥ;
Saritāmnātha ଅଲୁକ୍ ସମାସ)—ସରିତ୍‌ପତି; ସମୁଦ୍ର—
(ସରିତାଂପତି, ସରିତାମ୍ନାଥ—ଅନ୍ୟରୂପ) The sea.

ସରିତାମ୍ବରା—ସ, ବ (ସରିତାଂ=ନଦୀମାନଙ୍କର + ବର୍=ଶ୍ରେଷ୍ଠ;
Saritāmbarā ଅଲୁକ୍ ସମାସ)—ଗଙ୍ଗା—The
(ସରିଦ୍ବର—ଅନ୍ୟରୂପ) Ganges (literally, the best
of the rivers).

ସରିଭୁଲ—ଦେ. ବଣ (ସ. ସଦୃଶ+ତୁଲ୍ୟ)—୧ । ସରିତୁଲ (ଦେଶ)
Saritula 1. Saritula (See) ୨ । ଓଜନରେ
ସମତୁଲ ବରାବର ସରାସର ସଙ୍ଗେ ସମାନ—2. Equal
to each other in weight.

ସରିତୁଲ—ଦେ. ବଣ (ସ. ସଦୃଶ+ତୁଲ୍ୟ)—୧ । ସରାସର ସଙ୍ଗେ
Saritula ସମାନ – 1. Exactly similar to each
ସମତୁଲ ବରାବର other. (ତ୍ର—ସତ୍ତ ବର୍ତ୍ତଃ
ସରିତୁଲ, ଫିଟେଇଦେଲେ ମଲ୍ଲଫୁଲ—ନାଥଁ ଦଥ;ଜ୍ଞାନ୍ତର—
ନଡ଼ଆ ।) ୨ । ସମତଳ—2. Level. ୩ । ସମାନ-
ତଳବର୍ତ୍ତିତ୍ୱ—3. Of the same level.

ସରିତ୍ତଟ—ସ. ବ (ସରିତ୍=ନଦୀ+ତଟ; ୬ଷ୍ଠୀ ତତ୍)—ନଦୀର କୂଳ—
Srittaṭa The bank or shore of a river.

ସରିତ୍ପତି—ସ· ବ (ସରିତ୍+ଅନ୍ନ ଅର୍ଥରେ ବତ୍; ୧ମା. ୧ବ)—ସମୁଦ୍ର.
Saritwān The sea.

ସରିଦ୍‌ବରା—ସ.ବ (୬ମୀ ତତ୍; ସରିତ୍‌ମାନଙ୍କ ମଧ୍ୟରେ ବର)—ଗଙ୍ଗା—
Sarid-barā The Ganges.
(ସରିଦ୍ବର—ଅନ୍ୟରୂପ)

ସରି ଦେବା—ଦେ· କି—ଉପମା ଦେବା; ତୁଳନା କରିବା—To
Sari debā compare with. [ତ୍ର—ଅନ୍ତ ଗାଦରୁ କ
ଉପମା ଦେଓୟା **तुलना करना** ଦେବା ସରି—ଭଜ୍ଞ. ଦୋଳି
ବୃଷ୍ଟ୍ୟଶ୍ୱଦଶ୍ଚ ।]

ସରିନ୍ନାଥ—ସ.ବ (୬ଷ୍ଠୀ ତତ୍; ସରିତ୍+ନାଥ)—ସରିତ୍‌ପତି; ସାଗର—
Sarinnātha The sea; ocean.

ସରି ପଟ—ଦେ. ବଣ—୧ । ସରିତୁଲ—1. Exactly equal
Sari paṭa with each other. ୨ । ସମାନସ୍ତର—
ସମତୁଲ ବରାବର 2. Of the same or similar posi-
ପ୍ରତିଦ୍ୱନ୍ଦ୍ୱୀ **विपक्ष** tion or status. ୩ । ପ୍ରତିଦ୍ୱନ୍ଦ୍ୱୀ—
3. Rival.

ସରିଫ—ବୈଦେ· ବ (ଇଂ. ଶେରିଫ୍)—ସହରର ପ୍ରଧାନ ମଣ୍ଡଳ ବା
Sariph ନେତା—Sheriff; the headman of a town
ସେରିଫ୍ ବୈଦେ. ବ (ଆ)—ସମ୍ମାନାସ୍ପଦ; ପୂଜ୍ୟ—
शेरिफ् Honourable; adorable.

ସରିବାରି—ଦେ. ବ—୧ । ଦୌଣସି ବାଦବାଦର ସମାଧାନ—1. Settle-
Saribari ment of a dispute. ୨ । ସମତା—2. Equa-
ସମାଧାନ lity. ଦେ, ବଣ—୧ । ସମାହୃତ—1. Settled.
समाधान ୨ । ସଦୃଶ—2. Similar.

ସରିବା—ଦେ· କି (ସ. ସୃ ଧାତୁ=ଗତ ହେବା)—୧ । ନଃଶେଷିତ
Saribā ହେବା; ଶୁଖିଯିବା—1. To be exhausted.
ଫୁରାନ (ତ୍ର—ସରୁ ସରିଣି ସବ୍ବେଭଯତର—ଜ୍ଞାନ୍ତର୍ଯ୍ୟ.
खतम होना ସଙ୍ଗୀତ ।) ୨ । ଶେଷ ହେବା;
ସାରିବା } ଶିଜନ୍ତରୂପ ସମାପ୍ତ ହେବା—2. To be fini-
ସରାଇବା } shed; to come to the end.
(ତ୍ର—ମୋ ଜଥାଃ ସରିଲ, ଫୁଲ ଗଛଃ ସରିଲ—ଜ୍ଞାନ୍ତୀ)
୩ । ଚୁରିବା; ସମ୍ପୂର୍ଣ୍ଣ ହେବା—3. To be comple-

Digitized by srujanika@gmail.com

ted. (ଉ—ପିତା ଜଦୋଽଶ ବନବାସ । ସଉଲ୍ଲ ଚଉଦ ବରଷ—ଜଗନ୍ନାଥ. ଭାଗବତ ।) ୪ । (ଧନାଦି) ବ୍ୟୟିତ ହେବା—4. To be spent up. (ଉ—ଭୁକାଇ ଦେଲେ ତୃଷିତ, ତଥୋର ଚଞ୍ଚୁରେ ଶୀତ । ଭାନୁଚନ୍ଦ୍ରକାନ୍ତୁ ବତ୍ତ । ଯାବ ଜଳ ସରଇ—ଜଗନ୍ନାଥ. ଜଗୋସ୍ୱଚଞ୍ଚୁ. ଭ ଗୀତ ।) ୫ । (ସମୟ) ଅତିବାହିତ ହେବା—5. To be spent; to be passed (said of time). (ଉ—ଶବଂସ୍ୱ ଜଡ଼ା ଜନା ଉଲ୍ଲ ଜ ସର—ଜଗନ୍ନାଥ. ଜଗୋସ୍ୱଚଞ୍ଚୁ. ଶଂଗୀତ ।) ୬ । ଅଉ ଲେଡ଼ା ନ ହେବା—6. Not to be needed any longer; to be done with. ୭ । (ନିର୍ଦ୍ଦିଷ୍ଟ ସମୟ) ଝପି ଯିବା ବା ଗତ ହେବା—7. To pass by; to expire. (ଉ—ଗୁମାନ ଧର୍ ସରି ଯାଉଛି, ଜ୍ଞତ ଜ, ଜନ୍ମୁଞ୍ଜେ ମଲ୍ଲ ମର୍ତ୍ତିବା ସମୟୁ ରେ—ଜଗନ୍ନାଥ. ଉତ୍ତାଜଉଚଞ୍ଚୁ ।) ୮ । (କୌଣସି ବ୍ୟକ୍ତି ବା ବସ୍ତୁ) ବଦ୍ୟମାନ ନ ଥିବା—8. Not to exist. (ଉ—ଗଉ ଦେବାକୁ ମୋତେ ତା ଜନା ହରେ—ଭଞ୍ଜ, ପ୍ରେମସୁଧାଜଳ୍ଧି ।) ୯ । ସମାପ୍ତ ହେବା— 9. To be accomplished. ୧୦ । ନଷ୍ଟ ହେବା; ଜନଷ୍ଟ ହେବା—10. To be destroyed or damaged. (ଉ—ଅରୁର ସରବ ମୋର ଜାଇଁ ଲେନ୍ଦେଁ ମଜ୍ଜଇ-ଜଗନ୍ନାଥ. ଜଗୋସ୍ୱଚଞ୍ଚୁ. ଣ ଗୀତ ।) ୧୧। (କୌଣସି ବ୍ୟକ୍ତିର) ସର୍ବନାଶ ଘଟିବା; (ବ୍ୟକ୍ତି) ଉତ୍ସନ୍ନ ହେବା—11. To be done for; to be involved in ruin; to be ruined. (ଉ—ନୋହିଲେ ଗଲ୍ଲଟି ସରି ବୋଲି କର ଯୋଡ଼ିବ ରେ—ମଧୁସୂଦନ. ସଙ୍ଗୀତମାଳା ।) ୧୨ । ଅବସ୍ଥା ସାଙ୍ଘାତିକ ହେବା—12. To reach a serious (or mortal) condition. (ଉ—ସେ ରୋଗରେ ସରିଗଲ୍ଲଣି ।) ୧୩ । ହ୍ରାସ ହେବା; ହ୍ରାସ ହେବା—13. To decrease; to be diminished. (ଉ—ନାଆଁ ସରବ, ହେଲେ ସେଥି ପୂରବ ନାହିଁ ।) ୧୪ । ସଙ୍ଗୀତ୍ତାନ୍ତ ହେବା—14. To be financially ruined. (ଉ—ସଙ୍ଗଧ୍ୱଜକୁ ଶତ୍ରୁର, ଅଯଶଙ୍କ ନଅର ବନାରେ କେତେ ଝଙ୍କା ଲଗିଲ୍ଲି ? ଉତ୍ତର,—ଭେର୍ ଝଙ୍କା, ଭେର୍ ଝଙ୍କା; ମୁଁ ତ ସେଥିରେ ସରଗଲ—ଯଜ୍ଞାରମୋହନ. ଛମାଣ ଅଠଗୁଣ ।) ୧୫ । ଅତ୍ୟନ୍ତ କଷ୍ଟ ଭୋଗ କରିବା—15. To suffer terribly. (ଉ—ଝାଣ ଖୁଣ୍ଟା ଗୁରୁଜନ ଗଞ୍ଜଣାରୁ ମୋ ପ୍ରାଣ ସଗି, ସରବ—ଜଗନ୍ନାଥ. ଜଗୋସ୍ୱଚଞ୍ଚୁ. ଝ ଗୀତ ।) ୧୬ । (କୌଣସି ବ୍ୟକ୍ତିର) ମହତ୍ତ୍ୱ ହାନି ଘଟିବା—16. To suffer in position or honour. (ଉ—ଲଉ ଭୂମ୍ଭକୁ ପ୍ରାଣବନ୍ଧୁ କର ଲ୍ଲେଜହସାରେ ଯେବେ ଯିବ ସର—ଜଗନ୍ନାଥ. ଜଗୋସ୍ୱଚଞ୍ଚୁ. ଲ ଗୀତ ।) ୧୭ । (ଦମ୍ଭ, ଦର୍ପ, ଅଭିମାନ, ଗୁମାନ ଆଦି) ଲୋପ ପାଇବା; ଲଘୁ ହେବା—17. To disappear. (ଉ—ସତେ ସେହି ଅବସରେ ସବୁ, ସବୁ, କରେ ଯେଡ଼େ ଭଇଗୁଣ ଗୋ—ଜଗନ୍ନାଥ. ସଙ୍ଗୀତ ।) ୧୮ । (ବାସନ ଆଦି) ବ୍ୟବହୃତ ହେବା—18. To be used. (ଉ—ଏ ନୂଆ ଥାଳୀଟି କର୍ତ୍ତେ ହେଲ୍ଲ ସରୁଛ, ତଥାପି ତା ଚେଳ ସଟଳ ନାହିଁ ।) ୧୯ । (କୌଣସି ଉତ୍ତରୁ) ଶେଷ ସୀମାକୁ ଯିବା—19. To go to the extreme. (ଉ—ଜଗତ୍ତଯଣେ ସରଛ ସ୍ୱମ, ଗୋଜଳ ଜଡ଼ ଗୃହ—ବାଳକୃଷ୍ଣ ଜର. ନୂଆପାଠ ।) ୨୦ । ଅନ୍ତିମ ସୀମାର ଜଉଝଜଣ୍ଡୀ ହେବା—20. To approach the destination. (ଉ—ବାଟ ତ ସର ଅସିଲ୍ଲଣି, ହେଇ ! ପହ୍ନଲଇଁ ବୋଲ୍ଲ ।) ପ୍ରାଦେ. (ବାଲେଶ୍ୱର) ଜି. (ବଙ୍ଗଳାରୁ ଅନୁକୃତ)—ଘୁଞ୍ଚିବା; ଘୁଞ୍ଚିପିବା—To move away. (ଉ—ଏହୁ ଜିଯାର ବର୍ତ୍ତିମାନ ସାମୀପ୍ୟ ଭୁତକାଳର ରୂପ 'ସରିଲ୍ଲ' ସ୍ଥଳରେ 'ସରିଲ୍ଲ' ସଧ୍ୟ ବ୍ୟବହୃତ ହୁଏ ।) [ସରିଯିବା—ଅନ୍ୟରୂପ]

ସରି ବାଏଡ୍—ପ୍ରାଦେ (ଖଡ଼ଆଳ) ବଣ (ସଂ. ସଦୃଶ + ବାଦ)—Sari bāed ବାଦ ବବାଦରେ ସମ୍ପୂର୍ଣ୍ଣ ସମାନ—Equal to each other in the matter of dispute.

ସରିମା—ସଂ. ବ (ସୃ. ଧାତୁ + ଙ୍ଗବେ ଇମନ୍ ; ସରିମନ୍ ୧ମା. ୧ବ)—Sarimā ୧ । ଗମନ—1. Going. ୨ । ଗତି—2. Motion; movement.

ସରିମାନ—ଦେ, ବ (ସଂ. ସଦୃଶ + ମାନ)—ସଙ୍ଗୀତର ତାଳ ବିଶେଷ—Sarimāna Name of a musical cadence.

ସରିଯାଏ(ଇ)—ଦେ. ଅ (ବିକାର୍ଥକ ଦ୍ୱିରୁକ୍ତ)—ସରିଙ୍କ; ପର୍ଯ୍ୟନ୍ତ—Sarijāe(ke) Upto; till. [ଉ—ଜଣ୍ଡ ସରିଯାଏ ଲ୍ଲଗିଛୁ ପର୍ଯ୍ୟନ୍ତ ପର୍ଯ୍ୟନ୍ତ ଲ୍ଲଙ୍କି । ପାନକୃଷ୍ଣ. ବିସଟଙ୍କାଳ ।]

ସରିଲ—ସଂ. ବ (ସୃ. ଧାତୁ=ଗତି କରିବା + କିଲ୍ଚି. ଇଲ; ସଲ୍ଲିଲର ସରିଲ ଅନ୍ୟରୂପ)—ସଲ୍ଲିଲ; ଜଳ; ପାଣି [ବିରତ]—Sarila Water.

ସରିଶ ସା)—ଦେ. ବିଣ (ସଂ. ସଦୃଶ; ପ୍ରା. ସଣିସା)—୧ । ସଦୃଶ; ସମାନ; ତୁଲ୍ୟ—1. Similar; alike. ୨ । ସମାନ ସମାବସ୍ଥାପନ୍ନ—2. Of the same condition; of similar condition; of equal position.

ସରିଷପ—ସଂ. ବ—ସର୍ଷପ; ସୋରିଷ (ନିକାଶ୍ରେଣୀୟ)—Sarishapa Mustard seed.

ସରିସ—ପ୍ରାଦେ (ଲିବିଥ)—ବି. ଓ ବିଣ—ଶେଷ—Sarisa End.

ସରି ସମ (ସମାନ)—ଦେ. ବିଣ (ସଂ. ସଦୃଶ + ସମ ବା ସମାନ)—Sari sama (samāna) ୧ । ସଂପୂର୍ଣ୍ଣରେ ସଙ୍ଗେ ସମ୍ପୂର୍ଣ୍ଣରୂପେ ସମତୁଲ୍ୟ ସମାନ—1. Exactly similar to each other. ହୁବହୁ ସମାନ [ଉ—ଉପଜ ଶସ୍ୟରୁ ଉପତ ପୂନାର. ସରିସମ ସମତଳ କଲେ ଦୋଇଶ ଯାଇ ଛର ।! କୃଷ୍ଣସିଂହ. ମହାଭିନିତ.

Digitized by srujanika@gmail.com

ବରାବର ଥଡ ।] ୨ । ସମତଳ; ଅବଚ୍ଛୁର; ଯାହା ଉଚ୍ଚନୀଚ ନୁହେଁ— 2. Even; of the same level. [ଉ—ମୁଗ ଯେ ଖାଲ ଚିତ ସରସମ ଭୂମି—ମାନଙ୍କେ ଚଲାଇବ୍ୟ ସେ ତ ବେଗଗାମୀ । କୃଷ୍ଣସିଂହ. ମହାଭାରତ, ଶାନ୍ତି ।]

ସର ସର୍—ଦେ· ଅ—୧ । ଧାଡ଼ ଧାଡ଼ି ହୋଇ—1. In rows. ୨ । Sari sari ଦାର ଦାର ହୋଇ—2· In strings. [ଉ—ସାରିସାରି ଦନେ କର ସର ସଇ ମାଳଗା କବସ୍ତ କର ଧଇର୍ଜ ଛେର ଧାରୀଧାରୀ ପ୍ରକାର ସାର । ଭାଗ. ଦ୍ରୋମ ପ୍ରଧାନଶ୍ୱ ।] ୩ । ପ୍ରସ୍ତ ନରେନରେ; ଥାକେଥାକେ ବହୁତ ଛଡାକା ପ୍ରସ୍ତ ହୋଇ—3. In ଥାକେଥାକେ ନୀଚେ ଊପର layers.

ସର ହାତ—ଦେ. ବଣ (ସଂ. ସଦୃଶ+ହସ୍ତ)—ସରସମ; ସମାନ— Sari hāta Equal; similar. ସମତୁଲ୍ୟ ବରାବର

ସରୀସୃପ—ସଂ. ବ [ସୃପ୍· ଧାତୁ (ଗତି କରିବା)ର ସଙ୍ଜ୍ଞଗନ୍ତରୂପ, ସର Sarisṛupa ସୃପ୍ ଧାତୁ=ପୁନଃ ପୁନଃ ଗମନ କରିବା+କ୍ୱିପ୍· ଅ; ଯେ ପୁନଃ ପୁନଃ ବା ଲମ୍ବ ଦେଇ ବା କୁଟିଳଭାବରେ ଗମନ କରେ]—୧ । (ବେଙ୍ଗ ଇତ୍ୟାଦି) ଯେଉଁ ଜନ୍ତୁମାନେ ଛେଇଁ ଛେଇଁ ଗଲନ୍ତି—1. Leaping animals; reptiles· ୨ । (ଜ୍ୟୋତିଷ) କର୍କଟ, ବୃଶ୍ଚିକ ଓ ମୀନରାଶି—2. (astrology) The astrological signs of the Crab, the Seorpion and the Fishes.

ସରୁ—ସଂ. ବ (ସୃ. ଧାତୁ=ଗମନ କରିବା+କ୍ୱିପ୍. ଉ) —ଖଡ୍ଗ Saru ଅସର ମୁଠି—The handle of weapons. ଦେ. (ଚ୍ଚରୁ, ସ୍ତରୁ—ଅନ୍ୟରୂପ) ବଣ—(ସଂ. ଶୀର୍ଣ୍ଣ; ବା 'ଶର', ଶର ସରୁ ପତଳା ତୃଣଦଣ୍ଡ ସର ଶୀର୍ଣ୍ଣ) —୧ । ପତଳା—1. Thin. (ମୋଟ, ଗରୁ—ବିପରୀତ) (ଉ—ସରୁ ଗାର ।) ୨ । କ୍ଷୀଣ; କୃଶ—2. Slender; lean. (ଉ—ସରୁଦାଣି; ସରୁ ଜଙ୍ଘାଳୀ ।) ୩ । ଶୀର୍ଣ୍ଣ —3. Emaciated. ୪। ସୂକ୍ଷ୍ମ— 4. Fine; delicate. (ଉ—ପିନ୍ଧିଥଇନ୍ତୁ ବାହୁ ସରୁ ଝୀନ ବାସ । କୃଷ୍ଣସିଂହ· ମହାଭାରତ· ଅଦ ।) ୫ । ବାରୀକ କୋମଳ—5, Soft. (ଉ—ସରୁ ଚୁମ୍ବନ ।)

ସରୁ ଅଣ୍ଟା—ଦେ. ବ—ସରୁ କଟୀ (ଦେଶ) Saru anṭā Saru kaṭī (See) ସରୁ କୋମର ପତଳା କମର

ସରୁ ଅନ୍ନ—ଦେ· ବ—ସରୁ ଭାତ (ଦେଶ) Saru anna ସରୁ ଭାତ ମେହି ମାତ Saru bhāta. (See) [ବିପରୀତ—ମୋଟ ଅନ୍ନ, ବଗଡ଼ା ଅନ୍ନ]

ସରୁଆ—ଦେ. ବଣ (ସଂ. ଶୀର୍ଣ୍ଣ)—ସରୁ (ଦେଶ) Saruā ସରୁ ପତଳା Saru. (See)

ସରୁଆ ମୋଟା (ମୋଟିଆ)—ଦେ. ବଣ (ବିପରୀତାର୍ଥ ଶବ୍ଦଦ୍ୱୟ)—ସରୁ Saruā moṭā (moṭiā) ମୋଟ (ଦେଶ)—Saru moṭa. (See)

ସରୁଆ ସଜ—ଦେ. ବଣ. ସଂ—କୃଶ ଦେହ ବିଶିଷ୍ଟ (ବ୍ୟକ୍ତି)—(a Saruā saja person)Having a very slender body. ପାତଳା ଗା ଦୁବଳା ପତଳା [ଉ—ମତେ ବୋଲୁଥାଉ ସରୁଆ ସଜ, ତୁ ଭାବିଥାଉ ବାଜ୍ ?—ଉଗ]

ସରୁ କଙ୍କାଳୀ—ଦେ· ବଣ. ସ୍ତ୍ରୀ—ଯେଉଁ ସ୍ତ୍ରୀର କଙ୍କାଳ ବା ସନ୍ଧିରର Saru kaṅkāḷī ପାତ୍ଳଦୃସ୍ଟ ସ୍ତ୍ରୀଲ—(A woman) Having ସରୁ କାଁକାଳୀ ପତଳୀ କମରବାଲୀ a slender body.

ସରୁ କଜ(ଜ୍ଜ୍ୱ)ଳ—ଦେ. ବ—ଅଖିରେ ଦିଆ ଯାଇଥିବା କୁଜ୍ଜ୍ୱଳର ସରୁ Saru kaja(jjwa)ḷa ଗାର—A slender or fine line ସରୁ କାଜଳ ପତଳା କାଜଳ of collyrium drawn on the lower eye-lids.

ସରୁ କଟୀ—ଦେ. ବ—କୃଶ ଅଣ୍ଟା— Saru kaṭī Slender waist. ('ଉରୁ ଯେବେ ସରୁ କଟୀ ସରୁ କଟୀ ଜ୍ଞାତବାରୁ, ସମର୍ଥ ମୋ ଜରେ ବୁଚ ଜୁମ୍ଭ'—ପ୍ରାଚୀନ ପତଳୀ କମର ସଙ୍ଗୀତ) ଦେ. ବଣ—କୃଶ ଦେହ ବିଶିଷ୍ଟା (ସ୍ତ୍ରୀ)— ସରୁ କାଁକାଳୀ (A woman) Having a slender ପତଳୀ କମରବାଲୀ waist

ସରୁ କନା—ଦେ. ବ—ପତଳା କନା— Saru kanā A thin piece of rag. ସରୁ କାନୀ ପତଳା ଚୀଥଡ଼ା

ସରୁ(ରୋ)କା(କ୍ଖା)—ବୈଦେ. ବ—(ଫା. ସରୋକାର୍)—୧ । ସମ୍ପର୍କ— Saru(ro)kā(kkā) 1. Connection. ୨ । ସମ୍ବନ୍ଧ— ସରୋକା ସରୋକାର 2. Relation.

ସରୁ ଚଗୁଆ—ପ୍ରାଦେ—(କାଲେଶ୍ୱର) ବ—୧ । ଖୁବ୍ ଛୋଟ ଛୋଟ ଏବଂ Saru gaguā ଅନ୍ୟ ମାଛ ସହିତ ମିଶା ହୋଇ ନ ଥିବା ଚଗୁଆ ମାଛ—Very small species of Gaguā fish, not mixed with other kinds of fish. ୨ । ଏକ ଜାତୀୟ ସରୁ ଧାନ—2. A species of fine paddy.

ସରୁ ଗଳା—ଦେ. ବ—୧ । କ୍ଷୀଣ ସ୍ୱର—1. Slender tone. Saru gaḷā ୨ । କୋମଳ ସ୍ୱର—2. Soft voice. ସରୁଗଳା ମହୀନ ଆବାଜ

ସରୁ ଗୋଡ଼ୀ—ଦେ. ବଣ. ସ୍ତ୍ରୀ—(ଜନାଥି) ଯେଉଁ ସ୍ତ୍ରୀର ଗୋଡ଼ ସରୁ— Saru gorḍi (A woman) Having tender or thin ସରୁପାୟୀ ପତଳା ପୈରବାଲୀ legs.—[ଉ ବଘର ସ୍ତ୍ରୀ ଅନ୍ନ ଦେଶର ଦୁଷ୍ଟରେ ସୁନ୍ଦର ନୁହନ୍ତୁ) ଦେ· ବ—ଛୁଦ୍ର ଛୁଦ୍ର କଙ୍କର ମିହୀ କାଂକର ମହୀନକଙ୍କର —Tiny gravels.

ସରୁଚ୍—ସଂ.ବଣ—(ସଦ୍ଭାବେ ବହୁବ୍ରୀହି; ସ+ରୁଚ୍)--ଶୋଭାଯୁକ୍ତ (ହି.ଶ) Saruch Beautiful; graceful.

ସରୁ ଚକୁଲି—ଦେ. ବ—ପତଳା ଚକୁଳି ପିଠା— Saru chakuḷi Thin pastry cake. ସରୁ ଚାକୁଲୀ ପତଳୀ ପୂରୀ

ସରୁ ଚାଉଳ—ଦେ. ବ—ସୂକ୍ଷ୍ମ ଚାଉଳ— Saru chāuḷa Fine rice. [ଉ—ଏହିସବ ସରୁ ଧାନ] ସରୁ ଚାଲ, ମିହୀ ଚାଲ ବାରୀକ ଚାବଲ ସରୁ ଚଡ଼ା ଥଡ ଦୃଢ ।

Digitized by srujanika@gmail.com

ସରୁ ଗୁକୁଣ୍ଡା(ଡା)—ସ୍ତ୍ରୀଦେ. (ବାଲେଶ୍ୱର) ବ—କାଶମର୍ଦ୍ଦ (ଦେଶ)—
Saru chākuṇḍā(ndā) Kāsa mardda (See).

ସରୁ ଚି(ଚୁ)ଙ୍ଗୁଡ଼ି—ଦେ. ବ—ଅନ୍ୟଜାତୀୟ ମାଛ ସଙ୍ଗେ ମିଶା ଯାଇ ଥିବା ଖୁବ୍ ଛୋଟ ଛୋଟ ଚିଙ୍ଗୁଡ଼ି [ଚୁନାଚ(ଚୁ)ଙ୍ଗୁଡ଼ି—ଅନ୍ୟରୂପ] ମାଛ—Very small
ସରୁ ଚିଙ୍ଗଡ଼ି; କୁଚୋ ଚିଙ୍ଗଡ଼ି, ଘୁଷୋ ଚିଙ୍ଗଡ଼ି shrimps not
ପତଳା ଚିଂଗଡ଼ା mixed with other kinds of fish.
[ଦ୍ର—ବଡାଲ ଦ୍ୱୀପରେ ଏହା ସହିତ ଅନ୍ୟ କୌଣସି ଛୋଟ ମାଛ ସାଧାରଣତଃ ମିଶି ନ ଥାଏ ।]

ସରୁ ଚୁମ୍ବନ—ଦେ. ବ—କୋମଳ ଚୁମ୍ବନ; ଯେଉଁ ଚୁମ୍ବନରେ ଚୁମ୍ବନ
Saru chumbana କରିବା ବ୍ୟକ୍ତିଙ୍କ ଓଷ୍ଠଦ୍ୱୟ ଚୁମିତ
(ସରୁ ଚୁମ୍ବ, ସରୁ ଚୁମା—ଅନ୍ୟରୂପ) ବ୍ୟକ୍ତିଙ୍କ ଅଧରକୁ ବା
(ସରୁ ଚୁମ୍ବନ୍ୟ—ଗ୍ରାମ୍ୟରୂପ) ଉତ୍ତମାଙ୍ଗକୁ ସ୍ତ୍ରୀରୂପେ ସ୍ପର୍ଶ
ସରୁ ଚୁମା କୋମଳ ଚୁମ୍ବନ, ହଲକା ଚୁମନ କରେ ଓ
ଯେଉଁ ଚୁମ୍ବନର ଶବ୍ଦ ସ୍ତ୍ରୀ—Soft kiss;
tender kiss. [ଦ୍ର—ଗୃହିଣୀ କି ସନ୍ତୋଷ ଦେବ,
ସରୁ ଚୁମନ ମୁଁ ଦେବ; ନେବ ସ୍ପର୍ଶ ଆଡ଼େ କର, ଉତ୍ତରେ
ଘୁଲକ ଭର—ଭଞ୍ଜ ସ୍ତ୍ରବଣ୍ୟବତ୍ତା ।]

ସରୁଜ—ସଂ. ବିଣ. ପୁଂ (ସତ୍ତାର୍ଥ ବହୁବ୍ରୀ.ହୁ)—ରୁଗ୍ଣ; ରୋଗବିଶିଷ୍ଟ—
Saruja (ସରୁଜା—ସ୍ତ୍ରୀ) Ailing; sick.

ସରୁତା—ସ୍ତ୍ରୀଦେ (ସମ୍ବଲପୁର) ବ (ତୁଳ ହି.ସରୌତା)—ଗୁଆକାଟ—
Sarutā Nut-cracker.

ସରୁ ଦଉଡ଼ା(ଡ଼ି)—ଦେ. ବ—ସ୍ତ୍ରୀଣ ରଜ୍ଜୁ—Slender rope.
Saru daurdā(rdi) ସରୁ ଦଡ଼ି ପତଳା ରସୀ

ସରୁ ଦି(ଦେ)ହ—ଦେ. ବ—ସ୍ତ୍ରୀଣ ବା କୃଶ ଶରୀର—Slender or
Saru di(de)ha lean body. ଦେ. ବିଣ—ସ୍ତ୍ରୀଣକାୟ
ସରୁ ଗା ପତଳା ଦେହ (ବ୍ୟକ୍ତି)—(a person) Having
ପାତଳା ପତଳା a slender body.

ସରୁ ଧଡ଼ି—ଦେ. ବ—ସୂକ୍ଷ୍ମ ଧଡ଼—
Saru dhardi Fine border of a cloth.
ସରୁ ପାଡ଼ ପତଳା କୋର

ସରୁଧଡ଼ିଆ—ଦେ. ବିଣ—ସୂକ୍ଷ୍ମ ଧଡ଼ବିଶିଷ୍ଟ (ଲୁଗା)—
Saru dhardiā Fine-bordered (cloth)
ସରୁପେଡ଼େ ପତଳା କୋରବାଲା

ସରୁ ଧାନ—ଦେ. ବ—ସୂକ୍ଷ୍ମ ଧାନ୍ୟ—
Saru dhāna ସରୁ ଧାନ ପତଳା ଧାନ Fine paddy.

ସରୁ ନାଞ୍ଜି—ଦେ. ବ—ସରୁ ଲଞ୍ଜି (ଦେଶ)
Saru nāñji Saru lāñji (See)

ସରୁ ପଖାଳ—ଦେ. ବ—ସରୁ ଗୁଡ଼ୁଳର ଅନ୍ନର ପଖାଳ—
Saru pakhāḷa Boiled fine rice soaked with water.

ସରୁ ପତରଆ—ସ୍ତ୍ରୀଦେ (ଗଡ଼ଜାତ) ବ—ସାନ ହାଣ୍ଡ (ଦେଶ)
Saru patariā Sāna hāṭi (See)

ସରୁପତ୍ରିଆ ଶୋଲ—ଦେ. ବ—ଗାଇଆ ଶୋଲ (ଦେଶ)
Sarupatriā śola Gāiā śola (See)

ସରୁ ପାଚକ—ଦେ. ବ—ଯେଉଁ ଭାଙ୍ଗ ପାଣି ବା ସରଞ୍ଜ ପାଣି ଅଳ୍ପ ପରି
Saru pāchaka ଓ ବେଶି ସରଞ୍ଜ ସଂଯୋଗରେ ତିଆର
ସରୁ ପାଚକ ହଲକା ଠଣ୍ଡକ ହୋଇଥାଏ—A drink
made up of a little quantity of
Ganja leaves and a larger quantity
of spices.

ସରୁ ପାଡ଼—ଦେ. ବ (ବଙ୍ଗଳାରୁ ଅନୁକୃତ)—(ଲୁଗାର) ସରୁ
Saru pārda ଧଡ଼—Fine border (of a cloth).
ସରୁ ପାଡ଼ ପତଳା କୋର
ସରୁ ପେଡ଼େ ଦେ. ବିଣ—ସୂକ୍ଷ୍ମ ଧଡ଼ ବିଶିଷ୍ଟ (ଲୁଗା)—
ପତଳା କୋରବାଲା (a cloth) Having fine border.
(ସରୁ ପାଡ଼ଦାର, ସରୁ ପାଡ଼ିଆ—ଅନ୍ୟ ବିଣ ରୂପ)

ସରୁ ବଚନ—ଦେ. ବ—୧ । କୋମଳ ସ୍ୱରରେ ଉଚ୍ଚାରିତ ବଚନ—
Saru bachana 1. Softly uttered word. ୨ । ମଧୁର
ମିଠା ବଚନ ମିଠୀବାତ ବାକ୍ୟ—2. Sweet words.

ସରୁ ବଚନିଆ—ଦେ. ବିଣ. ପୁଂ—ଯେ କୋମଳ ବାକ୍ୟ କହେ; କାଁଳ
Saru bachaniā କୁହା—Speaking softly.
ମିଠା ବଚନି ମିଠୀ ବାତବାଲା (ସରୁ ବଚନା—ସ୍ତ୍ରୀ)

ସରୁ ବାଲି—ଦେ. ବ—ସୂକ୍ଷ୍ମ ବାଲୁକା—
Saru bāli Fine sand. (ଉ୍—ଏଭଳି ସୁନ୍ଦର ସରୁବାଲି]
ସରୁ ବାଲି ପତଳା ବାଲୁ ରୂପଭ—ସ୍ତ୍ରୈଣସ୍ୱାମୁଭ ।

ସରୁ ବେକ—ଦେ. ବ—କୃଶ ଗଳଦେଶ—
Saru beka ସରୁ ବାଡ଼ ପତଳା ଗଳା A narrow neck.

ସରୁ ବେକା—ଦେ. ବିଣ. ପୁଂ—କୃଶ ଗଳଦେଶ ବିଶିଷ୍ଟ—
Saru bekā Having a narrow neck.
ସରୁ ବେଢ଼ୋ ପତଳା ଗଳାବାଲା (ସରୁ ବେଙ୍କା—ସ୍ତ୍ରୀ)

ସରୁ ଭାତ—ଦେ. ବ—ସରୁ ଗୁଡ଼ୁଳର ଅନ୍ନ—
Saru bhāta ସରୁ ଭାତ ପତଳା ଭାତ Fine boiled rice.

ସରୁ ମଧ୍ୟା—ଦେ. ବିଣ. ସ୍ତ୍ରୀ—ସରୁ କଟୀବିଶିଷ୍ଟା (ସ୍ତ୍ରୀ)—
Saru madhyā Slender-waisted (woman).
ସରୁ ମଧ୍ୟା ପତଳୀ କମରବାଲୀ (ଉ୍—ବାଣୀ ମୋର ନାମେ ଶାନ୍ତ
ବଡାଗରୁ ସରୁମଧ୍ୟା ସ୍ତ୍ରୀରୁ ଭୟ ବହୁ । ଭଞ୍ଜ—ବୈଦେହୀଙ୍କ
ବିଳାସ ।]

ସରୁ ମାଧେ(ଧୋ)ଇ—ଦେ. ବ—ଉତ୍ତମ ଚଢ଼ୀ ଧାନ ସହ ଅଳ୍ପଭାଗରେ
Saru mādhe(ddo)i ଅଳ୍ପ କଳା ଦୋଇଥିବା ଏକ ପ୍ରକାର
(ସରୁ ମାଧ୍ୟ—ଅନ୍ୟରୂପ) ପତଳା ଧାନ—A sort of fine
black-tipped white paddy.

Digitized by srujanika@gmail.com

ସରୁ ମୋଟ(ଟା)—ଦେ. ବିଣ (ବିପରୀତ ସଦ୍ଭାବର) —ପତଳା ଓ ମୋଟ—
Saru moṭa (ṭā) Thin and thick.
ସରୁ ମୋଟା ପତଲାମୋଟା ଦେ. ବ—ହୀଣ ଓ ସ୍ଥୂଳବସ୍ତୁମାନ—
Lean and thick things.

ସରୁ ଲିଞ୍ଜି—ଦେ. ବ—ନୟନ ପ୍ରାନ୍ତରେ ଅଙ୍କିତ କଜ୍ଜଳର ସରୁଗାର—
Saru liñji A fine line of collyrium drawn
କାଜଳେର ସରୁ ରେଖା ପତଲୀ କାଜଲକୀ ରେଖା beyond the ends of the eyes.

ସରୁ ଲୁଗା—ଦେ. ବ—ପତଳା ଲୁଚା; ସୂକ୍ଷ୍ମ ବସ୍ତ୍ର—
Saru lugā Fine or thin cloth.
ସରୁ କାପଡ଼ ପତଲା କପଡ଼ା

ସରୁ ସୂତା—ଦେ. ବ—ସୂକ୍ଷ୍ମ ସୂତ୍ର—
Saru sūtā Thin piece of thread; fine thread.
ସରୁ ସୂତୋ ପତଲା ସୂତ

ସରୂପ—ବିଣ. ଘୁଂ (ସ=ସମାନ+ରୂପ ପାଦ୍ଧାର; ବହୁବ୍ରୀ.) ୧। ଏକ ସରୂପା ରୂପ ବିଶିଷ୍ଟ—1. Of the same shape. [ବି—(ସରୂପା—ସ୍ତ୍ରୀ) ଗଙ୍ଗା ଗସ୍ତା ଗୋଦାବରୀ ଜାତିସରୂପୀ, ଭଗତ (ସରୂପତା, ସାରୂପ୍ୟ—ବ) କାରତଜ ଦେବା ଜଗତେ ବ୍ୟାପି—(ସରୂପୀ—ଦେ. ରୂପ) ସ୍ତ୍ରୀତା. ଭଦ୍ରସ୍ୟମଞ୍ଜସ୍ତ।) ୨। (ସଦ୍ଭାର୍ଥେ ବହୁବ୍ରୀ.) ରୂପବିଶିଷ୍ଟ—2. Embodied; having shape. ଦେ. ବିଣ—ସ୍ଥୂରୂପ; ଭୁଲ୍ୟ; ସଦୃଶ
ସରୂପ ମାଫକ Similar; equal.
(ବି—ଚୂରଥାରୁଣେ ବେଦ ପୁଣ, ଯାବନ୍ତ ସରୂପରେ ଜାଣ—ଯଶୋବନ୍ତ ପ୍ରେମଭକ୍ତିବହ୍ନିଗୀତା।)

ସରୂପକ—ବି. ବିଣ (ସଦ୍ଭାର୍ଥେ ବହୁବ୍ରୀହି; ସ=ସହିତ+ରୂପକ)—
Sarūpaka ରୂପକାଳଂକାର ସହିତ—With the figure of simile. (ବି—ବାର୍ତ୍ତା କଢେ ସରୂପତେ ସତାନତ, ବିଶ୍ୱାମିତ୍ର ଗୁରୁ ସଙ୍ଗେ ସ୍ତମରନ୍ତ। ଭଜ. ବୈଦେହୀଶ-ବିଳାସ।)

ସରେ—ଦେ. ଅ—ଶେଷ ପର୍ଯ୍ୟନ୍ତ—Till the end. (ବି—ସାର
Sare ଛରୁ ଗରୁ ଫୁଲ ସରେ ସନ୍ତୁଳ। ଭଜ. କୋଣିବ୍ରହ୍ମାଣ୍ଡ ଶେଷ ପର୍ଯ୍ୟନ୍ତ ଶେଷତକ ସୁନଲା।) ଦେ. କି (ସରିବା କ୍ରିୟାର ଫୁରାୟ ଆଖୀରହୋତା ବିଦ୍ୟମାନବୃତ୍ତବର୍ତ୍ତମାନ କାସ୍ୟ ପୁରୁଷ ଏକ ବଚନରେ ରୂପ 'ସରଇ' ଶବ୍ଦର ଅନ୍ୟରୂପ)—
Is finished

ସଃ ରେ(ରେଃ)—ଦେ. ବ (ବିପରୀତ, ସାଙ୍କେତିକ)—ସବ୍ ରେଜିଷ୍ଟ୍ରର୍—
Saḥ re(reḥ) (abbreviation for) Sub-Registrar.
ସଃ: ରେଃ ସ: ର୍ଦ୍ଦ୍

ସରେଇ—ଦେ. ବ. ଓ ବିଣ—ସରୁଇ (ଦେଶୀ)—Sarāi. (See)
Sarei [ବି—ବିଶିଷ୍ଟ ପ୍ରସିଦ୍ଧ ସ୍ଥାନରେ ସରେଇ ଘର ନାମୀଣ ଓ ସରାଞ୍ଚି ସରାୟ ଦୋକାନ ବସାଇଦେଲେ। ଫକୀରମୋହନ. ଗଲ୍ପସ୍ତ।] ସ୍ତାଦେ. (ସମ୍ବଲପୁର) ବ—୧। ମଧ୍ୟଲଥ ଥଣିଆ—1. Medium-sized earthen pot. ୨। ସୋରେଇ—2. A kind of long narrow-necked pitcher.

ସରେଜ—ବୈଦେ. ବ (ଫା. ସର୍ଦ୍)—ସର୍ତ୍ତ—
Saret Condition or term of a contract or
ସର୍ତ୍ତ ଶର୍ତ୍ତ agreement.

ସରେନ (ନୋ, ନୌ)—ବୈଦେ. ବିଣ (ବିପରୀତ) (ଫା. ସରେନଓ)
Saren (no, nau) —୧। ମୌଳିକ—1. Original. ୨।
(ସରେନଜ୍[ଓ]—ଅନ୍ୟରୂପ) ଆଦ୍ୟ; ପ୍ରାଥମିକ—
ସରେନଓ ସରେନଆ; ପହଲା 2. Primary.

ସରେନ(ନୋ,ନୌ) ଅଦାଲତ (କୋର୍ଟ୍, କୋର୍ଟ୍)—ବୈଦେ. ବ.
Sarena(no,nau) adālata(koṭ,korṭ) (ବିପରୀତ)—
[ସରେନଜ୍(ଓ)ଅଦାଲତ(କୋର୍ଟ୍,କୋର୍ଟ୍)—ଅନ୍ୟରୂପ] ମକଦ୍ଦମାକୁ
ସରେନଓ ଆଦାଲତ ପହଲା ଅଦାଲତ ପ୍ରଥମେ ବିଚାର
ହେବାର ଅଦାଲତ—The original court for the trial of a suit.

ସରେନ(ନୋ,ନୌ) ମକଦ(ଦ୍ଦା)ମା—ବୈଦେ. ବ (ବିପରୀତ)—
Sarena(no,nau) makada(dda)mā କୌଣସି ବାଦୀ
[ସରେନଜ୍(ଓ)ମକଦ(ଦ୍ଦ)ମା—ଅନ୍ୟରୂପ] ସମ୍ବନ୍ଧେ ବାଦୀ
ସରେନଓ ମୋକଦ୍ଦମା ପହଲା ମକଦ୍ଦମା ପ୍ରଥମବାଦୀଙ୍କ ପକ୍ଷରେ
ଦେବାଲା ଅଦାଲତରେ ପ୍ରଥମେ ଦାବର ହୋଇ ବିଚାର
ହେବା ମକଦ୍ଦମା—Original civil suit.

ସରେ ହାଲ—ବୈଦେ.ବ(ଫା.)—କୌଣସି ବିଷୟ ସମ୍ବନ୍ଧୀୟ ସମସ୍ତ ବିବରଣ
Sare hāl —All particulars about any matter.
ସରେ ହାଲ ପୂରା ହାଲ

ସରୋକା(କା)—ତବୈଦେ. ବ (ଫା. ସରୋକାର୍)—୧। ସମ୍ପର୍କ—
Saroka(kā) 1. Connection. ୨। ସମ୍ବନ୍ଧ—
[ସରୋକାର୍—ଅନ୍ୟରୂପ] 2. Relationship. ୩।
[ଅ. ଶରିକ୍]—ହିସ୍ସା; ଅଂଶ—3. Share.

ସରୋଜ—ସଂ, ବ [ସରଃ=ଜଳ, ସରୋବର+ଜନ୍ ଧାତୁ=ଜନ୍ମିବା
Saroja +କଞ୍ଚି ଅ]—ପଦ୍ମ—Lotus.

ସରୋଜ ନୟନ—ସଂ. ବିଣ. ପୁଂ [ଉପମିତ ବହୁବ୍ରୀହି]—ପଦ୍ମ ପର ସୁନ୍ଦର
Saroja nayana ନେତ୍ରବିଶିଷ୍ଟ—Lotus-eyed.
[ସରୋଜନେତ୍ର—ଅନ୍ୟରୂପ] ସଂ. ବ [ଉପମିତ କର୍ମଧାରୟ]—
[ସରୋଜନୟନା; ସରୋଜନେତ୍ରା—ବିଣ. ସ୍ତ୍ରୀ] ପଦ୍ମପର ସୁନ୍ଦର ନେତ୍ର
—Eye as graceful as the lotus.

ସରୋଜନୟନା—ଦେ. ବିଣ. ସ୍ତ୍ରୀ [ସ. ସରୋଜନୟନା]—ପଦ୍ମ ପର
Sarojanayanī ସୁନ୍ଦରନେତ୍ରବିଶିଷ୍ଟା [ସ୍ତ୍ରୀ]—Lotus-
[ସରୋଜନେତ୍ରୀ—ଅନ୍ୟରୂପ] eyed (female).
ସରୋଜନୟନା ସରୋଜନୟନୀ

ସରୋଜନ୍ମା—ସଂ. ବ (ସରଃ+ଜନ୍ମନ୍, ୪ମା.୧ବ]—ସରୋଜ (ଦେଖ)
Sarojanmā Saroja (See)

ସରୋଜ ବଦନ—ସଂ. ବ [ଉପମିତ କର୍ମଧାରୟ]—ପଦ୍ମମୁଖ—
Saroja badana A face as graceful as the
lotus. ସଂ. ବିଣ ପୁଂ [ଉପମିତ ବହୁବ୍ରୀହି]—ପଦ୍ମ ପର
ସୁନ୍ଦର ମୁଖ ବିଶିଷ୍ଟ—(Masculine) Having the
face as graceful as the lotus.
[ସରୋଜବଦନା—ବିଣ ସ୍ତ୍ରୀ]

Digitized by srujanika@gmail.com

ସରୋଜବଦନା—ଦେ. ବ. ସ୍ତ୍ରୀ (ସଂ. ସରୋଜବଦନା)—ପଦ୍ମ ପରି
Saroja.badanī ସୁନ୍ଦର ମୁଖ ବିଶିଷ୍ଟା (ସ୍ତ୍ରୀ)—(a female)
ସରୋଜବଦନୀ **सरोजवदनी** Having the face as a beautiful as the lotus.

ସରୋଜନା—ସଂ. ବ. ସ୍ତ୍ରୀ (ସରୋଜ=ପଦ୍ମ+ଅଛ ଯାହାର, ଏହ
Sarojinī ଅର୍ଥରେ ଇନ୍+ସ୍ତ୍ରୀ ଈ)—୧। ପଦ୍ମଗଛ; ପଦ୍ମ
ଲତା—1.!The lotus creeper. ୨। ପଦ୍ମ-
ସମୂହ—2. A collection of lotus flowers.
୩। ପଦ୍ମବହୁଳ ପୁଷ୍କରଣୀ—3. A tank full of
lotus. ସ. ବଣ. ସ୍ତ୍ରୀ—ସରୋଜର ସ୍ତ୍ରୀଲିଙ୍ଗ—
Feminine of Sarojī. ଦେ. ବ. ସ୍ତ୍ରୀ—ସ୍ତ୍ରୀ-
ସରୋଜିନୀ **सरोजिनी** ଲୋକଙ୍କ ନାମ—A name given to females.

ସରୋଜନା ନାଇଡୁ—ଦେ. ବ. (ନାମ)—ଭାରତର ପ୍ରସିଦ୍ଧା ନାଗ-
Sarojinī nāiḍu ନେତ୍ରୀ—Sarojinī Naidu—the famous Indian lady-leader. [ବୃ—ଏ ବର୍ତ୍ତମାନ ସରକାରରେ ଜନ୍ମଗ୍ରହଣ କରି ମାଦ୍ରାଜର ଡେପୁଟୀ ଡାକ୍ତର ସି. ଅର୍. ଡି. ନାଇଡୁଙ୍କ ବିବାହ କରିଥିଲେ। ଏ ଦେଶସେବା ବ୍ରତରେ ଜୀବନ ଉତ୍ସର୍ଗ କରିଅଛନ୍ତି; ଏ ଜଣେ ପ୍ରସିଦ୍ଧା କବି। ଇଂରାଜ ସରକାରେ ମଧ୍ୟ ଏହାଙ୍କ କବିତା ଗାନ୍ଧୀଭକ୍ତମାନଙ୍କୁ ଅନ୍ତର୍ଦ୍ୟାବୃତ କରିଅଛି। ଭାରତସ୍ଥ ସମସ୍ତ (କଂଗ୍ରେସ, ସଦେଶୀ, ସର୍ବଜ୍ଞ୍ୟ, ହିନ୍ଦୁ-ମୁସଲମାନ ମିଳନ ଅଦି) ଜାତୀୟ ଆନ୍ଦୋଳନରେ ଏ ଅଗ୍ରଣୀ ହୋଇ ବାହାରଛନ୍ତି। ଏହାଙ୍କ ପର ବନ୍ଧୁତ୍ୱୀ ମହଲା ଅଧୁନିକ ଭାରତୀୟ ନାଗସମାଜରେ ଦୁର୍ଲଭ। ଅଫ୍ରିକାରେ ଥିବା ଭାରତୀୟମାନଙ୍କ ଦୁର୍ଦ୍ଦଶା ମୋଚନାର୍ଥେ ଏ ଥରେ ଅଫ୍ରିକା ଯାଇଥିଲେ। ୧୯୨୫ ସାଲରେ ଏ ଭାରତୀୟ କଂଗ୍ରେସର ସଭାପତି ନିର୍ବାଚିତା ହୋଇଥିଲେ।]

ସରୋଜା—ସଂ. ବ (ସରୋଜ+ଅଛ ଅର୍ଥରେ ଇଚ୍; ୪ମା ୧ବ)—
Sarojī ବ୍ରହ୍ମା—The God Brahmā. ସ. ବଣ. ପୁଂ
(ସରୋଜଜା—ସ୍ତ୍ରୀ) ପଦ୍ମ ବିଶିଷ୍ଟ—Having lotus.

ସରୋ(ରୌ)ତା—ଗ୍ରା. ଦେ (ସମ୍ବଲପୁର) ବ (ହିନ୍ଦୀରୁ ଅନୁକୃତ)—୧।
Saro(rau)tā ଶିଲଚାଉ—1. A small folding knife. ୨। ଗୁଆକାଉ—2. Nut-cracker.

ସରୋତ୍ସବ—ସ. ବ (ସରଃ=ସରୋବରରେ ଉତ୍ସବ=ବହାର ଯାହାର
Sarotsaba ବହୁତ୍ୱ ହୁ)—ସାରସ ପକ୍ଷୀ—A species of crane.

ସରୋଦୟ—ଗ୍ରା. ବ ସଂ. ସ୍ୱରୋଦୟ)—ସ୍ୱରୋଦୟ (ଦେଶ)—
Sarodaya ସରୋଦୟ **सरोधा** Swarodaya (See)

ସରୋଧ—ସ. ବଣ (ସ=ସହ+ରୋଧ)—ରୁଦ्ध—
Sarodha Confined; restrained.

ସରୋବର—ସ. ବ (ସରଃ+ବର)—୧। ପୁଷ୍କରଣୀ; ଗୋଟଗ୍ର—
Sarobara Tank. ୨। ପଦ୍ମାଦି ପୂର୍ଣ୍ଣ ଜଳାଶୟ (ପ୍ରକୃତଭାବ) A tank full of lotus.

ସରୋରୁହ(ହ୍)—ସ. ବ (ସରଃ=ଜଳାଶୟ+ରୁହ୍ ଧାତୁ=ଜନ୍ମିବା
Saroruha(ṭ) କର୍ତ୍ତରି ଅ; +କର୍ତ୍ତରି କ୍ୱିପ୍)—ସରୋଜ; ପଦ୍ମ—Lotus.

ସରୋରୁହାସନ—ସ. ବ (ସରୋରୁହ=ପଦ୍ମ ଅଟଃ ଅସନ ଯାହାଙ୍କର,
Saroruhāsana ବହୁବ୍ରୀ ହୁ)—ବ୍ରହ୍ମା—The God Brahmā (who is represented as seated on a lotus.

ସରୋଷ—ସ. ବଣ.ପୁଂ (ସ=ସହ+ରୋଷ=କ୍ରୋଧ;ସହାର୍ଥ ବହୁବ୍ରୀ ହୁ)
Sarosha (ସରୋଷା—ସ୍ତ୍ରୀ) ସକ୍ରୋଧ; କ୍ରୁଦ୍ଧ—Angry.

ସରୋଷ୍ଠକ—ଦେ. ବ (ସଂ. ସହ+ଓଷ୍ଠ्य)—କାବ୍ୟରେ ଶବ୍ଦଯୋଜନା
Sarosthaka ବିଶେଷ—A kind of Composition. (ଯେଉଁ କାବ୍ୟରେ ପ୍ରତ୍ୟେକ ପଦ ଓ ପ୍ରତ୍ୟେକ ଅକ୍ଷର ଓଷ୍ଠ୍ୟ ବର୍ଣ୍ଣ, ସେଠାରେ ଏହ ଅଲଙ୍କାର ହୁଏ) [ଉ—ବାମା ବାଣୀ ପ୍ରେମପୂର୍ଣ୍ଣ ବିଦ୍ୱତ୍ତ ବଦ୍ଧୁ ମମ ବାମା ବାମା ତତ୍ତ୍ୱ ବିଦ୍ୱତ୍ତବ ବିତ୍ତ୍ୱ ମମ—ଗୋଲକ. ଇନ୍ଦୁରେଖା]

ସର୍କ—ସଂ. ବ (ସୃ ଧାତୁ=ଗତି କରିବା+କର୍ତ୍ତରି କ)—୧। ବାୟୁ—
Sarka 1. Air. ୨। ମନ; ଚିତ୍ତ—2. Mind; heart. ୩। ପ୍ରଜାପତି—3. Butterfly. ୪। ଏକ ପ୍ରଜାପତିଙ୍କ ନାମ (ହି. ଶ)—4. Name of a Progenitor of the created beings.

ସର୍କଟା(ଟେ)ଇବା—ଗ୍ରାଦେ (ସମ୍ବଲପୁର) କ୍ରି—ଶକ୍ତକରି ବାନ୍ଧିବା—
Sarkaṭā(ṭe)ibā To tie tightly.

ସର୍କ(କୁ)ଲ୍—ବୈଦେ. ବ (ଇଂ. ସର୍କଲ୍)—ଶାସନ ସୌକର୍ଯ୍ୟାର୍ଥ
Sarka(rku)l ଗଠିତ ନିର୍ଦ୍ଦିଷ୍ଟ ସୀମା ବିଶିଷ୍ଟ ଅଞ୍ଚଳ—A
ସର୍କଲ **सर्कल** Circle (formed for admini strative convenience). [ବୃ—ଏହ ଶବ୍ଦସଙ୍ଗେ ଅନ୍ୟ ଇଂରେଜ ଶବ୍ଦମାନ ବ୍ୟବହୃତ ହୋଇ ଉକ୍ତ ଅଞ୍ଚଳର ଭାରପ୍ରାପ୍ତ କର୍ମଗୁଣ୍ଡଙ୍କ ନାମକରଣ ହୁଏ; ଯଥା—ସର୍କଲ୍ (ସର୍କୁ—ଅନ୍ୟରୁଗ) ଅଫିସର୍, ସର୍କଲ୍ ଇନ୍‌ସ୍‌ପେକ୍‌ଟର୍ ଇତ୍ୟାଦି।]

ସର୍କସ୍—ବୈଦେ. ବ (ଇଂ ସର୍କସ୍)—୧। ଲୋକମାନଙ୍କ ମନୋ-
Sarkas ରଞ୍ଜନାର୍ଥ ଅସ୍ଥାୟିଭାବକ ବ୍ୟାୟାମ ଓ ଶିକ୍ଷିତ ପଶୁ-
ସରକସ୍ **सरकस, सर्कस** ମାନଙ୍କ କ୍ରୀଡ଼ା ଦେଖାଇବା ପାଇ ଗଠିତ ଦଳ—1. Circus; a troupe of gymnasts and trained beasts which show performances for public recreation. ୨। ଲୋକମାନଙ୍କୁ ଦେଖାଇବା ପାଇଁ ଅଭ୍ୟସ୍ତ କସ୍ରତ୍ୟାଦି ବ୍ୟାୟାମ; କସରତ—2. Athletic feats or gymnastics performed for being witnessed by the public.

ସର୍କସ୍ କରିବା—ଦେ. କ୍ରି—କସରତ କରିବା—
Sarkas karibā To perform athletic feats.
ସରକସ୍‌କରା **सरकसकरना**

ସର୍କା—ବୈଦେ. ବ—୧। (ଫା ସରୋବାର୍)—ସରୋବା (ଦେଶ)—
Sarkā Sarokā (See) ୨। ସରୁବା (ଦେଶ)—2.

Digitized by srujanika@gmail.com

ସରୋକା **सरोकार** Sarkā (See) ପ୍ରାଦେ. (ସମ୍ବଲପୁର) ବ —ଘର ଲିପିବା ପାଇଁ ବ୍ୟବହୃତ ମାଟିଗୋବରର ଲୁଣ୍ଡା— A rag smeared with clay mixed with cowdung, used in smearing floors.

ସର୍କା(ର୍କେ)ଇବା—ପ୍ରାଦେ. କି—(ବାଲେଶ୍ୱର)—ସର୍କିବାର ଣିଜନ୍ତ Sarkā(rke)ibā ରୁପ)·ଦୁଆଇବା; କୌଣସି ବସ୍ତୁକୁ ସ୍ଥାନାନ୍ତରକୁ ସରାନ **सरकाना** ନେଇବା—To remove a thing from a place.

ସର୍କା ଫାନ୍ଦ୍(ଫାଁଦ୍)—ପ୍ରାଦେ. (ସମ୍ବଲପୁର) ବ—ବାଘୁଆ ଫାଶ; Sarkā phānd (phāṅd) ଦଉଡରେ ପକାଯିବା ଏକପ୍ରକାର ଗଣ୍ଠି, ଯାହାକୁ ଟାଣି ଦେବା ମାତ୍ରେ ସେ ଗଣ୍ଠି ଦୃଢ଼ଭର-ରୁପେ ଉଡ଼ ହୋଇଯାଏ—A kind of tight knot; clove hitch; reefknot.

ସର୍କାର୍ (ଇତ୍ୟାଦି)—ବୈଦେ. ବ (ଫା. ସର୍କାର୍)—ସରକାର ଇତ୍ୟାଦି Sarkār (etc) (ଦେଶ)—Sarakāra etc (See)

ସର୍କାର୍ ପାଟା—ପ୍ରାଦେ· (ଚଟ୍ଟଗ୍ରାମ) ବ (କଚ୍ଛପ)—ଜଙ୍ଗଲରେ Sarkār pāṭā ଥିବା ସମ୍ପତ୍ତି (ଭୂମି)ଉପରେ ସରକାର୍‌ଙ୍କର ବା କୋର୍ଟଙ୍କ ତରଫରୁ ନିର୍ଦ୍ଧାରିତ ମୂଲ୍ୟ-A valuation set by the court or the Government on a property going to be sold by public auction.

ସର୍କାରୀ (ଇତ୍ୟାଦି)—ଦେ. ବିଣ—ସରକାରୀ ଇତ୍ୟାଦି (ଦେଶ) Sarkārī (etc) Sarakārī etc (See)

ସର୍କିଟ୍—ବୈଦେ· ବ (ଇ· ସର୍କିଟ୍)—ଭିନ୍ନ ଭିନ୍ନ ସ୍ଥାନରେ ସ୍ଥାୟୀ Sarkiṭ ମକଦ୍ଦମାମାନ ବିଚାର କରିବା ପାଇଁ ବିଚାରପତିମାନଙ୍କ ସର୍କିଟ ଗସ୍ତ—1. Circuit of judges for hearing **सरकिट** or trying cases in the locality. ୨। ବଡ଼ ବଡ଼ ରାଜକର୍ମଚାରୀମାନଙ୍କ ଗସ୍ତ—2. Tour of high Government officials.

ସର୍କିଟ୍ କୋର୍ଟ୍(ର୍ଟ୍)—ବୈଦେ. ବ (ଇଂ. ସର୍କିଟ୍ କୋର୍ଟ୍)—ଓଡ଼ିଶାର Sarkiṭ koṭ(rṭ) ମକଦ୍ଦମାମାନ ଶୁଣିବା ପାଇଁ ପାଟନା ହାଇ-ସର୍କିଟ କୋର୍ଟ କୋର୍ଟର ଜଜମାନଙ୍କ ମଧ୍ୟରୁ ଦୁଇ ଜଣ ବର୍ଷକ **सरकिट कोर्ट** ମଧ୍ୟରେ ୨।୪ ଥର କଟକକୁ ଆସି ସେଠାରେ ବଇଠକ କରିବା ପାଇଁ ଯେଉଁ ଅଦାଲତ ପ୍ରତିଷ୍ଠିତ ହୋଇଅଛି--The Circuit Court of the Patna High Court which is held at Cuttack to hear cases of Orissa. [ଦ୍ର—ହାଇକୋର୍ଟର ଜଜମାନଙ୍କ ମଧ୍ୟରୁ ଜଣେ ବା ଦୁଇ ଜଣ ଜଜ ପ୍ରଦେଶର ଅନ୍ୟ ଭିନ୍ନ ନଗରକୁ ଯାଇ ସେଠାରେ ସ୍ଥାୟୀ ମକଦ୍ଦମାମାନ ଶୁଣିବାର ପ୍ରଥା ଗୁରୁତବର୍ଷରେ ନ ଥିଲା । ବମ୍ବାଇ-ଓଡିଶା ପ୍ରଦେଶରେ ସ୍ଥାପିତ ପାଟନା ହାଇକୋର୍ଟର 'କଟକ ସର୍କିଟ' ଗୁରୁତରେ ନୂତନ ଅଟେ । କଟକରେ ଏହି ସର୍କିଟ୍ କୋର୍ଟର ବଇଠକ ପାଇଁ ଯେଉଁ ଜଜମାନେ ଆସନ୍ତି, ତାଙ୍କୁ 'ସରକିଟ୍ ଜଜ' କୋଲାଯାଏ । ଜଜମାନେ ବର୍ଷକେ ଏକାଧିକ ଥର ଆସି ଶୁଣାଣି ପାଇଁ ପ୍ରସ୍ତୁତ ମକଦ୍ଦମାମାନ ଶୁଣି ସାରି ଦେଇ ଯିବା ପାଟଣାକୁ ଫେରି ଯାଆନ୍ତି । କିନ୍ତୁ କଟକନଗରରେ ସର୍କିଟ୍ କୋର୍ଟର ଅଫିସ୍ ବରାବର ରହିଅଛି । କଟକରେ ଉପସ୍ଥିତ ଜଜ ଉକ୍ତ ସର୍କିଟ୍ କୋର୍ଟର 'ରେଜିଷ୍ଟ୍ରାର୍' ଓ ଜଣେ ଶୀଘ୍ର ସ୍ମରଣଯୋଗ୍ୟ କୋର୍ଟର 'ଅସିସ୍ଟାଣ୍ଟ୍ ରେଜିଷ୍ଟ୍ରାର୍' କାର୍ଯ୍ୟ କରନ୍ତି ଏବଂ କଟକରେ ଦାଏର ହେବା ଅପିଲ୍ ଓ ମୋସନ୍‌ମାନ ରେଜିଷ୍ଟ୍ରାର୍‌ର ତ୍ରୁଟି କରି ଶୁଣାଣି ପାଇଁ ଉକ୍ତ ମକଦ୍ଦମା-ମାନଙ୍କର ଅନୁଷଙ୍ଗିକ ବ୍ୟବସ୍ଥାମାନ କରି ମକଦ୍ଦମାମାନଙ୍କ ଶୁଣାଣି ପାଇଁ ପ୍ରସ୍ତୁତ କରି ରଖନ୍ତି । ସର୍କିଟ୍ ଜଜମାନେ କଟକକୁ ଆସି ସେମାନଙ୍କ ଫଏସଲା କରନ୍ତି ।]

ସର୍କିଟ୍ ଜଜ୍—ବୈଦେ ବ (ଇଂ)—ଯେଉଁ ଜଜମାନେ ସରକିଟ୍ Sarkiṭ jaj କୋର୍ଟରେ ବସି ବିଚାର କରନ୍ତି—The judges ସର୍କିଟ ଜଜ **सरकिट जज** of the Circuit Court.

ସର୍କିଟ୍ ହାଉସ୍—ବୈଦେ. ବ (ଇଂ ସର୍କିଟ୍ ହାଉସ୍)—ମଫସଲରୁ Sarkiṭ hāus ଗସ୍ତରେ ଆସିବା ଜଜ ବର୍ମଚାରୀଙ୍କ ରହିବା ପାଇଁ ସର୍କିଟ ହାଉସ ପ୍ରସ୍ତୁତ ସରକାରୀ ମକାନ—Circuit House. **सरकिट हाउस**

ସର୍କିଦାର—ବୈଦେ· ବ—ସରକିଦାର (ଦେଶ) Sarkidār Sarakidāra (See)

ସର୍କିଦାରି—ଦେ. ବ—ସରକିଦାର (ଦେଶ) Sarkidāri Sarakidāri (See)

ସର୍କିବା—ଦେ. କି—ସରକିବା (ଦେଶ) Sarkibā Sarakibā (See)

ସର୍କୁଲ୍—ବୈଦେ. ବ (ଇଂ. ସର୍କଲ୍)—ସର୍କଲ୍ (ଦେଶ) Sarkul Sarkala (See)

ସର୍କୁ(କ୍ୟୁ)ଲା(ଲା)ର—ବୈଦେ. ବ (ଇଂ. ସର୍କୁଲାର୍)—ବଜ୍ଞପ୍ତିଯୁ Sarku(rkyu)la(lā)r ଅଧସ୍ତନ କର୍ମଚାରୀମାନଙ୍କ ଅବଗତି ସରକ୍ୟୁଲାର ନିମନ୍ତେ ପ୍ରଚାରିତ ଲିପିବଦ୍ଧ ଆଦେଶ—Circular. **सरक्युलर**

ସର୍କୁଲ୍(ଲା)ର୍ ରୋଡ୍—ଦେ. ବ (ନାମ)—କଲିକତାର ସୋନିଦ Sarkula(lā)r road ସ୍ତାର ନାମ—Circular Road; ସରକ୍ୟୁଲାର ରୋଡ name of a road of Calcutta. **सरक्युलर रोड** [ଦ୍ର—ଏହା ଦୁଇ ଚକ୍ରରେ ବଦ୍ଧ—ଅପର ସର୍କୁଲର୍ ରୋଡ୍ ଓ ଲେଅର ସର୍କୁଲର୍ ରୋଡ୍ । ଇଂରେଜୀରେ 'ସର୍କୁଲର' (Circular) ବିଶେଷଣ ପଦର ଅର୍ଥ ବୃତ୍ତାକାର । ଉକ୍ତ ସ୍ତାର ଆକୃତି ଗୋଲ ଥିବାରୁ ଉହାର ଏପର ନାମକରଣ ହୋଇଅଛି ।]

ସର୍ଗ—ସଂ· ବ (ସୃଜ୍ ଧାତୁ=ତ୍ୟାଗ କରିବା; କର୍ମାଣ କରିବା+ଘଞ୍. Sarga ଅ)—୧ । ସୃଷ୍ଟି (ଅମର)—1· Creation. ୨ । (+କର୍ମଣ) ବଣ୍ଟା;ବୃତ୍ତାନ୍ତ—2. The universe. ୩ । (+କତ୍ରିମ) ସ୍ୱଭାବ; ପ୍ରକୃତ (ଅମର)—3. Nature. ୪ । (+କରଣ. ଅ) କନ୍ଦମ—4. Rule

Digitized by srujanika@gmail.com

* ତ୍ୟାଗ—5. Giving up. ୬ । ନିଶ୍ଚୟ; ନିଶ୍ଚିତତା [ଅମର]—6. Certainty. ୭ । ମୋକ୍ଷ [ଅମର]—7. Liberation. ୮ । ମହାକାବ୍ୟର ଅଧ୍ୟାୟ [ଅମର]—8. Canto of a lyrical poem. ୯ । ପୁସ୍ତକର ପରିଚ୍ଛେଦ—9. Chapter of a book. ୧୦ । (ଜୁ+ଅ) ଜନ୍ମ; ଉତ୍ପତ୍ତି—10. Birth. [ଜୁ—ସର୍ଗ, ନିର୍ଗମ, ଯେଉଁ ସ୍ଥାନ । ଲୋଷ୍ଟଶ ଭୂତ ପରମାଣୁ ॥ × × × ଅଣୁସୃଷ୍ଟି ତିନି ପ୍ରକାର । ଏ ଭାଗବତର ଲକ୍ଷଣ—ଇଗନ୍ଥାଅ. ଭାଗବତ ।] ୧୧ । ମୋହ [ମେଦିନୀ]—11. Delusion; infatuation; fainting. ୧୨ । ପ୍ରଯତ୍ନ; ଚେଷ୍ଟା—12. Attempt. ୧୩ । ଉତ୍ସାହ [ମେଦିନୀ]—13. Effort; energy. ୧୪ । ଅନୁମତି [ଦ୍ୱେଷଚନ୍ଦ୍ର]—14. Permission. ୧୫ । ଚୁକ୍ତି; ମତ—15. Consent; contract. ୧୬ । ମଳ ତ୍ୟାଗ—16. Evacuation of the bowels. ୧୭ । ପୁରାଣର ଦଶ ଲକ୍ଷଣ ମଧ୍ୟରୁ ଏକଉତ୍ପତ୍ତି—17. One of the ten peculiarities of a Purāṇa. [ଜୁ—ବସ୍ତୁ, ବର୍ଣ୍ଣ ବର୍ଣ୍ଣାର, ଦିଗୁଣେ ଯୁକ୍ତ ଯେ ମାସ୍ୱାର, ଉର୍ଦ୍ଧ୍ୱ ମସ୍ତକ ଅଙ୍କାର, ପଞ୍ଚ ମହାଭୂତ ସଞ୍ଚାର । ଶବ୍ଦାଦି ତନ୍ମାତ୍ର ପଞ୍ଚ, ଇନ୍ଦ୍ରିୟ ଏକାଦଶ ସଞ୍ଚି । ଏମାନଙ୍କର ଉତ୍ପତ୍ତି, ଏ ସବେ ସର୍ଗ ଯେ ବୋଲନ୍ତି । ଇଗନ୍ଥାଅ. ଭାଗବତ ।] ୧୯ । (+କର୍ତ୍ତୃ. ଅ)—ଶିବଙ୍କର ଏକ ନାମ (ହୁ. ଶ)—19. A name of Śiba. ପ୍ରା. ବ (ସଂ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven. [ଜୁ—ଅନନ୍ତ ଅଣ୍ଡ ଏ ବ୍ରହ୍ମାଣ୍ଡ, ସର୍ଗ ପାତାଳ ଦୁଇ ଖଣ୍ଡ । ଯଶୋବନ୍ତ. ପ୍ରେମ ଭକ୍ତି ବ୍ରହ୍ମଗୀତା ।] ୨ । ଆକାଶ—2. Sky; ether. ପ୍ରାଦେ. (ସମ୍ବଲପୁର) ବ—ଖୁବ ଶାଳ ଗଛ; ଗଜା ଶାଳ ଗଛ—Young Śāla tree.

ସର୍ଗ **ସରଗ**

ସର୍ଗବନ୍ଧ—ସଂ. ବଣ (ଶସ୍ୟା ଭଳି; ସର୍ଗ ଦ୍ୱାରା ବନ୍ଧ)—ଭାଗ ଭାଗ ସର୍ଗ ବା ଅଧ୍ୟାୟରେ ବଦ୍ଧକ୍ତ (ଗ୍ରନ୍ଥ)—Sarga baddha Divided into cantos; arranged in chapters.

ସର୍ଗବନ୍ଧ—ସଂ. ବ (ବହୁବ୍ରୀହି)—୧ । ଅଧ୍ୟାୟ ବଶିଷ୍ଟ ଗ୍ରନ୍ଥ—Sarga bandha 1. A book arranged into cantos. ୨ । ମହାକାବ୍ୟ—2. An epic.

ସର୍ଗମ୍—ଦେ. ବ ('ସାରଗାମାର' ଚଞ୍ଚଳ ଉଚ୍ଚାରଣ)—ସାରଗାମା(ଦେଶ) Sargam Sārigāmā (See)

ସର୍ଗୀ—ପ୍ରାଦେ. (ଦିନ୍ଦୁକୁମ, ସମ୍ବଲପୁର, ବସୁର, ଗଡ଼ଜାତ)—ଶାଳ (ଗଛ)—Sargī Sāla (tree).

[ଦ୍ର—ଏହି ଶବ୍ଦରୁ ସର୍ଗୀପାଲି ଗ୍ରାମର ନାମ ହୋଇଥଛି ।]

ସର୍ଚ୍(ର୍ଚ୍ଚ)—ବୈଦେ. ବ (ଇଂ. ସର୍ଚ୍)—୧ । ଅନ୍ୱେଷଣ—Sarch(rchch) 1. Search. ୨ । ଦଉଡୁବା ବା ଖୋଜ

ସର୍ଚ୍ଚ୍ **ଜାଁଚ** ଯାଇଥିବା କୌଣସି ଦ୍ରବ୍ୟ ପାଇଁ କୌଣସି ସ୍ଥାନରେ ଅନ୍ୱେଷଣ—2. Search after a lost or stolen thing. ୩ । (ଚଳଣ୍ଡ) ଖାନ୍‌ତଲାସି; ଅପରାଧ ଘଟିତ ଦ୍ରବ୍ୟ ଖୋଜିବା ନମନ୍ତେ ପୋଲିସ କର୍ମଚାରୀଙ୍କର ସନ୍ଦେହୀ ବ୍ୟକ୍ତିମାନଙ୍କର ଘର ଖୋଜିବା କ୍ରିୟା—3. Search by the police for any article connected with some offence. ୪ । (ଚଳଣ୍ଡ) ଅପରାଧୀ ବ୍ୟକ୍ତିର ବା ସନ୍ଦେହୀ ବା କାରାଦଣ୍ଡପ୍ରାପ୍ତବ୍ୟକ୍ତିର ଶରୀରର ଉପର ଭାଗ ଅଙ୍ଗ ଓବସ୍ତ୍ରାଦି ମଧ୍ୟରେ ଅନ୍ୱେଷଣ; ତଲାସୀ—4. Search of the body and clothes of an accused or a suspect or a convict.

ସର୍ଚ୍ ଓ୍ୱାରଣ୍ଟ୍(ୱାରଣ୍ଟ୍)—ବୈଦେ.ବ (ଚଳଣ୍ଡ) (ଫ. ସର୍ଚ୍ ଵାରଣ୍ଟ୍) Sarch uārant(wārant) —କୌଣସି ସ୍ଥାନ ଖୋଜିବା ପାଇଁ ସାର୍ଚ୍ଚ ଓ୍ୱାରଣ୍ଟ୍ ପୁଲିସ କର୍ମଚାରୀଙ୍କ ପ୍ରତି ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷରଯୁକ୍ତ ହୁକୁମ. **ସର୍ଚ୍ଚ ୱାରଣ୍ଟ** ନାମା—Search warrant.

ସର୍ଚ୍ ଉଇଟ୍‌ନେସ୍(ଵିଟ୍‌ନେସ୍)—ବୈଦେ. ବ (ଚଳଣ୍ଡ) (ଇଂ. ସର୍ଚ୍ ଵିଟ୍‌ନେସ୍)—ଖାନ୍‌ତଲାସି ସମୟରେ ସାର୍ଚ୍ଚ ଉଇଟ୍‌ନେସ୍ ଉପସ୍ଥିତ ସାକ୍ଷୀ—Search-witness. **ସର୍ଚ୍ଚ ଉଇଟ୍‌ନେସ**

ସର୍ଚ୍ ଲାଇଟ୍—ବୈଦେ.ବ (ଇଂ. ସର୍ଚ୍ ଲାଇଟ୍)—ଅନ୍ଧକାରରେ ଦୂରକୁଆଁରୀ ଜିନିଷ ବା ଶତ୍ରୁ ପକ୍ଷର ଲୋକମାନଙ୍କୁ ଦେଖିବା ପାଇଁ ସାର୍ଚ୍ଚ ଲାଇଟ୍ ଖୋଜିବା ନମନ୍ତେ ବ୍ୟବହୃତ ଉଜ୍ଜ୍ୱଳ ବୈଦ୍ୟୁତିକ ଆଲୋକ—Searchlight. **ସର୍ଚ୍ଚ ଲାଇଟ**

ସର୍ଚ୍ଚିଙ୍ଗ୍ ଫିସ୍—ବୈଦେ.ବ (ଚଳଣ୍ଡ) (ଇଂ. ସର୍ଚ୍ଚିଙ୍ଗ୍ ଫିସ୍)—ସରକାରୀ ଦପ୍ତରଖାନାରୁ କୌଣସି ଦଲିଲର ନକଲ ସାର୍ଚ୍ଚିଙ୍ଗ୍ ଫିସ୍ ପ୍ରାର୍ଥନା କରିଥିବା ବ୍ୟକ୍ତି ଉକ୍ତ ଦଲିଲ ଖୋଜିବାର ପରିଶ୍ରମ ନମନ୍ତେ ଯେଉଁ ଫିସ୍ ଦାଖଲ କରେ—Searching fees (deposited for a document of which a persons wants a copy from a record-room), **ସର୍ଚ୍ଚିଙ୍ଗ ଫୀ** ଅନ୍ୟରୂପ **ସର୍ଚ୍ଚିଙ୍ଗ ଫୀସ**

ସର୍ଜ୍ (ଧାତୁ)—ସଂ—ଅର୍ଜ୍ଜନ କରିବା (କବି କଲ୍ପଦ୍ରୁମ)—Sarj (root) To ear

ସର୍ଜ୍—ବୈଦେ. ବ (ଇଂ. ସର୍ଜ୍)—ଏକ ପ୍ରକାର ଚଗଲି ଲୁଗା—Sarj Serge (cloth). **ସାର୍ଜ** **ସାରଜ, ସର୍ଜ**

ସର୍ଜ(ର୍ଜ୍ଜ)—ସଂ. ବ (ସୃଜ୍ ଧାତୁ+କର୍ତ୍ତୃ. ଅ)—୧ । ଅଳକତ୍ତି ବା ଶାଳ ଗଛ—Sarja (rjja) 1. Shorea Robusta; Śal tree. (ସଂ—ଅନ୍ୟରୂପ) ୨ । ଶାଳ ରସ; ଧୂଣା—2. Resin. ୩ । ବଣିକ୍ (ମେଦିନୀ)—3. Merchant. ୪ । ଅସନ ବୃକ୍ଷ (ହୁ. ଶ)—4. Buchanonia Latifolia tree ୫ । ଶଲ୍ଲକୀ ବୃକ୍ଷ (ହୁ. ଶ)—5. A kind of wild tree exuding resin.

ସର୍ଜ(ର୍ଜ୍ଜ)କ—ସଂ. ବ (ସର୍ଜ୍+ସ୍ୱାର୍ଥେ. କ)—୧ । ଶୀଡଶାଳ; ପିଅଶାଳ Sarja(rjja)ka (ଅମର)—1. The Indian Kino tree.

Digitized by srujanika@gmail.com

୨ । ଶାଳ ଗଛ (ଇଣ୍ଡାଖର)—2. Shorea Robusta (tree). ୩ । ସର୍ଜ୍ଜ ରସ; ଝୁଣା—3. Yellow resin. ୪ । ଅସନ ଗଛ—4. The Asana tree; Buchonania Latifolia (tree).

ସର୍ଜ ଖାର—ଦେ. ବ—ସାଚ ଖାର (ଦେଖ)
Sarja khāra Sāchi khāra (See)

ସର୍ଜ ଗନ୍ଧା—ସ. ବ—ରାସ୍ନା (ଉତ୍ତମାଳା)—A herb; Vanda
Sarja gandhā Roxburghii.

ସର୍ଜ୍ଜ(ର୍ଜେ)ଣ୍ଟ୍—ବୈଦେ. ବ (ଇଂ. ସର୍ଜ୍ଜେଣ୍ଟ୍) —୧ । ଯୁରୋପୀୟ
Sarja(rje)ṇṭ ଜଲଷ୍ଟାବଲ—1. Sergeant; a Europe-
ସାର୍ଜ୍ଜେଣ୍ଟ୍ an constable. ୨ । ବଲ୍ଲଭର ପ୍ରଥମ ଶ୍ରେଣୀର
ସର୍ଜେଣ୍ଟ, ସର୍ଜଂଟ ଅଇନ୍ ବ୍ୟବସାୟୀ—2. Surgeant-at-
law (in Britain).

ସର୍ଜ୍ଜ(ର୍ଜେ)ଣ୍ଟ୍ ମେଜର୍—ବୈଦେ. ବ—ଯୁରୋପୀୟ ଦ୍ୱେଷ ଜଲଷ୍ଟାବଲ—
Sarja(rje)ṇṭ mejar Surgeant major.
ସାର୍ଜ୍ଜେଣ୍ଟ୍ ମେଜର୍ **ସର୍ଜେଣ୍ଟ ମେଜର**

ସର୍ଜ୍ଜ(ର୍ଜ୍ଜ) ତରୁ—ସ. ବ—ସର୍ଜ୍ଜକ ୧, ୨, ୪ (ଦେଖ)
Sarja(rjja) taru Sarjaka 1, 2, 4 (See)

ସର୍ଜ୍ଜନ୍—ବୈଦେ. ବ (ଇଂ. ସର୍ଜ୍ଜନ୍)—୧ । ଅସ୍ତ୍ର ଚିକିତ୍ସକ—
Sargan 1. A surgeon. ୨। (ଇଂ. ସର୍ଜେଣ୍ଟ୍) ସର୍ଜ୍ଜଣ୍ଟ୍ (ଦେଖ)
ସାର୍ଜନ୍ **ସାର୍ଜନ** 2. Sarjaṇṭ (See)

ସର୍ଜ୍ଜନ୍ ମେଜର୍—ବୈଦେ. ବ (ଇଂ. ସର୍ଜ୍ଜନ୍ ମେଜର) —ସୈନିକ
Sarjan mejar ବିଭାଗରେ କାର୍ଯ୍ୟରତ ଛାତ୍ରଙ୍କ ଉପାଧି ବିଶେଷ—
ସାର୍ଜନ୍ ମେଜର୍ Surgeon Major.
ସର୍ଜନ ମେଜର

ସର୍ଜନ୍ ଜେନେର(ରା, ରେ)ଲ୍—ବୈଦେ. ବ (ଇଂ. ସର୍ଜ୍ଜନ୍
Sarjan jenera(rā,re)l ଜେନେରାଲ୍)—ପ୍ରାଦେଶିକ ଚିକିତ୍ସା
ସାର୍ଜନ୍ ଜେନେରଲ୍ ବିଭାଗର ଉଚ୍ଚ କର୍ମଗୃଙ୍ଖ—Provincial
ସର୍ଜନ ଜେନରଲ Head of the Medical Department;
Surgeon General. [ଦ୍ରୁ—କେବଳ ମାଦ୍ରାଜ, ବଙ୍ଗଳା ଓ ବମ୍ବେଇର ଚିକିତ୍ସାବିଭାଗର ଉଚ୍ଚ କର୍ମଗୃଙ୍ଖ-
ମାନଙ୍କୁ ଏହି ପଦବୀ ଦିଆଯାଏ । ଅନ୍ୟ ପ୍ରାଦେଶିକ ଉଚ୍ଚ
କର୍ମଗୃଙ୍ଖଙ୍କୁ "ଇନ୍‌ସ୍‌ପେକ୍ଟର୍ ଜେନେରାଲ୍" (Inspector-General of civil Hospitals)
କହନ୍ତି ।]

ସର୍ଜ୍ଜ(ର୍ଜ୍ଜ)ନ—ସ. ବ (ସୃଜ୍ + ଭାବ. ଅନ)—୧ । ସୃଷ୍ଟିକର୍ମ—
Sarja(rjja)na 1. Creation. ୨ । ତ୍ୟାଗ; ବିସର୍ଜ୍ଜନ—
2. Giving up; abandonment. ୩ । (+କର୍ମ.
ଅନ) ସୈନ୍ୟର ପଶ୍ଚାଦ୍‌ଭାଗ—3. The rearguard
of an army. ୪ । (+ଭାବ. ଅନ) ଫିଙ୍ଗିବା—
4. Throwing out; emitting. ୫ । (+କର୍ମ.
ଅନ) ସୃଷ୍ଟ ବସ୍ତୁଚୟ—5. The creation. ୬ । ଶାଳ
ନିର୍ଯ୍ୟାସ (ହି· ଶ)—6. Resin.

ସର୍ଜ୍ଜ(ର୍ଜ୍ଜ)ନା—ସ. ବ (ସର୍ଜ୍ଜନ+ଅ)—ସୃଷ୍ଟି—Creation. ଦେ.
Sarja(rjja)nā ବ (ତତ୍ପ୍ରଥ)—ମିଥ୍ୟା ପ୍ରମାଣ ବା ମକଦ୍ଦମା
ସର୍ଜ୍ଜନ ଗଢ଼ିବା; ରଚନା—Fabrication of false evi-
ଗଢ଼ନ୍ତ dence or false case. ଦେ· ବ୍ରତ (କତ୍ପ୍ରଥ)—
ରଚା, ସାଜାନ ମିଥ୍ୟା ବା ଗଢ଼ା (ମକଦ୍ଦମା)—Got up or
ଗଢ଼ାହୁଆ fabricated (case).

ସର୍ଜ୍ଜନା କରିବା—ଦେ. କି (ସୃଜ୍. ଧାତୁ)—୧ । ସୃଷ୍ଟି କରିବା;
Sarjanā karibā ଗଢ଼ିବା—1. To create. ୨ । (ତତ୍ପ୍ରଥ)
ସାଜାନ ମିଥ୍ୟା ମକଦ୍ଦମା ବା ପ୍ରମାଣ ଗଢ଼ିବା—2. To fabri-
ଗଢ଼ନା cate a case or evidence.

ସର୍ଜ୍ଜନାମୂଳକ—ଦେ. ବ୍ରତ (ତତ୍ପ୍ରଥ)—୧ । ଗଢ଼ା ଦୋଇଥିବା
Sarnāmūlaka (ମକଦ୍ଦମା)—1. Fabricated; got up
ସାଜାନ (case)· ୨ । ମିଥ୍ୟା ବା ଗଢ଼ା ପ୍ରମାଣ ଉପରେ ପ୍ରତିଷ୍ଠିତ
ଗଢ଼ାହୁଆ (ମକଦ୍ଦମା)—2. (case) Based on fabrica-
ted or false evidence.

ସର୍ଜ୍ଜ ନିର୍ଯ୍ୟାସ—ସ. ବ—୧ । ସର୍ଜ୍ଜରସ (ଦେଖ)—1. Sarja
Sarja nirjyāsa rasa. (See)
[ସର୍ଜ୍ଜ ନିର୍ଯ୍ୟାସକ—ଅନ୍ୟରୂପ]

ସର୍ଜ୍ଜନୀ—ଦ୍ରୁ. ବ (ସୃଜ୍. ଧାତୁ + କରଣ. ଅନ+ଈ)—ଗୁହ୍ୟଦ୍ୱାରର
Sarjanī ବହିମାନଙ୍କ ମଧ୍ୟସ୍ଥ ବଳ (ଯେଉଁବାଟେ ମଳ ଓ ଅପାନ
ବାୟୁ ଅଧଃ ବହିର୍ଗତ ହୁଏ—ହି· ଶ)—One of the
sprials inside the anus.

ସର୍ଜ୍ଜ(ର୍ଜ୍ଜ)ନୀୟ—ସ. ବିଶ (ସୃଜ୍. ଧାତୁ + କର୍ମ· ଅନୀୟ)—ଯାହା ସୃଷ୍ଟି
Sarja(rjja)nīya ହେବାଇ ପାରେ—Capable of being
created

ସର୍ଜ୍ଜମଣି—ସ. ବ—୧ । ଧୂନକ; ସର୍ଜ୍ଜରସ; ଝୁଣା (ହିକାଣ୍ଡ ଶେଷ) —
Sarjamaṇi 1. Resin. ୨ । ମୋଚରସ; ଶିମିଳତନ୍ତୁର ଆଠା
(ହି· ଶ)—2. The resin of silk-cotton tree.

ସର୍ଜ୍ଜମିନ୍(ନି) (ଇତ୍ୟାଦି)—ବୈଦେ. ବ (ଫା. ସରେଜମିନ୍)—ସର୍ବ-
Sarjamin(ni) (etc) ଜମିନ୍ ଇତ୍ୟାଦି (ଦେଖ)—Saraja-
min etc (See).

ସର୍ଜ୍ଜ(ର୍ଜ୍ଜ) ରସ—ସ. ବ—ଶାଳଗଛର ରସ; ଝୁଣା—Yellow
Sarja(rjja) resa rasin; Memosa Rubicaulis·
ଧୂନା [ଦ୍ରୁ—ଏଥିଦ୍ୱାରା ଧୂପ ଦିଆଯାଏ ଓ ଏଥିରେ ବାର୍ଣ୍ଣିସ୍
ରାଲ ପ୍ରସ୍ତୁତ । ବୈଦ୍ୟଶାସ୍ତ୍ର ମତରେ ଏହା ଶୀତଜନିତ, ଗୁରୁ, ଉତ୍ତ
ଅନ୍ୟ ସଂସ୍କୃତ ନାମ—ଅର୍ଜ୍ଜଲ, ରାଳ, କଷାୟରସ ଓ ଧାରକ ।
ଶାଳନିର୍ଯ୍ୟାସ, ସର୍ଜ୍ଜ୍ୟ, ବଳୁରୂପ, ଏହା ବାତାଦି ଦୋଷନାଶକ,
ଦେବଧୂପ, ଶାଳସାର, ଯଷ୍ଟିଧୂପ, ରକ୍ତଦୁଷ୍ଟି, ସ୍ୱେଦ, ବିସର୍ପ,
ବଳ୍ଲିବଲ୍ଲଭ, ସର୍ଜ୍ଜମଣି, ଶାଳବେଷ୍ଟୁ, କୃମି, କୁଷ୍ଠ, ବିଷାଦିତା,
ଧୂନକ, ସର୍ଜ୍ଜନିର୍ଯ୍ୟାସ । ରକ୍ତଦୋଷ, ବ୍ରଣରୋପଣ,
ଫା. ଲାଲ୍‌ମତ ରେସା ଅତିସାରଗ୍ରସ୍ତତା, ଅଳଶ୍ରୀ,
ଅ. କଦ୍‌ଦର୍, ଚିଡ଼ି ସର୍ଜ୍ଜରସମ୍ । ଶୂଳ ଓ ଅଭିସାର ନାଶକ
ହୁଏ ।]

ସର୍ଜ୍ଜରି—ବୈଦେ· ବ (ଇଂ. ସର୍ଜ୍ଜରି)—ଅସ୍ତ୍ରଚିକିତ୍ସା—
Sarjari ସାର୍ଜରି **ସର୍ଜରୀ** Surgery.

Digitized by srujanika@gmail.com

ସର୍ଜାମ୍—ବୈଦେ. ବ—ସରଜାମ୍ (ଚଦଗ)
Sarjām Sarajām. (See)

ସର୍ଜି(ର୍ଜି,ର୍ଜୀ,ର୍ଜୀ)—ସଂ. ବ (ସୃଜ. ଧାତୁ+କର୍ମ. ଇ,ଈ)—ସର୍ଜିତ (ଦେଖ)—Sarjika. (See)
Sarji(rjji,rjī,rjjī)

ସର୍ଜି(ର୍ଜି)କ[କା]—ସଂ. ବ (ସୃଜ୍. ଧାତୁ+ଅକ;+ସ୍ତ୍ରୀ. ଆ)—୧ । ସର୍ଜିକାକ୍ଷାର; ସାଚଣାଇ; ସାଜୀ ମାଟି—1. Fuller's earth; netrou; alkali; soda. ୨ । ନଦୀ ବିଶେଷ—2. Name of a river.
Sarji(rjji)ka[kā]

ସର୍ଜି(ର୍ଜି)କା କ୍ଷାର—ସ. ବ (ସର୍ଜିକା ନଦୀର କ୍ଷାର)—୧ । ସାଚଣାର; ସାଜମାଟି—1. Fuller's earth. ୨ । ସୋରା—2. Nitre. [ଦ୍ର—ସ. ଯବ୍ୟାଯ୍—କାଚୋଡ, ସୁଖଚ୍ଛର୍କ, ସୌବର୍ଚ୍ଚଳ, ରୁଚକ, ସ୍ୱର୍ଜିକା କ୍ଷାର, ଶର୍ଜ୍ଜିକା, ସ୍ୱର୍ଜ୍ଜିକା, ସ୍ୱରବର୍ଚ୍ଚଳ, ସ୍ୱରବର୍ଚ୍ଚୀ, ସ୍ୱରବର୍ଚ୍ଚିକ, ସ୍ୱରୋତ୍ଥକ । ଏଡ଼ା ବୈଦ୍ୟଶାସ୍ତ୍ରାନୁସାରେ କଟୁ, ଉଷ୍ଣ, କଫବାତୋଦରବର୍ଦ୍ଧନାଶକ, ଗୁଲ୍ମପ୍ଲୀହର, ଅମ, ପ୍ଲେଷ୍ମ, ଶ୍ୱାସ, ଗଳାମୟ, ଶୀତ, ଅର୍ଶ, ଛର୍ଦ୍ଦିଶୀ ଓ ପ୍ଲୀହାର ନାଶକ ଅଟେ ।]
Sarji(rjji)kā kshāra

ସର୍ଜିକା(କେ)ଲ୍—ବୈଦେ. ବଣ (ଇଂ. ସର୍ଜିକାଲ୍)—ଅସ୍ତ୍ର ଚିକିତ୍ସା ସମ୍ବନ୍ଧୀୟ—Surgical. [ଦ୍ର—ଡାକ୍ତର-ସାର୍ଜିକାଲ ଖାନାର ପେଟ୍ଟ ବତ୍ସଗତର ଅସ୍ତ୍ର ଚିକିତ୍ସା ସମ୍ବନ୍ଧୀୟ **ସର୍ଜୀକାଲ** କାର୍ଯ୍ୟମାନ କରଯାଏ, ଡାକୁ ସର୍ଜିକାଲ୍ ୱାର୍ଡ୍ (Surgical ward) କୋଲଯାଏ ।]
Sarjikā(ke)l

ସର୍ଜିବା—ଦେ. କି (ପଦ୍ୟ) (ସ. ସୃଜ୍ ଧାତୁ)—୧ । ସର୍ଜନ କରିବା; ସୃଷ୍ଟି କରିବା—1. To create. [ଦ୍ର—ଖାର ସର୍ଜା **ସର୍ଜନା** ଡାକ ସର୍ଜିଲ୍ ଅଛ ଟାଣ ।] ୨ । ଘଟାଇବା—[ଦର୍ଜାଇବା—ଣିଜନ୍ତରୂପ] 2. To cause. [ଦ୍ର—ଯମଦଗ୍ନି ସୁଇ ପର୍ଶୁରାମ ଥିଲେ । କାର୍ତ୍ତବୀର୍ଯ୍ୟଙ୍କର ବଧରୁ ସର୍ଜିଲେ—କୃତ୍ତିବିଂହ. ମହାଭାରତ. ଅଦ ।]
Sarjibā

ସର୍ଜିଲ—ଦେ. ବଣ—ସୃଷ୍ଟ—Created. [ଦ୍ର—ବିଶ୍ୱର ସର୍ଜିଲ ସରାର । ଅନ୍ୟ ଦେବଙ୍କୁ ଅଗୋଚର—ଜଗନ୍ନାଥ. **ସୃଷ୍ଟ ସର୍ଜିତ** ଭଗବତ ।]
Sarjilā

ସର୍ଜୁ—ସ. ବ (ସର୍ଜ ଧାତୁ=ଉପାର୍ଜନ କରିବା+କୁ. ଉ)—୧ । ବଣିକ୍—1. Merchant. ୨ । ବିଦ୍ୟୁତ୍ (ମେଦଗ)—2. Lightning. ୩ । (+କର୍ମ. ଉ) ହାର (ଶବ୍ଦରତ୍ନାବଳୀ)—3. Necklace. ୪ । ଅଭିସାର (ଶବ୍ଦରତ୍ନାବଳୀ)—4. A love-assignment; a secret meeting of lovers.
Sarjū

ସର୍ଜ୍ଜ ଦେ. ବ. ସ୍ତ୍ରୀ—ସରୋଜଜାର ଡାକ ନାମ—Name for calling Sarojini.
ସର୍ଜ୍ଜୁ

ସର୍ଜ୍ଜ୍ୟ—ସ. ବଣ (ସୃଜ୍ ଧାତୁ+କର୍ମ. ଯ)—ସୃଜ୍ୟଯୋଗ୍ୟ—Capable of being created.
Sarjjya

ସ. ବ (ବୈଦ୍ୟକ)—ସର୍ଜରସ; ଧୂନା—Resin.

ସର୍ଟର୍—ବୈଦେ. ବ (ଇଂ ସର୍ଟର୍)—୧ । ଯେଉଁ ବ୍ୟକ୍ତି ଚିଠାପତ୍ରମାନଙ୍କୁ ସଠାସଠି ସୁଜ୍ଞ କର ବାଣ୍ଟେ—1. Sorter. ୨ । ସର୍ଟାର **ସର୍ଟର** ଡାକଘରର କର୍ମଚାରୀବିଶେଷ, ଯେ ଡାକ ଚିଠିମାନଙ୍କୁ ଠିକଣା ମୁତାବକ ସୁଜ୍ଞ ସୁଜ୍ଞ କରେ—2. A postal sorter.
Sartar

ସର୍ଟିଙ୍—ବୈଦେ. ବ (ଇଂ ସର୍ଟିଙ୍)—୧ । ଚିଠି ଓ ଅନ୍ୟ ବସ୍ତୁମାନଙ୍କୁ ଠିକ ଠିକ ଶ୍ରେଣୀ କର ବାଛିବା—1. Sorting. ୨ । ଡାକ ବାକ୍ସରେ ପଡ଼ିଥିବା ଚିଠିମାନଙ୍କ ଉପରେ କେଖା ଥିବା ଠିକଣା ଅନୁସାରେ ଚିଠିମାନଙ୍କୁ ଶ୍ରେଣୀବଦ୍ଧ କର ବାଛିବା—2. Sorting of postal letters.
Sartiṅg [ସର୍ଟିଂ—ଅନ୍ୟରୂପ]

ସର୍ଦ୍ଦି ପଡ଼ିବା—ଗ୍ରାମ୍ୟ [ସମ୍ବଲପୁର] କ୍ରି—ଭୂମିରେ ପାଦ ଘଷିବାରୁ ପଡ଼ିଯିବା—To fall down by the feet sliding on the ground.
Sardi pardibā

ସର୍ତ୍ତ(ର୍ତ୍ତ)—ବୈଦେ. ବ (ଫା. ସର୍ତ୍ତ)—ସମ୍ମତି; ଦଲିଲର ବା ଚୁକ୍ତିର ଉପ ଉଲ୍ଲ ଅଙ୍ଗ ବା ନିୟମ—Conditions of a contract or document.
Sart(rtt)

ସର୍ତ୍ତ ସର୍ତ୍ତ ଗ୍ରାମ୍ୟ. (ବାଲେଶ୍ୱର ସମୁଦ୍ର ଉପକୂଳ ଅଞ୍ଚଳ). ବ—ସମୁଦ୍ର-ଉପକୂଳସ୍ଥ ଝର, ଯେଉଁଠାରୁ ମଇଁଷିମାନଙ୍କ ପିଇବାପାଇଁ ପାଣି ନିଆଯାଏ—Springs in the seacoast from which water is taken for buffaloes.

ସର୍ଦ୍ଦ(ର୍ଦ୍ଦ)—ବୈଦେ. ବ (ଫା. ସର୍ଦ୍ଦ)—କଫ; ଥଣ୍ଡା; ଶୀତଜନିତରୋଗ-Sarda(rdda) Cold; catarrh.

ସର୍ଦ୍ଦି ସର୍ଦ୍ଦୀ (ଫା ସର୍ଦ୍ଦ)—୧ । ଲେସ୍ୟ—1. Sluggish. ସର୍ଦ୍ଦ ସର୍ଦ୍ଦ ୨ । ଥଣ୍ଡା; ଶୀତଳ—2. Cold. ୩ । ମନ୍ଦ-3. Slow.

ସର୍ଦ୍ଦକ(ଧ)ିବା—ଦେ. କ୍ର—ଶୀତଜନିତ ରୋଗ ଧରିବା—Sarda ka(dha)ribā Catching cold.
(ସର୍ଦ୍ଦି ଲଗିବା, ସର୍ଦ୍ଦି ଦେବା—ଅନ୍ୟରୂପ)
ସର୍ଦ୍ଦିକ(ଧ)ରା, ସର୍ଦ୍ଦି ଲାଗା, ସର୍ଦ୍ଦି ହେଉଥା **सर्दी करना, सर्दी होना**

ସର୍ଦ୍ଦ ଗରମ—ବୈଦେ, ବଣ (ଫା)—ଥଣ୍ଡା ଓ ଗରମ—Cold and hot. Sarda garama
ସର୍ଦ୍ଦିଗରମି **सरदगरम** ରୋଗ ଓ ଗରମଜନିତ ରୋଗ—1. Disease due to cold and disease due to heat. ୨ । ଦେହରେ ଅତ୍ୟନ୍ତ ଥଣ୍ଡା ଲଗିବାପରେ ହଠାତ୍ ଗରମ ଲଗିଲେ କମ୍ବା ଗରମ ଲଗିବା ପରେ ହଠାତ୍ ଥଣ୍ଡା ଲଗିଲେ ଯେଉଁ ଅସୁଦ୍ଧର ମାସ୍ତିଷ୍କ ରୋଗ ଜନ୍ମେ—2. Apoplexy due to sudden change from heat to cold or vice versa; coup de soleil; sunstroke.
ସର୍ଦ୍ଦିଗରମି **सरदीगरमी**

ସର୍ଦ୍ଦ ପଡ଼ିବା—ଦେ. କ୍ରି—୧ । ଉତ୍ସାହ ହେବା—1. To become slack. ୨ । ଶକ୍ତି ହରାଇବା (ସର୍ଦ୍ଦିପଡ଼ିବା—ଅନ୍ୟରୂପ) 2. To lose vigour
Sarda pardibā

Digitized by srujanika@gmail.com

ସର୍ଦ୍ଦି ପଡ଼େଇଓଲା **सर्द होना** or zeal; to become sluggish. ୩ । ବେଗ କମାଇବା—3. To slacken one's speed. [ଦ୍ର—ଚଞ୍ଚଳ ବ୍ୟକ୍ତି ସ୍ଥିର ହେଲେ ବା ଫୁର୍ତ୍ତି କରୁଥିବା ବ୍ୟକ୍ତି ଫୁର୍ତ୍ତି ବନ୍ଦକଲେ କହନ୍ତି, 'ସେ ସର୍ଦ୍ଦି ପଡ଼ିଗଲା ।']

ସର୍ଦମିଜା(ଜ୍ଞା)ଜ୍(ସ୍) —ବୈଦେ- ବ (ଫା; ସର୍ଦ୍ଦ୍+ମିଜାଜ୍)— Sarda mijā(ñjā)j(s) ୧ । ଉତ୍ତାବଦ୍ଧୁନ ପ୍ରକୃତ—1. Un
ସର୍ଦ୍ଦିମିଜାଜ **सर्दिमिजाज** energetic nature. ୨ ।ଥଣ୍ଡା
ସର୍ଦମିଜା(ଜ୍ଞା)ଜ(ସ୍ତି)ଅ } —ବଶରୂପ ପ୍ରକୃତ—2. Cool
ସର୍ଦମିଜା(ଜ୍ଞା)ଜ୍ଞା(ସ୍ତୀ) } temper.

ସର୍ଦ୍ଦା—ବୈଦେ. ବ (ଫା)—କାବୁଲରେ ମିଳୁଥିବା ଏକ ପ୍ରକାର ଲମ୍ବା Sardā ଉରୁଜ—A kind of long water melon of
ସର୍ଦ୍ଦା **सर्दा** Kabul.

ସର୍ଦ୍ଦାମ୍(ଜ୍ଞ୍ୟାଦ)—ବୈଦେ. ବ—ସରଜାମ (ଦେଶ)— Sardām(etc) Sarajāma (See)

ସର୍ଦ୍ଦା(ର୍ଦ୍ଦା)ର—ବୈଦେ. ବ. ପୁଂ [ଫା]—୧ । ବନ୍ଦୁକଧାରୀ ବା ଦଳ Sardā rddā)ra ମଧ୍ୟରେ ପ୍ରଧାନ ବ୍ୟକ୍ତି; ଅଧିପତି ବା ମୁଖ୍ୟବ୍ୟକ୍ତି-

[ସର୍ଦ୍ଦା(ର୍ଦ୍ଦା)ରଅଣୀ —ସ୍ତ୍ରୀ] 1. The headman of a
[ଜମିଦାର—ଅପେକ୍ଷି ବଡ଼ସ୍ତର] group of persons. ୨ ।
ସର୍ଦ୍ଦାର **सरदार** ଦଳପତି; ଦଳର ନେତା—The leader of a group. [ଉ—ସଜ ଢୋଲ ପୁର ସରଦାର ଥିବା ଥରେ ।—ଜଗତ୍ପୂର୍ଣ. ଜଗୋସ୍ୱ ଚମ୍ପୂ ସ. ଗୀତ]
୩ । ଜାତିର ମୁଖ୍ୟ ବ୍ୟକ୍ତି—3. The headman of a caste. ୪ । ଗ୍ରାମର ମଣ୍ଡଳ—4. The headman of a village. ୫ । କୁଲିମାନଙ୍କର ନାୟକ— 5. The headman of a gang of a coolies or labourers. ୬ । ଚାକରମାନଙ୍କ ମଧ୍ୟରେ ପ୍ରଧାନ ଚାକର—6. The headman or chief amongst the servants; butler; steword. ୭ । ଉତ୍ତର ଉତ୍ତର-ପଶ୍ଚିମ ସୀମାନ୍ତସ୍ଥ ଅଲ୍ପ ଉନ୍ନ ଜାତୀୟ ମୁସଲମାନ୍ ଅଧିବାସୀମାନଙ୍କର ସାମନ୍ତ ସ୍ତରୀୟ—7. A Chief of the Mahammedans of the N. W. Frontier of india. ୮ । ଜମାଦାର; ଚାଉକିଦାରଙ୍କ ମଧ୍ୟରେ ପ୍ରଧାନ ଚାଉକିଦାର—8. The head of the watchmen. ୯ । ମିଶର ଦେଶରେ ସୈନ୍ୟଗଣମାନଙ୍କ ସେନାପତିଙ୍କ ଉପାଧି ବିଶେଷ—9. A title of Generals in Egypt. [ଉ—ଏହି ଉପାଧି ଇଂରାଜ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ମୁସ୍ତଫା ପାଇଥିବା ଏବଂ ମିଶର ଦେଶର ଶ୍ରେଷ୍ଠତମ ସେନାପତିମାନଙ୍କୁ ମଧ୍ୟ ଏ ଉପାଧି ଦିଆଯାଏ । ଏହି ଶବ୍ଦ ଇଂରାଜୀରେ ଠିକ୍ ଏହି ଆକାରରେ (Sirdar) ବ୍ୟବହୃତ ହୁଏ ।] ୧୦ । ଦେଶାନ୍ତରରୁ କୁଲି ସଂଗ୍ରହକାରୀ—10. A recruiter of indentured labour. ଗ୍ରାମ୍ୟ [ଭାଲଚେର]—ବ—ଗୁଜୁରାଟ ଅଧୀନ ଜମିଦାରଙ୍କ ଉପାଧି ବିଶେଷ—A title of Zamindars in the Talcher State.

ସର୍ଦ୍ଦାର ଚାକର—ବୈ. ବ—କୌଣସି ପ୍ରତିଷ୍ଠାନ ଅଧୀନ ଉଚ୍ଚପଦସ୍ଥ କର୍ମଚାରୀ Sardāra chākara ଅପେକ୍ଷା ଉଚ୍ଚପଦସ୍ଥ କର୍ମଚାରୀ—The head servant of an establishment.
ସର୍ଦ୍ଦାର ଚାକର
ସର୍ଦ୍ଦାର ବାହାଦ(ଦୁ)ର—ବୈଦେ. ବ (ଫା)—ମିଶର ଓ ଉତ୍ତର ପଶ୍ଚିମ ସୀମାନ୍ତର ବଶିଷ୍ଟ ସର୍ଦ୍ଦାର ବାହାଦୁର ବ୍ୟକ୍ତିଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ଉପାଧି-
ସରଦାର ବାହାଦୁର ବିଶେଷ—A honorary title given to eminent persons in Egypt and N. W. Frontier of India.

ସର୍ଦ୍ଦାର ବିରାଦର—ବୈଦେ. ବ (ବିପତ୍ତାର୍ଥ ସଙ୍ଗଚର) (ଫା)— Sardāra birādara ୧ । ଦଳର ନେତା ଓ ଦଳର ଅନ୍ୟ
ସର୍ଦ୍ଦାର ବେରାଦର ସମସ୍ତ ଅଧସ୍ତନ ବ୍ୟକ୍ତିଗଣ—1. The leader
ସରଦାର ବିରାଦର of a tribe and the members forming a brotherhood. ୨ । ଦଳର ସମସ୍ତେ— 2. All the men of a band including the leader and the followers.

ସର୍ଦ୍ଦାର ମେଳିଆ—ବୈ. ବ—ମେଳିଆ ବା ବଦ୍ଦୋଗ୍ଲମାନଙ୍କର ନେତା— Sardāra meļiā The leader of combined plo-
ମେଳି ସର୍ଦ୍ଦାର tters; the leader of a plot;
ସରଦାର ମେଳିଆ ring-leader.

ସର୍ଦ୍ଦା(ର୍ଦ୍ଦା)ରି—ବୈଦେ. ବଣ (ଫା)—ସର୍ଦ୍ଦାର ସଂବନ୍ଧୀୟ— Sardā(rddā)ri Relating to a Sirdar.
(ସର୍ଦ୍ଦାରିଆ—ଅନ୍ୟ ବଣ. ରୂପ) ବୈଦେ. ବ (ଫା)—୧ । ସର୍ଦ୍ଦାରର
ସର୍ଦ୍ଦାରିୟା ପଦବୀ ବା କର୍ମ—1. The position or author-
ସରଦାରି ity of a Sirdār. ୨ । ସର୍ଦ୍ଦାରର ପ୍ରାପ୍ୟ ବା
ସର୍ଦ୍ଦାରି ବେତନ—2. The remuneration or per-
ସରଦାରି quisites payalele to a Sirdar.

ସର୍ଦ୍ଦା(ର୍ଦ୍ଦା)ରଅଣୀ—ବୈ. ବ. ସ୍ତ୍ରୀ (ଫା. ସର୍ଦ୍ଦାରିନ୍)—ନେତ୍ରୀ; ଦଳର Sardā(rddā)riaṇī ମୁଖ୍ୟ ସ୍ଥାନ ଅଧିକାରିଣୀ ସ୍ତ୍ରୀ—
ସର୍ଦ୍ଦାରିନୀ A female chief or leader.
ସରଦାରନୀ ୨ । ସରଦାରଙ୍କ ସ୍ତ୍ରୀ—2.The wife of a Sirdar.

ସର୍ଦ୍ଦାରି ଲାଇସେନ୍(ନ୍ସ,ନ୍ସ୍)—ବୈ. ବ—ଗ୍ରାମମାନଙ୍କରୁ କୁଲି ସଂଗ୍ରହ Sardāri lāisen[ai,ns] କରିବା ପାଇଁ କୌଣସି ବ୍ୟକ୍ତିକୁ
ସର୍ଦ୍ଦାରି ଲାଇସେନ ସରଦାରୀ ଲାଇସେନସ ଦିଆଯିବା ଲାଇସେନ୍ସ— Sirdari license to recruit labourers from villages.

ସର୍ଦ୍ଦି( )(ଜ୍ଞ୍ୟାଦ)— ବୈଦେ. ବ (ଫା)—ସର୍ଦ୍ଦ ଇତ୍ୟାଦି (ଦେଶ) Sardi[rddi] (etc) Sarda etc [See]

ସର୍ଦ୍ଦି(ର୍ଦ୍ଦି)ଅ—ବୈ. ବଣ—୧ । ସର୍ଦ୍ଦସମ୍ବନ୍ଧୀୟ—1. Relating
Sardi[rddi]ā to cold. ୨ । ଲେପ୍ମା—
ସର୍ଦ୍ଦିୟା **सर्दिया** 2. Sluggish. ୩ । (ପୁଂ)
(ସର୍ଦ୍ଦିଆ—ସ୍ତ୍ରୀ) ସେହି ବ୍ୟକ୍ତି ସର୍ଦ୍ଦି ରୋଗ ଦ୍ୱାରା

Digitized by srujanika@gmail.com

ସବଦା ଅଜାନ୍ତ ହୁଏ—3. Habitually suffering from cold. ୪ । ସର୍ଦ୍ଦି ରୋଗର ଅକ୍ରମଣ ପାଇଁ ଅନୁକୂଳ(ଦେହ)—4. (constitution) Prone to catch cold.

ସଦ (ଦ୍ଦ) ଅ(ବା)ଲି—ବେଦେ. ବ—ସର୍ଦ୍ଦେଉଅଲି (ଦେଖ)
Sardi(rddi)ā(bā)li Sardeuāli. (See)

ସର୍ଦ୍ଦେ(ର୍ଦ୍ଦେ,ର୍ଦ୍ଧେ,ର୍ଦ୍ଧେ)ଇ—ବେ. ବ. ସ୍ତ୍ରୀ—ଶ୍ରଦ୍ଧାର ଡାକ ନାମ—
Sarde(rdde, rdhe, rddhe)ī Name for calling 'śradhā'.

ସର୍ଦ୍ଦେ(ର୍ଦ୍ଦେ,ର୍ଦ୍ଦି,ର୍ଦ୍ଧି) ଉଅଲ୍(ଲ) - ବୈଦେ. ବ (ଫା. ଚହ୍ରର Sarde(rdde,rdi,rddi) uāl(li) ବଦାର୍)—ଚହାର ଗୃହ [ସର୍ଦ୍ଦେ(ର୍ଦ୍ଦେ, ର୍ଦ୍ଦି, ର୍ଦ୍ଦି)କା(ଅ)ଲ୍(ଲ)—ଅନ୍ୟରୂପ] ପାଖରେ ସରଦେଓୟାଲ ଜମିର ପାଚରୀ ବା କାନ୍ଥ—Compound wall. ଚାହରଦିବାଜୀ[ରୀ]

ସର୍ନଉ(ଓ)—ବୈଦେ, ବ (ଫା. ସରେନର୍ଓ)—ସରେନଉ (ଦେଖ)
Sarnau(o) Sarenau. (See)

ସର୍ପ—ସଂ. ବ (ସୃପ୍. ଧାତୁ=ଗତି କରିବା+କ୍ୱିପ୍. ଅ; ଯେ କୁଟିଳ ଗତି କରେ)—୧ । (ପୁଂ) ସାପ; ଭୁଜଙ୍ଗ—1. Serpent. [ସର୍ପୀ, ସର୍ପିଣୀ—ସ୍ତ୍ରୀ] [ଦ୍ର—ପ୍ରତି ମାସର ପଞ୍ଚମୀ ଦିନ ସର୍ପମାନଙ୍କୁ ଅନ୍ୟ ସଂସ୍କୃତ ପ୍ରତିଶବ୍ଦ—ଅହି, ଭୁଜଗ, ଭୁଜଙ୍ଗ, ଭୁଜଙ୍ଗମ, ଆଶୀବିଷ,ବିଷଧର, ଚକ୍ରୀ, ବ୍ୟାଳ, ବ୍ୟାଳ, ସରୀସୃପ, କୁଣ୍ଡଲୀ, ଗୁଢ଼ପାଦ, ଗୁଢ଼ପାତ୍, ଚକ୍ଷୁଶ୍ରବାଃ, କାକୋଦର, ଫଣୀଧର, ଫଣଧର, ଫଣାଭାନ୍, ଫଣବାନ୍, ଫଣାଭର, ଫଣକର, ଫଣୀ, ବିଲେଶୟ, ବିଲଶୟ, ବିଲବାସୀ, ପୃଦାକୁ, ପନ୍ନଗ, ଭୋଗୀ, ବିଭୁଗ, ପବନାଶନ, ଦଂଷ୍ଟ୍ରୀ, ଦ୍ୱିର୍, ଦ୍ୱିଜିହ୍ୱ, ସମକୋଳ, ବିଷାସ୍ୟ, ଗୋକର୍ଣ୍ଣି, ଜିରଗ, ଜିରଙ୍ଗ, ଜିରଙ୍ଗମ, ପ୍ରତନାକ୍ଷ, ଦର୍ବୀକର, ଦର୍ବୀଭୂତ୍, ପାର୍ଶ୍ୱପୃଷ୍ଟ, ଦନ୍ଦଶୂକ, କୁମ୍ଭୀନସ, ଦ୍ୱିରଶନ, ଭେକଭୁକ୍, ଶ୍ୱସନୋସ୍ତ୍ରକ, ଜଳରୁଣ୍ଡ, କଞ୍ଚୁକା, ଚକୁର, ଭୁଜ । ହିନ୍ଦୁମାନେ ପୂଜା କରିବାର ବିଧି ଅଛି । ବିଶେଷତଃ ଶ୍ରାବଣ, ଭାଦ୍ର ଓ ଅଶ୍ୱିନ ଶୁକ୍ଳ ପଞ୍ଚମୀ ଦିନ ସର୍ପପୂଜା କରିଯାଏ । ଭାଦ୍ରବ ଶୁକ୍ଳପକ୍ଷ ୫ମୀ ଯୁକ୍ତ ଚଉଥିକୁ ନାଗ ଚଉଥି (ନାଗଲ ଚଉଠି) ବା ନାଗପଞ୍ଚମୀ ମଧ୍ୟ କୋଲ୍ଲଯାଏ । ସର୍ପ ନାନାପ୍ରକାରର । ଉତ୍କଳରେ ନାଗ ପ୍ରଧାନ । ଶାସ୍ତ୍ରରେ ନାଗ ଅଠ ଜାତିସ୍ୱ ଥିବାର ଉଲ୍ଲେଖ ଅଛି । ଯଥା—ଅନନ୍ତ, ବାସୁକି, ତକ୍ଷକ, କର୍କୋଟ, ପଦ୍ମ ବା ପଦ୍ମନାଭ, ମହାପଦ୍ମ, ଶଙ୍ଖ ବା ଶଙ୍ଖପାଳ ଓ କୁଳିକ । ସର୍ପମାନଙ୍କୁ ସାଧାରଣତଃ ବିଷଧର ଓ ବିବିଧ ଦୁଇ ଶ୍ରେଣୀରେ ବିଭକ୍ତ କରିଯାଏ । ସାପମାନେ ସମସ୍ତେ ଅଣ୍ଡଜ । କେବଳ କୋଡ଼ା ସାପ ମାଆ ପେଟରୁ କୁଆ ହୋଇ ଜନ୍ମେ ।] ୨ । (+ବିବ. ଅ) ଗମନ; ଗତି କରିବା—2. Going; moving. ୩ । (ବୈଦ୍ୟକ) ନାଗକେଶର (ଉତ୍ତମାଳା)—3. Mesua Ferra tree. ୪ । (ଲକ୍ଷଣାର୍ଥ) କାଳସର୍ପ ପରି କ୍ରୂର ଓ ଅନିଷ୍ଟକାରୀ ବ୍ୟକ୍ତି—4. A very wicked and evil person. ୫ । ପ୍ରାଚୀନ ଜାତିବିଶେଷ—5. Name of a non-Hindu bearded tribe of ancient India. [ଦ୍ର—ଏମାନେ ଶକଦ୍ୱୀପ ଥିଲେ । ଏମାନଙ୍କ ସମ୍ପର୍କରେ ବେଦସାମାନ୍ୟରେ ଅଧିକାଂଶ କଥା ଲେଖାଯାଇଛି—ମହାଭାରତ, ଦ୍ରୋଣପର୍ବ ୨୪୫ ଅଧ୍ୟାୟ ।] ୬ । ଏଗାର ରୁଦ୍ରମାନଙ୍କ ମଧ୍ୟରୁ ଏକ (ହି. ଶ)—6. One of the eleven Rudra Deities. ୭ । (ଜ୍ୟୋତିଷ) ଏକପ୍ରକାର ମନ ଯୋଗ (ହି. ଶ)—7. A kind of inauspicious astrological conjunctions.

ସର୍ପକଙ୍କାଳିକା—ସଂ. ବ—ସାପ କଙ୍କାଳିଆ ଗୁଳ; ଏକପ୍ରକାର ଘାସ, Sarpa kaṅkālikā ସର୍ପାକ୍ଷୀ ୧ (ଦେଖ) (ଶବ୍ଦରତ୍ନାବଳୀ)—(ସର୍ପକଙ୍କାଳୀ—ଅନ୍ୟରୂପ) Ophiorrhiza Mungos (plant). । ଦ୍ର—ଏ ଗୁଳ୍ମ ଦାକ୍ଷିଣାତ୍ୟର ପର୍ବତ, ଆସାମ, ବ୍ରହ୍ମଦେଶ, ଲଙ୍କା ଆଦରେ କହୁ ପରିମାଣରେ ଜନ୍ମେ । ଏହାର ପତ୍ର ସମବର୍ତ୍ତୀ, ୨ ଠାରୁ ୫ ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ଓ ୧ ବା ୧୪ ଇଞ୍ଚ ଚଉଡ଼ା ଅଣ୍ଡାକାର ଓ ମୃଦୁ; ଡାଳ ଅଗରେ ଛୋଟ ଛୋଟ ଫଳ ଧରେ । ବୀଜ ଛୋଟ ଓ ଉତ୍ତଳକୋଣିଆ; ଏ ଗୁଳ୍ମ ଶୀତ ଓ ବର୍ଷା । କଥିତ ଅଛି ସର୍ପଦ୍ୱାରା ଦଷ୍ଟଜ କୁଳ ଏ ଗୁଳ୍ମରୁ ଖାଏ । ଏହାର ମୂଳ ସର୍ପବିଷହାରକ ବୋଲି ପ୍ରସିଦ୍ଧ । ଏଥିର ପାଚନ ପେଟ ଦରଜରେ ଉପକାରୀ—ହି. ଶ ।]

ସର୍ପ ଗତି—ସଂ. ବ (୬ଷ୍ଠୀ ତତ୍)—୧ । ସର୍ପର ଚାଲି ବା ଚଳନ—Sarpa gati 1. Movement of the serpent. ୨ । କୁଟିଳ ଗତି—2. Tortuous movement.

ସର୍ପଗନ୍ଧା—ସଂ. ବ (ବୈଦ୍ୟକ)—୧ । ବୃକ୍ଷବିଶେଷ; ବର୍ତ୍ତା—1. A plant; Vanda Roxburghi. ୨ । ସର୍ପାକ୍ଷୀ (ଦେଖ) (ହି. ଶ)—2. Sarpākshī (See) ୩ । ନାଗଦମନା ଗୁଳ୍ମ (ହି. ଶ) (ଦେଖ)—3. Indian worm wood.
Sarpagandhā ୧ମ ଅର୍ଥର ପର୍ଯ୍ୟାୟ—ଛତ୍ରାକା, ରସନା, ରସା, ଫଳକ୍ଷୀରା, ବର୍ତ୍ତା, ସୁଗନ୍ଧା, ନାକୁଳୀ, ସୁରସା, ଯୁକ୍ତରସା, ରସ୍ୟା, ସୁବହ୍ନା, ଏଲାପର୍ଣ୍ଣୀ, ଶ୍ରେୟସୀ ।

ସର୍ପ ଗୃହ (ଛିଦ୍ର, ଗର୍ତ୍ତ)—ସଂ. ବ (୬ଷ୍ଠୀ ତତ୍)—ସାପର ଗାତ—Sarpa gṛuha (chhidra, gartta) The hole of a serpent.

ସର୍ପ ଘଟ—ସଂ. ବ—ସର୍ପ ମାଣ୍ଡ—Serpent-test of an accused's innocence in vogue in India formerly. [ଦ୍ର—ଜର ଅଦ୍ଭୁତ ଭୂମ୍ବେ ସର୍ପ ଘଟ । କୁଣ୍ଡ ଶବର ଜଦ୍ଦୁଡ଼ କରଟ—କବିସୂର୍ଯ୍ୟ ବଙ୍ଗୀଚ ।]
Sarpa ghaṭa

ସର୍ପଘାତ—ସଂ. ବ (୬ଷ୍ଠୀ ତତ୍)—ସର୍ପଦଂଶନ; ସାପ କାମୁଡ଼ା—Sarpaghāta Snake-bite.

ସର୍ପଘାତିନୀ—ସଂ. ବ—ସର୍ପକଙ୍କାଳୀ ଭେଦ—Sarpa ghātinī A sort of plant. (ଏହାର ପର୍ଯ୍ୟାୟ—ସର୍ପସନ୍ଧା, ସର୍ପନାଶା, ସର୍ପମାଳା, ସର୍ପାଙ୍ଗୀ ।)

Digitized by srujanika@gmail.com

ସର୍ପଚ୍ଛତ୍ରକ—ଷ. ବ (ବୈଦ୍ୟକ)—ଏକପ୍ରକାର ଛତୁ; ବୁର୍ ଛତୁ—Sarpachhatraka A kind of mushroom. [ଦ୍ର—ସାପ ଛାତା ବେଙ୍ଗ୍ ଛାତା ଏହାକୁ ଭରକାସ୍ତ କର ଖାଆନ୍ତି; ଏହା ମଧୁରରସ, ଶୀତଳ, ରୁକ୍ଷ, ବଷ୍ତମ୍ଭୀ ଓ ମଳଭେଦକ ଅଟେ ।]

ସର୍ପଟ୍—ସ୍ତ୍ରୀଦେ. (ବସ୍ତୁର) ବ—ଘୋଡ଼ାର ଦଉଡ଼—Horse-race; Sarpaṭ the running of a horse,

ସର୍ପଣ—ଷ. ବ (ସୃତ୍ ଧାତୁ + ଭାବ. ଅନ)—୧ । ଗତି; ଗମନ—Sarpaṇa 1. Going. ୨ । ଜତ୍ସୃଷ୍ଟ ଶରର ଭୂମି ଉପରେ ଗମନ (ହ. ଶ)—2. Movement of a discharged arrow along the ground.

ସର୍ପତୃଣ—ଷ. ବ—୧ । (ସର୍ପ ଅଟେ ତୃଣ, ଅର୍ଥାତ୍ ତୃଣବତ୍ ତୁଚ୍ଛ Sarpa tṛuṇa ଯାହା ପକ୍ଷରେ; ବହୁବ୍ରୀହି)—ନକୁଳ; ନେଉଳ (ଓଡ଼ିଆରେ)—1. Ichneumon. ୨ । ନକୁଳକନ୍ଦ (ହ. ଶ)—2. A kind of medicinal root.

ସର୍ପଦଂଷ୍ଟ୍ର—ଷ. ବ—୧ । ଦନ୍ତୀ ବୃକ୍ଷ (ଶବ୍ଦଚନ୍ଦ୍ରି.)—1. Croton Sarpadaṁshṭra tree. ୨ । ସାପର ଦାନ୍ତ (ହ. ଶ)—2. The fangs of a serpent.

ସର୍ପଦଂଷ୍ଟ୍ରା—ଷ. ବ—୧ । ବୃଶ୍ଚିକାଳି; ବହୁଅଙ୍ଗ (ରତ୍ନମାଳା)—Sarpadaṁshṭrā 1. The stinging nettle; ଏହ ଅର୍ଥର ପର୍ଯ୍ୟାୟ—ବୃଶ୍ଚକାଳି, ବୃଶ୍ଚିଦଣ୍ଡୀ, ଈଷଦ୍ଦଂଷ୍ଟ୍ରୀ, ନାରଦନ୍ତୀକ, ଅମରା, କାଳୀ । Fragia Involucrata. ୨। ସାପର ଦାନ୍ତ—2. The fangs of a serpent.

ସର୍ପଦଂଷ୍ଟ୍ରିକା—ଷ୦. ବ—ଭଜଡ଼ାଶୃଙ୍ଗୀ; ଅଜଶୃଙ୍ଗୀ (ବୃଜଲବର୍ଣ୍ଣ)—Sarpadaṁshṭrikā A plant; Rhus Succedarea (ଏହାର ପର୍ଯ୍ୟାୟ—ଭକ୍ତକଣ୍ଟକୀ, ଶୃଙ୍ଗୀ, କୁଳୀର ବଷ୍ତଶିକା, ଅଜଶୃଙ୍ଗୀ, ଚଳା, ଭକ୍ତଶାଖା ।)

ସର୍ପଦଂଷ୍ଟ୍ରୀ—ଷ. ବ—୧ । ବୃଶ୍ଚିକାଳି (ହ. ଶ); ବହୁଅଙ୍ଗ—Sarpa daṁshṭrī 1. The stinging nettle. ୨ । ଦନ୍ତୀ (ହ. ଶ) (ଦେଶ)—2. Dantī (See). ୩ । ବୃଶ୍ଚ (ହ. ଶ)—3. Scorpion.

ସର୍ପଦଂଶନ—ଷ. ବ—ସାପ କାମୁଡ଼ା—Snake bite. [ଦ୍ର—Sarpa daṁsana ପଶ୍ଚିମା ଦ୍ୱାରା ଦେଖା ଯାଇଅଛି ଯେ ସର୍ପଦଷ୍ଟ ବ୍ୟକ୍ତିର ମୁଣ୍ଡ, କପାଳ, ବେକ, ଛାତି ଓ ନାଭିରେ ଭୁଲୀ ପଡ଼ ରସ ମାଲସ କଲେ ଓ ସଙ୍ଗେ ସଙ୍ଗେ ଭଲ କରିବା ପର୍ଯ୍ୟନ୍ତ ଜଳ ପିନ୍ଧଣରେ ଥରେ ଏକ ଚାମଚ ଲେଖାଏଁ ଚଦଲୀ ବାସୁଙ୍ଗା (ଗୋଚଡ଼ା)ର ରସ ପିଆଇଲେ ବିଷ ନଷ୍ଟ ହୋଇଯାଏ । ଭୁଲସୀ ପତ୍ର ଅତ୍ୟନ୍ତରେ ପଦ୍ମମୂଳ, ଘିକୁଆଁସ ଓ କଖା ଗଛର ରସ ବ୍ୟବହାର କରିଯାଇ ପାରେ ।]

ସର୍ପଦଣ୍ଡା(ଣ୍ଡା)—ଷ. ବ—ବୈଂହୁଳୀ (ବୃଜ ବନସ୍ପତି)—Sarpa daṇḍā(ṇtā) A kind of plant.

ସର୍ପଦଣ୍ଡୀ—ଷ. ବ—ନାଗବଳା; ଗୋରକ୍ଷୀ (ବୃଜ ବନସ୍ପତି)—Sarpa daṇḍī Sida Spinosa (plant).

ସର୍ପଦନ୍ତୀ(ପୁଷ୍ପୀ)—ଷ. ବ—ନାଗଦନ୍ତୀ (ବୃଜ ବନସ୍ପତି)—Sarpa dantī (pushpī) A kind of plant.

ସର୍ପଦମନୀ—ଷ. ବ—ବଳ୍ୟା ଜାତୀୟ ଲତା; ଡାଈଅ ଜାତର (ବୃଜ Sarpa damanī ବନସ୍ପତି)—A creeper and its fruit; Memordica Dioicicamale.

ସର୍ପଦଷ୍ଟ—ଷ. ବଣ (ଅସ୍ୟା ଉତ୍ତ)—ଯାହାକୁ ସାପ କାମୁଡ଼ି ଥାଏ—Sarpa dashṭa Bitten by a snake.

ସର୍ପଦେବୀ—ଷ. ବ—ହିନ୍ଦୁମାନଙ୍କର ଗୋଟି ତୀର୍ଥ ବିଶେଷ—A sacred Sarpa debī place of the Hindus, [ଦ୍ର—ସର୍ପ ଦେବୀରେ ଯେଉଁ ସ୍ନାନ ଜଳ ତରେ, ତାହାକୁ ପୁଜା ଭାବୁ ନାଗଙ୍କ ଦେହରେ । କୃଷ୍ଣସିଂହ. ମହାଭାରତ, ବନ ।]

ସର୍ପଦ୍ୱିଷ—ଷ. ବ (ସର୍ପ + ଦ୍ୱିଷ୍ ଧାତୁ + କର୍ତ୍ତୃ. ଅ)—ମୟୂର (ହ. ଶ) Sarpa dwisha —Peacock.

ସର୍ପନାମା—ଷ. ବ—ସର୍ପଘାତିନୀ (ଦେଶ) Sarpa nāmā Sarpa ghātinī (See) (ସର୍ପମାଳା, ସର୍ପସନ୍ଧା—ଅନ୍ୟରୂପ)

ସର୍ପନେତ୍ରା—ଷ. ବ—ସର୍ପାକ୍ଷୀ (ଦେଶ) Sarpa netrā Sarpākshī (See)

ସର୍ପପତି—ଷ. ତ (ଷଷ୍ଠୀ ତତ୍)—ଶେଷ ନାଗ; ବାସୁକୀ—A name Sarpa pati of the King of serpents.

ସର୍ପପ୍ରିୟ—ଷ. ବ (ଷଷ୍ଠୀ ତତ୍)—ଚନ୍ଦନ ବୃକ୍ଷ (ହ. ଶ)—Sarpa priya The Sandal wood tree.

ସର୍ପଫଣ—ଷ. ବ (ଷଷ୍ଠୀ ତତ୍)—ସାପର ଫେଣା—The expanded hood of a serpent. Sarpa phaṇa

ସର୍ପଫଣଜ—ଷ. ବ—ସର୍ପ ଫଣଜାତ ମଣି—A gem got from Sarpa phaṇaja the hood of a serpent.

ସର୍ପଫେଣ(ଜ)—ଷ. ବ—ଅହିଫେଣ; ଅଫିମ (ହ. ଶ)—Sarpa pheṇa(ṇa) Opium.

ସର୍ପବନ୍ଧ—ଷ. ବ—୧ । କୁଟିଳ ସ୍ଥାନ (ହ. ଶ)—1. Tortuous Sarpa bandha conduct. ୨ । ଚିତ୍ର ରଚନାବିଶେଷ; କୃଷ୍ଣଳାକାର ସର୍ପର ଆକାର ଅନୁସାରେ ଅକ୍ଷର ବନ୍ଧିବେଷ୍ଟିତ-ଦୋଇଥିବା ରଚନା ବିଶେଷ—2. A kind of artistic composition in which letters are put in the shape of the coil of a serpent.

ସର୍ପବିଦ୍ୟା—ଷ. ବ (ମ. ତ. ଲୋ)—ବିଷଧର ସର୍ପକୁ ଧରିବା ଓ ବଶ କରିବା ବିଦ୍ୟା—Sarpa bidyā The art of catching and controlling serpents.

ସର୍ପବ୍ୟୂହ—ଷ. ତ (ମ. ତ. ଲୋ)—ସର୍ପ ଆକାରରେ ରଚିତ ସେନା-Sarpa byūha ବ୍ୟୂହ—An array for battle formed in the shape of a coiled serpent.

ସର୍ପଭୟ—ଷ. ବ—ସର୍ପ ଦଂଶନର ଭୟ—Sarpa bhaya Fear of snake bite.

ସର୍ପଭୁକ୍(ଜ୍)—ଷ. ବଣ (ସର୍ପ + ଭୁଜ୍ ଧାତୁ = ଖାଇବା + କର୍ତ୍ତୃ. କ୍ୱିପ୍)—ଯେ ସାପକୁ ଖାଏ; ସର୍ପଖାଦକ—(ସର୍ପ ଭକ୍ଷକ—ଅନ୍ୟରୂପ) Sarpa bhuk(j) Feeding on serpents.

ଷ. ବ—୧ । ମୟୂର—1. Peacock. ୨ । ଗରୁଡ଼—

Digitized by srujanika@gmail.com

2. The mychological King of birds. ୩ । ନେଉଳ; ନକୁଳ—3. Ichneumon; mongoose. ୪ । ସାରସ ପକ୍ଷୀ—4. A kind of snake-eating wading bird.

ସର୍ପମାଣ୍ଡୁ—ସ. ଣ—୧ । ଘଟରେ ସର୍ପ ପୂରାଇ ତହିଁରେ ହାତ Sarpa māṇḍu ପୂରାଇବା ପରେ ସର୍ପଘାତ ନ ହେବେ ଈଶ୍ୱରୋଦ୍ଦେଶରେ ପ୍ରମାଣ ହେବା ରୂପ ସତ୍ୟ ଶପଥ—1. A kind of oath taken by thrusting one's hands into a jar in which there is a serpent. ୨ । ସର୍ପମାଣ୍ଡୁ ଦ୍ୱାରା ଦଲିତ—2. Oath by means of 'Sarpamāṇḍu.'

ସର୍ପଯଜ୍ଞ(ଯାଗ, ସତ୍ର)—ସ. ଣ—ଜନମେଜୟ ସର୍ପ ଦ୍ୱାରା ବପ୍ତ ହୋଇ ମୃତ Sarpa jajña(jāga,satra) ହୋଇଥିବା ପଶୁତିତ ସ୍ୱଜାତି ପ୍ରତି ଜନମେଜୟଙ୍କ ଅନୁଷ୍ଠିତ ସର୍ପ ବଂଶ ସମୂଳରେ ନାଶ ନିମନ୍ତେ—A sacrifice performed by King Janamejaya to kill all the serpents in revenge for his father having been bitten to death by a serpent named 'Takshaka.'

ସର୍ପରାଜ—ସଂ ଣ—୧ । ବାସୁକି (ଅମର)—1. The Serpent-Sarpa rāja king. ୨ । ଅନନ୍ତ ଦେବ—2. The elder brother of Bishṇu in the shape of a serpent.

ସର୍ପଲତା(ବଲ୍ଲୀ)—ସ. ଣ—ନାଗବଲ୍ଲୀ; ପାନ (ବୃକ୍ଷ ନଉଣ୍ଡ)— Sarpa latā(ballī) The betel creeper.

ସର୍ପସତ୍ରୀ—ସଂ. ଣ (ସର୍ପସତ୍ର+ଙଷ୍ଟି. ଇନ୍) —ସର୍ପଯଜ୍ଞର ଅନୁଷ୍ଠାତା; Sarpa spatrī ପରୀକ୍ଷିତ-ପୁତ୍ର ଜନମେଜୟ ରାଜା—A name of King Janamejaya.

ସର୍ପହା—ସଂ. ଣ (ସର୍ପ+ହନ୍ ଧାତୁ+କ୍ୱିପ୍. କ୍ୱିପ୍) —୧ । ସର୍ପାକ୍ଷୀ Sarpahā (ଦେଶ) (ହି. ଣ)—1. Sarpākshī (See) ୨ । ନକୁଳ; ନେଉଳ—2. Ichneumon. ସଂ. ତତ୍ପୁ—ସର୍ପଘାତକ—Destroyer of serpents; killing serpents.

ସର୍ପୀ—ସ. ଣ. ସ୍ତ୍ରୀ (ସର୍ପ+ସ୍ତ୍ରୀ. ଅ)—ସର୍ପିଣୀ (ହି. ଣ) Sarpā A female serpent.

ସର୍ପାକ୍ଷ—ସ. ଣ—ରୁଦ୍ରାକ୍ଷ (ଦେଶ) Sarpākṣha Rudrākṣha. (See)

ସର୍ପାକ୍ଷୀ—ସ. ଣ—୧ । କ୍ଷୁଦ୍ର ଗୁଳ୍ମ ବିଶେଷ; ଗନ୍ଧନାକୁଳୀ; ଗନ୍ଧରସ Sarpākshī (ବୃକ୍ଷନଉଣ୍ଡ) [ସର୍ପକାକାଳଅ ଦେଶ]—1. A ୧ମ ଅର୍ଥର ସମସ୍ତ ଉପଯୋଗୀତା – ଗନ୍ଧା, ବରଦଂଷ୍ଟ୍ରା, ବରାହଦ୍ରା, ସଦ୍ରା, ଗଣ୍ଡାଳୀ, ନାଡ଼ୀବରାଳକ, ସର୍ପକାକାଳୀ, ବରନାଗିନୀ, ଭୃଙ୍ଗଗୀ, ରୋଗୀ, କୃଷ୍ଣଳୀ, ଯନ୍ତ୍ରଦ୍ରା, ଫଣୀ । plant; Opheorrhiza Mungos. [ଦ୍—ଏହା କଟୁତିକ୍ତ ରସ, ଉଷ୍ଣବୀର୍ଯ୍ୟ ଓ ସର୍ପ ବିଷନାଶକ ଅଟେ । ଏହା ବିଷଘ ଓ କୁଷ୍ଠ-ପାନ୍‌ଶିଉଳୀ, ଗନ୍ଧନାକୁଳୀ ସରହଂଟୀ, ଗଣ୍ଡୀନୀ ବର୍ଦ୍ଧକ ।] ୨ । ରକ୍ତପୁଷ୍ପଯୁକ୍ତ ବନବରଣା—2. Red-flowered Banabaṇā.

ସର୍ପାଖ୍ୟ—ସ. ତ (ବହୁବ୍ରୀହି; ସର୍ପ+ଆଖ୍ୟା+ଅ)—୧ । ମହତ କନ- Sarpākhya ଭେଦ (ଗୁଳଗୁଳନର୍ଦ୍ଦଣ୍ଡ)—1. A plant with bulbous root. ୨ । ନାଗକେଶର—2. Mesua Ferra tree. ସଂ.ବଣ.—ସର୍ପନାମକ; ସର୍ପନାମ-ଧାରୀ—Bearing the name of a serpent.

ସର୍ପାଘାତ—ସଂ. ବ (ଷଷ୍ଠୀ ତତ୍) —ସର୍ପଦଂଶନ; ସାପଚାମୁଡ଼ା— Sarpāghāta Snake bite. [ଦ୍—ଗଳସ୍ଥ ମଣିଲେ ଜଗତ, କୃଷ୍ଣର ଦେଡେ ସର୍ପାଘାତ । ଜଗନ୍ନାଥ, ଭାଗବତ ।]

ସର୍ପାଙ୍ଗୀ—ସଂ. ବ—୧ । ସର୍ପଘାତିନୀ (ଦେଶ) [ରତ୍ନମାଳା]— Sarpāngī 1. Sarpaghātinī. (See) ୨ । ଦୈଂଦ୍ରଲୀ (ଗୁଳନର୍ଦ୍ଦଣ୍ଡ)—2. A plant.

ସର୍ପାଦନୀ—ସଂ. ବ—ନାକୁଳୀ (ଦେଶ) Sarpādanī Nākulī. (See)

ସର୍ପାବାସ—ସଂ. ବ (ଷଷ୍ଠୀତତ୍)—୧ । ସର୍ପର ବାସସ୍ଥାନ—1. The Sarpābāsa abode of snakes ୨ । (ବହୁବ୍ରୀହି) ଚନ୍ଦନ ବୃକ୍ଷ—2. Sandal wood. ୩ । ସାପ ଗାତ—3. Snake hole.

ସର୍ପାରାତି—ସଂ. ବ (ଷଷ୍ଠୀ ତତ୍)—୧ । ସାପର ଶତ୍ରୁ—1. The Sarpārāti enemy of serpents. ୨ । ଗରୁଡ଼—[ସର୍ପାରି—ଅନ୍ୟରୂପ] 2. The king of birds (who eats serpents). ୩ । ମୟୂର—3. Peacock. ୪ । ନେଉଳ—4. Ichneumon.

ସର୍ପାଶନ—ସଂ.ବ୍ରୀ ତ (ବହୁବ୍ରୀହି;ସର୍ପ ଅତଃ ଅଶନ=ଖାଦ୍ୟ ଯାହାର) Sarpāśana —ସର୍ପଭୁକ୍ (ଦେଶ)—Sarpabhuk. (See)

ସର୍ପାହତ—ସଂ. ତତ (ଷଷ୍ଠୀ ତତ୍)—ସର୍ପଦଷ୍ଟ; ଯାହାକୁ ସାପ କାମୁଡ଼ି Sarpāhata ଅଛି—Bitten by a snake.

ସର୍ପିଃ—ସଂ ବ (ସୃପ୍. ଧାତୁ=ଗମନ କରିବା+କର୍ତ୍ତୃ. ଇସ୍)— Sarpiḥ ଘୃତ; ଅଙ୍ଗ୍ୟ—Ghee; clarified butter.

ସର୍ପିକା—ସଂ. ବ (ସର୍ପ+କ+ଅ)—ଛୋଟ ସାପ (ହି. ଣ) Sarpikā Small serpent.

ସର୍ପିଣୀ—ସଂ. ବ. ସ୍ତ୍ରୀ (ସର୍ପ+ସ୍ତ୍ରୀ. ଙ୍ଗି, ଇନ୍ ଆଗମ)—୧ । ମାଈ Sarpiṇī ସାପ; ସାପୁଣୀ—1. A she-serpent. ୨ । (ସର୍ପୀ—ଅନ୍ୟରୂପ) ସର୍ପାକ୍ଷୀ ୧ (ଦେଶ)—Sarpākshī [ସର୍ପ—ଗୁଂ], (See) ସଂ. ବଣ. ସ୍ତ୍ରୀ (ସତନ୍+ସ୍ତ୍ରୀ. ଙ୍ଗି) 'ସର୍ପୀ' ଶବ୍ଦର ସ୍ତ୍ରୀଲିଙ୍ଗ; ଗମନକାରିଣୀ—(Feminine) Moving. ଦେ. ବ, ସ୍ତ୍ରୀ (ଲକ୍ଷଣାର୍ଥ)—ଅତି କ୍ରୂର ନାରୀ— A very cruel or wicked woman.

ସର୍ପିତ—ସଂ. ବ (ସର୍ପ+କ୍ତ)—ସର୍ପାଘାତଜନିତ କ୍ଷତ (ହି. ଣ)— Sarpita The sore or wound cansed by snake-bite.

Digitized by srujanika@gmail.com

ସର୍ପୀ—ସଂ. ବଣ. ସ୍ତ୍ରୀ (ସୃ. ଧାତୁ+ଇନ୍; ୧ମା, ୧ବ)—Sarpī ସମନକାଶ୍ତ; ସମନଶୀଳ; ଜଙ୍ଗମ—Moving. ସଂ. ବ. (ସର୍ପିଣୀ—ସ୍ତ୍ରୀ) ସ୍ତ୍ରୀ—(ସର୍ପ+ସ୍ତ୍ରୀ. ଙ୍କୀ)—ମାଈ ସାପ—A she-serpent.

ସର୍ପୀ(ର୍ପେ)ଷ୍ଟ—ସଂ. ବ (ସର୍ପୀ ବା ସର୍ପିର ଇଷ୍ଟ=ପ୍ରିୟ)—Sarpī(rpe)shṭa ଚନ୍ଦନ (ରତ୍ନମାଳା)—A species of sandal wood.

[ଦ୍ର—ଚନ୍ଦନ ଗଛରେ ଫଳୁ ସର୍ପ ରହନ୍ତି ବୋଲି ଜନପ୍ରବାଦ ଓ ବହୁପ୍ରସିଦ୍ଧି ଅଛି ।]

ସର୍ପେଶ୍ୱର—ସଂ. ବ—ସର୍ପରାଜ; ଗରୁଡ଼—Sarpeśwara The king of serpents.

ସର୍ପେଶ୍ୱର ଦେ. ବ. ୧ । ପ୍ରତିଷ୍ଠିତ ମହାଦେବଙ୍କ ନାମ—1. Name of a nimage of Lord Śiba. ୨। ପୁରୁଷ ଲୋକଙ୍କ ନାମ—2. A name of males. ୩ । ଅଠଗଡ଼ ଅନ୍ତର୍ଗତ କ୍ଷୁଦ ପର୍ବତର ନାମ—3. Name of a hill in the Athgarh State. [ଦ୍ର—ଏହା ଗାଡ଼ାଗଡ଼ର ଜକଟବର୍ତ୍ତୀ ଗାଡ଼ାଗଡ଼କୁ ଯାଉଥିବା ଗାଡ଼ାଗଡ଼ ବୋଲିପାଏ ।] (ଉ—ଉତ୍କଳରେ ବହୁତ ଶୈଳ ସର୍ପେଶ୍ୱର । ଗଧାନାଥ—ନଘକେଶସ୍ତ୍ର ।) ୪ । ଏହି ଗାଡ଼ାଗଡ଼ ଜକଟରେ ଥିବା ଶିବ ଲିଙ୍ଗ—4. Name of an image of Śiba in the Athgarh State. [ଦ୍ର—ଏ ଦେବଙ୍କ ବିଷୟରେ ସ୍ତ୍ରୀଲୋକ ଅସି ବଲଯ ଧର ମିତ୍ର କହିଲେ ଶୀଘ୍ର ମିଥ୍ୟାବାଦୀକୁ ଦୈବାଦଣ୍ଡ ହୁଏ ବୋଲ ଲୋକେ ଦୃଢ଼ ବିଶ୍ୱାସ କରନ୍ତି ।]

ସର୍ପେଶ୍ୱରୀ—ଦେ. ବ—ଅଠଗଡ଼ର ପ୍ରଧାନ ନଦୀ, ସାପୁଆ ନଈ—Name Sarpeśwari of a small river in the Athgarh ସର୍ପେଶ୍ୱରୀ state, (ଉ—ଉତ୍କଳରେ ବହୁତ ଶୈଳ ସର୍ପେଶ୍ୱର, ସର୍ପେଶ୍ୱରୀ ଯାର ଧୂଅଣ ଘୟୁର । ଗଧାନାଥ—ନଘକେଶସ୍ତ୍ରୀ) (ଦ୍ର—ଏ ନଦୀ ସର୍ପେଶ୍ୱର ପାହାଡ଼ ବାଟେ ବହୁ ଅଠଗଡ଼ ରାଜଧାନୀ ତଳେ ବହୁ ଯାଇ ମହାନଦୀରେ ପଡ଼ିଅଛି ।)

ସର୍ପୋନ୍ମାଦ—ସ. ତ—ଏକପ୍ରକାର ଉନ୍ମାଦ ରୋଗ—Sarponmāda A kind of madness.

(ଦ୍ର—ଏଥିରେ ରୋଗୀ ସର୍ବ ସମୟ ଭୂମିରେ ଲୋଟେ, ଉଚ୍ଚ ଜାଗା ଲମ୍ଫ କରେ, ଓ ଖାଇ କୁକୁର ହୁଏ । ରୋଗୀର ଗୁଡ଼, ଦୁଧ ଅଦି ଖାଇବାକୁ ଖୁବ ଲାଳସା ହୁଏ (ହୁ. ଶ)

ସର୍ପୋଶ୍—ବୈଦେ. ବ—(ଫା.) ସରପୋଶ (ଦେଶ)—Sarpoś Sarapoś (See)

ସର୍ଫ୍—ବୈଦେ. ବଣ—(ଫା)—ବ୍ୟୟିତ Sarph सर्फ Spent.

ସର୍ଫ୍ ବେଶି—ବୈଦେ. ପ୍ରାଦେ. (ଗଞ୍ଜାମ) ବ—(ଫା. ସରଫ୍ ବେଶି) Sarph beśi ସରଫ୍‌ବେଶି (ଦେଶ)—Saraph beśi (See)

ସର୍ଫ୍ ରାଜ—ବୈଦେ. ବ—(ଫା.) ସରଫ୍‌ରାଜ୍ (ଦେଶ) Sarph rāj Saraph rāj (See)

ସର୍ଫରାଜି—ଦେ. ବ—ସରଫ୍‌ରାଜ (ଦେଶ) Sarphrāji Saraph-raji (See)

ସର୍ବ(ଧାତୁ)—ସଂ—ଗମନ କରିବା Sarb(root) To go; to more.

ସର୍ବ(ର୍ବ)—ସଂ. ବଣ—(ସର୍ବ୍ ଧାତୁ+କର୍ତ୍ତରି ଅ) ୧ । ସବୁ; ସମସ୍ତ; Sarba(rbba) ସକଳ—1. All. ୨ । ପ୍ରତ୍ୟେକ—2. Each; every. ୩ । ସମସ୍ତ; ସମୁଦାୟ—3. Whole; entire. ୪ । ସମ୍ପୂର୍ଣ୍ଣ—4. Complete. ସଂ ସର୍ବନାମ—୧ । ସମସ୍ତେ—1. All. ୨। ପ୍ରତ୍ୟେକେ—2. Each. [ଦ୍—ଏହି ସର୍ବ ଶବ୍ଦର ବହୁବଚନ ପ୍ରଯୁକ୍ତଙ୍କ 'ସର୍ବେ' ସବୁ ସ୍ଥାନରେ ବ୍ୟବହୃତ ହୁଏ । ଯଥା—ସର୍ବେ ତଳକେ କାଳବଳେ ।] ସଂବ.—(ସୃ ଧାତୁ+କରଣ ବନ୍) ୧। ଶିବ; ମହାଦେବ (ଅମର)—1. Śiba. ୨। ବିଷ୍ଣୁ (ସହସ୍ରନାମ) —2. A name of Lord Bishṇu.

ସର୍ବଂ(ର୍ବଂ)ସହ —ସଂ. ବଣ. ପୁଂ (ସର୍ବଂ=ସବୁ ବିଷୟକୁ+ସହ ଧାତୁ+ Sarbaṁ(rbbaṁ)saha କର୍ତ୍ତୃ ଅ) ସହନଶିଳ; ଯେ ସବୁ ବିଷୟ (ସର୍ବଂସହା—ସ୍ତ୍ରୀ) ସହ୍ୟ କରେ—Bearing every thing; very patient; very forbearing.

ସର୍ବଂ(ର୍ବଂ)ସହା —ସଂ.ବ. ସ୍ତ୍ରୀ—(ସର୍ବଂସହ+ଅ)—ବସୁଧା; ପୃଥିବୀ— Sarbaṁ(rbbaṁ) sahā The earth.

ସଂ. ବଣ. ସ୍ତ୍ରୀ—ସର୍ବଂସହର ସ୍ତ୍ରୀ ଲିଙ୍ଗ—Feminine of Sarbaṁsaha (See)

ସର୍ବକର୍ତ୍ତା—ସଂ. ବ. ପୁଂ (ସୃଷ୍ଟ୍ୟାଦ ଭୂତ୍ୱାରୁଥ)—୧ । ସବୁ ବସ୍ତୁର Sarbakarttā ସୃଷ୍ଟିକର୍ତ୍ତା—1. The creator of all. ୨ । ସମସ୍ତଙ୍କର ପ୍ରଭୁ—2. Lord of all. ୩ । ଈଶ୍ୱର—3. God. ୪ । ବ୍ରହ୍ମା (ଶବ୍ଦ ରତ୍ନାବଳୀ)—4. Brahmā.

ସର୍ବ କର୍ମ(ର୍ମ୍ମ)—ସଂ. ବ—ସମସ୍ତ କାର୍ଯ୍ୟ— Sarba karma(rmma) All acts.

ସର୍ବ କର୍ମ(ର୍ମ୍ମ)କ୍ଷମ—ସଂ. ବଣ. ପୁଂ—ସର୍ବକର୍ମୀ (ଦେଶ) Sarba karma(rmma)kshama Sarbakarmī (See) [ସର୍ବକର୍ମକ୍ଷମା—ସ୍ତ୍ରୀ]

ସର୍ବକର୍ମ(ର୍ମ୍ମ) ଫଳତ୍ୟାଗୀ—ସଂ. ବଣ. ପୁଂ—ଯେ ନିଜକୃତ ସମସ୍ତ Sarbakarma(rmma) phalatyāgī କର୍ମର ଫଳ ପାଇଁ ଆଶା ନ ରଖି କର୍ମର ଫଳକୁ ଈଶ୍ୱରଙ୍କଠାରେ ଅର୍ପଣ କରେ—Leaving the result of all his (ସର୍ବକର୍ମଫଳତ୍ୟାଗ—ବ) actions to God.

ସର୍ବକର୍ମୀ(ର୍ମ୍ମୀ)—ସଂ. ବଣ. ପୁଂ (ସର୍ବକର୍ମ+ଇନ୍; ୧ମା. ୧ବ)— Sarbakarmī(rmmī) ସବୁ କାର୍ଯ୍ୟ କରିବାକୁ କ୍ଷମ— (ସର୍ବକର୍ମୀଣ—ଅନୀରୂପ) Fit to do all work. [ସର୍ବକର୍ମିଣୀ, ସର୍ବକର୍ମୀଣା—ସ୍ତ୍ରୀ]

ସର୍ବକାମ—ସଂ. ବ—୧ । (କର୍ମଧା) ସମସ୍ତ କାମନା—1. All Sarbakāma desires. ୨ । (ବହୁବ୍ରୀହି) ମହାଦେବ [ଦ୍ର. ଶ]—2. Śiba. ୩ । ଏକ ଅର୍ହତ୍‌ଙ୍କ ନାମ

Digitized by srujanika@gmail.com

(ବୁ. ଶ)—3. Name of a Buddha. ସଂ. ବ୍ରଣ. ପୁଂ (ବହୁବ୍ରୀହି) ୧ । ସମସ୍ତ କାମନାକାଷ୍ଟ (ବୁ. ଶ)—1. Wishing all things. ୨ । ସବୁ ଇଚ୍ଛା ପୂରଣକାଷ୍ଟ—2. Fullfilling all wishes.

ସର୍ବକାମଦ—ସଂ. ବ୍ରଣ. ପୁଂ (ସର୍ବକାମ+ଦା. ଧାତୁ+କ୍ତୁ. ଅ)—Sarbakāmada ସର୍ବକାମନାପୂରଣକାଷ୍ଟ—Fullfilling all desires. [ସର୍ବକାମଦା—ସ୍ତ୍ରୀ]

ସର୍ବକାଳ—ସଂ. ବ—୧ । ସକଳ ସମୟ—1. All times. ୨ । ଚିର କାଳ—2. Eternity.

ସର୍ବକାଳୀନ—ସଂ. ବ୍ରଣ (ସର୍ବକାଳ+ଖନ)—ସବୁକାଳରେ ଘଟିବା—Of all ages; eternal.

ସର୍ବକେଶର—ସଂ. ବ—ବକୁଳ ବୃକ୍ଷ ଓ ପୁଷ୍ପ (ବୁ. ଶ)

Sarbakeśara The Bakula tree and flower.

ସର୍ବକ୍ଷୟ—ସଂ. ବ—ସର୍ବନାଶ (ଦେଖ)

Sarbakshaya Sarbanāśa. (See)

ସର୍ବକ୍ଷାର—ସ. ବ (ବୈଦ୍ୟକ)—୧ । ସାବୁନ୍; କାଚ ପ୍ରକାର କ୍ଷାରର ମିଶ୍ରଣରେ ପ୍ରସ୍ତୁତ ସଲଫର୍‌କ୍ଷାରକ ସାବାନ୍ ସାବୁନ ପଦାର୍ଥ (ରାଜନିର୍ଘଣ୍ଟ)—1. Soap. ଡେ—ସବୁକ୍ଷାର [ଦ୍ର—ଏହା ଅତ୍ୟନ୍ତ କ୍ଷାରଗୁଣଯୁକ୍ତ, ସଲକଦୁଷାର, ସମ୍ମୁଦ୍ରକ୍ଷାର, କ୍ଷାରମେଳକ, ସ୍ପୋମକ୍ଷାର, ମହାକ୍ଷାଟ, ସଲାର ମୂତ୍ରଶୋଧକ, ରକ୍ତଃହ୍ରିତକର, ବସ୍ତିଶୋଧକ; ଚୁନି ଓ ଜଦାବତ୍ତି ରୋଗର ଉପକାରକ ଏବଂ ବାଜ୍ୟ ପ୍ରୟୋଗରେ ଏହା ଗାନ୍ଧ ଓ ବସ୍ତାଦର ପରିଷ୍କାରକ ।] ୨ । ମୃଷକ ବୃକ୍ଷ (ବୁ. ଶ); ପାଟଳ ଗନ୍ଧ—2. Stereospermum Suaveolens (tree).

ସର୍ବଗ—ସ. ବ୍ରଣ. ପୁଂ (ସର୍ବ+ଗମ୍ ଧାତୁ+କ୍ତୁ. ଅ)—୧ । ସର୍ବତ୍ର ଗାମୀ; ଯେ ସବୁ ସ୍ଥାନକୁ ଯାଏ—1. Going everywhere. ୨ । ସର୍ବବ୍ୟାପୀ—2. Pervading everywhere. ସ. ବ—୧ । ଶିବ; ମହାଦେବ—1. Śiba. ୨ । ବାୟୁ—2. Air. ୩ । ଜଳ—3. Water. ୪ । ଆତ୍ମା—4. Soul. ୫ । ବ୍ରହ୍ମ—5. The Divine Essence.

ସର୍ବଗତ—ସଂ. ବ୍ରଣ (ସର୍ବ+ଗତ)—୧ । ସର୍ବତ୍ର ସ୍ଥିତ—1. Omnipresent. ୨ । ସର୍ବତ୍ର (ଦେଖ)—2. Sarbaga (See) ୩ । ସର୍ବବ୍ୟାପୀ—3. All pervading.

ସର୍ବଗନ୍ଧ—ସଂ. ତ—ଚନ୍ଦନ, କର୍ପୂର, ଲବଙ୍ଗ, କସ୍ତୁରି, ଅଗୁରୁ ଓ ଶିଲ୍ଲିକ—(ଶବ୍ଦଚନ୍ଦ୍ରିକା; ଭାବପ୍ରକାଶ]—A compound of various scented articles.

ସର୍ବଗା—ସଂ. ବ୍ରଣ. ସ୍ତ୍ରୀ (ସର୍ବଗ+ଅ)—ସର୍ବଗର ସ୍ତ୍ରୀଲିଙ୍ଗ—Sarbagā Feminine of Sarbaga. ସଂ. (ସର୍ବଗ—ପୁଂ) ବ—୧ । ଶ୍ୟାମାଲତା—1. A creeper; Panicum Frumentaceum. ୨ । କଙ୍ଗୁଧାନ୍ୟ—2. A sort of grain; Panicum Italicum. ୩ । ତ୍ରିସୂଙ୍ଗ ବୃକ୍ଷ (ଶବ୍ଦଚନ୍ଦ୍ରିକା)—3. A kind of tree; Aglaia Roxburghiana.

ସର୍ବଗାମୀ—ସଂ. ବ୍ରଣ. ପୁଂ (ସର୍ବ+ଗମ ଧାତୁ+ଇନ୍; ୧ମା; ୧ବ)

Sarbagāmī ସର୍ବଗ (ଦେଖ)—Sarbaga (See)

(ସର୍ବଗାମିନୀ—ସ୍ତ୍ରୀ)

ସର୍ବଜ୍ଞ—ସଂ. ବ ଓ ବ୍ରଣ (ସଂ. ସର୍ବଜ୍ଞର ଅଶୁଦ୍ଧ ଉଚ୍ଚାରଣ)—

Sarbagiañ ସର୍ବଜ୍ଞ (ଦେଖ)—Sarbajña (See)

ସର୍ବଜ୍ଞ ସରବଜ୍ଞ (ସର୍ବଜ୍ଞ—ଅନ୍ୟରୂପ)

ସର୍ବଗୁଣାକ(ଧା)ର—ସଂ. ବ୍ରଣ ପୁଂ ଓ ସ୍ତ୍ରୀ (ଚତୁସ୍ତୀତତ୍ପୁ; ସର୍ବଗୁଣର ଆକର ବା ଆଧାର)—

Sarbagunāka(dhā)ra ସବୁ ଗୁଣରେ ଅଗ୍ରସ୍ଥ; ସବୁ ଗୁଣ ଯୁକ୍ତ—Possessed of all qualities.

ସର୍ବଗୁଣାନ୍ୱିତ—ସଂ. ବ୍ରଣ ପୁଂ (କର୍ମଧାରୟ ଓ ଦ୍ୟୟା ତତ୍ପୁ)—ଯାହାଠାରେ ସବୁ ଗୁଣ ଥାଏ—Possessing all attributes.

Sarbagunānwita (ସର୍ବଗୁଣାନ୍ୱିତା—ସ୍ତ୍ରୀ)

ସର୍ବଜ୍ଞ—ସ୍ତ୍ରୀ. (ପଦ୍ୟ) ବ. ଓ ବ୍ରଣ. (ସଂ. ସର୍ବଜ୍ଞ)—ସର୍ବଜ୍ଞ (ଦେଖ)

Sarbagyañ Sarbajña (See) [ଦ୍ର—ସର୍ବଜ୍ଞ ସରବଜ୍ଞ ଚତୁର ଚଦ୍ମା, ସଚ୍ଚଲଗୁଣେ ଅନୁପମା—ଭୂପଦ୍ମ. ପ୍ରେମପଞ୍ଚାମୃତ]

ସର୍ବଗ୍ରନ୍ଥି—ସଂ. ବ—ପିପୁଳମୂଳ (ରାଜନିଘଣ୍ଟୁ)—The root of

Sarbagranthi piper; piper root. [ଦ—ଏହା (ସର୍ବଗ୍ରନ୍ଥିକ—ଅନ୍ୟରୂପ) ଗ୍ରନ୍ଥିଯୁକ୍ତ ଥିବାରୁ ଏହାର ଏପରି ନାମକରଣ ହୋଇଅଛି]

ସର୍ବଗ୍ରହଣ—ସଂ. ବ—୧ । ସବୁ ପଦାର୍ଥକୁ ନେବା—1. Acceptance of all things. ୨ । ସର୍ବଗ୍ରାସ ୨ (ଦେଖ)—2. Sarba grāsa 2 (See).

Sarbagrahaṇa

ସର୍ବଗ୍ରହାପହା—ସଂ. ବ—ନାଗଦମନା (ବୁ, ଶ)—

Sarbagrahāpahā Indian wormwood.

ସର୍ବଗ୍ରାସ—ସଂ. ବ—୧ । ସମସ୍ତଙ୍କୁ ପଦାର୍ଥକୁ ଖାଇବା—1. Eating up of all things. ୨ । ଚନ୍ଦ୍ରଗ୍ରହଣ ବା ସୂର୍ଯ୍ୟ ପର୍ବଗ ସମୟରେ ଚନ୍ଦ୍ରର ବା ସୂର୍ଯ୍ୟଙ୍କ ସମ୍ପୂର୍ଣ୍ଣ ଅଂଶ ଅଦୃଶ୍ୟ ହେବା ଅବସ୍ଥା—2. Total eclipse.

Sarbagrāsa

ସର୍ବଗ୍ରାସୀ—ସଂ. ବ୍ରଣ. ପୁଂ—୧ । ଯେ ସମସ୍ତ ବସ୍ତୁକୁ ଗ୍ରାସ କରେ—1. All-eating; devouring every thing. ୨ । ଯେ ସବୁ ପଦାର୍ଥକୁ ଆତ୍ମସାତ୍ କରେ—2. Appropriating every thing to oneself. [ଦ୍ର—ଏ ଉତ୍କଳାଗରେ ସର୍ବଗ୍ରାସୀ କାଳବାଢ୍ୟା କହେ ଅବରତ—ରଘୁନାଥ. ଗାଙ୍ଗତା ।]

Sarbagrāsī (ସର୍ବଗ୍ରାସିଣୀ—ସ୍ତ୍ରୀ)

ସର୍ବଘୋଟ—ହେ. ବ୍ରଣ—ସର୍ବାଘୋଟ (ଦେଖ)

Sarba ghoṭa Sarbāghoṭa (See.)

Digitized by srujanika@gmail.com

ସର୍ବଘୋଟ ଦିବାକର—ବି. ବ—ଅତ୍ୟନ୍ତ ଗୋଲମାଲ—
Sarbaghoṭa dibākara Utter confusion.
ସର୍ବଘୋଟ ଦିବାକର ବଣ—ଯେ ଜାତିଭେଦ ଇତ୍ୟାଦି ମାନେ ନାହିଁ
सर्वघोट दिवाकर ଓ ସବୁ ଖାଦ୍ୟ ଖାଏ—(a person) Who does not observe the Hindu caste system and food restrictions.

ସର୍ବଙ୍କଷ—ସଂ·ବଣ (ସର୍ବଂ=ସମସ୍ତଙ୍କୁ+କଷ ଧାତୁ=ଗମନ କରିବା+
Sarbaṁkasha କ୍ତୁ·ଅ; ଅଲୁକ୍‌ସମାସ)—୧ । ସର୍ବାତିକ୍ରମକ—
(ସର୍ବଂକଷ—ଅନ୍ୟରୂପ) 1. Passing over everything.
୨ । ସର୍ବଶ୍ରେଷ୍ଠ—2. Chief; pre-eminent. ୩ । ପାପୀ—3. Sinful. ସଂ. ବ—ପାପ—Sin.

ସର୍ବଚର୍ମୀ(ର୍ମ୍ମୀ)ଣ—ସଂ· ବଣ (ସର୍ବ+ଚର୍ମ+ଇନ)—୧ । ସବୁଚ
Sarbaćharmī(rmmī)ṇa ଚର୍ମନିର୍ମିତ (ସିଦ୍ଧାନ୍ତ କୌମୁଦୀ)
—1. Made of all hides. ୨ । ଯେଉଁ ବସ୍ତୁର ସମୁଦାୟ ଅଂଶ ଚର୍ମ ନିର୍ମିତ—2. Of which every part is made of hide.

ସର୍ବଜନ—ସଂ. ବ (କର୍ମଧା)—ସମସ୍ତ ବ୍ୟକ୍ତିମାନେ—
Sarbajana All men.

ସର୍ବଜନ ପ୍ରିୟ—ସଂ. ବଣ. ପୁଂ (କର୍ମଧା ଓ ଷଷ୍ଠୀ ତତ୍)—ସବୁ
Sarbajana priya ଲୋକଙ୍କର ପ୍ରିୟ—Universally
[ସର୍ବଜନ ପ୍ରିୟା—ସ୍ତ୍ରୀ] loved; dear to all; popular.
[ସର୍ବଜନ ପ୍ରିୟତା—ବ]

ସର୍ବଜନ ବୋଧ୍ୟ—ସଂ ବଣ (କର୍ମଧା ଓ ଷଷ୍ଠୀ ତତ୍)—ସାଧାରଣ ସମସ୍ତେ
Sarbajana bodhya ବୁଝିପାରନ୍ତି—Understood by all; comprehensible by all.

ସର୍ବଜନ ସ୍ୱୀକୃତ—ସଂ. ବଣ (କର୍ମଧା ଓ ଷଷ୍ଠୀ ତତ୍)—ସମସ୍ତଙ୍କ
Sarbajana swīkṛuta ଦ୍ୱାରା ସ୍ୱୀକୃତ—Admitted by all.

ସର୍ବଜନାନୁମତ—ସଂ. ବଣ (କର୍ମଧା ଓ ଷଷ୍ଠୀ ତତ୍)—ସମସ୍ତଙ୍କ ଦ୍ୱାରା
Sarba janānumata ଅନୁମୋଦିତ—Approved
(ସର୍ବଜନାନୁମୋଦିତ—ଅନ୍ୟରୂପ) by all; universally approved.

ସର୍ବଜନୀନ—ବି ବଣ (ସିଦ୍ଧାନ୍ତକୌମୁଦୀ) (ସର୍ବଜନ+ଇନ)—୧ ।
Sarbajanīna ସର୍ବଜନସମ୍ବନ୍ଧୀୟ—1. Relating to all
(ସାର୍ବଜନୀନ, ସାର୍ବଜନିକ—ଅନ୍ୟରୂପ) men; universal.
୨ । ସର୍ବଲୋକହିତକର—2. Beneficial to all.
୩ । ସର୍ବଜ ପ୍ରସିଦ୍ଧ—3. Universally celebrated; universally known.

ସର୍ବଜୟା—ସଂ ବ—୧ । ଘନଘୁଗୁଡ଼ୋଳି ସ୍ୱୀକୃତିକ୍ରମ ଦ୍ୱାଦଶମାସ-
Sarbajayā କୃଷ୍ଣାଦ୍ୟ ବ୍ରତବିଶେଷ—1. A religious vow practised by females for a year.
[ଦ୍ର—ଏ ବ୍ରତରୁ ମାର୍ଗଶିର ମାସ ବଦ୍ଧୁପଦା ସଂକ୍ରାନ୍ତିଠାରୁ ଆରମ୍ଭକରି ୧ ବର୍ଷ ପର୍ଯ୍ୟନ୍ତ ପାଳିବାକୁ ହୁଏ । ଏହି ବ୍ରତ କଲେ ସ୍ତ୍ରୀମାନଙ୍କର ମନୋରଥ, ସୌଭାଗ୍ୟ, ଧନ, ସୌନ୍ଦର୍ଯ୍ୟ, ପିତୃ ଭ୍ରେକଙ୍କ ଉଦ୍ଧାର ଓ ଦେହାନ୍ତେ ବିଷ୍ଣୁଲୋକ ପ୍ରାପ୍ତି ହୁଏ । ଏହି ବ୍ରତରେ ପ୍ରଥମେ ନବ ଘଡ଼ ପୂଜା କରି ହରଗୌରୀଙ୍କୁ ପୂଜା କରିବାକୁ ହୁଏ । ଏହି ବ୍ରତାନୁଷ୍ଠାନୀ ମାର୍ଗଶିରରେ ଶାକ, ପୌଷରେ ଲବଣ, ମାଘରେ ତୈଳ, ଫାଲ୍ଗୁନରେ ଘୃତ, ଚୈତ୍ରରେ ଦୁଗ୍ଧ, ବୈଶାଖରେ ଉତ୍ତ, ଜ୍ୟୈଷ୍ଠରେ ଧାନ୍ୟଜଳ, ଆଷାଢ଼ରେ ଦଧି, ଶ୍ରାବଣରେ କୃଷ୍ଣ, ଭାଦ୍ରରେ ବ୍ୟଞ୍ଜନ, ଅଶ୍ୱିନରେ ଘୃତ, କାର୍ତ୍ତିକରେ ଶସ୍ୟ ତ୍ୟାଗକରିବେ ଏବଂ ବତ ପୂର୍ତ୍ତି ହେଲେ ବ୍ରାହ୍ମଣଙ୍କୁ ଭୋଜନ ଓ ଦକ୍ଷିଣା ଦେବେ ।] ୨ । ଦ୍ରବ୍ୟାଦି ବର୍ଗର ପୁଷ୍ପ ଗୁଚ୍ଛବିଶେଷ; ରଙ୍ଗଫଳର ଗଛ—2. The Indian shot plant; Canna Indica. (ଦ୍ର—ଏହା ଗଛର ମୂଳରେ ଥିବା କନ୍ଦ ପିଆଜ ପରି ଓ ସେଥିରୁ ଅନେକ ସରୁ। ବାହାରି ସେ ସ୍ଥାନ ଗୁଲୁମ୍ବ ହୋଇଥାଏ । ଫୁଲର ଶୋଭା ଥାଇଁ ଏ ଗଛକୁ ଲୋକେ ବଗିଚାରେ ଲଗାନ୍ତି । ଏଥିର ଫୁଲ ତୋଟା ଓ ଫଳ, ଡଳବିଶ, ନାଲ ଓ ଛପିଛପିଆ ଆଦି ଅନେକ ବର୍ଣ୍ଣର ହୁଏ । ଏଥିର ଫଳ କାଙ୍କଡ଼ ପରି ଓ ମଞ୍ଜି କଳାକଳା, କଣିଆଙ୍କ ରତ୍ତ ପରି ।]

ସର୍ବଜୟା ବ୍ରତ—ଫ. ବ—ସର୍ବଜୟା ୧ (ଦେଖ)
Sarbajayā brata Sarbajayā 1. (See)

ସର୍ବ ଜାଣ—ଦେ. ବଣ (ସ. ସର୍ବଜ୍ଞ)—ସର୍ବଜ୍ଞ (ଦେଖ)—
Sarbajāṇa Sarbajña (See) [ଉ—ଜ୍ଞ ଦେଇ
सर्वज्ञान ମୁହିଁ, ସର୍ବଜ୍ଞାଣ ଭୁଜ, ଦେଉଛ ଭଡେ ଆହାର । କବି
सरवज्ञ କବ କାହିଁ, ଅଧ ବାଟରେ ଥାଇଁ, ଅସୁରନ୍ତ ଅମ ଘର—
ଗୀତାମ୍ବର ଦେଖ. ଜ୍ଞାନ କବତା; ସ୍ମରଣାର ଶିବା ।]
ଦେ· ବ—ସର୍ବଜ୍ଞ (ଦେଖ)—Sarbajña (See).

ସର୍ବ ଜାଣତ(ତା, ନ୍ତ, ନ୍ତୀ)—ଦେ. ବଣ (ସ. ସର୍ବଜ୍ଞ)—ସର୍ବଜ୍ଞ
Sarba jāṇata(tā, nta, ntā) (ଦେଖ)—Sarbajña
ସର୍ବ ଜାନତା **सरवज्ञ** (See)

ସର୍ବ ଜାୟା—ଦେ. ବ (ବୈଦ୍ୟକ)—ସର୍ବଜୟା ୨ (ଦେଖ)—
Sarba jāyā Sarbajayā 2. (See) [ଦ୍ର—ଏହା ଗଛର
सर्वजया ମୂଳ ବାହି ଲେପନ କଲେ ବହୁ ଜାମୁଡ଼ା ବିଷ ନଷ୍ଟ ହୁଏ—
वजंती ଦ୍ରବ୍ୟଗୁଣ. କଲ୍ୟଦ୍ରୁମ ।]

ସର୍ବଜିତ୍—ସ. ବଣ (ସର୍ବ+ଜ ଧାତୁ=ଜୟ କରିବା+କ୍ତୁ. କ୍ୱିପ୍)—
Sarbajit ଯେ ସମସ୍ତଙ୍କ ଜୟ କରେ—Victorious over
[ସର୍ବଜିତ—ଦେ· ରୂପ] all. [ଉ—ଯେଉଁ ଯାଗ ପ୍ରାନ୍ତରେ ଦେଲେ ଅରିଷ୍ଟନାଶ । ସର୍ବଜିତ ବୋଲାଏ ଯାଗ କଲ୍ଲେ ଲୋକ—କୃଷ୍ଣସିଂହ· ମହାଭାରତ. ସଭା ।] ସଂ. ବ—୧ । କାଳଚକ୍ରର ଏକବିଂଶ ବର୍ଷ—1. The 21st year of the cycle of time. ୨ । ମୃତ୍ୟୁ; କାଳ (ହି. ଶ)—2. Death. ୩ । ଯଜ୍ଞବିଶେଷ (ହି. ଶ)—3. Name of a vedic sacrifice.

ସର୍ବଜ୍ଞ—ସଂ· ବଣ· ପୁଂ (ସର୍ବ+ଜ୍ଞ ଧାତୁ+କ୍ତୁ· ଅ)—ସକଳଜ୍ଞତା;
Sarbajña ଯେ ସମସ୍ତ ବିଷୟ ଜାଣେ—All-knowing;
[ସର୍ବଜ୍ଞ—ସ୍ତ୍ରୀ] omniscient. ସଂ. ବ—୧ । ଶିବ [ଅମର]
ସର୍ବଜ୍ଞତା } ବ —1. Siba. ୨ । ବୁଦ୍ଧ [ଅମର]—2. The
ସର୍ବଜ୍ଞତ୍ୱ } Buddha. ୩ । ବ୍ରହ୍ମା—3. Brahma.

Digitized by srujanika@gmail.com

୪ । ଈଶ୍ୱରେଶ୍ୱର—4. God. ଦେ. ବ—ଯେଉଁ ବ୍ୟକ୍ତି ଚତୁର୍ବେଦ ବେଦାଙ୍ଗ ସାଧନଦ୍ୱାରା ଗୁପ୍ତ ବିଷୟର ବା ଦ୍ରବ୍ୟର ଉତ୍ତର ଦେଇପାରନ୍ତି—A person who can divine into true facts regarding secret, stolen or lost things.

ସର୍ବଜ୍ଞତା(ତ୍ୱ)—ସଂ. ବ (ସର୍ବଜ୍ଞ + ତ୍ୱାର୍ଥେ. ତା; ତ୍ୱ) —ସର୍ବଜ୍ଞର ଭାବ ବା ଧର୍ମ—Omniscience.

Sarbajñatā(twa)

ସର୍ବଜ୍ଞା—ସଂ. ବଣ. ସ୍ତ୍ରୀ (ସର୍ବଜ୍ଞ + ଅ) —ସର୍ବଜ୍ଞର ସ୍ତ୍ରୀଲିଙ୍ଗ—Feminine of Sarbajña. ଦେ. ବ. ସ୍ତ୍ରୀ—ଦୁର୍ଗା—Goddess Durgā.

Sarbajñā

ସର୍ବଜ୍ଞତା(ତା)—ସଂ. ବଣ. ସ୍ତ୍ରୀ (ସର୍ବଜ୍ଞ + ଷ୍ଟ ଧାତୁ + ତଲ୍ଟି. ତ୍ତ; ୧ମା ୧ବ; ସର୍ବଜ୍ଞଜନ + ଅନ୍ତ ଅର୍ଥରେ ଇନ୍; ୧ମା. ୧ବ) —ସର୍ବଜ୍ଞ (ଦେଖ)—Sarbajña (See)

Sarbajñatā(tā)

ସର୍ବଜ୍ଞୀ
ସର୍ବଜ୍ଞନୀ
} ସ୍ତ୍ରୀ

ସର୍ବଜ୍ୟା(ଜ୍ଞା)ନି—ସଂ, ବ—ସର୍ବନାଶ; ସବୁ ବସ୍ତୁର ନାଶ (ହ. ଶ)—Loss of all things.

Sarbajyā(hā)ni

ସର୍ବତ୍—ବୈଦେ. ବ (ଫା)—ଚଣା; ମିଠା ମିଶ୍ରିତ ସାଗୁପାଣି—Sweetened drink; syrup.

Sarbat

ସର୍ବତଃ—ସଂ. ଅ (ସର୍ବ + ୬ମୀ ଓ ୫ମୀ ବିଭକ୍ତି ସ୍ଥାନରେ ତସ୍) —ସବୁ ଦିଗରୁଅଡ଼େ; ସବୁଥରେ; ସମସ୍ତାତ୍—1. On all sides. ୨ । ସବୁଅଡ଼ୁ—2. From all sides. ୩ । ସବୁପ୍ରକାରେ—3. In all ways. ୪ । ସବୁ ବିଷୟରେ—4. In all matters. ୫ । ସମ୍ପୂର୍ଣ୍ଣ ରୂପେ—5. Wholly; totally; completely; fully.

Sarbatah

ସର୍ବତଃ ଶୁଭ୍ରା—ସଂ. ବ. ସ୍ତ୍ରୀ (ବୈଦ୍ୟକ) —ପ୍ରିୟଙ୍ଗୁ ବୃକ୍ଷ (ଦେଖ)—Priyangu bṛuksha (See)

Sarbatah śubhrā

ସର୍ବତନ୍ତ୍ର—ସଂ. ବଣ (କର୍ତ୍ତୃ.ବୁ)—୧ । (ସ୍ତ୍ରୀ) ସକଳ ତନ୍ତ୍ରାଧ୍ୟେତା—Sarba tantra 1. Versed or learned on all systems. ୨ । ଯେଉଁ ବିଷୟ ସ୍ୱୟଂ ପ୍ରସିଦ୍ଧ, ଅର୍ଥାତ୍ ଯାହା ପାଇଁ ଅନ୍ୟ ପ୍ରମାଣ ଅବଶ୍ୟକ ହୁଏ ନାହିଁ—2. Self-evident. ୩ । ସର୍ବ ଶାସ୍ତ୍ର ସମ୍ମତ (ହ. ଶ)—3. Approved by all religious books. ସଂ. ବ—୧ । (ସ୍ତ୍ରୀ ଉତ୍ତ) ସାଧାରଣ ତନ୍ତ୍ର ଶାସନ—1. Republic; democracy. ୨ । (ବହୁବ୍ରୀ) ସବୁଟୋର ତନ୍ତ୍ର ଶାସ୍ତ୍ର—2. All Tantra-treatises.

Sarba tantra

ସର୍ବ ତାପକ(ନ)—ସଂ.ବଣ (ସର୍ବ + ତପ୍ ଧାତୁ + ତଲ୍ଟି.ଅକ,+ଅନ)—୧ । ଯେ ସମସ୍ତଙ୍କୁ ତାପିତ କରେ—1. Heating all. ୨ । ଯେ ସମସ୍ତଙ୍କୁ ଦୁଃଖ ଦିଏ—2. Oppressing or affecting all. ସଂ. ବ—୧ । କାମଦେବ—1. Cupid. ୨ । ସୂର୍ଯ୍ୟ (ହ. ଶ)—2. The sun.

Sarba tāpaka(na)

ସର୍ବତ—ବୈଦେ. ବଣ (ଫା) —ଚଣା ପରି ମିଠା—Sweet as Sarbati syrup. [ଉ—ସର୍ବତ ଜମଲା; ସର୍ବତ ଲେମ୍ବୁ ।]

ସର୍ବତି

ସର୍ବତକେ ଜୈସା

ସର୍ବ ତିକ୍ତା—ସଂ. ବ—୧ । କାଳମାଚୀ; ଜୁଣଜୁଣିଆ ଶାକ ଗୁଳ୍ମ (ସ୍ୱଳ୍ପ-ଜୀବୀ ଜାତି ବର୍ଗୀୟ)—1. Nightshade; Solanum Nigrum. ୨ । ଭଣ୍ଟାଗଛ (ହ. ଶ)); ବାଇଗଣ—2. Brinjal; Solanum Melongana.

Sarba tiktā

ସର୍ବତେ—ଦେ. ଅ (ସଂ. ସର୍ବତଃ) —୧ । ସବୁ ପ୍ରକାରେ—1. In Sarbate all ways. ୨ । ସବୁଠାରେ; ସମସ୍ତଙ୍କ ବିଷୟରେ—ସବ ରକମେ, ସବାତେ 2. In all matters. [ଉ—ହିନ୍ଦୀ ସବତରହସେ, ସବମୈଁ ଭଲ ଚଉର ସଂଜତେ ଗରୁ ଖର । କାହାର ଠାବରେ ସବୁ ନୋହେ ଅବେଖର—ପ୍ରାଚୀ. ରତ୍ନସ୍ୱପ୍ନଷ୍ଟା ।]

Sarbate

ସର୍ବତୋବୃତ୍ତ—ସଂ.ବଣ (ସର୍ବତଃ+ବୃତ୍ତ)—ସର୍ବତଃ ବ୍ୟାପକ (ହ.ଶ)—All-pervading.

Sarbatobṛutta

ସର୍ବତୋଭଦ୍ର—ସଂ. ବଣ (ସର୍ବତଃ = ସବୁଆଡ଼େ + ଭଦ୍ର = ମଙ୍ଗଳ ବା ଶୋଭାଯୁକ୍ତ)—୧ । ସର୍ବତଃ ମଙ୍ଗଳଦାୟକ—1. Auspicious in all ways. ୨ । (ପୁଂ) ଯାହାର ମୁଣ୍ଡ, ମୁଛ, ଦାଢ଼ି, ସବୁ ଦେଶ ମୁଣ୍ଡିତ ଦୋଇଅଛି (ହ. ଶ)—2. Wholly shaven. ସଂ. ବ—୧ । ଦେବାଳୟବିଶେଷ (ଅମର)—1. A sort of temple having four varandas and four doors. [ଦ୍ର—ଏ ପ୍ରକାର ଦେବାଳୟର ଚାରିଅଡ଼େ ଚିଣ୍ଟା ଓ ଚାରିଅଡ଼େ ଦ୍ୱାର ଥାଏ ।] ୨ । ରାଜାଙ୍କ ବ୍ୟବହାରାର୍ଥ କର୍ତ୍ତିତ ଗୃହ ବିଶେଷ—2. A kind royal room. ୩ । ବିଷ୍ଣୁରଥ (ଶବ୍ଦରତ୍ନାବଳୀ)—3. Name of the car of Bishṇu. ୪ । ବ୍ୟୂହ ବିଶେଷ (ଅମରଟୀକା)-4. A kind of battle-array. ୫ । ସର୍ବତୋଭଦ୍ର ମଣ୍ଡଳ (ଦେଖ)—5. Sarbatobhadra maṇḍala. (See) ୬ । ନିମ୍ବ ବୃକ୍ଷ (ଅମର)—6. The Neem tree. ୭ । ବାଉଁଶ (ଶବ୍ଦଚନ୍ଦ୍ରିକା)—7. Bamboo. ୮ । ଯାତ୍ରା, ଦାନ, ବିବାହାଦି ସବଳରେ ଶୁଭାଶୁଭ ଜ୍ଞାପକ ଜ୍ୟୋତିଷୋକ୍ତ ଗ୍ରହ ଚକ୍ର ବିଶେଷ (ଜ୍ୟୋତିଷତତ୍ତ୍ୱ)—8. An astronomical circle. [ଦ୍ର—ଏହା ଚତୁରସ୍ର ଓ ଏଥିରେ ୮୧ (୯ × ୯) ଟି ବର୍ଗକୋଷଯୁକ୍ତ ପ୍ରକୋଷ୍ଠ ଥାଏ ।] ୯। ବିବିଧ ଅକ୍ଷର ବନ୍ୟାସଯୁକ୍ତ ଚିତ୍ରାତ୍ମକ ବିଶେଷ—9. A sort of picture sque composition of Ślokas. [ଯଥା—ମାଘ କବିଙ୍କ କାବ୍ୟର ୧୯ଶ ସର୍ଗରେ ଶ୍ଲୋକ—

ସକାର ନାନାରବାସ
କାଯୁଷାଦ ବଶାସ୍ତ୍ରିତା
ରଷାଢ଼ବା ବାଢ଼ସାର
ନାଦ ବଦ ବବାଦଜା ।

Digitized by srujanika@gmail.com

ସ	କା	ର	ନା	ନା	ର	କା	ସ
କା	ୟୁ	ସା	ଦ	ଦ	ସା	ୟୁ	କା
ର	ସା	ଦ୍ଧ	ବା	ବା	ଦ୍ଧ	ସା	ର
ନା	ଦ	ବା	ଦ	ଦ	ବା	ଦ	ନା

ଏହି ଶ୍ଲୋକରୁ ଆଦ୍ୟରୁ ଶେଷକୁ ଓ ଶେଷରୁ ଆଦ୍ୟକୁ, ପୁଣି ବାମ ମୁଣ୍ଡରେ ଉପରୁ ତଳକୁ ଓ ଦକ୍ଷିଣ ମୁଣ୍ଡରେ ତଳୁ ଉପରକୁ ପଢ଼ିଗଲେ ଏକାରକମ ପଢ଼ାଯାଏ ।

ଓଡ଼ିଆ ଭାବ୍ୟମାନଙ୍କରେ ମଧ୍ୟ ଏପରି ଦୃଷ୍ଟାନ୍ତ ବରଳ ନୁହେଁ । ଯଥା—

ବ	ର	ଦ୍ୱେ	ବ	ବ	ଦ୍ୱେ	ର	ବ
ର	ସ	ବ	ଦ୍ୱେ	ଦ୍ୱେ	ବ	ସ	ର
ଦ୍ୱେ	ବ	ର	ସ	ସ	ର	ବ	ଦ୍ୱେ
ବ	ଦ୍ୱେ	ସ	ଦା	ଦା	ସ	ଦ୍ୱେ	ବ

ଶୋଲ୍ଲେକ. ଇଦ ଟ୍ରେଖା ।] ୧୦ । ଏକ ପ୍ରକାର ପ୍ରହେଳିକା (ହି. ଶ)—10. A class of conondrum. [ଦ୍ର—ଏଥିରେ ଶବ୍ଦ ମଧ୍ୟସ୍ଥ ଶ୍ଲୋକରମାନଙ୍କର ମଧ୍ୟ ଅଲଗା ଅଲଗା ଅର୍ଥ ସୂଚିତ କରିଥାଏ—ହି. ଶ] ୧୧ । ଗନ୍ଧଦ୍ରବ୍ୟ ବିଶେଷ (ହି·ଶ)—11. Name of a kind of scent. ୧୨ । ଯେଉଁ ଗୃହର ଚାରିପାଖେ ପରକ୍ରମା କରିବାକୁ ସ୍ଥାନ ଥାଏ (ହି. ଶ)—12. A house which has a broad path on all sides. ୧୩ । ଦୃଢ଼ଯୋଗରେ ଆସନ ଓ ମୁଦ୍ରା ବିଶେଷ (ହି. ଶ)—13. Name of a posture of sitting and pose of the fingers during Haṭha Yoga exercise.

ସର୍ବତୋଭଦ୍ରକଚ୍ଛେଦ—ପୁ. ବ (ସର୍ବତ୍ରାଚ୍ଛେଦଃ=ଚ୍ଛେ)—ଚତୁଦ୍ଦିଗର ସ୍ୱେଗର ଚତୁଷ୍କୋଣ ଛପ୍ପଡ଼ (ପ୍ରଣାଳୀ)—A square cut made for theoperation of fistula.

ସର୍ବତୋଭଦ୍ର ମଣ୍ଡଳ—ପୁ. ବ—ଶାରଦୀୟା ଦୁର୍ଗାପୂଜା, ବ୍ରତ, ବୃତ୍ତୋ- ପବିଷ୍ଟ। ଉପଲକ୍ଷରେ ପଞ୍ଚବର୍ଣ୍ଣ। ମୁରୁଜ ଦ୍ୱାରା ଭୂପୃଷ୍ଠରେ ଅଙ୍କିତ ଚମ୍ପା ବସ୍ତ୍ରରେ ରଞ୍ଜିତ ସଦ୍ଦୃଶ୍ୟ ଚତୁଷ୍କୋଣମଣ୍ଡଳ ବିଶେଷ—A square figure drawn on the ground with 5 coloured powders or painted on a piece of cloth on the 8th day of the bright lunar fortnight of Āswina for the worship of Durgā or for some other religious rites. [ଦ୍ର—ଏଦ୍ଧା ଚତୁରସ୍ର, ଚତୁଃକୋଷ୍ଠ ଓ କୋଣସ୍ଥଚତୁଷ୍କଯୁକ୍ତ ଅଙ୍କ ।]

ସର୍ବତୋଭଦ୍ରା—ସ୍ତ୍ରୀ. ବ—୧ । ଗମ୍ଭାର ଗଛ [ମେଦଙ୍ଗା] (ଦେଶ)—Sarbatobhadrā 1. A timber tree; Gambhari tree; Gmelina Arborica ୨ । ନଟଯୋଷିତ୍ [ମେଦଙ୍ଗା]; ନର୍ତ୍ତୀ—2. A dancing girl; an actress.

ସର୍ବତୋଭାବରେ—ଦେ. କ୍ରି. ବ·—୧ । ସବୁପ୍ରକାରେ—1. In all ways. ୨ । ସମ୍ପୂର୍ଣ୍ଣରୂପେ—2. Fully. [ସର୍ବତୋଭାବେ—ଅନ୍ୟରୂପ] ସର୍ବତୋଭାବେ **सर्वतोभावेसे**

ସର୍ବତୋମୁଖ—ଙ ବ·. ପୁଂ [ସର୍ବତଃ=ସବୁଆଡ଼େ+ମୁଖ ଯାହାର ବହୁବ୍ରୀ.]—୧ । ସର୍ବଦିଗଭିମୁଖୀ; [ସର୍ବତୋମୁଖୀ—ସ୍ତ୍ରୀ] ସବୁଆଡ଼କୁ ମୁହଁ କରିଥିବା—1. Facing all sides. ୨ । ସର୍ବଦିଗବର୍ତ୍ତୀ—2. Situate in all directions. ୩ । ସର୍ବତ୍ର ସ୍ଥିତ—3. Omnipresent. ୪ । ସର୍ବତ୍ର ବ୍ୟାପକ—4. All-pervading ସ୍ତ୍ରୀ. ବ—୧ । ଆକାଶ [ମେଦଙ୍ଗା]—1. The sky. ୨ । ସ୍ୱର୍ଗ (ଶବ୍ଦମାଳା)—2. Heaven. ୩ । ଜଳ [ଅମର]—3. Water. ୪ । ଶିବ (ମେଦଙ୍ଗା)—4. God Siba. ୫ । [ଚତୁର୍ମୁଖ] ବ୍ରହ୍ମା [ମେଦଙ୍ଗା]—5. The Creator Brahmā. ୬ । ଆତ୍ମା (ମେଦଙ୍ଗା)—6. Soul. ୭ । ଅଗ୍ନି—7. Fire. ୮ । ବ୍ରାହ୍ମଣ (ଶବ୍ଦରତ୍ନାବଳୀ)—8. A Brāhmaṇa. ୯ । ବ୍ୟୁହରଚନା ବିଶେଷ (ହି. ଶ.)—9. A kind of battle-array. [ଦ୍ର—ଏଥିରେ ସୈନ୍ୟଅଣ୍ଡକୁ ବ୍ୟୁହସ୍ଥ ସୈନ୍ୟମାନେ ମୁହଁ କରି- ଥାଆନ୍ତି ।

ସର୍ବତୋମୁଖୀ ପ୍ରତିଭା—ସ୍ତ୍ରୀ. ବ (ଅଧୁନିକ)—ଯେଉଁ ପ୍ରତିଭା ସବୁ ଦଗରେ ଚାଖି ଚଳେ—All-comprehensive or all-round genius or talents.

ସର୍ବତ୍ୟାଗ—ପୁ. ବ (ସର୍ବସ୍ୱ ତ୍ୟଜ୍)—ସବୁ ବସ୍ତୁର ବର୍ଜନ—Sarba tyāga Renunciation of all things.

Digitized by srujanika@gmail.com

ସର୍ବତ୍ୟାଗୀ—ସଂ. ବ୍ରି. ପୁଂ (ସର୍ବ+ତ୍ୟାଗ+ଇନ୍, ୧ମା ୧ବ)—Sarba tyāgī ସେଇଁ ବ୍ୟକ୍ତି ଯାବତ୍ପଦାର୍ଥର ବିଷୟଭୋଗ ବର୍ଜ୍ଜନ କରିଥାଏ—Renouncing the enjoyment of all worldly affairs. (ସର୍ବତ୍ୟାଗିନୀ—ସ୍ତ୍ରୀ)

ସର୍ବତ୍ର—ସଂ. ଅ (ସର୍ବ+୭ମୀ ବିଭକ୍ତିରେ ତ୍ର)—୧ । ସବୁଠାରେ; ସବୁ ସ୍ଥାନରେ; ସବୁ ସ୍ଥାନରେ—Sarbatra 1. Everywhere; at all places. ୨ । ସବୁ ଦେଶରେ—2. In all countries. ୩ । ସବୁ କାଳରେ—3. At all times. ୪ । ସବୁଆଡ଼େ—4. On all sides.

ସର୍ବତ୍ରଗ—ସଂ. ବିଣ ପୁଂ (ସର୍ବତ୍ର+ଗମ୍ ଧାତୁ+କର୍ତ୍ତରି ଅ)—Sarbatraga [ସର୍ବତ୍ରଗା—ସ୍ତ୍ରୀ] ୧ । ସର୍ବତ୍ରଗ; ଯେ ସବୁଠାକୁ ଯାଏ—1. Going everywhere. ୨ । ଯାହାର ସବୁଠାକୁ ଅବାଧ ଗତି—2. One who is admitted everywhere. ସଂ. ବ. ପୁଂ—୧ । ବାୟୁ—1. Wind; air. ୨ । ମନୁଙ୍କର ଏକ ପୁତ୍ର (ହରି. ଶ)—2. The name of a son of King Manu. ୩ । ଭୀମସେନଙ୍କର ଏକ ପୁତ୍ର (ହରି.ଶ)—3. One of the sons of King Bhsenamaī.

ସର୍ବତ୍ରଗାମୀ—ସଂ. ବିଣ. ପୁଂ (ସର୍ବତ୍ର+ଗମ୍ ଧାତୁ+କର୍ତ୍ତରି ଇନ୍; ୧ମା; ୧ବ)—Sarbatragāmī ୧ । ସର୍ବତ୍ରଗ (ଦେଖ)—1. Sarbatraga (See) ସଂ. ବ. ୧ । ବାୟୁ—1. The air. ୨ । ପରମାତ୍ମା—2. The Divine Essence. (ସର୍ବତ୍ରଗାମିନୀ—ସ୍ତ୍ରୀ)

ସର୍ବତ୍ରୈବ—ସଂ. ଅ (ସର୍ବତ୍ର+ଏବ)—ସବୁଠାରେହିଁ—Sarbatraiba Certainly everywhere.

ସର୍ବଥା—ସଂ. ଅ (ସର୍ବ+ପ୍ରକାରାର୍ଥେ ଥା)—୧ । ସବୁ ପ୍ରକାରେ—Sarbathā 1. In all ways. ୨ । ଅତ୍ୟନ୍ତ; ଅତ୍ୟନ୍ତ. 2. Much; very much. ୩ । (ପ୍ରତିଜ୍ଞାର୍ଥକ) ହଁ—3 (Denoting promise) Yes! I promise. ୪ । (ହେତ୍ୱାର୍ଥକ)—4. (Denoting cause) Yes! ୫ । (ସ୍ୱୀକାରାର୍ଥକ)—5. (Denoting admission) Yes! I admit. ୬ । (ନିଶ୍ଚୟାର୍ଥକ) ନିଶ୍ଚେ—6. (Denoting certainty) Certainly. [ଉ—କାଲି ପ୍ରାତଃକୁ ତୋର କଥା କଂସକୁ କହିବୁ ସର୍ବଥା । —ଭୂତଭ ତେମ୍ପଟ୍ଟାମ୍ବଡ଼ି]

ସର୍ବଦା—ସଂ. ବିଣ ଓ ବି. ପୁଂ (ସର୍ବ+ଦା ଧାତୁ+କର୍ତ୍ତରି ଅ)—Sarbadā ଦାନକାରୀ—Bestower of all things. (ସର୍ବଦାତା—ଅନ୍ୟରୂପ) (ସର୍ବଦା, ସର୍ବଦାତ୍ରୀ—ସ୍ତ୍ରୀ)

ସର୍ବଦମନ—ସଂ. ବିଣ ଓ ବ. ପୁଂ (ସର୍ବ+ଦମି ଧାତୁ=ଦମନ କରିବା +କର୍ତ୍ତରି. ଅନ]—Sarbadamana [ସର୍ବଦମନା—ସ୍ତ୍ରୀ] ୧ । ଯେ ସମସ୍ତଙ୍କୁ ଦମନ କରେ—1. Controlling or restraining all. ୨ । ସମସ୍ତଙ୍କର ଶାସକ—2. Ruler of all.

ସଂ. ବ. ପୁଂ—ରାଜା ଦୁଷ୍ମନ୍ତଙ୍କ ଔରସରେ ଶକୁନ୍ତଳାଙ୍କ ଗର୍ଭଜାତ ପୁତ୍ର ରାଜା ଭରତଙ୍କ ଶିଶୁକାଳୀନ ନାମ—The name given during his infancy to King Bharata, the son of Raja Dushmanta. [ଦ୍ର—ରାଜା ଦୁଷ୍ମନ୍ତ ସ୍ୱର୍ଗରୁ ଫେରି ଚକ୍ରତୀର୍ଥ ପବ୍ଦତରେ ତପସ୍ୟା ମୂଳକ ଅଶ୍ରମରେ ଅବସ୍ଥାନ ସମୟରେ ସେଠାରେ ଦୁଷ୍ମନ୍ତଙ୍କ ଦ୍ୱାରା ମୁନିଙ୍କୁ ପ୍ରତ୍ୟାଖ୍ୟାତା ଶକୁନ୍ତଳାଙ୍କ ଗର୍ଭରେ ଜନ୍ମ ଔରସ ଶିଶୁ କୁମାରକୁ ଦେଖିଲେ । ଉକ୍ତ କୁମାର ସେଠାରେ ସୋଽହଂ ସିଂହର ଉପସ୍ଥିତିରେ ତା ଶାବକକୁ ଧରି ତା ସାଙ୍କକୁ ମେଲ୍ଲ କରି ତା ଦାନ୍ତ ଗଣିବାକୁ ଚେଷ୍ଟା କରୁଥିଲା । ତତ୍ପରେ ଦୁଷ୍ମନ୍ତ ନିଜ ପୁତ୍ରକୁ ଚହ୍ନିଲେ ଓ ଶକୁନ୍ତଳାଙ୍କ ସଙ୍ଗେ ପୁନର୍ମିଳିତ ହେଲେ । ସେହି ମୁନି ଅଶ୍ରମରେ ଦୁଷ୍ମନ୍ତ-କୁମାର ସିଂହ ଆଦି ଦୁଷ୍ଟ ଜୀବଙ୍କୁ ଦମନ କରୁଥିବା ହେତୁ ମୁନିମାନେ କୁମାରଙ୍କୁ ସର୍ବଦମନ ନାମ ଦେଇଥିଲେ । ପରେ ଏହି କୁମାର ଭରତ ନାମରେ ଖ୍ୟାତ ହେଲେ ।]

ସର୍ବଦର୍ଶନ ସଂଗ୍ରହ—ସଂ. ବ—ମାଧବାଚାର୍ଯ୍ୟଙ୍କ ରଚିତ ସଂସ୍କୃତ ଗ୍ରନ୍ଥ-Sarba darśana saṁgraha ବିଶେଷ—The title of a Sanskrit work by Mādhabāchāĵya, which is a compendium of all the schools of Hindu philosophy. [ଦ୍ର—ଏଥିରେ ସବୁ ପ୍ରକାରର ଦର୍ଶନ ଶାସ୍ତ୍ର ଅଳ୍ପେରଚ ହୋଇଅଛି ।]

ସର୍ବଦର୍ଶୀ—ସଂ. ବିଣ. ପୁଂ (ସର୍ବ+ଦୃଶ୍ ଧାତୁ=ଦେଖିବା+କର୍ତ୍ତରି. Sarba darśī ଇନ୍; ୧ମା. ୧ବ)—୧ । ଯେ ସବୁ ବିଷୟ (ସର୍ବଦ୍ରଷ୍ଟା—ଅନ୍ୟରୂପ) ଦେଖି ଥାରେ; ସର୍ବଦ୍ରଷ୍ଟା—1. Omniscient; seeing everything; all-seeing. ୨ । ସର୍ବଜ୍ଞ—2. All-knowing. ସଂ. ବ. ପୁଂ—୧ । ଈଶ୍ୱର—1. God. ୨ । ବୁଦ୍ଧଦେବ (ଶବ୍ଦ ରତ୍ନାବଳୀ)—2. The Buddha. (ସର୍ବଦର୍ଶିନ୍ ସର୍ବଦ୍ରଷ୍ଟୃ—ସ୍ତ୍ରୀ)

ସର୍ବଦଳ ସମ୍ମି(ମ୍ମେ)ଳନୀ—ସଂ. ବ (ଅଧୁନିକ ବ୍ୟବହାର ଇଂରେଜରୁ Sarbadaļa sammi(mme)ļanī ଅନୁଦିତ)—ସର୍ବବିଧ ମତବାଦୀଙ୍କର ଏକତ୍ର ମିଳନ ବା ସଭା—All parties. conference.

ସର୍ବଦ୍ୱାରିକ—ସଂ. ବିଣ ଓ ବି. ପୁଂ (ସର୍ବଦ୍ୱାର+ଇକ)—ଦଳବଳସହ—Sarbadwārika Conquerer of kingdoms in all the points of the compass.

ସର୍ବଦା—ସଂ. ଅ (ସର୍ବ+କାଳାର୍ଥେ ୭ମୀ ବିଭକ୍ତିରେ ଦା)—୧ । ସବୁ Sarbadā ବେଳେ—1. Always. ୨ । ସବୁ କାଳରେ—2. At all times. (ସଂ. ବିଣ. ସ୍ତ୍ରୀ)—ସର୍ବଦର ସ୍ତ୍ରୀଲିଙ୍ଗ—Feminine of sarbada.

Digitized by srujanika@gmail.com

ସର୍ବ ଦୁଃଖ କର—ଫ. ବଣ—ସର୍ବ ଦୁଃଖ ପ୍ରଦ (ଦେଖ) Sarba duḥkha kara Sarba duḥkha prada (See) (ସର୍ବଦୁଃଖହର—ବପଗ୍ଭଚ).

ସର୍ବ ଦୁଃଖ କ୍ଷୟ—ଫ. ବ (୬ଷ୍ଠୀ ତତ୍) —ସମସ୍ତ ଦୁଃଖର ନାଶ— Sarba duḥkha kshaya The end or extinction of all sorrow or trouble.

ସର୍ବ ଦୁଃଖ ପ୍ରଦ—ଫ. ବଣ. ପୁଂ—ଯେ ସବୁ ଦୁଃଖ ଦଏ—Giving Sarba duḥkha prada all sorts of trouble; [ସର୍ବ ଦୁଃଖଦ—ଅନ୍ୟରୂପ] productive of much trouble. [ସର୍ବ ଦୁଃଖ ପ୍ରଦା, ସର୍ବ ଦୁଃଖଦା—ସ୍ତ୍ରୀ]

ସର୍ବ ଦେବ—ଫ. ବ—ସବୁ ଦେବତାମାନେ— Sarba deba All the Deities.

ସର୍ବ ଦେବ ନମସ୍କାର—ଫ. ବ—ସବୁ ଦେବତାଙ୍କୁ ପ୍ରଣାମ—Obei- Sarba deba namaskāra sance made to all the Deities.

ସର୍ବ ଦେବ ମୁଖ—ଫ. ବ (୬ଷ୍ଠୀ ତତ୍; ଅଗ୍ନିରେ ଅହୁତି ଦେଲେ ସବୁ Sarba deba mukha ଦେବତା ପାଆନ୍ତି)—ଅଗ୍ନି (ଜଠାଧର) —Fire.

ସର୍ବ ଦେଶମୟ—ଫ. ବଣ—ସକଳ ଦେଶ ସମ୍ବନ୍ଧୀୟ; ସକଳ ଦେଶୀୟ Sarba deśamaya —Relating to all countries. [ସର୍ବ ଦେଶୀୟ—ଅନ୍ୟରୂପ]

ସର୍ବ ଦ୍ରଷ୍ଟା—ସ. ବଣ. ଓ ବ. ପୁଂ (ସର୍ବ + ଦୃଶ୍ ଧାତୁ + କର୍ତ୍ତରି.ତୃ; ୧ମା. Sarba drashṭā ୧ବ)—ସର୍ବଦର୍ଶୀ (ଦେଖ) [ସର୍ବଦ୍ରଷ୍ଟ୍ରୀ—ସ୍ତ୍ରୀ] Sarbadarśī (See)

ସର୍ବ ଧର୍ମ—ଫ. ବ—ସବୁ ପ୍ରକାରର ଧର୍ମ— Sarba dharma All sorts of religion.

ସର୍ବ ଧର୍ମ ସମନ୍ୱୟ—ଫ. ବ (୬ଷ୍ଠୀ ତତ୍) —ବଭନ୍ନ ଧର୍ମମତମାନ Sarba dharm samanwaya ଆଲୋଚନା କର ତହିଁରେ ଲକ୍ଷିତ ମତଭେଦମାନ ଖଣ୍ଡନପୂର୍ବକ ସବୁ ଧର୍ମର ଏକମତତ୍ୱର ପ୍ରତିପାଦନ—Reconciliation of the apparent differences amongst all religions and establishment of their unity.

ସର୍ବ ଧାତୁକ—ଫ. ବ (ସର୍ବ ଧାତୁ + କ) —ତମ୍ବା (ଅ. ଶ)— Sarba dhātuka Copper.

ସର୍ବ ଧାରୀ(ରି)—ସଂ. ବ—କାଳଚକ୍ରର ଦ୍ୱାବିଂଶ ବର୍ଷ—The 22nd Sarba dhārī(rī) year of the cycle of time.

ସର୍ବ ଧୁରା ବହ—ସଂ. ବଣ—(ସର୍ବ + ଧୁର୍ = ଭର + ବହ୍ ଧାତୁ + Sarba dhurā baha କ୍ୱିପ୍. ଅ)—ଯେ ସବୁ ପ୍ରକାରର ଭର [ସର୍ବ ଧୁରୀଣ—ଅନ୍ୟରୂପ] ବହେ—Carrying all sorts of loads. ସଂ. ବ—ଯେଉଁ ପଶୁ (ଘୋଡ଼ା, ବଳଦ ଅଦ) ଗାଡ଼ି, ରଥ, ଲଙ୍ଗଳ ପ୍ରଭୃତି ଟାଣେ ଏବଂ ଯେ ସମସ୍ତ ଓ ବୋଝ ଅଦ ବୁହେ—Beasts wich are accustomed to every sort of load or daftr.

ସର୍ବନା(ନାଁ)—ପ୍ରାଦେ. (ସମ୍ବଲପୁର) ବ (ସଂ. ଶ୍ରକଣା; ଏହା ଶ୍ରାବଣ Sarbanā(nāṁ) ମାସରେ ବା ବର୍ଷାଋତୁରେ ଜନ୍ମେ) —ବର୍ଷା ଋତୁରେ ଧାନଖେତରେ ସନରୁ ଜନ୍ମିବା ଅନାମଲା ବା ବାରମିଶା ତଣ—A medley of weeds growing in the paddy fields during the rains. [ବ—ଖେତ ନଶାଏ ସବନା । ଗାଁ ନଶାଏ ବାଁସନା—ଉପ ।]

ସର୍ବନାଭ—ସ. ବ (ବହୁବ୍ରୀହି; ସର୍ବ + ନାଭ + ଅ) —ଏକପ୍ରକାର Sarbanābha ଅସ୍ତ୍ର (ହୁ. ଶ)—A kind of weapon of offence.

ସର୍ବ ନାମ—ସଂ. ବ (ସର୍ବ + ନାମନ୍; ୬ଷ୍ଠୀ ତତ୍) —୧ । ସମସ୍ତଙ୍କର Sarba nāma ନାମ—1. Name of all. ୨ । (ବହୁଶ୍ରୁତ) (ବ୍ୟାକରଣ) ଯେଉଁ ସବୁ ଶବ୍ଦ (ଅମ୍ମେ, ମୁଁ, ତୁମ୍ଭେ ତୁ, ଏ, ଏମ୍ପେ, ତାହା, ଯେ, ସର୍ବ, ସବୁ ଇତ୍ୟାଦି) ବିଶେଷ୍ୟ ପଦ ପରିବର୍ତ୍ତରେ ବ୍ୟବହୃତ ହୁଏ—2. (grammar) A pronoun. [ତୁ—ସଂସ୍କୃତ ବ୍ୟାକରଣରେ ସର୍ବନାମକୁ ସାଧାରଣତଃ ୫ ଶ୍ରେଣୀରେ ବିଭକ୍ତ କରିଯାଇଅଛି—୧ । ସର୍ବାଦି—ଯଥା; ସର୍ବ, ବିଶ୍ୱ, ଜନ୍ୟ, ଏକ, ଏକତର; ୨ । ଅନ୍ୟାଦି—ଯଥା; ଅନ୍ୟ, ଅନ୍ୟତର, ଇତର, କତର, କତମ, ଏକତମ, ୩ । ପୂର୍ବାଦି—ଯଥା; ପୂର୍ବ, ପର, ଅପର, ଅବର, ଅଧର, ଦକ୍ଷିଣ ଓ ସ୍ୱ; ୪ । ଯଦାଦି—ଯଥା;ଯତ୍, ତତ୍,ଏତତ୍, ତ୍ୟତ୍ ଓ ଜମ୍; ୫ । ଇଦମାଦି—ଯଥା; ଇଦମ୍, ଅଦସ୍, ଯୁଷ୍ମଦ୍, ଅସ୍ମଦ୍ । ଅସ୍ମା ଓ ଅସ୍ମୀୟ ଅର୍ଥରେ ସ୍ୱ ଶବ୍ଦ ସର୍ବନାମ ।

ସଂସ୍କୃତରେ ସର୍ବନାମ ଶବ୍ଦମାନଙ୍କର ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବଲିଙ୍ଗରେ ଯେଉ ଯେଉ ଅକାର ଅଛି; ତାହା ଓଡ଼ିଆରେ ନାହିଁ ।

ସଂସ୍କୃତରେ କଥା କହିବା ବ୍ୟକ୍ତି ନିଜ ପ୍ରତି ଯେଉଁ ସର୍ବନାମ ଶବ୍ଦର ବ୍ୟବହାର କରନ୍ତି ତାହାର ଉତ୍ତମ ପୁରୁଷ (ଯଥା—ମୁଁ, ଅମ୍ଭେ, ଆମ୍ଭେ);

ଯାହାଙ୍କୁ ସମ୍ବୋଧନ କରୁଥାଆନ୍ତି ତାଙ୍କ ପ୍ରତି ମଧ୍ୟମ ପୁରୁଷର ସର୍ବନାମ ପ୍ରଯୁକ୍ତ ହୁଏ (ଯଥା—ତୁ, ତୁମ୍ଭେ, ଆପଣ);

ଏହା ଭିନ୍ନ ଅନ୍ୟ ବ୍ୟକ୍ତି ବା ବସ୍ତୁଙ୍କ ପ୍ରତି ତୃତୀୟ ବା ପ୍ରଥମ ପୁରୁଷର ସର୍ବନାମ ପ୍ରଯୁକ୍ତ ହୁଏ ।

କଲ୍ପ ଭେଦେକ ଓଡ଼ିଆ ବ୍ୟାକରଣକାର ସଂସ୍କୃତର ଅନୁସରଣରେ ସଂସ୍କୃତର ଉତ୍ତମ ପୁରୁଷକୁ ପ୍ରଥମ ପୁରୁଷ, ମଧ୍ୟମ ପୁରୁଷକୁ ଦ୍ୱିତୀୟ ପୁରୁଷ ଓ ତୃତୀୟ ବା ପ୍ରଥମ ପୁରୁଷକୁ ତୃତୀୟ ପୁରୁଷ ବୋଲି ଉଲ୍ଲେଖ କରିଅଛନ୍ତି ।]

ସର୍ବ ନାଶ—ସଂ. ବ (୬ଷ୍ଠୀ ତତ୍) —୧ । ସବୁ ପଦାର୍ଥର ବା ବସ୍ତୁର Sarba nāśa ବା ବିଷୟର ଧ୍ୱଂସ—1. Destruction of all things. ୨ । ସମ୍ପୂର୍ଣ୍ଣ ବିନାଶ—2. Extinction or ruin; complete loss. ୩ । ପ୍ରଳୟ— 3. Universal Dissolution.

Digitized by srujanika@gmail.com

ସର୍ବ ନାଶିଆ—ବେ. ବିଣ. ପୁଂ (ଗାଳ)—ଯେ ସର୍ବନାଶ ଘଟାଏ—Sarba nāśiā Causing or bringing about ruin; सर्वनाशी, सर्व नेशे सर्व नाशी ruinous. [ସର୍ବନାଶୀ—ସ୍ତ୍ରୀ]

ସର୍ବ ନାଶିନୀ—ସଂ. ବିଣ. ସ୍ତ୍ରୀ (ସର୍ବନାଶିନ୍+ସ୍ତ୍ରୀ. ଈ)—ସର୍ବନାଶୀର ସ୍ତ୍ରୀଲିଙ୍ଗ—The feminine form of Sarbanāśī. [ସର୍ବ ନାଶୀ—ପୁଂ] ସଂ. ବି. ସ୍ତ୍ରୀ—ମହାକାଳୀ—The Goddess Mahākālī.

ସର୍ବ ନାଶୀ—ସଂ.ବିଣ. ପୁଂ (ସର୍ବନାଶ+ଇନ୍, ୧ମା. ୧ବ)—୧ । ସର୍ବ Sarba nāśī ଧ୍ୱଂସକାରୀ; ଯେ ସର୍ବନାଶ ଘଟାଏ—1. Causing total ruin. ୨ । ସର୍ବନାଶକାରୀ—(ସର୍ବନାଶିନୀ—ସ୍ତ୍ରୀ) 2. Destroying everything. ୩ । ପ୍ରଳୟଙ୍କର—3. Causing utter dissolution. ବେ. ବିଣ. ସ୍ତ୍ରୀ—ସର୍ବନାଶିଆର ସ୍ତ୍ରୀଲିଙ୍ଗ—Feminine of Sarba nāśiā.

ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ'—ସ. ପ୍ରବଚନ—ପଣ୍ଡିତ Sarbanāśe samutpanne arddhaṁ vā sakala tyajati paṇḍitaḥ ଯେଉଁଠାରେ କୌଣସି ବସ୍ତୁର ସର୍ବନାଶ ଘଟିବା ଅବଶ୍ୟମ୍ଭାବୀ ବୋଲି ଦେଖନ୍ତି, ସେଠାରେ ଉକ୍ତ ବସ୍ତୁର ଅଧେ ବା ଅଂଶ ତ୍ୟାଗ କରି ଅନ୍ୟ ଅଂଶକୁ ରକ୍ଷା କରନ୍ତି—A Sanskrit proverb meaning "A wise man is content to give up a part (literally, a half) where he finds that he is about to lose the whole".

ସର୍ବ ନିୟନ୍ତା—ସ. ବିଣ (ସର୍ବ+ନି+ଯମ୍. ଧାତୁ=ଯଯମ ଉତ୍ତରା+ତୃ. କୃତ୍ତି. ତୃ, ୧ମା. ୧ବ)—ସକଳ ବିଷୟର Sarba niyantā (ସର୍ବନିୟନ୍ତ୍ରୀ—ସ୍ତ୍ରୀ) ପରିଚାଳକ—Guiding or controlling everything.

ସର୍ବନ୍ଦମ—ସ. ବିଣ ଓ ବି. ପୁଂ (ସର୍ବଂ=ସମସ୍ତଙ୍କୁ+ଦମ୍. ଧାତୁ= Sarbandama ଦମନ କରିବା+କୃତ୍ତି. ଅ; ଅଲୁକ ସମାସ)—(ସର୍ବନ୍ଦମନ, ସର୍ବଂଦମ, ସର୍ବଂଦମନ—ଅନ୍ୟରୂପ) ସର୍ବ ଦମନ (ବେଦରେ)—Sarba damana. (See)

ସର୍ବ ପଥଜ୍ଞ—ସଂ. ବିଣ. ପୁଂ (ସର୍ବପଥ+ଜ୍ଞା. ଧାତୁ=ଜାଣିବା+କୃତ୍ତି. Sarba pathajña ଅ)—ଯେ ସବୁ ରାସ୍ତା ଜାଣେ—(ସର୍ବପଥଜ୍ଞା—ସ୍ତ୍ରୀ) Knowing all the roads.

ସର୍ବପଥୀନ—ସଂ.ବିଣ. ପୁଂ (ସର୍ବ+ପଥ+ଇନ)-୧। ସର୍ବପଥଗାମୀ—1. Sarbapathīna Going on all ways. ୨ । ସର୍ବପଥଜ୍ଞ—(ସର୍ବପଥୀନା—ସ୍ତ୍ରୀ) 2. Knowing all the ways. ୩ । ସର୍ବ ପଥବ୍ୟାପୀ—3. Occupying the whole breadth of the road. ସଂ. ବ—୧ । ରଥ (ବିଶ୍ୱକୋଷ)—1.Car; chariot. ୨ । ଯେଉଁ ରଥ ସବୁପ୍ରକାର ପଥରେ ଯାଇ ପାରେ—2. A car which can be used in all sorts of roads. ୩ । ଯେଉଁ ରଥ ରାସ୍ତାର ସବୁ ଅଂଶକୁ ଅଧିକାର କରେ (ଯଥା—ଜଗନ୍ନାଥଙ୍କ ମହାପ୍ରଭୁଙ୍କ ରୁଦ୍ରଙ୍କ। ରଥ)—3. A very stupenduous car which occupies the whole breadth of the road.

ସର୍ବପା—ସଂ. ବ. ସ୍ତ୍ରୀ—ବଳିରାଜ ପତ୍ନୀ—The name of the Sarbapā wife of king Bali. ସଂ. ବିଣ. ସ୍ତ୍ରୀ (ସର୍ବ+ (ସର୍ବଃ—ପୁଂ. ବିଣ) ପା. ଧାତୁ+କୃତ୍ତି. ଅ+ସ୍ତ୍ରୀ ଆ)—୧ । ସମସ୍ତ ପଦାର୍ଥ ପାନକର୍ତ୍ତ୍ରୀ—1. (female) Drinking everything. ୨ । ସମସ୍ତଙ୍କ ପାଳନକର୍ତ୍ତ୍ରୀ—2. (female) Maintaining or saving all.

ସର୍ବପାଚକ—ସଂ. ବ (ସର୍ବ+ପଚ. ଧାତୁ. ଣିଚ=ପାଚ. ଧାତୁ+କୃତ୍ତି. Sarbapāchaka ଅକ; ଯାହା ସମସ୍ତ ଧାତୁକୁ ପାକ କରେ)—ସୁହାଗା; ଟଙ୍କଣଖାର (ହି. ଶ)—Borax.

ସର୍ବ ପ୍ରକାର—ସଂ. ବ (କର୍ମଧା)—ସବୁ ରକମ—All sorts. ବେ. Sarba prakāra ବିଣ (ବ୍ୟବହାରିକ)—ସବୁ ରକମର—सबरकम सबतरह Of all sorts.

ସର୍ବ ପ୍ରଧାନ—ସଂ. ବିଣ (୭ମୀ ତତ୍)—୧ । ସର୍ବାପେକ୍ଷାଉତ୍କୃଷ୍ଟ—Sarba pradhāna 1. Utmost. ୨ । ସର୍ବଶ୍ରେଷ୍ଠ; ସର୍ବୋତ୍କୃଷ୍ଟ—2. Superiorto all others. ୩ । ସମସ୍ତଙ୍କ ମଧ୍ୟରେ ପ୍ରଧାନ—3. Head or Chief of all. ୪ । ସମସ୍ତଙ୍କ ମଧ୍ୟରେ ମୁଖ୍ୟ—4. Pre-eminent.

ସର୍ବ ପ୍ରିୟ—ସଂ. ବିଣ.ପୁଂ—୧। (୬ଷ୍ଠୀ ତତ୍)—ସମସ୍ତଙ୍କର ବଲ୍ଲଭ; ଯେ Sarba priya ସମସ୍ତଙ୍କର ପ୍ରିୟ; ସମସ୍ତେ ଯାହାକୁ ସ୍ନେହ (ସର୍ବପ୍ରିୟା—ସ୍ତ୍ରୀ) କରନ୍ତି—1. Dear to all; beloved by [ସର୍ବପ୍ରିୟତା—ବ] all. ୨ । (ବହୁବ୍ରୀହି) ସମସ୍ତେ ଯାହାର ପ୍ରିୟ—2. Benevolent; catholic; all-loving. ୩ । ସମସ୍ତଙ୍କର ରୁଚିକର (କର୍ମ)—3. Pleasing to all.

ସର୍ବପ୍ରିୟା—ସଂ. ବ. ସ୍ତ୍ରୀ—ସର୍ବବଲ୍ଲଭା (ଦେଶ)—Sarba ballavā Sarbapriyā (See) ସଂ. ବିଣ. ସ୍ତ୍ରୀ—ସର୍ବପ୍ରିୟର ସ୍ତ୍ରୀଲିଙ୍ଗ—Feminine of Sarbapriya.

ସର୍ବ ବନ୍ଦନ—ବେ. ବିଣ (ସଂ. ସର୍ବବନ୍ଦନୀୟ)—ସର୍ବବନ୍ଦନୀୟ; ସମସ୍ତଙ୍କ Sarba bandana ପୂଜନୀୟ—Adorable by all. [ଜ—ସର୍ବବନ୍ଦନ ସର୍ବବନ୍ଦନ ହୁ ଠାକୁର, ତୋତେ ମୋହର ନମସ୍କାର। सर्ववंदन ଜଗନ୍ନାଥ. ଭାଗବତ ।]

ସର୍ବ ବନ୍ଦନୀୟ—ସଂ. ବିଣ. ପୁଂ (୬ଷ୍ଠୀ ତତ୍)—ସମସ୍ତଙ୍କ ପୂଜନୀୟ—Sarba bandanīya Adorable by all. (ସର୍ବବନ୍ଦ୍ୟ—ଅନ୍ୟରୂପ) [ସର୍ବବନ୍ଦନୀୟା, ସର୍ବବନ୍ଦ୍ୟା—ସ୍ତ୍ରୀ]

ସର୍ବବର୍ଣ୍ଣିକା—ସଂ. ବ (ବୈଦ୍ୟକ)—ଗମ୍ଭାର ଗଛ—Sarbabarṇṇikā Gmelina Arborea (tree)

ସର୍ବବଲ୍ଲଭ—ସଂ. ବିଣ. ପୁଂ (୬ଷ୍ଠୀ ତତ୍)—ସର୍ବପ୍ରିୟ (ଦେଶ) Sarbaballabha Sarbapriya. (See) (ସର୍ବବଲ୍ଲଭା—ସ୍ତ୍ରୀ)

Digitized by srujanika@gmail.com

ସର୍ବବଲ୍ଲଭ—ସଂ. ବ. ସ୍ତ୍ରୀ - ଅସତୀ ନାସ୍ତ (ଧରଣୀଧର); କୁଲଟା ସ୍ତ୍ରୀ—Sarbaballabhā An unchaste woman; an adulteress. ସଂ. ବଣ. ସ୍ତ୍ରୀ -ସର୍ବବଲ୍ଲଭର ସ୍ତ୍ରୀଲିଙ୍ଗ—Feminine form of 'Sarbaballabha'.

ସର୍ବବାଦି ସମ୍ମତ—ସଂ. ବଣ (ସର୍ବବାଦନ୍+ସମ୍ମତ; ଅସ୍ତା ଭତ୍)—Sarbabādi sammata ୧ । ସକଳ ମତବାଦୀଙ୍କ ଦ୍ୱାରା ଅନୁମୋଦିତ—1. Approved by all; universally acknowledged. ୨ । ସମୁ ସଂପ୍ରଦାୟଙ୍କ ଦ୍ୱାରା ସ୍ୱୀକୃତ—2. Admitted by all the different sects. ୩ । ସମସ୍ତଙ୍କ ଦ୍ୱାରା ସ୍ୱୀକୃତ—3. Unanimously agreed; agreed to by all.

ସର୍ବବାଦୀ—ସଂ. ବଣ. ତ୍ରି (ସର୍ବ+ବଦ୍ ଧାତୁ=ଭଣିବା+କର୍ତ୍ତରି. ଇନ୍, Sarbabādī ୧ମା ୧ବ)—୧ । ସମୁ ପ୍ରକାରର ମତ ଅବଲମ୍ବନ-(ସର୍ବବାଦଜ୍ଞା—ସ୍ତ୍ରୀ) କାରୀ—1. Holding all sorts of views. ୨ । ବହୁତ ମତାବଲମ୍ବୀ—2. Holding different views. ୩ । ସମୁ ସଂପ୍ରଦାୟର—3. Belonging to all sects. ସଂ. ବ - ଶିବଙ୍କର ଏକ ନାମ (ହ. ଶ)—A name of Śiba.

ସର୍ବବାଧା ପ୍ରଶମନ—ସ ବ (ଷଷ୍ଠୀ ଭତ୍) ସମୁ ବାଧାର ନିବାରଣ—Sarbabādhā praśamana Assuagement of all (ସର୍ବବାଧାପ୍ରଶମକ—ବଣ. ପୁଂ) grief or obstacles.

ସର୍ବବିତ୍—ସଂ ବଣ (ସର୍ବ+ବିଦ୍ ଧାତୁ=ଜାଣିବା+କର୍ତ୍ତରି. କ୍ୱିପ)—Sarbabid ସର୍ବଜ୍ଞ (ଦେଖ)—Sarbajña (See). ସଂ ବ—୧ । ପରମେଶ୍ୱର—1. God. ୨ । ଓଁକାର (ହ. ଶ)—2, The mystic syllable 'Om'.

ସର୍ବବିଦ୍ୟା—ସଂ. ବ (କର୍ମଧାରୟ)—ସମୁ ପ୍ରକାରର ବିଦ୍ୟା—Sarbabidyā All branches of learning.

ସର୍ବବିଦ୍ୟା ବିଶାରଦ—ସଂ. ବଣ. ପୁଂ (କର୍ମଧା ଓ ୭ମୀ ଭତ୍)—ସମୁ ବିଦ୍ୟାରେ ପାରଦର୍ଶୀ—(ସର୍ବବିଦ୍ୟାବିଶାରଦା—ସ୍ତ୍ରୀ) Proficient in all branches of learning.

ସର୍ବବୀର—ସଂ. ବଣ. ପୁଂ (ବହୁବ୍ରୀ)—ବହୁପୁତ୍ରଯୁକ୍ତ (ହ. ଶ) Sorbabīra Having many sons. (ସର୍ବବୀରା ସ୍ତ୍ରୀ)

ସର୍ବବେଦ—ସଂ. ବଣ. ପୁଂ (ସର୍ବ+ବିଦ୍ ଧାତୁ=ଜାଣିବା+କର୍ତ୍ତରି ଅ)-Sarbabeda ୧ । ସର୍ବଜ୍ଞ (ଦେଖ)—1. Sarbajña (See) ୨ । ସମୁ ବେଦମାନ—2. All the Bedas. (ସର୍ବବେଦା—ସ୍ତ୍ରୀ) ସଂ. ବଣ. ପୁଂ—ସର୍ବବେଦାଧ୍ୟେତା ବ୍ରାହ୍ମଣ—A Brāhmaṇa learned in all the Bedas.

ସର୍ବବେଦସ—ସଂ. ବ—ସକଳ ସମ୍ପତ୍ତି (ହ. ଶ) Sarbabedasa All property.

ସର୍ବବେଦା(ଦାଃ)—ସଂ ବ. ପୁଂ (ସର୍ବ+ବିଦ ଧାତୁ+କର୍ତ୍ତରି ଅସ୍=Sarbabedā(dāḥ) ସର୍ବବେଦସ୍, ୧ମା ୧ବ)—ଯେଉଁ ବ୍ୟକ୍ତି ସର୍ବସ୍ୱଦକ୍ଷିଣ ଯାଗ ସମ୍ପାଦନ କରିଅଛନ୍ତି (ଅମର)—A person who has performed Sarbaswadakshiṇa sacrifice.

ସର୍ବବେଶୀ—ସଂ ବଣ. ପୁଂ (ସର୍ବବେଶ+ଅଣ ଅର୍ଥରେ ଇନ୍; ୧ମା ୧ବ) Sarbabesī (ସର୍ବବେଶିଙ୍ଗୀ—ସ୍ତ୍ରୀ) ସମୁ ପ୍ରକାରର ବେଶଧାରୀ—Assuming all sorts of dress. ସଂ ବ—୧ । ନଟ (ଡେମରଜ୍)—1. An actor. ୨ । ବହୁରୂପୀ ବ୍ୟକ୍ତି—2. A person who assumes different masks at different times.

ସର୍ବ ବୈନାଶିକ—ସଂ ବ [ସର୍ବ+ବୈନାଶିକ]—ଅସ୍ପୃଶ୍ୟ ଅତି ସମସ୍ତଙ୍କ Sarba baināśika ବିନାଶଶୀଳ ବୋଲି ଯେ କହେ; ବୌଦ୍ଧ (ହ. ଶ)—A Buddhist.

ସର୍ବ ବ୍ୟାପକ(ବ୍ୟାପୀ)—ବି. ବଣ. ପୁଂ (ସର୍ବ+ବ୍ୟାପକ)—ଯାହା ସମୁ Sarba byāpaka(byāpī) ଅଡ଼ରୁ କା ବସ୍ତୁକୁ ବ୍ୟାପି ଥାଏ—Extending over all; all-pervading. ସ୍ତ୍ରୀ (ସର୍ବବ୍ୟାପିକା, ସର୍ବବ୍ୟାପିଙ୍ଗୀ—ସ୍ତ୍ରୀ) ବ—୧ । ଈଶ୍ୱର—1. God. ୨ । ଶିବ—2. Śiba. ୩ । ବ୍ରହ୍ମା—3. Brahmā.

ସର୍ବ ଭକ୍ଷ(କ୍ଷୀ)—ବି. ବ (ସର୍ବ+ଭକ୍ଷ୍ ଧାତୁ+କର୍ତ୍ତରି. ଅ;+କର୍ତ୍ତରି. ଇନ୍; ୧ମା. ୧ବ)—ଭୁକାଶକ; ସର୍ବଭକ୍ଷା / ସର୍ବ ଭକ୍ଷିଣୀ } ବଣ.ସ୍ତ୍ରୀ ବହ୍ନି—Fire. ସଂ. ବଣ.ପୁଂ—ଯେ ସମସ୍ତ ବସ୍ତୁ ଭକ୍ଷଣ କରେ—(ସର୍ବଭକ୍ଷକ—ଅନ୍ୟରୂପ) All eating; omnivorous.

ସର୍ବ ଭକ୍ଷା—ସଂ. ବ. ସ୍ତ୍ରୀ (ସର୍ବଭକ୍ଷ+ଅ)—ଛଗୀ (ଡେମସସ୍)—Sarba bhakshā She-goat.
ସଂ. ବଣ, ସ୍ତ୍ରୀ—ସର୍ବଭକ୍ଷର ସ୍ତ୍ରୀଲିଙ୍ଗ—Feminine of Sarbabhaksha.

ସର୍ବ ଭକ୍ଷ୍ୟ—ସଂ.ବଣ.ପୁଂ (ସର୍ବ ଅର୍ଥେ ଭକ୍ଷ୍ୟ ଯାହାର; ବହୁବ୍ରୀ)—Sarba bhakshya ସର୍ବଗ୍ରାସୀ (ଦେଖ) (ସର୍ବଭକ୍ଷ୍ୟା—ସ୍ତ୍ରୀ) Sarba grāsī (See)

ସର୍ବ ଭବୋଦ୍ଭବ—ସଂ. ବ—ସୂର୍ଯ୍ୟ (ହ. ଶ)—Sarba bhabodbhaba The sun.

ସର୍ବ ଭାବନ—ସଂ. ବ—ଶିବ (ହ. ଶ)—Sarba bhābana Śiba.

ସର୍ବ ଭୁକ୍—ସଂ.ବଣ. ପୁଂ ଓ ସ୍ତ୍ରୀ (ସର୍ବ+ଭୁଜ୍ ଧାତୁ+କର୍ତ୍ତରି.କ୍ୱିପ)—Sarba bhuk ସର୍ବଗ୍ରାସୀ (ଦେଖ)—Sarba grāsī (See) ସଂ. ବ—ଅଗ୍ନି; ବହ୍ନି—Fire.

ସର୍ବ ଭୂତ—ସଂ. ବ (କର୍ମଧା)—ସମସ୍ତ ପ୍ରାଣୀ; ଜଗତର ପ୍ରାଣିଗଣ—Sarba bhūta All beings.

ସର୍ବଭୂତ ହିତ—ସଂ. ବ (୬ଷ୍ଠୀ ଭତ୍)—ସମସ୍ତ ପ୍ରାଣୀଙ୍କ ମଙ୍ଗଳ—Sarbabhūta hita The bliss or good of all (ସର୍ବଭୂତହିତକର—ବଣ. ପୁଂ) beings.

ସର୍ବଭୂମିକ—ସଂ. ବ [ସର୍ବଭୂମି+କ]—ଦାରୁଚିନି [ହ. ଶ] Sarbabhūmika Cinnamon.

Digitized by srujanika@gmail.com

ସର୍ବ ଭୋଗୀ—ଫ. ବ୍ରୀ. ପୁଂ (ସର୍ବ+ଭୋଗିନ୍, ୧ମା. ୧ବ)—Sarba bhogī ୧ । ସର୍ବଭକ୍ଷ—1. Omnivorous. ୨ । [ସର୍ବ ଭୋଗିନୀ—ସ୍ତ୍ରୀ] ସମସ୍ତ ଭୋଗକାରୀ—2. Enjoying everything.

ସର୍ବ ମଖ(ଖା)ସ—ପ୍ରାନ୍ତେ. (ଜଯପୁର) ବ—ଚିରସ୍ଥାୟୀ ଜାଗିର—Sarba makha(khā)sa Permanent Jaighir.

ସର୍ବ ମଙ୍ଗଳ—ସ. ବ—୧ । ସର୍ବ ଶୁଭ; ସବୁ ବିଷୟରେ ମଙ୍ଗଳ—Sarba maṅgala 1. Happiness in everything. ୨ । ମୋକ୍ଷଦାତା—2. Saviour. ସଂ. ବ୍ରୀ. ପୁଂ—[ସର୍ବ ମଙ୍ଗଳା—ସ୍ତ୍ରୀ] ୧ । ସବୁ ପ୍ରକାରର ମଙ୍ଗଳ ବଧାଡା—1. Bringing about all sorts of happiness. [ବ—ସର୍ବମଙ୍ଗଳ ଜଗନ୍ନାଥ ।]

ସର୍ବ ମଙ୍ଗଳକର—ସ. ବ୍ରୀ. ପୁଂ—ସବୁ ପ୍ରକାରର ମଙ୍ଗଳବଧାୟକ—Sarba maṅgalakara Giving all sorts of bliss (ସର୍ବମଙ୍ଗଳକର୍ତ୍ତ୍ରୀ—ସ୍ତ୍ରୀ) or happiness.

ସର୍ବ ମଙ୍ଗଳମୟ—ସ. ବ୍ରୀ. ପୁଂ—ସବୁ ମଙ୍ଗଳର ଆଧାର—Full of Sarba maṅgalamaya all sorts of happiness or [ସର୍ବ ମଙ୍ଗଳମୟୀ—ସ୍ତ୍ରୀ] bliss; blissful.

ସର୍ବ ମଙ୍ଗଳା—ସ. ବ. ସ୍ତ୍ରୀ (ସକଳ ପ୍ରକାରର ମଙ୍ଗଳକୁ ଯେ ବଅନ୍ତୁ—Sarba maṅgalā ୧ । ଦୁର୍ଗା—1. Goddess Durgā. ୨ । ଲକ୍ଷ୍ମୀ (ହି. ଶ.)—2. Goddess Lakshmī. ସଂ. ବ୍ରୀ. ସ୍ତ୍ରୀ—ସର୍ବମଙ୍ଗଳର ସ୍ତ୍ରୀଲିଙ୍ଗ—Feminine of Sarbamaṅgala.

ସର୍ବ ମନ୍ଦିର—ଦେ: ବ—ଏତଦାଞ୍ଚଳସ୍ଥ ପ୍ରାଚୀନ ଅଣ୍ଡବ ପୋତ (ଭୋଜ-Sarba mandirā ବ୍ରଜ ପ୍ରଣୀତ 'ଯୁକ୍ତିକଲ୍ପତରୁ' ଗ୍ରନ୍ଥ ଦ୍ରଷ୍ଟବ୍ୟ ଜଗବନ୍ଧୁ. ପ୍ରାଚୀନ ଉତ୍କଳ)—A kind of ship used in ancient time.

ସର୍ବମୟ—ସ. ବ୍ରୀ. ପୁଂ (ସର୍ବ+ତତ୍ପୁରୁଷରେ ମୟ) —୧ । ସର୍ବା-Sarbamaya ପ୍ତକ; ଯାହା ସବୁଠାରେ ଦୋଟିଥାଉ; ସର୍ବବ୍ୟାପକ—[ସର୍ବମୟୀ—ସ୍ତ୍ରୀ] 1. All-pervading. ୨ । ଯାହାର ଅମତା ସର୍ବତ୍ର ବ୍ୟାପ୍ତ—2. Very influential. ୩ । ସର୍ବତ୍ର ପ୍ରଭାବଶାଳୀ—3. Omnipotent.

ସର୍ବମୟ କର୍ତ୍ତା—ସ. ବ. ପୁଂ—ଯେଉଁ ବ୍ୟକ୍ତିର କ୍ଷମତା ବା ଅଧିକାର Sarbamaya karttā ସର୍ବତ୍ର ଥାଏ—One who is the all powerful head of an institution (ସର୍ବମୟୀକର୍ତ୍ତ୍ରୀ—ସ୍ତ୍ରୀ) or place.

ସର୍ବ ମୂଲ୍ୟ—ସ. ବ (ବହୁମୂଲ୍ୟ; ସର୍ବ=ସବୁ ପଦାର୍ଥର ମୂଲ୍ୟରୂପେ Sarba mūlya ଯାହା ଅବଲମ୍ବନରେ ବଥଯାଇ ପାରେ) —୧ । କଉଡି; କଉଡ—2. Shell money. ୨ । କୌଣସି ଛୁଦ୍ର ମୁଦ୍ରା (ହି. ଶ)—2. Any small coin.

ସର୍ବ ମେଧ—ସ. ବଣ (ସର୍ବ=ମେଧ୍ ଧାତୁ=ବଧ କରିବା, ସଙ୍ଗ Sarba medha କରିବା+ଘଞ୍. ଅ)—୧ । ସବୁ ସଂହାରକ; ସର୍ବନାଶୀ—1. Destroying everything; all-destroying. ୨ । ସର୍ବସଙ୍ଗୀ—2. Accompanying all. ସଂ. ବ (କର୍ମଧା)—୧ । ସର୍ବପ୍ରକାରର ଯଜ୍ଞ—1. All sorts of Vedic sacrifices. ୨ । ସାର୍ବଜନିକ ଯଜ୍ଞ (ହି. ଶ)—2. A vedic sacrifice open to all. ୩ । ଜଣଦଳ କୃତ୍ୟ ସୋମଯାଗବିଶେଷ (ହି. ଶ)—3. A sort of Soma sacifice.

ସର୍ବତ୍ର—ଅ. ଅ—ସବୁଠାରେ—Everywhere. [ବ—ଶୋତ Sarbaya ବକ୍ତା. କଣ୍ଠା. ପିତା. ଦେବତା ସର୍ବତ୍ର—ପ୍ରାତା. ସବ ଜାଗାମ୍ର **सबजगहमें** ବ୍ରହ୍ମନରୁପଣ ଗୀତା ।]

ସର୍ବ ଯମକ—ଦେ. ବ (ସଂ. ସର୍ବ+ଯମକ)—କାବ୍ୟାଳଙ୍କାରବିଶେଷ—Sarba jamaka A figure of speech. [ବ୍ର—**ଏହି ସର୍ବ ଯମକ** ଶବ୍ଦାଳଙ୍କାରରେ ପ୍ରଥମ ଯତ ଓ ଦ୍ୱିତୀୟ ଯଦର ଶବ୍ଦ-**सर्व यमक** ବନ୍ୟାସ ଏକା ଭଳ କିନ୍ତୁ ଅର୍ଥ ବଉଲ ।] [ବ୍ର—ଅହି ମକର ତାପ ନାଶେ ଗୋଷ୍ଠ ସାରସ ତରେ । ଅଦ୍ଭୁମ-କର ତାପ ନାଶେ ଗୋଷ୍ଠ ସାରସ ତରେ—ଭଙ୍ଗ ଭ୍ରବଣ୍ୟବଙ୍ଗ]

ସର୍ବ ଯୋଗୀ—ସଂ. ବ. ପୁଂ (୭ମୀ ତତ୍)—ଶିବ (ହି. ଶ)—Sarbajogī Śiba.

ସର୍ବ ରକ୍ଷକ—ସଂ. ବଣ (ସର୍ବ+ରକ୍ଷ୍ ଧାତୁ+କର୍ତ୍ତୃ. ଅକ)—ଯେ Sarba raksbaka ସମସ୍ତଙ୍କୁ ରକ୍ଷା କରେ—Protecting [ସର୍ବରକ୍ଷଣ, ସର୍ବରକ୍ଷାକର—ଅନ୍ୟରୂପ] or saving all.

ସର୍ବ ରକ୍ଷଣ କବଚ—ସଂ, ବ—ବ୍ରହ୍ମବୈବର୍ତ୍ତ ପୁରାଣୋକ୍ତ (କୃଷ୍ଣ ଜନ୍ମ Sarba rakshaṇa kabacha ଖଣ୍ଡ ୧୨ଶ ଅଧ୍ୟାୟ) ବିଷ୍ଣୁ ସ୍ତବବିଶେଷ—Name of a prayer (lit. protective armour) invoking Bishṇu for one's protection. [ବ୍ର—ଏଥିରେ ଦେହର ପ୍ରତ୍ୟେକ ଅବୟବକୁ ରକ୍ଷା କରିବା ପାଇଁ ବିଷ୍ଣୁଙ୍କୁ ଉକ୍ତ ଉକ୍ତ ନାମରେ ଆହ୍ୱାନ କରିଯାଏ ।]

ସର୍ବ ରସ—ସଂ. ବ—୧ । ଧୂନକ; ଝୁଣା (ଅମର) —1. Resin. Sarba rasa ୨ । ବାଦ୍ୟଯନ୍ତ୍ର; ବୀଣାଭେଦ; ଏକପ୍ରକାର ବୀଣା (ସେଦଗା)—2. A kind of harp. ୩ । ପୁରୁ; ପଣ୍ଡିତ (ଶବ୍ଦରତ୍ନାବଳୀ)—3. A learned man. ୪ । ଲବଣ ରସ (ହେମଚନ୍ଦ୍ର)—4. Saline taste. ୫ । ଲବଣ; ଲୁଣ (ହି. ଶ.)—5. Salt. [ସର୍ବରସା—ସ୍ତ୍ରୀ] ସଂ. ବ. ପୁଂ—ସବୁ ବିଦ୍ୟାରେ ନିପୁଣ (ବ୍ୟକ୍ତି) (ହି. ଶ)—Skilled in all the arts.

ସର୍ବ ରସା—ସଂ. ବଣ. ସ୍ତ୍ରୀ (ସର୍ବରସ+ଅ)—ସର୍ବ ରସର ସ୍ତ୍ରୀଲିଙ୍ଗ—Sarba rasā Feminine in Sarba rasa. ସଂ. ବ—ଖଇ ମଣ୍ଡ (ହି. ଶ)—A food-paste prepared by sifting boiled fried paddy.

ସର୍ବ ରସୋତ୍ତମ—ସଂ. ବ—ଲବଣ (ହେମଚନ୍ଦ୍ର)—Sarba rasottama Salt.

Digitized by srujanika@gmail.com

ସର୍ବର୍ଗ—ବୈଦେ· ବ (ଫା. ସରବସ୍ତ୍=ସୁଜାଙ୍କ ଜମି ଜକାଡ଼ି; ସୁଜାସ୍ୱ ଜ୍ୱପକରଣ ସଂଗ୍ରହ)—୧ । ସୁଜସ୍ୱ—
Sarbarā ଖାଜନା 1. Revenue. ୨ । ଜମିର ଖଜଣା—
ମାଲଗୁଜାରୀ 2. Land-rent. ୩ । ସେଣ୍ଟକସ୍—3 Revenue paid by a Feudatory Chief.

ସର୍ବର୍ଗ ଜଣିବା—ଦେ· କି—କୌଣସି ଜମିକୁ ପ୍ରଜାସ୍ୱରୂପ ଜଦ୍ଧିକ୍ଷ
Sarbarā karibā ଖଜଣାରେ ଜମିଦାରଠାରୁ ପଟ୍ଟା ନେବା—
ଖାଜାନାୟ ଲଓୟା, ପଟା ନେଓୟା To take lease of a piece
ପଟା ଲେନା of land on rent.

ସର୍ବର୍ଗକାର୍—ବୈଦେ· ବ (ଫା. ସବସ୍ତ+ସଂ. ପ୍ରତ୍ୟୟ, କାର)—
Sarbarākār ୧ । ଯେଉଁ କର୍ମଗ୍ତ ପ୍ରଜାଙ୍କଠାରୁ ଖଜଣା
ତହସିଲଦାର ଅଥୁଳ କର ଜମିଦାର ବା ଜଣ୍ଡର୍ମେଣ୍ଟଙ୍କ ଜକ୍ଷରେ
ସର୍ବରାକାର ଦାଖଲ କରନ୍ତ—1. A rent-collecting
officer. [ଦ୍ର—ଏହି କର୍ମଗ୍ତ ଜକ୍ଷର ସିଦ୍ଧନ୍ତନା ପାଇଁ
ଜାଟିର କମ୍ପା ଅଥୁଳ ଟଙ୍କାରୁ ଜର୍ଦ୍ଧାରିତ ଅଂଶ (ମାଲତାନା)
ପାଅନ୍ତ ।] ୨ । ଗୋରଧା ଶାସନାଦ୍ୱାଲର ରଇତଙ୍କଠାରୁ
ସୁଜସ୍ୱ ଅଦାୟ କର ଗଭର୍ଣ୍ଡମେଣ୍ଟଙ୍କଠାରେ ଦାଖଲ କରିବା
ପାଇଁ ଜଯୁକ୍ତ ବ୍ୟକ୍ତ—2. A rent-collecting
agent of the Government in the Khurda
Government estate; a Sarbarakar of
the Government estate.

[ଦ୍ର—ଗୋରଧା ସରବସ୍ତକାସ୍ତର ଇଉଡ଼ାସଘାଇଁ ପରିଶିଷ୍ଟ ଦ୍ରଷ୍ଟବ୍ୟ]

ସର୍ବର୍ଗକାସ୍ତ—ବୈଦେ· ଜଣ(ଫା)--ସବସ୍ତକାର ସମ୍ପର୍କୀସ୍ତ—Relating
Sarbarākāri to Sarbarākār. ଦେ. ବ—ସବସ୍ତକାରର
ସର୍ବରାକାରୀ ସର୍ବରାକାରୀ ପଦ—The post or service
of a Sarbarākār.

ସର୍ବର୍ତ୍ର—ସଂ. ବ—ରଜନୀର ସମସ୍ତ ଅଂଶ (ସିଦ୍ଧାନ୍ତ କୌମୁଦୀ)—The
Sarba rātra whole night; all night.

ସର୍ବର୍ତ୍ତୁ—ବୈଦେ. ବ—୧ । ଫଟମୋସୀ ଜନ୍ନପ ଯୋଗାଇବା କର୍ମ—
Sarbarāha 1. The act of supplying articles on
ସରବରାହ order; order-supplying. ୨ । ଜଣ୍ୟ
ସର୍ବରାହ ଦ୍ରବ୍ୟର ଅମଦାନୀ—
2. Importing of commodities.

ସର୍ବରି—ବୈଦେ. ବଣ (ଇଂ ସର୍ଭେ)—(ଅଧୁନିକ) ସରକାସ୍ତ ସର୍ଭେ
Sarbari ସମ୍ପର୍କୀସ୍ତ—Relating to the modern
ସାର୍ବିୟାରି ସର୍ବେକା Surveying operation.
ସାର୍ଭେୟାରି ବୈଦେ. ବ—ସର୍ଭେଅର୍ ବା ମାପିବା କର୍ମଗ୍ତଙ୍କ
ସର୍ବେକା କାମ କର୍ମ—Surveyorship; the work or
post of a surveyor.

ସର୍ବରି ଇଲାକା—ବୈଦେ.ବ (ଇଂ.ସର୍ଭେ+ଫା. ଇଲାକା)—ସର୍ଭେକାରଙ୍କ
Sarbari ilākā ଭୂମି ମାପ ବିଭାଗ—The Survey
ସାର୍ବିୟାରି ଏଲାକା ସର୍ବେକା ଇଲାକା Department of
Government.

ସର୍ବରି ମାଣ—ଦେ. ବ—୨୪ ଦସ୍ତି ପଦକାରେ ୧ ମାଣ; ଅଧୁନିକ
Sarbari māṇa ସର୍ଭେ ଦ୍ୱାସ୍ତ ମାପ ଦୋଇଥିବା ଏକର୍—
ଏକର An acre of English measure; one
ସର୍ବେକା ଏକର 'māṇa' measured bythe 24 the dasti
rod according to modern Survey.

[ଜ—ଶବ୍ଦ ବଙ୍ଗାଳର ସବସ୍ତ ପଦର ମାଣ ବୃଷ ଜମି ଥିଲ । ଫାରସୋଡ଼ନ, ଗଲ୍ଲସ୍ତଲ ।] [ଦ୍ର—ଖୁଟକ ଏ ଦେଶର ୧୨ ଦସ୍ତି, ୧୪ ଦସ୍ତି, ୧୫ ଦସ୍ତି ଓ ୧୭ଶି ଦସ୍ତି ପଦର। ଦ୍ୱାସ୍ତ ଉତ୍ତ ଉତ୍ତ ଅଞ୍ଚଳରେ ଜମି ମାପ ଦ୍ୱାସ୍ତ 'ମାଣ' ସ୍ଥିରୀକୃତ ହୋଇଥିଲ । କନ୍ତୁ ଇଂସ୍ତଜ ସରକାର ସର୍ଭେ (Survey) ଓ ସେଟଲ୍‌ମେଣ୍ଟ (Settlement) ସମ୍ପର୍କରେ ମାପ କରାଇ ଉତ୍ତ ଭିତ୍ତ ଅଞ୍ଚଳର ସାବକ 'ମାଣ' ବା ପରମାଣକୁ 'ସବସ୍ତ ମାଣ' ବା ଏକର୍ ଓ ଡେସିମଲ୍ (Acre and decimal) ରେ ପରିଣତ କରି କଦୋବସ୍ତ କାଗଜ (Record of Rights) ପ୍ରସ୍ତୁତ କରି ଅଛନ୍ତି ଇଂସ୍ତଜ ସର୍ଭେ ମାପର ଏକ ଏକର=୨୪ ଦସ୍ତି ପଦକାର ୧ ମାଣ ଥିବାରୁ ଏବଂ ସରକାସ୍ତ ସର୍ଭେ ଓ ସେଟଲମେଣ୍ଟରେ ଉତ୍ତ ଭିତ୍ତ ଦସ୍ତି ପଦକାର ମାଣକୁ ଏକରରେ ରୂପାନ୍ତର କସ୍ତ ଯାଇଥିବାରୁ ଏକରକୁ 'ସବସ୍ତ ମାଣ' କହନ୍ତି ।]

ସର୍ବରି ମାପ—ଦେ. ବ—ଅଧୁନିକ ବା ଇଂସ୍ତଜ ଧରଣରେ ଜମିର ମାପ-
Sarbari māpa Surveying or measuring of land
ସାର୍ବିୟାରି ମାପ according to modern survey.
ସର୍ବେକା ମାପ

ସର୍ବର୍ତ୍ତୀ(ଭତ୍ୟାଦି)—ସ. ବ (ସୃ ଧାତୁ=ଗମନ କରିବା+କର୍ତ୍ତରି. ଜଚ୍)—
Sarbarī(etc) ରଜନୀ; ରାତ୍ରି; ଶର୍ବରୀ ଇତ୍ୟାଦି (ଦେଖ)—
(ଶବ୍ଦସ୍ତ—ଅନ୍ୟରୂପ) Night; Sarbarī etc (See).

ସର୍ବରୀ କର—ସ. ବ (ସର୍ବରୀ=ରାତ୍ର+କର=କରେ ଯେ; ଉପପଦ
Sarbarī kara ତତ୍ପୁ)—ନଶାକର; ଚନ୍ଦ୍ର—The moon.

ସର୍ବରୀତୁ—ସ. ବ (ସର୍ବ+ଋତୁ; କର୍ମଧାରସ୍ତ)—ସବୁ ଋତୁ—
Sarbarttu All the seasons of the year.

ସର୍ବର୍ତ୍ତୁ ପରିବର୍ତ୍ତ—ସ. ବ—ବତ୍ସର (ଜଟାଧର)—
Sarbarttu paribartta Year.

ସର୍ବର୍ତ୍ତୁ ଫଳ—ସ. ବ (ଷଷ୍ଠୀ ତତ୍ପୁ)—ସର୍ବ ଋତୁରେ ଜାତ ଫଳମାନ
Sarbarttu phala —1. Fruits produced in all
the seasons of the year. ୨ ।
(ବହୁବ୍ରୀହି) ନଡ଼ିଆ ଗଛ—2. The cocoanut tree.
ସ. ବଣ—ଯେଉଁ ବୃଷ ସବୁ ଋତୁରେ ଫଳ ଦଏ—
Producing fruits in all the seasons of
(ସର୍ବର୍ତ୍ତୁ ଫଳା—ଷ୍ଟୀ) the year.

ସର୍ବଲ(ଲା, ଲି)—ସ. ତ (ସର୍ବ=ସମସ୍ତ+ଲ ଧାତୁ=ଗ୍ରହଣ କରିବା
Sarbala(lā, li) +କର୍ତ୍ତରି.ଅ;+ଅ;+ଇ)—୧। ଡୋମସ୍ୱସ୍ତ--
1. A sort of weapon; javellin. ୨ । ସାବଲ;
ଲୌହର ମୋଟ ଓ ଲମ୍ବ ଦଣ୍ଡ—2. A crowbar.

ସର୍ବ ଲଙ୍ଗୀ—ସ. ବଣ. ସୁଂ (ସର୍ବ+ଲଙ୍ଗ=ଚଞ୍ଚ+ଇନ୍, ଅନ୍ତ
Sarba lingī ଅର୍ଥରେ; ୧ମା. ୧ବ)—ସକଳ ଚଞ୍ଚଧାସ୍ତ—

Digitized by srujanika@gmail.com

(ସର୍ବ ଲକ୍ଷଣ—ଣୀ) Having or wearing all marks

ସ.ବ—୧ । ପାଷଣ୍ଡ (ଅସର); ନାସ୍ତିକ—1. Atheist; an unbeliever. ୨ । ବେଦ ବରୋଧାଗୃହ୍ୟ ଓ ସର୍ବଦର୍ଶିର ଶ୍ରଦ୍ଧାଶୂନ୍ୟ, ଧର୍ମ ବଶ୍ୱାସରହିତ ବ୍ୟକ୍ତି—2. A person who has no fixed religious belief and who wears the insignia of all religious sects. ୩ । ବେଦ ବରୋଧୀ ବୌଦ୍ଧ ଯତିଶବ୍ଦ—3. A Buddhist recluse not believing in Godhead. ୪ । ଧୂର୍ତ୍ତ ବ୍ୟକ୍ତି—4. A wicked person. ୫ । ପାପର ବ୍ୟକ୍ତି—5. A reprobate.

ସର୍ବ ଲୋକ—ସଂ. ବ—୧ । ଜଗତ ବ୍ରହ୍ମାଣ୍ଡ—1. The whole universe. ୨ । ସମୁଦାୟ ସୃଷ୍ଟି—2. The whole creation. ୩ । ସମସ୍ତ ସକଳ ପ୍ରାଣୀ—3. The animal or living beings of the universe.

ସର୍ବ ଲୋକ ପିତାମହ—ସଂ. ବ. ପୁଂ (୬ଷ୍ଠୀ ତତ୍ପୁ; ସର୍ବ ଲୋକଙ୍କର ପିତାମହ; ବ୍ରହ୍ମାଙ୍କ ଅଦେଶରେ ଉତ୍ପନ୍ନ ସମସ୍ତ ସ୍ଥାବରଜଙ୍ଗମ ମନୁ ପ୍ରାଣୀମାନଙ୍କୁ ସୃଷ୍ଟି କରଥିବାରୁ) —ବ୍ରହ୍ମା—Brahmā (literally the grandfather of all created beings).

ସର୍ବ ଲୋକ ପ୍ରସିଦ୍ଧ—ସ. ବଣ (କର୍ମଧାରୟ; ୭ମୀ ତତ୍) —ଜଗଦ୍ବିଖ୍ୟାତ; Sarba loka prasiddha ଯାହାକୁ ଜଗତବାସୀ ଜାଣନ୍ତି— Universally celebrated; world-famous. (ସର୍ବ ଲୋକ ଖ୍ୟାତ, ସର୍ବଲୋକ ବଖ୍ୟାତ, ସର୍ବ ଲୋକ ବଦିତ, ସର୍ବ ଲୋକ ବଶ୍ରୁତ—ଅନ୍ୟରୂପ) (ସର୍ବ ଲୋକ ପ୍ରସିଦ୍ଧି, ସର୍ବ ଲୋକ ଖ୍ୟାତି, ସର୍ବ ଲୋକ ବଖ୍ୟାତି, ସର୍ବ ଲୋକ ବଶ୍ରୁତି—ସ୍ତ୍ରୀ)

ସର୍ବ ଲୋକେଶ—ସଂ. ବ—୧ । ଶିବ—1. Śiba. ୨ । ବ୍ରହ୍ମା— Sarba lokeśa 2. Brahmā. ୩ । ବିଷ୍ଣୁ—3. Bishṇu. ୪ । କୃଷ୍ଣ (ହି. ଶ)—4. Kṛushṇa.

ସର୍ବ ଲୌହ—ସଂ. ବ—୧ । (କର୍ମଧା) (ବହୁବ୍ରୀ) ଲୌହମୟ ବାଣ (ଦେମାତ୍ର) Sarba loha —1. An arrow made of iron. ୨ । (କର୍ମଧା) ସବୁ ଧାତୁ—2. All metals.

ସର୍ବ ଲୌହ—ସଂ. ବ—୧ । ତମ୍ବା (ହି. ଶ)—1. Copper. Sarbá lauha ୨ । ବାଣ; ତୀର (ହି. ଶ)—2. Arrow.

ସର୍ବଶଃ—ସଂ.ବି.ବଣ (ସର୍ବ+ପ୍ରକାରାର୍ଥେ ଶସ୍) —୧। ସବୁ ପ୍ରକାରେ— Sarbaśaḥ 1. In all ways. ୨ । ସାଧାରଣ ରୂପେ— 2. Ordinarily.

ସର୍ବଶକ୍ତିମତ୍ତା(ତ୍ତ୍ୱ)—ସଂ. ବ (ସର୍ବ ଶକ୍ତିମତ୍+ତା; ତ୍ତ୍ୱ)—ସମସ୍ତ Sarba śaktimattā(ttwa) ଶକ୍ତିଯୁକ୍ତ ଅବସ୍ଥା—All-powerfulness; omnipotence.

ସର୍ବ ଶକ୍ତିମୟ—ସଂ. ବଣ. ପୁଂ (ସର୍ବ+ଶକ୍ତ+ମୟ ଅର୍ଥରେ ମୟ) — Sarba śaktimaya ସର୍ବ ଶକ୍ତିମାନ୍ (ଦେଖ) (ସର୍ବ ଶକ୍ତିମୟୀ—ସ୍ତ୍ରୀ) Sarba śaktimān (See)

ସର୍ବଶକ୍ତିମାନ୍—ସଂ. ବଣ. ପୁଂ (ସର୍ବ+ଶକ୍ତ+ମତ୍; ୧ମା.୧ବ)— Sarba śaktimān ସକଳ ଶକ୍ତିର ଅଧିକାରୀ; ସବୁ ପ୍ରକାରେ (ସର୍ବଶକ୍ତିମତ୍ତା—ସ୍ତ୍ରୀ) ବଳଶାଳୀ—Almighty; omnipo- (ସର୍ବଶକ୍ତିମତ୍ତ୍ୱ—ବ) tent. ସଂ. ବ—ପରମେଶ୍ୱର—The Almighty.

ସର୍ବ ଶାନ୍ତି କୃତ୍—ସ. ବଣ. ପୁଂ ଓ ସ୍ତ୍ରୀ (ସର୍ବଶାନ୍ତି+କୃ ଧାତୁ+ Sarba śānti kṛut କ୍ତିନ୍ କୃତ୍)—ସକଳ ବଷୟରେ ଶମ ଦାତା—Assuaging every thing; bringing peace to every thing. ସ. ବ—ଦୁଷ୍ୟନ୍ତ ଓ ଶକୁନ୍ତଳା ପୁତ୍ର ଭରତଙ୍କ (ଶବ୍ଦ ରତ୍ନାବଳୀ). (ଏହାଙ୍କର ପ୍ରସିଦ୍ଧ ନାମ ସର୍ବଦମନ)—A name of King Bharata, son of Śakuntalā.

ସର୍ବ ଶାସ୍ତ୍ରଜ୍ଞ—ସ. ବଣ. ପୁଂ (ସର୍ବ ଶାସ୍ତ୍ର+ଜ୍ଞା ଧାତୁ+କ୍ତିନ୍ ଅ)—ସର୍ବ- Sarba śāstrajña ଶାସ୍ତ୍ର ଦର୍ଶୀ (ଦେଖ)—Sarba śāstra- (ସର୍ବଶାସ୍ତ୍ରଜ୍ଞା, ସର୍ବଶାସ୍ତ୍ରଜ୍ଞତା—ସ୍ତ୍ରୀ) darśi (See) (ସର୍ବଶାସ୍ତ୍ରଜ୍ଞତା, ସର୍ବଶାସ୍ତ୍ରଜ୍ଞତ୍ୱ—ବ) (ସର୍ବ ଶାସ୍ତ୍ର ଜ୍ଞତା—ଅନ୍ୟରୂପ)

ସର୍ବଶାସ୍ତ୍ରଦର୍ଶୀ—ସ. ବଣ. ପୁଂ (ସର୍ବଶାସ୍ତ୍ର+ଦୃଶ୍ ଧାତୁ+କ୍ତିନ୍, Sarba śāstra darśi ୧ମା ୧ବ)—ଯେ ସବୁ ଶାସ୍ତ୍ର (ସର୍ବଶାସ୍ତ୍ରଦୃଷ୍ଟା—ଅନ୍ୟରୂପ) ଜାଣେ—Versed in all ସର୍ବଶାସ୍ତ୍ରଦର୍ଶିତା, ସର୍ବଶାସ୍ତ୍ରଦୃଷ୍ଟି—ସ୍ତ୍ରୀ) the Śāstras. (ସର୍ବଶାସ୍ତ୍ରଦର୍ଶତା; ସର୍ବଶାସ୍ତ୍ରଦୃଷ୍ଟତା—ବ)

ସର୍ବଶାସ୍ତ୍ରବିତ୍—ସ. ବଣ. ପୁଂ ଓ ସ୍ତ୍ରୀ (ସର୍ବଶାସ୍ତ୍ର+ବିତ୍ ଧାତୁ+କ୍ତିନ୍ Sarba śāstrabid କ୍ୱିପ୍)—ସର୍ବଶାସ୍ତ୍ରଦର୍ଶୀ (ଦେଖ)— ସର୍ବଶାସ୍ତ୍ରବେତ୍ତା—ପୁଂ } ଅନ୍ୟରୂପ Sarba śāstra darśi ସର୍ବଶାସ୍ତ୍ରବେତ୍ତ୍ରୀ—ସ୍ତ୍ରୀ } (See)

ସର୍ବଶୁଚି—ସ. ବ (ସର୍ବ=ସକଳ+ଶୁଚ=ପବିତ୍ର; ଯେ ସମସ୍ତଙ୍କୁ Sarba śuchi ଶୁଚ କରନ୍ତି; ବହୁବ୍ରୀହି)—୧ । ସୂର୍ଯ୍ୟ— 1. The sun. ୨ । ଅଗ୍ନି=2. The fire.

ସର୍ବଶୁଭ—ସ. ବଣ—(୭ମୀ ତତ୍) ସକଳ ବଷୟରେ ମଙ୍ଗଳପ୍ରଦ— Sarba śubha Auspicious or blissful in every way. ସ. ବ—ସକଳ ବଷୟରେ ମଙ୍ଗଳ—Bliss or happiness in every matter.

ସର୍ବଶୂନ୍ୟ ବାଦୀ—ସ ବ—ବୌଦ୍ଧ (ହି. ଶ)— Sarbaśūnya bādī A Buddhist.

ସର୍ବ ଶ୍ରେଷ୍ଠ—ସ. ବଣ. ପୁଂ (୭ମୀ ତତ୍)—୧ । ସର୍ବପ୍ରଧାନ (ଦେଖ) Sarba sreshṭha 1. Sarba pradhāna (See) (ସର୍ବଶ୍ରେଷ୍ଠା—ସ୍ତ୍ରୀ) ୨ । ସର୍ବୋତ୍ତମ—2. Best. (ସର୍ବଶ୍ରେଷ୍ଠତା—ବ)

ସର୍ବସଂଗତ—ସ. ବ—ଷଣ୍ଢିତ ଧାନ୍ୟ (ହି. ଶ)—A kind of Sarba saṁgata autumnal paddy. ସ. ବଣ— ସର୍ବ ସଙ୍ଗତ (ଦେଖ)—Sarbasaṅgata (See)

ସର୍ବ ସଂସର୍ଗ ଲବଣ—ସ. ବ (ବୈଦ୍ୟକ)—ଔଷଧକ; ଔଷଧର Sarba saṁsarga labaṇa ଲବଣ ବା ଦ୍ରୋଣୀ ଲବଣ;

Digitized by srujanika@gmail.com

ସୋଡ଼ା; ଖାର ଲୁଣ (ସ୍ୱଳ୍ପଜଳଦ୍ରାବ୍ୟ)—Carbonate of soda; nitre; saltpetre.

ସର୍ବସଂହାର—ସଂ. ବ (ଷଷ୍ଠୀ ତତ୍)—୧। ସମସ୍ତଙ୍କର ବିନାଶ—Sarba samhāra 1. Destruction of all. ୨। (ବହୁ-ସ୍ଥଳେ) କାଳ—2. Time personified. ୩। ମୃତ୍ୟୁ ଦେବତା—3. Death personified. (ସର୍ବସଂହାରକ, ସର୍ବସଂହର୍ତ୍ତା—ବିଣ. ପୁଂ)

ସର୍ବସଙ୍ଗତ—ଅ. ବିଣ—୧। ସବୁ ପ୍ରକାରେ ଉଚିତ—1. Proper in every way. ୨। ସର୍ବତ୍ର; ଉଚିତ—2. Proper everywhere. ସଂ. ବ—ଶସ୍ତ୍ରିକଧାନ୍ୟ—A kind of autumnal paddy.

ସର୍ବସତ୍ୱ ରକ୍ଷିତ—ଦେ. ବିଣ—ସର୍ବ ସ୍ୱତ୍ୱ ରକ୍ଷିତ (ଦେଶ)—Sarba satwa rakhita Sarba swatwa rakshita (ସର୍ବସ୍ୱତ୍ୱ ସ୍ୱରକ୍ଷିତ—ଅନ୍ୟରୂପ) (See)

ସର୍ବସତ୍ୱ ରକ୍ଷିତ **सर्वसत्वरक्षित**

ସର୍ବସନ୍ନହନାର୍ଥକ—ସଂ. ବ—ସର୍ବାଭିସାର (ଦେଶ)—Sarba sannahanārthaka Sarbābhisāra (See)

ସର୍ବସମକ୍ଷ—ସଂ. ବ (ଷଷ୍ଠୀ ତତ୍)—ସମସ୍ତଙ୍କର ସମ୍ମୁଖ—Front of all; sight of all; public gaze.

Sarba samaksha

ସର୍ବସମତା—ସଂ. ବ—ସମସ୍ତଙ୍କଠାରେ ସମଜ୍ଞାନ—Equality in or equal regard to all matters.

Sarba samatā

ସର୍ବସମେତ—ଦେ. କ୍ରି ବିଣ—୧। ସବୁ ସୁଦ୍ଧା—1. Altogether. ୨। ସମସ୍ତଙ୍କୁ ମିଶାଇଲେ—2. Totally; taking all together.

Sarba sameta सर्वसमेत सर्वमिलाकर

ସର୍ବସମ୍ମତ—ସଂ. ବିଣ (ଷଷ୍ଠୀ ତତ୍)—ସମସ୍ତଙ୍କ ଦ୍ୱାରା ସ୍ୱୀକୃତ—Universally admitted.

Sarba sammata

ସର୍ବସମ୍ମତି—ସଂ. ବ—ସମସ୍ତଙ୍କର ଅଙ୍ଗୀକାର—Unanimity; universal acknowledgment.

Sarba sammati

ସର୍ବସମ୍ମତିକ୍ରମେ ଗୃହୀତ—ଦେ. ବିଣ (ସଂ. ସର୍ବ ସମ୍ମତିକ୍ରମେ ଗୃହୀତଂ) ସମସ୍ତ ବ୍ୟକ୍ତିଙ୍କ ଦ୍ୱାରା ସର୍ବ ସମ୍ମତିକ୍ରମେ ଗୃହୀତ ଅନୁମୋଦିତ—Unanimously accepted or passed; unanimously resolved.

Sarba sammatikrame gruhīta सर्वसम्मतिसे स्वीकृत

ସର୍ବସହ—ସଂ. ବିଣ. ପୁଂ—ସର୍ବଂସହ (ଦେଶ)—Sarbamsaha Sarba saha (see) ସଂ. ବ (ବୈଦ୍ୟକ)—ଗୁଗ୍ଗୁଳ (ସର୍ବସହା—ସ୍ତ୍ରୀ) (ରତ୍ନମାଳା)—Indian bdellium.

ସର୍ବସହନିକ(ସହନି)—ଦେ. ବିଣ. ପୁଂ—ଯେ ସବୁ ବିଷୟ ସହ୍ୟ କରେ—Forbearing; bearing every treatment.

Sarba sahanika(sahani) सर्वसहा सर्वसहा (ସର୍ବସହନୀ—ସ୍ତ୍ରୀ)

ସର୍ବସାକ୍ଷୀ—ସଂ. ବ. ପୁଂ (ଷଷ୍ଠୀ ତତ୍; ସର୍ବ+ସାକ୍ଷିନ୍; ୧ମା ୧ବ; ଯେ ସମସ୍ତଙ୍କୁ ଦେଖୁଥିବ)—୧। ଈଶ୍ୱର—1. God. ୨। ଅଗ୍ନି—2. The fire. (ହି. ଶ) ୩। ବାୟୁ (ହି.ଶ)—3. Air.

Sarbasākshī

ସର୍ବସାଧନ—ସଂ. ବ (ବହୁବ୍ରୀ)—୧। ସ୍ୱର୍ଣ୍ଣ (ହି. ଶ)—1. Gold. ୨। ଶିବ (ହି. ଶ)—2. Siba.

Sarba sādhana

ସର୍ବସାଧାରଣ (ସାମାନ୍ୟ)—ସଂ. ବ—ସବୁ ଶ୍ରେଣୀର ଲୋକମାନେ; ଇତର ଓ ଉଦ୍ଦ ସବୁ ଶ୍ରେଣୀର ଲୋକେ—The public. ବିଣ.—୧। ଜନ ସାଧାରଣ ସମ୍ବନ୍ଧୀୟ—1. Relating to the public; public. ୨। ସାମ୍ନ୍ୟ—2. Ordinary.

Sarba sādhāraṇa (sāmānya)

ସର୍ବସାର—ସଂ. ବ (ଷଷ୍ଠୀ ତତ୍)—୧। ସବୁ ପଦାର୍ଥର ସାର—1. Extract or essence of all things. ୨। ସବୁ ପଦାର୍ଥର ସାରାଂଶ—2. The summary or substance of all things. ସଂ. ବିଣ (ଷଷ୍ଠୀ ତତ୍)—ସବୁ ବସ୍ତୁ ମଧ୍ୟରେ ସାର ବା ପ୍ରଧାନ—Most substantial of all things.

Sarba sāra

ସର୍ବସିଦ୍ଧ—ସଂ. ବିଣ (୭ମୀ ତତ୍)—୧। ଯେ ସବୁ ବିଷୟ ସାଧନ-ସମ୍ନ—1. Adept in everything. ସଂ. ବ—୧। ଭୈରବ ଅନୁଚର—1. Name of an attendant of Siba. ୨। ଶ୍ରୀଫଳ (ପ୍ରକୃତିବାଦ)—2. The Bael fruit and tree.

Sarba siddha

ସର୍ବସିଦ୍ଧା—ସଂ. ବ—ଚତୁର୍ଥୀ, ନବମୀ ଓ ଚତୁର୍ଦ୍ଦଶୀ ତିଥିମାନ (ହି.ଶ)—Sarbasiddhā Epithet of the 4th, 9th and 14th days of the lunar fortnight.

ସର୍ବସିଦ୍ଧି—ସଂ. ବ (୭ମୀ ତତ୍)—୧। ସବୁ ବିଷୟରେ ସିଦ୍ଧି—1. Accomplishment or success in everything. ୨। ଶ୍ରୀଫଳ; ବେଲ (ଶବ୍ଦ ରତ୍ନା)—2. Marmalus fruit. ୩। ପୂର୍ଣ୍ଣ ତର୍କ (ହି. ଶ)—3. Complete argument.

Sarbasiddhi

ସର୍ବସୁଦ୍ଧା—ଦେ. କ୍ରି. ବିଣ—ମୋଟରେ; ସର୍ବସମେତ—Altogether.

Sarbasuddhā सर्वसमेत सर्वमिलाकर

ସର୍ବସ୍ୱ—ସଂ. ବ (ସର୍ବ+ସ୍ୱ=ଧନ, ବହୁବ)—ସମୁଦାୟ ଧନ; ସବୁ ପ୍ରକାର ସମ୍ପତ୍ତି—All property. [ଉ—ଶବ୍ଦକଳ୍ପଦ୍ରୁମ ଧାତୁରେ ଦ୍ୱାରଣ ସର୍ବସ୍ୱ—କୃତ୍ସ୍ନସିଂଦ୍ଧ ସମ୍ପତ୍ତାବଭ. ସତ୍ତ୍ୱ ।]

Sarbaswa

ସର୍ବସ୍ୱତ୍ୱ—ସଂ. ବ—ସବୁ ପ୍ରକାରର ସ୍ୱତ୍ୱ ବା ଅଧିକାର—All the rights concerning any thing.

Sarba swatwa

ସର୍ବସ୍ୱତ୍ୱ ରକ୍ଷିତ—ସ. ବିଣ—ଯେଉଁ ପ୍ରକାଶିତ ପୁସ୍ତକ ଅଇନ ଅନୁସାରେ (ସର୍ବସ୍ୱତ୍ୱସ୍ୱରକ୍ଷିତ—ଅନ୍ୟରୂପ) ରେଜିଷ୍ଟ୍ରି କରା ଯାଇଥାଏ ଓ ସରକାରଙ୍କ ଜରିଆରେ

Sarbaswatwa rakshita

Digitized by srujanika@gmail.com

ଯନ୍ତ୍ରରୁ ଗ୍ରନ୍ଥକାରଙ୍କ ବିନା ଅନୁମତିରେ ଅନ୍ୟ କେହି ବ୍ୟକ୍ତି ତୌଣସି ଅଂଶ ଉଦ୍ଧାର ବା ବ୍ୟବହାରଯୁକ୍ତ ଅନ୍ୟ ଗ୍ରନ୍ଥ ପ୍ରକାଶ କରି ପାରନ୍ତେ ନାହିଁ—A book or publication of which all rights (including the right of extracting, quoting, translating and copy right) are reserved for the author or other particular individual and registered under law.

ସର୍ବସ୍ୱଦକ୍ଷିଣ—ସଂ. ଦ୍ୱି (ସର୍ବସ୍ୱ + ଦକ୍ଷିଣା; ବହୁବ୍ରୀ) Sarbaswadakshina—ଯେଉଁ ଯାଗରେ ଯଜ୍ଞକର୍ତ୍ତା ନିଜର ସର୍ବସ୍ୱ ଦକ୍ଷିଣାରୂପେ ଦାନ କରନ୍ତି—(A vedic sacrifice) In which the performer gives away all his properties as present to Brāhmans. ସଂ. ବ—ବୈଦିକ ଯାଗବିଶେଷ—Name of a kind of vedic sacrifice.

ସର୍ବସ୍ୱନାଶ—ସଂ. ବ (କର୍ମଧା ଓ ଷଷ୍ଠୀ ତତ୍ପୁ) Sarbaswanāśa—ସମସ୍ତ ସମ୍ପତ୍ତିର ନାଶ—Loss of all property.

ସର୍ବସ୍ୱାନ୍ତ—ସଂ. ବ (କର୍ମଧା ଓ ଷଷ୍ଠୀ ତତ୍ପୁ; ସର୍ବସ୍ୱ + ଅନ୍ତ) Sarbaswānta—ସର୍ବସ୍ୱନାଶ (ଦେଖ)—Sarbaswanāśa (See)

(ସର୍ବସ୍ୱାନ୍ତା—ସ୍ତ୍ରୀ) ସଂ. ବିଣ (ବହୁବ୍ରୀ; ସର୍ବସ୍ୱ ହୋଇଅଛି ଅନ୍ତ ଯାହାର)—ଯାହାର ସର୍ବସ୍ୱ ନଷ୍ଟ ହୋଇଅଛି—Having all the properties exhausted.

ସର୍ବସ୍ୱୀ—ସଂ. ବ (ସର୍ବସ୍ୱ + ଈ ଇନ୍; ୧ମା ୧ବ)—ବର୍ଣ୍ଣସଙ୍କର ଜାତିବିଶେଷ (ନାପିତ ଔରସରେ ଗୋପକନ୍ୟା ଗର୍ଭଜାତ ସନ୍ତାନ—ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ ୧୦ମ ଅଧ୍ୟାୟ)—Name of a mixed caste born of a cowherd woman and barber.

ସର୍ବସ୍ୟ—ଗ୍ରା. ସର୍ବ—ସମସ୍ତଙ୍କର—Of all. (ଜ୍ଞ—ଜ୍ଞାଣ ଏ ସମସ୍ତେ ହୋଇ ଥିଲେ ଯେ ସର୍ବସ୍ୟ—ଯାତ୍ରୀ. ସବାର ସବକା ଶିବସ୍ୱରୋଦୟ ।)

ସର୍ବହର—ସଂ. ବିଣ. ପୁଂ (ସର୍ବ + ହୃ ଧାତୁ + କର୍ତ୍ତରି ଅ)—ଯେ ସବୁ ହରଣ କରେ—One who takes away all or everything.

ସର୍ବହର ସର୍ବହାରିଣୀ } ବିଣ ସ୍ତ୍ରୀ— ସଂ. ବ - ୧ । ମୃତ୍ୟୁ—1. Death. ୨ । କାଳ—2. Time personified. ୩ । ଶିବ—3. Śiba. ୪ । ଯମ—4. The God of death.

ସର୍ବହିତ—ସଂ. ବ (ଷଷ୍ଠୀ ତତ୍ପୁ)—୧ । ସମସ୍ତଙ୍କର ମଙ୍ଗଳ—Sarba hita 1. The good of all; universal weal ୨ । ମରିଚ (ଗୁଳ୍ମବର୍ତ୍ତି)—2. Black pepper. (ସର୍ବହିତକର—ଅନ୍ୟ ବିଣ ରୂପ) ସଂ ବିଣ-ସମସ୍ତଙ୍କ ମଙ୍ଗଳକର—Beneficial to all.

ସର୍ବା—ଦେ. ବ. ଟ୍ (ଅନାଦରାର୍ଥକ)—ସର୍ବେଶ୍ୱରର ଡାକ ନାମ—Sarbā Nick name of "Sarbeswara" (ସର୍ବ । ଅଦରାର୍ଥକ)

ସର୍ବାଂଶ—ସଂ ବ—ସମୁଦାୟ ଅଂଶ—Sarbāmśa All parts.

ସର୍ବାକ୍ଷ—ସ. ବ (ବହୁବ୍ରୀହି; ସର୍ବ = ସର୍ବନ୍ + ଅକ୍ଷି ଯାହାର)—Sarbāksha ରୁଦ୍ରାକ୍ଷ (ଦେଖ)—Rudrāksha (See)

ସର୍ବାଖ୍ୟ—ସ. ବ (ବହୁବ୍ରୀହି, ସର୍ବ + ଅଖ୍ୟା + ଅ)—ଖାରଦ (ହ. ଶ) Sarbākhya —Mercury.

ସର୍ବାଘୋଟ—ଦେ. ବିଣ—ସର୍ବାଙ୍ଗ ଘୋଟିଥିବା—Enveloping Sarbāghoṭa everything; overclouding. [ଉ—ଘୁଟଘୁଟେ ଜଳଦ ଦେଖାଯାଏ ସର୍ବାଘୋଟ । ତହିଲା ଗେଲୁଥାଇ ଝଟଝଟ—ଦଣ୍ଡଭଙ୍ଗୀ. ସଙ୍ଗୀତ ।]

ସର୍ବାଙ୍ଗ—ସ. ବ (କର୍ମଧା)—୧ । ସମସ୍ତ ଅଙ୍ଗ; ସମୁଦାୟ ଦେହ—Sarbāṅga 1. All limbs of the body; the whole body. ୨ । ସମସ୍ତ ଅଂଶ—2. All parts. ୩ । ସମସ୍ତ ବେଦାଙ୍ଗ—3. All the Bedāngas.

ସର୍ବାଙ୍ଗ ସୁନ୍ଦର—ସ. ବିଣ. ପୁଂ (ବହୁବ୍ରୀହି; ସର୍ବାଙ୍ଗ ଅଟେ ସୁନ୍ଦର ଯାହାର)—Sarbāṅga sundara ୧ । ଯାହାର ସମସ୍ତ ଅବୟବ ସୁନ୍ଦର—1. (a person) Having all the limbs graceful or symmetrical. ୨ । ଯାହା ଦେହରେ କୌଣସି ଖଣ୍ଡ ନାହିଁ—2.(a person) Having no blemish in any limb of the body. ୩ । ଯେଉଁ ବସ୍ତୁର ସମସ୍ତ ଅଂଶ ସୁନ୍ଦର—3. Nice or faultless in every respect. [ସର୍ବାଙ୍ଗସୁନ୍ଦର ରସ—ଅନ୍ୟରୂପ] ୪ । ସୁଶ୍ରୁତ ଧାତୁ ଘଟିତ ଅସୁଦ୍ରୋଦ୍ଭୂତ ଔଷଧବିଶେଷ (ରେ ଔଷଧ ରତ୍ନାବଳୀ)—4, Name of a medicinal preparation. [ଦ୍ର—ପାରଦର, ଗନ୍ଧକର, ହାଙ୍ଗୁଲର, ମୁକ୍ତାର, ପ୍ରବାଳର, ଶଙ୍ଖର, ସୁନାର ଉତ୍ତମାନ ଏକ ଏକ ରତ୍ତି ରସରେ ଘୋଡି ଗଜପୁଟରେ ଉତ୍ତାପ କରି ଏହା ପ୍ରସ୍ତୁତ କରିପାରେ ଏବଂ ଅନୁପାନ ବିଶେଷ ସହ ଏହା ବାତଜ, ଶ୍ଳେଷ୍ମଜ, ପିତ୍ତଜ ସନ୍ନିପାତ, ଅର୍ଶ, ଗ୍ରହଣୀ, ମେହ, ଗୁଳ୍ମ, ଉଦରର ରୋଗରେ ପ୍ରୟୋଗ କରିପାରେ ।]

ସର୍ବାଙ୍ଗଜାବଦ୍ୟ—ସ. ବିଣ (ବହୁବ୍ରୀହି; ସର୍ବାଙ୍ଗ ଅଟେ ଅନବଦ୍ୟ ବା ଅନବଦ୍ୟ ଯାହାର)—ସର୍ବାଙ୍ଗସୁନ୍ଦର—(ସର୍ବାଙ୍ଗନ ବଦ୍ୟା—ସ୍ତ୍ରୀ) Having all the limbs graceful and symmetrical or faultless.

ସର୍ବାଙ୍ଗୀଣ—ସଂ. ବିଣ (ସର୍ବାଙ୍ଗ + ସମ୍ଭାବେ. ଖନ)—୧ । ସର୍ବାଙ୍ଗ Sarbāṅgiṇa ସମ୍ବନ୍ଧୀୟ—1. Relating to all the limbs. ୨ । ସର୍ବାଙ୍ଗର ହିତକର—2. Beneficial to all the limbs. ୩ । ସର୍ବାଙ୍ଗ ବ୍ୟାପ୍ତ—3. Pervading through all the limbs. ୪ । ନିର୍ଦ୍ଦୋଷ—4. Faultless. ୫ । ସମସ୍ତ ଅବୟବ ଯୁକ୍ତ—5. Having all the limbs whole.

Digitized by srujanika@gmail.com

ସର୍ବାଙ୍ଗୀଣ ଉନ୍ନତ—ସଂ. ବ—ସବୁ ବିଷୟରେ ଉନ୍ନତି—Sarbāṅgiṇa unnati Improvement in all respects.

ସର୍ବାଙ୍ଗୀନ (ଇତ୍ୟାଦି)—ଦେ. ବିଣ (ସର୍ବାଙ୍ଗୀଣର ଅଶୁଦ୍ଧ ବନାନ)—Sarbāṅgīna (etc) ସର୍ବାଙ୍ଗୀଣ ଇତ୍ୟାଦି (ଦେଖ)—सर्वांगीन Sarbāṅgiṇa etc (See)

ସର୍ବାଣୀ—ସଂ. ବି. ସ୍ତ୍ରୀ (ସର୍ବ=ମହାଦେବ+ସ୍ତ୍ରୀ. ଈ; ଅନ୍. ଅଗମ; ବିଗାଡନ)—ସର୍ବ ପତ୍ନୀ; ଭବାନୀ; ଦୁର୍ଗା—Sarbāṇī Goddess Durgā.

ସର୍ବାତିଥି—ସଂ. ବିଣ (ବହୁବ୍ରୀ)—ଯେଉଁ ବ୍ୟକ୍ତି ସବୁ ଅତିଥିଙ୍କ ସତ୍କାର କରେ (ବି. ଶ)—Sarbātithi (a person) Extending hospitality to all comers; hospitable to all.

ସର୍ବାତ୍ମା—ସଂ. ବି (ସର୍ବ+ଆତ୍ମନ୍; ୬ଷ୍ଠୀ ତତ୍.; ସମସ୍ତ ବସ୍ତୁର ଆତ୍ମା)—Sarbātmā ୧। ପରଂବ୍ରହ୍ମ (ବି. ଶ)—1. The Universal Soul. ୨। ଶିବ (ବି. ଶ)—2. Śiba. ୩। ଜଜନ; ଅର୍ହତ୍ (ବି. ଶ)—3. Jaina saint.

ସର୍ବାଦୃତ—ସଂ. ବିଣ. ତ୍ରି (ଷଷ୍ଠୀ ତତ୍)—ସମସ୍ତଙ୍କଦ୍ୱାରା ଆଦୃତ—Sarbādṛuta Esteemed by all. [ସର୍ବାଦୃତା—ସ୍ତ୍ରୀ]

ସର୍ବାଧିକାର—ସଂ. ବ—୧। (୭ମୀ ତତ୍) ପୂର୍ଣ୍ଣ ପ୍ରଭୁତ୍ୱ—1. Full Sarbādhikāra mastery; mastery in all matters. ୨। (କର୍ମଧା) ସମସ୍ତ ଅଧିକାର—2. All Sorts of authority.

ସର୍ବାଧିକାରୀ—ସଂ. ବିଣ. ତ୍ରି (ସର୍ବାଧିକାର+ଇନ୍; ୯ମା. ୧ବ)—୧। Sarbādhikārī ସବୁ ଅଧିକାର ସମ୍ପନ୍ନ—1. Having all authority or full mastery. ୨। ଯାହାର ସମସ୍ତଙ୍କ ଉପରେ ଅଧିକାର ଥାଏ; ସର୍ବୀ ପ୍ରଭୃତି· 2. Having authority over all. ୩। ସମସ୍ତଙ୍କ ଉପରସ୍ଥ ଦାଢମ—3. Highest authority. ସଂ. ବ—ବଙ୍ଗ ଦେଶୀୟ କାୟସ୍ଥଙ୍କର ବଂଶୋପାଧିବିଶେଷ—(ସର୍ବାଧିକାରିଣୀ—ସ୍ତ୍ରୀ) A family-title in Bengal.

ସର୍ବାନନ୍ଦ—ସଂ. ବିଣ. ତ୍ରି (ସର୍ବ=ସକଳ ବିଷୟରେ ଆନନ୍ଦ ଯାହାର; ବହୁବ୍ରୀ)—ଯାହାର ସବୁ ବିଷୟରେ ଆନନ୍ଦ—[ସର୍ବାନନ୍ଦା—ସ୍ତ୍ରୀ] One who is happy or glad under all circumstances and in all matters. ସଂ. ବି. ତ୍ରି—ଭୈରବବିଶେଷ—Name of an attendant of Śiba.

ସର୍ବାନୁକାରିଣୀ—ସଂ. ବିଣ. ସ୍ତ୍ରୀ—ସର୍ବାନୁକାରର ସ୍ତ୍ରୀଲିଙ୍ଗ—Feminine form of Sarbānukārī ସଂ. ବି. ସ୍ତ୍ରୀ—ଶାଳପର୍ଣ୍ଣୀ (ବୃଚ୍ଚକର୍ଦ୍ଧ) (ଦେଖ) Śālaparṇṇī (See)

ସର୍ବାନୁକାରୀ—ସଂ. ବିଣ. ତ୍ରି (ସର୍ବ+ଅନୁ+କୃ ଧାତୁ+ଣିନି, ଇନ୍; ୯ମା. ୧ବ)—ଯେ ସମସ୍ତଙ୍କ ଅନୁକରଣ କରେ—Imitating all. [ସର୍ବାନୁକାରିଣୀ—ସ୍ତ୍ରୀ]

ସର୍ବାନୁକୂଳ—ଦେ. ବି—ସବୁ କାର୍ଯ୍ୟାରମ୍ଭ—Beginning of all Sarbānukūla works. [ବି—ଦୁଃସ୍ଥା ଭଗ୍ନଚ ଦୂରେ ତେଜ। ସର୍ବାନୁକୂଳେ କୃଷ୍ଣ ତବ—ଜଗନ୍ନାଥ. ଭାଗବତ।]

ସଂ. ବିଣ—ସମସ୍ତଙ୍କର ଅନୁକୂଳ—Favourable to all.

ସର୍ବାନୁଭୂତି—ସଂ. ବ—୧। (୬ଷ୍ଠୀ ତତ୍) ସକଳ ବିଷୟରେ ଅନୁଭୂତି ବା ବୋଧ—Sarbānubhūti 1. Experience or cognisance of all matters. ୨। ଜୈନ ସନ୍ନ୍ୟାସି-ବିଶେଷ (୨୪ ପ୍ରକାର ଜୈନ ସନ୍ନ୍ୟାସୀ ମଧ୍ୟରୁ ଏକପ୍ରକାର) 2. One of the 24 classes of Jaina ascetics. ସଂ. ବିଣ. ତ୍ରି (ସର୍ବ=ସକଳ ବିଷୟରେ ଅନୁଭୂତି ଯାହାର; ବହୁବ୍ରୀ)—ତତ୍ତ୍ୱଜ୍ଞ ତା—Knowing the Great Truth.

ସର୍ବାସମଞ୍ଜସ—ଦେ. ବ—ସର୍ବସମଞ୍ଜସ (ଦେଖ) Sarbāsamaṇjasa Sarbajamaka. (See)

ସର୍ବାର୍ଥ—ସଂ. ବ—୧। ସମସ୍ତ ପ୍ରୟୋଜନ—1. All necessity Sarbārtha or requirements. ୨। ସମସ୍ତ ବ୍ୟବହାର—2. All use. ୩। ସବୁ ଉଦ୍ଦେଶ୍ୟ—3. All aims. (ସର୍ବାର୍ଥା—ସ୍ତ୍ରୀ) ସଂ. ବିଣ. ତ୍ରି—(ବହୁବ୍ରୀ; ସର୍ବ ହୋଇଅଛି ଅର୍ଥ ଯାହାର)—ତତ୍ତାର୍ଥ—One who has attained his aims.

ସର୍ବାର୍ଥ ସାଧକ—ସଂ. ବିଣ. ତ୍ରି—୧। ଯେ ସମସ୍ତ ଇଷ୍ଟସିଦ୍ଧି କରେ—Sarbārtha sādhaka 1. One who fulfils all the desires of persons. ୨। ସମସ୍ତ ପ୍ରୟୋଜନ ସାଧକ—2. Fulfilling all requirements. ୩। ସିଦ୍ଧିଦାୟକ—3. Causing success. ବ. ତ୍ରି—ଇଷ୍ଟସିଦ୍ଧିକାରୀ ବ୍ୟକ୍ତି—Granter or fulfiller of one's desires.

(ସର୍ବାର୍ଥ ସାଧିକା—ସ୍ତ୍ରୀ)

ସର୍ବାର୍ଥ ସାଧନ—ସଂ. ବ (୬ଷ୍ଠୀ ତତ୍)—ସବୁ ପ୍ରୟୋଜନ ବା ଉଦ୍ଦେଶ୍ୟର ସିଦ୍ଧି—Sarbārtha sādhana Fulfilment of all requirements or desires or aims.

ସର୍ବାର୍ଥ ସାଧିକା(କୀ)—ସଂ. ବ. ସ୍ତ୍ରୀ—ଦୁର୍ଗା—Goddess Durgā. Sarbārtha sādhikā(nī) ସଂ. ବିଣ. ସ୍ତ୍ରୀ—ସର୍ବାର୍ଥ ସାଧକର ସ୍ତ୍ରୀଲିଙ୍ଗ—Feminine of Sarbārtha sādhaka. (See)

ସର୍ବାର୍ଥ ସିଦ୍ଧ—ସଂ. ବିଣ. ତ୍ରି (ସର୍ବ ଅର୍ଥ ହୋଇଅଛି ସିଦ୍ଧ ଯାହାର; ବହୁବ୍ରୀ)—ପୂର୍ଣ୍ଣମନସ୍କାମ; ଯାହାର (ସର୍ବାର୍ଥସିଦ୍ଧା—ସ୍ତ୍ରୀ) ସକଳ ବାଞ୍ଛା ସିଦ୍ଧ ହୋଇଅଛି; ସିଦ୍ଧାର୍ଥ—One who has all his aims or desires fulfilled. ସଂ. ବ—୧। ସିଦ୍ଧାର୍ଥ; ବୁଦ୍ଧଦେବ (ଅମର)—1. The Buddha. ୨। (କାମ) ରାମଚନ୍ଦ୍ରଙ୍କ ରାଜତ୍ୱ ସମୟର ଜଣେ ଧନିକ ବ୍ରାହ୍ମଣ—2. Name of a Brahman living in the reign of king Rāma. [ଦ୍ର—ଏ ଗୋଷ୍ଠିଏ କୁଟୁମ୍ବକୁ ଅଘାଡ କରିବାରୁ କୁକୁରଟି ଯାଇ ରାମଚନ୍ଦ୍ରଙ୍କ

Digitized by srujanika@gmail.com

୧	ଇ	ଈ	ଋ,ୠ	ଌ	ଏ	ହ୍ରସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଛ	ଇସ୍	ଜିଅ	ଭ
୨	ଈ	ଊ	ୠ	ୡ	ଐ	ଅକାରନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ଗଁ	ଇଅ	ଛ	ନ୍ଦ

ଜଦ୍ଧଠରେ ବ୍ରାହ୍ମଣ ନାମରେ ଅବତୀର୍ଣ୍ଣ ହେଲା । ଏହି ବ୍ରାହ୍ମଣ ଅତ୍ୟନ୍ତ ବୋଲି ମନ୍ତ୍ରୀମାନେ ପ୍ରତ୍ୟର୍ପଣ ଦେବାକୁ ରାମଚନ୍ଦ୍ରଙ୍କୁ ଅନେକ ଭୁରୁ ପ୍ରାର୍ଥନା କଲେ—"ଏ ବ୍ରାହ୍ମଣକୁ ଫୁଲଘଡ଼ି ପଦ ପ୍ରଦାନ କର ଏହାକୁ କାଳକ୍ରମେ ଅଞ୍ଚଳର ଅଧିଷ୍ଠାତା କରନ୍ତୁ ।"

ରାମଚନ୍ଦ୍ର ଏହାର ଅଭୁତପୂର୍ବ ପ୍ରାର୍ଥନାର କାରଣ ପଚାରିବାରୁ ଭୁରୁ କହିଲେ, "ମୁଁ ପୂର୍ବ ଜନ୍ମରେ ଏହି ପଦରେ ଅଧିଷ୍ଠିତ ହୋଇ ସତ୍‌କର୍ମ କରିଥିଲି; ତେଣୁ ଏହି ପଦର ଅବଶ୍ୟମ୍ଭାବୀ ପାପାଚରଣ ଯୋଗୁଁ ଏ ଜନ୍ମରେ ଭୁରୁ ହୋଇ ଜନ୍ମଗ୍ରହଣ କରିଅଛୁ ।]

ସର୍ବାର୍ଥସିଦ୍ଧି—ସଂ. ବ (ଷଷ୍ଠୀ ତତ୍) ସବୁ ପ୍ରୟୋଜନ ବା ଉଦ୍ଦେଶ୍ୟର Sarbārthasiddhi ସଫଳତା—Fulfilment of all aims or desires.

ସର୍ବାଣୀ—ସଂ. ବ ଓ ବିଣ. ସ୍ତ୍ରୀ (ସର୍ବ+ଅଣ୍ ଧାତୁ=ଖାଇବା+ Sarbāṇī କର୍ତ୍ତୃ. ଇନ୍; ୧ମା. ୧ବ)—ସର୍ବଭକ୍ଷ (ଦେଓ)—(ସର୍ବାଶିନୀ—ସ୍ତ୍ରୀ) Sarbabhaksha. (See)

ସର୍ବାସ୍ତ୍ର—ସଂ. ବିଣ. ତ୍ରି (ବହୁବ୍ରୀ.ହି)—ସକଳ ଅସ୍ତ୍ରଯୁକ୍ତ— Sarbāstra Armed with all sorts of weapons. (ସର୍ବାସ୍ତ୍ରା—ସ୍ତ୍ରୀ)

ସର୍ବାସ୍ତ୍ରା—ସଂ. ବ. ସ୍ତ୍ରୀ—ଜୈନମତରେ ଷୋଡ଼ଶ ବିଦ୍ୟାଦେବୀଙ୍କ Sarbāstrā ଅନ୍ୟତମା ଦେବୀ ବିଶେଷ—One of the sixteen Deities mentioned in the Jaina Tantras.

ସର୍ବାନ୍ତଃକରଣରେ—ଦେ. କ୍ରି. ବିଣ—ମନର ସମ୍ପୂର୍ଣ୍ଣ ଗ୍ରହ ହେତୁ; Sarbāntaḥkaraṇare କୌଣସି ପ୍ରକାରେ ହଦୟଗତ ନ ସର୍ବାନ୍ତଃକରଣେ **सर्वान्तःकरणसे** ହୋଇ—With a full heart.

ସର୍ବାନ୍ତ୍ୟ—ସଂ. ବ (ବହୁବ୍ରୀ.ହି, ସର୍ବ+ଅନ୍ତ୍ୟ)—ଯେଉଁ ପଦ୍ୟର Sarbāntya ଗୁରୁ ଚରଣର ଅନ୍ତ୍ୟବର୍ଣ୍ଣ ଏକ ଅଟେ (ହୁ. ଶ)— A poem having the same letter at the end of its four feet or lines.

ସର୍ବାନ୍ନ ଭକ୍ଷକ—ସଂ. ବିଣ.ତ୍ରି (ସର୍ବାନ୍ନ+ଭକ୍ଷ୍ ଧାତୁ+କର୍ତ୍ତୃ ଅର୍ଥ)— Sarbānna bhakshaka ଉଦର ପିଶାଚ; ଯେଉଁ ବ୍ୟକ୍ତି [ସର୍ବାନ୍ନୀନ—ଅନ୍ୟରୂପ] ସମସ୍ତଙ୍କ ଘରେ ଅନ୍ନ ଭକ୍ଷଣ କରେ ସର୍ବାନ୍ନ ଭକ୍ଷିକା } ସ୍ତ୍ରୀ (ହେମଚନ୍ଦ୍ର)—(a person) ସର୍ବାନ୍ନିନା } Who takes food at the hands of all persons.

ସର୍ବାନ୍ନ ଭୋଜୀ—ସଂ. ବିଣ. ତ୍ରି—ସର୍ବାନ୍ନ ଭକ୍ଷକ (ଅମର) (ଦେଶ) Sarbānnabhojī Sarbānna bhakshaka (See)

ସର୍ବାବସର—ସଂ. ବ (ବହୁବ୍ରୀ.ହି)—ଅର୍ଦ୍ଧରାତ୍ର (ନିଶାଶେଷ)— Sarbābasara Midnight.

ସର୍ବାଭିସନ୍ଧୀ—ସଂ. ବିଣ. ତ୍ରି (ସର୍ବ+ଅଭ+ସମ୍+ଧା.ଧାତୁ=ଲକ୍ଷ୍ୟ Sarbābhisandhī କରିବା+କର୍ତ୍ତୃ. ଇନ୍ ୧ମା ୧ବ)—୧ । ସର୍ବାଭିସନ୍ଧିକା } ସ୍ତ୍ରୀ ସକଳପ୍ରକାରଜ୍ଞାନହିଂସ୍ତ୍ରୀ; ସବୁ ପ୍ରକାର ବଞ୍ଚନା ଯୁକ୍ତ—1. Full of all kinds of deceit. ୨ । ଯେ ସମସ୍ତଙ୍କୁ ଉପହାସ କରେ— 2. Jeering at all. ୩ । ଯେ ସମସ୍ତଙ୍କ ଧୋକା ଦିଏ (ପ୍ରଭୁ)—3. Inveigling all persons. ସଂ. ବ—ଛଦ୍ମ ତାପସ; ବୈତ୍ତାଳବ୍ରତିକ (ଅମର)— A false ascetic.

ସର୍ବାଭିସାର—ସଂ. ବ—ଚତୁରଙ୍ଗ ସୈନ୍ୟସଜ୍ଜାହ; ଚତୁରଙ୍ଗ ସେନା Sarbābhisāra ସଜ୍ଜିତେଶ (ଅମର)—Battle array formed with the four classes of soldiers.

ସର୍ବାମାତ୍ୟ—ସଂ. ବ—ଘରବାରର ବା ଗୃହର ସବୁ ବ୍ୟକ୍ତି (ଭୃତ୍ୟ Sarbāmātya ପରିଜନାଦି)—All the persons of a household (including servants and dependants).

ସର୍ବାହ୍ଣ—ଅ. ବ (ସର୍ବ+ଅହ୍ନନ୍)—ସମସ୍ତ ଦିନ; ଦିନ ଭମାନ୍— Sarbāhṇa The whole day.

ସର୍ବିଅର—ତୈଦେ. ବ—ସର୍ବେଅର୍ (ଦେଶ) Sarbiar Sarbhear (See)

ସର୍ବିଅରି—ତୈଦେ. ବ—ସର୍ବେଅରି (ଦେଶ) Sarbiari Sarbeari (See)

ସର୍ବିସ୍ (ଇତ୍ୟାଦି)—ତୈଦେ. ବ—ସର୍ବିସ୍ ଇତ୍ୟାଦି (ଦେଶ) Sarbis (etc) Sarbhis etc (See)

ସର୍ବୀୟ—ଅ. ବିଣ. ତ୍ରି (ସର୍ବ+ସମ୍ବନ୍ଧାର୍ଥେ. ଈୟ୍)—ସର୍ବ ସମ୍ବନ୍ଧୀୟ Sarbīya [ସର୍ବୀୟା—ସ୍ତ୍ରୀ] Relating to all.

ସର୍ବୁ—ଦେ. ବ—(ଅଦରାର୍ଥକ) ସର୍ବେଶ୍ୱରର ଡାକ ନାମ— Sarbu Nickname for Sarbeswara.

ସର୍ବେ—ଦେ. ସର୍ବ (ସ. ସର୍ବ ଶବ୍ଦର ସମ୍ବୋଧନ ବିଭକ୍ତି ବହୁବଚନ)— Sarbe ୧ । ସମସ୍ତେ—1. All. ୨ । ସବୁ ବ୍ୟକ୍ତିମାନେ— ସର୍ବେ, ସକଳେ **सर्व** 2. All men. ୩ । ସବୁ ପ୍ରାଣୀମାନେ— ସାର୍ଭେ **सर्व** 3. All beings. ତୈଦେ. ବ (ଇଂ. ସର୍ଭେ) —ସର୍ଭେ (ଦେଶ)—Sarbhe (See)

ସର୍ବେଅର୍—ତୈଦେ. ବ (ଇଂ. ସର୍ଭେୟର୍)—ସର୍ଭେଅର୍ (ଦେଶ) Sarbear Sarbhear (See) ସାର୍ଭେୟାର **सर्वीअर**

ସର୍ବେଇବ—ଦେ. ଅ (ସ.ସର୍ବୈବ)—ସର୍ବୈବ (ଦେଶ) Sarbe-iba ସର୍ବୈବ **सर्वही** Sarbaiba (See)

ସର୍ବେବ—ଦେ. ଅ (ସ; ସର୍ବୈବ)—ସର୍ବୈବ (ଦେଶ)— Sarbeba ସର୍ବୈବ **सर्वही** Sarbaiba (See)

ସର୍ବେଶ୍ୱର—ସଂ.ବ.ତ୍ରି (ଷଷ୍ଠୀ ତତ୍; ସର୍ବ+ଈଶ୍ୱର)—୧ । ସମସ୍ତଙ୍କର Sarbeswara ପ୍ରଭୁ; ଏକାଧିପତି—1. The Lord of all. ୨ । ସାର୍ବଭୌମ (ଦେଶ)—2. Sārbabbauma

'ସାଧାରଣ ରେଫେ ଅଥର ପୃଷ୍ଠାରେ ସ୍ୱତନ୍ତ୍ର ଚତୁର୍ଥ ଅକ୍ଷର ଓ ମାତ୍ରା ଏବ ପ୍ରଥମ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚତୁର୍ଥ ଫୋଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଫୋଟରେ ଯେବେ ଏ ଭାଷାଫୋଟରେ ନ ମିଳତ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ତୃତୀୟ ବଫଳତ ୨ ବା ୧ ଚତୁର୍ଥ ବର୍ଣ୍ଣ ବା ମାତ୍ରାଯୁକ୍ତଶବ୍ଦ ଗୋଳବାକୁ ହେବ । ଯଥା— 'ଗାଇ' ନ ମିଳରେ 'ଗାଈ'ଗୋଳବେ; 'ମୂଢ' ନ ମିଳରେ 'ମୂଢ' ଗୋଳବେ; 'ବଧୂ' ନ ମିଳରେ 'ବନ୍ଧୁ' ଦେଖିବେ; 'ଅଗର୍ତ୍ତା' ନ ପାଇଲେ 'ଅଗର୍ତ୍ତ' ଦେଖିବେ; 'ଅଲବଡ' ନ ପାଇଲେ 'ଅଲ୍‌ବଡ୍' ଦେଖିବେ

(See) ୩ । ମହାଦେବ; ଶିବ—3. God Siba.

ସର୍ବେଶ୍ୱର ଦେ. ବ. ପୁଂ—ପୁରୁଷଙ୍କ ନାମ—A name given to males.

ସର୍ବେସର୍ବା Sarbesarbā —ଦେ. ବଣ (ସ. ସର୍ବେ=ସର୍ବ ଶବ୍ଦର ପୁଂ. ବହୁବଚନ + ସର୍ବା=ସର୍ବ ଶବ୍ଦର ସ୍ତ୍ରୀ. ବହୁବଚନ)—ସର୍ବେସର୍ବା ୧ । ସମସ୍ତଙ୍କ ଉପରେ କର୍ତ୍ତା; ଏକାଧିପତି—1. Master or lord over all; the supreme lord; overlord. ୨ । କୌଣସି ସ୍ଥାନର ବା ବିଷୟର ଏକମାତ୍ର କର୍ତ୍ତା ବା ନାୟକ—2. The supreme master or leader in a concern or place. ୩ । କୌଣସି ବ୍ୟକ୍ତିର ଏକମାତ୍ର ଆଶ୍ରୟ ବା ଅବଲମ୍ବନ—3. The only refuge of a person.

ସର୍ବୈବ Sarbaiba —ବ. ସର୍ବ. (ସର୍ବେ+ଏବ ଜାତା ସର୍ବ+ଏବ)—ସବୁହିଁ; ସମସ୍ତେ—All; everything. ଦେ. ଅ—ସମ୍ପୂର୍ଣ୍ଣରୂପେ—Totally; fully. [ଉ—ଉତ୍କଳୀୟ ଭାଷାରେ 'ବାପର ଦାଗ ସର୍ବୈବ ମିଥ୍ୟା ଓ ଘରେବ ଅଟେ' ବୋଲି ଲେଖାଯାଏ ।]

ସର୍ବୈଶ୍ୱର୍ଯ୍ୟ Sarbaiśwarjya —ବ (କର୍ମଧା)—ସକଳ ପ୍ରକାର ଐଶ୍ୱର୍ଯ୍ୟ—All magnificence or prosperity.

ସର୍ବୈଶ୍ୱର୍ଯ୍ୟ ବଧାତା Sarbaiśwarjya bidhātā —ବଣ. ପୁଂ (୭ମୀ ତତ୍ପୁ; ସର୍ବୈଶ୍ୱର୍ଯ୍ୟ+ବିଧାତୃ; ୧ମା. ୧ବ) —ଯେ [ସର୍ବୈଶ୍ୱର୍ଯ୍ୟ ବିଧାତ୍ରୀ—ସ୍ତ୍ରୀ] ମନୁଷ୍ୟଙ୍କୁ ସକଳ ସମ୍ପଦ ବିଅନ୍ତି—Bestowing all sorts of magnificence or supremacy. ବି. ପୁଂ—ସକଳ ସମ୍ପଦଦାତା—Giver of all sorts of magnificene.

ସର୍ବୋତ୍ତମ Sarbottama —ବ. ବଣ (୭ମୀ ତତ୍ପୁ) —ସମସ୍ତଙ୍କ ମଧ୍ୟରେ ଉତ୍ତମ—The best; the best of all. [ସର୍ବୋତ୍ତମତା—ବି]

ସର୍ବୋତ୍ତର Sarbottara —ବ. ବଣ (୭ମୀ ତତ୍ପୁ) —ସର୍ବପ୍ରଧାନ—Chief. [ସର୍ବୋତ୍ତରତା—ବି]

ସର୍ବୋତ୍କୃଷ୍ଟ Sarbotkṛushṭa —ବ. ବଣ—ସମସ୍ତଙ୍କ ମଧ୍ୟରେ ଉତ୍କୃଷ୍ଟ—Best of all; most excellent. [ସର୍ବୋତ୍କୃଷ୍ଟା—ସ୍ତ୍ରୀ] [ସର୍ବୋତ୍କୃଷ୍ଟ—ଅନ୍ୟରୂପ] [ସର୍ବୋତ୍କୃଷ୍ଟତା—ବି]

ସର୍ବୋପର(ରେ) Sarbopara(re) —ଦେ. ଅ (ସ. ସର୍ବୋପର) —୧ । ସମସ୍ତଙ୍କ ଉପରେ; ସର୍ବୋପରି **ସର୍ବୋପରି** ଉତ୍ତମ—1, Over all. ୨। ସମସ୍ତଙ୍କ ଅପେକ୍ଷା ଉଚ୍ଚ; ସର୍ବୋପରି—2. Uppermost highest.

ସର୍ବୋପରି Sarbopari —ବ. ଅ (୭ମୀ ତତ୍ପୁ) —ସର୍ବୋପର (ଦେଖ) —Sarbopara (See)

ସର୍ବୌଘ Sarbaugha —ବ. ବ (ସର୍ବ+ଓଘ) —୧ । ଚତୁରଙ୍ଗ ସୈନ୍ୟ ସଜ୍ଜାଦ (ଅମର) —1. Battle-array consisting of all classes of soldiers. ୨ । ଗୁରୁ ବେଗ (ସେଦଗ) —2. Great force or velocity.

ସର୍ବୌଷଧି Sarbaushadhi —ବ—କୁଷ୍ଠ, ମୁସ୍ତାମାଂସୀ, ଜଟାମାଂସୀ, ହରଦ୍ରା, ବାରୁ- ହରଦ୍ରା, ଶୈଳେୟ, ବଗ୍ଧ, ଚମ୍ପକ, ଶଠୀ ଓ ମୁସ୍ତା, ଏ ଦଶ ଦ୍ରବ୍ୟର ସମାହାର—A mixture consisting of ten herbs and used in mixing with bath-water. [ଦ୍ର—ଏହି ଦଶଟି ଦ୍ରବ୍ୟକୁ ବାଟି, ଜଳପୂର୍ଣ୍ଣ କ ଲସୀରେ ମିଶାଇ ମନ୍ତ୍ରପୂତ କରି ସେହି ଜଳରେ ସ୍ନାନ କଲେ ସର୍ବ ଗ୍ରହଦୋଷ ପ୍ରଶମିତ ହୁଏ । ମତାନ୍ତରରେ କୁଷ୍ଠ, ଜଟାମାଂସୀ, ହରଦ୍ରା, ବଗ୍ଧ, ଶୈଳେୟ, ଚନ୍ଦନ, ମୁସ୍ତ, ରକ୍ତଚନ୍ଦନ, କର୍ପୂର ଓ ମୂଥାକୁ ସର୍ବୌଷଧି ବୋଲିଯାଏ—ଗୁଜନବର୍ଦ୍ଧନ ।]

ସର୍ବୌଷଧିଗଣ Sarbaushadhigaṇa —ସଂ. ବ—ମୁସ୍ତାମାଂସୀ ଆଦି ଔଷଧିସମୂହ—The herbs consisting of Sarbaushadhi. [ଦ୍ର—ଏଥିର ଶ୍ଲୋକ—ମୁସ୍ତାମାଂସୀ ବଗ୍ଧ କୁଷ୍ଠଂ ଶୈଳେୟଂ ରଜନୀ ଦ୍ୱୟଂ । ଶଠୀ ଚମ୍ପକ ମୁସ୍ତଞ୍ଚ ସର୍ବୌଷଧିଗଣଃ ସ୍ମୃତଃ—ଶବ୍ଦଚନ୍ଦ୍ରିକା ।] [ଦ୍ର—ପଦ୍ମପୁରାଣ ଉତ୍ତରଖଣ୍ଡ ୧୦୭ ଅଧ୍ୟାୟରେ ୨୨ ପ୍ରକାର ଦ୍ରବ୍ୟର ସମବାୟକୁ ସର୍ବୌଷଧିଗଣ ବୋଲି କୁହା ଯାଇଅଛି ।]

ସର୍ବୌଷଧି ଜଳ Sarbaushadhi jala —ସଂ. ବ (ମଧ୍ୟପଦଲୋପୀ କର୍ମଧା)—ବଟା ହୋଇ- ଥିବା ସର୍ବୌଷଧି ଗୋଳା ଯାଇଥିବା ସ୍ନାନାର୍ଥ ଜଳ—Water mixed with the pasted Sarbaushadhi for bathing. [ଦ୍ର—ଏ ଜଳରେ ସ୍ନାନ କଲେ ଗ୍ରହଦୋଷ ଶମିତ ହୁଏ ବୋଲି ଶାସ୍ତ୍ରରେ ଲିଖିତ ହୋଇଅଛି ।]

ସର୍ଭରି (ଇତ୍ୟାଦି) Sarbhari (etc) —ବୈଦେ. ବଣ ଓ ବ—ସର୍ବରି ଇତ୍ୟାଦି (ଦେଖ) Sarbari etc (See)

ସର୍ଭାଇବର Sarbhāibhar —ବୈଦେ. ବଣ (ଚତୁରଥ. ଇଂ.)—କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ଅସ୍ଥାୟୀ ଯେଉଁ ବ୍ୟକ୍ତି ସାଭାଇଭର ତାଙ୍କ ଏକାନ୍ନବର୍ତ୍ତୀ ପରିବାରରେ ଜୀବିତ ଥାଅନ୍ତି **ସର୍ଭାଇଭର** —A survivor in a joint Hindu family. [ଦ୍ର—ପିତାଙ୍କର ସ୍ୱତ୍ତ ଲଙ୍ଘିତ ବ୍ୟବସ୍ଥା ଅନୁସାରେ ଏକାନ୍ନବର୍ତ୍ତୀ ଭାଇମାନଙ୍କ ମଧ୍ୟରୁ କାହେ ଭାଇ ମରିଲେ ତାହାର ହିସାବ ତା ପରିବାରବର୍ଗମାନେ ପାଅନ୍ତି ।]

ସର୍ଭା(ର୍ଭେ)ଣ୍ଟ Sarbhā(rbhe)ṇṭ —ବୈଦେ. ବ (ଇଂ. ସର୍ଭଣ୍ଟ) —ଭୃତ୍ୟ—Servant. ସାର୍ଭେଣ୍ଟ **ସରମେଂଟ**

ସର୍ଭିଅର Sarbhiar —ବୈଦେ. ବ (ଇଂ) —ସର୍ଭେଅର (ଦେଖ) Sarbhear (See)

Digitized by srujanika@gmail.com

ସର୍ଭିଅର୍—ଦେ. ବ ଓ ବଣ—ସର୍ଭେଅର (ଦେଖ)
Sarbhiari Sarbheari (See)

ସର୍ଭିସ୍—ବୈଦେ. ବ (ଇଂ. ସର୍ଭିସ୍)—୧। ଗୃହର—1. Service.
Sarbhis ୨। ସରକାର ଗୃହର—2. Public service;
ସାର୍ଭିସ service under the Government. ୩।
ସରମିସ ଗଭର୍ଣ୍ମେଣ୍ଟର କାର୍ଯ୍ୟ—3. Government business. ୪। ଧର୍ମମନ୍ଦିରରେ ପ୍ରାର୍ଥନା—4. Prayer or service in a church or temple. ୫। ଭଡ଼ା ମତର ଅଥ ନେଇ ନିର୍ଦ୍ଦିଷ୍ଟ ସ୍ଥାନରୁ ନିର୍ଦ୍ଦିଷ୍ଟ କାଳ-ଭମରେ ଗମନାଗମନ—5. Motor or lorry service; regular plying of conveyance for hire from one place to another.

ସର୍ଭିସ୍ କାଡ଼୍(ର୍ଡ)—ବୈଦେ. ବ (ଚତୁରଥ) (ଇଂ. ସର୍ଭିସ୍ କାର୍ଡ଼)
Sarbhis kārd(rd) —ସରକାର କର୍ମ ସମ୍ପର୍କରେ ଲେଖା-
ସାର୍ଭିସ କାର୍ଡ଼ ଯିବା ପୋଷ୍ଟକାର୍ଡ଼—Service card.
ସରମିସ କାର୍ଡ [ସର୍ଭିସ୍ ପୋଷ୍ଟ କାର୍ଡ଼(ର୍ଡ)—ଅନ୍ୟରୂପ]

ସର୍ଭିସ୍(ସି) ଟିକ(କେ)ଟ—ବେଦେ. ବ (ଚତୁରଥ) (ସର୍ଭିସ୍ ଟିକେଟ)-
Sarbhis(si)ṭika(ke)ṭa ସରକାର କର୍ମରେ ପଠାଯିବା
(ସର୍ଭିସ୍ ପୋଷ୍ଟେଜ୍—ଅନ୍ୟରୂପ) ଚିଠି ଉପରେ ଲଗାଯିବା ଡାକ
ସର୍ଭିସ୍(ସି)ଟିକଲ୍ / ସର୍ଭିସ୍(ସି)ଟିକ୍ଲ୍ } ଅନ୍ୟରୂପ ଟିକଟ—Service ticket;
ସାର୍ଭିସ ଟିକଟ **ସରମିସ ଟିକଟ** postal service-tickets or postage stamp.

ସର୍ଭିସ୍(ସି) ବହି—ଦେ. ବ (ଚତୁରଥ)—ଯେଉଁ ଖାତାରେ କୌଣସି
Sarbhis(si) bahi କର୍ମଗୃଖ୍ଙ୍କ ଗୃହରର ଧାପ୍ରାହକ ଇତ୍ତାସ
(ସର୍ଭିସ୍ ବୁଟ୍—ବୈଦେ ରୂପ) ଲେଖା ଥୋଇ ରହେ—
ସାର୍ଭିସ ବହି Service book of a servant kept in
ସରମିସ କିତାବ the place of his work.

ସର୍ଭେ—ବୈଦେ.ବ (ଚତୁରଥ)(ଇଂ°)—ଜମି ମାପ—Survey. [ଦ୍ର—
Sarvey ସର୍ଭେ ଅନେକ ପ୍ରକାରର ଯଥା—୧। ଚେନ୍ ସର୍ଭେ
ସାର୍ଭେ (chain survey)—ଅଧୁନିକ ପ୍ରଣାଳୀରେ ଲମ୍ବାର ଶିକୁଳି
ସର୍ଭେ (୬୬ ଫୁଟ୍ ବା ୧୦୦ ଫୁଟ୍ ଲମ୍ବ) ଦ୍ୱାରା ଜମି ମାପ।]
୨। ଟ୍ରିଗନମେଟ୍ରିକାଲ୍ ସର୍ଭେ (Trigonometrical survey)—ଅଧୁନିକ ବୈଜ୍ଞାନିକ ପ୍ରଣାଳୀ ଅନୁସାରେ ଦୁର୍ଭେଦ୍ୟ ଜଙ୍ଗଲ ଓ ପାହାଡ଼ ଅଞ୍ଚଳର ମାପ।
୩। ଫରେଷ୍ଟ୍ ସର୍ଭେ (Forest survey)—ଜଙ୍ଗଲର ମାପ।
୪। କାଡାଷ୍ଟ୍ରାଲ୍ ସର୍ଭେ (Cadastral survey)—ସରକାର ରେଜିଷ୍ଟ୍ରି ଅଦରେ ପୂରଣ କରିବା ଉଦ୍ଦେଶ୍ୟରେ କରାଯିବା ମାପ।
୫। ଟପୋଗ୍ରାଫିକାଲ୍ ସର୍ଭେ (Topographical survey)—ଦେଶର ଉଚ୍ଚ ଉନ୍ନ ସ୍ଥାନରେ ଥିବା ନଦୀ, ପର୍ବତ, ବୃକ୍ଷ, ଗୃହ ଅଦର ଅବସ୍ଥିତି ଦେଖାଇବା ଉଦ୍ଦେଶ୍ୟରେ କରାଯିବା ମାପ।
୬। ରେଭନ୍ୟୁ ସର୍ଭେ (Revenue survey)—ଭୂମି ପାଇଁ ଗଭର୍ଣ୍ମେଣ୍ଟଙ୍କୁ ଦେୟ ରାଜସ୍ୱ ନିର୍ଣ୍ଣୟ କରିବାପାଇଁ କରାଯିବା ମାପ।
୮। ମିଲିଟେରି ସର୍ଭେ (Military survey)—ସାମରିକ ସୁବିଧା ନିର୍ଣ୍ଣୟାର୍ଥ କରାଯିବା ମାପ।
୯। ପ୍ଲେନ୍‌ଟେବୁଲ ସର୍ଭେ (Plaintable survey)—ପ୍ଲେନ୍ ଟେବୁ ନାମକ ଯନ୍ତ୍ର ସାହାଯ୍ୟରେ କରାଯିବା ମାପ।
୧୦। କଣ୍ଟୁର ସର୍ଭେ (Contour survey)—ଭୌଗଳି ଅଞ୍ଚଳର ବିଭିନ୍ନ ସୀମା ରେଖା ନିରୂପଣାର୍ଥ ମାପ।

ସର୍ଭେ ଅ(ଆ)ପି(ଫି)ସ୍—ବୈଦେ. ବ (ଚତୁରଥ) (ଇଂ. ସର୍ଭେ ଅଫିସ୍)
Sarbhe a(ā)pi(phi)s —ଯେଉଁ ଦପ୍ତରେ ସର୍ଭେ
ସାର୍ଭେ ଆଫିସ **ସରମିସ** ରାଜ୍ୟର କାଗଜ ପତ୍ର ରହେ ଓ କର୍ମଚାରୀମାନେ
ସର୍ଭେ ଆଫିସ କାର୍ଯ୍ୟ କରନ୍ତି—Office of the Survey Department.

ସର୍ଭେ ଅପି(ଫି)ସର୍—ବୈଦେ. ବ (ଚତୁରଥ) (ଇଂ. ସର୍ଭେ ଅଫିସର୍)-
Sarbhe api(phi)sar ସର୍ଭେ ବିଭାଗର ଜିଲ୍ଲାର ଉଚ୍ଚତମ
ସାର୍ଭେ ଆଫିସର କର୍ମଚାରୀ—Survey Officer of a district.
ସର୍ଭେ ଅଫିସର [ଦ୍ର—ରାଜ୍ୟର ରାଜସ୍ୱ ନିର୍ଦ୍ଧାରଣାର୍ଥ କରାଯିବା ସର୍ଭେର ଉଚ୍ଚତମ କର୍ମଚାରୀ ଯେବେ ରାଜସ୍ୱ ବନ୍ଦୋବସ୍ତ ବିଭାଗର ଉଚ୍ଚତମ କର୍ମଚାରୀ ହୋଇ ଥାଆନ୍ତି ତାଙ୍କୁ Survey and Settlement Officer (ସର୍ଭେ ଅଣ୍ଡ ସେଟଲମେଣ୍ଟ ଅଫିସର) କୁହାଯାଏ। ସର୍ଭେ ଅଫିସରଙ୍କ ଅଧସ୍ତନ ସହକାରୀ କର୍ମଚାରୀଙ୍କୁ (Assistant Survey Officer) ଅସିଷ୍ଟାଣ୍ଟ ସର୍ଭେ ଅଫିସର୍ କୁହାଯାଏ।]

ସର୍ଭେ ଅମିନ୍—ବୈଦେ. ବ (ଚତୁରଥ) (ଇଂ. ସର୍ଭେ+ଫା. ଅମିନ୍)—
Sarbhey amin ଜମି ମାପ କରିବା କର୍ମଚାରୀ—
ସାର୍ଭେ ଆମିନ୍ **ସର୍ଭେ ଅମୀନ** The Survey Amin.

ସର୍ଭେଅର୍—ବୈଦେ. ବ (ଇଂ ସର୍ଭେଅର)—ଜମି ମାପ କରିବା ବ୍ୟକ୍ତି
Sarbhear —Surveyer.
ସାର୍ଭେୟାର **ସର୍ଭେଅର**

ସର୍ଭେଅର୍ ଜେନ୍(ନେ)ର(ରା)ଲ୍—ବୈଦେ. ବ (ଚତୁରଥ) (ଇଂ.
Sarbhear jen(ne)ra(rā)l ସର୍ଭେୟର୍ ଜେନେରାଲ୍)—
ସାର୍ଭେୟାର ଜେନେରାଲ **ସରମିସ** ସରକାରଙ୍କ ମାପ ବିଭାଗର ପ୍ରଦେଶର ବା
ସର୍ଭେଅର ଜେନେରଲ ସମସ୍ତ ରାଜ୍ୟର ସର୍ବୋଚ୍ଚ କର୍ମଚାରୀ—Survey General.

ସର୍ଭେଅର୍—ଦେ. ବ (ଇଂ. ସର୍ଭେଅର୍ସିପ୍)—ସର୍ଭେଅରର କର୍ମ ବା
Sarbheari ଗୃହର—The work or post of a sur-
ସାର୍ଭେୟାରି veyer. ଦେ. ବଣ—୧। ସର୍ଭେଅର ସମ୍ବନ୍ଧୀୟ—
ସର୍ଭେଅରି 1. Relating to a surveyer. ୨। ସର୍ଭେ ସମ୍ବନ୍ଧୀୟ—2. Relating to survey.
(ଯଥା—ସର୍ଭେଅର ମାଣ।)

ସର୍ଭେଅର ମାଣ—ଦେ. ବ (ଚତୁରଥ)—ବ୍ରିଟିସ୍ ସରକାରଙ୍କର ସର୍ଭେ
Sarbheari māṇa ମାପ ଅନୁସାରେ ମାପ କରାଯିବା ୨୪ ଦଣ୍ଡ

Digitized by srujanika@gmail.com

ଏକର ପଦ୍ଧତିର ମାଣ; ଏକର; ସର୍ବର୍ ମାଣ—Acre; a Māṇa measured by the 24 dasti rod.
ଏକର

ସର୍ଭେ ଅଇନ୍—ବୈଦେ. ବ (ଚତୁର୍ଥ) (ଇଂ. ସର୍ଭେ+ଫା.ଅଇନ୍) Sarbhe āin —ଯେଉଁ ଅଇନରେ ଜମି ମାପ ସମ୍ବନ୍ଧୀୟ ବିଷୟ (ସର୍ଭେ ଅଇନ୍—ଅନ୍ୟରୂପ) ମାନ ଲେଖା ଥାଏ—The Survey Act; the law relating to survey.
ସର୍ଭେ ଆଇନ ସର୍ଭେ କାନୁନ

ସର୍ଭେଇଙ୍ଗ୍—ବୈଦେ. ବ (ଇଂ. ସର୍ଭେଇଙ୍ଗ) —Sarbheing ଜମି ମାପ କରିବା କାର୍ଯ୍ୟ—Surveying. (ସର୍ଭେଇଂ—ଅଶୁଦ୍ଧ ଉଚ୍ଚାରଣ ଓ ଲିଖନ) ସର୍ଭେଇଙ୍ଗ୍ **ସର୍ଭେଇଂ**

ସର୍ଭେ ଇଲାକା—ବୈଦେ. ବ (ଚତୁର୍ଥ) (ଇଂ. ସର୍ଭେ+ଫା. ଇଲାକା) Sarbhe ilāka —ସର୍ଭେ ଡିପାର୍ଟମେଣ୍ଟ୍ (ଦେଖ) ସର୍ଭେ ଏଲାକା **ସର୍ଭେ ଇଲାକା** Sarbhe dipāṭmeṇṭ (See)

ସର୍ଭେ ଇସ୍କୁଲ—ବୈଦେ. ବ (ଇଂ. ସର୍ଭେ ସ୍କୁଲ୍)—ଯେଉଁ ବିଦ୍ୟାଳୟରେ ଛାତ୍ରମାନଙ୍କୁ ଜମିର ମାପ ଆଦି ସର୍ଭେ ଇସ୍କୁଲ **ସର୍ଭେ ଇସ୍କୁଲ** Sarbhe iskula ଶିକ୍ଷା ଦିଆଯାଏ—Survey school; a school for the training of students in surveying.

ସର୍ଭେ ଡିପାର୍ଟ(ର୍ଟ)ମେଣ୍ଟ୍—ବୈଦେ. ବ (ଚତୁର୍ଥ) (ଇଂ.)—ଜମି ମାପ Sarbhe ḍipāṭ(rṭ)meṇṭ କରିବା ପାଇଁ ନିଯୁକ୍ତ ସରକାର ସର୍ଭେ ଡିପାର୍ଟମେଣ୍ଟ **ସର୍ଭେ ଡିପାର୍ଟମେଣ୍ଟ** ବିଭାଗ—The Survey Department. [ଦ୍ର—ଏଡ଼ ବିଭାଗର ଉଚ୍ଚ ଉଚ୍ଚ କର୍ମଗୃଖଳର ଇଂରେଜ ନାମ ଅଛି । ଯଥା—ସୁପରଣ୍ଟେଣ୍ଡେଣ୍ଟ, ଅସିଷ୍ଟାଣ୍ଟ ସୁପରଣ୍ଟେଣ୍ଡେଣ୍ଟ, ଅଫିସର୍, ଅମିନ, ସୁପର୍-ଭାଇଜର୍ ଇତ୍ୟାଦି ।]

ସର୍ଭେ ନକ୍ସା—ବୈଦେ. ବ (ଚତୁର୍ଥ)—(ଇଂ. ସର୍ଭେ+ଫା. ନକ୍ସା)—Sarbhe naksā ଜମିମାପର ବିବରଣ ଯେଉଁ ନକ୍ସାରେ (ସର୍ଭେ ନକ୍ସା—ଦେ. ରୂପ) ଅଙ୍କିତ ହୋଇଥାଏ—A survey map; a map prepared or published in connection with the Survey operations of a tract of country- [ଦ୍ର—କୌଣସି ଅଞ୍ଚଳରେ ସରକାର ସର୍ଭେ ହୋଇଗଲେ ଉକ୍ତ ସମ୍ପୃକ୍ତ ଅଞ୍ଚଳର ମଜାମୁନ୍ ନକ୍ସା ଓ ପ୍ରତ୍ୟେକ ମଉଜାର ସ୍ୱତନ୍ତ୍ର ନକ୍ସାମାନ ଛାପି କରିଥାଏ ଓ ଉକ୍ତ ଅସଲ ନକ୍ସାମାନଙ୍କରୁ ଜରୀପୀୟାଙ୍କ ପ୍ରଣାଳୀରେ ମୁଦ୍ରିତ ନକ୍ସାମାନ ଛାପି କରିଯାଇ ତାହା ସଂସାଧାରଣଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ବିକି କରିଥାଏ । ପ୍ରତ୍ୟେକ ଜିଲ୍ଲାର କଲେକ୍ଟରମାନଙ୍କ ସିରସ୍ତାରେ ଏ ନକ୍ସାମାନ ବିକି ପାଇଁ ରଖା ଯାଇଥାଏ ।]
ସର୍ଭେ ନକ୍ସା ସର୍ଭେ ନକସା

ସର୍ଭେ ନ(ଲ)ମ୍ବର୍—ବୈଦେ. ବ (ଚତୁର୍ଥ) (ଇଂ. ସର୍ଭେ ନମ୍ବର)—Sarbhe na(la)mbar ସର୍ଭେ ମାପରେ ବ୍ୟବହୃତ ଜମି ଚିହ୍ନିତ (ସର୍ଭେ ନ[ଲ]ମ୍ବର—ଗ୍ରାମ୍ୟରୂପ) କରିବା ପାଇଁ ନକ୍ସାରେ ସର୍ଭେ ନମ୍ବର **ସର୍ଭେ ନମ୍ବର** ପ୍ରତ୍ୟେକ ଜମି (ପ୍ଲଟ୍)ରେ ଚିହ୍ନିତ ହୋଇଥିବା ସଂଖ୍ୟା—The Survey-number of a plot of land.

ସର୍ଭେ ପାଟି(ଟି)—ବୈଦେ. ବ (ଇଂ. ସର୍ଭେ ପାର୍ଟୀ)—ଜମି ମାପ Sarbhe pāṭi(rṭi) କରିବା ପାଇଁ ନିଯୁକ୍ତ କର୍ମଚାରୀଙ୍କ ଦଳ—A surveying party. **ସର୍ଭେପାଟି ସର୍ଭେ ପାର୍ଟୀ**

ସର୍ଭେ ମା(ମେ,ମ୍ୟା)ନୁ(ନ୍ୟୁ)ଅ(ଏ)ଲ୍—ବୈଦେ. ବ (ଇଂ. ସର୍ଭେ ମାନୁ- Sarbhe mā(me,myā)nu(nyu)a(e)l ଅଲ) —ସର୍ଭେ ସର୍ଭେମ୍ୟାନୁଅଲ୍ ବିଭାଗର କର୍ମଚାରୀଙ୍କ ବ୍ୟବହାରାର୍ଥ ସରଞ୍ଜାମେଣ୍ଟ ସମ୍ବନ୍ଧିତ ସମସ୍ତ ସର୍ଭେ ସଂବନ୍ଧୀୟ ଅଇନ୍ ଓ ବିଧି **ସର୍ଭେ ମ୍ୟାନୁଅଲ** ମାନ ଥିବା ପୁସ୍ତକ—A manual of Survey.

ସର୍ଭେ ସନ୍ତ୍ର—ବେ. ବ—ଜମି ମାପ କରିବା ପାଇଁ ବ୍ୟବହୃତ ଯନ୍ତ୍ର— Sarbhe jantra Surveying instrument. ସର୍ଭେଯନ୍ତ୍ର **ସର୍ଭେ ଯନ୍ତ୍ର**

ସର୍ଭେ ସେଟଲ୍‌ମେଣ୍ଟ୍—ବୈଦେ. ବ (ଇଂ, ସର୍ଭେ ସେଟ୍‌ଲ୍‌ମେଣ୍ଟ୍)— Sarbhe seṭalmeṇṭ ଜମିର ମାପ ଓ ବୁଝାସୁଝା କରୁଥିବା ସାର୍ଭେ ସେଟେଲ୍‌ମେଣ୍ଟ୍ ସରକାର ବିଭାଗ ଓ କର୍ମ ପ୍ରଣାଳୀ ଦୁଇଟି— The Survey and Settlement Departments and operations. **ସର୍ଭେ ସେଟଲମେଣ୍ଟ**

ସର୍ଭେ ସ୍କୁଲ୍—ବୈଦେ. ବ (ଇଂ. ସର୍ଭେ ସ୍କୁଲ୍)—ସର୍ଭେ ଶିକ୍ଷା ଦିଆ Sarbhe skula ହେବା ବିଦ୍ୟାଳୟ—Survey school. ସାର୍ଭେ ସ୍କୁଲ **ସର୍ଭେ ସ୍କୁଲ**

ସର୍ଭେ ହାକିମ—ବୈଦେ. ବ (ଇଂ. ସର୍ଭେ+ଫା. ହକିମ)—ସର୍ଭେ Sarbhe hākima ବିଭାଗର ଉଚ୍ଚ କର୍ମଗୃଖଳ—An official of the Survey Department. ସାର୍ଭେ ହାକିମ **ସର୍ଭେ ହାକିମ**

ସର୍ମ—ବୈଦେ. ବ (ଫା. ଶର୍ମ୍)—ସରମ୍ (ଦେଖ) Sarma Saram (See)
ଦେ. ବ (ସଂ. ଶ୍ରମ)—ଶ୍ରମ; ପରିଶ୍ରମ—Labour.

ସର୍ଲା—ପ୍ରାଦେ (ଲହଡା) ବିଣ—ପିଚ୍ଛିଳ; ଖସଡ଼ା— Sarlā Slimy; slippery.

ସର୍ଲି ପଡ଼ିବା—ପ୍ରାଦେ (ସମ୍ବଲପୁର) କି—ସର୍ଦ୍ଦି ପଡ଼ିବା (ଦେଖ) Sarli pardibā Sardi pardibā. (See)

ସର୍ଲି ମାରିବା—ପ୍ରାଦେ. (ଘାଟଣା) କି—ସୁ ସୁ ଶବ୍ଦ କରିବା— Sarli māribā To produce a hissing sound.

ସର୍ଲି ଯିବା—ପ୍ରାଦେ (ଘାଟଣା) କି—ଗୋଡ ଖସି ଯିବାରୁ ପଡ଼ିଯିବା— Sarli jibā To trip or stumble on account of the feet slipping on a slippery road or thing.

ସର୍ସିଆ—ପ୍ରାଦେ. (ସମ୍ବଲପୁର) ବ—୧ । ସମକାଳୀନ; ସମବୟସ୍କ— Sarsiā 1. Contemporary. ୨ । ସମବୟସ୍କ—2. Of the same age coeval. ୩ । ସମତୁଲ— 3. Rival; equal.

ସର୍ଷପ—ସଂ. ବ (ସୃ. ଧାତୁ=ଗମନ କରିବା+କପ୍ରତ୍ୟୟ. ଅର୍ଥ; 'ଷ' ସର୍ଷପ ଅଗମ)—୧ । ଷୋଳଷ ନାମକ ତୈଳବୀଜ ଓ ସରିଷା, ସରିଷ ତହିର ଗୁଳ୍ମ—1. Mustard; **ସର୍ଷୋ,ରାଇ,କାଲିରାଇ,ସରସୋ,ଜାହି;** rape seed; Brassica **ବନାସିରାଇ,ଜାଗ୍‌ରାଇ, ଘୋର୍‌ରାଇ** Nigra; Brassica Napus. ଫା. ସର୍ଷପ୍ [ଦ୍ର—ଏହା କୃଷିଜାତ ଗୁଳ୍ମ

Digitized by srujanika@gmail.com

ବହାର. ତୋଷ
ଅ. ହୁଫେଅରସ୍ୱତ୍
ତୈ. ଗୃ ଗ୍ ଅଗାଲ୍ଲ, ଅବାଲ୍ଲ
ମ. ମୋହଗ୍ଗ
ସଂସ୍କୃତ ପର୍ଯ୍ୟାୟ—କଟୁକ, ସ୍ନେହ, ତନୁରୁହ, ତୀକ୍ଷ୍ଣଗନ୍ଧ, ସର୍ଷପ, ତୁଣ୍ଡିକେରି, ତୁଦ୍ରସ୍ନେହ, ସର୍ଷପ, ସୁତୀକ୍ଷ୍ଣକ, ତୁଦ୍ରସ୍ନ, କୃଷ୍ଣନାଶକ।

ଅଟେ। ଏଥିର ଫୁଲ ହଳଦିଆ ଓ ଛୁଇଁ ସରୁ। ଛୁଇଁ ମଧ୍ୟରେ ଛୋଟ ଛୋଟ ପଞ୍ଜି ଥାଏ। ଏହା ଗଛର ସତର ଡେଙ୍ଗ ଓ ଲମ୍ବ ନାହିଁ। ଏ ସାଙ୍ଗର ବର୍ଣ୍ଣ ନାଲ। ଏ ସାଙ୍ଗକୁ ଘଣାରେ ପେଡ଼ିଲେ ଏଥିରୁ ତେଲ (ସୋରିଷ ତେଲ, ସର୍ଷପତୈଳ) ବାହାରେ। ଏହା ତେଲକୁ ନାଢ଼ଦଣ୍ଡିରେ ଓ ଖାଦ ତଳରେ ଘଷିଲେ ଶର୍ଦ୍ଦି ହଲ ହୁଏ; ନାନା ଜାଉର ସୋରିଷ ଅଛି। ଯଥା—

(୧) ଗୁଇ ସୋରିଷ (ସଂ. ଗୁଡ଼କା, ଗୁଡ଼ସର୍ଷପ); ଏହି ସୋରିଷ ଛୋଟ ଏବଂ ନାଲ ଓ ଖଇର ରଙ୍ଗର। ଏହାର ସତର ମୂଳ ଅଙ୍ଗ ଅପେକ୍ଷା ସରୁ।

(୨) ଧଳା ସୋରିଷ (ସଂ. ଶ୍ୱେତିକା, ଗୌର, ସିଦ୍ଧାର୍ଥ ବା ଶ୍ୱେତ ସର୍ଷପ)—

ଏହାର ସାଙ୍ଗ ଗୌରବର୍ଣ୍ଣ।

(୩) ରକ୍ତ ସର୍ଷପ ବା ସାଧାରଣ ସୋରିଷ।

ଏହି ସବୁ ଜାତିର ସୋରିଷର ସାଙ୍ଗକୁ ପେଡ଼ିଲେ ସେଥିରୁ କଟୁ ବା ସ୍ୱଗ୍ଧ ତେଲ ବାହାରେ। ଏ ତେଲ ଦେହରେ ଲଗାଇବା, ଜାଳିବା, ଛଅଣ, ଡଲା ଓ ଅଗ୍ଦର ପ୍ରସ୍ତୁତରେ ବ୍ୟବହୃତ ହୁଏ। ଗୁଇ ସୋରିଷରୁ ତେଲ ବେଶୀ ବାହାରେ। ସୋରିଷ ବଟାକୁ ବେସର ବୋଲପାଏ ଏବଂ ଏହା ଛଅଣରେ ଓ ଅଗ୍ଦରରେ ବ୍ୟବହୃତ ହୁଏ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଉଷ୍ଣ, କଟୁରସ, କଟୁ-ବିପାକ, ସ୍ନିଗ୍ଧ, ତୀକ୍ଷ୍ଣ, ଉଷ୍ଣବୀର୍ଯ୍ୟ, କଫବାତଘ୍ନ, ରକ୍ତପିତ୍ତ ଓ ଅଗ୍ନିବର୍ଦ୍ଧକ, କଣ୍ଡୁ, କୃଷ୍ଠ, କୃମି ଓ ଗ୍ରନ୍ଥିଦୋଷନାଶକ ଅଟେ।] ୨। ୬ ଲଙ୍ଗା ସରିଷାଣ—2. A very small standard of weight.

ସର୍ଷପ ତୈଳ—ସଂ. ନ (ସର୍ଷପ+ସ୍ନେହାର୍ଥେ ତୈଳ)—ସର୍ଷପରୁ
Sarshapa taila ଜାତ ତୈଳ; ସୋରିଷ ତେଲ—
Mustard oil.

ସର୍ଷପାରିଲା—ବୈଦେ. ନ (ଇଂ ସାର୍ସାପାରିଲା)—ଚେମିଡ଼ ଲଇ ମୂଳ
Sarshapārilā ଥଦ୍ୱାରା ଔଷଧିକ ପ୍ରକ୍ରିୟାରେ ପ୍ରସ୍ତୁତ ରକ୍ତ-
ସାର୍ସାପାରିଲା **सार्सापैरिला** ଶୋଧକ ଘାସୟୁ ଔଷଧ-
ବିଶେଷ—Sarsapa rilla; a medicinal decoction made from the dried root of certain plants.

ସର୍ଷପୀ—ସଂ ନ—ଖଞ୍ଜନିକା; ଖଞ୍ଜନପକ୍ଷୀ; କଳଳପାଉଁଜାତୀୟ ଚଢ଼େଇ
Sarshapī [ହିଁ ଜାତି ବିଶେଷ)—The blue wagtail (bird).

ସର୍ସର—ଦେ. ବିଣ ଓ ଅ—ସରସର (ଦେଖ)
Sarsara Sarasara (See)

ସର୍ସରି—ବୈଦେ. ବିଣ—ସରସର (ଦେଖ)
Sarsari Sarāsari (See)

ସର୍ହଦ୍—ବୈଦେ. ନ (ଜଟିଳ)—(ଅ. ସର୍‌ହଦ)—୧। ସୀମା—
Sarhad 1. Boundary. ୨। ଚୌଗଡ଼ି ସ୍ଥାନର
सरहद सरहद् ଚତୁଃସୀମା—2. The boundary of a place on all sides.

ସର୍ହଦ୍ ଖୁଣ୍ଟ(ଣ୍ଟି)—ଦେ. ନ (ଜଟିଳ)—ସୀମାଜ୍ଞାପକ ସ୍ତମ୍ଭ—
Sarhad khunṭa(ṇṭi) A boundary pillar.
सरहद खूंटो सरहद् खूंटी

ସର୍ହଦ୍ ବିବାଦ—ଦେ. ନ (ଜଟିଳ)—ସୀମା ବିଷୟକ ଘୋର ବିବାଦ—
Sarhad bibāda A boundary dispute.
(ସର୍ହଦ୍ ମକାଦ୍ଦମା—ଅନ୍ୟରୂପ)
सरहद विवाद सरहद् विवाद

ସର୍ହଦ୍ ସୀମା(ସୀମାନା)—ଦେ. ନ—ଜମିର ସୀମା ରେଖା—
Sarhad sīmā(simānā) Boundary line.
सरहद सीमा सरहद् सीमा

ସଲ୍ (ଧାତୁ)—ସଂ.—ଶୀଘ୍ର ଗମନ କରିବା—
Sal(root) To go swiftly.

ସଲ୍—ଦେ. ବ. (ହେବ୍ରୁ ନାମ)—ବାଇବଲ୍ ଲିଖିତ ବ୍ରହ୍ମ
Sal ଡାଉଡ଼ଙ୍କ ଶ୍ୱଶୁର—Saul, the father-
सल् सल in-law of King David.
[ଦ୍ର—ସଲ୍ ବାଇବଲ୍‌ର ପୂର୍ବଭଜ ଶାସ୍ତ୍ର (Old Testament) ର ୧ମ ଖଣ୍ଡ ସାମୁୟଲ୍ (Samuel)ରେ ଲିଖିତ ଇସ୍‌ରେଇଲ୍ (Israil) ବାସୀମାନଙ୍କ ରାଜା। ଏହାଙ୍କ ପିତାଙ୍କ ନାମ କିସ୍ (Kish)। ଈଶ୍ୱରଦେଶ ଅନୁସାରେ ସାମୁୟଲ୍ ଏହାଙ୍କୁ ଈଶ୍ୱରଥୁରକ ଇସ୍‌ରେଇଲ୍‌ବାସୀଙ୍କ ସେନାଧ୍ୟକ୍ଷ ବା ରାଜାରୂପେ ଅଭିଷିକ୍ତ କରିଥିଲେ। ଏ ହେତୁରେ ଇସ୍‌ରେଇଲ୍‌ବାସୀଙ୍କୁ ପ୍ରତିମାପୂଜକ ଫିଲିଷ୍ଟାଇନ୍ (Philistines) ମାନଙ୍କଠାରୁ ରକ୍ଷା କରିଥିଲେ। ଡାଉଡ୍ ନାମକ ଜଣେ ଈଶ୍ୱରଭକ୍ତ ସାରଙ୍କୁ ସଲ୍ ନିଜର ଗୋଟିଏ କନ୍ୟାକୁ ଦାନ କରିଥିଲେ। କନ୍ତୁ ପରେ ଡାଉଡ଼ଙ୍କ ଯଶୋ-ବୃଦ୍ଧିରେ ସଲ୍ ଈର୍ଷାନ୍ୱିତ ହୋଇ ଡାଉଡ଼ଙ୍କୁ ହତ୍ୟା କରିବାକୁ ନାନା ଚତୁରାନ୍ତ କରି ଅକୃତକାର୍ଯ୍ୟ ହେଲେ। ପରେ ଈଶ୍ୱରଦେଶରେ ସଲ୍ ସ୍ୱଜପଦରୁ ଚ୍ୟୁତ ହେଲେ ଏବଂ ତାଙ୍କ ସ୍ଥଳରେ ଡାଉଡ଼ (David) ସ୍ୱଜପଦରେ ଅଭିଷିକ୍ତ ହେଲେ। ଅବଶେଷରେ ପ୍ରତିମାପୂଜକମାନଙ୍କ ସଙ୍ଗେ ପୃଷ୍ଠରେ ପରାସ୍ତ ହୋଇ ସଲ୍ ନିଜେ ଗୋଟିଏ ଖଡ୍ଗ ଉପରେ ଝଡ଼ ଅସ୍ତ୍ରହତ୍ୟା କଲେ।]

ସଲ୍‌ଟଣ(ନ)—ଦେ. ବ—ସଲ୍‌ଟଣ (ଦେଖ)
Sal-ṭaṇa(na) Salṭaṇa. (See)

ସଲ୍‌ତା—ଗ୍ରାଦେ (ସମ୍ବଲପୁର) ବ—ବଳତା; ସଳତା—
Sal-tā A lamp-wick.

Digitized by srujanika@gmail.com

ସଲ୍‌ତା ବାଟ୍‌ବା—ସ୍ରୀଦେ. (ସମ୍ବଲପୁର) କି—ବଳତା ବଳବା—To Sal-tā bāṭ-bā twist pieces of rags into wicks.

ସଲ୍‌ମା—ବୈଦେ. ବ (ଫା. ସଲ୍‌ମା)—ସୂନା, ରୂପା ବା ଟିଲ୍‌ଟରେ Sal-mā ଛଅର ଘୁରୁଅ ଢୋଇଥିବା ଚକଚକିଆ ଗୋଲ ତାର— ସଲମା Circular bits or spirals of tinfoils; a foil ସଲମା of tin. [ଦୃ—ଏହା ଛୋଟି ଓ ଗାଢ଼ା ଅଦରେ ନକ୍‌ସା ତଥାର ଦେବାରେ ସିଥାଁ ପାଏ ।]

ସଲ—ଦେ, ବ. ଓ ବଣ (ସଂ. ଶଲ୍ୟ)—ଶଲ (ଦେଶ)— Sala Śala. (See)

[ଉ—ଭଲ ଭଲ ଲେଟେଟ ଯାହା କହୁଥିଲେ ମଣିଲ ତାହା ମୁଁ ସଲ ଦେ । ବଶ୍ୱନାଥ. ବଚନ ସ୍ୱାସ୍ଥ୍ୟ ।]

ସଳ—ସଂ: ବ (ସଲ୍‌ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ ଅ)— Sala ଜଳ; ବାର; ପାଣି—Water. ସ୍ରା. କି ବଣ—ସତ୍ୱଳ; ଶୀଘ୍ର ଜଲଦି ଶୀଘ୍ର; ତତ୍ପର—Soon. ସ୍ରା. ବଣ— ସରଳ ସରଲ (ସଂ. ସରଲ)—ସରଳ—Easy; straight.

ସଲଉଜ—ବୈଦେ. ବ (ଇଂ. ସେଲେଜ୍ୱ)—ସଲ୍ଲେଜ (ଦେଶ)— Salauja Saloja (See)

ସଲ(ଲ୍ଲ)କି—ଦେ. ବ (ସଂ. ଶଲ୍ଲକୀ)—ଝିଙ୍କ ପଶୁ—Porcupine. Sala(lla)ki [ଉ—ଛଡ଼ ସଲକି ସଲ ଶ୍ୱାନହିଁ ଢ଼ଂସେ ଯେ: ସଜାରୁ ସାହି —ଭଞ୍ଜ. ଲବଣ୍ୟବତୀ]

ସଲକ୍ଷଣ—ଦେ. ବଣ—୧ । ସନୋହର—1. Beautiful. ୨ । Salakshaṇa ଉତ୍ତମ ଲଷଣ ବଶିଷ୍ଟ—2. Having good ସଲକ୍ଷଣ ସଲକ୍ଷଣ signs. ଦେ. ବ—୧ । (ସଂ. ସୁ-ଲକ୍ଷଣ)—ଉତ୍ତମ ଲଷଣ—1. Good internal indication. ୨ । ସଧବା ଲଷଣ—2. The sign of wifehood. [ଉ—ବୋଲ ସଧୂା ସଦ୍ଦରେ ସଲକ୍ଷଣ ଅଟ୍ଟଦରେ ଯୁକ୍ତ ଢୋଇଣ ସ୍ୱାମୀବେ ଗଳବନ୍ଦ ଯେ ।—ଭଞ୍ଜ. ବୈଦେଗ୍ଧଶତଲାସ]

ସଲଖ—ଦେ. ବଣ (ସଂ. ସରଳ; ଅ. ସତ୍ତଲ୍‌=ସତ୍ତଜ୍‌)—ସରଳ; Salakha ସିଧା; ଅବକ୍ର—Straight. [ଉ—ନାଉଠାରୁ ସୋଜା ସୀଧା ମେରୁଦଣ୍ଡ କରିବ ସଲଖ ।—ସ୍ରାତୀ. ଗୁରୁ-(ବଙ୍କା—ବପଶ୍ଚତ) ଉତ୍କ୍ରାନ୍ତି] ବେ. କି. ବଣ—୧ । ସହଜଭାବେ ସୀଧାହୋକର ସରଳ ଭାବରେ; ସିଧା ଢୋଇ— 1. In a straightforward course. ୨ । ଅବଳମ୍ବେ; ଉଦ୍‌ଯୋଗ—2. Straightway. [ଉ—ମିଶିବା ଅଶାରେ ଗଲେ ଜରବେଗେ ସଲଖେ ଧାଇଁ —ରାଧାନାଥ. ଉଷା ।]

ସଲଖା—ଦେ. ବଣ—ସଲଖ; ସିଧା—Straight. [ଉ—ବାଘ Salakhā ବଙ୍କା ପୁଅ ସଲଖା, ନାଉ ଟୋକା ଭର ଉରବା— ସୋଜା ସୀଧା ପ୍ରତ୍ତେଳକା; ଉତ୍ତର—ବାଡ଼ୁଳଗଡ଼ା ବା ଧନୁ]

ସଲଖା(ଖେ)ଇବା—ଦେ. କି—ସଳଖିବା କିମ୍ବାର ଣିଜନ୍ତ ରୂପ— Salakhā(khe)ibā Causative form of the verb ସୋଜାକରାନ ସୀଧାକରାନା to straighten.

ସଲଖା ସଲଖି—ଦେ. କି. ବଣ—ସିଧାର ସିଧାର; ସିଧା ସିଧା— Salakhā salakhi Straightly; straightforwardly. ସୋଜାସୋଜି ସୀଧାସୀଧା

ସଲଖି—ଦେ. କି. ବଣ (ପଦ୍ୟ)—ସଲଖେ; ସିଧା ଢୋଇ—Straight- Salakhi ightly. [ଉ—ବାଳ ଦୁଇଦେଗେ ସଲଖି ସୋଜାକରିୟା ଗଳ ଗଲ୍ଲ, ଅଡ଼ୁଅଳ ପର୍‌ ଢୋଇଣ ରହିଲ୍ଲ । ସୀଧାହୋକର —କୃଷ୍ଣସିଂହ. ମହାଶ୍ୱରତ ବନ]

ସଲଖିବା—ଦେ. କି—୧ । ବକ୍ର ପଦାର୍ଥକୁ ଋଜୁ କରିବା; ସିଧା କରିବା Salakhibā 1. To straighten. [ଉ—ଲଟ୍ଟତ ସୋଜାକରା ସୀଧାକରନା ଅକାଶରେ ଘୋଟ ଉଡ଼ି ଗଲେ, କଟିତ ଧନ୍ୱ ପିଠିଟ ସଲଖିଲେ ।—କୃଷ୍ଣସିଂହ. ମହା-ସୋଜାସୋଜାଯାଓୟା ସୀଧାଜାନା ଭ୍ରତ ଅଦ] ୨ । ଦିଧାର ସିଧାର ଯିବା; ସରଳରେଖାରେ ଗତି କରିବା— 2. To go straight. [ଉ—ସେ ଜଙ୍କରୁ ଏକ-ଦମ ଘୁଷ୍ଟକ ସଲଖିଲେ ।] ୩ । ସିଧା ଢୋଇ ବସିବା— ସୋଜା ହୟେବସା ସୀଧାବୈଠନା 3. To sit upright. ୪ । ଗୋଟିଏ ସିଧା ସଦାର୍ଥ ପ୍ରସ୍ତୁତ କରିବା—4. To ସୋଜାକରା ସୀଧାକରନା prepare a straight thing. [ଉ—ମୁଁ ତା ପାଇଁ ଗୋଟିଏ ସେଗ ସଲଖୁଛୁ (ଅର୍ଥାତ ତା ପାଇଁ ଗୋଟିଏ ସିଧା ସେଗ ଉଅର କରୁଛି, ଅର୍ଥାତ ତାକୁ ଜବତ କରିବାକୁ ସଡ଼ଯନ୍ତ୍ର କରୁଛି) ।] ୫ । (ଲକ୍ଷଣାର୍ଥ) ଦୁଷ୍ଟ ବା ଅପରାଧୀ ବ୍ୟକ୍ତିକୁ ଦଣ୍ଡାଦି ଦ୍ୱାରା ସଯମିତ କରିବା—5. To teach a lesson to an offender; to bring an offender or a wicked person to book. ୬ । (ଭାଗ୍ୟ) ଉଦୟ ହେବା; (ଉଲଦଶା) ଉପସ୍ଥିତ ହେବା— 6. To dawn (said of good luck); to be in the ascendant. (ଯଥା—ବଝିମାନ ତା ଭାଗ୍ୟ ସଲଖିଛି ।]

ସଲଖି ହେବା—ଦେ. କି—୧ । ସ୍ୱୟଂ ସଲଖ ବା ସିଧା ହେବା— Salakhi hebā 1. To become straight. [ଉ—ସୋଜାହୋୟା ସୀଧାହୋନା ବାର ବରଷରେ କୁବୁରଲଞ୍ଜ ସଲଖି ହୁଏ ନାହିଁ—ଛଗ] ୨ । (ଲକ୍ଷଣାର୍ଥ) ଦୁଷ୍ଟ ବା କ୍ରୂର ପ୍ରକୃତି ତ୍ୟାଗ କରି ସ୍ୱଭାବ ହେବା— 2. To improve; to give up one's crooked or wicked ways and become good.

ସଲଖେ ସଲଖେ—ଦେ. କି. ବଣ—୧। ସିଧାର ସିଧାର; ଋଜୁଭାବରେ— Salakhe salakhe 1. Straight; in a straight ସୋଜା ସୋଜା, ସୋଜା ସଜି manner; straightfor- ସୀଧାସୀଧା wardly. ୨ । ତତ୍ପର ଭାବରେ; ଅନ୍ୟର ଅପେକ୍ଷା ନ କରି—2. Directly. (ଯଥା; ଜମିଦାର ମ୍ଭା ଉଷରେ ଜୁଲମ କରିବାରୁ ମୁଁ ସଲଖେ ସଲଖେ ଥାନାକୁ ଚାଲିଗଲି ।)

Digitized by srujanika@gmail.com

ସଲଗ—ସ. ବିଣ (ସ. ସଲଗ୍ନ)—୧ । ସଲଗ୍ନ; ଲଗାଲଗ —1. Adjoining. ୨ । ସଂଯତ—2. Restrained; controlled; regulated. ୩ । ସମ୍ବଦ୍ଧ—3. Connected.
Salaga
Salagarda

ସଲଗଡ଼—ଦେ. ବିଣ—ସଲଗ (ଦେଶ)—Salaga (See. [ଉ—ସେ ଅଲଗଡ଼ ସଲଗଡ଼ କର ଗୁଡ଼ାଏ ବଡ ଲାଗାଲାଗି ସଂଲଗ୍ନ (ଅଲଗଡ଼—ବ୍ୟତ୍ୟୟ) ଗଲ୍ପ ।]

ସଲଗା—ପ୍ରାଦେ. (ଗଣିତାମ) ବି—(ଟେଲିଙ୍ଗ ଶବ୍ଦ) ୧ । ୨୦ ପୁଞ୍ଜା ବା ଏକ ପଣ ବସ୍ତୁ—1. An aggregate of eighty articles ୨। ୨୦ ମାଣ ପରିମିତ ଶସ୍ୟାଦି—2. A measure of 20 pots of grain etc.
Salagā

ସଲଗ (ଗେ) ଇବା—ପ୍ରାଦେ (ଗଡ଼ଜାତ) କ୍ରି—୧ । ସଜାଡ଼ିଦେବା—1. To set right. ୨ । ସୁବ୍ୟବସ୍ଥିତ କରିବା—2. To regulate. ୩ । ସଲଗ୍ନ କରିବା—3. To attach; to fasten.
Salagā (ge) ibā

ସଲଗେ—ଦେ. ଅ—ଲଗାଲଗି ହୋଇ—Lying closely. [ଯେ-ରହିବାକୁ ଜଣେ ମନ ଯେଉଁଠାରେ ସଲଗେ ସୁଖାଦ ସେଇ ଲାଗାଲାଗିହୋଇ ସଂଲଗ୍ନହୋକର ରହିବ ।—ଭଞ୍ଜ କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ]
Salage

ସଲଗ୍ନ—ସ. ବିଣ—(ସ+ଲଗ୍ନ; ବହୁବ୍ରୀ ସମା) ଲଗ୍ନ ସହିତ—Accompanied with the 'Lagna', ପ୍ରା: ବିଣ—ସଂଲଗ୍ନ ସଂଲଗ୍ନ (ସ.ସଲଗ୍ନ)ସଲଗ୍ନ (ଦେଶ) Samlagna (See).
Salagna

ସଲଗ୍ନି—ଦେ. ବିଣ (ସ. ସଲଗ୍ନ)—୧ ।ରକ୍ତତଃ ରକ୍ତ ସମ୍ପର୍କୀୟ (ବ୍ୟକ୍ତି) —1. Closely related by blood. ୨। କୁଟୁମ୍ବର କୁଟୁମ ସଂଲଗ୍ନ ବା ଜ୍ଞାତିର (ବ୍ୟକ୍ତି)—2. Agnatic. [ସଲଗ୍ନିକ—ଅନ୍ୟରୂପ]
Salagni

ସଲଘ—ଦେ. ବିଣ (ସ. ଶ୍ଲାଘ୍ୟ)—୧ । ସୁନ୍ଦର—1. Beautiful. ୨ । ଉତ୍ତମ—2. Good. ୩ । (ସ. ସଂଲଗ୍ନ) ସୁନ୍ଦର ସୁଘଡ଼ ସୁବ୍ୟବସ୍ଥିତ—3. Well regulated or restrained. ୪ । ସୁରଚିତ—4. Well composed. [ଉ—ବରଣ ପଦାର୍ଥର ବସ୍ତ୍ରାଳଙ୍କାର ସଲଘ ଉପଯୁକ୍ତ ରୂପ ଅନଘ ସେ—ଭଞ୍ଜ· ବୈଦେହୀଶବଳାସ ।]
Salagha

ସଲଙ୍ଗି—ପ୍ରାଦେ. (ଘାଟଣା ବଜ୍ରଙ୍ଗିର) ବି—ସଡ଼ଙ୍ଗୀ (ଦେଶ)
Salangi Shardingī (See)

ସଲଜ(ଜ୍ଜା)—ଦେ· ବିଣ. ତ୍ରି· (ସ·. ସଲଜ୍ଜ)—୧ । ସଲଜ୍ଜ; ଲଜ୍ଜାଯୁକ୍ତ—1. Modest; bashful. ୨ । ଲଜ୍ଜିତ—2. Ashamed. [ଉ—ସଲଜ ବାଏ ବଲଜ [ବଲଜ—ବ୍ୟତ୍ୟୟ] ଗାଏ, ଅଉ ଅଳ୍ପଭୁକ ନାଚନାଉ ଯାଏ-ଭଗ]
Salaja(jjā)
[ସଲଜୀ—ସ୍ତ୍ରୀ]

ସଲଜ୍ଜ—ସ. ବିଣ. ତ୍ରି· (ବହୁବ୍ରୀ; ସ=ସହିତ+ଲଜ୍ଜା)—ସଜ୍ଜାଳୁ; ଲଜ୍ଜାଯୁକ୍ତ—Modest.
Salajja
[ସଲଜ୍ଜା—ସ୍ତ୍ରୀ] [ଜର୍ଲଜ୍ଜ—ବ୍ୟତ୍ୟୟ]

ସଲତା—ଦେ· ବିଣ—୧ । ଅଳ୍ପ ଆର୍ଦ୍ର—1. Slightly wet or moist. ୨ । ଥଣ୍ଡା—2. Cold.
Salatā
ସଁ ାଁତସେଁତେ ହାଲ

ସଲତେଇବା—ଦେ. କି—ଅଳ୍ପ ଜଳଯୁକ୍ତ କରିବା—To make slightly watery. [ଉ—ଉଅଣକୁ ସଲ-ତେଇ କରୁଁଗୁନ୍ ।]
Salateibā

ସଲନ୍ତ—ଦେ. ବି—୧ । ଈଷତ ଆର୍ଦ୍ରତା—1. Slight wetness.
Salanta
ସଁ ାଁତସେଁତେ ହାଲ

ସଲପ—ଦେ· ବି—ସଡ଼ପ (ଦେଶ)
Salapa Sardapa (See)

ସଲପତ୍ର—ସ. ବି—ଦାରୁଚିନି (ହି. ଶ)—
Salapatra Cinnamon.

ସଲ ପଶିବା—ପ୍ରାଦେ· (ସମ୍ବଲପୁର) ବି—ବଥା ପଶିବା—
Sala pasibā Stitching pain.

ସଲ ବଲ—ପ୍ରାଦେ. (ପୁଂ) ବିଣ—(ଅନ୍ୟତ୍ର କୌଣସି ବସ୍ତୁ ଦେଖି) ବିମର୍ଷ—Dejected.
Sala bala

[ସାଲ୍ବାଲ୍—ଅନ୍ୟ ଅବ୍ୟୟ ରୂପ] ଦେ. ଅ—୧। କୌଣସି ଉଦ୍ଦିଷ୍ଟ ଗଜଗଜେ ଖଦ୍ୟଦ୍ ବସ୍ତୁ ମଧ୍ୟରେ ଅନ୍ୟ ଜାତିୟର ବହୁଳ ମିଶ୍ରଣ—1. The profuse mixing of one article with another definite article. ୨ । ଏକ ଜାତିୟ ବହୁ କ୍ଷୁଦ୍ର ଜୀବଙ୍କର ଇତସ୍ତତଃ ସଞ୍ଚରଣ ପ୍ରକାରେ; ସାଲ୍ ସାଲ୍ (ଦେଶ)—2. Sālu sālu (See) [ଉ—ଏଠାରେ ଡେଲ୍ଲୀ ପୋକଗୁଡ଼ାକ ସଲ ବଲ ଦେଇଅଛନ୍ତି; ମୁଣ୍ଡରେ ଜକୁଣି ସାଲ୍ ସାଲ୍ ଦେଇଅଛନ୍ତି ।]

ସଲ ମୁଦି—ପ୍ରାଦେ. (ସମ୍ବଲପୁର) ବି—ବଜ୍ରକାଗଡା ମୁଦି—A ring made of the scales of the pangoline.
Sala mudi

ସଲ(ଳ୍ଳ)ରା—ଦେ. ବି—ଶଲରା (ଦେଶ)—Salarā (See)
Sala(lla)rā କରେଲା ଗନ୍ଦା

ସଲରି—ଦେ. ବି—କାଦୁଅଖୁଦ୍ରୀ ଝୋଟି—A species of small wading bird; the bar-tailed god-wit Limosa Lapponica.
Salari କାଦା ଖୋଚା

[ଦ୍ର—ଏହି ପକ୍ଷୀମାନଙ୍କର ଗୋଡ ଲମ୍ବ ଓ ଥଣ୍ଟ ବଡ଼ । ଏମାନେ ଜଳତଳରେ ଖୁବ ପାଖ ଇଂ ଓ ଲମ୍ବରେ ଛଅ ଇଞ୍ଚ ବଢ଼ନ୍ତି । ଏମାନଙ୍କ ଲାଞ୍ଜଟା ଅତି ସୁନ୍ଦର । ଏମାନେ କାଦୁଅ ଜାଗାରେ ଲୁଚି ଥଣ୍ଟଦ୍ୱାରା ଖୁମି କାଦୁଅରୁ ପୋକ ଟୋକ ଟେଣ୍ଟା ଅତି ଧର ଖାଅନ୍ତି ଏବଂ ଏମାନେ 'ଗି' 'ଗି' ଶବ୍ଦ କରନ୍ତି ।]

Digitized by srujanika@gmail.com

ସଲ ସଲ—ଦେ. ଅ—ଦେହ ଉପରେ ସୂତା ବା ଲୁଣ୍ଠା ଆଦି ହାଲୁବା ସଲ ସଲ ଭାବରେ ସ୍ପର୍ଶ କଲେ ଯେଉଁ କଣ୍ଡୁ ଅନୁଭୂତ ହୁଏ; ସଡ଼ ସଡ଼ ଗଲ ଗଲ—Tickling sensation felt on the body when a light article is passed over it.

ସଲସଲ

ସଲ ସଲ କରିବା—ଦେ. କି—କୌଣସି ଅଙ୍ଗରେ ବା କାନର ଛିଦ୍ରରେ ହାଲୁକାଭାବରେ କାଠି ବୁଲାଇବାଦ୍ୱାରା ସଡ଼ ସଡ଼ କରା ସେଠାରେ ଗଲ୍ଲ ଜନ୍ମାଇବା—To produce a tickling sensation on any part of the body by moving some light and slender thing (e. g. feather) over it.

ସଲସଲାନା

[ସଲ୍ଲ(ଲେ) ଇବା—ଅନ୍ୟରୂପ]

ସଲ ସଲିଆ—ଦେ. ବିଶ—୧। ଯାହା ସଲ ସଲ ଜରେ—1. Tickling. ୨। ସଲ ସଲ ବୋଧ ହେଉଥିବା—2. Ticklish.

ସଲସଲିଆ

ସଲ୍ଲ—ବୈଦେ. ବି (ଅ. ସଲ୍ଲହ୍) —୧। ପରାମର୍ଶ; ମନ୍ତ୍ରଣା—1. Consultation. ୨। ଉପଦେଶ—2. Advice. ୩। ଷଡ଼ଯନ୍ତ୍ର—3. Conspiracy; plotting. ୪। ପକ୍ଷରେ ରଖିବା—4. Winning over to one's side. [ଉ—ମନାକୁ ସଲ୍ଲରେ ରଖିବାକୁ ଦେବ—ଫକୀରମୋହନ. ଗଲ୍ପସ୍ୱଲ୍ପ ।]

ସଲା

ସଲାହ ୩।

ସଲାକା, ସଲା—ଦେ. ବି—୧। (ସଂ. ଶଲାକା) ଶଲାକା—1. A long slender rod. ୨। ଶଲ୍ଲଇ (ଦେଶ)—2. Salāi (See)

ସଲାଇ

ସଲ୍ଲ(ଲେ)ଇ—ପ୍ରାଦେ. (ଉତ୍କଳ ବାଲେଶ୍ୱର) ବି—ଦିଆସିଲି—Slā(le)i Match. ଦେ. ବି—ଶଲ୍ଲଇ (ଦେଶ)—Salāi (See)

ସଲାଇ

ସଲ୍ଲ(ଲେ)ଇବା—ଦେ. କି—୧। ସଲ ସଲ କରିବା—1. To excite a tickling sensation. ୨। ସଲ ସଲ ସଡ଼ସଡ଼ାନ ବୋଧ ହେବା—2. To feel a tickling sensation.

ସଲସଲାନା

ସଲ୍ଲ(ଲେ)ଇ ହେବା—ଦେ. କି—(କାନ ଭିତର ବା ଅଙ୍ଗାଦି) ସଲ ସଲ ସଡ଼ସଡ଼ାନ, ସଡ଼ସଡ଼ କରା—To have a tickling sensation.

ସଲସଲ ହୋନା

ସଲା କରିବା—ଦେ. କି (ଅ. ସଲ୍ଲହ୍)—୧। ମନ୍ତ୍ରଣା କରିବା—1. To consult. ୨। ଷଡ଼ଯନ୍ତ୍ର କରିବା—2. To conspire; to plot

ସଲା କରିବା

ସଲାହ କରନା

ସଲା ଗ୍ରହିବା—ଦେ. କି (ବଙ୍ଗଳାରୁ ଅନୁକୃତ)—ଅନ୍ୟ ବ୍ୟକ୍ତିଠାରୁ ପରାମର୍ଶ ଲେଢ଼ିବା—To ask or seek advice from a person.

ସଲା ଚାହିବା

ସଲାହ ଚାହନା

[ସଲ୍ଲ ମାରିବା, ସଲ୍ଲ ଲୋଡ଼ିବା—ଅନ୍ୟରୂପ]

ସଲାଜ—ଦେ. ବିଣ. ସୁଂ (ବଙ୍ଗଳାରୁ ଅନୁକୃତ) (ସଂ. ସଲଜ୍ଜ)—ସଲଜ୍ଜ (ଦେଶ)—Salāja—Salajja (See)

ସଲାଜ

ସଲଜ୍ଜ

[ସଲଜ୍ଜା, ସଲଜ୍ଜୁଆ—ସ୍ତ୍ରୀ]

ସଲ୍ଲ ଦେବା—ଦେ. କି—କୌଣସି ବ୍ୟକ୍ତିକୁ ପରାମର୍ଶ ଦେବା—Salā debā To give advice to a person.

ସଲା ଦେଓୟା, ସଲା

ସଲାହ ଦେନା

ସଲ୍ଲ ନେବା—ଦେ. କି—ଅନ୍ୟ ବ୍ୟକ୍ତିଠାରୁ ପରାମର୍ଶ ନେବା—Salā nebā To take advice from any one.

ସଲାହ ଲେନା ସଲା ଲଓୟା

ସଲାମ୍—ବୈଦେ. ବି (ଅ. ସଲ୍ଲମ୍ ବା ଅସ୍‌ସଲ୍ଲମ୍=କୁଶଳ; ସ୍ୱସ୍ତିଶାନ୍ତି)—୧। ମୁସଲମାନ ନମସ୍କାର ବା ଅଭିବାଦନ—1. Mahomedan form of greeting; salutation.

ସଲାମ

ସେଲାମ

[ଦ୍ର—ଡାହାଣ ହାତର ତର୍ଜନୀକୁ କପାଳରେ ଲଗାଇ 'ସଲ୍ଲମ' ବା 'ଅସ୍‌ସଲ୍ଲମ୍ ଅଲେକମ୍' ବା 'ସଲ୍ଲମ ଅଲେକୁମ୍' ଉଚ୍ଚାରଣ କରିଥାଏ ।] ୨। (ଲକ୍ଷଣାର୍ଥ) ପ୍ରଶଂସାସୂଚକ ନମସ୍କାର—2. Greeting; praise. [ଉ—ଝୁଲ୍ଲ ମଞ୍ଜୁଳା ଡୋ ଲଲ୍ଲମ ଭରତ ସଲ୍ଲମ ସହସ୍ରେ-ଥର ରେ—ଜଗସ୍ମୋର୍ଦ୍ଦ୍ୟ. ସଙ୍ଗୀତ ।] ବୈଦେ. ଅ (ଅ. ସେଲାମ ସଲ୍ଲମ୍ ଅଲେକମ୍=ଈଶ୍ୱରଙ୍କ କୃପାରୁ ଅପଶଙ୍କର ପୂର୍ଣ୍ଣ **ସଲାମ ଅଲେକୁମ୍** ହେଉ)—ମୁସଲମାନ ନମସ୍କାର କରିବା ବ୍ୟକ୍ତିଙ୍କର ସଲ୍ଲମ୍ ଅ(ଆ)ଲେକମ୍, ସଲ୍ଲମ-ଲେକମ୍, ସଲ୍ଲମ୍ ଅଲେକୁମ୍ } ଅନ୍ୟରୂପ ପରସ୍ପର ଅଭିବାଦନ-ସୂଚକ ବଚନ—(like 'Good morning' in English) A term used by Mahomedans in greeting each other.

ସଲାମ ଉଠା(ଠେ)ଇବା—ଦେ. କି-୧। (ମୁସଲମାନ) ନମସ୍କାର କରିବା—Salāma uṭhā(ṭhe)ibā 1. To bow to a person. ୨। ସଲ୍ଲମ ଦେବା, ସଲ୍ଲମ କରିବା, ସଲ୍ଲମ ହେବା } ଅନ୍ୟରୂପ (ଲକ୍ଷଣାର୍ଥ) ଅନ୍ୟ ବ୍ୟକ୍ତି ନିକଟରେ ସେଲାମ କରା ବଶ୍ୟତା ସ୍ୱୀକାର କରିବା—2. To admit one-self as inferior or subordinate to another. (ଉ—ଏକ ସଲ୍ଲମ ନ କରି ହଶ୍ (ଦଶ, ଶହେ) ସଲ୍ଲମ କରିବା । ଛଗା) ୩। (ଭଲିମ କରି ଯାଇଥିବା ହାତୀ) ହାତୀଙ୍କୁ ଦେଖି ଶୁଣ୍ଢକୁ ଉପରକୁ ଉଠାଇବା—3. (a trained elephant) To raise its trunk as a sign of obeisance.

ସଲାମତ୍—ବୈଦେ. ବି (ଅ. ସଲାମତ୍=ସବୁ ପ୍ରକାର ଅପଦରୁ ରକ୍ଷିତ)—୧। ସୁଖ—1. Happiness. ୨। ସେଲାମତ୍ ମଙ୍ଗଳ; କୁଶଳ—2. Bliss. ୩। ସ୍ୱାସ୍ଥ୍ୟ—3. Health. ୪। ଶାନ୍ତି—4. Peace. ୫। ମୁକ୍ତି—5. Liberation. ୬। ସବୁ ପ୍ରକାର ଅପଦରୁ ରକ୍ଷା ପାଇବା ଅବସ୍ଥା—6. The state of being protected from all danger. ବୈଦେ. ଅ—(ଡାହାଣଅ ଭାଷା) ସଲ୍ଲମ୍ (ଦେଶ)—Salām. (See)

ସଲାମତ

[ଉ—ଉତ୍ତରେଲ—"ସାଦେବ, ସଲ୍ଲମତ୍"
ଶାସ୍ତ୍ରି—"ଏ, ସ୍ୱୀ ।"
ଫକୀରମୋହନ ଗଲ୍ପସ୍ୱଲ୍ପ ।]

Digitized by srujanika@gmail.com

ସଲ୍ଲମୀ—ବୈଦେ. ବିଣ (ଅ)—୧ । ସଲ୍ଲ ସଂବନ୍ଧୀୟ—1. Relating to obeisance or salutation. ୨ । ସେଲାମୀ ସମ୍ମାନସୂଚକ—2. Salutatory. ବୈଦେ. ବି. (ଅ)—୧ । ରାଜା ଆଦଙ୍କ ପ୍ରଥମ ଦର୍ଶନ ସମୟରେ ଦତ୍ତବ୍ୟ ବ୍ୟକ୍ତିଙ୍କର ଦେବା ଉପଢାର; ଭେଟି; ଦର୍ଶଣୀ; ଦକ୍ଷିଣା—1. A present given to a landlord or king by a visitor on the occasion of the first visit. ୨ । ନଜର୍; ନଜରଣା; ଜମିର ଶରଦଦାର କମ୍ବା ପ୍ରଜା ଦ୍ୱାରା ଜମିଦାରଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ନଗଦ ଟଙ୍କା—2. Cash present or premium paid to a landlord by a purchaser of a holding or a raiyat. [ଦ୍ର-ସଲ୍ଲମ ବା ବର୍ଷାରମ୍ଭ ସମୟରେ ପ୍ରଜାମାନେ ଜମିଦାରଙ୍କୁ ସଲ୍ଲମୀ ଦଅନ୍ତୁ । ଜମି ପଟା ନେଲ୍ଲବେଳେ ବା ଛଣିବାବେଳେ ପଥାରମେ ପଟାଗ୍ରହୀତା ଓ ଶରଦଦାର ଜମିଦାରଙ୍କୁ ସଲ୍ଲମୀ ଦଅନ୍ତି ।] ୩ । ନବାଗତ ଦଣ୍ଡାନାର୍ହ ବ୍ୟକ୍ତିକୁ ସମ୍ମାନ ପ୍ରଦର୍ଶନାର୍ଥ ସ୍ଥାଗତ ସୂଚକ ତୋପଧ୍ୱନ-3. Salute of cannon or gun-fire in honour of distinguished persons. ୪ । କୌଣସି ରାଜଧାନୀରେ ବା ସ୍ଥାନରେ ରାଜା ବା ଉଚ୍ଚତମ ରାଜପ୍ରତିନିଧି ପଦାର୍ପଣ କରିବା ସମୟରେ ସମବେତ ସୁସଜ୍ଜିତ ସୈନିକ ଦଳ ତାଙ୍କୁ ସମ୍ମାନ ପ୍ରଦର୍ଶନାର୍ଥ ପେଶ୍ କାମରତ ଅଭିବାଦନ କରନ୍ତି-4. A military salute made to the King or His Majesty's Representative by the army or police on his setting foot in a town or place. ୫ । କ୍ରମଶଃ ଉଡ଼ାଣିଆ ଗଡ଼ନ୍ତି—5. Gradual sloping. [ଦ୍ର-ସଲ୍ଲମୀ ଏହି ଶବ୍ଦ ସଙ୍ଗେଅନ୍ୟ ଶବ୍ଦ ଯୁକ୍ତ ହୋଇ ଗଢ଼ା ହୋଇଥିବା ଅନ୍ୟ ଶବ୍ଦମାନ ଭାଷାରେ ବ୍ୟବହୃତ ହୁଏ । ଯଥା—ଅକଲସଲ୍ଲମୀ, ଘଣ୍ଟାସଲ୍ଲମୀ, ଭେଟି(ଟି)ସଲ୍ଲମୀ, ସୁନାଥାଁ ସଲ୍ଲମୀ, ଦାଶଲଖାଇବ ସଲ୍ଲମୀ—ଇତ୍ୟାଦି ।]

ସଲ୍ଲ ସୁତ(ତୁ)ର(ରୁ)—ଦେ. ବି (ଅ. ସଲ୍ଲା+ସଂ. ସୂତ୍ର; ସନ୍ଦରର ଶବ୍ଦ ଯୁଗ୍ମ)—୧ । ମନ୍ତ୍ରଣା—1. Consultation.

Salā sutra(tu)ra(rā)

(ସଲ୍ଲ ସୂତ୍ର[ରା]—ଅନ୍ୟରୂପ) (ଉ—ଉଭରେ ଘଉରେ ସଲ୍ଲସୂତ୍ରର ସଲା ପରାମର୍ଶ ବାଢ଼ାରେ ଲଗିଛି ଭଲ । ଭଗ ।) ୨ । ଷଡ଼ଯନ୍ତ୍ର—2. Conspiracy; plot.

ସଲ୍ଲହା (ଇତ୍ୟାଦି)—ବୈଦେ. ବି—ସଲ୍ଲ ଇତ୍ୟାଦି (ଦେଖ)

Salāhā (etc) Salā etc. (See)

(ସଲ୍ଲା, ସଲ୍ଲାହା—ଅନ୍ୟରୂପ)

ସଲଆ—ଦେ. ବିଣ (ସଂ. ସରଳ)—ସରୁ ଓ ଡେଙ୍ଗା—

Salia Tall and thin; slender and long.

ସମୁୟା ପତଳା ଲମ୍ବା, ସଲାଇକାପସା

ସଲି(ଳି)ଙ୍ଗ—ଦେ. ବି—ଶଳଙ୍ଗ (ଦେଖ)

Sali(rdi)nga Salinga. (See)

ସଲିତା (ଇତ୍ୟାଦି)—ଦେ. ବି (ସଂ. ଶଳୀ)—ଶଳତା ଇତ୍ୟାଦି (ଦେଖ)

Salitā (etc) Salitā etc. (See)

ସଲିମ—ଦେ. ବି (ନାମ) (ଫା)—୧ । ଖ୍ରୀଷ୍ଟରେ ଷଠାଣ ଶତାବ୍ଦୀରେ ସମ୍ରାଟ୍ ହେରିସାବାଦର ଦ୍ୱିତୀୟ ମୁଘଲ—1. Name of a Pathāna Emperor of India. [ଦ୍ର—ସେଲିମ ସେରିସାବାଦ ମୁଘଲ ହେବାରୁ ଏ ଖ୍ରୀ ୧୫୦୬ ଠାରୁ ୧୫୫୮ ପର୍ଯ୍ୟନ୍ତ ଅଛ ସମୟମଧ୍ୟରେ ସ୍ୱାଧୀନଶାସନ କରିଥିଲେ ।] ୨ । ମୋଗଲ ସମ୍ରାଟ୍ ଜାହାଙ୍ଗିରଙ୍କର ସିଂହାସନାରୋହଣ ପୂର୍ବର ନାମ; ଅକବରଙ୍କ ଜ୍ୟେଷ୍ଠ ପୁତ୍ର-2. The original name of the Moghal Emperor Jāhāngir, son of Akbar, before he ascended the throne.

ସଲିଲ—ସଂ. ବି (ସଲ୍ ଧାତୁ=ଶୀଘ୍ର ଗମନ କରିବା+କର୍ତ୍ତୃ. ଇଲ)—ଜଳ; ପାଣି—Water.

Salila

ସଲିଲ କୁନ୍ତଳ—ସଂ. ବି—ଶୈବାଳ; ଶିଜୁଳ (ହିଜଳ ବୃକ୍ଷ)—Moss.

Salila kuntala

ସଲିଲ କ୍ରିୟା—ସଂ. ବି (ମ. ପ. ତତ୍ପୁ; ସଲିଲ ଦ୍ୱାରା କୃତ୍ୟ କ୍ରିୟା)—୧ । ଉଦକ କ୍ରିୟା; ତର୍ପଣାଦି; ଜଳାଞ୍ଜଳି—1. Offerings or libations of water to the spirits of one's deceased ancestors. ୨ । ଜଳ ସେକ—2. Fomentation with water. ୩ । ଜଳଦ୍ୱାରା ଚିତାଭସ୍ମ ଧୌତ କରିବା; ଲେଇ ଶୀତଳେଇବା—3. The rite of washing the embers of the cremation fire.

Salila kriyā

ସଲିଲଜ—ସଂ. ବିଣ (ଦ୍ୱିପଦ ତତ୍ପୁରୁଷ; ସଲିଲ+ଜନ୍ ଧାତୁ+କର୍ତ୍ତୃ. ଅ)—ଜଳଜ; ଜଳଜାତ—Born of water; aquatic. ସଂ. ବି—ପଦ୍ମ; ଝଷ (ସୁଜ ଜାତିଭେଦ)—Lotus.

Salilaja (ସଲିଲଜନ୍ମା—ଅନ୍ୟରୂପ)

ସଲିଲଦ—ସଂ. ବିଣ (ସଲିଲ+ଦା ଧାତୁ+କର୍ତ୍ତୃ. ଥ)—ଜଳ ଦାନକାରୀ—Bestowing or supplying water. ସଂ. ବି—ମେଘ (ହି. ଣ)—Cloud.

Salilada

ସଲିଲଧର—ସଂ. ବି (ସଲିଲ+ଧୃ ଧାତୁ+କର୍ତ୍ତୃ. ଅ)—ମୁଥା (ହି. ଶ)—Tuberous grass-root.

Salilādhara

ସଲିଲ ନିଧି—ସଂ. ବି (ସଲିଲ+ନି+ଧା. ଧାତୁ=ଧାରଣ କରିବା+କର୍ତ୍ତୃ. ଇ)—୧ । ସମୁଦ୍ର—1. The sea. ୨ । ସଂସ୍କୃତ ସରସି ଛନ୍ଦର ଏକ ନାମ (ହି. ଣ)—2. A name of the Sarasi metre.

Salila nidhi

ସଲିଲ ପତି (ରାଜ)—ସଂ. ବି (ଷଷ୍ଠୀ ତତ୍)—୧ । ବରୁଣ—1. The Deity Baruna. ୨ । ସମୁଦ୍ର—2. The sea.

Salila pati (rāja)

ସଲିଲ ପ୍ରିୟ—ସଂ. ବି (କର୍ମଧା ତତ୍)—ଶୂକର (ହି. ଶ)

Salila priya Hog.

Digitized by srujanika@gmail.com

ସଲିଲ ମୁର୍—ସଂ. ବ (ସଲିଲ + ମୁର୍, ଧାତୁ + କ୍ୱିପ୍. କ୍ୱିପ୍)—ମେଘ—
Salila mūch Cloud.

ସଲିଲ ଯୋନି—ସଂ. ବଣ (ବହୁବ୍ରୀ)—ଜଳରୁ ଜାତ—
Salila joni Born of water.
ସଂ, ବ—ବ୍ରହ୍ମା (ଦ୍ର ଣ)—God Brahmā.

ସଲିଲାକର—ସଂ. ବ (ଷଷ୍ଠୀ ତତ୍; ସଲିଲ + ଆକର)—ସମୁଦ୍—
Salilākara The sea.
[ସଲିଲାଲୟ, ସଲିଲାର୍ଣ୍ଣବ—ଅନ୍ୟରୂପ]

ସଲିଲାଶନ—ସଂ. ବଣ. ପୁଂ (ବହୁବ୍ରୀ; ସଲିଲ + ଅଶନ)—ଯେ ଜଳ
Salilāśana ମାତ୍ର ପିଇ ରହେ—Subsisting on water.
[ସଲିଲାଶନା—ସ୍ତ୍ରୀ]

ସଲିଲାଶୟ—ସଂ, ବ (ଷଷ୍ଠୀ ତତ୍)—ଜଳାଶୟ; ପୁଷ୍କରଣୀ—
Salilāśaya Tank.

ସଲିଲାହାର—ସଂ. ବଣ. ପୁଂ (ବହୁବ୍ରୀ)—ସଲିଲାଶନ (ଦେଖ)—
Salilāhāra Salilāśana. (See) ସଂ. ବ (ରୁଘତ)—
କେବଳ ଜଳଖାଇପୁଣ୍ଡ ଖାଇବା ଧାରଣ—
Subsistence on water only.

ସଲିଲୀ—ସଂ. ବଣ (ସଲିଲ + ଅସ୍ତି ଅର୍ଥରେ ଇନ୍; ୧ମା. ୧ବ)—
Salilī ୧ । ଜଳୀୟ—1. Aquatic. ୨ । ଜଳଯୁକ୍ତ—
2. Having water.

ସଲିଲେଚର—ସଂ. ବଣ (ସଲିଲେ + ଚର ଧାତୁ + କ୍ୱିପ୍. ଅ; ଅଲୁକ୍ ସମାସ)-ଜଳଚର—Aquatic (animal).
Slilechara

ସଲିଲେନ୍ଧନ—ସ. ବ (ଷଷ୍ଠୀ ବା ବହୁବ୍ରୀ; ସଲିଲ + ଇନ୍ଧନ)—
Salilendhana ବାଡ଼ବାନଳ (ହିମାଣ୍ଡ ଶେଷ)—
Submarine fire.

ସଲିଲେଶ(ନ୍ଦ୍ର)—ସ. ବ (ଷଷ୍ଠୀ ତତ୍)—ବରୁଣ—
Salilesa(ndra) The God Baruṇa.

ସଲିଲେଶୟ—ସ. ବଣ (ସଲିଲେ = ଜଳରେ + ଶି ଧାତୁ + କ୍ୱିପ୍ ଅ; ଅଲୁକ୍ ସମାସ)-ଜଳରେ ଶୟନକାରୀ—
Salileśaya Sleeping on or in water.

ସଲିଲୌକା—ସ. ବ (ସଲିଲ + ଔକସ୍ = ସଲିଲୌକସ୍; ୧ମା ୧ବ)—
Salilauka ଜଳୌକା; ଚୋକ—Leech.

ସଲିଲୌଦନ—ସ. ବ (ମ. ଷ. ତତ୍; ସିଲଲରେ ପକ୍ୱ ଓଦନ)—
Salilaudana ପକା (ଦ୍ର. ଶ)—Food or rice boiled in water.

ସଲୀ—ଦେ. ବ (ସ. ଶଲ୍ୟ)—୧ । ଶତ୍ରୁ—1. Enemy. (ଉ—
Salī କାମୀ-କାମିନୀ ବଚ୍ଛେଦରେ ରଚନା ବଦଳ ଦୁଅଇ ସଲୀ—
ଶତ୍ରୁ ସଲ ଘାନକୃଷ୍ଣ ରସକଲ୍ଲୋଳ ।) ୨ । ବବାଦ-
2. Dispute. ୩ । ଶତ୍ରୁତା—3. Enmity.
୪ । ଦୁର୍ଘଟଣା—4. Mishap. ୫ । ଅରିଷ୍ଟ—
5. Misfortune; woe. (ଉ—ବବାଦଥରୁ
ଭୂମ ଅନ୍ତର ଏ ସାଉଭୂମକୁ ସୁସ୍ତୁଙ୍ଗ ଘେନଯାଇଁ ସଲୀ—
ଭଞ୍ଜ. ବୈଦେଘ୍ଗଶବ୍ଦଲାସ ।)

ସଲୀ(ଲୀ)ଳ—ସ. ବଣ (ସ=ସହ + ଲଳା ବହୁବ୍ରୀ)—୧ । ଲଳା-
Salī(lī)la ସୁକ୍ତ—1. Sportive. ୨। ଭଙ୍ଗୀସହିତ-
2. Full of gestures. ୩। କୌତୁକୀ; କୌତୁହଳୀ-
3. Curious; funny; full of curiousity.

ସଲୋ(ଲୌ)କ—ବୈଦେ. ବ—୧ । (ଇଂ ସେଲେରି)—ବନ୍ୟକୋବ
Salo(lau)ja ପରି ଏକପ୍ରକାର ହଲ୍ଲଦ ଶାଗ—
ସଲୋଜ, ସାଲାଦ୍ ସଲାଦ୍ 1. Lettuce.
[ଦ୍ର—ଏହାର ପତ୍ରକୁ ସାହେବମାନେ କଞ୍ଚା ଖାଆନ୍ତି । ଶୀତକାଳରେ ଆମ ଦେଶ ଲେକେ କୋବି ଆଦ ସାଙ୍ଗେ ବରିଗୁରେ ଏହାକୁ ଲଗାନ୍ତି ଓ ଉଅଣ କରି ଖାଆନ୍ତି ।]
୨ । (ଇଂ ସାଲଡ୍)—ଗାଜର, ମୂଳା, ପିଆଜ ଆଦର ପତ୍ରର ଦିର୍ଘରେ କଞ୍ଚା ଦନ ବହୁତ ତୋଇ ରଖାଯାଇ ଉଅର ବସ୍ତ୍ରିବା ଅଗୁର—2. Salad.

ସଲୋପୀ—ଦେ. ବ (ନାମ)—ରାମାୟଣୋକ୍ତ ରାକ୍ଷସବିଶେଷ—
Salopī Name of a demon described in
ସଲୋପୀ the Rāmāyaṇa. (ବ—ବେଭୁରେ ଯେ
ସଲୋପୀ ଅଲ୍ପେଶୀ ସେ ବଣ୍ଡିଗୁପ୍ତରୂପୀ, ସଲ୍ପେଶୀ ସଲ୍ପେପି ସତ୍ତୁଣ—
ଭଞ୍ଜ. ବୈଦେଘ୍ଗଶବ୍ଦଲାସ ।)

ସଲୋମନ୍—ବୈଦେ,ବ (ବହୁବ୍ରୀ ନାମ) —ବାଇବଲ୍‌ଲଖିତ ଜନୈକ ଜ୍ଞାନୀ
Saloman ପୁରୁଷ—Solomon—the Wise (Old
ସଲୋମନ ସଲୋମନ Testament of the Book
of Proverbs and Songs of Solomon). [ଦ୍ର-
ଏହାଙ୍କ ରଚିତ ପ୍ରବରନ ଓ ଗୀତଗୁଡ଼ିକ ବାଇବଲରେ ଲିପିବଦ୍ଧ ହୋଇଅଛି । ଏ ଜାତିଙ୍କ ସୁନ୍ଦ ଥିଲେ ।]

ସଲ୍ଲେ ଦଲ୍ଲେ—ପ୍ରାଦେ (ପାଠଶା) କ୍ରି. ବିଣ—ଶୀଘ୍ର ଶୀଘ୍ର—
Salo salo Quickly; promptly.

ସଲ୍‌ଟ୍—ବୈଦେ. ବ (ଇଂ)—ଲବଣ—
Sal-ṭ ସଲ୍‌ଟ୍ ନମକ (ସଲ୍—ଅନ୍ୟରୂପ) Salt.

ସଲ୍‌ଟ୍ ଇଲାକା—ବୈଦେ. ବ—ସରକାରଙ୍କ କମକା ବସ୍ତୁଗ; ଲବଣ
Sal-ṭ ilākā ଗୋଦାଗୁବରେ କେହି ମାତ୍ର ପାରବେ ନାହିଁ,
ସଲ୍‌ଟ୍ ବିଭାଗ
ସଲ୍‌ଟ୍ ଡିପାର୍ଟମେଣ୍ଟ } —ଅନ୍ୟରୂପ ଏଥିପାଇଁ ଦୁଷ୍ଟ ଦେବା ପାଇଁ ନିଯୁକ୍ତ ସରକାରୀ
ସଲ୍‌ଟ୍ ଏଲାକା (ଡିପାର୍ଟମେଣ୍ଟ, ବିଭାଗ) **ନମକ ମହଲାକା** ବସ୍ତୁତ-The Salt Department of the Government.
[ଦ୍ର—ଏହୁ ବସ୍ତୁଗର ନାନା ଶ୍ରେଣୀର କର୍ମଗୃଷ୍ଠଙ୍କର ଉପାଧ୍ୟବାଚକ ଇଂରେଜୀ ଓ ପାରସୀ ଶବ୍ଦ ପୂର୍ବେ ସଲ୍‌ଟ୍ ଶବ୍ଦ ବସି ସଲ୍‌ଟ୍ ବସ୍ତୁଗର ତତ୍ତତ୍ କର୍ମଗୃଷ୍ଠଙ୍କୁ ବୁଝାଏ । ଯଥା—ସଲ୍‌ଟ୍ ଇନ୍‌ସପେକ୍ଟର, ସଲ୍‌ଟ୍ ବାବୁଗୀ ।]

ସଲ୍‌ଟ୍ ପିଅ(ନ୍)ନ୍—ବୈଦେ. ବ-ସରକାରଙ୍କ କମ୍ପା ବସ୍ତୁଗର ପିଅବା-
Salṭ pia(u)n A peon of the Salt Department.
[ଦ୍ର—ଏହୁପର ସଲ୍‌ଟ୍ ଇନ୍‌ସ୍‌ପେକ୍ଟର, ସଲ୍ ସବ୍

Digitized by srujanika@gmail.com

ଇଳ୍‌ସପେକ୍ଟର୍, ସଲ୍ ଦାରୋଗା, ସଲ୍ ସ୍ୱଘଣ୍ଟେଣ୍ଟେଣ୍ଟ୍ ଅଦ ଶବ୍ଦ ବ୍ୟବହୃତ ହୁଏ ।]

ସଲ୍‌ତଣ–ବୈଦେ·ବ (ଃ· ସଲ୍‌ଉନତ୍=ବ୍ୟବସ୍ଥା, ରୀତି, ସାମ୍ରାଜ୍ୟ)—Sal-tana ଶୋଭା ପାନ୍ଥାଦରେ ପ୍ରଦର୍ଶିତ ଅଡ଼ମ୍ବର—ଜାକଜମକ ଧୂମଧାମ Ado; splendour accompanying a procession; grandeur.

ସଲ୍ଲ—ପ୍ରାଦେ (ଗଞ୍ଜାମ) ବ (ଫା—ସଲ୍ଲହ୍)-ମନ୍ତ୍ରଣା—Consultation.

Salla ବଣ—କୃତସଙ୍କଲ୍ପ—Determined; resolved.

ତେ. ଶାଲ୍ଲା (ଯଥା—ସେମାନେ ମୋତେ ଘରୁ ଛଠାଇ

ଫା. ସଲ୍ଲା ଦେବାପାଇଁ ସଲ୍ଲ ଦୋଇଛନ୍ତି ।]

ସଲ୍ଲକୀ (ଇତ୍ୟାଦି)—ସଂ· ବ (ସଲ୍ ଧାତୁ+କ୍ତିନ୍· ଅଜ+ଇ)-(ଶଲ୍ଲକୀ ବ

Sallakī (etc) ଅନ୍ୟରୂପ)—ଶଲ୍ଲକୀ ଇତ୍ୟାଦି (ଦେଶ)

Śallakī etc. [See]

ସଲ୍ଲା(ଲ୍ଲ,ହ୍ଲା,ଲ୍ଲ)—ବୈଦେ. ବ—ସଲ୍ଲ (ଦେଶ)

Sallā[lā,hlā,lhā] Salā [See]

ସଶ୍—ବୈଦେ· ବ (ଇଂ. ସଶ୍)—୧ । ଉଅଣ ଅଦରେ ବ୍ୟଞ୍ଜିବା

Saś ମସଲ୍ଲାଣି—1. Sauce. ୨ । ବଲ୍ଲଭ ଚଟଣୀ—

2. Sauce; chutnee.

ସଶ୍(ଶ)କାଳ(ଳେ)—ଗ୍ରା. କି. ବଣ (ସଂ· ସଦ୍ୟଃକାଳଃ ବା

Saś[śa]kāla[le] ତତ୍‌କାଳଂ)—ଶଶ୍‌କାଳ (ଦେଶ)

Saś-kāla [See]

ସଶଙ୍କ–ସଂ. ବଣ. ପୁଂ (ବହୁବ୍ରୀହି; ସ=ସହ+ଶଙ୍କା)—୧। ଶଙ୍କାଯୁକ୍ତ;

Saśaṅka ଭୀରୁ—1. Frightened; terrified;

(ସଶଙ୍କା—ସ୍ତ୍ରୀ) apprehensive. ୨। ଶଙ୍କାଉତ୍ପାଦନକାରୀ—

(ନାଶଙ୍କ—ବିପରୀତ) 2. Causing fear or apprehension.

ସଶଙ୍କ ଚିତ୍ତ—ସଂ.ବ (କର୍ମଧା)—ଭୀତ ମନ—Frightened mind.

Saśaṅka chitta ସଂ. ବଣ· ପୁଂ (ବହୁବ୍ରୀହି) ଭୀତସନ୍ତ୍ରାଣ-

(ସଶଙ୍କଚିତ୍ତ—ସ୍ତ୍ରୀ) Frightened; terrified.

ସଶଙ୍କିତ—ଭୂ. ବଦ (ସ. ସଶଙ୍କର ଅଶୁଦ୍ଧ ବ୍ୟବହାର)—ସଶଙ୍କ (ଦେଶ)

Saśaṅkita Saśaṅka [See].

ସଶଙ୍କିତ ସଶଂକିତ

ସଶଙ୍କିବା—ଦେ. କି (ଉଦ୍ୟ) (ସଂ· ସଶଙ୍କ)—୧ । ସଶଙ୍କହେବା—

Saśaṅkibā 1. To be apprehensive. ୨। ଭୟଗ୍ରସ୍ତ ହେବା—

ସଶଙ୍କା ସଶଂକନା 2. To be frightened.

ସଶବ୍ଦ—ସ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ+ଶବ୍ଦ)—ଶବ୍ଦଯୁକ୍ତ—

Saśabda Sounding.

(ନିଃଶବ୍ଦ—ବିପରୀତ ଭ

ସଶବ୍ଦରେ—ଦେ· କି· ବଣ (ସ. ସବ୍ଦେ)—ଶବ୍ଦ ସହିତ; ଶବ୍ଦଦେଇ-

Saśabdare Making a sound.

ସଶବ୍ଦେ ସଶବ୍ଦଂ (ସଶବ୍ଦେ—ଅନ୍ୟରୂପ)

ସଶରୀର—ସଂ. ବଣ. ପୁଂ (ବହୁବ୍ରୀହି)—ଦେହଯୁକ୍ତ—

Saśarīra Corporeal; having a body; embodied.

(ସଶରୀର—ସ୍ତ୍ରୀ)

ସଶରୀରେ—ଦେ. କି. ବଣ (ସଂ. ସଶରୀର)—ଦେହ ସହିତ—

Saśarīre with the body. [ଜ୍ଞ—ସେ ସଶରୀରରେ ସଶରୀରେ ସଶରୀରମେଁ ସ୍ୱର୍ଗେ ଗଲେ ।]

(ସଶରୀରରେ—ଅବ୍ୟୟରୂପ)

ସଶଲ୍ୟ—ସଂ. ବଣ (ବହୁବ୍ରୀହି; ସ+ଶଲ୍ୟ)—୧ । ଶଲ୍ୟବଦ୍ଧ;

Saśalya ଶେଲବିଦ୍ଧ—1. Pierced with dart-

(ସଶଲ୍ୟା—ସ୍ତ୍ରୀ) ୨ । ଯେଉଁ ଭୂମିତଳେ ଶଲ୍ୟ (ବା ଭୂଗର୍ଭରେ

ଅସ୍ଥି ଆଦ) ଥାଏ—2. (land) Having bits of bone under the ground. ୩। ଜଣ୍ଟାବିଦ୍ଧ—

3. Pierced with thorn. ୪ । ପୀଡ଼ାଦାୟକ;

କଷ୍ଟକନକ—4. Painful. ୫ । ଦୁଷ୍କର—5. Difficult. ସଂ. ବ— ଭଲ୍ଲ (ହି· ଶ)—Bear.

ସଶସ୍ତ୍ର—ସଂ. ବଣ. ପୁଂ (ସ+ଶସ୍ତ୍ର; ବହୁବ୍ରୀହି)—ଶସ୍ତ୍ରଧାରୀ—Arm-

Saśastra ed; armed with weapons.

(ସଶସ୍ତ୍ରା—ସ୍ତ୍ରୀ)

ସଶସ୍ୟ—ସଂ: ବଣ· ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ଶସ୍ୟ)—୧ । ଶସ୍ୟ

Saśasya ଯୁକ୍ତ—1. Having corn. ୨ । ଶସ୍ୟଶାଳୀ

(ସଶସ୍ୟା—ସ୍ତ୍ରୀ) 2. Full of corn.

ସଶସ୍ୟା—ସଂ. ବ—୧ । (ବୈଦ୍ୟକ) ନାଗଦନ୍ତୀ (ରତ୍ନମାଳା);ବହୁଅଙ୍ଗ-

Saśasya 1. Fragia Involucrata (plant). ୨। ସଶସ୍ୟର ସ୍ତ୍ରୀଲିଙ୍ଗ—Feminine form of 'saśasya.'

ସଶାକ - ସଂ. ବଣ (ବହୁବ୍ରୀହି)—ଶାକଯୁକ୍ତ—Having śāka

Saśāka ସଂ. ବ—ଅଦା (ହି· ଶ)—Ginger.

ସଶ(ଶୀ)ଳ—ଗ୍ରା. ବଣ (ତଦ୍ୟ)—ଶିଥିଳ—Loose; slack.

Saśa(śī)la (ଜ୍ଞ—ଗୋବଦ ଗୀତାମ୍ବର ଝାଡ଼, ସଶୀଳ ବଲେ ଘାଳ

ଶିଥିଳ ଶିଥିଳ ଶାଢ଼ୀ । ଲୁଚଇ, ପ୍ରେମଗଙ୍ଗାମୁଡ ।)

ସଶୋକ—ସ. ବଣ· ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ଶୋକ)—୧ । ଶୋକ

Saśoka ଯୁକ୍ତ—1. Grieving; sorrowful. ୨ । ରୋଦନ-

(ସଶୋକା—ସ୍ତ୍ରୀ) କାରୀ—2. Lamenting.

ସଶ୍ମଶ୍ରୁ—ସଂ. ବ. ସ୍ତ୍ରୀ—୧। ଶ୍ମଶ୍ରୁଯୁକ୍ତା ସ୍ତ୍ରୀ; ନରମାଳକା (ଡେମ୍ବରୁ)—

Saśmaśru 1. A bearded woman. ବ. ପୁଂ—

(ସଶ୍ମଶ୍ରୁକ—ଅଳ୍ପ ପୁଂ ରୂପ) ୨। ଶ୍ମଶ୍ରୁଯୁକ୍ତ ପୁରୁଷ—2. A bear-

(ସଶ୍ମଶ୍ରୁ, ନଶ୍ମଶ୍ରୁକା—ସ୍ତ୍ରୀ) ded man.

ସଶ୍ରୀକ—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ଶ୍ରୀ+କ)—

Saśrīka ଲକ୍ଷ୍ମୀ ବିଶିଷ୍ଟ—Having Lakshmī; pos-

(ସଶ୍ରୀକା—ସ୍ତ୍ରୀ) sessing beauty, grace etc.

ସଷ୍ଠମ—ଗ୍ରା· ବଣ (ତଦ୍ୟ)—ଷଷ୍ଠ (ଦେଶ)

Sashṭama Sashṭha (See)

ଷଷ୍ଠମ (ଜ୍ଞ—ସପ୍ତମ କାଳରେ ସର ଦୋଇଛ ଜମୀଣ । ପ୍ରାଚୀ·

ପଷ୍ଠମ ବ୍ରହ୍ମନରୂପଣ ଗୀତା ।)

ସ(ସ୍ୱ)ଷ୍ଟିକ—ଗ୍ରା· ବ· (ସ. ସ୍ଫଟିକ)—ସ୍ଫଟିକ—Crystal. [ଜ୍ଞ—

Sa(swa)shṭika ସଷ୍ଟିକ ପତ୍ର ବଡ ବଗେ ସଷ୍ଟିରେ ନ ଯାଏ । ପ୍ରାଚୀ·

ଫଟିକ ବ୍ରହ୍ମନରୂପଣ ଗୀତା ।] ଗ୍ରା. ବଣ—୧ । ସ୍ଫଟିକ ପରି ସ୍ୱଚ୍ଛ—

ସଫଟିକ 1. Transparent as crystal. ୨ । ସ୍ଫଟିକ

ପରି ନର୍ମଳ—2. Crystal-clear.

Digitized by srujanika@gmail.com

ସ(ସ୍ୱ)ଷ୍ଟିକ ଜଳ(ପାଣି)—ସ୍ତ୍ରୀ. ବ—ସ୍ଫଟିକ ପରି ନର୍ମଳ ଓ ସ୍ୱଚ୍ଛ ପାଣି- Sa(swa)shṭika jala(pāṇi) Crystal-clear and
ଫଟିକ ଜଳ **स्वच्छ जल** pure water.

ସସ୍ (ଧାତୁ)—ସ—୧। ନଦ୍ରା ଯିବା; ଶୋଇବା (ବାଙ୍ଗକୋଷ)— Sas (root) 1. To sleep. ୨। ସ୍ୱପ୍ନ ଦେଖିବା—2. To dream.

ସସ୍‌ପେଣ୍ଟ୍(ଣ୍ଡ୍)—ବୈଦେ. ବ ଓ ବଣ (ଇଂ)—ସସପେଣ୍ଟ୍ (ଦେଖ) Sas-pent(nd) [Sasapent (See)

ସସଂଜ୍ଞ—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସଂଜ୍ଞା)—୧। ସଂଜ୍ଞା- Sasamjñā ଯୁକ୍ତ—1. Having definition. ୨। ଚେତନା- (ସସଂଜ୍ଞା—ସ୍ତ୍ରୀ) ଯୁକ୍ତ—2. Sentient; conscious.

ସସଙ୍ଗ—ସଂ. ବଣ. ପୁଂ—ସଙ୍ଗୀମାନଙ୍କ ସହିତ; ସଙ୍ଗ ବଶିଷ୍ଟ (ବହୁବ୍ରୀହି) Sasaṅga With companions. [ଦ୍ର—ବାଦ୍ଧାରଲେ ଲକ୍ଷଣ ସ୍ତ୍ରୀ ଯୋଜନ, ବୃଦ୍ଧାନ୍ତରୁ ଯେ ସସଙ୍ଗ ସେନାଙ୍ଗ ।
सङ्गीके साथ ଭଟ୍ଟି. ବୈଦେସ୍ତ୍ରୀଶବଲାସ ।]

ସସଜ୍ଜ—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସଜ୍ଜା) —୧। ସଜ୍ଜିତ— Sasajja 1. Dressed; fitted up. ୨। ସଜ୍ଜା ବଶିଷ୍ଟ— (ସସଜ୍ଜା—ସ୍ତ୍ରୀ) 2. Furnished.

ସସତ୍ତ୍ୱ—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସତ୍ତ୍ୱ=ଜନ୍ତୁ)— Sasattwa ପ୍ରାଣିଯୁକ୍ତ—Having animals. (ସସତ୍ତ୍ୱା—ସ୍ତ୍ରୀ)

ସସତ୍ତ୍ୱା—ସଂ. ବଣ. ସ୍ତ୍ରୀ (ସ+ସହିତ+ସତ୍ତ୍ୱ=ଗର୍ଭସ୍ଥ ପ୍ରାଣୀ+ଅ; Sasattwā ବହୁବ୍ରୀହି)—ଗର୍ଭିଣୀ; ଅନ୍ତଃସତ୍ତ୍ୱା—Pregnant. ସଂ. ବ. ସ୍ତ୍ରୀ—ଗର୍ଭିଣୀ ସ୍ତ୍ରୀ—Pregnant woman.

ସସନ—ସଂ. ବ ('ଶସନ'ର ରୂପାନ୍ତର)—ଯଜ୍ଞାର୍ଥ ପଶୁ ବନନ (ଅମର Sasana କୋଷ)—Killing of beasts for sacrifice. (ସସନ, ଶାସନ—ଅନ୍ୟରୂପ)

ସସପେଣ୍ଟ୍(ଣ୍ଡ୍)—ବୈଦେ. ବ (ଇଂ. ସସ୍‌ପେଣ୍ଡ୍)—ଉପଯୁକ୍ତକାଳ ପାଇଁ Saspent(nd) ଚାକିରୀରୁ ଚ୍ୟୁତ ବା ରହିତ ହେବା; କର୍ମଚ୍ୟୁତ— ସସପେଣ୍ଟ Suspension from service. ବୈଦେ. ବଣ. **सस्पेंशड** (ଇଂ. ସସ୍‌ପେଣ୍ଡେଡ୍)—ଉପଯୁକ୍ତକାଳ ପାଇଁ ଚାକିରୀରୁ ରହିତ ବା କର୍ମଚ୍ୟୁତ—Suspended from service.

ସସମ୍ଭ୍ରମ—ସଂ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ+ସମ୍ଭ୍ରମ)—୧। ସମ୍ଭ୍ରମ- Sasambhrama ଯୁକ୍ତ; ଉଦ୍‌ଭାବଶିଷ୍ଟ—1. Respectful. ୨। ତ୍ୱରା ବଶିଷ୍ଟ; ଉଦ୍‌ବେଗ ବଶିଷ୍ଟ—2. Hasty.

ସସମ୍ଭ୍ରମେ—ଦେ. କି. ବଣ (ସଂ. ସସମ୍ଭ୍ରମଂ) —୧। ସମ୍ମାନ ପ୍ରଦର୍ଶନ- Sasambhrame ପୂର୍ବକ—1. Respectfully. ୨। ତ୍ୱରା (ସସମ୍ଭ୍ରମରେ—ଅନ୍ୟରୂପ) ସହିତ—2. Hastily. ୩। ସାଦରରେ; ସସଂଭ୍ରମେ ସାଦରରେ—3. Cordially. ୪। ଉଦ୍‌ବେଗ **सस॑भ्रममें** ସହକାରେ—4. Auxiously.

ସସମ୍ମାନ—ସଂ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ=ସହିତ+ସମ୍ମାନ)— Sasammāna ସମ୍ମାନଯୁକ୍ତ—Respectful.

ସସମ୍ମାନେ—ଦେ. କି. ବଣ (ସଂ. ସସମ୍ମାନଂ)—ସମ୍ମାନ ସହିତ— Sasammāne Respectfully.
(ସସମ୍ମାନରେ—ଅନ୍ୟରୂପ) ସସମ୍ମାନେ **सस॑म्मान**

ସସାକ୍ଷିକ—ସଂ. ବଣ (ସଦ୍ଭାର୍ଥ ବହୁବ୍ରୀହି; ସ+ସାକ୍ଷୀ+କ)—ଯେଉଁ Sasākshika ଦଲିଲରେ ସାକ୍ଷୀ ଦସ୍ତଖତ ବା ଅଛନ୍ତି— Attested (document).
ସଂ. ବ (ବସ୍ତୁ ସହିତା)—ସାକ୍ଷୀମାନଙ୍କ ସ୍ୱାକ୍ଷର ଦ୍ୱାରା ଚିହ୍ନିତ ଲେଖା—Attested deed.

ସାଗର—ସଂ. ବଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସାଗର)—ସାଗର- Sasāgara ଯୁକ୍ତ—With the ocean; including (ସସାଗରା—ସ୍ତ୍ରୀ) the ocean.

ସସାଗରା ଧରା (ପୃଥିବୀ)—ସଂ. ବ—ସାଗର ସହିତ ପୃଥିବୀ—The Sasāgarā dharā (pṛuthibī) world including the ocean.

ସସାଧ୍ୱସ—ସଂ. ବଣ. ପୁଂ (ସ+ସାଧ୍ୱସ=ଭୟ; ବହୁବ୍ରୀହି)— Sasādhwasa ୧। ଭୟଯୁକ୍ତ; ସଭୟ—1. Fearful. ୨। (ସସାଧ୍ୱସା—ସ୍ତ୍ରୀ) ଭୀତ; ତ୍ରସ୍ତ—2. Frightened; terrified.

ସସାନ—ପ୍ରା. ବ (ସଂ. ଶ୍ମଶାନ)—ପ୍ରଶାନ୍ତି— Sasāna ଶ୍ମଶାନ **समशान** Cremation ground.

ସସି ଠାର—ଦେ. ବ—ଶଶି ଠାର (ଦେଖ) Sasi ṭhāra [Śaśi ṭhāra (See)

ସସିଦ୍ଧ—ସଂ. ବ—ବଡ଼ ଶାଳ ଗଛ; ସଜ୍ଜ ବୃକ୍ଷ (ଲ. ଶ)— Sasiddha A species of big Shorea Robusta (tree).

ସସି(ଶେ)ମିରା—ଦେ. ବ—ଗୁରୁଗୋଟି ଶ୍ଲୋକର ଆଦ୍ୟ ଅକ୍ଷର ନେଇ ନିର୍ମିତ Sasi(se)mirā ଦ୍ୱାବ୍ଦ ରଚିତ ଶବ୍ଦ—A word com- ସସିମିରା **ससेमीरा** posed of the four 1st letters of four couplets.

[ଦ୍ର—ଏହା ଜ୍ୟୋତିଷୀ ଓ କାଳିଦାସଙ୍କ ଜୀବନ ସଂବନ୍ଧୀୟ ବେତାଳ ପଞ୍ଚବିଂଶତି ଉତ୍ତର ଗୋଟିଏ ଘଟନାମୂଳକ କାହାଣୀ ସଙ୍ଗେ ସମ୍ବନ୍ଧ । ଏନେ ଜ୍ୟୋତିଷୀଙ୍କ ପୁତ୍ର ପାଠ୍ୟ ଚାହିବାକୁ ପାଇ ନଅରକୁ ଫେରି ଅସି ନ ପାରି, ଘର ଦେବାରୁ ଜଙ୍ଗଲ ଅରଣ୍ୟ ମଧ୍ୟରେ ଅଟକିଯା ରହିଗଲେ ଏବଂ ସେଉଁଠାରେ ଅରଣ୍ୟର ହିଂସ୍ର ଜନ୍ତୁମାନଙ୍କଠାରୁ ରକ୍ଷା ପାଇବା ପାଇଁ ଗୋଟିଏ ଖୁଲ୍ଲ ସଙ୍ଗେ ମିତ୍ରତା ସ୍ଥାପନ କଲେ । ସେଇସୁଦ୍ଧ ଓ ଖୁଲ୍ଲ ଦୁହେଁ ଗୋଟିଏ ଗଛ ଉପରେ ଚଢ଼ି ରାତ୍ରି- ଯାପନ କଲେ । ରାତ୍ରିର ପ୍ରଥମ ଅଂଶରେ ଖୁଲ୍ଲ ତାହାର ଗୋଡ଼କୁ ଲମ୍ବାଇ ଗଛ ତଳରେ ବସିଲା ଓ ସେଇସୁଦ୍ଧ ଖୁଲ୍ଲର କୋଳରେ ସୁଖନିଦ୍ରା ଗଲେ । ଏହି ସମୟରେ ଗଛ ତଳକୁ ବାଘ ଅସି ଖୁଲ୍ଲକୁ ଡକାର ଦେଇଲା, "ତୁ ଗୋଡ଼କୁ ଖସାଇଦେ; ରଜାପୁଅ ତଳକୁ ପଡ଼ିଗଲେ ମୁଁ ତାକୁ ଖାଇବି ।" ତହୁଁ ଖୁଲ୍ଲ କହିଲା, "ମୁଁ ରଜାପୁଅ ସଙ୍ଗେ ମିତ୍ର ହୋଇଛି । ମୁଁ ମିତ୍ରଦ୍ରୋହୀ ହେବି ନାହିଁ ।" ଏହା ଶୁଣି

Digitized by srujanika@gmail.com

ବାଘ ଫେର ଉଲ୍ଲ; କନ୍ତୁ ଗଲ୍ଲବେଳେ ଗ୍ଲାଲ୍ଲ କହୁଉଲ୍ଲ "ଅରେ! ଦୁଇଗୋଡ଼ଅ (ମନୁଷ୍ୟ ଜାତ)କୁ ବିଶ୍ୱାସ ନାହିଁ।"

ରାତିର ଶେଷ ଅଂଶରୁ ରଜାପୁଅ ଚେଇଁବ ଓ ଘୁଲ୍ଲ ଶୋଇବ, ଏଡ଼ପର କଥା ଅଘରୁ ଠିକ୍ ହୋଇ ଥିବାରୁ ରଜାପୁଅ ଜଦରୁ ଉଠି ଘର ଭିତରେ ଗୋଡ଼ ଲମ୍ବାଇ ବସିଲ୍ଲ ଓ ଘୁଲ୍ଲ ତା କୋଡ଼ରେ ଶୋଇଲ୍ଲ। କନ୍ତୁ ବାଘର ପୁଙ୍ଗ ଜଘଡ ଜ୍ୱପଦେଶରୁ ଘୁଲ୍ଲ ମନେ ଭଶି ରଜାପୁଅର ଅଜ୍ଞାତରେ ଅପଣା ନଙ୍ଗୁଲ୍ଲ ଗଛର ଗଣ୍ଡିରେ ଜବ ଜର ରଜାପୁଅର କୋଳରେ ଶୋଇଲ୍ଲ। ଏହି ସମୟରେ ପୁଣି ବାଘ ଅସି ରଜାପୁଅକୁ କହିଲ୍ଲ, "ଅରେ! ଘୁଲ୍ଲଟା ହୁଂସୁ କନ୍ତୁ, ସେ ତତେ ଖାଇଯିବ; ତୁ ଗୋଡ଼ ଛଡ଼ ଦେ, ଘୁଲ୍ଲ ଗଛ ଉପରୁ ଖସି ପଡ଼ୁ, ମୁଁ ତାକୁ ଖାଇବି।" ରଜାପୁଅ ଏହା ଶୁଣି ଗୋଡ଼କୁ ଖସାଇ ଦେଲ୍ଲ; କନ୍ତୁ ଘୁଲ୍ଲ ପୁଙ୍ଗରୁ ଜହୁର ହୋଇ ଗଛର ଗଣ୍ଡିରେ ନଖକୁ ଜବ୍ଦ କର ଥିବାରୁ ତଳକୁ ଖସି ପଡ଼ିଲ୍ଲ ନାହିଁ।

ତାପରେ ସକାଳ ହେବାରୁ ଘୁଲ୍ଲ ରଜାପୁଅକୁ କହିଲ୍ଲ, "ବାଘର ଜ୍ୱପଦେଶରୁ ମୁ ନ ମାନ୍ତ ତତେ ରଖିଥିଲ୍ଲ; ତୁ ମିଜଦ୍ରୋଗ୍ଧ ହେଲୁ; କନ୍ତୁ ମୁଁ ମିଜଦ୍ରୋଗ୍ଧ ହେବ ନାହିଁ। ଏଥିପାଇଁ ତୋତେ ପ୍ରାଣରେ ନ ମାର ଛଡ଼ ଦଉଛି।" ଏହା କହି ଘୁଲ୍ଲ ରଜାପୁଅର ଛତ ଉପରେ 'ଝେମିତ୍ର' ଏହି ୪ଟି ଅକ୍ଷର ନଖଦ୍ୱାରା ଲେଖିଦେଇ ବଣେଇଡଇକୁ ଗୁଲଗଲ୍ଲ। ରଜାପୁଅ ପାସଲ ହୋଇ ଏହି 'ସମେମିତ୍ର' ପଦକୁ ଜନ ଗ୍ରନ୍ଥ ଘୋଷୁ ଘୋଷୁ ଜଅରରେ ଅସି ପହଞ୍ଚିଲ୍ଲ। ସବୁବେଳେ ଏହି ପଦକ ସେ ଘୋଷି ହେଉଥାଏ; ରଜାପୁଅ ମୁହଁରେ ଅନ୍ୟ କଥା ନାହିଁ, ଏହା ଦେଖି ଖ୍ରେଇବ୍ରଜା ବଡ଼ ଚନ୍ତ୍ରିତ ହେଲେ ଓ ଏହି ବାଘୁଲପଣ କଥର ଉତ୍ତର ହେବ, ଏଥିପାଇଁ ନାନା ପ୍ରକାର ଚେଷ୍ଟା କର ଉଫଲମନୋରଥ ହେଲେ। ଅବଶେଷରେ ହତାଶ ହୋଇ ମନ୍ତ୍ରୀଙ୍କୁ ଅଦେଶ ଦେଲେ, "ମୋ ପୁଅକୁ ଯେ ମାରେଖ କରିଦେବ, ତାକୁ ରାଜ୍ୟରୁ ଅଧେ ପୁରସ୍କାର ଦଅଯିବ।" ଏହା ଶୁଣି ମନ୍ତ୍ରୀ ଘରକୁ ଫେର ତାଙ୍କ ଘରେ ସ୍ତ୍ରୀ-ବେଶ ଧାରଣ କର ଲୁଚିଛପି ରହୁଥିବା କାଳଦାସକୁ ସବ୍ୟାଦେଲକୁ ଗୋଟିଏ ସ୍ତ୍ରୀର ବେଶ କରାଇ ଅପଣାର ଝିଅ ବୋଲି ରାଜାଙ୍କୁ ପରିଚୟ ଦେଇ ରଜାପୁଅ ନିକଟକୁ ସ୍ତ୍ରୀବେଶଧାରୀ ଅବଗୁଣ୍ଠିତ କାଳଦାସକୁ ସଙ୍ଗରେ ଥଣି ପହଞ୍ଚାଇଲେ। ଅବଗୁଣ୍ଠିତ କାଳଦାସ ରଜାପୁଅଙ୍କ କାନରେ 'ସମେମିତ୍ର'ର ଅଦ୍ୟ ଅକ୍ଷରଗୁଡ଼ିକୁ ୪ଟି ପୃଥ୍ୱୀ-ବୟୁବୟୁକ୍ତ ଶ୍ଲୋକ ବୋଲିଲେ। ଯଥା—

ପ୍ରଥମ ଶ୍ଲୋକର ଅଦ୍ୟ 'ସ' ଅକ୍ଷର—

ସଦ୍ଭିବ ପ୍ରଭବନ୍ତାନାଂ ବଜ୍ରନେ କା ବଦତ୍ୟତା,
ଅଙ୍ଗମାରୁହ୍ୟ ପୃଷ୍ଠାନାଂ ହନ୍ତୁଃ କଂ ନାମ ପୌରୁଷମ୍?

[ଅର୍ଥ—ଯେଉଁମାନେ ଏତାନ୍ତ ବଳବନ୍ତ, ସେମାନଙ୍କୁ ପ୍ରତାରଣା କରିବା କି ଯାଣ୍ଡିତ୍ୟ? ଯେଉଁମାନେ ଅଙ୍କକୁ ଅଶ୍ରୟ କର ଶୋଇ ଥାଆନ୍ତି ତାଙ୍କୁ ମାରିଦେଲେ ହତ୍ୟାକାରୀର ପୌରୁଷ ପ୍ରକାଶ ପାଏ କି?]

ଦ୍ୱିତୀୟ ଶ୍ଲୋକର ପ୍ରଥମ ଅକ୍ଷର 'ମେ'—

ମେଦୁଂଗଙ୍ଗା ସମୁଦ୍ରସ୍ୟ ଗଙ୍ଗାସାଗର ସଙ୍ଗମମ୍
ବ୍ରହ୍ମହା ମୁଚ୍ୟତେ ପାପାତ୍ ମିତ୍ରଦ୍ରୋଗ୍ଧୀ ନ ମୁଚ୍ୟତେ।

[ଅର୍ଥ—ସେଉଁଜଣ ଗୁପ୍ତେଶ୍ୱରକୁ ଓ ଗଙ୍ଗାସାଗର ସଙ୍ଗମକୁ ଗଲେ (ସେଠାରେ ସ୍ନାନାଦି କଲେ) ବ୍ରହ୍ମହା ପାପରୁ ମୁକ୍ତ ହୁଏ; କନ୍ତୁ ମିତ୍ରଦ୍ରୋଗ୍ଧୀ ମୁକ୍ତ ହୁଏ ନାହିଁ।]

ତୃତୀୟ ଶ୍ଲୋକର ଅଦ୍ୟ ଅକ୍ଷର 'ତ୍ରି'—

ମିତ୍ରଦ୍ରୋଗ୍ଧୀ କୃତଘ୍ନଶ୍ଚ ଯେ ଚ ବିଶ୍ୱାସଘାତକାଃ
ତେ ସର୍ବେ ନରକଂ ଯାନ୍ତୁ ଯାବଚ୍ଚନ୍ଦ୍ରଦିବାକରୌ।

[ଅର୍ଥ—ଯେଉଁ ନରମାନେ ମିତ୍ରଦ୍ରୋଗ୍ଧୀ, କୃତଘ୍ନ ଓ ବିଶ୍ୱାସଘାତକ ଅଟନ୍ତି ସେମାନେ ଚନ୍ଦ୍ର ସୂର୍ଯ୍ୟ ଥିବାଯାଏ ନରକକୁ ଯାଆନ୍ତୁ।]

ଚତୁର୍ଥ ଶ୍ଲୋକର ଅଦ୍ୟ ଅକ୍ଷର 'ତ୍ର'—

ତ୍ରୟଂସ୍ତ୍ରୟଂ ବଜ ପୁତ୍ରସ୍ୟ ଯଦି କଲ୍ୟାଣମିଚ୍ଛସି
ଦେହି ଦାନଂ ଦ୍ୱିଜାତିଭ୍ୟୋ ଦେବତାସ୍ତ୍ରଯନଂ କୁରୁ।

[ଅର୍ଥ—ହେ ତ୍ରିଜନ, ଯେବେ ତୁମ୍ଭେ ତ୍ରିଜପୁତ୍ରଙ୍କର ମଙ୍ଗଳ ଇଚ୍ଛା କର, ତେବେ (ଏ ମିତ୍ରଦ୍ରୋହ ପାତକର ପ୍ରାସ୍ତିତ୍ତ ପାଇଁ) ବ୍ରାହ୍ମଣମାନଙ୍କୁ ଦାନ ଦଅ ଓ ଦେବାରାଧନା କର।]

ତ୍ରିଜପୁତ୍ର ସ୍ତ୍ରୀବେଶଧାରୀ କାଳଦାସଙ୍କଠାରୁ ଏହି ୪ଟି ଅକ୍ଷରର ଗୂଢ଼ (Key) ସ୍ୱରୂପ ଏ ଶ୍ଲୋକ ୪ଟି ଶୁଣିଲ୍ଲ ମାତ୍ରକେ ତାଙ୍କର ବାଘୁଲପଣ ଛଡ଼ଗଲ୍ଲ ଏବଂ ତ୍ରିଜପୁତ୍ର ଗତ ରାତିରେ ଅରଣ୍ୟରେ ଘୁଲ୍ଲ ସଙ୍ଗେ ଘଟିଥିବା ଘଟଣାମାନ ତ୍ରାଙ୍କ ନିକଟରେ ବର୍ତ୍ତନା କଲେ। ଖ୍ରେଇବ୍ରଜ ଏହା ଶୁଣି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଜ୍ଞାତ ପ୍ରଚ୍ଛନ୍ନବେଶଧାରୀଙ୍କୁ ପଗୁରିଲେ—

'ଗୃହେ ବସତ କୌମାର! ଅଦ୍ୟାଂ ନୈବ ଗଚ୍ଛସି
ଉଷ୍ଟବ୍ୟାଘ୍ର ମନୁଷ୍ୟାଣାଂ ଜଥଂ ଜାନାସି ତ୍ୱଷ୍ଟିତଂ?"

[ଅର୍ଥ—ହେ କୁମାର! ତୁତ ଘରେ ବାସ କରୁ, କଣକୁ ଯାଉନାହୁଁ (ଏସବୁ ଅବସ୍ଥାରେ) ଘୁଲ୍ଲ, ବାଘ ଓ ମନୁଷ୍ୟମାନଙ୍କ କଥାବାର୍ତ୍ତା ତୁ ଜଣିଲୁ?]

ଏ ଶ୍ଲୋକର ପ୍ରତ୍ୟୁତ୍ତରରେ ଅବଗୁଣ୍ଠନବାନ୍ ସ୍ତ୍ରୀବେଶଧାରୀ କାଳଦାସ ଉତ୍ତର ଦେଲେ—

'ଦେବଦ୍ୱିଜ ପ୍ରସାଦେନ ଜାତୋ ମେ ସର୍ବସ୍ତ୍ରଜ
ଭେନାହଂ କୃପ! ଜାନାମି, ଘୁଲ୍ଲସ୍ୟାସ୍ତ୍ରିଲଂ ଯଥା।

Digitized by srujanika@gmail.com

[ଅର୍ଥ—ହେ ନୃପ ! ଦେବତା ଓ ବ୍ରାହ୍ମଣଙ୍କ ଅନୁଗ୍ରହରୁ ମୋ ଉପରେ ସରସ୍ୱତୀ ଅଛନ୍ତି । ସେଥିଯୋଗୁ ମୁଁ ଏ ବିଷୟ ଜାଣି ପାରୁଛି । ଅଥଚ ଜ୍ଞାନୀ ଜ୍ଞାନମଗ୍ନ ଜଙ୍ଘରେ ଗୋଟିଏ ଉଲ ଚଢ଼ି ଥିବା କଥା ମୁଁ ସେଇଁ ଦିନ ସରସ୍ୱତୀଙ୍କ କୃପାରୁ ଜାଣି ପାରିଥିଲି, ସେହିଦିନ ଏ କଥା ମଧ୍ୟ ଜାଣିଲି ।']

କେତେ ଦିନ ଦୁଇଁ ସେଇବାଳକ ଜ୍ଞାନୀ ଜ୍ଞାନମଗ୍ନଙ୍କ ରୁଷିବା ସ୍ଥାନଦେଶରେ ଜଣେ ଚତୁରର ଗୋଟିଏ ଚତୁଃଷଠିରେ ଅଙ୍କନ କର ଅଣି ସ୍ଥାନାନ୍ତ ଦେଖାଇବାରୁ ସ୍ଥାନା ସେ ରୂପଟି ଜ୍ଞାନମଗ୍ନଙ୍କର ଅବିକଳ ପ୍ରତିରୂପ ହୋଇଥିବା ଦେଖି ସନ୍ତୁଷ୍ଟ ହେଲେ । କନ୍ତୁ ତାଙ୍କ ସ୍ୱଳସ୍ୱଭାବ ପଣ୍ଡିତ ଭାଲଦାସ ସରସ୍ୱତୀଙ୍କ ବର ଯୋଗୁଁ ସବଜ୍ଞ ଥିବାରୁ ସେ ଜ୍ଞାନମଗ୍ନଙ୍କ ଅଙ୍ଗରୁ କେବେ ହେଲେ ଦେଖି ନ ଥିଲେ ସ୍ୱା ସେ ଚତୁର ଦୋଷଜ୍ଞ ବାର ଦେଇ କହିଲେ, 'ଜ୍ଞାନମଗ୍ନଙ୍କ ଜଙ୍ଘରେ ଗୋଟିଏ କୃଷ୍ଣ ଉଲ ବା ଖସା ଚଢ଼ି ଅଛି; ତାହା ଚତୁରକର ଏ ଚତୁଃଷଠିରେ ଅଙ୍କନ କର ନାହିଁ ।' କୃଷ୍ଣ ଉଲ ଚଢ଼ି ଜ୍ଞାନୀଙ୍କ ଜଙ୍ଘରେ ଅବସ୍ଥାନ କଥା ସ୍ଥାନାଙ୍କ ଛଡ଼ା ଅନ୍ୟ କେହି ଜାଣୁ ନ ଥିଲେ; ଭାଲଦାସ ସବଜ୍ଞ ଥିବାରୁ ଏହା ଜାଣିଲେ । ଏ ଚତୁ କଥା ରଜାଘୁଅ ପାଗଳ ହେବା ପୂର୍ବର ଘଟଣା; ଜ୍ଞାନୀଙ୍କ ଜାନୁର ଉଲ କଥା ଭାଲଦାସ କହିବାରୁ ସ୍ଥାନା ତାଙ୍କଠାରେ ଜ୍ଞାନୀଙ୍କ ଜାନୁ ଦେଖିଥିବା କଥା ସନ୍ଦେହ କର କୁପିତ ହୋଇ ତାଙ୍କୁ ପ୍ରାଣଦଣ୍ଡର ଆଦେଶ ଦେଇ ପ୍ରାଣଦଣ୍ଡବିଧାନାର୍ଥ ତାଙ୍କୁ ମନ୍ତ୍ରୀଙ୍କ ଜମା କରିଥିଲେ । ତାଙ୍କୁ ପ୍ରାଣଦଣ୍ଡରେ ଦଣ୍ଡିତ କରିବା ପାଇଁ ସ୍ଥାନାଙ୍କ ନିକଟରେ ଅଭିଚାର କର ସ୍ଥାନାଙ୍କ ବୁଦ୍ଧିମାନ୍ ମନ୍ତ୍ରୀ ତାଙ୍କୁ ନେଇ ଅପଣା ଘରେ ଜଣେ ସ୍ତ୍ରୀରୂପେ ପ୍ରଚ୍ଛନ୍ନ ବେଶରେ ରଖାଇ ଥିଲେ; ବର୍ତ୍ତମାନ ରଜାଙ୍କ ପୁଅ ପାଗଳ ହେବାରୁ ଭାଲଦାସଙ୍କୁ, ଅବଗୁଣ୍ଠନବତୀ ସ୍ତ୍ରୀ ବେଶରେ ଆଣି ରଜାଘୁଅଙ୍କ ପାଖେ ଉପସ୍ଥିତ କରାଇଲେ । ଅବଗୁଣ୍ଠନ ଛଳୁ ଭାଲଦାସ ଏହି ପ୍ରସଙ୍ଗରୁ ଶ୍ଲୋକଦ୍ୱାରା ସୂଚନା କରିବାରୁ ସ୍ଥାନାଞ୍ଜ ଠାବ କରି ନେଲେ ଯେ, ଏ ନାସ୍ତବେଶଧାରୀ ସବଜ୍ଞ ଅନ୍ୟ କେହି ନୁହନ୍ତି, ଏ ନଷ୍ଟେ ଭାଲଦାସ । ଏହା ବୁଝି ଭାଲଦାସଙ୍କ ମୁହଁରୁ ଓଡ଼ଣୀ କାଢ଼ି ଦେବାରୁ ଭାଲଦାସଙ୍କ ନିଜ ରୂପ ପ୍ରକାଶ ପାଇଲା ଏବଂ ସ୍ଥାନାଞ୍ଜ ସନ୍ତୁଷ୍ଟ ହୋଇ ଭାଲଦାସଙ୍କୁ ପ୍ରେମାଲିଙ୍ଗନ କଲେ ।]

ସଶୀମ—ବି. ଭଣ (ସଦ୍ଭାର୍ଥ ବହୁବ୍ରୀହି; ସ+ସୀମନ୍ ; ୧ମା. ୧ବ)—
Sasīma ୧ । ସୀମା ସହିତ—1. With the boundaries ୨ । ସୀମାର ମଧ୍ୟବର୍ତ୍ତୀ (ହି. ଶ)—2. Situated within the boundaries ୩ । ନିକଟବର୍ତ୍ତୀ (ବଙ୍ଗକୋଷ)—3. Adjoining.

ସସୁକୁଲ—ପ୍ରାଦେ. (ଇଉର ବାଲେଶ୍ୱର) ବ (ଭୂଲ. ସ. ଶସ୍କୁଲୀ)—
Sasukuli ତରଳପିଠା—Thin circular pancake.

ସସୁର—ବି. ଭଣ (ସଦ୍ଭାର୍ଥ. ବହୁବ୍ରୀହି)—୧ । (ସ+ସୁର)—ଦେବଙ୍କ
Sasura ସହିତ ବର୍ତ୍ତମାନ (ବଙ୍ଗକୋଷ)—1. Present with the Deities. ୨ । (ସ+ସୁରା+ଅ) ସୁରାବିଶିଷ୍ଟ (ବଙ୍ଗକୋଷ)—2. Having spirituous liquor.

ଶ୍ୱଶୁର ପ୍ରା. ବ. ପୁଂ (ସଂ. ଶ୍ୱଶୁର)—ଶ୍ୱଶୁର—Father-in-law.
ସସୁର (ସାସୁ—ସ୍ତ୍ରୀ)

ସସୈନ୍ୟ—ବି. ଭଣ—ସେନା ସହିତ ବର୍ତ୍ତମାନ—
Sasainya Accompanied with an army.

ସସୈନ୍ୟେ—କ୍ରି. ବି. ଭଣ (ସଂ. ସସୈନ୍ୟଂ)—ସେନା ସମଭିବ୍ୟା-
Sasainye ହାରରେ—Accompanied with an army,
ସସୈନ୍ୟେ ସସୈନ୍ୟ (ସସୈନ୍ୟରେ—ଅନ୍ୟରୂପ)

ସସୌଷ୍ଠବ—ବି. ଭଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସୌଷ୍ଠବ)—
Sasaushṭhaba ୧ । ସରମ ସୁନ୍ଦର—1. Very graceful; very symmetrical.
(ସସୌଷ୍ଠବା—ସ୍ତ୍ରୀ) ୨ । ବେଗଗାମୀ—2. Swift.

ସସ୍ତାଳ(ଳେ)—ସ୍ଥା- ଅ · ବିଣ (ସଂ. ସଦ୍ୟସ୍କାଲଃ ବା ଉତ୍କାଳଂ)—
Saskāla(le) ୧। ତତ୍କଣାତ୍—1. At once; immediatକ୍ଖୁନି, ସକାଳ ସକାଳ tely. ୨ । ଅତି ଚପଳ—2. Very
ସକାଳ early. ୩ । ଅତି ଶୀଘ୍ର—3. Very soon.

ସସ୍ତା (ଇତ୍ୟାଦି)—ବି. ବିଣ (ସଂ. ସ୍ତସ୍ତ)—ସସ୍ତା ଇତ୍ୟାଦି (ଦେଶ)—
Sastā (etc) ସସ୍ତା **ସସ୍ତା** Sastā etc (See)

ସସ୍ତ୍ରୀକ—ବି. ବିଣ ପୁଂ (ସଦ୍ଭାର୍ଥ. ବହୁବ୍ରୀହି; ସ+ସ୍ତ୍ରୀ. କ; ଅଗମ)—
Sastrīka ସତ୍ରୀକ—Accompanied by one's wife.
ବି. କ୍ରି. ବିଣ (ସଂ. ସସ୍ତ୍ରୀକଂ)—ସ୍ତ୍ରୀ ସହିତ—With one's wife; accompanied by one's wife.

ସସ୍ତ୍ରୀକ ବିଦେଶ ବାସ—ବି. ବ—ଅପଣା ସ୍ତ୍ରୀ ସହିତ ବିଦେଶରେ
Sastrīka bideśa bāsa ବାସ କରିବା—Living abroad with one's wife.
ସସ୍ତ୍ରୀକ ବିଦେଶ ବାସ

ସସ୍ନେହ—ସଂ.ବିଣ.ପୁଂ (ସଦ୍ଭାର୍ଥ. ବହୁବ୍ରୀହି; ସ+ସ୍ନେହ)—୧ । ସ୍ନେହ
Sasneha ବା ପ୍ରୀତିବିଶିଷ୍ଟ—1. Affectionate. ୨ । ତୈଳ
(ସସ୍ନେହା—ସ୍ତ୍ରୀ) ବିଶିଷ୍ଟ—2. Oily.

ସସ୍ପୃହ—ସଂ. ବିଣ. ପୁଂ (ସ+ସ୍ପୃହା; ସଦ୍ଭାର୍ଥ. ବହୁବ୍ରୀହି)—୧ । ସ୍ପୃହା-
Saspṛuha ଯୁକ୍ତ; ସାଉଲାଷ—1. Longing. ୨ । ଲୋଭ
(ସସ୍ପୃହା—ସ୍ତ୍ରୀ) ଯୁକ୍ତ; ଲୋଭଯୁକ୍ତ—2. Avaricious.

ସସ୍ମିତ—ବି. ବିଣ. ପୁଂ (ସଦ୍ଭାର୍ଥ ବହୁବ୍ରୀହି; ସ+ସ୍ମିତ)—ହସଯୁକ୍ତ
Sasmita ହାସ୍ୟଯୁକ୍ତ; ସହାସ୍ୟ—Smiling.
(ସସ୍ମିତା—ସ୍ତ୍ରୀ)

ସସ୍ମିତ ବଦନ—ବି. ବ (କର୍ମଧାରୟ)—ସହାସ୍ୟ ମୁଖ—
Sasmita badana Smiling face.
[ସସ୍ମିତ ମୁଖ, ସସ୍ମିତାନନ—ଅନ୍ୟରୂପ]

ସସ୍ମିତମୁଖା[ଖୀ], ସସ୍ମିତ-ବଦନା, ସସ୍ମିତାନନା } ସ୍ତ୍ରୀ ବି. ବିଣ. ପୁଂ (ବହୁବ୍ରୀହି) ହାସ୍ୟଯୁକ୍ତ ମୁଖ—Having a smiling face.

Digitized by srujanika@gmail.com

ସସ୍ମିତେ—ଦେ. ଜି. ବଣ (ସଂ. ସସ୍ମିତଂ)—ଭାସ୍ୟଯୁକ୍ତ ମୁଖରେ—Sasmite. सस्मिते सस्मित With a smiling face. [ସସ୍ମିତରେ—ଅଳ୍ୟରୂପ]

ସସ୍ୱନ—ସଂ. ବଣ (ସଦ୍ଭାର୍ଥ. ବଦ୍ଧାତୁ; ସ+ସ୍ୱନ)—ସ୍ୱନ ବା ଶବ୍ଦ Saswana ବିଶିଷ୍ଟ—Having sound.

ସସ୍ୱେଦ—ସଂ. ବଣ. ପୁଂ (ସଦ୍ଭାର୍ଥ. ବଦ୍ଧାତୁ; ସ+ସ୍ୱେଦ)—ସ୍ୱେଦ- Sasweda ଯୁକ୍ତ; ଘର୍ମିକ୍ତ—Perspiring; full of sweat. [ସସ୍ୱେଦା—ସ୍ତ୍ରୀ]

ସସ୍ୱେଦା—ସ୍ତ୍ରୀ. ବ. ସ୍ତ୍ରୀ—୧ । ଦୁଷିତା ବନ୍ୟା (ଶବ୍ଦରତ୍ନାବଳୀ)— Saswedā A ravished or deflowered girl. ୨। ସ୍ୱେଦଯୁକ୍ତା ନାସ୍ତ୍ରୀ—2. A perspiring woman. ସଂ. ବଣ. ସ୍ତ୍ରୀ—ସସ୍ୱେଦର ସ୍ତ୍ରୀଲିଙ୍ଗ—Feminine of Sasweda.

ସସ୍ୟ (ଇତ୍ୟାଦି)—ସଂ. ବ (ସଂ. ଶସ୍ୟର ଅଳ୍ୟରୂପ; ସସ ଧାତୁ=ନଦ୍ରା- Sasya (etc) ଯିବା+ଜରଣା ଯ; ଯାହାଦ୍ୱାରା ପ୍ରାଣୀଙ୍କର ସ୍ୱଳ୍ପ ନିଦ୍ରା ହୁଏ ।] ୧ । ଶସ୍ୟ ଇତ୍ୟାଦି (ଦେଶ) କୃତ୍ରିମାତ ଧାନ୍ୟାଦି (ହେମନ୍ତଜ)—1. Grains. [ଦ୍ର—ଏହି ଅର୍ଥରେ ଅନ୍ୟ ପୌରିଭିକ ଶବ୍ଦ (ଯଥା—ସସ୍ୟକ୍ଷେତ୍ର, ସସ୍ୟଖାଲ, ସସ୍ୟରକ୍ଷକ, ଇତ୍ୟାଦି)ମାନଙ୍କ ସାଙ୍ଗେ 'ଶସ୍ୟ' ଶବ୍ଦ ସ୍ଥଳେ ଦେଶ ।] ୨। ଧାନ୍ୟ (ହେମନ୍ତଜ)—2. Paddy. ୩ । ବୃକ୍ଷାଦିର ଫଳ—3. Fruits of trees. ୪ । ଶସ୍ତ୍ର (ଦ୍ର. ଶ)—4. Weapon. ୫ । ଗୁଣ (ଦ୍ର. ଶ.) 5. Quality. ୬ । ଉତ୍କୃଷ୍ଟତା—6. Excellence. ୭ । ଫଳାଦିର ଅତ୍ୟନ୍ତରସ୍ଥ କୋମଳ ଅଂଶ—7. The kernel inside the seeds or fruits.

ସସ୍ୟକ—ସ. ବ (ସସ୍ୟ+କ)—୧ । ମଣିଭେଦ; ଏକପ୍ରକାର ମଣି Sasyaka [ସ୍ତ୍ରେଦଗ]—1. A kind of gem. ୨ । ଅସି; ଖଡ୍ଗ—2. Sword. ୩ । ନଡ଼ିଆ ମଧ୍ୟରେ ଥିବା କୋମଳ ପଦାର୍ଥ (ହେମନ୍ତଜ)—3. The kernel inside the cocoanut. ୪ । ଶାଳଧାନ (ଦ୍ର. ଶ) 4. Winter-paddy.

ସସ୍ୟମାସ୍ତ୍ରି—ସଂ. ବଣ—ସସ୍ୟନାଶକ—Destructive of corn. Sasyamāri ସଂ. ବ—ମହାମୂଷିକ (ବୃଜନଦର୍ଶ୍ଚ)—ଏକ- ପ୍ରକାର ବଡ଼ ମୂଷା; ବଲ୍ଲଅ ମୂଷା; ମାଙ୍ଗଅ ମୂଷା (ଶବ୍ଦରତ୍ନାବଳୀ) —A big species of brown rats destroying corns in the field.

ସସ୍ୟଳ—ସଂ. ବଣ—ଶସ୍ୟଳ (ଦେଶ) Sasyala Śasyala (See)

ସସ୍ୟଶୀର୍ଷକ—ସଂ. ବ—୧ । [୬ଷ୍ଠୀ ତତ୍]—ନବଜାତ ଶସ୍ୟର ଗଣ୍ଡସ୍ତ—1. Newly come out ear of corn. ୨ । [ବଦ୍ଧାତୁ; ସସ୍ୟ ସର ଶୀର୍ଷକ ଯାହାର]—କର୍ଣ୍ଣ [ହେମଚନ୍ଦ୍ର]—2 The ear.

ସସ୍ୟ ଶୂକ—ସଂ. ବ (୬ଷ୍ଠୀ ତତ୍)—ଧାନ୍ୟାଦି ଶସ୍ୟର ଚର୍ମ ରୁ ଲମ୍ବ ଅଗ୍ରଭାଗ—The awn of corn.

ସସ୍ୟ ସମ୍ବର—ସଂ. ବ—ଶାଳ ବୃକ୍ଷ (ଅମର) Sasya sambara The Śāla tree.

ସସ୍ୟ ସମ୍ବରଣ—ସଂ. ବ—ଅଶୁକଧ୍ଵଂଶି ବୃକ୍ଷ (ବୃଜନଦର୍ଶ୍ଚ); ଶାଳବୃକ୍ଷ— Sasya sambarana A kind of Sal tree; Shoria Robusta.

ସସ୍ୟହା—ସଂ. ବଣ (ପୁଂ ଓ ସ୍ତ୍ରୀ)—(ସସ୍ୟ+ହନ୍ ଧାତୁ+କର୍ତ୍ତୃ ବିଚ୍; Sasyahā ସସ୍ୟହନ୍; ୬ମା ୧ବ)—ସସ୍ୟନାଶକାତ୍ମା— Destructive of corn. ସଂ. ବ—୧ । ମେଘ (ଅଶବୋଷ)—1. Cloud. ୨ । (ନାମ) କଳି- କନ୍ୟା ଜର୍ମୋଷ୍ଣିକ ଗର୍ଭରେ ଦୁଃସହଙ୍କ ଔରସ ପୁତ୍ର— 2. Name of a grandson of Kali.

ସସ୍ର—ତ୍ରା. ବ—୧ । (ସଂ. ସହସ୍ର)—ସହସ୍ର—1. Thousand. Sasra [ଦ୍ର—ତୋଳ ସସ୍ର ଶବ ଅଷ୍ଟ ଦବ୍ୟ ପୂର ରମଣୀ सहस्र सहस्र ଗୃହିଣି ବଶେଷି—ଶିଶୁଙ୍କର ଉତ୍ପାଦଳାଷ ।] शस्त्र शस्त्र ୨ । (ସଂ. ଶସ୍ତ୍ର)—ଶସ୍ର (ଦେଶ)— 2. Śasra (See) ୩ । ଉପାୟ—3. Means. ୪ । ପ୍ରତିକାର—4. Remedy. ତ୍ରା. ବଣ— ସହସ୍ର ସଂଖ୍ୟକ—Numbering a thousand. [ଦ୍ର—ସ୍ୱରଣ ବୋଇଲେ ତେ ସସ୍ରେ ପୁତ୍ର ଥାଇଁ— ବୃଷ୍ଣିସିଂହ ମହାପ୍ରଭୁ ବନ ।]

ସସ୍ରା ଅର୍ଜୁନ—ତ୍ରା. ବ (ନାମ) —ସହସ୍ରାର୍ଜୁନ; କାର୍ତ୍ତବୀର୍ଯ୍ୟାର୍ଜୁନ [ଦେଶ] Sasrā arjuna Kārttabīrjyārjuna. [See] (ସସ୍ରାର୍ଜୁନ—ଅଳ୍ୟରୂପ) (ବୃବଣ ସସ୍ରାଅର୍ଜୁନ ବାଣାସୁର ଅଇ ଯସ୍ୟାଅର୍ଜୁନ सस्राअर्जुन ବାର ଅଛ ଯେତେ, ଧନୁ ନ ଛାଙ୍କି କନ୍ୟାକୁ ନେବା ବୋଲ ଜଗୁଅଛ କ ଚତ୍ରେ ବା—ଭଗନାଥ ଭତଳ ସ୍ପର୍ଶା ।]

ସସ୍ରେ—ଦେ. ବଣ—ଏକ ସହସ୍ର ସଂଖ୍ୟକ—Numbering one Sasre thousand; a of thousand. ସଂ ବ, (ସସ୍ରେକ ଅଳ୍ୟରୂପ) ଏକ ସହସ୍ର ସଂଖ୍ୟା— सहस्रेक एकसहस्र One thousand.

ସହ୍ ଧାତୁ—ସଂ—ସହ୍ୟକରିବା; ସହିବା— Sah root To bear; to suffer.

ସହ—ସଂ, ଅ (ସହ୍ ଧାତୁ+ଭାବ. ଅ)—୧ । ସହିତ—1. With; Saha along with. ୨ । ସଙ୍ଗେ, ଏକ ସଙ୍ଗରେ; ଏକଦା ହୋଇ; ଯୁଗପତ୍—2. Together with; simultaneously with. ୩ । ସମ- ଭିବ୍ୟାହାରରେ—3. Accompanied with. ୪ । ପ୍ରତିଯୋଗୀରୂପେ ବା ପ୍ରତିଦ୍ୱନ୍ଦ୍ୱୀରୂପେ— 4. As a rival or competitor. [ଦ୍ର—ଶାସ୍ତ୍ର ସହ ବାଜିମାର ଯୁଦ୍ଧ ଦଇଁଛୁ ।] ୫ । ଶତ୍ରୁରୂପେ ବା ବପକ୍ଷରୂପେ—5. As an adversary or opantagonist. [ଦ୍ର—ବୃବଣ ସ୍ୱଳ୍ପ ସହ ଯୁଦ୍ଧ କଲେ ।] ୬ । ସମାନାସନରେ ବା ଏକାସନରେ ଅବସ୍ଥିତ ହୋଇ—6. Occupying equal or the same seat or status. [ଦ୍ର—ସେ ମୋ ସହ

Digitized by srujanika@gmail.com

ସଂଯୁକ୍ତ ହେଇଛନ୍ତି ।] [ଦ୍ର—ଏହି ଅବ୍ୟୟ କର୍ମଜଣ୍ଡିତ ଅର୍ଥରେ ବ୍ୟବହୃତ ହୁଏ । (a preposition having the following senses ଯଥା:—୧ । ସାହଚର୍ଯ୍ୟ; ସାହଚ୍ୟ—Accompaniment. ୨ । ସାକଲ୍ୟ—2. Entirety. ୩ । ସାଦୃଶ୍ୟ—3. Similarity. ୪ । ବଦ୍ୟମାନତା—4. Presence.

୫ । ସାମର୍ଥ୍ୟ—5. Competence; ability. ୬ । ସାଫଲ୍ୟ—6. Fruitfulness; fulfilment; success. ୭ । ସମୃଦ୍ଧି—7. Greatness; prosperity. ୮ । ସମ୍ବନ୍ଧ—8. Connection.] ସ. ବ୍ରୀ. ପୁଂ—(ସହା—ସ୍ତ୍ରୀ) ୧ । ସହିଷ୍ଣୁ—1. Enduring; forbearing; patient. ୨ । ସହନଶୀଳ—2. Capable of bearing. ୩ । ସମର୍ଥ; କ୍ଷମ—3. Able; competent. [ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସହିତ ଯୁକ୍ତ ହୋଇ ସମାସ ହୁଏ । ଯଥା—କଷ୍ଟ ସହ, ଶ୍ରମ ସହ ।]

ସ. ଈ—୧ । ଘାଂଶୁଲବଣ (ଭସ୍ମଜାତ ଲବଣ)—1. Salt got from ashes. ୨ । ଅଘ୍ରହାୟଣ ମାସ (ଚନ୍ଦ୍ରମାନ); ମାର୍ଗଶିର ମାସ—2. The month of Mārgaśira. ୩ । ବଳ (ମେଦଗ)—3. Strength; power. ୪ । ଜ୍ୟୋତିଃ (ଶବ୍ଦରତ୍ନାବଳୀ)—4. Lustre. ୫ । ମହାଦେବ (ବିଶ୍ୱକୋଷ)—5. Śiba. ଦେ. ବ—୧ । ଗୁପ୍ତ ପରାମର୍ଶ—1. Secret consultation. ୨ । କୁମନ୍ତ୍ରଣା—2. Intrigue. ୩ । ଗୋପ ପ୍ରେମ; ଗୁପ୍ତ ପ୍ରଣୟ—3. Secret love; amorous intrigue. ୪ । (ବୈଦ୍ୟକ) ସହଦେବା ୨, ୩, ୪ । (ଦେଖ)—4. Sahadeba 2, 3, 4 (See) ୫ । (କଚରଆ) ଭ୍ରମ—5. Mistake; oversight. [ଈ—ନବପିଲା ସହଜରେ ଏ ଦଲିଲରେ ମୌକାଲ ନାମ ଲେଖି ନାହିଁ ।] ପ୍ରାଦେ. (ଲରିଆ) ବ—ଚତାଗ୍ନି—Cremation fire.

ସହଃ—ସ. ବ (ସହ୍ ଧାତୁ+କରଣ ଅସ୍; ସହସ୍; ୧ମା. ୧ବ)—୧ । Sahaḥ ଅଘ୍ରହାୟଣ ମାସ—1. The month of Mārgaśira. ୨ । ବଳ; ଶକ୍ତି (ମେଦଗ)—2. Power; might. ୩ । ତେଜଃ; ଜ୍ୟୋତିଃ—3. Lustre.

ସହ(ଥ)କ୍ (ଇତ୍ୟାଦି)—ବୈଦେ. ବ (ଫା. ସକ୍)—ସକ୍ ଇତ୍ୟାଦି Saha(a)k (etc) (ଦେଖ)—Sak etc (See)

ସହ କରିବା—ଦେ. କି—୧ । ଗୁପ୍ତ ମନ୍ତ୍ରଣା କରିବା—1. To intrigue. ୨ । ଗୁପ୍ତ ପ୍ରଣୟ ସମ୍ବନ୍ଧରେ ମନ୍ତ୍ରଣା କରିବା—2. To carry on love-intrigue.

ସହକର୍ମୀ(ର୍ମ୍ମା, ର୍ମ୍ମୀ, ର୍ମ୍ମିଣୀ)—ସ, ବ. ପୁଂ (ସହ+କର୍ମନ୍; ସହ+କର୍ମନ୍+ଇନ୍; ୧ମା. ସହକର୍ମ୍ମା, ସହକର୍ମିଣୀ (ସ୍ତ୍ରୀ ୧ବ)—ସହକାର୍ଯ୍ୟ କରୁଥିବା ବ୍ୟକ୍ତି; ଏକତ୍ର କାର୍ଯ୍ୟ କରୁଥିବା ବ୍ୟକ୍ତି—Colleague; co-worker. ବଣ. ପୁଂ—ଏକତ୍ର କର୍ମକାଣ୍ଡ—Working in league.

ସହକାର—ସ. ବ (ସହ=ସୁଗନ୍ଧଯୁକ୍+କୃ ଧାତୁ=ବିସ୍ତାର କରିବା+ଘଞ୍ ; ଯାହା ସୁଗନ୍ଧକୁ ସୁଗନ୍ଧଯୁକ୍ତ ବିସ୍ତାର କରେ)—୧ । ଅତି ସୁଗନ୍ଧ ଆମ୍ର ବୃକ୍ଷ—1. A fragrant mango tree. ୨ । ଆମ୍ର ପତ୍ରବ—2. The leaf of the mango tree. ୩ । (ସହ+କୃ ଧାତୁ+ଭାବ.ଅ) ସାହାଯ୍ୟ—3, Help. ୪ । ସାହଚ୍ୟ—4. Accompaniment. ୫ । (+କର୍ତ୍ତା. ଅ) ସାହାଯ୍ୟକାରୀ ବ୍ୟକ୍ତି—5. Assistant. ସ. ବଣ—ସାହାଯ୍ୟକାରୀ—Assisting.

ସହକାରିଆ—ଦେ. ବଣ. ପୁଂ—୧ । ଗୁପ୍ତମନ୍ତ୍ରଣାକାରୀ—1. Intriguing. ୨ । ଗୁପ୍ତ ପ୍ରଣୟକାରୀ—2. Carrying or love-intrigue. ୩ । ସହକାରୀ (ଦେଖ)—3. Sahakārī (See) ଦେ. ବ—ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ଯେ ମିଳନ ସାଧନ—A go-between.

ସହକାରିତା(ତ୍ୱ)—ସ. ବ (ସହକାରିନ୍+ତ୍ୱ. ତା, ତ୍ୱ)—୧ । Sahakāritā(twa) ସହାୟକତ୍ୱ—1. The state of being an assistant. ୨ । ସାହଚର୍ଯ୍ୟ—2. Co-operation. ୩ । କୌଣସି କାର୍ଯ୍ୟରେ ବା ଅପରାଧରେ ସହାୟତା—3. Abetment of an offence or act. ୪ । (ନ୍ୟାୟ ଶାସ୍ତ୍ର) ଭିନ୍ନତ୍ୱ ଥାଇ ସ୍ୱତ୍ୱା ଉତ୍ପନ୍ନତ୍ୱ—4. (Logic) Co-ordination as cause and effect in spite of dissimilarity.

ସହକାରୀ—ସ. ବଣ. ପୁଂ (ସହ+କୃ ଧାତୁ+କର୍ତ୍ତା.ଇନ୍; ୧ମା.୧ବ)—Sahakārī ୧ । ସାହାଯ୍ୟକାରୀ—1. Helping; assisting; (ସହକାରିଣୀ—ସ୍ତ୍ରୀ) auxiliary. ୨। (ନ୍ୟାୟ ଶାସ୍ତ୍ର) ଭିନ୍ନତ୍ୱ ଥାଇ ସ୍ୱତ୍ୱା ଉତ୍ପନ୍ନତ୍ୱ ସମ୍ବନ୍ଧଯୁକ୍ତ—2. (logic) Having the relation of cause and effect in spite of dissimilarity. ସ. ବ—୧ । କାର୍ଯ୍ୟ ସାଧନରେ ସାହାଯ୍ୟକାରୀ—1. Abettor; helper; an assistant. ୨ । ପ୍ରତ୍ୟକ୍ଷ; ସହଜ ଜ୍ଞାନ (ନିରାଶ୍ରୟ ଶେଷ)—2, Intuitive knowledge. ଦେ. ବଣ—ସହକାରିଆର ସ୍ତ୍ରୀଲିଙ୍ଗ—Feminin of Sahakāriāe.

Digitized by srujanika@gmail.com

ସହକାରୀ ସଭାପତି—ବି. ବ (ଅଧୁନିକ ବ୍ୟବହାର; ପୁଂ ଓ ସ୍ତ୍ରୀ)—Sahakārī sabhāpati ସଭାପତିଙ୍କୁ ସାହାଯ୍ୟ କରିବା କର୍ମଗୁଡ଼ିକ; ସଭାପତିଙ୍କ ଅନୁପସ୍ଥିତିରେ କର୍ମ କରିବା କର୍ମଗୁଡ଼ିକ—Assistant President; vice-president; vice-chairman; deputy president.

ସହକାରୀ ସମ୍ପାଦକ—ବି. ବ. ପୁଂ (ଅଧୁନିକ ପ୍ରୟୋଗ)—ସମ୍ପାଦକଙ୍କ Sahakārī sampādaka ସହକାରୀ କର୍ମଗୁଡ଼ିକ—Assistant Secretary.

ସହକାରୀ ସୁପରିଣ୍ଟେଣ୍ଡେଣ୍ଟ୍—ବେ. ବ—ସୁପରିଣ୍ଟେଣ୍ଡେଣ୍ଟ୍ ବା କାର୍ଯ୍ୟ Sahakārī suparinṭeṇḍeṇṭ ପରିଦର୍ଶକଙ୍କ ସହକାରୀ—Assistant Superintendent. ସହକାରୀ ସୁପରିଣ୍ଟେଣ୍ଡେଣ୍ଟ [ଦ୍ର—ଏହିପରି ଅନ୍ୟ ଇଂରାଜୀ ଶବ୍ଦ ଯୁକ୍ତ ସହକାରୀ ଶବ୍ଦ ଯୋଗି ବ୍ୟବହୃତ ହୁଏ ।]

ସହକୃତ୍—ସଂ. ବଣ. ପୁଂ ଓ ସ୍ତ୍ରୀ (ସହ + କୃ ଧାତୁ + କ୍ୱିପ୍. କ୍ୱିପ୍)—Sahakṛut ସାହାଯ୍ୟକାରୀ; ସହାୟୁ—Helping; auxiliary.

ସହକୃତ୍ୱା—ସଂ. ବଣ. ପୁଂ (ସହ + କୃ ଧାତୁ + କ୍ୱନିପ୍. କ୍ୱନିପ୍; ସହ-କୃତ୍ୱନ୍ ଶବ୍ଦ; ୧ମା. ୧ବ)—ସହକୃତ୍ (ଦେଖ) (ସହକୃତ୍ୱସ୍—ସ୍ତ୍ରୀ) Sahakṛut (See)

ସହ କ୍ରମେ—ଦେ. କି. ବଣ (କରରଥା)—ଭ୍ରମବଶତଃ; ଭୁଲ୍‌ରେ—By mistake or oversight. ଭୁଲକ୍ରମେ ଭୂଲସେ

ସହ ଖଟ୍ୱାସନ—ସ. ବଣ. ପୁଂ (ବହୁବ୍ରୀ; ସହ + ଖଟ୍ୱାସନ)—କୌଣସି Saha khaṭwāsana ବ୍ୟକ୍ତି ସଙ୍ଗେ ଏକ ଖଟରେ ଶୟନକାରୀ (ସହ ଖଟ୍ୱାସନା—ସ୍ତ୍ରୀ) ବା ଆସନରେ ଉପବେଶନକାରୀ (ବ୍ୟକ୍ତି)—(a person) Using the same bed or seat along with another.

ସହ ଗମନ—ସ. ବ (ସହ = ସଙ୍ଗେ + ଗମନ)—୧ । ସଙ୍ଗରେ ଯିବା—Saha gamana 1. Going with; accompanying. (ସହ ମରଣ—ସ୍ୱାମୀ ଅର୍ଥରେ ଅନ୍ୟରୁପ) ୨। ମୃତ ସ୍ୱାମୀଙ୍କ ଚିତାରେ ସ୍ତ୍ରୀକର ଆତ୍ମୋତ୍ସର୍ଗରୂପ କିୟା; ସହମରଣ—2. The act of self-immolation of a widow in the cremation pyre of her deceased husband.

ସହ ଗମ୍ୟ—ସ. ବଣ—ଏକଜ ଗମନୀୟ—Deserving to be Saha gamya gone with or together.

ସହ ଗାମିନୀ—ସ. ବଣ. ସ୍ତ୍ରୀ (ସହଗାମିନ୍ + ଈ)—ସହଗାମୀର ସ୍ତ୍ରୀଲିଙ୍ଗ—The feminine form of (ସହଗାମୀ—ପୁଂ) 'Sahagāmī'. ସ. ବ. ସ୍ତ୍ରୀ—ଯେଉଁ ସ୍ତ୍ରୀ ମୃତ ସ୍ୱାମୀଙ୍କ ଶବ ସଙ୍ଗେ ଚିତାରୋହଣ କରନ୍ତି—A woman who voluntarily ascends the funeral pyre of her deceased husband.

ସହ ଗାମୀ—ସ. ବଣ. ପୁଂ. (ସହ = ସମ୍ଭବ + ଗମ୍ ଧାତୁ + କ୍ୱିପ୍. ଇନ୍; Saha gāmi ୧ମା. ୧ବ) — ଏକ ସଙ୍ଗେ ଗମନକାରୀ—Going with; accompanying. (ସହଗାମିନୀ—ସ୍ତ୍ରୀ)

ସହଚର—ସ. ବଣ. ପୁଂ (ସହ = ସଙ୍ଗେ + ଚର୍. ଧାତୁ = ଗମନ କରିବା + Sahachara କର୍ତ୍ତା. ଅ)—୧ । ସହଗାମୀ; ଏକଜ (ସହଚର୍ଯ୍ୟ—ସ୍ତ୍ରୀ) ଗମନକାରୀ—1. Going with. ୨। ସଙ୍ଗୀ—2. Acompanying. ସ. ବ—୧ । ସଙ୍ଗୀ—1. Companion. ୨ । ସାଥୀ; ଜଯୁଷ୍ୟ—2. Attendant; mate. ୩ । ପ୍ରତିବନ୍ଧକ (ଦ୍ୱେମତନ୍ତ୍ର)—3. Obstacle. ୪ । ବୋହୁ; ସାଙ୍ଗ ସ୍ତ୍ରୀ—4. A confident; bosom friend. ୫ । ଅନୁଚର; ଭୃତ୍ୟ—5. A servant. ୬ । ଝିଣ୍ଟୀ (ଦ୍ୱେମତନ୍ତ୍ର); ଦାସକେରେଣ୍ଟା ଗୁଳ୍ମ; ଗୀତଝିଣ୍ଟୀ ଓ ଗାଳଝିଣ୍ଟୀ—6. A plant; Barlaria Cristata of two varieties. ଦେ. ବ (କରରଥା) —ବନ୍ଧୁତ୍ୱପୂର୍ଣ୍ଣ ବନ୍ଧୁଭାବର ସାନ୍ନିଧ୍ୟ ଜ୍ୟୁକ୍ତି ସଙ୍ଗେ ବୋହୁ କରି ନେବା ଉଚିତ୍ୟ, (ଯାହାର ନାମ ବନ୍ଧୁକ-ଲାଇସେନ୍ସରେ ଲେଖାଥାଏ) — A retainer who carries a gun with the master (and whose name is noted in the gun-licence).

ସହଚର୍ଯ୍ୟ

ସହଚରିତ—ସ. ବଣ. ପୁଂ (ବହୁବ୍ରୀହି; ସହ + ଚରିତ)—ଏକଜ ବାସ ଓ ଏକରୂପ ଆଚରଣଶୀଳ (ଦ୍ୱନ୍ଦ୍ୱୋପ)—(ସହଚରିତା—ସ୍ତ୍ରୀ) Living together and acting similarly.

ସହଚରୀ—ସ. ବ. ସ୍ତ୍ରୀ (ସହଚର+ସ୍ତ୍ରୀ. ଈ)—୧ । ସଙ୍ଗିନୀ—1. Fe-Sahachari male companion. ୨ । ସଖୀ—2. A female confidant of a lady. ୩ । ସହଧର୍ମିଣୀ; ପତ୍ନୀ—3. Wife. ୪। (ବୈଦ୍ୟକ) ଗୀତ ଝିଣ୍ଟୀ (ଅମର) ଦାସକେରେଣ୍ଟା—4. A plant; Barlaria Cristata. (ଦ୍ର—[୧ ଓ ୪] ବାଟର ସୁନ୍ଦରୀ ସଙ୍ଗରେ ସହଚରୀର ପୁର ଅନୁଭବହିଁ ହୋଇଛୁ । ଉଦ୍ଧ. ବୈଦେଘୀଶବ୍ଦଜାତ ।]

ସହଚାରିଣୀ—ସ. ବଣ. ପୁଂ (ସହ + ଚର୍. ଧାତୁ = ଗମନ କରିବା + Sahachāriṇī କର୍ତ୍ତା. ଇନ୍; ୧ମା. ୧ବ)—ସହଚର (ଦେଖ)—(ସହଚାରିଣୀ—ସ୍ତ୍ରୀ) [ସହଚାରିତା(ତ୍ତ୍ୱ)—ବ] Sahachara. (See)

ସହଜ—ସ. ବ (ସହ + ଜନ୍. ଧାତୁ + କର୍ତ୍ତା. ଅ)—୧ । ସହୋଦର; Sahaja ଏକମାତୃଗର୍ଭଜ ଭ୍ରାତା (ଅମର)—1.Brother; uterine brother. ୨ । ଜନ୍ମଗତ; ସ୍ୱଭାବ (ସ୍ୱେଚ୍ଛା)—2. Nature. ୩ । (ଜ୍ୟୋତିଷ) ଜନ୍ମଲଗ୍ନଠାରୁ ତୃତୀୟ ସ୍ଥାନ—3. (astrology) The 3rd place from the Lagna or natal sign in one's horoscope. [ଦ୍ର—ଏହ ତୃତୀୟ ସ୍ଥାନରେ ଥିବା ଗ୍ରହଙ୍କ ଦ୍ୱାରା ଜାତକ ବ୍ୟକ୍ତିଙ୍କ ଭାଇ, ଭଉଣୀ, ବଳମ, ଦୂରଯାତ୍ରା ଆଦି ବିଷୟ ସ୍ଥିରୀକୃତ ହୁଏ ।] ସ. ବଣ—୧ । ସହଜାତ—(ସହଜା—ସ୍ତ୍ରୀ) 1. Born with. ୨ । ଏକଜ ଜାତ—2. Born together. ୩ । ସ୍ୱାଭାବିକ; ନୈସର୍ଗିକ;

Digitized by srujanika@gmail.com

ଅକୃତ୍ରିମ—3. Innate; natural; inborn; inherent. ୪ । ଅନାୟାସ ସିଦ୍ଧ—4. Instinctive. ୫ । ସୁଲଭ—5. Easily available. ଦେ. ବ—୧ । ପ୍ରେମ—1. Love. ୨ । ତନ୍ତ୍ରାଗୁରୁଭେଦ—2. A sort of Tantric rite. ଦେ. ବଣ—୧ । ସରଳ; ଅନାୟାସସାଧ୍ୟ—1. Easy; not difficult. ୨ । ଯାହା ସଙ୍ଗେ କାରବାର କରିବା କଷ୍ଟକର ନୁହେଁ—2. Easy to deal with. ୩ । ସୁଗମ—3. Easily passable. ୪ । ସରଳ; ସିଧା—4. Straight. ୫ । ଯାହା ସମାଧାନ କରିବା କଷ୍ଟକର ନୁହେଁ—5. Easy of solution. ୬ । ସୁବୋଧ୍ୟ—6. Easily intelligible.

ସହଜ ଆସନ—ଦେ. ବ—ଯୋଗାସନବିଶେଷ—A sort of posture in Jōga. (ଅ—ସହଜ ଆସନ ସହଜ ଆସନ ଜହ୍ନବା ଶୁଣ । ଗୀତା. ସହଜେ ଗୀତା ।)

Sahaja āsana

ସହଜ ଉପାୟ—ଦେ. ବ (ସଂ. ସହଜୋପାୟ)—୧ । ସୁଗମ ପନ୍ଥା—1. Easy means. ୨ । ସରଳ ଓ ସୁଲଭ ଉପାୟ—2. Plain mode.

Sahaja upāya

ସହଜ କଥା—ଦେ. ବ—ସରଳ ବିଷୟ—Easy matter.

Sahaja kathā

ସହଜ ଜନ୍ମା—ସଂ. ବଣ (ବହୁବ୍ରୀ; ସହ+ଜନ୍ମନ୍; ୭ମା. ୯ବ)—୧ । ଯମଜ; ଏକତ୍ର ଜାତ—1. Born together; twin. ୨ । ସହୋଦର—2. Uterine.

Sahaja janmā

ସହଜ ପନ୍ଥା—ଦେ. ବ—ବୌଦ୍ଧମାନଙ୍କର ମଧ୍ୟରେ ଏକପ୍ରକାର ମତ—A sectarian view held among the Buddhists. [ଦ୍ର—ସହଜଯ ତଳେ ଟୀକା ଦେଖ]

Sahaja panthā

ସହଜ ପ୍ରବଣ—ଦେ. ବଣ (ଜଡ଼ ବିଜ୍ଞାନ)—ଯେଉଁ ସକଳ ବସ୍ତୁକୁ ଅନାୟାସରେ ନତ କରିଯାଏ—ସହଜ ପ୍ରବଣ (Physical science) Which can be easily bent; malleable.

Sahaja prabaṇa

(ସହଜ ପ୍ରବଣତା—ବ)

ସହଜ ପ୍ରଶ୍ନ—ଦେ. ବ—ଅନାୟାସସାଧ୍ୟ ପ୍ରଶ୍ନ—A question which is easy of solution.

Sahaja praśna

ସହଜ ବିଶ୍ୱାସ—ଦେ. ବ—୧ । ସ୍ୱାଭାବିକ ଧାରଣା—1. Inborn faith; natural trust. ୨ । ଅନାୟାସରେ ଜାତ ବିଶ୍ୱାସ—2. Easily attained faith; easy belief.

Sahaja biswāsa

ସହଜ ବିଶ୍ୱାସୀ—ଦେ. ବଣ—ଯେ କୌଣସି ବିଷୟକୁ ଅନାୟାସରେ ବିଶ୍ୱାସ କରେ—Believing in anything easily; credulous.

Sahaja biswāsī

ସହଜ ବୁଦ୍ଧି—ଦେ.ବ—ପ୍ରାଣୀମାନଙ୍କ ମନରେ ଜନ୍ମରୁ ଜଡ଼ିତ ହୋଇଥିବା ବୁଦ୍ଧି—Instinct.

Sahaja buddhi

ସହଜମାରି—ଦେ. ବ (ବୈଦ୍ୟକ)—ବନ୍ୟ ତରୁବିଶେଷ—A kind of wild tree. [ଦ୍ର—ଏହା ୧୦।୧୨ ହାତ ଉଚ୍ଚ ହୁଏ । ଏ ଗଛର ଫୁଲ ବାଟିକର ଖାଇଲେ ଗଣ୍ଡାଇ ଠାରୁ ବେଶି ନଶା ଧରେ । ଏହି ଗଛର ଡାଳରେ ଝଙ୍ଗଡ଼ମାନେ ଖୁବ ଘୋଳା ଠେଙ୍ଗା କରନ୍ତି ।]

Sahajamāri

ସହଜ ମିତ୍ର—ସଂ. ବ—୧। ସ୍ୱାଭାବିକ ମିତ୍ର—1. Born friends. ୨ । ଅପରର ଭଗିନେୟ, ସ୍ୱୀୟ ପୁତ୍ରୀୟ ଔରସ ପୁତ୍ରୀୟାଦ ବନ୍ଧୁ (ପିତାସ୍ୱ)—2. One's sister's son, and son of one's father's sister and of mother's sister. [ଦ୍ର—ପିତାସ୍ୱ ଅଗୃତ୍ୱଧାୟୁରେ ସହଜ ମିତ୍ର ଓ ସହଜ ଶତ୍ରୁ, ଦୁଇ ଶ୍ରେଣୀର ଅପ୍ତୀୟ ପର ଗୃହୀତ ହୋଇଅଛନ୍ତି । ଭଣଜା, ମାଉସୀ ପୁଅ ଝିଅ, ପିଉସୀ ପୁଅ ଝିଅ, ଏମାନେ ସହଜ ମିତ୍ର ଏବଂ ଖୁଡ଼ତା ପୁଅ ଝିଅ ଓ ଦେଉତା ପୁଅ ଝିଅ ସହଜ ଶତ୍ରୁ ଅଟନ୍ତି—ଉଣ୍ଟଦୋଷ ।]

Sahaja mitra

ସହଜ ଯାନ—ଦେ.ବ—ସହଜଭଜ୍ରାବଲମ୍ବୀ ବୌଦ୍ଧମାନଙ୍କର ଶାଖାବିଶେଷ—A sect of Buddhists following the Sahaja panthā. [ଦ୍ର—ସହଜଯ ତଳେ ଟୀକା ଦେଖ ।]

Sahaja jāna

ସହଜ ଲବ୍ଧ—ସଂ. ବଣ—ଅନାୟାସପ୍ରାପ୍ତ—Easily got.

Sahaja labdha

ସହଜ ଲଭ୍ୟ—ସଂ. ବଣ—ଅନାୟାସଲଭ୍ୟ—Easily attainable.

Sahaja labhya

ସହଜ ଶତ୍ରୁ—ସଂ. ବ—୧। ସ୍ୱାଭାବିକ ଶତ୍ରୁ—1. Natural enmy. ୨ । ବୈମାତ୍ରେୟ, ପିତୃବ୍ୟ ଓ ପିତୃବ୍ୟ ପୁତ୍ର (ଏମାନେ ବିଷୟରେ ଅଂଶୀଦାର ହୋଇଥାନ୍ତି—ପିତାସ୍ୱ)—2. One's step-brothers, paternal uncle and his son. [ଦ୍ର—ସହଜମିତ୍ର ତଳେ ଟୀକା ଦେଖ ।]

Sahaja śatru

ସହଜ ସାଧନ (ଭଜନ)—ଦେ. ବ (ସହଜଯ ଧର୍ମ ଦେଖ)—ସୁଧାରୁପେ ଜଣାଶୁଣା ଏକାନ୍ତ ବିଷୟୀଭୂତ ସରଳାୟା ନାୟିକାଙ୍କ ସଙ୍ଗେ ମଧୁର ରସାବଲମ୍ବନ ଦ୍ୱାରା ଭକ୍ତସାଧନର ମାର୍ଗବିଶେଷ; ଯୋଗ ମାର୍ଗ ଦେଇ ଯୋଗପଥରୁ ଗମନପୂର୍ବକ ଭକ୍ତସାଧନ—Practice of devotion to God through satiation of lust with the help of a devoted lady.

Sahaja sādhana (bhajana)

ସହଜାତ—ସଂ. ବ, ପୁଂ—୧ । ସହୋଦର ଭାଇ—1. Brother; uterine brother. ୨ । ଯମଜ—2. Twins. ସଂ. ବଣ. ପୁଂ—(ସହଜାତା—ସ୍ତ୍ରୀ)

Sahajāta

୧ । ଏକତ୍ର ଜାତ—1. Born together. ୨ । ସହୋଦର—2. Uterine.

ସହଜାଦିତ୍ୟ—ଦେ· ବ (ନାମ)—ଉତ୍କଳର ସାମନ୍ତରାଜବଂଶେଷ—Sahajāditya Name of a feudatory King of Utkal. [ଦ୍ର—ଏହାଙ୍କ ଜ୍ୟେଷ୍ଠ ବ୍ରହ୍ମରାଜ ଦେବ; ୧୨୫୩ ସଂବତ୍‌ରେ ଗୁଲନ୍ଦ ସହରରେ ଉତ୍କୀର୍ଣ୍ଣ ଅନଙ୍ଗଙ୍କ ଶିଳା ଫଳକରେ ଏ ଭାଦାଙ୍କ ଦ୍ୱିତୀୟା ରାଜରୂପେ ବର୍ଣ୍ଣିତ ହୋଇ ଅଛନ୍ତି—ବଃକୋଷ ।]

ସହଜାଧିପତି—ସଂ· ବ (ଫଳିତ ଜ୍ୟୋତିଷ)—ଲଗ୍ନଠାରୁ ତୃତୀୟ ଗୃହର ଅଧିପତି ଗ୍ରହ—(Astrology) The planet presiding over the 3rd house from one's Lagna, ସହଜାଧିନାଥ } —ଅନ୍ୟରୂପ ସହଜାଧୀଶ ସହଜେଜ୍ଦ୍ର }

ସହଜାନନ୍ଦ—ଦେ· ବ—୧ । ବ୍ରହ୍ମ—1. The Supreme Soul. ୨ । ସହଜଅଧର୍ମମାର୍ଗାବଲମ୍ବୀଙ୍କ ପ୍ରାପ୍ତ ଅତୀନ୍ଦ୍ରିୟଶେଷ 2. The bliss enjoyed by the devotees engaged in the Sahajiā Dharma. (ଦ୍ର—ସହଜ ଅସନ କହୁବ ଶୂନ, ସହଜାନନ୍ଦକୁ ଯନ୍ଦି ଦର୍ଶନ—ପ୍ରାଚୀ. ପରଚେତ୍ତାଭା ।] (ସହଜଅ ଭଳେ ଶୀକା ଦେଖ) ସହଜାନନ୍ଦ ସହଜାନନ୍ଦ

ସହଜାରି—ସଂ. ବ—ସହଜଶତ୍ରୁ (ଦେଖ) Sahajāri Sahaja satru (See)

ସହଜିଅ—ଦେ. ବଣ—୧ । ସହଜ; ସରଳ; ସୁଗମ; ଅନାୟାସସାଧ୍ୟ—Sahajiā 1. Easy. ୨ । ସ୍ୱାଭାବିକ—2. Natural. ସୋଜା सहज ଦେ. ବ· ୧ । (ବୈଷ୍ଣବସାହିତ୍ୟ) ସହଜଅଧର୍ମ ମାର୍ଗାବଲମ୍ବୀ ବ୍ୟକ୍ତି—1. A person professing the Sahajiā Dharma. ୨ । ବୈଷ୍ଣବଧର୍ମର ଏକ ଶ୍ରେଣୀ—2. A sect of Baishnabas. [ଦ୍ର—ଏହ ଶ୍ରେଣୀର ବୈଷ୍ଣବମାନଙ୍କର ବିଶ୍ୱାସ ଯେ ସେମାନେ ଯେଉଁ ପଥ ଅବଲମ୍ବନ କରିଥାଆନ୍ତି ସେଥିରେ ସହଜରେ ମୁକ୍ତିଲାଭ କରିପାରେ । ସହଜଅମାନେ ରାଧାକୃଷ୍ଣଙ୍କର ମୂର୍ତ୍ତିପୂଜା ମାନନ୍ତି ନାହିଁ । ଶରୀର ଭିତରେ ରାଧାକୃଷ୍ଣଙ୍କର ଲୀଳା ଅନୁଭବ, ଓ ନିଜ ଶରୀରର ତତ୍ତ୍ୱ ଜାଣି ପାରିଲେ ମନୁଷ୍ୟ ମୁକ୍ତିଲାଭ କରିପାରେ—ଏହା ସହଜଅମାନଙ୍କର ମତ—ବିନାୟକ ଉ· ସା· ଇତିହାସ ।]

[ଦ୍ର—ସହଜଅ—ବୌଦ୍ଧଧର୍ମର ସହଜଯାନଶାଖାରୁ ଉତ୍ପନ୍ନ ସାଧନ ମାର୍ଗବିଶେଷ ।

ସହଜଯାନରେ ସାଧକ ପ୍ରଥମେ ଗୁରୁଙ୍କ ମାର୍ଗର ପଥିକ ହୋଇ ପରେ କ୍ରମଶଃ ଆନନ୍ଦ, ପରମାନନ୍ଦ, ସହଜାନନ୍ଦ ଓ ବିରମାନନ୍ଦ ଲାଭ କରନ୍ତି । ସହଜଯାନର ଏହି ବିରମାନନ୍ଦ ମହାଯାନ ତତ୍ତ୍ୱର ଶୂନ୍ୟ ବା ନିର୍ବାଣର ଅନ୍ୟରୂପ କହିଲେ ଚଳେ । କାଳକ୍ରମେ ଏହି ସହଜଯାନର ପ୍ରଭାବ ବୈଷ୍ଣବ ଧର୍ମକୁ ପ୍ରଭାବିତ କରି ଯେଉଁ ନୂତନ ଏକ ଧର୍ମର ସୃଷ୍ଟି ହୋଇଛି ତାହା ସହଜଭଜନ ବା ସହଜଅ ଧର୍ମ ନାମରେ କଥିତ । ନାମାଶ୍ରୟ, ମନ୍ତ୍ରାଶ୍ରୟ, ଗୁରୁାଶ୍ରୟ, ପ୍ରେମାଶ୍ରୟ ଓ ରସାଶ୍ରୟ ଓ ପରମାଶ୍ରୟ ଏ ଭଜନର ବିଭିନ୍ନ ସୋପାନ । ସ୍ୱକୀୟ ଓ ପରକୀୟା ଭେଦରେ ଦୁଇ ଶ୍ରେଣୀର ନାୟିକା ହେଲେହେଁ ପରକୀୟା ନାୟିକାର ପ୍ରାଧାନ୍ୟ ଏହି ଭଜନର ବିଶେଷତ୍ୱ ଅଟେ । କନ୍ତୁ ଉତ୍କଳୀୟମାନଙ୍କ ଜନ୍ମଜନ୍ମାନ୍ତରେ ବୈଷ୍ଣବ ଧର୍ମର ପ୍ରକୃତି ଏହି ସହଜିୟା ଧର୍ମର ପ୍ରକୃତିଠାରୁ ଅନେକାଂଶରେ ପୃଥକ୍ । ସହଜିୟା ଧର୍ମ ଯେଉଁପରି ବୈଷ୍ଣବ ଧର୍ମରୁ ସାର ଗ୍ରହଣକରି ପୁଷ୍ଟ ହୋଇଥିଲା, କାଳକ୍ରମେ ସହଜଅ ଧର୍ମର ପ୍ରଭାବ ମଧ୍ୟ ସେହିପରି ବୈଷ୍ଣବଧର୍ମ ଉପରେ ପଡିଛି ହୋଇଥିଲା —

ଗୁୟ୍ୟସାଢେବ ଅଭିବନ୍ଧିବ – ପ୍ରାଚୀ ସ୍ୱୀଚ ପ୍ରକାଶିତ ଶିବ ସ୍ୱରୋଦୟ ଚତୁର ମୁଖବନ୍ଧ ।

ସହଜଅ ଧର୍ମସମ୍ପ୍ରଦାୟ ବର୍ତ୍ତମାନ କାଳରେ ଗୌଡ଼ୀୟ ସମ୍ପ୍ରଦାୟର ଗୋଟିଏ ଉପଶ୍ରେଣୀ ରୂପେ ଗଣ୍ୟ । ସାଧାରଣଙ୍କ ବିଶ୍ୱାସ ଯେ, ଶ୍ରୀମଲ୍ଲିତ୍ୟାନନ୍ଦ ପ୍ରଭୁଙ୍କ ପୁତ୍ର ବୀରଭଦ୍ର ଗୋସ୍ୱାମୀଙ୍କ ଠାରୁ ଏହି ସମ୍ପ୍ରଦାୟର ଉଦ୍ଭବ । କନ୍ତୁ ସହଜଅ ମତ ବହୁ ପୂର୍ବକାଳରୁ ଗୌଡ଼ମଣ୍ଡଳରେ ପ୍ରଚଳିତ ଥିଲା, ଏହାର ଯଥେଷ୍ଟ ପ୍ରମାଣ ମିଳିଅଛି । ମହାମହୋପାଧ୍ୟାୟ ସ୍ୱର୍ଗୀୟ ହରପ୍ରସାଦ ଶାସ୍ତ୍ରୀ ନେପାଳରୁ ୯୮୦ ଶତାବ୍ଦୀ ପୂର୍ବର ପ୍ରାଚୀନ କାଣ୍ଡୁପାଦ, ଡୋମ୍ବିପାଦ, ଶାନ୍ତିଦେବ ପ୍ରଭୃତିଙ୍କର କେତେଗୁଡ଼ିଏ ପ୍ରାଚୀନ ପଦ ଓ ଦୋହା ସଂଗ୍ରହ କରି ପ୍ରକାଶ କରିଅଛନ୍ତି; ସେହି ପଦମାନଙ୍କରେ ସହଜଅମାନଙ୍କ ମୂଳଧର୍ମମତର ଯଥେଷ୍ଟ ଉପକରଣ ରହିଅଛି । ସେ ପଦାବଳୀ ଅନୁଶୀଳନ କଲେ ବିଶଦେହରେ ଜଣାଯିବ ଯେ, ବୌଦ୍ଧତାନ୍ତ୍ରିକ ସମାଜରୁ ଏହି ସହଜଅ ମତର ଉତ୍ପତ୍ତି ହୋଇଥିଲା । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ମହାଯାନ ସମ୍ପ୍ରଦାୟ ପ୍ରବଳ ହେଲା ଓ ତନ୍ମଧ୍ୟରେ ମାଧ୍ୟମିକ ଓ ଯୋଗାଚାର ନାମରେ ଦୁଇ ମତ ପ୍ରଚଳିତ ହେଲା । ମାଧ୍ୟମିକମାନେ ଶୂନ୍ୟବାଦ ଆଉ ମଧ୍ୟ ଏକାଧିକ ବୁଦ୍ଧ ଓ ବୋଧିସତ୍ତ୍ୱଙ୍କ ଉପାସନା ସ୍ୱୀକାର କଲେ । ଯୋଗାଚାର୍ଯ୍ୟମାନେ ଯୋଗଶାସ୍ତ୍ର ଚର୍ଚ୍ଚାର ଫଳରେ ଜ୍ଞାନାତ୍ମା ଓ ପରମାତ୍ମାର ମିଳନ ସ୍ୱୀକାର କରି ଅନାତ୍ମବାଦୀ ମହାଜନମାନଙ୍କ ମଧ୍ୟରେ ଅତ୍ମବାଦ ପ୍ରଚାର କଲେ । ବିଭିନ୍ନ ବୁଦ୍ଧ ଓ ବୋଧିସତ୍ତ୍ୱଗଣଙ୍କ ମୂର୍ତ୍ତିପୂଜା ଏବଂ ଏଥି ସଙ୍ଗେ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ମହାଯାନ ମଧ୍ୟରେ ମନ୍ତ୍ର ଯାନର ପ୍ରଭାବ ବଢ଼ିଚ ହେଲା ଓ ବୁଦ୍ଧ ଏବଂ ବୋଧିସତ୍ତ୍ୱଙ୍କର ଗୋଟିଏ ଲେଖାଏଁ 'ଶକ୍ତି' କଳ୍ପିତ ହେଲେ । ମହାଯାନ ସମ୍ପ୍ରଦାୟ ସମୁଦ୍ର ମନ୍ତ୍ରଯାନରେ ବିରାଜ ଶକ୍ତିପୂଜା ସଙ୍ଗେ ସଙ୍ଗେ ତାନ୍ତ୍ରିକଚାର ଘୋଷଣା ହେଲା । ବିରାଜ ମହାଯାନ

Digitized by srujanika@gmail.com

ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ଜ୍ଞାନଜନ୍ୟା, ଇନ୍ଦ୍ରଯୁଗଯ ଓ ସନ୍ଧ୍ୟାଦୈବୈଗ୍ୟହ୍ନି ପ୍ରଥମେ ଜଦ୍ୟାଣ ପଦାଲ୍ଭର ଉପାସ୍ୟ ବୋଲ ଜର୍ଦ୍ଦିଷ୍ଟ ହୋଇଥିଲ । ବୃଦ୍ଧଶିଷ୍ୟ ଅନନ୍ଦ ନାମ୍ନ ଜାଉକୁ ସଜ୍ୟାସଗ ଅଧିକାର ପ୍ରଦାନ କଲେ । କାଳକ୍ରମେ ବୌଦ୍ଧ ଜଦ୍ୱାର ଓ ସଘାରାମମାନଙ୍କରେ ବହୁତର ଶାବକ ଜଥ ଫଘଙ୍କ ପର ଶତ ଶତ ଶାବକ। ଅଶ୍ରଯ ଲାଭ କଲେ । ଅବଶ୍ୟ ପ୍ରଥମେ ଉଭଯୁଙ୍କର ଜରୁଦ୍ଦ ମାର୍ଗହିଁ ଲକ୍ଷ୍ୟ ଥିଲ । ତନ୍ତ୍ର ଖ୍ରୀ ପ୍ରୁଷ୍ଟଜର ଏତଜ ଅବସ୍ଥାନର ବିଷମଯ ଫଳ (ଯୌନ ସ୍ୱାଧୀନତା) ଅବଶ୍ୟମ୍ଭାବୀ ହୋଇ ଉଠିଲ । ଜ୍ଞାନଜନ୍ୟ ଜଡେଡ଼ଯ ଶ୍ରାବକମାନେ କାମିନୀକାଞ୍ଚନର ତଥା ପ୍ରବୃତ୍ତି ମାର୍ଗର ସମ୍ପୂର୍ଣ୍ଣ ବିରୋଧୀ ଥିଲେହେଁ ସେମାନଙ୍କ ମଧ୍ୟରେ କେହି କେହି ଅଲ୍ପଧୀ ପ୍ରବୃତ୍ତିମାଧମ। ଦ୍ୱାରା ନିବୃତ୍ତି ବା ମୋକ୍ଷପଥର ଉପାଯ ଅନୁସନ୍ଧାନରେ ପ୍ରବୃତ୍ତ ହେଲେ । ଜରବଚ୍ଛିନ୍ନ ଯୋଗ-ସାଧନ ଦ୍ୱାରା ଯେ ସହଜାନନ୍ଦ ଲାଭ ହୁଏ ଓ ତଦ୍ଦ୍ୱାରା ନିର୍ବାଣ ଲାଭ ହୋଇ ପାରେ, ଏହି ନବ ସମ୍ପ୍ରଦାଯ ଅତି ଗୋପନରେ ଏହାହିଁ ପ୍ରଚାର କଲେ ଓ ନବ ସମ୍ପ୍ରଦାଯ 'ବଜ୍ରଯାନ' ନାମରେ ପରିଚିତ ହେଲ ।

ପୁର୍ବତନ 'ମନ୍ତ୍ରଯାନ' ସମ୍ପ୍ରଦାଯ ଆଦ ବୁଦ୍ଧ ଓ ତାଙ୍କ ପ୍ରଜ୍ଞା ବା ଧର୍ମରୁ ସମ୍ଭୂତ ପାଞ୍ଚି ଧ୍ୟାନୀ ବୁଦ୍ଧ ଓ ଏହି ପାଞ୍ଚ ଧ୍ୟାନୀ ବୁଦ୍ଧଙ୍କର ୫ ଶକ୍ତି ଓ ଏମାନଙ୍କର ପୁନ ସ୍ତ୍ରୀଗାଯ ୫ ବୋଧିସତ୍ତ୍ୱଙ୍କୁ ସ୍ୱୀକାର କରିଥିଲେ । ଏମାନଙ୍କର ଉପାସକ-ମାନେ 'ବୋଧି ସତ୍ତ୍ୱ ଯାନ' ନାମରେ ପରିଚିତ ହୋଇ ଥିଲେ । ପ୍ରବୃତ୍ତିମାର୍ଗୀ ନବ ସମ୍ପ୍ରଦାଯ ବଜ୍ରସତ୍ତ୍ୱ ନାମକ ଷଷ୍ଠ ଧ୍ୟାନୀ ବୁଦ୍ଧ; ତାଙ୍କର ବଜ୍ରୋଶ୍ୱା ନାମ୍ନୀ ଶକ୍ତି ଓ ଘଣ୍ଟା-ପାଣି ନାମକ ବୋଧିସତ୍ତ୍ୱଙ୍କ କଲ୍ପନା ତଲେ । ଏହି ନବ ସମ୍ପ୍ରଦାଯ 'ବଜ୍ରସତ୍ତ୍ୱ ଯାନ' ବା 'ବଜ୍ରଯାନ' ନାମରେ ପ୍ରସିଦ୍ଧ ହେଲେ । ସେମାନଙ୍କର ଅଗୁର ପଦ୍ଧତି, ସ୍ତବ ମାତ୍ର ଅତି ଗୁହ୍ୟ ତାନ୍ତ୍ରିକ ଉପସାଚ୍ଛନ୍ନ । ସେଇଁ ସମ୍ଭୋଗ-ଲାଳସାକୁ ପୁର୍ବତନ ଧର୍ମ ପନ୍ଥୀମାନେ ଅତି ହେଯ ଓ ଘୃଣ୍ୟ ବୋଲି ବିବେଚନା କରି ତ୍ୟାଗ କରିଥିଲେ, ବଜ୍ରଯାନ ଶ୍ରାବକମାନେ ତାହାକୁହିଁ ଶ୍ରେଯଃଜ୍ଞାନର ଉପାଯ ବୋଲି ଘୋଷଣା କଲେ । ଏହି ଧର୍ମାଚରଣ ସହଜସାଧ ଓ ଅପାତ୍ର-ମନୋରମ ହେବାରୁ ଅପାମର ସାଧାରଣ ଏହାକୁ ସାଦରେ ଗ୍ରହଣ କଲେ । ମହା ମହୋପାଧ୍ୟାଯ ହରପ୍ରସାଦ ଶାସ୍ତ୍ରୀଙ୍କ ଦ୍ୱାରା ନେପାଳରୁ ସଗୃହୀତ ୮ ଶତ ବର୍ଷ ପୂର୍ବର ହସ୍ତ ଲିଖିତ 'ଚଣ୍ଡ ରୋଷଣ ତନ୍ତ୍ର'ର ଟୀକାରେ 'ସହଜ ତତ୍ତ୍ୱ'ର ବ୍ୟାଖ୍ୟା ଲେଖା ଅଛ । ସେଥିରେ ଅନନ୍ଦ ୪ ପ୍ରକାର ଲେଖାଅଛ,— ଆନନ୍ଦ, ପରମାନନ୍ଦ, ସହଜାନନ୍ଦ, ବିରମାନନ୍ଦ । ଆଲିଙ୍ଗନ, ଚୁମ୍ବନ, ସ୍ତନ ମର୍ଦ୍ଦନ ପ୍ରଭୃତି ଦ୍ୱାରା ଯହାରୁଢ଼ ପର ବଜ୍ର ଓ ପଦ୍ମ (ଲିଙ୍ଗ ଓ ଯୋନି) ସଂଯୋଗରେ ଯେଉଁ ଆନନ୍ଦ ସମୁତ୍ପନ୍ନ ହୁଏ ତାହା 'ଆନନ୍ଦ' । ତତ୍ପରେ ପଦ୍ମାନ୍ତର୍ଗତ ବଜ୍ରର ଗଳନ ଦ୍ୱାରା ମଣିମୂଳ ବୋଧିଚିତ୍ତ ପ୍ରାପ୍ତ ହେଲେ ତାହା 'ପରମାନନ୍ଦ' । ତତ୍ପରେ ପୁଣି ଯେତେବେଳେ ମଣିମୂଳରୁ ପଦ୍ମୋଦଯ ଅନ୍ତର୍ଦ୍ଦେଶ ଅଶେଷ ରୂପେ ବାହାର ନ ହୁଏ ତାହା 'ସହଜାନନ୍ଦ' । ଏଥିରେ ଗ୍ରାହ୍ୟ ଗ୍ରାହକ ଓ ଗ୍ରହଣାଯମାନ-ବର୍ଜ୍ଜିତ ପରମ ସୁଖ ଉତ୍ପନ୍ନ ହୁଏ । ଏଥିପରେ ଜଣ୍ଟେଷ୍ଟ ହୋଇ 'ମୁଁ ସୁଖ ଭୋଗ କରୁଅଛୁ' ଏହି ରୂପ ଅନୁଭବକୁ 'ବିରମାନନ୍ଦ' ବୋଲିଯାଏ । ଦୁଇ ପ୍ରକାର ଅନନ୍ଦ ତ୍ୟାଗ ଦ୍ୱାରା ଯେଉଁ ଅନନ୍ତର ଅନୁଭୂତି ହୁଏ ତାହା ବିରମାନନ୍ଦ । ଶୂନ୍ୟତାର ନାମହିଁ ବିରମାନନ୍ଦ । ଏତଦ୍ଭିନ୍ନ ଅନାଦ୍ୟନନ୍ତ ସହଜୈକସ୍ୱଭାବ ଜ୍ଞାନ ରୂପ ସମ୍ଭୋଗ । ଏହି 'ସହଜାନନ୍ଦ' ରୂପ ସମ୍ଭୋଗ ବଜ୍ରଯାନ ସମ୍ପ୍ରଦାଯର ଲକ୍ଷ୍ୟ ଥିଲା । ଆଜି ମଧ୍ୟ ନେପାଳର ବୌଦ୍ଧ-ମାନେ ଏହି ବଜ୍ରଯାନ ସମ୍ପ୍ରଦାଯଭୁକ୍ତ । ଏକ ସମଯରେ ଗୌଡ଼ ବଙ୍ଗରେ ଏହି 'ବଜ୍ରଯାନ' ବିଶେଷ ପ୍ରବଳ ଥିଲ । ଗୌଡ଼ ବଙ୍ଗରେ ବୌଦ୍ଧ ଧର୍ମର ଅଧଃପତନ ଘଟିବାରୁ ସାଧାରଣଙ୍କ ହୃଦଯରେ ଏହି ବଜ୍ରଯାନର 'ସହଜ ଧର୍ମ' ଏପରି ବଦ୍ଧମୂଳ ହୋଇଥିଲ ଯେ, ତାକୁ ଉତ୍ପାଟିତ କରିବା ଅସାଧ୍ୟ ବୋଲି ଉପଲବ୍ଧି କରି ଶୈବ ଓ ଶାକ୍ତଗଣ 'ଶକ୍ତିସାଧନ' ଓ ବୈଷ୍ଣବଗଣ 'ସହଜ ଭଜନ' ପ୍ରଚାର କଲେ ଅତଏବ 'ଶକ୍ତି ସାଧନ' ଓ 'ସହଜଯ ମାର୍ଗ' ବଜ୍ରଯାନର ନୂତନ ସଂସ୍କରଣ; ଏଥିରେ ସନ୍ଦେହ ନାହିଁ ।

ମହାପ୍ରଭୁ ଚୈତନ୍ୟଙ୍କ ଅଭ୍ୟୁଦଯର ବହୁ ପୂର୍ବେ ବୈଷ୍ଣବ ତାନ୍ତ୍ରିକଗଣ 'ସହଜଯ ମତ' ପ୍ରଚାର କରିଥିଲେ । ଚଣ୍ଡୀ ଦାସଙ୍କ ପଦାବଳୀରେ ଏହା ସ୍ପଷ୍ଟ ବ୍ୟକ୍ତ ହୋଇଅଛ । ଯେଉଁ ବାଶୁଳି ଦେବୀଙ୍କ ଉଦ୍ଦ୍ୟାଦେଶରେ ଚଣ୍ଡୀଦାସ 'ସହଜ ତତ୍ତ୍ୱ' ପ୍ରକାଶ କରିଥିଲେ ହିନ୍ଦୁ ଧର୍ମଶାସ୍ତ୍ରରେ ତାଙ୍କର ନାମୋଲ୍ଲେଖ ନାହିଁ । ନେପାଳର ବଜ୍ରଯାନର ଆଚାର୍ଯ୍ୟମାନଙ୍କ ଦ୍ୱାରା ବଜ୍ର ସତ୍ତ୍ୱର 'ଶକ୍ତି'ଙ୍କର ଯେଉଁ ଗୁହ୍ୟ ମୂର୍ତ୍ତି ଅଙ୍କିତ ହୁଅନ୍ତି, ତାଙ୍କ ସହିତ ଚଣ୍ଡୀଦାସଙ୍କ ପୁଚ୍ଛତା ନାନୁରର ବାଶୁଳି ମୂର୍ତ୍ତିଙ୍କର ଅନେକ ସୌସାଦୃଶ୍ୟ ଅଛ । ବୈଷ୍ଣବ ସହଜିଆ ମାନଙ୍କର ଆଦ ଉପାସ୍ୟା 'ବାଶୁଳୀ'। ଅଝନ୍ତୁ । ଗୌଡ଼ ବଙ୍ଗରୁ ବୌଦ୍ଧ ଧର୍ମର ପ୍ରସ୍ଥାନର ବିଚ୍ଛେଦ ସଙ୍ଗେ ସଙ୍ଗେ ମୁଣ୍ଡିତକେଶ ବୌଦ୍ଧ ଶ୍ରାବକ ଓ ଶ୍ରାବିକା-ମାନେ ବୈଷ୍ଣବ ସମାଜର ଆଶ୍ରଯ ଗ୍ରହଣ କରି 'ନେଡ଼ା ନେଡ଼ୀ' (ଲଣ୍ଡା ଲଣ୍ଡୀ) ନାମରେ ପରିଚିତ ହେଲେ । ପ୍ରଭୁ ନିତ୍ୟାନନ୍ଦଙ୍କ ପୁତ୍ର ବୀରଭଦ୍ର ବହୁଶତ ନେଡ଼ା ନେଡ଼ୀଙ୍କୁ ଦୀକ୍ଷା କରିଥିଲେ । ସମ୍ଭବତଃ ସେ ଏହିମାନଙ୍କଠାରୁ ବଜ୍ରଯାନ (ସହଜିଆ) ତତ୍ତ୍ୱ ଜାଣି ଥିବେ । ମହାଯାନ ସମ୍ପ୍ରଦାଯ ଜ୍ଞାନମାର୍ଗର ପଥିକ ଥିଲେ । ବଜ୍ରଯାନ ସମ୍ପ୍ରଦାଯ ରସମାର୍ଗର ପଥିକ ହେଇଲ । ଏହି ରସମାର୍ଗ-ପଥିକଙ୍କୁ ସହଜିଆମାନେ 'ରସିକ' ବୋଲି ଡକାଇଛନ୍ତି । ଅତଏବ ଦେଖାଯାଏ ଯେ, ସହଜିଆମାନେ ଜ୍ଞାନ ମାର୍ଗକୁ ନ

Digitized by srujanika@gmail.com

ଉଚ୍ଚ ପ୍ରକୃତି ପୁରୁଷ (ସ୍ତ୍ରୀ ପୁରୁଷ)ଙ୍କ ମିଳନକୁ ପୁରୁଷାର୍ଥ ବୋଲ ମନେ କରନ୍ତି ।

ପ୍ରେମଦାସ ରଚିତ ଅନନ୍ଦ ଭୈରବ, ଆଉସସାର, ମୃତ୍ତଜଦାସ ରଚିତ ଅମୃତ ଲହାବଳୀ ଓ ଅମୃତ ରସାବଳୀ, ଏହି ୪ଟି ଗ୍ରନ୍ଥ 'ସହଜ ତତ୍ତ୍ୱ'ନିର୍ଦ୍ଦେଶକ ପ୍ରଧାନ ଗ୍ରନ୍ଥ । ଏହା ଛଡ଼ା ଗୌରୀଦାସ 'ନିଷ୍ଟୋର୍ଥ ପ୍ରକାଶାବଳୀ' ଗ୍ରନ୍ଥରେ ଏ ତତ୍ତ୍ୱ ଚତୁଷ୍ପଦୀର ସାର ବୁଝାଇ ଅଛନ୍ତି । ଏହା ଛଡ଼ା ସହଜଅ-ମାନଙ୍କର ଶତ ଶତ ପ୍ରାଚୀନ ବଙ୍ଗଳା ଗ୍ରନ୍ଥ ଅଛି । ଏ ଗ୍ରନ୍ଥମାନଙ୍କରେ ପ୍ରମାଣ ମିଳେ ଯେ, 'ପରକୀୟା-ସାଧନା' ସହଜଅ ସମ୍ପ୍ରଦାୟର ଲକ୍ଷ୍ୟ । ଏହି ପରକୀୟା ସାଧନା ହରୁ ହରୁ କାମର ଧ୍ୱଂସ ହୋଇ ପ୍ରେମର ସଞ୍ଚାର ହୁଏ । ପରକୀୟା ନାୟିକାଙ୍କ ଦେହକୁ ଶ୍ରୀବୃନ୍ଦାବନ ଓ ପରକୀୟା ନାୟିକାଙ୍କଠାରେ ଶ୍ରୀ ଶ୍ୟାମସୁନ୍ଦର ଓ ରାଧାଙ୍କୀଙ୍କ ଅଧିଷ୍ଠାନ ବୋଲ ବିଶ୍ୱାସ କରି ଏମାନେ ତାଙ୍କ ସେବା କରନ୍ତି । ସେମାନେ କହନ୍ତି, ପ୍ରେମ ବିନା ବ୍ରଜେନ୍ଦ୍ରନନ୍ଦନଙ୍କ ପ୍ରାପ୍ତି ଦୁର୍ଲ୍ଲଭ । ସେମାନେ କହନ୍ତି, ପରକୀୟା ନାୟିକ ସଙ୍ଗେ ତାଙ୍କ ଦେହ—ବୃନ୍ଦାବନରେ ବିଚରଣ କରି ଜଗତ ବୃନ୍ଦା-ବନରେ ନିଜର ଜୀବନ, ଯୌବନ ଓ ଦେହ ଅର୍ପଣ ଓ ତାଙ୍କ ରୂପରେ ନିଜ ରୂପ ମିଶାଇ ଜୀବ ଓ ପ୍ରେମକୁ ଏକ କରି କାମବୀଜ କାମଗାୟତ୍ରୀଦ୍ୱାରା ସେହି କାମିନୀଙ୍କ କାମ-ରତିକୁ ଉତ୍ତେଜିତ କରି ତାଙ୍କ ଅଧିସ୍ତୁତ ଧ୍ୟାନ କରି ସାଧକ ଓ ପରକୀୟା ଦୁହେଁ ଶ୍ରୀକୃଷ୍ଣଙ୍କୁ ଲାଭ କରିବେ । ସୁତରାଂ ଏମାନଙ୍କ ମତରେ ଭଜନ ସାଧନ କରିବାକୁ ହେଲେ ପ୍ରଥମତଃ ଗୋଷ୍ଠୀ ସୁନ୍ଦରୀ, ନବଯୌବନସମ୍ପନ୍ନା ପରକୀୟା ରସିକା ରମଣୀ ଛାଡ଼ା । ପରନ୍ତୁ ଯୌଗସି ରସିକ ଗୁରୁଙ୍କଠାରୁ ବା ଗୁରୁଙ୍କ ନିକଟରୁ ସ୍ୱିଜସଦ୍ଧ ଉପଦେଶ ନେଇ ସେହି ନାୟିକାଙ୍କଠାରେ ଦେହ-ମନ ସମର୍ପଣ କରି ସାଧନ ଭଜନ କଲେ ଶ୍ରୀକୃଷ୍ଣପ୍ରାପ୍ତି ଘଟେ । ସହଜଅମାନେ କହନ୍ତି ଯେ ଚୈତନ୍ୟ ମହାପ୍ରଭୁ ଏହା ସାଧାରଣରେ ପ୍ରକାଶ ନ କରି ଅତି ଗୋପନରେ ସ୍ୱରୂପ ରାମାନନ୍ଦ ଓ ସ୍ୱରୂପ ଦାମୋଦର ଆଦି କେତେକ ମର୍ମୀ ଭକ୍ତଙ୍କ ସଙ୍ଗେ ଏହା ଆସ୍ୱାଦନ କରିଥିବା କଥା ସ୍ୱରୂପ ଦାମୋଦରଙ୍କ 'କଡ଼ଚା' ଗ୍ରନ୍ଥରେ ଅଛି । ରାସ୍ୱ ରାମାନନ୍ଦ ଜଗନ୍ନାଥଙ୍କ ଦେବଦାସୀଙ୍କୁ, ବ୍ରାହ୍ମଣ ଚଣ୍ଡୀଦାସ ଧୋବଣୀ ରାମୀକୁ, ବିଦ୍ୟାପତି ଶିବସିଂହଙ୍କ ରାଣୀ ଲଖିମାଙ୍କୁ, ଜୟଦେବ ପଦ୍ମାବତୀଙ୍କୁ, ଶ୍ରୀରୂପ ଗୋସ୍ୱାମୀ ମାଳବାଇଙ୍କୁ, ବଳଦେବ ଚକ୍ରାମଣିଙ୍କୁ, କୃଷ୍ଣଦାସ କବିରାଜ ଶ୍ୟାମାଜିଙ୍କାଙ୍କୁ ପରକୀୟା ନାୟିକାରୂପେ ଭଜନା କରିଥିଲେ । ଉର୍ଦ୍ଧ୍ୱରେତା ନ ହେଲେ ଏ ରସ ସାଧନ କରିବା ଅସମ୍ଭବ । ସାଧକ ଓ ସିଦ୍ଧମାନଙ୍କ ମତରେ ରତି ନିତ୍ୟ । ଦୁରୂହ ମାର୍ଗର ମଧ୍ୟ ଦେଇ କାମଗନ୍ଧମୁକ୍ତ ପ୍ରେମଲାଭ କରିବାହିଁ ସେମାନଙ୍କ ଉପଲବ୍ଧ୍ୟ ଅଟେ—ରତ୍ନକୋଷ ।]

ସହଜଥ ମାର୍ଗ— ଦେ. ବି—ସହଜଥ ୨ (ଦେଖ)
Sahajiā mārga Sahajiā 2 (See)

ସହଜେ—ଦେ. କ୍ରି. ବିଣ—୧ । ପ୍ରକୃତରେ; ସ୍ୱଭାବତଃ—1. Naturally. (ଉ—ଫଗୁର ଦୋଳ ସହଜେ ଭୁ ସମ୍ଭୁଦସ୍ୟ—ଭାରତଚନ୍ଦ୍ର. ସଙ୍ଗୀତ ।) ୨ । ଅନାୟାସରେ ସହଜମେଁ —2. Easily. (ଉ—ଡେଣ୍ଡ ପ୍ରଜାଙ୍କର ମାସ୍ୱା (ସଦଇଇ[ହିଁ]—ଅନ୍ୟରୂପ) ଭୂଟଲେ ସହଜେ—ରାଧାନାଥ. ସହାଯାନ୍ତା ।)

ସହଜେତର—ସ. ବିଣ (ସହଜଠାରୁ ଇତର=ଘନ; ୫ମୀ ତତ୍) —
Sahajetara ୧ । ଅସ୍ୱାଭାବିକ—1. Unnatural.
୨ । କୃତ୍ରିମ—2. Artificial.

ସହଜୋଦାସୀନ—ସ. ବ (ହନ୍ଦୁ ସ୍ମୃତି)—ସହଜ ଭାଇ ଓ ଭାଇମାନଙ୍କ ପିଲା
Sahajodāsina ଲକ୍ଷଣ ଛାଡ଼ିଲେ ବନ୍ଧୁ ଓ କୁଟୁମ୍ବଗଣ (ମିତାକ୍ଷରା ।)
—(Hindu law) One's relatives and agnates who are not included in the definition of Sahaja mitra and Sahaja śatru.

ସହଣ—ଦେ. ବି (ସଂ. ସହନ)—୧ । ସହ୍ୟତା—1. Bearing. Sahaṇa ସହନ **ସହନ** ୨ । ସହିଷ୍ଣୁତା—2. Forbearance; ବିଲାତି କାପଡ଼ endurance. ୩ । ଏକପ୍ରକାର ମୋଟା ବିଲାତି ବସ୍ତ୍ର **ବିଲାୟତୀ କପଡ଼ା, ସହନ** ଜଲଲୁଗା—3 A kind of foreign ମାଦନ, ବାଡ଼ି mill-made coarse cloth. ୪ । ଋଣଦାତା **ସାହୁକାର** ସମୟରେ ଦେଢ଼ଁ ଖଣ୍ଡରେ ଧାନ ଅଧ ହକି ଦେଇଥିବା ଉଦ୍ଦେଶ୍ୟରେ ବେଶି ଧାନ ପାଇବା ପାଇଁ ଟଙ୍କା ଅଗଉରୁ ଋଣଦେବା ସ୍ୱିର—4. The mode of advancing money to a debtor on condition that the debtor will pay back the money in the shape of paddy at a rate cheaper than the then prevailing rate, on the stipulated date of repayment of the loan. ୫ । ଟଙ୍କାର ସୁଧ ପାଇଁ ପ୍ରତିଶତ ସ୍ୱିର ଅପେକ୍ଷା ଯେଉଁ ଅଟ୍ଟାରୁକ୍ତ ଧାନ ଖାତକ ମହାଜନକୁ ଦିଏ—5. Excess paddy paid by the debtor to a creditor over and above the current selling rate in lieu of interest for money advanced on loan. ୬ । ଦେବ-ତାଙ୍କୁ ପ୍ରଦତ୍ତ ମାନସିକ ଯୋଗ ଅଧ—6. Offerings ମାନସିକ ମାନତ voewd to be given to a Deity.

ସହଣା ଲଗା(ଗେ)ଇବା—ଦେ.କି—ଦେଣା ସୁଝିବା ବେଳେ ଅପ୍ତଲ ଟଙ୍କା
Sahaṇa lagā(ge)ibā ପାଇ ପ୍ରଚଳିତ ସ୍ୱିର ଅନୁସାରେ ଯାହା ଧାନ ବାଡ଼ି ଦେଓୟା ଧାନ ଦେଇ ଦେବ ବୋଲି ସ୍ୱିର ହୋଇ ସୁଧ ପରିବର୍ତ୍ତେ
ଧାନପର କରଜ ଲଗାନା ଅଧିକା ଧାନ ଦେଇ କରିଛ ସୁଝିବା ପାଇଁ ଖାତକ ସଙ୍ଗେ ଚୁକ୍ତି କରି ମହାଜନକୁ ଟଙ୍କା କରଜ ଲଗାଇବା—To advance money on loan to a debtor on condition that the debtor will repay the debt by deliver-

Digitized by srujanika@gmail.com

ing paddy at the market rate on the stipulated day, together with a certain extra quantity of paddy for interest.

ସହଣା(ଣି)—ଦେ. ବ (୧୦ ସହନ)—୧ । ସହନ—1. Endu-
Sahaṇā(ṇi) ସହନ ସହନ rance. ୨ । ସହ୍ୟୁକ୍ତା—
ମାନସିକ 2. Forbearance. ୩ । ଦେବତାଙ୍କୁ ଗୁଡ଼େ ବା
ମନ୍ନତ ଭୋଗ ଆଦ; ମାନସିକ—3. Offerings vowed to be given to a Deity. (ଉ—ଅଉ ଯେତେ ଦଅଁ ଦେବାକୁ ସହଣି ଥିଲ, ତାଡ଼ା ସବୁ
ସହନଶୀଳ ଦଅଗଲ—ଜେଶବ- ନାଏକବାବୁ ।) ଦେ. ଭଣ.
ସହନମା ପୁଂ. (ସଂ. ଅହ୍ୟୁ)—ସହ୍ୟୁ—Forbearing.
(ସହଣିକ[କା]—ଅନ୍ୟ ଭଣ ରୂପ) (ସହଣା, ସହଣୀକା—ସ୍ତ୍ରୀ)

ସହଣି କରିବା—ପ୍ର ଦେ. (ସିଂହଭୂମି ଓ ଗଞ୍ଜାମ) କି—ଜ୍ଞଦେଶ୍ୟ
Sahaṇi karibā ସିଦ୍ଧି ହେଲେ ଦେବତାଙ୍କ ନଜରରେ ଚୌଦ୍ଦସି
ମାନସିକ କରା ଭୋଗ ବା ବଲି ଦେବା ପାଇଁ ମାନସିକ କରିବା—
ମନ୍ନତ କରନା To vow to give some thing as offering to a Deity on the fulfilment of one's desire.

ସହଣ୍ଡୁକ—ସଂ. ବ—ମାଂସ ବ୍ୟଞ୍ଜନ ବିଶେଷ (ଭାବପ୍ରକାଶ); ଖସରା ମୁଣ୍ଡ
Sahaṇḍuka ବୁଟାଯାଇ ଓ ମାଂସ କୁଟିଡ଼ି ଓ ଖଣ୍ଡିଡ଼ କରିଯାଇ ରନ୍ଧାଯିବା ବ୍ୟଞ୍ଜନ—A curry of mutton. [ଦ୍ର—ଛଗାଦର ଫଡ଼ିଆ ଆଦ ମାଂସଳ ସ୍ଥାନର ମାଂସକୁ ଛୋଟ ଛୋଟ କର କାଟି ଧୋଇ କର ରଖିବ । ଜେଜରେ ଦିଅରେ (ଅଢ଼ିବରେ ତେଲରେ) ଡଳସା ଓ ଡେଙ୍ଗୁ ଖଣ୍ଡ, ଦିଅରୁ ଡଳଦ ଓ ଡେଙ୍ଗୁରୁ କାଢ଼ି ମୃଦୁ ଅଗ୍ନି ଉତ୍ତାପରେ ଉକ୍ତ ପାତ୍ରରେ ମାଂସକୁ ଭାଜିବ । ମାଂସ ସିଦ୍ଧ ହେଲେ ଜଳ ଓ ଲିବଣ ସଂଯୋଗ କର ମଧ୍ୟାବସ୍ଥାରେ ନଖଲ ବନ୍ଧା ଘଣି ଦେବ । ଏଥିରେ ଥାକ କରିବା ବ୍ୟଞ୍ଜନକୁ ସହଣ୍ଡୁକ କହନ୍ତି । ଏହା ଅତ୍ୟନ୍ତ ଶୁକ୍ରବର୍ଦ୍ଧକ, ବଳକାରକ, ରୁଚିକର, ଅଗ୍ନିପ୍ରଦୀପକ ଓ ଧାତୁପୋଷକ—ଭାବପ୍ରକାଶ ।]

ସହତର—ପ୍ରାଦେ. (ସମ୍ବଲପୁର) ବ ଓ ଭଣ (ସଂ. ସହସ୍ର)—ସହସ୍ର—
Sahatar Thousand.

ସହଦେବ—ସ. ବ (ନାମ)—୧ । ପାଣ୍ଡୁ ରାଜାଙ୍କ ପଞ୍ଚମ ପୁତ୍ର; ପଞ୍ଚମ
Sahadeba ପାଣ୍ଡବ—1. The fifth Pāṇḍaba brother. [ଦ୍ର—ପାଣ୍ଡୁ ରାଜାଙ୍କ ଜଳଷ୍ଟା ପତ୍ନୀ ମାଦ୍ରୀଙ୍କ ଗର୍ଭରୁ ଅଶ୍ୱିନୀକୁମାର ଦ୍ୱୟଙ୍କ ଔରସ ଜାତ ନକୁଳ ସହଦେବ ନାମକ ଯମଜ ଯୁତ୍ତ ଦ୍ୱୟଙ୍କ ମଧ୍ୟରୁ ଏତଦ୍ଭର ।

ମାଦ୍ରୀ ପାଣ୍ଡୁଙ୍କ ସହମୃତା ହେବାରୁ ଏ ଦୁଇ ଯୁତ୍ତ ବମାତା କୁନ୍ତୀଙ୍କ ପତ୍ନରେ ଜଳଜ ପାଳନ ହୋଇ କୌମାରେସୁ ଭ୍ରାତାମାନଙ୍କ ସହତ କୃପ ଓ ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଅସ୍ତ୍ର ବିଦ୍ୟା ଶିକ୍ଷା କଲେ । ସହଦେବ ଅତି-ମୁଷ୍ଟି ଧାରଣରେ ବିଶେଷ ବୁଦ୍ଧିମନ୍ତ ଜ୍ଞାନ କରିଥିଲେ । ଦ୍ରୌପଦୀଙ୍କ ଗର୍ଭରେ ଏହାଙ୍କ ଔରସରେ ଶ୍ରୁତସେନ ନାମକ ପୁତ୍ର ଜନ୍ମିଥିଲେ । ଏ ଜତୁଗୃହ ନାମ୍ନୀ ଯତୁ-ଦାସୀ ଜନ୍ୟାକୁ ବିବାହ କରିଥିଲେ ଓ ଅଜ୍ଞାତବାସ ଯୁଧିଷ୍ଠିରଙ୍କର ଅଜ୍ଞତବାସ ଜାଲରେ ଏ ବିରାଟ ରାଜାଙ୍କ ଜନ୍ତୀଶାଳ ନାମଧାସ୍ତ ଗୋଶାଳାଧିପତି ରୂପରେ କାର୍ଯ୍ୟ କରୁଥିଲେ । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ କାଳରେ ଏ ଦକ୍ଷିଣ ଅଞ୍ଚଳରେ ରାଜାମାନଙ୍କ-ଠାରୁ କର ଅଦାୟ କରିଥିଲେ । କୁରୁକ୍ଷେତ୍ର ଯୁଦ୍ଧର ଅଷ୍ଟାଦଶ ଦିବସରେ ଏ ଶତ୍ରୁମାନଙ୍କୁ ହତ କରିଥିଲେ । ଏ ଯୁଧିଷ୍ଠିରଙ୍କର ମହାପ୍ରସ୍ଥାନରେ ସହଗାମୀ ହୋଇ ଅତ୍ୟଧିକ ପାଣ୍ଡିତ୍ୟାଭିମାନ ଜନିତ ପାପ ଯୋଗୁଁ ସ୍ୱର୍ଗ ପର୍ଯ୍ୟନ୍ତ ଯାଇ ନ ପାରି ମେରୁ ଶିଖରରେ ପତିତ ହେଲେ । ୨ । ମଗଧରାଜ ବୃହଦ୍ରଥଙ୍କ ପୁତ୍ର (ଭାଗବତ)—2. Name of the son of Jarāsandha. [ଦ୍ର—ବୃହଦ୍ରଥଙ୍କ ମୃତ୍ୟୁ ପରେ ଏ ମଗଧର ରାଜା ହୋଇଥିଲେ । କୁରୁକ୍ଷେତ୍ର ଯୁଦ୍ଧରେ ଏ କୌରବଙ୍କ ପକ୍ଷ ଗ୍ରହଣ କରି ଚତୁର୍ଥ ଦିବସରେ ଅଭିମନ୍ୟୁଙ୍କଦ୍ୱାରା ନିହତ ହେଲେ ।]

୩ । ହର୍ଯ୍ୟଶ୍ୱ ରାଜାଙ୍କ ପୁତ୍ର (ହରିବଂଶ)—3. Name of a son of King Harĭyaśwa. ୪ । ସୋମ-ଦତ୍ତଙ୍କ ପୁତ୍ର (ହରିବଂଶ)—4. Name of a son of King Somadatta. ୫ । ଅଗ୍ନିପୁରାଣ, ବ୍ୟାଖ୍ୟପଦ୍ଧତି ଓ ଶାବ୍ଦିକ ଶାସ୍ତ୍ର ରଚୟିତାଙ୍କ ନାମ—(ବ୍ରହ୍ମବୈବର୍ତ୍ତ ପୁରାଣ)—5. Name of an author of some Sanscrit works. ବେ. ବ (ପୁଂ) ପୁତ୍ରଙ୍କୁ ଦଅପିବା ନାମ—A name given to males.

ସହଦେବା—ସଂ. ବ. ସ୍ତ୍ରୀ (ସହଦେବ+ସ୍ତ୍ରୀ. ଆ)—ଶାରିବା (ସେଦଗା)-
Sahadebā 1. Śāribā (See) ୨ । ସର୍ପାକ୍ଷୀ (ସେଦଗା ସାତ ଜଙ୍ଗାଲିଆ ଗୁଳ୍ମ—2. A plant. ୩ । ନାକୁଳୀ; ଏକ ପ୍ରକାର ସୁନ୍ଦା; ଗନ୍ଧରାସ୍ନା—3. A plant; Ophioxylon Serpentinum. ୪ । ଶୀତ ଦଣ୍ଡୋତ୍ପଳା (ଉତ୍ପଲାଲା)—4. The yellow variety of Daṇḍotpalā. ୫ । ବଳାଭେଦ; ମହାବଳା; ବଜ୍ରମୂଳୀ—5. A plant; Sida Rhombifolia.

[୫ମ ଅର୍ଥରେ ଅନ୍ୟ ସଂ. ନାମ—ଜ୍ୟେଷ୍ଠବଳା, ମହାବଳା, ଭଦ୍ରପତ୍ର, କେଶାରୁହା, କେଶରିକା, ମୃଗାବଦ୍ଧା, ବର୍ଷପୁଷ୍ପା, କେଶବଳ୍ଲୀକା, ପୁରସିଦ୍ଧା, ଦେବବଳା, ସାରଣୀ, ପୀତପୁଷ୍ପି, ଦେବାହ୍ୱା, ଗନ୍ଧବହ୍ନି, ମୃଗା, ମୃଗରସା ।]

[ଦ୍ର—ଏହା ଦୁଦ୍ରୋଗ, ବାତ, ଅର୍ଶ ଗୋଥଦ୍ୱର, ଶୁକ୍ରବୃଦ୍ଧିକର, ବଲ୍ୟ ଓ ବିଷମ ଜ୍ୱର ନାଶକ ।]

୬ । (ନାମ) ବସୁଦେବ ପତ୍ନୀ
6. A name of the wife of Basudeba.

Digitized by srujanika@gmail.com

ସହଦେବୀ—ସଂ. ବ. ସ୍ତ୍ରୀ—(ସହଦେବ+ଙ୍କୀ, ଈ)—ସହଦେବଙ୍କ ସ୍ତ୍ରୀ—Sahadebī 1. Wife of Sahadeba. ୨। ସର୍ପାକ୍ଷୀ (ଦେଶ)—2. Sarpākshī (See) ୩। ସହଦେବା (୪) (ଦେଶ)—3. Sida Rhombifolia (plant ୪। ସହଦେବା (୪) ଦେଶ—4. Sahadebā 4 (see) ୫। ପ୍ରିୟଙ୍ଗୁ (ଦେଶ)—5. Priyangu (See). ୬। ମହାନୀଳୀ (ଉଦ୍ଭିଦ)—6. The big variety of the Indigo plant.

ସହଦେବୀ ଗଣ—ସଂ. ବ—ଦେବ ପ୍ରତିଷ୍ଠାରେ ଦେବସ୍ନାନାର୍ଥ ବ୍ୟବହୃତ Sahadebī gaṇa ଔଷଧଗଣ [ଯଥା—ମହାବଳା, ବଳା, ଶତମୂଳୀ, ଶତାବରୀ, କୁମାରୀ, ଗୁଡୂଚୀ, ସିଂହୀ, ବ୍ୟାଘ୍ରୀ ଗରୁଡ଼ପୃଷ୍ଣଗଣ—A collection of herbs for bathing images during consecration.

ସହଧର୍ମ(ର୍ମା)ଚରଣ—ସଂ. ତ—ଏକ ସଙ୍ଗେ ଧର୍ମକର୍ମାନୁଷ୍ଠାନ—Sahadharma(rmā)charaṇa Performance of religious rites together.

ସହଧର୍ମଚାରିଣୀ—ସ. ବ. ସ୍ତ୍ରୀ (ସହ+ଧର୍ମ+ଚର. ଧାତୁ+ତୃଚ୍. ଇନ୍+ଙ୍କୀ. ଈ)—ସହଧର୍ମିଣୀ (ଦେଶ)—Sahadharmiṇī. (See) ସଂ. ବଣ. ସ୍ତ୍ରୀ—ସହଧର୍ମଚାରୀଙ୍କର ସ୍ତ୍ରୀଲିଙ୍ଗ—Feminine of Sahadarmachārī.

ସହଧର୍ମଚାରୀ—ସ. ବଣ. ପୁଂ (ସହ+ଧର୍ମ+ଚର. ଧାତୁ+ତୃଚ୍. ଇନ୍; ୧୩. ୧୪)—ଏକ ସଙ୍ଗେ ଧର୍ମକର୍ମର (ସହଧର୍ମଚାରିଣୀ—ସ୍ତ୍ରୀ) ଅନୁଷ୍ଠାତା—Performing religious acts together.

ସହଧର୍ମା—ସ. ବଣ. ପୁଂ ଓ ସ୍ତ୍ରୀ (କର୍ତ୍ତୃବାଚ୍ୟ; ସହ+ଧର୍ମନ୍; ୧୩ ୧୭)—ସ୍ୱଧର୍ମୀ—Professing the same faith; having the same qualities or attributes.

ସହଧର୍ମିଣୀ—ସ. ବ. ସ୍ତ୍ରୀ (ସହଧର୍ମନ୍+ଇନ୍+ଙ୍କୀ. ଈ)—୧। ବେଦବିହିତ ବିଧାନ ଦ୍ୱାରା ବିବାହିତା ସ୍ତ୍ରୀ (ଅମର)—1. One's legally married wife. ୨। ଘରୁଣୀ—2. One's wife. [ଦ୍ର—ଜାୟା, ସହଚରୀ ତୋଇ ଧର୍ମାଚରଣ କରିବ ବୋଲି ଶାସ୍ତ୍ରରେ ଉପଦେଶ ଅଛି।]

ସହନ—ସଂ. ନ (ସହ୍. ଧାତୁ+ଭାବ. ଅନ)—୧। ସହ୍ୟ କରିବା—Sahana 1. Bearing; endurance. ୨। କ୍ଷାନ୍ତି; କ୍ଷମା; ସହିଷ୍ଣୁତା; ଉଦ୍ଦିଷ୍ଟ—2. Forbearance; calm resignation. ୩। ପ୍ରତୀକ୍ଷା (ପ୍ରକ୍ରିୟାବାଦ)—3. Waiting. ସଂ. ବଣ. ପୁଂ—(+ତୃଚ୍. ଅକ)—ସହିଷ୍ଣୁ; ସହନଶୀଳ—Forbearing; enduring.

ସହ ନର୍ତ୍ତନ—ସଂ. ନ—୧। ଏକତ୍ର ମଣ୍ଡଳାକାର ନୃତ୍ୟକରଣ—Saha narttana 1. Dancing together in a ring.

ସହନର୍ତ୍ତକ—ପୁଂ } ସହନର୍ତ୍ତିକା—ସ୍ତ୍ରୀ } —ବ୍ୟକ୍ତିବାଚକ ବିଶେଷ୍ୟ ୨। ସ୍ତ୍ରୀ ପୁରୁଷ ଯୋଡ଼ା ଯୋଡ଼ା ହୋଇ ନାଚିବା—2. Ball dance.

ସହନଶୀଳ—ସଂ. ବଣ. ପୁଂ (ସହନ+ଅର୍ଥରେ ଶୀଳ)—ସହିଷ୍ଣୁ—Sahanaśīla Forbearing. (ସହନଶୀଳା—ସ୍ତ୍ରୀ) [ସହନଶୀଳତା—ବ]

ସହନୀୟ—ସଂ. ବଣ (ସହ୍. ଧାତୁ+କର୍ମ. ଅନୀୟ)—୧। ସହନ-ଯୋଗ୍ୟ; ସୋଢ଼ିବ୍ୟ—Sahanīya 1. Bearable; tolerable. ୨। ସହ୍ୟ; ଯାହା ସହ୍ୟ ହୁଏ—2. Which is endured.

ସହନ୍ତା—ଦେ. ବଣ (ସଂ. ସହିଷ୍ଣୁ)—ସହଣି; ସହିଷ୍ଣୁ—Sahantā ଯେ ସହ୍ୟକରେ सहनमा Forbearing.

ସହପକ୍ଷ—ଦେ. ବଣ (ସଂ. ସପକ୍ଷ)—ସାଢ଼ାଢଅ (ଦେଶ)—Sāhā Sahapakṣha paksha. (See) (ଭ୍ର—ବିପକ୍ଷ ବିପକ୍ଷରେ ବିପକ୍ଷ ସପକ୍ଷ ଏବେ ଭାଙ୍କି ଦେଇଛନ୍ତି ସହପକ୍ଷ। ବିଶ୍ୱନାଥ. ବିଚିତ୍ର ସପକ୍ଷ ବ୍ୟାପୃଣ।]

ସହପତ୍ନୀ—ସଂ. ବଣ. ସ୍ତ୍ରୀ—୧। ପତ୍ନୀସହିତ (ବିଶ୍ୱକୋଷ)—Sahapatnī 1. (The husband and the wife) Going in company. ୨। ପତ୍ନୀଙ୍କ ସମଭିବ୍ୟାହାରିଣୀ (ସ୍ତ୍ରୀ)—2. (the wife) Accompanied by the husband. ସଂ. ବ—ଦମ୍ପତି (ବିଶ୍ୱକୋଷ)—Couple; a married pair.

ସହପାଂଶୁକୀଳ—ସଂ. ବ. ପୁଂ (ସହ+ପାଂଶୁ+କୀଲ୍. ଧାତୁ=ଖେଳବା+ଘଞ୍. ଅ; ଯେ ସଙ୍ଗୀତିଲ୍ଲଙ୍କ ସଙ୍ଗେ ପାଉଁଶରେ ବା ଧୂଳିରେ ଖେଳେ)—୧। ଧୂଳଟଖଳରେ ସାଙ୍ଗୀ—1. One's playmate of childhood. ୨। ବୟସ୍ୟ; ସଖା (ବିଶ୍ୱକୋଷ)—2. Companion of the same age.

ସହପାଂଶୁ କୀଳନ (କ୍ରୀଡ଼ନ)—ସଂ. ତ (ସହ+ପାଂଶୁ+କୀଲ୍. ଧାତୁ, Sahapāṁsu kīlana (krīrdana) କ୍ରୀଡ୍ ଧାତୁ=ଖେଳବା+ଭାବ. ଅନ)—ପିଲ୍ଲମାନଙ୍କ ଧୂଳଖେଳ—Children's play by making houses of dust.

ସହପାଠ—ସଂ. ବ—୧। ଏକତ୍ର ପଠନ—1. Reading together. ୨। (ଅନେକ) ବାଳକବାଳିକାମାନଙ୍କର ଏକତ୍ର ପାଠପଢ଼ା—2. Co-education.

ସହପାଠୀ—ସଂ. ବଣ. ପୁଂ (ସହ+ପଠ୍. ଧାତୁ+ତୃଚ୍. ଇନ୍; ସହ Sahapāṭhī ପାଠିନ୍; ୧୩. ୧୪)—ଏକତ୍ର ଅଧ୍ୟୟନକାରୀ; (ସହପାଠିତା—ସ୍ତ୍ରୀ) ସହାଧ୍ୟାୟୀ—Reading together. ସଂ. ବ. ପୁଂ—ସାଙ୍ଗ ପଢ଼ୁଆ ପିଲା—Classmate.

ସହପାନ—ସଂ. ବ—୧। ଏକତ୍ର ପାନୀୟ ଦ୍ରବ୍ୟାଦିର ପାନ—1. A Sahapāna drinking of fluids in company. ୨। କନ୍ଦୁ ଲେଢ଼େଙ୍କର ଏକତ୍ର ସ୍ନୁହ୍ୟପାନ (ଦେଶରତ୍ନ)—

Digitized by srujanika@gmail.com

2. A drinking (of wine) in company; drinking bout.

ସହପିଣ୍ଡ କ୍ରିୟା—ସଂ. ନ—ସପିଣ୍ଡୀକରଣ ଶ୍ରାଦ୍ଧ (ମନୁ ୩।୨୪୮)—
Sahapiṇḍa kriyā Sapiṇḍīkaraṇa. (See)

ସହ ପୀତି—ସଂ. ନ—ଏକତ୍ର ମଦ୍ୟପାନ ପାନ (ଶବ୍ଦ ରତ୍ନାବଳୀ)
Saha pīti A drinking in company.

ସହପୂର୍ବାହ୍ଣ—ସ. ଅ (ଅବ୍ୟୟୀଭାବ)—ପୂର୍ବାହ୍ଣ ସଦୃଶ (ମୁଖ୍ୟତଃ ବ୍ୟାକରଣ)—Like forenoon; similar to forenoon.
Saha pūrbāhṇa

ସହ ପ୍ରଜା(ସ୍ଥା)ଯୀ—ସ. ବଣ. ସ୍ତ୍ରୀ (ସହ+ସ୍ଥ+ପା ଧାତୁ; ସ୍ଥା ଧାତୁ+ କର୍ତ୍ତରି ଇନ୍, ୧ମା ୧ବ)—ଏକ ସଙ୍ଗେ ଗମନକାରୀ; ସହଯାତ୍ରୀ—Going or walking together.
Saha prajā(sthā)yī
[ସହସ୍ଥଯା(ସ୍ଥା)ୟିନୀ—ସ୍ତ୍ରୀ]

ସହବତ୍—ବୈଦେ. ବ (ଅ. ସୋହବତ୍)—୧। ସମ୍ପର୍କ—1. Conjunction. ୨। ସମ୍ବନ୍ଧ—2. Connection. ୩। ସହଗୁରୁତ୍ୱ—3. Companionship, ୪। ସହବାସ—4. Cohabitation. ୫। ସମ୍ପର୍କରେ ଦୋଷ ଗୁଣ—5. Qualities which one attains as a result of companionship.
Sahabat
ସୋହବତ୍ ସୋହବତ

ସହବତୀ—ବୈଦେ. ବ—୧। ସଙ୍ଗୀ—1. Companion. ୨। ସହକାରୀ—2. Assistant.
Sahabatī
(ସହବତ୍+ଈ—ଅଦ୍ୟଭୂତ)
ସୋହବତୀ ସୋହବତୀ

ସହବତ୍ସ—ସଂ. ବଣ. ପୁଂ—ସବତ୍ସ; ବତ୍ସା ସହିତ—Accompanied by the calf.
Sahabatsa
(ସହବତ୍ସା—ସ୍ତ୍ରୀ)

ସହ ବସତି—ସଂ. ନ—ଏକତ୍ର ଅବସ୍ଥାନ—Staying together.
Saha basati

ସହବାଦ—ସଂ. ନ—୧। ବାଦାନୁବାଦ; ତର୍କ ବିତର୍କ—1. Discussion. ୨। ମକଦ୍ଦମାରେ ସଓକାଲ ଜବାବ—2. Argument in court.
Sahabāda

ସହବାସ—ସ.ନ (ସହ+ବସ ଧାତୁ+ଘଞ୍ ଅ)—୧। ପରସ୍ପର ସଂସର୍ଗ—1. Mutual conjunction; intercourse. ୨। ଏକସଙ୍ଗେ ଅବସ୍ଥାନ—2. Staying together. ୩। ପତ୍ନୀରୂପେ ଏକତ୍ରାବସ୍ଥାନ—3. Living together as husband and wife. ୪। ଏକତ୍ରବାସ—4. Living together. ୫। ସଙ୍ଗମ—5. Association. ବେ. ନ—ସ୍ତ୍ରୀପୁରୁଷଙ୍କ ସଙ୍ଗମ; ମୈଥୁନ—Cohabitation; sexual intercourse.
Sahabāsa

ସହବାସ-ସମ୍ମତି-ଆଇନ୍—ବେ, ନ—ବୌଣସି ବାଳିକା ଅପଣା ସଙ୍ଗେ ସହବାସ ସମ୍ମତି ଆଇନ ଅନୁସାରେ ଦେଲେ ବାଳିକାର ପେଛେ ବର୍ଷ ପର୍ଯ୍ୟନ୍ତ
Sahabāsa sammati āin

ସହବାସ ସମ୍ମତି ଆଇନ୍ ବୟସ ଦୋଇ ନ ଥିଲେ ତାହା ଅଇନ ଅନୁସାରେ ବାଳିକାର ସମ୍ମତି ରୂପେ ଗୃହୀତ ହୁଏ ନାହିଁ, ଏହ ଅଇନ୍—The age-of-consent-law; the law which fixes the minimum age of a girl after which the girl will be considered to be free to give her legal consent to sexual union with a male.

ସହବାସୀ—ସଂ. ବଣ. ପୁଂ (ସହ+ବସ୍ ଧାତୁ+କର୍ତ୍ତରି ଇନ୍; ୧ମା. ୧ବ)—ଏକତ୍ରବାସକାରୀ—Living together.
Sahabāsī
(ସହବାସିନୀ—ସ୍ତ୍ରୀ)

ସହବ୍ରତ—ସଂ. ବଣ. ପୁଂ (ବହୁବ୍ରୀ)—ଏକତ୍ରବ୍ରତାନୁଷ୍ଠାନ—Observing vows together.
Sahabrata
(ସହବ୍ରତା—ସ୍ତ୍ରୀ)

ସହବ୍ରତା—ସଂ. ବଣ. ସ୍ତ୍ରୀ (ସହବ୍ରତ+ସ୍ତ୍ରୀ. ଅ)·ସହବ୍ରତର ସ୍ତ୍ରୀଲିଙ୍ଗ—Feminine of Sahabrata.
Sahabratā
ସ. ବ. ସ୍ତ୍ରୀ—ସହଧର୍ମିଣୀ; ବିବାହିତା ସ୍ତ୍ରୀ; ଧର୍ମପତ୍ନୀ (ବିଶ୍ୱକୋଷ)—One's wedded wife.

ସହଭାବୀ—ସଂ. ବ. ପୁଂ (ସହ+ଭୂ ଧାତୁ+କର୍ତ୍ତରି. ଇନ୍; ୧ମା.୧ବ)—ସହାୟୀ; ସାହାଯ୍ୟକାରୀ (ହିତାଖ୍ୟୋପଦେଶ)—1. Help; abettor. ୨। ସହଚର—2. Companion. ୩। ସହୋଦର; ସୋଦର—3. Uterine brother. ବଣ—୧। ସହିତ ଉତ୍ପନ୍ନ—1. Born with. ୨। ସାହାଯ୍ୟକାରୀ—2. Helping; abetting.
Sahabhābī
(ସହଭାବିନୀ—ସ୍ତ୍ରୀ)

ସହଭୁଜ୍—ସଂ. ବଣ. ପୁଂ ଓ ସ୍ତ୍ରୀ (ସହ+ଭୁଜ୍ ଧାତୁ+କର୍ତ୍ତରି. କ୍ୱିପ୍)—ଏକତ୍ର ଭୋଜନକାରୀ—Eating or dining together.
Sahabhuj

ସହଭୂ—ସଂ. ବଣ (ପୁଂ ଓ ସ୍ତ୍ରୀ) (ସହ+ଭୂ ଧାତୁ+କର୍ତ୍ତରି କ୍ୱିପ୍)—ଏକତ୍ର ଉତ୍ପନ୍ନ—Produced or born together.
Sahabhū

ସହଭୂଲ୍—ଦେ. ବ (ତତ୍ପୁରୁ)—୧। ପାସଙ୍ଗିକଭ୍ରମ—Mistake; oversight. ୨। ବୌଣସି ବିଷୟ ଛଡ଼ି ଯିବା—2. Omission.
Saha bhūl
ସହଭୂଲ ଭୁଲଚୁକ

ସହଭୋଜନ—ସଂ. ନ—୧। ଏକତ୍ରଭୋଜନ; ପଗ୍‌ଥି (ଅମର)—1. Dining together. ୨। ସଂଭୋଜନ—2. Dining together in a row. ୩। ଏକତ୍ର ଭୋଗ କରିବା (ବିଶ୍ୱକୋଷ)—3. Enjoyment together; simultaneous enjoyment.
Saha bhojana

ସହଭୋଜୀ—ସଂ. ବଣ. ପୁଂ (ସହ+ଭୁଜ୍ ଧାତୁ+କର୍ତ୍ତରି ଇନ୍ ୧ମା ୧ବ)—ଏକତ୍ରଭୋଜନକାରୀ—Dining together.
Sahabhojī
(ସହଭୋଜିନୀ—ସ୍ତ୍ରୀ)

ସହମ—ସଂ ବ.—ଫଳଜ୍ୟୋତିଷମତେ ବର୍ଷ ପ୍ରବେଶ ସମୟରକାଳରେ ବର୍ଷର ଫଳାଫଳ ନିର୍ଣ୍ଣୟ କରିବା ପାଇଁ ଓ ଜନ୍ମକାଳରେ ଜାତ ବ୍ୟକ୍ତିର ଜୀବନର ଫଳାଫଳ ବୁଝିବା

Digitized by srujanika@gmail.com

ପାଇଁ ଗଣନା କରିବା ତାଜକୋକ୍ତ ଯୋଗବିଶେଷ— The result of a kind of astrological calculation (according to the Tājaka method) for finding out what will happen in the coming year or what will happen to the life of a just born baby. [ଦ୍ର-ନାଲକଣ୍ଠୋକ୍ତ ତାଜକ ଗ୍ରନ୍ଥରେ ସହମ ଗଣନା ପ୍ରଣାଳୀ ବର୍ଣ୍ଣିତ ହୋଇଅଛି । ଏହା ୫୦ପ୍ରକାର । ଚନ୍ଦ୍ରସ୍ପୁଟ, ରବିସ୍ପୁଟ, ଲଗ୍ନସ୍ପୁଟ, ବୃହସ୍ପତି ସ୍ପୁଟ ଆଦର ଯୋଗ ବିଯୋଗ ଦ୍ୱାରା ସହମ ଅନୟନ କରାଯାଏ । ସହମ ନିର୍ଣ୍ଣୟ କର ଯେଉଁ ରାଶି ପିଲେ ସେହି ରାଶିର ଅଧିପଙ୍କୁ ଗ୍ରହମାନଙ୍କର ଘନ ଘନ ଅବସ୍ଥାନ, ବଳ ଓ ଦୃଷ୍ଟିର ଫଳରେ ଶୁଭ ବା ଅଶୁଭ ଜାତୀୟ ହୁଏ । ସହମମାନଙ୍କ ନାମରୁ ଉକ୍ତ ସହମର ଫଳ ସୂଚିତ ହୁଏ, ଯଥା—ପୁଣ୍ୟସହମ, ରୋଗସହମ, ଶତ୍ରୁସହମ, କଳହସହମ, ମୃତ୍ୟୁସହମ, ଯଶଃସହମ, କାଯଂସିଦ୍ଧିସହମ, ପରଦେଶ ସହମ, ଜଳପଥସହମ, ଦତ୍ତଦ୍ରବ୍ୟ ସହମ, ବାଣିଜ୍ୟସହମ, ଭ୍ରାତୃ ସହମ, ବନ୍ଧୁ ସହମ, ଜ୍ଞାନ ସହମ ଇତ୍ୟାଦି— ଶବ୍ଦକୋଷ ।)

ସହ ମରଣ—ସଂ. ବ—ସହ ଗମନ; ମୃତ ସ୍ୱାମୀଙ୍କ ଶବ ସହିତ Saha maraṇa ଜ୍ୱଳଦ୍ଚିତାରୋହଣପୂର୍ବକ ସ୍ତ୍ରୀଙ୍କର ମରଣ— Concremation; the act of self-immolation of a widow by ascending the burning funeral pyre of her deceased husband.

[ଦ୍ର—ମୃତପତିଙ୍କ ଶବ ସଙ୍ଗେ ବଧବା ପତ୍ନୀଙ୍କ ମରଣକୁ ସହମରଣ କୋଲ୍ଲଯାଏ । ଦୂର ଦେଶରେ ପତିଙ୍କ ମୃତ୍ୟୁ ହେଲେ କିମ୍ବା ପତିଙ୍କ ମୃତ୍ୟୁ ସମୟରେ ସ୍ତ୍ରୀ ଗର୍ଭିଣୀ ବା ରଜସ୍ୱଳା ଥିଲେ ପତିଙ୍କ ଶବଦାହ ପରେ ତାଙ୍କର କୌଣସି 'ସପିଣ୍ଡକ'କୁ ଧରି ତାଙ୍କ ବଧବାଙ୍କର ଚିତାଗ୍ନିରେ ପ୍ରବେଶ କରିବାକୁ ଅନୁମରଣ କୋଲ୍ଲଯାଏ । ଯେଉଁ ସ୍ତ୍ରୀ ପତିଙ୍କ ସହଗମନ ବା ଅନୁମଗନ କରନ୍ତି ତାଙ୍କୁ ସତୀ କୋଲ୍ଲଯାଏ । ମୃତପତିଙ୍କ ସହ ମରଣ ପ୍ରଥା ବେଦରେ ସୂଚିତ ହୁଏ । କିନ୍ତୁ ଏହା କୈଦିକ ଯୁଗରେ ଅବଶ୍ୟକର୍ତ୍ତବ୍ୟ ଥିବାର ପ୍ରମାଣ ନାହିଁ । ଶିଶୁସନ୍ତାନବିଶିଷ୍ଟା, ଗର୍ଭିଣୀ ଓ ରଜସ୍ୱଳା ପକ୍ଷରେ ସହମରଣ ନିଷିଦ୍ଧ ଥିବା ବୃହସ୍ପତି ଆଦ ସ୍ମୃତିରୁ ଦେଖାଯାଏ । ମହାଭାରତରେ ସହମରଣର ବହୁ ଉଦାହରଣ ଅଛି । ମନୁ ସହମରଣର ବ୍ୟବସ୍ଥା ନ କରି ବିଧବାଗଣଙ୍କର ବ୍ରହ୍ମଚର୍ଯ୍ୟାବଲମ୍ବନର ବ୍ୟବସ୍ଥା କରିଅଛନ୍ତି । ସହମରଣ ପୂର୍ବରୁ ସତୀ ଯେଉଁ 'ସଙ୍କଳ୍ପ ବାକ୍ୟ' ଉଚ୍ଚାରଣ କରନ୍ତି, ସେଥିରୁ ଦେଖାଯାଏ ଯେ, ସତୀ ସ୍ୱେଚ୍ଛାରେ ଜ୍ୱଳଦ୍ଚିତାରେ ପ୍ରବେଶ କରନ୍ତେ । ବିଧବା ସହମରଣ ପାଇଁ ଇଚ୍ଛା ନ କଲେ ସେ ବ୍ରହ୍ମଚର୍ଯ୍ୟ ଅବଲମ୍ବନ କରନ୍ତେ । ଦୁଇ ହଜାର ବର୍ଷ ତୁନ୍ଦେ ମଧ୍ୟ ଗ୍ରୀସ୍ ଓ ରୋମ୍ ଦେଶର ପଣ୍ଡିତ ଓ ଐତିହାସିକମାନେ ଭାରତରେ ସହମରଣ ପ୍ରଥା ପ୍ରଚଳିତ ଥିବା କଥା ଲେଖି ଯାଇଅଛନ୍ତି । ଦାଳଦମେ ଅଳଟ୍ଟୁକା ବଧବାଙ୍କୁ ଜବରଦସ୍ତି କରି ସ୍ୱାମୀଙ୍କ ଚିତାଗ୍ନିରେ ନିକ୍ଷେପ କଲେ । ଖ୍ରୀ ୧୮୬୮ ସାଲ ପୂର୍ବରୁ କେବଳ କଲିକତା ଓ ତତ୍ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପ୍ରତିବର୍ଷ ୩୦୦ଠାରୁ ୬୦୦ ପର୍ଯ୍ୟନ୍ତ ସତୀଦାହ ହେଉଥିଲା । ରାଜା ରାମମୋହନ ରାୟଙ୍କ ପ୍ରଚେଷ୍ଟାର ଫଳରେ ଗ୍ରବ୍ଟର୍ ବେଣ୍ଟିଙ୍କ୍ ୪ । ୧୭ । ୧୮୨୯ ଖ୍ରୀଷ୍ଟାବ୍ଦରେ ସତୀଦାହରୁ ଦଣ୍ଡନୀୟ ଅପରାଧ କୋଲ୍ଲ ଘୋଷଣା କରି ଆଇନ୍ ଜାରି କଲେ ଓ ସତୀ ଦାହରେ ସହାୟତା କରିବା ବ୍ୟକ୍ତିଙ୍କୁ ମଧ୍ୟ ଦଣ୍ଡିତ କଲେ । ତହିଁର ଫଳରେ ଗ୍ରବ୍ଟର ହିନ୍ଦୁ ସମାଜରୁ କ୍ରମଶଃ ସହମରଣ ପ୍ରଥା ଦୂରତ ହୋଇଅଛି । ପ୍ରାଚୀନ ଶାକଦ୍ୱୀପବାସୀମାନଙ୍କ ମଧ୍ୟରେ, ଚୀନ ଦେଶର କେତେକ ଅଞ୍ଚଳରେ, କେତେକ ଗ୍ରରଙ୍ଗାସ୍ୟ ଦ୍ୱୀପପୁଞ୍ଜ (ଯଥା—ବାଲ୍ଲି ଓ ଲମ୍ବକ ଦ୍ୱୀପ)ରେ ମୃତପତିଙ୍କ ସଙ୍ଗେ ବଧବାର ମରଣ ଓ ବଧ କଥା ପ୍ରଚଳିତ ଥିଲା ଓ ଅଛି । (ଶବ୍ଦକୋଷ)]

ସହମାନ—ସଂ. ବଣ—୧। (ସହ ଧାତୁ+କର୍ତ୍ତୃ ଅନ)—ସହ୍ୟକରୁଥିବା— Sahamāna 1. Enduring; forbearing; patient-(ସହମାନା—ସ୍ତ୍ରୀ) ly bearing. ୨। (ସହ+ମାନ) ମର୍ଯ୍ୟାଦାସହିତ—2. With respect. ସଂ. ବ ସର୍ବଶକ୍ତିମାନ୍ ଈଶ୍ୱର (ଶବ୍ଦକୋଷ)—The Omnipotent God.

ସହମୃତା—ସଂ. ବଣ, ସ୍ତ୍ରୀ—ମୃତ ପତିଙ୍କ ଚିତାରୋହଣ ପୂର୍ବକମୃତା(ସ୍ତ୍ରୀ)- Sahamṛutā (a woman) Immolating herself by ascending her husband's funeral pyre.

ସହ ଯାତ୍ରା—ସଂ. ବ—ଏକ ସଙ୍ଗେ ପ୍ରସ୍ଥାନ— Saha jātrā Going together.

ସହଯାତ୍ରୀ—ସଂ. ବଣ. ପୁଂ (ସହଯାତ୍ରିନ୍ ଶବ୍ଦ; ସହ+ଯାତ୍ରା+ଅଣ୍ Sahajātrī ଅର୍ଥରେ ଇନ୍ ୧ମା; ୧ବ)—ଏକସଙ୍ଗେ ଗମନ- ସହଯାତ୍ରିଣୀ } —ସ୍ତ୍ରୀ କାରୀ—Travelling together. ସହଯାତ୍ରିକା } ବ—୧। ଏକ ସଙ୍ଗେ ଯାତ୍ରା କରୁଥିବା [ସହଯାତ୍ରିକ—ଅନ୍ୟରୂପ] ବ୍ୟକ୍ତି—1. A fellow-traveller. ୨। ଯେଉଁ ଯାତ୍ରୀମାନେ ସଙ୍ଗଦୋଇ ତୀର୍ଥକୁ ଯାତ୍ରା କରନ୍ତି- 2. Fellow-pilgrims.

ସହଯାୟୀ—ସଂ. ବଣ (ସହଯାୟିନ୍ ଶବ୍ଦ; ସହ+ଯା ଧାତୁ+କର୍ତ୍ତୃ Sahajāyī ଇନ୍ ୧ମା ୧ବ)—୧। ଏକସଙ୍ଗେ ଗମନକାରୀ- [ସହଯାୟିନୀ—ସ୍ତ୍ରୀ] 1. Going or travelling together. ୨। ସହଯାତ୍ରୀ (ଦେଖ)—2. Sahajātrī (See)

ସହଯୁଦ୍ଧ୍ୱା—ସଂ. ବଣ (ସହ+ଯୁଧ୍ ଧାତୁ+କର୍ତ୍ତୃ ବନ୍; ସହଯୁଦ୍ଧ୍ୱନ୍ Sahajuddhwā ୧ମା. ୧ବ)—ଏକତ୍ର ଯୁଦ୍ଧକାରୀ—Fight-

Digitized by srujanika@gmail.com

ing together. ଈ—ସହଯୋଦ୍ଧା; ଏକଦି ସ୍ୱତନ୍ତ୍ରାସ୍ତ୍ର ଧାର—Co-Warrior.

ସହଯେ—ଗ୍ରା, ଅ—ସହଜେ; ସ୍ୱଭାବତଃ— Sahaje Naturally.

[ଈ—ଅଯୌକ୍ତିକ ପ୍ରୟୋଜନ ତାର ଯୋଉଜ ସହଯେ ଅନ୍ତର । ରୂପଚ. ପ୍ରେମ. ପଞ୍ଚାମୃତ ।]

ସହଯୋଗ—ସଂ. ବ (ସହ + ଯୋଗ)—୧ । ସଂଯୋଗ—1. Union, ୨ । ମିଳନ—2. Meeting. ୩ । ସଙ୍ଗ— 3. Company ୪ । କୌଣସି କାର୍ଯ୍ୟରେ ଅନ୍ୟ ସହିତ ଯୋଗଦାନ—4. Cooperation with others. ୫ । ସମ୍ଭୋଗ; ମୈଥୁନ— Cohabitation.

Sahajoga [ଅସହଯୋଗ—ବିପକ୍ଷରେ]

ସହଯୋଗିତା(ତ୍ୱ)—ସଂ. ବ—(ସହଯୋଗିନ୍ + ତ୍ୱ ବା)—ଅନ୍ୟ ସହିତ ଯୋଗ ଦେଇ କାର୍ଯ୍ୟ କରିବା— (ଅସହଯୋଗିତା—ବିପକ୍ଷରେ) Cooperation.

Sahajogitā(twa)

ସହଯୋଗୀ—ସଂ. ବଣ, ସୁଂ (ସହଯୋଗିନ୍ ଶବ୍ଦ; ସହ + ଯୋଗ + ଇନ୍)—୧ । ସହକାରୀ—1. Assisting. ୨ । ସାହାଯ୍ୟକାରୀ—2. Helping. ୩ । ଏକତ୍ର କାର୍ଯ୍ୟକାରୀ—3. Cooperating; cooperative ବ—୧ । ସହକାରୀ ବ୍ୟକ୍ତି—1 An assistant. ୨ । ଏକ ସଙ୍ଗେ କାର୍ଯ୍ୟକାରୀ ବ୍ୟକ୍ତି— 2 Colleague. ୩ । ସହଯୋଗ କରିବା ବ୍ୟକ୍ତି—3. Cooperator. ଦେ. ବ— ସହଯୋଗୀ **सहयोगी** (ଅଧୁନିକ ରାଜନୀତି) ସରକାରଙ୍କ ସଙ୍ଗେ ସହଯୋଗ କରି କାର୍ଯ୍ୟ କରିବା ବ୍ୟକ୍ତି—(Modern politics) A person who acts in cooperation with the Government.

Sahajogī [ସହଯୋଗିନୀ—ସ୍ତ୍ରୀ]

ସହଯୋଗୀ ସମିତି—ଦେ. ବ—ବହୁଲୋକଙ୍କ ସମ୍ମିଳିତ ଧନ ଓ ଚେଷ୍ଟା ଦ୍ୱାରା ଗଠିତ ବ୍ୟବସାୟୀ ସମିତି— ସହଯୋଗୀସମିତି **सहयोगिसमिति** Cooperative society.

Sahajogī samiti

ସହଯୋଗୀ ଋଣ ସମିତି—ଦେ. ବ.—ବହୁ ଓଲ୍ଲକଙ୍କ ସମ୍ମିଳିତ ଧନ ଓ ଚେଷ୍ଟାଦ୍ୱାରା ସଂଘର ସଭ୍ୟମାନଙ୍କ ସହଯୋଗୀ ଋଣ ସମିତି ଦରକାରବେଳେ ସେମାନଙ୍କୁ ଅଳ୍ପ ସୁଧରେ **सहयोगी ऋण समिति** ଋଣ ଦଅଣିବା ପାଇଁ ପ୍ରତିଷ୍ଠିତ ସଂଘ; କୃଷି ବାଙ୍କ—Co-operative Credit Society.

Sahajogī ṛuṇa samiti

[ଦ୍ର— ଏହି ସମିତିମାନ ଅନେକ ଗ୍ରାମରେ ପ୍ରତିଷ୍ଠିତ । ଏହାକୁ କୃଷି ବାଙ୍କ ମଧ୍ୟ କହନ୍ତି । ଟଙ୍କାର ଅଭାବ ହେଲେ ଗ୍ରାମବାସୀମାନେ ଗ୍ରାମର ମହାଜନଙ୍କଠାରୁ ଟଙ୍କା କରଜ କଅନ୍ତି । ଏହି ମହାଜନମାନେ ତାଙ୍କ ଇଚ୍ଛାନୁସାରୀ ବହୁତ ସୁଧ ନଅନ୍ତି । ଏହାଦ୍ୱାରା ବେଶୀକ ବର୍ଷ ଧରେ ଖାତକର ଦେୟ ଟଙ୍କା ଏତେ ବଢ଼ିଯାଏ ଯେ, ଯେଉଁ ଲୋକ ଋଣ ନେଇଥାଏ ସେ ଦେବଣା ସୁଝି ପାରେ ନାହିଁ । ସମୟ ସମୟରେ ଏହି କରଜ ସୁଝିବାଲାଗି ଖାତକର ଜମି ବାଡ଼ି ବନ୍ଧୀ ହୋଇଯାଏ । ମାନ କୃଷିବାଙ୍କ୍‌ର ସୁଧ ଅଳ୍ପ ହୋଇ ଥିବାରୁ କୃଷକମାନେ ସହଜରେ ତାହା ସୁଝି ପାରନ୍ତି ।

ଗ୍ରାମରେ ଯେଉଁ ସହଯୋଗ ବାଙ୍କ୍ ଥାଏ ତାହା କେନ୍ଦ୍ର ବାଙ୍କ୍‌ଠାରୁ ଟଙ୍କା ଋଣ ଆଣିଥାଏ । ଗ୍ରାମବାସୀମାନେ ଏହ ବାଙ୍କ୍‌ର ସେୟର ବା ସଭ୍ୟ ହୋଇଥାଇନ୍ତି । କୌଣସି ସଭ୍ୟ ଇଚ୍ଛା କଲେ ବାଙ୍କ୍‌ରେ ଟଙ୍କା ଜମା କରି ପାରନ୍ତି । ଏଥିଲଗି ତାଙ୍କୁ ବାଙ୍କ୍‌ରୁ ସୁଧ ମିଳେ । ଯେଉଁମାନେ ଟଙ୍କା କରଜ ନଅନ୍ତି ସେମାନେ ଯେଉଁ ସୁଧ ଦଅନ୍ତି ତାହା ବାଙ୍କ୍‌ରେ ଜମା ରହେ । ଏହିପରି ଗ୍ରାମ ବାଙ୍କ୍‌ର ପାଣ୍ଠି କ୍ରମେ କ୍ରମେ ବଢ଼େ । ଯହ ଋଣ ନଅଯାଇଥିବା ମୂଳ ଓ ସୁଧ ନିୟମିତ ରୂପେ ଅସୁଲ ହୁଏ ତାହାହେଲେ ବାଙ୍କ୍ କାର୍ଯ୍ୟ ସୁଗୁରୁରୂପେ ଚଳେ । ଏହା ହେବାଲଗି ଗ୍ରାମବାସୀମାନେ ଦାୟୀ । କାରଣ ସେମାନେ ନଜେ ଗ୍ରାମବାଙ୍କ୍‌ର ସଭ୍ୟ । ସେମାନେ ଇଚ୍ଛା କଲେ କରଜ ଟଙ୍କା ମୂଳ ଓ ସୁଧ ଯଥା ସମୟରେ ସୁଝି ଦେଇ ପାରନ୍ତେ । ଏହା ଦ୍ୱାରା ବାଙ୍କ୍‌ର ମଙ୍ଗଳ ହେବ ଏବଂ ସେମାନଙ୍କର ସୁଧ ଭଲ ହେବ । କାରଣ, ସେମାନେ ଟଙ୍କା ଯେତେ ଅଧିକ ସମୟ ଅଟକା ଛପରେ ରାଜ ରଖିବେ ସେମାନଙ୍କୁ ସେତେ ଅଧିକ ସୁଧ ଦେବାକୁ ପଡ଼ିବ ।

ଗ୍ରାମବାସୀମାନଙ୍କର ମନେ ରଖିବା ଉଚିତ ଯେ, ସେମାନେ ବାଙ୍କ୍‌ରୁ ଯେଉଁ ଟଙ୍କା କରଜ ନେବେ ସେ ଟଙ୍କା ଯେପରି କେବଳ କୃଷିର ଉନ୍ନତି କରିବାରେ ଖରଚ କରନ୍ତି । ତାହା ହେଲେ ସେମାନେ କୃଷିରୁ ଯେଉଁ ଲାଭ ପାଇବେ ତହିଁରୁ କରଜ ଟଙ୍କା ଅସଲ ଓ ସୁଧ ସୁଝି ପାରିବେ ଏବଂ ବଳନ୍ତ ଟଙ୍କା ମଧ୍ୟ କଜର ଝଟ୍ଟି ପାଇଁ ବଳ ପାରିବ । ସୁତରାଂ ଏହ ଟଙ୍କାରେ କେହି ଭଲ ବଳଦ, କେହି ଭଲ ହଳନ, କେହି ଭଲ ସାର ଖରିଦ କରିପାରନ୍ତେ । କେହି ନଜ ଜମିକୁ ପୂରରୁ ଚାଷି ଆଣିବାଲଗିଲାଲ ଖୋଳ ପାରନ୍ତେ କମ୍ବା ନଜ ଜମିର ଗୁଡ଼ ପାଙ୍କରେ ମାଟି ବନ୍ଧ ଉଅରା କରି ପାରନ୍ତେ । ଏହିପରି କାର୍ଯ୍ୟଦ୍ୱାରା ଜମି ଏତେ ଉନ୍ନତ ହେବ ଯେ, ତହିଁରୁ ଦୁଇ-ଗୁଣ କିମ୍ବା ଚାରିଗୁଣ ଫସଲ ଆଦାୟ ହୋଇପାରିବ । ଏହ ଉପକାର ତୁଳନାରେ ବାଙ୍କ୍ ଯେଉଁ ଅଳ୍ପ ସୁଧ ନିଏ ତାହା କିଛି ନୁହେଁ, କହିବାକୁ ହେବ । ସମସ୍ତ ସମୟରେ ଏକ-କାଳୀନ ବହୁ ଧନ ଲଗାଇବାଦ୍ୱାରା ଜମିର ଯେଉଁ ଉପକାର ହୁଏ ତାହାଦ୍ୱାରା ଆଗାମୀ ଦେଢେ ବର୍ଷ ଲଗେ ଲଗେ ଭଲ ଫସଲ ଅଶା କରିପାରେ । ସମୟ ସମୟରେ ବାଙ୍କ୍ ଉଚ୍ଚାଧିକାର କର୍ମଚାରୀମାନେ ଗ୍ରାମମାନଙ୍କୁ ଅସି କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା ସମ୍ବନ୍ଧରେ ଗ୍ରାମବାସୀମାନଙ୍କୁ ଉପଦେଶ ଦଅନ୍ତି । ଗ୍ରାମବାସୀମାନଙ୍କର ଏହ ଉପଦେଶ ସବୁ ମାନି କାମ କରିବା ଉଚିତ ।

ଯେଉଁମାନେ କୃଷିର ଉପକାର କରିବାଲଗି ବାଙ୍କ୍‌ରୁ ଟଙ୍କା ଅଣି ତାହା ଅନ୍ୟ ଖର୍ଚ୍ଚରେ ବ୍ୟୟ କର ଦଅନ୍ତି, ସେମାନେ ବାଙ୍କ୍‌ରୁ କିଛି ଉପକାର ପାଇ ପାରନ୍ତି ନାହିଁ; କାରଣ,

Digitized by srujanika@gmail.com

ସେମାନଙ୍କ କୃଷିର ଜଳ ଉନ୍ନତ ଢୋଇଗାରେ ନାହିଁ ଏବଂ ବାଟ୍ ଟକା ପୃଥିବୀ ଲାଗି ସେମାନଙ୍କୁ ବଡ଼ ହଇରାଣ ହେବାକୁ ହୁଏ । ଏବଂ ଶେଷକୁ ସେମାନେ ନାସ୍ତ ହୁଅନ୍ତି । ଏଥିର ଉଦାହରଣ ଆମ ଦେଶରେ ବରଳ ନୁହେଁ ।]

ସହଯୋଦ୍ଧା—ସଂ. ବ.—(ସହ+ଯୁଧ୍. ଧାତୁ+କର୍ତ୍ତୃ ଉ=ସହଯୋଦ୍ଧୃ Sahajoddhā ଶବ୍ଦ. ୧୩. ୧ବ)—ସହଯୁଦ୍ଧା (ଦେଶ) Sahajuddhwā (See)

ସହଯ୍ୟ—ଗ୍ରା. ବଣ—ସହ୍ୟ Sahajya ସହ୍ୟ ସହ୍ୟ Sabya . (See)

ସହର୍‌ଗଇ(ହି)—ବୈଦେ.ବ (ଫା.)—ମୁସଲମାନ୍‌ମାନଙ୍କ ମଧ୍ୟରେ ବ୍ରେଜା Sabargai (hi) (ଅନଉମାସ ଉପବାସ) ଥାଇବା ବ୍ୟକ୍ତିଙ୍କର ରାତ୍ର ସହରଗହୀ ଥାଉଁ ଥାଉଁ ବ୍ରେଜନ—Meal taken by a **ସହରଗହୀ** Mahomedan who observes fast (ସହର୍‌ଗଇ[ହି]—ଅନ୍ୟରୂପ) throughout the daytime somehours before dawn.

[ଦ୍ର—ମୁସଲମାନ୍‌ମାନେ ରମ୍‌ଜାନ୍ ମାସରେ ଯେଉଁ ବ୍ରେଜା ରଖନ୍ତି (ଉପବାସ ବ୍ରତ ପାଳନ୍ତି), ତହିଁରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜଳଗ୍ରହଣ କରିବା; ଏଥର କି, ସେ ସମୟରେ ଥୁପ ଢୋକିଲେ ବା ହାତୁଟି ହେଲେ ବ୍ରେଜା ବିଫଳ ହୁଏ । ବ୍ରତଧାରୀମାନେ ରାତ୍ର ଶେଷ ଶବ୍ଦ ବେଳେ ଉଠି କିଛି ଖାଆନ୍ତି ଓ ଦିନଯାକ କିଛି ନ ଉପବାସ କରନ୍ତି ।]

ସହର—ବୈଦେ.ବ (ଫା)—୧ । ନଗର—1. Town; city. ୨ । Sahara ରାଜଧାନୀ—2. Capital. ଦେ. ବ (ସଂ. ଶବର) ସହର —ଓଡ଼ଶାର ଅନାର୍ଯ୍ୟ ବଣୁଆ ଜାତି ବିଶେଷ— **ସହର** A class of wild nomadic tribes of **ସବର** non-aryan origin found in Orissa. **ସବର** [ଦ୍ର—ଏମାନେ ଉଚ୍ଚ ଜାତୀୟ ହିନ୍ଦୁମାନଙ୍କ ଅସ୍ପୃଶ୍ୟ । (ସହରୁଣୀ—ସ୍ତ୍ରୀ) ଏମାନଙ୍କର ପ୍ରଧାନ ପଦ ଗହୁମ ପୁଣ୍ଡିମ । ସେ ବନ ଏମାନେ ଫଳ ମୂଳ ସଂଗ୍ରହ କର ରାଜାକୁ ରେଟି ଦଅନ୍ତି, ଓ ଘୁମୁର ବଜାଇ ପୁରୁଷମାନେ ନାଚନ୍ତି ଓ ଗୀତ ବୋଲନ୍ତି ଏମାନେ ଜଙ୍ଗଲରୁ କାଠ ଓ ଫଳ ମୂଳ ସଂଗ୍ରହ କର ଖାଇକା ନବାଡ କରନ୍ତି ।]

ସହର୍‌ରତ୍—ବୈଦେ. ବଣ (ଫା. ସୋହରତ୍)—୧ । ପ୍ରସିଦ୍ଧ— Saharat 1. Famous. ୨ । ପ୍ରକାଶ୍ୟ—2. Public. ସହରତ୍ **ସୋହରତ** ୩ । ପ୍ରକଟିତ—3. Published.

ସହର ତଳ—ଦେ. ବ—ନଗରର ଉପକଣ—The suburbs Sahara tali of a town or city. ସହର ତଳି **ସହରକା ପ୍ରାନ୍ତ**

ସହର ତଳିଆ—ଦେ. ବଣ—୧ । ନଗରର ଉପକଣବାସୀ— Sahara taliā 1. Resident of the suburbs of a ସହର ତଳିୟା town. ୨ । ନଗରର ଉପକଣ ସମ୍ବନ୍ଧୀୟ— **ସହରପ୍ରାନ୍ତୀ** 2. Suburban.

ସହର ପଲ୍ଲୀ—ଦେ. ବ (ସଂ. ଶବର ଓ ପଲ୍ଲୀ)—ଶବରପଲ୍ଲୀ; ଶବର- Sahara pallī ମାନଙ୍କର କ୍ଷୁଦ୍ର ଗ୍ରାମ—A hamlet in- ଶବରପଲୀ **ସହରକୀ ପଲ୍ଲି** habited by śabaras.

ସହର ପାଖିଆ—ଦେ. ବଣ—ସହରର ନିକଟବର୍ତ୍ତୀ—Adjacent Sahara pākhiā to town; adjoining a city. ସହରର ପାଖିଆ **ସହର ପାସ ବାଲା** [ଦ୍ର—ସହର ପାଖିଆ ନଦୀ କୂଳ ଗ୍ରାମ, ଦୁଇ ଗଡ଼ଜାତ ଚଢ଼ଉ ଲଗିଥାଏ । ଫଳାରମୋହନ. ଗଲ୍ପସ୍ତବ୍ଧ ।]

ସହର ବାସିନ୍ଦା—ଦେ. ବ ଓ ବଣ—ନାଗରିକ—A townsman; Sahara bāsindā resident of a town; citizen. (ସହରବାସୀ—ଅନ୍ୟରୂପ) ସହର ବାସିନ୍ଦା **ସହର ବାସିନ୍ଦା**

ସହରସା—ସଂ. ବ (ବୈଦ୍ୟକ)—ବନ ମୁଗ; ମୃଦୁପର୍ଣ୍ଣୀ (ଶବ୍ଦ- Saharasā ରତ୍ନାବଳୀ)—Phaseolus Trilobus.

ସହରା—ଦେ. ବ—୧ । ଏକଜାତୀୟ ମୋଟ ଶାରଦ ଧାନ—1. A Saharā species of winter paddy. ୨ । ଘୁଂ (ସଂ. ଶବର **ସବରା** ଶବର) ଶବରଜାତୀୟ ବ୍ୟକ୍ତି—2. A person (ସହରା[ରୁ]ଣୀ—ସ୍ତ୍ରୀ) of the Śabara cast.

ସହରାଜ—ଦେ. ବ—ସୋମରାଜା (ଦ୍ରବେକୁଷ୍ଠି, ଦ୍ରବ୍ୟଗୁଣ) (ଦେଶ); Sahārāja ଔଷଧଗୁଣ ବିଶେଷ; ବାକୁଚ—Name of a ସୋମରାଜ, ହାକୁଚ medicinal plant; Serratula An- **ବକୁଚୀ** thelimintica.

ସହରାଡ଼ି(ଲି)—ଦେ. ବ—ଶରାଟି (ଦେଶ)—Śarāṭi (See) Saharārdi(li) ଶରାଲ **ଟିଟିହରୀ**

ସହରି—ସଂ. ବଣ (ସ=ସତ୍ତ୍ୱଣ+ହରି, ଅବ୍ୟୟୀଭାବ)—ହରିସଦୃଶ Sahari (ମୁଗ୍ଧବୋଧ ବ୍ୟାକରଣ)—Similar to Hari. ବ—୧ । ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—1. The sun. ୨ । ବୃଷ (ଶବ୍ଦକଳ୍ପଦ୍ରୁମ)—2. Bull. ବୈଦେ. ବଣ ସହରେ ଓ ବ (ଫା·)—ସହରିଆ (ଦେଶ)—Sahariā (See) **ସହରୁ** ବୈଦେ. ବ (ଅ·)—ସହର୍‌ରତ୍ (ଦେଶ)... Sahar-gai (See) ଗ୍ରାଦେ· (ସମଲପୁର ଓ ଗଡ଼ଜାତ) ବ—ଶବରଜାତି—Śabara caste.

ସହରିଆ—ଦେ. ବଣ—ସହର ବା ନଗର ସମ୍ବନ୍ଧୀୟ— Sahariā Relating to a town; urban. ସହୁରେ **ସହରୁ**

ସହରି ଜାଲ(ଲି)ମ୍—ବୈଦେ. ବ (ଫା.) (ବ୍ୟଙ୍ଗ୍ୟ)—ସହରବାସୀ Sahari jāla(li)m ବା ନାଗରିକଙ୍କ ଭଙ୍ଗି ବା ସ୍ୱଭାବ—The ସହୁରେଂ **ସହରୁ ଜାଲମ** manners of a townsman.

ହର୍ଷ—ସଂ. ବଣ (ସ+ହର୍ଷ)—ହର୍ଷଯୁକ୍ତ—Delighted. ବ— Sahārsha ୧ । ହର୍ଷ (କିଞ୍ଚାଣ୍ଡଶେଷ)—1. Delight; joy. (ସହର୍ଷା—ସ୍ତ୍ରୀ) ୨ । ଗର୍ବନ; ଆସ୍ଫାଳ (କିଞ୍ଚାଣ୍ଡଶେଷ)— 2. Boasting; arrogance.

ସହଲ—ଦେ. କି· ବଣ (ସଂ. ସଦ୍ୟଃକାଳ)—୧ । ଶୀଘ୍ର—1. Soon. Sahala ୨ । ସତ୍ତ୍ୱର; ଚଞ୍ଚଳ—2. Quickly; briskly. ଶିଗ୍ ଗିରି [ଦ୍ର—ଗାଈକ ସହଳ, ପିଲାକ ସହଳ, ଦାଣ୍ଡ ଘର

Digitized by srujanika@gmail.com

ଜଲଦୀ ଖାଇଁ ଅଭ୍ୟାସ କର, ବେବେ ଓଡ଼ଶାରେ କରିବ ସବୁ— ଉଗ ।] ୩ । ପ୍ରତ୍ୟୁଷରେ—3. Early. ବଣ— ୧ । ପ୍ରତ୍ୟୁଷରେ ଘଟିବା—1. Happening
ତେରି ୨୦ } ବଘଖାତ
ସକାଳ ସୁବହ early in the morning. ୨ । ଫୁର୍ତ୍ତିଯୁକ୍ତ—
ସକାଳ ସୁବହକା 2. Brisk. ୩ । ସତ୍ୱର—3. Quick.
ଫୁର୍ତ୍ତିବାଜ ଫୁର୍ତିଲା [ଦ୍ର—ତୁଳ ଅ. ସହଲ=ଶିଥିଳ, ଶ୍ଳଥ, ଶସ୍ତା, ସହଜ; ବ. ସହଲ=ଶିଥିଳ—Slack; loose. ତୋସଲ ଖର୍ଣ=Soft ତୁଳ. ହି. ସହଲ=ସରଳ,ସହଜ]

ସହଲ ଖିଆ—ଦେ. ବଣ—୧ । ଯେ ଶୀଘ୍ର ଭୋଜନ କରି ଶେଷ
Sahala khiā କରେ—1. One who finishes his
ସକାଳ ଖେକୋ(ଗୋ) meal quickly. ୨ । ଯେ ପ୍ରତ୍ୟୁଷରେ
ଜଲଦୀ ଖାନେବାଲା ବା ଅନ୍ୟମାନଙ୍କ ଅପେକ୍ଷା ପୂର୍ବରେ ଭୋଜନ
ସକାଳଖାଓୟା କରେ—2. One who takes
ଶୀଘ୍ର ଭୋଜନ, his meal early or whose time
ସୁବହମେ ଭୋଜନ of meal is earlier than others.
ବ—୧ । ଶୀଘ୍ର ଭୋଜନ—1. Quick eating.
୨ । ପ୍ରତ୍ୟୁଷ ଭୋଜନ—2. Early morning meal.
[ଦ୍ର—ଏହିପର ସହଲ ଗାଧୁଆ, ସହଲ ଶୁଆ ଅଦ ଦୃ ।]

ସହଲ—ବେବେ. ବଣ (ଅ)—ସସ୍ତା—Cheap. [ଦ୍ର—ବ୍ରଜମହଲ !
Sahala ଦାଣ୍ଡରେ ଶୁଣୁଥ ବ୍ରଜ ସହଲ୍—ଉଗ ।]
ଶସ୍ତା ବ (ସଂ. ଶଲ୍ୟ)—ଶଲ (ଦେଶ)
शस्ता Śala (See)

ସହଲ ସ(ସା)ହଲ—ଦେ. କି. ବଣ—୧ । ଅତି ଶୀଘ୍ର; ଜଲଦି ଜଲ୍‌ଦି-
Sahala sa(sā)hala 1. Very quickly. ୨ । ଅତି
ସକାଳ ସକାଳ ପ୍ରତ୍ୟୁଷରେ—2. Very early in the
ସୁବହ ସୁବହ morning.

ସହଲି—ପ୍ରାଦେ (ଭତ୍ତିଗଢ଼) ବଣ—ଶସ୍ତା—
Sahali Cheap.

ସହଲିଆ—ଦେ. କି. ବଣ—ସହଲ (ଦେଶ)—Sahalā (See)
Sahaliā ବଣ—ସହଳ (ଦେଶ)—Sahala (See)
ଚଟ୍‌ପଟେ ଜଲଦବାଜ ୨ । ଯେ କୌଣସି କାର୍ଯ୍ୟ ଶୀଘ୍ର ବା
(ସହଲେଇ—ସ୍ତ୍ରୀ) ପ୍ରତ୍ୟୁଷରେ ସମ୍ପାଦନ କରେ—2. Performing any act swiftly or early.

ସହଶଯ୍ୟାସନାଶନ—ସ. ବଣ. ପୁଂ (ସହ+ଶଯ୍ୟା+ଆସନ+ଅଶନ;
Saha śaiyāsanāśana ବହୁବ୍ରୀ)—ଏକତ ଶୟନ, ଉପ-
(ସହଶଯ୍ୟାସନାଶନା—ସ୍ତ୍ରୀ) ବେଶନ ଓ ଭୋଜନକାଳ(ଯୁଗବତ)—
Sleeping, sitting and dining together.

ସହସ୍—ସ. ବ—ସହଃ (ଦେଶ)—
Sahas Sahaḥ (See)

ସହସ୍ୟ—ସ. ବଣ. ପୁଂ (ସ=ସହିତ+ହସ୍ୟ=ହାସ୍ୟ)—୧ । ସହାସ୍ୟ;
Sahasa ହାସ୍ୟଯୁକ୍ତ—1. Smiling; laughing. [ଦ୍ର—
ମାଘ କାବ୍ୟର ୬ଷ୍ଠ ସର୍ଗରେ 'ସହସା' ଏହି ଅର୍ଥରେ ସ୍ତ୍ରୀଲିଙ୍ଗରେ

(ସହସା—ସ୍ତ୍ରୀ) ବ୍ୟବହୃତ ହୋଇଅଛି ।] ସଂ. ବ—୧ । (ସହ୍ ଧାତୁ+ଅଧିକରଣ ଅସ) ମାର୍ଗଶିର ମାସ—1. The month of
Mārgaśira. ୨ । (+କର୍ମ. ଅସ୍) ବଳ; ଶକ୍ତି—
2. Power; strength. ୩ । ତେଜୋରାଶି; ତେଜଃ—3. Lustre; vigour. ଦେ. ବ ଓ ବଣ—ସହସହ
(ଦେଓ)—Saha saha (See)

ସହସମ୍ଭବ—ସ. ବଣ. ପୁଂ—(ସହ+ସମ୍ଭବ; ବହୁବ୍ରୀ)—ସହଜାତ—
Saha sambhaba Born together.
(ସହସମ୍ଭବା—ସ୍ତ୍ରୀ)

ସହସ୍ରସହ—ଦେ. ବ ଓ ବଣ (ଫ. ଶତଶତ) —୧ । ଶତଶତ; ବହୁ-
Sahasaha ଶତ—1. Hundreds. ୨ । ଅସଂଖ୍ୟ—
ଶତଶତ ସୌସୌ 2. Myriads; innumerable.

ସହସ୍ରା—ସଂ. ଅ (ସହସ୍ର=ସହସ୍ର+ସୋ ଧାତୁ=ନାଶ କରିବା+
Sahasra ରକ୍ତି. ଅ+ଅ)—୧ । ଅତସ୍ତାତ; ଦପାଦ୍—
1. All at once. ୨ । ଅତର୍କିତ ଭାବେ—2. Unexpectedly. ୩ । ପୂର୍ବରୁ ଚିନ୍ତା ବା ବିବେଚନା ନ କରି—3. Without forethought. ବଣ. ସ୍ତ୍ରୀ (ସହସର ସ୍ତ୍ରୀଲିଙ୍ଗ)—ହାସ୍ୟକାରିଣୀ—Laughing (female) [ଦ୍ର—ମାଘ କାବ୍ୟର ୬ ସର୍ଗ ୪୭ ଶ୍ଲୋକରେ ଏହି ଅର୍ଥରେ 'ସହସା' ଶବ୍ଦ ବ୍ୟବହୃତ ହୋଇଅଛି ।]

ସହସା ଦୃଷ୍ଟ—ସଂ. ବଣ—ଦପାତ୍ ଦେଖାଯାଇଥିବା—Unexpected-
Sahasra drushṭa ly seen. ବ (ପୁଂ) ବହୁବ୍ରୀ (ଶବ୍ଦ ଉଲ୍ଲେଖ)—Adopted son.

ସହସ୍ରାନ—ସ.ବଣ,ପୁଂ—(ସହ ଧାତୁ=ସହ୍ୟ କରିବା+ଭାବ୍ରୁ ଅସାନ)—
Sahasrāna ୧ । କ୍ଷମାଯୁକ୍ତ, (ଉଣାଦି କୋଷ)—1. Forgiving. ୨ । ସହିଷ୍ଣୁ—2. Forbearing. ବ—
୧ । ମୟୂର (ଉଣାଦି କୋଷ)—1. Peacock.
୨ । ଯଜ୍ଞ (ଉଣାଦି କୋଷ)—2. A Vedic sa-
(ସହସ୍ରାନା—ସ୍ତ୍ରୀ) crifice.

ସହସିତ—ସ. ବଣ (ସ+ହସିତ=ହାସ୍ୟ)—ସହାସ୍ୟ—
Sahasiṭa Smiling; laughing.
ସହସେବୀ—ସ. ବଣ. ପୁଂ—ଏକତ ସେବାକାରୀ—Serving or
Sahasebī tending together. ସ. ବ, ପୁଂ—
[ସହସେବିଣୀ, ସହସେବିନୀ—ସ୍ତ୍ରୀ] ଏକତ ସେବାକାରୀ ବ୍ୟକ୍ତି—
(ସହସେବକ—ଅନ୍ୟରୂପ) Co-servant.

ସହସୈନ୍ୟ—ଦେ. ବ—(ଦାଇବଲ୍) ଏକତ ହୋଇ ଏକ ପକ୍ଷରେ
Sahasainya ଯୁଦ୍ଧ କରୁଥିବା ସୈନ୍ୟ—Soldiers
ସହସୈନ୍ୟ ସହସୈନ୍ୟ fighting on one side.

ସହସ୍ୟ—ସ. ବ (ସହ୍ ଧାତୁ=ସହ୍ୟ କରିବା+ଯ, ଭାବାଭନ; କର୍ମା
Sahasya ସହସ୍—ଅଗ୍ରହାୟଣ ମାସ+ଭବାର୍ଥୀ ଅର୍ଥେ ଯ)
ପୌଷମାସ—The lunar month of Paausha.

Digitized by srujanika@gmail.com

ସହସ୍ରହସ୍ତ—ବ. ବହ. ପୁଂ (ସ+ହସ୍ତ)—ହସ୍ତଯୁକ୍ତ—
Sahasta Having hands.
(ସହସ୍ରା—ସ୍ତ୍ରୀ)

ସହସ୍ର—ବ. ବ (ସ=ସମାନ+ହସ୍ ଧାତୁ=ହସିବା+କର୍ତ୍ତୃ. ର)—
Sahasra ଦଶଶତ ସଂଖ୍ୟା; ହଜାର— Thousand. ବହ. ୧ । ଦଶଶତ ସଂଖ୍ୟକ—1. Numbering a thousand. ୨। ଅସଂଖ୍ୟ—2. Innumerable; multitudinous. [ଦ୍ର—ସହସ୍ର ଶବ୍ଦର ପୂର୍ବେ ସଂଖ୍ୟାବାଚକ ଶବ୍ଦ ଲଗିଲେ ସହସ୍ର ସଂଖ୍ୟାର ତେତେ ଗୁଣ ସୂଚୀ କୁଝାଏ ଯଥା—ଏକ ସହସ୍ର, ସାର୍ଦ୍ଧ ସହସ୍ର, ଦ୍ୱିସହସ୍ର ଅନ୍ତର; अन्तर ଶତସହସ୍ର ଇତ୍ୟାଦି ।] ସ୍ତ୍ରୀ ବ—(ସଂ. ଶସ୍ତ୍ର)—ଶସ୍ତ୍ର—Weapon.

ସହସ୍ର ଆଖି—ଦେ. ବ—ଇନ୍ଦ୍ର; ସହସ୍ରାକ୍ଷ—Indra, the king of
Sahasra ākhi the Gods. [ଦ୍ର—ପଶୁରଜେ କଳେବ सहस्राक्ष, सहस्रनयन ପେ ସହସ୍ର ଆଖି । କୃତ୍ତିବାସ. ମହାଭାରତ. ବନ ।]

ସହସ୍ର କର—ସଂ. ବ (ବହୁବ୍ରୀ, ସହସ୍ର=ଅସଂଖ୍ୟ ଅର୍ଥେ କର=
Sahasra kara କିରଣ ଯାହାର)—୧ । ସୂର୍ଯ୍ୟ—1. The sun. ୨ । (ସହସ୍ର ବାଡୁ ଥିବାରୁ)—କାର୍ତ୍ତବୀର୍ଯ୍ୟାର୍ଜୁନ (ଦେଖ) 2. Kārttabīrjyārjuna (See)

ସହସ୍ର କାଣ୍ଡା—ସଂ. ବ—ଶ୍ୱେତଦୂବ୍ଦା (ତୃଣବିଶେଷ)—The white
Sahasra kāṇḍā variety of Dooba grass.

ସହସ୍ର କିରଣ—ସଂ. ବ (ବହୁବ୍ରୀ; ସହସ୍ର+କିରଣ)—ସହସ୍ରକର; ସୂର୍ଯ୍ୟ—The sun.
Sahasra kiraṇa

ସହସ୍ର କୁମ୍ଭ—ସଂ. ବ—(ମ. ଷ. ତତ୍ପୁ; ସହସ୍ର ଛିଦ୍ରଯୁକ୍ତ କୁମ୍ଭ)—ଜଳସ୍ନା-
Sahasra kumbha ନାପେକ ଓ ଦେବସ୍ନାନ ଉପଲକ୍ଷରେ ବ୍ୟବହୃତ ବହୁ ଛିଦ୍ରବିଶିଷ୍ଟ କୁମ୍ଭ—A pitcher with many holes used in the bath of Deities and kings.

ସହସ୍ର କୃତ୍ୱ(ତ୍ୱଃ)—ସଂ. କି. ବଣ (ସହସ୍ର+କୃତ୍; କୃତ୍ୱସ୍)—୧ ।
Sahasra kṛutwa(twaḥ) ହଜାରେ ଥର—1. A thousand times. ୨ । ଅସଂଖ୍ୟଥର—2. Innumerable times; times out of number. ୩ । ବହୁବାର; ବାରମ୍ବାର—3. Repeatedly.

ସହସ୍ରଗୁ—ସଂ. ବଣ (ସର୍ବସ୍ୱ+ଗୋ, ବହୁବ୍ରୀ)—ଯାହାର ହଜାରେ
Sahasragu ଗୋରୁ ଅଛନ୍ତି—Owning a thousand cows. ସଂ. ବ—ସୂର୍ଯ୍ୟ (ହି: ଶ)—The sun.

ସହସ୍ର ଚକ୍ଷୁଃ—ସଂ. ବ (ବହୁବ୍ରୀ; ସହସ୍ର+ଚକ୍ଷୁଃ)—ଇନ୍ଦ୍ର—Indra.
Sahasra chakshu ସଂ. ବିଣ—ସହସ୍ର ନୟନଯୁକ୍ତ— Thousand-eyed,

ସହସ୍ର ଚେତଃ(ତ୍ତ,ଚରଣ)—ସଂ. ବ (ବହୁବ୍ରୀ)—ବିଷ୍ଣୁ (ହି. ଶ)—
Sahasra chetaḥ(chitta, charaṇa) Bishṇu.

ସହସ୍ରଣୀ—ସଂ. ବ (ଯେ ଯୁଦ୍ଧସ୍ଥଳରେ ସହସ୍ର ରଥୀଙ୍କୁ ଶତ୍ରୁ ହସ୍ତରୁ ରକ୍ଷା
Sahasraṇī କରି ପାରନ୍ତି)—ଭୀଷ୍ମ (ହି. ଶ)—
A name of Bhīshma.

ସହସ୍ରଣୁଟ୍—ସଂ. ବ (ବୈଦ୍ୟକ)—ଚୁକ; ଖଟାଚାଲତା ଶାଗ—
Sahasraṇut The common sorrel (plant).

ସହସ୍ରତମ—ସଂ. ବଣ (ସହସ୍ର+ପୂରଣାର୍ଥେ ତମ)—ହଜାରେ ସଂଖ୍ୟାର
Sahasratama ପୂରଣ—One thousandth.

ସହସ୍ରଦ—ସଂ. ବଣ. ପୁଂ—୧ । ଗୋସହସ୍ର ଦାତା—1. Giving
Sahasrada away 1000 cows. ୨ । ବହୁ ଦାତା— (ସହସ୍ରଦା—ସ୍ତ୍ରୀ) 2. Bestowing much gift. ସଂ. ବ ବାଳଆ ମାଛ (ହି. ଶ)—3. The catfish.

ସହସ୍ର ଦଂଷ୍ଟ୍ର(ଷ୍ଟ୍ରୀ)—ସଂ. ବ (ସହସ୍ର ଦଂଷ୍ଟ୍ରନ୍ ଶବ୍ଦ)——ବୋଦାଳ
Sahasra daṁshṭra(shṭrī) ପଣ୍ଡା; ବାଳଆ ମାଛ; ଖାଠୀନ. ବୋରାଲ ମାଛ (ଶବ୍ଦରତ୍ନାବଳୀ)—A big scaleless **बोयारी, पहीना** fresh water fish; the catfish. Wallago Atta. [ତୁ—ଏହା ଶ୍ଲେଷ୍ମକର, ବଳବର୍ଦ୍ଧକ ଓ ଶୁକ୍ରଜନକ । ଏହାଦ୍ୱାରା ରକ୍ତପିତ୍ତ ଦୂରୀଭୂତ ହୁଏ ଓ କୃଷ୍ଣ ରୋଗ ଜଘନ୍ୟ ହୁଏ । ଏହା ବାତ୍ରାଳୁ ଓ ମାଂସରୋଚା ।]

ସହସ୍ର ଦକ୍ଷିଣ—ସଂ. ବ (ବହୁବ୍ରୀ; ସହସ୍ର+ଦକ୍ଷିଣା)—ଯେଉଁ
Sahasra dakshiṇa ଯଜ୍ଞରେ ହଜାରେ ଗୋରୁ ବା ହଜାରେ ମୁଦ୍ରା ଦକ୍ଷିଣା ଦିଆଯାଏ—A Vedic sacrifice in which 1000 cows or coins are presented to Brāhmaṇas.

ସହସ୍ର ଦଳ—ସଂ. ବ—୧ । (ଦ୍ୱିଗୁ) ହଜାରେ ପାଖୁଡ଼ା—1. One
Sahasra daḷa thousand petals. ୨ । (ବହୁବ୍ରୀ) (ପୁରାଣୋକ୍ତ) ସହସ୍ର ଦଳଯୁକ୍ତ ପଦ୍ମ—2. (mythological) Lotus with a thousand petals, ୩ । ବହୁ ଦଳବିଶିଷ୍ଟ ପଦ୍ମ (ବଡ଼କୋଷ)—3. Many-petalled lotus. ବଣ—ହଜାରେ ପାଖୁଡ଼ାଯୁକ୍ତ— Thousand-petalled.

ସହସ୍ର ଦୃକ୍(ଶ୍)—ସଂ.ବ ଓ ବଣ (ସହସ୍ର+ଦୃକ୍=ଚକ୍ଷୁ ଯାହାର; ସହସ୍ର
Sahasra dṛuk(ś) +ଦୃଶ୍ ଧାତୁ+କର୍ତ୍ତୃ. କ୍ୱିପ୍)—ସହସ୍ରନୟନ (ଦେଖ)—Sahasra nayana (See) ସଂ. ବ. ବିଷ୍ଣୁ (ପୁରୁଷସୂକ୍ତ)—
A name of Bishṇu.

ସହସ୍ର ଦୋଃ—ସଂ. ବ (ବହୁବ୍ରୀହି; ସହସ୍ର+ଦୋସ୍=ହସ୍ତ; ସହସ୍ର
Sahasra doḥ ଦୋଃ ଶବ୍ଦ)—କାର୍ତ୍ତବୀର୍ଯ୍ୟାର୍ଜୁନ (କୃଷ୍ଣାବତାର) (ଦେଖ)—Kārttabīrjyārjuna (See)

ସହସ୍ରଧା—ସଂ. କି. ବଣ (ସହସ୍ର+ପ୍ରକାରାର୍ଥେ ଧା)—୧ । ହଜାର
Sahasradhā ପ୍ରକାରେ—1. In a thousand ways. ୨ । ହଜାର ଥର—2. A thousand times. ୩ । ହଜାରେ ଅଂଶରେ—3. Into a thousand parts. ୪ । ଅସଂଖ୍ୟଥର—
4. Many times; innumerable times.

Digitized by srujanika@gmail.com

ସହସ୍ର ଧାର—ସଂ. ବ (ବହୁବ୍ରୀ ହି)—ବିଷ୍ଣୁ ଚକ୍ର—The circular Sahasra dhāra weapon of Bishṇu. ବଣ—ସହସ୍ର ଧାରଯୁକ୍ତ (ପାତ्र)—(a pot) From which water flows in thousands of streams.

ସହସ୍ର ଧାରା—ସଂ.ବ—ଦେବତା ସ୍ନାନାର୍ଥ ସହସ୍ର ଛିଦ୍ରଯୁକ୍ତ ପାତ୍ରରୁ ଗଳିତ ଜଳଧାରା—Water flowing in a thousand lines from a thousand-bored pot on an Idol (as in a sprinkling bath or shower bath).

ସହସ୍ର ଧୀ(ବୁଦ୍ଧି)—ସଂ. ବଣ. ପୁଂ. ଓ ସ୍ତ୍ରୀ—ଖୁବ୍ ବୁଦ୍ଧିଶାଳୀ—Sahasra dhī(buddhi) Very keen-witted.

ସହସ୍ର ନୟନ—ସଂ. ବ. ପୁଂ (ବହୁବ୍ରୀ ହି; ଗୌତମଙ୍କ ଅଭିଶାପରୁ ଏହାଙ୍କ ଦେହପାତ୍ର ଅସଂଖ୍ୟ ନୟନ ହୋଇ ରହିଥିବାରୁ)—ଇନ୍ଦ୍ର—God Indra. ବଣ. ପୁଂ—ସହସ୍ର ଚକ୍ଷୁର୍ଯୁକ୍ତ—Thousand-eyed.

ସହସ୍ର ନାମ—ସଂ. ବ (ସହସ୍ର+ନାମନ୍) —ବିଷ୍ଣୁ ବା ଶିବ ଆଦି ଦେବତାଙ୍କର ସହସ୍ର ନାମ ସମ୍ବଳିତ ସ୍ତୋତ୍ର—A prayer reciting a thousand different names of a Deity.

ସହସ୍ର ନେତ୍ର—ସଂ.ବଣ ଓ ବ (ବହୁବ୍ରୀ ହି)—୧ । ସହସ୍ର ନୟନ (ଦେମ-ତନ୍) ଇନ୍ଦ୍ର—1. God Indra. ୨। ବିଷ୍ଣୁ (ଭଗବତ)—2. Bishṇu.

ସହସ୍ର ପତି—ସଂ. ବ (୬ଷ୍ଠୀ ତତ୍) —୧ । ସହସ୍ର ଲୋକଙ୍କ ଶାସନ-କର୍ତ୍ତା—1. A governer over a thousand subjects. ୨ । ସହସ୍ର ଗ୍ରାମର ଅଧିକାରୀ (ମନୁ ୭।୧୧୫)—2. The lord of a thousand villages. ୩ । ସହସ୍ର ସଂଖ୍ୟକ ମୁଦ୍ରାର ଅଧିକାରୀ—3. The owner of one thousand coins.

ସହସ୍ର ପତ୍ର—ସଂ.ବଣ—ସହସ୍ର ପାଖୁଡ଼ାଯୁକ୍ତ—Thousand-petalled. ବ—ସହସ୍ର ଦଳ (ଦେଖ) Sahasra dala (See)

ସହସ୍ରପାତ୍—ସଂ. ବଣ (ବହୁବ୍ରୀ ହି)—ହଜାରେ ପାଦଯୁକ୍ତ—Having a thousand feet. ବ—୧ । ବିଷ୍ଣୁ (ପୁରୁଷସୂକ୍ତ)—1. An epithet of Bishṇu. ୨ । ଋଷିବିଶେଷ—2. Name of a sage. (ଭ—ସହସ୍ରପାତ୍, ଫୁଲଛଡ଼ି, ଲବଣାମ୍ଳ—କୃଷ୍ଣସିଂହ. ମହାମ୍ବରଭ. ବନ ।)

ସହସ୍ର ପାଦ—ସଂ. ବଣ (ବହୁବ୍ରୀ ହି) —ସହସ୍ର ପାଦଯୁକ୍ତ—Thousand-legged. ବ—୧ । ସୂର୍ଯ୍ୟ (ମେଦିନୀ)—1. The sun. ୨ । ବିଷ୍ଣୁ (ମେଦିନୀ)—2. Bishṇu. ୩ । କାରଣ ପକ୍ଷୀ; ବାଲି ହଂସ—3. An aquatic bird; a species of duck.

ସହସ୍ର ବଦନ—ସଂ. ବଣ (ବହୁବ୍ରୀ ହି) —ସହସ୍ର ମୁଖଯୁକ୍ତ—Sahasra badana Thousand-faced. ବ—ବିଷ୍ଣୁ (ଶବ୍ଦରତ୍ନାବଳୀ) —Bishṇu.

ସହସ୍ର ବାହୁ—ସଂ. ବଣ (ବହୁବ୍ରୀ ହି) —ହଜାରେ ବାହୁଯୁକ୍ତ—Sahasra bāhu Having a thousand arms. ବ—୧ । କାର୍ତ୍ତବୀର୍ଯ୍ୟାର୍ଜୁନ (ଦେଖ)—1. Kārttabīrjya-rjuna. ୨ । ବିଷ୍ଣୁ—2. Bishṇu. ୩ । ବଳିଙ୍କ ଜ୍ୟେଷ୍ଠପୁତ୍ର ବାଣରାଜ (ଭାଗବତ)—3. Name of a demon king, son of Bali.

ସହସ୍ର ବିଧ—ସଂ. ବ—୧ । ସହସ୍ର ପ୍ରକାର—1. Thousand Sahasra bidha kinds. ୨ । ବହୁପ୍ରକାର—2. Innumerable sorts. ବଣ—୧। ସହସ୍ର ପ୍ରକାରର—1. Thousand kinds of. ୨। ଅସଂଖ୍ୟ ପ୍ରକାରର—2. Of innumerable sorts.

ସହସ୍ର ବୀର୍ଯ୍ୟ—ସଂ. ବଣ. ପୁଂ (ବହୁବ୍ରୀ ହି)—ପ୍ରଚଣ୍ଡ ବଳଶାଳୀ—Sahasra bīrjya Very mighty.

ସହସ୍ର ବୀର୍ଯ୍ୟା—ସଂ. ବ. ସ୍ତ୍ରୀ (ସହସ୍ର+ବୀର୍ଯ୍ୟ=ପ୍ରତାପ; ତେଜଃ+ ବିଶିଷ୍ଟ. ଆ; ବହୁବ୍ରୀ ହି)—୧ । ଦୁବ୍ଦା (ଅମର)—Sahasra bīrjyā स्त्री. ā; 1. The doob grass. ୨ । ମହାଶତାବରୀ (ରାଜ-ନିର୍ଘଣ୍ଟୁ)—2. Asparagus Racemsus (plant). ୩ । ନୀଳ ଦୁବ୍ଦା—3. The blue doob grass. ବଣ. ସ୍ତ୍ରୀ—ସହସ୍ର ବୀର୍ଯ୍ୟର ସ୍ତ୍ରୀଲିଙ୍ଗ—Feminine of Sahasra bīrjya.

ସହସ୍ର ବେଧ—ସଂ. ବ—୧ । ଖଟାଶାଳିଙ୍ଗ ଶାଗ—1. The Sahasra bedha common sorrel. ୨ । ଚୁକ୍; ଜାଜିକା ବିଶେଷ (ରାଜନିର୍ଘଣ୍ଟୁ)—2. Fermented rice-gruel. ୩ । ହିଙ୍ଗୁ (ହ. ଶ)—3. Assafoetida.

ସହସ୍ର ବେଧି—ସଂ. ବ—ହିଙ୍ଗୁ; ହେଙ୍ଗୁ (ମେଦିନୀ, ରାଜନିର୍ଘଣ୍ଟୁ)—Sahasra bedhi Assafoetida.

ସହସ୍ର ବେଧୀ—ସଂ. ବଣ (ସହସ୍ର ବେଧନ୍ ଶବ୍ଦ; ୧ମା. ୧ବ)—Sahasra bedhi ଯାହା ସହସ୍ରକୁ ବେଧ କରେ—Piercing through a thousand. ବ—୧ । ଅମୃତବେଲସ; ଜଳ ବେତ (ମଦନ)—1. A kind of water-ratan. ୨ । କସ୍ତୁରୀ (ରାଜନିର୍ଘଣ୍ଟୁ)—2. Musk. ୩ । ହେଙ୍ଗୁ (ହ. ଶ)—3. Assafoetida.

ସହସ୍ର ଭିତ୍—ସଂ. ବଣ (ସହସ୍ର+ଭିଦ୍. ଧାତୁ+କ୍ୱିପ୍. କ୍ୱିପ୍; ସହସ୍ର Sahasra bhit ଭେଦ; ୧ମା. ୧ବ)—ସହସ୍ର ବେଧୀ (ଦେଖ)-Sahasrabedhī. (See) ବ—ସହସ୍ର ବେଧୀ (ଦେଖ)-Sahara bedhī. (See)

ସହସ୍ର ଭୁଜ—ସଂ. ବଣ. ପୁଂ (ବହୁବ୍ରୀ ହି)—ହଜାର ହସ୍ତବିଶିଷ୍ଟ—Sahasra bhuja Having a thousand hands or (ସହସ୍ର ଭୁଜା—ସ୍ତ୍ରୀ) arms. ବ—୧ । ବିଷ୍ଣୁ (ଭାଗବତ)—

Digitized by srujanika@gmail.com

1. Bishṇu. ୨ । କାର୍ତ୍ତବୀର୍ଯ୍ୟାର୍ଜୁନ—2. Kārttabīrjyārjuna. ୩ । ବଳ ପୁତ୍ର ବାଣସୁର—3. The demon Bāṇa.

ସହସ୍ର ଭୁଜା—ସଂ. ବ. ସ୍ତ୍ରୀ—ମହୁଷାସୁରମର୍ଦ୍ଦିନୀ ଦୁର୍ଗା—(ମାର୍କଣ୍ଡେୟ Sahasra bhujā ପୁରାଣ ଦେବୀମାହାତ୍ମ୍ୟ)—The Goddess Durgā. ସଂ. ବଣ. ସ୍ତ୍ରୀ—ସହସ୍ର ଭୁଜର ସ୍ତ୍ରୀଲିଙ୍ଗ—Feminine of Sahasra bhuja.

ସହସ୍ର ମୂର୍ଦ୍ଧା—ସଂ. ବଣ. ପୁଂ (ବହୁବ୍ରୀ; ସହସ୍ର+ମୂର୍ଦ୍ଧନ; ୬ମା. Sahasra mūrddhā ୧ବ)—ହଜାରେ ମସ୍ତକଯୁକ୍ତ—Having a thousand heads. ବ—ବିଷ୍ଣୁ (ଭାଗବତ)—Bishṇu.

ସହସ୍ର ମୂଲି—ସଂ. ବ (ବୈଦ୍ୟକ)—୧ । ଦ୍ରବନ୍ତି; ବୃହଦ୍ଦନ୍ତୀ ବୃକ୍ଷ Sahasra mūlī (ରୁଚକବର୍ଣ୍ଣ)—1. Croton Polyandrum (plant). ୨। ଅଙ୍କୁଡ଼ିଣୀ (ଛୁଟୋଖ)(ଦେଶ)—2. Ākhukarṇṇī. (See)

ସହସ୍ର ମୌଳି—ସଂ. ବଣ. ଓ ବ—ସହସ୍ର ମୂର୍ଦ୍ଧା (ଦେଶ) Sahasra mauli Sahasra mūrddhā. (See)

ସହସ୍ର ରଶ୍ମି—ସଂ. ବ (ବହୁବ୍ରୀ)—ସହସ୍ର କର; ସୂର୍ଯ୍ୟ—Sahasra raśmi The sun.

ସହସ୍ର ଲୋଚନ—ସଂ. ବ ଓ ବଣ—ସହସ୍ର ନୟନ (ଦେଶ) Sahasra lochana Sahasra nayana. (See)

ସହସ୍ର ଶିଖର—ସଂ. ବଣ (ବହୁବ୍ରୀ)—ସହସ୍ର ଶିଖର ବିଶିଷ୍ଟ—Sahasra śikhara Having a thousand peaks. ସଂ.ବ—ବିନ୍ଧ୍ୟ ପର୍ବତ (ଛୁଟୋଖ)—The Bindhya range of mountains.

ସହସ୍ର ଶୀଷ୍ଣ(ଷା)—ପୁ.ବ (ସଂ. ସହସ୍ରଶୀର୍ଷା)—ବିଷ୍ଣୁ—Name of Sahasra śirisha(shā) Bishṇu [ଦ୍ର—ସହସ୍ରଶୀର୍ଷା ନାମେ ସହସ୍ରଶୀର୍ଷା ସହସ୍ରଶୀର୍ଷା ଦେବ ପୁରୁଷ । ପ୍ରାଚୀ. ରଜସ୍ୱ-ପତ୍ନୀ ।]

ସହସ୍ର ଶୀର୍ଷା—ସଂ. ବଣ ଓ ବ (ସହସ୍ର+ଶୀର୍ଷନ୍; ୬ମା. ୧ବ)—Sahasra śīrsha ସହସ୍ର ମୂର୍ଦ୍ଧା (ଦେଶ)—Sahasra mūrddhā. (See)

ସହସ୍ର ଶ୍ରବଣ—ସଂ. ବ (ବହୁବ୍ରୀ)—ବିଷ୍ଣୁ (ଭାଗବତ)—Sahasra śrabaṇa Bishṇu.

ସହସ୍ର ହରିଣ୍ୟଶ୍ୱ—ସଂ. ବ—ଇନ୍ଦ୍ରରଥ (ଶବ୍ଦ କଲ୍ପଦ୍ରୁମ)—Sahasra harīyaśwa The car of Indra.

ସହସ୍ରା—ସଂ. ବ—୧ । ଅମୃଷ୍ଟା; ଅଜାନବଲ୍ଲି ଲତା—1. Stephania Sahasrā Hernandifolia (creeper). ୨ । ଅମ୍ଳିତ ଶାଗ—2. Oxalis Corniculata (potherb). ୩। ମୟୂରଶିଖା ଗୁଳ୍ମ (ଇ. ଶ)—3. Celesia Cristata (plant).

ସହସ୍ରାଂଶୁ—ସଂ. ବ (ବହୁବ୍ରୀ; ସହସ୍ର+ଅଂଶୁ)—ସୂର୍ଯ୍ୟ—Saharāṁśu The sun.

ସହସ୍ରାକ୍ଷ—ସଂ. ବ (ବହୁବ୍ରୀ)—୧ । ଇନ୍ଦ୍ର (ଅମର)—1. Indra. Sahasrāksha [ଦ୍ର—ଗୌତମ ମୁନିଙ୍କ ଅଭିଶାପରେ ଇନ୍ଦ୍ରଙ୍କ ସର୍ବ ଶରୀର ଯୋନି-ଚିହ୍ନମୟ ହୋଇ ଯାଇଥିଲା । ପରେ ଋଷି ମୁନିଙ୍କ ଅନୁଗ୍ରହରୁ ଏହା ଚକ୍ଷୁ ସବୁ ଚର୍ମରେ ପରିଣତ ହେଲା, ତେଣୁ ଇନ୍ଦ୍ରଙ୍କୁ 'ସହସ୍ରାକ୍ଷ' 'ସହସ୍ର ନୟନ' ଇତ୍ୟାଦି କୋଇଯାଏ ।] ୨ । ବିଷ୍ଣୁ (ଘୁରୁପ ଶବ୍ଦ)—2. Bishṇu.

ସହସ୍ରାଣୀ(ଣି)କ—ସଂ. ବ (ନାମ) (ସହସ୍ର ଅର୍ଥେ ଅଶ୍ୱାଦି=ସେନା Sahasrāṇī(ṇi)ka ଯାହାର)—ଶତାନୀକ ରାଜାଙ୍କ ପୁତ୍ର (ଅର୍ଜୁନ ପୁରାଣ)—Name of the son of king Śatānīka. [ଦ୍ର—ଏହାଙ୍କ ପିତା ଶତାନୀକ ଯଜ୍ଞରେ ବ୍ରାହ୍ମଣମାନଙ୍କୁ ସହସ୍ର ସହସ୍ର ଗଉ, ଗଜ ଅଶ୍ୱାଦି ଦାନ କରି ପୁଣ୍ୟଲାଭ କରିଥିବାରୁ ବ୍ରାହ୍ମଣମାନେ ଏହି ପୁତ୍ରକୁ ଏହି ନାମ ଦେଇଥିଲେ ।]

ସହସ୍ରାଧିପତି—ସଂ. ବ—ସହସ୍ର ପତି (ଦେଶ) Sahasrādhipati Sahasra pati. (See).

ସହସ୍ରାନନ—ସଂ. ବ (ବହୁବ୍ରୀ)—ବିଷ୍ଣୁ (ଭାଗବତ)—Sahasrānana Bishṇu.

ସହସ୍ରାର—ସଂ. ବ (ବହୁବ୍ରୀ; ସହସ୍ର ଅର୍ଥେ ଅର=ଚୋଖ ଯାହାର) (ଇନ୍ଦ୍ର) ଶିରୋମଧ୍ୟସ୍ଥ ସ୍ୱପ୍ରକାଶ। ନାଡ଼ୀସ୍ଥ କଲ୍ପିତ ଅଧୋମୁଖ ସହସ୍ରଦଳ ପଦ୍ମ—The thousand-petalled lotus said to exist inside the head. [ଦ୍ର—ଏହା ସାଧକମାନଙ୍କ ଦୃଷ୍ଟିଗୋଚର ହୁଏ ।]

ସହସ୍ରାର୍ଜୁନ—ପୁ. ବ (ମ. ତ. ତତ୍ପୁ; ସହସ୍ରକରଯୁକ୍ତ ଅର୍ଜୁନ)—Sahasrārjuna କାର୍ତ୍ତବୀର୍ଯ୍ୟାର୍ଜୁନ (ଦେଶ)—Kārttabīrjyārjuna (See).

ସହସ୍ରାସ୍ୟ—ପୁ. ବ (ବହୁବ୍ରୀ; ସହସ୍ର+ଆସ୍ୟ)-ସହସ୍ର ବଦନ (ଦେଶ) Sahasrāsya Sahasra badana (See).

ସହସ୍ରାହ୍ୱି—ପୁ. ବ (ବୈଦ୍ୟକ)—ମୟୂରଶିଖା ନାମକ ଗୁଳ୍ମ—Sahasrāhi Celesia Cristata (plant). (ଅନ୍ୟ ସଂ ନାମ—ମୟୂରଶିଖା, ମଧୁଚ୍ଛଦା) [ଦ୍ର—ଏହା ଲଘୁ, ମଧୁର ଏବଂ ପିତ୍ତ, କଫ, ଅଗ୍ନିସାର, ମୋରଶିଖା ମୋରଶିଖା ମୂତ୍ରକୃଚ୍ଛ୍ର ଓ କାଳରୋଗ-ନାଶକ ।]

ସହସ୍ରୀ—ସଂ. ବ. ପୁଂ (ସହସ୍ର+ଅଚ୍ ଅର୍ଥରେ ଇନ୍; ୬ମା ୧ବ)—Sahasrī ୧ । ସହସ୍ର ସେନାଧିପତି; ଦୁଇଶ—1. The general over a thousand soldiers. ୨ । ସହସ୍ରପତି (ଦେଶ)—2. Sahasra pati (See) ସଂ. ବଣ. ପୁଂ—୧ । ସହସ୍ର ବିଶିଷ୍ଟ—1. Having a thousand. ୨ । ଯାହାର ସହସ୍ର ସଂଖ୍ୟକ ଅଶ୍ୱ ଗଜାଦି ସୈନ୍ୟବଳ ଅଛି (ଛୁଟୋଖ)—2. Owning one thousand soldiers.

ସହସ୍ରେ—ଦେ. ବ. ଓ ବଣ—୧ । ଏକ ସହସ୍ର—1. One thousand. ୨ । ଅସଂଖ୍ୟ—2. Innumerable. (ସହସ୍ରେକ—ଅନ୍ୟରୂପ ହାଜାର ହଜାରୀ

Digitized by srujanika@gmail.com

ସହା—ସଂ.ବି (ସହ୍ ଧାତୁ+କ୍ୱିପ୍.ଅ+ଆ)—୧। ସର୍ବଂସହା; ପୃଥିବୀ—
Sahā 1. The earth. ୨। ଘୃତକୁମାରୀ (ଅମର)—2. Aloe Indica. ୩। ମୃଦ୍‌ଗପର୍ଣ୍ଣୀ (ଅମର)—3. Phaseolus Trilobus. ୪। ଜଟୀ; ଜଟାମାଂସୀ (ମେଦିନୀ)—4. A medicinal herb. ୫। ଦଣ୍ଡୋତ୍ପଳ (ମେଦିନୀ)—5. Canscora Decussta (plant). ୬। ଶୂକଶିମ୍ବୀ (ଶବ୍ଦଚନ୍ଦ୍ରିକା); ବାସନ୍ତେଟଣ୍ଟା ଗୁଳ୍ମ—6. Barlaria Crastata (plant) ୭। ସର୍ପାକ୍ଷୀ (ଶବ୍ଦଚନ୍ଦ୍ରିକା)—7. Name of a plant. ୮। ବ୍ରହ୍ମ (ତ୍ରିକାଣ୍ଡଶେଷ)—8. Vanda Roxburghii. ୯। ସୁଷ୍ଣୀଗୁ (ତ୍ରିକାଣ୍ଡଶେଷ); କଣ୍ଟାକୁସୁମ; ଅଗସ୍ତ୍ୟଗୁଲ୍ମ—9. A thorny plant; Gamboge Thistle. ୧୦। ଗୀତଦଣ୍ଡୋତ୍ପଳ [ତ୍ରିକାଣ୍ଡଶେଷ]—10. A species of 'Daṇḍotpala'. ୧୧। ତରଣୀ ପୁଷ୍ପ (ଗୁଳ୍ଫକର୍ଦ୍ଦଣ୍ଡ); ସେବତୀ ଫୁଲ—11. Musk rose; Rosa Moschata. ୧୨। କୃଷ୍ଣଲତା (ତ୍ରିରେଫୁଷ୍ପ. ଦ୍ରବ୍ୟଗୁଣ)—12. Tricosanthes Cucumerina. ୧୩। (+ଉର୍ମି. ଅ+ଅ) ହେମନ୍ତଋତୁ (ହି. ଶ)—13. Early winter. ୧୪। ମାର୍ଗଶିର ମାସ (ହି. ଶ)—14. The month of Margasira. ୧୫। ମେଂହନ୍ଦି (ଦେଶ) ନଖରଞ୍ଜକ (ହି. ଶ)—15. Mehendi (See).

ସହା ସାହାୟ **सहना सहाई(ता)** ଦେ. ବି (ସହ ଧାତୁ)—୧। ସହ୍ୟକାରୀ 1. Enduring, bearing. ୨। ସହାୟୁ—2. Help. (ଉ—ସହା ହୋଇ ବୃଦ୍ଧି ଭୁଲରେ ଭୁସ୍ନେ ମୋର, ଥିବାଠାରେ ଦାସୀ ହୋଇଲ ମୁଁ ଭାଙ୍କର—କୁଣ୍ଡସିଂହ. ସଭାପ୍ରବନ୍ଧ. ବନ ।)

ସହାଇବା—ଦେ. କ୍ରି—ସହିବା କ୍ରିୟାର ଣିଜନ୍ତରୂପ—The causative form of 'Sahibā' (ଉ—ସହାନ **सहवाना** ଏ ବାଳାକୁ ବନବାସ ସହାଇଲେ ହେଁ ଅଟା ବ ବଗୁରେ—ସ୍ୱଧାନାଥ. ଯଯାତି ।)

ସହାଃ—ସଂ.ବ (ସହସ୍ ଶବ୍ଦ; ସହ୍ ଧାତୁ+କର୍ମ.ଅସ)—୧। ଅଗ୍ରହାୟଣ
Sahāḥ ମାସ; ମାର୍ଗଶିର ମାସ (ଅମର)—1. The month of 'Mārgaśira'. ୨। ହେମନ୍ତ କାଳ (ମେଦିନୀ)—2. The beginning of winter or cold season.

ସହାଚର—ସଂ. ବ (ସହ୍+ଅ+ଚର୍ ଧାତୁ+କର୍ତ୍ତୃ.ଅ)—୧। ସହଚର
Sahāchara (ଦେଶ)—1. Sahachara (See) ୨। ଗୀତଶିମ୍ବୀ (ଶବ୍ଦରତ୍ନାବଳୀ)—2. The yellow-flowered species of Barlaria Crastata plant.

ସହାତି—ଗ୍ରା. ବିଣ (ସଂ. ସ୍ୱହସ୍ତ)—୧। ସ୍ୱହସ୍ତକୃତ—1. Done or
Sahāti performed by one's hands. (ସହାଉଥ—ଅନ୍ୟରୂପ) ୨। ସ୍ୱକୃତ—2. Done by (ସରହାତ—ବରଗତ) one's self. (ଯଥା—ନିଜେର ହାତେର **আপকেহাতকা** ସହାଇ କୃଷ=ଯେଉଁ କୃଷିକର୍ମ ମୂଲଥ ଦ୍ୱାରା ବା ଅନ୍ୟ ବ୍ୟକ୍ତି ଦ୍ୱାରା କରା ନ ଯାଇ କରେ ସେଚଷ୍ଟାମାତ୍ରଙ୍କ ଦ୍ୱାରା କରାଯାଏ ।)

ସହାଧ୍ୟାୟୀ—ସଂ. ବି. ପୁଂ (ସହ+ଅଧି+ଇ ଧାତୁ+କର୍ତ୍ତୃ. ଇନ୍)
Sahādhyāyī ସହାଧ୍ୟାୟିନ୍ ଶବ୍ଦ ୧ମା. ୧ବ)—ଏକ (ସହାଧ୍ୟାୟିନୀ—ସ୍ତ୍ରୀ) ସମୟରେ ଏକ ଗୁରୁଙ୍କ ଶିକ୍ଷତାଧୀନ ହୋଇ ପଢୁଥିବା ଶିଷ୍ୟ; ସହପାଠୀ—Fellow student.

ସହାନୁଗମନ—ଫ. ବ—ସହ ଗମନ (ଦେଖ)
Sahānugamana Saha gamana (See)

ସହାନୁଭବ—ସ. ବି (ସହ+ଅନୁଭବ)—ଅପରର ସୁଖଦୁଃଖରେ
Sahānubhaba ଭାବୁଶ ଅନୁଭବ—Sympathy; (ସହାନୁଭୂତି—ଅନ୍ୟରୂପ) fellow-feeling.

ସହାୟୁ—ସ. ବିଣ (ସହ+ଇ. ଧାତୁ=ଯିବା+କର୍ତ୍ତୃ. ଅ)—
Sahāya ୧। ସହଚର; ଅନୁଚର—1. Attendant. ୨। (ସହାୟା—ସ୍ତ୍ରୀ) ସାହାଯ୍ୟକାରୀ—2. Helper; ally. ୩। ସାହାଯ୍ୟ (ହି. ଶ)—3. Help. ବେ. ବିଣ—୧। ଅବଲମ୍ବନ—1. Support. ୨। ଆଶ୍ରୟୁ ସ୍ଥଳ—2. Refuge, patron. ୩। ସଙ୍ଗୀ—3. Companion.
ସହାୟ ବେ. ବ—ବହାସମାନଙ୍କ ବଶୋଧାପ୍ର ବଶେଷ—
सहाय A family-title in Bihar.

ସହାୟୁକ—ସ. ବିଣ (ସହାୟୁ+ସ୍ୱାର୍ଥେ. କ)—ସାହାଯ୍ୟକାରୀ—
Sahāyaka Helping. ବ (କରଣଥ)—ଅପରାଧୀର ସହାୟକ ସାହାଯ୍ୟକାରୀ ବ୍ୟକ୍ତି—Abettor of an offence.
सहायक

ସହାୟୁତା(ତ୍ୱ)—ସ. ବ (ସହାୟୁ+ତ୍ୱବ. ତା; ତ୍ୱ)—୧। ସାହାଯ୍ୟ—
Sahāyatā(twa) 1. Help; assistance. ୨ ପୃଷ୍ଠପୋଷକତା—2. Abetment; patronage. ୩। ସଙ୍ଗିତା—3. Companionship.

ସହାୟୁତା କରିବା—ଦେ. କ୍ରି—୧। ସାହାଯ୍ୟ କରିବା—1. To
Sahāyatā karibā help. ୨। ଅନୁକୂଳ ହେବା—2. To सहायता करना befriend; to patronise. ୩ (କରଣଥ)—ଅପରାଧୀକୁ ଅପରାଧ କରିବାରେ ସାହାଯ୍ୟ କରିବା—3. To abet an offence.

ସହାୟୁତାକାରୀ—ସ.ବିଣ—ସାହାଯ୍ୟକାରୀ—Helping; abetting.
Sahāyatākārī ବେ. ବ (କରଣଥ)—ଅପରାଧୀର ସାହାଯ୍ୟ- (ସହାୟୁତା କାରିଣୀ—ସ୍ତ୍ରୀ) କାରୀ—Abettor.

ସହାୟୁ ବଳ—ଦେ. ବ (ସହଚର ଶବ୍ଦ)—(କୌଣସି କାର୍ଯ୍ୟ ସାଧନ
Sahāya bala ହେବା ପାଇଁ ଲୋଡ଼ା) ସହାୟୁ ଓ ସାମର୍ଥ୍ୟ—
सहाय बल A patron or helper and strength (required for any work).

Digitized by srujanika@gmail.com

ସହାୟ ସମ୍ପତ୍ତି(ଦ)—ଦେ. ବ (ସହରର ଶବ୍ଦ)—(କାହାଁ ସାଧନ ପାଇଁ ସହାୟ ସମ୍ପତ୍ତି ଲୋଡ଼ା) ବନ୍ଧୁ ବଳ ଓ ଧନ ବଳ; ସହାୟ ସଂପତ୍ତି ସାହାଯ୍ୟକାରୀ ବନ୍ଧୁ ଓ ଧନ—Friend and riches; the state of having a patron to support you and riches to enable you to do a thing.

ସହାୟ ସୌଷ୍ଠବ—ସ. ବ (୬ଷ୍ଠୀ ତତ୍) —ସାହାଯ୍ୟର ଅଧିକ୍ୟ—Sahāya saushṭhaba Exuberance or sufficiency or excellence of help.

ସହାୟ ହୀନ—ସ. ବଣ (ଷଷ୍ଠୀ ତତ୍) —ନାସହାୟ—Sahāya hīna (ସହାୟ ହୀନା—ସ୍ତ୍ରୀ) Helpless.

ସ(ସୁ)ହା ଯିବା—ଦେ. କି—ସହ୍ୟାର କର୍ମବାଚ୍ୟ ରୂପ—Passive Sa(su)hā jibā voice of verb to bear; to be borne. ସହ୍ୟ ହୋଇ ସହ୍ୟ ହୋଇଯିବା

ସହାୟୀ—ସ. ବଣ. ପୁଂ—ସହାୟ ବିଶିଷ୍ଟ (ବହୁବ୍ରୀହି)—Sahāyī (ସହାୟିନୀ—ସ୍ତ୍ରୀ) Having assistance.

ସହାର—ସଂ. ବଣ (ସ+ହାର) —ହାରଯୁକ୍ତ—Wearing neck-lace. (ଯଥା—ସହାର ବକ୍ଷ)। ବ (ସହ୍ ଧାତୁ+କର୍ତ୍ତୃ. ଅର)—୧ । ଅମ୍ବ ବୃକ୍ଷ (ଜଣାଦ କୋଡ)—1. Mango tree. ୨ । ମହା ପ୍ରଳୟ (ବ୍ରହ୍ମ.ଯୁଧ)—2. Dissolution of the creation.

ସହାରୋଗ୍ୟ—ସଂ. ବଣ (ବହୁବ୍ରୀହି; ସହ+ଆରୋଗ୍ୟ)—ଶାରୁକ; ଶାରୋଗ୍ୟ (ବ୍ରହ୍ମ ଚନ୍ଦ୍ର)—Sahārogya Hale; healthy. (ସହାରୋଗ୍ୟା—ସ୍ତ୍ରୀ)

ସହାର୍ଦ୍ଦ—ସଂ. ବଣ (ସ+ହାର୍ଦ୍ଦ=ସ୍ନେହ)—୧ । ସ୍ନେହଯୁକ୍ତ—Sahārdda 1. Affectionate. ୨ । ସସ୍ନେହ—2. Loving.

ସହାସାର—ସଂ. ବ (ବୈଦ୍ୟକ)—ମୁଷଳର—Sahāsāra The dried juice of aloes.

ସହାସ୍ୟ—ସଂ. ବଣ (ସ+ହାସ୍ୟ)—ହାସ୍ୟଯୁକ୍ତ—Sahāsya (ସହାସ୍ୟା—ସ୍ତ୍ରୀ) Smiling; laughing.

ସହାସ୍ୟ ବଦନ—ସଂ. ବ (କର୍ମଧା)—ସହାସ୍ୟ ମୁଖ—Smiling Sahāsya badana face. ବଣ. ପୁଂ—ହାସ୍ୟମୁଖ ଯୁକ୍ତ—(ସହାସ୍ୟ ବଦନା—ସ୍ତ୍ରୀ. ବଣ) Having a smiling face.

ସହି—ବୈଦେ. ବ (ଅ. ସହ୍ୟ=ସ୍ୱାକ୍ଷର)—୧। ଦଲିଲରେ ବା ଲେଖାରେ ସ୍ୱାକ୍ଷର—Sahi 1. Signature in a document. ସହି, ସଇ **ସହି** ୨ । (ସ୍ୱାକ୍ଷର କରିବା ବ୍ୟକ୍ତି ଉକ୍ତ କାର୍ଯ୍ୟରେ ସମ୍ମତ ଦେବା ଅର୍ଥରୁ —ସ୍ୱୀକାର; ରାଜି; ସମ୍ମତି—2. Consent; agreement. [ଉ—କହିଲା ଦରବର ଦେବେ ସହି କଲେ ତା ପୁଣି ନଚ୍ଛଲ ସେଠାରୁ ବାହାରଲେ । କୃଷ୍ଣସିଂହ. ମହାଭାରତ. ସଭା ।] ଦେ. ବଣ (ଅନ୍ୟ ଶବ୍ଦସଙ୍ଗେ ଲଗେ, ଯଥା—ତଳନସହି; ମାପସହି) ୧ । ଉପଯୁକ୍ତ; ଯୋଗ୍ୟ; ଯଥେଷ୍ଟ—1. Fit or sufficient for. ୨ । ସଦୃଶ—2. Similar. ସାଦେ. (ବାଲେଶ୍ୱର) ଅ—ସତ୍ୟ; ସମାନ—Like. (ଯଥା—ତା ସହିରେ ମୁଁ ଲେକ ଦେଖି ନାହିଁ) ଦେ. ବ—ସଙ୍ଗତ (ଦେଶ)—Sangāta (See).

ସହି କରିବା—ଦେ. କି—୧ । ଦଲିଲରେ ସ୍ୱାକ୍ଷର କରିବା—1. To sign a document. ୨ । (ଯେଉଁ ସଇକରା **ସହିକରନା** ଲେଖକଙ୍କ ଦସ୍ତଖତ କରି ନ ଥବେ ତା ପକ୍ଷରେ) ସତ୍ୟକ କାଢ଼ିବା—2. To put one's mark on a document (in the case of an illiterate person.) [ଦ୍—ମୂର୍ଖଲେକ ଦଲିଲରେ ଆପଣାର ସତ୍ୟକ କାଢ଼ିବ କମ୍ । କଲମକୁ ଛୁଇଁ ବ ବା ଆପଣାର ଟିପଚିହ୍ନ ବସାଇ ବ; ଏବଂ ନବସିଦ୍ଧା ଲୋକ ବ୍ୟକ୍ତିର ନାମ ଲେଖି 'ଏ ଟିପଚିହ୍ନ ବା ଅମୁକ ସତ୍ୟକ ଅମୁକ ବ୍ୟକ୍ତିର ସହି ।' ବ । (ଅର୍ଥାତ୍ ବକଲମ) ନବସିଦ୍ଧା, 'ଲେଖିବ ବ ।] ୩ । ଛିଦ୍ରାଦିରେ ଲମ୍ବା ପଦାର୍ଥ ପୁରାଇବା; ଭର୍ତ୍ତି କରିବା; ପୁରାଇବା—3. To thrust a long thing into a hole. ଭରା **ଭରନା** [ଯଥା—ନଳାରେ ବାଉଁଶ ସହି କରିବା] ୪ । ସ୍ୱୀକାର କରିବା; ରାଜି ହେବା—4. To agree to. ସ୍ୱୀକାରକରା **ସ୍ୱୀକାରକରନା** [ଉ—ଏଡ଼ା ଶୁଣି ସ୍ୱୟମ୍ଭୁ ମାଉ। ସହି କଲେ, ପୁଟେ କହି ସେ ନାଉ ଅର କସ୍ତ୍ରଲେ । କୃଷ୍ଣସିଂହ. ମହାଭାରତ. ବନ]

ସହି(ଇ)କାରିଆ—ଦେ. ବଣ—୧ । ଯଥୋପଯୁକ୍ତ—1. Fit; proper; befitting. ୨ । ହୃଷ୍ଟପୁଷ୍ଟ—2. Stout and strong. ଯଥୋପଯୁକ୍ତ **ଯଥୋପଯୁକ୍ତ**

ସହିତ—ସଂ. ବଣ (ସହ୍ ଧାତୁ=ସହିବା+କର୍ତ୍ତୃ. ତ, ଇ ଆଗମ; କିମ୍ବା ସହ=ସଙ୍ଗେ+ଇ ଧାତୁ=ଯିବା+କର୍ତ୍ତୃ. ତ)—୧ । (ସାହିତ୍ୟ—ବ) ସମନ୍ୱିତ; ଯୁକ୍ତ—1. Accompanied by. ୨ । ଏକତ୍ର ସମ୍ପୃକ୍ତ; ମିଳିତ—2. Joined or united with. ୩ । (ସ+ହିତ) ଇଷ୍ଟ ସାଧକ; ହିତକର—3. Beneficial. ୪ । (ସମ୍=ସମ୍ୟକ୍+ହିତ) ସମ୍ୟକ୍ ମଙ୍ଗଳକର (ମୁଟ୍‌ଧବୋଧ)—4. Sepcially beneficial. ଅ—୧ । ସଙ୍ଗେ—1. With; together with. ୨ । ସମନ୍ୱିତ ହୋଇ—2. In the company of. ୩ । ଯୁକ୍ତ ହୋଇ—3. Joined with.

ସହିତବ୍ୟ—ସ. ବଣ—(ସହ୍ ଧାତୁ+କର୍ମ. ତବ୍ୟ)—ସହ୍ୟଯୋଗ୍ୟ; Sahitabya ସୋଢ଼ିବ୍ୟ—Fit to be borne.

ସହିତରେ—ଦେ. ଅ—ସହିତେ (ଦେଶ)—Sahitare Sahite (See) ସହିତ **ସାଥିମଁ**

ସହିତା—ସ. ବଣ.—(ସହିତ୍ ଶବ୍ଦ; ସହ୍ ଧାତୁ+କର୍ତ୍ତୃ. ତ)—୧ । ସହ୍ୟଶୀଳ; ସହିଷ୍ଣୁ (ସିଦ୍ଧାନ୍ତକୌମୁଦୀ)—1. Forbearing. ୨ । କ୍ଷମାଶୀଳ—2. Forgiving. ୩ । ଯେ ସହେ; ସୋଢ଼ା—3. Enduring.

Digitized by srujanika@gmail.com

୪ । ପ୍ରତୀକ୍ଷାଶୀଳ—4. One who waits. ୫ । ଧୀର; ଧୈର୍ଯ୍ୟଶୀଳ—5. Patient.

ସହତେ—ଦେ. ଅ (ସଂ. ସହିତ)—୧। ସଙ୍ଗେ—1. With; together with. ୨ । ସଙ୍ଗ ଦେଇ—2. Accompanied by. ୩ । ସାଥିରେ—3. In the company of. ୪ । ମୋଟେ; ଅଦୌ—4. At all. [ଯଥା—ଛଠି ଖଣ୍ଡେ ଖଣ୍ଡେ ଦେଖିଥିଲ ଯେ, ଏତେ ଭାଇବ ସହତେ ନାହିଁ] ୫ । ପୁଣି—5. Even. (ଯଥା—ମୁଁ ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲ ଯେ, ତାଙ୍କ ଘରୁ ଅଣ୍ଡା ବଚ୍ଚା ସହତେ ସମସ୍ତେ ଅସିଥିବେ)—୬ । ମଧ୍ୟ; ବ—6. Also. [ଉ—ମାତା ସହତେ ନାହିଁ ଘରେ, ତେଣୁ ମୁଁ ବ୍ୟାକୁଳ ମନରେ । ଜଗନ୍ନାଥ. ଭ୍ରମରଦୂତ ।]

ସହତେନ—ତ୍ରା. ଅ (ପଦ୍ୟ)—ସହତେ ୧, ୨ ଓ ୩ (ଦେଖ)—Sahitena Sahite 1, 2 and 3 (See)

ସହିତ୍ର—ସଂ. ବି (ସହ୍ ଧାତୁ+କରଣ. ଇତ୍ର)—ସହନର କରଣ; ଯାହା ଦ୍ୱାରା ସହନ କରିପାର (ଶବ୍ଦକୋଷ)—That which enables one to bear.

ସହିଥିଲ—ତ୍ରା. ବି—(ସଂ. ଶୈଥିଲ୍ୟ)—୧ । ଶିଥିଳତା—1. Slackness. ୨ । ଶିଥିଳ—2. Slack. ଶିଥିଳ ଶିଥିଳ

ସହି ଦେବା—ଦେ. କି (କରଣାର୍ଥ)—କୌଣସି କାଗଜରେ ଅପଣାର ସହିଦେଓୟା ସହୀକରନା ଦସ୍ତଖତ କରିବା—To give or attach one's signature to a document or writing.

ସହି ନେବା—ଦେ. କି (କରଣାର୍ଥ)—କୌଣସି କାଗଜରେ କୌଣସି ବ୍ୟକ୍ତି କଠାରୁ ଦସ୍ତଖତ କରାଇ ନେବା—ସହିନେଓୟା ସହୀଲେନା To take a paper from a person after having it signed by him.

ସହି ପାରିବା—ଦେ. କି—୧ । ସହିବାକୁ ସମର୍ଥ ହେବା—1 To be able to bear; to be capable of enସହିତେପାରା ସହସକନା during. [ଯଥା—ମୁଁ ଅଉ ତା ଦାଉ ସହି ପାରିବ ନାହିଁ] ୨ । କୌଣସି ବିଷୟ ଦେଖିଲେ ବା ଶୁଣିଲେ ନ ଚଟିବା—2. Not to resent at any thing; to forbear. ୩ । ପରଶ୍ରୀକାତର ନ ହେବା—3. Not to be spiteful. ୪ । କୌଣସି ବ୍ୟକ୍ତି ସଙ୍ଗେ 'ସହି' ବସିବା—4. To form 'Sahi' friendship with a ସହିପାତା ଦୋସ୍ତୀକରନା person.

ସହି ବସିବା—ଦେ. କି—କୌଣସି ବ୍ୟକ୍ତି ସଙ୍ଗେ ବା ପରସ୍ପର ମଧ୍ୟରେ Sahi basibā 'ସହି'ରୂପ ବନ୍ଧୁତା ପ୍ରତିଷ୍ଠା କରିବା—To set up a relationship of Sahi with a ସହି ପାତା ଦୋସ୍ତୀ କରନା person. [ଦ୍ର—ପରସ୍ପରକୁ ମହାପ୍ରସାଦ ବା ଭୋଗ ବଖା ଦେଇ ଦୋହେ ଦୁଇ ଜଣ 'ସଖା' ବସନ୍ତି ।]

ସହିବା—ଦେ. କି (ସହ୍ ଧାତୁ)—୧ । ସହ୍ୟ କରିବା; ସମ୍ଭାଳିବା—Sahibā 1. To bear. [ଉ—ସପତଙ୍କ ମୋର ତେ; ସହ ସହା ସହନା ଏହି ଅର ରେ—କବିସୂର୍ଯ୍ୟ. କଶୋଷ୍ଟଚକ୍ଷୁ.ସ ଗୀତ ।] ସହାଇବା ସ୍ୱହାଇବା } ଅନ୍ୟରୂପ ୨ । ଅପେକ୍ଷା କରିବା—2. To wait. [ଉ—ସୁଭଦ୍ରା ଭୂଇଁ ଦଣ୍ଡେ ରହ । ବୃଷ୍ଟି ଥେମିବା ଯାଏ ସହ—ଚୂପଛ. ପ୍ରେମସଞ୍ଜୀବନ ।] ୩ । କ୍ଷମା କରିବା—3. To forgive. (ଯଥା—ଦୋଷ ସହିବା ।) ୪ । କଷ୍ଟ ବା ଦୁଃଖ ଅଦି ଭୋଗ କରିବା—4. To suffer. [ଉ—ଜଦ୍ଦେଶ୍ୟ ସାଧନ ପାଇଁ ଗୋ, ଲକ୍ଷ୍ମୀନା ଗଞ୍ଜନା ସହିବାକୁ ହେଲେ ସହିପିବା ପଥା ନଇଁ ଗୋ—ବାଳକୃଷ୍ଣ. ଗୁରୁଲବଙ୍ଗଲତା ।] ୫ । ଅଙ୍ଗେ ଜଣାଇବା; ଅନୁଭବ କରିବା—5. To experience. (ଯଥା—ସେ ଅନେକ ଘାଲ ମାଡ଼ ସହିଛିଣି ।) ୬ । ଭାର ବା ବୋଝ ଅଦି ବହନ କରିବାକୁ ସମର୍ଥ ହେବା—6. To be able to support or carry a burden. (ଯଥା—ଭାର ସହିବା) ୭ । ଅନ୍ୟ ବ୍ୟକ୍ତିର କାର୍ଯ୍ୟକୁ ଅନୁମୋଦନ କରିବା—7. To suffer another person to do a thing. (ଯଥା—ତା ଗରବକୁ ବଧାତା ସହିଲେ ତ ହୁଏ ।) ୮ । ଅନ୍ୟର କୁତ ଅତ୍ୟାଚାରକୁ ମନରେ ସହ୍ୟ କରିବା—8. To bear silently; to tolerate. (ଯଥା—କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।) ୯ । ଦେବ-ମାନସିକ କରା ଡାଙ୍କୁ ପୂଜା ବା ଭୋଗ ଅଦି ମନାସିବା—9. To मन्नत करना vow or promise any offering to a Deity. [ଉ—ଭକାମୁହାଁ ସହେ ଦେବାମାନଙ୍କୁ—ସଓୟା ଚରସୂର୍ଯ୍ୟ. ଚରଚାକନ୍ଦୋଳ ।] ୧୦ । ସ୍ୱଜନର କୋଧ ସହନା ହେବା—10. To be endurable. (ଯଥା—ଜଙ୍କଡ଼ାକୁ ଗୋଳ ଘାଣି ସହେ ।) ୧୧ । କୌଣସି ଦୁଃଖ ବା ବେଦନାଜନକ ଘଟନା ବା ଅଘଉଚିତ ବିଷୟ ଘଟିବାରେ ଅଘଚ୍ଛ ନ କରିବା—11. To suffer a thing to happen. [ଉ—ଶିଶୁଷ ଦେହା ଏହା ସହିଲ୍ଲ ରେ—କବିସୂର୍ଯ୍ୟ. କଶୋଷ୍ଟଚକ୍ଷୁ. ଘ ଗୀତ ।] ୧୨ । (କାଳ) ସେଦ୍ଧିବା—12. To suffice (said of time). [ଉ—ଶମ୍ଭୁ ପରପତ୍ନୀ ଭୂତେ କେତେ କାଣ ବହିଲ୍ଲା । ଶୃଙ୍ଗାର ଶାସ୍ତ୍ରକୁ ଜଣି ସମସ୍ତ ନ ସହିଲ୍ଲ—କବିସୂର୍ଯ୍ୟ. ସଙ୍ଗୀତ ।] ୧୩ । ଦାୟ ସମ୍ଭାଳିବା—13. To bear the brunt of.

ସହି ଯିବା—ଦେ. କି—ସହ୍ୟ ବା ଭୋଗ କରିବାରେ ଅଭ୍ୟସ୍ତ ହେବା—Sahi jibā To be habituated to bear. [ଉ—ସହେ ଯାଓୟା ସହିଯା ରେ ମନ ସହିଯା, ଶଣ୍ଢିଆ ପଥୁର ଭାଙ୍ଗିଲା ସହଜାନା ପାଟ, ଦନାକେତେ ଖାଇ ରହିଯା—ଭଗ ।] [ଉ—ଜଦ୍ଦେଶ୍ୟ ସାଧନ ପାଇଁ ଗୋ, ଲକ୍ଷ୍ମୀନା ଗଞ୍ଜନା ସହିବାକୁ

Digitized by srujanika@gmail.com

ହେଲେ ସହିଯିବା ମଥା ନଇଁ ଗୋ—ବାଳକୃଷ୍ଣ. ଗୃରୁ-ଲବଙ୍ଗଲତା ।]

ସହ୍ୟ—ତ୍ରା. ବଣ—ସହ୍ୟ (ଦେଶ)—Sahya (See)
Sahijya सह्य सहय

ସହ୍ୟ ଭଣ୍ଡିବା—ତ୍ରା. କ୍ରି—ସହ୍ୟ କରିବା; ସହିବା—To bear; to endure.
Sahijya karibā सह्य करा सहय करना

ସହ୍ୟ ହେବା—ତ୍ରା. କ୍ରି—ସହ୍ୟ ହେବା—To be borne; to be endured.
Sahijya hebā सह्य हेवा सहय होना

ସହିଷ୍ଣୁ—ସଂ. ବଣ (ସହ୍ ଧାତୁ+ଇଷ୍ଣୁ. ଇଷ୍ଣୁ)—୧ । ସହନଶୀଳ—1. Enduring. ୨ । କ୍ଷମାଶୀଳ—2. Forgiving; forbearing. ୩ । ଧୈର୍ଯ୍ୟଶୀଳ—3. Patient. ୪ । ପ୍ରତୀକ୍ଷାଶୀଳ—4. Waiting.
Sahishṇu

ସହିଷ୍ଣୁତା—ସଂ. ବ (ସହିଷ୍ଣୁ+ତଲ ଅର୍ଥେ· ତା)—ସହନଶୀଳତା—Forbearance; endurance; tolerance.
Sahishṇutā

ସହିସ (ଇତ୍ୟାଦି)—ଦେ. ବ (ଫା· ସାଇସ୍)—ଘୋଡ଼ାର ସେବକ ବା ଖଜର; ସଇସ ଇତ୍ୟାଦି (ଦେଶ)—Groom for a horse; syce. [ଦ୍ର—ଏ ଶବ୍ଦ ଇଂରାଜରେ ସେଁସ୍ ରୂପରେ ଚଳଇଣି ।]
Sahisa (etc) सइस साइस सईस

ସହି ସଙ୍ଗାତ—ଦେ· ବ (ସହିରୁ)—ସହି ବା ସଙ୍ଗାତ ସମ୍ବନ୍ଧଯୁକ୍ତ ବନ୍ଧୁ—Friends related to each other as Sahi and Saṅgāta.
Sahi saṅgāta सही सङ्गात सं·गीसं·घात

ସହି ସମ୍ଭାଳି—ଦେ· କ୍ରି. ବଣ (ସହିବା ଓ ସମ୍ଭାଳିବା କ୍ରିୟା ଦ୍ୱୟର ସହିସମ୍ଭାଳିବାର ଅସମାପିକା ସହେ ସାମଲେ କ୍ରିୟା; ଏକାର୍ଥକ ସହିତର ଶବ୍ଦ)—୧ । କାଳ ଠହରକର ଅପେକ୍ଷାଦ୍ଭୁତ—1. After waiting. ୨ । ଧୈର୍ଯ୍ୟଧାରଣପୂର୍ବକ—2. Patiently. (ଯଥା—ସହି ସମ୍ଭାଳ ପରୁ କାମ କଲେ ପଛକୁ ଅନୁତାପ କରିବାକୁ ହୁଏ ନାହିଁ ।)
Sahi sambhāḷi(ḷu)ā

ସହି ସମ୍ଭାଳ(ଳୁ)ଆ—ଦେ. ବଣ· ପୁଂ—୧ । ଧୈର୍ଯ୍ୟଶୀଳ—1. Patient. ୨ । ସହିଷ୍ଣୁ—2. Enduring; forbearing. (ସହି ସମ୍ଭାଳି, ସହି ସମ୍ଭାଳେଇ—ସ୍ତ୍ରୀ)
Sahi sambhāḷi(ḷu)ā

ସହି ହେବା—ଦେ. କ୍ରି (ସହିବା କ୍ରିୟାର କର୍ମବାଚ୍ୟ)—ସହ୍ୟ ହେବା —To be borne. (ଯଥା—ତାର ଯୁଲୁମ ସହ୍ୟ ହଉଥିଲା ସହ୍ୟ होना ଅଦ୍ୟ ଏଣିକି ସହି ହେବ ନାହିଁ ।)
Sahi hebā सही हेवा सहय होना

ସଖୀ—ଦେ· ବ· ସ୍ତ୍ରୀ (ସଂ· ସଖୀ)—୧ । ସଖୀ; ସହଚରୀ—1. A female companion. ୨ । (ପୁଂ· ଓ ସ୍ତ୍ରୀ) ସହି ସଖୀ, ସହେଳୀ ଲୋକଙ୍କ ମଧ୍ୟରେ କରିଯିବା ପ୍ରେମ ସମ୍ବନ୍ଧ—2. An affectionate relationship set up between two persons. [ଦ୍ର—ଏସବୁ ସ୍ଥଳରେ ଉଭୟେ ପରସ୍ପରକୁ 'ସଖୀ' ବୋଲି ଡାକନ୍ତି ।] ୩ । ପରାପ୍ରସାଦ ବନ୍ଧୁ—3. God relation.
Sakhī

ସହୁର—ସଂ. ବ (ସହ୍ ଧାତୁ+ଉରି. ଉର)—୧। (ପୁଂ) ସୂର୍ଯ୍ୟ [ଜଗାଦ Sahuri ଦୋଷ]—1. The sun. ୨ । (ସ୍ତ୍ରୀ) ପୃଥିବୀ—[ସିଦ୍ଧାନ୍ତକୌମୁଦ]—2. The earth. ୩ । ଅର୍କ ବୃକ୍ଷ—3. Calotropis Gigantea plant.

ସହୃଦୟ—ବ ବଣ (ସ=ସହୃତ+ହୃଦୟ)—୧ । ପ୍ରଶସ୍ତହୃଦୟ; ମହାନୁଭବ; ଉଦାରମନା (ଉତ୍ତମ); ଉଦାରମନାଃ—Magnanimous; liberal-minded; high-minded.
Sahṛudaya
[ସହୃଦୟା—ସ୍ତ୍ରୀ]
[ସହୃଦୟତା—ବ]

୨ । ସାମାଜିକ—2. Social. ୩ । ବିଦ୍ୱାନ୍—3. Learned. ୪ । କାବ୍ୟାର୍ଥଜ୍ଞାନାଧୀନ ସହୃଦୟତ୍ୱ ବୃଦ୍ଧି—4. Having the intellect ripened by studies. ୫ । ରସିକ—5. Witty; gallant.

ସହୃଲ୍ଲେଖ—ସଂ ବ (ସ+ହୃଲ୍ଲେଖ)—୧ । ବରଦସ୍ତି ଭାଲ (ଗ୍ରାସ୍ଟି ଓ ବେଢ଼େ); ଯେଉଁ ଅନ୍ନ ସମ୍ବନ୍ଧେ ହୃଦୟରେ ସନ୍ଦିହାନ୍ତ । ୨ । ସଂଶୟ ଜାତ ଦ୍ରବ—1. Food regarding which one feels suspicious. ୨ ।ଦୂଷିତାନ୍ନ (ଉଚ୍ଛିଷ୍ଟ ଭୋଜ)—2. Contaminated food. [ଦ୍ର—ଏପ୍ରକାର ଅନ୍ନକୁ ଶାସ୍ତ୍ରକାରମାନେ ସୁଶ୍ରୁତ ସଙ୍ଗେ ସମାନ ବୋଲି ବିବେଚନା କରିଅଛନ୍ତି ।
Sahṛullekha

ସହ୍ୟେ—ତ୍ରା. ବ ଓ ବଣ (ସଂ. ଶତ)—ଏକଶତ—One hundred.
Sahe सौ

ସହେତୁ—ସଂ. ବଣ (ସ+ହେତୁ)—୧ । ହେତୁ ସହିତ ବର୍ତ୍ତମାନ—1. Existing with the cause. ୨ । ଉଦ୍ଦେଶ୍ୟବିଶିଷ୍ଟ—2. Having an aim.
Sahetu
[ସହେତୁକ—ଅନ୍ୟରୂପ]

ସହୋକ୍ତି—ସଂ. ବ (ସହ+ଉକ୍ତି)—ଅଳଙ୍କାରବିଶେଷ [ଯେଉଁ ଅଳଙ୍କାରରେ 'ସହ' ଶବ୍ଦାର୍ଥ ଦ୍ୱାରା ଗୋଟିଏ ପଦ ଦୁଇଟି ଭିନ୍ନ ଭିନ୍ନ ବିଷୟର ବାଚକ ହୁଏ]—A figure of speech. [ଦ୍ର—ଅଭିଶବ୍ଦୋକ୍ତିରୁ ମୂଳୀଭୂତ ହେଉ ଦୁଇଁଟିରେ ସହାର୍ଥବାଚକ ଶବ୍ଦ ଦ୍ୱାରା ସ୍ତୁତି-କ୍ରିୟାଦିର ସାଦୃଶ୍ୟ ଅଥବା ସମକାଳୀନତ୍ୱ ପ୍ରତିପନ୍ନ ହେଲେ ସହୋକ୍ତି ଅଳଙ୍କାର ହୁଏ ।

କୁଲମଣି. ଦାଶ ଅଳଙ୍କାରତରଙ୍ଗିଣୀ ।

ଉଦାହରଣ—

୧ । ଅନନ୍ତର ସ୍ୱେଦ ସଳିଳ ସଙ୍ଗେ ଲଜ୍ଜା ବଗଳିତ ହେଲା—କାଦମ୍ବରୀ ।

୨ । ଶଙ୍ଖ ଭୂପି ରୋହଣାଶ୍ୱ ଶବ୍ଦ ନାଦ ଭଳେ, ଓଠାରନେଲେ ବା ମୁନ ଶବ୍ଦ ପ୍ରାଣ ସହ—ମହାଯାତ୍ରା ।]

ସହୋଢ଼ଜ—ସଂ. ବ (ସହ+ଉଢ଼ଜ=ଉତ୍ପତ୍ତିଶାଳା; ଉଢ଼ଜ-ସହ ବର୍ତ୍ତମାନ)—ମୁନିମାନଙ୍କ ପର୍ଣ୍ଣଶାଳା (ଛାଉଣୀ)—The hut of a hermit.
Sahoṭaja

Digitized by srujanika@gmail.com

ସହୋଢ—ସଂ. ବି (ତ୍ରି°)—୧ । (ସହ+ଊଢା=ବବାହିତା+ଅ; ବହୁବ୍ରୀ.; ବୋହୂତା କନ୍ୟା ସହିତ ବର୍ତ୍ତମାନ) (ସହୋଢା—ସ୍ତ୍ରୀ) ହିନ୍ଦୁଶାସ୍ତ୍ରୋକ୍ତ ଦ୍ୱାଦଶବିଧ ପୁତ୍ରମାନଙ୍କ ମଧ୍ୟରୁ ଏକତମ (ମନୁ); ବବାହବେଳକୁ ଗର୍ଭବତୀ ହୋଇଥିବା କନ୍ୟାର ଗର୍ଭରୁ ବବାହ ପରେ ଜାତ ପୁତ୍ର—1. A son born of a woman who was pregnant on the date of marriage. [ଦ୍ର—ଏ ସନ୍ତାନ କ୍ଷେତ୍ରଜ ବା ଅକ୍ଷେତ୍ରଜ ହେଲେ ମଧ୍ୟ ବବାହିତ ସ୍ୱାମୀଙ୍କ ସନ୍ତାନ ବୋଲି ପରିଗଣିତ ହୁଏ । (କୁଲ୍ଲୁକଭଟ୍ଟ) ।] ୨। (ସହ+ବହ ଧାତୁ+କର୍ମ. ତ, କମ୍ବା ସ+ହୋଡ=ହୃତ ଧନ)—ଚୌର୍ଯ୍ୟଲବ୍ଧ ଧନ ବା ଦ୍ରବ୍ୟ ସହ ଧୃତ ଚୌର (ମନୁ ୯।୨୨୦)—2. A thief caught red-handed or with the stolen article.

ସହୋଢ଼ଜ—ସଂ. ବି. ପୁଂ (ସହୋଢା+ଜନ୍ ଧାତୁ+କର୍ତ୍ତରି. ଅ)—ବବାହ ସମୟରେ ଗର୍ଭବତୀ ହୋଇଥିବା (ସହୋଢ଼ଜା—ସ୍ତ୍ରୀ) କନ୍ୟାର ଗର୍ଭଜ ସନ୍ତାନ—Sahordhaja A child born of a bride who was pregnant on the date of marriage.

ସହୋଢା—ସଂ. ବି. ସ୍ତ୍ରୀ (ସହ=ଗର୍ଭଯୁକ୍ତ ଦ୍ୱାରା ସହୃତ+ଊଢା=ବବାହିତା)—ବବାହ ସମୟରୁ ଗର୍ଭବତୀ ହୋଇଥିବା କନ୍ୟା—Sahordhā A pregnant bride; a bride who is pregnant on the date of marriage.

ସହୋତ୍ଥ—ସଂ. ବିଣ. (ସହ=ସଙ୍ଗେ+ଉତ୍+ସ୍ଥା ଧାତୁ+କର୍ତ୍ତରି ଅ)—ସହୋତ୍ଥାୟୀ (ଦେଶ)—Sahotthāyī (See) (ସହୋତ୍ଥା—ସ୍ତ୍ରୀ)

ସହୋତ୍ଥାୟୀ—ସଂ, ବିଣ. ପୁଂ (ସହୋତ୍ଥାୟିନ୍ ଶବ୍ଦ; ସହ=ସଙ୍ଗେ+ଉତ୍+ସ୍ଥା ଧାତୁ+କର୍ତ୍ତରି.ଇନ୍ ୧ମା,୧କ)—[ସହୋତ୍ଥାୟିନୀ—ସ୍ତ୍ରୀ] ସମକାଳେ ବା ଏକସଙ୍ଗରେ ଉଠିଥିବା—Sahotthāyī Risen simultaneously.

ସହୋତ୍ଥିତ—ସଂ. ବିଣ [ସହ+ଉତ୍+ସ୍ଥା ଧାତୁ+କର୍ତ୍ତରି. ତ]—ସହୋତ୍ଥାୟୀ [ଦେଶ]-Sahotthāyī [See] (ସହୋତ୍ଥିତା—ସ୍ତ୍ରୀ)

ସହୋଦକ—ସଂ. ବି—ସମାନୋଦକ (ଦେଖ) Sahodaka Samānodaka (See)

ସହୋଦର—ତତ୍ସ.ବି.ପୁଂ (ବହୁବ୍ରୀହି; ସହ+ଉଦର=ମାତୃଗର୍ଭ)—ଏକ ମାତୃ ଗର୍ଭଜାତ ସନ୍ତାନ—Uterine brother. [ସହୋଦରା—ସ୍ତ୍ରୀ]

ସହୋଦର କଳ୍ପ—ସଂ, ବିଣ—ନିଜର ଯେଉ ପରି ସ୍ନେହପ୍ରଦାନ—Sahodara kalpa Loved like a brother; brotherly. [ସୋଦରପ୍ରତିମ—ଅନ୍ୟରୂପ] (ସହୋଦରତ୍ୱ, ସହୋଦରପ୍ରତିମା—ସ୍ତ୍ରୀ)

ସହୋବଳ—ସଂ. ବି—(ସହସ୍+ବଲ)--ଦୌରାତ୍ମ୍ୟ (ଶବ୍ଦକଳ୍ପଦ୍ରୁମ)—Sahobala Oppression.

ସହୋର—ସଂ. ବିଣ [ସହ ଧାତୁ+କର୍ତ୍ତରି ଉର; ଯେ ସବୁ ସହ୍ୟ କରନ୍ତି)—୧ । ସାଧୁ (ଜଣାଦଦୋଷ)—1. Honest; upright. ୨ । ଧର୍ମିଷ୍ଠ—2. Righteous.

ସହୋଷିତ—ସଂ. ବିଣ, ପୁଂ (ସହ+ଉଷିତ)—ଏକତ୍ରବାସକାରୀ—Sahoshita Living together.

ସହ୍ୟ—ସ. ବିଣ (ସହ୍ ଧାତୁ+କର୍ମ. ଯ)—୧ । ସହ୍ୟଯୋଗ୍ୟ; ସହନଯୋଗ୍ୟ; ସହ୍ୟ ହେବାର ଯୋଗ୍ୟ (ସେହଗ)—(ଅସହ୍ୟ—ବିପରୀତ) 1. Bearable; endurable; tolerable. (ସହ୍ୟତା—ବି) ୨ । ସୁମଧୁର (ଶବ୍ଦ ରହାବଳୀ—2. Sweet.) ୩ । ସମାନ—3. Equal. ୪ । ଉପଯୁକ୍ତ—4. Fit. ୫ । ପ୍ରଚୁର—5. Abundant. ୬ । ମନୋଜ୍ଞ—6. Lovely. ୭ । ଶକ୍ତ; ସମର୍ଥ—7. Able; competent. ୮ । ପ୍ରିୟ (ମନ୍ତ୍ରାଗ୍ଭରତ)—8. Dear; liked. ବ—୧ । ଆରୋଗ୍ୟ (ଶବ୍ଦ ରହାବଳୀ)—1. Health. ୨ । ସାମ୍ୟ (ଶବ୍ଦ ରହାବଳୀ)—2. Equality; equanimity. ୩ । ପଶ୍ଚିମ ଘାଟ ପର୍ବତ; ପୁନା ଅଞ୍ଚଳର ଉତ୍ତର ପଶ୍ଚିମରୁ ପର୍ବତ; ସହ୍ୟାଦ୍ରି 3. Name of a range of mountains; the Western Ghats of India.

[ଦ୍ର—ଏହ ପର୍ବତ ପୌରାଣିକ କୁଳାଚଳ ମଧ୍ୟରୁ ଏକତମ; ଏହା ବୋମ୍ବେ ପ୍ରେସିଡେନ୍ସିରେ ଅବସ୍ଥିତ । ଭାଗ୍ରୀ ନଗାଠାରୁ ଘଟ୍ଟଗାଲ ଅଞ୍ଚଳକୁ ଗୋଆ ଦକ୍ଷିଣ ଏ ପର୍ବତମାଳା ବ୍ୟାପ୍ତ । ଏହାର ଅନ୍ୟ ନାମ ପଶ୍ଚିମ ଘାଟ ପର୍ବତ । ଏହାର ଘାଲଘାଟ ନାମକ ଶାଖା ପର୍ବତମାନ ଏହ ପର୍ବତ ଶ୍ରେଣୀର ଅନ୍ତର୍ଗତ । ଏ ପର୍ବତ ଉତ୍ତର ଓ ଦକ୍ଷିଣ କୋଙ୍କଣ ପ୍ରଦେଶର ପୂର୍ବ ସୀମା ରୂପେ ସମୁଦ୍ର ଉପକୂଳର ସମାନ୍ତରାଳ ଭାବରେ ଅବସ୍ଥିତ । ମାନ୍ଦ୍ରାଜ ପ୍ରଦେଶର ନଳଗିର ନାମକ ଜିଲ୍ଲା ଏହ ପର୍ବତର ଦକ୍ଷିଣ ପଶ୍ଚିମାଂଶରେ ଅବସ୍ଥିତ । ଏହ ପର୍ବତ ପୃଷ୍ଠ ସାଧାରଣତଃ ସମୁଦ୍ର ଅପେକ୍ଷା ୨୦୦୦ । ୩୦୦୦ ଫୁଟ ଉଚ୍ଚ । କନ୍ତୁ କୌଣସି କୌଣସି ପର୍ବତଶୃଙ୍ଗର ଉଚ୍ଚତା ୫୦୦୦ ଫୁଟ । ମହାରାଷ୍ଟ୍ରୀୟ ଅତ୍ୟୁଦୟ କାଳରେ ମହାରାଷ୍ଟ୍ରୀୟମାନେ ଏ ପର୍ବତ ଉପରେ ଅନେକଗୁଡ଼ଏ ଦୁର୍ଭେଦ୍ୟ ଗିରିଦୁର୍ଗ ନିର୍ମାଣ କରିଥିଲେ । ଏଥିର ଅନେକ ସ୍ଥାନରେ ସୁନ୍ଦର ଜଳପ୍ରପାତ ପ୍ରବାହମାନ ଅଛ । ସହ୍ୟାଦ୍ରି ପର୍ବତର ଉଚ୍ଚତମ ଅଞ୍ଚଳ (୪୭୧୭ ଫୁଟ)ରେ ବମ୍ବେ ଗବର୍ଣ୍ଣରଙ୍କ ଗ୍ରୀଷ୍ମାବାସ ମହାବଲେଶ୍ୱରଠାରେ ନିର୍ମିତ ହୋଇଅଛ । ମହାବଲେଶ୍ୱରରେ ଇଉରୋପୀୟମାନଙ୍କ ଗ୍ରୀଷ୍ମାବାସ ଦୁର୍ଗ ଓ ଦେବମନ୍ଦିର ଅଛ । ଏ ପର୍ବତ ଉପରୁ ହୋଇ ଅନେକଗୁଡ଼ଏ ସୁନ୍ଦର ଓ ରେଳପଥ ନିର୍ମିତ ହୋଇଅଛ । ବେତେକ ସ୍ଥାନରେ ଘୋର କୃଷ୍ଣବର୍ଣ୍ଣ ପ୍ରସ୍ତର ଅଛ । ସେଠାରେ କୃଷ୍ଣ ଲତାଦ ଜନ୍ମେ ନାହିଁ ।

Digitized by srujanika@gmail.com

ଭାବା ଛଡ଼ା ୪୦୦୦ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ସବୁଠାରେ ସବୁଜ ସୁନ୍ଦର ବୃକ୍ଷ ଲତାଦି ଦେଖାଯାଏ ଓ ସମସ୍ତେଠାରେ ସେ ସବୁ ସ୍ଥାନରେ ଚରନ୍ତୀସନ୍ତି ବର୍ତ୍ତମାନ । ଦକ୍ଷିଣ-ପଶ୍ଚିମ ମୌସୁମି ବାୟୁପ୍ରବାହର ଆରମ୍ଭରେ ଓ ଶେଷରେ ଏଠାରେ ଖୁବ୍ ଝଡ଼, ବର୍ଷା ଓ ବଜ୍ରପାତ ହୁଏ—ବିଶ୍ୱକୋଷ ।]

ସହ୍ୟ କରିବା—ଦେ. କ୍ରି—ସହିବା (ଦେଖ
Sahya karibā Sahibā (See)
सह्य करना सहन करना

ସହ୍ୟ ଗୁଣ—ଦେ. ବି—୧ । ସହିବା ଗୁଣ—1. Forbearance.
Sahya guṇa ୨ । ଧୈର୍ଯ୍ୟ—2. Patience.
सह्य गुण सहन गुण

ସହ୍ୟ ପରି—ଦେ. ବିଶ୍ର ଓ କ୍ରି. ବିଣ—ଦେହରେ ସହି ହେଲ ଭଳି; ସହ୍ୟଗୁଣ ପ୍ରକାରେ—Tolerable; fit to be borne. (ଯଥା—ପାଣିକୁ ସହ୍ୟ ମତ ଗରମ କର ଗାଧୋଇବ ।)
सहनेके माफिक
(ସହ୍ୟ ଭଳ, ସହ୍ୟ ମତ—ଅନ୍ୟରୂପ)

ସହ୍ୟ ପର୍ବତ—ସଂ. ବି—ସହ୍ୟ ବି.୩ (ଦେଖ)
Sahya parbata Sahya 3 (See)
(ସହ୍ୟାଦ୍ରି—ଅନ୍ୟରୂପ)

ସହ୍ୟ ହେବା—ଦେ. କ୍ରି—ବରଦାସ୍ତ ହେବା; ସହି ହେବା—
Sahya hebā To be borne or endured.
सह्य होना सहन होना

ସହ୍ୟାଦ୍ରି—ସଂ. ବି (ସ. ଷ. ତତ୍ପୁ; ସହ୍ୟ ନାମକ ଅଦ୍ରି)—ସହ୍ୟ (ବି) ୩
Sahyādri (ଦେଖ)—Sahya (noun) 3 (See)

ସହ୍ଲା (ଇତ୍ୟାଦି) ବୈଦେ. ବି—ସଲ୍ଲ ଇତ୍ୟାଦି (ଦେଖ)
Sahlā (etc) Salā etc (See)

ସା—ସ.ବି (ସେ ଧାତୁ=ନାଶକରିବା+କର୍ତ୍ତୃ.ଅ+ଆ)·—୧। ଶାନ୍ତି—
Sā 1. Peace. ୨ । ଶ୍ରୀ; ଶୋଭା—2. Beauty; grace; grandeour. ୩ । (ସ ଭଭ୍ ଶବ୍ଦର ସ୍ତ୍ରୀଲିଙ୍ଗ ଏକବଚନ=ସେହ ସ୍ତ୍ରୀ)—ଗୌରୀ; ପାର୍ବତୀ—(ଶବ୍ଦରତ୍ନାବଳୀ)—3. Goddess Pārbatī. ୪ । ଲକ୍ଷ୍ମୀ (ଶବ୍ଦରତ୍ନାବଳୀ)—4. Goddess Lakshmī. [ତୁ—ସନ୍ଧୃତ ସର୍ବନାମ 'ତତ୍' ଶବ୍ଦର ସ୍ତ୍ରୀଲିଙ୍ଗ ଏକବଚନରେ 'ସା' ହୁଏ। ଓଡ଼ିଆରେ ତତ୍ ଶବ୍ଦର ପୁଂଲିଙ୍ଗ ଏକବଚନ 'ସେ' (ସନ୍ଧୃତ. ସଃ) ଓ ସ୍ତ୍ରୀଲିଙ୍ଗ ଏକବଚନରେ 'ସେ' (ସ.ସା) ଏବଂ ବହୁବଚନରେ 'ତାହା ବା ସେ' (ସ. ତତ୍) ବ୍ୟବହୃତ ହୁଏ ।] ୫ । ହିନ୍ଦୁ ସଙ୍ଗୀତର ସପ୍ତ ସ୍ୱର (ସା, ରି, ଗ, ମ, ପା, ଧା, ନି) ର ପ୍ରଥମ ସ୍ୱର—5. The first note of the Hindu gamut or scale of music. [ତୁ—ଏହା ଷଡ଼ଜ ବା ମୟୂରଧ୍ୱନିର ଅନୁକରଣ । 'ସ୍ୱର' ତଳେ ନୋଟ୍ ଦେଖ ।

ସ୍ୱରଲିପି ଲେଖିବାବେଳେ ଜୁଦାସ୍ୱ ଗ୍ରାମର 'ସା' କୁ ମୃଦାସ୍ୱ ଗ୍ରାମର 'ସା' କୁ ଓ ତୀବ୍ର ଗ୍ରାମର 'ସା' କୁ 'ସା' ଉପରେ ବଉଳ ଚନ୍ଦ୍ର ବସାଯାଇ ଚନ୍ଦ୍ରିତ କରାଯାଏ । ଏହି 'ସା' ସ୍ୱର ଓ ତତ୍ପରବର୍ତ୍ତୀ 'ରି' ସ୍ୱରର ମଧ୍ୟବର୍ତ୍ତୀ କଡ଼ି ବା ମଧ୍ୟମ ସ୍ୱରକୁ 'ସା' ଉପରେ ଅନ୍ୟ ଚନ୍ଦ୍ର ଦ୍ୱାରା ଚନ୍ଦ୍ରିତ କରାଯାଏ ।] ଦେ. ବିଣ (ତତ୍ପରଥା)

ସାଂ ସାः (ଫା. ସାକନ୍‌ର ସାକେତିକ) (ଏହା କୌଣସି ସ୍ଥାନର ନାମ ପୂର୍ବେ ବ୍ୟବହୃତ ହେଲେ ଏଥିର ଅର୍ଥ) ଅମୁକ ସ୍ଥାନର ବା ଅମୁକ ସ୍ଥାନବାସୀ—(An abbreviation of the Persian word 'Sākin') — Resident of; of (so and so place). [ତୁ—ଶ୍ରୀ ନରସିଂହ ପ୍ରସାଦ ଜେନା । ସା । ସିବେଶ୍ୱରପୁର; ଲକ୍ଷ୍ମଣ ବାବୁଙ୍କ ବାଟୀରେ । ସା । କୃଷ୍ଣଚନ୍ଦ୍ରପୁର ।

ଏହି ସାକେତିକ ପଦରେ । ଦା । ବା । ଛା । ଲଗିଲେ (ଦାଲ୍ ସାକନ୍), କମ୍ମା ଏହା ଘରେ । ଦା । ବା । । ଛା । (ସାକନ୍ ଦାଲ୍) ଲଗିଲେ ଏଥିର ଅର୍ଥ ଅମୁକ ସ୍ଥାନରେ ବର୍ତ୍ତମାନ ବାସ କରୁଥିବା (ଯଥା—ଗୋପାଳଚନ୍ଦ୍ର ପ୍ରସନ୍ନ । ସା । ଛା । ଭୁଷାକୋଷ ଲେନ୍, କଟକ ।]

ସାଅନ୍ତ (ଇତ୍ୟାଦି)—ଦେ. ବି. ପୁଂ—ସାଆନ୍ତ ଇତ୍ୟାଦି (ଦେଖ)
Sā-anta (etc) Sā-ānta etc (See)

ସାଆ (ଇତ୍ୟାଦି)—ଦେ. ବି—ସାହା ଇତ୍ୟାଦି (ଦେଖ)
Sā-ā (etc) Sāhā etc (See)

ସାଆଁକାର—ଦାଦେ (ପାଠଶା) ବି—ସାହୁକାର (ଦେଖ)
Sā-āñkāra Sāhukāra (See)

ସାଆଜ—ଦେ. ବି—ସାହାଜ (ଦେଖ)
Sā-āja Sāhāja (See)

ସାଆଜାଦା—ବୈଦେ. ବି. (ପୁଂ)—ସାହାଜାଦା (ଦେଖ)
Sā-ājādā (ସାଆଜାଦୀ—ସ୍ତ୍ରୀ) Sāhājādā [See]

ସାଆର୍ଡା (ଇତ୍ୟାଦି)—ଦେ. ବି—ସାହାର୍ଡା ଇତ୍ୟାଦି (ଦେଖ)
Sā-ārḍā (etc) Sāhārḍā etc [See]

ସାଆଣ (ଇତ୍ୟାଦି)—ଦେ. ବି—୧ । ସାହାଣ ଇତ୍ୟାଦି (ଦେଖ)
Sā-āṇa (etc) 1. Sāhāṇa etc [See]

ସାଆନ୍ତ—ଦେ. ବି. ପୁଂ (ସ. ସାମନ୍ତ)—୧ । ପ୍ରଭୁ—1. Lord; Sā-ānta master. [ତୁ—ଭୂମି ବିନୁ ସାଆନ୍ତ ମୋ ନୋହୁବଟ ସାମନ୍ତ ସ୍ୱାମୀ ତେହୁ । ଦଣ୍ଡିଲେ ଦଣ୍ଡିକ ମୋତେ ଅଟେ ଭବସ୍ତାହୁ ! (ସାଆନ୍ତାଣୀ—ସ୍ତ୍ରୀ) ପ୍ରାତୀ. ଉତ୍କଳସମ୍ଭୂତା ।] ୨ । ଭୃତ୍ୟର ମାଲିକ—2. The master of a servant; an employer. ୩ । ଭର୍ତ୍ତା; ସ୍ୱାମୀ—3. Husband. ୪ । ରାଜପୁତଙ୍କ ଉପାଧି—4. Title of a prince. (ଯଥା—ଉଦୟି ସାଆନ୍ତ, ଝାଲାବଡ ସାଆନ୍ତ ଇତ୍ୟାଦି ।) ୫ । ରାଜବଂଶୀୟ ବ୍ୟକ୍ତିଙ୍କ ଉପାଧି—5. Title of persons of a Raj-family. (ଯଥା—ଶ୍ରେଷ୍ଠର ସାଆନ୍ତ=ରାଜାଙ୍କ ତଳ ସ୍ତର; ସର୍ବସ୍ତର

Digitized by srujanika@gmail.com

ସାଅନ୍ତ ।) ୬ । (ସଂ· ସାମନ୍ତ = ସୈନ୍ୟାଧିପ) କ୍ଷତ୍ରିୟଙ୍କ ବଂଶୋପାଧି— 6. A family-title of Kshatriyas. (ଯଥା—ସର୍ଦ୍ଦାର ସାଅନ୍ତ ।) ୭ । ରାଜାଙ୍କ ରଖେତା ସ୍ତ୍ରୀଗର୍ଭଜାତ ସନ୍ତାନ ଓ ତଦ୍ବଂଶୀୟ ବ୍ୟକ୍ତି; ରାଜାଙ୍କ 'ଅନ୍ତର' ଶ୍ରେଣୀୟ ବ୍ୟକ୍ତିମାନଙ୍କ ଉପାଧି—7. Persons born of a Rājā's concubines; title of the illegitimate sons of a Rājā and their descendants. ୮ । କୁଳୀନ କରଣ—8. A respectable Karaṇa. ୯ । ପୁରୀ ଜିଲ୍ଲାର ରାଜାଙ୍କ ବ୍ରାହ୍ମଣ ଶାସନର କୁଳୀନ ବ୍ରାହ୍ମଣଙ୍କ ଉପାଧି—9. Title of high caste Brāhmaṇas of the Puri śāsana villages. [ଦ୍ର—ପୁରୀ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ବୈଦିକ ବ୍ରାହ୍ମଣମାନେ ଉପନିବେଶ ସ୍ଥାପନ କରିବା କାଳରେ ସେମାନଙ୍କ ମଧ୍ୟରୁ ନୈଷ୍ଠିକ ବ୍ରାହ୍ମଣ-ମାନଙ୍କୁ ବାଛି କର ଓଡ଼ିଶାର ହିନ୍ଦୁ ରାଜାମାନେ 'ସାମନ୍ତ' ଉପାଧି ଦେଇଥିଲେ ଓ ଏମାନେ ଅନ୍ୟ ଶାସନ୍ତା ବ୍ରାହ୍ମଣଙ୍କ ଅପେକ୍ଷା କୁଳୀନ ବୋଲି ଗୁମ୍ଫାତ ହେଲେ । ଏହି 'ସାଅନ୍ତ' ବ୍ରାହ୍ମଣ ପ୍ରଧାନ ପୁର ଶ୍ରେଣୀରେ ହିସାବୁ । ଯଥା—

୧ । ଉତ୍କଳବରପଦାର—ନନ୍ଦ ସାଅନ୍ତ, ୨ । ବୀର ନରସିଂହପୁରର—ବସୁସ [ବଜ୍ରସ] ସାଅନ୍ତ, ୩ । ବୀର ଭଦ୍ରେଶ୍ୱରପୁରର—ଗୁଅଳିଆ ସାଅନ୍ତ, ୪ । ହରନାଥପୁରର—ବାଜପେୟୀ ସାଅନ୍ତ ।

ଏମାନେ ସାଧାରଣ ବ୍ରାହ୍ମଣଙ୍କ ପାଖରେ ଅଳ୍ପ ଖାଉ ନ ଥିଲେ ଓ ସେମାନଙ୍କ ବଂଶରେ ବିବାହ କରୁ ନ ଥିଲେ । ସାଧାରଣ ବ୍ରାହ୍ମଣମାନେ ବଂଶଗତ ମର୍ଯ୍ୟାଦାକୁ ଅପେକ୍ଷା ନ କରି ଏମାନଙ୍କ ଘରେ ଅନ୍ନଗ୍ରହଣ ହୋଇ ପୂରା ଭୋଜନ କରୁଥିଲେ । ବର୍ତ୍ତମାନ ଅଧିକାଂଶ ସ୍ଥଳରେ ଏ ପ୍ରଥାମାନ ରକ୍ଷିତ ହେଉନାହିଁ ।] ୧୦ । ସାମନ୍ତ ରାଜା; ରାଜାଙ୍କ ଅଧୀନ ସ୍ଥେଚ ରାଜା ବା ଜମିଦାର—10. A feudatory or tributary chief under a Rājā. ୧୧ । ଗୁରୁଜନମାନଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ— 11. A title of respect used in addressing one's elders. (ଯଥା—ଦଦା [ଦଦେଇ] ସାଅନ୍ତ, କାଆ ସାଅନ୍ତ ।) ୧୨ । କରଣମାନଙ୍କ ବିବାହରେ କରଙ୍କ ସଙ୍ଗେ କନ୍ୟାଯାତ୍ରୀରୂପେ ଯିବାକୁ ଥିବା ବରପକ୍ଷୀୟ ଅତିନିକଟ 'କରଣ' ବନ୍ଧୁ ବା ଜ୍ଞାତି—12. The principal ralatives of the bridegroom who accompany him to the marriage. [ଦ୍ର—କରଣମାନଙ୍କ ବିବାହରେ କରଙ୍କ ଗହଣରେ କନ୍ୟାଯାତ୍ରୀରୂପେ ଯିବାକୁ ଥିବା ନିକଟତମ ସମ୍ପର୍କୀୟ ଯେତେ ଜଣ 'ସାଅନ୍ତ'ଙ୍କ ପାଇଁ ପୁଙ୍ଖରୁ ଜବାବ ଛାଣିଥିବ ସେତେ ଜଣଙ୍କ ପାଇଁ କନ୍ୟା ପକ୍ଷରୁ ବିବାହ ବା ମର୍ଯ୍ୟାଦା ସ୍ୱରୂପ ଲୁଗା, ବାସନ ଓ ଟଙ୍କା ଉପହାର ଦେବା ପ୍ରଥା ମୂଳରୁ (ଅର୍ଥାତ୍ 'ସିଜ୍ଜାର' ବେଳେ) ରୁଜୁ ହୋଇଥାଏ ଓ ଉକ୍ତ 'ସାଅନ୍ତ ବରାକ' ବା 'ସାଅନ୍ତ ମର୍ଯ୍ୟାଦା' ବଥ ନ ପିବା ପର୍ଯ୍ୟନ୍ତ ବରପାଳୀମାନେ କନ୍ୟା ଘରେ ଜଳ ଗ୍ରହଣ କରନ୍ତି ନାହିଁ । ଏ ସବୁ ପ୍ରଥା ଏଣିକ ଜମଶଃ ଅନାଦୃତ ହେଇଥିବା ସ୍ୱଗର ହସୁ ।] ୧୩ । ଅଗିରି (ଜାତିବିଶେଷ)ଙ୍କ ବଂଶୋପାଧିବିଶେଷ—13. Family-title of the Āgirī caste. ୧୪ । ଧୋବା ବା ଅଣ୍ଡାରଙ୍କ ଦ୍ୱାରା ସେବିତ ଗ୍ରାମର ଅଧିବାସୀ ବ୍ରାହ୍ମଣଗଣ—14. The Brāhmaṇas of the village of which a washerman or barber is a common servant; a village-servant's master.

ସାଅନ୍ତ ଚାକର—ଦେ. ବ (ବଂଶପରମ୍ପରାର୍ଥ ସଦ୍ଭବର ଶବ୍ଦ)—ପ୍ରଭୁ ଓ ଭୃତ୍ୟ —Master and servant; the employer and the employee. (ସାଅନ୍ତ ଚାକରଅ—ଅନ୍ୟରୂପ)

ସାଅନ୍ତ ପଣ—ଦେ. ବ—୧। ପ୍ରଭୁତ୍ୱ—1. Mastership; lordship. (ଦ୍ର—ସାଅନ୍ତପଣକୁ ଯୋଗ୍ୟ ସାମନ୍ତପଣା ନ ଦେଖନ୍ତୁ, ଓଳଟି ନ ହେଲେ ହେଉ ରୁଷନ୍ତୁ—ଭଗ ।) ୨ । ବଡ଼ପଣ—2. Greatness. ୩ । ଭୃତ୍ୟ (ସାଅନ୍ତପଣିଅ[ଆଁ]—ଅନ୍ୟରୂପ) ଉପରେ ଶାସିନ ହେବା ଅବସ୍ଥା —3. The state of being an employer.

ସାଅନ୍ତ ବାପ ପା) —ଦେ. ବ. ପୁଂ—ପିତାମହ—One's paternal Sā-ānta bāpa(pā) grandfather. (ଦ୍ର—ପଣ୍ଡିତଙ୍କ ଠାକୁର ଦାଦା ସାଅନ୍ତ ବାପଙ୍କର ମଝିଲାପୁଅ ଭାଇଙ୍କର ଭୁଣୋଇ ଦାଦା ମାଉସୀ ପୁଅ ଭାଇ ନବଦ୍ୱୀପ ଯାଇ ନ୍ୟାସ୍ତ୍ରଶାସ୍ତ୍ର ପଢ଼ି (ସାଅନ୍ତ ମା, ସାଅନ୍ତ ମାଅ—ସ୍ତ୍ରୀ) ଆସିଥିଲେ—ଫକୀରମୋହନ. ଛମାଣ ଅଠଗୁଣ ।)

ସାଅନ୍ତ ବିଦାକ(ମର୍ଯ୍ୟାଦା)—ଦେ· ବ—କରଣମାନଙ୍କ ବିବାହରେ ବର-ଯାତ୍ରୀ ମର୍ଯ୍ୟାଦା ମାନଙ୍କୁ କନ୍ୟା ପକ୍ଷରୁ ବଥଯିବା ବସ୍ତ୍ରାଦି ଉପଢୌକନ—Presents i. e. cloth etc given to the principal friends of the bridegroom who accompany him to the bride's house for the marriage.

ସାଅନ୍ତ ବିରାଦର—ଦେ. ବ (ସଂ. ସାମନ୍ତ + ଫା· ବେରାଦର୍) —ରାଜବଂଶର କୁଟୁମ୍ବୀ ବ୍ୟକ୍ତିଗଣ—The kinsmen of a Raj family.

ସାଅନ୍ତ ବ୍ରାହ୍ମଣ—ଦେ. ବ—ପ୍ରାଚୀନ ଓଡ଼ିଶା ରାଜାଙ୍କ ପ୍ରତିଷ୍ଠିତ ଶାସନର କୁଳୀନ ବ୍ରାହ୍ମଣ ଶ୍ରୋତୀୟବ୍ରାହ୍ମଣ —High caste Brāhmaṇa of the Śāsana villages, established by the ancient Rajas of Orissa.

Digitized by srujanika@gmail.com

ସାଅନ୍ତ ଭାଇପୁଅ—ବେ ବ—ସରଦାରର ଭାଇମାନେ ଓ ଦାସୀଙ୍କ ଗର୍ଭ-
Sa-ānta bhāipua ଜାତ ବ୍ୟକ୍ତିଗଣ—Persons who
ସାମନ୍ତଭାଇପୋ **ସାମନ୍ତଭାଇପୁତ୍ର** are legitimate
and illegitimate sons of a Raja's
family.

ସାଅନ୍ତ ମଣି—ବେ. ବ—ପତ୍ନୀ ବା ସ୍ୱାମୀଙ୍କ ପ୍ରତି ସ୍ନେହ ସମ୍ବୋଧନ—
Sā-ānta maṇi An affectionate term of
ସାମନ୍ତମଣି **ସରକାର** endearment addressed to
one's master or husband. [ଉ—କେଉଁ
କଥା ଗାଇ ସାଅନ୍ତମଣି, ଯାତ୍ରା ଥିଲେ ସଥାମଣି
ଭଗ ।]

ସାଅନ୍ତରା—ବେ. ବ (ଶ. ସାମନ୍ତ+ରାଜ)—ସାମନ୍ତରାୟ (ଦେଶ)—
Sā-ntarā Sāmantarāya (See) [ଉ—ଓସ୍ତ
ଘରର ଗାଈଅଁ, ଚଉଧୁର ହୋଇ କଳଅଁ, ସାଅନ୍ତରା
ପୁଅ କର, ଅଠର ଖଣ୍ଡ ବାଇଦ ବାଟେ ଚଙ୍ଗର ଚଙ୍ଗର—
ଭଗ ।]

ସାଅନ୍ତରା ଚଉଧୁରୀ—ସ୍ତାବେ. (ଯାଜପୁର) ବ—ଯାଜପୁରର ଶାସନ-
Sā-āntarā chaudhuri ବାସୀ କୁଳୀନ ବ୍ରାହ୍ମଣ ବଂଶ-
ବିଶେଷ—Title of a high class Brahman
family resident of the Sāsana villages
[ସାଅନ୍ତରା ଚୌଧୁରୀ—ଅନ୍ୟରୂପ] of Jājpur.

ସାଅନ୍ତା(ନ୍ତେ)ଇ—ବେ. ବିଣ—ସାଅନ୍ତ ସମ୍ବନ୍ଧୀୟ—Relating to a
Sā-āntā(nte)i Sā-ānta. ବି—୧ । ସାଅନ୍ତ ପଦ—
ସାମନ୍ତସମ୍ବନ୍ଧୀୟ **ସାମନ୍ତକୀ** 1. The title or posi-
ସାମନ୍ତପନା **ସାମନ୍ତପଣ** tion of a Sā-ānta. ୨ ।
ସାମନ୍ତ ପଣ; ପ୍ରଭୁତ୍ୱ—2. Mastership; lord-
ship.

ସାଅନ୍ତାଣୀ—ବେ. ବ. ସ୍ତ୍ରୀ—୧ । ସାଅନ୍ତ ପରିବାରର ସ୍ତ୍ରୀ—
Sā-āntāṇī 1. A female of a 'Sā-ānta'
(ସାଅନ୍ତ—ପୁଂ) family. ୨ । ପ୍ରଭୁଙ୍କ ସ୍ତ୍ରୀ—
ସାମନ୍ତପତ୍ନୀ **ମାଲିକିନୀ** 2. The wife of a
ଠାକୁରାନୀ **ମାଲିକିନୀ** servant's master.
୩ । ଭୃତ୍ୟର ସ୍ତ୍ରୀ—ପ୍ରଭୁ; ମାଲକାଣୀ; ଗାହୁନାଣୀ—
3. The mistress of a household. ୪ । ଗୃହର
କର୍ତ୍ତ୍ରୀ—4. The Mistress of a household.
୫ । ଉଚ୍ଚ-ପରିବାରର ବିଶିଷ୍ଟା ସ୍ତ୍ରୀମାନଙ୍କ ପ୍ରତି ସମ୍ମାନ-
ସୂଚକ ସମ୍ବୋଧନ—5. An endearing term
of address to the prominent ladies of a
noble family. (ଯଥା—ତୋଡୁ ସାଅନ୍ତାଣୀ,
ଜେମା ସାଅନ୍ତାଣୀ; ମାଆ ସାଅନ୍ତାଣୀ ।) [ଦ୍ର—
ସାଅନ୍ତାଣୀଙ୍କ ବସ୍ତ୍ର, ପରିବାରରେ ସ୍ଥାନ ଓ ଅଧିକାର
ଅନୁସାରେ ଏହି ଶବ୍ଦ ମୁଦିରେ ବଡ଼, ବୁଢ଼ୀ, ମଝିଆଣୀ,
ସାନ, ବୋଉ, ମାଆ, ଜେଜେ, ଓଡ଼ଙ୍କେଇ ଆଦି ଶବ୍ଦ
ବ୍ୟବହୃତ ହୁଏ ।

ସାଅନ୍ତାଣୀ କଥା ବାସେ
ଗୋଇଲ୍ଲା କଥା ଉଲ୍ଲାସ } ନ୍ୟାସ୍ୱ—

ସାଅନ୍ତାଣୀ ଅନ୍ୟାସ୍ୱ ବା ମନ୍ଦ କାର୍ଯ୍ୟ କଲେ
ତାହାକୁ ଲୋକେ ଅଦର ସହିତ ଗ୍ରହଣ କରନ୍ତି, କିନ୍ତୁ
ଗୋଇଲ୍ଲା ବା ଗୃହସ୍ଥାଣୀ ସେହି କାର୍ଯ୍ୟ କଲେ ତାହାକୁ
ଲୋକେ ଘୃଣା ଚକ୍ଷୁରେ ଦେଖନ୍ତି । ଏହାର ସମର୍ଥକ
ଭଗ—

'ଧୋବଧାଉଳଆ ଗୋର କରନ୍ତ,
ରଙ୍ଗଣୀ ଦେଖିଲେ ମାର ଗୋଡ଼ାନ୍ତ ।]

ବି । ଦେବୀ—3. Goddess; a female Deity.
(ଉ—କୋଇଲ ! ଲୋଡ଼ା ତତ ଉପୁନୁ ଦେଖର । ଲକ୍ଷ୍ମୀ
ସାଅନ୍ତାଣୀ ପୁଣି ଅସିକେଣି ଘର ଲୋ କୋଇଲ ! —
କାଳିକୃଷ୍ଣ. ଅକାଳ କୋଇଲ !

ସାଅନ୍ତାଲ (ଇତ୍ୟାଦି)—ବେ. ବ—ସାନ୍ତାଳ ଇତ୍ୟାଦ (ଦେଶ)
Sa-āntāla [etc] Sāntāla etc [See]

ସାଅନ୍ତିଆ—ବେ. ବିଣ - ୧ । ସାଅନ୍ତ ସମ୍ବନ୍ଧୀୟ—1. Relating to
Sā-āntiā 'Sā-ānta'. ୨ । କରଣ ସମାଜ ସମ୍ବନ୍ଧୀୟ—
ସାମନ୍ତ ସମ୍ବନ୍ଧୀୟ 2. Relating to the Karaṇa Society.
ସାମନ୍ତକା (ଯଥା—ସାଅନ୍ତିଆ କାହ୍ନା)

ସାଆପକ୍ଷ—ସ୍ତା. ବ—ସ୍ୱପକ୍ଷ (ଦେଶ)
Sā-āpakṣa Sāpakṣa. (See)

ସାଆବ (ଇତ୍ୟାଦି)—ବେ. ବ (ପୁଂ)—ସାହେବ ଇତ୍ୟାଦ (ଦେଶ)
Sā-āba (etc) Sāheba etc. (See)

ସାଆବାଣୀ—ବେ. ବ (ସ୍ତ୍ରୀ)—ସାହେବାଣୀ (ଦେଶ)
Sā-ābāṇī Sāhebāṇī. (See)

ସାଆବାନ (ଇତ୍ୟାଦି)—ବେ. ବ ଓ ବିଣ—ସାହେବାନ (ଦେଶ)
Sā-ābāni (etc) Sahebāni. (See)
(ସାଆବାନିଆ[ଆଁ]—ଅନ୍ୟ ବିଣରୂପ)

ସାଆ ଭରସା—ବେ. ବ—ସାହା ଭରସା (ଦେଶ)
Sā-ā bharasā Sāhā bharasā. (See)

ସାଆର—ବେ. ବ—୧ । ସାହାର (ଦେଶ)—1. Sāhārā. (See)
Sa-ārā ୨ । ସାହାଡ଼ା ଇତ୍ୟାଦ (ଦେଶ)—2. Sāhārdā
etc. (See)

ସାଆଳିଆ—ବେ. ବିଣ—ଶାଳିଆ (ଦେଶ)
Sā-āriā Śāuliā. (See)

ସାଆଳ—ବେ. ବ (ଇଂ. ସ୍ଲେଜ୍)—ବରଫ ଉପରେ ଟଣା ହେବା ଚତ-
Sā-āla ୁଳ ଗାଡ଼ି—1. Sledge. [ଉ—ଏସ୍କିମୋମାନେ
ଚାକାହୀନ ଗାଡ଼ୀ ତରଳ ବରଫ ଉପରେ ସାଆଳ ଚଳାଇ ଥାନ୍ତି
ବରଫ ଗାଡ଼ୀ ନାହାନ୍ତି । ଦୈନିକ ଅଣା ।] ୨ । ସାହାଳ
(ଦେଶ)—2. Sāhāla. (See)

ସାଆଲମ—ବେ. ବ (ନାମ)—ଦିଲ୍ଲୀର ଶେଷ ଓ ନାମମାତ୍ର ମୋଗଲ
Saālam ସମ୍ରାଟ୍ ସାହାଆଲମ୍—The last nominal
ସାଆଲମ Moghul Emperor [ଦ୍ର—ଏହାଙ୍କର ଜନ୍ମ ଖ୍ରୀ:

Digitized by srujanika@gmail.com

ସାହଆଲମ ୧୭୬୮, ସିଂହାସନାରୋହଣ ୧୭୭୯ ଓ ମୃତ୍ୟୁ ୧୮୦୬ରେ ହୋଇଥିଲ । ଏହାଙ୍କର ଅନ୍ୟ ନାମ ଅଲ୍ଲ ଗୌହର୍ । ଏ ଶେଷ ମୋଗଲ ସମ୍ରାଟ୍ ଥିଲେ । ଏ ଲଡ଼ି କ୍ଲାଇବଙ୍କୁ ବଙ୍ଗ, ବହାର, ଓଡ଼ିଶାର ଦେୱାନ୍ଗି (ରାଜସ୍ୱ ଅଦାୟର ଭାର) ର ବାର୍ଷିକ ଛବିଶି ଲକ୍ଷ ଟଙ୍କା ଜମାରେ ପଟ୍ଟା ଦେଇଥିଲେ । ସାନ୍ ୧୮୦୩ ସାଲ ପର୍ଯ୍ୟନ୍ତ ଓଡ଼ିଶା ମରହଟ୍ଟାମାନଙ୍କ ହାତରେ ଥିଲ । ସେହି ସାଲରେ ଦେଓଗାଁ ସନ୍ଧାସ୍ତାବ୍ ହୋଇଲ ସ୍ୱତ୍ୱା ଓଡ଼ିଶାକୁ ଓ ଗାଦେଶକୁ ଇଂରାଜମାନଙ୍କୁ ଅର୍ପଣ କରିଥିଲେ ।

ଏ ବଙ୍ଗ ଦେଶ ଆକ୍ରମଣ କରି ପ୍ରଥମେ ଇଂରାଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ପରେ ଇଂରାଜଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ପରେ ମାଧେଜୀ ସିନ୍ଧିଆ ଏହାଙ୍କୁ ଦିଲ୍ଲୀର ସିଂହାସନରେ କିଛି ଦନ ବସାଇବା ପରେ ରୋହିଲ୍ଲାମାନଙ୍କ ସର୍ଦ୍ଦାର ଏହାକୁ ପରାସ୍ତ କରି ଏହାଙ୍କ ଅଖି ଦୁଇଟି ଫୁଟାଇ ଦେଲେ ଓ ଏ ପୃଣି ମରହଟ୍ଟାମାନଙ୍କ ଶରଣାପନ୍ନ ହେଲେ । ତୃତୀୟ ମରହଟ୍ଟା ଯୁଦ୍ଧ ପରେ ୧୮୦୩ ରେ ଇଂରାଜମାନେ ପୁଣି ଏହାଙ୍କୁ ଦିଲ୍ଲୀର ସିଂହାସନରେ ବସାଇଲେ, କିନ୍ତୁ ଏ ନାମ ମାତ୍ର ବାଦସାହା ଥାଇ ୧୮୦୬ ରେ ପ୍ରାଣତ୍ୟାଗ କଲେ ।]

ସାଅଳା—ତ୍ରା- ବ. ସ୍ତ୍ରୀ—ସାରଳା (ଦେଶ)—
Sā-āḷā Sāraḷā (See)
(ସାଅଳା ଠାକୁରାଣୀ—ଅନ୍ୟରୂପ)

ସାଅସ—ତ୍ରା. ବ (ସ. ସାହସ)—୧ । ସାହସ(ଦେଶ)—1. Sāhāsa
Sā-āsa (See). ୨ । (ଶ୍ୱାସ) ଶ୍ୱାସ (ଦେଶ)—2. Śwāsa
ସାହସ **ସାହସ** ଶ୍ୱାସ **ସାଂସ** (See).

ସାଅସ୍ତ୍ର—ତ୍ରା. ବ (ସ. ଶାସ୍ତ୍ର)—ଶାସ୍ତ୍ର (ଦେଶ)—
Sā-āsra Śāstra (See)
ଶାସ୍ତ୍ର **ସାସ୍ତର**

ସାଇ—ଦେ. ବ (ସ. ସହ ଶବ୍ଦ)—୧ । ଏକ ସ୍ଥାନରେ ବାସ କରୁଥିବା ବ୍ୟକ୍ତମାନଙ୍କ ଗୃହାବଳି; ଗୃହପଙ୍କ୍ତି—1. The
Sāi ପାଡା **ଟୋଳା** row of houses of the residents of a certain place. ୨ । ପଙ୍କ୍ତି; ଧାଡ଼ି; ଶ୍ରେଣୀ—2. Row; line. ୩ । ଗ୍ରାମର ବା ନଗରର ପଡ଼ା ବା ଅଂଶ ବା ଗଳି—3. Part of a village. or town; quarter; street or lane. [ଦ୍ର—କଟକ ସହରର ଉତ୍ତର ଉତ୍ତର ଅଂଶକୁ ବଜାର (ଯଥା—ଗୋଧର ବଜାର, ବାଲୁବଜାର) ବା ସାହି ବୋଲାଯାଏ) ଯଥା—ଶଙ୍ଖବନ୍ ସାହି, ଜୋଡ଼ାସାହି, ମଙ୍କାସାହି, ପେଣ୍ଠୀନ୍ ସାହି ଇତ୍ୟାଦି ।)

ବାଲେଶ୍ୱର ସହରର ଉତ୍ତର ଉତ୍ତର ଅଂଶକୁ 'ଗଞ୍ଜ' ବୋଲାଯାଏ । ଯଥା—ମୋଦିଗଞ୍ଜ, ମାଣିକ ଗଞ୍ଜ ।

ସମ୍ବଲପୁର ସହରର ଉତ୍ତର ଉତ୍ତର ଅଂଶକୁ ପଡ଼ା ବୋଲାଯାଏ ଯଥା—ଖଟନାପୁର ପଡ଼ା, ଦଲେଇ ପଡ଼ା, ଝାଡ଼ୁପଡ଼ା, ନନ୍ଦପଡ଼ା ଇତ୍ୟାଦି ।

ପୁଣ୍ଡ ସହରର ଉତ୍ତର ଉତ୍ତର ଅଂଶକୁ ସାଇ ବୋଲାଯାଏ । ଯଥା—ଦୋଳମଣ୍ଡପ ସାଇ, ବାଲ୍ଲ ସାଇ, ହରଚଣ୍ଡୀ ସାଇ, ଦେଗ୍ଗୋହୁଣ୍ଡ ସାଇ, ବାସେଳୀ ସାଇ, ବୁଣ୍ଡେଇବେଣ୍ଡ ସାଇ ଇତ୍ୟାଦି ।]

୪ । ଗ୍ରାମର ବା ସହରର ଯେଉଁ ଅଂଶରେ ଏକ ଜାତୀୟ ବା ଏକ ବ୍ୟବସାୟୀବଲମ୍ବୀ ବ୍ୟକ୍ତିମାନେ ବାସ କରନ୍ତି—4. The part of a town or village inhabited by people of one caste or profession. [ଦ୍ର—ଏକ ଜାତୀୟ ବା ଏକ ବ୍ୟବସାୟୀବଲମ୍ବୀମାନେ ଏକତ୍ର ବାସ କରୁଥିବା ଅଞ୍ଚଳରେ ସାଇର ନାମକରଣ ହୁଏ । ଯଥା—ତେଲ୍ଙ୍ଗିସାଇ, ବାଜ୍ଗିସାଇ ।

ଦେବତାମାନଙ୍କ ନାମ ଅନୁସାରେ ମଧ୍ୟ ସାଇର ନାମ ହୁଏ । ଯଥା—ହରଚଣ୍ଡୀସାଇ, ବାସେଳୀସାଇ, ଠାକୁରସାଇ । ନୂଆନ ନୂଆନ ପ୍ରଭୃତି ସାଇକୁ ନୂଆ ସାଇ ବୋଲାଯାଏ ।]

୫ । ଗଡ଼ାଗ୍ରାମ; ଗଣ୍ଡଗ୍ରାମ—5. A hamlet. [ଦ୍ର—ଦାଣ୍ଡ ସାଇରେ ମାଣିକ ପଡ଼ିଲେ ଗୋରୁଦାଣ୍ଡ ଘେନ ପିଟନ୍ତି । ଉଗ ।] ପ୍ରାଦେ (କଟକ ଜିଲ୍ଲାର ଉଲଦୃଣ୍ଡ) ବ—ଅଗଣା—Court-yard. ପ୍ରାଦେ (ବାଲେଶ୍ୱର ପାଟଣା) ସର୍ବନାମ—ସେହି—That. ପ୍ରାଦେ (ସମ୍ବଲପୁର, ବଲାଙ୍ଗିର) ବ—(ଭୁଲ. ଦ୍ର. ସାହି)ଝିଙ୍କି—Procupine, ପ୍ରାଦେ (ଅଳ) ବ—ବାସଗୃହ; ଘର—Home; residence.

ସାଇ ଅଣ୍ଡିର(ମରଦ, ମର୍ଦ)—ତ୍ରା. ବ (ଉତ୍ତର) (ବ୍ୟଙ୍ଗ୍ୟ)—ସାଇରେ
Sāi aṇḍirā(marada, mardā) ବାସ କରୁଥିବା ପୁରୁଷ-
ପାଡ଼ାରମରଦ **ଟୋଳିକାମର୍ଦ୍ଦୀ** ବ୍ୟକ୍ତିଗଣ ଓ ବିଶେଷତଃ ଯୁବକ
ଗଣ—The males (specially the young men) inhabiting a certain street or quarter of a town or of a village.

ସାଇଆ—ଦେ.,ବଣ—ଗ୍ରାମର ବା ନଗରର ନିର୍ଦ୍ଦିଷ୍ଟସାଇର ଅଧିବାସୀ—
Sāiā Inhabiting a certain street or part of a
ପାଡ଼ାଓୟାଲା **ଟୋଳାବାଲା** town or village.
ବୈଦେ (ଗର୍ହୁଗାଇ) ବ—ସାୟା (ଦେଶ)—Sāyā(See).

ସାଇ ଅଖଡ଼ା—ଦେ. ବ—ସାଇ ଜାଗା (ଦେଶ)—
Sāi ākharḍā Sāi jāgā (See)
ପାଡ଼ାରଆଖଡ଼ା **ଟୋଳିକାଆଖାଡା**

ସାଇଁ—ଦେ. ବ—(ସ. ସ୍ୱାମୀ)—୧ । ପ୍ରଭୁ; ସ୍ୱାମୀ—1. Lord. [ଦ୍ର—
Saiñ ଭୁମ୍ଭେ ତ ନିଜ ଭୁବନ ସେବକର ସାଇଁ—କୃଷ୍ଣସିଂହ. ସଭା
ସାଁଇ **ସାଁଇ** ସ୍ତବ. ବନ ।] ୨ । ଦେବତା—2. Deity.

Digitized by srujanika@gmail.com

୩ । ପରମେଶ୍ୱର—3. God. (ଉ—ଯାହା କରିବେ ସାଇଁ, ତାହା କାହାର ହାତରେ ନାହିଁ । ଭଗ) । ୪ । ରଜା—4. King. [ଉ—ଦୁଇ ମାସ ମଧ୍ୟରେ ମାର ଲଙ୍କ ସାଇଁ—କୃଷ୍ଣସିଂହ. ସଙ୍କାଗ୍ରତ. ବନ ।] ୫ । ବଡ଼ା ମୂଳା ଗଛରୁ ବାହାରିବା ପୁଷ୍ପଦଣ୍ଡ—5. Flower-stem which sprouts up from a grown up radish. ସ୍ଥାଦେ. (ବସ୍ତର)ବ—ଝିଙ୍କ—Porcupine.

ସାଇ ପୁଞ୍ଜି—ସ୍ଥାଦେ.(ଲରଥ) ବ—ମୂଳଧନ—The capital of a business.
Sāiñ punji

ସାଇଁ ମୂଳା—ଦେ. ବ—ପେଟ୍ରୁ ମୂଳା ବଢ଼ା ହୋଇ ସେଥିରୁ ସାଇଁ ବାହାର ଥାଏ; ଓ ଯହିଁର ଶସ ଯାକ କଡାପର ସାଇଁମୂଳା ବୁଢ଼ାମୁଳା ତେମନ୍ତା ହୋଇଥାଏ—Fibrous radish.
Sāiñ mūlā

ସାଇଁ ମୂଷା—ସ୍ଥାଦେ.(ସମ୍ବଲପୁର-ଖଡ଼ିଅଳ) ବ--(ଭୁଲ.ବ.ସାସ୍ଥ)ଝିଙ୍କ—Porcupine.
Sāiñ mūshā

ସାଇଁଲୋର ଗୀତ—ସ୍ଥାଦେ (ସମ୍ବଲପୁର, ଖଡ଼ିଅଳ) ବ—ଖଡ଼ିଅଳ ଓ ସମ୍ବଲପୁର ଅଞ୍ଚଳରେ ଇତର ଜନସମାଜରେ (ସାଇଁଲୋରଥ ଗୀତ—ଅନ୍ୟରୂପ) ପ୍ରଚଳିତ ଏକ ପ୍ରକାର ଗୀତ—A kind of popular song prevalent amongst the common people in Khariar and Sambalpur areas.
Sāiñlori gita

ସାଇଁ ଶଗ(ର)ଡ଼—ଦେ. ବ—(ଧ୍ୱନ୍ୟନୁକରଣ, ସାଇଁ + ଶକ୍ତଃ)—ଏକ ପ୍ରକାର ଚକ ଯୁକ୍ତ କାଠର ବା ସାଇଁ ଶକଟ ଚରଚରୀ ଟିଣର ଖେଳନା (ଯାହାକୁ ବୁଲାଇଲେ ସାଇଁ ସାଇଁ ଶବ୍ଦ କର ଚକ ବୁଲେ)—A sort of toy rattle made of tin or wood.
Sāiñ saga(ra)rdā

ସାଇଁ ସାଇଁ—ଦେ. କି. ବଣ—(ଧ୍ୱନ୍ୟନୁକରଣ) ସାଇଁ ସାଇଁ ଧ୍ୱନି ହବାକ—Making a nasal hissing sound; smacking sound.
Sāiñ sāiñ

ସାଇକ(କେ)ଲ୍—ବୈଦେ. ବ—(ଇଂ)—ବାଇ ସାଇକଲ୍; ଶୂନ ଗାଡ଼ି—Bicycle; bike. [ଉ—ସାଇକଲ ସାଇକଲ ଦୁଇଟି ଚକ ଥିବା ସାଇକଲ୍‌କୁ ବାଇ ସାଇକଲ୍; (ସାଇକଲ୍—ଅନ୍ୟରୂପ) ଓ ଭଳଗୋଟି ଚକଥିବା ସାଇକଲକୁ ଟ୍ରାଇସାଇକଲ୍ କୁହାଯାଏ ।]
Sāika(ke)l

ସାଇକଲ୍ ମାରି ପହଞ୍ଚିବା—ଦେ. କି—ସାଇକଲଦ୍ୱାରା ଗଡି କରି ନିର୍ଦ୍ଦିଷ୍ଟ ସ୍ଥଳରେ ଶୀଘ୍ର ଉପସ୍ଥିତ ସାଇକେଲ କରିୟା ପହଁଚା ଦେବା—To bike to a certain place.
Sāikal māri pahañchibā

ସାଇକ(କୋ)ଲଜି—ବୈଦେ. ବ (ଇଂ)—ମନୋବିଜ୍ଞାନ—Psychology; science of mind.
Sāika(ko)laji

ସାଇକୁ ଯିବା—ସ୍ଥାଦେ (ଅଳ) କି—ଘରକୁ ଫିରିବା—To go home.
Sāiku jibā

ସାଇକ୍ଲୋପିଡିଆ—ବୈଦେ. ବ (ଇଂ)—ପେଟ୍ରୁ ବଡ଼ କୋଷ-ଗ୍ରନ୍ଥରେ ବର୍ଣ୍ଣମାଳାକ୍ରମେ ଶବ୍ଦମାନଙ୍କ ସମ୍ବନ୍ଧରେ ବହୁ ଜ୍ଞାତବ୍ୟ ବିଷୟ ଥାଏ—Cyclopaedia.
Sāiklopidiā

ସାଇକ୍ଲୋଷ୍ଟାଇଲ୍—ବୈଦେ. ବ (ଇଂ)—ଅକ୍ଷର ଲେଖା ବା ଛାପିବା ଦୋଇଥିବା କାଗଜର ବହୁ ପ୍ରତିଲିପି ନକଲ କରିବା ଯନ୍ତ୍ର—Cyclostyle.
Sāiklostāil

ସାଇଙ୍ଗା(ଙ୍ଗ୍ୟା)—ସ୍ଥା. ବ—ସଙ୍କା; ପାରିବାରିକ ପଦବୀ—One's family-title.
Sāiṅgā(ṅgyā)

ସାଇଜ୍—ବୈଦେ. ବ (ଇଂ)—(ପଦାର୍ଥର) ଆକାର—Size.
Sāij

ସାଇ ଜା(ଜେ)ଗା—ସ୍ଥାଦେ (ପୁରୀ ସହର) ବ—ସାଇ ଅଡ଼ା; ପୁରୀ ସହରରେ ପ୍ରତ୍ୟେକ ସାଇରେ ଥିବା କ୍ୟାୟାମ-ଶାଳା ଓ ସଙ୍ଗୀତ ଗୃହ—A common room or club room of a Sāi (in Puri town) where the inhabitants of the Sāi assemble for purposes of recreation and amusement.
Sāi jā(je)gā

ସାଇଟ୍—ବୈଦେ. ବ (ଇଂ)—୧ । ଦୃଶ୍ୟ; ଦୃଷ୍ଟି—1. Sight. ୨ । ସ୍ଥାନ—2. Site.
Sāiṭ

ସାଇଟ୍ ଘଣ୍ଟା(ଣ୍ଟି)—ଦେ. ବ—ରେଳ ଷ୍ଟେସନକୁ ଅସୁଥିବା ରେଳଗାଡ଼ି ଷ୍ଟେସନକୁ ଦୃଷ୍ଟିଗୋଚର ହେଲେ ଷ୍ଟେସନ୍-କର୍ମଚାରୀମାନେ ଷ୍ଟେସନରେ ଉପସ୍ଥିତ ଯାତ୍ରୀ-ଅଧିକୁ ଏହା ଜଣାଇ ଦେବା ପାଇଁ ଯେଉଁ ଘଣ୍ଟା ବଜାନ୍ତି—The bell rung when the incoming train is in sight at a station the sight bell.
Sāiṭ ghaṇṭā ṇṭi)

ସାଇଟ୍ ଭେନ୍—ବୈଦେ. ବ (ଇଂ)—୧ । ଜମି ମାପିବା ଯନ୍ତ୍ରକୁ ବ୍ୟବହୃତ କକ୍ଷାସର ଅଂଶବିଶେଷ—1. Sight-vane of a prismatic compass. [ଉ—ସାଇଟ ଭେନ ଏହି ଯନ୍ତ୍ର ମଧ୍ୟରେ ଥିବା ଅତି ସରୁ ତୂଳା ତାରେ ଦୂରସ୍ଥ ବସ୍ତୁକୁ ଗୁଡ଼ିବାକୁ ହୁଏ ।] ୨ । ବନ୍ଧୁକର ନଳ ଅଗରେ ଥିବା ସାଙ୍କକୁ ଗୁଡ଼ି ଲକ୍ଷ୍ୟ ପ୍ରତି ଦୃଷ୍ଟି କରିବା ପାଇଁ ଥିବା ଘର—2. Sight-vane of a gun.
Sāiṭ bhen

ସାଇଟ୍ ହୋଲ୍—ବୈଦେ. ବ (ଇଂ)—ବାହାରକୁ ଗୁଡ଼ିବା ପାଇଁ ଦୁର୍ଗ ପ୍ରାଚୀରରେ ବା ଘରର କାନ୍ଥରେ ଥିବା ଛିଦ୍ର ବା ଛେଦ—Sight-hole; a peep-hole.
Sāiṭ hol

Digitized by srujanika@gmail.com

ସାଇଡ୍—ବୈଦେ. ବ (ଇଂ)—ପାଖ; ପାର୍ଶ୍ୱ—Side.
Sāid ସାଇଡ୍ **साइड्**

ସାଇଡ୍ ବ(ବା)କ୍ସ—ବୈଦେ. ବ (ଇଂ)—ଦର୍ଶକମାନେ ବସି ଅଭିନୟ
Sāid ba(bā)ksa ଦେଖିବା ପାଇଁ ଥିଏଟର ଘରର ପାର୍ଶ୍ୱରେ
ସାଇଡ ବକ୍ସ ଥିବା ଅଳ୍ପ ଛୁଦ୍ର କୋଠରୀ—A side box
साइड बक्स in a theatre

ସାଇଡ୍ ବୋ(ର୍ଡ୍)—ବୈଦେ. ବ (ଇଂ)—ବାସନ ଆଦି ସଜାଇ
Sāid bo(rd) ରଖିବା ପାଇଁ ଘରର ପାଖରେ ରଖା
ସାଇଡ ବୋଡ଼ ଯାଇଥିବା ଅଲମାରି—Sideboard.
साइड बोर्ड

ସାଇଡ୍ ରୁମ୍—ବୈଦେ. ବ (ଇଂ)—ଘରର ବଡ଼ କୋଠରି ପାଖରେ
Sāid rum ଥିବା ଛୋଟ କୋଠରି—Side room.
ସାଇଡ ରୁମ **साइड रुम**

ସାଇଡ୍ ଲାଇଟ—ବୈଦେ. ବ (ଇଂ)—ରଙ୍ଗମଞ୍ଚକୁ ଅଲୋକିତ କରିବା
Sāid lāit ପାଇଁ ମଞ୍ଚର ପାର୍ଶ୍ୱରେ ଜଳୁଥିବା ଆଲୁଅ—
ସାଇଡ୍ ଲାଇଟ **साइड् लाइट** Side light

ସାଇଡ୍ ସାଡ୍ଲ—ବୈଦେ. ବ (ଇଂ)—ମେମ୍‌ମାନେ ଘୋଡ଼ା ଚଢ଼ିବା
Sāid sādl ପାଇଁ ଯେଉଁ ଏକପାଖିଆ ଜିନ୍ ବ୍ୟବହାର କରନ୍ତି—
ସାଇଡ ସାଡ୍ଲ **साइड् साड्ल** Side saddle. [ଦ୍ର—ଏହି
ଜିନ୍ ଉପରେ ମେମ୍‌ମାନେ ଗୋଟିଏ ପାଦକୁ ଦୁଇ ଗୋଡ଼କୁ
ଲମ୍ବାଇ କରି ବସନ୍ତି ।]

ସାଇ ଡାକର୍—ଦେ. ବ—ଏକ ସାଇର ସମସ୍ତ ବ୍ୟକ୍ତିଙ୍କୁ ବା ସବୁ ସାଇ-
Sāi ḍākarā ଭୁକ୍ତମାନଙ୍କୁ ଭୋଜନାର୍ଥ ନିମନ୍ତ୍ରଣ—Invitation
ପାଡ଼ା ନିମନ୍ତ୍ରଣ to all the inhabitants of a parti-
टोलकी निमन्त्रण cular quarter of the town or
village to dinner.

ସାଇଡିଙ୍—ବୈଦେ. ବ (ଇଂ)—ରେଲ୍ ଷ୍ଟେସନରେ ମୂଳ ରେଲ୍
Sāiding ଲାଇନ୍ ପାଖରେ ଥିବା ଅସୁବିଧା ଲାଇନ୍, ଯେଉଁ ଲାଇନ୍‌ରେ
ସାଇଡିଙ୍ଗ୍ ଅବ୍ୟବହୃତ ରେଲଗାଡ଼ିଗୁଡ଼ିକ ଅଲଗା ଭାବେ ରଖାଯାଏ—
साइडिङ्ग् The siding of a Railway station
(where detatched waggons are
(ସାଇଡ଼—ଅଣୁଦ୍ଧରୁଗ) kept).

ସାଇ ତଲିଆ—ଦେ. ବିଣ—୧ । ନଗରର ସାହୁର ବା ଗ୍ରାମର ସାହୁର
Sāi taliā ଲାଗିରହିଥିବା—1. Adjoining any quarter
ପାଡ଼ାର କାଛେର of a town or village. ୨ । ନଗରର
गाँवके नजदीक वाला ସାହୁର ବା ଗ୍ରାମର ସାହୁର ଉପକଣ୍ଠରେ
ବାସକାରି—Residing in the outskrits of a
town or village.

ସାଇତା—ଦେ. ବ (ସଂ. ସ୍ୱାଦ୍ଧ୍ୟ; ସଞ୍ଚିତ)—୧ । ସାଇତିବା; ସଞ୍ଚିତ
Sāita କରିବା—1. Act of storing. ୨ । ସଞ୍ଚିତ
ସାଇତକରା **जमा** ହେବା ଅବସ୍ଥା—2.The state of being
ସାଇତ ହୋଇ ଥାକା stored. ବିଣ—ସାଇତା ଯାଇଥିବା; ସଞ୍ଚିତ—
जमा हुआ Stored up. [ଉ—ଧାନ ପାଞ୍ଚ ସାତ ଭରଣ
ମଧ୍ୟ ଘରେ ସାଇତା ଅଛି—ଫକୀରମୋହନ. ଛମାଣ.
ଅଠଗୁଣ ।]

ସାଇତା(ତେ)ଇବା—ଦେ. କି—୧ । ସାଇତିବା କିୟାର ଣିଜନ୍ତ ରୂପ—
Sāitā(te)ibā 1. The causative form of Sāitibā.
ସାଇତ କରାନ ୨ । ଅନ୍ୟ ଦ୍ୱାରା ସୁରକ୍ଷିତ କରାଇବା—
जमा करना 2. To cause to be stored.

ସାଇତା ଥିବା—ଦେ. ବିଣ ଓ ବ—ସଞ୍ଚିତ ହୋଇ ରହିତ—
Sāitā thibā Stored up. ଦେ. ବ—ସଞ୍ଚିତ ଓ ରକ୍ଷିତ
[ସାଇତା ଯା(ହୋ)ଇଥିବା—ଅନ୍ୟରୂପ] ହୋଇଥିବା ଅବସ୍ଥା—
ସାଇତ ହୋଇ ଥାକା The state of being stored up.
संचित होकर जमा हुआ [ଉ—ସାଇତା ଥିବାର, କୃଷା
ନୋହିବାର, ଜାଇଁବାର ବଡ଼ ଦୁଃଖରେ ସଙ୍ଗୀତ—
କବିସୂର୍ଯ୍ୟ. ସଙ୍ଗୀତ ।]

ସାଇତା ଯି(ହେ)ବା—ଦେ. କି—(ସାଇତିବା କିୟାର କର୍ମବାଚ୍ୟରୂପ)—
Sāitā ji(he)bā ସୁରକ୍ଷିତ ହେବା—To be stored.
ସାଇତ ହଓୟା; **जमा होना**

ସାଇତା ସାଇତି—ଦେ. ବ—ସୁରକ୍ଷଣ ଓ ସଞ୍ଚୟ—Storing and
Sāitā sāiti ସାଇତ ସୁଲୁକ **जमा उमा** preserving.

ସାଇତି—ପ୍ରାଦେ (ବାଲେଶ୍ୱର) ବ—ଅନୁକୂଳ—Auspicious
Sāiti beginning.

ସାଇତିବା—ଦେ. କି—(ସଂ. ସ୍ୱାଦ୍ଧ୍ୟ୍ ବା ସଞ୍ଚୟ)—୧ । କୌଣସି
Sāitibā ପଦାର୍ଥକୁ ଯତ୍ନ ପୂର୍ବକ ସଞ୍ଚୟ କରିବା—1. To store
ସାଇତ କରା **सजाकर रखना** with care. [ଉ—ଖୁଣ୍ଟ
ବୋଇଲେ ଏ ନଡ଼ୁଇ ଏ କାଳକୁ । ପାଣ୍ଡି, ଘରେ ସାଇତ
ରଖ ନେଇ ଯାକୁ । କୃଷ୍ଣଚିନ୍ଦ୍ର. ସଦ୍ଭାଗ୍ୟବତ. ଖୁଣ୍ଟ ।]
୨ । ସୁରକ୍ଷିତ କରିବା—2. To preserve. ୩ ।
ଭବିଷ୍ୟତ୍ ବ୍ୟବହାରାର୍ଥ ରକ୍ଷା କରିବା—3. To keep or
preserve a thing for future use. ୪ । ନିଜର
ଜମାରେ ବା ହେପାଜତରେ ରଖିବା—4. To keep a
thing in one's custody. ୫ । ଯତ୍ନ ନେବା—
5. To take care of. ୬ । କୌଣସି ବ୍ୟକ୍ତିକୁ
ଭରଣପୋଷଣ ପୂର୍ବକ ଯତ୍ନରେ ରଖିବା; ପୋଷିବା—
ରାଖା **पालना** 6. To maintain and take care of a
person.

ସାଇନ୍—ବୈଦେ. ବ (ଇଂ) —୧ । ଚିହ୍ନ—1. Sign. ୨। (ଅଧିକତର,
Sāin କିମ୍ବା ନିର୍ଦ୍ଦିଷ୍ଟ) ବୃତ୍ତ ଖଣ୍ଡର ଏକ ପ୍ରାନ୍ତରୁ ଟାଣା ଯାଇଥିବା
ସାଇନ୍ ବ୍ୟାସ ଉପରକୁ ବୃତ୍ତ ଖଣ୍ଡର ଅନ୍ୟ ପ୍ରାନ୍ତ ବନ୍ଦୁରୁ ଯେଉଁ
साइन ଲମ୍ବ ରେଖା ପାଦଚ କରିଯାଏ—2. (Trigonometry)
The sine of an arc.

[ଦ୍ର—'ଜଖ' ବୃତ୍ତ ଖଣ୍ଡର ଏକ ପ୍ରାନ୍ତ 'ଖ' ଅଟନ୍ତୁ
ଯେଉଁ ବ୍ୟାସ 'ଖଗ' ଟାଣା ଯଉ, ଉକ୍ତ ବୃତ୍ତ ଖଣ୍ଡର
ଅନ୍ୟ ପ୍ରାନ୍ତ 'କ' ବନ୍ଦୁରୁ ସେହି 'ଖଗ' ବ୍ୟାସ ଉପରେ
ପାଦଚ ଲମ୍ବ ରେଖା 'କଘ'କୁ ଉକ୍ତ ବୃତ୍ତ ଖଣ୍ଡର 'ସାଇନ୍'

Digitized by srujanika@gmail.com

ବୋଲ୍ଯାଏ । ଉକ୍ତ ବୃତ୍ତଖଣ୍ଡର ଅନ୍ୟ ଅଂଶ 'ଜଗଗ' ସମ୍ବନ୍ଧେ ଜ୍ଞା 'ଜଘ' ରେଖାକୁ 'କୋସାଇନ୍' ବୋଲ୍ଯାଏ ସାଇନ୍ ଓ କୋସାଇନ୍ ଅପେକ୍ଷିକ ଶବ୍ଦଦ୍ୱୟ ଅଟନ୍ତି ।] ୩ । (ଜିଓମେଟ୍ରିରେ) କୋଣର ଏକ ବାହୁର ଗୋଟିଏ ବିନ୍ଦୁରୁ ଅନ୍ୟ ବାହୁ ଉପରକୁ ଲମ୍ବ ଦୋଇ ଟଣାଯିବା ରେଖା ଓ ଯେଉଁ ବାହୁର ବିନ୍ଦୁରୁ ଲମ୍ବ ଟଣା ଦୋଇଥାଏ—3. (Trigonometry) The sine of an angle. [ଦ୍ର—ଜଗଗ କୋଣର ଜଗ ବାହୁର ଘ ନାମକ ଯେ କୌଣସି ବିନ୍ଦୁରୁ ଗଜ ଉପରେ ଘଚ ଲମ୍ବ ଟଣା ଦୋଇଅଛି ଘଚ, ଗଘ କୁ ଘଗଚ ବା କଗଗ କୋଣର 'ସାଇନ୍' ବୋଲ୍ଯାଏ ।]

ସାଇନ୍ ବୋର୍ଡ୍(ର୍ଡ୍)—ବୈଦେ. ବ (ଇଂ)—ଯେଉଁ ପଟାରେ ଦୋକାନ Sain bord(rd) ଅବର ନାମ ବା ଜ୍ଞାତବ୍ୟ ବିଷୟମାନ ଲେଖା ସାଇନ୍ ବୋଡ୍ ବା ଚର୍ଚ୍ଚିତ ଦୋଇ ଦୋକାନର ବା ଅଫିସ୍‌ର **ସାଇନ ବୋର୍ଡ** ସମ୍ମୁଖରେ ଟଙ୍ଗା ଦୋଇଥାଏ—A sign-board of a shop or office.

ସାଇ ନାଚ—ଦେ. ବ—୧ । ସାଇ ଯାତ (ଦେଶ)—1. Sāi jāta Sāi nāṭa (See). ୨ । ସହରର ବା ଗ୍ରାମର କୌଣସି ସାଇରେ ଭେୟେ ନାଚ, ବାରୋୟାରି ବସ୍ତିବା ନାଚ—2. Dancing performed in any quarter of the town. **ଟୋଳେକା ନାଚ**

ସାଇ(ଏ)ନ୍ସ—ବୈଦେ, ବ (ଇଂ)—ବିଜ୍ଞାନ—Science. Sāi(e)ns ସାଇନ୍ସ **ସାୟଂସ୍**

ସାଇ(ଏ)ନ୍ସ କ୍ଲାସ୍—ବୈଦେ. ବ (ଇଂ)—ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷା ଦଅଯିବା ଶ୍ରେଣୀ—The science class of a school or college. Sāi(e)ns klās ସାଇନ୍ସ କଲାସ **ସାୟଂସ କଲାସ**

[ଦ୍ର—ଏହି ସାଇନ୍ସ୍ ଶବ୍ଦ ସଙ୍ଗେ ଲେଚ୍‌ଚରର୍, ପ୍ରୋଫେସର, ଟିଚର୍, ଲେକଚରର୍ ଅବ ଇଂରାଜି ଶବ୍ଦ ବ୍ୟବହୃତ ହୁଏ ।]

ସାଇନ୍ସ ଲାବୋରେଟରୀ—ବୈଦେ. ବ (ଇଂ)—ବୈଜ୍ଞାନିକ ପରୀକ୍ଷା-ମନ୍ଦିର—Science laboratory. Sāins lāba(bo)retarī ସାଇନ୍ସ ଲାବୋରେଟୋରୀ **ସାଇନ୍ସ ଲାବୋରେଟାରୀ**

ସାଇ ପଡ଼ଶା—ବେ. ବ—୧ । ନିଜ ସାଇରେ ବାସ କରୁଥିବା ବ୍ୟକ୍ତି ଓ ନିଜର ପ୍ରତିବେଶୀ—1. The residents of one's quarter of the town and one's close neighbours. ୨ । ଗ୍ରାମର ବା ସହରର ଅନ୍ୟ ପାଡ଼ାର ବାସିନ୍ଦା—2. A neighbour of one's quarter of the town or village. Sāi pardiśā **ସାଇ ପଡ଼ଶା, ପାଟ ପଡ଼ଶୀ, ଅଡ଼ୌଶ ପଡ଼ୌଶ, ଅରୋଶ ପରୋଶ** (ସାଇ ପଡ଼ୋଶୀ—ଅନ୍ୟରୂପ) **ସାଇ ପଡ଼(ଡ଼ୋ)ଶୁଣୀ**—ସ୍ତ୍ରୀ । ନିଜ ସାଇରେ ବାସ କରୁଥିବା ପ୍ରତିବାସୀ—2. A neighbour of one's quarter of the town or village. [ଦ୍ର—ଲଲା ନାଥ ରଙ୍ଗିଆ ବାଇ, ମତେ ବୁଣିବୁ ଚଞ୍ଚା ଭାଇ ! ହାଡୋଲମ୍‌ରେ କାଡିବ ସିଂହା, ଝୁର ମରୁଥିବେ ସାଇ ପଡ଼ଶା—କୁନ୍ତିବଚନ ।]

ସାଇପ(ପି, ଫ, ଫି)ନ୍(ନି)—ବୈଦେ. ବ (ଇଂ. ସାଇଫନ୍)—କୁତ୍ରିମ Sāipa(pi, pha, phi)n(ni) କେନାଲ୍ ଅବର ତଳେ ସଫେଇ [ସାଇପ(ପି, ଫ, ଫି)ନ୍(ନି)ପୋଲ—ଅନ୍ୟରୂପ] ନାଳର ବା ନଦୀ ସାଇଫନ ପୁଲ ଅବର ସ୍ରୋତ ଫିରାଯାଇ ପ୍ରସ୍ତୁତ ବକ୍ରାକୃତି ଓଲଟା **ସାଇଫନ ପୁଲ** ପୋଲ] —A syphon bridge (constructed) to let the current of another canal or river flow below the newly constructed or artificial canal.

ସାଇ ପିଲା—ଦେ. ବ—ଏକ ସାଇର ବାଳକ ବା ଶିଶୁଗଣ—The boys or children of a particular quarter of a town or village. Sāi pilā ପାଡ଼ାର ଛେଲେ **ଟୋଳେକା ଲଡ଼କା** (ସାଇପିଲ୍ଲ—ବହୁବଚନ)

ସାଇବ (ଇତ୍ୟାଦି)—ଦେ. ବ—ସାହେବ ଇତ୍ୟାଦି (ଦେଶ) Sāiba (etc) Sāheba (etc) (See)

ସାଇବ ଚଣା—ପ୍ରାଦେ. (ଗଞ୍ଜାମ) ବ (ବଡ଼ା ଚଣା ଜାତୀୟ ଓ ସାହେବଙ୍କ ଦେଶରୁ ଆସିଥିବାରୁ)—ମଟର—Pea. Sāiba chaṇā

ସାଇବାଣୀ—ଦେ. ବ. ସ୍ତ୍ରୀ—ସାହେବାଣୀ (ଦେଶ) Sāibāṇī Sāhebāṇī (See)

ସାଇବାନି—ଦେ. ବ ଓ ବିଶ—ସାହେବାନି (ଦେଶ) Sāibāni Sāhebāṇi (See)

[ସାଇବାନଥ(ଆଁ)—ଅନ୍ୟ. ବିଶ. ରୂପ]

ସାଇ ବାଲ୍ଲ—ଦେ. ବିଶ—ସାଇର ଅଧିବାସୀ (ବ୍ୟକ୍ତି ବା ପରିବାର)—Residents of any quarter of a town or village. Sāi bāla (ସାଇ ବୁଅଲ୍ଲ—ଅନ୍ୟରୂପ) **ପାଡ଼ାର ଟୋଳା ବାଲା**

ସାଇ ବୁଲ୍ଲ—ଦେ. ବ—ଗ୍ରାମର ବା ନଗରର ସାଇମାନଙ୍କୁ ବୁଲିବାକୁ Sāi bulā ଯିବା—Paying a visit to any quarter of a town or village. [ଦ୍ର—ରଜସ୍ବଳାନ୍ତୁ ଟୋଳେକା ଘୁମାବ ସମୟରେ ସ୍ତ୍ରୀଲୋକମାନଙ୍କର ସାଇ ବୁଲ୍ଲ ହୁଏ ।] (ସାଇ ବୁଲ୍ଲ—ସ୍ତ୍ରୀ) ବିଶ. (ପୁଂ)—(ଗାଳି)—ଯେଉଁ ବ୍ୟକ୍ତି କର୍ତ୍ତବ୍ୟ ପାଡ଼ା ବେଡ଼ାନିୟା ହୋଇ ସାଇ ସାଇ ବୁଲିଥାଏ—A do-nothing sort of person who passes his time by visiting different quarters of the village or town; a loafer. **ଟୋଳେମେ ଘୁମନେ ବାଲା**

ସାଇ ଭାଇ—ଦେ. ବ—୧ । ନିଜର ସାଇରେ ବାସ କରୁଥିବା ଯେଉଁମାନେ ଯେ ଅଞ୍ଚଳର ଭାଇ ସ୍ଥାନୀୟ—1. Brethren of the same quarter of a town or village. ୨ । (ସହରର ଶବ୍ଦ) ଅଞ୍ଚଳ ସାଇର ସାଇ ଭାଇଅ } ସାଇ ଭାସ୍ତା } ଅନ୍ୟରୂପ ଅଧିବାସୀ ଓ ଅଞ୍ଚଳର ଜ୍ଞାତି—2. One's neighbours and agnates. ୩ । ସାଇ ପଡ଼ଶା (ଦେଶ)—3. Sā. pardiśā (See)

Digitized by srujanika@gmail.com

ସାଇ ଭେଣ୍ଡା (ଭେଣ୍ଡିଆ)—ଦେ. ବ. ପୁଂ (ବ୍ୟଙ୍ଗ୍ୟ)—ଏକ ସାଇର Sāi bheṇḍa (bheṇḍiā) ଯୁବକଗଣ—The young
ପାଡାର ଜୋୟାନ men of a particular quarter of a
ଟୋଲେକା ଜବାନ town or village.

ସାଇ ମଉଜ—ଦେ. ବ—ଏକ ସାଇର ଅଧିବାସୀମାନଙ୍କ ଅନୁଷ୍ଠିତ Sāi mauja କୃତ୍ୟ ଗୀତ ସ୍ୱେଚ୍ଛାନାଦ—Amusements and
ପାଡାର ଆମୋଦ picnics arranged amongst the
ଟୋଲେକା ଜଲସା inhabitants of any quarter.

ସାଇମନ୍ କମିସନ୍—ବେଦେ. ବ (ଇଂ)—ସୁରଭର ଶାସନ ସଂସ୍କାର Sāiman kamisan ବିଷୟର କମିଶନ୍ (୧୯୨୮—୧୯୨୯ରେ)
ସାଇମନ୍ କମିସନ ସାଇମନ୍ ସାହେବ ଏହୁ କମିଶିର ସଭାପତି ଥିଲେ)—Simon Commission,

ସାଇମନ୍ ସପ୍ତା—ଦେ. ବ (ବ୍ୟଙ୍ଗ୍ୟ)—ସାଇମନ୍ କମିସନ୍‌ରେ ଥିବା Sāiman saptā ସାତ ଜଣ ବ୍ରିଟିଶ୍ ପ୍ରତିନିଧି
ସାଇମନ ସପ୍ତା ବ୍ୟବହୃତ ବ୍ୟଙ୍ଗ୍ୟ ଉକ୍ତି—Ironical name
ସାଇମନ ସପ୍ତା given to the seven members of the
Simon Commission. (ତୁଳନୀୟ—ଶତସପ୍ତା)

ସାଇମନ୍ ସାତଭାୟା—ଦେ. ବ (ବ୍ୟଙ୍ଗ ଉକ୍ତି)—ସାଇମନ୍ କମିଶନ୍‌ର Sāiman sātabhāyā ସାତ ଜଣ ସଭ୍ୟ—(Ironical) The
ସାଇମନ ସାତଭୈୟା seven members of the Simon
Commission. (ତୁଳ—ସାତଭାୟା ଗେଧ)

ସାଇ ମିଣିପ—ଦେ. ବ. ପୁଂ (ଏକବଚନ)—ଏକ ସାଇର ଅଧିବାସୀ Sāi miṇipa ପୁରୁଷ—Amale inhabitant of a
(ସାଇ ମିଣିପେ—ବହୁବଚନ) particular quarter of a
[ସାଇ ମାଇପି—ସ୍ତ୍ରୀ. ଏକବଚନ] town or village.
(ସାଇ ମାଇପେ—ସ୍ତ୍ରୀ. ବହୁବଚନ)
ପାଡାର ମିନ୍‌ସେ ଟୋଲେକା ମର୍ଦ୍ଦ

ସାଇ ମୁଖିଆ—ଦେ. ବ—କୌଣସି ସାଇର ମୁଖ୍ୟବ୍ୟକ୍ତି ବା ନେତା—Sāi mukhiā The leader or principal person of
ପାଡାର ମୁଖ୍ୟବ୍ୟକ୍ତି ଟୋଲେକା ମୁଖ୍ୟଆଦ୍‌ମୀ a Sāi.
(ସାଇ ସରଦାର—ଅନ୍ୟରୂପ)

ସାଇ ମୁଣ୍ଡ—ଦେ. ବ—ସାଇର ଶେଷପ୍ରାନ୍ତ—The extremity of
Sāi muṇḍa the rows of houses in a Sāi.
ପାଡାର ମାଥା (ଉ—ବୁଢାକାଳ ବାହା ଘରକୁ, ସାଇମୁଣ୍ଡ ଘର
ଟୋଲେକି ଆଖିର ଗେରକୁ । ଉଗ ।)

ସାଇ ମୁଣ୍ଡିଆ—ଦେ. ବଣ—ସାଇ ମୁଣ୍ଡରେ ଅବସ୍ଥିତ—
Sāi muṇḍiā Situate at one end of a 'Sāi'.
ପାଡାର ଶେଷେ ଅବସ୍ଥିତ ଟୋଲେକି ଆଖିରବାଲା

ସାଇ ମୂଳିଆ—ଦେ.ବଣ—ସାଇ ସାଇ ବା ଧାଡ଼ି ଧାଡ଼ି ଘୋଇ ସଜ୍ଜିତ ବା
Sāi mūliā କର୍ତ୍ତିତ (ଗୃହାଦି)—(Houses) Arranged
ସାରିବାନ୍ଧା ଧାରୀବାଲା or constructed in rows.

ସାଇ ମେଳ—ଦେ. ବ—ଏକ ସାଇର ଅଧିବାସୀଙ୍କ ମଧ୍ୟରେ ଏକତା—
Sāi mela Unity amongst the inhabitants of a
ପାଡାର ମିଳ ଟୋଲେକା ମେଳ 'Sāi'.

ସାଇ ମେଳିଆ—ଦେ. ବ—ସାଇର ଅଧିବାସୀଙ୍କୁ ଏକତ୍ର ମେଳ କରାଇ Sāi meliā ସଙ୍ଗଠନ କରିବା ବ୍ୟକ୍ତି—A person who
ପାଡାର ସରଦାର instigates the inhabitants of a
ଟୋଲେକେ ମେଳିଆ 'Sāi' to combine. ଦେ. ବଣ—ସାଇର
ଅଧିବାସୀମାନଙ୍କୁ ମେଳ କରାଇବା (ବ୍ୟକ୍ତି)—
Instigating the persons of a Sāi to
combine.

ସାଇ ଯାତ—ସ୍ତ୍ରୀଦେ. (ପୁରୁଷ ସଜ୍ଜର) ବ—୧ । ଗୋସାଣୀ ଯାତ; ପୁରୁଷ Sāi jāta ସଜ୍ଜରର ଭଲ ଭଲ ସାଇରୁ ଦଶଭୁଜା (ଶାରଦାଦି)
(ସାଇଯାତ୍ରା—ଅନ୍ୟରୂପ) ଦୁର୍ଗାପୂଜା ଉପଲକ୍ଷରେ ବାହାରିବା
ଦେବୀମୂର୍ତ୍ତିମାନଙ୍କ ଶୋଭାଯାତ୍ରା—1. A procession
of the images of Durgā from the
different quarters of the town of Puri
during the Durgā Pūjā festival. [ଦ୍ର—
ଏହି ସାଇ ଯାତରେ ଦେବୀମୂର୍ତ୍ତି ବା 'ଗୋସାଣୀ' ମୂର୍ତ୍ତି-
ମାନଙ୍କ ସଙ୍ଗେ ନାନାବିଧ ଦେବଦେବୀ ମୂର୍ତ୍ତି ଓ ସ୍ୱେଚ୍ଛେ
ନାନା ପ୍ରକାର ସଂଜ୍ଞ ଓ ନାଗାବେଶ ଧରି ପୁରୀର ଉତ୍ତ ଉତ୍ତ
ସାଇରେ ବୁଲନ୍ତି ଓ ଜଗନ୍ନାଥଙ୍କ ସିଂହଦ୍ୱାର ସାମନାରେ
ସବୁ ପ୍ରତିମୂର୍ତ୍ତିମାନଙ୍କର ମେଳନ ହୁଏ । ଏହି ନାଗାମାନେ
ଅନେକ ପ୍ରକାର ଅସ୍ତ୍ରଶସ୍ତ୍ର ବନ୍ଦୁକାଦି ଦୋଇ ଓ ଦେହରେ
ଜାଅନ୍ତା ବଷଧର ସାପମାନ ଗୁଡାଇ ମଲ୍ଲକ୍ରୀଡ଼ା ଦେଖାନ୍ତି ।
ଏହି ଯାତ୍ରାରେ ଏକ ସାଇର ଯାତ୍ରା-ଦଳ ଅନ୍ୟ ସାଇକୁ
ଯାଇ ସେଠାରେ ଅଶ୍ଳୀଳ ଓ ବ୍ୟକ୍ତିଗତ ଅପବାଦସୂଚକ
ଗୀତମାନ ବୋଲନ୍ତି ।] ୨ । ତତ୍ତ୍ୱ ରାମନବମୀଠାରୁ
ସ୍ୱେଚ୍ଛମାନେ ନୃସିଂହ, ରାମ, ଲକ୍ଷ୍ମଣ, ସୀତା, ହାତୁଡ଼ିଭଥର-
ବଜାନାଗା, ମହାଦେବ, କାଳକା, ହନୁମନ୍ତୀ ଆଦ ବେଶ
ଦୋଇ ଅଶ୍ଳୀଳ ଗୀତ ଗାଇ ପୁରୀର ସାତ ସାଇରେ ବୁଲି
ସେଥି ଯାହା କରନ୍ତି—2. A procession of
people assuming different masks dur-
ing the 'Rāma Nabamī' in the town of
Puri, visiting different parts of the
town, accompanied with music, rude
songs and athletic displays.

ସାଇଯ୍ୟ (ଇତ୍ୟାଦି)—ସ୍ତ୍ରୀ. ବ—ସାହାଯ୍ୟ ଇତ୍ୟାଦି (ଦେଖ)
Sāijya (etc) Sāhājya etc. (See)

ସାଇରାତ୍—ବୈଦେ. ବ (ଘା)—ସଇରାତ. (ଦେଖ)
Sāirāt Sairāt (See)

ସାଇଲକ୍—ଦେ. ବ (ନାମ)—୧ । ଇଂରାଜ ଜଜ ସେକ୍ସପିଅରଙ୍କର Sāilak ମର୍ଚ୍ଚାଣ୍ଟ୍ ଅଫ୍ ଭେନିସ୍ ନାମକ ନାଟକରେ
ସାଇଲକ୍ ସାଇଲକ ବର୍ଣ୍ଣିତ ସୁଦଖୋର କଜ୍ଜିଆ ଚରିତ୍ର

Digitized by srujanika@gmail.com

ସଦାଜନର ନାମ—1. Shylock the Jew. ୨ । (ଲକ୍ଷଣାର୍ଥ) କର୍କଶ ସୁଦ୍‌ଖୋର୍ ବ୍ୟକ୍ତି—2. A cruel usurer.

ସାଇଲା—ଗ୍ରା. କି—ସାରିବା କିମ୍ବାର ଭୂତ ସାମୀପ୍ୟ ବର୍ତ୍ତମାନକାଳର ତୃତୀୟ ପୁରୁଷ ଅନାଦରାର୍ଥକ ଏକବଚନ (ସେ) ସାରିଲ ଖତମକିୟା 'ସାରିଲ'ର ଅନ୍ୟରୂପ—(ସାଇଲେ—ଅଦରାର୍ଥକରୂପ ଓ ବହୁବଚନରୂପ) The other form of 'Sārilā, past tense the third person singular number of the verb Sāribā.

ସାଇଲୋ—ଦେ. ବ (ନାମ)—ଦଃକ ଉତ୍କାର ପ୍ରଗନ୍ନାବିଶେଷ—The name of a Pergana in the district of Cuttack.

ସାଇ ସାଇ—ଦେ. କି. ବିଣ—୧। ଏକ ସାଇରୁ ଅନ୍ୟ ସାଇ, ଏହିପର ବହୁ ସାଇ—1. From one quarter of a town or village to another; from quarter to quarter. ୨ । ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ, ଏହିପର ବହୁ ସ୍ଥାନକୁ-2. From place to place. [ଉ—ସାଇ ସାଇ ଦୋଇ ବୁଲଇ ଗୋରସ, ସଦ ବକାଯାଏ ବସି—ଉଗ)

ପାଡ଼ାପାଡ଼ା ଟୋଲାଟୋଲା (ସାଇ ସାଇ ମୂଷା—ଅନ୍ୟ ପ୍ରାଦେଶିକରୂପ) ପ୍ରାଦେ (ସମ୍ବଲପୁର, ଖଡ଼ିଆଳ) ହିଙ୍ଗ—Porcupine.

ସାଉ (ଇତ୍ୟାଦି)—ଗ୍ରା. ବ—ସାହୁ ଇତ୍ୟାଦି (ଦେଖ) Sāu (etc) Sahu etc (See)

ସାଉଁରିଆ—ପ୍ରାଦେ (ଲରଅ) ବିଣ—ଶ୍ୟାମଳବର୍ଣ୍ଣ (ବ୍ୟକ୍ତି)—Of a dark complexion.

ସାଉଁଲିଆ ପୋକ—ଦେ. ବ—ମାଛିଙ୍କ ପର ଏକପ୍ରକାରସ୍ଥ ପୋକ; ଅମ୍ଳ ଛାଡ଼ାଣୀ (ପୋକ)—A kind of flying insect. [ଉ—ଏମାନେ ଅମ୍ଳ ଅଧ ଡୋଳାରେ ଥାଆନ୍ତି । ବର୍ଷାଦିନେ ଡୋଳାରୁ ଉଡ଼ିଥାସି ଘରର କାନ୍ଥରେ ଲଗନ୍ତି ।]

ସାଉଁ ସାଉଁ—ଦେ. କି. ବ (ଧ୍ୱନ୍ୟନୁକରଣ)—ଘୁଷୁର ଅଦ ଜନ୍ତୁ ମଇଳା ଅଦ ଖାଇବା ସମୟରେ ଯେଉଁ ଉତ୍କଟ ନାସ୍ୟଯୁକ୍ତ ଘୋତଘୋତ ଘଡ଼ଘଡ଼ ଶବ୍ଦ କରନ୍ତି—(Onomatopoeic) Nasal sound made by hogs while eating offal.

ସାଉ ଖାତ(ଖାତକ)—ଦେ. ବ (ସହଜର ଶବ୍ଦ)—ସାହୁ ଖାତକ (ଦେଖ) Sāukhāta(khātaka) Sāhukhātaka [See] ସାହୁଖାତକ ମହାଜନଖଦୂକା (ଉ—ଅଘେ ଦୋଳ ସଦାଜନ ଅଘେ ସବୁ ଖାତ—ପ୍ରାତଃ ଚତୁରନରୂପଣ ଗୀତା ।]

ସାଉ ଘର—ଦେ. ବ—ମାଲିକଙ୍କ ପରବାର; ସାଥନ୍ତଙ୍କ ଘର—Sāu ghara Master's house or family. ମହାଜନର ବାଡି ମାଲିକକାଘର (ଉ—ମୁଁ ସାଉ ଘର ଗୋରୁ ଖୋଇ ଅସିଥିଲି—ଫକୀରମୋହନ ଛମାଣ ଅଠଗୁଣ ।)

ସାଉ(ଉ)ଟା—ଦେ. ବ—୧ । ସାଉଟିବା—Collecting; picking up. ୨ । ଇତସ୍ତତଃ ଭୂମିରେ ଗଡ଼ାନ ଇକଠା ଉଡ଼ବା; ଭୂମିରେ ଲୁଣ୍ଠନ—2. Rolling or wallowing on the ground. (ଉ—ପିଘାଇଙ୍କ ଭୁଲରେ ବାଡ଼ି ଅନ୍ୟସ୍ଥଃ, ଘୋଡ଼ାମାନେ ଯେ ବେଳେ ଧୂଳରେ ସାଉଁଟା—କୃଷ୍ଣସିଂହ ସଦାଲ୍ଲରତ ଜଣ୍ଡି)

ଗୁଟାନ ଇକଟ୍‌ଠାକିୟାହୁଆ ବିଣ—୧ । ସଗୃହୀତ—1. Gathered up. (ଉ—ସାଉଁଟା ଜାଣ୍ଡ ଉ (ସାଉଁଟୀ—ସ୍ତ୍ରୀ. ବିଣ) ସ୍ୱଂ ଭୁ ସାଏ ?) ୨ । ଯେ ଗୋଟାଏ—2. One who gathers up or collects [ଦ୍ର—ଏହି ଶବ୍ଦ ଅନ୍ୟ ଶବ୍ଦ ସଙ୍ଗେ ଲଗେ । ଯଥା—ଘଣି ସାଉଁଟା, ଗୋବର ସାଉଁଟା; ଅମ୍ଳ ସାଉଁଟା ।)

ସାଉ(ଉ)ଟା(ଟେ)ଇବା—ଦେ. କି (ସାଉଁଟିବାରୁ୍ୟାର ଣିଜନ୍ତରୂପ)—The causative form of Sāu(uñ)ṭā(ṭe)ibā ଗୁଟାନ ଇକଟ୍ଠାକରନା Sāuṭibā—ଅନ୍ୟଦ୍ୱାରା ସାଉଁଟିବା କାର୍ଯ୍ୟ କରାଇବା—To collect through others.

ସାଉ(ଉଁ)ଟା ଦେବା—ଦେ. କି—ଇତସ୍ତତଃ ଗଡ଼ିବା—To roll on the ground; to be strewn here and there. ଛଡିୟେପଡା ଲୋଟନା

ସାଉ(ଉଁ)ଟା ସାଉ(ଉଁ)ଟି—ଦେ. ବ—ଗୋଟିଏ ଗୋଟିଏ କର ଗୋଟାଇ ବହୁ ପଦାର୍ଥ ଗୋଟାଇବା Sāu(uñ)ṭā sāu(uñ)ṭi ଗୁଟିୟେ ଗୁଟିୟେ ଜଡ କରା କ୍ରିୟା—Act of gathering or picking up many things one by one. ଇକଟ୍‌ଠା ଉକଟ୍‌ଠା

ସାଉ(ଉ)ଟି(ଟୀ)—ଦେ. ବ. (ପୁଂ ଓ ସ୍ତ୍ରୀ)—(ସାଧାରଣ ପିତାମାତା ଗୋଟାଇ କର ଅଣିଥାଆନ୍ତି; ଅତଏବ ସାଧାରଣ ମୂଲ୍ୟ ନାହିଁ)—ଅପର୍ଯ୍ୟାପ୍ତ ବୟସିବା ଗୋଟିଏ ନାମ—A name given to children whose elders have predeceased their birth. ବିଣ. ସ୍ତ୍ରୀ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ; ଯଥା—ଘଷି ସାଉଁଟୀ)—ସଟ୍ଟଦ୍ଧାରଣୀ—ସାଉଁଟାର ଇକଟଠାକରନେବାଲୀ ସ୍ତ୍ରୀଲିଙ୍ଗ—Feminine of words ending with 'Sāuṇṭā' a verbal adjective.

ସାଉ(ଉଁ)ଟିବା—ଦେ. କି—(ସ. ସଗୃହୀତ; ସାସୃତ୍) ୧ । ଇତସ୍ତତଃ ବିଷିପ୍ତ ପଦାର୍ଥକୁ ସଚ୍ଚଡ କରିବା—1. To collect things strewn here and there. ଗୁଟାନ ଇକଟ୍ଠାକରନା

Digitized by srujanika@gmail.com

[ଦ୍ର—ଯେଉଁସ୍ଥାନେ ନୂଆ ଢୋଇଥିଲେ ଟିଆ
ସେ ସ୍ଥାନେ ଲୁଚା—ଚମଲ,
ପକାଇ ସାଉଁଟି ଥଣି ପୁଣି ରେଣୁ
ବୋଇଲୁ ଗଣ୍ଡମଣ୍ଡଳ ।
ନନ୍ଦକଶୋର—ଶର୍ମିଷ୍ଠା ।]

୨ । ଭୂମିରୁ ଖୁଣ୍ଟିବା; ଗୋଟାଇବା—2. To pick up. ୩ । ଏକରୁ ଟେକି ଧରିବା—3. To hold up by lifting. [ଦ୍ର—ଫିଟି ଯଉ ଥିବାରୁ ଅଯତ୍ନେ ସାଉଟି, ଡେବରି କରେ ଭାଡ଼ା ବାଛିଣ ସାଉଁଟି । କୃଷ୍ଣଚନ୍ଦ୍ର, ପଦ୍ମାବତୀ. ବନ ।] ୪ । ଲୋଟିବା; ଭୂମିରେ ଗଡ଼ିବା—4. To roll on the ground.

ସାଉ(ଉଁ)ଟିବା(ଲା) କାଣ୍ଡ ଯୁଦ୍ଧକୁ ନ ଯାଏ(ଯୋଗାଏ)—ଦେ. ପ୍ରବଚନ Sāu(uñ)ṭibā(lā) kāṇḍa juddhaku na pāe (jogāe)—ଅନ୍ୟର ବ୍ୟବହୃତ ବସ୍ତୁରେ କାର୍ଯ୍ୟ ଚଳେ ନାହିଁ—No work can be done with articles once used by som one and then picked up.

[ଦ୍ର—ଅନ୍ୟ ଲୋକର ବ୍ୟବହୃତ କାଣ୍ଡ, ଯାହା ରଣଭୂମିରେ ପଡ଼ିଥାଏ, ତାକୁ ପେବେ କୌଣସି ବ୍ୟକ୍ତି ସଜ୍ଜ କରି ଥଣିଥାଏ, ଏଥର ଅବାମିକା ଶରଦ୍ୱାରା ଯୁଦ୍ଧ କାର୍ଯ୍ୟ ଚଳେ ନାହିଁ; ସେହିପର ଗୋଟାଇ ଥଣିବ ପଦାର୍ଥରେ କାମ ଚଳେ ନାହିଁ ।

ଯେଉଁ ବ୍ୟକ୍ତିର ବା ଯୋଦ୍ଧାର ନଜର ଶରମୁଣାରେ ଶର ନ ଥାଏ ସେ ଯୁଦ୍ଧଭୂମିରେ ଅନ୍ୟ ଯୋଦ୍ଧାର ବ୍ୟବହୃତ ଓ ପରିତ୍ୟକ୍ତ ଶରକୁ ସଜ୍ଜ କରି ଯୁଦ୍ଧ କରିବାରୂପ ଅସମ୍ଭବ ଓ ଦାସ୍ୟାଦ୍ଦ ଅବସ୍ଥାରେ ଏ ପ୍ରବଚନ ବୋଲାଯାଏ ।]

ସାଉଣ୍ଟିଆ—ସ୍ତାଦେ. (ଗଞ୍ଜାମ) ବ—ଗଞ୍ଜାମର ଉଦ୍ୟାନ ଖଣ୍ଡରେ ବାସ କରୁଥିବା ଅଧମ ଅଧିବାସୀ ଶୂଦ୍ର ଜାତିବିଶେଷ—A class of Śūdras living in the Udyāna khaṇḍa of the Ganjam district. [ଦ୍ର—ଏମାନେ ଓଡ଼ିଆ ଓ ଏମାନଙ୍କ ମାତୃଭାଷା ଓଡ଼ିଆ ଅଟେ ।]

ସାଉଟା—ସ୍ତାଦେ. (ବଲ୍ଲଙ୍ଗିର ପାଠଣା) ବଣ—ସାଇତା ଯାଇଥିବା—Sāutā Stored up for future use.

ସାଉ(ଉ)ତି—ସ୍ତାଦେ (ତେଲୁଗୁର) ବ—ଗଡ଼ଜାତଅଧିବାସୀ ଅନାର୍ଯ୍ୟ ଜାତିବିଶେଷ—Sāu(uñ)ti A class of non-aryan residents of the Orissa States. [ଦ୍ର—ଏମାନେ ତେଲୁଗୁର ସଜ୍ୟରେ ଅଛନ୍ତି । ଉଚ୍ଚ ବର୍ଣ୍ଣର ହିନ୍ଦୁମାନେ ଏମାନଙ୍କ ହାତରୁ ଜଳ ଗ୍ରହଣ କରନ୍ତି । ଏମାନେ ଶାନ୍ତିପ୍ରିୟ ଓ କୃଷିଜୀବୀ । ଏମାନଙ୍କର ଅଗ୍ରୁ ବ୍ୟବହାର, ଗୃଙ୍ଗୁନାଟ, ଗ୍ରାମ ମଧ୍ୟରେ ଅଲଗାଥିବା ପାଇଁ ଜଦିଓ ବସା (ଡେରା) ଗୃହ, ଗ୍ରାମ ସଙ୍କର୍ଷଣପ୍ରିୟ ପରମ୍ପରା ସତ୍ତ୍ୱ, ଅବାହୃତ ବ୍ୟକ୍ତିମାନଙ୍କ ଗୃହି ଯାପନ ପାଇଁ ମଣ୍ଡପ ବା ଦରବାର ଘର ଜମିଣ ଅଛ ଜୁଝୁମାନଙ୍କ ପର । ତେଲୁଗୁର 'ବୋଡ଼ା-ଜାଲ୍'ର ମହାପାତ୍ର ଜମିଦାର ଏମାନଙ୍କ ପ୍ରଧାନ ବଲଥଉ ।]

ସାଉତିବା—ସ୍ତାଦେ. (ବଲ୍ଲଙ୍ଗିର ପାଠଣା) କ୍ରି—ସାଇତିବା (ଦେଖ) Sāutibā Sāitibā (See)

ସାଉଲି—ଦେ. ବଣ—ଖୋସାମଉଆ—Flattering (person). Sāuli [ଦ୍ର—ଗଦ୍ଦ ଦୁଃସ୍ଥା ଜର ସାଉଲି ମଉ, ଖେଚ୍ଛ ଖୋସାମୁଦେ ଖୁସାମଦ୍ଦୀ ବୋଲ ଅଞ୍ଜନ ପ୍ରଭୃତ—ଘାଟୀ. ଘରତେ-ଗୀତା ।]

ସାଉ(ଉଁ)ଳା—ଦେ.ବ (ଦ.ପମ୍ପଚଲ)—୧। (ତେଲ) ସାଉଁଳିବା ଭାବ—Sāu(uñ)lā The act of smoothing up (the ଚୁଲ ଆଁଚଡ଼ାନ, ସୀଟନା hair). ୨ । ଚାଟୁ; ତୋଷାମୋଦ—ଖୋସାମୋଦ ଖୁସାମଦ୍ 2. Flattery. ବଣ—୧। ସାଉଥରେ ବୁଣିଥିବା ଫିରାନ (ଚୁଲ) ସୀଟା ହୁଆ ତୋଇ ମସୃଣ ତଉସାଇଥିବା (ତେଲ)—1. Combed and made smooth (hair). ୨। ଚିକ୍କଣ; ମଖମଲ ପର ମସୃଣ ଓ ସ୍ନିଗ୍ଧ—2. Oily and velvety. ସାଉର ୩ । (ପୁଂ) ଶ୍ୟାମଳ ବା କୃଷ୍ଣବର୍ଣ୍ଣବିଶିଷ୍ଟ—3. Of सँवल black or blue colour. ୪ । ଯେ ପ୍ରସାଧନଦ୍ୱାରା ନିଜକୁ ଭାବ ଚିକ୍କଣ କରି-ସାଉ(ଉଁ)ଳୀ ସାଉ(ଉଁ)ଲେଇ } ସ୍ତ୍ରୀ ଥାଏ—4. A person who is particular in his toilet and dress; beaux.

ଖୋସାମୁଦେ ୫ । ସାଉଲିଆ; ଯେଉଁ ବ୍ୟକ୍ତି ତୋଷଲ ଓ ତୋଷାମଉଆ ଖୁସାମଦ୍ଦୀ କଥା କହେ—5. Oily-tongued; smooth-tongued. ୬ । ସାଉଲିଆ; ତୋଷଲ ଓ ତୋଷାମଉଆ (କଥା)—6. Smooth and flattering (words).

ସାଉ(ଉଁ)ଳା(ଲେ)ଇବା—ଦେ. କି—୧ । ସାଉଳିବା କିୟାର ଣିଜନ୍ତରୂପ—Sāu(uñ)lā(le)ibā 1. The causative form of Sāulibā. ୨ । ସାଉଲେଇବା; ଖୁସାମଦ୍ କରନା ଚାଟୁତ୍ୱ କରିବା—2. To flatter.

ସାଉ(ଉଁ)ଳା କଥା—ଦେ. ବ—ତୋଷଲ ଓ ଚାଟୁ ବାକ୍ୟ; ସାଉଲ Sāu(uñ)lā kathā କଥା—Smooth and flattering ଖୋସାମୁଦେ କଥା ଖୁସାମଦ୍ଦୀ ବାତ words.

ସାଉ(ଉଁ)ଳିଆ—ଦେ. ବଣ (ଦ. ଶ୍ୟାମଳ)—୧ । ଶ୍ୟାମଳବର୍ଣ୍ଣବିଶିଷ୍ଟ—Sāu(uñ)liā ଶ୍ୟାମଳ ସାଁବଳ 1. Dark complexioned. ଚିକ୍କଣ ଚିକ୍କନ ୨ । (ଦ. ସମ) ମସୃଣ ଓ ଚିକ୍କଣ—[ସାଉ(ଉଁ)ଳା—ସ୍ତ୍ରୀ] 2. Smooth and oily. ଖୋସାମୁଦେ ଖୁସାମଦ୍ଦୀ ୩। ଚାଟୁଯୁକ୍ତ(ବାକ୍ୟ)—3. Flattering.

ସାଙ୍ଗା ସପଥୈତୀ ସ୍ତାଦେ (ଯୁଗ୍ମ) ବ—ଗୋଷ୍ଠୀର ଲୋଗାଏଁ ବଳଦର ସ୍ୱାମୀ ଦୁଇ ଜଣ ବ୍ୟକ୍ତିଙ୍କର ନିଜ ନିଜ ଜମିରେ ଯଥାକ୍ରମେ ଦିନେ ଦିନେ କର ହଳ ବୁଲାଇବାର ପଦ୍ଧତି—The system of cultivating each other's lands under the arrangement that one man should lend his only bullock to the other and vice versa every alternate day. [ଦ୍ର—ଦୁଇ ଜଣଙ୍କର ପ୍ରତ୍ୟେକଙ୍କର ସ୍ୱତନ୍ତ୍ର ଜମି ଅଛ ଓ ହଳ ଲଙ୍ଗଳ ଅଛ; କନ୍ତୁ ଗୋଟିଏ ଲୋଗାଏଁ ବଳଦ ଅଛ । ଅଉ

Digitized by srujanika@gmail.com

ପ୍ରଥମ ବ୍ୟକ୍ତି ଜଣକ ଅନ୍ୟ ଜଣକଠାରୁ ବଳଦଟି ମାଗି ନେଇ ତାକୁ ଆପଣା ବଳଦ ସଙ୍ଗେ ଯୋଡ଼ ଜମିରେ ଦୁଇ ବଳ; ତାଳ ପୁଣି ଦ୍ୱିତୀୟ ବ୍ୟକ୍ତି ତା ଜମିରେ ପ୍ରଥମ ବ୍ୟକ୍ତିର ବଳଦ ଅଣି ଗୃଣ କଲ୍ । ଏହି ପଦ୍ଧତିକୁ ସାଉଳଅ ବୋଲ୍ଲସାଏ ।]

ସାଉ(ଉଁ)ଲବା—ଦେ.କ୍ରି (ସଂ.ସମତଳ)—୧। କେଶଗୁଣ୍ଡିକୁ ପାଣିଅ ଦ୍ୱାରା ବା କଇତଲଦ୍ୱାରା ମସୃଣ କରିବା—1. To smooth (the hair with the comb or palm). ୨ । ତେଲାକ୍ତ କେଶକୁ ବୁଣ୍ଡାଇ ଚିକଣ କରିବା—2. To comb oiled hair into smoothness. (ଜ—ସାଉଁଲଲ୍ଲ ସେକାଳେ ଜଣେ କେଶ ଧର—ଭୂସ୍ତସିଂହ. ମହାଭାରତ. ଫୁସଲାନ ଆଦ ।) ୩ । କୋମଳ ଓ ମୃଦୁ କଥାଦ୍ୱାରା ମୁଗ୍ଧ କରିବା; ଫୁସଲାନା ସାନ୍ତ୍ୱନାଇବା—3. To charm a person by oily words and flattery. ୪ । ଗେଲ୍ଲା କରିବା —4. To pet a person; to fondle.

ସାଉଳୀ—ଦେ. ବ (ସ. ଶଷ୍କୁଳୀ)—ଚକୁଳୀ ପିଠା—
Sāuḷī Thin pastry cake.
ସାଉଳୀ ପୂରୀ (ଯଥା—ମୃଗ ସାଉଳୀ ।)

ସାଉ(ଉଁ)ଲେଇ କରି କଥା କହିବା—ଦେ. କ୍ରି—୧ । କୋମଳ ଓ ମଧୁର ବାକ୍ୟ କହିବା—ଫୁସଲାନ 1. To speak softly and sweetly; to ଫୁସଲାକର ବୋଲନା inveigle. ୨ । ମୃଦୁ କରିବା—2. To flatter. ୩ । ଗେଲ୍ କରିବା—3. To pet; to fondle.

ସାଏ—ବୈଦେ. ବ (ଫା)—୧ । ବାକ୍ୟର ବା ପ୍ରସ୍ତାବର ଅନୁମୋଦନ—
Sāe 1. Approval of a proposal. ୨ । ସମାପ୍ତି—
ସାଏ 2. Completion; conclusion. (ଯଥା—ସାଲ ସାୟ ହୋଇଲ୍ଲ ସାସୂ ।) ୩ । ସମ୍ମତି—3. Consent.
ସାଏ ଜଣ—୧ । ସମାପ୍ତ—1. Finished. ୨ । ସମ୍ମତ; ଅନୁ-
ସମାପ୍ତ ମୋଦିତ—2. Approved; agreed to.

ସାଏଁ କରି—ପ୍ରାଦେ. (ଘାଟଣା) କ୍ରି. ବିଣ—ଝଟ୍ କରି; ଝଟିତି—
Sāeñ kari Very soon; quickly.

ସାଏଁ କଲ୍ଲ—ପ୍ରାଦେ. (ଲରଥ) କ୍ରି. ବିଣ —ଜଲଦି; ଶୀଘ୍ର—
Sāeñ kalā Quickly; very soon.

ସାଏଁ ସାଏଁ—ପ୍ରାଦେ. (ଘାଟଣା) ଅ—ଶାଇଁ ଶାଇଁ (ଦେଖ)
Sāeñ sāeñ Śāiñ śāiñ (See)

ସାଏକ—ପ୍ରା. ବ (ସ. ସାୟୁକ)—ସାୟୁକ (ଦେଖ)
Sāeka Sāyaka (See)

ସାଏ କରିବା—ଦେ. କ୍ରି—୧ । କଥାକୁ ବା ପ୍ରସ୍ତାବକୁ ଅନୁମୋଦନ କରିବା—1. To approve of a propo-
ସାଏ ଦେଓୟା sal. ୨ । ସମ୍ମତ ହେବା; କଥାକୁ 'ଏକନ୍'
ମହମତ ହୋନା କରିବା—2. To say 'ditto' to a thing.

ସାଏ କରା ୩ । ସମାପନ କରିବା—3. To finish or accom
ସମାପ୍ତ କରନା plish a matter,

ସାଏତ୍ ଧରିବା—ଦେ. କ୍ରି (ଅ· ସାଅତ୍=ଅବକାଶ; ସୁଅବସର; Sāet dharibā ମୁହୂର୍ତ୍ତ)—୧। ଶୁଭ ମୁହୂର୍ତ୍ତ ଗଣି ସ୍ଥିର କରିବା—
ସାଇତ ଧରା 1. To fix or find out an auspici-
ସାୟତ ଧରନା ous time. ୨ । ସୁଅବସର ଠିକ୍ କରିବା—
2. To find out an opportune moment.
(ଜ—ଏହି ସମୟରେ ଗଣକ ଯାଇଁ ସାଏତ୍ ଧର, କହିଲ ଏହୁଷଣି ପ୍ରସ୍ଥାନ କରିବେ ବାରବର କେଶସ୍ତ । ବ୍ରଜନାଥ. ସମର ଉତ୍ତର ।)

ସାଏଦ୍(ଧ୍)—ପ୍ରାଦେ. (ସମ୍ବଲପୁର) ବିଣ—ସାଧ୍ୟ—
Sāed(dh) Controllable.

ସାଏଦ୍(ଧ) କରିବା—ପ୍ରାଦେ. (ସମ୍ବଲପୁର) କ୍ରି—୧ । ସାଧ୍ୟ କରିବା; Sāed(dh) karibā ଆୟତ୍ତ କରିବା—1. To bring under control. ୨ । ଦାଢ଼ି ସାଧିବା—2. To take revenge. ୩ । ହଇରାଣ କରିବା—3. To put one to trouble; to harass.

ସାଏ ଦେବା—ଦେ. କ୍ରି—କୌଣସି ପ୍ରସ୍ତାବକୁ ବା କଥାକୁ ଅନୁମୋଦନ
Sāe debā କରିବା—To approve of a proposal;
ସାଏ ଦେଓୟା ସମ୍ମତି ଦେନା to pass a proposal.

ସାଏନ୍ତ—ପ୍ରା· ବ—ସାଅନ୍ତ (ଦେଖ)
Sāenta Sā-ānta (See)
(ଜ—ଘରେ ସାଏନ୍ତ କଥୁଅଛୁ ଯେବେ, ଏତେ ପରିଶ୍ରମ କାହିଁକି ତେବେ । ପ୍ରାତୀ. ପରତେ ଗୀତା ।)

ସାଏନ୍ସ୍ (ଇତ୍ୟାଦି)—ବୈଦେ.ବ (ଇଂ)—ସାଇନ୍ସ୍ ଇତ୍ୟାଦି (ଦେଖ)
Sāens (etc) Sāins etc. (See)

ସାଏପ୍—ପ୍ରାଦେ· (ସମ୍ବଲପୁର) ବ (ସ· ଶାପ) —ଅଭିଶାପ—
Sāep Curse; imprecation.

ସାଏଲ —ବୈଦେ. ବ (କରିଅ) (ଫା. ସାୟିଲ୍)—୧ । ଅଭିଯୋକ୍ତା—
Sāel 1. Objector. ୨ । ପ୍ରକଦ୍ଦମା ସମ୍ପର୍କୀୟ ସମ୍ପତ୍ତିର
ସାଏଲ୍ ଦାବିଦାର—2. A claimant to the subject-
ସାୟଲ୍ matter of dispute in a case.

ସାଏସ୍ତା ଖାଁ—ଦେ. ବ (ନାମ)—୧ । ମୋଗଲ ସମ୍ରାଟ୍ ଔରଙ୍ଗ· Sāestā khāñ ଜେବଙ୍କର ଜନୈକ ସେନାପତି—1. Name
ସାଏସ୍ତା ଖାଁ of a Mahomedan general of the
ସାୟେସ୍ତା ଖାଁ Moghal Emperor Aurangzeb.
[ଦ୍ର—ଏ ବଙ୍ଗଳାର ଜଣେ ବଙ୍ଗୀୟ ମୋଗଲ ଶାସନକର୍ତ୍ତା ଥିଲେ । ଏହାଙ୍କର ପ୍ରକୃତ ନାମ ଆଜମ୍ ଓ ପିର୍ଜା ମୁହମ୍ମଦ । ୧୬୬୧ ସାଲରେ ମୋଗଲ ସମ୍ରାଟଙ୍କ ପ୍ରଧାନ ମନ୍ତ୍ରୀ ଜୁଲ୍ଫାର ଅସଫ୍ଖାଁଙ୍କ ମୃତ୍ୟୁ ହେବାରୁ ସମ୍ରାଟ ସାଜାହାନ୍ ଏହାଙ୍କୁ ଉକ୍ତ ପଦରେ ନିଯୁକ୍ତ କଲେ । ପୁଣିଥ ଏ ବେଗ୍ଲର ଶାସନ-କର୍ତ୍ତା ଥିଲେ । ୧୬୫୬ ଖ୍ରୀଷ୍ଟାବ୍ଦରେ ଏ ଅଞ୍ଚଳଟି ବଳପୂର୍ବକ ଅଧିକାର ହେଲେ ଓ ୧୬୫୮ ସାଲରେ ସାଜାହାନଙ୍କ ମୃତ୍ୟୁ

Digitized by srujanika@gmail.com

ପରେ ଏ ସରଦ୍ଦୁଃ ସ୍ୱଜା ଶିବାଜଙ୍କୁ ଦମନ କରିବା ଜମନ୍ତେ ୧୬୫୯ସାଲରେ ଅରଙ୍ଗଜେବଙ୍କ ଦ୍ୱାର୍ ସଦ୍ଦାର୍ସ୍ତୁକୁ ପ୍ରେରଣ ଦୋଇଥିଲେ । ପୁନାରେ ଅବସ୍ଥାନ କରିବା ସମୟରେ ଶିବାଜ ସହିତାଲରେ ଦୁଠାଡ଼ ଏଦ୍ଦାଙ୍କୁ ଅକ୍ରମଣ କରିଥିଲେ । ଏଥିରେ ବହୁତ ସୈନ୍ୟକ୍ଷୟ ଦୋଇ ସାବସ୍ତା ପଳାଇ ପିବା ସମୟରେ ଶିବାଜଙ୍କ ତରବାର ଅଘାତରେ କେଃତ ଗୋଃ ଅଙ୍ଗୁଠି ଦରାଇଥିଲେ । ୧୬୬୬ ସାଲରେ ଏ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ ଦୋଇଥିଲେ ଓ ଏଦ୍ଦାଙ୍କ ଅମଳରେ ବଙ୍ଗଳାରେ ମୋଗଲ୍ଶାସନ ଦୃଢ଼ ଦୋଇଥିଲ୍ଲ । ଏ ଛାଡାରେ ବଙ୍ଗର ସ୍ୱଚ୍ଛଧାରା ସ୍ଥାପନ କରିଥିଲେ । ଏଦ୍ଦାଙ୍କ ଅମଳରେ ବଙ୍ଗଦେଶରେ ଏକ ସଦ୍ଦଣ ଗୁଜୁଲର ମୂଲ୍ୟ ଦୁଇ ଅଣା ଥିଲ୍ଲ । ଏ ଖୁବ୍ ଚତୁର ଓ ଜଲୁଣ୍ଠ ଗାଇଡ଼୍ଶଲ ଥିଲେ । ୧୬୯୪ ଖ୍ରୀଷ୍ଟାବ୍ଦରେ ୯୩ ବର୍ଷ ବୟସ୍ରରେ ଏଦ୍ଦାଙ୍କର ମୃତ୍ୟୁ ଦୋଇଥିଲ୍ଲ । ସାଜାଦ୍ଦାନଙ୍କ ସ୍ୱଜତ୍ୱକାଳରେ ଏ ଅଞ୍ଚାରେ ଓ ଅଲ୍ଲାଦ୍ଦାବାଦରେ ଯଥାକ୍ରମେ ଜଦ୍ୟାନ ଓ ସଦ୍ଦଜଦ୍ ନର୍ମାଣ କରାଇଥିଲେ । ଅଲ୍ଲାଦ୍ଦାବାଦର ସଦ୍ଦଜଦ ୧୬୫୭ ସାଲର ସିପାଦ୍ଦୀ ବଦ୍ରୋଦ୍ଦ ପରେ ଧ୍ୱସ୍ତ ଦୋଲ୍ଲ—ବଶ୍ୱକୋଷ] ୨ । (ଲକ୍ଷଣାର୍ଥ) ସାଦ୍ଦୋତ୍ତା ଟାଁଙ୍କ ପରି ପ୍ରବଳ ପ୍ରତାପୀ ବ୍ୟକ୍ତି—2. (figurative) A very powerful or mighty personage (like Sāyesta Khāñ).

ସାଓ—ପ୍ରାଦେ. (ଚୁଚ୍ଚଗଞ୍ଜ) ବ—ତେଲି—
Sāo — An oilman.

ସାଂଖ୍ୟ (ଇତ୍ୟାଦି)—ସ. ବ—ସାଙ୍ଖ୍ୟ ଇତ୍ୟାଦି (ଦେଖ)
Sāṁkhya (etc) — Sāṅkhya etc (See)

ସାଂଖ୍ୟ କାରିକା—ଦେ, ବ—ତପିଲ ମୁନଙ୍କ ସାଂଖ୍ୟ ଦର୍ଶନ—The Sāṁkhya kārikā system of Hindu philosophy of sage Kapila. (ଜ—ଏଥି ସଶସ୍ଦ ଭର ସାଂଖ୍ୟକାରିକା ନାଦ୍ଦି, ସାଂଖ୍ୟକାରିକା ଅଛ କହୁ—ପ୍ରାଚୀ. ପୁର୍ଣ୍ଣିଭମ ଚନ୍ଦ୍ରୋଦୟ ।)

ସଂଗ୍ରାମିକ—ସ. ବଣ ଓ ବ—ସାଙ୍ଗ୍ରାମିକ (ଦେଖ)
Saṁgrāmika — Sāṅgrāmika (See)

ସାଂଘାତିକ—ସ. ବଣ—ସାଙ୍ଘାତିକ (ଦେଖ)
Sāṁghātika — Sāṅghātika (See)

ସାନ୍ଦୃଷ୍ଟିକ—ସ. ବ—ସାନ୍ଦୃଷ୍ଟିକ (ଦେଖ)
Sāṁdṛushṭika — Sāndṛushṭika (See)

ସାମ୍ବତ୍ସରିକ (ଇତ୍ୟାଦି)—ସ. ବଣ—ସାମ୍ବତ୍ସରିକ ଇତ୍ୟାଦି (ଦେଖ)
Sāṁbatsarika (etc) — Sāmbatsarika etc (See)

ସାମ୍ବାଦିକ—ସ. ବଣ—ସାମ୍ବାଦିକ (ଦେଖ)
Sāṁbādika — Sāmbādika (See)

ସାମ୍ବାଲି—ଦେ. ବ—ଶୁଆଁବାଲ ପୋକ—
Sāmbāli — Caterpillar.
[ସାମ୍ବାଳି(ଳୁ)ଆ—ଅନ୍ୟରୂପ]
ସୂୟାଁପୋକା ମୁଆ

ସାମାଜିକ—ସ. ବଣ. ପୁଂ (ସମାଜ+ଇକ)—ଜାହାଜଦ୍ୱାରା ଦ୍ୱୀପାନ୍ତର ଗମନ—Going to another island in a vessel on a voyage.
(ସାମାଜିକା—ସ୍ତ୍ରୀ)
ବ—ପୋତବଣିକ (ଅମର)—A merchant trading with the help of ships; a voyaging merchant.

ସାଂଯୁଗୀନ—ସ. ବଣ.ପୁଂ (ସଯୁଗ=ଯୁଦ୍ଧ+ଖୁଣଜାର୍ଥେ ଇନ)—ଯୁଦ୍ଧ-କୁଶଳ—Dexterous in war; skilful in fight.
Sāṁjugina
(ସାଯୁଗୀନା—ସ୍ତ୍ରୀ)

ସାମ୍ରାବିଣ—ସଂ. ବ (ସଂତ୍ରାବନ୍+ଅ)—ଦ୍ୱାଟରେ ଜାତ ଦେବା ଜଣ ଶବ୍ଦ (ମୃଗ୍ଧବୋଧ ବ୍ୟାକରଣ)—The high sound rising from the crowd in a market.
Sāṁrābiṇa

ସାଂଶୟିକ—ସଂ.ବଣ. ପୁଂ (ସଂଶୟ+ଇକ)—୧ । ସଂଶୟଯୁକ୍ତ;ସନ୍ଦଦ୍ଦାନ-Doubtful; doubting; suspicious; sceptic.
Sāṁsayika
(ସାଂଶୟିକା—ସ୍ତ୍ରୀ)
୨ । ଅସ୍ଥିରବୁଦ୍ଧି—2. Fickle-minded. ୩ । ଅକୃତସ୍ଥଚିତ୍ତ—3. Having formed no resolve. ୪ । ଅକୃତନିଶ୍ଚୟ—4. Unsettled; hesitating.

ସାମ୍ରାବିଣ—ସଂ. ବ (ସଂତ୍ରାବଣ+ଇନ)—ବୃକ୍ଷରୁ ବୃକ୍ଷକୁ ବ୍ୟାପିକର Flow of juice or sap from one tree to another.
Sāṁsrābiṇa

ସାସର୍ଗିକ—ସଂ. ବଣ (ସଂସର୍ଗ+ଇକ)—୧ । ସସର୍ଗସମ୍ବନ୍ଧୀୟ—1. Relating to company.
Sāṁsargika
୨ । ସସର୍ଗଜ—2. Born of association.

ସାଂସାରିକ—ସ. ବ (ସସାର+ଇକ)—ସଂସାର ସମ୍ବନ୍ଧୀୟ—Relating to the world; worldly.
Sāṁsārika
(ସାଂସାରିକତା—ବ)

ସାଂସିଦ୍ଧିକ—ସ. ବଣ (ସସିଦ୍ଧି+ଇକ)—ସ୍ୱଭାବସିଦ୍ଧ—Natural; innate; congenital.
Sāṁsiddhika

ସାଂସ୍ଥାନିକ—ସ. ବଣ (ସଂସ୍ଥାନ+ଇକ)—୧ । ସଂସ୍ଥାନସମ୍ବନ୍ଧୀୟ—1. Relating to one's subsistence.
Sāṁsthānika
୨ । ସମାନଦେଶୀୟ; ଏକଦେଶୀୟ—2. Of the same place or country.

ସାଁଉଁଲିବା—ପ୍ରାଦେ (ସମଲ୍ପୁର) କ୍ରି—୧ । ଜୁଣ୍ଡିବା—1. To scrape off. ୨ । ଘଲିସଜରିବା-2. To polish. ୩ । ସମ୍ମାର୍ଜଣ କରିବା—3. To smooth.
Sāñuñlibā
ସାଁଉଲ୍ଲିବା } —ଅନ୍ୟରୂପ
ସାଁଉଁବା }

ସାଁକୁର୍—ପ୍ରାଦେ (ସମଲ୍ପୁର) ବଣ (ଭୁଲ.ଏହ ଅର୍ଥରେ ହିନ୍ଦୀ. ସାଂକର) (ସ. ସଙ୍କୀର୍ଣ) —ସଙ୍କୀର୍ଣ; ଅପ୍ରଶସ୍ତ—Narrow.
Sāñkur

ସାଞ୍ଜ(ଙ୍ଖ,ଙ୍ଘ)—ସ୍ତ୍ରୀ. ବ. (ସ. ସଜ्ञ)—ବଂଶୋପାଧି—Family title or cognomen.
Sāñjñā (ṅgyā,yāñ)

Digitized by srujanika@gmail.com

ସାଁଚ୍—ଗାଦେ (ଲହଅ) ବଣ—ସତଅ; ସତ୍ୟବାଦୀ—
Sāñchā Truthful.

ସାଁଜ—ଗାଦେ (ମେଦଗଣ୍ଡର) ବ—ସନ୍ଧ୍ୟା; ସଞ୍ଜବେଳ—
Sāñj Evening.

ସାଁଝ—ଗାଦେ (ବସ୍ତର) ବ—ସନ୍ଧ୍ୟା; ସଞ୍ଜବେଳ—
Sāñjha Evening.

ସାଁତାଳ—ଦେ. ବ—ସାନ୍ତାଳ (ଦେଶ)
Sāñtāḷa Sāntāḷa (See)

ସାଁପ୍—ଗାଦେ (ବସ୍ତର) ବ (ତୁଳ. ହି· ସାପ୍)—ସାପ—
Sāñp Snake; serpent.

ସାକଂ—ସଂ. ଅ (ସହ+ଅକ୍ ଧାତୁ=ସିବା+ଅମ୍)—ସହ; ସହିତ; ସଙ୍ଗେ (ଅମର)—With; together with. (ସାକମ୍—ଅନ୍ୟରୂପ) [ଦ୍ର—ଏଁଶବ୍ଦର ବ୍ୟବହାର ଓଡ଼ିଆରେ ଦୃଷ୍ଟ ହୁଏ ନାହିଁ ।]

ସାକଟ—ଦେ· ବଣ (ସ· ଶଠ; ଶାକ୍ତ) —୧ । ଶଠ—1. Deceitful.
Sākaṭa ୨ । ଦୁଷ୍ଟ—2. Wicked. (ଦ୍ର—କଥ୍ୟ ଶଠ ସାକଟ ଲକ୍ଷଣୀ ଯେ ଲୋକ, ସାଙ୍କଟ ପରେ ଯେ ହିଂସେକ—ଯଶୋବନ୍ତ ପ୍ରେମଭକ୍ତିତରଙ୍ଗିଣୀ ।]

ସାକଲ୍ୟ—ସଂ· ବ (ସକଳ+ଷ୍ଟ୍ରା, ଯ)—୧ । ସମୁଦାୟ—
Sākalya 1. Entirety; wholeness. ୨ । ହୋମାର୍ଥ ମିଶ୍ରିତ ତିଳାଦିଦ୍ରବ୍ୟ—2. Sessamum and other articles mixed for the Homa.

ସାକାଙ୍କ୍ଷ—ସଂ. ବଣ. ପୁଂ (ସ+ଅକାଙ୍କ୍ଷା; ସତ୍ପାର୍ଥ ବହୁବ୍ରୀହି)—
Sākāṅksha ୧ । ଅକାଙ୍କ୍ଷାଯୁକ୍ତ; ସ୍ପୃହ—1. Desirous. (ସାକାଙ୍କ୍ଷା—ସ୍ତ୍ରୀ) ୨ । ଲାଳାୟିତ—2. Hankering after. (ନବ୍ୟକାଙ୍କ୍ଷ—ବପଶ୍ଚତ) ୩ । ଲୁବ୍ଧ—3. Covetous; lustful.

ସାକାର—ସଂ· ବଣ (ବହୁବ୍ରୀହି; ସ=ସହିତ+ଅକାର)—ଅକାର-
Sākāra ଯୁକ୍ତ—Having shape or form; corporeal. (ନବ୍ୟକାର—ବପଶ୍ଚତ)

ସାକାର ପୂଜକ—ସଂ· ବ ଓ ବଣ ପୁଂ—ଈଶ୍ୱରଙ୍କୁ ମୂର୍ତ୍ତିରୂପେ ଯେ
Sākāra pūjaka ପୂଜାକରେ—Idol worshipper. (ସାକାରପୂଜକା—ସ୍ତ୍ରୀ)

ସାକାର ପୂଜା—ସଂ, ବ—ସାକାରୋପାସନା (ଦେଖ)—
Sākāra pūjā Sākāropāsanā (See)

ସାକାର ବାଦ—ସଂ. ବ—ଈଶ୍ୱର ଅକାର ବିଶିଷ୍ଟ ଅଟନ୍ତି, ଏବମ୍ଭୂତ ମତ-
Sākāra bāda The tenet that God has definite shapes; idolatry.

ସାକାର ବାଦୀ—ସଂ· ବ ଓ ବଣ. ପୁଂ—(ସାକାରବାଦଙ୍କ ଶବ୍ଦ)—ସାକାର-
Sākāra bādī ବାଦ ମତାବଲମ୍ବୀ—A follower of the tenet of idolatry. (ସାକାରବାଦଜ—ସ୍ତ୍ରୀ)

ସାକାରୋପାସକ—ସଂ. ବ ଓ ବଣ. ପୁଂ—ସାକାରପୂଜକ (ଦେଖ)—
Sākāropāsaka Sākārapūjaka (See) (ସାକାରୋପାସିକା—ସ୍ତ୍ରୀ)

ସାକାରୋପାସନା—ସଂ. ବ—ଈଶ୍ୱରଙ୍କୁ ମୂର୍ତ୍ତିରୂପରେ ପୂଜା କରିବା—
Sākāropāsanā Idol worship; idolatry.

ସାକି(ଖି)ନ(ନି)—ବୈଦେ. ବଣ(କଚରଅ) (ଅ. ସାକ୍ତନ=ନବାସୀ)
Sāki(khi)n(ni) (ଅନ୍ୟଶବ୍ଦ ପୂର୍ବେ ଲଗେ)—ଅମୁକ ସ୍ଥାନର
ସାକିନ ସାକିନ ନବାସୀ—Inhabitant of; resident of. (ପଥା—ସାକନ୍ ସିକେୟରପୁର) [ଦ୍ର—ଏଥିର ସାଙ୍କେତିକ । ସା ।] ବ—ନବାସ; ବାସସ୍ଥାନ—Residence; place where a man lives; a person's address. (ଦ୍ର—ହାଲ ସାକନ୍ କତକ । ଫତରମୋତନ ଛମାଣ. ଅଠଗୁଣ)

ସାକିନ୍(ନ) ହାଲ୍—ବୈଦେ. ବଣ (କଚରଅ) (ଫା· ଅନ୍ୟ ସ୍ଥାନବାଚକ
Sākin(ni) hāl ଶବ୍ଦ ପୂର୍ବେ ଲେଖାଯାଏ)—ହାଲ୍ ସାକିନ୍;
ସାକିନ ହାଲ ଅଧୁନା (ଅମୁକ ସ୍ଥାନରେ) ବାସ କରୁଥିବା—
ସାକୀନ ହାଲ At present residing at. [ଦ୍ର—ଏଥିର ସାଙ୍କେତିକ । ସା । ହା । ବମ୍ବା । ସା । ଛା ।]

ସାକ୍ଷା—ବୈଦେ. ବ. ପୁଂ ଓ ସ୍ତ୍ରୀ (ଅ)—୧ । ଯେଉଁ ଲୋକ ମଦ-
Sākī ପିଥଲକୁ ମଦ ଅଣି ଯୋଗାଏ—1. One who
ସାକୀ provides wine to drinkers. ୨ । ପ୍ରେମିକ;
ସାକୀ ପ୍ରେମିକା—2. Lovers.

ସାକୁଚ (ଇତ୍ୟାଦି)—ଦେ. ବ—ସାଙ୍କୁଚ ଇତ୍ୟାଦି (ଦେଖ)
Sākucha (etc) Sāṅkucha etc. (See)
ଶାଁକୋଚ ସାଂକୁଚ

ସାକୁ(କୂ)ତ—ସଂ. ବଣ (ସ=ସହ+ଅକୂତ=ଅଭିପ୍ରାୟ)—
Sāku(kū)ta ଅଭିପ୍ରାୟଯୁକ୍ତ; ସାଭିପ୍ରାୟ—Having
(ସାକୁତା—ସ୍ତ୍ରୀ) intention or desire.

ସାକୁରୁଣ୍ଡ—ସଂ. ବ (ବୈଦ୍ୟକ)—ବୃକ୍ଷ ବିଶେଷ (ସ୍ୱଳ୍ପଜର୍ଜ୍ଜୁ)—
Sākuruṇḍa Name of a medicinal tree.
ଅନ୍ୟ ସଂ ନାମ—ତ୍ରିଚ୍ଛିଫଲ, [ଦ୍ର—ଏହାର ଗୁଣ କଷାୟତ୍ୱ,
କୁରୁଣ୍ଡ, ବକଟ, ବସ୍ତ୍ରଭୂଷଣ, ରୁଚିକାରିତ୍ୱ, ଦୀପନତ୍ୱ, ସାରକତ୍ୱ,
କଦଂବ ଫଳ । ଶ୍ଲେଷ୍ମାବାତବନାଶିତ୍ୱ, ଲଘୁତ୍ୱ,
ବସ୍ତ୍ରଭୂଷଣତ୍ୱ । ଏ ଗଛକୁ ଗୁଜରାଟରେ 'ସକୁରୁଣ୍ଡର' କୋଲ୍ଲଯାଏ ।]

ସାକୁଲ—ଦେ. ବ (ସଂ. କାକୁଦ)—୧ । ସାକୁଲଇବା (ଜର୍ମ ଦେଶ)—
Sākulā 1. Inveigling. (See) ୨ । କାକୁତି ମିନତି—
କାକୁତିମିନତି 2. Soliciations. ବଣ—୧ । କୋମଳ
ଠମା (କଥା)—1. Soft (words). ୨ । ସ୍ତୁତି (ଉକ୍ତି)—
2. Flattering. ୩ । (ପୁଂ) କାକୁତିମିନତିକାରୀ—
(ସାକୁଲ, ସାକୁଲେଇ—ସ୍ତ୍ରୀ) 3. Solicitous. ୪ । ସାକୁଲଅ
(ଦେଖ)—4. Sākuliā. (See)

ସାକୁଲ(ଲେ)ଇବା—ଦେ. କ—୧ । କୋମଳ କଥା କହି କୌଣସି
Sākulā(le)ibā ବ୍ୟକ୍ତିକୁ ମୁଗ୍ଧ କରିବା—1. To charm a
ବାବୁ ବାଛା କରା, ଗାଏ ହାତ person by soft words.
ବୁଲାନ, ସଲିଏ କଲିଏ କଥା ବଲା ୨ । ସ୍ତୁତି କରିବା—2. To

Digitized by srujanika@gmail.com

ଫୁସଲାନ, ଫୁସଲାନା flatter. ୩ । ଫୁସୁଲଇବା—3. To inveigle. ୪ । କାକୁତି ମିନତି କରିବା—4. To pray humbly; to solicit.

ସାକୁଲ ସାକୁଲି—ଦେ. ବ—ଗୁଣ୍ଠି ଓ ସ୍ନିଗ୍ଧ କଥା କହିବା—Inveigling. [ଜ—ଅଳ ସାନ୍ତ କଥା ଶୁଣି ଫୁସଲା ଫୁସଲି କଥଳ ସାକୁଲ ସାକୁଲ ଭଲ—ଫଙ୍କାରମୋଡ଼ନ୍ତି ଫୁସଲା ଫୁସଲି ଗଲ୍ପଗୁଲ୍ପ ।]

ସାକୁଲିଆ—ଦେ. ବଣ. ପୁଂ—୧ । ଯେ କୋମଳ କଥା କହେ—Sākuliā 1. One who speaks soft and sweet words. ୨ । ମଧୁରଭାଷୀ—2. Sweet-speaking. ୩ । ସ୍ନିଗ୍ଧଭାଷୀ—3. Oily-tongued. ୪ । ଗୁଣ୍ଠିଭାଷୀ—4. Flattering. ବଣ—ସ୍ନିଗ୍ଧ; ମଧୁର (ଭାଷା)—Sweet; oily (words). ମିଠା ବୋଲନେ ବାଲା ସାକୁଲ୍ଲ ସାକୁଲ୍ଲେଇ } ସ୍ତ୍ରୀ

ସାକୁଲ୍ୟ—ସଂ. ବ (ସକୁଳ+ଷ୍ଟ୍ୟଞ୍. ଯ)—ଏକ କୁଳରେ ଜାତ ହେବା ଯୋଗୁଁ ଦୁଇ ଜଣଙ୍କ ମଧ୍ୟରେ ସମ୍ପର୍କ—Sākulya Agnatic relationship; relationship between two persons born in the same family.

ସାକେତ—ସଂ. ବ (ସ=ସହ+ଅ+କିତ୍ ଧାତୁ+ଅଧି. ଅ)—ଦଶରଥଙ୍କ ରାଜଧାନୀ; ଅଯୋଧ୍ୟାନଗର (ଶବ୍ଦ-ରତ୍ନାବଳୀ)—Another name for the town of Ajodhyā. Sāketa (ସାକେତନ—ଅନ୍ୟରୂପ)

ସାକେତକ—ସଂ. ବଣ. ଓ ବ (ପୁଂ) (ସାକେତ+ବାସୀ ଅର୍ଥରେ କ)—ସାକେତବାସୀ; ଅଯୋଧ୍ୟାବାସୀ (ହ. ଶ)—Resident of Ajodhyā. Sāketaka

ସାକ୍ତୁକ—ସଂ. ବ (ସକ୍ତୁ=ଛତୁଆ+କ=ସକ୍ତୁକ+ଅ)—୧ । ସକ୍ତୁସମୂହ—Sāktuka 1. A mass or quantity of corn flour. ୨ । ଯବ (ସିଦ୍ଧାନ୍ତ କୌମୁଦ)—2. Barely. ବଣ—ସକ୍ତୁସମ୍ବନ୍ଧୀୟ—Relating to corn flour.

ସାକ୍ଷ (ଇତ୍ୟାଦି)—ଦେ. ବ—ସାକ୍ଷ୍ୟ ଇତ୍ୟାଦି (ଦେଖ) Sāksha (etc) Sākshya etc (See)

ସାକ୍ଷର—ସଂ. ବଣ (ସହାର୍ଥ ବହୁବ୍ରୀହି; ସ+ଅକ୍ଷର) —୧ । ଅକ୍ଷର-ଯୁକ୍ତ—Sākshara 1. Having letters. ୨ । ଅକ୍ଷର ସମ୍ବଳିତ—2. Consisting of letters. ୩ । ପୁଂ. ବେଦଜ୍ଞ; ବିଦ୍ୱାନ୍—3. Literate; learned. ଦେ.ବ (ସ. ସାକ୍ଷର)—୧ । ସ୍ୱନାମ ଲିଖନ (ବଙ୍ଗଳାରେ) —1. Signing of one's name. ୨ । ସହି; ସାକ୍ଷର—(ସାକ୍ଷରା—ସ୍ତ୍ରୀ. ବଣ) 2. Signature.

ସାକ୍ଷର କରିବା—ଦେ. କି (ସଂ. ସାକ୍ଷର+କୃ ଧାତୁ)—ନିଜର ନାମରୁ ସ୍ୱାକ୍ଷର କରିବା ଦସ୍ତଖତ କରିବା—To sign one's name. Sākshara karibā दस्तखत करना

ସାକ୍ଷସୂତ୍ର କମଣ୍ଡୁ—ସଂ. ବଣ (ସ=ସହିତ+ଅକ୍ଷସୂତ୍ର+କମଣ୍ଡୁ)—ଅକ୍ଷସୂତ୍ର ଓ କମଣ୍ଡୁଧାରୀ (ସନ୍ନ୍ୟାସୀ)—(an anchorite) Holding a string of beads and a water-pot called Kamaṇḍalu. Sākshasūtra kamaṇḍalu

ସାକ୍ଷାତ୍—ସଂ. ଅ (ସ=ସହ+ଅକ୍ଷି=ଚକ୍ଷୁଃ+ଅତ୍. ଧାତୁ=ଗମନ କରିବା+କ୍ୱିପ୍; ଅକ୍ଷି ଶବ୍ଦ ସ୍ଥାନରେ ଅକ୍ଷ)—୧ । ସ୍ୱୟଂ—1. Self. ୨ । ପ୍ରତ୍ୟକ୍ଷରେ; ସମ୍ମୁଖରେ (ଅମର)—2. Directly; in front; before one's eyes. ୩ । ମୁଖ୍ୟ—3. Direct; immediate. ୪ । ପ୍ରତ୍ୟକ୍ଷୀଭୂତ—4. (in person) Within one's veiw. ୫ । ସାମନା ସାମନି—5. Face to face. ୬ । ମୂର୍ତ୍ତିମାନ୍—6. Corporeal. ୭ । ସମାନ; ସଦୃଶ; ତୁଲ୍ୟ (ଅମର)—7. Equal; similar. ଦେ. ବ—୧। ସାକ୍ଷାତ୍‌କାର; ସାକ୍ଷାତ୍ ଭେଟ—1. Meeting; interview. ୨ । ଦେଖା; ଦେଖିବା; ଦର୍ଶନ—2. Seeing; visit. साक्षात

ସାକ୍ଷାତ୍ କରିବା—ଦେ. କି—କୌଣସି ବ୍ୟକ୍ତିକୁ ଦେଖା କରିବା—Sākshāt karibā To pay a visit to a person; to have an interview with a person. साक्षात करना [ଦ୍ର—ସାଙ୍ଗେବସ୍ତାନଙ୍କ ସଙ୍ଗେ ସାକ୍ଷାତ୍ କରିବା ପୂର୍ବରୁ ତାଙ୍କ ଦ୍ୱାରରେ ଥିବା ତତ୍ତ୍ୱାବଧାରୀ ଦ୍ୱାରରେ ଦର୍ଶକଙ୍କ ନିଜର ନାମ ଓ ପରିଚୟ ଲେଖାଥିବା ଖଣ୍ଡେ ଦର୍ଶନ କାର୍ଡ଼ ପଠାଇବାକୁ ପଡ଼େ ।]

ସାକ୍ଷାତ୍ କର୍ତ୍ତା—ସଂ. ବଣ (ସାକ୍ଷାତ୍ କର୍ତ୍ତୃ. ଶବ୍ଦ)—ସାକ୍ଷାତ୍‌କାରୀ; ଯେ ଦେଖା କରେ—Having an interview with; visiting; interviewing. Sākshāt-karttā (ସାକ୍ଷାତ୍‌କର୍ତ୍ତ୍ରୀ—ସ୍ତ୍ରୀ)

ସାକ୍ଷାତ୍‌କାର—ସଂ. ବ (ସାକ୍ଷାତ୍+କୃ ଧାତୁ+ଘଞ୍. ଅ)—ପ୍ରତ୍ୟକ୍ଷୀ-କରଣ; କୌଣସି ବ୍ୟକ୍ତିଙ୍କ ସଙ୍ଗେ ଦେଖା ବା ଭେଟ—Interview with any one. Sākshāt-kāra

ସାକ୍ଷାତ୍ କାରଣ—ଦେ. ବ—ମୁଖ୍ୟ କାରଣ; ପ୍ରତ୍ୟକ୍ଷ କାରଣ—Sākshāt kāraṇa Direct cause; immediate cause. साक्षात कारण सान्निध्य कारण

ସାକ୍ଷାତ୍‌କାର ଲାଭ—ସଂ. ବ—ଦର୍ଶନଲାଭ—Having an interview with Sākshāt-kāra lābha

ସାକ୍ଷତ୍‌କାର ଲାଭ କରିବା—ଦେ. କି—କୌଣସି ବ୍ୟକ୍ତିର ଦର୍ଶନ ପାଇବା—To have access to a person for an interview. Sākshāt-kāra lābha karibā साक्षात्कार लाभ करना साक्षात्कार होना

ସାକ୍ଷାତ୍‌କାରୀ ସଂ. ବଣ (ସାକ୍ଷାତ୍‌କାରନ୍ ଶବ୍ଦ)—ସାକ୍ଷାତ୍ କର୍ତ୍ତା. (ଦେଖ)—Sākshāt-kārī Sākshāt-karttā (See). [ସାକ୍ଷାତ୍‌କାରିଣୀ—ସ୍ତ୍ରୀ]

Digitized by srujanika@gmail.com

ସାକ୍ଷାତ୍ ଘଟଣା—ସଂ. ବ—ପ୍ରତ୍ୟକ୍ଷୀଭୂତ ଘଟଣା—An event Sākshāt ghaṭanā which has actually been seen by a person.

ସାକ୍ଷାତ୍ ଦେବା—ଦେ. କି—କୌଣସି ବ୍ୟକ୍ତିକୁ ଦେଖା ଦେବା—Sākshāt debā To grant an interview to a person. साक्षात् देना साक्षात् देना

ସାକ୍ଷାତ୍ ପାଇବା (ଲଭିବା)—ଦେ. କି—ସାକ୍ଷାତ୍‌କାର ଲଭ କରିବା; Sākshāt pāibā (labhibā) କୌଣସି ବ୍ୟକ୍ତିଙ୍କର ଦେଖା ସାକ୍ଷାତ ପାଓୟା ବା ଦର୍ଶନ ପାଇବା—To have access to a person for an interview; to have an opportunity of having an interview with a person. साक्षात् पाना, साक्षात् लाभकरना (ସାକ୍ଷାତ୍ ମିଳିବା [ହେବା]—ବିଶେଷ୍ୟଭୂତ)

ସାକ୍ଷାତ୍ ପ୍ରମାଣ—ସଂ. ବ—ପ୍ରତ୍ୟକ୍ଷୀଭୂତ ପ୍ରମାଣ—Sākshāt pramāṇa Direct evidence.

ସାକ୍ଷାତ୍ ଯମ—ଦେ. ବ (ସଂ. ସାକ୍ଷାତ୍ ଯମଃ)—୧ । ସ୍ୱୟଂ Sākshāt jama ଯମଦେବ—1. The God of death in person. ୨ । ଦେଖିବାକୁ ଠିକ୍ ଯମଭଳି ଭୟଙ୍କର ସାକ୍ଷାତ ଯମ ଓ ଭୟଙ୍କର—2. Fierce in appearance like the God of death; an impersonation of the God of death. ୩ । ଯମଭଳି ନିଷ୍ଠୁର—3. Cruel as the God of dath.

ସାକ୍ଷାତ୍ ଲାଭ—ଦେ. ବ—ସାକ୍ଷାତ୍‌କାର ଲାଭ—Sākshāt lābha Having an interview with a person. साक्षात् लाभ

ସାକ୍ଷାତ୍ ସମ୍ବନ୍ଧ—ଦେ. ବ—ପ୍ରତ୍ୟକ୍ଷୀଭୂତ ସମ୍ବନ୍ଧ—Sākshāt sambandha Direct connection or relation. साक्षात् सम्बन्ध

ସାକ୍ଷାତ୍ ହେବା—ଦେ. ବ—୧ । କୌଣସି ବ୍ୟକ୍ତିଙ୍କ ସଙ୍ଗେ ଭେଟ ହେବା—Sākshāt hebā 1. Having an interview or meeting (with a person). साक्षात् होना ୨ । ଦୁଇ ଜଣଙ୍କର ପରସ୍ପର ଭେଟ ହେବା—2. (Two persons) Meeting together; having an interview with each other.

ସାକ୍ଷାତ—ଦେ. ବ—ସାକ୍ଷାତ୍‌କାର (ଦେଖ)—Sākshātkāra. (See)

ସାକ୍ଷାତ କି. ବଣ—୧ । ସ୍ୱୟଂ—1. In person; personally. (ଉ—ଅଶ୍ୱ ମଲ୍ଲ ସହିତେ ସାକ୍ଷାତ ସାକ୍ଷାତ ସେମାନେ । କୃଷ୍ଣସିଂହ. ମହାଭାରତ. ବନ ।) ୨ । ସମ୍ମୁଖରେ; ସାମନାରେ—2. In front of (ଉ—ସାକ୍ଷାତ ଦେଖିଲଘର, ସାକ୍ଷୀ ହେବାକୁ କାହାର । ଜଗନ୍ନାଥ. ଭାଗବତ ଚମ୍ପୂ. ୪ ଗୀତ ।)

ସାକ୍ଷାତରେ—ଦେ. କି. ବଣ (ସଂ. ସାକ୍ଷାତ୍)—୧ । ସ୍ୱୟଂ—Sākshātare 1. In person. ୨ । ସମ୍ମୁଖରେ—2. In front of. ୩ । ଉପସ୍ଥିତିରେ—3. In the presence of. ୪ । ସାମନା ସାମନ—4. Face to face.

ସାକ୍ଷାତରେ କହିବା—ଦେ. କି—(କୌଣସି ବିଷୟ କୌଣସି ବ୍ୟକ୍ତିକୁ) Sākshātare kahibā ସ୍ୱୟଂ କହିବା—To tell anything to anyone in person. साक्षात्में कहना

ସାକ୍ଷାତ୍ରେ(ତ୍ତେ)—ଦେ. ଅ (ସଂ. ସାକ୍ଷାତ୍)—୧ । ସ୍ୱଚକ୍ଷୁରେ—Sākshāte(nte) 1. With one's own eyes. (ଉ—ସାକ୍ଷାତେ ଏହି ମତେ ସାକ୍ଷାତେ ଅମ୍ଭେ ଦେଖିଅଛୁଁ । କୃଷ୍ଣସିଂହ. ସାକ୍ଷାତେ ମହାଭାରତ. ବନ ।) ୨ । ସ୍ୱୟଂ—2. In person. (ଉ—ସାକ୍ଷାତେ କୃଷ୍ଣ ହୋଇ ଦ୍ୱେ ପାଣ୍ଡବ ଭଞ୍ଚ । କୃଷ୍ଣସିଂହ. ମହାଭାରତ. ଆଦି ।) ୩ । ଦେଖିବାକୁ ଠିକ୍ ସଦୃଶ—3. Exactly similar in appearance to (so and so); looking exactly like (so and so) ୪ । ପ୍ରତ୍ୟକ୍ଷ ଜ୍ଞାନରେ—4. Directly; to one's direct knowledge. (ଉ—ଏବେ ସେହି କଥା ସାକ୍ଷାତେ ଗଲ୍ଲ ଜଣା, ଭକ୍ଷା ଭୁମ୍ଭେ କାହ୍ନ କରୁଛ ବୁଝି ବଣା । କୃଷ୍ଣସିଂହ. ମହାଭାରତ. ବନ ।)

ସାକ୍ଷାଦ୍ଦର୍ଶନ—ସଂ. ବ—୧ ନିଜର ଆଖିରେ ଦେଖିବା—Sākshāddarśana 1. Seeing with one's own (ସାକ୍ଷାଦ୍‌ଦୃଷ୍ଟି—ଅନ୍ୟଭୂତ) eyes. ୨ । ସାମନା ସାମନ ଦେଖା—2. Direct vision.

ସାକ୍ଷାଦ୍ଦର୍ଶୀ—ସଂ. ବଣ. ପୁଂ (ସାକ୍ଷାତ୍ + ଦର୍ଶନ୍ = ସାକ୍ଷାଦ୍ଦର୍ଶନ ଶବ୍ଦ; ୧ଷା. ୧ବ) —ଯେ ସ୍ୱୟଂ ଦେଖିଥାଏ—Sākshāddarśī (ସାକ୍ଷାଦ୍ଦର୍ଶିନୀ—ସ୍ତ୍ରୀ) Having personally seen (anything); having a personal interview with.

ସାକ୍ଷାଦ୍ଦ୍ରଷ୍ଟା—ସଂ. ବଣ. ପୁଂ (ସାକ୍ଷାଦ୍ ଦୃଷ୍ଟ୍ ଶବ୍ଦ)—ସାକ୍ଷାଦ୍ଦର୍ଶୀ (ଦେଖ) Sākshāddrashṭā Sākshāddarśī. (See) (ସାକ୍ଷାଦ୍ଦ୍ରଷ୍ଟ୍ରୀ—ସ୍ତ୍ରୀ)

ସାକ୍ଷାଲ୍ଲାଭ—ଦେ. ବ—ସାକ୍ଷାତ୍‌କାର ଲାଭ; ଦେଖା ମିଳିବା—Sākshāllābha Having an interiew with. साक्षात् लाभ साक्षात् लाभ

ସାକ୍ଷି—ଦେ. ବ (ଉତ୍ତରଥା) (ସଂ. ସାକ୍ଷୀ)—୧ । ସାକ୍ଷୀ (ଦେଖ)—Sākshi 1. Sākshī. (See) ୨ । (ସଂ. ସାକ୍ଷ) ସାକ୍ଷ୍ୟ ସାକ୍ଷୀ ଗବାହୀ (ଦେଖ)— 2. Sākshya. (See) साक्ष गवाह

ସାକ୍ଷି ଅଲଗଡ଼ା - ଦେ. ବ—ସାକ୍ଷୀ ପେଇଁ ଅବଦ୍ଧ ସ୍ଥାନରେ ଠିଆ Sākshi alagardā ହୋଇ ସାକ୍ଷ୍ୟ ଦବ—The witness ସାକ୍ଷିର କାଠଗଡ଼ା गवाहीका कठघेरा box.

ସାକ୍ଷି ଜିଜା(ଝା)ର—ଦେ. ବ (ଉତ୍ତରଥା) —ସାକ୍ଷି ବୋଳନବନ୍ଦ (ଦେଖ) Sākshi ijā(jhā)ra Sākshi jabān bandi. (See) (ସାକ୍ଷି ଜବାବାର—ଅନ୍ୟଭୂତ) ସାକ୍ଷି ଏଜାହାର गवाही इंकार

Digitized by srujanika@gmail.com

ସାକ୍ଷି କରିବା—ଦେ· କି (କରିଅ)—୧ । କୌଣସି ବ୍ୟକ୍ତିକୁ କୌଣସି ଘଟଣାର ସାକ୍ଷୀରୂପେ ପ୍ରକାଶ କରିବା ବା ସାକ୍ଷି କରା ଉଲ୍ଲେଖ କରିବା—1. To cite a person as a witness. ୨ । କୌଣସି ବ୍ୟକ୍ତିକୁ କୌଣସି ଦଲିଲରେ ସାକ୍ଷୀ ପକାଇବା—2. To have a person as an attesting witness to a document; to get a person to attest a document.

Sākshi karibā
ସାକ୍ଷି କରିବା
गवाही करना

[ଦ୍ର—ଏକ ସାକ୍ଷି ସାକ୍ଷି ଦୁହେଁ, ଏକ ଆଖି ଆଖି ଦୁହେଁ—ପ୍ରବଚନ ।

ଯେଉଁପର ଜଣା ବ୍ୟକ୍ତିକୁ ଚକ୍ଷୁସ୍ଥାନ, ବୋଲିବିକ ନାହିଁ, ସେହିପର ଜଣେ ସାକ୍ଷୀଦ୍ୱାରା କୌଣସି ବିଷୟ ପ୍ରମାଣିତ ହେଲ୍ଲ ବୋଲ ବୋଲିପାଇ ପାରେ ନାହିଁ ।]

ସାକ୍ଷି ଖରଚ(ଚା)—ଦେ. ବି (କରିଅ)—ସମନ ଜାରିକରା ସାହିର ସାକ୍ଷୀ ଖରଚ ଦାଖଲ ହେବା ଧନ—Expenses deposited in a court for summoning a witness.

Sākshi kharacha(chā)
ସାକ୍ଷୀ ଖରଚ
गवाही खर्च
(ସାକ୍ଷି ଖଚ[ର୍ଚ୍ଚି]—ଅନ୍ୟରୂପ)

ସାକ୍ଷି ଖା(ଖୋ)ରକି—ଦେ. ବି (କରିଅ)—ଅଦାଲତକୁ କୌଣସି ସାକ୍ଷୀକୁ ସମନ କରିବା ବ୍ୟକ୍ତି ଉକ୍ତ ସାକ୍ଷୀର ଖାଇବା ଖରଚ ପାଇଁ ଯେଉଁ ଖରଚ ସମନ ଜାରିବେଳେ ଅଦାଲତରେ ଜମା କରେ—Diet money deposited in court for a witness whom a party summons.

Sākshi khu(kho)rāki
ସାକ୍ଷୀ ଖୋରାକୀ
गवाही खोराकी

ସାକ୍ଷି ଗଭା(ଗଭାଇ, ଗଭେଇ, ଗୁହା)—ଦେ· ବି (କରିଅ; ଏକାର୍ଥକ ସତ୍ତର ସାକ୍ଷୀ ସାବୁତ ଶବ୍ଦ, ସଂ· ସାକ୍ଷୀ ଓ ପା. ଗଭାଇ)—୧ । ସାକ୍ଷୀ—1. Witness. ୨ । ସାକ୍ଷୀ ଓ ପ୍ରମାଣ—2. Evidence and testimony of a witness.

Sākshi gabhā(gabhāi, gabhei, guhā)
ସାକ୍ଷି ଗଭା(ଗଭାଇ, ଗଭେଇ, ଗୁହା)
साक्षी गवाही

ସାକ୍ଷି ଗୁଜାରିବା—ଦେ. କି (କରିଅ)—କୌଣସି ବ୍ୟକ୍ତିକୁ ଅପଣାର ପକ୍ଷ ସମର୍ଥନ କରିବା ପାଇଁ ଦ୍ୱାରସ୍ଥ ସାକ୍ଷୀ ଗୁଜରାନ ସ୍ୱରୂପରେ ଜବାନବନ୍ଦି କରାଇବା—To cause a person to give evidence as witness on one's behalf.

Sākshi gujāribā
ସାକ୍ଷି ଗୁଜାରିବା
गवाही गुजारना

ସାକ୍ଷି ଗୁଜୁରିବା—ଦେ. କି (କରିଅ)—ଅଦାଲତରେ ସାକ୍ଷୀରୂପେ ଜବାନବନ୍ଦୀ ଦେବା—To depose as a witness in a case.

Sākshi gujuribā
ସାକ୍ଷି ଗୁଜୁରିବା
गवाही गुजरना

ସାକ୍ଷି ଗୋ(ଜୁ, ଜୋ)ଟା(ଟେ)ଇବା—ଦେ. କି—କୌଣସି ମକଦ୍ଦମାର ସାକ୍ଷୀମାନଙ୍କୁ ସଜ୍ଜିତ କରିବା—ସାକ୍ଷୀ ଜୋଟାନ To collect evidence or witnesses for a case.

Sākshi go(ju, jo)ṭā(ṭe)ibā
ସାକ୍ଷି ଗୋ(ଜୁ, ଜୋ)ଟା(ଟେ)ଇବା
गवाही जुटाना

ସାକ୍ଷି ଜବାନବନ୍ଦି—ଦେ. ବି (କରିଅ)—୧ । ସାକ୍ଷୀ ଅଦାଲତରେ ସାକ୍ଷ୍ୟ ଦେବା—1. Testimony or deposition given by a witness. ୨ । ଅଦାଲତଦ୍ୱାରା ଲିପିବଦ୍ଧ ହୋଇଥିବା ସାକ୍ଷି-ପ୍ରଦତ୍ତ ପ୍ରମାଣ—2. Evidence or deposition of a witness recorded by the court.

Sākshi jabānabandi
ସାକ୍ଷି ଜବାନବନ୍ଦି
गवाही जबानबंदी

ସାକ୍ଷି ଜେରା—ଦେ. ବି (କରିଅ)—ଯେଉଁ ପକ୍ଷ କୌଣସି ସାକ୍ଷୀକୁ ଉଲ୍ଲେଖ କରିଥାଏ ତାହାର ବିପକ୍ଷ ଓକିଲ ଅଦାଲତଦ୍ୱାରା ଉକ୍ତ ସାକ୍ଷୀକୁ ପଚରା ଯିବା କୂଟପ୍ରଶ୍ନ—Cross examination of a witness.

Sākshi jerā
ସାକ୍ଷି ଜେରା
गवाही की जीरह

ସାକ୍ଷିଣ—ଦେ. ବି (ପ୍ରାଚୀନ ପ୍ରୟୋଗ; ସଂ· ସାକ୍ଷିନ୍ ଶବ୍ଦର ୧ମା. ବହୁ Sākshiṇa ବଚନ, ସାକ୍ଷିଣଃ)—ସାକ୍ଷୀ (ଦେଖ)—Sākshī ସାକ୍ଷୀ ଗବାହୀ (See). [ଉ—ସେ ସାଥ ପୁଣ୍ୟରେ ସାକ୍ଷିଣ, ତୋ ସାଦେ ସକ୍ଷିଲ ଶରଣ—ଜଗନ୍ନାଥ. ଭାଗବତ ।]

ସାକ୍ଷି ତାଲିକା—ଦେ. ବି (କରିଅ)—ମକଦ୍ଦମାରେ ପକ୍ଷ ଦ୍ୱାରା ଦାଖଲ ହେବା ନିଜର ସାକ୍ଷିମାନଙ୍କର ନାମ—ସାକ୍ଷୀ ତାଲିକା List of one's witnesses filed by a party in court.

Sākshi tālikā
ସାକ୍ଷି ତାଲିକା
गवाही तालिका

ସାକ୍ଷି ତାଲିମ୍ କରିବା—ଦେ. କି (କରିଅ)—ସାକ୍ଷୀ ଦେବା ସମୟରେ ସାକ୍ଷୀକୁ ଯେପରି କଥା କହିବ ତାହା ତାକୁ ବତାଇବା ବା ଶିଖାଇବା—To coach a witness.

Sākshi tālim karibā
ସାକ୍ଷି ତାଲିମ କରିବା
गवाही तालिम करना

ସାକ୍ଷି ତିଆର(ରି) କରିବା—ଦେ.କି (କରିଅ)··ସାକ୍ଷୀ ସଜାଇବା (ଦେଖ)· Sākshī sajāibā (See)

Sākshi tiāra (ri)karibā
ସାକ୍ଷି ତିଆର(ରି) କରିବା
गवाही तैयार करना

ସାକ୍ଷି ଦେବା—ଦେ. କି (ସକର୍ମକ; କରିଅ)—୧ । କୌଣସି ବ୍ୟକ୍ତିକୁ କୌଣସି ଘଟଣାର ସାକ୍ଷୀରୂପେ ପ୍ରକାଶ କରିବା—1. To cite a person as a witness.

Sākshi debā
ସାକ୍ଷି ଦେବା
गवाही देना

[ଉ—ଗୁଳ ପାଉଥାଏ ଉରମକୁ, କଥା କହୁଥାଏ ଶରମକୁ, ମରମେ ମରମେ ଯାଚି ହେଉଥାଏ ସାକ୍ଷି ଦେଉଥାଏ ଧରମକୁ—ଭଗ ।] ୨ । (ଅକର୍ମକ) ସାକ୍ଷ୍ୟ ଦେବା; କୌଣସି ମକଦ୍ଦମାରେ ନଜେ ସାକ୍ଷୀସ୍ୱରୂପ ଜାଣିଥିବା ଘଟଣା ବା ବିବରଣ ଅଦାଲତଙ୍କୁ କହିବା—2. To depose as a witness in a case.

ସାକ୍ଷି ଦ୍ୱୈଧ—ସଂ. ବି (ସଂ. ସାକ୍ଷିନ୍+ଦ୍ୱୈଧ; ୭ମୀ ତତ୍) —୧ । ଏକ ଘଟଣା ସମ୍ବନ୍ଧେ ଭିନ୍ନ ଭିନ୍ନ ସାକ୍ଷୀମାନେ ଦୁଇ ପ୍ରକାର କଥା ସାକ୍ଷ୍ୟ ଦେବା—1. Contradictory versions of the same thing by different witnesses. ୨ । ଏକ ଘଟଣା ସମ୍ବନ୍ଧେ ବିପରୀତବାଦୀ ଦୁଇ ଜଣ ସାକ୍ଷୀ—2. Two witnesses contradicting each other.

Sākshi dwaidha
ସାକ୍ଷି ଦ୍ୱୈଧ

Digitized by srujanika@gmail.com

ସାକ୍ଷି ନେବା—ଦେ. କି (ଉତ୍ତରଥ)—କୌଣସି ମକଦ୍ଦମା ସମ୍ବନ୍ଧୀୟ ପ୍ରମାଣ ସାକ୍ଷୀଙ୍କ ମୁହଁରୁ ଶୁଣିବା—To take evidence from a person; to examine a witness.
Sākshi nebā
साक्षी लेना
गवाही लेना

ସାକ୍ଷି ପକା(କେ)ଇବା—ଦେ. କି (ଉତ୍ତରଥ)—୧ । କୌଣସି ବ୍ୟକ୍ତିକୁ କୌଣସି ଦଲିଲର ସାକ୍ଷୀରୂପେ ଦସ୍ତଖତ କରାଇବା—1. To make or get a person attest a deed. ୨ । (ଲେଖକ) ଉତ୍ତରର ସାକ୍ଷୀର ନାମ ଓ ସହି ଦଲିଲରେ ଲେଖିବା—2. (the writer of a deed) To write out the name or mark of an illiterate person as a witness to a deed.
Sākshi pakā(ke)ibā
साक्षी फैलाना
गवाही बनाना

ସାକ୍ଷି ପଡ଼ିବା—ଦେ. କି (ଉତ୍ତରଥ)—କୌଣସି ସାକ୍ଷୀ ନଜର ନାମ ବା ଦସ୍ତଖତ କୌଣସି ଦଲିଲରେ ଲେଖିବା—To attest a document (by signing one's name or putting one's mark thereon.)
Sākshi pardibā
साक्षी पड़ना
गवाही होना

ସାକ୍ଷି ପ୍ରମାଣ—ଦେ. ବ (ଉତ୍ତରଥ; ସଂ. ସାକ୍ଷୀ ଓ ପ୍ରମାଣ)—୧ । ସାକ୍ଷୀଦ୍ୱାରା କୌଣସି ଘଟନାର ପ୍ରମାଣ—1. Proof of any matter by witness. ୨ । (ସଦୃଢର) ସାକ୍ଷୀଙ୍କଦ୍ୱାରା ଓ ଅନ୍ୟ ଉପାୟରେ ଘଟନାର ପ୍ରମାଣ—2. Proof of any matter by evidence, oral and documently.
Sākshi pramāṇa
साक्षी प्रमाण
गवाही सबुत

ସାକ୍ଷି ମାନିବା—ଦେ. କି (ଉତ୍ତରଥ)—ଅପଣା ପକ୍ଷ ସମର୍ଥନ ପାଇଁ କୌଣସି ବ୍ୟକ୍ତିକୁ ସାକ୍ଷୀରୂପେ ଭଲବ ସାକ୍ଷୀ ମାନା କରିବା—To cite a person as one's witness.
Sākshi mānibā
साक्षी मानना
गवाही मानना

ସାକ୍ଷି ମିଆଦି—ଦେ. ବ (ଉତ୍ତରଥ)—ସାକ୍ଷୀଙ୍କ ଉପରେ ସମନ ଜାରି କରିବାକୁ ଯିବା ପିଅଦାର ଖରଚ ପାଇଁ ସାକ୍ଷୀ ମେୟାଦୀ ସମନ ପାଇଁ ପ୍ରାର୍ଥନାକାରୀ ପକ୍ଷ ଅଦାଲତରେ ଯେଉଁ ଡୋକଫିସ୍ ଦାଖଲ କରେ—Process fees deposited in court by a person who prays for summoning a witness.
Sākshi miādi
साक्षी मियादी
गवाही मियादी

ସାକ୍ଷି ମୂଚ (ଚ୍ଛ, ଚ, ଚେ) ଲ (ଲି) କା—ଦେ. ବ (ଉତ୍ତରଥ)—ଏକ ଭାରତରେ ସାକ୍ଷୀମୋଚଳକା ଅଦାଲତରେ ଉପସ୍ଥିତ ହୋଇଥିବା ସାକ୍ଷୀ ଅନ୍ୟ ଧାର୍ଯ୍ୟ ତାରିଖରେ ପୁନର୍ବାର ସମନ କରି ନ ଯାଇ ସମନ ନଜେ ଥସି ହାଜର ହେବା ପାଇଁ ଯେଉଁ ସ୍ୱୀକାର ପତ୍ର ଅଦାଲତରେ ଦସ୍ତଖତ କରି ଦଅନ୍ତି—Personal recognisance taken from a witness (who attends court) to appear on the next date without issue of fresh summons.
Sākshi mucha (chha, chi, che) la (li) kā
साक्षीमोचलका
गवाहिमुचालिका

ସାକ୍ଷି ସଜା(ଜେ)ଇବା—ଦେ. କି—କୌଣସି ବିଷୟରେ ପ୍ରମାଣ ପାଇଁ ମିଥ୍ୟା ସାକ୍ଷୀ ଯୋଗାଡ଼ କରିବା—ସାକ୍ଷିସାଜାନ
Sākshi sajā(je)ibā
गवाहीतूलकरना

ସାକ୍ଷି ସମନ—ଦେ. ବ (ଉତ୍ତରଥ)—(ଫ. ସାକ୍ଷୀ ଓ ଇଂ. ସମନ୍ସ୍) ସାକ୍ଷୀଙ୍କର ଅଦାଲତରେ ହାଜର ହେବା ସାକ୍ଷିସମନ ପାଇଁ ଅଦାଲତଙ୍କ ମୋଦରଯୁକ୍ତ ଆଦେଶ ଲିପି—Summons to a witness. (ସାକ୍ଷିସ୍ମନ—ଗ୍ରାମ୍ୟରୂପ)
Sākshi samana
साक्षिसमन
गवाहीसमन

ସାକ୍ଷି ସାବ(ବୁ)ତ୍(ତା,ତି,ତେ)—ଦେ. ବ (ଉତ୍ତରଥ) —(ଫ. ସାକ୍ଷୀ ଓ ଫା. ସୁବୂତ୍=ପ୍ରମାଣ)--ସାକ୍ଷୀ ପ୍ରମାଣ; ସାକ୍ଷିସାବୁଦ୍. ସାକ୍ଷୀ ଦ୍ୱାରା କୌଣସି ଘଟନାକୁ ପ୍ରମାଣିତ କରିବା—Evidence or proof of any matter adduced by a witness.
Sākshi sābi(bu)t (tā,ti)
साक्षी साबुद
गवाहीसुबुद

ସାକ୍ଷି ହାଜର୍—ଦେ. ବ (ଉତ୍ତରଥ)—ଅପଣା ପକ୍ଷରୁ ଅଦାଲତରେ ହାଜର ହୋଇଥିବା ସାକ୍ଷିମାନଙ୍କ ତାଲିକା ସାକ୍ଷୀହାଜିରା (ଯାହା ପକ୍ଷ ଅଦାଲତରେ ଦାଖଲ କରେ)—List of witnesses in attendance in court, filed by a party.
Sākshi hājir
साक्षीहाजिरी
गवाहीहाजिरी

ସାକ୍ଷୀ—ଫ. ବଶ. ପୁଂ (ସାକ୍ଷାତ୍+ଇନ୍; ସାକ୍ଷାତ୍ ସ୍ଥାନରେ ସାକ୍ଷ; ସ=ସହିତ+ଅକ୍ଷି=ଚକ୍ଷୁଃ+ଅ+ଇନ୍, ୧ମା. (ସାକ୍ଷିଣୀ—ସ୍ତ୍ରୀ) ୧ବ)—୧ । ବୃତ୍ତିନ୍ତଜ୍ଞ, (ଦେଖିଥିବା ଶୁଣିଥିବା) [ସାକ୍ଷ, ସାକ୍ଷିତ୍ୱ—ବ]
Sākshi
साक्षी
गवाह

1. Cognisant of any matter ୨ । ଦେଖିଥିବା ବିଷୟର କଥକ—2. Bearing testimony; giving evidence. ବ—୧ । ସାକ୍ଷାତ୍‌ଦ୍ରଷ୍ଟା ବ୍ୟକ୍ତି—1. Witness; eye-witness. ୨ । ଯେ କୌଣସି ଘଟନା ସ୍ୱତନ୍ତ୍ରଭାବେ ଦେଖିଥାଏ; ଉପଦ୍ରଷ୍ଟା—2. A spectator; on-looker. ୩ । ବୃତ୍ତିନ୍ତଜ୍ଞ ବ୍ୟକ୍ତି—3. A person who is cognisant of the fact of a case or event. ୪ ଯେଉଁ ବ୍ୟକ୍ତି ନଜେ ଦେଖିଥିବା ଓ ଜାଣିଥିବା ବିଷୟ ଧର୍ମାଧିକରଣରେ ହଜୁରକଙ୍କ ନକଟରେ ପ୍ରକାଶ କରେ—4. A witness who deposes in court as to the matters within his knowledge. [ଦ୍ର—ଅଦାଲତରେ ଯେଉଁ ପକ୍ଷ କୌଣସି ସାକ୍ଷୀଙ୍କୁ ସମନ କରିଥାଏ, ସେହି ପକ୍ଷ ପ୍ରଥମେ ଉକ୍ତ ସାକ୍ଷୀଙ୍କୁ ମୁଖ୍ୟ ପ୍ରଶ୍ନ ବା ଜବାନବନ୍ଦୀ କରନ୍ତି । ତତ୍‌ପରେ ଅପର ପକ୍ଷ ଉକ୍ତ ସାକ୍ଷୀଙ୍କୁ କୂଟ ପ୍ରଶ୍ନ ବା ଜେରା କରନ୍ତି ଓ ଜେରାରେ ପ୍ରକାଶ ହୋଇଥିବା କୌଣସି ବିଷୟ ବୁଝାଇବା ପାଇଁ ସମନ କରିଥିବା ପକ୍ଷ ତାକୁ ପୁନଃ ପ୍ରଶ୍ନ କରନ୍ତି ।]

୫ । ସାକ୍ଷି ଇତ୍ୟାଦି (ଦେଖ)—5. Sākshi etc (See).

Digitized by srujanika@gmail.com

ସାକ୍ଷୀ ଗୋପାଳ—ଦେ. ବ—୧ । ସତ୍ୟବାଦୀ ଗୋପୀନାଥ (ଦେଶ)—
Sākshī gopāḷa 1. Satyabādī gopīnātha. (See)
साक्षी गोपाल ୨ । ସତ୍ୟବାଦୀ (ଦେଶ)—2. Satyabādī
(See) ୩। ବେଙ୍ଗଲ୍ ନାଗପୁର ରେଲୱେର ପୁରୀ ଶାଖା ଉପରସ୍ଥ ସାକ୍ଷୀଗୋପାଳ ମନ୍ଦିରର ନିକଟବର୍ତ୍ତୀ ରେଲ ଷ୍ଟେସନ—2. Name of the B. N. Ry. station near the Sakhigopal temple on the Puri branch. [ଦ୍ର—ଏହି ଷ୍ଟେସନ ଠାରୁ ସାକ୍ଷୀ ଗୋପାଳଙ୍କ ମନ୍ଦିର ୧ ମାଇଲ୍ ଦୂରବର୍ତ୍ତୀ ଅଟେ; ଏଠାରେ ଡାକ୍ତରଖାନା, ପୋଷ୍ଟଅଫିସ୍, ଡାକବଙ୍ଗଳା ଓ ଥାନା ଅଛି । ଏ ଗ୍ରାମରୁ କେହି କେହି ସତ୍ୟବାଦୀ ଚଢ଼ନ୍ତି ।] ୪ । (ଲକ୍ଷଣାର୍ଥ) ନିଷ୍କ୍ରିୟ ବା ନିଷ୍ପ୍ରୟୋଜନ ସାକ୍ଷୀ—4. (Figurative) A do-nothing witness; a witness who virtually does nothing. ୫ । (ଲକ୍ଷଣାର୍ଥ) ମୂକ ସାକ୍ଷୀ—5. (Figurative) A dumb witness. ୬ । (ଲକ୍ଷଣାର୍ଥ) ଯେଉଁ ସାକ୍ଷୀ ଦର୍ଶକ ମାତ୍ର ହୋଇଥାଏ; ଯେ ଦୃଷ୍ଟ ବିଷୟରେ କୌଣସି ପକ୍ଷ ଅବଲମ୍ବନ ନ କରି କେବଳ ମାତ୍ର ଗୃହୀତ ରହିଥାଏ—6. (Figurative) A disinterested witness; a mere spectator. ୭ । ନାମିତ୍ତିକ ମାତ୍ର ବ୍ୟକ୍ତି; ନାମଟଃ ସାକ୍ଷୀ—7. A nominal witness.

ସାକ୍ଷୀଗୋପାଳ କମି(ମେ)ଟି—ଦେ. ବ—ସତ୍ୟବାଦୀ କମିଟି (ଦେଶ)
Sākshīgopāḷa kami(me)ṭi Satyabādī kamiṭi.
(ସାକ୍ଷୀଗୋପାଳ ମନ୍ଦିର କମିଟି—ଅନ୍ୟରୂପ) (See)

ସାକ୍ଷୀ ଗୋପୀନାଥ—ଦେ. ବ—ସତ୍ୟବାଦୀ ଗୋପୀନାଥ (ଦେଶ)
Sākshī gopīnātha Satyabādī gopīnātha. (See)

ସାକ୍ଷ୍ୟ—ବି. ବ (ସାକ୍ଷିନ୍+ଷ୍ୟଞ୍. ପ)—୧ । ସାକ୍ଷୀର କର୍ମ—
Sākshya 1. The act of a witness. ୨ । ଧର୍ମାଧିକରଣରେ ସାକ୍ଷୀଙ୍କ ଦ୍ୱାରା ପ୍ରଦତ୍ତ ପ୍ରମାଣ—2. Testimony or evidence of a witness in a court of justice. ୩। ସାକ୍ଷୀଠାରୁ ପ୍ରମାଣ ଗ୍ରହଣ—3. Taking evidence from a witness [ଦ୍ର—ମନୁସଂହିତାରେ ଅଛି, ଯେଉଁ ବ୍ୟକ୍ତି କଳେ କୌଣସି ଘଟଣା ଦେଖିଥାଏ ବା ଶୁଣିଥାଏ ବା ଅନୁଭବ କରି ଜାଣି ଥାଏ, ତାହାଦ୍ୱାରା ପ୍ରଦତ୍ତ ପ୍ରମାଣକୁ ସାକ୍ଷ୍ୟ କୁହାଯାଏ ।

ନାରଦ, ଯାଜ୍ଞବଲ୍କ୍ୟ, ମନୁ, ବିଷ୍ଣୁ, କାତ୍ୟାୟନ, ବୃହସ୍ପତି ଆଦିଙ୍କ ରଚିତ ସ୍ମୃତିଶାସ୍ତ୍ରମାନଙ୍କରେ 'ସାକ୍ଷୀ' ଦେବାର ପ୍ରଣାଳୀ ଓ ମିଥ୍ୟା ସାକ୍ଷ୍ୟ ଦେବାର ଦଣ୍ଡ ଓ ଯେଉଁ ବିଷୟରେ କାହାର ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରାହ୍ୟ, ଇତ୍ୟାଦି ବିଷୟ ବିସ୍ତାରରୂପରେ ବହୁତ ହୋଇଅଛି ଓ ଯେଉଁ ଶ୍ରେଣୀର ଅନୁପଯୋଗକୁ କାହାର ସାକ୍ଷ୍ୟ ଦ୍ୱାରା ପ୍ରମାଣିତ କାର୍ଯ୍ୟରେ ବାଧା ମଧ୍ୟ ବର୍ଣ୍ଣିତ ହୋଇଥାଛି ।] ଦେ. ବ—

ସାକ୍ଷୀ ସାକ୍ଷୀ—Witness. (ଦ୍ର—ବୟସ୍ଥ ଯଣ୍ଡ ପକ୍ଷଟିକି କହୁଥିଲ ସାକ୍ଷୀ ସାକ୍ଷ୍ୟ । ଉଚ୍ଚ, ବୈଦେଶ୍ୱରବଳାସ !)

ସାକ୍ଷ୍ୟ ଗ୍ରହଣ—ପୁ. ବ (୭ମ୍ଭୀ ତତ୍ପୁ.)—ସାକ୍ଷି ନେବା; କୌଣସି
Sākshya grahaṇa ସାକ୍ଷୀର ଜବାବ ବିଷୟକୁ ଶୁଣିବା ଓ ଲେଖିବା—Taking down the deposition of a witness; taking evidence.

ସାକ୍ଷ୍ୟ ଦାନ—ପୁ. ବ (୭ମ୍ଭୀ ତତ୍ପୁ.)—ସାକ୍ଷ୍ୟ ଦେବା—Giving
Sākshya dāna evidence; bearing testimony.
(ସାକ୍ଷ୍ୟ ପ୍ରଦାନ—ଅନ୍ୟରୂପ)

ସାକ୍ଷ୍ୟ ଦେବା—ଦେ. କି (ତତ୍ପୁ)—ସାକ୍ଷୀରୂପେ କୌଣସି ବିଷୟ
Sākshya debā ଜଣାଇବା—To testify to any
साक्ष्य देना matter; to bear testimony to any matter.

ସାକ୍ଷ୍ୟ ନେବା—ଦେ. କି (ତତ୍ପୁ)—କୌଣସି ବ୍ୟକ୍ତିର ସାକ୍ଷ୍ୟ ଗ୍ରହଣ
Sākshya nebā କରିବା—To take down evidence
साक्ष्य लेना of a witness,

ସାକ୍ଷ୍ୟ ମଞ୍ଚ—ପୁ. ବ—ସାକ୍ଷୀ ଅଲଗଡ଼ା; ଅଦାଲତର ଯେଉଁ ସ୍ଥାନରେ
Sākshya mañcha ଠିଆ ହୋଇ ସାକ୍ଷୀ ସାକ୍ଷ୍ୟ ଦିଏ—Witness box; a platform for witness while giving evidence.

ସାକ୍ଷ୍ୟ ଲକ୍ଷ୍ୟ—ଦେ. ବିଣ—ଯେଉଁ ବିଷୟ କୌଣସି ବ୍ୟକ୍ତି ନିଜେ
Sākshya lakshā ସ୍ୱଚକ୍ଷୁରେ ଦେଖି ଲକ୍ଷ୍ୟ କରିଥାଏ;
(ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ—ଅନ୍ୟରୂପ) ପ୍ରତ୍ୟକ୍ଷୀକୃତ (ବିଷୟ)—
साक्ष्य लक्ष्य (A matter) Within one's direct
प्रतयक्ष knowledge; personally known (matter); realised; within one's cognisance. (ଉ—ବୋଇଟେଲ ଶବ୍ଦର ସାକ୍ଷ୍ୟ ଲକ୍ଷ୍ୟ କର ଦେଖାଇ କି (ସାଧଲଷ—ଗ୍ରା. ରୂପ) ଦେବା । ଅରମନ୍ତ୍ୟ. ବଦଶ୍ଚ ଚତ୍ରାପଣି ।)

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ କରିବା—ଦେ. କି—କୌଣସି ବିଷୟକୁ ନିଜେ
Sākshya lakshya pratyakshya karibā ଦେଖି କର ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ କରା ଜାଣିବା—To know or become
स्वयं देखना cognisant of any matter by seeing it with one's own eyes.

ସାକ୍ଷ୍ୟ ଲକ୍ଷ୍ୟ ପ୍ରତ୍ୟକ୍ଷ ପ୍ରମାଣ—ଦେ. ବ—ନିଜେ ଦେଖିଥିବା ସାକ୍ଷୀର
Sākshya lākshya pratyaksha prāmāṇa ପ୍ରମାଣ—ପ୍ରତ୍ୟକ୍ଷ ପ୍ରମାଣ The testimony of a witness who
प्रतयक्ष प्रमाण has seen with his own eyes; direct evidence.

ସାକ୍ଷି (ଇତ୍ୟାଦି)—ଗ୍ରା. ବି (ସଂ. ସାକ୍ଷୀ)—ସାକ୍ଷି ଇତ୍ୟାଦି (ଦେଶ)
Sākhi (etc) Sākshī etc (See)

ସାକ୍ଷି ଶବଦ—ଦେ. ବ—ମନଗଢା କଥା—Imaginary things·
Sākhi śabada (ଉ—ସାକ୍ଷି ଶବଦଗୁଡ଼ାକ କହନ୍ତି, ଉଙ୍କ ମନଗଢ଼ା କଥା ଦେଖାଇ ମନକୁ ମୋହନ୍ତି । ଗ୍ରାବୀ· ପରତେ
गढ़न्त बात ଗୀତା ।)

Digitized by srujanika@gmail.com

ସାଖ୍ୟ—ସଂ. ବ (ସଖି+ଯ) –ସଖ୍ୟ; ମିତ୍ରତା—Friendship.
Sākhya ପ୍ରା. ବ (ସଂ. ସାକ୍ଷ୍ୟ)—ସାକ୍ଷ୍ୟ (ଦେଶ)—Sākshya. (See)

ସାଗ୍‌ରଥି—ବୈଦେ. ବ (ଫା)—ସାଗିରଥି (ଦେଶ)
Sāg-rathi Sāgirathi. (See)

ସାଗ—ସାଦେ (ଲତାଆ) ବ—ପତ୍ରବା—
Sāga Kitchen vegetables.
ଦେ. ବ—ଶାଗ ଇତ୍ୟାଦି (ଦେଶ)—Śaga etc (See)

ସାଗର—ସଂ. ବ (ସଗର=ସୂର୍ଯ୍ୟବଂଶୀୟ ସୁଜବରାଜ + ଡାକର ଏହା ଅର୍ଥରେ ଅ)—୧। ସିନ୍ଧୁ; ସମୁଦ୍ର—1. The sea. [ଦ୍ର—ସଗର ସନ୍ତାନଙ୍କର ୬୦ ହଜାର ପୁତ୍ର ଅଶ୍ୱମେଧ ଯଜ୍ଞଘୋଡ଼କୁ ଖୋଜିବାକୁ ଭୂମି ଖୋଳିବାରୁ ସେହି ଖାଲ ସମୁଦ୍ରରେ ପରିଣତ ହେଲା। ଏଥିଯୋଗୁ ସଗର ସନ୍ତାନଙ୍କ ନାମ ଅନୁସାରେ ଏହା ସାଗର ହୋଇଅଛି।
ସ୍ୱଳ୍ପାର୍ଥ ବା ବୃହତ୍ତର ସାଗରକୁ ମହାସାଗର କୋଲି-ଯାଏ। ସମୁଦ୍ର ତଳେ ଝୀଲ। ଦେଶ। ୨। ବଡ଼ ପ୍ରାକୃତିକ ହ୍ରଦ—2. A lake (ଯଥା—କାସ୍ପିୟନ ସାଗର, କୃଷ୍ଣ ସାଗର।) ୩। (ଲକ୍ଷଣାର୍ଥ) ସାଗର ପରି ବହୁଦୂରବ୍ୟାପିତ ବସ୍ତୁର ଅଧାର; ଭଣ୍ଡାର—3. (metaphorical) Sea; ocean; a great storehouse. (ଯଥା—ଦୟା ସାଗର।) ୪। (ଲକ୍ଷଣାର୍ଥେ) ବହୁ ସଂଖ୍ୟକ ବ୍ୟକ୍ତି ବା ବହୁ ପରିମିତ ବସ୍ତୁ—4. (figurative) A very large quantity of anything or very large number of men. (ଯଥା—ଦାନ ସାଗର।) ୫। ଲୋକ ସାଧାରଣ; ଜନ ସାଧାରଣ—5. Public at large. (ଯଥା—ଏ କଥାଟା ସାଗର ମଧ୍ୟରେ ପକାଇ ଦେବା।) ୬। ସଂଖ୍ୟା ବିଶେଷ; ଦଶପଦ୍ମ ସଂଖ୍ୟା; ୧୪ ଶୂନ୍ୟଯୁକ୍ତ ସଂଖ୍ୟା—6. One hundred trillion. ୭। ମୃଗ ବିଶେଷ—7. A species of deer. ୮। ଗୁର ବା ସାତ ସଂଖ୍ୟା—8. The number four or seven (Apte). ଦେ. ବ—୧। ମଧ୍ୟପ୍ରଦେଶର ନଗର ବିଶେଷ—1. Name of a town in Central India. ୨। ବଡ଼ କୃତ୍ରିମ ଜଳାଶୟ—2. Big artificial tank. (ଯଥା—ଭୁବନେଶ୍ୱରର ବିନ୍ଦୁ ସାଗର।)

ସାଗର କେଶରୀ—ଦେ. ବ (ତୁଲ୍ୟାର୍ଥ ବହୁବ୍ରୀହି; ସାଗରରେ କେଶର ସ୍ୱରୂପ)—(ଲକ୍ଷଣାର୍ଥ) ଜାହାଜ—A ship.
Sāgara kesarī
सागर केशरी

ସାଗର ଗର୍ଭ—ସଂ. ବ (ଷଷ୍ଠୀ ତତ୍.)—ସମୁଦ୍ରର ଅଭ୍ୟନ୍ତର; ସମୁଦ୍ର ତଳ
Sāgara garbha —The bed or inside of the ocean.

ସାଗର ଗାମିନୀ—ସଂ. ବ. ସ୍ତ୍ରୀ (ସାଗରଗାମିନ୍ + ସ୍ତ୍ରୀ. ଙ୍କୀ)—ସ୍ରୋତସ୍ୱତୀ; ନଦୀ (ଯାହା ସମୁଦ୍ରରେ ପଡ଼ିଅଛୁ)—
Sāgaragāminī A river (flowing into the sea).
ସଂ. ବିଣ. ସ୍ତ୍ରୀ—ସାଗରଗାମୀର ସ୍ତ୍ରୀଲିଙ୍ଗ—Feminine of Sāgaragāmī.

ସାଗର ଗାମୀ—ସଂ. ବିଣ (ସାଗରଗାମିନ୍ ଶବ୍ଦ; ସାଗର+ଗମ୍ ଧାତୁ+
Sāgaragāmī କର୍ତ୍ତୃ. ଇନ୍)—ସମୁଦ୍ରଗାମୀ (ଦେଶ)—
(ସାଗରଗାମିନୀ—ସ୍ତ୍ରୀ) Samudragāmī (See).

ସାଗରଜ—ସଂ. ବିଣ (ସାଗର+ଜନ୍ ଧାତୁ+କର୍ତ୍ତୃ. ଅ)—ସମୁଦ୍ରରୁ
Sāgaraja ଜାତ—Born of the sea.
ବ (ବୈଦ୍ୟକ)—ସାମୁଦ୍ର ଲବଣ—Sea-salt.

ସାଗର ନେମି(ମେଖଳା)—ସଂ. ବିଣ. ସ୍ତ୍ରୀ (ବହୁବ୍ରୀହି; ସାଗର ଅନ୍ତେ
Sāgara nemi(mekhalā) ନେମି ବା ପ୍ରାନ୍ତଭାଗ ଯାହାର)—
ସ୍ଥଳଭାଗରେ ସମୁଦ୍ର ଦ୍ୱାରା ପରିବେଷ୍ଟିତ—Surrounded by the ocean; ocean-girt. ବ. ସ୍ତ୍ରୀ—ପୃଥିବୀ—The earth.

ସାଗର ପେଶା—ବୈଦେ. ବ (ଫା—ସାଗିର୍ଦ୍ + ପେଶା)—୧। ବର୍ଣ୍ଣସଙ୍କର
Sāgara pesa ଜାତି ବିଶେଷ—4 A mixed caste.
वर्णसङ्कर ୨। ଗୋଲ୍ଲସଜାତ; ଭରଣଙ୍କର ଓ ବ୍ରାହ୍ମଣର ଉତ୍ପନ୍ନବେଶୀ ବଙ୍ଗୀୟ କାୟସ୍ଥଙ୍କର ରକ୍ଷିତା ସ୍ତ୍ରୀ ଗର୍ଭଜାତ ସନ୍ତାନଙ୍କ ଜାତି—2. A caste of half breed born of concubines kept by Karaṇas and Bengalees who colonised in Orissa.

ସାଗର ବକ୍ଷଃ—ସଂ. ବ (ଷଷ୍ଠୀ ତତ୍)—ସମୁଦ୍ରର ଉପରିଭାଗ—
Sāgara bakshaḥ The surface of the sea.
(ସାଗରବକ୍ଷ—ବେ. ରୂପ)

ସାଗର ଶାଖା—ସଂ. ବ (ଷଷ୍ଠୀ ତତ୍)—ଯେଉଁ ସଙ୍କୀର୍ଣ୍ଣ ସାଗରାଂଶ
Sāgara śākhā ସ୍ଥଳ ମଧ୍ୟକୁ ପଶି ଯାଇଥାଏ—
An arm of the sea; firth; frith.

ସାଗର ବାସୀ—ସଂ. ବିଣ. ପୁଂ—୧। ସାଗର ତୀରବାସୀ—
Sāgara bāsī 1. Living on the sea-shore.
(ସାଗରବାସିନୀ—ସ୍ତ୍ରୀ) ୨। ସାଗର ମଧ୍ୟରେ ବାସକାରୀ—2. Living in the sea.

ସାଗର ସଙ୍ଗମ—ସଂ. ବ (ଷଷ୍ଠୀ ତତ୍)—ଯେଉଁଠାରେ ନଦୀ ସମୁଦ୍ରରେ
Sāgara saṅgama ପଡ଼ିଥାଏ; ନଦୀର ଓ ସମୁଦ୍ରର ସଙ୍ଗମ ସ୍ଥାନ—
The mouth of a river; the place where a river falls into the sea; estuary.

ସାଗର ସିନ୍ଧୁ ସଙ୍ଗମ—ସଂ. ବ—୧। ତୀର୍ଥବିଶେଷ—1. The name
Sāgara sindhu saṅgama of a sacred place.
(ଦ୍ର—ସାଗରସିନ୍ଧୁସଙ୍ଗମେ ବୃତ୍ତଲେ ସ୍ନାତୋଦେ, ଜନ ନ ପଡ଼ଇ ଜାଣ ତେତେଦେହେ ବାସଦେ--କୃଷ୍ଣସିଂହ ମହାଭାରତ. ବନ।) ୨। ସିନ୍ଧୁନଦର ଅରବସାଗରରେ ପଡ଼ିଥିବାସ୍ଥାନ-
2. The mouth of the Indus.

Digitized by srujanika@gmail.com

ସାଗର ସ୍ନାନ—ସଂ. ବ (୭ମୀ ତତ୍) —୧ । ସମୁଦ୍ରରେ ସାଧୁଥ— Sāgara snāna 1. A sea-bath. ୨ । ଶୁଭ [ସାଗରସ୍ନାନଯୋଗ—ଅନ୍ୟରୂପ] ଯୋଗ ବିଶେଷ; ଯେଉଁ ସାଗରସ୍ନାନ(ନ)ଯୋଗ } —ଗ୍ରାମ୍ୟ ରୂପ ଯୋଗରେ ସମୁଦ୍ରରେ ସ୍ନାନ ସାଗରସ୍ନାନ୍ତାନ } ତଲେ ମହା ପୁଣ୍ୟ ହୁଏ— 2. An auspicious period during which a bath in the sea is deemed very meritorious. ଦେ. ବ.—ଜ୍ୟୈଷ୍ଠ ଶୁକ୍ଳ ଦଶମୀ; ଦଶହରା—The 10th day of the bright lunar fortnight of Jyaishtha.

ସାଗରା—ଗ୍ରା. ବ (ସଂ. ସାଗର) —ସମୁଦ୍ର—The sea. [ବ୍ର—ସାଗରା ଲଘୁ ଲଡ଼ଣାଦ ସପତ ସାଗରା—ଭ୍ରାତୀଲଡ଼ସପ୍ତସାଗର] ସାଗର ସମୁଦ୍ର ସାଗର

ସାଗରାନୁପକ—ସଂ. ବଣ. ତ୍ରି (ବହୁବ୍ରୀ; ସାଗର+ଅନୁପ+କ)— Sāgarānūpaka ସାଗରଛାରବାସୀ, (ମହାଭାରତ, ବଣକୋଷ) Living on the sea-shore.

ସାଗରାନ୍ତ—ସଂ. କି. ବଣ—ସମୁଦ୍ର ପର୍ଯ୍ୟନ୍ତ—Upto the ocean. Sāgarānta [ବ୍ର—ସାଗରାନ୍ତ କର ଯେ କ୍ଷିତିର ଧର୍ମରେ, ତଲେ ଥାଳନା ସେ ନୃପତି ବରନ୍ତରେ—ରୁକ୍ମିଣିଂଜ ମହାଭାରତ. ଅଦ ।] ସଂ. ବଣ (ବହୁବ୍ରୀ) — ସାଗର ଯାହାର ସୀମା—Bounded by the sae; having the sea as the limit.

ସାଗରାମ୍ବର—ସଂ. ବଣ (ବହୁବ୍ରୀ; ସାଗର ଦୋଇଅଛି ଅମ୍ବର= ଅଚ୍ଛାଦକ ବସ୍ତ୍ର ଯାହାର) —ସାଗରବେଷ୍ଟିତା (ପୃଥିବୀ)—Sea-girt (earth).

ସାଗରାଳୟ—ସଂ. ବ (ବହୁବ୍ରୀ; ସାଗର ଅର୍ଥେ ଆଳୟ=ବାସସ୍ଥାନ ଯାହାର)—ବରୁଣ ଦେବ— Sāgarālaya The God presiding over the sea.

ସାଗରୋତ୍ତ—ସଂ. ବଣ. (୫ମୀ ତତ୍)—ସମୁଦ୍ରରୁ ଜାତ— Sāgarottha Born of the ocean. ସଂ. ବ—ସାମୁଦ୍ର ଲବଣ (ବଶ୍ୱକୋଷ)— The sea salt.

ସାଗରୋପମ—ସଂ. ବଣ (ବହୁବ୍ରୀ; ସାଗର+ଉପମା+ଅ)—ସମୁଦ୍ର Sāgaropama ସଦୃଶ—Comparable to (ସାଗରୋପମା—ସ୍ତ୍ରୀ) the ocean.

ସାଗସ୍—ସଂ. ବଣ (ବହୁବ୍ରୀ; ସ+ଅଗସ୍) —ପାପଯୁକ୍ତ— Sāgas Sinful.

[ସାଗଃ—ଅନ୍ୟରୂପ]

ସାଗି ଦେବା—ଦେ. କ୍ରି [ସକର୍ମକ]—ଦେହର ମଧ୍ୟଭାଗକୁ ନୁଆଁଇବା— Sāgidebā To sag; to bend down the body ବାଁକାନ ଲଚାନା, ଲଚକାନା in the middle. (ତୁଳନାତ୍ମକ—ଇଂ.ଅକର୍ମକ To sag ସାଗ୍=ନଇଁପିବା)

[ଦ୍ର—ଘୋଡ଼ା ପ୍ରସ୍ରାବ କରିବାକୁ ତା ପିଠିକୁ ସାଗିବାଏ; ମନୁଷ୍ୟ ଅଳସ ଭଙ୍ଗିରେ ଚାଲିବାକୁ ତା ପିଠିକୁ ସାଗିବାଏ ।]

ସାଗିବା—ଦେ. କ୍ରି—୧ । (ସକର୍ମକ) ସାଗି ଦେବା (ଦେଖ)— Sāgibā ବାଁକାନ ଲଚକାନା Sāgi debā (See) ବେଁକେ ଯାଓୟା ଲଚକନା ୨ । (ଅକର୍ମକ) ସାଗି ଯିବା (ଦେଖ) Sāgi jibā (See)

ସାଗି ଯିବା—ଦେ. କ୍ରି—୧ । (ଅକର୍ମକ) (କୌଣସି ଲମ୍ବ ସିଧା ବସ୍ତୁ) Sāgi jibā ମଝିରେ ନଇଁ ଯିବା—1. To sag or become ବେଁକେ ଯାଓୟା bent in the middle (said of a long ଲଚକ ଜାନା and straight thing). [ଯଥା—ଗାଈକି ବାଛୁଁଣ ଖସ୍ତ ବର୍ଷା ଖାଇ ସାଗି ଗଲ୍ଲଣି ।] ୨ । କୁବ୍ଜପୃଷ୍ଠ ହେବା—2. To become hump-backed in the middle.

ସାଗିରଥ୍(ଥି)—ବୈଦେ. ବ (ଫା. ସାଗିର୍ଦ୍) —୧ । ଗୁରୁକ ଶିଷ୍ୟ— Sāgirath(thi) 1. A disciple. ୨ । ଯେ ଓସ୍ତାଦ୍‌ଙ୍କଠାରୁ ଚେଳା, ସାଗିରଦ୍ ସଙ୍ଗୀତ ବଦ୍ୟା ବା ସଙ୍ଗୀତ ବଦ୍ୟା ଶିଖିଥାଏ— ସାଗରେଦ 2. A pupil of an athlete or musician.

ସାଗି ହେବା—ଦେ. କ୍ରି. (ସାଗିବାର ଭର୍ମାତ୍ୟରୂପ)—୧ । (ବାଙ୍କ Sāgi hebā ଲମ୍ବ ବସ୍ତୁ) ସଳଙ୍ଗି ହେବା —1. To become ସୋଜା ହଓୟା straightened (said ofa long and bent ଲଚକନା thing). ୨ । କୁବ୍ଜପୃଷ୍ଠ ହେବା; କୁଜାହେବା —2. To become hump-backed. ୩ । ଜ୍ୟୁବ୍ଜପୃଷ୍ଠ ହେବା; ଭଇଁପିବା—3. To become depressed in the middle.

ସାଗୁ—ବୈଦେ. ବ (ମାଲୟ, ସାଗୁ; ପର୍ତ୍ତୁଗୀଜ୍ ସାଗୁ; ଇଂ. ସାଗୋ) Sāgu —୧ । ଡାଲ ବା ଗୁବାକାଦ ବର୍ଗର ଗୁଡ଼ଗୁଡ଼ୟ ଦ୍ୱୀଜଯୁକ୍ତ ସାଗୁ ବୃକ୍ଷବିଶେଷ—1. The sago palm; Metroxy- ସାଗୁ lon ;Romphii. [ଦ୍ର—ଏହା ଗୁଆଗଛ ପରି ଦେଖିବାକୁ ସୁନ୍ଦର ଓ ବାହୁଙ୍ଗାଯୁକ୍ତ, ଏହା ଡାଲଗୁଡ଼ ପରି ମୋଟ । ଏହାର ଗଣ୍ଡି ଉଚ୍ଚତାର ଶଷକୁ ପ୍ରାୟ ୫.ଣିରେ ବଢୁଥିଲେ ଉହାଁର ମଜ୍ଜାରୁ ଏକପ୍ରକାର ଧଳାଦାନା ବାହାରେ ଓ ସେ ଦାନାକୁ ପାଣିଥ ପରି ଶିର କରିଯାଏ ଓ ଏହା ଖାଦ୍ୟ ଅଟେ ଲଘୁ ବୋଲି ରୋଗୀମାନଙ୍କୁ ଖାଇବାକୁ ଦିଆଯାଏ । ଏହା ଏ ଦେଶର ଗଛ ନୁହେଁ ଓ ଏହା ସଭ୍ୟଜଗତଜାତୀୟ । କେତେ ଏ ଗଛକୁ ଆଣି ସହରରେ ବଗିଚାରେ ଲଗାନ୍ତି । ଏ ଗଛର ଫଳ ଖଜୁରଫୋଳ ପରି ସାଗୁଦାନା ଗେଣ୍ଡା ଗେଣ୍ଡା ହୋଇ ଫଳେ ।] ୨ । ସାଗୁଦାନା ସାଗୁଦାନା (ଦେଖ)—2. Sāgudānā (See). ୩ । ସାଗୁ ସାଗୁଦାନାଦ୍ୱାରା ପ୍ରସ୍ତୁତ (ଦୁଗ୍ଧ ବା ଜଳ ମିଶ୍ରିତ) ଲଘୁ- ସାଗୁ ପାକ ତରଳ ଖାଦ୍ୟ—3. A light liquid food prepared with sago.

ସା: ଗୁ:—ଦେ. ବ —(ଗଣିତ) 'ସାଧାରଣ ଗୁଣଗାୟକ'ର ସାଙ୍କେତିକ— Sā: gu: (arithmetic) An abbreviation for

Digitized by srujanika@gmail.com

ସାଧାରଣ ଗୁଣନୀୟକ 'common multiple'. ଉ—ଗଃ ସାଃ ସାଃ ଗୁଃ ଗୁଃ ଦୁଇଟି ସାଧାରଣ ଗୁଣନୀୟକର ଓ ଲଃ ସାଃ ଗୁଃ ଲଘିଷ୍ଠ ସାଧାରଣ ଗୁଣିତକର ସାଙ୍କେତିକ ଅଟେ ।]

ସାଗୁଆ—ବି. ବିଣ (ସଂ. ଶାକବର୍ଣ୍ଣ)—ଶାଗୁଆ; ସବୁଜବର୍ଣ୍ଣ; ସାବଜା— Sāguā Green.

ସାଗୁଆନ୍ (ନ, ଣ୍, ଣି)—ବି. ବ—ଶାକତରୁ (ଦେଖ) Sāguān (ni, ṇ, ṇi) Śākataru (See)

ସାଗୁଣା (ଇତ୍ୟାଦି)—ବି, ବ (ପୁଂ. ଓ ସ୍ତ୍ରୀ)—ଶାଗୁଣା ଇତ୍ୟାଦି Sāguṇā (etc) (ଦେଖ)—Śāguṇā etc (See) ସକୁନି ଗୀଧ [ଉ—ବଲ୍ଲଆ ସାଗୁଣାଙ୍କ ଟାଇବାର ଉତରେ— ଚୁଷ୍ଟସିଂଦ. ମଦାଗ୍ରରଉ- ବନ ।]

ସାଗୁଣା ପଡ଼ିବା—ବି. ବ—ଶବ ନକଟରେ ଦଳ ଦଳ ହୋଇ ଶାଗୁଣା ସକୁନି ପଡ଼ା Sāguṇā paṛdibā ଜମା ହେବା—The gathering of vultures near a dead body. गीधा उतरना

ସାଗୁଣା ବେକା—ବି. ବିଣ (ପୁଂ)—ସେଉଁ ପୁରୁଷର ଗଳା ସାଗୁଣାର ଗଳା ସକୁନେ ଗଳା Sāguṇā-bekā ଉତ୍ତ ଲମ୍ବ ଓ ଅସୁନ୍ଦର—Vulture-necked (person); having a long neck. गीध गला वाला [ସାଗୁଣା ବେକା—ସ୍ତ୍ରୀ]

ସାଗୁ ଦାନା—ବି. ବ—ସାଗୁ ଗଛର ଶସରୁ ଉଆର ଖୁଦ୍ ସାଜୀକୃତ ସାଗୁଦାନା Sāgu dāṇā ବର୍ତ୍ତୁଳାକାର ବସ୍ତୁବିଶେଷ—Sago particles; the grain of sago. सागूदाना

ସାଗୁନ୍—ପ୍ରାଦେ (ପାଠଣା) ବ—ସାବୁନ୍ (ଦେଖ)—Sābun (See). Sāgun ପ୍ରାଦେ. (ଖଡ଼ିଅଳ)—ଶାଗୁଅନ୍ (ଦେଖ) Śāguān (See)

ସାଗୁ ବାଡ଼ି—ପ୍ରାଦେ (ଗଞ୍ଜାମ) ବ—ଉଠିଆ କଅଳ; ଉଟିଆ ଜମି— Sāgu bāṛdi A cultivated field.

ସାଗେଇବା—ବି. କି—୧ । (ସଙ୍କର୍ମକ) ସାଜି ଦେବା (ଉଦାହରଣ)— Sāgeibā ବାଁକାନ ଲଚକାନା Sāgi debā (See) ବେଁକେ ଯାଓୟା ୨ । (ଅକର୍ମକ) ସାଗି ଯିବା (ଦେଖ) लचकना Sāgi jibā (See)

ସାଗ୍ନି—ସ. ବିଣ (ସଦାର୍ଥ ବହୁବ୍ରୀହି; ସ+ଅଗ୍ନି)—ଅଗ୍ନିବିଶିଷ୍ଟ— Sāgni Having five.

ସାଗ୍ନିକ—ସଂ. ବିଣ. ପୁଂ (ସ=ସହିତ+ଅଗ୍ନି=ସଜ୍ଞାଗ୍ନି+କ) Sāgnika —ନରନ୍ତର ସଜ୍ଞାଗ୍ନିର ରକ୍ଷାକାରୀ; ଅଗ୍ନି- [ନଦଗ୍ନିକ—ବିପରୀତ] ହୋତ୍ରୀ (ବ୍ରାହ୍ମଣ); ପ୍ରାଚୀନ— (a Brāhmaṇa) Who daily performs vedic fire-worship and preserves the sacrificial fire at his house perpetually. [ଦ୍ର—ପୂର୍ବେ ବ୍ରାହ୍ମଣମାନେ ସାଗ୍ନିକ ହେଉଥିଲେ । ଉପନୟନ ବେଳେ ଯେଉଁ ହୋମାଗ୍ନି ପ୍ରଜ୍ୱାଳିତ ହେଉଥିଲା, ଜଣେ ବ୍ରାହ୍ମଣ ତାହା ଯତ୍ନପୂର୍ବକ ଘନ ଘନ ଜଳାଇ ରଖି ସେଥିରେ ପ୍ରତିଦିନ ହୋମ କରୁଥିଲେ ଓ ସେହି ଅଗ୍ନିରେ ତାଙ୍କ ଶବ ଦାହ ହେଉଥିଲା ।]

ସାଗ୍ର—ସଂ. ବିଣ (ସଦାର୍ଥ ବହୁବ୍ରୀହି; ସ+ଅଗ୍ର)—୧ । ଅଗ୍ରବିଶିଷ୍ଟ— Sāgra Having a top; topped. ୨ । ସମଗ୍ର (ଉଦାହରଣ ଦେଖ)—2. Entire; whole.

ସାଗ୍ରହ—ସଂ. ବିଣ. (ସଦାର୍ଥ ବହୁବ୍ରୀହି; ସ+ଅଗ୍ରହ)—ଅଗ୍ରହାନ୍ୱିତ; ଅଗ୍ରହ ବିଶିଷ୍ଟ—Ardent. Sāgraha [ସାଗ୍ରହା—ସ୍ତ୍ରୀ]

ସାଙ୍କଲିବା—ପ୍ରାଦେ (ସମଲପୁର) କି—ଉଠାଇବା— Saṅk-llibā [ସାଙ୍କିବା—ଅନ୍ୟରୂପ] To scrape off.

ସାଙ୍କଥିକ—ବି. ବିଣ. ପୁଂ (ସଙ୍କଥା+ଇକ) —ସଙ୍କଥା ବା କଥୋପ- Sāṅkathika କଥନ ବିଷୟରେ ପଟୁ— [ସାଙ୍କଥିକା—ସ୍ତ୍ରୀ] Skilful in conversation.

ସାଙ୍କରିକ—ବି.ବିଣ.ପୁଂ (ସଙ୍କର+ଇକ)—ସଙ୍କର ବା ମିଶ୍ରବର୍ଣ୍ଣସମ୍ବନ୍ଧୀୟ- Sāṅkarika Relating to mixed or hybrid caste. (ସାଙ୍କରିକା—ସ୍ତ୍ରୀ)

ସାଙ୍କର୍ଯ୍ୟ—ସଂ. ବ (ସଙ୍କର+ଷ୍ୟଞ୍. ଯ)—୧ । ସଙ୍କରର ଭାବ— Sāṅkarjya 1. The state of being hybrid; hybridism. ୨ । ମିଶ୍ରଣ—2. Mixture.

ସାଙ୍କଳ୍ପିକ—ସଂ. ବିଣ (ସଙ୍କଳ୍ପ+ଇକ)—ସଙ୍କଳ୍ପସମ୍ବନ୍ଧୀୟ— Sāṅkalpika Relating to Saṅkalpa.

ସାଙ୍କୁଚ-ବି. ବ (ସ. ସାଙ୍କୁଚୀ)—ଶାଙ୍କୁଚ ମାଛ— Sāṅkucha The stigray fish. ସାଂକୋଚ ମାଛ सांकुच

ସାଙ୍କୁ(ଙ୍କୋ)ଚିବା—ବି. କି (ସ. ସଙ୍କୁଚତ)—ସଙ୍କୁଚିତ କରିବା— Sāṅku(ṅko)chibā To contract. ସଙ୍କୁଚିତ କରା सकुचाना

ସାଙ୍କୁ(ଙ୍କୋ)ଚି ଯିବା—ବି. କି (ଅକର୍ମକ)—ସଙ୍କୁଚିତ ହେବା— Sāṅku(ṅko)chi jibā To become contracted. ସଙ୍କୁଚିତହୋଇ सकुचना

ସାଙ୍କୁଚୀ—ସ. ବ. ସ୍ତ୍ରୀ—ଶାଙ୍କୁଚ ମାଛ (ଉଦାହରଣ)— Sāṅkuchī The stingray fish.

ସାଙ୍କୁର୍ଡ଼(ର୍ଡ଼ୁ)ପାଙ୍କୁର୍ଡ଼(ର୍ଡ଼ୁ)—ବି. ବିଣ (ସ. ସଙ୍କୁଚତ)—୧ । ଶୀତ Sāṅkurd(rdu)pāṅkurd(rdu) ବା ଭୟ ଯୋଗୁଁ ଯେ ଅଙ୍ଗପ୍ରତ୍ୟଙ୍ଗକୁ ସଙ୍କୁଚିତ କରିଥାଏ— ଜଡ଼ସଡ଼ ହୋଇଯିବାଲା सिकुड़नेवाला 1. Contracting ଜଡ଼ସଡ଼ ହୋଇଯିବା सिकुड़ाहुआ the limbs (for ଜଡ଼ସଡ଼ सिकुड़ाहुआ (आदमी) fear or cold) ୨ । ସଙ୍କୁଚିତ—2. Contracted; drawn in. ବ—(ଶୀତାର୍ତ୍ତ ବା ଭୟଭୀତ) ଅଙ୍ଗ ପ୍ରତ୍ୟଙ୍ଗକୁ ଯାଦୃଚ୍ଛିକ ବନ୍ଧିଥିବା ବ୍ୟକ୍ତି—A person who sits by contracting or drawing in his limbs. (ଯଥା—ସାଙ୍କୁଡ଼ି, ସାଙ୍କୁଡ଼ି ଘୁଞ୍ଚିବ—ଉତ୍ତ=ଶୀତରୁ ଓ ଭୟ; ଏହି ଉଭୟରେ ଲେଜକୁ ଶୀତ ଯୋଗୁଁ ସାଙ୍କୁଚିତ ହୋଇ ରହନ୍ତି ।)

Digitized by srujanika@gmail.com

ସାଙ୍କୁଡ଼୍ ସାଙ୍କୁଡ଼୍ ହେବା—ଦେ. କି (ଶୀତରେ ବା ଭୟରେ) ଯାକଯୁକ
Sāṅkurḍ-pāṅkurḍ hebā ହେବା; ଅଙ୍ଗପ୍ରତ୍ୟଙ୍ଗକୁ
ଜଡ଼ସଡ଼ ହଓୟା **ସିକୁଡ଼ନା** ଯାଇବା ବା ସଙ୍କୁଚିତକରିବା-
To contract or draw in one's limbs (on account of cold or fright).

ସାଙ୍କୁଡ଼ା—ଦେ. ବି, (ସଂ· ସଙ୍କୋଚନ)—ଅଙ୍ଗାଦିର ସଙ୍କୋଚନ—
Sāṅkurḍa Contracting (of one's limbs);
ଅଙ୍ଗାଦିର ଗୁଟାନ **ସିକୁଡନ** compressing; drawing in.
ଦେ. ବଣ—ସଙ୍କୁଚିତ—Contracted.

ସାଙ୍କୁଡ଼ା(ଡ଼େ)ଇବା—ଦେ. କି—୧ । ସାଙ୍କୁଡ଼ିବା କିମ୍ବାର ଣିଜନ୍ତରୂପ—
Sāṅkurḍā(rḍe)ibā 1. The causative form
ଜଡ଼ ସଡ଼ କରାନ **ସିକୁଡାନା** of 'Saṅkurḍibā'
୨ । ସଙ୍କୁଚିତ କରିବା—2. To contract.
(ଉ—ଘାଣ୍ଟିଶ ବାଡ଼ ମାଡ଼ ଖାଇ ଅଧ୍ୟ କର୍, ପିଟିଃ ଦେଇଅଛ ସାଙ୍କୁଡ଼ାଇ କର୍—କୃଷ୍ଣସିଂହ ମହାପ୍ରଭୁ. ବନ ।)

ସାଙ୍କୁଡ଼ିବା—ଦେ. କି (ସଂ· ସଙ୍କୁଚିତ)—୧ । (ସକର୍ମକ)—
Sāṅkurḍibā (ଅଙ୍ଗପ୍ରତ୍ୟଙ୍ଗାଦିକୁ) ସଙ୍କୁଚିତ କରିବା—
ଜଡ଼ସଡ଼ କରା **ସିକୁଡନା** 1. To contract; to draw in together one's limbs.
୨ । (ଅକର୍ମକ)—ସଙ୍କୁଚିତ ହେବା—2. To become contracted or drawn in.
୩ । (ଲକ୍ଷଣାର୍ଥ)—ଭୟଗ୍ରସ୍ତ ହେବା—
3. (figurative) To be affrighted or terror-struck; [ଉ—ଛତ୍ରାଣକୁ ଦେଖିବା କପୋତ ପକ୍ଷୀରୂପେ, ପରଶୁରାମଙ୍କୁ ଦେଖି ସାଙ୍କୁଡ଼ିଲେ ଭୂପେ—ଭୁଲସୀ ରକ୍ଷମରାମାୟଣ ।]

ସାଙ୍କୁଡ଼ି ଯି(ହେ)ବା—ଦେ. କି [ସଂ· ସଙ୍କୁଚିତ]—୧ । [ସାଙ୍କୁଡିବା
Sāṅkurḍi ji(he)bā କିମ୍ବାର କର୍ମବାଚ୍ୟରେ ରୂପ]—
ସଙ୍କୁଚିତ ହେବା—1. To become contracted.
ଜଡ଼ସଡ଼ ହୋଇଯାଓୟା **ସିକୁଡଜାନା** ୨ । ଶୀତ ବା
(ସାଙ୍କୁଡ଼ି ଦୋଇପିବା—ଅନ୍ୟରୂପ) ଭୟରେ ଯାକଯୁକ ହେବା—
2. To be shrivelled up or contracted with fear or cold.

ସାଙ୍କୁନ(ନା,ନ୍ୟ)—ଗ୍ରା. ବ (ସଂ. ଶକୁନ)—ଶକୁନ (ଦେଶ)—
Sāṅkuna(nā,nya) Śakuna (See)

ସାଙ୍କୁର୍—ଗ୍ରାଦେ (ସମ୍ବଲପୁର ଓ ପାଟଣା)—ବ—ସାଁକୁର (ଦେଶ)
Sāṅkur Sāñkur [See]

ସାଙ୍କୁଳିବା—ଦେ. କି.—୧ । ସାଙ୍କୁଡ଼ିବା (ଦେଶ)—
Sāṅkulibā 1. Saṅkurḍibā [See].
ଶିକଳଦିଇ ବାନ୍ଧା **ସିକଡ଼ିବାଂଧନା** ୨ । ଶୃଙ୍ଖଳରେ ବାନ୍ଧିବା—
2. To enchain.

ସାଙ୍କୃତି—ସ.ବ. ପୁଂ (ନାମ)—ବୈୟାଘ୍ର୍ୟପଦ୍ୟଗୋତ୍ରଜ ପ୍ରବରପ୍ରବର୍ତ୍ତକ ଋଷି
Sāṅkṛuti ମୁନିବିଶେଷ—Name of a sage who tho the forefather of a Prabara.
[ଦ୍ର—ବୈୟାଘ୍ର୍ୟପଦାଦ୍ୟଗୋତ୍ରଜ ଓ ସାଙ୍କୃତିପ୍ରବରତ୍ରାତ ଅଧୁନିକ ଖୃଷ୍ଟଦେବଙ୍କୁ ଉର୍ଦ୍ଧଣ କର୍ଯାଏ ।]

ସାଙ୍କୃତ୍ୟ—ସଂ. ବ. ପୁଂ (ସାଙ୍କୃତି + ଗୋତ୍ରାପତ୍ୟାର୍ଥେ. ଯ)—ସାଙ୍କୃତି
Saṅkṛutya ମୁନିଙ୍କ ଗୋତ୍ରାପତ୍ୟ—A person born
(ସାଙ୍କୃତ୍ୟାୟନ—ଅନ୍ୟରୂପ) in the family or race of sage Sānkṛuti.

ସାଙ୍କେତିକ—ସ· ବଣ (ସଙ୍କେତ + ସମ୍ବନ୍ଧାର୍ଥେ. ଇକ)—୧ । ସଙ୍କେତ-
Sāṅketika ସମ୍ବନ୍ଧୀୟ—1. Relating to signal or symbol. ୨ । ସଙ୍କେତସୂଚକ—2. Symbolical. ୩ । ସଙ୍କେତକାରକ—3. Signalling. ୪ । ସଙ୍କେତ ଦ୍ୱାରା ସୂଚିତ—4. Indicated or expressed by means of symbols. ୫ । ସଙ୍କିପ୍ତ ଭାଷାରେ ସମାହୃତ—5. Abbreviated. ୬ । [ଗଣିତ] ସଙ୍କିପ୍ତ ଭାଷାରେ ଅଙ୍କସମସ୍ୟା ସାଧନକାର୍ଯ୍ୟ (ବିଧି ବା ପ୍ରଣାଳୀ)—6. [Arithmetic] (a mode) Consisting of working out an arithmetical sum by a concise or short process. ୭। ବଜ୍ଞାନଅଦରେ ସଂକିପ୍ତରୂପେ ଭାବ ବା ଅର୍ଥ ବା ଶବ୍ଦ ପ୍ରକାଶ କରିବା ପାଇଁ ବ୍ୟବହୃତ (ଚିହ୍ନ)—
7. Conventional (signs or expressions).

[ଦ୍ର—ଶବ୍ଦକୋଷ, ବଜ୍ଞାନ, ଗଣିତ, ଜ୍ୟାମିତି, ଦଲିଲ ଲେଖା, ପ୍ରୁଫ୍‌ସିଟ୍ ସଂଶୋଧନ ଅଦରେ କୌଣସି ଶବ୍ଦକୁ ବା ବାକ୍ୟକୁ ପୁର୍ଣ୍ଣାଙ୍ଗରୂପେ ନ ଲେଖି ତାହା ଚମ୍ବରେ ଲେଖିବା ଓ ବୁଝିବା ପାଇଁ ସାଙ୍କେତିକ ଚିହ୍ନମାନ ବ୍ୟବହୃତ ହୁଏ ।

ଗଣିତରେ କ ସଙ୍ଗେ ଖ ସମାନ ଅଟେ, ଏବଂ। ନ ଲେଖି ସଂକ୍ଷେପରେ କ=ଖ ଲେଖାଯାଏ; ଏହାର ଯୋଗ +; ବିୟୋଗ — ; ଗୁଣନ × ; ହରଣ ÷; ବର୍ଗମୂଳ √; ଘନମୂଳ ∛; ଅତଏବ ∴; କୋଣ ∠; ତ୍ରିଭୁଜ △, ଏହାସବୁ ସାଙ୍କେତିକ ଚିହ୍ନମାନ ଲେଖାଯାଏ । ବରଣୀ ଓ ଚରଉଆ ଭାଷାରେ ସାକର୍=। ସା ।; ପ୍ରଗନ୍ନେ=। ପ୍ର ।; ମୁଖାବଦ୍ଧ, ମୁକାମ, ମୁଦ୍ରାଙ୍କୀ=। ମୁ ।, ବାବତ୍=। ବା । ଜମା । ଜା ।; ଜୁ=୬; ସଧରୁ=ଶ୍ର; ସମ୍ବେ=ସ୍ର; ବକଲମ=। କ ।; ନବସଦ୍ଧା=। ନ ।; ଲେଖିତଂ=। ଲେ । ଜମା । ଜ ।; ନମ୍ବର=। ନ ।; ସରେଜଓ=। ସ ।, ଲଗ୍‌ରଜ=। ଲ ।; ବାଦ୍‌ବେଲ=। ବା ।; ବ୍ରହ୍ମୋତ୍ତର=। ବ୍ର ।

ଓଡ଼ଆରେ (ବରଣୀ ଅକ୍ଷର ସଦୃଶ ଏକ ପ୍ରକାର ସାଙ୍କେତିକ ଲେଖା ।

Digitized by srujanika@gmail.com

ଦଲଲରେ ଓ ଉର୍ଦ୍ଧ୍ୱ ରଖାରେ—ଉତ୍ତର=ଉ; ପୂର୍ବ=ପୂ; ଦକ୍ଷିଣ=ଦ; ଉରଣ=ଉ; ଗଉଣୀ=ଗୌ; ଝଙ୍କା=ଝ; କାଦୁାଣ=କା; ଉଷାଦ=ଉ; ସାର=ସା; ଗାଏ=∞ ।

ଛପାଖାନାରେ ଟ୍ରୁଫ୍ ସଂଶୋଧନର ଉଦାହରଣ—

କାଃଓଅ=ଂ; ଅକ୍ଷର ମଧ୍ୟରେ ସ୍ଥାନ ଛଡ଼=II; ଅକ୍ଷରକୁ ଉପରକୁ ଉଠାଅ=⌊; ଅକ୍ଷରକୁ ତଳକୁ ଖସାଅ=‸; ଧାଡ଼ିକୁ ସିଧା କର=═; ଦୁଇ ଅକ୍ଷର ମଧ୍ୟରେ ଅନ୍ୟ ଅକ୍ଷର ଯୋଗ କର=∧; ପୃଣ୍ଡୁଚ୍ଛେଦ=⌋; ତମା=,]

ସାଙ୍କେତିକ ଧାରା—ବେ· ବ (ଗଣିତ)—ତଳଦଥ ଦୃଷ୍ଟାବ; ଦୃଷ୍ଟାବ କରିବାର ଉତ୍ତର ଜଳ ବୋଧ୍ୟ ସରଳ ପ୍ରଣାଳୀ—A particular method of calculation which is practicable even for illiterate people.

Sāṅketika dhārā (ସାଙ୍କେତିକଧାରା(ନିୟମ) सांकेतिकधारा)

ସାଙ୍କେତ୍ୟ—ସ. ବ (ସଙ୍କେତ+ଯ)—ମିଥ୍ୟା ପ୍ରମାଣ ଶୂନ୍ୟ ପାଷଣ୍ଡୀ-ଗମ; ପାଷଣ୍ଡମାନଙ୍କ ଶାସ୍ତ୍ର (ବିଶ୍ୱକୋଷ)—The books of authority of un-believers.

Sāṅketya

ସାଙ୍କୋଡ଼୍(ଡ଼ା)(ଇତ୍ୟାଦି)—ସାଙ୍କୁଡ଼୍ (ଡ଼ା) ଇତ୍ୟାଦି (ବେଖା)—See Sāṅkurd(rdā) etc

Sāṅkord(rdā)(etc)

ସାଙ୍କ୍ରାମିକ—ସ· ବିଣ (ସଙ୍କ୍ରାମ+ଇକ)—ସଙ୍କ୍ରମଣଶୀଳ—Contagious, infectious (disease). ସ. ବ-[ସାଙ୍କ୍ରାମିକ, ସାଙ୍କ୍ରାମିକ—ଅନ୍ୟରୂପ] ଯେଉଁ ରୋଗ ରୋଗୀର ଦେହରୁ ଅନ୍ୟ ଦେହକୁ ସଂକ୍ରମଣ କରେ (ବିଶ୍ୱକୋଷ)—A contagious disease.

Sāṅkrāmika

ସାଙ୍କ୍ଷେପିକ—ସଂ· ବିଣ (ସଂକ୍ଷେପ+ଇକ)—୧। ସଂକ୍ଷିପ୍ତ (ବିଶ୍ୱକୋଷ)-1. Abbreviated. ୨। ସଂକ୍ଷେପ-କାରକ [ବିଶ୍ୱକୋଷ]—2. Abbreviating.

Sāṅkshepika (ସାଂକ୍ଷେପିକ—ଅନ୍ୟରୂପ)

ସାଙ୍ଖ୍ୟ—ସଂ. ବିଣ (ସଂଖ୍ୟା=ସମ୍ୟକ୍ ଜ୍ଞାନ+ଅ)—ଜ୍ଞାନୀ—1. Wise. ୨। ଜ୍ଞାନସମ୍ବନ୍ଧୀୟ—2. Relating to wisdom. ବ. କପିଳ ମୁନିଙ୍କ ପ୍ରଣୀତ ହିନ୍ଦୁ ଦର୍ଶନ ଶାସ୍ତ୍ର—The system of Hindu philosophy of sage Kapila.

Sāṅkhya (ସାଙ୍ଖ୍ୟ, ସାଂଖ୍ୟ—ଅନ୍ୟରୂପ)

ସାଙ୍ଖ୍ୟଦର୍ଶନ—ସଂ. ବ—କପିଳ ଦର୍ଶନ; କପିଳ ମୁନିଙ୍କ ପ୍ରବର୍ତ୍ତିତ ଦର୍ଶନ ଶାସ୍ତ୍ର—The system of philosophy propounded by Sage Kapila.

Sāṅkhya darśana

[ଦ୍ର—ସାଙ୍ଖ୍ୟ ଦର୍ଶନ ଅର୍ଥମାନଙ୍କ ଷଡ଼୍‌ଦର୍ଶନ ମଧ୍ୟରୁ ଗୋଟିଏ। ମହର୍ଷି କପିଳ ଏହି ଦର୍ଶନ ଶାସ୍ତ୍ରର ପ୍ରଣେତା। ସଙ୍ଖ୍ୟା ଶବ୍ଦର ଅର୍ଥ ସମ୍ୟକ୍ ଜ୍ଞାନ ବା ସମ୍ୟକ୍ ବିବେକ। ଏ ଦର୍ଶନରେ ସମ୍ୟକ୍ ବିବେକ ଦ୍ୱାରା ଅପବର୍ଗଲାଭ ହୋଇ ଥିବାରୁ ଏ ଦର୍ଶନର ନାମ ସାଙ୍ଖ୍ୟ। (ସାଙ୍ଖ୍ୟ ଦର୍ଶନର ପ୍ରତ୍ୟକାର ବଜ୍ଞାନ ଭିକ୍ଷୁ)। ଏଥିରେ ସଂଖ୍ୟା, ପ୍ରକୃତି ଓ ତତ୍ତ୍ୱବିଂଶତି ତତ୍ତ୍ୱର ବିବୃତ୍ତି ହୋଇଅଛି। କପିଳ ମୁନି ଜୀବଙ୍କ ଦୁଃଖ ବିମୋଚନ ପାଇଁ ଯେଉଁ ଦର୍ଶନଶାସ୍ତ୍ରର ଉପଦେଶ ଦେଇଥିଲେ ତହିଁର ନାମ 'ତତ୍ତ୍ୱ ସମାସ'। ଏହା ଅତି ସଂକ୍ଷିପ୍ତ ଥିଲା। ସେ ଏହାକୁ ଅସୁର ମୁନିଙ୍କୁ ଓ ଅସୁର ପଞ୍ଚଶିଖଙ୍କୁ ଦେଇଥିଲେ। ପଞ୍ଚଶିଖ ଏହା ସଂସାରରେ ପ୍ରଚାର କଲେ। ବହୁ କାଳାନ୍ତରେ ଚରିତଙ୍କୁ ଚକ୍ଷୁ ସମାନ ଲୁପ୍ତ ହେବାରୁ ବଜ୍ଞାନ ଭିକ୍ଷୁ ସାଂଖ୍ୟ ତତ୍ତ୍ୱମାନଙ୍କୁ ବିସ୍ତୃତ ଭାବରେ ବର୍ଣ୍ଣନ କଲେ। ପୁଣି ଈଶ୍ୱରକୃଷ୍ଣ, ନାମକ ପଣ୍ଡିତ କପିଳଙ୍କ ପ୍ରଚାରିତ ଜ୍ଞାନକୁ ଅବଲମ୍ବନ କରି ଆର୍ଯ୍ୟା ଛନ୍ଦରେ 'ସାଙ୍ଖ୍ୟକାରିକା' ନାମରେ ଗ୍ରନ୍ଥ ପ୍ରଣୟନ କଲେ। ଏହି ଗ୍ରନ୍ଥ ବର୍ତ୍ତମାନ ସାଙ୍ଖ୍ୟଦର୍ଶନର ସମୀଚୀନ ଓ ପ୍ରମାଣିକ ଗ୍ରନ୍ଥ ଅଟେ। ଖ୍ରୀଷ୍ଟ ୫ମ ଶତାବ୍ଦୀରେ ପରମାର୍ଥ ନାମକ ବ୍ୟକ୍ତି ଚୀନ ଭାଷାରେ ସାଙ୍ଖ୍ୟକାରିକାର ଅନୁବାଦ ପ୍ରକାଶ କରିଥିଲେ। ସାଙ୍ଖ୍ୟସୂତ୍ର ଅପେକ୍ଷା ସାଙ୍ଖ୍ୟ କାରିକା ବିଶେଷ ଆଦର ଲାଭ କରିଥିଲା। ଷଡ୍‌ଦର୍ଶନର ଟୀକାକାର ବାଚସ୍ପତି ମିଶ୍ର ସାଙ୍ଖ୍ୟ ସୂତ୍ରର ଟୀକା ନ କରି ସାଙ୍ଖ୍ୟକାରିକାର ଟୀକା କରିଥିଲେ। ତାଙ୍କ ଟୀକାର ନାମ ସାଙ୍ଖ୍ୟତତ୍ତ୍ୱ-କୌମୁଦୀ ଓ ଏହା ସାଙ୍ଖ୍ୟ ଦର୍ଶନ ବିଷୟକ ପ୍ରମାଣିକ ଗ୍ରନ୍ଥ ଅଟେ। ଅଧୁନା ପ୍ରଚଳିତ ସାଙ୍ଖ୍ୟଦର୍ଶନ ୬ ଅଧ୍ୟାୟରେ ବିଭକ୍ତ ଓ ଏଥିରେ ୪୫୭ ଟି ସୂତ୍ର ଅଛି। ସାଙ୍ଖ୍ୟ ଶାସ୍ତ୍ରର ତିନି ବ୍ୟୂହ—ହେୟ, ହାନ, ହେୟହେତୁ ଓ ହାନୋପାୟ। ଅଧ୍ୟାତ୍ମିକ, ଅଧିଭୌତିକ ଓ ଅଧିଦୈବିକ, ଏହି ତିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତିର ନାମ 'ହାନ' (ବା ପରିତ୍ୟାଗ)। ପ୍ରକୃତି ଓ ପୁରୁଷର ଅବିବେକ ବା ଅଜ୍ଞାନକୁ 'ହେୟ ହେତୁ' ଏବଂ ଏହି ତିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତି ପାଇଁ ବିବେକଜ୍ଞାନ ସାଧନ ତେଣୁ ତାକୁ ହାନୋପାୟ ବୋଲିଥାଏ। ସାଙ୍ଖ୍ୟ ଦର୍ଶନରେ ଈଶ୍ୱରଙ୍କ ପ୍ରମାଣ ସ୍ୱୀକୃତ ହୋଇ ନ ଥିବାରୁ ଏହାର ନାମ ନିରୀଶ୍ୱର ସାଙ୍ଖ୍ୟ। ଶଙ୍କରକୃତ କପିଳ ପ୍ରଣୀତ ସାଙ୍ଖ୍ୟକୁ ନିରୀଶ୍ୱର ସାଙ୍ଖ୍ୟ ଓ ପତଞ୍ଜଳି ପ୍ରଣୀତ ସାଙ୍ଖ୍ୟକୁ ସେଶ୍ୱର ସାଙ୍ଖ୍ୟ ନାମ ଦେଇ ଅଛନ୍ତି। କପିଳଙ୍କ ମତରେ ଜ୍ଞାନ-ଦ୍ୱାରା ମୁକ୍ତି ଓ ପତଞ୍ଜଳିଙ୍କ ମତରେ ଯୋଗଦ୍ୱାରା ମୁକ୍ତି ଲାଭ ହୁଏ। କପିଳଙ୍କ ମତରେ 'ପ୍ରମାଣାଭାବରୁ ଈଶ୍ୱରଙ୍କ ଅସ୍ତିତ୍ୱ ସିଦ୍ଧ ହେଉ ନାହିଁ।' ପ୍ରମାଣ ତିନ ପ୍ରକାର—ପ୍ରତ୍ୟକ୍ଷ, ଅନୁମାନ ଓ ଶବ୍ଦ (ବା ଆପ୍ତବାକ୍ୟ, ଯଥା ବେଦ)। ସାଙ୍ଖ୍ୟ ମତରେ ତିବିଧ ଦୁଃଖର ଅତ୍ୟନ୍ତ ନିବୃତ୍ତି ହିଁ ମୁକ୍ତି। ଏକମାତ୍ର ବିବେକ ଜ୍ଞାନହିଁ ଏହି ଦୁଃଖ ନିବୃତ୍ତିର ଉପାୟ। ସାଙ୍ଖ୍ୟରେ ପଞ୍ଚବିଂଶତି ତତ୍ତ୍ୱର ଉଲ୍ଲେଖ ଅଛି। ଯଥା ପ୍ରକୃତି, ମହତ୍, ଅହଙ୍କାର, ପଞ୍ଚତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ), ଏକାଦଶ ଇନ୍ଦ୍ରିୟ (ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ ଓ ମନ), ପଞ୍ଚମହାଭୂତ (କ୍ଷିତି, ଅପ୍,

Digitized by srujanika@gmail.com

ତେଜଃ, ମରୁତ୍, ବୈଶ୍ୟମ୍] ଓ ପୁରୁଷ । ଏଥି ମଧ୍ୟରେ ପ୍ରଥମୋକ୍ତ ୨୪ ଟି ଜଡ଼ ଜଡ଼ ଓ ପୁରୁଷ ଚେତନ । ପ୍ରକୃତିହିଁ ଜଗତର ମୂଳ କାରଣ ଅଟେ ଓ ଏହା ସତ୍ । ପୁରୁଷ କେବଳ ସାକ୍ଷୀ [ବଲଦେବ]।

ସାଙ୍ଖ୍ୟ ଯୋଗ—ସଂ· ବ ୧ । (ସଂ· ପ. ଯୋ; ସାଙ୍ଖ୍ୟୋକ୍ତ ଯୋଗ)—Sāṅkhya jōga ସାଙ୍ଖ୍ୟ ଦର୍ଶନ ପ୍ରଦର୍ଶିତ ଜ୍ଞାନ ଯୋଗ; ବ୍ରହ୍ମବିଦ୍ୟା, ଯହିଁରେ ଅଷ୍ଟାଙ୍ଗର ଜଡ଼ତ୍ୱ ଦୋଇ ସାଙ୍ଖ୍ୟ ବା ବେଦ ଜ୍ଞାନ ଦ୍ୱାରା ଜୀବର ମୁକ୍ତି ଲାଭ ହୁଏ—1. The system of attaining salvation by following the doctrines of the Sāṅkhya Philosophy. ୨ । ଭଗବଦ୍‌ଗୀତାର ତୃତୀୟ ଅଧ୍ୟାୟରେ ବର୍ଣ୍ଣିତ 'ସାଙ୍ଖ୍ୟ' ବା ଜ୍ଞାନ ଯୋଗ ଓ 'ଯୋଗ' ବା କର୍ମଯୋଗ—2. Two sorts of attaining salvation laid in the 3rd chapter of the Gita, viz, cultivation of True Wisdom and following one's Duty.

[ଦ୍ର—କୁରୁକ୍ଷେତ୍ରରେ ସମବେତ କୁରୁପାଣ୍ଡବ ସୈନ୍ୟକୁ ଦେଖି ଅର୍ଜୁନ ବିଷଣ୍ଣ ହୋଇ ଯୁଦ୍ଧ କରିବାକୁ ଅନିଚ୍ଛା ପ୍ରକାଶ କରିବାରୁ ଭଗବାନ୍ ଶ୍ରୀକୃଷ୍ଣ ଗୀତାର ଦ୍ୱିତୀୟ ଅଧ୍ୟାୟରେ ବ୍ରାହ୍ମୀସ୍ଥିତି (ସାଙ୍ଖ୍ୟୋକ୍ତ ଯୋଗ ବା ବ୍ରହ୍ମବିଦ୍ୟା) ବିଷୟରେ ଅର୍ଜୁନଙ୍କୁ ଉପଦେଶ ଦେଲେ । ଦ୍ୱିତୀୟ ଅଧ୍ୟାୟର ୭୨ଶ ଶ୍ଲୋକରେ କହିଲେ, ଯେ ସୁଖ ଦୁଃଖ, ଲାଭାଲାଭ, ଜୟାଜୟରେ ସମାନ ବୁଦ୍ଧି କର ଯୁଦ୍ଧ କର, ତୁମ୍ଭର ପାପ ହେବ ନାହିଁ । ୩୯ଶ ଶ୍ଲୋକରେ କହିଲେ, ଯେ 'ସାଂଖ୍ୟ' ଅନୁସାରେ ତୁମ୍ଭକୁ ଏ ବୁଦ୍ଧି କଥା କହୁ ବର୍ତ୍ତିଲା 'ଯୋଗ' ଅନୁସାରେ ବୁଦ୍ଧି କଥା କହୁବ । ଏଠାରେ 'ସାଂଖ୍ୟ' ଶବ୍ଦ ଦ୍ୱାରା କପିଳ ମୁନିଙ୍କ 'ସାଙ୍ଖ୍ୟ ଦର୍ଶନ' ଓ 'ଯୋଗ' ଶବ୍ଦ ଦ୍ୱାରା ପାତଞ୍ଜଳିଙ୍କ 'ଯୋଗଦର୍ଶନ' ଉଦ୍ଦିଷ୍ଟ ନଥିଲା । 'ସାଂଖ୍ୟ'ର ଅର୍ଥ 'ସନ୍ନ୍ୟାସମାର୍ଗ' ଓ 'ଯୋଗ'ର ଅର୍ଥ 'କର୍ମ ମାର୍ଗ' ବୋଲି ବୁଝିବାକୁ ହେବ । ଗୀତାର ତୃତୀୟ ଅଧ୍ୟାୟର ତୃତୀୟ ଶ୍ଲୋକରେ ଭଗବାନ୍ କହିଅଛନ୍ତି ଯେ, ପୁରାକାଳରେ ଓ ଦ୍ୱିତୀୟ ଅଧ୍ୟାୟରେ ମୋ ସଂସାରରେ ଦୁଇପ୍ରକାର ନିଷ୍ଠାର କଥା କହିଅଛୁଁ—୧ । ସାଂଖ୍ୟମାନଙ୍କର ଜ୍ଞାନ ଯୋଗ ଦ୍ୱାରା ଜ୍ଞାନପ୍ରାପ୍ତି ନିଷ୍ଠା ଓ ୨ । ଯୋଗୀମାନଙ୍କର କର୍ମଯୋଗ ଦ୍ୱାରା ଜ୍ଞାନପ୍ରାପ୍ତି ନିଷ୍ଠା । ନିଷ୍ଠା ଶବ୍ଦର ଅର୍ଥ ମୋକ୍ଷ ଲାଭ କରିବାର ମାର୍ଗ । ଏ ଦୁଇ ମାର୍ଗାନୁଗାମୀଙ୍କୁ ଯଥାକ୍ରମେ ସାଂଖ୍ୟ ବା 'ସନ୍ନ୍ୟାସମାର୍ଗୀ' ଓ ଯୋଗ ବା 'କର୍ମଯୋଗମାର୍ଗୀ' ବୋଲାଯାଏ; ଗୀତାର ପଞ୍ଚମ ଅଧ୍ୟାୟର ଚତୁର୍ଥ ଓ ପଞ୍ଚମ ଶ୍ଲୋକରେ ଭଗବାନ୍ କହିଅଛନ୍ତି ଯେ, ମୂର୍ଖମାନେ 'ସାଂଖ୍ୟ' ଓ 'ଯୋଗ'କୁ ପୃଥକ୍ ବୋଲି କହନ୍ତି, କିନ୍ତୁ ପଣ୍ଡିତମାନେ କହନ୍ତି ଯେ, ଏ ଦୁଇ ମାର୍ଗ ମଧ୍ୟରୁ ଗୋଟିଏ ମାତ୍ର ମାର୍ଗକୁ ଅବଲମ୍ବନ କଲେ ଏକାହିଁ ଫଳ (ମୋକ୍ଷ) ଲାଭ ହୁଏ । ଅତଏବ ଏ ଦୁଇ ମାର୍ଗ ଏକ । କିନ୍ତୁ ଯୋଗ (କର୍ମ) ବିନା ସାଂଖ୍ୟ (ସନ୍ନ୍ୟାସ) ପ୍ରାପ୍ତି ହେବା କଠିନ । ଯେଉଁ ବ୍ୟକ୍ତି କର୍ମଯୋଗଯୁକ୍ତ ହୋଇଅଛନ୍ତି ତାଙ୍କର ଅବିଳମ୍ବେ ବ୍ରହ୍ମ ପ୍ରାପ୍ତି ବା ମୋକ୍ଷଲାଭ ହୁଏ । ସନ୍ନ୍ୟାସମାର୍ଗରେ ଜ୍ଞାନକୁ ପ୍ରଧାନ ସାଧନରେ ମଧ୍ୟ କର୍ମ ନ କଲେ ଜ୍ଞାନର ସିଦ୍ଧି ହୁଏ ନାହିଁ । ଅତଏବ କର୍ତ୍ତବ୍ୟ ଜ୍ଞାନ କରି ଫଳକୁ ଈଶ୍ୱରଙ୍କଠାରେ ଅର୍ପଣ କରି ନିଷ୍କାମ-ଭାବରେ କର୍ମ କରିବା କର୍ତ୍ତବ୍ୟ । ଏହାହିଁ ଭଗବଦ୍‌-ଗୀତାର ପ୍ରତିପାଦ୍ୟ ଉପଦେଶ—କାଳ ସଙ୍ଗାଧର ତିଳକଙ୍କ ଶ୍ରୀମଦ୍‌ଭଗବଦ୍‌ଗୀତା ରହସ୍ୟ ବା କର୍ମଯୋଗ ଶାସ୍ତ୍ର ।]

ସାଙ୍ଗ—ବି· ବଣ (ସମ୍ଭାର୍ଥ କନ୍ଦୁଗ୍ଧ; ସ=ସହିତ+ଅଙ୍ଗ)—୧ । Sāṅga ଅଙ୍ଗବିଶିଷ୍ଟ; ଅବୟବଯୁକ୍ତ—1. Having limbs. [ଜରଙ୍ଗ—ବିପରୀତ] ୨ । ସକଳାବୟବ ବିଶିଷ୍ଟ; ପୂର୍ଣ୍ଣାଙ୍ଗ;ସମ୍ପୂର୍ଣ୍ଣ—2. Full-limbed; complete. [ତୁ—ସାଙ୍ଗ ଦେହ ଅଚଠାରୁ ଗୁଜପଣ ମୋର—ଗୁଣାକାଥ. ମଦାଯାନ୍ତା) (ସାଙ୍ଗତା—ବ) ୩ । ଯାହାର କୌଣସି ଅଙ୍ଗ ଖଣ୍ଡିଆ ନ ଥାଏ; ଅବିକଳାଙ୍ଗ—3. Having all the parts or limbs complete. ଦେ· ବ (ସଂ· ସଙ୍ଗ)—୧ ।

ସଙ୍ଗ	ସମ୍ଭବରତ୍ୱ—1. Companionship. ୨ । (ସଂ·
ସଙ୍ଗୀ	ସଙ୍ଗୀ) ସମ୍ଭବର—2. Companion. ୩ । (ସଂ.ଶବ୍ଦ),
ସଂଗି	ଶାଙ୍ଗ (ଦେଶ)—3. Saṅga (See) ବଣ—
ଶେଷ ଶୋଷ	୧ । ସମାପ୍ତ—1. Finished.
ସଙ୍ଗେ ଥିବା	୨ । ସାଙ୍ଗରେ ଥିବା—2. Accompanying;
ସଂଗମେ ରହନେ ବାଲା	attending on. (ଯଥା—ଅଭ୍ୟାଗତଙ୍କ ସାଙ୍ଗ ଲୋକ ୫୦ ଜଣ ଭୋଜନ କଲେ ।) ପ୍ରାଦେ· (ସିଂହଭୂମି) ବ—ସାନ ଭଉଣୀର ବର—Husband of one's younger sister. [ତୁ—ବଡ଼ ଭଉଣୀଙ୍କ ବରଙ୍କୁ ଗଈଁ ଭୁଦ୍ୱାଯାଏ ।] ପ୍ରାଦେ (ସମ୍ବଲପୁର, ଅଠମଲ୍ଲିକ, ବୌଦ) ବ—ଖୁଲ ଶଳା; ଖୁଲଙ୍କ ଶାଳକ—

One's brother's wife's brother.

ସାଙ୍ଗ କରିବା—ଦେ. କି—୧ । ସଙ୍ଗୀସ୍ୱରୂପ ଗ୍ରହଣ କରିବା—

Sāṅga karibā	1. To take any one as one's
ସଙ୍ଗୀ କରା	ସଂଗି କରନା companion.
ସାଙ୍ଗ କରା	୨ । କୌଣସି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା—
ସାଂଗ କରା	2. To complete a work.

ସାଙ୍ଗକୁ—ଦେ. ଅ—୧ । ସାଙ୍ଗେ (ଦେଶ)—1. Sāṅge (See)

Sāṅgaku	ସଙ୍ଗେ ସଂଗମେ
ସଙ୍ଗେ ନଜଦୀକ	୨ । ନିକଟରୁ; ସାଖରୁ—2. To; near.

ସାଙ୍ଗ ଦରଡ଼ା(ଡ଼ି, ଗ୍ଧ,ରି)—ଦେ. ବ—ସାଙ୍ଗି ଦରଡ଼ା (ଦେଶ)

Sāṅga daurḍā(rḍi, rā, ri)	Sāṅgi daurḍā (See)

ସାଙ୍ଗ ଧରିବା—ଦେ· କି—ସଙ୍ଗୀରୂପେ କୌଣସି ବ୍ୟକ୍ତିର ଅନୁସରଣ

Sāṅga dharibā	କରିବା—To attend a person.
ସଙ୍ଗ ଧରା	to be on the wake of a person;
ସଂଗ ପକଡ଼ନା	

Digitized by srujanika@gmail.com

ସାଙ୍ଗ ପଢ଼ୁଆ—ଦେ. ବ (ପୁଂ)—ସହପାଠୀ—Classmate; Sāṅga pardhuā ସଙ୍ଗୀ ପଢୁୟା schoolmate. साथ पढ़ने वाला (ସାଙ୍ଗ ପଢ଼ୋଇ—ସ୍ତ୍ରୀ)

ସାଙ୍ଗ ପରହାସି—ଦେ. ବଣ. ପୁଂ ଓ ସ୍ତ୍ରୀ—ସଙ୍ଗୀ ଓ ପରହାସ କରିବାର Sāṅga parihāsi ଉପଯୁକ୍ତ (ଅର୍ଥାତ୍ ଯେଉଁ ବ୍ୟକ୍ତି ମୋର ସମାନ ସଙ୍ଗୀ ସଙ୍ଗୀ ହେବା ଉପଯୁକ୍ତ ଯେଉଁ ବ୍ୟକ୍ତିକୁ ମୁଁ संग दिल्लगी वाज़ ଅଛୁ ପରହାସ କରି ପାରେ)—(a person) With whom one can form companionship and with whom one can cut jokes.

ସାଙ୍ଗ ପଙ୍ଗ—ଗ୍ରା. ବଣ—ସଙ୍ଗୋପାଙ୍ଗ (ଦେଖ) Saṅga pāṅga Sāṅgopāṅga (See)

ସାଙ୍ଗବାଲା—ଦେ. ବ—ଏକ ଦଳଭୁକ୍ତ ସଙ୍ଗୀମାନେ—Members Sāṅga bālā ସଙ୍ଗଓୟାଲା of the same company. संग वाला (ସାଙ୍ଗବାଲ୍ଲ—ସ୍ତ୍ରୀ)

ସାଙ୍ଗ ଭାଇ—ଦେ. ବ, ପୁଂ—୧। ଏକ ଦଳଭୁକ୍ତ ବା ଶ୍ରେଣୀଭୁକ୍ତ ବ୍ୟକ୍ତି; Saṅga bhāi ଭ୍ରାତୃସ୍ଥାନୀୟ ବ୍ୟକ୍ତି—1. Members of the ସଙ୍ଗୀ ଭାଇ same class or profession; brethren. संगी भाइ ୨। ସହକର୍ମୀ ବ୍ୟକ୍ତି—2. Colleague.

ସାଙ୍ଗ ମଣି(ନି)ଷ—ଗ୍ରା. ବ—୧। ସାଙ୍ଗରେ ଥିବା ବ୍ୟକ୍ତି— Sāṅga maṇi(ni)sha 1. Retinue. ୨। ପାର୍ଶ୍ଚର— ସଙ୍ଗେର ଲୋକ संगी लोक 2. Attendant. (ସାଙ୍ଗ ଲୋକ, ସାଙ୍ଗ ପରିଷ୍ୟ—ଦେ. ରୂପ)

ସାଙ୍ଗ ମେଲ(ଳି)—(ସ. ସଙ୍ଗୀ ଓ ମିଳନ)—୧। ସଙ୍ଗୀମାନଙ୍କ ସାହ- Sāṅga mela(li) ଚର୍ଯ୍ୟା—1. Companionship of ସଙ୍ଗୀଦେର ମେଳା friends. ୨। ବହୁ ସଙ୍ଗୀଙ୍କ ସମାଗମ— संगी लोकोंका मेल 2. Gathering of many friends. (ସାଙ୍ଗ ମେଳଅ—ବଣ)

ସାଙ୍ଗ ମୋହ୍(ହୋ)ବତ୍—ଦେ. ବ—ସଙ୍ଗୀମାନଙ୍କ ଅନୁରୋଧ ଉପ- Sāṅga moha(ho)bat ରୋଧ—Request of compani- ସଙ୍ଗ ମୋହବତ संगी मुहवत ons.

ସାଙ୍ଗ ମୋହ୍(ହୋ)ବତଆ—ଦେ. ବଣ (ପୁଂ ଓ ସ୍ତ୍ରୀ)—ଯେଉଁ ଲୋକ Sāṅga moha(ho)batiā ସାଙ୍ଗମାନଙ୍କ ଚକ୍ଷୁଲଜ୍ଜା ଏଡ଼ ନ ପାର ସଂଗୀ मुहवत वाला କାମ କରେ—(a person) Acting (ସାଙ୍ଗ ମୋହ୍ବତ—ଅନ୍ୟରୂପ) to please his companions. (ସାଙ୍ଗ ମୋହ୍ବତେଇ—ସ୍ତ୍ରୀ)

ସାଙ୍ଗ ରୂପକ—ଦ. ବ—ଏକପ୍ରକାର ରୂପକ; ରୂପକ (ଦେଖ) Sāṅga rūpaka A kind of simile; Rūpaka (See)

ସାଙ୍ଗରେ—ଦେ. ଅ—ସଙ୍ଗେ (ଦେଖ)—Saṅge (See) Saṅgare (ସାଙ୍ଗେରେ—ଗ୍ରାମ୍ୟରୂପ)

ସାଙ୍ଗରେ ରହିବା—ଦେ. କି—୧। (ଅନୁଚିତ) ପକ୍ଷରେ ରହିବା— Sāṅgare rahibā 1. To take one's side. ପକ୍ଷେ ଥାକା पक्षमें रहना ୨। (କୌଣସି ବ୍ୟକ୍ତି ସଙ୍ଗେ) ସଙ୍ଗେ ଥାକା ଗାଢ଼ଭାବରେ ସମ୍ପର୍କ ରଖିବା— साथ रहना 2. To be connected in an illicit way.

ସାଙ୍ଗ ସରି(ସରିସା)—ଦେ. ବ (ସଂ. ସଙ୍ଗ ଓ ସଦୃଶ)—ସଙ୍ଗୀ ବା Sāṅga sari(sarisā) ସମକକ୍ଷ ବ୍ୟକ୍ତି—Companion or ସମାନ ବା ସମକକ୍ଷ ସଙ୍ଗୀ संगीसाथी equal.

ସାଙ୍ଗ ସାଥି(ସୁଖ)—ଦେ. ବ (ସଂ. ସଙ୍ଗ ଓ ସଖା)—୧। ସଙ୍ଗୀ ଓ Sāṅga sāthi(sukha) ସହଚର—1. Companion. ସଙ୍ଗୀ ସାଥୀ ୨। କ୍ରୀଡ଼ା ସଙ୍ଗୀ—2. Playmate. ୩। संगीसाथी ଆମୋଦ ସଙ୍ଗୀ—3. A companion in amusements; a boon companion. ୪। ସହଚରମାନଙ୍କ ସହିତ ଏକତ୍ର ଆମୋଦ ପ୍ରମୋଦ— 4. Amusements enjoyed in the company of ones mate's.

ସାଙ୍ଗ ସୋବତ୍(ସୋହ୍[ହୋ]ବତ୍)—ଦେ. ବ (ସହଚର ଶବ୍ଦ; ସଂ. Sāṅga sobat(soha[ho]bat) ସଙ୍ଗ ଓ ଫା. ସୋହ୍ବତ୍)—ସଙ୍ଗୀ ସାଥୀ संगसोहवत ୧। ଏକତ୍ର ଓ ସହବାସରେ ଥିବା (ସାଙ୍ଗପୁଆ—ଅନ୍ୟରୂପ) ବ୍ୟକ୍ତିଗଣ—1. Persons who live and move together.

୨। ନର୍ମ ସହଚର—2. Boon companion. ସଙ୍ଗୀଦେର ଉପରୋଧ*। (ସୋହ୍ବତ ଶବ୍ଦରେ ସୋହ୍ବତ୍ ଶବ୍ଦର ଭ୍ରମ ସଂ ମୁହବତ ଜନିତ ପ୍ରଯୋଗ) ସାଙ୍ଗମାନଙ୍କ ସୋହ୍ବତ; ସଙ୍ଗୀ- ମାନଙ୍କ ଅନୁରୋଧ ଉପରୋଧ—3. Ruquest of one's friends. ୪। ସଙ୍ଗୀମାନଙ୍କ ଚକ୍ଷୁଲଜ୍ଜା— 4. Susceptibility or sensitiveness to please one's friends. ୫। ସଙ୍ଗ ମେଳ; ସହ- ଚର୍ଯ୍ୟ—5. Companionship; company of friends.

ସାତ ଶାସନ—ଦେ. ବ—୧ । ପୁରୀ ଜିଲ୍ଲାର ଉସୁନାବରପଦା ବରଖଣ୍ଡ Sāta śāsana ସାତ ଗୋଟି ବ୍ରାହ୍ମଣ ଶାସନ—1. The seven Brahman villages near Usunā Barapadā in the Puri district. ୨ । ଯାଜପୁର ସହରର ସାତ ଗୋଟି କୁଳୀନ-ବ୍ରାହ୍ମଣ-ଶାସନ— 2 .The seven villages of Jajpur town inhabited by high caste Brāhmaṇas.

ସାତ ସତ୍‌ତୁଣିଆ—ଦେ. ବ—ଶାଖାତର କ୍ଷୁଦ୍ର ପକ୍ଷି-ବିଶେଷ—The Sāta sautuṇiā minivet. [ଦ୍ର—ଏମାନଙ୍କ ପିଠିର ସାତ ସତ୍ତା ସାତ ସୁଅଳି } —ଅନ୍ୟରୂପ ପଛପଖର ପର କଳାପର ଶାଣୁଅ; ଥଣ୍ଟ ଲେଞ୍ଜ, ଶଙ୍ଖ ଓ ବନ୍ଦା । ନାଇନ୍ଦ୍

Digitized by srujanika@gmail.com

ସାତସତୀ, ସାତସୟାଳୀ ସର ଭାକିଥାଏ; ପକ୍ଷ ପର୍ଦ୍ଦ ଓ ଅଗରୁ ସରୁ । ଏମାନେ ଗଛରେ ପଲ ପଲ ହୋଇ ରହନ୍ତି ଓ ଗୋକଯୋକ ଖାଆନ୍ତି; ୮ରୁ ୧୨ ଅଙ୍ଗୁଳ ପର୍ଯ୍ୟନ୍ତ ପାର୍ଦ୍ଦ ହୁଅନ୍ତି । ଏମାନେ ଦୁଇ ଜାତିସ୍ୱ ଅଟନ୍ତି ।

୧ । ବଡ଼ସ୍ୱଥଳୀ—୧୨ ଅଙ୍ଗୁଳ ଲମ୍ବା, ମୁଣ୍ଡ ଚକ୍ରଣ ଚଳା, ପୁଚ୍ଛ ଅତ୍ୟନ୍ତ ରକ୍ତବର୍ଣ୍ଣ—Pericrocotus Specinus ବ. ବଡ଼ ସସ୍ୱାଲ୍ ।

୨ । ଝିଟ ସ୍ୱଥଳୀ—୮ ଅଙ୍ଗୁଳ ଲମ୍ବ, ମୁଣ୍ଡ ଧୂସର, ଗଳ ରକ୍ତ ବର୍ଣ୍ଣ—Pericrocotus Perigrinus. ବ. ବ. ଛୋଟ ସସ୍ୱାଲ୍ ।]

ସାତ ସତର—ଦେ. ବ—ସାତ ପାଞ୍ଚ (ଦେଶ)—Sātapañcha. Sāta satara (See) ବହୁ—ବହୁ; ଅନେକ—Many.
ସାତ ପାଞ୍ଚ **सात पांच**

ସାତ ସତର କରିବା—ଦେ. କି—ସାତକୁ ସତର କରିବା (ଦେଶ) Sāta satara karibā Sātaku satara karibā.(See)

ସାତ ସନ୍ଧି—ଦେ. ବ—ଅଗମ୍ୟ ବା ଗୁପ୍ତ ସ୍ଥାନମାନ—Sāta sandhi Very hidden or inaccessible places.
ସାତ ସନ୍ଧି **सात सन्धि**

ସାତ ସମୁଦ୍ର—ଦେ. ବ—ସପ୍ତ ସମୁଦ୍ର (ଦେଶ) Sāta samudra Sapta samudra (See)
(ସାତ ସାଗର—ଅନ୍ୟରୂପ) ସାତସମୁଦ୍ର **सात समुद्र**

ସାତ ସମୁଦ୍ର ତେର ନଦୀ ପାର(ରି)—ଦେ. ବ—ସମୁଦ୍ରର ଅନ୍ୟ ପାଖରେ ବହୁ ଦୂରରେ (ସାତ ସମୁଦ୍ର ଲଙ୍ଘି ପାର—ଅନ୍ୟରୂପ) ଥିବା ଦେଶ—Sāta samudra tera nadī pāra(ri) A far off distant country beyond the (seven) seas.
ସାତ ସମୁଦ୍ର ତେର ନଦୀ ପାର, ସାତ ସମୁଦ୍ର ପାର **सात समुद्र तेर नदी पार, सात समुद्र पार**

ସାତ ସ(ସ୍ୱା)ରଗ—ଦେ. ବ—ସପ୍ତ ସ୍ୱର୍ଗ (ଦେଶ) Sāta sa(swa)raga Sapta swarga (See)
(ସାତ ସ୍ୱର୍ଗ—ଅନ୍ୟରୂପ) ସାତ ସର୍ଗ **शात शरग**

ସାତ ସାଇ(ହି)—ଦେ. ବ—ପୁରୀ ସହରର ଆଦମ ୭ ଗୋଟି ବସ୍ତି—Sāta sāi(hi) The original 7 hamlets or quarters of the Puri town. [ଦ୍ର—ଦୋଳମଣ୍ଡପ ସାଇ, କୁଣ୍ଢେଇବେଷ ସାଇ, ମାର୍କଣ୍ଡେଶ୍ୱର ସାଇ, ଚଢ଼ଙ୍ଗ ସାଇ, ବାଲି ସାଇ, ଡ଼ରଡଣ୍ଡୀ ସାଇ, କାସେଳୀ ସାଇ । ପୁରୀ ସହରରେ ୭ ଗୋଟି ସାଇ ଓ ୫୨ ଗୋଟି କନ୍ଦ ଥିବାର ପ୍ରବାଦ ଅଛି, କନ୍ତୁ ବର୍ତ୍ତମାନ ସାଇ ସଙ୍ଖ୍ୟା ଉପରୋକ୍ତଠାରୁ ବେଶୀ ଅଛି ।]

ସାତାସାତ—ଦେ. ବ—ସାତେସାତ (ଦେଶ) Sātāsāt Sātesāt [See]

ସାତି—ସ. ବ (ସୋ ଧାତୁ=ନାଶ କରିବା+କ୍ତିବ ଇ)—୧ । ବିନାଶ- Sāti 1. Destruction. ୨ । ଅବସାନ; ଶେଷ—2. End. ୩ । ପୀଡ଼ା—3. Sickness. ୪ । ଗୁପ୍ତ ବେଦନା—4. Pain; pang; aching. ୫ । (ସମ୍ ଧାତୁ=ଦାନକରିବା+କ୍ତିବ ଇ)—ଦାନ— Sāthi 5. Gift; donation.

ଦେ. ବ—୧ । ସାଥି (ଦେଶ)—1. Sāthi (See) (ଦ୍ର—କଖଣ୍ଡ ବନ୍ଧୁ ଏ ଯେପ୍ତେ ସଙ୍ଖଦର ସାଙ୍ଗ—
ଅଭାବ **अभाव** ନଦକଗୋର ଜର୍ଜ୍ଜରୀ ।) ୨ । ଅଭାବ— 2. Want; lack. (ଦ୍ର—ବାପ ତେଲ ସାଙ୍ଗରେ ଲଣ୍ଡା, ପୁଅ ବୁଲେଇ ବେଣ୍ଟି ରଙ୍ଗୁଛି ! ଉଗ ।)
ସାଥେ **साथमे** ଅ—ସାଥିରେ; ସଙ୍ଗେ ସମଉଦ୍ୟାହାରରେ-
ସାତୀ **सातका** With; in the company of
ଉଣ—ସାତସମ୍ବନ୍ଧୀୟ—Relating to seven.

ସାତ୍ତିକ—ପ୍ରା. ବଣ (ସ. ସାତ୍ତ୍ୱିକ)—ସାତ୍ତ୍ୱିକ (ଦେଶ) Sātika Sātwika (See)
ସାତିକ **सातिक**

ସାତିଶୟ—ସଂ. ବଣ (ସ+ଅତିଶୟ=ଅଧିକ)—ଅତ୍ୟଧିକ— Sātisaya Very much; excessive.

ସାତିସାର—ସଂ. ବଣ. ପୁଂ (ସ+ଅତିସାର)—ଅତିସାରଗ୍ରସ୍ତ; ଅତିସାରରୋଗୀ—A person suffering from dysentery.
(ସାତିସାର—ସ୍ତ୍ରୀ)

ସାତୀଳକ—ସଂ. ବ—(ସତୀଳ+ଅ+କ)ସତୀଳ (ଦେଶ) Sātīlaka Satīla (See)

ସାତୁଆ—ଦେ. ବ. ପୁଂ—୧ । ସଙ୍ଗର; ସାଥୁଆ; ସଙ୍ଗୀ— Sātuā 1. Companion; colleague.
[ସାତେ(ତୋ)ଇ—ସ୍ତ୍ରୀ] ୨ । ଭାଗଦାର—2. Co-
ସାଥୁୟା, ସେଥୋ **साथो** sharer. ୩ । ସଙ୍ଗଯାତ୍ରୀ— 3. Fellow traveller.

ସାତୁଅଳ—ଦେ. ବଣ—ସପ୍ତମ—Seventh; 7th. Sātuāla (ଉ—ଏବେ ମୁଁ ସାତୁଅଳ ଜନ୍ମେ ନାଉଦେଶ)
ସପ୍ତମ **सातवा** ପଦ୍ଦୁ ଭୁମ୍ଭଙ୍କି ଦୋଇଲି ପ୍ରକାଶ— କୃଷ୍ଣସିଂହ ପଡ଼ାଉରଙ୍କ ଶାନ୍ତି ।)

ସାତୁକା—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ସାତ୍ତ୍ୱିକ)—ସାତ୍ତ୍ୱିକଲକ୍ଷଣଯୁକ୍ତ- Sātukī Having Sātwika qualities.
ସାତିକ **सातकी** (ଦ୍ର—ସ୍ୱଧା ସାତୁକା ସ୍ୱଜଶୀ ରୁକ୍ଷଣୀ, ଯାହା କହିଛ ବେଦ ଅଥବାଣା—ପ୍ରାଚୀ ରହସ୍ୟମଣ୍ଡଳୀ)

ସାତୁକ୍ୟ(ଇତ୍ୟାଦି)—ଦେ.ବଣ—ସାତ୍ତ୍ୱିକ ଇତ୍ୟାଦି (ଦେଶ) Sātukya(etc) Sātwika etc [See]

ସାତୁ(ତୋ)ଟା—ପ୍ରା. ବ ଓ ବଣ (ଅନାଦରାର୍ଥକ)—୧ । ସାତସୋଟା— Sātu(to)ṭā 1. Seven in number.
[ସାତ(ହୁ,ତୋ)ଟି—ଅଦରାର୍ଥକ]; । ଘଣ୍ଟାରେ ସାତ ବାଜିବା ବେଳ
ଯାତଟା **सात** 2. 7 o'clock [ଦ୍ର—ଟା, ଟାଏ,ଟି ଅଦ୍ୟଯୁକ୍ତ ହେଲେ ଅକାରନ୍ତ ଓ ଇକାରନ୍ତ ଦେଢେକ ସଂଖ୍ୟାବାଚକ ଓ ଅନ୍ୟ ବିଶେଷ୍ୟ ଶବ୍ଦର ଶେଷ ଅକ୍ଷର ଉକାରନ୍ତ

Digitized by srujanika@gmail.com

ଦୋଇ ଉଚ୍ଚାରିତ ଦ୍ୱିତ୍ୱ: ଯଥା—ସାଙ୍ଗ୍ଗିଠା, ସାଙ୍ଗ୍ଗୋଠା, ସଣିପ୍ପଠା ଏ, ଉଜୁଠା, ଉଜୁନୋଠା, ଉଜୁନୋଠି, ଘରୁଠା ।]

ସାଙ୍ଗେ—ଅ. ଅ [ସଂ ସହିତ]—ସାଥେ; ସଙ୍ଗେ—With. [ଉ—ସାଥ ଗଲ୍ଲ ସାଙ୍ଗେ, ଜମ୍ମ ଗଲ୍ଲ ତାହା ସାଙ୍ଗେ—ଉଗ ।]

Sāte ସାଥେ **ସାଥମେ**

ସାଙ୍ଗେସାଙ୍ଗ—ଦେ. ଅ [ସଂ ସହିତ]—୧ । ସାଥେସାଥ; ସଙ୍ଗେ ସଙ୍ଗେ 1. Together with. ୨ । ତତ୍ଷଣାତ୍—2. At once; immediately. ୩ । ଅଚ୍ଚିରାତ୍—3. Very soon.

Sātesāt ସାଥେସାଥ **ସାଥେସାଥେ** ସାଥେ ସାଥେ

ସାଙ୍ଗୋଡ଼ା—ଦେ. ବ—୧ । କେତେ ପ୍ରାଚୀନ ଗଡ଼ଜାତର ସ୍ୱଜବଂଶର ଉପାଧ୍ୱବିଶେଷ—1. A title of some of the ancient ruling families of Orissa. ୨ । କେତେକ ପ୍ରାଚୀନ ସ୍ୱଜକର୍ମଗୃସ୍ଥଙ୍କ ଉପାଧ୍ୱ—2. Title given to Rajas of small principalities.

Sātordā ସାତୋର୍ଦ୍ଦା

ସାଙ୍ଗୋଡ଼ାବେହେରା ମହାପାତ୍ର—ଦେ. ବ—ପ୍ରାଚୀନ ଉତ୍କଳର ସ୍ୱାଙ୍କ ଅଧୀନ ମଫସଲର ସ୍ୱଜକର୍ମଗୃସ୍ଥବିଶେଷ—Name of an official in the muffasil under the ancient kings of Orissa. [ଦ୍ର—ଘୁରୁଣା ସନନ୍ଦମାନଙ୍କରେ 'ସାଙ୍ଗୋଡ଼ାବେହେରା ମହାପାତ୍ର'ଙ୍କ ପ୍ରତି ଆଦେଶ ଦଅଯାଇଅଛି ଯେ, ଅମୁକ ବ୍ୟକ୍ତିକୁ ଏ ଭୂମି ଚରଚାଳ ନଷ୍ଟର ରୂପେ ପ୍ରଦତ୍ତ ହେଲା ।]

Sātordā beherā mahāpātra ସାତୋର୍ଦ୍ଦା ବେହେରା ମହାପାତ୍ର

ସାତ୍ତ୍ୱିକ (ଇତ୍ୟାଦି)—ସଂ. ବିଣ—ସାତ୍ତ୍ୱିକ ଇତ୍ୟାଦି (ଦେଖ)

Sāttwika (etc) Satwika etc. (See)

ସାତ୍ତ୍ୱିକ ଅଭିନୟ—ସଂ. ବ—ପ୍ରମ୍ଭ ସ୍ୱେଦାଦି ସାତ୍ତ୍ୱିକ ଭାବାଶ୍ରିତ ଯୁକ୍ତ ହୋଇ ଯାହାମାନେ ରଙ୍ଗମଞ୍ଚରେ ଯେଉଁ ଅଭିନୟ ଦେଖାନ୍ତି—The exhibitin of sweating, prostration and other indications of attachment or amour by actors on certain occasions.

Sāttwika abhinaya ସାତ୍ତ୍ୱିକ ଅଭିନୟ

ସାତ୍ତ୍ୱିକାନୁଭାବ—ସଂ. ବ (ସାତ୍ତ୍ୱିକ+ଅନୁଭାବ; ବହୁବ୍ରୀହି)—ସତ୍ତ୍ୱ ଗୁଣରୁ ଯାହାର ଉତ୍ପତ୍ତି—Produced from Sattwa guṇa. ସଂ. ବ (କର୍ମଧା)—ଭକ୍ତର ବା ପ୍ରେମର ଅଭିଶଯ୍ୟର ଫଳରେ ଶରୀରରେ ଜାତ କେତେକ ପରିବର୍ତ୍ତନ—Some physical changes due to paroxysm of devotion or love. [ଦ୍ର—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଓ ପ୍ରଳୟ, ଏହି ଆଠ ଗୋଟିର ନାମ ସାତ୍ତ୍ୱିକାନୁଭାବ ଅଟେ ।]

Sāttwikānubhāba ସାତ୍ତ୍ୱିକାନୁଭାବ

ସାତ୍ତ୍ୱ—ସଂ. ବିଣ (ସତ୍ତ୍ୱ+ଅ)—ସତ୍ତ୍ୱଗୁଣ ସମ୍ବନ୍ଧୀୟ; ସାତ୍ତ୍ୱିକ (ହୁ.ଶ)

Sātwa Relating to satwa guṇa.

ସାତ୍ୱତ—ସଂ. ବି (ସାତ୍ୱ+ଅତ୍. ଧାତୁ=ସତତ ଗମନ କରିବା+କର୍ତ୍ତୃ. କ୍ୱିପ୍) ୧ । ଯଦୁବଂଶୀୟମାନଙ୍କର ଶାସିତ ପ୍ରାଚୀନ ପଶ୍ଚିମ ଭାରତସ୍ଥ ଦେଶ—Name of a kingdom ruled by the Jādu dynasty of ancient western India. ୨ । ଯଦୁବଂଶୀୟ ଲୋକ—2. A person of the Jādu clan. ୩। (ସାତ୍ତ ଧାତୁ=ସ୍ତୁତି କରିବା+କର୍ତ୍ତୃ. କ୍ୱିପ୍) ଉପାସକ; ପୂଜକ—3. Worshipper.

Sātwat ସାତ୍ୱତ

ସାତ୍ୱତ—ସଂ. ବି (ସାତ୍ୱତ+ଅ)—୧ । ସାତ୍ୱତଦେଶୀୟ ଲୋକମାନେ (ବହୁବଚନ)—1. The inhabitants of the ancient Sātwat country. ୨ । ବଳଦେବ; ବଳରାମ (ବୈମାତ୍ରେୟ)—2. Balarāma, the elder step brother of Śrīkṛushṇa. ୩ ।ଶ୍ରୀକୃଷ୍ଣ 3. Śrīkṛushṇa. ୪ । ଯଦୁବଂଶୀୟ ବ୍ୟକ୍ତି; ଯାଦବ (ହୁ. ଶ)—4. A generic name for a person of the Jādu dynasty. ୫ । ବିଷ୍ଣୁ (ତିନିକାଣ୍ଡ ଶେଷ)—5. Bishṇu. ୬ । (ସାତ୍ୱତ+ଅପତ୍ୟାର୍ଥେ. ଅ) ଶିଶୁପାଳ—6. Śisupāla. ୭ । ବିଷ୍ଣୁଭକ୍ତ. ବିଶେଷ (ଯେଉଁ ଭକ୍ତ ଅନନ୍ୟ ମନରେ ବିଷ୍ଣୁଙ୍କୁ ଭଜନ କରେ ଓ ସତ୍ତ୍ୱକୁ ଏବଂ ସତ୍ତ୍ୱଗୁଣକୁ ସଦାବା ଆଶ୍ରୟ କରିଥାଏ ଏବଂ ଜୀବନଯାତ୍ରାକାଳରେ ବିଷ୍ଣୁଙ୍କର ସେବାରେ ସଦାବା ଲଗିଥାଏ; ପଦ୍ମପୁରାଣ)—7. A devotee of Bishṇu who devotes himself solely to the service of Bishṇu. ୮ । ଯଦୁବଂଶୀୟ ଅଂଶୁରାଜଙ୍କ ପୁତ୍ର ଜଣେ ରାଜା—8. Name of a king of the Jādu dynasty. [ଦ୍ର—ଏ ଅଷ୍ଟଶତ୍ୱ ବିଷ୍ଣୁଭକ୍ତ, ପ୍ରଭାସୀ, ମହାତ୍ମା, ଦାନଜରତ, ଧନୁର୍ବେଦବିତ୍ ଥିଲେ ଓ ଜ୍ଞାନ ଗୋଲାଦ ସମ୍ବନ୍ଧେ ଏ ଗୋଟିଏ ଦୃଢ଼ଶାସ୍ତ୍ର ପ୍ରବର୍ତ୍ତିତ କରିଥିଲେ । ଏହାଙ୍କ ନାମାନୁସାରେ ସେହି ଶାସ୍ତ୍ର ଚଳୁଅଛି । ଏହାଙ୍କର ସାତ୍ୱତଗୋଷ୍ଠି ପୁତ୍ର ସମ୍ଭରୁ ଜଣଙ୍କର ନାମ ଉଲ୍ଲେଖ (ବ୍ରହ୍ମପୁରାଣ)] । ୯ । ମନୁସଂହିତାରେ ଉକ୍ତ ବ୍ରାତ୍ୟ ବୈଶ୍ୟଙ୍କଠାରୁ ଉତ୍ପନ୍ନ ଜାତିବିଶେଷ (ହୁ. ଶ)—9. Name of an uninitiated Baisya caste according to Manu. [ଦ୍ର—ମନୁ ୧୦।୨୩ ରେ ଲେଖା ଅଛି ଯେ, ବ୍ରାତ୍ୟ ବୈଶ୍ୟଙ୍କଠାରୁ ସୃତ୍ୟା, ଗୂର୍ଯ୍ୟ, କାରୁଷ, ବିଜନ୍ମା, ମୈତ୍ର ଓ ସାତ୍ୱତ ଜାତ ହୋଇଥିଲେ ।]

Sātwata ସାତ୍ୱତ

ସାତ୍ୱତୀ—ସଂ. ବି ସ୍ତ୍ରୀ (ସାତ୍ୱତ+ଷ୍ତ୍ରୀ ଈ)—୧ । ନାଟକକୁଭାବିଶେଷ; ନାଟକୀୟ ଶୈଳୀବିଶେଷ—1. Name of a dramatic style. [ଦ୍ର—ଏ ବୃତ୍ତିର ବ୍ୟବହାର ବୀର, ରୌଦ୍ର, ଅଦ୍ଭୁତ, ଶୃଙ୍ଗାର ଓ ଶାନ୍ତ ରସରେ ହୋଇଥାଏ । ଯେଉଁ ସ୍ଥଳରେ ନାୟକଙ୍କ ଉତ୍କର୍ଷ ତାଙ୍କର ଶୂରତା, ଦାନଶୀଳତା, ଦାକ୍ଷିଣ୍ୟ ଆଦି ଗୁଣ

Sātwati ସାତ୍ୱତୀ

Digitized by srujanika@gmail.com

ପ୍ରକଟିତ ହୁଏ, ସେଠାରେ ସାତ୍ୱତୀ ବୃତ୍ତି ହୋଇଥିବା ବୋଲଯାଏ ।] ୨ । ଶିଶୁପାଳଙ୍କ ମାତା—2. Name of the mother of Śiśupāla. ୩ । ସୁଭଦ୍ରାଙ୍କର ଏକ ନାମ (ହୁ. ଶ.)—3. A name of Subhadrā.

ସାତ୍ୱତୀ ବୃତ୍ତି—ସ୍ତ୍ରୀ. ବ—ସାତ୍ୱତୀ ୧ (ଦେଖ)
Sātwatī bṛutti Sātwatī 1 (See)

ସାତ୍ତ୍ୱିକ—ବି. ବଣ (ସତ୍ତ୍ୱ+ଇକ)—୧ । ସତ୍ତ୍ୱଗୁଣସମ୍ବନ୍ଧୀୟ—Sātwika 1. Relating to 'Satwa guṇa' (ସାତ୍ତ୍ୱିକୀ—ସ୍ତ୍ରୀ) ୨ । ସତ୍ତ୍ୱଗୁଣ ପ୍ରଣୋଦିତ—2. Prompted by righteousness. ୩ । ସତ୍ତ୍ୱଗୁଣଜାତ—3. Born of or resulting from 'Satwa guṇa' ୪ । ଯେଉଁ ବ୍ୟକ୍ତିଠାରେ ସତ୍ତ୍ୱ ଗୁଣ ପ୍ରଧାନ ଅଟେ; ସତ୍ତ୍ୱଗୁଣ ପ୍ରଧାନ—4. (a person) In whom Satwaguṇa predominates. [ଦ୍ର—ଭଗବଦ୍ଗୀତା ୧୭ଶ ଓ ୧୮ଶ ଅଧ୍ୟାୟରେ ସାତ୍ତ୍ୱିକତ୍ୟାଗ, ସାତ୍ତ୍ୱିକଯଜ୍ଞ, ସାତ୍ତ୍ୱିକତପ, ସାତ୍ତ୍ୱିକ ଯୋଗ, ସାତ୍ତ୍ୱିକଜ୍ଞାନ, ସାତ୍ତ୍ୱିକକର୍ମ, ସାତ୍ତ୍ୱିକବୁଦ୍ଧି, ସାତ୍ତ୍ୱିକ ଧୃତି ଓ ସାତ୍ତ୍ୱିକ ସୁଖର ପ୍ରକାର ବର୍ଣ୍ଣିତ ହୋଇଅଛି । ସାତ୍ତ୍ୱିକମାନେ ଦେବତାମାନଙ୍କୁ ଭଜନ୍ତି; ରାଜସିକମାନେ ଯକ୍ଷ ରାକ୍ଷସାଦଙ୍କୁ ଭଜନ୍ତି ଓ ତାମସିକମାନେ ପ୍ରେତ ଓ (ସାତ୍ତ୍ୱିକତା—ବ) ଭୂତାଦିଙ୍କୁ ଭଜନ୍ତି ।] ୫ । ସତ୍ୟ; ସାଧୁ—Honest; righteous; upright. ୬ । ସତ୍ୟ—6. True. ୭ । ଫଳାକାଙ୍କ୍ଷାରହିତ—7. Free from desire, ୮ । ନିଃସ୍ୱାର୍ଥ—8. Selfless; unselfish. ବ—୧ । ମନରେ ଭକ୍ତି ବା ପ୍ରେମ ଯୋଗୁଁ ସତ୍ତ୍ୱଗୁଣର ଉଦ୍ରେକ ହେଲେ ଯେଉଁ ଯେଉଁ ଶାସ୍ତ୍ରୀୟ ବିକାର ଅବସ୍ଥା ଘଟେ—1. Physical states or indications of a person who is overpowered with devotion or amour (they are eight in number). [ଦ୍ର—ଏହା ଅଷ୍ଟବିଧ-ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, କମ୍ପ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ ବା ମୂର୍ଚ୍ଛା ବା ପ୍ରଳାପ । ଯେଉଁ ଭକ୍ତ ଭାବପ୍ରେମରେ ବୁଡ଼ଯାଇ ବାହ୍ୟଜ୍ଞାନଶୂନ୍ୟ ହୁଅନ୍ତି ଓ ଯେଉଁ ପ୍ରେମିକ ପ୍ରେମିକା କାମଦେବରେ ମତ୍ତ ହୋଇ ବାହ୍ୟଜ୍ଞାନଶୂନ୍ୟ ହୁଅନ୍ତି, ସେମାନଙ୍କଠାରେ ଏହି ଲକ୍ଷଣମାନ ପ୍ରକାଶ ପାଇବା ଦେଖା ଅଛି ।] ୨ । ବ୍ରହ୍ମା (ବେମଚନ୍ଦ୍ର)—2. Brahmā, the Creator. ୩। ସାତ୍ୱତୀ ୧ (ଦେଖ) (ହୁ. ଶ)—Sātwatī 1 (See) ୪ । ବିଷ୍ଣୁ (ହୁ. ଶ)—4. An epithet of Bishṇu.

ସାତ୍ତ୍ୱିକ କର୍ତ୍ତା—ପୁ. ବ—ଯେଉଁ ବ୍ୟକ୍ତି ଫଳକାମନା ତ୍ୟାଗ କରି କାମ-କ୍ରୋଧାଦି ବର୍ଜିତ ଓ ସଙ୍ଗରହିତ ହୋଇ କର୍ମ କରେ (ଗୀତା)—Sātwika karttā A person who does things most disinterestedly.

ସାତ୍ତ୍ୱିକ କର୍ମ—ପୁ. ବ—ସଙ୍ଗରହିତ, କାମନା ରହିତ ଓ ଉପଯୁକ୍ତ-Sātwika karma ରହିତ ହୋଇ କରିବା କର୍ମ (ଗୀତା)—Disinterested, dispassionate and righteous act.

ସାତ୍ତ୍ୱିକ ଜ୍ଞାନ—ପୁ. ବ—ସମ୍ପୂର୍ଣ୍ଣଠାରେ ଏକରୂପ ଜ୍ଞାନ ଓ ଭକ୍ତ Sātwika jñāna ବସ୍ତୁରେ ଅବିଭକ୍ତ ଜ୍ଞାନ (ଗୀତା)—Equal consideration in all things.

ସାତ୍ତ୍ୱିକ ତପଃ—ପୁ. ବ—ଅଫଳାକାଙ୍କ୍ଷୀ ଯୋଗୀ ବ୍ୟକ୍ତିଙ୍କ ତପସ୍ୟା Sātwika tapaḥ (ଗୀତା)—The penance done by a devotee who has no motives.

ସାତ୍ତ୍ୱିକ ଦାନ—ପୁ. ବ—ଉପଯୁକ୍ତ ଦେଶକାଳ ପାତ୍ରରେ ଅନୁପକାରୀ Sātwika dāna ବ୍ୟକ୍ତିକୁ କର୍ତ୍ତବ୍ୟପ୍ରେରଣାରେ ପ୍ରଦତ୍ତ ଦାନ (ଗୀତା)—A gift made in a disinterested manner and prompted by a sense of duty.

ସାତ୍ତ୍ୱିକ ଧୃତି—ପୁ. ବ (କର୍ମଧା) —ମନଃପ୍ରାଣେନ୍ଦ୍ରିୟ ନିୟାମକ Sātwika dhṛuti ଅବ୍ୟଭିଚାରିଣୀ ଯୋଗ ଦ୍ୱାରା ଯେଉଁ ଧୃତି ଧାରଣ କରେ (ଗୀତା)—Composure or steadiness which always keeps the mind, body and organs regulated and controlled.

ସାତ୍ତ୍ୱିକ ପୁରାଣ—ପୁ. ବ—ବିଷ୍ଣୁ ପୁରାଣ, ନାରଦୀୟ ପୁରାଣ, ଭାଗବତ, Sātwika purāṇa ଗରୁଡ଼, ପଦ୍ମ ଓ ବରାହ ପୁରାଣ, ଏହି ୬ ଗୋଟି ପୁରାଣ—Six Purāṇas classified as the best ones.

ସାତ୍ତ୍ୱିକ ପୂଜା—ପୁ. ବ (କର୍ମଧା) – ସାତ୍ତ୍ୱିକୀ ପୂଜା (ଦେଖ)
Sātwika pūjā Sātwikī pūjā. (See)

ସାତ୍ତ୍ୱିକ ପ୍ରିୟ—ବି. ବଣ—ସାତ୍ତ୍ୱିକ ବ୍ୟକ୍ତିର ପ୍ରିୟ (ଯଥା—ଖାଦ୍ୟ)—Sātwika priya Dear to or loved by a 'Sātwika' person.

ସାତ୍ତ୍ୱିକ ପ୍ରିୟ ଖାଦ୍ୟ—ବି. ବ—ଯେଉଁ ଆହାର ଦ୍ୱାରା ଆୟୁ, ବଳ Sātwika priya khādya ତଥା ସାତ୍ତ୍ୱିକ ଗୁଣ ବୃଦ୍ଧି ହୁଏ (ସାତ୍ତ୍ୱିକ ପ୍ରିୟ ଆହାର—ଅନ୍ୟରୂପ) ["ଆୟୁଃସତ୍ତ୍ୱ ବଳାରୋଗ୍ୟ ସୁଖ ପ୍ରୀତି ବିବର୍ଦ୍ଧନାଃ, ରସ୍ୟା ସ୍ନିଗ୍ଧା ସ୍ଥିର ହୃଦ୍ୟା ଆହାରାଃ ସାତ୍ତ୍ୱିକ ପ୍ରିୟାଃ ।" ଗୀତା ୧୭ ଅଧ୍ୟାୟ]—A class of food which contributes towards one's physical and mental health.

ସାତ୍ତ୍ୱିକବନ୍ତ—ବି. ବଣ—ସତ୍ତ୍ୱଗୁଣ ଯୁକ୍ତ—Having the virtue Sātwikabanta of righteousness.

ସାତ୍ତ୍ୱିକ ସାତ୍ତ୍ୱିକବନ୍ତ [ଦ୍ର—ସାତ୍ତ୍ୱିକବନ୍ତ ଲୋକ ଶୁଦ୍ଧ ହୋଇଥିଲେ, କାମରେ ଅଧିକରୁ ଲଭଇ ସେ ହଲେ । କୁଷ୍ଣସଂଜ୍ଞ· ମହାଭାରତ ବନ ।]

Digitized by srujanika@gmail.com

ସାତ୍ତ୍ୱିକ ବିକାର—ସ. ବ—୧ । ସାତ୍ତ୍ୱିକ ୧ (ଦେଖ)
Sātwika bikāra 1. Sātwika 1 (See)

(ସାତ୍ତ୍ୱିକ ଭାବ—ଅଳଙ୍କାରୁଗ) ୨ । ପ୍ରେମିକ ପ୍ରେମିକାଙ୍କ ଅଙ୍ଗାଦରେ ଲକ୍ଷିତପ୍ରେମ ବା କାମାସକ୍ତ ଓ ଉକ୍ତ ଉଭୟ ଅଷ୍ଟବିଧ ବିକାର--2. Eight kinds of physical manifestations of a person who is overpowered with devotion or amour.

[ଦ୍ର—ଏହି ଅଷ୍ଟବିଧ ବିକାରର ନାମ ଯଥା—୧—ସ୍ତମ୍ଭ, ୨—ବୈବର୍ଣ୍ଣ୍ୟ, ୩—ରୋମାଞ୍ଚ, ୪—ଜଳ, ୫—ସ୍ୱେଦ, ୬—ଅଶ୍ରୁ, ୭—ସ୍ୱରଭଙ୍ଗ, ୮—ପ୍ରଳୟ ବା ମୂର୍ଚ୍ଛା ବା ପ୍ରଳାପ । ଏହି ଅଷ୍ଟବିଧ ଲକ୍ଷଣ ନାୟିକାନାୟିକାଙ୍କ ଅଙ୍ଗରେ ଓ ଭକ୍ତଙ୍କ ଅଙ୍ଗରେ ଗୋଟିକ ପରେ ଗୋଟିଏ କ୍ରମରେ ପ୍ରକାଶ ପାଏ । କବିକର ଜୟଦେବ ଦ୍ୱାଦଶ ଭାଗବତ କୋଟି-ବ୍ରହ୍ମାଣ୍ଡସୁନ୍ଦର କାବ୍ୟର ୧୮ଶ ଶ୍ଲୋକର ୨୨ଶ ପଦରୁ ୨୯୫ ପଦରେ ଏହି ବିକାରମାନଙ୍କ ବର୍ଣ୍ଣନା କରିଅଛନ୍ତି । ଜନ୍ମରେ ତାହା ପ୍ରଦତ୍ତ ହେଲା—

୧ । ସ୍ତବ୍ଧ ଚନ୍ଦ୍ରୁ ଲେଖିତ ତର ଦ୍ରୁଗସ୍ତା ବୋଲେ
ହେମ ପିତୁଳାଁ ଭୁଲା ହେଇ ଜାନୁବତ୍ତିଁ ଲା ଭୁଲେ ।
(ସ୍ତମ୍ଭ)

୨ । ଦେଖ ଦେଖ ଉଚେ ଚଉଣ୍ଡ ବର୍ଣ୍ଣିଇ ଯେ ଅପର୍ବ,
ଏ ଶୋଭସଦନ ମଦନ ସ୍ୱଧା ଲେପଇ ସର୍ବ ।
(ବୈବର୍ଣ୍ଣ୍ୟ)

୩ । ପୁଲକଜାଳକ ଗ୍ରହିଁ ଯେ ଅବ୍ୟା କହିଲ ବେଗେ,
ଚୁରତକ ତରୁ ତରୁଣୀ ସ୍ତ୍ତାକୁର ସବାଙ୍ଗେ ।
(ରୋମାଞ୍ଚ)

୪ । ମଧା ସ୍ତେ ସତ ଜ୍ରସ୍ତମ୍ଭ ନବସ୍ତତରେ ଥର୍
ଶୋଭତର କର ଅଧର ନବ ପଲ୍ଲବ ସଜ୍ଜ ।
(ଜଳ)

୫ । ଅନ୍ୟା ବୋଲେ ଜାତ ବରଡ-ଜାତବେଦ
ସଙ୍ଗରେ
ଜଳେ ପ୍ରଜ୍ୱଳେ ଅର୍ଦ୍ଦଭ୍ରୁଁ ଜଳେ ପୃଷ୍ଠ ତା ଏବେ
(ସ୍ୱେଦ)

୬ । ନୋହ୍ନ ନବାର ନେତ୍ର ବାର ଭ୍ରୁତ ପ୍ରଥମା ତରେ
ଗାଳାବ୍ରେ ମିଳତ ମିଳନ ମତରନ ଜଦ୍ ଗାରେ ।
(ଅଶ୍ରୁ)

୭ । ବଚନ କରନ୍ତେ ରଚନ ଅଧେ ଦ୍ରିଗସ୍ତା ଗ୍ରପେ
ଜଳଜଣ୍ଡ ଜଣ ଭଙ୍ଗଇ ଶୋକ-ଘନ ପ୍ରକାଶେ ।
(ସ୍ୱରଭଙ୍ଗ)

୮ । ଜ୍ଞନ ବସ୍ତ୍ତନ ଦ୍ରହ ବଶେ ଜାତା ଭ୍ରୁଗସ୍ତା ଗ୍ରହିଁ
ପ୍ରକିଳ୍ପ ଶ୍ରୁତକ ଜାବଳ୍ପ ବହ୍ନ ତେତନା ବହ୍ନ ।
(ଅଚେତନ୍ୟତା ପ୍ରଳସ୍ତ)

ସାତ୍ତ୍ୱିକ ବୁଦ୍ଧି—ସ. ବ (କର୍ମଧା)—ଯେଉଁ ବୁଦ୍ଧିଦ୍ୱାର ପ୍ରବୃତ୍ତି-ନିବୃତ୍ତି, Sātwika buddhi କାର୍ଯ୍ୟାକାର୍ଯ୍ୟ, ଭୟାଭୟ, ବନ୍ଧମୋକ୍ଷ ଜଣା ଯାଏ (ଗୀତା)—Intelligence which is able to distinguish good from bad.

ସାତ୍ତ୍ୱିକ ଯଜ୍ଞ—ସ. ବ—କର୍ତ୍ତବ୍ୟ ପ୍ରେରଣାରେ ବ୍ୟତିରେକ ଅନୁଷ୍ଠିତ Sātwika jajña ଫଳକାମନା ରହିତ ଯଜ୍ଞ (ଗୀତା)—A sacrifice performed with customary rites from a sense of duty.

ସାତ୍ତ୍ୱିକ ସ୍ମୃତି—ସ. ବ—ଗୌତମ, ଦ୍ରାହତ, ବ୍ୟାସ, ସମ୍ବର୍ତ୍ତ, ଉଶନ୍ତାଙ୍କ, Sātwika smṛuti ଦାକ୍ଷାୟଣ ମୁନିମାନଙ୍କ କୃତ ସ୍ମୃତିଶାସ୍ତ୍ର (ଷଡ୍ସ୍ମୃତ୍ୟଣ)—The codes of Hindu law compiled by 6 of the ancient law-givers of India.

ସାତ୍ତ୍ୱିକା—ସ. ବ. ସ୍ତ୍ରୀ (ସାତ୍ତ୍ୱିକ+ସ୍ତ୍ରୀ. ଆ)—ଦୁର୍ଗା (ପ୍ରକୃତିବାଦ)—Sātwikā A name of Durgā.

ସାତ୍ତ୍ୱିକାହାର—ସ. ବ (କର୍ମଧା)—ଯେଉଁ ଆହାରଦ୍ୱାର ବୁଦ୍ଧିଗୁଣର Sātwikāhāra ବୃଦ୍ଧି ହୁଏ; ସାତ୍ତ୍ୱିକପ୍ରିୟ ଆହାର—The food which improves the good qualities of the partaker.

ସାତ୍ତ୍ୱିକୀ—ସ. ବଣ (ସାତ୍ତ୍ୱିକ+ସ୍ତ୍ରୀ. ଈ)—ସାତ୍ତ୍ୱିକ ଶବ୍ଦର ସ୍ତ୍ରୀଲିଙ୍ଗ—Sātwikī The feminine of Sātwika. ବ—ଦୁର୍ଗା (ଶବ୍ଦରତ୍ନାବଳୀ)—Goddess Durgā.

ସାତ୍ତ୍ୱିକୀ ପୂଜା—ସ. ବ—୧ । ଜପଯଜ୍ଞ ଓ ହବିଷ୍ୟିଷ ନୈବେଦ୍ୟ ଓ Sātwikī pūjā ସ୍ତବ ପାଠଦ୍ୱାର ହବିଷିବା ପୂଜା—1. Worship of a Deity performed in a Sātwika manner. ୨ । ଫଳକାମନା ରହିତ ଦେବାରାଧନା—2. Worshipping a Deity without asking for any boon.

ସାତ୍ମକ—ସ. ବଣ (ସ+ଆତ୍ମନ୍+କ)—ଆତ୍ମବିଶିଷ୍ଟ; ଆତ୍ମା ଦ୍ୱାର ଯୁକ୍ତ Sātmaka (ଦୃ. ଶ)—Joined with the soul. (ସାତ୍ମିକା—ସ୍ତ୍ରୀ)

ସାତ୍ମ୍ୟ—ସ. ବଣ (ଆତ୍ମନ୍+ଷ୍ୟଞ୍ ପ୍ରତ୍ୟୟେ. ଯ=ଆତ୍ମ୍ୟ; ସ=ସହିତ Sātmya କର୍ତ୍ତାମାନ+ଆତ୍ମ୍ୟ)—୧ । ସୁଖଜନକ (ଭୈଷଜ୍ୟ ରତ୍ନାବଳୀ) —1. Producing happiness. ୨ । ସ୍ୱଖକର—2. Pleasant. ୩ । ମଙ୍ଗଳକର—3. Beneficial. ସ. ବ—୧ । ଶାରୁପ୍ୟ; ସରୂପତା (ଦୃ. ଶ)—1. The state of being corporeal. ୨ । (ବୈଦ୍ୟକ) ଯେଉଁ ରସ ସେବନଦ୍ୱାର ଶରୀରର ଉପକାର ହୁଏ ଓ ଅଗ୍ନିର ପଳରେ ପ୍ରକୃତିବିରୁଦ୍ଧ କୌଣସି କର୍ମ କଲେ ଶରୀରର ଅବିଷ୍ଟ ହୁଏ ନାହିଁ (ହୁ. ଶ)—2. Any food which is beneficial to the body. ୩ । ଋତୁ, କାଳ, ଦେଶ ଆଦର

Digitized by srujanika@gmail.com

ଅନୁକୂଳ ଅଦ୍ଦାର ବଦ୍ଦାବ୍ଦର (ଦ୍ର. ଶ)—3. Food and conduct befitting particular seasons and countries.

ସାତ୍ୟକି—ସ. ବ. ପୁଂ (ସତ୍ୟକ + ଅପତ୍ୟାର୍ଥେ. ଇ)—କୃଷ୍ଣଙ୍କ ସାରଥି; ଯଦୁବଂଶୀୟ ବୀରବିଶେଷ—Name of the charioteer of Śrīkṛushṇa. [ଦ୍ର—ଏହାଙ୍କ ପିତାଙ୍କ ନାମ ସତ୍ୟକ ଥିଲା । ଏହାଙ୍କର ଅପର ନାମ ଯୁଯୁଧାନ । ଏ ଶ୍ରୀକୃଷ୍ଣଙ୍କର ଶିଷ୍ୟ ଓ ବିଶେଷ ସ୍ନେହଭାଜନ ଥିଲେ । ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କଠାରୁ ଏ ଅସ୍ତ୍ରବିଦ୍ୟା ଶିଖିଥିଲେ । କୁରୁକ୍ଷେତ୍ରରେ ଏ ପାଣ୍ଡବଙ୍କ ପକ୍ଷ ଅବଲମ୍ବନ କରି ଚତୁର୍ଦ୍ଦଶ ଦିବସରେ କୁରୁସେନାଙ୍କ ବ୍ୟୂହ ଭେଦ କରି ଅନେକ ମହାରଥୀଙ୍କୁ ପରାସ୍ତ କରିଥିଲେ । କିନ୍ତୁ ଶେଷରେ ଭୂରିଶ୍ରବା ଏହାଙ୍କୁ ପରାଜିତ କରିବାରୁ ଅର୍ଜୁନ ସେଠାରେ ଉପସ୍ଥିତ ହୋଇ ଭୂରିଶ୍ରବାଙ୍କ ଦକ୍ଷିଣ ବାହୁ ଛେଦନ କଲେ ଏବଂ ଏ ଭୂରିଶ୍ରବାଙ୍କୁ ବଧ କଲେ । ଯଦୁବଂଶ ଧ୍ୱଂସକାଳରେ ଏ ବଳାଶ୍ୱତ୍ଥାମା ହେଲେ । ଅଙ୍ଗଦ ନାମରେ ଏହାଙ୍କର ଗୋଟିଏ ପୁତ୍ର ଥିଲା ।]

ସାତ୍ୟଦୂତ—ସ. ବ—ସରସ୍ୱତୀ ଆଦି ଦେବୀଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ହୋମ (ଦ୍ର. ଶ)—Sātyadūta Homa (See) performed in honour of Saraswatī and other Goddesses.

ସାତ୍ୟବତ—ସ. ବ. ପୁଂ (ସତ୍ୟବତୀ + ଅପତ୍ୟାର୍ଥେ. ଅ)—ବ୍ୟାସଦେବ—Sātyabata The sage Byāsa. (ସାତ୍ୟବତେୟ—ଅନ୍ୟରୂପ)

ସାତ୍ରାଜିତ—ସ. ବ. ପୁଂ (ସତ୍ରାଜିତ + ଅପତ୍ୟାର୍ଥେ ଅ)—ସତ୍ରା ଶତାନିକ—Sātrājita King Śatānika.

ସାତ୍ରାଜିତୀ—ସ. ବ. ସ୍ତ୍ରୀ (ସତ୍ରାଜିତ + ଅପତ୍ୟାର୍ଥେ ଅ + ସ୍ତ୍ରୀ. ଈ)—ଶ୍ରୀକୃଷ୍ଣଙ୍କର ଏକତମା ମହିଷୀ ସତ୍ୟଭାମା—Sātrājitī Queen Satyabhāmā.

ସାଥ—ଦେ. ଅ (ସ. ସାର୍ଦ୍ଧଂ; ସହ; ସହିତ)—୧ । ସହିତ—Sātha 1. With. [ଉ—ତୁମେ ଏକା ଲଗି ସାର ତାହାଙ୍କ ସାଥ ସାଥ ସାଥ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ସଙ୍ଗେ—2. In company of. ବ—ସଙ୍ଗ—Company. [ଉ—ଜନ୍ତୁଥାଏ ପୁଣି ସାଇ ସେ ଲୁଚା ସାଥ—କୃଷ୍ଣସିଂହ. ମହାଭାରତ. ବନ ।]

ସାଥରେ—ଦେ. ଅ—ସଙ୍ଗରେ; ସଙ୍ଗେ; ସହିତେ—With; along Sāthare with; in the company of. [ଉ—ସଙ୍ଗେ, ସାଥେ ବସିଲ ମୁହଁ ଯାଇ ସାଉଳ ସାଥରେ—କୃଷ୍ଣସିଂହ. ମହାଭାରତ. ବନ ।] साथमें (ସାଥିରେ, ସାଥେ—ଅନ୍ୟରୂପ)

ସାଥା(ଥେ)ସାଥି(ଥି)—ଦେ. ଅ—ସାତେସାତ (ଦେଶ)—Sātesāt Sāthā(the)sāth(thi) (See) ସାଥେ ସାଥେ ସଙ୍ଗେ ସଙ୍ଗେ (ସାଥିସାଥି) साथेसाथ

ସାଥି—ଦେ. ବ—୧ । ସଙ୍ଗ—1. Companionship. ୨ । ସଙ୍ଗୀ—Sāthi 2. Companion. [ଉ—ସମସ୍ତେ ପୁଅର ସାଥି, ଅର୍ଥର ଦାସ; କେଉଁ ଘରକୁ କେହୁ କାହାର ଦୁଇଁ— ସାଥୀ ଫଳାରମୋଡ଼ନ. ଭ୍ରମାଣ, ଅଠଗୁଣ ।] ୩ । ସହଯାତ୍ରୀ—3. A fellow-traveller. ୪ । ଭାଗଦାରି—4. Partnership. ୫ । ସହକର୍ମୀ—5. Colleague; fellow; associate. ୬ । ଦୁଃଖ ଓ ସୁଖସ୍ରୋତରେ ସଙ୍ଗୀ—6. A companion in trouble and joy. ଅ—ସଙ୍ଗେ—With. (ଉ—ବଅନ୍ତ ଦେଖା ସାଥ ମିଳ ଅନ୍ୟ ନଦୀ ସାଥି—କୃଷ୍ଣସିଂହ. ମହାଭାରତ. ବନ ।) ବିଣ—କୌଣସି ବ୍ୟକ୍ତି ସଙ୍ଗେ ଭଲ ମନରେ ସମାନ-ଭାବରେ ଦାୟୀ—Equally responsible with any person; sharing the responsibility with any person.

ସାଥି କରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅପଣାର ସହଚରରୂପେ ଗ୍ରହଣ କରିବା—To take a person as one's companion. ସାଥି କରିବା ସାଥୀ କରନା

ସାଥି ଦାର—ଦେ. ବ—୧ । ଭାଗଦାର; ଭାଗୁଆଳୀ—1. Partner. ୨ । ସହଚର—2. Companion. ଅଂଶୀଦାର ଭାଗୀଦାର ସାଥୀ

ସାଥି ଦାରି—ଦେ. ବ—ଭାଗଦାରି—Sāthi dāri Partnership. ଭାଗଦାରୀ ସାଥି ଧରିବା—ଦେ. କ୍ରି—କୌଣସି ବ୍ୟକ୍ତିର ସହଚରରୂପେ ଚାଲି Sāthi dharibā ଅନୁସରଣ କରିବା—To follow a person as companion. ସାଥି ଧରିବା ସାଥ ଧରନା (ସାଥି ଛାଡ଼ିବା—ବିପରୀତ)

ସାଥି ସଙ୍ଗ(ଙ୍ଗୀ)—ଦେ. ବ (ସହ ଓ ସଙ୍ଗ ଶବ୍ଦ)—ସଙ୍ଗୀ—Associate. Sāthi saṅga(ṅgī) (ଉ—ଏକା ରହୁଅଛୁ କାହିଁ ନୋହେ ସଙ୍ଗୀ ସାଥି ସାଥୀ ସଂଗୀସାଥୀ ସାଥି ସଙ୍ଗ—ପ୍ରାଚୀ ଦ୍ରୁହ୍ମରୂପଣ ଗୀତା ।)

ସାଥୁଆ—ଦେ. ବ. ପୁଂ—୧ । ସଙ୍ଗୀ; ସହଚର—1. Companion. Sāthuā ୨ । ପଥପ୍ରଦର୍ଶକ ସହଚର—2. A guide. [ସାଥେ(ଥୋ)ଇ—ଷ୍ଟ] ୩ । ଯେଉଁ ଯାତ୍ରୀ ଗୁମାସ୍ତା ଅନ୍ୟ ସାଥୁଆ, ସେଥୋ ସାଥୀ ଦଣ୍ଡାର ଯାତ୍ରୀଙ୍କ ସଙ୍ଗେ ଦୂର ଦେଶରୁ ତୀର୍ଥକୁ ଆସିଥାଏ—3. A pilgrim-agent who accompanies another Panda's pilgrims from a long distance to the place of pilgrimage. ସାଦେ (ଫିଡ଼ରୂପି) ବ—ସ୍ୱର୍ଣ୍ଣକାର; ବଣିଆ—Goldsmith.

ସାଥୋଡ଼ା (ଇତ୍ୟାଦି)—ଦେ. ବ—ସତୋଡ଼ା ଇତ୍ୟାଦି (ଦେଶ) Sāthorda (etc) Satordā etc (See)

ସାଦ—ସ ବ (ସଦ୍ ଧାତୁ = ଅବସନ୍ନ ହେବା + ଘଞ୍ ଅ) ୧ । ବିଷାଦ-Sāda 1. Grief. ୨ । ଗତି—2. Motion.

Digitized by srujanika@gmail.com

୩ । ଶରଣ—3. Taking shelter. ୪ । ଅଳସ୍ୟ—4. Idleness; inertness. ୫ । ଖୀଣତା; କୃଶତା—5. Leanness. ୬ । ବିନାଶ—6. Destruction. ୭ । ଜିଂସା—7. Malevolence. ୮ । ଶୁଦ୍ଧି—8. Purity. ୯ । ଇଚ୍ଛା (ପ୍ରକୃତିବାଦ)—9. Desire. ୧୦ । ଗର୍ଭିଣୀର ଅସ୍ୱାଭେଚ୍ଛା; ଦୋହଦ (ପ୍ରକୃତିବାଦ)—10. The desire of a pregnant woman for particular articles of food.

ସାଦତ୍—ବୈଦେ. ବ (ଘା)—୧। ଅଭ୍ୟାସ—1. Habit. ୨ । (ପୁଂ) ମୁସଲମାନ ନାମ—2. A name of Mahomedans.
Sādat
ସାଦତ୍ आदत

ସାଦତ୍ ଅଲ୍ଲୀ—ଦେ. ବ (ନାମ)—୧ । ଅଯୋଧ୍ୟାର ନବାବ ବଂଶର ପ୍ରତିଷ୍ଠାତା—1. Name of the founder of the nabab family of Oudh. [ଦ୍ର—ଏ ସାରସଂରୁ ଭ୍ରାତୃତ୍ୱ ବାଣିଜ୍ୟ କରିବା ପାଇଁ ଆସି ମୁସଲମାନ୍ ଗ୍ରହୀ ସଦ୍ଭୁତ ସାଦାଙ୍କଦ୍ୱାରା ଅଯୋଧ୍ୟା ଓ ଅଲ୍ଲାହାବାଦର ନବାବପଦରେ ନଯୁକ୍ତ ହୋଇଥିଲେ ଓ ସେଠାରେ ଅଗ୍ରା ଓ ବଙ୍ଗର ମଧ୍ୟବର୍ତ୍ତୀ ଦେଶର ସ୍ୱାଧୀନ ନବାବ ହୋଇ ଖ୍ରୀ ୧୭୩୯ ସାଲରେ ପ୍ରାଣତ୍ୟାଗ କରିଥିଲେ ।] ୨ । ଅଯୋଧ୍ୟାର ଜଣେକ ନବାବ—2. Name of a Nabab of Oudh. [ଦ୍ର—ଅସଫ୍‌ଉଦ୍ଦୌଲଙ୍କ ମୃତ୍ୟୁ ସରେ ଗଭର୍ଣ୍ଣର ଜେନରଲ୍ ସର ଜନ୍ ସୋର୍ ଲକ୍ଷ୍ନୌଠାରେ ଏହାଙ୍କୁ ୧୭୯୮ ରେ ନବାବ-ପାଦରେ ବସାଇଥିଲେ ।]
सादत अली सादत आली

ସାଦନ—ପ ବ (ସଦ୍ ଧାତୁ ଣିଚ୍, ସାଦ ଧାତୁ + ଅଧିକରଣ ଅନ)—୧ । ସଦନ; ଗୃହ (ଘରଡ)—1. House; dwelling. ୨ । (+ଗର୍ବ ଅନ)—ବିନାଶନ—2. Destroying. ୩ । ଅବସାଦ; ବିଷାଦ ଜନ୍ମାଇବା—3. Causing sorrow or grief. ୪ । ଦୂରୀକରଣ—4. Removing.
Sādana

ସାଦନୀ—ପ ବ (ସଦ୍ ଧାତୁ ଣିଚ୍, ସାଦ ଧାତୁ + କର୍ତ୍ତୃ ଅନ + ଈ)—ଚଟୁକା (ବ୍ରଜନଘଣ୍ଟ); ଟିମ୍ଫୁଟ—Black hellebore.
Sādanī

ସାଦଯଯୂ—ଦେ. ବ (ନାମ)—ପ୍ରାଚୀନ ଉତ୍କଳୀୟ କବିବିଶେଷ—Name of an ancient Oriya poet.
Sādajaya
[ଦ୍ର—ଏ 'ଶାରଳାସ୍ତୁତ' ପ୍ରଭୃତି ଗ୍ରନ୍ଥରେ ପ୍ରଶଂସନ କରିଥିଲେ ।]

ସାଦର—ପ. ବ (ସ + ଆଦର; ସଦାର୍ଥ ବହୁବ୍ରୀ)—ଆଦରଯୁକ୍ତ—Cordial; respectful; fond.
Sādara
ପ୍ରାଦେ (ଉତ୍କଳୀୟ)—ବ—ଲଞ୍ଚ ବା ବେଆଇନ୍—Bribe or illegal gratification or tip.

ସାଦର ବଚନ—ପ. ବ (କର୍ମଧା)—ଆଦରଯୁକ୍ତ ବାକ୍ୟ—Cordial words.
Sādara bachana

ସାଦର ସମ୍ଭାଷଣ—ପଂ. ବ (କର୍ମଧା)୧—ଆଦରପୂର୍ଣ୍ଣ କଥୋପକଥନ—Cordial conversation. ୨ । ଆଦରଯୁକ୍ତ ସ୍ୱାଗତ ସମ୍ଭାଷଣ—2. Cordial welcome.
Sādara sambhāshaṇa

ସାଦରାଲିଙ୍ଗନ—ପଂ. ବ (କର୍ମଧା)—ପ୍ରୀତିପୂର୍ଣ୍ଣ ଆଲିଙ୍ଗନ—Cordial embrace.
Sādarāliṅgana

ସାଦରି କୋଲ—ପ୍ରାଦେ (ଗଡ଼ଜାତ) ବ—ବେଦଜ୍ଞର, ବାମ୍ରା ଆଦି ଗଡ଼ଜାତରେ ଅନାର୍ଯ୍ୟମାନଙ୍କ ଦ୍ୱାରା ବ୍ୟବହୃତ ଭାଷା—The Bihari language spoken by the non-aryans of Keonjhar, Bamra and other northern Oriya States. [ଦ୍ର—ଏଥିରେ ଓଡ଼ିଆ ଭାଷାର ବିଶେଷ ପ୍ରଭାବ ଦେଖାଯାଏ ।]
Sādari kola

ସାଦରେ—ଦେ. କ୍ରି. ବିଣ (ସଂ. ସାଦର°)—ଆଦର ସହକାରେ—Cordially; fondly.
Sādare
सादरे सादर

ସାଦା (ଇତ୍ୟାଦି)—ବୈଦେ. ବିଣ—ସାଧା ଇତ୍ୟାଦି (ଦେଖ)
Sādā (etc)
Sādhā etc (See).

ସାଦି—ପ. ବିଣ (ସଦ୍ ଧାତୁ + କର୍ତ୍ତୃ. ଇ)—ଅବସନ୍ନ—Pulled down; overpowered. ବ—୧ । ସାରଥି (ଦ୍ୱେମଚନ୍ଦ୍ର)—1. Charioteer. ୨ । ଅଶ୍ୱାରୋହୀ ବା ଗଜାରୋହୀ ବା ରଥାରୋହୀ ଯୋଦ୍ଧା (ଉତ୍ତାନ କୋଷ)—2. A warrior riding a horse or elephant or car. ୩ । ବାୟୁ (ସଂହିତୁ ସାର)—3. The air.

ସାଦିତ—ପଂ. ବ (ସଦ୍. ଧାତୁ ଣିଚ୍—ସାଦ. ଧାତୁ + କର୍ମ. ତ)—୧। ବିଷାଦିତ—1. Aggrieved; afflicted with grief. ୨ । ଶରଣପ୍ରାପ୍ତିତ—2. Given shelter; having taken refuge. ୩ । ଗମିତ—3. Caused to go. ୪ । ଦୁବ୍ଳୀକୃତ—4. Emaciated.
Sādita

ସାଦୀ—ପଂ. ବ (ସଦ୍. ଧାତୁ + ଇନ୍; ସାଦନ୍ ଶବ୍ଦ; ୧ମା. ୧ବ)—୧। ଘୋଡ଼ସବାର; ଅଶ୍ୱାରୋହୀ (ଅମର)—1. A horseman; rider; jockey. ୨ । ଗଜାରୋହୀ (ହେମଚ)—2. A warrior riding an elephant. ୩ । ରଥାରୋହୀ (ହେମଚ)—3. A warrior riding a car. ୪ । ଅଶ୍ୱାରୋହୀ ସୈନ୍ୟ—4. Cavalry soldier. ଦେ. ବ. ସ୍ତ୍ରୀ—ସାଧବୀନାମ୍ନୀ ସ୍ତ୍ରୀର ଡାକନାମ—Nickname of 'Sādhabī'.
Sādī
साधी

ସାଦୃଶ(ଶେ)—ଗ୍ରା. ଅ—ସଦୃଶ—Like. [ଦ୍ର—ପୂର୍ବରୁ ସାଦୃଶେ ବଦଳି । ଭୂପତି. ପ୍ରେମ ଅଞ୍ଚାମୃତ ।]
Sādṛuśa(śe)
सादृश

ସାଦୃଶ୍ୟ—ପଂ. ବ (ସଦୃଶ + ସ୍ୱାର୍ଥ. ଯ)—୧ । ସଦୃଶତା; ତୁଲ୍ୟତା—1. Similarity; resemblance. ୨ । ସମାନତା—2. Equality; likeness.
Sādṛusya

Digitized by srujanika@gmail.com

୩ । ଅଲେଖ୍ୟ; ଛବି; ମନୁଷ୍ୟର ରୂପ ଥରେ ତୋଳି ବା ଫଟୋ—3. A portrait; a photo. ୪ । କୃଷ୍ଣସାର; ମୃଗ (ହି. ଶ)—4. Deer.

ସାଧ (ଧାତୁ)—ସଂ—୧ । ସାଧନ କରିବା—1. To perform. ୨ । ନିଷ୍ପନ୍ନ କରିବା; ସିଦ୍ଧ କରିବା; ସମାଧାନ କରିବା—2. To accomplish. ୩ । ସମ୍ପୂର୍ତ୍ତିରୂପେ କର୍ମାଣ କରିବା—3. To build or make.

Sādha (root)

ସାଧ (ଇଚ୍ଛାଦ)—ଦେ. ବ (ସଂ. ସାଦ; ଇଚ୍ଛା ସ୍ୱାଦ, ବା ଶ୍ରଦ୍ଧା)—ଶାଧ

Sādha (etc)

ସାଧ ଇଚ୍ଛାଦ (ଦେଶ)—Sādha etc. (See)

ସାଧ ଗର୍ଭିଣୀର ଦୋହଦ; ଗର୍ଭିଣୀର ଭୋଜନ କରିବାର ସ୍ପୃହା—2. The desire of a pregnant woman for a particular article of food.

ସାଧ ୨। ଗର୍ଭିଣୀର ବାଞ୍ଛିତ ଖାଦ୍ୟ ଦ୍ରବ୍ୟ—2. Particular article of food desired by a pregnant woman. ୩ । ଚଉଦ୍ଦ ଖିଅ; ଗର୍ଭର ସପ୍ତମ ମାସ ଥରେ ଗର୍ଭିଣୀର ଭୋଜନାର୍ଥ ବନ୍ଧୁ ଅବଦ୍ଧ ଦରୁ ପ୍ରେରିତ ମିଷ୍ଟାନ୍ନାଦି ଭୋଜନ ସାମଗ୍ରୀ—3. Victuals and sweets sent to a pregnant woman after the 7th month of her pregnancy. ୪ । ଅଭଳାଷ; ବାଞ୍ଛା—4. Desire; wish. ୫ । କୌଣସି ଦ୍ରବ୍ୟ ପ୍ରତି ସଉକ—5. Fancy or fondness for any article.

ସାଧକ—ସଂ. ବଣ (ସାଧ୍. ଧାତୁ ଣିଚ୍—ସାଧ୍. ଧାତୁ=ସିଦ୍ଧ କରିବା+ କର୍ତ୍ତୃ. ଅ୬)—୧ । ସାଧନକାରକ; ନିଷ୍ପାଦକ—[ସାଧିକା—ସ୍ତ୍ରୀ] 1. Accomplishing. ୨ । କୁଶଳ; ଦକ्ष—2. Expert; skilful. ୩ । ଆରାଧକ; ପୂଜକ—3. Worshipping. ୪ । ସହାୟକ—4. Helping. ୫ । ପୂର୍ତ୍ତିକାରକ—5. Fulfilling. ୬ । କାର୍ଯ୍ୟସିଦ୍ଧିରେ ସହାୟକ—6. Helping a person in the accomplishment of a work. ବ—୧ । ଦେବତାଙ୍କର ପୂଜକ—1. Worhshipper or devotee of a Deity. ୨ । କାର୍ଯ୍ୟ ସିଦ୍ଧିରେ ସହାୟକ ବ୍ୟକ୍ତି—2. An associate or assistant. ୩ । ଯେଉଁ ବ୍ୟକ୍ତି ମନ୍ତ୍ରାଦରେ ସିଦ୍ଧିଲାଭ କରିଥାଏ—3. A person who has succeeded in bringing a 'Mantra' to its fruition. ୪ । ଯୋଗୀ; ତପସ୍ୱୀ; ଯୋଗସାଧକ—4. A person practising austerities. ୫ । ମନ୍ତ୍ରାଦି ସାଧନରେ ନିଯୁକ୍ତ ବ୍ୟକ୍ତି—5. A person engaged in practising any esoteric formula. ୬। ଯାହା ଦ୍ୱାରା କୌଣସି କାର୍ଯ୍ୟ ସାଧିତ ହୁଏ—6. A person or instrument with whose help a work is accomplished. ୭ । ଘୁଣିଅ; ଚଟ୍ଟା (ହି. ଶ)—7. An exorcist. ୮ । ପୁନଂନ୍ନାବ ଗଛ (ହି. ଶ)—8. Putranjiba tree. ୯। ଦଅଣା ଗୁଳ୍ମ (ହି. ଶ)—9. Da-anā. (plant). ୧୦ । ପିତ୍ତ (ହି. ଶ)—10. Bile.

ସାଧକା—ସଂ. ବ. [ସ୍ତ୍ରୀ]—(ସାଧକ+ସ୍ତ୍ରୀ. ଅ; ଯାହାଙ୍କ ନାମ ସ୍ମରଣ କଲେ ସବୁ କାର୍ଯ୍ୟର ସିଦ୍ଧି ହୁଏ)—ଦୁର୍ଗା—Goddess Durgā.

ସାଧନ—ସଂ. ବ (ସାଧ୍. ଧାତୁ=କର୍ମ ନିଷ୍ପତ୍ତି କରିବା +ଭାବଣ. ଅନ)—୧ । (ବ୍ୟାକରଣ) ତୃତୀୟା ବିଭକ୍ତି; କରଣ କାରକ; ଯାହାର ସାହାଯ୍ୟରେ କ୍ରିୟା ସାଧିତ ହୁଏ—1. (Grammar) The 3rd or the instrumental case (applied in cases where an act is performed by or with the help of any thing or person). ୨ । (ନ୍ୟାୟ ଶାସ୍ତ୍ର) ହେତୁ—2. (Logic) What leads to a conclusion; sufficient reason. ୩ । (+ଭାବ. ଅଣ) ସମ୍ପାଦନ; ନିଷ୍ପାଦନ—3. Accomplishment of a work. ୪ । ଉଦ୍ଦେଶ୍ୟ ଲାଭ—4. Attainment of an aim or object. ୫ । (ବୈଦ୍ୟକ) ଧାତୁ ଆଦିର ଶୋଧନ କର୍ମ—5. The act or process of purifying metals for medicinal purposes. ୬ । ସିଦ୍ଧି ଲାଭ—6. Fruition; fulfilment. ୭ । କାର୍ଯ୍ୟ ସାଧନାର୍ଥ ନିଯୁକ୍ତ ଉପାୟ—7. Appliance; expedient; means employed to accomplish a work. ୮ । ହେତୁ; କାରଣ—8. Reason; cause. ୯ । ସମସ୍ୟା ସମାଧାନ; ଗଣିତାଦିର ପ୍ରଶ୍ନ ସମାଧାନ—9. Solution of a problem. ୧୦ । ସାମଗ୍ରୀ; ଉପକରଣ—10. Materials. ୧୧ । ଉପାୟ (ମେଦଗ) 11. Resources; means. ୧୨ । ମାରଣ—12. Killing; slaughter. ୧୩ । ଅନ୍ତ୍ୟେଷ୍ଟି କ୍ରିୟା (ଅମର, ଭରତ)—13. Funeral rites; obsequies; disposal of a dead body. ୧୪ । ଅଗ୍ନିଦାନ; ଶବ ସତ୍କାର (ଅମର ଭରତ); ମୃତ ବ୍ୟକ୍ତିର ଶବ ଦାହ କ୍ରିୟା—14. Cremation; igniting or setting fire to a corpse. ୧୫ । ଗତି; ଗମନ (ଅମର; ଭରତ)—15. Going; movement. ୧୬ । ପଦାର୍ଥ; ଦ୍ରବ୍ୟ (ଅମର; ଭରତ)—16. Thing; article. ୧୭ । ସମ୍ପତ୍ତି; ଧନ (ଅମର, ଭରତ)—17. Riches; wealth. ୧୮ । ଅର୍ଥଦାନ (ଅମର, ଭରତ)—18. Investment of money. ୧୯ । ବିନାଶନ-19. Destroying. ୨୦ । ଯୁଦ୍ଧୋପକରଣ (ମେଦନୀ)-

Digitized by srujanika@gmail.com

[କଥା—ଘୋଡ଼ା, ହାତୀ, ରଥ, ଅସ୍ତ୍ର, ଶସ୍ତ୍ର, ଗୁଳଗୋଳା] 20. The sinews of war. ୨୧। ସୈନ୍ୟ (ସେଦଗା)—21. Army. ୨୨। ବାହନ (ସେଦଗା)-22. Conveyance. ୨୩। ଶିଶ୍ନ; ମେଢ୍ର (ସେଦଗା)-23. Penis; male organ. ୨୪। ଉଧ (ଧଉଣୀ) ପଶୁମାନଙ୍କ ସ୍ତନ ବା ପଲ୍ଲା—25. Udder. ୨୫। ମୈତ୍ରୀ (ଧରଣୀ)—25. Friendship. ୨୬ ସିଦ୍ଧୌଷଧ (ସେଦଜ)—27. Infallible or effective medicine. ୨୮। ଅନୁବର୍ତ୍ତୀ; ଅନୁଗମନ (ଅମର, ଭରତ)—28. Following. ୨୯। ତପସ୍ୟା—29. Penance; religious austerities. ୩୦। ତପସ୍ୟା ଓ ଜପ ଓ ସଯମାଦ୍ଦାରା ମନ୍ତ୍ର ସିଦ୍ଧ କରଣ—30. Act of exercising or practising a spiritual formula to bring it to fruition. ୩୧। ଉପାସନା; ଅର୍ଚ୍ଚନା—31. Worshiping. ୩୨। କାରୁଗରର ଯନ୍ତ୍ର ଶସ୍ତ୍ରାଦି—32. Implements or instruments of an artisan. ୩୩। ଦଣ୍ଡ ଦେବା—33. Punishing. ୩୪। ପ୍ରମାଣ (ହି. ଶ)—34. Evidence. ୩୫। ଋଣ ଅଦରେ ଶୋଧନ (ହି. ଶ)—35. Liquidation of loan.

ଦେ. ବି—୧। ବ୍ୟାୟାମ; କୁସ୍ତି; କସରତ୍—1. Physical exercise; athletics. ୫। ପଡ଼ିଆ ବା ଜଙ୍ଗଲ ଜମିକୁ ଆବାଦ କରିବା—2. Reclamation of waste or jungle land. ୩। ସନ୍ତୋଷ ବିଧାନ କର୍ମ—3. Act of pleasing or satisfying a person. ୪। ପଶୁ ଆଦିଙ୍କୁ କାର୍ଯ୍ୟ କରିବା ପାଇଁ ତାଲିମ କରିବା—4. Training of animals etc. for work.

ସାଧନ କରିବା—ଦେ. କି—୧। ନିଷ୍ପନ୍ନ କରିବା—1. To accomplish. Sādhana karibā ୨। ଫଳସିଦ୍ଧି ଘଟାଇବା—2. To bring about the fruition. ୩। ମନ୍ତ୍ରସିଦ୍ଧି ପାଇଁ ଆନୁଷଙ୍ଗିକ ଉପଚାର କରିବା—3. To perform suitable rites for bringing a mystic formula to its fruition. ୪। (ସମସ୍ୟାକୁ) ସମାଧାନ କରିବା—4. To solve (a ridle or problem). ୫। କୁସ୍ତି ବା ଦଣ୍ଡ ଇତ୍ୟାଦି କରିବା—5. To perform athletic feats or exercises. ୬। ତାନ୍ତ୍ରିକସିଦ୍ଧି ଲାଭ କରିବା—6. To attain success in Tantric rites. ୭। ଦଣ୍ଡ ଦେବା—7. To punish. ୮। ବଶରେ ରଖିବା—8. To bring under control. ୯। (ଉତ୍ତମ ଜମିକୁ) ଆବାଦ କରିବା—9. To reclaim (waste land). ୧୦। ଦୁଷ୍ଟ ଜୀବକୁ ବା ବ୍ୟକ୍ତିକୁ ଦଣ୍ଡାଦି ଦ୍ୱାରା ଅସ୍ତ୍ରତ୍ତ କରିବା;ମଣ କରିବା—10. To train or break a wicked beast.

ସାଧନ କ୍ଷମ—ବି. ବିଣ (୭ମୀ ତତ୍ପୁ; ସାଧନ ବିଷୟରେ କ୍ଷମ)—Sādhana kshama ସାଧନ କରିବାକୁ ସମର୍ଥ—Able to accomplish. (ସାଧନ କ୍ଷମା—ସ୍ତ୍ରୀ)

ସାଧନନିଷ୍ଠ—ବି ବିଣ. ପୁଂ (ବହୁବ୍ରୀହି; ସାଧନ+ନିଷ୍ଠା+ଅ)—Sādhananishṭha ବିଷୟରେ ଏକାଗ୍ର ଚିତ୍ତ—Bent on accomplishing anything. (ସାଧନନିଷ୍ଠା—ସ୍ତ୍ରୀ) (ସାଧନନିଷ୍ଠତା—ବ)

ସାଧନ ନିଷ୍ଠା—ବି ବ (୭ମୀ ତତ୍ପୁ) ସାଧନ କରିବା ବିଷୟରେ ଉତ୍କଣ୍ଠରତା—Sādhana nishṭhā Eagerness in accomplishing any thing. ବି ବିଣ. ସ୍ତ୍ରୀ (ସାଧନନିଷ୍ଠ+ସ୍ତ୍ରୀ. ଆ)—ସାଧନନିଷ୍ଠର ସ୍ତ୍ରୀଲିଙ୍ଗ—Feminine of Sādhananishṭha.

ସାଧନ ଭଜନ—ଦେ. ବ (ଏକାର୍ଥକ ସହଚର; ବି. ସାଧନ ଓ ଭଜନ) Sādhana bhajana ଉପଜପ; ଗୁଢ଼ା ଅର୍ଚ୍ଚନା—ସାଧନ ଭଜନ **साधन भजन** Various acts of performing religious rites; worship and meditation.

ସାଧନା—ବି. ବ (ସାଧ୍ ଧାତୁ=ନିଷ୍ପାଦନ କରିବା+ଭାବ. ।ଅନ+ଆ) Sādhanā ୧। ସାଧନ (ଦେଖ)—1. Sādhana(See) ୨। ସିଦ୍ଧିଲାଭ ପାଇଁ କରିପିବା ଚେଷ୍ଟା ଓ ବହୁତ ପ୍ରକିୟା—2. Expedients and means for accomplishing any act. ୩। ସିଦ୍ଧି—3. Accomplishment. ଦେ. ବ—ତାଲିମ୍—Training.

ସାଧନୀ—ବି. ବ—ସମାଧାନକାରୀ (ପୁସ୍ତକାଦି)—(a book) In Sādhanī which problems have been solved.

ସାଧନୀୟ—ବି. ବ (ସାଧ୍ ଧାତୁ+କର୍ମ. ଅନୀୟ)—୧। ଯାହା Sādhanīya ସମ୍ପାଦନ କରି ଯାଇପାରେ; ନିଷ୍ପାଦ୍ୟ—(ସାଧନୀୟତା—ବ) 1. Practicable. ୨। ସାଧନଯୋଗ୍ୟ-2. Capable of being accomplished. ୩। ଅର୍ଚ୍ଚନୀୟ—3. Worshippable. ୪। ସାଧିତ ହେବାର ଉପଯୁକ୍ତ—4 Fit to be accomplished.

ସାଧବ—ଦେ. ବ (ସ. ସାଧୁ ଶବ୍ଦର ବହୁବଚନ ସାଧବଃ)—୧। ସାଧୁ Sādhaba ବ୍ୟକ୍ତି—1. An upright man. (ସାଧବାଣୀ—ସ୍ତ୍ରୀ) (ଉ—ଏଣୁ ସାଧବେ ଜଗତ୍ୟ ଶ୍ରୁତି, ସାଧବ **साधव** ଅନନ୍ତପଣ ଗୁଣରତି—ଜଗନ୍ନାଥ ସ୍ତ୍ରଗବତ।) ୨। ପଣ୍ଡିତ ବ୍ୟକ୍ତି—2. Learned person. (ଉ—ଯେନ ଦେ ସାଧବ ବଚନ ରଖ, ଘନକେଶୀ ମୁଂସ ଦେମ ଅବେଶ—ଗୋଲକ ଇନ୍ଦୁରେଖା।) ୩। ସାଧୁ; ମହାଜନ; ବଣିକ ମହାଜନ **साहुकार** 3. A merchant.

Digitized by srujanika@gmail.com

[ଦ୍ର—ଜାହାଣୀରେ ପ୍ରତ୍ୟେକ ବ୍ରଜ୍ୟରେ ବ୍ରଜା, ମନ୍ତ୍ରୀ, କଟୁଆଳ ଓ ସାଧବ ଏଥର ୪ ଜଣ ବ୍ୟକ୍ତିକ ନାମୋଲ୍ଲେଖ ଥାଏ ଓ ସେମାନଙ୍କ ପୁଅମାନେ ପରସ୍ପର ସଙ୍ଗାତ ବସିଥିବା ସମ୍ଭ ବଣ୍ଡିତ ଥାଏ ।] ୪ । ନୌବଣିକ; ବୋଇତଆଳ—4. A merchant trading by ships. ୫ । ମୂଳଧନାଧୀଶ; ସାହୁକାର—5. A capitalist. ୬ । ଲକ୍ଷପତି—6. A millionaire.

ସାଧବଘର ବୋହୂ—ଦେ. ବ—ଉଚ୍ଚ ଗୋତ୍ର; ଘର ସୋଦର; ମଖମଲୀପୋକା, ସିନ୍ଦୂରେପୋକା Sādhabaghara bohū ପୋକ—The Coccinella; the cochineal insect; ବୀରବହୁଟୀ Coccus Cactii. [ଦ୍ର—ଏମାନେ ନାଲ ମଖମଲ ପର୍ ଭୋମଳ ରଙ୍ଗବର୍ଣ୍ଣ ଅବୟବଶାଳିଷ୍ଟ, ପକ୍ଷଯୁକ୍ତ ପତ୍ରଷଟ୍ପଦ ପୋକ । ଏହାଙ୍କର ଦୁଇଟି ଜାତି ଅଛି । ଏମାନେ ସ୍ତ୍ରୀଜାତୀୟ ପୋକ । ଅଣ୍ଡିର ପୋକଙ୍କର ଦୁଇଟି ଦନ୍ତ ଅଛି ଓ ସେମାନେ ସ୍ତ୍ରୀପୋକଙ୍କଠାରୁ ଲମ୍ବା ଓ ସରୁ; ମୁଣ୍ଡଅଡ଼େ ଦୁଇଟି ଶୃଙ୍ଗ ଓ ଛଅ ପାଖେ ୨ଟି ସରୁ କେଶ ବାହାର ଥାଏ । ବର୍ଷାଦିନେ ଏମାନେ ଘଡ଼ଅ ଭିତରେ ଗୁଲ୍ଲ ଥାଅନ୍ତି । ଏମାନେ କଗଫେଣିଆ ଗଛରେ ବସା କରି ରହନ୍ତି । ସାଧବ ଘରର ସ୍ତ୍ରୀମାନେ ନାଲ ପାଟଲୁଗା ପିନ୍ଧିଲପରୁ ଏମାନେ ମଖମଲ ଅବୟବରେ ଅଭୁତ ହୋଇ ଥିବାରୁ ଏମାନଙ୍କୁ ଏହି ନାମ ଦିଆଯାଇ ଅଛି ।] (ଉ—"ଶ୍ୟାମଳ ଦୁବାଦଳେ ଶୋଇଚ ସସ୍ମ, ସାଧବକୋହୂ ଉତ୍ସଙ୍ଗରେ ଶୋଇଲ ଯେ—ବର୍ଣ୍ଣା. ମଧୁସୂଦନ ବ୍ରତ ।) ୨ । ସାଧବ ବା ବଣିକ ବଂଶର କୁଳବଧୂ—2 The house-wife of a Sādhaba's family.

(ସାଧବକୋହୂ—ଅନ୍ୟରୂପ)

ସାଧବାଣୀ—ଦେ. ବ· ସ୍ତ୍ରୀ—୧ । ସାଧବର ସ୍ତ୍ରୀ—1. A female of Sādhabāṇī the merchant class. ୨ । ସାଧବଘର ସାଧୁନୀ, ସାଧୁଆନୀ ବୋହୂ (ଦେଶ)—2. Sādhabaghara bohū. (See)

ସାହୁକାରନୀ ସାଧୁର ବଉ ବୀର ବହୁଟୀ ସିନ୍ଦୂରେ ପୋକ।

ସାଧ୍ୱୀ—ଦେ. ବ· ସ୍ତ୍ରୀ (ସ. ସାଧ୍ୱୀ)—୧ । ସାଧ୍ୱୀ; ସତୀ ସ୍ତ୍ରୀ—1. A Sādhabī chaste woman. (ଦ୍ର—ଘଡ଼ି ସାଧ୍ୱୀ ପତ୍ନୀରତା, ସାଧ୍ୱୀ ସାଧ୍ୱୀ ସତୀ ଦୋଇକେ ଅଳେ ଉଡ଼ି । ଜଗନ୍ନାଥ. ଏୟୋସ୍ତ୍ରୀ ସଧବା ଭଗବତ ।) ୨ । ଅଳ୍ପ ସ୍ତ୍ରୀ; ସଧବାସ୍ତ୍ରୀ—ସତୀ ସାଧ୍ୱୀ 2. A woman whose husband is ସତୀ ସାଧ୍ୱୀ alive. ୩ । ସ୍ତ୍ରୀଲୋକଙ୍କ ନାମ—3. A name given to females.

ସାଧୟିତବ୍ୟ—ଦ୍ର· ବଣ (ସାଧ ଧାତୁ + ତବ୍ୟ ତବ୍ୟ)—ସାଧନୀୟ (ଦେଶ) Sādhayitabya Sadhanīya (See).

ସାଧୟିତା—ବ୍ର· ବଣ· ପୁଂ (ସାଧ ଧାତୁ + ତୃଚ୍ ତୃ; ୧ମା. ୧ବ)—Sadhayitā ସାଧକ; ସାଧନକାରୀ—Accomplishing. (ସାଧୟିତ୍ରୀ—ସ୍ତ୍ରୀ)

ସାଧର୍ମ୍ୟ—ସଂ. ବ (ସଧର୍ମନ୍ + ଷ୍ୟଞ୍ ବ. ତ)—୧ । ସାଦୃଶ୍ୟ—Sādharmmya 1. Similarity. ୨ । ସଦ୍ଧର୍ମିତା; ସଧର୍ମତା—2. The state of having the same quality.

ସାଧା (ଉତ୍ପାଦ)—ବୈଦେ. ବଣ· —ଶାଧା ଉତ୍ପାଦ (ଦେଶ) Sādhā (etc) Śādhā etc (See)

ସାଧା କପି—ଦେ. ବ (କଚରଥ)—ସରକାର ଦଲିଲର ଯେଉଁ ନକଲରେ ମୋହର ମହ ଦୋଇ ନ ଥାଏ—ସାଦା କପି Sādhā kapi सादा कौपी A plain copy of any document of a court, which is not certified to be a true copy; an uncertified copy of a public document.

ସାଧାରଣ—ସ· ବଣ (ସ + ଅଧାରଣ = ଆନ, ଅଧାର; ଉମା ସ + ଧାରଣା = ସଧାରଣା + ଅ)—୧ । ସମସ୍ତଙ୍କଠାରେ (ସାଧାରଣୀ—ସ୍ତ୍ରୀ) ତଦ୍ୟମାନ—1. Common to all. ୨ । ସାମାନ୍ୟ; ଯାହା ସଚରାଚର ବା ସତତ୍ତର ଦେଖାଯାଏ—2. Ordinary; general. ୩ । ଇଜମାଲି, ଯହିଁରେ ସମସ୍ତଙ୍କର ଅଧିକାର ଥାଏ—3. Joint; owned by all. ୪। ବହୁଭୋଗ୍ୟ—4. Enjoyable by many. ୫ । ସଦୃଶ; ତୁଲ୍ୟ; ଏକବିଧ—5. Similar. ୬ ୭ । ଅନେକ ସମ୍ବନ୍ଧୀୟ—6. Relating to many. ୭। ପ୍ରକାଶ୍ୟ—7. Public; manifest. ୮ । ସାର୍ବଜନିକ—8. Universal. ୯। ସରଳ; ସହଜ (ଉ. ଶ)—9. Easy. ବ—୧। (ନ୍ୟାୟ ଦର୍ଶନ) ଦ୍ୱୈତ୍ୱାତ୍ମକ ଉପଦେଶ—1. Name of a kind of general indication. ୨ । ଉତ୍ତରଭାଗ ଅନୁସାରେ ଯେଉଁ ପ୍ରଦେଶରେ ବା ଅଞ୍ଚଳରେ ଜଙ୍ଗଲ, ଜଳ, ଶ୍ୱେତ, ଶୀତ ଓ ଗ୍ରୀଷ୍ମର ଆଧିକ୍ୟ ଦୋଇଥାଏ (ଉ. ଶ)—2. A country where jungle, water, sickness, cold and heat are extensive. ୩ । ଉପର୍ଯ୍ୟୁକ୍ତ ଦେଶର ଜଳ (ଉ. ଶ)—3. The water of the above country. ଦେ· ବ—

ସାଧାରଣ ଜନ ସାଧାରଣ—The public. ବଣ—୧ । ସାଧା;

ସାଧାରଣ ଲଘୁଚେତ—1. Frank; guileless. ୨ । ଗର୍ବଶୂନ୍ୟ—2. Prideless; having no pride.

ସାଧାରଣ ଗୁଣ—ସ. ବ—ଯେଉଁ ଗୁଣ ସବୁଠାରେ ଦେଖାଯାଏ—Sādhāraṇa guṇa General or common quality or attribute.

ସାଧାରଣତଃ—ଦେ. ଅ (ସ. ସାଧାରଣ୍ୟ + ତସ୍ = ସାଧାରଣ୍ୟତଃ)—Sādhāraṇataḥ ୧ । ସତତ୍ତରତଃ—1. Generally; ସାଧାରଣତଃ commonly. ୨ । ମୋଟାମୋଟି; ସ୍ଥୂଳତଃ—ସାଧାରଣତଃ 2. Roughly. ୩ । ସବୁଠାରେ; ସର୍ବତ୍ର—3. Everywhere. ୪ । ସାମାନ୍ୟ ଭାବରେ—4. Ordinarily. ୫। ବହୁ ସ୍ଥାନରେ ବା ସଚରାଚରେ—

Digitized by srujanika@gmail.com

5. In many places or instances. [ଦ୍—ସାଧାରଣ ଶବ୍ଦ ବିଶେଷଣ ଥିବାରୁ ସେଥିରେ ଭସ୍ ପ୍ରତ୍ୟୟ ସଂସ୍କୃତ ବ୍ୟାକରଣ ବିରୁଦ୍ଧ । ସାଧାରଣ ଶବ୍ଦରୁ ପୂର୍ବ ସାଧାରଣ୍ୟ ଶବ୍ଦ ପରେ ଭସ୍ ପ୍ରତ୍ୟୟ ହେଲେ ସାଧାରଣ୍ୟତଃ ପଦ ହେବ;ସ୍ଥଳତଃ ମଧ୍ୟ ସେହିପରି ଗୋଟିଏ ଅବ୍ୟୟୀଭାବ ବ୍ୟବହାର ଅଟେ ।]

ସାଧାରଣ ତନ୍ତ୍ର—ଦେ. ବ—ପ୍ରଜାମାନଙ୍କ ନିର୍ବାଚିତ ପ୍ରତିନିଧିଙ୍କ ଦ୍ୱାରା ପରିଚାଳିତ ଶାସନ ତନ୍ତ୍ର—Democracy; republic.

Sādhāraṇa tantra

ସାଧାରଣ ତନ୍ତ୍ର **साधारण तन्त्र**

ସାଧାରଣ ଦେଶ—ସଂ. ବ—୧ । ଜାଙ୍ଗଳାଳୁ ଥଲଖଣ୍ଡସମ୍ବଳିତ ସ୍ଥାନ—

Sādhāraṇa deśa 1. Jungly and marshy country. ୨ । ସାଧାରଣ ୨ (ଦେଶ)—2. Sādhāraṇa 2 (See)

ସାଧାରଣ ଧର୍ମ—ସଂ. ବ—୧ । ସାଧାରଣ ଗୁଣ (ଦେଖ)

Sādhāraṇa dharma 1. Sādhāraṇa guṇa (See)

୨ । ଗୃହସ୍ଥାଶ୍ରମର ପ୍ରତିପାଳ୍ୟ ଧର୍ମ—2. Observances observable by the 4 castes of the Hindu society. ୩ । ସାର୍ବଜନିକ ଧର୍ମ—3. Universal religion.

ସାଧାରଣ ପଞ୍ଚାଏ(ୟ)ତ୍—ଦେ. ବ—ଚଉକିଦାର୍ ଇତ୍ୟାଦିଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କର ସମ୍ମିଳିତ ସାଧାରଣ ପଞ୍ଚାୟତ୍ ଗଣ—

Sādhāraṇa pañchāe(ya)t The members of a Chawkidary Panchayet except the President.

ସାଧାରଣ ପଥ(ମାର୍ଗ)—ସଂ. ବ—ସାଧାରଣଙ୍କ ବ୍ୟବହୃତ ରାସ୍ତା—

Sādhāraṇa patha (mārga) Public road; highway.

ସାଧାରଣ ପୁସ୍ତକାଳୟ—ଦେ. ବ—ଯେଉଁ ପୁସ୍ତକାଳୟରେ ସର୍ବସାଧାରଣ ପାଠ କରିବା ସାଧାରଣ ପୁସ୍ତକାଳୟ ପାଇଁ ଅଧିକାର ଅଛି—

Sādhāraṇa pustakālaya Public library.

ସାଧାରଣ ସଭା—ଦେ. ବ—ଯେଉଁ ସଭାରେ ଜନସାଧାରଣ ଯୋଗ ଦେଇ ପାରନ୍ତି—

Sādhāraṇa sabhā Public meeting.

ସାଧାରଣ ସମ୍ପତ୍ତି—ଦେ. ବ—ଯେଉଁ ସମ୍ପତ୍ତିରେ ସର୍ବସାଧାରଣଙ୍କର ଅଧିକାର ଅଛି—

Sādhāraṇa sampatti Public property.

ସାଧାରଣ ସ୍ତ୍ରୀ—ସ. ବ (କର୍ମଧା, ସାଧାରଣୀ+ସ୍ତ୍ରୀ)—ଗଣ୍ୟ ସ୍ତ୍ରୀ; ଗଣିକା; (ସାଧାରଣ ଯୁବତୀ, ସାଧାରଣ ବନିତା—ଅନ୍ୟରୂପ)

Sadhāraṇa strī A public woman; a prostitute.

ସାଧାରଣ ହିତ—ଦେ.ବ—ସର୍ବସାଧାରଣଙ୍କ ମଙ্গଳ—

Sadhāraṇa hita Public weal; the benefit of all; public good.

ସାଧାରଣ ହିତକର—ଦେ. ବଣ—ସର୍ବସାଧାରଣଙ୍କ ମଙ্গଳକର—

Sādhāraṇa hitakara Beneficial to the public.

ସାଧାରଣ ହିତକର **साधारण हितकर**

ସାଧାରଣୀ—ଫ. ବଣ—ସାଧାରଣର ସ୍ତ୍ରୀଲିଙ୍ଗ—

Sādhāraṇī The feminine of Sādhāraṇa.

ସାଧାରଣେତର—ବ. ବଣ (*ନ୍ତ୍ରୀ ଚଡ଼; ସାଧାରଣ+ଇତର) —

Sādhāraṇetara ଅସାଧାରଣ; ଅନନ୍ୟସାଧାରଣ—Extraordinary. [ଜ୍—ପଦ ନାଗରୋଣ କଣକୁ, ରସବଗଡ଼ଣି ପଣକୁ; ସାଧାରଣେତର ଗୁଣକୁ, କରନ ପାରବେ ନାହିଁ ଉଣତା—କବିସୂର୍ଯ୍ୟ. ସଙ୍ଗୀତ ।]

ସାଧାରଣ୍ୟ—ବ. ବ (ସାଧାରଣ+ଷ୍ୟଞ୍, ଯ)—୧ । ସାଧାରଣ ହେବାର ଭାବ; ସାଧାରଣତା—

Sadhāraṇya 1. State of being common or ordinary. ୨ । ସାମ୍ୟ—2. Equality. ୩ । ଚାବିକାଠି (ଦେମଚନ୍ଦ୍ର); ଗୂଢ଼—3. A key. ୪ । ଏକଦେଶୀୟ ଜନସାଧାରଣ ବା ଜାତି; ଜନସମୂହ—4. A community; a people. ୫ । ଯେଉଁ ଦୋଷ ବା ଗୁଣ ସମସ୍ତଙ୍କଠାରେ ଅଛି—

5. Common quality (virtue or vice).

ସାଧା ସିଧା(ଦା)—ଦେ. ବଣ—୧ । ସରଳ ଓ ନିଷ୍କପଟ; ସରଳମନ୍ତ—

Sādhā sidhā(dā) 1. Frank and guileless (person). ୨ । ଅନଳଙ୍କୃତ—

ସାଦାସିଧା **सादासिधा** 2. Plain; unadorned.

ସାଧିକା—ସଂ. ବଣ. ସ୍ତ୍ରୀ (ସାଧକ+ସ୍ତ୍ରୀ. ଆ; ବଦଳେ ସାଧକା)—

Sādhikā ୧ । ସାଧକର ସ୍ତ୍ରୀଲିଙ୍ଗ—1. Feminine of Sādhaka. ବ—୧। ସୁଷୁପ୍ତି; ଗାଢ଼ ନିଦ୍ରା (ଦେମଚନ୍ଦ୍ର)—1. Slumber; deep sleep. ୨ । ଶାସନକର୍ତ୍ରୀ—

2. A female ruler; governess.

ସାଧିକାର—ସଂ. ବଣ (ସ+ଅଧିକାର)—ଅଧିକାରପ୍ରାପ୍ତ—

Sādhikara Having authority.

ସାଧିତ—ସଂ. ବଣ (ସାଧ୍ ଧାତୁ ଣିଚ୍+କ୍ତ ତ)—୧ । ନିଷ୍ପାଦିତ; ସମ୍ପାଦିତ—

Sādhita 1. Effected; accomlipshed. ୨ । ସମାହିତ—2. Solved. ୩ । ବିନାଶିତ—3. Destroyed. ୪ । ଦଣ୍ଡିତ—4. Punished. ୫ । ପ୍ରମାଣାଦଦ୍ୱାରା ବିଚାରିତ—5. Proved. ୬ । ଶୋଧିତ—6. Rectified. ୭ । ଦାପିତ—7. Bestowed; invested. ୮ । ଶୋଧିତ (ଦ୍ର. ଶ)—8. Purified. ୯ । ପରିଶୋଧିତ (ଋଣାଦ) (ଦ୍ର. ଶ)—9, Liquidated (loan)

Digitized by srujanika@gmail.com

ସାଧିତାର୍ଥ—ସଂ. ବଣ. ପୁଂ (ଉଦ୍ଦିଷ୍ଟ; ସାଧିତ ହୋଇଅଛ ଅର୍ଥ ଯାହାର) (ସାଧିତାର୍ଥା—ସ୍ତ୍ରୀ) Sādhitārtha —ଯାହାର ଉଦ୍ଦେଶ୍ୟ ସିଦ୍ଧ ହୋଇଅଛ—One who has his aim or object accomplished.

ସାଧିବା—ଦେ. କ୍ରି (ସଂ. ସାଧ୍ ଧାତୁ)—୧ । ସାଧନ କରିବା (ଦେଶ) Sādhibā 1. Sādhana karibā (See) [ଉ—ଇଚ୍ଛା ସାଧି ଯେବେ ପୁଣ୍ୟଯୋଗ ଗୋ । ଅଳସ୍ୟ ବଳାସେ ପଦାଘାତ **साधन करना, साधना** କର ସାଧ ସଦା କର୍ମଯୋଗ ଗୋ—ବାଳ-(ସାଧା[ଧେ]ଇବା—ଣିଜନ୍ତରୂପ) କୃଷ୍ଣ. ଫୁଲ ବଉଳବେଣୀ ।] ୨ । ବହୁ ଲୋକଙ୍କଠାରୁ ଗୁଡା ଚେଡା ଥଡ ଅଦାୟ କରିବା—2. To collect subscription from many persons. ୩ । ଲୋକଙ୍କଠାରୁ ଧନ ଅଦାୟ କରିବା—3. To collect money. (ପଥା—ଭେଦାସଞ୍ଚା ସାଧିବା ।) ୪ । ପୁଙ୍କର ବୈର ଶୋଧନ କରିବା—4. To be avenged. [ଉ—ସାଧିବାକୁ ମନ ଥିଲେହେଁ ପ୍ରାଣକୁ ବାଧିବା ଯାଏ ଜ କଥା—ଜଗନ୍ନାଥ. ସଙ୍ଗୀତ] ୫ । ଅନୁନୟ ବିନୟ କରିବା—5. To make solicitations; to make humble prayers. ୬ । ମନ୍ତ୍ର ଓ ଉପାସନାଦ୍ୱାରା ଦେବଦେବୀ ଆଦିଙ୍କୁ ବରପ୍ରଦ କରାଇବା—6. To obtain boons from Deities and spirits by the performance of esoteric rites. (ଉ—ସାଧିଅଛ ଏ କ ସଜ୍ଜନ ଦେବୀଙ୍କ ଏହାକୁ ସାରିବ କେ ବଟ—ଜଗନ୍ନାଥ ଉତ୍ତାଳର ଚମ୍ପୂ ସଙ୍ଗୀତ ।) ୭ । ବଶୀଭୂତ କରିବା—7. To bring under control. (ଉ—କେ ଶାଗ ଫଳ ମୂଳ ଖାଇଛନ୍ତି, ମନକୁ ନାନାପ୍ରକାର ସାଧନ୍ତୁ—ପ୍ରାଚୀ ସରସ୍ୱତୀଭା ।) ୮ । ସାଧିକରିବା; ପଡିତ ଜମିକୁ କୃଷି ଆଦି ଦ୍ୱାରା ଅବାଦଯୋଗ୍ୟ କରିବା—8. To reclaim waste land and bring it under cultivation. ୯ । (ପ୍ରାଚୀନ)—ଶାସନ କରିବା (ମାଦଳା ପାଞ୍ଜି)—9. To govern; to rule. (ଉ—ଇନ୍ଦ୍ର ଆସନେ ବସି ତୋଷେ ଜିଣେଇ ସାଧିଲେ ବଶେ—ଜଗନ୍ନାଥ ଭାଗବତ ।) ୧୦ । ଅତ୍ୟାଚାର କରିବା—10. To oppress. ୧୧ । (ଘରର ଅନିଷ୍ଟ, ମନ, ଅମଙ୍ଗଳ) କରିବା—11. To do; to commit (harm or evil to another). (ଉ-ଘନ ଚକ କରି ବାହୁଁ ଅନିଷ୍ଟ ସାଧିବା ନାହିଁ—ବାଳକୃଷ୍ଣ. ରଜାପୁଅ ରଜାଝିଅ) ୧୨ । ଗଣିତର ସମସ୍ୟାର ସମାଧାନ କରିବା—12. To solve a mathematical problem. ୧୩ । ମଣ କରିବା—13. To train or break (an animal). (ଯଥା—ଭୂ ଏ ଦାମୁନ୍ଦକୁ ଜନ୍ତୁଟି ସାଧିଲୁଣି, ସେ ଅଜ ସୁଧୁରିବ ନାହିଁ ।) ୧୪ । ସିଦ୍ଧିଲାଭ କରିବା—14. To attain success. (ଉ—ସେ ଏଥରେ ଚଢି ସାଧିଲ ମନୋରଥ—କୃଷ୍ଣସଂଜ୍ଞ ପଦ୍ମାପ୍ତରତ ସଙ୍ଗ ।) ୧୫ । ଜିତିବା—15. To conquer. (ଉ—ବଡ ଯୋଧା-ଜଣରେ ପାରିବ କେ ସାଧି-ଯିଞ୍ଚ· ବୈଦେଶ୍ୟଶ· ବଳାସ ।) ୧୬ । (ଜ୍ୟୋତିଷ) ଗଣନାଦ ଦ୍ୱାରା ଫଳାଫଳ ବାହାର କରିବା—16. (astrology) To determine the result by calculation. (ଯଥା—ଜାତକ ସାଧିବା ।)

ସାଧିମା—ସଂ. ବ (ସାଧୁ+ଭାବ ଇମନ୍; ସାଧିମନ୍ ଶବ୍ଦ ୧ମା. ବ) (ସାଧୁତା—Honesty; uprightness. Sādhimā

ସାଧିଷ୍ଠ—ସଂ. ବଣ (ସାଧୁ+ଅତିଶୟାର୍ଥେ. ଇଷ୍ଠ)—୧ । ଅତିଶୟ ସାଧୁ—1. Very honest. ୨ । ଅତି ନ୍ୟାଯ୍ୟ· 2. Very legitimate or proper. ୩ । ଯୋଗ୍ୟ; ଉପଯୁକ୍ତ—3. Fit. ୪ । କଠିନ—4. Hard. ୫ । (ବାଢ+ଭାବ. ଇଷ୍ଠ)—ଅତି; ଭୃଶ; ଅତିଶୟ—5. Excessive. Sādhishṭha

ସାଧିଷ୍ଠାନ—ସଂ. ବ (ସ+ଅଧିଷ୍ଠାନ)—(ତନ୍ତ୍ର) ଦେହମଧ୍ୟସ୍ଥ କଳ୍ପିତ ୬ ଗୋଟି ଚକ୍ର ମଧ୍ୟରୁ ଦ୍ୱିତୀୟ ଚକ୍ର; (ସାଧିଷ୍ଠାନ ଚକ୍ର—ଅନ୍ୟରୂପ) ଲିଙ୍ଗ ଚକ୍ର—The 2nd of the 6 spirals (chakras) said to exist inside the human body. Sādhishṭhāna

ସାଧୀ—ଗ୍ରାଦେ (ଉତ୍ତିଶ ଗଢ଼) ବ—(ଭୁଲ ହି. ସାଦୀ)—ବିବାହ—Marriage. Sādhī

ସାଧୀୟାନ୍—ସଂ. ବଣ. ପୁଂ (ସାଧୀୟସ୍ ଶବ୍ଦ ୧ମା. ୧ବ; ସାଧୁ+ଅତିଶୟାର୍ଥେ. ଈୟସ୍)—ସାଧିଷ୍ଠ (ଦେଖ)—(ସାଧୀୟସୀ—ସ୍ତ୍ରୀ) Sādhīyān Sādhishṭha (See)

ସାଧୁ—ସ. ବଣ (ସାଧ୍. ଧାତୁ+କର୍ତ୍ତୃ. ଉ)—୧ । ସୁଶୀଳ; ସତ୍ସ୍ୱଭାବ; ସଦାଶୟ—1. Virtuous; good. ୨ । ଧର୍ମିଷ୍ଠରୁ; (ସାଧ୍ୱୀ—ସ୍ତ୍ରୀ) ଧାର୍ମିକ—2. Pious; religious; god-fearing. ୩ । ଜର୍ଜ୍ଜବ—3. Honest. ୪ । ମହତ୍; ମହାଶୟ—4. Noble; magnanimous. ୫ । ସ୍ନିଗ୍ଧ; ସୁନ୍ଦର—5. Graceful; beautiful. ୬ । କୁଳୀନ; ସତ୍ବଂଶଜାତ—6. Of high birth. ୭ । ସମର୍ଥ—7. Able. ୮ । ନିପୁଣ—8. Skilful. ୯ । ହିତକର—9. Beneficial. ୧୦ । ଉଚିତ—10. Proper. ୧୧ । ଉତ୍ତମ—11. Good. ୧୨ । ପ୍ରଶଂସନୀୟ (ହି. ଶ)—12. Praiseworthy. ୧୩ । ଯୋଗ୍ୟ; ଉପଯୁକ୍ତ—13. Fit; capable. ବ—୧ । ମୁନି—1. Sage; saint. ୨ । ମହାପୁରୁଷ—2. A great man. ୩ । ବାର୍ଦ୍ଧୁଷିକ; ମହାଜନ—3. Money-lender; usurer. ୪ । ବଣିକ; ମହାଜନ—4. A

Digitized by srujanika@gmail.com

merchant. ୫ । ଦେବଭକ୍ତ—5. A devotee. ୬ । ଶାକ୍ୟ ମୁନି; ବୁଦ୍ଧ—6. The Buddha. ୭ । ଜନ; ବୌଦ୍ଧ ଯତି; ଜୈନ ଯତି—7. A Buddhist or Jaina monk. ୮ । ସଦାଗୁଣ ଓ ସତ୍‌କର୍ମ୍ମ—8. A good person. [ଦ୍ର—ଶାନ୍ତ ଓ ସୁଗୁଣାତ (ଯଥା—ଯତ୍ପୁଗୁଣ ଇତ୍ତର ଶତ୍ତ, ଗରୁଡ଼ ପୁଗୁଣ, ବହ୍ନି ପୁଗୁଣ, ବହ୍ନି ପୁଗୁଣ, ବହ୍ନି ପୁଗୁଣ, ବିଷ୍ଣୁ ପୁଗୁଣ)ରେ ସାଧୁ ବ୍ୟକ୍ତିଙ୍କ ବର୍ଣ୍ଣନା ଅଛି । ଯେଉଁ ବ୍ୟକ୍ତି ଜାୟ୍ୟନୋବାଦ୍ୟରେ ବିଷ୍ଣୁଭକ୍ତ, ଜତେନ୍ଦ୍ରିୟ, ସଦାସତ୍ୟନିଷ୍ଠ, ସମଚିତ୍ତ, ନର୍ଦ୍ଦୋର, ସଦସ୍ୟ, ଶାନ୍ତ, ଦମ୍ଭ ଓ ଅହଙ୍କାରବର୍ଜ୍ଜିତ, କାମ ଦୋଷ ଲୋଭ ମୋହାଦରହିତ ସତ୍ତ୍ୱଗୁଣ, ସର୍ବଜ୍ଞ ସମଦର୍ଶୀ, ସତ୍ୟବାଦୀ, ପରୋପକାରୀ, ଗୁରୁବାଦୀ, ଫଯଭେଦ୍ୟ, ବ୍ରହ୍ମଚର୍ଯ୍ୟାବଲମ୍ବୀ, ଉପୋଜନରତ, ଶୁଦ୍ଧାଗୁଣ, ତାଙ୍କୁ ସାଧୁ ବୋଲଯାଏ ।] ୯ । ଯେଉଁ ବ୍ୟକ୍ତି ମନ୍ତ୍ର, ତନ୍ତ୍ରାଦି ସାଧନରେ ସିଦ୍ଧ ହୋଇଅଛନ୍ତି (ହି. ଶ)—9. A person who has succeeded in his spiritual exercise. ୧୦ । ଦମନକ; ଦଅଣା ଗଛ (ହି. ଶ) (ଦେଶ)—10. Damanaka. (see). ୧୧ । ବରୁଣ ବୃକ୍ଷ (ହି. ଶ) (ଦେଶ)—11. Baruṇa tree. (See) ଅ—ସାଧୁ ସାଧୁ (ଦେଶ)—Sādhu sādhu. (See) (ଇ—ସାଧୁ ଶବ୍ଦ ଶୂନ୍ୟ ସ୍ଥଳରେ, ସ୍ତୁତି କରିବେ କରନ୍ତୁରେ ।

ସାଧୁ ସାଧୁ ଜଗନ୍ନାଥ, ଜୟଜୟନ୍ତ ।) ଦେ. ବ—୧ । ବାବାଜୀ; ବୈଷ୍ଣବ—1. A religious recluse. [ଦ୍ର—ବୈଷ୍ଣବମାନଙ୍କ ସମ୍ପ୍ରଦାୟରେ ଏତେ ଜଣ ସାଧୁ ବୋଲି ନ କହି ଏତେ ମୁଣ୍ଡି ସାଧୁ ବୋଲି ଲୋକେ କହନ୍ତି ।] ୨ । ପୁରୁଷ ଲୋକଙ୍କୁ ଦିଆଯିବା ନାମ—2. A name given to males.

ସାଧୁକ—ସଂ. ବ—୧ । କଦମ୍ବ ଗଛ (ହି. ଶ)—1. Neuclea Sādhuka Cadamba; ୨ । ବରୁଣ ଗଛ (ଦେଶ)—2. Baruṇa tree, (See).

ସାଧୁକାରି—ସଂ. ବଣ. ସ୍ତ୍ରୀ (ସାଧୁକାରିନ୍; ୧ମା. ୧ବ)—ଉତ୍ତମ Sādhukāri କାର୍ଯ୍ୟକାରି—Performing good acts. (ସାଧୁକାରିଣୀ—ସ୍ତ୍ରୀ)

ସାଧୁଜ—ସଂ. ତତ୍ପୁ. ପୁଂ (ସାଧୁ+ଜନ୍, ଧାତୁ+କ୍ତ୍ରି. ଅ) —ଉଦ୍ଭ- Sādhuja ବଂଶୋଦ୍ଭବ; କୁଳୀନ—Of gentle or noble (ସାଧୁଜା—ସ୍ତ୍ରୀ) birth.

ସାଧୁ ଜନ—ସଂ ବ—ଋଷିପ୍ରତିମ ବ୍ୟକ୍ତି—

Sādhu jana A saintly person.

ସାଧୁ ଜାତ—ସଂ. ବଣ—୧ । ସୁନ୍ଦର (ହି. ଶ) —1. Beautiful. Sādhu jāta ୨ । ଉଜ୍ଜ୍ୱଳ (ହି. ଶ)—2. Bright.

ସାଧୁତ—ସ୍ତ୍ରୀ ବ—(ସଂ. ସାଧୁ)—ସାଧବ; ମହାଜନ; ବଣିତ— Sādhuta ସାଧୁ, ମହାଜନ ସାହୁକାର A merchant. (ପ୍ରାଚୀନ ଦ. ସାଧବ) [ଉ—ସାଧୁତ ମନ୍ଦିରଘରେ ଜନ୍ମ ହୋଇଥାନ୍ତି । ଦାତା—ଶ୍ରୀଗୁରୁଭକ୍ତି ଗୀତା]

ସାଧୁତ (ତ୍ୱ)—ସଂ. ତ—(ସାଧୁ+ତ୍ତଳ. ତା; ତ୍ୱ)—୧ । ଧାର୍ମିକତା— Sādhutā(twa) 1. Piety. ୨ । ଭଦ୍ରତା; ସୌଜନ୍ୟ; ଶିଷ୍ଟାଚାର—2. Gentlemanliness; courteousness. ୩ । ନ୍ୟାୟପରତ୍ୱପୂର୍ତ୍ତା—3. Righteousness. ୪ । ସଦାଚରଣ; ସଦ୍‌ବ୍ୟବହାର—4. Good conduct. ୫ । ଉତ୍ତମତା—5. Goodness.

ସାଧୁ ଧର୍ମ—ସଂ. ତ—ଜୈନମାନଙ୍କ ମତରେ ସାଧୁମାନଙ୍କ ଆଚରଣ— Sādhu dharma Conduct of a Jaina saint. [ଦ୍ର—ଏହା ୧୦ ପ୍ରକାର । ଯଥା—କ୍ଷାନ୍ତି, ମାର୍ଦ୍ଦବ, ଆର୍ଜ୍ଜବ, ଲାଘବ, ତପ, ସଂଯମ, ସତ୍ୟ, ଶୌର, ଅକିଂଚନ ଓ ବ୍ରହ୍ମ (ହି. ଶ.)]

ସାଧୁ ଧୀ(ବୁଦ୍ଧି)—ବ. ବଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀ, ସାଧୁ+ଧୀ,ବୁଦ୍ଧି)— Sādhu dhī(buddhi) ୧ । ଉଚ୍ଚବୁଦ୍ଧିବିଶିଷ୍ଟ (ବ୍ୟକ୍ତି)—1. High-minded; noble-minded, ୨ । (ସ୍ତ୍ରୀ) ଶାଶୁ; ଶାଶୁ (ଭାଷାବଳୀ)—2. Mother-in-law.

ସାଧୁ ପଙ୍ଗତ—ଦେ. ବ (ଷ. ସାଧୁ ଓ ପଙ୍ଗତ୍ତି) —ସାଧୁ ବା ବୈଷ୍ଣବ- Sādhu paṅgata ମାନଙ୍କ ପଙ୍ଗତ୍ତି ଭୋଜନ—A dining साधुओंकी पंगत the assembled Sādhus.

ସାଧୁ ପୁରୁଷ—ସ. ବ—ସାଧୁ ଜନ (ଦେଶ) Sādhu purusha Sādhu jana (See)

ସାଧୁ ପୁଷ୍ପ—ସଂ. ତ—୧ । ସ୍ଥଳପଦ୍ମ (ଶବ୍ଦମାଳା) (ଦେଶ)— Sādhu pushpa Sthalapadma (See) ୨ । ଉତ୍ତମ ପୁଷ୍ପ—2. A good or beautiful flower.

ସାଧୁ ପ୍ରକୃତ—ସଂ. ବଣ. ପୁଂ (ବହୁବ୍ରୀ) —ସତ୍ପ୍ରକୃତିବିଶିଷ୍ଟ— Sādhu prakṛuti Saintly. ସଂ. ବ (କର୍ମ୍ମଧା)—ପ୍ରକୃତିର— (ସାଧୁ ପ୍ରକୃତିକ=ଅନ୍ୟ ବଣ ରୂପ) Good nature.

ସାଧୁ ପ୍ରୟୋଗ—ସଂ. ତ (କର୍ମ୍ମଧା)—୧ । ଶିଷ୍ଟ ପ୍ରୟୋଗ (ଦେଶ) Sādhu prayoga Śishṭa prayoga (See) ୨ । (ସ. ଗ. ଲେ) ଶିଷ୍ଟସମାଜାନୁମତ ଭାଷାର ପ୍ରୟୋଗ— 2. Approved application, style or language approved by polished society.

ସାଧୁ ବାଦ—ସଂ. ତ (ସାଧୁ+ବଦ୍ ଧାତୁ+ଘଞ୍. ଅ)—ସାଧୁ ! Sādhu bāda ସାଧୁ ! ଏତ୍ତାଦି ବାକ୍ୟ; ପ୍ରଶଂସା; ଧନ୍ୟ ଧନ୍ୟ (ଜଦ ବାଦ—ବଗଞ୍ଚତ) ସଦ; ଧନ୍ୟବାଦ—Praise; applause; eulogy.

ସାଧୁ ବାହ—ସଂ ବ. ପୁଂ (ସାଧୁ+ବହ ଧାତୁ+ଘଞ୍. ଅ)—ବଳବାଣ Sādhu bāha (ଦେମଚନ୍ଦ୍ର); ପୁଶିକ୍ଷିତ ଓ ଶାନ୍ତ ଅଶ୍ୱ—1. A trained and meek horse. ୨ । ଉତ୍ତମ ବାହନ —2. A good conveyance.

ସାଧୁବାଞ୍ଛା—ସଂ. ବ (ସାଧୁ+ବହ ଧାତୁ+ଚ୍ଛ. ଅନ; ୧ମା. ୧ବ)— Sādhubāhī ପୁଶିକ୍ଷିତ ଓ ବଳବତ ଅଶ୍ୱ ଅମର)—A trained and gentle horse. ବଣ—୧ । ଯେଉଁ

Digitized by srujanika@gmail.com

ପଶୁ ଉତ୍ତମରୂପେ ବହନ କରେ (ଶବ୍ଦ ରତ୍ନାବଳୀ)—
1. (a beast) Carrying the rider in a good manner. ୨ । (ସାଧୁ ବାହ + ଇନ୍; ୧ମା. ୧ବ) ସୁନ୍ଦର ଘୋଟକବିଶିଷ୍ଟ—
2. Owning or having a good horse.

ସାଧୁ ବୃକ୍ଷ—ସଂ. ବ—୧ । ସୁନ୍ଦର ବୃକ୍ଷ—1. A good tree. ୨ । କଦମ୍ବତରୁ (ଶବ୍ଦଚନ୍ଦ୍ରିକା)—2. Anthocephalus Cadambo (a tree). ୩ । ବରୁଣ ବୃକ୍ଷ (ସୁଶ୍ରୁତଧୃତ ଶବ୍ଦ)—3. Cratæva Religiosa (wild tree).

ସାଧୁ ବୃତ୍ତ—ସଂ. ବିଶ. ପୁଂ (ସାଧୁ + ବୃତ୍ତ = ଚରିତ; ବହୁବ୍ରୀହି)—Sādhu bṛutta ସଚ୍ଚରିତ; ସତ୍‌ସ୍ୱଭାବ—(ସାଧୁ ବୃତ୍ତ—ସ୍ତ୍ରୀ) Of good conduct.

ସାଧୁ ବୃତ୍ତି—ସଂ. ବ (କର୍ମଧା)—୧ । ଉତ୍ତମ ଜୀବିକା—1. A good Sādhu bṛutti profession. ୨ । ଉତ୍ତମ ଆଚରଣ—2. Good conduct.

ସାଧୁ ବୈଷ୍ଣବ—ଦେ. ବ (ସହଚର ଶବ୍ଦ) —ସାଧୁ ସନ୍ଥ (ଦେଖ) Sādhu baishṇaba Sādhu santha (See) ସାଧୁ ବୈଷ୍ଟିବ ସାଧୁ ବୈଷ୍ଣବ (ସାଧୁ ବୈଷ୍ଣବ—ଗ୍ରାମ୍ୟରୂପ)

ସାଧୁ ଭାଷା—ଦେ. ବ—୧ । ସଂସ୍କୃତଶବ୍ଦପ୍ରଧାନ କଥିତ ଭାଷା—Sādhu bhāshā 1. Spoken language abounding ସାଧୁ ଭାଷା ସାଧୁ ଭାଷା in Sanskrit words. ୨ । ଶିକ୍ଷିତ (ଅଶିକ୍ଷିତାଂଶ ଭାଷା—ବିପରୀତ) ଶିକ୍ଷିତସମାଜରେ ପ୍ରଚଳିତ ଯଥା ଇତରଲୋକ ଓ ଅପଭାଷା ଦୋଷ ନ ଥିବା ଭାଷା—2. The vernacular language of the educated; the undefiled vernacular of the country, which is free from slang. ୩ । ଶୁଦ୍ଧ ଭାଷା; ଦୋଷଶୂନ୍ୟ ଭାଷା—3. Language free from any fault. ୪ । ଯେଉଁ ଭାଷା ଅଶ୍ଳୀଳ ନୁହେଁ—4. Language which is not obscene.

ସାଧୁ ମଉଚ୍ଚ(ଚ୍ଛ)ବ—ଦେ. ବ—ଯେଉଁ ମହୋତ୍ସବରେ ବା ମେଳାଟର Sādhu ma-uchcha(chchha)ba ବହୁ ସାଧୁ ବା ବୈଷ୍ଣବ ସାଧୁ ମେଳା ସାଧୁ ମେଳା ମିଳିତ ହୁଅନ୍ତି—A gathering or feast of Baishṇabas.
(ସାଧୁ ମେଳା, ସାଧୁ ମଉଚ୍ଚ—ଅନ୍ୟରୂପ)

ସାଧୁ ଲକ୍ଷଣ—ସଂ. ବ (ଷଷ୍ଠୀ ତତ୍ପୁ) —ଯେଉଁ ଚିହ୍ନ ବା ଲକ୍ଷଣ-Sādhu lakshaṇa ମାନଙ୍କଦ୍ୱାରା ସାଧୁଜନ ଚିହ୍ନା ଯାଆନ୍ତି—The marks or traits or characteristics distinguishing a saintly person from others. [ଦ୍ର—ଶାସ୍ତ୍ର ପୁରାଣାଦିରେ ସାଧୁଲକ୍ଷଣ-ମାନଙ୍କର ଯେଉଁ ଯେଉଁ ଲକ୍ଷଣ ବର୍ଣ୍ଣିତ ଥିବ; ସାଧୁ ଓ ସାଧୁ ଧର୍ମ ତଳେ ଟୀକା ଦେଖ ।]

ସାଧୁ ଶୀଳ—ସଂ. ବିଶ (ବହୁବ୍ରୀହି; ସାଧୁ + ଶୀଳ—ସ୍ୱଭାବ) —ସଚ୍ଚରିତ; Sādhu śīla ସତ୍‌ସ୍ୱଭାବବିଶିଷ୍ଟ—Of saintly character. (ସାଧୁଶୀଳା—ସ୍ତ୍ରୀ)

ସାଧୁ ସଙ୍ଗ(ସହବାସ)—ସଂ. ତ (ଷଷ୍ଠୀ ତତ୍ପୁ)—ସାଧୁବ୍ୟକ୍ତିଙ୍କ ସହିତ Sādhu saṅga(sahabāsa) ବସବାଟ କରିବା—Company of virtuous men; companionship of or association with saintly persons.

ସାଧୁ ସନ୍ଥ—ଦେ. ବ (ସହଚର ଶବ୍ଦ; ସାଧୁ + ସତ୍ ଶବ୍ଦର ଥ ବହୁବଚନ, Sādhu santha ସନ୍ତଃ)—ସାଧୁ ବୈଷ୍ଣବ; ବାବାଜୀ ବୈଷ୍ଣବ—Anchorites and recluses.

ସାଧୁ ସମ୍ମତ—ସଂ. ବ (ଂସ୍ଥା ତତ୍ପୁ)—ସତ୍ପୁରୁଷମାନଙ୍କ ସମ୍ମୋଦିତ; ସାଧୁବ୍ୟକ୍ତି-Sādhu sammata ମାନଙ୍କ ଅନୁମୋଦିତ—Approved by good or saintly persons.

ସାଧୁ ସାଧୁ !—ସଂ. ଅ (ପ୍ରଶଂସା ବା ଅନୁମୋଦନାର୍ଥକ ଅବ୍ୟୟ)—Sādhu sādhu ! ଧନ୍ୟ ଧନ୍ୟ ! ବାଃ ବାଃ ! —(interjection) Bravo ! well done ! [ଦ୍ର—ଖ୍ରୀଷ୍ଟ କାଣ୍ଡ ନଘାଇ ସାଣ୍ଡର ସେନ୍ୟ ସିଦ୍ଧି । ସାଇ କରି ଡୋଇଲେ ଖ୍ରୀଷ୍ଟ ସାଧୁ ସାଧୁ—କୁଷ୍ଣସିଂହ. ମହାଶ୍ୱରତ. ଖ୍ରୀଷ୍ଟ ।]

ସାଧୁ ସେବା—ସଂ ବ—ସାଧୁବ୍ୟକ୍ତିଙ୍କ ପରିଚର୍ଯ୍ୟା—Sādhu sebā Serving a saintly person.

ସାଧୃତ—ସଂ ବ (ସ = ସହିତ + ଧୃତ = ଧରା) —୧ । ମୟୂରସମୂହ Sādhṛuta (ଜୟୂଘାଳ)—1. A flock of peacocks. ୨ । ଚଣ୍ଡୀପଥାଠୀ; ବଜାର [ଜୟୂଘାଳ]—2. Market. ୩ । ଆଡଘର; ଛତା—(ଜୟୂଘାଳ)—3. Umbrella.

ସାଧ୍ୱର—ସଂ ବିଣ (ସ + ଅଧ୍ୱର) —ଯଜ୍ଞ ସହିତ—Accompanied; Sādhwara with vedic sacrifice.

ସାଧ୍ୱସ—ସଂ ବ (ସାଧୁ + ଅସ୍ ଧାତୁ = ଯେଉଁଥରେ ହେବା + କର୍ମ ଅ)—Sādhwasa ୧ । ଭୟ; ଶାସ—1. Fear; alarm; fright; terror. ୨ । ଶଙ୍କା—2. Apprehension. ୩ । ଦୃଷ୍ଟି—3. Regard; awe. ୪ । ମନର ଅବେଗ; ବ୍ୟାକୁଳତା—4. Anxiety mental concern. ୫ । ଂଂକର୍ତ୍ତବ୍ୟବିମୂଢତା—5. Consternation; bewilderment.

ସାଧ୍ୱାଚାର—ସଂ ବ—୧ । ସାଧୁମାନଙ୍କ ଆଚରଣ—1. Conduct of Sādhwāchāra saintly persons. ୨ । ଶିଷ୍ଟାଚାର (ହି. ଶ)—2. Etiquette.

ସାଧ୍ୱୀ—ସଂ ବିଶ. ସ୍ତ୍ରୀ (ସାଧୁ + ସ୍ତ୍ରୀ ଈ)—୧ । ସାଧୁଶୀଳା (ସ୍ତ୍ରୀ)—Sādhwī 1. Saintly (woman). ୨। ସତୀ ସାଧ୍ୱୀ (ସାଧୁ—ସ୍ତ୍ରୀ) —2. Chaste. ୩ । ସଚ୍ଚରିତା—3. (a woman) Of good conduct. ବ ସ୍ତ୍ରୀ—୧ । ସତୀ ସାଧ୍ୱୀ ସ୍ତ୍ରୀ—1. Faithful wife;

Digitized by srujanika@gmail.com

a chaste woman. ୬। ପତିଗତପ୍ରାଣା ସ୍ତ୍ରୀ— 2. A woman devoted to her husband. [ଦ୍ର—ସାଧ୍ୱୀକ ଲକ୍ଷଣ—ସ୍ତ୍ରୀମାନେ ଅର୍ଥ ଦେଲେ ଯେ ଅର୍ଥ ଦୁଅନ୍ତି, ଦୁଃଖ ଦେଲେ ସୁଦ୍ଧା ଦୁଅନ୍ତି, ସ୍ତ୍ରବାସୀ ଦେଲେ ସଜ୍ଜନା ଓ କୃଶା ଦୁଅନ୍ତି, ମୃତ ଦେଲେ ପତିଙ୍କ ସହଗମନ କରନ୍ତି ତାଙ୍କୁ ସାଧ୍ୱୀ ବୋଲିଯାଏ । ଦ୍ୱାସ୍ତତ ସ୍ମୃତିଶାସ୍ତ୍ର ।] ସଂ ବ—୧ । ଦୁଗ୍ଧ ଧାତୁଳ (ହି. ଶ)—1. A kind white stone. ୬ । ମେଦା ନାମକ ଅଷ୍ଟବର୍ଗୀୟ ଔଷଧୀ (ହି. ଶ)—2. Name of Medā, a rare herb.

ସାଧ୍ୟ—ସଂ ବିଣ (ସାଧ୍ ଧାତୁ ଶିତ ସାଧ୍ୟ ଧାତୁ+କର୍ମ୍ମଣି)—୧ । କଶ୍ୱାଦ୍ୟ Sādhya —1. Accomplishable. ୬ । ସମ୍ପାଦ୍ୟ (ସାଧ୍ୟା - ସ୍ତ୍ରୀ) ଯାହା ସମ୍ପାଦନ କରି ପାରେ— (ଅସାଧ୍ୟ—ବିପରୀତ) 2. Practicable. ୩ । ସାଧନାର୍ହ— (ସାଧ୍ୟତା—ବ) 3. Fit to be achieved. ୪ । (ନ୍ୟାସ୍ତଶାସ୍ତ୍ର) ଯେଉଁ ପ୍ରତିଜ୍ଞା ସାଧନ ବା ପ୍ରମାଣ କରିବାକୁ ହେବ; ପ୍ରତିଜ୍ଞାବାକ୍ୟ—4. (logic) (a proposition) To be proved, solved, deduced, established or inferred from certain data. ୫ । ସମାଧାନ ଯୋଗ୍ୟ— 5. Soluble. ୬ । (ବୈଦ୍ୟଶାସ୍ତ୍ର)—ଯେଉଁ ରୋଗ ଔଷଧ ବା ଚିକିତ୍ସାଦ୍ୱାରା ଉପଶାନ୍ତ କରା ଯାଇ ପାରେ; ପ୍ରତିକାରଣୀୟ—6. Curable (disease). ୭ ସହଜ; ସରଳ (ହି. ଶ)—7. Easy. ବ—୧ । ଦ୍ୱାଦଶ ପ୍ରକାର ଗଣଦେବତା—1 Name of a group of twelve Deities. [ଦ୍ର—ଏମାନଙ୍କର ନାମ ଯଥା—ମନଃ, ମନ୍ତ୍ର, ପ୍ରାଣ, ନର, ଅପାନ, ବୀର୍ଯ୍ୟବାନ୍, ବିନର୍ଦ୍ଦି, ନୟ, ଦଂଶ, ନାରାୟଣ, ବୃଷ ଓ ପ୍ରଭୁ; ଶାସ୍ତ୍ରୀୟ ନବୀନ ମତରେ ଏ ଗଣଦେବତାମାନଙ୍କର ସଂଜ୍ଞା କରାଯାଏ—ହି. ଶ] ୨। (ନ୍ୟାସ୍ତଶାସ୍ତ୍ର) ଅନୁମିତ ବିଷୟ—2 (logic) An inferred mater. [ଦ୍ର-ଉପରୁ ଧୂଆଁ ବାହାରୁଛି, ଅତଏବ ଅନୁମିତ ହେଉଛି ଯେ, ପର୍ବତରେ ଅଗ୍ନି ଅଛି । ଏଠାରେ ଧୂଆଁର ଦର୍ଶନରୁ ଅଗ୍ନିର ଅବସ୍ଥିତି ସାଧ୍ୟ ହେଲା ।] ୩ । ଯୋଗବିଶେଷ— 3. Name of a class of spiritual communion. [ଦ୍ର—ଦେହ ଇତ ହୋମଦ୍ୱାରା ସିଦ୍ଧ ହୁଏ ।] ୪ । ଦେବତା (ହି. ଶ)—4. Deity. ୫ । (ଫଳିତ ଜ୍ୟୋତିଷ) ବିଷ୍କୁମ୍ଭ ଆଦି ୨୭ ଯୋଗ ମଧ୍ୟରୁ ଏକବିଂଶ ଯୋଗ— 5. (astrology) The twentyfirst astrological conjunction. [ଦ୍ର—ଏ ଯୋଗ ବହୁତ ଶୁଭ । ଏ ଯୋଗରେ ଯାତ୍ରା ଅରମ୍ଭ ହେଲେ ତାହା ଉତ୍ତମରୂପେ ସିଦ୍ଧ ହୁଏ । ଏ ଯୋଗରେ ଜାତ ଶିଶୁ ଅସାଧ୍ୟ ସାଧନ କରେ ଓ ଧୀର, ଧୀର, ବୁଦ୍ଧିମାନ୍ ଓ ବଳବନ୍ତ ହୁଏ—ହି. ଶ ।] ୬ । ଉକ୍ତ ମତରେ ଗୁରୁଙ୍କଠାରୁ ଗ୍ରହଣୀୟ ୪ ପ୍ରକାର ମନ୍ତ୍ର ମଧ୍ୟରେ ଏକ (ହି. ଶ)— 6. One of the 4 kinds of Mantras with which a disciple is initiated by the preceptor. ଦେ. ବଣ—୧ । (ଯେଉଁ ଜମି) ସାଧ୍ୟ ଅବାଦ କରାଯାଇ ପାରେ—1. Reclaimable (land) ସାଧ୍ୟ ୨ । ଦଣ୍ଡାଦଦ୍ୱାରା କରାସ୍ତତ; ଶାସିତ—2. Brought under control; tamed. [ଦ୍ର—ଶ୍ରୀ ସାଧ୍ୟ ନୋହିଲେ ଉଥରଣରେ—କବିସୂର୍ଯ୍ୟ, ସଙ୍ଗୀତ ।] ୩ । ତାଲିମ ବା ପଣ କରା ଯାଇଥିବା (ପଶୁ ଆଦି)—3. Trained; broken (animal)

ସାଧ୍ୟ ବ—୧ । ଶକ୍ତି, କ୍ଷମତା; ସାମର୍ଥ୍ୟ—1. Power; capa- ସାଧ୍ୟ city. (ଯଥା—ଅମ୍ବ ଚଣ୍ଡୀ ସାଆନ୍ତାଣୀଙ୍କ ଅଗରେ ଗୃକରଙ୍କର ଭୂତ ପିଠାଇବାର କ ସାଧ୍ୟ ଅଛି ।] ୨ । ସାଧନ—2. Accomplishment. [ଦ୍ର—ଏ ଧର୍ମ ସାଧ୍ୟ ଥାଉ ଦୂରେ । ଯେ ପ୍ରାଣୀ ଶୁଣି ଶ୍ରଦ୍ଧା କରେ— ଜଗନ୍ନାଥ, ଭାଗବତ ।]

ସାଧ୍ୟ କରିବା—ଦେ. କ୍ରି—୧ । ଦଣ୍ଡାଦଦ୍ୱାରା ଦୁଷ୍ଟ ବ୍ୟକ୍ତିକୁ ଜବ୍ଦ Sādhya karibā କରିବା—1. To bring a wicked ସାଧ୍ୟ କରା person under control. ୨ । ଶାସନ ଦ୍ୱାରା ସାଧ୍ୟ କରନା କରିରେ ଥଣିବା—2. To bring under control. ୩ । ପଡିତ ଜମିକୁ କୃଷି ଆଦି ଦ୍ୱାରା ଅବାଦ କରିବା—3. To reclaim waste land. ୪ । ବ୍ୟାୟାମ ଆଦିରେ ସିଦ୍ଧିଲାଭ କରିବା—4. To succeed in practising athletic feats. ୫ । ଘୋଡ଼ା ଆଦି ପଶୁଙ୍କ ପଣ କରିବା— 5. To break a horse or beast; to train.

ସାଧ୍ୟକ୍ରମେ—ଗ୍ରା. କ୍ରି. ବିଣ—ସାଧ୍ୟମତ (ଦେଖ)—Sādhyamata Sādhyakrame ସାଧ୍ୟମତ ସାଧ୍ୟକ୍ରମସେ (See)

ସାଧ୍ୟତା(ତ୍ୱ)—ସଂ. ବ (ସାଧ୍ୟ+ତଳ. ତା,ତ୍ୱ)—ସାଧ୍ୟସ୍ୱ ହେବାର ଅବସ୍ଥା Sādhyatā(twa) —Practicability; the state of being capable of solution; feasibility.

ସାଧ୍ୟତାବଚ୍ଛେଦ—ସଂ. ବ (ନ୍ୟାସ୍ତଶାସ୍ତ୍ର)—ସାଧ୍ୟତାର ସ୍ଥିରୀକରଣ— Sādhyatābachchheda (logic) Determination of the deduction or inference to be made from given propositions.

ସାଧ୍ୟତାବଚ୍ଛେଦକ—ସଂ. ବଣ (ସାଧ୍ୟତା+ଅବଚ୍ଛେଦକ)—(ନ୍ୟାସ୍ତଶାସ୍ତ୍ର) Sādhyatābachchhedaka ସାଧ୍ୟତାର ଅବଚ୍ଛେଦକ; ଅନୁମିତ ବିଧେୟତାବଚ୍ଛେଦକ—(logic) Determining the deduction to be made from proposition in a logical problems.

ସାଧ୍ୟ ପକ୍ଷ—ସଂ. ବ—୧। (ନ୍ୟାସ୍ତଶାସ୍ତ୍ର) ଯେଉଁ ବିଷୟ ମୀମାଂସା ବା ସାଧନ Sādhya paksha ହେବା ପାଇଁ ଉପସ୍ଥାପିତ ହୋଇଥାଏ—

Digitized by srujanika@gmail.com

1. (logic) Matter at issue; the proposition to be arrived at; that matter whose existence is predicated in the subject; the proposition sought to be established. ୨ । ସାଧିତ ହେବା ଯୋଗ୍ୟ ଅବସ୍ଥା—2. The state of being accomplishable.

ସାଧ୍ୟବସାନିକା—ସଂ. ବ—ସାହିତ୍ୟ ଦର୍ପଣ ଅନୁସାରେ ଏକପ୍ରକାର ଲକ୍ଷଣା—A kind of Lakshana in literary composition.
Sādhyabasānikā

ସାଧ୍ୟ ବହିର୍ଭୂତ—ବେ·ବ୍ରୀ—(ସଂ.ସାଧ୍ୟଭାବହିର୍ଭୂତ)-ସାଧ୍ୟାତିରିକ୍ତ(ବେଖ) Sādhya bahirbhūta Sādhyātirikta (See)

ସାଧ୍ୟ ମତ(ତେ)—ବେ· କ୍ରି· ବ୍ରୀ—ଯଥାସାଧ୍ୟ; ସ୍ୱମତାନୁସାୟୀ—As far as practicable; as much as one can do.
Sādhya mata(te) ସାଧ୍ୟମତ ଯଥାସାଧ୍ୟ

ସାଧ୍ୟ ସାଧନ—ସଂ.ବ—୧। (ନ୍ୟାୟ ଶାସ୍ତ୍ର) ସାଧ୍ୟ ଓ ସାଧନ—1. (logic) The data and the inference or conclusion. ୨ । (ନ୍ୟାୟ) ସାଧ୍ୟ ବିଷୟରେ ସମାଧାନ—2. (logic) The solution of a problem; the demonstration of a theorem. [ଦ୍ର—ନ୍ୟାୟ ଶାସ୍ତ୍ରରେ—ଯେଉଁ ପ୍ରତିଜ୍ଞା ପ୍ରମାଣ କରିବାକୁ ହେବ ତାହା 'ସାଧ୍ୟ' ଓ ଯାହାଦ୍ୱାରା ଉକ୍ତ ପ୍ରମାଣରେ ଉପନୀତ ହେବାକୁ ହେବ ତାହା 'ସାଧନ' କୁହାଯାଏ । ଯଥା—'ପର୍ବତୋ ବହ୍ନିମାନ୍ ଇତ ଧୂମାତ୍' ଅର୍ଥାତ୍ ପର୍ବତ ଉପରେ ଧୂଆଁ ଦେଖାପିବାରୁ ପର୍ବତରେ କଥାଁ ଅଛୁ କୋଇ ଅନୁମାନ କରାଯାଏ । ଏ ସ୍ଥଳରେ 'ଧୂମ' ହେଲ ସାଧନ 'ପର୍ବତ ବହ୍ନିମାନ୍' ହେଲ 'ସାଧ୍ୟ' ।] ୩ । ଯାହା ସାଧନ ହେବାର ସମ୍ଭବ ତାହାର ସାଧନ—3, The doing or accomplishing of what is possible.

ସାଧ୍ୟ ସାଧନା—ବେ· ବ—୧ । (ଉଦ୍ଦେଶ୍ୟ ସିଦ୍ଧି ପାଇଁ) ନାନାପ୍ରକାର ଅନୁନୟ ବିନୟ—1.Urgent supplications; solicitations. ୨ । ତର୍କ ବିତର୍କ—2. Argument; reasoning.
Sādhya sādhanā ସାଧ୍ୟସାଧନା

ସାଧ୍ୟ ସିଦ୍ଧି ପାଦ—ସଂ. ବ (ଧର୍ମ ଶାସ୍ତ୍ର, ହିନ୍ଦୁ ଆଇନ)—ବ୍ୟବହାରର ୪ର୍ଥ ଅବସ୍ଥା—The 4th stage of the pleading in a litigation. [ଦ୍ର—୧ମ ପାଦ ବା ପୂର୍ବପାଦ=ପ୍ରତ୍ୟର୍ଥୀ ବା ପ୍ରତିବାଦୀର ସପକ୍ଷରେ ଲେଖନ । ୨ୟ ବା ଉତ୍ତରପାଦ=ବାଦୀର ଉତ୍ତର ଲେଖନ । ୩ୟ ବା କ୍ରିୟାପାଦ=ଅର୍ଥୀର ସଦ୍ୟ ଲେଖନ । ଚତୁର୍ଥ ବା ସାଧ୍ୟସିଦ୍ଧି ପାଦ=ପୂର୍ବୋକ୍ତ ପାଦମାନଙ୍କରେ ସ୍ୱୀକୃତି ।]
Sādhya siddhi pāda ସାଧ୍ୟସିଦ୍ଧି ପାଦ

ସାଧ୍ୟ ହେବା—ବେ. କ୍ରି—୧ । ଅଧୀନ ବା ଆୟତ୍ତ ହେବା—1. To be under control.
Sādhya hebā ସାଧ୍ୟ ହୋଇଯିବା

ସାଧ୍ୟ ହେବା—୨ । ଦଣ୍ଡାଦି ଦ୍ୱାରା ବଶୀଭୂତ ହେବା—2. To be brought under control. (ଦ୍ର—ଯେ ବୋଲଇ ଦାସ୍ୟ ବାସ୍ୟ ହୋଇଥାଅ, ଅଟ ଯାଗ କୃଷ୍ଣରେ ପଡ଼ ସାଧ୍ୟ ହୁଅ—କୃଷ୍ଣସିଂହ ସଦାଭ୍ରରଟ ଅଧ ।) ୩ । ଭାଲମ ହେବା; ପଣ ହେବା – 3. To be trained.
ସାଧ୍ୟ ହେବା

ସାଫେଇ subsects of the Sunni Mahomedans; the ସାଫୈ Saffeis. [ଦ୍ର—ଏମାନଙ୍କର ପ୍ରବର୍ତ୍ତକ ଧର୍ମଗୁରୁ ଇମାମ 'ସାଫେଇ'ଙ୍କ ନାମରୁ ଏହି ନାମ ହୋଇଅଛି । ଏହି ଶାଖା ଅରବ, ମିସର, ଉତ୍ତର ଅଫ୍ରିକା, ବମ୍ବେ ପ୍ରଦେଶସ୍ଥ କୋଙ୍କଣଙ୍କ ମଧ୍ୟରେ ଓ ମଲୟ ଉପକୂଳରେ ଦେଖା ଯାଆନ୍ତି । ଅନ୍ୟ ୩ ଶାଖା – ହନାଫି, ହନ୍‌ବଲି, ମାଲିକ ଅଟନ୍ତି ।]

ସାଫ୍ର(ଫ୍ରା)ନ— ବୈଦେ. ବ (ଇଂ)—ଜାଫ୍ରାନ୍ କେଶର— Sāphra(phrā)n ଜାଫ୍ରାନ୍ କେଶର **ଜାଫ୍ରାନ କେସର** Saffron.

ସାବ୍(ବ)ରୁ—ପ୍ରାଦେ (ଉଜ୍ଜାମ) ବ. (ଇଂ· ସବରେନ୍)— ସ୍ୱର୍ଣ୍ଣ ମୁଦ୍ରା— Sāb(ba)rā Sovereign (gold coin).

ସାବରୁ ସୁନା—ପ୍ରାଦେ (ଉଜ୍ଜାମ) ବ—ଇଂଲଣ୍ଡ ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରାର ଉପାଦାନ ସ୍ୱର୍ଣ୍ଣ—Sovereign-gold. Sābarā sunā

ସାବକ୍—ବୈଦେ. ବଣ (ଅ· ସାବକ୍)—୧ । ପୁରୁତନ—1. Old. Sābak ୨ । ବଗତ; ପୂର୍ବକାଳୀନ; ଅତୀତ କାଳ ସମ୍ବନ୍ଧୀୟ— (ଦ୍ର—ଉତ୍ତରଗତ) 2. Relating to the past. ୩ । ଗତ ସାବେକ **ସାବିକ** ବର୍ଷର—3. Of the past year.

ସାବକ୍ ଦସ୍ତୁର—ବୈଦେ· ବ (ଅ; ସାବକ୍ ଦସ୍ତୁର୍)—ପ୍ରାଚୀନ ପ୍ରଥା—Ancient custom. Sābak dastur ସାବେକ ଦସ୍ତୁର **ସାବିକ ଦସ୍ତୂର**

ସାବକ୍ ବ(ବା)କଆ(ବାକି)—ବୈଦେ. ବଣ (ଅ· ସାବକ୍ ବାକୀ)— Sābak ba(bā)kiā(bākī) ୧ । ପୂର୍ବ ବର୍ଷମାନଙ୍କ ପାଇଁ ସାବକ୍ ବାକି ବାବଦ—1. Due for the past years. ୨ । **ସାବିକ ବକାୟା** ପୂର୍ବବର୍ଷରୁ ବାକି ଥିବା—2. Outstanding ସାବେକ୍‌ବାକି from the last year. ବ—ଜଳଦ ସନର **ସାବିକବକାୟା** ପୂର୍ବବର୍ତ୍ତୀ-ସନମାନଙ୍କର ବାକି ଖଜଣା—Arrears of rent due for the previous years.

ସାବକ୍ ସନ—ବୈଦେ· ବ (ଅ)—ଗତ ବର୍ଷ— Sābak sana ସାବେକ ସନ **ସାବିକ ସନ** Last year.

ସାବକ୍ ହାଲ୍—ବୈଦେ. ବଣ (ଫା. ସବ୍‌ତର ଶବ୍ଦ)—୧ । ଗତ ଓ Sābak hāl ବର୍ତ୍ତମାନ—1. Past and present. ୨ । ପୂର୍ବ ବର୍ଷର ଓ ଚଳିତ ବର୍ଷର—2. Of the past ସାବେକ୍ ହାଲ and of the presentyear; **ସାବିକ ହାଲ** arrear and current.

ସାବକାର—ପ୍ରାଦେ (ବସ୍ତୁତ) ବ—୧ । ଅଋଣୀ ବ୍ୟକ୍ତି—A person Sābakāra without any loan. ୨ । ଧନୀ ବ୍ୟକ୍ତି— 2. A moneyed man. ୩ । ସାହୁକାର; ପୁଞ୍ଜିପତି— 3. A capitalist.

ସାବକାଶ—ସଂ. ବଣ (ଉତ୍ସର୍ଗ୍ଗ ହୃ; ସ +ଅବକାଶ)—୧ । ଅବକାଶ Sābakāśa ଯୁକ୍ତ—1. Having leisure. ୨ । ଅବସର ପ୍ରାପ୍ତ—2. On leave. ୩ । ସୁଯୋଗସମ୍ପନ୍ନ— ସାବକାଶ 3. Opportune. ବେ· ବ (ସଂ· ସ୍ୱଅବକାଶ)— **ସାବକାଶ** ୧ । ସୁଯୋଗ—1. Opportunity. ୨ । ଉତ୍ତମ ଅବସର—2. Fit occasion. ୩ । ଅବକାଶ; ଫୁରସତ୍ 3. Leisure.

ସାବଗୁଣ୍ଠନ—ସଂ· ବଣ. ପୁଂ (ସ+ଅବଗୁଣ୍ଠନ)—ଅବଗୁଣ୍ଠିତ; ଓଢ଼ଣା Sābaguṇṭhana ପକାଇଥିବା—Veiled. [ସାବଗୁଣ୍ଠନା—ସ୍ତ୍ରୀ]

ସାବତ୍—ବୈଦେ. ବଣ (ଫା. ସାବତ୍)—ସାବୁତ୍ (ଦେଶ) Sābat Sābut. (See)

ସାବତ —ବେ· ବଣ (ସଂ. ସପତ୍ନୀ)—ବୈମାତୃକ— Stepmotherly. Sābata [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ ହୁଏ, ସଂ ଯଥା—ସାବତପୁଅ, ସାବତ ମାଆ, ସାବତ ଭାଇ ଇତ୍ୟାଦି ।] **ସୌତେଳା** ବ—ବଲଭଦ୍ର ଗୋତ୍ରୀ ବ୍ରାହ୍ମଣ ଓ ଶୂଦ୍ରମାନଙ୍କ ବଂଶୋପାଧି ବିଶେଷ—A family title of Balabhadra gotrī Brāhmaṇas and of Śūdras.

ସାବତ ଜନନୀ—ବେ. ବ. ସ୍ତ୍ରୀ—ବମାତା—Step-mother. (ଦ୍ର— Sābata jananī ସାବତ ଜନନୀ ହୁଂସ୍ତ୍ରକତ୍ତ୍ୱବ ନ ଧର ସତେ— ସତ୍ ମା **ସୌତେଳୀ ମା** ବଶ୍ୱନାଥ. ବଚନ ସ୍ତ୍ରୀମାତୃଣ ।)

ସାବତନ—ବେ· ବଣ (ସଂ· ସାପତ୍ନ)—ସାବତ (ବେଶ)— Sābatana Sābata (See) [ଦ୍ର—ଏ ଉଭୟ ଶବ୍ଦଙ୍କର ଉତ୍ତରର ସାବତନ ଶବ୍ଦ—ଜାଲଜଣ. ପିଲଙ୍କ ସ୍ତ୍ରୀମାତୃଣ ।]

ସାବତନ କଣ୍ଟା—ବେ. ବ—ମୃତସପତ୍ନୀଗର୍ଭଜାତ ସାବତ ସନ୍ତାନ— Sābatana kaṇṭā The children left by one's ସତୀନ କାଣ୍ଟା **ସୌତେଳା କାଁଟା** deceased co-wife.

ସାବତ ପୁଅ—ବେ· ବ—ସପତ୍ନୀ ପୁତ୍ର—Stepson. [ଦ୍ର—ଏହା- Sābata pua ଠାରେ ସାବତ ପୁଅଙ୍କ ସାଶୁଙ୍କୁ । ନ ଯିବଃ ଜଥା ସତୀନ ପୋ, ସଂ ପୋ, ସଂ ବେଟା ବାରଡା ହୋଇବାକୁ—କୃଷ୍ଣସିଂହ. **ସୌତେଳା ଲଡକା** ମହାଭାରତ. ବନ ।]

(ସାବତ ଝିଅ—ସ୍ତ୍ରୀ)

ସାବତ ଭାଇ—ବେ· ବ—ମାତାଙ୍କ ସପତ୍ନୀ-ପୁତ୍ର—Step-brother. Sābata bhāi [ଦ୍ର—ଏ ଦୁହେଁ ଯେ ସାବତ ଭାଇ ତ ଭୁମ୍ଭର— ସତୀନ ଭାଇ **ସୌତେଳା ଭାଇ** କୃଷ୍ଣସିଂହ. ମହାଭାରତ. ସଭା ।]

(ସାବତନ ଭାଇ—ଅନ୍ୟରୂପ) (ସାବତ ଭଉଣୀ—ସ୍ତ୍ରୀ)

ସାବତ ମା(ମାତା, ମାଆ)—ବେ. ବ· ସ୍ତ୍ରୀ—ମାତାଙ୍କ ସପତ୍ନୀ—One's Sābata mā(mātā, mā-ā) stepmother. [ଦ୍ର— ସଂ ମା ନଜୁଳ ତ ସାବତ ମାଆଙ୍କ ଭୁମର—କୃଷ୍ଣସିଂହ. ମହାଭାରତ. **ସୌତେଳୀ ମା** ବନ ।]

ସାବତା—ବୈଦେ. ବ (ଅ·ସବୂତ୍)—ସାବୂତା; ପ୍ରମାଣ— Evidence; Sābatā ସାବୁତ **ସବୂତ** proof.

ସଂ ମା **ସୌତେଳୀ ମା** ବେ. ବ (ସ୍ତ୍ରୀ)—ସାବତ ମା—Step- mother. [ଦ୍ର—ମୋର ଜନ୍ମର ଠାରୁଣ୍ଡୀ ସତେ ସେବନ୍ତ ସଦ୍ଦ ସାବତା—ପ୍ରାତୀ· ଭଦ୍ରସ୍ୟପ୍ରଶ୍ନ ।]

ସାବତି—ପ୍ରାଦେ. (ଚଚରଥ) ବ (ଭୁଲ ଫା· ସବୂତ୍)—ପ୍ରମାଣ— Sābati Evidence.

Digitized by srujanika@gmail.com

ସାବଦ୍ୟ—ସ. ବଣ (ସ+ଅବଦ୍ୟ)—୧ । ନିନ୍ଦନୀୟ (ହି· ଶ)—Sābadya 1. Blameable. ୨ । ଅପତ୍ତିଜନକ (ହି· ଶ)—2. Objectionable. ସ. ବ—ଯୋଗୀମାନଙ୍କଦ୍ୱାରା ଲବ୍ଧ ଅଣ ଯୋଗଶକ୍ତି ମଧ୍ୟରୁ ଏକ (ହି· ଶ)—One of the powers attainable by Jogis. [ଦ୍ର—ଅନ୍ୟ ଦୁଇ ଶବ୍ଦର ନାମ ନିରବଦ୍ୟ ଓ ପ୍ରଶସ୍ତ—ହି· ଶ ।]

ସାବଧାନ୍—ଚା. ଅ (ସ. ଅବଧାନ)—୧ । ମହାଶୟ; ଦେଖ ଅବଧାନ ! Sābadhān ମହାଶୟ महाशय —1. Oh ! sir !. ସାବଧାନ ୨ । (ସଂ. ସାବଧାନ)—ଦୃଷ୍ଟିଆର !—सावधान 2. Take care !

ସାବଧାନ—ସ. କଣ (ସ+ଅବଧାନ)—୧ । ସଚେତନ—1. Con- Sābadhāna scious. ୨ । ଦୃଷ୍ଟିଆର; ସତର୍କ—2. Can- (ସାବଧାନା—ସ୍ତ୍ରୀ) tious; careful. ୩ । ଅବହିତ; ମନୋ- (ସାବଧାନତା—ବ) ଯୋଗୀ—3. Attentive·

ସାବଧାନ କରିବା—ଦେ. କି—୧। ମନୋଯୋଗ କରିବା; ମନୋଯୋଗ- Sābadhāna karibā ପୂର୍ବକ ଶୁଣିବା ବା ଘଡ଼ିବା—1. To ସାବଧାନ କରା attend to; to pay atiention to. सावधान करना (ଉ—ସୁଜନେ ସାବଧାନ କର । ଦ୍ୱିତୀୟ ଅଧ୍ୟାୟ ଭଗ୍ନର—ଗ୍ରାଚୀ. ପୁର୍ଣ୍ଣବ୍ରହ୍ମ ତନ୍ତ୍ରୋଦୟ ।)

୨ । ସତର୍କ କରିବା—2. To caution; to warn.

ସାବଧାନ ହେବା—ଦେ, କି—କୌଣସି କାର୍ଯ୍ୟରେ ସତର୍କତା ଅବଲମ୍ବନ Sābadhāna hebā କରିବା—To take care in any ସାବଧାନ ହଓୟା matter; to be careful; to beware. सावधान होना

ସାବଧାନୀ—ଦେ· ବଣ (ସଂ· ସାବଧାନା)—୧ । ସାବଧାନର ସ୍ତ୍ରୀଲିଙ୍ଗ— Sābadhānī 1. The feminine of Sābadhāna. ସାବଧାନ (ଉ—ଗୁଣ-ଜ୍ଞାନ ! ସାବଧାନୀ ହୃଦୟେ ଦେଖି ଯିବାକୁ सावधान मैं कहूंछ—ଭଜ. କୋଟିବ୍ରହ୍ମାଣ୍ଡସୁନ୍ଦର ।) ୨ । (ପୁଂ) ଜାଗ୍ରତାବସ୍ଥା; କୁତୂହଳ—2. Bent upon; intent on. (ଉ—ଦ୍ରୁପଦଙ୍କ ଯୋଗ ଯେ ସାଙ୍ଘାତିକି ଦେବ । ଯୁଦ୍ଧରେ ଦୋଇଛନ୍ତି ମତ୍ତ ସାବଧାନୀ—କୃଷ୍ଣସିଂହ. ମହାଭାରତ· କର୍ଣ୍ଣ ।)

ସାବନ୍—ପ୍ରାଦେ· (ମେଦଗାପୁର) ବ—ସାବୁନ୍— Sāban Soap.

ସାବନ—ସଂ. ବ (ସବନ+ସମ୍ବେ ଅ)—୧ । ସବନ ବା ଯଜ୍ଞ Sābana ସମ୍ବନ୍ଧୀ ଦିନ—1. A day for vedic sacrifice. ୨ । ଯଜ୍ଞକର୍ମୀନ୍ତ (ମେଦଗା)—2. The end of vedic sacrifice. ୩ । ଯଜମାନ; ଯେ ଯଜ୍ଞ କରିବା ପ୍ରାର୍ଥୀହତ ଦ୍ରବ୍ୟର ଦାନ କରେ (ମେଦଗା)—3. The constituent of a priest; the principal for whom a vedic sacrifice is performed. ୪ । ବରୁଣ (ମେଦଗା)—4. The God of the ocean. ୫ । ଯଜ୍ଞବିଶେଷ—5. A kind of vedic sacrifice. ୬ । ଅହୋରାତ୍ର—6. Day and night. ୭ । ଏକ ସୂର୍ଯ୍ୟୋଦୟରୁ ଅନ୍ୟ ସୂର୍ଯ୍ୟୋଦୟ ବ୍ୟାପୀ କାଳ; ୬୦ ଦଣ୍ଡ ବ୍ୟାପୀ କାଳ—7. The time between one sunrise and the next.

ଦେ· ବଣ—ସାବନା (ଦେଗ)—Sābanā (See)

ସାବନ ଦିନ(ଦିବସ)—ସଂ. ବ—୧ । ଏକ ସୂର୍ଯ୍ୟୋଦୟରୁ ଅନ୍ୟ Sābana dina(dibasa) ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ କାଳ; ସୌର ଦିବସ—1. A solar day. ୨ । ଅହୋରାତ୍ର (ପ୍ରାୟ ୬୦ ଘଣ୍ଟା)—2. A day and night; a day of 24 hours. [ଦ୍ର—ଏକ ଉଦୟର ପରିମାଣ ଅନୁସାରେ ଯେଉଁ ଦିନ ହୁଏ ତାକୁ ସ୍ଥୂଳ ଦିନ କହନ୍ତି । ଏକ ସୂର୍ଯ୍ୟୋଦୟଠାରୁ ଅନ୍ୟ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଏକ ଅହୋରାତ୍ରକୁ ସାବନ ଦିନ କୋଲୁପାଏ । ଏହାର ପରିମାଣ ୬୦ ଦଣ୍ଡ । ତନ୍ମଧ୍ୟରୁ ସୂର୍ଯ୍ୟଙ୍କ ମନ୍ଦ ଗତି ଓ ଶୀଘ୍ର ଗତି ଓ ନିରିଖରର ବକ୍ରତା ଯୋଗୁଁ ସାବନ ଦିନର ହ୍ରାସ ବୃଦ୍ଧି ହୁଏ । ଏକ ସୌରବର୍ଷ ଭିତରେ ନାକ୍ଷତ୍ର ଦିନ ଅପେକ୍ଷା ସାବନ ଏକ ଦିନ ନ୍ୟୂନ ହୁଏ । ସାବନ ୩୦ ଦିନରେ ଏକ ସାବନ ମାସ ହୁଏ । ସାବନ ୧୨ ମାସରେ ଏକ ସାବନ ବର୍ଷ ହୁଏ । ଯେ କୌଣସି ଦିନର ସୂର୍ଯ୍ୟୋଦୟଠାରୁ ଆରମ୍ଭ କରି ୩୦ ଅହୋରାତ୍ର ପର୍ଯ୍ୟନ୍ତ ଏକ ସାବନ ମାସ ହୁଏ । ସାବନ ବତ୍ସର ସୌର ବତ୍ସର ଅପେକ୍ଷା ୯ ଦିନ ୧୫ ଦଣ୍ଡ ୩୧ ବିପଳ ୨୪ ଅନୁପଳ ନ୍ୟୂନ ହୁଏ । ଅତଏବ ଏକ ସୌର ବତ୍ସର=ସାବନ ୩୬୫ ଦିନ ୧୫ ଦଣ୍ଡ ୩୧ ବିପଳ ୨୪ ଅନୁପଳ । ସାବନ ମାସାନୁସାରେ ସପ୍ତାହ ଓ ଯଜ୍ଞକର୍ମାଦି କାର୍ଯ୍ୟ କରାଯାଏ । ଅଶୌଚ ମଧ୍ୟ ସାବନ ମାସ ଅନୁସାରେ ଗୃହୀତ ହୁଏ । ଅଶୌଚ, ସପ୍ତାହ ଓ ଯଜ୍ଞ କର୍ମରେ ସୌର ବା ଚନ୍ଦ୍ର ମାସ ଧରାଯାଏ ନାହିଁ । ବଙ୍ଗଭୋଷ ।]

ସାବନ ବର୍ଣ୍ଣ—ଦେ· ବ—୧ । (ସ. ଶ୍ୟାମ) ଶ୍ୟାମବର୍ଣ୍ଣ—1. Dark Sābana barṇṇa complexion. ୨ । (ସଂ. ଶ୍ୟାବ) (ସାବନ ବନ—ଗ୍ରାମ୍ୟରୂପ) ଯାହା ଭଲା ନୁହେଁ ବ ଗୋରା ନୁହେଁ- ଶ୍ୟାମବର୍ଣ 2. Medium complexion (not fair nor साँवल dark).

ସାବନ ବର୍ଷ(ବତ୍ସର)—ସଂ· ବ—୩୬୦ଟି ସୂର୍ଯ୍ୟୋଦୟ ଯୁକ୍ତ ବର୍ଷ (ସାବନ Sābana barsha(batsara) ଦିନ ଭଳେ ନୋଟ ଦେଖ)—The year consisting of 360 sunrises and 360 sunsets.

ସାବନ ମାନ—ସ· ବ—ସୂର୍ଯ୍ୟୋଦୟ ଦ୍ୱାରା ପରିମିତ ଗଣନା—Sābana māna Calculation according to sunrise. [ଉ—ଶତାବ୍ଦ ସାବନମାନରେ ଗୃହୀତ ହୁଏ । ଓଡ଼ିଆ ଘାଣ୍ଟି ।]

Digitized by srujanika@gmail.com

ସାବନ ମାସ—ସ. ବ—୧। ଉତ୍ତରସ୍ଥ ଅଢୋତ୍ତର ବଶିଷ୍ଠ ମାସ (ସାବନ Sābana māsa ଦନ ଉଚେ ନୋଟ୍ ଦେଖ)—1. A month consisting of 30 days and nights.

ସାବନା—ଦେ· ବଣ· ପୁଂ (ସ. ଶ୍ୟାବ=କୃଷ୍ଣ ଗୌଡବର୍ଣ୍ଣ)—ଯାହାର Sābanā ଦେହ ଅଲ୍ପକଳା ବା ଅଳ ଘୋଟା ନୁହେଁ; ଶାମବର୍ଣ୍ଣ (ସାବଙ୍ଗ, ସାବ[ବେ]ଙ୍ଗା—ସ୍ତ୍ରୀ) ଶସ୍ତର ବଶିଷ୍ଠ; ଫକା ଚଲା—ଶାମବର୍ଣ୍ଣ Brown; brunette; of dark complexion; ସାଁବଲା having complexion which is midway between dark and fair; medium-complexioned.

ସାବୟବ—ସ. ବଣ (ବହୁବ୍ରୀହି; ସ+ଅବୟବ)—ଅବୟବ ଯୁକ୍ତ—Sābayaba Having body; corporeal· ସ. ବ—(ସାବୟବା—ସ୍ତ୍ରୀ) ସାଙ୍ଗରୂପକ ଅଳଙ୍କାର (ବଗ୍ଧକୋଷ)—A kind of simile (figure of speech).

ସାବର—ସ· ବ—୧। ଶ୍ଲେଷ୍ମ; ଶ୍ଲେଷ (ଅମର ଟୀକା,ଶବ୍ଦରତ୍ନାବଳୀ)—Sābara 1. Simplocus Racemosa. (tree) ୨। ପାପ (ବଗ୍ଧ)—2. Sin. ୩। ଅପରାଧ (ବଗ୍ଧ)—3. Offence. ୪। ମୃଗ ବିଶେଷର ମାଂସ (ବଗ୍ଧକୋଷ)—4. A kind of venison. [ଦ୍ର—ଏହା ମାଂସ ସ୍ନିଗ୍ଧ, ଶୀତଳ, ଗୁରୁ, ମଧୁରରସ, ମଧୁର ବପାକ, ଶ୍ଲେଷ୍ମବର୍ଦ୍ଧକ ଓ ରକ୍ତପିତ୍ତନାଶକ—ବଗ୍ଧକୋଷ।]

ସାବରକ—ସ. ବ (ସାବର+କ)—ଶ୍ୱେତ ଶ୍ଲେଷ୍ମ—The white Sābaraka variety of Simplocus Racemosa. (ସାବର ଶ୍ଲେଷ୍ମ—ଅନ୍ୟରୂପ)

ସାବରୁ—ପ୍ରାଦେ (ଗଞ୍ଜାମ ଓ ଘୋରଧା) ବ. (ଇଂ· ସଭରେନ୍) —ଇଂଲଣ୍ଡ Sābara ପ୍ରଚଳିତ ସ୍ୱର୍ଣ୍ଣମୁଦ୍ରା; ରିନ—Guinea; sovereign,

ସାବରିକା—ସଂ. ବ—ଜର୍ବିଷ ଜୋକ (ହି· ଶ) Sābarikā Non-venomous leech.

ସାବର୍ଣ୍ଣ—ସଂ. ବି. ପୁଂ (ସବର୍ଣ୍ଣ=ସୂର୍ଯ୍ୟପତ୍ନୀ ଶ୍ରଦ୍ଧା+ଅପତ୍ୟାର୍ଥେ. ଅ)—Sābarṇṇa ୧। ଦ୍ୱିତୀୟ ମନୁ—1. The 2nd Progenitor of mankind. ୨। ସାବର୍ଣ୍ଣି (ଦେଖ)—2. Sābarṇṇi. (See) ସଂ· ବଣ—ସବର୍ଣ୍ଣସମ୍ବନ୍ଧୀୟ—Relating to Sabarṇṇa.

ସାବର୍ଣ୍ଣି ଲକ୍ଷ୍ୟ—ସଂ· ବ—ଚର୍ମ (ଶବ୍ଦ ରତ୍ନାବଳୀ)—Sābarṇṇa lakshya Skin.

ସାବର୍ଣ୍ଣି—ସଂ. ବି (ସବର୍ଣ୍ଣା=ସୂର୍ଯ୍ୟପତ୍ନୀ ଶ୍ରଦ୍ଧା+ଅପତ୍ୟାର୍ଥେ. ଇ)—Sābarṇṇi ୧। ଅଷ୍ଟମ ମନୁ; ସୂର୍ଯ୍ୟପତ୍ନୀ ସଂଜ୍ଞାଙ୍କ ସବର୍ଣ୍ଣ ଶ୍ରଦ୍ଧାଙ୍କ ଗର୍ଭଜାତ ମନୁ—Name of a son of the Sun-god, the 8th Progenitor of mankind. [ଦ୍ର—ସୂର୍ଯ୍ୟଙ୍କ ତତ୍ପତ୍ନୀ ନାମ ସଂଜ୍ଞା; ସେ ସୂର୍ଯ୍ୟଙ୍କ ତେଜ ସହି ନ ପାର ଛାଙ୍କର ସବର୍ଣ୍ଣା (ସଦୃଶ ବର୍ଣ୍ଣା) ଛାୟାଙ୍କୁ ନର୍ମାଣ କର ତାଙ୍କୁ ସୂର୍ଯ୍ୟଙ୍କ ଜଜ୍ଞତ ଛାଡ ପିତୃ ଗୃହକୁ ଲୁଚ କର ଗଲେଗଲେ। ଏହ ଛାୟାଙ୍କ ଗର୍ଭରେ ସାବର୍ଣ୍ଣିଙ୍କର ଜନ୍ମ ହେଲ। 'ସବର୍ଣ୍ଣା'ଙ୍କ ଗର୍ଭରୁ ଜାତ ହେବାରୁ ସନ୍ତାନଙ୍କ ନାମ ସାବର୍ଣ୍ଣି ବା ସାବର୍ଣ୍ଣି ହେଲ। ଏହାଙ୍କର ଗୋଟିଏ ଭଉଣୀ ତପତ୍ତା ଓ ପତ୍ନ ଶନ। ଦେବୀ-ମାହାତ୍ମ୍ୟରେ ବର୍ଣ୍ଣିତ ହୋଇଅଛ ଯେ, ସ୍ୱାରୋଚଷ ମନ୍ୱନ୍ତରରେ ସୁରଥ ନାମକ ରାଜା ରାଜ୍ୟଭ୍ରଷ୍ଟ ହୋଇ ମେଧସ ମୁନଙ୍କ ଆଶ୍ରମରେ ପହଞ୍ଚି ସେଠାରେ ସମାଧିବୈଶ୍ୟ ସଙ୍ଗେ ଦେବୀ ମାହାତ୍ମ୍ୟ ଶୁଣି ନଦୀତୀରରେ ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କର ନଷ୍ଟ ରାଜ୍ୟ ପ୍ରାପ୍ତ ହେଲେ ଏବଂ ଦେହାନ୍ତେ ସ୍ୱର୍ଗରୁ ଜର ସାବର୍ଣ୍ଣି ମନୁ ନାମରେ ଜନ୍ମ ଗ୍ରହଣ କଲେ। ଚଣ୍ଡୀତୀରରେ ମସ୍ୟ ପୁରାଣରେ ବର୍ଣ୍ଣିତ ହୋଇଅଛ ଯେ, ମନୁଙ୍କଠାରୁ ୧୦ ଜଣ ସାବର୍ଣ୍ଣି ନାମଧାରୀ ପୁତ୍ର ଜନ୍ମ ହୋଇଥିବେ।] ୨। ଗୋତ୍ର ବିଶେଷ—2. The root name of some clans. [ଦ୍ର—ଏହ ଗୋତ୍ରର ପ୍ରାଚ୍ୟ ପ୍ରବରର ଯଥା—ଔବ, ଚ୍ୟବନ, ଭାର୍ଗବ, ଜାମଦଗ୍ନ୍ୟ ଓ ଅପ୍ନୁବତ୍—ବଗ୍ଧକୋଷ।] ୩। ଏକ ମନ୍ୱନ୍ତରର ନାମ (ହି· ଶ); ସାବର୍ଣ୍ଣି ମନୁଙ୍କ ବୈଗଦାଳ—3. Name of a Manwantara or the regime of the Sābarṇṇi Manu.

ସାବଳ—ଦେ. ବ—୧। ଶବଳ (ଦେଖ)—1. Śābala. (See) Sābala [ଦ୍ର—ହନ୍ଦରେ ସାବଲ୍ ଶବ୍ଦର ଅର୍ଥ ବର୍ଣ୍ଣ। (ହି· ଶ)]—ସାବର ୨। (ତୃତୀୟ ଶବ୍ଦ) ସୁନାର ଓ ରୂପାର ଛାଳ ଅଦ ଇଅର ସାବର ଉତ୍ତାରେ ବ୍ୟବହୃତ ଲୁହାର ଏକପ୍ରକାର ଉପଆର—2. A goldsmith's instrument for preparing gold and silver water jugs. [ଦ୍ର—ଏହା ଲମ୍ବା ଓ ଏଥିର ଏକ ମୁଣ୍ଡ ମୁନାଥା। ଏହା ଉପରେ ଧାତୁ ପତ୍ରକୁ ରଖି ହାତୁଡ଼ରେ ପିଟିଲେ ଧାତୁପତ୍ର ପତଳା ହୁଏ।]

ସାବଳ ଉଞ୍ଚିଲ ପରି—ଦେ· ବଣ—ଉଚ୍ଚସ୍ଥପ୍ତି; ସବଳ—Sābal uñchhilāpari Very healthy. ବଦଳ ଶୀଶାକେଜୋ

ସାବଳ ଭଙ୍ଗା—ପ୍ରାଦେ (ଉଦୋଲ) ବ—ଏକପ୍ରକାର ଅରଣ୍ୟ ଗୁଳ୍ମ—Sābala bhaṅgā A kind of wild plant. [ଉ—ଏହାର ମୂଳରୁ ସାବଳ ପରି ଗୋଲ ଓ ଲମ୍ବା ଦଣ୍ଡ ବାହାରେ। ଉକ୍ତ ଦଣ୍ଡ ଭୂମି ଉପରକୁ ସେଉଁକ ବାହାରଥାଏ ଭୂମି ତଳେ ମଧ୍ୟ ସେଉଁକ ଥାଏ।]

ସାବଲମ୍ବନ—ସ ବଣ (ବହୁବ୍ରୀହି;ସ+ଅବଲମ୍ବନ)-ଅବଲମ୍ବନ ସହିତ—Sābalambana With prop.

ସାବଶେଷ—ସଂ ବଣ (ସହାର୍ଥ ବହୁବ୍ରୀହି;ସ+ଅବଶେଷ)୧। ଅବଶିଷ୍ଟ-Sābaśesha 1. Remaining. ୨। ଅସମ୍ପୂର୍ଣ୍ଣ—2. Incomplete. ୩। ଅବଶେଷ ସହିତ ବଦ୍ୟମାନ—3. Having the ramainder.

Digitized by srujanika@gmail.com

ସାବଷ୍ଟମ୍ଭ—ବି· ବଣ (ସଡ଼ାର୍ଟ ବବ୍ରଗ୍ରନ୍ଥ; ସ+ଅବଷ୍ଟମ୍ଭ)—୧ । Sābashṭambha ଦୃଢ଼; ସଜ୍ଜବୃତ୍ତ (ବ୍ର. ଶ)—1. Strong. ୨ । ଅସ୍ୱନର୍ଭର; ସ୍ୱାବଲମ୍ବୀ (ବ୍ର. ଶ)—2. Self-reliant. ସ୍ୱ. ବ—ବାସ୍ତୁବଶେଷ; ଯେଉଁ ବାସ୍ତୁରେ ବା ଘରଡ଼ିହରେ ନମନ୍ତ ଘରର ଉତ୍ତର ବା ଦକ୍ଷିଣ ସାଗରେ ରସ୍ତା ଥାଏ (ବଶବ୍ଦକୋଷ)—A kind of homestead in which a road runs on the south or north side of the house built on it. [ଦ୍ର—ଏ ଟାସ୍ତୁ ଶୁଦ୍ଧପ୍ରଦ—ବୃହତ୍ ସଂହିତା ୫୩।୨୧ ।]

ସାବହିତ—ବ୍ରା· ବଣ (ଅଶୁଦ୍ଧ ପ୍ରଯୋଗ; ଶୁଦ୍ଧ. ସାବଧାନ)—୧ । Sābahita ମନୋଯୋଗୀ—1. Attentive. ୨ । ସାବଧାନ ସାବହିତ —2. Careful. କ୍ରି. ବଣ—ମନୋଯୋଗ-ସାବଧାନ ସହକାରେ—Attentively.

ସାବାଡ଼୍—ବୈଦେ. ବଣ (ଅ. ଭୁଲଳାଳରୁ; ଦ. ସବାଦ୍ଦ)—୧ । Sābārd ନିଷ୍ପାଦିତ—1. Accomplished. ୨ । ସମ୍ପୂର୍ଣ୍ଣ—2. Finished; completed. ୩ । କ୍ଷୀଣେଷ୍ଟିତ-3. Exhausted. ୪ । ବିନାଶପ୍ରାପ୍ତ—4. Destroyed; ruined. ୫ । ସର୍ବସ୍ୱାନ୍ତ—5. Having one's properties gone; shorn or deprived of whatever one had; undone.

ସାବାଡ଼୍ କରିବା—ବେ· କ୍ରି—୧ । (କର୍ମ) ସମ୍ପାଦନ କରିବା—1. To Sābārd kariba accomplish (a work). ୨ । ସମ୍ପୂର୍ଣ୍ଣ ସାବାଡ଼ କରା କରିବା—2. To Complete. ୩ । କ୍ଷୀଣେ-ଆଖୀର କରନା ଷ୍ଟିତ କରିବା—3. To exhaust; to finish. ୪ । ଦୌଳସି ବ୍ୟକ୍ତିର ସର୍ବସ୍ୱାନ୍ତ କରିବା—4. To ruin a person. ୫ । ବିନଷ୍ଟ କରିବା—5. To destroy. ୬ । ସର୍ବନାଶ ଘଟାଇବା—6. To cause ruin. ୭ । (ଲକ୍ଷଣାର୍ଥ) ମାର ପକାଇବା—

7. (figurative) To kill.

ସାବାଧ—ବି·. ବଣ—ପୀଡ଼ିତ; ଅସୁସ୍ଥ (ଶବ୍ଦକଳ୍ପଦ୍ରୁମ; ବଶବ୍ଦକୋଷ)—

Sābādha Ill; sick.

ସାବାଳ(ଲ)କ(ଗି)—ବୈଦେ. ବଣ (ଅ. ସାବାଲଗ୍) ·—ଅଇନ୍ Sābāla(la)k(g) ଅନୁସାରେ ସାବାର ବୟସପୂରଣ ବୁଝିବାର ସାବାଳକ ବାଳିଘ ଉପଯୋଗୀ ବୟସ ହୋଇଅଛି; ବୟଃପ୍ରାପ୍ତ; ସାବାଳ[ଳ]କ୍ତ[ଗୀ] ସାବାଳ୍ଦା[ଗା] } ସ୍ତ୍ରୀ ପ୍ରାପ୍ତବୟସ୍କ; ପ୍ରାପ୍ତ ବ୍ୟବହାର—Major; one who has attained majority according to the law of the land. · ବେ· ବ—ବୟଃପ୍ରାପ୍ତ ବ୍ୟକ୍ତି; ପ୍ରାପ୍ତ-ବ୍ୟବହାର—Major person; a person who has attained majority according to the law of the land. [ଦ୍ର—୧ । ଦେହ ଦେହ ସଂସ୍କୃତ ବାଳକ ଶବ୍ଦ ସଙ୍ଗେ ଏ ଶବ୍ଦର ସମ୍ପର୍କ ଥିବାର ଭ୍ରାନ୍ତ ଅନୁମାନ କର ଏହାର ସ୍ତ୍ରୀଲିଙ୍ଗ ଅବାର) 'ସାବାଳବା' ବ୍ୟବହାର କରନ୍ତି ।]

[ଦ୍ର—୨ । ଉତ୍ତର ଉତ୍ତର ଦେଶରେ ଓ ଉତ୍ତର ଉତ୍ତର ବାଳରେ ଓ ଉତ୍ତର ଉତ୍ତର ଦେଶର ଅଇନ୍‌ରେ ବାଳକ-ବାଳକାଙ୍କର 'ସାବାଳକ' ହେବାର ବୟସ ନର୍ଦ୍ଧାରିତ ହୋଇଅଛି । ଖ୍ରିଶ୍ଚାନଙ୍କର ଦୃଢ଼ାଦୃଢ଼ ବିଚାର ନ ଥିବାରୁ ସେମାନଙ୍କ ଶସ୍ତ୍ରର ଓ ସକ୍ଷତ୍ତ ବୁଝା ବୁଝି କରିବାକୁ ସରକାର ଗାର୍ଡିଅନ୍ (ଅଭିଭାବକ) ନିଯୁକ୍ତ କରନ୍ତି । ଯେ ସାବାଳକ ହୋଇ ନ ଥାଏ ତାଙ୍କଦ୍ୱାରା ସମ୍ପାଦିତ ଦଲିଲ, ଖତ୍ତ, ଚୁକ୍ତି ଆଦି ଅଲଂଘଣୀୟ ହୋଇ ବିବେଚିତ ହୁଏ । ୧୮ ବର୍ଷ ପୂରିଲେ ସାବାଳକ ସାବାଳକ ହୁଏ; ତନ୍ତୁ ଯାହା ସାଇଁ ଜଜ ସାହେବ ଅଭିଭାବକ ନିଯୁକ୍ତ କରି ଥାଆନ୍ତି ଓ ଯାହାର ସକ୍ଷତ୍ତ ଚୋଟ ଅଫ୍ ହାଡ଼୍‌ସ୍ ବୁଝୁଥାଆନ୍ତି ତାହାର ୨୧ ବର୍ଷ ବୟସ ପୂରିଲେ ସେ ସାବାଳକ ହୁଏ ।]

ସାବାଳ(ଲ)କ(ଗି)—ବୈଦେ. ବ (ଅ. ସାବାଲ୍‌ଗି) —ପ୍ରାପ୍ତବୟସ୍କ ଅବସ୍ଥା—Majority.

Sābāla(la)ki(gi) ସାବାଳକି ବାଳିଘ ଅବସ୍ଥା

ସାବାସ୍—ବୈଦେ. ଅ (ଅ) —ଧନ୍ୟ ଧନ୍ୟ ! ବାଃ !—(interjection) Well done! Bravo!

Sābās

ବ—ଧନ୍ୟବାଦ; ପ୍ରଶଂସାବାଦ—Applause; praise; approbation. ବ—୧ । ପ୍ରଶଂସା ସୂଚକ—1. Laudatory. ୨ । ପ୍ରଶଂସାର୍ହ—2. Praiseworthy.

ସାବାସ୍ କରିବା—ବେ· କ୍ରି—ପ୍ରଶଂସା କରିବା; ଧନ୍ୟ ଧନ୍ୟ କହିବା—To praise; to belaud; to extol.

Sābās karibā ସାବାସ କରା ଶାବାସ କରନା

ସାବାସ୍ ଭାଇ ବାଃ—ବେ· ଅ—ଧନ୍ୟରେ ଭାଇ !—(interjection). Well done! Bravo Brother!

Sābās bhāi bāh ସାବାସ୍‌ରେ ଭାଇ ସାବାସରେ ଭାଇ ବାଃ } ଅନ୍ୟରୂପ

ସାବାସି ଭାଇ, ବାଃ ଶାବାସ ଭାଇ ବାହ

ସାବାସି—ବୈଦେ. ବ (ଅ ଶାବାସ୍)—୧ । ଧନ୍ୟବାଦ; ପ୍ରଶଂସାବାଦ-1. Praise. ୨ । ବାହାଦୁରି—2. Praiseworthiness.

Sābāsi

ବଣ—୧ । ପ୍ରଶଂସାସୂଚକ—1. Laudatory. ୨ । ପ୍ରଶଂସାଭାଜନ—2. Praiseworthy.

ସାବାସିଆ—ବେ. ବଣ—ପ୍ରଶଂସାଭାଜନକ—

Sābāsiā Praiseworthy.

ସାବାସି ଦେବା—ବେ· କ୍ରି—ପ୍ରଶଂସା କରିବା—

Sābāsi debā ସାବାସି ଦେଓୟା ଶାବାସୀ ଦେନା To applaud.

ସାବି—ବେ. ବ—୧ । ସାବ ଗୁଡ଼ୁଳ (ଦେଶ)—1. Sābichāula

Sābi (See) ୨ । ସାବୁନ୍ (ଦେଶ)—2. Sābun (See)

Digitized by srujanika@gmail.com

୩ । ସାବିତ୍ରୀନାମ୍ନୀ ସ୍ତ୍ରୀଲୋକର ଡାକ ନାମ—3. Nickname for Sāvitrī.

ସାବକ୍ (ଇତ୍ୟାଦି)—ବୈଦେ. ବଣ ଓ ବ—ସାବକ୍ ଇତ୍ୟାଦି (ଦେଖ) Sabik (etc) Sabak etc (See)

ସାବ ଗୁଲ୍ଲନ—ପ୍ରାଦେ.(ଗଞ୍ଜାମ)ବ—(ବୈଦ୍ୟକ)--ସାଗୁଦାନା—Sago. Sābi chāula [ଦ୍—ଏହା ସ୍ୱାଦୁ ଓ ଲଘୁ । ଏହା ମୃଦୁ ବରେଚକ ଏବଂ ଲଘୁ ପାକରେ ପଥ୍ୟରୂପେ ବ୍ୟବହୃତ ହୁଏ—ଦ୍ରବ୍ୟଗୁଣ· ଚଲ୍ଲଦ୍ରବ୍ୟ ।]

ସାବିତ(ତି)—ବୈଦେ. ବଣ (ଫା· ସବୁତ୍=ସଜ୍ଜ୍ଜ; ପଣ୍ଡୀଙ୍ଗ)—Sābit(ti) ୧ । ସୁନ୍ଦର—1. Nice. ୨ । ସୁବ୍ୟବସ୍ଥିତ—ସୁନ୍ଦର ସାବୁତ 2. Convenient. ବୈଦେ. ବ ଓ ବଣ (ଫା) ସାବୁତ୍(ତ୍ତି) (ଦେଖ)—Sabut(ti) (See)

ସାବିତ୍ର—ସଂ. ବଣ (ସବତ୍ତ+ସମ୍ବନ୍ଧାର୍ଥେ. ଅ)—୧ । ସୂର୍ଯ୍ୟସମ୍ବନ୍ଧୀୟ; ସୌର—Solar. ବ—୧ । (+ସ୍ୱାର୍ଥେ, ଅ) [ସାବିତ୍ରୀ—ସ୍ତ୍ରୀ] ସବତ୍ତା; ସୂର୍ଯ୍ୟ (ଶବ୍ଦ ରତ୍ନାବଳୀ)—1. The sun. ୨ । ମହାଦେବ; ଶିବ (ଦେବଗା)—2. God Siba. ୩ । ଅଷ୍ଟମ ବସୁ; ଅଷ୍ଟାବସୁ ମଧ୍ୟରୁ ଏକତମ—3.One of the Basu group of Deities. [ଦ୍—ଯୁଦ୍ଧରେ ଗବଣର ଅଚ୍ଛା ସୁମାଲ ବ୍ରହ୍ମସ୍ତ୍ର ଏ ବଧ କରିଥିଲେ ।] ୪ । ବ୍ରାହ୍ମଣ (ବ୍ରହ୍ମଚଦ୍ଦ୍ର)—4, A Brāhmaṇa, ୫ । ସଚ୍ଚୋପବୀତ (ଶବ୍ଦ ରତ୍ନାବଳୀ)—5, The sacred thread worn by the twice born amongst the Hindus. ୬ । ଗର୍ଭ (ଶବ୍ଦରତ୍ନାବଳୀ)—6. Uterus; belly.

ସାବିତ୍ରୀ—ସଂ. ବଣ. ସ୍ତ୍ରୀ (ସବତ୍ତ+ଅ+ସ୍ତ୍ରୀ. ଈ)—ସାବିତ୍ରର ସ୍ତ୍ରୀଲିଙ୍ଗ—The feminine of 'Sābitra'. ବ—୧ । ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବତା—1. The Goddess presiding over the solar orb· ୨ । ବେଦମାତା; ଗାୟତ୍ରୀମନ୍ତ୍ରାଧିଷ୍ଠାତ୍ରୀ ଦେବୀଙ୍କର ଦ୍ୱିପ୍ରହରକାଳୀନ ମେଯୁରୂପ—2. The form of the personified 'Gāyatrī' formula (Mantra) contemplated at noon, said to be the mother of the Bedas. [ଦ୍—ଏ ଯୁବତୀ, ଶୁକ୍ଳବର୍ଣ୍ଣା, ଗୃରୁରୂପା, ଚତୁର୍ମୁଖା, ଶୁକ୍ଳାମ୍ବରଦ୍ୱୟୋପେତା, ଗରୁଡ଼ସ୍ଥନ୍ଧସ୍ଥିତା, ଶଙ୍ଖଚକ୍ରଗଦାପଦ୍ମଧାରିଣୀ ଓ ବସ୍ତ୍ରଦେବତା ଅଟନ୍ତି । ବ୍ରାହ୍ମଣମାନେ ମଧ୍ୟାହ୍ନ ସନ୍ଧ୍ୟା ସମୟରେ ଗାୟତ୍ରୀ ରୂପିକା ତୁଙ୍କରୁ ଏହାଙ୍କ ଧ୍ୟାନ କରନ୍ତି ।

ଏ ବ୍ରହ୍ମାଙ୍କ ପତ୍ନୀ । ସବତ୍ତା (ସୂର୍ଯ୍ୟ)ଙ୍କ ଔରସରେ ତତ୍ପତ୍ନୀ ପୃଶ୍ନୀଙ୍କ ଗର୍ଭରୁ ଏ ଜନ୍ମିଥିଲେ । ଏ ବେଦମାନଙ୍କୁ ପ୍ରସବ କରିଥିଲେ । ଏହାଙ୍କର ଅନ୍ୟ ନାମ ଶତରୂପା, ଗାୟତ୍ରୀ, ସରସ୍ୱତୀ, ବ୍ରହ୍ମାଣୀ ।

ଭିନ୍ନ ଭିନ୍ନ ଗ୍ରନ୍ଥରେ ଏ ଭିନ୍ନ ଭିନ୍ନ ନାମରେ ପରିଚିତା ହୋଇଅଛନ୍ତି । ଯଥା—ପ୍ରଥରରେ ସାବିତ୍ରୀ, ବାସୁଣୀରେ ବଶାଳାକ୍ଷୀ, ପ୍ରୟାଗରେ ଲଲିତା, ଏକାମ୍ର କାନନରେ ଶାର୍ଙ୍ଗିମତ୍ତା, ବଦ୍ରୀଚଳରେ ସୀତା, ପୁଷ୍କରେଶ୍ୱରରେ ବମଳା ଇତ୍ୟାଦି ।] ୩ । ଦୁର୍ଗା, ପାର୍ବତୀ (ଦେବଗା)—3. Goddess Pārbatī. ୪ । ସତ୍ୟବାନ୍ ଭଳି ଦେଶର ସ୍ୱଚ୍ଛା ଅନୁଯାୟିଙ୍କ କନ୍ୟା ଓ ସତ୍ୟବାନଙ୍କୁ ସ୍ୱୟମ୍ବର ବ୍ୟବରେ ବରାନ୍ତ କରିଥିବା ସାଧ୍ୱୀ (ସତ୍ୟବାନ୍ ଭଳି ସୀତା ଦେଶ)—4. Name of the devoted wife of Satyabān. ୫ । ଦ୍ୱିଜବାଳକର ଉପନୟନ—5. Name of one of the rites performed for the assumption of the sacred thread of a twice born boy. [ଦ୍—ଏହି ସଂସ୍କାର ଜନ୍ମ ନ ଗଲେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ବ୍ରାତ୍ୟ ବା ପତିତ ହୁଅନ୍ତି । ଉପନୟନକାଳରେ ଦ୍ୱିଜବାଳକ ସାବିତ୍ରୀ ମନ୍ତ୍ରର ଦୀକ୍ଷା ଗ୍ରହଣ କରେ, ଏଥିପାଇଁ ଏ ସଂସ୍କାରର ନାମ ସାବିତ୍ରୀ । ବ୍ରାହ୍ମଣର ଷୋଡ଼ଶ ବର୍ଷ, କ୍ଷତ୍ରିୟର ଦ୍ୱାବିଂଶତି ବର୍ଷ ଓ ବୈଶ୍ୟର ଚତୁର୍ବିଂଶତି ବର୍ଷ ପର୍ଯ୍ୟନ୍ତ ଉପନୟନସଂସ୍କାରକାଳ । ଏହି ବୟସ ମଧ୍ୟରେ ସାବିତ୍ରୀ ସଂସ୍କାର ନ ହେଲେ ଅକ୍ରୁ ଜନ୍ମତଃ ଦ୍ୱିଜବାଳକକୁ ବ୍ରାତ୍ୟ ବୋଲିପାଏ । ତତ୍ପରେ ଉପନୟନ ସଂସ୍କାର କରାଗଲେ ଯଥାବିଧାନ ବ୍ରାତ୍ୟ-ପ୍ରାୟଶ୍ଚିତ୍ତ କରିବାକୁ ହୁଏ । ଦ୍ୱିଜବର୍ଣ୍ଣତ୍ରୟ ଉପନୟନ ପରେ ପ୍ରଥମ ତିନିବର୍ଷରେ ସାବିତ୍ରୀ (ଗାୟତ୍ରୀ) ଜପ କରିବେ । ମନୁସଂହିତା ୨ୟ ଅଧ୍ୟାୟ ୭୭ ଶ୍ଲୋକଠାରୁ ୮୩ ଶ୍ଲୋକ ପର୍ଯ୍ୟନ୍ତ ସାବିତ୍ରୀ ଜପର କର୍ତ୍ତବ୍ୟ ଅଛି । ପ୍ରଣବ (ଓଁ), ବ୍ୟାହୃତି (ଭୂଃ, ଭୁବଃ, ସ୍ୱଃ) ସହିତ ସାବିତ୍ରୀ (ତତ୍ ସବିତୁର୍ବରେଣ୍ୟଂ ଭର୍ଗୋ ଦେବସ୍ୟ ଧୀମହି ଧିୟୋଯୋନଃ ପ୍ରଚୋଦୟାତ୍) ତିସନ୍ଧ୍ୟାରେ ଦ୍ୱିଜମାତ୍ରେ ଜପ କରିବେ । ଦେବୀ ଭାଗବତ (୧୨ ସ୍କନ୍ଧ-୪)ରେ ଲେଖାଅଛି ଯେ, ଥରେ ମାତ୍ର ସାବିତ୍ରୀ ଜପ କଲେ ଅନନ୍ତତ ଫଳ, ଦଶବାର ଜପରେ ଅଘୋରାଘ୍ନତ୍ୱ ଫଳ, ଶତବାର ଜପରେ ମାସାର୍ଜିତ ଫଳ, ସହସ୍ରବାର ଜପରେ ସମସ୍ତପାପକ୍ଷୟ ଫଳ, ଲକ୍ଷ ଜପଥରେ ଇହଜନ୍ମାର୍ଜିତ ଫଳ, ଦଶ ଲକ୍ଷ ଜପରେ ଅନ୍ୟ ଜନ୍ମର ଫଳ, ଶତ ଲକ୍ଷ ଜପରେ ସଜ୍ଜନ୍ମର ଫଳ ଅନନ୍ତ ହୁଏ ଓ ଦଶଶତ ଲକ୍ଷ ଜପ କଲେ ମୋକ୍ଷଲାଭ ହୁଏ । ଭଗବାନ ଶ୍ରୀକୃଷ୍ଣ ଗୋଲୋକରେ ବ୍ରହ୍ମାଙ୍କୁ ସାବିତ୍ରୀଦେବୀଙ୍କୁ ଅର୍ପଣ କଲେ ଓ ବ୍ରହ୍ମାଙ୍କ ସ୍ତବରେ ପରତୁଷ୍ଟା ହୋଇ ସାବିତ୍ରୀ ବ୍ରହ୍ମାଙ୍କ ପତ୍ନୀରୂପେ ବରଣ କଲେ—(ବଶିଷ୍ଠୋକ୍ତ) ।] ୬ । ଧର୍ମଙ୍କ ପତ୍ନୀ ଓ ଦକ୍ଷଙ୍କ କନ୍ୟା (ହି· ଶ)—6. Name of the wife of Dharma and daughter of Daksha. ୭ । କଶ୍ୟପଙ୍କ ସ୍ତ୍ରୀ (ହି. ଶ)—7. Name of a wife of sage Kaśyapa. ୮ । ଅଷ୍ଟାବକ୍ରଙ୍କ କନ୍ୟା

Digitized by srujanika@gmail.com

(ହି· ଶ)—8. Daughter of Ashṭābakra sage· ୯ । ଯମୁନା ନଦୀ (ସ୍ତ୍ରୀ·ଙ୍କ ଦେବୀ) (ହି· ଶ)—9. The river Jamunā. ୧୦ । ସରସ୍ୱତୀ ନଦୀ (ହି. ଶ)—10. The extinct river Saraswati. ୧୧ । ପ୍ଲକ୍ଷ ଦ୍ୱୀପର ଏକ ନଦୀ (ହି.ଶ)—11. A river of the mythological Plaksha island. ୧୨ । ଧାର ରାଜାଙ୍କର ସ୍ତ୍ରୀ (ହି· ଶ)—12. Wife of king Bhoja. ୧୩ । ସଧବା ସ୍ତ୍ରୀ (ହି· ଶ)—13. A woman whose husband is alive· ୧୪ । ଅଁଳା (ହି.ଶ)—14. Embelic myrobalan· ୧୫। ତୀର୍ଥବିଶେଷ (ହି.ଶ)—15. Name of a place of Hindu pilgrimage. ଦେ.ବ—୧। ଶତ୍ରୁଘ୍ନ ଜାତୀୟ ଏକପ୍ରକାର ଗୁଳ୍ମ—1. A plant (like that of dill-seed) [ଦ୍ର—ଏହାର ପତ୍ର ସୁବାସିତ ଓ ଏହାର ଫଳପୁଷ୍ପାଦି ଶତ୍ରୁଘ୍ନ ସଦୃଶ । ଏହ ଫଳ ବା ମଞ୍ଜି ଉତ୍ତରାଞ୍ଚଳରେ ମସଲାରୂପେ ବ୍ୟବହୃତ ହୁଏ । ଏହାର ପତ୍ର ଦ୍ୱାରା ବାଙ୍ଗି ଆଦି ବଘତ୍ର ଯାଏ । ଅରବୀ ଭାଷାରେ ଶତ୍ରୁପର ନାମ 'ଶୀଭଚ' । ଏହ ଶୀଭଚରୁ ଏହ ଶବ୍ଦ ଉତ୍ପନ୍ନ ହେଲ୍ଲପର ଅନୁମିତ ହୁଏ ।] ୨। ସ୍ତ୍ରୀଲୋକଙ୍କୁ ଦଆଯିବା ନାମ—2. A name given to females· ୩ । ସାବିତ୍ରୀ; ଅମାବାସ୍ୟା (ଦେଶ)—3. Sābitrī amābāsyā (See).

ସାବିତ୍ରୀ ଅମାବାସ୍ୟା—ଦେ. ବ (ସଂ, ସାବିତ୍ରୀ ଓ ଅମାବାସ୍ୟା)—ଜ୍ୟୈଷ୍ଠ Sābitrī amābāsyā କୃଷ୍ଣଚତୁର୍ଦ୍ଦଶୀ ଓ ଏ ଦନ ସ୍ତ୍ରୀଲୋକମାନଙ୍କ [ସାବିତ୍ରୀ ଅମାବସ୍ୟା—ଅନ୍ୟରୂପ] ଉତ୍ତିବ୍ୟ ବ୍ରତ ବଶେଷ—The (ସାବିତ୍ରୀ ଅମେଇସା—ଗ୍ରା, ରୂପ) newmoon of the ସାବିତ୍ରୀ ଚତୁର୍ଦ୍ଦଶୀ month of 'Jyeshṭha'. [ଦ୍ର—ସ୍ତ୍ରୀମାନେ ବରସାଇତ 'ସାବିତ୍ରୀ'ଙ୍କ ପର ଅଙ୍ଗବନ ସଧବା ହେବା ପାଇଁ ଏ ବ୍ରତ କରନ୍ତ । ଏ ଦନ ସତ୍ୟବାନ୍ ଓ ସାବିତ୍ରୀଙ୍କୁ ପୂଜା କରଯାଏ । ଆମ ଦେଶରେ ସ୍ତ୍ରୀମାନେ ଏ ଦନ ଉପବାସ କରନ୍ତ, ଅନ୍ନ ସ୍ପର୍ଶ କରନ୍ତ ନାହିଁ ଓ ଅପରାହ୍ଣରେ ପୂଜା ଶେଷ ହେଲେ (ଧୂଆମୁଚ, ନାଗୁଚେଳ, ପକ୍ୱଆମ୍ବ, ପନସ, ରମ୍ଭା, ସପୁଗୁ, ଭାଲସଜଆଦ) 'ଫଳାହାର କରନ୍ତ; ଏହ ବ୍ରତ ଚତୁର୍ଦ୍ଦଶ ବର୍ଷ ସାଧ୍ୟ । ଏହ ବ୍ରତ ଗ୍ରହଣ କର ୧୪ ବର୍ଷ ପରେ ଏହାର ଉଦ୍‌ଯାପନ କରଯାଏ । ଏ ବ୍ରତ ସ୍ୱଗରେ କର୍ତ୍ତବ୍ୟ । ଦନଯାକ ଉପବାସ ରହ ସ୍ୱଗରେ ପୂଜା କର ସାବିତ୍ରୀ ଉପାଖ୍ୟାନ ଶୁଣି ଉତ୍ତରେ ନୈବେଦ୍ୟ ଭୋଜନ କରବ । "ଶ୍ରୀଁ, ଘ୍ରୀଁ, କ୍ଲୀଁ ସାବତ୍ରୈ ସ୍ୱାହା" ଏହା ସାବିତ୍ରୀ ପୂଜାର ମନ୍ତ୍ର—ବଶ୍ୱକୋଷ ।]

ସାବିତ୍ରୀ ଉପାଖ୍ୟାନ—ଦେ. ବ—ସତ୍ୟବାନଙ୍କ ପତ୍ନୀ ସାବିତ୍ରୀଙ୍କ ଚରତ୍ର- Sābitrī upākhyāna The anecdote of 'Sābitrī' ସାବିତ୍ରୀ ଉପାଖ୍ୟାନ **ସାବିତ୍ରୀ କଥା** [ଦ୍ର—ସାବିତ୍ରୀ ପଦ୍ର ଦେବର ପୂଜା ଅଶ୍ୱପତ୍ତିଙ୍କର ଏକମାତ୍ର ଦୁହତା ଓ ପିତା-ମାତାଙ୍କର ଅତ୍ୟନ୍ତ ସ୍ନେହାସ୍ପଦ ଥିଲେ । ପୂବତା ହେବା ପରେ ବବାହ ପାଇଁ ଉପଯୁକ୍ତ ବର ନ ମିଳବାରୁ ଏ ପିତା-ମାତାଙ୍କ ଅନୁମତକ୍ରମେ ଅମାତ୍ୟଗଣ ସମଭବ୍ୟାହାରରେ ଗୋଟିଏ ଅନୁରୂପ ବର ଖୋଜବାକୁ ବାହାର ବହୁ ଦେଶ ବୁଲ ବୁଜ ଶେଷରେ ଗୋଟିଏ ତପୋବନରେ ପହଞ୍ଚଲେ । ସେଠାରେ ସ୍ୱତଜ୍ୟରୁ ନବାସିତ ଶାଲ୍ୱ ଦେଶର ସ୍ତ୍ରା ଦ୍ୟୁମତ୍‌ସେନ ଓ ତାଙ୍କ ସ୍ତ୍ରୀଙ୍କ ସହ ବାସ କରୁଥିବା ବ୍ରଜପୁତ୍ର ସତ୍ୟବାନଙ୍କ ଉପରେ ଏହାଙ୍କ ଦୃଷ୍ଟି ପଡ଼ବାରୁ ସାବିତ୍ରୀ ତାଙ୍କୁ ବଜର ସ୍ୱୟମ୍ବରୀରୂପେ ମନୋନୀତ କର ସ୍ୱଜଧାନୀକୁ ଫେର ପିତାଙ୍କୁ ଜଣାଇଲେ । ଏହ ସମୟରେ ଦେବର୍ଷି ନାରଦ ଅଶ୍ୱପତ୍ତିଙ୍କ ଭକ୍ତରେ ଉପସ୍ଥିତ ହୋଇ ଏ ବବାହରେ ମତ ନ ଦେବା ପାଇଁ ଅଶ୍ୱପତ୍ତିଙ୍କୁ ଅନୁରୋଧ କଲେ । କାରଣ, ନାରଦ ତପୋବଳରେ ଜାଣିପାରଲେ ଯେ, ସତ୍ୟବାନଙ୍କ ପରମାୟୁ ଅତ୍ ଏକ ବର୍ଷ ମାତ୍ର ଅଛ । ମାତ୍ର ସାବିତ୍ରୀ ଏ ପ୍ରସ୍ତାବରେ କର୍ଣ୍ଣପାତ ନ କର କହଲେ—ମୁଁ ଯାହାଙ୍କୁ ପତରୂପେ ବରଣ କରସାରଛ, ସେହ ମୋର ପତ, ଓ ତାଙ୍କ ଛଡ଼ା ଅନ୍ୟ କେହ ମୋର ସ୍ୱାମୀ ହୋଇ ନ ପାରନ୍ତ । ସ୍ତ୍ରା ଅଗତ୍ୟା ସାବିତ୍ରୀଙ୍କୁ ସତ୍ୟବାନଙ୍କ ସହତ ବବାହ ଦେଲେ । ବବାହ ପରେ ସାବିତ୍ରୀ ପିତୃଗୃହର ସ୍ୱଜ ସମ୍ପଦ, ବଳାସ ଓ ଦାସଦାସୀବର୍ଗଙ୍କୁ ତ୍ୟାଗ କର ସ୍ୱାମୀଙ୍କ ସହତ ତପୋବନର କୁଟୀରରେ ଏକା ରହ ଶାଶୁ ଓ ଶ୍ୱଶୁରଙ୍କ ସେବାରେ ଲଗିଲେ ।

ବବାହର ଏକ ବର୍ଷ ପୂରବାକୁ ୩ ଦନ ବାକି ଅଛ ସାବିତ୍ରୀ ଜିତ୍ର-ତ୍ରତ ଅବଲମ୍ବନ କଲେ । ଅନନ୍ତର ଯେଉଁ ଦନ ଏକ ବର୍ଷ ପୂର୍ଣ୍ଣ ହେବ ଓ ସତ୍ୟବାନଙ୍କର ପରମାୟୁ ଶେଷ ହେବ, ସେ ଦନ ସତ୍ୟବାନ୍ ଫଳ ମୂଳ ଓ ସମଧ ଆହରଣ କରବାକୁ ବନକୁ ଯିବାବେଳେ ସାବିତ୍ରୀ ତାଙ୍କ ସଙ୍ଗରେ ଗଲେ । ସତ୍ୟବାନ୍ ଫଳ ଅଦ୍ରତ କରବା ସମୟରେ ଗୋଟାଏ ଗଛର ଡାଳ ତାଙ୍କ ମସ୍ତକରେ ବାଜଲ ଓ ସେ ଅଶାନ୍ତ ବୋଧ କରବାରୁ ବନ ମଧ୍ୟରେ ଗୋଟିଏ ବୃକ୍ଷ ମୂଳେ ସାବିତ୍ରୀଙ୍କ କୋଳରେ ମୁଣ୍ଡ ରଖି ଶୟନ କଲେ ଓ ତାହାହିଁ ତାଙ୍କର ମହାନଦ୍ରା (ମୃତ୍ୟୁ) ହେଲ । ଜାଣି ସାବିତ୍ରୀ ମୃତ ସ୍ୱାମୀଙ୍କ ମସ୍ତକକୁ ବଜ କୋଡ଼ରେ ରଖି ସେହ ଗଛ ମୂଳରେ ବସି ରହଲେ । ଏହ ସମୟରେ ଯମଦୂତମାନେ ସତ୍ୟବାନଙ୍କ ଆତ୍ମାକୁ ନେବାକୁ ସେଠାକୁ ଆସିଲେ; ମାତ୍ର ସାବିତ୍ରୀଙ୍କ ପତ୍ର ସାଧ୍ୱୀଙ୍କ ଅଙ୍ଗକୁ ସ୍ପର୍ଶ କର ତାଙ୍କ କୋଳରୁ ମୃତ ପତ୍ରଙ୍କୁ ଛଡ଼ାଇ ନେବାକୁ ସାହସ କଲେ ନାହିଁ । ଯମଦୂତମାନେ ମୃତ ଆତ୍ମାକୁ ନ ନେଇ ଫେର ଗଲେ ଏବଂ ଯମରାଜଙ୍କୁ ସମାଦ ଦେଲେ । ଶେଷକୁ ଯମରାଜ ନଜେ ଉପସ୍ଥିତ ହେଲେ । ସାବିତ୍ରୀ ସେତକ୍ଷଣ ମୃତ ସ୍ୱାମୀଙ୍କ ମସ୍ତକକୁ କୋଳରେ ଧର ଅଚଳା ଅଟଳା ହୋଇ ବସି ଥାଆନ୍ତ । ଯମଙ୍କୁ ଦେଖି ସାବିତ୍ରୀ ତାଙ୍କୁ ସ୍ତବ କରବାରେ ଲାଗିଲେ । ଯମ ସ୍ତବରେ ସନ୍ତୁଷ୍ଟ ହୋଇ ସତ୍ୟବାନଙ୍କ

Digitized by srujanika@gmail.com

ଜୀବନ ଛଡ଼ା ଅନ୍ୟ ଯେ କୌଣସି ବର ମାଗିବା ପାଇଁ ସାବିତ୍ରୀଙ୍କୁ କହିଲେ । ସାବିତ୍ରୀ ଶତ ପୁତ୍ର ପାଇବା ପାଇଁ ପ୍ରାର୍ଥନା କଲେ । ଯମ ସ୍ତିମିତ ନ କରିପାର ସେଥିରେ 'ତଥାସ୍ତୁ' କହିବାର ସତ୍ୟବାନଙ୍କୁ ଛଡ଼ାଦେବା ପାଇଁ ସାବିତ୍ରୀଙ୍କୁ କହିଲେ; ସାବିତ୍ରୀ କହିଲେ 'ଯମରାଜ ! ମୁଁ ସତୀ; ଅପଣ ମୋ ସ୍ୱାମୀଙ୍କୁ ନେଇଗଲେ ମୁଁ କିପରି ଶତପୁତ୍ର ପାଇବି ?' ଏହା ଶୁଣି ଯମ ଅଗତ୍ୟା ସତ୍ୟବାନଙ୍କୁ ପୁନଃ ଜୀବନ କହିଦେଇ ଫେରିଗଲେ ।

ସାବିତ୍ରୀଙ୍କ ସତୀତ୍ୱ ପୃଥିବୀରେ ଅଦ୍ୟାବଧି ଦୋହରି ହୋଇ ଅଛି । ଏସକୁ କି, ଜନେ ସୀତା ରାମଚନ୍ଦ୍ରଙ୍କୁ କହିଥିଲେ 'ସାବିତ୍ରୀ ସତ୍ୟବାନଙ୍କର ଏକାନ୍ତ ଅନୁଗତା ସହଧର୍ମିଣୀ ଥିଲାପରି ମୁଁ ତୁମ୍ଭର ଏକାନ୍ତ ବଶବର୍ତ୍ତିନୀ ଅଟେ ।']

ସାବିତ୍ରୀ ପତନ—ସଂ: ବ (ଶ୍ରୀ ତତ୍; ସାବିତ୍ରୀର ପତନ)—ଉପନୟନ ବା ଯଜ୍ଞୋପବୀତ ଗ୍ରହଣ କରିବାର ଉପଯୁକ୍ତ କାଳ ଅତୀତ ହେଲେ ଦ୍ୱିଜ କୁମାର ଯେଉଁ ଅପରାଧ ବା ଦୋଷରେ ଦୁଷ୍ଟ ହୁଏ (ସାବିତ୍ରୀ ୫ ଚଳେ ଚାଁଚା ଦେଖ)—The sin to which a boy of a twice-born caste is liable if the proper time for investiture of the sacred thread is allowed to pass.
Sābitrī patana

ସାବିତ୍ରୀ ପତିତ—ସଂ. ବଣ. ପୁଂ (*ମ୍ନୀ ତତ୍; ସାବିତ୍ରୀରୁ ପତିତ)—ଉପନୟନଯୋଗ୍ୟ କାଳ ଅତୀତ ହେବା ପରେ ମଧ୍ୟ ବ୍ରତ ହୋଇ ନ ଥିବା (ଦ୍ୱିଜ କୁମାର)—(A Dwija boy) Who has passed the proper time of investiture.
Sābitrī patita

ସାବିତ୍ରୀ ପ୍ରଦାନ—ସଂ. ବ—ବ୍ରତ ବେଦାରେ ଗୁରୁଙ୍କଦ୍ୱାରା ଦ୍ୱିଜ କୁମାର କର୍ଣ୍ଣରେ ଗାୟତ୍ରୀ ମନ୍ତ୍ର ଦାନ—The ceremony of wishpering the Gāyatrī formula to a Dwija boy on the investiture alter.
Sābitrī pradāna

ସାବିତ୍ରୀ ବ୍ରତ—ସଂ. ବ—ସାବିତ୍ରୀ ଅମାବାସ୍ୟା ଦିନ ସ୍ତ୍ରୀମାନଙ୍କର କରିବ୍ୟ ବ୍ରତ—(ସାବିତ୍ରୀ ଅମାବାସ୍ୟା ଚଳେ ଚାଁଚା ଦେଖ)—The religious fast and rites performed by women on the Sābitrī Amābāsyā day.
Sābitrī brata

ସାବିତ୍ରୀ ସୂତ୍ର—ସଂ. ବ—ଯଜ୍ଞୋପବୀତ—The secred thread with which a Dwija boy is invested.
Sābitrī sūtra

ସାବୁନ୍(ନ)—ବୈଦେ, ବ (ଗ୍ରୀକ୍ ସାବନ୍; ସାବାଓଁ; ଫ୍ରେଞ୍ଚ୍ ସାବାନ୍, ସାବଁ)—କ୍ଷାର ତୈଳ ସଂଯୋଗରେ ନର୍ମିତ ମଳ ପରିଷ୍କାରକ ବସ୍ତୁ—Soap. [ଦ୍ର—(ସାବେନ୍ନ—ଅନ୍ୟରୂପ)
Sābun(ni)

ଘଷାଇ ସାବୁନ କରି ମଖାଇଣ ଯାଇଁଜର ଦେଇ ଥାନ୍ତୁ ପାଲଟାଇ ବୃଷ୍ଟିକାନ୍ତି ବୃଷ୍ଟିକର । ଉଦାହରଣ ଗୀତ ଲହଡ଼ା ।)

ସାବିନୀ—ସଂ· ବ· ସ୍ତ୍ରୀ (ସ୍ତ୍ର ଧାତୁ+କର୍ତ୍ତୃ ଇନ୍+ସ୍ତ୍ରୀ ଈ)—ସବଳ; ଜଳ—River. ଦେ, ବଣ—ସାବାନାର ସ୍ତ୍ରୀ ଲିଙ୍ଗ The feminine of 'Sābanā'. ବୈଦେ. ବ ସାବନ୍ Soap.
Sābinī

ସାବୁ(ଉତ୍ୟାଦି)—ବୈଦେ.ବ (ମାଲୟଲମ)—ସାଗୁ ଇତ୍ୟାଦି (ଦେଖ)—Sābu(etc) ଦାଗ ସାବ Sāgu etc (See)

ସାବୁତ(ତା,ତ,ତା)—ବୈଦେ. ବଣ (ଅ· ସାବତ୍=ପ୍ରମାଣିତ)—୧। ପ୍ରମାଣିତ; ସାବ୍ୟସ୍ତ—1. Proved: evident. ୨। ନିର୍ଦ୍ଧାରିତ—2. Settled; ascertained. ୩। ନିଶ୍ଚିତ—3. Certain. ୪। ଠିକ୍—Right; correct. ୫। ସମ୍ପୂର୍ଣ୍ଣ—5. Complete. ୬। ସାଙ୍ଗ—6. With all the parts complete. ବୈଦେ. ବ· (ଅ ସାବୁତ୍=ପ୍ରମାଣ) ପ୍ରମାଣ—ପ୍ରମାଣ—Evidence
Sābut(tā, d, dā)
ପୂର୍ଣ୍ଣ ସାବିତ
ପ୍ରମାଣ ସାବୁତ

ସାବୁତ୍ କରିବା—ଦେ· କି—ପ୍ରମାଣିତ କରିବା—To prove by evidence.
Sābut karibā
ସାବୁତ କରା ସବୁତ କରନା

ସାବୁତ୍ ଦେବା—ଦେ. କି—ପ୍ରମାଣ ଆଗତ କରିବା—To adduce evidence or proof.
Sābut debā
ସାବୁତ୍ ଦେଓୟା ସାବୁତ ଦେନା

ସାବୁତ ନେବା—ଦେ. କି—ଅନ୍ୟଠାରୁ ପ୍ରମାଣ ଗ୍ରହଣ କରିବା—To take evidence from others.
Sābut nebā
ସାବୁତ୍ ଲଓୟା ସାବୁତ ଲେନା

ସାବୁ ଦାନା—ଦେ. ବ—ସାଗୁଦାନା (ଦେଖ)—Sāgudānā (See)
Sāgudānā
ସାଗୁଦାନା ସାବୂଦାନା

ସାବୁନ୍—ବୈଦେ. ବ (ଗ୍ରୀକ୍. ସାବନ୍; ସବାଙ୍ଗଁ; ଫ୍ରେଞ୍ଚ୍; ସାବୁନ୍, ସାବଁ)—କ୍ଷାର ଓ ତୈଳ ମିଶ୍ରିତ ମଳ ପରିଷ୍କାରକ ଓ ଫେଣୋତ୍ପାଦକ ବସ୍ତୁବିଶେଷ—Soap. [ଦ୍ର—ଅଜ୍ଞ କାଲି ନାନାପ୍ରକାର, ନାମର ଓ ଅକାରର କଠିନ ଓ ତରଳ ସାବୁନ ପ୍ରସ୍ତୁତ ହେଉଅଛି । ବ୍ୟବହାର ଅନୁସାରେ ଓ ଉତ୍ପାଦିତ ଦ୍ରବ୍ୟାଦିଙ୍କ ନାମ ଓ ଉତ୍ପାଦନର ନାମ ଅନୁସାରେ ସାବୁନର ନାମ ହୋଇଥାଏ । ଯଥା—ଲୁଗାକଚା ସାବୁନ, ଶିଅର ହେବା ସାବୁନ, କାବଲିକ୍ ସାବୁନ ଇତ୍ୟାଦି । ଖୋଳା ଓ ନଡ଼ିଆତେଲ ମିଶ୍ର ତରଳ ସାବୁନ ହୁଏ । ବହୁ ପରିମାଣରେ ଉତ୍ପାଦନ କରିବା ଲାଗି ନଡ଼ିଆ ତେଲ ପରିବର୍ତ୍ତରେ ଘୋଳଙ୍କ କିମ୍ବା ମହୁଲ ତେଲ ବ୍ୟବହାର କରାଯାଏ ।

ୟୁରୋପୀୟମାନେ ଭାରତବର୍ଷକୁ ଆସିବା ପୂର୍ବେ ଭାରତରେ ସାବୁନ ବ୍ୟବହୃତ ହେଉ ନ ଥିଲା । ଗ୍ରୀକ୍‌ମାନେ ସର୍ବପ୍ରଥମେ ଭାରତକୁ ଆସିଥିଲେ । ସମ୍ଭବତଃ ସେମାନଙ୍କଠାରୁ ଭାରତବାସୀମାନେ ସାବୁନର ବ୍ୟବହାର

Digitized by srujanika@gmail.com

ଶିଙ୍ଗିଲେ । ଉଦ୍ଭୁଦ୍ ଜୁରଡରେ ବସ୍ତ୍ରାଦ ପରସ୍ପର କରବା ପାଇଁ ନାନାପ୍ରକାର କ୍ଷାର, ଉଦ୍ଭିଜ୍ଜ ପାଉଁଶ, ସାଜମାଟି ଏବଂ ରଠାମ୍ଳ ଅଦର ବ୍ୟବହାର ହେଉଥିଲ୍ଲ । ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ ଏହ୍ନ ଯ, ଯେଉଁ ଦେଶରେ ଯେତେ ପରମାଣରେ ସାବୁନ ବ୍ୟବହୃତ ହୁଏ ସେ ଦେଶ ସେତେକ ପରମାଣରେ ସଭ୍ୟ ବୋଲ୍ଲ ବବେଚତ ହୁଏ । ସାବୁନ ଗୋଟିଏ ଲବଣ (Salt) ଭଲ୍ୟ ରସାୟନିକ ଯୌଗିକ ପଦାର୍ଥ । ଲବଣ ମାନଙ୍କ କ୍ଷାର (Alkali) ଓ ତୈଲଜ ଅମ୍ଳ (Acid) ସଯୋଗରେ ପ୍ରସ୍ତୁତ । ସେହ୍ନପର ସାବୁନ କ୍ଷାର (Alkali) ଓ ତୈଲଜ ଅମ୍ଳ (Fatty Acid)ରେ ପ୍ରସ୍ତୁତ । ତୈଲରେ ବମ୍ଳା ଚର୍ବିରେ କୌଣସି କ୍ଷାର ସଂଗୋଗ କର ଅଗ୍ନି ଉତ୍ତାପରେ ଫୁଟାଇଲେ ତାହା ଥଣ୍ଡା ହୋଇ ଜମିଗଲେ ସାବୁନ ହୁଏ । ପଟାସ୍ ଅପେକ୍ଷା ସୋଡ଼ାର ଅମ୍ଳଧାରଣ କ୍ଷମତା ବେଶୀ ଓ ଜମାଟ ବାନ୍ଧିବା ଶକ୍ତି ମଧ୍ୟ ବେଶି । ଏଥିପାଇଁ ସୋଡ଼ାରେ ତିଆର ସାବୁନକୁ କଠିନ ସାବୁନ (Hard soap) ଓ ପଟାସ୍‌ରେ ତିଆର ସାବୁନକୁ କୋମଳ ସାବୁନ (Soft soap) କୋଲ୍ଲଯାଏ । ସେଉଁ ତୈଲ ଯେତେ ଅଧିକ ପରମାଣରେ କ୍ଷାର ଶୋଷଣ କରେ ସେଥିରେ ସେତେ ବେଶି ପରମ୍ଳିତ ସାବୁନ ତିଆର ହୁଏ । ନଡ଼ିଆ ତେଲ, ରେଡ଼ୀ, ତିଲ, ମସିନା, ତନାବାଦାମ, ପାମ୍ (ତାଳ), କପାସଜି ଅଦର ତେଲରେ ସାବୁନ ତିଆରି ହୁଏ । ଏହାଛଡ଼ା କେତେ ଗୋଟି ଉଦ୍ଭିଜ୍ଜ ଚର୍ବି (Vegetable fat)ରେ ମଧ୍ୟ ସାବୁନ ତିଆର ହୁଏ । କେତେକ ଜାନ୍ତବ ଚର୍ବୀ ମଧ୍ୟ ସାବୁନ ତିଆରରେ ଲ୍ଲଗେ । ଜାନ୍ତୁ, ହାଡ଼ିଆ, ଦେହର ବୈବର୍ଣ୍ଣ୍ୟ ଓ ଅନ୍ୟାନ୍ୟ ରୋଗ ନବାରଣାର୍ଥ ଉତ୍ତ ତୈଳ ଜାତୀୟ ପିଶାଇ ସାବୁନ ତିଆର କରିଥାଏ—ବିଶ୍ୱକୋଷ ।]

ସାବେକ୍ (ଇତ୍ୟାଦି) ବୈଦେ. ବିଣ.—ସାବକ୍ ଇତ୍ୟାଦି (ଦେଖ)
Sābek (etc) Sābak etc (See)

ସାବେନୀ—ବୈଦେ. ବି· ଗ୍ରାମ୍ୟ—ସାବୁନ୍ (ଦେଖ)
Sābenī Sābun (See)
ଦେ. ବିଣ· ସ୍ତ୍ରୀ—ସାବନୀ (ଦେଖ)—Sābinī (See)

ସାବେବରାତ୍—ବୈଦେ. ବି (ଥ)—ମୁସଲମାନ୍ ସାବନ୍ ମାସର
Sābebarāt ଚତୁର୍ଦ୍ଦଶ ଦିନ (ସବେବରାତ୍ ଦେଖ)—The
ସବେବରାତ 14th day of the Mahomedan month
ସବେବରାତ 'Sābana'. (Sabebarāt See).

ସାବେଲି—ଦେ. ବି—ଅସ୍ତ୍ରବିଶେଷ—A kind of weapon. [ଦ୍ର—
Sābeli ବଙ୍ଗେଶ୍ୱର ଶାଳାଦତ୍ୟ ଯିଜିଲେ ସାବେଳି । ଉତ୍ତଶିଲା
ସାବେଲି **ମାଲା** ଯଜ୍ଞ ବସ୍ତ୍ର ଲଭି ମହାବଳେ—ଗଧାନାଥ
ମହାଯାତ୍ରା ।]

ସାବ୍ଦୀ(ବୀ)—ସଂ. ବି (ସ+ଅବ୍ଦ+ଈ, ଏହା ବର୍ଷତେ ଥରେ ଫଳ
Sābdī(bdī) ଧରେ)—ଦ୍ରାକ୍ଷାବଶେଷ—A sort of
grape.

ସାବ୍ଧି—ସଂ. ବିଣ (ସ+ଅବ୍ଧି)—ସମୁଦ୍ର ସହିତ; ସସମୁଦ୍ର—With
Sābdhi the sea; including the sea.

ସାବ୍ଧି ଦ୍ୱୀପ—ସଂ· ବିଣ—ସମୁଦ୍ର ଓ ଦ୍ୱୀପ ସହିତ—Including or
Sābdhi dwīpa comprising the sea and the
(ସାବ୍ଧି ଦ୍ୱୀପା—ସ୍ତ୍ରୀ) islands.

ସାବ୍ଧିଦ୍ୱୀପା ବସୁନ୍ଧରା—ସ ବ—ସସାଗର ଧରା; ଜଳଭାଗ ଓ ଦ୍ୱୀପାଦି-
Sābdhidwīpā basundharā ସମନ୍ୱିତ ପୃଥିବୀ—
The globe including the ocean and the
islands.

ସାବ୍ୟସ୍ତ (ସ୍ଥ)—ଦେ· ବିଣ (ସ ସୁବ୍ୟବସ୍ଥ)—୧ । ଉତ୍ତମରୂପେ ପ୍ରମାଣିତ-
Sābyasta(stha) 1. Well proved; legally estabi-
ସାବ୍ୟସ୍ତ **ସାବିତ** shed. ୨ । ସ୍ଥିରୀକୃତ—
2. Settled; ascertained; determined.

ସାବ୍ୟସ୍ତ(ସ୍ଥ) କରିବା—ଦେ· କ୍ରି—୧ । ନିରୂପଣ କରିବା—1. To
Sābyasta(stha) karibā ascertain. ୨ । ପ୍ରମାଣ ଦ୍ୱାରା
ସାବ୍ୟସ୍ତ କରା ସ୍ଥିର କରିବା—2. To settle or determine
ସାବିତ କରନା a matter by proof. (ଯଥା—ଦୃଷ୍ଟ ସାବ୍ୟସ୍ତ
କରିବା, ଅମୁକକୁ ଅପରାଧ(ଦୀ) ସାବ୍ୟସ୍ତ କରିବା ।)

ସାବ୍ୟସ୍ତ(ସ୍ଥ) ହେବା—ଦେ. କ୍ରି—ପ୍ରମାଣ ଦ୍ୱାରା ସ୍ଥିରୀକୃତ ହେବା—
Sābyasta(stha) hebā To be ascertained by
ସାବ୍ୟସ୍ତହୁଆ **ସାବିତହୋନା** evidence.

ସାଭାପତ—ସ. ବି. ପୁଂ(ସଭାପତି+ଅ)—ସଭାପତିଙ୍କ ପୁତ୍ର (ବିଶ୍ୱକୋଷ)
Sābhāpata —Son of a Sabhāpati. ସ. ବିଣ—
ସଭାପତି ସମ୍ବନ୍ଧୀୟ—Relating to Sabhāpati.

ସାଭିପ୍ରାୟ—ସ. ବିଣ. ପୁଂ (ସ+ଅଭିପ୍ରାୟ)—୧ । ଅଭିପ୍ରାୟ ସହିତ—
Sābhiprāya 1. With intention. ୨। ଅଭିପ୍ରାୟ ବିଶିଷ୍ଟ-
(ସାଭିପ୍ରାୟା—ସ୍ତ୍ରୀ) 2. Having intention.

ସାଭିଳାଷ—ସ· ବିଣ. ପୁଂ—ଅଭିଳାଷଯୁକ୍ତ—
Sābhilāsha Having desire or wish.
(ସାଭିଳାଷା—ସ୍ତ୍ରୀ)

ସାଭ୍ୟସୂୟ—ସ. ବିଣ. ପୁଂ (ସ+ଅଭ୍ୟସୂୟା)—ଅସୂୟା ସହିତ
Sābhyasūya (ବିଶ୍ୱକୋଷ)—Spiteful.
(ସାଭ୍ୟସୂୟା—ସ୍ତ୍ରୀ)

ସାମ୍‌କେଲ୍—ପ୍ରାଦେ (ସମ୍ବଲପୁର) ବି· (ସ. ଶମ୍ବୂକ)—ଗେଣ୍ଡା ଶାମୁକା—
Sām-kel Oyster.

ସାମନା-ଦେଖ୍—ଦେ. ବି (ସୈନ୍ୟାଗମ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Sāmnā-dekh ଆଦେଶ ବଚନ)—ଆଗକୁ ଗୁହଁ !—A term
ସାମ ନା-ଦେଖ **ସାମନେଦେଖୋ** of drill) Eyes-front !

ସାମ (ଧାତୁ)—ସ—ସାନ୍ତ୍ୱନା କରିବା—
Sāma (root) To console; to condole.

ସାମ—ସ. ବି [ସୋ. ଧାତୁ=(ଘାସ ଓ ବିରୋଧକୁ) ନାଶ କରିବା+ମନ୍·
Sāma ମନ୍; ସାମନ୍ ଶବ୍ଦ; ୧ମା. ୧ବ; ଯାହା ଘାସକୁ ଓ ବିରୋଧକୁ
ନାଶ କରେ)—୧ । ଚତୁର୍ବେଦାନ୍ତର୍ଗତ ତୃତୀୟ ବେଦ—
1. The 3rd of the Bedas; (scriptures of

Digitized by srujanika@gmail.com

the Hindus). [ଦ୍ର—ଏଥିର ମନ୍ତ୍ରମାନ ଗାନ କରିବାରୁ ଦ୍ଧିବ । ଏହି ବେଦର ଗାନ୍ଧର୍ବବେଦ (ସଙ୍ଗୀତ ବିଦ୍ୟା) ଉପବେଦ ବା ଅଙ୍ଗ ଅଟେ । ଏହି ବେଦର ଜାଶ୍ୟପ ଗୋତ୍ର, ବୃଷ୍ଟି ଦେବତା ଓ ଜଗତୀ ଛନ୍ଦ ଅଟେ । ଭଗବଦ୍ଗୀତାରେ ଶ୍ରୀକୃଷ୍ଣ ସାମବେଦକୁ ବେଦମାନଙ୍କ ମଧ୍ୟରେ ଉଚ୍ଚ ସ୍ଥାନ ଦେଇଅଛନ୍ତି । ଏହି ବେଦର ଶାଖା ସହସ୍ର । ଛନ୍ଦୋଗ୍ୟ ପ୍ରଭୃତି ଉପନିଷଦ୍ ସାମବେଦରୁ ଉତ୍ପନ୍ନ । ସାମବେଦର ଧ୍ୱନି ଶ୍ରବଣ କରି ଅନ୍ୟ ବେଦ ଅଧ୍ୟୟନ କରିବା ବିଧି ନାହିଁ । ଗାୟତ୍ରୀ ଓ ଅର୍ଥଯୁକ୍ତ ଛନ୍ଦୋବଦ୍ଧ ବୈଦିକ ମନ୍ତ୍ରଗୁଡ଼ିକ ଋକ୍, ଗୀତରୂପେ ରଚିତ ବୈଦିକ ମନ୍ତ୍ରଗୁଡ଼ିକ ସାମ ଏବଂ ଛନ୍ଦଃ ଓ ଗୀତବର୍ଜିତ ମନ୍ତ୍ରଗୁଡ଼ିକ ଯଜୁଃରୂପେ ଖ୍ୟାତ ।] ୨ । ସାମବେଦାନ୍ତର୍ଗତ ମନ୍ତ୍ର—2. The mystic formulas which are contained in the 'Sāma' Veda. ୩ । ସାମ ଗାନ; ସାମବେଦ ଗାନ—3. The singing of the hymns of the 'Sāma' Beda. ୪ । (ସାମ ଧାତୁ+ଭାବ. ଅ) ସାନ୍ତ୍ୱନା ବାକ୍ୟ—4. Consolatory words; condoling words. ୫ । ମଧୁର ଉତ୍ତର; ପ୍ରିୟଭଚନ—5. Sweet or endearing words. ୬ । (ବ୍ରହ୍ମାଙ୍କ କର୍ତ୍ତବ୍ୟ) ଶତ୍ରୁ ବଶୀକରଣୋପାୟଭୂତ ଶେଷ; ପ୍ରିୟବାକ୍ୟ, ଅର୍ଥପ୍ରଦାନ, ସମ୍ଭ୍ରମ ବା ନମ୍ରତା ସ୍ଥାପନ, କ୍ରୋଧୋପଶମନାଦି ଦ୍ୱାରା ଶତ୍ରୁକୁ ବଶ କରିବା ଉପାୟ; ସନ୍ଧି ସ୍ଥାପନ—6. One of the 4 expedients which a king should apply towards his enemy; the art of bringing one's adversary into control; conciliation. [ଦ୍ର—ହୃଦ୍ଧ ଜ୍ଞାତି ଶାସ୍ତ୍ରର ଉପଦେଶ ଯେ, ରାଜା ଶତ୍ରୁ ପ୍ରତି ୪ ପ୍ରକାରର ଉପାୟ ଯଥାକ୍ରମେ ପ୍ରୟୋଗ କରିବେ । ଯଥା—ସାମ, ଦାନ, ଦଣ୍ଡ, ଭେଦ ।] ୭ । ପ୍ରିୟକରଣ (ବିଶ୍ୱକୋଷ)—7. Acting to please another. ୮ । ଗାୟମାନ ବୈଦିକ ମନ୍ତ୍ର; ଯଜ୍ଞରେ ଯେଉଁ ସବୁ ମନ୍ତ୍ର ଗାତ ହୁଏ (ବିଶ୍ୱକୋଷ)—9. Vedic Mantras which are sung during Vedic sacrifice. ଗ୍ରା. ବ—ଶ୍ୟାମସୁନ୍ଦରର ଡାକ ନାମ—Nickname for Śyāmasundara.

ସାମ

ସାମଏ(ଇ)—ଦୈଦେ. ବ (ଇଂ) —ମଧ୍ୟ ଓ ଦକ୍ଷିଣ ଇଉରୋପର ଅଲ୍‌ପ୍ସ୍, ପିରନିସ୍ ଆଦ ପର୍ବତର ଉଚ୍ଚ ଶୃଙ୍ଗଦେଶରେ ବିଚରଣ କରୁଥିବା ଦୁଇ ଶୃଙ୍ଗବିଶିଷ୍ଟ, ଦ୍ରୁତଗାମୀ ଏକପ୍ରକାର କ୍ଷୁଦ୍ର ମୃଗ—Chamois; a small species of antilopes living on the Alps and Pyrenese and oth er European mountains; Rubicapra Tragus. [ଦ୍ର—ଏମାନଙ୍କ ଚମରୁ ଅତି କୋମଳ ଓ ସରଳା କଥା ଚମଡ଼ା ଉତ୍ତର ହୁଏ ଓ ସେହି ଚମଡ଼ାରେ ଘାଣ୍ଟୁ ଓ ପେମା ଆଦ ପାଲିସ କରାଯାଏ । ସେହି ଚମଡ଼ାକୁ Chamois leather ସାମଏ ଚମଡ଼ା କୁହାଯାଏ । ଏ ଶବ୍ଦର ଇଂରାଜ ଉଚ୍ଚାରଣ ସାମ୍ଭ୍ ବା ସାମ୍ଇ ।]

ସାମଏ ଚମଡ଼ା—ଦେ. ବ (ଇଂ. ସାମଏ+ଫ. ଚର୍ମ) —ସାମଏ ମୃଗର ଚର୍ମରୁ ନିର୍ମିତ ସରଳା କଥା ଚମଡ଼ା—Sāmae chamardā ସାମଏ ଚାମଡ଼ା ସାମଏ ଚମଡା Chamois leather. (ସାମଏ ଲେଦର୍—ବୈଦେ ରୂପ)

ସାମକ—ଂ, ବ (ସମ୍. ଧାତୁ=ସମାନ କରିବା+କ୍ୱୁ. ଅକ) —୧ । Sāmaka ମୂଳଧନ (ମିତାକ୍ଷରା); ଖାତକଠାରୁ ବଦଳ ଯାଇଥିବା ଋଣର ଅସଲ ଧନ—1. The principal of a loan. ୨ । (ସୋ. ଧାତୁ=ନାଶ କରିବା+କ୍ୱୁ. ଅକ)—ଉକୁଣାଣ (ବିକାଣ୍ଡଶେଷ); ଘାଣ୍ଟୁଡ଼ର ପିଣ୍ଡ—2. The ball at the base of a spind ୩ । ଶାଣ ପଥର—3. Whetstone. ଫ. ବ ଓ ବଣ (ସାମନ୍+କ)—୧ । ସାମବେଦାଧ୍ୟୟନକାରୀ ବ୍ୟକ୍ତି—1. A person studying the Sāma Beda. ୨ । ସାମ ବେଦାଭିଜ୍ଞ ବ୍ୟକ୍ତି—2. A person versed in the Sāma Beda.

ସାମଗ—ଫ ବଣ. ପୁଂ (ସାମନ୍+ଗୈ ଧାତୁ=ଗାଇବା+କ୍ୱୁ ଅ)—Sāmaga ୧ । ସାମବେଦୀ ବ୍ରାହ୍ମଣ (ଜଣାଧର)—A Brāhmaṇa following the 'Sāma' Beda. ୨ । ସାମବେଦଗାନକାରୀ ବ୍ରାହ୍ମଣ—2. A Brāhmaṇa singing the hymns of the Sāma Beda. (ସାମଗୀ—ସ୍ତ୍ରୀ)

ସାମ ଗର୍ଭ—ଫ ବ (ବହୁବ୍ରୀ; ସାମନ୍ ଅଙ୍ଗ ଗର୍ଭରେ ଯାହାଙ୍କର)—Sāma garbha ବିଷ୍ଣୁ (ଶବ୍ଦରତ୍ନାବଳୀ)—Bishṇu.

ସାମଗାନ(ୟ)—ଫ ବ (ସାମ+ଗୈ ଧାତୁ+ଭାବ ଅନ+ଅ)—Sāmagāna(ya) ଛନ୍ଦଃ ଦ୍ୱାରା ସାମ ବେଦର ମନ୍ତ୍ର ଗାଇବା—ସାମଗାୟନ ସାମଗୀତ } —ଅନାରୁଷ The chanting of the hymns of the Sām Veda.

ସାମଗିରି—ସାଦେ (ଲକ୍ଷଣା) ଓ ଗ୍ରା. ବ—ସାମଗ୍ରୀ—Sāmagiri (See); materials; ingredients.

ସାମଗୀ—ଫ ବ. ସ୍ତ୍ରୀ—୧। (ସାମଗର ସ୍ତ୍ରୀଲିଙ୍ଗ) ସାମବେଦୀ ବ୍ରାହ୍ମଣର ସ୍ତ୍ରୀ—Sāmagī 1. The wife of a Sāmaga Brahman. ୨ । ସାମଗାନକାରିଣୀ ସ୍ତ୍ରୀ—2. A woman chanting the Śāma Beda.

ସାମଗିର—ଗ୍ରା (ପଦ୍ୟ) ବ—୧ । ସାମଗ୍ରୀ (ଦେଶ)—1. Samagrī Sāmagiri ସାମିଗ୍ରୀ (See) ୨। ଅସ୍ତ୍ର ଶସ୍ତ୍ର; ହାତ ହତିଆର—ସାମଗିରି 2. Weapons; implements. (ଉ—ଶମୀ ଦମ୍ଭ ଧିବ ଗଣ୍ଡ ତରୁକ ଦେଖିଲେ, ବଦ୍ଧ ସାମଗୀର କାମ ଦୂରୁ ଉପୁ କଲେ—ଶିଶୁଶଙ୍କର ଉଷା ଅରୁଣାଭ ।)

ସାମଗ୍ରୀ—ଫ ବ (ସମଗ୍ର+ଭାବାର୍ଥେ ଅ+ଈ)—୧ । କାରଣସମୂହ Samagrī (ପଦାର୍ଥ ଦୃଶ୍ୟ)—1. Causes. ୨ । ଦ୍ରବ୍ୟ; ବସ୍ତୁ—2. Thing. ୩ । ଦ୍ରବ୍ୟସମୂହ; ଦ୍ରବ୍ୟ

Digitized by srujanika@gmail.com

ସମ୍ଭାର—3. A collection of things. ୪ । ସରଞ୍ଜାମ; ଉପକରଣ—4. Materials ୫ । ଉପାଦାନସମୂହ—5. Ingredients. ୬। ଖାଦ୍ୟାର୍ଥ ବସ୍ତୁ-ତତ୍ତ୍ୱ—6. Victuals. ୭ । ଖାଦ୍ୟ ଖାଇଁ ବ୍ୟବହୃତ ପାତ୍ରାଦି—7. Cooking utensils. ୮ । ଦଳବଳ (ପ୍ରକୃତିବାଦ)—8. Retinue; band. ୯ । ଅସ୍ତ୍ର ଶସ୍ତ୍ର—9. Weapons, ୧୦। ଭଣ୍ଡାର—10. Store-room. ୧୧ । କାରିଗରର ଯନ୍ତ୍ରାଦି; ସାଧନ—11. Implements; tools of an artisan. ଦେ· ବ—ଭୋଜରେ ବହୁପ୍ରକାର ଖାଦ୍ୟବସ୍ତୁ—Different items of food served in a feast. (ଯଥା—ଭାଙ୍କ ବାପ୍ପର ଶିରିଠାରେ ଭଲ ସାମଗ୍ରୀମାନ ଦେଇଥିଲ ।)

ସାମଗ୍ରୀ ପତ୍ର—ଦେ. ବ (କରର୍ଥକ ଦ୍ୱିତୀୟ ସପ୍ତତର ଶବ୍ଦ)—ନାନାବିଧ ବସ୍ତୁ—Many articles. (ସାମଗ୍ରୀଯାଉ; ସାମଗ୍ରୀପତ୍ତର—ଅନ୍ୟରୂପ) ସାମିଗ୍ରୀପତ୍ର **सामग्रीआदि**

ସାମଗ୍ର୍ୟ—ସଂ. ବ (ସମଗ୍ର+ଭାବାର୍ଥେ. ଯ)—୧ । ସମଗ୍ରତା—Sāmagaya 1. Wholeness; completeness; entirety. ୨ । ସାମଗ୍ରୀ (ଦେଖ)—2. Sāmagrī (See)

ସାମଜ—ସଂ. ବ (ସାମନ୍=ସାମ ବେଦ+ଜନ୍ ଧାତୁ+କଞ୍ଚି, ଅ; କଥିତ ଅର୍ଥ ଯେ ବ୍ରହ୍ମା ସାମ ବେଦ ଗାନ କରିବା-ବେଳେ ଜନ୍ମିଥିଲା)—ହସ୍ତୀ (ମେଦଗ)—Sāmaja Elephant. ବଣ—ସାମରୁ ଜାତ—Born of or resulting from conciliation.

ସାମଜ(ଞ୍ଜ)ସ—ଦେ. ବ (ସଂ. ସାମଞ୍ଜସ୍ୟ)—୧ । ସାମଞ୍ଜସ୍ୟ; ବିବାଦର ଅପୋସରେ ମେଳ; ବିବାଦ ପରେ ମେଳାପ Sāmaja(ñja)sa 1. Conciliation. ୨ । ବିବାଦର ଅପୋସ ମୀମାଂସା ସାମଂଜସ୍ୟ **सामोजस** ବା ସମାଧାନ—2. Amicable settlement of a dispute. ୩ । ସଦ୍ଭାବ; ଦୁଇଜଣଙ୍କ ମଧ୍ୟରେ ମେଳ—3. Good feeling. ବଣ—ଯେଉଁ ବ୍ୟକ୍ତି ବିବାଦକୁ ମିଳାଇଦିଏ-Conciliatory; bringing about amicable settlement.

ସାମଞ୍ଜସ୍ୟ—ସଂ. ବ (ସମଞ୍ଜସ=ଉଚିତ+ଭାବ ଯ)—୧ । ସମଞ୍ଜସତା; Sāmañjasya ଉପଯୋଗିତା—1. Fitness. ୨। ସମୀଚୀନତା; ଔଚିତ୍ୟ—2. Propriety. ୩ । ମେଳ; ମେଳାପ; ସଦ୍ଭାବ—3. Good feeling; agreement; harmony. ୪ । ଐକମତ୍ୟ; ଏକମନ ହେବାର ଭାବ; ମତର ଐକ୍ୟ; ମନର ମେଳ—4 Agreement; accordance. ୫ । ସମତା—5. Consistency; congruity. ୬ । ଉତ୍କର୍ଷ—6. Excellence.

ସାମଞ୍ଜସ୍ୟ (ସାଧନ)ବିଧାନ—ସଂ. ବ (୭ମ୍ବୀ ତତ୍)—୧ । ମେଳ Sāmanjasya (sadhana)bidhāna କରାଇବା—1. Bringing about conciliation or agreement. ୨ । ଏକରୂପତା ଚରଣ—2. Harmonising.

ସାମଧେନୀ—ସଂ. ବ (ସମିଧ୍+ଅ+ଧା ଧାତୁ=ଧାରଣକରିବା+ଚରଣ Sāmadhenī ଅନ+ଇ; ସମିଧ+ଅଧାନୀ;କରାଇବା) ୧ । ଯୋମାଗ୍ନି ସନ୍ଧୀପନ ମନ୍ତ୍ର; କଅଁ ଜଳାଇବାର ମନ୍ତ୍ର; ଅଗ୍ନି ସନ୍ଧୀପନ କରିବାବେଳେ ଯେଉଁ ମନ୍ତ୍ର ଯାଠ କରିଯାଏ-1. A mystic formula for igniting sacrificial fire. ୨ । ଇନ୍ଧନ—2. Fuel.

ସାମନା—ଦେ· ବ (ସଂ. ସମ୍ମୁଖ; ଉଦ୍ଭୁ ଓ ହୃଦା)—ସମ୍ମୁ; ସମ୍ମୁଖଭାଗ—Sāmanā Front part. ବଣ—ସମ୍ମୁଖୀନ—Front; ସାମନା **सामना** opposite.

ସାମନା-ଚାଲ୍—ଦେ. ବ—(ବ୍ୟାୟାମୀମାନଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ Sāmanā chāl ଥଦେଶ କରନ) ଅଗ୍ରରେ ଦୃଅ—(a term ସାମନାଚଲ୍ **सामनेचलो** of drill) Forword-march !

ସାମନା ଦାନ୍ତ—ଦେ. ବ (ସଂ ସମ୍ମୁଖ ଦନ୍ତ)—ଗ୍ରମୁଦାନ୍ତ—Sāmanā dānta Front teeth. ସାମନାଦାନ୍ତ **सामनेकादांत**

ସାମନାରେ—ଦେ· କ୍ରି. ବଣ—ସମ୍ମୁଖରେ—Sāmanāre In front of; in the face of; before. ସାମନେ **सामनेमें**

ସାମନା ସାମନି—ଦେ. ବଣ—ପରସ୍ପର ସମ୍ମୁଖୀନ—Facing each Sāmanā sāmani other or one another. ସାମନାସାମନି **सामनासामनि** କ୍ରି. ବଣ—ପରସ୍ପରଙ୍କ ସମ୍ମୁଖରେ —In front of each other,

ସାମନି—ସଂ. ବ (ସୋ ଧାତୁ=ନାଶ କରିବା+କରଣ ଅନ୍+ଇ-Sāmanī ପଶୁ, ପଶୁ ବନ୍ଧନର ରଜ୍ଜୁ (ସାର ସୁନ୍ଦର)—A rope for tying beasts.

ସାମନ୍ତ—ସଂ ବଣ (ବହୁବ୍ରୀହି; ସମ୍=ସଂଲଗ୍ନ ଅନ୍ତେ ଅନ୍ତ=ଏକ-Sāmanta ଦେଶ ଯାହାର; କିମ୍ବା ସମନ୍ତାତ୍+ଭବ ଅର୍ଥରେ ଅ;ବ୍ୟାଖ୍ୟାନ)—୧। ରାଜ୍ୟର ସମୀପବର୍ତ୍ତୀ—1.Adjacent to the kingdom. ୨ । ନିକଟବର୍ତ୍ତୀ—2. Adjacent. ସ ବ—୧ । ରାଜାଙ୍କ ଅଧୀନ ଶ୍ରେଷ୍ଠ ରାଜା—1. A tributary or feudatory chief under a king. [ଦ୍ର—ରାଜ୍ୟର ମଧ୍ୟରେ ଉତ୍ସଂଲଗ୍ନ ଭୂମିର ଉତ୍ସୃଦଂଶର ଭୂସ୍ୱାମୀଙ୍କୁ ସାମନ୍ତ କହନ୍ତି—ବଣ୍ଟକୋଷ) ୨ । ସମୀପବର୍ତ୍ତୀ ଦେଶର ରାଜା—2. King of an adjacent kingdom. ୩ । ଅଧିନାୟକ (ବଣ୍ଟକୋଷ)—3. Leader. ୪ । ସାମୀପ୍ୟ

(ସ୍ୱତ୍ୱବାଦ)—4. Propinquity. ୫ । ଶ୍ରେଷ୍ଠ ପ୍ରଜା-ମଣ୍ଡଳ (ସ୍ୱତ୍ୱବାଦ)—5. Prominent subjects

ସାମନ୍ତ ସାମଂତ of a kingdom ଦେ.ବ—୧ । ସାଥଜ୍ଞ (ଦେଶ) 1. Sā-ānta (See) ୨ । ମଣ୍ଡଳେଶ୍ୱର; ଜମିଦାର—2. A landlord. ୩ । ଗ୍ରାମର ମଣ୍ଡଳ—(ସାମନ୍ତାଣୀ—ସ୍ତ୍ରୀ) 3. The headman of a village. ୪ । ରାଜବନ୍ଧୁଦର—4. A royal kinsman or agnate. ୫ । କ୍ଷତ୍ରିୟମାନଙ୍କ ଉପାଧି—5. A general title amongst the Kshatriyas. ୬ । ଉଦ୍ ପ୍ରଜା—6. A subject of gentle family. ୭ । ଉଚ୍ଚବଂଶୀୟ ବ୍ୟକ୍ତି—7. A nobleman. ୮ । କରଣମାନଙ୍କର ସାଧାରଣ ଉପାଧି—8. A generic title of the Karaṇas. ୯ । ସାଥଜ୍ଞ ବ୍ରାହ୍ମଣ; କୁଳୀନ ବ୍ରାହ୍ମଣ—9. A Brāhmaṇa of high social status. ୧୦ । ସ୍ୱାମୀ; ପ୍ରଭୁ; ଶାସ୍ତ୍ରିନ୍—10. Master; lord. [ଜ—ଅଜଠାରୁ ଭୁମ୍ଭେ ହୋଇଲ ମୋ ସାମନ୍ତ । ଯା ବୋଲୁଥିବ ତାହା କରିବ ଭୁରତ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।] ୧୧ । ଗ୍ରାମର ଯେଉଁ ଗୃହସ୍ଥଙ୍କର ଧୋବା ଉଣ୍ଡାସ ସେବା ଶଠିନ୍ତ—11. A householder of a village who is served by a particular washerman or barber. [ଦ୍—ଉକ୍ତ ଗୃହସ୍ଥ ସେଉ ସେବକ ଧୋବାର ବା ଉଣ୍ଡାରର ସାମନ୍ତ ବୋଲାନ୍ତି ।] ୧୨ । ଗୁରୁଜନମାନଙ୍କ ପ୍ରତି ସମ୍ମାନାର୍ଥ ସମ୍ବୋଧନ—12. A term of respect used for one's elders. ୧୩ । ଅଗ୍ରୀ (ଜାତିବିଶ୍ୱ) ମାନଙ୍କ ବଂଶୋପାଧିବିଶେଷ—13. A family-title amongst the Āgris. ୧୪ । ସେନାପତି—14. A commander; a general. ୧୫ । କରଣ ବିବାହରେ ବରଙ୍କସଙ୍ଗେ ଅସିଥିବା ବଶିଷ୍ଟ ବରଯାଶୀ—15. Respectabel persons accompanying a bridegroom to a Karaṇa marriage. ୧୬ । ଜାଳକସାର ଠୀକା ପ୍ରସ୍ତୋତା ଜଣେ ଜ୍ୟୋତିର୍ବିତ୍ (ବଶ୍ୱକୋଷ) (ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀ)—16. Name of an astrologer who was the author of an astrological Key-book.

ସାମନ୍ତ ଗିରି (ପଣ)—ଦେ. ବ—୧ । ସ୍ୱାମିତ୍ୱ—1. Mastery. Sāmanta giri (paṇa) ୨ । ସାମନ୍ତ ହେବାର ଅବସ୍ଥା—2. The state of being a Sāmanta.

ସାମନ୍ତପନା ସାମନ୍ତପନ (ସାମନ୍ତ ପଣିଆ; ସାମନ୍ତ ପଣିଆଁ—ଅନ୍ୟରୂପ)

ସାମନ୍ତ ବଦାକ (ମର୍ଯ୍ୟାଦା)—ଦେ. ବ—ସାଥଜ୍ଞ ବଦାକ (ଦେଶ) Sāmanta bidāki (marjyādā) Sā-ānta bidāki (See)

ସାମନ୍ତ ରାଜା—ଦେ. ବ—ରାଜାଙ୍କ ଅଧୀନ ରାଜା—Sāmanta rājā A feudatory chief under a king.

ସାମନ୍ତ ସେନ—ଦେ. ବ—ବଙ୍ଗଦେଶର ସେନ ବଂଶୀୟ ରାଜାମାନଙ୍କ Sāmanta sena ଆଦିପୁରୁଷ—The name of the ancestor of the Sena family of kings of Bengal. [ଦ୍—ଏ ଦାକ୍ଷିଣାତ୍ୟର ଜଣେ ସାମନ୍ତ ରାଜା ଥିଲେ; କୌଣସି କାରଣରୁ ରାଜାଙ୍କ କୋପରେ ପଡ଼ିବାରୁ ସେଠାରୁ ପଳାଇ ଆସି ନବଦ୍ୱୀପରେ ବାସ କରି (୧୦ମ ଶତାବ୍ଦୀରେ) ରାଜ୍ୟ ସ୍ଥାପନ କଲେ; ଏହାଙ୍କ ପୁତ୍ର ହେମନ୍ତ ସେନ ଓ ପୌତ୍ର ବଲ୍ଲଯ ସେନ ଥିଲେ—ବଶ୍ୱକୋଷ ।]

ସାମନ୍ତା(ନ୍ତେ)ଇ—ଦେ. ବଣ—ସାମନ୍ତ ସମ୍ବନ୍ଧୀୟ—Relating to Sāmantā(nte)i Sāmanta. ବ—ସାମନ୍ତ ପଦ—ସାମନ୍ତପନା The position or state of being a **ସାମନ୍ତପନ** Sāmanta.

ସାମନ୍ତେଶ୍ୱର—ସ. ବ (୬ଷ୍ଠୀ ତତ୍) —ରାଜାଧିରାଜ; ସାମନ୍ତ ରାଜାମାନଙ୍କ ଚକ୍ରବର୍ତ୍ତୀ—A sovereign. Sāmanteswara

ସାମନ୍ୟ—ସ. ବ. ଘୁଂ (ସାମନ୍+ଜ୍ଞାତା ଅର୍ଥରେ. ଯ)—ସାମବେଦଜ୍ଞ ବ୍ରାହ୍ମଣ—A Brāhmaṇa versed in the Sāma Beda Sāmanya

ସାମ ବାଦ—ସ. ବଣ (୬ଷ୍ଠୀ ତତ୍) —୧ । ପ୍ରିୟବାକ୍ୟ କଥନ Sāma bāda (ବଶ୍ୱକୋଷ) —1. Speaking of things agreeable to a person. ୨ । ପ୍ରିୟବାକ୍ୟ (ବଶ୍ୱକୋଷ)—2. Agreeable words.

ସାମବାୟିକ—ସ. ବଣ (ସମବାୟ+ଇକ)—ସମବାୟ ସମ୍ବନ୍ଧୀୟ—Sāmabāyika Relating to Samabāya or aggregate; cooperative. ବ—୧ । ନାୟକ; ଦଳପତି—1. Headman or leader. ୨ । ସଚିବ; ମନ୍ତ୍ରୀ (ହେମଚନ୍ଦ୍ର)—2. Minister.

ସାମ ବେଦ—ସଂ. ବ—ସାମ ୧(ଦେଶ). Sāma beda Sāma 1(See)

ସାମବେଦିଆ—ଦେ. ବଣ (ସଂ. ସାମବେଦିନ୍) —ସାମବେଦାଧ୍ୟାୟୀ (ବ୍ରାହ୍ମଣ)—(a Brāhmaṇa) Studying the Sāma Beda. Sāmabediā

ସାମବେଦୀ—ସଂ. ବ. ଘୁଂ (ସାମବେଦ+ଇନ୍; ୧ମା. ୧ବ)—ସାମବେଦାଧ୍ୟାୟୀ ବ୍ରାହ୍ମଣ—A Brāhmaṇa studying the Sāma Beda. ଦେ. ବଣ—ସାମବେଦିଆ (ଦେଶ)—Samabediā (See) Sāmabedī

ସାମବେଦୀୟ—ସଂ. ବଣ—୧ । ସାମବେଦ ସମ୍ବନ୍ଧୀୟ—1. Relating to the Sāma Beda. ୨ । ସାମବେଦାଧ୍ୟାୟୀ—2. Studying the SāmaBeda. Sāmabedīya

ସାମ ମଲ(ଳ)—ଦେ. ବ—ସାମଳ (ଦେଶ) Sāma mala(lla) Sāmala (See)

ସାମୟିକ—ସଂ. ବଣ (ସମୟ+ଉଚିତାର୍ଥେ.ଇକ)—୧ । ସମୟୋଚିତ; କାଲୋପଯୋଗୀ—1. Befitting the time; Sāmayika

opportune. ୨ । ସମୟେ ସମୟେ ଯାହା ଘଟି ଥାରେ —2. Happening at times. ୩ । ଅସ୍ଥାୟୀ— 3. Temporary. ୪ । ନିୟମାନୁଯାୟୀ—4. According to rule; following a rule.

ସାମ ଯୋନି—ସଂ. ବ (ସାମ=ସାମବେଦ ଅର୍ଥେ ଯୋନି=ଉତ୍ପତ୍ତିସ୍ଥଳ ଯାହାର)—ସାମବେଦୋତ୍ପନ୍ନ— Sāma joni Born of the Sāma Beda. ବ—୧ । ଦ୍ୱିପ—1. Elephant. ୨ । ବ୍ରହ୍ମା—2. Brahmā the creator.

ସାମର—ପ୍ରାଦେ. (ଛତିଶଗଡ଼) ବ—ଶମ୍ବର ମୃଗ— Sāmar The Śambar deer.

ସାମର—ପ୍ରାଦେ. (ଛତିଶଗଡ଼) ବଣ—ସାମାନ୍ୟ ଗୋରା—Of slightly Sāmara fair complexion. ସଂ. ବ (ସମର+ପ୍ରାର୍ଥେ ଅ)—ସମର (ଯୁଦ୍ଧକୌଶଳ); ଯୁଦ୍ଧ—Battle. ସଂ. ବଣ— ଯୁଦ୍ଧଜନ୍ୟ (ଯୁଦ୍ଧକୌଶଳ)—Due to war.

ସାମରଥ୍—ପ୍ରାଦେ (ସମ୍ବଲପୁର) ବଣ (ସଂ ସମର୍ଥା)—ପ୍ରାପ୍ତବୟସ୍କା; Sāmarath ବୟସ୍କଳା; ଗୃହଯୋଗ୍ୟା (କାଳକା)— Matured (girl); who has attained puberty. (ଯଥା—ସେ ବୁଝ ସାମରଥ୍ ହେଇଛନ୍) ।

ସାମରଥ—ପ୍ରା. ବ (ସଂ. ସାମର୍ଥ୍ୟ)—ସାମର୍ଥ୍ୟ (ଦେଶ)— Sāmaratha Sāmarthya (See). [ଉ—ବଡ଼ ସାମର୍ଥ୍ୟ ସା(ସ)ମରଥ ଦଶରଥ ଜଣା ସାମରଥ ଉପୁଜି ଲୁପୁଟ—ଉଜ. ବୈଦେହୀଶବଳାସ ।] ବଣ (ସଂ. ସମର୍ଥା)—ସାମରଥା (ଦେଶ)—Sāmarathā (See)

ସାମରଥା(ର୍ଥୀ)—ପ୍ରା. ବଣ (ସଂ ସମର୍ଥା)—୧ । ସାମର୍ଥ୍ୟବଶିଷ୍ଟ; ବଳବତ୍; Sāmarathā(thī) ବଳବାନ୍—1. Strong; mighty. ସମର୍ଥ ସମରଥ [ଉ—ବଡ଼ଉ ତ ସମରେ ଅଉ ସାମରଥା—କୃଷ୍ଣସିଂହ ମହାପ୍ରଭୁର ବନ ।] ୨ । ଯୋଗ୍ୟ— 2. Able; competent. ୩ । କ୍ଷମତାଶାଳୀ— 3. Powerful. ୪ । ବୀରତ୍ୱପୂର୍ଣ୍ଣ—4. Heroic. ବ—୧ । ବୀର—1. Hero. ୨ । ସମର୍ଥ ବ୍ୟକ୍ତି— 2. Mighty person. ୩ । ଯୋଗ୍ୟ ବ୍ୟକ୍ତି— 3. Able person.

ସାମରଥ୍ୟ—ପ୍ରା.ବ (ସଂ ସାମର୍ଥ୍ୟ)—ସାମର୍ଥ୍ୟ (ଦେଶ)—Sāmarthya Sāmarathya (See) [ଉ—ଧୂର୍ଜ୍ଜଟି ସାମର୍ଥ୍ୟ ସାମରଥ୍ୟ ମାଗବାକୁ ଭୂମ୍ନ ସାମରଥ୍ୟ— କୃଷ୍ଣସିଂହ ମହାପ୍ରଭୁର. ବନ ।]

ସାମରାଧିପ—ସଂ ବ. ପୁଂ (ସାମର+ଅଧିପ)—ସେନାପତି [ଦଶକୌଶଳ] Sāmarādhipa A general.

ସାମରିକ—ସଂ ବଣ (ସମର+ସମ୍ବନ୍ଧାର୍ଥେ ଇକ)—୧ । ଯୁଦ୍ଧସମ୍ବନ୍ଧୀୟ Sāmarika 1. Relating to war; military. ୨ । ସମରପ୍ରିୟ—2. Warlike; martial; fond of war. ୩ । ସମରୋପଯୋଗୀ— 3. Fit for battle; warlike.

ସାମରିକ ଅଦାଲତ—ଦେ. ବ—ଯୁଦ୍ଧସମ୍ବନ୍ଧୀୟ ଅପରାଧମାନଙ୍କ ବିଚାର Sāmarika adālata ବିଚାରିବା ଅଦାଲତ ବା ବିଚାରାଳୟ— ସାମରିକ ଆଦାଲତ **सामरिक अदालत** Court-martial.

ସାମରିକ ଆଇନ୍—ଦେ. ବ—ଯୁଦ୍ଧସମୟରେ ଚଳିବା କଠୋର ଆଇନ୍- Sāmarika āina Martial law.

ସାମରିକ ବିଧି
ସାମରିକ ବିଧାନ } —ଅନ୍ୟରୂପ

ସାମରିକ ଆଇନ **सामरिक आइन**

ସାମରିକ ପୋତ (ଜାହାଜ, ତରୀ)—ସଂ ବ (ଅଧିକ)—ରଣପୋତ; Sāmarika pota(jāhāja, tarī) ଯୁଦ୍ଧଜାହାଜ-Warship; ସାମରିକ ପୋତ **सामरिक जहाज** man-o-war.

ସାମରିକ ବିଚାର—ସଂ ବ (ଅଧିକ) ଯୁଦ୍ଧ ସମ୍ବନ୍ଧୀୟ ଅପରାଧର ବିଚାର— Sāmarika bichāra A trial in a court martial. ସାମରିକ ବିଚାର **सामरिकविचार**

ସାମରିକ ବିଚାରାଳୟ—ସଂ ବ (ଅଧିକ)—ସାମରିକ ଅଦାଲତ (ଦେଶ) Sāmarika bichārālaya Sāmarika adālata ସାମରିକ ବିଚାରାଳୟ **सामरिक विचारालय** (See)

ସାମରିକ ବିଦ୍ୟାଳୟ—ସଂ ବ (ଅଧିକ)—ଯେଉଁ ବିଦ୍ୟାଳୟରେ Sāmarika bidyālaya ଯୁଦ୍ଧବିଦ୍ୟା ଶିକ୍ଷାଯାଏ— ସାମରିକ ବିଦ୍ୟାଳୟ **सामरिक विद्यालय** [ଦ୍ର —ଅଫିସ କେବଳ ଉଚ୍ଚପଦରେ ଏହା ଥିଲା; ଅଳକାଲ ତୃତଳରେ ମଧ୍ୟ ଏହି ବିଦ୍ୟାଳୟ ସ୍ଥାପିତ ହୋଇଅଛୁ]--A school for military training.

ସାମରିକ ବିଭାଗ——ଦେ. ବ—ଦେଶ୍ୟଶାସନାଧୀନ ଯୁଦ୍ଧସମ୍ବନ୍ଧୀୟ ବିଭାଗ- Sāmarika bibhāga The military Department ସାମରିକ ବିଭାଗ **सामरिक विभाग** of the Government.

ସାମରିକ ମନ୍ତ୍ରୀ (ସଚୀବ)—ଦେ. ବ—ଯେଉଁ ମନ୍ତ୍ରୀ ଯୁଦ୍ଧ ସମ୍ବନ୍ଧୀୟ Sāmarika mantrī (sachība) ବିଷୟ ପରିଚାଳନ ଓ ସମସ୍ତର୍ଗ ସାମରିକ ମନ୍ତ୍ରୀ ଦଳପତି—War minister; war-lord. **सामरिक मन्त्री**

ସାମରେୟ—ସଂ. ବଣ (ସମର+ଏୟ ସମ୍ବନ୍ଧାର୍ଥେ)—ସାମରିକ (ଦେଶ) Sāmareya Sāmarika. (See)

ସାମର୍ଥ—ପ୍ରା. ବଣ (ସଂ. ସମର୍ଥ)—ସମର୍ଥ (ଦେଶ)—Samartha. Sāmartha (See) ବ—(ସଂ. ସାମର୍ଥ୍ୟ) ସାମର୍ଥ୍ୟ (ଦେଶ)— ସମର୍ଥ **सामर्थी** Sāmarthya. (See) (ଉ—ତାହାକୁ ବଳ ସାମର୍ଥ୍ୟ **सामर्थ** ଅଛୁ ଏ ଜଗତେ ଜାର୍ଥ, ବୋଲିବାକୁ ଲାଜର ଅବେ ଜ ସାମର୍ଥ । କୃଷ୍ଣସିଂହ. ମହାପ୍ରଭୁର. ବନ ।)

ସାମର୍ଥ ପଣ—ପ୍ରା. ବ (ସଂ. ସମର୍ଥ+ଓଡ଼ିଆ.ପଣ)—ସାମର୍ଥ୍ୟ(ଦେଶ)— Sāmartha paṇa Sāmarthya. (See) (ଉ—ଲେଉ ସାମର୍ଥ୍ୟ **समर्थपन** ବୈଷ୍ଣବ ପଦରଜେ, ସାମର୍ଥ ପଣ ପରଜାଏଁ— ଭୂପତି. ପ୍ରେମପଞ୍ଚାମୃତ ।)

ସାମର୍ଥା(ର୍ଥୀ)—ଦେ. ବଣ ଓ ବ—ସାମରଥା (ଦେଶ) Sāmarthā(rthī) Sāmarathā. (See)

Digitized by srujanika@gmail.com

ସାମର୍ଥାଇବା—ଦେ. କି—ବୁଝାଇବା; ସମଝାଇବା; ସମର୍ଥନ କରିବା—
Sāmarthāibā To explain; to support. (ଯଥା—ମୁଁ ତାଙ୍କୁ କହିଛି ସାମର୍ଥାଇ କହିଲି, ମାତ୍ର ସେ ମୋ କଥା ଶୁଣିଲେ ନାହିଁ ।)

ସାମର୍ଥ୍ୟ—ସଂ. ବି (ସମର୍ଥ+ଷ୍ୟଞ୍. ଯ)—୧ । ଶକ୍ତି; କ୍ଷମତା—
Sāmarthya 1. Power; potency. ୨ । ବଳ—2. Might; strength. ୩ । ଯୋଗ୍ୟତା—3. Ability; fitness. ସଂ. ବିଣ—୧ । ଶବ୍ଦର ପ୍ରତିପାଦ୍ୟ (ଜଣାଯିବା ଅର୍ଥ) (ବୃଟକୋଷ)—1. Denotative(meaning of a term). ୨ । ପ୍ରଶଂସ୍ୟ (ବୃଟ. କୋଷ)—2. Praiseworthy.

ସାମର୍ଥ୍ୟ ପାଇବା—ଦେ. କ୍ରି. (ଭୁଲ, ଏ କାମ କରିବାକୁ ମୋର ବଳ
Sāmarthya pāibā ଆଉ ନାହିଁ)—ସାମର୍ଥ୍ୟ ଯଥେଷ୍ଟ ହେବା—ସାମର୍ଥ୍ୟ ପାଓୟା Being able. (ଯ—ଅଣିବାକୁ ମୋର
सामर्थ्य पाना ସାମର୍ଥ୍ୟ ଆଉ ନାହିଁ । କୃଷ୍ଣସିଂହ. ପ୍ରହ୍ଲାଦଚରିତ. ଶାନ୍ତି ।)

ସାମର୍ଷ—ସଂ. ବିଣ. ଘୁଂ (ସଦ୍ଭାର୍ଥ କହିବା ହୁ; ସ+ଅମର୍ଷ)—୧ । ଅମର୍ଷ
Sāmarsha ଯୁକ୍ତ—1. Spiteful. ୨ । ରୋଷଯୁକ୍ତ (ସାମର୍ଷା—ସ୍ତ୍ରୀ) (ବୃଟକୋଷ)—2. Wrathful.

ସାମଲ—ଦେ. ବି(ସଂ. ସାଢ଼ସ+ମଲ୍ଲ)—୧। ସାଇତମାନଙ୍କର ବଂଶୋଦ୍ଭବ
Sāmala ବୋଧକ—1. A family title of the descen- [ସାମଲଅଣୀ—ସ୍ତ୍ରୀ] dants of the Oriya militia. ୨। ଶୂଦ୍ର, ରଣା ଓ ଖଣ୍ଡାୟତମାନଙ୍କର ବଂଶୋଦ୍ଭବ ବୋଧକ—2. A family title of Śūdras and Khaṇḍāetas. ୩ । ପାଣ ଓ ବାଉରିମାନଙ୍କର ବଂଶୋଦ୍ଭବ ବୋଧକ—3. A family title of Pāṇas and Bāuris.

ସାମଲା—ଦେ. ବିଣ—ସାଉଁଳା (ଦେଶ)—Sāuñlā. (See)
Sāmalā ସାଦେ. (ଉତ୍ତର ବାଲେଶ୍ୱର) ବି—ସୁଆଁ ନଇ (ଦେଶ)—Suāñ nai. (See)

ସାମଲ୍ଲ—ବୈଦେ. ବି (ଆ)—୧ । ମୁକ୍ତାର ଓ ଓକିଲମାନେ ମୁଣ୍ଡରେ
Sāmalā ଯେଉଁ ପୁରୁଣାଢାଳଆ ପାଗ ପିନ୍ଧନ୍ତି—1. An old- ସାମଲା fashioned turban used by legal practi- सामला tioners. ୨। ପୁରାଢାଳର ରାଜକର୍ମଚାରୀମାନଙ୍କ ପଗଡ଼ୀ—2. A turban used to be worn by courtiers.

ସାମଲାଇବା—ଦେ. କି—ସାଉଁଳାଇବା (ଦେଶ)
Sāmalāibā Sāuñlāibā. (See)

ସାମଳାଯୁନ—ସଂ. ବିଣ, ଘୁଂ. (ସମଳ+ଅୟୁନ)—୧ । ସମଳ ସ୍ଥାନରୁ
Sāmalāyana ପ୍ରତ୍ୟାବୃତ୍ତ (ବୃଟକୋଷ)—1. Returned from a dirty place. ୨ । ସମଳ ସ୍ଥାନବାସୀ [ବୃଟକୋଷ]—2. Residing in a dirty place, ସଂ. ବି—ସମଳ ସ୍ଥାନର ଅଦୂରବର୍ତ୍ତୀ ସ୍ଥାନ (ବୃଟକୋଷ)—A place adjoining a dirty place.

ସାମଳିଆ—ଦେ. ବିଣ—ସାଉଁଳିଆ (ଦେଶ)
Sāmaliā Sāuñliā. (See)

ସାମଳିବା—ଦେ. କି—ସାଉଳିବା (ଦେଶ)—Sāulibā. (See)
Sāmalibā (ଯ—କେ ଚକୁରଗୋପ୍ତା ଭଳି ଯେ, ସ୍ୱବାସ ଉଇଳେ କେଶ ସାମଳିଲ, ଜଗମା ଦୃଷ୍ଟି ବୁଡ଼ାଇ ଯେ । ଗୋଇକ. ଇଦୁରେଙ୍ଗା ।)

ସାମଳେୟ—ସଂ. ବିଣ ଓ ବ (ସମଳ+ଏୟ)—ସାମଳାୟନ (ଦେଶ)
Sāmaleya Sāmalāyana. (See)

ସାମଲ୍ୟ—ସଂ. ବିଣ ଓ ବ (ସମଳ+ଯ)—ସାମଳାୟନ (ଦେଶ)
Sāmalya Sāmalāyana. (See)
ବ—ସମଳତା (ବୃଟକୋଷ)—Dirtiness,

ସାମ(ମୁ)ସେଇ—ଦେ. ବି—ଅବଖୁରୁ; ଅତି ଛୋଟ ଜାଲ—
Sāma(mu)sei A very small water jug.
ଆବଖୋରା लोटिआ

ସାମସେର୍ ଜଙ୍ଗ—ଦେ. ବି—ନେପାଳ ଶାସନକର୍ତ୍ତା ଓ ପ୍ରଧାନ
Sāmaser jang ରାଜମନ୍ତ୍ରୀଙ୍କ ଉପାଧି—The title of the समसेर जंग minister and the Governor of the Nepāl State.

ସାମାଜିକ—ସଂ. ବିଣ (ସମାଜ+ସମ୍ଭାର୍ଥେ. ଇକ)—୧ ।
Sāmājika ସମାଜ ସମ୍ବନ୍ଧୀୟ—1. Relating to an association or meeting. ୨। ସହୃଦୟ; ଯେଉଁ ବ୍ୟକ୍ତି ସମାଜରେ ମିଶେ—2. Sociable. ୩ । ଭଦ୍ର; ଶିଷ୍ଟ—3. Civil. ବ—୧ । ସଭ୍ୟସଦ୍; ସଭ୍ୟ (ଅମର)—1. Member of an association. ୨ । କୌଣସି ସମାଜର ବ୍ୟକ୍ତି—2. Member of a society or community. ୩ । ଲୌକିକତା; ସମାଜର ପ୍ରଥାଗତ ମର୍ଯ୍ୟାଦା—3. Social conventions.

ସାମାଜିକ ତନ୍ତ୍ର—ସଂ. ବ—୧ । ସମାଜରେ ଚଳୁଥିବା ବିଧି—
Sāmājika tantra 1. Social rule. ୨ । ଯେଉଁ ନିୟମ ସାମାଜିକ ନିୟମ ସାମାଜିକ ବିଧାନ ସାମାଜିକ ବିଧି } —ଅନ୍ୟରୂପ ଦ୍ୱାରା ସମାଜ ବା ସଙ୍ଘ ଅଧିଗୃଳିତ ହୁଏ—2. Rules for conducting societies or associations,

ସାମାଜିକତା—ସଂ ବ (ସାମାଜିକ+ତ୍ୱ ତ)—୧ । ଲୌକିକତା—
Sāmājikatā 1. Convention. ୨ । ବନ୍ଧୁ ବୋତ୍ତର; ବନ୍ଧୁମାନଙ୍କ ମଧ୍ୟରେ ଉପହାରର ଆଦାନପ୍ରଦାନ—2. Exchange of social presents. ୩ । ସହୃଦୟତା, ଭଦ୍ରତା; ଶିଷ୍ଟତା—3. Civility. ୪ । ସମାଜାନୁମତ ମର୍ଯ୍ୟାଦା—4. Social etiquette. ୫ । ସାମାଜିକ ଗତି ବା ପ୍ରଥା—5. Social custom.

ସାମାଜିକ (ଗତି)ପଦ୍ଧତି—ସଂ ବ—ସମାଜରେ ଚଳୁଥିବା ବ୍ୟବହାର—
Sāmājika (rīti)paddhati Social custom; usage.

Digitized by srujanika@gmail.com

ସାମାଜିକ ମୃତ୍ୟୁ—ସଂ ବ (ଅଦୃଶ୍ୟତ ବ୍ୟବହାର) —ସ୍ୱଜଦ୍ଦୋହାଦି ଅପରାଧ ବା ଦେବାଜ୍ଞା ଦେବା ଯୋଗୁଁ ଯେଉଁ ବ୍ୟକ୍ତି ସମାଜରୁ ବତାଡ଼ିତ ହୁଏ ବା ଅଇନ-ଦୃଷ୍ଟିରେ ମୃତ ବୋଲି ବବେଚିତ ହୁଏ—Civil death.

Sāmājika mṛutyu

ସାମାତ୍‌ସାମ୍ୟ—ସଂ. ବ—୧ । ପଙ୍କାୟୁକ୍ତମେ ଗ୍ରହମାନଙ୍କର ବିଷୁବ ରେଖାରେ ପ୍ରବେଶ ଓ ତହିଁରୁ ନିର୍ଗମ (ବିଶ୍ୱକୋଷ)—1. The entrance into and exit from the equator of one planet after another in succession. ୨ । ପଙ୍କାୟୁକ୍ତମେ ଆଗମନ ଓ ନିର୍ଗମନ—2. Successive comings in and goings out.

Sāmātsāmya

ସାମାତ୍ୟ—ସ. ବଣ.ପୁଂ(ସମାର୍ଥ ବହୁବ୍ରୀହି; ସ+ଅମାତ୍ୟ) —ଅମାତ୍ୟବିଶିଷ୍ଟ (ସାମାତ୍ୟା—ସ୍ତ୍ରୀ) —Having ministers,

Sāmātya

ସାମାନ୍ - କୈଦେ. ବ (ଫା. ସାମାନ୍; ତୁଳ. ସଂ. ସାମଗ୍ରୀ)—(ଏ ଶବ୍ଦ ରାଜାମ ଓଡ଼ିଆମାନଙ୍କ ମଧ୍ୟରେ ଅଧିକ ପରିମାଣରେ ପ୍ରଚଳିତ)—୧ । ସାମଗ୍ରୀ; ଉପକରଣ; ଦ୍ରବ୍ୟାଦି; ଜିନିସପତ୍ର—1. Articles; furniture ୨ । କୌଣସି ବ୍ୟକ୍ତିଙ୍କ ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁଚୟ, ଯାହା ଏକତ୍ର ବନ୍ଧା ହୋଇ ବିଦେଶକୁ ସାଙ୍ଗରେ ନିଆଯାଏ —2. Luggage; baggage. ୩ । ଚାଷଗରର ଯନ୍ତ୍ରାଦି—3. Implements. ୪ । କୌଣସି କାର୍ଯ୍ୟର ସାଧନସ୍ୱରୂପ ବସ୍ତୁଚୟ—4. Materials.

Sāmān

ସାମାନ୍ ପତ୍ର—ଦେ. ବ (ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ) —ନିତ୍ୟ ବ୍ୟବହାର୍ଯ୍ୟ ବସ୍ତୁଜାତ; ଆବଶ୍ୟକ ଦ୍ରବ୍ୟସମୂହର ମାଳ ପତ୍ର **ସାମାନ ଚିଜ** —Collection of one's articles of every day use.

Sāmān patra

ସାମାନ ଗ୍ରାମିକ—ସ. ବଣ (ସମାନ ଗ୍ରାମ+ଇକ)—୧ । ଏକ ଗ୍ରାମ-ଭବ—1. Belonging to one village. ୨ । ଏକ ଗ୍ରାମବାସୀ—2. Residing in the same village.

Sāmāna grām ika

ସାମାନାଧିକରଣ୍ୟ—ସ. ବ (ସମାନାଧିକରଣ+ଷ୍ଟ୍ୟଞ୍. ତ)—୧ । ଏକ-ଜାତିତ ଅବସ୍ଥା; ଏକ ସ୍ଥାନରେ ସ୍ଥିତ; ଏକାଶ୍ରୟ ବୃତ୍ତି—1. The state of being situated together; co-existence. ୨ । ସମାନାଧି-କରଣତା—2. Being in the same category or situation. ୩ । ସାଧାରଣ ଗୁଣର ବା ଧର୍ମର ଅବସ୍ଥିତ ସ୍ଥାନ (ବିଶ୍ୱକୋଷ)—3. The place where common attributes are found.

Sāmānādhikaraṇya

ସାମାନ୍ୟ—ସ. ବଣ (ସମାନ+ଯ)—୧ । ଯାହା ସବୁଠୁ ବା ସବୁ ବସ୍ତୁରେ ମିଳେ; ସତ୍ତ୍ୱତର; ସଜାତୀୟପୂର୍ଣ୍ଣ—(ସାମାନ୍ୟା—ସ୍ତ୍ରୀ) 1. Universal; common to all· (ଅସାମାନ୍ୟ—ବିପରୀତ) ୨ । ସାଧାରଣ—2. Ordinary.

Sāmānya

[ର—ସାମାନ୍ୟ ବିଷୟରେ ଗୁରୁ-ଲଘୁତ୍ୱ ବିଚାର—ଗଦାଧର ଭଟ୍ଟାଚାର୍ଯ୍ୟ ।] ୩ । ଅତି ଅଳ୍ପ—3. Slight. ୪ । ତୁଚ୍ଛ; ନଗଣ୍ୟ—4. Trivial; insignificant. ବ—୧ । ଗୋତ୍ୱ, ମନୁଷ୍ୟତ୍ୱ ଆଦି ଜାତିସାଧର୍ମ୍ୟ (ଯଥା—ଗୋରୁର ଗୋତ୍ୱ, ମନୁଷ୍ୟର ମନୁଷ୍ୟତ୍ୱ)—1. Generic quality; state of having an attribute common to a class. ୨ । ଏକ ଜାତି; ଏକ ଶ୍ରେଣୀ—2. One caste; one class; same species; genus. ୩ । ଯୌଗିକ ସିଦ୍ଧିବିଶେଷ—3. A kind of divine attainment due to the exercise of Jōga. [ତ୍ର—ଅଷ୍ଟାଦଶ ଯୋଗଜନ୍ୟ ସିଦ୍ଧି ବ୍ୟତୀତ ଅନ୍ୟ ୫ ଗୋଟି ସାମାନ୍ୟ ସିଦ୍ଧି ଅଛି । ଯଥା—୧ ଦିବ୍ୟାଜ୍ଞତା, ୨ ଅଦୃଶ୍ୟତ୍ୱ, ୩ ଚତୁର୍ଭୁଜତା, ୪ ବଜ୍ରସମ୍ପତ୍ତା, ୫ ଅପରାଜେୟତ୍ୱତା । ଏଥିସାଇଁ ଭଗବତ ଏତାବତ୍ସଙ୍ଖ୍ୟକ ଷୋଡ଼ଶ ଅଧ୍ୟାୟ ଅନୁସନ୍ଧେୟ ।] ୪ । ପ୍ରକାର; ରକମ—4. Kind. ୫ । ବହୁ ବସ୍ତୁଙ୍କର ବା ପ୍ରାଣୀଙ୍କର ଥିବା ସାଧାରଣ ଗୁଣ—5. Common attribute. ୬ । କାବ୍ୟାଳଙ୍କାରବିଶେଷ—6. A figure of speech. [ତ୍ର—ଯେଉଁ ସ୍ଥଳରେ ପ୍ରକୃତ ବିଷୟର ସଦୃଶ ଗୁଣଦ୍ୱାରା ଅନ୍ୟ ଜାତୀୟତ୍ୱ ହୁଏ, ଅର୍ଥାତ୍ ଯେଉଁ ସ୍ଥଳରେ ସାଧାରଣ ଧର୍ମବଳରେ ଅନେକ ବସ୍ତୁ ଏକତ୍ରୀକୃତ ହୁଏ ସେଠାରେ ଏ ଅଳଙ୍କାର ହୁଏ । ଉଦାହରଣ—'ଶୁକ୍ଳାଭସାରିକାଗଣ ଶୁକ୍ଳବସ୍ତ୍ରପରିହିତା ହୋଇ ମଲ୍ଲିକାମାଳାସ୍ପଶୋଭିତା, ଶ୍ୱେତଚନ୍ଦନଚର୍ଚ୍ଚିତା ହୋଇ ଚନ୍ଦ୍ରକରଣରେ ଅବସ୍ଥେୟ । (ପୃଥକ୍‌ରୂପେ ଅପର ଲକ୍ଷଣୀୟା) ହୋଇ ମୁଖରେ ଗମନ କରୁଅଛନ୍ତି' । ଏ ସ୍ଥଳରେ ଶୁକ୍ଳବସ୍ତ୍ର, ମଲ୍ଲିକାମାଳା, ଶ୍ୱେତ ଚନ୍ଦନ ଓ ଚନ୍ଦ୍ରିକା ଏ ସକଳ ଶୁଭ୍ର ବସ୍ତୁ ଥିବାରୁ ଶୁକ୍ଳାଭସାରିକା ଚନ୍ଦ୍ରା ପଡ଼ି ନାହାନ୍ତି । ଏଠାରେ ଏହି ଅଳଙ୍କାର ହେଲା—ବିଶ୍ୱକୋଷ] ୨ । ସାମଗ୍ର୍ୟ—7. Aggregation; totality. ୮ । (ବୈଶେଷିକ ନ୍ୟାୟଦର୍ଶନ) ବ୍ୟାପକ ଓ ବୃହତ୍ତର ସାଧାରଣ ଲକ୍ଷଣଗତ ସଜ୍ଞା—8.(Baiśeshika Nyāya school of philosophy) A definition which applies to a genus(as opposed to aspecies). [ତ୍ର—ବୈଶେଷିକ ଦର୍ଶନରେ ୭ଟି ପଦାର୍ଥ ସ୍ୱୀକୃତ ହୋଇଅଛି । ଯଥା—ଦ୍ରବ୍ୟ, ଗୁଣ, କର୍ମ, ସାମାନ୍ୟ, ସମବାୟ ଓ ବିଶେଷ । ନିତ୍ୟ ଓ ଅନେକ ସମବେତ ପଦାର୍ଥର ନାମ ସାମାନ୍ୟ ବା ଜାତି । ଗୋଟିଏ ବସ୍ତୁର ସଂଯୋଗ ହୁଏ ନାହିଁ; ଏକାଧିକ ବସ୍ତୁର ସଂଯୋଗ ଘଟେ । ସୁତରାଂ ସଂଯୋଗ ଅନେକ ସମବେତ ଅଟେ । କିନ୍ତୁ ଏ ସଂଯୋଗ ନିତ୍ୟ ନୁହେଁ, ଅନିତ୍ୟ । ସାମାନ୍ୟ ୨ ପ୍ରକାର, ପର ସାମାନ୍ୟ ବା ପର ଜାତି ଓ ଅପର ସାମାନ୍ୟ ବା ଅପର ଜାତି—ବିଶ୍ୱକୋଷ ।

"ଭରତାଦ୍ୟମାନେ ଆର୍ଯ୍ୟ ଓ ଅନାର୍ଯ୍ୟ ଅଟନ୍ତି । ଆର୍ଯ୍ୟମାନେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରି

Digitized by srujanika@gmail.com

ଜାଉରେ ବଦ୍ଧକୁ । ବ୍ରାହ୍ମଣମାନେ ୪ ବେଦ ଅନୁସାରେ ୪ ଶ୍ରେଣୀରେ ବିଭକ୍ତ" । ଏହ ସ୍ଥଳରେ ଯଥାକ୍ରମେ 'ଖୁରଘସ୍ମ'-'ଅଫ୍ଟି' ଓ 'ଅନାର୍ଯ୍ୟ' ଶବ୍ଦଗୁଡ଼ିକୁ ସାମାନ୍ୟ ସଜ୍ଞା ଓ ସଙ୍କୀର୍ଣ୍ଣ-ତର ଓ କ୍ଷୁଦ୍ରତରମାନଙ୍କୁ ଶବ୍ଦମାନଙ୍କୁ (ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର) ବିଶେଷ ସଂଜ୍ଞା ଦୋଇଯାଏ ।]

୯ । ସାଦୃଶ୍ୟ; ସମାନତା—9. Similarity.

ସାମାନ୍ୟ କଥା —ଦେ. ବ—ଛୁଚ୍ଛ ବିଷୟ—A small or insignificant matter.

Sāmānya kathā ସାମାନ୍ୟ କଥା

ସାମାନ୍ୟ ଗୁଣ—ସଂ. ବ—ଏତଜ୍ଜାତୀୟ ପ୍ରାଣୀ ବା ବସ୍ତୁ ମଧ୍ୟରେ ଥିବା ସାଧାରଣ ଗୁଣ—A generic attribute; a common quality.

Sāmānya guṇa

ସାମାନ୍ୟତଃ—ସଂ. କ୍ରି. ବିଣ—୧ । ସାଧାରଣତଃ—1. Generally; ordinarily; commonly. ୨ । ସାମାନ୍ୟ ରୂପେ—2. Slightly.

Sāmānyataḥ

ସାମାନ୍ୟ ନାୟିକା (ବନିତା)—ସଂ. ବ (କର୍ମଧା; ସାମାନ୍ୟା +ନାୟିକା) —କାବ୍ୟାଦରେ ବର୍ଣ୍ଣିତା ବେଶ୍ୟାରୂପିଣୀ ନାୟିକା—A prostitute depicted as the heroine of a plot.

Sāmānya nāyikā (banitā)

ସାମାନ୍ୟ ପୂଜା ବଧି (ପଦ୍ଧତି)—ସଂ. ବ—ଯେଉଁ ପୂଜାବିଧିଦ୍ୱାରା ଯେ, କୌଣସି ଦେବତାଙ୍କର ଅର୍ଚ୍ଚନା କରାଯାଏ—A ritual with which the worship of any Deity is conducted.

Sāmānya pūjā bidhi (paddhati)

ସାମାନ୍ୟ ବଧି—ସଂ. ବ (କର୍ମଧା)—ସାଧାରଣ ବିଧିମ—A general rule. [ଦ୍ର—ଶାସ୍ତ୍ରରେ ଅଛୁ ଯେ, (ବିଶେଷ ବିଧି—ବିପତ୍ତ୍ତି) ଏକ ବିଷୟରେ ଶାସ୍ତ୍ରରେ ସାମାନ୍ୟ ବିଧି ଓ ବିଶେଷ ବିଧି ଥିଲେ ବିଶେଷ ବିଧି ସାମାନ୍ୟ ବିଧି ଅପେକ୍ଷା ବଳବତ୍ତର ହେବ । 'କୌଣସି ଜୀବକୁ ହିଂସା କରିବ ନାହିଁ ।' ଏହା ଗୋଟିଏ ସାମାନ୍ୟ ବିଧି ଅଟେ । 'ଯଜ୍ଞାର୍ଥ ପଶୁ ବଧ କରିବ' ଏହା ବିଶେଷ ବିଧି ଅଟେ । ଏ ସ୍ଥଳରେ ବିଶେଷ ବିଧିଦ୍ୱାରା ସାମାନ୍ୟ ବିଧି ଖଣ୍ଡିତ ହେବ ।]

Sāmānya bidhi

ସାମାନ୍ୟ ଲକ୍ଷଣ—ସଂ. ବ—୧ । ଯେଉଁ ଲକ୍ଷଣ ଏକ ଜାତୀୟ ସମସ୍ତଙ୍କ ଠାରେ ଥାଏ—1. A common trait or characteristic of a species or genera. ୨ । ସାଧାରଣ ସଜ୍ଞା—2. A general definition.

Sāmānya lakshaṇa

ସାମାନ୍ୟ ଲକ୍ଷଣା—ସଂ. ବ (ବହୁବ୍ରୀ; ସାମାନ୍ୟ+ଲକ୍ଷଣ+ଅ)—ଅଲୌକିକ ସନ୍ନିକର୍ଷବିଶେଷ, ଅଶ୍ରୁତପୂର୍ବ ସାମାନ୍ୟ ଜ୍ଞାନ; ଏକ ଜାତୀୟ ଗୋଟିଏ ବସ୍ତୁକୁ ବା ପ୍ରାଣୀକୁ ଦେଖିଲେ ସେହ ଜାତିର ସମୁଦାୟ ବସ୍ତୁଙ୍କ ବା ପ୍ରାଣୀଙ୍କ ସମ୍ବନ୍ଧେ ଯେଉଁ ସାଧାରଣ ବା ସାମାନ୍ୟ ଧାରଣା ବା ଜ୍ଞାନ ମନରେ ଜନ୍ମେ—Intuition; inference about the common attribute of a class on seeing one of it. [ଦ୍ର—ନ୍ୟାୟ ଶାସ୍ତ୍ର ମତରେ—ଅଲୌକିକ ସନ୍ନିକର୍ଷ ତିନିପ୍ରକାର ଅଟେ । ଯଥା—ସାମାନ୍ୟ ଲକ୍ଷଣା, ଜ୍ଞାନଲକ୍ଷଣା ଓ ଯୋଗଜ ଲକ୍ଷଣା ।]

Sāmānya lakshaṇā

ସାମାନ୍ୟ ଶାସନ—ସଂ. ବ—ସାମାନ୍ୟାଧିକାର (ଶବ୍ଦ ରତ୍ନାବଳୀ)—ସାଧାରଣ ମାଲିକାନା—Common title or ownership.

Sāmānya śāsana

ସାମାନ୍ୟା—ସଂ. ବଣ. ସ୍ତ୍ରୀ (ସାମାନ୍ୟ+ସ୍ତ୍ରୀ. ଅ)—ସାମାନ୍ୟରି ସ୍ତ୍ରୀଲିଙ୍ଗ—The feminine of 'Sāmānya'.

Sāmānyā

ବ—ଗଣ୍ୟସ୍ତ୍ରୀ; ସାଧାରଣୀ ନାୟିକା; ବେଶ୍ୟା; ଧନମାତ୍ର ଲକ୍ଷ୍ୟ ସଭଲପୁରୁଷସେବ୍ୟା ସ୍ତ୍ରୀ—A prostitute; a public woman. [ଦ୍ର—ଖୁରଘଚନ୍ଦ୍ରଙ୍କ ରସମଞ୍ଜରୀ ଗ୍ରନ୍ଥ ଅନୁସାରେ ସାମାନ୍ୟା ତିନିପ୍ରକାର । ଯଥା—ଅନ୍ୟ-ସମ୍ଭୋଗଦୁଃଖିତା, ବଦ୍ଧୋତ୍କଣ୍ଠିତାଓ ମାନବତୀ; ବଦ୍ଧୋତ୍କ-ଣ୍ଠିତା ଦ୍ୱିବିଧା, ଯଥା—ପ୍ରେମଗର୍ବିତା, ସୌନ୍ଦର୍ଯ୍ୟଗର୍ବିତା । ଏ ନାୟିକାମାନେ ପ୍ରତ୍ୟେକେ ଅବସ୍ଥାଭେଦରେ ଅଷ୍ଟବିଧା ହୁଅନ୍ତି । ଯଥା—ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଳହାନ୍ତରିତା, ବିପ୍ରଲବ୍ଧା, ଉତ୍କଣ୍ଠିତା ବା ବିରହୋତ୍କଣ୍ଠିତା, ବାସକସଜ୍ଜା, ସ୍ୱାଧୀନଭର୍ତ୍ତୃକା ଓ ଅଭିସାରିକା ।]

ସାମାନ୍ୟାଧିକାର—ସଂ. ବ—ଏକ ବସ୍ତୁରେ ବହୁ ବ୍ୟକ୍ତିଙ୍କର ପ୍ରଭୁତ୍ୱ ବା ସ୍ୱତ୍ୱ—Common proprietory right over a thing.

Sāmānyādhikāra ଅଧିକାର

ସାମାୟିକ—ସଂ. ବଣ. ପୁଂ (ସମାସ୍ +ଇକ)—ସାମ୍ବାବଶିଷ୍ଟ (ଘାଣ୍ଟିନ)—ସଂକ୍ଷେପ—Illusive.

Sāmāyika (ସମାୟିକା—ସ୍ତ୍ରୀ)

ସାମାସିକ—ସଂ. ବଣ (ସମାସ+ଇକ)—ସାଂକ୍ଷେପିକ; ସଂକ୍ଷେପ ସମ୍ବନ୍ଧୀୟ—Relating to abridgement.

Sāmāsika

ସଂ. ବ (ସମାସ+ସ୍ୱାର୍ଥେ. ଇକ)—ସମାସ (ଦେଖ)—Samāsa. (See)

ସାମି—ସଂ. ଅ (ସାମ୍. ଧାତୁ+ଇ)—୧ । ନିନ୍ଦାୟୁକ୍ତ—1. Blamable. ୨ । ଅର୍ଦ୍ଧ—2. Half. ୩ । କୃତ୍ସ୍ନାଂଶ—3. A part; a portion. ଦେ. ବ—୧ । ସମି; ଶ୍ରେଷ୍ଠ

Sāmi

ସାମୀ ବା ଲୌହବଳୟ—1. A small iron ring. ୨ । ସାମୀ (ଅଦଗ୍ଧର୍ଥକ) ଶ୍ୟାମସୁନ୍ଦରର ଡାକ ନାମ—2. A name for calling 'Śyāmasundara' in fondness.

ସାମିଆ(ୟା)ନା—ବୈଦେ. ବ (ଘା)—ଗୃହାଚ୍ଛାଦ; ଚନ୍ଦ୍ରାତପ—ଚାନ୍ଦୁଆ, ଚନ୍ଦୁଆ, ଚାନ୍ଦୁଆ—An awning. (ଉ—ଗଣ୍ଠ ଚଉଡ ଘାଲିଛି, ଉପୁ କନାଟ ନାନାଢାଉ ବହୁଣ। ସାମିଅନା ନୋଡେ ସାମିୟାନା **सामियाना** ଲେଖି । ତ୍ରିଜନାଥ. ସମ୍ବତ୍ତରଙ୍ଗ ।)

Sāmiā(yā)nā

ସାମିକୃତ—ସଂ. ବ (ସାମି+କୃତ)—୧ । ଅର୍ଦ୍ଧୀକୃତ; ଯାହା ଅର୍ଦ୍ଧେକ କରାଯାଇଅଛୁ—1. Made into half; reduced to half. ୨ । ଯାହାକୁ ନିନ୍ଦା କରାଯାଇଅଛି. (ବିଶ୍ଲେଷ)—2. Blamed; found fault with.

Sāmikṛuta

ସାମିଗ୍ରୀ—ଆ. ବ (ସଂ. ସାମଗ୍ରୀ)—ସାମଗ୍ରୀ (ଦେଖ)

Sāmigrī ସାମିଗ୍ରୀ **सामिग्री** Sāmagrī. (See)

Digitized by srujanika@gmail.com

ସାମିତ—ସଂ. ବିଣ (ସମିତା+ସମ୍ବନ୍ଧାର୍ଥେ. ଅ)—ସମିତା ବା ମଇଦା ସମ୍ବନ୍ଧୀୟ—Relating to wheaten flour.
Sāmita

ସାମିତ୍ୟ—ସଂ. ବିଣ (ସମିତି+ସମ୍ବନ୍ଧାର୍ଥେ. ଯ)—ସମିତି ସମ୍ବନ୍ଧୀୟ—Relating to Samiti.
Sāmitya

ସାମିଧେନୀ(ନ୍ୟ)—ସଂ. ବ (ସମିଧ୍+ଅ+ଧା. ଧାତୁ+କରଣ. ଅନ+ଈ; ସମିଧ୍+ଅଧାନ; କଥାତନୀ—ସାମଧେନୀ (ଦେଶ)—Sāmadhenī. (See)
Sāmidhenī(nya)

ସାମିନା—ଗ୍ରାଦେ. (ଉତ୍ତର ବାଲେଶ୍ୱର) ବ—ସାମିଆନା—An awning.
Sāmina

ସାମି ପିତ—ସଂ. ବିଣ (ସାମି=ଅର୍ଦ୍ଧେକ+ପା. ଧାତୁ+କର୍ମ. ତ)—ଦରପିଆ; ଅର୍ଦ୍ଧପାନଭୁକ୍ତ—Half-drunk.
Sāmi pīta

ସାମି ଭୁକ୍ତ—ସଂ. ବିଣ (ସାମି=ଅର୍ଦ୍ଧେକ+ଭୁକ୍ତ)—୧। ଅର୍ଦ୍ଧେକ ଭୁକ୍ତ—1. Half-eaten. ୨। ଦରପିଆ; ଅଂଶତଃ ଭୁକ୍ତ—2. Partly eaten.
Sāmi bhukta

ସାମିଷ—ସଂ. ବିଣ (ସହାର୍ଥେ. ବହୁବ୍ରୀ; ସ+ଆମିଷ)—ଆମିଷ-ବିଶିଷ୍ଟ—Having meat; accompanied with meat. [ବହୁବ୍ରୀ—ବଘସ୍ତର]
Sāmisha

ସାମିଷ ଶ୍ରାଦ୍ଧ—ସଂ. ବ—ମତ୍ସ୍ୟ ଓ ମାଂସାଦଦ୍ୱାରା ପିତୃଲୋକଙ୍କ ଉଦ୍ଦେଶ୍ୟରେ କରିବା ଶ୍ରାଦ୍ଧ—Śrāddha offered to the deceased ancestors with meat. [ଦ୍ର—ମନୁ ତୃତୀୟ ଅଧ୍ୟାୟରେ ଉକ୍ତ ଉତ୍ତମ ଆମିଷଦ୍ୱାରା ଶ୍ରାଦ୍ଧ କଲେ ପିତୃଗଣ କେତେ କାଳ ପର୍ଯ୍ୟନ୍ତ ତୃପ୍ତିଲାଭ କରନ୍ତି ତାହା ବର୍ଣ୍ଣିତ ହୋଇଅଛି। ଯଥା—ମାଛରେ ୨ ମାସ, ହରିଣ ମାଂସରେ ୩ ମାସ, ମେଷ ମାଂସରେ ୪ ମାସ, ଦ୍ୱିଜାଇତ୍ୟ ପକ୍ଷିମାଂସରେ ୫ ମାସ, ଛାଗ ମାଂସରେ ୬ ମାସ, ଚତ୍ରିତ ମୃଗ ମାଂସରେ ୭ ମାସ, ଏଣ ମାଂସରେ ୮ ମାସ, କୃଷ୍ଣସାର ମାଂସରେ ୯ ମାସ, ବଭ୍ରୁ ଓ ସକୁଶ ମାଂସରେ ୧୦ ମାସ, ଠେଉଅ ଓ କୂର୍ମ (କଚ୍ଛପ) ମାଂସରେ ୧୧ ମାସ, କଡ଼ାଇଆ ମାଛ, ଗଣ୍ଡା ମାଂସ ଓ ରକ୍ତଛାଗ ମାଂସରେ ଅନନ୍ତକାଳ ପାଇଁ ପିତୃଗଣ ତୃପ୍ତିଲାଭ କରନ୍ତି—ମନୁ. ୩।୨୬୮।୨୭୨।]
Sāmisha śrāddha

ସାମୀଚୀ—ସଂ. ବ—ବନ୍ଦନା; ପୂଜା (ଦ୍ୱାତ୍ରିଂଶତ୍)—Worship.
Sāmīchī

ସାମୀପ୍ୟ—ସଂ. ବ (ସମୀପ+ସ୍ୱାର୍ଥେ. ଯ)—୧। ନୈକଟ୍ୟ; ସାନ୍ନିଧ୍ୟ—1. Nearness; vicinity. ୨। (ବ୍ୟାକରଣ) ସାମୀପ୍ୟାଧିକରଣ; ଅଧିକରଣବିଶେଷ—2. (grammar) A sort of the 7th case (locative). [ଦ୍ର—ସମାସ ସ୍ଥଳରେ ଯେଉଁଠାରେ ଅବ୍ୟୟ ପଦର ସାମୀପ୍ୟ ଅର୍ଥ ହୁଏ ସେଠାରେ ଅବ୍ୟୟୀଭାବ ସମାସ ହୁଏ; ଯଥା—କୂଳର ସମୀପବର୍ତ୍ତୀ ଦେଶ=ଉପକୂଳ। ଗଙ୍ଗାର ସାମୀପ୍ୟ-ଅନୁଗଙ୍ଗ; କୂମ୍ଭର ନିକଟରେ=ଉପକୁମ୍ଭ।] ୩। ଅଧାର-ଭେଦ—3. A class of receptacles.
Sāmīpya

ସାମୀପ୍ୟାଧିକରଣ—ସଂ. ବ—ଅଧିକରଣ ବିଶେଷ; ଯେଉଁ ଅଧିକରଣ-ଦ୍ୱାରା ନିକଟବର୍ତ୍ତୀତା ବୁଝାଯାଏ—A class of locative case denoting nearness.
Sāmīpyādhikaraṇa

ସାମୀର୍ଯ୍ୟ—ଗଂ. ବ (ସମୀର+ସମ୍ବନ୍ଧାର୍ଥେ. ଯ)—ସମୀର ବା ବାୟୁ ସମ୍ବନ୍ଧୀୟ—Relating to air or wind.
Sāmīrjya

ସାମୀଲ୍(ଲି)—ବୈଦେ. ବିଣ (କରିଅ; ଅ.ସାମିଲ୍; ଲୁଲ.ସ. ସମ୍ମିଳନ, ସମ୍ମିଳିତ)—୧। ଅନ୍ତର୍ଗତ; ଅନ୍ତର୍ଭୁକ୍ତ—1. Included in. ୨। ସୀମାଭୁକ୍ତ—2. Included in a boundary. (ଯଥା—ବଣ୍ଟନାଥପୁର ସାମୀଲ୍ ନୂଅଗାଁ ଗ୍ରାମ।) ୩। ଅଙ୍ଗୀଭୂତ—3. Incorporated; amalgamated.
Sāmīl(li)

ସାମୀଲ୍(ଲି) କରିବା—ଦେଃ କ୍ରି (କରିଅ)—୧। ଅନ୍ତର୍ଭୁକ୍ତ କରିବା 1. To include. ୨। ଅନ୍ୟ ବସ୍ତୁ ସଙ୍ଗେ ଏକତ୍ର ମିଶାଇ ନେବା—2. To amalgamate.
Sāmīl(li) karibā

ସାମୀଲ୍(ଲି) ମଉଜା (ମୌଜା)—ବୈଦେ. ବ (ଅ. ସାମିଲ୍; ଫା. ମୌଜା)—ବଡ଼ ଗ୍ରାମର ସାମିଲ ମୌଜା ଅନ୍ତର୍ଗତ କ୍ଷୁଦ୍ର ଗ୍ରାମ—A small village included in a larger village.
Sāmīl(li) mauja (mauja)

ସାମୀଲିତ—ବୈଦେ. ବିଣ (କରିଅ)—୧। ଅନ୍ତର୍ଭୁକ୍ତ—1. Included. ୨। ଅବିଭକ୍ତ—2. Joint. ବ—ସାମୀଳାତ ୧। ଅନ୍ତର୍ଭୁକ୍ତ ପଦାର୍ଥ—1. Incorporated article. ୨। ଅବିଭକ୍ତ ସମ୍ପତ୍ତି—2. Joint property.
Sāmīlita

ସାମୁଏଲ୍—ବୈଦେ. ବ (ନାମ)—(ହେବ୍ରୁ ଭାଷା) ବାଇବଲ୍ ଲିଖିତ ଏଲ୍କାନାଙ୍କ ଔରସରେ ଓ ହାନ୍ନାଙ୍କର ପ୍ରଥମା ସ୍ତ୍ରୀ ହାନାଙ୍କ ଗର୍ଭଜାତ ସନ୍ତାନ—Samuel: the son of Elkanah and Hannah of the Bible.
Sāmuel

ସାମୁୟଲ

[ଦ୍ର—ଏହାଙ୍କ ମାତା ଏହାଙ୍କ ଜନ୍ମ ପୂର୍ବରୁ ମାନସିକ କରିଥିଲେ ଯେ, ତାଙ୍କର ପୋକେ ପୁଅଟିଏ ହେଲେ ସେ ପୁଅକୁ ସେ ଈଶ୍ୱରଙ୍କ ନାମରେ 'ସାଧୁ' କରି ଦେବେ। ଏହି 'ସାମୁଏଲ୍' ଶବ୍ଦର ଅକ୍ଷରଜ ଅର୍ଥ 'ଈଶ୍ୱରଙ୍କଠାରୁ ପ୍ରାର୍ଥିନାନୁସାରେ ପ୍ରାପ୍ତ।' ଏ ଈଶ୍ୱରଙ୍କଠାରୁ ସ୍ୱପ୍ନାଦେଶ ପାଇ ମହାଜ୍ଞାନୀ ହୋଇଥିଲେ। ଏହାଙ୍କ ନାମରେ ବାଇବଲ୍‌ର ପ୍ରାଚୀନ ବିଧାନ (Old Testament)ରେ ୩୧ ଅଧ୍ୟାୟବିଶିଷ୍ଟ ୧ ସାମୁଏଲ୍ (I Samuel) ଓ ୨୪ ଅଧ୍ୟାୟବିଶିଷ୍ଟ ୨ ସାମୁଏଲ୍ (II Samuel) ନାମକ ପୁସ୍ତକ ଅଛି।]

ସାମୁଦାୟିକ—ସଂ. ବିଣ (ସମୁଦାୟ+ଇକ)—ସମୁଦାୟ ସମ୍ବନ୍ଧୀୟ—Relating to the wohle. ସଂ. ବ (ଫଳିତ ଜ୍ୟୋତିଷ)—ଜନ୍ମ ନକ୍ଷତ୍ରଠାରୁ ଅଷ୍ଟାଦଶ ନକ୍ଷତ्र—(Astrology) The eighteenth asterism counted from one's natal asterism.
Sāmudāyika

Digitized by srujanika@gmail.com

[ଦ୍ର—ଏ ନକ୍ଷତ୍ର ଅଶୁଭ ନକ୍ଷତ୍ର । ଏ ନକ୍ଷତ୍ରରେ ଶୁଭ କର୍ମାନୁଷ୍ଠାନ ନିଷିଦ୍ଧ । ସୋରର ସମ୍ବାଲପାଇରେ ଗ୍ରହମାନେ ଏ ନକ୍ଷତ୍ରରେ ଉପସ୍ଥିତ ହେବା ସମୟରେ ଜାତ ବ୍ୟକ୍ତର ମିତ୍ରସ୍ଥ, ଭୃତ୍ୟସ୍ଥ ଓ ଅର୍ଥନାଶ ଘଟେ—ଜ୍ୟୋତିସ୍ତତ୍ତ୍ୱ ।]

ସାମୁଦ୍ର—ଷ. ବ୍ରୀ (ସମୁଦ୍ର + ଭବ ପ୍ରତ୍ୟୟ ଅର୍ଥରେ ଅ)—୧ । ସମୁଦ୍ର ସମ୍ବନ୍ଧୀୟ—1. Relating to ocean; marine; maritime. ୨ । ସମୁଦ୍ର ଜାତ—2. Born of the sea. ୩ । ସମୁଦ୍ରରୁ ଉତ୍ପନ୍ନ—3. Produced from the sea. ବ—୧ । ସମୁଦ୍ର ଫେନ (ସୁଜଳବର୍ଦ୍ଧ୍ନ)—1. Bone of the cuttle fish. ୨ । ସମୁଦ୍ର ଜଳଜାତ ଲବଣ; କରକଚ ଲବଣ (ସୁଜଳବିଶ୍ୱ)—2. Sea-salt. ୩ । ସମୁଦ୍ର ଯାତ୍ରୀ—3. A person undertaking a sea-voyage. ୪ । ଦେହସ୍ଥ ଚିହ୍ନ (ମେଦଗା)—4. Natal marks on the body. ୫ । (ସମୁଦ୍ର ମୂଳ କଥିତ) ସାମୁଦ୍ରିକ; ଶସ୍ତ୍ରସ୍ଥ ଚିହ୍ନ (ବିଶେଷତଃ ହାତ ପାଜର ରେଖା)ମାନଙ୍କ ଦେଖି ମନୁଷ୍ୟର ଗୁଣ ଓ ପ୍ରକୃତି ବର୍ଣ୍ଣାଯୁକ ଶାସ୍ତ୍ର—5. Cheiromancy; a treatise dealing with personal marks on the body. ୬ । ସାମୁଦ୍ରକ ଶାସ୍ତ୍ରବେତ୍ତା—6. A person versed in palmistry; fortune-teller. ୭ । ସମୁଦ୍ରଗାମୀ ବଣିକ (ବିଶ୍ୱକୋଷ)-7. Maritime trader. ୮ । ସୂକ୍ଷ୍ମ ଡୋରୁ ବିଷଜାତୀୟ ମଶକ ବିଶେଷ (ବିଶ୍ୱକୋଷ)—8. A kind of poisonous mosquito. [ଦ୍ର—ଏ ମଶକ ଦଂଶନ ଜଳେ ଜାତ୍ୟନ୍ତ, ଦଂଶ ଓ ଶୋଥ ଉତ୍ପନ୍ନ ହୁଏ । ସୂକ୍ଷ୍ମ—୫ । ୮] ୯ । ମାର୍କଣ୍ଡେୟ ପୁରାଣଲିଖିତ ଦେଶ ବିଶେଷ—9. Name of a country mentioned in the Mārkaṇḍeya Purāṇa. ୧୦ । ନାଡ଼ିକେଳ (ବିଶ୍ୱକୋଷ)—10. Cocoanut. ୧୧ । ଦ୍ୱୀପାନ୍ତର ବିଶେଷ; ଚୋପଚିନି (ବିଶ୍ୱକୋଷ)—11. China root.

ସାମୁଦ୍ରକ—ଷ. ବ (ସମୁଦ୍ର + ଅ = ସାମୁଦ୍ର + କ)—୧ । ସାମୁଦ୍ର ଲବଣ. Sāmudraka କରକଚ (ସୁଜଳବର୍ଦ୍ଧ୍ନ)—1. Sea salt. ୨ । ସାମୁଦ୍ରକ ତନ୍ତ୍ର—2. A treatise dealing with the marks on the body. ୩ । ସମୁଦ୍ରଗାମୀ ବଣିକ୍ (ମହାଶବ୍ଦଚ୍ଚ)—3. Maritime trader. ଷ; ବିଶେ—ସମୁଦ୍ର ସମ୍ବନ୍ଧୀୟ (ବିଶ୍ୱକୋଷ)—Maritime.

ସାମୁଦ୍ର ବଚନ—ଷ. ବ—ସ୍ତ୍ରୀ ପୁରୁଷମାନଙ୍କ ଦେହରେ ଥିବା ଚିହ୍ନରୁ Sāmudra bachana ଉତ୍ତଦ୍ରବ୍ୟମାନଙ୍କ ଗୁଣ, ପ୍ରକୃତି ଓ ଭବିଷ୍ୟତ୍ ବର୍ଣ୍ଣନାତ୍ମକ ବଚନ— Saying regarding the nature and fortune of persons-bearing certain natal signs on the body.

ସାମୁଦ୍ର ମତ୍ସ୍ୟ—ଷ. ବ—ଲକ୍ଷ୍ମୀମାତ୍ର—Sea-fish. [ଦ୍ର—ଏହା ଗୁରୁ, Sāmudra matsya ସ୍ନିଗ୍ଧ, ମଧୁର, ନାଡ଼ିପିତ୍ତବର୍ଦ୍ଧକ, ବାତ-ଜନକ, ଶ୍ରେଷ୍ମ, ବୃଷ୍ୟ ଓ ଶ୍ଲେଷ୍ମବର୍ଦ୍ଧକ—ସୁଶ୍ରୁତ ।]

ସାମୁଦ୍ର ଲବଣ—ଷ. ବ—ସମୁଦ୍ରଜାତ ଲବଣ; କରକଚ ଓ ସଙ୍ଗାଲ୍ଲଣ- Sāmudra labaṇa Sea salt.

[ଦ୍ର—ଲବଣ ତଳେ ନୋଟ୍ ଦେଖ ।]

ସାମୁଦ୍ର ସ୍ଥଳକ—ଷ. ବ (ସମୁଦ୍ର + ଅ + ସ୍ଥଳ + କ)—ସମୁଦ୍ରସ୍ଥଳୀ Sāmudra sthalaka ଦେଶ (ବିଶ୍ୱକୋଷ)—A country in a vicinity of the sea.

ସାମୁଦ୍ରିକ—ସ. ବ (ସମୁଦ୍ର + ସମ୍ବନ୍ଧାର୍ଥେ· ଇକ)—ସମୁଦ୍ର ସମ୍ବନ୍ଧୀୟ— Sāmudrika Marine; maritime; relating to the sea. ବ—୧ । (ସମୁଦ୍ର = ମୂଳର ଶେଷ + ଉତ୍ତ୍ରୁତ-ଶାସ୍ତ୍ରାର୍ଥେ· ଇକ) ଦେହରେ ଥିବା ଚିହ୍ନ ଚିହ୍ନଧାରୀ ବ୍ୟକ୍ତିଙ୍କ ଗୁଣ, ପ୍ରକୃତି, ପରମାୟୁ ଓ ଭବିଷ୍ୟତ୍ ଆଦି ବର୍ଣ୍ଣାଯୁକ ଶାସ୍ତ୍ର । 1. Cheiromancy; a treatise which tells the nature, longevity and future of persons having different marks on the body; cheirosophy. ୨ । ସାମୁଦ୍ରିକ ଶାସ୍ତ୍ରବେତ୍ତା— 2. A person versed in cheiromancy; cheirosophist. [ଦ୍ର—ସମୁଦ୍ର ନାମକ ଜଣେ ମୁନି ପ୍ରଥମେ ଏ ଶାସ୍ତ୍ର ରଚନା କରିଥିଲେ । ସାମୁଦ୍ରିକ ଅଙ୍ଗଭିତ ଜ୍ୟୋତିଷ ଶାସ୍ତ୍ରର ଗୋଟିଏ ବିଭାଗ । ପୁରୁଷ ଓ ସ୍ତ୍ରୀମାନଙ୍କର କରତଳସ୍ଥ ରେଖା ଓ ଚିହ୍ନ, ପାଦତଳସ୍ଥ ରେଖା ଓ ଚିହ୍ନ, ଦଣ୍ଡ, ଦେଶ, ଦେହର ବର୍ଣ୍ଣ, ଲିଙ୍ଗ, ଭଗ, ନାଭି, ସ୍ତନ, ଜଙ୍ଘ, କପାଳସ୍ଥ ରେଖା, ହୃଦୟ, ହୃଦର, ଅଙ୍ଗୁଳି, ସ୍ନେମ, ଜିହ୍ୱା, ନାସିକା, ଦେହରେ ଥିବା ଓ ମଶାଦିଠାରୁ ଆରମ୍ଭ ଚିହ୍ନଚିହ୍ନଧାରୀ ବ୍ୟକ୍ତିଙ୍କ ପ୍ରକୃତି, ଆୟୁ, ରୋଗ, ଭବିଷ୍ୟତ୍, ସ୍ୱଭାବ, ଦୁର୍ଭାଗ୍ୟ, ଧନ, ଶୀଳ ଆଦି ସାମୁଦ୍ରିକ ଶାସ୍ତ୍ରୋକ୍ତ ବିଚାରରୁ ସ୍ଥିର କରାଯାଏ । ଅତି ପ୍ରାଚୀନକାଳରୁ ଭାରତରେ ସାମୁଦ୍ରିକ ଶାସ୍ତ୍ରର ଚର୍ଚ୍ଚା ହୋଇ ଆସିଅଛି । ପ୍ରାଚୀନ ଗ୍ରୀସ୍ ଓ ଖ୍ରୀଷ୍ଟରେ ମଧ୍ୟ ଏହା ବିଦ୍ୟା ପ୍ରଚଳିତ ଥିଲା । ଏଥିରେ କରତଳାଙ୍କିତ ରେଖା ବିବରଣ, ରେଖାମାନଙ୍କ ବର୍ଣ୍ଣ ବିଚାର, କରତଳରେ ଗ୍ରହଗଣଙ୍କ ସ୍ଥାନ ନିର୍ଦ୍ଦେଶ, ଶସ୍ତ୍ରସ୍ଥ ଚିହ୍ନଗଣ, ନାସିକା, ନେତ୍ର, ଦନ୍ତ, ଲଲାଟ, ମସ୍ତକ, କଣ୍ଠ, କରତଳ, ପଦତଳ, ନଖମଣ୍ଡଳୀ, ନଖ, ଭାଜ୍, ଅଧର, ଜିହ୍ୱା, କଟିଦେଶ, ବାହୁ, ହୃଦୟ, ମସ୍ତକ, ଶସ୍ତ୍ରର ବର୍ଣ୍ଣ, ଦେଶ, ବକ୍ଷଦେଶ, କପୋଳ, ପଦାଙ୍ଗୁଳି, ନାସ୍ତିକର ସ୍ତନ ଆଦି ଜଣକ ପୁରୁଷ ଓ ସ୍ତ୍ରୀଙ୍କର ବିଭିନ୍ନ ପ୍ରକୃତି, ଅବସ୍ଥା, ଭାଗ୍ୟ, ରୋଗ, ଧନ, ଧର୍ମ, ଫଳ ଆଦି ବର୍ଣ୍ଣିତ ହୋଇଅଛି । ପୂର୍ବକାଳରେ ଭାରତ ବର୍ଷରେ ଏହି ଶାସ୍ତ୍ର ଏତେ ଉନ୍ନତ ଲାଭ କରିଥିଲା ଯେ, ଏଥିର ସାହାଯ୍ୟରେ ଜ୍ୟୋତିଷ ପରି ଅତ୍ୟାଶ୍ଚର୍ଯ୍ୟ ଭବିଷ୍ୟଦ୍‌ବାଣୀ କୁହାଯାଇ ପାରୁଥିଲା । ବର୍ତ୍ତମାନ ଉନ୍ନତ ସ୍ତରେ

Digitized by srujanika@gmail.com

ଓ ଆମେରିକାରେ ଏହି ଶାସ୍ତ୍ରର ବିଶେଷ ଗବେଷଣା ହେଇଥିଛି ।]

ସାମ୍ନା (ଇତ୍ୟାଦି)—ଦେ. ବ—ସାମନା ଇତ୍ୟାଦି (ଦେଶ) Sāmnā (etc) Sāmanā etc. (See)

ସାମ୍ନୀ—ସଂ. ଷ (ସାମନ୍ = ସାମବେଦ + ଈ)—ବୈଦିକ ଛନ୍ଦୋବିଶେଷ Sāmnī (ଶବ୍ଦ ରତ୍ନାବଳୀ)—Name of a Vedic metre. [ଦ୍ର—ସାମ୍ନୀ ଅନୁଷ୍ଟୁପ୍, ସାମ୍ନୀ ତ୍ରିଷ୍ଟୁପ୍, ସାମ୍ନୀ ଗାୟତ୍ରୀ, ସାମ୍ନୀ ଜଗତୀ, ସାମ୍ନୀ ବିଷ୍ଟୁପ୍, ସାମ୍ନୀ ପଙ୍କ୍ତି, ସାମ୍ନୀ ବୃହତୀ ନାମରେ ଗୁଡ଼ଏ ବୈଦିକ ଛନ୍ଦ ଅଛି ।]

ସାମ୍ପରାୟିକ—ସଂ. ବିଣ (ସମ୍ପରାୟ = ଯୁଦ୍ଧ, ପରଲୋକ + ଇକ) — Sāmparāyika ୧ । ପାରଲୌକିକ—1. Relating to existence after death. ୨ । ଯୁଦ୍ଧ ସମ୍ବନ୍ଧୀୟ— 2. Relating to war. ୩ । ଯୁଦ୍ଧାର୍ହ (ବିଶ୍ୱକୋଷ); ଯୁଦ୍ଧର ଉପଯୁକ୍ତ—3. Fit for battle. ବ—ଯୁଦ୍ଧ— War; battle.

ସାମ୍ପାନ୍—ବୈଦେ. ବ (ଇଂ)—ଚଳନ୍ ଦେଶୀୟ ଡଙ୍ଗା—Sampan; Sāmpān a chinese boat with a roof. ସାମ୍ପାନ୍ [ଦ୍ର—ଏହା ୧୦।୧୫ ଫୁଟ ଲମ୍ବ ଓ ଏହି ଉପରେ ଛଉଣି ସାଂପାନ ଥାଏ ଓ ଲୋକେ ଏଥିରେ ରହି ଯାଉନ୍ତି ।]

ସାମ୍ପୁଟି(ଡ଼ି)ବା—ଦେ. କି (ସ. ସମ୍ପୁଟ)—ଚାରିଅଡ଼େ ଘେରି କରି Sāmpuṭi(ṛḍi)bā ଧରିବା—To hold tightly by ସାମ୍ପଟାନ **चिपटना** enveloping on all sides.

ସାମ୍ପେନ୍—ବୈଦେ. ବ (ଇଂ)—ଫ୍ରାନ୍ସଦେଶ ପ୍ରସ୍ତୁତ ଏକପ୍ରକାର ଉତ୍ତେଜକ ମଦ—Champagne (wine). Sāmpen ସାମ୍ପେନ **सामपेन**.

ସାମ୍ପ୍ରତ—ସ. ବିଣ (ସମ୍ପ୍ରତ + ଅ)—୧ । ଯୁକ୍ତ (ବିଶ୍ୱକୋଷ)— Sāmprata 1. Joined. ୨ । ଇଦାନୀନ୍ତନ (ହରିବଂଶ)— 2. Modern.

ସାମ୍ପ୍ରତମ୍—ସ. କି. ବିଣ (ସମ୍ପ୍ରତ + ଅମ୍) — ସମ୍ପ୍ରତ; ଅଧୁନା— Sāmpratam Now; at present. ବିଣ (ସମ୍ + ପ୍ର + (ସାମ୍ପ୍ରତଂ—ଅନ୍ୟରୂପ) ତତ୍ ଧାତୁ + କର୍ତ୍ତୃ. ଅମ୍)—ଯୁକ୍ତ; ଉଚିତ—Proper; becoming.

ସାମ୍ପ୍ରତିକ—ସ. ବିଣ (ସମ୍ପ୍ରତ + ଇକ)—ସମ୍ପ୍ରତର (ବିଶ୍ୱକୋଷ)— Sāmpratika Recent. ସ. ବ (ସମ୍ପ୍ରତ + ସ୍ୱାର୍ଥେ. ଇକ) —ସମ୍ପ୍ରତ (ଦେଶ)—Samprati (See)

ସାମ୍ପ୍ରଦାୟିକ—ସ. ବିଣ (ସମ୍ପ୍ରଦାୟ + ଇକ)—ସମ୍ପ୍ରଦାୟ ସମ୍ବନ୍ଧୀୟ— Sāmpradāyika Sectarian.

ସାମ୍ପ୍ରଦାୟିକ ନିର୍ବାଚନ—ସ. ବ (ଅଧୁନିକ ବ୍ୟବହାର) —କୌଣସି Sāmpradāyika nirbachana ଜାତି ଉଚ୍ଚ ସମ୍ପ୍ରଦାୟ ବା ଗୋଷ୍ଠୀ ମଧ୍ୟରୁ ସେହି ସେହି ଗୋଷ୍ଠୀଙ୍କୁ ପ୍ରତିନିଧି ବାଛି ନେବା—Communal representation.

ସାମ୍ପ୍ରଯୋ(ଯୋ)ଗିକ—ସ. ବିଣ (ସମ୍ପ୍ରଯୋଗ + ଇକ) —ନିତ୍ୟ Sāmprajo(yo)gika ସମ୍ପ୍ରଯୋଗାର୍ହ (ପାଣିନି)— Deserving Samprajoga or investment daily.

ସାମ୍ବ—ସ. ବ—ଶ୍ରୀକୃଷ୍ଣଙ୍କ ଔରସରେ ଜାମ୍ବବତୀଙ୍କ ଗର୍ଭଜାତ ପୁତ୍ର; ଶାମ୍ବ Sāmba (ବିଶ୍ୱକୋଷ) (ଦେଶ)—Śāmba (See)

ସାମ୍ବତ୍ସରିକ—ସ. ବିଣ (ସମ୍ବତ୍ସର + ସମ୍ବନ୍ଧାର୍ଥେ. ଇକ)—୧ । ବାର୍ଷିକ— Sāmbatsarika 1. Annual. ୨ । ଯାହା ବର୍ଷକେ ଥରେ ଘଟେ—2. Coming up once in the year. [ଯଥା—ସାମ୍ବତ୍ସରିକ ଶ୍ରାଦ୍ଧ, ଜ୍ୱରାଦି ଇତ୍ୟାଦି] ବ—ସାମ୍ବତ୍ସରିକ ଶ୍ରାଦ୍ଧ—Annual oblation of Pinda to one's deceased ancestors

ସାମ୍ବନ୍ଧିକ—ସଂ. ବ (ସମ୍ବନ୍ଧ + ସ୍ୱାର୍ଥେ. ଇକ)—୧ । ସମ୍ବନ୍ଧ (ଦେଶ) Sāmbandhika 1. Sambandha (See) ୨ । ଶ୍ୟାଳକ (ବିଶ୍ୱକୋଷ)—2. One's wife'sr brother. ସଂ. ବିଣ—୧ । ସମ୍ବନ୍ଧ ବିଷୟକ—1. Relating to Sambandha. ୨ । ବିବାହବିଷୟକ (ବିଶ୍ୱକୋଷ)— 2. Nuptial; marital.

ସାମ୍ବ ପୁର(ରି)—ସଂ. ବ (ସାମ୍ବ ପ୍ରତିଷ୍ଠିତ ପୁର)—ଅଧୁନିକ ମୂଲତାନ Sāmba pura(rī) —The ancient name of Multan. [ଦ୍ର—ସାମ୍ବ ଶାକଦ୍ୱୀପରୁ ମଗ ବ୍ରାହ୍ମଣମାନଙ୍କୁ ସ୍ୱପ୍ରତିଷ୍ଠିତ ସୂର୍ଯ୍ୟମୂର୍ତ୍ତିଙ୍କ ପୂଜା ପାଇଁ ଅଣାଇ ଚନ୍ଦ୍ରଭାଗା ନଦୀତୀରରେ ଏହି ନଗର ନିର୍ମାଣ ଓ ସ୍ଥାପନ କରି ସେମାନଙ୍କୁ ସେଠାରେ ରଖାଇଲେ । ସାମ୍ବ ସେଉଁଠାରେ ସୂର୍ଯ୍ୟାରାଧନା କରୁଥିଲେ ତାହା ମିତ୍ରବନ ନାମରେ ଖ୍ୟାତ ହୋଇଥିଲା-ବିଶ୍ୱକୋଷ ।]

ସାମ୍ବ ପୁରାଣ—ସଂ. ବ—ଉପପୁରାଣ ବିଶେଷ— Sāmba purāṇa Name of a secondary Purāṇa.

ସାମ୍ବର—ସଂ. ବିଣ (ସମ୍ବର + ସ୍ୱାର୍ଥେ. ଅ)—ସାମ୍ବର ହ୍ରଦଜାତ ଲବଣ Sāmbara ହ୍ରଦଜାତ—Produced from the lake Sambara in Rajputana. ବ--ଏକପ୍ରକାର ଲବଣ; ସମ୍ବରହ୍ରଦଜାତ ଲବଣ; ଗଡ଼ ଲବଣ—Salt manufactured from the inland salt lake of Rajputana. [ଦ୍ର—ଲବଣ ଭଳେ ନୋଽ ଦେଶ] ଦେ. ବ (ସଂ. ସମ୍ବର)—ଶମ୍ବର ୧ (ଦେଶ)— Sāmbara 1 (See) ବିଣ—ସାମ୍ବରି (ଦେଶ)— Sāmbari (See)

ସାମ୍ବରି—ଦେ. ବିଣ (ସଂ. ଶାମ୍ବସ)--ସମ୍ବରମୃଗ ସମ୍ବନ୍ଧୀୟ—Relating Sāmbari to the Sambara deer. ବ—ସାମ୍ବରି ଚର୍ମ ସାମ୍ବରି **साँभरी** (ଦେଶ)—Sāmbari chama (See)

ସାମ୍ବରି ଚର୍ମ—ଦେ. ବ (ସଂ. ଶାମ୍ବର + ଚର୍ମ)—୧ । ଶମ୍ବର ମୃଗର Sāmbari chama ଚର୍ମ—1. The leather of Sambar ସାମ୍ବରି ଚମଡ଼ା deer. ୨ । ସାମଡ଼ା ମୃଗର ଭଳା ହୋଇଥିବା ଚର୍ମ— **सांभरी चमड़ा** 2. Chamois leather.

ସାମ୍ବରୀ—ସଂ. ବ—୧ । ଶାମ୍ବସ୍ୱ (ଦେଶ)—1 Sāmbarī (See) Sāmbarī ୨ । ସାମ୍ବରୀ ଲବଣ (ଦେଶ)— 2. Sāmbari labaṇa (See)

Digitized by srujanika@gmail.com

ସାମ୍ବର ଲବଣ—ସଂ·ବି· ସମ୍ବର ହ୍ରଦଜାତ ଲବଣ—Salt manufactured from the salt lakes of Rājputana.
Sāmbarī labaṇa

ସାମ୍ବାଦିକ—ସଂ· ବ (ସମ୍ବାଦ+ଇକ)—୧ । ନୈୟାୟିକ—Sāmbādika 1. Logician. ୨ । (ଅଧୁନକ ପ୍ରୟୋଗ) ସାମ୍ବାଦପତ୍ରସମାନଙ୍କର ସମ୍ବାଦଦାତା—2. News-supplier of a newspaper; news-agent; correspondent of a newspaper.
ସାମ୍ବାଦିକ

ସାମ୍ଭବୀ—ସଂ· ବ (ସାମ୍ଭବ+ଈ)—ରକ୍ତ ଜୋଧ୍ରୁ—Red variety of Symplocus Racemosus.
Sāmbhabī

ସାମ୍ଭସ୍—ସଂ· ବିଣ (ସ+ଅମ୍ବସ୍)—ଜଳଜ—Watery.
Sāmbhas

ସାମ୍ମତ୍ୟ—ସଂ· ନ (ସମ୍ମତ+ଭାବାର୍ଥେ· ଯ)—ସମ୍ମତିର ଭାବ—The state of consent.
Sāmmatya

ସାମ୍ମାତୁର—ସଂ· ବ· ପୁଂ (ସମ୍ମାତୃ+ଅପତ୍ୟାର୍ଥେ· ଅ)—ସତୀ-ପୁତ୍ର—The son of a chaste woman.
Sāmmātura [ସାମ୍ମାତୁର୍—ସ୍ତ୍ରୀ]

ସାମ୍ମୁଖୀ—ସଂ· ବ—ଯେଉଁ ତିଥି ସନ୍ଧ୍ୟା ପର୍ଯ୍ୟନ୍ତ ରହେ (ହି· ଶ)—A lunar day which lasts till evening.
Sāmmukhī

ସାମ୍ମୁଖ୍ୟ—ସଂ· ନ (ସମ୍ମୁଖ+ଭାବାର୍ଥେ· ଯ)—ସମ୍ମୁଖର ଭାବ; ସାମନା—The state of being in front.
Sāmmukhya

ସାମ୍ମୋଦନିକ—ସଂ· ବିଣ (ସମ୍ମୋଦନ+ଇକ)—ସମ୍ମୋଦଦାୟକ; ଆନନ୍ଦଦାୟକ (ବିଣ୍ଟୋଷ)—Pleasant.
Sāmmodanika

ସାମ୍ୟ—ସଂ· ନ (ସମ+ଭାବେ· ଯ)—୧ । ସମାନତା; ସମତା; ତୁଲ୍ୟତ୍ୱ—1. Equality. ୨ । ସାଦୃଶ୍ୟ—2. Similarity. ୩ । ସାମଞ୍ଜସ୍ୟ—3. Harmony; equilibrium. ୪ । ଏକତା—4. Oneness. ୫ । ସାନ୍ତ୍ୱନା—5. Consolation. ୬ । ଏକସ୍ଥାନତ୍ୱ (ବିଣ୍ଟୋଷ)—6. The state of being the same place. ଙ. ବିଣ—ସମତାପନ୍ନ (ବିଣ୍ଟୋଷ)—Having the same condition or equality.
Sāmya

ସାମ୍ୟ ବାଦ—ସଂ· ନ (ଅଧୁନକ)—ରାଜନୀତିକ ମତ ବିଶେଷ—The political theory of equality; communism. [ଦ୍ର—ସବୁ କ୍ଷେତ୍ରେ ସମାନ; ରାଜା, ପ୍ରଜା, ଧନୀ, ଦରିଦ୍ର, କୁଳୀନ, ଅକୁଳୀନ, ଏହିପରି ପ୍ରଭେଦ ରହିବା ଉଚିତ ନୁହେଁ । ଯାବତୀୟ ଧନ ଓ ସମ୍ପତ୍ତିରେ ସମସ୍ତଙ୍କର ସମାନ ଅଧିକାର ରହିବା ଉଚିତ, ଏହିଭଳି ମତବାଦ । ଏହି ମତବାଦ ପ୍ରଥମେ ରୁଷିଆରୁ ବାହାରି ବର୍ତ୍ତମାନ ନାନା ଦେଶରେ ବ୍ୟାପୁ ଅଛି ।]
Sāmya bāda
ସାମ୍ୟବାଦ

ସାମ୍ୟ ବାଦୀ—ସଂ· ବିଣ· ପୁଂ (ଅଧୁନକ ପ୍ରୟୋଗ)—ପେଜ୍ଜଁ ବ୍ୟକ୍ତି ସାମ୍ୟବାଦ ମତ ଅବଲମ୍ବନ କରନ୍ତି—One (ସାମ୍ୟବାଦିନୀ—ସ୍ତ୍ରୀ) who advocates the theory of equality; communist.
Sāmya bādī
ସାମ୍ୟବାଦୀ

ସାମ୍ୟ ଭାବ—ସଂ· ବ—୧ । ପଦାର୍ଥର ସମତ୍ୱାବସ୍ଥାରେ ଅବସ୍ଥିତ ଓ ସ୍ଥିର ହୋଇ ରହିବା—1. State of equilibrium. ୨ । ସର୍ବତ୍ର ସମଦର୍ଶିତା—2. Equality of regard for all.
Sāmya bhāba

ସାମ୍ୟ ସଂସ୍ଥାପନ—ସଂ· ବ—ସାମଞ୍ଜସ୍ୟ ସ୍ଥାପନ—The creation or establishment of harmony.
Sāmya saṁsthāpana (ସାମ୍ୟ ସ୍ଥାପନ--ଅନ୍ୟରୂପ)

ସାମ୍ୟାବସ୍ଥା—ସଂ· ବ—୧ । ତୁଲ୍ୟାବସ୍ଥା—1. Equal condition. ୨ । ସତ୍ତ୍ୱ, ରଜଃ ଓ ତମଃ ଗୁଣତ୍ରୟର ସମାନ ଅବସ୍ଥା—2. The equal state of the three natural attributes. [ଦ୍ର-ଏ ଅବସ୍ଥାରେ କୌଣସି ବିକାର ବା ବିକ୍ଷୋଭ ହୁଏ ନାହିଁ । ଏହାକୁ 'ପ୍ରକୃତି' ବୋଲିଯାଏ—ହି· ଶ ।]
Sāmyāba sthā

ସାମ୍ୟୁତ୍ଥାନ—ସଂ· ବ—ଯଜ୍ଞ ସମାପନ ପାଇଁ ବିଘ୍ନ ବା ଅସୁବିଧା (ବିଣ୍ଟୋଷ)—Any obstacle or inconvenience for the performance of a Yajña.
Sāmyutthāna

ସାମ୍ରାଜ୍ୟ—ସଂ· ନ (ସମ୍ରାଜ୍+ଭାବେ· ଯ)—୧ । ସାର୍ବଭୌମତ୍ୱ; ଏକଚ୍ଛତ୍ରାଧିପତ୍ୟ—1. The state of being an emperor; suzerainty; sultanate. ୨ । ସମ୍ରାଟଙ୍କ ଅଧିକାର, ସମ୍ରାଟଙ୍କ ଶାସନାଧୀନ ରାଜ୍ୟ—2. Empire. ୩ । ସର୍ବପ୍ରଧାନ ରାଜ୍ୟ (ପ୍ରକୃତିବାଦ)—3. Pre-eminent kingdom. ୪ । ପୂର୍ଣ୍ଣ ଅଧିକାର (ହି· ଶ)—4. Full mastery.
Sāmrājya

ସାମ୍ରାଜ୍ୟ ପ୍ରତିଷ୍ଠା—ସଂ· ବ (ଷଷ୍ଠୀ ତତ୍ପୁ)—ଏକଚ୍ଛତ୍ର ରାଜ୍ୟ ସ୍ଥାପନ—The establishment of an empire.
Sāmrājya pratishṭhā
ସାମ୍ରାଜ୍ୟ ପ୍ରତିଷ୍ଠା
ସାମ୍ରାଜ୍ୟ ସ୍ଥାପନ } —ଅନ୍ୟରୂପ

ସାମ୍ରାଜ୍ୟ ବାଦ—ବେ·ବ (ଅଧୁନକ)—ବିଶାଳ ସାମ୍ରାଜ୍ୟର ଅଙ୍ଗ ହେଲେ ଦେଶର ବୈଷୟିକ ଓ ରାଜନୈତିକ ଜୀବନ ସାମ୍ରାଜ୍ୟବାଦ ଅପେକ୍ଷାକୃତ ସ୍ୱକର ହୁଏ, ଏହି ମତବାଦ—Imperialism in politics.
Sāmrājya bāda
ସାମ୍ରାଜ୍ୟବାଦ

ସାମ୍ରାଜ୍ୟବାଦୀ ଦଳ—ବେ· ବ (ଅଧୁନକ ପ୍ରୟୋଗ)—ବିଶାଳ ସାମ୍ରାଜ୍ୟର ଅଙ୍ଗ ହେଲେ ଦେଶର (ସାମ୍ରାଜ୍ୟ ଗଠିତ ଦଳ—ଅନ୍ୟରୂପ) ବୈଷୟିକ ଓ ରାଜନୈତିକ ସାମ୍ରାଜ୍ୟବାଦୀ ଦଳ ଜୀବନ ଅପେକ୍ଷାକୃତ ସ୍ୱକର ହୁଏ, ଏହି ମତ ପୋଷଣ କରନ୍ତି—The imperialists (in politics).
Sāmrājyabādī dala
ସାମ୍ରାଜ୍ୟବାଦୀ ଦଳ

ସାମ୍ରାଣି କର୍ଦ୍ଦମ—ସଂ· ବ—ଜବାଦ ନାମକ ଗନ୍ଧଦ୍ରବ୍ୟ (ସୁଗନ୍ଧଦ୍ରବ୍ୟ)—Name of
Sāmrāṇi kardama ଶାଳଅପଡଳ ଦୋଷ

Digitized by srujanika@gmail.com

a scent. [ଦ୍ର—ଏହା ଉତ୍ତମାର୍ଦ୍ଧୀର ବା ଶାଳଥଉଡ଼ଙ୍କର କୋଷ ବା ସାର୍ଯ୍ୟ । ଏହା ସୁଗନ୍ଧ ଓ ଏକ ପ୍ରକାର ବସ୍ତୁଶ୍ରୁ ରୂପେ ପରଗଣିତ ।]

ସାମ୍ରାଣିଜ—ସଂ. ବ—ମହାଯାତ୍ରେବଡ ଫଳ (ଗୁଜ ଜର୍ଦ୍ଦଣ୍ଡ)—
Sāmrāṇija — A sort of guava.

ସାମ୍ରାଣୀ—ଦେ. ବ (ବୈଦ୍ୟକ)—ଏକପ୍ରକାର ଔଷଧ ଗଛ (ଦ୍ରବ୍ୟଗୁଣ ଜଲ୍ପଦ୍ରୁମ)—ସାଉଳା (ଦେଶ)—ସଂ. ସପ୍ତଳା, ଚର୍ମକଷା, ସପ୍ତପୁଷ୍ପୀ, ଭୂରଫେନା, ବମ୍ବଳା ଚାମରକଷା ସାତଳା
Sāmrāṇī — Name of a medicinal tree.
ତୁଳ. ସାମ୍ରାଣୀତୈଳ

ସାୟ—ଅଂ. ବ (ସୋ ଧାତୁ=ନାଶକରିବା+କର୍ତ୍ତରି. ଅ)—୧ । ଦନାନ୍ତ; ସାୟଂକାଳ; ସନ୍ଧ୍ୟା (ଅମର)—1. Evening. ୨ । ବାଣ; ଶର [ସେନ୍ଧଗା]—2. Arrow. ୩ । [+ଭବ ଥ] ନାଶ—3. Destruction. ୪ । ଅବସାନ—4. Close. ୫ । ଶେଷ—5. Finish; end. ୬ । ଉତ୍ସବ (ନିରୁକ୍ତ ଶେଷ)—6. Festival.
Sāya — (ସାୟଂକାଳ—ଅନ୍ୟରୂପ)
ସହାୟ ସହାୟ ଗ୍ରା. ବ (ସଂ. ସାହାଯ୍ୟ)—ସାହାଯ୍ୟ—Help. ବଣ (ବଙ୍ଗଳାରୁ ଅନୁକୃତ) ସମାପ୍ତ-Finished.

ସାୟଂ—ଅ. ଅ.—(ସୋ ଧାତୁ ସମାପନ କରିବା+କର୍ତ୍ତୁ ଅମ୍; ଯାହା ଦିବସକୁ ସମାପନ କରେ)—୧ । ସନ୍ଧ୍ୟା; ସାୟଂକାଳ—Evening; nightfall. ୨ । ବାଣ; ଶର (ଦ୍ର. ଶ)—2. Arrow. ୩ । ସାୟଂକାଳୀନ (ଦ୍ର. ଶ)—3. Relating to or happening in the evening.
Sāyaṁ

ସାୟଂ କାଳ—ସ. ବ—ସନ୍ଧ୍ୟା; ଦନାନ୍ତ; ସାୟଂସନ୍ଧ୍ୟାକାଳ—Night-fall; evening; eventide. (ସାୟଂକାଳୀନ—ବଣ) [ଦ୍ର—ଦିବସର ଅନ୍ତିମ ଏକ ଦଣ୍ଡ ଓ ରାତ୍ରିର ପ୍ରଥମ ଏକ ଦଣ୍ଡ, ଏହି ଦୁଇଦଣ୍ଡକାଳ ସାୟଂକାଳ—ଶବ୍ଦକୋଷ]
Sāyaṁ kāla

ସାୟଂକୃତ୍ୟ—ସଂ. ବ—ସାୟଂସନ୍ଧ୍ୟା (ଦେଖ)
Sāyaṁ kṛutya — Sāyaṁsandhyā (See)

ସାୟଂ ଗୃହ—ସଂ. ବଣ. ପୁଂ—ଯେଉଁ ବ୍ୟକ୍ତି ସନ୍ଧ୍ୟା ସମୟରେ ଯେଉଁଠାରେ ପହଞ୍ଚେ, ସେଠାରେହିଁ ବାସ କରେ (ଦ୍ର. ଶ.)—[a person] Who takes up his residence at the place where he arrives at nightfall.
Sāyaṁ gṛuha

ସାୟଂ ଗୋଷ୍ଠ—ସ. ବ. ପୁଂ—ସାୟଂକାଳରେ ଗୋଗୃହଣ ସ୍ଥାନରେ ଅବସ୍ଥାନକାରୀ ଗୋ (ବୃଷକୋଷ)—(ସାୟଂ ଗୋଷ୍ଠା—ସ୍ତ୍ରୀ) Cattle which stays in the pasture at nightfall.
Sāyaṁ goshṭha

ସାୟଂ ପ୍ରାତଃ—ସ. ଅ—୧ । ସନ୍ଧ୍ୟା ବେଳେ ଓ ସକାଳେ—1. At morning and evening.
Sāyaṁ prātaḥ

(ସାୟଂପ୍ରାତଃ—ଅନ୍ୟରୂପ) ୨ । ସନ୍ଧ୍ୟା ଓ ସକାଳ—2. Morning and evening.

ସାୟଂ ତନ—ସ. ବଣ ପୁଂ—ସାୟନ୍ତନ (ଦେଖ)
Sāyaṁ tana — Sāyantana (See)

ସାୟଂ ପ୍ରାତରଶୀ—ସ. ବ ପୁଂ (ସାୟଂ ପ୍ରାତଃ+ଅଶ୍ ଧାତୁ+କର୍ତ୍ତରି. ଇନ୍; ୬ତ୍ସ. ୧ବ)—ସନ୍ଧ୍ୟା ବେଳେ (ସାୟଂ ପ୍ରାତସ୍ତ୍ରୀଗା—ସ୍ତ୍ରୀ) ଓ ସକାଳେ ଖାଇଜନକାରୀ—(ସାୟଂପ୍ରାତରଶୀ—ଅନ୍ୟରୂପ) Taking food in the evening and morning.
Sāyaṁ prātaraśī

ସାୟଂ ପ୍ରାତିକ—ସ. ବଣ (ସାୟଂ ପ୍ରାତଃ+ଇକ; ଜଗାଡନ)—ସନ୍ଧ୍ୟା ବେଳେ ଓ ସକାଳେ ଘଟିବା—Happening at eve and morn.
Sāyaṁ prātika

ସାୟଂ ଭବ—ସଂ. ବଣ. ପୁଂ (ଅବ୍ୟୟୀ ଭାବ; ସାୟଂ+ଭୂ ଧାତୁ+କର୍ତ୍ତରି. ଅ)—୧ । ସନ୍ଧ୍ୟାବେଳେ ଜାତ—1. Born at eve. ୨ । ସନ୍ଧ୍ୟାକାଳୀନ—2. Happening at eve.
Sāyaṁ bhaba — (ସାୟମ୍ଭବ—ଅନ୍ୟରୂପ)

ସାୟଂ ଭୋଜନ—ସଂ. ବଣ. ପୁଂ—ସନ୍ଧ୍ୟା ସମୟରେ ଆହାରକାର୍ଯ୍ୟ—Taking meal at eve. (ସାୟଂ ଭୋଜନା—ସ୍ତ୍ରୀ) (ସାୟଂଭୋଜା—ଅନ୍ୟରୂପ)
Sāyaṁ bhojī

ସାୟଂ ସନ୍ଧ୍ୟା—ସଂ. ବ—୧। ସନ୍ଧ୍ୟା ବେଳ; ବେଳଭୂଡ—1. Night-fall. ୨ । ସନ୍ଧ୍ୟାକାଳରେ କର୍ତ୍ତବ୍ୟ ଉପାସନା—2. Evening service; worship performed at nightfall; vespers. [ଦ୍ର—ଦ୍ୱାଦଶୀ, ପୂର୍ଣ୍ଣିମା, ଅମାବାସ୍ୟା, ସଂକ୍ରାନ୍ତି ଓ ଶ୍ରାଦ୍ଧ ଦିବସରେ ସାୟଂ ସନ୍ଧ୍ୟା ନିଷିଦ୍ଧ ।] ୩ । ସାୟଂକାଳୋପାସ୍ୟା ଦେବତା; ସରସ୍ୱତୀ ୧୨ (ଦେଖ)—3. Deity Saraswati who is worshipped by the twice born castes at night fall.
Sāyaṁ sandhyā

ସାୟଂ ସନ୍ଧ୍ୟା ଦେବତା—ସ. ବ—ସରସ୍ୱତୀ ୧୨ (ଦେଖ)
Sāyaṁ sandhyā debatā — Saraswatī 12 (See)

ସାୟକ—ସଂ. ବ (ସୋ ଧାତୁ=ନାଶ କରିବା+କର୍ତ୍ତରି. ଅକ)—୧ । ବାଣ; ଶର—1. Arrow; dart. ୨ । ଖଡ୍ଗ—2. Sword. ୩ । ବଜ୍ର—3. Thunder. ୪ । ଅସ୍ତ୍ର ଶସ୍ତ୍ର—4. Weapon. ୫ । ଭଦ୍ରମୁଞ୍ଜ (ଦେଖ)—5. Bhadramuñja (See) ୬ । ପାଞ୍ଚ ସଙ୍ଖ୍ୟା (ଦ୍ର. ଶ)—6. The number five. ୭ । ବର୍ଣ୍ଣବୃତ୍ତରଶେଷ (ଦ୍ର. ଶ)—7. A kind of metre. [ଦ୍ର—ଏଥିରେ ପ୍ରତ୍ୟେକ ପାଦରେ ଯଥାକ୍ରମେ ସଗଣ, ଭଗଣ, ଜଗଣ, ଏକଲଘୁ ଓ ଏକଗୁରୁ କରି ୮ ଥାଏ—ଦ୍ର. ଶ ।]

Digitized by srujanika@gmail.com

ସାୟକ ପୁଙ୍ଖ(ଙ୍ଖା)—ସଂ. ବ (୬ଷ୍ଠୀ ତତ୍) —ଶରପୁଚ୍ଛ—
Sāyaka puṅkha(ṅkā) The tail of an arrow.

ସାୟଣ—ସଂ. ବ (ନାମ) —ସାୟୃ (ଦେଖ)—Sāyana (See)
Sāyaṇa [ସାୟଣାଗୃର୍ଫ—ଅନ୍ୟରୂପ]

ସାୟଣୀ(ଣି)ୟ—ସଂ. ବିଣ (ସାୟଣ+ଈୟ) —୧ । ସାୟଣାଗୃର୍ଫ
Sāyaṇi(ṇī)ya ସମ୍ବନ୍ଧୀୟ—1. Relating to Sāyaṇa.
୨ । ସାୟଣାଗୃର୍ଫକୃତ (ତତ୍ର)—
2. Composed by Sāyanacharya.

ସାୟତନ—ସଂ. ବ (ସଦ୍ଭାର୍ଥ ବତୁ୍ପ୍ର; ସି+ଅୟୁଚ୍ତନ) —ଅୟୁଚ୍ତନ
Sāyatana ବିଶିଷ୍ଟ—Having dimensions.

ସାୟ ଦେବା—ଦେ. କି (ବଙ୍ଗଳାରୁ ଅନୁକୃତ)—କୌଣସି ବ୍ୟକ୍ତିର
Sāya debā କଥାରେ ହଁ ମାରିବା—To say ditto to
ସାୟ ଦେଓୟ ହାଁଜି ହାଁଜି କରନା what another says.

ସାୟୁନ—ସଂ. ବ (ନାମ) —ଟୀକାକାରବିଶେଷ—Name of an
Sāyana [ସାୟଣାଗୃର୍ଫ—ଅନ୍ୟ ବ. ରୂପ] annotator.
[ଦୃ—ଏ ଋଗ୍ବେଦାଦିର ଭାଷ୍ୟକାର ସ୍ୱପ୍ରସିଦ୍ଧ ମହା ପଣ୍ଡିତ ଥିଲେ । ଦାହିଣାତ୍ୟ ବିଦ୍ୟାନଗରାଧିପତି ମହାରାଜ ବୁକ୍କ ଓ ଭଦ୍ରାମ୍ବିକ ଦ୍ୱିତୀୟ ହରିହର ଏହାଙ୍କ ବିଦ୍ୱତ୍ତାରେ ମୁଗ୍ଧ ହୋଇ ଏହାଙ୍କୁ ରାଜମନ୍ତ୍ରୀ କରିଥିଲେ । ଏହାଙ୍କ ପିତାଙ୍କ ନାମ ମାୟୁଣ । ଏହାଙ୍କ ଭ୍ରାତା ପ୍ରଥମେ ରାଜମନ୍ତ୍ରୀ ଥିଲେ ଓ ପରେ ଶୃଙ୍ଗେରୀ ମଠର ଗୁରୁପଦରେ ପ୍ରତିଷ୍ଠିତ ହୋଇ ବିଦ୍ୟାରଣ୍ୟ ସ୍ୱାମୀ ବା ମାଧବ ନାମରେ ପୂଜିତ ହେଲେ । ଏ ୧୩୮୭ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ । ଏ ବୈଦିକଭାଷ୍ୟ, ଯଜ୍ଞବିଷୟକ ଭାଷ୍ୟ, ସ୍ମୃତିଭାଷ୍ୟ, ବ୍ୟାକରଣ ଭାଷ୍ୟ, ବେଦାନ୍ତ ଟୀକା, ଭଗବଦ୍ଗୀତା ଭାଷ୍ୟ ଆଦି ଶତାଧିକ ଗ୍ରନ୍ଥ ରଚନା କରିଥିଲେ—ବିଦ୍ୟାରଣ୍ୟ ।] ସଂ. ବିଣ (ସ+ଅୟୁନ)—
ଅୟୁନବିଶିଷ୍ଟ (ଗ୍ରହ ଆଦି)—
(planets) Having Ayana.

ସାୟନ୍ତନ—ସଂ. ବିଣ (ସାୟଂ+ଭବାଦ୍ୟର୍ଥେ. ତନ)—୧ । ସାୟଂକାଳ
Sāyantana ସମ୍ବନ୍ଧୀୟ—1. Relating to evening.
[ସାୟନ୍ତନୀ—ସ୍ତ୍ରୀ] ୨ । ସାୟଂକାଳୀନ—
2. Happening in the evening.

ସାୟନ୍ତୀ—ତ୍ରା. ବ. ସ୍ତ୍ରୀ (ନାମ)—ଶାନ୍ତୀ; ଋଷ୍ୟଶୃଙ୍ଗଙ୍କ ପତ୍ନୀ—
Sāyantā Colloquial name of the wife of sage
Ṛushyaśṛuṅga. [ଦୃ—ସାୟନ୍ତୀ କନ୍ୟାକୁ ଦାନ କରିବା ପ୍ରଦାନ । ପଦ୍ମପୁରୁଷ ସେ ଅଙ୍ଗ ବଙ୍ଗଜନ—
ବିଶ୍ୱନାଥ. ବିଚାର ସମାପ୍ତି ।]

ସାୟନ୍ଦୁଗ୍ଧ—ସଂ. ବ—ସନ୍ଧ୍ୟା ସମୟରେ ଦୁହାଁ ଯିବା ଦୁଧ—
Sāyandugdha Milk drawn in the evening.
[ସାୟଂଦୁଗ୍ଧ—ଅନ୍ୟରୂପ]

ସାୟନ୍ଦୋହନ—ସଂ. ବ—ସନ୍ଧ୍ୟାକାଳୀନ ଗାଈ ଦୋହନ—
Sāyandohana Milking in the evening.
[ସାୟଂଦୋହ, ସାୟଂଦୋହନ—ଅନ୍ୟରୂପ]

ସାୟମାଶ—ସଂ. ବ—ସାୟଂ ଭୋଜନ—Supper, evening
Sāyamāśa [ସାୟାଶନ—ଅନ୍ୟରୂପ] meal.

ସାୟମାହୁତି—ସଂ. ବ (ସାୟଂ+ଆହୁତି)—ସନ୍ଧ୍ୟା ସମୟରେ ଦିଆ
Sāyamāhuti ଯିବା ଆହୁତି—Oblation of ghee unto
the fire at eve.

ସାୟ(ଏ, ୟେ)ଲ୍—ବୈଦେ. ବି(କଚରଅ) —ଦରଖାସ୍ତକାରୀ—
Sāyal(e, ye)l ସାଏଲ ସାୟଲ Applicant.

ସାୟା—ବୈଦେ. ବ (ପଶ୍ଚି. ଗୀଜ୍) —ସ୍ତ୍ରୀମାନଙ୍କର କଟିଠାରୁ ଉଜର୍
Sāyā ଯିବା ଯିବା ଭିଲ୍ଲ ଘାଗର—A loose-flowing
ସାୟା lower gown or skirt worn by females
ସାୟା, ଘାଁଘଡା down from the waiste.

ସାୟାଁ—ତ୍ରା. ବ—ହାଞ୍ଜ(ଦେଖ)
Sāyāñ Sāñjñā (See)

ସାୟାବନ୍ଦୀ—ବୈଦେ. ବ (ଫା. ସାୟାବନ୍ ତତ୍ତୀ)—ମୁସଲମାନମାନଙ୍କ
Sāyābandī ବିବାହ ସାଇଁ ମଣ୍ଡପ ନାମକ କର୍ମ—The act of
ସାୟାବନ୍ଦୀ raising a marriage altar for a mar-
ସାୟାବନ୍ଦୀ riage (of Mahomedans).

ସାୟାର୍—ବୈଦେ. ବ (ଇଂ)—ଇଂଲଣ୍ଡ, ସ୍କଟଲଣ୍ଡ ଓ ଆୟର୍ଲଣ୍ଡର
Sāyār ଭିନ୍ନ ଭିନ୍ନ ଅଂଶ ବା ବିଭାଗ—Shire of Great
ସାୟାର ସାୟାର Bretain and (Ireland).

ସାୟାରମ୍ଭ—ସଂ. ବ (୬ଷ୍ଠୀ ତତ୍ ; ସାୟୃ+ଆରମ୍ଭ) —ସାୟଂକାଳର
Sāyārambha ଆରମ୍ଭ (ବିଶ୍ୱକୋଷ)—
The beiginning of nightfall.

ସାୟାଶନ—ସଂ. ବ (ମ. ଷ. ତତ୍ ; ସାୟଂକାଳୀନ ଅଶନ୍ କର୍ମ। ୭ମା
Sāyāśana ତତ୍ , ସାୟେ ଅଶନ) —ଦିନାନ୍ତେ ଭୋଜନ;
ସନ୍ଧ୍ୟା ଭୋଜନ—Evening meal; supper.

ସାୟାସ—ସଂ. ବିଣ (ସଦ୍ଭାର୍ଥ ବତୁ୍ପ୍ର; ସ+ଅୟାସ)—ଅୟାସଯୁକ୍ତ—
Sāyāsa Accompanied with effort.

ସାୟାହ୍ନ —ସଂ. ବ (ସାୟୃ+ଅହ୍ନ; ଅହ୍ନର=ଦିନର+ସାୟୃ=ଶେଷ)
Sāyāhna —୧ । ଦିନାନ୍ତ, ଦିବସର ଶେଷ ଦଣ୍ଡଦ୍ୱୟ; ଦିନର ଶେଷ ଦଣ୍ଡ ଓ ରାତ୍ରିର ପ୍ରଥମ ଦଣ୍ଡ—1. The last Daṇḍa of the day and the first Daṇḍa of the night. [ଦୃ—ଏହି ସମୟକୁ ସନ୍ଧ୍ୟାବେଳ ବୋଲିଯାଏ । ଏହି ସମୟରେ ଶାବ, ଶୟନ; ଭୋଜନ ଓ ଶୁଭକର୍ମ ନିଷିଦ୍ଧ—ଶବ୍ଦକଳ୍ପଦ୍ରୁମ ।] ୨ । ଦିବସର ଶେଷ ପଞ୍ଚମ ଭାଗ (ବିଶ୍ୱକୋଷ ଦିଥିଭତ୍ତ୍ୱ)—2. The last fifth part of the day. [ଦୃ—ଶାସ୍ତ୍ରରେ ଦିବସକୁ ୫ ଭାଗରେ ବିଭକ୍ତ କରିଯାଇଅଛି । ପ୍ରଥମ ୩ ମୁହୂର୍ତ୍ତ ପ୍ରାତଃ, ତତ୍ପରବର୍ତ୍ତୀ ୩ ମୁହୂର୍ତ୍ତ ସଙ୍ଗବ ବା ପୂର୍ବାହ୍ଣ, ତତ୍ପରେ ୩ ମୁହୂର୍ତ୍ତ ମଧ୍ୟାହ୍ନ,ତତ୍ପରେ ୩ ମୁହୂର୍ତ୍ତି ଅପରାହ୍ଣ ଓ ଶେଷ ୩ ମୁହୂର୍ତ୍ତ ସାୟାହ୍ନ ଅଟେ । ଏକ ମୁହୂର୍ତ୍ତ=୨ ଦଣ୍ଡ କାଳ; ୧ ଦିବସ=୩୦ ଦଣ୍ଡ=୧୫ ମୁହୂର୍ତ୍ତି—ଦିଥିଭତ୍ତ୍ୱ ।]

ସାୟିକା—ସ. ବ (ସେ୍ନ. ଧାତୁ+ଅକ+ଆ)—କ୍ରମସ୍ଥିତି—
Sāyikā Gradual position; succession; succes-
sive position.

Digitized by srujanika@gmail.com

ସାସ୍ୱୀ—ସଂ. ବି. ତ୍ରିଂ (ସୋ ଈମା ସେଁ, ଧାତୁ=ନାଶ କରିବା+କ୍ୱିପ୍. Sāsvī ଇନ୍; ସାସ୍ୱିନ୍ ୧ମା. ୧ବ; ଯେଉଁ ବ୍ୟକ୍ତି ଗଦ୍ଦଭେଶ୍ୱର (ସାସ୍ୱିନୀ—ସ୍ତ୍ରୀ) ନାଶ କରେ)—ଅଶ୍ୱାରୋହୀ—A horse-rider.

ସାଯୁଜ୍ୟ—ସଂ. ବି (ସହ+ଯୁଜ୍. ଧାତୁ=ଯୋଗ କରିବା+କ୍ୟପ୍. Sāyujya ଜୁଟ୍=ସଯୁଜ୍=ସହଯୋଗ+ଷ୍ୟଞ୍. ଯ)—୧। ସହଯୋଗ—1. Co-operation. ୨। ଏକତ୍ୱ, ଏକତା—2. Unity. ୩। ଅଭେଦ—3. Identity. ୪। ସାଦୃଶ୍ୟ—4. Similarity, ୫। ପଞ୍ଚଧା ମୁକ୍ତିର ଅନ୍ତର୍ଗତ ମୁକ୍ତି ବିଶେଷ—5. A kind of emancipation. [ଦ୍ର—ମୁକ୍ତି ୫ ପ୍ରକାର ବୋଲି ଶ୍ରୀଭଗବତ ଦ୍ୱିତୀୟ ଅଧ୍ୟାୟରେ ବର୍ଣ୍ଣିତ ଅଛି ।

୧। ସାଲୋକ୍ୟ—ବିଷ୍ଣୁଙ୍କ ପରିଚ ଏକଲୋକରେ ବାସ।

୨। ସାର୍ଷ୍ଟି—ସମାନୈଶ୍ୱର୍ଯ୍ୟ।

୩। ସାମୀପ୍ୟ—ନୈକଟ୍ୟ।

୪। ସାରୂପ୍ୟ—ଏକରୂପତା।

୫। ସାୟୁଜ୍ୟ—ଏକତା; ବିଷ୍ଣୁଙ୍କ ଦେହରେ ଭକ୍ତର ଲୀନ ହୋଇବା ଅବସ୍ଥା।

ଏହି ଶେଷୋକ୍ତ ମୁକ୍ତିଲାଭ କଲେ ଭକ୍ତ ଭଗବାନଙ୍କଠାରେ ଲୀନ ହୋଇଯାଏ। ଶାସ୍ତ୍ରରେ ଲେଖାଅଛି ଯେ, ସାଯୁଜ୍ୟ ୨ ପ୍ରକାର—ଭଗବତ ସାଯୁଜ୍ୟ ଓ ବ୍ରହ୍ମସାଯୁଜ୍ୟ। ସାଯୁଜ୍ୟ ମୁକ୍ତିରେ ଭକ୍ତ ଅକ୍ଷରେ ଭଗବତ୍ ସେବାର ଅଧିକ ଘଟେ। ଅତଏବ ଭକ୍ତ ଅନ୍ୟ ୪ ପ୍ରକାର ମୁକ୍ତିକୁ ବାସନା କରେ ଓ ଏ ମୁକ୍ତିକୁ ବାସନା କରେ ନାହିଁ—ଶ୍ରୀଭଗବତ ୩ୟ ଅଧ୍ୟାୟ।]

ସାୟେ—ସଂ. ଅ (ସାୟ+୭ମୀ ବିଭକ୍ତିରେ ଏ)—ଦିନାନ୍ତେ; ସନ୍ଧ୍ୟାବେଳେ—At eve.

ସାୟେକ—ଗ୍ରା. ବି (ସାୟକର ଅଶୁଦ୍ଧ ଉଚ୍ଚାରଣ)—ସାୟକ (ଦେଖ) Sāyeka Sāyaka. (See)

ସାୟେ(ଏ)ନ୍ସ୍ (ଇତ୍ୟାଦି)—ବୈଦେ. ବି (ଇଂ. ସାୟେନ୍ସ୍)—ବିଜ୍ଞାନ; Sāye(e)ns (etc) ସାଏନ୍ସ୍, ଇତ୍ୟାଦି (ଦେଖ)—Science.

ସାୟେଲ୍—ବୈଦେ. ବି (ଉଚ୍ଚାରଣ)—ସାୟଲ୍ (ଦେଖ) Sāyel Sāyal. (See)

ସାୟେସ୍ତା ଖାଁ—ବୈଦେ. ବି (ନାମ)—ସାଏସ୍ତା ଖାଁ; ଖ୍ରୀଷ୍ଟୀୟ ସପ୍ତଦଶ Sāyestā khāñ ଶତାବ୍ଦୀର ବଙ୍ଗର ଜଣେ ମୋଗଲ ଶାସନ- ସାୟସ୍ତା ଖାଁ କର୍ତ୍ତା—Name of a Governor of Bengal **ସାୟେସ୍ତା ଖାଁ** under the Moghuls in the seventeenth century A. D. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୬୦୩; ମୃତ୍ୟୁ ଖ୍ରୀ ୧୬୬୪। ଏହାଙ୍କ ପିତା ଅସଫ୍‌ଖାଁ ମୋଗଲ ସମ୍ରାଟଙ୍କ ଉଜୀର ବା ପ୍ରଧାନ ମନ୍ତ୍ରୀ ଥିଲେ। ଅସଫ୍‌ଖାଁଙ୍କ ମୃତ୍ୟୁପରେ ସାହାଜାହାନ୍ ଖ୍ରୀ. ୧୬୪୧ରେ ଏହାଙ୍କୁ ଉଜୀର କଲେ। ଇତ୍‌ମଧ୍ୟରେ ଏ ବେରାରର ଶାସନକର୍ତ୍ତାରୂପେ ନିଯୁକ୍ତ ହୋଇଥିଲେ। ଖ୍ରୀ. ୧୬୫୭ରେ ସମ୍ରାଟ୍ ଔରଙ୍ଗଜେବ୍ ଏହାଙ୍କୁ ଦାକ୍ଷିଣାତ୍ୟର ସୁବାଦାରପଦରେ ଓ ୧୬୫୯ରେ ଏହାଙ୍କୁ ଶାସନକର୍ତ୍ତାରୂପେ ନିଯୁକ୍ତ କଲେ। ଶିବାଜୀଙ୍କ ସହିତ ଖ୍ରୀ. ୧୬୬୧ରେ ଏହାଙ୍କର ଯୁଦ୍ଧ ହୋଇଥିଲା ଓ ସେଥିରେ ଶିବାଜୀ ଜୟଲାଭ କରିଥିଲେ ଓ ଏଥିପରେ ଶିବାଜୀଙ୍କ ସଙ୍ଗେ ଯୁଦ୍ଧ କରିବାକୁ ଔରଙ୍ଗଜେବ ଅମ୍ବରର ଅଧିପତି ଜୟସିଂହଙ୍କୁ ଓ ଅଫଗାନ ସେନାପତି ଦଲେର୍ ଖାଁକୁ ପଠାଇଲେ ଓ ଅବଶେଷରେ ସମ୍ରାଟଙ୍କ ସଙ୍ଗେ ଶିବାଜୀଙ୍କର ସନ୍ଧି ହେଲା। ଶିବାଜୀ ଅଧିକାର କରିଥିବା ମୋଗଲ ରାଜ୍ୟମାନ ଫେରାଇ ଦେଲେ ଓ ବିଜାପୁର ରାଜ୍ୟକୁ ଜୟ କରିବାରେ ସମ୍ରାଟଙ୍କୁ ସାହାଯ୍ୟ କଲେ। ସମ୍ରାଟ ଶିବାଜୀକୁ ମହାରାଷ୍ଟ୍ର ଦେଶର ରାଜା ବୋଲି ସ୍ୱୀକାର କଲେ ଓ ତାଙ୍କ ପୁତ୍ର ଶମ୍ଭୁଜୀକୁ ମୋଗଲ ସମ୍ରାଟଙ୍କର ୫ ହଜାର ଅଶ୍ୱାରୋହୀ ସେନାଙ୍କ ସନସବଦାର (ସେନାପତି) କଲେ। ସମ୍ରାଟ୍ ଶିବାଜୀଙ୍କୁ ବିଜୁଭିବରେ ଦିଲ୍ଲୀକୁ ଡକାଇଲେ ଓ ସେଠାରେ ସାୟେସ୍ତା ଖାଁ। (ଦାକ୍ଷିଣାତ୍ୟରେ ପୁନଃ ଯୁଦ୍ଧରେ ପ୍ରବୃତ୍ତ ହୋଇଥିବା ଅଳ୍ପଜ୍ଞା ସାଧିବା ଉଦ୍ଦେଶ୍ୟରେ) ସମ୍ରାଟଙ୍କ ଗୁପ୍ତ ପରାମର୍ଶ ଦେଇ ଶିବାଜୀଙ୍କୁ ଦିଲ୍ଲୀରେ ବନ୍ଦୀ କରାଇଲେ। କିନ୍ତୁ ଶିବାଜୀ କୌଶଳ ଅବଲମ୍ବନ କର ସେଠାରୁ ଖସି ଗଲେ। ୧୬୭୨ରେ ସମ୍ରାଟ୍ ସାୟେସ୍ତା ଖାଁଙ୍କୁ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ କଲେ। ଏହାଙ୍କ ସମୟରେ ବଙ୍ଗଦେଶରେ ମୋଗଲ ପ୍ରଭାବ ଦୃଢ଼ଭାବରୂପେ ପ୍ରତିଷ୍ଠିତ ହେଲା ଓ ସର୍ବତ୍ର ଶାନ୍ତି ବିରାଜିଲା। ସେ ସମୟରେ ୧ ମହଣ ଗହୁଳର ମୂଲ୍ୟ ଦୁଇ ଅଣା ମାତ୍ର ଥିଲା। ସାୟେସ୍ତା ଖାଁ ଢାକାରେ ରାଜଧାନୀ ସ୍ଥାପନ କଲେ। ସେ ସମୟରେ କଲିକତାରେ ଅବସ୍ଥିତ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀଙ୍କ ବାଣିଜ୍ୟ-କୋଠୀର ଶାସନକର୍ତ୍ତା ଜବ୍ ଚାର୍ଣ୍ଣକ୍‌ଙ୍କ ସହିତ ସାୟେସ୍ତା ଖାଁଙ୍କର ଯୁଦ୍ଧ ହୋଇଥିଲା। ଏ ୧୬୯୯ରେ ୯୯ ବର୍ଷ ବୟସରେ ପରଲୋକ ଗମନ କଲେ। ଏ ଅଞ୍ଚାରେ ଯମୁନାତୀରରେ ଗୋଟିଏ ଉଦ୍ୟାନ ଓ ପ୍ରାସାଦ ଏବଂ ଅହ୍ମଦାବାଦରେ ଗୋଟିଏ ଜୁମ୍ମାମସଜିଦ୍ ନିର୍ମାଣ କରାଇଥିଲେ। ଏ ସବୁର ଧ୍ୱଂସାବଶେଷ ଅଦ୍ୟାପି ବିଦ୍ୟମାନ—ବିଶ୍ୱକୋଷ।

ଅନ୍ୟ ସମ୍ବାଦ ସାଇଁ ସାଏସ୍ତା ଖାଁ ଭଳେ ବିଖ୍ୟାତ ହୋଇଥିବା ନୋହିଁ ଦେଖ।]

ସାଯ୍ୟ—ଗ୍ରା. ବି (ସଂ. ସାହାଯ୍ୟ)—ସାହାଯ୍ୟ (ଦେଖ)—Sāhāyya (See) Sāyya ସାହାଯ୍ୟ **साहाय्य**

ସାର୍ (ଇତ୍ୟାଦି)—ବୈଦେ. ଅ ଓ ବି (ଇଂ. ସର୍‌ର ଅଶୁଦ୍ଧ ଲେଖନ)—Sār (etc) ସର୍ ଇତ୍ୟାଦି (ଦେଖ)—Sar etc (See) ସାର **सर**

ସାର୍ (ଧାତୁ)—ଅ—ଦୁର୍ବଳ ହେବା (ବିଶ୍ୱକୋଷ)—Sār (root) To become weak.

ସାର୍‌ବା—ସ୍ରାଦେ. (ଉତ୍ତରଖଣ୍ଡ) କି—ସାରିବା—Sār-bā To finish.

Digitized by srujanika@gmail.com

ସାରୁଲ୍ଲନ୍—ସାଦେ. (ଗାଣ୍ଠଣା) କ୍ରି—(ମୁଁ) ଶେଷ କଲଣି—
Sār·lin (1) Have finished.

ସାର—ସ. ବ (ସୃ ଧାତୁ=ଗମନ କରିବା ବା ସ୍ଥିର ହେବା+କର୍ତ୍ତରି. ବା ଜରଣ, ଅ)—୧ । ଦୋଷରହିତ ପଦାର୍ଥର ଶ୍ରେଷ୍ଠାଂଶ—
Sāra 1. The most excellent part of a thing; substance. ୨ । ସାରାଂଶ; ତ୍ରିବ୍ୟଂଶ (ଅମର)—2. Essential part. ୩ । ତେଜଃ—3. Vigour. ୪ । ବଳ (ଅମର)—4. Strength. [ଉ—ଛୋଟୁଣ୍ଟିକ ସିନା ଦୃଷ୍ଟି, ମୋ ସାର ଯାଉଛୁ ଭୁଷି—ଜଗନ୍ମୋହିନୀ, ଜଗୋତ୍କଳଭଙ୍ଗ. ଛ-ଗୀତ ।] ୫ । ଦେହର ମଜ୍ଜା—5. Marrow. ୬ । ବୃକ୍ଷର ମଜ୍ଜା; ମଜ୍ଜ (ଅମର)—6. The pith of a tree; the heart-wood of a tree. ୭ । ବୀର୍ଯ୍ୟ; ବୀରତ୍ୱ—7. Heroism. ୮ । ବଜ୍ରକ୍ଷାର (ବ୍ରଜବଦର୍ଦ୍ଧ୍ନ)—8. A kind of ashes. ୯ । ବାୟୁ (ଭରତ ଧର)—9. Air. ୧୦ । ରୋଗ (ଧରଣୀ)—10. Sickness. ୧୧ । ଗାଣ୍ଠକ; ପଶା ଖେଳର ଗୋଟି (ଶବ୍ଦରତ୍ନାବଳୀ)—11. The dice balls. [ଉ—ବପଦ୍ଧତ କାଠିକ ଧର ଦୃଢ଼ ମୁଷ୍ଟିକ ପ୍ରହାର ସାର ସାରେ ଦେ—ଭଞ୍ଜ. ବୈଦେହୀଶବିଳାସ ।] ୧୨ । (ସର+ଜ୍ଞପ୍ରାପ୍ତାର୍ଥେ. ଅ) ଦଧ୍ୟୁତ୍ତର; ନବନୀତ (ଶବ୍ଦରତ୍ନାବଳୀ ଓ ବ୍ରଜବଦର୍ଦ୍ଧ୍ନ)—12. Butter. ୧୩ । (ସର+ସ୍ୱାର୍ଥେ. ଅ) ଦୁଧର ସର—13. The cream of milk. ୧୪ । ଜଳ (ମେଦନୀ)—14. Water. ୧୫ । ଧନ (ମେଦନୀ)—15. Riches. ୧୬ । ଲୌହ (ଶବ୍ଦପ୍ରକାଶ)—16. Iron. ୧୭ । ବପିନ; ବନ (ଶବ୍ଦରତ୍ନାବଳୀ)—17. Forest. ୧୮ । କାଠିନ୍ୟ; ଦୃଢ଼ତା—18. Hardness. ୧୯ । ବୃକ୍ଷବର୍ଦ୍ଧିତ ରସ—19. The sap of a tree. ୨୦ । ଅରକ; ନର୍ଯ୍ୟାସ—20. Essence; extract. ୨୧ । ସଂକ୍ଷେପ—21. Synopsis; summary or purport. ୨୨ । କଥାର ମର୍ମ୍ମ; ତାତ୍ପର୍ଯ୍ୟ; ତତ୍ତ୍ୱାର୍ଥ—22. Substance of a speech. ୨୩ । ରହସ୍ୟ—23. Hidden meaning. ୨୪ । ଅତିସାର—24. Dysentery. ୨୫ । ଉତ୍କର୍ଷ—25. Excellence; worth. ୨୬ । ନାନାବର୍ଣ୍ଣ—26. Various colours. ୨୭ । ଯେଉଁ ଦ୍ରବ୍ୟର ଜରିବା ପାଇଁ ଦଅଯିବା ପଦାର୍ଥ; ସର—27. Manure. ୨୮ । ଗୋମୟ—28. Cow-dung. ୨୯ । ଉତ୍ତରୋତ୍ତର ଉତ୍କର୍ଷ ବର୍ଣ୍ଣନାରୂପ ଅର୍ଥାଳଙ୍କାରବିଶେଷ (ସାହିତ୍ୟ ଦର୍ପଣ)—29. Name of a figure of speech. [ଦ୍ର—ସୂକ୍ଷ୍ମାପୂର୍ବ ପଦାର୍ଥ ଅପେକ୍ଷା ଉତ୍ତରୋତ୍ତର ପଦାର୍ଥର ଉତ୍କର୍ଷ ବର୍ଣ୍ଣନାକୁ ସାର କୁହାଯାଏ । କୁଳମଣି. ଅଳଙ୍କାର ଚରଣିକା ।]

(ଉଦାହରଣ—ବାହୁ ନେଇଛନ୍ତି ସାହା ନଜେ ଲ୍ଲାଲାମ୍ବୁ
ଘୁଣି ସର୍ତ୍ତ୍ୟ ଲ୍ଲାଲା ଲଗି ଅଶିଳ ଜ୍ୱରତେ
ଉଣ୍ଡଦଳେ ଶ୍ରେଷ୍ଠ ସେଜ୍ଜେ ପୁଟୁନ ଲଳତ
ଶ୍ରେଷ୍ଠ ଏ ଜଳୁଲ ଭୁମି ଗୁଣେ ଗଗ୍ୱପୃଶୀ
× × × ×
ସ୍ତମ୍ଭଭୁଣ୍ଡେ ଶ୍ରେଷ୍ଠ ଭାର କେଶର ଯେସନେ
ଶ୍ରେଷ୍ଠ ଏ ଗାଲାଦ୍ର ଧାନ ସମସ୍ତ ଜ୍ୱତ୍ କଲେ—
ସ୍ୱଧାକାଥ. ସଦ୍ଭାଯାତ୍ରା ।)

୩୦ । ଅମୃତ (ଭ୍ରଗବତ ୭ମ ଅଧ୍ୟାୟ)—30. Nectar. ୩୧ । ଦାଡ଼ିମ୍ବ ବୃକ୍ଷ (ବଶ୍ୱକୋଷ)—31. The Pomegranate tree. ୩୨ । ପିୟାଶାଳ ବୃକ୍ଷ (ବଶ୍ୱକୋଷ)—32. Buchanania Latifolia tree. ୩୩ । ବଙ୍ଗ (ବଶ୍ୱକୋଷ)—33. Tin. ୩୪ । ମୁଦ୍ଗ (ବଶ୍ୱକୋଷ)—34. Phaseolus Radiatus (grain). ୩୫ । କ୍ୱାଥ (ବଶ୍ୱକୋଷ)—35. Decoction. ୩୬ । ନୀଳୀବୃକ୍ଷ (ବଶ୍ୱକୋଷ) —36. Indigo plant. ୩୭ । କର୍ପୂର (ବଶ୍ୱକୋଷ)—37. Camphor. ୩୮ । ଗନ୍ଧରୁ ପର୍ଯ୍ୟୁତ୍ତ ନର୍ଯ୍ୟାସ; ଶୁଖିଲା ଅଠା (ବଶ୍ୱକୋଷ)—38. Died gum. ୩୯ । ସାଲ ବୃକ୍ଷର ସାର (ବଶ୍ୱକୋଷ)—39. Resin of Shorea Robusta tree. ୪୦ । ପଣା; ପାନକ (ବଶ୍ୱକୋଷ)—40. Sweetened drink. ୪୧ । ଦେହାଭ୍ୟନ୍ତରସ୍ଥ ସ୍ଥିର ପଦାର୍ଥ (ବଶ୍ୱକୋଷ)—41. The substantial part inside the body. [ଦ୍ର—ଉପରୋକ୍ତ ବିଭିନ୍ନ ସ୍ଥାନରେ ବର୍ତ୍ତିତ ହୋଇଅଛୁ ଯେ, ଦେହର ସାର ଅଠଗୋଟି, ଯଥା—ତ୍ୱକ୍, ରକ୍ତ, ମାଂସ, ମେଦ, ଅସ୍ଥି, ମଜ୍ଜା, ଶୁକ୍ର ଓ ସତ୍ତ୍ୱ । ଶଶ୍ୱରର ଅଠଗୋଟି ସାରର ଲକ୍ଷଣ ଓ ଫଳ ସ୍ୱତନ୍ତ୍ରରୂପେ ବର୍ତ୍ତିତ ହୋଇଅଛୁ । ଯେଉଁମାନେ ଏହି ସବୁ ସାରସମ୍ପନ୍ନ ସେମାନେ ବଳବାନ୍, ସର୍ବସୁଖାନ୍ୱିତ ଓ କ୍ଲେଶସହ ହୁଅନ୍ତି । ସେମାନେ ନଜର ସାମର୍ଥ୍ୟ ଜ୍ୱପରେ ଟୁଟ୍ ଅସ୍ତ୍ରାବାନ୍, ଦୃଢ଼ଶଶ୍ୱର, ସଯତ ଓ ସୁସମାହତଗତ୍ର ହୁଅନ୍ତି । ସର୍ବସାରସମ୍ପନ୍ନ ବ୍ୟକ୍ତିଙ୍କ ସ୍ୱର ପ୍ରଛନ୍ଦ୍ୱନଜନକ, ଦୃଶ୍ଚ, ଗମ୍ଭୀର ଓ ସଦ୍ଭାନ୍ ହୁଏ ଓ ସେମାନେ ସୁଗୀ, ଔଶୁଫିଶାଲୀ, ସମ୍ମାନଶାଳୀ ଓ ଧନ୍ୟ ହୁଅନ୍ତି । ସେମାନଙ୍କୁ ଜରା ଓ ରୋଗ ଅଲ୍ପ ଅକ୍ରମଣ କରେ । ସେମାନଙ୍କ ଅପତ୍ୟମାନେ ତୁଲ୍ୟଗୁଣାନ୍ୱିତ, ବଂଶ-ବସ୍ତ୍ରାରକାସ୍ତ ଓ ଦୀର୍ଘଜୀବୀ ହୁଅନ୍ତି । ଯେଉଁମାନଙ୍କର ଶଶ୍ୱରରେ ଏ ଅଠଗୋଟି ସାର ବର୍ତ୍ତମାନ, ସେମାନଙ୍କୁ ସର୍ବସାର, ଯାହାଙ୍କର ଏଥି ମଧ୍ୟରୁ ଚେତଗୋଟି ସାର ଥାଏ ସେମାନଙ୍କୁ ମଧ୍ୟସାର, ଯାହାଙ୍କର ଏ ସାରମାନଙ୍କ ମଧ୍ୟରୁ ଅଳ୍ପ ଚେତୋଟି ଥାଏ ସେମାନଙ୍କୁ ଅଳ୍ପସାର ଓ ଯାହାଙ୍କର ଏ ସବୁ ସାରର ଅଭାବ ଥାଏ ତାଙ୍କୁ ଅସାର କୋଇଯାଏ । ସର୍ବସାର ବ୍ୟକ୍ତି ଦୀର୍ଘାୟୁ ଓ ବଳିଷ୍ଠ, ମଧ୍ୟସାର ମଧ୍ୟବଳ ଓ ମଧ୍ୟାୟୁ ଓ ଅଳ୍ପସାର ଅଳ୍ପବଳ ଓ ଅଳ୍ପାୟୁ ହୁଅନ୍ତି ।

Digitized by srujanika@gmail.com

ଚଷୁକମାନେ ଚଷୁଘାଲରେ ଗୋଟିର ଉକୁ ସାରମାନ ପଶିଥା କର ବୋର୍ଟର ବଳାବଳ କରୁଥିଣ କରନ୍ତେ—ବଣ୍ଟକୋଷ ।] ୪୨ । ଦୋଫସଲ ଜମି (ବି. ଶ)—42. A land growing more than one crop. ୪୩ । ଗୋଶାଳା (ବି. ଶ)—43. Cow-shed; cattle-pen. ୪୪ । ଦୁହାଁ ହେବାର ପର-କ୍ଷଣରେ ଅଛଠା ହୋଇଥିବା ଦୁଧ (ବି. ଶ)—44. Milk boiled just after it is drawn. ୪୫। ପରିଣାମ; ଫଳ (ବି· ଶ)—45. Result; outcome. ବଣ—୧ । ବର; ଶ୍ରେଷ୍ଠ; ଉତ୍କୃଷ୍ଟ—1. Excellent; pre-(ସାର—ସ୍ତ୍ରୀ) eminent. ୨ । ଅତି ଦୃଢ଼ (ଶବ୍ଦରତ୍ନାବଳୀ)—2. Very hard or strong. ୩ । କାନାବର୍ଣ୍ଣି ବିଶିଷ୍ଟ—3. Variegated. ୪ । ବଳବାନ୍—4. Strong. ୫ । ସ୍ଥାୟୀ—5. Permanent, ୬ । ସାରଭୂତ; ଅସଲ—6· Essential· ୭ । ସଂକ୍ଷିପ୍ତ—7. Summarized; abridged. ୮ । ନ୍ୟାଯ୍ୟ (ମେଦନୀ)—8. Right; just. ୯ । ସର୍ବୋତ୍ତମ—9. Best. ବେ. ବ—୧ । ପ୍ରାଣ; ଜୀବନ—1. Life.

ସାର (ବ୍ର—ସାର ରଖିଛୁ ଶର ଶାଣି, ଢାର ଚ ଚରଚ ଅନ୍ଧ ଜାଣି, ସାରକୁ ଘେନଯିବ ଛଡି । ଭକ୍ତମୂର୍ଣ୍ଣ (ସଙ୍ଗୀତ) । ୨ । ସାରୀ ସାଗ ପଶୀ; ମଇନା—2. Myna bird. (ବ୍ର—

ସାରୀ ସ୍ୱପ୍ନରନ୍ତି ଅଷ୍ଟଭାଳେ କଷ୍ଟ ଫେଡ଼, ଶୁଅ ନପାକୁଲ ବନ୍ଧୁ, ଶ୍ୟାମା, ସାର, ଚଖାପୁଏ । ସ୍ୱଧାନାଥ. ମଦ୍ରାପାଦ୍ରା ।)

ସେଟ ୩ । ଅଳଙ୍କାର ଆଦର ଏକ ସେଟ୍—3. A set(of

ସେଟ ornaments etc.)[ଯଥା—ସେ ଝିଅକୁ ବୁନାର ସାରେ ଓ ରୁପାର ସାରେ ଅଳଙ୍କାର ଦେଇଛି; ଏକ ସାର (ସାତ ଖଣ୍ଡ) ରୁପାକୋଷର ମୂଲ୍ୟ ଦେଢ଼ଶତ ଟଙ୍କା ଅଟେ ।]

ହାରାହାରୀ ୪ । ଅସମବାହୁବିଶିଷ୍ଟ କ୍ଷେତ୍ରର ଏକାଧିକ ପ୍ରାନ୍ତର ମାପମାନଙ୍କର

ସାର, ହାରାହାରୀ ଦ୍ୱାରାଦ୍ୱାର ପରିମାଣ—4. The mean of various measurements taken of an irregular field. [ବ୍ର—ଏଶ୍ୱର ସାଙ୍କେତିକ । ସା ।]

ଚିହ୍ନ, ନାଗ ୫ । ବାଡ଼ାରେ ଗଦା ହୋଇଥିବା ଚୂନାଧାନ ଉପରେ ଦଅଯିବା ପାଉଁଶ ଚିହ୍ନ—5. Marks made with ashes on a heap of grain when left at an open place.

ସାରକ—ସଂ· ବିଣ ସୃ, ଧାତୁ ଣିଚ୍=ସାର୍, ଧାତୁ+କ୍ୱୁନ୍. ଅକ)—

Sāraka ବିରେଚକ—Laxative; purgative. ବ—

(ସାରକା—ସ୍ତ୍ରୀ) ୧ । ବିରେଚକ ଔଷଧ—1. A laxative; a purgative. ୨ । ଜୟପାଳ (ରତ୍ନକର୍ତ୍ତଣ)—2. Croton seed.

ସାର କଥା—ବେ. ବ—୧ । ସାରଗର୍ଭ କଥା—1. Substantial

Sāra kathā word. ୨ । ଶ୍ରେଷ୍ଠ ବିଷୟ—2. Essential

ସାର କଥା matter. ୩ । ସାର ପଦାର୍ଥ—3. Substance;

सारवात gist; summary. ୪ । କଥାର ଉଦ୍ଦେଶ୍ୟ—4. The motive or intention of a speech.

ସାର କମା—ବେ. ବ. ସ୍ତ୍ରୀ—ଦେବୀ ବିଶେଷ—Name of a

Sāra kamā popular goddess. (ବ୍ର—ଉତ୍କଳୀ ସାରକମା ମାତ୍ରଜୀ ଉଲେଖିତା । ପୀତାମ୍ବର ନୃସିଂହସ୍ତୁତି ।)

ସାର କରିବା—ବେ. କ୍ରି—୧। ଅସମବାହୁ କ୍ଷେତ୍ରର ଏକାଧିକ ସ୍ଥାନ ମାପି

Sāra karibā ଚଢ଼ାଁର ଦ୍ୱାରାଦ୍ୱାର ନେବା—1. To

ହାରାହାରି ବାହିରକରା सारलेना take a mean of the measurements of a side of an irregular field. ୨ । ସାର କରିବା (ଦେଶ)—2. Sārā karibā (See)

ସାର କୁଡ଼—ବେ. ବ (ସଂ ସାର ଓ କୂଟ)—ଖତଗୁଡ଼; ଖତଗଦା—

Sāra kurdha A heap of cowdung; a hole

ସାରକୁଟ खादकीजगह where sweepings of the cowshed are deposited.

ସାରଖଦର—ସଂ ବ—୧ । ଦୃଢ଼ତର (ରତ୍ନକର୍ତ୍ତଣ); ଦୁର୍ଗନ୍ଧ ଖଦର—

Sārakhadira 1. A kind of catechu; a kind

ଖଇରାବାବଲା ବବୁରୀ of foetid catechu. ୨ । ବିଟଖଦର (ବୃକ୍ଷ); ଗନ୍ଧଗୁଡ଼ାଆ ଗଛ—2. Acacia Farnesira (tree).

ସାରଗନ୍ଧ(ନ୍ଧି)—ସଂ. ବ (ତତ୍ପୁରୁଷ; ସାର=ଶ୍ରେଷ୍ଠ ଅଟେ ଗନ୍ଧ ଯାହାର)·

Sāragandha(ndhi) ଚନ୍ଦନ—Sandal wood.

ସାରଗର୍ଭ—ସଂ. ବଣ (ବହୁବ୍ରୀହି; ସାର ଅର୍ଥ ଗର୍ଭରେ ଯାହାର)—

Sāragarbha ସାରଯୁକ୍ତ; ଯାହାର ଅଭ୍ୟନ୍ତରରେ ସାର ବା

ସାରଗର୍ଭକ } ଉତ୍କୃଷ୍ଟ ଅଛୁ—Substantial; containing

ସାରଗର୍ଭିତ } —ଅନ୍ୟରୂପ substance inside.

ସାରଗାର —ବେ. ବଣ—୧ । ଉତ୍କୃଷ୍ଟ—Excellent. ୨ । ସାରଯୁକ୍ତ-

Sāragārasārabān ସାର 2. Substantial (ବ୍ର—ସେ ଗଞ୍ଜନ ଉଜ୍ଜନ ସେ ପ୍ରଭମା ପିଲୁଳା, ସାରଗାର ଗୁଣା ଅଠା କାଠରେ ଲଗିଲ୍ଲ—ଉଷ. ତୋଟିକୁହୁାଣ୍ଡସ୍ତୁତ୍ତ ।) ୩ । ମୀମାଂସିତ—3. Finally settled. (ଯଥା—ଅଜ ସଭାଘରେ ଏ କଥା ସାରଗାର ହୋଇଗଲ୍ଲ ।) ବ—ଶେଷ ମୀମାଂସା—Final settlement. (ଯଥା—ଉଜ ଦିନ ହେଲ୍ଲ ବସି ବସି ଅମୁକ କଥାର ସାରଗାର ନ ହେଲ୍ଲ ।)

ସାରଗୁଡ଼—ବେ. ବ (ସଂ· ସାର+ଗୁଡ଼)—ସପ୍ତଧାତୁ; ଉତ୍ତମ ଦୃଢ଼-

Sāra gurda ତାବାପନ୍ନ ଗାଢ଼ଉର ଇକ୍ଷୁ ରସ;

ଚିଟା ଗୁଡ଼ ସାର ଗୁଡ଼ सार गुड ଚଷା ଗୁଡ଼—Thickened molasses. [ବ୍ର—ଏହା ହେଉଛି, ବଳକାରକ, ଲଘୁ, ମଧୁରରସ, ଶୁକ୍ରବର୍ଦ୍ଧକ; ପିତ୍ତ, ବାୟୁ ଓ ରକ୍ତଦୋଷନାଶକ ।]

Digitized by srujanika@gmail.com

ସାରଗୁଣା—ଦେ· ବ (ସଂ· ସାରଙ୍ଗ)—୧ । ବାଦ୍ୟଯନ୍ତ୍ରବିଶେଷ; ସାରଙ୍ଗି ବାଜା—1. A kind of stringed musical instrument. ୨ । ଉତ୍କୃଷ୍ଟ ତାରମାନ—2. Fine wires. ୩ । ଉତ୍କୃଷ୍ଟ ଗୁଣ—3. Superior quality. (ଛ—୬ ଓ ୩ ଅର୍ଥ—ବୃନ୍ଦ ବୃନ୍ଦ ଯହିଁ ଉତ୍ତମପୁରୁଷବିଶିଷ୍ଟ ସାରଗୁଣାହିଁ ବ୍ୟକ୍ତ—ଉଜ୍ଜ

Sāraguṇā ସାରଙ୍ଗି ବାଜା

ସାରଙ୍ଗ ଶକୁନ ଗୀଧ

ସାରଙ୍ଗୀ

ସାରଗୁଣୀ—ସ୍ତ୍ରୀ)

ସାରଗୋ—ଦେ ବ—ଓଡ଼ିଶା ଉପକୂଳର ପ୍ରାଚୀନ ବନ୍ଦରବିଶେଷ—(ଜଗବନ୍ଧୁ ପ୍ରାଚୀନ ଜଳୁଲ)—

Sārago Name of an ancient seaport of Orissa.

ସାରଗ୍ରାହୀ—ସଂ ବିଣ (ସାରଗ୍ରାହିନ୍, ଶବ୍ଦ; ସାର+ଗ୍ରହ୍ ଧାତୁ =ଗ୍ରହଣ କରିବା+କର୍ତ୍ତା ଇନ୍,; (ସାରଗ୍ରାହିଣୀ—ସ୍ତ୍ରୀ) ୧୩; ୧୬)—ଯେ ସାର ଗ୍ରହଣ କରେ; ସାର ଗ୍ରହଣ କରି—

ସାରଗ୍ରାହୀ } —ସ୍ତ୍ରୀ

Sāra grāhi One who appreciates the or accepts inner worth of a matter.

ସାରଘ(ଘ୍ୟ)—ସଂ· ବ (ସରଘା=ମଧୁମାଛି+କୃତାର୍ଥେ. ଅ; ଘ)—

Sāragha(ghya) ମଧୁ; ମଦ୍ୟ (ଜଟାଧର)—Honey.

[ଦ୍ର—ମଧୁମକ୍ଷିକା ନାନାବିଧ ପୁଷ୍ପରୁ ସଂଗ୍ରହ କରିବା ମଧୁକୁ ସାରଘ ମଧୁ କୋଲ୍ଲଯାଏ । ବୈଦ୍ୟକ ମତରେ ଏହା ଅଗ୍ନି ଲଘୁ, ରୁକ୍ଷ, ନାଉଶୀତଳ, ପାଚନ, ବଳକର ଓ କାସ, ଯକ୍ଷ୍ମାରୋଗ, କାମଳ, ଅର୍ଶଃ, ଅଉସାର, ନେତ୍ରରୋଗ, କ୍ଷତ ଓ କ୍ଷତଜ ରୋଗରେ ହିତକର—ବୃକ୍ଷକୋଷ] ।

ସାର ଘାଟି—ଦେ· ବ—୧ । ଖରସ୍ରୋତ ହେତୁଯାଇଁ ବିପଦ ସ୍ଥାନ; ସଙ୍କଟ—

Sāra ghāṭi 1. A very dangerous place for crossing. ୨ । ବିପଦ ବା ଜଟିଳ ସମସ୍ୟା—

ବିଷମ ଘାଟି ବିଷମ ସଙ୍କଟ 2. Crisis; dilemma.

ସାରଙ୍—ଦେ· ବ—ସାରଙ୍ଗୀ (ଦେଖ)

Sāraṅ Sāraṅgi (See)

ସାରଙ୍ଗ—ବୈଦେ, ବ (ଘା. ସରଙ୍ଗ)—୧ । ନୌକାର ନାବିକମାନଙ୍କ ଅଧିପ—1. The head sailor. ୨ । ନୌକାର ପଥପ୍ରଦର୍ଶକ—2. The guide of a boat. ୩ । ନୌକାର କାପ୍ତାନ—3. The captain of a boat.

ସାରଙ୍ଗ—ପୁ. ବ (ସୃ ଧାତୁ=ଗତି କରିବା+କର୍ତ୍ତା. ଅଙ୍ଗ)—

Sāraṅga ୧ । କୃଷ୍ଣ ଚଡ଼ୀ (ଅମର)—1. Coccyster. ୨ । ହରିଣ; ମୃଗ (ମେଦନୀ)—2. Deer. ୩ । ହସ୍ତୀ; ମତଙ୍ଗଜ (ମେଦନୀ)—3. Elephant. ୪ । ଭୃଙ୍ଗ; ଭ୍ରମର (ହ୍ର. ଶ)—4. The black bee. ୫ । ଛତ୍ର; ଛତା (ଶବ୍ଦ ରତ୍ନାବଳୀ)—5. Umbrella. ୬ । ରାଜହଂସ (ଶବ୍ଦ ରତ୍ନାବଳୀ)—6. Swan. ୭ । ଚିତ୍ର ମୃଗ (ଶବ୍ଦ ରତ୍ନାବଳୀ)—7. Spotted deer. ୮ । ବାଦ୍ୟ ଯନ୍ତ୍ର ବିଶେଷ; ସାରଙ୍ଗୀ (ଶବ୍ଦ ରତ୍ନାବଳୀ)—8. A kind of stringed musical instrument. ୯ । ଅଂଶୁକ (ରତ୍ନାବଳୀ)—9. Thin cloth. ୧୦। ନାନା ବର୍ଣ୍ଣ (ଅନେକାର୍ଥ କୋ ଶ)—10. Varied colour. ୧୧ । ମୟୂର (ଅନେକାର୍ଥ କୋଶ)—11. Peacock. ୧୨ । କାମଦେବ (ଅନେକାର୍ଥ କୋଶ)—12. Cupid. ୧୩ । ଧନୁ (ଅନେକାର୍ଥ କୋଶ)—13. Bow. ୧୪ । କେଶ (ଅନେକାର୍ଥ କୋଶ)—14. Hair. ୧୫ । ସ୍ୱର୍ଗ (ଅନେକାର୍ଥ କୋଶ)—15. Heaven. ୧୬। ଅଳଙ୍କାର; ଅଳଙ୍କାର (ଅନେକାର୍ଥ କୋଶ)—16. Ornaments. ୧୭ । ପଦ୍ମ (ଅନେକାର୍ଥ କୋଶ)—17. Lotus. ୧୮ । ଶଙ୍ଖ (ଅନେକାର୍ଥ କୋଶ)—18. Conch. ୧୯ । ଚନ୍ଦନ (ଅନେକାର୍ଥ କୋଶ)—19. Sandal. ୨୦ । କର୍ପୂର (ଅନେକାର୍ଥ କୋଶ)—20. Camphor. ୨୧ । ପୁଷ୍ପ; ଫୁଲ (ଅନେକାର୍ଥ କୋଶ)—21. Flower. ୨୨ । କୋକିଳ (ଅନେକାର୍ଥ କୋଶ)—22. Cuckoo. ୨୩ । ମେଘ (ଅନେକାର୍ଥ କୋଶ)—23. Cloud. ୨୪ । ପୃଥିବୀ; ଭୂମି (ଅନେକାର୍ଥ କୋଶ)—24. The earth. ୨୫ । ରାତ୍ରି (ଅନେକାର୍ଥ କୋଶ)—25. Night. ୨୬ । ପାଣ୍ଡି (ଅନେକାର୍ଥ କୋଶ)—26. Lustre. ୨୭ । ମଣି (ଅନେକାର୍ଥ କୋଶ)—27. Gem. ୨୮ । ସିଂହ (ଅନେକାର୍ଥ କୋଶ)—28. Lion. ୨୯ । ସ୍ୱର୍ଣ୍ଣ (ଅନେକାର୍ଥ କୋଶ)—29. Gold. ୩୦ । ପଟ୍ଟବସ୍ତ୍ର (ଅନେକାର୍ଥ କୋଶ)—30. Dress. ୩୧ । ଚନ୍ଦ୍ର—31. The moon. ୩୨ । ଖଞ୍ଜନ ପକ୍ଷୀ; ଲୁଙ୍ଗ—32. Wagtail. ୩୩ । ରକ୍ତ କଇଁ—33. Red lily. ୩୪ । ଶ୍ୟେନ; ବାଜ ପକ୍ଷୀ (ହ୍ର· ଶ)—34. Hawk. ୩୫ । ସୂର୍ଯ୍ୟ (ହ୍ର· ଶ)—35. The sun. ୩୬ । ସର; ଜଳାଶୟ (ହ୍ର· ଶ)—36. Tank. ୩୭ । ଏକପ୍ରକାର ମଧୁମାଛି (ହ୍ର· ଶ)—37. A species of bees. ୩୮ । ବିଷ୍ଣୁଙ୍କ ଧନୁ (ହ୍ର·ଶ)—38. Name of Bishnu's bow. ୩୯ । ଲାଲ ପକ୍ଷୀ (ହ୍ର· ଶ)—39. The grey quail bird. ୪୦ । ଶ୍ରୀକୃଷ୍ଣଙ୍କ ଏକ ନାମ (ହ୍ର. ଶ)—40. A name of Śrīkṛushṇa. ୪୧ । ସମୁଦ୍ର (ହ୍ର. ଶ)—41. The sea. ୪୨ । ଜଳ (ହ୍ର. ଶ)—42 Water. ୪୩ । ବାଣ; ଶର (ହ୍ର. ଶ)—43. Arrow. ୪୪ । ପାତ୍ରକ (ହ୍ର· ଶ)—44. Lamp. ୪୫ । ଶିବ (ହ୍ର. ଶ)—45. Śiba. ୪୬ । ସୁଗନ୍ଧଦ୍ରବ୍ୟ (ହ୍ର. ଶ) —46. Scented article. ୪୭ ।

Digitized by srujanika@gmail.com

ସର୍ପ (ପୁ· ଶ)—47. Serpent. ୪୮ । ସ୍ତ୍ରୀ; ନାସ୍ତ୍ର (ପୁ. ଶ)—48. Woman. ୪୯ । ଦିନ (ପୁ. ଶ)—49. Day. ୫୦ । ଖଡ୍ଗ (ପୁ. ଶ)—50. Sword. ୫୧ । କପୋତ (ପୁ. ଶ)—51. Dove. ୫୨ । ଛନ୍ଦୋବିଶେଷ (ପୁ. ଶ)—52. Name of a metre. [ଦ୍ର—ଏଥିରେ ଗୁରୁଟି ଚରଣ ଥାଏ; ଏହାର ଅନ୍ୟ ନାମ ମୌନାବଳୀ (ପୁ. ଶ) । ଏହା ଛନ୍ଦର ପ୍ରତି ଚରଣରେ ୬୨ଟି ଅକ୍ଷର । ୧ମ, ୨ୟ, ୪ର୍ଥ, ୫ମ, ୭ମ, ୮ମ, ୧୦ମ ଓ ୧୧ଶ ବର୍ଣ୍ଣ ଗୁରୁ । ଅନ୍ୟ ବର୍ଣ୍ଣମାନେ ଲଘୁ—ଛନ୍ଦୋଦୀପ] ୫୩ । ସ୍ତନ; ସ୍ତନ (ପୁ. ଶ)—53. Female breast. ୫୪ । ହାତ (ପୁ. ଶ)—54. Hand. ୫୫ । କାମୁସ (ପୁ· ଶ)—55. The crow. ୫୬ । ହଳ (ପୁ.ଶ)—56. Plough. ୫୭ । ଗ୍ରହ; ନକ୍ଷତ୍ର (ପୁ. ଶ)—57. Heavenly luminary. ୫୮ । ବେଙ୍ଗ (ପୁ, ଶ)—58. Frog. ୫୯ । ଗଗନ; ଆକାଶ (ପୁ. ଶ)—59. The sky. ୬୦ । ବସ୍ତ୍ର (ପୁ.ଶ)—60. Cloth. ୬୧ । ପକ୍ଷୀ (ପୁ. ଶ)—61. Bird. ୬୨ । ଈଶ୍ୱର (ପୁ. ଶ)—62. God. ୬୩ । କଜ୍ଜଳ (ପୁ. ଶ)—63. Collyrium. ୬୪ । ବିଦ୍ୟୁତ୍; ବଜ୍ରଳ—64. Lightning. ୬୫ । ଏକ ରାଗ—6 Name of a musical mode. [ଦ୍ର—ଏଥିରେ ସବୁ ସ୍ୱର ଶୁଦ୍ଧ । କେହି କେହି ଏହାକୁ ମେଘ ରାଗର ସନ୍ତତର ଜନ୍ୟ କହନ୍ତି । କେହି କେହି ଏହାକୁ ମଲ୍ଲାର ଓ ଦେବଗିରି ରାଗଦ୍ୱୟର ସଂଯୋଗରେ ରଚିତ ସୁନ୍ଦର ରାଗ କହନ୍ତି—ପୁ. ଶ ।] ବଶ—୧ । (ସାର + ଅଙ୍ଗ) ନାନାବର୍ଣ୍ଣବିଶିଷ୍ଟ; ଶବଳ—1. Multi-coloured. variegated. ୨ । ରଞ୍ଜିତ (ପୁ ଶ)—2. Coloured. ୩ । ସୁନ୍ଦର (ପୁ· ଶ)—3. Beautiful. ଦେ. ବ—୧ । ସାରଙ୍ଗ୍ (ଦେଶ)—1. Sārang (See) ୨ । ରତିକ୍ରୀଡ଼ା—2. Copulation. (ଜ୍ର—ସାରଙ୍ଗ [ପଦ୍ମ] ମୁଖୀ ସାରଙ୍ଗ [ଶାକୁନ୍ତ] ସାରଙ୍ଗ [ରତିକ୍ରୀଡ଼ା]ରେ ମାଡିଲେ—ସଙ୍ଗୀତ ।)

ସାରଙ୍ଗ କେଶରୀ—ଦେ· ବ (ନାମ)—ସାରଙ୍ଗଗଡ଼ର ରାଜୀତା ଜଣେ ରାଜା—Name a Raja of Orissa. Sāraṅga keśarī

ସାରଙ୍ଗ ଗଡ଼—ଦେ. ବ (ନାମ)—ଓଡ଼ିଶାର ପ୍ରାଚୀନ ଦୁର୍ଗବିଶେଷ—Sāraṅga garḍa Name of an ancient fort of Orissa. [ଦ୍ର—ସାରଙ୍ଗ କେଶରୀ କଟକର ଦକ୍ଷିଣରେ (ବର୍ତ୍ତମାନ ପରିଅଳ୍ପାରେ) ସାରଙ୍ଗ ଗଡ଼ ନାମକ ଏକ ଦୁର୍ଗ ରାଜୀତ କରିଥିଲେ—କୃପାସିନ୍ଧୁ. ଇତିହାସ ।]

ସାରଙ୍ଗଧର—ସଂ. ବ. ପୁଂ (ଶାରଦ୍ ଭତ୍ପୁରୁଷ)—୧ । ଧନୁର୍ଦ୍ଧର—Sāraṅgadhara 1. Archer; bowman, ୨ । ବିଷ୍ଣୁ—[ସାରଙ୍ଗପାଣି—ଅନ୍ୟରୂପ] 2. Bishṇu. ଦେ. ବ—ପୁରୁଷ ଲୋକଙ୍କୁ ଦିଆଯିବା ନାମ—A name given to males.

ସାରଙ୍ଗନାଥ—ସଂ. ବ (ନାମ)—ସାରନାଥ (ପୁ. ଶ) (ଦେଶ) Sāraṅganātha Sāranātha (See)

ସାରଙ୍ଗମୁଖୀ—ସଂ. ବଣ. ସ୍ତ୍ରୀ—ପଦ୍ମମୁଖୀ; ସୁନ୍ଦର ମୁଖବିଶିଷ୍ଟା [ସ୍ତ୍ରୀ]—Sāraṅgam ukhī (a woman) Having a beautiful face.

ସାରଙ୍ଗ ନୟନା(ଲୋଚନା, ନେତ୍ରା, ନେତ୍ରୀ)—ସଂ. ବଣ. ସ୍ତ୍ରୀ (କର୍ମଧା ବହୁ) Sāraṅga nayanā(lochanā, netrā, netrī) —ହରିଣୀ-ନୟନା [ସ୍ତ୍ରୀ]—(woman) Having the eyes as graceful as that of deer.

ସାରଙ୍ଗ ରଦ—ସଂ· ବ—ହସ୍ତି ଦନ୍ତ—Ivory. [ଜ୍ର—ସାରଙ୍ଗରଦ ପଲଙ୍କେ, ସାରଙ୍ଗ ପକ୍ଷିଲ ଅଙ୍ଗେ, ସାରଙ୍ଗମୁଖୀ ସାରଙ୍ଗ ସାରଙ୍ଗରେ ମାଡିଲେ—ସଙ୍ଗୀତ ।] Sāraṅga rada

ସାରଙ୍ଗିଆ—ଦେ. ବ. ପୁଂ—ସାରଙ୍ଗୀ ଯନ୍ତ୍ର ବାଦନକାରୀ—Sāraṅgiā A musician playing on the Sāraṅgī. ସାରଙ୍ଗୀ ବଜାଇଏ **सारंगिया**

ସାରଙ୍ଗିକ—ସଂ, ବ (ସାରଙ୍ଗ=ମୃଗ+ହନ୍ତ୍ୟାକାରୀ ଅର୍ଥରେ ଇକ — ବ୍ୟାଧ (ସିଦ୍ଧାନ୍ତ କୌମୁଦୀ)—A hunter. Sāraṅgika

ସାରଙ୍ଗୀ—ସଂ. ବ· ସ୍ତ୍ରୀ (ସାରଙ୍ଗ + ଈ; ଏହା ଧନୁକାକାର ଥିବାରୁ)—ବାଦ୍ୟଯନ୍ତ୍ରବିଶେଷ—A sort of iron-and brass-stringed fiddle; hurdy gurdy, Sāraṅgī **सारंगी** [ଦ୍ର—ଏ ବାଦ୍ୟଯନ୍ତ୍ର ବହୁ ପ୍ରାଚୀନକାଳରୁ ପ୍ରଚଳିତରେ ଚଳି ଅସୁଛି । ଏହାର ଦୈର୍ଘ୍ୟ ପ୍ରାୟ ୧୪ ହାତ । ଏଥିର ଧ୍ୱନିକୋଷ ଓ ଦଣ୍ଡ ଶଜିନ କାଠରେ ତିଆର । ଧ୍ୱନିକୋଷ ଉପରେ ଚମଡ଼ା ଛାଉଣି ହୋଇଥାଏ ଓ ଦଣ୍ଡରେ ପରଦା-ମାନ ଥାଏ । ଦଣ୍ଡର ଊର୍ଦ୍ଧ୍ୱଭାଗରେ ଉପର ପାର୍ଶ୍ୱରେ ଦୁଇଟି ଲେଖାଏଁ ୫ ଗୋଟି କାଳତାରରେ ୫ ଗୋଟି ଲୌହ ତାର ଲଗା ହୋଇଥାଏ ଓ ପାର୍ଶ୍ୱସ୍ଥ ଗୁଡ଼ାଏ କାଳତାରରେ ଗୁଡ଼ାଏ ପିତ୍ତଳର ତାର (ପାର୍ଶ୍ୱତନ୍ତ୍ରିକା) ଲାଗିଥାଏ । ଏହା ଘୋଡ଼ା ବାଳର ତମାଶି (ଧନୁ) ସାହାଯ୍ୟରେ ବାଦିତ ହୁଏ । ବାଦକ ବାମହାତ ଦ୍ୱାରରେ ତମାଶିକୁ ତାରମାନଙ୍କ ଉପରେ ଘଷନ୍ତି ଓ ବାଆଁ ହାତର ମୁଠାକର ଆଙ୍ଗୁଠିମାନଙ୍କୁ ପରଦାମାନଙ୍କ ପୃଷ୍ଠରେ ତାରମାନଙ୍କରେ ଚଳାନ୍ତି । ଏ ବାଦ୍ୟର ସ୍ୱର ଅତି ମଧୁର । ଏହା ଗାନ ବ୍ୟବସାୟୀମାନେ ବହୁଳଃ ବ୍ୟବହାର କରନ୍ତି । ହି. ଶ; ବିଶ୍ୱକୋଷ ।] ଦେ. ବ—ଏକ ପ୍ରକାର ଗଡ଼ଜାତ ସରୁ ପଲଗ ବାଉଁଶ—Dendrocalamus Strictus (Kirtikar); a kind of long and slender bamboo.

ସାର ଚଲା(ଲେ)ଇବା—ଦେ· କି—ପଶା ଖେଳର ଘାଲରେ ଗୋଟିକୁ ସାର ଚଲା(ଲେ)ଇବା (ସାର ଗଣିବା—ଅନ୍ୟରୂପ) ଗୁଣତ କରିବା—To move the pieces according to the turns of the dice. **ଗୋଟିଚଲାନା** ଦାନ ପଡ଼ିବା ଅନୁସାରେ ଗୁଟିଚାଲାନ, ଗୁଟିଚାଲା dice balls

Digitized by srujanika@gmail.com

ସାରଜ—ସଂ· ବ (ସାର=ଦଧି ଓ ଦୁଗ୍ଧାଦର ସାର+ଜନ୍· ଧାତୁ+ କର୍ତ୍ତୃ· ଅ)—ନବଗାତ; ଲହୁଣୀ (ଶବ୍ଦଚନ୍ଦ୍ରିକା)—
Sāraja Butter.
ସାରଜ ବୈଦେ· ବ (ଇଂ· ସର୍ଜ୍)—ଏକ ପ୍ରକାର ପଶମୀ ମୋଟଲୁଗା—Serge; a kind of woolen cloth.

ସାରଜାସବ—ସଂ· ବ—ଶାଳ ଚନ୍ଦନାଦ ସାତ୍ତ୍ୱେନ୍ଦ୍ର ବଂଶର ପ୍ରକାରର ଅସବ—Twenty kinds of spirits (wine) distilled from Shorea Robusta and other plants. [ଦ୍ର—ଶାଳ, ଘିଅକୁ, ରକ୍ତଚନ୍ଦନ, ଚନ୍ଦଣ, ଖଦର, ଶ୍ୱେତଖଦର, ଛତିଅନା, ଅଶ୍ୱକର୍ଣ୍ଣ, ଅର୍ଜୁନ, ଅରଜନ, ବଟ୍‌ଖଦର, ଉଦୁମ୍ବର, କଳମ୍ବ (ଅଗାମାର୍ଗ), ଶମୀ, ବରକୋଳ, ଶଂଖାହା, ଶିଶୁଖ, ଅଶୋକ, ଧନ୍ୱନ ଓ ମହୁଲ, ଏହି ୨୦ ପ୍ରକାର କାଷ୍ଠର ସାରରୁ ଏହା ପ୍ରସ୍ତୁତ । ଏହା ମନର, ଶସ୍ତ୍ରର ଓ ଅଗ୍ନିର ବଳପ୍ରଦ ଓ ଅନଦ୍ରା, ଶୋଚ ଓ ଅରୁଚନାଶକ ଏବଂ ଅନନ୍ଦ ଉତ୍ପାଦକ—ବଙ୍ଗକୋଷ, ଚରକ ।]

ସାରଟ—ସଂ, ବ (ସରଟ+ସ୍ୱାର୍ଥେ ଅ)—୧ । ବହୁରୂପୀ ଏଣ୍ଡୁଅ—
Sāraṭa 1. Chameleon. ୨ । ଗୋଧି—2. Varanus Salvator.

ସାରଣ—ସଂ· ବ (ଦୃ· ଧାତୁ=ଗତି କରିବା. ଣିଚ୍ ସାର୍· ଧାତୁ= ଚଳାଇବା+ଭାବ· ଅନ)—୧ । ଗୁଳନ—1. Moving. ୨ । ଅପସାରଣ—2. Removing· ୩ । ସୁଧାରିବା; ଦୋଷ ଶୁଦ୍ଧି—3. Setting right. ୪ । ଅତିସାର ଓଷର (ଦ୍ୱେମଚନ୍ଦ୍ର)—4. Dysentery. ୫ । ଗନ୍ଧଭେଦ (ଧନିଣୀ)—5. A kind of scent. ୬ । ଉଦ୍ଭିଦଲତା (ଧନିଣୀ)—6. A kind of herbarious plant. ୭ । ଆମ୍ବାଡ଼ଚ; ଅମ୍ବଡ଼ା (ଶବ୍ଦଚନ୍ଦ୍ରିକା)—7. Hogplum. ୮ । ରାବଣଙ୍କର ମନ୍ତ୍ରୀ-ବିଶେଷ—8. Name of a minister of 'Rābaṇa'. [ଦ୍ର—ରାବଣଙ୍କ ଅନ୍ୟ ମନ୍ତ୍ରୀର ନାମ ଶୁକ । ସାରଣ ରାବଣଙ୍କ ଆଦେଶରେ ଛଦ୍ମବେଶରେ ରାମଚନ୍ଦ୍ରଙ୍କ ସୈନ୍ୟବଳ ଜାଣିବାକୁ ରାମଚନ୍ଦ୍ରଙ୍କ ଶିବିରରେ ପ୍ରବେଶ କରିଥିଲେ; ବିଭୀଷଣ ଏହାଙ୍କୁ ଚହ୍ନି ରାମଚନ୍ଦ୍ରଙ୍କ ସମ୍ମୁଖରେ ପହଞ୍ଚାଇଲେ; କିନ୍ତୁ ରାମଚନ୍ଦ୍ର ଏହାଙ୍କ ପ୍ରତି ସଦ୍‌ବ୍ୟବହାର କରି ଛାଡ଼ି ଦେଲେ ।] ୯ । ପସାରୁଣୀ ଲତା (ବଙ୍ଗକୋଷ)—9. Paederia Foetida (creeper) ଦେ· ବ—ବିହାର ପ୍ରଦେଶର ଜିଲ୍ଲା—Name of a district of Bihar. ସ୍ତ୍ରୀ· ବ—ସ୍ତ୍ରୀ ଲୋକମାନେ ସ୍ୱାମୀ ବା ଗୁରୁଜନମାନଙ୍କ ନାମ ନାରଣ (ନାରସ୍ୱଣ) ହୋଇଥିଲେ,ସେ ନାମ ନ କହି ଭଦ୍ରପରୁଷର୍ତ୍ତରେ ବ୍ୟବହାର କରିବା ନାମ— A variation of the name by which a woman (the nickname of whose husband or elder is Nāraṇa) calls a person nicknamed 'Nāraṇa'. [ଦ୍ର—ଏହିପରି ସ୍ୱାମୀ ବା ଗୁରୁଜନମାନଙ୍କ ନାମ ନ ଧରି ସ୍ତ୍ରୀଲୋକମାନେ ଉକାସ୍ତ ପରବର୍ତ୍ତରେ ଶିକାସ୍ତ, ଗୋପାଳ ପରବର୍ତ୍ତରେ ନୋପାଳ, ଗୋପୀନାଥ ପରବର୍ତ୍ତରେ ନୋପୀନାଥ ଆଦି ବ୍ୟବହାର କରନ୍ତି ।]

ସାରଣ ଗଡ଼—ଦେ.ବ—ମୁଦ୍ଦ ଗଡ଼ଜାତ ସ୍ୱଳ୍ପସଂଖ୍ୟକ ଗୋଷ୍ଠିର ସ୍ୱଳ୍ପ—
Sāraṇa garḍa Sarangarh, a State in the Eastern States Agency. [ଦ୍ର — ପୂର୍ବେ ଏହା ସମ୍ବଲପୁର ସ୍ୱଜାଙ୍କ ଅଧୀନ ଗୋଷ୍ଠିର ଗଡ଼ଜାତ ଥିଲା । ଏହି ସ୍ୱଜ୍ୟାଧିପତିମାନେ ଚଣ୍ଡ ଜାତୀୟ । ମହାନଦୀ ଏ ସ୍ୱଜ୍ୟ ମଧ୍ୟରେ ୫୦ ମାଇଲ ପର୍ଯ୍ୟନ୍ତ ପ୍ରବାହିତ । ଏହି ସ୍ୱଜ୍ୟର ସମ୍ମେଶ୍ୱର ମନ୍ଦିର ଦର୍ଶନ ଯୋଗ୍ୟ— ବଙ୍ଗକୋଷ]

ସାରଣା—ଦେ. ବ—୧ । ଧନବ୍ୟୟ—1. Spending of money.
Sāraṇā ୨ । ବନ୍ଦୋବସ୍ତ; ଠିକଣା; ଫଇସଲା—2. Arrangement; settlement.
ସାରଣି—ସଂ. ଈ, ସ୍ତ୍ରୀ—(ଦୃ· ଧାତୁ ଣିଜନ୍ତ=ସାରଧାତୁ+କର୍ତ୍ତୃଅର୍ଥ)—
Sāraṇi ୧ । କ୍ଷୁଦ୍ରନଦୀ (ଜଳାଦ କୋଷ)—1. Rivulet. ୨ । ପସାରଣୀ ଲତା; ପସାରୁଣୀ ଲତା—2. Paederia Foetida (creeper); Muncuna Monosperme (Haines). ୩ । ଘୁନର୍ଦ୍ଦା (ବୈଦ୍ୟକ ନର୍ଘଣ୍ଟୁ)—
ଲାଟୁ 3. Hog-weed. ଦେ. ବ—ଏକପ୍ରକାର ଖେଳନା—
ଲଟୁ A kind of toy.

ସାରଣିକ—ସଂ· ବ. ପୁଂ (ସରଣି+ଇକ)—
Sāraṇika [ସାରଣିକା—ସ୍ତ୍ରୀ] ପଥିକ—Wayfarer.
ସାରଣିକଘ୍ନ—ସଂ· ବ (ସାରଣିକ+ହନ୍ ଧାତୁ+କର୍ତ୍ତୃ· ଅ)—ବାଟଘାଡ଼ି;
Saraṇikaghna ସାରଣା; ବାଟଘାଡ଼ି; ଯେଉଁ ଦସ୍ୟୁ ପଥିକମାନଙ୍କର ସର୍ବସ୍ୱ ଲୁଟି କରେ—A highwayman; a dacoit who robs travellers.
ସାରଣୀ—ସଂ. ବ. ସ୍ତ୍ରୀ (ସୃ ଧାତୁ+କର୍ତ୍ତୃ· ଅନ+ଙ୍ଗୀ)—୧ । କ୍ଷୁଦ୍ର ନଦୀ
Sāraṇī (ସେଉଜା)—1. Rivulet; streamlet. ୨ । ପସାରୁଣୀ; ପସାରୁଣୀ ଲତା (ସେଉଜା)—
ଲାଟୁ 2. Paederia Foetida. ଦେ. ବ—ଏକପ୍ରକାର ଖେଳନା—A kind of toy rattle. [ଦ୍ର—ପୁଞ୍ଜକସୁଲୀ ଅପସ୍ତ୍ର । ସାରଣୀ ଦେଖି ଖେଳୁଥିଲ—ଜଗନ୍ନାଥ· ଭାଗବତ ।] [ଦ୍ର—ଉଇଥ ବା ବେଲ ଉତ୍ତରୁ ଶସ କାଢ଼ି ଭିତ୍ତି ଫମ୍ପା ଖୋଳ ମଧ୍ୟରେ ବ୍ୟାସରୂପେ ଖୋଦିବ କାଠି ଗଳାଇ କାଟିରେ ଦଉଡ଼ି ଗୁନ୍ଥାଇ ସେ ଦଉଡ଼ିକୁ ଟାଣିଥଣି ଘଷି ଦେଲେ ଘର୍ ଘର୍ ଶବ୍ଦ ହୁଏ ।]
ସାରଣୀ ଗ୍ରନ୍ଥ—ସଂ. ବ (ନାମ)·—ଏକପ୍ରକାର ହିନ୍ଦୁ ଜ୍ୟୋତିଷ ଶାସ୍ତ୍ର—
Sāraṇī grantha A treatise on Hindu astrology by the help of which calender is compiled. [ଦ୍ର—ଏଥିର ସାହାଯ୍ୟରେ ପାଞ୍ଜିର ଗଣନା ହୁଏ ।]

Digitized by srujanika@gmail.com

ସାରଣ୍ଡ—ସଂ. ବ (ସ ଧାତୁ ଣିଚ୍. ସାର ଧାତୁ+କର୍ମ. ଅଣ୍ଡ)—ସରାଣ୍ଡ (ଉଷାଧର)—
Sāraṇḍa
The egg of a serpent.

ସାରଣ୍ଡା—ଇ. ବ—ସୁବର୍ଣ୍ଣପୁର ଜିଲ୍ଲାସ୍ଥ ଜଣେ ପାହାଡ଼ବିଶେଷ—Name of a hillock near Subarṇṇapur (in Balki).
Sāraṇḍā
[ଦ୍ର—ଏ ସଙ୍ଗଜର ଚୂଳରେ ଅଂଶୁପା ହ୍ରଦ ଅବସ୍ଥିତ ।]

ସାର ତରୁ—ସଂ·ବ (ଏହା ଭୂମିର ଉତ୍ତରତା ବୃଦ୍ଧି କରିବାରୁ; ତତ୍ପୁ. ସାର =ଜଳ ପ୍ରଧାନ ତରୁ; ଦ. ଷ. ତତ୍ପୁ)—୧ । କଦଳୀ ବୃକ୍ଷ (ଧନଞ୍ଜୟ)—1. Banana tree. ୨ । ଖଦର (ବୈଦ୍ୟକ ଜଘଣ୍ଟ)—2. Acacia Catechu (tree).
Sāra taru

ସାରତ(ଥ)—ଗ୍ରା· ବ (ନାମ) ପୁଂ—ଲୋକଙ୍କ ନାମ—A name given to males.
Sārata(tha)

ସାରଥକ—ଗ୍ରା. ବିଣ (ସଂ ସାର୍ଥକ)—ସାର୍ଥକ (ଦେଶ)—Sārthaka (See)
Sārathaka

ସାରଥା—ଦେ· ବ (ନାମ)—ବାଲେଶ୍ୱର ଜିଲ୍ଲାରେ ବାଲେଶ୍ୱରର ଉତ୍ତରରେ ପ୍ରବାହିତ ସମୁଦ୍ରଗାମିନୀ ନଦୀ ଓ ତହିଁର ଉତ୍ତରକୂଳସ୍ଥ ବନ୍ଦର—Name of small river and a port on it in the district of Balasore.
ସାରଥା[ଠୀ]
ସାରଥା
[ଦ୍ର—ଏହି ବନ୍ଦର ଅକ୍ଷାଂଶ ୨୧° ୩୪′।୩୫″ ଉତ୍ତର ଓ ଦ୍ରାଘିମା ୮୬°।୮′।୧୬″ ପୂର୍ବରେ ଅବସ୍ଥିତ ।

ଏହି ନଦୀରେ ନଳଡାଉଡ଼ି ଗ୍ରାମ ପର୍ଯ୍ୟନ୍ତ ଅଣ୍ଟ-ବାଷ୍ପ ନୌକାଯାନ ଗମନାଗମନ କରନ୍ତି । ଏହି ବନ୍ଦରରେ ନୌକାଦ୍ୱାରା ପ୍ରଭୂତ ଗୃହ୍ୟଳ ବ୍ୟବସାୟ ହୋଇ । ଏହି ଜିଲ୍ଲାରେ ଦ୍ୱିତୀୟ ନାମରେ ଅନ୍ୟ ଗୋଟିଏ ବନ୍ଦର ଅଛି—ଉତ୍କଳକୋଷ ।]

ସାରଥି—ସଂ· ବ (ସୃ ଧାତୁ ଣିଚ୍ ସାର୍ ଧାତୁ=ଚଳାଇବା+କର୍ତ୍ତା. ଅଥି, ତତ୍ପୁ. ସ+ରଥ=ସରଥ=ଅଶ୍ୱ+ପ୍ରେରଣାର୍ଥେ. ଇ)—୧ । ରଥଚାଳକ; କରୁଅନ—1. A coachman; a charioteer; cardriver. ୨ । ସହାୟକ—2. Helper; assistant. ୩ । ସମୁଦ୍ର (ସଂଜ୍ଞାପ୍ରସାର ଉତ୍ତାଦ)—3. The sea; the ocean. ଦେ. ବ. ପୁଂ—ଲୋକଙ୍କ ନାମ—A name given to males.
Sārathi
[ପ୍ରଥମ ଅର୍ଥରେ ଏ ଶବ୍ଦର ଅନ୍ୟ ସଂ· ନାମ—ନୟୁତ୍ତା, ପ୍ରଜତା, ସୂତ, ଷତ୍ତ, ଯନ୍ତା, ସବ୍ୟେଷ୍ଠା, ଦାରିଣୀ, ରଥ-କ୍ଷିତ୍ମି, ନୟ୍ୟାମକ, ଗୃହୁଯକ, ପ୍ରତୋଦା, ରଥକାଗର]

ସାରଥିକ—ଗ୍ରା· ବିଣ (ସଂ ସାର୍ଥକ)—ସାର୍ଥକ (ଦେଶ)
Sārathika ସାର୍ଥକ ସାରଥକ Sārthaka (See)

ସାରଥିକ(କ୍ୟ)—ଗ୍ରା. ବ (ସଂ. ସାର୍ଥକତା; ସାର୍ଥକ୍ୟ)—ସାର୍ଥକତା (ଦେଶ)—Sārthakatā (See)
Sārathiki(kya)
ସାର୍ଥକତା ସାରଥକତା

ସାରଥ୍ୟ—ସଂ· ବ (ସାରଥି+ସ୍ୱାର୍ଥେ· ଯ)—୧ । ସାରଥିର କର୍ମ—Sārathya 1. The work of a charioteer. ୨ । ସହାୟତା; ସାହାଯ୍ୟ—2. Assistance. ୩ । ଯାନ (ଉତ୍କଳକୋଷ)—3. A conveyance.

ସାରଥ୍ୟ ନୈପୁଣ୍ୟ—ସଂ. ବ (୬ମୀ ତତ୍ପୁ)—ସାରଥିର କାର୍ଯ୍ୟରେ ପାରଙ୍ଗମତା—Skill in driving a car.
Sārathya naipuṇya

ସାରଦ—ସଂ. ବିଣ (ସାର=ବଳ+ଦା ଧାତୁ+କର୍ତ୍ତା. ଅ)—ସାହସ ବଳ ଦିଏ; ସାରଦାତା—Giving strength; infusing vigour.
Sārada
[ସାରଦା—ସ୍ତ୍ରୀ]

ସାରଦା—ସଂ. ବିଶ· ସ୍ତ୍ରୀ—ସାରଦାଙ୍କୀ; ସାରଦ ଶବ୍ଦର ସ୍ତ୍ରୀଲିଙ୍ଗ—Feminine of Sārada. ବ—୧ । ସରସ୍ୱତୀ; [ସାରଦା—ଅନ୍ୟରୂପ] ବାଗ୍‌ଦେବୀ [ଶବ୍ଦଚନ୍ଦ୍ରାବଳୀ]—1. The Goddess of learning. ୨ । ଦୁର୍ଗା [ଚତ୍ୟାଦି ତନ୍ତ୍ର]—2. Goddess Durgā. ଦେ. ସାରଦା ବ—୧ । ଲିପିବିଶେଷ—1. Name of a script.
Sāradā
ସାରଦା [ଦ୍ର—ଗୁପ୍ତ ବଂଶର ଅବନତି ସମୟରେ ଗୁପ୍ତ ଲିପିରୁ ଶ୍ରୀହର୍ଷ, ଓ କୁଶୀର ପ୍ରଭୃତି ଲିପି ଉତ୍ତର ଓ ପଶ୍ଚିମ ଭାରତରେ ପ୍ରଚଳିତ ହେଲା । ଦାର୍ଶନିକ, ଗୁରୁମୁଖୀ ଓ ସିନ୍ଧୀ ଅକ୍ଷରମାନ ସାରଦା ଲିପିରୁ ଅନୁକୃତ—ଉତ୍କଳକୋଷ ।] ୨ । (ପୁଂ ଓ ସ୍ତ୍ରୀ) ଲୋକଙ୍କ ଦି ଅଯିକା ନାମ—2. A name given to males and females ବୈଦେ· ବ (ଘା)—ବେତ୍ରବୀଣ ପରି ଭଲ୍ଲୀ ଯନ୍ତ୍ର ବିଶେଷ—A sort of guitar or violin.

ସାରଦା ଆଇନ୍—ଦେ. ବ—୧୯୨୯ ସାଲରେ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାରେ ପାଶ୍ ହୋଇଥିବା ବାଲ୍ୟ ବିବାହ ନିବାରକ ଆଇନ—The Sāradā Act of 1929.
Sāradā Ain
ସାରଦା ଆଇନ
[ଦ୍ର—ବଡ଼ଲାଟଙ୍କ ସଭା (ଅସେମ୍ବ୍ଲି)ରେ ଏ ଆଇନକୁ ଉପସ୍ଥାପିତ କରିଥିବା ବାବୁ ହରବିଳାସ ସାରଦାଙ୍କ ସମ୍ମାନାର୍ଥ ଅନୁସାରେ ଏ ବିଲ୍‌ର ନାମକରଣ ହୋଇଅଛି । ଏ ଆଇନ ଅନୁସାରେ ୧୮ ବରଷରୁ ଅଳ୍ପ-ବୟସ୍କ ବାଳକ ଓ ୧୫ ବରଷରୁ ଅଳ୍ପବୟସ୍କା ବାଳିକାଙ୍କର ବିବାହ ହେଲେ ଉକ୍ତ ବିବାହରେ ସମ୍ପୃକ୍ତ ପକ୍ଷମାନେ ଦଣ୍ଡନୀୟ ହେବେ । ଏହି ଆଇନକୁ ଓଡ଼ିଶାର ବ୍ରହ୍ମାନନ୍ଦ ଦାସଙ୍କ ପ୍ରବର୍ତ୍ତିତ ୧୯୩୭-୩୮ ରେ ଗୋଟିଏ ଆଇନ ଦ୍ୱାରା କଟୋରତର କରି ଯାଇଅଛୁ ।]

ସାରଦାଚରଣ ମିତ୍ର—ଦେ. ବ(ନାମ)-ଜଣେ କଲିକାତାସ୍ଥ ସ୍ୱର୍ଗତ ବିଚାରପତ୍ତି—Sāradā charaṇa mitra
ସାରଦାଚରଣ ମିତ୍ର Sāradā Charaṇa Mitra of Calcutta.
[ଦ୍ର-ଏ କଲିକତା ହାଇକୋର୍ଟର ଜଜ୍ ଥିଲେ । ୧୮୪୮ ରେ ଏହାଙ୍କର ଜନ୍ମ । ଏ କଲିକତା ହିନ୍ଦୁ-ବିଦ୍ୟାଳୟରେ ଏଣ୍ଟ୍ରାନସ୍, ଏଫ୍· ଏ, ଓ ବି. ଏ. ପରୀକ୍ଷାରେ କଲିକତାରେ ପ୍ରଥମ ସ୍ଥାନ ଓ ଏମ୍. ଏ. ରେ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ; ପରେ ବିସ୍ତୃତ ଓ ପ୍ରେମବୃଦ୍ଧ ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବି. ଏଲ୍ ବା ଓକାଲତି ପାଶ କରି କେତେକ ବର୍ଷ କଲିକତା ହାଇ-

Digitized by srujanika@gmail.com

କୋର୍ଟରେ ଓକାଲତି କରି ପ୍ରଥମେ ଅସ୍ଥାୟୀ ଜଜ୍‌ରେ, ପରେ ଜଜ୍. ଗୁରୁଦାସ ବନ୍ଦ୍ୟୋପାଧ୍ୟାୟ ଅବସର ଗ୍ରହଣ କରିବାରୁ ତାଙ୍କ ସ୍ଥାନରେ ସ୍ଥାୟୀ ଜଜ୍ ହୋଇଥିଲେ । ଏ ଛଅ ବର୍ଷ ଜଜ କାମ କରି ଅବସର ଗ୍ରହଣ କରି ବଙ୍ଗୀୟ ସାହିତ୍ୟ ସେବାରେ ନିଯୁକ୍ତ ହେଲେ । ଏ ବଙ୍ଗୀୟ ସାହିତ୍ୟ ପରିଷଦର ସଭ୍ୟପଦ ହୋଇଥିଲେ । ବଙ୍ଗୀୟ ପ୍ରାଚୀନ କବି ବିଦ୍ୟାପତିଙ୍କ ଗ୍ରନ୍ଥାବଳୀର ଏ ଗୋଟିଏ ସଟୀକ ସଂସ୍କରଣ ପ୍ରକାଶ କରିଥିଲେ । ନାନାବିଧ ଶାସ୍ତ୍ର ଓ ପୁରାଣରୁ କାମୁସ୍ତମାନଙ୍କ ସମ୍ବନ୍ଧେ ତତ୍ତ୍ୱମାନ ସଂଗ୍ରହ କରି ଏ 'କାମୁସ୍ତ-କାରିକା' ନାମକ ଗ୍ରନ୍ଥ ସଂକଳନ କରିଥିଲେ । ସମସ୍ତ ଜୀବନରେ ଦେବନାଗର-ଲିପି ଚଳାଇବା ପାଇଁ ଏ ବିଶେଷ ଚେଷ୍ଟା କରିଥିଲେ । ଏ ଖୁବ୍ ନିଷ୍ଠାପର ହିନ୍ଦୁ ଥିଲେ ।]

ସାରଦା ତିଲକ—ସଂ. ବ—ବୃହତ୍ତନ୍ତ୍ରବିଷୟକ ସଂସ୍କୃତ ଗ୍ରନ୍ଥବିଶେଷ—
Sāradā tilaka Name of a Sanscrit treatise on metaphysics. (ଦ୍ର—ସାରଦା ତିଲକ ବିଷୟରେ, ଉପ ଟିପ୍ପିକାର ଅବ୍ୟବହିତ ପୂର୍ବରେ । ପ୍ରାଚୀ—ପୁଣ୍ଡ୍ରବର୍ଦ୍ଧନ. ରଚ୍ଚୋବସ୍ୟୁ ।)

ସାରଦା ପୀଠ (ତୀର୍ଥ)—ଦେ. ବ (ନାମ)—କାଶ୍ମୀରର ତୀର୍ଥ ବିଶେଷ—
Sāradā pīṭha (tīrtha) A place of pilgrimage in 'Kāśmīra',
ସାରଦା ପୀଠ ସାରଦା ପାଠ

ସାରଦା ବଙ୍ଗଲା—ଫାଦେ (ସାତଣା ଓ ବଲ୍ଲାଇର) ବ—ଲଭା-ଫଳ ବିଶେଷ—Name of a fruit.
Sāradā baṅgalā
[ଦ୍ର—ଏହା ପତ୍ରିପର ତୋଳ; ସାତରେ ମିଥ୍ୟା ।]

ସାରଦା ଭୁବନ—ଦେ. ବ—ଉତ୍କଳ ଜିଲ୍ଲାର ଝଙ୍କଡ଼ ଗ୍ରାମ—
Sāradā bhubana 'Jhaṅkarḍa' the seat of the Goddess Sāradā'. (ଦ୍ର—ବ୍ରହ୍ମାସ ରଚିତ ଭକ୍ତି ସାରଦା ଭୁବନେ—ପ୍ରାଚୀ. ଶ୍ରୀଗୁରୁବନ୍ଦି ଗୀତା ।)

ସାରଦା ମଣ୍ଡଳ—ଦେ. ବ—ସାରଦାଙ୍କ ଅଧିଷ୍ଠିତ ସ୍ଥାନ; ଝଙ୍କଡ଼—
Sāradā maṇḍala Jhaṅkarḍa, the seat of the Goddess 'Sāradā'. (ଦ୍ର—ଏସନ୍ତୁ ଜିଲ୍ଲାର ଝଙ୍କଡ଼ ସାରଦା ମଣ୍ଡଳେ । ପ୍ରାଚୀ. ଶ୍ରୀଗୁରୁବନ୍ଦି ଗୀତା ।)

ସାରଦା ସୁନ୍ଦରୀ—ସ. ବ—ଦୁର୍ଗା (ବଶ୍‌ତୋଷ)—
Sāradā sundarī Goddess Durgā.

ସାର ଦେବା—ଦେ. କି—୧ । କ୍ଷେତକୁ ଉର୍ବର କରିବା ପାଇଁ ସାର ବା ଖତ ଦେବା—1. To manure a field. ୨। ବାହାରେ ଉଦା ହୋଇଥିବା ଖାଦ୍ୟଦେନା ବୁନା ଧାନକୁ କେହି ରୋଗ କରି ନେଲେ ଧସ୍ତ ପଡ଼ିବ ଦାଗ ଦେଓୟା ବୋଲି ଉହିଁ ଉପରେ ପାଇଁ ଶୁଖୁଆ ଦ୍ୱାରା ରେଖାମାନ ଦାଗ ଦେନା ଟାଣିବା—2. To draw lines with chalk-powder or ashes on a heap of paddy or other grain left in the open.

ସାର ଦ୍ରୁମ—ସ. ବ—୧ । ଖଦିର ବୃକ୍ଷ (ଗୁଳବର୍ଦ୍ଧକ)—
Sāra druma 1. Catechu tree. ୨ । (ସ. ତ୍ପୁ ତତ୍ପୁ) ସାର ପ୍ରଧାନ ବୃକ୍ଷ—2. A tree abounding in Sāra.

ସାର ଧାନ୍ୟ—ସ. ବ—ଶ୍ରେଷ୍ଠ ଧାନ୍ୟ (ବୃହତ୍ତୋଷ)—
Sāra dhānya Excellent variety of paddy.

ସାରନାଥ——ଦେ. ବ (ନାମ)—କାଶୀ ନକଃବର୍ତ୍ତୀ ପ୍ରସିଦ୍ଧ ବୌଦ୍ଧ-ସାରନାଥ ସାଠ ଓ ପଲ୍ଲୀ—Sāranāth Name of a famous Buddhistic sacred place near Benares.

ସାରନାଥ [ଦ୍ର—ବର୍ତ୍ତମାନ ବାରାଣସୀ ନଗରର ଉତ୍ତର ପଶ୍ଚିମରେ ୪ ମାଇଲ୍ ଦୂରରେ ଏକ ସ୍ଥାନ ଅବସ୍ଥିତ । ଏଠାରେ ବୁଦ୍ଧ ପ୍ରଥମେ ବୌଦ୍ଧଧର୍ମ ପ୍ରଚାର କରିଥିଲେ। ଏହାର ପ୍ରାଚୀନ ନାମ ମୃଗଦାବ (Dear park) । ଏ ସ୍ଥାନ ନାନାବିଧ ବୌଦ୍ଧ କୀର୍ତ୍ତିରେ ମଣ୍ଡିତ; ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀର ଚାରିସ୍ତରେ ଚୀନ ପରିବ୍ରାଜକ ଫାହିୟାନ୍ ଏ ସ୍ଥାନ ପରିଦର୍ଶନ କରିଥିଲେ; ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀରେ ହ୍ୱେନ୍‌ସାଂ ମଧ୍ୟ ଏ ସ୍ଥାନ ପରିଦର୍ଶନ କରିଥିଲେ । ପାଶ୍ଚାତ୍ୟ ପ୍ରତ୍ନତତ୍ତ୍ୱବିତ୍‌ମାନେ ଗତ ଅଷ୍ଟାଦଶ ଶତାବ୍ଦୀରୁ ଏ ସ୍ଥାନ ଖନନ କରିବା ଅନେକ ପ୍ରାଚୀନ ବୌଦ୍ଧ କୀର୍ତ୍ତି ଉଦ୍ଧାର କରିଅଛନ୍ତି ।

ପଣ୍ଡିତ ଶ୍ରୀ କୁଲମଣି ଦାସଙ୍କ ପ୍ରଣୀତ 'ହିମାଳୟ ପଥେ' ନାମକ ପୁସ୍ତକରେ ସାରନାଥର ଉତ୍ତମ ବିବରଣ ପ୍ରଦତ୍ତ ହୋଇଅଛି ।

ଏଠାରେ ଭୂଗର୍ଭରୁ ମହାତ୍ମା ଅଶୋକଙ୍କର ଗୋଟିଏ ଶିଳାଲିପି, ଗୋଟିଏ ମନ୍ଦିରର ଭିତ୍ତି, କଳ୍ପଦ୍ରୁମ ସମ୍ବଳିତ ବୋଧିସତ୍ତ୍ୱମୂର୍ତ୍ତି, ପ୍ରସ୍ତରସ୍ତମ୍ଭ ଓ ସ୍ତମ୍ଭ ଗାତ୍ରୋତ୍କୀର୍ଣ୍ଣ ଲିପି, ଗୋଟିଏ ବୃହତ୍ ଧର୍ମଚକ୍ରମର ଉତ୍ତି, ବହୁ ହିନ୍ଦୁ, ଜୈନ ଓ ବୌଦ୍ଧ ଦେବଦେବୀଙ୍କ ମୂର୍ତ୍ତି ଓ ଗୁପ୍ତିୟ ବୌଦ୍ଧସ୍ତୂପ ବାହାରି ଅଛି ।]

ସାରନ୍ଦା(ଣ୍ଡା)—ଦେ. ବ—ସିଂହଭୂମି ଜିଲ୍ଲାର ଅନ୍ତର୍ଗତ ଦୋ ମାନଙ୍କ ଦ୍ୱାରା ଅଧ୍ୟୁଷିତ ଗୋଟିଏ ପୀଢ଼ (ଏଥିରେ ପ୍ରାୟ ସାରନ୍ଦା ଦଶଖା ଗ୍ରାମ ୮୮)—Sārandā(ṇḍā) Name of a collection of non-aryan villages in Singbhum.
ସାରଂଦା

ସାର ପାଦପ—ସ. ବ (ଏଥିର ମଜ୍ଜା ଅତ୍ୟନ୍ତ ଶକ୍ତ ଥିବାରୁ)—ଧାମନ ବୃକ୍ଷ (ଉତ୍ପଲମାଳା); ଜାମଣ ଗଛ—
Sāra pādapa A timber tree; Cordia Macleodii.

ସାରଦ—ସ. ବ (ସରସ୍+ଅ; ନଦୀଜନ)—ସରଯୂନଦୀଭବ ବସ୍ତୁ (ଅସର୍ତ୍ତ)
Sārada A thing produced or got from the river 'Saraju.

ସାରବତ୍ତା—ସ. ବ (ସାରବତ୍+ତ୍ୱ ତା)—ସାରବାନ୍ ହେବା ଅବସ୍ଥା-
Sārabatta The State of being substantial.

ସାର ବନ୍ଦୀ—ଦେ. ବଶ—ଶ୍ରେଣୀବଦ୍ଧ—Arranged in rows.
Sāra bandī ବ—ଶ୍ରେଣୀବଦ୍ଧକରଣ—Arranging
ଶ୍ରେଣୀବଦ୍ଧ, ସାରବନ୍ଦୀ ଶ୍ରେଣୀବଦ୍ଧ in rows.

ସାର ବର୍ଜିତ—ସଂ ବଶ—ସ୍ୱିତ୍ୱଂଶରହିତ—
Sāra barjita Having no substance.

Digitized by srujanika@gmail.com

ସାରବାନ—ସଂ ତ୍ରି· ସ୍ତ୍ରୀ(ସାର + ଅସ୍ତି ଅର୍ଥରେ ବତ୍ତୁ;୧ମା ୧ତ)—ସାର ବା ଶ୍ରେଷ୍ଠାଂଶ ଯୁକ୍ତ; ସସାର—Sārabān (ସାରବତ୍ତା—ସ୍ତ୍ରୀ) Substantial (ସାରବତ୍ତ୍ୱ—ବ)

ସାର ବାହିବା—ଦେ. କ—ସାର ଚଳାଇବା (ଦେଶ) Sāra bāhibā Sāra chalāibā [See] (ସାର ବାହୁନେବା—ଅନ୍ୟରୂପ)

ସାର ଚାଲାନ ଗୋଟି ଚଲାନା (ବ—ପଶାପଣ୍ଡି ମୁହଁ ଚାଏ ନାହିଁ, ଦାନ ପଡ଼ିଲେ ସାର ଦେଇ ବାହୁ—ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ।)

ସାରଭଙ୍ଗ—ଦେ. ବ—କୌଣସି ବିଷୟର ବା ଗଭୀରତାର ଶେଷ ସିଦ୍ଧାନ୍ତ ନିଷ୍ପତ୍ତି Sārbhānga ମୀମାଂସା—Final decision or settlement of a matter or transaction. [ଦ୍ର—ଆଲୋଚନା ବା ତର୍କ ବିତର୍କରେ କୌଣସି ବିଷୟରେ ଜଘନ୍ୟ ପକ୍ଷଙ୍କ ବିବାଦ ବା ମତଦ୍ୱୈଧକୁ ଭଞ୍ଜନ କରି ଶେଷରେ ସାରକଥା ନିଷ୍ପନ୍ନ କରିବାକୁ ସାରଭଙ୍ଗ କରିବା କୁହାଯାଏ ।]

ସାରଭାଣ୍ଡ—ସ. ବ—୧ । ଅକୃତ୍ରିମ ଧାନ (ମୃଗନାଭ୍ୟାଦି)—Sārabhānḍa 1. Natural receptacle or bag (e. g. the cover or bag enclosing the musk). ୨ । ଅକୃତ୍ରିମ ପଣ୍ୟ ଦ୍ରବ୍ୟ—(ବିଶ୍ୱକୋଷ)—2. Any commodity which is found in nature.

ସାର ଭୂତ—ସ. ବଣ—(ସାର + ଭୂ. ଧାତୁ + କର୍ତ୍ତୃ. ତ)—ସଙ୍କ ଶ୍ରେଷ୍ଠ; କୌଣସି ପଦାର୍ଥର ସାର ସ୍ୱରୂପ—Essential. (ସାର ଭୂତା—ସ୍ତ୍ରୀ) Sāra bhūta

ସାରଭୃତ୍—ସଂ. ବଣ (ସାର + ଭୃ ଧାତୁ = ଚୟନ କରିବା + କର୍ତ୍ତୃ. କ୍ୱିପ୍)—ସାରଗ୍ରାହ୍ୟ—Accepting the sāra of things. Sārabhṛut

ସାରମର୍ମ—ସଂ. ବ—୧ । କୌଣସି ବିଷୟର ଅସଲ ମର୍ମ—1. The essential import. ୨ । ସଂକ୍ଷିପ୍ତ ମର୍ମ—2. Summary of any matter; synopsis. Sāramarma

ସାରମିତି—ସଂ. ବ—(ସାର = ଶ୍ରେଷ୍ଠ ବିଷୟ + ମା· ଧାତୁ = ମାପିବା + କରଣ ଇ)—ବେଦ (ହେମଚନ୍ଦ୍ର)—The Bedas. Sāramiti

ସାରମୂଷିକା—ସଂ. ବ—ଦେବଦାଲି (ସ୍ୱଳ୍ପ କର୍ଦ୍ଦଣ୍ଡ); ବହୁପ୍ରକାର ଛତ୍ତା; ଉରୁଡ଼ା—Bristly Luffa; Andropagen Serratus (a creeper and its fruit). Sāra mūshikā

ସାରମେୟ—ସଂ. ବ—(ସରମା = କୁକୁରୀ + ଅଣ୍ ଅପତ୍ୟାର୍ଥେ ଏୟ୍)—(ସାରମେୟୀ—ସ୍ତ୍ରୀ) କୁକୁର (ଅମର)—Dog. Sārameya

ସାରମେୟ ଯୁଗଳ—ସଂ· ବ—କାଳଚାଞ୍ଚ ମଣ୍ଡଳ ନାମକ ଜଷ୍ଟ୍ରଦ୍ୱୟସ୍ଥ ନକ୍ଷତ୍ରଯୁଗଳେ ଶୀକା ଦେଖ)—Canis Vanaticii (2 stars). Sārameya jugala

ସାର ଯମକ—ଦେ. ବ (ଅଳଙ୍କାର) ଯମକ ବିଶେଷ—A kind of alliteration. [ଦ୍ର—ଏହାର ଉଦାହରଣ ଯଥା—ନାଗରମଣୀ ଘନ ନାଗରମଣି ଗଣନା ନୋହୁ ଦେଇଣ ଦୁଇରେ । ଅରମନ୍ତୁ, ହଦସ୍ଥ ଚନ୍ଦ୍ରାମଣି ।] Sāra jamaka

ସାରଳା—ଦେ· ବ. ସ୍ତ୍ରୀ (ସ. ସାରଦା = ସରସ୍ୱତୀ, ଦୁର୍ଗା)—(ସାରଳା ଠାକୁରାଣୀ—ଅନ୍ୟରୂପ) ସାରଳା ବିରୁଦ୍ଧତା ଦୁର୍ଗାପ୍ରତିମା—1. The name of an idol of Durga at Kanakapur in the Cuttack district. Sāralā सारदा

[ଦ୍ର—ଏହାଙ୍କୁ ଲୋକେ ବଦ୍ୟାଦାଣୀ ବାଗ୍‌ଦେବୀ ବୋଲି ସଧ୍ୟ ପ୍ରଣାମ କରନ୍ତି । ଏହାଙ୍କ ଜନ୍ମସ୍ଥାନ ଛାର ଓ ମହୁଷୀ ବଲଅଡ଼ୁ; ବନଦୁର୍ଗା ମନ୍ଦିରେ ଏହାଙ୍କ ପୂଜାଦ୍ଭବ; କନ୍ତୁ ଏହି ଙ୍କ ପୂଜାରେ ତୁଳସୀ ଓ ବେଲେପତ୍ରୀ ଜାତ୍ୟୁ ଲଗେ । ଏହାଙ୍କ ସେବାପାଇଁ ଖଞ୍ଜା ଥିବା ଦେବୋତ୍ତର ପକ୍ଷରୁ ପରିଚାଳନାର୍ଥେ କଟକର ଜଜସାହେବଙ୍କଦ୍ୱାରା ଗୋଟିଏ ଜମିଦାରୀ ନ୍ୟସ୍ତ ହୋଇଅଛି । ଏହାଙ୍କ ଜନ୍ମସ୍ଥାନରେ ଅଧ୍ୟା ଘଡ଼ ଶୂଦ୍ରମୁନି ସାରଳା ଦାସ କଳତ୍ୱ ପ୍ରାପ୍ତ ହୋଇଥିଲେ । ଏହାଙ୍କର 'ଘଟ'କୁ ନେଇ ସେବକମାନେ ଯୁଲୁଲର ବିଭିନ୍ନ ଅଞ୍ଚଳରେ ଚୁଲି ଗୋଡ଼ରେ ରଣଥା ବାଦ୍ଧ ଓ ନର୍ତ୍ତକୀ ବେଶ ଧାରଣ କରି ଜାତନ୍ତି । ଏହାଙ୍କର ବାହନ ସିଂହ ଥିବାରୁ ଏହାଙ୍କୁ କେହି କେହି 'ସିଂହସାରଳା' ବୋଲି ଡାକନ୍ତି ।] ୨ । ସରସ୍ୱତୀ—2. Goddess Saraswati. [ଦ୍ର—ଅଜ୍ଞା ଯାଇ ସାରଳା ଯେ ବେଗେ ଚଳଗଲେ—ପ୍ରଭା ପ. ଶଶିସେବା ।]

ସାରଳାଙ୍କ ଘଟ(ଣ୍ଟ)—ଦେ. ବ—ସାରଳା ଠାକୁରାଣୀଙ୍କ ଜନ୍ମସ୍ଥରେ ସାରଳାର ଘାଟ ଘଟ ବା ମାଠିଆ—A consecrated pitcher of water representing the Goddess Sāralā which is carried by the Sebakas from village to village during summer. [ଦ୍ର—ଏହାକୁ ସାରଳା ଠାକୁରାଣୀଙ୍କ ସାଳୀ ସେବକମାନେ ମୁଣ୍ଡରେ ବହନ କରି ଗୋଡ଼ରେ ରଣଥା ବାଦ୍ଧି ଓଡ଼ଶାର ଗ୍ରାମେ ଗ୍ରାମେ ସ୍ତ୍ରୀବେଶରେ ଘଣ୍ଟା ବଜାଇ ନାଚନ୍ତି ଓ ଲୋକେ ଉକ୍ତ ଘଟକୁ ପଣା ନୈବେଦ୍ୟ ଦିଅନ୍ତି ।] Sāralāṅka ghaṭa(ṇṭa) सारलाङ्क घट(ण्ट)

ସାରଳା ଦାସ—ଦେ. ବ (ନାମ)—ଓଡ଼ିଆ ପଦ୍ୟ ମହାଭାରତ ରଚୟିତା ସାରଳା ଦାସ—The author of the metrical Mahābhārata in Oriya. [ଦ୍ର—ସରଳା ଦାସ ଜନ୍ମ ଜଗତସିଂହପୁର ଜିଲ୍ଲା ଝଙ୍କଡ଼ ପରଗଣାର 'ତେନ୍ତୁଳିପଦା' ନାମକ ଗ୍ରାମରେ ଏହାଙ୍କର ଜନ୍ମ । ଓଡ଼ିଶାର ସ୍ୱାଧୀନ ରାଜା କପିଳେନ୍ଦ୍ର ଦେବଙ୍କ (୧୪୫୭-୧୪୭୯ ଖ୍ରୀଷ୍ଟାବ୍ଦ) ସମୟରେ ପ୍ରସିଦ୍ଧ ଓଡ଼ିଆ ମହାଭାରତ ଗ୍ରନ୍ଥ ଏ ରଚନା କରିଥିଲେ—ଭାରତୀ· ଉତ୍କଳ ସାହିତ୍ୟ. ଇତିହାସ ।

ଏହାକୁ 'ଶୂଦ୍ରମୁନି' ସାରଳା ଦାସ କହନ୍ତି । ଏହାଙ୍କର ପ୍ରଥମ ନାମ ସିଦ୍ଧେଶ୍ୱର ଥିଲା । ଏ ପ୍ରଥମେ ମୂର୍ଖ ଥିଲେ;

Digitized by srujanika@gmail.com

ସରେ ସାରଳା ଠାକୁରଣୀଙ୍କଠାରେ ଅଧ୍ୟା ପଢ଼ି ଠାକୁରଣୀଙ୍କ ଠାରୁ ବର ପାଇ, ସାରଳା ଠାକୁରଣୀକ ମନ୍ଦିରରେ ପ୍ରତି ଦନ ପଢ଼ା ଯାଉଥିବା ସଂସ୍କୃତ ମହାଭାରତ ପୁରାଣ ଶୁଣି ଓଡ଼ିଆରେ ମହାଭାରତ ରଚନା କରଥିଲେ । କନ୍ତୁ ମୂଳ ସଂସ୍କୃତ ମହାଭାରତ ସଙ୍ଗେ ଉକ୍ତ ମହାଭାରତର ଅବକଳ ମେଳ ନାହିଁ । ଏ ମହାଭାରତରେ କବ ଅନେକ ମୌଳକ କଥା ଗଳ୍ପ ଯାଇଅଛନ୍ତ ଓ ଢେରେକ କାଲ୍ପନକ ଅଂଶ୍ୟାନ ମଧ୍ୟ ଯୋଗ କରଅଛନ୍ତ । ଓଡ଼ଆ ପଦ୍ୟ ରଚନାରେ ଏହାଙ୍କର ଲେଖା ପ୍ରାଚୀନ ବୋଧ ହେଉଥିବାରୁ ଏହାକୁ ଅଦକବ ବୋଲ ଲେକେ କହନ୍ତ । ଏ ପଞ୍ଚଦଶ ଶତାବ୍ଦୀର ଲେକ । ଏ ପୁଣ୍ଡ ଜଗନ୍ନାଥଙ୍କ ଦେଉଳ ବେଢା ମଧ୍ୟସ୍ଥ ଜଲବଷ ମୂଳେ ବସି ତାଙ୍କ ମହାଭାରତ ରଚନା କରଥିଲେ । ପୁଣ୍ଡ ମୁକ୍ତମଣ୍ଡପର ପଣ୍ଡତମାନେ ସନ୍ତୁଷ୍ଟ ହୋଇ ତାଙ୍କୁ 'ଶୂଦ୍ରମୁନ' ଉପାଧ୍ୟ ଦେଇଥିଲେ । ସାରଳାଙ୍କଠାରୁ ବଦ୍ଧ ପାଇ ସେ କବ ହୋଇଥିବାରୁ ସେ ନଜେ ଅପଣାକୁ 'ସାରଳା ଦାସ' ବୋଲ ପରଚତ କରଥିଲେ ।

ସେ ସମୟରେ ଓଡ଼ଶାରେ କପିଲେନ୍ଦ୍ର ଦେବ ରଜା ଥିଲେ । ରଜା ତାଙ୍କ କବତ୍ୱରେ ସନ୍ତୁଷ୍ଟ ହୋଇ ତାଙ୍କୁ 'ପରଡ଼ା' ଉପାଧ୍ୟ ଦେଇଥିଲେ । ତାଙ୍କ ବଂଶଧରମାନେ ସେହ 'ପରଡ଼ା' ଉପାଧ୍ୟକୁ 'ପଟ୍ଟନାୟକ' ବୋଲ ଏବେ ବ୍ୟବହାର କରୁଅଛନ୍ତ ।

ତାଙ୍କ ନାମ ଅନୁସାରେ ଝଙ୍କଡ଼ର ଉତ୍ତର-ପଶ୍ଚମରେ 'ସାରଳା' ନାମରେ ଗୋଟଏ ଗ୍ରାମ ବସିଥିଲ, ସେ ଗ୍ରାମକୁ ବର୍ତ୍ତମାନ 'ବଡ଼ ସାତ୍ୱେଲ' ବୋଲ୍ଲଥାଏ ।

କବ ନରହର ଥାଇ ପ୍ରଥମ ଜୀବନରେ ଗୃହବାସ ଓ ମୁଲଥ କାମ କରୁଥିଲେ । ମହାଭାରତ ଲେଖି ସାର ସେ ବୃଦ୍ଧାନସ୍ପା କୂଳରେ ଗୋଟଏ ମଠ ସ୍ଥାପନ କର ସେଠାରେ ଶେଷ ଜୀବନ କଟାଇଲେ । ତାଙ୍କୁ ଲେକେ 'ମୁନଗୋସାଇଁ' ବୋଲ ଡାକୁଥିଲେ ଓ ଏବେ ମଧ୍ୟ ସେହ ଅଞ୍ଚଳର ସ୍ତ୍ରୀଲୋକ ଲେକେ ମୁନ ଗୋସାଇଁ ମଠ କହନ୍ତ । ମାଘ ଶୁକ୍ଳ ସପ୍ତମୀ ଦନ ସେ ସଜ୍ଞେକ ଗମନ କରଥିଲେ । ପ୍ରତ ବର୍ଷ ସେହ ଦନ ଏଠାରେ ଗୋଟଏ ମହତ୍ତ୍ୱବ ହୁଏ— ବନମାଳୀ ପଣ୍ଡା· ପଞ୍ଚାମୃତ ।]

ସାରଳା ଭାରତ—ଦେ· ବ—ଶୂଦ୍ରମୁନ ସାରଳା ଦାସଙ୍କ କୃତ ଓଡ଼ଆ ପଦ୍ୟ ମହାଭାରତ—The metrical Mahābhārata composed by the poet Sāraḷa Dāsa in Oriya

ସାରଳା ମହାଭାରତ

(ସାରଳା ମହାଭାରତ—ଅନ୍ୟରୂପ) [ଦ୍ର—ଏହା ମୂଳ ସଂସ୍କୃତ ମହାଭାରତର ଉପାଖ୍ୟାନ ଅନୁସାରେ ଧାରାବାହକରୂପେ ଲଖତ ହୋଇ ନାହିଁ ।]

ସାର ଲୌ(ଲୌ)ହ—ଫ· ବ (ସାର=ସାରଂଶ+ଲୌହ)—୧ । Sāra lo(lau)ha ଲୌହସାର; ଇସ୍ପାତ—1. Steel. ୨ । ଖାଣ୍ଟି ଲୁହା—2. Pure iron.

ସାରଲ୍ୟ—ସଂ· ତ (ସରଳ+ଭାବ· ଯ)—୧ । ସରଳତା—1 Straightness. ୨ । ନଷ୍ପଟତା— Sāralya

2. Frankness; straightforwardness.

ସାର ଶୂନ୍ୟ—ସଂ· ବ୍ରୀ (ଷଷ୍ଠୀ ତତ୍ପୁରୁଷ)—୧ । ଅସାର— Sāra śūnya 1. Having no substance; unsubstantial. ୨ । ନକୃଷ୍ଟ—2. Inferior.

ସାରସ୍ ମେଘୁଆ—ପ୍ରାଦେ· (ସମ୍ବଲପୁର) ବ—ଚତୁର୍ଦ୍ଦିଗରେ ମେଘ ଘୋଟି, ମେଘ ଉଠୁଥିବା ଢଙ୍ଗ ବା ଆଗ— Sāras meghuā Cloudy weather portending rain. (ଯଥା— ଅଜ ସାରସ୍ ମେଘୁଆ ହୋଇଛେ ।)

ସାରସ—ସଂ· ତ (ସରସ୍=ସରୋବର+ଅ; ସରୋବରରେ ଚରଣ କରୁଥିବାରୁ)—୧ । (ପୁଂ) ଜଳଚର ପକ୍ଷବଶେଷ; ବଡ଼ିଆକାଙ୍କ—1. The white stork or crane; Indian or Siberian crane; Ardea Siberica (M. W.) Cineria Alba; Grus Cinerea. [ଦ୍ର—ଏହା ଜଳଚର ବର୍ଗର ଧଳା ଓ ଦୁଇ ଡାଢ ଲମ୍ବର ପକ୍ଷୀ । ଏ ଉତ୍ତର-ଭାରତବାସୀ, କନ୍ତୁ ଶୀତକାଳରେ ଏ ଦେଶକୁ ଅସନ୍ତ । ଏମାନଙ୍କ ଆକାର ହାଡ଼ଗିଳା ପକ୍ଷୀଙ୍କ ପର । ଏମାନେ ଏକ ଯୋଡ଼ା ଯୋଡ଼ା ହୋଇ ବଚରଣ କରନ୍ତ । ଏମାନଙ୍କ ଗୋଡ଼ ଓ ବେକ ଲମ୍ବ ; ଥଣ୍ଟ ବଡ଼ ଓ ମୁକ୍ତା । ଏ ପକ୍ଷୀର ମାଂସ ମଧୁର, ଅମ୍ଳ, କଷାୟ; ଏହ ମଦ୍ଦାଗ୍ନକାର, ପିତ୍ତ, ଗ୍ରହଣୀ ଓ ଅର୍ଶୋରୋଗରେ ଉପକାର୍ଯ୍ୟ । ଏ ପକ୍ଷୀ ସାଧାରଣତଃ ଜଳା ଭୂମିରେ ବାସ କରେ । ଏହାର ଦେହର ପାଳକ [ଲୋମ] ଗୁଡ଼ିକ ଧୂସର; ମସ୍ତକର ଅଗ୍ରଭାଗ, ଚକ୍ଷୁ ଓ ଚଞ୍ଚୁର ମଧ୍ୟବର୍ତ୍ତୀ ସ୍ଥାନର ପାଳକମାନ କଳା; ମସ୍ତକର ଠିକ୍ ଉପରଭାଗ ସମ୍ପୂର୍ଣ୍ଣ ଲୋମଶୂନ୍ୟ ଓ ରକ୍ତବର୍ଣ୍ଣ; ଚକ୍ଷୁ ଚତୁର୍ପାର୍ଶ୍ୱ କୃଷ୍ଣବର୍ଣ୍ଣ, ଚଞ୍ଚୁର ଅଗ୍ରଭାଗ ଈଷତ୍ କୃଷ୍ଣ; ପାଦ କଳା; ଏକ ଚଞ୍ଚୁର ଅଗ୍ରରୁ ଠୁଙ୍କର ଶେଷ ଯେଉଁ ଦୈର୍ଘ୍ୟ ୪ ଫୁଟ୍ । ଏ ଭ୍ରମଣଶୀଳ ପକ୍ଷୀ, ବର୍ଷାଯାକ ଏମାନେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାଆ ଆସ କରନ୍ତ । ଏମାନେ କୃଷକମାନଙ୍କ କ୍ଷେତରେ କୁଣା ଯାଇଥିବା ଶସ୍ୟଖଜମାନଙ୍କୁ କ୍ଷେତରୁ ଖୁଣ୍ଟି କର ଖାଆନ୍ତ; ଶାମୁକା, ଗେଣ୍ଡା, ବେଙ୍ଗ ଇତ୍ୟାଦ ମଧ୍ୟ ଖାଆନ୍ତ । ବେଳେ ବେଳେ ଏମାନେ କୃଷା ବା ଛୋଟ ଗଦା ମଧ୍ୟରେ ଓ ଭଗ୍ନ ଅଟ୍ଟାଳକାର ଜୀର୍ଣ୍ଣ ପ୍ରାଚୀର ଭେଦରେ ବସା ବାନ୍ଧନ୍ତ । ଏ ମାନଙ୍କର ଦ୍ୱରତ ୨ଟି ଡମ୍ବ ପ୍ରସବ କରେ ଓ ଶାବକକୁ ମନୁଷ୍ୟ ଅପେକ୍ଷା ବେଶ ସ୍ନେହରେ ଓ ଯତ୍ନରେ ପାଳେ । ଅସିଆ, ଅଫ୍ରିକା ଅଷ୍ଟ୍ରେଲିଆ ଓ ଇଉରୋପର ଉତ୍ତରାଂଶରେ ଏ ପକ୍ଷୀ ଦେଖା ଯାଆନ୍ତ । ଏମାନେ ଏକ ଦେଶ ଛାଡ଼ ଅନ୍ୟ ଦେଶକୁ ଯିବା ବେଳେ ବହିରେ ଅକାଶରେ ବହୁ ଉର୍ଦ୍ଧ୍ୱରେ

Digitized by srujanika@gmail.com

ଅର୍ଦ୍ଧଚନ୍ଦ୍ରାକାର ଶ୍ରେଣୀବଦ୍ଧ ହୋଇ ଗମ୍ଭୀର ଶବ୍ଦ କରି ଉଡ଼ନ୍ତି । ସାରସ ପକ୍ଷୀ ଶୀଘ୍ର ଗୋସା ମାନେ ଓ ଘାଳତ ସାରସ ପକ୍ଷୀ ଘାଳତଙ୍କ ଜଦ୍ୟାନରେ ବିଚରଣ କରି ଜଦ୍ୟାନରୁ ଘାଟ ପଟଙ୍କ ଖାଆନ୍ତି ଓ ସେ ସ୍ଥାନରୁ ଉଡ଼ି ପଳାଇ ଯାଆନ୍ତି ନାହିଁ । ଶାରୁନ ଶାସ୍ତ୍ରରେ ଲେଖା ଅଛି ଯେ, ଯାହାଦ ଶୁଭ କାର୍ଯ୍ୟରେ ସାରସପ୍ରକନ୍ଦ ଦେଖିଲେ ଇଷ୍ଟ ସିଦ୍ଧ ହୁଏ; ଗମନକାଳରେ ପୃଷ୍ଠଦେଶରେ ଏମାନଙ୍କ ଧ୍ୱନି ଶୁଣିଲେ ଇଷ୍ଟନାଶ ଘଟେ; ବାମଦଗରେ ଧ୍ୱନି ଶୁଣାଗଲେ ସ୍ତ୍ରୀଲଭ; ଅଗରେ ଶୁଣାଗଲେ ବ୍ରଜାଙ୍କଠାରୁ ଅର୍ଥଲଭ ହୁଏ; ଦୁଇଟି ସାରସଙ୍କ ଏକତ ଜଳଧ୍ୱନି ଶୁଣାଗଲେ ଅର୍ଥଲଭ ହୁଏ । (ଭରତକୋଷ) । ୬ । ହଂସ (ପ୍ରକୃତବାଦ)—୪. Swan. ୩ । (ସର୍+ଜାତାର୍ଥେ ଅ)—ପଦ୍ମ (ଅମର)—3. Lotus. ୪ । [ସ=ସଦ୍ଧ+ରସ]—ଚନ୍ଦ୍ର (ତ୍ରିକାଣ୍ଡ)-4. The moon. ୫ । ସ୍ତ୍ରୀକଟ୍ୟାଭରଣ; ଗୋଠ; ଚନ୍ଦ୍ରହାର—5. A waist chain. ୬ । ପକ୍ଷୀ-6. A bird in general [M. W.] ୭ । ପଦ୍ମବନ—7. A place where lotus plants grow. [ଉ—ବାଣ ଭୁଷାର ଚୁଷ୍ଟି କଟି ସାରସ ଭୁଟି ସଞ୍ଚରଣ ଭୂଟୁଲେ ଯେ—ଉଜ୍ଜ ବୈଦେଘୁଶ ବିଳାସ ।] ୮ । ସରୋବର ଜଳ—8. Water of a tank. [ଦ୍ର—ଯଦ୍ୟପି ପ୍ରତ୍ୟହ ଦ୍ୱାର ନଦ୍ୟାଦର ଜଳ ରୁଦ୍ଧ ସ୍ଥାନକୁ ସରସ୍ ଓ ଚହଁର ଜଳକୁ ସାରସ ଜଳ ବୋଲିପାରେ । ଏହ ଜଳ ବଳଦର, ପିପାସ'-ନାଶକ, ମଧୁରରସ, ଲଘୁ, ରୁଚିକର, କଷାୟରସ, ରୁଷ ଓ ମଳ ମୂତ୍ରରୋଧକ—ରାଜନିର୍ଘଣ୍ଟ ।]

ସାରସ ଜଳ—ଫ. ବ (ତତ୍ପୁରୁଷ)—ସାରସ ୮ (ଦେଖ)
Sārasa jala — Sārasa 8 (See)

ସାରସନ(ନା)—ଫ. ବ (ସାର=ବଳ+ସନ୍· ଧାତୁ=ଦାନ କରିବା+ Sārasana(nā) ଲୁଟି. ଅ; ଯାହା ଦେହକୁ ବଳଦାନ କରେ)—୧ । ପୁରୁଷର କଟିବନ୍ଧନ; କମର ବନ୍ଧ—1. Belt. [ଉ—×××× କଣ୍ଠଙ୍କୁ ଜଡାର ଉତ୍ତମସ୍ୱ ଶିରସ୍ତ୍ରାଣ, ସାରସନ, ଭୂଷା । ଗଧାନାଥ. ସତ୍ୟପାଳା ।] ୨ । ଜାଘି; ସ୍ତ୍ରୀମାନଙ୍କ କଟିର ଅଭରଣ; ଗୋଠ; ଚନ୍ଦ୍ରହାର ଥଦ—2. Waist chain of a woman. ୩ । ମେଖଳା; ଓଡ଼ଅଣୀ ସ୍ତ୍ରୀମାନେ ଜାଘିଲକୁ ଦେହରେ ଦୃଢ଼ କର ଇଷ୍ଟିବା ପାଇଁ ଅଣ୍ଟା ଉପରେ ଯେଉଁ ପଟୀ ବନ୍ଧନ୍ତି—3. A woman's girdle. [ଦ୍ର—ଜାଘିଲ ପିନ୍ଧ ତାହାକୁ ଦେହରେ ଦୃଢ଼ ସଲଗ୍ନ କରିବା ପାଇଁ ହେଙ୍ଗୁ କମରପଟୀ ଥଦ ବନ୍ଧା ହୁଏ ତାକୁ ସାରସନ ବୋଲିପାରେ । ବିଶ୍ୱକୋଷ ।]

ସାରସ୍ୱତ—ଫ. ବ (ସରସ୍ୱତୀ+ଅ)—୧ । ସରସ୍ୱତୀ ସମ୍ବନ୍ଧୀୟ— Sāraswata 1. Relating to Saraswati. ୨ । ସାରସ୍ୱତ ଦେଶୀୟ—2. Belonging to the Sāraswata country. ୩ । ବଦ୍ୱାନ୍; ପଣ୍ଡିତ—3. Learned. (ଜ୍ର—ସାରସ୍ୱତ ବ୍ରାହ୍ମଣର ବାଣୀ-ଅସ୍ଖଳା ତରବ୍ରତ—ଗଧାନାଥ. ସତ୍ୟପାଳା ।) ୪ । (ସରସ୍ୱତ୍+ଅ) ସମୁଦ୍ର ସମ୍ବନ୍ଧୀୟ—4. Oceanic; maritime. ବ—୧ । ବିଲ୍ୱଦଣ୍ଡ (ତ୍ରିକାଣ୍ଡ)—1. A stick made from the branch of the Bilwa tree. ୨ । ଦିଲ୍ଲୀନାପୁରର ଉତ୍ତରପଶ୍ଚିମସ୍ଥ ଦେଶ ବିଶେଷ (ତ୍ରିକାଣ୍ଡ)—2. Name of a country to the north-west of Delhi. ୩ । ସାରସ୍ୱତ ଦେଶୋଦ୍ଭବ ବ୍ରାହ୍ମଣ—3. A Brāhmaṇa from the Sāraswata country. ୪ । ଗୌଡ଼ୀୟ ବ୍ରାହ୍ମଣମାନଙ୍କର ୫ ଗୋଟି ଶାଖା ମଧ୍ୟରୁ ଗୋଟିଏ—4. One of the five branches of the Gaurdiya Brāhmaṇas. [ଦ—ଏହା ବଙ୍ଗୀୟ ପଦ୍ଧତର ଉତ୍ତରବାସୀ ପଞ୍ଚଗୌଡ଼ ବ୍ରାହ୍ମଣମାନଙ୍କର ଗୋଟିଏ ଶାଖା । ପଞ୍ଚ ଗୌଡ଼ ଯଥା—

ସାରସ୍ୱତ, କାନ୍ୟକୁବ୍ଜ, ଗୌଡ଼, ମୈଥିଳ ଓ ଉତ୍କଳ । ସାରସ୍ୱତ ବ୍ରାହ୍ମଣମାନେ ମତ୍ସ୍ୟାଦ ଅଟନ୍ତି । ସ୍କନ୍ଦ ପୁରାଣରେ ବ୍ରାହ୍ମଣମାନଙ୍କୁ ପ୍ରଧାନ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇଅଛି; ଯଥା—ପଞ୍ଚଗୌଡ଼ୀୟ ଓ ପଞ୍ଚ ଦ୍ରାବଡ଼ । ବିନ୍ଧ୍ୟୋତ୍ତରବାସୀମାନେ ପଞ୍ଚଗୌଡ଼ୀୟ ଓ ବିନ୍ଧ୍ୟର ଦକ୍ଷିଣବାସୀମାନେ ପଞ୍ଚଦ୍ରାବଡ଼ ଶ୍ରେଣୀଭୁକ୍ତ । 'ସାରସ୍ୱତ' ପଞ୍ଚଗୌଡ଼ୀୟ ବ୍ରାହ୍ମଣଙ୍କର ଏକଶାଖା । ଯେଉଁ ବ୍ରାହ୍ମଣମାନେ ପୂର୍ବେ ପଞ୍ଜନଦ ଅଞ୍ଚଳରେ ସରସ୍ୱତୀ ନଦୀ ତୀରରେ ବାସ କରୁଥିଲେ ସେମାନେ ଓ ସେମାନଙ୍କ ବଂଶଧରମାନେ ସାରସ୍ୱତ ନାମରେ ଖ୍ୟାତ ହେଲେ । ଏହ ସରସ୍ୱତୀ ନଦୀ ଅଳ୍ପକାଲ ଗୁପ୍ତଭାବରେ ମରୁଭୂମି ମଧ୍ୟରେ ଲୀନ ହୋଇଅଛି । ହିନ୍ଦୁମାନେ ବିଶ୍ୱାସ କରନ୍ତି ଯେ, ସରସ୍ୱତୀ ନଦୀ ବର୍ତ୍ତମାନ ଅନ୍ତଃସଲିଳା ହୋଇ ପ୍ରୟାଗ (ତ୍ରିବେଣୀ) ଠାରେ ଗଙ୍ଗା ଯମୁନା ସଙ୍ଗେ ମିଳିତ ହୋଇଅଛି । ସାରସ୍ୱତ ବ୍ରାହ୍ମଣମାନେ ୫୪ ପ୍ରଧାନ ଉପଶାଖାରେ ବିଭକ୍ତ, ଯଥା—ଗାନ, ଅଷ୍ଟାନ, ବାଇହ ଓ ବାଦ୍ଦନ । ଏହ ଉପଶାଖାମାନଙ୍କରେ ଘାନରେ ୫, ଅଷ୍ଟାନରେ ୮, ବାଇହରେ ୧୨ ଓ ବାଦ୍ଦାନରେ ୫୨୫ ବିଭକ୍ତ ଗୋତ୍ର ଅଛି । ଦ୍ରବିଡ଼ାର, ଥାନେଶ୍ୱର ଓ ପଶ୍ଚିମର ପଣ୍ଡାମାନଙ୍କ ନଜରେ ଏ ସବୁ ବଂଶଯଜମାନ ଅତଳ ଭୁସମ୍ପତ୍ତିଶାଳୀ ଗୁରୁମାନ ଅଛ । ବୋମ୍ବାଇ ପ୍ରେସିଡେନ୍ସିର ଧାରବାଡ଼, ବେଲଗାଓଁ ଓ କାନାଡ଼ା ଜିଲ୍ଲାରେ ଏ ବ୍ରାହ୍ମଣ ଅଛନ୍ତି । ଏମାନଙ୍କ ମଧ୍ୟରେ ସ୍ମାର୍ତ୍ତ ଓ ବୈଷ୍ଣବସମ୍ପ୍ରଦାୟଭୁକ୍ତ ଦୁଇଟି ଦଳ ଅଛ । ବୋମ୍ବାଇ ପ୍ରଦେଶରେ ସାରସ୍ୱତ ବ୍ରାହ୍ମଣମାନେ ସେନ୍ଦ୍ରା ନାମରେ ପରିଚତ—ବିଶ୍ୱକୋଷ ।]

୫ । କଲ୍ପବିଶେଷ; ସାରସ୍ୱତ କଳ୍ପ (ଦେଖ)—5. Sāraswata kalpa (See). ୬ । ସରସ୍ୱତୀ ନଦୀସ୍ଥ ମୁନିବିଶେଷ—6. Name of a sage who

Digitized by srujanika@gmail.com

was the son of the Saraswatī river. ୭। ପ୍ରସିଦ୍ଧ ସଂସ୍କୃତ ବ୍ୟାକରଣବିଶେଷ—7. Title of a famous and old Sanscrit grammar. ଦେ.

ସାର,ଉତ୍କୃଷ୍ଟ, ଶ୍ରେଷ୍ଠ ବଣ (ଲକ୍ଷଣାର୍ଥ) —୧। ଶ୍ରେଷ୍ଠ—1. (figurative) Excellent. (ଉ—ବୋଲଇ ଗୀତ ମଧ୍ୟରେ ସାରସ୍ୱତ ଦେଇ—ଉଜ୍ଜ, ବୈଦେଘୁଗତଳୀଳା ।) ୨। ଯୋଗ୍ୟ—2. Worthy. ୩। ସାରଯୁକ୍ତ—3. Substantial. ୪। ପ୍ରସିଦ୍ଧ—4. Famous; celebrated. ବ—ଉତ୍କୃଷ୍ଟ ବିଷୟ; ଶ୍ରେଷ୍ଠଭାବ—Excellent idea. [ଉ—ଖୁସନତରେ ଦୟା ବହୁ, ଜଦ୍ଦ ଜୁ ସାରସ୍ୱତ ଫେଇ—ପ୍ରାଚୀ. ଜଗ୍ନାଥମାହାତ୍ମ୍ୟ ।]

ସାରସ୍ୱତ କଲ୍ପ—ସଂ. ବ—୧। ବ୍ରହ୍ମାଙ୍କ ଦିବସବିଶେଷ—1. Name Sāraswata kalpa of one of the days of Brahmā. ୨। ସରସ୍ୱତୀଙ୍କର ଉପାସନା ପ୍ରଣାଳୀ—2. The mode prescribed for worshipping the Goddess Saraswatī. [ଦ୍ର—ଏହି ଗ୍ରନ୍ଥରେ ଉପାସନା ଜଣେ ଭକ୍ତ ବାକ୍‌ସିଦ୍ଧ ହୁଏ; ସରସ୍ୱତୀଙ୍କ ମନ୍ତ୍ର ଯାହା । ଏହି ମନ୍ତ୍ର ୧୨ ଲକ୍ଷ ଜପ କଲେ ମୂକ ବ୍ୟକ୍ତି ସୁଦ୍ଧା ବାଗୀଶ ହୁଏ । ଏହି କଲ୍ପ ସାଧନ କରି ଦ୍ୱୈପାୟନ ବେଦବ୍ୟାସ ହୋଇଥିଲେ—ବଶ୍ୱକୋଷ ।]

ସାରସ୍ୱତ ବ୍ରତ – ସ.ବ—ମଘ୍ୟଯୁକ୍ତ ଶୁକ୍ଲ ପଞ୍ଚମୀରେ ସରସ୍ୱତୀଙ୍କ ଉପାସନାମୂଳକ Sāasrwata brata ବ୍ରତବିଶେଷ--A religious penance observed in worshipping the Goddess Saraswatī. [ଦ୍ର—ଏହି ବ୍ରତରେ ପଞ୍ଚମୀ ଦିନ ସରସ୍ୱତୀଙ୍କ ପୂଜା କରାଯାଏ ଓ ୧୦ ମାସ ପର୍ଯ୍ୟନ୍ତ ପ୍ରତି ପଞ୍ଚମୀ ଦିନ ଏ ବ୍ରତ କରିବାକୁ ହୁଏ । ଏ ବ୍ରତ କଲେ ମନୁଷ୍ୟ ବିଦ୍ୟା, ଅର୍ଥ, ଦାମ୍ପତ୍ୟସୁଖ ଓ ମୋକ୍ଷଲାଭ କରେ ।]

ସାରସ୍ୱତ ବ୍ରାହ୍ମଣ—ସଂ. ବ—ସାରସ୍ୱତ ୩ (ଦେଖ)
Sāraswata brāhmaṇa Sāraswata 3 (See)

ସାରସ୍ୱତୀୟ—ସଂ· ବଣ (ସରସ୍ୱତୀ+ଈୟ) —ସରସ୍ୱତୀ ସମ୍ବନ୍ଧୀୟ—
Sāraswatīya Relating to Saraswatī. (ସାରସ୍ୱତ୍ୟ—ଅନ୍ୟରୂପ)

ସାରସ୍ୱତୋତ୍ସବ—ସଂ. ବ—ଶୁକ୍ଲପଞ୍ଚମୀ; ମାଘ ଶୁକ୍ଲ ପଞ୍ଚମୀ; ସରସ୍ୱତୀ ପୂଜା
Saraswatotsaba —The worship and festival done on the 5th day of the bright fortnight of Māgha for Goddess Saraswati.

ସାର ହୀନ—ଦଂ. ବଣ (ଅସ୍ୱା ତତ୍ପୁ)—ସାରଶୂନ୍ୟ; ଅସାର—
Sāra hīna Having no substance.

ସାରୁ—ସଂ. ବଣ (ସାର+ଅ)—୧। କୁସ୍ତିବିରୁଦ୍ଧା (ଶଙ୍ଖପୁଷ୍ପୀଲତା)
Sārā —1. The black variety of Ipomoea Turpethum. ୨। ଦୁବା; ଦୁବ (ଏକଦଳୁଆ) —2. Doob grass. ୩। (ବୈଦ୍ୟକ) ଶାରଳା; ଛତୁଲା; ଦେହୁଲଥ ସିଜୁ; ସେତ୍ପତ୍ରେଦ— 3. Euphorbia Antiquorum; Origanum Valgoris. ୪। ଜଦଲୀ (ପୁ, ଶ)—4. Plantain. ୫। ତାଳଶଶକ୍ର (ପୁ. ଶ) (ଦେଖ)—5. Tālisapatra (See).

ସାରା ବଣ (ସଂ. ସମସ୍ତ)—୧। ସମୁଦାୟ; ସମସ୍ତ—1. Whole; entire. (ଯଥା—ସାରା ଦିନ, ସାରା ରାତ୍ରି ।) ୨। ସମ୍ପୂର୍ଣ୍ଣ—2. Full; complete. (ଯଥା—ସାରା ସଂସାର) ୩। ହାରାହାରୀ (ସ. ସାର) ଦାରଦ୍ୱାର—3. Mean; nett. (ଯଥା—ସାର ଦାମ) ୪। ସାରଯୁକ୍ତ; ସାରଗର୍ଭ; ସାରବାନ୍—4. Substantial. (ଯଥା—ସାର କଥା ।) ୫। ଶେଷରେ ନିଷ୍ପତ୍ତିକୃତ ବା ମୀମାଂସିତ—5. Final; finally settled. (ଯଥା—ସାର ଭାଗ, ସାର ଦର ।)

ଠିକ ଠିକ ୬। ପ୍ରହାରାଦ୍ୱାରା ଶାସିତ—6. Brought under control or reduced to submission by punishment. (ଯଥା—ମାଡ଼ରେ ଜଡେ ସାରୁ କରିବ ।) ୭। ସମ୍ପନ୍ନ; ସମ୍ପୂର୍ଣ୍ଣରୂପେ ନିଷ୍ପାଦିତ—7. Completed; finished. କ୍ରି. ବଣ—

ସାରା ସାରୁ; ଭମାମ—Throughout. [ଉ—ବରଷ ସାରା ସାରୁ ଦେବଙ୍କ ଦୁଆରେ ନେଉଳ ପରି ଲୁଟି ଲୁଟି ଦେବାକୁ ନାହିଁ—ଫକୀରମୋହନ. ଛ ମାଣ ଅଠଗୁଣ ।] [ଉ—ନ ଦେବାକୁ କରଯୁକ୍ତ । ଜଟିବ ଜୀବନ ସାରୁ—ବାଲକୃଷ୍ଣ, ଉଚ୍ଚାସୁଅ, ଉଚ୍ଚାଙ୍ଗିଅ ।]

ସାରାଂଶ—ସଂ· ବ (କର୍ମଧା; ସାର+ଅଂଶ)—୧। ପଦାର୍ଥର ଶ୍ରେଷ୍ଠାଂଶ
Sārāṁśa ବା ମଜ୍ଜା—1. The pith or marrow of any thing. ୨। ଅରକ—2. Essence. ୩। ସଂକ୍ଷିପ୍ତ ମର୍ମ; କଥାର ମର୍ମ—3. The purport or summary or synopsis of any thing. ଦେ. ବ—ଦରଦାମର ସ୍ଥିରୀକରଣ—
Settlement of price after negotiation

ସାରୁ କଥା—ଦେ. ବ—୧। ଶେଷ ସିଦ୍ଧାନ୍ତରୂପେ ମୀମାଂସିତ କଥା—
Sārā kathā 1 Finally settled word. ୨। ସାର-ସାର କଥା **ସାର ବାତ** ଯୁକ୍ତ କଥା—2. Essential thing

ସାରୁ କରି ଦେବା—ଦେ· କ୍ରି—୧। ଭୂଇଁ ଭଲରୂ ସମାନ କରିବା—
Sārā kari debā 1. To level the ground. **ସାର କରେ ଦେଓୟା ବରାବର କରଦେନା** (ସାରୁ କରିବା—ଅନ୍ୟରୂପ) ଠାଣ୍ଡା କରେ ଦେଓୟା ୨। ଦଣ୍ଡ ଦେବା; ଯବତ୍ କରିବା; **ଠାଣ୍ଡା କରଦେନା** ଦେବା—2. To punish. [ଉ—ଠକ ଠାରୁଥ ଦେଇମାନଙ୍କୁ କାଳ । ସାରୁ କରନ୍ତି ଯେହୁ ହୁଏ ପ୍ରବଳ—ବ୍ରଜନାଥ. ସମରଉତ୍ତରଙ୍ଗ ।] ୩। ନିଷ୍ପତ୍ତି ମୀମାଂସା କରା କରିବା; ମୀମାଂସା କରିବା; ଦୁଇ ଜଣଙ୍କ ବିବାଦ ବା **ନିପଟାରା କରଦେନା** କଥିତ ମତଦ୍ୱୈଧକୁ ମଧ୍ୟସ୍ଥତାଦ୍ୱାରା ମୀମାଂସା କରିବା—3. To finally settle the difference between two persons by mediation. ୪। କୌଣସି କାର୍ଯ୍ୟକୁ ସମ୍ପନ୍ନ କରିବା—

Digitized by srujanika@gmail.com

4. To finish or complete any work, (ଯଥା—ଏ କାର୍ଯ୍ୟକୁ ସାର୍ ଜଣାଦେଇ ମୋ ସାଙ୍ଗକୁ ଅଟକିବ)

ସାର୍ କରିବା—ଦେ. କ୍ରି—୧ । ଶେଷ ମୀମାଂସା କରିବା—1. To finally settle a thing. ୨ । ଗୁପ୍ତାଗ୍ରତ ମୀମାଂସାକରା **ନିପଟାରାକରନା** ଦ୍ୱାରା ଅଯୁକ୍ତ କରିବା—ଠାଣ୍ଡାକରା, ଜବ୍‌ଦକରା **ଠଣ୍ଡାକରନା** To reduce a person to subjection by punishment.

ସାର୍ ଛିଡ଼ିବା—ଦେ. କ୍ରି—ଜଟିଳ ରୂପେ ବା ଠିକ୍ ଭାବରେ ମୀମାଂସିତ ହେବା—To be finally settled. ମୀମାଂସାହୋଇଯିବା **ନିପଟାରାହୋନା**

ସାର୍ ଜୀବନ—ଦେ. ଅ—୧ । ଜୀବନ ଭମାସ—1. Throughout one's life time. ୨ । ପେଟେଇବନ ସାରାଜୀବନ **ସାରାଜୀବନ** ପାଏ ମନୁଷ୍ୟ ବଞ୍ଚିଥିବ; ଅଜୀବନ—2. As long as a man lives.

ସାର୍ ଦର୍—ଦେ: ବ—୧ । ଦର୍‌ଦର; ବାସ୍ତବିକ ଦର—1. Nett price. ୨ । ଶେଷ ସିଦ୍ଧାନ୍ତ ରୂପେ ମୀମାଂସା ହୋଇଥିବାର, ଠିକଦର **ହରାହାରି, ଠୀକଦର** କରିଥିବା ଦର—2. Finally settled price or rate of a thing. ସାର୍‌ଦାମ / ସାର୍‌ଭାଉ / ସାର୍‌ମୂଲ୍ୟ } —ଅନ୍ୟରୂପ

ସାର୍ ଦିନ—ଦେ. ବ ଓ ଅ—ସମସ୍ତ ଦିବସ; ଦିନ ଭମାସ—The Sārā dina whole day; throughout the day; ସାରାଦିନ **ସାରାଦର** the whole day long. [ଦ୍ର—ଏହାର ସାର୍ ଗତ ଦ୍ରବ]

ସାର୍ ଦୁନିଆ (ସୃଷ୍ଟି)—ଦେ. ବ ଓ ଅ—୧ । ସମସ୍ତ ଜଗତ୍—The Sārā duniā(sṛushṭi) whole world. ୨। ସଂସାର ଯାକ—ସାରାଦୁନିଆ **ସାରାଦୁନିଆ** 2. Throughout the world. ୩ । ସବୁଠାରେ—3. Everywhere.

ସାରନାଥ—ଦେ. ବ (ନାମ)—ସାରନାଥ; କାଶୀ ନିକଟସ୍ଥ ଗୋଟିଏ ପାହାଡ଼ ଓ ତହିଁରେ ଥିବା ବୌଦ୍ଧ ମୂର୍ତ୍ତି—ସାରନାଥ **ସାରନାଥ** Sāranātha (See)

ସାର୍ କଥା(ତେ)ଇବା (କହିବା)—ଦେ. କ୍ରି-କୌଣସି ବ୍ୟକ୍ତିକୁ ତାହାର ସାରା କଥା ବା ଅପ୍ରିୟ ସତ୍ୟ ଉଚିତକଥା **ସାରୀକଥାକହିଦେବା**—To speak out plain and unpalatable truths to a man; to speak out one's mind to a person.

ସାର୍ କନା(ନେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଦଣ୍ଡଦ୍ୱାରା ସମ୍ପୂର୍ଣ୍ଣ ବା ଚରମସୀମା ବା ଅସହାୟ କରିବା—ସାରାକରା ଠାଣ୍ଡାକରା **ଠଣ୍ଡାକରନା** To reduce a person to helplessness by punishment; to teach a person a lesson.

ସାରାର୍ଥ—ସ. ବ (କର୍ମଧା)—ମୂଳାର୍ଥ; ଭାବାର୍ଥ—Sārārtha The essential meaning or purport.

ସାରାମ୍ଳ—ସ. ବ (ସାର+ଅମ୍ଳ)—ଜମ୍ବୀର ଲେମ୍ବୁ—Sārāmla A kind of lemon.

ସାର୍ଲ—ସ. ଜ—ଭଲ; ସର୍ଷି (ଶବ୍ଦଚନ୍ଦ୍ରିକା)—Sārāla Sesamum seed.

ସାରାସାର—ସ. ବଣ (ବସ୍ତୁତଃ ସଦ୍ଗୁଣର ସଦ୍ଭାବସ୍ୱ)—ସାର ଓ ଅସାର-Sārāsāra Substantial and unsubstantial. ସ. ବ—ସାରାଂଶ ଓ ଅସାରାଂଶ—Substantial part and worthless part of any thing.

ସାରାସାର କରିବା—ଦେ. କ୍ରି—କୌଣସି ବସ୍ତୁର ଭଲ ମନ୍ଦ ବାଛିବା—Sārāsāra karibā To distinguish the good from the bad parts of any thing. ସାରାସାରକରନା **ସାରାସାରକରନା** (ସାରାସାର ବାଛିବା—ଅନ୍ୟରୂପ)

ସାରି(ଧାତୁ)—ସଂ (ସୃ ଧା.ତୁ ଣିଜନ୍ତ)—ଗତିକରାଇବା—Sari(root) To cause to move.

ସାରି—ସଂ. ଚ (ସାର+ଇ)—୧ । ପାଶକ (ଶବ୍ଦରତ୍ନାବଳୀ); ପଶାର ସାରି ଗୋଟି—The balls used in the game of ସାରି ସଳିକ **ମୈନା** dice. ୨ । ପଶାଖେଳାଳି (ହୃ. ଶ)—2. A player at dice. ୩ । ସାରିକା; ମଇନା—3. The myna bird; Gracula Religeosa.

[ଦ୍ର—ସାରି ପକ୍ଷୀ ମସୂରଭଞ୍ଜ, କେନ୍ଦୁଝର ଓ ଅନ୍ୟ କେତେକ ଗଡ଼ଜାତର ପବ୍ବତରେ ଥାଆନ୍ତି । ଲୋକେ ସେମାନଙ୍କୁ ଧରି ଅଣି ବିକ୍ରି କରନ୍ତି । ଏମାନଙ୍କର କଥା ଉଚ୍ଚାରଣ କରିବା ଶିକ୍ଷା ଥିବାରୁ ଲୋକେ ଏମାନଙ୍କୁ ପାଳନ୍ତି; ଏମାନେ ମନୁଷ୍ୟର ସ୍ୱରକୁ ଅବିକଳ ଅନୁକରଣ କରନ୍ତି, ଏପରି କି, ହସିବା, କାନ୍ଦିବା ଇତ୍ୟାଦି ଅନୁକରଣ କରନ୍ତି; ଛନ୍ଦ ଓ ସଙ୍ଗୀତ ଓ ପଦମାନ ଶିଖାଇଲେ ଠିକ୍ ସ୍ୱରରେ ତାହା ଗାଇ ପାରନ୍ତି । ଘୋଷାସାରୁକୁ ବୁଟ ବୁନା, ଦୁଧ ଭାତ, ପାଚିଲ ଫଳ ଓ ସାମାନ୍ୟ ମାଂସ ଖଣ୍ଡ ଦିଆଯାଏ । ଏମାନେ ବଣି ଛାଡ଼ାସ୍ୱ । କେତେକ ସାରିଙ୍କ ବେକ ଉପରେ ଓ ଥଣ୍ଟ ପାଖରେ ଡଲଦିଅ ଚଞ୍ଚୁ ଥାଏ । ଏମାନଙ୍କୁ ସୁନା-କାନିଆ ସାରି ବୋଲିପାଏ । କେତେକଙ୍କର ଧଳା ଚଞ୍ଚୁ ଥାଏ; ତାଙ୍କୁ ରୂପାକାନିଆ ବୋଲିପାଏ । ଏମାନେ ଅତ୍ୟନ୍ତ ସୁଲୁସାର ଜୀବ । ଏମାନେ ବହୁତ ଖାଦ୍ୟନ୍ତୁ ଓ ବହୁତ ଛାଡ଼ା ଫେରନ୍ତି । ଅମ ଦେଶରେ ଲୋକବାସ ଅଛ ଯେ, କେଉଁଠାରୁ, ଦାଢ଼ିଅଣି ଅଦଙ୍କ ନଜର ଏମାନଙ୍କ ଉପରେ ପଡିଲେ ଏମାନଙ୍କୁ ଡାହାଣୀ ଖାଇ ଯାଆନ୍ତି ଓ ଏମାନେ ମରି ଯାଆନ୍ତି । ଡାହାଣୀଙ୍କ ଦୃଷ୍ଟିରୁ ଏମାନଙ୍କୁ ରକ୍ଷା କରିବାକୁ ଲୋକେ ଏହାଙ୍କ ପଞ୍ଜୁର ଉପରେ ଖଣ୍ଡିଏ ଜାଲ ଘୋଡ଼େଇ ରଖନ୍ତି । ସାରିମାନେ ମାଂସ, ଭୋଜନଭୋଜ ଖାଆନ୍ତି । ଏଣୁ ଅମାଂସ ଘୋଷାସାରୁକୁ କେଲେକେଲେ ଖାଇବାକୁ ଦେଲେ ଏମାନେ ସୁସ୍ଥ ରହନ୍ତି । ଏମାନେ ସ୍ନାନପ୍ରିୟ ।]

ସାରି—ଦେ. ବ (ସ. ଶ୍ରେଣୀ ବା ସରଣି)—୧ । ଧାଡ଼ି; ଶ୍ରେଣୀ; ପଂକ୍ତି—1. Row. ୨ । ସ୍ତ୍ରୀଲୋକଙ୍କ ନାମ—2. A name given to females. ୩ । (ସ୍ତ୍ରୀ) ସାର ପରି ପ୍ରିୟା ସ୍ତ୍ରୀଲୋକ—3. A dearly loved or fondly loved woman.

Digitized by srujanika@gmail.com

ସାରଅ—ଦେ. ବ—ସାର ନାମ୍ନୀ ସ୍ତ୍ରୀର ଡାକ ନାମ—Name for calling 'Sāri.' ବଣ—୧। ଗେଣ୍ଡା; ଅଉର୍ଦ୍ଧ ଆଦୁରେ ସ୍ନେହରେ ଲାଳଉପାଳରେ—1. Brought up with excessive fondness and indulgence. ୨। ଉତ୍କୃଷ୍ଟ—2. Excellent. [ଉ—ସାରଅ ଖଣ୍ଡ ମିଶାଇ ବଟା ଉର ତୋଇ, ଶସୂନ ପଲଙ୍କେ ଡାଲ୍ଲ ଅଧରେ ଯୋଗାଇ। ପ୍ରାଚୀ. ରଢ଼ସ୍ୟମଞ୍ଜରୀ।]

ସାରକ(କା)—ସଂ. ବ (ସୃ ଧାତୁ ଣିଚ୍ ସାର ଧାତୁ+କଚ୍ଛି. ଅକ; + ଅ; ଏମାନେ ବେଶି ଚଳାଚଳରେ ଓ ଅନେକ ଥର ଅନ୍ୟ ସଂ. ନାମ—ଶାରଗାଦା,] ଝାଡ଼ା ଫେରବାରୁ)—୧। ପକ୍ଷି-ବିଶେଷ; ସାର ପକ୍ଷୀ—1. The myna bird; Gracula Religeosa. ୨। ବଣି ଚଟେଇ—2. The common myna; Aceridotherus Tristis. ୩। ଗୋଲଗୁଟିକା—3. The balls used in the game of dice. ୪। ବେଢ଼େଲର ଧନୁ—4. The bow of a violin. ବଣ—(ସାରକୁ) ସାରକର ସ୍ତ୍ରୀ ଲିଙ୍ଗ— The feminine of 'Sāraka.'

ସାରକ ବଣ(ନ)—ସଂ. ବ (ଷ. ତ. ତ୍ପୁ)—ସାରକାବହୁଳ ବନ Sārikā baṇa(na) (ଜନ୍ତୁବୋଧ)—A forest abounding in myna birds.

ସାରକ୍ଷୁ—ଦେ. ବଣ—ଅବ୍ୟର୍ଥ; ଅମୋଘ— Sārikshu Unerring; effective. ଅମୋଘ ଅମୋଘ, ଅଚୂକ

ସାରି(ରେ)ଗ(ଗା)ମ(ମା)—ଦେ. ବ—ହନୁ ସଙ୍ଗୀତର ସ୍ୱର ଗ୍ରାମ Sāri(re)ga(gā)ma(mā) ସପ୍ତକ; ହନୁ ସଙ୍ଗୀତର ସାତ ସାରିଗମ ପଧନ ସାରିଗାମା ଧାପାନ ସାରିଗାମା } —ଅନ୍ୟରୂପ ସାରିଗମ ପଧନି ସାରିଗାମା ଧାପାନ ସାରିଗାମା } ମୌଳି ପ୍ରାଥମିକ ସ୍ୱର— The primary seven notes of the Hindu scale of music; solfa. [ଉ—ସଂକ୍ଷେପରେ gଥମ ଗୃହୀତୋଷ୍ଟ ସ୍ୱରର ଅଦ୍ୟଅକ୍ଷରର ନାମ ଜଣାଯାଏ। ବ୍ରଗ ଭଳେ ନୋଟ୍ ଦ୍ରଷ୍ଟବ୍ୟ।

ସାରଗମ ସ୍ୱର ଅନୁସାରେ ଶ୍ରୀସୁକ୍ତ ମନମୋହନ ଘୋଷ ବି. ଏଲ୍. ଙ୍କ ରଚିତ ନାରାୟଣ ବ୍ରଗର ଓଡ଼ିଆ ଗୀତ ନମ୍ନରେ ଦିଆଗଲା।

ସାରଗମା ଗୀତ

ସ୍ୱଚ୍ଛାମର ସପ୍ତସ୍ୱର (ସାରିଗାମାପାଧାନି)ର ଅକ୍ଷରମାନଙ୍କ ସ୍ୱରବର୍ତ୍ତି ପରିବର୍ତ୍ତନ ଦ୍ୱାରା ରଚିତ ସଙ୍ଗୀତ।

ବ୍ରଗ ନାରାୟଣୀ; ତାଳ—ଖେମ୍ଟା।

ଅବ୍ୱେସ୍ପା—ସାରିମାପାଧାସା

ଅବବ୍ୱେସ୍ପା—ସାନିଧାପାମାରେସା

ବାପାସ୍ୱର—ଦୈବଜ; ସଂବାପାସ୍ୱର—ଋଷଭ

ସତ୍ଭୁତ୍—ଧାପାମାରେ

ସାରୀ—ଧଗା ଧଗା ମାରେ, ଜଗାରେ ସାରେ, ଜଧଗା ସରେ, ମରମେ ପରେ ।ଧ୍ରୁ।

ଧଗା ଧପାରେ ଜଧଗା ସରେ,
ଜସାରେ ସାରେ, ମରମେ ମରେ ।୧।

ଅନ୍ତରା—ମାଧା ଧଗା ଜସା ସାରେ ସେ ଜଧଗ;
ମାଗା ଧଗା ଧପା ମାରେ ସାଜ ସାଜ,
ଧଗା ଧାମା ଧରେ ଜଧଗା ଧପାରେ
ଜଧଗା ସାଧେ ଜସା ଜଣାରେ । ୨ ।
ଜସା ମାରଗାରେ ଧାର ସାରେ
ଧନ ସରେ ପଶା ଜଣାରେ । ୩ ।
ଧଗା ମାରଗାରେ ଜଧଗା ମାନରେ ।
ସମରେ ସେ ଧଗା ଜଧଗା ପାଶରେ । ୪ ।
ଧନ ଶେଷେ ଧଗା ଜଧଗା ସମରେ
ଧପାମସ୍ତ ଘରେ ମାର ମରେ ସରେ । ୫ ।

ଅର୍ଥ—

ଅସ୍ଥାୟୀ ପଦ—

ଧଗା ଧପାମାର ସେଇଁ ଧନ ଆଣେ ତାହାକୁ ଜସାରେ ଉଡ଼ାଇ ଦିଏ। ଜର୍ଧନବ୍ୟକ୍ତି ଧଗା ଦ୍ୱାରା ଜହୁତ ହୋଇ ମରମେ ମରମେ ବ୍ୟଥା ପାଏ। ଧ୍ରୁବ।

ଧଗାର ଧପାଦ୍ୱାରା ଜର୍ଧନର ସର୍ବନାଶ ଘଟେ; ଧନ ଧପାମସ୍ତ ଧନକୁ ଜସାରେ ଅପବ୍ୟୟ କରି ସୁଦ୍ଧା ମରମେ ମରମେ ବ୍ୟଥିତ ହୁଏ। ୧।

ଅନ୍ତରା—ଜର୍ବୁଦି ଧଗାର ଜସା ତା ଧନଗର୍ବ ଜର୍ଦ୍ଧନକୁ ସର୍ବସ୍ୱାନ୍ତ କରେ, ସମାଜରେ ସମ୍ଭ୍ରାନ୍ତ ଧଗା ବାରମ୍ବାର ଜର୍ଧନକୁ ଧପା ମାରୁଥାଏ।

(ଏଥିର ପ୍ରତିହିଂସାରେ)—ଜର୍ଦ୍ଧନ ବ୍ୟକ୍ତିର ଷଡ଼ଯନ୍ତ୍ରରେ ଧଗା ବ୍ୟକ୍ତି ବେହୁର୍ ବନେ ଓ ଜର୍ଦ୍ଧନ ବ୍ୟକ୍ତି ସୁଦ୍ଧରେ ଗ୍ଲୋକଚଷୁର ଅନୁସ୍ଥଳରେ ଜସା ଖାଇ ମନର ସାଧକୁ ମେଣ୍ଟାଏ। ୨।

ଜସା ବ୍ୟକ୍ତି ଜର୍ବଶେଷରେ ସ୍ଲେକର ସର୍ବନାଶ ଘଟାଏ ଓ ଋଣ କରାଇ ତାକୁ ସର୍ବସ୍ୱାନ୍ତ କରାଏ।

ଧଗା ବ୍ୟକ୍ତିର ଧନ ଜୁଆଖେଳରେ ଓ ଜସାରେ ନାଃଶେଷ ହୁଏ। ୩।

ଅଜ୍ଞାତ ଜର୍ଦ୍ଧନବ୍ୟକ୍ତିକୁ ଧଗା ସର୍ବସ୍ୱାନ୍ତ କରେ, କନ୍ତୁ ସୁଦ୍ଧକେଳେ ଧଗା ଓ ଜର୍ଦ୍ଧନବ୍ୟକ୍ତି ସମାନସ୍ତର ହୋଇ ଠିଆ ହୁଅନ୍ତି। ୪।

ଧନ ଶେଷ ହେଲାରୁ ଧଗା ଜର୍ଦ୍ଧନର ସମାନ ହୁଏ। ଫଳରେ ଯେ ଧପା ମାର ଧନ ଅଜିଥାଏ ସେ ସର୍ବସ୍ୱାନ୍ତ ହୁଏ, ପରକୁ ମାରେ ଓ ଜଢେ ସରେ। ୫।]

ସାରି(ରେ)ଙ୍ଗୀ—ଦେ. ବ—ସାରଙ୍ଗୀ (ଦେଖ) Sāri(re)ṅgī Sāraṅgī. (See)

ସାରିଚ୍ଛ(କ୍ଷ)—ସ୍ତ୍ରୀ. ବଣ ଓ ଅ (ସ. ସଦୃଶ)—ସଦୃଶ— Sārichha(ksha) ସଦୃଶ ସରିସ Similar; like. (ଉ—ଏବେ ତାଙ୍କ ଚିତ୍ତରେ ସୁଚ୍ଛ, ଗୋପଜନ୍ୟାମାନେ ଯେବେ ତାଙ ସାରିଚ୍ଛ। ପ୍ରାଚୀ. ରଢ଼ସ୍ୟମଞ୍ଜରୀ।]

Digitized by srujanika@gmail.com

ସାରଣୀ—ସଂ. ବ. ସ୍ତ୍ରୀ (ସୃ. ଧାତୁ + କର୍ତ୍ତୃ. ଇନ୍ + ଈ)—୧। ମଦ୍ଦାଦେବା Sāriṇī (ଗୁଳବର୍ଦ୍ଧ୍ଦ); ମଦ୍ଦାବଲା; ବଜ୍ରମୂଳୀ—1. Sida Rhombifolia. ୨ । କାର୍ପାସୀ; ତୁଳାଗଛ—2 Cotton plant. ୩ । ଦୁରାଲଭା—3. Alhagi-maurorum. ୪ । ଜଟିଳ ଶିଂଶପା; ଏକପ୍ରକାର ଶିଶୁ ଗଛ—4. A kind of Sisu tree of brown wood. ୫ । ପୁନାରଣୀ—5. Pæderia Fœtida (creeper). ୬ । ଚକ୍ରପୁନର୍ନବା; ନାଲ ପୁରୁଣୀ ଶାଗ—6. The red variety of spreading hogweed. ସଂ. ବ୍ରତ (ସାରନ୍ + ସ୍ତ୍ରୀ· ଈ)—ସାପ୍ତର ସ୍ତ୍ରୀଲିଙ୍ଗ—

ଶାରି Feminine of Sārī. ଦେ. ବ—ଖଣ୍ଡାକାଟି (ଭଙ୍ଗ· କୋଷ୍ଟିଚ୍ଛାଣ୍ଡ ସୁଦଗ୍ଧ)—Dice.

चौसरकाठी

ସାର୍ ଦେ(ନେ)ବା—ଦେ. କ୍ରି—ସାରିବା (ଦେଶ)

Sāri de(ne)bā Sāribā (See)

ଶେଷ କରା खतम करना

ସାରିନ୍ଦା—ଦେ. ବ (ସ୍ତ୍ରୀ· ସାରଙ୍ଗୀ)—୧ । ସାରଙ୍ଗୀ ନାମକ ବାଦ୍ୟଯନ୍ତ୍ର—

Sārindā 1. Hardy-gurdy. ୨ । ଅଣ୍ଟ ପୁଚ୍ଛର

सारिन्दा सारंगी କେଶନର୍ମିତ ଧନୁଦ୍ୱାରା ବାଦ୍ୟତ ଶୃଙ୍ଗ ଘଲତ-ଦ୍ୱାରା ବଦ୍ଧ ଅଷ୍ଟ ତାରବିଶିଷ୍ଟ ଯନ୍ତ୍ରବିଶେଷ—2. A kind of guitar. [ଦ୍ର—ଏହାର ସମୁଦାୟ ଅଙ୍ଗ କାଷ୍ଠ-ନିର୍ମିତ । ଏଥିର ଧ୍ୱନକୋଷ ଚତୁର୍ଦଂଶ ଚର୍ମାଚ୍ଛାଦିତ, ଚତୁର୍ଦଂଶ ଶୂନ୍ୟ—ଧ୍ୱନିକୋଷ ।)

ସାର୍ ପକା(କେ)ଇବା—ଦେ. କ୍ରି—ସାରିବା; ନାଶ କରିବା—

Sāri pakā(ke)ibā To destroy. (ଉ—

ଶେଷ କରେ ଦେଓୟା, ସେରେ ଦେଓୟା ଖୋଷ କରନା ମାର୍ ଦୁ ଅତୁର ସାଉଥିବା ଯନ୍ତ୍ରେ—ଚତୁର୍ଥ ଉମ୍ମା ଗୀତ ।)

ସାର୍ ଫଳ(ଫଳକ)—ସଂ· ବ—ଖଣ୍ଡର ଗୋଲି—

Sāri phaḷa(phāḷaka) The balls of dice.

ସାରିବ—ସଂ. ବ—୧ । ଶାଳୀ ଧାନ୍ୟ (ବଣ୍ଟକୋଷ)—1. Au-

Sāriba tumn paddy. ୨ । ଷଷ୍ଟିକା ଧାନ୍ୟ (ବଣ୍ଟକୋଷ)—2. A kind of early paddy.

ସାରିବା—ସ. ବ (ସୃ ଧାତୁ ଣିଚ୍ ସାର ଧାତୁ + କର୍ତ୍ତୃ·ବ + ଆ)—ଶାରିବା

Sāribā (ଦେଶ)—Śāribā (See) ଦେ. କ୍ରି (ସଂ

ଶେଷ କରା, ସାରା ଖୋଷ କରନା ସୃ ଧାତୁ ଣିଚ୍ ସାର ଧାତୁ =ଚଳାଇବା)—୧ । ସମାପ୍ତ କରିବା; ଶେଷ କରିବା—1. To finish. (ଉ—ଚଦଅନ୍ତେ ଉବଂଶୀ ସ୍ୱନାଦ ସାରିଲେ—କୃଷ୍ଣଜିହ୍ନ ମହାଭାରତ ବନ ।) ୨ । ନିଃଶେଷ କରିବା—2. To exhaust. (ଯଥା—ଘରେ ଯେତେକ ଧନ ଥିଲ ସେତେକ ଖାଇ ପିଇ ସାରିଲେ ।) ୩ । ସମ୍ପୂର୍ଣ୍ଣ କରିବା—3. To complete; to bring to completion. (ଉ—ଅଦ ଯଜ୍ଞ ପୁସ୍ତକ ସାରିଲ ଜୀଉରେ—କୃଷ୍ଣଜିହ୍ନ ମହାଭାରତ ଅଦ ।) ୪ । କୌଣସି କାର୍ଯ୍ୟ ନିଷ୍ପନ୍ନ କରିବା; ସମ୍ପନ୍ନ କରିବା—4. To accomplish a work. (ଯଥା—ମୁଁ ବହୁ-ଘର ସାରି ବଦେଶ ଫିରି ।) ୫ । ନଷ୍ଟ କରିବା—5. To spoil. (ଉ—ରତ୍ତ ଦେଖନ ଦେବା କରି, ଅଭଲେ ସରୁ କଥା ସାର—ବୃତ୍ତ ପ୍ରେମଚନ୍ଦ୍ରାମୃତ ।) ୬ । ବିନାଶ କରିବା—6. To destroy. (ଉ—ରୁଷାରୁ ସାରୁ ସାମର୍ଥ୍ୟ ମୋର ରେ—କବିସୂର୍ଯ୍ୟ. ସଙ୍ଗୀତ ।) ୭ । ସର୍ବନାଶ ଘଟାଇବା—7. To cause ruin. (ଉ—ମଞ୍ଚ ଚଉବାର, ଅଜନ୍ମ ପରମ୍ପର, ସଂସାର ସାରିବାର—କବିସୂର୍ଯ୍ୟ. ସଙ୍ଗୀତ କଲ୍ଲୋଳିତା ।) ୮ । ଅନିଷ୍ଟ ଘଟାଇବା—8. To cause injury. (ଯଥା—ମୋର ଯେ ଅନିଷ୍ଟ ପାଶ୍ଚବ ମୁଁ ତାକୁ ସାରିବି ।) ୯। (ଧନାଦି) ଅପବ୍ୟୟ କରିବା-9. To spend away (money;) to squander. (ଯଥା—ତପ ପୈତୃକ ସମ୍ପତ୍ତି ସାର ବର୍ତ୍ତମାନ ତାଙ୍ଗାଲ ଦୋଇ ହୋଇଛି ।) ୧୦ । ଗୃହୋପକରଣାଦି ବ୍ୟବହାର କରିବା—10. To use any domestic article (furniture or utensil). (ଯଥା—କଣା ଯାଇଥିବା ଲୁଣାପାଇ ଗରୁରୁ ୨ଟି ଗରୁ ଅଣ୍ଡେ ସାରୁଛୁ ।) ୧୧ । ଖାନ କରିବା; ସେବନ କରିବା; ଭୋଜନ କରିବା—11. To eat; to partake. (ଯଥା—ଅଯଣ ଝିଅଏ ଔଷଧ ସାରନ୍ତୁ ।) ୧୨ । ଅପସାରିତ କରିବା; ଦୂର କରିବା; ସରାଇବା; ଘୁଞ୍ଚାଇବା—12. To remove. (ଉ—ସାବିଦେବ ପତ୍ର ଅଳ, ଘରୋଳ ସୁନ୍ଦର ନେଳା, ଜଳମଳ ଲଜ—କବିସୂର୍ଯ୍ୟ. ଚତୁଃଶ୍ଲୋକୀ ଚମ୍ପୂ ଷ ଗୀତ ।) ୧୩ । ଗତିତ କରିବା—13. To cause to move. ୧୪ । ଡଙ୍ଗାକୁ କାଉମାର ଦ୍ୱାରାଇବା—14. To cause a boat to move by means of a pole. ୧୫ । ସବାଗ୍ରକୁ ଅଣ୍ଟ ବାଙ୍କିଣ ଅଡୁ ପେଲ୍ଲ ଉହିର ପଛକୁ ଚଞ୍ଚଳ କରାଇବା—15. To push a palki by applying force on its hind pole. ୧୬ । ଅପମାନିତ ଓ ଲଜ୍ଜିତ କରାଇବା—16. To put a person to shame. (ଯଥା—ସେ ଲୋକ ମତେ ଦାଣ୍ଡରେ ସାର ଦେଲ) —୧୭ । ସମସ୍ତ ବା ଚାଲ ଚଳାଇବାକୁ ଅଳ୍ପକୁ ଷମ କରିବା—17. To enable a person to pass his days. [ଉ—ମୁଁ ଯୁବକ ଅବଲା, ମୋ ବନ ତୁମେ ସାରବରେ ସଙ୍ଗୀତ ।] ୧୮ । କାଳ କାଟିବା—18. To spend time. [ଉ—ସାରୁଅଛୁ ସେ ବନ ପରର ହଂସାରେ । କୃଷ୍ଣଜିହ୍ନ. ମହାଭାରତ· ସଭା ।] ୧୯ । ଶୌଚ କିମ୍ବାରେ ଜଳ ଅଦି ବ୍ୟବହାର କରିବା—19. To use water in purifying one's self. (ଯଥା—ସାବେଦମାନେ

Digitized by srujanika@gmail.com

ଝାଡ଼ା ଫେର ପାଣି ସାଇନ୍ତୁ ନାହିଁ।) ଘାଦେ (ଘାଟଶିଳା, କଦ୍ଦାଳ ଜିଲ୍ଲା) କ୍ରି—ଘଷିବା; ଅଙ୍ଗ ମର୍ଦ୍ଦିବା—To massage; to chafe.

ସାରଲୋ ଶୁଆ—ଘାଦେ (ଘାଜପୁର) ବ—ଗ୍ରାମ୍ୟ ଖେଳ ବିଶେଷ—**Sārilo suā** A kind of country game. ଉ—ସାରଲୋ ଶୁଆ। କାନ୍ଦା ଭିତରେ ଅଛୁ କନ୍ଧନ ଗୁଆ। କନ୍ଧ ଦରୁଣିରେ କନ୍ଧନ ଗୁଆ। ଏ ଖେଳର ଗୀତ।]

ସାରିଷ୍ଠ—ସଂ. ବଣ. (ସାର+ଇଷ୍ଠ)—ସଂପୂର୍ଣ୍ଣର (ବିଶ୍ୱକୋଷ)—**Sārishṭa** Most beautiful of all.

ସାରି ସାରି—ଦେ. ବଣ—(ବଙ୍ଗଳାରୁ ଅନୁକୃତ) ସର ସର; ଧାଡ଼ି ଧାଡ଼ି; ଶ୍ରେଣୀବଦ୍ଧ—**Sāri sāri** Arranged in rows. [ଉ—ସାରି ସାରି **ସାରିସାରି** ମନ୍ତୁନୁ ସାର ସାର ଅସ୍ତ୍ରସ୍ତ୍ର ଅସସର। ଗୋଲକ. ଇନ୍ଦ୍ରଦେଖା]

ସାରୀ—ସଂ. ବ—(ସାର+ଈ)—୧। ସାରଙ୍କା (ଦେଶ) 1. **Sārikā Sārī** (See) ୨। ସପୁଲା; ଦେଉଳିଆ ସିଜୁ—2. A species of cactus. ୩। ପାଶବ; ପଣା (ବିଶ୍ୱକୋଷ)—3. Die (in the game of dice). ସଂ. ବଣ, ପୁଂ (ସୃ ଧାତୁ+କ୍ତିନ୍; ପାଣିନି ୩।୩. ୧୭)—ଅନୁସରଣକାରୀ; ପଶ୍ଚାଦ୍‌ଗମନକାରୀ (ବିଶ୍ୱକୋଷ)—Following.

ସାରୁ—ଦେ. ବ—(ସଂ. ସାର; ଏଥିରେ ଅଧିକ ପରିମାଣରେ ସାର ଅଂଶ ଥାଏ ବୋଲି)—କୃଷି ଓ ଅରଣ୍ୟ ଜାତ କନ୍ଦ ଶାକ **Sāru** ସଂ.—କଚୁ, କଚ୍ଚୀ, କଚ୍ଚଣ୍ଡା, କଚ୍ଚି, ଶଙ୍ଖାଳୁ, ଶଙ୍ଖକନ୍ଦ। ବଂ—କଚୁ, ଅମୁକଚୁ, ଗୁଡ଼ି ହି.—ଅରୁଇ, ଅରୁୱୀ, କଚ୍ଚୁ, ଅରୱା, ଘୁଇଅନ ଉ. ଗୁନ

ବିଶେଷ—Colocacia Antiquorum; Arum Colocacia (Haines) [ଦ୍ର — ଏହା ଜଙ୍ଗଲରେ ଏବଂ ଜଳାଭୂମି ଭୂଲରେ ଜାତ ହୁଏ, ଏବଂ କୃଷି ଦ୍ୱାରା ମଧ୍ୟ ଏହା ଉତ୍ପାଦନ କରାଯାଏ। ଏହାର ମୂଳ କୋଷ (Bulb) ଭରକାରୀ କରାଯାଏ। ଏହାର ମୂଳରୁ ଲମ୍ବା ଲମ୍ବା ଡେଙ୍ଗ ବାହାରେ। ଡେଙ୍ଗର ଅଗରେ ପାନ ଆକାରର ପ୍ରାୟ ଗୋଲାକାର ପତ୍ର ହୁଏ। ଏହି ପତ୍ରର ଉର୍ଦ୍ଧ ଭାଗ ପତ୍ର ଅକାରର ଏବଂ ପତ୍ରର ଉର୍ଦ୍ଧ ଭାଗରେ ପାଣି ପଡ଼ିଲେ ପଦ୍ମପତ୍ର ଭଳରେ ପଡ଼ିବା ପାଣି ପର ଛଳ ଛଳ ହୁଏ। ମୂଳରୁ ଗୋଟିଏ ଗୋଳାଯାଯୁକ୍ତ ନାଡ଼ ବାହାର ସେହି ନାଡ଼ରେ ଫୁଲ ଧରେ, କିନ୍ତୁ ଏହାର ଫଳ ହୁଏ ନାହିଁ। ମୂଳ କୋଷ ପଞ୍ଜି ରୂପରେ ବ୍ୟବହୃତ ହୁଏ। ଗୋଟିଏ ମୂଳରୁ ଅନେକ ଗଦା ବା ଗୁଅ ବାହାରେ। ବଡ଼ ମୂଳକୁ ମୁଣ୍ଡା କୁହାଯାଏ। ପତ୍ର ଓ ଡେଙ୍ଗ ଖଲା ଓ ନାଳ ଭେଦରେ ସାରୁ ଦୁଇ ପ୍ରକାରର। କୃଷିଜାତ ସାରୁ ଗଛ ଶୁଖି ଗଲେ ଲୋକେ ଏହି ମୂଳ ଖୋଳ ଉହିଁର ମୁଣ୍ଡା ସଲଗ୍ନ ଛୋଟ ଗୁଅମାନଙ୍କୁ ମଞ୍ଜି ପାଇଁ ରଖନ୍ତି ଓ ବଡ଼ ଗୁଅ ଓ ମୁଣ୍ଡାମାନଙ୍କୁ ଖାଆନ୍ତି। ଦେଢେଇ ପ୍ରକାର ସାରୁର ପତ୍ର ନାନାବର୍ଣ୍ଣରେ ଚିତ୍ରିତ ଦେଖାଯାଏ ଓ ଲୋକେ ଏହି ସୌନ୍ଦର୍ଯ୍ୟ ପାଇଁ ଏହାକୁ ବଗିଚାରେ ଲଗାନ୍ତି। କଚୁର କନ୍ଦ ମଧ୍ୟ ନାନା ଅକୃତିବିଶିଷ୍ଟ। କଚୁକନ୍ଦର ଆକାର ଛୁଦ୍ର ଗୋଟାଳଠାରୁ ଦୁଇ ହାତ ଲମ୍ବର ମୁଦ୍ଦର ପର୍ଯ୍ୟନ୍ତ ହୁଏ। ଏହି କନ୍ଦର ଉପରେ ଗୋଟିଏ ପତଳା ଲେସଣ ଗେ୍ୟା ଥାଏ। ଏହି ଗେ୍ୟାକୁ ନ ଛଡ଼ାଇ ଖାଇଲେ ଏହା ଗଲ୍ଲ କରେ। ଏହାର ଭିତରର ଶସ୍ୟ ପିଚ୍ଛଳ। ଏହା ସିଝି ଉଲେ ଖୁବ୍ ନରମ ହୋଇଯାଏ। ସିଝି ହେଲେ ଏହା ଅନ୍ୟ ପରିବା ସଙ୍ଗେ ମିଶି ଯାଏ। ଏଣୁ ପେଟ ଲୋକ ଅନ୍ୟମାନଙ୍କ ସଙ୍ଗେ ଖୁବ୍ ମିଳ ମିଶି ଯାଇ ତାକୁ ଲୋକେ 'ସାରୁ ପରିବା' ବୋଲି କହନ୍ତି। ସାରୁ କନ୍ଦର ପ୍ରଧାନ ରାସାୟନିକ ଅଂଶ ଅଟେ। ଯଥା—ମୁଣ୍ଡା, ଛୋଟ ଛୋଟ ଗୁଅ ଓ ନାଡ଼ ବା ଅଗ୍ରଭାଗ (ପେଟ୍ ଲମ୍ବ ଅଂଶରୁ ପତ୍ର ବାହାରେ)। ସାରୁ ଗୁରୁପାକ, ମଳଭେଦକ, ବାୟୁ, ପିତ୍ତ ଓ ଅମ୍ଳ-ବର୍ଦ୍ଧକ। ବଙ୍ଗଦେଶୀୟଲୋକେ ସାରୁ ପତ୍ରର ଡେଙ୍ଗକୁ ସିଝାଇ ତରକାରୀ କରି ଖାଆନ୍ତି।

କୃଷି, ସ୍ଥାନ ଓ ଋତୁଭେଦରେ ସାରୁର ନାନାପ୍ରକାର ନାମ ଅଛି; ଯଥା—ପାଣି ସାରୁ, ବଆଳିଆ ସାରୁ, ମାଣ ବା ମଡ଼ଣ ସାରୁ, ଶଙ୍ଖ ସାରୁ, ବଣ ସାରୁ, ଢେଲ ବା ଢେଲିଆ ସାରୁ. ପେଣ୍ଡୀ ସାରୁ, ଘୁଆଁଟିଆ ବା ମାଙ୍ଗିକ୍‌ଗନ୍ଧ ବା ଗନ୍ଧ ସାରୁ, ମୂଲାଭାକେର ବା ମୂଲାକେର ସାରୁ, ମାଙ୍କଡ଼ ଗାଣ୍ଡିଆ ବା ମାଙ୍କଡ଼ ସାରୁ, ମୁଣ୍ଡା ସାରୁ, ନାଡ଼ ସାରୁ, ଝଙ୍କଡ ସାରୁ ଓ ଗାଲ୍ଭ ସାରୁ ଇତ୍ୟାଦି।]

ସାରୁଆ—ଦେ. ବଣ—ସାରୁ କୃଷିଦ୍ୱାରା ଜୀବିକା ନିର୍ବାହକାରୀ—Earning livelihood by raising Sāru for the market. ବ—ଉତ୍କଳୀୟ ବ୍ରାହ୍ମଣ; ସାରୁ **ସାରୁଆ** କୃଷିକାରୀ ନିକୃଷ୍ଟ ଶ୍ରେଣୀର ବ୍ରାହ୍ମଣ—An inferior class of Brāhmaṇas who raise Sāru for the market. ଘାଦେ (ଗଡ଼ଜାତ) ବ—ଖୁଗୁଆଳ—Shareholder.

[ଦ୍ର— ସାରୁ ଦାଣ୍ଡପଳ, ଅଳ୍ପ କାରପଳ, ବାର ବାର ପଳ ଚରଣ ପଳ। ଶ୍ରୀଗୁରଞ୍ଜନ ପଦ:—

ଶିଶୁମାନେ 'ର ନ' ଅକ୍ଷରଯୁକ୍ତ ଘୁଡ଼ିଏ ଶବ୍ଦ ଏକଦମ ଉଚ୍ଚାରଣ କରିବାକୁ ଚେଷ୍ଟା କଲେ ର ସ୍ଥାନରେ ନ ଓ ନ ସ୍ଥାନରେ ର ଉଚ୍ଚାରଣ କରି ପକାନ୍ତି। ଏହି କୌତୁକ ଦେଖିବା ପାଇଁ କଯ୍ୟୋଜ୍ୟେଷ୍ଠ ବ୍ୟକ୍ତିମାନେ ଭ୍ରାତୃଷ୍ପୁତ୍ର ପ୍ରଭୃତି ଅବୁଝ କରିବା ପାଇଁ ଶିଶୁମାନଙ୍କୁ କହନ୍ତି ଓ ଶିଶୁମାନେ ର ସ୍ଥାନରେ ନ ଓ ନ ସ୍ଥାନରେ ର ଉଚ୍ଚାରଣ-ବିଭ୍ରାଟ କରିବାରୁ କୌତୁକ ଲଭେ।]

ସାରୁଆ ପଣ୍ଡା—ଦେ. ବ—ନିକୃଷ୍ଟ ଶ୍ରେଣୀର ଉତ୍କଳୀୟ ବ୍ରାହ୍ମଣ—**Sārua paṇḍā** An inferior class of Brāhmaṇas raising kitchen vegetables. [ଦ୍ର—ଅନ୍ୟୋନ୍ୟ ବ୍ରାହ୍ମଣମାନଙ୍କର ନିମ୍ନ ଶ୍ରେଣୀ ମଧ୍ୟରୁ ସାରୁଆପଣ୍ଡା ଏବଂ

ସାରୁଆ ବ୍ରାହ୍ମଣ / ସାରୁଆ ବ୍ରାହ୍ମଣ / ଅନାରୂପ

Digitized by srujanika@gmail.com

ଶ୍ରେଣୀର । ଶ୍ରୋତ୍ରିୟ ବ୍ରାହ୍ମଣମାନେ ଏମାନଙ୍କ ସହିତ ବୈବାହିକ ସମ୍ବନ୍ଧ କରନ୍ତି ନାହିଁ—କୃଷ୍ଣସିଂହ, ଉତ୍କଳୀୟ । ଏମାନେ ପଣ୍ଡା ଶ୍ରେଣୀର । ଉଚ୍ଚ ଶ୍ରେଣୀର ଦାଢ଼ୁଅ ବା ଶାଢ଼ଙ୍ଗା ବ୍ରାହ୍ମଣମାନଙ୍କ ସଙ୍ଗେ ଏମାନଙ୍କର ସଂସ୍ପର୍ଶ ହେଲେ ଦୁଷ ନାହିଁ ।]

ସାରୁ ନଡ଼ା—ଦେ. ବ—ସାରୁ ଗଛର ପତ୍ରର ଡେଙ୍ଗା—The stalk of the leaf of a Sāru plant.
Sāru narḍā
କଚୁର ଦାଁଡ଼ାଟା ଅରୁଇକା ଡଁଟଲ

ସାରୁ ନାଡ଼—ଦେ. ବ—ସାରୁ ଉଦ୍ଭିଦର ଫୁଲର ଡାଣ୍ଡ—The flower-stalk of a Sāru plant.
Sāru nārḍa
କଚୁର ଦାଁଟା ଅରୁଇ ଫୁଲକା ଡଣ୍ଟଲ

ସାରୁପତ୍ରିଆ—ଦେ. ବ—ସାରୁ ଜଙ୍ଗଲ ପତ୍ର ପତ୍ର ଜଣିଷ ଏକପ୍ରକାର ବନ୍ୟଗୁଳ୍ମ—Cleistanthus Patulus.
Sārupatriā

ସାରୁ ପୋଡ଼ା—ଦେ. ବ—ଅଗ୍ନିରେ ଦଗ୍ଧ ହୋଇଥିବା ସାରୁ (ଏହା ଖାଇବାରୁ ସୁଖକର ହୁଏ)—Baked arum.
Sāru porḍā
କଚୁ ପୋଡ଼ା ୨ । (ଲକ୍ଷଣାର୍ଥେ) ମୂଲ୍ୟହୀନ ଓ ଅସାର ବସ୍ତୁ—
ପକୀ ଅରୁଇ 2. (figurative) Any valueless and unsubstantial thing. ୩। ଅତି ସାମାନ୍ୟ ବସ୍ତୁ—3. Any insignificant article. [ଦ୍ର—କୌଣସି ବ୍ୟକ୍ତିର ଅଶା ସଫଳ ହେବ ନାହିଁ କିମ୍ବା ସେ କିଛି ଲାଭ ପାଇବ ନାହିଁ, ଏହି ଅର୍ଥରେ ଲୋକେ ବ୍ୟଙ୍ଗ କରି କହନ୍ତି 'ସେ ସାରୁ ପୋଡ଼ା ଖାଇବ' ଅର୍ଥାତ୍ କିଛି ପାଇବ ନାହିଁ ।]

ସାରୁ ବାଇଗଣ ଆଳୁ ପରିବା—ଦେ. ବ—ନାନାପ୍ରକାରର ମିଶ୍ରିତ ପରିବା—Various mixed kitchen vegetables.
Sāru bāigaṇa āḷu paribā
କଚୁ ବେଗୁନ ଆଳୁ ଅରୁଇ ବୈଗନ ମତୁଆ

ସାରୁ ମୁଣ୍ଡା—ଦେ. ବ—ସାରୁ ମୂଳର ବଡ଼ ବଡ଼ ଗଦା—Big bulbs at the root of Sāru plant.
Sāru muṇḍā

ସାରୁ ସାରୁ—ଦେ. ଅ—ଗାରୁ ମାରୁ; ବରାଦ୍ଭବ ପ୍ରକାଶ ସୂଚକ ଶବ୍ଦ ଓ ଗାଈ ଗାଈ ହେବା—
ଗଜ ଗଜ ଗାଡଁ ଗାଡଁ Frowning and grumbling.
Sāru saru

ସାରୁପ ବତ୍ସ—ଫ. ବ—ସ୍ୱରୂପବତ୍ସା ଗାଈର ଦୁଗ୍ଧ (ବଣ୍ଟୋପ)—Milk of a cow having a calf of the same colour.
Sārūpa batsa

ସାରୂପ୍ୟ—ସ, ବ (ସରୂପ+ଷ୍ୟଞ୍. ଯ)—୧ । ସରୂପତା; ସମାନ-ରୂପତା; ତୁଲ୍ୟ ରୂପତା—1. Equality or similarity in form. ୨ । ମୁକ୍ତିବିଶେଷ; ଯେଉଁ ମୁକ୍ତିଦ୍ୱାରା ଭକ୍ତ ଭଗବାନଙ୍କ ରୂପ ପାଇ ସମାନରୂପ ପ୍ରାପ୍ତ ହୁଏ—2. A kind of salvation in which the devotee attains the form of the Deity.
Sārūpya

ସାରେ—ଦେ. ବ ଓ ବଣ—ଏକ ସାର; ଏକ ସେଟ୍—One set of (ornaments).
Sāre
ଏକସେଟ ଏକସେଟ [ଦ୍ର—ବଶେଷଣ—ସାରେ ଅଳଙ୍କାର; ଜନ୍ୟେ ବାସ୍ତେ ବଶେଷ୍ୟ—ଅଳଙ୍କାର ସାରେ)—ଅ—ଉଦ୍ଦେଶ୍ୟରେ; ପାଇଁ—For. (ଉ—ଯେ ପ୍ରଶ୍ନ କଲ୍ଲ ଜୁ ଅମ୍ବରେ; ବହୁଲ ଜନହିତ ସାରେ—ସାରେ ଶେଷକରତାହିଁ ଜଗନ୍ନାଥ ଭ୍ରାତୃତ ।) ଦେ. କି—ସାଧନା କିମ୍ବା କର୍ତ୍ତୃପ୍ରଯୁକ୍ତ କର୍ତ୍ତୃମାନ କାଳ ଅନାଦ୍ୟର୍ଥକ (ସେ) କର୍ତ୍ତୃ ସଙ୍ଗେ ବ୍ୟବହୃତ ଏକବଚନ ରୂପ; ସେ ସାରିବା କିମ୍ବା ତରେ—(He) Completes.

ସାରେଙ୍ଗ (ଙ୍ଗି)—ବୈଦେ. ବ (ଫା; ସର୍ଦ୍ଦାର୍)—୧ । ସାରଙ୍ଗ; ବୋଟର ବା ଜାହାଜର ନାବିକମାନଙ୍କ ସର୍ଦ୍ଦାର—
ସାରେଂ ସରହଂଗ 1. The head boatman or captain of a boat. ୨ । ନାବିକ; ନାଉରି—2. Boatswain. ୩ । ନୌକାର ବା ବୋଟର ସଙ୍ଗଧରା ବ୍ୟକ୍ତି—3. Helmsman of a boat.
Sāreṅg(ṅg)

ସାରେଙ୍ଗୀ ବାଉଁଶ—ଦେ. ବ—ଏକ ପ୍ରକାର ସରୁଆ ଲମ୍ବା ଶ୍ଲେଷ ବାଉଁଶ—Bamboosa Vulgaris.
ବାଂଶନୀ ବାଂଶ ପତଳାବାଁସ, କଚବାଁସୀ
Sāreṅgī bāuñśa

ସାରେଣୀ—ଦେ. ବ—୧ । ଛୋଟ ଛୋଟରେ ବା ବେଲୁରେ ଛାଣ୍ଟ ଖେଳନା; ସାରଣୀ—1. A kind of toy rattle. ଭେମର ଘୋରଣୀ [ଦ୍ର—ସାରଣୀ ଭଳେ ନୋଟ୍ ଦେଖ ।] ୨ । ବଡ଼ ଗିଲେ, ଗିଳା ଗେଲହା ଗିଲ (ଦେଖ)—2. Barḍa gila) (See.
Sāreṇī

ସାରେଣୀ ସ୍ରୋତ—ଦେ. ବ—କୂଅର ଅସିବା ବେଳେ ନଦୀମୁହାଣ ବକ୍ରରେ ସମୁଦ୍ରର ପେଛି ଠେଲ ନଦୀର ସାରେଣୀସ୍ରୋତ ଭଳେ ଠେଲ ଉଉରକୁ ଘଣ୍ଟି ଅସେ (ବଢ଼ା ଜଳ ତଳରେ ଅତ୍ୟନ୍ତ ଉପକୂଳକ)—The under current of flow tide which pushes into the mouth of a river below its surface.
Sāreṇī srota

ସାରୋଦକ—ଫ. ବ—ଅନନ୍ତ ମୂଳର ରସ (ହି. ଶ)—
Sārodaka The juice of Anantamūla creeper.

ସାରୋଦ୍ଧାର—ଫ. ବ (ଚସ୍ତ୍ରୀ ଭତ୍)—୧ । ସାରର ଗ୍ରହଣ; ସାର-ପଦାର୍ଥ—1. The extraction of the Sāra. ୨ । ବୈଦ୍ୟକ ଗ୍ରନ୍ଥ ବିଶେଷ (ବଣ୍ଟୋପ)—2. The title of a Sanscrit book on medicine.
Sāroddhāra

ସାରୋପ—ଣ. ବଣ (ସାର୍ଥ ବହୁବ୍ରୀହି; ସ+ଆରୋପ)—ଆରୋପ ଯୁକ୍ତ—Having imputation.
Sāropa
(ସାରୋପା—ସ୍ତ୍ରୀ)

ସାରୋପା—ସ. ବଣ (ସାରୋପ+ଟାପ୍)—ସାରୋପର ସ୍ତ୍ରୀଲିଙ୍ଗ—
Sāropā Feminine of Sāropa. ସଂ. ବ (ଅଳଙ୍କାର

ଶାସ୍ତ୍ର)—ଶବ୍ଦର ଲକ୍ଷଣାଶକ୍ତି ବୋଧ—A particular potency of a word to convey an imputative meaning. [ଦ୍ର—ଯେଉଁଠାରେ ଏକ ପଦାର୍ଥରେ ଅନ୍ୟ ବସ୍ତୁର ଅବୋଧ କରାଯାଏ ସେଠାରେ ଏହି ଲକ୍ଷଣାଶକ୍ତି ପ୍ରକାଶ ପାଏ । ଉଦାହରଣ—ମାଡୁଞ୍ଚନ ପିଲ୍ଲଟିର ଖାଇଦୁଧ ପ୍ରାଣ ହୋଇଅଛି । ଏଠାରେ ଖାଇ ଦୁଧରେ ପିଲ୍ଲର ପ୍ରାଣର ଅବୋଧ କରାଯାଇଅଛି ।]

ସାରୋଷ୍ଟ୍ର—ପ ବ—ସୁରଷ୍ଟ୍ର; ଗୁଜରାଟ; ଦେଶବିଶେଷ—
Sāroshṭra Name of a country; Gujerat.

ସାରୋଷ୍ଟ୍ରିକ—ପ ବ (ସାରୋଷ୍ଟ୍ର ଦେଶ + ଜାତାର୍ଥେ ଇକ)—ସୌରାଷ୍ଟ୍ରିକ; ଏକପ୍ରକାର ବିଷ (ଅମର; ହଳାହଳ)—
Sāroshṭrika A sort of poison (got in Gujerat).

ସାର୍କ୍—ବୈଦେ. ବ (ଇଂ)—ମଗର; ହାଙ୍ଗର ମାଛ—
Sārk Shark.
ହାଙ୍ଗର; ସାର୍କ ସାର୍କ

ସାର୍କଲ୍—ବୈଦେ. ବ (ଇଂ ବଙ୍ଗଳାରୁ ଅନୁବୃତ୍ତ)—ସର୍କଲ୍ (ଦେଶ)
Sārkal ସାର୍କେଲ ସର୍କଲ Sarkal (See)
[ଦ୍ର—ଇଂରାଜର 'ସ' ଉଚ୍ଚାରଣ ଠାରେ ଓଡ଼ିଆରେ ଓ ବିଶେଷତଃ ବଙ୍ଗଳାରେ 'ଶା' ଉଚ୍ଚାରଣ ଶୁଣାଯାଏ । ତେଣୁ ସାର୍କସ୍, ସାର୍କିଟ୍, ସାର୍ଚ୍, ସାର୍ଜ, ସାର୍ଜେଣ୍ଟ, ସାର୍ଜନ୍, ସାର୍ଚ ପ୍ରଭୃତି ଶବ୍ଦମାନଙ୍କୁ ଲେକେ ସ ସ୍ଥାନରେ 'ଶା' ଲଗାଇ ବ୍ୟବହାର କରନ୍ତି; ଏହା ବଙ୍ଗ ଭାଷାରେ ବେଶି ପରଲକ୍ଷିତ ହୁଏ ।]

ସାର୍ଗଲ—ବ. ବଣ (ସଦ୍ଧାର୍ଥ ବହୁବ୍ରୀହି; ସ + ଅର୍ଗଲ)—ଅର୍ଗଲବତ୍ତ୍ୱବିଶିଷ୍ଟ—
Sārgala Having argala.

ସାର୍ଗିକ—ବ.ବଣ (ସର୍ଗ + ଇକ)—ସୃଷ୍ଟି କରିବାକୁ ସମର୍ଥ (ବିଶ୍ୱକୋଷ)—
Sārgika Capable of creating.

ସାର୍ଙ୍ଗୀ—ସ୍ତ୍ରୀ. ବ—ସାରଙ୍ଗୀ; ବାଦ୍ୟଭେଦ (ବିଶ୍ୱକୋଷ)
Sāṛngī A kind of stringed instrument.

ସାର୍ଜ୍—ବୈଦେ. ବ (ଇଂ)—ସର୍ଜ୍ (ଦେଶ)
Sārj सार्ज सरज Sarj. (See)

ସାର୍ଜ—ସଂ. ବ (ସର୍ଜ + ସ୍ୱାର୍ଥେ. ଅ)—ସର୍ଜରସ; ଝୁଣା (ବିଶ୍ୱକୋଷ)
Sārja Resin.

ସାର୍ଟିଫାଇ କରିବା—ଦେ.ତି (ଇଂ.ସାର୍ଟିଫାଇ)—କୌଣସିବିଷୟର ଲିଖିତ ବା କଥିତ ବିବରଣ ଦେବା—
Sārṭiphāi karibā ସାର୍ଟିଫାଇ କରା सार्टिफाई करना To certify.

ସାର୍ଟିଫାଏଡ୍ ସହିମୋହର କପି—ବୈଦେ. ବ (ଇଂ)—ଅବିକଳ ନକଲ
Sārṭiphāed sahimohari kapi ଥିବାର ବିବରଣରୂପ ସାର୍ଟିଫାଏଡ ସହିମୋହର ନକଲ ସରକାର ମୋହର ସହ ହୋଇ-
सार्टीफायर सहीमोहर कौपी ଥିବା ନକଲ—Certified true copy bearing the seal of an office.

ସାର୍ଟିଫିକେ(କା)ଟ୍—ବୈଦେ. ବ (ଇଂ)—୧ । ପ୍ରମାଣ ପତ୍ର—
Sārṭiphike(ka)ṭ 1. Testimonial, ୨ । ବିବରଣ ସାର୍ଟିଫିକେଟ ପତ୍ର—2. Certificate. [ଦ୍ର—ଅଦାୟୀ ସମ୍ବନ୍ଧେ, **ସାର୍ଟିଫିକେଟ** ପତ୍ରଦ୍ୱାରା ଜଣାଇଁବା ହେବା ସମ୍ବନ୍ଧେ ବା ଏହାଛଡ଼ା ଅନ୍ୟ ବିଷୟରେ କର୍ତ୍ତୃପକ୍ଷ ବା ସାଧାରଣ ବ୍ୟକ୍ତିଙ୍କ ସ୍ୱାକ୍ଷରରେ ଦିଆଯିବା ବିବରଣ ପତ୍ରକୁ ସାର୍ଟିଫିକେଟ୍ କୋଲ୍ଲଯାଏ ।] ୩ । (କଚରଥ) ସୁଜଳାସୂ ବାକିଦାରର ସମ୍ପତ୍ତି ନଲ୍ଲମ କରିବା ପାଇଁ ସରକାର ଜମିଗୃହଙ୍କ ଦସ୍ତଖତରେ ବାକିଦାର ଉପରେ ଜାରି ହେବା ବଜ୍ଞପନ—3. A certificate is sued for realisation of Government arrears or public demands under the Public Demands Recovery Act.

ସାର୍ଥ—ସଂ. ବଣ (ସଦ୍ଧାର୍ଥ ବହୁବ୍ରୀହି; ସ + ଅର୍ଥ)—୧ । ଧନବାନ୍—
Sārtha 1. Rich; wealthy. ୨ । ଅର୍ଥଯୁକ୍ତ—2. Having meaning; significant. ୩ । ସଫଳ—3. Fruitful; crowned with success. ବ—(ସୃ. ଧାତୁ ଶିତ୍=ସାର ଧାତୁ=ଗମନ କରିବା + କର୍ତ୍ତୃ. ଅ)—୧ । ବାଣିଜ୍ୟକାରୀ; ବଣିକ୍—1. Merchant. ୨ । ବଣିକ୍‌ସମୂହ—2. A company of traders;a caravan of travelling traders. ୩ । ଜନ୍ତୁସଂଘ; ଜୀବସମୂହ (ଅମର)—3. A gathering or herd of animals. ୪ । ସମୂହ (ମେଦିନୀ)—4. A collection; multitude. ୫ । ସାଥୀ; ସଙ୍ଗୀ—5. Companion; attendant. ୬ । ସହଯାତ୍ରୀ—6. A fellow traveller. ବେ. ବଣ—ଶ୍ରେଷ୍ଠ—Best; most excellent. [ଦ୍ର—କୁରୁଶ୍ରେଷ୍ଠ ସରସ୍ୱତୀ ତୁଲ୍ୟ ତୀର୍ଥ, ସବୁ ତୀର୍ଥମାନଙ୍କେ ଅଟନ୍ତି ତ ସାର୍ଥ । କୃତ୍ତିବାସ. ମହାଭାରତ.
श्रेष्ठ
श्रेष्ठ
सार्थ ବଳ ।] ବ—ସାରଥି ନାମକ ବ୍ୟକ୍ତିର ଡାକ ନାମ—
Name for calling 'Sārathi'.

ସାର୍ଥକ—ସଂ.ବଣ (ସାର୍ଥ + କ)—୧ । ଅନ୍ୱର୍ଥ; ଅର୍ଥଯୁକ୍ତ—1. Significant. ୨ । ଅର୍ଥାନୁଯାୟୀ—2. Agreeing with the purport. । ଉଚ୍ଚାରଣରୁ ଅପେକ୍ଷା ନ କରି ଅର୍ଥବୋଧକାରକ (ଶବ୍ଦ) (ବିଶ୍ୱକୋଷ)—3. (Grammar) (a word) Which conveys a meaning without depending on any other word. ୪ । ସଫଳ; କୃତାର୍ଥ; କୃତକୃତ୍ୟ; ଯାହାର ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି—4. Crowned with success; successful; answering purpose. ୫ । ପ୍ରୟୋଜନୀୟ; ଆବଶ୍ୟକ; [ସାର୍ଥକତା(ତ୍ୱ), ସାର୍ଥକ୍ୟ—ବ] ଦରକାରୀ—5. Useful. ୬ । ଫଳଯୁକ୍ତ—6. Effectual. ବ—(ସାର୍ଥ + କ)—

Digitized by srujanika@gmail.com

ବଣିକମାନଙ୍କର ଅଧିନାୟକ—A leader or chief of merchants. ଦେ. ବ—୧ । ପ୍ରଶଂସାର୍ହ—
ସାର୍ଥକ 1. Praiseworthy. ୨ । ଉପ୍ସିତକାର୍ଯ୍ୟ—2. Beneficient. ୩ । ମୂଲ୍ୟବାନ୍—3. Valuable.

ସାର୍ଥକ କରିବା—ଦେ. କ୍ରି—କୃତାର୍ଥ କରିବା; ଉଦ୍ଦେଶ୍ୟ ସିଦ୍ଧ
Sārthaka karibā କରିବା—To have the ultimate purpose fulfilled. (ଯଥା—ମୁଁ
ସାର୍ଥକ କରନା ଅଖଣ୍ଡକୁ ଦେଖି ମୋ ନୟନ ସାର୍ଥକ ହଉ ।)

ସାର୍ଥକତା(ତ୍ୱ)—ସ୍ତ୍ରୀ. ବ—୧ । ସଫଳତା—1. Success; adapta-
Sārthakatā(twa) bility. ୨ । ଅର୍ଥାନୁଯାୟିତା—
2. The state of agreeing with the meaning. ୩ । ଉପଯୋଗିତା—3. Usefulness.

ସାର୍ଥକ ଜୀବନ—ସ. ବ (କର୍ମଧା)—ଯେଉଁ ଜୀବନର ଚରମ
Sārthaka jībana ଉଦ୍ଦେଶ୍ୟ ସିଦ୍ଧ ହୋଇଅଛି—
A life, the ultimate aim of which is fulfilled; a life which has attained its
(ସାର୍ଥକଜୀବନା—ସ୍ତ୍ରୀ. ବଣ) cherished object. ସ. ବହୁ. ପୁଂ (ବହୁବ୍ରୀ)—ଯେଉଁ ବ୍ୟକ୍ତି ଜୀବନରେ ଉଦ୍ଦେଶ୍ୟ-
ସାଧନରେ ସାର୍ଥ ହୋଇଅଛି—(a person) Who has attained success in life. ଦେ. ବ—୧ । ଯେଉଁ ଜୀବନ ଯତ୍ନର ଉପଯୋଗ ବା ପ୍ରତିପାଳନରେ ଲଗେ—1, A life of usefulness. ୨ ।
ସାର୍ଥକଜୀବନ **ସାର୍ଥକ ଜୀବନ** ମୂଲ୍ୟବାନ ଜୀବନ—
2. Valuable life.

ସାର୍ଥକନାମା—ସ. ବଣ. ପୁଂ (ବହୁବ୍ରୀ; ସାର୍ଥକ+ନାମନ୍ ୧ମା ୧ବ;
Sārthakanāmā ସାର୍ଥକ ହୋଇଅଛି ନାମ ଯାହାର)—
୧ । ନାମର ଉପଯୁକ୍ତ କାର୍ଯ୍ୟକାରୀ—1. Acting according to the significance of the name one bears. ୨ । ସତ୍କାର୍ଯ୍ୟ ଦ୍ୱାରା ପ୍ରସିଦ୍ଧନାମା—2. Made famous by one's good acts.

ସାର୍ଥପାଳ—ସ. ବ (ସାର୍ଥ+ପାଳ ଧାତୁ+କର୍ତ୍ତୃ. ଅ)—ବଣିକଦଳର
Sārthapāla ନେତା (ମାର୍କଣ୍ଡେୟପୁରାଣ)—Leader of a company of traders.

ସାର୍ଥବତ୍—ସଂ. ବଣ (ସାର୍ଥ+ବତ୍)—୧ । ଯଥାର୍ଥ (ବହୁକୋଷ)—
Sārthabat 1. Actual. ୨ । ଅର୍ଥଯୁକ୍ତ(ବହୁକୋଷ)—
2. Significant.

ସାର୍ଥବାହ—ସଂ. ବ (ସାର୍ଥ=ସମୂହ+ବହ୍ ଧାତୁ+କର୍ତ୍ତୃ. ଅ)—୧ ।
Sārthabāha ଦଳବଦ୍ଧ ହୋଇ ବାଣିଜ୍ୟ କରିବା ବଣିକ ଦଳ—1. A company of traders. ୨ । ଦଳବଦ୍ଧ ହୋଇ ବଦେଶକୁ ଯାଉ। କରୁଥିବା ବଣିକ୍‌ଦଳ—
2. A caravan of traders. ୩ । ପଥପ୍ରଦର୍ଶକ—3. Guide. ୪ । ବଣିକ୍—
(ସାର୍ଥବାହନ; ସାର୍ଥବାହ—ଅନୁରୂପ) 4. Trader.

ସାର୍ଥିକ(କା)—ସ୍ତ୍ରୀ. ବଣ (ସଂ. ସାର୍ଥିକ)—ସାର୍ଥକ (ବହୁଳ)—
Sārthika(kya) Sārthaka (See)
ସାର୍ଥକ ସାର୍ଥକ

ସାର୍ଥିକା—ସ୍ତ୍ରୀ. ବ (ସଂ. ସାର୍ଥିକ୍ୟ)—ସାର୍ଥକତା (ବହୁଳ)
Sārthiki Sārthakatā (See)
ସାର୍ଥକତା ସାର୍ଥକପଣ

ସାର୍ଦ୍ର—ସଂ. ବଣ—୧ । ଅର୍ଦ୍ରତାଯୁକ୍ତ (ପ୍ରାସୃଷ୍ଟିକ ଉଦ୍ଭ)—
Sārdra 1. Having moisture. ୨ । ଓଦା-
2. Moist.

ସାର୍ଦ୍ଧ—ସଂ. ବଣ (ସ+ଅର୍ଦ୍ଧ)—ଅର୍ଦ୍ଧସହିତ; ସାଢ଼େ; ଅଧେ ସହିତ—
Sārddha Plus one half; having a half over; together with half.

ସାର୍ଦ୍ଧଂ—ସଂ. ଅ—ସହିତ—
Sārddhaṁ With; along with.

ସାର୍ଦ୍ଧ ବର୍ଷ(ସମ୍ବତ୍ସର)—ସଂ. ବ—ଦେଢ଼ ବର୍ଷ—A year and
Sārddha barsha(saṁbatsara) a half.
[ଦ୍ର—ଏହିପରି ସାର୍ଦ୍ଧଦିନ, ସାର୍ଦ୍ଧମାସ ଆଦି ଜାଣିବ ।]

ସାର୍ଦ୍ଧବାର୍ଷିକ—ସଂ. ବଣ—୧ । (ସାର୍ଦ୍ଧବର୍ଷ+ଇକ) ଦେଢ଼ବର୍ଷକ୍ୟାପୀ-
Sārddhabārshika 1. Lasting a year and a half (M. W). ୨ । ଅର୍ଦ୍ଧବର୍ଷକ୍ୟାପୀ (ବହୁକୋଷ)—
2. Lasting half a year.

ସାର୍ଦ୍ଧଶତ—ସଂ. ବ. ଓ ବଣ (ସଂଖ୍ୟାବାଚକ)—ଦେଢ଼ ଶହ—
Sārddha śata One hundred and fifty.
[ଦ୍ର—ଏହିପରି ସାର୍ଦ୍ଧସପ୍ତଶତ, ସାର୍ଦ୍ଧଲକ୍ଷ, ସାର୍ଦ୍ଧ କୋଟି ଆଦି ଶବ୍ଦ ଜାଣିବ ।]

ସାର୍ପ—ସଂ. ବ (ସର୍ପ+ସ୍ୱାର୍ଥେ. ଅ)—୧ । ସର୍ପ; ସାପ (ବହୁକୋଷ)—
Sārpa 1. Serpent. ୨ । ଅଶ୍ଲେଷା ନକ୍ଷତ୍ର—
2. The 9th asterism. ସଂ. ବଣ—ସର୍ପସମ୍ବନ୍ଧୀୟ—Relating to snakes (M. W).

ସାର୍ପବିଦ୍ୟକ—ସଂ. ବଣ. ପୁଂ (ସର୍ପବିଦ୍ୟା+ଇକ)—ସର୍ପସମ୍ବନ୍ଧୀୟ
Sārpabidyika ବିଦ୍ୟା ବା ତତ୍ତ୍ୱରେ ପାରଙ୍ଗମ—
(ସାର୍ପବିଦ୍ୟକା—ସ୍ତ୍ରୀ) Versed in ophiology or snake-science (M. W).

ସାର୍ପିଷ—ସଂ. ବଣ (ସର୍ପିସ୍+ଅ)—ସର୍ପିଃ ସମ୍ବନ୍ଧୀ; ଘୃତସମ୍ବନ୍ଧୀ—
Sārpisha Relating to ghee. ବ—ସର୍ପିଃସଂସୃଷ୍ଟ ବସ୍ତୁ;
ଘୃତସଂସୃଷ୍ଟ ବସ୍ତୁ—An article mixed or seasoned with ghee.

ସାର୍ପିଷ୍କ—ସଂ. ବଣ (ସର୍ପିଃ+କ)—ସର୍ପିଃସଂସୃଷ୍ଟ; ଘୃତଦ୍ୱାରା ସଂସୃଷ୍ଟ—
Sārpishka Seasoned or mixed with ghee.

ସାର୍ପ୍ୟ—ସଂ. ବଣ (ସର୍ପ+ଯ)—ସର୍ପସମ୍ବନ୍ଧୀୟ (ବହୁକୋଷ)—
Sārpya Relating to snakes. ସ ବ—ଅଶ୍ଲେଷା ନକ୍ଷତ୍ର
—The 9th asterism.

ସାର୍ବ(ବ୍ବ)—ସଂ. ବଣ (ସର୍ବ+ଅ)—୧ । ସର୍ବସମ୍ବନ୍ଧୀୟ—1. Rela-
Sārba(rbba) ting to all. ୨ । ସର୍ବସହିତର—
2. Beneficial to all. ବ—୧ । ବୃକ୍ଷ (ବେପ୍ର-

Digitized by srujanika@gmail.com

ତନ୍) —1. The Buddha. ୨ । ଜନ; ବୌଦ୍ଧ ଯତି (ବୌଦ୍ଧଯତି) —2. A Buddhist recluse.

ସାର୍ବ(ର୍ବ)କାଳିକ - ବି. ବ୍ରୀ (ସର୍ବକାଳ + ସମ୍ବନ୍ଧେ ଇକ) —୧ । ସର୍ବ Sārba(rbba)kālika କାଳସମ୍ବନ୍ଧୀୟ—1. Relating to all time. ୨ । ସର୍ବଦା ସିଲବା (ବସ୍ତୁ)—2. Always available. ୩ । ଯାହା ସବୁ ଋତୁରେ ମିଳେ; ସର୍ବକାଲୋତ୍ପନ୍ନ—3. Produced in all seasons. ୪ । ସର୍ବକାଳରେ କରିବ୍ୟ—4. Performable in all seasons.

ସାର୍ବ(ର୍ବ)ଜନିକ —ବି. ବ୍ରୀ (ସର୍ବଜନ + ଇକ)—ସର୍ବଜନ ସମ୍ବନ୍ଧୀୟ— Sārba(rbba)janika Relating to all people; universal.

ସାର୍ବଜନୀନ—ବି. ବ୍ରୀ (ସର୍ବଜନ + ଦୃତ୍ତାର୍ଥେ. ଖନ) —୧ । ସମସ୍ତଙ୍କ Sārbajanina ପ୍ରତି ପ୍ରଯୋଜ୍ୟ—1. Universal. ୨ । (ସାର୍ବଜନ୍ୟ—ଅନ୍ୟରୂପ) ସାର୍ବଜନୀନ ପ୍ରେମ—2. Universal love. ୩ । ସର୍ବଜନ ହିତକର—3. Beneficial to all. ୪ । ସର୍ବସାଧାରଣଙ୍କ ହିତକର—4. Beneficial to the public; of public good. ୫ । ସର୍ବସାଧାରଣଙ୍କ ପ୍ରୟୋଜନୀୟ—5. Of public utility. ୬ । ସର୍ବଜନବିଦିତ—6. Universally renowned; of wide fame.

ସାର୍ବଜ୍ଞ(ଜ୍ଞ୍ୟ)—ବି. ବ (ସର୍ବଜ୍ଞ + ଭାବ ଅ; ଯ)—ସର୍ବଜ୍ଞତା; ସର୍ବଜ୍ଞର Sārbajña(jñīya) ଭାବ ବା ଅବସ୍ଥା—Omniscience.

ସାର୍ବତ୍ରିକ—ବି. ବ (ସର୍ବତ୍ର + ଇକ) —୧ । ସର୍ବତ୍ରବ୍ୟାପୀ— Sārbatrika 1. Pervading everywhere. ୨ । ସର୍ବତ୍ର ପ୍ରାପ୍ୟ—2. Available everywhere. ୩ । ସର୍ବତ୍ର ଉପଯୋଗୀ—3. Required everywhere; fit for all places.

ସାର୍ବଦେଶିକ—ବି. ବ୍ରୀ. (ସର୍ବ ଦେଶ + ଇକ) —୧ । ସର୍ବ ଦେଶ- Sārbadeśika ସମ୍ବନ୍ଧୀୟ—1. Relating to all countries. ୨ । ସାର୍ବତ୍ରିକ (ଦେଖ) —

2. Sārbatrika (See)

ସାର୍ବଧାତୁକ—ବି. ବ୍ରୀ. (ସର୍ବଧାତୁ + ଅଚ) —ସର୍ବଧାତୁସମ୍ବନ୍ଧୀୟ— Sārbadhātuka Relating to all metals.

ସାର୍ବବିଭକ୍ତିକ—ବି. ବ୍ରୀ (ସର୍ବବିଭକ୍ତି + କ) —ସର୍ବବିଭକ୍ତିସମ୍ବନ୍ଧୀୟ Sārbabibhaktika —Relating to all the grammatical cases.

ସାର୍ବବେଦ୍ୟ—ବି. ବ. ଅ (ସର୍ବ ବେଦ + ଜ୍ଞାତାର୍ଥେ. ଯ)—ସର୍ବବେଦଜ୍ଞ Sārbabedya ବ୍ରାହ୍ମଣ—A Brāhmaṇa versed in (ସାର୍ବବୈଦିକ—ଅନ୍ୟରୂପ) all the Bedas.

ସାର୍ବଭୌତିକ—ବି. ବ (ସର୍ବଭୂତ + ଇକ) —ସର୍ବଭୂତସମ୍ବନ୍ଧୀୟ— Sārbabhautika Relating to all beings.

ସାର୍ବଭୌମ—ବି. ବ୍ରୀ (ସର୍ବଭୂମି + ଅ) —୧ । ସର୍ବଭୂମି- Sārbabhauma ସମ୍ବନ୍ଧୀୟ—1. Relating to all lands. ୨ । ଜଗଦ୍ବିଖ୍ୟାତ; ସର୍ବତ୍ର ବିଦିତ— 2. Universally famous. ୩ । ବିଶ୍ୱବ୍ୟାପୀ— 3. Pervading the universe. ବ—୧ । ସମ୍ରାଟ୍; ଚକ୍ରବର୍ତ୍ତୀ; ସର୍ବଭୂମୀଶ୍ୱର; ନରପାଗ୍ରଣୀ—1. An emperor; a suzerein. ୨ । (ନାମ)ଉତ୍ତରଦିଗରକ୍ଷକ —2, The name of the mythological elephant guarding the north. [ତୁ—ଏ ଭୁବେଇଙ୍କ ନାମନ । ମୈନାକ ପର୍ବତର ପରବର୍ତ୍ତୀ ସିନ୍ଧୁ-ଶ୍ରମର ସମ୍ରାଟରରେ ଏ ବିଚରଣ କରୁଥିବା ବିଷୟ ପୁରାଣରେ ବର୍ଣ୍ଣିତ ହୋଇଅଛି ।] ୩ । ପଣ୍ଡିତମାନଙ୍କର ଉପାଧିବିଶେଷ—3. A tiltle of honour given to learned men.

ସାର୍ବଲୌକିକ—ବି. ବ୍ରୀ (ସର୍ବଲୋକ + ଇକ) —୧ । ସର୍ବଲୋକ- Sārbalaukika ସମ୍ବନ୍ଧୀୟ—1. Relating to all the Lokas. ୨ । ସର୍ବଲୋକ ବିଖ୍ୟାତ—

2. Universally famous.

ସାର୍ବି(ର୍ବେ)—ବୈଦେ. (ଇଂ) ପ୍ରାଦେ. (ଗଜ୍ଞାନ) ବ—ସର୍ଭେ— Sārbi(rbe) Survey.

ସାର୍ଷପ—ବି. ବ୍ରୀ (ସର୍ଷପ + ସମ୍ବନ୍ଧାର୍ଥେ. ଅ) —୧ । ସର୍ଷପସମ୍ବନ୍ଧୀୟ— Sārshapa 1. Relating to mustard. ୨ । ସର୍ଷପ-ଜାତ—2 Produced from mustard. ବ— ସର୍ଷପତୈଳ; ସୋରିଷତେଲ—Mustard oil.

ସାର୍ଷପ ତୈଳ—ବି. ବ—ସୋରିଷ ତେଲ— Sārshapa taila Mustard oil.

ସାର୍ଷ୍ଟି—ବି. ବ (ସ=ସହିତ + ଋଷ୍ଟି = ଐଶ୍ୱର୍ଯ୍ୟ) —ମୁକ୍ତିବିଶେଷ; Sārshṭi ଯେଉଁ ମୁକ୍ତିରେ ଭକ୍ତ ଈଶ୍ୱରଙ୍କ ପରି ଐଶ୍ୱର୍ଯ୍ୟଶାଳୀ ହୁଏ—A sort of salvation by attaining which the devotee attains Devine Grandeur or beatitude.

ସାର୍ଷ୍ୟ—ଗା. ବ—ଋଷି—Sage. [ଋ—ଦୁବାସା-ସାର୍ଷ୍ୟ କଣ୍ଡ- Sārsbya ଋଷି ଋଷି ଇତ୍ୟାଦି—ଅଥର୍ବ୍ୟ. ଜଦଦ୍ଧରନ୍ତ୍ୟାମଣି ।]

ସାଲ୍(ଲ)—ବୈଦେ. ବ (ଫା. ସାଲ୍)—୧ । ସନ; ଅବ୍ଦ; ବର୍ଷ— Sāl(la) 1. Year. ୨ । ବଙ୍ଗାବ୍ଦ; ଉତ୍କଳାବ୍ଦ; ଆକବର ସାଲ ସାଲ ବାଦ୍‌ଶାହଙ୍କ ପ୍ରବର୍ତ୍ତିତ ସନ—2. The Indian year calculated according to the orders of Emperor Akbar. ୩ । ଇଂରାଜୀବ୍ଦ—3. The English year. [ତୁ—ସନ ଉଣେ ଲୋକ୍ ଦେଶ] ୪ । (ଫା. ସାଲ୍; ତୁଳ. ସଂ. ଶାଲ) ଗୋଡ଼ ଢଙ୍କିବା ପାଇଁ ବ୍ୟବହୃତ ପଶମୀ ବସ୍ତ୍ର—4. Shawl. ବୈ. ବ—୧ । କଡ଼େଇଦ୍ୱାର କାଠରେ ଚଟାଣିକା ଲମ୍ବ ଛିଦ୍ର— 1. A long hole cut in a piece of wood, ୨ । ଅନ୍ୟ କାଠ ଖଣ୍ଡିକା ପାଇଁ କାଠରେ ଖୋଳାଯିବା କଣା—2. Mortise.

Digitized by srujanika@gmail.com

ସାଲ୍‌ଠା—ଦେ· ବ—କାଲ ବୁଣିବା ସାଇଁ ଏକାଧିକ ଶିଅରେ ବଙ୍ଗା ବା ବଳା ଯାଇଥିବା ସୂତା—The string made up of several threads by twisting them together. [ଦ୍ର—ପ୍ରଥମେ ଏକାଧିକ ଶିଅକୁ ବଳ ସାଲ୍‌ଠା କାଟନ୍ତି । ଗୋଟିଏ ସାଲ୍‌ଠାକୁ ଦୁଇ ଖଣ୍ଡିଣି କରି ବଳ ଦୋଇଥିବା ପ୍ରସ୍ତୁତ କରନ୍ତି ।]

Sāl-ṭā ସୂତୁଳି ପାଟ

ସାଲ୍‌ସେଟ୍—ଦେ. ବ (ନାମ)—ବୋମ୍ବାଇ ରାଜ୍ୟର ଥାନା ଜିଲ୍ଲାର ଗୋଟିଏ ତାଲୁକ ଓ ବୋମ୍ବାଇ ସହରର ଉତ୍ତର ଦଗରେ ଥିବା ଗୋଟିଏ ଦ୍ୱୀପ—Name of an island and a subdivision of the Thana district of the Bombay presidency; Salsette. [ଦ୍ର—ଏ ଦ୍ୱୀପ ବୋମ୍ବାଇ ନଗର ସହିତ ଗୋଟିଏ ସେତୁଦ୍ୱାର ସଂଯୁକ୍ତ । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପର୍ତ୍ତୁଗୀଜ୍‌ମାନେ ଏହାକୁ ଅଧିକାର କରିଲ ଏବଂ ଏହାକୁ ପର୍ତ୍ତୁଗାଲର ସମ୍ରାଟ୍ ତାଙ୍କ ଜାମାତା ଇଂଲଣ୍ଡର ରାଜା ଦ୍ୱିତୀୟ ଚାର୍ଲ୍‌ସଙ୍କୁ ଯୌତୁକ ଦେଲେ । ପର୍ତ୍ତୁଗୀଜ୍‌ମାନେ ୧୬୭୨ ଖ୍ରୀଷ୍ଟାବ୍ଦରେ ଏ ଯୌତୁକକୁ ସ୍ୱୀକାର କରିଲା ନାହିଁ କିନ୍ତୁ ୧୬୩୯ରେ ମହାରାଷ୍ଟ୍ରୀୟମାନେ ସୀଣ୍ଡଲ ପର୍ତ୍ତୁଗୀଜ୍‌ମାନଙ୍କୁ ପରାସ୍ତ କରି ଏ ଦ୍ୱୀପ ଦଖଲ କଲେ ଓ ୧୭୭୧ରେ ଇଂରେଜମାନେ ଏ ଦ୍ୱୀପକୁ ଅକ୍ରମଣ କରି ଜୟ କଲେ । ପରେ ୧୭୮୩ ସାଲର ସନ୍ଧିଦ୍ୱାରା ଏହା ଇଷ୍ଟ୍ ଇଣ୍ଡିଆ କମ୍ପାନୀଙ୍କ ସ୍ୱତ୍ୱଭୁକ୍ତ ହେଲା । ଏଠାରେ ଅନେକଗୁଡ଼ିଏ ହିନ୍ଦୁ ଓ ବୌଦ୍ଧକୀର୍ତ୍ତିର ଧ୍ୱଂସାବଶେଷ ଅଛି । ଏ ଦ୍ୱୀପରେ ଥିବା ଠାଣାଗଡ଼ର ଉଚ୍ଚତା ୧୫୩୦ ଫୁଟ୍ । ଏ ପବ୍ବତର ଗୁମ୍ଫାରେ ଅନେକଗୁଡ଼ିଏ ପ୍ରାଚୀନ ଲିପି ଅଛି । ଠାଣାନଗର ଏ ସବ୍‌ଡିଭିଜନର ସଦରଧାନା—ବୃଷକୋଷ ।]

ସାଲ—ବେବେଦେ. ବ—୧ । ସାଲ୍ (ଦେଶ)—1. Sāl (See) Sāla ୨ । ଶାଳ (ଦେଶ)—2. Śāla (See)

ସାଲ ଛେଦ୍ ଦେ. ବ—ଲମ୍ବ ଚାଠର ବା ଘନେଲ କାଠ ଅଧ (ବୃତ୍ତାଂଶ)ର ଛିଦ୍ର (ଛିଦ୍ର)ରେ ଭରଡ଼ି କରିଥିବା ସାଇଁ ଅଡ଼କାଠ (ଅଡ଼ଆ)ର ଅଟରେ ପେଞ୍ଚି ସରୁ ଅଂଶ ଉଡ଼ା ଯାଇ ଛଅର କରିଥାଏ—Tennon; a thin projection made at the end of piece of wood inserted into the socket or mortise of another piece in a panelled door.

ସାଲ—ସଂ· ବ (ସଲ୍ ଧାତୁ=ଗତି ଦେବା+କର୍ତ୍ତରି. ଅ)—୧ । ଶାଳ ୪ (ଦେଶ)—1. Śāla 4 (See) ୨ । ଶାଳ ୫ (ଦେଶ)—2. Śāla 5 (See) ୩ । କାନ୍ଥ; ପ୍ରାଚୀର; ପ୍ରାଚୀର (ମେଦଙ୍ଗ)—3 A wall. ୪ । ବୃକ୍ଷ—4. Tree. ୫ । ଶାଳ ୧ (ଦେଶ)—5. Śāla 1 (See). ୬ । ରାଳ; ଧୂନା (ରାଳକର୍ପୂର)—6. Resin.

ସାଲ ଆଖର(ରି)—ବୈଦେ. ବ (ଫା· ସାଲ୍+ଅଖୀର୍)—ବର୍ଷର ଶେଷ—The end of a year.

Sāla ākhara(ri) ସାଲ ତାମାମି ସାଲ ଆଖରୀ

ସାଲଳ—ସଂ. ବତ (ସ୍ତ୍ରୀ) (ସନ୍ଦାର୍ଥ. ବହୁଗୁଚ୍ଛ; ସ+ଅଳକ)—ଅଳକଯୁକ୍ତ ଅଳଙ୍କୃତ—Adorned with locks of hair (M. W.).

Sālaka (ସାଳକା—ସ୍ତ୍ରୀ)

ସାଳଂକାର—ସଂ. ତତ (ବହୁଗୁଚ୍ଛ, ସ+ଅଳଙ୍କାର) —ଅଳଙ୍କୃତ—Ornamented; decorated.

Sālaṁkāra (ସାଳଙ୍କାର—ସ୍ତ୍ରୀ)

ସାଳଂକାର ରୀତି—ସଂ. ବ—୧ । ସୂଚ ୧୨ (ଦେଶ)—Rīti 12 Sālaṁkāra rīti (See) [ଦ୍ର—ଚମତ୍କାରଜନିତ ସହଯୁକ୍ତ ସାଳଙ୍କାର ସ୍ୱରୂପ ଉଦାହରଣ ଅଟେ । ଯଥା—

ଶ୍ରବଣେ ଦୋଳଇ କୁଣ୍ଡଳ, ଦୋଳେ ଗାଳ ଅଳକ,
ଲକ୍ଷଣ୍ୟ ଦର୍ପଣ ସମ୍ବେ ଝଲେ ଗଣ୍ଡ ଫଳକ ।
ଅର୍ଦ୍ଧେନ୍ଦୁ ଲଲାଟେ ସିନ୍ଦୂର ଭନ୍ଦୁ ରସଇ ଥଣି,
ନୁଦୁଇ ସିନ୍ଦୂର, ରହିଛ ସ୍ୱଚ୍ଛ-ଦୁଃସ୍ୱେ ଲଗି ।
ଦଶନ ଥଂଶୁକ ସିଣଇ ନାଶାବଣି-ଅଂଶୁକେ,
ମୁକ୍ତମଦ ଭଦ୍ର ସୁନ୍ଦର ଶୋରେ ଗୁରୁଚରୁକେ—
ରଘାନାଥ· ଚନ୍ଦ୍ରଭଗା ।]

ସାଲଗମ—ଦେ.ବ (ଏଥିର ମୂଳ ଶାଳଗ୍ରାମଶିଳା ଗୋଲ ଥିବାରୁ)-ଏକ ପ୍ରକାର ଗୋଲ ମୂଳା—Turnip; Brassica Napa; Brassica Compestrus. [ଦ୍ର—ଏହାର ମୂଳ ଖାଇବାକୁ ଓ ଗୋଲ । ବର୍ତ୍ତମାନ ଏ ଦେଶରେ ଶୀତ ଋତୁରେ ଏହାର ଗୃହ ହୁଏ ।]

Sālagama ସାଲଗମ ସଲଗମ

ସାଲଙ୍ଗ(ଗ)—ସଂ.ବ (ସଲ୍ ଧାତୁ+କର୍ତ୍ତରି ଅଙ୍ଗ;ଅଗ)—ହିନ୍ଦୁ ସଙ୍ଗୀତର ପ୍ରକାର-ଭେଦ—A class of musical tune in Hindu music. [ଦ୍ର—ଏହା ଅନ୍ୟ ରାଗ ସହିତ ମିଶ୍ରିତ ନ ହୋଇ ସ୍ୱୟଂ ରାଗର ଅଙ୍ଗସ୍ୱରୂପ ହୁଏ—ବୃଷକୋଷ]

Sālaṅga(ga)

ସାଲତମାମି—ବୈଦେ· ବ(ଫା)—୧। କୌଣସି ସନର ବା ବର୍ଷର ଶେଷ ହିସାବ ବା ବିବରଣ—1. Annual accounts, returns and statements.

Sālatamāmi ସାଲତମାମି

[ଦ୍ର—ଗଲ୍ପ ଅଙ୍କ ପାଞ୍ଚିଆ ପେ ସାଲ ତମାମି ବାଗଲ କରିଥିଲ × × × × ଫଙ୍କରମୋଦ୍ଦନ. ବ୍ରାହ୍ମଣ ଅଠଗୁଣ] ୨ । ସନର ଅଖର—2. The end of a year.

ସାଲତି—ସ. ବ—(ସାଳ+ତି)—ଶାଳତି (ଦେଶ)—Śālati Śālati (See)

ସାଲ ଦୋସାଲ(ଲା)—ବୈଦେ· ବ (ଫା) (ସହରର ଶବ୍ଦ)—୧ । ସାଲ ଓ ଦୋସାଲ—1. A single shawl and a double shawl. ୨ । ବହୁମୂଲ୍ୟ ଶୀତବସ୍ତ୍ର—2. Rich winter clothing or wrapper.

Sālá dosāla(lā) ସାଲଦୋ(ତୁ)ସାଲା

ସାଲ ଧୁ(ଧୋ)ଲ(ଲେ)ଇ— ବୈଦେ ବ(ଫା)—ସଇଲ ଦୋଇଥିବା ସାଲକୁ Sāla dhu(dhō)lā(le)i ପରଷ୍କାର କରିବା ପାଇଁ ସାବୁନ ଆଦ ସାଲଧୁଲାଇ **ସାଲକୀଧୁଲାଇ** ଦେଇ ଧୋଇବା—Washing of a shawl for cleansing it of dirt.

ସାଲନ୍—ବୈଦେ· ବ—୧। (ଅ) ଖାଦ୍ୟାର୍ଥ ବ୍ୟବହୃତ ଜୀବମାଂସ Sālan 1. Animal meat used for food. ୨। ସାଲନ୍ **ସାଲନ** (ଇଂ; ଫ୍ରେଞ୍ଚ-ଚାଲ୍ଲେଁ Chalon. Sur Marne—ଫ୍ରାନ୍ସର ଏକ ନଗରର ନାମ; ଏହା ପ୍ରଥମେ ଜ୍ରକ୍ସ ନଗରରେ ବୁଣା ଯାଉ ଥିବାରୁ)—କୋଟ୍ ତଳେ ପିନ୍ଧିବା ପାଇଁ ବ୍ୟବହୃତ ଏକ ପ୍ରକାର ପତଳା ପଶମ କନା—2. Shalloon; a light kind of woolen stuff for coat-lining.

ସାଲନ—ଫ. ବ—(ସାଲ+ନ)—ସର୍ଜରସ; ଝୁଣା— **Sālana** Resin.

ସାଲ ନିର୍ଯାସ—ଫ. ବ—ସର୍ଜରସ; ଝୁଣା— Sāla nirjāsa Resin.

ସାଲନ୍ଦୀ—ଦେ. ବ (ନାମ)—ବାଲେଶ୍ୱର ଜିଲ୍ଲାର ଭଦ୍ରକର ନିକଟ- Sālandī ବାହୁଣ କ୍ଷୁଦ୍ର ନଦୀ—Name of a small river passing by the town of Bhadrak in Balasore. [ଦ୍ର—ଏ ନଦୀ ମୟୂରଭଞ୍ଜର ମେଘାସନ ପର୍ବତରୁ ବାହାର ବାଲେଶ୍ୱର ଜିଲ୍ଲାରେ ବୈତରଣୀ ନଦୀରେ ମିଶି ବଙ୍ଗୋପସାଗରରେ ପଡିଅଛି। ବାଲେଶ୍ୱରର ବାଜପୁର ଠାରେ ଏ ନଦୀର ଶଯ୍ୟା ପ୍ରସ୍ତରମୟ ଓ ଏ ଶଯ୍ୟାର ନାମ ସୀତାକୁଣ୍ଡ। ଉଦ୍ରଖ ନଦୀରେ ଏହାର ଦୁଇ କୂଳର ମୃତ୍ତିକା ଅତ୍ୟନ୍ତ ଜଳର ଦୋଇ ଥିବାରୁ ସେଥିରେ ପ୍ରଚୁର ପରିମାଣ ଶସ୍ୟ ଜନ୍ମେ। ଅନନ୍ତ ମହାଦେବ; ଉଦ୍ରକାଳୀ ଓ ଦୟା ନାମକ ଗ୍ରାମର ନାୟିକା ଦେବୀ ସାଲନ୍ଦୀ କୂଳର ପ୍ରଧାନ ଦେବତା। ସାଲନ୍ଦୀ ଓ ବୈତରଣୀର ସଙ୍ଗମ ସ୍ଥଳରେ ଅଷ୍ଟକୂଳ ମଣ୍ଡି ବା ଅରଡ଼େଶ୍ୱର ନାମକ ମହାଦେବ ବିରାଜିତ। ଏ ନଦୀ ଉପରେ ଉଦ୍ରଖ ନଈଗୁଡ଼ି ଅବସ୍ଥିତ। ଉଦ୍ରଖ ଷ୍ଟେସନ୍ ଠାରୁ ଉଦ୍ରଖ ସହରକୁ ଯିବାବେଳେ ଏହା ଉପରେ ନିର୍ମିତ ସୁଦୃଢ଼ ଖୋଲ ଉପରେ ଦଇର ପ୍ରସ୍ତୁତ ଯାତାୟାତ କରେ।

ସାଲପ୍—ବୈଦେ. ବ (ଇଂ)—ସାଲ୍ପ୍ (ଦେଶ)— Sālap Sālup (See)

ସାଲପଣୀ(ଣି)—ଦେ. ବ—(ଫ.ଶାଲପର୍ଣ୍ଣୀ)—ଶାଲପର୍ଣ୍ଣୀ (ଦେଶ) **Sālapaṇī(ṇi)** Śālaparṇṇī (See) ସାଲପାଣି **ସାଲପଣି**

ସାଲପର୍ଣ୍ଣୀ—ଫ. ବ—ଶାଲପର୍ଣ୍ଣୀ (ଦେଶ)— Sālaparṇṇī Śālaparṇṇī (See)

ସାଲପା—ଦେ. ବ—ସର୍ଦ୍ଦପ (ଦେଶ)— Sālapā Sardapa (See)

ସାଲ ପୁଷ୍ପ—ଫ. ବ—ସ୍ଥଳପଦ୍ମ (ଶବ୍ଦଚନ୍ଦ୍ରାବଳୀ)— Sāla pushpa Hibiscus Mutabilis.

ସଲ ବରସାଲ—ବୈଓଦ· ଅ (ଫା)—୧। ପ୍ରତିବର୍ଷର; ପ୍ରତିବର୍ଷ.— Sāla barasāla 1. Every year. ୨। ଯଥାବର୍ଷେ ଫିସାଲ **ସାଲସାଲ** ପ୍ରତିବର୍ଷ—2. Year after year.

ସାଲ(ଲି)ବାହନ—ଫ. ବ—ଶାଳବାହନ ରାଜା (ଶବ୍ଦକଳ୍ପଦ୍ରୁମ)— Sāla(li)bāhana King Śālibāhana (M, W)

ସାଲ ବନ୍ଧ—ଦେ· ବ (ବଢ଼େଇଙ୍କ ବ୍ୟବହୃତ ଅଟେଙ୍କିକ ଶବ୍ଦଦ୍ୱୟ)— Sāla bindha ଘରଖମ୍ଭର ସହିତ ଯୋଡ଼ାଯିବା କାଠ ଦ୍ୱୟ **ସାଲଛାଁଦା** **ଚଲଚ୍ଛିଦ** ପୁରୁ ଗୋଟିଏ କାଠ (ଅଡ଼ୁଆ)ର ଅଗରେ ଚଞ୍ଚା ଦେବା ସରୁ ଅଂଶ (ସାଲ) ଓ ଅନ୍ୟ କାଠ(ବୁରୁଧୁ)ର ଅଟେ କଣା ଦେବା କଣା (ବନ୍ଧ)— Tennon and mortise.

ସାଲବେଗ—ଦେ. ବ· (ନାମ)—ସପ୍ତଦଶ ଶତାବ୍ଦୀର ଓଡ଼ିଆ କବି ବିଶେଷ Sālabega —Name of a Mahomedan poet of the 17th century who was converted into Baishṇabism after-wards and wrote many Oriya poems. [ଦ୍ର—ଏ ମୁସଲମାନ୍ ଥିଲେ। ପରେ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇଥିଲେ। ଏହାଙ୍କ ରଚିତ ରାଧାକୃଷ୍ଣ ପ୍ରେମଗର୍ଭକ ସଙ୍ଗୀତ ବଡ଼ ସରସ ଓ ମଧୁର। (ବିଦ୍ୟାଦିକ. ଜ୍ଞାନଲ ସାହିତ୍ୟର ଇତିହାସ।) ସାଲବେଗ ପୁଷ୍ପ ସହରର ବଡ଼ଦାଣ୍ଡ ଶାଖରେ ଯେଉଁଠାରେ ବସି ଭଜନସାଧନ କରୁଥିଲେ ସେ ଠାରେ ସ୍ୱର୍ଗୀୟ ରାସ୍ତବାହାଦୁର ବୃନ୍ଦାବନ ରାସ୍ତରେଚନ୍ଦ୍ର ମହାଶୟ ଶଣ୍ଡେ ମଣ୍ଡପ ତୋଳାଇ ଦେଇଅଛନ୍ତି।]

ସାଲ ବେଷ୍ଟ—ଫ· ବ—ଧୂନଚ; ଝୁଣା (ଶବ୍ଦଚନ୍ଦ୍ରାବଳୀ)— Sāla beshṭa Resin.

ସାଲ ବୋଟ୍—ବୈଦେ·ବ (ଇଂ. ସାଲ୍ଭର୍)—ଫନ୍ଦ ନ ଥିବା ରେକାବ Sāla boṭ ସାଲ ବୋଟ୍ **ସାଲଭର** A salver.

ସାଲ ଭଞ୍ଜି(ଞ୍ଜୀ)—ଫ. ବ—ଶାଲଭଞ୍ଜି (ଦେଶ) Sāla bhañji(ñjī) Śāla bhañji (See)

ସାଲମ୍ ମିଛ୍ରି(ଶି)— ବୈଦେ· ବ (ଅ. ସାଲବ ମିଶ୍ରର; ଫ. ସାଲମ Sālam michhi(śi)ri କନ)—ସାଲମ କନ; ଉପଜ ମିଷ୍ଟ- [ସାଲମ ମିଛ୍ରି(ଶ୍ରି)—ଅନୁରୂପ] ରସ ଶାକ କନ ବିଶେଷ; ରସ୍ନାଦ ସାଲମ ମିଛିରି ବର୍ଗର ଶାକର କନ—A medicinal root; **ସାଲମ ମିଶ୍ରୀ** Orchis Mascula; Eulophia Comp- [ଫ. ନାମ—ସାଲମ କନ, ସ୍ୱଧାମୂଳୀ, estres. [ଦ୍ର—ଏହା ଭୂମି ଅନୁତୋଳୀ, ସାରକନ୍ଦା] ଚାରସ୍ୟ ଓ ଅଫଗାନ ସ୍ଥାନରେ ଜନ୍ମେ। ଏହା ଉପଜ ମିଷ୍ଟ ଓ ରସାୟନ। <ହା ପିଅଜ ଜାତୀୟ ଭୂମି; ଭିତରେ ଦେହ ଫୁଙ୍କ କଡ଼େ। ଏଥିର ଚାରି ପିଅଜ ପତ୍ର ପରି ଓ ମୂଳରୁ ଗୋଟିଏ କାଣ୍ଡ ବାହାରି କାଣ୍ଡର

Digitized by srujanika@gmail.com

ଅଗରେ ଫୁଲ ସେନ୍ତା ଢୋଇ ଫୁଟେ । ଏଥିର ମୂଳ (ଜଡ଼) ତେଉଟା, ଧଳା ଓ ଦଲଦଆ । ଏଥିର ଗନ୍ଧ ରେଉଚର ଗନ୍ଧ ଧର । ଏଡ଼ା ଖାଇବାକୁ ନାଜୁ । ଲଗେ ।

ବୈଦ୍ୟଶାସ୍ତ୍ର ଅନୁସାରେ ସାଲମ କନ୍ଦ ମଧୁର ଉତ୍ତ ରସ୍ତୁ, ସ୍ତମ୍ଭକାରକ, ଶୁକ୍ରାଦ ଧାତୁବର୍ଦ୍ଧକ, ଉତ୍ତେଜକ, ଗୁରୁପାକ, ପିତ୍ତ, ମେଦ ଓ ରକ୍ତ ବିକାରର ଉପକାରକ ।

ଏହ ପ୍ରକାର ବହୁତ ଜାତିସ୍ୱ ସାଲମ ମିଶ୍ରି ଉତ୍ତର ଭାରତରେ ଜନ୍ମେ ।]

ସାଲମା—ଦେ. ବ – ବରଫୋଳ ପର ଏକପ୍ରକାର ଫଳ—
Sālamā — A kind of berry.
ପ୍ରାଦେ· (ବାଲେଶ୍ୱର) ବ—ଅମ୍ବଡ଼ା—Hog plum.

ସାଲର୍ ଜଙ୍ଗ—ଦେ. ବ—ସର୍ ସାଲର୍ ଜଙ୍ଗ; ନେପାଳର ପ୍ରସିଦ୍ଧ
Sālar jang ସ୍ୱର୍ଗୀୟ ପ୍ରଧାନ ମନ୍ତ୍ରୀଙ୍କ ନାମ—The late
ସାଲର୍ ଜଙ୍ଗ୍ celebrated minister of the Nepal
ସାଲର ଜଙ୍ଗ State.

ସାଲ ରସ—ସ. ବ—ଧୂନା (ହିଁ. ଶ)—
Sāla rasa — Resin.

ସାଲଶ୍ (ଇତ୍ୟାଦ) – ବୈଦେ· ବ—ସାଲିଶ୍ ଇତ୍ୟାଦ (ଦେଖ)
Sālaś (etc) — Sāliś etc. (See)

ସାଲଶି—ବୈଦେ, ବଣ ଓ ବ (ଅ)—ସାଲିଶି (ଦେଖ)
Sālaśi — Sāliśi (See)

ସାଲ ଶୃଙ୍ଗ—ସ. ବ—ପ୍ରାଚୀରଯୁକ୍ତ—
Sāla śṛuṅga — The top of a compound-wall.

ସାଲସା—ବୈଦେ. ବ (ପର୍ତ୍ତୁ. ସାଲ୍‌ସା; ଇଂ. ସାର୍‌ସା)—
Sālasā — ରକ୍ତ ଶୋଧକ ବୃକ୍ଷ ଜାତିୟ ଔଷଧ ବିଶେଷ—
ସାଲସା ସାଲସା — Sarsaparilla.

ସାଳା—ସ. ବ (ସାଳ=ପ୍ରାକାର ଅଛୁ ସହିତରେ, ଏହ ଅର୍ଥରେ+ଅ+
Sāḷā — ଆ; ବିଶ୍ୱକୋଷ)—ଶାଳା; ଗୃହ (ଉତ୍ତର)—
(ଶାଳା—ଅନ୍ୟରୂପ) — House.

ସାଳ—ସ· ବ—ସାଳା (ଦେଖ)
Sāḷā — Sāḷā (See)
ଦେ. ବଣ—ସାଲିଆ (ଦେଖ)—Sāliā (See)
ପ୍ରାଦେ· (ଗଞ୍ଜାମ) ବ—ସାହାଳ (ଦେଖ)
Sāhāḷā (See)

ସାଳାକରି—ସ. ବ· ସ୍ତ୍ରୀ—ଯୁଦ୍ଧରେ ପରାଜିତା ନାରୀ (ଶବ୍ଦ କଳ୍ପଦ୍ରୁ)-
Sāḷākarī — A woman vanquished in battle.

ସାଳା(ଳା) ତୁରିୟ—ସ· ବ—ପାଣିନି ମୁନି (ସଂସ୍କୃତଜ୍ଞ)—
Sāḷā(lā)turiya — The great Sanscrit grammarian Pāṇini.

ସାଳୁଦ—ବୈଦେ. ବ (ଇଂ·ସାଲଡ୍)—ସଲୋଜ (ଦେଖ)
Sāḷāda — Saloja (See)

ସାଲ୍ଲନା—ବୈଦେ· ବଣ (ପ ାଲ୍ଲନା)—ବାର୍ଷିକ—
Sāḷānā ସାଲାନା ସାଲାନା — Annual.
ବ—ବାର୍ଷିକ ଦେୟ—Annual grant or due.

ସାଲା(ଳ)ବୃକ—ସ· ବ—୧ । କୁକୁର—1. Dog. ୨ । ମେଣ୍ଢା
Sāḷā(la)bṛuka (ଦ୍ୱ. ସ)—2. Ram; sheep. ୩ ।
(ଶାଳା ବୃକ—ଅନ୍ୟରୂପ) ଶୋକଶିଆଳ (ଦ୍ୱ. ଶ)—3. Fox.
୪ । ଶୃଗାଳ (ବୃହତ୍‌କୋଷ)—4. Jackal.

ସାଲାର—ସ. ବ (ସାଲ୍ + ଘ ଧାତୁ + ଅଣ୍, ଅ)—ଦ୍ରବ୍ୟ ରଖଣ.ର୍ଥ
Sālāra ଉପଯୁକ୍ତ ସ୍ଥାନରେ; କାନ୍ଥରେ ମଧ୍ୟ ପାଇଥିବା କାଠି (ଶବ୍ଦ କଳ୍ପଦ୍ରୁ,ମ);
ନଗଦନ୍ତୁକ—Peg driven into a wall for putting or hanging articles.

ସାଲି—ଦେ. ବ (ବଣିଆ ଶବ୍ଦ)—ଗୋଟିଏ ମୁଣ୍ଡ ମୁକୁଆଁ ଓ ଅନ୍ୟ ମୁଣ୍ଡ
Sāli ଲମ୍ବରୁଣୀ ଧାଡ଼ ପର ତେପ୍ତା ଢୋଇଥିବା ଲୁହା ଚାଇର ଚଟ୍ଟାଥର ବିଶେଷ—An iron instrument used by goldsmith having one end sharp-pointed and the other end with flattened edge.

ସାଲିଆ—ବଦ. ବଣ (ଅନ୍ୟ ସଂଖ୍ୟାବାଚକ ଶବ୍ଦ ପରେ ବ୍ୟବହୃତ
Sāliā ଦ୍ରବ)—୧ । ବର୍ଷୀୟ; ସାଲ ବା ବନ ସମ୍ବନ୍ଧୀୟ—
ସାଲେର 1. Relating to year. ୨ । (ବୟସ) ବର୍ଷ ବୟସ୍କ
ସାଲକା 2. Aged so many years. (ଯଥା—ଉଣ ସାଲିଆ ବାଛୁରୀ ।) ୩ । ଏତେ ବର୍ଷ ସବାଗେ ଉତ୍ପାଦିତ ଥିବା—3. Done for a period of so many years. (ଯଥା—ଦଶ ସାଲିଆ ବଦୋବସ୍ତ ।) ୪ ।
ପେଡ଼େ ଧାରଦାର—4. (cloth) Having fringe or
କୋରଦାର border. (ଯଥା—ଘାଟ ସାଲିଆ ଧୋତି ।)

ସାଲିଆନା—ବୈଦେ. ବଣ (ଫା·ସାଲିନା)—ବାର୍ଷିକ—Annual. ବ—
Sāliānā ୧। ବାର୍ଷିକ ବଦ୍ଧ ଦେୟ ବା ପ୍ରାପ୍ୟ—1. Annual
ସାଲିଆନା due or payment. ୨ । ବାର୍ଷିକ ବୃତ୍ତି—
ସାଲିଆନା 2. Annual grant; annuity.

ସାଲିଆନା ଖଜଣା—ଦେ. ବ—ବାର୍ଷିକ ଦେୟ ଧାର୍ଯ୍ୟୀକୃତ ଖଜଣା—
Sāliānā khajaṇā — Fixed annual rent,
ସାଲିଆନା ଖାଜନା ସାଲାନା ଖଜାନା

ସାଲିଆନା ଖଞ୍ଜା—ଦେ. ବ—ଖଇରାତ ବା ଦେବତେବା ପାଇଁ
Sāliānā khañjā ଉତ୍ସର୍ଗୀକୃତ ବାର୍ଷିକ ଦେୟ ଧନ—
ସାଲିଆନା ବରାଦ Amount fixed to be paid annually
ସାଲାନା ବନ୍ଧା for some religious or charitable purpose.

ସାଲିଆନାଦାର୍—ବୈଦେ. ବ (ଫା)—ତତ ବାର୍ଷିକବୃତ୍ତି ଭୋଗ
Sāliānādār ଜରୁଥାଏ—One who enjoys an
ସାଲିଆନାଦାର ସାଲିୟାନାଦାର annuity.

ସାଲିଉଟ୍—ବୈଦେ· ବ (ଇଂ)—ଅଧସ୍ତନ ବ୍ୟକ୍ତିଙ୍କର ଉପରସ୍ଥ ବ୍ୟକ୍ତିଙ୍କୁ
Sāliuṭ ସମ୍ମାନ ଦେଖାଇବାଇଁ କରିବା ସଲ୍ୟୁଟ—Salute
(ସାଲ୍ୟୁଟ୍—ଅନ୍ୟରୂପ) (of an inferior to a
ସ୍ୟାଲ୍ୟୁଟ୍ ସେଲୁଟ superior.)

Digitized by srujanika@gmail.com

ସାଲବାହନ (ଇତ୍ୟାଦି)—ସଂ· ବ (ନାମ)—ଶାଳବାହନ ଇତ୍ୟାଦି
Sālibāhana (etc) (ଦେଶ)—Śālibāhana etc. (See)

ସାଲମକନ୍ଦ—ସଂ· ଉ—ସାଲମ୍ ମିଛରି (ଦେଶ)
Sālimakanda Sālam michhiri. (See)

ସାଲିଶ୍—ବୈଦେ· ବ (ଅ. ସାଲିସ୍)—୧ । ବିବାଦରେ ମଧ୍ୟସ୍ଥ—
Sālis 1. An umpire. ୨ । ଯେ ଅଗୋଷ୍ଠିରେ ବିବାଦ
ସାଲିଶ୍ ମୀମାଂସା କରିବା ପାଇଁ ଉଭୟପକ୍ଷଙ୍କ ଦ୍ୱାରା ଉଲ୍ଲେଖିତ
ସାଲସ ବ୍ୟକ୍ତି ହୋଇଥାଏ—2. Arbitrator appointed by parties to a dispute.

ସାଲିଶ୍ କରିବା—ଦେ· କ୍ରି—୧ । ଦୁଇ ବିପକ୍ଷଦଳ ନିଜ ନିଜ ମଧ୍ୟରେ
Sālis karibā ଉଲ୍ଲେଖିତ ଦ୍ୱାରା ବିବାଦ ମୀମାଂସା କରାଇବା—
ସାଲିଶ୍ କରା 1. To have a dispute between two
ସୁଲହ rival parties settled through an umpire.
୨ । ବିବାଦରେ ମଧ୍ୟସ୍ଥତା କରିବା—2. To arbitrate in a dispute.

ସାଲିଶ୍ ନାମା—ବୈଦେ· ବ (ତତ୍ପୁ ଷ) (ଅ)—୧ । ଅଗୋଷ୍ଠିରେ
Sālis nāmā ମଧ୍ୟସ୍ଥଙ୍କଦ୍ୱାରା ମୀମାଂସା ହେବା ବିବାଦର ଉଭୟ
ସାଲିଶ୍ନାମା ପକ୍ଷଙ୍କ ସ୍ୱୀକୃତ ସର୍ତ୍ତମାନ ଯେଉଁ ଦଲିଲରେ
ସୁଲହନାମା ଲେଖାଯାଏ—1. A document signed by both parties and containing the terms of an arbitration. ୨ । ସାଲିଶ୍ ଫଇସଲା (ଦେଶ)—2. Sālis phisalā. (See)

ସାଲିଶ୍ ଫଇ(ଏ)ସଲା—ବୈଦେ· ବ (ତତ୍ପୁ ଷ) (ଅ)—ମଧ୍ୟସ୍ଥମାନଙ୍କର
Sālis phai(e)salā ବିବାଦ ନିଷ୍ପତ୍ତି ଉପଯୁକ୍ତ ସ୍ୱତ—Judge-
ସାଲିଶ୍ ଫୟସଲା ment or decree drawn up by the
ସାଲସୀ ଫୈସଲା arbitrators; arbitrators' award.

ସାଲିଶାନ୍—ବୈଦେ· ବ (ଅ; ବହୁବଚନ)—ମଧ୍ୟସ୍ଥମାନେ—
Sālisān ସାଲିଶାନ୍ ସାଲସାନ (Plural) Arbitrators.

ସାଲିସି—ବୈଦେ· ଭଣ (ଅ)—ମଧ୍ୟସ୍ଥଙ୍କଦ୍ୱାରା ବିବାଦ ମୀମାଂସା
Sālisi ସମ୍ବନ୍ଧୀୟ—Referring to arbitration; relat-
ସାଲିଶି ସାଲସୀ ing to arbitration. ବ- ୧ । ମଧ୍ୟସ୍ଥତା—
ସାଲିଶି ସାଲସୀପନ 1. Arbitration. ୨ । ମଧ୍ୟସ୍ଥଙ୍କ ଦ୍ୱାରା
ସାଲିଶି ବିବାଦ ମୀମାଂସା—2. Decision by arbitra-
ପଂଚାୟତ tors. ୩ । ସାଲିଶ୍; ମଧ୍ୟସ୍ଥ—3. Arbitrator.

ସାଲୁ—ଦେ· ବ (ସଂ. ଶାଲ୍ମ=କପାସ୍ ଦ୍ରବ୍ୟ)—ଏକ ବର୍ଣ୍ଣରେ ରଞ୍ଜିତ
Sālu ପତଳା ସୂତାର କନା; ପତଳା ରଙ୍ଗୀନସୂତାର କନା—
ସାଲୁ A thin coloured stuff of cotton thread;
ସାଲୁ shalli. [ଦ୍ର—ଏହା ନାଲ, କଲା, ନେଳ, ଦୁଲଦିଆ ଆଦ
ନାନା ରଙ୍ଗର ହୁଏ ।]

ସାଲୁକ—ପ୍ରାଦେ (ବାଲେଶ୍ୱର) ବ—(ସଂ. ଶାଲୁକ)—ଜଳଁ ଚଉରର
Sāluka ମୂଳରେ ଥିବା ପିଣ୍ଡ; କୁମୁଦକନ—The root-bulb of the water lily. [ଦ୍ର—ଏହା ଭତରେ ଥିବା ସାଜରୁ ଗନ୍ଧର ଲୋକେ ଭାଜି ଭଅକରି ଖାଅନ୍ତି ।]

ସାଲୁକୁର୍ଡା ପୋକ—ପ୍ରାଦେ· (ବାଲେଶ୍ୱର) ବ--ଲାଙ୍ଗୁଡ଼ା ପୋକ (ଦେଶ)
Sālukurdā poka Lāngurdā poka. (See)

ସାଲୁନ୍—ବୈଦେ· ବ (ଇଂ)—ରେଳରେ ବା ଜାହାଜରେ ବହିଷ୍କୃତ ଓ
Sālun ଡାକମ ଯାତ୍ରୀମାନଙ୍କ ବ୍ୟବହାର ପାଇଁ ସଜ୍ଜିତ ଭୋଜ
ସେଲୁନ୍ ସୈଲୁନ ଗୋଟର ବା କାମରା—Sāloon.

ସାଲୁପ୍—ବୈଦେ· ବ (ଇଂ; ସାଲପ୍; ପ୍ରୁପ୍)—୧ । ଛୋଟ ଜାହାଜ—
Sālup 1. Small ship; shallop. ୨ । ସ୍ଲୁପ୍—
ସାଲୁପ୍ ସାଲୁପ 2. Sloop ୩ । ଡଙ୍ଗା; ଡଙ୍ଗି—3. Boat.

ସାଲୁବାଲୁ—ଦେ· ଅ—୧ । ସାଲୁସାଲୁ (ଦେଶ)—1· Sālusālu.
Sālubālu (See) ୨ । ବସ୍ତୁମାନ ଇତସ୍ତତଃ ଓ ଉଦଙ୍କ ଢୋଇ
କିଲ୍‌ବିଲ ଉଖାଯାଇଥିବା ପ୍ରକାର—2. Absence of
ଖଦ୍‌ଖଦ୍ arrangement, elegance and method in anything. ୩ । ଅପରିଷ୍କୃତ ଓ ଅପରିଚ୍ଛନ୍ନ—
3. Dirty. ୪ । ଅବଜ୍ଞାଯୁକ୍ତ—4. Uncleansed. ୫ । ଗୋଲମାଳିଆ, ଅଭିଧା—5. Confused. ପ୍ରାଦେ· (ଧ୍ୱନି) ବ—ସଲବଲ (ଦେଶ)—Salabala. (See)

ସାଲୁର୍—ଦେ· ବ (ନାମ)—ବିଶାଖାପାଟଣା ଜିଲ୍ଲାର ଗୋଟିଏ ଓଡ଼ିଆ
Sālur ଜମ୍ୟ—Name of an Oriya estate in Vizag district. [ଦ୍ର—କଲାହାଣ୍ଡି ଓ ଛତିଶଗଡ଼ ମଝିରେ ଥିବା ଗିରିଶଙ୍କଟର ନାମ ମଧ୍ୟ ସାଲୁର୍; ଏଥିର ଅନ୍ୟ ନାମ ସୋଂଦ୍ଧା । ବୋଇଲଠାରୁ ସାଲୁର ପର୍ଯ୍ୟନ୍ତ ବି. ଏନ୍ ଆର୍.ର ଗୋଟିଏ ଶାଖା ରେଳ ଅଛି ଓ ସାଲୁର୍ ଠାରୁ ଜୟପୁର ପର୍ଯ୍ୟନ୍ତ ୭୫ ମାଇଲ ଥାଙ୍କ୍ୟ ରାସ୍ତାରେ ଗାଡ଼ି, ମଝିର ଅଧ ଡଳେ । ଏଠାରେ ଜଣେ ରାଜା ଅଛନ୍ତି । ଏହାପୂର୍ବେ ଜୟପୁର ରାଜ୍ୟର ଅଧୀନ ଥିଲା ।]

ସାଲୁର୍(ରୁ)ବାଲୁର୍(ରୁ)—ଦେ· ଅ—୧ । ସାଲୁ ସାଲୁ (ଦେଶ)
Sālur(ru)bālur(ru) 1. Sālu sālu (See)
୨ । ସାଲୁବାଲୁ (ଦେଶ)—2. Sālubālu (See)

ସାଲୁସାଲୁ—ଦେ· ଅ—୧ । ବହୁ କ୍ଷୁଦ୍ର ଜୀବ (ଯଥା, ପୋକ) ଅଳ୍ପ
Sālu sālu ସ୍ଥାନରେ ଇତସ୍ତତଃ ଢେଇ—
କିଲ୍‌ବିଲ ଖଦ୍‌ଖଦ୍ 1. Too many tiny animals (e.g. insects) moving to and fro in a narrow space. (ଯଥା—ଅମ୍ଳ ଅଧୁନାକ ଓଡ଼ିଶାରେ ମଡ଼ାପୁରୁଷ ଲୁଗୁକ ସାଲୁ ସାଲୁ ହେଉଅଛନ୍ତି ।) ୨ । ଅତ୍ୟଧିକ ସଂଖ୍ୟାରେ ପରିବ୍ୟାପ୍ତ—2. Abounding in exc essive number. (ଯଥା—ଛା ମୁଣ୍ଡରେ ଅହୁରୀ ସାଲୁ ସାଲୁ ହେଉଅଛନ୍ତି ।) ୩ । ଅସଂଖ୍ୟ ପୋକ ପୋକ ଅଦରେ ପରିବ୍ୟାପ୍ତ—
3. Abounding in myriads of insects.

ସାଲୁ ସାଲୁ ହେବା—ଦେ· କି—ଅତ୍ୟଧିକ ସଂଖ୍ୟାରେ ପରିବ୍ୟାପ୍ତ ହେବା
Sālu sālu hebā To abound in myriads.
କିଲ୍‌ବିଲ କରା ଖଦ୍‌ଖଦ୍ ହୋନା

Digitized by srujanika@gmail.com

ସାଲୁର ସଂ. ବ—ମଣ୍ଡୁକ; ବେଙ୍ଗ (ଶବ୍ଦରତ୍ନାବଳୀ)—
Sālūra Frog.
(ଶାଲୁର—ଅନ୍ୟରୂପ)

ସାଲେ—ଗାଦେ (ଗଡ଼ଅଳ) ବ—ଅସନ ଗଛ—Buchanonia
Sāle Latifolia (a timber tre e).
ଗାଦେ (ବଲ୍ଲଙ୍ଗୀରଗାଛଣା) ବ—କନ୍ୟ କୋମଳ କାଷ୍ଠ-ବଶେଷ—Name of a softwood timber tree. [ଦ୍ର—ଏହା ବଅସିଲ୍ଭର ଚାଠି ପାଇଁ ଉପଯୁକ୍ତ ।]

ସାଲେମ୍ ମିଚ୍ଛି(ଶି)ରି—ବୈଦେ. ବ (ଅ)—ସାଲମ୍‌ମିଚ୍ଛିରି (ଦେଶ)
Sālem-michhi(śi)ri Sālam-michhiri (See)
(ସାଲେମ୍‌ମିଶ୍ରି—ଅନ୍ୟରୂପ)

ସାଲେୟ(ୟା)—ସଂ. ବ (ସାଳ+ଏୟ)—ଶାଲେୟ (ଦେଶ)
Sāleya(yā) Śāleya (See)
(ଶାଲେୟ—ଅନ୍ୟରୂପ)

ସାଲୋକ୍ୟ—ସଂ. ବ (ସ+ଲୋକ=ଭୁବନ+ଟ)—ମୁକ୍ତିବଶେଷ; ଯେଉଁ ମୁକ୍ତ ଲାଭ କଲେ ଈଶ୍ୱର ପ୍ରଭୃତ୍ଙ୍କ [ସାଲୋକ୍ୟତା—ଅନ୍ୟରୂପ (ପ୍ରକୃତିବାଦ)] ସହିତ ଏକଲୋକରେ ବାସ କରେ—A kind of salvation or beatitude in which the devotee resides in the same world with the Deity.

ସାଲ୍ଟ୍—ବୈଦେ (ଇଂ) ଗାଦେ (ଗଞ୍ଜାମ) ବ—ସଳ; ଲୁଣ—
Sālt Salt.

ସାଲ୍ଟି—ଦେ. ବ—ସୂତା ଓ ରେସମରେ ବୁଣା ଏକପ୍ରକାର ଜନା—
Sālti A cloth woven with silk and
ସାଲଟି ଛାଲଟି cotton threads.

ସାଲ୍ୱ—ସଂ. ବ (ନାମ)—(ସାଳ+ବ)—୧ । ମହାଭାରତର ଦକ୍ଷିଣପଦ୍ଧରେ ବର୍ତ୍ତିତ ଦେଶବଶେଷ—
(ଶାଲ୍ୱ—ଅନ୍ୟରୂପ) 1. Name of an ancient kingdom.
୨। ବିଷ୍ଣୁଙ୍କ ଦ୍ୱାରା ହତ ଜଣେ ରାଜା (ମହାଭାରତ କର୍ଣ୍ଣପର୍ବ, ଦ୍ରୋଣପର୍ବ)—2. Name of a king killed by Bishṇu. ବ୍ୟ—ସାଲ୍ୱ ଦେଶ ସମ୍ବନ୍ଧୀୟ—Relating to the Sālwa country.

ସାଲ୍ୱ ନିସୂଦନ - ସଂ.ବ (ସାଲ୍ୱ ନୃପତିର ହନ୍ତା)—ବିଷ୍ଣୁ (ଦ୍ରୋଣପର୍ବ)—
Sālwa nisūdana Bishṇu, the slayer of the king
(ସାଲ୍ୱହା—ଅନ୍ୟରୂପ) Salwa.

ସାଲ୍ୱିକ—ସଂ. ବ (ସାଲ୍ୱ=ଦେଶ+ଇକ)—ପକ୍ଷିବଶେଷ; ବଣି ଚଢ଼େଇ; ଶାରୀ (ଶବ୍ଦଚନ୍ଦ୍ରିକା)—
(ଅନ୍ୟ ସଂ ନାମ—ଶକ୍ରମଣ୍ଡି, The myna bird.
ହଦ୍ରଚୂଡ଼, ବୁଥଲକ୍ଷ୍ମ)

ସାଲ୍ୱେୟ—ସଂ. ତ୍ରି (ସାଲ୍ୱ+ଏୟ)—୧ । ସାଲ୍ୱଦେଶସମ୍ବନ୍ଧୀୟ—
Sālweya 1. Relating to the Sālwa
country. ୨ । ସାଲ୍ୱଦେଶବାସୀ—Residing in the Sūlwa country.

ସାଶ୍(ଶି)—ଟବିଦେ. ବ (ଇଂ)—୧ । କବାଟର ବା ଝରକାର
Sāś(śi) ଚାଚର ଫଲକ—1. A pane of glass in a
ସାସି door or window; sash. ୨ । କାଚଫଳକ ଲଗା
ଶୀସା କବାଟ ବା ଝରକା—2. A door or window
ସାସି set with glass panes. ଗ୍ରା. ବ (ସଂ. ଶ୍ୱାସ)—
ଶୋଆକା କୀବାଡ଼ (ଦେଶ)—Śwāsa (See)
ଶାସ ସାଁସ

ସାଶ୍‌ମଲ୍(ଲ)—ଦେ. ବ (ଫ. ସାବ୍ଦ ମଲ୍ଲ)—୧ । ଶୂଦ୍ରମାନଙ୍କ
Sās-mal(la) ବଶେଷାଖ୍ୟ ବଶେଷ—1. A family title of
Śūdras. ୨ । ସାବ୍ଦସୀ ସାଇକମାନଙ୍କୁ ରାଜାଙ୍କ ଦ୍ୱାରା ପ୍ରଦତ୍ତ ଉପାଧି ବଶେଷ—2. A title given by Rājās to a brave soldier.
[ଦ୍ର—ଓଡ଼ଶାରେ ଶୂଦ୍ର ଜାତିଙ୍କ ଉପାଧି 'ସାମଲ'—ଏହି ଶବ୍ଦର ଅପଭ୍ରଂଶ ।]

ସାଶ୍ୱକ—ସ. ବ—କମ୍ବଳ (ହାରାବଳୀ)—
Sāśwaka Blanket.

ସାଶ୍ରୟ—ଫ ବଣ (ସ+ଆଶ୍ରୟ)—୧। ଆଶ୍ରୟଯୁକ୍ତ—1. Sheltered.
Saśraya ୨ । ଆଧାର ସମନ୍ୱିତ—2. Having a support or receptacle.

ସାଶ୍ରୟଣ୍ଡକ—ସଂ. ବ—ଛୋପ୍ପୀ; ଝିଟିପିଟି (ଶବ୍ଦ ଜାଲ୍ଦ୍ରୁ ପ)—
Sāśrayandaka House-lizard.

ସାଶ୍ରୁ—ସଂ. ବଣ (ବହୁବ୍ରୀ; ସ+ଅଶ୍ରୁ)—ଅଶ୍ରୁଯୁକ୍ତ—
Sāśru Tearful.

ସାଶ୍ରୁଧୀ—ସଂ. ବ. ସ୍ତ୍ରୀ (ସ+ଅଶ୍ରୁ+ଧା ଧାତୁ+କ୍ତିନ୍. ଈ)—ଶ୍ୱଶୁ;
Sāśrudhī ଶାଶୁ (ହିନ୍ଦୀ ଶବ୍ଦ)—Mother-in-law.

ସାଶ୍ରୁ ନୟନ—ସଂ. ବ (କର୍ମଧା)—ଅଶ୍ରୁପୂର୍ଣ୍ଣ ନେତ୍ର—
Sāśru nayana Tearful eye.
(ଶାଶ୍ରୁ ନେତ୍ର, ଶାଶ୍ରୁ ଲୋଚନ—ଅନ୍ୟରୂପ) ବଣ. ପୁଂ (ବହୁବ୍ରୀ)—ଯାହାର ଚକ୍ଷୁ ଲୋତକପୂର୍ଣ୍ଣ ହୋଇଥାଏ—With eyes full of tears.
(ଶାଶ୍ରୁ ନୟନା, ଶାଶ୍ରୁ ନେତ୍ରା, ଶାଶ୍ରୁ ଲୋଚନା—ସ୍ତ୍ରୀ. ବଣ)

ସାଷ୍ଟମ—ଦେ. ବଣ ଓ ବ—ସାଷ୍ଟାମ (ଦେଶ)
Sāshṭama Sāshṭāma (See)
ସଚେତନ (ଜ—ଦୁଇ ଜଣ ସାଷ୍ଟମ ହୋଇ ଖଣ୍ଡେ ଜମଳରେ ବସି
ସଚେତ ଗଲେ । ଫକୀରମୋହନ. ଗଲ୍ପସ୍ୱଲ୍ପ ।)

ସାଷ୍ଟାଙ୍ଗ—ସଂ. ବଣ (ସ+ଅଷ୍ଟାଙ୍ଗ)—୧ । ଅଷ୍ଟାଙ୍ଗଯୁକ୍ତ—
Sāshṭāṅga 1. Comprising the eight limbs.
[ଦ୍ର—ଅଷ୍ଟାଙ୍ଗ ତଳେ ନୋଟ ଦେଖ; ମୁଣ୍ଡ, ହାତ, ଗୋଡ଼ ଦୁଇଟି, ଆଖି, କାନ, ବଚନ ଓ ମନ ଦ୍ୱାରା ଭୂମିରେ ଲୋଟି; ମଝାଲୁରରେ ମୁଣ୍ଡ, ଛାତି, ୨ ହାତ, ୨ ଆଣ୍ଠୁ ଓ ୨ ଗୋଦାଗୁଡ଼ ଭୂମିରେ ଲଗାଇ ଯେଉଁ ପ୍ରଣାମ କରାଯାଏ ତାକୁ ସାଷ୍ଟାଙ୍ଗ ପ୍ରଣାମ କହନ୍ତି—ହି. ଶ.] ୨ । ଯହିଁରେ ଦେହର ଅଷ୍ଟାଙ୍ଗ ଭୂମିରେ ଲଗେ—2 In which eight limbs of the body touch the

ground. କି. ବ୍ଦ (ସଂ. ସାଷ୍ଟାଇମ୍)—ଅଷ୍ଟାଙ୍ଗକୁ ଭୂମିରେ ଲଗାଇ—With the eight limbs of the body touching the ground.

ସାଷ୍ଟାଙ୍ଗ ଦଣ୍ଡବତ—ଦେ. ବ—ସାଷ୍ଟାଙ୍ଗ ପ୍ରଣାମ (ଦେଖ) Sāshṭāṅga daṇḍabata Sāshṭāṅga praṇāma

ସାଷ୍ଟାଙ୍ଗ ଦଣ୍ଡବତ (See)

ସାଷ୍ଟାଙ୍ଗ ପ୍ରଣାମ—ସଂ. ବ—ଭୂମିରେ ମୁଣ୍ଡ, ଗୁଡ଼, ଦୁଇ ହାତ, ଦୁଇ Sāshṭāṅga praṇāma ଅଣ୍ଟୁ ଓ ଦୁଇ ପାଦକୁ ଲଗାଇ ଦଣ୍ଡ (ସାଷ୍ଟାଙ୍ଗ ପ୍ରଣିପାତ—ଅନ୍ୟରୂପ) ପର୍ ଲମ୍ବ ହୋଇ ଗୋଡ଼ ତଳେ ପଡ଼ିବା—Obeisance made by falling flat on the ground in such a manner that the eight parts of the body touch the ground. [ଦ୍—ଅଷ୍ଟାଙ୍ଗ ଯଥା—ମୁଣ୍ଡ, ଗୁଡ଼, ଦୁଇ ହାତ, ଦୁଇ ଅଣ୍ଟୁ, ଦୁଇ ପାଦ; ସଦାନ୍ତରରେ କପାଳ, ନାକ, ହାତ, ଛାତି, ପେଟ, ଜଂଘ, ଅଣ୍ଟୁ ଓ ଗୋଡ଼ ଅଙ୍ଗୁଠି ଅଗ; ସଦାନ୍ତରରେ ଜାନୁ, ପାଦ, ହସ୍ତ, ବକ୍ଷ, ଶିରଃ, ବୃଦ୍ଧି, ବଚନ, ଦୃଷ୍ଟି; ସଦାନ୍ତରରେ ଦୁଇ ହସ୍ତ; ହୃଦୟ, କପାଳ, ଦୁଇ ଚକ୍ଷୁ, ମନ ଓ ବଚନ ।]

ସାଷ୍ଟାଙ୍ଗ ପ୍ରଣାମ (ପ୍ରଣିପାତ, ଦଣ୍ଡବତ) କରିବା—Sāshṭāṅga praṇāma (praṇipāta, daṇḍabata) karibā

ସାଷ୍ଟାଙ୍ଗ ପ୍ରଣାମ କରନା ୧ । ଦେହାଙ୍ଗକୁ ଭୂମିରେ ଲଗାଇ ଦଣ୍ଡବତ୍ ନମସ୍କାର କରିବା—1. To make obeisance by making all the limbs touch the ground. ୨ । (ବ୍ୟଙ୍ଗ) (ଦୁଷ୍ଟ ବା ଅନଷ୍ଟକାରୀ ବ୍ୟକ୍ତି ବା ବସ୍ତୁଠାରୁ) ଦୂରରେ ରହିବା; ଦୂରୁ ଜୁହାରିବା—2. (ironical) To keep religiously aloof from a wicked or injurious person or thing.

ସାଷ୍ଟାଙ୍ଗ ବେଦନା—ସଂ. ବ (କର୍ମଧା)—ଦେହର ସବୁ ଅଂଶରେ ବା Sāshṭāṅga bedanā ସ୍ଥାନରେ ଅନୁଭୂତ ବେଦନା—Pain felt throughout the whole body. [ଦ୍—ଅଷ୍ଟାଙ୍ଗ ଯଥା—ଶିରଃ ବା ମସ୍ତକ, ଗ୍ରୀବା, ବକ୍ଷ, ଜଦର, ପାର୍ଶ୍ୱ, ପୃଷ୍ଠ, ହସ୍ତ ଓ ପଦ—ଯୋଗେଶଚନ୍ଦ୍ର]

ସାଷ୍ଟାଙ୍ଗ ଯୋଗ—ସଂ. ବ—ଯମ, ନିୟମ, ଆସନ, ପ୍ରାଣାୟାମ, Sāshṭāṅga jōga ପ୍ରତ୍ୟାହାର, ଧ୍ୟାନ, ଧାରଣା, ସମାଧି, ଏହି ଆଠ ଗୋଟି ଅଙ୍ଗ ବିଶିଷ୍ଟ ଯୋଗ—Spiritual exercise consisting of eight steps.

ସାଷ୍ଟାଙ୍ଗେ—ଦେ. କି. ବ୍ଦ (ସଂ. ସାଷ୍ଟାଙ୍ଗମ୍)—ସାଷ୍ଟାଙ୍ଗ ବିଧି Sāshṭāṅge ଅନୁସାରେ ଦେହର ଆଠ-ଅଙ୍ଗକୁ ଭୂମିରେ ଲଗାଇ

ସାଷ୍ଟାଙ୍ଗେ (ପ୍ରଣାମ କରିବା)—(to make obeisance) By

ସାଷ୍ଟାଙ୍ଗମେ causing the limbs of the body to touch the ground. [ଉ—ସାଷ୍ଟାଙ୍ଗେ ଶତ୍ରୁ ଦୂର ଯାଉ, ସାଷ୍ଟାଙ୍ଗେ ପ୍ରଣମିତ ହୋଇ । ଭୂପତି. ପ୍ରେମସୁଧାମୁଖ ।]

ସାଷ୍ଟା(ଷ୍ଠା)ମ—ଦେ. ବ୍ଦ (ସଂ, ସାଷ୍ଟାଙ୍ଗ)—[ପାଦ। ପୋଗୁଁ ଅଷ୍ଟାଙ୍ଗ Sāshṭā(shṭhā)ma (ଯଥା ହସ୍ତ ପଦାଦି, ମନ ଏବଂ ବାକ୍) (ସାଷ୍ଟମ—ଅନ୍ୟରୂପ) ପ୍ରଭୃତିର ଦ୍ୱୟ] —୧। ପୁନଃ ଚେତନାପ୍ରାପ୍ତ —(ଅସାଷ୍ଟାମ—ବିପରୀତ) 1. Restored to consciousness. ସଚେତନ ୨ । ସଜ୍ଞାନ; ସଚେତ—2. Conscious; sentient.

ସଚେତ, ତାଜା ୩ । ସଧୈର୍ଯ୍ୟ—3. Patient. ୪ । ପାଦାର ଦ୍ଲାନ୍ତି ଓ ଅବସାଦ ଦୂରୀକୃତ ହୋଇଥିବା—4. Rejuvinated; refreshed. ୫ । ଦେହର ଓ ମନର ପୂର୍ବ-ଚେତନସ୍ଥ ଅବସ୍ଥାପ୍ରାପ୍ତ—5 Restored to mental

ସତେଜ **ଚେତନା** and bodily vigiour. (ଉ—କଂସା କଂସା ଚୋରୁଣି ଆଣି ସମସ୍ତଙ୍କୁ ମୁହାଁ ମୁହାଁ ପିଆଇ ସାଷ୍ଟାମ କରାଇଲେ—ଫକୀରମୋହନ ଛମାଣ ଆଠଗୁଣ ।) ବ—୧ । ଚେତନା—1. Consciousness. ୨ ଚୈତନୋଦୟ—2. Dawning of consciousness. ୩ । ମୂର୍ଚ୍ଛା ପରେ ଜ୍ଞାନୋଦୟ—3. Restaration to consciousness after swooning.

ସାଷ୍ଟାମ କରିବା—ଦେ. କି—୧ । ଅଚେତ ବା କାତର ହୋଇଥିବା Sāshṭāma karibā ବ୍ୟକ୍ତକୁ ସେବା ଶୁଶ୍ରୂଷାଦି ଦ୍ୱାରା ସଚେତ ସଚେତନକରା କରାଇବା—1. To restore a person to

ସଚେତ କରନା, ତାଜା କରନା his normal condition by tending and nursing. [ଉ—ଦେଖି ମୂର୍ଚ୍ଛିତ ସାଷ୍ଟାମ କଲେ ମୁଗ୍ଧସ୍ୱର । ସୀତାମ୍ବର. ନୃସିଂହଚୁଡ଼ାମଣି ।] ୨ । ଶୁଶ୍ରୂଷାଦ୍ୱାରା କୌଣସି ବ୍ୟକ୍ତିର କ୍ଲାନ୍ତି ଦୂର କରିବା - 2. To nurse a tired person.

ସାଷ୍ଟାମ ଖାଇ—ପ୍ରାଦେ (ବାଲେଶ୍ୱର) ବ—ଏକ ପ୍ରକାର ବିଶେଷ— Sāshṭāma khāi A species of fish.

ସାଷ୍ଟାମ ପାଇବା—ଦେ. କି—ଚେତନା ଓ ଚେଷ୍ଟାଃ ପୁନଃପ୍ରାପ୍ତ ହେବା—To be restored to (ସାଷ୍ଟାମ ହେବା—ଅନ୍ୟରୂପ) normal vigour and ଚେତନା ପାଇବା consciousness. (ଉ—ସାଷ୍ଟାମ ପାଇଲ ଯେ

ଚେତନା ପାନା ଜ୍ୱରର ଚଢ଼ାମଣି, ଦେଇଲ ଚେତା ହାଇଲ ମୁଁ କରିଘାତ ଶୁଣି । ସାରଳା. ମହାଭାରତ ।]

ସାସହି—ସ. ବ୍ଦ (ସହ୍ + ଧାତୁ=ପୁନଃ ପୁନଃ ଅର୍ଥରେ ସଜ୍ଜ୍ଞଜନ୍ତ, Sāsahi ସାସହ୍ + ଧାତୁ + କ୍ତି. ଇ)—ସଚ୍ଚିତ ସହ୍ୟଶକ୍ତି; ଅତିଶୟ ସହିଷ୍ଣୁ—Very enduring.

ସାସାନ ଟାଙ୍ଗର—ପ୍ରାଦେ. (କୋଲ୍ଲ) ବ—ଶବଦାହ ପରେ ମୃତବ୍ୟକ୍ତିର Sāsāna ṭāṅgara ଅସ୍ଥି ଶ୍ମଶାନରୁ ଅଣାଯାଇ ଗ୍ରାମପ୍ରାନ୍ତରେ ଭୂଗର୍ଭରେ ପୋତାଯାଇ ତହିଁ ଉପରେ ସ୍ଥାପିତ ହେବା ପଥର—A slab of stone put on the bone of a cremated Kohla (Ho), which is buried in the ground at the end of a village.

Digitized by srujanika@gmail.com

ସାସୁ—ଫ. ବଣ (ସହାର୍ଥ ବହୁବ୍ରୀହି: ସ+ଅସୁ)—ପ୍ରାଣବଶିଷ୍ଟ; ଜୀବନ୍ତ—Alive, living.
Sāsu

ସାସୂୟ—ବ. ବଣ. ପୁଂ (ସ+ଅସୂୟା+ଅ)—ଅସୂୟାବଶିଷ୍ଟ—(ସାସୂୟା—ସ୍ତ୍ରୀ) Spiteful.
Sāsūya

ସାସେରାମ—ଦେ. ବ (ନାମ) (ଫ. ସହସ୍ରାରାମ)—ବହାର ସାହାବାଦ ଜିଲ୍ଲାର ଗୋଟିଏ ସବ୍‌ଡିଭିଜନ୍ ଓ ଏହି ନଗର—ସାସେରାମ Sāseram, a Subdivision and town of Sahabad district. [ଦ୍ର—ଏହି ନଗରରେ ପୂର୍ବେ ସହସ୍ର ବୌଦ୍ଧ ଥରମ ଥିଲା । ନଦୀରେ ଏକ କୋଶ ଦୂରରେ ପଚାଉଶିଖରରେ ପ୍ରସ୍ତର ଗାତ୍ରରେ ଅଶୋକଙ୍କ ଶିଳାଲିପି ଅଛି ଓ ଅନେକ ବୌଦ୍ଧକୀର୍ତ୍ତିର ଭଗ୍ନାବଶେଷ ଅଛି । ଗାମ୍ଭୀର ଷଠାଣ ସମ୍ରାଟ ସେରଶାହାଙ୍କ ନିର୍ମିତ କାରୁକାର୍ଯ୍ୟ ଓ ତାହାଙ୍କର ଶୋକସମ୍ଭପ୍ତ କବର ଓ ଗୋଟିଏ ବୃତ୍ତାକୃତି ସରୋବରର ମଧ୍ୟସ୍ଥଳରେ ଅଷ୍ଟକୋଣ-ବଶିଷ୍ଟ ଉଚ୍ଚ ପ୍ରସ୍ତରର କବର ଏଠାର ଦର୍ଶନୀୟ ବସ୍ତୁ । ନଗରର ଜନସଂଖ୍ୟାର ପ୍ରାୟ ଅର୍ଦ୍ଧେକ ମୁସଲମାନ୍—୭୫୮୦୩ ।]

ସାସ୍ଥି—ଫ. ବଣ (ସହାର୍ଥ ବହୁବ୍ରୀହି; ସ+ଅସ୍ଥି)—ଅସ୍ଥିବଶିଷ୍ଟ—ହାଡ଼ ଥିବା Sāsthi Having bone.

ସାସ୍ନା—ଫ. ବ (ଷସ୍. ଧାତୁ=ନିନ୍ଦିତ ଢେବା+ତୃତି. ଆ)—ଗୋରୁର ଗଳକମ୍ବଳ (ଅମର)—A dewlap of a bullock or bull.
Sāsnā

ସାସ୍ପିଡ୍ ଇନାମ୍—ଦ୍ରାବେ. (ଗଜାମ) ବ. (ଇଂ. ସସ୍‌ପେଣ୍ଡେଡ୍+ଫା. ଇନାମ୍)—(କଚରଅ ଶବ୍ଦ) ଲଖରାଜ ବାଜ୍ୟାପ୍ତି—Resumed rent-free land.
Sāspid inām

ସାସ୍ର—ଫ. ବଣ (ସ+ଅସ୍ର)—୧ । ସାଶ୍ରୁ—1. Fearful. ୨ । ରୋରୁଦ୍ୟମାନ—2. Crying. ୩ । ସରକ୍ତ—3. With blood; bloody. ୪ । କୋଣ ସହିତ—4. Angular.
Sāsra

ସାସ୍ରନୟନ—ଫ. ବ ଓ ବଣ ପୁଂ—ସାଶ୍ରୁନୟନ (ଦେଶ)—(ସାସ୍ରନେତ୍ର, ସାସ୍ରଲୋଚନ—ଅନ୍ୟରୂପ) [ସାସ୍ରନୟନା, ସାସ୍ରନେତ୍ରା, ସାସ୍ରଲୋଚନା—ସ୍ତ୍ରୀ. ବଣ] Sāsranayana Sāsrunayana. (See)

ସାହ୍ଜାଦା—ବୈଦେ. ବ. ପୁଂ—ସାହାଜାଦା (ଦେଶ)—(ସାହ୍‌ଜାଦା—ସ୍ତ୍ରୀ) Sāh-jādā Sāhājādā. (See)

ସାହ୍ଜାହାନ୍—ଦେ. ବ (ନାମ)—ସାହାଜାହାନ୍ (ଦେଶ) Sah-jāhān Sāhājāhān. (See)

ସାହ—ଦେ. ବ—ସାହା ୧।୨ (ଦେଶ) Sāha Saha 1-2. (See)

ସାହଙ୍କାର—ଫ. ବଣ. ପୁଂ (ସ+ଅହଙ୍କାର)—ଅହଙ୍କାରଯୁକ୍ତ—ଅହଙ୍କାରୀ—ସ୍ତ୍ରୀ) Sāhaṅkāra Proud; arrogant.

ସାହଚର୍ଯ୍ୟ—ଫ. ବ (ସହଚର+ଷ୍ଟ୍ୟଞ୍. ଯ)—୧ । ସଙ୍ଗ—1. Company. ୨ । ସମ୍ପର୍କ—2. Association. ୩ । ସହଚରର ଭାବ—3. Companionship. ୪ । ସହଗମନ—4. Accompaniment. ୫ । ସମାନାଧିକରଣ୍ୟ; ଏକାଧିକରଣ ବୃତ୍ତି—5. The state of being together; juxtraposition. Sāhacharjya

ସାହଜିକ—ସଂ. ବଣ (ସହଜ+ଇକ)—୧। ପ୍ରକୃତଜାତ; ସ୍ୱଭାବସିଦ୍ଧ—ସହଜାତ; ଜନ୍ମଗତ—1. Natural. ୨ । ସହଜାତ; ଜନ୍ମଗତ—2. Innate; in-born. Sāhajika

ସାହସ—ଃଂ. ବ (ସହସ୍=ବଳ+ଅ; ବଳପ୍ରୟୁକ୍ତ ନବୁଝି କର୍ମ)—ଶାସ୍ତ୍ରୀୟ ଦଣ୍ଡ (ଅମର)—1. Punishment for offence. ୨ । ଅର୍ଥଦଣ୍ଡ—2. Fine. [ଦ୍ର—ଧାରୁଷ୍ଟି ଓ ତତ୍ପରେ ସାହସ ବା ଦଣ୍ଡ ୩ ପ୍ରକାରର ନିର୍ଦ୍ଦିଷ୍ଟ ଅଛି । ଯଥା—୧ । ଉତ୍ତମ ସାହସ=୮୦ ପଣ ବା ସହସ୍ର ମୁଦ୍ରା, ୨ । ମଧ୍ୟମ ସାହସ=ଏଥିର ଅଦ୍ଧ, ୩ । ଅଧମ ସାହସ=ଏଥିର ଅଦ୍ଧ ।] ୩ । ବଳାତ୍କାର କୃତକାର୍ଯ୍ୟ (ବେଦଜ୍ଞ)—3. Any act done by the use of force. ୪ । ଦୁଷ୍କୃତ କର୍ମ; ଅପରାଧ; ପାପ (ତତ୍ପୁରୁଷ)—4. Sin; offence. ୫ । ଅବିମୃଷ୍ୟକୃତ କାର୍ଯ୍ୟ (ତତ୍ପୁରୁଷ)—5. An act done without due deliberation; a rash act. ୬ । ତତ୍ପର (ତତ୍ପୁରୁଷ)—6. Grudge; malice. ୭ । ନରହତ୍ୟା, ଡକାୟତି ଓ ପରଦାରଗମନାଦି ବଳପ୍ରପ୍ରୋଗଯୁକ୍ତ ଅପରାଧ—7. Offences committed by the use of force or violence (e. g. robbery, rape and murder etc). [ଦ—ଦ୍ରବ୍ୟସ୍ୱାମୀର ସମ୍ମୁଖରେ ବଳାତ୍କାର ଦ୍ୱାରା ତାହାର ଦ୍ରବ୍ୟ ବଳପୂର୍ବକ ଛଡ଼ାଇନେବାର ନାମ ସାହସ; ମାତ୍ର ଦ ବ୍ୟସ୍ୱାମୀର ଅସାକ୍ଷାତରେ ଦ୍ରବ୍ୟକୁ ଅପହରଣ କରିବା ଓ ଉକ୍ତ ଦ ବ୍ୟକୁ ନେଇ ନ ଯାଇବାର ନାମ ସ୍ତେୟ (ଚୌର୍ଯ୍ୟ) ଅଟେ—ମନୁ ୮—୩୩୨ ।

ସାହସିକ (ସାହସ ଅପରାଧକାରୀ) ବ୍ୟକ୍ତିକୁ ଅବଶ୍ୟ ଦଣ୍ଡ ଦେବେ, ଏମନ୍ତ ନ, ଯେଉଁଠାରେ ସାହସିକମାନଙ୍କ ଉପରି ବର୍ତ୍ତାଗ୍ରମୀମାନଙ୍କର ଧର୍ମାଚରଣରେ ପ୍ରତିବନ୍ଧକ ହୁଏ; ଦ୍ୱିଜାତ୍ୟ ବ୍ୟକ୍ତିମାନେ ଶସ୍ତ୍ରଧାରଣ କରି ସାହସିକଙ୍କୁ ଦଉଡ଼ା କଲେ ଦୋଷଯୁକ୍ତୀ ହେବେ ନାହିଁ । ମନୁ—୮ । ୩୦୪—୩୪୧ ।

ବଳପୂର୍ବକ କୃତ ଅପରାଧର ନାମ ସାହସ । ଏହା ଶ୍ରେଣୀର ଅପରାଧ କାରଣରୁ ଦୃଢ଼ଭାବରେ ଧାରାଗୁଡ଼ିକରେ ବର୍ଣ୍ଣିତ । ଯଥା—ମନୁଷ୍ୟମାରଣ, ସ୍ତେୟ, ପରଦାରସ୍ପର୍ଶ, ପାରୁଷ୍ୟ ଓ ଅନୃତ । ଏହା ଶ୍ରେଣୀର ଅପରାଧକୁ ପ୍ରମାଣିତ କରିବା ପାଇଁ ଦାସ, ସ୍ତ୍ରୀ, ଅଙ୍ଗ, ବଧିର, କୁ ଣି, ବାଳକ, ବୃଦ୍ଧମାନେ

Digitized by srujanika@gmail.com

ସଦ୍ଧ ସାକ୍ଷ୍ୟ ଦେଇ ସାରନ୍ତୁ ।] ୮ । ନରହତ୍ୟା—8. Murder. ୯ । ବଳାତ୍କାରରେ ସ୍ତ୍ରୀ ରମଣ—9. Rape. ୧୦ । ବଳାତ୍କାରରେ ଦସ୍ୟୁତା; ପର ଦ୍ରବ୍ୟର ବଳପୂର୍ବକ ଅପହରଣ—10. Robbery; forcible removal of another's property; theft accompanied with the use or show of force. [ଦ୍ର—ସାହସିକଲ୍ୟ ଅନୁସାରେ ଯେଉଁ ବ୍ୟକ୍ତି 'ସାହସ' କରେ ତାହାର ହୁତ୍‌ଦ୍ରବ୍ୟର ମୂଲ୍ୟର ଦୁଇଗୁଣ ଦଣ୍ଡ ଓ ଯେଉଁ ବ୍ୟକ୍ତି 'ସାହସ' କର ଅପଚାଷ କରେ ବା ଭୟରୁ ତାଏ ଢାଡାର ହୁତ ଦ୍ରବ୍ୟର ମୂଲ୍ୟର ଚଉଗୁଣ ଦଣ୍ଡର ବିଧାନ ଅଛି ।] ୧୧ । ଅବିମୟ୍ୟକାରିତା କର୍ମ—11. Rash act. ୧୨ । ଭୟଶୂନ୍ୟତା; ନିର୍ଭୀକତା—12. Fearlessness. ୧୩ । ଦମ୍ଭ; ବିକ୍ରମ; ଶୌର୍ଯ୍ୟ—13. Courage; boldness. ୧୪ । ଅତ୍ୟାଚାର—14. Oppression; violence; outrage. ୧୫ । ଅନୌଚିତ୍ୟ—15. Impropriety. ୧୬ । ଧୃଷ୍ଟତା—16. Impertinence; rudeness. ୧୭ । ଅଗ୍ନି-ବିଶେଷ; ଦାକଯଜ୍ଞରେ ସ୍ଥାପିତ ଅଗ୍ନି—17. Name of a consecrated fire invoked for cooking. [ଦ୍ର—ଯେଉଁ ଅଗ୍ନିଦ୍ୱାରା ହୋମାର୍ଥ ଚରୁ ପାକ ହୁଏ, ସେ ଅଗ୍ନିର ନାମ ସାହସ—ବିଶ୍ୱକୋଷ ।]

ସାହସ କରି—ଦେ. କ୍ରି. ବିଣ— ନିର୍ଭୀକତା ସହିତ—
Sāhasa kari — Boldly; fearlessly.
ସାହାସ କରିୟା — साहस करके
ସାହସପୂର୍ବକ, ସାହସ ଓଡ଼ାରେ, ସାହସ ସହିତ } — ଅନ୍ୟରୂପ

ସାହସ କରିବା—ଦେ. କ୍ରି— ୧ । ବଳାତ୍କାର କରିବା—
Sāhasa karibā — 1. To use force or violence.
ସାହସ କରା — साहस करना
୨ । ଦୁଃସାହସିକ କର୍ମ କରିବା; ଅବିମୃଷ୍ୟକାରିତା କରିବା—2. To act rashly; to take a bold step. (ଉ—ଖେଳାଜ୍ଞେଲା ଖଞ୍ଜନାନ୍ତି କି ସାହସ କଲୁ ରେ—ଜବରଦସ୍ତି କରୋସ୍ତ ଚଞ୍ଚୁ ଗ ଗୀତ ।) ୩ । ଦୁଃସାହସିକ କାର୍ଯ୍ୟରେ ହସ୍ତକ୍ଷେପ କରିବା—3. To undertake or aspire to do a bold act.

ସାହସ ଖଟିବା—ଦେ. ବି—ଯଥେଷ୍ଟ ସାହସ ମନରେ ଲାଭ ହେବା—
Sāhasa khatibā — Having sufficient courage.
ସାହସ ପାଓୟା — साहस होना

ସାହସ ବାନ୍ଧିବା—ଦେ. କ୍ରି—୧ । ଦମ୍ଭ ଧରିବା; ଚତ୍ତକୁ ଦୃଢ଼କରିବା-
Sāhasa bāndhibā — 1. To fortify one's mind with courage.
ସାହସ ବାନ୍ଧା — साहस बांधना
(ବାନ୍ଧ ଉ ସାହସ ହୃଦେ ଅରେ ଦୁରାଶୟ—ସ୍ୱଧାନାଥ. ବେଣୀସଦ୍ଦାର ।) ୨ । ସାହସ ଅବଲମ୍ବନ କରିବା—2. To have or summon courage.

ସାହସା—ଦେ. ବ—ଦମ୍ଭ—Courage. (ଉ—ରଜ୍ଜରଣେ ସାହସା ସାହସ ଘଣ୍ଟି ଭମନସା, ଚାର ମଦନେ ବଡ ସାହସା—ଭଞ୍ଜ. କୋଣ୍ଡୁଚ୍ଛାଣ୍ଡସ୍ତୁଚ୍ଚସ୍ତ ।)

ସାହସା ଘୁଂ—ଅସମସାହସିକ—Fool-hardy.

ସାହସାଙ୍କ—ପୁ. ବ (ସାହସ=ଶୌର୍ଯ୍ୟ ଅଟେ ଅଙ୍କ=ଚିହ୍ନ ଯାହାର)—
Sāhasāṅka — ବିକ୍ରମାଦିତ୍ୟ ରାଜା (ଭଟ୍ଟାଧର)—King Bikramāditya.

ସାହସିକ—ପୁ. ବିଣ—୧ । ନିର୍ଭୀକ—1. Fearless. ୨ । ଶୌର୍ଯ୍ୟଶାଳି—2. Courageous; bold.
Sāhasika
(ସାହସିକା—ସ୍ତ୍ରୀ) ୩ । ବଳାତ୍କାର ଅପରାଧକାରୀ—3. Committing offence by the use of force
ବ—ଯେଉଁ ବ୍ୟକ୍ତି ଦସ୍ୟୁତା, ପରଦାର, ନରହତ୍ୟାଦି ୫ଟି ଅପରାଧ କରେ—A person who commits any of the offences of murder, rape, robbery, rude speech and falsehood.
[ଦ୍ର—ଦ୍ୟୁତଶାସ୍ତ୍ର ଅନୁସାରେ ଦସ୍ୟୁ, ମନୁଷ୍ୟ ମାରକ, ଘାରଦାଇକ, ପରୁଷବାଦୀ ଓ ଅନୃତବାଦୀ ବ୍ୟକ୍ତିମାନେ କୌଣସି ବିଷୟରେ ସାକ୍ଷୀରୂପେ ଗୃହୀତ ହେବେ ନାହିଁ । ବଳପୂର୍ବକ ଅନ୍ୟକୁ ମାଡ଼ ଦେବା ବା ହତ୍ୟା କରିବା, ଡକାଇତି, ବଳପୂର୍ବକ ସ୍ତ୍ରୀସମ୍ଭୋଗ, ବଳପୂର୍ବକ ପର ସ୍ତ୍ରୀଙ୍କାଧିକାର, ପର ସ୍ତ୍ରୀ ସଙ୍ଗମ ଏ ତାହା ଅପରାଧକାରୀଙ୍କ ସାହସିକ ବୋଲିସାଏ ।]

ସାହସିକତା—ପୁ. ବ (ସାହସିକ+ତ୍ୱ ବ. ତା)—ସାହସିକର ଭାବ ବା କାର୍ଯ୍ୟ—The act of a Sāhasika.
Sāhasikatā
(ସାହସିକ୍ୟ—ଅନ୍ୟରୂପ)

ସାହସିବା—ଦେ. କ୍ରି. (ପଦ୍ୟ)—ସାହସ କ ବା—
Sāhasibā — To undertake to do a bold or forcible act.
ସାହସ କରା — साहस करना
[ଦ୍ର—ବୋଲଇ ଇନ୍ଦ୍ର ଜେ ରହି, ସଗ୍ରାମ କରିବ ସାହସି—ଜଗନ୍ନାଥ. ଭାଗବତ ।]

ସାହସୀ—ବିଣ. ପୁଂ (ସାହସ+ଅସ୍ତି ଅର୍ଥରେ ଇନ୍; ୧ମା ୧ବ)—
Sāhasī — ୧ । ଶୌର୍ଯ୍ୟଶାଳି—1. Courageous.
(ସାହସିନୀ—ସ୍ତ୍ରୀ) ୨ । ନିର୍ଭୀକ—2. Bold; fearless; undaunted.
(ସାହସିଆ—ଦେ. ରୂପ)

ସାହସ୍ର—ପୁ. ବ (ସହସ୍ର+ସମ୍ଭାର୍ଥେ ଅ)—୧ । ବହୁ ସହସ୍ର; ସହସ୍ର ସମୂହ—1. Many thousands.
Sāhasra
୨ । ସହସ୍ରମାତ୍ର—2. A thousand only. ୩ । ସହସ୍ର ସେନାର ଅଧିନାୟକ—3. A commander of one thousand soldiers.
ବିଣ—୧ । ସହସ୍ର ସମ୍ବନ୍ଧୀୟ—Relating to one thousand. ୨ । ସହସ୍ରସଂଖ୍ୟକ—2. Numbering one thousand. ୩ । ସହସ୍ର ସଂଖ୍ୟକ ବ୍ୟକ୍ତିଙ୍କ ସହାୟପ୍ରାପ୍ତ—3. Assisted or supported by one thousand persons.

Digitized by srujanika@gmail.com

୪ । ସହସ୍ର ସଂଖ୍ୟକ ମୁଦ୍ରାଦ୍ୱାରା କ୍ରୀତ—4. Purchased with a thousand coins. ୫ । ସହସ୍ର ଧନ ମୂଲ୍ୟ ପରିମିତ—5. Valued at one thousand coins; of the value of one thousand coins.

ସାହସ୍ରକ—ସଂ. ବଣ (ସାହସ୍ର + କ)—ସହସ୍ର ସଂଖ୍ୟା ବିଶିଷ୍ଟ—Sāhasraka Numbering a thousand.

ସାହସ୍ରିକ—ସଂ. ବଣ (ସହସ୍ର + ଇକ)—ସହସ୍ର ସମ୍ବନ୍ଧୀୟ—Sāhasrika Relating to a thousand. ଖ,—ସହସ୍ର ଭାଗର ଏକଭାଗ (ଖ୍ରୀକୋଷ)—One thousandth part.

ସାହା—ଦେ. ବ (ସଂ. ସାଧୁ)—୧ । ଶୁଣ୍ଡି ଓ ଚେଇଅଦ ବ୍ୟବସାୟୀ Sāhā ଙ୍କର ବଂଶୋପାଧି—1. Family title of trad- ସାହା ing castes. ୨ । ବଦାଇର ବୈଶ୍ୟ ସାହାୟ ଓ କାୟସ୍ଥମାନଙ୍କ ବଂଶୋପାଧି ବିଶେଷ— 2. Family title of Kāyasthas and ସହାୟ Baiśyas in Bihar. ୩ । ପୂର୍ବବଙ୍ଗରେ ବଣିକଜାତିର ବଂଶୋପାଧି ବିଶେଷ—3. A family title of a caste of traders in East Bengal. ୪ । (ସଂ. ସଦାସ୍) ଆଶ୍ରୟଦାତା—4. Refuge. [ଉ—ଝଡ଼ ବଡ଼ ମଡ଼କରେ, ସାହା ହେବ ପ୍ରଜାକୁଳେ—ବାଲକୃଷ୍ଣ-ରଜାଧୁଅ ରଜାଙ୍କିଥ] ୫ । ସଦାସ୍—5. Help. [ଉ—ଭୁମ୍ବ ବାହା ସାହାରେ ସୁଖଷ୍ଟିର ରଜା, ଧୃତରାଷ୍ଟ୍ର ମୃତେ ଯୁଝିବା କଲେ ମଜା—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।] ୬ । ସଦାସ୍ୟକାସ୍ୱ; ସାହାଯ୍ୟକାସ୍ୱ—6. Helper; supporter. [ଉ—ନ ଭଟ୍ଟରେ ଶୁଭ୍ରଭୀ ଭାରତା ଦ୍ରୁଅ ସାହା—କବିଚୂର୍ଣ୍ଣ. ଚଣ୍ଡୀଭାଗବତ ୩ୟ. ୫ ରୀତ ।] ୭ । (ସ. ଶ୍ୱାସ) ପ୍ରାଣ- ସାଁସ ବାୟୁ—7. Life-breath. ୮ । ଜୀବଶକ୍ତି—8. Vital spark. ୯ । ପ୍ରାଣ—9. Life. [ଉ—ସଞ୍ଜକୁମୁଦ ସମ ଦ୍ୱାସ କଳାସ, ତୁ ସିନା ସାହା ରେ—କବିଚୂର୍ଣ୍ଣ. ସଙ୍ଗୀତ ।] ୧୦ । ଆତ୍ମା—10. Soul.

ଶାଖା ଡାଳୀ ୧୧ । (ସ. ଶାଖା) ଶାଖା—11. Branch.

ସଖା ସଖା ୧୨ । (ସ. ସଖା) ବନ୍ଧୁ—12. Friend.

ମୁଖୀ ବାତା କୀଳା ୧୩ । ଶଗଡ଼ର ଅଗ ଫଳ—13. The cross-bars put between the shafts of a bul-

ଶାହ lock cart. ବୈଦେ. ବ (ଫା. ସାହ୍) —୧ ।

ସାହ ରଜା—1. King. ୨ । ପାରସ୍ୟ ରଜାଙ୍କ ଉପାଧି—2. Saha; the title of the king of Persia. ୩ । ମୁସଲମାନମାନଙ୍କ ବଂଶୋପାଧିବିଶେଷ—3. A family title of the Mahomedans. ୪। ପ୍ରାଚୀନ ଭାରତର କେତେକ ମୁସଲମାନ୍ ରଜାଙ୍କ ବଂଶୋପାଧି—4. Family title of some Mahomedan kings of India. [ଉ—ଫାର୍ସୀ—'ଶାହ' ଶବ୍ଦରୁ 'ସାହା ଶବ୍ଦର ବ୍ୟବହାର ଭାଷାରେ ହୋଇଥିବା କଥା କେତେଜଣେ ଲେଖକ କହନ୍ତି । କିନ୍ତୁ ବଙ୍ଗଳା ଶବ୍ଦକୋଷାକାର ବହୁ ଗବେଷଣାଦ୍ୱାରା ସ୍ଥିର କରିଅଛନ୍ତି ଯେ ଫାର୍ସୀ ଭାଷାର ବ୍ୟବହାର ପୂର୍ବରୁ ଭାରତରେ 'ସାହ' ବା 'ସାହୁ' ଶବ୍ଦ ପ୍ରଚଳିତ ହୋଇଥିଲା । ଭାରତୀୟ ପ୍ରାଚୀନ ଶିଳାଲିପି ଓ ମୁଦ୍ରାଲିପିରେ ଗାନ୍ଧାର, ରଜପୁତାନା, ପଞ୍ଜାବ ଓ ସୌରାଷ୍ଟ୍ରରେ 'ସାହ' ରଜବଂଶର ଉଲ୍ଲେଖ ଅଛି । ମୁଦ୍ରାତତ୍ତ୍ୱବିତ୍ ରାପସୋନ୍ ସାହେବ ମୁଦ୍ରାସମୂହ ଅନ୍ୱେଷଣ କରି ସ୍ଥିର କରିଅଛନ୍ତି ଯେ, ଖ୍ରୀଷ୍ଟପୂର୍ବ ୨୫ ଅବ୍ଦଠାରୁ ସାମୁଦ୍‌ଗୁପ୍ତଙ୍କ ଭାରତ ଆକ୍ରମଣ (ଖ୍ରୀଷ୍ଟାବ୍ଦ ୧୦୨୫) ପର୍ଯ୍ୟନ୍ତ 'ସାହୁ' ରଜାମାନେ ଗାନ୍ଧାରରେ ରାଜତ୍ୱ କରୁଥିଲେ । ସମୁଦ୍ରଗୁପ୍ତଙ୍କ ଅଳ୍ଲାହାବାଦସ୍ଥ ସ୍ତମ୍ଭଲିପିରୁ ଜଣାପଡ଼େ ଯେ, ଖ୍ରୀଷ୍ଟୀୟ ୪ର୍ଥ ଶତାବ୍ଦୀର 'ସାହୁ' ଓ 'ସାହାନୁସାହୀ' ରାଜବଂଶ ଭାରତରେ ପ୍ରବଳ ଥିଲେ ଓ ଏମାନଙ୍କୁ ଜୟ କରି ସମୁଦ୍‌ଗୁପ୍ତ ଭାରତ ସମ୍ରାଟ୍ ହୋଇଥିଲେ । ମୁସଲମାନ୍ ବାଦ୍‌ସାହାମାନେ ଯେଉଁ ସର ସାହା ଓ ସାହାନ୍‌ସାହା ଉପାଧିରେ ପରିଚିତ ହେଇଥିଲେ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀଠାରୁ ଭାରତରେ ସମ୍ବର୍ତ୍ତବ୍ୟଞ୍ଜକ 'ସାହାନୁସାହୀ' ଉପାଧ୍ୟବିଶିଷ୍ଟ ରାଜବଂଶ ରାଜତ୍ୱ କରୁଥିଲେ ।] ୫ । (ଫା. ବିୟେ ଶାଦୀ) ବିବାହ—5. Marriage. [ଦ୍ର—ବିହ ଶବ୍ଦ ବାହା ଶବ୍ଦ ସଙ୍ଗେ ସମ୍ବନ୍ଧରୂପେ ବ୍ୟବହୃତ ହୁଏ । ଯଥା—ବାହାସାହା = ବିବାହାଦି ।]

ସାହା ଆଲମ୍—ବୈଦେ. ବ (ନାମ)—ଦିଲ୍ଲୀର ଶେଷ ନାମ ମାତ୍ର Sāhā ālam ମୋଗଲ ସମ୍ରାଟ—The last nominal ସାହା ଆଲମ Moghul Emperor. [ଦ୍ର—ଏ ଦିଲ୍ଲୀର ଶାହ୍ ଆଲମ ଶେଷ ମୋଗଲ ସମ୍ରାଟ୍ ଥିଲେ । ଏ ଖ୍ରୀ. ୧୭୬୧ରେ ସମ୍ରାଟ ହୋଇଥିଲେ । ଏ ପ୍ରଥମେ ୧୭୬୫ରେ ଲର୍ଡ କ୍ଲାଇବଙ୍କ ଅମଳରେ ଇଂରେଜମାନଙ୍କଦ୍ୱାରା ପରସ୍ତ ହୋଇ ମୋଗଲ ରାଜଧାନୀ ଦିଲ୍ଲୀ ପରିତ୍ୟାଗ କରି ଇଂରେଜଙ୍କଠାରୁ ବାର୍ଷିକ ୨୫ ଲକ୍ଷ ଟଙ୍କା ବୃତ୍ତି ପାଇ ନାମମାତ୍ର ସମ୍ରାଟ୍‌ରୂପେ ଅଳ୍ଲାହାବାଦରେ ଇଂରେଜମାନଙ୍କ ବାହୁଛାୟାରେ ବାସ କଲେ । ପରେ ସିନ୍ଧିଆ ଏହାଙ୍କ ବନ୍ଦୀ କରି ରଖିଥିଲେ । ଜଣେ ଅଫଗାନ୍ ଏହାଙ୍କ ଅଖି ଫୁଟାଇ ଦେଇଥିଲା । ଇଂରେଜମାନେ ୧୯୦୮ରେ ଏହାକୁ କାବୁମୁକ୍ତ କରି ସେନ୍ଧିଆଙ୍କ ହାତରୁ ନେଇ ଏହାଙ୍କ ଅମଳରେ ମୋଗଲ ରାଜ୍ୟର ଶେଷ ହେଲା ଓ ଇଂରେଜ ରାଜତ୍ୱ କ୍ରମେ ବିସ୍ତୃତ ଲାଭ କଲା ।]

ସାହା ଛଡ଼ିବା—ଦେ. ବ—୧ । ପ୍ରାଣ ଛାଡ଼ିପିବା; ଦେହରୁ ପ୍ରାଣବାୟୁ Sāhā urdibā ବହିର୍ଗତ ହେବା—1. The passing ପ୍ରାଣ ଉଡ଼ା away of the life-breath from the ସାଁସ ନିକଳନା body. ୨ । ପ୍ରାଣାନ୍ତିକ କଷ୍ଟ ବା ପ୍ରାଣସଙ୍କଟ ଉପସ୍ଥିତ ହେବା; ଜୀବା ଉଡ଼ିବା—2. The state of a person who is about to die. ୩ । ଦେହତ୍ୟାଗ; ମୃତ୍ୟୁ ଘଟିବା—3. Dying.

Digitized by srujanika@gmail.com

ସାହାଁ—ସ୍ତ୍ରୀ (ଉତ୍ତରାଞ୍ଚଳ) ବ—ସାହାସ—
Sāhāñ Courage; bravery.

ସାହାଁସେ—ସ୍ତ୍ରୀ (ଲକ୍ଷ୍ୟ) କି. ବ୍ୟ—ଏକାଥରକେ—
Sāhāñse All at once.

ସାହାକାର୍—ସ୍ତ୍ରୀ (ସମ୍ବଲପୁର) ବ—୧ । ସାହୁକାର; ଉତ୍ତମର୍ଣ୍ଣ; ସହାଜନ—1. Creditor. ୨ । କୁସୀଦଜୀବୀ—2. An usurer.
Sāhākār

ସାହା ଖର୍ଚ୍ଚୀ—ଦେ. ବିଣ—ଜଜର ଅସ୍ଥିର ମନ୍ତ୍ରୀ ଯେ ବ୍ୟୟ କରେ ନାହିଁ; ଅପବ୍ୟୟୀ—Prodigal; spend-thrift. (ଉ—ଲେଖକ। ବଡ଼ ସାହାଖର୍ଚ୍ଚୀ ଥିଲା। ସାହା ଖରଚୀ ପ୍ରଚାରମୋହନ· ଭ୍ରମାଣ ଅଠଗୁଣ ।)
Sāhā kharchī
(ସାହା ଖରଚୀ, ସାହା ଖରଚଅ—ଅନ୍ୟରୂପ)

ସାହାଜ—ଦେ ବ (ବୈଦ୍ୟକ) (ସଂ. ସର୍ଜ୍ଜକ=ଅସନ ବା ଶାଳ ଜାତି)—ଏକପ୍ରକାର ଅରଣ୍ୟ ତରୁ—A sort of ଶାଳକାଠ hardy timber tree. [ଦ୍ର—ଏଥିର କାଠ ଶକ୍ତ ସଲଈକାପେଡ ଥିବାରୁ ଏଥିରେ ଶଗଡ଼ ଦଣ୍ଡାଥବ ଉଥର ଜୁଏ। ଏହା ଅସନଜାତି ଶ୍ରେଣୀର ।]
Sāhāja

ସାହାଜାଦା—ବୈଦେ. ବ, ପୁଂ (ଫା. ସାହ୍‌ଜାଦା)—ରାଜପୁତ୍ର—
Sāhājādā Prince; a king's son.
(ସାହାଜାଦା—ସ୍ତ୍ରୀ) ସାହାଜାଦୀ ଶାହଜାଦା

ସାହାଜାହାଁ—ଦେ. ବ (ନାମ) (ଫା. ଅନ୍ତରକ ଅର୍ଥ ଜଗତ୍‌ପତି)—ଦିଲ୍ଲୀର ପଞ୍ଚମ ମୋଗଲ ସମ୍ରାଟ—Sāhājāhān; (ସାହାଜାହାନ୍—ଅନ୍ୟରୂପ) the fifth Moghul Emperor, of Delbi. [ଦ୍ର—ଏ ଔରଙ୍ଗଜେବଙ୍କ ପିତା, ଜାହାଙ୍ଗୀରଙ୍କ ତୃତୀୟ ପୁତ୍ର ଓ ଅକବରଙ୍କ ପୌତ୍ର। ଜାହାଙ୍ଗୀରଙ୍କ ରାଜପୁତଜାତୀୟା ପତ୍ନୀ ଯୋଧବାଈଙ୍କ ଗର୍ଭରୁ ଏହାଙ୍କର ଜନ୍ମ । ଜାହାଙ୍ଗୀରଙ୍କ ପ୍ରିୟତମା ମହିଷୀ ନୂରଜାହାନଙ୍କ ଭାଇଙ୍କ କନ୍ୟା 'ମମତାଜ୍‌ମହଲଙ୍କ' ସଙ୍ଗେ ଏହାଙ୍କର ବିବାହ ହୋଇଥିଲା । ଜାହାଙ୍ଗୀରଙ୍କ ଶାସନକାଳରେ ଏ ପିତାଙ୍କର ବିଦ୍ରୋହୀ ହୋଇ ବଙ୍ଗଦେଶ ଓ ଦାକ୍ଷିଣାତ୍ୟରେ ବାସ କରୁଥିଲେ ଓ ଜାହାଙ୍ଗୀରଙ୍କ ମୃତ୍ୟୁ ପରେ ଏ ଦୌଳତଲଭ୍ୟେ ୧୬୨୮ ସାଲରେ ଦିଲ୍ଲୀର ସିଂହାସନ ଅଧିକାର କରେ ଏବଂ ଆଗ୍ରାର ଅଧିକାଂଶ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ବଧ କରାଇ ଆଗ୍ରାର ଅଧିକାରକୁ ନିଷ୍କଣ୍ଟକ କରିଥିଲେ । ଏହାଙ୍କର ପ୍ରଥମ ନାମ ଖୁରମ୍ ଥିଲା । ଏ ଜାହାଙ୍ଗୀରଙ୍କ ଅମଳରେ ଉଦୟପୁର ରାଜାଙ୍କୁ ପରାଜିତ କରି ପିତାଙ୍କ ନିକଟରୁ 'ସାହାଜାହାନ୍' ଉପାଧି ପାଇ ଥିଲେ । ଏହାଙ୍କ ଦ୍ୱାରା ଦାକ୍ଷିଣାତ୍ୟର ନିଜାମ୍‌ନଗର ଓ ଗୋଲକୁଣ୍ଡା ରାଜ୍ୟ ଦୁଇଟି ମୋଗଲସାମ୍ରାଜ୍ୟଭୁକ୍ତ ହୋଇଥିଲା ।

ଏହାଙ୍କର ପୁତ୍ରମାନଙ୍କ ମଧ୍ୟରୁ ତୃତୀୟପୁତ୍ର ଔରଙ୍ଗଜେବ୍. ଏହାଙ୍କର ପୀଡ଼ାବସ୍ଥାରେ ଏହାଙ୍କୁ ବନ୍ଦୀ କରି ଓ ଅନ୍ୟ ଭ୍ରାତାମାନଙ୍କୁ ପରାସ୍ତ କରି ୧୬୫୮ ମସିହାଠାରୁ ୧୬୬୫ ମସିହା ପର୍ଯ୍ୟନ୍ତ ପିତାଙ୍କ ନାମରେ ରାଜ୍ୟ ଚଳାଇଲେ ଓ ୧୬୬୬ ଅବ୍ଦରେ ଏହାଙ୍କର ମୃତ୍ୟୁ ପରେ ନିଜେ ଅରଙ୍ଗଜୀବ୍ ଅର୍ଥାତ୍ "ଜଗତ୍ପତ୍ନୀ" ଉପାଧିଗ୍ରହଣ କରି ସମ୍ରାଟ୍ ହେଲେ । ଏହାଙ୍କର ସିଂହାସନାରୋହଣ ୧୬୫୮, ରାଜତ୍ୱ ୧୬୫୮ ପର୍ଯ୍ୟନ୍ତ ଓ ମୃତ୍ୟୁ ୧୬୬୬ ରେ ହୋଇଥିଲା ।

ସାହାଜାହାନ୍ ଅକବରଙ୍କ ସାମ୍ୟଗାଡ ଅନୁସରଣ କରି ହିନ୍ଦୁ ମୁସଲମାନ୍‌ମାନଙ୍କୁ ସମାନ ଦୃଷ୍ଟିରେ ଦେଖିଥିଲେ । ଏ ଅତ୍ୟନ୍ତ ଐଶ୍ୱର୍ଯ୍ୟ ଥିଲେ ଏବଂ ୬ କୋଟି ଟଙ୍କା ବ୍ୟୟ କରି ତାଜ୍‌ବାଲୀନ ରାଜଧାଗ ଆଗ୍ରାଠାରେ ମଣିମୁକ୍ତାଖଚିତ ଗୋଟିଏ ମୟୂରସିଂହାସନ ନିର୍ମାଣ କରାଇଥିଲେ । ଏହାଙ୍କ ରାଜତ୍ୱର ତତ୍ରୟୋଦଶ ବର୍ଷରେ ଏହାଙ୍କ ମହିଷୀ ମମତାଜ୍‌ମହଲ୍ ପରଲୋକ ଗମନ କରିବାରୁ ତାଙ୍କ ସ୍ମରଣାର୍ଥ ଏ କାରୁକାର୍ଯ୍ୟଖଚିତ ଜଗତ୍ପ୍ରସିଦ୍ଧ ଶୁଭ୍ରପ୍ରସ୍ତର ନିର୍ମିତ ତାଜ୍‌ମହଲ୍ ନାମକ ଗୋଟିଏ ସମାଧି ଅଗ୍ରାଠାରେ ୩ କୋଟି ସାଢ଼େ ୧୭ ଲକ୍ଷ ମୁଦ୍ରା ବ୍ୟୟରେ ନିର୍ମାଣ କରାଇଥିଲେ । ଅଗ୍ରାଠାରେ ଗୋଟିଏ ମୋତିମସ୍‌ଜିଦ୍ ଓ ଦିଲ୍ଲୀଠାରେ ଜୁମା ମସ୍‌ଜିଦ୍ ଓ ରାଜପ୍ରାସାଦ ଓ ଦେଓାନ୍-ଇ-ଖାସ୍ ନାମକ ରାଜଦରବାର ମଣ୍ଡପ ଅତି ବହୁମୂଲ୍ୟ ପ୍ରସ୍ତରରେ ନିର୍ମାଣ କରାଇଥିଲେ । ଏହୁ ସୌଧମାନଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟମାନ ଥାଇ ସମସ୍ତ ଜଗତକୁ ସୁମୋହିତ ଓ ବିସ୍ମିତ କରୁଅଛି ।]

ସାହାଜାହାନ୍ ପୁର—ଦେ. ବ (ନାମ)—ଅଗ୍ରା ଏବଂ ଅଯୋଧ୍ୟା ଯୁକ୍ତ-ପ୍ରଦେଶର ଗୋଟିଏ ନଗର—A town (ସାହାଜାନ୍ ପୁର—ଅନ୍ୟପୁର) in the United Provinces Sāhājāhan pura of Agra and Oudh. [ଦ୍ର—ଏଠାରେ ସାହାଜାହାନ ପୁର ପ୍ରସ୍ତୁତ ଦେଶୀ ବା ଅରଙ୍ଗିମଦ (Rum) ବଣ୍ୟାଉ । ମୋଗଲ ବାଦସାହା ସାହାଜାହାନଙ୍କ ନାମ ଅନୁସାରେ ଏହୁ ନଗରର ନାମକରଣ ହୋଇଅଛି ।]

ସାହାଜୀ—ଦେ. ବ (ନାମ)—ଶିବାଜୀଙ୍କ ପିତା—Father of Sāhājī Śibājī. [ଦ୍ର—ଏ ବିଜାପୁର ସୁଲତାନଙ୍କ ଅଧୀନ ସୈନିକ [ସାହାଜୀ ଭୌସଲ—ଅନ୍ୟରୂପ] କରିଥିଲେ ଓ ତାଙ୍କଠାରୁ ଜେଜେକ ସାହାଜୀ ଜାଗିର ପାଇଥିଲେ । ଏ ଯୁବକ ଶିବାଜୀଙ୍କୁ ଦାଦାଜୀ ସହାଜୀ ଭୋଣ୍ଡଦେବ ନାମକ ଜଣେ ବ୍ରାହ୍ମଣଙ୍କ ଅଭିଭାବକତ୍ୱରେ ରଖିଥିଲେ । ଶିବାଜୀ ଦାଦାଜୀଙ୍କଠାରୁ ଯୁଦ୍ଧବିଦ୍ୟା ଶିଖିଥିଲେ । ପରେ ଶିବାଜୀ ବିଜାପୁରର ଅନେକଗୁଡ଼ିଏ ଦୁର୍ଗ ଦଖଲ କରିବାରୁ ବିଜାପୁରର ସୁଲତାନ ସାହାଜୀଙ୍କୁ ବନ୍ଦୀ କରିଥିଲେ । ଶିବାଜୀ ବିଜାପୁର ରାଜ୍ୟର ପ୍ରଧାନ ଶତ୍ରୁ ମୋଗଲ ସମ୍ରାଟ ଔରଙ୍ଗଜେବ୍‌ଙ୍କ ସହିତ ସଖ୍ୟ କରିବାରୁ ବିଜାପୁର ସୁଲତାନ ସାହାଜୀଙ୍କୁ ମୁକ୍ତ କରି ଦେଇଥିଲେ ।]

ସାହାଡ଼ା (ଇତ୍ୟାଦି)—ଦେ· ବ—ଶାହାଡ଼ା ଇତ୍ୟାଦି (ଦେଖ)
Sāhārḍā (etc) Śāhārḍā etc. (See)

Digitized by srujanika@gmail.com

ସାହାଡ଼ାପଡର - ପାଦେ (ଭାଲ୍ଲେଶ୍ୱର) ବ—ବସ୍ତ୍ୟବଶେଷ—
Sāhāṛdāpaṭari A kind of fish.

ସାହାଡ଼ା(ଡ଼େ)ଣ—ଦେ ବ. ସ୍ତ୍ରୀ—(ଶାଢ଼ାଡ଼ା ଚଟ୍ଟରେ ପୂଜା ପାଉ-
Sāhaṛdā(ṛdē)ṇī ଥିବାରୁ)—ଶାଢ଼ାଡ଼ା ଚଟ୍ଟରେ ମୂଳା ପାଇଥିବା
ସାଓଡ଼ାଦେବୀ ଗ୍ରାମଦେବତା ବିଶେଷ - Name of a village
ସାହାଡ଼ାଦେବୀ Goddess worshipped in the trunk of a 'Sāhaṛdā' tree.

ସାହାଣ—ଦେ. ବ (ସଂ. ଶାଣ)—୧ । ଶାଣ (ଦେଖ)—
Sāhāṇa Śāṇa (See) ୨ । (ସଂ. ସାଧାରଣ) ଚତୁଷ୍ପଦଗଣକ
ଶାଣ **ସାନ** ଜାତ ଜନ୍ତୁଙ୍କର ଦଳ; ପଲ —
ଦଳ, ସାରି **ଝୁଣ୍ଡ** 2. Horde of animals.
(ଉ—ଦେଶିରେ କାଙ୍ଗୁଡ଼ାରେଣ ଜଡି ସାହାଣ—
ଶୂନ୍ୟପୁରାଣ ୧୦ମ ସ୍ତମ୍ଭ ।) ବଣ—(ସଂ.
ସାଧା. ଣ) ସର୍ବସାଧାରଣଙ୍କ ପ୍ରବେଶ ସକାଶପାଇଁ —
Accessible to the public; open to the public.
ପାଦେ (ପୁଣ୍ଡ୍ର) ବ—(ଧୂଳି ଛାଣିବା ରେ
ସାଙ୍ଗମାଡ଼ିଙ୍କ ବ୍ୟବହୃତ ଶବ୍ଦ —ଏଣ୍ଡା ଗଛ ସଙ୍ଗେ ସଜ୍ଜରେ
ଚୁପେ ବ୍ୟବହୃତ ଦୃଢ଼) —ବ୍ୟାୟାମକାରୀ ମଣ୍ଡ ଲୁଡ଼ ଗଦା
ବୁଲାଇବା ଅଭ୍ୟାସ କରିବେଳେ ଏକ ହାତରେ ଏହା ଓ
ଅନ୍ୟ ହାତରେ ସେଉଁ ଲୁହାର ଲମ୍ବା ଥଣ୍ଡା ସରୁ ଚଉଡ଼ା
ବୁଲାଏ —A long bit of flat iron held by a gymnast in one hand while exercising with an iron mace in the other
ପାଦେ (ଚଉଡ଼ାଦାନ୍ତ) ବ— ଗୋରୁଙ୍କ ଧରିବା ଖାଇବା
ରୋଗବିଶେଷ—A kind of cattle disease.
[ଦ୍ର—ଏଥିରେ ଦେହର ଚର୍ମ ଝାଙ୍କୁଡ଼େ; ଗୋରୁ ଶୋଇବ
ସ୍ଥାନରୁ ଉଠି ଖାଇପାରେ ନାହିଁ; କଣ୍ଠ ତୁଲରେ ଅଳ୍ପ ଘର
ଫୋଟିବାରେ । ଏହାର ରୋଗ ହେଲେ ଗୋରୁଙ୍କ ଦେହରେ
ଚାଉଳ ଲୁହାରର ଦାଗ ଦିଅନ୍ତି ।]

ସାହାଣ କରିବା—ଦେ. କ୍ରି (ସଂ. ଶାଣ)—ଯନ୍ତ୍ର ଅସ୍ତ୍ର ଶାଣ ଦେବା
Sāhāṇa karibā ବା ପଜାଇବା; ଧାଡ଼ କରିବା—
(ସାହାଣ ଦେବା—ଅନ୍ୟରୂପ) To whet; to
ଶାଣ ଦେଓୟା **ସାନ କରନା** sharpen an
instrument by whetstone.

ସାହାଣି ଭଣ୍ଡାର - ପାଦ (ଭାଲରେର) ବ—ରାଜାଙ୍କର କୋଷାଗାର-
Sāhāṇ bhaṇḍāra King's treasury.

ସାହାଣି ପଥର—ଦେ. ବ—ଶାଣ ପଥର (ଦେଖ)
Sāhāṇ pathara Śāṇa pathara (See)
ଶାଣ ପାଥର **ସାନ ପଥର**

ସାହାଣି ମେଲା—ଦେ. ବ—ଜଗନ୍ନାଥଙ୍କ ଦେଉଳରେ ଯେଉଁ ସମୟରେ
Sāhāṇā melā ଜଗନ୍ନାଥଙ୍କ ସାନ୍ନିଧ୍ୟକୁ ଯାଇ ସର୍ବସାଧାରଣ
ଯାହା ଦର୍ଶନ କରି ପାରନ୍ତି—The time when the inner shrine of the Idol Jagannātha of Puri is open to the public.

ସାହାଣୀ—ଦେ. ବ—ଗୋରୁଙ୍କ ରୋଗର ଓ ସୁନ୍ଦର ଫୁଲ ରୋଗ—
Sāhāṇā A cattle disease.
ଖଁହା

ସାହାଣି—ବୈଦେ. ବ (ଫା. ସାହାନାହ୍ = ଗ୍ରାମର ଚାରକାର) —୧ ।
Sāhāṇi ଖଣ୍ଡାୟତ ଓ ଶୂଦ୍ରାଳଙ୍କର ବଂଶେ ସାଧାରଣ—
ସାହାନୀ 1. family title of Khaṇḍāyatas
ସହିସ **ସାଇସ** and Sūdras. ୨ । ଅଶ୍ୱ
ରକ୍ଷକ; ଘୋଡ଼ା—2. Groom; the keeper of a horse.

ସାହାନ୍ ସାହା—ବୈଦେ.ବ (ଫା.ସାହାନ୍ସାହ୍)—ରାଜାଧିରାଜ; ସମ୍ରାଟ—
Sāhān sāhā A king of kings; an emperor.
ସାହାନ ସାହା **ସାହାଲ ସାହ**

ସାହାନା—ବୈଦେ, କ (ଫା. ସାହାନାହ୍) —ରାତି ଦ୍ୱିତୀୟ ପ୍ରହରରେ
Sāhanā ଗାଇ ହେବା ସ୍ୱରବଦ୍ଧ ଶବ୍ଦ—Name
ସାହାନା **ଶହାନା** of a musical tune
suitable to be sung at midnight.
ପାଦେ (ଲଉଅ) ବ—ସଣ୍ଡାଶି - Tongs.

ସାହାପକ୍ଷ୍—ପାଦେ (ଲଉଅ) ବିଣ—ସାହାପକ୍ଷ (ଦେଖ)
Sahāpaekh Sāhāpakṣha (See).

ସାହାପକ୍ଷ—ତ୍ରି. ବ (ସଂ, ସପକ୍ଷ; ସହାୟ୍+ପକ୍ଷ)—ସହାୟ—Help.
Sāhāpakṣha (ଉ—ଦୋଷ କରିଣ କେହୁ ସାହାପକ୍ଷ ଅଛ —
ସହାୟ **ସହାୟ** ମାଳକଣ୍ଠ ପିଲ୍ଲଙ୍କ ରାମାୟଣ ।)
ସପକ୍ଷ **ସାପକ୍ଷ** ବଣ—୧ । ଅନୁକୂଳ—1. Favourably disposed. ୨ । ସହାୟକାରୀ—2. Helping. [ଉ—ଅଗାରଲୋକ ସାହାପକ୍ଷ, ଚଳିଲେ ଯାଇ
ଦେଉ ମୋକ୍ଷ । ପ୍ରାଚୀ ନର୍ମୁଣ୍ଡମାଳାସ୍ତ୍ରୀ]

ସାହାପତି—ତ୍ରି. ବ—ସାହାପକ୍ଷ (ଦେଖ)—
Sāhāpati Sāhāpakṣha (See)
ସହାୟ **ସାହାୟ**

ସାହାପୁରୀ—ଦେ. ବ—ବଜାରରେ ବିକ୍ରି ହେଉଥିବା ଏକପ୍ରକାର ସୁଆ—
Sāhāpurī A sort of betel nut sold in the
ସାହାପୁରୀ **ସାହାପୁରି** market.

ସାହାପୁରୁଷ - ଦେ. ବ—୧ । ଜୀବାତ୍ମା—1. Life (personified).
Saha purusha (ଯଥା—ମୋ ସାହାପୁରୁଷ ଉଡ଼ିଗଲା) ୨ । ପ୍ରାଣ-
ସାହାପୁରୁଷ **ସାହାପୁରୁଷ** ବାୟୁ—2. The breath of life.
୩ । ପ୍ରେତାତ୍ମା—3. Ghost. (ଯଥା—ତୁ ମଲେ ତୋ
ସାହାପୁରୁଷ ଏଠାରେ ରହିବ ।)

ସାହାବ(ଇତ୍ୟାଦି)—ବୈଦେ. ବ—ସାହେବ ଇତ୍ୟାଦି (ଦେଖ)—
Sāhaba (etc) Sāheba etc (see)

ସାହାବନ୍ତ—ଦେ.ବିଣ—ସାହାଯ୍ୟକାରୀ—Supporting; helping;
Sāhābanta assisting. [ଉ—ଗାଣ୍ଡୁଭଜନାଳେ ଦେବାରୁ
ସାହାଯ୍ୟକାରୀ **ସହାୟକ** ସାହାବନ୍ତ । କୃଷ୍ଣସିଂହ ମହାଭାରତ. ଉଦ୍ଯୋଗ]

Digitized by srujanika@gmail.com

ସାହା ବଳ—ଦେ. ବ (ସଙ୍କଳର ଶବ୍ଦ; ସ ସହାୟ୍ ଓ ବଳ)--ସହାୟ୍ ଓ ବଳ—Support and strength. (ଯଥା ସହାୟସାପକ୍ଷ **सहायबल** ମୋର ସାହାବଳ କେହି ନାହିଁ)

ସାହା ଭରସା—ଦେ. ବ (ସଙ୍କଳର ଶବ୍ଦ; ସ. ସହାୟ୍ ଓ ଭରସା)—ସହାୟ୍ ଓ ଆଶା—Help and hope. ଆଶାଭରସା **सहायभरोसा** (ଯଥା—ମୋର କେହି ସାହାଭରସା ନାହିଁ)

ସାହାଭୂତ—ଦେ. ବଣ (ସ. ସହାୟ୍ଭୂତ)—ସହାୟ ରୂପେ ଉପଗତ—Sāhābhūta Personified. [ଭ—ଉପତ ପୁଣ ସାହାଭୂତ **सहायभूत** ସର୍ପଣରେ, ଯାଇଣ ଲେଖଲେଙ୍କି କୃଷ୍ଣଙ୍କ ଦେଢ଼ରେ। କୃଷ୍ଣସିଂହ. ମହାଭାରତ. କର୍ଣ୍ଣ]

ସାହାୟ୍—ଗା. ବ (ସଂ ସହାୟ୍—ସହାୟ୍ (ଦେଖ) Sāhāya ସହାୟ **साहाय** Sahāya (See)

ସାହାୟ୍ୟକ—ସଂ. ବ (ସହାୟ୍+ଷ୍ୱବ ବା କର୍ମାର୍ଥେ· ବ)—Sāhāyaka ୧ । ସହାୟ୍ତା (ବ୍ୟବହାର)—1. Help; support. ୨ । ଅନୁକୂଲ୍ୟ—2 Favour.

ସାହାଯ୍ୟ—ସଂ. ବ (ସହାୟ୍+ଯ)—୧ । ସହାୟ୍ତା—1. Help; Sāhāyya aid; assistance. ୨ । ଅନୁକୂଲ୍ୟ—2. Favour. ଦେ. ବ—ସ୍କୁଲ ଆଦି ଚଳାଇବା ପାଇଁ ସରକାର ରୁ ମିଳିବା ଅର୍ଥ—Grant-in-aid or stipend given to a school or other institution from public funds. **साहाय** ସାହାଯ୍ୟ କରିବା—ଦେ· କ୍ରି ସହାୟ୍ତା କରିବା—Sāhāyya karibā To help; to assist. ସାହାଯ୍ୟ କରା **साहाय करना**

ସାହାଯ୍ୟ କୃତ—ଦେ. ବ—ସାହାଯ୍ୟ ପ୍ରାପ୍ତ (ଦେଖ) Sāhāyya kṛuta Sāhāyya prāpta (See) ସାହାଯ୍ୟ କୃତ **साहाय कृत**

ସାହାଯ୍ୟ ଦାତା—ଦେ. ବଣ. ପୁଂ—ଯେ ସାହାଯ୍ୟ କରେ—Sāhāyya dātā Helping; assisting. (ସ୍ତ୍ରୀ ସାହାଯ୍ୟ ଦାତ୍ରୀ—ସ୍ତ୍ରୀ) ସାହାଯ୍ୟ ଦାତା **साहाय देने वाला**

ସାହାଯ୍ୟ ଦାନ—ସଂ ବ—ସାହାଯ୍ୟ କରଣ—Sāhāyya dāna Rendering of help.

ସାହାଯ୍ୟ ଦେବା—ଦେ. କ୍ରି—ସାହାଯ୍ୟ କରିବା—Sāhāyya debā To help; to assist. ସାହାଯ୍ୟ ଦେଓୟା **साहाय देना**

ସାହାଯ୍ୟ ପ୍ରାପ୍ତ—ଦେ. ବଣ—(ଗଭର୍ଣ୍ଣମେଣ୍ଟଙ୍କଠାରୁ) ଅର୍ଥ-ସାହାଯ୍ୟ ପାଇଥିବା (ସ୍କୁଲ ଆଦି)—Sāhāyya prāpta (ସାହାଯ୍ୟ ପ୍ରାପ୍ତି—ବ) Aided (by the government). ସାହାଯ୍ୟ ପ୍ରାପ୍ତ **साहाय प्राप्त**

ସାହାଯ୍ୟ ପ୍ରାର୍ଥନା(ଭିକ୍ଷା)—ସଂ. ବ—ଅନ୍ୟଠାରୁ ସାହାଯ୍ୟ ଚାହିବା-Sāhāyya prarthanā(bhikshā) Asking for help.

ସାହାଯ୍ୟ ପ୍ରାର୍ଥୀ—ସ· ବଣ ସାହାଯ୍ୟ ଚାହିଁଥିବା (ବ୍ୟକ୍ତ)—Sāhāyya prārthi Seeking help; soliciting help. (ସାହାଯ୍ୟ ପ୍ରାର୍ଥିନୀ—ସ୍ତ୍ରୀ) (ସାହାଯ୍ୟ ପ୍ରକାଶ—ଦେ. ରୂପ)

ସାହାଯ୍ୟ ଲାଭ—ସ· ବ—ସହାୟ୍ତାର ପ୍ରାପ୍ତି—Sāhāyya lābha Getting of help.

ସାହାର—ଦେ. ବ (ସଂ. ସହକାର)—ସହକାର; ଉତ୍କୃଷ୍ଟ ଓ ସୁବାସିତ ଅମ୍ବ—A sweet flavoured and excellent kind of mango. ସହକାର **सहकार**

ସାହାରଣ(ନ)ପୁର—ଦେ. ବ (ନାମ)—ଯୁକ୍ତ ପ୍ରଦେଶର ନଗର ଓ ଜିଲ୍ଲା— Sahāraṇa(na)pura ନଗର ଓ ଜିଲ୍ଲା— Name of a district and town in the United Province of India. ସହାରନପୁର **सहारनपुर**

ସାହାରା—ବେଦେ· ବ (ନାମ)—ଅଫ୍ରିକାର ମଧ୍ୟବର୍ତ୍ତୀ ମରୁଭୂମି— Sāhārā The Sāhārā desert of Africa. [ତୁ—ସାହାରା ଏହା ଅଫ୍ରିକା ମହାଦେଶର ଉତ୍ତର ପଶ୍ଚିମରେ ଅବସ୍ଥିତ । ଏହା ପୃଥିବୀରେ ସବୁଠାରୁ ବଡ଼ ମରୁଭୂମି । ଏହାର ଦୈର୍ଘ୍ୟ ୨ ହଜାର ମାଇଲ୍ ଓ ପ୍ରସ୍ଥ ହଜାରେ ମାଇଲ୍ ।

ସାହାଲ—ଦେ. ବ—ଚିଲିକାର ଏକପ୍ରକାର ମାଛ— Sāhāla A kind of fish (of the Chilka lake).

ସାହାଲା—ଦେ· ବ (ସଂ. ଶାଳ; ସାଲ=ଗୃହ; ଶ୍ରେଣୀ)—ଗୃହର ଶ୍ରେଣୀ; ଧାଡ଼ି— Sāhālā A row of houses. [ତୁ—ସାରି ମହଲ ତହେଁ ନରସିଂହପୁର ଶାସନ ମୁଣ୍ଡ ସାହାଲା ଘରକୁ ଛତ ପଶ୍ଚିମ ପାଠିଏ ଦକ୍ଷିଣ ଦୁଆରେ ବଳଦେବଙ୍କ ପୂଜା. ପିଣ୍ଡି ବା ମଣ୍ଡପ—ଯଜ୍ଞାରମୋଡନ. ଗଲ୍ପସ୍ତ୍ରଲ୍ପ ।]

ସାହାଲା ସାହାଲା ହୋଇ ବସିବା—ପ୍ରାଦେ. (ଘାଟଣା ବଳଦଙ୍କିର) ବ— Sāhālā sāhālā hoi basibā ଧାଡ଼ି ଧାଡ଼ି ହୋଇ ବସିବା— To sit in rows.

ସାହାଲିଆ—ଦେ. ବଣ—ସାହାଲା ବା ଶ୍ରେଣୀବଦ୍ଧିଷ୍ଟ; ଶ୍ରେଣୀବଦ୍ଧ— Sāhāliā ସାରି ବାନ୍ଧା **महलका** Arranged in rows. [ଯଥା—ଉନ ସାହାଲିଆ ଘର ।]

ସାହାସ—ପ୍ରା· ବ—୧ । (ସ· ସାହସ)—ସାହସ (ଦେଖ)— Sāhāsa Sāhasa (See) [ତୁ—ସାହାସରୁ ଥିବା ଧରି ସାହସ **साहस** ଗୋ; ଶ୍ରର ଦୁର୍ବଳତା ଅସ୍ଥିରେ ସାଗରୁ ଛଡ଼ିବା ଗୋଇଠା ମାର ଗୋ—ବାଳକୃଷ୍ଣ. ଗୃରୁଲବଙ୍ଗଲତା ।]

କଷ୍ଟ ୨ । ପୀଡ଼ା—2. Pang; pain. [ତୁ—ଜର ସାହା କ୍ଲେଶ ସାହା ସାହାସ କାମର ଡର ଜ୍ୱରବ ବଢ଼ାଇବ—ରଙ୍ଗ. ଶ୍ୱାସ, ହାଁପାନୀ ପ୍ରେମସ୍ୱଧାନଧି ।] ଶ ୧ (ସଂ. ଶ୍ୱାସ) ଶ୍ୱାସ ସାଁସ (ଦେଖ)—3. Swāsa (See) ପ୍ରାଦେ. (ଗଞ୍ଜାମ) ବ—ନସ୍ତ ବା ତାସ ଖେଳରେ ଜଣେ ଖେଳାଳି ହାତରେ ରଙ୍ଗ ସାର ସଙ୍ଗେ ନଥିଲ ବା ଦୁବା ଥିଲେ ଓ ଅନ୍ୟ ଖେଳାଳି ହାତରେ ସନ୍ଧୀ ଓ ଦହିଲ ଥିଲେ ନଥ ବା ଦୁବାକୁ ଲକ୍ଷ କରି ଖେଳିବା ଏବଂ ଉଚ୍ଚ ସାରଠାରୁ ୬ଟି ସାଜିଣା ଥିବା ସାରକୁ ଖେଳିବା—A position in the game of cards when a player plays

Digitized by srujanika@gmail.com

to win the 9 pointed card of his adversary.

ସାହାସ ଉଡ଼ିବା—ଦେ. କ୍ରି (ସଂ. ଶ୍ୱାସ)—୧ । ଊର୍ଦ୍ଧଶ୍ୱାସ ହେବା; Sāhasa urdibā ବେଦମ୍ ହେବା—1. Being out of breath. ୨ । ଚେଷ୍ଟାଚ୍ୟୁତ ହେବା; ଅଧୀର **साँस उड़ना** ହେବା—2. Becoming impatient; losing patience. [ଉ—ପ୍ଲେଡେ କଦ୍ଦ ସର୍ପ ହୋଇ ଜଳରେ ବୁଡ଼ୁଛ । ଦେଶି ଅଗିସେଣା ବାଳୀ ସାହାସ ଉଡ଼ୁଛ—ପ୍ରଭାସ. ଅଗିସେଣା ।] ୩ । ହତବୁଦ୍ଧିବ୍ୟକ୍ତ ହେବା—3. Being bewildered. ୪ । ନଉତ୍ସାହ ହେବା—4. Losing courage. ୫ । ଦଂଶା ଉଡ଼ିବା; ପ୍ରାଣାନ୍ତିକ ଅବସ୍ଥାରେ ଥଡ଼ିବା—5. To be at the last extremity.

ସାହାସ ଉଡ଼ିବା—ଦେ. କ୍ରି—ସାହସ ଉଡ଼ିବା (ଦେଶ)—Sāhāsa karibā Sāhasa karibā (See) ସାହସ କରା **साहस करना**

ସାହାସ ବାନ୍ଧିବା—ଦେ. କ୍ରି—ସାହସ ବାନ୍ଧିବା (ଦେଶ)—Sahasa Sāhāsa bāndhibā bāndhibā (See) [ଉ—ଏହା ଶୁଣି ସାହାସ ବାନ୍ଧ ସାହାସ ବାନ୍ଧ ଉଚ୍ଚାସ୍ୱ ହାତରେ ଧର ସ୍ତ୍ରୀମ ଗ୍ରୁଟ୍- **साहस बान्धना** ମାନଙ୍କ ଡାଙ୍ଗ ଉପରକୁ ଉଠିଗଲେ--ଗାଲକଣ୍ଠ. ପିଲ୍ଲଙ୍କ ମହାଭାରତ ।]

ସାହାସ ମୁଣ୍ଡି—ପ୍ରାଦେ (ଗଡ଼ଜାତ) ବ—ଶଗଡ଼ର ଝୁର ବା ଜୁଆଳର Sāhāsa mundi ମଝିରେ ଦଉଡ଼ରେ ବନ୍ଧା ହୋଇଥିବା ଦୁଇ ଦଣ୍ଡାର ଅଗ୍ର; ଝୁଣ୍ଟଡ଼ା— he two front ends of the two beams of a bullock cart which are joined together at the tapering point.

ସାହାସ ମଲ୍ଲ(ଲ୍ଲି)—ଦେ. ବ (ସଂ. ସାହସ ଓ ମଲ୍ଲ)—ସାସମଲ Sāhāsa mala(lla) (ଦେଶ)—Sasamala (See) ସାସମଲ **सासमल**

ସାହାସା—ଦେ. ଭଣ. ପୁଂ—୧ । ସାହାସିକ (ଦେଶ)—1. Sāhāsika Sāhāsā (ସାହାସିଆ—ଅନ୍ୟରୂପ) (See) ସାହସୀ ୨ । ଅବମୃଷ୍ୟକାରୀ—2. Rash. ୩ । ଦୁଃସାହସିକ **साहसी** (ସାହାସୀ, ସାହାସେଇ—ସ୍ତ୍ରୀ) 3. Foolhardy. ହେଁପୋ ରୋଗୀ **साँसी** ୪ । ଶ୍ୱାସରୋଗାକ୍ରାନ୍ତ—4. Asthmatic. **झूठा** ମିଥ୍ୟାବାଦୀ ୫ । ମିଥ୍ୟାବାଦୀ—5. Liar; lying.

ସାହୁ ସିବା—ଦେ. କ୍ରି (ସଂ. ଶ୍ୱାସ)—୧ । ପରଶ୍ରମାଦ ଯୋଗୁଁ ଊର୍ଦ୍ଧଶ୍ୱାସ Sāhāsibā ହେବା—1. To pant for breath owing ହାଁପିୟେ ପଡ଼ା to excessive labour. ୨ । ଶରଶ୍ୱାସସ୍ୟ **हकमना** ହେବା—2. To gasp. ୩ । (ସଂ. ଶୁଷ୍ ଧାତୁ) ଶୁକିୟେ ଫେଟେ ଯାଓୟା (ଜମି ଅଦ) ଶୁଷ୍କଳ ବା ନିର୍ଜ୍ଜଳ ହେବା— **सूखना** 3. (land) To become very dry. [ଯଥା—ଖରା ଖରାରେ ଜମି ସାହାସି ଯାଇଥିଲ ବୋଲ ଆଜି ଅସ୍ତା ବର୍ଷା ହୋଇ ମଧ୍ୟ ରୁଇଁ ଘାଣିଯାଇ ସରୁ ଶୋଷି ନେଲା ।]

ସାହାସୀ—ଭା. ଭଣ ସଂ ଓ ସ୍ତ୍ରୀ (ସଂ. ସାହସୀ)—ସାହସିକ (ଦେଶ)—Sāhasī ସାହସୀ **साहसी** Sāhasika (See)

ସାହୁ ସୁଜା—ବୈଦେ. ବ (ନାମ)—ଅଫଗାନ ସ୍ଥାନର ଜଣେ ଅମୀର—Sāhasujā Name of an Ameer of Afghanistan. ସାହାସୁଜା [ଦ୍ର—ଏହାଙ୍କ ଦୋସ୍ତ ମହମ୍ମଦ ସିଂହାସନରୁ ତଡ଼ି **साहसूजा** ଦେବାରୁ ଏ ଭାରତର ଅସି ଇଂରାଜମାନଙ୍କର ଶରଣ ପଶିଲେ । ଭାରତର ଗଭର୍ଣ୍ଣର ଜେନରଲ ଲର୍ଡ ଅକ୍ଲଣ୍ଡ ଏହାଙ୍କୁ ସହାଯ୍ୟ ଦେଇ ୧୮୫୦ ସାଲରେ ଅଫଗାନ ସ୍ଥାନର ସିଂହାସନରେ ବସାଇଲେ; କନ୍ତୁ ପ୍ରଜାମାନେ ସେନ ତଉ ଏହାଙ୍କୁ ୧୮୪୭ ସାଲରେ ହତ୍ୟା କଲେ ଓ ତତ୍ପରେ ଦୋସ୍ତ ମହମ୍ମଦ ଇଂରାଜମାନଙ୍କ ସଙ୍ଗେ ସନ୍ଧି କର ତାଲୁକର ଅମୀର ହେଲେ ।]

ସାହାସେଇବା—ଦେ. କ୍ରି—ସାହାସିବା (ଦେଶ) Sāhāseibā Sāhāsibā. (See)

ସାହୁ ସ୍ତର—ପ୍ରାଦେ (ସମ୍ବଲପୁର) —ଶାସ୍ତ୍ର (ଦେଶ) Sāhāstara Śāstra. (See)

ସାହାସ୍ତ୍ର(ସ୍ତ୍ର)—ଭା. ତ (ତ. ଶାସ୍ତ୍ର)—୧ । ଶାସ୍ତ୍ର (ଦେଶ) Sāhāstra(sra) ଶାସ୍ତ୍ର **शास्तर** 1. Śāstra (See) ପ୍ରିୟ ବଚନ ୨ । ଜେ ଜସି ବ୍ୟକ୍ତର କଥିତ ବା ଉଦ୍ଧୃତ ପ୍ରିୟ **प्रिय वात** ବଚନ—2. An often quoted saying or passage uttered by a person.

ସାହାସ୍ତ୍ର ପୁରାଣ—ଭା. ତ (ସଂସ୍କୃତର ଶବ୍ଦ)—୧ । ଶାସ୍ତ୍ର ଓ ପୁରାଣ— Sāhāstra purāṇa 1. Scriptures and mythology. ଶାସ୍ତ୍ର ପୁରାଣ ୨ । ଧର୍ମ ଗ୍ରନ୍ଥମାନ—2. Religious tracts. **शास्तर पुराण**

ସାହାସ୍ତ୍ର ବଚନ—ଭା. ତ—ଶାସ୍ତ୍ର ବଚନ—Sayings or passages from scriptures. Sāhāstra bachana ଶାସ୍ତ୍ର ବଚନ **शास्तर वचन**

ସାହି—ପ୍ରାଦେ. (ଖଡ଼ିଥଲ) ତ—୧ । ସ୍ୟାହି; କାଳ— Sāhi 1, Writing ink. ୨ । ଝିଙ୍କ (ଭୂଳ. ହି. ସାହୀ)—2. Porcupine. ଭା. ତ ଓ ଭଣ (ସଂ. ସହାୟୀ)—ସାହାଯ (ଦେଶ) Sāhia (See) ଦେ. ତ ସାଇ ଇତ୍ୟାଦି (ଦେଶ) Sāi etc. (See)

ସାହିଆ—ଭା ତ (ସଂ. ସହାୟୀ)—ସାହାଯ୍ୟ; ସହାୟୀ— Sāhia ସହାୟ **सहाय** Help; support. ଭଣ—ସହାୟୀ—Helping; assisting.

ସାହିଆ—ଦେ. ଭଣ—ସାଇଥ (ଦେଶ) Sāhiā ପାଡ଼ାର **टोलावाला** Sāiā (See)

ସାହିତ୍ୟ—ସଂ. ବ (ସହିତ+ଷ୍ଟ୍ୟଞ୍)—୧ । ସଙ୍ଗ—1, Company Sāhitya ୨। ସଂସର୍ଗ—2. Association. ୩ । ସାହାଯ୍ୟ— 3. Help. ୪ । ଏକତ୍ର ମିଳନ—4. Meeting. ୫ । ସରସ୍ୱତୀର ସାମୋସ୍ତ ବହୁ ଶବ୍ଦର ଏକ କିମ୍ବାନ୍ୱିତ୍ୱ

Digitized by srujanika@gmail.com

—5. The state of many words governing or being governed by the same verb. (ଉଦାହରଣ—ଧନ ଶବ୍ଦର ପଲାଶ ଛେଦନ ଓ— ଏଠାରେ ସାହିତ୍ୟ ଦୋଇଅଛି ।) ୭ । (ସମ୍=ସମ୍ୟକ୍+ହିତ+ଯ; କର୍ମ। ସହିତ+ସ) — ଶବ୍ଦ ଶାସ୍ତ୍ର, କାବ୍ୟ, ନାଟକ, ଅଳଙ୍କାର ପ୍ରଭୃତି— 6. Literature; belles lettres. [ଦ୍ର—ଏକ ମନୁଷ୍ୟର ବା ଏକ ସମାଜର ମନୋଗତ ଭାବକୁ ଅନ୍ୟ ବ୍ୟକ୍ତିର ବା ଅନ୍ୟ ସମାଜର ଚିତ୍ତାକର୍ଷକ କରିବା ପାଇଁ କୁଶଳୀ ପ୍ରୟୋଗ କଲେ ତାହାକୁ ସାହିତ୍ୟ କୋହି ଯାଏ ।] ୭ । ଅନ୍ୟ ଲୋକ ବୁଝି ପାରିବା ଭଳି ଲିଖିତ ଭାଷାରେ ବ୍ୟକ୍ତ କରିଥିବା ମାନବର ବ୍ୟକ୍ତିଗତ ବା ଜାତୀୟ ଚିନ୍ତା—7. Literature; thoughts of a person or a group of persons when reduced to writing for the purpose of being understood or appreciated by others. [ଦ୍ର—ମନୁଷ୍ୟର ମନର ଭାବ ବା ଚିନ୍ତା ଅନ୍ୟ ବ୍ୟକ୍ତି ଜଣଙ୍କରେ ମୁଖର 'ଭାଷା' ଦ୍ୱାରା ବ୍ୟକ୍ତ କରିପାରେ ଓ ସେହି ଚିନ୍ତା ଯେତେବେଳେ ଲିଖିତ ଆକାରରେ ବ୍ୟକ୍ତ କରିପାରେ ତାହା ସାହିତ୍ୟ ନାମ ଧାରଣ କରେ ମନୁଷ୍ୟର ମନର ଭାବ ଯେତେ ଅଧିକ ବସ୍ତୁକୁ ଦୋଇଅଛୁ 'ସାହିତ୍ୟ' ମଧ୍ୟ ସେହି ସେହି ବସ୍ତୁକୁ ଅଧିକାର କରିଅଛୁ । ଧର୍ମଶାସ୍ତ୍ର, ତର୍କ ଶାସ୍ତ୍ର, ଯୋଗ ଶାସ୍ତ୍ର, ବ୍ରହ୍ମ ଦର୍ଶନ, ଇତିହାସ ଗୀତ, ଜ୍ୟୋତିଷ ଇତ୍ୟାଦି 'ସାହିତ୍ୟର' ସୀମା ମଧ୍ୟରେ । ସାହିତ୍ୟ ସାଧାରଣତଃ ଦୁଇଟି ଆକାରରେ ଦେଖାଯାଏ, ଯଥା—ଗଦ୍ୟ ଓ ପଦ୍ୟ । ଗଦ୍ୟ ପଦ୍ୟ ଗଦ୍ୟ ସାହିତ୍ୟର ରଚନା ର ମଧ୍ୟ କଳା ବା ଗୁଣ ସ୍ପଷ୍ଟ ପ୍ରତୀୟମାନ କରିଥାଏ । କିନ୍ତୁ ଯେଉଁ ସାହିତ୍ୟରେ କଳା ବା ଗୁଣ (ଯଥା—କଳ୍ପନା ଗୁଣ, ଛନ୍ଦ ଗୁଣ, ଅନୁପ୍ରାସାଦି ଗୁଣ, ଅଳଙ୍କାର ଗୁଣ ବ୍ୟାକରଣ ପ୍ରୟୋଗ) ସ୍ପଷ୍ଟ ରୂପେ ପ୍ରତୀୟମାନ ହୁଏ ତାହାକୁ 'ଉତ୍ତମ ସାହିତ୍ୟ' ବା ଉଚ୍ଚ ଶ୍ରେଣୀର ସାହିତ୍ୟ କୋହିଥାଏ । ଗଦ୍ୟ ଏବଂ ପଦ୍ୟ ଅଙ୍ଗ, ପ୍ରତ୍ୟଙ୍ଗ, ଶ୍ରେଣୀ, ଉପଶ୍ରେଣୀ, ବର୍ଗ, ଉପବର୍ଗ, ଦେଶ ଅନୁସାରେ ସାହିତ୍ୟ ଉକ୍ତ ଉକ୍ତ ନାମରେ ଅଭିହିତ ହୁଏ । ଯଥା—ଧର୍ମ ସାହିତ୍ୟ, ଐତିହାସିକ ସାହିତ୍ୟ, ଜାତୀୟ ସାହିତ୍ୟ (ଏକ ଜାତିର ବା ସମାଜର ବିଶେଷତ୍ୱ ଜ୍ଞାପକ ସାହିତ୍ୟ), ବିଶୁଦ୍ଧ ସାହିତ୍ୟ, (କାବ୍ୟ, ଅଳଙ୍କାର ଆଦି କଳାଯୁକ୍ତ ସାହିତ୍ୟ), ବିଜ୍ଞାନ ସାହିତ୍ୟ (ଯେଉଁଠାରେ ବିଜ୍ଞାନର ଚର୍ଚ୍ଚା ଦୋଇଥାଏ), ଉଚ୍ଚ ସାହିତ୍ୟ (କଳା, ଗୁଣ ଓ କଳ୍ପନା ପ୍ରସୂତ ସାହିତ୍ୟ), ଲୌକିକ ସାହିତ୍ୟ (ଇତର ଲୋକସମାଜରେ ଚଳିତ ହୋଇଥିବା ଯେଉଁ ସାହିତ୍ୟରେ ଲିପିବଦ୍ଧ ହୋଇଥାଏ । ଯଥା— ଛଡ଼, କାହାଣୀ, ପ୍ରବଚନ, ଲୌକିକ ଗୀତ ଆଦି), ଆଞ୍ଚଳିକ ସାହିତ୍ୟ ବା ଓଡ଼ିଆ ସାହିତ୍ୟ (ଉତ୍କଳ ପ୍ରଦେଶର ଭାଷା ବିଷୟକ ସାହିତ୍ୟ । ଏତଦ୍ଭିନ୍ନ ବଙ୍ଗୀୟ ସାହିତ୍ୟ ଇଂରାଜି ସାହିତ୍ୟ ଆଦି ଦ୍ୱାରା), ଲଘୁ ସାହିତ୍ୟ (ପୁରୁସାର ଶିଶୁ ଆଦିଙ୍କ ଉପଯୋଗୀ ସାହିତ୍ୟ ଓ ଯାହିଁରେ କଳ୍ପନା ଶକ୍ତିର ବିଶେଷ ଖେଳା ନ ଥାଏ । ଯଥା—ଶିଶୁ ସଙ୍ଗୀତ, ଗାଈ ବଚନ ଆଦି) । ଭାବଭେଦରେ ଇଂରାଜି ଭଳି ଆମ୍ଭର ଦ୍ୱାରା ବର୍ତ୍ତମାନ ସାହିତ୍ୟ ଜଡ଼ିଲେ କାବ୍ୟ, କ୍ୟାରେକ୍ଟର, ଅଳଙ୍କାର, ଦର୍ଶନ, ସ୍ୱରଶ, ଇତିହାସ, ଗଣିତ, ର ।ସ୍ତନ, ଜିଓଲିଜି ଭଳି ବିଭିନ୍ନ ପ୍ରକାର ଶାସ୍ତ୍ର ବୁଝି ଯାଏ ।]

ସାହିତ୍ୟ ଚର୍ଚ୍ଚା—ସଂ. ବ—ସାହିତ୍ୟ ସମ୍ବନ୍ଧେ ଆଲୋଚନା—Sahitya charchchā Pursuit of literature.

ସାହିତ୍ୟ ଦର୍ପଣ—ସଂ ବ—ପ୍ରାଚୀନ ଉତ୍କଳର ରାଜା ପୁରୁଷୋତ୍ତମ-ଦେବଙ୍କ ସଭାପଣ୍ଡିତ କୃତ ସମସ୍ତ ଭାରତ ପ୍ରସିଦ୍ଧ ସଂସ୍କୃତ ଅଳଙ୍କାର ଶାସ୍ତ୍ର ବିଷୟକ—A book on rhetoric written by the Oriya Pandit Biswānatha Mahāpātra of the court of King Purushottama Deba, of ancient Orissa. [ଦ୍ର—ଏହା ସଂସ୍କୃତ ସାହିତ୍ୟରେ ସଂସ୍କୃତ ଅଳଙ୍କାର ସମ୍ବନ୍ଧେ ଏକାଧିକ ପ୍ରାମାଣିକ ଗ୍ରନ୍ଥରୁ ଗୃହୀତ ।]

ସାହିତ୍ୟ ଦର୍ପଣକାର—ଦେ. ବ (ନାମ)—ସାହିତ୍ୟଦର୍ପଣ ନାମକ ଅଳଙ୍କାର ଗ୍ରନ୍ଥର ପ୍ରଣେତା କବିବର ବିଶ୍ୱନାଥ ମହାପାତ୍ର—Author of Sahitya darpaṇa, Biswanātha Mahāpātra.

ସାହିତ୍ୟ ପରିଷଦ୍—ସଂ, ବ—ଯେଉଁ ସଭାରେ ସାହିତ୍ୟ ବିଷୟ ଚର୍ଚ୍ଚା ହୁଏ—Literary society. [ସାହିତ୍ୟ ସଭା, ସାହିତ୍ୟ ସମାଜ, ସାହିତ୍ୟସଭା—ଅନୁରୂପ]

ସାହିତ୍ୟ ବିଶାରଦ—ସଂ.ବ ଓ ବିଣ ପୁଂ-ଶବ୍ଦୋକ୍ତ ପ୍ରଦତ୍ତ ଜ୍ଞାନ ବିଶେଷ; [ସାହିତ୍ୟବିଶାରଦା—ସ୍ତ୍ରୀ] A title given to exceptionally proficient persons in literature.

ସାହିତ୍ୟ ଭକ୍ତ—ସଂ. ବ (ସ୍ତ୍ରୀ ଭକ୍ତା)—ଯେଉଁ ବ୍ୟକ୍ତି ସାହିତ୍ୟ ପ୍ରତି ଅନୁରକ୍ତ—A votary of literature.

ସାହିତ୍ୟ ଭଣ୍ଡାର—ସଂ. ବ (ସ୍ତ୍ରୀ ଭଣ୍ଡା ବା ରୂପକ)—ଭଣ୍ଡାର Sāhitya bhaṇḍāra ସଦୃଶ ଭାଳକାସ୍ପଦ ସାହିତ୍ୟ—Literature compard to a storehouse.

ସାହିତ୍ୟ ରଥୀ—ସଂ. ବ (ଅଧୁନିକ ପ୍ରୟୋଗ; ସାହିତ୍ୟରେ ରଥୀ-Sahitya rathi ସ୍ୱରୂପ)—ସାହିତ୍ୟ ଓ ରଚନା ଅଞ୍ଚଳର ଶ୍ରେଷ୍ଠର [ସାହିତ୍ୟ ସମ୍ରାଟ—ଅନ୍ୟରୂପ] ବ୍ୟକ୍ତି; ସାହିତ୍ୟ ସେବକମାନଙ୍କ ସାହିତ୍ୟରଥୀ ମଧ୍ୟରେ ସମାନ ବ୍ୟକ୍ତି—A person versed in literature; an authority in literary matters.

Digitized by srujanika@gmail.com

ସାହିତ୍ୟ ସମାଜ—ସଂ. ବ—ପେଜ୍ ବହିରେ ସାହିତ୍ୟଚର୍ଚ୍ଚା କରିବା କରୁଥିବା Sāhitya samāja ଅଧ୍ୟବେଷନମାନ ଦ୍ରବ—Literary society. [ଦ୍ର—ଉତ୍କଳ ସାହିତ୍ୟ ସମାଜ କଟକରେ ୩୬ ବର୍ଷ ହେଲା ଅନୁଷ୍ଠିତ । କଟକ ଶାଇନ୍‌ବୋର୍ଡ୍ ଜବାଟରି ଶାସ୍ତ୍ରମନ୍ଦିର ଭବନରେ ଏହାର ଅଧିବେଶନ ହୁଏ ।]

ସାହିତ୍ୟ ସେବକ—ସଂ. ବ ଓ ବଣ. ପୁଂ (ଙ୍କୀ ଉତ୍; ଅଧୁନିକ ପ୍ରୟୋଗ)—୧ । ସାହିତ୍ୟ ଚର୍ଚ୍ଚାରେ [ସାହିତ୍ୟ ସେବିକା—ସ୍ତ୍ରୀ] ସବଦା ଅନୁରକ୍ତ (ବ୍ୟକ୍ତି)—1. (A साहित्य सेवक person) Who has devoted his life to the service of literature. ୨ । କାବ୍ୟ; ନାଟକାଦର ରଚୟିତା—2. An author of books of literary merit.

ସାହିତ୍ୟ ସେବା—ସଂ. ବ (ଙ୍କୀ ଉତ୍)—କଥା ସବ୍ଦାରେ ସାହିତ୍ୟ ଚର୍ଚ୍ଚା—Service of literature.

ସାହିତ୍ୟ ସେବୀ—ସଂ. ବ ଓ ବଣ ପୁଂ—ସାହିତ୍ୟ ସେବକ (ଦେଶ) Sāhitya sebī Sāhitya sebaka. (See) साहित्यसेवी ଦେ. ବଣ ଓ ବ—(ବ୍ୟଙ୍ଗ; ଅଦ୍ୟତନସେବୀ, साहित्यसेवी ମାଦକସେବୀ ଥଦ ଶବ୍ଦରେ 'ସେବୀ' ଶବ୍ଦର ବ୍ୟବହାରର ସୂଚନାରୁ) ସାହିତ୍ୟ ସେବା ଯାହାଙ୍କ ପକ୍ଷରେ ବ୍ୟସନରେ ବା ଦୁର୍ଗୁଣରେ ପରିଣତ ହୋଇଥିଲା—(ironical) An addict to literature.

ସାହିତ୍ୟାକାଶ—ସଂ. ବ (ରୂପକ; ସାହିତ୍ୟ + ଆକାଶ)—ଆକାଶ ସଦୃଶ ଭୁଲଜାଯୁ ସାହିତ୍ୟ—Literature compared to the firmament. Sāhityākāśa

ସାହିତ୍ୟାଧ୍ୟାପକ—ସଂ. ବ (ଅଧୁନିକ ବ୍ୟବହାର)—ସାହିତ୍ୟ ବା କାବ୍ୟ ଶାସ୍ତ୍ରର ଶିକ୍ଷାଦାତା—A professor or teacher of literature. Sāhityādhyāpaka

ସାହିତ୍ୟାନୁରକ୍ତ—ସ. ତତ୍ପୁଂ (୭ମୀ ବା ୪ର୍ଥୀ ଉତ୍)—ସାହିତ୍ୟ-ଚର୍ଚ୍ଚାରେ ଅନୁରକ୍ତ—Devoted to literature. Sahityānurakta (ସାହିତ୍ୟାନୁରକ୍ତା—ସ୍ତ୍ରୀ)

ସାହିତ୍ୟାନୁରାଗ—ସ. ବ (୪ର୍ଥୀ ବା ୭ମୀ ତତ୍)—ସାହିତ୍ୟ ଚର୍ଚ୍ଚା ପ୍ରତି ପ୍ରଗାଢ଼ ସ୍ନେହ—Attachment for literature. Sāhityānurāga [ସାହିତ୍ୟାନୁରକ୍ତ—ଅନ୍ୟରୂପ] (ସାହିତ୍ୟାନୁରାଗୀ—ବଣ. ପୁଂ, ସାହିତ୍ୟାନୁରାଗିଣୀ—ବଣ. ସ୍ତ୍ରୀ)

ସାହିତ୍ୟାମୋଦ—ସ. ବ (ମ. ତ. ତତ୍ପୁ)—ସାହିତ୍ୟ ଚର୍ଚ୍ଚାରୁ ଜାତ ଆନନ୍ଦ Sāhityāmoda Joy derived from the pursuit of literature. (ସାହିତ୍ୟାମୋଦୀ—ବଣ)

ସାହିତ୍ୟାଲୋଚନା—ସଂ. ବ (୭ମୀ ତତ୍)—ସାହିତ୍ୟ ଚର୍ଚ୍ଚା (ଦେଶ) Sāhityālochanā Sāhitya charchchā (See)

ସାହିତ୍ୟିକ—ସଂ. ବଣ (ସାହିତ୍ୟ + ଇକ)—ସାହିତ୍ୟ ସମ୍ବନ୍ଧୀୟ—Sāhityika Literary. (ବ ଓ ବଣ; ଲକ୍ଷ ଅର୍ଥେ + ଇକ) ସାହିତ୍ୟ ସେବକ (ଦେଶ)—Sāhitya sebaka. (ସାହିତ୍ୟିକା—ସ୍ତ୍ରୀ)

ସାହି ପଡ଼ଶି (ପଡ଼ଶା, ପଡ଼ୁଶି, ପଡ଼ୋଶ)—ଦେ. ବ (ନୂ° ଙ୍କୀ)—Sāhi pardasi(pardisā, pardusi, pardosa) ସାଇ-ପଡ଼ଶା (ଦେଶ)—Sāipardisā (See). [ସାହିପଡ଼(ଡ଼ୁ,ଡ଼ୋ)ଶୁଣୀ—ସ୍ତ୍ରୀ] ପାଡ଼ା ପଡ଼ଶି ଟୋଲା ପଡୋଶା

ସାହିବ(ଇତ୍ୟାଦି)—ବୈଦେ. ବ. ପୁଂ—ସାହେବ ଇତ୍ୟାଦି (ଦେଶ) Sāhiba (etc) (ସାହିବାଣୀ—ସ୍ତ୍ରୀ) Sāheba etc (See).

ସାହିବାଲା—ଦେ. ବଣ—ସାଇବାଲା (ଦେଶ) Sāhibālā Sāi bālā (See). (ସାହିବୁଅଲ୍ଲା—ଅନ୍ୟରୂପ) (ସାହିବାଲ୍ଲା—ସ୍ତ୍ରୀ) ପାଡ଼ାର ଲୋକ ଟୋଲା ବାଲା

ସାହି ଭାଇ—ଦେ. ବ—ସାଇଭାଇ (ଦେଶ) Sāhi bhāi Sāibhāi [See].

ସାହି ଭେଣ୍ଡା—ଦେ. ବ (୭ମୀ ତତ୍)—ସାଇଭେଣ୍ଡା (ଦେଶ) Sāhi bhenḍā Sāibhenḍā [See]. (ସାହିଭେଣ୍ଡିଆ, ସାହିଭୁଅନ, ସାହିଜବାନ—ଅନ୍ୟରୂପ)

ସାହି ମୁଣ୍ଡ—ଦେ. ବ—ସାଇ ମୁଣ୍ଡ (ଦେଶ) Sāhi muṇḍa Sāi muṇḍa (See).

ସାହିମୁଣ୍ଡିଆ—ଦେ. ବଣ—ସାଇମୁଣ୍ଡିଆ (ଦେଶ) Sāhimuṇḍiā Sāimuṇḍiā (See).

ସାହି ମେଳ—ଦେ. ବ—ସାଇମେଳ (ଦେଶ) Sāhi mela Sāi mela (See).

ସାହି ମେଳା—ଦେ. ବ—୧ । ସାହିବାଲ୍ଲାମାନଙ୍କର ବଇଠକ—1. A meeting of the inhabitants of a Sāhi. ୨ । ସାହିବାଲ୍ଲାମାନଙ୍କର ପତ୍ରଭୋଜ—2. A dinner of the combined 'Sāhibālās' Sāhi melā ପାଡ଼ାର ବୈଠକ ଟୋଲେକା ମେଜା

ସାହି ମେଳି—ଦେ,ବ—ସାହିବାଲ୍ଲାମାନଙ୍କର ଏକତ୍ର ସମ୍ମିଳିତ ପଡ଼ପନ୍ତି—A combination of the 'Sāhibālās' Sāhi meli ପାଡ଼ାର ମେଳି ଟୋଲେକେ ମେଳୀ (ସାହିମେଳଆ—ବଣ)

ସାହିଯ(ଯ୍ୟ)—ତ୍ତା. ବ (ସଂ. ସାହାଯ୍ୟ)—ସାହାଯ୍ୟ (ଦେଶ) Sāhija(jya) Sāhājya (See) ସାହାଯ୍ୟ ସାହାଜ୍ୟ

ସାହୁ—ଦେ. ବ. ପୁଂ (ସଂ. ସାଧୁ)—୧ । ମହାଜନ; ବଣିକ—1. A trader; a merchant. ୨ । ଋଣଦାତା; ଋଣଦାତ୍ରୀ—2, A lender; a money-lender; creditor. (ଦ୍ର—ଧନ ଦରବ ନେଇ ମହାଜନ ସାହୁ, ଘାଣ ବଣିଲ ମାଣ୍ଡିଅ ସାହୁ—ଉଗ ।) ୩ । ବର୍ଣ୍ଣଥ, ଘାଣ୍ଟର, ତେଲି, ଗୁଜୁଥ, ଶୂଦ୍ର, ଥୋଡ଼ଥ, ଶୁଣ୍ଡି, ମାଷ୍ଟାନବ୍ରାହ୍ମଣ ଆଦିଙ୍କର ବଂଶୋପାଧି ବିଶେଷ—3.A family title of goldsmiths, oilmen, confectioners, Śūdras, Māstāna Brāhmaṇas etc. ୪। (ନାମ) ଶମ୍ଭୁଙ୍କ ପୁତ୍ର;ଶିବାଙ୍କ·

Digitized by srujanika@gmail.com

ମରୁଘରେ ମରହଟ୍ଟାମାନଙ୍କର ଦ୍ୱିତୀୟ ରଜା—2. Name of the 2nd king of the Marhattas. [ଦ୍ର—ଏହାଙ୍କର ରାଜଧାନୀ 'ସାତାରା' ଥିଲା । ଏ ଅରଙ୍ଗଜେବ୍ ବାଦ୍‌ସାହାଙ୍କ କବଜରେ ଥିଲେ, କିନ୍ତୁ ଅରଙ୍ଗଜେବଙ୍କ ମୃତ୍ୟୁ ପରେ ନିଜ ଦେଶକୁ ଫେରି ଅସି ଖ୍ରୀ: ୧୭୦୮ ଠାରୁ ରାଜତ୍ୱ କଲେ । ଏ ଅତି ଦୁର୍ବଳ ରଜା ଥିଲେ ଓ ଏହାଙ୍କର 'ପେଶବା' ଜୁଗାଡ଼ିଧାସ୍ତ ବାଲ୍ଲାଜୀ ବିଶ୍ୱନାଥ ନାମକ ଜଣେ ବ୍ରାହ୍ମଣ ଶାସନ କରି ରାଜ୍ୟର ସଙ୍ଗମସ୍ତ କରି ଦେଇଥିଲେ । 'ସାହୁ' ୧୭୪୮ ସାଲରେ ପ୍ରାଣତ୍ୟାଗ କରିଥିଲେ ।] ପ୍ରାଦେ. (ଗଡ଼ଜାତ ଓ ସମ୍ଭଲପୁର) ବ—ମୂଲଅର ଗାମ୍ପିଦ ବା ସ୍ୱାମୀ—The master under whom a day-labourer works.

ସାହୁ କରିବା—ଦେ. କି—ମହାଜନଠାରୁ ଧନ କରଜ କରିବା—ଧାର୍ କରିବା **महाजन करना** Sāhu karibā To borrow money from a money-lender.

ସାହୁକାର—ଦେ. ବି. ପୁଂ—୧ । ଋଣଦାତା; ମହାଜନ; ଊର୍ତ୍ତମର୍ଣ୍ଣ—(ସାହୁକାରଆଣୀ—ସ୍ତ୍ରୀ) usurer. ୨ । ବାଣିଜ୍ୟାଦିର ମୂଳଧନୀ—ସାଉକାର **साहुकार** Sāhukāra 1. A moneylender; creditor; usurer. 2. A capitalist.

ସାହୁକାରି—ଦେ. ବି - ସାହୁକାର ଜଣ; ମହାଜନି—ସାଉକାରି **साहुकारी** Sāhukāri Usury; moneylending.

ସାହୁକାରିଆ—ଦେ. ଜଣ—ସାହୁକାର ସମ୍ବନ୍ଧୀୟ—ସାଉକାରୀ **साहुकारका** Sāhukāriā Relating to Sāhukāra.

ସାହୁ ଖାତକ—ଦେ.ବି (ବିପରୀତାର୍ଥକ ଦ୍ୱନ୍ଦ୍ୱତତ୍ପୁରୁଷ)—ଊର୍ତ୍ତମର୍ଣ୍ଣ ଓ ଅଧମର୍ଣ୍ଣ—ମହାଜନ ଖାତକ **महाजन खदुका** Sāhu khātaka Creditor and debtor.

ସାହୁ ଖାତକି ଦେ. ବି—ସାହୁତ୍ୱ ଓ ଖାତକତ୍ୱ; ସାହୁ ଓ ଖାତକ ମଧ୍ୟରେ ଥିବା ସମ୍ବନ୍ଧ—ଖାତକ ମହାଜନ **खदुका महाजनी** Sāhu khātaki The relationship between a creditor and debtor. ଜଣ—ସାହୁ ଖାତିକିଆ (ଦେଖ) Sāhu khātikiā (See)

ସାହୁ ଖାତକିଆ—ଦେ. ବିଣ—ସାହୁ ଓ ଖାତକ ସମ୍ବନ୍ଧୀୟ—ଖାତକ ମହାଜନି **महाजन खदुकाका** Sāhu khātakia Relating to a creditor and debtor.

ସାହୁଘର କରିବା—ଦେ. କି—ସାହୁ କରିବା (ଦେଖ) Sāhu ghara karibā Sāhu karibā (See)

ସାହୁଜି—ଦେ. ବ—୧ । ସାହୁ ଜାତୀୟଧାସ୍ତ ବ୍ୟକ୍ତିଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ—ସାହୁଜୀ (ସାହୁ ମହାଶୟ) **महाजनजी** Sāhuji 1. A term of respect addressed to a person having the title of 'Sāhu.' ୨ । ମହାଜନ ବା ଉଦାରାଙ୍କ ପ୍ରତି ସମ୍ମାନାର୍ଥକ ସମ୍ବୋଧନ—ସାହୁଜୀ **साहुजी** 2. A term of respect addressed to a creditor. ଜ । ସାହୁ ୪ (ଦେଖ)—4. Sāhu (See)

ସାହୁ ପତିଆରି—ଦେ.ବ-ଖାତକର ଧାରଥିବା ଟଙ୍କା ସୁଝିବାକୁ କ୍ଷମତାଥିବା ବ୍ୟକ୍ତିଙ୍କ ପ୍ରତି ମହାଜନର ବିଶ୍ୱାସ Sāhu patiāriā ଋଣପତ୍ରରେ ସାହୁର ମନରେ ଥିବା ନିଶ୍ଚିନ୍ତତା—**महाजन विश्वास** eyes of his creditor. ଉଦା—ଖାତକର ଯେଉଁ ସଦାର୍ଥ ଥିବାରୁ ଖାତକର ଦେୟ ସୁଝିବାର କ୍ଷମତା ସମ୍ବନ୍ଧେ ମହାଜନର ନିଶ୍ଚିନ୍ତ ଥାଏ—(anything) Which being in possession of the debtor produces credit in the eyes of the creditor [ଦ୍ର—ବାଣ୍ଡରେ କବାଟ ବାଡ଼ିରେ ଚାନ୍ଦି, ସାହୁ ପତିଆରି ଦିଅ ବର୍ତ୍ତଇ—ଉଗ ।]

ସାହୁ ବାହ୍ମୁଣ - ପ୍ରାଦେ. (ଚଞ୍ଚାସ) ବ—ଏକ ଜାତିସୂଚକ ସାମ୍ପ୍ରଦାୟିକ ବ୍ରାହ୍ମଣ—[ସାହୁ ବ୍ରାହ୍ମ(ହ୍ମୁ)ଣ—ଅନ୍ୟରୂପ] Sāhu bāhmuṇa A class of Brāhmaṇas who trade on silk cloths (in Ganjam). [ଦ୍ର—ଏମାନେ ପଟା ଓ ଘାଟ ଲୁଗା ବେପାର କରି ଜୀବିକା ନିର୍ବାହ କରନ୍ତି ।]

ସାହୁ ମ(ମା)ହାଜନ—ଦେ. ବ (ବିପରୀତାର୍ଥକ ସମାହାର)—୧ । ଋଣଦାତା; ଊର୍ତ୍ତମର୍ଣ୍ଣ—ସାହୁ ମହାଜନ ୨ । ବଣିକ—2. A trader; merchant. **साहु महाजन** Sāhu ma(mā)hājana 1. Creditor. 2. A trader; merchant.

ସାହେନ—ପ୍ରାଦେ. (ଲରିଆ) ବ. ସ୍ତ୍ରୀ—ସାହୁକାର ସ୍ତ୍ରୀ—**साहुकार की स्त्री** Sāhen The wife of a sāhukāra.

ସାହେବ—ତୈଦେ. ବି. ପୁଂ (ଅ. ସାହିବ୍=ସମ୍ଭ୍ରାନ୍ତ ବ୍ୟକ୍ତି)—୧ । ସମ୍ଭ୍ରାନ୍ତ ବ୍ୟକ୍ତି; ସମ୍ଭ୍ରାନ୍ତଗୋତ୍ର ବ୍ୟକ୍ତି—**साहेब** **साहब** Sāheba 1. A respectable person; a man of position. [ଦ୍ର—ଭଜନେ ଓସର ଓଳ ଅଟନ୍ତଇ ସାହେବ ଜାନା ଜାଇ ଚଉ ଦୋଇ ଶୋଇଥିଲେ—ସଙ୍କାରତ୍ନମୋଦ୍ଭବ. ଚ ସାଣ ଅଠ ଗୁଣ ।] ୨ । ସମ୍ଭ୍ରାନ୍ତସୂଚକ ଜୁଗାଦ୍ଧ ବା ସମ୍ବୋଧନ; (ଯଥା—ମହାଶୟ)—2. A term of respect used in addressing a respectable person. ଜ । ସମ୍ଭ୍ରାନ୍ତ ମୁସଲମାନ୍ ମାନଙ୍କ ପ୍ରତି ସମ୍ବୋଧନ—3. A term of respect addressed to a respectable Mahomedan. [ଯଥା—ମୌଲିକା ସାହେବ; ବକର୍ ସାହେବ ।] ୪ । ଇଉରୋପୀୟ ଓ ଇଉରେସୀୟମାନଙ୍କର ସାଧାରଣ ଜୁଗାଦ୍ଧ—4. A distinguishing term used for Europeans and Eurasians. [ଯଥା—ସାହୁ ସାହେବ, ଫିରଙ୍ଗୀ ସାହେବ, କଳା ସାହେବ ।] ୫ । ଉଚ୍ଚ ସରକାରୀ ପଦସ୍ଥ ବା ଶାସନକର୍ତ୍ତାଙ୍କ ପ୍ରତି ସମ୍ବୋଧନ—5. A term of respect used to a high official. [ଯଥା—ବଡ଼ସାହେବ, ସାହେବା ସାହେବ, ଗୁଜର ସାହେବ ଇତ୍ୟାଦି ।] ୬ । ମୁସଲମାନ

Digitized by srujanika@gmail.com

କରିବା ବା ଖ୍ରିଷ୍ଟାବ୍ଦର ଅନୁସାରେ କୌଣସି ଭଦ୍ରବ୍ୟକ୍ତି ବା ବନ୍ଧୁବାନ୍ଧବଙ୍କୁ ସ୍ନେହ ବା ସମ୍ମାନସୂଚକ ସମ୍ବୋଧନ—6. A term of endearment or respect addressed to any gentlemen or friend. [ଯଥା – ଭଲ ସାହେବ, ବାବୁ ସାହେବ ।] ୭। ଇଂରାଜ ଗବର୍ଣ୍ମେଣ୍ଟଙ୍କଦ୍ୱାରା ଉପଯୁକ୍ତ ହିନ୍ଦୁମାନଙ୍କୁ ଦଉଥିବା ଉପାଧିର (ଯଥା—ରାଏ ସାହେବ, ରାୟଁସାହେବ, ରାଜା ସାହେବ, ମହାରାଜା ସାହେବ) ଓ ମୁସଲମାନମାନଙ୍କୁ ଦଉଥିବା ଉପାଧିର (ଖାଁ ସାହେବ, ସର୍ଦ୍ଦାର ସାହେବର) ଶେଷ ପଦ—7. The last term of some of the honorific titles given by the British Government to Indian Hindus and Mahomedans. [ଦ୍ର—ଏହା 'ବାହାଦୁର' ଉପାଧିର ତୁଳନାରେ ଉପାଧି ।] ୮ । (ଅବ୍ୟୟ, ସମ୍ବୋଧନ) ହେ ମହାଶୟ; ହେ ମାନନୀୟ ମହାଶୟ— 8. (Interjection) Sir ! Respectable Sir ! [ଦ୍ର—ସାହେବ ଶବ୍ଦ ବ୍ୟକ୍ତିଙ୍କ ପଦବୀସୂଚକ ଉପାଧିରେ ଯୋଗ କରିପାଏ; ଯଥା—ବାବୁ ସାହେବ, ଜାଜ୍ଜର ସାହେବ ଇତ୍ୟାଦି ।

ଦେଶର, ସମ୍ପ୍ରଦାୟ ବା ଜଣାର ପ୍ରଧାନତମ ସ୍ୱଜାତିମାନଙ୍କ ଉପାଧି ପରେ 'ସାହେବ' ଶବ୍ଦ ବ୍ୟବହାର ହୁଏ; ଯଥା – ଡାକ୍ତର ସାହେବ, ପୁରୁଷ ସାହେବ, ଜଜ ସାହେବ, କଲେକ୍ଟର ବା କଲେକ୍ଟର ସାହେବ, ମାଜିଷ୍ଟର ବା ମାଜିଷ୍ଟ୍ରେଟ୍ ସାହେବ, ଲାଟ୍ ସାହେବ; କମିସନ୍ ବା କମିସନର୍ ସାହେବ, ଜଜ୍ଜ ସାହେବ ।

ସାହେବ ଶବ୍ଦ ଆଉବା ଭାଷାରେ ପୁଂଲିଙ୍ଗ ଓ ଉତ୍ତମର ସ୍ତ୍ରୀଲିଙ୍ଗରେ ସାହେବ ଓ ସାହେବା ହୁଏ । କିନ୍ତୁ ସାଧାରଣତଃ ଓଡ଼ିଆ ଭାଷାରେ ସ୍ତ୍ରୀଲୋକମାନଙ୍କ ପ୍ରତି ଏହି ଶବ୍ଦ ବ୍ୟବହାର ହୋଇପାଏ । ଯଥା—ମେମ ସାହେବ, ରାଣୀ ସାହେବ, ଜଜ୍ଜ ସାହେବ, ସିଭିଲ୍ ସାହେବ ।

ସେଉଁ ଭଦ୍ରଲୋକମାନେ ଜଜ୍ଜତି ଯାଇ କମ୍ପା ଜଜ୍ଜତି ନ ଯାଇ ସାହେବୀ ଗନ୍ଧ ଚଳନ୍ତି ଅନୁକରଣ କରିଥାଆନ୍ତି ସେମାନଙ୍କ ଦୋଷୋଦ୍ଦେଶ୍ୟରେ ସଙ୍ଗେ ସାହେବ ଶବ୍ଦ ଯୋଗ ହୋଇପାଏ । ଯଥା—ଦାସ ସାହେବ, ସେନ୍ ସାହେବ, ଗୁପ୍ତ ସାହେବ, ଘଟକ ସାହେବ, ତ୍ରିପାଠୀ ସାହେବ, ମିଶ୍ର ସାହେବ ଇତ୍ୟାଦି ।

ଅନ୍ୟାନ୍ୟ ଜେତୁକ ଶବ୍ଦ ପରେ ମଧ୍ୟ ସାହେବ ଶବ୍ଦ ଯୁକ୍ତ ହୁଏ; ଯଥା—ବଙ୍ଗୀୟ ବା ବୁଙ୍ଗାଳ ସାହେବ, ମିଆଁ ସାହେବ, ଦକ୍ଷିଣୀ ସାହେବ, ମଉଲ୍ଭୀ ବା ମୌଲ୍ଭୀ ସାହେବ, ବାବୁ ସାହେବ, ବାବା ସାହେବ, ମିସ୍ ସାହେବ, ମେମ୍ ସାହେବ, ବଡ଼ ସାହେବ, ଛୋଟ ସାହେବ, ଗୋରା ସାହେବ, ଫିରଙ୍ଗି ସାହେବ, ଦୋମିଣା ସାହେବ, ଗୁରୁ ସାହେବ, କାଳା ସାହେବ, ମୁ ସାହେବ ବା ମୋ ସାହେବ, ଫିରୋଜ ସାହେବ, ଖାସ୍ତା ସାହେବ, ନାଲୁଆଳା ସାହେବ ଇତ୍ୟାଦି ।

ଉତ୍ତରସ୍ଥମାନଙ୍କ ଉପର ଉପସର୍ଗମେତଙ୍କ ପ୍ରଦତ୍ତ ଜେତୁକ ଉପାଧିର ଅଙ୍ଗରୂପେ ଏ ଶବ୍ଦ ମଧ୍ୟ ବ୍ୟବହୃତ ହୁଏ; ଯଥା—ସ୍ୱପ୍ନ ସାହେବ, ସ୍ୱର୍ଗ ସାହେବ, ଖାଁ ସାହେବ ।]

ସାହେବ ଜାଦା—ବୈଦେ. ବ (ଫା) —ମୁସଲମାନ୍ ଭଦ୍ରସନ୍ତାନ— Sāheba jādā The son of a Mahomedan gentleman. [ଦ୍ର—ଏହା ଜାମରେ ଉକ୍ତ ସାହେବ ଜାଦା ସହରରେ ଗୋଟିଏ ବଜାର ଅଛି । ଉପାରୋପ (ସାହେବ ଜାଦା—ସ୍ତ୍ରୀ) ଲେନ୍ ଓ ଅନ୍ୟତ୍ର ଏହି ବଜାରରେ ଅବସ୍ଥିତ ।]

ସାହେବ ମେମ୍—ବୈଦେ. ବ—ପୁରୁଷ ଓ ସ୍ତ୍ରୀ ସାହେବ— Sāheba mem A European gentleman and lady. ସାହେବ ମେମ

ସାହେବ ସୁବା—ବୈଦେ. ବ (ଅ. ସାହେବ ଓ ସୁବାଦାର)—୧ । Sāheba subā ଧନକାନ୍ ଓ ପଦସ୍ଥ ଇଉରୋପୀୟ—1. Rich ସାହେବ ସୁବା and noble Europeans. ୨ । ଉଚ୍ଚପଦସ୍ଥ କର୍ମଚାରୀ—2 High officials.

ସାହେବା ବୈଦେ. ବ. ସ୍ତ୍ରୀ (ଅ) —ସାହେବ ଶବ୍ଦର ସ୍ତ୍ରୀଲିଙ୍ଗ; ଉଚ୍ଚ Sāhebā ସମ୍ଭ୍ରାନ୍ତ ନାମ ପରେ ବ୍ୟବହୃତ ସମ୍ମାନାର୍ଥକ ଶବ୍ଦ; ସାହେବା ମହାଶୟା—A term used after the name ସାହିବା of noble females. (ଯଥା— ରାଣୀ ସାହେବା)

ସାହେବାଣୀ—ବୈ. ବ. (ସାହେବ ଶବ୍ଦରେ ଓଡ଼ିଆ ସ୍ତ୍ରୀଲିଙ୍ଗାର୍ଥ ଆଣୀ ପ୍ରତ୍ୟୟ) —ବଙ୍ଗ; ମେମ୍; ଇଉରୋପୀୟା ସ୍ତ୍ରୀ— ସାହେବା ମେମ A European lady.

ସାହେବାନ୍ — ବୈଦେ. ବ (ବହୁବଚନ) (ଫା)—ସାହେବ ଶବ୍ଦର ବହୁ- Sāhebān ବଚନ—Plural of the word Sāheba. ସାହେବରା ସାହବାନ

ସାହେବାନା—ବୈ. ବ—ସାହେବ ବା ଇଉରୋପୀୟମାନଙ୍କର ଗୁଣ, Sāhebānā ଆଚରଣ ବା ପଦ୍ଧତି—European mode or ସାହେବିୟାନା conduct or fashion. ତୁଳ—ସାହେବାନ (ଦେଖ) Sāhebāni (See)

ସାହେବାନି—ବୈ. ବ—ସାହେବାନା (ଦେଖ) Sāhebāni Sāhebānā (See) ସାହେବିୟାନା ବଣ—ସାହେବ ବା ଇଉରୋପୀୟଙ୍କ ଯୋଗ୍ୟ ବା ସାହବାନୀ ଉପଯୁକ୍ତ—Befitting a European. (ଯଥା —ସାହେବାନ କାଇଦା, ସାହେବାନ ଢଙ୍ଗ ।)

ସାହେବାନିଆ—ବୈ. ବଣ—ସାହେବ ବା ଇଉରୋପୀୟଙ୍କ ଯୋଗ୍ୟ Sāhebāniā ବା ଉପଯୁକ୍ତ—Befitting a European. ସାହେବୀ ସାହବାନୀ

ସାହେବାନ କାଇ(ଏ, ୟ)ଦା—ବୈ. ବ—ଇଉରୋପୀୟମାନଙ୍କ Sāhebāni kāi(e,ya)dā ଶିଷ୍ଟାଚାର—European ସାହେବୀ କାୟଦା ସାହବାନୀ କାୟଦା etiquette.

Digitized by srujanika@gmail.com

ସାହେବାନ ଚଳଣ(ନ)—ଇଉରୋପୀୟମାନଙ୍କ ପରି ଆଚରଣ—
Sāhebāni chalaṇa(na) Mode of conduct befitting a European.
ସାହେବୀ ଚାଲ **साहवानी चलन**
(ସାହେବାନ ଗୁଲ୍[ଲ], ସାହେବାନ ଗୁଲ୍ଲଚଳଣ[ନ]—ଅନ୍ୟରୂପ)

ସାହେବାନ ଢଙ୍ଗ—ଦେ. ବ—ସାହେବମାନଙ୍କର ଗତ—
Sāhebāni ḍhaṅga Mode of Europeans.
ସାହେବୀ ଢଙ୍ଗ **साहवानी ढङ्ग**

ସାହେବଆନା—ଦେ. ବ—ସାହେବାନା (ଦେଶ)—Sāhebāṇā. Sāhebiāṇā (See) ବଣ—ସାହେବାନ (ଦେଶ)—Sāhebāni. (See)

ସାହେବୀ—ଦେ. ବ ଓ ବଣ—ସାହେବାନ (ଦେଶ)—Sāhebāni. Sāhebī (See) (ଉ—ସାହେବୀ ଘୋଷାକ କେହୁ ଅବା ପିନ୍ଧି। ଗ୍ରଧାନାଥ. ଦରବାର।]

ସାହେବେନ୍—ପ୍ରାଦେ. (ସମ୍ବଲପୁର) ବ—ସାହେବାଣୀ—
Sāheben A European lady.

ସାହେଯ—ପ୍ରାଦେ (ଲରଆ) ବ—ସାହାଯ୍ୟ—
Sāheja Sāhāj̈ya.

ସାହେର—ପ୍ରା. ତ (ପ୍ରାଚୀନ ସଦ୍ୟ) (ସଂ. ସାଗର) —ସମୁଦ୍ର—
Sāhera Ocean. (ଉ—ସ୍ୱପ ଅଳ୍ପା ଶିରେ ଦୁନୁ ଘେନ, ଅଞ୍ଜନା-ସାୟର **सायर** ପୁଡ ସାହେର ଜଣି। ବଶୁନାଥ. ବଚନ ସ୍ୱମାପୃଣ।)

ସାହ୍ନ—ସଂ. ବଣ (ସହାର୍ଥ କଦୁଗ୍ଧ୍ରହ; ସ+ଅହନ୍)—ଦବସଧରିଷ୍ଣୁ—
Sāhna Consisting of a day.

ସାହ୍ୱ—ସଂ. ତ (ସ+ଅହ୍ୱୟ)—୧। ସମାହ୍ୱୟ; ମେଷାଦ ପ୍ରାଣିଦ୍ୟୁତ
Sāhwaya (ବଶବ୍ଦକୋଷ)—1. Fight of animals by laying wagers. ୨। ପଶୁ ଯୁଦ୍ଧ—2. Fight of animals (e. g. cockfight; bullfight). ସଂ. ବଣ—ନାମଯୁକ୍ତ; ନାମଧରିଷ୍ଣୁ (ବଶବ୍ଦକୋଷ)—Having a name.

ସାହ୍ୟ—ସଂ. ବ (ସହ+ଷ୍ୟାର୍ଥେ. ଯ)—୧। ସାହାଯ୍ୟ; ସହାୟତା
Sāhya (ବଶବ୍ଦକୋଷ)—1. Help; support. ୨। ମେଳନ
ସାହାଯ୍ୟ (ବଶବ୍ଦକୋଷ)—2. Combination; union.
सहाय ୩। ସହଭତ୍ୱ (ଧରଣୀ)—3. The state of companionship. ପ୍ରା. ବଣ—ସାହାଯ୍ୟକାରୀ; ସହାୟୀ—Helping. ପ୍ରା. ବ—ସହାୟୁକାୟକ୍ତି—Helper; assistant.

ସାହ୍ୟକୃତ୍—ସଂ. ବଣ (ପୁଂ. ଓ ସ୍ତ୍ରୀ) (ସାହ୍ୟ+କୃ. ଧାତୁ+କ୍ୱିପ୍.
Sāhyakṛut କ୍ୱିପ୍)—୧। ସମବବ୍ୟାହାରୀ; ସଙ୍ଗୀ (ବଶବ୍ଦକୋଷ)—1. Accompanying. ୨। ସାହାଯ୍ୟକାରୀ—2. Helping.

ସାହ୍ଲା—ପ୍ରାଦେ (ଲରଆ) ବ—୧। ସଜ୍ଜା (ଦେଶ)—1. Sahlā. Sāhlā (See) ୨। ବହୁବ୍ୟକ୍ତିଙ୍କ ମେଳ—2. Combination of many people. ବଣ—୧। ମେଳ ବାନ୍ଧି ଥିବା (ବ୍ୟକ୍ତିଗଣ)—1. Combined (persons). ୨। ପରାମର୍ଶ ସଂଜାତ (ଭାବ)—2. (act) Due to or resulting from consultation or advice.

ସାହ୍ଲାଦ—ସଂ. ବଣ. ତ୍ରି. (ସହାର୍ଥ କଦୁଗ୍ଧ୍ରହ; ସ+ଅହ୍ଲାଦ)—
Sāhlāda ୧। ଅହ୍ଲାଦଯୁକ୍ତିଷ୍ଣୁ (ତ୍ରିଷୁ)—1. Delightful. (ସାହ୍ଲାଦା—ସ୍ତ୍ରୀ) ୨। ଅହ୍ଲାଦିତ (ତ୍ୟକ୍ତ)—2. Delighted; overjoyed. ବେ. କି. ବଣ (ସଂ, ସାହ୍ଲାଦଂ)—ଅହ୍ଲାଦ ସହକାରେ—With joy; joyously.

ସି (ଧାତୁ)—ସଂ—୧। ବନ୍ଧନ କରିବା—1. To tie. ୨। ଭୂମି
Si (root) ଖନନ କରିବା—2. To dig earth.

ସି—ଦେ. ଅ—୧। (ଧ୍ୱନ୍ୟନୁକରଣ) ଲଙ୍କାମରିଚ ବା ତୀବ୍ର ଖାଇଲେ
Si ଯାହାରୁ ବାହାରିବା ଶବ୍ଦ—1. Hissing sound made
सीसी by a person after tasting pungent things. ୨। (ଅନୁକରଣ ଧ୍ୱନି) ସିଟି ମାରିବାର ଶବ୍ଦ—2. Whistling sound. ୩। (ସଂ. ବର୍ତ୍ତମାନ କାଳ ଓ ଅନୁଜ୍ଞା ୨ୟ ପୁରୁଷ ଏକବଚନାର୍ଥକ କ୍ରିୟାରେ ଯୋଗ କରାଯିବା ଅକ୍ଷର) ପ୍ରାଚୀନ ଓଡ଼ିଆରେ ଅନୁଜ୍ଞା ୨ୟ ପୁରୁଷ ଏକବଚନରେ କ୍ରିୟାର ରୂପରେ ଯୋଗ କରାଯିବା ଅକ୍ଷର—3. An inflection used after a verb in the imperative mood, singular number. (ଉ—ସେ କଥା ଜକଠେ ତୋର ଏବେ ଦେଲ୍ଲ ଅସି, ଜାଣିଣ କୋଦଣ୍ଡ ତୁହ୍ନ ବମନ ନୁଦ୍ଦସି। ବଳରାମ. ରାମାୟଣ ଅଦଭାଣ୍ଡ।) ୪। (ଧ୍ୱନ୍ୟନୁକରଣ) ଶୀତାର୍ତ୍ତ ବ୍ୟକ୍ତିର ହିଡ୍‌ହାର ଶବ୍ଦ—4. The hissing sound of a person shivering with cold. ୫। ସି ଅକ୍ଷର (ଦେଶ)—5. Si akshara. (See) ପ୍ରାଦେ. (ସମ୍ବଲପୁର) (କ୍ରିୟାର ଗୁଡ଼ୀୟ ବିଶେଷ)—ବର୍ତ୍ତମାନ କାଳ ୩ୟ ଓ ୧ମ ପୁରୁଷ ଏକବଚନ ଓ ଭବିଷ୍ୟତ୍‌କାଳ ୧ମ ପୁରୁଷ ଏକବଚନରେ କ୍ରିୟାରୁପରେ ଯୋଗ କରାଯିବା ଅକ୍ଷର—Inflection added to a verb to indicate Indicative mood, future tense, 1st person singular and present tense, 1st. and 3rd. persons singular. [ଦ୍ର—ଓଡ଼ିଆରେ କ୍ରିୟା ପରେ 'ଛ'ର ବ୍ୟବହାର ପରି ଏହାର ବ୍ୟବହାର ଅଟେ। ଯଥା—ଦୋସି=ଦେଇଛୁ।]

(ଉ—ଦୂତ ! ମୁଇଁ ତୋ କୋନ୍ୟା କରସି ଗୋ।
ନନ୍ଦସୁଅର କଥା ମତେ କେନ୍ୟାକେନ୍ୟା ଲଗସି ଗୋ।
ଦଣ୍ଡଥାଇସି ଜଲଥ ହରିବର
ପିନ୍ଧ ଥାଇସି ଦୁଲ୍‌ଦଥ ଜରଜର୍
ଧୋକ ଫର୍‌ଫର୍‌ଟେ ଜଅନ୍ ବାଗଇ୍‌ଟେ
ବେକେ ଓଜ୍ଜାଇ ଥାଇସି ଗୋ।
ସିକାବେଲ୍‌କେ ଯମ୍‌ନା ଜଲେ
ବସି ଥାଇସି କଦମ୍ ତଳେ

Digitized by srujanika@gmail.com

ମତେ ଅନାଇ　　କାଲଅ ଝୋଲା
ଦାଇଦାଇ କଥା କହୁସି ଗୋ ।
ଦାଇ ଦାଇ ମନ୍ତର ଅଇସି ଦାଇତେ
ମୁଣ୍ଡା ଉଇଁଶା ଦୋସି ଘାଏତେ
ଯେତେ ଥାଇସି　　କ୍ଷୀର୍ ଲଦ୍ଦୁଲା
ଗେଣ୍ଡୁଲ ଜର ଖାଇସି ଗୋ ।
ସମ୍ବଲପୁର ଲୌକିକ ଗୀତ ।)

ପ୍ରାଦେ· (ଗଞ୍ଜାମ) ଅ—ମଧ୍ୟ; ବ—Too; also.
[ଉ—ମୁଁ ସି ଯାଇଥିଲି ।]

ସିଅ(ଇତ୍ୟାଦି)—ଦେ. ବ (ସ. ଶିଫ)—ଶିଅ ଇତ୍ୟାଦ (ଦେଖ)
Sia (etc)　　Śia etc (See)

ସିଅଁ—ପ୍ରାଦେ (ଇଉର ବ୍ୟବହୃତ; ଅନଗୁଳ, ଗଡ଼ଜାତ) ବ—ସ୍ରୋତ;
Siañ　　ସ୍ରୋତ—Current· ଦେ. କି—ସେଇବା କିମ୍ବାର
ସେଲାଇକର　　ସିଲାଇକରୋ　　ଅନୁଜ୍ଞାରେ ରୂପ (ତୁମ୍ଭେ)
ସିଲାଇ କର—(Imperativs mood of the verb To sew) (you) Do sew.

ସି ଅକ୍ଷର—ଦେ. ବ (ଓଡ଼ିଆ ଶିଶୁର ପ୍ରଥମେ ବଦ୍ୟାରମ୍ଭକାଳେ ଗୁରୁ
Si akshara　　ଭୂମିରେ ଖଡ଼ିଦ୍ୱାରା ୫ ଗୋଟି ମୃଣ୍ଡୁଲା
କ ଅକ୍ଷର　　ସି ଅକ୍ଷର　　କାଢି ଦେଖା ସିଦ୍ଧରସ୍ତୁ (ସ.
ସିଦ୍ଧିରସ୍ତୁ=ବଦ୍ୟା ସିଦ୍ଧି ହେଉ) ଲେଖି ଶିଶୁଙ୍କ ଦ୍ୱାରା
ଧରି 'ସିଦ୍ଧରସ୍ତୁ' ଉଚ୍ଚାରଣ କରି ତାଦ୍ୱାରା ଉପରେ ଶିଶୁର
ହାତକୁ ଚାଳନ କରନ୍ତି । ଏହି ଶବ୍ଦର ପ୍ରଥମ ଅକ୍ଷର 'ସି'
ଥିବାରୁ ଏହାର ନାମ ଦୋଇଅଛି ।)
ବଦ୍ୟାରମ୍ଭରେ ଶିଶୁର ବୋଲିବା ଓ ଲେଖିବା ପ୍ରଥମ
ଅକ୍ଷର—The 1st letter written and uttered by a child when first ceremonially learning to write.

(ଢାକୁ) ସି ଅକ୍ଷର ବରୁଣା(ଣେ)ଇ ପର୍ବତ—ଦେ. ପ୍ରବଚନ—ଉଚ୍ଚମୂର୍ଖ
Si akshara barunā(ṇe)i parbata　　ବ୍ୟକ୍ତିଙ୍କ
କ ଅକ୍ଷର ଗୋ ମାଂସ　　କରିୟା ଅକ୍ଷର ଭୈଶ ବରାବର　　ପ୍ରୟୋଗ
କରିବା ବାଦ୍ୟ [ଅର୍ଥାତ୍ ତାହାର ବଦ୍ୟାଭ୍ୟାସ ହୁଏ
ନାହିଁ ନ ଥିବାରୁ ତାକୁ 'ସି' ଅକ୍ଷର ବରୁଣାଇ ପର୍ବତ
(ଖୋରଧାର ବଡ଼ ପାହାଡ଼ ଓ ଉଚ୍ଚତର ମହାଉଚ୍ଚାସ୍ୱରୂପ
ପର୍ବତ) ପରି ବଡ଼ ଓ ଅସାଧ୍ୟ ଜଣା ଯାଉଛି]—ସେ ଜଣକର
ବା ମୂର୍ଖ ଅଟେ—(a phrase used to denote a person who has not even begun the alphabets, and to whom the 1st letter of a beginner appears like a mountain) He is illiterate or unlettered.

ସି ଅକ୍ଷର ବବର୍ଜି(ଜ୍ଜି)ତ(ତା)—ଦେ. ବଣ—ଅତି ମୂର୍ଖ (ବ୍ୟକ୍ତି);
Si akshara bibarji[rjji]ta(tā)　　ଯେଉଁ ବ୍ୟକ୍ତି.
କ ଅକ୍ଷର ବିବର୍ଜିତ　　ସି ଅକ୍ଷର ବିବର୍ଜିତ　　ଅର୍ଥାତ୍ ବଦ୍ୟା-
ଭ୍ୟାସ କର ନାହିଁ ବୋଲି ଯାହାର ବର୍ଣ୍ଣପରିଚୟ ପ୍ରଥମ ଅବସ୍ଥା
ଦୋଇ ନାହିଁ—Unlettered; a person who has not even begun the alphabets

ସିଅଲ୍—ପ୍ରାଦେ (ବଲଙ୍ଗିର, ପାଠଣା) (ସ ଶୀତଳ)—ଶୀତଳ; ଥଣ୍ଡା—
Sial　　Cool; cold.

ସିଅଳ—ଦେ.ବ—ଖଜୁର ଓ ତାଳ ଗଛରୁ ରସ (ତାଡ଼ି) ବାହାର କରିବା
Siala　　ଜାତିଜନ ଜାତି; ଶିଅଳ (ଦେଖ)—
ପାଶୀ, ଶିଓଳୀ　　ପାସୀ　　A depressed caste, whose profession is to tap date palm and palmyra trees for toddy.

ସିଅଲ ପାଗ—ପ୍ରାଦେ. (ବଲଙ୍ଗିର ପାଠଣା) ବ—ଶୀତଳ
Siala pāga　　ପାଗ; ଥଣ୍ଡା ଋତୁ ବା ସମୟ—
Cool or cold weather.

ସିଆ—ଦୈଦେ ବ. (ଫା. ସିହା)—ସିହ୍ନା (ଦେଖ)—
Siā　　Sihā (See). ଦେ· ବ (ବଣିଆ ଭାଷା) ସୁନା—
ସୋନା　　ସୋନା　　Gold.

ସିଆଇ(ହି)—ଦୈଦେ· ବ (ଫା. ସିୟାହି)—ମସୀ; କାଳ—
Siai(hi)　　Writing ink.
କାଳୀ ସେହାଇ　　ସୟାହୀ

ସି. ଆଇ. ଇ.—ଦୈଦେ· ବ (ଇଂ) ଇଂରେଜ ସରକାରଙ୍କ ପ୍ରଦତ୍ତ
Si. āi. i.　　ଉଚ୍ଚ ସମ୍ମାନସୂଚକ ଉପାଧି ବିଶେଷ—
ସି ଆଇ. ଇ　　ସି. ଆଇ ଇ　　The title C. I. E. (ବା Companion of Indian Empire ଶବ୍ଦର ସଙ୍କେତ; ଏହାର ଅର୍ଥ ଭାରତ ସାମ୍ରାଜ୍ୟର ସଙ୍ଗୀ ବା ବନ୍ଧୁ ।)

ସିଆଇ(ହି) ଘଡ଼ି—ଦେ, ବ—ମସୀ ପାତ୍ର; କାଳ ଘଡ଼; ଦୁଆତ—
Siāi(hi) ghardi　　Inkpot; inkstand.
[ସିଅଦାନ(ନ)—ଅନ୍ୟରୂପ]　　ଦୋୟାତ　　ମଶିହା(ଦା)ନୀ

ସି.ଆଇ.ଡି—ଦୈଦେ· ବ (ଇଂ· ସି. ଅଇ. ଡ.) —କୌଣସି ଗୁପ୍ତଚର;
Si.āi.di　　ସରକାରଙ୍କ ଡାକବିଭାଗ ବା ଗୁପ୍ତଚର ସମ୍ବନ୍ଧୀୟ—
ସିଆଇଡି　　ସିଆଇଡ଼ୀ　　The C. I. D. Department of the Govt.　　[ଡ—ବଡ଼ା ଇଂରେଜ Criminal Investigation Department　　ଶବ୍ଦତ୍ରୟର ସଙ୍କେତ]

ସିଆଁ(ଞା)—ଦେ. ବ　　(ସଂ· ସୀବନ)—ସିଲେଇ କର୍ମ—
Siāñ(nā)　　Sewing.
ସିଆଁ　　ସିଲାଇ　　ଦେ· ବଣ—ସିଲେଇ କରିପାରିବା; ସୂଚ-
ସେଲାଇକରା　　ସିଲାଇକିୟାହୁଆ　　Sewn.

ସିଆଁ(ଞା)ଇ(ଈଁ)ବା—ଦେ· କି (ସଂ ସୀବ୍ ଧାତୁ ଣିଜନ୍ତ)—୧ ।
Siañ(ña)i(iñ)bā　　(ସିଇଁବା କ୍ରିୟାର ଣିଜନ୍ତ ରୂପ) ଅନ୍ୟଦ୍ୱାରା
ସିଆଁନ, ସେଲାଇକରାନ　　ସଲବାନା　　ସିଲେଇକର୍ମ କରାଇବା—1·
(Causative of Siiñbā) To cause to be sewn. [ଉ—ସିଥଇଁ ଫୁଲକୁ ତା ବସ୍ତ୍ରଗୁଳିକ ଯେଉଁ
ସିଆଁ, ସିୟାଁ　　ସୀନା　　ପ୍ରଭାବରେ ସଙ୍ଗାଦିତ ।—ଅଭିମନ୍ୟୁ·

Digitized by srujanika@gmail.com

ବଦଗ୍‌ଧଚତ୍ତାମଣି] ୨ । (ସଂ. ସୀବ୍ ଧାତୁ) ସିଇଁବା (ଦେଶ)—Siiñbā (See)

ସିଅଁ(ଞ)ସି(ସେ)ଇଁ—ଦେ. ବ—ନାନା ବସ୍ତୁକୁ ସିଲେଇ କରିବା କାର୍ଯ୍ୟ· Siāñ ñā)si(se)iñ Act of sewing many things. ସିଆଁ ସିଇ ସିଲାଇଉଲାଇ

ସିଆକାଟୁ—ପ୍ରାଦେ. (ଗଞ୍ଜାମ) ବ. (ଡେଲ୍‌ଗୁ)—ସ୍ତ୍ରୀ ଲୋକମାନଙ୍କ Siākāṭu ମଣିବନ୍ଧରେ ପିନ୍ଧାଯିବା ବଳୟ ବିଶେଷ—A kind bracelet. [ଦ୍ର—କଡ଼ଅଳ ସମ୍ପର୍କେ ସିଆକାଟୁ ଦେଖନ୍ତୁ ।—କରସୂଯ୍ର· ଚନ୍ଦ୍ରକଳା]

ସିଆଡ଼—ଦେ. ବ—୧ । ସେହିଅଡ଼; ସେ ଦଗ—1. That side. Siārda ୨ । ବିପରୀତ ଦଗ—2. Opposite direction. [ସ୍ୟାଡ଼—ଅନ୍ୟରୂପ] ୩ । ସେ ଦେଶ ବା ଅଞ୍ଚଳ—3. That ସେଥା, ଉଦିକ(ଗ) ଉଧର country or locality.

ଦେ. ବଣ—୧ । ସେ ଦଗର—1. Of that side. ଉଦିଗ୍‌କାର ଉଧରକା ୨ । ସେ ଦେଶର—2. Of that country or locality.

ସିଆଡ଼(ଡ଼ି)କା—ଦେ.ବଣ—୧। ସେହି ଦଗର—1. Of that side. Siārda(rḍi)kā ୨ । ସେହି ଦେଶର ବା ଅଞ୍ଚଳର—2. Of ସିଅଡ଼(ଡ଼)କାର ସ୍ୟାଡ଼(ଡ)କା, ସ୍ୟାଡ଼(ଡ଼)କାର } —ଅନ୍ୟରୂପ that country or locality. ସିଦିଗ୍‌କାର; ଉଦିଗ୍‌କାର ଉଧରକ ୩ । ବିପରୀତ ଦଗର— ଇଅଡ(ଡ଼)କା, ସ୍ୟାଡ଼(ଡ଼)କା ଇଅଡ଼(ଡ଼)କାର; ସ୍ୟାଡ଼(ଡ଼)କାର } —ବିପରୀତ 3. Of an opposite direction.

ସିଆଡ଼(ଡ଼, ଡ଼ୁ)କୁ—ଦେ· ଅ—ତେଣିକି; ସେହିଅଡକୁ; ସେହିଦଗକୁ— Siārd(rḍi; rḍu) ku 1. To that side; to that [ସ୍ୟାଡ଼(ଡ,ଡ଼ୁ)କୁ—ଅନ୍ୟରୂପ] direction. ୨ । ବିପରୀତ ସେଦିକେ, ଉଦିକେ ଉଧରକୋ ଦଗକୁ—2. To an op- [ଇଅଡ଼(ଡ଼;ଡ଼)କୁ; ସ୍ୟାଡ଼(ଡ଼;ଡ)କୁ—ବିପରୀତ] posite direction. ୩ । ତା ପରେ; ସେହି ସମୟ ପରେ—3. After that time.

ସିଆଡ଼ି—ଦେ. ବ—(ବଣିଆ ଶବ୍ଦ)—୧ । ପତ୍ରାର କଣାରେ Siārdi ରୂପାର ବା ସୁନା ସରୁ ଖଣ୍ଡର ମୁଣ୍ଡକୁ ଉପରି ସାଡ଼ାଶି ସରସ କରି ଛାର କରିବାକୁ ଦେଲେ ସୂତ୍ରଟି ସିଦ୍ଧ ଯେଉଁ ଡଉଅରରେ ଉକ୍ତ ସୁନା ବା ରୁପାର ମୁଣ୍ଡକୁ ଧରି ଟାଣନ୍ତି—1. A prong or pair of tongs used by the goldsmiths for holding the silver or gold wire while drawing it through holes of a metal plate for making wires. ୨ । ବନ୍ୟଲତା ବିଶେଷ— 2. A kind of wild creeper with big leaves. [ଦ୍ର—ଏହାର ଫଳରେ ତରକାରି ଓ ଖଲ ସିଝାଯାଏ ଓ ଛତା ରୂପରେ ମଧ୍ୟ ବ୍ୟବହାର ହୋଇଥାଏ । ଏହାର ଫଳ ବନ୍ୟ ଜୀବମାନେ ଖୋଡ଼ି କରି ଖାଆନ୍ତି ଓ ଗଛର ଠୋଲରେ ରହି ଖାଆନ୍ତୁ । ଏହାର ଲତାରେ ଗଣ୍ଠି ପକାଯାଇ ବଦ୍ରୋହ ବା ମେଳର ସଂବାଦ ଗ୍ରାମେ ଗ୍ରାମେ ବୁଲାଯାଏ ।]

ସିଆଡ଼କ(କୁ)—ଦେ· ଅ—ସିଆଡ଼କୁ (ଦେଶ)— Siārḍiki(ku) Siārḍaku (See) [ସ୍ୟାଡକ(କୁ)—ଅନ୍ୟରୂପ] [ଇଅଡ଼କ(କୁ), ସ୍ୟାଡ଼କ(କୁ)—ବିପରୀତ]

ସିଆଡ଼ ଗଣ୍ଠି ଫେର୍‌ା(ରେ)ଇବା—ପ୍ରାଦେ.(ଗଡ଼ଜାତ)କି—(ଗଡ଼ଜାତର Siārḍi gaṇṭhi pherā(re)ibā ଭୂୟାଁ, ଚକଥଡ ଅଳାର୍ଯ୍ୟ- [ସିଅଡ଼ ଗଣ୍ଠି ବୁଲ୍‌(ଲେ)ଇବା—ଅନ୍ୟରୂପ] ମାନେ) ସିଆଡ଼ ଲଇରେ ଗଣ୍ଠି ପକାଇ ସଜ୍ୟତମାନ ବଦ୍ରୋହ ବା ମେଳର ଉତ୍ତେଜନାମୂଳକ ଚଉ ଗ୍ରାମରୁ ଗ୍ରାମାନ୍ତରକୁ ଫେରାଇବା— (Said of the people and specially non-aryan people of the Orissa States)— To despatch from one village to another a Siarḍi creeper with knots as an incitement and indication to rise in or join a revolt. [ଦ୍ର—ଯେଉଁ ଗ୍ରାମର ଲୋକ ମେଳରେ ଯୋଗ ଦେବ କୁ ସ୍ୱୀକୃତ ହୁଅନ୍ତି ସେମାନେ ଉକ୍ତ ଲଇରେ ଗୋଟିଏ ଗଣ୍ଠି ପକାନ୍ତୁ । ଗଣ୍ଠି ବୁଲ ସାର ମୂଳସ୍ଥାନକୁ ଫେର ଅସିଲେ ମେଳର ସୂଚନା ହୁଏ । ଯେଉମୋହନ· ଦେବୀଙ୍କର ଇତିହାସ ।]

ସିଆଡ଼ ଲଇ—ଦେ. ବ—ସିଆଡ଼ ୨ (ଦେଶ)— Siārḍi lai Siārḍi 2 (See)

ସିଆଡ଼ୁ(ଡ଼ୁଁ)—ଦେ. ଅ—୧ । ସେଅଡ଼ୁ; ତେଣୁ; ସେଦଗରୁ—1. Siārḍu(rḍuñ) From that side; from that direସିଦିଗ୍‌ଥେକି, ହେଥାଥେକି ଉଧରସେ ction. ୨ । ବିପରୀତ [ସ୍ୟାଡ଼ୁ(ଡ଼ୁଁ)—ଅନ୍ୟରୂପ] ଦଗରୁ—2. From an opposi- [ଇଅଡ଼ୁ(ଡ଼ୁଁ), ସ୍ୟାଡ଼ୁ(ଡ଼ୁଁ)—ବିପରୀତ] te direction. ୩ । ସେଅଞ୍ଚଳରୁ—3. From that locality.

ସିଆଡ଼େ—ଦେ. ଅ—୧ । ସେ ଦଗରେ—1. On that side. Siārḍe ୨ । ସେଠାରେ—2. There. ୩ । ସେ ଦେଶରେ, ସେଦିକେ ଉଧରମ୍ ତେଣେ—3. In that country (ଇଅଡ଼େ, ସ୍ୟାଡ଼େ—ବିପରୀତ) or locality. ୪। ବିପରୀତ ଦଗରେ- 4. In an opposite direction. ୫। ବିପକ୍ଷରେ- 5. On the other hand. ଦେ. ବଣ. (ଫ. ସାର୍ଦ୍ଧ) ସାଢେ ସାଢ଼େ (ଦେଶ)—Sārḍhe (See).

ସିଆ(ହା)ଣ—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ସଜ୍ଞାନ)—୧ । ଚତୁର; Siā(hā)ṇa ଚାଲାକ—1. Clever; shrewd. ୨ । (ସ୍ୟାଣା, ସିଅଣିଆ, ସିହାଣିଆ, ସ୍ୟାଣିଆ— ଅନ୍ୟରୂପ) ବୁଦ୍ଧିମାନ୍— ସିୟାନ(ନା), ସେୟାନ(ନା) 2. Intelligent. ୩ । ଶଠ; ଧୂର୍ତ୍ତ— ସୟାନା, ସିୟାନା 3. Sly; crafty. (ସିଅଣୀ, ସିଅଣେଇ—ସ୍ତ୍ରୀ)

Digitized by srujanika@gmail.com

ସିଆଣା—ଦେ. ବଣ. ସ୍ତ୍ରୀ (ସ. ସଜ୍ଞାନା)—୧ । ରଜୋଦର୍ଶନ; ସାବୁ-
Siāṇā ରଜସ୍ୱଳା; ରଜସ୍ୱଳା ହୋଇଥିବା (ବାଳିକା)—
ସୋମତ୍ତ 1. Menstruated (girl); who has attain-
ସୟାନୀ, ରଜସ୍ୱଳା ed puberty. ୨ । (ପୁଂ ଓ ସ୍ତ୍ରୀ) ସିଆଣ
(ଦେଖ)—2. Siāṇa (See)

ସିଆଣା ଚତୁର(ରୀ)—ଦେ. ବଣ. ପୁଂ ଓ ସ୍ତ୍ରୀ (ଏକାର୍ଥକ ସଦ୍ଭରର)—
Siāṇā chatura(rā) ଅତ୍ୟନ୍ତ ଚତୁର ବା ଧୂର୍ତ୍ତ—
ସେୟାନା ଚତୁର ଚତୁର ସୟାନ Very sly.
(ସିଆଣୀ ଚତୁରେଇ—ସ୍ତ୍ରୀ)

ସିଆଣା ପଣ(ପଣିଆଁ)—ଦେ. ବ—୧ । ଚତୁରତା—1. Clever-
Siāṇā paṇa(paṇiāñ) ness. ୨ । ଧୂର୍ତ୍ତତା—2. Slyness.
ସେୟାନତି ସୟାନପନ ୩ । ବୁଦ୍ଧିମତ୍ତା—3. Intelligence.

ସିଆଣା ପାଗଳ(ଳ)—ଦେ.ବଣ—୧। ଯେଉଁ ଦୋଷୀ ବା ଅନ୍ୟାୟୀ ବ୍ୟକ୍ତି
Siāṇā pāgala(la) ନିଜର ଦୋଷ ବା ଅନ୍ୟାୟ ପ୍ରକାଶିତ
(ଜାରି ସିଆଣା, ଜାଣି ସିଆଣିଥ—ଅନ୍ୟରୂପ) ହେବା କଥା ଅଗରୁ
ସେୟାନା ପାଗଳ ଜାଣି ଥାର ବାଉଳତାର ବାହାନା କରେ—1. A
ସୟାନ ପାଗଲ wrong doer or offender who feigns
madness to screen or excuse his wrong
or crime. ୨ । ଯେଉଁ ଚତୁର ବ୍ୟକ୍ତି ବାଉଳତାର
ଭାନ କରେ—2. A clever person who
feigns insanity. ୩ । ବାହାରେ ଲୋକଙ୍କୁ
ଦେଖାଇବା ପାଇଁ ବାଉଳ ବା ସରଳ ତନ୍ତୁ ଭିତରେ
ଧୂର୍ତ୍ତ ବା ଦୁଃବୁଦ୍ଧି ବ୍ୟକ୍ତି—3. A person who is
wicked or sly at heart but affects
frankness or madness.

ସିଆଣା ହେବା—ଦେ. କ୍ରି—(ବାଳିକା) ପ୍ରଥମେ ରଜସ୍ୱଳା ହେବା;
Siāṇā hebā ଘର ଯୋଗ୍ୟ ହେବା; ଜ୍ଞାନ ପାଇବା—To be
ସୋମତ୍ତ ହୁଏୟା menstruated for the first time.
ରଜସ୍ୱଳା ହୋନା, ଝୁନେକୋହୋନା

ସିଆଣାରେ ସିଆଣାରେ କୋଳା କୋଳି—ଦେ. ପ୍ରବଚନ—ସଉସ୍ତର
Siāṇāre siāṇāre kolā koli ପ୍ରତ କପଟ କରିବା
ସିଆଣାରେ ସିଆଣାରେ କୁଣ୍ଢେଇ କୁଣ୍ଢେଇ
ଓଆଣାରେ ସିଆଣାରେ ମିଳିଥିବା } —ଅନ୍ୟରୂପ] ଦେଖାଇବା; ଦୁଇ
ଜଣ ଧୂର୍ତ୍ତ ବ୍ୟକ୍ତିଙ୍କ
ସେୟାନେ ସେୟାନେ କୋଳା କୋଳୀ ମଧ୍ୟରେ କୁଟ କରିବାର
ସୟାନମେଁ ସୟାନମେଁ ଗଲ ବହିୟା ଆଦାନ ପ୍ରଦାନ—
Exchange of civilities between two sly
persons.

ସିଆଣିଆ(ଆଁ) (ଇତ୍ୟାଦି)—ଦେ. ବଣ. ପୁଂ ଓ ସ୍ତ୍ରୀ—
Siāṇiā(āñ) ସିଆଣା(ଣୀ) ଇତ୍ୟାଦି (ଦେଖ)
Siāṇa(ṇā) etc. (See)

ସିଆଣୀ—ଦେ. ବଣ. ସ୍ତ୍ରୀ—ସିଆଣର ସ୍ତ୍ରୀଲିଙ୍ଗ—
Siāṇī Feminine of 'Siāṇa'.
(ସିଆଣେଇ—ସ୍ତ୍ରୀ)

ସିଆ(ଆଁ)ନ୍—ସାଦେ. (ସମ୍ବଲପୁର) ବ—୧ । ଅଧିନାୟକ—
Siā(āñ)n 1. Leader. ୨ । ଦଳପତି—2. Leader
of a group. ସାଦେ. (ସମ୍ବଲପୁର) ବଣ—୧। ସିଆଣା;
ଚତୁର—1. Clever. ୨ । ଦୂରଦର୍ଶୀ—2. Wary;
cautious.

ସିଆନଙ୍ଗା—ଦେ. ବ—ବୌଦରେ ଅବସ୍ଥିତ ଗୋଟିଏ ପର୍ବତ (ଉଚ୍ଚତା
Siānaṅgā ୧୯୧୭ ଫୁଟ୍)—The name of a moun-
tain in the State of Baud.

ସିଆନା—ସାଦେ. (ଲରଆ) ବଣ—ସିଆଣା—
Siānā Clever; sly.

ସିଆର୍—ଦେ.ବେ. ବ (ଇଂ)—ଯୌଥ କାରବାରରେ ଅଂଶୀଦାର ହିସା—
Siār A share in a joint business.
ସେୟାର୍ ସେୟର

ସି. ଆର୍. ଦାସ୍—ବଙ୍ଗର ପ୍ରସିଦ୍ଧ ସ୍ୱଜଗାତିକ ନେତା ସ୍ୱର୍ଗୀୟ ଦେଶ-
Si. ār. dās ବନ୍ଧୁ ଚିତ୍ତରଞ୍ଜନ ଦାସ—The late C. R.
Das, the late celebrated political leader
of Bengal.

[ଦେ—ଦେଶବନ୍ଧୁ ଚିତ୍ତରଞ୍ଜନ ଦାସ କଲିକତାର ଗୋଟିଏ ଉଚ୍ଚାରେ ବାସ କରୁଥିବା ଗୋଟିଏ ପରିବାରରେ ୧୮୭୦ ଖ୍ରୀଷ୍ଟାବ୍ଦ ନଭେମ୍ବର ମାସରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବ ବଂଶଧରମାନଙ୍କର ବାସସ୍ଥାନ ବଦମପୁର ପ୍ରଗନାର ତେଲବାଗ ଗ୍ରାମ ଥିଲା । ତାଙ୍କ ପିତା ଭୁବନ ମୋହନ କଲିକତା ହାଇକୋର୍ଟର ଅଡ଼ଂଟି ଥିଲେ; ସେ ତାଙ୍କ ଜୀବନର ମଧ୍ୟଭାଗରେ ବ୍ରାହ୍ମଧର୍ମ ଗ୍ରହଣ କରିଥିଲେ; ଜଣେ ଦୁଇ ଗୋଟି ପତ୍ରିକାର ସମ୍ପାଦକ ଥିଲେ; ଦୁଃଖୀ ଲୋକମାନଙ୍କ ପ୍ରତି ଦୟା ପ୍ରଦର୍ଶନ କମିତ୍ତ ବହୁତ ଅର୍ଥ ଋଣ କରିଥିଲେ । ଚିତ୍ତରଞ୍ଜନଙ୍କର ଜନ୍ମର ତେତିକ ବର୍ଷ ପରେ ଭୁବନମୋହନ ବ୍ୟବସାୟ ପୁରତ୍ୱ ଆସି ବାସ କଲେ । ଚିତ୍ତରଞ୍ଜନ ୧୮୮୭ ଖ୍ରୀଷ୍ଟାବ୍ଦରେ ପ୍ରେସିଡେନ୍ସି କଲେଜରେ ପ୍ରବେଶ କଲେ । ଏହି ସମୟରେ ତାଙ୍କର ଅସାଧାରଣ ବାଗ୍ମିତା ଦ୍ୱାରା ଉଭୟ ଓ ଅଧ୍ୟାପକଗଣ ଆକୃଷ୍ଟ ହୋଇଥିଲେ। ସେ ୧୮୯୦ ମସିହାରେ ବି. ଏ. ପାସ୍ କଲେ । ସିଭିଲ୍ ସର୍ଭିସ୍ ପଢିବା ଲାଗି ଭୁବନମୋହନ ପୁତ୍ରକୁ ବିଲାତ ପଠାଇ ଦେଲେ । ଚିତ୍ତରଞ୍ଜନ ବିଲାତରେ ଥିବା ସମୟରେ ସ୍ୱରାଜର ପ୍ରଧାନ ସ୍ୱଜଗାତିକ ଦାଦା ଭାଇ ନାଓରୋଜି ବିଲାତ ପାର୍ଲିମେଣ୍ଟର ସଭ୍ୟ ହେବା ପାଇଁ ଚେଷ୍ଟା କରୁଥିଲେ । ସାହେବମାନେ ଏ ଚେଷ୍ଟାରେ ବାଧା ଦେଇଥିଲେ ଏବଂ ପାର୍ଲିମେଣ୍ଟର ଜଣେ ସଭ୍ୟ ଜଜ ବକ୍ତୃତାରେ ସ୍ୱରାଜସ୍ପୃହାମାନଙ୍କୁ ଦାସ ଜାତି ବୋଲି କହିଥିଲେ । ଚିତ୍ତରଞ୍ଜନଙ୍କ ପକ୍ଷରେ ସ୍ୱଜାତିର ଏହି ଅପମାନ ଅସହ୍ୟ ହୋଇଥିଲା । ସେ ଅଦମ୍ୟ ଉତ୍ସାହରେ ଅଳ୍ପ ଅଳ୍ପ ସ୍ୱରାଜସ୍ପୃହା ଭାବକ ସାହାଯ୍ୟରେ ବିଲାତର ନାନା ସ୍ଥାନରେ ସଭା ସମିତି କରି

Digitized by srujanika@gmail.com

ଓଜସ୍ୱିନୀ ଭାଷାରେ ବକ୍ତୃତା କରି ଏହି ଉକ୍ତିର ଖଣ୍ଡନ ପ୍ରତିବାଦ କରିଥିଲେ । ଏହି ଆନ୍ଦୋଳନର ଫଳରେ ଯେଉଁ ବ୍ୟକ୍ତି ସ୍ୱରଗୀୟମାନଙ୍କୁ ନିନ୍ଦା କରିଥିଲେ, ସେ କ୍ଷମା ପ୍ରାର୍ଥନା କରି ଗାର୍ଜ୍ଜମେଣ୍ଟ ସଭ୍ୟପଦ ଇସ୍ତଫା ଦେବାକୁ ବାଧ୍ୟ ହେଲେ । ଚିତ୍ତରଞ୍ଜନଙ୍କର ଏହି ବକ୍ତୃତା ଓ ଏତାଦୃଶ ଦୋଷି କେତେକ ଇଂରାଜୀ ସଂବାଦ ପତ୍ର ମଧ୍ୟ ବଙ୍ଗଭଙ୍ଗରେ ପ୍ରଥମେ ତାଙ୍କର ସ୍ୱଦେଶ ପ୍ରେମିକ ଜୀବନର ସୂଚନା କରିଥିଲେ । ସେ ସିଭିଲ୍ ସର୍ଭିସ୍ ପରୀକ୍ଷାରେ ପାସ୍ କରି ପାରିଲେ ନାହିଁ, ମାତ୍ର ୧୮୫୭ ଖ୍ରୀଷ୍ଟାବ୍ଦରେ ବାରିଷ୍ଟର ପାସ କରି ସ୍ୱଦେଶକୁ ଫେରି ଅସିଲେ । କଲିକତା ହାଇକୋର୍ଟରେ ବାରିଷ୍ଟରି କରିବା ସମୟରେ ସେ ସମୟ ସମୟରେ ସାହିତ୍ୟସେବା ମଧ୍ୟ କରୁଥିଲେ ଏବଂ କେତେ-ଗୁଡ଼ିଏ କବିତା ରଚନା କରିଥିଲେ । ୧୮୯୮ ଖ୍ରୀଷ୍ଟାବ୍ଦରେ ବାଲ୍ଟ୍ରେଣ୍ଡ୍ ଦେଖିବାକୁ ଦରିଦ୍ର ପ୍ରସନ୍ନ ଜାଲଦାରଙ୍କ କନ୍ୟା ଶ୍ରୀମତୀ ବାସନ୍ତୀ ଦେବୀଙ୍କ ସହିତ ଚିତ୍ତରଞ୍ଜନଙ୍କର ଶୁଭ ପରିଣୟ ସମ୍ପନ୍ନ ହୋଇଥିଲା । ବାସନ୍ତୀ ଦେବୀ ପତିଙ୍କର ଯୋଗ୍ୟା ସହଧର୍ମିଣୀ ଥିଲେ । ୧୯୦୬ ସାଲରେ ବଙ୍ଗଭଙ୍ଗ ଲର୍ଡ୍ କର୍ଜ୍ଜନ୍ ବଙ୍ଗ ପ୍ରଦେଶକୁ ବଙ୍ଗ ଓ ପୂର୍ବବଙ୍ଗ, ଏପରି ଦୁଇଟି ପ୍ରଦେଶରେ ବିଭକ୍ତ କରିବାରୁ ବଙ୍ଗଦେଶରେ ଘୋର ଆନ୍ଦୋଳନ ଉପସ୍ଥିତ ହେଲା । ଅରବିନ୍ଦ ଘୋଷ ସେହି ଆନ୍ଦୋଳନର ନେତା ଥିଲେ । ୧୯୦୮ ମସିହାରେ ପ୍ରସିଦ୍ଧ ଅଲିପୁର ବୋମା ମକଦ୍ଦମାରେ ବଙ୍ଗର ବହୁତ ଯୁବକ ଏବଂ ସ୍ୱୟଂ ଅରବିନ୍ଦ ମଧ୍ୟ ମୁଦ୍ଦାଲ୍ଲା ଥିଲେ । ମକଦ୍ଦମା ଚଳାଇବା ପାଇଁ ଯଥେଷ୍ଟ ଅର୍ଥ ନ ଥିଲା । ଏହି ବିପଦ ସମୟରେ ଚିତ୍ତରଞ୍ଜନ ପାରିଶ୍ରମିକ ଗ୍ରହଣ ନ କରି ମୁଦ୍ଦାଲ୍ଲାମାନଙ୍କ ପକ୍ଷରୁ ମକଦ୍ଦମା ଲଢ଼ିଲେ । ଏ ମକଦ୍ଦମାରେ ନିଯୁକ୍ତ ସରକାର ପକ୍ଷର ପ୍ରସିଦ୍ଧ ବାରିଷ୍ଟର ନର୍ଟନ୍ ସାହେବଙ୍କ ପ୍ରତିଦ୍ୱନ୍ଦ୍ୱୀରୂପେ ଚିତ୍ତରଞ୍ଜନକୁ ଠିଆ ହେବାକୁ ପଡ଼ିଲା । ମକଦ୍ଦମା ଅଠ ମାସ କାଳ ଚଳିଲା । ଏଥିରେ ଚିତ୍ତରଞ୍ଜନଙ୍କର ଯେ କେତେ ଅର୍ଥକ କ୍ଷତି ହେଲା ତାହା ସହଜରେ ଅନୁମେୟ । ମାତ୍ର ଏହି ମକଦ୍ଦମାରେ ସେ ଜୟଲାଭ କଲେ । ଦେଶ ଲାଗି ଏପରି ନିଃସ୍ୱାର୍ଥର ତ୍ୟାଗ କରିଥିବାରୁ ତାହାଙ୍କୁ ଦେଶବନ୍ଧୁ ଅଖ୍ୟା ପ୍ରଦତ୍ତ ହେଲା । ଏହି ମକଦ୍ଦମାରେ ଜୟଲାଭ କରିବାଦ୍ୱାରା ତାଙ୍କର ନାମ ଏତେ ପ୍ରସିଦ୍ଧି ଲାଭ କଲା ଯେ, ସେ ବାରିଷ୍ଟରି କରି ଯେତେ ପ୍ରାୟ ଏକ ଲକ୍ଷାର ଟଙ୍କା ଅୟ କଲେ । ଦେଶ-ସେବା ଲାଗି ଏବଂ ଦାନ ଲାଗି ଅକାତର ଅର୍ଥ ବ୍ୟୟ କରି ସୁଦ୍ଧା ସେ ପିତୃଋଣ ପରିଶୋଧ କରିବା ନିଜର କର୍ତ୍ତବ୍ୟ ବୋଲି ମନେ କରିଥିଲେ, ସୁତରାଂ ପିତାଙ୍କର ୬୫ ହଜାର ଟଙ୍କାର ଋଣ ସମସ୍ତ ସେ ପରିଶୋଧ କଲେ ।

ସେ ୧୯୧୯ ସାଲର ଦୁର୍ଭିକ୍ଷପୀଡ଼ିତ ଲୋକଙ୍କ ପାଇଁ ଦଶ-ହଜାର ଟଙ୍କା ଦାନ କରିଥିଲେ । ଅନାଥାଶ୍ରମ ପ୍ରତିଷ୍ଠା, ଶିକ୍ଷା ଓ ସାହିତ୍ୟର ଉନ୍ନତି କଳ୍ପେ ସେ ଅତୀତର ଦାନ କରିଥିଲେ । ୧୯୦୫ ସାଲରେ ଚିତ୍ତରଞ୍ଜନ କଂଗ୍ରେସରେ ଯୋଗ ଦେଲେ । ଏହି ସମୟରେ କଂଗ୍ରେସରେ ଦୁଇଗୋଟି ଦଳ ହୋଇଥିଲା । ଚିତ୍ତରଞ୍ଜନ ନରମ ଦଳର ନେତା ହେଲେ । ୧୯୧୪ରୁ ୧୯୧୮ ପର୍ଯ୍ୟନ୍ତ ଇଙ୍ଗ୍ଲେଣ୍ଡୀୟ ମହା-ସମର ଲାଗିଲା । ୧୯୧୯ ସାଲରେ ମହାତ୍ମା ଗାନ୍ଧି ଅହମ୍ମଦା-ବାଦର ସାବରମତୀଠାରେ ଅଶ୍ରମ ସ୍ଥାପନ କରି ସ୍ୱର୍ଣ୍ଣମେଣ୍ଟ୍ Rowlat Act ଅଇନ ବିରୁଦ୍ଧରେ ସତ୍ୟାଗ୍ରହ ଚଳାଇବା ପାଇଁ ସ୍ଥିର କଲେ । ଚିତ୍ତରଞ୍ଜନ ଏହି ସତ୍ୟାଗ୍ରହର ମୂଳ-ନୀତିକୁ ସମର୍ଥନ କରି କଲିକତାରେ ବକ୍ତୃତା ଦେଇଥିଲେ । ଜାଲିଅନାବାଗ୍ର ହତ୍ୟାକାଣ୍ଡ ତଦନ୍ତ କରିବା ଲାଗି କଂଗ୍ରେସ ଯେଉଁ କମିଟି ଗଠନ କରିଥିଲେ ସେଥିରେ ଚିତ୍ତରଞ୍ଜନ ଜଣେ ସଭ୍ୟ ନିର୍ବାଚିତ ହୋଇଥିଲେ । ୧୯୧୯ ମସିହାରେ ପଞ୍ଜାବର ଅମୃତସରଠାରେ କଂଗ୍ରେସ ଅଧିବେଶନ ହେଲା । ପଣ୍ଡିତ ମୋତିଲାଲ ନେହେରୁ ସେଥିରେ ସଭାପତି ହୋଇଥିଲେ । ସେହି ସଭାରେ ଚିତ୍ତ-ରଞ୍ଜନ ସରକାରଙ୍କ ଭାରତ ଶାସନ ସଂସ୍କାରର ପ୍ରତିବାଦ କରିଥିଲେ, ମହାତ୍ମା ଗାନ୍ଧିଙ୍କର ଅସହଯୋଗ ନୀତିକୁ ଚିତ୍ତରଞ୍ଜନ ପ୍ରଥମେ ସମର୍ଥନ କରୁ ନ ଥିଲେ । ମାତ୍ର ୧୯୨୦ ମସିହାରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସର ବିଶେଷ ଅଧିବେଶନରେ ଅସହଯୋଗ ପ୍ରସ୍ତାବ ଗୃହୀତ ହୋଇଗଲା । ସେହି ସାଲର ଶେଷକୁ ନାଗପୁରଠାରେ କଂଗ୍ରେସର ବାର୍ଷିକ ଅଧିବେଶନ ହେଲା । ସେଠାରେ ଅସହଯୋଗର ଶେଷ ନିଷ୍ପତ୍ତି ହେବାର କଥା ଥିଲା । ଚିତ୍ତରଞ୍ଜନ ଗୋଟିଏ ସ୍ପେଚାଲ୍ ରେଲଗାଡ଼ି (Special train) ଭଡ଼ା କରି ବଙ୍ଗଦେଶର କଂଗ୍ରେସ ପ୍ରତିନିଧିମାନଙ୍କୁ ନେଇ ନାଗପୁର ଯାତ୍ରା କଲେ । ସେ ଅସହଯୋଗ ନୀତିର ତୀବ୍ର ପ୍ରତିବାଦ କରିବାକୁ ଯାଇଥିଲେ; ମାତ୍ର ମହାତ୍ମାଜୀଙ୍କ ସହିତ କିଛି ସମୟ ଗୋଟିଏ କମ୍ପାର୍ଟମେଣ୍ଟରେ କଥାବାର୍ତ୍ତା ହେବା ପରେ ତାଙ୍କର ମତ ପରିବର୍ତ୍ତିତ ହେଲା ଓ ତାଙ୍କର ପୂର୍ବ ଉଦ୍ଦେଶ୍ୟ ସବୁ ତ୍ୟାଗିଦେଲା । ଚିତ୍ତରଞ୍ଜନ ମହାତ୍ମାଜୀଙ୍କର ଶିଷ୍ୟତ୍ୱ ଗ୍ରହଣ କରିଲେ; ତହିଁରେ ବଙ୍ଗଦେଶର ଗ୍ରାମେ ଗ୍ରାମେ ଯାଇ ଅସହଯୋଗ ନୀତି ପ୍ରଚାର କଲେ । ୧୯୨୧ ମସିହା ନଭେମ୍ବର ମାସରେ ବ୍ରିଟିଶ ସମ୍ରାଟଙ୍କ ଯୁବରାଜ (Prince of Wales) ଭାରତ ଭ୍ରମଣ କରିବାକୁ ଅସି ବମ୍ବେଠାରେ ପହଞ୍ଚିଲେ । ସେ ଦିନ କଂଗ୍ରେସ ଆଦେଶ ଅନୁସାରେ ସମସ୍ତ ଭାରତରେ ଧର୍ମଘଟ (ହରତାଲ) ହେଲା । ଚିତ୍ତ-ରଞ୍ଜନଙ୍କ ଚେଷ୍ଟାରେ କଲିକତାରେ ଏ ଧର୍ମଘଟ ଅସାଧାରଣ ଭାବରେ ସଫଳ ହେଲା । ଏହା ପରେ ବଙ୍ଗଭଙ୍ଗ ବଙ୍ଗନାର ସ୍ୱେଚ୍ଛାସେବକ ମଣ୍ଡଳକୁ ବେଆଇନ ବୋଲି ଘୋଷଣା କଲେ । ଚିତ୍ତରଞ୍ଜନ ସରକାରଙ୍କର ଏହି ଅଦେଶର ପ୍ରତିବାଦ କରିବା ଲାଗି ସ୍ୱେଚ୍ଛାସେବକ ସଂଖ୍ୟା ବୃଦ୍ଧି କରିବାରେ ଲାଗିଲେ । ତାଙ୍କ ଅହ୍ୱାନରେ ହଜାର ହଜାର

Digitized by srujanika@gmail.com

ଯୁବକ ଏହି ସ୍ୱେଚ୍ଛାସେବକ ଦଳରେ ଯୋଗ ଦେଲେ ଓ ଚିତ୍ତରଞ୍ଜନ ତହିଁର ସେନାପତି ହେଲେ । ସେନାପତିଙ୍କ ଆଦେଶରେ ଗୋଖିଲେ ସ୍ୱେଚ୍ଛାସେବକବାହିନୀ ୧୯୨୧ ଅକ୍ଟୋବରରେ କଲିକତାର ବଡ଼ବଜାରକୁ ପ୍ରେରଣ କଲେ । ସେଠାରେ ସରକାର ସେମାନଙ୍କୁ ଗିରଫ କଲେ । ଚିତ୍ତରଞ୍ଜନଙ୍କ ଏକମାତ୍ର ପୁତ୍ର ଚିରରଞ୍ଜନ ଅନ୍ୟମାନଙ୍କ ସହ ପ୍ରଥମ ଗିରଫ ହେଲେ । ତହିଁର ଦଶ ମାସ ସ୍ୱେଚ୍ଛାସେବକମାନେ ବାହାର କିଛି ଦୂର ଅଗ୍ରସର ହୋଇ ଗିରଫ ହେଲେ । ସେଥିମଧ୍ୟରେ ଚିତ୍ତରଞ୍ଜନଙ୍କର ପତ୍ନୀ ଓ ଭଗିନୀ ଥିଲେ । ସେମାନଙ୍କୁ ଜେଲରେ ଅଟକ ରଖାଯାଇ ସଂଖ୍ୟା ବେଳକୁ ଛଡ଼ା ହୋଇଗଲା । ତହିଁର କିଛି ଦିନ ପରେ ଚିତ୍ତରଞ୍ଜନ ନିଜେ ଗିରଫ ହେଲେ । ସେହି ଦିନ ବଙ୍ଗର ଅନ୍ତତଃ କେତେ ଜଣ ବରିଷ୍ଠ ନେତାଙ୍କୁ ଗିରଫ କରାଗଲା । ଚିତ୍ତରଞ୍ଜନଙ୍କ ପତ୍ନୀ ଶଙ୍ଖଧ୍ୱନି ଏବଂ ହୁଳହୁଳି ମଧ୍ୟରେ ପତ୍ତଙ୍କୁ କାରାବାସାର୍ଥ ବଦାୟ ଦେଲେ । ୧୯୨୨ ମସିହା ଜାନୁଆରୀ ମାସରେ ଦେଶବନ୍ଧୁଙ୍କର ଦଣ୍ଡର ଅବସ୍ଥା ହେଲା । ଚିତ୍ତରଞ୍ଜନ ମୁକ୍ତି ଲଇବା ପାଇଁ ମଚଳକା ଲଢ଼ିଲେ ନାହିଁ ଏବଂ ୬ ମାସ ବିନାଶ୍ରମ କାରାବାସଦଣ୍ଡ ବରଣ କଲେ । କାରାଗାରରେ ଥାଇ ସୁବା ସେ ଦେଶର ଅବସ୍ଥା ଏବଂ କର୍ମୀମାନଙ୍କ ବିଷୟ ଚିନ୍ତା କରୁଥାଆନ୍ତି । ତାଙ୍କର ଜେଲରୁ ମୁକ୍ତି ଉପଲକ୍ଷରେ କଲିକତା ସହରରେ ବିଶେଷ ଉତ୍ତେଜନା ହେବାର ଆଶଙ୍କା କରି ସରକାର ତାଙ୍କ କାରାଦଣ୍ଡର ମିଆଦ ଶେଷ ହେବା ପୂର୍ବରୁ ଦେଶବନ୍ଧୁଙ୍କୁ ମୁକ୍ତ କରି ଦେଲେ । କାରାମୁକ୍ତ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧନା କରିବାକୁ କଲିକତାରେ ବିରାଟ ସଭା ହେଲା । ୧୯୨୨ ସାଲରେ ଗୟା କଂଗ୍ରେସରେ ଚିତ୍ତରଞ୍ଜନ ସଭାପତି ନିର୍ବାଚିତ ହେଲେ; ସେଥିରେ କଂଗ୍ରେସ ସଭ୍ୟମାନଙ୍କର କାର୍ଯ୍ୟସୂଚୀ ସମ୍ବନ୍ଧରେ ଦଖଲ କରିବା ଅବଶ୍ୟକ ବୋଲି ଚିତ୍ତରଞ୍ଜନ ପ୍ରସ୍ତାବ କଲେ । ମାତ୍ର ସେ ପ୍ରସ୍ତାବ କଂଗ୍ରେସଦ୍ୱାରା ଗୃହୀତ ନ ହେବାରୁ ସେ କଙ୍ଗ୍ରେସର ସଭାପତି ପଦରୁ ଇସ୍ତଫା ଦେଲେ । କଙ୍ଗ୍ରେସରେ ଦୁଇ ଦଳ ସୃଷ୍ଟି ହେଲା । ଏହି ସମୟରେ ସ୍ୱରାଜଦଳର ସୃଷ୍ଟି ହେଲା ।

୧୯୨୪ ସାଲରେ ଚିତ୍ତରଞ୍ଜନ କଲିକତା କର୍ପୋରେସନ୍ (ମିଉନିସିପାଲିଟି)ର ମେୟର୍ (ସଭାପତି) ନିର୍ବାଚିତ ହେଲେ । ତାଙ୍କର ମେୟର୍ କର୍ମ କାଳରେ କଲିକତା ସହରର ଅନେକ ଉନ୍ନତି ସାଧିତ ହୋଇଥିଲା । ୧୯୨୫ ସାଲରେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ଡାକ୍ତରମାନଙ୍କ ପରାମର୍ଶରେ ସେ ଦାର୍ଜିଲିଙ୍ଗ୍‌ରେ ଯାଇ ରହିଲେ ଓ ସେହି ବର୍ଷ ଜୁନ୍‌ମାସରେ ସେ ଇହଲୀଳା ଶେଷ କଲେ । କଲିକତାକୁ ତାଙ୍କର ଶବ ଆଣତ ହେଲା । ସ୍ୱୟଂ ମହାତ୍ମାଜି ଅନ୍ୟମାନଙ୍କ ସହିତ ଶବାଧାର ବହନ କରିଥିଲେ । ଶୋଭାଯାତ୍ରାରେ ଲକ୍ଷ ଲକ୍ଷ ଲୋକ ଯୋଗ ଦେଇଥିଲେ ।

ସେ ତାଙ୍କର ବରିଷ୍ଠ ବାସଭବନ ନାଗ୍ଦାସପାଡାଇ ଓ ଧାନ୍ଦୀବଦ୍ୟାଳୟ ପାଇଁ ଦାନ କରି ଯାଇଥିଲେ । ବର୍ତ୍ତମାନ ସେ ହାସ୍‌ପାତାଲ୍‌ରେ ହଜାର ହଜାର ନାସ୍ତ ଚକ୍ତ୍ସା ପାଇ ଅଛନ୍ତି । ତାଙ୍କର ଶ୍ରାଦ୍ଧ ସହରେ ମହାତ୍ମାଜୀ ବକ୍ତୃତା କରିଥିଲେ ଏବଂ ସ୍ୱରଚିତ ଗୃହଅଡ଼େ ତାଙ୍କର ସ୍ମୃତି ପ୍ରତି ସମ୍ମାନ ଦେଖାଇବା ଲାଗି ମହାତ୍ମାଜୀ ଗୃହଅଡ଼କୁ ସନ୍ଦେଶ ପଠାଇଥିଲେ ।

ସହକର୍ମୀ ଲେଖକ

ପଣ୍ଡିତ ଶ୍ରୀ ଜଗନ୍ନାଥ ମିଶ୍ରାଠୀ, ବି. ଏ., ବି. ଟି.]

ସିଆର୍ ବସିବା—ଦେ·କି—କୌଣସି ବ୍ୟବସାୟରେ ଅନ୍ୟମାନଙ୍କ ସହିତ ହୁଣ୍ଡାଦାର ହେବା—To go into shares; to be a partner in a joint stock business.

Siār basibā
सीआर् बसा
सेयर करना

ସିଆର —ଦେ· ବ—ଶିଆର (ଦେଖ)

Siāra Śiāra (See)

ସିଆରି—ଦେ· ବ—ଶିଆରି; ସିଆଡ ଇତ୍ୟାଦି (ଦେଖ) :

Siāri Śiāri; siārdi etc. (See)

ସିଆରିବା—ଦେ· କି—ଶିଆରିବା (ଦେଖ)

Siāribā Śiāribā, (See)

(ସିଆରେଇବା—ଅନ୍ୟରୂପ)

ସିଆଲି (ଇତ୍ୟାଦି)—ଦେ· ବ—ଶିଆଲି ଇତ୍ୟାଦି (ଦେଖ)

Siāli (etc) Śiāli etc. (See)

ସିଆଲିଆ ପ(ପୁ,ପୋ)ତନି—ଦେ· ବ—ଶାଳପତ୍ରତନି (ଦେଖ)

Siāliā pa(pu,po)tani Śāliāpatani. (See)

ସିଆଲି ଲତା—ଦେ· ବ—୧ । ଔଷଧି ଲତା ବିଶେଷ (ଜବ୍ରଜ Siāli latā ଡ୍ରେରେକ୍ଟସ୍ ସିଲ୍ଲାଟିକସ୍ 'ଦ୍ରବ୍ୟଗୁଣ')—1. A kind of medicinal creeper. ୨ । ସିଆଡ ୨ (ଦେଖ)—2. Siardi 2 (See)

ସିଇଠି(ଠିଁ)—ଗ୍ରା· ସର୍ବନାମ—ସେହିଠାରେ; ସେହି ସ୍ଥାନରେ—

Si-iṭhi(ṭhiñ) ସେଖାନେ वहाँपर There; therein.

(ସିଇଠେଇଁ—ଅନ୍ୟରୂପ)

ସିଇ(ଇଁ,ଞି)ବା—ଦେ· କି (ସଂ· ସୀବ୍· ଧାତୁ)—୧। ସିଲ୍ଲାଇ କରିବା—

Si-i(iñ,ñi)bā 1. To sew. (ଉ—ଶର ସୂତାରେ ଶସ୍ତର ସୁଗ ସୀଅଁ, ସୀଁଅଁ। ଗାଡ଼େ ସିଇଁଲା । ଜଗନ୍ନାଥ· ଉତ୍କଳ· ଭମ୍ରୁ ।)

सीना

(ଉ—ଅଖାଙ୍କ ଦୂତରେ ସ୍ୱର୍ଗଁ
କାହା ମନ ବାସରୁଁ
ଟୁଲିବ ଅଛୁ ଘଅଇ
ପରମାନନ୍ଦ ଜଗଇ;

ସିବୁ ସତ୍ତ —ସ୍ତ୍ରୀଲଭ୍ୟା ମାଜିରେ—

ସ୍ତ୍ରୀଲଭ୍ୟଜି, ଦେବୁ ସତ୍ତ ବାଳା ବଇରଗୀରେ । ସଙ୍ଗୀତ ।)

୨ । ଦନା ବା ଚଜ୍ଜପତ୍ର ପ୍ରସ୍ତୁତ କରିବା ପାଇଁ ଶାଳ ଆଦ ଗଛର ପତ୍ରମାନଙ୍କରେ ଖଡ଼କା ଫୋଡ଼ିବା—2. To sew Śāla leaves together to form a receptacle or plate.

Digitized by srujanika@gmail.com

ସିଇରା—ପ୍ରାଦେ. (ପାଇଟୁର) ବ—ମାଟି ଗୋବର ଲେପା ବୋଇ ନ
Si-irā ଥିବା ଝୋଟେଇ—A basket which has not
been plastered with a layer of clay and
cow dung.

ସିଉ—ଦେ. ବ—ସିଓ (ଦେଶ)
Siu Sio (See)

ସିଉକା(କି)—ଦେ. ବ (ସ. ଚତୁଷ୍କ)—୪ଙ୍କାର ଚତୁର୍ଥାଂଶ ମୁଦ୍ରା—
Siukā(ki) A four anna bit. [ଦ୍ର—ଉତ୍ତର ପ୍ରଚଳିତ ଏ
ସୀକୀ ମୁଦ୍ରା ପୂର୍ବେ ରୁପାରେ ଉଆର ବେଉଥିଲା; ଏବେ ବ୍ରୋନ୍ଜ୍
सूका, चौअन्नी (Bronze) ଧାତୁରେ ଉଆର ବେଉଅଛି ।]

ସିଉକା(କି)ଏ(କ)—ଦେ. ବ—ଏକ ସିଉକା ମାତ୍ର—
Siuka(ki)e(ka) One four anna bit only.
ଏକ ସୀକୀ एक सूका

ସିଉକା(କି)କର—ଦେ. ବଣ—ଏକ ସିଉକା ମୂଲ୍ୟର—
Siukā(ki)kara Of the value of 4 annas.
ଏକ ସୀକୀର एक सूकाका

ସିଉକାର (ଇତ୍ୟାଦି)—ପ୍ରା. ବ (ସ. ଶ୍ରୀକାର)—ସୀଉକାର ଇତ୍ୟାଦି
Siukāra (etc) (ଦେଶ)—Sīukāra etc. (See) (ଉ —
ପୂନାମୂଦ ସିଉକାର, ସେ ବ ଦୁଇ ସିଉକାର । ଉତ୍ତ ।)
ଦେ. ବଣ—ଗୁର ଅଣା ମୂଲ୍ୟର—Of the value
of a four anna bit.

ସିଉକି ଦୋଅ(ଓ)ଣି—ଦେ. ବ (ସଦ୍ଭବର)—ଗୁର ଅଣା ମୂଲ୍ୟର ଓ ଦୁଇ
Siuki doa(o)ṇi ଅଣା ମୂଲ୍ୟର ମୁଦ୍ରାଦ୍ୱୟ—Four anna bits
(ସିଉକି ଦୋଣି—ଅନ୍ୟରୂପ) and two anna bits.
ସୀକୀ ଦୁଆନୀ [ଦ୍ର—ଏହିପର ସିଉକି ଅଣି, ସିଉକି ଥ ୁଲି,
चौअन्नी दोअन्नी ଅଦ ଶବ୍ଦର ପ୍ରୟୋଗ ହୁଏ ।]

ସିଉନା—ପ୍ରାଦେ.(ବମ୍ବର) ବ—ଗମ୍ଭାଙ୍ଗ(ଜଉ)—
Siunā Gmelina Arborea tree.

ସିଉନ୍ତା—ଦେ. ବ (ସଂ. ସୀମନ୍ତ)—ସୁନ୍ଥା; କେଶବନ୍ଧନାଦି ବିଶେଷ—
Siuntā A mode of dressing the ringlets of
ସୌଁଥି ललाट the hair on the brow.
[ସିଉଁତା—ଅନ୍ୟରୂପ]

ସିଉନ୍ତି(ନ୍ଥି)—ଦେ. ବ (ସଂ. ସୀମନ୍ତ)—ସନ୍ଥି; ସୀମନ୍ତର ଅଳଂକାର
Siunti(nthi) An ornament for the forehead.
ସୌଁଥି मांगटीका [ସିଉଁତି(ଥି)—ଅନ୍ୟରୂପ]

ସିଉନ୍ତିଆ—ପ୍ରାଦେ.(ବମ୍ବଇପୁର)ବ—(ସଂ. ସୀମନ୍ତ) ସ୍ତ୍ରୀମାନଙ୍କ ସୁନ୍ଥା—
Siuntiā Mode of parting the combed hair
[ସିଉଁତିଅ—ଅନ୍ୟରୂପ] of females over the fore-
head.

ସିଉରା—ପ୍ରାଦେ.(ଦେଦାଘଡ଼ା)ବ—ଝୋଟେଇ—
Siurā Basket of wicker work.

ସିଏ—ପ୍ରା. ସବନାମ, ପୁଂ ଓ ସ୍ତ୍ରୀ (ସଂ. 'ଉତ୍' ଶବ୍ଦରୁ ପୁଂ. 'ସଃ' ଓ
Sie ସ୍ତ୍ରୀ ସା)—ସେ—He or she. [ବ—ସିବର ସିବ, ଅଛ
सो वह ବାଲ୍ଯବନ୍ଧୁ ଜଣୁଅ ବବ !—ଉଗ]

ସିଓ—ଦେ. ବ (ସ. ସେବ, ସିବଭିକା ଫଳ)—ସିବଭିକା ଫଳ
Sio (ଦେଶ)—Sibitikā phala (See)

ସିଂକ୍—ପ୍ରାଦେ. (ଲବ୍ଧ)ବ—ଖଡ଼ିକା—
Siṁk Slender long pick.

ସିଂକିବା—ପ୍ରାଦେ. (ଲବ୍ଧ) କି—ସିଙ୍ଘାଣି ପୋଛିବା—To wipe
Siṁkribā away the mucus from one's run-
ning nose.

ସିଂଖପତା—ପ୍ରାଦେ.—(ଲବ୍ଧ) ବ—ଖଡ଼କାଦ୍ୱାରା ସିଅଁ ବୋଇଥିବା
Siṁkh-patā ପତ୍ରମାନ; ଖଲ—A flat plate made
by sewing leaves together.

ସିଂଖାଣ—ସ. ବ—(ସିନଦ୍ ଧାତୁ+ଅଣ)—ସିଙ୍ଘାଣ (ଦେଶ)—
Siṁkhāṇa Siṁhāṇa (See)

ସିଂଗ(ଘ୍, ହ୍)ରା—ପ୍ରାଦେ. (ସମ୍ବଲପୁର) ବ—ଶିଂଗ୍ରା (ଦେଶ)—
Siṁg (gh,h)-rā Śiṁg-rā (See)

ସିଂଜଲ୍—ଦେଦେ. ବ ଓ ବଣ—ଶିଂଗଲ୍ (ଦେଶ)—
Siṁgal Śiṁgal (See)

ସିଂଗା(ଘା)ଣି(ଇତ୍ୟାଦି)—ଦେ. ବ—ଶିଂଗାଣି ଇତ୍ୟାଦି (ଦେଶ)—
Siṁgā(ṁghā)ṇi(etc) Śiṁgāṇi etc (See)

ସିଂଗା(ଘା ଣି)ଆ—ଦେ. ବଣ. ପୁ—ଶିଂଗାଣିଆ (ଦେଶ)—
Siṁgā(ṁ hā) ṇiā Śiṁgāṇiā (See)
[ସିଂଗା(ଗ):ଣଇ—ସ୍ତ୍ରୀ]

ସିଂଗା(ଘା)ପୁର—ଦେ. ବ—ସିଙ୍ଗାପୁର (ଦେଶ)—
Siṁgā(ṁghā)pura Siṁgāpura (See)

ସିଂଗିଲ୍—ଦେଦେ. ବ ଓ ବଣ—ଶିଂଗଲ୍ (ଦେଶ)—
Siṁgil Śiṁgal (see)

ସିଂଗେ(ଘେ)ଇ(ଇତ୍ୟାଦି)—ଦେ. ବ—ଶିଂଗେଇ ଇତ୍ୟାଦି (ଦେଶ)—
Siṁge (ṁghe)ī (etc) Śiṁgeī (See)

ସିଂଘ(ଗ) (ଇତ୍ୟାଦି)—ପ୍ରା.ବ.ପୁଂ—୧। (ସ. ସିଂହ) ସିଂହ (ଇତ୍ୟାଦି)
Siṁgha(ga) (etc) (ଦେଶ)—Siṁha etc (See). ୨।
[ସିଙ୍ଗୀ—ସ୍ତ୍ରୀ] (ସ. ଶୃଙ୍ଗ)—ଶିଂଘ ଇତ୍ୟାଦି (ଦେଶ)—
Śiṁgha etc (See)

ସିଂଘଡ଼ା (ଇତ୍ୟାଦି)—ଦେ. ବ—ଶିଂଘଡ଼ା ଇତ୍ୟାଦି (ଦେଶ)—
Siṁghaṛdā (etc) Śiṁghaṛdā etc (See)

ସିଂଘଣ—ସ. ବ (ସିନଦ୍ ଧାତୁ=ଘୃଣିବା+କର୍ମ ଅଣ)—୧। ନାହିଁକା
Siṁghaṇa ମଳ—1. Snot; the mucus of the
nose. ୨। ଲୌହ ମଳ (ପ୍ରକୃଷ୍ଟବାଦ)—2. The rust
or dross of iron.

ସିଂଘଳ—ପ୍ରା. ବ—ସିହଳ (ଦେଶ)—
Siṁghaḷa Siṁhaḷa (See)

ସିଂଘଳୀ—ପ୍ରା. ବ ଓ ବଣ—ସିହଳୀ (ଦେଶ)—
Siṁghaḷi Siṁhaḷī (See).
सिंहली ସିଂହଳୀ ଦେ. ବ—ସିହଳ ଦ୍ୱୀପରେ ବ୍ୟବହୃତ
ଏକ ପ୍ରକାର ଭାଷା—The Simghalese langu-
age; a language of the Southern group

Digitized by srujanika@gmail.com

of the outer sub-branch of Indo-aryan language; used in Ceylon.

ସିଂଘାଣ—ସ. ବ (ଶିଂଘ ଧାତୁ + ଭର୍ମ ଅନ)—୧ । ନାସିକା ମଳ—Siṁghāṇa 1. Snot, ୨ । କଫ; ଶ୍ଲେଷ୍ମା—2. Phlegm.

ସିଂଘାଣକ—ସ. ବ (ସିଂଘାଣ+କ)—୧ । ନାସିକାମଳ—1. Snot. Siṁghāṇaka ୨ । କାଚପାତ୍ର (ବଙ୍ଗଦେଶ)—2. Glass pot. ୩ । ନାସିକାରୋଗ ବିଶେଷ—3. A kind of ear-disease. [ଦ୍ର—ଏ ରୋଗରେ କଫ ଅତ୍ୟନ୍ତ ବଢି ନାକ ସୁଢାର ହୋଇଯାଏ ଓ ନିଶ୍ୱାସ ନେବା ଅଣିବା କେବେ ଦୁଡୁ ଘଡୁ ଶବ୍ଦ ହୁଏ ଓ ଶିରଃ ସ୍ରୋତ ଅତିଶୟ ବେଶି ବେଦନା ହୁଏ ଓ ଅନବରତ ଝିଙ୍କିଲ ଶୀତବର୍ଣ୍ଣ ଘନ କଫ ନିର୍ଗତ ହୁଏ—ବଙ୍ଗଦେଶୋଦ୍ଭବ ବାଉଁଶ] ୪ । ଅଶ୍ୱରୋଗ ବିଶେଷ—4. A kind of horse-desease. [ଦ୍ର—ଏହା ବାତଜ, ପୈତ୍ତିକ ଓ ଶ୍ଳୈଷ୍ମିକ ଭେଦରେ ୩ ପ୍ରକାର । ଏଥିରେ ଅଶ୍ୱର ନାକରୁ ଜଳ ପରି ପ୍ରକାରର କଫ ନିର୍ଗତ ହୁଏ (ଜୟଦତ୍ତ)] ୫ । ଲୌହକିଟ୍ଟ; ମଣ୍ଡୁର (ବଙ୍ଗଦେଶ —5. Scoria of iron.

ସିଂଘାନ—ସ. ବ—କୁରୁଣ୍ଡ ବୃଦ୍ଧି (ବଙ୍ଗଦେଶ)—Siṁghāna Hydrocele.

ସିଂଘାଲ—ପ୍ରାଦେ. (ଓଡିଆଳ) ବ—ବାଳିଆ ମାଛ ପରି ବଡ, ଅଢାଇଆ ଓ ବେକ ଖାଲରେ ୨ଟା କଣ୍ଟା ଥିବା ବଡ଼ ମୁଣ୍ଡ; ଟଙ୍କ ମାଛ—Siṁghāla Macrones Aor; a scaleless fish with a big snout.

ସିଂଘାରି (ଇତ୍ୟାଦି)—ଦେ. ବ—ଶିଘାରି ଇତ୍ୟାଦି (ଦେଶ)—Siṁghāri (etc) Siṁghāri etc (see)

ସିଂଘାରିବା—ଦେ. କ୍ରି—ମନ୍ତ୍ରମୁଗ୍ଧ ଜନ୍ତୁ (ପଥା ସାପ)କୁ ମନ୍ତ୍ରମୋହରୁ ମୁକ୍ତ Siṁghāribā କର ନଜର କରିମତ ଦେଖାଇବା ପାଇଁ ଉତ୍ତେଜିତ ଚିତ୍କାନ ଟୋନାଛୁଡ଼ାନା କରିବା—To free an animal from a charm and excite it to fury.

ସିଂଘା(ଗା)ରି ହେବା—ଦେ. କ୍ରି—ବିବାଦ ବା ଗୋଳମାଳ ଉତ୍ପନ୍ନ Siṁghā (gā) ri hebā ଘରେ ରହେଇ ଝରେଇ ହେବା; ଝାଲମେଣ୍ଟାହବାର ସିଂହଜୈସେଗରଜନା ଘରାଇଦିଆ ହୋଇ କୌଣସି ଛାଲଖୋଜା ଅସଦ୍ଭାବ କରିବା ଉଦ୍ଦେଶ୍ୟରେ ବାଟ ଖୋଜିବା—

ସିଂଘିନା—ସ. ବ—ନାସିକା (ଦୁର୍ଜୟାୟୁଧ)—Siṁghinī Nose.

ସିଂଘେନ୍—ପ୍ରାଦେ. (ବର୍ଦ୍ଧିଷ୍ଣୁ ପାଠଣା) ବ—ଶିଂଗାଣି (ଦେଶ) Siṁghen Śiṁgāṇi (See)

ସିଂଚ୍—ଦେ. ବ ଓ ଭଣ (ସଂ. ସିଞ୍ଚ ଧାତୁ)—ସିଞ୍ଚା (ଦେଶ) Siṁchā Sīṁchā (See)

ସିଂଚା(ଚେ)ଇବା—ଦେ. କ୍ରି—ସିଞ୍ଚାଇବା (ଦେଶ) Siṁchā(che)ibā Siṁchāibā (See) ଛେଁଚାନ ଝାଁଟିବାନା

ସିଂଚିବା—ଦେ. କ୍ରି (ସଂ. ସିଚ ଧାତୁ)—ସିଞ୍ଚିବା (ଦେଶ)—Siṁchibā ଛିଂଚା ଝାଁଟନା Siṁchibā (See)

ସିଂବଙ୍ଗା—ପ୍ରାଦେ. (କୋଲ୍ଧ) ବ—ସୂର୍ଯ୍ୟ (ଦେବତା)—The Sun (God). Siṁbaṅgā [ଦ୍ର—କୋଲ୍ଧମାନେ ବରାଦ କଣ୍ଡି ଘାଇ ଗ୍ରାମଥାଆବତ ବା ବଗୁରଘଉଙ୍କ ଜଳଚ ଜମ୍ବୁଲଙ୍ଘିତ ଶପଥ କରନ୍ତୁ—

'ସିରକାରେ ସିଂବଙ୍ଗା ଏତେରବ ନାଗେ ଏବ୍'

(ଏଥିର ଅର୍ଥ—ଉପରେ ସୂର୍ଯ୍ୟଦେବତା ଓ ତଳେ ବାସୁକି ସାପଙ୍କ ନାମ ଧରି ମୁଁ ଶପଥ କରୁଛି ।]

ସିଂସା—ଦେ. ବ (ସଂ. ସୀସକ)—ସୀସା (ଧାତୁ)—Lead (metal). Siṁsā ପ୍ରାଦେ (କୌଦି) ବ—ସୀସା ପେନ୍ସିଲ—Lead ସୀସା ରାଁଗା ଦେ. ସାଷମୁ pencil; wooden pencil.

ସିଂହ—ସ. ବ. ପୁ (ହିଂସ୍ ଧାତୁ=ହିଂସା କରିବା; ବଧ କରିବା + କର୍ତ୍ତରି. ଅ; କର୍ତ୍ତୃ ବାଚ୍ୟରେ ଭାବଦ୍ୟୋତକ ବିଚ)—୧ । ପ୍ରସିଦ୍ଧ ଶ୍ୱାପଦ ବନ୍ୟ ପଶୁ; ମୃଗେନ୍ଦ୍ର—1. The lion; Felis Leo. [ଦ୍ର—ଏହାର କେଶରରେ ଓ ମୁଣ୍ଡରେ ସର୍ବ କେଶର ଥାଏ ଓ ଲାଙ୍ଗୁଡ଼ର ଅଗରେ କୃଷ୍ଣବର୍ଣ୍ଣ ଲୋମଗୁଚ୍ଛ ଥାଏ । ସିଂହୀର କେଶରରେ ଓ ମୁହଁରେ କେଶର ନ ଥାଏ । ସିଂହର ବର୍ଣ୍ଣ ପିଙ୍ଗଳ ବା ଫିକା ଧୂଳିଆ । ଅଫ୍ରିକାର ଅଲଜରଆଠାରୁ କେପ୍ତ-ଲେକ ପର୍ଯ୍ୟନ୍ତ ସବୁ ଅଞ୍ଚଳରେ ଓ ଗାରମ୍ବରେ ସିଂହ ଦେଖାଯାଆନ୍ତି । ପୂର୍ବେ ଖାରଭବର୍ଷରେ ଅନେକ ସିଂହ ଥିଲେ । ଜଳୁଲର ଦେବା-ଲୟାଦରେ ସିଂହର ମୂର୍ତ୍ତି ବହୁତ ପରମାଣରେ ଦେଖାଯାଏ । ବର୍ତ୍ତମାନ କେବଳ କମ୍ପେ ପ୍ରଦେଶସ୍ଥ କାଠିଥବାଡ଼ର ଜଙ୍ଗଲରେ ସିଂହ ଦେଖାଯାଆନ୍ତି ।

ସିଂହର ଜୀବନ ଅଛ ବର୍ଷର । ଏହାର ଚରି ଅତି ସରୁ ଥିବାରୁ ସରୁ କଟୀବିଶିଷ୍ଟା ସ୍ତ୍ରୀମାନଙ୍କ କଟୀକୁ ମୃଗେନ୍ଦ୍ର କଟୀ ସଙ୍ଗେ ତୁଳନା କରି ଯାଏ । ସିଂହ ସମସ୍ତ ବନ୍ୟ ପଶୁ ମଧ୍ୟରେ ବଳିଆ; ସେଥି-ପାଇଁ ତାକୁ 'ପଶୁରାଜ' କୋଇଯାଏ । ଅଫ୍ରିକାର ଜଙ୍ଗଲରେ ଅନେକ ସିଂହ ଅଛନ୍ତି । ସିଂହମାନେ ଗଙ୍ଗଚର ଗୁହାରେ ବାସ କରନ୍ତି । ଅଫ୍ରିକାର ସିଂହମାନେ ବାଲୁକାମୟ ସ୍ଥାନରେ ବଚରଣ କରନ୍ତି । ପୁରୁଷ ସିଂହର କେଶ ଉପରେ କେଶର ଥାଏ, ମାଇ ସିଂହର କେଶର ନ ଥାଏ । ସିଂହୀ ଏକାଥରକେ ୩।୪ଟି ଶାବକ ପ୍ରସବ କରେ । ଜନ-ଜାତ ଶିଶୁଙ୍କର ୧୦।୧୫ ଦିନ ପରେ ଆଖି ଫିଟେ । ସିଂହକୁ

Digitized by srujanika@gmail.com

ଗୃହରେ ଅଗ୍ନି ଯୋଖିଲେ ସେ ବର୍ତ୍ତ ଘର ଖୋଷା ମାନେ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ମାଂସ ଅର୍ଶ, ପ୍ରମେହ, ଜଠରାମୟ ଓ ଜଡ଼ତା ନାଶ କରେ । ଅନ୍ୟ ଗୁହାଶସ୍ତ୍ର ଜନ୍ତୁମାନଙ୍କ ମାଂସ ଘର ସିଂହର ମାଂସ ବାତହର, ଗୁରୁ, ଉଷ୍ଣ, ମଧୁର, ସ୍ନିଗ୍ଧ, ବଲ୍ୟ ଓ ମେଦ ଗୁହ୍ୟ ବଢାରରେ ହିତକର । ସିଂହର ଚର୍ବି ବାତରୋଗରେ ଔଷଧରୂପେ ବ୍ୟବହୃତ ହୁଏ ।] ୬ । (ଅନ୍ୟ ଜାତିବାଚକ ଶବ୍ଦ ସଙ୍ଗେ ଯୁକ୍ତ ହେଲେ ଶ୍ରେଷ୍ଠତା ବୁଝାଏ । ଯଥା—ନରସିଂହ, ପୁରୁଷସିଂହ, କପିସିଂହ) ଶ୍ରେଷ୍ଠ—2. Chief of a class. [ଉ—ଉହ୍ନି ଦ୍ୱିଜ ସଙ୍ଗେ ସେ ନୃପକୁଳ ସିଂହ—କୃତ୍ତିସିଂହ. ମହାଭାରତ ବନ ।] ୩ । (ଜ୍ୟୋତିଷ) ମେଷାଦ ଦ୍ୱାଦଶ ରାଶିର ଅନ୍ତର୍ଗତ ପଞ୍ଚମ ରାଶି—3. The astrological sign Leo. [ଉ—ସିଂହ ରାଶି ମଘା ଓ ପୁବଫାଲ୍ଗୁନୀ ନକ୍ଷତ୍ରର ଚତୁର୍ଥ ଫାଲ୍‌ଗୁନୀର ପ୍ରଥମ ପାଦ ଅଶ୍ୱକାର କରିଅଛି । ଶୁକ୍ଳ ଭାଦ୍ର ମାସରେ ଏ ରାଶିରେ ଅକସ୍ଥାନ କରନ୍ତି । ଏହି ରାଶିରେ ଜନ୍ମିବା ବ୍ୟକ୍ତି କୋଧୀ, ଶୀଘ୍ରଗତି, ଦ୍ୱାସ୍ୟବାଣୀ, ଅତି ବକ୍ତା, ଚଞ୍ଚଳ, ଶୀତଳ ଓ ମସ୍ତ୍ୟପ୍ରିୟ ହୁଏ । ସିଂହ ଲଗ୍ନରେ ଜାତ ବ୍ୟକ୍ତି ରୋଗୀ, ଶତ୍ରୁବର୍ଦ୍ଧନ ସ୍ତୋଦର, ଅଳ୍ପ ପୁତ୍ର, ଭ୍ରାତୃ ଓ ଗଜରକ୍ତମ ହୁଏ ।] ୪ । ଭୋର ଭାଦ୍ର ମାସ—4. The solar month of Bhādra. ୫ । ରକ୍ତ ଶିଗ୍ରୁ; ନାଲ ସଜନା (ସୁଶ୍ରୁତ ଚିକିତ୍ସା ଅଧ୍ୟାୟ)—5. The red variety of horse radish. ୬ । ବୌଦ୍ଧ ଯତିମାନଙ୍କର ଧ୍ୱଜ (ଝେମଟ୍ରା)—6. The flag of Buddhist monks. ୭ । ରାମାୟଣରେ ବର୍ଣ୍ଣିତ ଚନ୍ଦ୍ରଗିରି ପର୍ବତବାସୀ ବିଶାଳ ପକ୍ଷିବିଶେଷ—7. Name of a gigantic mythological bird mentioned in the Rāmāyana. [ଦ୍ର—ଏ ଯେତେ ବଳଶାଳୀ ଯେ, ହସ୍ତୀ ଓ ଉଦ୍ଦିମସ୍ତ୍ୟକୁ ଧରି ଗାଡ଼ରେ ପ୍ରବେଶ କରେ ।] ୮। ରାକ୍ଷସବିଶେଷ—8. Name of a giant. [ଉ—ହନୁମନ୍ତ ଦ୍ୱାରେ କେଶରି-ସିଂହ ସେବ ବଲେ କମ୍ପନ୍ତି ଏ ଉର୍ଦ୍ଧେ ସମ କେ—ଭଞ୍ଜ. ବୈଦେହୀଶବଳାସ ।]

ସିଂହ ସିହ ଦେ. ବ—୧ । କ୍ଷତ୍ରିୟମାନଙ୍କର ବଂଶୋପାଧିବିଶେଷ—1. A family title of Kshatriyas. ୨ । କାୟସ୍ଥ, ସାଗରପେଣା, ଶୂଦ୍ର, ବ୍ରାହ୍ମଣ ଆଦିଙ୍କ ବଂଶୋପାଧିବିଶେଷ—2. A family title of some Kayasthas etc. ୩ । (ଅନ୍ୟ ଗୁଣ ବା ଉତ୍କର୍ଷବାଚକ ଶବ୍ଦ ସଙ୍ଗେ ଯୁକ୍ତ) ରାଜପ୍ରଦତ୍ତ ଉପାଧିବିଶେଷ—3. A title given by Rajahs to persons (added to another word). [ଉ—ଗାଳଟାସିଂହ, ବଳଥରସିଂହ, ଛତ୍ରିଶତ୍ରିସିଂହ, ବାଘସିଂହ ଇତ୍ୟାଦି ।]

ସିଂହ କେଶର—ପୁ. ବ (ଷଷ୍ଠୀ ତତ) ୧ । ସଟା; ସିଂହଜଟା; ସିଂହର ସିଂହ କେଶର ମୁହଁ, ମୁଣ୍ଡ ଓ ବେକରେ ଥିବା ଲମ୍ବା କେଶର—(ସିଂହକେଶରବତ୍—ଅନ୍ୟରୁଦ୍ଧ) 1. The manes of a lion. ୨। ବକୁଳ ଗଛ (ହିନ୍ଦୀରେ ଶେଷା)—2. The Bakula tree; Mimusops Elengi.

ସିଂହ ଗ୍ରୀବ—ପୁ. ବଣ. ୬ଂ (ବହୁବ୍ରୀ.) ସିଂହର ଗ୍ରୀବାପରି ଗ୍ରୀବା ସିଂହ ଗ୍ରୀବା ଯାହାର)—ସିଂହପରି ଉନ୍ନତ ଗ୍ରୀବା ବଶିଷ୍ଟ—(ସିଂହଗ୍ରୀବା—ସ୍ତ୍ରୀ) Having a neck as high as that of a lion.

ସିଂହ(ହି)ଟାଳୀ—ଦେ. ବ—ଏକ ପ୍ରକାର ଶଙ୍ଖ-ଘ୍ନନ କ୍ଷୁଦ୍ର ମତ୍ସ୍ୟ; ଏହାର ସିଂହ(ମ୍ହି)ଟାଳୀ ଦୁଇ ଗାଲରେ ଦୁଇଟା କଣ୍ଟା ଥାଏ; ଏହାକୁ ଟ୍ୟାଂରା କାଁଟି ସିଙ୍ଗୀମାଛ ଇତ୍ୟନ୍ତ—A species of small fish.

ସିଂହଡ଼ା—ଦେ. ବ (ସଂ. ଶୃଙ୍ଗାଟକ)—ଶିଂଘଡ଼ା (ଦେଶ)—ସିଙ୍ଗାଡ଼ା Simbarḍā Singharḍa. (See)

ସିଂହାର (ଉ— ସିଂହଡ଼ା କେଶର ସଦୃଶ ଗୁଥାଘୁଡେ ଘୋଇ, କଞ୍ଚା ମରଚ ମେଳ ମିଠା ଦୁଧେ ମୋହ । ପ୍ରାଚୀ. ରତ୍ନସ୍ୟମଞ୍ଜସ୍ୟ ।)

ସିଂହତଳ—ପୁ. ବ (ସଂ.ଡ+ତଳ; ବଗାଡନ)—ଉରଯୋଜନ; ସିଂହାତଳ କୁଡାଞ୍ଜଳ (ରାମାଶ୍ରମ୍ୟ ଅମରଟୀକା)—The folded palms.

ସିଂହ ତୁଣ୍ଡ—ପୁ, ବ—୧ । ସେଉଁଣ୍ଡ ବୃକ୍ଷ; ସିଜୁ ଗଛ (ଗୁଜରାଟୀ)—Simha tunḍa 1. Euphorbia Nerifolia. ୨ । ଏକ ପ୍ରକାର ମାଛ (ବଗଦୋଷ)—2. A kind of fish. [ଦ୍ର—ମାଗୁର ପ୍ରଭୃତି ମାଛକୁ ସିଂହତୁଣ୍ଡ ବୋଲଯାଏ । ଦୈବ ଓ ଦୈହିକ କର୍ମରେ ଏ ମତ୍ସ୍ୟ ବ୍ୟବହାର୍ଯ୍ୟ—ମନୁ ୫।୧୭ ।

ସିଂହ ଦର(ରୁ)ଜା—ଦେ. ବ (ସଂ. ସିଂହଦ୍ୱାର)—ସିଂହଦ୍ୱାର Simha dara(ro)jā (ଦେଶ)—Simhadwāra. (See) (ସିଂହଦୁଆର—ଅନ୍ୟରୂପ) [ଉ—ଅରଣ୍ୟରୋଦନ ଦର୍ଶନ ଅନ୍ଧେ ସିଂହଦରଜା, ସିଂହଦୁୟାର ସିଂହଦୁଆରେ, ବଜେ ଅଜ ଦେବଦେବୀଏ ସିଂହଦ୍ୱାରଜା ଯେହ୍ନ ପୂଜାସ୍ଥାନରେ । ବ୍ରଧାନାଥ. ଚନ୍ଦ୍ରଭାଗା ।]

ସିଂହଦ୍ୱାର—ସଂ. ବ (ମଧ୍ୟପଦଲୋପୀ କର୍ମଧାରୟ; ସିଂହମୂର୍ତ୍ତି ଚର୍ଚ୍ଚିତ ଦ୍ୱାର; ଏହାର ଦୁଇ ପାର୍ଶ୍ୱରେ ସିଂହର ମୂର୍ତ୍ତି ଥାଏ)—ରାଜପ୍ରାସାଦ ଓ ଦେବାଳୟକୁ ପ୍ରବେଶକରିବାପାଇଁ ପ୍ରଧାନ ବା ସଦର ଦୁଆର—The main entrance to a palace or temple.

ସିଂହ ଧ୍ୱନ—ସଂ. ବ (ଷଷ୍ଠୀ ତତ୍)—୧ । ସିଂହର ଶବ୍ଦ ବା ଗର୍ଜ୍ଜନ—Simha dhwani 1. The roar of a lion. ୨ । ସିଂହନାଦ ସଦୃଶ ଭୀଷଣ ଶବ୍ଦ (ରାମାୟଣମ୍ବ ୧।୫୫ ର)—2. A loud roar like that of a lion.

ସିଂହ ନାଥ—ଦେ. ବ (ନାମ)—ବାଙ୍କୀ ବୈଦ୍ୟେଶ୍ୱରର ପଞ୍ଚୁଙ୍କରେ Simha nātha ମହାନଦୀ ଗର୍ଭରେ ବଡ଼ମା ବ୍ରାହ୍ମଣୀ ଏକ ପାହାଡ଼ ଦ୍ୱୀପ ଓ ଉହାଁରେ ଥିବା ମନ୍ଦିରରେ ପ୍ରତିଷ୍ଠିତ

Digitized by srujanika@gmail.com

ଶିବଦେବ—Name of an idol of Śiba on a hillock-island in the bed of the Mahānadī river opposite Baidyeswara in Banki. (ଦ୍ର—ସୋତେ ଶୈଳଶୃଙ୍ଗେ ଶଶାଙ୍କ ଶେଖର. ସିଂହନାଥ ପୁଣି ଯଜ୍ଞେଶ୍ୱର । ସ୍ୱୟାନାଥ. ନଦ୍ୟାଂକଶ୍ଚ ।) [ଦ୍ର—ଏହ ଗାଡ଼ାଡ଼ରୁ ସିଂହନାଥ ମୁଣ୍ଡିଆ ବୋଲ୍ଯାଏ । ଏହା ମହାନଦୀ ଗର୍ଭସ୍ଥ ଗୋଟିଏ ଦ୍ୱୀପ । ଏହ ଗାଡ଼ାଡ଼ରେ ଗୋଟିଏ ଗୁମ୍ଫା ଅଛ ଏବଂ ସେହ ଗୁମ୍ଫାରେ ଗୋଟିଏ ବୈତ୍ତଗୀ (ଯେ ପୂର୍ବେ ଗୃହସ୍ଥ ଥାଇ ଦ୍ୱିତୀୟ ଥର ଦାରପରିଗ୍ରହ କରିଥିଲେ ଓ ପରେ ସସ୍ତ୍ରୀକ ସଂସାର ତ୍ୟାଗ କରିଅଛନ୍ତି) ଓ ତାଙ୍କ ମାତାଙ୍କୀ (ବୈତ୍ତଗୀଙ୍କର ଦ୍ୱିତୀୟ ବିବାହତା ସ୍ତ୍ରୀ) ମଠ କରି ଅଛନ୍ତି । ସେହ ଗାଡ଼ାଡ଼ରୁ ଚଢି ଗୋଟିଏ ଅମ୍ବତୋଳା ଅଛ । ମନ୍ଦିରଟି ପ୍ରସ୍ତରଶିଲ୍ପରେ ପୂର୍ଣ୍ଣ । ଏହ ମୁଣ୍ଡିଆ ଉପରେ ବଡ଼ାମ୍ବା ଗଛର ଗୋଟିଏ ଛୋଟ ଅଛ । ଏଠାରେ ଅନ୍ୟ କେହ ବାସ କରନ୍ତି ନାହିଁ, ଏବଂ ବୈଦ୍ୟେଶ୍ୱରବାସୀ ସନ୍ଥାମାନେ ପ୍ରତିଦିନ ନଦୀ ପାର ହୋଇ ଅସି ଏହ ମହାଦେବଙ୍କର ସେବା କରନ୍ତି ।

ପ୍ରାଗାସ୍ୟ କମ୍ବଦନ୍ତୀ ଅଛ ଯେ, ସ୍ୱମତଭ୍ରଙ୍କ ଦନବାସ ସମୟରେ ଏ ବସ୍ତୁତ୍ର ଲକ୍ଷ୍ମଣଙ୍କ ଦ୍ୱାସ୍ତ୍ର ପ୍ରତିଷ୍ଠିତ ହୋଇଥିଲେ । ସ୍ୱମତଭ୍ରଙ୍କ ପ୍ରତିଷ୍ଠିତ ସ୍ୱମନାଥ ଶିବଲିଙ୍ଗ ନଦୀର ଅପର ପାରରେ ଓ ସୀତା ବା ବୈଦେହୀଙ୍କ ପ୍ରତିଷ୍ଠିତ ବୈଦ୍ୟନାଥ ଶିବଲିଙ୍ଗ ଜଳଧରୀ ବୈଦ୍ୟେଶ୍ୱର ମୁଣ୍ଡିଆ ତଳେ ପ୍ରତିଷ୍ଠିତ । ବଡ଼ାମ୍ବାରେ ମିଳୁଥିବା ଓଡ଼ିଆ ସ୍ୱମାସ୍ୱତରେ ଏହ କମ୍ବଦନ୍ତୀର ଉଲ୍ଲେଖ ଅଛ । ଓଡ଼ଶା ଉତ୍କଳାଡର ଅରଣ୍ୟ ବଣ୍ଡକାରଣ୍ୟର ଅନ୍ତର୍ଗତ ଥିବାରୁ କେହ କେହ ଏସବ ଅନୁମାନ କରନ୍ତି । ଉକ୍ତି ଅଛ—ଭୁବନେଶ୍ୱର ମନ୍ଦର ନାମିଆ—ଲଲ୍ଲଟେନ୍ଦୁ କେଶସ୍ତଙ୍କ ଦ୍ୱାଇ ବସ୍ୱଃ କେଶସ୍ତ (ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ) ଏ ମନ୍ଦରକୁ ତୋଲାଇଥିଲେ ।]

ସିଂହନାଥ ମୁଣ୍ଡିଆ—ଦେ· ବ (ନାମ)—ମହାନଦୀ ଗର୍ଭସ୍ଥ ବଡ଼ାମ୍ବା Siṁhanātha muṇḍiā ଗଛର ଅନ୍ତର୍ଗତ ପାହାଡ଼ ବିଶେଷ—Name of a hillock on the bed of the Mahānadī.

ସିଂହ ନାଦ—ସଂ. ବ (ଶ୍ୱୀ ଭତ୍)—୧ । ସଂଘଧ୍ୱନି (ଦେଶ)—Siṁha nāda 1. Siṁha dhwani. (See) ୨ । ଯୋଦ୍ଧାମାନଙ୍କର ରଣୋତ୍ସାହଜ ରବ (ଅମର)—2. A war-cry; shout of warriors; a roar made by warriors in the brunt of the fight. [ଦ୍ର—ଗଜଯୂଥ ଦର୍ଶନ କରି ସେହ ଦଳର ଶତ୍ରୁଙ୍କ ଜଘ୍ନଇବାକୁ ସିଂହ ଯେଉଁ ଗର୍ଜ୍ଜନ କରେ ଏବ ଶତ୍ରୁଙ୍କ ଓ ନଜ ଦଳର ଉତ୍ସାହବୃଦ୍ଧି ପାଇଁ ଯୋଦ୍ଧା ଯେଉଁ ଗର୍ଜ୍ଜନ ଶବ୍ଦ କରେ ତାହୁ ସିଂହନାଦ ବୋଲ୍ଯାଏ (ରଣକୋଷ) ।] ୩ । ମହାଦେବ (ମହାଶ୍ୱରଜ)—3. Mahādeba. ୪ । ସଂସ୍କୃତ ଛନ୍ଦୋବିଶେଷ—1. Name of a Sanscrit metre. [ଦ୍ର—ଏଥିର ପ୍ରତି ଚରଣରେ ୧୩ ଅକ୍ଷର ଥାଏ; ୩ସ୍, ୫ମ, ୧୨ଶ ଓ ଜଯୋଦଶ ଅକ୍ଷର ଗୁରୁ; ଅନ୍ୟ ବର୍ତ୍ତମାନ ଲଘୁ—ଛନ୍ଦୋମଞ୍ଜରୀ ।]

ସିଂହ ନାଦକ—ସ. ବ (ସିଂହ+ନଦ୍ ଧାତୁ+ବଳ. ଅଚ)—Siṁha nādaka ବୁଦ୍ଧାର; ଶିଙ୍ଗା; ରଣଶିଙ୍ଗା (ହାସ୍ୱବଳୀ)—A war-trumpet.

ସଂ. ବଣ. ପୁ· (+ଚଭ୍ଵି· ଅଚ)—ସିଂହପର ନାଦକାସ୍ତ—Roaring like lion.

ସିଂହ ନାଦିକା—ସ. ବ (ସିଂହ ନାଦକ+ସ୍ତ୍ରୀ. ଅ)—Siṁha nādikā ଦୁରାଲଭା (ଶବ୍ଦ ଚନ୍ଦ୍ରିକା) (ଦେଶ) Durālabhā (See)

ସଂ. ବଣ. ସ୍ତ୍ରୀ—ସିଂହନାଦକର ସ୍ତ୍ରୀଲିଙ୍ଗ—Feminine of siṁha nādaka.

ସିଂହ ପର୍ଣ୍ଣୀ—ସ· ବ—ବାସକ (ଜଟାଧର); ବାସଙ୍ଗ ଗଛ—Siṁha parṇṇī A tree; Adhatoda Vasaca.

ସିଂହ ପୁଚ୍ଛିକା—ସ. ବ—କ୍ଷୁଦ୍ର ଚଣ୍ଡିଳା; କ୍ଷୁଦ୍ର ଚଞ୍ଚ ପର୍ଣ୍ଣୀ; ପୃଶ୍ନି ପର୍ଣ୍ଣୀ Siṁha puchchhikā ଲତା (ରତ୍ନମାଳା; ଅମର); ମାଷପର୍ଣ୍ଣୀ (ସିଂହ ପୁଚ୍ଛା—ଅନ୍ୟରୂପ) A creeper; Uraria Lagopoides.

ସିଂହ ପୁର—ଦେ. ବ (ନାମ)—ପ୍ରାଚୀନ କଳିଙ୍ଗର ଏକ ରାଜଧାସ୍ତ—Siṁha pura A capital of the ancient Kaliṅga Empire.

ସିଂହ ପୁଷ୍ପୀ—ସ. ବ—ପୃଶ୍ନି ପର୍ଣ୍ଣୀ (ଦେଶ) Siṁha pushpī Pṛuśni parṇṇī (See)

ସିଂହ ବାହିନୀ—ସ. ବ. ସ୍ତ୍ରୀ [ସିଂହରୂପ ବାହ (ବାହନ)+ଅସ୍ତି. ଅର୍ଥରେ ଇନ୍+ସ୍ତ୍ରୀ. ଙ୍ଗି)—ଦୁର୍ଗା—Siṁha bāhinī Goddess Durgā. [ଦ୍ର—ଏ ସିଂହରେ ଆରୋହଣ କରି ମହିଷାସୁରକୁ ବଧ କରିଥିଲେ ।]

ସିଂହ ବାହୁ—ଦେ. ବ (ନାମ)—ସିଂହଭୂମିର ଜନେକ ରାଜା—Name Siṁha bāhu of a king of Siṁhabhūmi. [ଦ୍ର—ଏ ବୁଦ୍ଧ ଦେବଙ୍କ ସମକାଳୀନ । ଏହାଙ୍କ ପୁତ୍ର ବିଜୟୀ ସିଂହ ରାଜ୍ୟରୁ ନିର୍ବାସିତ ହୋଇ ଲଙ୍କାକୁ ଯାଇ ସେଠାର ଆଦମ ନବାସୀମାନଙ୍କୁ ଜୟ କରି ସେଠାରେ ରାଜ୍ୟ ସ୍ଥାପନ କରିଥିଲେ । ସିଂହଳ ଦେଶ]

ସିଂହ ବିକ୍ରମ—ସ. ବ (ଶ୍ୱୀ ଭତ୍)—ସିଂହର ପରାକ୍ରମ—The Siṁha bikrama strength of a lion. ସ· ବଣ. ପୁ (ସିଂହ ବିକ୍ରମା—ସ୍ତ୍ରୀ) (ବହୁବ୍ରୀହି)—ସିଂହ ପର ପରାକ୍ରମଶାଳୀ—Strong as a lion.

ସିଂହ ବିକ୍ରାନ୍ତ—ସ. ବଣ (ସିଂହ+ବ+କ୍ରମ୍ ଧାତୁ+କ୍ତ ଭ)—ସିଂହ Siṁha bikrānta ପର ପରାକ୍ରମୀ—Strong as a lion.

ସ. ବ—ଅଶ୍ୱ; ଘୋଡ଼ଚ (ହାସ୍ୱବଳୀ, ଶବ୍ଦମାଳା)—The horse.

Digitized by srujanika@gmail.com

ସିଂହ ବନ୍ନା—ଫ. ବ—ମାଷପର୍ଣ୍ଣୀ (ଦେଖ)—
Simha binnā Māshaparṇṇī (See)

ସିଂହଭୂମ୍(ମି)—ବେ. ବ (ନାମ)—ଅଧୁନା ବହାର ପ୍ରଦେଶର ଅନ୍ତର୍ଗତ ଏକ ଜିଲ୍ଲାବିଶେଷ—A district now in the province of Bihar mostly inhabited by Hos and the Oriyas.
Simhabhūm(mi) ଓଡ଼ିଆ ଉଚ୍ଚାରଣ
ସିଂହଭୂମ
ସିଂହମୂମି

[ଦ୍ର—୧ । ଏହା ପ୍ରଥମେ ଭୂୟାମାନଙ୍କର ରାଜ୍ୟ ଥିଲା । ଭୂୟାମାନଙ୍କ ଅଭ୍ୟୁଦୟ ପୂର୍ବେ ଏଠାରେ ସରାକ (ଜୈନ-ଶ୍ରାବକ) ଜାତିର ପ୍ରାଧାନ୍ୟ ଥିଲା । ଏଠାରେ ସିଂହବାହୁ ରାଜା ରାଜତ୍ୱ କରୁଥିଲେ । ଏ ଏଥର ପ୍ରଜାଟ୍ରିସ୍ଥ ଥିଲେ ଯେ, ପ୍ରଜାମାନଙ୍କ ଅଯଉ ଯୋଗୁଁ ଅତ୍ୟାଚାରୀ ଯୁବରାଜ ବଳଦ୍ୱିଂଙ୍କୁ ଅଲୁଣ୍ଟିତ ଚତ୍ତରେ ରାଜ୍ୟରୁ ବହାରତ କରି ଦେଇଥିଲେ। ସିଂହବାହୁ ଅନେକ ଜଳାଶୟ, ପୁଷ୍କରଣୀ ଓ କୂପ (କେନାଲ) ଖୋଳାଇ ଥିଲେ ।

ସିଂହଭୂମିର ନାମ ପୂର୍ବରେ ଯେ କଅଣ ଥିଲ୍ଲ ତାହା ଏଯର୍ଯ୍ୟନ୍ତ ଅମ୍ଭେମାନେ ଜାଣି ପାରୁ ନାହିଁ । ତେବେ ସ୍ଥୂଳତଃ ଜଣାଯାଏ ଯେ, ଏହା ଗୋଣ୍ଡ ଜଙ୍ଗଲ-ମୂଲକ ଥିଲ୍ଲ । ଏହାର ଆଦମ ବାସିନ୍ଦା ହୋ ଓ ଭୂୟାଁ ପ୍ରଭୃତି ଥିଲେ; ଅର୍ଯ୍ୟ ଜାତି କେହୁ ବାସ କରୁ ନ ଥିଲେ । ଯେତେବେଳେ ସିଂହ ରାଜାମାନେ ରାଜପୁତାନାରୁ ଅସି ଅନାର୍ଯ୍ୟମାନଙ୍କୁ ଜୟ କରି ଏଠାରେ ରାଜ୍ୟ ସ୍ଥାପନ କଲେ, ସେହି ଦିନଠାରୁ ସିଂହଭୂମିର ନାମକରଣ, ସିଂହ ରାଜାମାନଙ୍କ ଅଧିକୃତ ହେବାରୁ, ସିଂହଭୂମି ହେଲ୍ଲ । କେହି କେହି ସାହେବ ଓ ପ୍ରତ୍ନତତ୍ତ୍ୱାନୁସନ୍ଧିତ୍ସୁ କହନ୍ତି ଯେ, ହୋ ମାନେ ସୂର୍ଯ୍ୟଦେବତାଙ୍କୁ 'ସିଙ୍ଗବଙ୍ଗା' କହନ୍ତି; ସୁତରାଂ ଏହି ଶବ୍ଦର ଅପଭ୍ରଂଶରେ ସିଂହଭୂମି ହୋଇଅଛି । କିନ୍ତୁ ଏହା ଯୁକ୍ତିସିଦ୍ଧ ବା ସଦ୍ଭାବସ୍ପଦ ହୋଇ ନ ପାରେ ବୋଲି ଅମ୍ଭମାନଙ୍କର ମତ । ଅମ୍ଭେ ସିଂହରାଜାମାନଙ୍କ ଏ ଅବଶ୍ୟ ଭେର ପୁରୁଷ ପର୍ଯ୍ୟନ୍ତ ଜାଣିଥାରୁଅଛୁଁ । ପୂର୍ବରେ ସିଂହରାଜାଙ୍କର ଅନ୍ତ କେତେ ପୁରୁଷ ଥିଲେ, ତାହା ଅମ୍ଭମାନଙ୍କୁ ଜଣା ନାହିଁ । କମ୍ପା ପ୍ରଥମତଃ କେଉଁ ବାହୁ ଅସି ସିଂହଭୂମିରେ ରାଜ୍ୟ ସ୍ଥାପନ କରଥିଲେ ତାହା ମଧ୍ୟ ଅଜ୍ଞାତ । କିନ୍ତୁ ଏହା ଧ୍ରୁବ ସତ୍ୟ ଯେ, ଏହାର ପ୍ରତିଷ୍ଠାତା ସିଂହରାଜାମାନେହିଁ ଅଟନ୍ତି । ଧୋଡ଼ାଡାଟ, କେରି, ଅନନ୍ଦପୁର, ଖୋଡ଼ଗଢଳା (ଖଡ଼େଇଢଳା), ଖରସୁଆଁ ପ୍ରଭୃତି ଯେତେ ରାଜ୍ୟ ଅଛ, ସେ ରାଜ୍ୟର ରାଜବଂଶଗଣ ଏକ ସିଂହବଂଶର ଶାଖା । ଏହି ସିଂହଭୂମିର ଉଦାରାନ୍ତନ ମହାରାଜା ଘନଶ୍ୟାମ ସିଂହ ସନ ୧୮୧୮ ମସୀହାରେ ବ୍ରିଟିଶ୍ ଗଭର୍ଣ୍ଣମେଣ୍ଟଙ୍କ ଅଧୀନତା ସ୍ୱୀକାର କଲେ । ପୂର୍ବରେ ଉପର୍ଯ୍ୟୁକ୍ତ ସମସ୍ତ ରାଜ୍ୟ ସ୍ୱତନ୍ତ୍ର ଥିଲ୍ଲ । ସେହି ପୂର୍ବତାଳରୁହିଁ ଏହି ସିଂହରାଜାମାନେ ଓଡ଼ିଆ ଭାଷାକୁ ନିଜ ମାତୃଭାଷାରୂପେ ଗ୍ରହଣ କରି ଅସିଅଛନ୍ତି । ଓଡ଼ଶାର ସମ୍ରାଟ ଗଜପତ୍ତିଙ୍କର ସିଂହଭୂମିର ମହାରାଜାଙ୍କ ସହ ବିବେଦ ବନ୍ଧୁତ୍ୱ ଥିଲ୍ଲ; ଗଜପତ୍ତିଙ୍କ ରାଜ୍ୟରୁ ଅର୍ଥୀ ବାସିନ୍ଦା ଓଡ଼ିଆମାନଙ୍କୁ ଅଣାଇ ସିଂହଭୂମିର ମହାରାଜା ତାଙ୍କ ରାଜ୍ୟରେ ରଖାଇ ଥିଲେ । ଅଜକାଲି ବହୁ ଅର୍ଥୀବାସିନ୍ଦା ଏ ଅଞ୍ଚଳରେ ଅଛନ୍ତି ଏବଂ ଜଙ୍ଗଳ ସ୍ୱ ବ୍ରାହ୍ମଣ, କରଣ ଓ ଖଣ୍ଡାୟତ କ୍ଷତ୍ରିୟବଂଶୀ ହୋଇ ରହି ଅଛନ୍ତି । ଅଉ ଯାଏ ଯେଉଁ ସମସ୍ତ ସିରସ୍ତାର ଜାଗଜଥଜ, ଦଲିଲ ଦସ୍ତାବେଜ ପ୍ରଭୃତି ସିଂହରାଜାମାନଙ୍କର ଅଛି, ସେ ସମସ୍ତହିଁ ଓଡ଼ିଆ ଭାଷାରେ ଲେଖା । ଅବଶ୍ୟ ପରେ ପରେ କମାଚ୍ଚାରେ ଅର୍ଥ୍ୟବାସିନ୍ଦାମାନେ ପ୍ରବେଶ କରିଅଛନ୍ତି । ଅନ୍ୟାନ୍ୟ ପ୍ରଦେଶରୁ ଅସି ସିଂହଭୂମିରେ ବାସ କରିଅଛନ୍ତି । କିନ୍ତୁ ସେମାନେ ଓଡ଼ିଆ ଭାଷାକୁହିଁ ସିଂହଭୂମିର ପ୍ରଧାନ ଭାଷା ବୋଲି ଗ୍ରହଣ କରିଅଛନ୍ତି ଓ ଓଡ଼ିଆମାନଙ୍କ ଅନୁକରଣରେ ସମସ୍ତ ପଙ୍ଗପବ୍ୟାଣି ଓ ସାମାଜିକ ବିଧିମାନ ସମ୍ପାଦନ କରନ୍ତି । ହଣ୍ଟର ସାହେବ Statistical Account of India ବୋଲି ଯେଉଁ ପୁସ୍ତକଟି ପ୍ରଣୟନ କରିଅଛନ୍ତି [ସନ ୧୮୭୭] ସେଥିରେ ସେ ସେଉଁ ହିସାବ ଦେଖାଇ ଅଛନ୍ତି, ସେଥିରୁ ସ୍ପଷ୍ଟରୂପେ ଅନୁମିତ ମିଳେ ଯେ, ସିଂହଭୂମିରେ ଅନାର୍ଯ୍ୟମାନଙ୍କୁ ଗଣତି ଦେଲେ ଓଡ଼ିଆ ଜାତିରହିଁ ପ୍ରାଚୁର୍ଯ୍ୟତା ଓ ପ୍ରାବର୍ଲ୍ୟ ଜ୍ୱଳନ୍ତ ଦୃଶ୍ୟ—ସଦର୍ଭ ଲେଖକ ହରିଚରଣ ରାଉତ· ଦୈନିକ ଅଶା ୮।୧୩୦ ।

ବର୍ତ୍ତମାନ 'ହୋ' [ସାନ୍ତାଲ]ମାନେ ସିଂହଭୂମିର ପ୍ରଧାନ ଅଧିବାସୀ ଅଟନ୍ତି ଓ ଏଠାରେ ବହୁସଂଖ୍ୟକ ଓଡ଼ିଆ ବାସ କରନ୍ତି । ଏହି ଜିଲ୍ଲାର ଜାମସେଦପୁର [ଟାଟାନଗର] ଠାରେ ଟାଟାକମ୍ପାନିଙ୍କ ପୃଥିବୀ ବଖ୍ୟାତ ଲୁହା ଓ ଇସ୍ପାତ କାରଖାନା [Tata Iron and Steel Works] ପ୍ରତିଷ୍ଠିତ ହେବାରୁ ଏହି କାରଖାନାରେ କାମ କରିବା ପାଇଁ ବହୁ ହିନ୍ଦୀଭାଷୀ ଓ ବଙ୍ଗଭାଷୀ ଲୋକ ଏଠାରେ ଅଧିବାସୀ ହୋଇଅଛନ୍ତି । ଏହା ଓଡ଼ିଆବହୁଳ ଅଞ୍ଚଳ ଥିବାରୁ ପୂର୍ବେ ଭାଷାସ୍ପର୍ଦ୍ଧାରେ ବଡ଼ା କଂଗ୍ରେସ-ପ୍ରଦେଶମାନଙ୍କ ମଧ୍ୟରେ ସିଂହଭୂମି ଜିଲ୍ଲାର ଅନ୍ତର୍ଭୁକ୍ତି ହୋଇଥିଲ୍ଲ, କିନ୍ତୁ ପରେ କଂଗ୍ରେସ ନେତା ବାବୁ ରାଜେନ୍ଦ୍ରପ୍ରସାଦଙ୍କ ଆଦେଶରେ ଏହା ବିହାରର ଅନ୍ତର୍ଗତ ହୋଇଅଛ । ପୂର୍ବୁତ୍ତାରୁ ବିଦିତ ଯେ, ସିଂହଭୂମି ରାଜଗଢିକ ଓଡ଼ିଶାର ସୀମାଭୁକ୍ତ ହୋଇ ନାହିଁ ଓ ଏଥିର ଫଳରେ ଏଠାର ଅଧିବାସୀ ଓଡ଼ିଆମାନେ ନିଜ ମାତୃଭାଷା ଶିକ୍ଷା ଲାଭ କରିବାକୁ ସୁବିଧା ପାଉନାହାନ୍ତି ଓ କ୍ରମଶଃ ଜାତୀୟତା ହରାଉ ଅଛନ୍ତି । ସିଂହଭୂମିକୁ ଓଡ଼ିଶା ପ୍ରଦେଶକୁ ଅଣିବା ପାଇଁ ସିଂହଭୂମିର ତଥା ଓଡ଼ିଶାର ଓଡ଼ିଆମାନଙ୍କର ଚେଷ୍ଟା ଲାଗିଅଛ ।

ସିଂହଭୂମିରେ ଓଡ଼ିଆ ଶିକ୍ଷା ପ୍ରସାର ଓ ପ୍ରସର ବୃଦ୍ଧି ପାଇଁ ଓଡ଼ିଆ ବିଦ୍ୟାଳୟମାନ ସ୍ଥାପନ କରିବା ଓ ଓଡ଼ିଆ ଶିକ୍ଷାର ଅଗ୍ରଗତି ପାଇଁ ବିହାର ଗଭର୍ଣ୍ଣମେଣ୍ଟଙ୍କଠାରୁ ଲେଖା ସଙ୍ଗ୍ୟା ଅନୁଦାନରେ ସାହାଯ୍ୟ ଲାଭ କରିବା ପାଇଁ ସମ୍ପ୍ରତି

Digitized by srujanika@gmail.com

କୃଷ୍ଣଚନ୍ଦ ଅଗ୍ରର୍ଚ୍ୟ ପ୍ରମୁଖ ଦେଶଜମ୍ପୀ ସିଂହଭୂମି ଇତିହାସ ସଙ୍କଳନ କରୁଅଛନ୍ତି । ସମ୍ପ୍ରତି କଟକର ଶ୍ରୀମାନ୍ ବୃନ୍ଦାବନ ସାହୁ ପ୍ରମୁଖ କେତେଗୁଡ଼ିଏ ଦେଶପ୍ରେମିକ ଯୁବକ ଓଡ଼ିଶା ପ୍ରଦେଶରେ ଭୁଲ ନ ହୋଇଥିବା ଅନ୍ୟାନ୍ୟ ଓଡ଼ିଆ ଅଞ୍ଚଳ ସଙ୍ଗେ ସିଂହଭୂମି ଜିଲ୍ଲା ଓଡ଼ିଶାପ୍ରଦେଶଭୁକ୍ତ ଅଟିବ ଏଥିପାଇଁ 'ଉତ୍କଳ ଇତିହାସ ଅବକାଶ ବାହୁଗା' ନାମରେ ଗୋଟିଏ ସଭା ଗଢ଼ି ଅଛନ୍ତି ।]

ସିଂହ ମାଦଳା—ଦେ. ବ—ଖଡ଼େଇକଲା ରାଜାଙ୍କ ଗୃହରେ ରକ୍ଷିତ ସିଂହଭୂମିର ତଥା ସିଂହଗୁଳବଂଶର ଇତିହାସ —The history of Simhabhūmi and the Simha line of Kings preserved in the Seraikela Raj-family.

ସିଂହ ମୁଖ—ସଂ. ବ (୬ଷ୍ଠୀ ତତ୍) —୧ । ସିଂହର ମୁଖ— Simha mukha 1. Lion's face. ୨ । ହସ୍ତୀର ଭୂଷଣ ବିଶେଷ—2. Name of a sort of trapping of the elephant.

ସିଂହ ମୁଖୀ—ସ. ବ—ବାସକ (ଗୁଳ୍ମ ଜାତି); ବାସଙ୍ଗ (ଦେଶ) Simha mukhī Bāsanga (See)

ସିଂହ ଯନା—ସ. ବ. ସ୍ତ୍ରୀ (ବହୁବ୍ରୀହି; ସିଂହ ଅଟେ ଯାନ ବା ବାହନ Simha jānā ଯାହାର) —ଦୁର୍ଗା—Goddess Durgā. (ସିଂହବାହିନୀ—ଅନ୍ୟରୂପ)

ସିଂହ ରଜା—ଦେ. ବ (ନାମ)—୧ । ସିଂହଭୂମିର ରାଜା; ସିଂହଭୂମ୍ Simha rajā (ଦେଶ) 1. Simhabhūm (See) ସିଂହ ରାଜା ସିଂହଭୂମିକା ରାଜା ୨ । ପଶୁରାଜ ସିଂହ— 2. Lion, the king of beasts.

ସିଂହ ରାଠୋର—ପ୍ରାଦେ. (ସିଂହଭୂମ) ବ—କ୍ଷତ୍ରିୟ ଜାତି ବିଶେଷ— Simha rāṭhora A race of Kshatriyas. [ଦ୍ର—ରାମେଶ୍ୱରର ଶିବଲିଙ୍ଗଙ୍କ ସେବା ପାଇଁ ଶୀଘ୍ର ଠୀକା ଦେଇ ଏହି ବଂଶ ସ୍ଥାପନ କରିଥିଲେ । ଏମାନଙ୍କ ବଂଶଧରମାନେ ରାଜୁକୁଟ ବାଟେ ଜଟୌଜି ଅସିଥିଲେ । ଜଟୌଜିରୁ ଦଳେ ମାରବାଡ଼ ଗଲେ । ଦଳେ ପୁଣି ଶ୍ରାସ୍ତେଜ ଦେଇ ଦେଶୁ ରାଜାଙ୍କ ରାଜ୍ୟରେ ଘୋଡ଼ାହାଟ ରାଜ୍ୟ ସ୍ଥାପନ କଲେ । ଘୋଡ଼ାହାଟରୁ ଅଭିନ୍ନ ସିଂହଙ୍କ ପ୍ରପିତାମହ ବିକ୍ରମ ସିଂହ ଅସି ସଡ଼େଇକଲା ରାଜ୍ୟ ସ୍ଥାପନ କରିଥିଲେ—ହ. ଶ]

ସିଂହଳ—ସଂ. ବ (ନାମ)—୧ । ଲଙ୍କା ଦ୍ୱୀପ—1. Ceylon. Simhala '[ଦ୍ର—ସିଂହଭୂମିର ରାଜା ସିଂହ ବାହୁଙ୍କ ଦ୍ୱାରା ରାଜ୍ୟରୁ ବତାଡ଼ିତ ରାଜପୁତ ବଙ୍ଗସିଂହ ଏହି ଦ୍ୱୀପକୁ ଜୟ କରିଥିବାରୁ ତାହାଙ୍କର ନାମ ଅନୁସାରେ ଏହ ନାମ ହୋଇଅଛ ବୋଲ କେହ କେହ କହନ୍ତି । ଭାରତର ଦକ୍ଷିଣରେ ସିଂହଳ ଅବସ୍ଥିତ ଥିବା ହେ।ଇସ୍ତୁତ୍ତ ଗ୍ରନ୍ଥରେ ଅଛ ।] ୨ । ପିତ୍ତଳ—2. Brass. ୩ । ରାଙ୍ଗା; ଟିଣ ଧାତୁ—3. Tin. ୪ । ଦାରୁଚିନ—4. Cinnamon.

ସିଂହଳସ୍ଥା—ସ. ବ (ବୈଦ୍ୟକ) —ସେନ୍ଦ୍ର ଲୀ (ଗୁଳ୍ମ ଜାତି)— Simhalasthā A medicinal plant.

ସିଂହଳାସ୍ଥାନ—ସଂ. ବ—ତାଳ ବୃକ୍ଷ ସଦୃଶ ବୃକ୍ଷ ବିଶେଷ (ଶବ୍ଦମାଳା)— Simhalāsthāna A kind of palm tree.

ସିଂହଳୀ—ଦେ. ବଣ (ସଂ. ସିଂହଳୀୟ) —୧ । ସିଂହଳ ସମ୍ବନ୍ଧୀୟ— Simhalī 1. Relating to Ceylon. ୨ । ସିଂହଳ ସିଂହଳୀ ଦେଶୀୟ—2 Ceylonese. ୩ । ସିଂହଳ ଅଧିବାସୀ सिंहली —3. Residing in Ceylon. ୪ । ସିଂହଳ ଦେଶ ପ୍ରଚଳିତ (ଭାଷା)—4. Simhalese (language).

ସିଂହଳୀୟ—ସ. ବଣ (ସିଂହଳ+ଈୟ)—ସିଂହଳ ଦେଶ ସମ୍ବନ୍ଧୀୟ— Simhalīya Ceylonese.

ସିଂହ ଲୀଳ—ସଂ. ବ (ସିଂହ+ଲୀଳା; ବହୁବ୍ରୀହି)—ସିଂହ ସଦୃଶ ଲୀଳା- Simha lila ଯୁକ୍ତ—Sportive as a lion. ସଂ. ବ— ରତିବନ୍ଧ ବିଶେଷ —A sort of posture during coition. [ଦ୍ର —ଏହା 'ବିପରୀତ' ରତିବନ୍ଧ ବିଶେଷ । ଏ ବନ୍ଧରେ ନାୟ ଭୂମିରେ ବମ୍ବା ନାୟକର ଉରୁ ଦେଶରେ ପଦ ଦ୍ୱୟ ସ୍ଥାପନ କରି ରମଣ କରେ—ରତି ମଞ୍ଜରୀ ।]

ସିଂହ ଶାବକ(ଶିଶୁ)—ସଂ. ବ (୬ଷ୍ଠୀ ତତ୍)—ସିଂହର ଛୁଆ— Simha śābaka(śiśu) Cub of a lion.

ସିଂହ ସଂହନନ—ସଂ. ବଣ. ପୁଂ (ସିଂହ ସଦୃ ଅଙ୍ଗୁଷ୍ଠସ ସଂହନନ= ଦେହ ଯାହାର; ବହୁବ୍ରୀହି)— Simha saṁhanana ୧ । ସିଂହ ତୁଲ୍ୟ ସବାଙ୍ଗସୁନ୍ଦର; ବଜ୍ରଙ୍କରୁଯୋସେତ (ଅମର)—1. (a person) Having a symmetrical body like the lion. [ଜ—ଉଥି ପରେ ମଣ୍ଡି ଛନ୍ତି ସିଂହାସନ, ଯିବା ଦେବାକୁଡ଼ି ସିଂହସଂହନନ-ଗାଥାନାଥ. ଚଲ୍ଲିକା ।] ୨ । ସିଂହ ସଦୃଶ ଦୃଢ଼ଦେହୀ— 2. Strong-bodied as a lion. ସଂ. ବ (୬ଷ୍ଠୀ ତତ୍, ସିଂହ+ସମ୍+ହନ୍ ଧାତୁ+ଅଚ୍. ଅନ)— ସିଂହ ଶିକାର—Lion-hunting.

ସିଂହ ସାରଳା—ଦେ. ବ—ଉତ୍କଳ ଜଙ୍ଗଲର ଝଙ୍କଡ଼ରେ ପ୍ରତିଷ୍ଠିତା Simha sāralā ସିଂହବାହିନୀ ସାରଳା ଠାକୁରାଣୀ—The Deity Sāralā (Durgā) in Jhankarda in the Cuttack district.

ସିଂହା—ସ. ବ (ସିଂହ+ଅ)—ନାଡ଼ି (ଗୁଳ୍ମଜାତି)—Pulse. Simhā ଦେ. ବ (ସଂ. ଶୃଙ୍ଗା)—ଶିଙ୍ଗା; ରଣ ଶିଙ୍ଗା— ସିଂଘା नरासंघा War horn; a war trumpet.

ସିଂହାଚଳ—ସ. ବ—ଭୁବନ୍ ପୁରାଣୋକ୍ତ ପ୍ରସିଦ୍ଧ ଗାର୍ଥ ଓ ପର୍ବତ; Simhāchala ସିମାଚଳ (ଦେଶ)—Simāchala (See) (ସିଂହାଦ୍ରି—ଅନ୍ୟରୂପ)

ସିଂହାଣ(ନ)—ସଂ. ବ (ସିଦ୍ଧ ଧାତୁ=ଶୁଦ୍ଧିବା+କର୍ମ. ଅନ)— Simhāṇa(na) ୧ । ଲୌହମଳ (ଅମର); ମଣ୍ଡୁର; ଲୁହାପୁତ୍ର—

[ଶିଂ(ଟିଂ)ଘାଣ—ଅନ୍ୟରୂପ] 1. Rust of iron; the dross of iron. [ଦ୍ର—ଏହା ଖାଣ୍ଟ ଲୌହ ନାଶ କରେ ।] ୨ । ନାସିକା ମଳ; ସିଙ୍ଘାଣି—2. Snot; mucus of the nose.

ସିଂହ ଦେ. ବ—୧ । ପରାକ୍ରମୀ—1. Powerful. [ଉ—ସିଂହ ଭୁମର ବଳେ ଖର ଭଇଏ ସିଂହାଣ । କୃଷ୍ଣସିଂହ. ମହାଭାରତ. ବନ ।] ୨ । ଚତୁର—2. Cunning. [ଉ—କୃଷ୍ଣ ଅଗ୍ରଜ ସିଂହାଣ. କଲେ ବରଣ ମାଲ ବଜାଣ । ପାନକୃଷ୍ଣ. ରସକଲ୍ଲୋଳ ।] ଦେ. ବ—୧ । ପୁରୁଷସିଂହ; ବୀର ପାନକୃଷ୍ଣ. ରସକଲ୍ଲୋଳ ।] ଦେ. ବ—୧ । ପୁରୁଷସିଂହ; ପୁରୁଷ ସିଂହ ବୀର—1. A hero like the lion [ଉ—ଡାକଲେ ଅଢେ ପାର୍ଥ, ଶବ୍ଦିଯି ସିଂହାଣ । କୃଷ୍ଣସିଂହ. ମହାଭାରତ ବନ ।] ୨ । ଧାନ—2. Paddy.

ସିଂହାଣ(ନ)କ—ସଂ. ବ (ସିଂହାଣ, ସିଂହାନ+ସ୍ୱାର୍ଥେ· କ)—
Simhāṇa(na)ka ନାସିକା ମଳ; ସିଙ୍ଘାଣି—Snot; mucus of the nose.

ସିଂହାଣ ପଣ—ଦେ. ବ—ବୀରତ୍ୱ—Heroism; valour. [ଉ—
Simhāṇa paṇa କଳିଯୁଗରେ ସିଂହଟି ବର୍ବିଣ ସିଂହାଣ, ପଣ ବୀରତ୍ୱ ଛଡ ଦେଇ ଶୋଇଲ୍ଲଷଣି ଜାଣ । କୃଷ୍ଣସିଂହ. ମହାଭାରତ·
वीरता ବନ ।]

ସିଂହାବଲୋକନ—୧ । ସିଂହର ଘୁନ୍ଦାଣି (ବାଟରେ ଯାଉ ଯାଉ ଠିଆ ହୋଇ ପଛକୁ ଗୁହାଁବା, ଘୁଣି ଗୁଲିବା)—1. Lion's glance; pausing and looking back from time to time (like a lion). ୨ । ନ୍ୟାୟ ବିଶେଷ; ସିଂହ ଯେଉଁପରି ଯାଉ ଯାଉ ମଝିମଝିରେ ଠିଆ ହୋଇ ପଛଅଡ଼କୁ ଦୂରସ୍ଥ ବସ୍ତୁକୁ ଅବଲୋକନ କରେ, ସେହିପରି ସ୍ଥଳରେ ଏ ନ୍ୟାୟ ବିଅଯାଏ—2. An analogy applied to cases were a person looks back on distant things ignoring nearer things. ୩ । ପଦ୍ୟ ରଚନାରେ ଗୁଡୁଏ ବିଶେଷ; ଶୃଙ୍ଖଳା ବା ଅନୁପ୍ରାସ ଯୁକ୍ତ ରଚନା ବିଶେଷ—3. A kind of alliteration in which a particular group of letters occur in many places in a stanza. [ଦ୍ର—ଉପେନ୍ଦ୍ର ଭଞ୍ଜ ଓ ଅର୍ବାଚୀନ ସାମନ୍ତସିଂହାର ଅଦକ ରଚନାରେ ଏହା ଦେଖାଯାଏ । ସିଂହ ଯେଉଁପରି ଗୁଲଗଲ୍ଲ ବେଳେ ମୁହଁ ବୁଲାଇ ପଛକୁ ବେଳେ ବେଳେ ଅନାଉଥାଏ, ସେହିପରି ଗୋଟିଏ ଧାଡ଼ିର ଶେଷରେ ବା ମଧ୍ୟରେ ଥିବା କେ ବା ଅକ୍ଷର ପର ପଦର ପ୍ରଥମରେ ବା ମଧ୍ୟରେ ଲେଖାଯାଏ, ଯଥା—

'ଧନ୍ୟ ରଥେ ଭୂମ୍ନ ଜନ୍ମ ଶୂରଯଶେ' ଭୂମ୍ନେତ ଜଲ
କଖାଣି

ଭୂମର ମହମା ପ୍ରକାଶିବା ପାଇଁ ସରସ୍ୱତୀ ଦ୍ୱାରା ବାଣୀ—
ବାଣୀକର ମୁହ ଏ ଘାସ ସଂସାରେ ଅଛ ତ ଅସିବ ଫେର ?
ଫେର କ ଅସିବ ଶ୍ରୀଜଗନାଥ ଯୁଗ ବାଳବ ତ ଜସୁ ବେଶ୍ୟ ।
ପଦ୍ୟ ଓ ଗଦ୍ୟ—ଜଗନ୍ନାଥ ମିଶ୍ରାଠୀ ।

ସିଂହାବଲୋକନ ଦ୍ର ପ୍ରକାରର । ଯଥା—୧ ।
ଶୃଙ୍ଖଳା ସିଂହାବଲୋକନ—ଏଥିରେ ଏକ ଧାଡ଼ିର ଶେଷ ଅକ୍ଷର ଦୁଇଟି ଓ ପରବର୍ତ୍ତୀ ଧାଡ଼ିର ଅଦ୍ୟ ଅକ୍ଷର ୨ଟି ସମାନ ଅଟେ । ଯଥା—

କଜ୍ଜି ତଡ଼ ଦରପଣ ବଦନ ରଞ୍ଜନ
ଜନ ହରଷ ଜନକ ବର ପରସନ
ସନକ ମନ ବଞ୍ଚକ ସଦନକ ହସ
ହଂସ ଗମନ ରଙ୍ଗଇ ଦର୍ଶନ ଭରଣ ।
—ଅରମନ୍ୟୁ· ବଦଅ୍ ଧରନ୍ୟାମଣି]

୨ । ସାଧାରଣ ସିଂହାବଲୋକନ—
[ଉ—ସକଳ-କେଳକଳା—ଭୁଶଳା-ବାଳା !
କଳା-କାଲ୍ଲଳ-କେଶା ଗ୍ରସ-ଉଲ୍ଲେଳା !
କୋକିଳ-କଳସୁର ବର ରସିକା !
କା କରେ କଲ୍ଲ କବା ଶବ୍ଦର ଛଳା ରେ ?
— କୃଷ୍ଣଚନ୍ଦ୍ର କର· ରସକେଲୀ]
(ଏହି କବତାଂଶଟିରେ ୬ଟି ମାତ୍ର ବର୍ଣ୍ଣର ବ୍ୟବହାର ହୋଇଅଛି ।)

୩ । ଚକ୍ର ସିଂହାବଲୋକନ—ଏଥିରେ ଗୋଟିଏ ଶ୍ଲୋକର ପ୍ରଥମ ଧାଡ଼ିରେ ଅଦ୍ୟ ପଦ ବା ବର୍ଣ୍ଣଦ୍ୱୟ, ଯାହା ଶ୍ଲୋକର ଶେଷ ଧାଡ଼ିର ଶେଷ ପଦ ବା ବର୍ଣ୍ଣଦ୍ୱୟ ତାହା ଅଟେ ।]

ସିଂହାର—ଦେ. ବ (ସଂ. ଶୃଙ୍ଗାର)—ଶିଂଘାର (ଦେଶ)—
Simhāra Sing hāra (See) [ଉ—ଶତ୍ରୁରେ ସିଂହାର ଯାହା, ଶକ୍ତି ତେଲେ ଗୁଲି, ପାର୍ଥ ! ସେ ସିଂହାର ଦୁଏ ଅନର୍ଥର ଢେଉ ।
—ଶ୍ରୀଜଗନାଥ· ମହାଯାତ୍ରା]

ସିଂହାରହାର—ଦେ.ବ (ସଂ.ଶୃଙ୍ଗାରହାର)—ଶିଂଘାହାର (ଦେଶ)—
Simhārahāra 1. Singhardāhāra (See)
[ସିଂହାର୍ହାର—ଅନ୍ୟରୂପ) ୨ । ଜଗନ୍ନାଥ ମହାପ୍ରଭୁଙ୍କର ଶିର ଶିଉଳି ସିହାରହାର ପିଠା ଥଡର ଏକ ପ୍ରକାର ନୈବେଦ୍ୟ । (ଜଗବନ୍ଧୁ—ପ୍ରାଚୀନ ଉତ୍କଳ)—2. A kind of of fering made to the Deity Jagannātha of Puri.

ସିଂହାସନ—ସଂ. ନ (ମଧ୍ୟପଦଲୋପୀ କର୍ମଧାରୟ; ସିଂହ ଚର୍ଚ୍ଚିତ ଆସନ; ଏଥିରେ ସିଂହର ମୂର୍ତ୍ତି ଥାଏ)—୧ । ରାଜଗାଦି; ସ୍ୱର୍ଣ୍ଣମୟ ରତ୍ନାଦନ; ଯାହା ଉପରେ ବସି ରାଜା ରାଜପଦରେ ଅଭିଷିକ୍ତ ହୁଅନ୍ତି—1. A king's throne. ୨ । ଦେବତାଙ୍କର ବସିବା ଆସନ ବା ବେଦି—2. A throne or pedestal on which an idol is installed. ୩ । ଯୋଗାସନ ବିଶେଷ—3. A sort of posture during in spiritual meditation. [ଦ୍ର—ଏଥିରେ ଚେତା

Digitized by srujanika@gmail.com

ଥକାଇ ' ବସି ଦୁଇ ଗୋଇଠିକୁ ଅଣ୍ଡକୋଷର ତଳେ ଦୁଇ ପାଖରେ ଲଗାଇ (ଅର୍ଥାତ୍ ବାଆଁ ଗୋଇଠିକୁ ଅଣ୍ଡକୋଷ ତଳେ ଡାହାଣ ପାଖେ ଓ ଡାହାଣ ଗୋଇଟିକୁ ଅଣ୍ଡକୋଷ ତଳେ ବାଆଁ ପାଖେ ଲଗାଇ ରଖି) ଦୁଇ କରତଳର ସଂପ୍ରସାରିତ ପୃଷ୍ଠକୁ ଜାନୁ ବା ଜଙ୍ଘ ଉପରେ ରଖି ସିଧା ହୋଇ ବସି ନାସାଗ୍ର ପ୍ରତି ଦୃଷ୍ଟି ପକାଇବାକୁ ହୁଏ । —ହଠଯୋଗ ପ୍ରଦୀପ] ୪ । ଷୋଡ଼ଶ ରତି ବନ୍ଧାନ୍ତର୍ଗତ ଚତୁର୍ଦ୍ଦଶ ବନ୍ଧ—4. A posture during coition. [ଭ୍—ଏଥିରେ ପୁରୁଷ ନଜର ଜଂଘ ଓ ବାହୁ ମଧ୍ୟରେ ସ୍ତ୍ରୀର ସଦବସ୍ଥକୁ ଧାରଣ କରି ସ୍ତ୍ରୀର ସ୍ତନ ଧାରଣ ମର୍ଦ୍ଦନ ରମଣ କରେ ।
—ରତିମଞ୍ଜରୀ]

ସିଂହାସନ ଚକ୍ର—ସଂ. ନ (ଜ୍ୟୋତିଷ)—ସପ୍ତବିଂଶତି ନକ୍ଷତ୍ରାଙ୍କିତ Simhāsana chakra ନକ୍ଷତ୍ରାର ଚକ୍ରବିଶେଷ—(Astrology) Three figures of man in which the 27 asterisms are put, to calculate the future of a king ascending the throne. [ଦ୍ର—ପ୍ରତ୍ୟେକ ଚକ୍ରରେ ୯ଟି ଲେଖାଏଁ ନକ୍ଷତ୍ର ଅବସ୍ଥାପିତ କରିଥାଏ । ଏହି ଚକ୍ରର ଗଣନା ଦ୍ୱାରେ ସିଂହାସନାରୂଢ଼ ରାଜାଙ୍କର ଶୁଭାଶୁଭ ନିର୍ଣ୍ଣୀତ ହୁଏ ।]

ସିଂହାସନ ଚ୍ୟୁତ—ସଂ. ବିଣ (୫ମୀ ତତ୍) —୧ । ରାଜା ସନରୁ ଡାଢ଼ତ— Simhāsana chyuta 1. Dethroned. ୨ । ରାଜ୍ୟ ଅଧିକାରରୁ ବଞ୍ଚିତ—2. Deprived of sovereignty. (ସିଂହାସନ ଚ୍ୟୁତ—ଅନ୍ୟରୂପ)

ସିଂହାସନାଧିରୂଢ଼—ସ, ବିଣ. ପୁଂ (୭ମୀ ତତ୍) —୧ । ସିଂହାସନରେ ଉପବିଷ୍ଟ—1. Ascending or sitting on throne. ୨ । ରାଜ୍ୟାଧିକାରପ୍ରାପ୍ତ—2. Installed on the throne. [ସିଂହାସନାଧିରୂଢ଼ା, ସିଂହାସନାରୂଢ଼ା—ସ୍ତ୍ରୀ] (ସିଂହାସନାରୂଢ଼—ଅନ୍ୟରୂପ)

ସିଂହାସନାରୋହଣ—ସଂ. ନ (୭ମୀ ତତ୍) ରାଜସିଂହାସନରେ ବସିବା— Simhasonārohaṇa Ascending the throne; installation on the throne.

ସିଂହାସ୍ୟ—ସଂ.ନ—୧। (ସିଂହ + ଆସ୍ୟ=ମୁଖ; ୬ଷ୍ଠୀ ତତ୍) —ସିଂହର ମୁଖ—1. Lion's face. ୨ । (ଉଦ୍ଭିଦ୍) ବାସକ (ଅମର); ବାସଙ୍ଗ ବୃକ୍ଷ—2. The Vasaca tree. ସ. ବିଣ. ପୁଂ (ବହୁବ୍ରୀ.) ସିଂହର ମୁଖ ସଦୃଶ (ସିଂହାସ୍ୟା—ସ୍ତ୍ରୀ. ବିଣ) ମୁଖ ସାହାର) ସିଂହ ସଦୃଶ ବଳବତ୍ମୁଖସମ୍ପନ୍ନ— Having the face as ferocious as that of a lion.

ସିଂହିକା—ସଂ. ବ. ସ୍ତ୍ରୀ (ସିଂହ୍ୟା=ରାହୁର ମାତା + ସ୍ୱାର୍ଥେ ବ + ଅ) — Simhikā ୧ । ଏତତ୍ନାମା ଦକ୍ଷସୁତାଭେଦଜାତା; ବାଲ୍ୟସଖୀ; ରାହୁ ମାତା—1. Name of the mother of Rāhu. [ଦ୍ର—ମହର୍ଷି କାଶ୍ୟପଙ୍କ ଔରସରେ ଏହାଙ୍କ ଗର୍ଭରୁ ଗନ୍ଧର୍ବଗଣ ଓ ରାହୁ ଜନ୍ମିଥିଲେ ।] ୨ । ସଂଶ୍ୟା—2. Lioness. ୩ । ରାମାୟଣବର୍ଣ୍ଣିତ ଜଣେ ରାକ୍ଷସୀ—3. Name of a demoness mentioned in the Rāmāyaṇa. [ଦ୍ର—ଏ ଲଙ୍କା ଜଳଚର ସାଗର ଗର୍ଭରେ ବାସ କରୁଥିବା ଏବଂ ଆକାଶରେ ଚଲପ୍ରଚଳ ହେଉଥିବା ଛାଇ ଜନ୍ତୁଙ୍କ ଛପା ଜଳ ଉପରେ ପଡ଼ିଲେ ଏହ ରାକ୍ଷସୀ ମାୟା ବଳରେ ଉକ୍ତ ଜୀବ ଜନ୍ତୁଙ୍କୁ ଆକର୍ଷଣ କର ଆଣି ଖାଇଥିଲା । ତତ୍ପ୍ରମାନ ସୀତାଙ୍କୁ ଠାବ କରିବାପାଇଁ ସାଗର ଉପରେ ଲଙ୍କାକୁ ଉଡ଼ି ଗଲାବେଳେ ତାହାର ଛାଇ ପାଣି ଉପରେ ପଡ଼ିବାରୁ ସିଂହିକା ହନୁମାନଙ୍କୁ ଆକର୍ଷଣ କର ଗିଳିବାକୁ ଗଲା । ତହୁଁ ହନୁମାନ ବଳ ବୁଦ୍ଧିମତ୍ତାରେ ରାକ୍ଷସୀର ସେହ ବିଦ୍ୟା ବାହାର ଅଛଲ ଏବଂ ଫଳରେ ରାକ୍ଷସୀ ମରିଗଲା ।]

ସିଂହିକାସୁତ (ସୁନୁ)—ସଂ. ବ (୬ଷ୍ଠୀ ତତ୍) —୧ । ରାହୁ— Simhikāsuta (sūnu) 1. The Ascending Node; the Dragon's Head. ୨ । ଯାଗରେ ଅବାହନ କରିବା ବାସ୍ତୁ ପୁରୁଷ (ବାସ୍ତୁ ଯାଗ ଦ୍ରଷ୍ଟ୍ର)— 2. A being invoked during the consecration ceremony of a foundation.

ସିଂହିଆଲି—ଦେ. ବ—ସିଂଜି (ଦେଶ) Simhi āli Singi (See)

ସିଂହିରୀ—ପ୍ରାଦେ (ବଙ୍ଗଳିରଘାଟଣା) ବ—ଖଇର ବାଶନନିର୍ମିତ ଝିଙ୍କା— Simhirī The bamboo-made pan of a banghy.

ସିଂହୀ—ସଂ, ବ. ସ୍ତ୍ରୀ (ସଂହ + ସ୍ତ୍ରୀ ଇ) —୧ । ମାଈ ସିଂହ; ସିଂହ ସ୍ତ୍ରୀ— Simhī Lioness. ୨ । ସଂହିକା; ରାହୁ ମାତା— The mother of Rāhu. ୩ । ବାର୍ତ୍ତାକୀ; ବାଇଗଣ (ଅମର)—3. Brinjal. ୪ । କଣ୍ଟକାରୀ (ଅମର) ଅର୍କ ବୃକ୍ଷ—4. Solanum Anthocarpum. ୫ । ବୃହତୀ; ବଡ଼ାକଣ୍ଟି ଲଟାବେଁକୋଳ (ବଙ୍ଗ)—5. Solanum Indicum. ୬ । ବାସକ; ବାସଙ୍ଗ ଗଛ (ଅମରକୋଷ)—6. The Vasaka tree. ୭। ମୂଦ୍ଗପର୍ଣ୍ଣୀ (ଗୁଜରାଟଘଣ୍ଟ)— 7. A kind of wild creeper; Phaseolus Trilobus.

ସିଂହୀଲତା—ସଂ. ବ—ବୃହତୀ (ବୃକ୍ଷବିଶେଷ); ଲଟାବେଁକୋଳ— Simhī latā Solanum Indicum.

ସିଂହୁଣୀ—ଦେ. ବ. ସ୍ତ୍ରୀ (ସଂ. ସିଂହୀ) —ମାଈ ସିଂହ— Simhuṇī ସିଂହିନୀ, ସିଂହୀ ସିଁହନୀ Lioness.

ସିଁ—ଦେ. ଅ (ଧ୍ୱନ୍ୟର୍ଥକ)—ଅନୁନାସିକ ସେଁ ସେଁ ଶବ୍ଦ— Siñ ସୁଁ ଇସୁଁ ଇସୁଁ ସୋଁ Nasal hissing sound. (ସିଁଚ, ସିଁଝ, ସିଁ—ଅନ୍ୟରୂପ)

Digitized by srujanika@gmail.com

ସିଅଁ—ଦେ. ଅ (ଧ୍ୱନ୍ୟର୍ଥକ)—ସିଅଁ (ଦେଶ)
Siañ Siañ. (See)

ସିଅଁ(ଏଁ)ଇବା—ଦେ. କି—ସିଅଁଇବା (ଦେଶ)
Siañ(eñ)ibā Siāñibā. (See)

ସିଅଣ(ଣା)—ଦେ. ବଣ—ସିଆଣ (ଦେଶ)
Siāṇa(ṇā) Siāṇa. (See)
[ସିଅଣିଆ—ଅନ୍ୟରୂପ]

ସିଆଁ ସେଁଇଁ—ଦେ. ବ—ସିଆଁ ସିଇଁ (ଦେଶ)
Siañ señiñ Siāñ'si-iñ. (See)

ସିଇଁବା—ଦେ. କି—ସିଇବା (ଦେଶ)
Siñibā Si-ibā. (See)

ସିଉଁ(ଉଁ)ତା—ଦେ. ବ (ସଂ. ସୀମନ୍ତ)—ସିଉନ୍ତା (ଦେଶ)
Siñu(uñ)tā Siuntā. (See)
[ସିଉନ୍ତା—ଅନ୍ୟରୂପ]

ସିଉଁଣ୍ଟି(ଥି)—ଦେ. ବ (ସଂ. ସୀମନ୍ତ)—ସିଉନ୍ତି (ଦେଶ)
Siñuñti(thi) Siunti. (See)
[ସିଉନ୍ତୁ(ଙ୍ଗି)—ଅନ୍ୟରୂପ]

ସିଉଁଣ୍ଟିଆ—ଗ୍ରାଦେ (ସମ୍ବଲପୁର)—ସିଉନ୍ତିଆ (ଦେଶ)
Siñuñtiā Siuntiā. (See)
[ସିଉନ୍ତିଆ—ଅନ୍ୟରୂପ]

ସିଁକେର—ଦ୍ରାଦେ (ଲରିଆ) ବ—ସିଙ୍ଘାଣି—
Siñker The mucus of the nose.

ସିଁଗ୍(ଘ୍,ଭ୍)ରା—ଗ୍ରାଦେ (ସମ୍ବଲପୁର) ବ—ସିଂଗ୍ରା (ଦେଶ)
Siñg(gh,bh)-rā Siṁg-rā. (See)

ସିଁଗ(ଗି)ଲ୍—ଦ୍ୱେଦେ. ବ ଓ ବଣ—ସିଂଗଲ୍ (ଦେଶ)
Siñga(gi)l Siṁgal. (See)

ସିଁଗା(ଘା)ଣି (ଇତ୍ୟାଦି)—ଦେ. ବ—ସିଂଗାଣି ଇତ୍ୟାଦି (ଦେଶ)
Siñgā(ghā)ṇi (etc) Siṁgāṇi etc. (See)

ସିଁଗା(ଘା)ଣିଆ—ଦେ. ବଣ. ପୁଂ—ସିଂଗାଣିଆ (ଦେଶ)
Siñgā(ghā)ṇiā Siṁgāṇiā. (See)
(ସିଁଗା[ଘା]ଣେଣ୍ଡି—ସ୍ତ୍ରୀ)

ସିଁଗା(ଘା)ପୁର—ଦେ. ବ—ସିଙ୍ଗାପୁର (ଦେଶ)
Siñgā(ghā)pura Siṁgāpura. (See)

ସିଁଗେ(ଘେ)ଇ (ଇତ୍ୟାଦି)—ଦେ. ବ—ସିଂଗେଇ ଇତ୍ୟାଦି (ଦେଶ)
Siñge(ghe)ī (etc) Siṁgeī etc. (See)

ସିଁଘ (ଇତ୍ୟାଦି)—ଗ୍ରା. ବ (ସଂ. ସିଂହ)—ସିଂହ ଇତ୍ୟାଦି (ଦେଶ)
Siñgha (etc) Siṁha etc. (See)

ସିଁଘଳ—ଗ୍ରା. ବ—ସିଂହଳ (ଦେଶ)
Siñghala Siṁhala. (See)

ସିଁଘଳୀ—ଗ୍ରା. ବ—ସିଂହଳୀ (ଦେଶ)
Siñghalī Siṁhalī. (See)

ସିଁଘାରିବା—ଦେ. କି—ସିଂଘାରିବା (ଦେଶ)
Siñghāribā Siṁghāribā. (See)

ସିଁଘାରି ହେବା—ଦେ. କି—ସିଂଘାରି ହେବା (ଦେଶ)
Siñghāri hebā Siṁghāri hebā. (See)

ସିଁଘାଳ—ଗ୍ରାଦେ. (ଶବରଥଳ) ବ—ସିଂଘାଳ (ଦେଶ)
Siñghāla Siṁghāla. (See)

ସିଁଚ—ଦେ. ବ ଓ ବଣ (ସଂ. ସିଚ୍ ଧାତୁ)—ସିଞ୍ଚା (ଦେଶ)
Siñchā Siṁchā. (See)

ସିଁଚ୍(ଚେ)ଇବା—ଦେ. କି—ସିଞ୍ଚାଇବା (ଦେଶ)
Siñchā(che)ibā Siṁchāibā (See)

ସିଁଚିବା—ଦେ. କି (ସଂ. ସିଚ୍ ଧାତୁ)—ସିଞ୍ଚିବା (ଦେଶ)
Siñchibā Siṁchibā. (See)

ସିଁଡ଼(ଡ଼ି)—ଗ୍ରା. ବ (ସଂ. ଶ୍ରେଣୀ)—ସିଡ଼ି (ଦେଶ)
Siñrḍi(rḍhi) Siṛḍi. (See)

ସିଁଥି(ଥି)—ଦେ.ବ (ସଂ. ସୀମନ୍ତ)—୧ । ସ୍ପୃଷ୍ଟା; ସୀମନ୍ତ—1.Parting
Siñti(thi) of the hair over the brow. ୨ । ସୀମନ୍ତର
ସିଁଥୀ ସିତଥ ଅଲଙ୍କାରବିଶେଷ—2. An ornament
ସିଁଥୀ ମାଙ୍ଗଟୀକା for the hair of the forehead.

ସିଁଦି(ଧି) (ଇତ୍ୟାଦି)—ଦେ. ବ (ସଂ. ସନ୍ଧି)—ସିନ୍ଧି ଇତ୍ୟାଦି (ଦେଶ)
Siñdi(dhi) (etc) Siṁdi etc. (See)

ସିଁଦି(ଧି)ଆ—ଦେ. ବ—ସିନ୍ଧି(ନ୍ଧି)ଆ (ଦେଶ)
Siñdi(dhi)ā Siṁdi(ndhi)ā. (See)

ସିଁଦି(ଧି)ଆର(ଲ)—ଦେ. ବ—ସିନ୍ଧିଆର (ଦେଶ)
Siñdi(dhi)ārā(la) Siṁdiārā. (See)

ସିଁଦୁ(ଧୁ)—ଗ୍ରା. ବ [କାମ] [ସଂ. ସିନ୍ଧୁ]—ସିନ୍ଦୁ (ଦେଶ)
Siñdu(dhu) Siṁdu. (See)

ସିଁଦୁ(ଧୁ)କ—ଗ୍ରା. ବ—ସିନ୍ଦୁକ (ଦେଶ)
Siñdu(dhu)ka Siṁduka. (See)

ସିଁଦୂର—ଗ୍ରା. ବ—ସିନ୍ଦୂର (ଦେଶ)
Siñdūra Siṁdūra. (See)

ସିଁଦୂରି—ଖ୍ରା. ବ ଓ ବଣ—ସିନ୍ଦୂରି (ଦେଶ)
Siñdūri Siṁdūri. (See)

ସିଁଦୂରିଆ—ଗ୍ରା. ବଣ—ସିନ୍ଦୂରିଆ (ଦେଶ)
Siñdūriā Siṁdūriā. (See)

ସିଁସା—ଦେ. ବ—(ସଂ. ସୀସକ —ସିଂସା (ଦେଶ)
Siñsā Siṁsā. (See)

ସିଁହ (ଇତ୍ୟାଦି)—ଗ୍ରା. ବ (ସଂ. ସିଂହ)—ସିଂହ ଇତ୍ୟାଦି [ଦେଶ]
Siñha (etc) Siṁha etc. [See]

ସିକ୍ (ଧାତୁ)—ସଂ.—ଗମନ କରିବା; ଗତି କରିବା—
Sik (root) To go; to move.

ସିକ୍—ସଂ. ବଣ [ସିଚ୍, ଧାତୁ=ଛିଞ୍ଚିବା+କର୍ତ୍ତୃ. କ୍ୱିପ୍]—ସେଚନ-
Sik କାର୍ଯ୍ୟ—Sprinkling ଦ୍ୱୈଦେ. ବ ଫା. ସିକ୍]—
[ସିକ୍ତ—ଅନ୍ୟରୂପ] ୧ । ଲୁଡ଼ାର ଛଡ଼—1. Iron rod. ୨ ।
ପୁରୁଣାକାଳିଆ ସରୁ ନଳିଆ ବନ୍ଦୁକ—2. An old-
fashioned narrow-barelled gun.

Digitized by srujanika@gmail.com

ସିକ୍‌ମୀ—ବୈଦେ. ବ [ଫା]—ଅଧୀନ ପ୍ରଜାର ଅଧିକାର—
Sik-mī Subordinate interest; an under
ସୀକୀମୀ **सिकमी** tenure. ବୈଦେ.
ବଣ—ଜମିଦାର ବା ସ୍ୱତ୍ୱାଧିକାରୀର ଅଧୀନ—
Subordinate; sub (tenant); holding a
subordinate tenure. [ଯଥା—ସୀକ୍‌ମୀ ଜମିଦାର୍‌; ସିକ୍‌ମୀ ରଇତ ।]

ସିକ୍‌ମୀ ଗଉନ୍ତିଆ—ଫ୍ରାଦେ [ସମ୍ବଲପୁର] ବ—ଗଉନ୍ତିଆ ଥିବା ଗ୍ରାମର
Sik-mī gauntiā ଜମିଦାରଙ୍କର ସ୍ୱତ୍ୱାଧିକାରୀ ବ୍ୟକ୍ତି (ସମ୍ବଲପୁର
ମାନ୍ୟାଲ୍—୧୯୨୮)—Sub proprietor of lands
in a gaontiali village.

ସିକ୍‌ମୀ ଜମିଦାର୍‌ୀ—ଦେ. ବ—ଜମିଦାର୍‌ୀର ଅଧୀନ ଜମିଦାର୍‌ୀ—
Sik-mī jamidārī A Sikmi Zamidndari.
(ସିକ୍‌ମୀ ସାଦ୍ଦାଲ—ଅନ୍ୟରୂପ)
ସୀକମୀ ଜମୀଦାରୀ **सिकमी जमिदारी**

ସିକ୍‌ମୀ ପଟା(ଟ୍ଟା)— ଦେ. ବ—ସଚ୍ଚମ୍‌ ରଇତକୁ ଦଆଯିବା ପଟ୍ଟା—
Sik-mī paṭā(ṭṭā) A sub lease.
ସୀକମୀ ପାଟା **सकमी पटा**

ସିକ୍‌ମୀ ପ୍ରଜା—ଦେ. ବ—ରଇତର ଅଧୀନ ରଇତ—A sub-lesee;
Sik-mī prajā a sub-tenaut; an under-tenant.
[ସିକ୍‌ମୀ ରଇ(ଏ,ୟ)ତ—ଅନ୍ୟରୂପ]
ସୀକମୀ ରାୟତ **सिकमी प्रजा**

ସିକ୍‌ମୀଦାର୍‌—ବୈଦେ. ବ—ସ୍ୱତ୍ୱାଧିକାରୀର ବା ରଇତର ଅଧୀନ
Sik-mīdār ସ୍ୱତ୍ୱାଧିକାରୀ—Holder of a sub-
ordinate interest; a sub-lessee-
ସୀକମୀଦାର **सिकमीदार**

ସିକ୍‌ଲା(ଲି)—ଫ୍ରାଦେ (ଜଡ଼ଅଳ) ବ - ଶିକୁଳି—
Sik-lā(li) [ସିକୁଲ୍‌—ଅନ୍ୟରୂପ] Chain.

ସିକ—ଦେ. ବ [କଣିଆ ଶବ୍ଦ]—ଭାରତୀୟ କାମର ଅଳଙ୍କାରସ୍ତ୍ରଉତ୍ତରେ
Sika ଯେଉଁ ତାରକୁ ପ୍ରଧାନ କରି ତାହାର ବଳରେ
ଅନ୍ୟାନ୍ୟ ଅଂଶ ଗଢ଼ା ହୁଏ—The main wire
from which other finer wires radiate
in a filigree work. ବୈଦେ. ବ (ଫା ସିକ୍‌)
ସିକ୍‌ **पतलालोहेकाछड़** ଲୁହାର ସରୁ ଛଡ—Iron
rod.

ସିକଞ୍ଜା—ବୈଦେ. ବ (ଫା)—କଲା ବହି ଉପରେ ଗୁମ ଦେବାର
Sikañjā ଯନ୍ତ୍ର ବିଶେଷ—An instrument used to
ସିକଂଜା **सिकंजा** press bound books. [ଦ୍ର-
ଏହା ସାହାଯ୍ୟରେ ବହିର ଦାଢ଼ ମଧ୍ୟ କଟା ହୁଏ । ଅଗେ
ଓଡ଼ିଶାରେ ବହି କାଟିବା କାର୍ଯ୍ୟ ଏହାର ଦ୍ୱାରା ସରୁ ସ୍ପେସରେ
ହେଉଥିଲା । ମାତ୍ର ଏବେ କଟା କଳ(Cutting machine) ର ସୂତ୍ର, କଟୋଚାର୍ଯ୍ୟ ସିଜ୍ଞାର ବ୍ୟବହାରରୁ
ପ୍ରାୟଶଃ ଉଠାଇ ଦେଲଣି ।]

ସିକତା—ଫ. ବ (ସିକ୍‌ ଧାତୁ=ଛଡ଼ିବା+କର୍ମ ଅତ+ଅ)—୧ ।
Sikatā ବାଲୁକା; ବାଲି (ସ୍ୱଳନଗର୍ତ୍ତଶୁ)—1. Sand.
[ଦ୍ର—ଏ ଅର୍ଥରେ ସିକତା ଶବ୍ଦ ସଂସ୍କୃତରେ ନିତ୍ୟ
ବହୁ ବଚନାନ୍ତ] ୨ । ବାଲିଆ ଭୂଇଁ; ବାଲୁକାମୟ,
ଭୂମି (ମେଦଗା)—2. Sandy soil. ୩ । ଶର୍କରା;
କଦ—3. Sugar.

ସିକତାବାନ୍‌—ସଂ. ବଣ (ସିକତା+ଅସ୍ତି ଅର୍ଥରେ ବତ୍‌; ସିକତା
Sikatābān ବତ୍‌ ଶବ୍ଦର ୧ମା. ୧ବ) —ସିକତିଳ; ବାଲୁକା-
(ସିକତାବତ୍ତା—ସ୍ତ୍ରୀ) ମୟ—Sandy; full of sand.

ସିକତାମୟ—ସଂ. ଉଣ—ବାଲୁକାମୟ—Sandy. ସଂ. ବ—
Sikatāmaya ୧ । ବାଲୁକାମୟ ତଟ—1. Sandy
[ସିକତାମୟୀ—ସ୍ତ୍ରୀ] bank ୨ । ଯେଉଁ ଦ୍ୱୀପର ଉପକୂଳ
କେବଳ ବାଲୁକାପୂର୍ଣ୍ଣ—2. An island with
sandy shore.

ସିକତିଳ—ସଂ. ବ (ସିକତା+ସ୍ୱାର୍ଥେ ଇଳ)— ସିକତାମୟ; ବାଲୁକା-
Sikatila ମୟ—Sandy.

ସିକନ୍ଦର୍‌—ଦେ. ବ (ନାମ)—ସେକନ୍ଦର୍‌ (ଦେଖ)—
Sikandar Sekandar (See)
[ସିକନ୍ଦର୍‌ ବଦଖା(ବାଦସାହା)—ଅନ୍ୟରୂପ]

ସିକଲ୍‌—ବୈଦେ. ବ (ଫା; ଶକଲ୍‌; ତୁଳନା ସଂ. ଶିକ୍ଷା)—ମୁହଁର
Sikal ଚେଷ୍ଟେର୍‌—Facile expression; mien;
ଚେହେରା **शकल** bearing.

ସିକଲ୍‌ ଖସି ପଡ଼ିବା—ଦେ. ବ—ମୁହଁର ଚେଷ୍ଟେର୍‌ ବଦଳି ଦେବା;
Sikal khasi pardibā ମୁହଁ ଶୁଖିଯିବା—State of be-
ମୁଖଫ୍ୟାକାସେ ହଓୟା **शकलनीचाहोना** ing browbeaten.
[ସିକଲ୍‌ ଖସିଯିବା—ଅନ୍ୟରୂପ]

ସିକ(କା, ଖ)ସ୍ତ—ବୈଦେ. ବ (ଫା. ସିକସ୍ତ୍‌=ଦୁର୍ଦ୍ଦଶାଗ୍ରସ୍ତ)—
Sika(kā,kha)sta ଭୁଲ ସଂ. ଶୁଷ୍କ) ୧ । କ୍ଷତି—1.Damage
କ୍ଷତି **सिकस्त** ୨ । ବିନାଶ—2. Destruction. ୩ ।
ଭଙ୍ଗ—3. Breaking. ୪ । କ୍ଲାନ୍ତି—4. Weari-
ness. ବୈଦେ. ବଣ—୧ । କ୍ଷତିଗ୍ରସ୍ତ—1.Damag-
କ୍ଷତିଗ୍ରସ୍ତ **सिकस्त** ed. ୨ । ଭଗ୍ନ—2. Broken.
୩ । ବିନଷ୍ଟ—3. Destroyed. ୪ । ଶୁଷ୍କ—
4. Dried up; withered. ୫ । ଦୁରବସ୍ଥାପ୍ରାପ୍ତ—
5. Reduced to bad or wretched condi-
tion. ୬ । କ୍ଲାନ୍ତ; ଶ୍ରାନ୍ତ—6. Pulled down;
fatigued. ୭ । ବିମର୍ଷ—7. Sorrowfult. ୮ ।
ଖଣ୍ଡିଶୀର୍ଣ୍ଣ—8. Emaciated; lean.

ସିକ(କା)ସ୍ତ୍ରପ (ପା)ଇଚ୍ଛ(ଆ)ସ୍ତ—ବୈଦେ.ବଣ (ବତ୍ତଇଅ) (ଫା)—
Sika(kā)stpa(pā)iua(ā)st ଯେଉଁ ଭୂମି ଜଳ
ସିକସ୍ତପାଇବସ୍ତ **सिकस्तपैबस्त** ବଢ଼ିରେ ଧୋଇ ଦୋଇଯାଏ
[ସିକ(ବ)ସ୍ତ୍ର ପ(ପା)ଇବ୍ତସ୍ତ୍ର—ଅନ୍ୟରୂପ] କମ୍ବା ଯେଉଁ ଜମି
ଜଳ ଶୋଇଯାଇ ଥିବାରୁ ନଷ୍ଟ ହୋଇଥାଏ—(Land)

Digitized by srujanika@gmail.com

Damaged by erosion by the flood of a river; diluvian. [ଦ୍ର—ନଦୀର ଜଉସୂ କୂଳରେ ଥିବା ଜମିର ଜମିଦାରମାନଙ୍କ ମଧ୍ୟରେ ଏକ ଅକୂଳର ଜମିକୁ ନଦୀଗର୍ଭ ଖାଇପିବା ଓ ଅନ୍ୟ କୂଳରେ ତଡା ପଡ଼ିପିବା ଯୋଗୁ ଯେଉଁ ବିବାଦ ଘଟେ ତାହା ମୀମାଂସା କରିବାକୁ ଗଭର୍ଣ୍ଣମେଣ୍ଟ କେତେଗୁଡ଼ିଏ ଆଇନ୍ ବନ୍ଧାଇଛନ୍ତି ।]

ସିକ(କା)ସ୍ତି—ବୈଦେ· ବ (ଫା)—୧। କ୍ଷତଗ୍ରସ୍ତ ଅବସ୍ଥା—1. Sika(kā)sti Damaged condition. ୨। ଦୁର୍ଦ୍ଦଶା-କ୍ଷତି ସକସ୍ତୀ ଗ୍ରସ୍ତ ଅବସ୍ଥା—2. Wretched state. [ସିକ(କା)ସ୍ତିଅ—ଅନ୍ୟରୂପ] ବୈଦେ· ବଣ ୧। କ୍ଷତଗ୍ରସ୍ତ; କ୍ଷତିଗ୍ରସ୍ତ ସିକସ୍ତ ବନଷ୍ଟ—1. Damaged; ruined. ୨। ଟାଣୁ—2. Pulled down; fatigued; wearied. ୩। ବମର୍ଦ୍ଦ—3· Sorrowful. ୪। ଦୁରବସ୍ଥା ପ୍ରାପ୍ତ—4. Reduced to wretched condition.

ସିକସ୍ତି ଜମି—ବୈଦେ. ବ—ନଈବଢ଼ି ଦ୍ୱାରା ଖାଇଯାଇଥିବା ବା ବାଲି ସାଢ଼ିଯାଇ ନଷ୍ଟ ହୋଇ ଯାଇଥିବା ଜମି—Sikasti jami ସିକସ୍ତିଜମି सिकस्तीजमीन Land damaged by allu vion and diluviou.

ସିକା—ବୈଦେ. ବ—ସିକ୍କା (ଦେଖ)—Sikā (ସିକାଃକ୍କା—ଅନ୍ୟରୂପ) Sikkā (See)

ସିକା(ଇତ୍ୟାଦି)—ଦେ· ବ—(ସଂ. ସିକ୍ୟ ବା ଶିକ୍ୟ) —ଶିକା ଇତ୍ୟାଦି Sikā (etc) ଦେଖ)—Sikā etc (See)

ସିକାଏ(ୟ,ୟେ)ତ—ବୈଦେ. ବ (ଅ. ସିକାୟତ୍)—ଅଭିଯୋଗ—Sikāe(ya,ye)t 1. Complaint. ୨। ଦୋଷାରୋପ—ଶିକାୟତ୍ ଶିକାୟତ 2. Laying of a charge against a person. ୩। ନିନ୍ଦା—3. Blame. ୪। ଚୁଗୁଲି—4. Backbiting.

ସିକାଏ(ୟ,ୟେ)ତି—ଦେ. ବଣ—ସିକାଏତ୍ ସମ୍ବନ୍ଧୀୟ—Sikā(ya, ye)ti Relating to complaint. ଶିକାୟତୀ शिकायती

ସିକାୟା—ଦେ· ବ (ସଂ. ଅରଷ୍ଟକ)—ବରୁଣ ଜାତୀୟ ଏକ ଜଙ୍ଗଲୀ ଗଛ—Sikāyā Sapindus Mukorissi. [ଦ୍ର—ଛୋଟରିଠା କୋଚୀ, सीकाकइ, वनरिठा ଏହା ଥୁବ୍ ଓ ଦକ୍ଷିଣ ଭାରତରେ ବଣରେ ଜନ୍ମେ । ଏଥିର ତେଲ ଓ ଯଜ ଔଷଧରେ ଲଗେ; ଚୁଟି ତେଅଣା ଓ ଛତୁଳ ଘର ପୋଛି-ବାରୁ; ଭଣ୍ଡି ମଧ୍ୟରେ ତେଅଣା ମଜ୍ଜି ଥାଏ । ଏହା ଚୁଇଁକୁ ବାଟି ମାଇପେ ମୁଣ୍ଡରେ ଲଗାଇ ବାଳ ଧୋଇ ବାଳରୁ ମଇଳ ସଫା କରନ୍ତି । ଏହାକୁ ଗଞ୍ଜାମରେ 'ବଡ଼ଫଳ' କହନ୍ତି ।]

ସିକି—ଦେ· ଅ (ଜଣେସ୍ୱାର୍ଥକ)—ସିନା; ବଟେ; ଃ; ହଁ—Siki Certainly. [ଉ—ସାରକୁ ସାର ସିକି ରସା କର ଏ ଘାରେ, ପ୍ରାକୃତ ଲୋକଠାରେ ସମ୍ଭବ ନ ଘାରେ । କୃଷ୍ଣସିଂହ. ହି ମହାଭାରତ. ଦ୍ରୋଣ ।]

ସିକ(କ୍କି)ମ୍—ଦେ. ବ(ନାମ)—ନେପାଳ ଓ ଭୁଟାନର ମଧ୍ୟବର୍ତ୍ତୀ ସ୍ୱାଧୀନ ସିକିମ୍ State between Nepal and Bhutan. Sik(kki)im ବ୍ରହ୍ମ ବଙ୍ଗେଷ—Name of a feudatory सिक्किम

ସିକମ୍(ମି) (ଇତ୍ୟାଦି) —ବେଦେ. ବ ଓ ବଣ—ସିକ୍ମୀ ଇତ୍ୟାଦି Sikim(mi) (etc) (ଦେଖ)—Sik-mī etc. (See)

ସିକୁନ୍—ପ୍ରାଦେ. (ଶବ୍ଦଅଳ) ବ—ବାଉଁଶ ଖଣ୍ଡକା; ବାଉଁଶ ଚଟ୍ଟ Sikun ଦୋଇ ଉଅଣ ଦେବା ସରୁ ବାଟି—Long narrow sticks made out of bamboo lathis.

ସିକେ(ଖେ)ନ—ପ୍ରାଦେ· (ଶବ୍ଦଅଳ) ବଣ—୧। ମଣ ଦେଉଥିବା(ଷଣ୍ଢ) Sike(khe)n 1. Under training. —୨। ଅନ୍ୟଠାରୁ ଶିକ୍ଷା ଦ୍ୱାରା ପ୍ରାପ୍ତ(ବୁଦ୍ଧି)—2. Got from the teaching of another.

ସିକେ(ଖେ)ନ ବଚ୍ଚା—ପ୍ରାଦେ. (ଶବ୍ଦଅଳ) ବ—ମଣ ଦେଉଥିବା Sike(khe)n bachhā ବାମୁଣ୍ଡ—A young ox which is being trained to draw plough or cart. [ଦ୍ର—ଜନ୍ମଠାରୁ ୩।୪ ମାସ ଯାଏ ବାଛୁରୀକୁ ଲୁଣ ବଚ୍ଚ, ଦୁଧ ପିଉଥିବା ଯାଏଁ—ପିଅବଚ୍ଚ, ଦୁଧ ଛାଡ଼ିବା ପରେ—ଛଡ଼ା ବଚ୍ଚା; ମଣ ଦେଉଥିବା ସମୟରେ ସିକେନ୍ ବଚ୍ଚା, ମଣ ଦେବାର ଏକ ବର୍ଷ ପରେ ବାହୁଁବଚ୍ଚା, ଉତ୍ତରେ ବଳଦ କହନ୍ତି ।]

ସିକେନ୍ ବୁଇଦ୍(ବୁଧି)—ପ୍ରାଦେ. (ଶବ୍ଦଅଳ) ବ—ଅନ୍ୟଠାରୁ ଶିକ୍ଷା Siken buid(budhi) ପାଇଥିବା ବୁଦ୍ଧି; ଶିଖେଇ ଦେଇ ବୁଦ୍ଧି —Intelligence due to the tutoring of another person.

ସିକେନ୍ ବୁଧିଆ—ପ୍ରାଦେ. (ଶବ୍ଦଅଳ) ବଣ—ଯେଉଁ ବ୍ୟକ୍ତି ଅନ୍ୟର Siken budhiā କଥାରେ ଚଳେ—A person who acts according to the tutoring of another.

ସିକ୍କ—ବୈଦେ· ବ—ସିକ୍ (ଦେଖ) Sikka Sik (See)

ସିକ୍କା—ବୈଦେ. ବ (ଅ. ସିକ୍କା=ମୁଦ୍ରା; ମୋହର; ଛାପ)—ମୋଗଲ ବାଦସାହାଙ୍କ ଅମଳରେ ଭାରତରେ ଚଳୁଥିବା (ସିକ୍କା ଟଙ୍କା—ଅନ୍ୟରୂପ) ରୌପ୍ୟ ମୁଦ୍ରା; ଗେଡ଼ ଟଙ୍କା (ଏହା ସିକ୍କା, ସିକା ଟାକା ଅକାରରେ ଅଧୁନିକ ଟଙ୍କାଠାରୁ ଛୋଟ, କିନ୍ତୁ ସିକ୍କା ଓଜନରେ ବେଶୀ ଏବଂ ଏଥିରେ ଅଧୁନିକ ଟଙ୍କା ଅପେକ୍ଷା ଖାଦ କମ ଥିଲ)—Silver coin current in India during the Moghul reign. [ଦ୍ର—୧୮୦୯ ମସିହାରେ ବ୍ରିଟିଶ୍ ସରକାର ଅରମ୍ଭ ହେବାରୁ ସିକ୍କା ଏକ ଟଙ୍କାର ମୂଲ୍ୟ ୪ ଚାହାଣ ଚଳନ୍ତି ସ୍ଥିର ହେଲ । ଉଦାହରଣ. ପ୍ରାଚୀନ. ଜହ୍ନଲ—୧୦୦ ସିକ୍କା. ଟଙ୍କା=ଅଧୁନିକ ଃ ୧୦୭।୪/୬ଏ ପାଇ ।]

Digitized by srujanika@gmail.com

ସିକ୍ତ—ବ. ବଣ (ସିଚ୍ ଧାତୁ=ଛଡ଼ା+କର୍ମ. ତ)—୧। ପାଣି ଛଡ଼ା
Sikta ପାଇଥିବା—1. Sprinkled with water.
୨। ଆର୍ଦ୍ରୀଭୂତ—2. Moistened.

ସିକ୍ଥ—ବ. ବ (ସିଚ୍ ଧାତୁ+କର୍ତ୍ତୃ. ଥ)—୧। ମହୁଚୁଟି; ମହୁଣ
Siktha (ମହୁଗ)—1. Bees wax. ୨। ଗଜୀ (ଦ୍ରବ୍ୟଚତ୍ତ)-
2. The Indigo plant. ୩। ଭୁକୁଡୁଲାଢ; ଗ୍ରାସ;
ଅନ୍ନର ଏକ ଗ୍ରାସ (ମହୁଗ)—3. One mouthful
of food.

ସିକ୍ଥକ—ବ. ବ (ସିକ୍ଥ+ସ୍ୱାର୍ଥେ. କ)—ମହୁଚୁଟି; ମହୁଣ—
Sikthaka Bees wax.

ସିକ୍ମୀ (ଇତ୍ୟାଦି)—ବୈଦେ. ବ ଓ ବଣ—ସିକ୍ମୀ ଇତ୍ୟାଦି (ଦେଖ)
Sikmī (etc) Sik-mī etc. (See)

ସିକ୍ୟ(କ୍ୟା)—ବ. ବ (ସିକ୍ ଧାତୁ=ଗମନ କରିବା+କର୍ତ୍ତୃ. ଯ;
Sikya(kyā) +ଆ)—ଶିକା (ଦେଖ)—Śikā
(See)

ସିକ୍ୟତ—ବ. ବଣ (ସିକ୍ୟ+ଇତ)—ଶିକାରେ ରଖା ଯାଇଥିବା (ବସ୍ତୁ)
Sikyita —(anything) Kept in a 'Sikā.'

ସିକ୍ଷ୍ୟ—ବ. ବ—ସ୍ଫଟିକ (ଶବ୍ଦ କଳ୍ପଦ୍ରୁମ)—
Sikshya Quartz.

ସିଖ୍ (ଇତ୍ୟାଦି)—ଦେ. ବ—ଶିଖ୍ ଇତ୍ୟାଦି (ଦେଖ)—
Sikh (etc) Śikh etc. (See)

ସିଖର(ରି)ଣୀ—ଦେ. ବ (ସ. ଶିଖରିଣୀ)—ଶିଖରିଣୀ ୩ (ଦେଖ)—
Sikhara(ri)ṇī Śikhariṇī (See)

ସିଖା—ଦେ. ବ (ସ. ଶିକ୍ଷା; ଗା. ସିକ୍ଖା)—୧। ଶିକ୍ଷା—
Sikhā 1. Learning. ୨। ଶିଖା(ଦ୍ଧା)ଇବା; ଉତ୍ତେଜିତ
ଶେଖା **ସିଖା** କରିବା—2. Instigating. ୩। ଅଧ୍ୟାପନା—
3. Teaching; tutoring. ଦେ. ବଣ—୧। ଶିକ୍ଷା
ଉତ୍ତେଜିତ ପ୍ରାପ୍ତ—1. Taught; tutored, ୨। ଉତ୍ତେଜିତ—
ସିକ୍ଷିତ 2. Instigated. ୩। ଯେ ଅନ୍ୟଠାରୁ ଶିକ୍ଷା କରେ
—3. Learning from another. [ଉ—ଦେଖା
ସିଖା ଓଡ଼ିଶା—ଭର।]

ସିଖ୍ରି—ପ୍ରାଦେ. (ଲଗଅ) ବ ଓ ବଣ—ଅଇଁଠା—
Sikhri Leaving of another's food.

ସିଗ୍—ପ୍ରାଦେ. (ଲଗଅ) ବ—କୌଣସି ପଦାର୍ଥର ଅଗ୍ରଭାଗ—
Sig The top part of anything.

ସିଗ୍(ଗା)ରେଟ୍—ବୈଦେ. ବ (ଇଂ. ସିଗାରେଟ୍)—ଏକ ଜାତୀୟ
Sig-(gā)reṭ ଛୋଟ ସିକା—Cigarette.
(ସିଗ୍ରେଟ୍—ଅନ୍ୟରୂପ) ସିଗାରେଟ୍ **ସିଗରେଟ**

ସିଗଲ୍—ବୈଦେ. ବ (ଇଂ. ସିଗଲ୍)—ସମୁଦ୍ର ଉପରେ ଭସିବା ଓ
Sigal ଉଡ଼ିବା ଏକ ପ୍ରକାର ଛୋଟ ଚଢ଼େଇ—Sea-gull.
ସିଗଲ୍ **ସିଗଲ**

ସିଗା—ପ୍ରାଦେ. (ବଲଙ୍ଗିର ପାହାଡ଼ିଆ) ବଣ—ବଡ଼—
Sigā Large.

ସିଗାର୍—ବୈଦେ, ବଣ (ଇଂ. ସିଗାର୍)—ସିକା—
Sigār ସିଗାର **ସିଗାର** Cigar.

ସିଗାର୍ ଟ୍ରେ—ବୈଦେ, ବ (ଇଂ)—ସିକା ରଖିବା ଥାଳଅ—
Sigār ṭre Cigar-tray.
ସିଗାରଟ୍ରେ **ସିଗାର ଟ୍ରେ**

ସିଗିର୍ ବଗିର୍—ପ୍ରାଦେ (ସମ୍ବଲପୁର) ବଣ—ସାଲୁ ସାଲୁ (ଦେଖ)
Sigir bigir Sālu sālu. (See)

ସିଗ୍ନାଲ୍—ବୈଦେ. ବ (ଇଂ. ସିଗ୍ନାଲ୍)—ଷ୍ଟେସନକୁ ରେଲଗାଡ଼
Signāl ଆସିବା ଦୂରରୁ ଜଣା ଗାଡ଼ର ଆଗମନଠାରୁ ପୂର୍ବ-
ସିଗନାଲ **ସିଗନଲ** ସଙ୍କେତ—Signal given of an
incoming train.

ସିଗ୍ନାଲର୍—ବୈଦେ. ବ (ଇଂ. ସିଗ୍ନାଲର୍)—୧। ସଙ୍କେତଦାତା;
Signālar ଯେ ସଙ୍କେତ ଦଏ—1. Signaller, ୨। ରେଲ
ସିଗ୍ନାଲର ଗାଡ଼ର ସିଗନାଲ୍ ଦେଖାଇବା ଲୁର ଯେଉଁ କର୍ମଚାରୀ
ସିଗନଲର ବା ରକ୍ଷୀ ଉପରେ ଥାଏ—2. Signal man.
(ସିଗ୍ନଲ୍ ମାନ୍—ଅନ୍ୟରୂପ) ୩। ଟେଲିଗ୍ରାଫ ଦ୍ୱାରା ଖବର ପଠାଇବା
କର୍ମଚାରୀ—3. The operator of a Telegraph
Office.

ସିଗ୍ରି—ପ୍ରାଦେ (ଲଗଅ) ବ—ପିଠା ବିଶେଷ—
Sigri A kind of cake.

ସିଙ୍କ୍ରା—ପ୍ରାଦେ (ବସ୍ତର) ବ—ଶିକୁଳି—
Siṅkrā A chain.

ସିଙ୍କୋନା—ବୈଦେ. ବ (ଇଂ. ସିନ୍‌କୋନା)—ଅଚ୍ଛାଦ ବର୍ଗର
Siṅkonā ଅମେରିକାଦେଶୀୟ ଗଛ—Cinchona. [ଦ୍ର—
ସିଙ୍କୋନା ବାଲିୟାନ ବଙ୍ଗର ବାର୍ଜିଲିଙ୍ଗ୍ ଓ ମାଦ୍ରାଜର ନୀଲଗିରି
ସିନକୋନା ପାହାଡ଼ରେ ଲେଣ୍ଡସେଙ୍କ ଦ୍ୱାରା ଏହାର ଗୁପ୍ତ
ଦେଇଅଛୁ । ଏହି ଗଛର ଛେଲ ପାଣିରେ ଭଜାଇଲେ
ସେଥିରୁ ଏକପ୍ରକାର ସତ୍ତ ବାହାରେ । ସେ ସତ୍ତକୁ
ଶୁଖାଇଲେ ତାହା ଅପାଣ୍ଡୁର ଚୂର୍ଣ୍ଣରେ ପରିଣତ ହୁଏ ।
ତାହାକୁ 'ସିଙ୍କୋନା' ବା କୁଇନାଇନ୍ କୋଇପାରେ ।
ଏହା ଜ୍ୱରଘ୍ନ ଔଷଧ; ବଳ୍ପ ଏହା ଖାଇଲେ ବାନ୍ତି
ଦେଖାଏ; ବେଶୀ ମାତ୍ରାରେ ଏହା ସେବନ ଭଲେ
ଦୁର୍ବଳତା ବଢ଼େ ଓ କାନରେ ଝାଇଁ ଝାଇଁ ଶବ୍ଦ ଓ
(ସିନ୍‌କୋନା—ଅନ୍ୟରୂପ) ମସ୍ତିଷ୍କର ଅନୁଭୂତି ହୁଏ ।]

ସିଙ୍କୋଲା—ପ୍ରାଦେ (ଗଡ଼ଜାତ) ବ—ଶିକୁଲା ଘାସ (ଦେଖ)
Siṅkolā Śikulā ghās. (See)

ସିଙ୍ଗ୍(ଙ୍ଗ,ଙ୍ଘ)ରା—ପ୍ରାଦେ (ସମ୍ବଲପୁର) ବ—ଶିଂଗ୍ରା (ଦେଖ)
Siṅg(ṅgh,ṅh)-rā Śiṅg-rā. (See)

ସିଙ୍ଗ୍‌ସିଙ୍ଗିଆ—ପ୍ରାଦେ (ପାଟଣାପୁର) ବ—ଝିଙ୍ଗିଶୁଳା; ଉମଉମ—
Siṅg-siṅgia Surly; peevish.
(ଦ୍ର—ସେ ଜଣେ ଲୁର ସିଙ୍ଗ୍‌ସିଙ୍ଗିଆ ଲୋକ ।)

ସିଙ୍ଗ୍(ଙ୍ଘ) (ଉତ୍ପାଦ)—ପ୍ରା.ବ (ସ.ସିଂହ)—ସିଂଗ (ଘ)ଉତ୍ପାଦ(ଦେଖ)
Siṅga(ṅgha) (etc) Śiṅga(gha) etc. (See)

Digitized by srujanika@gmail.com

ସିଙ୍ଗ(ଙ୍ଗି,ଙ୍ଗେ,ଙ୍ଗ,ଙ୍ଗି,ଙ୍ଗେ)ଡ଼ା (ଇତ୍ୟାଦି)—ଦେ. ବ—୧ । ଶିଂଗଡ଼ା Siṅga(ṅgi,ṅge,ṅga,ṅghi,ṅghe)rdā (etc) ଇତ୍ୟାଦି (ଦେଶ)—1. Simgarḍā etc. (See). ୨ । ତାଲଚେରର ନଦୀ ବିଶେଷ—2. Name of a river in the Talcher State of Orissa. (ଉ—ସିଙ୍ଗଡ଼ା ଛିଣ୍ଡା ଧୋତି ଅଟାର ପାତ୍ରରେ । ଜଗନ୍ନାଥ. ମହାଯାତ୍ରା ।)

ସିଙ୍ଗ(ଙ୍ଗି)ଲ୍—ଦେଦେ. ବ ଓ ବଣ—ଶିଂଗଲ୍ (ଦେଶ) Siṅga(ṅgi)l Simgal. (See)

ସିଙ୍ଗା(ଘା)ଣି (ଇତ୍ୟାଦି)—ଦେ. ବ—ଶିଂଗାଣି ଇତ୍ୟାଦି (ଦେଶ) Siṅgā(ṅghā)ṇi (etc) Simgāṇi etc. (See)

ସିଙ୍ଗା(ଘା)ଣିଆ—ଦେ. ବଣ, ସ୍ତ୍ରୀ—ଶିଂଗାଣିଆ (ଦେଶ) Siṅgā(ṅghā)ṇiā Simgāṇiā. (See) (ସିଙ୍ଗା[ଘା]ଣେଇ—ସ୍ତ୍ରୀ)

ସିଙ୍ଗା(ଘା)ପୁର—ଦେ. ବ (ରା ୨)—୧ । ମାଲସ୍ୱ ଉପଦ୍ୱୀପର ଦକ୍ଷିଣ ପ୍ରାନ୍ତରେ ଥିବା ବନ୍ଦର—1. Singa-Siṅgā(ṅghā)pura pore. [ଦ୍ର—ଏହା ମାଲସ୍ୱ ଉପଦ୍ୱୀପର ଦକ୍ଷିଣରେ ଅବସ୍ଥିତ ପୋର୍ତ୍ତୁଗୀଜ ଦ୍ୱୀପ । ୧୮୧୯ ସାଲରେ ସର୍ ଷ୍ଟାମ୍‌ଫୋର୍ଡ଼ ରଫ୍‌ଲ୍‌ସ ଏହାକୁ ବ୍ରିଟିଶ୍‌ସାମ୍ରାଜ୍ୟଭୁକ୍ତ କରିଥିଲେ । ୧୯୬୧ ସାଲରେ ଏଠାରେ ଦୁର୍ଗ ନିର୍ମାଣ କରି ସାର ହୁିର ହେଲା । ସେତେବେଳେ ଏହା ପୋତିଏ ଜଙ୍ଗଲମୟ ସନ୍ଧ୍ୟବନ୍ଧ୍ୟ ସ୍ଥାନ ଥିଲା; କେବଳ ଏଠାରେ ପୋତିଏ ପୁରାତନ କାଳର ପୋତାଶ୍ରୟ ଥିଲା । ବ୍ରିଟିଶ୍ ଇଞ୍ଜିନିଅର୍‌ମାନଙ୍କର ଗୃହୁସ୍ଥ ବର୍ତ୍ତମାନ ଏହାକୁ ଶୁଷ୍କଭୂମି, ପୋତାଶ୍ରୟ, ରାସ୍ତା ଏବଂ ରେଳଷ୍ଟାରେ ପରିଣତ କରିଅଛୁ । ବର୍ତ୍ତମାନ ଏହା ପୃଥିବୀରେ ସର୍ବାପେକ୍ଷା ଦୁର୍ଭେଦ୍ୟ ଦୁର୍ଗସମ୍ପନ୍ନ ଦ୍ୱୀପ । ଏହା ବ୍ରିଟିଶ୍‌ରାଜର ପ୍ରଶାନ୍ତ ମହାସାଗରରେ ସର୍ବପ୍ରଧାନ ନୌବାହିନୀ କେନ୍ଦ୍ର [Naval Base]. ଏହି ନୌକେନ୍ଦ୍ର ନିର୍ମାଣରେ ୧୦୦ ଲକ୍ଷ ପାଉଣ୍ଡ ବା ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଅଛୁ । ଏଥିର ସମ୍ପୃକ୍ତ କୋଠାବାଡ଼ିମାନଙ୍କ ଖର୍ଚ୍ଚ ଦ୍ୱାରା କଲେ ମୋଟ ଖର୍ଚ୍ଚ ଦୁଇକୋଟି ପାଉଣ୍ଡ ବା ୩୦ କୋଟି ଟଙ୍କାରୁ ଅଧିକ ହେବ । ଏଠାରେ ବହୁସଙ୍ଖ୍ୟକ ଯୁଦ୍ଧଜାହାଜ ଏବଂ ଜଳାଜାହାଜ ରହିଅଛୁ । ଅଷ୍ଟ୍ରେଲିଆ,ନ୍ୟୁଜିଲଣ୍ଡ, ହଙ୍କଙ୍ଗ୍ ପ୍ରଭୃତି ଦେଶମାନଙ୍କ ଏବଂ ଚନ୍‌ଦେଶରେ ବ୍ରିଟିଶ୍‌ରାଜର ବହୁଳ ବାଣିଜ୍ୟକୁ ରକ୍ଷା କରିବା ଏହି ନୌକେନ୍ଦ୍ରର ପ୍ରଧାନ ଉଦ୍ଦେଶ୍ୟ ।

ସମର୍ଥଲେଖକ—ଶ୍ରୀ ଜଗନ୍ନାଥ ତ୍ରିପାଠି, ବି. ଏ, ବି. ଟି ।]

୨ । କଟକ ଜିଲ୍ଲାର ମଧୁପୁର ତହସିଲଅନ୍ତର୍ଗତ ଗ୍ରାମବିଶେଷ—2. Name of a village in Cuttack district. [ଦ୍ର—ଏଠାରେ ପଣ୍ଡାଦଣ୍ଡାନ୍ତ ସମୟରେ ଏକମାସବ୍ୟାପୀ ଏକ ପ୍ରକାଣ୍ଡ ମେଳା ହୁଏ । ଓଡ଼ିଶା ବାହାର ଅଞ୍ଚଳମାନଙ୍କରୁ ଅନେକ ବେପାରୀ ଅସି ଏଠାରେ ମାସବ୍ୟାପୀ ଦୋକାନ ରଚନ୍ତି । ନାନା ଦୂର ସ୍ଥାନରୁ ସହସ୍ରାଧିକ ନରନାରୀ ଏହି ମେଳା ଦେଖିବା ପାଇଁ ଭୁଣ୍ଡ ଭୁଣ୍ଡ ।

ସିଙ୍ଗାର୍ ବାର୍ଡ଼ି—ପାଦେ (ବାଲେଶ୍ୱର)—ଦୁଇ ଖଣ୍ଡ ଚଉଡ଼ା ଚାଠ Siṅgār bārḍi ଉପରେ ରହିଥିବା ଛୋଟ ଛୋଟ ଚାଠଖଣ୍ଡ (ଯାହା ଉପରେ ପତ୍ରା ଛତର ଟାଇଲ୍ ବସାଯାଏ); ବରଗା—Pieces of rafter put over two timbers of a roof.

ସିଙ୍ଗାର (ଇତ୍ୟାଦି)—ଦେ. ବ—୧ । ଶିଂଗାର ଇତ୍ୟାଦି (ଦେଶ)—Siṅgāra (etc) 1. Simgāra etc. (See) ୨ । ଭୂଷଣ—ସିଂଗାର 2. Ornament. [ଉ—କ ବସ୍ତ୍ରିର ଭାଡ଼ା ରୂପଶୋଭା, ସିଂଗାର ଅଡ଼ା ବଖାଡ ଯାଉ ସିଙ୍ଗାର । ଜଗନ୍ନାଥ. ଯଯାତି ।]

ସିଙ୍ଗା(ଘା)ରିବା—ଦେ. କି—ସିଂଘାଡ଼ିବା (ଦେଶ) Siṅgā (ṅghā) ribā Simghāribā. (See)

ସିଙ୍ଗା(ଘା)ରି ହେବା—ଦେ. କ୍ରି—ସିଂଘାର ହେବା (ଦେଶ) Siṅgā (ṅghā) ri hebā Simghāri hebā. (See)

ସିଗୁରୁ—ପ୍ରାଦେ (ଗଡ଼ଜାତ) ବ—ଶାଗୁଅନ୍ (ଦେଶ) Siṅguru Sāguān. (See)

ସିଘଣ—ସଂ. ବ (ହନସ୍. ଧାତୁ+କର୍ତ୍ତୃ. ଅନ; ବଧାବଚନ)—ସିଘାଣ Siṅghaṇa (ଶବ୍ଦରତ୍ନାବଳୀ)(ଦେଶ)—Siṅghāṇa. (See)

ସିଘଣାକ—ସ.ବ (ସିଘଣ+ଅକ)—ସିଘାଣ [ଦେଶୀ(ଶବ୍ଦରତ୍ନାବଳୀ) Siṅghaṇāka Siṅghāṇa [See].

ସିଘଳ—ପ୍ରା. ବ—ସିଂଦ୍ରଲ [ଦେଶ]— Siṅghaḷa Simhaḷa [See].

ସିଘଳୀ—ପ୍ରା. ବ.—ସିଂହଳୀ [ଦେଶ] Siṅghaḷī Simhaḷī [See].

ସିଘା—ଦେ. ବ—୧ । ଶିଂଗା (ଦେଶ)—1. Siṅgā (See). Siṅghā ୨ । ଚଲ୍ଲକାରେ ଚଲୁଥିବା ଡଙ୍ଗାର ପାଲକୁ ବା ଉଲେଇକୁ ଅଗ ସଙ୍ଗରେ ଖଟାଇବା ପାଇଁ ବ୍ୟବହୃତ ଦଉଡ଼ି (କଠାରୁ ଛୋଟ)—2. The string which fastens the sail or bamboo matting to the prow of a country boat in the Chilka lake.

ସିଘାଣ—ସ.ବ (ହନସ୍ ଧାତୁ=ନାଶକରିବା+କର୍ତ୍ତୃ ଅନ;ବର୍ତ୍ତମାନକର୍ମ; ବଧାଭଜନ)—ସିଂହାଣ (ଦେଶ)— Siṅghāṇa Simhāṇa [See].

ସିଘାରୀ—ଦେ. ବ—ଗଢ଼ା ବା ଦେବତାଙ୍କ ବେଶକାରୀ— Siṅghārī Dresser; dresser of an idol or a King. ଶିଙ୍ଗାରୀ ସିଂଗାରୀ

ସିଘିଣୀ—ସ. ବ—ନାସିକା (କଳାୟୁଧ)— Siṅghiṇī The nose.

ସିଘୁଣୀ—ପ୍ରା. ବ. ସ୍ତ୍ରୀ—ସିଂଘୁଣୀ (ଦେଶ)— Siṅghuṇī Simhī [See].

(ସିଘ—ସୂଂ)

ସିଚ୍ (ଧାତୁ)—ସ.—୧ । ସେଚନ କରିବା; ଛୁଞ୍ଚିବା— Sich [root] 1. To sprinkle. ୨ । ସିକ୍ତ କରିବା;

Digitized by srujanika@gmail.com

ଓଦା କରିବା—2. To moisten. ୩। ସେକିବା; ଉତ୍ତାପ ପ୍ରୟୋଗ କରିବା—3. To foment; to apply heat.

ସିଚୟ—ସଂ. ବ (ସିଚ୍ ଧାତୁ=ଜଳାଦି ସେଚନ କରିବା + କର୍ମ.ଅଚ୍)—
Sichaya ୧। ବସ୍ତ୍ର (ଡେମରନ୍)—1. Cloth. ୨। ଜୀର୍ଣ୍ଣ ବସ୍ତ୍ର (ଛିଣ୍ଡାଖଣ୍ଡ ଶେଷ)—2. Torn cloth; rag.

ସିଜର୍—ଦେ. ବ (ନାମ) (ଇଂ. ସିଜାର୍)—ପ୍ରାଚୀନ ରୋମ୍ ସାମ୍ରାଜ୍ୟର
Sijar ସୀଜର୍ ସିରଜ ଜନୈକ ରାଜା—Caesar.
[ଦ୍ର—ଏହାଙ୍କର ପୂର୍ଣ୍ଣ ନାମ ଜୁଲିଅସ୍ ସିଜର୍ (Julius Caesar)। ଜନ୍ମ ଖ୍ରୀ: ପୂ: ୧୦୦ ଅବ୍ଦ । ବାର୍ଦ୍ଧକ୍ୟରେ ସିସିରୋଙ୍କର ଏ ସମସାମୟିକ ଥିଲେ । ଏ ପ୍ରଭାବଶାଳୀରେ ରୋମ୍ ସାମ୍ରାଜ୍ୟର ପ୍ରଧାନ ବ୍ୟକ୍ତି ବୋଲି ପରିଗଣିତ ହୋଇ ଥିଲେ ଏବଂ ସିସିରୋଙ୍କ ଛଡ଼ା ଏହାଙ୍କ ପରି ରୋମ୍‌ରେ ଅନ୍ୟ କେହି ବାଗ୍ମୀ ନ ଥିଲେ । ଏ ପ୍ରଥମେ ରୋମ୍ ରାଜ୍ୟରେ ଜଣେ ଶାସନକର୍ତ୍ତା (consul) ହୋଇ ପରେ ଇଉରୋପର ପଶ୍ଚିମବର୍ତ୍ତୀ ଦେଶକୁ ଓ ଇଂଲଣ୍ଡକୁ ଆକ୍ରମଣ କରି ସେ ଦେଶମାନଙ୍କୁ ରୋମ୍ ସାମ୍ରାଜ୍ୟଭୁକ୍ତ କରେ । ଏ ଅର୍ଦ୍ଧକାଳ ଯାଇ ସେଠାର ରାଜକୁମାରୀ କ୍ଲିଓପାଟ୍ରାଙ୍କଠାରେ ପ୍ରାଣ ସମର୍ପଣ କରେ । ଏହା ପୂର୍ବରୁ ସେ ଜନସଭାର ୩ ଗୋଷ୍ଠି ସ୍ତ୍ରୀଙ୍କର ପାଣି ଗ୍ରହଣ କରି ସାରିଥିଲେ । ତାଙ୍କ ଔରସରେ କ୍ଲିଓପାଟ୍ରାଙ୍କର ଗୋଟିଏ ପୁତ୍ର ଜନ୍ମ ହେଲା । ତାହା ପରେ ଏ ମିଶରର ରାଜା ଟଲେମୀଙ୍କୁ ପରାସ୍ତ କରି କ୍ଲିଓପାଟ୍ରାଙ୍କୁ ମିଶରର ରାଜ ସିଂହାସନରେ ବସାଇ ଦେଶକୁ ଫେରିଲେ । ଏ ଅପରାଜୁ ସାଧାରଣତନ୍ତ୍ର ରୋମ୍ ସାମ୍ରାଜ୍ୟର ସମ୍ରାଟ୍ ବୋଲି ଜ୍ଞାନ କରୁଅଛନ୍ତି, ଏହା ସନ୍ଦେହ କରି ବୈଦେଶୁଡ଼ିଏ ଦେଶପ୍ରାଣ ବ୍ୟକ୍ତି ତାହାନ୍ତ କରି ଏହାଙ୍କୁ ଖ୍ରୀ: ପୂ: ୪୪ ଅବ୍ଦରେ ଗୁପ୍ତ ଭାବରେ ହତ୍ୟା କଲେ ।

ଏ ଖ୍ରୀ: ପୂ: ୫୫ ଅବ୍ଦରେ ଇଂଲଣ୍ଡକୁ ଆକ୍ରମଣ କରି ତାହାକୁ ରୋମ୍ ସାମ୍ରାଜ୍ୟଭୁକ୍ତ କରିଥିଲେ । ଏ ଅଞ୍ଚଳର ସଂସ୍କାର କରିଥିଲେ ଓ ଲାଟିନ୍ ବ୍ୟାକରଣରେ ଅପାଦାନ କାରକ (Oblative case)ର ନୂତନ ପ୍ରଚଳନ କରିଥିଲେ ।]

ସିଜା—ଦେ. ବ ଓ ବଗ—ସିଝା (ଦେଖ)
Sijā Sijhā (See)

ସିଜା(ଜ୍ଜେ)ଇବା—ଦେ. କି—ସିଝାଇବା (ଦେଖ)
Sijā(je)ibā Sijhāibā (See)

ସିଜିବା—ଦେ. କି—ସିଝିବା (ଦେଖ)
Sijibā Sijhibā (See)

ସିଜୁ—ଦେ. ବ—ସିଜୁ (ଦେଖ)—Sijhu (See) [ଦ୍ର—ସିଜୁ
Siju ଅର୍ଥ ବାଡ଼େ, ରଜା ପିଢ଼ା ଭାଲେ, ଫୁଟଃ ଡୋଗ ଜର୍ଜ୍ଜୁ ଫୁଲେ । ନଜରୁଲଗୋର ଶର୍ମିଷ୍ଠା ।]

ସିଝା—ଦେ. ବ (ସଂ. ସିଦ୍ଧ; ପ୍ରା. ସିଜ୍ଝ)—ସିଦ୍ଧ କରିବା—
Sijhā Boiling.
ସୀଜା, ସୀଝା ସୀଝା ଦେ. ବଣ—ସିଦ୍ଧ—Boiled.

ସିଝା(ଝେ)ଇବା—ଦେ. କି—ଅଗ୍ନି ଉତ୍ତାପରେ ସିଦ୍ଧ କରିବା—
Sijhā(jhe)ibā To boil a thing over fire.
ସୀଜାନ, ସୀଝାନ ସୀଝାନା

ସିଝା ଘା—ଦେ. ବ—ଗରମ ପାଣି ବା ଗରମ ତେଲ ଆଦି ପଡ଼ି
Sijhā ghā ଦେହରେ ଫୋଇପିବା ଫୋଟକା ଓ ବ୍ରଣ—
ସିଝା ଘା ସୀଝା ଘା Scald.
(ସିଝା ଘାଅ—ଅନ୍ୟରୂପ)

ସିଝା ମଣ୍ଡା—ପ୍ରାଦେ. (ସଂ-ଦ୍ଭବ) ବ—ଅଧାରରେ ସିଦ୍ଧ ମଣ୍ଡା ପିଠା-
Sijhā maṇḍā Cake boiled in water vapour.

ସିଝିବା—ଦେ. କି (ସଂ. ସିଦ୍ଧ; ଧା. ସିଧ୍ ଧାତୁ)—ଅଗ୍ନି ବା ଅଗ୍ନିରେ
Sijhibā ସିଦ୍ଧ ହେବା—To be boiled over fire or
ସୀଜା, ସିଝା ସିଝନା in sun's rays.

ସିଜୁ—ଦେ. ବ (ସଂ. ସୀଜୁଣ୍ଡ; ସେଜୁଣ୍ଡ; ସ୍ନୁଗ୍ଗ) —ପଉର ସିଜୁ; ମନସା
Sijhu ସିଜୁ; କଣ୍ଟା ସିଜୁ—Euphorbia Nivulia;
ସୀଜ, ସୀଝ, ମନସା ସୀଜ Euphorbia Hirta (Haines).
ସିଜ, ଦୁଦ୍ଧୀ, ଖୁହର ଅ. ଜହ୍ନମ୍ ସଂସ୍କୃତ ପର୍ଯ୍ୟାୟ— ଶିଂଜ୍ଜୁ, ଦଣ୍ଡ ବୃକ୍ଷକ, ବଜ୍ରୀ, ବଜ୍ରଦ୍ରୁ, ବଜ୍ରକଣ୍ଟକ, ବଜ୍ରଦ୍ରୁମ, ସେହୁାର, କୃଷ୍ଣସାର, ସ୍ୱଧା, ନାଗଦ୍ରୁ, କାଣ୍ଡଗାଣ, ସୀଜୁଣ୍ଡ, ସମନ୍ତ୍ର ଦୁଗ୍ଧା, କାଣ୍ଡ ସ୍ନେହକ, ଣୀଜୁଣ୍ଡ, ସେଜୁଣ୍ଡ, ସ୍ନୁକ୍, ସ୍ନୁହାବୃକ୍ଷା, ସ୍ନୁହା, ସ୍ନୁହି, ସ୍ନୁଗ୍ଗା, ଗୁଡ଼ା, ଗୁଡ଼ି, ସ୍ନୁଷା, ଗୁଡ଼ୀ । [ଦ୍ର—ଏହା ଏକ ପ୍ରକାର କ୍ଷୀର ଜରୁ। ଏହାର ପତ୍ରର ଅଳ୍ପତ କୁକୁର-ଜିହ୍ୱ ପରି ଓ ମୋଟା । ଏ ଗଛର ଡାଳରେ ଓ ପତ୍ର ମୂଳରେ ପୋଡ଼ା ପୋଡ଼ା କଣ୍ଟା ଥାଏ । ଏ ଗଛ ଅମ ଦେଶରେ ଜଙ୍ଗଲରେ ଦୃଢ଼ ଓ କଣ୍ଟା ଥିବାରୁ ଲୋକେ ଏହାଦ୍ୱାରା ବାଡ଼ ବୁଜନ୍ତି । ଏହାର ପତ୍ର ଓ ଡାଳ ଛାଇଁ ଦେଲେ ଚୂନ ପାଣି ପରି ଖୁବ ଧଳା ବହଳିଆ କ୍ଷୀର ବାହାରେ । ଏହାର ସମସ୍ତ ଛେଳମାନେ ଖାଆନ୍ତି । ଏହାର କ୍ଷୀର ଅଠାଳିଆ, ଗନ୍ଧ ଝାଙ୍କୁଡ଼ା ଓ ବଦଳ ସୋଟ ।

ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଜାଠୁ ବରେତକ, ଅଗ୍ନି, ପାଷକ, ଚତୁରସ ଓ ଗୁରୁ । ଏହା ଶୂଳ, ଶ୍ରମ, ଅଷ୍ଟୀଲିକା, ହୃଦସ୍ଥାନ, ବଫ, ଗୁଲ୍ମ, କଠର, ବାୟୁ, ଉଦାବର୍ତ୍ତ, ମୋଡ଼, କୁଷ୍ଠ, ଅର୍ଶ, ଶୋଥ, ମେଦ, ଅଶ୍ମରୀ, ପାଣ୍ଡୁ, କୃମି, କ୍ଷୟ ଶିଳ୍ପା ଓ ବିଷ ନାଶକ ।

ଏହାର ଅଠା ଗୁଲ୍ମ, କୁଷ୍ଠ, ପାଣ୍ଡୁ ଅଦି ରୋଗରେ ପ୍ରୟୋଗ କରିଥାବ ଏବଂ ଏହା ହରେତକ ।

ଦେବ ଶୟନ ପରେ କୃଷ୍ଣ ପକ୍ଷ ପଞ୍ଚମୀରେ ଗୁହର ଅଗଣାରେ ସିଜୁ ଗଛରେ ସୁପ୍ତ ନାରାୟଣଙ୍କୁ ପୂଜା କରିବାର ବିଧି ଅଛି । (ଦେଖ ପୁରାଣ. ଇତ୍ୟାଦି ଉତ୍ସ)

କଣ୍ଟାଶୂନ୍ୟ ସିଜୁ ପ୍ରଥା ଅଛି । ତାହାର ପତ୍ର ସିଜୁ ପତ୍ରଠାରୁ ଛୋଟ ଓ ପତଳା । ଜଙ୍ଗଲରେ ନାନାଜାତୀୟ ସିଜୁ ଦେଖାଯାଏ ।]

Digitized by srujanika@gmail.com

ସିଝୁ ଶୋଲ—ଦେ. ବ—ସିଝୁ ଶୋଇ (ଦେଶ)
Sijhu śola Śijhu śola (See)

ଚିଞ୍ଚଡ଼ା—ଦେ. ବ ଓ ବଣ (ସ. ସଞ୍ଚାଳନ)—ଛିଞ୍ଚଡ଼ା (ଦେଶ)
Sinchardā Chinchardā (See)

ସିଞ୍ଚଡ଼ା(ଡ଼େ)ଇବା—ଦେ. କ୍ରି.—ସିଞ୍ଚାଡ଼ବାର ଣିଜନ୍ତରୂପ—
Sinchardā(rde)ibā The causative of Sinchārdā
ଛିଟାନ **ସୀଂଚାନା**

ସିଞ୍ଚଣା—ଦେ. ବ (ସ. ସେଚନ)—ସିଞ୍ଚନ (ଦେଶ)
Sinchaṇā Sinchana (See)

ସିଞ୍ଚନ୍—ସ. ବଣ. ପୁଂ (ସିଚ୍ ଧାତୁ+ଲ୍ୟୁଟ୍. ଣତ୍ୱ [ଅଡ]; ସିଞ୍ଚଡ୍
Sinchan ଶବ୍ଦର ୧ମା. ୧ବ)—ସେଚନକାର୍ଯ୍ୟ—Sprinkling
[ସିଞ୍ଚତ୍ତା, ସିଞ୍ଚନ୍ତୀ—ସ୍ତ୍ରୀ]

ସିଞ୍ଚନ—ସଂ. ବ (ସିଚ୍ ଧାତୁ+ଲ୍ୟୁଟ୍. ଅନ)—ସେଚନ—Sprink-
Sinchana ling. [ଦ୍ର—ପ୍ରାଚୀନ ସଂସ୍କୃତରେ 'ସିଞ୍ଚନ'
ପ୍ରୟୋଗ ଦେଖାଯାଏ । ପରବର୍ତ୍ତୀ କାଳରୁ ଏହି ଶବ୍ଦ
ସ୍ଥାନରେ 'ସେଚନ' ପ୍ରୟୋଗ ହେଉଅଛି ।]

ସିଞ୍ଚା—ଦେ. ବ (ସଂ. ସିଚ୍ ଧାତୁ; ସିଞ୍ଚନ)—ଛିଞ୍ଚା; ଛିଞ୍ଚିବା କିମ୍ବା—
Sinchā Sprinkled. [ଉ—ଚନ୍ଦନ ଜଳ ସିଞ୍ଚା ଉହିଁରେ
ଛିଂଚା **ସୀଂଚା** ହୋଇଛି—ଭୁଷ୍ତସିଂହ. ମଦାସ୍ତରଭ. ଅଦ ।]
ଛେଁଚା **ସୀଂଚା** ଦେ. ବଣ—ଛିଞ୍ଚା ହୋଇଥିବା; ସିକ୍ତ—
Sprinkled.

ସିଞ୍ଚା(ଞ୍ଚେ)ଇବା—ଦେ. କ୍ରି (ସଂ. ସିଚ୍ ଧାତୁ ଣିଜନ୍ତ)—ଅନ୍ୟଦ୍ୱାରା
Sinchā(ñche)ibā ସେଚନ କିମ୍ବା କରାଇବା—To cause
ଛିଂଚାନ **ସୀଂଚାନା** to sprinkle. [ଉ—ଉତ୍ତରେ
କର୍ତ୍ତୁରୁ ଗାଳ ଅଣି ବୁଜା ସିଞ୍ଚାଇ ସଜଜା ଦାଢେ—ବ୍ରଧାନାଥ
ଗ୍ରନ୍ଥାବଳୀ ।]

ସିଞ୍ଚାଡ଼ିବା—ଦେ. କ୍ରି (ସଂ ସଞ୍ଚାଳନ)—୧ । ଛିଞ୍ଚାଡ଼ିବା; ଇତସ୍ତତଃ
Sinchārdibā ସଞ୍ଚାଳିତ କରିବା—1. To wave to and
ଛିଟାନ **ଛାଁଟନା** fro. ୨ । ଇତସ୍ତତଃ ବୁଣିବା ବା ବୁଣିବା—
2. To strew.

ସିଞ୍ଚାଣି—ଦେ. ବ (ସଂ ସିଞ୍ଚନ)—ସିଞ୍ଚନ (ଦେଶ)
Sinchāṇi Sinchana (See)

ସିଞ୍ଚା ବିଞ୍ଚା—ଦେ. ବ (ସଙ୍ଗତର)—ସିଞ୍ଚିବା କର୍ମ ଓ ବିଞ୍ଚିବା କର୍ମ—
Sinchā binchā The act of sprinkling and fan-
ସୀଂଚା ପଂଖାଲଗା ning. [ଉ—ଢେଉେ ସିଞ୍ଚା ବିଞ୍ଚାରେ
ଥଳ ଦେବାରୁ ସେ ଜହ୍ନରେ—ଗାଳଜଣ୍ଡ ଦାସ. ପିଣ୍ଡଜ
ବ୍ରମାସ୍ତ୍ର ।]

ସିଞ୍ଚିତ—ଦେ. ବଣ (ସଂ. ସିକ୍ତ)—ଛିଞ୍ଚା ଯାଇଥିବା—
Sinchita Sprinkled.

ସିଞ୍ଚିତା—ସଂ. ବ—ପିପ୍ପଳୀ (ଶବ୍ଦଚନ୍ଦ୍ରିକା)—
Sinchitā Long pepper.

ସିଞ୍ଚିବା—ଦେ. କ୍ରି (ସଂ. ସିଚ୍ ଧାତୁ)—୧ । ସିଞ୍ଚିବା; ସେଚନ
Sinchibā କରିବା—1. To sprinkle. [ଉ—ଅସ୍ପାର
ଛିଂଚା ଜଳଇ ବାସୁ ଗୋ; ବସ୍ତୁ ପ୍ରେମମଞ୍ଜ ଗୋଡଣ ହୃଦରେ
ସୀଂଚନା ଉତ୍ତରାର ଉହିଁ ସିଞ୍ଚ ଗୋ—ବାଲକୃଷ୍ଣ. ଫୁଲ ବହୁଳ-
ଦେଶୀ ।] ୨ । ଜଳାର୍ଦ୍ର କରିବା—2. To moist-
en. [ଉ—ପୃଥ୍ୱୀର ଶୋକ ଅଶ୍ରୁଜଳ ନାଶିବାକୁ,
ସିଞ୍ଚନେ ବୃହଦଶ୍ୱ ବାଣୀ ଅମୃତରୁ—କୃଷ୍ଣସିଂହ. ମଦା-
ସ୍ତ୍ରରଭ. ବଜ ।]

ସିଞ୍ଜା—ସ. ବ—ଶିଞ୍ଜା; ଅଳଙ୍କାରଧ୍ୱନି (ଶବ୍ଦଚନ୍ଦ୍ରିକା)—The tink-
Sinjā ling sound of ornaments. ଦେ. ବ (ସଂ
ଶିଞ୍ଜିନି)—ଧନୁର ଗୁଣ—The string of a bow.

ସିଟ୍—ବୈଦେ. ବ—୧ । (ଇଂ ଶବ୍ଦ) କଚ୍ଚାର ବା କାଗଜର ପତ୍ର—
Siṭ 1. A sheet of map or paper. ୨ । (ଇଂ.
ସିଟ ସିଟ୍) ଛାତ୍ରାବାସରେ ବାଳକର ରହିବାର ସ୍ଥାନ—
ସିଟ 2. The seat of student in a hostel. ୩ ।
ସିନେମା, ଥିଏଟର,ସର୍କସ ବା ସଭାସମିତିରେ ଦର୍ଶକଙ୍କ ବସିବାର
ସ୍ଥାନ—3. The seat of the audience in a
cinema, circus or meeting etc. ୪ । ଆସନ
—4. Seat.

ସିଟ୍(ଟି)କା—ଦେ. ବ (ସଂ. ସୀତ୍କାର)—ଛିଟକା; ଛିଞ୍ଚାଡ଼ିବା—
Siṭ-(ṭi)kā ସିଟିକାନ **ଛିଟକା** Strewing
ସିଟିକାନ ଦେ. ବଣ. ପୁଂ—ସଞ୍ଚାଳନକାର୍ଯ୍ୟ—Waving to
ଛିଟନେବାଲା and fro. [ଉ—ନାବ ସିଟ୍‌କା=ଯେ ନାବକୁ
[ସିଟ୍‌କା, ସିଟ୍‌କେଇ—ସ୍ତ୍ରୀ] ସିଟ୍‌କାଏ ।]

ସିଟ୍‌କା(କେ)ଇବା—ଦେ. କ୍ର (ସଂ ସୀତ୍କାର)—ଛିଞ୍ଚାଡ଼ିବା; ଛିଟ୍‌କା-
Siṭ-kā(ke)ibā ଇବା; ଯୁ ଦୃଷ୍ଟିରୁ ଜଉଥିବା; ଇତସ୍ତତଃ ସଞ୍ଚାଳନ
ସିଟକାନ **ଛିଟକାନା** କରିବା—To wave; to move to
and fro.

ସିଟ୍(ଟି)କିଣି—ଦେ. ବ—ଛିଟ୍‌କଣି (ଦେଶ)
Siṭ-(ṭi)kiṇi Chhiṭ-kiṇi (See)

ସିଟ୍‌କିନୀ—ଗ୍ରାଦେ (ବସ୍ତୁର) ବ—ବେଡ଼ି (ଦେଶ)
Siṭ-kinī Berḍi (See)

ସିଟ୍(ଟି କିବା—ଦେ. କ୍ରି—ଛିଟ୍‌କିବା (ଦେଶ)
Siṭ-(ṭi)kibā Chhiṭ-kibā (See)

ସିଟ(ଠା, ଠ, ଠୀ)—ଦେ. ବ—ଶିଠ (ଦେଶ)
Siṭa (ṭha, ṭha, ṭhā) Śiṭa (See)

ସିଟ(ଠ,ଠି)କରଣ—ଦେ. ବ—ଶ୍ରେଷ୍ଠ କରଣ (ଦେଶ)
Siṭa (ṭha, ṭhi)karaṇa Śreshṭha karaṇa (See)

ସିଟାମ୍—ବୈଦେ. ବ [ଇଂ. ଷ୍ଟାମ୍ପ୍]—୧ । ଷ୍ଟାମ୍ପ୍; ଦଲିଲ ଆଦି
Siṭām ଲେଖାଯିବା ପାଇଁ ସରକାରଙ୍କ ଛାପା ମଲ୍ୟ କାଗଜ—
ସିଟାମ **ଷ୍ଟାମ୍ପ** 1. Stamp for writing document.
୨ । ଡାକଟିକଟ—2. Postage stamp.

ସିଟାମ୍ ପରୋସ୍ [ଫୁରୁସ୍, ଭେଣ୍ଡର୍]—ବୈଦେ. ବ [ଇଂ. ଷ୍ଟାମ୍ପ୍+
Siṭām pharos [phurus, bheṇḍar] ଫା. ପରୋସ୍; ଇଂ,
ସିଟାମଦାର, ସିଟାମ ଭେଣ୍ଡର ଭେଣ୍ଡର]—ସରକାରରୁ ଲଇସେନ୍ସ

Digitized by srujanika@gmail.com

स्टाम्प फरोस ·ଗ୍ରାଘ ସରକାର୍ଯ୍ୟ ଷ୍ଟାମ୍ପ ବେଚେବା— Licensed stamp vendor.

ସିଟାମ୍ ଭେଣ୍ଡର—ଦେ· ବ—ଷ୍ଟାମ୍ପ ଭେଣ୍ଡରର କାର୍ଯ୍ୟ—
Sitām bhendari The work of a stamp vendor·
ସୀଟାମ ଭେଣ୍ଡରୀ **स्टाम्प भेण्डरी**

ସିଟାଲ—ଦେ· ବଶ—୧ । ମହୁଣ ସିଠା ପର—1. Waxen. ୨ ।
Sitāla ସୀଟେ **चपचपाया** ଅଠାଳଆ—2. Gummy.
(ସିଟାଳଆ—ଅନ୍ୟରୂପ) ସୀଟାନ ୩ । ସିଠା ପର ବରର୍ଣ୍ଣ—
सीठियाया 3. Pale as wax; wan.

ସିଟି(ଠି)—ଦେ· ବ (ଧ୍ୱ· ସିଟ୍‌କାର; 'ଶୀ' ଧ୍ୱନି)—୧ । ମୁହଁଦ୍ୱାର
Siti(ṭhi) ଦ୍ୱାର୍ଦ୍ଧ 'ଶୀ ଶୀ' ଧ୍ୱନି—1. Whistling sound
ସିଟି **सीटी** by the lips. ୨ । ମୁହଁଦ୍ୱାର ଫୁଙ୍କି ଦ୍ୱାର୍ଦ୍ଧ 'ଶୀ'
ଧ୍ୱନି କରିବାର ଯନ୍ତ୍ର—2. A whistle. ବୈଦେ· ବ.
(ଇଂ· ସିଟି) ସହର; ନଗର—City (e. g. Patna
city).

ସିଟିଙ୍—ବୈଦେ· ବ (ଇଂ· ସିଟିଙ୍)—ସଭାସମିତିର ଅଧିବେଶନ—
Siting ସିଟିଂ **सिटिं** Sitting (of an association).
(ସିଟିଂ—ଅଶୁଦ୍ଧ ବନାନ)

ସିଟି ଦେବା (ମାରିବା)—ଦେ· କି—୧ । ମୁଖଦ୍ୱାର ଦ୍ୱାର୍ଦ୍ଧ 'ଶୀ' ଧ୍ୱନି
Siti debā (māribā) କରିବା—1. To whistle with
ସିଟି ଦେଓୟା, ସିଟି ମାରା the mouth. ୨ । ସିଟି ଯନ୍ତ୍ରଦ୍ୱାର
सीटी देना ଧ୍ୱନି କରିବା—2. To sound a whistle.

ସିଠ—ଗ୍ରାଦେ (ଚାଳତେର) ବ—ଶ୍ରେଷ୍ଠିକରଣ; ଗୁଜାଙ୍କର ଦ୍ରବୀକ·
Sitha ପଦ ବୁଝିବା କର୍ମଗୁରୁ—An accountant of a
Rājā.
ଦେ· ବ ଓ ବଶ—ସିଠା (ଦେଶ)—Sithā (See)

ସିଠା—ଦେ· ବ—୧ । ସିଠା (ଦେଶ)—1. Sithā (See)
Sithā ସିଠା **सीठा** ୨ । ମହୁ ସିଠା; ପହଶ—Beeswax.
ସିଠା **गोंद** ୩ । ଅମ୍ବ, ପଶସ୍ୱ, ସଜନା ଆଦ ଗଛରୁ ବହୁ ଅଲ୍ପ
ଶୁଖି ଯାଇଥିବା ଘନ ଅଠା—3. Dried juice or
gum of certain trees, such as, mango,
jack, etc. [ବ—ଅମ୍ବ ସିଠା, ସଜନା ସିଠା,
ସିଠା ପଶସ ସିଠା ।] ୪ ।(ଅବଶିଷ୍ଟ) କୌଣସି ଦ୍ରବ୍ୟରୁ ରସ ବା
सीठा କାର୍ଯ୍ୟ ବାହାର କରି ନେବା ପରେ ଦ୍ରବ୍ୟର ବର୍ଜିତ ଅଂଶ
—4. Refuse of any matter after the
juice has been squeezed. [ବ—କାଶେଷ
କର ଘାଣ୍ଟିଲ ପିଇବାରୁ ରହିଛି ସିନା ମାଉର ସିଠା—
ଭଞ୍ଜ· କୋଣିକ୍ରାଣ୍ଡସ୍ୱନ୍ଦସ୍ୱ ।] ୫ । ଗଞ୍ଜେଇ ବା ପତ୍ରରୁ ପ୍ରସ୍ତୁତ
ଅଦ୍ୟ ସଙ୍ଗେ ବାକି ରହା କଳସରୁ ଘାଣ୍ଟିରେ ଗୋଳାଇ ତାକୁ
କନାରେ ଛାଣି ନେବା ପରେ କନାରେ ଅବଶିଷ୍ଟ ରହୁଥିବା
ଅଦଡ଼ା ଅଂଶ—5. Dregs of Bhang after
it is silted. ୬ । ତେଲର ତାଣ୍ଡି—6.The sedi-
ment at the bottom of an oil vessel.
ଗ୍ରାଦେ (ସ୍ତ୍ରୀ)ବ—ସେଠା; ସେ ସ୍ଥାନ—That place.

ସିଟେ ଦେ· ବଶ—ସିଠା ପର ବରର୍ଣ୍ଣ; ସିଠାଳଆ—Waxen;
सिठाकाजैसा pale as wax. [ବ—ଜରପୋଡୁଁ ତା
ମୁହଁ ସିଠା ପରି ଗଲ୍ଲଣି ।]

ସିଠାକା—ଗ୍ରାଦେ (ସ୍ତ୍ରୀ) ବଶ—ସେଠାକା (ଦେଶ)
Sithākā **Seṭhākā** (See)

ସିଠାକାର—ଗ୍ରାଦେ (ସ୍ତ୍ରୀ) ବଶ—ସେଠାକାର (ଦେଶ)
Sithākāra **Seṭhākāra** (See)

ସିଠାକୁ—ଗ୍ରାଦେ (ସ୍ତ୍ରୀ) ବ—ସେଠାକୁ (ଦେଶ)
Sithāku **Seṭhāku** (See)

ସିଠାମ (ଇତ୍ୟାଦି)—ତତ୍ସଦେ· କ—ସିଠାମ୍ ଇତ୍ୟାଦି (ଦେଶ)—
Sithāma (etc) Sitām etc (See) [ବ—ଦୁଇ ପକ୍ଷ
ମଧ୍ୟରେ ସିଠାମ ବଣା, କବଳ୍ପ ଚଠା, ସାଫ ଦୋଇଁଲ୍ଲ—
ଫଙ୍କାରମୋଡ଼ଳ· ୫ ମାଣ ଅଠଗୁଣ୍ଠ ।]

ସିଠାରୁ—ଗ୍ରାଦେ· (ସ୍ତ୍ରୀ) ବ—ସେଠାରୁ (ଦେଶ)
Sithāru **Seṭhāru** (See)

ସିଠାଳ—ଦେ· ବଶ—ସିଠାଳ (ଦେଶ)—Sitāla (See)
Sithāla (ସିଠାଳଆ—ଅନ୍ୟରୂପ)

ସିଠି(ଠିଁ)—ଗ୍ରାଦେ· (ସ୍ତ୍ରୀ) ବ—ସେଠାରେ (ଦେଶ)
Siṭhi(ṭhiñ) **Seṭhāre** (See)

ସିଠିକା—ଗ୍ରାଦେ· (ସ୍ତ୍ରୀ) ବଶ—ସେଠିକା (ଦେଶ)
Siṭhikā **Seṭhikā** (See)

ସିଠିକାର—ଗ୍ରାଦେ· (ସ୍ତ୍ରୀ) ବଶ—ସେଠିକାର (ଦେଶ)
Siṭhikāra **Seṭhikāra** (See)

ସିଠିକି—ଗ୍ରାଦେ· (ସ୍ତ୍ରୀ) ବ—ସେଠିକି (ଦେଶ)
Siṭhiki **Seṭhiki** (See)

ସିଠୁ(ଠୁଁ)—ଗ୍ରାଦେ· (ସ୍ତ୍ରୀ ବ—ସେଠୁ (ଦେଶ)
Siṭhu(ṭhuñ) **Seṭhu** (See)

ସିଠୁଆ—ଦେ· ବଶ—୧ । ସିଠାଳ; ସିଠାପର ପରିତ୍ୟକ୍ତ ବା ଅକା-
Siṭhuā ସିଠା **सिठाकाजैसा** ପରା—1. Left as refuse.
ସିଠାନ **सीठियाया** ୨। ବରର୍ଣ୍ଣ—2. Pale-coloured. [ବ—
ମୁହଁ ସିଟୁଆ କଲା ପଡ଼ିଯାଇଛ—ଫଙ୍କାରମୋଡ଼ଳ·
ଗଲ୍ଲଣ୍ଟଲ୍ଲ ।]

ସିଠେଇଁ—ଗ୍ରାଦେ· (ସ୍ତ୍ରୀ) ବ—ସେଠେଇଁ (ଦେଶ)—Seṭheiñ
Siṭheiñ (See) [ବ—ସର୍ଗୀମାନେ ବ ଥଉ ସିଠେଇଁ
ରହନ୍ତୁ—ଗାଳଭଗ୍ନ· ପିଲ୍ଲଙ୍କ ରାମାୟଣ ।]

ସିଡ଼(ଢ଼)—ଦେ· ବ (ଧ· ସିଧାଉ=ବହନ କରିବା)—୧ । ସେଜ
Sir̤da(r̤dha) (ଦେଶ)—1. Ser̤da (See) ୨ । ପୁରା
ପାଁଜ **पींज** କାଢିବା ପାଇଁ ଘଣା ତୁଳାରେ ଉଥର ଜଡ଼
ପାଲ ଯାଇଥିବା ବଳଣା—2. Roll of carded cotton
पाल used in spinning yarn. ୩ । (ଜାହାଜଆ
ପାଲ ଶବ୍ଦ) ଜାହାଜର ପାଲ୍—3. The sail of a ship.
ରସି ୪ । ଜାହାଜର ପାଲ ଟଣା ଦଉଛୁ—4 The rope
रस्सी or riggings of the sail.

Digitized by srujanika@gmail.com

ସିଡ଼(ଢ଼) ହଙ୍କାରିବା—ଦେ. ଶି—ସେଡ଼ ହଙ୍କାରିବା (ଦେଶ)
Sirḍʰ(rḍha) haṅkāribā Serḍa haṅkāribā (See)

ସିଡ଼(ଢ଼ି)—ଦେ. ବ (ସଂ. ଶ୍ରେଣୀ; ନଃଶ୍ରେଣୀ, ଶ୍ରିଷ୍ଟି [Beams])—
Sirḍi(rḍhi) ୧ । ନଃଶ୍ରେଣୀ; ଜଣୁଣୀ—1. Ladder. ୨ । ଗୋଥାଳାକଳି; ଥାବଚ୍ଚତସ୍—2. Flight of steps,

ସିଡ଼ୁ(ଢ଼ୁ)ଆ—ଦେ. ବିଣ—ଜଣୁଣୀ ପରି ସରୁ—Narrow like a
Sirḍu(rḍhu)ā ladder. ଦେ. ବ (ନାମ)—(ଏହା ସିଁଡ଼ିର ମତ ପୁଟେଁ ଅଛ ସରୁ ଥିବାରୁ) ଭଃକ ସଡ଼ରର ଏକ
ସୀଢ଼ୀକା ଜିସା ପ୍ରାନ୍ତରେ ଏକ ମାଇଲଠାରୁ ବାହାରିଥିବା କାଠ-ଯୋଡ଼ ନଦୀର ଗୋଟିଏ ଶାଖା, ଯାହା ୫।୬ ମାଇଲ ପରେ ପୁଣି କାଠଯୋଡ଼ ସଙ୍ଗେ ମିଶିଅଛି)—A river branching from the Kāthjori river about one mile from the eastern extremity of the town of Cuttack and meeting it again after a course of 5 or 6 miles.

ସିଡ଼—ଦେ. ବ—ସିଡ଼ (ଦେଶ)
Sirḍha Sirḍa (See)

ସିଣି ସିଣିଆ—ପ୍ରାଦେ. (ଭଃକ) ବିଣ—ଫଟଫଟିଆ; ସରଦ ଯୋଗୁ
Siṇi siṇiā ସାମାନ୍ୟ ଫୁଲିଥିବା (ମୁହଁ)—A little swollen
ଫନ୍‌ଫନେ on account of cold (face).
ଫନଫନ, ଫନଫନିଆ ପ୍ରାଦେ. (ବାଣପୁର) ବିଣ—ଦଣ୍ଡସଣ; ଅକଡ଼ିଆ; ଅକଲିଆ—Awkward. [ଉ—ବୃଶ୍ଚି ତେଲ ଲଗାଇଲେ ବମିଡ଼ ସିଣିସିଣିଆ ଲଗେ ।]

ସିଣ୍ଡିକେଟ୍—ବୈଦେ. ବ (ଇଂ) —ଉଚ୍ଚବିଦ୍ୟାଳୟର ଶାସନକାର୍ଯ୍ୟ
Sinḍikeṭ ପରିଚାଳକ ସଭ୍ୟ—The syndicate of a uni-
ସିଣ୍ଡିକେଟ versity. [ଉ—ଏଥିର ସଭ୍ୟଙ୍କୁ ଫେଲୋ (Fellow) କୋହଯାଏ ।]

ସିତ୍-ଲି—ପ୍ରାଦେ. (ସମ୍ବଲପୁର) ବ—ଜଳାଭୂମି; ଚୋଡ଼—
Sit-li Marshy land; marsh; a moor.

ସିତ—ସଂ. ବ (ସୋ ଧାତୁ=ନାଶ କରିବା, କିମ୍ବା ସି ଧାତୁ=ବନ୍ଧନ
Sita କରିବା+କର୍ତ୍ତୃ. ତ)—୧ । ଶୁକ୍ଳବର୍ଣ୍ଣ (ଅମର)—1. White colour. ୨ । ରୌପ୍ୟ (ବ୍ରଜ ଭାଷା)—2. Silver. ୩ । ମୂଳକ; ମୂଳା (ବ୍ରଜ ଭାଷା)—3. Radish. ୪। ଚନ୍ଦନ (ଇତ୍ୟମାଳା)—4. Sandal. ୫ । ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ (ଶବ୍ଦ ରତ୍ନାବଳୀ)—5. The sage 'Sukra'; the preceptor of the demons. ୬ । ଶର; ବାଣ (ଧ୍ରୁବ ମଞ୍ଜରୀ)—6. Dart; arrow. ୭ । ଶ୍ୱିତ୍ର; ଶୁକ୍ଳକୁଷ୍ଠ (ଜିକାଣୁ ଶେଷ)—7. Vitiligo; leucoderma; albino. ୮ । ଶୁକ୍ର ଗ୍ରହ (ହି. ଶ)—8. The planet Venus. ୯ । ଶୁକ୍ଳପକ୍ଷ (ହି. ଶ) —9. The bright fortnight of a lunar month. ୧୦ । ଚିନି (ହି ଶ)—10, White sugar. ୧୧ । ଧଳା କଞ୍ଚନ ଗଛ (ହି. ଶ)—11. The white flowered Kāñchana tree. ୧୨ । ସ୍କନ୍ଦଙ୍କ ଅନୁଚର ବିଶେଷ (ହି. ଶ)—12. Name of one of the attendants of Skanda. ୧୩ । ଭୂର୍ଜ ପତ୍ର (ହି. ଶ)—13. The leaves of Birch tree. ୧୪ । ଧଳା ତିଳ (ହି. ଶ) —14. White sesamum seed. ସଂ. ବିଣ. ତ୍ରି—୧ । ଶୁକ୍ଳ; ଧଳା (ଅମର)—1. White, (ସିତା—ସ୍ତ୍ରୀ) ୨ । (ସି ଧାତୁ=ବନ୍ଧନ କରିବା+କର୍ମ. ତ)—ଥରସିତ; ବନ୍ଧୁ; (ବଣ୍ଡ)—2. Finished. ୩ । ବିଦିତ; ଜ୍ଞାତ (ବଣ୍ଡ)—3. Known, ୪ । ନିବଦ୍ଧ (ବଣ୍ଡ)—4. Bound down; tied; fastened. ୫ । ଉଜ୍ଜ୍ୱଳ (ହି. ଶ)—5. Bright. ୬ । ଚକଚକିଆ (ହି. ଶ)—6. Glittering; dazzling. ଦେ. ବ (ସଂ, ସୀତା ରାମ)—ସୀତାରାମଙ୍କ ଡାକ ନାମ—Nickname for Sītārāma.

ସିତ କଙ୍ଗୁ—ସଂ. ବ—ସର୍ଜ ନର୍ଯ୍ୟାସ (ହି· ଶ)—
Sita kaṅgu Gum·resin.

ସିତ କଣ୍ଟା—ସଂ· ବ—ଶ୍ୱେତ କଣ୍ଟକାରି (ବ୍ରଜ ଭାଷା) (ଦେଶ)
Sita kaṇṭā Sweta kaṇṭakāri (See)
(ସିତ କଣ୍ଟାରିକା—ଅନ୍ୟରୂପ)

ସିତ କଣ୍ଠ—ସଂ· ବ (ବହୁବ୍ରୀହି; ସିତ=ଶୁକ୍ଳ ଅର୍ଥେ କଣ୍ଠ ଯାହାର)—
Sita kaṇṭha ଦାଢ଼ୁଡ଼ି ବା ଉ ।ଦୁକ ଜଳି—Moor hen Rallus Aquaticus. ସଂ· ବହି· ତ୍ରି—ଶ୍ୱେତ ବର୍ଣ୍ଣ କଣ୍ଠ ବିଶିଷ୍ଟ— White-necked.

ସିତ କର—ସଂ· ବ (ସିତ=ଶୁକ୍ଳ ଅର୍ଥେ କର=କର ଯାହାର; Sita kara ବହୁବ୍ରୀହି)—୧ । ଚନ୍ଦ୍ର—1. The moon. ୨ । କର୍ପୂର—2. Camphor.

ସିତ କର୍ଣ୍ଣୀ—ସଂ. ବ—ବାଇଙ୍ଗ (ବ୍ରଜ ଭାଷା) (ଦେଶ)
Sita karṇṇī Bāsaṅga (See)

ସିତକାଂଶୁ—ସଂ· ବ—ସିତାଂଶୁ (ଦେଶ)
Sitakāṁsu Sitāṁsu (See)

ସିତ କୁଞ୍ଜର—ସଂ. ବ—୧ । (କର୍ମଧା) ଶ୍ୱେତ ହସ୍ତୀ—1. White
Sita kuñjara elephant. ୨ । (ବହୁବ୍ରୀହି) ଇନ୍ଦ୍ର—2. God Indra, the God of rains. ୩ । (ତତ୍ପୁରୁଷ) ଇନ୍ଦ୍ରଙ୍କ ହସ୍ତୀ; ଐରାବତ—3. The elephant of Indra, the God of rains.

ସିତ କୁମ୍ଭୀ—ସଂ. ବ—ସିତ ପାଟଳା (ଦେଶ)
Sita kumbhī Sita pāṭalā (See)

ସିତ କ୍ଷାର—ସଂ. ବ—ସୁହାଗା (ଦେଶ)
Sita kshāra Borax.

ସିତ ଗୁଞ୍ଜା—ସଂ, ବ—ଶ୍ୱେତ କାଇଞ୍ଚ (ବ୍ରଜ ଭାଷା)—The white
Sita gunjā variety of Kāincha seeds.

Digitized by srujanika@gmail.com

ସିତ ଚଞ୍ଚୁ—ଫ. ବ (ବହୁବ୍ରୀ.)—ବଲ୍ଲଜା ଗଡ଼; ବାଲଗରଡ଼ା ମାଛ
Sita chinua (ବାଗ୍ବଜାରୀ)—A sort of small scaly fresh waterfish.

ସିତଚ୍ଛତ୍ର—ଫ. ବ—ଧବଳଛତ୍ର (ରାଣ୍ଟୋପ)—The umbrella of royalty.
Sitachchhatra

ସିତଚ୍ଛତ୍ରା(ତ୍ରୀ)—ଫ. ବ—ଶତ ପୁଷ୍ପା; ଶତପୁଷ୍ପ—
Sitachchhatrā(trī) Fenugreek.

ସିତଚ୍ଛତ୍ରିତ—ଫ. ବଣ. ପୁଂ (ସିତଚ୍ଛତ୍ର+ସୁକ୍ଟାର୍ଥେ. ଇତ)—
Sitachchhatrita ଶ୍ୱେତ ଛତ୍ରଯୁକ୍ତ (ରାଜା)—(the king) Having a white umbrella held over him.

ସିତଚ୍ଛଦ—ଫ. ବ (ବହୁବ୍ରୀ; ସିତ=ଶୁକ୍ଲ ଅଟେ ଛଦ=ପକ୍ଷ ଯାହାର)—୧। ହଂସ (ଦେମଚନ୍ଦ୍ର)—1. Swan. ୨। କ୍ରୌଞ୍ଚ—2. Drake, ୩। ରକ୍ତ ଶୋଭାଞ୍ଜନ (ହି. ଶ)—3. The red flowered variety of Moringa tree.
Sitachchhada

ସିତଚ୍ଛଦା—ଫ. ବ (ବହୁବ୍ରୀ)—ଶ୍ୱେତ ଦୂର୍ବା (ରାଜନିର୍ଘଣ୍ଟୁ)—The white Doob grass.
Sitachchhadā

ସିତଜା—ଫ. ବ—ସିତାଖଣ୍ଡ (ଦେଖ)
Sitajā Sitākhaṇḍa. (See)

ସିତତା(ତ୍ୱ)—ସଂ. ବ (ସିତ+ଭାବାର୍ଥେ. ତା; ତ୍ୱ)—ଶୁକ୍ଲତା—
Sitatā(twa) Whiteness.

ସିତ ଦର୍ଭ—ସଂ. ବ (କର୍ମଧା)—ଶ୍ୱେତକୁଶ (ରାଜନିର୍ଘଣ୍ଟୁ)—The white variety of Kuśa grass.
Sita darbha

ସିତ ଦୀଧିତି—ସଂ. ବ (ବହୁବ୍ରୀ; ସିତ=ଶୁକ୍ଲ+ଦୀଧିତି=କିରଣ ଯାହାର)—ଚନ୍ଦ୍ର—The moon.
Sita dīdhiti

ସିତଦୀପ୍ୟ—ସଂ. ବ—ଶ୍ୱେତ ଜୀରକ (ରାଜନିର୍ଘଣ୍ଟୁ)—The white variety of cumin seed.
Sitadīpya

ସିତଦୂର୍ବା(ର୍ବା)—ସଂ. ବ—ଶ୍ୱେତ ଦୂର୍ବା (ରତ୍ନମାଳା) (ଦେଖ)
Sita dūrbā(rbbā) Śweta dūrbā. (See)

ସିତ ଦ୍ୱିଜ—ସଂ. ବ (କର୍ମଧା)—ରାଜ ହଂସ—
Sita dwija Swan.

ସିତଦ୍ରୁ—ସଂ. ବ (କର୍ମଧା)—୧। ଶୁକ୍ଲବର୍ଣ୍ଣବିଶିଷ୍ଟ ବୃକ୍ଷ—1. A white tree. ୨। ମୋରଟ ବିଶେଷ; ମୂରୁଗା (ସିତଦ୍ରୁମ—ଅନ୍ୟରୂପ) ଘାସ—2. A sort of grass; Sanserveira Zeylanica. ୩। ଅର୍ଜୁନ ଗଛ (ହି. ଶ)—3, The Arjuna tree.
Sitadru

ସିତ ଧାତୁ—ସଂ. ବ—୧। ଶୁକ୍ଲ ଧାତୁ—1. White metal. ୨। କଠିଆ; ଖଡ଼ି (ରାଜନିର୍ଘଣ୍ଟୁ)—2. Chalk.
Sita dhātu

ସିତ ପକ୍ଷ—ସଂ. ବ—୧। (କର୍ମଧା) ଶୁକ୍ଲ ପକ୍ଷ—1. The bright fortnight of the lunar month. ୨। (ବହୁବ୍ରୀ) ରାଜହଂସ (ଶବ୍ଦରତ୍ନାବଳୀ)—2. The swan.
Sita paksha

ସିତପର୍ଣ୍ଣୀ—ସଂ. ବ—ଅର୍କ ପୁଷ୍ପିକା ବୃକ୍ଷ (ରତ୍ନମାଳା)—
Sitaparṇṇī A plant; Calotropis Gigantea.

ସିତ ପଞ୍ଚଦଶୀ—ସଂ. ବ—ପୂର୍ଣ୍ଣିମା—
Sita pañchadaśī Fullmoon.

ସିତ ପାଟଳା—ସଂ. ବ—ଶ୍ୱେତପାଟଳ ଗଛ; ଶୁକ୍ଲ ପାଟଳା ବୃକ୍ଷ; ଶୁଦ୍ଧ ସିତ ପାଟଳିକା—ଅନ୍ୟରୂପ) ଶ୍ୱେତପାରୁଲ୍ ଶ୍ୱେତପାଡରୀ ସ. ଶ୍ୱେତପାଡଲ୍ଲ ସଂ. ଚର୍ଚ୍ଚାପୁ—ସିତପୁଷ୍ପୀ,
Sita pāṭalā ପୃଷ୍ଠପୁଷ୍ପ ପାଟଳ ଗଛ—The white-flowered variety of Pāṭali tree. [ଦ୍ର—ରକ୍ତପୁଷ୍ପ, ଗୁଚୁପ୍ତ, ଜ୍ୟୋତିଷ୍ମତୀ; ବାଇଦୁଲ୍ଲା, ଜଫ, ଶ୍ରମ, ଶୋଥଜାଶକ୍ତ ଏହାର ଗୁଣ ଅଟେ।]

ଫଲେରୁଡ଼ା, ସିତାମୋଘା, କୁବେରାକ୍ଷୀ, ଶ୍ୱେତାମ୍ବା, କାଷ୍ଠପାଟଳା, ଧବଳପାଟଳୀ]

ସିତପୁଙ୍ଖା—ଫ. ବ—ସିତଶାୟକା (ଦେଖ)—
Sitapuṅkhā Sita śāyakā (See)

ସିତପୁଷ୍ପ—ଫ. ବ—୧। ଟେକ ବଡ଼ି ମୂଳକ; ବେଜ୍ଞଟିଆ ମୂଥା (ରତ୍ନାବଳୀ)—1. A large-bulbed variety of grass root. ୨। ଉତ୍ତର ବୃକ୍ଷ (ଶବ୍ଦରତ୍ନାବଳୀ)—2. A white-flowering plant. ୩। ଶ୍ୱେତ ସ୍ୱୟମ୍ଭୁ; ଶ୍ୱେତ ସୁଆମ ଗଛ (ରାଜନିର୍ଘଣ୍ଟୁ)—3. A white variety of the Suāma (a timber tree). ୪। କାଶ (ରାଜନିର୍ଘଣ୍ଟୁ—4. A white flowered reed. ୫। ଏକ ପ୍ରକାର ଆଖୁ (ହି. ଶ)—5. A kind of sugarcane. ୬। ଶିରିଷ ଗଛ (ହି. ଶ)—6. Albizza Lebbek (tree) ୭। ପିଣ୍ଡ ଖର୍ଜୁର (ହି. ଶ)—7. A kind of white date (palm).
Sita pushpa

ସିତପୁଷ୍ପା—ଫ. ବ—୧। ମଲ୍ଲିକା (ଶବ୍ଦରତ୍ନାବଳୀ)—1. Jasmine. ୨। ବଲା; କାଉଁଳା; ବଜ୍ରମୁଲି (ହି. ଶ)—2. Sida Cordifolia.
Sitā pushpā

ସିତପୁଷ୍ପୀ—ଫ. ବ—୧। ଶ୍ୱେତାପରାଜିତା (ରାଜନିର୍ଘଣ୍ଟୁ)—1. The white variety of Clitoris flower. ୨। ଶ୍ୱେତବର୍ଣ୍ଣମୂଳକ (ହି. ଶ)—2. A variety of bulbous rooted grass. ୩। କାଶତୃଣ (ହି ଶ) 3. The Kāsa grass. ୪। ନାଗବଲ୍ଲୀ; ପାନ (ହି. ଶ)—4. The piper betel (creeper).
Sita pushpī

ସିତ ପ୍ରଭ(ରାଗ)—ଫ. ବ (ବହୁବ୍ରୀ, ସିତ ଅଟେ ପ୍ରଭ. ଯାହାର)—ରୌପ୍ୟ—Silver ଫ. ବଣ.—ଶ୍ୱେତ ବର୍ଣ୍ଣ ଯୁକ୍ତ—White.
Sita prabha(rāga)

ସିତ ବରାହ(ଇତ୍ୟାଦି)—ଫ. ବ—ଶ୍ୱେତ ବରାହ ଇତ୍ୟାଦି (ଦେଖ)—
Sita barāha(etc) Sweta barāha etc. (See)

ସିତ ବର୍ଷାଭୂ—ଫ. ବ—ଶ୍ୱେତପୁନର୍ନବା (ରାଜନିର୍ଘଣ୍ଟୁ)—The white variety of hogweed.
Sita barshābhū

Digitized by srujanika@gmail.com

ସିତ ବଲ୍ଲୀ—ସ୍ତ୍ରୀ. ବ—ବଣଜାମୁ (ହି. ଶ)—
Sita ballarī The wild variety of black berry.

ସିତ ବଲ୍ଲୀଜ(ମରିଚ)—ପୁଂ. ବ—ଶ୍ୱେତ ମରିଚ (ଦେଶ)—
Sita ballīja (maricha) Śweta maricha (See)

ସିତବାଜୀ—ସ୍ତ୍ରୀ. ବ—(ବହୁବ୍ରୀ. ହି, ସିତବାଜନ୍; ୧ମା. ୧ବ)—ଅର୍ଜୁନ
Sitabājī (ହି. ଶ)—Arjuna.

ସିତ ବାର(ବାରକ)—ସ୍ତ୍ରୀ. ବ—ସଦରଙ୍ଗା ଶାଗ (ହି. ଶ)—
Sita bāra(bāraka) Alternanthera Sessilis (potherb).

ସିତ ମଣି—ସଂ. ବ—୧। ଚନ୍ଦ୍ରକାନ୍ତ ମଣି—1. The moon-stone. ୨। ସ୍ଫଟିକୋପଳ; ସ୍ଫଟିକ ମଣି—2. Crystal; quartz.

ସିତ ମାଷ—ସଂ. ବ—ଶୁକ୍ଳମାଷ; ଏକ ପ୍ରକାର ଧଳା ବରବଟି—
Sita māsha A kind of Phaseolus; Brihi.

ସିତମ୍ବର—କେବେ. (ଗା) ବ (ଇଂ. ସେପ୍ଟେମ୍ବର ଅଶୁଦ୍ଧ ଉଚ୍ଚାରଣ) ଇଂରେଜୀ ବର୍ଷର ନବମ ମାସ; ସେପ୍ଟେମ୍ବର ସେପ୍ଟେମ୍ବର सितम्बर मास—The month of September.
(ସିତମ୍ବର—ଅନ୍ୟରୂପ)

ସିତରଞ୍ଜ—ସଂ. ବ (ବହୁବ୍ରୀ.ହି)—କର୍ପୂର (ହି. ଶ)—
Sitarañja Camphor.

ସିତରଞ୍ଜନ—ସ୍ତ୍ରୀ. ବ—ପୀତବର୍ଣ୍ଣ (ହେମଚନ୍ଦ୍ର)
Sitarañjana Yellow colour.

ସିତ ରଶ୍ମି—ସଂ ବ (ବହୁବ୍ରୀ; ସିତ ଅର୍ଥେ ରଶ୍ମି ସାଦୃଶ୍ୟ)—
Sita raśmi ୧। ଚନ୍ଦ୍ର—1. The moon. ୨। କର୍ପୂର 2. Camphor.

ସିତ ରୁଚି—ସଂ. ବ (ବହୁବ୍ରୀ.ହି, ସିତ ଶୁକ୍ଳ ବର୍ଣ୍ଣ+ରୁଚ=ଜ୍ୱରଣ)-
Sita ruchi ଚନ୍ଦ୍ର—The moon. [ଉ—ପବନଙ୍କରେ ମୋର ନାମଟି ମସ୍ତକ, ନକ୍ଷତ୍ରରେ ମୁହିଁ ବୋଲ୍ଲର୍ଷି ସିତରୁଚି।—ଭୁଷ୍ଣବିଂଦ୍ର. ମହାଭାରତ ଦ୍ରୌଣି।]

ସିତଶାୟକା—ସଂ. ବ—ଶ୍ୱେତ ଶରପୁଙ୍ଖା ବା ବଳ ଗଛ—
Sita sāyakā (ବୃଜନବର୍ଦ୍ଧ୍ୟ)—The white variety of Tephrosia.

ସିତ ଶିଂଶପା—ସଂ. ବ—ଶ୍ୱେତ ଶିଂଶପା ବୃକ୍ଷ—
Sita śiṁśapā The white variety of sissoo tree.

ସିତ ଶି(ସି)ବ—ସଂ. ବ—୧। ଏକପ୍ରକାର ଲବଣ; ସୈନ୍ଧବ (ଦେଶ)-
Sita śi(si)ba 1. A variety of salt; rock-salt. [ଶୀତଶିବ—ଅନ୍ୟରୂପ] ୨। ଖଏର ବୃକ୍ଷ (ହି. ଶ)—2. Acacia Suma (tree).

ସିତ ଶିମ୍ବିକ—ସଂ. ବ—ଗୋଧୂମ (ହେମଚନ୍ଦ୍ର)—
Sita śimbika Wheat.

ସିତଶୂକ—ସଂ. ବ (ବହୁବ୍ରୀ.ହି)—ଯବ (ହି. ଶ)—
Sitaśūka Barley (grain).

ସିତ ଶୂରଣ—ସଂ. ବ—ବନଶୂରଣ (ବୃଜନବର୍ଦ୍ଧ୍ୟ)—
Sita śūraṇa The wild varety of arum.

ସିତଶୃଙ୍ଗୀ—ସଂ. ବ [ସିତ+ଶୃଙ୍ଗ+ଇନ୍; ୧ମା. ୧ବ]—ଅତିବିଷା
Sitaśrungī [ହି. ଶ]—Aconite.

ସିତସପ୍ତି—ସଂ. ବ (ସିତ=ଶୁକ୍ଳ ଅର୍ଥେ ସପ୍ତି=ଅଶ୍ୱ ସାଦୃଶ୍ୟ; ବହୁବ୍ରୀ.ହି)-
Sita sapti ୧। ପ୍ରଥମ ପାଣ୍ଡବ ଅର୍ଜୁନ—1. The third Pāṇḍaba brother Arjjuna. ୨। [କର୍ମଧା] ଶ୍ୱେତ ଅଶ୍ୱ—2. White horse

ସିତ ସର୍ଷପ—ସଂ, ବ—ଗୌର ସର୍ଷପ; ଧଳା ସୋରିଷ [ବୃଜନବର୍ଦ୍ଧ୍ୟ]
sita sarshapa The white variety of rye.

ସିତ ସାଗର[ସିନ୍ଧୁ]—ସଂ. ବ—୧। କ୍ଷୀର ସାଗର—1. The mytho
Sita sāgara sindhu logical sea of milk.
୨. ଗଙ୍ଗା [ହି.ଶ] 2. The Ganges.

ସିତ ସାର (ସାରକ)—ସଂ. ବ [ଅନ୍ୟରୂପ ଶିତସାର]—ଶାଳଞ୍ଚ ଶାକ;
Sita sāra (sāraka) ସଦରଙ୍ଗା (ବୃଜନବର୍ଦ୍ଧ୍ୟ)—A sort of aquatic pot herb; Alteranthera Sessilis

ସିତସିଂହୀ—ସ୍ତ୍ରୀ. ବ—ଶ୍ୱେତ କଣ୍ଟକାରୀ (ବୃଜନବର୍ଦ୍ଧ୍ୟ) (ଦେଶ)
Sitasiṁhī Śweta kaṇṭakārī (See)

ସିତା—ସ୍ତ୍ରୀ. ବଶ (ସିତ+ଆ)—ସିତର ସ୍ତ୍ରୀଲିଙ୍ଗ; ଶ୍ୱେତା; ଶୁକ୍ଳା—
Sitā Feminine of Sita (white). ସ. ବ—୧। ଶ୍ୱେତ ଶର୍କରା; ଖଣ୍ଡ; ଚନି; ନବାତ; ଚିନି (ବୃଜନବର୍ଦ୍ଧ୍ୟ)—1. Bleached sugar; white sugar. [ଉ—ମାଧୁର୍ଯ୍ୟ ଲୋଭରେ ଗାଇଲେ ସିତା—କବିସୂର୍ଯ୍ୟ. ସଙ୍ଗୀତ।] ଦ୍ର—ଏଡ଼ା ପୁମଧୁର, ରୁଚ୍ୟ, ବାତପିତ୍ତାପହର, ଶୁକ୍ରକର, ଦୁର୍ଚ୍ଛାଛର୍ଦ୍ଦିକ୍ଷୟର ନାଶକ ଅଟେ।] ୨। ମଲ୍ଲିକା (ଶବ୍ଦରତ୍ନାବଳୀ)—2. Jasmine. ୩। ଶ୍ୱେତ କଣ୍ଟକାରୀ (ଦେଶ)—3. Śweta kaṇṭakārī (See) ୪। ବାଘୁଡ଼ୀ; ସୋମରାଜୀ—4. Serratula Anthelmentica ୫। ବଦାଳ; ଭୂଇଁକଖାରୁ (ବୃଜନବର୍ଦ୍ଧ୍ୟ)—5. A medicinal bulbous root; Ipomoea Digitata. ୬। ଶ୍ୱେତଦୂର୍ବା (ବୃଜନବର୍ଦ୍ଧ୍ୟ)—6. The white doob grass. ୭। ଚନ୍ଦ୍ରିକା; ଚାଲତା (ବୃଜନବର୍ଦ୍ଧ୍ୟ)—7. Common cress. ୮। କୁଟୁମ୍ବିଜା ଗୁଳ୍ମ (ବୃଜନବର୍ଦ୍ଧ୍ୟ)—8. A kind of plant. ୯। ମଦ୍ୟ (ବୃଜନବର୍ଦ୍ଧ୍ୟ)—9. Wine. ୧୦। ପିତ୍ତା; ପିତ୍ତଳ (ବୃଜନବର୍ଦ୍ଧ୍ୟ)—10 Brass ୧୧। ଜାମୁମାଣା; ଭଦଭଦଳଆ ନାମକ ଗୁଳ୍ମ (ବୃଜନବର୍ଦ୍ଧ୍ୟ)—11. A plant; Thalicrotnm Faliolosum. ୧୨। ଭେଜଗା; ମୁରୁଗା ଘାସ; ମୁଙ୍ଗା (ବୃଜନବର୍ଦ୍ଧ୍ୟ)—12. A kind of grass. ୧୩। ଶଙ୍ଖ ଜାତ ଅପୁଷ୍ପଜା (ଭରିସାଲା)—13. The clitoris flower growing in the mountain. ୧୪। ଚନ୍ଦ୍ରିକା; (ଜ୍ୟୋତ୍ସ୍ନା ହି. ଶ)—14. Moonlight.

Digitized by srujanika@gmail.com

୧୫ । ଶୁକ୍ଳପକ୍ଷ (ତ୍ରି. ଶ)—15 The bright lunar fortnight. ୧୬ । ଅର୍କପୁଷ୍ପୀ (ତ୍ରି. ଶ)—16. Arkapushpī (See). ୧୭ । ବଚ୍ (ତ୍ରି. ଶ)—17. Acorus Calamus; the sweet flag (root). ୧୮ । ସିଂହଲୀ ପିପ୍ପଳୀ (ତ୍ରି. ଶ)—18. A kind of white long pepper. ୧୯ । ଅମ୍ବାଡ଼ବ; ଅମ୍ବଡ଼ା (ତ୍ରି. ଶ)—19. Hogplum. ୨୦। ଗୋରୋଚନା (ତ୍ରି. ଶ)—20. A yellow pigment got from dead kine. ୨୧ । ରଜତ; ରୁପା (ତ୍ରି. ଶ)—21. Silver. ୨୨ । ଶ୍ୱେତପୁରୁଣୀ (ତ୍ରି. ଶ)—22. The white variety of bogweed. ୨୩ । ଶ୍ୱେତ ପାଣ୍ଡର ବୃକ୍ଷ (ତ୍ରି. ଶ)—23. The white flowered Stereospermum Suaveolens tree. ୨୪ । ଧଳା ସିମ୍ (ତ୍ରି.)—24. White bean ପ୍ରାଦେ. (ବଙ୍ଗଳିର ପାଣ୍ଡିଶା) ବ—ପଖାଳ ଭାତ—Watered boiled rice.

ସିତାଂଶୁ—ପୁ. ବ (ବହୁବ୍ରୀ.ହି; ସିତ ଅଟେ ଅଂଶୁ ଯାହାର) —୧ । Sitāṁśu ଚନ୍ଦ୍ର—1. The moon. ୨ । କର୍ପୂର—2. Camphor.

ସିତାଂଶୁ ତୈଳ—ପୁ. ବ—କର୍ପୂର ତୈଳ (ସୁଶ୍ରୁତ) —Sitāṁśu taila Oil of camphor.

ସିତାଂଶୁ ମୁଖ—ବି. ବଶ. ପୁଂ (ବହୁବ୍ରୀ.ହି; ସିତାଂଶୁ ସଦୃଶ ମୁଖ ଯାହାର) (ସିତାଂଶୁ ମୁଖୀ—ସ୍ତ୍ରୀ) Sitāṁśu mukha —ଚନ୍ଦ୍ରମୁଖ; ଚନ୍ଦ୍ର ପରି ସୁନ୍ଦର ମୁଖବିଶିଷ୍ଟ —Having the face as beautiful as the moon.

ସିତା ଖଣ୍ଡ—ପୁ. ବ—୧ । ମଧୁଜାତ ଶର୍କରା—Sitā khaṇḍa 1. Sugar from honey. [ଦୃ—ଏହାର ଗୁଣ—ପ. ପର୍ଯ୍ୟା—ଶର୍କର, ସିତଜା, ଶର୍କରଜା, ମାଧ୍ୱୀ, ମଧୂଶର୍କରା, ମାକ୍ଷିକଶର୍କରା ମଧୁରତ୍ୱ, ବୃଦ୍ଧି, କଫ, ବ୍ରଣ, ତୃଷ୍ଣା, ଶ୍ୱାସ,ହିକ୍କା,ପିତ୍ତଦୋଷ ନାଶକତ୍ୱ ।] ୨ । ମିଶ୍ରି (ତ୍ରି. ଶ)—2. Sugar candy

ସିତାଗ୍ର—ପୁ. ବ (ବହୁବ୍ରୀ.ହି; ସିତ+ଅଗ୍ର)—ବର୍ଣ୍ଣକ (ଦ୍ୱାତ୍ରିଂଶତ୍) —Sitāgra Thorn.

ସିତାଙ୍କ—ପୁ. ବ—ବାଲୁକାଗଡ଼ ମତ୍ସ୍ୟ; ବାଲୁଗଉଡ଼ା ମାଛ (ଦ୍ୱାତ୍ରିଂଶତ୍) Sitāṅka —A species of small scaly freshwater fish.

ସିତାଙ୍ଗ—ପୁ. ବ—ଶ୍ୱେତ ସେହୁଡ, ଧଳା ସୁଅମ କାଠ (ତ୍ରିକାଣ୍ଡ) —Sitāṅga A white species of Suāma tree.

ସିତାଜାଜି—ପୁ. ବ—ଶ୍ୱେତ ଜୀରକ (ତ୍ରିକାଣ୍ଡ) —Sitājāji The white Jirā.

ସିତାଦି—ପୁ. ବ—୧ । ଗୁଡ଼ (ତ୍ରିକାଣ୍ଡ)—1. Molasses ୨ । ଖଣ୍ଡ; ଚନ୍ଦ—2. Whitened sugar; bleached sugar.

ସିତାନନ—ପୁ. ବଶ. ତ୍ରି. (ବହୁବ୍ରୀ.ହି) —ଶୁକ୍ଳ ମୁଖଯୁକ୍ତ—Having a white face. ପୁ. ବ—୧ । ଗରୁଡ଼ [ଶବ [ସିତାନନା—ସ୍ତ୍ରୀ] ଜଲ୍ପତ୍ର]—1. The mythological king of birds. ୨ । ବେଲ ଗଛ [ତ୍ରି. ଶ]—2. Aegle Marmalus (tree).

ସିତାପାଙ୍ଗ—ପୁ. ବ (ବହୁବ୍ରୀ.ହି; ସିତ=ଶୁକ୍ଳବର୍ଣ୍ଣ+ଅପାଙ୍ଗ=ଚକ୍ଷୁର ପାଶ୍ୱର୍ଭାଗ) —ମୟୂର—Peacock. Sitāpāṅga

ସିତା ଫଳ—ଆଦେ (ଗଙ୍ଗାମ, ଘୁମସର) —ଆତ—Custard apple; Anona Squamosa. Sitā phala ଆତା सीताफल, शरीफा

ସିତା(ଭି)ବର—ପୁ. ବ—ସୁନ୍ନପତ୍ରକ; ଶାକବିଶେଷ; ସୁନୁସୁନଆ ଶାଗ—Sitā(ti)bara Marsilia Quadrifoliata. ପ. ପର୍ଯ୍ୟା—ସୁଚ୍ୟଗ୍ର, ସୂଚିପତ୍ରକ, ଶାକାରକ, ଶିଗ୍ରୁ, ସୁନ୍ନପତ୍ରକ, ବର୍ବୁର, ପୁଷ୍ପିକ, ସୁନ୍ନପତ୍ରକ, ଚୁରୁଣ୍ଟ, ଚୁଚୁଣ୍ଟ, ସୂଚୀଦଳ, ଶ୍ୱେତାବର, ସେଧାକୃତ, ଗ୍ରାମ୍ୟ, ବହୁପତ୍ରୀ, ସିତବରକା [ତୁ—ଏହା ସଗ୍ରାହ୍ୟ, କଷାୟ, ଉଷ୍ଣ, ବିଦୋଷନାଶୀ, ମେଧା ଓ ରୁଚିପ୍ରଦ, ରସାୟନ ଓ କଫାଜାଶ ଅଟେ । ଏହାର ସତ୍ୟ ଚତୁର୍ଦ୍ଦଳ ଓ ସତ୍ୟର ଡେଙ୍ଗ ଦୁଇ ପତ୍ର ସରୁ । ଏହା ଜଳା-ଭୂମିରେ ଜନ୍ମେ ।] ସୁସନେ ଶାକ सुसनी साक

ସିତାବଲ୍ଲୀ—ସ୍ତ୍ରୀ. ବ—ବାଳୁତୀ; ସୋମବଲ୍ଲୀ (ତ୍ରିକାଣ୍ଡ) —Sitābarī Serratula Anthelmintica (herb and seed).

ସିତାବ୍ଜ—ପୁ. ବ—ଶ୍ୱେତ ପଦ୍ମ—Sitābja White lotus.

ସିତାଭ୍ର—ପୁ. ବଶ. ପୁଂ (ସିତ+ଅଭ୍ର; ବହୁବ୍ରୀ.ହି)—ଶୁକ୍ଳ ଅଭ୍ରଯୁକ୍ତ—Sitābha Having a white lustre. ପୁ. ବ—କର୍ପୂର—(ସିତାଭ୍ର—ସ୍ତ୍ରୀ) Camphor ଚନ୍ଦ୍ର—The moon.

ସିତାଭା—ସ୍ତ୍ରୀ ବ—ଉତ୍ତରାଞ୍ଚଳୀୟ (ତ୍ରିକାଣ୍ଡ) —Sitābhā A kind of medicinal plant.

ସିତା ଭୋଗ—ଦେ. ବ (ପ. ସିତା=ଶୁକ୍ଳ ବା ଚିନି+ଭୋଗ)—Sitā bhoga ୧ । ଗୁଜୁଲ ଅଟା, ମଇଦା, କ୍ଷୀର ଓ ଛେନା ଦ୍ୱାରା ସୀତାଭୋଗ ପ୍ରସ୍ତୁତ ଘିଅଭଜା ମିଷ୍ଟାନ୍ନବିଶେଷ—1. A kind of sweetmeat. [ଦୃ—ସିତାଭ୍ରେଗ ଦେଙ୍ଗିକାରୁ ଧଳା ଘିଅଘର । ଗୁଜୁଲଅଟା, ମଇଦା, ଦୁଧଛେନା ଓ ଘନ ଅଳ୍ପଟା ଦୁଧ ବା ବହଳୁଆ ଏବଡୁ ଚକ୍କଟି ଭାବୁ ପିଠାଘର ଭର ଜାଲରଟିର ରନ୍ଧ୍ରବାଟେ ନଅଁ ଉପରେ ବସିଥିବା ଘିଅ କଟେରିରେ ଝାଡ ଏହା ଉଥର କରାଯାଏ । ବର୍ତ୍ତମାନର ସିତାଭ୍ରେଗ ପ୍ରସିଦ୍ଧ ମିଷ୍ଟାନ୍ନ ଅଟେ । ଅଜକାଲି ଏହା କଟକରେ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରସ୍ତୁତ ହେଉଅଛି ।] ୨ । ଏକପ୍ରକାର ସରୁ ଧାନ—2. Name of a species of fine paddy. [ଦୃ—ଏହାର ଗୁଜୁଲ ବାସନାଯୁକ୍ତ ହୁଏ ।]

Digitized by srujanika@gmail.com

ସିତଭ୍ର—ସଂ· ବ—୧ । କର୍ପୂର (ଅମର)—1. Camphor· ୨ । Sitābhra ଧଳା ମେଘ (ହେ. ଶ)—2. White cloud. (ସିତାଭ୍ରକ—ଅନ୍ୟରୂପ)

ସିତାମ୍ବର—ସଂ. ବ—୧ । (କର୍ମଧା) ଶୁଭ୍ର ବସ୍ତ୍ର—1. White Sitāmbara cloth. ୨ । (ବହୁବ୍ରୀହି) ଜୈନମାନଙ୍କ ଶ୍ୱେତାମ୍ବର ସମ୍ପ୍ରଦାୟ—2.A sect of the Jainas· ସଂ. ବଣ. ପୁଂ—ଶୁଭ୍ର ବସ୍ତ୍ର ପରିଧାନକାରୀ (ବ୍ୟକ୍ତି)—[ସିତାମ୍ବର—ଷ୍ତ୍ରୀ. ବଣ] Wearing white cloth.

ସିତାମ୍ଭୋଜ—ସଂ· ବ (କର୍ମଧା, ସିତ + ଅମ୍ଭୋଜ)—ଶ୍ୱେତପଦ୍ମ— Sitāmbhoja White lotus.

ସିତାର(ରା)—ବୈଦେ. ବ [ଫା. ସେତାର୍, ସିତାର୍ (ସେ, ସି = ତିନି; ସଂ. ତ୍ରିତନ୍ତ୍ରୀ]—ଲମ୍ବୁତୁମ୍ବୀ ଲଗିଥିବା ଏବଂ ଲମ୍ବାର ୧ ଗୋଟି ଓ ପିତଳର ୪ଟି ବା ୬ଟି, ଏପରି ମୋଟରେ ୫ଟି ବା ୭ଟି ତାରଯୁକ୍ତ ବାଦ୍ୟଯନ୍ତ୍ର ବିଶେଷ— Sitar Guitar [ଦ୍ର—ଲମ୍ବୁ ତୁମ୍ବୀର ଘାଣ୍ଟାକାର ଅର୍ଦ୍ଧାଂଶ ଉପରେ ପତଳା ଚାମଣି କରା ଚର୍ମରେ ଗୋଟିଏ ଯୋଲ୍ଲ ଦଣ୍ଡା ଲଗାଯାଏ; ସେହି ଦଣ୍ଡାର ଏକ ମୁଣ୍ଡରେ ଜଣାମାନ କରି ସେ ଜଣାମାନଙ୍କରେ କାଠର ଖିଲମାନ ଯୋଡାଯାଏ । ତୁମ୍ବୀର ଯେଉଁ ମୁଣ୍ଡରେ ଦଣ୍ଡ ଲଗିଥାଏ ତହିଁର ବିପରୀତ ମୁଣ୍ଡରେ ଗୋଟିଏ ଖିଲମାର ସେ ଖିଲରେ ତାରଗୁଚ୍ଛକର ଗୋଟିଏ ମୁଣ୍ଡ ବନ୍ଧାଯାଏ ଓ ସେ ତାରମାନଙ୍କୁ ଦଣ୍ଡର ଉପରେ ଲମ୍ବ ଭାବରେ ନେଇ ଦଣ୍ଡର ଅନ୍ୟ ମୁଣ୍ଡର ଛିଦ୍ରମାନଙ୍କରେ ଯୋଡାଥିବା ଖିଲ-ମାନଙ୍କ ଦେହରେ ବାନ୍ଧିବାକୁ ହୁଏ ଓ ଉକ୍ତ ଖିଲମାନଙ୍କ ଦ୍ୱାରା ଉକ୍ତ ତାରମାନଙ୍କୁ ଚଢ଼ାଯାଏ ବା ଟୁଗୁଲା କରାଯାଏ । ଦଣ୍ଡର ଅଡ଼ ବାଗରେ ଧାତୁର ଗୁଡ଼ିଏ ପରଦା ବା ଘାଟି ବନ୍ଧାଯାଏ । ତାହାଣ ହାତର ତର୍ଜନୀଅଙ୍ଗୁଠି ଦ୍ୱାରା ତାର-ମାନଙ୍କୁ ଧ୍ୱନିତ କରାଯାଏ ଓ ବାଁଆ ହାତ ଦ୍ୱାରା ଦଣ୍ଡକୁ ମୁଠାଇ ଧରି ବାଁଆ ହାତର ତର୍ଜନୀଅଙ୍ଗୁଠି ଦ୍ୱାରା ତାରକୁ ଉକ୍ତ ପରଦା ବା ଘାଟି (ସଂ. ଘଟ୍ଟ)ମାନଙ୍କ ଉପରେ ଚପିବାକୁ ଓ ଛାଡ଼ିଦେବାକୁ ହୁଏ ଓ ପରଦାମାନଙ୍କ ଉପରେ ବାଁଆ ହାତର ତର୍ଜନୀଅଙ୍ଗୁଠିକୁ ଉପରକୁ ବା ତଳଅଡ଼କୁ ଚଲାଇଲେ ଉକ୍ତ ଉନ୍ନ ସ୍ୱର ବାହାରେ । ଲମ୍ବା ତାର ଦ୍ୱାରା ଜନ୍ମିତ 'ମିଜ୍‌ରବ୍'କୁ ତାହାଣ ହାତର ତର୍ଜନୀଅଙ୍ଗୁଠିରେ ଟେପିଥର ପିନ୍ଧି ଏହି ତାରମାନଙ୍କୁ ବଜାଇବାକୁ ହୁଏ ।

ଲମ୍ବର ଗୋଲର ଅଧଫାଳକୁ ତୁମ୍ବ, ତୁମ୍ବା ବା ତୁମ୍ବୀ (ସଂ. ତୁମ୍ବ) କୋଲ୍ଲଯାଏ । ତୁମ୍ବ ଉପରେ କୁଅଡ଼ି ଦୋଇ ଥିବା ଟଣା କାଠର ପଟାକୁ 'ତବଲ' କହନ୍ତି । ତବଲ ଓ ତୁମ୍ବୀର ଗୋଟିଏ ପାଶରେ ଗୋଟିଏ ଖିଲ (ଖୁଣ୍ଟି)ରେ ତାରମାନଙ୍କୁ ଗଣ୍ଠାଇ ରଖି ତବଲର କେନ୍ଦ୍ରରେ ଦୁଇଟି ଗୋଡ଼ ଥିବା ହାଡ଼ର ବା ହାତୀଦାନ୍ତର ଘୋଡଅ (ସଦ୍ଭଅ, ଚଳ୍ଲକା, ସବାରି) ର ଉପର ଭେଇ ତାରମାନଙ୍କୁ ଟାଣି କରି ଦଣ୍ଡର ଶେଷ ଉପରେ ଅଡ଼ ବାଗରେ ସଂଲଗ୍ନ ୨ଟି ହାଡ଼ ବା ହାତୀଦାନ୍ତର ମଗରମୁହାଁ ପିଡ଼ା [ଅଡ଼ ବା ସରସ୍ତଙ୍ଗ; ସଂ· ଅଳ] ଉପର ବାଟେ ନେଇ ତାରମାନଙ୍କୁ ଦଣ୍ଡାର ମୁଣ୍ଡରେ ଥିବା ତାଠ ଖିଲ [ତାନ; ସଂ. କଣ୍ଡି] ରେ ଗୁଡ଼ାଇବାକୁ ହୁଏ ।

ପ୍ରଥମ ତାର ଇସ୍ପାତର । ଏହାକୁ 'ବାଜ୍' 'ପଜ୍‌ରା' ବା 'ନାସୃଙ୍କା' ତାର କୋଲ୍ଲଯାଏ । ଏହି ତାରକୁ ତାହାଣ ହାତରେ ମଜରବ୍ ଦ୍ୱାରା ବଜାଇ ବାଆଁ ହାତର ଅଙ୍ଗୁଠି-ମାନଙ୍କ ଦ୍ୱାରା ଘାଟି ବା ପରଦା ଉପରେ ଘଷି ସ୍ୱରକୁ ଉପନ୍ତିତ କରାଯାଏ । ଅନ୍ୟ ପିତଳ ତାରଗୁଡ଼ିକରେ କେବଳ ମଜରବ୍‌କୁ ଅଘାତ କରିବାକୁ ହୁଏ । ୨ୟ ଓ ୩ୟ ତାରକୁ 'ଖରଜ'ର ଯୋଡ଼, ୪ର୍ଥ ଲମ୍ବାର ତାରକୁ 'ଅନୁମ' ଓ ୫ମ ତାରକୁ 'ଖରଜ' କୋଲ୍ଲଯାଏ । ଏହି ୫ଟି ତାର ବ୍ୟତୀତ ୨ଟି ଛୋଟ ଲମ୍ବା ତାରକୁ 'ଉରଫ୍ ତାର' ବା 'ଚଡାଉ' କୋଲ୍ଲଯାଏ । 'ନାସୃଙ୍କା' ତାରର ସ୍ୱରକୁ ଉଚ୍ଚଗାଚ କରିବା ପାଇଁ ତାରର ମୁଣ୍ଡ ଅର୍ଥାତ୍ ସବାରି ଓ ଥୁଣ୍ଟିର ମଧ୍ୟରେ ଥିବା ଅଂଶ]ରେ ତାଚର ମାଳ ବା ଗୋଲ୍ଲ ବା ଛୋଟ ଚଉଡ଼ା [ମାବୃଙ୍କା] ଲଗା ଯାଇଥାଏ ।

ମୁଦ୍ଦେ ଓଡ଼ିଶା ଗଡ଼ଜାତର ଦେଉଳରେ ସିତାରର ଉଲ୍ଲିଖ ତାର ପ୍ରଚଳିତ ଦେଖିଥିଲ । ବର୍ତ୍ତମାନ ଯୁକ୍ତପ୍ରଦେଶର ବଣ୍ଡବଟରେଳାରୁ ସିତାର ପାଇଁ ଉଲ୍ଲିଖ ତାର ଅସେ ।]

ସିତାରି—ଦେ· ବ—ସିତାର ବଜାଇବାରେ ଦକ୍ଷ ବ୍ୟକ୍ତି— Sitārī A person who can play on guitar. [ସିତାରବାଜ୍, ସିତାରିଆ—ଅନ୍ୟରୂପ]
ସେତାରୀ सितारी, सितारवाज

ସିତାର୍ଜ(ର୍ଜ୍ଜ)କ—ସଂ. ବ—ଶ୍ୱେତ ତୁଳସୀ—The white variety Sitārja(rjja)ka of Basil plant. [ଦ୍ର—ଏହା କୃଷ୍ଣ, ସଂ· ପର୍ଯ୍ୟାୟ—ବୈଭୁଣ, ବହୁପତ୍ରକ, କୁଠେରକ, ଜମ୍ବୀର, ଗନ୍ଧବଦଳ, ସୁମୁଖ, କୃଷ୍ଣପତ୍ରକ । } ଉଷ୍ଣ, କଫବାତ ଓ ନେତ୍ର ରୋଗର ନାଶକ, ରୁଚ୍ୟ ଓ ସୁଗନ୍ଧପ୍ରବର୍ଦ୍ଧକ ଅଟେ ।]
ଶ୍ୱେତ ତୁଳସୀ श्वेत आजवला
ମ. ପାଂଢ଼ରା ଆଜବଲ

ସିତାଳକ—ସଂ. ବ—ଶ୍ୱେତ ଅର୍କ (ବୃଜନ୍ମର୍ଦ୍ଧ୍ନ) — Sitālaka The white variety of Calotropis Gigantea plant.

ସିତାଲତା—ସଂ. ବ—ଶ୍ୱେତଦୂବା (ରତ୍ନମାଳା)— Sitālatā The white Doob grass.

ସିତାଳିକା—ସଂ. ବ—ଶୁକ୍ତି; ସିପ (ହେ. ଶ)
Sitālikā Oyster shell.

ସିତାଶ୍ମା—ସଂ. ବ (ସିତ + ଅଶ୍ମନ୍=ପଥର; ୧ମା. ୧ବା)—ଚନ୍ଦ୍ରକାନ୍ତ ମଣି—A gem; the moon-stone.

Digitized by srujanika@gmail.com

ସିତାଶ୍ୱ—ସଂ. ବ—୧ । (ବର୍ମଧା) ଧଳା ଘୋଡ଼ା—1. White horse. ୨ । (ବଦ୍ଧ୍ୱା ହୁ) ଅର୍ଜୁନ—2. The 3rd Pāṇḍaba brother. ୩ । (ବଦ୍ଧ୍ୱା ହୁ) ଚନ୍ଦ୍ର । ହୁ. ଶ)—3. Moon.

ସିତାସିତ—ସଂ. ତଣ (ସିତ+ଅସିତ)—ଶୁକ୍ଳ ଓ କୃଷ୍ଣ—White and black. ସଂ. ବ—୧ । ବଲରାମ; ବଲଦେବ—1. The brother of Śrīkṛūshṇa. ୨ । (ଜ୍ୟୋତିଷ) ଶୁକ୍ର ଗ୍ରହ ସହିତ ଶନି ଗ୍ରହ—2. The planet Venus with Saturn. ୩ । ଗଙ୍ଗା ଓ ଯମୁନା (ହୁ. ଶ)—3. The Ganges and the Jāmuna rivers.

ସିତାହ୍ୱୟ—ସଂ. ବ—୧ । ସଜନା (ବ୍ରଜନଦର୍ଘଣ୍ଟ)—1. The horse radish. ୨ । ଶ୍ୱେତ ଶୋହୁତ; ଧଳା ସୁଆଁ ଗଛ (ବ୍ରଜନଦର୍ଘଣ୍ଟ)—2. A timber tree. ୩ । ଧଳା ସଜନା (ହୁ. ଶ) 3. The white flowered Moringa. ୪ । ଧଳା ତୁଳସୀ (ହୁ. ଶ·)—4. The white Basil plant.

ସିତି—ସଂ. ତଣ (ସି ଧାତୁ=ବନ୍ଧନ କରିବା+କ୍ତି· ଇ; ଅନୟରୂପ ଖିତ)—୧ । ଶୁକ୍ଳ (ରତ୍ନାକାଥ)—1. White· ୨ । କୃଷ୍ଣ; କଳା [ରତ୍ନାକାଥ]—2. Black. ୩ । ନୀଳ—3. Blue.

ସିତିକଣ୍ଠ—ସଂ. ବ—ଶିବଙ୍କର; ମହାଦେବ [ଶବ୍ଦକଳ୍ପଦ୍ରୁମ]—Sitikaṇṭha God Śiba.

ସିତିକାର—ବା. ବ [ସଂ· ସୀତ୍କାର]—ସୀତ୍କାର [ଦେଖ]—Sitikāra Sīt-kāra (See). [ତୁ—ଜ୍ୟେ ସୀତ୍କାର **सिसकारी** ଜଖଇନ୍ତୁ ସିତିକାରେ ବକେ ଚୁମ୍ବି ପଡ଼ି ମୁଗେ ବୋଲେ ସ୍ୱତ ଡୋ ଏ ନା—ଉଷଂ ରସରତ୍ନକ ।]

ସିତିବାର(ବାରକ)—ସଂ. ବ—ସିତାବର [ଦେଖ] Sitibāra(bāraka) Sitābara (See)

ସିତିବାସ—ସଂ· ବ—ବଳଦେବ [ଶବ୍ଦକଳ୍ପଦ୍ରୁମ]—Sitibāsa Lord Baladeba.

ସିତିମା—ସଂ.ବ [ସିତ+ଭାବେ ଇମନ୍; ୧ମା· ୧ବ]—୧। ଶୁକ୍ଳତା—Sitimā 1. Whiteness. ୨ । କୃଷ୍ଣତା—2. Blackness.

ସିତିଲିଆ—ପ୍ରାଦେ [ବଲ୍ମଜିରପାଟଣା] ବ—ଉଣ୍ଠ ଘାଅ—Sitiliā Eruptions or sores in the mouth or on the lips.

ସିତିଲି ପଶିବା—ପ୍ରାଦେ [ବଲ୍ମଜିରପାଟଣା] କି—ସନ୍ତେଇବା; ଅର୍ଦ୍ରଦେବ—To be damp.

ସିତୁ—ଦେ. ବ (ନାମ) (ଅଦର୍ଥକ)—'ସୀତାରାମ'ର ଡାକନାମ—Situ The name for calling 'sitārāma' (ସିତୁଥ— ଅନାଦରାର୍ଥ ରୂପ)

ସିତେକ୍ଷୁ—ସଂ. ବ (ସିତ+ଇକ୍ଷୁ)—ଶ୍ୱେତେକ୍ଷୁ; ଧଳା ଅଖୁ—Sitekshu White sugarcane.

ସିତେତର—ସଂ.ବ (*ନଗି ତତ୍;ସିତ+ଇତର) ୧ । ଶସ୍ୟଗଣ୍ଡା; କୁଲଥି Sitetara 1. A cereal; horse-gram. ୨ । ଶୁକ୍ଳେତର ବର୍ଣ୍ଣ—2. Any colour other than white. ସଂ. ବଣ—୧ । କୃଷ୍ଣବର୍ଣ୍ଣବିଶିଷ୍ଟ; କଳା—1. Black. ୨ । ନୀଳ (ହୁ· ଶ); ନେଳ—2. Blue.

ସିତେତର ଗତି—ସଂ· ବ—କୃଷ୍ଣବର୍ତ୍ମା; ଅଗ୍ନି (ତନାଯୁଧ)—Sitetara gati Fire.

ସିତୋଦର—ସଂ· ବ (ବବ୍ଦ୍ୱା ହୁ; ସିତ=ଶ୍ୱେତ+ଉଦର ଯାହାର)—Sitodara କୁବେର (ଦେବତତ୍ତ୍ୱ)—The God of wealth.

ସିତୋଦ୍ଭବ—ସଂ. ବ—ଶ୍ୱେତ ଚନ୍ଦନ (ଶବ୍ଦରତ୍ନାବଳୀ)—Sitodbhaba The white sandal. ସଂ. ବଣ—ଶର୍କରାରୁ ଜାତ—Produced from sugar.

ସିତୋପଳ—ପୁ ବ (ସିତ+ଉପଳ)—୧ । ଚଠିଆ; ଖଡ଼ି (ହିନ୍ଦୀଶବ୍ଦ-ଶେଷ)—1. Chalk. ୨ । ସ୍ଫଟିକ (ବ୍ରଜନଦର୍ଘଣ୍ଟ)—2. Quartz.

ସିତୋପଳା—ପୁ ବ—୧ । ଶର୍କରା (ଦେବରତ୍ନ)—1. Sugar· Sitopalā ୨ । ମିଶ୍ରି (ହୁ· ଶ)—2. Sugarcandy.

ସିଦ(ଦା,ଦି,ଦୁ,ଧ,ଧା,ଧି,ଧୁ)—ଭା. ବ (ନାମ)—ସିଦ୍ଧନାଥ ବା Sida(dā,di,du,dha,dhā,dhi,dhu) ସିଦ୍ଧେଶ୍ୱରଙ୍କ ଡାକନାମ-[ସିଦ(ଧ୍ୟ)ଅ, ସିଦେ(ଧେ)ଇ—ଅନ୍ୟରୂପ] Names for calling Siddheśwara.

ସିଦ(ଧ)ଶର—ଭା. ବ—ସିଦ୍ଧେଶ୍ୱରର ଡାକନାମ—Sida(dha)śara Name for calling Sidheśwara.

ସିଦା(ଧା)—ଦେ. ବ (ସଂ ସିଦ୍ଧ; ଯାହା ସିଦ୍ଧ କରାସିବ)—କୌଣସି Sidā(dhā) ଅଗତ୍ୟକ ବ୍ୟଞ୍ଜନ ଭୋଜନ ନମିତ୍ତ ଚାଉଳ ସିଧା **सिधा** ଜଳରହିତ ପ୍ରେରତ ଡାଲି ଗୁଡ଼ାଳ ଆଦ ରନ୍ଧନ ସାମଗ୍ରୀର ସମ୍ଭାର; ଅମାନ୍ନ; ଅସିଦ୍ଧ ଖାଦ୍ୟ-A tray of victuals, uncooked victuals ସିଧେ **सीधा** sent to a guest. ଦେ. ବଣ (ସଂ ଶୁଦ୍ଧ)—୧ । ସରଳ—1. Straight. ୨ । ଅମାୟିକ; ସରଳ; ଋଜୁସ୍ୱଭାବ—2. Straight; simple. ୩ । ପ୍ରହାର ବା ଦଣ୍ଡାଦିଦ୍ୱାରା ଅସୃତ—3. Brought under control.

ସିଦା(ଦେ)ଇବା—ଦେ· କି—ସିଧାଇବା (ଦେଶ) Sidā(de)ibā Sidhāibā (See)

ସିଦା ସଞ୍ଚା—ଦେ. ବ (ଏତାର୍ଥକ ସହଚର)—ସିଦା [ଦେଶ] Sidā sanchā Sidā (See)

ସିଧାପତ୍ର **सीधासामग्री**

Digitized by srujanika@gmail.com

ସିଦ୍ଧା ସାମଗ୍ରୀ—ବେ. ବ—ରନ୍ଧାସିବାପାଇଁ ଅପକ୍ୱଦ୍ରବ୍ୟ ଦେଯିବା
Sidā sāmagrī ଦ୍ରବ୍ୟମାନ—Uncooked victuals
ସିଧାସାମଗ୍ରୀ **ସିଧାସାମଗ୍ରୀ** sent to a guest.

ସିଦ୍ଧି—ପ୍ରା. ବ (ସଂ ସିଦ୍ଧି)—ସିଦ୍ଧି (ଦେଖ)
Sidi Siddhi (See)
ସିଦି **ସିଧି**

ସିଦୋ—ପ୍ରାଦେ (ବଲ୍ଲଙ୍ଗିରପାଟଣା) ବ—ସୁଯୋଗ; ସୁବିଧା—
Sido Opportunity; chance.

ସିଦ୍ଧ—ସଂ ବିଣ [ସିଧ୍ ଧାତୁ+ଭର୍ମ ତ]—୧। ଅଗ୍ନି ଥରେ ପକ
Siddha ହେଇ ଯାଇଥିବା; ପକ୍ୱ; ସିଝା ଯାଇଥିବା—
1. Boiled over fire. ୨। ରନ୍ଧା ଯାଇଥିବା; ପକ୍ୱ—
ସିନେଟ୍ ମିଟିଙ୍ଗ—ବୈଦେ. ବି (ଇଂ. ସିନେଟ୍ ମିଟିଂ)—ସିନେଟ୍
Sineṭ miṭing ସଭାର ଅଧିବେଶନ—Senate meeting.
ସିନେଟ ମିଟିଙ୍ଗ **सिनेट मीटिंग** (ସିନେଟ୍ ମିଟିଂ-ଅନ୍ୟରୂପ)

ସିନେଟ୍ ମେମ୍ବର୍—ବୈଦେ. ବି—ବିଶ୍ୱବିଦ୍ୟାଳୟର ସଭ୍ୟ—Member
Sineṭ membar of the senate of a University.
ସିନେଟ ମେମ୍ବର୍ **सिनेट मेंबर**

ସିନେଟ୍ ସଭା—ଦେ. ବି (ଇଂ ସିନେଟ୍+ସ. ସଭା)—ସିନେଟ୍
Sineṭ sabhā (ଦେଖ)—Sineṭ (See)
ସିନେଟ ସଭା **सीनेट सभा**

Digitized by srujanika@gmail.com

ସିନେଟ୍ ହଲ୍—ବୈଦେ. ବ (ଇଂ. ସିନେଟ୍ ହଲ୍)—ସିନେଟ୍ ସଭାର ବଇଠକ ଘର—Senate hall.
Sinet hal
ସିନେଟ ହଲ ସୀନेट हाल

ସିନେଟର୍—ବୈଦେ. ବ (ଇଂ. ସିନେଟର୍)—ପ୍ରାଚୀନ ରୋମ ସାମ୍ରାଜ୍ୟର ସିନେଟ୍ ସଭାର ସଭ୍ୟ—Senator of the ancient Roman Empire.
Sinetar
ସିନେଟର ସीनेटर

ସିନେମା—ବୈଦେ. ବ (ଇଂ. ସିନେମା)—ବାୟସ୍କୋପ୍ (ଦେଖ)—Bāyaskop (See)
Sinemā
ସିନେମା सिनेमा

ସିନେମା କମ୍ପାନୀ—ବୈଦେ. ବ (ଇଂ ସିନେମା କମ୍ପାନୀ)—ଯେଉଁ ସିନେମା କମ୍ପାନୀ ବା ଅନୁଷ୍ଠାନ ଚଳଚ୍ଚିତ୍ର ପ୍ରସ୍ତୁତ ବା ପ୍ରଦର୍ଶନ କରନ୍ତି—Cenema company.
Sinemā kampānī
ସିନେମା କମ୍पनी

ସିନେମା ଘର (ହାଉସ୍)—ଦେ. ବ—ଯେଉଁ ଘରେ ଚଳଚ୍ଚିତ୍ର ପ୍ରଦର୍ଶିତ ହୁଏ—Sinema house.
Sinemā ghara (hāus)
ସିନେମା ଘର सिनेमा बाड़ी

ସିନେମା(ମେ)ଟୋଗ୍ରାଫ୍—ବୈଦେ. ବ (ଇଂ, ସିନେମାଟୋଗ୍ରାଫ୍)—ଯେଉଁ ଯନ୍ତ୍ର ସାହାଯ୍ୟରେ ଚଳଚ୍ଚିତ୍ର ସିନେମାଟୋଗ୍ରାଫ ଦେଖାଇ ହୁଅଯାଏ—Cenemetograph. [ଦ୍ର—ଏହା ବର୍ତ୍ତମାନ ଜନ୍ମର ଆକାର ଧାରଣ କରଅଛି ଏବଂ ଛାୟାଚିତ୍ର ସାହାଯ୍ୟରେ ପରଦା ଉପରେ ପ୍ରତିଫଳିତ ଜୀବଜନ୍ତୁଙ୍କର ଓ ବ୍ୟକ୍ତିମାନଙ୍କ ଚଳମାନ ପ୍ରଦର୍ଶିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଧ୍ୱନି ଦର୍ଶକମାନଙ୍କୁ ଶୁଣା ଯାଉଅଛି । ଏହା ବାୟସ୍କୋପ୍ ଓ ଗ୍ରାମୋଫୋନ୍‌ର ବୈଜ୍ଞାନିକ ସମବାୟ । ସିନେମାରେ ପ୍ରଦର୍ଶିତ ଜୀବଜନ୍ତୁ ଓ ବ୍ୟକ୍ତିମାନଙ୍କ ଚଳ ପ୍ରଦର୍ଶନ ସଙ୍ଗେ ସଙ୍ଗେ ସେମାନଙ୍କ ଧ୍ୱନି ଅର୍ଥ ଶୁଣା ଯିବାର ବ୍ୟବସ୍ଥାକୁ ଟକ୍ଷ (Talkie) କୋଲ୍ଲଯାଏ ।]
Sinemā(me)ṭograph
ସିନେମାटोग्राफ

ସିନେହ (ଇତ୍ୟାଦି)—ଗ୍ରା. ବ (ସ. ସ୍ନେହ)—ସ୍ନେହ ଇତ୍ୟାଦି (ଦେଖ)—Sneha etc (See)
Sineha (etc)
ସେନେହ सनेह

ସିନେହୀ—ଗ୍ରା. ବଣ. ପୁଂ ଓ ସ୍ତ୍ରୀ (ସ. ସ୍ନେହୀ)—ସ୍ନେହଶୀଳ—Affectionate; loving.
Sinehī
ସେନେହୀ सनेही

ସିନ୍ତ(ନ୍ତ)ସିନ୍ତଆ—ଦେ. ବଣ—ସନ୍ତସନ୍ତଆ; ଜଳାର୍ଦ୍ର—Moist.
Sint(nti)sintiā
ସୈଁତ सैंत गीला

ସିନ୍ତା—ଗ୍ରାଦେ (ସମ୍ବଲପୁର) ଅ—ସେପରି—In that manner.
Sintā
ସିନ୍ତା

ସିନ୍ତାଣ—ଦେ. ବ—ସିନ୍ଥାଣ (ଦେଖ)—Sinthāṇa (See)
Sintāṇa
Sinthāṇa (See)

ସିନ୍ତି(ନ୍ଥି)—ଦେ. ବ—୧ । (ସ. ସୀମନ୍ତ)—ସିଁଥି (ଦେଖ)—1. Siñti (See) ୨ । ପ୍ରାଚୀନ କାଳରେ ସିଁଥୀ ସତଥ ବ୍ୟବହୃତ ଯୁଦ୍ଧାସ୍ତ୍ରବିଶେଷ—2. A kind of weapon used in ancient days in battle.
Sinti(nthi)
1. Siñti (See)

ସିନ୍ତି(ନ୍ଥି) ପାଟି—ଦେ. ବ (ସ. ସୀମନ୍ତ ପଟ୍ଟ.)—ସୀମନ୍ତର ପଟ୍ଟାକାର ସ୍ୱର୍ଣ୍ଣାଳଙ୍କାରବିଶେଷ; ଚେରୱା—A gold plate worn on the hair over the forehead.
Sinti(nthi) pāṭi
ସିଁଥୀପାଟି सिउथ पाटी (ସିନ୍ତି[ନ୍ଥି]ଘାଟିଅ—ଅନ୍ୟରୂପ)

ସିନ୍ତୁଳା ଦେ. ବ ଓ ବଣ (ସ. ସନ୍ତୋଳନ)—ସନ୍ତୁଳା (ଦେଖ)—Santulā (See)
Sintulā
Santulā (See)

ସିନ୍ତୁଳା(ଳେ)ଇବା—ଦେ. କି—ସନ୍ତୁଳାଇବା (ଦେଖ)—Santulāiba (See)
Sintulā(le)ibā
Santulāiba (See)

ସିନ୍ତୁଳିବା—ଦେ. କି—ସନ୍ତୁଳିବା (ଦେଖ)—Santulibā (See)
Sintulibā
Santulibā (See)

ସିନ୍ତୁଳି ହେବା—ଦେ. କି—ସନ୍ତୁଳି ହେବା (ଦେଖ)—Santuli hebā (See)
Sintuli hebā
Santuli hebā (See)

ସିନ୍ଥା—ପ୍ରାଦେ. (ସିଂହଭୂମି) ବ—ସିଁଥି (ଦେଖ)—Siñti (See)
Sinthā
ସିଁଥୀ सिंथी पाटी

ସିନ୍ଥାଣ(ଣି)—ଦେ. ବ (ସଂ. ସୀମନ୍ତ)—ମୁଣ୍ଡ ତଳେ ଦଅପିବା ତଉଅ—A pillow for the head. [ଦ୍ର—ବାଲିସ सिरहाना ଦେଖ ମୋହର ମୁଣ୍ଡ ଲମ୍ବୁଛ ତଳକୁ, ସିନ୍ଥାଣ ଗଣ୍ଡେ ଦଅ ଲଦର ତାହାକୁ—କୃଷ୍ଣସିଂହ. ମହାଭ୍ରତ. ଖ୍ରୀଷ୍ଟୁ ।]
Sinthāṇa(ṇi)
Sinthāṇa (See)

ସିନ୍ଦ୍—ଦେ. ବ (ନାମ) (ସ. ସିନ୍ଧୁ)—ସିନ୍ଧୁ ପ୍ରଦେଶ (ଦେଖ)—Sind
Sindhu pradeśa. (See)

ସି(ଛି)ନ୍ଦ କନ୍ଦା—ଗ୍ରାଦେ (ଝାଡ଼ଖଣ୍ଡ) ବ—ବଣ ଖଜୁର ଗଛର କନ୍ଦା—Tender edible and sweet substance found inside the trunk at the top of wild date palm trees (from where the branches shoot forth.)
Si(chhi)nd kandā

ସିନ୍ଦ୍‌ବାଦ୍—ଦେ. ବ (ନାମ) (ଅ. ସିନ୍ଦ୍‌ବାଦ୍)—ଆରବ୍ୟୋପନ୍ୟାସରେ ବର୍ଣ୍ଣିତ ଜଣେ ନାବିକର ନାମ—Sindbad, the sailor, in, the Arabian Nights.
Sind-bād
ସିନ୍ଦବାଦ सिन्दबाद्

ସିନ୍ଧ(ନ୍ଧ)—ଦେ. ବ—ସିନ୍ଧ (ଦେଖ)—Sindi. (See) (ଦ୍ର—ଢେହ Sinda(ndha) ଚୌର୍ଯ୍ୟେ ଇତ, କେହ କୃତ୍ରିମ ମୂଦ୍‌ରେ, କୃତ୍ରିମ ଲେଖ୍ୟ ଲଗନେ, ସିନ୍ଦେ ଦେଢ଼ ଅବା । ବ୍ରଧାନାଥ. ମହାଯାତ୍ରା ।]

ସିନ୍ଧି(ନ୍ଧି)—ଦେ. ବ (ସ. ସନ୍ଧ=ଛିଦ୍)—ଗୋର ତରବା ପାଇଁ ଗୋର Sindi(ndhi) ତଦାରୁ ଘରତ୍ତରକୁ ଚାନ୍ଦୁ ବାଟେ ଯେଉଁ ଗାତ ସିଁଧ(ଦ) ବା ସୁରଙ୍ଗ ଖୋଳେ—A tunnel dug through a wall for housebreaking.
ସେଁଧ

ସିନ୍ଧି(ନ୍ଧି)ଆ—ଦେ. ବ—୧ । ସିନ୍ଧିଅର (ଦେଖ)—Sindiāra. Sindi(ndhi)ā (See) ୨ । ସିନ୍ଧି ତରବା ବାଲ୍ଲ—2. House breaker. ୩ । (ନାମ) (ସରଡ଼ଖଣ୍ଡୀ) ସେଁଧଦେନେବାଲା ଘରତର ମହରଣ୍ଟା ରଜ୍ୟ ବଂଶର ଓ ତହିଁର ରାଜାଙ୍କ ସିନ୍ଧିୟା ଉପାଧି—3. The Sindhiā (a Marhatta State and the title of its Chief.) [ଦ୍ର—ସିନ୍ଧିଅ

Digitized by srujanika@gmail.com

ରାଜ୍ୟର ଉତ୍ତରରେ ଚମ୍ବଲ୍ ଓ ଦକ୍ଷିଣରେ ନର୍ମଦା ନଦୀ । ଏହି ରାଜ୍ୟର ରାଜଧାନୀ ଗୋୱାଲିଅର୍ ଅଟେ । ଶିବାଜୀଙ୍କ ପରେ ମରହଟ୍ଟାଙ୍କର ଏତାଦୃଶତ୍ୟ ଖଣ୍ଡ ଖଣ୍ଡ ହୋଇ ୫ ଗୋଟି ମରହଟ୍ଟା ରାଜ୍ୟର ସୃଷ୍ଟି ହୋଇଥିଲା । ଯଥା —

ରାଜାଙ୍କ ନାମ	ରାଜଧାନୀ
୧ । ପେଶବା —	ପୁନା
୨ । ଗାଇକବାଡ଼ —	ବଡ଼ୋଦା
୩ । ସିନ୍ଧିଆ —	ଗୋୱାଲିଅର୍
୪ । ହୋଲ୍‌କାର —	ଇନ୍ଦୋର
୫ । ଭୋଂସଲା —	ନାଗପୁର

ପ୍ରଥମେ ପେଶ୍‌ବା (ଅର୍ଥାତ୍, ମନ୍ତ୍ରୀ) ମରହଟ୍ଟାଙ୍କର ମନ୍ତ୍ରୀ ଥିଲେ । ଶେଷରେ ସେ ମରହଟ୍ଟା ରାଜ୍ୟର ରାଜା ହେଲେ ।

ଉପରୋକ୍ତ ୪ ଗୋଟି ରାଜା ପ୍ରଥମେ ମରହଟ୍ଟା ରାଜାଙ୍କୁ ଅର୍ଥାତ୍ ପେଶ୍‌ବାଙ୍କୁ 'ଉତ୍ପଥ' ବା ପେଶ୍‌ଉସ୍ ଦେଉଥିଲେ; କିନ୍ତୁ ପରେ ସେମାନେ ପେଶ୍‌ବାଙ୍କୁ ନ ମାନି ନିଜେ ସ୍ୱାଧୀନ ହେଲେ । ଏହି ୫ଟିଗୋଟି ମରହଟ୍ଟା ରାଜ୍ୟ ମଧ୍ୟରୁ ପେଶ୍‌ବାଙ୍କ ରାଜ୍ୟ (ପୁନା) ଓ ଭୋଂସଲାଙ୍କ ରାଜ୍ୟ (ନାଗପୁର) ଇଂରେଜମାନଙ୍କ ହସ୍ତଗତ ହୋଇଥିବା ଓ ଅନ୍ୟ ୩ ଜଣ ରାଜା (ସିନ୍ଧିଆ, ଗାଇକବାଡ଼୍ ଓ ହୋଲ୍‌କାର) ଏ ପର୍ଯ୍ୟନ୍ତ ଇଂରେଜ ସରକାରଙ୍କର ମିତ୍ର-ରାଜାରୂପେ ନିଜ ନିଜ ରାଜ୍ୟ ଶାସନ କରୁଅଛନ୍ତି । ସିନ୍ଧିଆ ରାଜ୍ୟର ମୃତ ରାଜା ଦତ୍ତାଜୀ ଓ ସିନ୍ଧିଆଙ୍କ ଜଧବାସ୍ତ୍ରୀଙ୍କ ଦ୍ୱାରା ଯୋଷ୍ୟପୁରରୂପେ ଗୃହୀତ ଜନକାଜୀ ସିନ୍ଧିଆଙ୍କୁ ଲର୍ଡ୍ ଲିଲ୍‌ଅର୍ ଡେବ୍ଲିକ୍ ରାଜଗାଦିରେ ବସାଇଥିଲେ । କିନ୍ତୁ ସେ ଅପ୍ରାପ୍ତବୟସ୍କ ହୋଇ ମୃତ ହେବାରୁ ତାଙ୍କର ୧୨ ବର୍ଷର ଭଉଣୀ ଗୋଟିଏ ଯୋଷ୍ୟପୁତ୍ର ଗ୍ରହଣ କଲେ ଏବଂ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କଲେ । ଅବଶେଷରେ ମହାରାଜପୁର ଓ ପୁଲିଆର ଯୁଦ୍ଧରେ ୧୮୬୩ ଖ୍ରୀ: ଅ: ରେ ଇଂରେଜମାନେ ସିନ୍ଧିଆଙ୍କ ସୈନ୍ୟମାନଙ୍କୁ ପରାସ୍ତ କରି ଜକ୍ତ ଧୋଷ୍ୟପୁତ୍ର ନାବାଳକ ଜୟାଜୀ ସିନ୍ଧିଆଙ୍କୁ ରାଜା କରୁଛନ୍ତି । ସେତେବେଳୁ ସିନ୍ଧିଆ ରାଜବଂଶୀୟମାନେ ଇଂରେଜ ସରକାରଙ୍କ ମିତ୍ରରାଜାରୂପେ ନିଜ ରାଜ୍ୟ ଶାସନ କରୁଅଛନ୍ତି ।]

ସିନ୍ଧି(ନ୍ଧି)ଆର(ର,ଳ)—ଦେ. ବ (ସଂ. ସନ୍ଧଳା=ଗାତ)—ଯେଉଁ ଚୋର ସିନ୍ଧି(ନ୍ଧି)ଆର(ର,ଳ) ସିନ୍ଧିଗାତ ପାଡ଼ୁ ଚୋର ହୁଏ— ସିଁଧେ(ଦେ)ଲ **सेंध करनेवाला** Housebreaker, who breaks a house by digging a tunnel into a house. ଦେ· ବଣ—ଯେ ସିନ୍ଧି କରି ଚୋରି କରେ—House breaking (person).

ସିନ୍ଧି କରିବା (କାଟିବା, ଖୋଳିବା)—ଦେ· କି—ଚୋରି କରିବା Sindi karibā (kāṭibā, kholibā) ପାଇଁ ବାହାରରୁ ଘର ସିଁଦ[ଧ] କାଟା ଭିତରକୁ ସିନ୍ଧିପାତ ଖୋଳିବା—To break **सेंध करना** into a house by boring a hole; to bore through the wall into a house.

ସିନ୍ଧି କାଟି(ଠି)—ଦେ. ବ—ସିନ୍ଧିପାତ ଫୁଟାଇବା ପାଇଁ ଲୁହାର ଛୋଟ ଛେନି Sindi kāṭi(ṭhi) ବା ଶାବଳ—House breaking tool. ସିଁଦ କାଟି **सेंध काटी**

ସିନ୍ଧି ଗାର୍ତ୍ତ(ର୍ତ୍ତ)—ଦେ. ବ (ସଂ. ସନ୍ଧି+ଗର୍ତ୍ତ)—ସିନ୍ଧି; ଘରର Sindi gārta(rda) କାନ୍ଥରେ ସିନ୍ଧିପାତ ରୋହନ୍ତ ଖୋଳିଥିବା ସିଁଦ[ଧ],ସିଁଦ[ଧ] ଗର୍ତ୍ତ ଗର୍ତ୍ତ—Sindi hole; a hole bored **सेंध** through a wall by a house breaker.

ସିନ୍ଧି ଫୁଟା(ଟେ)ଇବା—ଦେ. କି—ସିନ୍ଧି କରିବା (ଦେଶ) Sindi phuṭā[ṭe]ibā Sindi karibā. (See) ସିଁଦ[ଧ] କାଟା **सेंध फोड़ना**

ସିନ୍ଧି ମୁହାଁ—ଦେ. ବ (ସଂ. ସନ୍ଧି+ମୁଖ)—ସିନ୍ଧି ଗାତର ମୁଖ ବା ମୁଣ୍ଡ, Sindi muhāñ ଯେଉଁଠାରେ ସିନ୍ଧିଗାତ ଘରଭିତରକୁ ଫୁଟିଥାଏ— ସିଁଧେ(ଦେ)ର ମୁଖ The mouth of a sindi hole; the **सेंधका मुँह** place where the sindi-hole opens into the inside of a house.

ସିନ୍ଧି ମୁହାଁକୁ ପେଲି ଦେବା—ଦେ. କି (ଲକ୍ଷଣାର୍ଥ)—ଯେଉଁଠାରେ Sindi muhāñku peli debā ବିପଦର ଆଶଙ୍କା ଥାଏ, ସିଁଧର ମୁଖେ ଠେଲିଦେଇବା ସେପରି ସ୍ଥାନରେ କୌଣସି ବ୍ୟକ୍ତିକୁ **सेंधका मुँह पर ढकेल देना** ଜବରଦସ୍ତି ପଠାଇବା—To push a person to a place of imminent risk. [ଦ୍ର—ଏପରି କରିବାର ତାତ୍ପର୍ଯ୍ୟ ଏହି ଯେ, ଭିତର ଘରେ ଥିବା ବ୍ୟକ୍ତିର ହାବୁଡ଼ରେ ଯେବେ ସିନ୍ଧିମୁହଁରେ ପ୍ରବେଶ କରିବା ବ୍ୟକ୍ତି ପଳାଇବ, ତେବେ ତାହାକୁ ଗୃହସ୍ୱାମୀ ମାର ପକାଇପାରେ ଏବଂ ସେତେବେଳେ ଘରର ବାହାରେ ଥିବା ସଙ୍ଗୀ ଚୋର ଘର ଭିତରକୁ ପଶିଯାଇ ବିପଦ ସଙ୍ଗୀକୁ ସାହାଯ୍ୟ କରି ପାରନ୍ତେ ନାହିଁ ।]

ସିନ୍ଧୁ(ନ୍ଧୁ)—ଦେ· ବ—୧ । କୃପାସିନ୍ଧୁର ଡାକ ନାମ—1. Name Sindu(ndhu) for calling Kṛpāsindhu. ୨ । (ସିନ୍ଧୁ, ସିନ୍ଧୁ—ଅନ୍ୟରୂପ) ସିନ୍ଧୁ ଦେଶ (ଦେଶ)— 2. Sindhu deśa. (See) ୩ । ସିନ୍ଧୁନଦ (ଦେଶ)— ସିନ୍ଧୁ **सिन्धु** 3. Sindhu nada. (See)

ସିନ୍ଦୁକ—ସଂ. ବ (ସ୍ୟନ୍ଦ୍. ଧାତୁ+କ୍ୱିପ୍, ଉତ୍ତ)—ସିନ୍ଦୁକାର (ଦେଶ)— Sinduka Sindubāra (See) ବୈଦେ. ବ ଅ· ସନ୍ଦୁକ)— ସିନ୍ଦୁକ କଡ଼ ବାକ୍ସ; ଲୁହାର ବା କାଠର ମଞ୍ଜୁଷା—A chest **सन्दुक** (of wood or iron). [ଦ୍ର—ଏହାର ଭଲ ଅଂଶଟି ଭୂଇଁ ଉପରେ ରଖାଯାଏ ଏବଂ ଉପରର ଢାଙ୍କୁଣି କବଜା ଓ ଶିକୁଳି ସଜି ଝୁଲାଯାଏ ଓ ମୁଦାଯାଏ ।]

ସିନ୍ଦୁକ ଚା(କୁ)ଞ୍ଚି—ଦେ. ବ—ସିନ୍ଦୁକ ଚାବି (ଦେଶ) Sinduka ka(ku)ñchi Sinduka chābi. (See) ସିନ୍ଦୁକରେ ଚାବି

ସିନ୍ଦୁକ ଚାବି—ଦେ. ବ—ସିନ୍ଦୁକରେ ପଡ଼ୁଥିବା ତାଲାର ଚାବି— Sinduka chābi The key of the lock of a chest. ସିନ୍ଦୁକେର ଚାବି **सन्दुककी चाभी**

Digitized by srujanika@gmail.com

ସିନ୍ଦୁକ ଡାଲ—ଦେ. ବ—ସିନ୍ଦୁକର ଉପରେ ଥିବା ଢାଙ୍କୁଣୀ—
Sinduka ḍāla The upper lid of a chest.
सिन्दूकेर डाला सन्दुकका डाला

ସିନ୍ଦୁ ଦେଶ—ସ. ବ—ସିନ୍ଧୁ ଦେଶ (ଦେଶ)—Sindhu deśa
Sindu deśa सिन्दु देश, सिन्दु मुलक् (See)
सिन्ध देश (ସିନ୍ଧୁ ମୂଲକ—ଅନ୍ୟରୂପ)

ସିନ୍ଦୁବାର—ସ. ବ (ସ୍ୟନ୍ଦ୍ ଧାତୁ+ଘଞ୍. ଉ=ସିନ୍ଦୁ=ସ୍ୟନ୍ଦନ+
Sindubāra ବାର ଧାତୁ=ନିବାରଣ କରିବା+କର୍ତ୍ତୃ-ଅ; ଏହା
निसिन्दा ସ୍ୟନ୍ଦନ ବା କ୍ଷରତ୍ୱ ନିବାରଣ କରେ)—ନିର୍ଗୁଣ୍ଡୀ
(ସିନ୍ଦୁବାରକ—ଅନ୍ୟରୂପ) (ଦେଶ)—Nirguṇḍi (See)

ସିନ୍ଦୁର—ଦେ. ବ (ସ. ସୁନ୍ଦର)—୧ । ସୁନ୍ଦର ସ. ବ (ଦେଶ)
Sinduri 1. Sundara (See) ୨ । ସିନ୍ଦୂର (ଦେଶ)—
सेंदुरी सिँदूरे 2. Sindūri (See)

ସିନ୍ଦୁଳିବା—ଦେ. କି—ସିଦୋଳିବା (ଦେଶ)
Sinduliba Sindoliba (See)

ସିନ୍ଦୂର—ସ. ବ (ସ୍ୟନ୍ଦ୍ ଧାତୁ=କ୍ଷରଣ ଦେବା+କର୍ତ୍ତୃ. ଊର; ଏହା
Sindūra ଦ୍ରାବଡ଼ ଶବ୍ଦ; ଦ୍ରାବଡ଼ରୁ ଏହା
ଅନ୍ୟ ସ. ନାମ—ରକ୍ତ- ସଂସ୍କୃତରେ ଅସିଅଛି)—୧ । ରକ୍ତବର୍ଣ୍ଣ
ରେଣୁ, ନାଗଗର୍ଭ, ଶୀସଜ, ଚୂର୍ଣ୍ଣବିଶେଷ—1. Vermillion;
ନାଗରେଣୁ, ବାଲରଜ, red lead; Plumbi Oxidum;
ସନ୍ଧ୍ୟାରାଗ, ଶୃଙ୍ଗାରିତ, ସୌଭାଗ୍ୟ, ciunabar. ୨ । ସିନ୍ଦୂର ବର୍ଣ୍ଣ—
ଅରୁଣ, ମଙ୍ଗଲ୍ୟ । 2. Vermillion colour. ୩ ।
सिन्दूर सेंदुर ନିର୍ଗୁଣ୍ଡୀ (ଦେଶ)—3. Nirguṇḍi
ତେ. ଚେନ୍ଦୁରମୁ (See) [ଦ୍ର—ବର୍ତ୍ତମାନ ବଜା-
ତା. ଚେନ୍ଦୂରମ୍ ରରେ ବହି ହେଉଥିବା ସିନ୍ଦୂର
ଫା. ସିରଞ୍ଜ୍ (ତତ୍ତ ସିନ୍ଦୂର) ବୈଜ୍ଞାନିକ ଉପା-
(vermillion); ଯନ୍ତ୍ର ଦ୍ୱାରେ ଘାରଦ ଓ ଗନ୍ଧକରୁ ପ୍ରସ୍ତୁତ
ସୀସକଘଟିତ ଧୂସ୍ର (minium) । ୪ ସିନ୍ଦୂରର ରଙ୍ଗ
ମାଟିଆ ବା ଫକ୍‌ଡା ।

ସିନ୍ଦୂର ସଧବା ସ୍ତ୍ରୀଲୋକମାନଙ୍କର ଅତି ଆଦରର ସାମଗ୍ରୀ । ପୁରାଣାଦି (ଯଥା—କାଶୀଖଣ୍ଡ ୪ର୍ଥ ଅଧ୍ୟାୟ)ରେ ଲେଖା ଅଛି ଯେ, ସ୍ତ୍ରୀ ଜାତିରେ ସିନ୍ଦୂର ଧାରଣ କଲେ ପତିଙ୍କ ଆୟୁ ବଢ଼େ । ଓଡ଼ିଶାରେ ସଧବା ସ୍ତ୍ରୀଲୋକମାନେ କପାଳର ମଝିରେ ସିନ୍ଦୂର ବିନ୍ଦୁ ଓ ଝୋଟା ଲଗାନ୍ତି, କିନ୍ତୁ ବଙ୍ଗଦେଶରେ ସଧବାମାନେ ପୁନ୍ଧାରେ ଲମ୍ବ କର ସିନ୍ଦୂର ସାର ଲଗାନ୍ତି ଓ ହାତରେ ପିନ୍ଧିଥିବା ଲୁହା (ଲୁହା ଶବ୍ଦ)ରେ ଝିଟ ସିନ୍ଦୂର ମାର ଦିଅନ୍ତି । ସିନ୍ଦୂର ପିନ୍ଧିବା (ଏବଂ ବଙ୍ଗଦେଶରେ ଲୁହା ଖଡ଼ୁ ଓ ଅମ ଦେଶରେ କାତ ବା ଶଙ୍ଖା) ସଧବାର ଚିହ୍ନ । 'ତୋର କାତ ସିନ୍ଦର ବଜ୍ର (ଅର୍ଥାତ୍ ଚିରସ୍ଥାୟୀ) ହେଉ'—ଏହ ଆଶୀର୍ବାଦ ଅପେକ୍ଷା ସଧବା ପ୍ରତି ଅନ୍ୟ ଉତ୍ତମ ଓ ମଙ୍ଗଳମୟ ଆଶୀର୍ବାଦ ଆଉ ନାହିଁ । ଦେବତା (ଦେଶ ଓ ବିଶେଷତଃ ଗ୍ରାମଦେବୀ)ଙ୍କଠାରେ ବହୁ ପରିମାଣରେ ସିନ୍ଦୂର ଢାଳାଯାଏ । ସିନ୍ଦୂର ଚୂନା ଥିବାରୁ ତାହା ଦେହରେ ଲାଗି ରହିବା ପାଇଁ ତହିଁ ସଙ୍ଗେ ଘିଅ ଗୋଳା ଯାଏ । କେତେ ଅନାର୍ଯ୍ୟଙ୍କ ମଧ୍ୟରେ ଯୁବକ ବରାଦ ପାଇଁ ପରୋପୁତା ସ୍ଥୀର ଚପାଳରେ ସିନ୍ଦୂର ଲଗାଇ ଦିଏ । କେତେ ହିନ୍ଦୁମାନଙ୍କ ମଧ୍ୟରେ ବର କନ୍ୟାର କପାଳରେ ସିନ୍ଦୂର ଲଗାଇବାର ପ୍ରଥା ମଧ୍ୟ ଚଳେ । ସିନ୍ଦୂର ମଧ୍ୟ ଔଷଧରେ ବ୍ୟବହୃତ ହୁଏ । ହଳଦୀ ଅଣ୍ଡାର ଲାଳ ସଙ୍ଗେ ସିନ୍ଦୂର ଗୋଳ ବାନ୍ଧି ଓ ଫିଟୁଲ ଉପରେ ଲଗାଇଲେ ବେଦନା ଓ ଫୁଲ୍ଲା କମି ଯାଏ ।

ବୈଦ୍ୟଶାସ୍ତ୍ରରେ ସିନ୍ଦୂରକୁ ସପ୍ତ ଉପଧାତୁ ମଧ୍ୟରେ ଗଣନା କରିଥାଏ । ଏହା ସୀସାର ଉପଧାତୁ । ଏହା ଦୃଷ୍ଟିବର୍ଦ୍ଧକ, ବିସର୍ପଘ୍ନ, ବିଷଦୋଷ ନାଶକ, ବୃଷ୍ୟ ଓ ବ୍ରଣ-ରୋପକ । ଏହା ବିଷାକ୍ତ ।]

ସିନ୍ଦୂର କଜ(ଜ୍ୱ)ଳ—ଦେ. ବ (ସଙ୍କର)—ସ୍ତ୍ରୀଲୋକମାନଙ୍କ ପ୍ରସା-
Sindūra kaja(iwa)la ଧନର ଦୁଇଟି ସାମଗ୍ରୀ । (ଯଥା—
सिँदूर काजल କପାଳରେ ଘୋନାଯିବା ସିନ୍ଦୂର ଓ ଆଖିରେ
सेंदूर काजल ଘୋନାଯିବା କଜ୍ଜଳ)—Vermillion (for
ସିନ୍ଦୂର କଜ୍ଜ[ଜ୍ଜ୍ୱ]ଳ—ସ. ରୂପ) the brow) and
collyrium (for the eyes) used by women.

ସିନ୍ଦୂର କଳା—ଦେ. ବ (ସଙ୍କର)—କପାଳରେ ନାଲ ଝୋଟି ଦେବା
Sindūra kaḷā ପାଇଁ ସିନ୍ଦୂର ଓ କଳା ଝୋଟି ଦେବାପାଇଁ
सिँदूरेर उपरे काल टिप ଗୁନ୍ଦଳା—Vermillion [red]
भेंदुर काला and black mixture [black]
used for painting the forehead.

ସିନ୍ଦୂର କଳି(ଲ୍ଲି)—ଦେ. ବ—କପାଳରେ ଚର୍ଚ୍ଚିତ କଳିକାକାରର
Sindūra kaḷi(lli) (ମୂଳ ମୋଟ, ଅଗ ସରୁ) ସିନ୍ଦୂରର
सिँदूर कलि ରେଖା—A bud-like line painted
सेंदुर कली vertically on the brow with
vermillion.

ସିନ୍ଦୂର କାରଣ—ସ. ବ (ସିନ୍ଦୂର+କାରଣ=ହେତୁ; ସୀସକରୁ
Sindūra kāraṇa ସିନ୍ଦୂରର ଉତ୍ପତ୍ତି ହେବାରୁ ଏହ ନାମ
ହୋଇଅଛି)—ସୀସକ; ସୀସାଧାତୁ (ହେମରତ୍ନ)—
Lead.

ସିନ୍ଦୂର କୋ(କୌ)ଟା—ଦେ. ବ (କଣିଅଙ୍କ ବ୍ୟବହୃତ, ବଙ୍ଗାନୁକୃତ
Sindūra ko(kau)ṭā ଶବ୍ଦ)—ସ୍ତ୍ରୀମାନଙ୍କର ସିନ୍ଦୂର ରଖିବା
सिँदूर कोटा ଉପଯୋଗୀ ରୁପାର ଡବା ପୁନାର ବା—
सेंदुर डब्बा, सिंदूरकी डिबिया Metal case for keeping vermillion,

ସିନ୍ଦୂର ଗୋଲା—ଦେ. ବ—ଛୋଟ ଗିନା; ଯେଉଁ ଗିନାରେ ସିନ୍ଦୂରକୁ
Sindūra golā ତେଲ ବା ଘିଅ ସଙ୍ଗେ ଗୋଳାନ୍ତି—A small
सिँदूर गोला बाटि dish or pot in which vermillion
सेंदुर घोरा is mixed with ghee or oil.

Digitized by srujanika@gmail.com

ସିନ୍ଦୂର ଘି(ଘେ)ନିବା—ଦେ. କି—କପାଳରେ ସିନ୍ଦୂର ଲଗାଇବା—
Sindūra ghi(ghe)nibā To put vermillion mark
सिंदूर परा सेंदुर लगाना on the forehead.
(ସିନ୍ଦୂର ନା[ଲ୍]ନିବ—ଗ୍ରାମ୍ୟରୂପ)

ସିନ୍ଦୂର ଟିକ୍(କି)ଲି—ଦେ. ବ (ସଦ୍ଧବର)—ବାଳକା ବା ସ୍ତ୍ରୀମାନେ
Sindūra ṭik-(ki)li କପାଳରେ ପେଡ଼ି ସିନ୍ଦୂର ଓ ଧାତୁର
सिन्दूर टिपि लगानु—Vermillion and metal tips
सेंदुर टिकुली worn on the forehead by females having husband and by girls.

ସିନ୍ଦୂର ଟୋପା—ଦେ. ବ—କପାଳରେ ଅଙ୍ଗୁଟିର ଅଗଦ୍ୱାରା ଚର୍ଚ୍ଚିତ
Sindūra ṭopā ସିନ୍ଦୂରର ଗୋଲାକାର ଚିହ୍ନ—A circular
सिन्दूरेर फोंटा mark with vermillion on the
सेंदुर ठोपा forehead made by the tip of the finger.

ସିନ୍ଦୂର ଟୋପା ଖେଳ—ସାଦେ (ଯାଜପୁର) ବ—ବାଳକମାନଙ୍କର
Sindūra ṭopā khelā ଏକପ୍ରକାର ଖେଳ—A kind of
play among the children. [ଦ୍ର—ଏ ଖେଳରେ ଜଣେ ପିଲାର ଅଖି ବୁଜା ଦେବା ବେଳେ ତା ମୁଣ୍ଡରେ ଅନ୍ୟ ଜଣେ ସିଲ୍ଲ ସିନ୍ଦୂର ଟୋପା ମାରେ ତାହା ଉକ୍ତ ବାଳକ ଅନୁମାନ କରି କହେ ।]

ସିନ୍ଦୂର ଟୋପି—ଦେ. ବ—ସିନ୍ଦୂରର କ୍ଷୁଦ୍ର ଟୋପା (ଟୋପାଠାରୁ
Sindūra ṭopi ସାନ)—A tiny mark of vermillion
सन्दूरेर टिप छोटा सेंदुर ठोप on the forehead.

ସିନ୍ଦୂର ତିଳକ—ଷ. ବ. ପୁଂ—୧ । (ବହୁବ୍ରୀ; ସିନ୍ଦୂର ଅର୍ଥେ ତିଳକ
Sindūra tilaka ଯାହାର) ହସ୍ତୀ (ମେଦଗ)—1. Ele-
(ସିନ୍ଦୂର ତିଳକା—ସ୍ତ୍ରୀ) phant. ୨ । ସିନ୍ଦୂରଦ୍ୱାରା କପାଳରେ
ଅଙ୍କିତ ତିଳକ (ଦୁ. ଶ)—2. Mark on the fore-
head drawn with vermillion.

ସିନ୍ଦୂର ତିଳକା—ଷ. ବ. ସ୍ତ୍ରୀ (ବହୁବ୍ରୀ)-୧ । ସଧବା ନାସ୍ତ (ମେଦଗ)-
Sindūra tilakā 1. A woman having her hus-
band living. [ଦ୍ର—କପାଳରେ ସିନ୍ଦୂର ଧାରଣ ସଧବାର ଚିହ୍ନ ।] ୨। ହସ୍ତିନୀ—2. She-elephant.

ସିନ୍ଦୂର ଦାନ—ଷ. ବ—ସିନ୍ଦୂର ବନ୍ଦନ (ଦେଖ)—
Sindūra dāna Sindūra bandana (See)

ସିନ୍ଦୂର ଦେବା—ଦେ. କି—ଅନ୍ୟ ବ୍ୟକ୍ତିର ମୁଣ୍ଡରେ ସିନ୍ଦୂର ଟୋପା
Sindūra debā ଅଙ୍କନ କରିବା—To paint another's
सिन्दूर देवरा सेंदुर देना brow with vermillion.

ସିନ୍ଦୂର ପଦା—ଦେ. ବ (ନାମ)—ସୁନ୍ଦର ପଦା (ଦେଖ)
Sindūra padā Sundara padā (See)

ସିନ୍ଦୂର ପାଟି—ଦେ. ବ—ସିନ୍ଦୂରଦ୍ୱାରା ତୁଲିକା ଉପରେ କପାଳର
Sindūra pāṭi ଦୁଇ ଭାଗରେ ଟଣା ଯାଇଥିବା ଚଉଡ଼ା ରେଖା ଦୁଇ
सिन्दूर पाटी —Two broad lines of vermillion
सेंदुर पाटी painted over the eyebrows.
(ସିନ୍ଦୂର ପାଟିଆ—ଅନ୍ୟରୂପ)

ସିନ୍ଦୂର ପେଡ଼ି—ଦେ. ବ-ସିନ୍ଦ ର ଫରୁଆ, କଜଳଗାଡ଼, ଥରସି, ପାନଅ,
Sindūra perḍi ମଡ଼ଣ, ଶୁଦ୍ଧଳା ଆଦ ସ୍ତ୍ରୀମାନଙ୍କ ପ୍ରସାଧନ-
सिन्दूर चुपड़ि, ଦ୍ରବ୍ୟସମ୍ଭାର ରଖିବା ପାଇଁ ବେତର ବା କାର୍ଡ଼ବୋର
सिन्दूर पातिआ, ଛୋଟ ପେଡ଼ି—Small fancy boxes
सिन्दूर पेतो for keeping toilette requisites;
सेंदुर पौती toilet box. [ଦ୍ର—ଏହା ପ୍ରତ୍ୟେକ ସଧବାଙ୍କ ସଦ୍ଧରର ଓ ସମ୍ବଳ ଅଟେ ।]

ସିନ୍ଦୂରପୁଷ୍ପୀ—ସଂ. ବ—ପୁଷ୍ପ ବୃକ୍ଷ ବିଶେଷ (ବ୍ରଜ ନର୍ଘଣ୍ଟ)—
Sindūra pushpī A flower tree.
ସ. ଫର୍ଦ୍ଦୀ— [ଦ୍ର—ଏହାର ଫୁଲ ରକ୍ତବର୍ଣ୍ଣ ବା ସିନ୍ଦୂର
ସିନ୍ଦୂରପୁଷ୍ପୀ, ବାର ପୁଷ୍ପୀ, ବର୍ଣ୍ଣ ଥିବାରୁ ଏପର ନାମକରଣ
ଦ୍ୱାଦଶପୁଷ୍ପୀ, କରଞ୍ଜିକା, ହୋଇଥିବ ।
ଦଶାଙ୍ଗପୁଷ୍ପୀ, ଏହାର ଗୁଣ—କଟୁତ୍ୱ, ଉଷ୍ଣତ୍ୱ
सिंदूर पुष्पी ତିକ୍ତାମ୍ଳତ୍ୱ, ଶ୍ଲେଷ୍ମବାଇଶ୍ରୋତ୍ସର୍ଗ ଓ
सेन्दरिया, सदासुहागीन ବ୍ରଣନାଶିତ୍ୱ, ତର୍ଣ୍ଣୀଘ୍ନିତ୍ୱ । (ବ୍ରଜନର୍ଘଣ୍ଟ)]
ସ. ସେନ୍ଦ୍ରୀ

ସିନ୍ଦୂର ଫରୁଆ—ଦେ. ବ—ମାଇପଙ୍କ ପୋନିବା ସିନ୍ଦୂର ପେଡ଼ି ସ୍ପେଶ
Sindūra pharūā କାଠ ତିଆରେ ଗୋଟେ—A small
सिन्दूर कौटा circular wooden box for keeping
सेन्दुर डब्बा; सिंदो(धो)रा vermillion for the toilette.
[ଦ୍ର—ବାଙ୍କ ମାଇପର କ ସମ୍ପତ୍ତି ?
ସିନ୍ଦୁର ଫରୁଆ କଜଳଗାଡ଼ି ।—ଉଗ]

(ତୋ)ସିନ୍ଦୂର ବଜର(ବଜ୍ର)ହେଉ—ଦେ. ବାକ୍ୟ—ସଧବା ଓ ବୃଦ୍ଧାଙ୍କ
Sindūra(bajara)bajra heu ପ୍ରତି ପ୍ରଯୁକ୍ତ ଆଶୀର୍ବାଦ;
(तोमार) सिन्दूर वज्र हउक् ଅର୍ଥାତ୍—'ତୁ ଚରଦିନ ସଧବା ହୋଇ
(तोमार) सिन्दूर ना लि भुक् ବଞ୍ଚ ରହ'—ଏହାତ୍ତର ।
सेंदुर वज्जर हो A blessing to maidens and
women who have their husbands living,
meaning 'May the vermillion on your
forehead be permanent as thunder', i e.
'May your husband live long.

[**(ତୋ)ସିନ୍ଦୂର କ ଲତ୍ତ**—ଅନ୍ୟରୂପ ।]

ସିନ୍ଦୂର ବନ୍ଦନ—ସଂ ବ—ବବାହ ସମୟରେ କନ୍ୟାର କପାଳରେ ବା
Sindūra bandana ମାଙ୍ଗରେ ବରର ସିନ୍ଦୂର ଲଗାଇବା
ପ୍ରଥା । (ହ. ଶ)—The custom of the bridegroom
putting vermillion on the brow of the
bride during marriage.

ସିନ୍ଦୂର ବିନ୍ଦୁ—ସଂ. ବ—ଲଲାଟରେ ଚର୍ଚ୍ଚିତ ସିନ୍ଦୂରର କ୍ଷୁଦ୍ର ବିନ୍ଦୁ—
Sindūra bindu A small circlet of vermillion
put on the forehead.

'ସିନ୍ଦର ବିନ୍ଦୁ ବିଧବା ଲଲାଟେ'—ଷଠ୍ ବାକ୍ୟ (ନ୍ୟାସ୍ୱ)—(ଅଲ୍ପ ଚ,
Sindūra bindurbidhabā lalāṭe ଅସାଧାରଣ, ଅସମ୍ଭବ
वा समाज बदलने की बात बेखटके बोलनेकी वाक्य)—
(ବଧବା କପାଳରେ ସିନ୍ଦୂର ଟୋପା ରହିବା ପେପରି

Digitized by srujanika@gmail.com

ଅସାଧାରଣ, ସେହୁପରି) ଅସାଧାରଣ ବସ୍ତୁ ଦେଖିବାରୁ ଯେଉଁ ବାକ୍ୟ କୁହାଯାଏ ତାହା—A sentence applied on seeing any thing which is un-common or against social rules.

[ଦ୍ର—ଏହାର ପୂର୍ଣ୍ଣ ଶ୍ଲୋକ ଏହା—
ଦୋଷଉ ଭଲେ ବରବଣ୍ଡିଜାଳଂ=ସିନ୍ଦୁର ବନ୍ଦୁଃ
ବା ରୌଦ୍ର ଘଳା ସମ୍ଭୁ ଯାମ୍ନିଗଞ୍ଚୁ=ବଧକା
ବସ୍ତ୍ରିନ ବଧତ୍ତେ ଶଶିନଂ ମଦ୍ଦେଶା=ଲଜ୍ଜଟେ
(ପ୍ରଥମ ୩ ଖାଦର ଦୁଇଣ) ସିନ୍ଦୁରବନ୍ଦୁର୍ବଧବାଲଜ୍ଜଟେ ।
ସିନ୍ଦୂର ମଥା—ଦେ. ବ—ସିନ୍ଦୁରଦ୍ୱାରା ରଞ୍ଜିତ ମୁଖ ବା କପାଳ—
Sindūra mathā Face (or brow) painted with vermillion. [ଜ୍ର—କଥାଭେକଥାଏ
सीउथमें सींदुर ଯାଇ ଘରକୁ ଯାଉଣୀ ଗଲେ ସିନ୍ଦୂରମଥାଏ ।
—ଉଗ ।]

ସିନ୍ଦୂର ମୁଣ୍ଡା—ଦେ. ବଣ. ବୁ—୧ । ସିନ୍ଦୂରବର୍ଣ୍ଣ ମସ୍ତକବିଶିଷ୍ଟ—
Sindūra muṇḍā 1. Having vermillion-colo-
सिंदूर मुण्डि ured head; having the head red
सेंदुंर मुंडा as vermillion. ୨ । ସିନ୍ଦୂର ରଞ୍ଜିତ ମସ୍ତକ
(ସିନ୍ଦୂର ମୁଣ୍ଡିଆ—ଅନ୍ୟରୂପ) ଯୁକ୍ତ—2. With the head
(ସିନ୍ଦୂର ମୁଣ୍ଡୀ, ସିନ୍ଦୂର ମୁଣ୍ଡେଇ—ସ୍ତ୍ରୀ) painted with vermillion.

ସିନ୍ଦୂର ମୁଣ୍ଡି—ଦେ. ବଣ—ସିନ୍ଦୂର ମୁଣ୍ଡା (ଦେଖ)—Sindūra
Sindūra muṇḍi muṇḍā (See) ଦେ. ବ—ଏକ-
सिंदूर मुण्डि ପ୍ରକାର କାଲମୁଣ୍ଡିଆ ଚଢ଼େଇ—A kind of
सेंदुंर मुंडी red headed bird. [ଜ୍ର—ଚୌଦଗେ
(ସିନ୍ଦୂର ମୁଣ୍ଡିଆ—ଅନ୍ୟରୂପ) ଶୁଭଇ ସିନ୍ଦୂରମୁଣ୍ଡିର ସ୍ୱାଗତ
ଉଡୁନାଏଟେ—ରଘୁନାଥ. ଉତ୍କଳୀ ।] [ଦ୍ର—ଏହାର
ଦେହ ହରଦ୍‌ବର୍ଣ୍ଣ (ସାବଜା) ଓ ମୁଣ୍ଡ ସିନ୍ଦୂର ପରି
ଲାଲ । ଓଡ଼ିଶାରେ ଏ ପକ୍ଷୀ ସବୁଦିନ ଦେଖାଯାଅନ୍ତି ।
ଚୈତ୍ର ଅଧିକ୍ୟ ହେଲେ ଏମାନେ 'ସଉର, ସଉର,
ସଉର' ରବରେ ବନ ଭୂମିକୁ ଝଙ୍କାରିତ କରନ୍ତି ।]

ସିନ୍ଦୂର ମୁଣ୍ଡୀ—ଦେ. ବଣ. ସ୍ତ୍ରୀ—୧ । ସିନ୍ଦୂର ମୁଣ୍ଡାର ସ୍ତ୍ରୀଲିଙ୍ଗ—
Sindūra muṇḍī 1. Feminine of Sindūra muṇḍā
(ସିନ୍ଦୂର ମୁଣ୍ଡେଇ—ସ୍ତ୍ରୀ) ୨ । ଯେଉଁ ସ୍ତ୍ରୀ କପାଳରେ ଅତ୍ୟଧିକ ସିନ୍ଦୂର
ଦେଇଥାଏ—2. (a woman) Who has smear-
ed excessive vermillion on her forehead.
୩ । ସିନ୍ଦୂର ମୁଣ୍ଡି (ଦେଖ)—
3. Sindūra muṇḍi (See)

ସିନ୍ଦୂର ରସ—ସ. ବ—ରସସିନ୍ଦୂର (ଦ୍ର. ଶ)—
Sindūra rasa Sulphide of mercury.

ସିନ୍ଦୂର ସିନ୍ଥି (ସୁନ୍ଥା, ମାଙ୍ଗ)—ଦେ. ବ—ବଳସ୍ତ କେଶର ସିନ୍ଦୂର ଦେଇଲା
Sindūra sinthi(sunthā, māṅga) ଯାଇଥିବା ମଧ୍ୟ
सिंदूर सिंथी ରେଖା—The furrowed line of the
सेंदुंर सिउथ, सिंदूर लगा हुआ मांग parted hair over the brow besmeared with vermillion.
[ଦ୍ର—ବଙ୍ଗଦେଶରେ ସଧବାମାନେ ମୁଣ୍ଡାରେ ସିନ୍ଦୂର ରେଖା ଦେଇନ୍ତି ।]

ସିନ୍ଦୂର—ଦେ. ବଣ (ସ. ସିନ୍ଦୂର)—ସିନ୍ଦୂର ବର୍ଣ୍ଣବିଶିଷ୍ଟ—
Sindūrā Vermillion coloured.
सिंदूरे सेंदुरा (ସିନ୍ଦୂରଥ—ଅନ୍ୟରୂପ)
अरुणोदय ଦେ. ବ—୧ । ସିନ୍ଦୂର; ସୂର୍ଯ୍ୟୋଦୟ ପୂର୍ବରୁ ପୂର୍ବ-
सेंदूरी ଦଗରେ ଦେଖାଯିବା ରକ୍ତମା; ଅରୁଣିମା—1. The
red colour on the east seen before sunrise; the aurora before sunrise. [ଜ୍ର—
ସବତା ବଡ଼ୁନେ ଥିଲ ପାଟୀବାଳା ବରଡ-ଦୁଃଖେ ବଧୂର,
ସମାଗମେ ଏବେ ଗଣ୍ଡେ ସୂଦଗ୍ଧର ଫିଟିଲ ଲାଇସିନ୍ଦୂର—
ରଘାନାଥ. ସାଙ୍ଗ ।] ୨ । ସିନ୍ଦୂର ବର୍ଣ୍ଣ—
2. Vermillion colour.

ସିନ୍ଦୂର ଫାଟିବା (ଉଇଁବା)—ଦେ. ବ (ସ. ସିନ୍ଦୂର+ଉଦୟ)—
Sindūrā phāṭibā (uiñbā) ଅରୁଣୋଦୟ—The ap-
अरुणोदय pearance of ruddiness on the eastern
सेंदूर उगना horizon before sunrise; dawning of the day; the breaking of the day. [ଜ୍ର—
ଫାଟିଛ ନଭେ ସିନ୍ଦୁର, ଚୁଡଅନ୍ତୁ ବୁଅଁ ଭତ୍—ନଜରୋର
ବର୍ଦ୍ଧଜୀ ।]

ସିନ୍ଦୂରି—ଦେ. ବ (ସ. ସିନ୍ଦୂରକ)—ସିନ୍ଦୂର ବର୍ଣ୍ଣବିଶିଷ୍ଟ—
Sindūri Vermillion coloured. (ଜ୍ର—ପୂରକ
सिंदूरे ସିନ୍ଦୂର ରସାଳ ଫଳ ଲକ୍ଷ୍ୟ ଦୋଇବ—ବଜ୍ର.
सेंदूरी ଦୋଷିତ୍ରାଣ୍ଡ ପୁରସ୍କାର ।) ଦେ. ବ—ସିନ୍ଦୂର
(ଦେଖ)—Sindūrā (See)

ସିନ୍ଦୂରିଆ—ଦେ. ବଣ (ସ. ସିନ୍ଦୂରକ)—ସିନ୍ଦୂର ବର୍ଣ୍ଣବିଶିଷ୍ଟ—
Sindūriā सिंदूरे सेंदूरिया Vermillion coloured.

ସିନ୍ଦୂରି ଆମ୍ବ—ଦେ. ବ—ଯେଉଁ ଆମ୍ବର ଚୋପା ସିନ୍ଦୂର ବର୍ଣ୍ଣବିଶିଷ୍ଟ—
Sindūri āmba Mango of which the peel is
सिंदूरे आम सिंदूरिआ आम vermillion coloured

ସିନ୍ଦୂରି ଉଇଁ(ଠି)ବା—ଦେ. ବ—ସିନ୍ଦୂରା ଫାଟିବା (ଦେଖ)
Sindūri uiñ(ṭhi)bā Sindūrā phāṭibā (See)
(ସିନ୍ଦୂର ଫାଟିବା—ଅନ୍ୟରୂପ)

ସିନ୍ଦୂରିତ—ସ. ବଣ (ସିନ୍ଦୂର=ରକ୍ତବର୍ଣ୍ଣ+ତ) —୧ । ସିନ୍ଦୂର
Sindūrita ପରି ରକ୍ତବର୍ଣ୍ଣରେ ରଞ୍ଜିତ—1. Coloured red;
tinged with red colour; vermillion-co
loured. (ଜ୍ର—ନବୁଳ ଚଂଶୁକ କୁସୁମ ସଙ୍ଗଳେ
ସିନ୍ଦୂରିତ ବନସ୍ଥଳୀ—ରଘାନାଥ. ସାଙ୍ଗ ।) ୨ ।
ସିନ୍ଦୂରଦ୍ୱାରା ରଞ୍ଜିତ—2. Painted with vermi-
llion.

ସିନ୍ଦୂରି—ସଂ. ବ—୧ । ସିନ୍ଦୂରପୁଷ୍ପୀ (ସୁବର୍ଣ୍ଣପୁଷ୍ପୀ) (ଦେଖ)—
Sindūrī 1. Sindūrapushpi (See) ୨ । ସେତକା;
ଗୋଦନା ଜାତ (ସେତଙ୍ଗା) —2. A sweet scented

Digitized by srujanika@gmail.com

mint (herb). ୩ । ରକ୍ତତେଲକା (ମେଦଙ୍ଗ)—3. A herb. ୪ । ଧାତକୀ (ମେଦଙ୍ଗ)—4. A red-flowered herb; Woodfordia Floribunda.

ସିନ୍ଦୋଟ୍—ପୁଂ. ବ (ସ୍ଥଳ)—ସ୍ତ୍ରୀମାନଙ୍କ ଯିବା ଆସିବା ପାଇଁ Sindoṭ ବ୍ୟବହୃତ ଶାସନ ଗ୍ରାମର ପଛପଟେ ଥିବା ପଥ—(ସିନ୍ଦୋଟ୍ ବାଟ—ଅନ୍ୟରୂପ) The path on the back-door side of a Śāsana village (in Rāhāngā of the Puri district), used by the pardanasin ladies while going from one village to another or from one part of it to another.

ସିନ୍ଦୋଳିବା—ଦେ. କି (ସଂ. ସନ୍ଧାନ; ସନ୍ଧାନଉ)—ଗୋଟା ଲଗାଥିବା Sindolibā ଦୁଇଟା ନଡ଼ିଆର କଡାରୁ ଚପ୍ତିବା ଛଡ଼ ପର ଅଂଶ-ଯୋଡା ବାଁଧା ଦ୍ୱୟକୁ ଏକତ୍ର ଗଣ୍ଠି ପକାଇ ଜୋଡ଼ିବା—To join जोड़ना two rinded cocoanuts together by knotting together two thin flaps from the rinds of both. [ଦ୍ର—ଏପର ଜଳେ ଯୋଡ଼ା ଯୋଡ଼ା କର ବଡ଼ପଗ୍ୟକ ନଡ଼ିଆକୁ ବାଇଁଶ ଦେହରେ ଝୁଲଣି ପର ଛନ୍ଦ ରଖା ଯାଇ ପାରେ ।]

ସିନ୍ଧ୍—ଦେ. ବ—ସିନ୍ଧୁପ୍ରଦେଶ—The Province of Sindh. Sindh सिन्ध सिंध

ସିନ୍ଧ(ନ୍ଧି)—ଦେ. ବ (ସଂ. ସନ୍ଧି)—ସିନ୍ଦି (ଦେଶ)—Sindi (See) Sindha(ndhi) [ଉ—ଯେ ବରଷ ଗ୍ରାମ ମଧ୍ୟରେ ଗୃହ ପାଞ୍ଚ ମିଁଧ, ସିଁଦ ନମ୍ବର ସିନ୍ଧ ହୁଏ; ଜନ୍ମ ଲେନା ସଜ୍ଜୁରର ବଡ଼ ସିଁଧ ଦୋଷ ନାହିଁ—ଫକୀରମୋହନ· ଛ ମାଣ ଅଠଗୁଣ୍ଠା ।]

ସିନ୍ଧାଳ—ଦେ· ବ ଓ ଉଣ (ସ. ସନ୍ଧଳା)—ସିନ୍ଦିଆର (ଦେଶ) Sindhāḷa Sindiāra (See)

ସିନ୍ଧ (ଇତ୍ୟାଦି)—ଦେ. ବ—ସିନ୍ଦ ଇତ୍ୟାଦି (ଦେଶ) Sindhi (etc) Sindi etc (See)

ସିନ୍ଧିଆ—ଦେ· ବ—ସିନ୍ଦିଆ (ଦେଶ)—Sindiā (See) (ଉ—ମହାରାଷ୍ଟ୍ରୀୟର ବାରେନ୍ଦ୍ର ସିନ୍ଧିଆ—ଗ୍ରାମାଚାର୍ଯ୍ୟ ।) Sindhiā

ସିନ୍ଧିଆର(ରା, ଳ) —ଦେ. ବ ଓ ଉଣ—ସିନ୍ଦିଆର (ଦେଶ) Sindhiāra(rā, ḷa) Sindiāra (See)

ସିନ୍ଧ କାଠି—ଦେ. ବ—ସିନ୍ଦ କାଠି (ଦେଶ) Sindhi kāṭhi Sindi kāṭi (See)

ସିନ୍ଧ ଗାତ—ଦେ. ବ—ସିନ୍ଦ (ଦେଶ)—Sindi (See) (ଉ—ଅଗେ ସିନ୍ଧ ଗାତ ଖୋଳ ନେଉଥାଏ ବୋହୁ—ପ୍ରାଚୀ· ବ୍ରହ୍ମକରୁପଣଗୀତା ।) Sindhi gāta

ସିନ୍ଧୀ—ଦେ· ବ—୧ । ସିନ୍ଧୁ ପ୍ରଦେଶ ଓ ତତ୍ସଲିହିତ କଚ୍ଛ ଆଦ Sindhī ଅଞ୍ଚଳରେ ପ୍ରାୟ ୩୦ ଲକ୍ଷ ଲୋକଙ୍କ କଥିତ ଆର୍ଯ୍ୟଭାଷା—सिन्धी सिंधी 1. An Indo-Aryan language spoken (ସିନ୍ଧୀ ଭାଷା—ଅନ୍ୟରୂପ) by about 30 lakhs of people in Sindh and Cutch etc. [ଦ୍ର—ଏ ଭାଷାରେ ଆରବୀ ଓ ପାର୍ସୀ ଭାଷାର ଅନେକ ଶବ୍ଦ ବ୍ୟବହୃତ ହୁଏ ଓ ଏଥିର ଲିପି ଆରବୀ ଓ ପାର୍ସୀ ଲିପି ପର । ଏ ଭାଷାର ସିରୈକୀ, ଲଙ୍କୀ ଓ ଥରେଲୀ ନାମକ ଉତ୍ତୋଟ୍ ମୁଖ୍ୟ ଭାଷା (dialect) ଅଛି—ଡ଼. ଶ ।] ୨ । ସିନ୍ଧୁପ୍ରଦେଶବାସୀ ବ୍ୟକ୍ତି—2. An inhabitant of Sindh. ୩ । ସିନ୍ଧୁ ଅଞ୍ଚଳର ଜଲ୍ଦୀ ଘୋଡ଼ା—3. An excellent breed of horse found in Sindh. ଦେ. ବିଶ—ସିନ୍ଧୁଦେଶୀୟ—Relating to the country of Sindh.

ସିନ୍ଧୁ—ପୁ. ବ (ସ୍ୟନ୍ଦ୍· ଧାତୁ—ସ୍ରବତ ଦେବା+କୁ, ଉ; ଜଳାଉଜ)—୧ । ସମୁଦ୍ର; ସାଗର (ଅମର) —1. The sea; ocean. ୨ । କମଥୁ; କମନ (ମେଦଙ୍ଗ)—2. Vomiting. ୩ । ଦେଶ ବିଶେଷ; ସିନ୍ଧୁ ପ୍ରଦେଶ; (ମେଦଙ୍ଗ); ସିନ୍ଧୁ ପ୍ରଦେଶ (ଦେଶ)—3. The Sind Province. ୪ । ନଦ ବିଶେଷ; ସିନ୍ଧୁ ନଦ (ମେଦଙ୍ଗ) (ଦେଶ)—4. The Indus river. ୫ । ଗଜ ମଦ (ହେମଚନ୍ଦ୍ର)—5. The scented liquid flowing from the temples of elephants in rut. ୬ । ସିନ୍ଦୁବାର ବୃକ୍ଷ; ବେତ୍ରଜାତ ଗନ୍ଧ (ଶବ୍ଦ ଚନ୍ଦ୍ରିକା); ନିର୍ଗୁଣ୍ଡୀ (ଦେଶ)—6. Nirguṇḍī. (See) ୭ । ଶ୍ୱେତ କ୍ଷାର (ରାଜନିର୍ଘଣ୍ଟୁ)—7. Borax. ୮ । ସ୍ୱର ବିଶେଷ; ପୌରାଣିକ ସ୍ୱରର ଦୁଇ; ସିନ୍ଧୁ ସ୍ୱର (ସଙ୍ଗୀତ ସିନ୍ଧୁ)—8. One of the airs of the Hindu music. [ଦ୍ର—ଏହା ପଞ୍ଚମ ଜାତିର ସ୍ୱର । ଏହା ମାଳକୋଷ ସ୍ୱରର ଧୂନ ବୋଲି କଳ୍ପିତ । ଏଥିରେ ଗାନ୍ଧାର ଓ ନିଷାଦ, ଦୁଇ କୋମଳ ସ୍ୱର ଲଗେ । ଏହା ଗାଇବା ସମୟ ହରା ୧୦ ଦଣ୍ଡ ଠାରୁ ୧୭ ଦଣ୍ଡ—ହ· ସ ।] ୯ । ନଦୀ (ମେଦଙ୍ଗ)—9. River. ୧୦ । ହସ୍ତୀ—10. Elephant, (ଉ—ଜଜ୍ଜର୍ଜନ ଦେଶସ୍ଥ ପାଲନେ ଯେହ୍ନ, ଜଜ୍ଜେଦତ ସିନ୍ଧୁର ଦୋଇଲ୍ଲ ସେହ୍ନ । (୧୨ ଓ ୧୦୨ ଅର୍ଥ) ଭଙ୍ଗ· ବୈଦେଘୁଶ ବଲାସ ।] ୧୧ । (ନାମ) ଦଶରଥଙ୍କ ବାଣରେ ନିହତ ଅନ୍ଧମୁନିଙ୍କ ଏକମାତ୍ର ପୁତ୍ର—11. Name of the only son of a blind sage, killed by king Daśaratha's darts. ୧୨ । (ଲକ୍ଷଣାର୍ଥ) କୌଣସି ଗୁଣର ବା ପଦାର୍ଥର ଅଧାର (ବ୍ୟକ୍ତି)—12. (a person who is) The receptacle of certain qualities or things· (ଉ—ସକଳ ଗୁଣର ସିନ୍ଧୁ, ମୁଖ ଦଖଇ ପୂର୍ଣ୍ଣ ଚନ୍ଦ୍ର । ଜଗନ୍ନାଥ· ଗୁପ୍ତବତ ।) [ଦ୍ର—ଯେଉଁ ଗୁଣର ଅଧାର, ସେହି ଗୁଣବାଚକ ଶବ୍ଦ ସିନ୍ଧୁ ଶବ୍ଦ ପୂର୍ବେ ଯୋଗ ହୁଏ । ଯଥା—କରୁଣା ସିନ୍ଧୁ, କୃପାସିନ୍ଧୁ, ଦୟାସିନ୍ଧୁ ଇତ୍ୟାଦି; ଏଠାରେ ସିନ୍ଧୁ ଶବ୍ଦର ଅର୍ଥ ସାଗର ।] ୧୩ । ଗୁରୁ ସଂଖ୍ୟା (ଜ୍ୟୋ· ଶ)—13. The

number four. ୧୪ । ସାତ ସଂଖ୍ୟା (ହି. ଶ)—14. The number seven. ୧୫ । ବରୁଣ ଦେବତା (ହି. ଶ)—15. The Deity of the ocean. ୧୬ । ସିନ୍ଧୁପ୍ରଦେଶବାସୀ ବ୍ୟକ୍ତି (ହି. ଶ)—16. A resident of Sindh. ୧୭ । ଓଷ୍ଠର ଆର୍ଦ୍ରତା (ହି. ଶ)—17. The wetness of the lips. ୧୮ । ହାତୀର ଶୁଣ୍ଢରୁ ବୋହୁଥିବା ପାଣି (ଲାଳ) (ହି. ଶ)—18. The watery substance or saliva flowing from the trunk of the elephant. ୧୯ । (ନାମ) ଗନ୍ଧର୍ବମାନଙ୍କ ରାଜବିଶେଷ (ହି. ଶ)—19. The name of a king of the Gandharbas. ଦେ. ବ—୧ । (ପୁଂ) ବ୍ୟକ୍ତିଙ୍କ ନାମ—1. A name given to males. ୨ । କୃପାସିନ୍ଧୁ, କରୁଣାସିନ୍ଧୁ ଆଦିଙ୍କ ଭାଳ ନାମ—2. A nickname of Krupāsindhu, etc.

ସିନ୍ଧୁ
ସିନ୍ଧୁ

ସିନ୍ଧୁଆ—ଦେ. ବ—୧ । (ପୁଂ; ଅନାଦରାର୍ଥକ) ସିନ୍ଧୁର ଭାଳ ନାମ—Sindhuā 1. Name for calling 'Sindhu'. ୨ । ଏକ ପ୍ରକାର ପାଟଲୁଗା—2. A kind of silk cloth.

ସିନ୍ଧୁ
ସିଂଧୁଆ

(ବ—ବଲ୍ଲଳ ବୋଲ ସିକାଇ ଦୌଶେସୁ ଦ୍ୱସନ, ବ୍ୟାଘ୍ର ଚର୍ମ ଉପରେ ସିନ୍ଧ ଅ ସଯ୍ୟାମାନ । ଭିଭଙ୍ଗ. ଦେ ଦେପ୍ପଶ ଦଳାସ ।) ଦେ. ବଣ—ସିନ୍ଧୁ ପ୍ରଦେଶ ସଂବନ୍ଧୀୟ—Relating to the Province of Sindh.

ସିନ୍ଧୁଆ ବାଘ—ସ୍ତାଦେ (ଗଞ୍ଜାମ) ବ—ବଲ୍ଲସଚରଥ ବାଘ—Sindhuā bāgha Spotted panther; leopard.

ସିନ୍ଧୁକ (ଉଚ୍ଚାଧ)—ବୈଦେ. ବ—ସିନ୍ଦୁକ ବୈଦେ. ବ ଇଚ୍ଛାଦ (ଦେଶ)—Sindhuka (etc) (See) Sinduka etc.

ସିନ୍ଦୂକ
ସନ୍ଦୁକ

(ଉ—ସିନ୍ଧୁ ଉତ୍ପାଦର ବ୍ୟର୍ଥ, ସିନ୍ଧୁକେ ଏହାର ସାର୍ଥ । ଉଞ୍ଚ. ଦୋଷିଜୁଚ୍ଛାଣ୍ଡ ମୃନସ୍ତ ।) ସ. ବ—ନଗୁଣ୍ଡି (ଦେଶ) (ହି. ଶ)—Nirgundi. (See)

ସିନ୍ଧୁ କନ୍ୟା (ପୁତ୍ରୀ, ଦୁହିତା, କନ୍ୟକା)—ସ. ବ (୬ଷ୍ଠୀ ତତ୍ପୁ.)—Sindhu kanyā (putrī, duhitā, kanyakā) ଲକ୍ଷ୍ମୀ—Goddess Lakshmī.

ସିନ୍ଧୁ କଫ—ସ. ବ (୬ଷ୍ଠୀ ତତ୍ପୁ.)—ସମୁଦ୍ର ଫେଣ (ଦେଶ) Sindhu kapha Samudra phena. (See)

ସିନ୍ଧୁ କର—ସଂ. ବ—ଶ୍ୱେତ ଟଙ୍କଣ (ଗୁଜନ୍ଦର୍ଦ୍ଦ୍ଧ)—Sindhu kara Borax.

ସିନ୍ଧୁ ଖେଳ—ସଂ. ବ (ସିନ୍ଧୁ=ସିନ୍ଧୁ ନଦ+ଖିଲ. ଧାତୁ=କ୍ରୀଡ଼ା କରିବା+ଅଣ୍. ଅ) (ଯେଉଁଠାରେ ସିନ୍ଧୁନଦ କ୍ରୀଡ଼ା କରେ)—ସିନ୍ଧୁ ଦେଶ (ଶବ୍ଦ ରତ୍ନାବଳୀ)—Sindhu khela The country of Sind.

ସିନ୍ଧୁ ଗଜ—ସଂ. ବ (ଅଦ୍ଭୁତର ନାମ; ସଂ. ସିନ୍ଧୁ+ଗଜ)—ଏକପ୍ରକାର ସାମୁଦ୍ରିକ ଜୀବ; ଜଳହସ୍ତୀ—Sindhu gaja The sea elephant; Macrorhinus Probescidecus. [ଦ୍ର—ଏମାନେ ଦକ୍ଷିଣ ମହାସାଗରରେ ମିଳନ୍ତି; ଲମ୍ବରେ ୩୦ ଫୁଟ ପର୍ଯ୍ୟନ୍ତ ବଢ଼ନ୍ତି । ଏମାନଙ୍କ ତବାରୁ ତେଲ ହୁଏ । ଅଣ୍ଡିରା ସିନ୍ଧୁଗଜଙ୍କ ନାକ ହାତୀମୁଣ୍ଡ ପରି ଓ ୧ ଫୁଟ ଲମ୍ବା ।]

ସିନ୍ଧୁ ଘୋଟକ—ସଂ. ବ (ଅଦ୍ଭୁତର ନାମ; ସଂ. ସିନ୍ଧୁ+ଘୋଟକ)—Sindhu ghoṭaka ୧ । ଖୀଲ୍ ଜାତୀୟ ଏକ ପ୍ରକାର ଜଳଚର ଜୀବ—1. Walrus; a marine animal; sea horse; Trichecus Rosmarus. [ଦ୍ର—ଏମାନଙ୍କର ଆକୃତି ଘୋଡ଼ାପରି ବଡ଼ ଥିବାରୁ ଏପରି ନାମ ହୋଇଥାଇଛି । ଏମାନେ ଉତ୍ତର ସିନ୍ଧୁ (Arctic ocean) ରେ ଦେଖାଯାଆନ୍ତି । ଅଣ୍ଡିରା ଜୀବଙ୍କର ଉପର ପାଟିରୁ ଭଲ ଅଢ଼େଇ ଦୁଇ ହାତ ଲମ୍ବର ଦୁଇଟି ଦାନ୍ତ ବାହାରି ଥାଏ । ଏମାନଙ୍କର ହାତ ଅଗ୍ରପଦ ଗୋଟି ଏବଂ ଗୋଡ଼ ପରିବର୍ତ୍ତିରେ ପୁଚ୍ଛ ଥାଏ ।

ଅଧୁନା ସମୁଦ୍ରରେ ନାନା ପ୍ରକାର ଅଗ୍ରପଦବିଶିଷ୍ଟ ଜୀବଙ୍କୁ ଦୁଇଟି ଏହିପରି ନାମମାନ ହୋଇଥାଇ ଥାଇ; ଯଥା—

ସିନ୍ଧୁ ଗଜ—Sea elephant.
ସିନ୍ଧୁ ସିଂହ—Sea lion.
ସିନ୍ଧୁ ଭଲ୍ଲୁକ—Sea otter.
ସିନ୍ଧୁ ଭଲ୍ଲୁକ—Sea bear.
ସିନ୍ଧୁ ବ୍ୟାଘ୍ର—Sea leopard.]

୨ । ଜଳ ଘୋଟକ; ଗଣ୍ଡାପରି; ମୁଖବିଶିଷ୍ଟ ସାମୁଦ୍ରିକ ଜୀବ ବିଶେଷ—2. Hippopotamus; Hippoeamus Amphibius; the river horse. [ଦ୍ର—ଏମାନେ ଗୁର ଘୋଡ଼ ବିଶିଷ୍ଟ ଓ ଜଳଚର । ଅଫ୍ରିକା ଦେଶର ନଦୀମାନଙ୍କରେ ଏମାନେ ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଅନ୍ତି । ଏମାନେ ଚଣ୍ଡାଳୁଆ, ଘୁଷୁରଜାତୀୟ ଓ ଏମାନଙ୍କର ଚର୍ମ ଖୁବ୍ ମୋଟା ।] ୩ । ସିନ୍ଧୁଦେଶୀୟ ଉତ୍କୃଷ୍ଟ ଅଶ୍ୱ—3. An excellent breed of horse of Sind.

ସିନ୍ଧୁଜ—ସଂ. ବିଣ. ପୁଂ (ସିନ୍ଧୁ+ଜନ୍. ଧାତୁ+କ୍ତ. ଅ)—ଶିଳାଜାତ Sindhuja (ଦେଶ)—Sindhujāta. (See) ସଂ. ବ—[ସିନ୍ଧୁଜା—ସ୍ତ୍ରୀ. ବିଣ] ୧ । ସୈନ୍ଧବ ଲବଣ (ଅମର) (ଦେଶ)—Saindhaba labaṇa. (See) ୨ । ସିନ୍ଧୁଦେଶଜାତ ଲବଣ—2. Salt produced in the Sindh countr . ୩ । ଚନ୍ଦ୍ର—3. The moon. ୪ । କର୍ପୂର—4. Camphor. ୫ । ଇନ୍ଦ୍ରଙ୍କ ଅଶ୍ୱ—5. Indra's horse. ୬ । ଶଙ୍ଖ (ହି. ଶ)—6. Conch shell. ୭ । ସୋହାଗା (ହି. ଶ)—7. Borax.

ସିନ୍ଧୁଜନ୍ମା—ସଂ. ବ (ସିନ୍ଧୁ+ଜନ୍ମନ୍.; ୭ମା. ୨ବ)—୧ । ସୈନ୍ଧବ ଲବଣ (ରତ୍ନମାଳା) (ଦେଶ)—1. Saindhaba labaṇa. (See) ୨ । ଚନ୍ଦ୍ରମା

(ହି· ଶ)—2. The moon. ସଂ. ବହ—ସମୁଦ୍ରୋଦ୍ଭବ—Born of the sea.

ସିନ୍ଧୁଜା—ସଂ. ବହ. ସ୍ତ୍ରୀ (ସିନ୍ଧୁଜ + ଆ)—'ସିନ୍ଧୁଜ'ର ସ୍ତ୍ରୀଲିଙ୍ଗ—Sindhujā Feminine of 'Sindhuja' ସଂ· ବ. ସ୍ତ୍ରୀ—୧। ଲକ୍ଷ୍ମୀ—1, Goddess Lakshmī. ୨। ମୁକ୍ତା ଉତ୍ପାଦନକାରୀ ଶୁକ୍ତି (ହି. ଶ)—2. Pearl-oyster.

ସିନ୍ଧୁଜାତ—ସଂ. ତତ. ପୁଂ—୧। ସମୁଦ୍ର ଜାତ—1. Produced Sindhu jāta from the sea. ୨। ସିନ୍ଧୁଦେଶ ଜାତ—2. Of the Sind country. ସଂ· ବ—୧। ସିନ୍ଧୁ ଦେଶୀୟ ଘୋଡ଼ା (ହି. ଶ)—1. The excellent breed of horse of Sindh. ୨। ମୋତି (ହି. ଶ)—2. Pearl.

ସିନ୍ଧୁ ଜାତି ଘୋଡ଼ା—ଦେ. ତ (ସ. ସିନ୍ଧୁଜାତି + ଘୋଟକ)—ସିନ୍ଧୁ-Sindhu jāti ghordā ଦେଶୀୟ ଉତ୍କୃଷ୍ଟ ଘୋଡ଼ା—ସୈନ୍ଧବ सिंधी घोडा A good breed of horse of Sindh.

ସିନ୍ଧୁଡ଼ା—ସଂ· ବ· ସ୍ତ୍ରୀ—ମାଳବ ରାଗର ଗୋଟିଏ ରାଗିଣୀ (ସଙ୍ଗୀତ Sindhurdā ଦାମୋଦର)—One of the musical airs said to be a wife of Mālaba tune. [ଦ୍ର—ମାଳବ ରାଗର ଭାର୍ଯ୍ୟାମାନଙ୍କ ନାମ—ଧାନୁସୀ, ମାଳସୀ, ରାମକଲି, ସିନ୍ଧୁଡ଼ା, ଅଶାବାସ, ଦେଶିବୀ ।]

ସିନ୍ଧୁ ତନୟା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ସିନ୍ଧୁଜା (ଦେଖ) Sindhu tanayā Sindhujā (See)

ସିନ୍ଧୁତମ ତୀର୍ଥ—ଦେ.ବ—ହିନ୍ଦୁମାନଙ୍କର ତୀର୍ଥବିଶେଷ—One of the Sindhutama tīrtha sacred places of the Hindus; [ଦ୍ର—ସିନ୍ଧୁତମ ତୀର୍ଥେ ଧୋଇଲେ ଜଳ କାମ୍ୟେ, ବହୁତ ସ୍ୱର୍ଣ୍ଣ ଦାନ ଫଳ ଲଭ୍ ହୁଏ—କୃଷ୍ଣସିଂହ. ମହାଭାରତ, ବନ ।]

ସିନ୍ଧୁ ଦୁଲଣା(ଣୀ)—ଦେ, ବ· ସ୍ତ୍ରୀ—ସିନ୍ଧୁଜା; ଲକ୍ଷ୍ମୀ—Goddess Sindhu dulaṇā(ṇī) Lakshmī. सिंधुकी दुलारी सिंधु ଦୁଲାଣୀ

ସିନ୍ଧୁ ଦେଶ—ସ.ବ—ଦେଶବିଶେଷ; ସିନ୍ଧୁ ନଦର ଦକ୍ଷିଣାଂଶର (ଅର୍ଥାତ୍ Sindhu desa ଯେଉଁ ଅଂଶରେ ସିନ୍ଧୁର ୫୫ ଶାଖା ମିଳିତ ହୋଇ ଏକ ଧାରରେ ସମୁଦ୍ରକୁ ଯାଇଅଛି ତାହାର) ଉତ୍ତର୍ବସ୍ଥ ଭୂଭାଗ—The Sind Province. [ଦ୍ର—ହାଇଦ୍ରାବାଦ ଓ ଭାରତର ପ୍ରସିଦ୍ଧ ବନ୍ଦର କରାଚୀ ଏହି ପ୍ରଦେଶରେ ଅବସ୍ଥିତ । ଏହା ପୂର୍ବେ ବୋମ୍ବେ ପ୍ରଦେଶର ଗୋଟିଏ ବିଭାଗ ଥିଲା ଏବଂ ଜଣେ ଚିଫ୍ କମିଶନରଦ୍ୱାରା ଶାସିତ ହେଉଥିଲା । ୧୯୩୭ ଏପ୍ରେଲ ମାସ ପହିଲା ତାରିଖରୁ ଏହା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇ ଜଣେ ଗଭର୍ଣ୍ଣରଙ୍କ ଦ୍ୱାରିକ ଶାସିତ ହେଉଅଛି । ଏହାର ଉତ୍ତରରେ ବେଲୁଚସ୍ତାନ ଓ ପଞ୍ଜାବ, ପୂର୍ବରେ ରାଜପୁତାନା, ଦକ୍ଷିଣରେ ସମୁଦ୍ର ଓ କଚ୍ଛ ଏବଂ ପଶ୍ଚିମରେ ବେଲୁଚସ୍ତାନ ଓ ଆରବ ଉପସାଗର । ବର୍ତ୍ତମାନ ଏହି ପ୍ରଦେଶର ସୁକ୍କର ନଗରଠାରେ ଗଭର୍ଣ୍ଣମେଣ୍ଟ ଗୋଟିଏ ସେତୁ (Barrage) ବାନ୍ଧ କେନାଲଦ୍ୱାରା ସେହିର ପାଣି ଯୋଗାଉ ଅଛନ୍ତି । ଏହାଦ୍ୱାରା ମରୁପ୍ରଦେଶ ଜଳଧାର ଭୂମିରେ ପରିଣତ ହୋଇ ଅଛି । ପ୍ରାଚୀନ ସିନ୍ଧୁଦେଶରେ ଜୟଦ୍ରଥ ରାଜା ଥିଲେ ।]

ସିନ୍ଧୁ ଦ୍ୱୀପ—ସ. ବ (ନାମ)—ଉଚ୍ଚତଃଶୀୟ ଅଜମୀର ନାମକ Sindhu dwīpa ରାଜାଙ୍କ ପୁତ୍ର ଜହ୍ନୁ ମୁନିଙ୍କ ପୁତ୍ର; ମୁନିବିଶେଷ—Name of a sage, son of Jahnu. [ଦ୍ର—ଏ ଜନ୍ମତଃ କ୍ଷତ୍ରିୟ ହେଲେ; କିନ୍ତୁ ତପୋପ୍ରଭାବରୁ ବ୍ରାହ୍ମଣତ୍ୱ ଲାଭ କରିଥିଲେ । ଏ ଯଜୁର୍ବେଦର କୁଛି ଏ ମନ୍ତ୍ରର ଦ୍ରଷ୍ଟା ଥିଲେ ।]

ସିନ୍ଧୁ ନଦ—ସ· ବ—ଉତ୍ତରର ପଞ୍ଚମ ପ୍ରାନ୍ତବାହୀ ପ୍ରସିଦ୍ଧ ନଦ—Sindhu nada The river Indus. [ଦ୍ର—ଏହା (ସିନ୍ଧୁ ନଦ—ଦେଶଜରୂପ) ହିମାଳୟର ଉତ୍ତରସ୍ଥ ମାନସସରୋବରରୁ ବାହାର ପଶ୍ଚିମ ବାଟେ କୁଲ କାଶ୍ମୀରଦେଶ ବାଟ ଦେଇ ଦକ୍ଷିଣଗାମୀ ହୋଇ ଅନ୍ୟ ୪ଗୋଟି ନଦ(ଚେନାବ, ଝେଲମ୍, ରାବ, ସଟ୍‌ଲେଜ୍) ସଙ୍ଗେ ମିଳିତ ହୋଇ ପଞ୍ଜାବଦେଶ ବାଟେ ସିନ୍ଧୁଦେଶରେ ପ୍ରବାହିତ ହୋଇ ଆରବ ସାଗରରେ ପଡ଼ିଅଛି । ଏହି ପଞ୍ଚନଦର ପଶ୍ଚିମତମ ନଦ ସିନ୍ଧୁ ଏବଂ ପଞ୍ଚମ ନଦ ଶତଦ୍ରୁ ବା ସଟ୍‌ଲେଜ୍ ଅଟେ । ଭେରୁଗାଙ୍ଗା ଝଂ, ସୁକର, ହାଇଦ୍ରାବାଦ ସିନ୍ଧୁନଦକୂଳସ୍ଥ ପ୍ରଧାନ ନଗର ।]

ସିନ୍ଧୁ ନନ୍ଦନ—ସ. ବ (୬ଷ୍ଠୀ ତତ୍)—୧। ଚନ୍ଦ୍ର (ଜିତାଶ୍ରଶେଷ)—Sindhu nandana 1. The moon. ୨। କର୍ପୂର—2. Camphor.

ସିନ୍ଧୁ ନନ୍ଦିନୀ (ନନ୍ଦନା)—ସ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ଲକ୍ଷ୍ମୀ—The Siddha nandinī(nandanā) Goddess Lakshmī.

ସିନ୍ଧୁ ନାଥ—ସ· ବ (୬ଷ୍ଠୀ ତତ୍)—ସରଦ୍ଗଡ; ସାଗର; ସମୁଦ୍ର Sindhu nātha (ଶବ୍ଦ କଲ୍ପଦ୍ରୁମ)—The sea.

ସିନ୍ଧୁ ପିବ—ସ· ବ (ସିନ୍ଧୁ + ଗା ଧାତୁ + କର୍ତ୍ତୃ· ଅ; ଯେ ସମୁଦ୍ରକୁ ପାନ Sindhu piba କରିଥିଲେ)—ଅଗସ୍ତ୍ୟ ଋଷି (ହି. ଶ)—Sage Agastya.

ସିନ୍ଧୁ ପୁତ୍ର—ସ. ବ—୧। (୬ଷ୍ଠୀ ତତ୍) ଚନ୍ଦ୍ର—1. The moon. Sindhu putra ୨। ମର୍କଟେନ୍ଦ୍ର (ଶବ୍ଦରତ୍ନାକର); କାଳ-ଜାମୁନ; ଏକପ୍ରକାର କେନ୍ଦୁ ଗଛ—2. Diospyrus Tomentosa (tree).

ସିନ୍ଧୁ ପୁତ୍ରୀ—ସ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ସିନ୍ଧୁଜା (ଦେଖ) Sindhu putrī Sindhujā (See)

ସିନ୍ଧୁ ପୁଷ୍ପ—ସଂ ବ—୧। ଶଙ୍ଖ (ଶବ୍ଦଚନ୍ଦ୍ରିକା)—1. The conch. Sindhu pushpa ୨। କଦମ୍ବ (ହି· ଶ)—2. Nuclea Kadamba (tree). ୩। ବକୁଳ (ହି. ଶ)—3. The Bakula tree.

Digitized by srujanika@gmail.com

ସିନ୍ଧୁ ପ୍ରଦେଶ—ସଂ· ବ—ସିନ୍ଧୁ ଦେଶ (ଦେଖ)—Sindhu pradeśa Sindhu deśa (See) [ଦ୍ର—ପୂର୍ବେ ଏହା ବମ୍ବେ ପ୍ରଦେଶର ଗୋଟିଏ ବଲ୍ଲଗ ଥିଲ । ବର୍ତ୍ତମାନ ୧୯୩୭ ସାଲଠାରୁ ଏହା ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହୋଇଅଛି ।]

ସିନ୍ଧୁ ଫଳ—ଦେ. ବ—ମୁକ୍ତା—Pearl. [ଦ୍ର—ଜଳୁଘାମ ନାଖ Sindhu phala ପୃଃ, ସିନ୍ଧୁ ଫଳ ୪୫ ୪୫—ଗ୍ରାଚୀ. ଉତ୍ତରଖଣ୍ଡ ୪ ।]

ସିନ୍ଧୁ ବାର—ସଂ· ବ—୧ । ନର୍ଗୁଣ୍ଡୀ (ଦେଶ)—1. Nirgundī Sindhu bāra (See) ୨ । ସିନ୍ଧୁଦେଶୀୟ ଉତ୍ତମ ଅଶ୍ୱ ସିନ୍ଧବାରକ } ଅନ୍ୟରୂପ ସିନ୍ଧୁବାରକ } —2. An excellent breed of horse of Sindh. ୩ । ପାରସ୍ୟ ଓଦଶୀୟ ଉତ୍ତମ ଅଶ୍ୱ (ପ୍ରକୃତବାଦ)—

3. An excellent breed of horse of Persia.

ସିନ୍ଧୁ ବେଳା—ସଂ· ବ (୬ଷ୍ଠୀ ତତ୍) —ସାଗରକୂଳ—

Sindhu belā The sea shore.

ସିନ୍ଧୁ ବିଡ଼ାଳ—ସଂ· ବ—ସଂ· ବ (ଅଧୁନକ ନାମ)—ଏକପ୍ରକାର Sindhu birdāla କ୍ଷୁଦ୍ର ସିଲ୍ ମାଛ—Sea otter; Enhydris Marina. [ଦ୍ର—ଏମାନେ ଉତ୍ତର ପ୍ରଶାନ୍ତ ମହାସାଗରରେ ବାସକରନ୍ତି ।]

ସିନ୍ଧୁ ବେଷଣ—ସଂ· ବ—ରମ୍ଭାସ୍ତ ବୃକ୍ଷ (ଶଙ୍ଖରହୁକା)—

Sindhu beshaṇa Gmelina Arborea (tree).

ସିନ୍ଧୁ ବ୍ୟାଘ୍ର—ସଂ· ବ (ଅଧୁନକ ନାମ)—ଦେହରେ ବାଘ ପରି Sindhu byāghra ଚଳା ଚଳା ଟାପି ଟାପି ଦାଗ ଥିବା ଏକପ୍ରକାର ସିଲ୍ ମାଛ—A kind of seal; the sea-leopard; Omorghinus Leptonya. [ଦ୍ର—ଏମାନେ ଉତ୍ତର ଓ ଦକ୍ଷିଣ ମହାସାଗରରେ ଥାଅନ୍ତି ।]

ସିନ୍ଧୁ ଭଲ୍ଲୁକ—ସଂ· ବ (ଅଧୁନକ ନାମ)—ଏକପ୍ରକାର ସିଲ୍ ମାଛ—

Sindhu bhalluka The sea bear; the ursine seal.

ସିନ୍ଧୁ ମନ୍ଥଜ—ସଂ· ବ—୧ । ସୈନ୍ଧବ ଲବଣ (ରତ୍ନମାଳା) (ଦେଖ) Sindhu manthaja Saindhaba labaṇa (See) ୨ । ଅମୃତ—2. Nectar. ସଂ· ବଣ—ସିନ୍ଧୁ ମନ୍ଥନରୁ ଜାତ—Produced from the ocean as a result of churning.

ସିନ୍ଧୁ ମନ୍ଥନ—ସଂ· ବ (୬ଷ୍ଠୀ ତତ୍)—ସମୁଦ୍ର ମନ୍ଥନ (ଦେଖ) Sindhu manthana Samudra manthana (See)

ସିନ୍ଧୁର—ସଂ· ବ, ପୁଂ (ସିନ୍ଧୁ=ମଦବାରି+ଅର ଅର୍ଥରେ. ର)—

Sindhura ୧ । ଦ୍ୱନ୍ତୀ (ହେମଚନ୍ଦ୍ର)—1. Elephant. (ସିନ୍ଧୁର—ସ୍ତ୍ରୀ) [ଦ୍ର—ପୁଣି ଜ ସିନ୍ଧୁ ମନ୍ଥିଲେ ଦେବେ, ସିନ୍ଧୁର ମୂଳ ଜନମି ଏବେ, ଅସଖ୍ୟ ହୋଇ ଥାଥିଅନ୍ତି ଅଭ ଦରପେ—ବ୍ରଜନାଥ. ସମରତରଙ୍ଗ ।] ୨ । ଆଠ ସଂଖ୍ୟା (ହି· ଶ)—2. The number eight.

ସିନ୍ଧୁର ଦ୍ୱେଷୀ—ସଂ· ବ—ସିଂହ (ଶବ୍ଦକଲ୍ପଦ୍ରୁମ) —

Sindhura dweshī The lion.

ସିନ୍ଧୁର ବଦନ—ସଂ· ବ (ବହୁବ୍ରୀହି)—ଗଜାନନ; ଗଣେଶ—

Sindhura badana The elephant-headed Deity (ସିନ୍ଧୁରାନନ—ଅନ୍ୟରୂପ) Gaṇeśa.

ସିନ୍ଧୁର(ରା)—ସଂ· ବ—ରାଗବିଶେଷ—A musical air. [ଦ୍ର—Sindhurā(rī) ଏହା ସମ୍ପୂର୍ଣ୍ଣ ଜାତିର ଏକ ରାଗ ଓ ହନୁମତ ରାଗର ପୁତ୍ର । ଏହା ଗାନ୍ଧାର ସ୍ୱର ଲାଗେ । ଏଥିରେ ଋଷଭ ଓ ଧୈବତ କୋମଳ ସ୍ୱର ଲାଗେ । ଏଥିର ଗାନର ସମୟ ଦିବା ୧୧ ଦଣ୍ଡଠାରୁ ୧୫ ଦଣ୍ଡ—ହୃ ଶ ।]

ସିନ୍ଧୁ ରାଗ—ପୁ. ବ—ସଙ୍ଗୀତର ରାଗବିଶେଷ ; କୌଶିକ ରାଗର ପୁତ୍ର Sindhu rāga (ସଙ୍ଗୀତ ସିନ୍ଧୁ)—Name of a musical air. [ଦ୍ର—କୌଶିକ ରାଗର ପୁତ୍ରଗଣ, ଯଥା—ମାଧବ, ଶୋଭନ, ସିନ୍ଧୁ, ମାରୁ, ମେଘାଡ଼ମ୍ବର, କୁନ୍ତଳ, କଳଙ୍କ ଓ ଦେବମ ।]

ସିନ୍ଧୁରାବ—ପୁ· ବ—ନର୍ଗୁଣ୍ଡୀ (ଦେଖ) (ହୃ· ଶ)—

Sindhurāba Nirgundī. (See)

ସିନ୍ଧୁ ଲତାଗ୍ର—ପୁ. ବ—ପ୍ରବାଳ; ପୋଦ୍ଦା (ହୃ. ଶ)—

Sidhu latnāgra Coral.

ସିନ୍ଧୁ ଲବଣ—ପୁ. ବ—ସୈନ୍ଧବ ଲବଣ (ହୃ. ଶ)

Sindhu labaṇa Saindhaba labaṇa,

ସିନ୍ଧୁ ଶୟନ—ପୁ. ବ (ବହୁବ୍ରୀହି)—ଶୀରୋଦଶାୟୀ; ବିଷ୍ଣୁ (ଶବ୍ଦ କଲ୍ପଦ୍ରୁମ)—Bishṇu.

Sindhu śayana [ସିନ୍ଧୁଶାୟୀ—ଅନ୍ୟରୂପ]

ସିନ୍ଧୁ ସଙ୍ଗମ—ପୁ. ବ—୧ । ନଦୀ ବା ନଦ ଓ ସମୁଦ୍ର ମିଳନ ସ୍ଥାନ Sindhu saṅgama (ଉତ୍ତର)—1. The junction of a river with the sea. ୨ । ଦୁଇ ନଦ ବା ନଦୀର ସଙ୍ଗମ ସ୍ଥାନ—2. The junction of two rivers.

ସିନ୍ଧୁ ସମ୍ଭବ—ପୁ. ବଣ· (ପୁଂ) ଓ ବ (ବହୁବ୍ରୀହି)—ସିନ୍ଧୁଜ (ଦେଖ)

Sindhu sambhaba Sindhuja. (See)

ସିନ୍ଧୁ ସମ୍ଭବା—ପୁ. ବଣ. ସ୍ତ୍ରୀ (ସିନ୍ଧୁ ସମ୍ଭବ + ଆ)—ସିନ୍ଧୁସମ୍ଭବର

Sindhu sambhabā ସ୍ତ୍ରୀଲିଙ୍ଗ—Feminine of Sindhusambhbaba. ପୁ. ବ—୧ । ଲକ୍ଷ୍ମୀ—1. Goddess Lakshmī. ୨ । ଫିଟିକିରି (ହୃ· ଶ)—2. Alum.

ସିନ୍ଧୁ ସିଂହ—ପୁ. ବ (ଅଧୁନକ ନାମ)—ଏକ ପ୍ରକାର ସିଲ୍ ମାଛ—

Sindhu simha Sea lion; a species of seal. [ଦ୍ର—ଦକ୍ଷିଣ ଆମେରିକା ଉପକୂଳସ୍ଥ ପ୍ରଶାନ୍ତ ମହାସାଗର(Eumetopia Stelleri) ଉତ୍ତରସ୍ଥ ଜାପାନ ଓ କାଲିଫର୍ଣ୍ଣିଆ ଓ ସାନ୍‌ଫ୍ରାନ୍‌ସିସ୍‌କୋ ଉପକୂଳରେ (Zalophus Californianus)—ଏହି ଉଭୟ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ସିନ୍ଧୁସିଂହ ଦେଖାଯାଅନ୍ତି ।]

ସିନ୍ଧୁ ସୁତ—ପୁ· ବ—ଶିବଙ୍କ ଦ୍ୱାରା ହତ ଜଲନ୍ଧର ଅସୁର (ହୃ. ଶ)—

Sindhu suta The demon Jalandhara.

Digitized by srujanika@gmail.com

ସିନ୍ଧୁସୁତା—ସଂ. ବ. ସ୍ତ୍ରୀ—୧। ଲକ୍ଷ୍ମୀ—1. Goddess Lakshmi.
Sindhu sutā ୨। ସୀପ; ଶାମୁକା—2. Pearl-oyster.

ସିନ୍ଧୁହସ୍ତୀ—ସ. ବ (ଅଧୁନିକ ନାମ)—ସିନ୍ଧୁ ଗଜ (ଦେଖ)
Sindhu hastī Sindhu gaja. (See)

ସିନ୍ଧୁପଳ—ସଂ. ବ (ସିନ୍ଧୁ+ଜଳ)-ସୈନ୍ଧବ ଲବଣ (ଡାକ୍ତରୀ)—
Sindhūpala Rock-salt,

ସିନ୍ଧୁଦ୍ଭବ—ସ. ବ (ୟମ୍ ଭବ୍)—ସିନ୍ଧୁଜାତ; ସମୁଦ୍ରରୁ ଉତ୍ପନ୍ନ—
Sindhūdbhaba Produced from the ocean.
ସ. ବ—ସୈନ୍ଧବ ଲବଣ (ଉତ୍ତମାଳା)—
Rock salt.

ସିନ୍ଧୋଟ—ପ୍ରାଦେ (ସୁସ୍-ସ୍ୱଦାଙ୍ଗ) ବ—ପୁରୁଜଙ୍କା ସ୍ତ୍ରୀଙ୍କ ବ୍ରାହ୍ମଣ ଶାସନ-
Sindhoṭa ମାନଙ୍କର (ଗ୍ରାମ ବାଣ୍ଡରେ ପୁରୁଷମାନେ ଚଲପ୍ରଚଳ ହେଉଥିବାରୁ) ସ୍ତ୍ରୀମାନଙ୍କର ଗ୍ରାମର ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବା ଗ୍ରାମାନ୍ତରକୁ ଯିବା ପାଇଁ ଘରମାନଙ୍କ ବାଡ଼ିପଟରେ ପଡ଼ୁଥିବା ରସ୍ତା—The path running on the back door side of the rows of houses and used by the females of the Brahman villages of Puri district for going from one village to another.

ସିନ୍ନି—ବୈଦେ. ବ (ଫା. ଶୀର୍=କ୍ଷର; ଫା. ଶୀର୍ଣ୍ଣ)—୧। ମୁସଲ-
Sinni ମାନ୍‌ମାନଙ୍କର ପୀରଙ୍କୁ ଦେଯ ନୈବେଦ୍ୟ ଶର୍କର—
ସିନ୍ନି 1. Sugar or sweetmeat offered to
ସିରନୀ, ସିନ୍ନୀ Mohommedan saints. ୨। ସତ୍ୟପୀର ବା ସତ୍ୟନାରାୟଣଙ୍କୁ ନୈବେଦ୍ୟ ହଅଯିବା ମିଷ୍ଟାନ୍ନ; (ସତ୍ୟନାରାୟଣ ଦେଖ)—2. Sweetmeat offered to the Satyapira Deity. [ଦ୍ର—ଏହା ଦୁଇ ପ୍ରକାରର, ଯଥା—କଚାସିନ୍ନି, (ଘାଟଲ୍ଲା କଦଳୀ, ଗୁଡ଼, ଅଟା, ଚନା ଓ ଦୁଧ ଚକଟା) ଓ ପକ୍କା ସିନ୍ନି (ଗୁଡ଼ର କୋବା କମ୍ବା ବୁନ୍ଦିଆ) ।] ବୈ. ବ (ନାମ)—
ସିନୀ ଶ୍ରୀନିବାସର ଡାକ ନାମ—
ସିରନୀ Name for calling Śrīnibāsa.

ସିନ୍ନିଆ—ବୈ. ବ (ନାମ) (ଅନାଦରସୂଚକ)—ଶ୍ରୀନିବାସର ଡାକ ନାମ—
Sinniā Name for calling Śrīnibāsa.

ସିନ୍ୟ—ଗ୍ରା. ବ (ସଂ. ସ୍ନେହ)—ସ୍ନେହ (ଦେଖ)
Sinya Sneha (See)

ସିପ—ବୈ. ବ (ସଂ. ଶୁକ୍ତି; ପ୍ରା. ସିପ୍ପି)—ଶିପ (ଦେଖ)
Sipa Śipa (See)

ସିପଟି—ପ୍ରାଦେ. (ଗଞ୍ଜାମ) ବ—ଗଞ୍ଜାମର ତାସ୍ରତାରଣୀଙ୍କ ମାଲିକାଣସ୍ୱ
Sipaṭi ଶୂଦ୍ର ସେବକ ଓ ପୂଜାଦାସ—The Śūdras in service of the Tārātāriṇī Deity of Ganjam.

ସିପ ଚୂନ—ବୈ. ବ—ଶିପ ଚୂନ (ଦେଖ)
Sipa chūna Śipa chūna (See)

ସିପ ବୋଟାମ—ବୈ. ବ—ଶିପ ବୋଟାମ (ଦେଖ)
Sipa botāma Śipa botāma (See)

ସିପା—ବୈ. ବ—ସିପ ପରି ପତଳା ଓ ସେମଟା—Thin and emaciated or shrunk like oyster shell.
Sipā
ସିପ୍ ସିପା ଚିପଟା (ସେମଟା—ଅନ୍ୟରୂପ)

ସିପା(ପେ)ଇ(ହି) —ବୈଦେ. ବ (ଫା. ସିପାହି)—୧। ସୈନ୍ଧବ; ପଦାତିକ
Sipā(pe)i(hi) —1. Soldier; sepoy. [ବ—ସିପାଇର
ସିପାଇ ସିପାହୀ ଉଚ୍ଚାରଣ ପରି ହୁଦନ୍ତ—କୃଷ୍ଣସିଂହ. ମହାଭାରତ. ଅଦ ।] ୨। ଦେଶୀୟ ପଦାତିକ—2. An Indian soldier. ୩। ଦେଶୀୟ ଚରନ୍ତରକ—3. Indian constable. ୪। ଚପରାସୀ; ପିଅନ—4. Peon. ୫। ଅସ୍ତ୍ରଶସ୍ତ୍ରଧାରୀ ପ୍ରହରୀ—5. Armed sentry. [ଦ୍ର—ଏହି ଫାରସି ଶବ୍ଦ ଇଂରାଜୀରେ Sepoy ରୂପ ଧାରଣ କରିଅଛି ।]

ସିପାଇ ପଲଟଣ(ନ)—ବୈଦେ. ବ (ଫା. ସିପାହି+ଇଂ. ପ୍ଲାଟୁନ୍)—
Sipāi palaṭan(na) ଦେଶୀୟ ସେନା—Indian army.
ସିପାଇ ପଲଟନ ସିପାହୀ ପଲଟନ

ସିପା(ପେ)ଇବା—ଦେ. କି—ଶିପାଇବା (ଦେଖ)—
Sipā(pe)ibā Śipāibā (See)
[ସିପା(ପେ)ଇ ଯିବା—ଅନ୍ୟରୂପ]

ସିପାଇ ବଦ୍ରୋହ—ଦେ. ବ—୧୮୫୭ ସାଲରେ ଭାରତ ଅଧିକାଂଶ
Sipāi bidroha ଇଂରାଜଙ୍କ ବିରୁଦ୍ଧରେ ହେଉଥିବା ସୈନ୍ୟ
ସିପାଇ ବିଦ୍ରୋହ ସେନାଙ୍କର ଅସ୍ତ୍ର ଧାରଣ—The Indian
ସିପାହୀ ବିଦ୍ରୋହ Sepoy Mutiny of 1857. [ଦ୍ର—ଇଂରାଜ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀଙ୍କ ଭର୍ମଗୃତ୍ୟମାନଙ୍କ ବ୍ୟବହାରରେ ଅଯୋଧ୍ୟା, ଉତ୍ତର ପଶ୍ଚିମ, ଦିଲ୍ଲୀ, ଦାକ୍ଷିଣାତ୍ୟ ଓ ମହାରାଷ୍ଟ୍ରର ପଦଚ୍ୟୁତ ଓ ଶକ୍ତିକୃତ ରାଜାମାନେ ଇଂରାଜଙ୍କ ପ୍ରତି ଘାତ-ଶ୍ରବ ହୋଇଥିଲେ । ଏହି ସମୟରେ ଅତି ସାମାନ୍ୟ କାରଣରୁ ବଙ୍ଗ ଓ ଅଯୋଧ୍ୟାରେ ଦେଶୀୟ ସିପାହୀମାନଙ୍କ ମଧ୍ୟରେ ବଦ୍ରୋହାଗ୍ନି ଜଳି ଉଠିଲା । ସିପାହୀମାନଙ୍କୁ ବନ୍ଦୁକ ଫାୟର୍ କରିବା ନିମନ୍ତେ ଯେଉଁ ଟୋଟା (କାର୍ଟ୍ରିଜ୍) ଦିଆଗଲା, ତାହା ଦାନ୍ତରେ ଛିଣ୍ଡାଇ ବନ୍ଦୁକରେ ଦେବାକୁ ହୁକୁମ ହେଲା । ହିନ୍ଦୁ ଓ ମୁସଲମାନ ସିପାହୀମାନଙ୍କ ମନରେ ଧାରଣା ହେଲା ଯେ, ଏ ଟୋଟାରେ ଘୃତର ଚର୍ବି ଦିଆ ଯାଇଅଛି; ତେଣୁ ଏହା ହିନ୍ଦୁ ଓ ମୁସଲମାନଙ୍କ ଧର୍ମଗତ ଅନୁଯାୟୀ ଅଖାଦ୍ୟ; ସରକାର ଏଥର ଟୋଟା ବ୍ୟବହାର କରିବାକୁ ବାଧ କରି ସେମାନଙ୍କ ଜାତି ନଷ୍ଟ କରିବାକୁ ବସି ଅଛନ୍ତି । ଏହା ଶୁଣି ସିପାହୀମାନେ ସାହେବ ଜାତୀୟମାନଙ୍କ ହୁକୁମ ମାନିଲେ ନାହିଁ । ଫଳତଃ ୧୮୫୭ ସାଲରେ ଦିଲ୍ଲୀ ନିକଟସ୍ଥ ମିରଟରେ ପ୍ରଥମେ ସିପାହୀ ବଦ୍ରୋହ ପ୍ରକାଶିତ ହେଲା । ସିପାହୀମାନେ ଇଂରେଜ ସ୍ତ୍ରୀ, ପୁରୁଷ, ବାଳକ ବାଳିକା, ଯେଉଁଠାରେ ପାଇଲେ, ମାର ପଡ଼ାଇଲେ, ଜଖମ ଘୋଡ଼ି ଦେଲେ, ଜେଲ୍‌ଖାନା ଖୋଲି କଏଦୀମାନଙ୍କୁ ମୁକୁଳାଇ ଦେଲେ । ଏହା ପରେ ସେମାନେ ଦିଲ୍ଲୀ ଅଭିମୁଖେ ଅଗ୍ରସର ହେଲେ । ଏଠାରେ ପଦଚ୍ୟୁତ ବୃଦ୍ଧ ମୋଗଲ-

Digitized by srujanika@gmail.com

ସମ୍ରାଟ୍ ସାହା ଅଲମ (ଯାହାଙ୍କୁ ଇଂରେଜମାନେ ସେତେବେଳେ ଦେଇ ଦିଲ୍ଲୀରେ ରଖାଇ ଥିଲେ) ବଦ୍ରୋଗ୍ମାନଙ୍କ ସଙ୍ଗେ ଯୋଗ ଦେଲେ ଏବଂ ସେଠାରେ ସଧ ସିପାହୀମାନେ ଇଂରାଜ ନରନାଗ୍ମଙ୍କୁ ଦ୍ରଡ୍ୟା କଲେ ।

କାନପୁରଠାରେ ସେଣବା ବାଜ ଗ୍ରଁଚ ପୁଣ ନାନା ସାହେବ ବଦ୍ରୋଗ୍ମୀ ସେନାମାନଙ୍କ ନାୟକ ହୋଇ ଶତ ଶତ ଇଂରେଜ ନରନାଗ୍ମଙ୍କୁ ଦ୍ରଡ୍ୟା ଓ ବନ୍ଦୀ କଲେ । ଦିଲ୍ଲୀରେ ବଦ୍ରୋଗ୍ମୀମାନେ ୫ ମାସ କାଳ ଅଧିକାର ସ୍ଥାପନ କଲେ ।

ଲକ୍ଷ୍ନୌରେ ସଧ ବଦ୍ରୋହାଗ୍ନି ଜଳିଲା । ସରଜ୍ଜଙ୍ଗ-ବଜା ସିନ୍ଧିଆ ଓ ହୋଲକାରଙ୍କ ପକ୍ଷତଳମାନେ ସଧ ବଦ୍ରୋହାଚରଣ କଲେ ।

ଏ ସମୟୁଗେ ଗ୍ରଗ୍ୟଜନେ ଶିଖ ଓ ଗୁରୁଖା ପଲଟଣ-ମାନେ ଇଂରାଜ ସରକାରଙ୍କ ପ୍ରତି ବହୁ ଅଟଳ ରହିଥିଲେ । ସେନାପତ୍ତି ହାଭେଲକ୍ (General Havelock, afterwards Sir Henry Havelock) କାନ-ପୁରରେ ନାନା ସାହେବଙ୍କୁ ପରାସ୍ତ କଲେ । ନାନା ସାହେବ ଅଯୋଧ୍ୟାକୁ ପଳାଇ ଯାଇ ଶେଷରେ ନେପାଳ ବନରେ ଲୁଚି ଶେଷ ଜୀବନ ଅତିବାହିତ କଲେ। ଇଂରାଜଙ୍କ ପକ୍ଷରେ ଅନ୍ୟାନ୍ୟ ସେନାପତ୍ତି (ଯଥା – ସେନାପତ୍ତି କାମ୍ବେଲ୍, ଅଉଟ୍ରମ୍, ନକଲ୍‌ସନ୍, ହ୍ୱିଟ୍‌ଲକ୍ ରୋଜ୍) କ୍ରମଶଃ ଉନ୍ନ ଉନ୍ନ ସ୍ଥାନର ବଦ୍ରୋଗ୍ମାନଙ୍କୁ ପରାସ୍ତ କର ବଦ୍ରୋହୀ-ମାନଙ୍କ ଅଧିକୃତ ସ୍ଥାନମାନ ଦଖଲ କଲେ । ମରଜ୍ଜଙ୍ଗ ସିନ୍ଧିଆ ଓ ହୋଲକାର ସ୍ୱଚାମାନେ ନିଜେ ବଦ୍ରୋଗ୍ମୀ ହୋଇ ନ ଥିଲେ, କିନ୍ତୁ ସେମାନଙ୍କ ସୈନ୍ୟମାନେ ତାନ୍ତିଆ ଟୋପି ବା ତାନ୍ତିଅଗ୍ମିଲ ନାମକ ଜଣେ ଗ୍ମିଲ୍ ନେତାଙ୍କ ନେତୃତ୍ୱରେ ବଦ୍ରୋଗ୍ମୀ ହୋଇଥିଲେ । ପରଶେଷରେ ଇଂରାଜମାନେ ଦିଲ୍ଲୀ ଅଧିକାର କଲେ ଏବଂ ୧୮୫୮ ସାଲରେ ଏହି ବଦ୍ରୋହାଗ୍ନି ପ୍ରଶମିତ ହେଲା ।

ଏହି ସିପାଗ୍ମ ବଦ୍ରୋହ ପରେ ବଲ୍ଲଭ ଘାଲିଅମେଣ୍ଟ ଗ୍ମରତର ଶାସନକୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ବଣିକସଦ୍ଧଙ୍କ ହାତରେ ନ ରଖି ମହାରାଣୀ ଭିକ୍ଟୋରିଆଙ୍କୁ ଗ୍ମରତର ସମ୍ରାଜ୍ଞୀ ବୋଲି ଘୋଷଣା କଲେ ଏବଂ ଗ୍ମରତର ବଡ଼ ଲାଟ, ସମ୍ରାଜ୍ଞୀଙ୍କ ପ୍ରତିନିଧି ବା ଗ୍ମଭର୍ଣ୍ଣର୍ ଜେନେରାଲ୍ (Viceroy) ଗ୍ମଖ୍ୟ ଧାରଣ କଲେ । ୧୮୫୮ ସାଲରେ ଗ୍ମରତର ଗଭର୍ଣ୍ଣର୍ ଜେନେରାଲ୍ ଲର୍ଡ କାନିଙ୍ଗ୍ ଗ୍ମଭର୍ଣ୍ଣର୍ ହେଲେ ଏବଂ ବଦ୍ରୋଗ୍ମାନଙ୍କୁ ସମ୍ରାଜ୍ଞୀଙ୍କ ଅଦେଶ ଅନୁସାରେ କ୍ଷମା ଓଅଗତ୍ମ ଓ ମହାରାଣୀ ଭିକ୍ଟୋରିଆ ଗୋଟିଏ ଘୋଷଣା-ପତ୍ରଦ୍ୱାରା ଗ୍ମରତବାସୀଙ୍କୁ ଅଭୟ ପ୍ରଦାନ କଲେ ।]

ସିପା(ପେ)ଇ ସରଦାର—ବୈଦେ. ବ (ଫା·)—ସିପାହୀମାନଙ୍କର ନେତା—A Sirdar or captain of Indian soldiers.
Sipā(pe)i saradāra
ସିପାଇ ସରଦାର **सिपाही सरदार**

ସିପା(ପେ)ଇ ସନ୍ତ୍ରୀ—ବୈଦେ. ବ (ସଦ୍ଭବ; ଫା. ସିପାଗ୍ମ; ଇଂ· ସେଣ୍ଟ୍ରୀ) ସିପାଇ ସାନ୍ତ୍ରୀ **सिपाही संत्री** —ସୈନିକ ଓ ରକ୍ଷୀ; ସଶସ୍ତ୍ର ସିପାହି— An armed sentinal.
Sipā(pe)i santrī

ସିପାଞ୍ଜି—ଦେ. ବ—ସିମ୍ପାଞ୍ଜି (ଦେଶ)
Sipāñji Simpāñji. (See)

ସିପାର(ରି)ସ୍(ସି)—ବୈଦେ· ବ (ଫା. ସିପାରିସ୍)—ସୁପାରିସ୍ (ଦେଶ)
Sipāra(ri)s(si) Supāris. (See)

ସିପାଲ—ଦେ. ବ—ଚଲକା କୂଳରେ ଜନ୍ମୁଥିବା ଘର ଛପରରେ ବ୍ୟବହୃତ ଘାସ ବିଶେଷ—A species of grass, growing on the shore of the Chilkā lake and used in thatching houses.
Sipāla

ସିପା(ପେ)ହି (ଇତ୍ୟାଦି)—ବୈଦେ. ବ (ଫା· ସିପାହି)—ସିପାଇ
Sipā(e)hi (petc) ଇତ୍ୟାଦି (ଦେଶ)—Sipāi etc. (See)

ସିପି—ଦେ. ବ—ଶିବ (ଦେଶ)
Sipi Śipa. (See).

ସିପିଆ—ଦେ. ବଣ—ଶିପା (ଦେଶ)—
Sipiā ଶିପ୍‌ଶିପା **सिपिआ** Śipā. (See)
ସେପିୟା ବୈଦେ. ବ (ଇଂ. ସେପିଅ)-ଏକପ୍ରକାର ଫଳା ଛଲାଇଙ୍କ— **सेपिया** Sepia colour.

ସିପିଓ—ବୈଦେ· ବ (ନାମ)—[ଲ୍ଟିନ୍ ଶବ୍ଦ ସିପିଓ=ଯଷ୍ଟି; ଏହି ବଂଶର ଜଣେ ବ୍ୟକ୍ତି ସବଦା ତାଙ୍କ ବୃଦ୍ଧ ଅନ୍ଧ ପିତାଙ୍କର ଯଷ୍ଟିସ୍ୱରୂପ ହୋଇ ତାଙ୍କୁ ସବଦା ଚଲାଉଥିଲେ]—
Sipio
ସିପିଓ **सिपिओ** ପ୍ରାଚୀନ ରୋମ୍‌ର ବଖ୍ୟାତ ବଂଶ—Scipio (a distinguished family of successive consuls and commanders) of ancient Rome. [ଦ୍ର— ଏହି ବଂଶର ଅନେକ ବଖ୍ୟାତ ବ୍ୟକ୍ତି ରୋମ୍ ସାମ୍ରାଜ୍ୟର ବଧନ ପ୍ରଦେଶରୁ ଶାସନକର୍ତ୍ତା ଓ ସେନାପତ୍ତି-ରୂପେ ପ୍ରେରିତ ହୋଇ ସ୍ୱନାମପ୍ରସିଦ୍ଧ ହୋଇଥିଲେ ଏବଂ ତନ୍ମଧ୍ୟରୁ ଏହି ନାମଧାରୀ ଜଣେ ଅଫ୍ରିକା ଜୟୀ ବୀର (Scipio Africanus) ବିଶେଷ ଖ୍ୟାତିଲାଭ କର ଥିଲେ । ସେ ଖ୍ରୀଷ୍ଟପୂର୍ବ ୧୮୪ ଅବ୍ଦରେ ମରିଥିଲେ ।]

ସିପିବା—ଦେ. ବ—ଶିପିକା (ଦେଶ)—Śipibā. (See)
Sipibā [ଶିପିପିକା—ଅନ୍ୟରୂପ]

ସିପିହର ଶୁକୋ—ଦେ. ବ (ନାମ)—ମୋଗଲ ସମ୍ରାଟ୍ Sipihara śuko ସାହାଜାହାନଙ୍କର ଜନୈକ ପୁତ୍ର—A son
ସିପିହର ସୁକୋ of Sāhājāhān, the Mogul Emperor.
सिपिहर सुको [ଦ୍ର—ଏହାଙ୍କୁ ଅରଙ୍ଗଜେବ ଦ୍ରଡ୍ୟା କରିଥିଲେ ।]

ସିପୁଟି—ଦେ. ବ· ପୁଂ—୧ । ବସ୍ତ୍ର ସିଇଁବା ଜାତି; ଦରଜି—
Siputi 1. Tailor. [ଦ୍ର—ଜାତିରେ ଅଟଇ ସିପୁଟି, କାମ ଦରଜି ତାହାର ପରମେଷ୍ଟି । ଗ୍ମମବାଣ. ଦାରୁଣିତା ଉତ୍ତ ।] ୨ । ଦରଜୀ ଗଞ୍ଜାମ ଜିଲ୍ଲାର ତାରାତାରିଣୀଙ୍କ ସେବକ ଜାତି—2. The caste of temple servants of Goddess Tārātāriṇī in Ganjam.
[ସିପୁଟଆଣୀ—ସ୍ତ୍ରୀ]

Digitized by srujanika@gmail.com

ସିପୁଲ୍ ବଇଠା—ଗ୍ରାଦେ. (ଯାଜପୁର) ବ—ମୂଳେ ଗୃହଶାଳୀରେ ଛାତ୍ରମାନଙ୍କୁ ବଅସିବା ଦଣ୍ଡବଶେଷ; କାନ୍ଥ ଚଉକା (ଦଣ୍ଡ)—A kind of corporeal punishment formerly meted out to students of primary schcols.
Sipul baiṭhā

ସିପ୍ର—ଂ. ବ. (ସତ୍ ଧାତୁ=ଗମନ କରିବା+କ୍ରିପ୍. ର; ନଗାଉନ ସିଦ୍ଧ)—୧ । ଚନ୍ଦ୍ର (ଦିକାଣ୍ଡ ଶେଷ)—1. The moon. ୨ । ଘର୍ମ; ସ୍ୱେଦ (ସେଦଗା)—2. Perspiration; sweat. ୩ । କାଳିକା ପୁରାଣୋକ୍ତ ଦେବସରୋବରବଶେଷ—3. Name of a mythological tank described in the Kālikā Purāṇa.
Sipra

ସିପ୍ରା—ଂ. ବ (ସିପ୍ର+ଆ; ଅନ୍ୟରୂପ 'ଶିପ୍ରା')—୧ । ଉଜ୍ଜୟିନୀ ସମୀପସ୍ଥ ନଦୀ ବଶେଷ (ସେଦଗା)—1. Name of a river passing by the country of Ujjain. [ଦ୍ର—କାଳିକା ପୁରାଣ ୬୩ଶ ଅଧ୍ୟାୟରେ ଲେଖାଅଛି ଯେ, ବଶିଷ୍ଠ ଅରୁନ୍ଧତୀଙ୍କୁ ବବାହ କର ମାନସାଚଳରେ ସୁଖରେ ବାସ କଲେ ଏବଂ ସେହି ପର୍ବତରୁ ଜଳଧାରା ନିର୍ଗତ ହୋଇ ହିମାଳୟସ୍ଥ ଜନରରେ ଥିବା ସିନ୍ଧୁ ସରୋବରରେ ପଡୁଥ ହୋଇ ସେହିଠାରୁ ନଦୀ ଆକାରରେ ସିପ୍ରା ନାମରେ ପ୍ରବାହିତ ହେଲା । ଏହାର ଅପରନାମ ସିନ୍ଧୁବତୀ ।]
Siprā

୨ । ସ୍ତ୍ରୀମାନଙ୍କ କଟିବନ୍ଧ (ହି. ଶ)—2. Woman's girdle.

ସିଫାଇ—ଗ୍ରାଦେ (ଲରଆ) ବ—ସିପାଇ (ଦେଶ)
Siphāi Sipāi. (See)

ସିଫାର(ର)ସ୍(ସି)—ବୈଦେ. ବ (ଫା. ସିଫାରସ୍)—ସୁପାରସ୍ (ଦେଶ)—Supāris. (See)
Siphāra(ri)s(si)

ସିବନ୍ଦୀ—ଗ୍ରାଦେ (ଜସ୍ପୁର) ବ—ସିପାହୀ—Sepoy.
Sibandī

ସିବ୍ (ଧାତୁ)—ଂ—ସିଲେଇ କରିବା—To sew.
Sib (root)

ସିବର—ଂ. ବ (ସି. ଧାତୁ=ଗତ କରିବା+କ୍ରିପ୍ ବର)-ହସ୍ତୀ (ଜଟାଧର)—The elephant.
Sibara

ସିବସ—ଂ. ବ—(ସିବଧାତୁ+କ୍ରିପ୍ ଅସ)—୧ । ବସ୍ତ୍ର (ହି. ଶ)—1. Cloth. ୨ । ପଦ୍ୟ; ଶ୍ଲୋକ (ହି. ଶ)—2. Poem; couplet.
Sibasa

ସିବାଏ(ଏ)—ବୈଦେ. ଅ (ଫା. ସିବା)—ଛଡ଼ା; ବ୍ୟତୀତ—Without; besides; except. [ଉ—ଏ ସିବାଏ ସେଓୟାୟ୍ ସିବାୟ ଟକାକୁ ପୁଧ ଗୁରଅଣା ହୁସାବେ ପାଇବ । ପଙ୍କାରମୋହନ. ଇମାଣ ଅଠଗୁଣ୍ଠ ।]
Sibāy(e)

ସିବ୍ଭକା ଫଳ—ଂ. ବ (ବୈଦ୍ୟକ)—କାବୁଲଦେଶୀୟ ଖାଦ୍ୟ ଫଳବଶେଷ; ସେଓ ଫଳ—Apple; Pyrus Malus. [ଦ୍ର—ଏହା ବାଉଦ୍, ମୁଣ୍ଡି ପ୍ରମାଣ, ବବର, ସେବ । ସିତ୍ରନାଶକ, ପୁଷ୍ଟିକାରକ, କଫ-ପେତ, ପେଟ୍ ଚଳକ, ଗୁରୁ, ମଧୁରରସ, ମଧୁର-ବପାକ, ଶୀତବୀର୍ଯ୍ୟ, ରୁଚିକର ଓ ଶୁକ୍ରବର୍ଦ୍ଧକ ଅଟେ ।]
Sibbhitikā phala
ଅନ୍ୟ ସଂସ୍କୃତ ନାମ—ଫଳ୍ଗୁ, ସେବ, ଦୀର୍ଘଫଳ, ଗୁଚ୍ଛଫଳ, ଚଳ୍ଗୁଫଳ, ଚଳ୍ଗୁ, ମଧୁରରସ, ମଧୁର-ବପାକ, ଶୀତବୀର୍ଯ୍ୟ, ରୁଚିକର ଓ ଶୁକ୍ରବର୍ଦ୍ଧକ ଅଟେ ।]
ଫା. ସେବ୍
ଅ. ତୁଫାହ

ସିଭିଲ୍—ବୈଦେ—୧ । ଦେବ୍ଭାନ—1. Civil. ୨ । ଉଚ୍ଚ—2. High.
Sibhil

ସିଭିଲ୍ କୋର୍ଟ(ର୍ଟ୍)—ବୈଦେ. ବ (ଇଂ. ସିବିଲ୍ କୋର୍ଟ୍)—ଦେବାଳା ଅଦାଲତ—Civil Court.
Sibhil kot(rt)

ସିଭିଲ୍ କୋର୍ଟ୍(ର୍ଟ୍) କମିଶନର୍—ବୈଦେ. ବ (ଇଂ. ସିବିଲ୍ କୋର୍ଟ୍ କମିଶନର୍)—ଦେଷମାନଙ୍କ ବବାଦୟୁ ବଷୟ ସରଜମିନରେ ଉତ୍ତ ଉତ୍ତ ସିବିଲକୋର୍ଟ କମିସନର କର ମାପି ପଗ୍ମଣା କରିବା ବା ଅଦାଲତରେ ଅନୁସନ୍ଧିତ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରିବା ବା ତୁସାବଯନ୍ତ ପରୀକ୍ଷା କରିବା ପାଇଁ ନଯୁକ୍ତ ଦେମ୍ଗୃଗ୍ଧ—Civil Court Commissioner.
Sibhil kot(rt) kamisanar

ସିଭିଲ୍ ଜେଲ୍—ବୈଦେ. ବ (ଇଂ.)—ପେଚ୍ଛି ଦାଗ୍ଗାରରେ ଖାଉଚ-ପାନଙ୍କୁ ବନ୍ଦ କରିଥାଏ—Civil jail.
Sibhil jel

ସିଭିଲ୍ ସର୍ଜନ୍—ବୈଦେ. ବ—ଡାକ୍ତର ସାହେବ; ଇଚ୍ଛାର ସଦୋଚ ଡାକ୍ତର—Civil Surgeon.
Sibhil sarjan

ସିଭିଲ୍ ସର୍ଭିସ୍—ବୈଦେ. ବ (ଇଂ. ସିବିଲ୍ ସର୍ଭିସ୍)—ଗଜ୍ୟଶାସନ ସମ୍ବନ୍ଧୀୟ ଉଚ୍ଚ ସରକାର ଗୃଦ୍ଧର—Civil service.
Sibhil sarbhis
(ସିବିଲ୍[ଲ୍] ସରଭିସ୍[ସି]—ଅନ୍ୟରୂପ)

ସିଭିଲିୟା(ଆ)ନ୍—ବୈଦେ. ବ (ଇଂ. ସିବିଲିଅନ୍)—ଗଜ୍ୟଶାସନ ସମ୍ବନ୍ଧୀୟ ଉଚ୍ଚ କର୍ମଗୃଗ୍ଧ—A civilian; a member of the civil service.
Sibhiliyā(ā)n

ସିମ୍ତି (ଇତ୍ୟାଦି)—ଦେ. ଅ—ସେମିତି ଇତ୍ୟାଦି (ଦେଶ)
Sim-ti (etc) Semiti. etc (See)

ସିମ୍(ମ,ମି)ଲା(ଲ)—ଦେ. ବ (ନାମ)—୧ । ପଞ୍ଜାବ ପ୍ରଦେଶର ଉତ୍ତରାଂଶ ଓ ଦକ୍ଷୀଣରୁ ୭୦୦ ମାଇଲ ଉତ୍ତରରେ ହିମାଳୟର ଘାଡ଼ୁରେ ଅବସ୍ଥିତ ଗରମଦେଶୀୟଙ୍କର ଓ ବ୍ରିଟିସ୍ ଗ୍ରୀଷ୍ମକାଳୀନ ରାଜଧାନୀ—1. Simla on the Himalayan slope; the summer capital of the Viceroy of India. [ଦ୍ର—ଏହା ବିକ୍ରମଦେବ ପୂର୍ବତନ ଶାଖା ଶତ୍ରୁଲେଜ୍ ବା ଶତଦ୍ରୁ ନଦୀର ଦକ୍ଷିଣ କୂଳ ନିକଟରେ ଅବସ୍ଥିତ ଅଟେ । ଏହା ପଞ୍ଜାବ ପ୍ରଦେଶର ଗରଣ୍ଟରଙ୍କର ମଧ୍ୟ ଗ୍ରୀଷ୍ମକାଳୀନ ରାଜଧାନୀ ଅଟେ ।]
Sim(ma, mi)l(lā)

୨ । କଲିକତାର ସୋନିଦ ଅଂଶ—2. Name of a part of the town of Cal-

Digitized by srujanika@gmail.com

cutta. [ଦ୍ର—ଏଠାର ଭଲ୍ଲୁମାନେ ଦୁବେ ଅଡ ଦୁଇ ସୁଡା ଲମ୍ବା ବୁଣୁଥିଲେ ।]

ସିମ୍(ମି)ଲିଆ—ଦେ. ବଣ—ସିମ୍ଲା ସମ୍ବନ୍ଧୀୟ—
Sim(mi)liā — Relating to Simla.
ସିମିଲାଇ **सिमलिया** (ଯଥା—ସିମ୍ଲିଆ ଗୁଦର)

ସିମ—ସଂ. ବଣ (ସି. ଧାତୁ=ବନ୍ଧନ କରିବା + ଉଣ୍. ମନ୍) —ସମସ୍ତ; ସଡଲ (ସିଦ୍ଧାନ୍ତ କୌମୁଦୀ)—Entire; all; whole.
Sima — ସିମ ଦେ. ବ (ସଂ. ଶିମ୍) —ଶିମ୍ (ଦେଶ)
सेम — Śimba (See)

ସିମନ୍—ବୈଦେ. ବ (ହେବ୍ରୁ. ସିମନ୍) —ବାଇବଲ ଲେଖିତ ନାମ-ବିଶେଷ—A Biblical proper name; Simon.
Siman — ସାଇମନ **सिमन** (ଖାଇମନ୍—ଅନ୍ୟରୂପ)

ସିମନ୍ଥା(ସ୍ଥା)ନ—ଦେ. ବ—ଶିମସ୍ଥାନ (ଦେଶ)
Simanthā(sthā)na — Śimasthāna (See)

ସିମସ୍ଥାନ—ପ୍ରାଦେ. (ଗଞ୍ଜାମ) ବ—ଶିମସ୍ଥାନ (ଦେଶ)
Simasthāna — Śimasthāna (See)
(ସିମସ୍ଥାନମ୍—ଅନ୍ୟରୂପ)

ସିମାଇ—ଦେ. ବ—ସିମେଇ (ଦେଶ)—Simei (See)
Simāi — ବୈଦେ. ବ (ଫା. ସେମାହୁ) —ସିମାହୁ (ଦେଶ)
Simāhi (See)

ସିମା(ମେ)ଇ ଯିବା—ଦେ. କ୍ରି (ସଂ. କ୍ଷି)—ସେମ୍ଟି ଯିବା; ଶୀର୍ଣ୍ଣ ହୋଇଯିବା—To become emaciated.
Simā(me)i jibā — ସିଟିୟେ ଯାଓୟା **चिपटा होना**

ସିମାକ ଜୋଡ଼—ପ୍ରାଦେ. (ଗଞ୍ଜାମ) ବ—ବାଟି ବା କଉଡ଼ି ଖେଳରେ ବାଟିରେ ବାଟିକି ମାରିବା ଖସ୍ତ ଅଘାତ—[ଗୋଟିନାଥ ଜଦ]—A particular throw in the game of cowries.
Simāka jorda

ସିମା କୟାଁ—ପ୍ରାଦେ. (ଗଞ୍ଜାମ) ବ—ଶିମା କୟାଁ (ଦେଶ)
Simā kayāñ — Śimā kayāñ (See)

ସିମାଦ୍ରି—ପ୍ରାଦେ. (ଗଞ୍ଜାମ) ବ (ପୁଂ)—ସିମାଚଳନାଥଙ୍କ ନାମାନୁ-ସାରେ ରଖା ଯାଇଥିବା ନାମ—A name given to males in Ganjam. [ସିମା, ସିମାଲ୍—ସ୍ତ୍ରୀଲୋକଙ୍କ ନାମ]
[ଦ୍ର—ଓଡ଼ିଶାରେ ଯେପରି ପୁଅର 'ଜଗନ୍ନାଥ' 'ଲୋକନାଥ' ନାମ ରଖାଯାଏ, ଗଞ୍ଜାମ ଅଞ୍ଚଳର ଓଡିଆ ଘରେ ଠିକ୍ ସେହିପରି ପୁଅ ଝିଅଙ୍କୁ 'ସିମାଦ୍ରି' ବା 'ସିମାଲ୍' ନାମ ରଖାଯାଏ ।]
Simādri

ସିମାଦ୍ରି ଆପୁର୍ଦୁ—ପ୍ରାଦେ. (ଗଞ୍ଜାମ) ବ—ବାସୁଆ ବଲଦ (ଦେଶ)
Simādri āpurdu — Bāsuā balada (See)
[ସିମାଦ୍ର ଅଯନା, ଅପନ୍ନା—ଅନ୍ୟରୂପ]

ସିମାନା (ଇତ୍ୟାଦି)—ଦେ. ବ—ସୀମାନା ଇତ୍ୟାଦି (ଦେଶ)
Simānā (etc) — S mānā etc (See)

ସିମା ପାଇକେର୍—ପ୍ରାଦେ. (ବା ଖପୁର) ବ—ଏକପ୍ରକାର ଅତି ବଡ଼ ବନ୍ୟ ଗରୁ—A kind of very large wild
Simā pāikerā — tree. [ଦ୍ର—ଏହାର ସବୁ ଡେନ୍ଥୁଳ ସବୁ ପରି; କନ୍ତୁ ଡେନ୍ଥୁଳ ସବୁଠାରୁ ବଡ଼ । ଏହାର ଫୁଲ ନାଲ ।]

ସିମା ଫୋର୍—କୈଦେ. ବ (ଇଂ. ସେମା ଫୋର୍) —ରେଲ ଷ୍ଟେସନର ଦୁଇ ପାଖରେ ଖମ୍ଭଦୁଇରେ ଯୋଡା ସିମା ଫୋର ଢୋଇଥିବା ସିଟ୍‌କାଲ୍ ଖୁଣ୍ଟି—Semaphore; signal posts on both sides of a railway station. [ଦ୍ର—ଏଥିରେ ଗୋଟିଏ ବାହୁ ଥାଏ; ତାହା ଉଠାଯାଏ ଓ ଝଲାଯାଏ ଏବଂ ରାତ୍ରିରେ ଏଥିରେ ନାଲ ରଙ୍ଗା ନେଳ ଥାଲ୍ଟ ଝଥାଯାଏ ।]
सेमा फोर

ସିମା ଶିମ୍ବ—ପ୍ରାଦେ. (ଗଡ଼ଜାତ) ବ—ଏକପ୍ରକାର ଶିମ୍ବ (ଖାଦ୍ୟ ଲତା ଫଳ)—A kind of bean.
Simā śimba

ସିମାହି—କୈଦେ. ବ (ଫା. ସେମାହୁ; ଫା. ସେ=ତିନି+ମାହୁ= ମାସ)—ତ୍ରୈମାସିକ—Quarterly.
Simāhi — ସେମାହୀ **सेमाही**

ସିମିତି—ପ୍ରା. ଅ (ତୁଳନାତ୍ମକ-ଉତ୍ତମ, ଉତ୍ତିଷ୍ଠ, ଉତ୍ତିଷ୍ଠ)—ସେମିଷ୍ଟ (ଦେଶ)
Simiti — Semiti (See)

ସିମିଡିକା—ଦେ. ବଣ—ସେମଡିକା (ଦେଶ)—
Simitikā — Sematikā (See)
[ସିମିଡିକଥ, ସିମିଡିଥ—ଅନ୍ୟରୂପ]

ସିମିଲି [ଇତ୍ୟାଦି]—ଦେ. ବ (ସଂ. ଶାଳ୍ମଳୀ)—ଶିମିଳ (ଦେଶ)
Simili [etc] — Śimili etc (See). ପ୍ରାଦେ (ଉତ୍ତର ବାଲେଶ୍ୱର) ବ (ସଂ. ଶୈବାଳ)—ଶିଉଳ—Moss.

ସିମୁଣା—ପ୍ରାଦେ (ଅଳ) ବ—ସାନ ସଣ୍ଡୁଆସି—
Simuṇā — Small pincers.

ସିମେଇ—ଦେ. ବ (ସଂ. ସେବିକା; ସଂ. ଶିମି; ଏହାର ଅକୃତ ଶିମି ସବୁ)—୧ । ଘିଅରେ ଘୁଅ ଢୋଇଥିବା ଶିମି ସିମାଇ, ସେମଇ ଅକାରର ଲମ୍ବ ଲମ୍ବ ପତଳା ଗଜା—1. Slender
सेवईं bean-shaped sweetmeat. [ଦ୍ର—ମଇଦାକୁ ଚକଟି ଲମ୍ବ ଲମ୍ବ କରି ଖଣ୍ଡରେ ଶୁଖାଇ ଶିମି ପରି ଖଣ୍ଡ ଖଣ୍ଡ କରି ବାଟି ଘିଅରେ ଏହାକୁ ଘୁଅଯାଏ; ଏହା ଦୁଇପ୍ରକାର—୧ । ଲଣ୍ଡିଆ ଓ ୨ । ଚଳ ସାଗ ଝଅ ମିଠା ।] ୨ । ମଇଦାର ପିଣ୍ଡରୁ ପ୍ରସ୍ତୁତ ସୂତା ପରି ଖାଦ୍ୟ ବିଶେଷ—2. Vermicelli. ଦେ. ବଣ (ସଂ. ଶିମି)
କୌକଡା —ଶିମି ପରି ଶୀର୍ଣ; ସେମଠା—Shrunken; emaciated and lean (like the bean).
सेमके जैसा

ସିମେଣ୍ଟ୍—କୈଦେ. ବ (ଇଂ. ସିମେଣ୍ଟ୍)—ଘର ଅଦର କାନ୍ଥ ଓ ଚଳ ମଜଭୁତ କରିବାରେ ବ୍ୟବହୃତ ଏକପ୍ରକାର ମାଟି—Cement.
Simeṇṭ — ସିମେଣ୍ଟ **सिमेंट**

ସିମ୍ପାଞ୍ଜି—ଦେ. ବ (ଏହି ଜାତିର ଜନ୍ତୁ ଆଫ୍ରିକାର ନାମରୁ ଏ ଶବ୍ଦ ଗଢା)—୧ । ଆଫ୍ରିକାର ଜଙ୍ଗଲ ମଧ୍ୟରେ ବାସ କରୁଥିବା ଲାଞ୍ଜ ହୀନ ଓ ଦେଢେଢାଂଶରେ ମନୁଷ୍ୟର ସିପାଂଜା ଅନୁରୂପ ଶରୀର ବିଶିଷ୍ଟ ମର୍କଟ ବା ବାନରଶ୍ରେଣୀୟ—1. Chimpa-
Simpāñji

Digitized by srujanika@gmail.com

nzee; Anthropithems Troglodites. [ଦ୍ର—ଅନ୍ୟ ମାଙ୍କଡ଼ଙ୍କ ଅପେକ୍ଷା ଏ ମାଙ୍କଡ଼ ମନୁଷ୍ୟ ଆକୃତିର ଅଧିକତର ଜଳଚରୀ । ବଡ଼ା ଛଡାରେ ୪ ଫୁଟ ପର୍ଯ୍ୟନ୍ତ ବଢ଼େ । 'ମାକଡ଼' ଶବ୍ଦ ତଳେ ଟିପ୍ପଣୀ ଦେଖ ।] ୨ । [ଲକ୍ଷଣାର୍ଥ] ସିମ୍ପାଞ୍ଜି ପରି ଅସୁନ୍ଦର ମନୁଷ୍ୟ—2. (figurative) A person of hideous appearance and proportions like the chimpanzee.

ସିମ୍ପିବା—ଦେ. କ୍ରି—ସିପି ଯିବା; ସେମିଟ ଯିବା—
Simpibā To become shrunken.
ସିଟିୟେଯାଓୟା, ସିଟିପିଟୀ **चिपटान** [ସିମ୍ପି ଯିବା—ଅନ୍ୟରୂପ)

ସିମ୍ବ(ମ୍ବ)—ଦେ· ବ (ସ· ସିମ୍ବୀ)—ଶିମ୍ବ (ଦେଖ)
Simba(ma) Śimbā (See)

ସିମ୍ବ(ମ୍ବ) ଖାଇ—ଗ୍ରାଦେ (ବୌଦ; ସମ୍ବଲପୁର; ଉଡ଼ିଆଭ) ବ—
Simba(ma) khāi ନବାନ୍ନ ଉତ୍ସବ; ବର୍ଷର ପ୍ରଥମେ ଅମଳ ହେବା ଶସ୍ୟର ଚୂଡ଼ା, ଅଣ୍ଡା, ଖିର ଆଦ ଦେବତାଙ୍କୁ ନୈବେଦ୍ୟ କରିଯାଇ ଭୋଜନ କରିସିବାରୂପ ବାର୍ଷିକ ଉତ୍ସବ—The annual feast of taking the rice of the grains garnered first for the year. [ଦ୍ର—ଏ ଉତ୍ସବର ଅନ୍ୟ ନାମ ଝୁଣ୍ଟାନୂଆଁ । ଏ ଦିନ ଗ୍ରାମର ଉପକଣ୍ଠରେ ଥିବା ଗ୍ରାମଦେବତାଙ୍କ ଅସ୍ଥାନରେ ବା ଜମ୍ବଲ ଠାରେ ନୂଆ ଧାନର ଅନ୍ନ, ଖେଚୁଡ଼ି, ଖିର, ଚୂଡ଼ା ଆଦ ଭୋଗ ଦିଆଯାଏ ଓ ଉତ୍ତରରେ ଗ୍ରାମବାସୀଙ୍କ ଘରେ ନୈବେଦ୍ୟ ଓ ନୂଆଖିଆ ଉତ୍ସବ ହୁଏ ।]

ସିମ୍ବା—ସ, ବ (ଅନ୍ୟରୂପ ଶିମ୍ବା)—୧ । ଶମୀଧାନ୍ୟ (ଦ୍ୱିରୂପ କୋଷ)—
Simbā 1. Leguminous grains. ୨ । ଶିମ୍ବ (ଦ୍ୱିରୂପ କୋଷ)—2. Bean.

ସିମ୍ବି—ସଂ. ବ (ଅନ୍ୟରୂପ ଶିମ୍ବି)—୧ । ଶିମ୍ବ (ଦ୍ୱିରୂପ କୋଷ)—
Simbi 1. Bean. ୨ । କଣ୍ଡୀ ନାମକ ଗନ୍ଧଦ୍ରବ୍ୟ (ସୁଜ ଜାତୀୟ)—2. A scented herb.

ସିମ୍ବିଜା—ସଂ. ବ (ଅନ୍ୟରୂପ ଶିମ୍ବିଜା)—ଶମୀଧାନ୍ୟ; ଶିମ୍ବିଜ (ସୁବାଶ)—Leguminous grains.
Simbijā

ସିମ୍ବୀ—ସଂ. ବ (ଅନ୍ୟରୂପ ଶିମ୍ବୀ) —୧ । ଶିମ୍ବ—1. Bean. ୨ । ଶମୀ ଧାନ୍ୟ—2. Leguminous pods or grains. ଜ । ଜଣ୍ଡାବା (ସୁଜଜାତୀୟ); ବରବଟୁ—
Simbī 3. Vigna Catjong; Dolichus Synesis.

ସିଜ୍(ଜେ)ବାର୍—ଦେ. ବ—ଗୟାଳ ପଣ୍ଡାମାନଙ୍କର ବଂଶୋପାଧି ବିଶେଷ—Family title of some Paṇḍās of Gaya.
Sij(je)bār ସିଜବାର୍ **सिजवार**
[ସିପେଲ୍‌ଥର —ଅନ୍ୟରୂପ)

ସିୟାଳ(ଳି) (ଉଡ଼ିଆଦି) —ଦେ. ବ—ଶିଆଳ ଇତ୍ୟାଦି (ଦେଖ)
Sivāla(li) (etc) Śiāla etc. (See)

ସିୟୁଣି—ଗ୍ରାଦେ (ଗଞ୍ଜାମ) ବ—ଝୋଟେଇ (ଗୋଶିଳାଥ ନଦ)—
Siyuṇi Basket.

ସିର୍—ଗ୍ରାଦେ. (ସମ୍ବଲପୁର) ବ.—ମାଫିଦାର ବା ଲଖରାଜଦାରଙ୍କ ଜଜର·
Sir ଗୃହ ଜମି—A permanent home farm of a proprietor or Maphidār or Lakharājadār.

ସିର୍‌କସ୍ତ—ଦେ ଦେ. ବ (ଫା. ସିକସ୍ତ)—ସିକସ୍ତ—(ଦେଖ)
Sir-kast Sikast (see)

ସିର୍‌କା—ଦୈଦେ. ବ (ଫା)—ସିର୍କା ; ଲୁଣ ଓ ଅନ୍ୟ ପିଷ୍ଟ ରସ
Sir-kā ସଡ଼ାଇଲେ ଯେଉଁ ଅମ୍ଳ ଜଳୀୟ ଦ୍ରବ ; ସଦର କାଞ୍ଜି—
ସିର୍‌କା Vinegar. [ଦ୍ର—ଅଖୁ, ଅଙ୍ଗୁର, ଜାମୁ ଆଦର ରସକୁ
सिरका ଖରାରେ ରଖି ସଡ଼ାଇ ଉ.କୁ ଛଡ଼ାଁ ସିର୍‌କା କରିପାଏ ।]

ସର୍‌ଖିସ୍ତ—ବୈଦେ· ବ (ଫା· ସୀର୍‌ଖୀସ୍ତ)—ଯବାସ ଶର୍କରା; ବୃକ୍ଷ-
Sir-khist ନିଃସରଣ ଅଗୀତ କମ୍ବା ଶ୍ୱେତବର୍ଣ୍ଣ ମିଷ୍ଟ କର୍ଯ୍ୟାସ—
ସିରଖିସ୍ତ **सीरखिस्त** Manna.
[ଦ୍ର—କାନା ବୃକ୍ଷରୁ ଏହା କର୍ଯ୍ୟାସ ମିଳେ । ଇଉରପରେ ପଞ୍ଜିମ ହିମାଳୟର ବୃକ୍ଷବିଶେଷ [The common Ash, Fraxinus Floribunda) ପ୍ରସିଦ୍ଧ । କୌଣସି କୌଣସି ବାର୍ଷରୁ, ସରଳ ଗଛର ଡାଳରୁ ଓ ଅନ୍ୟ କେତେକ ଗଛରୁ ସିର୍‌ଖିସ୍ତ ମିଳେ । ଡୋକମାନେ ଡାଲରୁ ସ୍ରବ କରିବାରୁ ଏ କର୍ଯ୍ୟାସ ବାହାରେ—
ଯୋସେଣ୍ଟନ୍ ।]

ସିର୍‌ଚ(ଚ୍ଚ)ନ—ଦେ. ବ—ହାତୀର କପାଳରେ ପିନ୍ଧାଯିବା ଅର୍ଦ୍ଧଚନ୍ଦ୍ରାକାର
Sir-cha(chā)nda ଅଳଙ୍କାର—A crescent-shaped
ଶିରଚାଁଦ **सिरचांद** ornament put on the brow of an elephant.

ସିର୍‌ଜନା—ଗ୍ରାଦେ [ଲରଅ] ବ. [ଭୁଲ· ହି· ସିରଜନା]—ସର୍ଜନା—
Sir-jinā Creation.

ସିର୍‌ପେ(ପେଁ)ଚ—ବୈଦେ. ବ (ଫା· ସର୍‌ପେଚ୍)·ଶିର୍‌ପେଚ୍ (ଦେଖ)
Sirpe(peñ)ch śir-pech. (See)

ସିର୍‌ଶି(ନି)—ବୈଦେ. ବ—ସିନ୍ନି (ଦେଖ)—Sinni. (See) ଦେ.
Sir-ṇi(ni) ବ—ଶ୍ରୀନିବାସର ଅଦର୍ଥକ ଡାକ ନାମ—Name-
[ସିଣ୍ଟି—ଅନ୍ୟରୂପ] for calling Śrīnibāsa.
(ସିଣ୍ଡି[ନି]ଆ, ସିଣ୍ଟିଆ—ଅନାଦର୍ଥରୂପ)

ସିର୍ (ରୋ)ପା—ଦେ. ବ—ଶିର(ରୋ)ପା [ଦେଖ]
Sir-(ro)pā Śira(ro)pā. [See]

ସିର୍‌ଫାସି—ଗ୍ରାଦେ [ଖଡ଼ିଆଳ] ବ—୧ । ଦଉଡ଼ିର ଏକପ୍ରକାର
Sir-phāsi ଗଣ୍ଠି ବା ଫାସ [ଗଣ୍ଠିର ଏକ ଭାଗକୁ ଟାଣି ଦେଲେ ତାହା ଫିଟିଯାଏ)—1. A kind of slip-knot. ୨ । ଗଳାରେ ଲଗାଇ ଆତ୍ମହତ୍ୟା କରିବା ପାଇଁ ବ୍ୟବହୃତ ଫାସ ଲଗା ଦଉଡ଼ି—2. Noosed rope used for committing suicide by slipping it round the neck.

Digitized by srujanika@gmail.com

ସିର୍ ସିର୍—ଦେ. ଅ—୧ । ସଲସଲ; ଦେହ ଉପରେ ଡାଲ୍ ବା ପତ୍ର ଆଦି ଚଲାଇଲେ ଓ ଘୋଡ଼, ଆଦ ଗୁଲଗଲେ ସିର୍ ସିର୍, ପେଜର୍ ଘର ଅନୁଭୂତ ହୁଏ—1. Light creeping sensation over the skin. ୨ । ଜ୍ୱରାଦି ରୋଗାକ୍ରମଣ ଆଡିମୁଡି ହୁଏୟା ପୂର୍ବରୁ ଦେହର ଅସୁସ୍ଥତା ବୋଧ ଅବସ୍ଥା—2. Sickly feeling before an attack of fever. ୩ । ଦଦ ହେଚିବୁଟି ହେବା ଅବସ୍ଥା; ଦଦ ହାତ ପାଲେଇ ବନ୍ଧ ହେବା ଅବସ୍ଥା—3. Aching sensation throughout the body. ୪ । ରୋମ ଝାଙ୍କୁରିବା ଅବସ୍ଥା; ରୋମାଞ୍ଚ—4. Horripilation. ୫ । ଦେହ ଶୀତେଇବା ଓ ଉନ୍ମନ୍ତି କମ୍ପ ବା ଅବସ୍ଥା—5. Feeling of cold and shivering in the body.

[ହେହ୍] **ସିର୍ ସିର୍ ହେବା**—ଦେ. କି—୧ । (ଦେହ) ସଲସଲ ଅନୁଭୂତ ହେବା; ଦେହ ଉପରେ ପିମ୍ପୁଡ଼ି ଗୁଲୁବାପର ସିର୍ ସିର୍(ରେ)ଇବା / ସିର ସିରିବା, ସିର୍ ସିର୍(ରେ)ଇ ଉଠିବା / ସିର୍ ସିର୍(ରେ)ଇ ହେବା } ଅନୁରୂପ ଜଣା ସିବା—1. (the body) To feel a creeping sensation on the skin. ୨ । (ଦେହ) ରୋଗାକ୍ରମଣ ପୂର୍ବରୁ ଅସୁସ୍ଥ ବୋଧ କରିବା—2. (the body) To feel sickly or feverish. ୩ । (ଦେହ) ବ୍ୟଥାଯୁକ୍ତ ହେବା—3. (the body) To have aching throughout the system. ୪ । (ଦେହ) ରୋମ ଝାଙ୍କୁରିବା—4. the body) To have horripilation. ୫ । (ଦେହ) ଶୀତେଇବା—5. (the body) To have a feeling of cold or shivering. ୬ । [ଲକ୍ଷଣାର୍ଥ] କୌଣସି ବ୍ୟକ୍ତି ଉପରେ ବିରକ୍ତିରେ ମୁଖଭଙ୍ଗୀ କରିବା ବା ଚଢ଼ିବା—6. To frown on a person.

(ଗା)**ସିର୍ ସିରକରା** feel a creeping sensation on the skin.

ସିର—ପ. ବ [ସି. ଧାତୁ=ବନ୍ଧନ କରିବା+କର୍ତ୍ତୃ. ର]—ପିପ୍ପଳୀ ମୂଳ—The root of Piper Nigrum, ତେ. ବ **సిర** [ସଂ. ସିର୍]—ଶିର୍; ନାଡ଼—Vein; artery.

ସିରତ୍—ପ୍ରାଦେ [ଇତଶଗତ୍] ବ—ସତ୍ୟ—Truth.

ବଣ—ସତ୍ୟ—True.

ସିର[ର୍]ତାଜ—ବୈଦେ. ବ [ଫା]—୧ । ମୁକୁଟ—1. Diadem. ୨ । ଶିରୋମଣି—2. A gem worn in the brow. ୩ । [ଲକ୍ଷଣାର୍ଥ] ଶ୍ରେଷ୍ଠ ବ୍ୟକ୍ତି—3. (figurative) Chief or preeminent person.

ସିରନା—ବୈଦେ. [କନ୍ନଡ଼] ବ—ଗମ୍ଭାରି ଗଛ—Gmelina Arborea. (tree)

ସିର[ର୍]ନାମା—ବୈଦେ. ବ—ଶିରୋନାମା [ତେଲୁଗ] Sira[r]nāmā Śironāmā [See]

ସିରମ—ବୈଦେ. ବ (ଇଂ. ସିରମ୍) —ଜନ୍ତୁ ମାଂସରୁ ବହୁତା ଧଳା ଲସା—Serum.

ସିର ସିର—ଦେ. କ୍ରି. ବଣ—ଶିର୍ ପଶ୍ଚିତ୍ତରେ; ଶିରେ ଶିରେ—Sira sira Through every vein and artery.

ସିରସ୍ତା—ବୈଦେ. ବ [ଫା. ସରସ୍ତା]—୧ । ସରକାରୀ କାଗଜ—Sirastā 1. Official record. ୨ । କଚେରି; ଲେଖା ପଢ଼ା ସେରିସ୍ତା ହେବା କାର୍ଯ୍ୟାଳୟ—2. Office where records are kept. ତେ. ବ—ହାତୀକୁ ସଣ କରିବା—ସାୟେସ୍ତା **సిరిస్తా** Breaking of an elephant.

ସିରସ୍ତା କରିବା—ଦେ. କି—ହାତୀକୁ ସଣ କରିବା—To train or break an elephant. ସାୟେସ୍ତା କରା **సిరిస్తా కరిచా**

ସିରସ୍ତାଦାର୍—ବୈଦେ. ବ (ଫା. ସରସ୍ତେଦାର୍) —ଅଫିସ୍‌ର ପ୍ରଧାନ କର୍ମଚାରୀ—Seristadar, the head of the ministerial officers of an office ସେରିସ୍ତାଦାର **సరిస్తేదార్**

ସିରସ୍ତାଦାରି—ବୈଦେ. ବ (ଫା)—ସିରସ୍ତାଦାରଙ୍କ କାର୍ଯ୍ୟ—The post or service of a Seristadar. ସେରିସ୍ତାଦାରି **సరిస్తేదారీ**

ସିରସ୍ତା ପତର—ଦେ. ବ (ସଙ୍ଗତର)—୧ । ସିରସ୍ତା ଆଦ—Sirastā patara 1. Office etc. ୨ । ସିରସ୍ତାର କାଗଜ-ସେରିସ୍ତା **సరిస్తా పతర** ପତ୍ର—2. Office records.

ସିରସ୍ତା ପୂଜା—ଦେ. ବ—ସ୍ୱଜାତି ଓ ଶ୍ରୀପଞ୍ଚମୀ ଆଦରେ କାର୍ଯ୍ୟାଳୟର Sirastā pūjā କାଗଜପତ୍ରର ପୂଜା—The worship of the records on Suniāñ or Śrīpañchamī. ସେରିସ୍ତା ପୂଜା

ସିରା—ପ. ବ (ସି. ଧାତୁ=ବନ୍ଧନ କରିବା+କର୍ତ୍ତୃ.ର+ଅ)—୧। ନାଡ଼ି; ରକ୍ତବାହୀ ନାଡ଼ି (ଡେମରଜ୍)—Sirā 1. Artery, vein. ୨ । ଅମୃତବାହକ; ବାରବାରନାର୍ଥ ବ୍ୟବହୃତ ଚର୍ମମୁଣା; ଭସ୍ତି—2. A water-carrier bag; bhisti. ତେ. ବ—ଶିର୍ (ତେଲୁଗ)—Śirā (See). ପ୍ରାଦେ. ବ—୧। (ଗଞ୍ଜାମ; ତୈଲଙ୍ଗ ଶବ୍ଦ)—ମସି; ସ୍ୟାହି; କାଳି—1. Ink. ୨ । (ସମ୍ବଲପୁର) ଗିରି ଆଦର ଟୋପ; କୁଣ୍ଠି—2. The summit of a mountain. ୩ । (ସାଜପୁର) ଚଟାଇରେ—3. Basket of wicker work.

ସିରାଇ—ଦେ. ବ—୧ । ସିରାଇ (ତେଲୁଗ)—1. Śirāi (See) ୨ । ସରାଇ (ତେଲୁଗ)—2. Sarāi (See) (ଯେଉଁ ଅଞ୍ଚଳରେ ଯାତ୍ରୀମାନଙ୍କ ସୁବିଧା ସକାଶେ ପଥରେ ସ୍ଥାନେ ସ୍ଥାନେ ସିରାଇ ବସାଇଥିଲେ—ବୃଦ୍ଧାବିଜ୍ଞ, ଉତ୍କଳ ଇତିହାସ ।) **సరాయ**

Digitized by srujanika@gmail.com

ସିରାଜ୍—ବୈଦେ· ବ—୧ । (ଫା. ସିରାଜ) ଏକପ୍ରକାର ମିଷ୍ଟ ଓ ମୃଦୁ
Sirāj ମଦ୍ୟ—1. A kind of sweet and mild wine. ୨ । (ଫା. ସିରାଜ୍) ପ୍ରଦୀପ—2. Lamp.
ଦେ. ବ. ପୁଂ—ମୁସଲ୍‌ମାନଙ୍କ ନାମ—
A name of Mahommedans.

ସିରାଜ୍ ଉଦ୍(ଦ୍ଦି)ନ୍—ଦେ· ବ (ନାମ)—୧ । ମୁସଲ୍‌ମାନଙ୍କ ନାମ—
Sirāj udi(ddi)n 1. A name of Mahommedan,
ସିରାଜ ଉଦ୍ଦିନ males. ୨ । ଭାରତରେ ତ୍ରୟୋଦଶ ଶତାବ୍ଦୀର ପ୍ରଥମ ଭାଗରେ ରାଜତ୍ୱ କରୁଥିବା ଦାସବଂଶୀୟ
ସିରାଜୁଦ୍ଦୀନ ମୁସଲମାନ୍ ରାଜା କୁତବୁଦ୍ଦିନଙ୍କର ଜଣେ ବଂଶଧର ରାଜା—
2. Name of one of the kings of the Slave Dynasty (Mahommedan) who ruled India in the 1st part of the 13th century.

ସିରାଜ୍ ଉଦ୍ଦୌ(ଦ୍ଦୌ)ଲା—ଦେ. ବ (ନାମ) (ଫା. ସିରାଜ୍ ଉଦ୍ଦୌଲ୍ଲ;
Sirāj uddo(ddau)lā ସିରାଜ୍-ଉଦ୍-ଦଉଲ୍ଲ=ରାଜ୍ୟର ପ୍ରଦୀପ)
ସିରାଜ ଉଦ୍ଦୌଲା —ବଙ୍ଗଳାର ଶେଷ ସ୍ୱାଧୀନ ନବାବ—
ସିରାଜୁଦ୍ଦୌଲା Seraj-ud-doula; the last independent Nawab of Bengal.
ସିରାଜ୍ ଦ(ଦ୍ଦ)ଉଲ୍ଲ } ଅନ୍ୟରୂପ
ସିରାଜ୍ (ଜୁ)ଦ୍ଦୌ(ଦ୍ଦୌ)ଲ୍ଲା }
[ଦ୍ର—ଏ ଅଲ୍ପବର୍ଦ୍ଧି ଖାଁଙ୍କ ଦୌହିତ୍ର । ଅଳ୍ପବର୍ଦ୍ଧି ଅସୁସ୍ଥତ୍ୱ ହେବାରୁ ଏ ବଙ୍ଗ ନବାବଙ୍କ ରାଜଧାନୀ ମୁର୍ଶିଦାବାଦର ସିଂହାସନରେ ଖ୍ରୀ: ୧୭୫୭ ସାଲରେ ଅଧିଷ୍ଠିତ ହେଲେ । ଏହାଙ୍କର ବୟସ ସେତେବେଳେ ୧୭ ବର୍ଷ ମାତ୍ର ହୋଇଥିଲା । ଏହି ସମୟରେ ମୋଗଲ୍ ବାଦଶାହାଙ୍କ ସମ୍ମାନ କ୍ରମଶଃ କ୍ଷୀଣ ହୋଇ ଆସୁଥିଲା । ବଙ୍ଗଦେଶ ମୋଗଲ ବାଦଶାହାଙ୍କ ଅଧୀନ ଏକ ସୁବା ବା ପ୍ରଦେଶ ଥିଲେହେଁ ଅଳ୍ପବର୍ଦ୍ଧି ଖାଁଙ୍କଠାରୁ ବଙ୍ଗର ସ୍ୱାଧୀନ ନବାବ ହୋଇଥିଲେ । ଅଳ୍ପବର୍ଦ୍ଧି ଖାଁଙ୍କଠାରୁ ଅନୁମତି ନେଇ ଇଂରାଜ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସେମାନଙ୍କ କଲିକତା କୋଠିର ଅଧୀନତାରେ ଘାଟଣା ଓ ଢାକାରେ ବାଣିଜ୍ୟ କୋଠି ଖୋଲିଥିଲେ ।

ସିରାଜ୍ ଉଦ୍ଦୌଲ୍ଲ ନବାବ ଗାଦିରେ ବସିବା ବେଳେ ଭାରତରେ ଇଂରାଜ ଓ ଫ୍ରେଞ୍ଚ୍ ଜାତିଙ୍କ ମଧ୍ୟରେ ଯୁଦ୍ଧ ହେବାର ଅଶଙ୍କା ଥିବାରୁ ଇଂରାଜମାନେ ଫ୍ରେଞ୍ଚ୍ ଆକ୍ରମଣରୁ କଲିକତାକୁ ରକ୍ଷା କରିବା ପାଇଁ ସେମାନଙ୍କର କଲିକତାସ୍ଥ କୋଠି ଓ ଫୋର୍ଟ୍ ଉଇଲିଅମ୍ ଦୁର୍ଗକୁ ନବାବଙ୍କ ବିନା ଅନୁମତିରେ ମରାମତି କଲେ । ନବାବ ଏହି ସମ୍ବାଦ ପାଇ ରାଗାନ୍ୱିତ ହୋଇ କଲିକତାସ୍ଥ ଦୁର୍ଗ ଆକ୍ରମଣ କରି ଇଂରାଜ ବନ୍ଦୁ ସଙ୍ଗୀତ ଇଂରାଜମାନଙ୍କୁ ଗୋଟିଏ ଅନ୍ଧାର କାରାଗାରରେ ଗୃହରେ ବନ୍ଦୀକରି ରଖିଲେ । ଏ ଗୃହରେ ପବନ ଯିବା ଅସିବାକୁ ଯଥେଷ୍ଟ ବାଟ ନ ଥିଲା । ସକାଳେ ଦେଖାଗଲା ଯେ, ସେମାନଙ୍କ ମଧ୍ୟରୁ ଅଧିକାଂଶ ରୁଦ୍ଧ ହୋଇ ମରି ଯାଇଥିଲେ । ଏହି ଘଟଣାକୁ ଇତିହାସରେ ଅନ୍ଧକୂପ ହତ୍ୟା (Tragedy of the Black-hole) କୁହା ଯାଇଅଛି ।

ମାଦ୍ରାଜରେ ଥିବା ଇଂରାଜମାନେ ଏହି ସମ୍ବାଦ ଶ୍ରବଣରେ ଉତ୍ତେଜିତ ହୋଇ କ୍ଲାଇବଙ୍କ ନାୟକତ୍ୱରେ ସୈନ୍ୟ ସହିତ କଲିକତାକୁ ଅସି ସେଠାରୁ ମୁର୍ଶିଦାବାଦ ଅକ୍ରମଣ କରିବାକୁ ବାହାରିଲେ । ଏହା ଶୁଣି ସିରାଜ୍ ଉଦ୍ଦୌଲ୍ଲ ବାଟରେ ପଲ୍ଲସି ନାମକ ସ୍ଥେଳରେ ସୈନ୍ୟ ସେନ୍ଦ ଉପସ୍ଥିତ ହେଲେ । ନବାବଙ୍କ ସେନାରେ ପନ୍ଦର ହଜାର ପଦାତିକ, ଅଠର ହଜାର ଅଶ୍ୱାରୋହୀ ଓ ୫୦ଟି ତୋପ ଥିଲା । ଇଂରାଜଙ୍କ ସେନାରେ ଏଗାର ଶହ ଇଂରାଜ ସୈନ୍ୟ, ଦୁଇ ହଜାର ଦେଶୀ (ମାନ୍ଦ୍ରାଜୀ) ସିପାହୀ ଓ ୧୦ଟି ମାତ୍ର ତୋପ ଥିଲା । ସିରାଜଙ୍କ ସେନାପତି ମୀର୍ ଜାଫରଙ୍କ ବଙ୍କର ନବାବରୂପେ ସିଂହାସନରେ ବସାଇବାର ଲୋଭ ଦେଖାଇ କ୍ଲାଇବ୍ ତାଙ୍କୁ କରଗତ କରି ନେଲେ ଏବଂ ପଲ୍ଲସି ଯୁଦ୍ଧକ୍ଷେତ୍ରରେ (୧୭୫୭ ସାଲରେ) ନବାବଙ୍କ ସୈନ୍ୟଙ୍କୁ ଅକ୍ରମଣ କଲେ । ନବାବଙ୍କ ସୈନ୍ୟମାନେ ଛତ୍ରଭଙ୍ଗ ଦେଇ ପଳାଇ ଗଲେ । ଫଳରେ କ୍ଲାଇବ୍ ଯୁଦ୍ଧରେ ଜୟୀ ହୋଇ ମୁର୍ଶିଦାବାଦକୁ ଅଗ୍ରସର ହେଲେ ଏବଂ ସେଠାରେ ମିରଜାଫର୍‌ଙ୍କୁ ବଙ୍ଗ ବିହାର ଓଡ଼ିଶାର ନବାବ ପଦରେ ବସାଇଲେ । ସିରାଜ ଉଦ୍ଦୌଲ୍ଲ ପଳାଇ ଗଲେ, କିନ୍ତୁ ମିର୍ ଜାଫର୍‌ଙ୍କ ପୁଅ ତାଙ୍କୁ ଧରି ଅଣି ହତ୍ୟା କଲେ । ଏହି ଯୁଦ୍ଧ ଫଳରେ ମିର୍ ଜାଫର୍ ଇଂରାଜମାନଙ୍କର ସମସ୍ତ ଋଣ ପୂରଣ କଲେ ଓ କ୍ଲାଇବ୍ ପ୍ରଭୃତିଙ୍କୁ ପ୍ରଚୁର ରେହ ଦେଲେ । ପୁଣି ଇଂରେଜମାନଙ୍କୁ କଲିକତାର ଚତୁଃପାର୍ଶ୍ୱସ୍ଥ ଭୂଖଣ୍ଡ ପ୍ରଗଣାକୁ ଜାଗିରରୂପେ ଦେଲେ । ଫଳତଃ ପଲ୍ଲସି ଯୁଦ୍ଧଠାରୁ ବଙ୍ଗଦେଶ ଇଂରାଜମାନଙ୍କ କରଗତ ହେଲା ଶୁଣାଯାଏ ଯେ, ସିରାଜ୍ ଉଦ୍ଦୌଲ୍ଲ ଅତ୍ୟାଚାରୀ ଥିଲେ ଏବଂ ଏହାଙ୍କ ଅତ୍ୟାଚାରପ୍ରପୀଡ଼ିତ ସାମନ୍ତ ରାଜା (ଯଥା—ନଦିଆର ରାଜା କୃଷ୍ଣଚନ୍ଦ୍ର), କୋଷାଧ୍ୟକ୍ଷ ଜଗତ୍ ସେଠ, ଜଲିକତାର ସେଠ ଉମିଚାନ୍ଦ) ଏହାଙ୍କୁ ସିଂହାସନଚ୍ୟୁତ କରିବାକୁ ଇଂରାଜମାନଙ୍କ ସହିତ ଷଡ଼ଯନ୍ତ୍ର କରିଥିଲେ ।]

ସିରାଜି—ବୈଦେ· ବ (ଫା. ସିରାଜ୍ଜ)—ପାରସ୍ୟ ଦେଶୀୟ ଏକପ୍ରକାର
Sirāji ମିଷ୍ଟ ଓ ମୃଦୁ ମଦ୍ୟ—A sweet and mild
ସିରାଜି wine of Persia. [ଦ୍ର—ଏହାର ରଙ୍ଗ ଗୋଲାପୀ
ସିରାଜୀ ଏବଂ ଜଳ ଜହ୍ନଳନାଶକତ୍ୱହେତୁ ଓ ଅନୁତ୍ତ ବୋଲି ପାରସ୍ୟ ସାହିତ୍ୟରେ ପ୍ରସିଦ୍ଧି ଅଛି ।]

ସିରାନ (ଇତ୍ୟାଦି)—ସ୍ତ୍ରୀ. ବ (ଫ. ସ୍ଥାନ)—ସିନାନ ଇତ୍ୟାଦି (ଦେଖ)
Sirāna (etc) Sināna etc (See)

ସିରାନା—ଦେ. ନ (ଫ. ଶିରଃସ୍ଥାନ)—ପଲ୍ଲଙ୍କର ମୁଣ୍ଡ ପାଖର ବାଡ଼—
Sirānā The railing attached to the head of
ସିରାନା **ସିରାନା** a bedstead or couch

ସିର୍(ର)ପ୍—ବୈଦେ. ବ—ବୈଜ୍ଞାନିକ ପ୍ରଣାଳୀରେ ତଳୀ, ଅମ୍ଳ ଓ
Sir(ra)p କମଲା ପ୍ରଭୃତି ଫଳରୁ ବାହାରିବା ରସ ବା ସାର୍‌ଂଶ
ସିରାପ **ସିରାପ** ପଙ୍କେ ମିଶ୍ରିତ ପ୍ରସାନକ—Syrup.

Digitized by srujanika@gmail.com

ସିରମଇ—ଦେ. ବ (ଫ. ଶିର୍ + ଅମସ୍)—ଶିରମଇ (ଦେଶ)
Sirāmai Śirāmai. (See)

ସିରି—ସ୍ତାଦେ. (ସମ୍ବଲପୁର) ବ—ସୂତା ତାଣିବାରେ ବ୍ୟବହୃତ ବୁଲାର ବଲଣା—Roll of cotton used for Spinning thread; skein, ଦେ. ବ—୧ । ସୁଗନ୍ଧିଦ୍ରବ୍ୟ ସଂଗ୍ରହକାରୀ ବୈଷ୍ଣବମାନେ କପାଳରେ ଉଲଟ ସଙ୍ଗେ ଦେଇବାର ନାଲ ବର୍ଣ୍ଣର ଚୂର୍ଣ୍ଣ— A red powder used by anchorites of the Rāmānuja sect to paint their forehead. ୨ । ଶିରି ଇତ୍ୟାଦି (ଦେଶ)—2 Śirī etc (See)
Siri शिरी

ସିରିକା—ବୈଦେ. ବ—ଶିର୍କା (ଦେଶ)—
Sirikā Śirkā (See)

ସିରିଣି—ବୈଦେ. ବ (ଫା. ସିରିନ୍)—ଶିରିଣି (ଦେଶ)
Sirini śirini (See)

ସିରିୟା—ଦେ. ବ (ନାମ)—ଶିରିଆ (ଦେଶ)
Siriyā Śiriā (See)

ସିରିସ—ବୈଦେ. ବ (ଫା. ସିରେସ୍)—ଗୋମେଷାଦିଙ୍କ ଚର୍ମ, ଶୃଙ୍ଗ, ଶିଙ୍ଗ ଆଦି ଅଡ଼ଃ। ଦୋଇ ଉଥର କରିବା ଏକପ୍ରକାର ଅଠା—Glue.
Sirisa सरेस
शिरीष shirīsh

ସିରିସ ଅଠା—ଦେ. ବ—୧ । ଗୋମେଷାଦିଙ୍କ ଚର୍ମ, ଖୁର, ଶିଙ୍ଗ ଆଦି ଅଡ଼ଃ। ଦୋଇ ପ୍ରସ୍ତୁତ କରିଯିବା ଏକପ୍ରକାର ଅଠା ସିରିଶ ଆଠା —1. Glue. [ଦ୍ର—ଏହା ଶୁଖାଯାଇ ରଖାଯାଇ ଥାଏ ଓ ଏହାକୁ ପାଣିରେ ବହୁତ୍ୱଣ କଅଁରେ ଉରମ କଲେ ସେଥିଁ ଅଠା ହୁଏ, ସେଥିରେ କାଠ ଆଦି ଯୋଡ଼ା ହୁଏ ।]
Sirisa ṭhā सरेस
୨ । ଶିରିସ ଗଛର ଅଠାଳିଆ ରସ; ଗୁନ୍ଦ ଅଠା—2. Gum arabic.

ସିରିସ କାଗଜ—ଦେ. ବ (ଫା. ସିରେସ୍ + ଫା. କାଗଜ)—କାଚରୁ କାଚପର ଚୂର୍ ତା ହୁ ସିରିସ ଅଠା ସାହାଯ୍ୟରେ ସିରିସ କାଗଜ କାଗଜ ଉପରେ ବସାଇ ଶୁଖାଇ ଉଥର କରିବା ସିରୀସ କାଗଜ କାଗଜ, ସାହା ଦ୍ୱାରା କାଠ ପାଲିଶ ହୁଏ—Glass paper. [ଦ୍ର—ଏହ କାଗଜରେ ଘଷି କାଠ ଓ ଧାତୁ ଦ୍ରବ୍ୟମାନ ପାଲିସ୍ କରିଯାଏ ।]
Sirisa kāgaja सिरीस कागज

ସିରି ସିରି—ଦେ. ଅ—ସିର୍, ସିର୍, (ଦେଶ)
Siri siri Sir sir (See)

(ଦେହ) ସିରି ସିରି ହେବା—ଦେ. କି—ସିର୍ ସିର୍ ହେବା (ଦେଶ)
Siri siri hebā Sir sir hebā (See)
(ସିରସର[ରେ]ଇବା, ସିର ସିରିବା, ସିର ସିର[ରେ]ଇ ଉଠିବା, ସିର ସିର[ରେ]ଇ ହେବା—ଅନୁରୂପ)

ସିରି—ଫ. ବ—୧ । ଉତ୍ତ (ହି. ଶ)—1. Weaver's loom. ୨ । ଲଙ୍ଗଳୀ; ଲଦ୍ଦଲ୍ଲଫୁଲିଆ ଗୁଳ୍ମ (ହି. ଶ)—2. Wolfsbane (plant).
Siri सिरी

ସିର୍କସ୍ତ—ବୈଦେ. ବ (ଫା. ସିକସ୍ତ)—ସିକସ୍ତ (ଦେଶ)
Sirkast Sikast.

ସିର୍କା—ବୈଦେ. ବ (ଫା)—ସିରକା (ଦେଶ)
Sirkā Sir-kā. (See)

ସିର୍କାସ୍ତ (ଇତ୍ୟାଦି)—ବୈଦେ. ବ (ଫା)—ସିର୍କାସ୍ତ ଇତ୍ୟାଦି (ଦେଶ)
Sirkāst (etc) Śirkāst etc. (See)

ସିର୍ଜନ(ନା)—ସଂ. ବ (ଅଶୁଦ୍ଧ 'ସୃଜନ'ର ବହୁତ ଉଚ୍ଚାରଣ)—(ଫ. ସର୍ଜନ) ସୃଷ୍ଟି; ପୃଥିବୀ—The creation.
Sirjana(nā) सिरजन
सृजन

ସିଲ୍—ବୈଦେ. ବ (ଇଂ. ସୀଲ୍)—୧ । ସ୍ୱତ୍ୱା ଅଥଙ୍କ ନାମାଙ୍କିତ ମୋହର; ନାମାଙ୍କିତ ମୁଦ୍ରା [ଦ୍ର-ଏଥିରେ ଅକ୍ଷରଗୁଡ଼ିକ ଓଲଟା ଦୋଇ ଖୋଳା ଦୋଇଥାଏ; ଲାଖରୁ ଉରଲାଇ ଚଟି ବା ପାର୍ଚ୍ଚେଲ୍ ଉପରେ ଦେଇ ତା ଉପରେ ସିଲ୍ ଗୁପି ଦେଲେ ସିଲ୍‌ର ଅକ୍ଷରଗୁଡ଼ିକ ସିଧା ଭାବରେ ଉଠେ । ରେଜଷ୍ଟ୍ରେସ୍ତ ଓ ଇନ୍‌ସିଓର୍ କରିବା ଚଟି ବା ପାର୍ଚ୍ଚେଲ ସିଲ୍ କରା ନ ହେଲେ ଡାକଘର ତାହା ଗ୍ରହଣ କରେ ନାହିଁ]—1.Seal. ୨। ନାମାଙ୍କିତ ମୋହର ଦ୍ୱାରା ଚଟି ଉପରେ ବସାଯିବା ମୁଦ—2. The seal put over a cover. ୩। (ଇଂ.) ଦସ୍ତା—3. Zinc. ବୈଦେ. ବ (ଇଂ: ସୀଲ୍)
Sil सील

ସୀଲ —ଉତ୍ତର ଓ ଦକ୍ଷିଣର ଶୀତପ୍ରଧାନ ଅଞ୍ଚଳର ଜଳଚର ସ୍ତନ୍ୟପାୟୀ ପ୍ରଣାନ୍ତ ଓ ଆଟଲାଣ୍ଟିକ୍ ସମୁଦ୍ରରେ ବାରମ୍ବାର କରୁଥିବା ଏକପ୍ରକାର ଜଳଜନ୍ତୁ—The seal; Phoca Vitulina. [ଦ୍ର—ଏମାନଙ୍କ ମୁହଁ ଭାଲୁର ଓ ବତ୍ସଙ୍କ ମୁହଁପରି ଏବଂ ଏମାନଙ୍କ ମୁହଁରେ ବତ୍ସଙ୍କ ଆଦଙ୍କ ପରି ନଖ ଅଛି । ସାଧାରଣତଃ ଏମାନଙ୍କର ନଖ ଓ ଅଙ୍ଗୁଠିଯୁକ୍ତ ହାତପର ଦୁଇଟି ଡେଣା ଓ ଖୁବ ଚଉଡ଼ା ଗୋଟିଏ ବା ଯୋଡିଏ ଲାଞ୍ଜ ଥାଏ । ଏମାନେ ଅଗ ହାଇ ବା ଡେଣା ଦ୍ୱାରା ସ୍ଥଳଭାଗ ଉପରକୁ ଚଢ଼ିପାରି ଯାଏ ଚଟି ଆସି ପାରନ୍ତି । ଉନ୍ନ ଉନ୍ନ ଜାତିର ଓ ଆକାରର ସିଲ୍‌ମାନଙ୍କର ସ୍ଥଳଚର ଭିନ୍ନ ଭିନ୍ନ ଜୀବଙ୍କ ସଙ୍ଗେ ସାଦୃଶ୍ୟ ଥିବା ଯୋଗୁଁ ସିନ୍ଧୁଘୋଡ଼ା, ସିନ୍ଧୁଚଡ଼ାଳ, ସିନ୍ଧୁସିଂହ, ସିନ୍ଧୁବ୍ୟାଘ୍ର ଆଦ ନାମ ହୋଇଯାଏ । ଏମାନଙ୍କ ଚମଡ଼ା ଓ ଚର୍ବି ଯୋଗୁଁ ଲୋକେ ଏମାନଙ୍କୁ ଶିକାର କରନ୍ତି । କେତେକ ସିଲ୍‌ଙ୍କ ଦେହରେ ଖୁବ୍ ସୂକ୍ଷ୍ମ ଓ କୋମଳ ରୋମ ଥାଏ । ସେହି ରୋମରେ ପୋଷାକ କରାଯାଏ । ଉତ୍ତରମେରୁ ପ୍ରଦେଶରେ ବାସ କରୁଥିବା ଏସ୍କିମୋ ନାମକ ଜାତି ଏମାନଙ୍କୁ ଶିକାର କରନ୍ତି, କାରଣ ଏହା ସେମାନଙ୍କର ଏକମାତ୍ର ଖାଦ୍ୟ । ସେମାନେ କଞ୍ଚା ସିଲ୍ ମାଂସ ଭକ୍ଷଣ କରନ୍ତି । ଛୋଟ ନୌକାରେ ଜଣେ ଏସ୍କିମୋ ବସି ସମୁଦ୍ରକୁ ଯାଏ ଓ ସିଲ୍‌କୁ ଦେଖିବା ମାତ୍ରେ ଏକତ୍ର କାର ବର୍ଚ୍ଛା ବା ତେଣ୍ଟା ତା ଉପରକୁ ଫିଙ୍ଗେ । ଉକ୍ତ ବର୍ଚ୍ଛାର ବେଣ୍ଟ ଗୋଟିଏ ଦଉଡ଼ିରେ ଉକ୍ତ ଶିକାରୀର ହାତରେ ବନ୍ଧା ହୋଇଥାଏ । ସିଲ୍ ଦେହରେ ତେଣ୍ଟା ବିନ୍ଧି ହେବା ପରେ ସେହି ଦଉଡ଼ି ଟାଣିବାଦ୍ୱାରା ସିଲ୍‌କୁ ଟାଣିଆଣି ହତ

Digitized by srujanika@gmail.com

ସିଲ ବଙ୍ଗଳରୁ ଅଶେ ।] ବେ ବ(ଫ. ଶୀଲ)—ବଙ୍ଗୀୟ ବଂଶୋପାଧି
सील ବଶେଷ—A family title in Bengal. [ଦ୍ର—
ଜଲକତାର ପ୍ରସିଦ୍ଧ ସିଲବଂଶୀୟ ଜମିଦାରମାନଙ୍କର ବାର୍ଷିକ
ବଦ୍ଧ ଲକ୍ଷ ଟଙ୍କାର ଅସ୍ଥାବରଶିଷ୍ଟ ଜମିଦାରୀ ବଙ୍ଗ ଦେଶ ଭମାନ୍
ବସ୍ତୁତ ।] ପ୍ରାଦେ (ସମ୍ବଲପୁର, ବସ୍ତର) ବ—ଶିଳ—
Pasting stoneslab.

ସିଲ୍ କ(ମା)ରିବା—ଦେ. କି—୧ । ଚଠି ଅଦ ବନ୍ଦ କର ଛମା କରାଟ
Sil ka(mā)ribā ବା ବାକସ ଅଦ ବନ୍ଦ କର ସେଥିରେ
ସିଲ କ(ମା)ରା ନାମାଙ୍କିତ ମୋଡର ବା ଛାପମୁଦ ବସାଇବା—
सील करना 1. To seal a box or letter. [ଦ୍ର—ଏଘର
କଲେ ସିଲ୍‌ର ଅଧିକାର ଉଲ ଅନ୍ୟ କେହ ତାଙ୍କ ଅଜ୍ଞତ-
ସାରରେ ଉକ୍ତ ବକାଟକୁ ବା ବାକସକୁ ଖୋଲି ପାରିବେ
ନାହିଁ ।] ୨ । ସରକାର ଅଦେସପତ୍ର ଅଦ ଉପରେ ହାକମଙ୍କ
ନାମଯୁକ୍ତ ମୋଡର ଛପିବା—2. To put a court's
or official seal on any document.

ସିଲ୍‌ଚର—ଦେ. ବ (ନାମ)—ମଣିପୁର ବଜ୍ୟର ପୂର୍ବକତ୍ତୀ ଅସାମର
Sil-chara ଗୋଟିଏ ନଗର—Silchar (town) in
ସିଲଚର Assam. [ଦ୍ର—ଏଠାରେ ବ୍ରିଟିଶ୍ ଗ୍ୱରତର 'ଲ୍ୟାକି
सिलचर ଟାଡାଙ୍କ'ର ବକାଟକତ୍ତୀ ଗୋଟିଏ ମହକୁମା ବା ସବ୍‌ଡିଭିଜନ୍
ଅଛି ।]

ସିଲ୍(ଲି)ପଟ୍(ର୍)—ବୈଦେ. ବ (ଇଂ. ସ୍ଲିପର୍)—ରେଲ ଲାଇନ
Sil(li)paṭ(r) ତଳେ ଅଡ଼ ବାଗରେ ପକାଯିବା କାଠର ବଡ଼—
ସିଲପଟ **सिलपट** Railway sleepers.

ସିଲ୍(ଲି)ପଟ୍(ଟା)—ଦୈଦେ. ବଣ (ଇଂ. ସ୍ଲିପର୍)—୧ । ସିଲ୍‌ପର୍
Sil(li)paṭ(ṭā) ପର ସମତଳ ଓ ପତଳା—1. Level and
(ସିଲ୍[ଲି]ପଟିଆ—ଅନ୍ୟରୂପ) thin like the body of a
ସିଲପଟ sleeper. ୨ । କାଶ୍ତି; ସୀଣ—2. Emaciated.
सिलपट [ଦ୍ର—ଯେଉଁ ସ୍ତ୍ରୀଙ୍କ ସ୍ତନ ଉନ୍ନତ ନ ହୋଇ ବକସ୍ଥଳରେ
ଲନପ୍ରାୟ ହୋଇଥାଏ ଏବଂ ଯେଉଁ ସ୍ତ୍ରୀଙ୍କ ଶ୍ରୋଣି ପାଶ
ଚଟକା ଦେଖାଯାଏ, ତାହାଙ୍କ ବକସ୍ଥଳକୁ ସିଲ୍ ପଟ୍ ସଙ୍ଗେ
ତୁଳନା କରାଯାଏ ।]

ସିଲ୍‌ପା—ପ୍ରାଦେ. (ସମ୍ବଲପୁର ବ—ଶିଳପୁଅ—
Silpā Stone-pestle.

ସିଲ୍‌ବ(ଭ)ର—ବୈଦେ. ବ—୧ । (ଇଂ. ସିଲ୍‌ବର୍) ରୌପ୍ୟ;
Silba(bha)r ରୁପା—1. Silver. ୨ । (ଇ. ଜର୍ମାନ୍
ସଲଭର ସିଲ୍‌ବର୍) ରସାୟନିକ ପଦିୟାରେ ନର୍ମିତ ଓ ରୁପାପର
ସିଲ୍‌ଭର ଦେଖାଯିବା ଏକପ୍ରକାର ଧାତୁ—2. German
silver.

ସିଲ୍‌ବ(ଭ)ର୍ ଜୁବ(ବୁ)ଲି—ବୈଦେ. ବ (ଇଂ. ସିଲ୍‌ବର୍+
Silba(bha)r jubi(bu)li ଜୁବଲି)—ବ୍ରାଜାଙ୍କର ୨୫ ବର୍ଷ
ସଲଭର ଜୁବିଲି ବାଜନ୍ତ ପୂରବା ଉପଲକ୍ଷରେ ଅନୁଷ୍ଠିତ
ସିଲଭର ଜୁବିଲି. ଅନନ୍ଦୋତ୍ସବ—Silver-jubilee.

ସିଲ୍ ମୁଦ—ଦେ. ବ (ଇଂ. ସୀଲ୍+ସଂ. ମୁଦ୍ରା) —ଚଠି ଅଦ ଜଲ୍ଦିରେ
Sil muda ବନ୍ଦ ଦେବା ପରେ ତା ଉପରେ ସିଲ୍ ମାରିବା—
ସିଲ ଛାପ **सील मुहर** Sealing of a closed cover.
ସିଲ୍ ମୁଦି—ଦେ. ବ—ଯେଉଁ ଅଙ୍ଗୁରୀୟକରେ ବ୍ୟକ୍ତିବିଶେଷଙ୍କ ନାମ
Sil mudi ଖୋଲା ଦେଖାଯାଏ—A ring containing
ସିଲ ଆଙ୍ଟି a name engraved on it; signet ring.
मोहरवाली अंगुठी

ସିଲ୍ ମୋହ(ହୋ)ର—ବୈଦେ. ବ (ଏକାର୍ଥକ ସଦ୍ଭବର; ଇଂ. ସିଲ୍
Sil moha(ho)ra +ଅ. ମୁହର୍=ମୁଦ୍ରା)—ନାମାଙ୍କିତ
ସିଲ ମୋହର **सिल मोहर** ମୁଦ୍ରା ବା ମୋଡର—A seal.

ସିଲ୍‌ଲୋଡ଼ା—ପ୍ରାଦେ. (ବସ୍ତର) ବ—ଶିଳୁଆ; ସିଲଘୁଅ—
Sil-loṛā Stone-pestle.

ସିଲ୍ ସିଲା—ବୈଦେ. ବ (ଫା.)=ବ୍ୟବସ୍ଥା; ବନୋବସ୍ତ—
Sil-silā Arrangement. ପ୍ରାଦେ (ଛତିଶଗଢ଼) ବ—
ପ୍ରବାଦ—Proverb; saying.

ସିଲ୍‌ହଟ୍—ଦେ. ବ (ନାମ)—ସିଲଟ୍ [ଦେଖ]
Sil-haṭ Silaṭ [See]

ସିଲ—ପ୍ରାଦେ. (ଗଞ୍ଜାମ ଓ ଗଡ଼ଜାତ) ବ—ଶିଳ [ଦେଖ]—
Sila 1. Śila [See] ୨ । (ସମ୍ବଲପୁର) ଶିଳ—
ସୁବିଧା 2. A stone slab used as mortar. ଦେ.
सुविधा ବ । ଶିଳ [ଦେଖ]—1. Śila [See] ୨ । ଶସ୍ତା-
ଥଣ—2. Cheapness, ଶ । ସୁବଧା—3. Con-
ଶସ୍ତା venience. ଦେ. ବଣ—୧ । ଶସ୍ତା—1. Cheap.
सुविधाजनक ୨ । ସୁବଧାଜନକ—2. Convenient.

ସିଲ (ଇତ୍ୟାଦ)—ପ୍ରାଦେ. ବ—ଶିଳ ଇତ୍ୟାଦ [ଦେଖ]
Sila (etc) Śila etc [See]

ସିଲଖ(ଖି)ଲା—ପ୍ରାଦେ. (ବୌଦ) ବ—ଶୃଙ୍ଖଳା—Method. [ଦ୍ର—
Silakha(khi)lā ବାମଣା ସିଲଖିଲାରେ ପଡ଼ିଯିବ ।]

ସିଲଙ୍ଗ୍—ଦେ. ବ (ନାମ)—ଅସାମ ପ୍ରଦେଶର ଛତ ସାଦେବଙ୍କ
Silang ଶୀଖ୍ରାବାସ ବ୍ରଜଧାନୀ—Shillonin Assam. [ଦ୍ର—
ସିଲଙ୍ଗ ଏହା ଖାସୀ ବା ଜୟନ୍ତିଆ ଛନ୍ଧାର ବ୍ରଜଧାନୀ ଏବଂ ପବତ
सिलांग ଉପରେ ଅବସ୍ଥିତ । ଏହୁ ପବତରୁ ଗୋଟିଏ ଗିର ନଦୀ
ସାଇ ବ୍ରହ୍ମପୁତ୍ରରେ ମିଶିଅଛୁ ।]

ସିଲଟ୍—ବୈଦେ. ବ (ଇଂ. ସ୍ଲେଟ୍)—ସ୍ଲେଟ୍ ପଥର; ଯେଉଁ ସିଲ୍‌ରେ
Silaṭ ଲେଖିବା ପାଇଁ ଶିଶୁମାନଙ୍କ ବ୍ୟବହୃତ କୃତ୍ରିମ ପ୍ରସ୍ତରର
ସିଲେଟ **सिलेट** ବା ମାଟିର ଫଳକ—Slate.
ସିଲହେଟ ଦେ. ବ (ନାମ)—ସିଲ୍‌ହଟ୍; ଅସାମ ପ୍ରଦେଶର
सिलहट ପଶ୍ଚବର୍ତ୍ତୀ ଗୋଟିଏ ଜିଲ୍ଲା ଓ ତହିଁର ବ୍ରଜଧାନୀ—
Sylhet; a district and town in Assam.
[ଦ୍ର—ଏହା ବଜ୍ୟରେ ଗୋଟିଏ ନଦୀ ବହୁପାଇ ବ୍ରହ୍ମ-
ପୁତ୍ରରେ ପଡ଼ିଅଛି । ଏଠାରେ ପ୍ରଚୁର ପରମାଣରେ ମିଠା
ଜମଲାଲେମ୍ବୁ ମିଳେ ।] ଦେ. ବଣ—ସିଲଟି (ଦେଖ)
Silaṭi (See)

Digitized by srujanika@gmail.com

ସିଲହଟ୍ (ଟି) କମଲା—ବେ. ବ—ସିଲହଟ୍ ଅଞ୍ଚଳର ମିଠା ଲେମ୍ବୁ—
Silaṭ (ṭi) kamalā Sweet orange of Sylhet.
ସିଲହେଟି କମଲା **সিলহট কমলা**

ସିଲହଟ୍ ଖଡ଼୍—ବେ. ବ—ସିଲହଟ୍ ପିନ୍‌ସିନ୍ (ଦେଖ)
Silaṭ khaṛdi silaṭ pin-sin (See)
ସିଲେଟ ପେନସିଲ **সিলেট পেনসিল**

ସିଲହଟ୍ ପଟା—ବେ. ବ—ସ୍ଲେଟ୍ ଫଲକ—Slate.
Silaṭ paṭā ସିଲେଟ୍ **সিলেট পটা**

ସିଲହଟ୍ ପି(ପେ)ନ୍(ନ)ସିନ୍(ଲ୍, ନି, ଲି)—ବୈଦେ. ବ (ଇଂ. Silaṭ pi(pe)n(ni)sin(l, ni, li) ସ୍ଲେଟ୍ ପେନ୍‌ସିଲ୍)—ସିଲେଟ ପେନସିଲ **সিলেট পেনসিল** ୧ । ସ୍ଲେଟ୍ ଉପରେ ଲେଖିବା (ସିଲହଟ୍ ପି[ପେ]ନ୍ସିନ୍[ଲ୍, ନି, ଲି]—ଅନ୍ୟରୂପ) ପାଇଁ ବ୍ୟବହୃତ ମାଟିର ଲେଖଣୀ—1. Slate-pencil. ୨ । ଲେଖିବାର ଉପକରଣଯୁକ୍ତ ସ୍ଲେଟ୍ ଓ ପେନ୍‌ସିଲ୍—
2. Slate and pencil.

ସିଲହଟି—ବେ. ବଣ—ଅସାମର ସିଲହଟ୍ ଅଞ୍ଚଳର—Belonging to
Silaṭi to Sylhet. (ଯଥା—ସିଲହଟି କମଲା।)
ସିଲହେଟୀ **সিলহটিয়া**

ସିଲନ୍ଦ(ନ୍ଧ)—ସଂ. ବ—ଶିଳନ୍ଦ (ଦେଖ)
Silanda(ndha) śilinda (See)

ସିଲ୍ଲ—ବୈଦେ. ବ (ଅ. ସିଲହ୍)—୧ । ଜମିର ଚିରା; ଜମିର ଖଣ୍ଡ—
Silā 1. A strip or plot of land. ୨ । ଲମ୍ବାଧୁଆ
କିତା ଜମି ଚଉଡ଼ାଦିଗଟି ଲମ୍ବା ସେରୁ; ପଟି—2. A long or
କିତା thin strip of land. ୩ । ଭାଗବାଣ୍ଟରେ ପ୍ରତ୍ୟେକ ଅଂଶୀଦାରର ହିସାବରେ ପଡ଼ୁଥିବା ଜମିର ଚଉଡ଼ିଆ ଲମ୍ବା ପଟି—
3. A long strip or block of land allotted to each co-sharer in a partition. ପ୍ରାବେ. ବ—୧ । (ବାଲେଶ୍ୱର) ଏକ ପ୍ରକାର ଲୁଣି ମାଛ—1. A species of sea-fish. ୨ । (ଗଡ଼ଜାତ) କୋବି (ହରେକୃଷ୍ଣ. ଦ୍ରବ୍ୟଗୁଣ)—2. Cabbage.

ସିଲ୍ଲ(ଲେ)ଇ—ବେ. ବ (ସଂ. ସିବ୍ ଧାତୁ)—
Silā(le)i ସୀବନ—Sewing.
ସେଲାଇ **সীলাই**

ସିଲ୍ଲ(ଲେ)ଇ କରିବା—ବେ. କି—ସିଇଁବା—To sew.
Silā(le)i karibā ସେଲାଇ କରା **সীলাই করনা**

ସିଲ୍ଲ(ଲେ)ଇ କଳ—ବେ. ବ—ସିଇଁବା ପାଇଁ ବ୍ୟବହୃତ ଯନ୍ତ୍ର—
Silā(le)i kala Sewing machine.
ସେଲାଇଏର କଳ **সীলাই কল**

ସିଲ୍ଲଆର(ରି)—ବୈଦେ. ବଣ(ଫା)—୧ । ସିଲ୍ଲ ସମ୍ପର୍କୀୟ—
Silāuār(ri) 1. Relating to strips or allotments.
କିତାଓୟାରୀ ବେ. କି. ବଣ—ସିଲ୍ଲ ସିଲ୍ଲ କରି—In strips.
କୀତାବାର (ସିଲ୍ଲାର୍[ରି]—ଅନ୍ୟରୂପ)

ସିଲ୍ଲ ଜଆରି ଜରିବ—ବୈବେ. ବ(ଫା)—ଜରା ଜଆରି ମାପ; ଜମିରୁ
Silā uāri jariba ଚଉଡ଼ା ଚଉଡ଼ା କରି ମାପିବା—The measre-
ସିଲ୍ଲା ଓୟାରୀ ଜରିବ ment of land by strips.
কিতাবার জরীব

ସିଲ୍ଲ ଜଆରି ମାପ, ସିଲ୍ଲ ଜାର ଜରିବ, ସିଲ୍ଲ ଜାର ମାପ } ଅନ୍ୟରୂପ

ସିଲ୍ଲ(ଲେ)ବସ୍—ବୈବେ. ବ (ଇଂ. ସିଲାବସ୍)—ପାଠ୍ୟ ବର୍ଦ୍ଧିତ; Silā(le)bas ଶିକ୍ଷାବତ୍ସରର କରିଥିବା ବିଷୟଗୁଡ଼ିକର ବର୍ଣ୍ଣନାତ୍ମକ ପାଠ
ସିଲେବସ **সিলেবস** ସମ୍ପର୍କୀୟ ସଙ୍କେତ ବା ତାଲିକା—Syllabus.

ସିଲି—ପ୍ରାବେ. (ସମ୍ବଲପୁର) ବ—ଶଗଡ଼ ଚକ—
Sili Cart-wheel.

ସିଲିକ୍—ବୈବେ. ବ (ଇଂ. ସିଲ୍କ୍)—ସିଲ୍‌କ୍; ରେଶମ—Silk.);
Silik ବୈବେ. ବଣ—ରେଶମୀ—Silk (as in silk cloth);
ସିଲକ **সিল্ক** [ସିଲ୍କ—ଅନ୍ୟରୂପ] silken.

ସିଲି ଗୁଡ଼ି—ବେ. ବ (ନାମ)—ଉଇ ଲଙ୍କିଙ୍କ ଗ୍ରାଣ୍ଡ୍‌ନ୍ରାଞ୍ଚ ରାଜିଲିଙ୍ଗ୍‌ରି
Sili gurḍi ସିବା ରେଲଘର ଷ୍ଟେସନ୍—Siliguri; a
ସିଲିଗୁଡି **সিলি গুড়ি** railway station near Darjeeling.

ସିଲିଙ୍—ବୈବେ. ବ (ଇଂ. ଶିଲ୍ଲିଙ୍)—ବ୍ରଉନ୍ଦ୍ରଚଲିତ ରୌପ୍ୟ
Siling ମୁଦ୍ରା—Shilling (coin.)
ସିଲିଙ୍ଗ **সিলিং** (ସିଲ୍ଲଂ-ଅଶୁଦ୍ଧ ବନାନ)

ସିଲିନ୍ଦ(ନ୍ଧ)—ସଂ. ବ (ଅନ୍ୟରୂପ ଶିଳନ୍ଦ)—ଶିଳନ୍ଦ (ଦେଖ)
Silinda(ndha) Śilinda. (See)

ସିଲିପ୍(ପି)—ବୈବେ. ବ (ଇଂ. ସ୍ଲିପ୍)—କାଗଜର ଛୋଟ ଖଣ୍ଡ—
Silip(pi) Slip of paper.
ସିଲ୍‌ପ **স্লীপ**

ସିଲିବ(ଭ)ର୍—ବୈବେ. ବ—ସିଲ୍‌ବର୍ (ଦେଖ)
Siliba(bha)r Sil-bar. (See)

ସିଲି ସିଲି—ବେ. ବଣ ଓ କି ବଣ—ସ୍ନିଗ୍ଧ ସ୍ନିଗ୍ଧ (ପବନ)—Sweet
Sili sili and mild (breeze). [ଉ—ସିଲ୍‌ସିଲ୍ ପବନ ଫୁରଫୁରେ **সনসন** ହିଲ୍‌ଲେଇଲ୍ଲା। ଫଗାରମୋଦନ, ଗଲ୍ପସ୍ନିଗ୍ଧ।]

ସିଲେଇ (ଇତ୍ୟାଦି)—ବେ. ବ—ସିଲ୍ଲଇ ଇତ୍ୟାଦି (ଦେଖ)
Silei (etc) Silāi etc. (See)

ସିଲେକ୍ଟ୍—ବୈବେ. ବ (ଇଂ. ସିଲେକ୍ଟେଡ୍)—ବଛାଯାଇଥିବା; ବଛା
Silekṭ ହେ ଥିବା—Selected.
ସିଲେକ୍ଟେ **সিলেক্ট**

ସିଲେକ୍ଟ କମିଟି—ବୈବେ. ବ (ଇଂ. ସିଲେକ୍ଟ୍ କମିଟୀ)—କୌଣସି
Silekṭ kamiṭi ସଭାର ବହୁ ପରିଚ୍ଛନ୍ନ ସମ୍ପର୍କରୁ ବିଶିଷ୍ଟ ବିଷୟର
ସିଲେକ୍ଟକମିଟି ଅନୁଶୀଳନାର୍ଥ ନିଯୁକ୍ତ ବେଢେଡ଼ ସଦସ୍ୟଙ୍କ ଦ୍ୱାରା
সিলেক্টকমিটী ଗଠିତ ସମିତି—Select committee.

ସିଲେକ୍ଟ୍ କରିବା—ବୈବେ. କି.—ନିର୍ବାଚନ କରିବା—
Silekṭ karibā To select.
ସିଲେକ୍ଟ କରା **সিলেক্ট করনা**

Digitized by srujanika@gmail.com

ସିଲେକ୍ସନ୍—ବୈଦେ. ବ (ଇଂ. ସିଲେକ୍ସନ୍)—୧ । ବହୁ ଗ୍ରନ୍ଥକ Sileksan ବା ବସ୍ତୁ ମଧ୍ୟରୁ ବଛାବଛି—1. Selection. ୨। ବହୁ ସିଲେକ୍ସନ ? ପୁସ୍ତକରୁ ବା ଲେଖାରୁ ସଗୃହୀତ ଓ ନିର୍ବାଚିତ ସଙ୍କଳନ— सिलेक्सन 2. Selection of passages or extracts from various sources.

ସିଲେକ୍ସନ୍ କମିଟି—ବୈଦେ. ବ (ଇଂ)—ଯେଉଁ କମିଟି କୌଣସି Sileksan kamiṭi ବର୍ଗ ପାଇଁ ବହୁ ପ୍ରାର୍ଥୀଙ୍କ ମଧ୍ୟରୁ ଉପଯୁକ୍ତ ସିଲେକ୍ସନ କମିଟି ବ୍ୟକ୍ତି ବାଛନ୍ତି—Selection committee. सिलेक्सन कमिटि

ସିଲେଟ୍ (ଇତ୍ୟାଦି)—ବେଦେ. ବ—ସିଲଟ ଇତ୍ୟାଦି (ଦେଶ) Sileṭ (etc) Silaṭ etc. (See)

ସିଲୋନ୍—ବୈଦେ. ବ (ନାମ) (ଇଂ. ସିଲୋନ୍; ମୂଳ. ସଂ. ସିଂହଳ)— Silon ସିଂହଳଦ୍ୱୀପ; ଲଙ୍କା—Ceylon. सिलोन सिलोन

ସିଲ୍କ୍—ବୈଦେ. ବ ଓ ବଣ—ସିଲ୍କ୍ (ଦେଶ) Silk Silik. (See)

ସିଲ୍ପ୍(ଲ୍ପି)—ବେଦେ. ବ—ସିଲିପ୍ (ଦେଶ) Silp(lpi) Silip. (See)

ସିଲ୍ବର୍—ବୈଦେ. ବ—ସିଲ୍‌ବର୍ (ଦେଶ) Silbhar Sil-bar. (See)

ସିଲ୍ଲ—ପ୍ରାଦେ (ଗଞ୍ଜାମ)—୧ । ବିଦାୟ—1. Leave to go Silla away. ୨ । ଅନୁମତି—2. Permission.

ସିଲ୍ଲ ହେବା—ପ୍ରାଦେ [ଗଞ୍ଜାମ] କ୍ରି—ବିଦାୟ ଗ୍ରହଣ କରିବା— Silla hebā To take leave.

ସିଲ୍ଲିଙ୍ଗି ଦେବା—ପ୍ରାଦେ [ଜଯନ୍ତୀର] କ୍ରି. [ତେ. ସିଙ୍ଗିଂଗି]—ଖାଙ୍ଗିବା Sillingi debā (ଦେଶ)—Pāngibā. (See)

ସିଲ୍ହକ—ସଂ. ବ—ଶିଳାରସ ହ୍ର. ଶ] Silhaka Benzoin; styrax. [ସିଲ୍ହ—ଅନ୍ୟରୂପ]

ସିସ୍ (ଇତ୍ୟାଦି)—ଦେ. ବ (ଧ୍ୱନ୍ୟନୁକରଣ)—ଶିଶ୍ ଇତ୍ୟାଦି (ଦେଶ) Sis (etc) Śiś etc. (See)

ସିଶୁ(ସୁ)—ଦେ. ବ [ସଂ. ଶିଂଶପା]—୧ । ଶିଶୁ* [ଦେଶ]— Sisu(su) 1. Śiśu 5. (See) ୨ । ଶିଂଶପା ଗଛ—2. The ଶିଶୁ शिशुक sissoo tree,

ସିଷର—ଦେ. ବ [ସଂ. ଶୃଷିର —ସିଟି; ସିଟି ମାରିବା ଯନ୍ତ୍ର— Sishara ସିଟୀ सिटी A whistle.

ସିଷାଧୟିଷା—ସଂ. ବ [ସାଧ୍. ଧାତୁ+ଇଚ୍ଛାର୍ଥେ. ସନ୍+ସ୍ତ୍ରୀ. ଅ+ Sishādhayishā ଅ]—ସାଧନ କରିବାର ଇଚ୍ଛା— A desire to accomplish.

ସିଷାଧୟିଷୁ—ସଂ. ବଣ [ସାଧ୍. ଧାତୁ+ଇଚ୍ଛାର୍ଥେ. ସନ୍+ଉଣ୍. Sishādhayishu ଉ]—ସାଧନେଚ୍ଛୁ—Desirous of accomplishing.

ସିଷୁମୁଣା(ନା)—ସ୍ତ୍ରୀ. ବ [ପଦ୍ୟ]—ସୁଷୁମ୍ନା [ଦେଶ] Śishumuṇā(nā) Sushumṇā: [See]

ସୁଷୁମ୍ନା [ଜ—ପିଅଁଳା ଯମୁନା ନଦୀ ମଝିଇ, ସିଷୁମ୍ନା ସରସ୍ୱତୀ ସେ ହୋଇ । ପ୍ରାଚୀ. ଦରତେ ଗୀତା ।] सिसुमणा

ସିଷୁମ୍ନା[ମ୍ନା]—ଦେ. ବ [ପଦ୍ୟ]—ସୁଷୁମ୍ନା]ଦେଶ] Śishumṇā[mnā] Sushumṇā. [See]

ସୁଷୁମ୍ନା [ଜ—ଇଅଁଳା ପିଅଁଳା ସିଷୁମ୍ନା ଭଳ । ପ୍ରାଚୀ. ଦରତେ ଗୀତା ।] सिसुमणा

ସିସଲ—ବୈଦେ. ବ [ଆ. ସିଲ୍ ସିଲ୍ଲ]—୧ । ବ୍ୟବସ୍ଥା— Sisala 1. Arrangement. ୨ । ନିଷ୍ପତ୍ତି; ମୀମାଂସା— ବ୍ୟବସ୍ଥା 2. Decision. ବୈଦେ. ବଣ—ମୀମାଂସିତ— सिलसिला Decided; settled.

ସିସା (ଇତ୍ୟାଦି)—ଦେ. ବ [ସଂ. ସୀସକ]—ଶିଶା ଇତ୍ୟାଦି [ଦେଶ] Sisā (etc) Śiśā etc. [See]

ପ୍ରାଦେ [ତେଲୁଗୁ] ବ—ଜଡ଼ର ପେନ୍ସିଲ୍—Wooden pencil.

ସି[ସିଁ,ସିଁ]ସି—ବୈଦେ. ବ [ଫା. ଶିଶୀ]—ଶିଶି [ଦେଶ] Si[śiṁ,siñ]si Śiśi. [See]

ସିସି(ସେ)ରୋ—ବୈଦେ. ବ[ଲାଟିନ୍ ନାମ]—ରୋମର ସୁପ୍ରସିଦ୍ଧ ବାଗ୍ମୀଜଣେ Sisi(se)ro ଶ୍ରେଷ୍ଠ ଓ ବାଗ୍ମିବର—The great orator ସିସେରୋ Cicero. [ଜ—ଏହାଙ୍କର ଜନ୍ମ ଖ୍ରୀ: ପୂ:୧୦୬ ଏବଂ ମୃତ୍ୟୁ ଖ୍ରୀ: ପୂ:୪୩ ଅବ୍ଦରେ । ଏ ବ୍ୟବହାରଜୀବୀ ବୃତ୍ତି ଅବଲମ୍ବନ କରି ନିଜ ବାଗ୍ମିତାର ଉନ୍ନତି ସାଧନାର୍ଥେ ଗ୍ରୀସ୍‌କୁ ଯାଇ ସେଠାରେ ବହୁ ପଣ୍ଡିତଙ୍କଠାରୁ ବାଗ୍ମିତା ଶିକ୍ଷା କରିଥିଲେ ଏବଂ ୫୦ ବର୍ଷ ବୟସରେ ରୋମ୍ ସାମ୍ରାଜ୍ୟର ଏକ ପ୍ରଦେଶର ଶାସନକର୍ତ୍ତା [Consul] ରୂପେ ମଙ୍ଗଳଲାଭ କ୍ରେତ୍ରରେ ଦେଇଲେ । ଘରେ ଶତ୍ରୁମାନଙ୍କ ଚକ୍ରାନ୍ତକୁ ଭଗ୍ନ ପ୍ରଦେଶ ଶାସନ ପଳାଇଥିଲେ, କିନ୍ତୁ ପୁଣି ଦେଶକୁ ଫେରି ଆସିଲେ । ଏହାଙ୍କ ଶତ୍ରୁମାନେ ସିଜର୍‌ଙ୍କ ହତ୍ୟାକାଣ୍ଡରେ ଏ ଜଣ ଥିବାର ପ୍ରମାଣିତ କରିବାରୁ ଏହାଙ୍କୁ ଉନ୍ମତ୍ତର ଦଣ୍ଡାଜ୍ଞା ଦେଇ ଏବଂ ଏ ଦଣ୍ଡ ଏଡ଼ିବା ନିମନ୍ତେ ପଳାଇ ଯାଇ ଯାଇ ବାଟରେ ଶତ୍ରୁମାନେ ଏହାଙ୍କ ଶିରଶ୍ଛେଦନ କଲେ । ଏହାଙ୍କର ବାଗ୍ମିତାପୂର୍ଣ୍ଣ ବକ୍ତୃତାମାନ ଯାବତୀୟ ସଭ୍ୟ ଭାଷାରେ ଅନୁବାଦିତ ହୋଇ ୨୦୦୦ ବର୍ଷ ଧରେ ମଧ୍ୟ ଅଜ୍ଞ ପଣ୍ଡିତମାନଙ୍କର ବହୁ ସମାଦର ଲାଭ କରୁଅଛି ।]

ସିସୃକ୍ଷା—ସଂ. ବ (ସୃଜ୍ ଧାତୁ+ଇଚ୍ଛାର୍ଥେ ସନ୍+ସ୍ତ୍ରୀ. ଅ+ ଅ)— Sisṛukshā ସର୍ଜ୍ଜନ ବା ନିର୍ମାଣ କରିବାର ଇଚ୍ଛା— Desire to create.

ସିସୃକ୍ଷୁ—ସଂ. ବଣ (ସୃଜ୍ ଧାତୁ+ଇଚ୍ଛାର୍ଥେ ସନ୍+ଉଣ୍. ଉ)— Sisṛukshu ସୃଷ୍ଟି କରିବାକୁ ଇଚ୍ଛୁକ; ନିର୍ମାଣ କରିବାକୁ ଅଭିଳାଷୀ —Desirous of creating.

ସିସୋଦିୟ—ଦେ. ବଣ—ସିସୋଦିୟା କୁଳର—Belonging to Sisodiya the Sisodiyā clan of the Rajputs' सिसोदीय सीसोदिय

Digitized by srujanika@gmail.com

ସିଓଦିୟା—ଦେ· ବ—ଗୁହଲୌତ ରାଜପୁତମାନଙ୍କର ଏକ ପ୍ରସିଦ୍ଧ ଶାଖା—A celebrated branch of the Rajputs. [ଦ୍ର—ରାଜପୁତନାର ସିଓଦ ନାମକ ସ୍ଥାନରେ ଏ ଶାଖାର ବ୍ୟକ୍ତିମାନେ ବହୁ ଦିନ ବାସ କରିଥିବାରୁ ଉକ୍ତ ସ୍ଥାନର ନାମ ଅନୁସାରେ ଏ ଶାଖାର ନାମ ହୋଇଅଛି । ଗ୍ରନ୍ଥିମାନଙ୍କ ମଧ୍ୟରେ ଏମାନଙ୍କ ପ୍ରଶସ୍ତି ସବୋଚ୍ଚ । ଚତୋର ଏମାନଙ୍କ ପ୍ରାଚୀନ ରାଜଧାନୀ ଓ ଉଦୟପୁର ବର୍ତ୍ତମାନ ରାଜଧାନୀ । ଏମାନେ ସୂର୍ଯ୍ୟବଂଶୀୟ ରାଜା ରାମଚନ୍ଦ୍ରଙ୍କ ବଂଶଧର ବୋଲି କଥିତ । ଏମାନେ ପ୍ରଥମେ ଗୁଜୁରାଟର ବଲ୍ଲଭୀପୁରରେ ରାଜତ୍ୱ କରୁଥିଲେ, ସେଠାରେ ଚତୋରର ପ୍ରାଚୀନ ରାଜାଙ୍କୁ ପରାସ୍ତ କରି ସେଠାରେ ରାଜ୍ୟ ସ୍ଥାପନ କଲେ । ମୁସଲମାନ୍ ଓ ମୋଗଲ୍ ରାଜତ୍ୱ କାଳରେ ମଧ୍ୟ ଚତୋର ହିନ୍ଦୁ ରାଜଶକ୍ତିର ପ୍ରଧାନ ସ୍ଥାନ ଥିଲା । ଏ ବଂଶର ରାଜାମାନଙ୍କ ଉପାଧି ରାଣା । ରାଣା ସମର ସିଂହ, ରାଣା କୁମ୍ଭା, ରାଣା ସଂଗ୍ରାମ ସିଂହ ମୁସଲମାନଙ୍କ ସଙ୍ଗେ ସାରଭା ସହକାରେ ଯୁଦ୍ଧ କରିଥିଲେ । ରାଣା ପ୍ରତାପ ସମ୍ରାଟ୍ ଆକବରଙ୍କ ବଶତା ସ୍ୱୀକାର କରି ନଥିଲେ । ଉଦୟପୁର ରାଜ୍ୟ (୧୨୬୧୦ ବର୍ଗ ମାଇଲ, ଲୋକ ସଙ୍ଖ୍ୟା ୧୮ ଲକ୍ଷ)ର ମହାରାଣା ଏହ ବଂଶୀୟ ଅଟନ୍ତି—ହିନ୍ଦୁ ଜାତିସାଗର ।]

ସିସୁ—ଦେ· ବ (ସଂ. ଶିଶୁ)—୧ । ଯନ୍ତ୍ରାଦ—1. Implements. ୨ । ଶିଶୁ; ଉପାୟ—2. Means. ୩ । କାର୍ଯ୍ୟ ସାଧନର ଉପାୟ—3. Means employed for accomplishment of an end.

ସିସ୍ତି—ବୈଦେ· ବ (ଫା. ସିସ୍ତୀ)—ମାପିବା ବେଳେ ସଙ୍ଗେ ଭୂମିରେ ପୋତିବା ପାଇଁ ବ୍ୟବହାର କରାଯିବା ଲୁହାର ପିନ୍—Iron pins used with the surveying chain.

ସିସ୍ତୁ—ପ୍ରାଦେ (ଗଞ୍ଜାମ) ବ (ଇଂ· ସେସ୍)—ଭୂମିକର; ଖଜଣା—Land cess.

ସିହ୍ନିବା—ପ୍ରାଦେ (ସମ୍ଭଲପୁର) କି—ଟୁକୁ ଖୁଜୁ ଭର୍ତ୍ତି କରିବା—To ram in things together into a narrow receptacle.

ସିହଳ—ଦେ· ବ (ସଂ. ଶୈଳ)—ଶିଥଳ (ଦେଶ) Sihala Śiala (See)

ସିହ୍ନା—ବୈଦେ· ବ—୧ । (ଫା· ସୀହ୍ନା) ଜମା ଖରଚ ବହି—1. Account book. [ଦ୍ର—ଏହ ଉପାବ ବହିରେ ଜମା ଓ ଖରଚ ଲେଖାଯାଏ ।]

ସିହା ୨ । ସିନ୍ଧା; ମୁସଲମାନମାନଙ୍କର ସମ୍ପ୍ରଦାୟବିଶେଷ—2. A sect of Mohommedans; the Sihā. [ଦ୍ର—ମୁସଲମାନ ଧର୍ମାବଲମ୍ବୀମାନେ ପ୍ରଧାନ ଦୁଇ ସମ୍ପ୍ରଦାୟରେ ବିଭକ୍ତ; ଯଥା—ସିନ୍ଧା ଓ ସୁନ୍ନୀ । ଇସଲମ ଧର୍ମର ନେତା ବା ଗୁରୁ(ଇମାମ୍) କିଏ, ଏହ ସଂବନ୍ଧରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ମତଭେଦ ଅଛି । ସୁନ୍ନୀମାନେ କହନ୍ତି ଯେ, ଯାହାଙ୍କୁ ମୁସଲମାନ୍‌ମାନେ ନେତା ପଦରେ ମନୋନୀତ କରନ୍ତି ସେ 'ଇମାମ୍'; କିନ୍ତୁ ସିନ୍ଧାମାନେ କହନ୍ତି ଯେ, ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟ ଜାଲଜମେ 'ଇମାମ୍' ଅଟନ୍ତି । ସିନ୍ଧା ଓ ସୁନ୍ନୀମାନଙ୍କର ଅଇନ୍ ମଧ୍ୟ ଭିନ୍ନ । ସିନ୍ଧାମାନଙ୍କ ଅଇନ୍ କୋରାନ୍ ଓ ଶିଷ୍ୟାନୁଶିଷ୍ୟ କ୍ରମେ ପୁରୁଷପରଂପରା ଚଳୁଥିବା ମହମ୍ମଦଙ୍କ ଉପଦେଶ ଉପରେ ପ୍ରତିଷ୍ଠିତ । କିନ୍ତୁ ସୁନ୍ନୀମାନଙ୍କ ଅଇନ ଏହ ଦୁଇ ଗ୍ରନ୍ଥ, ପଣ୍ଡିତମାନଙ୍କର ଟୀକା ଓ ବ୍ୟକ୍ତିବିଶେଷଙ୍କର ସ୍ୱାଧୀନ ବଚାର ଉପରେ ପ୍ରତିଷ୍ଠିତ ।

ମହମ୍ମଦୀୟ ହିଜରୀ ସନର ଦ୍ୱିତୀୟ ଶତାବ୍ଦୀରେ ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟକ୍ରମେ ୬ଷ୍ଠ ସ୍ତାଦୀୟ ଜଫର୍-ଅଲ୍-ସାଦକ୍ ସିନ୍ଧା ସମ୍ପ୍ରଦାୟର ପ୍ରତିଷ୍ଠା କରିଥିଲେ ।

ସିନ୍ଧାମାନଙ୍କର ମଧ୍ୟ ଅନେକଗୁଡ଼ଏ ଉପସମ୍ପ୍ରଦାୟ ଅଛି; ଯଥା—ଅସ୍ନା ଅସାରିୟା ବା ଇମାମିୟା (ଏମାନେ ପୁଣି ଦୁଇ ଶ୍ରେଣୀରେ ବିଭକ୍ତ—ଅସ୍ନାଅ, ଅକ୍‌ବରୀ), ମୁତାଜାଲ୍ଲା, ଇସ୍‌ମାଇଲିଆ । ବୋମ୍ବେ ପ୍ରଦେଶର 'ଖୋଜା', 'ବୋରା' ଆଦିଙ୍କ ଛଡ଼ା ଉତ୍ତରର ଅଧିକାଂଶ ମୁସଲମାନ ସୁନ୍ନୀ ସମ୍ପ୍ରଦାୟଭୁକ୍ତ ।

ସିନ୍ଧା ଓ ସୁନ୍ନୀଙ୍କୁ ଚହ୍ନିବାର ଗୋଟିଏ ସହଜ ଚହ୍ନ ଏହ ଯେ, ସିନ୍ଧାମାନେ ନମାଜ୍ ପଢ଼ିବା ବେଳେ ଦୁଇ ହାତକୁ ଦୁଇ କାନରେ ସିଧା କରି ଓଦାଲାଇ ରଖନ୍ତି; କିନ୍ତୁ ସୁନ୍ନୀମାନେ ଦୁଇ ହାତକୁ ସାମନା ପାଖରେ ଯୋଡ଼ କରି ନମାଜ ପଢ଼ନ୍ତି ।

ସିନ୍ଧାମାନେ ମୃତ ବ୍ୟକ୍ତିର ସମଦୁରବର୍ତ୍ତୀ ସଗୋତ୍ର (agnate, ଯଥା—ଗୌତ୍ର) ଓ ଅସଗୋତ୍ର (cognate; ଯଥା—ଦୌହିତ୍ର)ମାନଙ୍କ ମଧ୍ୟରେ ସମ୍ପତ୍ତିକୁ ସମାନରୂପେ ବଣ୍ଟନ କରନ୍ତି । କିନ୍ତୁ ସୁନ୍ନୀମାନେ କେବଳ ସଗୋତ୍ର ପୁରୁଷ—ଉତ୍ତରାଧିକାରୀମାନଙ୍କ ମଧ୍ୟରେ ମୃତ ବ୍ୟକ୍ତିର ସମ୍ପତ୍ତି ବଣ୍ଟନ କରନ୍ତି ।

ସିନ୍ଧା ଓ ସୁନ୍ନୀ ଉଭୟଙ୍କ ମଧ୍ୟରେ ଏ ନିୟମ କେବଳ କନ୍ୟାଞ୍ଜଳିତ ଉତ୍ତରାଧିକାରୀମାନଙ୍କ ପ୍ରତି ଖଟେ ନାହିଁ; ଯଥା—ମୃତ ବ୍ୟକ୍ତିର ପତ୍ନୀ, ମାତା, ଭଉଣୀ, ଜନ୍ୟା, ସ୍ତ୍ରୀ ବା ସ୍ତ୍ରୀ ।]

ସିଖ ସିଖା—ଦେ· ବ (ସଂ. ଶିଖା)—ଅଗ୍ରଭାଗ—Top.

ସିହାଇ—ବୈଦେ· ବ (ଫା· ସିଆହ୍)—ସ୍ୟାହ୍; ଲେଖିବାର କାଳି; ସେହାଇ ସେହାହୀ ମସି—Writing ink.

ସିହାଇ ଘଡ଼ି—ଦେ· ବ—ମସ୍ୟାଧାର; କାଳି ଘଡ଼ି; ଦୁଅତ—Inkpot. Sihāi ghardi ସେହାଇ ଦୋୟାତ ଦ୍ୱାତ (ସିହାଇ ଦୁଅତ—ଅନ୍ୟରୂପ)

ସିହା ଉଆରଜା—ବୈଦେ· ବ (ଉତ୍ତରାଦ୍ୟ ସିରସ୍ତା)—ଯେଉଁ ସିହାରେ Sihā uārijā ଉଚ୍ଚ ଉଚ୍ଚ ଶ୍ରେଣୀର ଜମା ଓ ଖରଚମାନ ପୃଥକ୍ ସିହା ଓୟାରିଜା ପୃଥକ୍ ଫେଡଙ୍ଗ୍ ତଳେ ଲେଖାଯାଏ—Account

Digitized by srujanika@gmail.com

ସେହା ବାହିଜା book showing receipts and expe-
(ସିହା ଖାଉଜା—ଅନ୍ୟରୂପ) nditures entered under different items or headings.

ସିହା ଜଆସିଲ୍(ଲି) ବାକ—ଦେ. ବ (ଜମିଦାର୍ଘ ସିରସ୍ତା)—ଜମି-
Sihā uāsil(li) bāki ଦାର୍ଘ କାଗଜବିଶେଷ—A Zemi-
ସିହା ଓସ୍ତାସିଲ୍ଲ ବାକି ndary account showing the
सेहा वसूल बाँकी current year's account of
(ସିହା ବାସିଲ୍[ଲ] ବାକ—ଅନ୍ୟରୂପ) every tenant and respective due after deducting the payments made by the tenant. [ଦ୍ର—ବର୍ଷକ ମଧ୍ୟରେ ପ୍ରଜା ଯେତେଟଙ୍କା ଦେଇଥାଏ, ଏଥିରେ ତାହା ଲେଖା ଯାଇ ଗତ ବର୍ଷର ହିସାବ ଚଡ଼ାଣ କରିସାଇ ସନ ଅଙ୍କରୁ ଉକ୍ତ ପ୍ରଜା ଉପରେ କେତେ ବାକି ରହିଲା, ତାହା ଦେଖାଇ ଦିଆଯାଏ ।]

ସିହାଁ—ଦେ. ବ—**ସିଆଁ** (ଦେଶ)—
Sihāñ **Siāñ** (See)

ସିହାଁଇ(ଇଁ)ବା—ଦେ. କି—**ସିଆଁଇବା** (ଦେଶ)
Sihāñi(iñ)bā **Siāñibā** (See)

ସିହା କରିବା—ଦେ. କି—୧ । ହିସାବ ବହିରେ ଜମା ଖରଚ ଲେଖିବା-
Sihā karibā 1. To enter receipts and expenses
ସିହା କରା in the account book. ୨ । ଜମା
सेहा करना ଧନକୁ ହିସାବରେ ଲେଖିବା—2. To enter a
(ସିହା ଚଢ଼ା[ଡ଼େ]ଇବା—ଅନ୍ୟରୂପ) receipt in the account book

ସି(ସିଂ, ସିଁ)ହାଣ(ଣା) (ଇତ୍ୟାଦି)—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ.
Si(sim, siñ)hāṇa(ṇ) ସଜ୍ଞାନ)—୧ । ସିଆଣ(ଣା) (ଦେଖ)—
ସିୟାନ **सयाना** 1. Siāṇa(ṇā) (See) [ଉ—ସିହାଣ ବାଘରେ ମୋତେ ନ କରିବ ଦୟା—ଭଞ୍ଜ. କୋଣିବ୍ରହ୍ମାଣ୍ଡ ସୁନ୍ଦର ।] ୨ । ଶ୍ରେଷ୍ଠ—2. Best. [ଉ—ଯୁଦ୍ଧରେ ଗୋଲ ହୋଇ ବ୍ରହ୍ମାଣ୍ଡ ସିହାଣ । ରଣ୍ଡିଲେ ମାଡ଼ ଯାଣ୍ଟୁ ନୃପଙ୍କ ପ୍ରାଣ—କୃଷ୍ଣସିଂହ. ମହାଭାରତ. କର୍ଣ୍ଣ ।]

ସି(ସିଂ, ସିଁ)ହାଣିଆ(ଆଁ) (ଇତ୍ୟାଦି)—ଦେ. ବଣ. ପୁଂ ଓ ସ୍ତ୍ରୀ—
Si(sim; siñ)hāṇiā(āñ) (etc) ସିଆଣ ଇତ୍ୟାଦି (ଦେଖ)
Siāṇa etc (See). [ଉ—ସେ ବ୍ରାହ୍ମଣ ଅଟେ ତ ଅଟେ ସିହାଣିଆଁ—କୃଷ୍ଣସିଂହ. ମହାଭାରତ ଅଦି ।]

ସିହାଣୀ—ଦେ. ବଣ. ସ୍ତ୍ରୀ—'ସିହାଣ'ର ସ୍ତ୍ରୀଲିଙ୍ଗ—
Sihāṇī Feminine of 'Sihāṇa'.
(ଉ—ଅସଉର୍କେ କେବେ ଦେଖିଲେ ସିହାଣୀ—କାନ୍ତରୁ ସ୍ୱଗ-ଉତ୍ତରଲ । ସ୍ୱଧାନାଥ. ଯଯାତିକେଶସ୍ୱ ।)

ସିହାଭୁକ୍ତ—ଦେ. ବଣ—ସିହାରେ ଲେଖା ହୋଇଥିବା—
Sihābhukta Entered in the accounts.
ସେହା ଭୁକ୍ତ **सेहाभुगतान**

ସିହାର(ର୍‌ା) ହାର—ଦେ. ବ—ଶିଂଘଡ଼ା ହାର (ଦେଖ)
Sihāra(rā) hāra Simghaṛā hāra. (See)

ସିହୁଣ୍ଡ—ସ. ବ—ସ୍ପୃଷ୍ଟ ବୃକ୍ଷ (ଶବ୍ଦ ରତ୍ନାବଳୀ); ସିଜୁ (ଦେଖ)
Sihuṇḍa Sijhu. (See)

ସିହ୍ନା—ପ୍ରା. ଅ—ସିନା (ଦେଶ)—Sinā. (See) (ଉ—ଲ୍ଲଦୁ ଲ୍ଲଦୁ ସିହ୍ନା ଲ୍ଲଦୁ ସିହ୍ନା ଅଃଇ ସେ ସୁଅ । ପ୍ରାକୃ. ବ୍ରହ୍ମକରୁଣ ଗୀତା ।)

ସିଝୁ—ସ. ବ (ସ୍ନିହ୍. ଧାତୁ=ସ୍ନିଗ୍ଧ ହେବା + କୁ; ନ୍ତ୍ୟାଭନ)
Sihla ୧ । ଧୂପରେ ବ୍ୟବହୃତ ଗନ୍ଧଦ୍ରବ୍ୟ ବିଶେଷ [ସିଲ୍ଲଜ—ଅନ୍ୟରୂପ] (ଶବ୍ଦ ରତ୍ନାବଳୀ); ଲୋବାନ୍; ଏକପ୍ରକାର
ସିହ୍ଲା ଗୁଣ୍ଡା—1. Olibanum. ୨ । ଶିଲ୍ଲଜ—2. Liquid
शिलारस amber.
ଫା. ଶଲ୍ଲରସ, ଅ. ମୋଅଇଦ ସାଇଲ୍

ଅନ୍ୟ ସଂସ୍କୃତ ନାମ—ଭୂରୁଷ, ପିଣ୍ଡଜ, ଯାବନ, ପିଣ୍ୟାକ, କପିତୈଳ, କପିବାଚକ, କପିଢୌଳ, ଢୌଲାଙ୍ଗ୍ୟ, ଯାବ, ଯାବକ, ସଜ୍ଜଦ୍ରବ, ଶିଲ୍ଲଜ, ପିଷ୍ଟକ, ଢୌଲପଣ୍ଡୀ, ବୃକଧୂପ, କୃଷ୍ଣଧୂପ ।

ସିଝୁକା—ସ. ବ—ଶଲ୍ଲକା (ଦେଖ)
Sihlakī Śallkaī. (See)
[ସିଲ୍ଲଭୂମିକା—ଅନ୍ୟରୂପ] ଶଲଇ, ଶଲାଇ **शलई, शलग**

ସିଝ୍ଲା(ଇତ୍ୟାଦି)—ବୈଦେ. ବ—ସିଲ୍ଲ ଇତ୍ୟାଦି (ଦେଖ)
Sihlā (etc) Silā. etc (See)

ସୀଜ୍‌କାର—ପ୍ରା. ବ (ସଂ. ସ୍ୱୀକାର)—୧ । ସ୍ୱୀକାର; ସମ୍ମତି—
Sīukāra 1. Consent. [ଉ—ଭୂମୁର ସୀଜ୍‌କାର ହେଲେ ସ୍ୱୀକାର ସିନା ଏହା । କୃଷ୍ଣସିଂହ. ମହାଭାରତ ବନ ।] ୨ । କରଣ
स्वीकार ସମାଜରେ ବରବାହ ପୁଙ୍କରୁ କନ୍ୟାଙ୍କ ସମ୍ବନ୍ଧରେ ଉତ୍ସୃ ପ୍ରସଙ୍ଗର ସମ୍ମତିସୂଚକ ବଙ୍ଗଳ ଓ ଉତ୍କଳ—2. The ceremony of formal betrothal before marriage (amongst the Karaṇas of Orissa). ୩ । କରଣ ସମାଜର 'ସ୍ୱୀକାର' ଉତ୍ସବରେ କନ୍ୟାପକ୍ଷରୁ ବରପକ୍ଷକୁ ପଠାଯିବା ବେତ୍ତର—3. Sending of presents from the betrothed bride to the bridegroom.

ସୀଜ୍‌କାର କରିବା—ପ୍ରା. କି—ସ୍ୱୀକାର କରିବା (ଦେଖ)
Sīukāra karibā Swikāra karibā, (See)
ସ୍ୱୀକାର କରା **स्वीकार करना**

ସୀଜ୍‌କାର ସନମତ—ପ୍ରା. ବ (ସଦ୍ଭବ)—କରଣ ସମାଜରେ ବର ଓ
Sīukāra sanamati କନ୍ୟାଙ୍କର ବିବାହ ବିଷୟରେ ଜଙ୍ଗଳ ସ୍ୱୀକାର ସମ୍ମତି ଦେବା ପରେ ବର ପକ୍ଷ ଓ କନ୍ୟା ପକ୍ଷ ମଧ୍ୟରେ
स्वीकार सम्मति ଦଅନଅ ହେବା ବେତ୍ତର—Mutual exchange of presents between the betrothed bride and the bridegroom.

ସୀଜ୍‌କାରିଆ—ଦେ. ବ—କରଣ କୁଳରେ ବିବାହ ବିଷୟରେ ମଧ୍ୟସ୍ଥ
Sīukāriā ହେବା ବ୍ୟକ୍ତି—The negotiator or middle-
ଘଟକ man ia a marriage in the 'Karaṇa'
society. (ଉ—କରେ ଜନମ୍ବି, ହୁ ସବୁ ସଜଳ

Digitized by srujanika@gmail.com

ସାଜଲ କର ସାଇଲ୍ଣି ? ସୀତ୍କାରଥ ସବୁ ଥଦ୍ଦଞ୍ଚ ଯିବେ ଥସ୍ । ଉତ୍କାସ୍ତରଣ ଯୌତୁକ ।)

ସୀକ୍ (ଧାତୁ)—ସ—୧ । ସେଚନ କରଟା—1. To sprinkle.

Sīk (root) ୨ । ସେତ୍ତା—2. To foment.

ସୀକର—ସ. ବ ('ଶୀତର'ର ଅନ୍ୟରୂପ; ସୀକ୍ + ଧାତୁ + କର୍ମ. ଅର)—

Sīkara ୧ । ସୂକ୍ଷ୍ମ ଜଳବିନ୍ଦୁ—1. Spray; minute water-particles ୨ । ବାୟୁଦ୍ୱାରତ ସୂକ୍ଷ୍ମ ଜଳକଣା—2. Minute particles or spray of water driven by the wind. ୩ । (+ଜଡ଼ିଅର) କୁଣ୍ଡାଝଡ଼ା ବୃଷ୍ଟି—3. Drizzle; rain in minute drops ୪ । ବାୟୁ—4. Air; wind.

ସୀକର ଶୀତ—ସ. ବଣ (ଷଷ୍ଠୀ ତତ୍ପୁ)—୧ । ଜଳକଣା ଦ୍ୱାରା

Sīkara śīta ଶୀତଳ—1. Cooled with water spray. (ଉ—ଦ୍ରବତ ବଧୂ ମୋହ ବନାଶ ଅଶେ, ସୀକର-ଶୀତ ବାୟୁ ସେସିଲେ ଘାଶେ । ମଧୂସୂଦନ. ସୀତା-ଜନବାସ [ଭତ୍ତାବଳୀ] ।) ୨ । ଜଳକଣା ପର ଶୀତଳ—2. Cool like spray.

ସୀକାର—ପ୍ରାଦେ (ଶବ୍ଦଅଳ) ବ—୧ । ସ୍ୱୀକାର—1. Promise; Sīkāra agreement. ୨ । ମାଂସ—2. Meat. ୩ । ଘାତ୍ରଧ୍ୱ—3. Hunting

ସୀ(ତ୍ତ)—ସ. ବ (ଧ୍ୱନ୍ୟନୁକରଣ)—ଜିହ୍ୱା ଓ ଦନ୍ତ ଦ୍ୱାରା ଉଚ୍ଚାରିତ

Sīt(ta) ସୀତ୍ ଧ୍ୱନି—Whistling sound produced by the tongue and teeth

ସୀତ୍(ତ)କାର—ସ. ବ (ସୀତ୍, ସୀତ=ଅବ୍ୟକ୍ତ ମଧୁର ଧ୍ୱନି + କୃ,

Sīt-(ta)kāra ଧାତୁ + ଘଞ୍, ଅ)—ଅବ୍ୟକ୍ତ ମୁଖଶବ୍ଦ ବିଶେଷ; [ସୀତ୍କୃତ(ଈ)—ଅନ୍ୟରୂପ] ବରାଙ୍ଗନାମାନଙ୍କର ଜିହ୍ୱା ଓ ଦନ୍ତ ସାହାଯ୍ୟରେ ନିର୍ଗତ 'ସୀତ୍'ରୂପ ଅବ୍ୟକ୍ତ ଶବ୍ଦ; ଉତ୍ତମା ସ୍ତ୍ରୀଙ୍କର ରମଣାଦି କାଳରେ ଅନୁଭୂତଜନିତ ସୁଖବ୍ୟଞ୍ଜକ ଅସ୍ଫୁଟ ମଧୁର ଶବ୍ଦ (ହେମଚନ୍ଦ୍ର)—Sweet whistling sound heard from the mouth of amorous women during orgasm in coition.

ସୀତ୍କୃତ—ସ. ବଣ—କୃତ ସୀତ୍କ ର—Making a whistling

Sīt-kṛuta amorous sound during coition.

ସଂ. ବ—ସୀତ୍କାର (ଦେଖ)—Sīt-kāra. (See)

(ସୀତ୍କୃତ- ଅନ୍ୟ ବ, ରୂପ)

ସୀତ(ତ୍ୟ)ୟା—ସ୍ତ୍ରୀ. ବ (ଅଶୁଦ୍ଧ ଉଚ୍ଚାରଣ)—ସୀତା ଦେବୀ; ରାମଚନ୍ଦ୍ରଙ୍କ ପତ୍ନୀ—

Sīta(tya)yā Sītā; the wife of Rāma. (ଉ—ସୀତା ଅଶ୍ରମ କର ନାରାୟଣ, କନ୍ୟା ସୀତ୍ୟା ରାମାଶ୍ରମ । ଜଗନ୍ନାଥ. ସୀତିୟା ଭାଗବତ ।) ଦେ. ବ—'ସୀତା'ର ଡାକ ନାମ—Nickname of 'Sītā'.

ସୀତ(ତ୍ୟ)ୟା ଠାକୁରାଣୀ, ସୀତ(ତ୍ୟ)ୟା ଦେବୀ } —ଅନ୍ୟରୂପ
ସୀତ୍ୟା, ସୀତ୍ୟା ଦେବୀ, ସୀତ୍ୟା ଠାକୁରାଣୀ }

ସୀତା—ସଂ. ବ—[ସି. ଧାତୁ=(ଭୂମି) ଖନନ କରିବା + କର୍ମ. ତ, Sitā +ଆ, ନିପାତନ); ଅନ୍ୟରୂପ ଶୀତା]—୧ । ଲଙ୍ଗଳ ପଦ୍ଧତି; ଲଙ୍ଗଳ ଦ୍ୱାରା ଭୂମିରେ ଖୋଳ ଦୋଇଯିବା ଗାର;

ଲଙ୍ଗଳଚତ୍ପଦ୍ଧତି ଉତ୍ପନ୍ନ ରେଖା—1. Furrow made by the plough. ୨ । (+ଜହ୍ନିକ) ସ୍ୱର୍ଗଙ୍ଗା; ମନ୍ଦାକିନୀର ଶାଖା ନଦୀବିଶେଷ—2. Name of a branch of the Ganges said to flow in the heaven. ୩ । ଲକ୍ଷ୍ମୀ (ଧ୍ରୁବ ମଞ୍ଜରୀ)—3. The Goddess Lakshmī. ୪ । ଉମା; ପାର୍ବତୀ (ଧ୍ରୁବମଞ୍ଜରୀ) —4. Pārbatī. ୫ । ଶସ୍ୟାଧି ଦେବତା (ଧ୍ରୁବମଞ୍ଜରୀ) —5. The Deity presiding over the corn. ୬ । ମଦ୍ୟ (ବ୍ରହ୍ମବୈବର୍ତ୍ତ)—6. Wine. ୭ । ଗଙ୍ଗା ସ୍ରୋତ (ଶବ୍ଦମାଳା)—7. The current of the river Ganges. ୮ । (ନାମ)

(ଅନ୍ୟ ସଂ. ନାମ—ବେଦବତୀ; ମୈଥିଲୀ (ସୀତା ବା 'ସୀତାମୁଖ' ବା ଜାନକୀ, ଧରଣୀସୁତା, ଭୂମିସମ୍ଭବା ।] ଲାଙ୍ଗଳପଦ୍ଧତିରୁ ମିଳ ଥିବାରୁ ଏହ୍ନ ନାମ ଦୋଇଅଛି) ଜନକବ୍ରଜନନ୍ଦନ ରାମଚନ୍ଦ୍ରଙ୍କ ପତ୍ନୀ—8. The wife of Rāma-chandra. [ଦ୍ର—ମିଥିଲାଧିପ ଜନକ ଲାଙ୍ଗଳଦ୍ୱାରା ଯଜ୍ଞ ଭୂମି ଶୁଦ୍ଧ କରିବା ସମୟରେ ଲାଙ୍ଗଳପଦ୍ଧତିରୁ ଗୋଟିଏ ଶିଶୁ କନ୍ୟାଙ୍କୁ ବୈଶାଖ ଶୁକ୍ଳ ନବମୀ (ରାମନବମୀ) ମଙ୍ଗଳବାର ମଧ୍ୟାହ୍ନରେ ପାଇଥିଲେ ଏବଂ 'ସୀତା'ରୂ ଏହାଙ୍କୁ ପାଇ ଥିବାରୁ ଏହାଙ୍କ ନାମ 'ସୀତା' ରଖିଲେ । ସୀତା ଅଯୋନି-ସମ୍ଭବା ବୋଲ୍ ଖ୍ୟାତା । ସୀତା ଯୁବତୀ ହେବାରୁ ଜନକ ଗୋଟିଏ ଶିବଧନୁ ରଖି ଏହ୍ନ ପଣ କଲେ ଯେ, ଯେଉଁ ବ୍ୟକ୍ତି ଉକ୍ତ ଧନୁରେ ଆକର୍ଷଣ କରି ଅଧିଜ୍ୟ କରିବେ, ସେ ତାଙ୍କୁ ଉକ୍ତ କନ୍ୟା ସମର୍ପଣ କରିବେ । ଏହ୍ନ ପଣ ଶୁଣି ନାନା ଦେଶରୁ ବୀରଗଣ ଉପସ୍ଥିତ ହେଲେ; କିନ୍ତୁ ଉକ୍ତ ଧନୁରେ ଆକର୍ଷଣ କରିବା କଥା ଦୂରେ ଥାଉ, କେହି ତାକୁ ଭୂମିରୁ ଉଠାଇ ପାରିଲେ ନାହିଁ । ଏହ୍ନ ସମୟରେ ବିଶ୍ୱାମିତ୍ର ଋଷି ତାଙ୍କ ଆଶ୍ରମରୁ ଅସୁରମାନଙ୍କୁ ଦୂର କରିବା ପାଇଁ ଦଶରଥଙ୍କ ନିକଟରୁ ରାମଚନ୍ଦ୍ରଙ୍କୁ ଓ ଲକ୍ଷ୍ମଣଙ୍କୁ ସଙ୍ଗରେ ଆଣିଥିଲେ । ସେହି ଧନୁର୍ଭଙ୍ଗ ସଭା ଦେଖିବା ପାଇଁ ବିଶ୍ୱାମିତ୍ର ଭ୍ରାତାଦ୍ୱୟଙ୍କୁ ସଙ୍ଗରେ ନେଇ ମିଥିଲାକୁ ଆସି ଥିଲେ । ସମସ୍ତେଇ ରାଜନ୍ୟବର୍ଗ ସେ ଧନୁକୁ ଉଠାଇ ନ ପାରିବାରୁ ରାମଚନ୍ଦ୍ର, ଧନୁ ନିକଟରେ ଉପସ୍ଥିତ ହୋଇ ଧନୁକୁ ଟେକି ସେଥିରେ ଗୁଣ ଦେବା ପାଇଁ ଆକର୍ଷଣ କରୁ କରୁ ଧନୁଟି ଦୁଇ ଖଣ୍ଡ ହୋଇ ଭାଙ୍ଗିଗଲା । ଜନକ ଏଥିରେ ସନ୍ତୁଷ୍ଟ ହୋଇ ଦଶରଥଙ୍କୁ ଡକାଇ ସୀତାଙ୍କ ରାମଚନ୍ଦ୍ରଙ୍କ ହସ୍ତରେ ଏବଂ ତାଙ୍କର ଅନ୍ୟ କନ୍ୟା ଉର୍ମିଳା ଓ ଶ୍ରୁତକୀର୍ତ୍ତିଙ୍କୁ ଯଥାକ୍ରମେ ଲକ୍ଷ୍ମଣ, ଭରତ ଓ ଶତ୍ରୁଘ୍ନଙ୍କୁ ସମର୍ପଣ କଲେ । ସୀତାଙ୍କୁ ଦେଇ ରାମଚନ୍ଦ୍ର ପିତାଙ୍କ ସହିତ ଅଯୋଧ୍ୟାକୁ ଫେରିଯିବା ସମୟରେ ବାଟରେ ପରଶୁରାମ ତାଙ୍କୁ ବାଧା ଦେବାକୁ ଚେଷ୍ଟା କଲା ରାମଚନ୍ଦ୍ରଙ୍କ ଦ୍ୱାରା ପରାଜିତ ହୋଇ ସେଠାରୁ ପ୍ରସ୍ଥାନ କଲେ

Digitized by srujanika@gmail.com

ରାମଚନ୍ଦ୍ର ସୈନ୍ୟକୁ ଫେରିଯାଇ ସୀତାଙ୍କ ସହିତ ସୁଖରେ ରହିଲେ । ସୀତା ଛଅ ସନ୍ତାନରେ ଶାଶୁ, ଶ୍ୱଶୁର, ସ୍ୱାମୀ ଓ ସୈନ୍ୟର ସମସ୍ତଙ୍କୁ ମୁଗ୍ଧ କଲେ । ଏହି ସମୟରେ ଦଶରଥ ବୃଦ୍ଧ ହେବାରୁ ରାମଚନ୍ଦ୍ରଙ୍କୁ 'ଯୌବରାଜ୍ୟ' ଦେବାଯାଇ ଘୋଷଣା କର ଇନ୍ଦ୍ରଙ୍କ ସମସ୍ତ ଆୟୋଜନ କଲେ । ଉକ୍ତ ଉତ୍ସବର ପୂର୍ବଦିନ ରାତିରେ ମନ୍ଥରାନାମ୍ନୀ ଦାସୀର ପ୍ରରୋଚନାରେ ରାମଚନ୍ଦ୍ରଙ୍କ ବିମାତା ଉରତଜନମା କୈକେୟୀ ଦଶରଥଙ୍କ ଅଜାନତରେ ପକାଇ ପୂର୍ବଅଙ୍ଗୀକୃତ ଦୁଇଟି ବର ଦେବା ପାଇଁ ସତ୍ୟ କରାଇ ନେଲେ ଯେ, ରାମଚନ୍ଦ୍ର ୧୨ ବର୍ଷକାଳ ବନବାସୀ ହେବେ ଓ ଭରତ ରାଜା ହେବେ । ରାମଚନ୍ଦ୍ର ପିତୃସତ୍ୟ ପାଳନାର୍ଥ ବନକୁ ବାହାରିଲେ ଏବଂ ପତିବ୍ରତା ସୀତା ଓ ଅଗ୍ରଜ ଆଜ୍ଞାବହ ଲକ୍ଷ୍ମଣ ସହ ତାଙ୍କ ସହାଗମୀ ହେଲେ । ରାମଚନ୍ଦ୍ରଙ୍କ ବନଗମନରେ ଶୋକଗ୍ରସ୍ତ ହୋଇ ଦଶରଥ ପ୍ରାଣତ୍ୟାଗ କଲେ । ତେଣେ ରାମ, ସୀତା ଓ ଲକ୍ଷ୍ମଣ ୧୨ ବର୍ଷ ବନରେ ତପସ୍ୱି-ବେଶରେ ବନ୍ୟ ଫଳମୂଳ ଖାଇ କୁଟୀରରେ ବାସ କରି ରହିଲେ । ଏହି ସମୟରେ ରାକ୍ଷସୀ ସୂର୍ପଣଖାର ପ୍ରରୋଚନାରେ ଲଙ୍କାଧିପତି ରାବଣ ସୀତାଙ୍କୁ ଛଳବଳ ପ୍ରୟୋଗପୂର୍ବକ ରଥରେ ବସାଇ ଲଙ୍କାକୁ ଘେନିଗଲେ । ରାମଚନ୍ଦ୍ର ସୀତାଙ୍କୁ ନ ଦେଖି ଜଟାୟୁଠାରୁ ଜାଣିଲେ ଏବଂ କବନ୍ଧ୍ୟାରେ ବାନରେଜ ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା ସ୍ଥାପନ କରି ହନୁମାନକୁ ପଠାଇ ସୀତାଙ୍କୁ ରାବଣ ନେଇ ଲଙ୍କା-ଗଡ଼ରେ ଅଶୋକବନରେ ବନ୍ଦୀ କରି ରଖିଥିବା ଜାଣିଲେ । ତହୁରେ ରାମଚନ୍ଦ୍ର ସୁଗ୍ରୀବଙ୍କ ବିପିସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କଲେ ଏବଂ ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ଲଙ୍କାରେ ପଶି ରାବଣଙ୍କୁ ଯୁଦ୍ଧରେ ନିହତ କରି ସୀତାଙ୍କୁ ଉଦ୍ଧାର କଲେ । ସୀତା ରାବଣଦ୍ୱାରିକ ନାନାପ୍ରକାରେ ପ୍ରତ୍ୟେଦ୍ଦା ହୋଇଥିଲେ ମଧ୍ୟ ନିଜ ସତୀତ୍ୱକୁ ଅକ୍ଷୁଣ୍ଣ ରଖି ପାରିଥିଲେ । ତଥାପି ଜନା ବାଦ ଅଶଙ୍କାରେ ରାମଚନ୍ଦ୍ର ଲଙ୍କାରେ ତାଙ୍କୁ ଅଗ୍ନିପରୀକ୍ଷା କରାଇବା ପରେ ଗ୍ରହଣ କଲେ ଓ ତାହା ପରେ ସ୍ୱଦେଶକୁ ଫେରିଲେ । ସେତେବେଳକୁ ବନବାସର ୧୨ ବର୍ଷ ଅତିତ ହୋଇଥିଲା । ଅଯୋଧ୍ୟାରେ ସୀତା, ରାମ ଦୁହେଁ ସୁଖରେ ବହୁକାଳ ରହିବା ପରେ ସୀତା ଅନ୍ତଃସତ୍ତ୍ୱା ହେଲେ ଏବଂ ନିଜର ଉପଯୋଜନ ଦର୍ଶନଲାଳସା ସ୍ୱାମୀଙ୍କ ନିକଟରେ ପ୍ରକାଶ କଲେ । ଉତ୍ତର-ବସରରେ ରାବଣ ଦ୍ୱାରା ସୀତା ଅପହୃତା ହୋଇ ସେଠାରେ ବେତେତାଳ ବାସ କରୁଥିବା ସୋମ୍ଭ ତାଙ୍କ ଅତରଣରେ କଳଙ୍କ ଛଡାଇବାର ପ୍ରବାଦ ଲୋକମୁଖରେ ପ୍ରଚାରିତ ହେବା ଶୁଣି ରାମଚନ୍ଦ୍ର ଜନାଷଦାଦ୍ୱାରା ସମ୍ବାଦ ପ୍ରଦର୍ଶନ କରି ପ୍ରାଣାଧିକା ସ୍ତ୍ରୀ ସୀତାଙ୍କୁ ବନଦର୍ଶନ ଛଳନାରେ ନିର୍ବାସିତା କରିବାକୁ ସ୍ଥିର କଲେ । ଶେଷରେ ଅନୁଜଙ୍କ ଅନୁରୋଧରେ ଅନୁଜ ଲକ୍ଷ୍ମଣ ସୀତାଙ୍କୁ ନେଇ ବାଲ୍ମୀକି ମୁନିଙ୍କ ଆଶ୍ରମ ନିକଟରେ ଅରଣ୍ୟରେ ଏକାକିନୀ ଛାଡ଼ି ଦେଇ ଫେରିଆସିଲେ । ସୀତା ସେଠାରେ ନିଜର ଦୁର୍ଭାଗ୍ୟ କଥା ଜାଣି ଖାର ବହୁ ଶୋକ କର ଶେଷରେ ବାଲ୍ମୀକିଙ୍କଠାରୁ ସାନ୍ତ୍ୱନା ପାଇ ତାଙ୍କ ଆଶ୍ରମରେ ଯାଇ ସୁଖ ଅଦର ରହିଲେ । ସେଠାରେ ତାଙ୍କର ଯମଜ ପୁତ୍ର କୁଶ ଓ ଲବ ଜନ୍ମ ହେଲେ । ସେମାନେ ସେହି ଆଶ୍ରମରେ ବଦ୍ୟା ଓ ଧନୁର୍ବେଦ ଶିକ୍ଷା କଲେ ଏବଂ ବାଲ୍ମୀକି ପ୍ରରଚିତ ରାମାୟଣ କାବ୍ୟ କୁମାରଦ୍ୱୟଙ୍କୁ ଅଧ୍ୟୟନ କରାଇଲେ । ଅନନ୍ତର ରାମଚନ୍ଦ୍ରଙ୍କ ଅଶ୍ୱମେଧ ଯଜ୍ଞନୁଷ୍ଠାନକୁ ନିମନ୍ତ୍ରିତ ମହର୍ଷି ବାଲ୍ମୀକିଙ୍କ ସଙ୍ଗେ ଆସିଥିବା ଉକ୍ତ କୁମାରଦ୍ୱୟ ସଭାସ୍ଥଳରେ ରାମାୟଣ ଆରମ୍ଭ କଲେ । ଏହା ଶୁଣି ରାମଚନ୍ଦ୍ର ଅତ୍ୟନ୍ତ ମୁଗ୍ଧ ହେଲେ ଏବଂ ଋଷିଙ୍କ ମୁଖରୁ ସେ ଦୁଇ କୁମାରଙ୍କ ପରିଚୟ ପାଇ ଓ ସୀତାଙ୍କ ସଚ୍ଚାରୁ ବିଷୟରେ ସବୁ ମୁନିଙ୍କ-ଠାରୁ ଦୃଢ଼ ଦୃଢ଼ିଚ୍ଛା ଶ୍ରବଣ କର ସୀତାଙ୍କୁ ପୁନର୍ଗ୍ରହଣ କରିବା ପାଇଁ ସଂକଳ୍ପ କଲେ । ତଦନୁସାରେ ରାମଚନ୍ଦ୍ର ସୀତାଙ୍କୁ ଅଯୋଧ୍ୟାକୁ ଅଣାଇଲେ; କିନ୍ତୁ ପ୍ରଜାମାନଙ୍କ ମନୋରଞ୍ଜନାର୍ଥ ତାଙ୍କୁ ପୁଣି ଥରେ ଅଗ୍ନିପରୀକ୍ଷା କରାଇବାକୁ ପ୍ରସ୍ତାବ କରିବାରୁ ସୀତା ତାଙ୍କ ମାତା 'ବସୁନ୍ଧରାଙ୍କୁ ବକଳ ସ୍ୱରରେ ପ୍ରାର୍ଥନା କଲେ, "ମା ! ତୁ ଏହିକ୍ଷଣି ଦ୍ୱିଧା ହୋଇଯାଇ ତୋ କନ୍ୟାକୁ କୋଳରେ ସ୍ଥାନ ଦେ ।" ଏହା କହିବା ମାତ୍ରେ ପୃଥିବୀପୃଷ୍ଠ ଫାଟି ଗଲା ଓ ସୀତା ତନ୍ମଧ୍ୟରେ ପ୍ରବେଶ କରି ଲୋକଚକ୍ଷୁର ଅନ୍ତର୍ହିତା ହୋଇଗଲେ ।

ସୀତାଙ୍କ ସତୀତ୍ୱ ଓ ପତିସେବା ଆଦ୍ୟ ଗୁଣ ଆଜ ପର୍ଯ୍ୟନ୍ତ ସୁରତ ଲଳନାଙ୍କର ଚରମ ଆଦର୍ଶରୂପେ ପୂଜିତ ହୋଇ ଆସୁଅଛନ୍ତି ।

ସୀତା ଦୁର୍ଗାଙ୍କର ଅବତାର ବୋଲି ମାର୍କଣ୍ଡେୟ ପୁରାଣା-ନ୍ତର୍ଗତ 'ଚଣ୍ଡୀ'ରେ ବର୍ଣ୍ଣିତ ହୋଇଅଛି ।] ଦେ· ବ—

ସୀତାଭୋଗ ୧ । ସୀତାଭୋଗ (ଦେଶ)—1. Sītā bhoga.

ସୀତାଭୋଗ (See) ୨ । ଶାକର—2. Molasses (ଉ—ସୀତା ରେ ରମା । ସୀତା ମାଧୁର୍ଯ୍ୟ ପର ପୁରମ । ଉଜ୍ଜ. କୋଟିବ୍ରହ୍ମାଣ୍ଡ.

ସୀତିଆ ପୁନଶ୍ଚ ।) ଶ୍ରୀଲୋକଙ୍କୁ ଦିଆଯିବା ନାମ—3. A name given to females.

ସୀତାକାନ୍ତ(ନାଥ)—ସଂ· ପୁଂ (୬ଷ୍ଠୀ ତତ୍) —ରାମଚନ୍ଦ୍ର—Sītākānta(nātha) ସୀତାକାନ୍ତ **ସୀତାକାନ୍ତ** Rāma chandra. ଦେ· ବ· ପୁଂ—ଲୋକଙ୍କୁ ପ୍ରଦତ୍ତ ନାମ—A name given to males.

ସୀତାକୁଣ୍ଡ—ସଂ· ବ—ବିହାରର ମୁଙ୍ଗେର ଜିଲ୍ଲାନ୍ତର୍ଗତ ଉଷ୍ଣ ପ୍ରସ୍ରବଣ Sītā kunda ବିଶେଷ—Name of a hotspring in Monghyr in Bihār. [ଦ୍ର—ଏହି ସ୍ଥାନଟି ହିନ୍ଦୁ-ମାନଙ୍କର ଗୋଟିଏ ପ୍ରଧାନ ତୀର୍ଥ ଅଟେ ।]

ସୀତା ଜନ୍ମବ୍ରତ—ସଂ· ବ—ବୈଶାଖ ଶୁକ୍ଳ ନବମୀ ଦିନ ସୀତାଙ୍କର Sītā janmabrata ପୂଜା ଓ ବ୍ରତ—A festival of (ସୀତାବ୍ରତ—ଅନ୍ୟରୂପ) worshipping Sitā on the

Digitized by srujanika@gmail.com

Rāma nabamī day. [ଦ୍ର—ବୈଶାଖ ଶୁକ୍ଳନବମୀ ଦିନ ଲଙ୍କାଜୟ ପରଠାରୁ ସୀତାଙ୍କୁ ପୂଜା ଜନକ ପ୍ରାପ୍ତ ହୋଇଥିବାରୁ ଉକ୍ତ ଦିନ ଏହି ବ୍ରତଟି ହୁଏ ।]

ସୀତା ଦେବୀ—ସଂ. ବ (ଦେବୀ ଦ୍ରୁଗୀ ସୀତା)—ରାମଚନ୍ଦ୍ରଙ୍କ ପତ୍ନୀ—
Sītā debī The wife of Rāmachandra.

ସୀତା ନବମୀ—ଦେ· ବ—ସୀତା ଜନ୍ମବ୍ରତ (ଦେଖ)
Sītā nabamī Sītā janmabrata, (See)

ସୀତାପତି—ସଂ. ବ (୬ଷ୍ଠୀତତ୍) —ରାମଚନ୍ଦ୍ର—
Sītāpati Rāma chandra,

ସୀତାପୁର—ଦେ. ବ (ନାମ)—ଯୁକ୍ତପ୍ରଦେଶାନ୍ତର୍ଗତ ଲକ୍ଷ୍ନୌର ଉତ୍ତରସ୍ଥ ଗୋଟିଏ ଜିଲ୍ଲା ଓ ସହର—Sitāpur; name of a district and town near Lucknow in the United Provinces.
ସୀତାପୁର

ସୀତାଫଳ—ଦେ. ବ—ସିତାଫଳ (ଦେଖ)
Sītā phala Sītā phala. (see)

ସୀତାବିକ—ସଂ· ବ—ସଙ୍ଗାଲକ (ରମ୍ପୁମୁହଁ); ମାଷ; ବୀନ୍—
Sītā bika Kidney bean.

ସୀତାବିଞ୍ଜ—ଦେ. ବ (ନାମ)—କେନ୍ଦୁଝରର ପର୍ବତ ବିଶେଷ—
Sītā binja Name of a mountain in the Keonjhar State of Orissā. [ଦ୍ର—କେନ୍ଦୁଝର ଜିଲ୍ଲାର ସଦର ମହକୁମା [ସବ୍‌ଡିଭିଜନ୍] ଯାଜପୁର ଦଣ୍ଡପାଟ ଅନ୍ତର୍ଗତ ଭୁଙ୍ଗୁଅପଣି ଗ୍ରାମ ଜନକଟସ୍ଥ ସୀତାନାଳୀ ଗିରି-ନଦୀର ଉପତ୍ୟକାରେ ସୀତାବିଞ୍ଜ ପର୍ବତ ଅବସ୍ଥିତ । ଏହା କେନ୍ଦୁଝର ଗଡ଼ର ପୂର୍ବରୁ ୧୨ ମାଇଲ ମଧ୍ୟରେ ଅବସ୍ଥିତ; ଉଚ୍ଚତା ୨୨୦୦ ଫୁଟ୍ । ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ ଏହି ସ୍ଥାନରେ ମହର୍ଷି ବାଲ୍ମୀକିଙ୍କ ଆଶ୍ରମ ଥିଲା । ବର୍ତ୍ତମାନ ମଧ୍ୟ ବାଲ୍ମୀକିଆଶ୍ରମ ନାମରେ ଗୋଟିଏ ଛୋଟ ପାହାଡ଼ ଏଠାରେ ଅଛି ଏବଂ ତହିଁରେ କେତେକ ଶିଳାଲିପି ଅଛି । ଏହି ପାହାଡ଼ ଦେହରେ ଗୋଟିଏ ଖୋଲ [କ୍ଷୁଦ୍ର ଗହ୍ୱର] ଅଛି । ତାହା ରାମଜନନୀ ଲବ କୁଶଙ୍କର ସୂତିକାଗାର କୁହାଯାଏ । ଏହି ଖୋଲକୁ ଲଗାଲଗି ହୋଇ ଆଉ ଗୋଟିଏ ଖୋଲ ଅଛି । ତହିଁରେ ତିନି ଗୋଟି ପ୍ରସ୍ତର ମୂର୍ତ୍ତି ଅଛି । ସ୍ଥାନୀୟ ଲୋକମାନେ ତନ୍ମଧ୍ୟରୁ ଗୋଟିକୁ ସୀତାଦେବୀ ଓ ଗୋଲାକୃତି ଢଳା ଚକ୍‌କଣ ପଥର ଦୁଇଟିକୁ ରୁଶ ଓ ଲବ କହିଥାଆନ୍ତି ।

ଏହି ସ୍ଥାନର ଏକ ମାଇଲ ଦୂରରେ ସୀତାବିଞ୍ଜ ନାମରେ ଗୋଟିଏ ଗ୍ରାମ ଅଛି । ଏହି ଗ୍ରାମର ଭୁଙ୍ଗୁଅ [ଯେଉଁ ବ୍ୟକ୍ତି ଗ୍ରାମବାସୀମାନଙ୍କୁ ପେ କୌଣସି ସାମାଜିକ କାର୍ଯ୍ୟ ଉପଲକ୍ଷେ ଡାକି ଏକତ୍ର କରେ] ଉକ୍ତ ସୀତାଦେବୀଙ୍କ ମୂର୍ତ୍ତିକୁ ପୂଜା କରୁଥିଲା । ପ୍ରତିଦିନ ଏତ ମାଇଲ ରାସ୍ତା ଚଢ଼ି ଅସି ଏହି ପୂଜାବିଧି ସମାଧାନ କରିବା ତାହା ପକ୍ଷରେ କଷ୍ଟକର ହେବାରୁ ସେ ପ୍ରଥମେ ଏହି ସ୍ଥାନରେ ତାହାର କୁଟୀର ସ୍ଥାପନ କଲା । ଶେଷେ ତାହାର ବଂଶ ବୃଦ୍ଧି ସଙ୍ଗେ ସଙ୍ଗେ ଏହା ବର୍ତ୍ତମାନ ଗୋଟିଏ ଗ୍ରାମରେ ପରିଣତ ହୋଇ ଭୁଙ୍ଗୁଅପଣି ନାମରେ ଅଭିହିତ ହେଇଅଛି । ତେଣୁ ଭୁଙ୍ଗୁଅପଣି ଗ୍ରାମଟି ସୀତାବିଞ୍ଜ ଗ୍ରାମର ପୃଷ୍ଠିର ବନ୍ଧୁଭାଳ ପରେ ସ୍ଥାପିତ ।

ଜନକଟବର୍ତ୍ତୀ ବନ୍ଧୁ ଗ୍ରାମରୁ ଯାତ୍ରୀମାନେ ଏଠାକୁ ପ୍ରତି ଗୁରୁବାର ଦିନ ଆସନ୍ତି । ରଜପର୍ବାଦି ସମୟରେ ଏଠାରେ ଭିନ ଦିନ ମେଳା ହୁଏ । ଯେଉଁ ସ୍ତ୍ରୀମାନଙ୍କର ସନ୍ତାନ ପ୍ରସବ କରିବାରେ ବିଳମ୍ବ ହେଉଥାଏ ସେମାନେ ଏଠାକୁ ଅସି ସୀତା ଦେବୀଙ୍କ ମୂର୍ତ୍ତିକୁ ପୂଜା କରନ୍ତି । ପ୍ରକୃତରେ ସେମାନେ ସନ୍ତାନ ପ୍ରସବ କରି ଯାଇବେ ତ କଁା, ଏହା ସ୍ଥିର କରିବା ନିମନ୍ତେ ଲବ କୁଶଙ୍କ ପ୍ରସ୍ତର ମୂର୍ତ୍ତି ଦୁଇଟିକୁ ଦୂର ଡାଙ୍ଗରେ ଥରେ ସେହି ଠାକୁରାଣୀ ଥିବା ଗୁମ୍ଫାର ମୁଖ ପାଖରେ ରଖନ୍ତି । ଯେଉଁ ନାସ୍ତ୍ର ଅବଲ୍ଲାଳାକ୍ରମେ ସାରିବାର ପରିକ୍ରମଣ କରି ପାରେ ତାହାର ବନ୍ଧ୍ୟାତ୍ୱ ପ୍ରତିଯାଦତ ହୁଏ ; ଯେଉଁମାନେ ଦୁଇ ଉଜବାର ପରିକ୍ରମଣ କରି ଶାନ୍ତ-ଭାନ୍ତ ହୋଇ ପଡ଼ନ୍ତି ସେମାନେ ଗର୍ଭଧାରଣ କରି ପାରିବେ ବୋଲି ସୂଚନା ମିଳେ । ଏହି ପରୀକ୍ଷା ଦେବା ନିମନ୍ତେ ଅନେକ ରମଣୀ ଏଠାକୁ ଅସିଥାନ୍ତି ।

ଉକ୍ତ ବାଲ୍ମୀକି ଆଶ୍ରମ ପାହାଡ଼ର ଅନତିଦୂରରେ ଆଉ ଦୁଇଗୋଟି କ୍ଷୁଦ୍ର ପାହାଡ ଅଛି । ତହିଁମଧ୍ୟରୁ ଗୋଟିକୁ ରାବଣ ଛାୟା ଓ ଅନ୍ୟଟିକୁ ଭଣ୍ଡାରଘର କହନ୍ତି । ରାବଣ ଛାୟା ପାହାଡ଼ରେ ରାମ ରାବଣ ଯୁଦ୍ଧର ଚିତ୍ରମାନ ରହି ଅଛି । ସୀତା ଦେବୀ ମୂର୍ତ୍ତିଙ୍କ ଦେହରେ ଯେଉଁ ଚନ୍ଦନ ଦିଆ ଯାଏ ତାହା ପ୍ରକୃତ ଚନ୍ଦନ ନୁହେଁ । ଉକ୍ତ ଭଣ୍ଡାରଘର ପାହାଡ଼ରୁ ଦେବୁର (ପୂଜକ) ଏକପ୍ରକାର ପଥର ଅଣି ତାହୁ ଚନ୍ଦନ ପରି ଘୋର ଠାକୁରାଣୀଙ୍କ ଦେହରେ ଲଗାଏ । ସେଭଳି ପଥର ଅନ୍ୟ ଜାଗାରେ ମିଳେ ନାହିଁ ।

ଭଣ୍ଡାରଘର ପାହାଡ଼ରୁ ରାବଣ ଛାୟା ପାହାଡ଼କୁ ଯିବା ବାଟରେ ଇଷ୍ଟକ ସ୍ତୂପମାନ ରହିଅଛି । ସେ ସବୁ ଗୋଟିଏ ଦୁର୍ଗର ଭଗ୍ନାବଶେଷ ବୋଲି ଜଣାଯାଏ—ସେଗୁଡ଼ିକ ଲେଖକ, ଶ୍ରୀ ବଂଶୀଧର ମହାନ୍ତି ।]

ସୀତା ବ୍ରତ—ସ. ବ—ସୀତା ଜନ୍ମ ବ୍ରତ (ଦେଖ)
Sītā brata Sītā janma brata (See)

ସୀତା ଭୋଗ—ଦେ. ବ—ସିତା ଭୋଗ (ଦେଖ)
Sītā bhoga Sitā bhoga (See)

ସୀତା ମୁଖ—ସ. ବ (ନାମ) (ଦ୍ୱନ୍ଦ୍ୱ)—ଲଙ୍ଗଳ-ପଦ୍ଧତିର ମଧ୍ୟଭାଗ—
Sītā mukha The inside of a furnow.

ସୀତା ରାମ—ସ. ବ (ଦ୍ୱନ୍ଦ୍ୱ)—ସୀତା ଓ ରାମଚନ୍ଦ୍ର—Sīta and Rāmachandra. ଦେ. ବ. ପୁ°—ପୁରୁଷଙ୍କୁ ସୀତାରାମ ବୋଲିବା ନାମ—A name given to males.
Sītā rāma

ସୀତାରାମପୁର—ଦେ. ବ—ଇଷ୍ଟ ଇଣ୍ଡିଆନ୍ ରେଲ ଲାଇନ୍‌ର ଗୋଟିଏ ଷ୍ଟେସନ—A station on the main
Sītārāmapura

Digitized by srujanika@gmail.com

ସୀତାରାମପୁର line of E. I. Ry. from which a
सीतारामपूर line goes to Deoghar. [ଦ୍ର—ଏହିଠାରୁ ବାବା ବୈଦ୍ୟନାଥ ବା ଦେଓଘରକୁ ଶାଖା ଲାଇନ୍ ଯାଇଅଛି ।]

ସୀତା ଶାଳି—ଗ୍ରା. ବ (ସିଂହଭୂମ) ବ—ଏକପ୍ରକାର ଧାନ—
Sītā śāli A species of paddy.

ସୀତିକାର—ଦେ. ବ (ଫ. ସୀତ୍‌କାର)—ସୀତ୍‌କାର (ଦେଖ)—
Sītikāra Sīt-kāra (See [ଦ୍ର—କାମଜଭଲ ଉନ୍ମୁ ସୀତ୍‌କାର **सीतकार** ବୃଦ୍ଧି ସ୍ତ୍ରୋମାଞ୍ଚେ, କମ୍ପି ସୀତ୍‌କାରେ କୋଳ ନ ମୁଞ୍ଚେ—ଶିଶୁଶଙ୍କର· ଭାଷାଅଭଜାଷ ।]

ସୀତ୍କାର—ଫ. ବ—ସୀତ୍‌କାର (ଦେଖ)
Sītkāra Sīt-kāra (See)
(ସୀତ୍କୃତ—ଅନ୍ୟରୂପ)

ସୀତ୍କୃତ—ଫ. ବଣ—ସୀତ୍‌କୃତ (ଦେଖ)
Sītkṛuta Sīt-kṛuta (See)
ଫ. ବଣ—ସୀତ୍‌କାର (ଦେଖ)—Sīt-kāra (See)

ସୀତ୍ୟ—ଫ. ବ (ସୀତା=ଲଙ୍ଗଳ ପଦ୍ଧତି+ଯ)—୧ । ଧାନ୍ୟ
Sītya (ଶବ୍ଦ କଲ୍ପଦ୍ରୁମ)—1. Paddy. ୨ । କୃଷ୍ଟକ୍ଷେତ୍ର; କୃଷ ହୋଇଥିବା ଜମି (ଅମର —
2. A ploughed field.

ସୀତ୍ୟୟା—ଗ୍ରା. ତ. ସ୍ତ୍ରୀ (ଅଶୁଦ୍ଧ ଉଚ୍ଚାରଣ)—୧ । ସୀତା—
Sītyayā 1. Sītā; the wife of Rāmachandra.
ସୀତା **सीतिया** ୨ । ସାଧାରଣ ଡାକ ନାମ—
2. Nickname of Sītā.

ସୀଦତି—ଫ. କ୍ରି (ଫ.ସୀଦ୍ ଧାତୁ=ସୀଦ୍ଧା ଯାଇବା+ବର୍ତ୍ତମାନ କାଳ, ଲଟ୍ ତି)—ସୀଦ୍ଧା ଭୋଗ କରୁଅଛ—Is suffering (pain). [ଦ୍ର—ଦାସଗୁପ୍ତେ ସ୍ତଧା ସୀଦତି କାମ ବ୍ୟଗ୍ରସ୍ତେ—ସ୍ତାଚୀ· ରସକାରଧ୍ୟ ।]
Sīdati

ସୀଦ୍ୟ—ଫ. ବ,(ସି· ଧାତୁ+କରଣ· ଦ୍ୟ)—ଅଳସ୍ୟ (ଶବ୍ଦ କଲ୍ପଦ୍ରୁମ)—
Sīdya Idleness.

ସୀଧୁ—ଫ. ବ (ସୀଧ୍ ଧାତୁ=ଶୋଲବା+କର୍ମ. ଉ; ଜଥାଭଜସିଦ୍ଧ; ଏଦ୍ଧା ଥାନ କଲେ ଜଦ୍ଧା ଦ୍ରବ; ଅନ୍ୟରୂପ 'ଶୀଧୁ' ଓ 'ଶୀଧୂ')—ଥକ୍କୁ ଇକ୍ଷୁରସଜାତ ମଦ୍ୟ; ମଦ୍ୟ; ଆଖୁ ଗୁଡ଼ଜାତ ମଦ୍ୟ—Wine made from boiled sugarcane-juice; sugar from molasses. [ଦ୍ର—ଏଦ୍ଧା ସ୍ତସ୍ତର୍ଗିବଲବର୍ଣ୍ଣକୃତ୍, ହୃଦ୍ୟ ଓ ବାତ-ପିତ୍ତକର ଅଟେ । ଅଥକ୍କୁ ଇକ୍ଷୁରସଜାତ ମଦ୍ୟକୁ ଶୀତରସ ବୋଲ୍ଧାଏ ।]
Sīdhu

ସୀଧୁ ଗନ୍ଧ—ଫ· ବ (୬ଷ୍ଠୀ ତତ୍ପୁ)—୧ । ମଦ୍ୟଗନ୍ଧ—1. The smell of wine. ୨ । (ବହୁବ୍ରୀହି; ସୀଧୁ ସଦୃ ଗନ୍ଧ ଯାହାର) ବକୁଳ ଫୁଲ—2. The Bakula flower. ୩ । ବକୁଳ ଗଛ (ଶବ୍ଦରତ୍ନାବଳୀ)—
Sīdhu gandha
3. The Bakula tree.

ସୀଧୁ ପୁଷ୍ପ—ଫ. ବ (ବହୁବ୍ରୀହି)—୧ । କଦମ୍ବ (ବୃକ୍ଷନର୍ଘଣ୍ଟ)—
Sīdhu pushpa 1. The Neuclea Kadamba tree.
୨ । ବକୁଳ; ବଉଳ (ବୃକ୍ଷନର୍ଘଣ୍ଟ)—
2. The Bakula tree.

ସୀଧୁ ପୁଷ୍ପୀ—ଫ. ବ (ବହୁବ୍ରୀହି)—ଧାତକୀ (ଦେଖ)—A flow-
Sīdhu pushpī ering plant; Woodfordia Floribunda.

ସୀଧୁ ରସ—ଫ· ବ (ବହୁବ୍ରୀହି; ସୀଧୁ ପରି ରସ ଯାହାର)—ଆମ୍ବବୃକ୍ଷ—
Sīdhu rasa Mango tree.

ସୀଧୁ ସଞ୍ଜ୍ଞ—ଫ. ବ (ସୀଧୁ+ସଞ୍ଜ୍ଞା ଯାହାର; ବହୁବ୍ରୀହି)—ବକୁଳ
Sīdhu samjñā ବୃକ୍ଷ (ବୃକ୍ଷନର୍ଘଣ୍ଟ)—
The Bakula tree.

ସୀଧ୍ର—ଫ. ବ—୧ । ଅପାନ (ଶବ୍ଦକଲ୍ପଦ୍ରୁମ); ପ୍ରାଣବାୟୁବିଶେଷ;
Sīdhra ଅଧୋବାୟୁ—1. One of the five vital airs of the body which passes hrough the anus.
୨ । ଗୁହ୍ୟଦ୍ୱାର—2. Anus.

ସୀପ—ଫ, ବ—ଘାଟୀ; ଉର୍ଦ୍ଧଭାଗ ଘାଇଁ ବ୍ୟବହୃତ ଜଳଯାନବିଶେଷ
Sīpa (ଶବ୍ଦ କଲ୍ପଦ୍ରୁମ)—A small boat-shaped
କୋଷା, ସୀପ କୋଷା copper vessel used in pouring water during the offering of water to the manes.

ସୀବନ—ଫ. ବ (ସୀବ୍ ଧାତୁ=ସିଲ୍ଲଇ ଉଉବା+ଭାବ· ଅ)—୧ ।
Sībana ସିଲ୍ଲଇ (ଅମର)—1. Sewing. ୨ । ସୂଚୀକର୍ମ—
2. Needle work. ୩ । ତନ୍ତୁ ସନ୍ତାନ; ବୁଣାଉ; ବୁଣିବା (ଶବ୍ଦ ରତ୍ନାବଳୀ)—3. Weaving.

ସୀବନୀ—ଫ. ବ (ସୀବ୍ ଧାତୁ+କରଣ· ଅନ+ସ୍ତ୍ରୀ. ଙ୍କି)—୧ ।
Sībanī ସୂଚୀ; ଛୁଞ୍ଚି—1. Needle. ୨ । (ବୈଦ୍ୟଶାସ୍ତ୍ର ସଉଭ୍ରଥା) ଲଙ୍ଗାଗ୍ରଠାରୁ ଲିଙ୍ଗ ମୂଳ ଓ କୋଷର ମଧ୍ୟସ୍ଥଳ ଦେଇ ଗୁହ୍ୟଦ୍ୱାର ପର୍ଯ୍ୟନ୍ତ ସିଲ୍ଲଇ (ଦ୍ରୋମତନ୍ତ୍ର)—
2. Sewing of the part between the end of the penis up to the anus after an operation for scrotal tumour. ୩ । ଲିଙ୍ଗ-ମଧ୍ୟଗଃ ସ୍ତ୍ରୀ—3. The vein or ridge running below the penis.

ସୀମନ୍ତ—ଫ. ବ (ସୀମନ୍=କେଶର ସୀମା+ଅନ୍ତ=ଶେଷ,
Sīmanta ଜଥାଭଜ)—୧ । କେଶ ମଧ୍ୟରେ ରଚିତ ବର୍ତ୍ତୁଳ (ଦ୍ରୋମତନ୍ତ୍ର); କେଶବୀଥି; ସ୍ତୁନ୍ଥା; ଶାସ୍ତ୍ରୀୟ ଦ୍ୱାରା ବଦ୍ଧନ୍ତୁ କେଶମଧ୍ୟସ୍ତ ରେଖା; କେଶରଚନାବିଶେଷ; ସାଙ୍ଗ—1. A mode of dressing the hair; the parting line between two tufts of combed hair; partition of the hair; a furrow done up on the head of women.
୨ । ସୀମନ୍ତୋନ୍ନୟନ (ଦେଖ)—2. Simantonnayna. (See) ୩ । ଶୀର୍ଷ; ମସ୍ତକ—3. The head.

Digitized by srujanika@gmail.com

ସୀମନ୍ତକ—ସ. ବ (ସୀମନ୍ତ+କ; ଏଦ୍ୱାରା ସଧବାମାନେ ସୀମନ୍ତରେ ସିନ୍ଦୂର ଗ୍ରହଣ କରନ୍ତି)—୧ । ସିନ୍ଦୂର (ସ୍ୱଳଜଦର୍ଶ୍ଚ)—1. Vermillion. ୨ । ନରକବାସୀ (ଦେବମଚକ୍ର)—2. Certain beings said to inhabit the hell. [ଦ୍ର—ଏମାନେ ସଙ୍ଖ୍ୟାରେ ୫ ଲକ୍ଷ ଥିବା କଥିତ ।] ୩ । (ସୀମନ୍ତ+କ); ସୀମନ୍ତ (କେଶ)—3. Simanta. (See) ୪ । ଅସ୍ଥିସନ୍ଧାନ (ସ୍ୱଶ୍ରୁତ); ଅସ୍ଥିମାନଙ୍କ ମିଳନ ସ୍ଥଳ—4, The meeting place of bones. [ଦ୍ର—ଦେହସ୍ଥ ଅସ୍ଥି ସଙ୍ଖ୍ୟା ୩୦୦ ଓ ମଡାକ୍ଷରରେ ୩୦୬ । ସୀମନ୍ତକ ୧୪୫ । ଅସ୍ଥିର ମିଳନ ସ୍ଥାନମାନ ସୀବଦ୍ଧ ଅର୍ଥାତ୍ ସିଲ୍ଲଇ କରଯାଏ କୋଇ ଏହ ନାମ ଦଆଯାଇଅଛ ।] ୫ । (ସୀମନ୍ତ+କେ· ଧାତୁ+କ୍ତି. ଅ) ରକ୍ତସିନ୍ଦୂର—5. Vermillion.

ସୀମନ୍ତ ମଣି —ସ· ବ—ଶିରୋଭୂଷଣ ସ ମନ୍ତରେ ପେନ୍ଧି ମଣି ପିନ୍ଧନ୍ତି; Simanta mani ମଥାମଣି—An ornament for the Simanta.

ସୀମନ୍ତ ରେଖା—ସ· ବ· ସ୍ତ୍ରୀ—ସ୍ତୁନ୍ଥା ଗାର—The parting line Simanta rekhā dividing the hair on the head when combed· ସ· ବଣ· ସ୍ତ୍ରୀ (ଲକ୍ଷଣାର୍ଥ)—ଶ୍ରେଷ୍ଠ—Best; paragon. [ଉ—ତାଙ୍କ ପଛେ ଯାଜ୍ଞସେନୀ ଗଜେନ୍ଦ୍ରଗାମିନୀ ରମଣୀ-ସୀମନ୍ତରେଖା ସ୍ତ୍ରୀ ମଣ୍ଡଳେ । ସ୍ତ୍ରଧାନାଥ· ମହାଭାରତ]

ସୀମନ୍ତିତ—ସ· ବଣ (ସୀମନ୍ତ+ଯୁକ୍ତ ବା ବଶିଷ୍ଟାର୍ଥେ ଇତ)—୧ । ସୀମନ୍ତ Simantita ବଶିଷ୍ଟ (କେଶ); ମାଜ ବା ସ୍ତୁନ୍ଥା କଢା ଯାଇ ଥିବା (କେଶ)—1. (a head) With hair parted in the middle, ୨ । ଦ୍ୱିଧାଭକ୍ତ—2. Parted or divided into two.

ସୀମନ୍ତିନୀ—ସ. ବ. ସ୍ତ୍ରୀ (ସୀମନ୍ତ+ଅଚ୍ଛ ଅର୍ଥରେ ଇନ୍+ଙ୍ଗୀ, ଈ; Simantini ଯାହାଙ୍କର ସୀମନ୍ତ ଅଛ, ଅର୍ଥାତ୍ ଯେ ବାଳରେ ସ୍ତୁନ୍ଥା ପଡାନ୍ତି)—୧ । ସ୍ତ୍ରୀ; ନାସ୍ତ (ଅମର)—1. Woman, ୨ । ସୀମନ୍ତଧାରଣୀ ସ୍ତ୍ରୀ; ସଧବା ସ୍ତ୍ରୀ (କାରଣ ସଧବାମାନେହିଁ ସ୍ତୁନ୍ଥା କାଢିବାର ଓ ସ୍ତୁନ୍ଥାରେ ସିନ୍ଦୂର ଦେଇବାର ଅଧିକାରିଣୀ)—2. A woman having her husband living. ସ· ବଣ. ସ୍ତ୍ରୀ—[ସୀମନ୍ତୀ—ଘୁଂ] ସୀମନ୍ତଧାରଣୀ—(A woman) Having the dressed hair parted in the middle.

ସୀମନ୍ତିନୀ—ସ· ବଣ, ଘୁଂ (ଅଧୁନକ ବ୍ୟବହାର; ସୀମନ୍ତ+ଅଚ୍ଛ ଅର୍ଥରେ,ଇନ; Simanti ୧୩ା· ୧୩)—ସୀମନ୍ତଧାରୀ; କେର କାଢିବାବାଲ୍ଲ—(ସୀମନ୍ତିନୀ—ସ୍ତ୍ରୀ) Wearing the dressed hair parted in the middle· [ଦ୍ର—ଏହ ଶବ୍ଦ ସଂସ୍କୃତ ବ୍ୟାକରଣ ବଧ· ଅନୁସାରେ ଗଢା; କନ୍ତୁ ପୁରାକାଳରେ ପୁରୁଷମାନେ ସ୍ତୁନ୍ଥା କାଢ଼ି ନ ଥିବାରୁ ଏ ଦେର ବ୍ୟବହାର ସଂସ୍କୃତ ଭାଷାରେ ନ ଥିଲ । ଅଢାକାଳ ଘାଣ୍ଟାଣ୍ଟ ଶିକ୍ଷା ପ୍ରଭୃତରୁ ବାବୁମାନେ ନାନା ରଙ୍ଗୀରେ (ଦଶ ଅଣି, ଥାଠ ଅଣି, ଛଅ ଅଣି, ବାର ଅଣି, ଷୋହ୍ଳ ଅଣି ଇତ୍ୟାଦ ଅନୁଖାତରେ) ମୁଣ୍ଡର ଥଗ ଓ ପଛ ବାଳକୁ ଦୁଇରୁରେ ଚଟାଇ ସ୍ତୁନ୍ଥା । (ଫିରେଇ ବା ଟେର) ପକାଇବାରୁ ଏହି ଶବ୍ଦର ଅଧୁନକ ଯୁଗରେ ବ୍ୟବହାର ଆବଶ୍ୟକ ହୋଇ ଉଠିଅଛ ।] ଦେ. ବ (ସଂ. ସୀମନ୍ତ)—ସିଁତା(ଥା) ସ୍ତୁନ୍ଥା; ଟେର—The artistic parting of the hair on the head· (ଉ—ଶିରରେ ସିମନ୍ତୀ ମୋଡଜାଲ ଅତ ଶୋଭା । କେଶବ ପଟ୍ଟନାୟକ. କେଶବ· ସୀମନ୍ତିନୀ ସ୍ତ୍ରମାୟଣ. ଥାବ ।) ଦେ. ବ—ସ୍ତ୍ରୀ—ସୀମନ୍ତନୀ; ସ୍ତ୍ରୀ—Woman; lady· (ଉ—ବସିଲ ସୀମନ୍ତୀ ମନ· ଦୁଃଖେ । ପ୍ରାଚୀ· ରଘବାରମ୍ଭ)

ସୀମନ୍ତୋନ୍ନୟନ—ସ. ବ (ସୀମନ୍ତ=ସ୍ତୁନ୍ଥା+ଉନ୍ନୟନ=ଉପରକୁ Simantonnayana ଉଠାଇବା; ଓଷ୍ଠୀ ତତ୍)—୧ । ସୀମନ୍ତକୁ ଉର୍ଦ୍ଧ୍ୱକୁ ନେବାରୁପ କ୍ରିୟା; କେଶକୁ ଗୋଡାଇ ନେଇ ସ୍ତୁନ୍ଥା ନ ପଡାଇ ବାନ୍ଧଜା, ସ୍ତୁନ୍ଥାକୁ ଉପରକୁ ଟେକି ନେଇ ବାଳ ବାନ୍ଧିବା—1. Tying of the hair of the head without parting it into ridges. ୨ । (ସପ୍ତସଂସ୍କାର ପଦାର୍ଥ ବନ୍ଦୁକ୍ତ୍ୱ; ଯେଉଁ ସଂସ୍କାରରେ ସୀମନ୍ତର ବା ସୀମନ୍ତକ କେଶର ଉନ୍ନୟନ କରଯାଏ)—ଗର୍ଭିଣୀର ଗର୍ଭଧାରଣର ୪ର୍ଥ, ୬ଷ୍ଠ ବା ୮ମ ମାସରେ କର୍ତ୍ତବ୍ୟ ସଂସ୍କାର ବଶେଷ; ଅପଣାର ଗର୍ଭିଣୀସ୍ତ୍ରୀକ କେଶରୁ ସ୍ତୁନ୍ଥାକୁ ଉର୍ଦ୍ଧ କେଶଯାକ ଗୋଡାଇ ବାନ୍ଧବାରୂପ ପୁରୁଷ-କର୍ତ୍ତବ୍ୟ ସଂସ୍କାର; ଦ୍ୱନ୍ଦ୍ୱକ ଦଶବଧ ସଂସ୍କାର ମଧ୍ୟରୁ ତୃତୀୟ ସଂସ୍କାର—2. A ritual performed by the husband on the hair of a pregnant woman (on the 4th, 6th or 8th month of pregnancy) by combing the hair up without leaving a furrow. [ଦ୍ର—ଗର୍ଭର ତୃତୀୟ ମାସରେ ଅର୍ଥାତ୍ ଗର୍ଭାଧାନ ସଂସ୍କାର ପରେ ଗର୍ଭ ହେବା କଥା ସ୍ଥିରରୂପେ ଜଣା ପଡ଼ିଲେ ପୁଂସବନ ସଂସ୍କାର କରଯାଏ । ତହିଁପରେ ଗର୍ଭର ୪ର୍ଥ, ୬ଷ୍ଠ ବା ଅଷ୍ଟମ ମାସରେ ସୀମନ୍ତୋନ୍ନୟନ ସଂସ୍କାର କରଯାଏ । ସ୍ୱାମୀଙ୍କ ଅବଦ୍ୟମାନତାରେ ଗର୍ଭିଣୀଙ୍କ ଭ୍ରାତା ବା ପିତା ଏ କ୍ରିୟା ଅନୁଷ୍ଠାନ କରନ୍ତେ । ନାରଦ ।

ଗର୍ଭ ସ୍ପନ୍ଦନକାଳଠାରୁ ପ୍ରସବକାଳ ପର୍ଯ୍ୟନ୍ତ ଏ ସଂସ୍କାର କର୍ତ୍ତବ୍ୟ ଓ ଯେତେ ଶୀଘ୍ର ଏହା ଅନୁଷ୍ଠିତ ହୁଏ, ତେତେ ଭଲ । ସ୍ୱାମୀ ଦ୍ୱାଦରେ ଗୋଟିଏ ଖର ବା ଢାଣ୍ଡ ଧଣ୍ଡ ବେଦୋକ୍ତ ମନ୍ତ୍ର ଉଚ୍ଚାରଣପୂର୍ବକ ତାହା ଗର୍ଭିଣୀ ସ୍ତ୍ରୀକ ସୀମନ୍ତର ମୂଳଦେଶରେ ଲଗାଇ ଶରୟନ ଦ୍ୱାରା ସୀମନ୍ତର ଉପର୍ଯ୍ୟ ଗାର୍ଶ୍ୱସ୍ଥ ଦ୍ୱିଧାକୃତ କେଶକୁ ଏକତ୍ର କର ଦନ୍ତ ଆଡକୁ ଟେକ ନେଇ ବାନ୍ଧ ଦଅନ୍ତୁ ଏବଂ ଗର୍ଭିଣୀକ କଣ୍ଠରେ ଉଦମ୍ବର ଫଳସୂତ୍ର ବାନ୍ଧ ଦଅନ୍ତୁ । ଗର୍ଭବସ୍ଥାରେ ଓ ବଶେଷତଃ ଗର୍ଭ ପୂରୁ ହେବା ଅବସ୍ଥାରେ ଗର୍ଭିଣୀକ ସ୍ୱାମୀସହବାସ ତ୍ୟାଜ୍ୟ ଅଟେ ।

Digitized by srujanika@gmail.com

ସୀମନ୍ତୁଗାମାନଙ୍କ ସୀମନ୍ତ ବନ୍ୟାସ ବାସ୍ତିଙ୍କ ଜମଗାସ୍ତଭାବୁ ଓ ସ୍ୱାମୀଙ୍କ ଚନ୍ଦ୍ରରେ ପ୍ରସ୍ଫୋଭସ୍ତଭାବୁ ବୃଦ୍ଧି ଜରେ । ସୀମନ୍ତକୁ ଉତ୍ସବନ କର ଦେଶଗୁଚ୍ଛକୁ ଏଜାଠେଇଁ କର ବାନ୍ଧଲେ ସ୍ତ୍ରୀମାନଙ୍କ ମୃତସେଁଦଇଁ ସୀମନ୍ତସଚ୍ଛିତ ମୃତ ପର ଅଣ୍ଟୁ ଓ ଉମଣୀସୁ ଦ୍ରୁତ ନାହିଁ । ଅତଏବ ଗର୍ଭଧାରଣର ଅନୁଦ୍ଧଃ ଅର୍ଥମାସଠାରୁ ପ୍ରସବ ପର୍ଯ୍ୟନ୍ତ ଗର୍ଭଁଶୀକର ସୀମନ୍ତୋନ୍ନୟନ ଦ୍ୱାରା ସ୍ୱାମୀଙ୍କ ଜାମପିଥାସାରେ ବାଧା ଦେବା ବୋଧ ହୁଏ ଏହୁ 'ସୀମନ୍ତୋନ୍ନୟନ' ସଂସ୍କାରର ଗୁଡ଼ ଉଦ୍ଦେଶ୍ୟ ଥିଲ୍ଲ ।

ଆଜକାଲ ଏହୁ ବୈଦକ ପ୍ରଥା ପ୍ରଚଳତ ନାହିଁ । କେବଳ ଗର୍ଭଧାରଣର ୭ମ ବା ୯ମ ମାସରେ ଚତୁର୍ଥୀଅ ପ୍ରଥା ହିନ୍ଦୁ ସମାଜରେ ପ୍ରଚଳତ ଅଛୁ ।]

ସୀମ ଲିଙ୍ଗ—ସଂ. ବ (ସୀମନ୍+ଜଙ୍ଗ)—ସୀମାଲିଙ୍ଗ (ଦେଗ)

Sīma liṅga — Sīmāliṅga (See)

[ଦ୍ର—ଗ୍ରାମସ୍ଥ ଲୋକମାନଙ୍କ ସମକ୍ଷରେ ଉଭୟ ପକ୍ଷ (ବାଦୀ ପ୍ରତିବାଦୀ)ଙ୍କ ଉପସ୍ଥିତରେ ସାକ୍ଷୀମାନଙ୍କୁ ପଶ୍ଚାତ୍ ସୀମଲିଙ୍ଗମାନ ସ୍ଥିର କରିବ—ମନୁ ୮।୨୫୫-୨୫୫ ।]

ସୀମ ସ୍ଥାନ—ଦେ. ବ (ସଂ. ସୀମନ୍+ସ୍ଥାନ)—୧ । ମୁଣ୍ଡ ତଳେ ରଖିବା ତକିଆ

Sīma sthāna — 1. Pillow for the head. (ଦ୍ର—ଶିରକୁ ସୀମସ୍ଥାନ ପୋଗାଇ କପୂର୍ରଧୂଳ ସିଞ୍ଚା । ଉତ୍ତରରଣ. ମଥୁରାମଙ୍ଗଳ ।)

ମାଥା ମସ୍ତକ — ୨ । ମସ୍ତକ—2. Head.

ସୀମା—ସଂ. ବ (ସି. ଧାତୁ=ବନ୍ଧନ କରିବା+ମନ୍); ୧ମା. ୧ବ; ପୁଂ. ସ୍ତ୍ରୀ. Sīmā

ସୀମନ୍ ଶବ୍ଦର ପ୍ରଥମା. ଏକବଚନରେ ହେବା ସୀମା ଶବ୍ଦ ପୁଂଲିଙ୍ଗ ଏବଂ ସୀମନ୍ ଶବ୍ଦରେ ଆ ପ୍ରତ୍ୟୟ ହୋଇ ନପୁଂସକ ହେବା ସୀମାଶବ୍ଦ ସ୍ତ୍ରୀଲିଙ୍ଗ)—୧ । ପ୍ରାନ୍ତ; ଅନ୍ତ; ଅବଧି—1. Extremity. ୨ । ଶେଷ; ସମାପ୍ତି—2. End; finish. ୩ । ଗ୍ରାମାଦର ଅବଧାରତ ଅନୁଲ୍ଲଗ; ସରୁହଦ୍—3. Border; the defined limit of a village or country; boundary. ୪ । ତୀର; ସମୁଦ୍ର-ବେଳା—4. Sea-shore. ୫ । କ୍ଷେତ—5. A field; plot of land. ୬ । ମର୍ଯ୍ୟାଦା; ସ୍ଥିତି—6. The bounds of morality or decorum; limits of propriety; etiquette; good manners. ୭ । ପ୍ରଥା; ବ୍ୟବହାର—7. Usage; custom. ୮ । ମୃଷ; ଅଣ୍ଡକୋଷ—8. The scrotum. ୯ । ଲଗତବର୍ତ୍ତୀ ପ୍ରଦେଶ—9. Adjacent tract of land.

[ଉ—ବାର ନ ପାର ରେ ବାରଜାସ୍ତି,
ବାର ମଧ୍ୟେ ଭୁ ଥିଲୁ ଜଳସ୍ତି,
ଗୃତ ଚକ୍ଷୁ ଯହୁଁ ଗଲ୍ଲ ମିଶ୍ଚି,
ପଳାଇଣ ମଣ୍ଡି ଦେଲ୍ଲ ମଣ୍ଡପ ସୀମାରେ—
ଜଣା ନ ଥିଲ୍ଲ ମାଇଣା ହେବ ବୋଲ୍ଲ ଭେମା—
ଜଗନ୍ନାଥ ସଂ ସଗୀତ ।]

[ଉ—ମନ୍ମାଦ ଧର୍ମଶାସ୍ତ୍ରରେ ଚତୁର୍ବିଧ ସୀମାର ଉଲ୍ଲେଖ ଅଛୁ । ଯଥା—ଜନପଦ ସୀମା, ଗ୍ରାମ ସୀମା, କ୍ଷେତ୍ର ସୀମା ଓ ଗୃହ ସୀମା । ଏହା ଛଡ଼ା ସୀମାର ପଞ୍ଚବିଧ ଲକ୍ଷଣ ମଧ୍ୟ ଉଲ୍ଲିଖତ ହୋଇଅଛୁ । ଯଥା—

୧ । ଧ୍ୱଜଲ୍ଲ—ବୃକ୍ଷାଦ ଚହ୍ନିତ ସୀମା ।

୨ । ସଭ୍ରୂଲ୍ଲ—ଜଲାଶୟ ଓ ନଦ୍ୟାଦ ଚହ୍ନିତ ସୀମା ।

୩ । ନୈଧାଲ୍ଲ—ଭୂମିତଳେ ପୋତା ହୋଇଥିବା ତୁଷ, ଅଙ୍ଗାରୁଦ ଦ୍ୱାରା ଚହ୍ନିତ ସୀମା ।

୪ । ଉପ୍ତବର୍ଚ୍ଚିତା—ଅର୍ଥୀ ଓ ପ୍ରତ୍ୟର୍ଥୀ ପରସ୍ପରଙ୍କ ସମ୍ମତରେ ଲକ୍ଷୀତ ସୀମା ।

୫ । ରାଜଶାସନଜାତା—ରାଜାଦେଶରେ ଲକ୍ଷୀତ ସୀମା ।

ସୀମାବବାଦର ମୀମାଂସା, ସୀମା ଲଙ୍ଘନର ଦଣ୍ଡ ଓ ସୀମାଲିଙ୍ଗ ବା ସୀମାଜ୍ଞାପକ ଚହ୍ନ ସ୍ଥାପନ ପାଇଁ କାତ୍ୟାୟନ, ନାରଦ, ମନୁ, ମିତାକ୍ଷରା ପ୍ରଭୃତ ଧର୍ମଶାସ୍ତ୍ର-ମାନଙ୍କରେ ନାନାବିଧ ଉପଦେଶ ଲପିବଦ୍ଧ ହୋଇଅଛୁ ।]

ପାଖ କାଛେ — ଦେ. ଅ—ପାଖରେ; ଦେହରେ; ଠାରେ—In; near. [ଉ—ନଦ ରଜା ବୋଇଲେ ସେ ତ ସ୍ୱଜଜେମା, ତନ୍ନ୍ ସ୍ପର୍ଶ କର ନ ପଡ଼େ ତାର ସୀମା । କୃଷ୍ଣସିଂହ. ମହାଭାରତ ବନ ।] ସୀମା ପାଶ — ଦେ. ବ—ପାଖ; ନିକଟ—Nighness; proximity. [ଉ—ଜୀବନ ଥିବାଯାଏ ରଜାଙ୍କୁ ସଙ୍ଗିମା, ବୋଲ୍ଲଥାଉ ମଲେ ନ ଯାଉ ତାଙ୍କ ସୀମା ।
କୃଷ୍ଣସିଂହ. ମହାଭାରତ. ଉଦ୍‌ଯୋଗ ।]

ସୀମା ଅଙ୍ଗାର—ପ୍ରାଦେ (ଜଞ୍ଜାମ) ବ—କୋଇଲ୍ଲ—

Sīmā aṅgāra — Coal.

ସୀମା କାଉଁରିଆ—ପ୍ରାଦେ (ଗଞ୍ଜାମ) ବ—ପଙ୍ଗଡ ଜାଉଁରିଅ—

Sīmā kāuñriā — A red variety of jute plant.

ସୀମା କୃଷାଣ—ସ. ବ—ସୀମା ସନ୍ଧିସ୍ଥଳ କ୍ଷେତ୍ରଜର୍ତ୍ତକ; ଚତୁର୍ଦ୍ଦଗ ଗ୍ରାମ—

Sīmā kṛushāṇa — Persons cultivating lands on the boundary of any land.

ସୀମା ଚଂକ୍ରମଣ—ସ. ବ (ଷଷ୍ଠୀ ତତ୍ପୁ; ସୀମା+ଚଂକ୍ରମଣ)—ସୀମାଉ-ଲଙ୍ଘନ; ଅନ୍ୟର ସୀମାଲଙ୍ଘନ—

Sīmā chaṁkramaṇa — Encroaching on the boundary of another

ସୀମାଚ(ଞ୍ଚ)ଳ—ଦେ. ବ (ନାମ) (ସଂ. ସିଂହାଚଳ)—ଦାକ୍ଷିଣାତ୍ୟର ପ୍ରାଚୀ ବଶେଷ—

Sīmāchal(ñcha)la — [ସୀମାଚଳମ୍—ଅନ୍ୟରୂପ] shrine in South India in the district of Vizag.

ସୀମାଚଳ — [ଦ୍ର—ବହା ଷୋରଧାବ୍ରେନ୍ ଷ୍ଟେସନରୁ ମାଦ୍ରାଜ ଲାଇନରେ ୨୩୨ ମାଇଲ୍ ଦୂରରେ ଅବସ୍ଥିତ ୱାଲ୍ଟାୟାର୍ ଷ୍ଟେସନଠାରୁ ୮ ମାଇଲ୍ ଦୂରରେ ପର୍ବତ ଉପରେ ଅବସ୍ଥିତ । ଏହୁ ପର୍ବତର ନାମ ସଂସ୍କୃତରେ ସିଂହାଚଳ ଓ ତେଲୁଗୁରେ ସୀମାଚଳ ଏବଂ ତୈଲଙ୍ଗୀ ଭାଷାରେ ସୀମାଚଳମ୍ ଅଟେ । ଏହା କୋଲାସ ପର୍ବତର ଏକ ଅଂଶ ବୋଲ୍ଲ କଲ୍ପିତ । ଫାଷ୍ଟଣ କମ୍ପିନ ସଦ୍ଦାଗ୍ରହକ ସ୍ୱପ୍ରଶସ୍ତ ପାବଲ୍ଲ ଅଛୁ ବଲ୍ଲ ଏହୁ ପର୍ବତୋପରସ୍ଥ ମନ୍ଦର କୁ ସିବାକୁ ହୁଏ । ପର୍ବତ

Digitized by srujanika@gmail.com

ଶୃଙ୍ଗରୁ ଝରଣା ସମୂହ ନମ୍ବୁ ପ୍ରବାହିତ ହୋଇ ପଙ୍କତ-ପାର୍ଶ୍ୱରେ ଓ ଲମ୍ବ ଦେଶରେ ଥିବା ଖେତମାନଙ୍କରେ ଜଳଲୀ, ସପୁର, ନଡ଼ଆ, ଗୁଆ, ଅମ୍ବ, ଅମୁଉଣ୍ଡା, ପଣସ ଆଦ ଫଳ ଓ ଚମ୍ପା, ଚୋଲଅ, ବଳଅର ପ୍ରଭୃତି ପୁଷ୍ପମାନଙ୍କ ଦ୍ୱାରା ପଙ୍କତକୁ ସୁଶୋଭିତ କରୁଅଛ । ଏହି ମନ୍ଦିରରେ ହିରଣ୍ୟକଶିପୁ-ହନ୍ତା ନୃସିଂହଙ୍କ ମୂର୍ତ୍ତି ପ୍ରତିଷ୍ଠିତ ଅଛନ୍ତି । ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଶତାଧିକ ସ୍ତମ୍ଭର ସୁସ୍ଥପୁକ୍ତ ବହୁତ ମୂର୍ତ୍ତି-ଶୋଭିତ ନାଟ-ମଣ୍ଡପ ଅଛି । କଥିତ ଅଛ ଯେ, ଭକ୍ତପ୍ରବର ପ୍ରହ୍ଲାଦ ସ୍ତବ କରିବାରୁ ଭଗବାନ୍ ନୃସିଂହମୂର୍ତ୍ତି ଧାରଣ କର ଏହି ସ୍ଥାନରେ ଅବତୀର୍ଣ୍ଣ ହୋଇ-ଥିଲେ । ଏହା "ବସ୍ତ୍ର ନରସିଂହ" କ୍ଷେତ୍ର ବୋଲି ପ୍ରସିଦ୍ଧ । ମନ୍ଦିରର ଚତୁଃପାର୍ଶ୍ୱରେ ଦୂରଦୂର ଶାବକମାନେ ବିଚରଣ କରନ୍ତି ଏବଂ ସ୍ୱାଭାସ୍ୱ ହେତୁ ଏହି ଶୂକର-ମାନଙ୍କୁ ପୃଣାଚକ୍ଷୁରେ ଦେଖନ୍ତି ନାହିଁ । ସୀମାଚଳରେ ଥିବା ମନ୍ଦିର ଜଳଳର ରାଜା ଲଙ୍ଗୁଳା ନରସିଂହଦେବଙ୍କଦ୍ୱାରା ନିର୍ମିତ ହୋଇଥିଲା ଏବଂ ତାରେ ବଜୟନଗରର ଦ୍ୱାରକା କୃଷ୍ଣଦେବ ପ୍ରାୟ ୨୫୦ ବର୍ଷ ପୂର୍ବେ ଏହି ମନ୍ଦିରର ଜୀର୍ଣ୍ଣୋ ସଂସ୍କାର କର ଦେବସେବା ପାଇଁ ବାର୍ଷିକ ୧୫ ହଜାର ଟଙ୍କା ଅୟର ବନ୍ଦୋବସ୍ତ କରିଯାଇଛନ୍ତି । ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଓ ଏକାଦଶୀ ଦିନ ଦେବଙ୍କର ଚନ୍ଦନଯାତ୍ରର ଦର୍ଶନ ମିଳେ; ଅନ୍ୟ ସମୟରେ ବନ୍ଦନଯାତ୍ରର ସଦାଙ୍ଗ ଚନ୍ଦନ ଲିପ୍ତ ଥାଏ । ମନ୍ଦିରର ଏକ ପାର୍ଶ୍ୱରେ ସୂର୍ଯ୍ୟଦେବଙ୍କର ସପ୍ତାଶ୍ୱଯୁକ୍ତ ପ୍ରସ୍ତରର ଶିଳ୍ପକଳାବିମଣ୍ଡିତ ରଥ ଶୋଭା ପାଉଅଛ ।

ମଦନମୋହନ ପଟ୍ଟନାୟକ—ତୀର୍ଥଦର୍ଶନ ।]

ସୀମା ଚହ୍ନ—ସଂ. ବ—ସୀମାଲିଙ୍ଗ (ଦେଖ)
Sīmā chihna — Sīmāliṅga. (See)

ସୀମା ଚହ୍ନିତ—ସଂ. ବଣ (ଶ୍ୟା ତତ୍) —ଯହିଁର ସୀମାରେଖା ଅଙ୍କିତ ହୋଇଅଛୁ—Sīmā chihnita — Having the boundary line demarcated.

ସୀମା ଜ୍ଞାନ—ସ. ବ(୬ଷ୍ଠୀ ବା ୭ମୀ ତତ୍)—ସୀମା ସମ୍ବନ୍ଧରେ ସ୍ଥିର ଧାରଣା
Sīmā jñāna —Knowledge about any boundary.

ସୀମା ଜ୍ଞାପକ—ସଂ. ବଣ—ଯେଉଁ ପଦାର୍ଥଦ୍ୱାରା କୌଣସି ସ୍ଥାନର ସୀମା
Sīmā jñāpaka ଜଣା ପଡ଼େ—(A thing or mark) Indicating the boundary.

ସୀମାତିକ୍ରମ—ସଂ. ବ—ସୀମା ଲଙ୍ଘନ; ନିର୍ଦ୍ଧାରିତ ସୀମାକୁ ଟପିଯିବା—
Sīmātikrama Encroachment; going beyond (ସୀମାଅତିକ୍ରମଣ, ସୀମାଉଲଙ୍ଘନ—ଅନ୍ୟରୂପ) the bounds.

ସୀମାତୀତ—ସଂ. ବଣ(୬ଷ୍ଠୀ ତତ୍)—୧ । ଯାହା ସୀମାରୁ ବଳ ପଡ଼ିଅଛୁ—
Sīmātīta 1. That wich is beyond the bound. ୨ । ଅସୀମ—2. Limitless.

ସୀମା ନିରୂପଣ—ସଂ. ବ (୬ଷ୍ଠୀ ତତ୍)—କୌଣସି ସ୍ଥାନର ସୀମାର ନିଶ୍ଚ-
Sīmā nirūpaṇa କରଣ—Ascertainment of the (ସୀମାନିର୍ଣ୍ଣୟ, ସୀମା ନିର୍ଦ୍ଦେଶ—ଅନ୍ୟରୂପ) boundary; settling [ସୀମା ନିର୍ଣ୍ଣୟକ, ସୀମା ନିର୍ଦ୍ଦେଶକ—ବଣ] up of the limits.

ସୀମା ନିର୍ଣ୍ଣିତ—ସଂ. ବଣ (ଶ୍ୟା ତତ୍)—ସୀମା ଚହ୍ନିତ (ଦେଖ)
Sīmā nirṇṇita — Sīmā chihnita. (See)
(ସୀମା ନିର୍ଦ୍ଦିଷ୍ଟ—ଅନ୍ୟରୂପ)

ସୀମାନା—ଦେ. ବ (ସଂ. ସୀମନ୍) —ସରହଦ୍ଦ ; ସୀମା—
Sīmānā ସୀମାନା **सीमाना** Boundary.

ସୀମାନା ସରହଦ୍(ଦ୍)—ଦେ. ବ (ଏକାର୍ଥକ ସଦ୍ଭବର; ସ. ସୀମା; ଫା. Sīmānā sarahad(dd) ସରହଦ୍)—ସୀମା—Boundary.
ସୀମାନା ସରହଦ **सरहद् सीमाना**

ସୀମାନ୍ତ—ସଂ. ବ (ଏକାର୍ଥକ ସଦ୍ଭବର)—୧ । ସୀମା—1. Bound-
Sīmānta ary. ୨ । (୬ଷ୍ଠୀ ତତ୍) ସୀମାର ବହିର୍ଭୂତ ନିକଟବର୍ତ୍ତୀ ଦେଶ—2. Frontier; a place adjoining the boundary. ସଂ. ବଣ—୧ । ସୀମାର ଅନ୍ତର୍ଗତ ଶେଷଭାଗ—1. Last or extreme (part of a country on the boundary). ୨। ସୀମାର ବହିର୍ଭୂତ ନିକଟବର୍ତ୍ତୀ—2. Situated beyond the frontier and adjoining it.

ସୀମାନ୍ତର୍ଗତ—ସଂ. ବଣ (୬ଷ୍ଠୀ ତତ୍) —ସୀମାମଧ୍ୟରେ ଅବସ୍ଥିତ—
Sīmāntargata Situated or included in the (ସୀମାନ୍ତବର୍ତ୍ତୀ—ଅନ୍ୟରୂପ) boundary.

ସୀମାନ୍ତ ଦେଶ—ପୁ. ବ—୧ । ଦୌଣସି ଦେଶର ସୀମାକୁ ଲଗିଥିବା
Sīmānta deśa ଦେଶ—[ଦ୍ର—ଉତ୍ତର-ପଶ୍ଚିମ ସୀମାନ୍ତ [ସୀମାନ୍ତ ପ୍ରଦେଶ—ଅନ୍ୟରୂପ] ପ୍ରଦେଶ ଭାରତ ଓ ଅଫଗାନ ସ୍ଥାନ ମଧ୍ୟରେ ଅବସ୍ଥିତ ।] 1. The frontier Province [N. W. Frontier Province between India and Afganistan. ୨ । ଦୁଇ ଦେଶ ମଧ୍ୟସ୍ଥ ବିବାଦାସ୍ପଦ ଭୂମି—
2. Debatable land between two countries.

ସୀମାନ୍ତ ନୀତି—ସଂ. ବ (ଅଧୁନିକ ବ୍ୟବହାର) —ସୀମାନ୍ତ ଦେଶରୁ
Sīmānta nīti ଅଧିକାର ବା ଶାସନ ସମ୍ବନ୍ଧୀୟ ରାଜନୀତି—
Frontier policy of the Government.

ସୀମାନ୍ତ ବାଣିଜ୍ୟ—ପୁ. ବ (ଅଧୁନିକ ପ୍ରୟୋଗ)—ସୀମାନ୍ତ ପ୍ରଦେଶର
Sīmānta bāṇijya ବାଣିଜ୍ୟ—Trade in the frontier.

ସୀମାନ୍ତର—ସଂ. ତ (କର୍ମଧା)—ଅନ୍ୟ ସୀମା—
Sīmāntara Another limit.

ସୀମାବଚ୍ଛିନ୍ନ—ସଂ. ବ (ଶ୍ୟା ତତ୍; ସୀମା + ଅବଚ୍ଛିନ୍ନ)—ସ୍ଥିର ସୀମା;
Sīmābachchhinna ନିର୍ଦ୍ଦିଷ୍ଟ ସୀମାଦ୍ୱାରା ଅବଦ୍ଧ—Bounded [ସୀମାବଦ୍ଧ—ଅନ୍ୟରୂପ] by fixed limits; limited.

ସୀମା ବାଇଗଣ—ଦେ. ବ (ବୈଦ୍ୟକ)—ଏକପ୍ରକାର ଗଛ ଓ ତାହାର
Sīmā bāigaṇa ଫଳ—A kind of tree and its fruit. [ଦ୍ର—ଏହି ଫଳ ଅମ୍ଳ, ମଧୁର ଓ ରୁଚିକର ।

Digitized by srujanika@gmail.com

ଏହା ସେହ, ଅଗ୍ନିମାନ୍ଦ୍ୟ, ଶ୍ୱାସ ଓ କ୍ଷୟରୋଗରେ ଦୁଇତର —ଦ୍ରବ୍ୟଗୁଣ. ଭଲ୍ଲଦୁମ ।]

ସୀମା ବାଦ(ବିବାଦ)—ସଂ. ବ—ଏକାଧିକ ବ୍ୟକ୍ତିଙ୍କ ମଧ୍ୟରେ ଘଟିବା
Sīmā bāda(bibāda) ସୀମା ସମ୍ବନ୍ଧୀୟ ଜଳଦ—Boundary dispute. [ଦ୍ର—ସୀମାବିବାଦ ଜଗଣ, ଅର୍ଥାତ୍ କେଉଁ କେଉଁ ପ୍ରମାଣ ପ୍ରଦର୍ଶନପୂର୍ବକ ସୀମାଂସା କରିପିବ, କେଉଁ ଶ୍ରେଣୀର ସାକ୍ଷୀ ଏଥିପାଇଁ ଆବଶ୍ୟକ ଓ ସୀମା ବିବାଦ ମୀମାଂସା ପରେ ସୀମା କାଯରଭାବରେ ଚିହ୍ନିତ କରିବାକୁ ଦେବ, ଏହା ପ୍ରୁଢ଼ି (ଧର୍ମଶାସ୍ତ୍ର ଓ ସଂହିତା)ମାନଙ୍କରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି ।]

ସୀମା ବିଲାତ—ପ୍ରାଦେ. (ଉଜ୍ଜାମ) ବ—ଇଂଲଣ୍ଡ—
Sīmā bilāta England.

ସୀମା ମଞ୍ଜୁଆତି—ଦେ. ବ (ବୈଦ୍ୟକ)—ଏକପ୍ରକାର ଗଛ—
Sīmā mañjuāti A kind of tree. [ଦ୍ର—ଏହାର ପତ୍ରର କ୍ୱାଥ ବାତବେଦନା ହରଣ କରେ । ଏହି ଗଛର ମୂଳକୁ ସୋରିଷ ତେଲରେ ଫୁଟାଇ ମୁଣ୍ଡରେ ମର୍ଦ୍ଦନ କଲେ ଉତ୍କୃଣି ମରନ୍ତି । ଏହାର ବାଳ ଗଞ୍ଜାଇ ଚୁଲ୍ୟ ମାଦକ ଓ ବାଯୁନାଶକ । ଅନେକ ରୋଗରେ ଏହାର ମୂଳ, ପତ୍ର ଓ ବାଳ ବିଶେଷ ଉପକାରୀ—ଦ୍ରବ୍ୟଗୁଣ. ଭଲ୍ଲଦୁମ ।]

ସୀମା ରେଖା—ସଂ. ବ (ମ. ଷ. ତତ୍ପୁ; ସୀମା + ରେଖା) – ସୀମାଜ୍ଞାପକ
Sīmā rekhā ରେଖା—Boundary line.
ସୀମା ରେଖା **सीमा रेखा** [ସୀମା ଲଙ୍ଘନ—ଦେ. ବୃତ୍ତ]

ସୀମା ଲଙ୍ଘନ—ସଂ. ବ—୧ । ସୀମାକୁ ଡେଇଁବିବା—1. Encroach-
Sīmā laṅghana ment. ୨ । (ଲକ୍ଷଣାର୍ଥ) ମର୍ଯ୍ୟାଦାର [ସୀମା ଲଂଘୀ—ବଣ. ପୁଂ] ଅଭିଉତ୍ତମଣ—2. (figurative) [ସୀମା ଲଂଘେଗା—ବଣ. ସ୍ତ୍ରୀ]; Stepping beyond the bounds of etiquette.

ସୀମା ଲିଙ୍ଗ—ସଂ. ବ(ମ. ଷ. ତତ୍ପୁ)—୧ । ଦୁଇ ଖେତର ବା ଗ୍ରାମାଦର
Sīmā liṅga ଜଣ୍ଡିତ ସୀମାରେଖାକୁ ଚିହ୍ନାଇବା ପାଇଁ ସେହି ରେଖା ଉପରେ ଦଥପିବା ଚିହ୍ନ—1. Boundary mark. ୨ । ଯେଉଁ ବୃକ୍ଷାଦଦ୍ୱାରା କୌଣସି ସ୍ଥାନର ସୀମା ସ୍ଥିର କରିପାର ଯାରେ—2. Landmark.

ସୀମା ଶୂନ୍ୟ(ଶ୍ୟନ)—ସଂ. ବଣ (ଜସ୍ୱା ଉତ୍ତ) —ଅସୀମ;ଯାହାର ସୀମା ନାହିଁ
Sīmā śūnya(śīna) —Boundless; limitless.

ସୀମା ସନ୍ଧି—ସଂ. ବ (ଷଷ୍ଠୀ ତତ୍ପୁ)—ସୀମା ରେଖା—
Sīmā sandhi Boundary line.

ସୀମା ସନ୍ନିହିତ—ସଂ. ବଣ (ସପ୍ତମୀ ତତ୍ପୁ)—ସୀମାର କଡ଼ଟବର୍ତ୍ତୀ—
Sīmā sannihita Adjoining the boundary.

ସୀମା ସର୍‌ହଦ୍(ଦ୍ଦ)—ଦେ. ବ (ଏକାର୍ଥକ ସଦ୍ଭବ; ସଂ. ସୀମା +
Sīmā sarhad(dd) ଫା. ସର୍‌ହଦ୍ଦ୍)—ସୀମା—Boundary.
ସୀମା ସରହଦ **सीमा सरहद**

ସୀମା ସ୍ଥାନ—ଦେ. ବ (ସଂ. ସୀମନ୍ତ+ସ୍ଥାନ)—ମସ୍ତକ—Head. [ଦ୍ର-
Sīmā sthāna ଜାତୁରେ ରଙ୍ଗି ସୀମାସ୍ଥାନ । କେ ବସି ଗୃହନ୍ତ
ସୀମାସ୍ଥାନ **मस्तक** ତରଣ— ଜଗନ୍ନାଥ. ଭାଗବତ ।]

ସୀମୀକ—ସଂ. ବ (ସ୍ୟମ୍ ଧାତୁ+ଇକ; ସିଦ୍ଧାନ୍ତ କୌମୁଦୀ)—୧ ।
Sīmīka ବୃକ୍ଷଭେଦ (ସଂକ୍ଷିପ୍ତସାର)—1. A kind of tree. ୨ । ବଲ୍ଲୀକ; ମୃତ ଘରର ଓଳ (ସଂକ୍ଷିପ୍ତସାର)—2. Eaves of a thatched house. ୩ । କ୍ଷୁଦ୍ର କୃମି ଜାତି (ସଂକ୍ଷିପ୍ତସାର)—3. A tiny worm.

ସୀର—ସଂ. ବ (ସି. ଧାତୁ=ବନ୍ଧନ କରିବା+କର୍ତ୍ତା. ର; ଇ ସ୍ଥାନରେ
Sīra ଈ ଆଦେଶ)—୧ । ସୂର୍ଯ୍ୟ (ମେଦିନୀ)—1. The sun. ୨ । ହଳ; ଲାଙ୍ଗଳ (ଅମର)—2. Plough. [ଜ—ବଳ ଥିଲ ଭୂମ୍ନେ, ବଜ୍ରେଦ ସୀରକୁ ଦ୍ରୁତ ଅରମ୍ନେ — ଋକ୍. ବୈଦେପ୍ସିତବଲାସ ।] ୩ । ଅର୍କ ବୃକ୍ଷ—
3. Calotropis Gigantea (plant).

ସୀରକ—ସଂ. ବ (ସୀର=ଲାଙ୍ଗଳ+ଉପମାନାର୍ଥେ. କ)—ଶିଶୁମାର
Sīraka (ଶବ୍ଦମାଳା)—The Gangetic purpoise or dolphin.

ସୀର ଧ୍ୱଜ—ସଂ. ବ (ସୀର=ଲାଙ୍ଗଳ+ଧ୍ୱଜ=ଚିହ୍ନ; ବହୁବ୍ରୀ) —
Sīra dhwaja ଜନକ ରାଜା—King Janaka. [ଦ୍ର—ଏ ଦୃଷ୍ଟାନ୍ତରେ ରାଜାଙ୍କର ପୁତ୍ର । ଏ ପୁତ୍ରଲାଭ ନିମନ୍ତ୍ତ ଯଜ୍ଞ-ଭୂମି ଖନନ କଲାବେଳେ ଲାଙ୍ଗଳ ସିଆର ମଧ୍ୟରୁ ସୀତା ବାହାରିଲେ । ଏହାଙ୍କ ପୃଥ ଜ୍ଞାନମାନ—ବହୁ ପ୍ରସିଦ୍ଧ ।]

ସୀର ପାଣି—ସଂ. ବ (ସୀର=ଲାଙ୍ଗଳ; ପାଣି=ହାତରେ ଧାରାର;
Sīra pāṇi ବହୁବ୍ରୀ)—ବଳଦେବ (ଅମର)—
Baladeba.

ସୀରୀ—ସଂ. ବ (ସୀର=ଲାଙ୍ଗଳ+ଅଚ୍ଛ ଅର୍ଥରେ ଇନ୍; ୧ମା. ୧ବ)—
Sīrī ୧ । ବଳଦେବ—1. Baladeba. ୨ । ଲାଙ୍ଗଳୀ; ଇଶଲାଙ୍ଗଳିଆ (ଗ୍ରାମ୍ୟପ୍ରକାଶ)—
2. Wolfsbane; Aconitum Napellus.

ସୀଲନ୍ଧ—ସଂ. ବ—ଶିଳନ୍ଦ (ଦେଶ)—
Sīlandha Śilinda (See)

ସୀସ—ସଂ. ବ—ସୀସା ନାମକ ଏକପ୍ରକାର ଖନିଜ ପଦାର୍ଥ ବା ଧାତୁ—
Sīsa Lead; plumbum. [ଦ୍ର—
ସୀସକ, ସୀସଖଣ୍ଡିକ } ଅନ୍ୟରୂପ ଅନ୍ୟ ଧାତୁ ଅପେକ୍ଷା ଏହା ସୀଘ୍ର ତରଳି ଯାଏ ଓ ଏଥିରେ ବନ୍ଧୁକର ଗୁରୁତ୍ୱ ଓ ଗୁଡ଼ା ଗତିର ଦ୍ରୁତ ।
ଓ. ସୀସା
ସୀସା ଏହା ବହୁ ମୂଲ୍ୟ ଗୁଣକର ଓ
सीसक, सीसा ପ୍ରମେହ ରୋଗରେ ବିଶେଷ ଉପକାରୀ ।
ତେ. ସିସମୁ, ଶଙ୍ଖି ଏହାକୁ ଜାରଣ କର ସେବନ କଲେ
ତା. ସିଶ ଶତ ନାଗ ମୂଲ୍ୟ ବଳ, ରୋଗନାଶ,
ଫା. ସୁବ ଶରୀର ଉତ୍ତମତ୍ୱ, ଅଗ୍ନିବୃଦ୍ଧି ଓ ଜୀବ
ଆ, ରୁସାସ୍ତଲ୍, ଅସ୍ତଦ୍ ବୃଦ୍ଧି ହୁଏ ଏବଂ ଏହାଦ୍ୱାରା ବାର୍ଦ୍ଧକ୍ୟ
ଅନ୍ୟ ସଂ. ଶବ୍ଦ—ବ୍ରଧ୍ନ, ଓ ମୃତ୍ୟୁ ପୁଚ୍ଛା ଜବାରତ ହୁଏ ।
ବ୍ରଧ୍ନ, ବତ୍ର, ଯୋଗେଷ୍ଠ, ଅଳ୍ପାଧିକ ସୀସକ ସେବନ କଲେ
ପିଙ୍ଗ, ଶିଗ୍ରୁତ୍ତ, ନାଗ, କୁଷ୍ଠ, ଗୁଲ୍ମ, କଣ୍ଡୁ, ପ୍ରମେହ, ବାଯୁ-
ଗଣ୍ଡୂପଦଭବ, ଚୀନ, ରୋଗ, ଅବସାଦ, ଶୋଥ ଓ ଉଦ୍ଦର
ଚୀନପିଷ୍ଟ, ଭାରଗୁଦ୍ଭିଦର, ଜନ୍ମେ ।

Digitized by srujanika@gmail.com

ସିନ୍ଦୁରକାରଣ, ବର୍ଚ୍ଚ, ବଡ୍ଡମଳ, ପଦ୍ମ, ସ୍ୱର୍ଣ୍ଣୀର, ଯବନେଷ୍ଟ, ଯବନେଷ୍ଟକ, ମୃଦୁକୃଷ୍ଣାସ୍ୟ, ସ୍ୱବର୍ଣ୍ଣିକ, ବଧ୍ର, ପିଚିଣ୍ଟ, ପର୍ପିଷ୍ଟକ, ବସ୍ୱୋକଙ୍ଗ, ସ୍ୱବର୍ଣ୍ଣୀର, ଜଘୁ, ବଧ୍ରକ, ଭୁରଙ୍ଗ, ମଦ୍ଦାବଳ, ଜଡ଼, ଭୃଜଙ୍ଗମ, ଭୁଜଗ ।

ସୀସବକୁ ଜାରଣ କର ଦୁଇଥରକାର ଭସ୍ମ କରିଯାଏ; ଯଥା—ସୀଜ ଭସ୍ମ —ଗୋଟିଏ ଲୌହ ଥାନ୍ତରେ ମୃଦୁ ଜାଲରେ ଚଢ଼ାଇ ନ ଜରିବା ପର୍ଯ୍ୟନ୍ତ ଯବକ୍ଷାର ମିଶାଇ ଘାଣ୍ଟିବ । କୃଷ୍ଣଭସ୍ମ—ସୀସବକୁ ବର୍ଯ୍ୟରେ ଉତ୍ତପ୍ତ କରାଇ ସେଥିରେ ଅଳ୍ପ ଅଳ୍ପ ମନଃଶିଳ ଚୂର୍ଣ୍ଣ ମିଶାଇ ଘାଣ୍ଟିବ ଏବଂ ଧୂଳି ପରି ଚୂର୍ଣ୍ଣ ହୋଇଗଲେ ତାହା ଶୀତଳ କର ଉହାଁରେ ଗନ୍ଧକ ଚୂର୍ଣ୍ଣ ମିଶାଇ ଲେମ୍ବୁ ରସରେ ବାଟି ଗଜପୁଟରେ ପାକ କରିବ ।]

ସୀସା (ଇତ୍ୟାଦି)—ଦେ. ବ (ସଂ. ସୀସକ)—୧ । ଶିଶା ଇତ୍ୟାଦି Sīsā (etc) (ଦେଶ)—1. Sīsā etc (Sec) ୨ । ବନସିର ଡେରଣ୍ଡାଠାରୁ ଥୋଇ ପର୍ଯ୍ୟନ୍ତ ପାଣି ଉପରେ ଥିବା ଡୋରକୁ ସଲଖିଥିବାରେ ରଖିବା ପାଇଁ ବ୍ୟବହୃତ ଦେବା ଖର—2. Weight attached to the angling line a few inches above the float to keep the float erect on water. [ଦ୍ର—ଏହା ସାଧାରଣତଃ ସୀସାରେ ତିଆରି ହୋଇଥାଏ ।]

ସୀସା ଗୁଲି(ଲି)—ଦେ.ବ—୧। ସୀସବରେ ପ୍ରସ୍ତୁତ ବାଣ୍ଟିଲା—1.Lead Sīsā guli(li) balls. ୨ । ସୀସବ ନିର୍ମିତ ବନ୍ଧୁକର (ସୀସା ଗୋଲା[ଳ]—ଅନ୍ୟରୂପ) ଗୋଲା—2. Leaden ସୀସାଗୋଲା **सीसागोला** balls for gun.

ସୀହୁଣ୍ଡ—ସ. ବ—ସେହୁଣ୍ଡ (ଦେଶ)
Sihuṇḍa Sehuṇḍa. (See)

ସୁ (ଧାତୁ)—ସଂ—୧ । ପ୍ରସବ କରିବା—1. To bring forth; Su (root) produce. ୨ । ଗତି କରିବା—2. To move.

ସୁ—ସଂ. ଅ (ଉପସର୍ଗରେ ଏହା ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୋଇ ଉତ୍ତମ ଅର୍ଥ ପ୍ରକାଶ କରେ)—A prefix indicating. ୧ । (କୁ—ବିପରୀତ) ଉତ୍କୃଷ୍ଟ; ଉତ୍ତମ—1. Good; excellent. [ଉ—ସୁଗନ୍ଧ, ସୁଚରିତ୍ର ।] ୨ । ସୁନ୍ଦର—2. Beautiful. (ଉ—ସୁଦର୍ଶନ, ସୁବଦନା, ସୁକେଶୀ ।) ୩ । ସାତିଶୟ; ଅତି; ଅତ୍ୟନ୍ତ— Very; much. (ଉ—ସୁଗାୟକ, ସୁଧର୍ମ, ସୁକୁମାର ।) ୪ । ସହଜ—4. Easy. (ଉ—ସୁପ୍ରସବ ।) ୫ । ଅନାୟାସରେ; ସହଜରେ—5. Easily. [ଉ—ସୁସାଧ୍ୟ, ସୁକଟ, ସୁଲଭ ।] ୬ । ଶୁଭକର; ମଙ୍ଗଳକର—6. Auspicious. [ଉ—ସୁଲକ୍ଷଣ] ୭ । ଉଗ୍ରତ—7. Excessive; furious. ୮ । ମନୋରମ—8. Charming. [ଉ—ସୁଗନ୍ଧ ।] ୯ । ପୁଣ୍ୟ—9. Piety. [ଉ—ସୁକୃତ ।] ୧୦ । ପୂଜା—10. Worship. ୧୧ । ବିଶ୍ୱାସ—11. Trust. ୧୨ । ଅନୁମତି—12. Permission. ୧୩ । ସମୃଦ୍ଧି—13. Prosperity; increase. ୧୪ । କୃଚ୍ଛ୍ର—14. Difficult. ସଂ. ବ—ଶୁଭ—Bliss. [ସୁସ୍ୱ—ଅନ୍ୟ ଅବ୍ୟୟରୁପ] ଦେ. ଅ(ଧ୍ୱନ୍ୟନୁକରଣ)—୧। ପବନର ସୋଁସୋଁ ଜୋରରେ ବହିବାର ଶବ୍ଦ—1. Hissing sound of blowing wind. ୨ । ସାପ ଗର୍ଜିବାର ଶବ୍ଦ—2. Hissing sound of snake. ଦେ.ବିଶ—ଉତ୍ତମ —Good.

ସୁଅ—ଦେ. ବ (ସଂ. ସ୍ରୋତସ୍)—ନଦ୍ୟାଦିର ସ୍ରୋତ—
Sua ସ୍ରୋତ **सोता** Current of river etc.

(ନଈ) ସୁଅ ଦେବା—ଦେ. କି—(ନଦୀ) ସ୍ରୋତସ୍ୱତ୍ତା ଦେବା—
(nai) To flow with current.
(ନଈରେ ସୁଅ ପଡ଼ିବା, ସୁଅ ବୋହିବା—ଅନ୍ୟ ବ. ରୂପ)
ସ୍ରୋତଚଳା **सोता चलना**

ସୁଅ ମୁହଁ—ଦେ. ବ (ସଂ. ସ୍ରୋତୋମୁଖ)—୧ । ସ୍ରୋତୋମୁଖ;
Sua muhañ ସେଠାରେ ସ୍ରୋତର ବେଗ ଅତି ଅଧିକ—
ସ୍ରୋତେର ମୁଖ 1. A place where the current is very
चलता सोत swift. ୨ । (ଲକ୍ଷଣାର୍ଥ) ବିପଜ୍ଜନକ ସ୍ଥାନ—
2. (figurative) Dangerous place.

ସୁଅ ମୁହଁକୁ ଠେଲି ଦେବା—ଦେ. କି—କୌଣସି ବ୍ୟକ୍ତିକୁ ବିପଦକୁ
Sua muhañku peli debā ଠେଲି ଦେବା—To push a
ସ୍ରୋତେର ମୁଖେ ଠେଲେ ଦେଓୟା person to a place of
सोत मुंहमें ढ़केलना danger.

ସୁଆର୍ (ଇତ୍ୟାଦି)—ଦେ. ବ—ଶୁଆର୍ ଇତ୍ୟାଦି (ଦେଶ)
Suar (etc) Śuar etc. (See)

ସୁଆଇ—ଦେ. ବ—ସ୍ୱାଇ (ଇତ୍ୟାଦି)
Suāi Swāi. (See)

ସୁଆଇଁ—ଦେ. ବ—ସ୍ୱାଇଁ (ଦେଶ)
Suāiñ Swāiñ. (See)

ସୁଆଁ—ଦେ. ବ—୧ । ଶୁଆଁ (ଦେଶ)—1. Śuāñ. (See) ୨ । ସୋମଲତା (ଦେଶ)—2. Somalatā. (See) (ଉ—ଏ ବାହାରେ ସୁଆଁରେ ଜଳେ ସେତୁ ଯାଗ, ଦେବାକୁ ଅବଜ୍ଞାମଣ୍ଡଳେ ମହାଭାଗ । କୃଷ୍ଣସିଂହ. ମହାଭାରତ. ଶାନ୍ତି ।)

ସୁଆଁ ଚାଉଳ—ଦେ. ବ—୧ । ଦାନାବିଶିଷ୍ଟ ଧଳା ଶସ୍ୟ—
Suāñ chāula 1. Panicum Frumentacium.
ଶାମା (ଉ—ଏଥିର ଉଚ୍ଚ ଧାନଜଅଣ୍ଟା ଉଭରେ ଅନ୍ୟ ଶସ୍ୟଠାରୁ-
सांवाचावल ମାନଙ୍କ ମଧ୍ୟରେ ବଡ଼େ ।) ୨ । ଶୁଆଁ ଚାଉଳ (ଦେଶ)—2. Śuāñ chāula (See)

ସୁଆଁ ଧାନ—ଦେ. ବ—ଶୁଆଁ ଧାନ (ଦେଶ)
Suāñ dhāna Śuāñ dhāna, (See)

Digitized by srujanika@gmail.com

ସୁଆଁ ନ(ଲ)ଇ—ଦେ. ବ—୧। ଶ୍ୟାମାଲତା (ଦେଶ)—1. Śyāmā-Suāñ na(la)i latā (See). ୨ । ବୃଦ୍ଧତ୍ ଝଟାଳଅ ଶ୍ୟାମଲତା ଅରଣ୍ୟ ବୃକ୍ଷାବଶେଷ—2. Ichnocarpus शामालता Frutescens (Haines).

ସୁଆଁରିବା—ଗ୍ରାଦେ. (ସମ୍ବଲପୁର) କି—ଅତ୍ୟନ୍ତ ସିବା—Suāñribā To tenderly chafe or massage the body. ଦେ. କି—ମସ୍ତକର କେଶକୁ ଅଙ୍ଗୁଠିଦ୍ୱାରା ଚର କେର୍ କେର୍ କରିବା—To divide the hair of the head into sheaves with the fingers.

ସୁଆଁ ଲତା—ଦେ. ବ (ସଂ. ସୋମଲତା) —୧ । ସୋମଲତା (ଦେଶ) Suāñ latā 1. Somalatā (Se ୨ । ସୁଆଁ ନଇ (ଦେଶ)—2. Suāñ nai (See).

ସୁଆଁଳି—ଗ୍ରାଦେ. (ବସ୍ତର) ବ—ସୁର ପିଠା—Sandwiched Suāñli cake. ଗ୍ରାଦେ. (ଛତିଶଗଢ଼) ବ—ସରପୁଳ—A kind of pastry cake.

ସୁଆଁଶ—ଦେ. ବ (ସଂ. ସମ, ସଂବେଶ)—୧ । ଭୂମିକୁ ସମତଳ Suāñśa କରିବା କାର୍ଯ୍ୟ—1. The act of levelling the समतल ground. ୨ । ଜମିକୁ ସମତଳ କରିବା ଓ ଘର, କୋଠା समतल ଅଦ ତୋଳିବା କାର୍ଯ୍ୟ; ରାଜମିସ୍ତ୍ରୀ କାମ—2. Act of a digger or a mason. ଦେ. ବଣ—ସମତଳ କରି ସାଇଥିବା (ଜମି)—Levelled (ground).

ସୁଆଁଶ କରିବା—ଦେ. କି (ସଂ. ସଂବେଶ)—୧ । ଜମିକୁ ସମତଳ Suāñśa karibā କରିବା—1. To level the ground. समतल करना ୨ । ମାଟି କାନ୍ଥକୁ କାଟି ସଳଙ୍ଗ କରିବା—2. To straighten a mud wall by cutting it.

ସୁଆଁଶ ପରୀକ୍ଷା(ଖ୍ଯା)—ଦେ. ବ (ସଂ. ସଂବେଶ+ପରୀକ୍ଷା)—ଯେଉଁ କର୍ମ- Suāñśa parikshā(chhā) ଚାରି ଘଣ୍ଟାତୋଳାଳ ମୃଣ୍ମୟଙ୍କର ଓ ତଦାରଖକାର ରାଜ ମିସ୍ତ୍ରୀଙ୍କ କାମ ତଦାରଖ କରେ—An तदारख करनेवाला officer engaged to supervise the work of building and house construction.

ସୁଆଁଶିଆ—ଦେ. ବ. ପୁଂ—ମୂଲିଆ—A day labourer; a Suāñśiā labourer engaged to help masons. (ସ୍ତ୍ରୀ ସେଇ, ସୁଆଁଶୀ, ସୁଆଁଶିଆଣୀ—ସ୍ତ୍ରୀ) [ବ୍ର—ଏମାନେ ଜମି ମଜୁର ତୋଳିବା, ସମତୁଲ କରିବା, ଘର ଚୁଆଣି କରିବା ଓ ଘର ମଜଦୂର ଉପର ଚଢ଼ିବାରେ ନଯୁକ୍ତ ହୁଅନ୍ତି ଏବଂ ରାଜମିସ୍ତ୍ରୀଙ୍କୁ ସାହାଯ୍ୟ କରନ୍ତି ।]

ସୁଆଁଶିବା—ଦେ. କି—ଭୂମିକୁ ଖାଣି, ଡାହି ସମତୁଲ କରିବା—Suāñśibā To level up a ground.

ସୁଆଗ (ଇତ୍ୟାଦି)—ଦେ. ବ (ସଂ. ସୌଭାଗ୍ୟ)—ସୁହାଗ ଇତ୍ୟାଦି Suāga (etc) (ଦେଶ)—Suhāga etc. (See) [ବ୍ର—ଦୁଅଗଲ୍ଲ ଶାଳୀ ବନେ ବ ରଙ୍ଗ, ସୁଅଗ ନ ଥିବା ଜନେ କ ସଙ୍ଗ ? ବବସ୍ତୁର୍ଯ୍ୟ. ସଙ୍ଗୀତ ।]

ସୁଆଗ ବୁଡ଼—ଗ୍ରାଦେ (ସାଜପୁର ଓ ଘଡ଼ଜାତ) ବ—ବାଳତାମାନଙ୍କର Suāga burda ଓଷା ଓ ପୂଜା ବଶେଷ—A kind of fasting and worship practised by girls.

ସୁଅଗ ଦାନ, ସୁଅଗ ସିନା[ତ୍ନ]ନ, ସୁଅଗ ସାଡ଼ାନ, ସୁଅଗ ସାଡ଼ା } ଅନ୍ୟରୂପ

[ବ୍ର—ପିଲ୍ଲ ବନରୁ ଶାଶୁ ଘରକୁ ପିବା ପର୍ଯ୍ୟନ୍ତ ବନ୍ୟା-ମାନେ ଅଶ୍ୱିନ କୃଷ୍ଣ ଅଷ୍ଟମୀ (ଦୁଆସ୍ଥା ଓଷା)ଠାରୁ ସଦା-ଅଷ୍ଟମୀ ପର୍ଯ୍ୟନ୍ତ ରାତ୍ର ପାହାନ୍ତା କର୍ଦ୍ଦମ୍ଭ ସ୍ଥାନରେ ଜଳରେ ସ୍ନାନ କରି ସ୍ନାନପାଠର ବାଲିରେ ସାତଗୋଟି ବାଲୁକା ମୂର୍ତ୍ତି କରି ଗୌରୀଙ୍କୁ ପୂଜା କରନ୍ତି ଓ ନୈବେଦ୍ୟ ସରୁ ସାଙ୍ଗରେ ସାଇଥିବା ଟିଙ୍ଗାମାନଙ୍କୁ ବାଣ୍ଟନ୍ତି । ସେମାନେ ଏହି ୧୫ ଦନ ଗୀତ ବୋଲି ବଡ଼ ଅନନ୍ଦରେ ଥାଅନ୍ତି ଓ ମାଛ, ବାଇଗଣ, ଲଙ୍କା ଅଦ ଖାଅନ୍ତି ନାହିଁ । ଶେଷ ଦନ (ଦୁର୍ଗାଷ୍ଟମୀରେ) ଭୋଗ ଦୋଇଥିବା ନଡ଼ଆକୁ ଖଣ୍ଡେ ପିଲ୍ଲଙ୍କୁ ବାଣ୍ଟନ୍ତି ଓ ସ୍ନାନ କରିବା ସମୟରେ ଏହି ଗୀତ ବୋଲନ୍ତି—

'ବୁଡ଼ୁ ବୁଡ଼ୁ, ଏହି ବୁଡ଼ୁକ ସୁଅଗ ବୁଡ଼
ପବଦଣ୍ଡିଶରୁ ! ମଡ୍ଡ ବରଷେ !
ଟଣ୍ଡଗିଠା ଚର ଦାଅଣ୍ଟା ଛଣେ—ଇତ୍ୟାଦ ।'

ଓଷା କରିଥିବା ବାଳବାମାନେ ଶେଷ ଦନ ଖାଇ ଜଳଖିଆ ଖାଅନ୍ତି । ସେମାନେ ସୌଭାଗ୍ୟବତ୍ତା ଓ ସ୍ୱାମୀପ୍ରିୟା ହେବା ପାଇଁ ଏହି ବ୍ରତ ପାଳନ କରନ୍ତି ।]

ସୁଆଗା—ଦେ. ବ. ଓ ବଣ—ସୁହାଗା (ଦେଶ) Suāgā Suhāgā (See)

ସୁଆଗିଆ(ଣୀ)—ଦେ. ବଣ. ପୁଂ—ସୁହାଗିଆ (ଦେଶ) Suāgiā(ṇī) Suhāgiā (See) (ସୁଅଗୀ, ସୁଅଗେଇ[ତ୍ନ]—ଅନ୍ୟରୂପ)

ସୁଆଗିନୀ—ଦେ. ବଣ. ସ୍ତ୍ରୀ—ସୁହାଗିନୀ (ଦେଶ)—Suhāgini Suāginī (ସୁଅଗୀ—ପୁଂ) (See)

ସୁଆଗୀ—ଦେ. ବଣ. ପୁଂ. ଓ ସ୍ତ्री—ସୁହାଗୀ (ଦେଶ)—Suhāgī Suāgī (See) [ବ୍ର—କୃଷ୍ଣର ନଶ ସଦ୍ଧ ଲଗି । ନ ସୁଣ ଡୋଇହ ସୁଅଗୀ—ଜଗନ୍ନାଥ. ଭ୍ରମରଦ୍ଧ ।]

ସୁଆଙ୍ଗ—ଦେ. ବ (ସଂ ଶୋଭାଙ୍ଗ=ଶୋଭାଯାତ୍ରାର ପ୍ରଧାନ ଅଙ୍ଗ, କମ୍ବା Suānga ସଂ, ଦଂଡ, ସଂଘ, ସଙ୍ଗ, ସ୍ୱାଙ୍ଗ)—୧ । ଅଭନୟରେ ସଂ, ସଙ୍ ଓ ଯାତ୍ରାଦରେ ଚୌଣସି ବ୍ୟକ୍ତିର ବେଶ ଅଦ ପରି- रवाँग କଳ୍ପିତ ଅଭନୟ ଓ ନାଟ; ଭୂମ୍ୟକାଙ୍କ୍ଷୀଙ୍କର ଭତର ଜନାଦ୍ରିଯ ଅଭନୟ—1. Assuming the dress of any character in a play or dance; popular farce. ୨ । ନାଟକାୟ ବ୍ୟକ୍ତିର ରୂପ ଧାରଣ କର ନୃତ୍ୟାଦ କରିବା ଅଭନେତା—2. A mime. [ବ୍ର—ଜଣେ ଜଣେ ଗୋଟିଏ ଗୋଟିଏ ସୁଅଙ୍ଗ—ବ୍ୟାଖ୍ୟାନ. ଦରବାର ।] ୩ । ପ୍ରହସନ—3. Farce. ୪ । ବଭନ୍ନ ବେଶଧାୟ ଅଭନେତାମାନଙ୍କର ଦାଳ—4. Pantomi-

Digitized by srujanika@gmail.com

me. ୫ । କୌଣସି ବ୍ୟକ୍ତିର ବେଶ ଧରି କରିବା। ଅଭିନୟ—5. Theatrical acting of a person. ୬ । ଠଟ୍ଟା ତାମସା; ଫୋରଡ଼ସ୍ୟ; ଛଇ—6. Wit; joking; sport. ୭ । (ଲକ୍ଷଣାର୍ଥ) ଆଡ଼ମ୍ବରଯୁକ୍ତ କାର୍ଯ୍ୟ; ଘନଘଟା; ଅରମ୍ଭ—7. Ado; grand display. [ଦ୍ର—ଯେଉଁ ଅଭିନୟରେ ସୁଅଙ୍ଗ ଅଧିକ ବାହାରେ, ତାକୁ ଓଡ଼ିଶାରେ 'ପାଳା' ବା 'ଲୀଳା' କୋଲ୍ଲାଏ । ଯଥା—କୁଷ୍ଣଲୀଳା; ଶ୍ରୀରଙ୍ଗଲୀଳା, ରାମଲୀଳା]

ସୁଅଙ୍ଗ କରିବା(ହାଡ଼ିବା)—ଦେ. କି—୧ । କୌଣସି ବ୍ୟକ୍ତିର ଚରିତ୍ର Suāṅga karibā(kāṛhibā) ଅଭିନୟ କରିବା ପାଇଁ ସେହି ସଜ କରା ବ୍ୟକ୍ତିର ବେଶ ଧାରଣ କରିବା—1. To **ସ୍ୱାଁଗ କରନା, ସ୍ୱାଁଗ ନିକାଲନା** assume the garb or ସୁଅଙ୍ଗ ଦେବା, ସୁଅଙ୍ଗ ସାଜିବା, ସୁଅଙ୍ଗ ବାହାର କରିବା } ଅନ୍ୟରୂପ mask of any character in a pantomime. ୨ । ସୁଅଙ୍ଗ ସମ୍ବଳିତ ଯାତ୍ରା କରିବା—2. To act a pantomime. ୩ । (ଲକ୍ଷଣାର୍ଥ) ବଢ଼ାରମ୍ଭ ବା ଅଡ଼ମ୍ବର କରିବା—3. To make much ado about nothing. ୪ । (ଲକ୍ଷଣାର୍ଥ) ଗୋଟାଏ ନୂଆ କଥା ଲୋକାକର୍ଷକ କର୍ମ କରିବା—4. To do some thing new, so as to attract people.

ସୁଅଙ୍ଗିଆ—ବି. ବିଣ. ସୁଂ—୧ । ସୁଅଙ୍ଗପ୍ରିୟ—1. Fond of Suāṅgiā pantomime. ୨ । ବଢ଼ାରମ୍ଭ ପ୍ରିୟ—2. Fond (ସୁଅଙ୍ଗେଇ—ସ୍ତ୍ରୀ) of ado or display. ୩ । ଛଇଲ; ରଙ୍ଗ ବାବୁ **ସ୍ୱାଁଗକରନେବାଲା** ଉପହାସପ୍ରିୟ—3. Sportive; ଆମୁଦେ, ଭାଁଡ **ହିଜ୍ଡ଼ିଗି ବାଜ** witty; humorous.

ସୁଅଙ୍ଗୀ—ବି. ବିଣ. ସୁଂ ଓ ସ୍ତ୍ରୀ—ସୁଅଙ୍ଗିଆ (ଦେଖ) Suāṅgī Suāṅgiā. (See)

ସୁଆଦ—ବି. ବି (ସଂ. ସ୍ୱାଦ)—୧ । ରୁଚି; ସ୍ୱାଦ—1. Taste. Suāda (ଉ—ଥରାଏ କରିଣ ବାଲୀ ସୁଆଦ ବୁଝିଲେ । ଟାଟୀ. ସାଦ ନଲ ଚରିତ ।) ୨ । ସୁସ୍ୱାଦୁ; ମଧୁର ସ୍ୱାଦ—2. Sweet **ସ୍ୱାଦ୍** taste. (ଉ—ଜୁଆଦଣ୍ଡ ଜୁଆଁ ଜଗତ ଶରୀରରେ ସୁଆଦ ଥାଏ କି ଥାଇ ? କବିସୂର୍ଯ. ସଙ୍ଗୀତ ।) ୩ । (ଲକ୍ଷଣାର୍ଥ) ମନୋରମତା—3. (figurative) Agreeableness; charm. ବି. ବିଣ—୧ । ସୁସ୍ୱାଦୁ—1. Sweet to the taste. ୨ । (ଲକ୍ଷଣାର୍ଥ) ମନୋରମ—2. (figurative) Charming; agreeable. (ଉ—ଗ୍ରୀଷ୍ମ ଥରୁ କେ ସୁଆଦ ଗୋ । କବିସୂର୍ଯ. ସଙ୍ଗୀତ ।)

ସୁଆଦ ଚୁଖିବା—ଦେ. କି—ଜିହ୍ୱାସ୍ଥ କୌଣସି ବସ୍ତୁର ସ୍ୱାଦ ଗ୍ରହଣ Suāda chākhibā ଅନୁଭବ କରିବା—To taste anything; to have a taste of anything. **ସ୍ୱାଦ୍ ଚଖନା**

ସୁଆଦ ପାଇବା—ଦେ. କି—କୌଣସି ବସ୍ତୁର ସ୍ୱାଦ ଅନୁଭବ କରିବା—
Suāda pāibā To have the experience of
ସ୍ୱାଦ ପାଓୟା **ସ୍ୱାଦ୍‌ପାନା** the taste of anything.

ସୁଆଦ ବାରିବା—ଦେ. କି—କୌଣସି ବସ୍ତୁ ସ୍ୱାଦୁ ବା ଅସ୍ୱାଦୁ ବୋଲି ଜିହ୍ୱାସ୍ଥ ପଦାର୍ଥର ପରୀକ୍ଷା କରିବା—To examine
Suāda bāribā the taste of anything [by the tongue.
ସ୍ୱାଦଚାଖା **ଚଖକର ଦେଖନା**

ସୁଆଦ ଲଗିବା—ଦେ କି—ସୁସ୍ୱାଦୁ ବୋଧ ହେବା—
Suāda lāgibā To taste sweet; to seem
ସ୍ୱାଦ ଲାଗା **ସ୍ୱାଦ୍ ଲଗନା** charming.

ସୁଆଦିଆ—ବି. ବିଣ—୧ । ସ୍ୱାଦ ବିଶିଷ୍ଟ
Suādiā 1. Having a taste.
(ଅସ୍ୱଦ୍ଧା—ଅନ୍ୟରୂପ) ୨ । ମଧୁର; ସୁସ୍ୱାଦୁ—
ସ୍ୱାଦୁ **ସୁସ୍ୱାଦୁ** 2. Sweet; delicious.

ସୁଆଦୁ—ବି. ବି (ସଂ. ସ୍ୱାଦୁ)—ସ୍ୱାଦ—Taste. ବି. ବିଣ (ସଂ. ସ୍ୱାଦ ସୁଆଦ ସ୍ୱାଦ)—ସୁଆଦିଆ—Sweet.
Suādu
ସ୍ୱାଦୁ **ସୁସ୍ୱାଦୁ**

ସୁଆଧୀନ—ଗ୍ରାବି. (ଲକ୍ଷଣା) ବିଣ—ସ୍ୱାଧୀନ—
Suādhīna Free; independent.

ସୁଆନନୀ—ବି. ବିଣ—ସୁବଦନା; ସୁମୁଖୀ—(a woman) Having a charming or beautiful face.
Suānanī
ସୁବଦନୀ [ଉ—ସୁଆନନୀ ବମୁଖରେ, ଜନର୍ଦ୍ଦନ ଦେଖେ ଅନ୍ତରେ—
ସୁଆନନୀ ଗ୍ରାଟୀ. ରହସ୍ୟାରମ୍ଭ ।]

ସୁଆ(ଆଁ) ବାଲି—ବି. ବି (ସଂ. ଶୁକ+ବାଳ)—ଶୁଆଁ ବାଲି
Suā(āñ) bāli (ଦେଖ)—Śuāñ bāli (See)
ଶୁଆଁ ପୋକା ଶୂଆ (ସୁଆ[ଆଁ]ବାଲି[ଳି]ଆ—ଅନ୍ୟରୂପ)

ସୁଆ(ଆଁ) ଭାତ—ବି. ବି—ଶ୍ୟାମାକ ଧାନର ଅନ୍ନ—The cooked
Suā(āñ) bhāta rice prepared from the grains
ଶ୍ୟାମା ଚାଲିର ଭାତ of Panicum Frumentacium
ସାଁବାଁ ଭାତ [ଉ—ଅଡଗା ନଦୀକୂଳରେ ଦୁଇଜେ ସୁଆ ଭାତ, ଦେଇଣ ସ୍ନାନ କଲେ ଦୁଅଇ ସୁକତ—କୁଷ୍ଣସିଂହ. ମଦ୍ଭାଗବତ ବନ ।]

ସୁ(ସୋ)ଆ(ହା)ମ—ବି. ବି (ସଂ. ଶାଲ୍ମଳକ)—ମଧ୍ୟ ଓ ପଶ୍ଚିମ ଭାରତରେ ଜନ୍ମୁଥିବା ବମ୍ବାଦ ବର୍ଗର ଏକପ୍ରକାର ଜଙ୍ଗଲି କାଠ ଗଛ—
Su(so)ā(hā)ma
ସଂ. ନମ—ସ୍ୱେହଦ୍ରବ, ସ୍ୱେଦ୍ମଭବ, ସ୍ୱେଦ୍ମ, ସ୍ୱେହଣ, ଦାହ୍ୟମ ପୁଷ୍ପକ, ଶ୍ୱୀଦ୍ର ଶତ୍ରୁ, ଦାହ୍ୟମପୁଷ୍ପ, ରକ୍ତପୁଷ୍ପ, ମାଂସଦଳନ, ସକ୍ଷୁଦେଷ୍ଣ, ଶାଲ୍ମଳ, କୁଟଶାଲ୍ମଳ, ବଦାପୁଟନ, ବସ୍ୱୋକସ, ଶାଲ୍ମଳକ ।
ରୋଡା, ରୋହନା, ରୟନା,
A timber wood; Tecoma Andulata; Andersonia Rohitaka. [ଉ—ଏହାର କାଣ୍ଡ ସିଧା ଓ ବଡଳ ନାଲିଆ । ଏଥିର ଗୋଟିଏ ଡେଙ୍ଗରେ ୫ ରୁ ୬ ପୋଡ଼ା ପର୍ଯ୍ୟନ୍ତ ଘନ ଥାଏ । ଏହାର ଫଳ ୧।୨ ଇଞ୍ଚ ଲମ୍ବ ଓ ଖାଇଲେ ୫ ଖଣ୍ଡ ହୋଇ ଫାଟିଯାଏ । ଏଥିର

କଡାର, ରୋହାଣୀ ରୋହିଡା — ବାଳ ତେଣ୍ଟା ଓ ଅଣ୍ଡପୁଚ୍ଛ । ଏହାର କାଠ ଶକ୍ତ ଥିବାରୁ ଲୋକେ ଏଥିରେ ଚେ· ମୁକୁମୋଡୁଗଚେଟ୍ଟୁ କବାଟ, ଖଗଡ଼ ଅଦ ଉଥର କରନ୍ତି । ସାଧାରଣତଃ ଏହାର ମଞ୍ଜି କାଠ ନାଲ । କନ୍ତୁ ଏକ ଜାତିର କାଠର ମଞ୍ଜି ଧଳେଇ । ଏଥିର ତେଲରୁ ଲଇ ହୁଏ । ଏହାର ତେଲ କଣ୍ଟୁ କଷାସ୍ୱ ରସ, ମୂତ୍ରାନାଶକ, ବୁଡ଼ଜର ଓ ରକ୍ତ ପରିଷ୍କାରକ ଏବଂ ଯକୃତ୍, ଗୁଲ୍ମ, କୃମି, ବ୍ରଣ, ନେତ୍ର-ରୋଗ ଓ ଉଦର ରୋଗରେ ବିଶେଷ ଉପକାରୀ ।]

ସୁଆର(ର) — ଦେ. ବ — ୧ । ସବାର (ଦେଶ)—1. Sabār (See) Suār(ra) ୨ । ଶୁଅର (ଦେଶ)—2. Suar (See)

ସୁଆର — ଦେ. ବ. ପୁ (ସଂ. ସୂପକାର) — ୧ । ଏକଜାତୀୟ ଅଶ୍ରୋତ୍ରିୟ ନୀଚଜ ବ୍ରାହ୍ମଣ (ପୁରୁଣା ବଡ଼ ଦେଉଳରେ ଏମାନେ ଭୋଗ ପ୍ରସ୍ତୁତ କରନ୍ତି)—A kind of low Brāhmaṇa. [ଦ୍ର— ଉତ୍କଳ, ଚତୁରାମ୍ନାୟ, ସୁଆର ବା ଦେଉଳଆ ବ୍ରାହ୍ମଣ ଏକ ଶ୍ରେଣୀର ଅନ୍ତର୍ଗତ । ଶ୍ରୋତ୍ରିୟ ବ୍ରାହ୍ମଣଙ୍କ ସଙ୍ଗେ ଏମାନଙ୍କର ବୈବାହିକ ସମ୍ବନ୍ଧ ହୁଏ ନାହିଁ—କୃଷ୍ଣାହ୍ନିକ. ଉତ୍କଳ ଇତିହାସ ।] ୨ । ରନ୍ଧୁଣି; ସୂପକାର; ପାଚକ—2. Cook. [ଉ—ବସ୍ତଃ ବୋଇଲେ ଦେ । ସୁଆର ବ୍ରାହ୍ମଣ, ସମ୍ପ୍ରତି ଦଶ ନାହିଁ ଦେଶକୁ ଅପଣ—କୃଷ୍ଣସିଂହ. ସମ୍ବାସ୍ତୁରତ· ବସ୍ତଃ ।] ୩ । ରାଜାଙ୍କ ଖାଦ୍ୟ ଓ ଦେବତାଙ୍କ ଭୋଗ ପାକକାରୀ ସେବକ—3. A cook of a king or an Idol. ୪ । (ଅଶ୍ୱାରୋହୀ) ଅଶ୍ୱା-ସଓୟାର ରୋହୀ; ସବାର—4, Rider. [ଉ—ଲଖ ଘୋଡ଼ା ସବାର ନବଗାତ ସୁଆର, ପ୍ରତଣ୍ଡାଳରେ ସଥେ ଗୁଲିବାର — ଅଭିମନ୍ୟୁ ସମନ୍ତସିଂହାର. ବଦଳ୍ଅଚଳ୍ଲାମଣି ।]

ସୁଆର ପାଲି — ଦେ.ବ — ରାଜା ଓ ଦେବତାଙ୍କ ପାଇଁ ଅନ୍ନାଦି ପାକ କରିବା Suāra pāli ଜମନ୍ତେ ସେବକର ନିର୍ଦ୍ଦିଷ୍ଟ ଦିନ—The turn ସୋୟାର ପାଲ of a cook to cook on certain days ସୂପକାର ପାରି for a Raja or Idol.

ସୁଆର ପିଠା — ବ — ପୁରୁ ବଡ଼ଦେଉଳରେ ପ୍ରତିଦିନ ସନ୍ଧ୍ୟ ଧୂପରେ Suāra piṭhā ଭୋଗ ଦେବା ନାନାପ୍ରକାର ପିଠା ମଧ୍ୟରେ ବଡ଼ ପିଠା—A cake offered to Lord Jagannātha at evenving daily.

ସୁଆର ବରତନ — ଦେ. ବ (ସଂ. ସୂପକାର + ହି. ବର୍ତ୍ତନ) — Suāra baratana ସୂପକାରର ନିର୍ଦ୍ଦିଷ୍ଟ ପାରିଶ୍ରମିକ—The ସୋୟାରର ବେତନ fixed scale of remuneration of a ସୂପକାର ବେତନ cook. [ଦ୍ର—ପୁରୀର ଜଗନ୍ନାଥ ଓ ଭୁବନେ-(ସୁଥର ବର୍ତ୍ତନ—ଅନ୍ୟରୂପ) ଶ୍ୱର ଲିଙ୍ଗରାଜ ମହାପ୍ରଭୁଙ୍କ ଅନ୍ନ-ବ୍ୟଞ୍ଜନାଦି ରନ୍ଧିବା ପାଇଁ ସୁଆରମାନଙ୍କର ପାରିଶ୍ରମିକର ରେଟ୍ ପୂର୍ବ ବଧ ଅନୁସାରେ ନିର୍ଦ୍ଦିଷ୍ଟ ଅଛି ।]

ସୁଆର ସେବକ — ଦେ. ବ — ଦେବତାଙ୍କର ପାଚକ ଭୃତ୍ୟ — Suāra sebaka The cook of an Idol. ସୋୟାର ସେବକ ସୂପକାର ସେବକ

ସୁଆର ସେବା — ଦେ ବ — ଦେବତାଙ୍କ ଅନ୍ନଗାକ ରନ୍ଧିବାରୂପ ସେବା — Suāra sebā The service of a cook of an Idol. ସୋୟାର ସେବା ସୂପକାର ସେବା

ସୁଆର ହେବା — ଦେ. ବ — ସବାର ହେବା (ଦେଶ) Suāra hebā Sabāra hebā (See)

ସୁଆରି — ଦେ. ବ ଓ ସ୍ତ୍ରୀ — ସବାର (ଦେଶ) Suāri Sabāri (See)

ସୁଆ(ଆଁ)ରି — ଦେ. ବ (ସଂ. ସୂପକାର) — ଏକପ୍ରକାର ଘିରେ ତିଆ— Suā(āñ)ri A kind of cake with minced sweets ପୁରପିଠା or pulse inside. ଗ୍ରାଦେ. (ସମ୍ବଲପୁର) ବ — ଘିରକିୟା ପୁରି କାକର୍ତ୍ତ—A kind of thin flat sweet pastry bread fried in ghee.

ସୁଆ(ଆଁ)ରି[ଲି]ବା — ଦେ. କ୍ରି (ସଂ. ସ୍ତୋମ=ଗଦା)—୧ । ତୂଳାକୁ Suā(āñ)ri[li]bā ପିଞ୍ଜିବା ବା ଛଣିବା ଦ୍ୱାରୁ ଅଙ୍ଗୁଠିଦ୍ୱାର୍ତ୍ତୁଳା ପେଁଜା ଉହାଁର ତନ୍ତୁମାନଙ୍କୁ ପୃଥକ୍ ପୃଥକ୍ କରିବା— ନୁମନା, ଉଖେଡଲା 1. To card coarse cotton with the fingers. [ଦ୍ର—ଏସବୁ କଲେ ତୂଳାରୁ ମଇଳା ଓ ଖଦଡ଼ାଅଂଶପାକ ବାଡ଼ାର ଯାଏ ଓ ଭାଡ଼ା ଛଣିବାକୁ ସହଜ ହୁଏ ।] ୨ । ମୁଣ୍ଡର କାଳକୁ ଅଙ୍ଗୁଠିଦ୍ୱାର୍ତ୍ତ କେଶ କେଶ କର କରିବା—2. To separate the hair of the head into sheaves with the fingers.

ସୁଆରୁଣୀ — ଦେ. ବ· ସ୍ତ୍ରୀ — ୧ । ରନ୍ଧୁଣୀ—1. A female cook. Suārunī ୨ । ସୁଆରର ସ୍ତ୍ରୀ—2. Wife of a cook. ସୋୟାରିନୀ ସୂପକାରନୀ (ସୁଆର—ଙ୍କୀ)

ସୁଆ(ଆଁ)ରେ(ଲେ)ଇବା — ଦେ. କି — ସୁଆରିବା (ଦେଶ) Suā(āñ)re(le)ibā Suāribā (See)

ସୁଆଲ୍(ଇତ୍ୟାଦି) — ଦେଦେ. ବ(ଜଉରଅ) — ସବାଲ୍ ଇତ୍ୟାଦି (ଦେଶ) Suāl (etc) Sabāl etc (See) [ଉ— ସୁଆଲରେ ଜବାବ ଦେଲ—ଫକୀରମୋହନ. ଛଅ ମାଣ ଆଠ ଗୁଣ୍ଠ ।]

ସୁଆଲି — ଦେଦେ. ବ(ଜଉରଅ)—ସବାଲ (ଦେଶ)—Sabāli (See) Suāli (ସୁଆଲଅ—ଅନ୍ୟରୂପ)

ସୁଆ(ଆଁ)ଳି — ଦେ. ବ — ଏକପ୍ରକାର ଘିର ଥିବା ପିଠା—A kind of Suā(āñ)li sandwiched cake. ଗ୍ରାଦେ. (ଗଞ୍ଜାମ) ଏକପ୍ରକାର ପୁର ପିଠା ବ — ବାଜି କାକର୍ତ୍ତ—A sweet cake ଘିରକିୟା without sandwich inside it.

ସୁଆଲି ଦେବା — ଗ୍ରାଦେ. (ବଲ୍ଲଙ୍ଗିର ପାଠଶା) କ୍ରି — ଅଙ୍ଗୁଠିବା — Suali debā To massage or chafe the limbs.

ସୁଆଳି ଲତା — ଦେ. ବ (ସଂ. ସୁବହା) — ଔଷଧରେ ବ୍ୟବହୃତ ଲତା- Suāli latā ବଶେଷ; ଗୋଧାପଦା—A kind of creeper ସୁବହା used in medicine. [ଦ୍ର—ଏହାର ଗୋଧାପଦୀ ଲତା ସଂସ୍କୃତ ନାମ 'ଗୋଧାପଦା', 'ସୁବହା'—ଉତ୍କଳୀୟ. ଦ୍ରବ୍ୟଗୁଣ ।]

ସୁଆସୀ — ଗ୍ରାଦେ. (ଲରଅ) ବ — ଅବ୍ୟ ସ୍ତ୍ରୀ—A housewife with her husband living. (ସୁଆସେହ୍—ବହୁବଚନ)

Digitized by srujanika@gmail.com

ସୁଇ—ଗ୍ରାଦେ· ବ—୧ । (ବାଲେଶ୍ୱର ପ୍ରାନ୍ତ ଓ ସମ୍ବଲପୁର) ଛୁଞ୍ଚ—
Sui 1. Needle. ୨ । (ବାଲେଶ୍ୱର ପ୍ରାନ୍ତ) କୁମ୍ଭାର—
2. Potter. (ଦ୍ର—ସୁଇ ସୁମାର, ସବୁଠାରୁ ଠକ ବଡ଼େଇ କମାର—ପ୍ରବଚନ ।) ୩ । ବାସନ୍ତା) ଚଢ଼ି· ବିଶେଷ—3. The name of a bird. ୪ । (ବାଲି-ଜିର ଗାଣ୍ଠଣା) ସୁଚ୍ଚତ (ମୁଦ୍ରା)—4. A four-anna bit. (ଅ—ସୁଇ ସୁଧ=ସୁକ ସୁଧ ।)

ସୁଇଚ୍—ବୈଦେ· ବ (ଇଂ· ସ୍ୱିଚ୍)—କୌଣସି କଳ (ଯଥା—
Suich ବେଦ୍ୟୁତିକ ଅଲୋକ, ଟଙ୍ଗା) ଅଦଳ ବଦଳ କରିବା
ସୁଇଚ ପାଇଁ ତାର ସଙ୍ଗେ ଲଗିଥିବା ଗୁବ (ଏହାକୁ ଟିପି ଦେବା
ସ୍ୱୀଚ ମାତ୍ରକେ ଏଥି ସମ୍ପୃକ୍ତ ଅଲୁଅ ଜଳ ଉଠେ ବା ପଙ୍ଖା
(ସ୍ୱିଚ୍—ଅନ୍ୟରୂପ) ଚଳେ । ଅନ୍ୟ ଅଡୁ ଟିପି ଦେଲେ କଳର
ଗତି ବନ୍ଦ ହୁଏ)—A switch of an electric installation [ଦ୍ର-ଏହି ଇଂରାଜି ଶବ୍ଦ ସଙ୍ଗେ ଅନେକ-ଗୁଡ଼ିଏ ଅନ୍ୟ ଇଂରେଜି ଶବ୍ଦ ମଧ୍ୟ ଓଡ଼ିଆରେ ବ୍ୟବହୃତ ହେଉଛି । ଯଥା—ସୁଇଚ୍ ବୋର୍ଡ଼୍ (Switch board), ସୁଇଚ୍ ଲାଇଟ୍ (Switch light), ସୁଇଚ୍ ବେଲ୍ (Switch bell), ସୁଇଚ୍ ରୋପ୍ (Switch rope)]

ସୁଇଚ୍ କ(ମା)ରିବା—ଦେ· କି (ଇଂ· ସ୍ୱିଚ୍)—ବୈଦ୍ୟୁତିକ ଅଲୁଅ ବା
Suich ka(mā)ribā ଅନ୍ୟ ଯନ୍ତ୍ରକୁ ଚଲାଇବା ବା ବନ୍ଦ କରିବା
(ସ୍ୱିଚ୍ କରିବା—ଅନ୍ୟରୂପ) ପାଇଁ ଚାବିଯୁକ୍ତ ଗୁବରେ ହାତ
ସୁଇଚ୍ କରା ମାରିବା—To switch the key of any
ସ୍ୱୀଚ କରନା electric light, fan etc.

ସୁଇଜର୍ ଲ(ଲା)ଣ୍ଡ୍—ଦେ· ବ (ନାମ) (ଇଂ· ସ୍ୱିଜର୍ ଲାଣ୍ଡ୍)—
Suijar la(lā)ṇḍ ଅଲୁପ୍ସ ପର୍ବତର ଉତ୍ତରରେ ଥିବା ୟୁରୋପର
ସୁଇଜର ଲାଣ୍ଡ୍ ପାର୍ବତ୍ୟ ରାଜ୍ୟବିଶେଷ ଓ ୟୁରୋପର ହୃଦ ଭୂମି
ସୁଇଜର ଲୈଣ୍ଡ ରାଜ୍ୟ—Switzerland. [ଦ୍ର—ଏହି ରାଜ୍ୟର
ସ୍ୱିଜର୍ ଲ(ଲା)ଣ୍ଡ୍ } 'ଜେନେଭା' ନଗର ଜାତ ଓ ଘଣ୍ଟା ଘଣ୍ଟାର
ସୁଇଜର୍ ଲ(ଲା)ଣ୍ଡ୍ } ନାମରେ ପୃଥିବୀରେ ପ୍ରସିଦ୍ଧ । ଏହି ରାଜ୍ୟ
ସ୍ୱିଟ୍ଜର୍ ଲ(ଲା)ଣ୍ଡ୍ } ଜର୍ମାନୀର ଦକ୍ଷିଣ ଓ ଇତାଲୀର ଉତ୍ତରରେ
ଅବସ୍ଥିତ । ଏଥିର ପଶ୍ଚିମରେ ଫ୍ରାନ୍ସ ଓ ପୂର୍ବରେ ଅଷ୍ଟ୍ରିୟା । ବର୍ଣ୍ଣ (Berne) ଏହାର ରାଜଧାନୀ । ଏ ଦେଶବାସୀଙ୍କୁ ସୁଇସ୍ (Swiss) କୁହାଯାଏ । ଏଥିରେ ପ୍ରଜାତନ୍ତ୍ର ଶାସନ ପ୍ରଚଳିତ । ଏହାର ମନୋହର ଅଲୁପ୍ସ ପର୍ବତର ଓ ହ୍ରଦମାନଙ୍କ ଦୃଶ୍ୟ ଦେଖିବା ଲାଗି ବହୁ ସଖ୍ୟକ ଯାତ୍ରୀ ପ୍ରତିବର୍ଷ ଏଠାକୁ ଆସନ୍ତି ।]

ସୁଇଝ୍ବା—ଗ୍ରାଦେ (ଲହଆ) କି—ସୁଝିବା—
Suijh-bā To repay.

ସୁଇଡ୍—ବୈଦେ· ବ (ନାମ) (ଇଂ· ସ୍ୱୀଡ)-ସୁଇଡେନ୍ ଦେଶବାସୀ—
Suid ସୁଇଡ୍ **ସ୍ୱୀଡ୍** A Swede.
(ସ୍ୱିଡ୍—ଅନ୍ୟରୂପ)

ସୁଇଡିଶ୍—ବୈଦେ· ବଣ—(ଇଂ· ସ୍ୱିଡିଶ୍)—ସୁଇଡେନ୍ ଦେଶ
Suidis ସମ୍ବନ୍ଧୀୟ—Swedish.
ସୁଇଡିଶ୍ **ସ୍ୱୀଡ଼ିଷ**

ସୁଇଡେନ୍—ବୈଦେ· ବ (ନାମ) (ଇଂ·)—ଇଉରୋପର ଶୀତପ୍ରଧାନ
Suiden ରାଜ୍ୟ ଚତୁଷ୍ପଦ—Sweden. [ଦ୍ର—ଏହା ଇଉରୋପର
ସୁଇଡେନ୍ ଉତ୍ତର-ପଶ୍ଚିମ ପ୍ରାନ୍ତସ୍ଥ ନରୱେ ରାଜ୍ୟର ପୂର୍ବରେ
ସ୍ୱୀଡେନ ଅବସ୍ଥିତ । ଏହାର ପଶ୍ଚିମରେ ନରୱେ, ଉତ୍ତରରେ
ଲାପ୍ଲାଣ୍ଡ୍, ପୂର୍ବରେ ବଲ୍ଟିକ୍ ଓ ବୋଥ୍ନିଆ ଉପସାଗର
ଏବଂ ଦକ୍ଷିଣରେ ବଲ୍ଟିକ୍ ଉପସାଗର । ଏହା ରାଜାଙ୍କ
ଦ୍ୱାରା ଶାସିତ । ଏହାର ପ୍ରଧାନ ନଗର ଷ୍ଟକ୍ହଲ୍ମ୍ ।]

ସୁଇଲ୍—ଗ୍ରାଦେ(ବଲ୍ଲଙ୍ଗ ର ଘାଟଣ)ବ—୧ । ଧାନ ବୁଣାଇ ନେବାର
Suil ଆଧାର—1. A receptacle for carrying paddy.
୨ । ତାଇଁଚଥ—2. The stem of a jute plant shorn of its fibres.

ସୁଇସ୍—ବୈଦେ· ବଣ· (ନାମ) (ଇଂ· ସ୍ୱିସ୍)—ସୁଇଜର୍ଲାଣ୍ଡ୍ର
Suis ଅଧିବାସୀ—A Swiss. ଦେ· ବଣ—ସୁଇଜର୍ଲାଣ୍ଡ୍ ଦେଶ
(ସ୍ୱିସ୍—ଅନ୍ୟରୂପ) ସମ୍ବନ୍ଧୀୟ—Swiss.
ସୁଇସ୍ **ସ୍ୱୀସ୍**

ସୁଉ—ଦେ· ଅ (ଧ୍ୱନ୍ୟର୍ଥ)—ସୁ ସୁ (ଦେଖ)
Su-u Su su. (See)
(ସୁଉ ସୁଉ—ଅନ୍ୟରୂପ)

ସୁଉଁ—ଦେ· ବ (ଧ୍ୱନ୍ୟର୍ଥକ)—ସୁଁ ସୁଁ (ଦେଖ)
Su-uñ Suñ suñ. (See)
(ସୁଉଁ ସୁଉଁ—ଅନ୍ୟରୂପ)

ସୁଉକା(କି) (ଇତ୍ୟାଦି)—ଦେ· ବ (ସଂ· ଚତୁଷ୍କ)—ସିଉଡା ଇତ୍ୟାଦି
Su-ukā(ki) (etc) (ଦେଖ)—Siukā etc. (See)

ସୁଉକାର (ଇତ୍ୟାଦି)—ଗ୍ରା· ବ (ସଂ· ସ୍ୱୀକାର)—ସୀଉକାର ଇତ୍ୟାଦି
Su-ukāra (etc) (ଦେଖ)—Siukāra etc. (See)

ସୁଉସିବା—ଦେ· କି (ଧ୍ୱନ୍ୟନୁକରଣ)—କୌଣସି ବ୍ୟକ୍ତିକୁ ମାରିବା
Su-usibā ପାଇଁ ଅତି ଜୋର୍ରେ ଦଉଡ଼ି ଅସିବା—
ମାର୍ତେ ଦୌଡା To advance furiously towards a
ହୁରୁକନା person to strike a blow.

ସୁଏଜ୍—ଦେ· ବ (ନାମ)—ୟୁରୋପ ଓ ଅସିଆର ମଧ୍ୟବର୍ତ୍ତୀ ଭୋଜଡ,
Suej (ବର୍ତ୍ତମାନ ଯାହା କେନାଲ୍ରେ ପରିଣତ ହୋଇ ଭୂମଧ୍ୟସାଗର
ସୁୟେଜ୍ ଓ ଲୋହିତସାଗରକୁ ଯୋଗ କରୁଥିଛି (ନଗର, ପ୍ରଣାଳୀ,
ସୁଏଜ କେନାଲ୍)—Suez (isthmus, canal, gulf and town.

ସୁଏଜ୍ କେନାଲ୍ (ଖାଲ, ନାଳ)—ଦେ· ବ—ଭୂମଧ୍ୟସାଗର ଓ
Suej kenāl (khāla, nāla) ଲୋହିତସାଗରକୁ ଯୋଗ
ସୁୟେଜ କେନାଲ କରିଥିବା ନାଳ—Suez canal. [ଦ୍ର—ଏହା
ସୁଏଜ କେନାଲ ନାଳ ଖୋଳା ହେବା ପୂର୍ବେ ୟାତ୍ରୀମାନେ
ଭାରତକୁ ଜଳପଥରେ ଅସିବା ପାଇଁ ଅଫ୍ରିକାର ଉତ୍ତମାଶା
ଅନ୍ତରୀପ (Cape of Good Hope) ବାଟେ ବୁଲି କରି
ଅସୁଥିଲେ । ଏହି ନାଳକୁ ଜଣେ ଫରାସୀ ଇଞ୍ଜିନିଅର ବୁଦ୍ଧି-ବଳରେ ଖୋଳାଇବାରୁ ଏହି ନାଳ ବାଟେ ୟାତ୍ରୀମାନେ ଭୂମଧ୍ୟସାଗରରୁ ଲୋହିତସାଗର ଓ ଅରବ ଉପସାଗର ବାଟେ ଭାରତକୁ ଅସୁଅନ୍ତି । ଏହି ନାଳ ବ ମାନ

Digitized by srujanika@gmail.com

ଇଂରେଜଙ୍କ ଅଧିକୃତ । ଏହାର ଉତ୍ତର ପ୍ରାନ୍ତରେ ପୋର୍ଟ ସଏଦ୍ ଓ ଦକ୍ଷିଣରେ ସୁଏଜ୍ ନଗର ନାମକ ଦୁଇଟି ବନ୍ଦର ଅବସ୍ଥିତ ।]

[ମିଶ୍ର ଦେଶର ପ୍ରାଚୀନ ନରପତି ଫାରାଓମାନଙ୍କ [Pharaohs] ସମୟରେ ଲୋହିତ ସାଗରଠାରୁ ନାଇଲ୍ [ଗାଳ] ନଦୀର ବଦ୍ୱୀପ ଭୂମି [ଡେଲ୍ଟା] ପର୍ଯ୍ୟନ୍ତ ପୋଟିଏ କେନାଲ୍ ଖୋଳା ହୋଇଥିଲା । ଏହାର ପଥ ଅଳ୍ପ ସ୍ୱଳ୍ପ ବଦ୍ୟମାନ ରହିଅଛି । କ୍ରମଶଃ ପରେ ସେଥିରେ ବାଲି ଜମିଗଲା । ତତ୍ପରେ ଯାବନୀକମାନେ ଅସି ବାଲି ଜଡ଼ାଇ କେନାଲର ପୁନର୍ଯୁକ୍ତି କରିଥିଲେ । ଏମାନଙ୍କ ପରେ ଖ୍ରୀଷ୍ଟ ଶତାବ୍ଦୀ ଅରମ୍ଭର ପ୍ରାୟ ଗୁରୁଶତ ବର୍ଷ ପୂର୍ବରୁ ମିଶରର ନରପତିମାନଙ୍କ ଦ୍ୱାରା କେନାଲ୍ ଖୋଳା ହୋଇଥିଲା । ତତ୍ପରେ ଅନ୍ୟ ଥରେ ମିଶରର ମୁସଲମାନ୍ ନରେତାମାନେ ଏହି କେନାଲକୁ ଖୋଳାଇଥିଲେ । ଏହି ଇତିମଧ୍ୟରେ ଅଧୁନିକ ଧରଣର ଦୁଇଟି କେନାଲ୍ ଖୋଳା ହୋଇଥିଲା ଏବଂ ସେହି ପୁରାତନ କେନାଲଟି ଅସ୍ତେ ଅସ୍ତେ ଜଳେଇ ଗଲା ।

ପ୍ରାୟ ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ଫର୍ଡିନାଣ୍ଡ୍ ଡ ଲେସ୍ସେପ୍ସ (Ferdinand de Lesseps) ନାମକ ଜଣେ ଫରାସୀ ଇଞ୍ଜିନିଅର୍ ଅସୀମ ଉତ୍ସାହରେ ପୋଟିଏ ନଦ୍ୟା ପ୍ରସ୍ତୁତକଲେ । ସେ ବିଂଶତାବ୍ଦୀ ଉତ୍ତରେ ମିଶରର ରାଜା ଖେଦଭ୍ [Khedive]ଙ୍କ ସାହାଯ୍ୟ ଲାଭ କରିବାରେ କୃତକାର୍ଯ୍ୟ ହୋଇଥିଲେ । ୧୮୫୨ ଖ୍ରୀଷ୍ଟାବ୍ଦରେ ସୁଏଜ୍ କେନାଲ୍ କୋମ୍ପାନୀ ସ୍ଥାପିତ ହୋଇଥିଲା । କେନାଲ୍ ଖନନପାଇଁ ଯେତେ ଟଙ୍କା ଦରକାର ହୋଇଥିଲା ସେଥିରୁ ଅଧେ ଫ୍ରାନ୍ସ ଓ ଅଧେ ଖେଦଭ୍ ସାହାଯ୍ୟ କରିଥିଲେ । ଖେଦଭ୍ କେନାଲ୍ ଖୋଳା କାର୍ଯ୍ୟରେ ଖୁବ୍ ସାହାଯ୍ୟ କରିଥିଲେ । ସେ ଖୋଳା କାର୍ଯ୍ୟ ପାଇଁ ଲକ୍ଷ ଯୋଗାଇ ଥିଲେ । ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ପ୍ରାୟ ଦଶବର୍ଷ କାଳ ଲାଗିଥିଲା । ସାମ୍ରାଜ୍ଞୀ ଇଜିନ୍ [Eugenie]ଙ୍କ ଦ୍ୱାରା ୧୮୬୯ ମସିହା ନଭେମ୍ବର ମାସ ୧୭ ତାରିଖ ଦିନ ଫୋନଲ୍ ଖୋଲାଗଲା । ୧୮୭୫ ମସିହାରେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ଡିସ୍ରେଲି [Disraeli] ଇଂରେଜମାନଙ୍କ ପାଇଁ ସମସ୍ତ ୪୦୦,୦୦୦ ଅଂଶ ମଧ୍ୟରୁ ଖେଦଭ୍‌ଙ୍କ ଭାଗ ୧୭୭,୬୦୨ ଟି ୧୦ଶ ୪୦ ଲକ୍ଷ ପାଉଣ୍ଡ୍ ମୂଲ୍ୟ ଦେଇ କିଣି ନେଲେ । ଅଲ୍ପଦିନେ ଏହି ଅଂଶ ଗୁଡ଼ିକର ମୂଲ୍ୟ ୭ କୋଟି ୬୫ ଲକ୍ଷ ୨୪ ହଜାର ୫୫୦ ପାଉଣ୍ଡକୁ ବଢ଼ିଗଲା ।

୧୮୮୮ ମସିହାରେ ଅନ୍ତର୍ଜାତୀୟ ଚୁକ୍ତିପତ୍ର ପ୍ରସ୍ତୁତ ହୋଇଗଲା । ଏହା ଫଳରେ ସବୁ ଦେଶର ଯୁଦ୍ଧ ଜାହାଜ, ମାଲ ବୋଝାଇ ଜାହାଜ ଇତ୍ୟାଦି କି ଯୁଦ୍ଧ, କି ଶାନ୍ତି, ସମସ୍ତ ସମୟରେ ସୁଏଜ୍‌କେନାଲ୍ ମଧ୍ୟ ଦେଇ ଯାତାୟାତ କରିବା ପାଇଁ ଅନୁମତି ପାଇଲେ ।

ସୁଏଜ କେନାଲ୍ ପୋର୍ଟସେଡ୍ ବନ୍ଦରଠାରୁ ସୁଏଜ୍ ବନ୍ଦର ପର୍ଯ୍ୟନ୍ତ ଏତ ଶତ ମାଇଲ ଲମ୍ବ । ପ୍ରଥମେ କେନାଲ୍‌ର ଓସାର ୭୨ ଫୁଟ୍ ଥିଲା । ଏହା ଜମେ ବୃଦ୍ଧି ପାଇଅଛି । ବର୍ତ୍ତମାନ କୌଣସିଠାରେ କେନାଲର ଓସାର ୧୩୫ ଫୁଟ୍‌ରୁ ଊଣା ନୁହେଁ । ସ୍ଥାନେ ସ୍ଥାନେ କେନାଲ୍‌ର ଓସାର ୧୯୭ ଫୁଟ୍ ଓ ବାଙ୍କ ମାନଙ୍କରେ ତାହାର ଓସାର ୨୫୦ ଫୁଟ୍ । ବର୍ତ୍ତମାନ କେନାଲ୍‌ର ଗଭୀରତା ପ୍ରାୟ ୪୦ ଫୁଟ୍ । ଯେଉଁ ଜାହାଜମାନ ୩୩ ଫୁଟ୍‌ରୁ ଉଣା ଗଭୀର ଜଳରେ ଗତି କରିପାରେ, ସେତେବେଳ ଜାହାଜଗୁଡ଼ିକ କେବଳ କେନାଲ୍ ଉପରେ ଯାତାୟାତ କରିବା ପାଇଁ ଅନୁମତି ପାଆନ୍ତି ।

ଏକା ସାଙ୍ଗରେ ଦୁଇଟି ଜାହାଜ କେନାଲ୍‌ରେ ଯାଇ ପାରେ ନାହିଁ । କେବଳ ଖୁବ୍ ଓସାରଥିବା ଷ୍ଟେସ୍ନ୍‌ର ହ୍ରଦ ବ୍ୟତୀତ କେନାଲ୍‌ର ଅନ୍ୟ ଅଂଶମାନଙ୍କରେ ପୋଟିଏ ଜାହାଜ କୂଳର ଦେଢ଼ଲ୍ ଲାଗି ଚଳିଲେ ବିପରୀତ ଦିଗରୁ ଆସୁଥିବା ଜାହାଜ ଗତିବିଧିକୁ ସ୍ଥାନ ପାଏ । କେନାଲ୍ କୂଳରେ ଡେର ପୋଟି ସିଗନାଲ୍ ଷ୍ଟେସନ୍ ଅଛି ।

ବଡ଼ ବଡ଼ ଜାହାଜମାନଙ୍କୁ କେନାଲ୍ ଉଉରେ ଘଣ୍ଟାରେ ପ୍ରାୟ ସାଢ଼େ ଛଅ ମାଇଲ୍‌ରୁ ବେଶୀ ବେଗରେ ଚଳାଇବାର ଅନୁମତି ନାହିଁ । କେବଳ ଷ୍ଟେସ୍ ହ୍ରଦର ଦ୍ୱନ୍ଦରେ ବେଶୀ ସ୍ଥାନ ଥିବାରୁ ଜାହାଜ ସେଠାରେ ଅଧିକ ବେଗରେ ଚଳେ ।

ବଡ଼ ବଡ଼ ଜାହାଜଗୁଡ଼ିକୁ ଥରେ କେନାଲ୍‌ରେ ଯିବା ପାଇଁ ପ୍ରାୟ ଦଶଜାର ପାଉଣ୍ଡ୍ ମାସୁଲ ଦେବାକୁ ହୁଏ । ଜାହାଜକୁ କେନାଲ୍ ପାର ହେବା ନିମିତ୍ତ ବର୍ତ୍ତମାନ ପ୍ରାୟ ୧୨ ଘଣ୍ଟାରୁ ୧୫ ଘଣ୍ଟା ଲାଗେ । ଦିନକୁ ପ୍ରାୟ ୧୬ଟି ଜାହାଜ ସୁଏଜ୍ କେନାଲ୍ ବାଟେ ଯାତାୟାତ କରେ । ସୁଏଜ୍ କେନାଲ୍ ବାଟେ ଯାତାୟାତ କରୁଥିବା ଜାହାଜ ଗୁଡ଼ିକ ଉତ୍ତରୁ ଶତକଡ଼ା ୫୫ଟି ଜାହାଜ ଇଂରେଜ-ମାନଙ୍କର ।

ଏ ସମ୍ବନ୍ଧରେ P & O Company ଙ୍କ ପ୍ରକାଶିତ Suez Canal ଇଂରାଜି ପ୍ରବନ୍ଧର ଅବଲମ୍ବନରେ ଶ୍ରୀ ବସନ୍ତକୁମାର ବେଜ୍‌ବରୁଆଙ୍କ ଦ୍ୱାରା ଲିଖିତ ଓ ନବଜୀବନ (୫।୧)ରେ ପ୍ରକାଶିତ ।]

ସୁଏଜ୍ ନଗର (ବନ୍ଦର) –ଦେ. ବ—ସୁଏଜ୍ କେନାଲ୍‌ର ଦକ୍ଷିଣ ପ୍ରାନ୍ତରେ ସୁଏଜ୍ ପ୍ରଣାଳୀରେ ସୁୟେଜ୍ ବନ୍ଦର **ସୁଏଜନଗର** ଅବସ୍ଥିତ ବନ୍ଦର—The port of Suez.

ସୁଏଜ୍ ପ୍ରଣାଳୀ—ଦେ. ବ—ଲୋହିତ ସାଗରର ଉତ୍ତର ପଶ୍ଚିମ କୋଣରେ ଥିବା ପ୍ରଣାଳୀ, ଯାହାର ଉତ୍ତର ସୁୟେଜ୍ ପ୍ରଣାଳୀ ଦୋଇରୁ ଭୂମଧ୍ୟସାଗରକୁ ନାଲ ଖୋଳା ହୋଇଅଛି— **ସୁଏଜ୍ ପ୍ରଣାଳୀ** The bay of Suez.

Digitized by srujanika@gmail.com

ସୁଓର୍ (ଇତ୍ୟାଦି)—ଦେ ବ—ଶୁଅର୍ ଇତ୍ୟାଦି (ଦେଶ)
Suor (etc) Śuar etc. (See)

ସୁଁ (ସୁଁ)—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଶରଦ ସମୟରେ ଶ୍ଲେଷ୍ମା-
Sum̐ (suñ) ଯୁକ୍ତ ନାକରୁ ବାହାରୁଥିବା ଅନୁନାସିକ ଶବ୍ଦ—
(ସୁଁ ସୁଁ—ଅନ୍ୟରୂପ) 1. Nasal sound due to cold.
ସୁଁ ସୁଁ ୨ । ଶବ୍ଦରେ ଧୀରେ ଧୀରେ କାନ୍ଦିବାର ଶବ୍ଦ—
2. Sound of sighing cry. ୩ । ଜଦଜରେ ନାକ
ଝାଡ଼ିବାର ଶବ୍ଦ; ସଇଁ ସଇଁ—3. The sound of
clearing the nose affected with cold.

ସୁଂ(ସୁଁ)ଗା(ଘା)—ଦେ. ବ ଓ ବଙ—ଶୃଙ୍ଗ (ଦେଶ)
Sum̐(suñ)gā(ghā) Śuṅgā. (See)

ସୁଂ[ସୁଁ]ଗା[ଗେ,ଘା,ଘେ]ଇବା—ଦେ. କ୍ରି—ଶୃଙ୍ଗାଇବା [ଦେଶ]
Sum̐[suñ]gā[ge,ghā,ghe]ibā Śuṅgāibā. [See]

ସୁଂ[ସୁଁ]ଗା[ଘା] ସୁଂ[ସୁଁ]ଗି[ଘି]—ଦେ. ବ—ଶୃଙ୍ଗାସୃଙ୍ଗି [ଦେଶ]
Sum̐[suñ]gā[ghā] sum̐[suñ]gi[ghi] Śuṅgāsuṅgi, [See]

ସୁଂ[ସୁଁ]ଗି[ଘି]ବା—ଦେ. କ୍ରି—ଶୃଙ୍ଗିବା [ଦେଶ]
Sum̐[suñ]gi[ghi]bā Śuṅgibā. [See]

ସୁଁ—ଦେ. ଅ [ପଞ୍ଚମୀ ବହୁଳ ଚହ୍ନ]—୧ । ରୁ; ଠାରୁ—1. From;
Suñ since. [ଦୃ—କଣ୍ଠ ଫିରିବ ! ଏତେ ଗୁଣ ବୋଲି ଚାଣି
ହୋଇ, ଥେକେ ସେ ଥିଲ କି ! କେଏଁ ନ କହିଲ; ମୂଳ ପତ୍ର ତର
ଚୋର ଧରା ଥିଲ କଟୁଡ଼ ପଡ଼େଇଲ—ଉଗ ।] ୨ । ସୁଁ
(ଦେଶ)—2. Sum̐ (See)

ସୁଁଆଁ (ଇତ୍ୟାଦି)—ଦେ. ବ—ସୃଆଁ ଇତ୍ୟାଦି (ଦେଶ)
Suñāñ (etc) Suāñ etc (See)

ସୁଁକାର—ଦେ. ବ—ନାକର ସୁଁ ସୁଁ ଶବ୍ଦ—
Suñkāra Nasal hissing sound.
ସୁଁକାର ସୁଁକାର

ସୁଁତ—ସ୍ତ୍ରୀଦେ. (ଲକ୍ଷଣା) ବ (ତୁଳ. ସଂ. ସୂତା)—ସୂତା—
Suñta Thread.

ସୁଁତା(ଥା) (ଇତ୍ୟାଦି)—ସ୍ତ୍ରୀ ବ—ସୁନ୍ତା ଇତ୍ୟାଦି (ଦେଶ)
Suñtā(thā) (etc) Suntha etc (See)

ସୁଁତାଣି(ଥା)ଣି—ଦେ ବ—ସୁନ୍ତାଣି (ଦେଶ)
Suñtā(thā)ṇi Suntbāṇi (See)

ସୁଁଥାଣ(ଣି)—ଦେ. ବ—ସୁନ୍ତାଣ (ଦେଶ)
Suñthāṇa(ṇi) Sunthāṇa (See)

ସୁଁସୁଁଆଁ(ୟାଁ)—ଦେ. ବଣ, ସୁଂ—ଯେଉଁ ବ୍ୟକ୍ତି ସୁଁ ସୁଁ ଶବ୍ଦ କରେ—
Suñsuñāñ(yāñ) Making small nasal sounds.
ସୁଁସୁଁୟେ ସୁଁ ସୁଁ କରନେ ବାଲା (ସୁଁସୁଁଏଁ—ଗ୍ରା)

ସୁଁ ସୁଁ କାନ୍ଦିବା ଦେ. କ୍ରି—ବଡ଼ ଗାଢ଼ ନ କରି, ଗୁପି ଗୁପି, ସୁଁ ସୁଁ
Suñ suñ kāndibā ଶବ୍ଦ କରି କାନ୍ଦିବା—1o moan
ଫୁଁପିୟେ ଫୁଁପିୟେ କାଁଦା with suppressed hissings.
ସୁସୁକ ସୁସୁକ ରୋନା

ସୁଁ ସୁଁ ହେବା—ଦେ. କ୍ରି—୧ । ଶର୍ଦ୍ଦି ପୋଗୁଁ ଅନୁନାସିକ ନିଶ୍ୱାସ-ଶବ୍ଦ
Suñ suñ hebā ଜାତ ହେବା—1. To make a nasal
ସୁଁ ସୁଁ କରା sound of breathing. ୨ । ସଙ୍କେତ ଜାତ
ସୁଁ ସୁଁ କରନା କାନ୍ଦିବା—2. To moan with sighs and
suppressed hissings.

ସୁକ୍[କୁ]ତ[ତା]ଳା[ଲ]—ଦେ. ବ—ଶୁକ୍ତଳା (ଦେଶ)
Suk-[ku]ta[tā]]ā[la] Śuk-talā[See)

ସୁକତାନି—ଦେ. ବ (ସଂ. ସୁକ୍ତ)—ଶୁକ୍ତାନି (ଦେଶ)
Suk-tāni Śuktāni (See)

ସୁକ୍ପାଲ୍—ପାଦେ. (ବସ୍ତୁର) ବ—ପାଲଙ୍କି—
Suk-pāl Palanquin.

ସୁକ୍[କୁ]ସୁକ୍[କୁ] (ଇତ୍ୟାଦ)—ଦେ. ବଣ—ଶୁକ୍ ଶୁକ୍ ଇତ୍ୟାଦ
Suk-[ku]suk-[ku] (etc) (ଦେଶ)—Śuk śuk etc
(See)

ସୁକ୍[କୁ]ସୁକା—ଦେ. ବଣ. ସୁଂ—ଶୁକ୍‌ଶୁକା (ଦେଶ)—Śuk-śukā
Suk-[ku]sukā (ସୃକ୍[କୃ]ସ୍ୱଅ—ଅନ୍ୟରୂପ) (See)
(ସୃକ୍[କୃ]ସୃଜା, ସୃଜ୍[କୃ]ସୃଜେଇ—ଗ୍ରା)

ସୁକ—ଦେ. ବ—ସୃକୁମାରର ଭାଇ ନାମ—Nickname for Suku.
Suka māra. ଗ୍ରା. ବ (ସଂ. ଶୁଷ୍କ; ପ୍ରା. ଶୁକ୍ଖ)—୧ । ଶୁଷ୍କ
ସୁକୋ ବ. (ଦେଶ)—1. Śuka (See) ୨ । (ସଂ.
ସୁକ ସୃଖ) ସୃଖ—2. Happiness. ୩ । ଆନନ୍ଦ—
3. Pleasure. ୪ । ସ୍ୱାସ୍ଥ୍ୟ—4. Health. ଗ୍ରା.
ଶୁକ୍‌ନୋ ସୁଖା ବଣ (ସଂ. ଶୁଷ୍କ; ପ୍ରା. ଶୁକ୍ଖ)—ଶୁଖିଲା; ଶୁଷ୍କ—
Dry.

ସୁକଟ (ଇତ୍ୟାଦ)—ଦେ. ବ—ସୃକୁଟ ଇତ୍ୟାଦ (ଦେଶ)—
Sukaṭa (etc) Śukuṭa etc (See) [ଉ—ଯାହାର
ଥିବ ଭେଡ଼ିଡ ଅକଟ । ଦେଖିବ ତୁମ୍ଭେ ତାହାର ସୁକଟ—
ଜଗତ୍ସୁନ୍ଦର. ଗୀତ ।]

ସୁକଟାକ୍ଷା—ସଂ. ବଣ(ବହୁବ୍ରୀ.ହି; ସୁ+କଟାକ୍ଷ+ଆ)—ସୁଠାରୁ; ସୁନୟନା
Sukaṭākshā —(a woman) Having charming
and ogling eyes. [ଉ—ଜଗତ ତୁ ଦେଇ
କଷା । ତ୍ରିଭୁବନରେ କି ରୂପରେ ଅଛ ସୁକଟାକ୍ଷା—ଭଞ୍ଜ.
ବୈଦେଘୁଶବଳାସ ।]

ସୁକଠିନ—ସଂ. ବଣ—୧ । ଅତି କଠିନ; ଅତ ଦୃଢ଼—
Sukaṭhina 1. Very hard. ୨ । ଦୁଷ୍କର—
2. Very difficult.

ସୁକଣ୍ଟକା—ସ୍ତ୍ରୀ. ବ—ଘୃତକୁମାରୀ (ବୃକ୍ଷବିଶେଷ)—
Sukaṇṭakā The Indian aloe; Aloe Indica.

ସୁକଣ୍ଠ—ସଂ. ବ—ମଧୁର କଣ୍ଠ ସ୍ୱର—Sweet tone. ସଂ.
Sukaṇṭha ବଣ. ପୁଂ (ବହୁବ୍ରୀ.ହି) ଉତ୍ତମ ବା ମଧୁର
[ସୁକଣ୍ଠା—ସ୍ତ୍ରୀ. ବଣ] କଣ୍ଠ ସ୍ୱରବିଶିଷ୍ଟ—Having a sweet
tone; sweet-toned; melodious.

Digitized by srujanika@gmail.com

ସୁକଣ୍ଠୀ—ଦେ. ବଣ. ସ୍ତ୍ରୀ (ଫ. ସୁକଣ୍ଠା)—୧ ମଧୁର ସ୍ୱରବିଶିଷ୍ଟା
Sukaṇṭhī (ସ୍ତ୍ରୀ)—1. (a lady) Having a
ସୁକଣ୍ଠି sweet tone. ୨ । ସୁନ୍ଦରକଣ୍ଠଯୁକ୍ତା—
ସୁକଂଠୀ 2. (a woman) Having a beautiful neck.

ସୁକଣ୍ଡୁ—ସ. ବ—କଣ୍ଡୁ ରୋଗ; କାନ୍ଦୁ [ଶବ୍ଦରତ୍ନାବଳୀ]—
Sukaṇḍu Itches.

ସୁକନ୍ଦ—ସ. ବ—କଶେରୁ [ସୁଶ୍ରୁତଧର୍ତ୍ତା]; ମୁଥା—
Sukanda Grass-root; Cyprus Rotundus.

ସୁକନ୍ଦକ—ସ. ବ—୧ । ପଲାଣ୍ଡୁ; ପିଆଜ—1. Onion. ୨ । ବାରାହୀ
Sukandaka କନ୍ଦ—2. A medicinal root bulb;
Disocorea. ୩ । ଧରଣୀ କନ୍ଦ—
3. A medicinal root bulb.

ସୁକନ୍ଦୀ—ସଂ. ବ—ଶୂରଣ; ଓଲ୍ କଚୁ (ସୁଶ୍ରୁତଧର୍ତ୍ତା)—
Sukandī Wild taro; wild arum.

ସୁକନ୍ୟକ—ସଂ. ବଣ. ପୁଂ (ବହୁବ୍ରୀ ହି; ସୁ+କନ୍ୟକା+ଅ)—
Sukanyaka ସାଧାରଣ କନ୍ୟା ସୁନ୍ଦର—Having a beauti-
[ଦ୍ୱିତନ୍ୟକା—ସ୍ତ୍ରୀ] ful daughter.

ସୁକନ୍ୟା—ସଂ. ବ (କର୍ମଧା)—୧। ସୁନ୍ଦର କନ୍ୟା—1. A beauti-
Sukanyā ful girl. ୨ । (ନାମ) ଶର୍ଯ୍ୟାତ ରାଜାଙ୍କ କନ୍ୟା;
ଚ୍ୟବନ ଋଷିଙ୍କ ସ୍ତ୍ରୀ—2. Name of the wife of
Chyabana sage. [ଉ—ସୁକନ୍ୟା ଚ୍ୟବନ
ସମୀପେ । ଶତଇ ସନ ଅଡୁରୁପେ—ଜଗନ୍ନାଥ. ଭାଗବତ ।]
[ଦ୍ର—ଶର୍ଯ୍ୟାତ ମୃଗୟା ନମନ୍ତେ ଥରେ ସପରିବାର ଅରଣ୍ୟକୁ
ଯାଇଥିଲେ । ସୁକନ୍ୟା ସନ ଆନନ୍ଦରେ ବନରେ ବୁଲି
ବୁଲି ଗୋଟିଏ ଢିପା ମଧ୍ୟରେ ଜୁଜୁମୁଜୁ ଦିଶୁଥିବା ଦୁଇଟି
ଉଜ୍ଜ୍ୱଳ ପଦାର୍ଥ ଲକ୍ଷ କରି ବାଳସୁଲଭ ବଶତଃ ସେ
ଦୁଇଟି ବସ୍ତୁକୁ କଣ୍ଟାଦ୍ୱାରା ଫୋଡ଼ି ଦେଲେ । ଦେଖାଗଲା
ଯେ, ଏ ଦୁଇଟି ଉଜ୍ଜ୍ୱଳ ବସ୍ତୁ ଉପସ୍ୟାସରତ ଚ୍ୟବନ ଋଷିଙ୍କର
ଦୁଇଟି ଚକ୍ଷୁ । ଚ୍ୟବନ ମୁନ ବଜର ନଯୁନ ନାଶରେ ଜୁବ
ହୋଇ ଅଉଶାଅଦ୍ୱାରା ସ୍ୱାଙ୍କ ସୈନ୍ୟଗଣର ସଳ ମୂତ୍ର ଭ୍ୟାଗ
ବନ୍ଦ କର ଦେଲେ । ସ୍ୱାଙ୍କା ଅନଜ୍ୟୋତ୍ସାପୂ ହୋଇ
ଋଷିକ ଜସ୍ତରେ ସ୍ତ କନ୍ୟା ସୁକନ୍ୟାଙ୍କୁ ଅର୍ପଣ କରି ଉକ୍ତ
ଶାସରୁ ନିସ୍ତୁତ ପାଇଲେ । ଚ୍ୟବନ ଅତ୍ୟନ୍ତ ଭୋଜନ-
ପ୍ରକୁତି ଥିଲେହେଁ ସୁକନ୍ୟା ସ୍ତ୍ରୀସ୍ତ ପାତିବ୍ରତ୍ୟ ଓ ସେବାଦ୍ୱାରା
ସ୍ୱାମୀଙ୍କୁ ପରମ ପ୍ରୀତ କରିଥିଲେ ।]

ସୁକନ୍ୟାକ—ସ. ବଣ. ପୁଂ (ବହୁବ୍ରୀ ହି)—ସୁକନ୍ୟକ (ଦେଖ)
Sukanyāka Sukanyaka (See)
(ସୁକନ୍ୟାକା—ସ୍ତ୍ରୀ)

ସୁକର—ସଂ. ବି. ପୁଂ (ସୁ+କୃ ଧାତୁ+କର୍ମ. ଅ)—୧ । ସୁସାଧ୍ୟ;
Sukara ସହଜସାଧ୍ୟ; ଅନାୟାସସାଧ୍ୟ—1. Easy of accom-
ସୁକର ସୁକର plishment. ୨ । ସୁଖକର—2. Pleasant.
[ଦୁଷ୍କର—କଷସ୍ତ] ବେ. ବଣ—ସୁନ୍ଦର—Beautiful. [ଉ—
ବାହାରଲେ ସୁନ୍ଦର କଣ୍ଢାଇ ପରକାର ଯେ—ଭଜ. ବୈଦେ-
ଶୁକର ସ୍ତ୍ରୀଶବଳାସ ।] ତ୍ରା. ବ (ସଂ. ଶୂକ)—ଶୂକର (ଦେଖ)
ସୁକର Sukara (See)

ସୁକରଜା—ସଂ. ବଣ (ବହୁବ୍ରୀ ହି; ସୁ+କରଜ+ଅ)—ସୁନଖୀ;
Sukarajā ସୁନ୍ଦର ନଖବିଶିଷ୍ଟା—[a lady] Having
beautiful nails. [ଜ୍ର—ସୁକରଜା ମୋହ ପାରେ
ଶୁକ—ଭଜ. ବୈରସ୍ୟଶତକସ୍ୟ ।]

ସୁକରା—ସଂ. ବ. ସ୍ତ୍ରୀ (ସୁକର+ଅ)—ସୁଶୀଳା ଗାଈ; ଶାନ୍ତ ଗାଈ
Sukarā (ଅମର)—A meek cow.

ସୁକର୍ଣ୍ଣକ—ସଂ. ବଣ. ପୁଂ (ବହୁବ୍ରୀ ହି)—ସୁନ୍ଦର କର୍ଣ୍ଣଯୁକ୍ତ—
Sukarṇṇaka Having butiful ears.
(ସୁକର୍ଣ୍ଣିକା—ସ୍ତ୍ରୀ) ସଂ. ବ—ହସ୍ତିକନ୍ଦ (ଦେଖ)
Hastikanda (See)

ସୁକର୍ଣ୍ଣିକା—ସଂ. ବ—ମୂଷିକକର୍ଣ୍ଣୀ (ଶବ୍ଦରତ୍ନାବଳୀ); ମୁଷାକାନ;କନ
Sukarṇṇikā ଶାକ ବିଶେଷ—Acalypha Indica.

ସୁକର୍ମ[ର୍ମ୍ମ]—ସଂ. ବ—୧ । ସୁନ୍ଦର କାର୍ଯ୍ୟ; ଉତ୍ତମ କାର୍ଯ୍ୟ—
Sukarma[rmma] 1. Good work. ୨ । ସତ୍କ୍ରିୟା;
ସଦନୁଷ୍ଠାନ—2. Benevolent act. ସଂ. ବଣ—
ସତ୍କ୍ରିୟ (ବ୍ୟକ୍ତି)—(A man) Performing
good acts.

ସୁକର୍ମ[ର୍ମ୍ମ] ସେବା—ସଂ. ବ—ଉତ୍ତମ କର୍ମ ସାଧନ; ଉତ୍ତମ ବା ହିତ
Sukarma[rmma] sebā କର୍ମ ସାଧିବାରେ ଜଜର
ଜନ୍ମୋଜନ—Performance of good acts.
(ଉ—ନ ଦେଇ ଅଦୃଷ୍ଟେ ସନ ଗୋ । କର୍ମମସ୍ୱ ଭବେ
ସୁକର୍ମ ସେବାରେ ରତ ଥିବା ସବୁଜଣ ଗୋ—
ବାଳକୃଷ୍ଣ· ଫୁଲ ଉତ୍କଳବେଣୀ ।)

ସୁକର୍ମା(ର୍ମ୍ମା)—ସଂ. ବଣ. ପୁଂ (ବହୁବ୍ରୀ ହି; ସୁ+କର୍ମନ୍; ୪ମା. ୧ବ)—
Sukarmā(rmmā) ୧ । ଶୋଭନ କର୍ମଶୀଳ; ସତ୍କ୍ରିୟ
(ଦ୍ୱେମଚନ୍ଦ୍ର)—1. Performing good acts. ୨ ।
କର୍ମଜ୍ଞ; କାର୍ଯ୍ୟକୁଶଳ—2. Able; skilful. ସ. ବ—
୧। (ଜ୍ୟୋତିଷ) ବିଷ୍ଟୁମ୍ଭାଦି ସପ୍ତବିଂଶତି ଯୋଗାନ୍ତର୍ଗତ ସପ୍ତମ
ଯୋଗ—1. (Astrology) One of the 27
astrological conjunctions. [ଦ୍ର—ଏଥିରେ
ଜାତ ହେବା ବ୍ୟକ୍ତି ସତ୍କର୍ମଶାସ୍ତ୍ର, କଳାକୁଶଳ, ଜ୍ୟୋତିଷୁକ୍ତ,
ଯଜ୍ଞୀ ଓ ସୁକର୍ମୀ ହୁଏ । ବୋଷ୍ଟୀ ପ୍ରଘଟ ।] ୨ । ବିଶ୍ୱ-
କର୍ମା (ସେଦଜ୍ଞ)—2. The heavenly archi-
tect.

ସୁକଳ—ସଂ. ବି. ପୁଂ (ସୁ=ଅତ୍ୟନ୍ତ+କଲ୍· ଧାତୁ=ଶବ୍ଦ କରିବା+
Sukala କର୍ତ୍ତରି· ଅ)—ଦାତା ଓ ଭୋକ୍ତା; ଦାନ ଓ ଭୋଗରେ
(ସୁକଳା—ସ୍ତ୍ରୀ) ସମର୍ଥ ବ୍ୟକ୍ତି—A person who is a good
bestower and enjoyer of things. ସଂ. ବ—
(ବହୁବ୍ରୀ ହି; ସୁ=ଉତ୍ତମ ଯଟେ କଳ=ଧ୍ୱନି ଯାହାର)—
୧ । ମଧୁରସ୍ୱରଯୁକ୍ତ ଧ୍ୱନିବାଦ୍ୟ—1. Making a sweet
sound. ୨। ଅବ୍ୟକ୍ତ—2. Exact. ୩। ଦାନଶୀଳ—
3. Generous; charitable.

Digitized by srujanika@gmail.com

ସୁକଲ୍ୟ—ଦେ. ବିଣ (ସଂ. ସୁକଳ)—ସୁକଳ (ଦେଶ)
Sukalya — Sukāla. (See)
ଦାତାଓ ଭୋଗୀ (ଉ—ସୁକଲ୍ୟ ଅସାଧ୍ୟ ମାନବ, ତତ୍ତ ସଇଁ ଶୁଦ୍ଧବୋଧ। ଜଗନ୍ନାଥ. ଭାଗବତ।)
दाता और भोगी

ସୁକା(କି)—ଦେ. ବ—୧। ସିକ୍ତକା—1. Four anna bit. ୨। ଶୁକଦେବ ଓ ସୁକ୍ରମାରର ଭାକ ନାମ—2. Names for calling Śukadeba and (ସୁକାଇ, ସୁକଆ, ସୁକୁ, ସୁକୁଆ, ସୁକେଇ-ଅନ୍ୟରୂପ) Sukumāra.
शुका सुका
ଦେ. ବିଣ—ଶୁକା (ଦେଶ)—Śukā. (See)

ସୁକାଣ୍ଡ—ସଂ. ବ—୧। (କର୍ମଧା) ସୁନ୍ଦର କାଣ୍ଡ—1. A beautiful trunk. ୨। (ତତ୍ପୁରୁ) କାରବେଲ୍ଲ (ସୁଜନ୍ତଦର୍ଘଣ୍ଟ) ତରୁତ୍ୱ—2. Hairy Memordica creeper and its bitter fruit. ସଂ. ବିଣ (ବହୁବ୍ରୀ)—ସୁନ୍ଦର କାଣ୍ଡଯୁକ୍ତ (ବୃଷାଦ)—Having a beautiful trunk or stalk.
सुकाण्ड सुकाण्ड

ସୁକାଣ୍ଡିକା—ସଂ. ବ—କାଣ୍ଡୀର ଲତା (ସୁଜନ୍ତଦର୍ଘଣ୍ଟ)—A sort of creeper.
सुकाण्डिका

ସୁକାଣ୍ଡୀ—ସଂ. ବିଣ (ସୁ+କାଣ୍ଡ+ଇନ୍; ୧ମା. ୧ବ)—୧। ସୁନ୍ଦର କାଣ୍ଡଯୁକ୍ତ—1. Having a good trunk. ୨। ଭ୍ରମର (ସୁଜନ୍ତଦର୍ଘଣ୍ଟ)—2. The black bee.
सुकाण्डी

ସୁକାନ୍(ନ୍)—ବୈଦେ. ବ (ଫା. ସୁକାନ୍=ନୌକାର କର୍ଣ୍ଣ)—ନୌକାର ପଛ ପଟରେ ଥିବା ବସ୍ତ୍ରାଦ୍ଧ ଦଣ୍ଡ ବା ହାଲ ଯନ୍ତ୍ର—The helm of a boat. [ଉ—ଜାହାଜ ସୁକ୍କାନ, ପତୱାର ସୁକାନରେ ଖାଲ୍ଲ ଦ୍ୱାଡ ପଡ଼ିଥାଏ, ସଲଖ ଜାହାଜ ଧାଇଁ ନ ପାରେ। ଥକାରମୋଡନ. ଗଳ୍ପଲ୍ଲ।]

ସୁକାନ୍(ନ୍) ଧରିବା—ଦେ. କ୍ରି—ଉଙ୍ଗା ଅବର ସଙ୍ଗ ଧରିବା—To steer the helm of a boat.
हाल धरना सुकान पकड़ना

ସୁକାନ—ଦେ. ବ—ଚଲକାରେ ଯେଉଁ ଉଙ୍ଗାରେ ଲୋକମାନେ ଯା ଆସ କରନ୍ତି—A kind of boat used in carrying passengers across the Chilka lake.
सुकान सुकान

ସୁକାନି—ବୈଦେ. ବ (ଫା. ସୁକାନ୍=କର୍ଣ୍ଣଧାର)—ନୌକାର କର୍ଣ୍ଣଧାର; ସଙ୍ଗଧର—The helmsman. (ଉ—ମାଝି, କାଣ୍ଡାରୀ ……ଖଲ୍ଲସିମାନେ ଅଛୁ ସୁକାନ ଅଗଣା ଅଗଡା ସୁକ୍କାନି, पतवारिया ଜାଗାରେ ଛଡ଼ା ହୋଇଗଲେ। ଫଲ୍ଗୁ-ମୋଡନ. ଗଳ୍ପଲ୍ଲ।) ସ୍ରାଦେ (ଛତ୍ତର ବାଲେଶ୍ୱର) ବ—ସୁନ୍ଦୁସକଥ—Marsibā Quadrifolia. (pot-herb)

ସୁକାନ୍ତ—ସଂ. ବି. ପୁଂ—ସ୍ନେହଶୀଳ ସ୍ୱାମୀ—Loving husband.
Sukānta
ଦେ. ବି. ପୁଂ—ଲୋକଙ୍କର ନାମ—A name given to males.
सुकान्त सुकान्त
(ସ୍ତ୍ରୀ—ସ୍ତ୍ରୀ)

ସୁକାନ୍ତି—ସଂ. ବ—୧। ସୁନ୍ଦର କାନ୍ତି—1. Beautiful lustre. ୨। (ନାମ) ମୁନି ବିଶେଷ—2. Name of a sage. (ଉ—ଏକାନ୍ତେ ସୁକାନ୍ତି ଉତ୍ତୁଜା-ଙ୍କର-ଶେଖରବାର। ବ୍ରଧାନାଥ. ଚତ୍ତୁଗ୍ଗା।) [ତ୍ର—ସୁକାନ୍ତି ଋଷିଙ୍କ ତପଃ ପ୍ରଭାବରୁ ମହାନଦୀ ଜାତ ହୋଇଥିବା ପୌଗ୍ରଣିକ କଂବଦନ୍ତୀ ଅଛି।] ଂ। (ନାମ) ବିଦ୍ୟୁଜ୍ଜିହ୍ୱ ରାକ୍ଷସର ଭଉଣୀ—3. Sister of the Rākshasa Biddyujjihwa, who assumed the form of Sitā by magic. (ଉ—ରାଜା ବଃ ତଳେ ଗତ ସୁକାନ୍ତିକ ଘୋଳ ଭ୍ରାତ ମଣାସି ଜାମ୍ୟକ ଗର୍ଥେ ଦାନ୍ତ. । ଭଞ୍ଜ. ବୈଦେଗ୍ଗୀଶକଲାସ।) [ତ୍ର—ଏହି ରାକ୍ଷସୀ ସ୍ୱଜାତର ପ୍ରସ୍ତୋତନାରେ ମାୟାସୀତା ରୂପଧାରଣ କରିଥିଲା।] ବି. ବିଣ. ପୁଂ ଓ ସ୍ତ୍ରୀ. (ବହୁବ୍ରୀ)—ସୁନ୍ଦରୀ; ସୁନ୍ଦର—Beautiful (male and female). (ଉ—ହେ ଭଲ କନ୍ତଲ ବର କାହିଁ ଲଭ୍ୟ ସୁକାନ୍ତିକ ଦେଲ ଉତ୍ତର। ଭଞ୍ଜ. କୋଣିବ୍ରହ୍ମ ଶ୍ରେସୁ-ସ୍ତ।)

ସୁକାମା—ସ. ବିଣ. ସ୍ତ୍ରୀ—ଶୋଭନ କାମଯୁକ୍ତା—Having a good desire. ସ. ବ—ଜାୟୁମାଣା (ସୁଜନ୍ତଦର୍ଘଣ୍ଟ); ବଲାଡ୍ମୁର, ବନଭାଟୁଲିୟା ହିମାଳୟଦେଶୀୟ ଉଦ୍ଦଦଲଥ ଗୁଳ୍ମ—A plant; Thalictrum Falialosum.
सुकामा

ସୁକାର—ଦେ. ବ—ସୁସ୍ତ ଶବ୍ଦ—Hissing sound. (ଉ—ଗର୍ଜ୍ଜନ-ସୁକାର ବ୍ୟାଜେ କର ସୁକାର ଚବଦ। କୃଷ୍ଣସିଂହ. ମହାଶ୍ୱେତ ସୌଁସୌଁ ବନ।) ତ୍ରା. ବ (ସ ସ୍ୱୀକାର)—ସ୍ୱୀକାର (ଦେଶ)—Swīkāra. (See)
सुकार

ସୁକାଳ—ସ. ବ (କର୍ମଧା)—୧। ସୁସମୟ—1. Good time. ୨। ସୁକାଳରେ ସୁଲଭ ଅବସ୍ଥା—2. Time of plenty in the country.
Sukāla

ସୁକାଷ୍ଠକ—ସଂ. ବ—୧। ଉତ୍କୃଷ୍ଟ ବା ସୁନ୍ଦର କାଷ୍ଠ—1. Excellent or nice wood. ୨। ଦେବଦାରୁ (ସୁଜନ୍ତଦର୍ଘଣ୍ଟ); ଦେବଦାରୁ—2. Pine wood.
Sukāshṭhaka

ସୁକାଷ୍ଠା—ସ. ବ—୧। କାମ୍ପି; ତତ୍ପୁକ (ଶବ୍ଦରତ୍ନାବଳୀ)—1. Black hellebore. ୨। କାଷ୍ଠ କଦଳୀ (ଶବ୍ଦରତ୍ନାବଳୀ)—2. A sort of wild hard plantain.
Sukāshṭhā

ସୁକି—ଦେ. ବ—୧। ସିକ୍ତକ; ଗୁର ଅଣା—1. Four anna bit. ୨। ଟଙ୍କାର ଏକ ଚତୁର୍ଥାଂଶ—2. ¼ of a rupee. ୩। ସିକି ତୋଳାର ଏକ ଚତୁର୍ଥାଂଶ—3. ¼ of a tola in weight.
Suki
चौअन्नि, सुकी

ସୁକିନ୍ଦା—ଦେ. ବ (ନାମ)—କଟକ ଜିଲ୍ଲାର ଯାଜପୁର ସବଡିଭିଜନ୍ ଅନ୍ତର୍ଗତ ଗୋଟିଏ ଜିଲ୍ଲାଭାଡ ଜମିଦାରୀ—The name of an estate in the Cuttack district. [ତ୍ର—ଅଷ୍ଟମ ଶତାବ୍ଦୀର ମଧ୍ୟଭାଗରେ ମଧ୍ୟଦେଶବାସୀ ଯୋଗେନ୍ଦ୍ର ଭୂପତି ପୁରୁଷୋତ୍ତମ ଜଗନ୍ନାଥଙ୍କ ଦର୍ଶନ ଯାଇ ଅସି ଥିଲେ। ସେ ଏଠାରେ ରହି ଏହି ଜିଲ୍ଲାର ଉଦାଗନ୍ତୁନ

Digitized by srujanika@gmail.com

ଅସଭ୍ୟ ଜାତିଙ୍କ ପ୍ରଧାନ କୃଷ୍ଣଚନ୍ଦ୍ର ଧୀରଙ୍କ କନ୍ୟାଙ୍କୁ ବରାହ ଚର ସୁକନାର ସୁଜା ଦେଲେ । ତାଙ୍କ ସମସ୍ତରୁ ଅଳ୍ପ ପର୍ଯ୍ୟନ୍ତ ସୁକଦାରେ ସବ ମୋଟ ୪୪ ଜଣ ସୁଜା ହୋଇଛନ୍ତି ।

ଲେଖକ—ଶ୍ରୀ ଚନ୍ଦ୍ର ଶେଖର ଦାସ ।]

ସୁକୁ—ଦେ· ବ (ନାମ)—୧ । (ପୁଂ) ସୁକୁମାରର ଡାକ ନାମ—1. (Masculine) Name for calling Sukumāra. ୨ । (ସ୍ତ୍ରୀ) ସୁକୁମାରୀର ଡାକ ନାମ—2. (Feminine) Name for calling Sukumārī.

ସୁକୁଟ—ଦେ· ବ (ବ୍ୟଙ୍ଗାର୍ଥକ)—୧ । ଭାଣ୍ଡବ; କଳହଜଥ; ଅନର୍ଥ; ଦ୍ୱନ୍ଦ୍ୱ—1. Any quarrel. [ଉ—ସେ ଗାଁଅରୁ ମଜା ଅସି ସୁକୁଟ ଲଗାଇଛି ।] ୨ । ଅଯଥାସ୍ଥ; ନାଟ; ନୃତ୍ୟ—ଝଗଡ଼ା 2. Dancing. [ଉ—ତା ଘରେ ସୁକୁଟ ଲଗିଛି ।] ଲାଞ୍ଛନା ୩ । ଲଞ୍ଚନା; ଦୁଃଖଦଃଖ—3. Being in trouble; ଦିକ୍କତ harassment. [ଯଥା—ଭୁ ମୋ ସୁକୁଟ ଦେଖୁଛୁ ।]

ସୁକୁଟ ଦେଖିବା—ଦେ· କି—ପରର ଦୁଃଖ ବା ଲଞ୍ଚନାଭୋଗକୁ ମଜାଦେଖା ଅନନ୍ଦ ସହିତ ଦେଖିବା—To look complacently on another's troubles; to ଦିକ୍କତ ଦେଖନା gloat over another's misery.

ସୁକୁଟ ଲଗା(ଗେ)ଇବା—ଦେ· କି—ଅନର୍ଥ ବା କଳ ଉଥଇବା—Sukuṭa lagā(ge)ibā To foment quarrel or ମଜା ଲାଗାନ, ଝଗଡ଼ା ବାଁଧାନ ଝଗଡ଼ା ଲଗାନା trouble. (ସୁକୁଟ ଲଗାଇ ଦେବା—ଅନ୍ୟରୂପ)

ସୁକୁଟା [ଇତ୍ୟାଦି]—ଦେ· ବ୍ରଜ—ଶୁକୁଟା ଇତ୍ୟାଦି [ଦେଖ] Sukuṭā (etc) Śukuṭā etc. (See)

ସୁକୁଟି (ଇତ୍ୟାଦି)—ଦେ· ବ୍ରଜ ଓ ବ—୧ । ଶୁକୁଟି ଇତ୍ୟାଦି (ଦେଖ)—Sukuṭi (etc) 1. Śukuṭi etc. (See) ୨ । ଝିଅକୁ ଦିଆ ଯିବା ଘରେଇ ନାମ—2. Nickname of girls.

ସୁକୁତାନି—ଦେ· ବ (ଫ· ସୁତନ୍ତ୍ର)—ଶୁକ୍ତାନି (ଦେଖ) Sukutāni Śuktāni. (See)

ସୁକୁତୁଣି ପୂଜା—ଦେ· ବ—ଶୁବଚନୀ (ଦେଖ)—Śubachanī. Sukutuṇi pūjā (See) [ଉ—ଜିନାଥମେଳା, ସୁକୁତୁଣି ପୂଜା, [ସୁକୁତୁଣୀ ପୂଜା—ଅନ୍ୟରୂପ] ଛାମଦେବତା ମାଜଣା—ଦୁଇଜଣ ସାଜ ହେର୍ ହେର୍ ଧର୍ମଚାର୍ଜ ଚଲେ । ଫିଙ୍କାରମୋହନ. ଗଳ୍ପଲ୍ପ ।]

ସୁକୁନ୍ଦକ—ଫ· ବ—ଚଣ୍ଡ [ଶବ୍ଦ ଚନ୍ଦ୍ରାବଳୀ]—Sukundaka Onion.

ସୁକୁନ୍ଦନ—ଫଂ· ବ—ବଙ୍ଗର ଚନ୍ଦନ [ବ୍ରଜ ବର୍ଦ୍ଧଣ]—Sukundana A kind of sandal wood.

ସୁକୁ(ଖୁ)ମ—ତ୍ରା· ବଣ (ଫ· ସୂକ୍ଷ୍ମ)—ସରୁ; ସୂକ୍ଷ୍ମ—Suku(khu)ma ସରୁ ସୂକ୍ଷ୍ମ Fine.

ସୁକୁମାର—ଫ· ବ· ସ୍ତ୍ରୀ (କର୍ମଧା)—୧ । ଉତ୍ତମ ବାଳକ—1. Good Sukumāra boy. ୨ । ଅଳ ଶିଶୁ—2. Infant; mere [ସୁକୁମାଷ୍ଟ—ଷ୍ଟା] child. ୩ । ପଣ୍ଡ୍ରେକ୍ଷୁ [ମେଢଳା] —3. A kind of sugarcane. ୪ । ବନଭଣ୍ଡ (ବ୍ରଜ-ବର୍ଦ୍ଧଣ)—4. A sort of wild flower. ୫ । ଝବ; ଛିଙ୍କ [ବ୍ରଜ ବର୍ଦ୍ଧଣ]—5. Sneezing. ୬ । ଶ୍ୟାମଜା; ସ୍ୱଥଁ ଧାନ [ବ୍ରଜବର୍ଦ୍ଧଣ]—6. A wild grain; Panicum Frumentaceum. ୭ । ଅଘାସାର୍ [ହି· ଶ]—7. Acheranthes Aspera. (plant) ୮ । ତମାଖୁ ପତ୍ର [ହି· ଶ]—8. Tobacco leaf. ଫ· ବ୍ରଣ—୧ । ଅତି କୋମଳ [ଅମର]—1. Very soft; delicate; tender. ୨ । କୋମଳାଙ୍ଗଯୁକ୍ତ; ଯେ କଷ୍ଟ ସହ୍ୟରେ ନାହିଁ—2. Incapable of bearing pain; delicate-bodied; tender-bodied. ୩ । ସୂକ୍ଷ୍ମ; ସରୁ—3. Fine. ୪ । ପତଳା—4. Slender. ବେ· ବ୍ରଣ—୧ । କୋମଳ ଶରୀର ବିଶିଷ୍ଟ—1. Having a very tender body. [ଉ—ସହଜେ ଦୁଃଖ ପାବେ ସୁକୁମାର ହୋଇ । କୃଷ୍ଣସିଂହ· ମହାଭାରତ, ବନ ।] ୨ । [ସ୍ତ୍ରୀ] ଯେ ଦୁଃଖ ବା କଷ୍ଟ ସହ୍ୟରେ ନାହିଁ—2. Incapable of bearing pain and sorrow. [ଉ—ଦଣ୍ଡେ ବସଇ ଦଣ୍ଡେ ଗଲ, ଅଇ ସୁକୁମାର ଘୁଅଲୀ । ଭୂପତି· ପ୍ରେମ ପଞ୍ଚାମୃତ ।]

ସୁକୁମାରକ—ଫ· ବ (ସୁକୁମାର+ସ୍ୱାର୍ଥେ· କ)—ସୁକୁମାର (ଦେଖ) Sukumāraka Sukumāra. (See)

ସୁକୁମାର କଳା—ଫ· ବ (ଅଧୁନକ ପ୍ରୟୋଗ)—ସୂକ୍ଷ୍ମ କଳା (ଦେଖ)—Sukumāra kalā Sūkshma kalā. (See) (ଉ—ସୁକୁମାର କଳା ସଙ୍ଗେ ଶବ୍ଦବିଦ୍ୟା ଶିଖିଥିଲ କଳାବନ୍ତ । ରାଧାନାଥ. ସଯାତି ।)

ସୁକୁମାର ବିଦ୍ୟା—ଫ· ବ (ଅଧୁନକ ପ୍ରୟୋଗ)—କଳା ବିଦ୍ୟା—Sukumāra bidyā Arts.

ସୁକୁମାର ଶିଳ୍ପ—ଫ· ବ (ଅଧୁନକ ବ୍ୟବହାର)—୧ । ସୂକ୍ଷ୍ମ କଳା Sukumāra śilpa ବିଦ୍ୟା—1. Fine arts. ୨ । ସାହିତ୍ୟାଦି ଶାସ୍ତ୍ର—2. Polite or elegant learning; belles lettres.

ସୁକୁମାରୀ—ଫ· ବ (ସୁକୁମାର+ଆ)—୧ । ଜାତି; ଜାଇଫୁଲ—Sukumārī 1. One-pettaled Jasmine; Jasminum Grandiflorum. ୨ । ନବମାଳିକା; ବଥଲୀ ଫୁଲ—2. A kind of flower; Jasminum Arborescens. ୩ । କଦଳୀ—3. Banana; plantain. ୪ । ଘୁଙ୍କା; ଗିଡ଼ିଚ ଶାଗ—4. Trigonella Corniculata (pot herb). ୫ । ମାଲତୀ—5. A creeper and its flower; echites.

Digitized by srujanika@gmail.com

ସୁକୁମାରଥ—ଦେ. ବଣ. ପୁଂ ଓ ସ୍ତ୍ରୀ (ସଂ. ସୁକୁମାର)—ସୁକୁମାର (ଦେଖ)—Sukumāra. (See)
Sukumāriā
ସୁକୁମାର ସୁକୁମାର

ସୁକୁମାରିକା—ସଂ. ବ—କଦଳୀ ଗଛ (ହୁ. ଶ)
Sukumārikā Plantain tree.

ସୁକୁମାରୀ—ସଂ. ବ—୧ । ନବମାଳତୀ (ସ୍ୱଳ୍ପଗର୍ଭଦ୍ୟ); ବଥଳୀ—
Sukumārī 1. A flower; Jasminum Arborescens. ୨ । ବଳମଲ୍ଲିକା (ହୁ. ଶ)—2. Wild jasmine. ୩ । ବଡ଼ କଲରା (ହୁ. ଶ)—3. Big variety of memordica. ୪ । କଦଳୀ ଗଛ (ହୁ. ଶ)—4. Plantain tree. ୫ । ଗୁକ୍‌ରା; ପିଡ଼ଙ୍ଗ ଶାଗ (ହୁ.ଶ)—5. Trigonella Corniculata (herb) ୬ । କନ୍ୟା (ହୁ. ଶ); ବାଳକା-6. Girl. ୭ । ଝିଅ (ହୁ. ଶ)-7. Daughter. ସଂ. ବଣ—ସୁକୁମାରର ସ୍ତ୍ରୀଲିଙ୍ଗ—
ସୁକୁମାରୀ Feminine of Sukumāra. ଦେ. ବ. ସ୍ତ୍ରୀ—
ସୁକୁମାରୀ, ସୁକୁଆଁରୀ ୧ । କୋମଳାଙ୍ଗୀ ସ୍ତ୍ରୀ—1. A delicate-bodied woman. ୨ । ଯେଉଁ ସ୍ତ୍ରୀ ଶାରୀରିକ କଷ୍ଟ ସହ୍ୟ କରେ ନାହିଁ—2. A woman who cannot bear physical pain. ୩ । ସ୍ତ୍ରୀ ଲୋକଙ୍କ ଦଅଥିବା ନାମ—3. A name given to females.

ସୁକୁମାରେଇ—ଦେ. ବଣ. ସ୍ତ୍ରୀ—ସୁକୁମାର ବା ସୁକୁମାରଥର ସ୍ତ୍ରୀଲିଙ୍ଗ—
Sukumārei The feminine form of Sukumāra or Sukumāriā.
ସୁକୁମାରୀ ସୁକୁମାରୀ

ସୁକୁର୍କୁର—ସଂ. ବ—ବାଳରୋଗବଶେଷ (ହୁ. ଶ)—
Sukurkura A kind of infantile disease.

ସୁକୁଳ—ସଂ. ବ—୧ । ଉତ୍ତମ କୁଳ ବା ବଂଶ—1. Good family.
Sukula ୨ । ଉଚ୍ଚବଂଶ-2. High family. ସଂ. ବଣ (ପୁଂ)—(ସୁକୁଳା—ସ୍ତ୍ରୀ) ଉଚ୍ଚବଂଶୋଦ୍ଭବ; କୁଳୀନ (ହୁ. ଶ)—
Of noble birth.

ସୁକୁଲ—ଆଦେ. (ଗଡ଼ଜାତ) ବ—ସିଙ୍କୋଲ (ଦେଖ)
Sukulā Sinkolā (See)

ସୁକୃତ—ସଂ. ବଣ (ସୁ+କୃ, ଧାତୁ+କ୍ତି. କ୍ୱିପ୍)—୧ । ପୁଣ୍ୟବାନ୍
Sukṛut (ଜଃଧର)—1. Pious. ୨ । ଧାର୍ମିକ (ଈଶ୍ୱରାଶ୍ରିତ ଶେଷ)—2. Godfearing. ୩ । ଉତ୍ତମ କାର୍ଯ୍ୟକାରୀ—3. Doing good acts.

ସୁକୃତ—ସଂ. ବଣ (ସୁ+କୃତ)—୧ । ସୁନ୍ଦରରୂପେ ନର୍ମିତ; ସୁନର୍ମିତ
Sukṛuta —1. Well made. ୨ । (ପୁଂ) ସୌଭାଗ୍ୟଶାଳୀ—
(ସୁକୃତା—ସ୍ତ୍ରୀ) 2. Prosperous. ୩ । ଭାଗ୍ୟବାନ୍—3. Fortunate; lucky. [ଉ—ଯାହାକୁ ଦ୍ୱାର ଅନୁଭବ କରୁଛି କେତେ ସୁକୃତ ସେ କାର୍ଯ୍ୟ—ଗ୍ରାନ୍ଥୀ. ରସବାରଥ ।] ୪ । ସୁସଫଳ—4. Well accomplished. ୫ । ସୁବହୁତ—5. Proper; befitting. ୬ । (ବହୁବ୍ରୀହି; ସୁ=ଉତ୍ତମ ଅର୍ଥେ କୃତ=ଧର୍ମ ଯାହାର) ପୁଣ୍ୟବାନ୍—6. Picus. ୭ । ଧାର୍ମିକ; ଧର୍ମଶୀଳ—
7. Religious; godfearing. ସଂ. ବ—୧ । ପୁଣ୍ୟ (ଅମର)—1. Peity. ୨ । ଧର୍ମ କାର୍ଯ୍ୟ—2. Religious act. ୩ । ସତ୍‌କର୍ମ—3. Act of religious merit; good act; virtuous act. ୪ । ଦୟା—4. Mercy; kindness. ୫ । ସଙ୍ଗଳ; ଶୁଭ (ମୋକ୍ଷର)—5. Bliss. ୬ । ପୁରସ୍କାର—6. Reward, ୭ । ସୌଭାଗ୍ୟ; ସୁଖ୍ୟ—7. Affluence; prosperity; good luck. [ଉ—ସୁକୃତଙ୍କ ଯାଦାର ଦୋଇବ ଉଦସ୍—କୃଷ୍ଣସିଂହ. ମହାଭାରତ. ହଳପ କଳ ।] ଦେ. ବ—୧ । ଦୃଢ଼ପ—1. Oath. [ଉ—ସୌଗନ୍ଧ ବକୃତ ନୁହେ ମୁଁ ସୁକୃତ କରୁଛି ତୋଡ କୃତ ରସେ ମୋର ପ୍ରୀତି—ରଜ. ବୈଦେହୀଶବଳାସ ।] ୨ । ପୂର୍ବ
ସୁକୃତ ଜନ୍ମାର୍ଜିତ ପୁଣ୍ୟ—2. Piety due to religious acts performed in a previous life.
ସକୃତ

ସୁକୃତ ଅରଜିବା—ଦେ. କି—ପୁଣ୍ୟ ଅର୍ଜନ କରିବା—To earn religious merit by doing pious acts. (ସୁକୃତ ଅର୍ଜ୍ଜିବା—ଅନ୍ୟରୂପ)
Sukṛuta arajibā
ସୁକୃତ ଅର୍ଜନ କରା ସକୃତ ଅରଜନା

ସୁକୃତ କରିବା—ଦେ. କି—୧ । ପୁଣ୍ୟ କରିବା; ଧର୍ମକାର୍ଯ୍ୟ କରିବା—1. To do pious work; to do acts of religious merit.
Sukṛuta kariba
ସୁକୃତ କରା ସକୃତ କରନା
ହଳପ କପା ସୌଗଂଧ କରନା ୨ । ଦୃଢ଼ପ କରିବା—2. To take oath.

ସୁକୃତ ପରିଣାମ(ଫଳ)—ସଂ. ବ (୬ଷ୍ଠୀ ତତ୍)—୧ । ପୁଣ୍ୟର ଫଳ—
Sukṛuta pariṇāma(phala) 1. The result of pious act, ୨ । କାଙ୍ଖିତ ସଙ୍ଗଳ; ଅରଜିତ ଐଶ୍ୱର୍ଯ୍ୟ—2. Wished-for bliss.

ସୁକୃତବନ୍ତ—ଦେ. ବଣ. ପୁଂ (ସ. ସୁକୃତବତ୍)—ସୁକୃତୀ (ଦେଖ)
Sukṛutabanta Sukṛutī (See) [ଉ—ଭୂମ ପର ସୁକୃତବନ୍ତ ସକୃତବନ୍ତ ସୁକୃତବନ୍ତ ଦୋଇ କେହୁ—କୃଷ୍ଣସିଂହ. ମହାଭାରତ. ଅଦ ।]
(ସୁକୃତବନ୍ତୀ—ସ୍ତ୍ରୀ)

ସୁକୃତବାନ୍—ସଂ. ବଣ. ପୁଂ (ସୁକୃତ+ଅସ୍ତି ଅର୍ଥରେ ବତ୍; ସୁକୃତ-ବତ୍ ; ୧ମା. ୧ବ)—ସୁକୃତୀ (ଦେଖ)
Sukṛutabān
(ସୁକୃତବତ୍ତୀ—ସ୍ତ୍ରୀ) Sukṛutī (See)

ସୁକୃତି—ସଂ. ବ (ସୁ+କୃ ଧାତୁ+କ୍ତିବ. ଇ)—୧ । ପୁଣ୍ୟ—
Sukṛuti 1. Piety. ୨ । ସତ୍‌କର୍ମ—2. Act of religious merit. ୩ । ସଙ୍ଗଳ—3. Bliss. ୪ । ଅଦୃଷ୍ଟ; ଭାଗ୍ୟ—4. Luck. ଦେ. ବ (ସ୍ତ୍ରୀ)—ସ୍ତ୍ରୀଲୋକଙ୍କ ଦଅଥିବା ନାମ—
A name given to females.

ସୁକୃତୀ—ସଂ. ବଣ. ପୁଂ (ସୁକୃତ+ଅସ୍ତି ଅର୍ଥେ. ଇନ୍; ସୁକୃତିନ୍ ; ୧ମା. ସୁକୃତୀ ୧ବ)-୧ । ପୁଣ୍ୟବାନ୍—1. Pious. ୨ । ସତ୍‌କର୍ମକାରୀ (ସୁକୃତବତ୍ତୀ—ସ୍ତ୍ରୀ) 2. Doing beneficient or good

Digitized by srujanika@gmail.com

acts. ୫ । ଧାର୍ମିକ—3. Religious ୬ । ସୁଭଗ୍ୟବାନ୍—4. Lucky; fortunate. ୫ । ଶୁଭଯୁକ୍ତ—5. Auspicious. ୭ । ବୁଦ୍ଧିମାନ୍ (ହି. ଶ)—6. Intelligent.

ସୁକେତ—ସ. ବ—ସୂର୍ଯ୍ୟ (ହି. ଶ)—
Suketa The sun.

ସୁକେତୁ—ସଂ. ବ (ପୁଂ) (ନାମ)—୧ । ତାଡ଼କା ରାକ୍ଷସୀର ପିତା—
Suketu 1. Name of the father of demoness Tardakā. ୨ । ଚିତ୍ରକେତୁ ରାଜାଙ୍କ ନାମ (ହି. ଶ)—2. A name of king Chitraketu. ୩ । ସାଗରଙ୍କ ପୁତ୍ରଙ୍କ ନାମ (ହି. ଶ)—3. Name of the son of Sāgara. ୪ । ନନ୍ଦିବର୍ଦ୍ଧନଙ୍କ ପୁତ୍ର (ହି. ଶ)—4. Name of the son of Nandibarddhana. ୫ । ଯେଉଁ ବ୍ୟକ୍ତି ମନୁଷ୍ୟଙ୍କର ଓ ପକ୍ଷୀଙ୍କ ଭାଷା ବୁଝି ପାରେ (ହି. ଶ)—5. One who can understand the speech of men and birds.

ସୁକେଶ—ସଂ. ବଣ. ପୁଂ (ସୁ ଅର୍ଥେ କେଶ ଯାହାର; ବହୁବ୍ରୀହି)—
Sukeśa ସୁନ୍ଦର କେଶବିଶିଷ୍ଟ—Having charming hair; fine-haired. ସ୍ତ୍ରୀ, ବ (ନାମ)—ଜଣେ ଧର୍ମଜ୍ଞ ରାକ୍ଷସ—Name of a god-fearing demon. (ଦ୍ର—ଏ ହଉଛି କେଶ ରାକ୍ଷସଙ୍କ ପୁତ୍ର । ଉଲଟ କନ୍ୟା ଦେବବତ୍ତାଙ୍କ ସହିତ ଏହାଙ୍କର ବିବାହ ହୋଇଥିଲା । ମାଲ୍ୟବାନ୍, ସୁମାଲୀ ଓ ମାଲୀ ଏହାଙ୍କର ପୁତ୍ର ।)

ସୁକେଶ, ସୁକେଶୀ } ସ୍ତ୍ରୀ

ସୁକେଶର—ସ. ବ (ବହୁବ୍ରୀହି; ସୁ+କେଶର)—ବାଜପୁର; ଟକ୍ସ—
Sukeśara Citrus.

ସୁକେଶୀ(ଶୀ)—ସଂ. ବଣ. ସ୍ତ୍ରୀ (ସୁକେଶ+ଅ; ଈ)—ସୁନ୍ଦର
Sukeśā(śī) କେଶବିଶିଷ୍ଟା (ସ୍ତ୍ରୀ)—
(a woman) Having fine hair.

ସୁକେଶି – ସ. ବ (ନାମ)—ସୁକେଶ (ଦେଖ)
Sukeśi Sukeśa (See)

ସୁକେଶୀ—ସ. ବ—(ମହାଭାରତୋକ୍ତ) ଜଣେ ସ୍ୱର୍ଗବେଶ୍ୟା; ଅପ୍ସରୋ-
Sukeśī ବିଶେଷ—Name of a heavenly nymph. ସଂ. ବଣ, ସ୍ତ୍ରୀ—ଶୋଭନ କେଶଯୁକ୍ତା (ରମଣୀ)—Having charming hair (woman) ସଂ. ବଣ. ପୁଂ (ସୁକେଶ+ଇନ୍; ୧ମା. ୧ବ)—ସୁନ୍ଦର [ସୁକେଶିକା—ସ୍ତ୍ରୀ] କେଶଯୁକ୍ତ—Having fine hair. ଦେ. ସୁକେଶୀ ବ. ସ୍ତ୍ରୀ—ଶୋଭନ କେଶଯୁକ୍ତା ସତୀ—A wife having charming hair. [ଦ୍ର—ସରସ୍ୱତୀ ନଦୀରେ ଜାତାର ସୁକେଶୀ, ସ୍ନାନ କରୁଥିବା ଦୋଇଣ ମହାଳସୀ । କୁମ୍ଭସିଂହ, ମହାଭାରତ. ଶଲ୍ୟ ।]

ସୁକେସର—ସ. ବ (ବହୁବ୍ରୀହି)—ସିଂହ—
Sukesara Lion.

ସୁକୋମଳ—ସ. ବଣ. ପୁଂ—ଅତି କୋମଳ—Very soft.
Sukomala [ସୁକୋମଳା—ସ୍ତ୍ରୀ]

ସୁକୋଳି—ସ. ବ—୧ । ଶୋଭନ ବଦରୀ—1. Beautiful Sukoli jejube berry ୨ । ଖୀରକାକୋଳି (ରହସ୍ୟାଳା)—2. A medicinal root found in the Himālayas; Coculus Indicus.

ସୁକୋଶକ—ସ. ବ—କୋଷାମ୍ର (ସ୍ୱଳ୍ପବର୍ଦ୍ଧିଷ୍ଣୁ); ଲଘା ବୃକ୍ଷ; ବୃକ୍ଷବିଶେଷ
Sukośaka —Wild olive; Eleocarpus Serratus.

ସୁକୌଶଳ—ସ. ବ—୧ । ଅତିଶୟ ନୈପୁଣ୍ୟ—1. Much skill.
Sukauśala ୨ । କୌଶଳପୂର୍ଣ୍ଣ ଉପାୟ—2. Tact.

ସୁକ୍କର୍ଦ୍ଦି ଚନ୍ଦନ—ସ. ବ (ବୈଦ୍ୟକ)—ଯେଉଁ ଶୀଶମ୍ବଚନ୍ଦନର ଡାଳ
Sukkardi chandana ବା ଗଛ ସ୍ୱୟଂ ଶୁଷ୍କ ହୋଇ ସତେ ସଂଗୃହୀତ ହୁଏ—Sandal wood collected from the forest after it has withered from natural causes. [ଦ୍ର—ଏହା ସୁରଭି, ଶୀତଳ ଏବଂ ମୂତ୍ରକୃଚ୍ଛ୍ର, ରକ୍ତପିତ୍ତ ଓ ଦାହ ରୋଗରେ ଉପକାରକ ।]

ସୁକ୍ତ—ସ. ବ—ଏକପ୍ରକାର କାଞ୍ଜି—A kind of fermented
Sukta rice-water. [ଦ୍ର—ପ୍ରାଚୀନ କାଳରେ ପାଣିରେ ଘିଅ ବା ତେଲ, ଲୁଣ, ଜଳ ବା ଫଳ ଅଧ ମିଳା ଯାଇ ସୁକ୍ତ ଉଅର ହୋଇଥିଲା । ଏହା ରକ୍ତପିତ୍ତ ଓ ବଫନାଶକ, ରୁଚିକର, ପାଚକ ଓ କୃମିନାଶକ—ହି. ଶ ।]

ସୁକ୍ତ(ଖ୍ତ, କ୍ତା, ଖ୍ତା)ଳା(ଳ୍ଲା)—ଦେ. ବ—ଶୁକ୍‌ତଲା (ଦେଖ)
Sukta(khta, ktā, khtā)lā(lā) Śuk-talā (See)

ସୁକ୍ତା – ସ. ବ—ତନ୍ତୁଳୀ (ହି. ଶ)—
Sukta Tamarind.

ସୁକ୍ତାନି—ଦେ. ବ (ସ. ସ୍ତ୍ରୀଲିଙ୍ଗ)—ଶୁକ୍ତାଣି (ଦେଖ)
Suktāni Śuktāni (See)

ସୁକ୍ତି(ଖ୍ତି)—ଦେ. କି—ଶୁକ୍ତି (ଦେଖ)
Sukti(khti) Śukti (See)

ସୁକ୍ରତୁ—ସ. ବଣ—ଉତ୍ତମ କର୍ମକାରୀ (ହି. ଶ)
Sukratu Doing good acts.

ସୁକ୍ରତୁତ୍ୱା—ସ. ବ—ଶୁଭ କର୍ମ କରିବାର ଇଚ୍ଛା (ହି. ଶ)—
Sukratuya Desire to do good acts.

ସୁକ୍ଷମ—ସଂ. ବଣ (ପୁଂ) (ସୁ=ଅତ୍ୟନ୍ତ+କ୍ଷମ)—ଅତ୍ୟନ୍ତ ପାରଙ୍ଗମ—
Sukshama Very competent. ଗ୍ରା. ବଣ (ସଂ. ସୂକ୍ଷ୍ମ)—(ସ୍ତ୍ରୀ—ସୁକ୍ଷମା—ସ୍ତ୍ରୀ) ସୂକ୍ଷ୍ମ—Minute. । ଉ—ମାୟା ଉତ୍ପତ୍ତିର ମାନସେ ସୁକ୍ଷମ ସୁକ୍ଷମ ମାନସେ ଦୃଅଇ ଯାଇ ସେ—ଭିଣ୍ଡନାଥ,ବତିଶ ସ୍ତମାସୂଣ ।]

ସୁଖ୍—ଦେ. ବ (ସଂ. ସୂକ)—ସୁକ (ଦେଖ)
Sukh Suka (See)

ସୁଖ (ଧାତୁ) – ସଂ—ତୁଷ୍ଟ କରିବା—
Sukh (root) To please; to make happy.

Digitized by srujanika@gmail.com

ସୁଖ୍ ଦୁଖ୍—ପ୍ରାଦେ (ସମ୍ବଲପୁର)ବ—ସୁଖ ଦୁଖ (ଦେଖ)
Sukh dukh Sukha dukha (See)

ସୁଖ୍(ଖୁ) ସୁଖ୍(ଖୁ) (ଇତ୍ୟାଦି)—ଶୁକ୍ ଶୁକ୍ ଇତ୍ୟାଦି (ଦେଖ)
Sukh-(khu) sukh(khu) (etc) Śuk śuk etc (See)

ସୁଖ୍(ଖୁ)ସୁଖା—ଦେ. ବଣ. ପୁଂ—ଶୁକ୍‌ଶୁକା (ଦେଖ)—Śuk-śukā
Sukh(khu)sukhā (ସୁଖ୍[ଖୁ]ସୁଖିଅ—ଅନ୍ୟରୂପ) (See)
[ସୁଖ୍(ଖୁ)ସୁଖୀ, ସୁଖ୍(ଖୁ)ସୁଖେଇ—ସ୍ତ୍ରୀ]

ସୁଖ—ସଂ. ବ (ସୁଖ୍ ଧାତୁ+ଉବ. ଅ; କମ୍ବା ସୁ=ଉତ୍ତମରୂପେ+ଖନ୍ ଧାତୁ=ଖୋଳବା+ଉବ. ଅ)—୧ । ହର୍ଷ—(ଆନନ୍ଦ—ବିଷୟୁକ୍ତ) . Joy; delight. ୨ । ଆନନ୍ଦ; ମନର ପ୍ରୀତି—2. Happiness; pleasure. ୩ । ସ୍ୱାଚ୍ଛନ୍ଦ୍ୟ 3. Comfort; easiness of mind. ୪ । (କଠି. ଅ) ଜଳ—4. Water. ୫ । ସ୍ୱର୍ଗ (ମେଦନୀ)—5. Heaven. ୬ । ବୃଦ୍ଧି ନାମକ ଔଷଧ (ବ୍ରଜବର୍ଦ୍ଧ)—6. A rare herb. ସଂ.ବଣ—୧ । (+କଠି. ଅ) ସୁଖଜନକ; ପ୍ରୀତିକର—1. Pleasant; causing happiness. ୨ । ପ୍ରିୟ—2. Dear; loved. ୩ । ମନୋହର—3. Charming; beautiful. ୪ । (ସମାସରେ) ସୁଖଯୁକ୍ତ; ପୁଣ୍ଡି; କଷ୍ଟବିହୀନ—4. (in compound words) Happy; painless. (ବ୍ୟୁ—ସୁଖ ପ୍ରସବ ।) ୫ । ମଧୁର—5. Sweet. ୬ । ସୁସ୍ଥଜୀବୀଯୁକ୍ତ—6. Healthy. ଗ୍ରା. ବ (ସଂ. ଶୁଷ୍କ)—ଶୁଖ (ଦେଖ)—Śukha (See) ଦେ. ବ—୧ । ସୁସ୍ଥତା; ଅରୋଗ୍ୟ; ସ୍ୱାସ୍ଥ୍ୟ—1. Health. (ବ୍ୟୁ—ବଇଦ ଡ ବଦ୍ୟାରେ ନୁଢ଼ଇ ମୂରୁଖ । ବୋଇଲ ଯେ ନଲଦ ବନା ନାହିଁ ସୁଖ—କୃଷ୍ଣସିଂହ, ମହାଭାରତ ବନ ।) ୨ । ଦୁଖର ଅବସ୍ଥା—2. Happy condition. (ବ୍ୟୁ—ସୁଖ ଦହିବ କି ଦୁଖ ଦହିବ ? ଯାହା ଥଙ୍କେ ଲେଖିଛୁ ତାହା ଦହିବ-(ଅସୁଖ, ବସୁଖ—ବିଶେଷ) ଅଶ ।] ଦେ. ବଣ—ସୁସ୍ଥଜୀବୀଯୁକ୍ତ (ଶରୀର ଓ ମନ)—Healthy (body and mind). (ବ୍ୟୁ—ଆଜି ମୋ ଦେହ ବା ମନ ଭଲ ସୁଖ ନାହିଁ ।) ଗ୍ରା. ବଣ (ସ. ଶୁଷ୍କ)—ଶୁଖ (ଦେଖ)—Sukha (See)

ସୁଖାଇବା—ପ୍ରାଦେ (ବଲ୍ଲିର ଖାଖ୍ଖି) କି—ସ୍ନେହ କରିବା—Sukhāibā To love.

ସୁଖ କର—ସଂ. ବଣ. ପୁଂ (ସୁଖ+କୃ ଧାତୁ+କର୍ତ୍ତରି. ଅ)—୧ । ସୁଖ. ଜନକ—1. Pleasing. ୨ । ସୁକର (ସୁଖକର୍ତ୍ତା—ସ୍ତ୍ରୀ) (ଦୁର୍ଗାଦାସ)—2. Easy of accomplishment.

ସୁଖ କରିବା—ଦେ. କି—୧ । (କୌଣସି ବ୍ୟକ୍ତି ଜାପଃରେ) ସନ୍ତୁଷ୍ଟ ହେବା—Sukha karibā To be pleased with (a person). [ବ୍ୟୁ—ଅର୍ଜୁନଙ୍କଠାରେ ବଡ଼ଡ ସୁଖ ସନ୍ତୁଷ୍ଟ ହୋନା ଗଲେ । କୃଷ୍ଣସିଂହ. ମହାଭାରତ. ଅଦ ।] ୨ । ସୁଖ ଭୋଗ କରିବା—2. To enjoy happiness.

ସୁଖଗ—ସ. ବଣ. ପୁଂ (ସୁଖ+ଗମ ଧାତୁ+କର୍ତ୍ତରି. ଅ)—ସୁଖରେ ଗମନ (ସୁଖଗା—ସ୍ତ୍ରୀ) କର୍ତ୍ତୃ—Moving pleasantly or easily; of easy movement.

ସୁଖଗମ(ମ୍ୟ)—ସ.ବଣ (ସୁଖ+ଗମ ଧାତୁ+କର୍ମ ଅ;+କର୍ମ. ଯ)—Sukhagama(mya) ସୁଗମ (ହ.ଶ)—Easily passable.

ସୁଖ ଘର—ଦେ.ବଣ ଓ ବ—ସୁଖଜନକ;ସୁଖଦାନକାରୀ; ସୁଖର ଆକର Sukha ghara —Pleasant, abode of pleasure ସୁଖଜନକ [ବ୍ୟୁ—କେବଳ ନାମ ରୂପ ଭୋର, ମୋର ସୁନ୍ଦର ସୁଖ ଜନକ, ସୁଖମୂଳ ସୁଖ ଘର । ଜଗନ୍ନାଥ. ଭାଗବତ ।] (ସୁଖର ଘର—ଅନ୍ୟରୂପ)

ସୁଖଙ୍କର—ସ. ବଣ. ପୁଂ [ସୁଖଂ=ସୁଖକୃ+କୃ ଧାତୁ+କର୍ତ୍ତରି. ଅ]; Sukhaṅkara ଅଲ୍ଲକ୍ ସମାସ]—ସୁଖକର; ଆନନ୍ଦକର; (ସୁଖଙ୍କରୀ—ସ୍ତ୍ରୀ) ପ୍ରୀତିଜନକ—Pleasant.

ସୁଖଙ୍କରୀ—ସ. ବଣ. ପୁଂ—'ସୁଖଙ୍କର'ର ସ୍ତ୍ରୀ—Feminine of Sukhaṅkarī Sukhaṅkarī. ସ. ବ—ଜାବନ୍ତୀ ବୃକ୍ଷ; (ବ୍ରଜ ବର୍ଦ୍ଧ)—A kind of creeping medicinal plant; Celtis Orientalis.

ସୁଖ ଚର—ସ. ବଣ. ପୁଂ (ସୁଖ+ଚର୍ ଧାତୁ+କର୍ତ୍ତରି. ଅ)—Sukha chara ୧ । ସୁଖରେ ବିଚରଣକାରୀ—1. Walking (ସୁଖଚରୀ—ସ୍ତ୍ରୀ) with pleasure or ease. ୨ । (ଲକ୍ଷଣାର୍ଥ) ସୁଖୀ; ଆନନ୍ଦ ଭୋଗକାରୀ—2. Happy; (a man) enjoying happiness.

ସୁଖ ଚାର—ସ. ବ (ସୁଖ+ଚର୍ ଧାତୁ+କର୍ତ୍ତରି. ଅ)—୧ । ଶ୍ରେଷ୍ଠ ଅଶ୍ୱ Sukha chāra (ଶବ୍ଦମାଳା)—1. An excellent horse. ୨ । ସୁଶିକ୍ଷିତ ଅଶ୍ୱ—2. A well-trained horse.

ସୁଖ ଚାରୀ—ଦେ. ବଣ (ସ. ସୁଚରତ)—ସୁଖୀ—Happy. [ବ୍ୟୁ—Sukha chārī ଯେସନେ ବସ୍ତୁ ଆଶେ ଭଉ, ଦେକେ ଦୁଃଖନ୍ତି ସୁଖଚାରୀ ସୁଖୀ ସୁଖଗୃହ । ଜଗନ୍ନାଥ. ଭାଗବତ ।]

ସୁଖ ଜନକ—ସ, ବଣ, ପୁଂ (ସୁଖ+ଜନ୍ ଧାତୁ+କର୍ତ୍ତରି, ଅକ)—Sukha janaka ଯାହା ସୁଖ ଦଏ—Producing happi-(ସୁଖ ଜନକା—ସ୍ତ୍ରୀ) ness.

ସୁଖ ଜାତ—ସଂ. ବ (୭ମ୍ୟା ତତ୍) —ସୁଖ ସମ୍ବନ୍ଧ—Various Sukha jāta pleasures. ସଂ, ବଣ (୭ମ୍ୟା ତତ୍)—୧ । ସୁଖରୁ ଜାତ—1. Born of happiness. ୨ । (ବହୁବ୍ରୀହି; ସୁଖ ହୋଇଅଛି ଜାତ ଯାହାର)—ଜାତ-ସୁଖ; ସୁଖୀ (ଇଚ୍ଛା, ଅଞ୍ଚମସ୍ତର)—2. Happy; made happy.

ସୁଖଞ୍ଜଣି—ଦେ. ବ (ସଂ. ସୁଖଞ୍ଜନ)—ସୁନ୍ଦର ରୂପେ ଚୁଥିତ; Sukhanjani ପରୋକ୍ଷରେ ଶଜ୍ଜା ହୋଇଥିବା; ସୁନ୍ଦର ଭାବରେ ସୁଜଡିତ ଗଢନ—Well-set. [ବ୍ୟୁ—ଶ୍ରୀଦେ ଭଉସ୍ତୁର ଗଣି ସୁଗ୍ରଥିତ ସୁବର୍ଣ୍ଣ ସୂଚେ ସୁଖଞ୍ଜଣି । ଜଗନ୍ନାଥ ଭାଗବତ ।]

ସୁଖଦ - ସଂ. ବଣ, ପୁଂ (ସୁଖ+ଦା ଧାତୁ+କର୍ତ୍ତରି. ଅ) —ଯେ ଅନ୍ୟକୁ Sukhada ସୁଖ ଦଏ—Causing happiness. ସଂ. ବ— (ସୁଖଦା—ସ୍ତ୍ରୀ) ୧ । ବିଷ୍ଣୁ—1. An epithet of Bishnu.

Digitized by srujanika@gmail.com

୨ । ଶୃଙ୍ଗାର ବା ସାରସ୍ୱତପ୍ରଧାନ ବିଂଶତ୍ୟକ୍ଷର ସଂଯୁକ୍ତ ତାଳ ବିଶେଷ (ସଙ୍ଗୀତ ଦାମୋଦର)—2.Name of a musical measure of 20 letters ୩ । ବିଷ୍ଣୁଙ୍କ ଆସନ ବା ଅସ୍ଥାନ (ହ୍ର. ଶ)—3. The seat of Bishnu.

ସୁଖଦା—ସଂ. ବିଣ. ସ୍ତ୍ରୀ (ସୁଖଦ+ଅ)—'ସୁଖଦ'ର ସ୍ତ୍ରୀ ଲିଙ୍ଗ— Sukhadā Feminine of Sukhada.

[ଉ—ଭୁଙ୍କେ ଡାମ ଅଣି ଥଣି, ବୋଳେ ଧର ଅଣି ଅଣି-ସାଦ ସୁଖଦା ରମଣୀମଣି ଡେ । ରଙ୍ଗ. ପ୍ରେମସୁଧାନଦ ।]

ସୁ. ବ—୧ । ସ୍ୱର୍ଗ ବେଶ୍ୟା; ଅପ୍ସରସ୍ (ଶବ୍ଦରତ୍ନାବଳୀ)—1. Heavenly nymph. ୨ । ଶମୀ ବୃକ୍ଷ (ଦେଶ)—2. Śamī bṛuksha. (See) ୩ । ଗଙ୍ଗା ନଦୀ ହ୍ର. ଶ)—3. The river Ganges. ୪ । ଛନ୍ଦୋ-ବିଶେଷ (ହ୍ର. ଶ)—4. Name of a Sanscrit metre.

ସୁଖଦାଇ—ବେ. ବି. ସଂ (ସ୍ତ୍ରୀ. ସୁଖଦାୟିନୀ) ସୁଖଦାୟୀ; ସୁଖଦ— Sukhadāyi Causing happiness.

ସୁଖଦାତା(ୟି)—ସଂ. ବି. ପୁଂ (ସୁଖ+ଦା. ଧାତୁ+କର୍ତ୍ତୃ. ତୃ; ଇନ୍; ୨ମା. ୧ବ)—ସୁଖଦ—Causing happiness. (ସୁଖଦାୟୁକ—ଅନ୍ୟରୂପ) [ସୁଖ ଦାଶୀ, ସୁଖଦାୟିକା, ସୁଖଦାୟିକା—ସ୍ତ୍ରୀ] Sukhadātā(yi)

ସୁଖଦାନ୍ତ—ବେ. ବିଣ—ସୁଖଦାତା; ସୁଖଦ— Sukhadānī Causing happiness.

ସୁଖଦାତା [ଉ—ସକଳ ବାଞ୍ଛା ପୂରଣକାରୀ, ତାହାଙ୍କୁ ଦୟାଳ ସୋପିଲା । ଭୂପତି. ପ୍ରେମ ପଞ୍ଚାମୃତ ।] ସୁଖଦାତା

ସୁଖ ଦୁଃଖ (ଇତ୍ୟାଦି)—ସଂ. ବ—ସୁଖ ଦୁଃଖ ଇତ୍ୟାଦି (ଦେଖ) Sukha duḥkha (etc) Sukha dukha etc (See)

ସୁଖ ଦୁଖ—ତ୍ରା. ବ (ସଂ. ସୁଖ+ଦୁଃଖ)—୧ । ସୁଖ ଓ ଦୁଃଖ— Sukha dukha 1. Happiness and sorrow; weal and woe. ୨ । ସଂସାରରେ ସୁଖର ଓ ଦୁଃଖର ଅନୁଭୂତି— 2. The weals and woes of the world. ୩ । ଦୁଇ ଜଣଙ୍କ ମଧ୍ୟରେ ଜଣ ଜଣର ସାଂସାରିକ ଭଲ ମନ୍ଦ ବିଷୟରେ କଥାବାର୍ତ୍ତା—3.Talk between two about each other's worldly affairs. ସୁଖ ଦୁଖ

ସୁଖ ଦୁଖ ହେବା—ତ୍ରା. କ୍ରି—ଜଣର ସୁଖମୟ ଓ ଦୁଃଖମୟ ହୁଏ ସୁଖ ହଉଥିବା ପରସ୍ପର ସଙ୍ଗେ କଥାବାର୍ତ୍ତା ହେବା—To talk to each other about each other's weals and woes. ସୁଖ ଦୁଖ କହନା

ସୁଖଦୁ(ଦୋ)ହ୍ୟା—ସଂ. ବି. ସ୍ତ୍ରୀ (ସୁଖ+ଦୁହ. ଧାତୁ+କର୍ମ. ଯ+ ସ୍ତ୍ରୀ. ଆ)—ଯାହାକୁ [ଯେଉଁ ଗାଈକୁ] ଅନାୟାସରେ ଦୁହିଁ ଯାଇଥାରେ—Easily milked (cow). ସଂ. ବି. ସ୍ତ୍ରୀ—ସୁଖଦୋହ୍ୟା ଗୌ (ଦେମଚନ୍ଦ୍ର); ସହଜରେ ଦୁହିଁ ହେଉଥିବା ଗାଈ— Sukha dohyā Easily milked cow.

ସୁଖ ଦେବା—ତେ. କ୍ରି—ଅନ୍ୟ ବ୍ୟକ୍ତିର ସୁଖୀ କରିବା— Sukha debā To cause another's happiness; to make another happy. सुख देना

ସୁଖ ଧାମ—ସଂ. ବ (ସ୍ତ୍ରୀ ଈ; ସୁଖ+ଧାମନ୍)—୧ । ଯେଉଁଠାରେ ସଦାବା ସୁଖ ସ୍ୱଚ୍ଛନ୍ଦ ଭରେ—1. Abode of happiness. ୨ । ବୈକୁଣ୍ଠ—2. Paradise. Sukha dhāma

ସଂ. ବିଣ—ସୁଖଦାୟକ (ହ୍ର. ଶ)—Giving pleasure.

ସୁଖ ନାଶ—ସଂ. ବ (ସ୍ତ୍ରୀ ଈ)—ସୁଖର ବିନାଶ ବା ଲୋପ— Sukha nāśa Destruction or disappearance of one's happiness.

ସୁଖ ନିଦ୍ରା—ସଂ. ବ (ମ. ତ. ତତ୍ପୁ; ସୁଖ ସମ୍ପର୍କୀୟାନୁଭୂତା ନିଦ୍ରା)—୧ । ଆଗ୍ରହରେ ହେବା ନିଦ୍ରା; ନିଶ୍ଚିନ୍ତ ବା ଗାଢ଼ (ସୁଖନିଦ୍ରିତ—ବିଣ. ପୁଂ) ନିଦ୍ରା; ଘୁନନିଦ୍ରା—1. Sound sleep; [ସୁଖନିଦ୍ରିତା—ବିଣ. ସ୍ତ୍ରୀ] slumber. ୨ । ଦୁଃସ୍ୱପ୍ନାଦି ଦ୍ୱାରା ବିକୃତ ହୋଇ ନ ଥିବା ନିଦ୍ରା—2. Undisturbed sleep. Sukha nidrā

ସୁଖ ପାଇବା—ତେ. କ୍ରି—୧ । ସୁଖ ଭୋଗ କରିବା—1. To enjoy happiness. ୨ । (କୌଣସି ବ୍ୟକ୍ତିର ବା ସୁଖପାଓ୍ୟା, ଭାଲବାସା ଜାର୍ଜିବା) ସ୍ନେହ ବା ଆଦର ଜଣାଇବା ଦେଖିବା—2.To like or love (a person or thing). [ଉ—ଜାଣେ ଶଠ ବୋଲ ଦିଅୁର ଭୁଲକ ମୁଞ୍ଚ ଧୂଳର ସୁଖ ପାଇଲ ଡେ ସ୍ୱଜନ । ବଳନାଥ. ବିରହ ଭ୍ରମାସୂଣ ।] सुख पाना

ସୁଖ ପେୟୁ—ସଂ. ବିଣ—ପୁଣ୍ଡେୟୁ; ଯାହା ପିଇଲେ ସୁଖ ହୁଏ— Sukha peya Sweet to drink.

ସୁଖ ପ୍ରଦ—ସଂ. ବିଣ. ପୁଂ (ସୁଖ+ପ୍ର+ଦା. ଧାତୁ+କର୍ତ୍ତୃ. ଅ)—ଯେ ସୁଖ ଦାନ କରେ—Causing happiness. [ସୁଖପ୍ରଦା—ସ୍ତ୍ରୀ] Sukha prada

ସୁଖ ପ୍ରସବ—ସଂ.ବ(ସ.ତ.ତତ୍ପୁ)—ସୁପ୍ରସବ; ସହଜରେ ସନ୍ତାନ ପ୍ରସବ— Sukha prasaba Easy delivery; painless delivery.

ସୁଖ ପ୍ରସବା—ସଂ. ବିଣ. ସ୍ତ୍ରୀ (ବହୁବ୍ରୀ)—ଯେଉଁ ସ୍ତ୍ରୀ କଷ୍ଟ ନ ପାଇ ପ୍ରସବ କରିଛି (ହ୍ର. ଶ)—(a woman) Who has painless delivery. Sukha prasabā

ସୁଖ ବର୍ଚ୍ଚକ (ବର୍ଚ୍ଚାଃ)—ସଂ. ବ-ସର୍ଜିକା ଖାର; ସାଜି ମାଟି (ଅମର)— Sukha barchchaka (barchchhāḥ) Carbonate of soda; Panjab salt; Rhe soil.

ସୁଖବାଇ—ବେ. ବିଣ—ସୁଖରେ ଉନ୍ମତ୍ତ ପ୍ରାୟ— Sukhabāi Maddened with happiness; intoxicated with pleasure. ସୁଖ ବେୟେ ସୁଖସେ ଉନ୍ମତ୍ତ

Digitized by srujanika@gmail.com

ସୁଖ ବାସ—ସଂ. ବ (ବହୁବ୍ରୀ) —ଉରୁଜ୍ଜକ; ଶୀର୍ଷବୃନ୍ତ (ଉତ୍ପମାଳା)—
Sukha bāsa Melon. ସଂ. ବିଣ—୧ । ଯେଉଁ ସ୍ଥାନରେ ବାସ ସୁଖକର (ଭୂ. ଶ)—1. (a place) Where one feels happy to live. ୨ । ସୁଖମୟ ବାସ-ସ୍ଥାନ—2. Blissful residence.

ସୁଖ ବାସନ—ସଂ. ବ—ସୁଖ ବାସନ ଗନ୍ଧ ଦ୍ରବ୍ୟ (ଶବ୍ଦରତ୍ନାବଳୀ)—
Sukha bāsana Spices and sweet scented articles used for chewing after meals.

ସୁଖ ବାସର—ସଂ. ବ (ମ. ତ. ଲୋ)—ଅନନ୍ଦଦାୟକ ଦିବସ—
Sukha bāsara A happy day.

ସୁଖ ବେଳ—ଦେ. ବ (ସଂ. ସୁଖବେଳା)—ସୁଖଭୋଗର କାଳ—
Sukha bela Time of happiness.
ସୁଖେର ବେଳା **ସୁଖ ସମୟ** [ସୁଖର ବେଳ—ଅନ୍ୟରୂପ]

ସୁଖ ବୋଧ—ସଂ. ବ (ଷଷ୍ଠୀ ତତ୍ପୁ)—ସୁଖାନୁଭବ—
Sukha bodha Enjoyment of happiness.

ସୁଖ ବୋଧ୍ୟ—ସଂ. ବିଣ—ଯାହା ସହଜରେ ବୁଝା ଯାଏ, ସହଜବୋଧ;
Sukha bodhya ସୁବୋଧ—Easy; that which can be easily understood; easy of comprehension.

ସୁଖବୋଧ୍ୟ ରୀତି—ସଂ. ବ—୧ । ସୁବୋଧ୍ୟ ରଚନାସ୍ୱରୂପବିଶେଷ—1. Sukha bodhya rīti Easy seyle of composition. ୨ । ରୀତି (ଦେଖ)—2. Rīti, (See)

[ତୁ—ଦନେ ବୃଦ୍ଧାଳରୁ ଫେର ଅସି ପୂଅ
ଉଭା ଦେଲ ମାତା ପାଶେ
ଆଖି ଥନ ଥନ ବଦନ ମଳନ
ଭୁଣ୍ଡରେ କଥା ନ ଅସେ ।
ପୁଅକୁ ଅନାଇ ମାତା ଅଉ ଚୁଲେ
ପଗ୍ଧରନ୍ତ କେତେ ଦୁଃଖେ
କହାଇଁ ରେ ଧନ ! ଉରସ ତୋ ମନ,
ଦୁସ ନାହିଁ କହିଁ। ମୁଗେ ?”

ସୁଖ ଭକ୍ଷ—ସଂ. ବ—ଶ୍ୱେତଶିଗ୍ରୁ; ଧଳା ସଜନା (ଭୂ. ଶ)—
Sukha bhaksha White flowered variety of Moringa tree.

ସୁଖ ଭକ୍ଷ୍ୟ—ସଂ. ବିଣ—ସୁଭକ୍ଷ୍ୟ; ଯାହା ଖାଇବାକୁ ସୁଖକର ଦ୍ରବ—
Sukha bhakshya (a thing) Which can be eaten with pleasure; pleasant to eat.

ସୁଖ ଭଞ୍ଜ—ସଂ. ବ—ସଫେଦ ମରିଚ; ଧଳା ମରିଚ (ଭୂ. ଶ)
Sukha bhanja White pepper.

ସୁଖଭଦ୍ରିଉଡ଼ା—ସଂ. ବ—ଉଦମୁଆ; ମୁସ୍ତକ ବିଶେଷ—
Sukha bhadrā Cyp ras Rotundus.
(ତୁ—ଚମ୍ପା ଚାଉଳର ମଦନା ମାଧବୀ, ସୁଖଭଦ୍ରା ଲଙ୍କାଦ୍ୱୀପୀ । ପ୍ରଭା. ଉଦ୍ଭିଦ୍ୟମଞ୍ଜରୀ ।)

ସୁଖଭାଉକ୍—ସଂ. ବିଣ (ସୁଖ+ଉତ୍ପ. ଧାତୁ+କ୍ୱିପ୍. କ୍ରିୟ.; ସୁଖଭକ୍,
Sukha bhāk ୧ମା. ୧ବ)—୧ । ସୁଖଭୋଗୀ; ସୁଖର ଭାଗୀଦାର; ଯେ ଅନ୍ୟ ସଙ୍ଗେ ସୁଖକୁ ଭୋଗ କରେ—
1. Enjoying or sharing pleasure with another. ୨ । ସୁଖଭୋଗୀ; ସୁଖୀ—2. Enjoying happiness; happy.

ସୁଖଭାଗି—ସଂ.ବିଣ.ପୁଂ(ସୁଖ+ଉତ୍ପ. ଧାତୁ+କ୍ତିନ୍. ଉତ୍ପ୍ର୍ୟ;୧ମା. ୧ବ)—
Sukha bhāgi ସୁଖଭାକ୍ (ଦେଖ)—Sukha bhāk (See) (ତୁ—ଲକ୍ଷ୍ମୀକନ୍ଥାସ ଦେବେ ଲଗି, ସବେ ଦୋଇଲେ ସୁଖଭାଗି । ଜଗନ୍ନାଥ. ଭାଗବତ ।)

ସୁଖ ଭାନୁ—ସଂ. ବ (ରୂପକ କର୍ମଧା)—ସୁଖ ସୂର୍ଜ୍ୟ (ଦେଖ)
Sukha bhānu Sukha sūrjya (See)

ସୁଖ ଭୋଗ—ସଂ. ବ (ଷଷ୍ଠୀ ତତ୍ପୁ)—ସୁଖ ବା ଆନନ୍ଦରୁ ଅନୁଭବ କରିବା—Enjoyment of happiness.
Sukha bhoga

ସୁଖ ଭୋଗୀ—ସଂ. ବ (ଉପପଦ ତତ୍ପୁ)—ସୁଖ ଭାକ୍ (ଦେଖ)
Sukha bhogi Sukha bhāk (See)

ସୁଖ ଭୋଜନ—ସଂ. ବ—୧ । ସୁଖକର ପଦାର୍ଥ ଭୋଜନ—1. Sukha bhojana Partaking of dainty food. ୨ । ସନ୍ତୋଷ ଜନକ ଭୋଜନ—2. A hearty meal.

ସୁଖମୟ—ସଂ. ବ (ସୁଖ+ପ୍ରାଚୁର୍ଯ୍ୟାର୍ଥେ ମୟ)—ସୁଖରେ ପୂର୍ଣ୍ଣ—
Sukhamaya Full of pleasure or happiness.

ସୁଖ ମାରି—ସ୍ଥାନେ (ସମ୍ବଲପୁର) ବିଣ. ସ୍ତ୍ରୀ—ସୁକୁମାର୍ଯ୍ୟ—
Sukha mārī (Girl) Of a delicate disposition of mind and body; tenderly brought up (girl).

ସୁଖମୁନିଆଁ—ବୈଦେ. ବ (ଫା)—ଗୁଳଗୁଣ୍ଠର ବନ୍ୟଲତା ବିଶେଷ;
Sukha muniāñ କଳମ୍ବାଦ ବର୍ଗର ଲତା—Scammony; **ସୁଖମୁନିୟା** Convolvulus Scammonia. [ତୁ—ଏହାର ସୁଖମୁନିୟା ତେରଣ୍ଡ ସଙ୍ଗ କଲେ ଯେଉଁ କର୍ଯ୍ୟାଶ ବାହାରେ, ତାହା ଡାକ୍ତର ଔଷଧରେ ଲଗେ । ଯୋଗେଶଚନ୍ଦ୍ର ।]

ସୁଖମୋଦା—ସଂ. ବ—ଶଲ୍ଲକୀ ୨, ୩ (ଦେଖ)
Sukhamodā Śallakī 2, 3 (See)

ସୁଖ ଯାଦୁ—ଦେ. ବ (ସଂ. ଶୁଷ୍କ+ଦଦ୍ରୁ)—ଚର୍ମରୋଗ ବିଶେଷ—
Sukha jādu Barber's itch; Sycosis ance-
ଶୁକ୍ନୋ ଦାଦ **ସୁଖଦାଦ** mentagra.

ସୁଖ ଯାମିନୀ—ସଂ. ବ—ସୁଖ ରଜନୀ (ଦେଖ)
Sukha jāminī Sukha rajanī (See)

ସୁଖ ରଜନୀ—ସଂ. ବ (ମ. ତ. ଲୋ)—ସୁଖମୟୀ ରାତ୍ରି; ଯେଉଁ
Sukha rajanī ରାତ୍ରିରେ ମନୁଷ୍ୟ ସୁଖଭୋଗ କରୁଥାଏ—
A night of pleasure; a night of happiness; a gala night.

ସୁଖର ପିଆ(ଯା)ର—ଦେ. ବ—ଯେଉଁ ବ୍ୟକ୍ତି ମନୁଷ୍ୟର ସୁଖଭୋଗ
Sukhara piā(yā)rā ସମୟରେ ନିକଟରେ ଉପସ୍ଥିତ ହୁଏ, କିନ୍ତୁ ଦୁଃଖ ପଡ଼ିଲେ ଛାଡ଼ିଯାଏ—A friend or companion during one's happy days; a friend in prosperity (not in adversity); a summer friend.

ସୁଖର ସାଥୀ
ସୁଖର ସ(ସା)ଙ୍ଗୀ
ସୁଖେର ପାୟରା, ସୁଖେର ସଙ୍ଗୀ, ସୁଖେର ସାଥୀ
ସୁଖକା ସାଥୀ
} —ଅନ୍ୟରୂପ

Digitized by srujanika@gmail.com

ସୁଖ ରବି—ସଂ· ବ (ରୂପକ କର୍ମଧା)—ସୁଖରୂପ ସୂର୍ଯ୍ୟ—
Sukha rabi Happiness compared to the sun.

ସୁଖ ରାତି—ସଂ. ବ (ମ. ଷ· ତତ୍ପୁ)—୧ । ସୁଖ ରଜନୀ (ଦେଖ)—
Sukha rātri 1. Sukha rajanī (See) ୨ । ସାଖାନ୍ତର ଅମାବାସ୍ୟା ରାତି; ଦେବାଳି ରାତି; କାର୍ତ୍ତିକ ଅମାବାସ୍ୟା ରାତି; ଲକ୍ଷ୍ମୀପୂଜା ରାତି—2. The night of Kārttika new moon.

ସୁଖରେ—କ୍ରି·ବି·ବଣ—୧। ସ୍ୱଇଚ୍ଛାରେ—1. Out of one's own
Sukhare accord. (ଉ—ଏହା ସୁଖରେ ବାବୁ ଘରକୁ ଏ ସୁଖେ सुखमें ଯିବ । କୃଷ୍ଣସିଂହ. ସଦାଶିରଡ ବଚନ ।)
୨ । ସୁଖ ସହକାରେ—2. With happiness.
୩ । ସହଜରେ—3. Easily.

ସୁଖ ଲଗିବା—ଦେ· କି – ୧ । ସୁଖଜନକ ବୋଧ ହେବା—1. To
Sukha lāgibā affect a person pleasantly. ୨ । ଭଲ ଲାଗା ଅନୁଭବ ହେବା—2. To be liked by (a
सुख लगना person).

ସୁଖ ଲାଭ—ସ. ବ (୬ଷ୍ଠୀ ତତ୍)—ସୁଖପ୍ରାପ୍ତି; ସୁଖଭୋଗ—
Sukha lābha Enjoyment or attainment of happiness.

ସୁଖ ଲେଶ—ସଂ. ବ (୬ଷ୍ଠୀ ତତ୍)—ଜରାମାତ୍ର ସୁଖ; ସାମାନ୍ୟ ମାତ୍ର
Sukha leśa ସୁଖ—A little happiness; a whit or a bit of pleasure.

ସୁଖ ଶୟନ—ସ. ବ (ମ· ତ· ତତ୍ପୁ)—ସୁଖନିଦ୍ରା (ଦେଖ)
Sukha śayana Sukha nidrā (See)

ସୁଖ ଶଯ୍ୟା—ସ. ବ (ମ· ତ· ତତ୍ପୁ)—ସୁଖଜନକ ବିଛଣା—
Sukha śajyā Pleasant or comfortable bed.

ସୁଖ ଶାନ୍ତି—ସଂ· ବ (ଦ୍ୱନ୍ଦ୍ୱ)—ସୁଖ ଓ ଶାନ୍ତି—Pleasure and
Sukha śānti peace; peace and happiness.

ସୁଖ ଶ୍ରାବ୍ୟ—ସ· ବଣ—ଶ୍ରୁତି ସୁଖକର; ସୁଶ୍ରାବ୍ୟ—
Sukha śrābya Sweet to the ear.

ସୁଖ ସଙ୍ଖାଲି—ତେ.ବ—ସୁଖ ଦେବାର ଧନ ବା ଜିନିଷ ବା ବସ୍ତୁ ବା ବ୍ୟକ୍ତି
Sukha samkhāli —The treasure or jewel or
ସୁଖର ନିଧି सुखदेनेकी चीज thing or person that makes one happy or ministers to one's happiness.

ସୁଖ ସମ୍ବାଦ—ସଂ. ବ (ମ. ତ. ତତ୍ପୁ)—ଶୁଭ ସମାଗମ; ସୁଖଜନକ
Sukha sambāda ସମାଦ—Happy or pleasant news; good news.

ସୁଖ ସମ୍ଭୋଗ—ସ· ବ (୬ଷ୍ଠୀ ତତ୍)—ସୁଖଭୋଗ—
Sukha sambhoga Enjoyment of pleasure.

ସୁଖ ସନ୍ଦୁ(ନ୍ଦୋ)ହ୍ୟା—ସ· ବଣ ଓ ବ (ଷ୍ଟୀ)—ସୁଖ ଦୁହ୍ୟା (ଦେଖ)—
Sukha sandu(ndo)hyā Sukha duhyā (See)
(ସୁତରା—ଅନ୍ୟରୂପ)

ସୁଖ ସମୁଦ୍ର—ସ. ବ (ରୂପକ)—ସୁଖ ସାଗର (ଦେଖ)
Sukha samudra Sukha sāgara (See)

ସୁଖ ସମୃଦ୍ଧି (ସମ୍ପତ୍)—ସ. ବ (ଦ୍ୱନ୍ଦ୍ୱ)—ସୁଖ ଓ ଉନ୍ନତି—
Sukha samṛuddhi (sampad) Happiness and prosperity.

ସୁଖ ସମ୍ପଦ—ତେ· ବ (ସ. ସୁଖ ସମ୍ପତ୍)—ସୁଖ ସମୃଦ୍ଧି (ଦେଖ)
Sukha sampada Sukha samṛuddhi (See)

ସୁଖ ସଲିଲ—ସ. ବ (ମ· ତ· ତତ୍ପୁ; ସୁଖପ୍ରଦ ସଲିଲ)—ଉଷୁତ୍ତଳ
Sukha salila (ଦ୍ର. ଶ)—Warm water.

ସୁଖ ସାଗର—ସଂ· ବ (ରୂପକ କର୍ମଧା)—ସମୁଦ୍ର ସଙ୍ଗେ ତୁଳନା ହଉ-
Sukha sāgara ଥିବା ସୁଖ; ଅତ୍ୟନ୍ତ ସୁଖ—Ocean of
(ସୁଖ ସିନ୍ଧୁ—ଅନ୍ୟରୂପ) happiness; much happiness compared to ocean.

ସୁଖ ସାଧ—ତେ. ବ—୧ । ସୁଖ ପାଇବାର ଆଶା—1. Hope of
Sukha sādha happiness. ୨ । ସୁଖକର ଅଭିଳାଷ—
सुख साध सुख साध 2. A pleasant desire.

ସୁଖ ସାଧ୍ୟ—ତେ. ବଣ—ସହଜସାଧ୍ୟ; ଅନାୟାସସାଧ୍ୟ—
Sukha sādhya Easy of accomplishment.

ସୁଖ ସୁପ୍ତ—ସ. ବଣ—ସ୍ୱଚ୍ଛନ୍ଦ ଭାବରେ ନିଦ୍ରିତ—
Sukha supta Sleeping comfortably; enjoying a pleasant sleep.

ସୁଖ ସୁପ୍ତି—ସଂ. ବ (ମ.ତ.ତତ୍ପୁ)—ସୁଖନିଦ୍ରା; ସୁନିଦ୍ରା—
Sukha supti Sound or undisturbed sleep.

ସୁଖ ସୂର୍ଜ୍ୟ—ସଂ. ବ (ରୂପକ)—ସୁଖ ରବି (ଦେଖ)
Sukha sūrjya Sukha rabi (See)

ସୁଖ ସେବା—ସଂ. ବ (୬ଷ୍ଠୀତତ୍)—ସୁଖଭୋଗ—
Sukha sebā Enjoyment of happiness.

ସୁଖ ସେବ୍ୟ—ସଂ ବଣ—ସୁସେବ୍ୟ; ଅନାୟାସରେ ଯାହା ସେବନ ହଉ-
Sukha sebya ଯାଇ ପାରେ—Which can be easily enjoyed or eaten.

ସୁଖ ସ୍ପର୍ଶ—ସଂ. ବ (କର୍ମଧା)—ଆନନ୍ଦଜନକ ସ୍ପର୍ଶ; ପ୍ରୀତିପୂର୍ଣ୍ଣ ସ୍ପର୍ଶ—
Sukha sparśa Pleasant touch; happy touch. ବି·
ବଣ (ବହୁବ୍ରୀ)—୧ । ଯାହାର ସ୍ପର୍ଶ ବେଳେ ସୁଖ ହୁଏ—1. Pleasant to the touch. ୨ । ଅତି କୋମଳ—2. Very soft.

ସୁଖ ସ୍ମୃତି—ସଂ. ବ (୬ଷ୍ଠୀତତ୍)—ଘଟିଯାଇଥିବା ସୁଖର ସ୍ମରଣ—
Sukha smṛuti Remembrance of past happiness; pleasant association.

ସୁଖ ସ୍ୱଚ୍ଛନ୍ଦତା—ସଂ. ବ (ଦ୍ୱନ୍ଦ୍ୱ)—ଆନନ୍ଦ ଓ ସ୍ୱସ୍ତି—
Sukha swachchhandatā Happiness and
(ସୁଖସ୍ୱାଚ୍ଛନ୍ଦ୍ୟ—ଅନ୍ୟରୂପ) comfort.

ସୁଖ ସ୍ୱପ୍ନ—ସଂ.ବ (ମ.ତ.ତତ୍ପୁ)—୧। ସୁଖଜନକ ସ୍ୱପ୍ନ—1.Pleasant
Sukha swapna dream. ୨ । ସୁଖକର ବିଷୟର ସ୍ୱପ୍ନ—
2. Dream of sweet things.

ସୁଖା—ସଂ. ବ (ସୁଖ + ଅ)—ବରୁଣପତ୍ନୀ (ପୌରାଣିକ)—The abode
Sukhā of the Sea-god 'Baruṇa'. ପ୍ରା· ବଣ—ସୁଖା ଇତ୍ୟାଦି (ଦେଖ)—Sukhā etc (See)

Digitized by srujanika@gmail.com

ସୁଖା(ଖେ)ଇବା—ଗ୍ରା. କ୍ରି—ଶୁଖାଇବା (ଦେଶ)
Sukhā(khe)ibā Sukhāibā (See)

ସୁଖାଗମ—ସଂ. ବ (ସୁଖ+ଅଗମ; ୬ଷ୍ଠୀ ତତ୍)—ସୁଖପ୍ରାପ୍ତିର ସମୟ ଥରିବା—The attainment or beginning of happiness.
Sukhāgama

ସୁଖାଗାର—ସଂ. ବ—୧ । (ସୁଖ+ଅଗାର) ସୁଖଜନକ ଗୃହ—1. Pleasant or comfortable house. (ସୁଖାଲୟ—ଅନ୍ୟରୂପ) ୨ । ସୁଖ ଉତ୍ପାଦକ ବିଷୟ—2. A matter of pleasure.
Sukhāgāra

ସୁଖାତକ—ଦେ. ବ—ଯେଉଁ ଋଣକାରୀ ଝଟକା ଶୁଝିବାକୁ ସହାଜନକୁ ଜାହୁଁ—A good debtor. ସୁଖାତକ [ଦ୍ର—ଉତ୍ତମର୍ଣ୍ଣରେ ପ୍ରତ୍ୟେକ ଖାତକକୁ 'ସୁଖାତକ'ରୂପ ଅଳ୍ପାକ୍ଷରୁକା ବିଶେଷଣରେ ଅଳଂକୃତ କରି ଦଲିଲ ଲେଖାଯଉ ଥିବ ।]
Sukhātaka

ସୁଖାଦ୍ୟ—ସଂ. ବ—ହଜିବାର ଓ ଶୁଝିବାର ଖାଦ୍ୟ—Pleasant and beneficial food; sweet food.
Sukhādya

ସୁଖାଧାର—ସ. ବ. (୬ଷ୍ଠୀ ତତ୍)—୧ । ସୁଖର ଆଧାର—1. The receptacle of happiness. ୨ । ଯେଉଁଠାରେ ସବୁ ସୁଖ ମିଳେ—2. A place of happiness. ୩ । ସ୍ୱର୍ଗ (ଶବ୍ଦ ରତ୍ନାବଳୀ)—3. Heaven.
Sukhādhāra

ସୁଖାନ୍ (ଇତ୍ୟାଦି)—ବୈଦେ. ବ.—ସୁକାନ୍ ଇତ୍ୟାଦି (ଦେଶ)
Sukhān (etc) Sukān etc (See).

ସୁଖାନି—ବେଦେ. ବ—ସୁକାନି (ଦେଶ)
Sukhāni Sukāni (See).

ସୁଖାନୁଭବ—ସ. ବ.—(୬ଷ୍ଠୀ ତତ୍) ସୁଖ ବୋଧ—Experience of pleasure.
Sukhānubhaba (ସୁଖାନୁଭୂତ—ଅନ୍ୟରୂପ)

ସୁଖାନ୍ତ—ସ. ବ.—୧ । (୬ଷ୍ଠୀ ତତ୍) ସୁଖର ଅବସାନ—1. The end of happiness. ୨ । (ବହୁବ୍ରୀହି) (ଦୁଃଖାନ୍ତ ବିଷୟକ) (ଅଧୁନାତନ) ଯେଉଁ ନାଟକର ଶେଷରେ ସୁଖଦାୟକ ଘଟଣା ଥାଏ—Comedy.
Sukhānta

ସୁଖାନ୍ତର—ସ. ବ—ଅନ୍ୟ ସୁଖ—Another pleasure or happiness.
Sukhāntara

ସୁଖାନ୍ୱେଷଣ—ସ. ବ.—(୬ଷ୍ଠୀ ତତ୍) ସୁଖ ପାଇବାକୁ ଖୋଜିବା; ସୁଖାନ୍ୱେଷୀ—ବଣ. ପୁଂ) Sukhānweshaṇa ସୁଖ ଖୋଜିବା—Search after happiness.

ସୁଖାବତୀଶ୍ୱର—ସ. ବ.—୧ । ବୁଦ୍ଧ ବେଦ (ବୈମତଳ)—1. One of the wise men before the Buddha. ୨ । ବୁଦ୍ଧଦେବ—2. The Buddha.
Sukhābatīswara (ସୁଖାବତୀ ଦେବ—ଅନ୍ୟରୂପ)

ସୁଖାବହ—ସ. ବଣ.—(ସୁଖ+ଆବହ) —ସୁଖ ଦାୟକ—Pleasant; delightful.
Sukhābaha (ଦୁଃଖାବହ—ବିପରୀତ)

ସୁଖାସ୍ପଦ(ନ)—ସ.[ବ.—ସ ଶିକ୍ଷିତ ଅଶ୍ୱ (ଶବ୍ଦମାଳା)—A well-trained horse.
Sukhāyata(na)

ସୁଖାସ୍ପଦନ—ସ.[ବ. (୬ଷ୍ଠୀ ତତ୍) ସୁଖାଧାର (ଦେଶ)
Sukhāyatana Sukhādhāra (See).

ସୁଖାର୍ଜିତ—ସ. ବଣ. (୩ୟା ତତ)—ସହଜରେ ଉପାର୍ଜିତ—Easily earned.
Sukhārjita

ସୁଖାଶ—ସ, ବଣ. ବ୍ରୀ. (ବହୁବ୍ରୀହି; ସୁଖ+ଆଶା+ଅ)—ସୋରଣ ଆଶାଯୁକ୍ତ—Having a good hope; hopeful; sanguine, ସ. ବ.—୧ । (ସୁଖ+ଅଶ=ଭୋଜନ) ସୁଖ ଭୋଜନ—1. A good meal; a hearty meal; a healthy meal. ୨ । ବୃକ୍ଷ-ଭେଦ (ମେଦଗା), ଏକପ୍ରକାର ବଳବନ ଜାତିର ଗଛ—2. A kind of timber tree. ୩ । ବରୁଣଦେବ—3. The God of the ocean. ୪ । ତରଭୁଜ—4. Melon.
Sukhāsa

ସୁଖାଶା—ସ. ବ. (୬ଷ୍ଠୀ ତତ୍)—ସୁଖ ପାଇବାର ଆଶା—Hope of happiness. (ଦ୍ର—ଯେଉଁ ସୁଖାଶାରେ ଏ ଯାଏ ସଂସାରେ ରହିବାକୁ ମନ ବଳିବ—ରାମଶଙ୍କର, ଶ୍ରୀଏଚ୍ ର ସଙ୍ଗୀତ)—ସ. ବଣ. ସ୍ତ୍ରୀ—ସୁଖାଶର ସ୍ତ୍ରୀଲିଙ୍ଗ—Feminine of sukhāsa.
Sukhāśā

ସୁଖାସନ—ସ. ବ. (ସ. ଷ. ତତ୍ପୁ)—୧ । ସୁଖଜନକ ଆସନ—1. Comfortable seat. ୨ । ମୃତବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧକାଳରେ ଶଯ୍ୟା ଓ ଗତ ଆଦିର ଦାନ—2. Gift of beddings to Brāhmaṇs during obsequal rites. ୩ । ପାଲ୍‌କି (ହି. ସ)—3. Palki; sedan chair. ଦେ. ବ. ୧ । ବିଷ୍ଣୁଙ୍କ ଅନନ୍ତ-ନାଗର କୁଣ୍ଡଳୀ ଶଯ୍ୟନ—1. The sleep of Bishṇu on the coil of the Bāsuki serpent during the dissolution of the universe. ୨ । (ସ. ସୁଖାଶ) ବରୁଣ ଦେବ—2. The God of the ocean. ୩ । ସମୁଦ୍ର; ସାଗର—3. The sea. [ଦ୍ର—ବିଶ୍ରାମକ ସୁଖାସନ ଦୁରେ ରହୁ । ଭଜ. ବୈଦେଗ୍ଧଶବଳାସ]
सुखासन

ସୁଖାସୀନ—ସଂ. ବଣ. ପୁଂ.—ସୁଖରେ ଉପବିଷ୍ଟ—Seated comfortably.
Sukhāsīna (ସୁଖାସୀନା—ସ୍ତ୍ରୀ)

ସୁଖାସ୍ପଦ—ସ. ବ. (୬ଷ୍ଠୀ ତତ୍) ସୁଖାଧାର ୧, ୨ (ଦେଶ)
Sukhāspada Sukhādhāra 1, 2 (See)
(ସୁଖାକର—ଅନ୍ୟ ରୂପ)

ସୁଖିତ—ସ. ବଣ.—(ସୁଖ+ଫଳାଚ ଅର୍ଥେ ଇତ)—ଅନୁଭବ; ଉପଭୋଗ କରିଥିବା—Pleased; delighted; comforted. [ଦ୍ର—ଉତ୍ତମ ସଙ୍ଗଦେ ସୁଖିତ । ଦୁଃଖରେ ହୋଇବ ଦୁଃଖିତ । ଜଗନ୍ନାଥ. ଭାଗବତ ।] ସ. ବ. ସୁଖ—Happiness.
Sukhita

Digitized by srujanika@gmail.com

ସୁଖିତା (ତ୍ୱ)—ସ.ବ. (ସୁଖିନ୍+ତ୍ୱ ତା, ତ୍ୱ)—ସୁଖୀ ହେବାର ଭାବ ବା ଅବସ୍ଥା—The state of being happy.

ସୁଖିନୀ—ସ. ବଣ. ସ୍ତ୍ରୀ (ସୁଖିନ୍+ଷ୍ଟୀ. ଈ)—ସୁଖୀର ସ୍ତ୍ରୀଲିଙ୍ଗ—Feminine of 'Sukhī. (ସୁଖୀ—ପୁଂ)

ସୁଖୀ—ସ. ବଣ. ପୁଂ. (ସୁଖ+ଅଚ୍ ଅର୍ଥରେ ଇନ୍; ୧ମା. ୧ବ.)—Sukhī ସୁଖ ବିଶିଷ୍ଟ; ଯେ ସୁଖ ଭୋଗ କରେ—Happy.

ସୁଖୁମ—ତ୍ରା. ବଣ. (ସ. ସୂକ୍ଷ୍ମ)—ସୂକ୍ଷ୍ମ (ଦେଖ)—Sūkshma (See)
Sukhuma ସୂକ୍ଷ୍ମ, ସୁଚ୍ଛମ

ସୁଖେ—ଦେ. କ୍ରି. ବଣ,—୧ । ସୁଖ ସହକାରେ—1. Happily; with pleasure. ୨ । ସହଜରେ, ଅନାୟାସରେ—2. Easily. [ତ୍ର—ସେ ଜନ୍ମୁ ବୃକ୍ଷତଳେ ଯେ ଯାହା ଦଉରେ । ବସିତାଠାରେ ସୁଖେ ସେ ତା ଲଘଯାଟର । କୃତ୍ତିବାସ. ମଦାଭ୍ୟରଣ୍ୟ, ଖଣ୍ଡ ।] ୩ । ସ୍ୱଇଚ୍ଛାରେ; ଇଚ୍ଛଂ; ସ୍ୱତନ୍ତ୍ରାକରେ—3. Of one's free will; voluntarily. [ତ୍ର—ଅରଣ୍ୟେ ଅସୁତାର ସୁଖେ । ଖୋଜିବା ଅଜ କେଉଁ ସୁଖେ ?—ଭୂପଜ, ପ୍ରେମଜ୍ଞାମୃତ ।] ୪। ସ୍ୱାଚ୍ଛନ୍ଦ୍ୟରେ—4. Comfortably; easily. ୪ । ନିଜ କର୍ମର ଫଳରେ—5. As the consequence of one's own actions. (ତ୍ର—ଶାସ୍ତ୍ର ତ ଲେଖିଅଛ ଥରଠାରେ ଥାଅ, ଯେ ଅତରେ ତା ସୁଖେ ଦୁଅଇ ଯେ ଦେଯ । କୃତ୍ତିବାସ. ମଦାଭ୍ୟରଣ୍ୟ, ବନ ।]

ସୁଖୈଶ୍ୱର୍ଯ୍ୟ—ସ. ବ (କର୍ମ)—ସୁଖ ସମୃଦ୍ଧି (ଦେଖ)
Sukhaiśwarjya Sukha samṛuddhi (See)

ସୁଖେଷ୍ଟ—ଙ. ବ—ଶିବ (ହ୍ର. ଶ)
Sukheshṭa Śiba.

ସୁଖୋତ୍ପାଦକ—ସ.ବଣ ପୁଂ—ଯେ (ଯେଉଁ ବ୍ୟକ୍ତି ବସ୍ତୁ ବା ଘଟଣା ସୁଖ ଜନ୍ମାଏ)—Causing happiness.
Sukhotpādaka (ସୁଖୋତ୍ପାଦକା—ସ୍ତ୍ରୀ, ସୁଖୋତ୍ପାଦନ—ଣ)

ସୁଖୋତ୍ସବ—ସ. ତ (ଚତୁର୍ଥୀ ତତ୍ପୁ ବା ୬. ତ. ଲେ)—ଆନନ୍ଦୋତ୍ସବ—Sukhotsaba Festivity. ସ. ବଣ (ବହୁବ୍ରୀହି; ସୁଖ ଅଟେ ଉତ୍ସବ ଯାହାର)—ଶିବ; ସ୍ୱାମୀ (ହିନ୍ଦୀରେ ଶେଷ)—Husband.

ସୁଖୋଦକ—ସ. ବ—୧ । ସୁଖଜନକ ଈଷତ୍ତପ୍ତ ଜଳ (ରହସ୍ୟାଲା)—Sukhodaka 1. Pleasant warm water. ୨ । ଈଷତ୍ତପ୍ତ (ସୁଖୋଷ୍ଣ—ଅନ୍ୟରୂପ) ଜଳ—2. Lukewarm water.

ସୁଖୋଦ୍ୟ—ସ. ବଣ (ସୁଖ+ବଦ୍. ଧାତୁ+କର୍ମ. ଯ)—ସହଜରେ ଉଚ୍ଚାରଣୀୟ—Sukhodya Easily pronounceable.

ସୁଖୋର୍ଜ୍ଜିକ—ସଂ. ବ—ପଚ୍ଛିକାକ୍ଷାର; ସାଜ ମାଟି—Sukhorjjika Rhe-soil; natron.

ସୁଖ୍ୟାତି—ସଂ. ବ—୧ । ସୁଯଶଃ; ସୁପ୍ରସିଦ୍ଧି—1. Celebrity. ୨ । ସୁନାମ—2. Good name or reputation.
Sukhyāti (ଅଖ୍ୟାତି—ବିଯଶ) [ଅସଖ୍ୟାତ—ଦେଶଜ ବିଯଶ]

ସୁଗ—ସଂ. ବଣ. ପୁଂ (ସୁ+ଗମ୍. ଧାତୁ+କର୍ତ୍ତୃ. ଅ)—୧ । ସୁବୋଧ; Suga ସୁଗମ—1. Easy to understand. ୨ । ସୁନ୍ଦର-(ସୁଗା—ସ୍ତ୍ରୀ) ଗାମୀ—Going beautifully. ସଂ. ବ—ବଷ୍ଠା—Ordure. ଗ୍ରାମ୍ୟ (ଯାଜପୁର) ବ—୧ । ମନୋଦୁଃଖ—1. Regret. ୨ । ଶୋକ—Sorrow.

ସୁଗଠ(ଢ଼)ଣ(ନ)—ଦେ. ବ (ସଂ. ସୁଘଟନ)—ସୁନ୍ଦର ଗଢ଼ଣ—Sugaṭha(ṛdha)ṇa(na) Beautiful make or build. ସୁଗଠନ ଦେ. ବଣ—ସୁନ୍ଦରରୂପେ ଗଢ଼ା—Well-made; ସୁଘଡପନ, ସୁଘଡାଇ beautifully proportioned; sym-ସୁଘଡ଼ metrical.
[ତ୍ର—ଗଠନ ଶବ୍ଦ ସଂସ୍କୃତ ଜୁଡ଼େ; ଜନ୍ମୁ ବଙ୍ଗଳାର ଲେଖକମାନଙ୍କ ଅନୁକରଣରେ ଓଡ଼ିଅ ଲେଖକମାନେ ଗଠନ, ଗଠିତ, ସୁଗଠନ, ସୁଗଠିତ ଶବ୍ଦମାନ ବ୍ୟବହାର କର ଅସିଅଛନ୍ତି ।]

ସୁଗଠିତ—ଦେ. ବଣ—ସୁନ୍ଦରରୂପେ ଗଢ଼ା—
Sugaṭhita Symmetrically made; well done; ସୁଗଠିତ ସୁଘଡ଼ well proportioned.

ସୁଗଣ—ସଂ. ବ—ସୁନ୍ଦର ଗଣକ (ସିଦ୍ଧାନ୍ତ କୌମୁଦୀ)—
Sugaṇ A good astrologer.

ସୁଗଣ୍ଠିଆ—ଗ୍ରାମ୍ୟ (ଗଡ଼ଜାତ) ବ—ଏକ ଗୁଳ୍ମ ଭୂଇଁରେ ମାଡ଼ି Sugaṇṭhiā ବଢ଼ିବା ଲତା ବିଶେଷ—A kind of creeper spreading over an area of one span. [ତ୍ର—ଏହାର ଥଳ ମୂଷାକାଳ ପତ୍ର ପତ୍ର । ଏହାର ଟେଙ୍ଗ ନାହିଁ । ଏହା ଘାଡଜରେ ବ୍ୟବହୃତ ହୁଏ ।]

ସୁଗତ—ସଂ. ବଣ (ସ+ଗମ୍. ଧାତୁ+କର୍ତ୍ତୃ. ତ)—୧ । ସୁନ୍ଦର Sugata ଗମନବିଶିଷ୍ଟ—1. Of good motion; of graceful movement. ୨ । ବୁଦ୍ଧଦେବ—2. The Buddha. ୩ । ବୌଦ୍ଧ (ହ୍ର. ଶ)—3. A Buddhist.

ସୁଗତି—ସଂ.ବ—୧। (ନାମ) ଅତୀତ ଜନ୍ମର ବୌଦ୍ଧ ସନ୍ଥ ବିଶେଷ (ଦ୍ୱିତୀୟ-ବର୍ଣ୍ଣ)—1. Name of a Buddhist saint of yore. ୨ । ଗ୍ରନ୍ଥକାର ବିଶେଷ—2. Name of an ancient author. ୩ । ମୋକ୍ଷ ଗତି; ମୁକ୍ତି—3. Emancipation; beatitude.

ସୁଗନ୍ଧ—ସଂ. ବଣ (ବହୁବ୍ରୀହି; ସୁଅଟେ ଗନ୍ଧ ଯାହାର)—୧ । ଗନ୍ଧବହ; Sugandha ସଦ୍ଗନ୍ଧମିଶ୍ରିତ; ସୁଗନ୍ଧିତ—1. Sweet-scented; scented with the smell of another article. ୨ । (ନ୍ୟାୟ) ଗନ୍ଧ ସମବାୟାଦିଭିନ୍ନ ସମ୍ବନ୍ଧଦ୍ୱାରା ସମ୍ବନ୍ଧବିଶିଷ୍ଟ—2. (Logic) Related with a relationship apart form the aggregate smell. [ତ୍ର—ଯେଉଁ ସ୍ଥଳରେ କୌଣସି ପଦାର୍ଥ ସଙ୍ଗେ ଗନ୍ଧର ସମବାୟାଦିଭିନ୍ନ ସମ୍ବନ୍ଧ ଥାଏ, ଅର୍ଥାତ୍ ସହଜ ସମ୍ବନ୍ଧ ନ ଥାଏ, ସେଠାରେ 'ସୁଗନ୍ଧ' ପଦ

Digitized by srujanika@gmail.com

ଦ୍ରବ ଏବଂ ପେଜ ସ୍ଥଳରେ ସମବାୟ ସମ୍ବନ୍ଧ ଥାଏ, ସେଠାରେ 'ସୁଗନ୍ଧ' ପଦ ବ୍ୟବହୃତ ହୁଏ । ଯଥା—

ପୁଷ୍ପ ସଙ୍ଗେ ଗନ୍ଧର ସମବାୟ ସମ୍ବନ୍ଧ ଅଛି; ଅର୍ଥାତ୍ ପୁଷ୍ପ ଜଳେ ସୁଗନ୍ଧଯୁକ୍ତ; ଅତଏବ 'ସୁଗନ୍ଧ ପୁଷ୍ପ' ବୋଲୁଯିବ ।

କନ୍ଦ ସୁବାସିତ ଜଳ ବା ଗନ୍ଧବାହୀ ବାୟୁ ସଙ୍ଗେ ଗନ୍ଧର ସମବାୟାଶ୍ରିତ୍ୱ ସମ୍ବନ୍ଧ ଅଛି; ଅର୍ଥାତ୍ ଜଳର ବା ବାୟୁର ସୁବାସ ନାହିଁ; ଏହା ଅନ୍ୟ ବସ୍ତୁର ସୁବାସ ଦ୍ୱାରା ସୁବାସିତ ହୁଏ । ଏହିପାଇଁ 'ସୁଗନ୍ଧ ବାୟୁ' 'ସୁଗନ୍ଧ ଜଳ' ବୋଲୁଯିବ]

ସଂ· ବ,—୧ । (ଜନ୍ମଧା) —ସୁବାସ; ମନୋଜ୍ଞ ଗନ୍ଧ; ସୌରଭ—1. Sweet scent; sweet smell. ୨ । (ବଦ୍ଧମୁଷ୍ଟି)—ଚନ୍ଦନ (ବ୍ରଜନର୍ଘଣ୍ଟ)—2. Sandal wood. ୩। ନୀଲୋତ୍ପଳ (ଗଜନର୍ଘଣ୍ଟ)—3 The blue water lily. ୪। ଗୁଡୁଚିସର୍ଜ; ଗଣ୍ଡିଅଳା (ଔଷଧ ଗଛବିଶେଷ)—4. A medicinal plant. ୫ । ଗନ୍ଧ ତୃଣ (ଉତ୍ତରାଳା); ଧନଜୀ—5. A kind of sweet scented grass; Arodropogen Schoenanthus. ୬ । କ୍ଷୁଦ୍ର ଜୀରକ (ଉତ୍ତରାଳା)—6. Small variety of cumin seed. ୭ । ରକ୍ତଶିଗ୍ରୁ; ନାଲି ସଜନା (ବ୍ରଜନର୍ଘଣ୍ଟ)—7. The red variety of horse radish. ୮ । ଗନ୍ଧକ (ବ୍ରଜନର୍ଘଣ୍ଟ) —8. Sulphur. ୯ । ଚଣକ; ଚଣା (ବ୍ରଜନର୍ଘଣ୍ଟ)—9. Gram; chick pea. ୧୦ । ଭୂତୃଣ (ବ୍ରଜନର୍ଘଣ୍ଟ)—10. A kind of lemon-scented grass; Andropogen Citratus. ୧୧ । ଶ୍ରୀଖଣ୍ଡଚନ୍ଦନ (ଦ୍ର. ଶ·)—11. Śrīkhaṇḍa chandana. ୧୨ । ଶବରଚନ୍ଦନ (ଦ୍ର· ଶ.)—12. Sabara chandana. ୧୩ । ଗନ୍ଧରାଜ ଫୁଲ (ଦ୍ର· ଶ·)—13. Gandharaja flower. ୧୪ । ଧୁନା (ଦ୍ର.ଶ)—14. Resin. ୧୫ । ଶାଳ ଧାନ୍ୟ; ବାସନ୍ତୀ ଧାନ (ଦ୍ର. ଶ·)—15. Scented variety of paddy. ୧୬ । ମରୁବକ (ଦ୍ର. ଶ)—16. Marūbaka (See) ୧୭ । ମାଧବୀଲତା(ଦ୍ର· ଶ)17. Madhabi creeper. ୧୮ ।କସେରୁ (ଦ୍ର·ଶ)—18. Koseru (See). ୧୯ । ସଫେଦ କୁଆରୁ (ଦ୍ର.ଶ) 19. White (millet grain). ୨୦। କଅ (ଦ୍ର·ଶ)-20. Pandanus Odoratissimus (white-flowered variety).

ସୁଗନ୍ଧକ— ସଂ· ବ—୧ । ରକ୍ତତୁଳସୀ (ଉତ୍ତରାଳା)—1. The red-leaved variety of the Basil plant. ୨ । ଗନ୍ଧକ (ଉତ୍ତରାଳା)—2. Sulphur. ୩ । ନାଗରଙ୍ଗକ; ନାରଙ୍ଗ (ହିନ୍ଦୀଶବ୍ଦ)—3. Mild flavoured lemon. ୪ । କର୍କୋଟକ (ଟମ୍ବରଚଦ୍ଦ); କାଙ୍କଡ଼—4. The edible cucurbitacious fruit of a wild creeper; Memordica Cochin Chenensis. ୫ । ଦ୍ରୋଣପୁଷ୍ପୀ; ଗବୃଷ (ଦ୍ର. ଶ)—5. Gavasa (See) ୬ । ରକ୍ତଶାଳିଧାନ୍ୟ —6. A red variety of paddy.

ସୁଗନ୍ଧକେସର—ସଂ ବ—ରକ୍ତଶିଗ୍ରୁ (ଦ୍ର. ଶ)—Sugandha kesara The red variety of Moringa.

ସୁଗନ୍ଧଗନ୍ଧା—ସଂ ବ—ଦାରୁହରିଦ୍ରା—Sugandhagandhā Dāruharidrā. (See)

ସୁଗନ୍ଧଗଣ—ସଂ. ବ (ବୈଦ୍ୟଶାସ୍ତ୍ର)—କର୍ପୂର, କସ୍ତୁରୀ, ଲତାକସ୍ତୁରୀ, Sugandhagana ଗନ୍ଧମାର୍ଜାରଗନ୍ଧି (ଶାଳଅଗଡଗାଟକୋଷ), ଗୋରଚନ, ଶ୍ରୀଖଣ୍ଡଚନ୍ଦନ, ଶୀତଳଚନ୍ଦନ, ଚିଲାଚନ୍ଦନ, ରକ୍ତଚନ୍ଦନ, ଅଗୁରୁଚନ୍ଦନ, କୃଷ୍ଣାଗୁରୁ, ଦେବଦାରୁ, ପତଙ୍ଗ, ସରଳ, ଉଗର, ଦାଲ୍‌ଚି, ଗୁଗୁଳ, ସରଳନିର୍ଯ୍ୟାସ, ଜୁଣା, କୁନ୍ଦୁରୁ, ଶିଳାରସ, ଜ୍ୟୋତିଷ୍ମତୀ, ଲବଙ୍ଗ, ଜାଇତ୍ରୀ, ଜାଇଫଳ, ଅଳାଇଚ, ଗୁଜରାଟ, ଡାଳଚିନି, ତେଜପତ୍ର, ନାଗକେଶର, କ୍ଷୁରୁବେଲି, ବେଣାଚେର, ଗୋରୋଚନା, ଜଟୀ, କେସର, ଜଟାମାଂସୀ, ନାଗରମୁଥା, ଅମ୍ବ ଅଦା ଅଦ ସୁଗନ୍ଧଦ୍ରବ୍ୟ (ଦ୍ର. ଶ)—A number of scented articles used in medicine.

ସୁଗନ୍ଧ ଘଣ୍ଡି—ବେ. ବ (ଙ ସୁଗନ୍ଧ+ଘଣ୍ଟୀ)—ଯେଉଁ ଘଣ୍ଟରେ ବା ଶିଶିରେ ଅତର ଅଦ ସୁଗନ୍ଧଦ୍ରବ୍ୟ ରଖାଯାଏ—Sugandha ghardi ସୁଗନ୍ଧପାତ୍ର ସୁଗଂଧଘର୍ତନ Scent bottle.

[ଜ୍—ଘିଣି ନ ଥିବ ଭାର ସୁଗନ୍ଧ ଘଡ଼ି—ଭଞ୍ଜ. ସୂକର୍ଣ୍ଣରେଖା ।]

ସୁଗନ୍ଧ ତୈଳ—ସଂ ବ—ସୁବାସିତ ତୈଳ; ବାସନା ତେଲ—Sugandha taila Scented oil.

ସୁଗନ୍ଧ ତୈଳ ନିର୍ଯ୍ୟାସ—ସଂ· ବ—ଜବାଦ ନାମକ ଗନ୍ଧ ଦ୍ରବ୍ୟ Sugandha taila nirjāsa (ବ୍ରଜନର୍ଘଣ୍ଟ)—Name of a scented medicinal liquid.

ସୁଗନ୍ଧ ପତ୍ର—ସଂ· ବ—ରୁଦ୍ର ଜଟା (ବ୍ରଜନର୍ଦ୍ଦଣ୍ଟ); ଈଶ୍ୱର ଜଟା—Sugandha patra A plant with scented leaves.

ସୁଗନ୍ଧପତ୍ରା—ସଂ· ବ—୧ । ଶତାବରୀ (ଦ୍ର. ଶ)—1. Asparargus Sugandhapatrā Racemosa. ୨ । କ୍ଷୁଦ୍ର ଜାମୁ (ଦ୍ର·ଶ) 2. The small variety of black berry. ୩ । ବୃହତ୍ତା (ଦ୍ର. ଶ)—3. Solanum Indicum. ୪ । ଅପରାଜିତା (ଦ୍ର. ଶ)—4. Clitoris flower. ୫ । ଜୀର (ଦ୍ର. ଶ)—5. Cumin seed. ୬ । ବାଳ-ଅଁଳା (ଦ୍ର.ଶ.)—6. Sida Cordifolia. ୭ । ବୃଦ୍ଧ ଦାରକ (ଦ୍ର.ଶ)—7. Bṛuddhadāraka (See)

Digitized by srujanika@gmail.com

୮। ରୁଦ୍ର ଜଟା; ଈଶ୍ୱର ଜଟା (ହି. ଶ.)—
Iswarajatā (See)

ସୁଗନ୍ଧ ଭୂତୃଣ—ସ. ବ—ଗନ୍ଧ ତୃଣ (ବୃଜନଘର୍ଣ୍ଣ); ଧନଜା—
Sugandha bhūtṛuna A scented grass; Andropogen Schoenanthus.

ସୁଗନ୍ଧିମୂଳା—ସ. ବ—୧ । ସ୍ଥଳପଦ୍ମିନୀ (ବୃଜନଘର୍ଣ୍ଣ)—
Sugandha mūlā 1. The plant of Hibiscus Mutabilis. ୨ । ବ୍ୟୁ। (ବୃଜନଘର୍ଣ୍ଣ)—2. Vanda Roxburghii. ୩ । ଅଁଳା—3. Embelic myrobalan. ୪। ଗନ୍ଧପଲାଶୀ (ଭ. ଶ)—4. Gandhapalāśī (See). ୫। ଲବଳି; ନଅରକୋଳ (ହି. ଶ)—5. Na-ara koli (See)

ସୁଗନ୍ଧ ମୂଷିକ—ସ. ବ—ଚୁଚୁନ୍ଦୁର—(ହି. ଶ) Mole; shrew.
Sugandha mūshika

ସୁଗନ୍ଧରାଜ—ଦେ. ବ—ସୁଗନ୍ଧ ପୁଷ୍ପବିଶେଷ —A kind of scented flower; Gardenia cape jasmine.
Sugandharāja
ଗନ୍ଧରାଜ ସୁଗନ୍ଧରାଜ

ସୁଗନ୍ଧଶାଳି—ସ. ବ (ବୈଦ୍ୟକ)—ଶାଳିଧାନ୍ୟବିଶେଷ—A species of winter paddy.
Sugandhaśāli [ଦ୍ର—ଏହା (ଦେବଶାଳ—ଅଳ୍ୟରୂପ) ମନ୍ଦରରସ, ଲଘୁ, ତ୍ରିଗ୍ଧ, ରୁଚିକର, ଅଗ୍ନିବର୍ଦ୍ଧକ, ବଳକର, ପୁଷ୍ଟିକାରକ, ଶୁକ୍ରବର୍ଦ୍ଧକ ଓ ସ୍ନେଗୀକ ଗଥ୍ୟ।]

ସୁଗନ୍ଧଶାଳୀ—ସ. ବଶ. ଙ୍କୀ (ସୁଗନ୍ଧ + ଶାଳନ୍; ୧ମା. ୧ବ)—
Sugandhaśālī ସୁଗନ୍ଧବିଶିଷ୍ଟ; ଉତ୍ତମ ବାସଯୁକ୍ତ; ସୁବାସିତ—
(ସୁଗନ୍ଧଶାଳଜା—ସ୍ତ୍ରୀ) Sweet scented.

ସୁଗନ୍ଧ ଷଟ୍‌କ—ସ. ବ (ବୈଦ୍ୟକ)—ଛଅଗୋଟି ସୁଗନ୍ଧଦ୍ରବ୍ୟ,
Sugandha shaṭ-ka ସଥା—ଜାଇଫଳ, କବୋଳ (ଶୀତଳ ଚଳ), ଲବଙ୍ଗ, ଅଲେଇଚ, କର୍ପୂର ଓ ଗୁଆ (ହି. ଶ)—
Six scented articles used in medicine.

ସୁଗନ୍ଧ ସ୍ଥଳ—ଦେ. ବ—ସୁଗନ୍ଧ ବସ୍ତୁ; ସୁବାସିତ ପଦାର୍ଥ—A sweet-
Sugandha sthala scented thing; a thing having a very sweet scent.
ସୁଗନ୍ଧ ବସ୍ତୁ (ଦ୍ର—ଗାଳ ଚଳଣ କୁଟିଳ କୋମଳ । ପ୍ରଳମ୍ବ ଗଡ଼ଳ ସୁଗନ୍ଧ ସ୍ଥଳ —ଭଞ୍ଜ. କୋଟିବ୍ରହ୍ମାଣ୍ଡସୁନ୍ଦରୀ ।)

ସୁଗନ୍ଧା—ସ. ବ (ସୁଗନ୍ଧ + ଅ)—୧ । ବ୍ୟୁ। (ଅମର)—
Sugandhā 1. Vanda Roxburghii. ୨ । ଶଠୀ; ଗନ୍ଧଶୁଣ୍ଠୀ (ଶବ୍ଦଚନ୍ଦ୍ରାବଳୀ)—2. Alpine galanga, Curcuma zedoaria. ୩ । ଶୁକ୍ଳା; ସିଡ଼ଙ୍ଗ ଶାଗ (ବୃଜନଘର୍ଣ୍ଣ)—3. Trigonella Corniculata. ୪ । ଗଙ୍ଗାପତ୍ରୀ (ବୃଜନଘର୍ଣ୍ଣ)—4. A kind of scented herb. ୫ । ସଲ୍ଲକୀ (ବୃଜନଘର୍ଣ୍ଣ) ବୃକ୍ଷ—5. Sallakī tree (See) ୬ । ମାଧବୀ (ବୃଜନଘର୍ଣ୍ଣ)—6. A flowering creeper; Hiptage Madhablata. ୭ । ବନ୍ଧ୍ୟା କର୍କୋଟକ; ଅଷାଢ଼ୁଆ (ବୃଜନଘର୍ଣ୍ଣ)—7. Capparis Acuminata; a kind of edible wild bitter fruit. ୮ । ରୁଦ୍ର ଜଟା (ଉତ୍ତମାଳା)—8. Uraria; Pica Aristolochia Indica. ୯ । ଶତପୁଷ୍ପା, ଶତ୍ରୁପ (ଉତ୍ତମାଳା)—9. Dill seed; Anethum Sowa. ୧୦ । ନାଲୁଲି (ଉତ୍ତମାଳା) —10. An esculent root; Ophioxylon Serpentinum. ୧୧ । ନବମଲ୍ଲିକା; ବଥୁଲୀ (ଉତ୍ତମାଳା)—11. Arabian jasmine, Jasminun Arboresecns. ୧୨ । ସ୍ୱର୍ଣ୍ଣପୁଷ୍ପିକା; ବଳଦଆ ଜୁଇ (ଉତ୍ତମାଳା)—12. Yellow variety of Jūī. ୧୩ । ଅନନ୍ତା; ଚେମିଡ଼ଲଇ (ଉତ୍ତମାଳା)—13. A creeper; Hemidesmus Indicus. ୧୪ । ମାଳୁଲଙ୍ଗ (ଉତ୍ତମାଳା)—14 Lemon; citron. ୧୫ । ତୁଳସୀ (ଉତ୍ତମାଳା)—15. Basil (plant). ୧୬ । ନର୍ଗୁଣ୍ଡି (ହି. ଶ) (ଦେଶ)—16. Nirgundi (See) ୧୭ । ଏଲବାଳୁକ (ହି. ଶ)—17. Elabāluka (See) ୧୮ । ସୋମରାଜି (ହି. ଶ)—18. Somarājī (See) ପ୍ରାଦେ (ଯାଜପୁର) ବ—ଦୁଲ୍ଲଗ—Ocimum Basillicum; Ocimum canum.

ସୁଗନ୍ଧି—ସ.ବଶ (ସୁଗନ୍ଧ+ଇ)—୧। ସୁଗନ୍ଧଯୁକ୍ତ;ସୁରଭିତ—1. Sweet-
Sugandhi scented. (ଦ୍ର—ସୁଗନ୍ଧ ଭଳେ ଶବ୍ଦ ଦେଶ) ୨ । ଧାର୍ମିକ—2. Pious; religious. ସ. ବ—୧ । ସୌରଭ; ସଦ୍‌ଗନ୍ଧ (ଅମର)—1. Sweet smell. ୨ । ସୁବାସ; ଅମ୍ବ (ଶବ୍ଦଚନ୍ଦ୍ରିକା)—2. Mango. ୩ । ଉତ୍ତମାତ୍ମା (ଜାତକଣ୍ଠ)—3. The Divide Essence in man. ୪ । ଏଲବାଳୁକ (ଅମର)—4. A kind of medicinal root. ୫ । ମୁଥା (ବୃଜନଘର୍ଣ୍ଣ)—5. Bulbous grass root. ୬ । କସେରୁ (ବୃଜନଘର୍ଣ୍ଣ)—6. Scrypus kysoor. ୭ । ଗନ୍ଧ ତୃଣ (ବୃଜନଘର୍ଣ୍ଣ)—7. A variety of scented grass. ୮ । ଧନ୍ୟାକ; ଧନିଆ (ବୃଜନଘର୍ଣ୍ଣ)—8. Coriander. ୯ । ପିପ୍ପଳୀ ମୂଳ (ବୃଜନଘର୍ଣ୍ଣ)—9. Piper root. ୧୦ । ବନତୁଳସୀ (ଦେଶ) (ହି. ଶ)—10. Banatulasī (See) ୧୧ । ଅନନ୍ତମୂଳ (ଦେଶ) (ଭ. ଶ)—
11. Anantamūla (See)

ସୁଗନ୍ଧିକ—ସ. ବ—୧ । କଇଁରା; ଇଚ୍ଛି (ଶବ୍ଦରତ୍ନାବଳୀ)—
Sugandhika 1. Water lily. ୨ । ସୁଗନ୍ଧମୂଳ (ବୃଜନଘର୍ଣ୍ଣ)—2. The root of Alpotaris Auriculata. ୩ । ସୁରସୀ (ଦେଶ) (ବୃଜନଘର୍ଣ୍ଣ)

Digitized by srujanika@gmail.com

3. Surapatrī (See) ୪। ଉଶୀର; ବେଣାରେର (ରଜନର୍ଦ୍ଦ)—4. Fragrant root of Benā grass. ୫। ମଦ୍ଦାଶାଳି (ହେମଚନ୍ଦ୍ର)—5. Coarse winter paddy. ୬। ଗୁରୁସ୍ତ; ଲୋବାନ୍ (ରଜନର୍ଦ୍ଦ)—6. Olibanum. ୭। ଗନ୍ଧକ (ରଜମୂଳକ)—7. Sulphur. ୮। କଳାଜୀର (ହି. ଶ)—8. Black cuminseed. ୯। ଶିଳାରସ (ହି. ଶ)—9. Silārasa (See) ୧୦। ବାସବତା ଗୁଣ୍ଡଳ (ହି. ଶ)—10. Scented rice. ୧୧। କଉଥ (ହି. ଶ.)—11. Elephant apple. ୧୨। ସୁଆଗ; ନାଗକେଶର (ହି. ଶ)—12. Mesua Ferra.

ସୁଗନ୍ଧ କୁସୁମ—ସଂ. ବ—୧। ସଦ୍‌ଗନ୍ଧଯୁକ୍ତ ପୁଷ୍ପ—1. Sweet smelling flower. ୨। ପୀତ କରବୀର (ରଜନର୍ଦ୍ଦଣ୍ଡ)—2. The yellow variety of 'Karabira' flower. ୩। ଶୁକ୍ଲା (ହି. ଶ)—3. Trigonella Cornículata (herb).

ସୁଗନ୍ଧ କୁସୁମା—ସଂ. ବ—ଶୁକ୍ଲା; ପିଡ଼ିଙ୍ଗ ଶାଗ (ଜଳାଧର)—Sugandhi kusumā A pot-herb; Trigonella Corniculata.

ସୁଗନ୍ଧିତ—ସଂ. ବଣ (ସୁଗନ୍ଧ+ଇତ)—ସୁଗନ୍ଧଯୁକ୍ତ; ସୁଗନ୍ଧୀକୃତ; ସୁବାସିତ—Sugandhita Made fragrant; scented.

ସୁଗନ୍ଧିତା—ସଂ. ବ—ସୌରଭ୍ୟ; ସୌରଭ (ତ୍ରିକାଣ୍ଡଶେଷ)—Sugandhitā Fragrance.

ସୁଗନ୍ଧି(ନ୍ଧ)ତ୍ରିଫଳା—ସଂ ବ—ଜାଇଫଳ, ପୂଗଫଳ ଓ ଲବଙ୍ଗ କଳିବା ଫଳ (ରଜନର୍ଦ୍ଦଣ୍ଡ)—Sugandhi(ndha)triphalā An aggregate of nutmeg, nut and cloves fruit.

ସୁଗନ୍ଧିନୀ—ସଂ. ବ—ଅଗ୍ନ୍ୟ ଶୀତଳା (ରଜନର୍ଦ୍ଦଣ୍ଡ)—A scented herb. ସଂ. ବଣ—'ସୁଗନ୍ଧୀ'ର ସ୍ତ୍ରୀଲିଙ୍ଗ—Sugandhinī Feminine of 'Sugandhī'.

ସୁଗନ୍ଧ ଫଳ—ସଂ ବ—ଶୀତଲଚିନି; କବାବଚିନି (ହି. ଶ)—Sugandhi phala Cubeb.

ସୁଗନ୍ଧବର୍ଗ—ସଂ. ବ—ସୁଗନ୍ଧଗଣ (ଦେଶ)—Sugandhibarga Sugandhagaṇa (See)

ସୁଗନ୍ଧ ମୂଳ—ସଂ ବ—ଉଶୀର; ବେଣାମୂଳ (ରଜନର୍ଦ୍ଦଣ୍ଡ)—Sugandhi mula The fragrant root of Benā grass.

ସୁଗନ୍ଧ ମୂଷିକା—ସଂ. ବ—ଛୁଚୁନ୍ଦର; ଚୁଚୁନ୍ଦୁର (ରଜନର୍ଦ୍ଦଣ୍ଡ)—Sugandhi mūshikā The mole; shrew.

ସୁଗନ୍ଧୀ—ସଂ ବଣ. ପୁଂ ଓ ସ୍ତ୍ରୀ—(ସୁଗନ୍ଧ+କର୍ତ୍ତୃ ଇନ୍; ୧ମା ୧ବ)—ସୁଗନ୍ଧଯୁକ୍ତ; ସୁବାସବିଶିଷ୍ଟ—Sugandhī Sweet-smelling.

ସୁଗନ୍ଧୀକୃତ—ସଂ ବଣ (ସୁଗନ୍ଧ+ଅଭୂତଦ୍ଭାବେ ଚ୍ଵି+କୃ ଧାତୁ+କ୍ତ)—ଗନ୍ଧଯୁକ୍ତ କରାଯାଇଥିବା (ଗନ୍ଧଯୁକ୍ତ କରିତ)—Sugandhīkṛuta Scented; made fragrant.

ସୁଗଭସ୍ତି—ସଂ ବ (ବହୁବ୍ରୀହି)—ଦୀପ୍ତିମାନ୍ (ହି. ଶ)—Sugabhasti Lustrous.

ସୁଗଭୀର—ସଂ ବଣ. ପୁଂ (ସୁ=ଅତ୍ୟନ୍ତ+ଗଭୀର)—୧। ଅତ୍ୟଗଭୀର—Sugabhīra 1. Very deep. ୨। ଅତଳସ୍ପର୍ଶ (ସୁଗଭୀର—ସ୍ତ୍ରୀ; ସୁଗଭୀରତା—ବ)—2. Abysmal.

ସୁଗମ—ସଂ ବଣ. ପୁଂ (ସୁ=ସୁଖରେ+ଗମ୍ ଧାତୁ+କର୍ମ ଅ)—୧। ସୁକର; ଅନାୟାସରେ କରଣୀୟ—[ସୁଗମା—ସ୍ତ୍ରୀ] 1. Easy of accomplishment. [ଦୁର୍ଗମ—ବିପରୀତ] ୨। ଯେଉଁଠାକୁ ସହଜରେ ମନୁଷ୍ୟ [ସୁଗମତା—ବ] ଯାଇପାରେ—2. Easily accessible. ୩। ଯେଉଁବାଟେ ସହଜରେ ମନୁଷ୍ୟ ଯାଇ ହୁଏ—3. Easily passable. ୪। ସହଜରେ ଲଭ୍ୟ—4. Easily obtainable. ୫। ଅନାୟାସବୋଧ୍ୟ ସଦୃଶ—5. Easily comprehensible.

ସୁଗମ୍ଭୀର—ସଂ ବଣ. ପୁଂ (ସୁ=ଅତ୍ୟନ୍ତ+ଗମ୍ଭୀର) ଅତ୍ୟନ୍ତ ଗାମ୍ଭୀର୍ଯ୍ୟଯୁକ୍ତ—Sugambhīra Very grave. [ସୁଗମ୍ଭୀର—ସ୍ତ୍ରୀ]

ସୁଗମ୍ୟ—ସଂ ବଣ. ପୁଂ (ସୁ=ସହଜରେ+ଗମ୍ୟ)—ସୁଗମ (ଦେଶ)—Sugamya Sugama (See) [ସୁଗମ୍ୟା—ସ୍ତ୍ରୀ] [ଦୁର୍ଗମ୍ୟ—ବିପରୀତ]

ସୁଗର—ସଂ ବ—ହିଙ୍ଗୁଳ (ହି. ଶ)—Sugara Hingula (See)

ସୁଗହନ—ଦଂ ବଣ (ସୁ=ଅତି+ଗହନ)—ନିରବକାଶ; ଅତି ନିବିଡ଼—Sugahana Very dense. ସଂ ବ—(ସୁ=ଉତ୍ତମ+ଗହନ)—ଉତ୍ତମ ବା ସୁନ୍ଦର ବନ—Beautiful forest.

ସୁଗହନା—ସଂ. ବ—କୁମ୍ଭା (ଅମର); ଯଜ୍ଞ ସ୍ଥାନରେ ଅସୁଶ୍ୟାନ୍ ବ୍ୟକ୍ତିମାନଙ୍କ ଦର୍ଶନନିବାରଣାର୍ଥ ପେଡ଼ି (ସୁଗହନାବୃତ—ଅନ୍ୟରୂପ) ନିରବକାଶ ବେଷ୍ଟନ ବା କାନ୍ଥ ଦିଆଯାଏ—Sugahanā A thick fence put round the sacrificial altar to keep it concealed from the view of untouchable persons.

ସୁଗାଇବା—ସାଦେ. (ଲଟ୍ଅ) ଦି.—ସ୍ନେହ କରିବା—Sugāibā To love; to have attachment for.

ସୁଗାଧ—ସଂ. ବଣ—୧। ଯେଉଁ ନଦୀରେ ସୁଖରେ ସ୍ନାନ କରିଯାଏ (ହି. ଶ)—1. (river) In which it is pleasant to bathe. ୨। ଯେଉଁ ନଦୀକୁ ସ୍ଲେକ ସହଜରେ ପାର ହୋଇ ପାରନ୍ତି; ସୁଗାଧୀ (ହି. ଶ)—2. (river) Which is easy to be crossed.

Digitized by srujanika@gmail.com

ସୁଗୁପ୍ତ—ବି.ବ (ସୁ+ଗୁପ୍ତ)—ଅତି ଗୁପ୍ତ—Very private; strictly confidential.
Sugupta

ସୁଗୁପ୍ତା—ସ୍ତ୍ରୀ. ବ—କପିକଚ୍ଛୁ; ବାଇଡ଼ଙ୍ଗ (ଔ. ଶ)—Cowhage.
Suguptā

ସୁଗୃହ—ସଂ. ବ—୧। ସୁନ୍ଦର ଘର—1. A good house. ୨। (ବହୁବ୍ରୀ; ସୁ=ସୁନ୍ଦର ଅର୍ଥେ ଗୃହ=ଘର ଯାହାର)—ଚଞ୍ଚୁସୂଚକ ପକ୍ଷୀ; ବାୟା ଚଢ଼େଇ—2. The Bāyā bird; the tailor bird (which weaves its nest with its beak). ୩। ଏକପ୍ରକାର ହଂସ (ଔ. ଶ)—3. A kind of drake.
Sugṛuha

ସୁଗୃହିଣୀ—ସଂ. ବ. ସ୍ତ୍ରୀ—ନାନା ସଦ୍‌ଗୁଣବିଶିଷ୍ଟା ଗୃହିଣୀ—A housewife with various good qualities.
Sugṛuhiṇī

ସୁଗୃହୀ—ବି.ବ. ପୁଂ (ସୁଗୃହ+ଇନ୍; ୧ମା. ୧ବ.)—୧। ସୁନ୍ଦର ଗୃହର ସ୍ୱାମୀ (ଔ. ଶ)—1. A man owning a good house. ୨। ସୁନ୍ଦରୀ ସ୍ତ୍ରୀଙ୍କ ସ୍ୱାମୀ—2. A person who has a beautiful wife. ୩। ସୁଗୃହ (ଦେଖ)—3. Sugṛuha (See)
Sugṛuhī

ସୁଗୃହୀତ—ସଂ ବର୍ତ୍ତ (ସୁ=ସୁନ୍ଦରରୂପେ+ଗୃହୀତ)—ସୁନ୍ଦରରୂପେ ଗୃହୀତ—Well accepted.
Sugṛuhīta

ସୁଗୃହୀତ—ନାମା—ସଂ. ବର୍ତ୍ତ (ଯୁଗୃହୀତ+ନାମନ୍; ୧ମା. ୧ବ). ସୁଶ୍ଲୋକ; ପ୍ରାତଃସ୍ମରଣୀୟ (ବ୍ୟକ୍ତି); ଯେଉଁମାନଙ୍କ ନାମ ଧରିଲେ ଶୁଭ ଘଟେ (ଯଥା—ନଳ, ପୃଥିଷ୍ଠିର, ରାମଚନ୍ଦ୍ର ଇତ୍ୟାଦି)—(persons) The utterance of whose names brings bliss; of blessed memory.
Sugṛuhīta nāmā

ସୁଗୋଚର—ସ. ବର୍ତ୍ତ (ସୁ+ଗୋଚର)—ଉତ୍ତମରୂପେ ଗୋଚର—Well-known, ଦେ. ବର୍ତ୍ତ—ସୁସ୍ପଷ୍ଟ ସାଫ ସୁସ୍ପଷ୍ଟ—Very clear; obvious.
Sugochara

ସୁଗୋଳ(ଳ)—ସ. ବ (ସୁ+ଗୋଳ=ଗୋଲଭାର)—ସମ୍ୟକ୍‌ରୂପେ ଗୋଲଭାର—Completely circular.
Sugola(la)

ସୁଜ୍ଞ—ଗ୍ରା. ବର୍ତ୍ତ (ପ୍ରାଚୀନ ପଦ୍ୟ ପ୍ରୟୋଗ)—(ସଂ, ସୁଜ୍ଞ)—ସୁଜ୍ଞ (ଦେଖ)—Sujña (See) (ଉ—ଏଥିଅନନ୍ତରେ ଶୁଣ ସାଧୁ ସ୍ୱର୍ଗ୍ୟ ନର—ପ୍ରାଚୀ. ବ୍ରହ୍ମନରୂପଣ ଗୀତା)
Sugyañ

ସୁଗ୍ରନ୍ଥ—ସଂ. ବ—ଉତ୍ତମ ପୁସ୍ତକ—A good book.
Sugrantha

ସୁଗ୍ରନ୍ଥି—ସଂ. ବର୍ତ୍ତ (ବହୁବ୍ରୀ)—ସୁନ୍ଦର ଗ୍ରନ୍ଥିଯୁକ୍ତ—Having good knots. ଲଂ. ବ—ଗୋରକ ନାମକ ଉଦ୍ଭିଦ୍ୟ (ରାଜନିର୍ଘଣ୍ଟ)—Name of a knotty sweet-scented herb.
Sugranthi

ସୁଗ୍ରହ—ସଂ. ବ—ଫଳତଜ୍ୟୋତିଷ ଅନୁସାରେ ଶୁଭଫଳଦ ଗ୍ରହ (ଯଥା—ବୃହସ୍ପତି, ଶୁକ୍ର)—(astrology) Planet which grants good results.
Sugraha

ସୁଗ୍ରୀ—ସ୍ତ୍ରୀ. ବ. (ନାମ)—'ସୁଗ୍ରୀବ'ର ଭାକ ନାମ—Popular name of Sugrība. (ସୁଗ୍ରୀବର—ଅନ୍ୟରୂପ) (ଉ—ବଡ଼ାଇଛନ୍ତି କୋଶ, ସୁଗ୍ରୀ ସୁଗ୍ରୀବ ସୁଗ୍ରୀ ଦ୍ରୁନ୍ ଅମାପ, ଲକ୍ଷ୍ମ ଦେଇ ବ ନାସେ ଯେ—ଉଜ୍ଜ. ବୈଦେହୀଶବଲାସ।)
Sugrī

ସୁଗ୍ରୀବ—ସଂ. ଗଣ. ପୁଂ (ସୁ=ସୁନ୍ଦର ଅର୍ଥେ ଗ୍ରୀବା ଯାହାର; ବହୁବ୍ରୀ)—ସୁନ୍ଦର ଗ୍ରୀବାବିଶିଷ୍ଟ—Having a beautiful neck. ସଂ. ବ—୧। ଚତୁର୍ଦ୍ଦ ୪ ଅଶ୍ୱ ମଧ୍ୟରୁ ଏକ ଅଶ୍ୱର ନାମ (ମେଦଙ୍କା)—1. Name of one of the 4 horses drawing the chariot of Bishṇu. ୨। ରାମାୟଣ ବର୍ଣ୍ଣିତ ଶ୍ରୀରାମମିତ୍ର କପୀଶ୍ୱର—2. The name of the monkey-king of Kishkindhyā, the sworn friend of Rāmachandra. [ଉ—ଏ ରୁଷରାଜଙ୍କ ସ୍ତ୍ରୀଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସ ପୁତ୍ର। ଏହାଙ୍କ ଜ୍ୟେଷ୍ଠ ଭ୍ରାତା ବାଳି ସୁଗ୍ରୀବ ଥିବା ସମୟରେ ମାୟାବୀ ଦୈତ୍ୟ ସଙ୍ଗେ ଯୁଦ୍ଧ କରୁ କରୁ ଏକ ଗୁହାରେ ପଶିଲେ ଏବଂ ସୁଗ୍ରୀବକୁ ଗୁହାଦ୍ୱାର ଜଗାଇ ଗଲେ। ବାଳି ଏକ ବର୍ଷ କାଳ ଗୁହାରୁ ନ ଫେରିବାରୁ ସେ ମୃତ ହେବା ମନେ କରି ଜ୍ଞାନ ଦୈତ୍ୟବଧ୍ୟ ଜନାରଣ୍ୟାର୍ଥି ସୁଗ୍ରୀବ ଜ୍ଞାନ ଗୁହାମୁଖକୁ ପଥର ଦ୍ୱାରା ବୁଜିଦେଇ ଫେରି ଅସି କିସ୍କିନ୍ଧ୍ୟାର ରାଜା ହେଲେ। ଏଣ୍ଡ ବର୍ଷ ପରେ ବାଳି ଜ୍ଞାନ ଦୈତ୍ୟକୁ ବଧ କରି ଫେରି ଗୁହାଦ୍ୱାରକୁ ଠେଲି ବାହାର ଅସି ସୁଗ୍ରୀବଙ୍କ ଉପରେ ରାଗାନ୍ଧ ହୋଇ ତାହାଙ୍କୁ କିସ୍କିନ୍ଧ୍ୟାରୁ ତଡି ତାଙ୍କ ସ୍ତ୍ରୀ ରୁମାଙ୍କୁ ହରଣ କରି ନେବା ପରେ ରାମଚନ୍ଦ୍ର କିସ୍କିନ୍ଧ୍ୟାରେ ପହଞ୍ଚିଲେ ଏବଂ ଏହାଙ୍କ ସଙ୍ଗେ 'ସଙ୍ଗାତ' କରି ଏହାଙ୍କ ପ୍ରେରିତ ହନୁମାନ୍‌ଙ୍କ ଦ୍ୱାରା ସୀତାଙ୍କୁ ଲଙ୍କାରେ ଥିବା କଥାଇଲେ ଓ ରାମଚନ୍ଦ୍ର ବାଣଙ୍କୁ ବଧ କରି ରୁମାଙ୍କୁ ଉଦ୍ଧାର କଲେ ଏବଂ ବାଳିଙ୍କ ସ୍ତ୍ରୀ ତାରାଙ୍କ ସହିତ ସୁଗ୍ରୀବଙ୍କୁ ରାଜ୍ୟରେ ଅଭିଷିକ୍ତ କଲେ। ସୁଗ୍ରୀବ କୃତଜ୍ଞତାର ନିଦର୍ଶନସ୍ୱରୂପ କପି ସେନା ସହିତ ଲଙ୍କାକୁ ଯାଇ ରାମଚନ୍ଦ୍ରଙ୍କୁ ସାହାଯ୍ୟ କରିବାରେ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କଲେ। ସୁଗ୍ରୀବ ରାମଙ୍କ ସଙ୍ଗେ ଅଯୋଧ୍ୟାକୁ ଗଲେ; ତହିଁରେ କିସ୍କିନ୍ଧ୍ୟାକୁ ଫେରି ସେଠାରେ ରାଜତ୍ୱ କଲେ। ରାମଚନ୍ଦ୍ର ଦେହ ତ୍ୟାଗ

Digitized by srujanika@gmail.com

କରିବାକୁ ଉଦ୍ୟତ ହେବା ସମ୍ବାଦ ଶୁଣି ସୁଗ୍ରୀବ ବାଳପୁତ୍ର ଅଙ୍ଗଦଙ୍କୁ ଗୁଳଗାଦରେ ବସାଇ ଅଯୋଧ୍ୟାକୁ ଗଲେ ଏବଂ ସ୍ୱମଙ୍କ ଅନୁଗମନ କରିବା ଶତ୍ରୁର ସ୍ପଷ୍ଟିତା ସ୍ପର୍ଦ୍ଧଙ୍କ ମଣ୍ଡଳରେ ପ୍ରବଷ୍ଟ ହେଲେ—ରାମାୟଣ ।] ୩ । ଚଣ୍ଡୀ ବା ଦେବୀ ମାହାତ୍ମ୍ୟରେ ବର୍ଣ୍ଣିତ ଅସୁର ବିଶେଷ—3. Name of a demon described in the Chaṇḍī Purāṇa. [ଦ୍ର—ଚଣ୍ଡୀଙ୍କ ରୂପରେ ମୃଗ ହୋଇ ଶୁମ୍ଭାସୁରର ଭ୍ରାତା ଚଣ୍ଡ ଓ ମୁଣ୍ଡ ଅସି ଶୁମ୍ଭକୁ ଜଣାଇଲେ, "ଏ ଗନ୍ଧର୍ବୀ ରମଣୀରତ୍ନକୁ ଆପଣଙ୍କ ଘର ସାଜିବାର ପ୍ରସ୍ତାବ କରୁ ଦୂତରୂପେ ପଠାଇଥିଲେ । ସୁଗ୍ରୀବ ଯାଇ ହିମାଚଳରେ ଅବସ୍ଥିତା ଦେବୀଙ୍କ ଆଗରେ ଶୁମ୍ଭଙ୍କ ପରାକ୍ରମ ବର୍ଣ୍ଣନା କରି ଶୁମ୍ଭଙ୍କ ଦ୍ୱାରା ପ୍ରେରିତ ସମ୍ବାଦ ଦେବୀଙ୍କୁ ଦେବାରୁ ଦେବୀ କହିଲେ—"ଯେଉଁ ବୀର ମୋ ସଙ୍ଗେ ଯୁଦ୍ଧ କରି ମୋତେ ପରାସ୍ତ କରିବେ, ସେହି ଏକା ମୋ ପାଣି ଗ୍ରହଣ କରିବେ ବୋଲି ମୁଁ ପୂର୍ବରୁ ପ୍ରତିଜ୍ଞା କରିଅଛି । ଏ କଥା ତୁମ୍ଭେ ଯାଇ ତୁମ୍ଭ ପ୍ରଭୁଙ୍କୁ କହ ।" ଏହା ଶୁଣି ସୁଗ୍ରୀବ ଉପହାସ କରି କହିଲା—"ତୁମ୍ଭେ ସ୍ତ୍ରୀରେ ମୋ ପ୍ରଭୁଙ୍କ ପାଖକୁ ଯାଉନାହଁ; ନଚେତ୍ ଯରେ 'କେଶାକର୍ଷଣପ୍ରାପ୍ତ ଉଗୋରିବା' ହୋଇ ଯିବ ।" ଦେବୀ ଏହା ଶୁଣି ଜଳ ପ୍ରତିଜ୍ଞା ଅନ୍ୟଥାକରି ଉଡିବାର ଇଚ୍ଛା ପ୍ରକାଶ କରିବାରୁ ସୁଗ୍ରୀବ ଯାଇ ଶୁମ୍ଭଙ୍କୁ ଏ କଥା ଜ୍ଞାପନ କଲା ଏବଂ ତହିଁରେ ସେଇଁ ଯୁଦ୍ଧ ହେଲା, ସେଥିରେ ଶୁମ୍ଭ, ନିଶୁମ୍ଭ ଓ ତାଙ୍କ ସେନାପତିମାନେ ନିହତ ହେଲେ—ଚଣ୍ଡୀ ୬ଷ୍ଠ ଅଧ୍ୟାୟ ।] ୪ । ବର୍ତ୍ତମାନ ଅବସର୍ପିଣୀ (ଯୁଗ)ର ନବମ ଜନପିତା; ଅର୍ହତ୍ ପିତା (ବୁଦ୍ଧଚନ୍ଦ୍ର)—4. Name of the father of a Buddhist saint, ninth in order of the present age. ୫ । ଶିବ (ଶବ୍ଦକଳ୍ପଦ୍ରୁମ)—5. God Śiva. ୬ । ଇନ୍ଦ୍ର (ଶବ୍ଦକଳ୍ପଦ୍ରୁମ)—6. God Indra. ୭ । ରାଜହଂସ (ଶବ୍ଦକଳ୍ପଦ୍ରୁମ)—7. Swan. ୮ । ପର୍ବତବିଶେଷ (ଶବ୍ଦକଳ୍ପଦ୍ରୁମ)—8. Name of a mountain. ୯ । ଅସ୍ତ୍ରବିଶେଷ (ଶବ୍ଦକଳ୍ପଦ୍ରୁମ)—9. A kind of weapon. ୧୦ । ନାଗଭେଦ (ଶବ୍ଦକଳ୍ପଦ୍ରୁମ)—10. A kind of serpent. ୧୧ । ଶଙ୍ଖ (ହେ. ଶ)—11. Conch-shell. ଦେ. ବ—ଉତ୍ତମ ଗ୍ରୀବା—A beautiful neck. [ଉ—ବିଷ୍ଣୁ ଏହି ବୋଲିଣ ରାଜାଶ୍ୱର, ବଳମ୍ବାଇ ସୁଟୀବ ସୁଗ୍ରୀବର—ଉଜ୍ଜ ଦିବେଦୀପ୍ତଶବଳାଶ୍ୱ ।]

ସୁଗ୍ରୀବ—ସୁଗ୍ରୀବା

ସୁଗ୍ରୀବା—ସଂ. ବ (କର୍ମଧା) ସୁନ୍ଦର ଗ୍ରୀବା—A fine neck. Sugrībā ସଂ. ବହୁ. ସ୍ତ୍ରୀ, (ସୁଗ୍ରୀବ+ଅ)—ସୁଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Sugrība.

ସୁଗ୍ରୀଷ୍ମ—ସଂ. ବ (ନାମ)—(ସୁଗ୍ରୀବ+ଇ)—ତାତ୍ତ୍ୱଜର୍ଜାତା Sugrībī କଶ୍ୟପ ଦୁହିତା [ଗରୁଡସ୍ତୁତି]—Name of the daughter of sage Kaśyapa through Tārā. [ଦ—ତାତ୍ତ୍ୱଜ୍ଞତ ୬ଷ୍ଟି କନ୍ୟା; ଯଥା—ସୁଲଜା, ସ୍ୱେତା, ଶୁଭ୍ରା, ସୁଗ୍ରୀବା, ଶୁଚି ଓ ଗୃଧ୍ରିକା । ସୁଗ୍ରୀବାଠାରୁ ଅଶ୍ୱୀମାନେ ଜନ୍ମ ଲଭିଥିଲେ ।] ସ. ବହୁ. ସ୍ତ୍ରୀ—ସୁଗ୍ରୀବର ସ୍ତ୍ରୀଲିଙ୍ଗ—Feminine of Sugrība.

ସୁଗ୍ରୀବେଶ—ସ. ବ (୬ଷ୍ଠୀ ତତ୍; ସୁଗ୍ରୀବ+ଈଶ)—ରାମଚନ୍ଦ୍ର (ଶବ୍ଦ Sugrībeśa ରତ୍ନାବଳୀ)—A name of Rāmachandra.

ସୁଗ୍ଲ—ସ. ବିଶ (ସୁ+ଗ୍ଲୈ ଧାତୁ=ଗ୍ଲାନି କରିବା+କ୍ତ୍ରି. ଅ)—Sugla ଅତ୍ୟନ୍ତ ଗ୍ଲାନିଜନକ—Disconcerting; distressing.

ସୁଘଟଣ—ଦେ. ବ ଓ ବିଶ—ସୁଗଠନ (ଦେଶ)—Sugaṭhana Sughaṭaṇa (See). [ଉ—ଜଗତ୍ସ ବିଷ୍ଣୁ ସୁଘଟଣ । ସଦନ ଦେବ ସିଂହାସନ—ଭୂପତି. ପ୍ରେମତରଙ୍ଗିଣୀ ।]

ସୁଘଟନ—ସ. ବ—୧ । ଶୁଭସୂଚକ ଘଟନା—1. Auspicious Sughaṭan event. ୨ । ସୌଭାଗ୍ୟ—2. Good luck. ସୁଗଠନ ଦେ. ବିଶ—ସୁନ୍ଦର—Beautiful. [ଉ—ସୁଘଡ଼ ବଡାଣ ଗାଣ୍ଡଣ ଖୁର ସୁଘଟନ ମାଣ୍ଡିକ୍ୟେ ଜମିତ—ଉଜ୍ଜ • ଦିବେଦୀପ୍ତଶବଳାଶ୍ୱ ।]

ସୁଘଟ୍ଟିତ—ସ. ବିଶ—ସୁନ୍ଦରରୂପେ ସଜ୍ଜିତ—Sughaṭṭita Nicely got up or arranged.

ସୁଘଡ଼ି—ଦେ. ବ—୧ । ସୁସମୟ—1, Good time. ୨ । ଶୁଭସମୟ Sughaṛḍi —2. Auspicious time. ସୁସମୟ ସୁଘରୀ

ସୁଘୋଷ—ସ. ବିଶ (ବହୁବ୍ରୀ) —ସୁନ୍ଦର ସ୍ୱରବିଶିଷ୍ଟ—Having a Sughosha good tune or voice. ସ. ବ—୧ । ନକୁଳଙ୍କ ଶ ର ନାମ—1. Name of the conch blown by Nakula. ୨ । ବାଦ୍ୟଯନ୍ତ୍ରବିଶେଷ (ହେ. ଶ)—2. A kind of musical instrument.

ସୁଙ୍କେଇବା—ଭାଦେ (କଣ୍ଡ) କି—ସଙ୍କେଇବା (ଦେଶ) Suṅkeibā Saṅkeibā (See)

ସୁଙ୍ଗା(ଙ୍ଘା)—ଭା. ବ ଓ ବିଶ—ଶୁଙ୍ଗା (ଦେଶ) Suṅgā(ṅghā) Śuṅgā (See)

ସୁଙ୍ଗା(ଙ୍ଗେ, ଙ୍ଘା, ଙ୍ଘେ)ଇବା—ଭା. କି—ଶୁଙ ାଇବା (ଦେଶ) Suṅgā(ṅge, ṅghā, ṅghe) ibā Śuṅgāibā (See)

ସୁଙ୍ଗା(ଙ୍ଘା)ସୁଙ୍ଗି(ଙ୍ଘି)—ଭା. ବ—ବିଶେଷତ୍ୱବରେ ଶୁଙ୍ଘିବା—Suṅgā(ṅghā)suṅgi(ṅghi) To smell keenly. ଶୋଁକାଶୁଁକି ସୁଙ୍ଘାସୁଙ୍ଘି

ସୁଙ୍ଘି(ଙ୍ଘି)ବା—ଭା. କି—ଶୁଙ୍ଘିବା (ଦେଶ)—Śuṇghibā (See) Suṅgi(ṅghi)bā [ଉ—ତହେଁ ଦେଲ ସ୍ୱଗନ୍ଧ ମଣ୍ଡା, ସୁଙ୍ଗନ୍ତେ ଭ୍ରମରମଣି ହୋଇବ ମେଣ୍ଡା—ପ୍ରଭାତ. ଶଶିସେନା ।]

Digitized by srujanika@gmail.com

ସୁଚକ୍ଷୁଃ—ବି. ବହ (ସୁଚକ୍ଷୁସ୍, ୧ମା. ୧ବ)—ସୁନ୍ଦର ଚକ୍ଷୁର୍ଯ୍ୟୁକ୍ତ—Suchakshuḥ Fair-eyed. ବି. ବ—୧ । ଜଡ଼ୁମ୍ବର (ଉଡ଼ୁମ୍ବର)—1. Fig. ୨ । ଶିବ (ହି. ଶ)—2. Śiba.

ସୁଚଞ୍ଚୁକା—ବି. ବ—ମଳା ଚଞ୍ଚୁ ଶାକ (ବ୍ରଜବର୍ଦ୍ଧ)—Suchañchukā A kind of wild pot herb.

ସୁଚରିତ—ବି. ବ—୧ । ସଦାଚାର—1. Good conduct. ୨ । Sucharita ସଦ୍‌ବ୍ୟବହାର—2. Good behaviour. (ସୁଚରିତା—ସ୍ତ୍ରୀ) ବି. ବଣ. ପୁଂ (ବହୁବ୍ରୀ ହି)—ସଚ୍ଚରିତ୍ର; ସତ୍‌ସ୍ୱଭାବଶାଳୀ—Of good conduct or character.

ସୁଚରିତ୍ର—ବି. ବଣ. ପୁଂ (ବହୁବ୍ରୀ ହି)—ସଚ୍ଚରିତ୍ର—Sucharitra Of good conduct. (ସୁଚରିତ୍ରା—ସ୍ତ୍ରୀ) (ସୁଚରିତ୍ରତା—ବ) ବି. ବ (କର୍ମଧା)—ଉତ୍ତମ ଚରିତ୍ର—Good conduct.

ସୁଚରିତ୍ରା—ବି. ବ. ସ୍ତ୍ରୀ—ସାଧ୍ୱୀ ନାରୀ—A chaste woman. Sucharitrā ବି. ବଣ. ସ୍ତ୍ରୀ—ସୁଚରିତ୍ରର ସ୍ତ୍ରୀଲିଙ୍ଗ—Feminine of Sucharitra.

ସୁଚର୍ମା—ବି. ବଣ. ପୁଂ (ବହୁବ୍ରୀ ହି; ସୁ+ଚର୍ମନ୍; ୧ମା. ୧ବ)—Sucharmā ଶୋଭନ ଚର୍ମବିଶିଷ୍ଟ—Possessing a good or fair skin. ବି. ବ—ଭୂର୍ଜ ବୃକ୍ଷ—The Indian Birch tree.

ସୁଚା(ଚେ)ଇବା—ଭାଦେ (ମେଲଥୁର) କ୍ରି—ଚେତାଇବା—Suchā(che)ibā To remind. ଦେ. କ୍ରି (ବି. ସୂଚନା)—ସୂଚନା ଦେବା—To hint; to indicate.

ସୁଚାରୁ—ବି. ବଣ (ସୁ+ଚାରୁ)—ସୁମନୋହର; ଅତି ସୁନ୍ଦର—Suchāru Very beautiful; handsome ବି. ବ. (ସୁଚାରୁତା—ବ) ପୁଂ)—୧ । ରୁକ୍ମିଣୀଗର୍ଭଜାତ ଶ୍ରୀକୃଷ୍ଣଙ୍କ ଏକ ପୁତ୍ର (ହି. ଶ)—1. Name of a son of Śrīkṛushṇa. ୨ । ବିଶ୍ୱକ୍‌ସେନଙ୍କ ପୁତ୍ର (ହି. ଶ)—2. The son of Biswaksena.

ସୁଚାରୁ ରୂପେ—ଦେ. କ୍ରି. ବଣ—ସୁନ୍ଦରରୂପେ—Beautifully; Suchāru rūpe सुचारुरूपे सुचारूपसे handsomely.

ସୁଚାଲ(ଲି)—ଦେ. ବ—୧ । ଉତ୍ତମ ଆଚରଣ; ସଦାଚାର—1. Good Suchāl(li) conduct. ୨ । ଉତ୍ତମ ପ୍ରଥା—2. Good सुचाल custom.

ସୁଚି—ଦେ. ବ (ବି. ସୂଚି=ମୈଥୁନବନ୍ଧନରେ M. W.)—Suchi ଶୃଙ୍ଗାରରସ—Amour; amorous passion. ଶୃଙ୍ଗାର [ଦ୍ର—କାମ ପାଶେ ଅବସାର ଭରେ ଅଙ୍ଗ ଉରଙ୍ଗ. ଚୂନ ବୁଡ଼ାଇ । ସୁଚରିତ୍ରା ଯେ, କରିବାରୁ ବଉରଣ—ସାମନ୍ତସିଂହାର ବଦରଧଚନ୍ଦ୍ରାମୃତ ।]

ସୁଚିକ୍କଣ—ବି., ବଣ—୧ । ଅତି ଚିକ୍କଣ ବା ମସୃଣ—Suchikkaṇa 1. Very smooth. ୨ । ଖୁବ୍ ସ୍ନିଗ୍ଧ—2. Very oily; glossy. (ସୁଚିକ୍କଣତା—ସ୍ତ୍ରୀ)

ସୁଚିତ୍ତ—ତ୍ରା. ବ—ସୁଚିତ୍ତ (ଦେଶ)—Suchitta (See) [ଦ୍ର—Suchita ସୁଚିତେ ପୁଣ ନ ପସ୍ତଣ—ଭୂପତି. ଦେ ପସ୍ତାମୃତ ।]

ସୁଚିତ୍ତ—ବି. ବ—ଭଦ୍ର ଚିତ୍ତ; ପ୍ରସନ୍ନ ମନ—Well-disposed Suchittta mind; propitious mind. ବି. ବଣ. ପୁ. (ସୁଚିତ୍ତା—ସ୍ତ୍ରୀ) (ବହୁବ୍ରୀ ହି)—୧ । ସ୍ଥିରଚେତାଃ—1. Of a calm mind. ୨ । ନିଶ୍ଚିନ୍ତ (ହି. ଶ)—2. Free from anxiety.

ସୁଚିତ୍ର—ବି. ବ—ସୁନ୍ଦର ଚିତ୍ର—Beautiful picture. ବି. ବଣ Suchitra —ସୁନ୍ଦରରୂପେ ଚିତ୍ରିତ; ଚିତ୍ରିତ—Beautifully painted; illustrated. (ଦ୍ର—ଆଜ୍ଞା ଦ ଚିତ୍ରକୁ, ଗଗନ ସୁଚିତ୍ର । ଗୁରୁଭାବଚଳି, ପାଖରୁପେ ଜଳ—ଗୋବିନ୍ଦ ରଥ. ପଦ୍ୟାବଳୀ ।)

ସୁଚିତ୍ରକ—ବି. ବଣ—ସୁଚିତ୍ର (ଦେଶ)—Suchitra (See) Suchitraka ବି. ବ—୧ । ମତ୍ସ୍ୟରଙ୍କ; ମାଛରଙ୍କା ଚଢ଼େଇ (ଶବ୍ଦ ରତ୍ନାବଳୀ) —1. The king fisher bird. ୨ । ଚିତ୍ରସର୍ପ (ଶବ୍ଦ କଲ୍ପଦ୍ରୁମ); ଚିତ ସାପ—2. A kind of snake.

ସୁଚିତ୍ର ବୀଜା—ବି. ବ—ବଡ଼ଙ୍ଗ (ବ୍ରଜ ବର୍ଦ୍ଧ)—Embellia Suchitra bījā Ribes; Embellia Rebusta.

ସୁଚିତ୍ରା—ବି. ବ—'ସୁଚିତ୍ର'ର ସ୍ତ୍ରୀଲିଙ୍ଗ—Feminine of Suchitra. Suchitrā ବି. ବ—୧ । ରାଧାଙ୍କ ସଖୀ ବିଶେଷ—1. Name of one of the companions of Rādhā. ୨ । ଚଭିଡ଼ା (ବ୍ରଜ ବର୍ଦ୍ଧ); ଫୁଟି କାକୁଡି—2. A species of cucumber.

ସୁଚିତ୍ରିତ—ବି. ବଣ—ସୁଚିତ୍ର (ଦେଶ)—Suchitra (See) Suchitrita (ସୁଚିତ୍ରିତା—ସ୍ତ୍ରୀ)

ସୁଚିନ୍ତା—ବି. ବ (କର୍ମଧା)—ଉତ୍ତମ ଚିନ୍ତା—Good thought. Suchintā (ଦୁଶ୍ଚିନ୍ତା—ବିପରୀତ).

ସୁଚିନ୍ତିତ—ବି. ବଣ—ସମ୍ୟକ୍ ରୂପେ ଚିନ୍ତିତ—Suchintita Well thought out.

ସୁଚିବା—ତ୍ରାଦେ. (ସମ୍ବଲପୁର) କ୍ରି (ଭୁଲ ହି. ସୂଚ୍‌ନା)—ବଗୁର ଚଉବା —To consider. Suchibā

ସୁଚିର—ବି. ବଣ—ଅତି ଦୀର୍ଘକାଳ—Very long time. ବି. ବଣ Suchira —୧ । ଅତି ଦୀର୍ଘକାଳ ସ୍ଥାୟୀ—1. Very long-lived. ୨ । ଚିରସ୍ଥାୟୀ—2. Permanent. ୩ । ପ୍ରାଚୀନ (ହି. ଶ)—3. Ancient; old.

ସୁଚିର କେତୁ—ବି. ବ—ରେଶମୀ ପତାକା—Silken flag. [ଦ୍ର—Suchira ketu ବଡ଼ଜାରେ ରଙ୍ଗ, ସୁଚର କେତୁ ବ, ରୁତ ଶୁଖିଲା ନ ବଢେ । ଭଞ. ବୈଦେଶ୍ୱରବଳାସ ।]

Digitized by srujanika@gmail.com

ସୁଚିରାୟୁଃ—ସ. ବ (ସୁଚିର + ଆୟୁସ୍; ୩ମା. ୧ବ; ବହୁବ୍ରୀହି)—
Suchirāyuḥ ଦେବତା; ଦେବ—Deity; divine being. ସ. ବଣ—ଯେ ସାର୍ଘକାଳ ବଞ୍ଚେ; ଅତି ଦୀର୍ଘାୟୁଃ—Living for a very long time.

ସୁଚୁକ୍ରିକା—ସଂ. ବ—ଇନ୍ଦ୍ରଜଳ (ହି. ଶ)—
Suchukrikā Tamarind.

ସୁଚୁଟୀ—ସ. ବ (ସୁ+ଚୁଟ୍ ଧାତୁ=ଛେଦନ କରିବା + ଜରଣ. ଅ + ଷ୍ଟ୍ରୀ. ଈ)—୧ । ପଦାର୍ଥକୁ ଅଗ୍ନିରୁ ଉଠାଇବା ପାଇ ବ୍ୟବହୃତ ଲୌହର ଦ୍ୱିଖାଦୁକ ଯନ୍ତ୍ର; ଚୁମ୍ଟା—1. A pair of tongs. ୨ । ସଣ୍ଡାଅସି (ହି. ଶ)—2. Pincers.
Suchetā Suchetāḥ (See)

ସୁଚେତା—ଦେ. ବଣ (ସ. ସୁଚେତାଃ)—ସୁଚେତାଃ (ଦେଶ)
ସୁଚେତ ସୁଚେତ [ଦ୍ର—ଉଦର ଉଚ୍ଚର ଶବ ଜାଣି ସୁଧର୍ଷ୍ଟିର, ନକୁଳଙ୍କୁ ଥିଲେ ତହୁଁ ସୁଚେତା ଶାଶ୍ୱତେ । ସ୍ୱଧାନାଥ. ସଦ୍ଭାଯାତ୍ରା]

ସୁଚେତାଃ—ସଂ. ବଣ ପୁଂ ଓ ସ୍ତ୍ରୀ (ବହୁବ୍ରୀହି; ସୁ + ଚେତସ୍; ୩ମା.୧ବ)
Suchetāḥ —୧ । ସୁହୃଦୟ; ସାଧୁ ହୃଦୟ ବିଶିଷ୍ଟ; ସୁତତ୍ତ୍ୱ—1. Having a broad mind; having a good mind. ୨ । ସତର୍କ; ଚେତାଳ—2. Vigilant; careful.

ସୁଚେଳ—ସଂ. ବ (କର୍ମଧା)—୧ । ସୁନ୍ଦର ବସ୍ତ୍ର—1. Beautiful cloth. ୨ । ଝରୁ ଲୁଗା—2. Fine cloth.
(ସୁଚେଳକ—ଅନ୍ୟରୂପ)

ସୁଚ୍ଛନ୍ଦ—ଗ୍ରା. ବ ଓ କି. ବଣ (ସଂ. ସ୍ୱଚ୍ଛନ୍ଦ)—ସ୍ୱତନ୍ତ୍ର (ଦେଶ)
Suchhanda ସୁଚ୍ଛନ୍ଦ Swachchhanda (See)
ସଂ, ବ—ସୁଗଢ଼ଣ—Beautiful make. ସଂ. ବଣ—ସୁନ୍ଦର ଗଢ଼ଣଯୁକ୍ତ—Of beautiful make.

ସୁଚ୍ଛନ୍ଦୀ—ପୁଂ. ତ. ସ୍ତ୍ରୀ—ସିନ୍ଧୁ ନଦର ପୂର୍ବତମ ଶାଖା; ଶତଦ୍ରୁ ନଦୀ
Suchchhandī (ଶବ୍ଦ ଉତ୍ପାଦଳୀ)—The Sutlej river.

ସୁଜନ—ସଂ. ବ—୧ । ସଜ୍ଜନ; ସାଧୁ—1. Good or honest man. ୨ । ଭଦ୍ର ବ୍ୟକ୍ତି—2. A gentleman.
(ଦୁର୍ଜନ—ବିପକ୍ଷତ) ଗ୍ରାମ୍ୟ. (ଯାଜପୁର) ବ—ଶଜନା (ଗଛ)—Horse radish (tree).

ସୁଜନତା—ସଂ. ବ (ସୁଜନ + ଭାବ. ତା)—୧ । ସଜ୍ଜନତା; ସୌଜନ୍ୟ—
Sujanatā 1. Civility. ୨ । ସାଧୁତା—2. Honesty.

ସୁଜ(ଜୁ)ନା—ଗ୍ରାମ୍ୟ. (ଯାଜପୁର) ବ—ସଜନା (ଗଛ)—
Suja(ju)nā Horse radish (tree).

ସୁଜନ୍ମା—ସଂ. ବଣ (ସୁ+ଜନ୍ମନ୍; ୩ମା. ୧ବ; ବହୁବ୍ରୀହି)—
Sujanmā ୧ । ବିବାହିତ ସଦ୍ଧୁଙ୍କ ଔରସ ଜାତ (ସନ୍ତାନ)—1. Legitimate (child). ୨ । ସଦ୍‌ବଂଶ ଜାତ—2. Of gentle or noble birth. ୩ । ଅତିଶୟ ଭଲ ସାଧୁ—3. Very good and noble.

ସୁଜୟ—ସଂ. ବଣ (ସୁ+ଜି ଧାତୁ+କର୍ମ. ଅ)—ସୁଜେୟ (ଦେଶ)
Suja;a Sujeya (See)
(ଦୁର୍ଜୟ—ବିପକ୍ଷତ)

ସୁଜଳ—ସଂ. ବ—୧ । ସୁନ୍ଦର ଜଳ—1. Good water. ୨ । ସଦ୍ଭାବ ଜଳ—2. Sacred water, ୩ । ଉତ୍ପଳ; ପଦ୍ମ (ରକ୍ତ ନୀଳ)—3. Lotus. ସଂ. ବଣ. ପୁଂ (ବହୁବ୍ରୀହି)—୧ । ସୁନ୍ଦର ଜଳଯୁକ୍ତ—1. Having
(ସୁଜଳା—ସ୍ତ୍ରୀ) good water. ୨ । ପ୍ରଚୁର ଜଳଯୁକ୍ତ; ସୁଜଳବାନ୍—2. Abounding in water. [ଉ—.....ସୁଜଳା ସୁଫଳା, ଏ ଶସ୍ୟ ଶ୍ୟାମଳା ଧରା ପର ଦ୍ୱାରେ ଦେଇ । ସ୍ୱଧାନାଥ. ସଦ୍ଭାଯାତ୍ରା ।]

ସୁଜଳବାନ୍—ସଂ. ବଣ. ପୁଂ (ସୁଜଳ + ବତ୍; ୩ମା. ୧ବ)—
Sujalabān ୧ । ସଦ୍ଭାବ ଜଳଯୁକ୍ତ—1. Having sacred
(ସୁଜଳବତ୍—ସ୍ତ୍ରୀ) water. ୨ । ବିଶୁଦ୍ଧ ଜଳଯୁକ୍ତ—
(ସୁଜଳବତ୍—ସ୍ତ୍ରୀ) 2. Having pure water. ୩ । ସୁସ୍ୱାଦୁ ଜଳଯୁକ୍ତ—3. Having sweet water. ୪ । ପ୍ରଚୁର ଜଳଯୁକ୍ତ—4. Having plenty of water.

ସୁଜଳ୍ପ—ସଂ. ବ (ବହୁବ୍ରୀହି)—ବାକ୍ୟ ବିଶେଷ; ସରଳତା, ସତ୍ୟ,
Sujalpā ଗାମ୍ଭୀର୍ଯ୍ୟ ଓ ସହୃଦୟତା ପୂର୍ଣ୍ଣ ଓ ଶିଷ୍ଟତାଯୁକ୍ତ ବାକ୍ୟ (ଇଂରାଜୀ ଡେମୋମଣି)—Gentle and truthful words.

ସୁଜାଉଦ୍ଦୌଲା—ବୈଦେ. ବ (ନାମ)—ଅଯୋଧ୍ୟାର ଜନୈକ ନବାବ—
Sujā uddaulā Name of a Nobab of Oudh.
ସୁଜାଉଦ୍ଦୌଲା ସୁଜାଉଦ୍ଦୌଲା [ଦ୍ର—ଏ ନବାବ ଥିଲେ ସଫ୍‌ଦର୍‌ଜଙ୍କ ପୁତ୍ର । ଏହାଙ୍କ ପ୍ରକୃତ ନାମ ଜଲ୍ଲାଲ୍ ଉଦ୍ଦିନ୍ ହଏଦର୍ । ଏ ଖ୍ରୀ ୧୭୩୧ ରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୭୫୩ ରେ ଅଯୋଧ୍ୟାର ସିଂହାସନ ଅଧିକାର କଲେ । ଏ ବଙ୍ଗଳାର ପଳାତକ ନବାବ ମିର୍‌କାସିମଙ୍କୁ ଅଶ୍ରୟ ଦେଇ ଇଂରାଜଙ୍କ ସଙ୍ଗେ ଯୁଦ୍ଧ କରି ପରାଜିତ ହୋଇ ପରେ ମୋଗୁଲ ଓ ମରହଟ୍ଟାମାନଙ୍କ ଅଶ୍ରୟ ନେଲେ । ଏ ପରେ ଇଂରାଜଙ୍କଠାରେ ଅପ୍ରସନ୍ନତା ଜଣାଇଥିବାରୁ ଇଂରାଜମାନେ ପୁଣି ଏହାଙ୍କୁ ଅଯୋଧ୍ୟାର ନବାବ ପଦରେ ପ୍ରତିଷ୍ଠିତ କଲେ । ଏ ଖ୍ରୀ ୧୭୭୫ରେ ପ୍ରାଣତ୍ୟାଗ କଲେ ।]

ସୁଜାକ୍—ବୈଦେ. ବ (ଫା)—ଔପସର୍ଗିକ ମେହ—
Sujāk A kind of gonorrhoea.
ସୁଜାକ ସୁଜାକ

ସୁଜାଡ଼ି(ର୍ଦ୍ଦି)ବା—ଦେ. କି—ଲଢାଉବା ୩, ୪ (ଦେଖ)
Sujārdi(rdi)bā Sanghārdibā 3, 4 (See)

ସୁଜାଣ—ଦେ. ବଣ. ପୁଂ ଓ ସ୍ତ୍ରୀ (ସ. ସୁଜ୍ଞ)—୧ । ସୁଜ୍ଞ (ଦେଶ)—
Sujāna 1. Sujña (See) (ଉ—ବଶିଷ୍ଠାଦେ
ସୁଜ୍ଞାନ ସୁଜାନ(ନୀ) ଅଜାଣ, ବଡ଼ ସୁଜାଣ ଭୂ—
ଭଞ୍ଜ. ବୈଦେସ୍ପୃଶବଳାସ ।) ୨ । ଚତୁର—2. Clever.

Digitized by srujanika@gmail.com

ସୁଜାଣମଣି—ଦେ. ବ. ସ୍ତ୍ରୀ—୧ । ସ୍ତ୍ରୀ; ଶିକ୍ଷିତା ସ୍ତ୍ରୀ—
Sujāṇamaṇi 1. A learned or considerate
ସୁପଣ୍ଡିତା ସୁଜାନମଣୀ woman. ୨ । ଚତୁର ସ୍ତ୍ରୀ—
2. A clever woman.

ସୁଜାତ—ସଂ. ବଣ. ପୁଂ—ସୁଜନ୍ମା (ଦେଶ)—Sujanmā (See)
Sujāta (ଦ୍ର—ସୁଜାତ ଦ୍ୱିଜ ଯେବେ ଗାୟତ୍ରୀ ପଢ଼େ ଉହିଁ-
ରୁ ସ୍ପଷ୍ଟିକି ଚନ୍ଦାସ୍ତରତ. ବନ ।)

ସୁଜାତା—ସଂ. ବ—୧ । ତୁବରି (ସୁଜଳଦର୍ଭଣ୍ଡ) (ଦେଶ)—
Sujātā Tubarī (See) ୨ । ଉଦ୍ଦାଳକ-
କନ୍ୟା—2. Daughter of Sage Uddāḷaka.
୩ । ବୁଦ୍ଧଦେବଙ୍କ ବୁଦ୍ଧତ୍ୱ ପ୍ରାପ୍ତି ପରେ ତାଙ୍କୁ ନିଜ ଘରକୁ
ଡାକି ଭୋଜନ କରାଇ ଥିବା ଜଣେ ଗ୍ରାମୀଣ କନ୍ୟା—
3. Name of a village maiden who fed
the Buddha at her house. ସଂ.
ବଣ. ସ୍ତ୍ରୀ—'ସୁଜାତ'ର ସ୍ତ୍ରୀଲିଙ୍ଗ—Feminine of
'Sujāta'.

ସୁଜି—ଦେ. ବ (ସଂ. ସମୀଦ=ଗଢ଼ମ ଅନ୍ନ; ଏଥିର ସଂସ୍କୃତ ନାମ
Suji ହମିତା—ଶୁଦ୍ଧପ୍ରକାଶ)—ଅନାର ବା ମଇଦାର ଦଳୁଦ;
ସୁଜି ସୂଜୀ ଦେହ ବୁର ଡାଲି ଗୁଣ୍ଡିରେ ତଲାଇବା
ପରେ ଯେଉଁ ଖଦଡ଼ା ବା ଜାଡ ରହିଯାଏ Semo-
lina; grits; coarse flour; granules of
wheat left after the flour is passed
through the sieve.[ଦ୍ର—ଏଥିରେ ରୁଟି, ମଣ୍ଡନ୍ତୋଗ
ଓ ଖୀର ହୁଏ ।] ପ୍ରାଦେ (ସମ୍ବଲପୁର) ବ (ତୁଳ ହିଂ. ସୂଜ୍ଞା)
ଛୁଞ୍ଚି—Needle.

ସୁଜିନ —ଦେ. ବ (ସଂ. ସୁ+ଜ୍ଞାନ; ପ୍ରା. ସୋଜ୍ଜ) —୧ । ଦୁଇ ପ୍ରସ୍ତ
Sujin ଜଳା ମଧ୍ୟରେ ଖୁବ୍ ପତଳା ତୁଳା ବଥାଯାଇ ତା ଉପରେ
ସୋ(ସୁ)ଜନୀ ସୂଚୀଦ୍ୱାରା ନାନା ରଙ୍ଗ ଜରିଯାଇଥିବା ଅସ୍ତର ବା
ସୁଜନୀ ବଚ୍ଛଣା ଗୁଦର—1. A very thin quilt with
fine needlework and used as bedsheet.
୨ । ସୂଚୀକର୍ମଦ୍ୱାରା ଅଳଂକୃତ ବାର୍ଘାସ ବସ୍ତର ଛୋଟ
ଆସଣ—2. A small sitting mat. [ଦ୍ର—ଏହା
ସୁଜ୍ଞଜଙ୍କାର ପିପିଲିର ଦରଜ୍ଞମାନେ ବରନ୍ତି ।]

ସୁଜିଭ୍ୱ—ସଂ. ବଣ. ପୁଂ (ବହୁବ୍ରୀ.ହି; ସୁ+ଜିହ୍ୱା+ଅ)—୧ । ସୁନ୍ଦର
Sujihwa ଜିହ୍ୱାବିଶିଷ୍ଟ—1. Having a good tongue.
[ସୁଜିହ୍ୱା—ସ୍ତ୍ରୀ] ୨ । ମଧୁରଭାଷୀ (ହି. ବ)—2. Sweet-
speaking.

ସୁଜୀବନ୍ତୀ—ସଂ. ବ—ପୀତଜୀବନ୍ତୀ—The yellow variety of
Sujībantī Jībantī. [ଦ୍ର—ବୈଦ୍ୟକ ଅନୁସାରେ ଏହା ବଳ-
ଅନ୍ୟ ସଂ. ନାମ—ପୀତଜୀବନ୍ତୀ, ପୀତଲତା, ହେମବଲ୍ଲୀ, ହେମପୁଷ୍ପୀ, ହେମା, ସୌମ୍ୟା । } ସାର୍ଥବର୍ଦ୍ଧକ, ନେତ୍ର ହିତକର, ବାତ, ରକ୍ତ, ପିତ୍ତ ଓ ଦାହ-ଦୁରକର—ହି. ବ ।]
ପୀଲୀଜୀବନ୍ତୀ

ସୁଜୀର୍ଣ୍ଣ—ସଂ. ବଣ—୧ । ଉତ୍ତମରୂପେ ଜୀର୍ଣ୍ଣ—1. Well digested.
Sujīrṇṇa ୨ । ଅତ୍ୟନ୍ତ ଜୀର୍ଣ୍ଣ—2. Tattered, ୩ । ଖୁବ୍
ପତଳା; ବଡ଼ାନ୍ତ ପତଳା—3. Too thin.

ସୁଜେୟ—ସଂ. ବଣ (ସୁ=ସୁଖରେ+ଜେୟ=ଯାହାକୁ ଜୟ କରା
Sujeya ଯାଇପାରେ)—ଯାହାକୁ ଅତି ସହଜରେ ଜୟ କରିଯାଇ
ପାରେ—Easily vanquished.

ସୁଜୋର—ଦେ. ବ—ଅତ୍ୟନ୍ତ ଜୋର୍—
Sujor Much strength or force,
ସଜୋର ସୁଜୋର or emphasis.

ସୁଜୋରେ—ଦେ. କ୍ରି. ବଣ—ଖୁବ୍ ଜୋର୍ରେ—
Sujore With great force,
ସଜୋରେ ସୁଜୋରସେ or emphasis.

ସୁଜ୍ଞ —ସଂ. ବଣ. ପୁଂ—୧ । (ସୁ+ଜ୍ଞା. ଧାତୁ=ଜାଣିବା+କ୍ତ୍ୱି. ଅ)
Sujñā ବଜ୍ଞ; ପଣ୍ଡିତ; ବିଦ୍ୱାନ୍—1. Learned. ୨। ଅଭିଜ୍ଞ—
[ସୁଜ୍ଞା—ସ୍ତ୍ରୀ] 2. Experienced. ୩ । ସୁବିବେଚକ—
[ସୁଜ୍ଞ+ଆ(ଟା)—ବ] 3. Considerate.

ସୁଜ୍ଞାତ ସଂ ବଣ (ସୁ+ଜ୍ଞାତ)—୧ । ଉତ୍ତମରୂପେ ଜଣା—1. Well
Sujñāta known. ୨ । ସୁପରିଚିତ—2. Well acqu-
ainted.

ସୁଜ୍ଞାନ—ସଂ. ବ—୧ । ବ୍ରହ୍ମଜ୍ଞାନ—1. Spiritual knowledge.
Sujñāna ୨ । ଉତ୍ତମ ଜ୍ଞାନ—2. Thorough knowledge.

ସୁଜ୍ଞାନୀ—ସଂ. ବଣ—୧ । ବ୍ରହ୍ମଜ୍ଞାନୀ—1. A person having
Sujñānī spiritual knowledge. ଦେ. ବଣ—ଯେଉଁ
[ବୁଜ୍ଞାନୀ—ବପ୍ରସ୍ତତ] କ୍ୟକ୍ତି ଆପଣା ଜ୍ଞାନକୁ ପରର ଉପକାରରେ
ସୁଜ୍ଞାନୀ ଲଗାଏ—Applying one's attainments or
ସୁଜ୍ଞାନୀ knowledge for the benefit of others.

ସୁଜ୍ଞେୟ—ସଂ. ବଣ (ସୁ+ଜ୍ଞେୟ)—ଯାହା ସହଜରେ ଜଣାଯାଏ—
Sujñeya Easily comprehensible; easy of
[ବୁଜ୍ଞେୟ—ବପ୍ରସ୍ତତ] comprehension.

ସୁଝ(ଝା) (ଇତ୍ୟାଦି)—ଦେ. ବ ଓ ବଣ—ଶୁଝ୍(ଝା) ଇତ୍ୟାଦି (ଦେଶ)
Sujha(jhā) (etc) Śujha(jhā) etc (See)

ସୁଝା(ଝେ)ଇବା—ଦେ. କ୍ରି—୧ । ଶୁଝାଇବା (ଦେଶ)—
Sujhā(jhe)ibā 1. Śujhāibā (See)
ସୋଝା ୨ । ବୁଝାଇବା; ସମଝାଇବା—
ସୁଝାନା 2. To make one understand; to explain.

ସୁଝିବା—ଦେ. କ୍ରି—୧ । ଶୁଝିବା (ଦେଶ)—1. Śujhibā. (See)
Sujhibā ୨ । ବୁଝିବା—2. To comprehend.
ବୋଝା ବୁଝନା

ସୁଝୀନ—ଦେ. ବଣ—ଅତି ପତଳା—Too thin; very fine.
Sujhīna [ଦ୍ର—ଦବ୍ୟ ଅଳଙ୍କାର ଯେ ସୁଝୀନ ବସନ ।
ମସଲିନ ମେହୀନ ବ୍ୟୁତ୍ପତ୍ତି. ସଦାଭ୍ରତତ. ଅଦ ।]

ସୁଞ୍ଚି—ଦେ. ବ (ସଂ. ସୂଚୀ)—ସୂଚୀ; ଛୁଞ୍ଚି—
Sunchi ଛୁଁଚ ଖୁଣ୍ଟି Needle.

Digitized by srujanika@gmail.com

ସୁଟ୍ –ବୈଦେ. ବ (ଇଂ. ସୁଟ୍)—୧ । ପୋଷାକର ସେଟ୍‌ର ସାଜ— Sut 1. A suit of dress. [ଦୃ—ସେଟ୍, ସେଖ୍ଲଲ୍ ଓ ସୁଟ୍ ଏହିସବୁ ସେଟ୍‌ରେ ସେଟ୍‌ର ସୁଟ୍ ହୁଏ ।] ୨ । ଅଳଙ୍କାରର ସୁଟ ଏକ ସଜ—2. A set of ornaments. ୩ । ଦେବାଣ ପଦ୍ଧତ୍ୟା—3. Suit; civil suit. ୪ । ବନ୍ଧୁକରେ ଫାୟର୍ କରିବା—4. Shooting. ଦେ. ଅ (ଧ୍ୱନ୍ୟନୁକରଣ)—୧ । ବୋତଲର ଛିପି ବାହାରିବାର ଧ୍ୱନି [ସୁଟ୍‌ସାଟ୍, ସଟ୍ ସୁଟ୍— ଅନ୍ୟରୂପ] ଶବ୍ଦ—1. Sound of uncorking of bottles. ୨ । ଅଫିମର ଗୁଲ ବା ପତ୍ରର ଫିସ୍‌ଫିସ୍ ଟାଣିବାର ଶବ୍ଦ; ଗୁଡ଼୍ ଗୁଡ଼୍ ସୁଟ୍ - 2. The sound of smoking opium bullets with the hookah. ୩ । ଗହ୍ମର ଗୋପନରେ କଥାବାର୍ତ୍ତା କରିବାର ଶବ୍ଦ—3. Whispering sound.

ସୁଟ୍ କରିବା—ଦେ. କି (ଇଂରାଜ ପଡ଼ୁଆଙ୍କ ବ୍ୟବହୃତ ଭାଷା; ଇଂ)— Sut karibā ୧ । ବନ୍ଧୁକ ଫାୟର୍ କରିବା; ଲକ୍ଷିବା—1. To shoot. ୨ । ଉପଯୋଗୀ ହେବା—2. To suit. **ସୁଟକରନା** [ଉ - ଏ ଜଳବାୟୁ ମତେ ସୁଟ୍ କରୁ ନାହିଁ ।]

ସୁଟ୍ କେସ୍—ବୈଦେ. ବ (ଇଂ. ସୁଟ୍ କେସ୍)—ପୋଷାକ ଓ Sut kes ଦୈନିକ ବ୍ୟବହାର୍ଯ୍ୟ ଦ୍ରବ୍ୟାଦି ରଖିବାର ବାକ୍ସ— **ସୁଟ୍‌କେସ୍ ସୁଟକେଶ** Suit case.

ସୁଟ୍‌ସାଟ୍ କରିବା—ଦେ. କି—କୌଣସି ଗୁପ୍ତ ବିଷୟକୁ (ବନ୍ଧୁଙ୍କେଳି Sut-sāt karibā କାନେ କାନେ କୁହାକୁହି ହେବାଦ୍ୱାରା) ପ୍ରକାଶ କରା ପ୍ରଚାର କରିବା; ସୋର କରିବା—To whisper **ଗୁପଚୁପସେ ପ୍ରକଟ କରନା** a thing abroad.

ସୁଟ୍‌ସାଟ୍ ନ କର୍ତ୍ତବ୍ୟଂ—ଦେ. ବାକ୍ୟ—ଏ ବିଷୟ ଅନ୍ୟତ୍ର ଅପ୍ରଚାର୍ଯ୍ୟ; Sut-sāt na karttabyam ଏ କଥା ଅନ୍ୟଠାରେ ପ୍ରଚାର କରିବା ଉଚିତ ନୁହେଁ—Do not make this public.

ସୁଟ(ଠ)—ବୈଦେ. ବ (ଇଂ. ଶୂଟ୍)—୧ । କେନାଲରୁ ଜଅସ୍ତାକୁ ପାଣି Suta(ṭha) ପଠାଇବା ପାଇଁ ପ୍ରସ୍ତୁତ କରିଥିବା ଛୋଟ ଶାଖା— **ସୁଟ୍ ସୁଟ** 1, Branch or distributary for irrigating lands from a larger canal ୨ । କେନାଲରୁ ଜଅସ୍ତାକୁ ପାଣି ଯିବା ନମନ୍ତେ କର୍ ଯାଇଥିବା ପୋଡ଼ା ମାଟିର ନଳା—2. Pipes of burnt clay used for conveying water from a canal to the field. [ଦୃ—ଏ ଦେଶରେ କୃଷାଣମାନଙ୍କ ଉଅର କରିବା ସୁଟକୁ 'ଦେଶୀସୁଟ' ଓ ତ୍ରିଶୂଳଙ୍କ ଳନ— ପୋଡ଼ା ସୁଟକୁ 'ତ୍ରିଶୂଳଙ୍କ ସୁଟ' କୋଇଯାଏ । ସୁଟର ବ୍ୟାସ ଅନୁସାରେ ସୁଟର ଶ୍ରେଣୀବିଭାଗ ହୁଏ । ଯଥା — ଦୁଇ ଇଞ୍ଚିଆ ସୁଟ, ଛଅ ଇଞ୍ଚିଆ ସୁଟ ।]

ସୁଟା(ଠା)—ବୈଦେ. ବ (ଇଂ ପୋଡ଼ା)—ପୋଡ଼ା (ଦେଶ) — Sutā(ṭhā) Sordā (See) (ଉ—ବାଇସୁଠା) ।

ସୁଟ୍ଟ (ଧାତୁ)—ସ - ତାଚ୍ଛଲ୍ୟ ବା ଅନାଦର କରିବା— Sutta (root) To disregard; to slight.

ସୁଠାଣି—ଦେ. ବଣ (ସ. ସୁଷ୍ଠୁ) ସୁନ୍ଦର—Beautiful. Suṭhāṇi (ଉ—ଉ ଉଚ୍ଚଯୁଗଳ ସୁଠାଣି ଅଙ୍ଗନୁଷ୍ଠ ପ୍ରସ୍ଥ ସୁଠାମ **ସୁଠାର, ସୁଠୋନା** ଛଣି—ଜଗନ୍ନାଥ ଭଗବତ ।)

ସୁଠାମ—ଦେ. ବ ଓ ବଣ—ସୁଗଠନ (ଦେଖ) Suṭhāma Sugaṭhana (See) **ସୁଠାର**

ସୁଡ଼୍(ଡ଼୍)ସୁଡ଼୍(ଡ଼୍)—ଦେ. ଅ (ଧ୍ୱନ୍ୟନୁକରଣ)—ପାଣିଆ ଦ୍ରବ୍ୟ Surḍ-(ṛḍu)surḍ(ṛḍu) (ଯଥା—ପଖାଳ, ଦହି, ଡାଲି) **ସୁପସୁପ ସୁଡ଼ୁସୁଡ଼, ସୁରସୁର** ଖାଇବା ଶବ୍ଦ — The sound of eating liquid things; smacking sound. (ଉ—ଛୁଆ ପଣ ପାଖରେ ବସି ବଡ଼ ବଡ଼ ଗୁଣ୍ଡା ସୁଡ଼୍‌ସୁଡ଼୍ ଶବ୍ଦରେ ଖାଇ ଦଣ୍ଡକ ପଛରେ ପଣ ଖାଲ କରିଦେଲା—ଫକୀରମୋହନ· ଛମାଣ ଆଠଗୁଣ ।)

ସୁଡଉଲ—ଦେ. ବଣ. ସଂ ଓ ସ୍ତ୍ରୀ—ସୁଗଠନ (ଦେଖ)— Sudaula Sugaṭhana (See) (ସୁଡୌଲ, ସୁଡୌଲଆ, ସୁଡଉଲଆ—ଅନ୍ୟରୂପ) **ସୁଡୌଲ ସୁଡ଼ୌଲ**

ସୁଡ଼(ଡ଼)କା—ଗ୍ରାଦେ (ଗଡ଼ଜାତ) ବ ଓ ବଣ.ସ୍ତ୍ରୀ—ପୋଡ଼ା (ଦେଖ) Surḍ-(ṛḍu)kā Sordakā (See) [ସୁଡ଼(ଡ଼)କା—ସ୍ତ୍ରୀ]

ସୁଡ଼(ଡ଼)କିବା—ଦେ. କି (ଧ୍ୱନ୍ୟନୁକରଣ)—ପୋଡ଼କିବା; ସଡ ସୁଡ Surḍa(ṛḍu)kibā ଶବ୍ଦ କରି ଜଳୀୟ ବା ଜଳମିଶ୍ରିତ ବସ୍ତୁ ସୁପସୁପ କରା **ସୁରକନା** ଖାଇବା—To eat liquid things with a smacking sound.

ସୁଡ଼(ଡ଼)ଙ୍ଗ—ଦେ· ବ (ସ. ସୁରଙ୍ଗ, ସୁରୁଙ୍ଗା—ବନ୍ଧୁ)—ପାହାଡ଼ ବା Surḍa(ṛḍha)ṅga ମାଟି ଉତରେ ଉତରେ ଦୂରକୁ ଖୋଳାଯାଇ- ସୁଡଙ୍ଗ **ସୁରଂଗ** ଥିବା ଲମ୍ବା ଗର୍ତ୍ତ—Tunnel.

ସୁଡ଼ା—ଦେ. ବ—ଶୂଡ଼ା (ଦେଖ)— Surḍā Śurḍā (See)

ସୁଡ଼ି ରାସ୍ତା—ଗ୍ରାଦେ (ହିନ୍ଦୁସ୍ଥାନୀ) ବ—କେବଳ ମନୁଷ୍ୟ ଗମନାଗମନ ସୁଡ଼ି Surḍi rāstā Track; path way.

ସୁଡ଼ୀନ—ସଂ. ବ (ସୁ+ଡୀନ) — ପକ୍ଷୀଙ୍କ ଗତିବିଶେଷ Suḍīna ("ଡୀନ" ଦେଖ)—A kind of bird's flight.

ସୁଢଙ୍ଗ—ଦେ. ବ—ଉତ୍ତମ ପଦ୍ଧତି—Good manner. ଦେ. Sudhaṅga ବଣ—ସୁନ୍ଦର—Graceful. **ସୁଢଙ୍ଗ ସୁଢଙ୍ଗ**

ସୁଢ଼ଳ(ପ)—ଦେ. ବଣ—ସୁଗଠନ(ଦେଖ)—Sugaṭhana (See) Surḍhala(pa) (ଉ—ସରଳ ସୁଢଳ ଗୁରୁ ବପୁଯେଉଁ ସୁଡୋଳ; ସୁଢପ ଶୋଭାବିଶିଷ୍ଟ—ସ୍ୱାମୀନାଥ. ଉଷା ।] ଦେ. ବ **ସୁଗଠନ, ସୁଢ଼ର** — ରୂପସୌନ୍ଦର୍ଯ୍ୟ; ସୁଷମା—Beauty of form; grace. [ଉ—ଛୁଟ୍ଟଳ ଦର୍ପଣେ ଯେଉଁ ମୁଖର ସୁଢଳ—ପ୍ରାଚୀ· ଗୁରୁଭକ୍ତିଗୀତା ।]

Digitized by srujanika@gmail.com

ସୁଚଳ—ଦେ. ବ—୧ । ଦେବତା—1. Deity. ୨ । ମହାଦେବ; Sudhala ଶିବ—2. Siba. ଦେ. ବ୩—ସୁଡୌଲ; ସୌଷ୍ଠବ ସୁଡୌଳ ସୁଢଳ, ସୁଢର ସମ୍ମନ—Symmetrical; graceful.

ସୁଚଳ ଦେବ—ଦେ. ବ—୧ । ବାମଣ୍ଡାର ପୂର୍ବତନ ଅଧୀଶ୍ୱର— Sudhala deba 1. Late Sir Basudeba Sudhala Deb; K. C. I. E. [ଉ—ଦ୍ୱୋଳ୍କର ଯୁଗ୍ମ ନାମ ସର୍ ବାସୁଦେବ ସୁଚଳ ଦେବ କେ. ସି. ଆଇ. ଇ । ଏ ସାହୁତ୍ୟରସିକ ଓ ପ୍ରଜାହୈତୈଷୀ ଥିଲେ । ଏହାଙ୍କ ଅମଳରେ ଦେବଗଡ଼ ବା ବାମଣ୍ଡା ଔଡ଼ିଆ ସାହିତ୍ୟାଲୋଚନାର ଗୋଟିଏ ପ୍ରସିଦ୍ଧ କେନ୍ଦ୍ର ହୋଇଥିଲା ।]

ରଜା ସର୍ ବାସୁଦେବ ସୁଚଳ ଦେବ (K. C. I.E) ଜନ୍ମ୧୭୫୬।୧୮୫୦—ଅକ୍ଟୋବର ୧୯।୧୧।୧୯୦୩।

ବାମଣ୍ଡାର ସ୍ୱର୍ଗତ ନରପତ୍ତ ସର୍ ବାସୁଦେବ ସୁଚଳ ଦେବ କେ. ସି. ଆଇ. ଇ କ ପହନ ଜୀବନଗାଥା ସମଗ୍ର ଉତ୍କଳଖଣ୍ଡର ଅମୂଲ୍ୟ ସମ୍ପଦ । ତାଙ୍କର ଦୃଢ଼ ବ୍ୟକ୍ତିତ୍ୱ ବଳରେ 'ଅଯୋଜ' ବାମଣ୍ଡା ନବଜୀବନ ଲାଭ କରିଅଛି, ଓ ନବଯୁଗର ଶିକ୍ଷା ଓ ସଭ୍ୟତା ଅଲ୍ପେକ ଲାଭ କରି ଉତ୍କଳର ରାଜ୍ୟମାନଙ୍କ ମଧ୍ୟରେ ସମୁଚ୍ଚଆସନର ଅଧିକାରୀ ହୋଇଅଛି । ବିଶେଷତଃ ନବଯୁଗର ଅଲ୍ପେକବର୍ତ୍ତିକା ଧାରଣ କରି ଯେଉଁ ମହାତ୍ମାଣ କଉଶସ୍ୱବ୍ୟକ୍ତ ଉତ୍କଳର ଅଜ୍ଞାନାନ୍ଧକାର ନାଶ କରି ଉତ୍କଳରେ ନବଯୁଗର ପ୍ରବର୍ତ୍ତନ କରଅଛନ୍ତି, ସ୍ୱର୍ଗତ ସର୍ ବାସୁଦେବ ସେମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ସର୍ ବାସୁଦେବ ଇଂରାଜ ଶିକ୍ଷା ଲାଭ କରି ନ ଥିଲେ; କିନ୍ତୁ ତାଙ୍କର ସହଜାତ ପ୍ରତିଭା ଏତେ ସମୁଜ୍ଜ୍ୱଳ ଥିଲା ଯେ, ବାମଣ୍ଡାର କ୍ଷୁଦ୍ର ପରିସର ଭିତରେ ସେ ଯେଉଁ ସବୁ ଅନୁନବ ସଂସ୍କାରମାନ ପ୍ରବର୍ତ୍ତିତ କରିଗଲେ, ରୁଷିଆ ଭଳିଆ ବଡ଼ ସାମ୍ରାଜ୍ୟର ଅଧିକାରୀ ହୋଇଥିଲେ, ତଦ୍ଦୃଷ୍ଟିରେ ତାଙ୍କ ଯଶଃ ସମ୍ରାଟ୍ ପିତରଙ୍କ ଯଶଃଠାରୁ କୌଣସି ଅଂଶରେ ନ୍ୟୂନ ବୋଲିତ ହୋଇ ନ ଥାନ୍ତା । ତାଙ୍କଠାରେ ଯୁବପ୍ରବୃତ୍ତିନୋତିତ ତେଜଃ, ଓଜଃ ଓ ସାହସ ଥିଲା ଏବ ପୃଥିବୀର ଯେ କୌଣସି ଅଂଶରେ ଜନ୍ମ ଲାଭ କରିଥିଲେ ସେ ସେଠାରେ ନିଜର ଲୋକୋତ୍ତର ବ୍ୟକ୍ତିତ୍ୱ ପ୍ରତିଷ୍ଠା କରି ପାର ଥାଆନ୍ତେ । ତାଙ୍କୁ ଲାଭ କରି ବାମଣ୍ଡା,'ବାମଣ୍ଡା' ହୋଇଅଛି ଓ ଉତ୍କଳ ଧନ୍ୟ ହୋଇଅଛି ।

ବାମଣ୍ଡାର ରଜା ଶ୍ରୀ ବ୍ରଜସୁନ୍ଦର ଦେବ ୧୮୭୧ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କଲେ । ସେ ଅପୁତ୍ରକ ଥିବାରୁ ଜୀବଦ୍ଦଶାରେ ତାଙ୍କ ଅନୁଜ କୁମାର ହରିହର ଦେବଙ୍କ ଏକ ମାତ୍ର ପୁତ୍ରକୁ ଦତ୍ତକ ପୁତ୍ରରୂପେ ଗ୍ରହଣ କରି ତାଙ୍କୁ ଯୌବରାଜ୍ୟରେ ଅଭିଷିକ୍ତ କରି ଯାଇଥିଲେ । ତେଣୁ ବ୍ରଜସୁନ୍ଦର ଦେବଙ୍କ ମୃତ୍ୟୁ ପରେ ବାସୁଦେବ, ବାସୁଦେବ ସୁଚଳ ଦେବ ନାମ ଧାରଣ କରି ରାଜ୍ୟ। ସିଂହାସନରେ ଅସୀନ ହେଲେ । ସିଂହାସନାଧିକାର ବେଳକୁ ତାଙ୍କୁ ୧୮ ବର୍ଷ ମାତ୍ର ବୟସ ହୋଇଥିବାରୁ ହରିହର ଦେବ ତାଙ୍କର ରଜେଣ୍ଟ୍ ବା ଅଭିଭାବକରୂପରେ ରାଜ୍ୟ ଶାସନ କଲେ । ବ୍ରଜସୁନ୍ଦର ଦେବ କଲାହାଣ୍ଡିର ଭୂତପୂର୍ବ ମହାରାଜ ଜୟନ୍ତ ପ୍ରତାପ ଦେବଙ୍କ ସଦ୍‌ଗୁଣାଲଙ୍କୃତା ରୁପଲକ୍ଷ୍ମୀ ମଧ୍ୟମା କନ୍ୟା ଗିରିବ୍ରଜକୁମାରୀଙ୍କ ସଙ୍ଗେ ବାସୁଦେବଙ୍କ ବିବାହ ସମ୍ବନ୍ଧ ସ୍ଥିର କରି ଯାଇଥିଲେ । ହରିହର ଦେବ ବାସୁଦେବଙ୍କୁ ଅନ୍ୟତ୍ର ବିବାହ କରିବାକୁ ଅଦେଶ ଦେବାରୁ ପୋଷ୍ୟ ପିତାଙ୍କ ଅଦେଶକୁ ସ୍ୱାଜାଦେଶ ଜ୍ଞାନ କରି ସେ ତାଙ୍କର ଅଦେଶକୁ ଅବଜ୍ଞା କରି କଲାହାଣ୍ଡିର ରାଜ-ପରିବାରରେ ବିବାହ କଲେ ।

ରାଣୀ ଗିରିବ୍ରଜକୁମାରୀ ବାସୁଦେବଙ୍କର ଉପଯୁକ୍ତା ସହଧର୍ମିଣୀ ଥିଲେ । ବ୍ରଜସୁନ୍ଦର ଦେବଙ୍କ ଯତ୍ନରେ ବାସୁଦେବ ସକଳ ଶାସ୍ତ୍ରରେ ଦୀକ୍ଷିତ ହୋଇଥିଲେ । ଗିରିବ୍ରଜକୁମାରୀ ସଧ୍ୟ ସଂସ୍କୃତ ସାହିତ୍ୟରେ ପ୍ରବୀଣା ଓ ସଙ୍ଗୀତଜ୍ଞା ଥିଲେ । ଉତ୍ସବେ ଉତ୍ସବାଙ୍କ ସାନ୍ନିଧ୍ୟରେ ଅନବରତମାତ୍ର ଅନନ୍ଦରେ କାଳାତିପାତ କରୁଥିଲେ । ସ୍ୱାମୀଙ୍କ ଚତୁର୍ତ୍ତବୋଦନ ଉପଲକ୍ଷେ ରାଣୀ ସତ୍ତୋଦସ୍ୱା ଅନେକ ସଂସ୍କୃତ ଶ୍ଲୋକ ରଚନା କରିଥିଲେ । ପୁନଶ୍ଚ ତାଙ୍କ ସ୍ୱରଲହରୀ ଏତେ ମଧୁର ଥିଲା ଯେ, କବିଯ୍ରାଣ ବାସୁଦେବ ଉହାଁଙ୍କ ସମ୍ମୁଖରେ ବସିଗଧ ହୋଇ ଅପାର ଚିତ୍ତପ୍ରସାଦ ଲାଭ କରୁଥିଲେ ।

ବାମଣ୍ଡାର ଚରସ୍ମରଣୀୟ ପରବର୍ତ୍ତୀ ରାଜା ଓ ତାଙ୍କ ସଚ୍ଚିଦାନନ୍ଦ ବିଭୁବନ ଦେବ ଏହୁ ଗୁଣବତୀ ରାଣୀଙ୍କ ଯୋଗ୍ୟ ତନୟା । ବାମଣ୍ଡା ରାଜସିଂହାସନରେ ବସି ରାଜ୍ୟ ଶାସନର ସମସ୍ତ ଦାୟିତ୍ୱ ସ୍ୱହସ୍ତରେ ଗ୍ରହଣ କଲ୍ଲବେଳକୁ ବାମଣ୍ଡା ମଧ୍ୟଯୁଗର ନବଡ଼ ଅନ୍ଧକାରରେ ଲୁଚି ରହିଥିଲା । ରାଜା ବ୍ରଜସୁନ୍ଦର ଦେବ ସ୍ୱଶାସକ ଥିଲେ ସ୍ୱତ୍ତା ନବନବୋନ୍ମେଷଶାଳିନୀ ପ୍ରଜ୍ଞାର ଅଧିକାରୀ ନ ଥିଲେ । କିନ୍ତୁ ବାସୁଦେବ ସୁଚଳ ଦେବ ଲୋକୋତ୍ତର ପ୍ରତିଭା ଘେନ ଜନ୍ମଗ୍ରହଣ କରିଥିଲେ । ରାଜଦଣ୍ଡ ଗ୍ରହଣ କଲା ମାତ୍ରେହିଁ ସେ ପ୍ରତିଭା ଅସ୍ପବତାଶ ଜନ୍ମନ୍ତେ ଚେଷ୍ଟ କରି ପ୍ରତିଫଳିତ ହେବାରେ ଲାଗିଲା । ତେତେବେଳେ ବାମଣ୍ଡା ରାଜ୍ୟର ବାର୍ଷିକ ଅୟ ମୋଟେ ୫ ୬୦୦୦୯ (ଛଅ ହଜାର ଟଙ୍କା) ଥିଲା; କୌଣସି ରାଜକର୍ମଚାରୀ ଅଟରେ ଟଙ୍କାରୁ ବେଶୀ ବେତନ ପାଉ ନ ଥିଲେ । ରାଜ-ସିରସ୍ତା ସୁଶୃଙ୍ଖଳାବରେ ରଖାଯାଉ ନ ଥିଲା । ଯାହା ଅବା ହିସାବପତ୍ର ରଖା ଯାଉଥିଲା, ସେ ସବୁ ତାଳପତ୍ରରେ ଲିଖିତ ହେଉଥିଲା ।

ରାଜା ବାସୁଦେବ ସୁଚଳ ଦେବ ଏ ସବୁର ସଂସ୍କାରରେ ବ୍ରତୀ ହୋଇ ନାନା ପରିବର୍ତ୍ତନ ସାଧନ କଲେ । ସେ ଅୟ-ବ୍ୟୟର ଗୋଟିଏ ବଜେଟ୍ ପ୍ରସ୍ତୁତ କରାଇ ତଦନୁଯାୟୀ ବ୍ୟୟ ନିରୂପଣ କଲେ । ରାଜ୍ୟରେ ନୂଆ ସ୍ୱଜନ୍ଦ ବନ୍ଦୋବସ୍ତ

Digitized by srujanika@gmail.com

କରାଇ ରାଜସ୍ୱ ସଂସ୍କାର କଲେ ଏବଂ ଗୃହୀମାନଙ୍କ ଅବସ୍ଥା ଯେପରି ଉନ୍ନତ ହେବ ତନ୍ନିମନ୍ତେ ବ୍ୟବସ୍ଥା କରି ଥିବାରୁ ପୁରୁଦ୍ଧାନୁରୂପ କର୍ମଚାରୀମାନଙ୍କର ବେତନର ଦ୍ୱାର ଧାର୍ଯ୍ୟ କଲେ । ଜଳଲ ବର୍ଗତ, ସ୍ଥଳଶ ବର୍ଗତ ଓ ବର୍ଗର ବର୍ଗତ ସୁଶୃଙ୍ଖଳ ରୂପରେ ପ୍ରତିଷ୍ଠିତ ହେଲା । ବାସୁଦେବ ୧୮୭୯ ଖ୍ରୀଷ୍ଟାବ୍ଦରେ ସିଂହାସନାରୋହଣ କରିଥିଲେ । ସେତେବେଳେ ବାମଣ୍ଡା ରାଜ୍ୟର ଅୟ ଛଅ ତଜାର ଟଙ୍କା ମାତ୍ର ଥିଲା; କନ୍ତୁ ୧୮୭୫ ଖ୍ରୀଷ୍ଟାବ୍ଦବେଳକୁ ବାସୁଦେବଙ୍କ ଅଧବସାୟ ଫଳରେ ବାମଣ୍ଡାର ବାର୍ଷିକ ଅୟ ଅଠର ତଜାର ଟଙ୍କାରେ ପରିଣତ ହେଲା । ପରବର୍ତ୍ତୀକାଳରେ ବାମଣ୍ଡାର ଯେଉଁ ଭୂସ୍ୱର୍ଗୀ ଉନ୍ନତି ଶବ୍ଦତ ହୋଇଥିଲା, ଏହା ତହିର ଅଗ୍ର ସୂଚନା ତହିବାକୁ ହେବ । ଏହି ସମୟରୁ ବାମଣ୍ଡାର ଲୋକେ ବାସୁଦେବ ସ୍ୱଚ୍ଛଳ ଦେବଙ୍କ କାର୍ଯ୍ୟକଳାପକୁ ଅତ୍ୟନ୍ତ ଅଶସ୍ତ୍ରହୃଦୟରେ ଅନୁଧାନ କରିବାରେ ଲଗିଲେ ।

ଏହି ସମୟରେ ବାସୁଦେବଙ୍କ ସହଧର୍ମିଣୀ ଚିରତ୍ରଜ-କୁମାରୀ ବାମଣ୍ଡା ରାଜସଂସାରକୁ ଶୋକସାଗରରେ ନମଜ୍ଜିତ କରି ଏବଂ ଅନୁରାଗୀ ପଇଙ୍କ ହୃଦୟକୁ ଶତଧା ରୁର୍ଣ୍ଣି କରି ସ୍ୱର୍ଗାରୋହଣ କଲେ । ସେତେବେଳେ ସଚ୍ଚିଦାନନ୍ଦ ଦୁଗ୍ଧ-ପୋଷ୍ୟ ଶିଶୁ । ମାତୃବିୟୋଗ ହେତୁରୁ ତାଙ୍କର ମଧ୍ୟ ଜୀବନସଙ୍କଟ ଉପସ୍ଥିତ ହେଲା ଏବଂ ବାସୁଦେବ ଭଗ୍ନ-ହୃଦୟ ହୋଇ ସସାରପ୍ରତି ବିରାଗୀ ହୋଇପଡ଼ିଲେ; ରାଜ-କାର୍ଯ୍ୟ ଓ ଶାସନ ଦାୟିତ୍ୱ ତାଙ୍କୁ ବିଷବତ୍ ପ୍ରତିଭାତ ହେଲା । ବଡକୁମାର ହରହର ଦେବଙ୍କ ପତ୍ନୀ ଓ ବାସୁଦେବଙ୍କ ଗର୍ଭ-ଧାରିଣୀ ପାବଣ୍ଡା ଦେବୀଙ୍କ ହସ୍ତରେ ଶିଶୁ ସଚ୍ଚିଦାନନ୍ଦଙ୍କ ପାଳନଭାର ଅର୍ପଣ କରି ବାସୁଦେବ ତୀର୍ଥର ଗଚ୍ଛ ପରିବର୍ତ୍ତନ ନମନ୍ତେ ପର୍ଯ୍ୟଟନ ଉଦ୍ଦେଶ୍ୟରେ ବାମଣ୍ଡା ତ୍ୟାଗ କରି ବହିର୍ଗତ ହେଲେ ।

ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ, ଚତୁମ୍ପାର୍ଶ୍ୱ ଚିରତ୍ରଜକୁମାରୀ ଅତ୍ୟନ୍ତ ପ୍ରଜାବତ୍ସଳା ଥିଲେ । ବାମଣ୍ଡାରେ ଚତୁରତ୍ରତ ପ୍ରଥା ଥିଲା ଯେ, ରାଜାଙ୍କର ଉତ୍ତରାଧିକାରୀ ଜାତ ହେଲେ ପ୍ରତ୍ୟେକ ପ୍ରଜା ଶକ୍ତି ଅନୁସାରେ ରାଜାଙ୍କୁ ନଜରାନା ଦେବେ । ସଚ୍ଚିଦାନନ୍ଦଙ୍କ ଜନ୍ମ ହେଲା ମାତ୍ରେ, ଦୁର୍ଭାଗାରେ ଥାଇ ସ୍ୱଧା ରାଜ୍ଞୀ ସହୋଦରା । ଅନୁରାଗୀ ପଇଙ୍କୁ ସାନ୍ତନା ଅନୁରୋଧ କରି ଏ ପ୍ରଥା ରଦ କରାଇ ଦେଇଥିଲେ । ଏବଦ୍ଧ ଅଶେଷ ସ୍ନେହର ଅଧିକାରୀ ହୋଇ ସେ ସ୍ୱର୍ଗତ ହୃଦୟରେ ଅଶେଷ ଶ୍ରଦ୍ଧାସନ ସ୍ଥାପନ କରିଥିଲେ । ତେଣୁ ତାଙ୍କ ସ୍ୱର୍ଗତ ସ୍ମୃତି ଦାତରେ ବ୍ୟଥିତ ହୋଇ ସ୍ୱଧା ବାସୁଦେବ ହୃଦୟ ବ୍ୟଥାର ଉପଶମ ନମନ୍ତେ ପର୍ଯ୍ୟଟନ ଯିବାକୁ ବାଡାରିଲେ ।

ବାସୁଦେବ ଦେବତଃ ବଡ଼ ଅନୁସନ୍ଧିତ୍ସୁ ଥିଲେ ଏବ ସବଦା ଶିକ୍ଷାର୍ଥମନୋଭାବ ଯେନ ସକଳ ସ୍ଥାନରୁ ଓ ସକଳ ପ୍ରକାର ଲୋକଙ୍କଠାରୁ ନାନା କଥା ଶିକ୍ଷା କରିବାରେ ମନୋଯୋଗୀ ଥିଲେ । ତେଣୁ ପର୍ଯ୍ୟାବର୍ତ୍ତର ପ୍ରଧାନ ପ୍ରଧାନ ନଗର ଭ୍ରମଣ କରି ତତ୍ତ୍ୱନତ ଅଭିଜ୍ଞତା ଦ୍ୱାରା ସେ ନିଜ ରାଜ୍ୟର ତପର ସବାଙ୍ଗୀନ ଉନ୍ନତି କରିବେ, ଏହି ଚିନ୍ତାରେ ଭ୍ରମଣକାଳଯାକ ତାଙ୍କ ମନକୁ ଆନ୍ଦୋଳିତ କରୁଥିଲା । ସେ କଟକ, କଲକତା, ବାରାଣସୀ, ଲକ୍ଷ୍ନୌ, ଦିଲ୍ଲୀ ପ୍ରଭୃତି ବହୁ ପ୍ରଧାନ ସ୍ଥଳୀ ଭ୍ରମଣ କରି ନାନା ବ୍ୟକ୍ତି ଓ ନାନା ଅନୁଷ୍ଠାନ ସବୁ ପ୍ରତ୍ୟକ୍ଷଭାବରେ ପରିଚତ ହେଲେ । ତାଙ୍କର ଜ୍ଞାନ ଓ ଅଭିଜ୍ଞତାର ପରପର ଯଥେଷ୍ଟ ବୃଦ୍ଧିପ୍ରାପ୍ତ ହେଲା ଓ ନିଜ ରାଜ୍ୟର ସବାଙ୍ଗୀନ ଉନ୍ନତି ନମନ୍ତେ ସେ ସବଦା ସମସ୍ତଙ୍କଠାରୁ ଓ ସମସ୍ତ ସ୍ଥାନରୁ ସୂଚନା ଖୋଜ ବୁଲୁଥିବାରୁ ତାଙ୍କର ଏ ଦୀର୍ଘକାଳବ୍ୟାପୀ ପର୍ଯ୍ୟଟନ ବାମଣ୍ଡା ପକ୍ଷରେ ବହୁ ସଫଳପ୍ରସୂ ହେଲା ।

ପର୍ଯ୍ୟଟନରୁ ଫେରି ଆସିଲା ପରେ ପୁନଃ ଦାରପରିଗ୍ରହ କରିବା ନମନ୍ତେ ବାସୁଦେବଙ୍କୁ ଅନେକ ବ୍ୟକ୍ତି ସନ୍ନବନ୍ଧ ଅନୁରୋଧ କଲେ ଏବ ଏହା ଫଳରେ ବାସୁଦେବ ମୟୂରଭଞ୍ଜ ରାଜ୍ୟର ରରୁଆଁ ଜମିଦାରଙ୍କ ଦୁଇ ଝେମା ଓ ଶରସୁଆଁ ରାଜାଙ୍କ ଭଣିଜା ଜେମା, ଏପରି ଚାରି କନ୍ୟାଙ୍କର ପାଣିଗ୍ରହଣ କଲେ । ଏହି ପତ୍ନୀମାନେ ପରସ୍ପରପ୍ରତି ଅକୃତ୍ରିମ ସ୍ନେହ ଓ ସହାନୁଭୂତି ନ ଦେଖାରୁ ବାସୁଦେବଙ୍କ ପାରବାରିକ ଜୀବନ ଅତ୍ୟନ୍ତ ମଧୁମୟ ହୋଇଥିଲା । ଏମାନେ ସଚ୍ଚିଦାନନ୍ଦଙ୍କୁ ଅସ୍ନେହରୂପ ସ୍ନେହ କରୁଥିଲେ ଏବ ସଚ୍ଚିଦାନନ୍ଦ ମଧ୍ୟ ଏମାନଙ୍କୁ ଜନନୀତୁଲ୍ୟ ଭକ୍ତି ଓ ଶ୍ରଦ୍ଧା କରିବାରେ ପଶ୍ଚାତ୍‌ପଦ ନ ଥିଲେ । ଏ ଚାରି ରାଣୀ ଏଗାରଟି କନ୍ୟା ଓ ଆଠଟି ପୁତ୍ରଙ୍କର ଜନନୀ ହୋଇଥିଲେ । ବାସୁଦେବ ନିଜର କନ୍ୟାମାନଙ୍କୁ ଶିଳ୍ପିରା ଓ ସଙ୍ଗୀତାଦି କଳାକୌଶଳ ତତ୍ତ୍ୱ ତାଲତେର, ବଣାଇ, ବସ୍ତର ପ୍ରଭୃତି ରାଜ୍ୟର ରାଜାମାନଙ୍କ ସହତ ବବାହ କରାଇ ଦେଇଥିଲେ ଏବ ବର୍ତ୍ତମାନ ସମ୍ବା ସେମାନେ ତତ୍ତ୍ୱତ୍ୟ ରାଜ୍ୟମାନଙ୍କର ରାଜ୍ଞୀଶ୍ୱର୍ଯ୍ୟ, କନ୍ତୁ ଦୁର୍ଭାଗ୍ୟବଶତଃ ବସ୍ତର, ଖଡ଼ିଆଳ, ପାଲଲଡ଼ାର ରାଣୀ ଓ ଦୂରଗୁଜାର ଯୁବରାଣୀ ସ୍ୱର୍ଗତା ହୋଇଥିବାରୁ । ପୁତ୍ରମାନଙ୍କୁ ଉଚ୍ଚ ଶିକ୍ଷା ଦେଇ ସେମାନଙ୍କୁ ମଧ୍ୟ ବାସୁଦେବ ଉପଯୁକ୍ତ ସମୟରେ ସଂସ୍ଥିତି ପ୍ରଦାନ କରି ଯାଇଅଛନ୍ତି । ଏହି ରାଜପୁତ୍ରମାନଙ୍କ ମଧ୍ୟରୁ ସ୍ୱର୍ଗତ ବଡକୁମାର ବଳଭଦ୍ର ଦେବ ଜହ୍ନଲଙ୍ଗରେ କର ଓ ସାମ୍ପତ୍ତିକ ଖଂଟି ଗ୍ରହ କରିଅଛନ୍ତି । ଏ ପ୍ରସଙ୍ଗ ରାଣୀଙ୍କ ପୁତ୍ର ସମ୍ବନ୍ଧୀୟ ସଚ୍ଚିଦାନନ୍ଦଙ୍କ କ୍ୟାତି କଥା ବର୍ତ୍ତମାନ କରିବା ବାହୁଲ୍ୟ ମାତ୍ର । ତାଙ୍କୁ ସବୁ ଗୁଣରେ ଆଦର୍ଶ ପିତାଙ୍କର ଆଦର୍ଶ ପୁତ୍ର ବୋଲି ସ୍ୱୀକାର କରିବାକୁ ହେବ ।

ବାସୁଦେବ ପର୍ଯ୍ୟଟନରୁ ଫେରି ବାମଣ୍ଡାକୁ ତିନି ଗୋଟି ସବ୍‌ଡିଭିଜନରେ ବିଭକ୍ତ କରେ । ସବ୍‌ଡିଭିଜନମାନଙ୍କର ନାମ ଦେବଗଡ଼, ଜୁଡଙ୍ଗା ଓ ବରଦ୍ୱାର ରଖାହେଲା । ପ୍ରଥମୋକ୍ତ ସବ୍‌ଡିଭିଜନ ଦୁଇଟି ଦୁଇଜଣ ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଓ ତୃତୀୟଟି ଜଣେ

Digitized by srujanika@gmail.com

ଦ୍ୱିତୀୟ ଶ୍ରେଣୀର ମାଜଷ୍ଟ୍ରେଟ୍‌ଙ୍କ ଅଧୀନ ରଖାଗଲା; ମାଜଷ୍ଟ୍ରେଟ୍‌ମାନେ ଦେବାଙ୍ଗ ଫୌଜଦାରୀର ଉତ୍ପ ପ୍ରକାର ମକଦ୍ଦମା ବଶ୍ୱର କରିବାର ଅଧିକାର ପାଇଲେ। ଦେବଗଡ଼, ଚଉଣ୍ଡା, ବାଲୁଣ୍ଟି, ନଇକୁଲ, ଗୌଡ଼ପଣ୍ଡା ଓ ଗୋବଦ୍ଧନପୁର-ଠାରେ ଥାନାମାନ ଅବସ୍ଥାପିତ ହେଲା । ଅତିଲ ମକଦ୍ଦମା ସବୁର ଶୁଣାଣି ନମନ୍ତେ ଦେବଗଡ଼ଠାରେ ଗୋଟିଏ ବଶ୍ୱଗଳୟ ସ୍ଥାପିତ ହେଲା । ଏଥି ପୂର୍ବରୁ ମକଦ୍ଦମା ସବୁର ବଶ୍ୱରରେ ନାନାପ୍ରକାର ବଶୃଙ୍ଖଳା ଓ ଅସଥା ବଳମ ଘଟୁଥିଲା । ସରକାରୀ କାର୍ଯ୍ୟାନୁଷ୍ଠାନମାନଙ୍କ ନମନ୍ତେ ଦେବଗଡ଼, ଚଉଣ୍ଡା ଓ ବାଲୁଣ୍ଟିଠାରେ ସୁଦୃଶ୍ୟ ପକ୍କାଗୃହ-ମାନ ନର୍ମାଣ କରାଗଲା । ବାମଣ୍ଡା ନବାନ ଜୀବନର ସ୍ପନ୍ଦନ ଅନୁଭବ କଲା ।

ରାଜା ବାସୁଦେବ ଆଜି ଥରେ ଦାକ୍ଷିଣାତ୍ୟ ଭ୍ରମଣରେ ବାହାର ନାଗପୁର, ନାସିକ, ପୁନା, ଅହମ୍ମଦାବାଦ, ବମ୍ବାଲୋର, ହିବାଙ୍କୁଡ଼, ତାଞ୍ଜୋର ଓ ମାନ୍ଦ୍ରାଜ ପ୍ରଭୃତି ସ୍ଥାନ ପରିଦର୍ଶନ କରି ଆସିଲେ ଏବଂ ପ୍ରତ୍ୟାବର୍ତ୍ତନ ପରେ ରାଜ୍ୟର ନାନାବିଧ ଉନ୍ନତି କରିବାରେ ମନୋନିବେଶ କଲେ । ସେ ବହୁ ଅନାବାଦୀ ଅଞ୍ଚଳ ଆବାଦ କରାଇ ତହିଁରେ ବହୁତ ପ୍ରକାର ଫସଲ କରାଇଲେ; ଏବଂ କଥିତ ଅଛି, ସେ ୧୩୭ ପ୍ରକାର ଧାନ ଅଣାଇ ରାଜ୍ୟରେ ସେ ସବୁର ଗୃହ ପ୍ରବର୍ତ୍ତନ କରିଥିଲେ । ଜଙ୍ଗଲ କଟାଇ ବାସୁଦେବପୁର ନାମରେ ସେ ଗୋଟିଏ ବ୍ରାହ୍ମଣ ଶାସନ ସ୍ଥାପନ କରି ବ୍ରାହ୍ମଣମାନଙ୍କୁ "ଯାବଚ୍ଚନ୍ଦ୍ରାର୍କେ" ଭୋଗ କରିବାପାଇଁ ବହୁ ଭୂସମ୍ପତ୍ତି ଦାନ କରିଥିଲେ । ବାମଣ୍ଡାରେ ସେ ମୈଠା କମଳା ଲେମ୍ବୁର ଗୃହ ଚଷରେ ଅରମ୍ଭ କରିଥିଲେ; ଏବଂ ବମ୍ବେଇ ଓ ପାଟନା ପ୍ରଭୃତି ସ୍ଥାନରୁ ନାନାପ୍ରକାର ଆମ୍ବ ଗଛର ଗୁଡ଼ି ଅଣାଇ ନିଜର ଅଦର୍ଶ ଉଦ୍ୟାନରେ ରୋପଣ କରାଇଥିଲେ । ତାଙ୍କ ଆଦେଶରେ ବାମଣ୍ଡାର ନାନା ସ୍ଥାନରେ ଅନେକ ଅଦର୍ଶ କୃଷିକ୍ଷେତ୍ର ଖୋଲା ଯାଇଥିଲା । ତଦାନୀନ୍ତନ ପଲିଟିକାଲ୍ ଏଜେଣ୍ଟ୍ ମହୋଦୟ ବାସୁଦେବଙ୍କ ଉଦ୍ୟାନ-ପ୍ରୀତି ଦେଖି ସରକାରୀ ରପୋର୍ଟରେ ତାଙ୍କର ଭୂୟସୀ ପ୍ରଶଂସା କରିଥିଲେ । ବଳମ ଫାର୍ମ୍‌ଠାରେ ଦୁଇଗୋଟି ଗିରିନଦୀର ଜଳକୁ ଅଟକାଇବା ନମନ୍ତେ ବାସୁଦେବ ବହୁ ଅର୍ଥ ବ୍ୟୟରେ ବନ୍ଧ ପକାଇ ଜଳସେଚନ ସୌକର୍ଯ୍ୟ ନମନ୍ତେ ଗୋଟିଏ ପ୍ରକାଣ୍ଡ ଜଳାଧାର ପ୍ରସ୍ତୁତ କରାଇଥିଲେ ।

ରାଜକୋଷରେ ଅର୍ଥବୃଦ୍ଧି ନମନ୍ତେ ବାସୁଦେବ "ରାଜକୁମାର ସ୍ପିନିଙ୍ଗ୍ ୱାର୍କ୍ସ୍" ନାମକ କାରଖାନା ବସାଇଲେ । ଏ କାରଖାନାରେ କାଠ କରତ ହୋଇ ଦେଶ ବଦେଶକୁ ରପ୍ତାନି ନମନ୍ତେ ପଠା ଯାଉଥିଲା ଏବଂ ବହୁ ଅର୍ଥ ବ୍ୟୟରେ ବଲଭରୁ କାଠକରତ ଯନ୍ତ୍ର ଚଣା ହୋଇ ଆସିଥିଲା । ଏ କାରଖାନାରେ ବହୁତ ଲୋକ ନଯୁକ୍ତ ହୋଇ ପାରୁଥିବାରୁ ବାମଣ୍ଡାର ମଜୁରିଆମାନଙ୍କୁ ଆଉ ବଦେଶକୁ ଯିବାକୁ ପଡ଼ିଲା ନାହିଁ । କାରଖାନାର କାର୍ଯ୍ୟ ଦ୍ୱାରା ବହୁ ଲକ୍ଷ ଟଙ୍କା ଅୟ ହେଉଥିଲା, ଏବଂ ହାଣ୍ଡି ଉପରେ ଟଙ୍କା ଲଦା ହୋଇ ବଦେଶରୁ ଦେବଗଡ଼କୁ ଆସିବା ଦୃଶ୍ୟ ଦେଖି ପ୍ରଜାମାନେ ବାସୁଦେବଙ୍କ ବ୍ୟବସାୟ ବିଚକ୍ଷଣତାକୁ ଶତମୁଖରେ ପ୍ରଶଂସା କରୁଥିଲେ ।

ଦେଶର ଯେଉଁ ସବୁ ଜାଗାରେ ପର୍ବତରୂପ ପ୍ରତିବନ୍ଧକ ଥିବାରୁ ପଣ୍ୟଦ୍ରବ୍ୟ ଯାତାୟାତରେ ଅସୁବିଧା ହେଉଥିଲା, ତାନାମାଇଟ୍ ସାହାଯ୍ୟରେ ସେ ପର୍ବତ ସବୁ ଉଡ଼ାଇ ଦେଇ ଗମନାଗମନୋପଯୋଗୀ ରାସ୍ତା କରାଇବାରେ ଇଞ୍ଜିନିୟରଙ୍କ ପରାମର୍ଶ ନେଇ ନିଜେ ରାଜା ବାସୁଦେବ ଯେପରି ଏ ଅସାଧ୍ୟସାଧନ କରିପାରିଲେ, ଏହା ବଡ଼ ବଡ଼ ସାହେବମାନେ ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ ଯାଇଥିଲେ । ସରକାରଙ୍କ ବାର୍ଷିକ ଶାସନ ରପୋର୍ଟରେ ବାସୁଦେବଙ୍କ କାର୍ଯ୍ୟର ମଧ୍ୟ ଯଥୋପଯୁକ୍ତ ପ୍ରଶଂସା ହୋଇଥିଲା ।

"ବାମଣ୍ଡା ଷ୍ଟେଟ୍ କାଉନ୍ସିଲ୍" ନାମରେ ୪ ଜଣ ସଭ୍ୟ-ବିଶିଷ୍ଟ ଗୋଟିଏ ବଶ୍ୱର ସଭା ପ୍ରତିଷ୍ଠିତ କରି ବାସୁଦେବ ତହିଁରେ ଅତିଲ ମକଦ୍ଦମା ନଷ୍ପତ୍ତି ହେବାର ବ୍ୟବସ୍ଥା କରି-ଥିଲେ ।

ବାସୁଦେବଙ୍କ ସମୟରେ ଗଡ଼ଜାତମାନଙ୍କରେ "ଘାଙ୍ଗ୍ର" ନାମକ ଗୋଟିଏ ଟିକସ ପ୍ରଜାମାନଙ୍କଠାରୁ ଆଦାୟ କରା ଯାଉଥିଲା । ଏ ଟିକସ ଦ୍ୱାରା ବାଣିଜ୍ୟରେ ବାଧା ପଡ଼ୁଥିବା ଦେଖି ବାସୁଦେବ ବାମଣ୍ଡାର ପ୍ରଜାଙ୍କୁ ଏ ଟିକସର କବଳରୁ ମୁକ୍ତ କରିଥିଲେ । ଏଥି ନମନ୍ତେ ସରକାର ମଧ୍ୟ ବାସୁଦେବଙ୍କର ସାଧୁବାଦ କରିଥିଲେ ।

୧୮୮୯ ଖ୍ରୀଷ୍ଟାବ୍ଦରେ ଦେବଗଡ଼ଠାରେ ବାସୁଦେବ ଗୋଟିଏ ଦାତବ୍ୟ ଚିକତ୍ସାଳୟ ପ୍ରତିଷ୍ଠାପନ କରିଥିଲେ ଏବଂ ଏ ଅଞ୍ଚଳର ଅନୁଷ୍ଠାନ ଦ୍ୱାରା ବାମଣ୍ଡାର ଦୁଃସ୍ଥ ରୋଗୀମାନଙ୍କର ଯଥେଷ୍ଟ ଉପକାର ହୋଇଥିଲା ।

ବାସୁଦେବ ବାମଣ୍ଡାର ପୁରାତନ ଜେଲ୍‌କୁ ଭଙ୍ଗାଇ ଦେଇ ଗୋଟିଏ ନୂଆ ପକ୍କା ଜେଲ୍ ନର୍ମାଣ କରାଇଥିଲେ । ସରକାରଙ୍କ ବାର୍ଷିକ ଶାସନ ରପୋର୍ଟରେ ଉଲ୍ଲେଖ ହୋଇ-ଥିଲା :—"ବଡ଼ ଆଶ୍ଚର୍ଯ୍ୟ କଥା, ରାଜପରିବାରର ଲୋକମାନେ ଏ ପର୍ଯ୍ୟନ୍ତ ଯେଉଁ ପର ପକ୍କାଘରେ ରହି ଥାଇ ନାହାନ୍ତି, ବାମଣ୍ଡାର ରାଜା ବାମଣ୍ଡାର କଏଦୀମାନଙ୍କୁ ସେପରି ଘରେ ରଖାଇବାର ବ୍ୟବସ୍ଥା କରିଅଛନ୍ତି ?"

ବାସୁଦେବ ପୁଣି ନୂଆ କରି ରାଜବାଟୀ ନର୍ମାଣ କରାଇଲେ ଏବଂ ରାଜକୁମାର ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ନମନ୍ତେ ଦୋମହଲା ପକ୍କା ଭୋଳାଇଲେ । ଏହା ଛଡ଼ା ରାଜସରକାରଙ୍କ କଚେରୀ ଓ ପୁଲିସ୍ ଅଫିସରମାନଙ୍କ ନମନ୍ତେ ଓ ଅନ୍ୟାନ୍ୟ ଅନୁଷ୍ଠାନ ପାଇଁ ଦେବଗଡ଼ରେ ଅନେକ ପ୍ରାସାଦ ନର୍ମାଣ କରାଇ ଦେବଗଡ଼ର ଶୋଭାକୁ ଶତଗୁଣିତ କରି ଦେଲେ । ଏ ସବୁ ଉନ୍ନତ ଇଉରୋପୀୟ ଢଙ୍ଗରେ ହୋଇଅଛି ବୋଲି ସରକାରୀ ରପୋର୍ଟରେ ମଧ୍ୟ ସ୍ୱୀକାର କରାଯାଇଥିଲା । ଏହା ଛଡ଼ା ବଳମରେ ଗୋଟିଏ ରାମଗୋବିନ୍ଦ ମନ୍ଦିର ଓ କୁଚିଣ୍ଡାରେ ଗୋଟିଏ ମସଜିଦ୍ ନର୍ମିତ ହୋଇଥିଲା । ବାଲୁଣ୍ଟିରେ ମଧ୍ୟ ରାଜସରକାରଙ୍କ ଅଫିସ୍ ନମନ୍ତେ ପକ୍କାଘରମାନ ତୟାର ହୋଇଥିଲା । ରାଜ୍ୟର ବଉଦ୍ଧ ଅଞ୍ଚଳକୁ ସୁଗମ୍ୟ ରାସ୍ତା ଦ୍ୱାରା ସଯୁକ୍ତ କରିବାରେ ରାଜା ବାସୁଦେବ ବହୁ ଶ୍ରମ କରିଥିଲେ । ଏପରି କି, ଏ ରାସ୍ତା ନର୍ମାଣ ସମୟରେ ସେ ରାଜଧାନୀ ଛଡ଼ି ବଣ ଜଙ୍ଗଲରେ ତମ୍ବୁ ପକାଇ ରଥ୍ୟା-ନର୍ମାଣ କାର୍ଯ୍ୟ ସ୍ୱଚକ୍ଷୁରେ ପର୍ଯ୍ୟବେକ୍ଷଣ କରୁଥିଲେ । ସରକାରଙ୍କ ବାର୍ଷିକ ଶାସନ-

Digitized by srujanika@gmail.com

ରଘୋଟରେ ଏ କଥା ମଧ୍ୟ ପ୍ରଶଂସାଗଈକ ଭାଷାରେ ଉଲ୍ଲେଖିତ ରହିଅଛୁ ।

ବାମଣ୍ଡାରେ ରେଲ ଚଳାଇବା ନମନ୍ତ୍ରେ ବାସୁଦେବ ଅତ୍ୟନ୍ତ ଉଦ୍‌ବିଗ୍ନ ଥିଲେ । ଚେଙ୍କୁ ବେଙ୍ଗଲ୍ ନାଗପୁର ରେଲ୍‌ବାଇ କମ୍ପାନୀଙ୍କୁ ସେ ଚରକାଳପାଇଁ ୨୧୫ ଏକର ଜମି ଛଡ଼ ଦେଇ ତା ଉପରେ ରେଲ ଲାଇନ୍ ତିଆର କରିବାକୁ ଅନୁମତି ପ୍ରଦାନ କରିଥିଲେ ।

ବାସୁଦେବ ନିଜ ରାଜ୍ୟରେ ଅବୈତନିକ ପ୍ରାଥମିକ ଶିକ୍ଷା ଦାନର ବ୍ୟବସ୍ଥା କରିଥିଲେ ଏବଂ ନିଜର ପୁତ୍ର କନ୍ୟା-ମାନଙ୍କର ଶିକ୍ଷା ନମନ୍ତ୍ରେ ରାଜବାଟୀରେ ସେଇଁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ, କାଳକ୍ରମେ ତାହା ସ୍ୱଳରାମାର ହାଇ ସ୍କୁଲରେ ପରିଣତ ହୋଇଛି । ସରକାରଙ୍କ ଅନୁମୋଦନ ସହିତ ଏ ବିଦ୍ୟାଳୟରେ ବଙ୍ଗାଇ ଓ ଘାଲଭଡ଼ାର ଭାଷା ସ୍ୱଳାଦୁରେ ଉଚ୍ଚ ଶିକ୍ଷା ଲାଭ କରିଥିଲେ । ତତ୍କାଳୀନ ପଲ୍ଲିକାଲ୍ ଏଜେଣ୍ଟ ମହୋଦୟ ବାସୁଦେବଙ୍କ ଅସାଧାରଣ ଶିକ୍ଷା ପ୍ରୀତି ଦେଖି ତାଙ୍କୁ ଜଣେ ଅଦର୍ଶ ନରପତି ବୋଲି ଜ୍ଞାନ କରୁଥିଲେ । ଦୁଃଖର କଥାଟି ହୋଇଅଛି ଯେ,ବାସୁଦେବ ସଂସ୍କୃତରେ ଅସାଧାରଣ ପଣ୍ଡିତ ଓ ମାତୃଭାଷାରେ ପ୍ରଗଭାଷାଳୀ କବି ଥିଲେ । ତେଣୁ ତାଙ୍କ ରାଜସଭା ବନ୍ଦୁସଙ୍ଖ୍ୟକ ବିଦ୍ୱଜ୍ଜନଙ୍କ ଦ୍ୱାରା ସବୁବେଳେ ଶୋଭିତ ହୋଇ-ଥିଲା । ଶାସ୍ତ୍ରଚର୍ଚ୍ଚା ବାସୁଦେବଙ୍କର ପରମପ୍ରିୟ କାର୍ଯ୍ୟ ଥିଲା ଏବଂ ପ୍ରଜାମାନଙ୍କ ମଧ୍ୟରେ ସାହିତ୍ୟପ୍ରୀତି ଜାଗରୂକ କରିବା ନମନ୍ତ୍ରେ ୧୮୮୭ ଅବ୍ଦରେ ଦେବଗଡ଼ଠାରେ ସେ ଜଗନ୍ନାଥବଲ୍ଲଭ ପ୍ରେସ୍ ସ୍ଥାପନ କରି ତହିଁରୁ ସମ୍ବଲପୁର ହିତୈଷିଣୀ ନାମରେ ଖଣ୍ଡିଏ ସାହିତ୍ୟକ ସମ୍ବାଦପତ୍ର ପ୍ରକାଶିତ କରାଇଲେ । ସମ୍ବଲପୁର ହିତୈଷିଣୀ ସେ ଯୁଗର ଅନେକ କବି ଓ ସାହିତ୍ୟିକଙ୍କୁ ଲୋକଲୋଚନର ଗୋଚରୀଭୂତ କରାଇଅଛୁ । ଓଡ଼ିଆ ସାହିତ୍ୟର ନବ ଯୁଗ ଗଠନରେ ମଧ୍ୟ ସମ୍ବଲପୁର ହିତୈଷିଣୀ କମ୍ କାର୍ଯ୍ୟ କରି ନାହିଁ । ଏଥିର ପ୍ରତ୍ୟେକ ସଂଖ୍ୟା ବାସୁଦେବଙ୍କ ଇଙ୍ଗିତ ଓ ଉପଦେଶରେ ବାହାରୁ ଥିଲା ଏବଂ ହିତୈଷିଣୀର ସାହିତ୍ୟସେବାରୁ ଆମ୍ଭେମାନେ ବେଶ ବୁଝିପାରୁଁ,ନବ ଯୁଗର ଓଡ଼ିଆସାହିତ୍ୟକୁ ଜନ୍ମଦିଅି କରାଇବା ନମନ୍ତ୍ରେ ବାସୁଦେବ କଅଣ କରି ଥିଲେ ତାହାକୁ ସମ୍ପୂର୍ଣ୍ଣ କରିବାରେ ସହାୟ ହୋଇଥିଲେ । "ଇନ୍ଦ୍ରମନୁ" ଓ "ବଜ୍ରଳୀ" ନମକରେ ମାର୍ଜ୍ଜିତ ରୁଚିର ପଦ୍ୟ ସମଟନ କରି ବାସୁଦେବ ଓଡ଼ିଆ ସାହିତ୍ୟର ଭବିଷ୍ୟତକୁ ଉନ୍ନତ ଜ୍ୟୋତିଃ ପ୍ରଦାନ କରି ଯାଇଅଛନ୍ତି ।

ବାସୁଦେବ ନିଜେ ଉଚ୍ଚ କୋଟିର କବି ଥିଲେ ଏବଂ ନିଜେ,ଗୁଣୀ ଥିବାରୁ ଗୁଣ ଚିହ୍ନଗ୍ରାହକ ମଧ୍ୟ ଥିଲେ । ବାମଣ୍ଡା "ବୁଧବଂସକେଳସର" ରୂପେ ତାଙ୍କର ରାଜତ୍ୱକାଳରେ ଲୋକମୁଖରେ ପ୍ରସିଦ୍ଧ ହୋଇ ।

ତାଙ୍କ ଅଳଙ୍କାର ବିରହାନନ୍ଦ ଚମ୍ପୋପୂଲା, ସିରବାମା ଓ ଛନ୍ଦିବାଦ କାବ୍ୟ ଉତ୍କଳ ସାହିତ୍ୟ ଭଣ୍ଡାରର ଗୋଟିଏ ଗୋଟିଏ ଅମୂଲ୍ୟ ରତ୍ନ । ଏ ସବୁ କାବ୍ୟ ରଚନା ଦ୍ୱାରା ବାସୁଦେବ ଯେଉଁ ଅଗାଧ ପାଣ୍ଡିତ୍ୟ, ରଚନାନୈପୁଣ୍ୟ ଓ କବି ଗୃଢ଼ତ୍ୱ ଦେଖାଇ ପାଇଅଛନ୍ତି ତାହା ତାଙ୍କୁ ଯଶୋ-ଦେହରେ ଚିରକାଳ ଅମର କରି ରଖିବ । ଅଳଙ୍କାରଚନ୍ଦ୍ରିକା ନାମକ ତାଙ୍କ ସଙ୍କଳିତ ଗ୍ରନ୍ଥ ମଧ୍ୟ ଉତ୍କଳ ସାହିତ୍ୟକୁ ତାଙ୍କର ଗୋଟିଏ ମହାଦାନ ।

ବାମଣ୍ଡାରେ ଡାକଘରମାନ ସ୍ଥାପନ କରି ବାସୁଦେବ ଡାକ ବିଭାଗ ସ୍ଥାପନ କରିଥିଲେ ଏବ ତାଙ୍କ ନିଜର ପ୍ରତିମୂର୍ତ୍ତି ସହ ନାମାଙ୍କିତ ଟିକଟ୍‌ମାନ ଚିଠି ଉପରେ ମରା ଯାଉଥିଲା । ବାମଣ୍ଡାର ବାହାରକୁ ଆସୁଥିବା ଚିଠିମାନଙ୍କରେ ଇଂରାଜ ସରକାରଙ୍କ ଟିକଟ ବ୍ୟବହୃତ ହେଉଥିଲା । ପରେ ଦୁଇ-ପ୍ରକାର ଟିକଟ୍ ବ୍ୟବହାର ଓ କର୍ତ୍ତୃତ୍ୱ ଯୋଗୁଁ ଅସୁବିଧା ଉପସ୍ଥିତ ହେବାରୁ ବାସୁଦେବଙ୍କ ଦୃଷ୍ଟି ସମ୍ମତି ପାଇ ଭାରତ ସରକାର ବାମଣ୍ଡା ଡାକ ବିଭାଗର ସମସ୍ତ କର୍ତ୍ତୃତ୍ୱ ଗ୍ରହଣ କଲେ ଏବ ବିଭାଗ ସଂକ୍ରାନ୍ତ ସମସ୍ତ ଖର୍ଚ୍ଚ ମଧ୍ୟ ତୁଲାଇବାକୁ ସ୍ୱୀକୃତ ହେଲେ ।

ଡାକ ବିଭାଗ ସ୍ଥାପନ କରି ବାସୁଦେବ ଟେଲିଗ୍ରାଫ୍ ବିଭାଗ ବସାଇବାକୁ ଲକ୍ଷ୍ୟ କଲେ, କିନ୍ତୁ ଏ ବିଭାଗର କର୍ତ୍ତୃତ୍ୱ ସରକାର ତାଙ୍କ ହାତକୁ ଛାଡ଼ି ନ ଦେବାରୁ ତହିଁରୁ ସେ ଷାନ୍ତ ହୋଇ ସରକାରଙ୍କ ଅନୁମତି ସହ ଦେବଗଡ଼-ଠାରୁ ଗୋବିନ୍ଦପୁରସାବ ଆଠଜାର ଟଙ୍କା ବ୍ୟୟରେ ଟେଲି-ଫୋନ୍ ଲାଇନ୍ ସ୍ଥାପନ କଲେ । ସେ ସମୟରେ ସାର୍ ଚାରଲସ୍ ଟର୍ପରେ ଏହା ପାର୍ଥିବ ଟେଲିଫୋନ୍ ଲାଇନ୍ ଥିଲା ବୋଲି କଲିକତାର ଷ୍ଟେଟ୍‌ସ୍‌ମାନ୍ ଖବରକାଗଜରେ ଲେଖା ହୋଇଥିଲା ।

ରାଜା ବାସୁଦେବ ବୁଝିଥିଲେ ଯେ, ମଦ୍ୟାଦି ମାଦକଦ୍ରବ୍ୟ ସେବନ ପ୍ରଜାଙ୍କର ସମସ୍ତପ୍ରକାର ଦୁଃଖର ନିଦାନ । ତହିଁ ସେ ଅବକାଶରଜ୍ଜୁଗଡ଼ି ତହିଁରୁ ରାଜକୋଷ ନମନ୍ତ୍ରେ ଆୟ କଟାଇବା ପରିବର୍ତ୍ତେ ମାଦକଦ୍ରବ୍ୟ ବ୍ୟବହାର ନିବାରଣ ନମନ୍ତ୍ରେ କଠୋର ଆଇନ ପ୍ରଣୟନ କରିଥିଲେ । ଦେବ-ଗଡ଼କୁ କେନ୍ଦ୍ର କରି କେବଳ ଦଶ ମାଇଲ ମଧ୍ୟରେ ମଦ ଦୋକାନ ରହି ପାରିବ ଏବଂ ଅତିମ ଖାଇବାକୁ ଦେଲେ ଥାନାରେ ନାମ ଲେଖାଇ ତାହା ଥାନାରୁ କିଣିବାନମନ୍ତ୍ରେ ସେ ଆଦେଶ ଜାରି କରିଥିଲେ ଏବ ଏ ଆଦେଶ ପାଳନର ବ୍ୟତିକ୍ରମ ଦେଖିଲେ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେଉଥିଲେ ।

୧୮୯୭ ଅବ୍ଦରେ ପୁଣ୍ୟଶ୍ଲୋକା ମହାରାଣୀ ଭିକ୍ଟୋରିୟାଙ୍କ ରାଜତ୍ୱର ହୀରକ ଜୁବିଲି ଉତ୍ସବ ବାସୁଦେବ ମହା ସମାରୋହରେ ଅନୁଷ୍ଠିତ କରାଇଥିଲେ । ଗୋଟିଏ ସୁବର୍ଣ୍ଣ ମଞ୍ଜୁଷାରେ ମହାରାଣୀ ମହୋଦୟାଙ୍କୁ ସେହି ଉତ୍ସବ-ଉପଲକ୍ଷରେଯେଉଁ ଅଭିନନ୍ଦନପତ୍ର ପ୍ରଦାନ କରିଥିଲେ ତାହା ଭାରତ ସରକାର ଓ ବିଲାତ ସରକାରଙ୍କର ଭାରି ପସନ୍ଦ ହୋଇଥିଲା । ଏ ଉତ୍ସବର ବିବରଣୀ ଚିରସ୍ମରଣୀୟ କରିବା ନମନ୍ତ୍ରେ ରାଜାବାସୁଦେବ ଦେବଗଡ଼ଠାରେ ସୋଭିଏ ପ୍ରକାଣ୍ଡ ପ୍ରାସାଦ ମଧ୍ୟ ନର୍ମାଣ କରାଇଥିଲେ । ଦେବଗଡ଼ଠାରେ ସେ ଯେଉଁ ବିଜ୍ଞାନ ଗବେଷଣା ମନ୍ଦିର ଓ ମାନ ମନ୍ଦିର ନର୍ମାଣ କରାଇଥିଲେ ସେଥିରେ ୧୫ ହଜାର ଟଙ୍କା ବ୍ୟୟିତ ହୋଇ-ଥିଲା । କଟକ କଲେଜର ଭୂତପୂର୍ବ ବିଜ୍ଞାନାଧ୍ୟାପକ ରାୟ ବାହାଦୁର ଯୋଗେଶଚନ୍ଦ୍ର ରାୟ ରାଜା ବାସୁଦେବଙ୍କ ଦ୍ୱାରା ନମନ୍ତ୍ରିତ ହୋଇ ଏ ଦୁଇ ଅନୁଷ୍ଠାନର ପରିକଳ୍ପନ ନମନ୍ତ୍ରେ ବାମଣ୍ଡା ଯାଇ ସାମୟିକ ନିର୍ଦ୍ଦେଶ ଦେଇ ଆସୁଥିଲେ । ଯୁବରାଜ

Digitized by srujanika@gmail.com

ସଚ୍ଚିଦାନନ୍ଦ ଏ ଅନୁଷ୍ଠାନମାନଙ୍କୁ ବଙ୍ଗାଳ ବନୋଦ ନମନ୍ତ୍ରେ ବ୍ୟବହାର କରୁଥିଲେ ।

ଏହିପରି ନାନା ପ୍ରକାରଙ୍କର କାର୍ଯ୍ୟ କର ଓଡ଼ିଶା ଓ ଛତିଶଗଡ଼ର କରଦରାଜାମାନଙ୍କ ମଧ୍ୟରେ ଆଦର୍ଶସ୍ଥାନୀୟ ହୋଇଥିବାରୁ ଗ୍ରେଟ୍ରାଟ୍ରା ଇଂରାଜ ସରକାର ୧୮୮୫ ଅବ୍ଦରେ ରାଜା ବାସୁଦେବଙ୍କୁ ସି. ଆଇ. ଇ, ଉପାଧିରେ ଭୂଷିତ କଲେ । ଓଡିଶା ଛତିଶଗଡ଼ ରାଜାମାନଙ୍କ ମଧ୍ୟରେ ଏ ଉପାଧି ପୂର୍ବରୁ ଆଉ କେହି ଲାଭ କରି ନ ଥିଲେ । ୧୮୫୫ ଅବ୍ଦ ବାମଣ୍ଡା ଇତିହାସରେ ଚିରସ୍ମରଣୀୟ, କାରଣ, ଏ ବର୍ଷରି ପ୍ରଥମ ଦରବସ୍ତରେ ରାଜା ବାସୁଦେବ ସମ୍ରାଜ୍ଞୀ ପ୍ରଦତ୍ତ ସମ୍ମାନ ଗୌରବସୂଚକ କେ. ସି. ଆଇ. ଇ. ଉପାଧିରେ ଭୂନଙ୍କାର ଭୂଷିତ ହୋଇ ଏକା ବାମଣ୍ଡାର କାହିଁକି ସମସ୍ତ ଉତ୍କଳର ମୁଖ ଉଜ୍ଜ୍ୱଳ କଲେ । ସେଯୁଗରେ ଏ ଉପାଧି ଲାଭ କମ୍ ସୁଗୁଣର ବା କମ୍ ଗୌରବର ପରିଚୟକ ନ ଥିଲା । ବର୍ତ୍ତି କେତେକଣ ଭଲେ ସେହି ବାମଣ୍ଡା "ଅଖୋଜ" ଉପାଧି ଛଡ଼ା ଅନ୍ୟ କୌଣସି ଉପାଧି ଲାଭ କରି ନ ଥିଲା, ସେହି ବାମଣ୍ଡା ଆଜି ବାସୁଦେବଙ୍କ ଭୁଲ୍ ଲେକୋତ୍ତର ପ୍ରତିଭାବଳିକ୍ଷ ନଉପଦ୍ଧ ଲାଭ କରି ସମସ୍ତ ଉତ୍କଳ ଓ ଛତିଶ ଗଡ଼ ମଧ୍ୟରେ ସର୍ବପ୍ରଥମ କେ.ସି.ଆଇ.ଇ. ଉପାଧିର ଆଧାର ହୋଇ ବସିଲା । ୧୮୫୫ ଅବ୍ଦର ବାର୍ତ୍ତକ ସରକାସ୍ଥ ରପୋର୍ଟରେ ଉଲ୍ଲେଖିତ ଅଛି ଯେ, ଏ ଉପାଧି ରଜା ବାସୁଦେବ ସୁଭଲଦେବଙ୍କୁ ତାଙ୍କର ବଂଶ-ଗୌରବ ଅଥବା ବଭବ-ଶାଳତା ଯୋଗୁଁ ଦଆଯାଇ ନ ଥିଲା, ତାଙ୍କ ବ୍ୟକ୍ତିଗତ ଅସାଧାରଣ ଗୁଣ ଓ ପ୍ରତିଭାରେ ମୁଗ୍ଧ ହୋଇ ସମ୍ରାଜ୍ଞୀ ତାଙ୍କୁ ଏ ଉପାଧିରେ ବଭୂଷିତ କରିବା ସମୁଚିତ ମନେ କରିଥିଲେ । ଓଡ଼ିଶା ଓ ଛତିଶଗଡ଼ର ଉତ୍ତୁଣ ନରପତ୍ତିମାନେ ରଜା ବାସୁଦେବଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟଶାସନରେ ତାଙ୍କ ପଦାଙ୍କାନୁସରଣ କଲେ ଏ ଗୌରବ ଯେ ସେମାନଙ୍କର ଲଭ୍ୟ ହୋଇ ପାରିବ ସରକାସ୍ଥ ରପୋର୍ଟରେ ଏହା ମଧ୍ୟ ସ୍ପଷ୍ଟ ସୂଚିତ ହୋଇଥିଲା ।

୧୮୫୭ ଅବ୍ଦରେ ଫସଲ ନ ହେବାରୁ ବାମଣ୍ଡା ଓ ନକଟବର୍ତ୍ତୀ ଗଡ଼ଜାତମାନଙ୍କରେ ଭୟଙ୍କର ଦୁର୍ଭିକ୍ଷ ଉପସ୍ଥିତ ହେଲା ଏବଂ ଦୁର୍ଭିକ୍ଷ ସହିତ ମହାମାରୀ ଉପସ୍ଥିତ ହେବାରୁ ବହୁସଂଖ୍ୟକ ଲୋକ ଅସହାୟ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ସ୍ୱର୍ଗତ ବାସୁଦେବ ପ୍ରଜାମାନଙ୍କ ପ୍ରାଣ ରକ୍ଷା ନମନ୍ତ୍ରେ ବହୁବତ୍ନ ଉପାୟରେ ସେମାନଙ୍କ ପାଇଁ ଅନ୍ନ ସସ୍ତାନର ବ୍ୟବସ୍ଥା କରାଇଥିଲେ । ନକଟବର୍ତ୍ତୀ ଗଡ଼ଜାତ-ମାନଙ୍କରେ ଶହ ଶହ ଲୋକ ଅନାହାରରେ ପ୍ରାଣତ୍ୟାଗ କରୁଥିଲେ ସୁଦ୍ଧା ସ୍ୱର୍ଗତ ବାସୁଦେବଙ୍କ ବିପଦକାଳୀନ ଜନକୋପମ କର୍ମତତ୍ପରତା ଓ ବାତ୍ସଲ୍ୟ ଯୋଗୁଁ ବାମଣ୍ଡା ନରପଦ ରହିଲା । ରାଜ୍ୟର ବାହାରକୁ ଧାନ ଯିବା ବନ୍ଦ କରି ଦଆଗଲା, ରାଜଅମାତ୍ୟମାନଙ୍କରୁ ଧାନ ଅକାତରଭାବରେ କଡ଼ା-ଯାଇ ନାମ ମାତ୍ର ମୂଲ୍ୟରେ ବଣ୍ଟନ କରା ଗଲା ଓ ତାହା ଅଯଥାନ ହେବାରୁ ମଧ୍ୟ ଧାନ ଋଣ କରି ଅଣାଯାଇ ଟଙ୍କାରୁ ଚଉଦ ସେର ଦରରେ ଦୁଃସ୍ଥ ପ୍ରଜାଙ୍କ ମଧ୍ୟରେ ବଣ୍ଟନ ଦଆଗଲା । ଏଉଁଠି ନୁହେଁ, ପ୍ରଜାମାନେ ସେ ବର୍ଷ ଗୃହ କର ନ ପାରିବାରୁ ସେମାନଙ୍କୁ ୫ ୨୧୫୨୭/ ଖଜଣା ମାଫ୍ ଦଆଗଲା ।

ସ୍ୱର୍ଗତ ବାସୁଦେବ ନାରାୟଣ ଭକ୍ତ ଥିଲେ ଏବଂ ଗୋ-ବ୍ରାହ୍ମଣ ଏ ଦୁହିଙ୍କଠାରେ ତାଙ୍କର ଅଚଳା ଭକ୍ତି ଥିଲା । ନିଜ ରାଜ୍ୟରୁ ଗୋମେଷାଦିଙ୍କ ଚମଡ଼ା ବାହାରକୁ ପଠାଇବାକୁ ଅନୁମତି ଦେଇଥିଲେ ସେ ଅନେକ ଟଙ୍କା ଲାଭ କରି ପାଇପାରନ୍ତେ । କନ୍ତୁ ଅର୍ଥ ଲୋଭରେ ଲୋକେ ବିଷ ପ୍ରୟୋଗ କରି ଗୃହପାଳିତ ପଶୁଙ୍କ ଜୀବନ ନଷ୍ଟ କରିବେ, ଏହି ଆଶଙ୍କା କରି ସ୍ୱର୍ଗତ ବାସୁଦେବ ନିଜ ରାଜ୍ୟରେ ଚମଡ଼ା ବ୍ୟବସାୟ ବନ୍ଦ କରି ଦେଇଥିଲେ ।

୧୯୦୬ ଅବ୍ଦରେ ସେ ପରିତ୍ତ ହେଲେ ଓ ଚକତ୍ସା ନମନ୍ତ୍ରେ କଲିକତା ପ୍ରସ୍ଥାନ କଲେ । ସେଠାରେ ଯେଉଁପରମ ପାଇଁ ବନ୍ଦୋବସ୍ତ ଚେଷ୍ଟା କରାଗଲା ସତ୍ତ୍ୟ, କନ୍ତୁ ତାଙ୍କର ଅନ୍ତ୍ୟମକାଳ ନିକଟବର୍ତ୍ତୀ ହୋଇଥିବାରୁ ସମସ୍ତ ଚେଷ୍ଟା ନିଷ୍ଫଳ ହେଲା । ୧୯୦୬ ମସିହା ନଭେମ୍ବର ୧୯ ତାରିଖ ଦିନ ସେ ଇହଧାମ ତ୍ୟାଗ କରି ସମସ୍ତ ଉତ୍କଳକୁ ଶୋକସାଗରରେ ଭସାଇ ଦେଇଗଲେ । ତାଙ୍କ ମୃତ୍ୟୁ ବାର୍ତ୍ତା ଲକ୍ଷ ଲକ୍ଷ ଉତ୍କଳବାସୀଙ୍କୁ ଅଶନିପାତ ସମାନ ବୋଧ ହେଲା ।

ବାମଣ୍ଡାର ତଥା ଉତ୍କଳଖଣ୍ଡର ନବଯୁଗ ପ୍ରବର୍ତ୍ତକମାନଙ୍କ ମଧ୍ୟରେ ସେ ଅଗ୍ରଣୀ ଥିଲେ ଏବଂ ତାଙ୍କ ତିରୋଧାନରେ ସମସ୍ତ ଓଡ଼ିଆଜାତି ଏକାନ୍ତ ହତାଶ ହୋଇ ପଡ଼ିଲା । ଲେକୋତ୍ତର ପ୍ରତିଭା ଛଡ଼ା ଦୟାଦାକ୍ଷିଣ୍ୟାଦି ସଦ୍ଗୁଣ, ସଦ୍ଗୁଣରେ ବଭୂଷିତ ହୋଇଥିବାରୁ ସେ ସମସ୍ତ ଦେଶର ହୃଦୟରେ ମ୍ନେହପୂତ ଆସନରେ ସମାସୀନ ଥିଲେ । ତାଙ୍କ ଜୀବନଚାଥା ବା ସଦ୍ଗୁଣାବଳୀ କତିପୟ ପୃଷ୍ଠାରେ ବର୍ଣ୍ଣିତ ହେବା ଅସମ୍ଭବ । ବଙ୍ଗଭାଷାରେ ତାଙ୍କ ଜୀବନବୃତ୍ତାନ୍ତ ଲେଖକ ଶ୍ରୀ ଚଣ୍ଡୀଚରଣ ବନ୍ଦ୍ୟୋପାଧ୍ୟାୟ ତାଙ୍କ ବୃହତ୍ତ ଗ୍ରନ୍ଥରେ ସୁଦ୍ଧା ସ୍ୱର୍ଗତ ବାସୁଦେବଙ୍କ ଗୁଣାବଳୀ ଯଥାଯଥ ଙ୍କୀର୍ତ୍ତନ କରିପାରିବାର ଅବକାଶ ପାଇ ନାହାନ୍ତି ବୋଲି ଅଯେପ କରିଅଛନ୍ତି । ଏ ଅବସ୍ଥାରେ ତାଙ୍କ ଜୀବନ ବୃତ୍ତାନ୍ତ ଲେଖାରେ ହାତ ଦେଇ କର୍ତ୍ତବ୍ୟ ସାଙ୍ଗ କରିବାର ଆଶା ପେ କୌଣସି ଲେଖକ ପକ୍ଷରେ ଅମାର୍ଜ୍ଜନୀୟ ଧୃଷ୍ଟତାର ପରିଚୟକ ।

ଓଡ଼ିଶାର କବିବର ରାଧାନାଥ ଓ ଭକ୍ତକବି ମଧୁସୂଦନ ସ୍ୱର୍ଗତ ମହାମାନବ ସ୍ୱର୍ଗତ ସୁଭଲଙ୍କ ବିଷୟରେ ଯାହା ଯାହା ଲିପିବଦ୍ଧ କରି ଯାଇଅଛନ୍ତି, ତହିଁ ରୁ କିୟଦଂଶ ମାତ୍ର ଏଠାରେ ଉଦ୍ଧାର କରି ଆମ୍ଭେମାନେ କର୍ତ୍ତବ୍ୟ ଶେଷ କରିବୁଁ ।

କବିବର ରାଧାନାଥ ଲେଖିଥିଲେ, "ଜୀବନରେ ନାନା ଶ୍ରେଣୀର ଲୋକଙ୍କ ସହିତ ମୁଁ ଆଲାପ କରିଅଛି; କନ୍ତୁ ସୁଭଲ ଦେବଙ୍କ ଭଳି 'ସମଭୁଲ' ପ୍ରକୃତିର ଲୋକ ମୁଁ ଅନ୍ୟ କୁଆଡି ଦେଖି ନାହିଁ । ମନରେ ସମସ୍ତ ବୃତ୍ତି ଅଛି; କନ୍ତୁ ସମସ୍ତ ବୃତ୍ତିର ସେ ପ୍ରଭୁ । କୌଣସି ବୃତ୍ତି ଜଡ଼ତ୍ୱଜଳ ହୋଇ ତାହାଙ୍କ ଉପରେ ପ୍ରଭୁତ୍ୱ କରିବ, ଏହା ତାଙ୍କ କୋଷ୍ଠୀରେ ନାହିଁ । କାର୍ଯ୍ୟପ୍ରଧାନ ଅଥଚ ଭାବପ୍ରଧାନ; ନାଭିକୋଧନ ଅଥଚ ନାଭିସହିଷ୍ଣୁ । ସ୍ଥାନ ଦେଖି ଗଣନାକାରୀକ, ସ୍ଥାନ ଦେଖି ମୁକ୍ତହସ୍ତ । ଗର୍ବ ନ ଥାଇ ତାଙ୍କର ଯଥେଷ୍ଟ ଆତ୍ମ-ମର୍ଯ୍ୟାଦା ଜ୍ଞାନ ଅଛି, ତାହା ପ୍ରତି ସେହ କଲେ ବୋଲ

Digitized by srujanika@gmail.com

ଯେ ତାହାର ଦୋଷ ପ୍ରତି ଅନ୍ଧ ହୋଇ ପଡ଼ିବେ, ଏପର ନୁହେଁ । ଅଯୋଜ୍ୟାଙ୍କୁ ଗୋଟିଏ କଣ୍ଠି ଦେଇ ଅନ୍ୟ କଣ୍ଠିଟି ଅଯୁକ୍ତ ନମନ୍ତେ ମୁକ୍ତ ରଖିବାରେ ସେ ସବଦା ସତର୍କ। ଅନ୍ୟର ଉପଦେଶପ୍ରାର୍ଥୀ ହୋଇ ସୁଦ୍ଧା ନିଜ ବୁଦ୍ଧିର ସ୍ୱାଧୀନତା ସେ ବିସର୍ଜନ କରିବାକୁ କଦାଚ ପ୍ରସ୍ତୁତ ନ ଥିଲେ । ତାଙ୍କର ନ୍ୟାୟବଗର ଜ୍ଞାନ ଓ କରୁଣାରେ ଜଡିତ ଥିଲା । ତାଙ୍କର ଯଶରେ ଅଉରୁଚ ଥିଲା; କନ୍ତୁ ସେ ଯଶୋରଙ୍କ ନ ଥିଲେ । କୁତ୍ରିମ ଉପାୟରେ ଯଶଃ ପ୍ରସ୍ତର ନମନ୍ତେ ବା ଅଲୀକ ଯଶ ନମନ୍ତେ ତାଙ୍କର ଆକାଙ୍କ୍ଷା ନ ଥିଲା । ତାଙ୍କର ଆମୋଦ ପ୍ରତି ବତୃଷ୍ଣା ନ ଥିଲା । ଜୀବନରେ ସବଦବଧ ଉତ୍ସାହର ମୂଳ ଯେ ସ୍ୱାସ୍ଥ୍ୟ, ତାହାର ଖଣ୍ଡ ନ କର ଯେଉଁଦୁର ଆମୋଦ ସମ୍ଭବ, ତାହାର ସୀମା ସେ ଅତିକ୍ରମ କରୁ ନ ଥିଲେ । ଧର୍ମ, ଅର୍ଥ, କାମ ପ୍ରତି ତାଙ୍କର ସମାନ ଦୃଷ୍ଟି, କାହା ପ୍ରତି ଏକାସକ୍ତ ନ ଥିଲା; କାହା ପ୍ରତି ଔଦାସୀନ୍ୟ ମଧ୍ୟ ନ ଥିଲା । ଫଲତଃ—

ଧର୍ମାର୍ଥକାମାଃ ସମମେବ ସେବ୍ୟାଃ
ଯଃ ଏକସକ୍ତଃ ସ ନମ୍ରେ ଜଘନ୍ୟଃ ।

ସୁଭଲଦେବଙ୍କ ଜୀବନ ଏହି ଉକ୍ତିର ଗୋଟିଏ ପ୍ରକୃଷ୍ଟ ନଦର୍ଶନ । ଇଂରାଜୀଭାଷାରେ ଅନଭିଜ୍ଞ ହୋଇ ମଧ୍ୟ ଇଉରୋପୀୟ ମାନଙ୍କ ନକଟରେ ସୁଭଲଦେବଙ୍କ ପ୍ରତିଷ୍ଠା ଅଳ୍ପ ନ ଥିଲା । ଗଭର୍ଣ୍ଣମେଣ୍ଟଙ୍କଠାରୁ ସେ ଯେ ଉଚ୍ଚ ଉପାଧି ଲାଭ କରଥିଲେ ସେ ଉପାଧି ସେହି ପ୍ରତିଷ୍ଠାର ପରମାପକ । କନ୍ତୁ ଏହା ବୋଲି ଇଉରୋପୀୟମାନଙ୍କ ସହିତ ଦେଶୀୟ ଲୋକଙ୍କର ପ୍ରକୃତ ସରୂପ ସମ୍ବନ୍ଧ ଏବଂ ସେମାନଙ୍କ ସହିତ ସଜ୍ଞବ ରଖିବା ଅପରହାର୍ଯ୍ୟ ଓ ସ୍ଥଳବଶେଷରେ ବାଞ୍ଛନୀୟ ହେଲେ ସୁଦ୍ଧା ସେ ସଜ୍ଞବର ସୀମା କେଉଁଠାରେ ଏହା ବସ୍ତୁତଃ ହେବା ଲୋକ ସେ ନୁହନ୍ତି ।"

× × ×

"କହିବା ବାହୁଲ୍ୟ ବାମଣ୍ଡାର ମହାରାଜ ଶ୍ରୀ ସୁଭଲଦେବଙ୍କ ରୁଚି ସ୍ୱତନ୍ତ୍ର । ତାଙ୍କର ପାଣ୍ଡିତ୍ୟ ତାଙ୍କ ରୁଚିର ପ୍ରତିରୂପ । ସୁରୁଚିର ସନାତନ ଗୁରୁ କାଳଦାସ, ମୁଗ୍ଧର ପ୍ରବୁଦ୍ଧଙ୍କ ଭକ୍ତି ହୋଇ ଗ୍ରାମ୍ୟ ଆମୋଦର ପଙ୍କପାଣ୍ଡ ହେବା ତାଙ୍କ ପକ୍ଷରେ ଅସମ୍ଭବ ।"

× × ×

"ବନ୍ଦ ସାଧାରଣ ଲୋକଙ୍କୁ ଉତ୍ସୋଦ୍ୟମ ଓ ପଶ୍ଚାପଦ କରେ । କେବଳ ଏକମାତ୍ର ପ୍ରତିଭା ପ୍ରତିକୂଳ ଦୈବଦ୍ୱସ୍ତରୁ ସିଦ୍ଧିକୁ ଛଡ଼ାଇ ଆଣିବାକୁ ସମର୍ଥ । ସୁଭଲଦେବ ଆଦୌ ବନ୍ଦୁତଃ ଉତ୍ସୋତ୍ସାହ ହେବାର ପାତ୍ର ନ ଥିଲେ । ସୁଶିକ୍ଷା ଓ ଦେଶପର୍ଯ୍ୟଟନଦ୍ୱାରା ସେ ଉତ୍ତମରୂପେ ବୁଝିଥିଲେ ଯେ, ବଜ୍ଞାନ ସାହାଯ୍ୟରେ ସବଦବଧ ବୁଦ୍ଧିର ଅନୁଷ୍ଠାନରେ କୃତକାର୍ଯ୍ୟ ହେବା ସମ୍ଭବ । ସେଥିଯୋଗୁଁ ତାଙ୍କର ପ୍ରତିଭା ସୁସମୟରେ ସବଦବଧ ସୁଅନୁଷ୍ଠାନ ପ୍ରତି ଅତ୍ତସର ହେବାକୁ ଦ୍ୱିଧା ବା ପଶ୍ଚାପଦ ହେଉ ନ ଥିଲା । ସେ କାର୍ଯ୍ୟର ପରମାଣ ଓ ନିଜର ଶକ୍ତି ସାମର୍ଥ୍ୟ ଓଜନ କର କାର୍ଯ୍ୟରେ ହାତ ଦେଉଥିଲେ ଏବଂ ସବଦ୍ଧ କୃତକାର୍ଯ୍ୟତାର ଆନନ୍ଦ ଉପଭୋଗ କର ତପର ସୁଖୀ ହେବାକୁ ଜ୍ଞାନ, ଏହା ସେ ଜାଣିଥିଲେ ।"

ସର୍ ବାସୁଦେବ ସୁଭଲଙ୍କ ମୃତ୍ୟୁ ଉପଲକ୍ଷରେ ସ୍ୱୟଂ ତାହାଙ୍କର ସ୍ୱର୍ଗତ ମଧୁସୂଦନ ରାଓ ଯେଉଁ "ଶୋକଲହରୀ" ପଦ୍ୟ ଲେଖିଥିଲେ ତାହା ସଥାର୍ଥରେ ଉତ୍କଳୀୟ ପ୍ରତ୍ୟେକ ବ୍ୟକ୍ତିର ହୃଦୟର ଶୋକଲହରୀ । ଏଠାରେ ତାହା ଉଦ୍ଧାର କରଗଲା ।

ଶୋକଲହରୀ

—୧—

"କ ଘୋର ବାରତା ଆଜ ଅଶନି ନର୍ଘାତେ
ପଡିଲା ଏ ଉତ୍କଳ ଭବନେ
ବଦଳତ କ ଦାରୁଣ ଶୋକ-ଝଞ୍ଜାଘାତେ
ଶତ ଆଶା-ଲତା ହୃଦବନେ ।
ଉତ୍କଳ ଗଗନ ରବି ଦେବ ଶ୍ରୀ ସୁଭଲ
ଅସ୍ତମିତ ହବା ଦ୍ୱିପ୍ରହରେ
ଘୋର ଅନ୍ଧକାରେ ମଗ୍ନ କାତର ଉତ୍କଳ
ବିକଳେ କାନ୍ଦଇ ଆର୍ତ୍ତସ୍ୱରେ ।
ପୂରୁବେ ପଶ୍ଚିମେ ଆଜ ବଳାପର ଧ୍ୱନି
କାନ୍ଦଇ ରେ ଉତ୍ତର ଦକ୍ଷିଣ
ଆକୁଳେ କାନ୍ଦଇ ସବ ଉତ୍କଳ ଅବନୀ
ଚତୁଦଗ ଶୋକେ ବମଳନ ।

—୨—

ସତେ କ ଦେ ମହାରାଜ ଗଙ୍ଗଦଶ ରବି
କୋଟି ନେତ୍ରନନ୍ଦନ ପ୍ରତିମା
ବୁଧଜ୍ଞାନ ମାନମାଯୀ ମମାଶ୍ରୀ ସୁକବି
ସ୍ୱଦେଶର ଗୌରବ ଗରିମା ।
ସତେ କ ଦେ ପୁଣ୍ୟଶ୍ଲୋକ ପରଲୋକ ଦେଶେ
ମହା ପ୍ରସ୍ଥାନର ମହାପଥେ
ଗଲ ଚାଲି ଏ ସଂସାର ଭେଜଣ ନମିଷେ
ସୁକୃତ ପୁଷ୍ପକ ପୁଣ୍ୟରଥେ ।

—୩—

ଭେଜ ଶ୍ରୀ ସଚ୍ଚିଦାନନ୍ଦ ହୃଦୟ ନନ୍ଦନେ,
ଭେଜ ଦ୍ରୋହ ସୁତ ସୁତା ଜାୟା
ଭେଜ ରାଜ୍ୟ ରାଜଦଣ୍ଡ ରାଜ ସିଂହାସନେ
ଭେଜ ସଂସାରର ସବମାୟା ।
ଏ ମର୍ତ୍ତ୍ୟଧାମର ସୀମା ଲଙ୍ଘିଣ କ୍ଷଣକେ
ଯାଇଅଛ ଚାଲି ମହାବାନ୍ଧ !
ସେ ଅଜ୍ଞାତ ଲୋକ ପରଲୋକେ କ ଚିତ୍ତକେ
ଯନ୍ତୁଁ କେହି ନ ବାନ୍ଧୁଡ଼େ ଆଜ ।
ଯାଇଅଛ ଚଳ ଦେବ ! ଚିରକାଳ ପାଇଁ
ଦବ୍ୟଧାମ ଅମର ନଗରେ
ଏ ମର୍ତ୍ତ୍ୟନୟନ ଆଜ ବିଲୋଡବ ନାହିଁ
ସାର୍ଥପ୍ରୀତ ଭବ କଳେବରେ ?

—୪—

ଶାଳପ୍ରାଂଶୁ ସେ ମୂରତି ସେ ବକ୍ଷ ବିପୁଳ
ସେ ପ୍ରଶାନ୍ତ କରୁଣ ନୟନ
ସେ ଦବ୍ୟ ଆକାର ଯହିଁ ଏକାଧାରେ ଦୁଲ
ଜ୍ଞାନକାନ୍ତି ଗୁଣ ଅଗଣନ ।

Digitized by srujanika@gmail.com

ଅଜାର ସଦୃଶ ପ୍ରାଜ୍ଞ ଥିଲ ନରମଣି !
ଶାସ୍ତ୍ରେ ଅକୁଣ୍ଠିତା ତବ ବୁଦ୍ଧି
ଅନୁସରି ଜ୍ଞାନଗର୍ଭ କର୍ମର ସରଣୀ
ଜଗତେ ଲଭଲ ସଦା ସିଦ୍ଧି ।
ଧନ୍ୟ ଧନ୍ୟ ଖଣଜନ୍ମା ! ଜନ୍ମି ସ୍ୱଜବଂଶେ
କଣସ୍ତ୍ରାସ୍ଥୀ ମାନବ ଜନମେ
ସଣ୍ଡିଅଛ ସମ୍ଭାଦାର ଯେଉଁ ଅବଦଂଶେ
ଯେଉଁ ସଦା ପ୍ରସ୍ଥାସ ବଜମେ,
ସେହୁ ସଦା ପ୍ରସ୍ଥାନର ପବଜ ସମୟେ
ଥିଲ ତୁମେ ସଦା କର୍ମଧୀର
ଆତ୍ମଦରଶୂନ୍ୟ ସ୍ୱଜରଷି ବ୍ରଜ୍ୟାଶ୍ରମେ
ଗୃହାଶ୍ରମେ ଅଦର୍ଶ ଗୃହ୍ମର ।

୫

ସ୍ୱଜକର୍ମ କୋଲାଡ଼ଲ ମଧ୍ୟେ ଥାଇ ସଦା
କେମନ୍ତେ ହେ ଜଡ଼ କର୍ମଧୀର !
ବେଷ୍ଟିଲ ସେଉଁଲ ସେହୁ ଗୁରୁତା ବରଦା
ଶୌଲ୍ଲଗ୍ୟେ ଲଭଲ ଛାଡ଼ ବର ?
ବୁଚର ସ୍ୱତ୍ୱବସ୍ୱଜ୍ୟେ ହେ ରଙ୍ଗ ତବ !
ଜଗତର ଶୌନର୍ଯ୍ୟଜଲସ୍ୟେ
ଅଜନେ ବଦ୍ଧର କେତେ ସ୍ୱମନୋଜ୍ଞ ଭବ
ଚଳିଲ ସେ ଜବତାଜତସ୍ୟେ ।
ଜଳୁଲର ସୁରଧୁଜା ଜୁଳୁଲ ପାବଜା
ସନ୍ତାନଙ୍କ "ଚଡ଼ୋପୂଲା" ଚଡ଼
ଶ୍ରୀକରେ ଚଳିଲ ଚନ୍ଦ୍ରି ଦବସ ରଜଜା
ସନ୍ତାନଙ୍କ ସନ୍ଥମା ବଚନ ।
ଜ୍ଞାନ୍ୱଗୁଣୀ ଲଖ୍ମୀ— ବାଇ ଶୌର୍ଯ୍ୟ ସୁଚରିତ
ଶୁଣି ତବ ଷଡ଼ିମ୍ବ ଶୋଣିତ
ସଘନେ ଉଠିଲ ନାଚ ତବ ସାର ଚଉ
ଗାଇଲ ହେ "ସାରବାମା" ଗୀତ ।
ଜଳୁଲ ସାହୁତ୍ୟାକାଶେ ଉଇଁ ଶୁଭକ୍ଷଣେ
ଜ୍ଞଜା ଯୋଗେ ଉବଷ୍ୟ ମିଳନେ
ହୁଡଲ ହେ ଦୂରଦର୍ଶୀ ! ଅରୁଣ ପେସ୍ତନେ
ହୁତେ ସାଧନର ଅଗମନେ ।
ସ୍ଥଧୀ ଉବଜନେ ଅଦ୍ଭା ତେତେ ସମାଦର
କରଅଛ ହେ ଗୁଣଗ୍ରାଦ୍ଧକ !
ଗୁଣି ଗୁଣି ଗୁଣ ତବ ତେତେ ଗୁଣୀଙ୍କର
ବୃଦ୍ଧଇ ହେ ନସ୍ୱର୍ଦ୍ଦୁ ଲୋଭକ ।

୭

ବାସଣ୍ଡା ଗୌରବ, ଦେବ ! ବାସଣ୍ଡା ସନ୍ଥମା
ସ୍ୱଜଧାଜ୍ଞ ଦେବଗଡ଼ ଟେକ
ଜଳୁଲଗୀବାଣବଦ୍ୟା ଗୌରବ ଗରମା
ବଢ଼ାଇଲ ତୁମ୍ଭର ଉବେକ ।

ପ୍ରତ ଦବସର ପ୍ରୀତ— ଦୂର ପ୍ରସ୍ଥାସରେ
ସେ ସ୍ୱଜ୍ୟ ପାଇଲ ସୁସଙ୍ଗଳେ
ଭେଟ ତାକୁ ଅନ୍ତର୍ଦ୍ଦତ ଦେଲ କ୍ଷଣକରେ
ବସ୍ତଜଲ ଏବେ ଦେବଦନେ ।
ଏବେ ତବ ଲୋକ ଦୃଶ୍ୟ— ସାଧଜା ସ୍ୱତ୍ୱସ୍ଥ
ଲଭଅଛ ଅମୃତ ମହମା
ଦେବସ୍ଥ ଯାଏ ତବ ଜୀବନ ସାଧସ୍ଥ
ପ୍ରସାରଇ ଲଭ ମର୍ତ୍ତ୍ୟ ସୀମା ।

୭

ବସ୍ତଜ ବସ୍ତଜ ଦେବ ! ଅମର ଉବନେ
ଶୁଭ୍ର ନବ ଦେବମୁର୍ତ୍ତି ଲଭ
ଜଳୁଲର ଅଶ୍ରୁଧୌତ ହୃଦସ୍ଥଗଜନେ
ପ୍ରତିଫଳ ତବ ଦେବ ଛବ ।
ସନ୍ତାସଡ଼େଶଙ୍କ ଶ୍ରୀଚରଣ ସ୍ପର୍ଶାଭଳେ
ଲଭ ତବ୍ୟ ତେଜଃପୁଞ୍ଜ, ଜାନ୍ତ
ଜ୍ଞ ଡୋଇ ଜ୍ୟୋତିର୍ମୟ ଦେବତାଙ୍କ ଦଳେ
ଗାଅ ଦେବ ଓଁ ସ୍ୱସ୍ତି ଶାନ୍ତ ।
ସେହୁ ଶାନ୍ତ ସନ୍ତାସସ୍ଥ ସେହୁ ସ୍ୱସ୍ତି ଗାନ
ସନ୍ତପ୍ତ ଏ ସଂସାର ଅଳସ୍ୟେ
ସ୍ଫୁରୁ ନବ୍ୟ ସ୍ଫୁରୁ ନବ୍ୟ ଅଦସ୍ୟ ପ୍ରଦାନ
ସନ୍ତୁଷ୍ୟର ଦ୍ରଡାଶ ହୃଦସ୍ୟେ ।
ସେ ସଙ୍ଗୀତ ସନାତ୍ତନା କରୁ ସଧୁମସ୍ୟ
ଲଖ ଲଖ ନକ୍ଷତ୍ରମଣ୍ଡଳ
ସେ ପରମ ଘୋଷଙ୍କାର ଅମୃତ ଅଦସ୍ୟ
ବ୍ୟାପୁ ବ୍ୟୋମ ବାସୁ ଜଳ ସ୍ଥଳ ।"

୨ । ପୂବଂତନ ସର୍ ବାସୁଦେବ ସୁଭଦ୍ରଦେବଙ୍କ ନାତି ରଜା ଦିବ୍ୟଶଙ୍କର ସୁଭଦ୍ରଦେବ—2. Raja Dibyasankar Sudhala Deba of Bamra.—୧୯୧୭ ମସିହାରେ ପିତାଙ୍କ ମୃତ୍ୟୁ ପରେ ରଜା ଶ୍ରୀ ଶ୍ରୀ ଶ୍ରୀ ଦବ୍ୟଶଙ୍କର ସୁଭଦ୍ରଦେବ ବାସଣ୍ଡା ସ୍ୱଜସିଂହାସନରେ ଅଉଷିକ୍ତ ହୋଇ ସ୍ୱଜ୍ୟ ଶାସନ ଅବମ୍ଭ କଲେ । ପୃଣ୍ୟଶ୍ଲୋକ ସର୍ ବସୁଦେବ ସୁଭଦ୍ରଦେବ ଏହାଙ୍କ ଜନ୍ମ ସମୟରେ ଜୀବତ ଥିଲେ ଓ ସ୍ୱଜକୁମାରଙ୍କ ଜନ୍ମଜନତ ସ୍ୱଜସର୍ବାଇର ଅନନ୍ତପ୍ରତାଶ ଜୟଘୋଷ ଶତ ଶତ ମୁଦ୍ରା ସର୍ ବାସୁଦେବଙ୍କ ଅଦେଶରେ ଦାଣ୍ଡରୁ ବିଳା ଯାଇଥିଲ ।

ସ୍ୱଜା ସଚ୍ଚିଦାନନ୍ଦ ଏହାଙ୍କ ଉଚ୍ଚ ଶିକ୍ଷା ଜନ୍ୟେ ଅତ୍ୟନ୍ତ ଅବହୁତ ଥିଲେ ଓ ବାସଣ୍ଡା ସ୍ୱଜକୁମାର କଲ୍ଲେଜ୍ ସ୍ଥାପନ ହେବାରୁ ଏ ସାଷ୍ଟ୍ରକ୍ୟୁଲେଶନ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାର କଲିକତାର ପ୍ରେସିଡେନ୍ସି କଲେଜରେ ଉଚ୍ଚ ଶିକ୍ଷା ଲାଭ କରଥିଲେ ।

୧୯୧୭ ମସିହା ନବେମ୍ବର ୨୭ ତାରିଖ ଦନ ବମ୍ବାଇ ଓଡ଼ିଶା ପ୍ରଦେଶର ମାନ୍ୟବର ଲେଫ୍ଟେନେଣ୍ଟ୍

Digitized by srujanika@gmail.com

ଗଭର୍ଣ୍ଣର୍ ମହୋଦୟ ଏହାକୁ ସମ୍ବଲପୁରଠାରେ ଶିକ୍ଷିତ ପ୍ରଦାନ କରିଥିଲେ । ଶିକ୍ଷିତପ୍ରଦାନକାଳୀନ ଭାଷଣରେ ଗଭର୍ଣ୍ଣର ମହୋଦୟ ବାମଣ୍ଡାସ୍ୱଳପରିବାରର ଗୌରବ ବର୍ଣ୍ଣନ କରି ପିତା ଓ ପିତାମହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସ୍ୱଳ୍ୟ ଶାସନ କରିବା ନିମନ୍ତେ ତରୁଣ ସ୍ୱଳା ଦିବ୍ୟଶଙ୍କରଙ୍କୁ ଉପଦେଶ ପ୍ରଦାନ କରିଥିଲେ । ସେହି ସ୍ମରଣକୁ ଚିରସ୍ମରଣୀୟ କରିବା ନିମନ୍ତେ ଯେ କୌଣସି ଜନହିତକର କାର୍ଯ୍ୟରେ ଖର୍ଚ୍ଚ କରିବାକୁ ବଦାନ୍ୟ ଦିବ୍ୟଶଙ୍କର ଗଭର୍ଣ୍ଣର୍ ମହୋଦୟଙ୍କ କରରେ ନଗଦ ଥାଉଣ୍ଡ ପାଣ୍ଠିରୁ (୫ ୭,୫୦୦ ପ୍ରଦାନ କରିଥିଲେ ।

ସ୍ୱଳା ଦିବ୍ୟଶଙ୍କରଙ୍କ ସ୍ୱଳତ୍ୱକାଳରେ ଇଉରୋପୀୟ ମହାସମର ଲଢିଥିଲା ଏବଂ ଇଂସ୍ୱଜ ସରକାରଙ୍କୁ ଯଥାଶକ୍ତି ଧନ ଜନ ଦେଇ ସାହାଯ୍ୟ କରିବା ସାମ୍ରାଜ୍ୟର ପ୍ରତ୍ୟେକ ସ୍ୱଜଭକ୍ତ ପ୍ରଜା ଭେଦଭେବେଳେ ପରମସ୍ୱତ୍ରୁସ୍ୱାର୍ଥ ମଣୁଥିଲେ । ବାମଣ୍ଡା ସ୍ୱଜବଂଶର ଚତୁରଦତ୍ତ ଆଦର୍ଶ ସ୍ୱଜଭକ୍ତକୁ ଅକ୍ଷୁଣ୍ଣ ରଖି ସ୍ୱଳା ଦିବ୍ୟଙ୍କର ସ୍ୱଜ୍ୟରୁ ୩୩୪୨ ହଜାର୫୦୦ ଟଙ୍କା ଯୁଦ୍ଧ ଋଣ ଜଠାଇ ଭାରତୀୟଙ୍କ ଯୁଦ୍ଧ ଋଣ ଫଣ୍ଡକୁ ନଜେ ୧୦ ହଜାର ଟଙ୍କା ଦାନ କରିଥିଲେ । ଏସ୍ୱେସ୍ନେନ୍ ଫଣ୍ଡକୁ ନଗଦ ୯ ହଜାର, ଅଷ୍ଟାରଡେ ଫଣ୍ଡକୁ ୫ ୫୫୨୫୯, ଦକ୍ଷୀର ସେଣ୍ଟୁଜନ୍ ଅମ୍ବୁଲାନ୍ସ୍ ଫଣ୍ଡକୁ ୫ ୨୦୦୦୯ ଏବଂ ଇଂଲଣ୍ଡର ସଦ୍ଦାଧାରଣ ଯୁବ ପାଣ୍ଠିକୁ ୫୯୦୦୦୯ ତାଙ୍କଦ୍ୱାରା ପ୍ରଦତ୍ତ ହୋଇଥିଲା ! ଏହ୍ୱାଡ଼ା ସେସୋପଟେମିଆକୁ ସେ ୫ ୪୮୫୦୯ ମୂଲ୍ୟର ଯୁଦ୍ଧୋପଯୋଗୀ ଉପକରଣମାନ ପଠାଇ ଯୁଦ୍ଧରେ ସାହାଯ୍ୟ ଦେବାକୁ ନିଜ ସ୍ୱଜ୍ୟରୁ ଶହ ଶତ ଲୁଲ ପଠାଇଥିଲେ । ଲୁଲମାନଙ୍କୁ ଜ୍ରୁାହ୍ୱତ କରିବା ନିମନ୍ତେ ସେ ପ୍ରତ୍ୟେକ ଲୁଲିକୁ ୫ ୨୦୯ ବୋନସ୍ ଓ ତଦ୍ପରବର୍ତ୍ତିେ ସ୍ଥଳଶଶେଷରେ ଚମ୍ପିବାଡ଼ିର ସେହ୍ନ ପରମ୍ପିତ ଜଜଣା ମାଫ୍ କର ଦେଇଥିଲେ ।

ଏହ୍ନ ବନ୍ଧୁତ୍ୱପୂର୍ଣ୍ଣ ସାହାଯ୍ୟ ପାଇଁ ସଦାଶୟ ଇଂସ୍ୱଜ ସରକାର ସ୍ୱଳା ଦିବ୍ୟଶଙ୍କରଙ୍କୁ ୧୯୧୯ ମସିହା ଜାନୁଆସ୍ୱି ପହିଲା ତାରିଖ ଦିନ ସି. ବି. ଇ. ଉପାଧିରେ ଭୂଷିତ କରିଥିଲେ ।

ସ୍ୱଳା ଦିବ୍ୟଶଙ୍କର ଦୟାର ମୂର୍ତ୍ତିମାନ୍ ଦିଗ୍ଦ ଥିଲେ । ପ୍ରଜାମାନଙ୍କ ଦୁଃଖ ଦେଖିଲେ ତାଙ୍କ ହୃଦୟ ବଗଳତ ହୋଇ ଯାଉଥିଲା । ୧୯୧୮ ମସିହାରେ ଯେତେବେଳେ ବାଣ୍ଡେ ଦୁର୍ଭିକ୍ଷ ପଡ଼ିଲା ସେତେବେଳେ ସର୍ବତ୍ର ଧ୍ୟାୟରେ ପ୍ରଜାମାନଙ୍କ ପ୍ରାଣରକ୍ଷା କରିବାକୁ ସ୍ୱଳା ଦିବ୍ୟଶଙ୍କର ଚେଷ୍ଟିତ ହୋଇଥିଲେ । ସେ ସ୍ୱଜ୍ୟର ସ୍ୱଳ ଅନାରମ୍ଭକ ଖୋଲି ଦଇ ଧାନ ବଣ୍ଟନ କରିବାକୁ ଆଦେଶ ଦେଲେ ଏବଂ ତାଙ୍କ ଆଦେଶରେ ଧାନ ଟଙ୍କାକୁ ୨୦ ସେର ସ୍ୱଳରେ ବେଚି ଦେଲା । ଏ ଧାନ ଅନୁଲାନ ହେବାରୁ ବିଦେଶରୁ ବେପାରୀମାନଙ୍କଠାରୁ ୬ସେର ସ୍ୱଳରେ ଧାନ କିଣା ହୋଇ ତାହା ତାଙ୍କ ଆଦେଶରେ ୮ ସେର ସ୍ୱଳରେ ପ୍ରଜାମାନଙ୍କୁ ବଣ୍ଟି କରାଗଲା । ଖାଦ୍ୟପଦାର୍ଥର ଏ ମାର୍ଦ୍ଦବ ସମୟରେ ହାତ ଖୋଲିବା ଅନ୍ୟାସ୍ୱ ସ୍ୱତ ଦସ୍ୱାର୍ଦ୍ର ହୃଦୟ ସ୍ୱଳା ଦିବ୍ୟଶଙ୍କର ଅନେକ ହାତକୁ ବନ୍ଧନ-ମୁକ୍ତ ଜଣ ବଣରୁ ଖୁଡ଼ି ଦେଲେ । ଏ ଆଦର୍ଶ ହୃଦସ୍ୱବତ୍ତା କେବଳ ପୁଣ୍ୟଶ୍ଲୋକ ବାସୁଦେବ ଓ ସଚ୍ଚିଦାନନ୍ଦଙ୍କ ବଶଧସ୍ୱଙ୍କଠାରେ ସମ୍ଭବ ପିଲା ! ଅନ୍ୟତ୍ର ଏହା ପ୍ରାସ୍ୱଶଃ ଦୁର୍ଲ୍ଭ ।

ସ୍ୱଳା ଦିବ୍ୟଶଙ୍କର ସ୍ୱଜକୋଷରୁ ବହୁ ଅର୍ଥ ବ୍ୟସ୍ୱ କର ଏତାଦ୍ଧକ କେନାଲ୍, ଓ ବହୁଚଳ୍ୟକ ଜଳାଶସ୍ୱ ଖୋଳାଇ ଥିଲେ । ତାଙ୍କ ସମସ୍ୱରେ ପୁଲସ୍ ବାସ୍ତବସ୍ ପ୍ରଭୃତି ଅନେକ ସରକାସ୍ୱ ଭବନ ନୂଆ ହୋଇ ନର୍ମିତ ହୋଇଥିଲା ।

ସ୍ୱଜ୍ୟରେ ବସନ୍ତ ଓ ମହାମାସ୍ୱରୁସ ଜ୍ୱର ଉପସ୍ଥିତ ହେବାରୁ ଯେତେବେଳେ ଶହ ଶହ ଲୋକ ପ୍ରାଣତ୍ୟାଗ କଲେ ତେତେବେଳେ ସ୍ୱଳା ଦିବ୍ୟଶଙ୍କର ଜନକୋଚତ ବାସ୍ତଲ୍ୟ ପ୍ରଦର୍ଶନପୂର୍ବକ ପ୍ରଜାମାନଙ୍କୁ ଚକିତ୍ସିତ କରାଇଲେ । କଲିକତାରୁ ବହୁଚଳ୍ୟକ ଡାକ୍ତର ଅଣାଗଲେ ଓ ଗ୍ରାମେ ଗ୍ରାମେ ବୁଲିବାକୁ ସେମାନଙ୍କୁ ଆଦେଶ ଦିଆଗଲା ଓ ସ୍ୱଜାଦେଶରେ ବହୁ ସହସ୍ର ଟଙ୍କାର ଔଷଧ ଓ ପଥ୍ୟ ଦିସ୍ୱ ଜସ୍ୱାଇ ଦୁଃସ୍ଥ ପ୍ରଜାମାନଙ୍କ ମଧ୍ୟରେ ବଣ୍ଟନ କରାଗଲା । ସ୍ୱଳା ଦିବ୍ୟଶଙ୍କର ଅମରଧାମକୁ ପ୍ରସ୍ଥାଣ କଲେଣ, କିନ୍ତୁ ସାସ୍ୱ ବାମଣ୍ଡା ତାଙ୍କର ଏହ୍ନ ଅନୁପମ ଦସ୍ୱାଗୁଣକୁ ସ୍ନେହରେ ବର୍ଷଣ କରି ଚୁରୁଅଛୁ ।

ସ୍ୱଳା ସଚ୍ଚିଦାନନ୍ଦ ଦେବଗଡ଼ର ଡାକ୍ତରଖାନାକୁ ବଢ଼ାଇବାକୁ ମନସ୍ଥ କରିଥିଲେ, କିନ୍ତୁ ଅକାଳରେ ସ୍ୱର୍ଗଗାମୀ ହେବାରୁ ତାଙ୍କର ସେ ଅଭିଳାଷ ପୂର୍ଣ୍ଣ ହୋଇ ପାର୍ ନ ଥିଲା । ସ୍ୱଳା ଦିବ୍ୟଶଙ୍କର ପିତାଙ୍କର ସେ ଅଭିଳାଷ ପୂରଣ କର ଓଡ଼ିଶାର ଉଦାମାନ୍ତଃକରଣା ଦାତ୍ରୀସ୍ୱ ଭମିସନର୍ ଲ୍ଲି ମିସ୍ ଜର୍ଅର୍ ସାହେବଙ୍କଦ୍ୱାସ୍ୱ ଡାକ୍ତରଖାନାର ନୂଆ ଘରାଣ୍ଡରର ଶୁଭ ଦାଖଲ୍ କରାଇଥିଲେ ।

ପ୍ରଜାମାନଙ୍କର ଉତାସ୍ୱତ୍ତର ସୁବିଧା ନିମନ୍ତେ ସେ ଅନେକ ନୂତନ ସ୍ୱସ୍ତା ପ୍ରସ୍ତୁତ କସ୍ୱାଇଥିଲେ । ମହାପ୍ରାଣ ପିତୃଦେବଙ୍କ ସ୍ମୃତିରକ୍ଷାକଳ୍ପେ ସେ ଦେବଗଡ଼ରେ 'ସ୍ୱଳା ସଚ୍ଚିଦାନନ୍ଦ ଲାଇବ୍ରେସ୍ୱି' ସ୍ଥାପନ କରିଥିଲେ । ଏ ଲାଇବ୍ରେସ୍ୱି ଉଦାମାନ୍ତଃକରଣ ଖୋଲ୍ଟିକାଲ୍ ଏଜେଣ୍ଟ୍ ମିଷ୍ଟର୍ କବ୍ଡେନ୍ ସ୍ମସ୍ ସେ. ଆଇ. ଇ, ଆଇ. ସି. ଏସ୍ଙ୍କ କର୍ତ୍ତୃକ ଉଦ୍ଘାଟିତ ହୋଇଥିଲା ।

ସ୍ୱଳା ଦିବ୍ୟଶଙ୍କରଙ୍କ ଅମଳରେ ଉଚ୍ଚ ପ୍ରାଥମିକ ଓ ନମ୍ନ ପ୍ରାଥମିକ ବିଦ୍ୟାଳସ୍ୱମାନଙ୍କ ସଙ୍ଖ୍ୟା ଯଥେଷ୍ଟ ବଢି ଯାଇଥିଲା । ୧୯୦୨ ମସିହାରେ ବାମଣ୍ଡାରେ ୭୫ ମାତ୍ର ନମ୍ନ ପ୍ରାଇମେସ୍ୱି ସ୍କୁଲ ଥିବା ସ୍ଥଳେ ୧୯୧୯ରେ ତହିଁର ସଙ୍ଖ୍ୟା ୮୮ ହୋଇଥିଲା ।

Digitized by srujanika@gmail.com

୧୯୧୯ରେ ଇନ୍ଫ୍ଲୁଏଞ୍ଜା ମହାମାରୀ ଶେଷ ହେବାରୁ ବାମଣ୍ଡା ରାଜଧାନୀରେ ରାଜା ଦ୍ରବ୍ୟଶଙ୍କର ଅଜସ୍ର ଅର୍ଥ ବ୍ୟୟ କରି ଶାନ୍ତି ମହୋତ୍ସବ କରିଥିଲେ । କେବଳ ୫ ହଜାରରୁ ଲାଗା ଲୋକଙ୍କ ମଧ୍ୟରେ ବଉରଣ କରି ଯାଇଥିଲା ଓ ନାନାପ୍ରକାରେ ଦୁଃଖୀଜଣଙ୍କୁ ବହୁତ ସାହାଯ୍ୟ କରି ଯାଇଥିଲା ।

ରାଜା ଦ୍ରବ୍ୟଶଙ୍କର ତୀର୍ଥଭ୍ରମଣ ଉଦ୍ଦେଶ୍ୟରେ ୧୯୧୯ ମସିହା ଡିସେମ୍ବର ୧୯ ତାରିଖ ଦିନ ବାମଣ୍ଡାରୁ ବହିର୍ଗତ ହୋଇଥିଲେ । ସେତେବେଳେ କେହି ଜାଣି ନଥିଲେ ଯେ, ଶୂନ୍ୟରୁ ଅପ୍ରତ୍ୟାଶିତଭାବରେ ଅଶନିପାତ ହେବ । ରାଜା ଦ୍ରବ୍ୟଶଙ୍କରଦେବ ୧୯୨୦ ମସିହା ଜାନୁଆରୀ ୧ ତାରିଖ ଦିନ ପ୍ରୟାଗଠାରେ ହଠାତ୍ ଲୋକାନ୍ତରିତ ହେଲେ । ମୃତ୍ୟୁ ବେଳକୁ ତାଙ୍କର ମୋଟେ ୨୯ ବର୍ଷ ବୟସ ହୋଇଥିଲା । ଏହି ଅଳ୍ପ ବୟସରେ ପୂର୍ବା ସେ ତାଙ୍କ ଜ୍ୱଜ୍ୱଲ ଭବିଷ୍ୟତ୍ ଜୀବନର ଏତେ ସୂଚନା ଦେଇଥିଲେ ଯେ, ଖାଲି ବାମଣ୍ଡାର ଲୋକେ କାହିଁକି, ସମଗ୍ର ଜଳଲର ଲୋକେ ତାଙ୍କୁ ହୃତ୍ତ ନୈରାଶ୍ୟରେ ବସଟ୍ଟ ହେଲେ । ରାଜା ଦ୍ରବ୍ୟଶଙ୍କରଙ୍କର ହୃଦୟ ଦୟାଟେ ପରିପୂର୍ଣ୍ଣ ଥିଲା । ପ୍ରଶସ୍ତ ହୃଦୟବତ୍ତାବଳରେ ସେ ସମସ୍ତ ଦେଶର ଶ୍ରଦ୍ଧା ଓ ଭକ୍ତି ଅର୍ଜ୍ଜନ କରିଥିଲେ । ତାଙ୍କ ଭୁଲ୍ୟ ମହାପ୍ରାଣ ମହାମନା ବ୍ୟକ୍ତିମାନଙ୍କ ଜୀବନ ଦୈର୍ଘ୍ୟରେ ପରିମାପ ନାହିଁ । ଗଣ୍ଡିଭାଙ୍ଗି ତାଙ୍କ ଭୁଲ୍ୟ ବ୍ୟକ୍ତିମାନଙ୍କ ଜୀବନର ପ୍ରକୃଷ୍ଟ ମାପଦାଠି । ବଧାତା ତାଙ୍କୁ ଅଳ୍ପାୟୁଃ କରି ଜନ୍ମ ଦେଇଥିଲେ । ସାର୍ଥାୟୁ ଲାଭ କରିଥିଲେ ସେ ବାସୁଦେବ-ସଚ୍ଚିଦାନନ୍ଦ-କୀର୍ତ୍ତିମାଳମା ବାମଣ୍ଡା ଅବଜାର ଯେ ତେତେ ଜଣେ ଉତ୍ପନ୍ନ କରିଯାଇଥାଆନ୍ତେ ତାହା ଠିକ୍ କରି କହିବା ଏଠାରେ ଅସମ୍ଭବ । ତାଙ୍କ ଅପୂର୍ଣ୍ଣ ଜୀବନର ମହତ୍ତ୍ୱ ଜନକଃରେ ଅମ୍ଭମାନଙ୍କ ମସ୍ତକ ଅବନତ । ପିତୃପିତାମହଙ୍କର ସେ ଥିଲେ ଜ୍ୟେଷ୍ଠ ଦାୟାଦ । ବାମଣ୍ଡା ତାଙ୍କୁ ଅଦାଲତରେ ହସ୍ତର ଯେଉଁ ଦୁଃସହ ଦୁଃଖରେ ନିମ୍ନିମାଣ ହୋଇପଡିଥିଲା ତାହା ତାଙ୍କର ସୁଯୋଗ୍ୟ ତନୟ ରାଜା ଭୂତଗଙ୍ଗଦେବଙ୍କ ଦ୍ୱାରା ଗୌରବ ହୋଇଅଛି । ରାଜା ଦ୍ରବ୍ୟଶଙ୍କରଙ୍କର ସୌମ୍ୟକାନ୍ତ ମୂର୍ତ୍ତି ଭୁଲିଯିବାର ଜିନିଷ ନୁହେଁ । ତାଙ୍କ ହୃଦୟବତ୍ତା ଓ ଦୟାଳୁତା ଆଦର୍ଶସ୍ଥାନୀୟ ଓ ଓଡିଆଳାଇର ଅମୂଲ୍ୟ ସମ୍ପଦ ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗ ଜିଉ୍ ବନଦେବ

ରାଜା ଶ୍ରୀ ଦ୍ରବ୍ୟଶଙ୍କର ସ୍ୱଭଲଦେବ C. B. E ଙ୍କ ଅକାଳ ମୃତ୍ୟୁ ପରେ ସାର୍ଦ୍ଧ ତ୍ରୟୋଦଶ ବର୍ଷକାଳ ବାମଣ୍ଡା କୋର୍ଟ ଅଫ୍ ୱାର୍ଡ୍ସଙ୍କ ତତ୍ତ୍ୱାବଧାନରେ ରହିଥିଲା । ପ୍ରଜାବତ୍ସଳ ଏହି ତ୍ରୟୋଦଶବର୍ଷବ୍ୟାପୀ ରାଜତରହ ଜନତ ଶୋଚାବହାରକୁ ନାଶ କରି ୧୯୩୫ ମସିହା ଜାନୁଆରୀ ମାସ୍ରେ ୧୭ ତାରିଖ ଦିନ ଗଦିରୂଢ଼ହେବାକୁ ରାଜା ଶ୍ରୀ ଶ୍ରୀ ଶ୍ରୀ ଭୂତଗଙ୍ଗ ଜିଉ୍ବନଦେବ ବାମଣ୍ଡା ଗଗନରୁ ନୂଆ ବସନ୍ତ ଅଞ୍ଚଳରେ ମଣ୍ଡିତ କରି ଉଦିତ ହେଲେ । ବାମଣ୍ଡା ନଗ୍ନନ ରାଜାଙ୍କୁ ପଞ୍ଚଦଶ ବର୍ଷ ହେଲା ଅପୂର୍ଣ୍ଣଚେତନରେ ଗୃହିଁ ରହି ଥିଲା । ତତ୍ତ୍ୱଣେପରେ ତାଙ୍କ ରାଜ୍ୟାଭିଷେକର ମଙ୍ଗଳମୟ ଦିନ ଉପସ୍ଥିତ ହେବାରୁ, ବାମଣ୍ଡା ରାଜ୍ୟ ଆନନ୍ଦ ସାଗରରେ ମଜ୍ଜିତ ହୋଇ ଥିବାର ଦାରୁଣଶୋକକୁ ସାମୋର ଦେଇ ଏବଂ ସୁଯୋଗ୍ୟ ନଗ୍ନନ ନରପତିଙ୍କୁ ହୃଦୟରେ ଅସଗତ ଆସନ ପ୍ରଦାନ କରି ଧନ୍ୟ ହେଲା । ତରୁଣ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍ଗଦେବଙ୍କ ରାଜତ୍ୱର ଶୁର ପାଞ୍ଚ ମାତ୍ର ବର୍ଷ ଅତିକ୍ରାନ୍ତ ହୋଇଅଛି । ତଥାପି ଏହି ସ୍ୱଳ୍ପକାଳ ମଧ୍ୟରେ ତାଙ୍କ ରାଜତ୍ୱର ଜ୍ୱଜ୍ୱଳ ଭବିଷ୍ୟତର ଯେଉଁ ସର୍ବସ୍ପଷ୍ଟ ଅଗ୍ରସୂଚନା ମିଳିଅଛି, ତାହା ଦେଶି ସମଗ୍ର ଜଳଲ ଆଶା କରୁଛି ଯେ— "ବୃଧ ବଂଶ ଜେଲିସର" ବାମଣ୍ଡାର ପୂର୍ବାର୍ଜ୍ଜିତ ଗୌରବ, ଏହି ତରୁଣ ନୃପତିଙ୍କ ଅମଳରେ ଶତଗୁଣିତ ହେବ । ପରମ୍ପର ମଣିର ଅନ୍ତରରେ ପଂଜୁରାଗମଣିଟି ଜନ୍ମଲାଭ କରିଥାଏ; ତହିଁରେ ତାରମଣିର ଜନ୍ମ ସଙ୍ଗତୋଦ୍ଭବରେ ଅସମ୍ଭବ ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭୂତଗଙ୍ଗ ସ୍ୱପୁତ୍ର ରାଜକୁମାର କଲେଜରେ ଅଧ୍ୟୟନ କାଲରେ ନିଜ ପ୍ରତିଭାର ପରିଚୟ ପ୍ରଦାନ କରି ଅଧ୍ୟାପକ ଓ ସଙ୍ଗାଧ୍ୟାୟୀଙ୍କ ସମ୍ମାନ ଆକର୍ଷଣ କରିଥିଲେ । ତାଙ୍କ ବ୍ୟକ୍ତିଗତ ସୌଜନ୍ୟ ଓ ସଦ୍ଭାବ ନମ୍ରତାମୟ ଜୀବନ ଆଦର୍ଶସ୍ଥାନୀୟ ଅଟେ । ସେ ସମ୍ୟକ୍ ରୂପରେ ସହିତ ରାଜକୁମାର କଲେଜର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ସମ୍ବଲପୁରରେ କିଛିଦିନ ଅବସ୍ଥାନ କରି ଶାସନ କାର୍ଯ୍ୟ ଶିକ୍ଷା କରିଥିଲେ । ଏହି ଶିକ୍ଷାବସ୍ଥାରେ ସଦ୍ୟ ତାଙ୍କର ବହୁଗୁଣତା ପ୍ରକାଶିତ ହୋଇ ପଡିଥିଲା । ଗୁରୁ ପାଞ୍ଚ ବର୍ଷବ୍ୟାପୀ ରାଜତ୍ୱ କାଳ ମଧ୍ୟରେ ସେ ବହୁ ସ୍ଥଳରେ ଓ ବହୁ କ୍ଷେତ୍ରରେ ଶାସନ ବହୁଗୁଣତା ପ୍ରଦର୍ଶନ କରି ପ୍ରଜାମାନଙ୍କ ମନରେ ସମ୍ପୂର୍ଣ୍ଣ ଆଶା ଜାଗରୂକ କରିଅଛନ୍ତି ।

ରାଜା ଶ୍ରୀ ଶ୍ରୀ ଶ୍ରୀ ଭୂତଗଙ୍ଗ ଦେବ ୧୯୩୫ ମସିହାରେ ଗାଦିନସୀନ ହେଲେ ଏବଂ ଦୈବାତ୍ ସେହ ବର୍ଷ ଶୁଭ-ଯୋଗରେ ସ୍ୱର୍ଗତ ସମ୍ରାଟ ପଞ୍ଚମଜର୍ଜ୍ଜଙ୍କ ରାଜତ୍ୱର ରଜତ-ଜୁବିଲି ଜୁଲୁବ ଇଂରଜ ସାମ୍ରାଜ୍ୟଭରମ୍ ଅନୁଷ୍ଠିତ ହେଲା । ଏ ମହୋତ୍ସବକୁ ଖାଲନ କରିବା ନମନ୍ତେ ବାମଣ୍ଡା ରାଜ୍ୟରେ ଯେଉଁ ବପୁଳ ଆୟୋଜନ କରିଯାଇଥିଲା, ତାହା ବସ୍ତୁତ ହେବାକଥା ନୁହେଁ । ନାନାବିଧ ସାଜସଜ୍ଜା, ଯାତ୍ରା, ମହୋତ୍ସବ ଏବଂ ଅନ୍ଧେକ ସମ୍ଭାରର ପାରିପାଟ୍ୟରେ ବାମଣ୍ଡା ରାଜଧାନୀ ଦେବଗଡ଼ ଦେବନଗରୀ ଅମରାବତୀର ଶୋଭା ଧାରଣ କରିଥିଲା । ଅବାଲବୃଦ୍ଧବନିତା ବାମଣ୍ଡାର ସମସ୍ତ ପ୍ରଜା-ପ୍ରିୟତମ ତରୁଣ ନୃପତି ଭାନୁଗଙ୍ଗଙ୍କୁ ଅଭ୍ରଂଶୀ କରି ମହାମାନ୍ୟ ସମ୍ରାଟ ମହୋଦୟଙ୍କର ଶୁଭ ଓ ସାର୍ଦ୍ଧ ଜୀବନ କାମନା କରିଥିଲେ ଏବଂ ଗୋଷିଏ କରବାର ଜକା ଯାଇ ରାଜଭକ୍ତ ପ୍ରଜାମାନଙ୍କ ମଧ୍ୟରେ ଜୁବିଲି ପଦକ ବଣ୍ଟା

Digitized by srujanika@gmail.com

ଦେଇଥିଲା । ସ୍ୱର୍ଗତ ମହୋଦୟ ଉଜଉଡୁଆଲ ଘାଣ୍ଟିକୁ ନଗଦ ପାଞ୍ଚ ହଜାର ମୁଦ୍ରା ଦାନ କରିଥିଲେ ଓ ଶତ ଶତ କଙ୍ଗାଳଙ୍କ ମଧ୍ୟରେ ସ୍ୱର୍ଗତଦେଶରେ ଅମୃତତୁଲ୍ୟ ଖାଦ୍ୟ ଓ ବସ୍ତ୍ର ବଣ୍ଟନ କରାଇଥିଲା । ସ୍ୱନଷ୍ଟ ଏ ମହୋତ୍ସବକୁ ଚିରସ୍ମରଣୀୟ କରିବା ନମନ୍ତେ ଦେବଗଡ଼ରେ ଦୁଃସ୍ଥ କୁଷ୍ଠ-ରୋଗୀମାନଙ୍କ ଚିକତ୍ସା ନମନ୍ତେ ଗୋଟିଏ ଘଡ଼ା ଚିକତ୍ସାଭବନ ନର୍ମିତ ହୋଇଥିଲା ଏବଂ ମହାମାନ୍ୟ ଗଭର୍ଣ୍ଣର୍ ଜେନେରାଲ୍ଙ୍କ ଏଜେଣ୍ଟ୍ କଣ୍ଟ୍ରୋଲ୍ ଏ. ଏସ୍., ସୀକ୍. ସି. ଏସ୍. ଙ୍କା ମହୋଦୟ ୧୯୩୬ ମସିହା ଜାନୁଆରୀ ୧୬ ତାରିଖ ଦିନ ଏ ଭବନର ଶୁଭ ଦେଇଥିଲେ । ଶୁଭ ଦେବା ସମୟରେ ରଜା ଭ୍ରନ୍ଦଗଙ୍କ ଦୁଃସ୍ଥପ୍ରଜାପ୍ରୀତିରେ ଗଭୀର ସନ୍ତୋଷ ପ୍ରକାଶପୂର୍ବକ କଣ୍ଟ୍ରୋଲ୍ ସାହେବ ମହୋଦୟ କହିଥିଲେ ଯେ, ରଜା ଭ୍ରନ୍ଦଗଙ୍କ ବାମଣ୍ଡାକୁ ଇଷ୍ଟର୍ଣ୍ଣ ଷ୍ଟେଟ୍ସ୍ ଏଜେନ୍ସିର ରଜ୍ୟମାନଙ୍କ ମଧ୍ୟରେ ପ୍ରଥମସ୍ଥାନୀୟ କରିବାକୁ ଯେ ଅଭିଳାଷୀ, ଏହା ତାଙ୍କର ଏ ସାମାନ୍ୟ ସ୍ଥାପନଦ୍ୱାରା ସୂଚିତ ହେଉଅଛି ।

କ୍ଷେତ୍ରା ଭୂମିକମ୍ପରେ ଗୃହଶୂନ୍ୟ ଦୁଃସ୍ଥମାନଙ୍କ ସାହାଯ୍ୟ ନମନ୍ତେ କରୁଣାର୍ଦ୍ରଚିତ୍ତ ରଜା ମହୋଦୟ ମହାମାନ୍ୟ ବଡ଼ଲାଟ ମହୋଦୟଙ୍କ ନବେଦନାନୁଯାୟୀ ନଗଦ ୫୦୦୦ ଟଙ୍କା ଦାନ କରିଥିଲେ ।

ଦୋଟ୍ ଅଫ୍ ୱାର୍ଡ଼ିସ୍ଙ୍କ ପରିମଳନା ସମୟରେ ରଜ ସରକାରଙ୍କ ଧାନ ଗୋଲ ଅନୁଷ୍ଠାନମାନ ରହିତ କରି ଯାଇଥିଲା । ପ୍ରଜା ସାଧାରଣଙ୍କର ଏଉଦ୍ଦ୍ୱାରା ଅସୁବିଧା ହେଉଥିବା ଦେଖି ପ୍ରଜାପ୍ରାଣ ବାମଣ୍ଡା ନରେଶ ମହୋଦୟ ସେ ସବୁର ପୁନଃପ୍ରତିଷ୍ଠା ନମନ୍ତେ ଆଦେଶ ପ୍ରଦାନ କରିଥିଲେ ।

ଦେବଗଡ଼କୁ ଅଙ୍ଗଶ୍ୟ ଅଗଣିତ ନାନା କାର୍ଯ୍ୟୋପ-ଲକ୍ଷରେ ଆସି ଅବସ୍ଥାନ ନମନ୍ତେ ଜିଯପୁକ୍ତ ବାସଗୃହ ନ ପାଇଥିବା ଦେଖି ନବୀନ ନରେଶ ମହୋଦୟ ବଶ ହଜାର ଟଙ୍କା ବ୍ୟୟରେ ଗୋଟିଏ ପ୍ରଶସ୍ତ ଧର୍ମଶାଳା ନର୍ମାଣ କରାଯିବା ନମନ୍ତେ ଆଦେଶ ଦେଇ ଅଛନ୍ତି; ଏହି ଧର୍ମଶାଳା ନର୍ମାଣ କାର୍ଯ୍ୟ ମୁଣ୍ଡି ହୋଇ ଆସିଲଣି । ବାମଣ୍ଡାର ନବୀନ ନରେଶ ମହୋଦୟ କେବଳ ଯେ ବାମଣ୍ଡା ପ୍ରଜାଙ୍କ ସୁଖ ଓ ସୁବିଧା ନମନ୍ତେ ବ୍ୟସ୍ତ, ତା ନୁହେଁ; ତାଙ୍କ ବିଶାଳ ହୃଦୟର କିଛି ସଂପ୍ରତ୍ୟଂ ନମନ୍ତେ ନଭ୍ୟ ଜଗତ୍‌କୁ ।

ବାମଣ୍ଡାର ଯେଉଁ ପ୍ରଜାଗଣ ଯଥା ସମୟରେ ରଜସ୍ୱ ଦେଇ ପାରନ୍ତି ନାହିଁ, ସେମାନଙ୍କଠାରୁ ବାଜା ରଜସ୍ୱ ଟଙ୍କାକୁ ପରସାଏ ସୁଧ ସହିତ ଅଦାୟ କରି ଯାଉଥିଲା । ନବୀନ ନରେଶ ଭ୍ରନ୍ଦଗଙ୍କ ସୁଖର ଦ୍ୱାର ପରସାକ ସ୍ଥଳରେ ଘାଡ଼ୁଲ୍ଲ ଏ ଧାର୍ଯ୍ୟ କରି ପ୍ରଜାମାନଙ୍କର ଅଶେଷ ଆଶୀର୍ବାଦ ଅର୍ଜନ କରି ଅଛନ୍ତି । ଏ କଳାପ୍ରବଣ ଯୁଗରେ ଅନ୍ୟାନ୍ୟ ପ୍ରଜାଙ୍କ ରକ୍ତ ଶୋଷଣ ଦେଉଥିବା ବେଳେ ତରୁଣ ବାମଣ୍ଡା ନୃପତିଙ୍କର ଏ ମହତ୍ ଆଦର୍ଶ ନତ୍ୟସ୍ୱ କରିଟି ବ୍ୟକ୍ତିତ୍ୱ ଓ ବିଶାଳ ହୃଦୟବତ୍ତାର ପରଚୟସ୍ୱରୂପ ।

ସ୍ୱତନ୍ତ୍ରୋଗ ମାଗଣାରେ ଗ୍ରାମମାନଙ୍କରେ ଥିବା ଘଡ଼ଆ ଜମିମାନ ପ୍ରଜାମାନେ ଜୋତି କରି ଚହିଁରୁ ଲବ୍ଧ ଲଭରେ ଗ୍ରାମର ଉନ୍ନତି କରନ୍ତୁ, ଏ ମର୍ମରେ ରଜା ଶ୍ରୀ ଭ୍ରନ୍ଦଗଙ୍କ ଆଦେଶ ପ୍ରଚାର କରିଅଛନ୍ତି ଏବଂ ଏଥିର ଫଳରେ ହଜାର ହଜାର ଏକର୍ ଘଡ଼ଆ ଜମି ଜୋତି ହୋଇ ବାମଣ୍ଡା ରଜ୍ୟର ଗ୍ରାମମାନଙ୍କର ସମୃଦ୍ଧି ବର୍ଦ୍ଧିତ ହେଉଅଛି । ଯେଉଁ ସବୁ ଗ୍ରାମ ଏବେ ବର୍ତ୍ତମାନ ଦାରିଦ୍ର୍ୟ ଦ୍ୱାରା ଅନ୍ତଃସାରଶୂନ୍ୟ ହୋଇ ଧ୍ୱଂସ ପଥରେ ଗତି କରୁଥିଲା ସେ ସବୁ ବର୍ତ୍ତମାନ ଉନ୍ନତି ପଥରେ ଧାବିତ ହୋଇ ତରୁଣ ନୃପତିଙ୍କର ସ୍ୱଦେଶଦୃଷ୍ଟି ଓ ପ୍ରଜା ବାତ୍ସଲ୍ୟ ଭାରସ୍ପରରେ ଘୋଷଣା କରୁଅଛି ।

ରଜା ଭ୍ରନ୍ଦଗଙ୍କ ବାମଣ୍ଡା ପ୍ରଜାମାନଙ୍କୁ ଉଚ୍ଚ ଶିକ୍ଷା ଦେବାପାଇଁ ଭାର ଅଭିଳାଷୀ । ଦୁରବସ୍ଥାପନ୍ନ ମେଧାବୀ ଛାତ୍ରଗଣ ତାଙ୍କର ବତଶତ ଅନୁଗ୍ରହର ପାତ୍ର । ଚଳିତ ବର୍ଷ ଜଣେ ଛାତ୍ର ଷ୍ଟେଟ୍ ପକ୍ଷରୁ ବୃତ୍ତି ପାଇ ଏମ୍. ଏ., ବି. ଏଲ୍ ପଢୁ ଅଛନ୍ତି, ଜଣେ ଡାକ୍ତରୀ ପଢୁ ଅଛନ୍ତି, ଆଉ ଜଣେ ପଶୁ ଡାକ୍ତରୀ ଏବଂ ଜଣେ ଅଇ. ଏସ୍. ସି ପଢୁ ଅଛନ୍ତି ଏବଂ ଅନ୍ୟ ଜଣେ କଟକ ଟ୍ରେନିଙ୍ଗ୍ କଲେଜରେ ଡି. ଇଡ୍ ପଢୁ ଅଛନ୍ତି; ଏମାନେ ଏ ସବୁ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଉଚ୍ଚ ଶିକ୍ଷା ଦ୍ୱାରା ବାମଣ୍ଡାର ମୁଖୋଜ୍ଜ୍ୱଳ ହେବ ବୋଲି ରଜା ଭ୍ରନ୍ଦଗଙ୍କର କଳ୍ପନା ଅଟେ ।

ଦେଶର ଅଜ୍ଞତା ଦୂର କରିବାକୁ ରଜା ଭ୍ରନ୍ଦଗଙ୍କର ପ୍ରବଳ ଇଚ୍ଛା । ଏଉଦ୍ଦ୍ଦେଶ୍ୟ ନଜର କାଣ୍ଡ୍ରାଚ ଉତ୍ତୀର୍ଣ୍ଣ-ଧାନରେ ସେ ଦେବଗଡ଼ଠାରେ ଗୋଟିଏ ରାତ୍ରି ବିଦ୍ୟାଳୟ ବା Night School ଖୋଲି ଅଛନ୍ତି । ଏ ବିଦ୍ୟାଳୟରେ ମଜୁରଶ୍ରେଣୀ ଓ ରଜ ସରକାରର ମୂର୍ଖ ନରକ୍ଷର ଚାକର ଚପରାସୀମାନେ ଶିକ୍ଷା ପାଇ ଥାଆନ୍ତି । ଏହାରୁପେ ସଦ୍ୟାତ୍ତେ ବାମଣ୍ଡା ରାଜଧାନୀ ଦେବଗଡ଼ର ନରକ୍ଷରତା ରୂପ ରାକ୍ଷସକୁ ଦୂର କରିବାକୁ ତରୁଣ ରଜା ମହୋଦୟ ଦୃଢ଼ ସଂକଳ୍ପ ।

ବଗିର ବାଣ୍ଟାକୁ ଶାସନ ବାଣ୍ଟାରୁ ପୃଥକ୍ କରି ସେ ବାଣ୍ଟାକୁ ସ୍ୱତନ୍ତ୍ର ଓ ସ୍ୱାଧୀନ କରିବା ପ୍ରତ୍ୟେକ ଆଦର୍ଶ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ । ତରୁଣ ନୃପତି ଭ୍ରନ୍ଦଗଙ୍କ ବାମଣ୍ଡାରେ ଏହାର ପୂର୍ଣ୍ଣପାଳନ କରି ଷ୍ଟେଟ୍ ଜନ୍ ପଦ ସୃଷ୍ଟି କରି ଅଛନ୍ତି । ସମସ୍ତ ପଦ୍ଧତି ଅପିଲ ଏହି ଜଜ୍ ଦ୍ୱାରା ବିଚାର ହେବାର ବ୍ୟବସ୍ଥା କରି ଯାଇଅଛନ୍ତି ।

ଘାଟଣା, ମଯୂରଭଞ୍ଜ, ଢେଙ୍କାନାଳର ପ୍ରଭୃତ ମୁନ୍ସିମେସ୍ କେତୋଟି ରଜ୍ୟ ଛାଡ଼ି ଦେଲେ ଏ ବଗରେ ଅନ୍ୟ କୌଣସି ରଜ୍ୟ ଏ ପର୍ଯ୍ୟନ୍ତ ଅବଲମ୍ବନ ହୋଇ ନାହାନ୍ତି ।

ତରୁଣ ନୃପତି ଭ୍ରନ୍ଦଗଙ୍କ ଉଚ୍ଚ ଶିକ୍ଷା ଲଭ କରିଥିବାରୁ ଓ ନଜେ ଜଣେ ଆଦର୍ଶଚାଷୀ ଥିବାରୁ ସ୍ୱଗୋପଯୋଗୀ ଉନ୍ନତ ପଥରେ ବାମଣ୍ଡା ତାଙ୍କ ରାଜତ୍ୱର ଏହି ଗତ ବର୍ଷ ମଧ୍ୟରେ ଉନ୍ନତ ପଥରେ ଏତାଦୃଶ କ୍ଷିପ୍ରତା ସହିତ ଅଗ୍ରସର ହେଇଅଛି ।

Digitized by srujanika@gmail.com

ତରୁଣ ନୃପତି ଭାନୁଗଙ୍କଙ୍କ ପର ବନସ୍ଥୀ ବ୍ୟକ୍ତିଙ୍କ ଅଙ୍ଗ୍ୟା ରାଜନ୍ୟମଣ୍ଡଳୀରେ ବେଶୀ ନୁହେଁ ।

ଭାଙ୍କପର ନିଷ୍ଠୁରତା ଓ ସ୍ୱଳ୍ପତାର୍ଷୀ ଫୁଟି ବାରଲ । ସୌଜନ୍ୟରେ ଭାଙ୍କୁ କେହି ହେଲେ ପରାଭୂତ କରି ପାରିବେ ନାହିଁ । ଅଯଥା ଆଡ଼ମ୍ବର ଭାଙ୍କଠାରୁ ଅନାଦର ପାଇ ବୋଧ କ୍ଷୁଣ୍ଣ, ଚରବଦାସ୍ୱ ପ୍ରଦର୍ଶନ କରଥାନ୍ତି । ସ୍ନାନ ପୂର୍ବରୁ ତୈଳ ମାର୍ଜନବେଳେ କୌଣସି ଆଗନ୍ତୁକଙ୍କୁ ଦର୍ଶନ ଦେଇ ଭାଙ୍କ ସହିତ ଅଳ୍ପୁଣ୍ଟିତ କଥୋପକଥନ କରିବା ସାଧାରଣ ବା ସୁଲଭ ସୌଜନ୍ୟର ପରାମ୍ପୃକ ନୁହେଁ । ସାଧାରଣ ପରିଚ୍ଛଦ ପରିଧାନ କରି ସେ ଯେତେବେଳେ ଲୋକଙ୍କ ସହିତ ମିଶନ୍ତି ଭାଙ୍କ ସାରଲ୍ୟମୟୀ ବ୍ୟବହାର ଦେଖି କେହିହେଲେ କହିବ ନାହିଁ ଯେ, ସେ ସହସ୍ର ସହସ୍ର ଲୋକଙ୍କର ଭାଗ୍ୟବିଧାତା ବାମଣ୍ଡାଧିପତି । ବାମଣ୍ଡାର ପ୍ରଜାକୁଳ ଭାଙ୍କଠାରୁ ଜନକ-ସୁଲଭ ବାତ୍ସଲ୍ୟ ଲାଭ କରି ଆଜି ଅସୀମ ସୁଖ ଅନୁଭବ କରୁଅଛନ୍ତି ଏବଂ ଦାନଭୋମ ପ୍ରଜା ଦୃଷ୍ଟା ଆଜି ଅସଙ୍କୋଚରେ ରାଜ ସମକ୍ଷରେ ନିଜର ଗୁହାଣ ଜଣାଇ ପ୍ରତିକାର ଲାଭ କରି ପାରୁଅଛି । ପ୍ରାଚ୍ୟପାଶ୍ଚାତ୍ୟ ଜୀବନ୍ତ ଆଦର୍ଶ ରାଜା ଭାନୁଗଙ୍କଙ୍କ ଠାରେ ଯେଉଁ ସମଞ୍ଜସତା ସହ ବିଦ୍ୟମାନ, ସେ ସମଞ୍ଜସତା ଖୁବ୍ କମ୍ ନରପତି ହାସଲ୍ କରି ପାରି ଅଛନ୍ତି ।

ସ୍ୱର୍ଗତ ସର୍ ସୁରେନ୍ଦ୍ର ସେପର ନିଶାର ଘୋର ବିରୋଧୀ ଥିଲେ, ତରୁଣ ଭାନୁଗଙ୍କ ମଧ୍ୟ ସେହିପର ବା ତତୋଽଧିକ ବିରୋଧୀ । ନିଜର ଅନୁଚରମାନଙ୍କ ମଧ୍ୟରୁ କେହି ମାଦକ-ଦ୍ରବ୍ୟ ପ୍ରତି ଅସକ୍ତ ଥିବା ଜଣାପଡ଼ିଲେ ସେହି ମୁହୂର୍ତ୍ତରୁ ସେ କର୍ମଚ୍ୟୁତ ହୋଇ ଦଣ୍ଡିତ ହୋଇଥାଏ । ଏହାର ପରିଣାମ ଅଛି କି ?

ରାଜା ଭାନୁଗଙ୍କ କଠୋର ବିଚାରକ ହେଲେ ସୁଦ୍ଧା ଭାଙ୍କ ବିଚାର ସବୁଦା ଦୟାବିଜଡ଼ିତ ।

ଲୋକଙ୍କୁ ଉଚ୍ଚ ଶିକ୍ଷା ଦେଇ ରାଜ୍ୟର ବେକାର ସମସ୍ୟା ସୁସମାଧାନ କରିବା ନମନ୍ତେ ରାଜା ଭାନୁଗଙ୍କ ନରତ ଚନ୍ତ୍ରତ ।

ଭାଙ୍କ ବଦାନ୍ୟତାର ସୀମା ସ୍ଥିର କରିବା ଅସମ୍ଭବ । ଅଥଚ ଦକ୍ଷିଣ ହସ୍ତରେ ସେ ଯାହା ଦାନ କରନ୍ତି, ତାହା ବାମ ହସ୍ତ ଜାଣିବା ଦୁଷ୍କର । ଭାଙ୍କର ମାର୍ଜିତ ରୁଚି ଅନନ୍ୟ-ସୁଲଭ । ଗ୍ରାମ୍ୟ ଆମୋଦ କଅଣ ସେ ଜାଣନ୍ତି ନାହିଁ । କୈଳାସଠାରେ ସେ ଯେଉଁ ଉପବନ ପ୍ରସ୍ତୁତ କରି-ଅଛନ୍ତି, ତାହା ଭୂକୈଳାସ ଆଖ୍ୟା ପାଇବା ଯୋଗ୍ୟ । ଭାଙ୍କ ଆଦର୍ଶ ଗୋଶାଳା ଓ ଗୋରୁଙ୍କ ତତ୍ତ୍ୱ ଉତ୍ପାଦନ କରିବା କେବେ ଭାଙ୍କ ପାଶ୍ଚାତ୍ୟ ଶୈଳୀର ଜୀବନ୍ତ ଉଦାହରଣ ।

ଗୋଜାତିର ଉନ୍ନତି ନମନ୍ତେ ଏବଂ ଜନସାଧାରଣଙ୍କୁ ସୁବିଧାରେ ଦୁଗ୍ଧ ଯୋଗାଇବା ନମନ୍ତେ ସେ ଦେବଗଡ଼ରେ ଗୋଟିଏ ଆଦର୍ଶ ଗୋଶାଳା ସ୍ଥାପନ କରିଅଛନ୍ତି । ଦରିଆନା ଗୋରୁ ଅଣାଯାଇ ସେଠାରେ ରଖା ଯାଇଅଛନ୍ତି ଏବଂ ଉତ୍କୃଷ୍ଟ ଷଣ୍ ପ୍ରଜନନ ନମନ୍ତେ ମଧ୍ୟ ଅଣା ହୋଇଅଛି । ଏହି ଗୋ-ଶାଳା ଉଦ୍ଘାଟନ କାର୍ଯ୍ୟ ଭାରତ ସରକାରଙ୍କ Animal Husbandry Expert Sir Cox Oles ଙ୍କ ଦ୍ୱାରା ୧୯୩୮ ଜାନୁଆରୀ ମାସରେ ସମ୍ପନ୍ନ ହୋଇଅଛି ।

କୃଷିଜାତ ଦ୍ରବ୍ୟର ଉନ୍ନତି ଓ ସ୍ଥାନୀୟ ହସ୍ତଶିଳ୍ପର ଉନ୍ନତି ନମନ୍ତେ ଦେବଗଡ଼ରେ ପ୍ରତ୍ୟେକ ବର୍ଷ ପ୍ରଦର୍ଶନୀ କରିବାର ବ୍ୟବସ୍ଥା ହୋଇଅଛି ଏବଂ ୧୯୩୮ ର ପ୍ରଦର୍ଶନୀକୁ ପଲ୍ଲିଶିକେଲ୍ ଏକ୍ସେକ୍ୟୁଟିଭ୍ ଅଫିସର ଶ୍ରୀ ଉଦ୍ଘାଟନ କରିଥିଲେ ।

Dairy (ଗବ୍ୟଶାଳା) ର ଉନ୍ନତି ନମନ୍ତେ ଏବେ ଚହଁରେ ନୂତନ ଧରଣର କାର୍ଯ୍ୟପ୍ରଣାଳୀ ଚଲାଇବା ନମନ୍ତେ ସେ ଇଉରୋପ ଯାଇ। କରିଥିଲେ । ହଲାଣ୍ଡରେ ଗବ୍ୟଶାଳା ଉନ୍ନତି; ସେଠାର ପରିଚାଳନର ପ୍ରଣାଳୀ ଦେଖିବା ନମନ୍ତେ ସେ ସେଠାକୁ ଯାଇଥିଲେ ଏବଂ ଯୁରୋପ ଦର୍ଶନର ଫଳରେ ଷ୍ଟେଟ୍‌ର ଅନେକ ଭବିଷ୍ୟତ ଉନ୍ନତି ଭାଙ୍କଦ୍ୱାରା ସାଧିତ ହେବ ବୋଲି ଆଶା କରାଯାଏ ।

ସେ ଗୋଟିଏ ଚଳ କଲ ସ୍ଥାପିତ କରିଅଛନ୍ତି । ରାଜ-ନବରରେ ଦାନ୍ତ ଘୋଡ଼ା ପ୍ରଭୃତି ଯେତେ ପାଳତ ଜୀବ ଅଛନ୍ତି, ସେ ସମସ୍ତଙ୍କ ଚିଆ ଚିଆ ସେ ସ୍ୱତନ୍ତ୍ରରେ ଦେଖିଲେ ସନ୍ତୁଷ୍ଟ ହୁଅନ୍ତି । ଦେବଗଡ଼ରେ ଭାଙ୍କ ଦୈନନ୍ଦିନ କାର୍ଯ୍ୟ-କଳାପର ଏହା ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ।

ଠିକ୍ ପିତାମହଙ୍କ ଶାର୍ଦ୍ଦୂଳବିକ୍ରମ ରକ୍ତଶରେ ସେ ସବୁଦା ଅବହିତ । ରାଜକୁମାର କାଲେଜ ଓ ସଚ୍ଚିଦାନନ୍ଦ ଲାଇବ୍ରେରୀ ଓ କ୍ଲବ୍‌ର ସର୍ବାଙ୍ଗୀନ ଉନ୍ନତି ନମନ୍ତେ ସେ ସଥେଷ୍ଟ ଉତ୍ସାହ ପ୍ରଦର୍ଶନ କରିଅଛନ୍ତି ।

'ଉପହାର' ପତ୍ରିକା ଭାଙ୍କର ସୃଷ୍ଟି । ଭାଙ୍କର କଳା ଓ ସାହିତ୍ୟ ପ୍ରୀତି ଅସାଧାରଣ । ବାମଣ୍ଡା ନାଟକଦଳର ଅଭିନୟାଦି ଭାଙ୍କର ପର୍ଯ୍ୟବେକ୍ଷଣରେ ଓ ଉପଦେଶ ଦ୍ୱାରା ଦେଖିଥିବାରୁ ଇହାଁରୁ ଭାଙ୍କ ଉଚ୍ଚ ମାର୍ଜିତ ରୁଚିର ସ୍ପଷ୍ଟ ପରିଚୟ ମିଳେ ।

ପ୍ରଭୁ ଭାନୁଗଙ୍କଙ୍କୁ ରାଜେଚିତ ସକଳ ଗୁଣରେ ବିଭୂଷିତ କରି ସୁଗଠିତ—ସଚ୍ଚିଦାନନ୍ଦ—ଦ୍ରବ୍ୟଶଙ୍କର—ଲାର୍ଡ଼ଶାଲଜା ବାମଣ୍ଡା ଅବମାନ୍ୟ ସଥାର୍ଥ ଭାଗ୍ୟବନ୍ତ କରିଅଛନ୍ତି ।

ରାଜା ଭାନୁଗଙ୍କଙ୍କ ସତ୍ତୀ ସାଧ୍ୱୀ ସହଧର୍ମିଣୀ ଶ୍ରୀମତୀ ଜ୍ୟୋତ୍ସ୍ନାମଞ୍ଜରୀ ଦେବୀ ଆଦର୍ଶ ମହିଷୀ ଓ ଆଦର୍ଶ ପତିବ୍ରତ ଆଦର୍ଶ ଜୀବନସଙ୍ଗିନୀ । ବାମଣ୍ଡାର ଏହି ଆଦର୍ଶ ରାଜ-ଦମ୍ପତି ଜେମା ଓ କୁମାର ଲାଭ କରିଅଛନ୍ତି ।

ରାଜକୁମାର ଟିକାୟତ ଅଯୁଷ୍ମାନ୍ ଶ୍ରୀ ଶ୍ରୀ ପ୍ରଦ୍ୟୁମ୍ନଙ୍କଙ୍କ ଜନ୍ମ ଉପଲକ୍ଷରେ ଶାସନ୍ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍କ ତ୍ରିଭୁବନ ଦେବ ବିଶେଷ ଆନନ୍ଦ ଲାଭ କରି ପ୍ରଜାମାନଙ୍କୁ ଅର୍ଦ୍ଧ ଲକ୍ଷ ଟଙ୍କା ରାଜସ୍ୱ ୧୯୩୭ ସମ୍ବତ୍ସରର ରାଜସ୍ୱରୁ ମାଫି ଦେଇଅଛନ୍ତି ଏବଂ ଏକ ବର୍ଷ ନମନ୍ତେ ମଧ୍ୟ କର ମାଫ ଦେଇଅଛନ୍ତି । ଏଥିରେ ପ୍ରଜାକୁଳ ବିଶେଷ ସନ୍ତୁଷ୍ଟ ଓ ଆନନ୍ଦିତ ।

ଯୌବନ, ଧନ, ସମ୍ଭ୍ରମ ଓ ପ୍ରଭୁତା ସହିତ ବିବେକତା ମଧ୍ୟ ଲାଭ କରିଥିବାରୁ ରାଜା ଶ୍ରୀ ଶ୍ରୀ ଶ୍ରୀ ଭାନୁଗଙ୍କ ଆଜି ଗଙ୍ଗବଂଶର ଉତ୍ତ୍ୱର ପ୍ରତାପ ଏବଂ ଭାଙ୍କ ଲାର୍ଡ଼ର ଧବଳ ମସୃଣମାଲାରେ ବାମଣ୍ଡା ଓ ତଥା ଉତ୍କଳ-ଖଣ୍ଡ ଧବଳୀକୃତ ।

ଗତ୍ତର 'ପରଭାପର ବିଷୟ ଯେ, ରାଜା ଭାନୁଗଙ୍କଙ୍କ ଇଉରୋପ ଭ୍ରମଣ ସମୟରେ ରାଜ୍ୟ ଶାସନର ଭାର ବିଶ୍ୱସ୍ତ-ଚିତ୍ତରେ ସେ ଯାହାଙ୍କ ଉପରେ ଅର୍ପଣ କରିଥିଲେ 'ଓ ପେ

Digitized by srujanika@gmail.com

ରାଜାଙ୍କ ଅନୁପସ୍ଥିତିରେ ସ୍ୱକର୍ତ୍ତବ୍ୟ ସାଧନରେ କୃତଜ୍ଞ ଦେଖାଇ ଥିଲେ, ସେହି ଶ୍ରୀମାନ୍ ଅମରବକ୍ଷିର ଦେ ଏମ. ଏ. ବି. ଏଲ୍. ବାମଣ୍ଡା ରାଜ୍ୟର ଷ୍ଟେଟ୍ ଜଜ୍ ରାଜା ସାହେବଙ୍କ ଇଉରୋପରୁ ପ୍ରତ୍ୟାଗମନର ଅବ୍ୟବହିତ ପରେ ଅକାଳରେ କାଳଗ୍ରାସରେ ପତିତ ହେଲେ । ସେ ଜଣେ ନିଷ୍ଠାପର ଦେଶ-ସେବକ, ସାହିତ୍ୟିକ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ପ୍ରସିଦ୍ଧ ଇଂରାଜ ଗ୍ରନ୍ଥକାର କାର୍ଲାଇଲ୍ (Carlyle) ଙ୍କ Hero Worship ଗ୍ରନ୍ଥର ଅନୁବାଦ କରି ଅମରବକ୍ଷିର 'ଖାର-ଠୁକା' ନାମକ ଯେଉଁ ଓଡ଼ିଆ ପୁସ୍ତକ ଲେଖି ଯାଇଅଛନ୍ତି ତାହା ଓଡ଼ିଆ ସାହିତ୍ୟର ସମ୍ପଦରୂପେ ବର୍ତ୍ତମାନ ରହିବ । ତାଙ୍କ ଅକାଳବିୟୋଗରେ ରାଜା ଭୀମଙ୍କ ତାଙ୍କ ରାଜସଭାର ଜଣେ ଯୋଗ୍ୟ ସଦସ୍ୟ ଏବଂ ଉତ୍କଳମାତା ଜଣେ ସୁସନ୍ତାନ ହରାଇଲେ ।

୫ । ବାମଣ୍ଡା ରାଜବଂଶରେ ଏକମାତ୍ରରୁ ଛଡ଼ା ରାଜାଙ୍କର ଉପାଧି— 3. One of the alternative titles of the Ruling Chiefs of Bamra state. [ଯଥା, ରାଜା ସର୍ ବାସୁଦେବ ସୁରଳଦେବ, ତାଙ୍କ ପୁତ୍ର ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ, ତାଙ୍କ ପୁତ୍ର ରାଜା ଭୀମ ଗଙ୍ଗ ତ୍ରିଭୁବନ ଦେବ) ।

ସୁଣ୍(ଣୁ) ସୁଣ(ଣୁ) — ଦେ. ଅ (ଧ୍ୱନ୍ୟନୁକରଣ)-ଶବ୍ଦସୋଗୁଁ ଶିଙ୍ଘାଣିଯୁକ୍ତ Sun(ṇu) sun(ṇu) ନାକରୁ ବାହାରିବା ଶବ୍ଦ—Nasal ଶୁଁକ୍‌ଶୁଁକ୍ ସରସର sound of a person suffering from cold.

ସୁଣ୍(ଣୁ)କା— ଦେ. ବଣ— ଶରଦ ହେତୁ ପୁଲ୍‌କା (ମୁହଁ); ଶୋଥଯୁକ୍ତ Sun(ṇu)kā (ମୁହଁ)—Swollen (through cold; said ପେଁସୋ ସୂଜାହୁଆ of the face).

ସୁଣ୍ ଣୁ ସୁଣିଆ—ଦେ. ବଣ—୧ । ଶରଦଥ—1. Suffering Sun(ṇu) suṇiā from cold. ୨ । ସୁଣ୍‌କା (ଦେଶ)— ଶୁଁକ୍‌ଶୁକେ 2. Suṇ-kā (See) ଦେ. ବ—ଔଷଧ ଶାକବର୍ଗବିଶେଷ; ସରସରିୟା ସୁନୁସୁନଆ ଶାଗ—Marsiba Quadrifolia; a ଫ. ସୁନଝଣ୍ଟନ, ଶିଉବାର, pot-herb. [ଭୁ—ଏହାକୁ ଖାଇଲେ ମେଧାକୁତ୍, ଚତୁଷ୍ପଦୀ । ଜଳ ହେଲେ ନ ଥିଲେ ସୁନଦ୍ରା ଦୁଃ । ଶୁସୁନିଶାକ ଏହା ଜଳର ଜଳଷ୍ଠବୀଜୀ ବାଲରେ ବା ଶିରିୟାରୀ; ସୁସନା ଶାଗ ବାଲିଆ ମାଟିରେ ଜନ୍ମେ । ଏଥିର ପତ୍ର ଡେ. ସୁନଷର୍ଷପନେଶାକମୁ ଝଟକା ପର ଚେକା ଚେକା ।]

ସୁଣ୍ଠା (ଇତ୍ୟାଦି)—ଦେ. ବଣ (ସ. ସଣ୍ଠାପିତ; ପ୍ରା. ଶୁଣ୍ଠାବଅ)—ଶୁଣ୍ଠା Sunṭhā (etc) ଇତ୍ୟାଦି (ଦେଶ)—Śunṭhā etc (See)

ସୁଣ୍ଠି—ଦେ. ବ—ଶୁଣ୍ଠି (ଦେଶ)
Sunṭhi Śunṭhi (See)

ସୁଣ୍ଠିଆ—ଦେ. ବଣ. ପୁଂ—ଶୁଣ୍ଠିଆ (ଦେଶ)
Sunṭhiā [ସୁଣ୍ଠେଇ—ସ୍ତ୍ରୀ] Śunṭhiā (See)

ସୁତ୍—ପ୍ରାଦେ. ବ—୧ । (ସମ୍ବଲପୁର; ଭୂଲିଆ ବା ଚଲ୍ଲୀଙ୍କ ଭାଷା; ଭୁଲ୍ Sut ହ୍ର. ସୂତ୍) (ସ. ସୂତ୍ର)—ସୂତା; ସୂତ୍ର—1. Thread. ୨ । (ବଉଳିର; ଘାଟଣୀ) କୁଲା—2. Winnowing tray.

ସୁତ୍‌ଘାଇ—ପ୍ରାଦେ (ସମ୍ବଲପୁର) ବ—ଚଲର ଜଳାଧାରରେ ଥାଣିଘଣ୍ଟିକା Sut-ghāi ଗାଇ ଖୋଳାଯାଇଥିବା ସ୍ପେଷ୍ଟ ନାଳଆ— A narrow channel dug in paddy fields to lead water into a water pool dug therein.

ସୁତ୍‌ଲି—ଦେ. ବ—ସୁତୁଲ (ଦେଶ)
Sut-li Sutuli (See)

ସୁତ—ସଂ. ବ. ପୁଂ (ସୂ ଧାତୁ=ପ୍ରସବ କରିବା+କର୍ମ. ତ)—
Suta ୧ । ପୁତ୍ର; ଔରସ (ଅମର)—1. Son. ୨ । ରାଜପୁତ୍ର (ଅମର)—2. Prince. ୩ । (ଫଳିତ ଜ୍ୟୋତିଷ) ଜନ୍ମ କୁଣ୍ଡଳୀରେ ଲଗ୍ନର ଅଷ୍ଟମସ୍ଥ (ହ୍ର. ଶ)—3. (astrology) The 5th house from the Lagna. ୪ । ଦଶମମନୁଙ୍କ ପୁତ୍ର (ହ୍ର. ଶ)—4. The son of the 10th Manu. ସ. ବଣ, ପୁଂ—୧ । ଜାତ; ଉତ୍ପନ୍ନ—1. Born. ୨ । ସମ୍ବନ୍ଧ—2. Related. ୩ । ନିଷ୍ପୀଡ଼ିତ—3. Pressed. ପ୍ରାଦେ (ବାଲେଶ୍ୱର) ବ— ଶୋଥ ରୋଗ—Dropsy.

ସୁତକ—ସଂ. ବ. ପୁଂ (ସୁତ+ସ୍ୱାର୍ଥେ. କ)—ପୁତ୍ର—Son.
Sutaka (ସ୍ତ୍ରୀ. ସୁତକା, ସୁତିକା—ସ୍ତ୍ରୀ)

ସୁତକ—ସଂ. ବ (ସୁତ+କ)—ଜନନାଶୌଚ; ଭୂତବଧୂ; ଶିଶୁର ଜନ୍ମାବଧି Sutaka ୧୧ ଦିନ ପର୍ଯ୍ୟନ୍ତ ଶିଶୁର କୁଟୁମ୍ବମାନଙ୍କୁ ଲଗିବା (ସୁତକାଶୌଚ—ଅନ୍ୟରୂପ) ଅଶୌଚ—Impurity which attaches to the kinsmen of a baby for some 11 days after its birth. ଦେ. ବ— ସୂତିକା ୧ । ସୁତକା ରୋଗ (ଦେଶ)—1. Sūtikā roga ସୂତିକା ରୋଗ (See) ୨ । ଶୁତକ ଇତ୍ୟାଦି (ଦେଶ)— 2. Śutaka etc (See)

ସୁତକ ପୋଡ଼ା—ଦେ. ବ—ଶୁତକ ପୋଡ଼ା (ଦେଶ)
Sutaka pordā Śutaka pordā. (See)

ସୁତକା—ସ. ବ. ସ୍ତ୍ରୀ (ସୁତକ+ଆ)—ସୁତକର ସ୍ତ୍ରୀଲିଙ୍ଗ; କନ୍ୟା—
Sutakā (feminine of Sutaka) Daughter.

ସୁତଞ୍ଜୀବକ —ସ. ବ—ପୁତ୍ରଞ୍ଜୀବକ ବୃକ୍ଷ (ରାଜନିର୍ଘଣ୍ଟୁ)—
Sutajīvaka Callicarpa Arborea (tree)

ସୁତ ନିର୍ବିଶେଷରେ—ଦେ. କ୍ରି. ବଣ—ପୁତ୍ର ପ୍ରତି ଯେଉଁ ପର Suta nirbiśeshare ବ୍ୟବହାର, ଖାଇନ, ସ୍ନେହ ବା ଦୃଷ୍ଟି ସୁତ ନିର୍ବିଶେଷେ କରିଥାଏ, ସେହିପର—Like a son. (ଭୁ— ଲଡ଼କେକେଜଁସେ ସେ ପରର ଶିଶୁଟିର ପାଇ ତାହା ସୁତ ନିର୍ବିଶେଷରେ ପାଳନ କରୁ ଅଛନ୍ତି ।)

ସୁତନୁ—ସ. ବ (କର୍ମଧା)—୧ । ସୁନ୍ଦର ଦେହ—1. Nice or Sutanu beautiful body. ୨ । କୃଶାଙ୍ଗ—2. A lean or slender body. ୩ । (ସ୍ତ୍ରୀ) ନାରୀ (ରାଜନିର୍ଘଣ୍ଟୁ)— 3. A woman. (ଭୁ—ତା ପଛରେ କରିବ କଣେ ଧନ୍ୟ ଧନୁ, ଧାଇଁଛି ସଙ୍ଗେ ଦେଖ ଅନେକ ସୁତନୁ । କୃତ୍ତିବିଂଦ. ମହାଭାରତ. ବନ ।) ୪ । (ପୁଂ) ଶ କ୍ଷ-

Digitized by srujanika@gmail.com

ବଳେଷ (ପୁ. ଶ)—4. Name of a Gandharba ୫। (ପୁଂ) ଉଗ୍ରସେନଙ୍କର ଏକପୁତ୍ର (ପୁ. ଶ)—5. Name of a son of Ugrasena. ୬। (ପୁଂ) ସଳଖ ବଳେଷ (ପୁ. ଶ)—6. Name of a monkey. ୭। (ସ୍ତ୍ରୀ) ବସୁଦେବଙ୍କର ଏକ ଜଣଙ୍କୀ (ପୁ. ଶ)—7. Name of a concubine of Basudeba. ୮। (ସ୍ତ୍ରୀ) ଉଗ୍ରସେନଙ୍କର ଏକ କନ୍ୟା (ପୁ. ଶ)—8. Name of a daughter of Ugrasena. ୯। (ସ୍ତ୍ରୀ) ଅକ୍ରୂରଙ୍କ ପତ୍ନୀ (ପୁ ଶ)—9. Name of a wife of Akrura. ୧୦। (ସ୍ତ୍ରୀ) କୃଶାଙ୍ଗୀ ସ୍ତ୍ରୀ (ପୁ. ଶ)—10. A delecate—bodied lady. ବି. ବ୍ରୀ. ପୁଂ (ବହୁବ୍ରୀ)—୧। ସୁନ୍ଦର ଅଙ୍ଗବିଶିଷ୍ଟ—

ସୁତନୁ, ସୁତନୁ—ସ୍ତ୍ରୀ] 1. Beautiful; graceful. [ଉ—ଫେଡ଼ ବସନ ସୁତନୁ ଉନୁରେ ଜ ମୋ ଜଳ ସତେ ମିଶାଇବ। ଭଞ୍ଜ. ପ୍ରେମ ସୁଧାକାବ୍ୟ।] ୨। [ସ୍ତ୍ରୀ] ସୁନ୍ଦର; ପେଣ୍ଡି ସ୍ଥୀର ସବା ବସ୍ତ୍ରବ ପୁନର;କୃଶାଙ୍ଗୀ—2. Slender-bodied (woman).

ସୁତନ୍ତୁ—ସ. ବ—୧। ଶିବ (ପୁ. ଶ)—1. Śiba. ୨। ବିଷ୍ଣୁ (ପୁ. ଶ)—2. Bishṇu. ୩। ଦାନବ ବିଶେଷ (ପୁ.ଶ)—3. Name of a demon.

ସୁତନ୍ତ୍ର—ସ. ବ—୧। ସୁନ୍ଦର ତନ୍ତ୍ର—1. A good wire or str-ing. ୨। ସୁଶାସନ—2. Nice administration. ୩। ସୁଶୃଙ୍ଖଳା—3. Nice method or arrangement.

ସୁତନ୍ତ୍ରି—ସ. ବ—ସାଣା ଅଦ୍ଧ ଯନ୍ତ୍ରର ଉଲ୍ଲଙ୍ଘ ବାଦକ (ପୁ. ଶ)—

Sutantri — An expert musician.

ସୁତନ୍ତ୍ରିତ—ସ. ବିଣ (ସୁତନ୍ତ୍ର+ଇତ)—୧। ସୁଶୃଙ୍ଖଳାଯୁକ୍ତ—

Sutantrita 1. Nicely arranged; methodical. ୨। ସୁଶାସିତ—2. Well governed.

ସୁତନ୍ତ୍ରୀ—ସ. ବ—ମଧୁର ସୁସ୍ୱରୁକ୍ତ ସାଣା—

Sutantri — A sweet-tuned harp.

ସୁତପ—ସ. ବ—ସୋମପାନକାରୀ ବ୍ୟକ୍ତି—

Sutapa — A drinker of Soma juice.

ସୁତପଃ—ସ. ବ (କର୍ମଧା; ସୁ+ତପସ୍)—ଉତ୍କଟ ତପସ୍ୟା—

Sutapaḥ — Rigid or excellent penance.

ସୁତପାଃ—ସ. ବ—୧। (ସୁ+ତପସ୍; ୧ମା, ୧ବ; ବହୁବ୍ରୀ)—

Sutapāḥ ୧। ଦୃଢ଼ତପା ମୁନି—1. A sage observing rigid penance. ୨। ମୁନି; ତପସ୍ୱୀ—2. An ascetic. ୩। (ସୁ+ତପ୍. ଧାତୁ+ଅସ୍) ସୂର୍ଯ୍ୟ; ତପନ—3. The sun. ୪। ରୋଚ୍ୟ ମୁନିଙ୍କର ଏକ ପୁତ୍ର—4. Name of a son of sage Rochya. ୫। ବିଷ୍ଣୁ (ପୁ. ଶ)—5. Bishṇu.

ସୁତପାଦିକା—ସ. ବ—ଛୋଟ ହଂସପାଦିକା ଗୁଳ୍ମ—

Sutapādikā — Small species of Hamsa pādikā plant.

ସୁତପେୟ—ସ. ବ—ଯଜ୍ଞରେ ସୋମରସ ପାନ (ପୁ. ଶ)—

Sutapeya — Drinking of Soma juice during vedic sacrifice.

ସୁତବତୀ—ସ. ବଣ. ସ୍ତ୍ରୀ (ସୁତ+ଅର୍ଶ ଅର୍ଥରେ ବତ୍+ସ୍ତ୍ରୀ. ଈ)—

Sutabatī — ପୁତ୍ରବତୀ; ଯାହାର ପୁତ୍ର ଥାଏ—(a woman) (ସୁତବାନ—ପୁଂ) Having a son.

ସୁତ ବସ୍କର—ସ. ବଣ. ସ୍ତ୍ରୀ. (ସୁତ+ବସ୍କର)—ସପ୍ତ ପୁତ୍ର ପ୍ରସୂ

Suta baskarā — (ବିଦ୍ୟମାନ ଶେଷ)—(a woman) Who has given birth to seven sons.

ସୁତଯାଗ—ସ. ବ (ମ. ତ. ତ୍ପୁ)—ସୁତେଷ୍ଟି ଯଜ୍ଞ—Vedic sacrifice for getting a son.

Suta jāga

ସୁତୁବା—ଧାତୁ. (ତୁସୁତ) ନିଜ—ଶୋଇବା—To sleep.

Sutabā

ସୁତର୍—ଧାତୁ. (ଘାଟଣୀ). ବଣ.—ସରଳ—Simple.

Sutar

ସୁତର—ତ୍ୟ. ଦ. (ସ. ଟୃନ୍)—୧। ଜ୍ଞାନ; କୌଶଳ—1. Skill; artifice; trick. ୨। ଉପାୟ—2. Means.

Sutara — ସୂତ୍ର କୌଶଳ ସୁଯୋଗ ୩। କଦର; କାର୍ଯ୍ୟ ସାଧନର ଗୁପ୍ତ ପ୍ରଣାଳୀ; ରହସ୍ୟ—3. Secret mode or means o contrivance of accomplishing an object; key. ୪। ସୁଯୋଗ—4. Opportunity. ୫। ସୁବିଧା—5. Convenience. ୬। ଗୁପ୍ତ ମନ୍ତ୍ରଣା; ଗୋପନରେ ପରାମର୍ଶ—6. Secret advice. ୭। ସ୍ୱାସ୍ଥ୍ୟ—7. Health. ବି. ବଣ.—୧। ସୁବିଧାଜନକ—1. Convenient. ୨। ସୁଯୋଗ ଯୁକ୍ତ—(ଅସୁତର—ବିପରୀତ) 2. Opportune. ୩। ସୁସ୍ଥ—3. Healthy. ୪। ସହଜରେ ତରଣୀୟ (ଜଳାଦ)—4. (a river) Which can be easily crossed. ଧାତୁ. (ଘାଟଣୀ) ବଣ.—ଶାନ୍ତ—Mild; peaceful.

ସୁତର ଉଣ୍ଡିବା (ଖୋଜିବା)...ତ୍ୟ. କି.—ସୁଯୋଗ ଅନ୍ୱେଷଣକରିବା—

Sutara undibā (khojibā) — ସୂତ୍ର ଖୋଜା ସୁଯୋଗ ଢୁଣ୍ଢନା — To search for an opportunity.

ସୁତର କରିବା—ତ୍ୟ. କି—୧। ସୁଚୁରାଇବା; କୌଶଳି ବ୍ୟକ୍ତିକୁ

Sutara karibā — ଗୋପନରେ ପରାମର୍ଶ ଦେବା—1. To ସୂତ୍ରକରା ଗୁପ୍ତବିଚାରଦେନା — give secret advice. ୨। ଗୋପନରେ ଉତ୍ତେଜିତ କରିବା—2. To secretly (ସୁତରକାର—ବ୍ୟକ୍ତିବାଚକ ବ.) instigate (a person).

ସୁତ(ତୁ)ର(ରୁ)ଣୀ—ଧାତ୍ୟ (ସମ୍ବଲପୁର, ବଲାଙ୍ଗିର, ଚତ୍ତିଶଗଡ଼)—

Suta(tu)ra(ru)ṇī — ବ. ସ୍ତ୍ରୀ—୧। ଯେଉଁ ସ୍ତ୍ରୀ କୌଶଳକ୍ରମେ ପ୍ରସବ ପ୍ରସବ କରାଇଥାଏ—1. Accoucheuse; a midwife. ୨। ଦୂତୀ—2. A panderess.

Digitized by srujanika@gmail.com

ସୁତର ପଡ଼ିବା—ଦେ. ବ—ଶଙ୍କ ପଡ଼ିବା; ସୁଯୋଗ ଘଟିବା—The Sutara paṭibā happening of an opportunity. (ସୁତର ଲଗିବା—ଅନ୍ୟରୂପ) ସୁତ୍ରଘଟା (ପଡା) **सुयोग होना**

ସୁତର ପାଇବା——ଦେ. କି—୧ । ସୁଯୋଗ ପାଇବା—1. To Sutara paibā get an opportunity. ୨ । ଜୁଗାସୁ ସୁଯୋଗ ପାଓୟା ପାଇବା—2. To find out a means. **सुयोग पाना** ୩ । କାର୍ଯ୍ୟ ସାଧନର ଗୁପ୍ତ ପ୍ରଣାଳୀ ବା ରହସ୍ୟ ଅବଗତ ହେବା—3. To know the secret of or the key to any matter.

ସୁତର ବତା(ତେ)ଇବା—ଦେ. କି-ଗୁପ୍ତ ରହସ୍ୟ କହି ଦେବା—To Sutara batā(te)ibā divulge the secret or key ସୂତ୍ରଫାଁଶ କରିୟା ଦେଓୟା **कौशल बताना** to a matter.

ସୁତର ଲଗା(ଗେ)ଇବା—ଦେ. କି—୧ । ସୁତର କରିବା (ଦେଶ) Sutara lagā(ge)ibā 1. Sutara karibā (See) ସୂତ୍ର କରା ୨ । କୌଶଳ କରିବା—2. To make a secret **कौशल लगन्ना** (ସୁତରଲଗିବା—ବଶେଷରୂପ) contrivance.

ସୁତର ସାତର—ଦେ. ବ (ସଡ଼ତର)—ସୁତୁର ସାତର (ଦେଶ) Sutara sātara Sutura sātara (See)

ସୁତରୁ—ଦେ. ବଣ—୧ । କୌଶଳ ପୂର୍ଣ୍ଣ—1. Full of artifice. Sutarā ୨ । ସୁନ୍ଦର—2. Beautiful. ୩ । ସୁଯୋଗ ପୂର୍ଣ୍ଣ—ପରିଷ୍କାର 3. Opportune. ୪ । ସୁବଧାଜନକ—4. Con- **सुथरा** venient. ୫ । ସୁଗଠିତ—5. Neat and clean; well cleansed.

ସୁତରା(ରେ)ଇବା—ଦେ. କି—୧ । ସୁତର ଲଗାଇବା (ଦେଶ) Sutarā(re)ibā 1. Sutara lagāibā (See) ଫୁସଲାନ ୨ । ଘୁସୁଲେଇବା; ଚଲକୌଶଳରେ ମନାଇବା; **कौशल लगाना** ଭଣ୍ଡାଇବା—2. To inveigle; to induce by tricks.

ସୁତରା ସୁତରି—ଦେ, ବ—ସୁତୁର ସୁତୁର (ଦେଶ) Sutarā sutari Suturā suturi (See)

ସୁତରାଁ—ଅ. ଅ (ସୁ+ତତ୍ତ୍ୱମ୍)—୧ । ଅତଏବ; ଫଳତଃ— Sutarām 1. Therefore; consequently. ୨ । ଅଗତ୍ୟା—2. Having no other alternative. ୩ । ଅବଶ୍ୟ—3. Positively; certainly ୪ । ଅତ୍ୟନ୍ତ—4. Much. ୫ । ନିର୍ଦ୍ଧାରିତ; ନିର୍ଣ୍ଣୀତ—5. Ascertained. ୬ । ଔଚିତ୍ୟ—6. Propriety. ୭ । ଅଧିକନ୍ତୁ; ଏବଂ ମଧ୍ୟ (ହି. ଶ)—7. And also.

ସୁତରେ ସୁତରେ—ଦେ. କି. ବଣ—୧ । ଶଙ୍କ ଖାଞ୍ଜରେ; ଚଳ Sutare sutare କୌଶଳରେ—1. Skilfully; tactfully. ସୂତ୍ରେ ସୂତ୍ରେ; ଫିକିରେ ଫାକିରେ **कौशलसे** ୨ । ଗୋପନରେ— 2. Secretly. ପ୍ରାଦେ.(ବଲ୍ଲିରଘାଟ୍ଟ।) କି. ବଣ— ସିଧା ସିଧା—In a straight forwardmanner; straightly.

ସୁତର୍କାରି—ସ. ବ,—ଦେବଦାଳୀ ଲତା (ସୁଜବର୍ଦ୍ଧଣ୍ଣ)—Bristly Sutarkāri luffa; Luffa Luffa Echinate; Andropogen Serratue.

ସୁତର୍ଦ୍ଦ(ର୍ଦ୍ଦ)ନ—ସ. ବ.—କୋକଳ (କିକାଣ୍ଡ ଶେଷ)—Indian Sutardda(rda)na cuckoo-

ସୁତଳ—ସ. ବଣ. —(ସୁ=ଶୋଭନ+ତଳ ପାତ୍ରାର; ବହୁବ୍ରୀ)— Sutala ସୁନ୍ଦର ତଳ ବିଶିଷ୍ଟ—Having a good surface, ସ. ବ.—୧ । ସାତ ପାତାଳ ମଧ୍ୟରୁ ଏକ ପାତାଳର ନାମ— 1 The name of one of the nether-regions of Hindu mythology, ୩ । ଅଟ୍ଟାଳିକାର ସର୍ବ ନିମ୍ନ ତଳ—2-The lowest floor of a multi-storied building, ୪ । ଅଟ୍ଟାଳିକାର ମୂଳ ଭିତ୍ତି—4. The foundation of a building.

ସୁତଲି—ଦେ. ବ—ସୁତୁଲି (ଦେଶ) Sutali Sutuli (See)

ସୁତ ଶ୍ରେଣୀ—ସ. ବ—ମୂଷିକ ପର୍ଣ୍ଣୀ (ଅମର) (ଦେଶ) Suta śreṇī Mūshika parṇṇī (See)

ସୁତହିବୁକ ଯୋଗ—ସ. ବ (ଜ୍ୟୋତିଷ)—ବବାହ ସଂବନ୍ଧୀୟ ଶୁଭ Sutahibuka joga ଯୋଗ ବିଶେଷ—An auspicious conjunction of planets in a marriage-calculation, [ଦ୍ର—ବବାହ ଲଗ୍ନରେ ଲଗ୍ନ ବା ଲଗ୍ନର ଚତୁର୍ଥ, ପଞ୍ଚମ,ନବମ ବା ଦଶମ ସ୍ଥାନରେ ବୃହସ୍ପତି ବା ଶୁକ୍ର ଥିଲେ, ଏହି ଯୋଗ ଘଟିଥାଏ । ଏହି ଯୋଗ ଘଟିଲେ ବବାହକାଳୀନ ଲଗ୍ନର ସମସ୍ତ ଦୋଷ କଟିଯାଏ ।]

ସୁତା—ସ. ବ. ସ୍ତ୍ରୀ (ସୁତ+ସ୍ତ୍ରୀ, ଅ)—୧ । କନ୍ୟା; ଦୁହିତା— Sutā 1. Daughter. ୨ । ନୂତନ ତନ୍ୟା—2. A prin- (ସୁତ—ସୁଂ) cess. ୩ । ଦୁରାଲଭା (ଶବ୍ଦ ଚନ୍ଦ୍ରିକା) (ଦେଶ)— ସୁତୋ, ସୂତା 3. Durālabhā (See) ଦେ. ବ (ସ. ସୂତ୍ର)— **सूता** ସୁତା ଇତ୍ୟାଦି (ଦେଶ)—Sūtā etc (See).

ସୁତାତ୍ମଜ—ସ. ବ. ପୁଂ (ଶଷ୍ଠୀ ତତ୍ପୁ)—୧ । ସୁତର ପୁତ୍ର; ନାତି; ପୌତ୍ର Sutātmaja —1. Son's son. ୨ । ଦୌହିତ୍ର— (ସୁତାତ୍ମଜା—ସ୍ତ୍ରୀ) 2. Daughter's son.

ସୁତାନ—ସ. ବ— (ସୁ+ତାନ) – ସୁମଧୁର ସ୍ୱର—Sweet tone, Sutāna melodious tune.

ସୁତାର—ପ୍ରାଦେ. (ସେଦନୀପୁର) ବ (ସ.ସ୍ଥପତିକାର; ହିନ୍ଦି. ବ. ସୁତାର) Sutāra —୧ । ବଢେଇ—1. Carpenter. ୨ । ଶିଳ୍ପକର— 2. Artisan.

ସ. ବଣ—୧ (ସୁ+ତାର) – ଅତ୍ୟନ୍ତ ଉଜ୍ଜ୍ୱଳ (ହି.ଶ)- 1. Very bright. ୨ । ଅତ୍ୟନ୍ତ ଉଚ୍ଚ (ହି. ଶ). 2. Very high. ୩ । ଯାହାର ଅଖିର ପିତୁଳା ସୁନ୍ଦର (ହି. ଶ.)—3 Having fine pupils of the eyes.

Digitized by srujanika@gmail.com

ସୁତାରକ—ବି. ତତ୍ପୁ. ପୁଂ.—ଶୋଭନ ତାରକା ଯୁକ୍ତ—
Sutāraka Having beautiful stars.
(ସୁତାରକା—ସ୍ତ୍ରୀ)

ସୁତାରକା—ବି. ବ.—ଚତୁର୍ବିଂଶତି ବୁଦ୍ଧ ଶାସନାନ୍ତର୍ଗତ ଦେବତା-ବିଶେଷ (ବୌଦ୍ଧଜ୍) —Name of a Buddhist Deity. ବି· ବ୍ୟ. ସ୍ତ୍ରୀ—'ସୁତାରକ'ର ସ୍ତ୍ରୀଲିଙ୍ଗ—Feminine of 'Sutāraka'.
Sutārakā

ସୁତାର୍ଗ—ବି· ବ—୧ । (ସାଙ୍ଖ୍ୟ) —ନଅପ୍ରକାର ତୁଷ୍ଟି ମଧ୍ୟରୁ ଏକ (ହି·ଶ) 1. (Sāṁkhya philosophy) One of the 9 kinds of contentment. ୨ । (ସାଙ୍ଖ୍ୟ)—ଆଠପ୍ରକାର ସିଦ୍ଧି ରୁ ଏକ—2. (Sāṁkhya)—One of the 8 kinds of success. [ବ୍ୟୁ—ଗୁରୁଙ୍କ ଠାରୁ ଅଧୀତ ଶାସ୍ତ୍ରର ପ୍ରକୃତ ଅର୍ଥ ବୁଝିବା ଏହି ସିଦ୍ଧି ଅଟେ ।]
Sutārā

ସୁତାର୍ଥୀ—ବି. ତତ୍ପୁ. ପୁଂ—ପୁତ୍ର କାମନାକାରୀ—
Sutārthī Desiring to have a son.
(ସୁତାର୍ଥିନୀ—ସ୍ତ୍ରୀ)

ସୁତା ସୁତ—ବି. ବ. ପୁଂ (ସ୍ତ୍ରୀ ଭତ୍ ; ସୁତା+ସୁତ) —ଦୌହିତ୍ର—
Sutā Suta Daughter's son.
(ସୁତା ସୁତା—ସ୍ତ୍ରୀ)

ସୁତି—ପ୍ରାଦେ (ଲୁପ୍ତ) ବ. ପୁଂ—ଅଣନାତି ; ନାତିର ପୁତ୍ର—
Suti Great grandson.

ସୁତିକା—ବି. ବ. ସ୍ତ୍ରୀ (ସୁତ+ସ୍ତ୍ରୀ. ଅ) —କନ୍ୟା—
Sutikā Daughter.

ଦେ. ବ—୧ । (ବି. ସୂତକ)—ସୂତକ ଅଶୌଚ (ଦେଶ)—
1. Sūtaka aśauca (See). ୨ । (ବି. (ସୂତକତ୍ୱ—ଅନ୍ୟ ଦେ.ରୂପ) ସୂତ୍ତିକା) ସୂତିକା ରୋଗ (ଦେଶ)
ସୂତକାଶୌଚ **ସୂତିକା** 2. Sūtikā roga (See)

ସୁତିକା ଘର—ଦେ· ବ (ପୁଂ· ସୂତିକାଗାର)—ସୂତିକାଗାର; ଯେଉଁ ଘରେ ସ୍ତ୍ରୀମାନେ ସନ୍ତାନ ପ୍ରସବ କରନ୍ତି—
Sutikā ghara
ସୂତିକାଘର **सूतिकाघर** A lying-in room.

ସୁତି କାଣ୍ଡ୍—ପ୍ରାଦେ (ସମ୍ବଲପୁର) ବ—ଏକପ୍ରକାର ଶର—
Suti kāṇḍ A kind of arrow.
[ସୁତ୍ତିକା°ଡ୍—ଅନ୍ୟରୂପ]

ସୁତିକ୍ତ—ସଂ· ବ—ପର୍ପଟ (ବୃକ୍ଷଜଦ୍ରବ୍ୟ) (ଦେଶ)—
Sutikta Parpaṭa (See)
ବି· ବ—ଅତ୍ୟନ୍ତ ତିକ୍ତ—Very bitter.

ସୁତିକ୍ତକ—ସଂ. ବ—୧ । ପାରିଭଦ୍ର; ପାଳଧୁଆ (ଜଳଚାରର)—
Sutiktaka 1. The coral-flower tree.
୨ । ଭୂନିମ୍ବ (ଶଳରହୀବଲୀ)—2. A medicinal bitter plant; Gentiana Chirata. ୩ । କ୍ଷେତପାପଡ଼ା (ହି· ଶ)—3. Kshetapāpardā (See)

ସୁତିକ୍ତା—ସଂ. ବ—୧ । ଦୋଷାତସ୍କ (ବୃକ୍ଷଜଦ୍ରବ୍ୟ); ତିକ୍ତ ତରଡ଼ା—
Sutiktā 1. Luffa Acutangula.
୨ । ଚକ୍ରଙ୍ଗା (ହି· ଶ) (ଦେଶ)—2. Śallakī (See)

ସୁତିନୀ—ସଂ. ତତ୍ପୁ. ସ୍ତ୍ରୀ (ସୁତ୍ତନ୍+ସ୍ତ୍ରୀ. ଈ)—(ପୁତ୍ର ଜନ୍ମର ସ୍ତ୍ରୀଲିଙ୍ଗ) ପୁତ୍ରବତୀ—(a woman) Having son.
Sutinī

ସୁତୀ—ସଂ. ତତ୍ପୁ (ସୁତ+ଈ)—୧ । ପୁତ୍ରେଚ୍ଛୁ (ଶବ୍ଦକଳ୍ପଦ୍ରୁ ୨) —
Sutī 1. Desirous of having a child.
୨ । ପୁତ୍ରବତ୍ ଆଚରଣକାରୀ (ମୁଗ୍ଧବୋଧ)—
2. Behaving like a son. ୩ । (ପୁଂ) [ସୁତ୍ତନ୍—ସ୍ତ୍ରୀ] [ସୁତ+ଇନ୍; ୧ମା. ୧ବ) ସୁତବାନ୍; ପୁତ୍ରବାନ୍-
3. Having a son; being the father of a son.

ସୁତୀକ୍ଷ୍ଣ—ସଂ. ତତ୍ପୁ—ଅତ୍ୟନ୍ତ ତୀକ୍ଷ୍ଣ—Very sharp. ସଂ· ବ—
Sutīkshṇa ୧ । ଶୋଭାଞ୍ଜନ [ଜଳଚାରର]; ସଜନା—1. The Indian horse radish. ୨ । ଶ୍ୱେତସିଗ୍ରୁ—(ବୃକ୍ଷଜଦ୍ରବ୍ୟ)—2. The white variety ofhorse radish. ୩ । (ନାମ) ଶରଭଙ୍ଗ ମୁନିଙ୍କ ଆଶ୍ରମ ଜଲଚରେ ଅଞ୍ଚଳ କରିଥିବା ମୁନିବିଶେଷ (ଇଣ୍ଡୀ ଭାବ୍ୟ ଚର୍ଥ ସର୍ଗ) —
3. Name of a sage. [ବ୍ୟୁ—ଏ ଅଗସ୍ତ୍ୟ ମୁନିଙ୍କ ଭଉ; ରାମଙ୍କ ବନବାସକାଳରେ ଏ ରାମଚନ୍ଦ୍ରଙ୍କୁ ଭେଟିଥିଲେ [ହି. ଶ]

ସୁତୁଙ୍ଗ—ସଂ· ତତ୍ପୁ—ଅତି ଉଚ୍ଚ—Very high. ସଂ. ବ—
Sutuṅga ୧ । ନାଡ଼ିକେଳ ବୃକ୍ଷ (ଦ୍ରାବ୍ୟବଳୀ)—1. Cocoanut [ଅନ୍ୟରୂପ—ଅନ୍ୟରୂପ] tree. ୨ । (ଜ୍ୟୋତିଷ) ଗ୍ରହମାନଙ୍କର ଉଚ୍ଚାଂଶ ବିଶେଷ—2. A certain high altitude of planets.

ସୁତୁର—ତ୍ରା. ବ ଓ ତତ୍ପୁ (ସଂ. ତ୍ରୁଟି)—ସୁତର (ଦେଶ)
Sutura Sutara. (See)

ସୁତୁର ସାତର—ଦେ. ବ (ସତ୍ତର)—୧ । ଶଙ୍ଖଗାଞ୍ଜି; କଳକୌଶଳ; ନାନା ଉପାୟ—1. Artifices.
Sutura sātara
ଫିକିର ଫାକିର **कलकौशल** ୨ । ସୁବଧା; ସୁଯୋଗ—
2. Opportunity.

ସୁତୁର୍—ଦେ, ବତ—ସୁତର୍ (ଦେଶ)
Suturā Sutarā (See)

ସୁତୁର୍(ରେ)ଇବା—ଦେ. କି—ସୁତର୍ଇବା (ଦେଶ)—
Suturā(re)ibā Sutarāibā (See)
ପ୍ରାଦେ (ପାଣ୍ଡିଗା) କି—ଲକ୍ଷ୍ୟ କରିବା—To aim.

ସୁତୁର୍ ସୁତୁର୍—ଦେ. ବ—୧ । ନାନା କୌଶଳ ପ୍ରୟୋଗ—
Suturā suturi 1. Employment of various
ଫିକିରି ଫାକିର artifices. ୨ । ଗୋପନରେ ପରାମର୍ଶ—
କୌଶଳପ୍ରୟୋଗ, ଗୁପ୍ତବିଚାର 2. Secret consultation.
୩ । ଗୋପନରେ ପରସ୍ପର ସଜ୍ଜାପୁଙ୍କ ମୀମାଂସା—

Digitized by srujanika@gmail.com

3. Mutual understanding in secret. ୪ । ଫୁସ୍ଫୁସ୍ ଫୁସ୍ଫୁସ୍; ଉର୍ଣ୍ଣିବା—4. Inveigling.

ସୁତୁରି—ଗାଦେ (ଗଡ଼ଜାତ) ବ—ଯେ ଟୀକା ଦଏ—
Suturi Vaccinator.

ସୁତୁରୁଣୀ—ଗାଦେ (ଗଡ଼ଜାତ, ସମ୍ବଲପୁର, ବଲାଙ୍ଗିର ପାଟଣା) ବ. ସ୍ତ୍ରୀ—
Suturuṇī ସୂତରଣୀ (ଦେଶ)—Sutaraṇī (See)

ସୁତୁଡର ସୁତୁଡେ—ଦେ. କି. ବଣ—ସୂତ୍ରେ ସୂତ୍ରେ (ଦେଶ)
Sutuḍe suture Sutre sutre (See)

ସୁତୁର୍ଣ୍ଣୀ—ଗାଦେ (ଗଞ୍ଜାମ) ବ. ସ୍ତ୍ରୀ—ଧାଈ—
Suturṇṇī Mid-wife.

ସୁତୁଲି—ଦେ. ବ (ସଂ. ସୂତ୍ର; ଏଡ଼ା ସୂତ୍ରଘର ସରୁ; କମ୍ବା ସଂ. ସୂତ୍ରାବଳ=ସୂତ୍ରସମୂହ)—୧ । ସରୁ ଦଉଡ଼ି—
Sutuli ସୁତଲି, ସୁତୁଲି 1. Tender string, ୨ । ମୋଟ ସୂତା—
ସୁତୁଲୀ 2. Thick thread [ଡ଼-ସୁତୁଲ ସୂତା ଅପେକ୍ଷା ମୋଟ ଓ ଦଉଡ଼ି ଅପେକ୍ଷା ସରୁ ।]ଂ । କଳାଦୁଆରେ ବଳା ଦୋଇ-ଥିବା ସରୁ ଦଉଡ଼ି—3. A tender rope of cotton threads- ଦେ. ବଣ—ସୂତ୍ର ନିର୍ମିତ—Made of thread. (ଜ—ସୁତୁଲ ସଉଦା ।)

ସୁତେଇର—ସ. ବ—ଉତ୍ସିକ୍ (ହ. ଶ)
Sutekara Sacrificial priest.

ସୁତେଜନ—ଦେ. ବ—୧ । ଧନୁନ୍ ବୃକ୍ଷ (ଭବସ୍ତୁଡାଶ); ଧାମଣ ବା
Sutejana ଛାମଣ ଗଛ—1. A timber tree; Cordia Macleodiea. ୨ । ସୁଗାସ୍ତ୍ରଣର (ହ. ଶ)—2. Very sharp arrow. ସ. ବଣ—ସୁଗାସ୍ତ୍ରଣ (ହ. ଶ)—
Very sharp.

ସୁତେଜାଃ—ସ. ବଣ—ଶୋଭନ ତେଜୋଯୁକ୍ତ—Very bright. ସ,
Sutejāḥ ବ—୧ । ଅଟୀତବାଲୀୟ ଅର୍ହତ୍ଭେଦ (ବୌଦ୍ଧଜନ୍ମ)—
1. A Buddhist monk of the past era. ୨ । ଆଦଳ୍ୟବୃକ୍ଷ (ରାଜନିର୍ଘଣ୍ଟୁ); ସପ୍ତପର୍ଣ୍ଣୀ; ଅଣ-ସୋରିଆ ଗୁଳ୍ମ—2. Cleome Viscosa (plant).

ସୁତୈଳା—ସ. ବ—ମହାଜ୍ୟୋତିଷ୍କା (ରାଜନିର୍ଘଣ୍ଟୁ)—
Sutailā A sort of phosphorescent plant.

ସୁତୋଷ—ସଂ. ବ—ସନ୍ତୋଷ (ହ. ଶ)—Satisfaction. ସଂ.
Sutosha ବଣ. ପୁଂ—ସନ୍ତୁଷ୍ଟ (ହ. ଶ)—Satisfied.
(ସୁତୋଷା—ସ୍ତ୍ରୀ)

ସୁତ୍ୱା—ସଂ. ବଣ (ସୁତ୍ୱନ୍ ଶବ୍ଦ ୧ମା. ୧ବ; ସୁ. ଧାତୁ=ପ୍ରସବ
Sutwā କରିବା+କର୍ତ୍ତୃ. ବନ୍ (ତୃନ୍ପ୍), ଜଗାଡନ)—
ପଦ୍ଧତ୍ୟନାନ୍ତେ; ସୋମଯାଜକାସ୍ତ (ଭରତ)—One who has drunk the Soma juice after a sacrificial bath.

ସୁତ୍ୟ—ସଂ. ବ—ଯଜ୍ଞାର୍ଥ ସୋମରସ ବାହାର କରିବାପାଇଁ ନିର୍ଦ୍ଦିଷ୍ଟ
Sutya ଦିବସ (ହ. ଶ)—A day fixed for pressing out Soma juice for sacrifice.

ସୂତ୍ର (ଇତ୍ୟାଦି)—ଦେ. ବ (ସଂ. ସୂତ୍ର)—ସୂତର ଇତ୍ୟାଦି (ଦେଶ)—
Sutra (etc) Sutara etc (See) ଦେ. ବଣ—୧। ସୁନ୍ଦର—
ସୁତ୍ର 1. Fine. ୨ । ସୁବ୍ୟାଚରଣ—2. Convenient. ୩ ।
ସୁସଡ଼ ରୁଚିକର—3. Tasteful.

ସୂତ୍ରା—ଦେ. ବଣ—ସୂତର (ଦେଶ)
Sutrā Sutarā (See)

ସୂତ୍ରା(ତ୍ରେ)ଇବା—ଦେ. କ୍ରି—ସୂତରାଇବା (ଦେଶ)
Sutrā(tre)ibā Sutarāibā (See)

ସୂତ୍ରାମା—ସଂ. ବ (ସୁ+ଣେ. ଧାତୁ=ଜାଣ କରିବା+କର୍ତ୍ତୃ. ମନ୍;
Sutrāmā ସୁତ୍ରାମନ୍ ଶବ୍ଦ ୧ମା. ୧ବ)—ଦେବରାଜ; ଇନ୍ଦ୍ର—
The God Indra. ସଂ. ବଣ—ଉତ୍ତମରୂପେ
ତ୍ରାଣକାରୀ (ହ. ଶ)—Delivering excellently.

ସୂତ୍ରା ସୂତ୍ରି—ଦେ. ବ—ସୁତୁର ସୁତୁରି (ଦେଶ)
Sutrā sutri Suturā suturi (See)

ସୂତ୍ରେ ସୂତ୍ରେ—ଦେ. କ୍ରି. ବଣ—୧ । ଙ୍ଗରେ ଙ୍ଗରେ; କୌଶଳ
Sutre sutre ଦ୍ୱାରେ; କଳକୌଶଳ ପ୍ରୟୋଗଦ୍ୱାରା—1. By
ସୂତ୍ରେ ସୂତ୍ରେ employing tricks and stratagems.
କୌଶଳରେ ୨ । ଗୋପନରେ—2. Secretly.

ସୂଥା—ଦେ. ବ (ସଂ. ସୀମନ୍ତ)—ସୁନ୍ଥା; କଙ୍ଘତାଦ୍ୱାରା ଦୁଇ ଫାଳ କରି
Suthā ଯାଇଥିବା ଦେଶ ବଦ୍ୟାସ—Mode of parting
(ସୁଥାଣି—ଅନ୍ୟରୂପ) the hair in the middle of the
ସୀନ୍ଥି ସୀତଂଥ head.

ସୂଥାରେନ—ଗାଦେ (ସମ୍ବଲପୁର ବ. ସ୍ତ୍ରୀ—ଧାଈ; ଧାଈ—
Suthāren Nurse; mid wife.
(ସୁଥିଆରେନ୍—ଅନ୍ୟରୂପ)

ସୂଥିଆର—ଗାଦେ. (ସମ୍ବଲପୁର) ବ—ଟୀକା ଦେବା ବ୍ୟକ୍ତି—
Suthiāra A vaccinator.

ସୂଦ୍ (ଇତ୍ୟାଦି)—ଦେ. ବ. ବଣ ଓ କ୍ରି.ବଣ—ଶୁଦ୍ ଇତ୍ୟାଦି (ଦେଶ)
Sud (etc) Śud etc. (See)

ସୂଦ (ଇତ୍ୟାଦି)—ଦେ. ବ—ଶୁଦ ଇତ୍ୟାଦି (ଦେଶ)
Suda (etc) Śuda etc (See)

ସୂଦଂଷ୍ଟ୍ର—ସ. ବଣ. ପୁଂ—ଶୋଭନଦନ୍ତବିଶିଷ୍ଟ—Having fine
Sudaṁstra teeth. ସଂ. ବ-୧ । (ନାମ) କୃଷ୍ଣଙ୍କର ଏକ ପୁତ୍ର—
(ସୁଦଂଷ୍ଟ୍ରା—ସ୍ତ୍ରୀ) 1. A son of Kṛushṇa. ୨ । (ନାମ) ସମ୍ବରର
ଏକ ପୁତ୍ର—2. A son of Sambara.

ସୂଦକ୍ଷ—ସଂ. ବଣ. ପୁଂ—ସୁନପୁଣ; ଅତି ପାରଗ—
Sudaksha Very skilful; expert.
(ସୁଦକ୍ଷା—ସ୍ତ୍ରୀ) (ସୁଦକ୍ଷତା—ବ)

ସୂଦକ୍ଷିଣ—ସଂ. ବଣ (ବହୁବ୍ରୀ; ସୁ=ଉତ୍ତମ ଦୋଇଅଙ୍କ ଦକ୍ଷିଣା=
Sudakshiṇa ନୈପୁଣ୍ୟ ଯାହାର)—୧ । ଉଦାର; ବଦାନ୍ୟ—
(ସୁଦକ୍ଷିଣା-ସ୍ତ୍ରୀ) 1. Liberal; magnanimous; generous.
୨ । ଉତ୍ତମ ପ୍ରକୃତବିଶିଷ୍ଟ—2. Noble-minded. ୩ ।
ଉତ୍ତମ ଦକ୍ଷିଣାଯୁକ୍ତ—3. Accompanied by noble

Digitized by srujanika@gmail.com

gifts or presents. [ଉ—ସୁଦକ୍ଷିଣ ହୋମ; ସୁଦକ୍ଷିଣ ପଞ୍ଚକ ।] ସଂ. ବ—୧ । (ନାମ) ବଦର୍ଭର ଜଣେ ରାଜା—1. Name of a king of Bidarbha. ୨। (ନାମ) ଅଗସ୍ତ୍ୟ ଋଷିଙ୍କ ପୁତ୍ର-2. Name of a sage. [ଉ—ବହୁ ସବଳ ସୁଦକ୍ଷିଣ । ବୋଇଲେ ଶୁଣ ଉତ୍ତରଣ । ଭଞ୍ଜ. ବୈଦେଘ୍ଲାଶବଳାସ ।] ୩ । (ନାମ) ପୌଣ୍ଡ୍ରକ ରାଜାଙ୍କ ପୁତ୍ର (ହ. ଶ)—3. A son of king Paundraka.

ସୁଦକ୍ଷିଣା—ସଂ. ବଣ. ସ୍ତ୍ରୀ (ସୁଦକ୍ଷିଣ+ଅ)—ସୁଦକ୍ଷିଣର ସ୍ତ୍ରୀଲିଙ୍ଗ—Sudakshiṇā Feminine of Sudakshiṇa. ସଂ. ବ—୧ । ଉତ୍ତମ ଦକ୍ଷିଣା; ଉତ୍ତମ ଦକ୍ଷିଣା—1. Noble gift or present. ୨ । (ସ୍ତ୍ରୀ) ଉଦାରଚେତ୍ତା ସ୍ତ୍ରୀ—2. Noble-minded woman. ୩ । (ସ୍ତ୍ରୀ) ସୂର୍ଯ୍ୟବଂଶୀୟ ଦଲୀପ ରାଜାଙ୍କ ପତ୍ନୀ—3. Name of the queen of king Dilīpa of the Solar dynasty. ୪ । ଶ୍ରୀକୃଷ୍ଣଙ୍କର ଜଣେ ପତ୍ନୀ—4. One of the wives of Śrīkṛushṇa.

ସୁଦ ଖାଇବା—ଦେ. କି (ଜଦାର୍ଥକ)—୧ । ମୂଳ ଧନ ଖାଇ Suda khāiba ଖାତକଠାରୁ ସୁଦ ନେବା—1. To realise ସୁଦ ଖାଓୟା interest on money lent. ୨ । ଖାତକଙ୍କ ସୁଦ ଖାନା ଠାରୁ ସୁଦ ଅସୁଲ କର ଖାଇବା ଜୀବାହ କରିବା—2. To live on usury.

ସୁଦ ଖିଆ—ଦେ.ବି. ଓ ବଣ ସଂ(ଜଦାର୍ଥକ)—୧। ଯେଉଁ ବ୍ୟକ୍ତି ଅଉରଙ୍କୁ Suda khiā ଟଙ୍କାଖଣ୍ଡରେ ସୁଦ ଜୀବ—1. A usurer. ୨ । ସୁଦଖୋର ମାଡ଼ୱାଳଙ୍କାର ସୁଦ ଯାଡ଼ାର ଖାଇବା — ସୁଦଖୋର 2. A professional moneylender. (ସୁଦ ଖୋର୍, ସୁଦ ଖୋରଅ—ଅନ୍ୟରୂପ) (ସୁଦଖାଇ, ସୁଦଖୋସ୍ତ, ସୁଦ ଖୋରଣୀ, ସୁଦଖୋରେଇ—ସ୍ତ୍ରୀ)

ସୁଦଗ୍ଧିକା—ସଂ. ବ—ଦଗ୍ଧା ନାମକ ଗୁଳ୍ମ (ଗୁଳଜଦର୍ଭଷ୍ଟ); ଚଉାଳିଆ Sudagdhikā ନାମକ ଗୁଳ୍ମ—A medicinal plant; Euparveiflora.

ସୁଦଗ୍ରାହୀ—ଦେ. ବଣ—ଯେ ମୂଳଧନ ଯାଇଁ ଖାତକଠାରୁ ସୁଧ ନେବ— Sudagrāhī One who takes interest on money ସୁଦଗ୍ରାହୀ advanced as loan. [ଉ—ସୁଦଗ୍ରାହୀ ଅନ୍ୟ ବଷ୍ପାର ସଙ୍ଗେ ସମ । ବେଶ୍ୟା ଅନ୍ୟ ହୋଇ ବାର୍ଦ୍ଧକ୍ୟ ନାଗକାସ୍ତ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ସୁଦଣ୍ଡ—ସଂ. ବ—୧ । ବେତ (ଗୁଳଜଦର୍ଭଷ୍ଟ)—Sudaṇḍa 1. Cane; ratan. ୨ । ଉତ୍ତମ ଯଷ୍ଟି—2. A good stick.

ସୁଦଣ୍ଡିକା—ସଂ. ବ—ଗୋରକ୍ଷୀ ନାମକ ଗୁଳ୍ମ (ଗୁଳଜଦର୍ଭଷ୍ଟ); Sudaṇḍikā ନାଗବଳା; ଗରମଡ଼—Sida Spinosa.

ସୁଦତ୍—ସଂ. ବଣ. ପୁଂ (ସୁ+ଦନ୍ତ)-ସୁନ୍ଦର ଦନ୍ତବିଶିଷ୍ଟ (ବ୍ୟକ୍ତି) (ହ. ଶ)- Sudat (a person) Having good teeth.

ସୁଦତା—ସଂ. ବଣ. ସ୍ତ୍ରୀ (ସୁଦତ୍+ଅ)—ସୁଦତ୍ ଶବ୍ଦର ସ୍ତ୍ରୀଲିଙ୍ଗ— Sudatī Feminine of Sudat. ସଂ. ବ—୧ । ସୁନ୍ଦର ସ୍ତ୍ରୀ—1. A beautiful woman. ୨ । ଉତ୍ତମ ବା ସୁନ୍ଦର ଦନ୍ତବିଶିଷ୍ଟା ସ୍ତ୍ରୀ—2. A woman having beautiful teeth.

ସୁଦନ୍ତ—ସଂ. ବ—୧ । ଶୋଭନ ଦନ୍ତ—1. Nice teeth. ୨ । Sudanta ନଟ (ଶବ୍ଦକଲ୍ପଦ୍ରୁମ)—2. An actor. ୩ । ନର୍ତ୍ତକ (ହ. ଶ)—3. A dancer.

ସୁଦନ୍ତୀ—ସଂ. ବ—୧ । (ସ୍ତ୍ରୀ) ଦକ୍ଷଦିଗ୍ଗଜୀବିଶେଷ (ଶବ୍ଦକଲ୍ପଦ୍ରୁମ)— Sudantī 1. The name of a mythological female elephant guarding the quarters of the globe. ୨ । (ପୁଂ) ଉତ୍ତମ ବା ଶ୍ରେଷ୍ଠ ହସ୍ତୀ—2. An excellent elephant. ୩। (ସ୍ତ୍ରୀ) ହସ୍ତିନୀ (ହ. ଶ)— ସୁଦନ୍ତୀ 3. A female elephant. ବେ. ବଣ—ଉତ୍ତମ ସୁଦନ୍ତୀ ଦନ୍ତବିଶିଷ୍ଟା (ସ୍ତ୍ରୀ)—A woman having nice teeth. [ଉ—ବଦନ୍ତ ଭ୍ରାନ୍ତେ ସୁଦନ୍ତୀ ସୁଦନ୍ତ-ଉତ୍ତମା— ଭଞ୍ଜ. ବୈଦେଘ୍ଲାଶବଳାସ ।]

ସୁଦମ—ସ. ବ (ସୁ=ଅନାୟାସରେ+ଦମ୍ ଧାତୁ+କର୍ମ. ଅ)— Sudama ଅନାୟାସରେ ଦମନୀୟ ବା ଶାସନୀୟ—Easily controllable.

ସୁଦମନ—ସଂ. ବ—ଅମ୍; ଅମ୍ର ବୃକ୍ଷ (ହ. ଶ)— Sudamana The mango tree.

ସୁଦ ମୂଳ—ଦେ. ବ—ସୁଧ ଓ ମୂଳ; କଲନ୍ତର ଓ ଅସଲ— Suda mūla Interest and capital. ସୁଦ ମୂଳ, ସୁଦ ଆସଲ ସୁଦ୍ ମୂଳ

ସୁଦୟେ—ଗ୍ରା. ବଣ—ସଦୟ—Kind. [ଉ—ଏକ ଦାନ ଏକ ସୁଣ୍ୟ Sudaye ଏକାନ୍ତେ ସୁଦୟେ । ଗ୍ରାର୍ତ୍ତା. ବ୍ରହ୍ମନରୂପଣ. ଗୀତା ।] ସଦୟ ସଦ୍ୟ

ସୁଦରଶନ—ଗ୍ରା. ବ—୧ । ସୁଦର୍ଶନର ଗ୍ରାମ୍ୟ ନାମ—1. Nam Sudaraśana for calling 'Sudarśana. ୨ । ସୁଦର୍ଶନ ସୁଦ(ଦୁ)ର୍ଶ(ଶ), ସୁଦ(ଦୁ)ରଅ } ଅନ୍ୟରୂପ (ଦେଶ)—2. Sudarśana (See) [ଉ—ସୁରଦ୍ରା ଶ୍ରୀ ସୁଦରଶନ, ଦୁହୁଁକି ସୁଦର୍ଶନ ସୁଦରଶନ ଜଲେ ଦରଶନ । ଭୂପଦ. ପ୍ରେମସୁଧାମୃତ ।]

ସୁଦର୍ଭ—ସଂ. ବଣ (ବଦ୍ଭୁଗ୍ଧ୍)—ସୁନ୍ଦର କୁଶଯୁକ୍ତ— Sudarbha Having good 'Kuśa' grass. (ସୁଦର୍ଭ—ସ୍ତ୍ରୀ)

ସୁଦର୍ଶ—ସଂ. ବଣ (ସୁ+ଦୃଶ୍ ଧାତୁ+କର୍ମ. ଅ)—ସ୍ତ୍ରିସୁଦର୍ଶନ; Sudarśa ସୁଦୃଶ୍ୟ (ଦୁର୍ଗାଦାସ)—Decent; beautiful. (ସୁଦର୍ଶା—ସ୍ତ୍ରୀ)

ସୁଦର୍ଶନ—ସଂ. ବ—୧ । ବିଷ୍ଣୁଙ୍କ ଚକ୍ରର ନାମ—1. Name of the Sudarśana circular weapon or discus of 'Bishṇu'. [ଉ—ପୁରାଣରେ ଲିଖିତ ଅଛି ଯେ, ମହାଦେବଙ୍କ ଅଦେଶ ଅନୁସାରେ ବିଶ୍ୱକର୍ମା ସ୍ୱୟଂ ଦେବତାଙ୍କର ତେଜରୁ ସାର ସୁଦର୍ଶନ ସୃଜନ ଏ ଚକ୍ର ଦ୍ୱାରା

Digitized by srujanika@gmail.com

କର ମହାଦେବଙ୍କୁ ଦେଇଥିଲେ । ଦୈତ୍ୟମାନଙ୍କ ବିନାଶାର୍ଥ ମହାଦେବ ଏହା ଚକ୍ରକୁ ବିଷ୍ଣୁଙ୍କୁ ଅର୍ପଣ କଲେ । ଏହାର ଅରର ସଂଖ୍ୟା ବାର । ଏହା ଷଟ୍‌କୋଣ ଓ ବଇଦୂର୍ଯ୍ୟମୟ ସଂଯୁକ୍ତ । ବିଷ୍ଣୁ ମନ୍ଦିରର ଚୂଡ଼ାରେ ଏହି ଚକ୍ରର ଧାତୁମୟ ମୂର୍ତ୍ତି ରଖାଯାଏ । ପୁରୀର ବଡ଼ଦେଉଳରେ 'ଚତୁର୍ବ୍ୟୂହ ମୂର୍ତ୍ତି' ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ଚକ୍ର ବିଗ୍ରହ ଅଛନ୍ତି । ଚତୁର୍ଭୁଜ ବିଷ୍ଣୁ ଗୋଟିଏ ହାତରେ ସବୁଦା ଏହି ଚକ୍ରକୁ ଧାରଣ କରନ୍ତି ଏବଂ ଏହାଦ୍ୱାରା ଦୁଷ୍ଟ ଦଳନ ଓ ଶିଷ୍ଟ ପାଳନ କରନ୍ତି ।]

୨ । ଚକ୍ରଚିହ୍ନିତ ଶାଳଗ୍ରାମବିଶେଷ [ଶାଳଗ୍ରାମ ଦେଖ]—2. Name of a species of Sālagrāma. ୩ । ହସ୍ତିବିଶେଷ—3. Name of an elephant mentioned in the Rāmāyaṇa. [ଦ୍ର—ଲଙ୍କା ଯୁଦ୍ଧରେ ମହୋଦର ନାମକ ରାକ୍ଷସ ଏହି ହସ୍ତୀ ପିଠରେ ଚଢ଼ି ଯୁଦ୍ଧ କରିଥିଲା ।] ୪ । ସୁମେରୁ (ମେଦଙ୍ଗ)-4. Name of the mythological north polar mountain. ୫ । ଜମ୍ବୁ ବୃକ୍ଷ [ମେଦଙ୍ଗ]-5. Blackberry tree. [ଭ୍ର ଓ ୬]=ବେଳାରେ ସ୍ୱର୍ଣ୍ଣପୁରର ସୁଦର୍ଶନ ପାଟ୍ଟେ, ଛତାଣି ପ୍ରଚେତା ନାମ୍ନ ସୁଦର୍ଶନ ପାଏ—ଭଞ୍ଜ ବୈଦେହୀଶ-ବିଳାସ ।] ୬ । ଉତ୍ତମ ଦର୍ଶନ—6. Nice vision. ୭ । ସୁଦର୍ଶନା ୨ [ଦେଖ]—7. Sudarśana2 (See) ୮ । ବର୍ତ୍ତମାନ ଅବସର୍ପିଣୀର ଅଷ୍ଟାଦଶ ଜୈନ ମୁନିଙ୍କ ପିତା; ବୃହଦ୍ବ୍ରତ ପିତା; ଜନମାନଙ୍କର ଦେବତାବିଶେଷ—8. Name of a Buddhist Deity, the father sage Bṛutta. ୯ । ଶିବ (ହି. ଶ)—9. Śiba. ୧୦ । (ନାମ) ଅଗ୍ନିଙ୍କର ଏକ ପୁତ୍ର (ହି. ଶ)—10. A son of the Fire-god. ୧୧ । (ନାମ) ବିଦ୍ୟାଧରବିଶେଷ (ହି. ଶ)—11. Name of a Bidyādhara. ୧୨ । ମତ୍ସ୍ୟ [ହି. ଶ]—12. Fish. ୧୩ । [ନାମ] ଦଧୀଚିଙ୍କର ଏକ ପୁତ୍ର [ହି.ଶ]—13. Name of a son of Dadhīchi. ୧୪ । [ନାମ] ଭରତଙ୍କର ଏକ ପୁତ୍ର [ହି. ଶ]—14. Name of a son of Bharata. ୧୫ । ଗୃଧ୍ର [ହି. ଶ.]—15. Vulture. ୧୬ । ଛଅଟି ଗ୍ରନ୍ଥି ବିଶିଷ୍ଟ ସନ୍ନ୍ୟାସୀଙ୍କର ଦଣ୍ଡ-ବିଶେଷ [ହି. ଶ.]—16. A staff with six knots used by the Sannyāsīs. [ଦ୍ର—ଭୂତ ପ୍ରେତଙ୍କ ଅକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ସନ୍ନ୍ୟାସୀମାନେ ଏ ଦଣ୍ଡକୁ ଆଣ୍ଠା ପାଖରେ ରଖନ୍ତି [ହି. ଶ·]

ସୁଦର୍ଶନ ସୁଦର୍ଶନ ଦେ. ବି· ପୁଂ— ପୁରୁଷଙ୍କ ନାମ—A name given to males.

ସୁଦର୍ଶନ ଚକ୍ର—ସଂ. ବି—ବିଷ୍ଣୁଙ୍କ ଚକ୍ର; ସୁଦର୍ଶନ ଚକ୍ର ୧ (ଦେଖ)—Sudarśana chakra The discus or weapon of Bishṇu.

ସୁଦର୍ଶନ ଚୂର୍ଣ୍ଣ—ସଂ. ବି (ବୈଦ୍ୟକ)—ଜ୍ୱରଘ୍ନ ଔଷଧାଦିରୁ ଜ୍ୱର ସେରିବାର Sudarśana chūrṇṇa ଚୂର୍ଣ୍ଣ ବିଶେଷ—Name of a febrifuge powder.

[ଦ୍ର—ତ୍ରିକଟୁ, ହରିଡ଼ା ଆଦି ୫୫ଟି ପଦାର୍ଥ ସମ ଭାଗରେ ଚୂର୍ଣ୍ଣ ହୋଇ ଏହି ଚୂର୍ଣ୍ଣ ପ୍ରସ୍ତୁତ ହୋଇଥାଏ ଏବଂ ଏହା ଶୀତଳ ଜଳସହ ସେବ୍ୟ; ଜ୍ୱର, କାଶ, ଶ୍ୱାସ, ପାଣ୍ଡୁ, କୁଷ୍ଠରୋଗ, ଗୁଲ୍ମ ଆଦି ସେଥିରେ ଏହା ଉପକାରୀ ।]

ସୁଦର୍ଶନ ଦ୍ୱୀପ—ସଂ. ବି—ଜମ୍ବୁ ଦ୍ୱୀପ (ହି. ଶ)—Name of one Sudarśana dwīpa of the seven islands of Hindu mythology.

ସୁଦର୍ଶନ ପଟ୍ଟନାୟକ—ଦେ. ବି (ନାମ)—ପ୍ରାଚୀନ ଓଡ଼ିଆ କବି-Sudarśana paṭṭanāyaka ବିଶେଷ—An ancient poet of Orissa. [ଦ୍ର—ଏହି କବି 'ଭୁଜ ମିଳନ ଚଉଣିଶା' ଲେଖିଥିଲେ । ଜଗବନ୍ଧୁ. ପ୍ରାଚୀନ ଜହ୍ନଲ ।]

ସୁଦର୍ଶନ ସରଃ—ସଂ· ବି—ସ୍ପର୍ଶମଣି ବର୍ଣ୍ଣିତ ସ୍ୱର୍ଣ୍ଣ କେଶର ଭୂଷିତ ବିକଚ Sudarśana saraḥ ପଦ୍ମବିଶିଷ୍ଟ ସରୋବରବିଶେଷ —Name of a tank mentioned in the Rāmāyaṇa.

[ଦ୍ର—ଏହା ଋଷଭ ପର୍ବତରେ ଅବସ୍ଥିତ ।]

ସୁଦର୍ଶନା—ସଂ· ବିଣ· ସ୍ତ୍ରୀ (ସୁଦର୍ଶନ + ଅ) —ସୁଦର୍ଶନର ସ୍ତ୍ରୀଲିଙ୍ଗ— Sudarśanā Feminine of Sudarśana.

ଅନ୍ୟ ସଂ ନାମ—ଓପ୍ରା· ବଶ୍ମୀ, ଚକ୍ରାହ୍ୱା, ମଧୁପର୍ଣ୍ଣିକା, ଚକ୍ରାଙ୍ଗା; ବୃଷକର୍ଣ୍ଣୀ, ଦଧ୍ୟାସ୍ୟା, ପଣ୍ଡୁମଲଙ୍କ, ଭରତୀ ପୁରତୀ ସୁଦର୍ଶନା

ସଂ· ବି, ସ୍ତ୍ରୀ—୧ । ସୁନ୍ଦର ନାଗ—1. A beautiful woman, ୨ । (ବୈଦ୍ୟକ) ଗୁଳ୍ମବିଶେଷ—2. A medicinal plant. [ଦ୍ର—ଏହା ମଧୁରଉତ୍ତରସ, ଜ୍ୟୁଷ୍ଣ, ଓ କଫ, ଶୋଥ, ରକ୍ତ ଓ ବାତ ନାଶକ ଏବଂ ବିଷନାଶକ ଅଟେ । ଏହା ସ୍ୱପଜାତୀୟ ବନସ୍ପତି । ଏହା ଶ୍ଲେଷ୍ମନାଶକ; ପତ୍ର ହୃତ୍ପୋତାକାର ଓ ଗୋଲାକାର । ଏଥିର ଫୁଲ ନାନା ରଙ୍ଗର ଓ ଗୁଚ୍ଛ ଗୁଚ୍ଛ ହୋଇ ଫୁଟେ ।]

୩ । ଏକ ପ୍ରକାର ମଦ୍ୟ (ହି. ଶ)—3. A kind of wine. ୪ । (ନାମ) ଜଣେ ଗନ୍ଧର୍ବୀ (ହି. ଶ)—4. Name of a Gandharba female. ୫। ପଦ୍ମସରୋବର (ହି. ଶ)—5. A tank full of lotus. ୬ । ଜମ୍ବୁ ବୃକ୍ଷ (ହି. ଶ)—6. Blackberry tree. ୭ । ଇନ୍ଦ୍ରସଭା; ଅମରାବତୀ (ହି. ଶ)—7. The court of Indra. ୮ । ଶୁକ୍ଳପକ୍ଷ ରାତ୍ରି (ହି. ଶ)—8. A night of bright lunar fortnight. ୯ । ଆଜ୍ଞା; ଆଦେଶ (ହି. ଶ)—9. Order.

ସୁଦର୍ଶନିଆ—ଦେ· ବି [ଅନାଦରସୂଚକ]—ସୁଦର୍ଶନର ତାଚ୍ଛି ନାମ— Sudarśaniā Name for calling 'Sudarśana'

ସୁଦର୍ଶନୀ—ସଂ· ବି [ସୁଦର୍ଶନ + ଈ]—ଅମରାବତୀ; ଇନ୍ଦ୍ରସଭା— Sudarśanī The city or court of Indra,

Digitized by srujanika@gmail.com

ସୁଦଳ—ସଂ. ବ—୧ । କ୍ଷୀରମୋଢ଼ନ ନାମକ ଲତା (ରତ୍ନମାଳା)—Sudala 1. Name of a medicinal creeper, [ଦ୍ର—ଅନ୍ୟ ସଂସ୍କୃତ ନାମ—କ୍ଷୀରଦ୍ରୁ, କ୍ଷୀରକ, କ୍ଷୀରମୋଢ଼ନ, କର୍ଣ୍ଣପୁଷ୍ପ, ଗୋପ୍ରପଦ, ମଧୁସ୍ରବ, ଘନମୂଳ, ସାର୍ଦ୍ଦୂଳ, ପୁରୁଷ, କ୍ଷୀରପୁଷ୍ପ । ଏହା ମଧୁରକଷାୟରସ, ବଳକର, ଶୁକ୍ରବର୍দ্ଧକ ଏବଂ ପିତ୍ତ, ଦାହ ଓ ଜ୍ୱରର ଶାନ୍ତକାରକ ଅଟେ ।] ୨ । ମୁଚକୁନ୍ଦ (ଦ୍ର. ଶ) (ଦେଶ)—2. Muchakunda (See) ୩ । ସେନା (ଦ୍ର· ଶ)—3. Army. ସ. ବଶ—ସୁନ୍ଦର ଦଳବିଶିଷ୍ଟ —Having good leaves or petals.

ସୁଦଳା—ସ. ବ· ସ୍ତ୍ରୀ—୧ । ଶାଳପର୍ଣ୍ଣୀ (ଗୁଳ୍ଫଜାତୀୟ) (ଦେଶ)—Sudalā 1. Śālaparṇṇī (See) ୨ । ଛତୁଣୀ (ଗୁଳ୍ଫଜାତୀୟ); ଶତପତ୍ରୀ; ସେବତୀ ଲ – 2. Cabbage-rose; Rosa Centi flora. ସ. ବଶ· ସ୍ତ୍ରୀ—ସୁଦଳର ସ୍ତ୍ରୀଲିଙ୍ଗ —Feminine of Sudala.

ସୁଦଶା—ସ. ବ—୧ । ଉତ୍ତମ ଦଶା—1. Good condition or Sudaśā state. ୨ । ସୁଗ୍ରହଜନିତ ଜୀବନର ଉତ୍ତମ ଦଶା—2. Good condition of a person due to auspicious planets. ୩ । ସୁଦଶାବ୍ରତ (ଦେଶ)—3. Sudaśābrata (See)

ସୁଦଶା ବ୍ରତ—ସ· ବ—ଯଦୁପୁରୁଶୋକ୍ତ ବ୍ରତ ବିଶେଷ—Name of a Sudaśā brata religious fast observed if any Thursday falls on any 10th day of a bright fortnight. [ଦ୍ର—ଚୌଦ୍ଦସି ମାସର ଶୁକ୍ଳ-ଦଶମୀ ଦିନ ଗୁରୁବାର ପଡ଼ିଲେ ଏ ବ୍ରତ କରିଥାଏ । ଏ ବ୍ରତରେ ଲକ୍ଷ୍ମୀପୂଜା କରିଥାଏ । ଏ ବ୍ରତ କଲେ ମନୁଷ୍ୟର ସୌଭାଗ୍ୟ ବଢ଼େ । ଏବ୍ରତରେ ଗୋଟିଏ ସୂତାରେ ୧୦ଟି ଗଣ୍ଠି ପକାଇ ବ୍ରତଧାରୀ ବ୍ୟକ୍ତି ତାହା ବାହୁରେ ଧାରଣ କରନ୍ତି । ୭ ବର୍ଷରେ ଏହା ଉଦ୍‌ଯାପନ କରିଥାଏ । ସାଧାରଣତଃ ସ୍ତ୍ରୀ ଲୋକମାନେ ଏହି ବ୍ରତ କରନ୍ତି ।] ଦେ. ବ—ସୁଦଶାବ୍ରତ କରିବା ବ୍ୟକ୍ତିଙ୍କ ବାହୁରେ ବନ୍ଧାପିବା ୧୦ଟି ଗଣ୍ଠିଯୁକ୍ତ ସୂତ୍ର—A string with 10 knots tied round the arm of a person observing the 'Sudaśā brata.'

ସୁଦା—ଓଡ଼ିଆ (ଅଠମଲ୍ଲିକ) ବ—୧ । ଅଠମଲ୍ଲିକର ସୁଦା ଜାତିର 'Sudā ଲୋକଙ୍କ ଭାଷା—1. Oriya spoken by the Sudās of the Aṭhamallik State. ୨ । ଅଠମଲ୍ଲିକ ଅଞ୍ଚଳବାସୀ ଅନାର୍ଯ୍ୟ ଜାତି ବିଶେଷ—2. A class of non-aryans residing in the Athmallik State.

ସୁଦାତା—ସ. ବଶ. ତୃ—୧ । ବଦାନ୍ୟତା ଦାନଶୀଳ—1. Very Sudātā bountiful. ୨ । ସତ୍କାର୍ଯ୍ୟରେ ଦାନଶୀଳ—2. Liberal in praiseworthy objects.

ସୁଦାନ୍ତ—ସ. ବ (ନାମ)—ଶାକ୍ୟମୁନିଙ୍କ ଶିଷ୍ୟ ବିଶେଷ (ବିଦ୍ୟାଶ୍ରୁତେଶ) —Sudānta Name of a disciple of the Buddha.

(ସୁଦାନ୍ତା—ସ୍ତ୍ରୀ· ବଶ) ସ. ବଶ. ତ୍ରି—ଅତି ଶାନ୍ତ (ବ୍ୟକ୍ତି)—Very peaceful and quiet (person).

ସୁଦାମ—ସ. ବ— (ନାମ) ଦ୍ୱାଦଶ ଗୋପାଳ ମଧ୍ୟରୁ ଜଣେ ଗୋପାଳ; Sudāma ବାରସୁତ (ଦେଶ)—Bārasuta (See) ଦେ.ବ—୧ । ସୁଦାମା (ଦେଶ)—1. Sudāmā (See) ୨। (ସୁଦାମଚନ୍ଦ୍ର, ସୁଦାମଚରଣ—ଅନ୍ୟ ଦେ ରୂପ) ପୁରୁଷଙ୍କ ନାମ—2. A name given to males.

ସୁଦାମଚନ୍ଦ୍ର ପଟ୍ଟନାୟକ—ଦେ· ବ (ନାମ)—ଜନୈକ ସ୍ୱର୍ଗତ ସ୍ୱନାମ-Sudāmachandra paṭṭanāyaka ଧନ୍ୟ ବ୍ୟକ୍ତି—Name of a late famous man of Orissa. [ଦ୍ର—ଏ 'ଓଡ଼ିଶାର ସର୍ବପ୍ରଥମେ ଶିବପୁର ଇଞ୍ଜିନିୟରିଙ୍ଗ୍ କଲେଜରୁ ପ୍ରଶଂସାସହିତ ଉତ୍ତୀର୍ଣ୍ଣ ହୋଇଥିଲେ । ତତ୍କାଳୀନ ଜନତାରେ ଏହାଙ୍କର ପ୍ରତିଷ୍ଠା ଥିଲା । ଏହାଙ୍କର ତେତେବେଳ ଉକ୍ତ କଲେଜରେ ଅଦର୍ଶ ଚରିତ୍ରରୂପେ ଗୃଖିତ ହୋଇ ରହିଯାଇଥିଲା । ଏ ସ୍ୱନାମଧନ୍ୟ ସ୍ୱର୍ଗତ ବିଦ୍ୟାନନ୍ଦଙ୍କର ଜାମାତା ଓ ସ୍ୱର୍ଗୀୟ ଚଉଧୁରୀ ପଟ୍ଟନାୟକଙ୍କର ଅଗ୍ରଜ ଥିଲେ । ଏହାଙ୍କର ବାସସ୍ଥାନ ବଦ୍ରକ । ସ୍ୱର୍ଗୀୟ ଓକିଲ ସତ୍ୟବ୍ରତ ପଟ୍ଟନାୟକ ଏହାଙ୍କ ପୁତ୍ର ଥିଲେ ।]

(ରାୟବାହାଦୁର) ସୁଦାମଚରଣ ନାୟକ—ଦେ. ବ (ନାମ)—ଜନୈକ (Rāyabāhādura) Sudāmacharaṇa ସ୍ୱର୍ଗତ ପୁସିଦ୍ଧ nāyaka ବ୍ୟକ୍ତି—The late Rai Bahadur Sudam Charan Naik. [ଦ୍ର—ଏହାଙ୍କର ଜନ୍ମ-ସ୍ଥାନ ବଦ୍ରକ; ଏ କ୍ଷତ୍ରିୟ ବା କରଣବଂଶୀୟ ଥିଲେ । ଏ ପ୍ରଥମେ ଡେପୁଟି କଲେକ୍ଟରଙ୍କ ଦୋଇ ରାୟବାହାଦୁର ନନ୍ଦକିଶୋର ଦାସଙ୍କ ଘରର ଓଡ଼ିଶା କରଦରାଜ୍ୟମାନଙ୍କର ସ୍ୱତନ୍ତ୍ରଷ୍ଟେଣ୍ଟେଣ୍ଟଙ୍କ ସହକାରୀ (Personal Assistant) ଜର୍ମାଗୁଣ୍ଡରୁପେ ଗଡ଼ଜାତର ଶାସନ ବନ୍ଦୋବସ୍ତ ଭାର ନେଇଥିଲେ । ଏହାଙ୍କ କାର୍ଯ୍ୟକୁଶଳତାରେ ଗଭର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇ ଏହାକୁ 'ରାୟବାହାଦୁର' ଉପାଧି ଦେଇ ଥିଲେ । ଏହାଙ୍କ ସାହିତ୍ୟାନୁରାଗ, ଦେଶପ୍ରୀତି, ସୁଖ-ଗ୍ରାହ୍ୟତା ଓ ମହାନୁଭବତା ସମସ୍ତଙ୍କୁ ମୁଗ୍ଧ କରିଥିଲା । ଏହାଙ୍କର ବର୍ତ୍ତମାନ ପୁତ୍ର ଏହାଙ୍କ ମୃତ୍ୟୁ ପୂର୍ବରୁ ପରଲୋକ ଗମନ କରିଥିଲେ ଏବଂ ଏହାଙ୍କର ଜଣେ ଜାମାତା (ଭଞ୍ଜଭୂମ ଜମିଦାର ବାବୁ ବ୍ରଜସୁନ୍ଦର ଦାସ ବି· ଏ·, ସମ୍ପାଦକ 'ମୁକୁର'; ସବ୍‌ଡେପୁଟି ଗୋପାଳଚରଣ ପଟ୍ଟନାୟକ ବି. ଏ· ଓ ରଙ୍ଗାମର ଓକିଲ ବାବୁ ଲକ୍ଷ୍ମୀମୋହନ ପଟ୍ଟନାୟକ ବି. ଏଲ୍·) ବର୍ତ୍ତମାନ ଅଛନ୍ତି । ଏହାଙ୍କ ବଂଶର ଅନେକଗୁଡ଼ିଏ ବ୍ୟକ୍ତି

Digitized by srujanika@gmail.com

ଜଣ୍ଡୋଲେଙ୍କ ଅଧୀନ ଜଣେ ସୈନ୍ୟଦଳରେ ନଯୁକ୍ତ ଥିଲେ। ପେନ୍‌ସନ୍ ଗ୍ରହଣ କରି ସ୍ୱଦ୍ଦାବାହାଦୁର ଗୌରୀଶଙ୍କରଙ୍କ ଘରେ ଏ କଛକାଳ 'ଲଲ୍ଲଘାପିଡା'ର ସଜ୍ଜାଦଜହ ଓ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀର ପବ୍ଲିଶିଂଜନ୍ସର ଗ୍ରହଣ କରି ଥିଲେ। ଏହାଙ୍କର ମୃତ୍ୟୁ ୧୯୨୪ ଖ୍ରୀଷ୍ଟାବ୍ଦରେ ହୋଇଥିଲା।]

ସୁଦାମା—ସଂ. ବ୍ରଣ (ସୁ+ଦା. ଧାତୁ+କର୍ତ୍ତୃ. ମନ୍; ସ୍ୱଦାମନ୍ ଶବ୍ଦ ୧ମା. Sudāmā ୧ବ)-ଅତ୍ୟନ୍ତ ଦାତଶୀଳ (ହୃ. ଣ)—Very liberal. ସଂ. ବ, ପୁଂ—୧। ମେଘ (ଡେଦଗା)—1. Cloud. ୨। ସମୁଦ୍ର (ଶବ୍ଦରତ୍ନାବଳୀ)—2. The sea. ୩। ଐରାବତ (ତ୍ରିକାଣ୍ଡ ଶେଷ)—3. Indra's elephant. ୪। (ସୁ ଅତ୍ୟନ୍ତ ଦାମନ୍=ମାଳା ଯାହାର) ପର୍ବତ (ମେଦଗା)—4. Mountain. ୫। ଶ୍ରୀକୃଷ୍ଣସଖା ଗୋପବଶେଷ (ଶବ୍ଦରତ୍ନାବଳୀ) 5. Name of a cowherd. [ଦ୍ର—ଏ ଶ୍ରୀକୃଷ୍ଣସଙ୍ଗରର ଦ୍ୱାଦଶ ଗୋପାଳଙ୍କ ମଧ୍ୟରୁ ଜଣେ।] ୬। ଶ୍ରୀକୃଷ୍ଣଙ୍କ ବାଲ୍ୟ ସଙ୍ଗରର ଜନୈକ ଦରିଦ୍ର ବ୍ରାହ୍ମଣ—6. Name of a poor Brahman who had been a playmate and classmate of Śrīrukshṇa. [ଦ୍ର—ଏ ପିଲ୍ଲଦନେ ଶ୍ରୀକୃଷ୍ଣଙ୍କ ସଙ୍ଗେ ସାନ୍ଦୀପନି ମୁନିଙ୍କ ଆଶ୍ରମରେ ବିଦ୍ୟାଶିକ୍ଷା କରିଥିଲେ। ଏ ଶ୍ରୀକୃଷ୍ଣଙ୍କର ଜଣେ ପ୍ରଧାନ ଭକ୍ତ ଓ ସର୍ବଦା ଶ୍ରୀକୃଷ୍ଣଙ୍କଠାରେ ଚତୁର୍ଭୁଜ ଅର୍ପଣ କରିଥିଲେ। ଅନ୍ତ ଅନ୍ତରସ୍ଥ ଦେବାରୁ ସ୍ୱୀଙ୍କ ଐକାନ୍ତିକ ଅନୁରେଧରେ ଏ ଦ୍ୱାରକ ବ୍ରଜଧାମରେ ବଜା ହୋଇଥିବା ସମୟରେ ଶ୍ରୀକୃଷ୍ଣଙ୍କ ଜନ୍ମଭିଟ୍ଟା ଚଲେ। ଶ୍ରୀକୃଷ୍ଣଙ୍କୁ ଉପହାର ଦେବା ପାଇଁ ସ୍ତ୍ରୀ ଗର୍ଣ୍ଡି ଗୁଡ଼ାଇଚଉଳ ଏହାଙ୍କୁ ଦେଇଥିଲେ। ଶ୍ରୀକୃଷ୍ଣ ସୁଦାମାଙ୍କଠାରୁ ସେ ଗୁଡ଼ାଇଚଉଳଗର୍ଣ୍ଡିକ ଅତି ସ୍ନେହସହତ ଗ୍ରହଣ କରି ଏହାଙ୍କ ଦାରିଦ୍ର୍ୟ ମୋଚନ କଲେ। କିନ୍ତୁ ଏ ଧନ ସମ୍ପତ୍ତିରେ ମୁଗ୍ଧ ନ ହୋଇ ଶ୍ରୀକୃଷ୍ଣଙ୍କଠାରେ ଭକ୍ତିବର ପ୍ରାର୍ଥନ କଲେ। ଅଦ୍ୟାବଧି ଏହାଙ୍କ ସ୍ମୃତି 'ସୁଦାମା-ପୁରୀ' ନାମରେ ଭକ୍ତମାନଙ୍କର ପୋଷଣ ଗାର୍ଥ ହୋଇଅଛି।] ୭। (ଲକ୍ଷଣାର୍ଥ) କୁତେଲ ବ୍ରାହ୍ମଣ; ମଳିନବସ୍ତ୍ରଧାରୀ ବ୍ରାହ୍ମଣ—7. A Brahmana wearing dirty cloth. ୮। କୋଳସ୍ଥ ନଗରରୁ ଅଯୋଧ୍ୟାକୁ ଆସିବା ପଥରେ ଥିବା ପର୍ବତ ବିଶେଷ—8. Name of a mountain near Ajodhya. [ଦ୍ର—ଏ ପର୍ବତରେ ବିଷ୍ଣୁଙ୍କ ପାଦଚହ୍ନ ଥିଲା।] ୯। ରାମାୟଣ ଅଯୋଧ୍ୟାକାଣ୍ଡ ବର୍ଣ୍ଣିତ ନଦୀ-ବିଶେଷ—9. Name of a river mentioned in the Rāmāyāṇa. ୧୦। (ନାମ) ଶ୍ରୀକୃଷ୍ଣଙ୍କ ମଥୁରା ଗମନ ସମୟରେ ତାଙ୍କୁ ମଥୁରାରେ ଭେଟିଥିବା କଂସର ମାଳି (ହୃ. ଣ)—10. Name of the gardener of Kamsa who encountered Śrīkṛushṇa at Mathurā. ୧୧। (ନାମ) ଗନ୍ଧର୍ବ ବିଶେଷ (ହୃ. ଣ)—11 Name of a Gandharba.

ସୁଦାମା ଦେ. ବ. ପୁଂ—'ସୁଦାମ'ର ଡାକ ନାମ—
ସୁଦାମା Name for calling 'Sudāma'.

ସୁଦାମାପୁରୀ—ଦେ. ବ—(ନାମ)—ତୀର୍ଥବିଶେଷ—Name of a Sudāmā purī place of pilgrimage
ସୁଦାମାପୁରୀ ସୁଦ୍ରାମାପୁରୀ [ଦ୍ର—ଏଠାରେ କେଦାରେଶ୍ୱର ମହାଦେବଙ୍କ ମନ୍ଦିର ଓ ସୁଦାମା ମନ୍ଦିର ବିଦ୍ୟମାନ—ଶ୍ରୀକୃଷ୍ଣ ଉକ୍ତ ସୁଦାମାଙ୍କ ନାମାନୁସାରେ ଅଧୁନିକ ଗୋରବନ୍ଦର ନାମକ ସହରର ନାମ ସୁଦାମାପୁରୀ ରଖିଥିଲେ—ସନ୍ଦନମୋହନ ଷଡ଼ଙ୍ଗୀକୃତ ତୀର୍ଥଦର୍ଶନା]

ସୁଦାୟ—ସଂ. ବ (କର୍ମଧା; ସୁ+ଦାୟ)—୧। ଉତ୍ତମ ଦାନ—Sudāya 1. A good gift. ୨। ସୌଦାୟିକ ଉପହାର; ଦେସ୍ତ ଯୌତୁକାଦ (ଉତ୍କଳ); ପିତୃମାତୃଭ୍ରାତୃ-କୁଳରୁ ବରାହୁତା କନ୍ୟାକୁ ବଥପିକା ଧନାଦ ଉପହାର-Gifts given to a bridegroom by the families of her father, mother and husband. ୩। ବ୍ରତ ବେଳରେ ବ୍ରହ୍ମଚାରୀଙ୍କୁ ବଥପିକା ଭିକ୍ଷା (ହୃ. ଣ)—3. Alms given to a Brahmachārī on the Upanayana altar. ୪। (ବହୁବ୍ରୀ)—ସୁଦାୟଦାନକାରୀ ବ୍ୟକ୍ତି (ହୃ. ଣ)—4. A person who bestows the above gifts.

ସୁଦାରୁଣ—ସଂ. ବଣ—ଅତି ଦାରୁଣ ବା କ୍ରୂର—
Sudāruṇa Very cruel or fierce.

ସୁଦାସ—ସଂ. ବ—୧। (ନାମ)—ଦିବୋଦାସଙ୍କ ପୁତ୍ର (ହୃ. ଣ)—Sudāsa 1. Son of Dibodāsa. ୨। (ନାମ) ଋତୁପର୍ଣ୍ଣଙ୍କ ପୁତ୍ର (ହୃ. ଣ)—2. Son of Ṛtuparṇṇa. ୩। (ନାମ) ଚ୍ୟବନଙ୍କ ପୁତ୍ର (ହୃ. ଣ)—Son of Chyabana. ୪। (ନାମ) ବୃହଦ୍ରଥଙ୍କ ପୁତ୍ର (ହୃ. ଣ)—4. Son of Bṛuhadratha.

ସୁଦି—ଦେ. ବ—୧। ସୁଦାମ ଓ ସୁଦର୍ଶନର ଡାକନାମ—1. Name Sudi for calling Sudāma and Sudarśana
(ସୁଦଅ, ସୁଦଇ—ଅନ୍ୟରୂପ)

୨। (ହିନ୍ଦରୁ ଅନୁକୃତ; ସଂ. ସିତ=ଶୁକ୍ଳ)—କୌଣସି ଋତୁ ମାସର ଶୁକ୍ଳପକ୍ଷ—2. The bright fortnight of a lunar month.
(ବୃଦ—ହପବଦ)
ସୁଦି ସୁଦୀ ଦେ. ବଣ—ଶୁକ୍ଳପକ୍ଷୀୟ—Relating to the bright lunar fortnight. [ଦ୍ର—ମାରବାଡ଼ ଓ ପଶ୍ଚିମାଞ୍ଚଳେ ସେମାନଙ୍କର ଦଳ, ଗଣନାରେ ଏହି ଦୁଇ ଶବ୍ଦ ବ୍ୟବହାର ହୁଅନ୍ତି

Digitized by srujanika@gmail.com

ଯଥା—
୩ । କାର୍ତ୍ତିକ ସୁଦ=କାର୍ତ୍ତିକମାସର ଶୁକ୍ଳପକ୍ଷ ଦ୍ୱାଦଶୀ ।
୪ । ଭାଦ୍ରବୁଦ=ଭାଦ୍ରମାସର କୃଷ୍ଣପକ୍ଷ ଚତୁର୍ଥୀ ।]

ସୁଦଳ—ପୁ. ବ—୧ । ଶୁଭ ଦଳ—1. Auspicious day.
Sudina ୨ । ଶୁଭକାର୍ଯ୍ୟ ନିମନ୍ତେ ପ୍ରଶସ୍ତ ସମୟ—2. A proper time for performing certain works. ୩ । ସୁସମୟ—3. Good and favourable time. ପ. ବଣ—ପ୍ରଶସ୍ତ (ସିଦ୍ଧାନ୍ତକୌମୁଦୀ)—Proper; auspicious.

ସୁଦଳାହ—ପୁ. ବ—ପ୍ରଶସ୍ତ ଦିବସ; ପୁଣ୍ୟାହ—A proper or
Sudināha auspicious day.

ସୁଦିବ—ପୁ. ଣ (ସୁ+ଦିବ୍ ଧାତୁ=ପାଖି ପାଇବା+କଞ୍ଚି ଅ)—
Sudiba ଅତି ଉଜ୍ଜ୍ୱଳ (ହି. ଶ.)—Very bright or shining.

ସୁଦିହ—ପୁ. ବଣ—୧ । ସୁତୀକ୍ଷ୍ଣ (ହି. ଶ) (ଯଥା—ଦନ୍ତ)—
Sudiha 1. Very sharp. ୨ । ଖୁବ୍ ଉଜ୍ଜ୍ୱଳ (ହି. ଶ)—2. Very bright.

ସୁଦୀନ—ପୁ. ବଣ. ତ୍ରି (ସୁ+ଦୀନ)—ଅତ୍ୟନ୍ତ ଦରିଦ୍ର—
Sudīna (ସୁଦୀନା—ସ୍ତ୍ରୀ) Very poor.

ସୁଦୀର୍ଘ—ପ ବଣ (୫+ଦୀର୍ଘ)—ଅତି ଦୀର୍ଘ—Very long.
Sudīrgha ପୁ. ବ—ଚଚିଣ୍ଡ଼ଳ (ହି. ଶ); ଛଚା—Snake gourd

ସୁଦୀର୍ଘ ଘର୍ମା—ପୁ. ବ (ଦୈତ୍ୟକ)—ଅଷଳପଣ୍ଡୀ (ଶବ୍ଦଚନ୍ଦ୍ରିକା)
Sudīrgha gharmā ଲତା—Name of a creeper.

ସୁଦୀର୍ଘଫଳିକା—ପ ବ-ବାର୍ତ୍ତାକୀବିଶେଷ; ନାଇକର ବାଇଗଣ (ରତ୍ନମାଳା)
Sudīrgha phalikā A species of long brinjal.
ସୁଶିଙ୍ଗାବେଗୁନ ସୁଦୀର୍ଘଫଳିକା

ସୁଦୀର୍ଘା—ପୁ. ବ—ଚୀନା ଚର୍କଟୀ (ସୁଜଳଚର୍ଚ୍ଚଟୀ)—
Sudīrghā A species of long cucumber.

ସୁଦୁଃଖିତ—ପୁ. ତ. ତ୍ରି—ଅତିଶୟ ଦୁଃଖିତ—
Suduḥkhita (ସୁଦୁଃଖିତା—ସ୍ତ୍ରୀ) Very sorry.

ସୁଦୁରା(ରି)—ଦେ. ବ—ସୁଦର୍ଶନର ଡାକନାମ—
Sudurā(ri) Name for calling Sudarśana.
(ସୁଦୁରଆ—ଅଳୀରୂପ)

ସୁଦୁ(ଧୁ)ର(ରେ)ଇବା—ଦେ. କ୍ରି—ଶୁଧୁରେଇବା (ଦେଶ)
Sudu(dhu)ra(re)ibā Śudhurāibā (See)

ସୁଦୁ(ଧୁ)ରିବା—ଦେ. କ୍ରି—ଶୁଧୁରିବା (ଦେଶ)
Sudu(dhu)ribā Śudhuribā(See)

ସୁଦୁରୀ—ଚ୍ଛ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—
Sudurī A name given to females.

ସୁଦୁର୍ଲଭ—ପ. ବଣ. ତ୍ରି (ସୁ=ଅତି+ଦୁର୍ଲଭ)—ଅତି ଦୁର୍ଲଭ; ଅତ୍ୟନ୍ତ
Sudurlabha ଦୁଷ୍ପାପ୍ୟ—Very rare.
(ସୁଦୁର୍ଲଭା—ସ୍ତ୍ରୀ)

ସୁଦୁଷ୍କର—ପ. ବଣ (ସୁ=ଅତ୍ୟନ୍ତ+ଦୁଷ୍କର)—ଅତି ଦୁର୍ଗମ; ଅତି
Suduṣchara ଦୁଃଖରେ ତରଣୀୟ; ସୁଦୁଷ୍କର—Very difficult to pass or perform.

ସୁଦୁଷ୍କର—ପ. ବଣ (ସୁ+ଦୁଷ୍କର)—୧ । ଅତି ଦୁଷ୍କାର୍ଯ୍ୟ—
Sudushkara 1. Very difficult to perform. ୨ । ଅତି କ୍ଲେଶକର—2. Very painful.

ସୁଦୁସ୍ତର—ପ. ବଣ (ସୁ+ଦୁର୍+ତୃ ଧାତୁ+କର୍ମ ଅ)—ଅତି ଦୁଃଖରେ
Sudustara ତରଣୀୟ—Very difficult to pass or cross

ସୁଦୁସ୍ତ୍ୟଜ—ପ. ବଣ (ସୁ+ଦୁର୍+ତ୍ୟଜ ଧାତୁ+କର୍ମ ଅ)—ଅତି
Sudustyaja ଦୁଃଖରେ ତ୍ୟାଜ୍ୟ—Which can be relinquished with much difficulty.

ସୁଦୂର—ପ. ବଣ—ଅତି ଦୂରରେ ଅବସ୍ଥିତ; ଅତି ଦୂରବର୍ତ୍ତୀ—
Sudūra Very far; very distant.

ସୁଦୂରଗାମୀ—ପ. ବଣ.ପୁଂ (ସୁଦୂରଗାମିନ୍ ୧ମା. ୧ବ)—ବହୁଦୂରଗାମୀ
Sudūragāmi Going to a long distance.
(ସୁଦୂରଗାମିନୀ—ସ୍ତ୍ରୀ)

ସୁଦୂର ପରାଜି(ହ)ତ—ପ. ବଣ—୧ । ଅତି ଦୂରରେ ପରାଜିତ—
Sudūra parāji(ha)ta 1. Vanquished a long way off; defeated at a distance. [ତ୍ର—ଶତ୍ରୁ ସାମାନ୍ୟତଃ ଆସି ପହଞ୍ଚିବା ଅଗରୁ ବହୁ ଦୂରରୁ ପଳସ୍ତ ହୋଇ ଏଣେତେଣେ ପଳାଇ ଯାଇଥିବା ଅବସ୍ଥାରେ ଏ ଶବ୍ଦର ବ୍ୟବହାର ହୋଇଥାଏ ।] ୨ । ସମ୍ପୂର୍ଣ୍ଣରୂପେ ପରାଜିତ—2. Totally vanquished. ୩ । ଚିର-ଧ୍ୱସ୍ତ—3. Destroyed or ruined for ever. ୪ । ସମ୍ପୂର୍ଣ୍ଣରୂପେ ଅସମ୍ଭବ—4. Totally impossible. [ଯଥା—ଓଡ଼ିଅ ଭାଷାର ଶବ୍ଦକୋଷ ସଙ୍କଳନକାର୍ଯ୍ୟରେ ପଥରେ ଗୁଡୁ ଗୁଡାଖ ଜର ଜଜର ଜାଣିବା ଜବାବ ହରିବା ଆଶା ସୁଦୂରପରାହତ ।]

ସୁଦୃକ୍—ପ. ବଣ. ପୁଂ. ଓ ସ୍ତ୍ରୀ (ବହୁବ୍ରୀ. ସୁ+ଦୃକ୍ ଯାହାଙ୍କର)—
Sūdṛuk ସୁନୟନ; ସୁନ୍ଦର ନୟନଯୁକ୍ତ—Having graceful eyes. [ପ. ବ—ସୁନ୍ଦରୀ ସ୍ତ୍ରୀ—A beautiful woman.

ସୁଦୃଢ଼—ପ. ବଣ. ତ୍ରି—ଅତି ଦୃଢ଼; ଗାଢ଼—Very strong
Sudṛurdha or firm.
(ସୁଦୃଢ଼ା—ସ୍ତ୍ରୀ) (ସୁଦୃଢ଼ତା—ବ).

ସୁଦୃଶା—ଦେ. ବ ଓ ବଣ. ସ୍ତ୍ରୀ (ସ ସୁଦୃକ୍)—ସୁଦୃକ୍ (ଦେଶ)
Sudṛuśā Sudṛuk (See)

ସୁଦୃଶ୍ୟ—ପ.ବଣ. ପୁଂ (ବହୁବ୍ରୀ; ସୁ+ଦୃଶ୍ୟ)—ସୁନ୍ଦର; ନୟନାଭିରାମ-
Sudṛuśya Beautiful; fine-looking.
(ସୁଦୃଶ୍ୟା—ସ୍ତ୍ରୀ)

ସୁଦୃଷ୍ଟି—ପ. ବ (କର୍ମଧା)—୧ । ଉତ୍ତମ ଦୃଷ୍ଟି—1. Good
Sudṛushṭi vision or sight. ୨ । ଅନୁଗ୍ରହପୂର୍ଣ୍ଣ

Digitized by srujanika@gmail.com

ଦୃଷ୍ଟି—2. Kind or favourable look. ୩ । (କଟୁଗାହ) —ଗୃଧ୍ର (ହ୍ର ଶ)—3. Vulture. (ଜ—କାଦୁଡ଼ଲେ ଋଷି ଅମୃତକୁ ଗ୍ରାସି କରିଲେ ସୁଦୃଶା—ଭଙ୍ଗ, ବୈଦେହୀଶ ବଳାସ ।)

ସଂ. ବହୁ (କଦୁର୍ଗାହ)—ଦୂରଦର୍ଶୀ (ହ୍ର. ଶ)—Having a long eyesight.

ସୁଦେଇ—ଦେ. ବ (ଅଦରାର୍ଥକ)—ସୁଦର୍ଶନର ଡାକ ନାମ—
Sudei Name for calling 'Sudarśana'.

ସୁଦେବୀ—ଦେ. ବ—ଫିରକି କଣ୍ଟା ଗୁଳ୍ମ—A kind of thorny
Sudebī plant; Caparis Separia.
ଆଁକୋଡ଼ [ଜ—ଅଳ୍ପ ସୁଦେବୀ, ପୁଣ ଭୁଙ୍ଗବଦ୍ୟା ଜଗୁଣେ । ଭଙ୍ଗ. ପିରେକ ପ୍ରେମସୁଧାକାବ୍ୟ ।]

ସୁଦେଶ—ସ. ବ—୧ । ଉତ୍ତମ ଦେଶ—1. A good country.
Sudeśa ୨ । ଉତ୍ତମ ସ୍ଥାନ—2. A good place.

ସୁଦେଷ୍ଣ—ସ. ବଣ. ପୁଂ (ନାମ)—ରୁକ୍ମିଣୀ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ପୁତ୍ର
Sudeshṇa (ହ୍ର. ଶ)—Name of a son of Śrī. krushṇa.

ସୁଦେଷ୍ଣା—ସ. ବ. ସ୍ତ୍ରୀ (ନାମ)—୧ । ବିରାଟ ରାଜାଙ୍କ ସ୍ତ୍ରୀ ଓ କୀଚକର
Sudeshṇā ଭଗିନୀ, ସାନ୍ଦ୍ରାଙ୍କ ଜନ୍ମରେ ଦ୍ରୌପଦୀ ପାଣ୍ଡବମାନଙ୍କ ଅଜ୍ଞାତବାସ ସମୟରେ ସୈରନ୍ଧ୍ରୀ ରୂପେ ଆଶ୍ରୟ ନେଇଥିଲେ । 1. Name of the queen of 'Birāṭa' king and sister of Kichaka. ୨ । ବଳିଙ୍କ ସ୍ତ୍ରୀ (ହ୍ର. ଶ) —2. Name of the wife of Bali.

ସୁଦେହ—ସ. ବ (କର୍ମଧା)—ସୁନ୍ଦର ଶରୀର—
Sudeha Beautiful body.
(ସୁଦେହା—ସ୍ତ୍ରୀ.ବଣ) ସଂ. ବଣ.ବୁଂ(କଦୁର୍ଗାହ)—କମନୀୟ ଶରୀର-ବିଶିଷ୍ଟ—Having a beautiful body.

ସୁଦୈବ—ସଂ. ବ—୧ । ସୌଭାଗ୍ୟ (ହ୍ର. ଶ)—1. Good for-
Sudaiba tune. ୨ । ଉତ୍ତମ ସଂଯୋଗ—2. Good combination.

ସୁଦୋହା(ଘା)—ସଂ. ବଣ. ସ୍ତ୍ରୀ (ସୁ+ଦୁହ୍ ଧାତୁ=କର୍ମ. ଅ + ସ୍ତ୍ରୀ.ଆ)
Sudohā(ghā) —ଯେଉଁ ଗାଈକୁ ସହଜରେ ଦୁହାଁ ଯାଇପାରେ—Easily milched (cow).

ସୁଦ୍ଧା—ଦେ. ଅ (ସଂ. ସାର୍ବଂ)—୧ । ପର୍ଯନ୍ତ—1. Upto. (ଯଥା—
Suddhā ଅବସୁଦ୍ଧା) ୨। ସମେତ—2. Including. (ଯଥା—ପର୍ଯ୍ୟନ୍ତ ତକ ସବସୁଦ୍ଧା) ୩ । ମଧ୍ୟ—3. Also; even.
ସମେତ ସୁଦ୍ଧା ମଧ୍ୟ ଭୀ

ସୁଦ୍ୟୁମ୍ନ—ସଂ. ବ—ବୈବସ୍ୱତ ମନୁଙ୍କ ପୁତ୍ର; ଇଳ ନାମକ ରାଜା—
Sudyumna Name of a son of 'Baibaswata Manu'; king Irda.
[ଜ—କଥିତ ଅଛି ଯେ, ହିମାଳୟରେ ଶାଙ୍କରଙ୍କ ସହ ଉମାଙ୍କର ରତିକ୍ରୀଡ଼ା ହେଉଥିବା ସମୟରେ ସୁଦ୍ୟୁମ୍ନ ସେଠାରେ ମୃଗୟା ଲଗି ପହଞ୍ଚିଲେ ଏବଂ ମହାଦେବଙ୍କ ଶାପଫଳରେ ସେ ସ୍ତ୍ରୀ ରୂପରେ ପରିଣତ ହୋଇ ଅରଣ୍ୟରେ ବୁଲିଲେ । ବୁଲି ବୁଲି ବୁଧଙ୍କ ସଙ୍ଗେ ତାଙ୍କର ହେଠ ହେଲା ଓ ବୁଧଙ୍କ ଔରସରେ ଏହାଙ୍କ ଗର୍ଭରୁ ପୁରୂରବା ଜାତ ହେଲେ । ପରେ ବୁଧଙ୍କ ଆରାଧନାରେ ତୁଷ୍ଟ ହୋଇ ମହାଦେବ ଦୟା କରିବାରୁ ଏ ପୁଣି ପୁରୁଷ ରୂପରେ ପରିଣତ ହେଲେ । ଅର୍ଗ୍ଗପୁରାଣ ସାଗରୋପାଖ୍ୟାନ ।]

ସୁଧ୍ (ଇତ୍ୟାଦି)—ଦେ. ବ ଓ ବି. ବଣ—ଶୁଧ୍ ଇତ୍ୟାଦି (ଦେଖ)
Sudh Śudh etc. (See)

ସୁଧ (ଇତ୍ୟାଦି)—ଦେ. ବ—ଶୁଧ ଇତ୍ୟାଦି (ଦେଖ)
Sudha (etc) Śudha etc.

ସୁଧନ୍ୱା—ସଂ. ବ. ପୁଂ [ସୁ+ଧନୁସ୍ (ଧନୁସ=ଧନ୍ୱନ୍) କଦୁର୍ଗାହ; ସୁନ୍ଦର
Sudhanwā ଧନୁ ଅଛି ଯାହାର; ସୁଧନ୍ୱନ୍ ୧ମା. ୧ବ]—୧ । ଶ୍ରେଷ୍ଠ ଧାନୁଷ୍କ; ଉତ୍କୃଷ୍ଟ ଧନୁର୍ଦ୍ଧର (ମେଦଗା)—1. An excellent archer; a master bowman. ୨ । ବିଶ୍ୱକର୍ମା (ମେଦଗା)—2. The Divine Architect. ୩ । ଜନୈକ ନୃପ—3. Name of a king.

[ଜ—ଦ୍ୱାରବତୀପୁରରେ ହଂସଧ୍ୱଜ ନାମରେ ଜଣେ ରାଜା ଥିଲେ । ସେ ବଳେ ପରମ ବୈଷ୍ଣବ ଏବଂ ତାଙ୍କର ଦୁଇ ପୁତ୍ର ସୁରଥ ଓ ସୁଧନ୍ୱା ମଧ୍ୟ ଠିକ୍ ସେହିପରି ବିଷ୍ଣୁ-ଭକ୍ତ ଥିଲେ ।

ଯୁଧିଷ୍ଠିରଙ୍କ ସଙ୍କଳ୍ପିତ ଅଶ୍ୱମେଧ ଯଜ୍ଞର ଅର୍ଜୁନ-ରକ୍ଷିତ ଅଶ୍ୱ ନାନା ଦେଶ ଭ୍ରମଣ କରି ଏହି ଦ୍ୱାରବତୀ-ପୁରରେ ଆସି ପହଞ୍ଚିଲା । ବିଷ୍ଣୁଭକ୍ତ ହଂସଧ୍ୱଜ,କୃଷ୍ଣଙ୍କ ଦର୍ଶନ-ଲାଭର ମହାସୁଯୋଗ ଉପସ୍ଥିତ ହେବା ଦେଖି, ଯଜ୍ଞ ଅଶ୍ୱକୁ ବନ୍ଧନ କଲେ; ତେଜଳ ଏଚ୍ଛିକ ମୁନ୍ଦେ, ସେ କୃଷ୍ଣସଖା ଅର୍ଜୁନଙ୍କୁ ଧରିବାଲାଗି ପ୍ରସ୍ତୁତ ହେଲେ; ପୂର୍ବ ଲାଗି ବଯୁଲ ଅଯୋଜନ ହେଲା । ରାଜା ଘୋଷଣା କଲେ, ଯେ ଅର୍ଜୁନଙ୍କ ବରୁଦ୍ଧରେ ଯୁଦ୍ଧରେ ଯୋଗଦାନ ନ କରିବ, ନରକଅଗ୍ନୀଯୁ ହେଲେ ସୁଦ୍ଧା ତାହାକୁ ଉପ୍ତଚର୍ତ୍ତିଳପୂର୍ଣ୍ଣ କଟାହରେ ନକ୍ଷେପ କରିବି ।

ହରିଭକ୍ତ ହଂସାବର ସୁଧନ୍ୱା ସହ ଯୁଦ୍ଧ ଲଗି ସମୁସ୍ତୁତ ହେଲେ; ସୁଦ୍ଧାର୍ଥ ଦ୍ରୁତ୍ତ ହୋଇ ସୁର୍ଜ୍ଜା ଓ ଜନମାନଙ୍କ ସଙ୍ଗେ ଦେଖା କରିବାକୁ ଗଲେ । ସହୀଙ୍କ ନରକଠାରୁ ବଦାୟ ନେଇ ଅସ୍ତ୍ର ଅସ୍ତ୍ର ଶିକ୍ଷିତ ବାଳମ୍ ହୋଇଗଲ୍ଲ ।

ଏଣେ ଯଥାସମୟରେ ଘୁଡୁକୁ ଉପସ୍ଥିତ ହେବା ନ ଦେଖି ହଂସଧ୍ୱଜ ପୂର୍ବ ପ୍ରତିଜ୍ଞାନୁସାରେ ଦଧନ୍ୱାକୁ ତପ୍ତ ତୈଳପୂର୍ଣ୍ଣ କଟାହରେ ନକ୍ଷେପ କରିବାକୁ ଆଦେଶ ଦେଲେ ।

କୃଷ୍ଣଭକ୍ତ ସୁଧନ୍ୱା ପିତୃ ଆଦେଶ ପାଳନ କରିବାରେ ବିରତ ହେଲେ ନାହିଁ । ତାହାକୁ ତପ୍ତତୈଳ କଟାହରେ ନକ୍ଷିପ୍ତ କରିଦଆ । କିନ୍ତୁ ଭକ୍ତକୁ ବିଷ୍ଣୁ ରକ୍ଷା କଲେ । ବିଷ୍ଣୁଙ୍କ ବରରେ ସୁଧନ୍ୱା କୃଷ୍ଣନାମ

Digitized by srujanika@gmail.com

ମୃଗରେ ଜ୍ଞାରଣ କରୁ କରୁ ଉକ୍ତ ଦଣ୍ଡ ଦଣ୍ଡାଦ୍ୱାରୁ ବାହାରଲେ । ଏହା ଦେଖି ସମସ୍ତେ ବର୍ତ୍ତିତ ହେଲେ ।

ତତ୍ପରେ ଯୁଦ୍ଧ ଅରମ୍ଭ ହେଲା । ଅର୍ଜୁନ କୌଶଳି-ରୁପେ ସୁଧନ୍ୱାଙ୍କୁ ପରାଜିତ କରି ପାରିଲେ ନାହିଁ । ସୁଧନ୍ୱାଙ୍କ ବାଣାଘାତରେ ଅର୍ଜୁନଙ୍କ ରଥ ବହୁଦୂର ଜଡ଼ୀଭୂତ ହୋଇଥିବାରୁ ଅର୍ଜୁନ ଜାତରକ୍ଷାରେ କୃଷ୍ଣଙ୍କୁ ଧ୍ୟାନ କଲେ । ଶେଷରେ କୃଷ୍ଣଙ୍କ କୌଶଳରେ ସୁଧନ୍ୱାଙ୍କ ମସ୍ତକ ଦେହରୁ ଚ୍ୟୁତ ହୋଇ କୃଷ୍ଣଙ୍କ ପଦକମଳରେ ପଡ଼ି ହରିନାମ ଉଚ୍ଚାରଣ କଲା । ଏହିପରି ସୁଧନ୍ୱାଙ୍କର ମୁକ୍ତି ହେଲା ।

ସଙ୍କଳୟିତା—ଶ୍ରୀ ଜଗନ୍ନାଥ ମିଶ୍ରାଠୀ ।

ସୁଧର ୪ । ଅନନ୍ତଦେବ; ଶେଷଦେବ—4. An incarnation of Bishṇu in the shape of serpent. ୫ । ସୁର୍ଯ୍ୟଙ୍କ କନ୍ୟା ଉପଙ୍କଙ୍କ ଗର୍ଜ୍ଜାତ କୁରୁଙ୍କ ସନ୍ତାନ (ହ. ଶ)—5. Name of a son of Kuru. ୬ । ବିଷ୍ଣୁ (ହ. ଶ)—6. Bishṇu. ୭ । ବିଦୁର (ହ. ଶ)—7. Bidura. ୮ । ଅଙ୍ଗିରସ (ହ. ଶ)-8. Angirasa. ୯ । ସୁଧନ୍ୱାଗୁର୍ଯ୍ୟ (ହ. ଶ) (ଦେଖ) 9. Sudhanwāchārjya (See)

ସୁଧନ୍ୱାଗୁର୍ଯ୍ୟୀ—ସଂ ବ—ବ୍ରାତ୍ୟ ବୈଶ୍ୟଙ୍କ (ଅର୍ଥାତ ଯେଉଁ ବୈଶ୍ୟଙ୍କର Sudhanwāchārjya ବ୍ରତ ହୋଇ ନଥାଏ ତାଙ୍କ) ଔରସରେ ସବର୍ଣ୍ଣା ସ୍ତ୍ରୀଗର୍ଜ୍ଜାତ ଜାତ (ମନୁ ୧୦ମ ଅଧ୍ୟାୟ)— The son of a fallen Baiśya (i e, a Baiśya who had not had his investiture) through a woman of the same caste.

ସୁଧର(ରେ)ଇବା—ଦେ. କି—ଶୁଦୁରାଇବା (ଦେଖ) Sudharā(re)ibā Śudurāibā (See)

ସୁଧରଣ—ଦେ. କ—ଶୁଧରଣ (ଦେଖ) Sudharāṇa Śudharāṇa (See)

ସୁଧର୍ମ—ସଂ. ବ—୧ । (ନାମ) ଜଳନ ଗଣାଧିପବଶେଷ— Sudharma 1. Name of a Jaina saint. [ଦ୍ର—ଏ ମହାତ୍ମାଙ୍କ ଦଶ ଶିଷ୍ୟ ମଧ୍ୟରୁ ଜଣେ (ହ.ଶ) ।] ୨ । (ନାମ) କନ୍ନରେଶ୍ୱରବିଶେଷ (ହ. ଶ.)— 2. Name of a king of the Kinnaras. ୩ । ପୁଣ୍ୟ ଧର୍ମ; ପୁଣ୍ୟ କର୍ତ୍ତବ୍ୟ କର୍ମ (ହ. ଶ.)— 3. Good work; pious duty. ବେ. ବ୍ରଣ (ସଂ. ସୁଧର୍ମା) –ସୁଧାର; ଶାନ୍ତ; ଯେ ଦୁଷ୍ଟ ନୁହେଁ— Mild; gentle.

ସୁଧର୍ମା—ସଂ. ବ୍ରଣ (ସୁ+ ଧର୍ମନ୍; ୧ମା. ୧ବ)—୧ । (ପୁଂ) ଅତି ଧାର୍ମିକ; Sudharmā ଧର୍ମିଷ୍ଠପୁରୁଷ—1. Very pious. ସଂ. ବ— ୧ । (ପୁଂ) କୁଟୁମ୍ବୀ (ଜ୍ଞାତିବୋଧକ); କୁଟୁମ୍ବପାଳକ ଗୃହସ୍ଥ (ହ. ଶ)—1. The head of a family; a householder. ୨ । (ସ୍ତ୍ରୀ) ଦେବସଭା; ଇନ୍ଦ୍ରଙ୍କ ସଭା— 2. Name of the court of God Indra where the gods assemble for deliberation and sport. ୩ । (ପୁଂ) ଶେଷ ଜୈନଙ୍କର ଜନୈକ ଶିଷ୍ୟ; ଜୈନମାନଙ୍କର ଗଣାଧିପ ବିଶେଷ (ହ. ଶ) 3. Name of a disciple of the last Jaina saint. ୪ । (ପୁଂ) କ୍ଷତ୍ରିୟ (ହ. ଶ) — 4. A Kshatriya. ୫ । (ନାମ) ଦଶାର୍ଣ୍ଣ ଜଣେ ରାଜା (ହ. ଶ)—5. Name of a king of Daśārṇṇa. ଦେ. ବ୍ରଣ –୧ । ନମ୍ର; ଶାନ୍ତ— ସୁଶୀଳ, ସଦ୍ 1. Mild; meek. [ଜ - ସୁଧର୍ମା ଗାଈର ବାଛୁରୀ ମରେ ।] ୨ । ସୁଶୀଳ—2. Well disposed; of good nature.

ସୁଧର୍ମା ଗାଈ—ଦେ. ବ—ଶାନ୍ତ ସ୍ୱଭାବଯୁକ୍ତା ଗାଈ; ଯେଉଁ ଗାଈଠାରୁ Sudharmā gāī ଦୁଧ ଦୁହିଁବାକୁ କଷ୍ଟ କଷ୍ଟ ହୁଏ ନାହିଁ, ଠାଣ୍ଡା ଗାଈ ଅର୍ଥାତ୍ ଯେ ଦୁଧ ଦୁହିଁଲବେଳେ ଦୁଖାମି କରେ ନାହିଁ— ସଦ୍ ଗାୟ A meek milch-cow.

ସୁଧର୍ମା ଗାଈର ବାଛୁରୀ ମରେ—ଦେ. ପ୍ରବଚନ ନ୍ୟାୟ—ସୁଶୀଳା ଗାଈ- Sudharmā gaīra bāchhurī mare ଠାରୁ ଦୁଧ ଦୁହିଁଗଲବେଳେ ସେ ଦୁଖାମି କରେ ନାହିଁ; ଏଥିଯୋଇଁ ସେତେ ଡାଠାରୁ ଦୁଧ ବାଃଶେଷ କରି ଦୁହାଁ ହଅନ୍ତି । ଫଳରେ ଦୁଧ ଦୁହାଁସରିଲା ପରେ ଭା ଜଳ ବାଛୁରୀର ପିଇବା ପାଇଁ ଗାଈ ଠାରେ ଅତଦୀ ଦୁଧ ନ ଥାଏ । ତେଣୁ ଛୁଲ୍ଲ ଗାଈର ବାଛୁରୀ ମାଆଠାରୁ ଦୁଧ ପିଇବାକୁ ନ ପାଇବାରୁ ମରିଯାଏ । ଶାନ୍ତଶୀଳ ବ୍ୟକ୍ତିର ତୋମଳ ବ୍ୟବହାରର ସେତେ ଅପ-ବ୍ୟବହାର କରନ୍ତି ଓ ତହିଁର ଫଳରେ ସେ କଷ୍ଟ ଭୋଗ କରେ । ଏହି ଭାଷାଙ୍ଗରେ ଏ ପ୍ରବଚନ ବୋଲାଯାଏ ।

ଆଉ ମଧ୍ୟ ଧର୍ମଜ୍ଞାନୀ ବ୍ୟକ୍ତିର ଅଳଷ୍ଟ ଘଟିଲେ ସେତେ ଏ ପ୍ରବଚନ ବ୍ୟବହାର କରନ୍ତି—]

A proverb meaning "The calf of meek cow starves".

ସୁଧର୍ମୀ—ସ. ବ. ସ୍ତ୍ରୀ—୧ । (ସୁଧର୍ମ+ଈ) (ସ୍ତ୍ରୀ) ଦେବସଭା (ଅମର) Sudharmī ଠାକୁରାଣୀ)—1. Name of Indra's court. ୨ । (ପୁଂ) (ସୁଧର୍ମ+ଇନ୍; ୧ମା. ୧ବ) ଧର୍ମପରାୟଣ (ହ. ଶ)—2. Pious.

ସୁଧା—ସ. ବ (ସୁ=ସୁଖରେ+ଧେ ଧାତୁ=ପାନ କରିବା+କର୍ମ. ଅ Sudhā +ଆ; ଯାହା ସୁଖରେ ପାନ କରିଯାଏ) –୧ । ଅମୃତ (ଅମର); ଘୀଯୁକ୍ତ—1. Nectar; ambrosia. ୨ । ଲେପନ (ସେବଳା)—2. Anointing; smearing. ୩ । ଚୂନ (ସେବଳା); ଜଳଚୂନ—3. Lime; quick-lime. (ଦ୍ର—ଶବ ଘରୁଥିଯାକ ତ, ସ୍ୱଧ ରେ ଲେପିତ— କୃତ୍ତିବାସ. ମହାତ୍ମାରତ. ବଳ ।) ୪ । ମୂର୍ବୋ (ସେବଳା) ମୁରୁଗା ଗୁଳ—4. Sansveira Zeylanica.

Digitized by srujanika@gmail.com

plant. ୫ । ସ୍ନୁଷ୍ଣା; ସିଜୁଗଛ (ମେଦ୍ଦ)—5. Euphorbia tree. ୬ । ଗଙ୍ଗା (ମେଦ୍ଦ)—6. The Ganges. ୭ । ଇଷ୍ଟକା; ଇଟା—7. Brick. ୮ । ଚଞ୍ଚଳ (ଧ୍ୱନ୍ୟତ୍ମକ)—8. Lightning; electricity. ୯ । ରସ (ଧ୍ୱନ୍ୟତ୍ମକ)—9. Juice. ୧୦ । ତୋୟ; ଜଳ (ଧ୍ୱନ୍ୟତ୍ମକ)—10. Water. ୧୧ । ଧାତ୍ରୀ; ଆମଳକ; ଅଁଳା (ଧ୍ୱନ୍ୟତ୍ମକ)—11. Phylanthus Emblica. ୧୨ । ତ୍ରିଫଳା; ତ୍ରିଫଳ (ଶବ୍ଦଚନ୍ଦ୍ରି)—12. Myrobalan. ୧୩ । ଶାଳପର୍ଣ୍ଣୀ (ଗୁଣନାମର୍ଘଟ୍ଟ)—13. A medicinal plant. ୧୪ । ପୁଷ୍ପରସ; ମକରନ୍ଦ—14. The juice or honey from flowers. ୧୫ । ଜ୍ୟୋତ୍ସ୍ନା; ଚନ୍ଦ୍ରିକା—15. Moon-beam. ୧୬ । ମଦ୍ୟ; ମଦରସ—16. Wine. ୧୭ । ଦୁଗ୍ଧ (ହି. ଶ)—17. Milk ୧୮ । ଅରଖ (ହି. ଶ)—18. Essence. ୧୯ । ପୃଥିବୀ (ହି. ଶ)—19. The earth. ୨୦ । ବିଷ; ଗରଳ (ହି. ଶ)—20. Poison. ୨୧ । ଗୁଡ଼ୁଚ (ହି ଶ)—21. Tinaspora Cordifolia (creeper). ୨୨ । ରୁଦ୍ରଙ୍କ ସ୍ତ୍ରୀ (ହି. ଶ)—22. Wife of the Rudra Deity. ୨୩ । ଝୁଅ (ହି. ଶ)—23. Daughter. ୨୪ । ବଧୂ (ହି. ଶ)—24. Daughter-in-law. ୨୫ । ଧାମ; ଘର (ହି. ଶ)—25. Residence. ୨୬ । ମଧୁ (ହି. ଶ)—26. Honey.

ସୁଧାଂଶୁ—ସଂ. ବ (ସୁଧା=ଅମୃତ ସହ ଅଂଶୁ=କିରଣ ଯାହାର; Sudhāmśu ବହୁବ୍ରୀ)—୧ । ହିମାଂଶୁ; ଚନ୍ଦ୍ର; ଚନ୍ଦ୍ରମା—1. The moon. ୨ । କର୍ପୂର—2. Camphor.

ସୁଧାଂଶୁ ତୈଳ—ସ. ଷ—କର୍ପୂର ତେଲ (ଗୁଜ ଜର୍ଘଷ୍ଟ)—Sudhāmśu taila Camphor oil.

ସୁଧାଂଶୁ ରତ୍ନ (ରକ୍ତ)—ସଂ. ବ—ମୌକ୍ତିକ; ମୁକ୍ତା (ଗୁଜନାମର୍ଘଟ୍ଟ)—Sudhāmśu ratna(rakta) Pearl.

ସୁଧାଂଶୁ ଶେଖର—ସ. ବ. ପୁଂ (ବହୁବ୍ରୀ; ସୁଧାଂଶୁ=ଚନ୍ଦ୍ର ଅଟନ୍ତି Sudhāmśu śekhara ଶେଖର=ଶିରୋଭୂଷଣ ଯାହାଙ୍କର)—ଶଶିଶେଖର; ମହାଦେବ—God Śiva. ଦେ. ବ (ପୁଂ)—ପୁରୁଷଙ୍କୁ ଦିଆଯିବା ନାମ—A name given to males;

ସୁଧା(ଧେ)ଇବା—ଦେ. ବ—ଶୁଧାଇବା (ଦେଶ) Sudhā(dhe)ibā Śudhāibā (See)

ସୁଧା କଣ୍ଠ—ସଂ. ବ (ବହୁବ୍ରୀ)—କୋକିଳ (ହି. ଶ)—Sudhā kaṇṭha The Indian cuckoo.

ସୁଧାକର ସଂ. ବ (ସୁଧା=ଅମୃତ+ଆକର=ଉତ୍ପତ୍ତିସ୍ଥାନ, ଅର୍ଥାତ୍ Sudhākara ଚନ୍ଦ୍ର)—ଚନ୍ଦ୍ର—The moon. ଦେ. ବ. ସୁଧାକର ସୁଧାକର ପୁଂ—ପୁରୁଷଙ୍କ ନାମ—A name given to males.

ସୁଧାକର ଦ୍ୱିବେଦୀ—ଦେ. ବ—୧ । ପ୍ରସିଦ୍ଧ ବ୍ରାହ୍ମଣ ଜ୍ୟୋତିଷୀ ଗଣିତଜ्ञ Sudhākara dwibedī ପଣ୍ଡିତ—1. A late famous mathematician. [ଦ୍ର—ଏହାଙ୍କର ଜନ୍ମ ୧୮୬୦ ଖ୍ରୀଷ୍ଟାବ୍ଦରେ । ଏ ଇଂରାଜ ଓ ଫରାସୀ ଗଣିତରେ ପାରଦର୍ଶୀ ହୋଇ ଇଉରୋପୀୟ ଗଣିତ ଅବଲମ୍ବନରେ ଗଣିତ ଓ ଜ୍ୟୋତିଷ ଅନେକ ସଂସ୍କୃତ ଗ୍ରନ୍ଥ ରଚନା କରିଥିଲେ । ଏହାଙ୍କ କୃତ 'ଗଣିତରଙ୍ଗିଣୀ' ନାମକ ଜ୍ୟୋତିଷଗ୍ରନ୍ଥ ଅତି ପ୍ରସିଦ୍ଧ । ଏ କାଶୀ ସଂସ୍କୃତକଲେଜର ପ୍ରଧାନ ଗଣିତ ଅଧ୍ୟାପକ ଥିଲେ । ଏ ଦୁରୁହ ଗଣିତର ଔତ୍ୟ ଅବଲମ୍ବନ କରି ସ୍ଥୂଳବୁଦ୍ଧି ସାଧାରଣୋପଯୋଗୀ ସାରଣୀ ପ୍ରସ୍ତୁତ କରିଥିଲେ । ଏ ବ୍ରହ୍ମସିଦ୍ଧାନ୍ତର ପ୍ରକାଶିକା ନାମକ ଏକ ଟୀକା କରିଥିଲେ । ଏହି ସବୁ ଗାଣିତିକ୍ୟପୂର୍ଣ୍ଣ କାର୍ଯ୍ୟପାଇଁ ଏ ସରକାରଙ୍କଠାରୁ 'ମହାମହୋପାଧ୍ୟାୟ' ଉପାଧି ପାଇଥିଲେ ।] ୨ । ଶ୍ରୀଷ୍ଟୀୟ ଦଶମ ଶତାବ୍ଦୀର ପ୍ରସିଦ୍ଧ ଜ୍ୟୋତିଷାଗ୍ରର୍ଯ୍ୟ—2. Name of an astrologer of the 10th century A. D. [ଦ୍ର—ଏହି ସୁଧାକର ଦ୍ୱିବେଦୀଙ୍କ ବଂଶସ୍ଥ ପଣ୍ଡିତ ଦେବୁଶେଖର ମିଶ୍ରଙ୍କ ପ୍ରଣୀତ ସାମନ୍ତ ଚନ୍ଦ୍ରଶେଖରଙ୍କ ଜାତକ ଗ୍ରନ୍ଥର ୫୫ ପୃଷ୍ଠାରେ ଲେଖାଅଛି—

"ପଣ୍ଡିତ ସୁଧାକର ଦ୍ୱିବେଦୀ ଦଶମ ଶତାବ୍ଦୀର ଲୋକ ଥିବାର ଅନୁମିତ ହୁଏ; କାରଣ ଉହାଙ୍କୁ "ଗଣକତରଙ୍ଗିଣୀ" ବା 'ମୁଞ୍ଜଳା' ଶ୍ରୀଷ୍ଟାବ୍ଦ ୯୩୩ରେ ପ୍ରଣୀତ ହୋଇଥିଲା ।]

ସୁଧାକାର—ସଂ. ବ—୧ । କାନ୍ଥ ଆଦିକୁ ଚୂନ ସଫେଦ କରିବାକାର୍ଯ୍ୟକୁ Sudhākāra (ହି. ଶ)—1. A person who whitewashes walls etc. ୨ । ରାଜମିସ୍ତ୍ରୀ (ହି. ଶ)—2. Mason.

ସୁଧାକୋଷ—ସଂ. ବ (ଶୁଦ୍ଧି ତତ୍ତ୍ୱ; କର୍ମ. ସ. ଘ. ଲେ ସୁଧା+କୋଷ)—Sudhā kosha ଅମୃତର ବା ଅମୃତମୟ ଭଣ୍ଡାର—The store of nectar. (ଉ—ବସୁଧାରେ ସୁଧାକୋଷ କୋଲ୍ଲଇ, ଶ୍ରାଫଲ ସ ବଫଲ କରଇ—ଭଞ୍ଜ, କୋଷବ୍ରହ୍ମାଣ୍ଡସୁନ୍ଦର ।)

ସୁଧାକ୍ଷାଳିତ—ସଂ. ବଣ (ଂକ୍ଷା ତତ୍ତ୍ୱ) ଚୂନଦ୍ୱାରା ଧଳା ହୋଇଥିବା Sudhākshālita (ହି. ଶ)—Whitewashed.

ସୁଧାଖଡ଼ି—ପ୍ରାଦେ (ଗଞ୍ଜାମ) ବ (ବୈଦ୍ୟକ)—ବନ୍ୟ ଗୁଳୁଚ୍ଛପ୍ରଭେଦ Sudhā khaṛdi ଖଡ଼ସିଜୁ (ଦେଶ)—A wild plant. [ଦ୍ର—ଏହା ଶୁଷ୍ଟତ୍ୱ କଟୁ, ମଳରୋଧକ ଓ ଜ୍ୱରଜ୍ୱାଳାନାଶକ ଅଟେ—ଦ୍ରବ୍ୟଗୁଣ-କଲ୍ପଦ୍ରୁମ ।]

ସୁଧା ଘଟ—ସଂ. ବ—୧। ଅମୃତପୂର୍ଣ୍ଣ ଜଳପାତ୍ର—1. A pitcher full Sudhā ghaṭa of nectar. ୨ । ଚନ୍ଦ୍ର (ହି. ଶ)—2. The moon.

ସୁଧାଙ୍ଗ—ସଂ. ବ (ବହୁବ୍ରୀ; ସୁଧା ସହ ଅଙ୍ଗରେ ଯାହାର)—ଚନ୍ଦ୍ର—Sudhāṅga The moon.

Digitized by srujanika@gmail.com

ସୁଧାଜୀବୀ—ସ. ବି. ପୁଂ (ସୁଧା=ଚୂନଢାମ+ଜୀବ୍ ଧାତୁ+ଣିନ୍ ଇନ୍; Sudhājībī ୧ମା ୧ବ)—୧ । ରାଜ ମିସ୍ତ୍ରୀ—1. A mason. ୨ । ସୁଧା ଲେପକ (କବିତାଶ୍ରେଷ)—2. A white washer.

ସୁଧା ଝର—ଦେ. ବ—୧। ସୁଧାଧାରା; ଅମୃତର ଧାରା—1. A flow of nectar. ୨। ଅମୃତସ୍ରାବୀ ଝରଣା—2. A spring of nectar.

Sudhā jhara ସୁଧାଝର ସୁଧାଝର

ସୁଧାଝରି—ଦେ. ବ—୧ । ସୁଧା ପାତ୍ର (ଦେଖ)—1. Sudhāpātra (See) (ଝ—ଚନ୍ଦ୍ରରୁ ଚମୁଡ଼ି ସୁଧାଝର ଚରଚ୍ଛବିର ମୃଗେ ଭର—ଭବଦର୍ଥ କବୋଷ୍ଣ ଚଞ୍ଚୁ ଚ ଗୀତ ।)

Sudhā jhari

ସୁଧାତୁ—ସ. ବ—ସ୍ୱର୍ଣ୍ଣ (ହି. ଶ)—

Sudhātu Gold.

ସୁଧାତୁଦକ୍ଷିଣ—ସ. ବଣ (ବହୁବ୍ରୀ.)—ଯେଉଁ ବ୍ୟକ୍ତି ଯଜ୍ଞାଦରେ ସ୍ୱବର୍ଣ୍ଣ ଦକ୍ଷିଣା ଦିଅନ୍ତି—(a person) Bestowing gold as Dakshiṇā in vedic sacrifice.

Sudhātudakshiṇa

ସୁଧା ଦୀଧିତି—ସଂ. ବ (ବହୁବ୍ରୀ.)—ସୁଧାଂଶୁ; ଚନ୍ଦ୍ର—

Sudhā dīdhiti The moon.

ସୁଧା ଧବଳ—ସଂ. ବିଣ—୧ । ଚୂନ ବା ଚନ୍ଦ୍ରକିରଣ ପରି ଧଳା—Sudhā dhabaḷa 1. White as lime or moonlight. ୨ । ଚୂନ ବୋଳା ବା ଧଉଳା ଦୋଇଥିବା—2. White washed.

ସୁଧା ଧବଳିତ(ଧୌତ)—ସଂ.ବିଣ (ଷଷ୍ଠୀ ତତ୍)—ଚୂନ ଲଗା ଦେବାରୁ ଧଳା ଦୋଇଥିବା—Sudhā dhabaḷita(dhauta) White washed.

ସୁଧାଧାର—ସଂ. ବ (ଷଷ୍ଠୀ ତତ୍, ସୁଧା+ଅଧାର=ସ୍ଥାନ, ଅଥବା ସୁଧା+ଆ+ଧୃ ଧାତୁ=ଧରିବା+କର୍ତ୍ତୃ ଅ)—୧ । ଅମୃତ ପାତ୍ର—1. A vessel of nectar. ୨ । ଚନ୍ଦ୍ର—2. The moon.

Sudhā dhāra ସୁଧା ଧାର—ସଂ. ବ (ଷଷ୍ଠୀ ତତ୍)—ଅମୃତର ଧାରା—A flow of nectar. [ଝ—ସୁଧାରସ ସୁଧାଧାରା ଧାରସ୍ଥାନ ଜଳବଧା—ଶୃଙ୍ଖଳା ।]

ସୁଧା ନିଧି—ସଂ. ବ (ଷଷ୍ଠୀ ତତ୍; ସୁଧା+ନିଧି=ସ୍ଥାନ)—୧ । ଚନ୍ଦ୍ର Sudhānidhi (ଶବ୍ଦରତ୍ନାବଳୀ)—1. The moon. ୨ । ସମୁଦ୍ର (ହି. ଶ)—2. The ocean.

ସୁଧାପୟଃ—ସଂ. ବ (ଷଷ୍ଠୀ ତତ୍; ସୁଧାପୟସ୍; ୧ମା ୧ବ)—ସିଜୁଗଛର (ଶବ୍ଦକଳ୍ପଦ୍ରୁମ)—The juice of 'Sijhu' tree. Sudhāpayaḥ

ସୁଧା ପାଣି—ସଂ. ବ (ସୁଧା+ପାଣି=ହସ୍ତ; ବହୁବ୍ରୀ.)—ଧନ୍ୱନ୍ତରି—Sudhā pāṇi The Divine Physician.

ସୁଧା ପାତ୍ର ସଂ. ବ—ଅମୃତ ରଖିବା ପାତ୍ର—Sudhā pātra A receptacle for nectar.

ସୁଧା ପାନ—ସଂ. ବ (ଷଷ୍ଠୀ ତତ୍)—ଅମୃତ ପିଇବା—Sudhā pāna Drinking of the nectar.

ସୁଧା ପାଷାଣ—ସଂ. ବ (ମ. ଶ. ଲୋ)—ଫୁଲଖଡ଼ି; ଚକ୍‌ଖଡ଼—Sudhā pāshāṇa Chalk.

ସୁଧାବର୍ଷୀ—ସଂ. ବଣ (ସୁଧା+ବୃଷ୍ ଧାତୁ=ବରଷିବା+ଣିନ୍ ଇନ୍; ସୁଧାବର୍ଷିଣୀ—ସ୍ତ୍ରୀ) ସୁଧାବର୍ଷଣ ଶବ୍ଦର ୧ମା ୧ବ)—ଯେ ସୁଧା ବର୍ଷଣ କରେ—Raining nectar. ସଂ. ବ—୧ । ବ୍ରହ୍ମା (ହି. ଶ) 1. Brahmā. ୨ । ଏକ ବୁଦ୍ଧଙ୍କ ନାମ—2. Name of a Buddhist saint. ୩ । ଚନ୍ଦ୍ର; ସୁଧାକର—3. The moon.

Sudhāvarshī

ସୁଧାବାସ—ସଂ. ବ—୧ । (ଷଷ୍ଠୀ ତତ୍; ସୁଧା=ଅମୃତ+ଆବାସ=ସ୍ଥାନ)—ଚନ୍ଦ୍ର—The moon. ୨ । ସୁଧାବାସା (ଦେଶ)—2. Sudhābāsā (See) ୩ । ଚୂଣ୍ଡମୟ ଗୃହ—3. white wasted house.

Sudhābāsa

ସୁଧାବାସା—ସଂ. ବ—ଶସ୍ୟୁଷୀ (ବୃଜନଦର୍ଶ); କାକୁଡ଼—Sudhābāsā Cucumber.

ସୁଧା ଭାଣ୍ଡ—ସଂ. ବ (ଷଷ୍ଠୀ ତତ୍)—ସୁଧାପାତ୍ର (ଦେଖ) Sudhābhāṇḍa Sudhāpātra (See)

ସୁଧାଭିତ୍—ସଂ. ବ (ମ. ଶ. [ଲୋ)—ଚୂନ ପଫେଦ କରି ଯାଇଥିବା କାନ୍ଥ (ହି.ଶ)—Whitewashed wall. Sudhā bhitti

ସୁଧାଭୁକ୍(ଜୀ)—ସଂ. ବ (ସୁଧା+ଭୁଜ୍ ଧାତୁ+କର୍ତ୍ତୃ କଃ; ସୁଧା ଭୁଜ୍; ସୁଧା+ଭୁଜ ଧାତୁ+କର୍ତ୍ତୃ ଇନ୍ ଶବ୍ଦ ୧ମା ୧ବ)—ଦେବତା—Deity. Sudhābhuk(bhojī)

ସୁଧାଭୃତି—ସଂ. ବ (ସୁଧା+ଭୃ ଧାତୁ+ଅପ୍ ଭ)—୧ । ଚନ୍ଦ୍ର (ମେଦନୀ) 1, The moon. ୨। ପଞ୍ଚ (ମେଦନୀ) (ସୁଧାସୃ—ଅନ୍ୟରୂପ) 2. Vedic sacrifice. Sudhābhṛuti

ସୁଧାମ—ସ. ବ—୧ । ଉତ୍ତମ ଧାମ—1. A good abode. ୨। ଚନ୍ଦ୍ରମା (ହି.ଶ)—2.The moon. ୩। ପ୍ରାଚୀନ ଋଷିବିଶେଷ—3 Name of an ancient saint. Sudhama

ସୁଧା ମଧୁର—ସ. ବଣ—ଅମୃତ ପରି ମିଠା—Sudhā madhura Sweet as nectar.

ସୁଧାମୟ—ସଂ ବଣ (ସୁଧା+ପ୍ରାଚୁର୍ଯ୍ୟାର୍ଥେ. ମୟ)—୧। ଅତି ମଧୁର—Sudhāmaya 1. Very sweet. ୨ । ଅମୃତପୂର୍ଣ୍ଣ—[ସୁଧାମୟୀ—ସ୍ତ୍ରୀ. ବଣ] 2. Full of nectar. ୩ । ତୁର୍ଣ୍ଣମୟ—3. Full of quick-line. ସ. ବ—ଧଳାଲଭବନ; ରାଜଭବନ (ଶବ୍ଦରତ୍ନାବଳୀ)—A palace.

ସୁଧା ମଯୂଖ—ସ. ବ (ବହୁବ୍ରୀ.)—ସୁଧାକର; ଚନ୍ଦ୍ର—Sudhā mayūkha The moon.

Digitized by srujanika@gmail.com

[ଉ—ଇଲ୍ଲ ମାଡ଼ୁଛ ଦେଶ, ମୁଖ ସୁଧାସମ୍ପୂର୍ଣ୍ଣ ।
ଦକ୍ଷିଣ ମୂର୍ଯ୍ୟ· ଦଶୋତ୍ତ ଦକ୍ଷ୍ମ୍ର ଜୀତ ।]

ସୁଧା ମୁଖ—ସଂ· ବ (ମଧ୍ୟପଦଲୋପୀ କର୍ମଧାରୟ)—ସୁଧାପୂର୍ଣ୍ଣ ମୁଖ; ସୁନ୍ଦର Sudhā mukha ମୁଖ—A face as sweet as nectar· ସଂ· ବହୁ· ସୁ· (ବହୁବ୍ରୀହି)—ଯାହାର ମୁଖ [ସୁଧାମୁଖୀ—ସ୍ତ୍ରୀ] ଅମୃତ ପରି ମନୋରମ—Having a beautiful face; sweet-faced.

ସୁଧାମୁଖୀ—ସଂ· ବହୁ· ସ୍ତ୍ରୀ—'ସୁଧାମୁଖ'ର ସ୍ତ୍ରୀଲିଙ୍ଗ—Feminine of Sudhāmukhī 'Sudhā mukha'· ସଂ· ବ· ସ୍ତ୍ରୀ—ଅପ୍ସରୋ- ସୁଧାମୁଖୀ **सुधामुखी** ବିଶେଷ (ହି· ଶ)—Name of a heavenly nymph· ଦେ· ବ· ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ସୁଧାମୂଲି—ସଂ· ବ—ସାଲମ୍ ମିଶ୍ରି (ଦେଶ)
Sudhāmulī Sālam misrī (See)

ସୁଧା ମୋଦକ—ସଂ· ବ—ଯବାସ ଶର୍କରା (ବ୍ରଜ ଜର୍ମାଣ); ଦୁଗ୍ଧଲବ୍ଧରୁ Sudhā modaka ପ୍ରସ୍ତୁତ ଗୁଡ଼—Molasses prepared from Fagonia Arabica.

ସୁଧାଯୋନି—ସଂ. ବ (ବହୁବ୍ରୀହି)—ଚନ୍ଦ୍ରମା (ହି. ଶ)—
Subnāyoni The moon.

ସୁଧାର—ଦେ· ବିଣ (ସଂ. ସୁଧାର)—ଶୁଧାର (ଦେଶ)
Sudhāra Sudhāra (See)
ସୁଧାର ଦେ· ବ—ସଂସ୍କାର; ସଂଶୋଧନ; ସୁଧରିବା କର୍ମ—
सुधार Reform; reformation.
(ସୁଧାରଣା—ଅନ୍ୟ· ବିଣ· ରୂପ) [ଉ—ସୁଧାର କାରୁନ କମ୍ପିନି ।]
(ସୁଧାରୁ, ସୁଧାରେଇ—ସ୍ତ୍ରୀ· ବିଣ)

ସୁଧା ରଶ୍ମି—ସଂ· ବ (ବହୁବ୍ରୀହି)—ଚନ୍ଦ୍ର (ହି· ଶ)—
Sudhā raśmi The moon.

ସୁଧାରୁ ସଂ· ବ—ଉତ୍ତମ ପଦ୍ଧତି—Good method. ଦେ· ବିଣ—
Sudhārā ୧ । ଉତ୍ତମ ବ୍ୟକ୍ତି—1. Good person. ୨ । ସୁଧାରା **सुधारा** ସରଳ (ବ୍ୟକ୍ତି)—2. Frank (person).

ସୁଧାରିଆ—ଦେ· ବିଣ. (ପୁଂ ଓ ସ୍ତ୍ରୀ)—୧ । ଉତ୍ତମ (ବ୍ୟକ୍ତି)—
Sudhāriā 1. Good (peraon). ୨ । ଶାନ୍ତଶିଷ୍ଟ (ବ୍ୟକ୍ତି)
ସୁଧାର **सुधारा** —2. Calm and quiet (person).

ସୁଧାରିବା—ଦେ· କି—ଶୁଧୁରିବା (ଦେଶ)—Sudhurāibā
Sudhāribā (See) [ଉ—ମୁଁ ଅପଣାକୁ ସୁଧାର ପାରନ୍ତି, ସୁଧରାନ ଦେହ କଣ ଜମ୍ବୁ କରେ ନାହିଁ । ଗାଲକଣ୍ଡ· ବିଲ୍ହଣ
सुधारना ବ୍ୟାଯୁଣ ।]

ସୁଧା ଲେପ—ଦେ. ବ (ଶିଳ୍ପ ଶାସ୍ତ୍ର)—୧ । ଲାଖ, ଦେବଦାରୁ ଗନ୍ଧର Sudhā lepa ଜଳୀୟ (ନୁଣା), ଗୁଗୁଳ, ସୁନ୍ଦୁରୁ (ଅଲକ୍ତ) ସୁଧାଲେପ ମଦନ ଫଳର (ବା କାଷ୍ଠ କଦଅର), ତେଲର ଓ ତେନ୍ତୁର **सुधालेप** ଅଠା ମିଶ୍ରିତ ଏକ ପ୍ରକାର ଲେପ—1. A kind of mixture of made of lac, resin, soot and gum of wood apple, bael and kendu fruits laid on stones. ୨ । ମଞ୍ଜିଷ୍ଠାର ଓ ହରଡ଼ାର ସଦ୍ୟ ଅଠା ମିଶ୍ରିତ ଲେପ—2. A layer made of gums of myrobalam and Indian madder [ଉ—ଏହା ତୋଠାର ଓ ତେନ୍ତୁଳର କାନ୍ଥରେ ଲଗିଲେ ତାହା କଦ୍ଦାଳ ସ୍ଥାପୀ ହୁଏ ।] ୩ । ଘରେ ଚୂନ ଲଗାନା— 3. Plastering the walls of a house with slaked lime. ୪ । କାନ୍ଥରେ କଲରୁନ ଦ୍ୱାରା ସଫେଦ କରିବା— 4. The white washing of het walls of a house.

ସୁଧାଲୋକ—ପ୍ରାଦେ· (ଲକ୍ଷଣା) ବ (ଚୁଲ· ଏହ ଅର୍ଥରେ ହି· ସୁଧାର Sudhāloka ଅଦଗୀ)—ସାଦାସିଧା ଲୋକ—A simple guileless person.

ସୁଧା ଶାଳୀ—ଦେ. ବ. ସ୍ତ୍ରୀ—ଅମୃତମୟୀ ସ୍ତ୍ରୀ; ଅମୃତ ଭଳିଣୀ ସ୍ତ୍ରୀ—
Sudhā śālī A woman as sweet as nectar; sweet-speaking woman. [ଉ—ଯହୁଁ ବୃଷଭାନୁ ବାଲୀ, ଅଗେ କହେ ସୁଧାଶାଳୀ, ଜଣାଇ କୃଷ୍ଣ ବେଦନା ଅଉ ବନୋଇ । ଗ୍ରାରୀ. ରସକାରଧି ।]

ସୁଧା ସମୁଦ୍ର—ସଂ. ବ—ସୁଧା ସିନ୍ଧୁ (ଦେଶ)
Sudhā samudra Sudhā sindhu (See)

ସୁଧା ସିକ୍ତ—ସଂ· ବିଣ (ଶଯ୍ୟା ଭଉ)—ଅମୃତ ଛୁଞ୍ଚା ଦୋଇଥିବା—
Sudhā sikta Sprinkled with nectar.

ସୁଧା ସିତ—ସଂ. ବ—ସୁଧା ଧବଳ (ଦେଶ)
Sudhā sita Sudha dhabala (See)

ସୁଧା ସିନ୍ଧୁ—ସଂ. ବ (ମ· ପ· ତତ୍ପୁ. କର୍ମଧାରୟ; ସୁଧାପୂର୍ଣ୍ଣ ସିନ୍ଧୁ)—
Sudhā sindhu ଅମୃତ ସମୁଦ୍ର; ହଳ ସୁରସୋଲୁ ସମୁଦ୍ରରୁ ଅନ୍ୟତମ—A sea of nectar.

ସୁଧାସୂ—ସଂ. ବ (ସୁଧା+ସୁଧାଭୁ+କ୍ୱିପ୍ ଉ)—ସୁଧା ଭୃତ୍ତ (ଦେଶ)
Sudhāsū Sudhā bhṛuti (See)

ସୁଧା ସୂତି—ସଂ. ବ (ସୁଧା+ସୂ. ଧାତୁ+କ୍ତିନ୍· ତି)—୧ । ଚନ୍ଦ୍ର
Sudhā sūti (ଶବ୍ଦ ରତ୍ନାବଳୀ)—1. Moon. ୨ । ପଦ୍ମ (ଶବ୍ଦ ରତ୍ନାବଳୀ)—2. Lotus. ୩ । ଯଜ୍ଞ—3. Vedic sacrifice.

ସୁଧାସ୍ପର୍ଦ୍ଧୀ—ସଂ. ବିଣ ପୁଂ (ସୁଧା+ସ୍ପର୍ଧ. ଧାତୁ+କ୍ୱିପ୍· ଇନ୍); ୧ମା Sudhāsparddhī ୧ବ; ଉପପଦ ତତ୍ପୁରୁଷ) ଅମୃତତୁଲ୍ୟ [ସୁଧାସ୍ପର୍ଦ୍ଧିନୀ—ସ୍ତ୍ରୀ] [ଯଥା—ଉପଳ, ବଚନ, କଥା)—
Comparable to nectar; defying nectar in sweetness.

ସୁଧାସ୍ରବା—ସଂ· ବିଣ (ସୁଧାସ୍ରବତ୍ ଶବ୍ଦ ୧ମା· ୧ବ)—୧ । ଯହିଁରୁ
Sudhāsrabā ସୁଧା ଝରୁଥାଏ—1. From which nectar oozes· ୨ । ସୁଧାବର୍ଷୀ (ଦେଶ)—2. Sudhā barshī (See) ସଂ· ବ—୧ । ଗୁଡ଼ତତ୍ତ୍ୱା; ଘଣ୍ଟିକା

[ଜିହ୍ୱାକାଣ୍ଡଶେଷ]—1. The soft palate; epiglottis. ୨ । ରୁଦନ୍ତୀ।ଗୁଲ୍ମ—[ଗୁଳଜଦର୍ଦ୍ଦଣ୍ଡ] (ଦେଶ)—2. Rudantī gulma (See)

ସୁଧାସ୍ରବା—ସଂ. ବ [ବୈଦ୍ୟକ]—ରୁଦନ୍ତୀ ଗୁଲ୍ମ (ଦେଶ)—
Sudhāsrabī Rudantī gulma (See)

ସୁଧା ହର(ହୃତ୍)—ସଂ. ବ [ସୁଧା+ହୃ ଧାତୁ+କ୍ୱିପ୍ ଅ; କ୍ୱିପ୍ ଲୁପ୍]—
Sudhā hara(hṛut) ଗରୁଡ଼; ପକ୍ଷିଗୁଳ (ଶବ୍ଦରତ୍ନାବଳୀ)—Garuṛda, the king of birds.

ସୁଧି—ପ୍ରାଦେ [ଲହଅ] ବ—ସିଦ୍ଧି—
Sudhi Siddhi; success.

ସୁଧିତ—ସଂ, ତଣ—୧ । ସୁବ୍ୟବସ୍ଥିତ [ହି. ଶ]—1. Well disposed or arranged. ୨ । ଅମୃତ ସଦୃଶ [ହି. ଶ]—2. Similar to nectar.

ସୁଧିତି—ସଂ. ବ [ସୁ+ଧା ଧାତୁ=ଧାରଣ କରିବା+କ୍ତି ଇ]—
Sudhiti ୧ । ଅସ୍ତ୍ରବିଶେଷ; କୁଠାର—1. An axe. ୨ । ସ୍ୱଧିତି. [ବ୍ୟୁତ୍ପତ୍ତିଗତ] [ଦେଶ]—2. Swadhiti (See)

ସୁଧୀ—ସଂ. ବ [ସୁ+ଧୀ=ବୁଦ୍ଧି ଯାହାର; ବହୁବ୍ରୀହି]—୧ । [ପୁଂ ଓ ସ୍ତ୍ରୀ] ପଣ୍ଡିତ [ଅମର]—1. A learned man. ୨ । [କର୍ମଧା]—ବଚକ୍ଷଣ ବୁଦ୍ଧି—2. Intelligence.
Sudhī
[ଦୁର୍ବୀ—ବହୁବ୍ରୀହି ବଳୀ] ବଳ [ପୁଂ ଓ ସ୍ତ୍ରୀ]—୧ । ବୁଦ୍ଧିମାନ୍; ବଚକ୍ଷଣ; ଚତୁର—2. Intelligent. ୨ । ଧାର୍ମିକ—2. Pious.

ସୁଧୀର—ସଂ. ବଣ. ତ୍ରି [ସୁ+ଧୀର]—୧ । ଅତି ଧୀର; ଅତ୍ୟନ୍ତ ନମ୍ର—
Sudhīra 1. Very mild or meek. ୨ । ସୁଶୀଳ—[ସୁଧୀତ୍ୱ—ସ୍ତ୍ରୀ] 2. Of good conduct. ୩ । ଅତି [ସୁଧୀରତା—ବ] ଧୈର୍ଯ୍ୟଶୀଳ—3. Very patient.
ସୁଧୀରତା ସୁଧୀରତା ଦେ. ବ—ଅତି ଧୀରତା; ସୁଶୀଳତା—Gentleness. [ଉ—ପତ୍ନୀଙ୍କ ଭୁଲେ ସେ ଗମ୍ଭୀର ଓ ଉଦାର କଳନ ଭୂଧର – ଜଗନ୍ନାଥ ପ୍ରାଗବତ ।]

ସୁଧୁ—ଦେ. ଅ [ବଙ୍ଗଳାରୁ ଅନୁକୃତ. ସଂ ଶୁଦ୍ଧ]—୧ । ସମ୍ପୂର୍ଣ୍ଣରୂପେ—
Sudhu 1. Completely; totally. ୨ । କେବଳ.
ସୁଧୁ ସୁଧ 2. Only; merely.

ସୁଧୁରା(ରେ)ଇବା—ଦେ. କି—ଶୁଧୁରାଇବା [ଦେଶ]—
Sudhurā(re)ibā Śudhurāibā (See)

ସୁଧୁରଣା—ଦେ. ବ—ଶୁଧୁରଣା [ଦେଶ]
Sudhurāṇa Śudhurāṇa (See)

ସୁଧୁରିବା—ଦେ. କି—ଶୁଧୁରିବା [ଦେଶ]—Śudhuribā (See)
Sudhuribā [ଉ—ବର୍ଣ୍ଣକ ଦନ୍ତଷ୍ଟା ଭଲ ସୁଧୁରିଯାଇ—ପଲ୍ଲୀରମୋହନ ଗଲ୍ପସ୍ୱଳ୍ପ ।]

ସୁଧୂପକ—ସଂ. ବ—ଶ୍ରୀବେଷ୍ଟ [ହି. ଶ] [ଦେଶ]
Sudhūpaka Śrib-shṭa (See)

ସୁଧୂମ୍ୟ—ସଂ. ବ—ସ୍ୱାଦୁ ନାମକ ଗନ୍ଧଦ୍ରବ୍ୟ [ଗୁଳଜଦର୍ଦ୍ଦଣ୍ଡ]—
Sudhūmya Name of a scent.

ସୁଧୋଦ୍ଭବ—ସଂ. ବ [ସୁଧା+ଉଦ୍ଭବ]—ଧନ୍ୱନ୍ତରି [ଜିହ୍ୱାକାଣ୍ଡଶେଷ]—
Sudhodbhaba The Divine Physician.
[ଦ୍ର—ସମୁଦ୍ର ମନ୍ଥନ କାଳରେ ଧନ୍ୱନ୍ତରି ସୁଧା ପାତ୍ର ଧାରଣ କରି ସମୁଦ୍ରରୁ ବାହାର ଥିଲେ ।]

ସୁଧୋଦ୍ଭବା—ସଂ. ବ—ହରୀତକୀ [ଜିହ୍ୱାକାଣ୍ଡଶେଷ]—
Sudhodbhabā Myrobalan.

ସୁଧ୍ୟ (ଇତ୍ୟାଦି)—ପ୍ରା.ବ. ଓ ବଣ [ସଂ. ଶୁଦ୍ଧ]—ଶୁଦ୍ଧ ଇତ୍ୟାଦି[ଦେଶ].
Sudhya etc Śudhya etc (See).

ସୁନ୍‌ତାନ୍(ନି)—ବୈଦେ. ବ—ସୁଲ୍‌ତାନ୍ [ଦେଶ]
Sun-tān(ni) Sul-tān (See)

ସୁନ୍‌ସାନ୍—ଦେ. ବଣ [ସଂ. ଶୂନ୍ୟ+ସ୍ଥାନ]-୧ । ନିର୍ଜନଶୂନ୍ୟ (ସ୍ଥାନ)—
Sun-sān 1. Lonely. ୨ । ନୀରାଡ଼ମ୍ବରଯୁକ୍ତ—
ଶୂନ୍ୟ,ଚୁପଚାପ ସୁନସାନ 2. Calm and quiet. ୩ । ମୌନାବଲମ୍ବୀ—3. Silent.

ସୁନ୍‌ସୁନଆ(ଆଁ)—ଦେ. ବ—ସୁନ୍ନସୁନଆ [ଦେଶ]
Sun-sunia(ñiṁ) Sunisuniā (See)

ସୁନ୍‌ହଟ—ଦେ, ବ [ନାମ]—ହରିବଂଶ ଓ ଭାଗବତରେ ବର୍ଣ୍ଣିତ ପ୍ରାଚୀନ ଶୋଣିତପୁର ବା ଶୋଣିତପୁର—
Sun-haṭa ଶୋଣିତପୁର Ancient Soṇitapura described in Haribaṁsa and Bhāgabata, near modern Balasore. (ଉ—ଏଠାରେ ଉଷାମେଢ଼ର ଉତ୍ପାବଶେଷ ଅଦ୍ୟାବଧି ଅଛି । ଜନଜର ଦ୍ୱାଦଶ ମାଥର ପ୍ରସିଦ୍ଧ 'ଜଖା' ନାମ୍ନ ଏହି ଜମ୍ବଦନ୍ତୀ ଉପରେ ପ୍ରତିଷ୍ଠିତ । ଏହା ବାଲେଶ୍ୱର ନଗରର ଅଦୂରରେ ଅବସ୍ଥିତ ।]

ସୁନ—ଦେ. ବ—୧ । (ସଂ, ଶୂନ୍ୟ) ଶୂନ (ଦେଶ)—1. Śuna
Suna (See) ୨ । (ସଂ. ସୂନୁ) ପୁତ୍ର—2. Son. [ଉ—ସୁନୁ ଏତେ ବୋଲ କୋଠିକି ଢାଙ୍କିଲା ଇନ୍ଦ୍ରସୁନ—ଦୀତାମ୍ବର. ନୃସିଂହପୁରାଣ ।]
ସୁନ ସୁନ

ସୁନଜର—ଦେ. ବ (ସଂ. ସୁ+ଫା. ନଜର୍) —୧ । ସଦୃଷ୍ଟି; ଫାଲୁଚଉ ଦୃଷ୍ଟି—1. Favourable look. ୨ । ଦୟାପୂର୍ଣ୍ଣ ଦୃଷ୍ଟି—2. Kind look.
ସୁନଜର ସୁନଜର

ସୁନ(ନ୍ନ)ତ୍—ବୈଦେ. ବ (ଆ. ସୁନ୍ନତ୍)—୧ । ମୁସଲମାନ୍ ବାଳକ-ମାନଙ୍କର ଲିଙ୍ଗାଗ୍ରଚର୍ମଚ୍ଛେଦରୂପ ସଂସ୍କାର—
Suna(nna)t
ସୁନତ ସୁନ୍ନତ 1. The ceremony of removing the foreskin of Muslim boys. [ଉ—ବ୍ରାହ୍ମଣ ବାଳକଙ୍କ ଉପନୟନ ବ୍ରତ ଆଦ ସଂସ୍କାର ପର ମୁସଲମାନ୍ ବାଳକଙ୍କ ଲିଙ୍ଗାଗ୍ରଚ୍ଛଦ ଘୋଡ଼ାଇଥିବା ଚର୍ମକୁ ଖୁର ସାହାଯ୍ୟରେ କାଟି ଦେବା ଗୋଟିଏ ସଂସ୍କାର । ସାଧାରଣ ଦୃଷ୍ଟିରେ ଦେଖିବାକୁ ଗଲେ ଏହ ଚର୍ମାବରଣ ମଧ୍ୟରେ ମଇଳା ଜମି ଯାଇ ଚୁଟୁଚୁ ଆଦ ନାନା ରୋଗ ସୃଷ୍ଟି କରେ ଏବ ବାଲ୍ୟକାଳରେ ସୁନତ୍ କରିବାଦ୍ୱାରା ସେ ଅସୁବିଧା ଦୂର ହୁଏ ।] ୨ । (ଆ. ସୁନ୍ନତ୍) ମୁସଲମାନମାନଙ୍କ ଧର୍ମପ୍ରବର୍ତ୍ତକ ଈଶ୍ୱରପ୍ରେରିତ ଦୂତଙ୍କଠାରୁ ମହମ୍ମଦଙ୍କ ମୁଖରୁ ଶୁଣିଥିବା ବା ତାଙ୍କ ଦେଖିଥିବା କାର୍ଯ୍ୟକଳାପ

Digitized by srujanika@gmail.com

କରି ଯାଇଥିବା ଈମଦନ୍ତୀମୂଳକ ଅଗୁରୁ—2. Traditions handed down from the Prophet Mohammad by any person who saw or heard him. [ଦ୍ର—ଏହା ଈମଦନ୍ତୀର ଅନ୍ୟ ନାମ 'ହାଦିଦ୍' ଓ ସ୍ତ୍ରୀମାନେ ଏହା ଈମଦନ୍ତୀଦ୍ୱାରା ପରସ୍ପରକୁ ଦୁଅନ୍ତି ।

ମୁସଲମାନ୍‌ମାନଙ୍କ ଲଟାରୁ ଚେଦନ ହୁଏ ସୋଡିଏ ସୁନ୍ନତ୍ ବା ମହମ୍ମଦଙ୍କ ପ୍ରତାଡିତ ଈମଦନ୍ତୀମୂଳକ ଅଗୁରୁ ଅଟେ । ମହମ୍ମଦ ଜନ୍ମ ହେଇଥିଲେ ତାଙ୍କର ଲଟାରୁରେ ଅବରକର୍ମ ନ ଥିଲା । ଏଥିରୁ ମୁସଲମାନ୍‌ମାନେ ମନେ କରନ୍ତି ଯେ, ମାତୃଗର୍ଭରୁ ତାଙ୍କ ଲଟାରୁ ଚର୍ମ ଛେଦନ ହୋଇ-ଥିଲା । ଏହି ଈମଦନ୍ତୀକୁ ଅବଲମ୍ବନ କରି ମୁସଲମାନ୍ ବାଳକମାନଙ୍କର ସୁନତ୍ କରାଯାଏ ।]

ସୁନ(ନ୍ନ)ତ—ଦେ. ବ୍ଦ—୧ । ସୁନତ୍ ସମ୍ବନ୍ଧୀୟ—1. Relating Suna(nna)ti to Sunat. ୨ । ଯେଉଁ ବ୍ୟକ୍ତିର ସୁନତ୍ ସୁନତି ସୁନତି ହସ୍ତାର ହୋଇଥନ୍ତୁ—2. (a person) (ସୁନତଅ - ଅନ୍ୟ ବଣ ରୂପ) Who has already undergone the ceremony of Sunat. ସ. ବ (ସୁ =ଉତ୍ତମ+ନତ=ନମ୍ରତା)—ଅତ୍ୟନ୍ତ ନମ୍ରତା—Great humility.

ସୁନନ୍ଦ—ସ. ବ୍ଦ. ପୁଂ (ସୁ+ନନ୍ଦ୍ ଧାତୁ ଣିଜନ୍ତ=ନନ୍ଦ ଧାତୁ+ Sunanda କର୍ତ୍ତୃ. ଅ)—୧ । ଅନନ୍ଦଜନକ—1. Pleasant. (ସୁନନ୍ଦା—ସ୍ତ୍ରୀ) ୨ । ସୁନ୍ଦର ଓ ଅନନ୍ଦଦାୟକ—2. Nice and pleasing. ସ. ବ—୧ । (ନାମ) ବଳଭଦ୍ରଙ୍କ ମୁଷଳ—1. The lethal weapon of Balabhadra. ୨ । (ନାମ) ଶ୍ରୀକୃଷ୍ଣଙ୍କ ପାର୍ଶ୍ୱଚର ଗୋପବଶେଷ—2. Name of a companion of Śrīkṛushṇa. ୩ । ଦ୍ୱାଦଶବିଧ ରାଜଗୃହ ମଧ୍ୟରୁ ଏକପ୍ରକାର—3. One of the twelve classes of royal rooms for a king's residence. [ଦ୍ର—ଏହାର ଦୈର୍ଘ୍ୟ ସ୍ୱୟଂ ରାଜାଙ୍କ ହାତର ମାପରେ ୫୧ ହାତ ଓ ପ୍ରସ୍ଥ ୫୦ ହାତ କରାଯାଏ । ଏଥିର ଦ୍ୱାର ୨୦୫ । ଏ ଗୃହ ରତ୍ନବର୍ଣ୍ଣ ଚତ୍ରିତ ଓ ରତ୍ନଖଚିତ ସ୍ତମ୍ଭିତ; ଏଥିର ଅଧିଦେବତା ମଙ୍ଗଳ । ଏପରି ଗୃହରେ ରାତ୍ର ବେଳେ ପାର୍ଥାଯୁ ହୁଅନ୍ତୁ । ଏ ଗୃହର ଅନ୍ୟ ନାମ 'ସୁନନ୍ଦ'—ସୁକ୍ର-କଲ୍ପତରୁ ।]

ସୁନନ୍ଦନ—ସ. ବ (କର୍ମଧା)—୧ । ସୁସୂତ୍ର (ଦେଶ)—1. Suputra Sunandana (See) ୨ । ଶ୍ରୀକୃଷ୍ଣଙ୍କ ପୁତ୍ରବିଶେଷ—2. Name of a son of Śrīkṛushṇa.

ସୁନନ୍ଦ—ସ. ବଣ. ସ୍ତ୍ରୀ (ସୁନନ୍ଦ+ଆ)—ସୁନନ୍ଦର ସ୍ତ୍ରୀଲିଙ୍ଗ—Sunandā Feminine of Sunanda. ସ. ବ. ସ୍ତ୍ରୀ—୧ । ଉମା; ପାର୍ବତୀ (ମେଦନୀ)—1. Pārbatī. ୨ । ଗୋରୋଚନା (ମେଦନୀ)—2. A yellow pigment derived from dead cows. ୩ । ନାସ୍ତ୍ରୀ (ଅମ୍ର)—3. Woman. ୪ । ଉମାଙ୍କର ଜଣେ ସଖୀଙ୍କ ନାମ (ଶବ୍ଦମାଳା)—4. Name of a companion of Pārbatī. ୫ । ଅର୍କପତ୍ରୀ ଗୁଳ୍ମ (ଚନ୍ଦ୍ରମାଳା); ଇଷଲଙ୍ଗଳଆ ବା ଲାଙ୍ଗଳିଆ ଗୁଳ୍ମ; କୁଆମଇଦା ? (ଭବଗ୍ରଜ ଦରେଚ୍ଛୁ ମିଶ୍ରଙ୍କ ଦ୍ରବ୍ୟଗୁଣ)—5. A plant; Gloriosa Superba. ୬ । (ନାମ) ଇନ୍ଦୁମତୀଙ୍କ ସ୍ୱୟମ୍ବର ବାଳରେ ତାଙ୍କ ସଙ୍ଗେ ସୁନ୍ଦରସ୍ତ୍ରକୁ ଯାଇଥିବା ସଖୀଙ୍କ ନାମ—6. Name of the maid servant who accompanied the princess Indumatī to the Swayambara gathering. ୭ । କୃଷ୍ଣଙ୍କର ଜଣେ ପତ୍ନୀ (ଦ୍ର. ଶ)—7. Name of a wife of Śrīkṛushṇa. ୮ । ବାଳିଙ୍କ ମାତା (ଦ୍ର. ଶ)—8. Name of the mother of Bāli. ୯ । ବେଦସ୍ତ୍ରଜ ସୁବାହୁଙ୍କ ଭଉଣୀ (ଦ୍ର. ଶ)—9. Sister of king Subāhu. ୧୦ । ଭରତଙ୍କ ସ୍ତ୍ରୀ (ଦ୍ର. ଶ)—10. Wife of Bharata. ୧୧ ଧଳା ଗାଈ (ହ୍ର ଶ)—11. White cow. ଦେ. ସୁନନ୍ଦା ବ—କୃଷ୍ଣଙ୍କର ଅଷ୍ଟ ପଟ୍ଟମହିଷୀଙ୍କ ମଧ୍ୟରୁ ଏକତମା—One of the eight principal queens of Śrīkṛushṇa. [ଜ୍ର—ମିଳବନ୍ଦା ସୁନନ୍ଦା ଶବାବଙ୍ଗା—ଗାଚୀ. ରତ୍ନସ୍ୟମଞ୍ଜସ୍ୱ ।]

ସୁନପୁର—ଗ୍ରା. ବ (ମାଦଳାପାଞ୍ଜି)—ସୋନପୁର (ଦେଶ) Sunapura Sonapura (See)

ସୁନଫା—ସ. ବ—ଜ୍ୟୋତ୍ସପ୍ରୋକ୍ତ ଯୋଗବଶେଷ—One of the Sunaphā astrological conjunctions of planets, [ଦ୍ର—ରବ ଛଡା ଅନ୍ୟ ସୌରଗ୍ରହ ଚନ୍ଦ୍ରର ଦ୍ୱିତୀୟସ୍ଥରେ ରହିଲେ 'ସୁନଫା' ଓ ଦ୍ୱାଦଶରେ ରହିଲେ 'ଅନଫା' ଯୋଗ ହୁଏ । ଚନ୍ଦ୍ରର ଦ୍ୱିତୀୟ ଓ ଦ୍ୱାଦଶରେ ରବ ଛଡା ଅନ୍ୟଗ୍ରହ ଥିଲେ 'ଦୁରୁଧୁରା' ଯୋଗ ହୁଏ । ଚନ୍ଦ୍ରର ଉଭୟ ପାର୍ଶ୍ୱରେ ଗ୍ରହ ନ ଥିଲେ 'କେମଦ୍ରୁମ' ଯୋଗ ହୁଏ । ଚନ୍ଦ୍ରର କେନ୍ଦ୍ରରେ ଗ୍ରହ ସୁକ୍ତ ହେଲେ କେମଦ୍ରୁମ ଯୋଗ ହୁଏ ନାହିଁ । କେଉଁ କେଉଁମାନଙ୍କ ମତରେ ଚନ୍ଦ୍ର ଥିବା ନବାଂଶର କେନ୍ଦ୍ରସ୍ଥ ନବାଂଶରେ ଗ୍ରହ ରହିଲେ କେମଦ୍ରୁମ ଯୋଗ ଭଙ୍ଗ ହୁଏ । ମାତ୍ର ଏହା ଯୁକ୍ତି ଠିକ୍ ନୁହେଁ—(ଶ୍ରୀ ବାଇଦୋଳ ଜ୍ୟୋତିଷ ବଶାରଦ) ।]

ସୁନୟୁ—ସ. ବ—ସୁଗତ (ଦେଶ) Sunaya Sunīti (See)

ସୁନୟନ—ସ. ବ—୧ । (କର୍ମଧା) ସୁନ୍ଦର ଚକ୍ଷୁ—1. Beautiful eye. ୨ । (ବହୁବ୍ରୀହି) ମୃଗ (ଶବ୍ଦରତ୍ନାବଳୀ)—(ସୁନୟନା—ସ୍ତ୍ରୀ. ବଣ) 2. Deer. ସ. ବଣ. ପୁଂ (ବହୁବ୍ରୀହି)-ସୁନ୍ଦର ନୟନବିଶିଷ୍ଟ; ସୁଲୋଚନ—Having beautiful eyes.

Digitized by srujanika@gmail.com

ସୁନୟନା—ଫ ବିଣ. ସ୍ତ୍ରୀ (ସୁନୟନ+ଆ)—'ସୁନୟନ'ର ସ୍ତ୍ରୀଲିଙ୍ଗ; Sunayanā ସୁନେତ୍ରା—Feminine of 'Sunayana'. ଫ ବି. ସ୍ତ୍ରୀ—ନାସ୍ତ (ସ୍ତ୍ରଜ ଜର୍ଘତ)—Woman.

ସୁନଶୁନଆ (ଆଁ)—ଦେ. ବି—ସୁନଶୁନଆ (ଦେଖ) Sunishuniā(añ) Sunishuniā. (See)

ସୁନସ—ଫ. ଟିଣ. ଧୁଂ (ସୁ+ନାସା; ବହୁବ୍ରୀ)—ସୁନ୍ଦର ନାସିକାବିଶିଷ୍ଟ Sunasa (ହୁ. ଶ)—Having a fine nose. (ସୁନସା—ସ୍ତ୍ରୀ)

ସୁନା—ଦେ. ବ (ଫ. ସ୍ତ୍ରୀ)—୧ । ପ୍ରସିଦ୍ଧ ହଳଦିରଙ୍ଗ ଧାତୁ; ସ୍ୱର୍ଣ୍ଣ—Sunā 1. Gold. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ମଧୁର-ଫ. ପର୍ଯ୍ୟା—ସ୍ୱର୍ଣ୍ଣ, ସୁବର୍ଣ୍ଣ, କନକ, ହିରଣ୍ୟ, ହେମ, ହାଟକ, ଜାତରୂପ, ଗାଙ୍ଗେୟ, ତଳଧୌତ, ତାପ୍ତନ, ଜମ୍ବୁକଜ, ଶୀତକୁମ୍ଭ, ଚାମ୍ପେୟ, ଜାମ୍ବୁନଦ, ଜାମ୍ବୁନଦ; ଚାରୁରସ, ମହାରଜତ । ସୋନା; ସୁନା ସୋନା ଉତ୍ତମ ରସାୟନ, ମଧୁରବିପାକ, ଶୀତବୀର୍ଯ୍ୟ, ଘିଟିନ, ଗୁରୁପାକ, ଗ୍ରାହୀକର, ମେଧାବର୍ଦ୍ଧକ, ବାକ୍ୟର ଶୁଦ୍ଧିକାରକ, ରକ୍ତଦୁଷ୍ଟିକର, ଅମ୍ଳ ଓ ସୁଚ୍ଛବର୍ଦ୍ଧକ ଏବଂ ବିବଧ ରୋଗର ଉପଶମକର । ଜାରଜସ୍ୱର୍ଣ୍ଣ ଓ ସ୍ୱର୍ଣ୍ଣ-ଘଟିତ ଔଷଧ ଓ ସ୍ୱର୍ଣ୍ଣଭସ୍ମ ଆୟୁର୍ବେଦରେ ଗୋଟିଏ ପ୍ରଧାନ ଯୋଯୁନ ଅଟେ ।] ୨ । ସୁନାପରି ମୂଲ୍ୟବାନ୍ ବସ୍ତୁ—2. Anything as valuable as gold. ୩ । ଉତ୍ତମ ବାଳକ ବା ବାଳିକା—3. A good boy or girl. ୪ । ଶିଶୁ ଓ ପ୍ରଣୟିନୀଙ୍କ ପ୍ରତି ସ୍ନେହ ସମ୍ବୋଧନ—4. An endearing address to a child or one's sweetheart. (ଉ—ସତେ କି ହୁଁ ଲଗାଇଛ ଅମ୍ବର, ସୁନାସୁଅ ପରା । କବିସୂର୍ଯ୍ୟ. ଉତ୍କଳର ରତ୍ନ ।) ୫ । (ଶିଶୁଭଞ୍ଜନ ଭାଷା) ପୁରୁଷର ଶିଶ୍ନର ଲିଙ୍ଗ; ଗୁଡ଼—5. (A term of the nursery) An euphemistic term used for the penis of a child. ୬ । (ସ୍ତ୍ରୀ) ସ୍ତ୍ରୀଙ୍କ ନାମ—6. A name given to females. ୭ । (ସ୍ତ୍ରୀ) ସ୍ୱର୍ଣ୍ଣମୟୀ ଓ ସୁନାମଣିର ଡାକ ନାମ—7. Name for calling 'Swarnnamayī' and 'Sunāmaṇi'. ୮ । (ପୁଂ) ପୁରୁଷଙ୍କୁ ଦିଆଯିବା ନାମ—8. A name given to males' ବେ. ବିଣ (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ) —୧ । ସ୍ୱର୍ଣ୍ଣନିର୍ମିତ—1. Made of gold. (ଯଥା—ସୁନା ମୁଦି ।) ୨ । ସୁନାପରି ବର୍ଣ୍ଣବିଶିଷ୍ଟ—2. Of golden colour. (ଉ—ସୁନା-ବେଙ୍ଗ; ସୁନାମୃଗ ।) ୩ । ଉତ୍ତମ; ସୁଶୀଳ (ବାଳକ ବା ବାଳିକା)—3. Good (child). (ଉ—ସୁନାସୁଅ; ସୁନାଝିଅ ।)

ସୁନା ଅସରପି(ଫି)—ଦେ. ବ (ଫ. ସ୍ତ୍ରୀ+ଫା. ଅଶ୍ରଫୀ=ସ୍ୱର୍ଣ୍ଣମୁଦ୍ରା)—ସୁନାର ମୋହର ବା ମୁଦ୍ରା— ମୋହର ସୋନା ଅସରଫୀ Gold coin.

ସୁନା(ନେ)ଈ—ଦେ. ବ ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ ବିଶେଷ— Sunā(ne)ī A name given to females. (ଜୁଏଇ—ବିସ୍ତାର)

ସୁନାକର—ଦେ. ବ. ପୁଂ—ପୁରୁଷଙ୍କ ନାମ— Sunākara A name given to males.

ସୁନା କାକ(କେ)ରା(ରି)—ଦେ. ବ—ସ୍ତ୍ରୀମାନଙ୍କ ମସ୍ତକରେ କେଶ ଉପରେ ଖୋଞ୍ଜାଯିବା କାକରା ପିଠା ବା ଗୋଲାକାର ଆକୃତିବିଶିଷ୍ଟ ସ୍ୱର୍ଣ୍ଣଅଳଙ୍କାର- Sunā kāka(ke)rā(ri) A circular bit of gold, 3 to 4 inches in diameter, used as an ornament for the hair. [ଦ୍ର—ଏହାକୁ ଅବଗୁଣ୍ଠନଗୁଳା ବହିଣୀ ସ୍ତ୍ରୀମାନେ କେଶ ଉପରେ ଅଳଙ୍କାରସ୍ୱରୂପ ବିନ୍ଧନ୍ତି । ଏହାର ବମ୍ପଦେଶରେ ଫୁଲ୍ ବା ଶିରୁଳ ଲଗାଯାଇ ତାହାକୁ କେଶ ସଙ୍ଗେ ଫଲନ୍ତ କରାଯାଇ-ଥାଏ । ଏଥିର ବ୍ୟାସ ୩।୪ ଇଞ୍ଚ୍ ପର୍ଯ୍ୟନ୍ତ ହୁଏ ।]

ସୁନା କୁକୁଡ଼ା ଉଡ଼ା(ଡ଼େ)ଇବା—ଚାଦେ (କାଙ୍କୀ) କି—ଲଭିବାକୁ Suna kukurḍā urḍā(rḍe)ibā ଦେବା; ଚୌଗଡି କାର୍ଯ୍ୟରେ କୃତକାର୍ଯ୍ୟ ହେବା—To win laurels; to be successful in an undertaking or enterprise.

ସୁନା କୂପ—ଦେ. ବ—୧। ସୁନାର କୂଅ—1. A well of gold. Sunā kūpa (ଉ—ଆଜର ଦେଶ ସୁନାକୂଅ, ଘାଟାଲରେପା ଯେ ସୋନାକୁୟା ସ୍ୱରୂପ । ଯଶୋବନ୍ତ. ପ୍ରେମଭକ୍ତି. ବ୍ରହ୍ମଗୀତା ।) ସୋନାକୂପ ୨ । ପୁରୀର ଜଗନ୍ନାଥ ଦେଉଳର ବେଢ଼ା ଭିତରେ ଶୀତଳା ଦେବୀଙ୍କ ଦେଉଳ ଆଗରେ ଥିବା କୂଅ— 2. A well inside the compound of the Temple of Jagannath at Puri in front of the Sītalā Idol. [ଦ୍ର—ପୁରାଣପ୍ରସିଦ୍ଧ ଏକ ଦେବବ୍ରତଦ୍ୱମାନଙ୍କୁ ସେହି କୂଅର ଜଳରେ ସ୍ନାନ କରନ୍ତି, ବର୍ଷଯାକ ସେ କୂଅ ବଢ଼ ଥାଏ ।]

ସୁନାକୃତ—ଫ. ବ—କଦୁରିକ (ଶଳଚନ୍ଦ୍ରିକା) ଭଲାଡଲଘା— Sunākṛuta A kind of Zedoaria.

ସୁନା ଖିଲ—ଦେ. ବ—ଏକପ୍ରକାର ପତ୍ର ଧାନ— Sunā khila A kind of fine paddy.

ସୁନାଗର—ଫ. ବ. ପୁଂ (ସୁ+ନାଗର)—ଉତ୍ତମ ନାଗର— Sunāgara A good gallant. (ସୁନାଗରୀ—ସ୍ତ୍ରୀ)

ସୁନାଗର—ଦେ. ବ—୧ । ସ୍ୱର୍ଣ୍ଣନିର୍ମିତ ଗଡ଼ ବା ଘଟ—1. A golden Sunāgarā pitcher. ୨ । ସ୍ୱର୍ଣ୍ଣପୂର୍ଣ୍ଣ ଗଡ଼— (ସୁନାଗରୀ—ଅନ୍ୟରୂପ) 2. A metal pitcher. ସୋନା କଳସି, ସୋନାଘଡା **ସୋନାଗଗରା** filled with gold. ୩ । ଉତ୍ତମ ନାଗଡ଼ା ବା ଉତ୍କୃଷ୍ଟ ବାଦ୍ୟ ଯନ୍ତ୍ରବିଶେଷ— 3. Excellent drum.

Digitized by srujanika@gmail.com

ସୁନାଗୋଟ୍ଟ—ଦେ. ବ. ସ୍ତ୍ରୀ—ସୁନା ପରି ଗୌରଅଙ୍ଗବିଶିଷ୍ଟା ରମଣୀ—
Sunāgoṭi A woman having golden
ସୋନାଗୋଟି ସୋନାଗୋଟି complexion.
(ଦ୍ର—ସୁନାଗୋଟ୍ଟ ରୁ ଏହା ସିନା—ଉତ୍ତରପଦ ସଙ୍ଗୀତ ।)

ସୁନା ଚମ୍ପା—ଦେ. ବ—ସ୍ୱର୍ଣ୍ଣ ଚମ୍ପା; ସ୍ୱର୍ଣ୍ଣନର୍ମିତ ଚମ୍ପକ—
Sunā champā A champaka flower made of
ସୋନା ଚାଁପା ସୋନା ଚାଁପା gold.

ସୁନା ଚିତା—ଦେ. ବ—କପାଳରେ ଚିତା ଦେଇବା ପରି ଅଠା ମାରି
Sunā chitā ପିନ୍ଧିବାପାଇଁ ବ୍ୟବହୃତ ସ୍ୱର୍ଣ୍ଣଖଣ୍ଡ—
ସୋନା ଟୀପ ସୋନା ଟୀକା A circular bit
of gold stuck to the forehead,
[ଦ୍ର—ଏହାକୁ ସ୍ତ୍ରୀଲୋକେ ଉତ୍ସବ ଉପଲକ୍ଷରେ ପିନ୍ଧନ୍ତି ।]

ସୁନା ଚେନ୍—ଦେ. ବ (ସଂ. ସ୍ୱର୍ଣ୍ଣ+ଇ. ଚେନ୍)—ସୁନାର ଶିକୁଳି—
Sunā chen Gold chain.
[ସ୍ୱର୍ଣ ଚଇ(ଏ)ନ୍—ଅନ୍ୟରୂପ]
ସୋନା ଚେନ ସୋନ ଚୈନ

ସୁନା ଛୁଆ(ଉ)ଣି—ଦେ. ବଣ—ଉପରେ ସୁନା ପତ୍ର ମଡ଼ା ଯାଇଥିବା—
Sunā chhā-ā(u)ṇi Overlaid with a gold.
ସୁନାଛୁଅଣି } —ଅନ୍ୟରୂପ (ଦ୍ର—ଦାନ୍ତରେ ସୁନା ଛଅଣି
ସୁନାଛୁଆଁ } ଦେବା ନ୍ୟାସ୍—ଉଗ) ଦେ. ବ—
ସୋନାୟ ମୋଡା ସୋନା ଛାବନୀ ସୁନା ଛଉଁବା; ଉପରେ
ସୁନା ପତ୍ର ମଡ଼ାଇବା—Overlaying with gold
leaf.

ସୁନାଜଙ୍ଘ(ଘା,ଘି)-ଦେ. ବ—କୁଲେଚରବର୍ଗର ଏକାତ ଉଚ୍ଚ ପକ୍ଷିବିଶେଷ-
Sunājaṅgha (ṅghā, ṅghi) The painted stork,
ସୋନାଜଙ୍ଘା Pseudotantalus Leucocephalus. [ଦ୍ର—
ଏ ପକ୍ଷୀର ଦେହ ଧଳା, ପୁଚ୍ଛ କଳାମିଶା ସବଜ, ଥଣ୍ଟ
ନାରଙ୍ଗ ବର୍ଣ୍ଣ ଓ ଗୋଡ଼ ଦୀଲଦଥ ।]

ସୁନା ଜୁଇ—ଦେ. ବ—ସ୍ୱର୍ଣ୍ଣ ଜୁଇ (ଦେଖ)
Sunā jui Swarṇṇa jui (See)

ସୁନା ଝିଅ—ଦେ. ବ. ସ୍ତ୍ରୀ (ଶିଶୁରଞ୍ଜନ ପଦ, ବାଳକାଳୁ ଦୃଷ୍ଟ
Sunā jhia ସମ୍ବୋଧନ)—ଉତ୍ତମ ବା ସୁଶୀଳା ବାଳିକା—
ଲକ୍ଷ୍ମୀ ମେୟେ (a term of the nursery) A good
ସୋନା ଲଡ଼କୀ girl.

ସୁନାଦ—ସ. ବ—ଶଙ୍ଖ (ହି. ଶ)—Conch. ସ. ବଣ—ସୁନ୍ଦର
Sunāda ନାଦବଶିଷ୍ଟ—Having an excellent tone.

ସୁନା ଦି(ଦେ)ହ—ଦେ. ବ—୧। ସୁନା ପରି ଦରଦ୍ରାଭ ଗୌର ଶରୀର
Sunā di(de)ha —1. A body having a golden
ସୋନାର ଗା coloured skin. ୨। ମୂଲ୍ୟବାନ୍ ଓ ସୁସ୍ଥ ଶରୀର
ସୋନା ଦେହ —2. Valuable and healthy body.
[ଦ୍ର—ସୁନା ଦଦ ରୂନା ଜଲ ନ ଜାଣି—ସଙ୍ଗୀତ ।]

ସୁନା ଦି(ଦେ)ହ ଚୁନା(ମାଟି) କରିବା—ଦେ. କି—୧। ଶରୀରକୁ
Sunā di(de)ha chūnā (māṭi) karibā ବିନଷ୍ଟ କରିବା
ସୋନାର ଦେହ ମାଟି କରା —1. To ruin one's body.
ସୋନା ଦେହକୋ ଚୂନା କରନା, ୨। ନିଜର ସ୍ୱାସ୍ଥ୍ୟକୁ ନଷ୍ଟ କରିବା—
2. To ruin one's health. ୩। ନିଜକୁ କଳଙ୍କିତ
କରିବା—3. To stain one's self.

ସୁନା ଦୂବ—ଦେ. ବ (ବଙ୍ଗୀୟ ଶବ୍ଦ)—ଦୂବ ଘେସ ପରି ଦଖୁଥିବା
Sunā dūba ଜୁଡ଼ାରେ ଗୋସା ଯିବା ସୁନା ଅଳଙ୍କାରବିଶେଷ—
ସୋନାର ଘାସ A kind of gold ornament resembl-
ସୋନା ଦୂବ ing a bunch of Duba grass, worn
on the chignon.

ସୁନା ନାକି—ଦେ. ବଣ. ସ୍ତ୍ରୀ—୧। ଯେଉଁ କନ୍ୟାର ନାକ ସୁନା ପରି
Sunā nāki ସୁନ୍ଦର—1. (a girl) Having the nose
ସୋନା ନାକୀ as nice as gold. ୨। ଯେଉଁ ସ୍ତ୍ରୀ ନାକରେ
ସୋନା ନାକୀ ସୁନାର ଅଳଙ୍କାର ପିନ୍ଧିଥାଏ—2. (a woman)
[ସୁନା ନାକେଇ—ସ୍ତ୍ରୀ] Wearing gold nose rings.
[ଦ୍ର—ବାହାଣୀରେ ସୁନା ନାକ ଝିଅର କଥା ।]

ସୁନା ପଇତା—ଦେ. ବ—ସୁନାର ତାରରେ ତିଅର ଯଜ୍ଞୋପବୀତ
Sunā paitā ଅଳାରର ପୂତ—Golden thread to be
ସୋନାର ପଇତା used as a Brahman's Paitā. [ଦ୍ର—
ସୋନା ଜନେଊ ଏହାକୁ ଦେବତାଙ୍କ ଗଳାରେ ପିନ୍ଧାନ୍ତି । ବ୍ରାହ୍ମ-
ଣମାନେ ମଧ୍ୟ ଏହା ପୁଷ୍ପାରମ୍ଭେକ ଆଦ ଉପଲକ୍ଷରେ
ପିନ୍ଧନ୍ତି ।]

ସୁନା ପାଗ—ଦେ. ବ—ସ୍ୱର୍ଣ୍ଣ ନର୍ମିତ ଉଷ୍ଣୀଷ ବା ପଗଡ଼—A pugree
Sunā pāga of gold. [ଦ୍ର—ଅଗ—ସୁନା ପାଗ, ଉତ୍ତ—
ସୋନାର ପାଗଡ଼ୀ ଗୁପ୍ତ ଘୋଡ଼ନ, ମହି—ମର୍ଦ୍ଦଗାଳ—ଶିଶୁରଞ୍ଜନ ପଦ]
ସୋନା ପଗଡୀ

ସୁନା ପାଣି—ଦେ. ବ—ତୈଳଦି ପଦାର୍ଥକୁ ଚିକ୍କ କରିବା ପାଇଁ ବା
Sunā pāṇi ସୁନେଲି ରଙ୍ଗ ମଡ଼ାଇବା ପାଇଁ ବ୍ୟବହୃତ ସ୍ୱର୍ଣ୍ଣ
ସୋନାର ଜଳ ବର୍ଣ୍ଣର ଏକପ୍ରକାର ଦ୍ରବ୍ୟ—Golden paint
ସୋନେକୀ ପାନୀ or water colour.

ସୁନା ପାତିଆ—ପାଦେ (ବାଲେଶ୍ୱର) ବ—୧। ସୁନାର ପାତିଆ ଭଳ
Sunā pātiā ଲମ୍ବା ମସ୍ତ୍ୟବଶେଷ—1. A kind of long
ସୋନାର ପାତ fish looking like a slender and
ସୋନାକା ବର୍କ thin strip of gold, [ଦ୍ର—ଏହ ମାନ
ଶବ୍ଦ କ୍ରିୟା ଦେଖିବାକୁ ମିଳେ ।] ୨। ସୁନାର
ପତଳା ଚଟା—2. A thin strip of gold,

ସୁନା ପୁଅ—ଦେ. ବ. ପୁଂ—୧। (ବାଳକ ପ୍ରତି ସ୍ନେହ ସମ୍ବୋଧନ)—
Sunā pua ଚେଷ୍ଟା ପୁଅ—1. A fondled boy. ୨।
ଲକ୍ଷ୍ମୀ ଛେଲେ; ଆଦୁରେ ଛେଲେ (ଶିଶୁରଞ୍ଜନ ପଦ) ଉତ୍ତମ ସୁଶୀଳ
ସୋନା ଲଡକା ବାଳକ—2. (a term of the nursery)
A good boy. ୩। (ଲକ୍ଷଣାର୍ଥ) ସର୍ବତ୍ର ଆଦୃତ
ବ୍ୟକ୍ତି—3. A person who is fondled and
petted everywhere, ୪। ପ୍ରିୟ ପାତ୍ର—
4. Pet or favoured one. [ଦ୍ର—ଯେ ଖୋସାମତ
କଲ୍ଲ, ସେ ହେଲ୍ଲ ସୁନା ପୁଅ ।]

Digitized by srujanika@gmail.com

(ସେଠାରେ) ସୁନା ଫଳିବା—ଦେ. ବ—ସ୍ୱର୍ଣ୍ଣର ବା ଧନର ଉତ୍ପାଦନ—Sunā phalibā Production of gold or riches. ସୋନା ଫଳା **सोना फलना**

ସୁନା ଫୁଟି ଅଗାଡ଼ ହେବା (ନ୍ୟାୟ) – ଦେ. ପ୍ରବଚନ—ପ୍ରଥମରେ ଭଲ Sunā phuṭi agāṛdi hebā (nyāya) ଫଳର ଅଶା ଥିବା ଠାରେ ପରେ ନଷ୍ଟଳ ହେବା—(analogy) To turn into ashes after promise or hope of golden result.

ସୁନା ବଳା—ସ୍ତାଦେ. (ଗାଉଲୁଦ) ବ—ଶଗଡ଼ ଚକର ଢାଣ୍ଡି ବା Sunā balā ଭୂମି ଉପରେ ଚଢ଼ାଯିବା ଲୁହାର ପାଇଥା—Thin ring put round the nave of a cart wheel. ଦେ. ବ—୧ । ସୁନା ପୁଅ (ଦେଖ)—1. Sunā pua (See) ୨ । ସୁନାର ଉଥର ବଳା ବା ଚଡ଼ି—2. Gold bangle.

ସୁନା ବେଙ୍ଗ—ଦେ. ବ—ସୁନା ପର ଭଳଦଥା ଓ ଚକ୍ରଣ ଚର୍ମବିଶିଷ୍ଟ Sunā benga ଏକପ୍ରକାର ବେଙ୍ଗ—A yellow smooth-skinned species of frog. [ଦ୍ର—ଏହାର ଦେହର ବର୍ଣ୍ଣ ସୁନା ପର ଦଗେ ।]

ସୁନା ବେଶ—ଦେ. ବ—ଗୁଣ୍ଡିଚ ପରେ ବାହୁଡ଼ା ଯାତ୍ରାରେ ଜଗନ୍ନାଥ Sunā beśa ବଳଭଦ୍ର ରଥମାନ ଦିଂହଦ୍ୱାରକୁ ଓଫର ଆସିବା ପରେ ଦେବତ୍ରୟମାନଙ୍କର ସ୍ୱର୍ଣ୍ଣାଭରଣରେ ଯେଉଁ ବେଶ ହୁଏ—The dress of gold worn by the idols of the Jagannātha temple of Puri after the cars have returned from Gundichā ghara to the lion's gate. [ଦ୍ର—ଏ ବେଶକୁ ଦର୍ଶନ କରିବା ପାଇଁ ବହୁ ଯାତ୍ରୀ ରୁଣ୍ଡ ହୁଅନ୍ତି ।]

ସୁନାଭ—ସ. ବ (ସ୍ୱ+ନାଭ)—୧ । ହିମାଳୟର ପୁତ୍ର; ମୈନାକ Sunābha ପର୍ବତ (ବିକାଣ୍ଡ ଶେଷ)—1. The Mainā̱ka mountain. ୨ । ସୁଦର୍ଶନ ଚକ୍ର (ହି. ଶ]—2. Bishṇu's discus. ୩ । (ନାମ) ଧୃତରାଷ୍ଟ୍ରଙ୍କର ଏକ ପୁତ୍ର (ହି. ଶ)—3. Name of a son of Dhṛutarāshṭra. ୪ । (ନାମ) ବରୁଣଙ୍କର ଏକ ମନ୍ତ୍ରୀ (ହି. ଶ)—4. Name of a minister of Baruṇa. ୫ । (ନାମ) ଗରୁଡ଼ଙ୍କର ଏକ ପୁତ୍ର (ହି. ଶ)—5. Name of a son of Garuṛda. ୬ । ଅସ୍ତ୍ରମାନଙ୍କରେ ପ୍ରଯୋଗ କରିବା ମନ୍ତ୍ରବିଶେଷ (ହି. ଶ)—6. An esoteric formula applied to weapons. ସ. ବଶ—ସୁନ୍ଦର ନାଭବିଶିଷ୍ଟ (ଜଣ) —Having a beautiful navel.

ସୁନା ଭସ୍ମ—ଦେ. ବ—ସ୍ୱର୍ଣ୍ଣ ଭସ୍ମ; ଜାରିତ ସ୍ୱର୍ଣ୍ଣର ପାଉଁଶ—Sunā bhasma Gold oxide. [ଦ୍ର—ଏହା ସୋନା ଭସ୍ମ **सोना भस्म** ଔଷଧରେ ଲାଗେ । ଚରକ-ମାନେ ନାନା ଉପାୟରେ ସୁନାକୁ ଭସ୍ମ କରନ୍ତି । ସବୁ ଧାତୁର ଭସ୍ମ ହୁଏ । ସାଧାରଣତଃ ଦୁଇ ପ୍ରଣାଳୀରେ ଏହା ହୁଏ । ଗୋଟିଏ ହଣ୍ଡ ମାରଣ ଓ ଅନ୍ୟଟି ପୁଟ ମାରଣ ହଣ୍ଡ ମାରଣରେ ଏକ ଦିନରେ ଭସ୍ମ ପ୍ରସ୍ତୁତ ହୁଏ ମାତ୍ର ପୁଟ ମାରଣରେ ବହୁ ଦିନ ଲଗେ । ପୁଟ ମାରଣ ଦ୍ୱାରା ପ୍ରସ୍ତୁତ ଭସ୍ମ ବେଶି ଫଳପ୍ରଦ । ପ୍ରଥମେ ସୁନାକୁ ଶୋଧନ କରିବାକୁ ହୁଏ । ସୁନାକୁ ଉତ୍ତପ୍ତ କରି ତେଁନ୍ତୁଳରେ ପକାଇ; ପୁଣି ଉତ୍ତପ୍ତ କରି ଘିଅରେ ପକାଇ, ପୁଣି ଉତ୍ତପ୍ତ କରି ଗୋଚମୂତ୍ର। ପତ୍ର ରସରେ ପକାଇ ପୁଣି ଉତ୍ତପ୍ତ କଲେ ଏହା ଶୋଧିତ ହୁଏ । ଏହି ଶୋଧିତ ସୁନାକୁ ଏରଣ୍ଡାଦି ପତ୍ରର ରସ ସହିତ ସମ୍ପୁଟରେ ପୁରାଇ ଅଗ୍ନି ମଧ୍ୟରେ ରଖିବାକୁ ହୁଏ । ଏହିପରି ସାତ ଦିନ ଯନ୍ତ୍ର ଉତ୍ତାପରେ ପ୍ରତ୍ୟହ ପତ୍ରର ରସରେ ସାତ ଥର ଦେଲେ ତେବେ ସୁନା ଭସ୍ମ ପ୍ରସ୍ତୁତ ହୁଏ । ଏହି ପତ୍ରମାନଙ୍କର ନାମ ବୈଦ୍ୟଶାସ୍ତ୍ରମାନଙ୍କରେ ଲେଖା ଅଛି । ସୁନା ଭସ୍ମ ବହୁ ଔଷଧରେ ବ୍ୟବହୃତ ହୁଏ ।]

ସୁନା ଭାତ—ଦେ. ବ—ମୂଲ୍ୟବାନ୍ ଅନ୍ନ—Valuable food. Sunā bhāta (ଦ୍ର—ଏଥିରୁ ଅଧିକ ତ ଦୂରେ ରହିଲା ନାହିଁ; ଆଜି ତେ ଅଛି କାହି ସୁନା ଭାତ ଖାଇ—କୃଷ୍ଣକିଙ୍କ. ପଦ୍ମାଭରଣ ସମ୍ଭ ।)

ସୁନାମ—ସ. ବ (ସ୍ୱ+ନାମନ୍; ସ୍ୱ=ଉତ୍ତମ ହୁଏ ନାମ ଯାହାର)—୧ । ସୁଖ୍ୟାତି; ପ୍ରଶଂସା—1. Good repute; good name. ୨ । ପ୍ରଶଂସା—2. Praise.

ସୁନାମଜଡ଼(ମୋହ[ହୋ]ର)—ଦେ. ବ—(ସ. ସ୍ୱର୍ଣ୍ଣ+ମୃକ୍ଷିକ)—Sunā maurḍa(moha[ho]ra) ୧ । ସୁନାର ମୃକ୍ଷିକ—1. A gold crown. ସୋନା ମୌର **सोनामौर** ୨ । (ସ. ସ୍ୱର୍ଣ୍ଣମୁଦ୍ରା) ସ୍ୱର୍ଣ୍ଣମୁଦ୍ରା—2. Gold coin. ସୋନା ମୋହର **सोना मोहर**

ସୁନା ମକା(କେ)ଇ—ଦେ. ବ (ସ. ସ୍ୱର୍ଣ୍ଣଯଷ୍ଟିକା (—କାଞ୍ଚନାଦିବର୍ଗର Sunā makā(ke)i ଅନ୍ତର୍ଗତ ଗୁଳ୍ମବିଶେଷ—Senna Cassia (ସୁନାମକ୍କା, ସୁନାମାକି—ଅନ୍ୟରୂପ) Augustifolia. ସୋନାମୁଖୀ [ଦ୍ର—ଏହାର ଗଛ ଭେନ୍ତୁଳ ପତ୍ର **सोनामकी, सनायकीपत्ती** ପରି, କନ୍ଦ କଡ଼; ପତ୍ରର ବର୍ଣ୍ଣ ସ. ସୋନାମକ୍କୀ ସୁତେଲା । ଦକ୍ଷିଣ ଭାରତରେ ଏ ସ. ଯଷ୍ଟ୍ୟାହ୍ୱ-କଲ୍ୟାଣୀ,ଡେମ୍ବଯଷ୍ଟୀ] ଗଛର କୃଷି ହୁଏ ଓ ଅନ୍ୟତ୍ର ରେଚନା, ସ୍ୱର୍ଣ୍ଣପତ୍ରିକା ଜଙ୍ଗଲରେ ଏ ଗଛ ହୁଏ ॥ ଏ ଗଛର ପତ୍ର ମୃଦୁରେଚକ । ଏହା ମଲରୋଧ, ଅଗ୍ନିମାନ୍ଦ୍ୟ, ପ୍ଲୀହା ଓ ପକୃତ୍ ବୃଦ୍ଧି, ଅଶ୍ମରୀ ; ବିଷମଜ୍ୱର, କାମଳ ଓ ଘାଣ୍ଡୁରୋଗରେ ଉପକାରୀ ।]

ସୁନାମଣି—ଦେ. ବ. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—1. A name Sunāmaṇi given to females. ୨ । (ଶିଶୁଭଜନ ଭାଷା) ସୋନାମଣି ପ୍ରିୟତମ ଶିଶୁ ବାଳକମାନଙ୍କ ଜନନେନ୍ଦ୍ରିୟ; ସଡ଼— **सोनामनी** 2. (A term of the nursery) An euphemistic term used for the penis of a pet male-child.

Digitized by srujanika@gmail.com

ସୁନାମଣ୍ଡ ଦେ ଚ୍ଚ (ସଂ. ସ୍ୱର୍ଣମଣ୍ଡିତ)—ସ୍ୱର୍ଣଭୂଷିତ; ସୁନାରେ ଗଢ଼ୁଣି ସୋନାୟ ମୋଡା with gold. [ଦ୍ର—ସୁନ ମଣ୍ଡାସୁଣ୍ଡ ଧନୁଲ୍ଲ ବହ୍ନ ଜରେ । କୃଷ୍ଣସିଂହ. ମହାଭାରତ. ବନ ।]

Sunāmaṇḍā ଢୋଇଥିବା—Adorned or overlaid

ସାନାମଡ଼ା ହୁଆ

ସୁନାମ ଦ୍ୱାଦଶୀ—ସ. ଚ—ଗିଥିରେ ଦ୍ୱାଦଶ ମାସର ଶୁକ୍ଳ-

Sunāma dwādaśī ଦ୍ୱାଦଶୀରେ ଜଣିବ ଅଷ୍ଟୁ ପୂଜାରୂପ ବ୍ରତ— A vow of worshipping Bishnu on the 12th day of every bright lunar fortnight of the year. [ଦ୍ର—ଏଥିରେ ବାସଫଳରେ ଦୁଃଖ ଓ ସୁନାମ ବା ପଶସପ୍ରାପ୍ତି ହୁଏ । ଅଗ୍ରହାୟଣ ମାସର ଶୁକ୍ଳ ଦ୍ୱାଦଶୀରେ ଏ ବ୍ରତ ଆରମ୍ଭ ହୁଏ ।]

ସୁନାମ ଫ. ଚ୍ଚ. ବହୁଶ୍ରୁତ; ସୁ+ନାମନ୍; ୧ମ. ୧ବ) —ଯଶସ୍ୱୀ— Sunāmā Celebrated; famous. ସ. ଚ—୧ । (ନାମ)— କଂସର ଆଠଜଣ ସଖୁ ଏକ (ହ. ଶ)—1. One of Kaṁsa's eight brothers. ୨।(ନାମ) ସୁନାଭୁତର ଜଣେ (ହ. ଶ – 2. Name of an attendant of Skanda. ୩ । (ନାମ) ବୈନତେୟଙ୍କର ଏକ ପୁତ୍ର (ହ. ଶ) – ଃ- Name of a son of Garuḍa. ୪ । (ନାମ) ସୁକେତୁଙ୍କର ଏକ ପୁତ୍ର (ହ. ଶ)— 4. Name of a son of Suketu.

ସୁନାମିକା—ସ ଚ—ଶାସ୍ୱପାଣା ଲତା (ହ. ଶ) Sunāmikā Thalictrum Foliolosum (creeper).

ସୁନାମୁଖୀ ଗ୍ରାଦେ (ଲଇଥ) ଚ— ସୁନାମକେଇ — Sunāmukhi Cassia Augustifolia.

ସୁନା ମୁଗ—ଦେ. ଚ—ଏକପ୍ରକାର ମୁଗ (ମୁଗ ଦେଖ)—A species of mung pulse; Phaseolus Aurea. ସୋନା ମୁଗ [ଦ୍ର—ଏହା ଈଷତ୍ ହଳଦିଆ ଥିବାରୁ ଏଥିର ନାମ-ସୋନା ମୁଗ କରଣ ଏହାର ଦେଖିବାକୁ । ଏହି ମୁଗର ଛାଲ ଅତ୍ୟନ୍ତ ସ୍ୱଚ୍ଛ ହୋଇ ଭିତର ଅଦିଖା ।]

Suna mudi

ସୁନା ମୁଦି—ଦେ. ଚ (ସ. ସ୍ୱର୍ଣ+ମୁଦ୍ରିକା)—ସୁନାରେ ତିଆରି ମୁଦି; ସ୍ୱର୍ଣନିର୍ମିତ ମୁଦ୍ରିକା—A gold ring. ସୋନାର ଆଂଟି ସୋନା ଅଂଗୁଠୀ

ସୁନା ମୁଦିଆ ଦେ. ବ (ସ. ସ୍ୱର୍ଣ ମୁଦ୍ରିକା)—୧ । ଯେଉଁ ବ୍ୟକ୍ତି Suna mudia ସୁନା ମୁଦି ଦିଏଥାଏ—1. (a person); ସୋନାର ଆଂଟି ପରା Wearing a golden ring. ୨ । ସୋନା ଅଂଗୁଠୀ ବାଲା (ଲକ୍ଷଣାର୍ଥ) ବଡ଼ଲୋକ—2. (figurative) Rich man. [ଦ୍ର—ସୁନା ମୁଦିଆ ଡାକରୁ ଠାକର ଖାଇଲେ ଗଙ୍ଗାସ୍ନାନର ଫଳ ମିଳେ—ଉଗ ।]

ସୁନା ମୁଖି କଣ୍ଟିଆ—ଗ୍ରା ଦେ. (ବାଲେଶ୍ୱର) ଚ—ମତ୍ସ୍ୟବିଶେଷ— Sunā mukhi kaṇṭiā A kind of fish. [ଦ୍ର—ଏହି ଜାତୀୟ କଣ୍ଟିଆ ସାଧାରଣତଃ ୫ ଇଞ୍ଚରୁ ଅଧିକ ବଡ଼ ହୁଅନ୍ତି ନାହିଁ । ଏ ମାଛର ମୁହଁ ଓ ପିଠି କଣ୍ଟେଇର ଅଂଶ ସୁନା ପରି ଦେଖି ହତ୍ତାଦରେ ।]

ସୁନାମୁ—ଫ. ବ ସ୍ତ୍ରୀ—ବେବଙ୍କା; ବସୁଦେବ ପତ୍ନୀ— Sunāmuī A wife of Basudeba,

ସୁନାୟକ—ଫ. ଚ. ପୁଂ—୧ । ନାଟକ ଉପନ୍ୟାସ କାବ୍ୟାଦିର ଉତ୍ତମ Sunāyaka ନାୟକ—1. An excellent hero of a (ସୁନାୟିକା—ସ୍ତ୍ରୀ) romance, ୨ । ସୁଭାନୁତରବଂଶର (ହ. ଶ)—2. Name of an attendant of Skanda. ୩ । (ନାମ) ବୈନତେୟଙ୍କ ପୁତ୍ରବିଶେଷ (ହ. ଶ)— 3. Name of a son of Garuḍa. ୪ । (ନାମ) ଦୈତ୍ୟବିଶେଷ (ହ. ଶ) — 4. Name of a demon.

ସୁନାର—ଦେ. ବ (ସଂ. ସ୍ୱର୍ଣକାର)—ସୁନାର (ଦେଖ)—Sunāri Sunāra (See) [ଦ୍ର—ଏହି ସୁନାର ସୁଆର, ଏ ଦୁଇଜଣ ସୋନାର ସୋନାର ଜାତିର – ଗହଣ ।]

ସୁ. ବ—୧ । ଶୁଶ୍ରାସୁନ୍ୟ; କୁକୁରୀ ଦୁଧ (ଦେବଗା)— 1. Dog's milk. ୨ । ସର୍ପାଣ୍ଡ (ଦେବଗା)— 2. Serpent's egg. ୩ । ଚଲଚଳି (ଦେବଗା); ଘରଚଟିଆ ଚଡ଼େଇ—3. The house-sparrow.

ସୁନାର(ରି) ଘାଉ—ଗ୍ରାଦେ. (ବାଲେଶ୍ୱର) ଚ—ହଳଦିଆ ରଙ୍ଗର Sunāra(ri) ghāu ଏକଜାତୀୟ ବାଉଁଶ— A kind of yellow bamboo.

ସୁନା ରାଗଡ଼ା—ଗ୍ରାଦେ. (ଗଡ଼ଜାତ) ଚ—ବନ୍ୟ ବୃକ୍ଷବିଶେଷ— Sunā rāgarḍā A kind of wild tree. [ଦ୍ର—ଏହା ୫।୭ ହାତ ଉଚ୍ଚ । ଏଥିର ମୂଳ କାନ୍ଥି କର ବାଇଗୁଣ୍ଡ ଓ ଉକ୍ତ ଗଣ୍ଡିଥିବା ଅଙ୍ଗରେ ବୋଳ ଦେଲେ ଜ୍ୱରକାର ହୁଏ ।]

ସୁନାରି—ଦେ. ଚ—୧। (ସଂ. ସ୍ୱର୍ଣକାର) ବଣିଆ—1. Goldsmith. [ଦ୍ର—ଲୋଘାମୁଦ୍ରା ଦେଖିଣ ସଙ୍ଗୋଷ ଢୋଇଲେ, ସୁନାରକ ଛାଳିଣ ଗଡ଼ାଅ ବୋଇଲେ—କୃଷ୍ଣସିଂହ.ମହାଭାରତ. ବନ ।] ୨ । (ସଂ. ସ୍ୱର୍ଣାଙ୍ଗ; ସୁବର୍ଣକ) ଅଉଷଧ ଗଛ; ସୁନାର ଗଛ—2. A tree; Casoia Fistula. [ଦ୍ର— ଏହାର ଫୁଲ ସୁନେଲି ରଙ୍ଗ ଥିବାରୁ ଏହାର ନାମ ଢୋଇଅଛି । ବୈଦ୍ୟ-ଶାସ୍ତ୍ର ଅନୁସାରେ ଏହା ରୁକ୍ଷ, ମଧୁର, ଶୀତଳ ଓ ସ୍ୱାଦରେଚକ । ଏହା କୃମି, କୁଷ୍ଠରୋଗ, ପିତ୍ତ, ରକ୍ତ, ବାତ, ଜ୍ୱଦାବର୍ତ୍ତି ଓ ଶୂଳ ରୋଗରେ ଉପକାରୀ । ଏହାର ସବୁ ରୋଗରେ ଓ ଜଳମେଦରର । ଏହାର ଫୁଲ ସୁସ୍ୱାଦୁ, ଉକ୍ତ, ଶୀତବାର୍ତ୍ତ ଓ ମଳସଗ୍ରାହକ । ଏହାର ଫଳ (ଛୁଇଁ) ଅତ୍ୟନ୍ତ ଲମ୍ବ ।

ଆ. ଓ ଫା. ଖୟାର୍ ସମର୍ ଅ. ଫଲ୍ଲସ୍

ଇଂ. ଲେକ୍ସିଟ୍ରୁ, ସ୍ୱେନ୍ନାକାସ୍ୱା, ଲେକ୍ସ

ସ. ନାମ—ଚତୁରଙ୍ଗୁଳ, ଅରଣ୍ଡକେତ, ଚ୍ୟାପ୍ୟାଚ, ଆରଗ୍ୱଧ; ସମ୍ପାକ, ରାଜବୃକ୍ଷ, କୃତମାଳ, ସ୍ୱର୍ଣାଙ୍ଗ, ସ୍ୱବଲ୍ଲକ, ସ୍ୱର୍ଣଭୂଷଣ, କୃତ୍ତନ୍ତକ, କୃଷ୍ଣ-ସ୍ୱଦନ, ସର୍ଦ୍ଧଫଳ, ସ୍ୱର୍ଣସ୍ୱର୍ଣ ।

Digitized by srujanika@gmail.com

ଏଡ଼ା ହରେରଙ୍ଗ, ଚିତଳର ଓ ବୃଷ୍ଟଦ୍ଭିକଫଳାଶକ । ମଞ୍ଜି ବା ଫଳର ଅଠା ମଧୁରରସାକ, ସ୍ନିଗ୍ଧ, ଅଗ୍ନିବର୍ଦ୍ଧକ, ରେଚକ ଏବଂ ଚିତ୍ତବାୟୁନାଶକ ।

ଏଡ଼ା ଜଷ୍ଟନାଦ ବର୍ଗର ଛୋଟ ତରୁ । ଏଡ଼ାର ପତ୍ର ପକ୍ଷାକାର; ଫୁଲର ରଙ୍ଗ ସୁନେଲି । ଗ୍ରୀଷ୍ମକାଲରେ ଏଥିରେ ଫୁଲ ଫୁଟେ । ଫୁଲ ମଧ୍ୟରେ ୩ଟି ପୀତ ସୂଂକେଶର ଓ ଫୁଲର ଗର୍ଭକୋଷ ୬ ଟି ଅଙ୍କୁର ପର୍ଯ୍ୟନ୍ତ ଲମ୍ବ । ଏଡ଼ାର ଫଳ (ଛୁଇଁ) ଲମ୍ବରେ ୧୪ ଇଞ୍ଚି ପର୍ଯ୍ୟନ୍ତ ହୋଇଥାଏ । ଏଡ଼ା ଗୋଲ ଓ ଖାଡ଼ ଉଦ୍ଭିଦ । ଏଥିର କାଠ ନାଲ ଓ ଦୃଢ଼ । ଏଥିରେ ଛେଳିଛୁଆ ଖାଣି ଦ୍ୱାରା ଚମଡ଼ା କଷା ହୁଏ ।]

ସୁନାର ବଣିଆ Sunāri baniā **ବଣିଆ**—Goldsmith. [ଦ୍ର—ଓଡ଼ିଆରେ ସୋନାର ବେପେ ବଣିଅମାନେ ଦୁଇ ଶ୍ରେଣୀର; ଯଥା—ସୁନାର ବଣିଅ ସୋନାର (ଯେଉଁମାନେ ସୁନା ରୁପାର ଜାମ ଜରନ୍ତି) ଓ ସୋନକ ବଣିଅ (ଯେଉଁମାନେ ଔଷଦ ପତ୍ରପତ୍ର ବନ୍ଧକ କରନ୍ତି) । ଏମାନେ ଜାତିରେ ବୈଶ୍ୟ ଏବଂ ଏମାନଙ୍କ ଘରେ ବିବାହ ବ୍ୟବହାର (ଦୁଇଥ) ପ୍ରଥା ନାହିଁ ।]

ସୁନାରୀ Sunārī **ସ୍ତ୍ରୀ** (ସ୍ୱ + ନାସ) — ୧ । ଉତ୍ତମା ସ୍ତ୍ରୀ — 1. An excellent woman. ୨ । ରସିକା ସ୍ତ୍ରୀ— 2. Voluptuous lady. ଦେ. ବ—୧ । (ସଂ. ସ୍ୱର୍ଣ୍ଣକାର; ସୁବର୍ଣ୍ଣକ) ସୁନାର ୨ (ଦେଶ) — 1. Sunāri 2 (See) ୨ । ସୁନାର ବଣିଅ— 2. Goldsmith. (ବ୍ର—(ସ, ୧ ଓ ଦେ. ୨)—ବକ୍ତେଦକ ମୁଁ ସୁନାସ ଲେଖି ଦକଦକ ଯେ — ଉଜ୍ଜ. ବୈଦେହୀଶବଳାସ ।)

ସୁନା(ନୋ)ଲି Sunā(ne)li **ବିଶ**—୧ । ସ୍ୱର୍ଣ୍ଣବର୍ଣ୍ଣବିଶିଷ୍ଟ—1. Of yellow colour. ୨ । ସ୍ୱର୍ଣ୍ଣ ରଞ୍ଜିତ—2. Painted with gold. ୩ । ତିଲ୍ଲି ତୁଲ୍ୟ—3. Gilded; gilt. ୪ । ସ୍ୱର୍ଣ୍ଣସମ୍ବନ୍ଧୀୟ—4. Golden.

ସୁନାଲ—ସ. ବ—ରକ୍ତ କମଳ (ହ୍ର. ଶ)— Sunāla The red water-lily.

ସୁନାଲୁକ—ସ. ବ—ଅଗସ୍ତ୍ୟ ବୃକ୍ଷ (ହ୍ର. ଶ)— Sunālu ka Sesbania Grandflora tree.

ସୁନାଲି ଗାଦେ (ବସ୍ତୁର) ବ—ସୁନାର ୨ (ଦେଶ)—Sunāri 2 (See) ଦେ. ବିଶ—୧ । ସୁନାସଦୃଶୀୟ. ସୋନାଲି ସୁନହଲା 1. Golden-୨ । ସୁନା ପର ବର୍ଣ୍ଣବିଶିଷ୍ଟ—2. Gold-hued.

ସୁନା(ନୋ)ଲି କାଲି——ଦେ.ବ—ସ୍ୱର୍ଣ୍ଣ ବର୍ଣ୍ଣର ମସୀ — Sunā(ne)li kāli Golden ink. ସୋନାଲି ସ୍ୟାହି ସୁନହଲା ସୟାହୀ

ସୁନା(ନୋ)ଲି ରଙ୍ଗ—ଦେ. ବ—ସ୍ୱର୍ଣ୍ଣ-ସ୍ୱର୍ଣ୍ଣ ଶିଳ୍ପ ରଙ୍ଗ— Sunā(ne)li ranga Gold n colour or paint. ସୋନାଲି ରଙ୍ଗ ସୁନହଲା ରଂଗ

ସୁନାଶୀ(ଶୀ) ୬ - ସ. ବ [ସୁ=ଉତ୍ତମ+ନାଶୀ(ଶୀ)ର=ପୃଷ୍ଠେବର୍ତ୍ତୀ Sunāsī(sī)r ସୈନ୍ୟ ପାର୍ଶ୍ୱର; ଅନ୍ୟରୂପ ଶୁନାଶୀ(ଶୀ)ର]— ପ୍ରଧାନଯୋଦ୍ଧା ପ୍ରଧାନଯୋଦ୍ଧା ୧ । ଇନ୍ଦ୍ର (ଅମର)— 1. The God Indra. ୨ । ଦେବତା (ହ୍ର.ଶ)— 2. Deity. ଦେ. ବ—ପ୍ରଧାନ ଯୋଦ୍ଧା— Great warrior. (ର—ବସଇ ସୁନାଶୀରେ ଚଢ଼ି, ଏତେଡ଼େ ସୁନାଶୀରେ ଶୋହ, ଏସର ଦୋଇ ଚଳଥାହୁଁ, କେବଳ ବର୍ଣ୍ଣ ଯେ—ଉଜ୍ଜ. ବୈଦେହୀଶବଳାସ ।)

ସୁନାସ - ଦେ. ତ୍ରିଗ (ଯୁ) (ସଂ. ସୁନାସିକ) ସୁନାସିକ ବା ସୁନ୍ଦର ନାସିକା Sunāsa ଯୁକ୍ତ —Having a beautiful nose. ଦେ. ବ (ସଂ. ସୁନାସା) ସୁନ୍ଦର ନାସିକା—Nice nose. (ଜ —ଜଉପୁଗଳ ବହୁ ଅଂସ, ଜ୍ୟନ୍ତ ସୁନ୍ଦର ସୁନାସ— ସୁନାସା ସୁନାସ ଜଗନ୍ନାଥ. ଭାଗବତ ।)

ସୁନାସା—ସଂ. ବ—ସୁନାସିକ (ଦେଖ) Sunāsā Sunāsika (See)

ସୁନାସିକ—ସଂ. ତ୍ରିଲ. ପୁଂ (ବହୁବ୍ରୀ)—ସୁନ୍ଦର ନାସିକାଯୁକ୍ତ— Sunāsika Having beautiful nose. (ସୁନାସିକା—ସ୍ତ୍ରୀ)

ସୁନାସିକା—ସ. ବ. ୧ । (କର୍ମଧା)—ସୁନ୍ଦର ନାକ—1. A beautiful nose. ୨ । କାକନାସା (ସ୍ୱଳ ନର୍ଦ୍ଦଣ୍ଡ)— କାକଠେଁଟି, କୋଶାଠେଁଠି 2. A kind of plant; Sclanum Indicum. ସ. ତତ୍ପ. ସ୍ତ୍ରୀ—ସୁନ୍ଦର ଅନ୍ୟ ସ.ନାସ—କାକନାସା, କାସା ବଶିଷ୍ଟା — (a woman) କାଉଆଁ, କାକଚୁଞ୍ଚ ପଳା Having a beautiful nose.

ସୁନ୍ନ—ବୈଦେ. ବ. (ଅ. ସନ୍ନା)—ମୁସଲମାନ୍ ସମ୍ପ୍ରଦାୟ ବିଶେଷ— Sunni The Sunnis; a sect of Mohammedans. **ସୁନ୍ନି; ସୁନ୍ନି**

(ବ୍ର —ମୁସଲମାନ୍ମାନେ ଦୁଇ ସଂପ୍ରଦାୟରେ ବହନ୍ତି— ସିଆ ଓ ସୁନ୍ନ । ସିଆମାନେ କହନ୍ତି ଯେ, ହଜରତ୍ ମହମ୍ମଦଙ୍କ ଶିଷ୍ୟାନୁଶିଷ୍ୟ ଓ ବଂଶଧରମାନେ ପୁରୁଷାନୁକ୍ରମେ ମୁସଲମାନ୍ ମାନଙ୍କର ଇମାମ୍ ବା ଧର୍ମଗୁରୁ ଅଟନ୍ତି । ସୁନ୍ନମାନେ କହନ୍ତି ଯେ, ମୁସଲମାନମାନଙ୍କ ନିର୍ବାଚିତ ବ୍ୟକ୍ତି ଧର୍ମଗୁରୁ ବା ଇମାମ୍ ପଦର ଜଣଯୁକ୍ତ ଅଟନ୍ତି । ଏହି ମତଭେଦରୁ ପ୍ରଥମେ ଏ ଦୁଇଟି ସଂପ୍ରଦାୟ ସୃଷ୍ଟି ହୋଇଥିଲା ଏବଂ ଜଗତ୍ରେ ଏମାନଙ୍କ ଧର୍ମଶାସ୍ତ୍ର, ଅଚାର ବ୍ୟବହାର, ଦାୟଭାଗ ଓ ସାମାଜିକ ବାଇ ସବୁ ପୃଥକ୍ ହୋଇ ଯାଇଅଛି; ଯଥା— ସିଆମାନେ (୧) କୋରାନ୍ ଓ (୨) ହଜରତ୍ ମହମ୍ମଦଙ୍କର ବଂଶଧରମାନଙ୍କ ଦ୍ୱାରା ଯତ୍ନରେ ରକ୍ଷିତ (ଅନ୍ତଃସାଧିକା)ଙ୍କୁ ଧର୍ମଶାସ୍ତ୍ର ବୋଲି ମାନନ୍ତି ଏବଂ ଇମାମଙ୍କ ଦ୍ୱାରା ଅନୁମୋଦିତ କୋଇ ନ ଥିବା ମୀମାଂସାକୁ ମାନନ୍ତି ନାହିଁ । ଉକ୍ତ ସୁନ୍ନମାନେ (୧) କୋରାଣ, (୨) ସୁନତ୍ ବା ହାଦିସ (ମହମ୍ମଦଙ୍କୁ ଦେଖିଥିବା ବା ତାଙ୍କଠାରୁ ଶୁଣିଥିବା ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣିତ ବାକ୍ୟ ଅଟେ), (୩) ଇଜ୍ମାଉଲ୍ଉମ୍ମତ୍

Digitized by srujanika@gmail.com

(ସଦ୍ଧର୍ମଦଙ୍କ ପ୍ରଧାନ ଶିଷ୍ୟ ବା ଶଲ୍ୟପାମାନଙ୍କ କୃତ ଟୀକା) ଓ (୪) କହ୍ୟା (ଜଳର ବବେଚନା ସିବ ମୀମାଂସା) ବୁ ମାନନ୍ତି । ସୁନ ସଂପ୍ରଦାୟୁ ସିହ୍ନା ସଂପ୍ରଦାୟୁର ବଦ୍ଧଦର୍ଶ ଉରେ ପ୍ରତିଷ୍ଠିତ ହୋଇଥିଲା । ସୁନମାନଙ୍କ ଧର୍ମଶାସ୍ତ୍ର ଅନୁସାରେ ମୃତ ବ୍ୟକ୍ତିର ସଗୋତ୍ର (agnate) ବଂଶଧର ବଦ୍ୟମାନ ଥିଲେ ଅସଗୋତ୍ର (cognate) ବଂଶଧରମାନେ ତ୍ୟକ୍ତ ସମ୍ପତ୍ତିର ଉତ୍ତରାଧିକାରୀ ହୋଇ ନ ପାରନ୍ତି । କନ୍ତୁ ଏହ ନୟମ ମୃତବ୍ୟକ୍ତିଙ୍କ ପିତା, ମାତା, ପୁତ୍ର, କନ୍ୟା, ସ୍ୱାମୀ ବା ସ୍ତ୍ରୀଙ୍କ ପ୍ରତି ଖଟେ ନାହିଁ ।

ସୁନ ସମ୍ପ୍ରଦାୟୁ ଘୁଣି ୪ଟି ଉପସମ୍ପ୍ରଦାୟରେ ବଭକ୍ତ; ଯଥା—୧ । ଦନାଫି, ୨ । ଖାଫେଇ, ୩ । ମାଲକି, ୪ । ଦନ୍ବଳ । ଉପରୋକ୍ତ ସୁନମାନେ ପ୍ରଧାନତଃ ତନାଫି ଶ୍ରେଣୀ-ଭୁକ୍ତ ।

ସିହ୍ନାମାନେ ନମାଜ୍ ପଢ଼ିବାବେଳେ (ପ୍ରାର୍ଥନା କଲ୍ଲ-ବେଳେ) ଦୁଇ ହାତକୁ କଡ଼ପଟରେ ଉଲକୁ ଲମ୍ବାନ୍ତି; କନ୍ତୁ ସୁନମାନେ ଦୁଇ ହାତକୁ ଅଗରେ ଯୋଡ଼ିକରି ନମାଜ୍ ପଢ଼ନ୍ତି । ତନାଫି ଓ ଖାଫେଇମାନେ ନମାଜ୍ ପଢ଼ିବାବେଳେ ଆମୀନ୍ (ଇଂ. Amen=ତଥାସ୍ତୁ) ଶବ୍ଦ ଉଚ୍ଚାରଣ କରନ୍ତି ।

ଅଲ୍ଲାବନ ଦେଇ ଖୁରଜାସ୍ଥ ସୁନମାନଙ୍କ ମଧ୍ୟରେ ଘଇର ମୁତାଜିଲିବନ୍ ନାମକ ଅଳ୍ପ ଗୋଟିଏ ଉପସଂପ୍ରଦାୟୁ ସୃଷ୍ଟି ହୋଇଅଛୁ । ଏମାନଙ୍କୁ ଅନ୍ୟ ମୁସଲମାନ୍‌ମାନେ 'ଜବ୍ବାବ' ନାମରେ ଜାଣନ୍ତି ।

ଗୁଜରାଟର ଖଣ୍ଡୁକା ଭାଲ୍ଲଦରେ ବଜପୁତ୍‌ମାନେ ମୁସଲମାନ୍ ଧର୍ମ ଗ୍ରହଣ କଲ ସୁନ ସଂପ୍ରଦାୟୁର 'ବୋରା' ଓ ବ୍ରୋଚ୍ ଜିଲ୍ଲାର ବଜପୁତ୍‌ମାନେ 'ଶିବ୍ରସିଆ' ଶ୍ରେଣୀଭୁକ୍ତ ହୋଇଅଛନ୍ତି ।] ଦେ. ବ (ନାମ)—୧ (ସ୍ତ୍ରୀ) ସୁନାମଣି ନାମ୍ନୀ ସ୍ତ୍ରୀର ନାମ—1. (Feminine) Name for calling Sunāmaṇi. ୨ । (ପୁଂ) ସୁନାମଣି ନାମକ ପୁରୁଷର ଡାକ ନାମ—2. (Masculine) Name for calling Sunāmaṇi.

ସୁନଅ(ଅ)—ଦେ. ବ (ସଂ. ସ୍ୱର୍ଣ)—ସ୍ୱର୍ଣମୁଦ୍ରା; ସଡ଼ୁ; ମୋହର—Suniā(ñā) Gold coin. (ଉ—ସଦ୍ଧର୍ମେ ସୁନଅରେ ଶିକାଟାଏ ମୋହର **ସ୍ୱର୍ଣମୁଦ୍ରା** ଅଛ, ସବୁ ଉତ୍ସମାନଙ୍କେ ତୃପ୍ତି ହୋଇଛୁ । କୃଷ୍ଣସିଂହ. ମହାଭାରତ, ସଭା ।

ନାଗର ଦେଖ ଯେବେ ଅସିବ ସୁନଅ, ତେବେ ଜାଣୁ ଦେଶିଲେ ହୋଇବ ମୁଁ କଅଁ । କୃଷ୍ଣସିଂହ. ମହାଭାରତ, ଶାନ୍ତି ।]

ବୈଦେ. ବ (ଅ. ସନ୍-ଏ-ନଓ=ନବବର୍ଷ)—ଭାଦ୍ରମାସ ଶୁକ୍ଳ ଦ୍ୱାଦଶୀ; ଓଡ଼ିଆ ସନର ଓ ପୁଷ୍ୟ ରାଜାଙ୍କ ଅଙ୍କର ସରବର୍ଷନ ଦବସ—The 11th of the light-fortnight of Bhādra month. [ଉ—ଏ ଦନ ଓଡ଼ିଶାର ରାଜା ଓ ଜମିଦାରଙ୍କ ସିରସ୍ତାରେ ନୂତନ ଅଙ୍କ ବା ସନ ଆରମ୍ଭ ହୁଏ । ରାଜା ଓ ଜମିଦାରମାନେ ଏ ଦନ ସିରସ୍ତା ପୂଜା କରନ୍ତି ଏବଂ ପ୍ରଜାମାନେ ଜମିଦାରଙ୍କୁ ଯେଉଁ ଓ ସଲ୍ଲମି ଦଅନ୍ତି । ବର୍ତ୍ତମାନ 'ପ୍ରଜାମଣ୍ଡଳ'ର ଅଧିକାରୀମାନେ ଏ ଭେଟି ଓ 'ସଲ୍ଲମି' ବନ୍ଦ କରବାକୁ ସକଲ୍ପ କର ଅଛନ୍ତି । ପୂର୍ବତନ ରାଜାଙ୍କ ନାମାଙ୍କିତ ସ୍ୱର୍ଣମୁଦ୍ରା (ସୁନଅଁ) କଃଯାଇ ନୂଆ ରାଜାଙ୍କ ନାମାଙ୍କିତ ନୂତନ ମୁଦ୍ରା ଚଳବା ବଧରୁ ବୋଧ ହୁଏ ଏହ ଶବ୍ଦର ସୃଷ୍ଟି ହୋଇଅଛ ('ସନ' ଭଳେ ନୋଟ ଦେଖ) ।

ଓଡଅ ସନର ଓ ପୁଷ୍ୟ ରାଜାଙ୍କ ଅଙ୍କର ମାସର ଓ ବବସର ଗଣନା ସୌର ମାସର ଗଣନା କ୍ରମେ ହୁଏ; କନ୍ତୁ ସନ ବା ଅଙ୍କ ଶୁଦ୍ଧ ଭାଦ୍ରମାସର ଦ୍ୱାଦଶୀଠାରୁ ଗଣନା କରାଯାଏ । ଏହ 'ସୁନଅ' ପୂଜା ଓ ଗଣନା ଓଡ଼ିଶାର ବଶେଷତ୍ୱ । ଏହା ଓଡ଼ିଆମାନଙ୍କ ନବ ବର୍ଷାରମ୍ଭ ।] ୩ । (ପୁଂ) ସୁନାମଣି ନାମକ ପୁରୁଷର ଡାକ ନାମ—3. (Masculine) Name for calling a person named Sunāmaṇi.

ସୁନଅ(ଅଁ) ପୂଜା—ଦେ. ବ—ରାଜା ଓ ଜମିଦାରମାନେ ସୁନଅ ଦନ Suniā(āñ) pūjā ବେଦୀରେ ବସି ଗଣପତ, ସରସ୍ୱତ୍ତ, ଲକ୍ଷ୍ମୀ ପୁଣ୍ୟାହ ଆଦ ଦେବତାଙ୍କୁ ଓ ସିରସ୍ତାକୁ ଯେଉଁ ପୂଜା କରନ୍ତି—A ceremonial worship done by a Rājā or Zamindar on the Suniā day [ଉ—ପ୍ରତ୍ୟେକ ଜମିଦାର ବା ରାଜା ସେ ଦନ ଗୋଟିଏ ସୁରୁଣା ସ୍ୱର୍ଣମୁଦ୍ରା ବା ଟଙ୍କା (ଯାହା ବଂଶାନୁକ୍ରମେ ପ୍ରଚଳତ ହୋଇଥାଏ ଓ ସୁନଅ ଦନ ପୂଜା କରାଯାଏ)କୁ ମଧ୍ୟ ପୂଜା କରନ୍ତି ।]

ସୁନଅ(ଅଁ) ବେଦୀ—ଦେ. ବ—ଯେଉଁ ବେଦୀ ଉପରେ ବସି ସୁନଅଁ Suniā(āñ)bedī ଦନ ରାଜା ଓ ଜମିଦାରମାନେ ପୁଣ୍ୟାହବେଦୀ ସିରସ୍ତା ପୂଜା କରନ୍ତି—An altar on which the Rājās and Zamindars perform the Suniā ceremony.

ସୁନଅ(ଅଁ) ଭେଟି—ଦେ. ବ—ରାଜ୍ୟର ପ୍ରଜା ଓ କାରିଗରମାନେ Suniā(āñ) bheṭi ରାଜାଙ୍କୁ ସୁନଅ ଦନ ଦେବା ଧନ ଓ ପୁଣ୍ୟାହଭେଟି ଦ୍ରବ୍ୟାଦ ଉପଢ଼ୌକନ—Present of articles made by a rayat or artisan or subject to a Rājā or Zamindar on the Suniā day.

ସୁନଅ(ଅଁ) ସଲ୍ଲମି—ଦେ. ବ—ରାଜକର୍ମଚାରୀ ଓ ପ୍ରଜାମାନେ ସୁନଅ ଦନ Suniā(āñ) salāmi ରାଜାଙ୍କୁ ଯେଉଁ ଧନ ଉପଢ଼ୌକନ ପୁଣ୍ୟାହସେଲାମି ବା ନଜରାନା ଦଅନ୍ତି—A present or nuzzerana given to a Rājā by the officers and subjects on the Suniā day.

Digitized by srujanika@gmail.com

ସୁନିଦ୍ର—ବି. ବଣ. ପୁଂ (ସୁ+ନିଦ୍ରା+ଅ; ବହୁବ୍ରୀହି)—ଉତ୍ତମରୂପେ ଶୋଇଥିବା; ଗାଢ଼ ନିଦ୍ରିତ—Well slept. (ସୁନିଦ୍ରିତ—ଅନ୍ୟରୂପ)

Sunidra (ସୁନିଦ୍ରା, ସୁନିଦ୍ରା—ସ୍ତ୍ରୀ)

ସୁନିଦ୍ରା—ସ୍ତ୍ରୀ. ବ—ସ୍ୱପ୍ନ ବା ଜାଗରଣରହିତ ନିଦ୍ରା; ଗାଢ଼ ନିଦ୍ରା—Sunidrā Sound sleep; sleep undisturbed by dream or waking. ବି. ବଣ. ସ୍ତ୍ରୀ—ସୁନିଦ୍ର ର ସ୍ତ୍ରୀଲିଙ୍ଗ—Feminine of Sunidra.

ସୁନିନଦ—ବି. ବଣ. ପୁଂ—ସୁନ୍ଦର ନାଦଜାତ (ହୃ. ଶ.)—Sunināda Emitting a good or sweet sound. (ସୁନିନଦା—ସ୍ତ୍ରୀ)

ସୁନିପୁଣ—ବି. ବଣ. ତ୍ରି—ସୁଦକ୍ଷ; ଅତି ନିପୁଣ ବା ନିତାନ୍ତ ନିପୁଣ—Sunipuṇa Very skilful; expert. (ସୁନିପୁଣା—ସ୍ତ୍ରୀ) (ସୁନିପୁଣତା—ନ)

ସୁନି ମୁଗ—ଦେ. ବ—୧ । ସୁନା ମୁଗ (ମୁଗ ଦେଖ)—1. A species of Mung pulse. ୨ । ଛୋଟି ମୁଟ; ସୋନା ମୁଗ Suni muga ସୋନା ମୂଗ (ମୁଟ ଦେଖ)—2. A kind of Mung pulse.

ସୁନିୟମ—ସଂ. ବ—୧ । ଉତ୍ତମ ନିୟମ—1. A good rule. ୨ । ସୁଶୃଙ୍ଖଳା—2. Good method. Suniyama

ସୁନିର୍ଦ୍ଦିଷ୍ଟ—ବି. ବଣ—୧ । ସୁସ୍ଥିର—1. Well fixed. ୨ । ଉତ୍ତମରୂପେ ନିର୍ଦ୍ଦିଷ୍ଟ ବା ସୁନିଶ୍ଚିତ—2. Well ascertained. ୩ । ନିତ୍ୟ—3. Perpetual. Sunirddishṭa

ସୁନିର୍ଦ୍ଧାରିତ—ସଂ. ବଣ—୧ । ଉତ୍ତମରୂପେ ସୁନିଶ୍ଚିତ—1. Well ascertained. ୨ । ସୁନିଶ୍ଚିତ (ଦେଖ)—2. Suniśchita (See) Sunirddhārita

ସୁନିର୍ମଳ—ସଂ. ବଣ—ଅତି ନିର୍ମଳ—Sunirmala Very clear or pellucid.

ସୁନିର୍ମିତ—ସଂ. ବଣ—୧ । ଉତ୍ତମରୂପେ ନିର୍ମିତ—1. Well made. ୨ । ସୁନ୍ଦରରୂପେ ପ୍ରସ୍ତୁତ—2. Nicely made. Sunirmita

ସୁନିରୀ(ରିୟା)ରା—ସଂ. ବ—ଇଙ୍ଗିଦ ବୃକ୍ଷ (ଭାବପ୍ରକାଶ); ଶାଳଳୀ-ଜାତୀୟ ବୃକ୍ଷବିଶେଷ—Sunirjā(rjyā)sa ଗୁଲହୁଲି ଜିଗିନୀ ଅନ୍ୟ ସ୍ୱତନ୍ତ୍ର ନାମ—ଚଇଗା, ଝିଇଗା, ଝିଙ୍ଗୀ, ପମୋଦଗା, ଗୁଡ଼ମଞ୍ଜିକା A tree; Odina Wodier. [ଦ୍ର—ଏହା ମଧୁର-କଷାୟ-ତିକ୍ତ-ରସ, ଉଷ୍ଣବୀର୍ଯ୍ୟ, ବ୍ରଣଶୋଧକ । ଏହା ବ୍ରଣ, କୃମି ଦୋଷ, ମେଦ, ବାୟୁ ଓ ଅଗ୍ନିମାନ୍ଦ୍ୟ ନାଶକ; ଶାଳ ଓ ଚମାଲର ଅନ୍ୟାନ୍ୟ ଗୁଣ ଏ ବୃକ୍ଷରେ ଅଛି ।]

ସୁନିଶ୍ଚୟ—ସଂ. ବଣ (ସୁ+ନିଶ୍ଚୟ)—ସୁନିଶ୍ଚିତ (ଦେଖ) Suniśchaya Suniśchitā (See)

ସୁନିଶ୍ଚିତ—ସଂ. ବଣ—୧ । ଅତି ନିଶ୍ଚିତ—1. Very sure or certain; absolutely certain. ୨ । ସୁନିର୍ଦ୍ଧାରିତ—2. Well ascertained. ସଂ. ବ. ବୁଦ୍ଧବିଶେଷ (ଦିବ୍ୟାବଦାନଶେଷ)—Name of a Buddhist saint. Suniśchita

ସୁନିଷ—ସଂ. ବ—ସୁନିଷଣ୍ଣକ (ଦେଖ) Sunisha Sunishaṇṇaka (See)

ସୁନିଷଣ୍ଣକ—ସଂ. ବ (ସୁ+ନି+ସଦ୍ ଧାତୁ+କ୍ତ. ତ+ସ୍ୱାର୍ଥେ କ ସୁ+ନିଷଣ୍ଣ+କ=ସୁନିଷଣ୍ଣକାରକ; (ସୁନିଷଣ୍ଣ—ଅନ୍ୟରୂପ) (ଏହା ନିଦ୍ରାକାରକ) ସୁନିଷୁନିଆ (ଦେଖ) Sunishaṇṇaka Sunishuniā (See)

ସୁନିଷୁନିଆ(ଆଁ)—ଦେ. ବ (ସଂ. ସୁନିଷଣ୍ଣକ) —ଜଳଜନ୍ମ ଅଳ୍ପଶାକ ଶାକବିଶେଷ—ସୁଷୁନିଶାକ उटंगन, शेपत्ति, चोपतिआ, सुसना, शिरियारी ସ. କୁଡୁଡ଼ାବର୍ଗକ ଫା. ଅଂଜର୍, ଭୁଙ୍ଗେ ଅଂଜର୍ ଅ. ଅଂଜର୍, କଜୁରଲ୍ ଅଂଜର୍ ଓ. ସୁନସପ୍ପାମ୍ନକେଶାକମୁ ସଂ. ପର୍ଯ୍ୟାୟ—ସୁନିଷ, ସୁନିଷଣ୍ଣ, ସୁନିଷଣ୍ଣକ, ଶିଉବାର, ଶିଉବାରକ, ସୁସ୍ତିକ, ଶ୍ରୀବାରକ, ଦୂରୀଗନ୍ଧ, ଚଣ୍ଡିକ, କୁକୁଟ, ଶିଗ୍ରୀ, ତରୁଣ୍ଡୀ, ବହୁପତ୍ରୀ, ରୁତୁ

Marsilea Quadrifolia; a potherb. [ଦ୍ର—ଏହାର ଡେଙ୍ଗ କୁହୁ ଘର ସରୁ ଓ ଲମ୍ବ । ଡେଙ୍ଗରେ ୪ଟି ପତ୍ରି ବା ପାଖୁଡ଼ା ଥାଏ । ସନ୍ଧ୍ୟା ବୁଲିଲେ ପତ୍ର ମୁଦ ହୋଇଯାଏ । ଏହି ଶାଗ ଯୋଗୁ ଓ ନଈ ଅଦର କୂଳରେ ଓଦ ଓ କାଦୁଅ ଭୂଇଁରେ ଜନ୍ମେ ଏବଂ ଏହାକୁ ଖାଇଲେ ସୁନିଦ୍ରା ହୁଏ ।

ଏହା ଶୀତଳବୀର୍ଯ୍ୟ, ମଳ-ବହୁଳ, ରୁତୁ ସଂଗ୍ରାହକ, ଅବଦାସ୍ପା, ଲଘୁ, କଷାୟ, ମଧୁର, ରୁଷ, ଅଗ୍ନିବାସକ, ରୁଚକର, ବାର୍ଦ୍ଧକର, ମେଧାଜନକ, ରସାୟନ ଓ ନିଦ୍ରାକାରକ ।

ଏହା ମେଦୋରୋଗ, କ୍ଲମ, ଶ୍ୱାସ, କୃଷ୍ଣ, ମେହ, ଭ୍ରମ ଓ ଦାହ ରୋଗରେ ହିତକାରୀ । ଏହା ରକ୍ତ ପିତ୍ତ ରୋଗୀ ପକ୍ଷରେ ବିଶେଷ ଅପକାରକ ।)

ସୁନିଷ୍ଟପ୍ତ—ସଂ. ବଣ (ସୁ+ନିର+ତପ୍ ଧାତୁ=ଗରମ କରିବା+କ୍ତ; ସନ୍ଧି ଯୋଗୁଁ 'ତ' ସ୍ଥାନରେ 'ଟ' ଆଦେଶ) —ଅତି ଉତ୍ତପ୍ତ; ଅତିଶୟ ଗରମ—Very hot; scorched; much heated. Sunishṭapta

ସୁନିସ୍ତ୍ରିଂଶ—ସଂ. ବ—ଦାଢ଼ୁଆ ଖଣ୍ଡା (ହୃ. ଶ)—A sharp sword. Sunistrimśa

ସୁନୀଚ—ସଂ. ବଣ—ଅତ୍ୟନ୍ତ ନୀଚ—Sunīcha Very low. (ସୁନୀଚତା[ତ୍ୱ]—ନ)

ସୁନୀତ—ସଂ. ବ—୧ । ବୁଦ୍ଧିମତ୍ତା (ହୃ. ଶ)—1. Intelligence. ୨ । ନୀତିମତ୍ତା (ହୃ. ଶ)—2. Morality. ୩ । (ନାମ) ସୁବଳଙ୍କ ପୁତ୍ର ସୁନୀଥବିଶେଷ—3. Name of a son of king Subala. Sunīta

Digitized by srujanika@gmail.com

ସୁନୀତ—ସଂ. ବ (ସୁ+ନୀ ଧାତୁ+କ୍ତ ଭାବ)—୧। ଉତ୍ତମ ନୀତି—Sunīti 1. Good morals. ୨। ଉତ୍ତମ ନୟମ—2. Good rule. ୩। ନ୍ୟାୟସଙ୍ଗତ ଆଇନ୍—3. Just law. ୪। ଉତ୍ତମ ଉଦ୍ଦେଶ୍ୟ; ସାଧୁ ଉଦ୍ଦେଶ୍ୟ—4. Good policy. ୫। ଉତ୍ତମ ଆଚରଣ—5. Good conduct. ୬। ଉତ୍ତମ ବ୍ୟବହାର—6 Good manners. ୭। (ବହୁବ୍ରୀହି) (ନାମ)—ଉତ୍ତାନପାଦ ରାଜାଙ୍କର ପ୍ରଥମା ସ୍ତ୍ରୀ; ଧ୍ରୁବଙ୍କ ମାତା ('ଧ୍ରୁବ' ଦେଖ)—7. Name of the mother of Dhṛuba. ୮। ଶିବ (ହ. ଣ)—8. Śiba. ସଂ. ବଣ (ବହୁବ୍ରୀହି; ସୁ=ଉତ୍ତମ ଅଟେ ନୀତି ଯାହାର)—ଉତ୍ତମ ନୀତିବିଶିଷ୍ଟ; ନୀତିମାନ୍—Of good morals or policy or conduct.

ସୁନୀତ ନନ୍ଦନ—ସଂ. ବ (ଷଷ୍ଠୀ ତତ୍)—ଧ୍ରୁବ (ଦେଖ) Sunīti nandana Dhṛuba (See)

ସୁନୀଥ—ସଂ. ବଣ. ପୁଂ (ସୁ+ନୀ ଧାତୁ+କଥିନ୍. ଥ)—ଧର୍ମଶୀଳ (ଉଣାଦି କୋଷ)—Pious. ସଂ. ବ—(ସୁନୀଥା—ସ୍ତ୍ରୀ) ବ୍ରାହ୍ମଣ (ସଂକ୍ଷିପ୍ତ ସାର)—Sunitha 1. A Brāhmaṇa. ୨। (ନାମ) କୃଷ୍ଣଙ୍କର ଏକ ପୁତ୍ର—2. Name of a son of Kṛushṇa. ୩। ଶିଶୁପାଳର ଏକ ନାମ—3. A name of Śisupāḷa.

ସୁନୀଳ—ସଂ. ବଣ—ଅତ୍ୟନ୍ତ ନୀଳ—Very blue. ସଂ. ପ୍ର—୧। ଲମ୍ବଜୀରକ (ଭୋଜ ନର୍ଘଣ୍ଟୁ); ଗନ୍ଧବେଣା; ଧନଶୀ—(ସୁନୀଳା—ସ୍ତ୍ରୀ) Sunīla 1. A kind of scented grass; Juncus Odoratus. ୨। ଦାଡ଼ିମ (ରାଜନିର୍ଘଣ୍ଟୁ)—2. Pomegranate.

ସୁନୀଳକ—ସଂ. ବ—୧। ନୀଳ ଭୃଙ୍ଗରାଜ (ରାଜନିର୍ଘଣ୍ଟୁ)—Sunīlaka 1. The blue species of "Bhṛungarāja." ୨। ନୀଳ ରତ୍ନ; ନୀଳା (ରାଜନିର୍ଘଣ୍ଟୁ)—2. Sapphire.

ସୁନୀଳା—ସଂ. ବ (ସୁନୀଳ+ଆ)—୧। ଅତସୀ—Sunīlā 1. Linseed. ୨। ବଣ୍ଟୁକାନ୍ତା; ନୀଳ ଅପରାଜିତା—2. The blue clitoris flower and creeper. ୩। ଜରଠା ତୃଣ (ରାଜନିର୍ଘଣ୍ଟୁ); ତଣ୍ଡିକା ତୃଣ—3. A kind of grass.

ସୁନୁ—ସଂ. ବ [ସୁ+ନୋ; ସୋଉନା ନୌ=ନୌକା ଯହିଁରେ (ଦୁର୍ଗାଦାସ)]—ଜଳ—Sunu Water. ପାଦେ (ବାଲେଶ୍ୱର) ବ—ମତ୍ସ୍ୟ ବିଶେଷ—A kind of fish.

ସୁନୁତ୍—ବୈଦେ. ବ (ଅ. ସ୍ୱନ୍ତ୍)—ସୁନତ୍ (ଦେଖ) Sunut Sunat (See)

ସୁନୁତି—ଦେ. ବଣ—ସୁନତି (ଦେଖ) Sunuti (ସୁନୁତିଅ—ଅନ୍ୟରୂପ) Sunati (See)

ସୁନୁରି—ପାଦେ (ଗଡ଼ଜାତ) ବଣ—ସୁନାଳି—Sunuri Golden.

ସୁନୁରି କନ୍ୟାରି—ପାଦେ. (ଗଡଜାତ) ବ—ହଳଦିଆ କନ୍ଥାର (ଗଛ ଓ ଫୁଲ)—Sunuri kanyāri Yellow or bastard oliander (tree and flower).

ସୁନୁରି କଣିଆର—ପାଦେ (ଗଞ୍ଜାମ) ବ—କନ୍ଥାର (ଦେଖ) Sunuri kaniara Kaniara (See)

ସୁନୁଲି—ଦେ. ବଣ (ସଂ. ସ୍ତ୍ରୀ)—ସୁନାଳି (ଦେଖ) Sunuli Sunāli (See)

ସୁନୁଷୁନିଆ(ଆଁ)—ଦେ. ବ (ସଂ. ସୁନଃଶୁନ୍ଧକ)—ସୁନଷୁନିଆ (ଦେଖ) Sunushuniā(āñ) Sunishuniā (See)

ସୁନୃତ—ଦେ. ବଣ (ସଂ. ସୁନୃତ)—ସତ୍ୟ ଓ ପ୍ରିୟ—True and amiable. (ଉ—ସୁନୃତ ବାକ୍ୟ ସୁଧାଧାର ମୁକଳି ଗୃହିଁ ନୃପବର—ଜଗନ୍ନାଥ ଭାଗବତ।) [ବ୍ୟୁ—ସଂସ୍କୃତ ଭାଷାରେ 'ଋତ' ଶବ୍ଦର ଅର୍ଥ ସତ୍ୟ, ନ+ଋତ= 'ଅନୃତ' ଶବ୍ଦର ଅର୍ଥ ମିଥ୍ୟା। ଶ୍ରୁତୋପଦେଶରେ ବିଷ୍ଣୁଶର୍ମା ('ବାକ୍‌ତତ୍ପର୍ଯ୍ୟୀ ଚ ସୁନୃତା') 'ସୁନୃତା' ଶବ୍ଦ ସତ୍ୟ ଓ ପ୍ରିୟ କଥା ଅର୍ଥରେ ପ୍ରୟୋଗ କରିଅଛନ୍ତି। ଏଭଳି ପ୍ରୟୋଗ ଦ୍ୱାରାଦ୍ୟକ ପର ପନେଦ୍ଧବ। ତୌଣସି ଅଭିଧାନରେ 'ସୁନୃତ' ଶବ୍ଦର ପ୍ରୟୋଗ ଦେଖାଯାଏ ନାହିଁ।

ସୁନେଇ ପୁତଳି—ପାଦେ (ସମ୍ବଲପୁର) ବ—ଗୋଇଆପତନ୍ତ—Sunei putali Civet cat; Viverra Gunda.

ସୁନେଈ—ଦେ. ବ. ସ୍ତ୍ରୀ (ସଂ. ସୁନ୍ଧି)—୧। ସ୍ତ୍ରୀମାନଙ୍କ ନାମ—Sunei 1. A name given to females. (ଉ—ସୁନେଈ କେଉଁଠି ମାଇଜ,ବୃଥେଇ କାରେ କାଘଡ଼—ଜାଡ଼ାଳିର ଗୀତ।) ୨। ସୁନାମଣିନାମ୍ନୀ ସ୍ତ୍ରୀର ଡାକନାମ—2. Name for calling a woman named Sunāmani.

ସୁନେତ୍ର—ସଂ. ବ—ସୁନ୍ଦର ନୟନ—Nice or beautiful eye. Sunetra ସଂ. ବଣ. ପୁଂ (ବହୁବ୍ରୀହି)'ସୁନ୍ଦରନୟନବିଶିଷ୍ଟ (ସୁନେତ୍ରା, ସୁନେତ୍ରୀ-ସ୍ତ୍ରୀ) Having graceful eyes.

ସୁନେପାଳି—ସଂ. ବ (ବୈଦ୍ୟକ)—ପିଣ୍ଡଖର୍জୁରବିଶେଷ; ଛୁଆର—Sunepāḷi A species of sweet date; the fruit of Phoenia Dactylifera. (ଉ—ଏହା ଆରବର ପଶ୍ଚିମ ସଂ. ପର୍ଶିୟା—ସୁଦୁଲା, ଦେଶମାନଙ୍କରେ ଜନ୍ମେ। ଏହା ଜଲପ୍ରାନଫଳ। ମଧୁର ରସ, ମଧୁର ବିପାକ, ଶୀତବୀର୍ଯ୍ୟ ସ୍ନିଗ୍ଧ, ଗୁରୁପାକ, ବୃଷ୍ୟିକର, ରୁଚିକର, ପୁଷ୍ଟିକାରକ, ବଳବର୍দ্ଧକ, ଶୁକ୍ରଜନକ ଏବଂ ଶ୍ରାନ୍ତି, ଶ୍ୱାସ, ଦାହ, ମୂର୍ଚ୍ଛା ଓ ରକ୍ତ ପିତ୍ତ ରୋଗରେ ଉପକାରକ।]

ସୁନେଲି—ଦେ. ବଣ (ସଂ. ସ୍ତ୍ରୀ)—ସୁନାଲି (ଦେଖ) Suneli Sunāli (See)

ସୁନାଳି ସୁନହଲୀ

ସୁନୌ—ସଂ. ବଣ (ବହୁବ୍ରୀହି; ସୁ+ନୌ)—ସୁନ୍ଦର ନୌକାବିଶିଷ୍ଟ Sunau (ଶବ୍ଦ କଲ୍ପଦ୍ରୁମ)—Having good or excellent boats.

Digitized by srujanika@gmail.com

ସୁନ୍ତୁ(ନ୍ତୁ ପୁନ୍ତୁ(ନ୍ତୁ)—ଦେ· ବ୍ଭ ସଂ· ସଂଜ୍ଞ)—ସନ୍ତପନ୍ତ (ଦେଶ)
Suntu(nthu)puntu(nthu) Santapanta (See)

ସୁନ୍ଥା—ଦେ. ବ (ସଂ· ସୀମନ୍ତ)—ସିଁଥି (ଦେଶ)
Sunthā Siñthi (See)

ସୁନ୍ଥା କାଟିବା—ଦେ· ନ୍ତି—କେଶକୁ ପାଦଆଦ୍ୱାରା ଦୁଇଫାଳ କରି ମଝିଣ
Sunthā kāṭibā ଆଦଦ୍ୱାରା ଚକ୍ରଣ କରି ସୀମନ୍ତ ରଚନା କରିବା—
ସୁନ୍ଥା କଢା(ଢେ)ଇବା } —ଅନ୍ୟରୂପ To part the hair in
ସଳଖ ପାନ୍ଥ(ଥି)ବା } the middle into
ସିଁଥିକାଟା braid with the comb and causing
ସିନ୍ଦୁର କାରନା the hair to stick to the head with wax or pomatum.

ସୁନ୍ଥାଣି(ଣି)—ଦେ. ବ (ସଂ· ସୀମନ୍ତ)—୧ । ସିଁଥି (ଦେଶ)—
Sunthāṇa(ṇi) 1. Siñthi (See) ୨ । ମୁଣ୍ଡତଳର ତକିଆ—
ସିଥାନ ବାଲିସ୍ତା 2. Pillow for the head.

[ଉ—ବାବୁ ଖ୍ରୀମ ଯହିଁରେ ସୁଯୋଧନ ଗାଣ, ଜଥନ୍ତୁ ଦେଲ୍ ତାହା ଦରଣ ସୁନ୍ଥାଣ । କୃଷ୍ଣସିଂହ. ମହାଭାରତ. ବନ ।]

ସୁନ୍ଥାଣି—ଦେ. ବ—ଶବଦାହାର୍ଥ କୁଇର ବା ଅଗ୍ନିବେସାର ତଳେ ଆଡ଼
Sunthāṇi ବାଗରେ ଦଆଯିବା କାଠର ଦୁଇଟି ଚଡ଼—Two
ସିଥାନୀ big pieces or logs of wood laid at the
ମାନିକଗୀତ base of a funeral pyre.

ସୁନ୍ଥାଣି କଣ୍ଟା—ଗ୍ରାଦେ (ଗଡ଼ଜାତ)—ଧରମ କଣ୍ଟା (ଦେଶ)
Sunthāṇi kaṇṭā Dharama kaṇṭā (See)

ସୁନ୍ଥାଣି କାଠି—ଗ୍ରାଦେ (ଗଞ୍ଜାମ ଓ ପୁରୀର)—ଗରୁର ଜୁଆଳ—
Sunthāṇi kāṭhi The yoke of a bullock cart.

ସୁନ୍ଥାଣୁ—ଦେ. ବ—ତକିଆ—Pillow. [ଉ—ଯେଉଁ ବସା-
Sunthāṇu ଘରେ ଶେଯକୁ ଯକାଇ । ଶୋଇଲେ ମୁଣ୍ଡ ଦିଏ
ସିଥାନା ବାଲିସ୍ତା ସୁନ୍ଥାଣୁଟି ଦେଇ—କୃଷ୍ଣସିଂହ. ମହାଭାରତ. ସ୍ତ୍ରୀ ।]

ସୁନ୍ଦ୍ (ଧାତୁ) —ସ—ଶୋଭା ପାଇବା—
Sund (root) The look fair.

ସୁନ୍ଦ—ସ. ବ (ସୁନ୍ଦ୍ ଧାତୁ+କର୍ତ୍ତୃ· ଅ)—୧ । (ନାମ) ଗ୍ରାମସବଦୈତ୍ୟ;
Sunda ତାଡ଼କା ରାକ୍ଷସର ସ୍ୱାମୀ; ମାରୀଚ ରାକ୍ଷସର ପିତା—
1. Name of the husband of the demoness Tārdakā and father of Mārīcha. (ଦ୍ର—ଏହାର ପିତା ଜମ୍ବୁନ୍ଦ ଓ ସହଚର ଭାଇର ନାମ ଉପସୁନ୍ଦ । ଏ ଦୁଇଭାଇ ବରାମିଳନ୍ଦ ଯଜ୍ଞରେ ବଘ୍ନ କରୁଥିଲେ । ରମ୍ଭଚନ୍ଦ୍ର ଏହାଙ୍କୁ ସମ୍ଭ କରିଥିଲେ । ଇଲୋତ୍ତମା ଅପ୍ସରାକୁ ଲାଭ କରିବା ପାଇଁ ଦୁହେଁ ଯୁଦ୍ଧଦ୍ୱନ୍ଦ୍ୱୀ ହୋଇ ପରସ୍ପର ସଂହାର କରି ମଲେ—ହ. ଶ ।) ୨ । (ନାମ) ରମ୍ଭଚନ୍ଦ୍ରଙ୍କ ସଙ୍ଗେ ଲଙ୍କା ଯାଇଥିବା ବାନର-ଯୋଦ୍ଧାବିଶେଷ
—2, Name of one of the monkey warriors who accompanied Rāma to Ceylon.
୩ । ବିଷ୍ଣୁ (ହ. ଶ)—3. Bishṇu.

ସୁନ୍ଦର—ସ. ବ (ସୁନ୍ଦ୍ ଧାତୁ+କର୍ତ୍ତୃ· ଅର; କମ୍ବା ସୁ+ଦୃ ଧାତୁ=
Sundara ଅଦର କରିବା+କର୍ମ. ଅ; ଯାହାକୁ ଅତି ଅଦର
(ସ୍ତ୍ରୀ—ସ୍ତ୍ରୀ) କରିଯାଏ; ନ ଅଗମ୍ୟ)—୧ । ମନୋହର; ରମଣୀୟ;
(ଅସୁନ୍ଦର, ଜୁଗୁପ୍ସିତ—ବିପରୀତ) ମନୋରମ; ରୁଚିକର; ମନୋ-
ଏହ ଶବ୍ଦର ପର୍ଯ୍ୟାୟ— ମୋହକର; ପ୍ରିୟଦର୍ଶନ—
ରୁଚିର, ଗୁରୁ, ସୁଷମ, ମନୋଜ୍ଞ, 1. Charming; beautiful;
ସାଧୁ, ଶୋଭନ, କାନ୍ତ, ରୁଚ୍ୟ, nice; handsome; sweet.
ମନୋରମ, ମନୋରମ୍ୟ, ୨ । ଉତ୍କୃଷ୍ଟ—2. Excellent
ମନୋହର, ମଞ୍ଜୁ, ମଞ୍ଜୁଳ, ୩ । ପ୍ରୀତି ଉତ୍ପାଦକ—3. Pleas-
ସୌମ୍ୟ, ଭଦ୍ରକ, ରମଣୀୟ, ing. ୪ । ଅଚ୍ଛା; ଉତ୍ତମ—
ରମଣୀୟକ, ସ୍ପୃଣୀୟକ, 4. Good. [ଦ୍ର—ସୁନ୍ଦର ଶବ୍ଦର
ବଲ୍ଗୁ, ପେଶଳ, ପେଯଳ, ଅର୍ଥ ମନୋରମ । ଯାହା ରୂପ ଦ୍ୱାରା
ବାମ, ରମ୍ୟ, ଅଭିରମ୍ୟ, ଚକ୍ଷୁକୁ ତୃପ୍ତ କରେ, ଯାହା ଶବ୍ଦ
ସୁମନ, କଲ୍ଗୁ, ହାର୍ଦ୍ର, ଦ୍ୱାରା କର୍ଣ୍ଣକୁ, ସ୍ପାଦ ଦ୍ୱାରା ଜିହ୍ୱାକୁ,
ଅଭିରୂପ, ଦର୍ଶନୀୟ, ସୁରୂପ, ସ୍ପର୍ଶ ଦ୍ୱାରା ସ୍ପର୍ଶେନ୍ଦ୍ରିୟକୁ, ବାସ ଦ୍ୱାରା
ରୁଚିକର, ସ୍ପୃଶ୍ୟ । ନାସିକାକୁ, ସୁଗନ୍ଧ ଦ୍ୱାରା ମନକୁ ତୃପ୍ତ
କରେ, ତା ପଛ 'ସୁନ୍ଦର' ଶବ୍ଦ ପ୍ରଯୋଗ କରିପାର । ସୁନ୍ଦରର ଉଦ୍ଦ ଉଦ୍ଦ ଭାବବ୍ୟଞ୍ଜକ କେତେକ ପ୍ରକାର 'ମନୋରମତା'ର ଭାବ ନମ୍ନଲକ୍ଷିତ ପଦରେ ପ୍ରକାଶିତ ହେଉଅଛି —

"ଟୋକାକୁ ସୁନ୍ଦର ବସନ୍ତ ଋତୁ,
ଟୋକାକି ସୁନ୍ଦର ନୋଉ ।
ବୁଢ଼ାକି ସୁନ୍ଦର ବୁଢ଼ି ଦାତମୋଦର,
ବୁଢ଼ାକୁ ସୁନ୍ଦର ଶୀତ ।"

"ଜହ୍ନ ଜାଣିଲେ କଥା ସୁନ୍ଦର
ଚାନ୍ଦ ଜାଣିଲେ ମଥା ସୁନ୍ଦର ।"]

ସ. ବ—୧ । (ପୁଂ) (ସୁ=ଉତ୍ତମ ରୂପେ+ଦୃ ଧାତୁ=
ଚଦାଗେ କରିବା+କର୍ତ୍ତୃ· ଅ; ଯାହା ମନକୁ ବଦାର
ପଡ଼ାଏ)—ମଦନ; କାମଦେବ—1. Cupid. ୨ ।
ବୃକ୍ଷ ବିଶେଷ; ସୁନ୍ଦର କାଠର ଗଛ; ପାଳିଲାଇ ବର୍ଗର
ବନ୍ୟ ଗଛ—2. A tree; Heritiera Minor.
[ଦ୍ର—ଏହାର କାଠ କାଳ ଓ ଦୃଢ଼ । ଏହା ଗଙ୍ଗାନଦୀର
ମୁହାଣ, ବ୍ରହ୍ମ, ମାଲୟ ଦ୍ୱୀପର ସମୁଦ୍ରକୂଳରେ ଜନ୍ମେ;
ଏଥିର କାଠ ଜାଲେଣି କାଠରୁ ଯେ ଜଲଜଡାରେ ବଳୀ
ଦୃଢ଼ ଓ ଭଲ ଜଳେ । ଗଙ୍ଗା ମୁହାଣର ଭୂମି ଏହି ବୃକ୍ଷର
ଅଧିକ୍ୟ ଯୋଗୁଁ 'ସୁନ୍ଦରବନ' ନାମ ଧାରଣ କରିଅଛି ।]
୩ । ରମାୟଣର ପଞ୍ଚମ ଖଣ୍ଡ; ସୁନ୍ଦର କାଣ୍ଡ—3. Title of the fifth book of the Rāmāyaṇa. ୪ । ଲଙ୍କାର ଜଣେ ରାକ୍ଷସବିଶେଷ (ହ. ଶ)—4. Name of a mountain of Ceylon. ଗା· ବ—୧ । ଶୋଭା—
ସୁନ୍ଦର 1. Grace. (ଉ—ତେ ଜହ୍ନ ତାହାକି ସୁନ୍ଦର—
ଗାତା· ଅର୍ଜୁତ୍ତର ଉଦ୍ଯୋଗସ୍ତ ।) ୨ । ସୌନ୍ଦର୍ଯ୍ୟ—
2. Beauty. (ଉ—ଏସ ଦଶ ବଜ ବ୍ରହ୍ମତେଜେ ।

Digitized by srujanika@gmail.com

ସୁନ୍ଦରେ ନିର୍ଭୁବନ ଗଣ୍ଡେ—ଜଗନ୍ନାଥ. ଭାଗବତ ।)

ସିନ୍ଦୁର ନ । (ସ. ସିନ୍ଦୂର) ସିନ୍ଦୁର (ଦେଶ)—Sindūra (See) ଦେ. କ୍ରି. ବଣ (ସ, ସୁନ୍ଦରଂ)—୧ । ସୁନ୍ଦରରୂପେ—1. Beautifully; nicely. ୨ । ଉତ୍କୃଷ୍ଟରୂପେ—2. Excellently. ୩ । ସହଜରେ—3. Easily. [ଉ—ଅମେ ଉଭୟ ଜଣ ସୁନ୍ଦର ଏ କୋଟିରେ ଚଳାଚଳ ହୋଇ ପାରିବା ।]

ସିନ୍ଦୁର କଜ(ଜ୍ଜ, ଜ୍ଜ, ଜ୍ଜ୍ୱ)ଳ—ଗ୍ରା· ବ—ସିନ୍ଦୂର କଜଳ (ଦେଶ) Sundara kaja (jja, jwa, jjwa)la Sindūra kajala (See)

ସୁନ୍ଦର କାଣ୍ଡ—ସ. ବ—ରାମାୟଣର ପଞ୍ଚମକାଣ୍ଡ (ଲଙ୍କାର ସୁନ୍ଦର ହନୁମାନ ନାମରୁ ଏହ ନାମ)—Title of the 5th book of the Rāmāyaṇa. Sundara kāṇḍa

ସୁନ୍ଦର ଗଯା—ଗ୍ରାଦେ· (ଘୁଷ) ବ—ବଡ଼ ଜଷ୍ଟଜଘନ ବାଉଁଶଜାତି, ସୁନ୍ଦରଘାଇ ବାଉଁଶ—A species of bamboo; Bambusa Vulgaris (Haines). Sundara gayā / ସୁନ୍ଦର ଗଇଁଆ / ସୁନ୍ଦର ଘୋଇଁ } ଅନ୍ୟରୂପ

ସୁନ୍ଦର ଗୁଣ୍ଡି—ଦେ· ବ—କମଳା ଗୁଣ୍ଡି (ଦେଶ) Sundara guṇḍi Kamalā guṇḍi (See)

ସୁନ୍ଦରତା(ତ୍ୱ)—ସ· ବ (ସୁନ୍ଦର+ଭାବ· ତା, ତ୍ୱ ସୌନ୍ଦର୍ଯ୍ୟ)—ସୌନ୍ଦର୍ଯ୍ୟ—Beauty; grace. Sundaratā(twa)

ସୁନ୍ଦରପଣ—ଦେ· ବ—ସୌନ୍ଦର୍ଯ୍ୟ—Beauty. [ଉ—ସୁନ୍ଦରପଣକୁ ଅନ୍ୟର ନାହିଁ । ବହୁ ଉଡ଼ିଥିଲ ପାପ ପୁଣ୍ଡୁଛି **ସୁନ୍ଦର ପନା ସୁନ୍ଦ୍ରପନ; ସୁନ୍ଦ୍ରତାଇ; ସୁନ୍ଦ୍ରାପା** ଲଗାଇ—ଭଗ] (ସୁନ୍ଦରପଣିଆ—ଅନ୍ୟରୂପ) Sundarapaṇa

ସୁନ୍ଦରପଦା—ଦେ· ବ—ଭୁବନେଶ୍ୱର ନଜଃବର୍ତ୍ତୀ ଗ୍ରାମବିଶେଷ—Name of a village near Bhubaneswara. [ଦ୍ର—ଏ ଗ୍ରାମ ସ୍ୱର୍ଗତ ପଣ୍ଡିତ ଭଗିଲେଶ୍ୱର ବିଦ୍ୟାଭୂଷଣଙ୍କ ଜନ୍ମସ୍ଥାନ ।] Sundarapadā

ସୁନ୍ଦର ବଣ(ଜ)—ଦେ· ବ (ନାମ)—(ଏଠାରେ ସୁନ୍ଦର କାଠର ବହୁ ବୃକ୍ଷ ଥିବାରୁ ଏହ ନାମ) ଗଙ୍ଗା-ସୁନ୍ଦର ବନ ନଦୀର ମୁହାଣରେ ଜମ୍ବୁ ରୁମିରେ ଥିବା ବିସ୍ତୃତ ଅରଣ୍ୟ—**ସୁନ୍ଦ୍ର ବନ** The Sunderbans, the deltaic forest at the mouth of the Ganges. [ଦ୍ର—ଗଙ୍ଗା (ଡୁଗୁଳ) ଓ ବ୍ରହ୍ମପୁତ୍ର (ଯଦୁ) ମିଳତ ହୋଇ ମେଘନା ମୁହାଣ ନାମ ଧାରଣ କର ବଙ୍ଗୋପସାଗରରେ ପଡୁଥିବା ଅଞ୍ଚଳକୁ ସୁନ୍ଦରବଣ କୋଲ୍ଲଯାଏ । ଏଠା ଚରଣ ଶରଗନା, ଖୁଲନା ଓ ବାଗରଗଞ୍ଜ ଜିଲ୍ଲାମାନଙ୍କ ଦକ୍ଷିଣରେ ଅବସ୍ଥିତ । ଏ ଜଙ୍ଗଲସ୍ଥ ବହୁ ଶାଖା ହୋଇ ସମୁଦ୍ରରେ ପଡିଅଛ । ସୁନ୍ଦରବଣ ପଶ୍ଚିମରେ ଡୁଗୁଳନଦୀର ମୁହାଣଠାରୁ ପୂର୍ବରେ ପଦ୍ମାର ମୁହାଣ ପର୍ଯ୍ୟନ୍ତ ବିସ୍ତୃତ । ଏହାର ବୃହତ୍ତମ ଦୈର୍ଘ୍ୟ (ପୂର୍ବ-ପଶ୍ଚିମ) ୧୬ ମାଇଲ ଓ ବୃହତ୍ତମ ପ୍ରସ୍ଥ (ଉତ୍ତର-ଦକ୍ଷିଣ) ୮୧ ମାଇଲ ଏବଂ କ୍ଷେତ୍ରଫଳ ୭୫୩୨ ବର୍ଗମାଇଲ । ଏହ ଅଞ୍ଚଳର ଶାସନ ଭାରତଜେ ଜମିଦାରମାନଙ୍କଠାରେ ନ୍ୟସ୍ତ । ଏଠା ବସ୍ତୀର୍ଣ୍ଣ ଜଳାଭୂମି ଓ ଅରଣ୍ୟାନୀ ଅଟେ । ଏ ଅଞ୍ଚଳର ସ୍ଥାନେ ସ୍ଥାନେ ପରସ୍ପର-ବଚ୍ଛିନ୍ନ ବଦ୍ୱୀପବାସୀ, ବଙ୍ଗାଘାଟ ଓ ଜଙ୍ଗଲୀ ଜାମର ଧ୍ୱଂସାବଶେଷ ଦେଖାଯାଏ; କନ୍ତୁ ତହିଁର ବହୁ ଇତିହାସ ଅଜ୍ଞାତେ ମିଳ ନାହିଁ । ଏହ ବସ୍ତୀର୍ଣ୍ଣ ରୁଗଣ୍ଡ ସମୃଦ୍ଧ ଓ ନଦୀ ଜଳଦ୍ୱାରା ଧୌତ ହୋଇ ସମୃଦ୍ଧଶାଳିତ ବାଲୁକାସ୍ତରଦ୍ୱାରା କ୍ରମଶଃ ଉଚ୍ଚ ହେଇଅଛ । ଏ ଅଞ୍ଚଳ ଛୋଟ ବଡ଼ ଦ୍ୱୀପ ଓ ଉପଦ୍ୱୀପରେ ପୂର୍ଣ୍ଣ । ଏହ ସ୍ୱାପଦ ଅରଣ୍ୟାନୀରେ ବ୍ୟାଘ୍ର, ବନ୍ୟମହିଷ, ବରାହ, ଗଣ୍ଡାର, ନାନାଜାତୀୟ ମୃଗ, ପକ୍ଷୀ, ବିଷଧର ସର୍ପ ଓ ଜଳରେ ମତ୍ସ୍ୟ, କୁମ୍ଭୀର, ଡାଙ୍ଗର ପ୍ରଭୃତ ଅଛନ୍ତି । ବହୁ ଛୋଟ ଛୋଟ ଜାତି ଓ ନମ୍ର ଜମିରେ ବନ୍ଧ ଯଥାଇ ସମୁଦ୍ର ସମସ୍ତ ଏକର୍ ଜମି ଆବାଦ କରଅଛନ୍ତି ଓ ଜମି ଯାଇଁ ଗଭର୍ଣ୍ଣମେଣ୍ଟଙ୍କୁ ୪ ଲକ୍ଷ ଟଙ୍କା ରାଜସ୍ୱ ମିଳୁଅଛ । ଜଳାଭୂମିରେ ଲୋକେ ଖଣ୍ଡ ଖୋଳ ଓ ଉଚ୍ଚ ମୃତ୍ତିକାସ୍ତୂପ ସ୍ଥାପନ କର ଘର କରୁଛନ୍ତି । ଏ ଅଞ୍ଚଳରେ ସୁନ୍ଦରୀ ନାମକ ବୃକ୍ଷ ବାଠ ବହୁ ପରମାଣରେ ମିଳେ—ବିଶ୍ୱକୋଷ ।]

ସୁନ୍ଦର ବଦନ—ସ. ବ (କର୍ମଧା)—ସୁନ୍ଦର ମୁଖ—Beautiful face. ସ. ବଣ. ପୁଂ (ବହୁବ୍ରୀ)—ସୁନ୍ଦର ମୁଖବିଶିଷ୍ଟ—Having a beautiful face. Sundara badana / ସୁନ୍ଦର ମୁଖ / ସୁଦ୍ୱଜନନ } ଅନ୍ୟରୂପ

(ସୁନ୍ଦରବଦନା, ସୁନ୍ଦରମୁଖା, ସୁଦ୍ଧଜନନା—ସ୍ତ୍ରୀ. ବଣ)

ସୁନ୍ଦରବଦନୀ—ଦେ. ବଣ· ସ୍ତ୍ରୀ (ସ· ସୁନ୍ଦର ବଦନା) —ସୁନ୍ଦରମୁଖୀ ସ୍ତ୍ରୀ—(a woman) Having a beautiful face. Sundara badanī

ସୁନ୍ଦର ବଦନୀ ସୁନ୍ଦ୍ର ବଦ୍ନୀ (ସୁନ୍ଦରମୁଖୀ—ଅନ୍ୟରୂପ)

ସୁନ୍ଦରବର—ସ. ବଣ—ଅତି ସୁନ୍ଦର—Very beautiful. [ଉ—ସୁନ୍ଦରବର ତୋ ଭୁସର । ଭୁଲସୀ ମାଳ ଲମ୍ବେ ଉର—ଜଗନ୍ନାଥ· ଭାଗବତ ।] ସ. ବ—ସୁନ୍ଦର ଜୋଇଁ—A beautiful bridegroom. Sundarabara

ସୁନ୍ଦର ମାଧୋ(ଧେ)ଇ—ଦେ: ବ—ଏକପ୍ରକାର ସରୁ ଧାନ—A species of fine paddy. Sundara mādho(dhe)i

ସୁନ୍ଦରମ୍ମନ୍ୟ—ସ. ବଣ. ପୁଂ (ସୁନ୍ଦରଂ+ମନ୍ ଧାତୁ+କର୍ତ୍ତୃ ଣ)—ଯେ ଅତ୍ୟନ୍ତ ସୁନ୍ଦର ବୋଲ ମନେକରେ—Thinking one's self as beautiful. (ସୁନ୍ଦରଂମନ୍ୟ—ଅନ୍ୟରୂପ) Sundarammanya

ସୁନ୍ଦର ଶାଳି—ଗ୍ରାଦେ (ଦିବ୍ରୁ) ବ—ଏକପ୍ରକାର ଧାନ—A species of paddy. Sundara śāli

ସୁନ୍ଦର(ର) (ଇତ୍ୟାଦ)—ଦେ.ବ—୧ । (ସ. ସିନ୍ଦୂର)-ସିନ୍ଦୂର ଇତ୍ୟାଦ (ଦେଶ)—1. Sindūrā etc (See) ୨ । ଘାଇକ ଓ ଶଙ୍ଖାଦ ଜନ୍ତୁମାନଙ୍କର ବଙ୍ଗୋପାସ୍ଥବିଶେଷ—Sundarā(ri)etc

Digitized by srujanika@gmail.com

2. A family title of Khandāyats and Paiks. ୩। ଶୂଦ୍ରଜାତିବିଶେଷ—3. A kind of Sūdra caste.

ସୁନ୍ଦରାନନ୍ଦ—ଦେ. ବ. ପୁଂ—ଲୋକଙ୍କ ନାମ—Sundarānanda A name given to males.

ସୁନ୍ଦରା କାଣ୍ଡ—ଦେ. ବ (ସଂ. ସୁନ୍ଦର କାଣ୍ଡ)—ରାମାୟଣର ସାତକାଣ୍ଡରୁ ଏକଖଣ୍ଡ—Sundarā kaṇḍa One of the seven cantos of the Rāmāyaṇa.

ସୁନ୍ଦର(ରି)ସୁନା—ଦେ. ବଣ ସ୍ତ୍ରୀ. (ବ୍ୟଙ୍ଗ)—ସ୍ତ୍ରୀଲୋକଙ୍କୁଦ୍ଦିଷ୍ଟ ବ୍ୟଙ୍ଗରେ ପ୍ରଯୁକ୍ତ ଶବ୍ଦ—Sundarā(ri)sunā A term of gibe applied to females. ସୁନ୍ଦର ସୋନା ସୁନ୍ଦରୀ ସୋନା

ସୁନ୍ଦରି—ଦେ. ବ—୧। ସୁନ୍ଦର ସ. ବ ୨ [ଦେଖ]—Sandari 1. Sundara Sans 2 (See) ସୁନ୍ଦରି ସୁନ୍ଦରି ୨। ନଦୀ ମୁହାଣ ଅଞ୍ଚଳରେ ଜନ୍ମିବା ଏକପ୍ରକାର ଗଛ—2. A kind of tree; Heritiera Minor. [ଦ୍ର—ଏହା ୩୦।୪୦ ଫୁଟ ଉଚ୍ଚ ହୁଏ; ଏହାର କାଠ ଲାଲ୍। ଏହା ଜଲ୍ଲକତାରେ ଛାଉଣୀ କାଠରୂପେ ବହୁତ ହୁଏ; ଏହା ସୁନ୍ଦରବଣରେ ବେଶି ଜନ୍ମେ।]

ସ. ସ୍ତ୍ରୀ (ସମ୍ବୋଧନ)—'ସୁନ୍ଦର'ର ସମ୍ବୋଧନ—Vocative case of Sundarī.

ସୁନ୍ଦରିଆ—ଦେ. ବଣ—୧। ସିନ୍ଦୁରିଆ (ଦେଶ)—1. Sindūriā Sundariā (See) ୨। ସୁନ୍ଦର—2. Beautiful. ସୁନ୍ଦର ସୁନ୍ଦରିଆ ୩। ସୁନ୍ଦର ଓ କ୍ଷୁଦ୍ର—3. Nice and small.

ସୁନ୍ଦରିଗୁଆଁ—ଦେ. ବ—ବନ୍ୟବୃକ୍ଷବିଶେଷ—Sundariguān A wild tree; Souneratia Acida.

ସୁନ୍ଦରିମା—ସ. ବ [ସୁନ୍ଦର+ଭାବେ ଇମନ୍]—ସୁନ୍ଦରତ୍ୱ; ସୌନ୍ଦର୍ଯ୍ୟ—Sundarimā Beauty. [ଉ—ବଧାଡା. ଉପ୍ତେ ଭଂଶୀ ସୁନ୍ଦରିମା ୪।୫—ଉଜ. ଦୈବେଦୀଶବଳାସ।] [ଦ୍ର—ସଂସ୍କୃତ ଭାଷାରେ ସୌନ୍ଦର୍ଯ୍ୟ ଅର୍ଥରେ ସୁନ୍ଦରିମା ଶବ୍ଦର ବ୍ୟବହାର ଦେଖା ଯାଏ ନାହିଁ।]

ସୁନ୍ଦରୀ—ସ. ବଣ. ସ୍ତ୍ରୀ—ସୁନ୍ଦରର ସ୍ତ୍ରୀଲିଙ୍ଗ-Feminine of Sundara. Sundari ସ. ବ—୧। ରୂପଲାବଣ୍ୟସମ୍ପନ୍ନା ସ୍ତ୍ରୀ [ଉଚ୍ଚ] ସୁରୂପା ସ୍ତ୍ରୀ—1. A beautiful woman. ୨। ସୁନ୍ଦର ନାମକ ଗଛ [ସୁନ୍ଦର ସ. ବ. ୨ ଦେଖ]—2. A tree; Heritiera Minor. ୩। ହରଦ୍ରା [ଶବ୍ଦଚନ୍ଦ୍ରିକା]; ହଳଦି—3. Turmeric. ୪।ଦିଗୁର. ସୁନ୍ଦରୀ; ଦଶମହାବିଦ୍ୟାଅନ୍ତର୍ଗତ ଦେବୀବିଶେଷ [ତନ୍ତ୍ରସାର] 4. One of the ten Tantric forms of Durgā or Daśamahābidyā. ୫। ଉତ୍କୋଚୁ ଯୋଗିନୀବିଶେଷ—5. An attendant of Pārbatī who is worshipped by persons for the attainment of bliss. [ଦ୍ର— ସବ୍ଦରୁଚ ଉପଦେଶ ଅନୁସାରେ ତନ୍ତ୍ରୋକ୍ତ ପ୍ରଣାଳୀରେ ଏ ଯୋଗିନୀଙ୍କ ପୂଜା ଅଦ କରିଯାଏ। ଉଲ୍ଲ ଉଲ୍ଲ ଉପଚାରଣ ଓ ତରୁ ଓ ସମିଧ ଦ୍ୱାରା ଏହି ଯୋଗିନୀଙ୍କ ମନ୍ତ୍ରରେ ହୋମ କଲେ ଯଥାକ୍ରମେ ବାଗୀଶତ୍ୱଲାଭ, ତ୍ରିଭୁବନ ବଶୀକରଣ, ପରଚକ୍ରୟ ଓ ଦୁର୍ଗ ଜୟ, ମୃତ୍ୟୁଞ୍ଜୟ ନବାରଣ, ଧନଲାଭ, ଶତ୍ରୁ-ଉନ୍ମନ, ବଂଧ୍ୟାପଣାଶ ହୁଏ। ଅକ୍ଷମାଳା ଦ୍ୱାରା ଜର୍ଦ୍ଦିଷ୍ଟ ସଂଖ୍ୟକ ଜପ କଲେ ସ୍ୱର୍ଗମର୍ତ୍ତ୍ୟର ଜରନାଶ ବଶୀଭୂତ ହୁଅନ୍ତି; ଗୋରୋଚନା ପ୍ରଭୃତି ଦ୍ୱାରା ତତ୍ତ ଅଙ୍କିତ କରି ଜପ କଲେ ଇପ୍ସିତା ରମଣୀ ବଶୀଭୂତା ହୁଅନ୍ତି ଓ ସାଧକ କାମଦେବଙ୍କ ପର ରୂପବାନ୍, ସଦ୍ଗୌଭାଗ୍ୟଯୁକ୍ତ ଓ ସଦ୍ଭୋଜନବଶକାରୀ ହୁଅନ୍ତି। ପାଞ୍ଚପ୍ରକାର ସୁନ୍ଦରୀଙ୍କ ପୂଜା ପାଇଁ ପାଞ୍ଚ ପ୍ରକାର ମନ୍ତ୍ର ତନ୍ତ୍ରରେ ନର୍ଦ୍ଦିଷ୍ଟ ଅଛି। ପଞ୍ଚ ସୁନ୍ଦରୀଙ୍କ ନାମ—ରମା, ପୁଷ୍ଟି, ସ୍ତୁତି, ସଂଭୂତି ଓ ଜୟନ୍ତୀ। (ବଶୀକୋଷ) ଏମାଙ୍କୁ ସାଧନ କଲେ ସାଧକ ଧନଭୋଗ, କାମଭୋଗ, ଇଷ୍ଟଭୋଗରେ ତୃପ୍ତିଲାଭ କରେ।] ୬। ଅର୍ଦ୍ଧସମବୃତ୍ତ-ବଶେଷ (ସୁଜଳଚନ୍ଦ୍ର ବଙ୍ଗଳା ଅରଧାନ)—6. Name of a part of a circle. ଦେ. ବ. ସ୍ତ୍ରୀ—୧। ସ୍ତ୍ରୀ-ସୁନ୍ଦରୀ ମୁନ୍ଦରୀ ଲୋକଙ୍କ ନାମ—1. A name given to females. ୨। ଶ୍ରଦ୍ଧା, ରମା, ଶ୍ୟାମା, ବାମା ଅଦ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ସ୍ତ୍ରୀମାନଙ୍କୁ ଦିଆଯିବା ନାମ-2. A name added to Ramā, Shyāmā, Śraddhā, Bāmā etc. and given to females. ୩। ଦୃଢ଼ କାଷ୍ଠ ବୃକ୍ଷବିଶେଷ—3. A hard wood tree; Heritiera Minor. [ଦ୍ର—ଏ ବୃକ୍ଷ ସୁନ୍ଦରବଣ, ବ୍ରହ୍ମଦେଶ ଓ ମାଳୟ ଉପଦ୍ୱୀପର ସମୁଦ୍ରକୂଳରେ ଜନ୍ମେ। ଏହାର କାଠ ଲାଲ୍। ଏହାର ପ୍ରଧାନ ମୂଲ ଖୁବ୍ ବଡ଼; କନ୍ତୁ 'ମରେଇ' ନାମକ ଏକ ସାମୁଦ୍ରିକ ଜୀବ ଗଛର ତେରଣ୍ଡୁ କାଷ୍ଠ ଖାଇଯିବାରୁ ଏ ଗଛ ସମୁଦ୍ର କୂଳଭାଗ ମାଡ଼ିଯାଏ ନାହିଁ। ଏଥିପାଇଁ ଚଳନାଲରେ ଚଳ ଅଛି—

"ସୁନ୍ଦର ଗଛ କହେ
ମୁଁ ସ୍ତ୍ରଭକେ ସମୁଦ୍ର ଝିଅ।
ମରେଇ କହେ—
ମୁଁ ନ ଥିଲେ।"

ଏ ଗଛର କାଠ ଦୃଢ଼ ଥିବାରୁ ଏଥିରେ ସଗଡ଼, ଗାଡ଼ି, ଘରର ଦ୍ୱାରକବାଟ ଓ ସାଜସଜ୍ଜା ଚିଆର ହୁଏ। ଏ କାଠ ଭଲ ଜାଳଣି କାଠରୂପେ ବ୍ୟବହୃତ ହୁଏ। (ସୁନ୍ଦର ସ. ବ. ୨ ଦେଖ।)

ସୁନ୍ଦରୀ ଚମ୍ପା—ଦେ.ବ—ସ୍ତ୍ରୀଲୋକଙ୍କ ପ୍ରତି ପ୍ରଯୁକ୍ତ ବ୍ୟଙ୍ଗୋକ୍ତିବିଶେଷ—Sundarī champā A term applied to females in gibe. ସୁନ୍ଦରୀ ଚାଁପା ସୁନ୍ଦରୀ ଚଂପା

ସୁନ୍ଦରେଶ୍ୱର—ସ. ବ—ଶିବମୂର୍ତ୍ତିଭେଦ (ବଶବ୍ଦକୋଷ)—Sundareśwara An idol of Śiba.

Digitized by srujanika@gmail.com

'ଗାଧାରଣ ଟେବେ ଅଥଳ ପ୍ରଶ୍ନାରେ ସ୍ୱତଃ ୧ଚଢ଼ିତ ଅକ୍ଷର ଓ ମାତ୍ରା ଏବ ୨ଚଢ଼ିତ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ । ଅତଏବ ୧ ବା ୨ ଚଢ଼ିତ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେଲେ ସେହି ଏ ଭଷାକୋଷରେ ନ ମିଳତ, ସେହି ସେହି ଶବ୍ଦ ପାଇଁ ଯଥାକ୍ରମେ ଚହ୍ନିର ବଫଟ ୨ ବା ୧ ଚଢ଼ିତ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା— 'ଗାଡ' ନ ମିଳରେ 'ଗାଈ'ଖୋଜିବେ; 'ମୁଠ' ନ ମିଳିଲେ 'ମୃତ'ଖୋଜିବେ; 'ବଧୂ'ନ ମିଳିଲେ 'ବଈ'ଦେଖିବେ; 'ଅଗଣା' ନ ପାଇଲେ'ଅଙ୍ଗଣା' ଦେଖିବେ;'ଅଲବତ' ନ ପାଇଲେ 'ଅଲ୍‌ବତ୍'ଦେଖିବେ

ସୁନା –ଦେ. ବ—ସୁଗନ୍ଧଯୁକ୍ତ ଜାଳା ଔଷଧ ଦ୍ରବ୍ୟ ମିଶ୍ରିତ କୁଣ୍ଡା ମଶଲା— Sundā A scented mixture for washing the hair.

ସୁନାତ୍ମଜ—ସ. ବ (୭ମ୍ଭୀ ତତ୍ପୁ; ସୁନ + ଅତ୍ମଜ)—ମାଖଚ; ରାକ୍ଷସ- Sundātmaja ବିଶେଷ—A demon. [ଦ୍ର—ବୋଲେ ସୁନାତ୍ମଜ ଭୁ ସଜାଧିସୁଜ ବ ଦେବ ଡୋଡେ ମୁଁ—ଉଷ୍ଣ. ବୈଦେଘୁଶବଳାସ ।] [ଦ୍ର—ଏ ସୀତା ହରଣ ସମୟରେ ରାବଣର ପ୍ରରୋଚନାରେ ସୁବର୍ଣ୍ଣ ମାୟାମୃଗ ରୂପ ଧାରଣ ତରିଥିଲ । ଏ ଭାଡ଼ାକାର ସୁନ୍ଦ ।]

ସୁନାରି—ଗ୍ରାଦେ. (ଲଭଅ) ବ—ସୁନାର ବଣିଅ— Sundārī Goldsmith.

ସୁନ୍ଦେରୀ—ଗ୍ରା. (ଇତର) ବଣ. ସ୍ତ୍ରୀ (ସମ୍ଭୂତ ସୁନ୍ଦରର ଅନ୍ତ୍ୟ ଲୋପଜନ୍ୟ ଅଶୁଦ୍ଧ ଉଚ୍ଚାରଣ)—ସୁନ୍ଦରର ସ୍ତ୍ରୀଲିଙ୍ଗ—Feminine of Sundara. ଗ୍ରା. (ଇତର) ବ. ସ୍ତ୍ରୀ— ସୁନରୀ ସୁରୂପା ସ୍ତ୍ରୀ—A beautiful woman.

ସୁନ୍ନତ୍(ଇତ୍ୟାଦି)—ବୈଦେ. ବ (ଯ. ସୁନ୍ନତ୍)—ସୁନତ୍ ଇତ୍ୟାଦି (ଦେଖ) Sunnat (etc) Sunat etc (See)

ସୁନ୍ନି—ବୈଦେ. ବ (ଅ. ସୁନ୍ନୀ)—ସୁନ (ଦେଖ) Sunni Suni (See)

ସୁନ୍ୱନ୍—ସ.ବଣ.ପୁଂ (ସୁ. ଧାତୁ+କନ୍ତ୍ରି.ବଚ; ସୁନ୍ୱତ୍ ଶବ୍ଦ ୧ମା.୧ବ)— Sunwan ଯଜ୍ଞକର୍ତ୍ତା; ସନ୍ନୀ (ଦିକ୍ଷାନ୍ତ କୌମୁଦୀ)—A performer of Vedic sacrifice.

ସୁନ୍‌ଭ୍ (ଧାତୁ)—ସ.—ଦୁଃଖ ବା ଶୋଷ ଘାଇବା— Sun-bh (root) To shine.

ସୁପ୍—ବୈଦେ. ବ (ଇ. ସୁପ୍)—ସୋରୁଅ; ମାଂସର ଝୋଳ— Sup ସୁପ ସୋରବା Soup.

ସୁପ୍—ସ—୧ । (ବ୍ୟାକରଣ) (୭ମୀ ବହୁବ ବହୁବଚନର ପ୍ରତ୍ୟୟ ସୁ)—ଲଟୋତ୍ତର ପ୍ରଯୁଜ୍ୟମାନ ପ୍ରତ୍ୟୟବିଶେଷ— Sup 1. Some inflections used to denote the 7th case plural. ୨ । (ବ୍ୟାକରଣ) ଏକବିଂଶତି ବହୁକ୍ତର ସଂଜ୍ଞା—2. The definition of the 21 inflections of nouns and adjectives. [ଦ୍ର—ଏ ଶବ୍ଦର ବ୍ୟବହାର ସମ୍ପୃକ୍ତ ବ୍ୟାକରଣରେ ତଳେ ।

ପାଶ୍ଚିନି ଅଦ ବ୍ୟାକରଣର ୨ତରେ ଶବ୍ଦର ୧ମା ଠାରୁ ୭ମୀ ବହୁକ୍ତ ପର୍ଯ୍ୟନ୍ତ ୧ ବଚନ, ଦ୍ୱିବଚନ ଓ ବହୁବଚନରେ ସେଉଁ ୨୧ଟି ପ୍ରତ୍ୟୟ ହୁଏ ତାହାକୁ ସୁପ୍ ବୋଲିଥାଏ । ପ୍ରଥମା ବହୁକ ଏକବଚନରେ ପ୍ରତ୍ୟୟ 'ସୁ' ଓ ୭ମୀ ବହୁକ ବହୁବଚନରେ ପ୍ରତ୍ୟୟ 'ସୁପ୍'ର ଶେଷ ଅକ୍ଷରଦ୍ୱୟ ଏ ପଦ ଗଢ଼ା ହୋଇଥଲ । ସମ୍ଭୂତର ଶବ୍ଦରେ ସୁପ୍ ପ୍ରତ୍ୟୟ ଓ ଧାତୁରେ 'ତିଙ୍' ପ୍ରତ୍ୟୟ ନ ହେଲେ ପଦ ହେବ ନାହିଁ ।]

ସୁପ୍ତି—ଦେ. ବ (ସ. ସ୍ୱପ୍ ଧାତୁକ ସ୍ତି)—ସୁଗାଦି; ଶେଚ; ତତ— Sup-ti Cushion or quilt used as bed. ଶେଜ ସେଜ (ସୁପ୍ତି—ଅନ୍ୟରୂପ)

ସୁପ୍‌ତିଙନ୍ତ—ସ. (ଦ୍ୱନ୍ଦ୍ୱ)—ସୁପ୍ ପ୍ରତ୍ୟୟ ଓ ତିଙନ୍ତ ପ୍ରତ୍ୟୟ— Sup-tiñanta The inflections of nouns and of verbs.

ସୁପକ୍ୱ—ସ. ବଣ—୧ । ଉତ୍ତମରୂପେ ପାଚିଥିବା—1. Fully ripe. Supakwa ୨ । ଉତ୍ତମରୂପେ ରନ୍ଧା ହୋଇଥିବା—2. Well (ସୁପକ୍ୱତା—ବ) cooked. ୩ । ଉତ୍ତମରୂପେ ସିଦ୍ଧିଥିବା— 3. Well boiled. ୪ । ଉତ୍ତମରୂପେ ପରିଣତ— 4. Fully mature. ସ. ବ—ସୁତନ୍ଧ ଆମ୍— Sweet-scented mango.

ସୁପକ୍ଷ—ସ. ବଣ (ବହୁବ୍ରୀ; ସୁ+ପକ୍ଷନ୍)—ସୁନ୍ଦର ପକ୍ଷବିଶିଷ୍ଟ— Supaksha (ସୁପକ୍ଷା—ସ୍ତ୍ରୀ) Having fine feather.

ସୁପକ୍ଷିଣ—ଦେ. ବ (ସ. ସୁ+ପକ୍ଷିନ୍)—ଉତ୍ତମ ଶର—Excellent Supakshiṇa arrow. [ଦ୍ର—ବଳସ୍ୱ ଦାଶରଥି ବଳସ୍ୱେ ତୀର ଉତ୍ତମ ଶର ଦାଶରଥି ଛେଦଲେ ସୁପକ୍ଷିଣ ଯେଣି ସେ— ଉତ୍ତ. ବୈଦେଘୁଶବଳାସ ।)

ସୁପକ୍ଷ୍ମା—ସ. ବଣ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସୁ+ପକ୍ଷ୍ମନ୍)—ସୁନ୍ଦର ପକ୍ଷ୍ମ ବିଶିଷ୍ଟ—Having fine eyelids. Supakshmā

ସୁପଚ—ସ. ବଣ (ସୁ+ପଚ୍ ଧାତୁ+କର୍ମ. ଅ)—ଲଘୁପାକ— Supacha Easily digestible. ସ. ବ (+କନ୍ତ୍ରି. ଅ) —ଉତ୍ତମ ରାନ୍ଧକ—A good cook.

ସୁପଟ—ଗ୍ରାଦେ. (ଗାଣ୍ଡଶା) ବଣ—ସୁନ୍ଦର—Beautiful. ସ. ବ. Supaṭa (କର୍ମଧା)—ସୁନ୍ଦର ବସ୍ତ୍ର (ହ୍ର. ଶ)—Fine cloth. (ସୁପଟା—ସ୍ତ୍ରୀ) ସ. ବଣ. ପୁଂ (ବହୁବ୍ରୀହି)—ସୁନ୍ଦର ବସ୍ତ୍ର ବିଶିଷ୍ଟ (ହ୍ର. ଶ)—Having good cloth.

ସୁପଣ(ଣେ, ନ, ନେ, ଲ, ଲେ)ଖା—ଗ୍ରା. ବ (ସ. ଶୂର୍ପଣଖା)— Supaṇa(ṇe, na, ne, la, le)khā ସୂର୍ପଣଖା (ଦେଖ) Sūrpaṇakhā (See)

ସୁପତ୍ର—ସ. ବଣ (ବହୁବ୍ରୀହି)—୧ । ସୁନ୍ଦର ପକ୍ଷଯୁକ୍ତ—1. Having Supatra beautiful leaves. ୨ । ସୁନ୍ଦର ପକ୍ଷଯୁକ୍ତ— 2. Having nice wings. ୩ । ସୁନ୍ଦର ବାହନଯୁକ୍ତ —3. Having excellent conveyance. ସ. ବ—୧ । ତେଜପତ୍ର (ଶବ୍ଦ ରତ୍ନା.)—1. Cassia Cinnamon leaves. ୨ । ଅଦଭୁତ ପତ୍ର (ଗୁଳଜାତୀୟ)—2. A kind of plant. ୩ । ଶଣିବାହ ତୃଣ (ଗୁଳ ଜାତୀୟ)—3. A kind of grass. ୪ । ଲଟ୍‌ଜ (ହ୍ର. ଶ)—4. Balanites Roxburghii. ୫ । ପୌରାଣିକ ପକ୍ଷି ବିଶେଷ (ହ୍ର. ଶ)—5. Name of a mythological bird.

Digitized by srujanika@gmail.com

୧	ଇ	ଉ	ଋ,ୠ	ଌ	ଏ	ଡ୍ରସନ୍ତ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	ଷ	ଚ	ଶ,ଷ	ଜ୍ଞ	ଇୟ୍	ଉଅ	ଭ
୨	ଈ	ଊ	ଌ	ୡ	ଐ	ଅକାରନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବନ୍ଦୁଯୁକ୍ତ ବର୍ଣ୍ଣ	ଶ୍ୟ	ଯ	ସ	ର୍ଯ୍ୟ	ଇଅ	ଵ	ନ

ସୁପତ୍ରକ—ସଂ. ବ—ଶିଗ୍ରୁ (ସ୍ୱଳ୍ପ ଜର୍ଘଣ୍ଟ); ସଜନା—
Supatraka The Moringa tree.

ସୁପତ୍ରୀ—ସଂ. ବ (ବୈଦ୍ୟକ)—୧ । ରୁଦ୍ରଜଟା (ସ୍ୱଳ୍ପଜର୍ଘଣ୍ଟ) (ଦେଶ) Supatrī 1. Rudrajaṭā (See) ୨ । ଶତାବରୀ (ସ୍ୱଳ୍ପଜର୍ଘଣ୍ଟ) (ଦେଶ)—2. Śatābarī (See) ୩ । ପାଳଙ୍କ୍ୟ (ସ୍ୱଳ୍ପଜର୍ଘଣ୍ଟ) (ଦେଶ)—3. Pālakya (See) ୪ । ଶମୀ (ସ୍ୱଳ୍ପଜର୍ଘଣ୍ଟ) (ଦେଶ)—4. Śamī (See) ୫ । ଶାଳପର୍ଣ୍ଣୀ (ସ୍ୱଳ୍ପଜର୍ଘଣ୍ଟ) (ଦେଶ)—5 Śalaparṇṇī (See).

ସୁପତ୍ରିକା—ସଂ. ବ—୧ । ଜଭୁକା (ସ୍ୱଳ୍ପଜର୍ଘଣ୍ଟ) (ଦେଶ) Supatrikā 1, House bat. ୨ । ପର୍ପଟୀ (ହି. ଶ) (ଦେଶ) 2. Parpaṭī (See)

ସୁପତ୍ରିତ—ସଂ. ବହୁ (ସୁପତ୍ର+ଅସ୍ତ୍ୟର୍ଥେ· ଇତ)—୧ । ପକ୍ଷ ବିଶିଷ୍ଟ— Supatrita 1. Feathered. ୨ । ଶର ବିଶିଷ୍ଟ— 2. Having arrows.

ସୁପତ୍ରୀ—ସଂ· ବ (ସୁପତ୍ର+ଈ)—ଗଙ୍ଗାପତ୍ରୀ (ହି. ଶ) (ଦେଶ) Supatrī Gaṅgāpatrī (See)

ସଂ· ବହୁ (ସୁପତ୍ର+ଇନ୍; ୧ମା, ୧ବ)—ସୁପତ୍ରିତ (ଦେଶ)—Supatrita (See)

ସୁପଥ—ସଂ. ବ—୧ । ସଦାଚାର—1. Good conduct. ୨ । Supatha ସତ୍ପଥ—2. Good ways. ୩ । ସତ୍ ପ୍ରଣାଳୀ— 3. Good means. ୪ । ସୁନ୍ଦର ପଥ—4. Good road. ୫ । ଏକ ବର୍ଣ୍ଣବୃତ୍ତ (ହି· ଶ)—5. Name of a metre. [ଦ୍ର—ଏଥିରେ ଏକ ରଗଣ, ଏକ ନଗଣ, ଏକ ରଗଣ ଏବଂ ୨ଟି ଗୁରୁବର୍ଣ୍ଣ ଥାଏ (ହି. ଶ)] ସଂ, ବଣ—ସୁନ୍ଦର ପଥଯୁକ୍ତ—Having good road.

ସୁପଥ୍ୟ—ସଂ. ବଣ—ଜୀର୍ଣ୍ଣଶ୍ଚ ପଥ୍ୟ; ଯାହା ଖାଇଲେ ଦେହ ସୁସ୍ଥ ହୁଏ Supathya —Easily digestible. ସଂ. ବ—୧ । ରୋଗୀର ହିତକର ଆହାର—1. Suitable food for an invalid. ୨ । ସତ୍ ଖାଦ୍ୟ—2. Excellent food. ୩ । ଲଘୁ ଆହାର—3. Light food. ୪ । ଆମ୍ବ (ହି. ଶ)—4. Mango.

ସୁପଥ୍ୟା—ସଂ. ବ—୧ । ଶ୍ୱେତ ଚଞ୍ଚୀ (ସ୍ୱଳ୍ପଜର୍ଘଣ୍ଟ); ଧଳା ବଥୁଆ Supathyā ଶାଗ—1. The white variety of pot herb; Chenopodium. ୨ । ନାଲ ବଥୁଆ ଶାଗ (ହି. ଶ)—2. The red variety of Chenopodium.

ସୁପନ୍ଥ(ନ୍ଥା)—ଦେ. ବ—ସୁପଥ (ଦେଶ) Supantha(nthā) Supatha (See)

ସୁପଦ୍ମ—ସଂ. ବ—୧ । ସୁନ୍ଦର ପଦ୍ମ—1. A beautiful lotus. Supadma ୨ । ପଦ୍ମନାଭ ଦତ୍ତକୃତ ବାଲବୋଧ ସଂସ୍କୃତ ବ୍ୟାକରଣର ନାମ —2. The title of a Sanskrit grammar by Padmanābha Dutta.

ସଂ· ବଣ—ଶୋଭନ ପଦ୍ମଯୁକ୍ତ—Having fine lotus.

ସୁପଦ୍ମା—ସଂ. ବ—ବଚ (ଗନ୍ଧତଜ୍ଞା) —The sweet flag; Supadmā Acorus Calamus.

ସୁପନେଖା—ଗ୍ରା· ବଣ· ସ୍ତ୍ରୀ (ସଂ. ସୂର୍ପଣଖା)—ଯେଉଁ ସୋରୁଂ ଯାହାର ନାକ ବରାକ୍ ମୂଳପୋଛ ଦୋଇ ଛଣ୍ଡି ଯାଇଛୁ- (ସୁପନେଖୀ—ସ୍ତ୍ରୀ) Having the nose entirely
ସୁପଣଖା ଶୁପନେଖା gone owing to disease.

ଗ୍ରା. ବ. ସ୍ତ୍ରୀ—ସୂର୍ପଣଖା (ଦେଶ)—Sūrpaṇakhā (See)

ସୁପରଦ୍—ବୈଦେ. ବ (ଫା. ସୁପର୍ଦ୍) —ସୁପର୍ଦ୍ (ଦେଶ)— Suparad Supard (See)

ସୁପରଦନ୍ତ—ବୈ: ବ ଗ୍ରା (ଇଂ. ସୁପରଣ୍ଟେଣ୍ଡେଣ୍ଟ୍) —ତତ୍ତ୍ୱାବଧାରକ; Suparadanta ସୁପରଣ୍ଟେଣ୍ଡେଣ୍ଟ୍—Superintendent.
ସୁପାରିଣ୍ଟେଣ୍ଡେଣ୍ଟ ସୁପରେନ୍ଟ, ସୁପରଦ୍ଦଂଟ

ସୁପର୍(ର)ବା(ଭା)ଇଜର୍—ବୈଦେ· ବ (ଇଂ· ସୁପର୍ଭାଇଜର୍) — Supar(ra)bā(bhā)ijar କାର୍ଯ୍ୟର ତତ୍ତ୍ୱାବଧାରକାଦ୍ୟ ଧର୍ମଗୃଦ୍ୟ—
ସୁପରଭାଇଜର ସୁପରଭାଇଜର Supervisor.

ସୁପର୍ ରୟ୍ୟା(ୟେ)ଲ୍—ବୈଦେ· ବ (ଇଂ) (ଛାପାଖାନା) —୨୨ ଇଞ୍ଚ Supar rayā(ye)l ଚଉଡ଼ା ଓ ୨୯ ଇଞ୍ଚ ଲମ୍ବ ଆକାରର
ସୁପରରୟାଲ ସୁପରରୟଲ ମୁଦ୍ରଣାର୍ଥ କାଗଜ— Super-royal (printing paper)

ସୁପରିଣ୍ଟେଣ୍ଡେଣ୍ଟ୍—ବୈଦେ. ବ (ଇଂ. ସୁପରଣ୍ଟେଣ୍ଡେଣ୍ଟ୍)—୧ । କୌଣସି Superintendent ଚଉଗର ସମସ୍ତ ତ୍ରାବଧାପ୍ତ କାର୍ଯ୍ୟ-
ସୁପରଣ୍ଟେଣ୍ଡେଣ୍ଟ୍ ସୁପରଦଣ୍ଟ୍ } —ଅଜ୍ୟରୁଥ ମାନଙ୍କ ଉପରସ୍ଥ ଧର୍ମଗୃଦ୍ୟ· 1. Superintendent.
ସୁପାରିଣ୍ଟେନଡ଼େଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ୨ । ସ୍ୱଜାଙ୍କ କାବାଲ୍ଗି ସମୟରେ ଉତ୍ତରାଧ ସ୍ତ୍ରୀୟର ଶାସନ ର୍ଥ ନଯୁକ୍ତ ସରକାସ୍ଥ ଧର୍ମଗୃଦ୍ୟ-2. Superintendent of a Feudatory State during the minority or other incapacity of the Ruling Chief.

ସୁପର୍ଣ୍ଣ—ସଂ. ବଣ (ସୁ=ସୁନ୍ଦର+ପର୍ଣ୍ଣ=ପତ୍ର ଯାହାର)—୧ । ସୁନ୍ଦର- Suparṇṇa ବଦ୍ରବିଶିଷ୍ଟ—1. Having beautiful (ସୁପର୍ଣ୍ଣୀ—ସ୍ତ୍ରୀ) leaves. ୨ । ସୁନ୍ଦର ପକ୍ଷବିଶିଷ୍ଟ—
2. Having beautiful wings.

ସଂ· ବ—୧ । ପକ୍ଷିରାଜ ଗରୁଡ଼ (ଅମର)— 1. Garurda, the king of birds. [ଦ୍ର— ଅମୃତ ହରଣ କଲବେଳେ ଚରୁଡ଼ ବଳ ଦ୍ୱାସ୍ତ ଅହତ ହୋଇ ସୁବା ଦ୍ୱାସ୍ତମୃତରେ କହିଲେ,'ଦେଖ, ଦେବଗୁରୁ ! ବଜ୍ରାଘାତରେ ମୋର ବହୁ ଅବଯବ ହୋଇ ଜାହିଁ, ତଳୁ

Digitized by srujanika@gmail.com

ବଲ୍ଲର ସଖ୍ୟାନ ଜାଣିବା ମୁଁ ତୋଳିବ ପତ୍ର ପରିତ୍ୟାଗ କରୁ-ଅଛ । ଏହି ପତ୍ରଟିକୁ ସୁନ୍ଦର ଦେଖି ଦେବତାମାନେ ଗରୁଡ଼କୁ 'ସୁପର୍ଣ୍ଣ' ନାମ ଦେଲେ' ।] ୨ । ସୁନ୍ଦରପକ୍ଷ ପକ୍ଷୀ (ସେଦଗ)—2. A species of fowl. ୩ । କୃତମାଳକ ବୃକ୍ଷ (ସେଦଗ); ଅରଗ୍ୱଧ; ସୁନାର ଚଉ—3. A tree; Cassia Fistula. ୪ । କୁକ୍କୁଟ—4. Cock. ୫ । ପକ୍ଷୀ (ଦ୍ୱି. ଶ)—5. Bird. ୬ । ଚରଣ (ଦ୍ୱି. ଶ)—6. Ray. ୭ । ବିଷ୍ଣୁ (ଦ୍ୱି. ଶ)—7. Bishṇu. ୮ । ଅଶ୍ୱ (ଦ୍ୱି. ଶ)—8. Horse. ୯ । ଗ୍ୟୁହ ରଚନା-ବିଶେଷ (ଦ୍ୱି. ଶ)—9. A kind of battle array. ୧୦ । ନାଗକେଶର (ଦ୍ୱି. ଶ)—10. Mesua Ferra. ୧୧ । ସୁନ୍ଦର ପତ୍ର—11. Nice leaf.

ସୁପର୍ଣ୍ଣକ—ସଂ. ବ—୧ । ଆରଟ୍‌ବୃକ୍ଷ ବା ସୁନାରୁ ଗଛ (ରତ୍ନମାଳା)—Suparṇṇaka 1. A tree; Cassia Fistula. ୨ । ସପ୍ତଚ୍ଛଦ (ଜହ୍ନାଘର) (ଦେଗ)—2. Sapta chchhada (See): ୩। ଗରୁଡ଼—3. The King of birds. ବ୍ୟ. ବିଶ—୧ । ସୁନ୍ଦରପତ୍ରବିଶିଷ୍ଟ—1. Having nice leaves. ୨ । ସୁନ୍ଦର ପକ୍ଷ-ବିଶିଷ୍ଟ—2, Having nice feathers.

ସୁପର୍ଣ୍ଣ କେତୁ—ସଂ. ବ (ବହୁବ୍ରୀହି; ସୁପର୍ଣ୍ଣ = ଗରୁଡ଼ ଅଟେ କେତୁ = ପତାକାର ଚିହ୍ନ ଯାହାଙ୍କର)—୧ । ସୁପର୍ଣ୍ଣଧ୍ୱଜ ଦୟର୍ଣ୍ଣବାହନ ସୁପର୍ଣ୍ଣଯାନ ସୁପର୍ଣ୍ଣାସନ } —ଅନ୍ୟରୂପ ଗରୁଡ଼ଧ୍ୱଜ; ବିଷ୍ଣୁ (ତ୍ରିଲାଘ୍ୟ)—1. Bishṇu. ୨। ଶ୍ରୀକୃଷ୍ଣ (ଦ୍ୱି.ଶ)—2. Srikṛushṇa.

ସୁପର୍ଣ୍ଣୀ—ସଂ. ବିଶ, ସ୍ତ୍ରୀ—ସୁପର୍ଣ୍ଣର ସ୍ତ୍ରୀଲିଙ୍ଗ—Feminine of Suparṇṇa ସଂ. ବ. ସ୍ତ୍ରୀ—୧ । ପଦ୍ମଗଛ (ଶବ୍ଦମାଳା); ପଦ୍ମପୁଷ—1. Lotus plant. ୨ । ଗରୁଡ଼ ଜନନୀ; ବିନତା—2. Name Garuṛda's mother.

ସୁପର୍ଣ୍ଣାଖ୍ୟ—ସଂ. ବ—ନାଗକେଶର (ହିନ୍ତାଳବେଶ) [ଦେଗ]—Suparṇṇākhya Nāgakesara (See

ସୁପର୍ଣ୍ଣାନ୍ଦ—ସଂ. ବ—ଶୂଦ୍ରାମାତା ଓ ସୂତ ପିତାଙ୍କଠାରୁ ଜାତ ସନ୍ତାନ—Suparṇṇānda A son of a Sudra mothe and sūta father.

ସୁପର୍ଣ୍ଣିକା—ସଂ. ବ—୧ । ସ୍ୱର୍ଣ୍ଣଜୀବନ୍ତୀ [ବୃଜନର୍ଦ୍ଧକ] [ଦେଗ]—Suparṇṇikā 1. Swarṇṇajibantī (See) ୧। ପଳାଶୀ [ବୃଜନର୍ଦ୍ଧକ] [ଦେଗ]—2.Palāsī (See) ୩। ଶାଳପର୍ଣ୍ଣୀ(ଦୋଜନର୍ଦ୍ଧକ)(ଦେଗ)-Sālaparṇṇī(See) ୪। ରେଣୁକା (ଦୋଜନର୍ଦ୍ଧକ)(ଦେଗ)—4.Renukā (See) ୫ । ବାବୁଚି (ଦୋଜନର୍ଦ୍ଧକ) (ଦେଗ)—Baguchi (See).

ସୁପର୍ଣ୍ଣୀ—ସଂ. ବ. ସ୍ତ୍ରୀ (ସୁପର୍ଣ୍ଣ+ଈ)—୧ । ପଦ୍ମଗଛ—1. The Suparṇṇī lotus plant. ୨ । ବିନତା; ଗରୁଡ଼ ମାତା—2. The mother of Garuṛda, the King of birds. ୩ । ମାଈ ଚଡ଼େଇ (ଦ୍ୱି. ଶ)—3. A she-bird. ୪ । ପଳାଶୀ (ଦେଗ) (ଦ୍ୱି. ଶ)—4. Palāsī (See) ୫ । ରାତ୍ରି; ରାତ (ଦ୍ୱି. ଶ)—5. Night. ୬ । ରେଣୁକା (ଦେଗ) (ଦ୍ୱି. ଶ)—6. Renukā (See) ୭ । ଅଗ୍ନିର ସପ୍ତଜିହ୍ୱା ମଧ୍ୟରୁ ଏକ (ଦ୍ୱି. ଶ)—7. One of the 7 tongues of the Fire. ୮ । ଗରୁଡ଼ (ଦ୍ୱି. ଶ)—8. Garuṛda.

ସୁପର୍ଣ୍ଣେୟ—ସଂ. ବ. ତ୍ରି (ସୁପର୍ଣ୍ଣୀ + ଅପତ୍ୟାର୍ଥେ. ଏୟ) —ଗରୁଡ଼—Suparṇṇeya (ସୁପର୍ଣ୍ଣୀ ଜନୟ—ଅନ୍ୟରୂପ) Garuṛda.

ସୁପର୍ଦ୍ (ର୍ଦ୍ଦ)—ବୈଦେ.ବ (କଚ୍ଚଅ)(ଫା.ସୁପର୍ଦ୍)—ତୌଶସି ବସ୍ତୁ ବା Supard(rdd) ମଜଦମା ବା ଅଘାମୀକୁ ଅନ୍ୟ ବ୍ୟକ୍ତିଙ୍କ ଜଜଃରୁ ସୋପର୍ଦ୍ଦ ବଷ୍ଟର ବା ରକ୍ଷଣ ନିମନ୍ତେ ପ୍ରେରଣ—Commitment ସୁପୁର୍ଦ consignment. (ବ—ଦଜ୍ଜର ସୁପର୍ଦ୍, ଫଜ୍‌ଜଦାଗ୍ଧ ସୁପର୍ଦ୍ ।)

ସୁପର୍ଦ୍ଦଣ୍ଟ—ଗ୍ରା.ବୈଦେ. ବ (ଇଂ. ସୁପରିଣ୍ଟେଣ୍ଡେଣ୍ଟ୍) —ସୁପରିଣ୍ଟେଣ୍ଡେଣ୍ଟ୍ Supardaṇṭ (ଦେଗ)—Suparintendent (See)

ସୁପର୍ବ(ଙ୍ଗ)—ସଂ. ବ (ସୁ+ପର୍ବନ୍; କର୍ମଧା)—ସୁନ୍ଦର ପର୍ବ—A nice Suparba(rbba) internode. ବ୍ୟ. ବିଶ—ସୁନ୍ଦର ପର୍ବ-ବିଶିଷ୍ଟ—Having good internodes.

ସୁପର୍ବା(ଙ୍ଗା)—ସଂ. ବିଶ (ବହୁବ୍ରୀହି; ସୁ+ପର୍ବନ୍; ୪ମା. ୧ବ.)—Suparbā(rbbā) ୧ । ସୁନ୍ଦର ପର୍ବଯୁକ୍ତ—Having nice internodes. ୨। (ସ୍ତ୍ରୀ) ସୁପର୍ବର ସ୍ତ୍ରୀଲିଙ୍ଗ —2, Feminine of Suparba. ସଂ. ବ—୧ । ଦେବତା (ଅମର)—1. Deity; heavenly beings. ୨ । ବାଣ (ସେଦଗ)—2. Arrow. ୩ । ବଶ; ବାଉଁଶ (ସେଦଗ)—3. Bamboo. ୪ । ଧୂମ (ସେଦଗ)—4. Smoke. ୫ । ଶ୍ୱେତ ଦୁବ୍ବା (ବ୍ରଜନର୍ଦ୍ଧକ)—5. The white variety of Doob grass

ସୁପର୍ବା(ର୍ଭ)ଇଜର୍—ବୈଦେ. ବ (ଇଂ.) ଶୁପର୍ଭାଇଜର୍ (ଦେଗ)—Suparbā(bhā)ijar Suparbhāijar (See)

ସୁପଳାୟିତ—ବି. ବିଶ. ପୁଂ—ଯେ ଯୁଦ୍ଧଭୂବରେ ବା ଶତ୍ରୁର ଅଗୋଚରରେ ପଳାଇଅଛୁ—[ସୁପଳାୟିତା—ସ୍ତ୍ରୀ] Safely run away

ସୁପା—ଗାଦେ (ଘାଣ୍ଟିଣା) ବ (ସଂ. ସୂର୍ପ)—କୁଲା—Supā Winnowing fan.

ସୁପାକେ—ବି. କ୍ରି. ବିଶ—୧ । ସୌଭାଗ୍ୟରୁ; ସୁଯୋଗରୁ—Supāke 1. Fortunately; on account of ସୁଯୋଗେ ସୁଯୋଗସେ good luck ୨ । ଅନୁଗ୍ରହରୁ; କୃପାବରୁ—2. By the favour of (ବ—ବିଷ୍ଣୁ ଜଜତ ହୁସ୍ତ ମୃଗେ, ଶୃଣିଜ ଅଜୁଷ୍ଟ, ସୁପାକେ ।

Digitized by srujanika@gmail.com

ସୁପାକ୍ୟ—ସଂ. ବି.—ବୃକ୍ଷ ଲବଣ (ସୁଜନଜର୍ଘଣ୍ଟ)—
Supākya A kind of foetid-smelling salt.

ସୁପାତି—ଦେ. ବ (ସଂ. ସୁ+ପାତ ଧାତୁ=ପଡାଇବା)—
Supāti ଶେଯ, ସୁଶଯ୍ୟା; କୋମଳ ଶଯ୍ୟା—
ସୁଶଯ୍ୟା ସୁଶଯ୍ୟା Soft bed or quilt-
[ବ୍ର—ପାକୁ ମିଳବ ପଲଙ୍କ ସୁପାତ, ଭାର ଭୂମି ଶଯ୍ୟାରେ କାହିଁ ମଜ୍ଜ—ଦନାଇ ଦାସ, ଗୋପୀଗୁପ୍ତା ।]

ସୁପାତ୍ର—ସଂ. ବ (ସୁ=ଉତ୍ତମ+ପାତ୍ର=ଗ୍ରହଣ)—୧ । ଯୋଗ୍ୟ
Supātra ବ୍ୟକ୍ତି—1. A fit person. ୨ । ଉତ୍ତମ (ଅପାତ୍ର, କୁପାତ୍ର—ବିପରୀତ) ଆଧାର—2. Good receptacle.

ସୁପାର(ରି)ସ(ସି)—ବୈଦେ. ବ(ଫା. ସିଫାରସ୍)—କୌଣସି ବ୍ୟକ୍ତିକୁ
Supāra(ri)s(si) ଅନୁରୁଦ୍ଧ ଦେଖାଇବା ପାଇଁ ଅନ୍ୟ ବ୍ୟକ୍ତିକୁ
ସୁପାରିସ ସିପାରିସ ଅନୁରୋଧ—
Recommendation.

ସୁପାର୍—ଦେ. ବ—ଲିଙ୍ଗର ଅଗ୍ର; ଚର୍ମାବଗୁନ ଓ ଗ୍ଲାଇାକୃତ ଲିଙ୍ଗାଗ୍ର-
Supārā The nut of the penis; glans
ସୁପୁରୀ ସୁପାରା penis.

ସୁପାରି—ଦେ. ବ (ସଂ. ଶପୁର ବା ସ୍ପୁର)—୧ । ଗୁବାକ; ଗୁଆ—
Supāri 1, Betel nut; areca nut. ୨ । (ଗୁଆ ପରି ସୁପା(ପୁ)ରି ଅକୃତ ବଶିଷ୍ଟ ଥିବାରୁ) ଲିଙ୍ଗର ଅଗ୍ର; ଲିଙ୍ଗର
ସୁପାରି ଚର୍ମାବଗୁନ ଅଗ୍ରଭାଗ—2.The nut of the penis;
ଫା. ଗୋଥିଲ୍ glans-penis.
ଆ. ଫେଥିଲ୍ ତେ. ପୋକାକାୟା

ସୁପାରିସି(ସ୍) ଚିଠି—ଦେ. ବ—ଯେଉଁ ଚିଠିରେ ଅନ୍ୟ ବ୍ୟକ୍ତି ପାଇଁ
Supārisi(s) chiṭhi ଅନୁରୁଦ୍ଧ ପ୍ରାର୍ଥନା କରି ଯାଇଥାଏ—
ସୁପାରିସି ଚିଠୀ Recommendatory letter; recom-
ସିଫାରିସ ଚିଟ୍ଠୀ mendation letter.

ସୁପାର୍ଶ୍ୱ—ସଂ. ବ—୧ । ସପ୍ତମ-ଜିନ ସ୍ତନ; ଚତୁର୍ବିଂଶତି ବୁଦ୍ଧାର୍ହତ୍
Supārśwa ଅନ୍ତର୍ଗତ ଅର୍ହତ୍ ବିଶେଷ (ବୌଦ୍ଧମତରେ)—
1. One of the 24 classes of the Buddhist saints. ୨ । ପ୍ଲକ୍ଷ ବୃକ୍ଷ (ସୁଜନଜର୍ଘଣ୍ଟ)—
ସୁବେଶୀ—ସଂ. ବର୍ଣ. ପୁଂ (ସୁବେଶ + ଇନ୍; ୧ମା. ୧ବ)—ସୁବେଶ-ଧାରୀ—Well dressed
Subeśī

ସୁବୋଧ—ସଂ. ବର୍ଣ (ବହୁବ୍ରୀ; ସ ଅଟେ ବେଶ ଯାହାର)—୧ । ସୁବୁଦ୍ଧି; ସଦ୍‌ବୁଦ୍ଧି ବିଶିଷ୍ଟ—1. Intelligent. ୨ । ଅତି ବୁଦ୍ଧିମାନ—2. Very intelligent. ୩ । ତୀକ୍ଷ୍ଣ (ସୁବୋଧା—ସ୍ତ୍ରୀ) ବୁଦ୍ଧିବିଶିଷ୍ଟ—3. Sharp of intellect.
Subodha
ଦୁବୋଧ, ଜବୋଧ } ବିଶେଷଣ ବର୍ଣ ୪ । ଶିଷ୍ଟ; ନମ୍ର—4. Gentle; mild.
ବ—୧ । ସୁବୁଦ୍ଧି—1. Good inclination. ୨ । ସୁଜ୍ଞାନ—2. Good knowledge. ୩ । ଜାଗରଣ—3. Awakening.

ସୁବୋଧ୍ୟ—ସଂ. ବର୍ଣ (ସ୍ତ + ବୁଧ୍ ଧାତୁ + କର୍ମ. ଯ)—୧ । ଯାହା ସହଜରେ ବୁଝି ହୁଏ; ସୁଖବୋଧ୍ୟ—1. Capable of being easily understood.
Subodhya
[ଦୁବୋଧ୍ୟ—ବିଶେଷଣ] [ସୁବୋଧ୍ୟା—ସ୍ତ୍ରୀ] ୨ । ଯାହାକୁ ସହଜରେ ଜାଗାରୁ ଉଠାଇ ହୋଇଯାଇ ପାରେ—2. One who can be awakened easily from sleep.

ସୁବ୍ୟକ୍ତ—ସଂ. ବର୍ଣ—୧ । ସୁପ୍ରକାଶିତ—1. Clearly expressed; patent. ୨ । ପ୍ରକଟିତ—2. Explicit. ୩ । ସ୍ପଷ୍ଟ—3. Very clear.
Subyakta

ସୁବ୍ୟବସ୍ଥ— ସଂ. ବର୍ଣ (ବହୁବ୍ରୀ; ସ + ବ୍ୟବସ୍ଥା + ଅ)—ସୁନ୍ଦରରୂପେ ସଜ୍ଜିତ—Well arranged; nicely got up.
Subyabastha
[ସୁବ୍ୟବସ୍ଥା—ସ୍ତ୍ରୀ]

Digitized by srujanika@gmail.com

ସୁବ୍ୟବସ୍ଥା—ସଂ. ବ—ଉତ୍ତମ ବ୍ୟବସ୍ଥା—Good or nice arrangement.
Subyabasthā ସଂ. ବଣ. ସ୍ତ୍ରୀ—ସୁବ୍ୟବସ୍ଥର ସ୍ତ୍ରୀଲିଙ୍ଗ—Feminine of Subyabastha.
ସୁବ୍ୟବସ୍ଥିତ—ସଂ. ବ (ସୁ+ବ+ଅବ+ସ୍ଥା ଧାତୁ+କର୍ମ. ତ)—
Subyabasthita ଉତ୍ତମରୂପେ ବ୍ୟବସ୍ଥାଯୁକ୍ତ—Well arranged.
ସୁବ୍ରତ—ସଂ. ବଣ (ବତ୍ତ୍ୟନ୍ତୁ) —୧ । ଶୋଭନ ବ୍ରତାନୁଷ୍ଠାତା; ଦୃଢ଼ତା
Subrata ଅନୁସାରେ ବ୍ରତଗାଳନକାରୀ—1. Carrying out [ସୁବ୍ରତା—ସ୍ତ୍ରୀ] a vow nicely or rigidly. ୨ । ଧର୍ମ-ପରାୟଣ—2. Pious, ୩ । ବଳୀବର୍ଦ୍ଦ ବା ଜନ୍ତୁ (ଯଥା—ଘୋଡ଼ା, ଗୋରୁ) [ହି. ଶ]—3. Meek (animal). ବ—୧ । ଉତ୍ତମ ବ୍ରତ—1. A good religious vow. ୨ । (ନାମ) ବର୍ତ୍ତମାନ ଯୁଗର ବିଂଶ ଜଣ—2. The 20th Jaina saint of the present era. ୩ । (ନାମ) ଭବିଷ୍ୟତ୍ କାଳର ଏକାଦଶ ଜୈନ ମୁନି—3. Name of the 11th Jaina saint of the future era. ୪ । (ନାମ) ସ୍କନ୍ଦଙ୍କର ଏକ ଅନୁଚର (ହି. ଶ)—4. Name of an attendant of Skanda. ୫ । (ନାମ) ଏକ ପ୍ରଜାପତିଙ୍କ ନାମ [ହି. ଶ)—5. Name of a progenitor of mankind. ୬ । (ନାମ) ରୌଚ୍ୟମନୁଙ୍କର ଏକ ପୁତ୍ର (ହି. ଶ)—6. A son of Rochyamanu. ୭ । (ନାମ) ଉଶୀନରଙ୍କ ଏକ ପୁତ୍ର (ହି ଶ)—7. A son of Usīnara. ୮ । (ନାମ) ପ୍ରିୟବ୍ରତଙ୍କ ଏକ ପୁତ୍ର (ହି. ଶ)—8. A son of Priyabrata. ୯ । ବ୍ରହ୍ମଚାରୀ (ହି. ଶ)—9. A Brahmachārī.
ସୁବ୍ରତା—ସଂ. ବଣ. ସ୍ତ୍ରୀ—ସୁବ୍ରତର ସ୍ତ୍ରୀଲିଙ୍ଗ—Feminine of
Subratā Subrata. ବ—୧ । ଗୁଣବତୀ ଓ ସାଧ୍ୱୀ ସ୍ତ୍ରୀ—1. A chaste and good woman. ୨ । ସୁଦୋହା ଗୌ—2, A cow which is easily milched. ୩ । ଗନ୍ଧପଲାଶୀ; ବନ୍ଧୁଶୁଣ୍ଠୀଭେଦ (ବୈଦ୍ୟକ)—3. A species of scented medicinal root. ୪ । (ନାମ) ଦକ୍ଷଙ୍କର ଏକ କନ୍ୟା—4. Name of a daughter of Daksha. ୫ । (ନାମ) ଅପ୍ସରୋବିଶେଷ-5. Name of a heavenly nymph. ୬ । (ନାମ) ବର୍ତ୍ତମାନ କଲ୍ପର ପନ୍ଦରଜଣ ଅର୍ହତ୍‌ଙ୍କ ମାତା—6. Name of the mother of the 15th Buddhist saint of the present Kalpa.
ସୁବ୍ରହ୍ମଣ୍ୟ—ସଂ. ବ—୧ । ବିଷ୍ଣୁଙ୍କର ବ୍ରହ୍ମଭାବ—1. A sincere
Subrahmanya worshipper of the Brāhma. ୨ । କାର୍ତ୍ତିକେୟ—2, God Kārttikeya. ୩ । ବିଷ୍ଣୁ (ହି. ଶ)—3. Bishnu. ୪ । ଶିବ (ହି. ଶ)—4. Śiba. ଦେ. ବ—୧ । (ସଂ. ସୁ ବ୍ରାହ୍ମଣ)
ସୁବ୍ରାହ୍ମଣ ସୁବ୍ରାହ୍ମଣ (ଦେଶ)—1. Subrāhmaṇa (See)
ସୁବ୍ରହ୍ମଣ୍ୟ ୨ । (ପୁଂ) ଦାକ୍ଷିଣାତ୍ୟରେ ପୁରୁଷଙ୍କୁ ପ୍ରଦତ୍ତ ନାମ—
ସୁବ୍ରହ୍ମଣ୍ୟ 2. A name given to males in the Deccan; Subramanya.
ସୁବ୍ରହ୍ମଣ୍ୟ କ୍ଷେତ୍ର—ଦେ ବ—ମାଦ୍ରାଜପ୍ରଦେଶର ଦକ୍ଷିଣ କାନାଡ଼ାରେ
Subrahmaṇya kshetra ଥିବା ହିନ୍ଦୁ ତୀର୍ଥ (ହି. ଶ)—Name of a place of Hindu pilgrimage in south Kanara in Madras Presidency.
ସୁବ୍ରହ୍ମ ବାସୁଦେବ—ସ ବ ବ୍ରହ୍ମରୂପ ବସୁଦେବସୁତ (ଈଶ୍ୱାରଙ୍କୁ);
Subrahma bāsudeba ଶ୍ରୀକୃଷ୍ଣ—Śrikṛushṇa, who is an incarnation of the Divine Soul.
ସୁବ୍ରାହ୍ମଣ—ସ ବ—ଅତ୍ୟନ୍ତ ଭଲସ୍ୱାଭାବିକ ବ୍ରାହ୍ମଣ—
Subrāhmaṇa A very good and pious Brāhmaṇa
ସୁଭକ୍ଷ(କ୍ଷ୍ୟ)—ସ ବ—ସୁଖରେ ଖାଇବା,—
Subhaksha(kshya) Easily eatable.
ସୁଭଗ—ସ ବଣ (ବତ୍ତ୍ୟନ୍ତୁ: ସୁ+ଭଜ=ଭକ୍ତି, ସୌଭାଗ୍ୟ ଯାହାରେ)—
Subhaga ୧ । ଶୋଭନ ସୌନ୍ଦର୍ଯ୍ୟାଦିଯୁକ୍ତ; ସୌଭାଗ୍ୟ-(ସୁଭଗା—ସ୍ତ୍ରୀ) ଯୁକ୍ତ—1. Affluent. ୨ । ଭାଗ୍ୟବାନ୍—2. Fortunate; lucky. ୩ । ପ୍ରିୟ—3. Dear. ୪ । ସୁନ୍ଦର; ସୁନ୍ଦର; ପ୍ରିୟଦର୍ଶନ—4. Beautiful. ୫ । ମନୋରମ—5. Charming. ୬ । ସୁଖଦ; ଆନନ୍ଦଦାୟୁକ (ହି. ଶ)—6. Delightful. ବ—୧ । ଝକଣ; ଝାଟିଣା (ରାଜନଘର୍ଘ୍ଟ)—1. Alum. ୨ । ଚମ୍ପକ (ରାଜନଘର୍ଘ୍ଟ)-2. The Champaka flower. ୩ । ଅଶୋକ—3. The Asoka tree. ୪ । ରକ୍ତଝିଣ୍ଟି; ରକ୍ତାମାନ; ଅତି ଛୋଟ ଲାଲ ଫୁଲ ଗଛ—4.Red-flowered species of Barleria plant. ୫ । ଚୈଲେୟ; ଶିଳାରସ (ହି. ଶ)—5. Parmalia Perlata. ୬ । ଗନ୍ଧକ (ହି. ଶ)—6. Sulphur. ୭ । ଶିବ (ହି. ଶ)—7. Śiba. ୮ । (ନାମ) ସୁବଳଙ୍କର ଏକ ପୁତ୍ର (ହି. ଶ)-9, Name of a son of Subala. ୯ । ଜୈନ ମତରେ ଯେଉଁ କାର୍ଯ୍ୟଦ୍ୱାରା ଲୋକ ସୌଭାଗ୍ୟଶାଳୀ ହୁଏ (ହି. ଶ)—9. An act which makes one affluent.
ସୁଭଗମ୍ଭାବୁକ—ସ ବ. ପୁଂ (ସୁଭଗ+ଭୂ ଧାତୁ+କର୍ତ୍ତୃ ଭାବ; ଅଲ୍ପାର୍ଥ
Subhagambhābuka ସମାସ)—ଯେ ବର୍ତ୍ତମାନ ଦୁରବସ୍ଥା (ସୁଭଗମ୍ଭାବୁକା—ସ୍ତ୍ରୀ) ଦୋଷଥରୁ—One who has (ସୁଭଗଂଭାବୁକ—ଅନ୍ୟରୂପ) turned out to be beautiful or fortunate.
ସୁଭଗମ୍ମନ୍ୟ—ସ ବଣ. ପୁଂ (ସୁଭଗ+ମନ ଧାତୁ+କର୍ତ୍ତୃ ଣ)—ଯେ
Subhagammanya ଅପଣାକୁ ସୁଭଗ (ସୁନ୍ଦର ବା ପ୍ରିୟ) (ସୁଭଗମ୍ମନ୍ୟା—ସ୍ତ୍ରୀ) ବୋଲି ମନେକରେ—One who

Digitized by srujanika@gmail.com

(ସୁଭଗଂମନ୍ୟ—ଅନ୍ୟରୁଥ) thinks himself beautiful or lucky.

ସୁଭଗସେନ—ଦେ. ବ (ନାମ)—ଅଲେକ୍‌ଜାଣ୍ଡରଙ୍କ ସମୟ ଅଧିକୃତ ପଶ୍ଚିମ ଭାରତର ଏକଜାତୀୟ ଶାସକ (ହୁ. ଶ)—The Governor of a part of Western India when Alexander the Great invaded India.

ସୁଭଗା—ସ. ବଶ. ସ୍ତ୍ରୀ (ସୁଭଗ+ଅ)—୧। ସୁଭଗର ସ୍ତ୍ରୀଲିଙ୍ଗ—Subhagā 1. Feminine of Subhaga. ୨। ସୌଭାଗ୍ୟବତୀ; ଅତି ପ୍ରିୟା (ସ୍ତ୍ରୀ)—2. (a wife) Much loved by the husband. ୩। ସୁନ୍ଦରୀ (ସ୍ତ୍ରୀ)—3. Beautiful (woman). ୪—୧। ବେଦେଣ୍ଡୀ (ସୁଜନଘର୍ଣ୍ଣ); ବୈଦେଣ୍ଡିମୂଳକ—1. A variety of bulbous grass-root. ୨। ଶାଳପର୍ଣ୍ଣୀ (ସୁଜନଘର୍ଣ୍ଣ)—2 Śālaparṇṇī (See) ୩। ହଳଦୀ (ସୁଜନଘର୍ଣ୍ଣ)—3. Turmeric. ୪। ନାଲ ଦୁବୀ (ସୁଜନଘର୍ଣ୍ଣ)—4. Blue doob grass. ୫। ତୁଳସୀ (ସୁଜନଘର୍ଣ୍ଣ)—5. The holy Basil plant. ୬। ତିମ୍ବୁରୁ (ସୁଜନଘର୍ଣ୍ଣ)—6. Agalia Roxburghiana (fragrant creepeer). ୭। କସ୍ତୁରୀ (ସୁଜନଘର୍ଣ୍ଣ)—7. Musk. ୮। ସୁବର୍ଣ୍ଣ କଦଳୀ (ସୁଜନଘର୍ଣ୍ଣ) (ବେଶ)—8. Subarṇṇa kadali (See) ୯। ବନମଲ୍ଲୀ (ଜେରହୁ ବଲୀ)—9. Wild Jasmine. ୧୦। ଅତ୍ୟନ୍ତ ପ୍ରିୟା ସ୍ତ୍ରୀ; ସୌଭାଗ୍ୟବତୀ ସ୍ତ୍ରୀ—10. A wife who is very much loved and fondled by her husband. ୧୧। ପାଞ୍ଚ ବର୍ଷ ବୟସ୍କା କନ୍ୟାସ୍ତ୍ରୀ (ହୁ. ଶ)—11 A maid 5 years old. ୧୨। (ନାମ)—ସ୍କନ୍ଦଙ୍କ ଏକ ମାତୃକା (ହୁ. ଶ)—12. Name of a foster-mother of Skanda. ୧୩। ସ୍ତ୍ରୀରାଗବିଶେଷ (ହୁ. ଶ)—13. Name of a musical air. ୧୪। ଜାତି ବୃକ୍ଷ [ହୁ. ଶ]; ଜାଇ ଫୁଲ [ହୁ. ଶ]—14. Large-petal ed jasmine.

ସୁଭଗାନନ୍ଦନାଥ—ସ. ବ—ତାନ୍ତ୍ରିକମାନଙ୍କ ଦ୍ୱାରା ଉପାସିତ ଭୈରବବିଶେଷ [ହୁ. ଶ]—Subhagānandanātha Name of a Bhairaba.

ସୁଭଗାସୁତ—ସ ତ—ସୁଭଗାର ପୁତ୍ର—Subhagā suta The son of a woman who is much loved by her husband.

ସୁଭଟ—ସ ତ—ନାଡ଼ିକେଳ ବୃକ୍ଷ [ଜଟାଧର]—Subhaṭa Cocoanut tree.

ସୁଭଟ—ସ ବ. ପୁଂ—ମହାନ୍ ଯୋଦ୍ଧା [ହୁ. ଶ]—Subhaṭa A great warrior.

ସୁଭଟ—ସ ବ. ପୁଂ—ମହାପଣ୍ଡିତ ବ୍ୟକ୍ତି (ହୁ ଶ)—Subhaṭṭa A very learned man.

ସୁଭଦ୍ର—ସ ବଶ ପୁଂ । ସୁ+ଭଦ୍ର=ମଙ୍ଗଳ ଅଛି ଯାହାର]—Subhadra [ସୁଭଦ୍ରା—ସ୍ତ୍ରୀ] ୧। ସୁମଙ୍ଗଳଯୁକ୍ତ—1. Auspicious. ୨। ସୌଭାଗ୍ୟଶାଳୀ—2. Lucky; fortunate. ସ ୫—୧। ବିଷ୍ଣୁ [ଅଭଧାନ]—1. Bishṇu. ୨। ପୁରାବେଦ [ଡେମଣ୍ଡ]; ପୁରାତନ ରାଜବିଶେଷ—2. Name of a king of ancient India. ୩। ଲଙ୍କାର ସମୃଦ୍ଧଶାଳୀ ଚତୁର୍ଦ୍ଦିଗରେ ଶତଯୋଜନ ବିସ୍ତୃତ ବଟୁଗାଛ—3. Name of a mythological banyan tree in ancient Ceylon. [ଟି—ଏ ଗାଛ ବହୁତ ଗୋଟିଏ ମହାତ୍ମା ବଟୁଗଛ ଓ ତହିଁରୁ ପ୍ରଚୁର ପରିମାଣରେ ଦୁଗ୍ଧ ତଥା ଉତ୍ତମ ଫଳ ବାହାରେ ଯାଇ ବର୍ତ୍ତିଥାଏ ।] ୪। ସନତ୍‌କୁମାରଙ୍କର ଏକ ନାମ [ହୁ. ଶ]—4. A name of Sanat-kumāra. ୫। [ନାମ] ବସୁଦେବଙ୍କ ଔରସରେ ରୌହିଣୀଗର୍ଭରୁ ଜାତ ସନ୍ତାନ [ହୁ. ଶ] 5. The name of Basudeba's son. ୬। ନାମ] ଶ୍ରୀକୃଷ୍ଣଙ୍କର ଏକ ପୁତ୍ର [ହୁ. ଶ]—6. Name of a son of Srikṛushṇa. ୭। [ନାମ] ପ୍ଲକ୍ଷଦ୍ୱୀପର ଅନ୍ତର୍ଗତ ଏକ ବର୍ଷର ନାମ [ହୁ. ଶ]—7. Name of a part of the mythological Plaksha island. ୮। କଲ୍ୟାଣ [ହୁ. ଶ]—8. Bliss. ୯। ସୌଭାଗ୍ୟ [ହୁ. ଶ]—9. Good fortune.

ସୁଭଦ୍ରକ—ସ. ବ (ସୁଭଦ୍ର+କ)—୧। ଦେବରଥ (ଶବ୍ଦ-ରତ୍ନାବଳୀ)-ର 1. Divine or aerial car of the gods. ୨। ବ୍ୟୋମଯାନ; ବେଲୁନ୍—2. Aeroplane; balloon ୩। ବଲ୍ଲ ବୃକ୍ଷ (ଶବ୍ଦ-ରତ୍ନାବଳୀ)—3. The Marmalos tree.

ସୁଭଦ୍ରା—ସଂ. ବଶ. ସ୍ତ୍ରୀ (ସୁଭଦ୍ର+ଅ)—ସୁଭଦ୍ରର ସ୍ତ୍ରୀଲିଙ୍ଗ—Subhadrā Feminine of Subhadra. ବ. ସ୍ତ୍ରୀ (ନାମ)—୧। ଅର୍ଜୁନଙ୍କ ଦ୍ୱିତୀୟା ପତ୍ନୀ; ଶ୍ରୀକୃଷ୍ଣଙ୍କ ବୈମାତ୍ରେୟୀ ଭଉଣୀ; ବସୁଦେବଙ୍କ ଔରସରେ ରୋହିଣୀ ଗର୍ଭରୁ ଜାତା କନ୍ୟା-1. Name of the second wife of Arjuna. [ଟି—ଏ ସମ୍ବନ୍ଧରେ ଡେଡା ଘରେ ଅର୍ଜୁନଙ୍କ ଦୁଷ୍ଟାମିରେ ଯଦି ଏହାଙ୍କ ରୂପରେ ମୁଗ୍ଧ ହୋଇ ଶ୍ରୀକୃଷ୍ଣଙ୍କ ସମ୍ମତି ଅନୁସାରେ ଏହାଙ୍କୁ ହରଣ କରି ନବାଦ୍ୱାରକାକୁ ନେଇ । ଏହାଙ୍କ ଗର୍ଭରୁ ଅର୍ଜୁନଙ୍କ ଔରସରେ ଅଭିମନ୍ୟୁ ଜନ୍ମ ହୋଇଥିଲେ । ଭାଗ୍ୟଦେବତାଙ୍କ ବଳବାସ ଫଳରେ ସୁଭଦ୍ରା ପ୍ରତି ସହଜ ପିତୃସ୍ନେହରେ ଅବସ୍ଥାନ କରେ । କୁରୁକ୍ଷେତ୍ର ଯୁଦ୍ଧରେ ଅଭିମନ୍ୟୁଙ୍କ ମୃତ୍ୟୁରେ ଏ ଅତି ଶୋକସନ୍ତପ୍ତା ହୋଇଥିଲେ; ଏବଂ ଅଭିମନ୍ୟୁଙ୍କ ସ୍ତ୍ରୀ ଉତ୍ତରାଙ୍କ ଗର୍ଭରୁ ପରୀକ୍ଷିତ ଜନ୍ମ ହେବାରୁ ଏ ଏଥିରୁ

Digitized by srujanika@gmail.com

ସାନ୍ତ୍ୱନା ଲାଭ କଲେ । ଯାଣ୍ଡବମାନେ ସଦାପ୍ରସ୍ଥାନ କରିବାରୁ ସୁଭଦ୍ରା ଦୌପଦୀ ପ୍ରଭୃତିଙ୍କ ସଙ୍ଗେ ହସ୍ତିନାରେ ରହି ଶେଷ ଜୀବନ ତପଶ୍ଚରଣରେ କଟାଇଥିଲେ ।] ୨ । ଦୁର୍ଗାଙ୍କର ଏକ ରୂପ (ହ. ଶ)—2. One of the forms of Durgā. ୩ । ସଙ୍ଗୀତ ଉରେ ଏକ ଶ୍ରୁତିର ନାମ (ହ. ଶ)-3. Name of a musical Śruti. ୪ । (ନାମ) ଅନିରୁଦ୍ଧଙ୍କ ପତ୍ନୀ (ହ. ଶ)—4. Name of the wife of Aniruddha. ୫ । (ନାମ) ବଳିଙ୍କ କନ୍ୟା ଓ ଅଙ୍ଗଦିଙ୍କ ଭଉଣୀ (ହ. ଶ)—5. Name of a daughter of Bali. ୬ । ଶାରବା (ହ. ଶ)—6. Hemidesmus Indicus. ୭ । ଗମ୍ଭାରୀ [ହ.ଶ] 7. Gmelina Arborea. ୮ । ଏକପ୍ରକାର ଘାସ [ହ. ଶ]— 8. A kind of grass.

ସୁଭଦ୍ରା ସୁଭଦ୍ରା ଦେ. ଭ—୧ । ପୁରୀରେ ଜଗନ୍ନାଥ ଓ ବଳଦେବଙ୍କ ପ୍ରତିମା ମଧ୍ୟରେ ପ୍ରତିଷ୍ଠିତା ଦେବମୂର୍ତ୍ତି— 1. Name of the idol placed between the idols of Jagannatha and Balabhadra in the temple at Puri. ୨ । ସ୍ତ୍ରୀଲୋକଙ୍କ ନାମ— 2. A name given to females.

ସୁଭଦ୍ରାଣୀ—ସ. ଭ— ଶାମ୍ଭରୀ (ଉତ୍ପଳତା); ଭଦଭଦଆ ନାମକ ଗୁଳ୍ମ Subhadrāṇī —Thalictrum Foliolosum (a plant).

ସୁଭଦ୍ରା ହରଣ—ସ. ବ—ଅର୍ଜୁନଙ୍କ ଦ୍ୱାରା ବଳାଦ ଜନ୍ୟରେ ଶ୍ରୀକୃଷ୍ଣଙ୍କ Subhadrā haraṇa ସହମତିରେ ସୁଭଦ୍ରାଙ୍କର ସ୍ଥାନାନ୍ତର- ଜରଣ—The forcible removal of Subhadrā by Arjuna for marrying her.

ସୁଭଦ୍ରେଶ—ସ. ବ (୬ଷ୍ଠୀ ତତ୍ପୁ; ସୁଭଦ୍ରା + ଈଶ = ସ୍ୱାମୀ)-ଅର୍ଜୁନ— Subhadreśa Arjuna.

ସୁଭସତ୍ତରୀ—ସ. ବ. ସ୍ତ୍ରୀ—ସୁଭଗା ସ୍ତ୍ରୀ (ହ. ଶ) — Subhasattarī A lady very much loved by her husband.

ସୁଭାଗ—ସ. ବଣ. ପୁଂ—ଭାଗ୍ୟବାନ୍ (ହ. ଶ) — Subhāga Fortunate. (ସ୍ତ୍ରୀ—ସ୍ତ୍ରୀ)

ସୁଭାଗୀ—ଦେ. ବଣ. ସ୍ତ୍ରୀ (ସ. ସୁଭଗା)—ସୌଭାଗ୍ୟବତୀ— Subhāgī Fortunate; lucky (woman).

ସୁଭଗା ସୁହାଗିନ ସ. ବ— ଭଲରା ସ୍ତ୍ରୀ— A greatly loved wife (ଭ—ଜଲ୍ୟାଣ, କଲ୍ୟାଣ ସେ ଜ୍ଞାନରେ ଦୃଶ୍ୟ ଓ ସୁଭଗୀ ଜାଦ୍ୱାରା ଶୋଭିତା ଅର୍ଥ କୋଟିଲ୍ୟ ଶ୍ରୁ-

ସୁଭାଗୀ ସୁମାଗୀ ସ୍ମୃତ୍ୟ ।) ଦେ. ବଣ (ପୁଂ)— ସୌଭାଗ୍ୟବାନ୍— Fortunate.

ସୁଭାଗ୍ୟ—ସ. ବ—ଉତ୍ତମ ଭାଗ୍ୟ—Good luck ସଂ ବଣ. ପୁଂ Subhagya —(ଜଲ୍ଲୁଗ୍ଧ୍ୱାହ୍) — ଶୁଦ୍ଧ୍ ଭାଗ୍ୟବାନ୍— (ସୁଭଗ୍ୟା – ସ୍ତ୍ରୀ) Very fortunate.

ସୁଭାଞ୍ଜନ—ସ. ବ—ଶୋଭାଞ୍ଜନ ବୃକ୍ଷ (ଉରତ, ଦ୍ୱିରୂପକୋଷ)— Subhāñjana ସଜନା—The Indian horse-radish tree.

ସୁଭାନ୍ ଅ(ଆ)ଲ୍ଲା—ଦେ. ଦେ. ଅ—ସୁବନ୍‌ଅଲ୍ଲା (ଦେଖ) Subhān a(ā)llā Suban-allā (See)

ସୁଭାଷିତ—ସ ବ—୧ । ସୁନ୍ଦର କଥା; ସୁନ୍ଦର—1. Nice speech. Subhāshita ୨ । ବୁଦ୍ଧଦେବ (ବିଜ୍ଞାଣଶେଷ)— 2. Name of a Buddhist saint. ବଣ—ସୁନ୍ଦରରୂପେ କଥିତ—Nicely spoken.

ସୁଭାଷୀ—ସ. ବଣ. ପୁଂ (ସୁ+ଭାଷ ଧାତୁ+ଣିନି, ଇନ୍; ୧ମା, ୧ବ)— Subhāshī ମଧୁରଭାଷୀ—Sweet-speaking. (ସ୍ତ୍ରୀଲିଙ୍ଗ—ସ୍ତ୍ରୀ)

ସୁଭାସ—ସ, ବଣ— ବିଶେଷ ପ୍ରକାଶମାନ (ହ. ଶ) — Subhāsa Very lustrous. (ସ୍ତ୍ରୀଲିଙ୍ଗ—ସ୍ତ୍ରୀ)

ସୁଭିକ୍ଷ—ସ. ବ (ସୁ+ଭିକ୍ଷ୍ ଧାତୁ+ଅଧି. ଅ)—୧ । ଯେଉଁ କାଳରେ ଭିକ୍ଷୁକର ଇଚ୍ଛା ସୁଲଭ Subhikṣha 1. A time of plen- (ଦୁର୍ଭିକ୍ଷ—ବିପରୀତ) ty (when beggars get plenty of alms easily). ୨ । ସୁଲଭ ଭୈକ୍ଷ ଦ୍ରବ୍ୟ— 2. Cheap articles of alms. ୩ । ଯେଉଁ କାଳରେ ଦେଶରେ ଶସ୍ୟାଦି ଖାଦ୍ୟ ପ୍ରଚୁର ପରିମାଣରେ ମିଳେ—3. A time when the necessaries of life are cheap and plentiful.

ସୁଭିକ୍ଷା—ସ, ବ—ଧାତୁ ପୁଷ୍ପିକା (ଅମର); ଧାଇ ଫୁଲ—Wood- Subhikshā fordia Floribunda; Grislea Tomentosa (Apte) (M. W.)

ସୁଭିତା—ଚା. ବ (ସ. ସୁବଧା)—ସୁବଧା—Convenience. ବଣ— Subhitā ୧ । ସୁବଧାଜନକ—1. Convenient. ୨ । (ସ, ସୁବିଧା ଶୋଭତ) ଶୋଭାଯୁକ୍ତ—2. Resplendent. सुभीता शोभित शोभायुक्त

ସୁଭୀମ—ସ, ବଣ—ଅତି ଭୀଷଣ (ହ. ଶ) — Subhīma Very fierce. (ସ୍ତ୍ରୀଲିଙ୍ଗ—ସ୍ତ୍ରୀ)

ସୁଭୀରକ—ସ. ବ—ପଳାଶ ବୃକ୍ଷ (ଢାଗବଳା) — Subhīraka Butea Frondosa (tree).

ସୁଭୁଜ —ସ, ବଣ, ପୁଂ (ବହୁବ୍ରୀ.)—ସୁନ୍ଦର ବାହୁ ବିଶିଷ୍ଟ — Subhuja Having good hands or arms. (ସ୍ତ୍ରୀଲିଙ୍ଗ—ସ୍ତ୍ରୀ)

ସୁଭୂ—ସ. ବ (ସୁ+ଭୂ ଧାତୁ+କର୍ତ୍ତା, କ୍ୱିନ୍)—ଉତ୍ତମ ଭୂମି— Subhū Excellent soil. ବଣ—୧ । ଉତ୍ତମ ଭୂମି ସମ୍ବନ୍ଧୀୟ 1. Relating to excellent soil. ୨ । ସୁଜନ୍ମା (ପୁଷ୍ପବୋଧ) (ଦେଖ)— 2. Sujanmā (See)

Digitized by srujanika@gmail.com

ସୁଭୂତି—ସଂ. ବ—୧ । କୁଶଳ; ଶ୍ରେୟ; ମଙ୍ଗଳ (ହି. ଶ)—Subhūti 1. Bliss. ୨ । ଉନ୍ନତି (ହି. ଶ)—2. Advancement.

ସୁଭୂତିକ—ସଂ. ବ (ସୁ+ଭୂତ=ମଙ୍ଗଳ+କ)—ବଇଲବୃକ୍ଷ (ସ୍ୱଳ୍ପ ଜର୍ଜଣ୍ଡ); ବେଲ ଗଛ—Subhūtika The Bilwa tree.

ସୁଭୂମ—ସଂ, ବ (ନାମ)—ଜୈନମାନଙ୍କ ଅଷ୍ଟମ ଚକ୍ରବର୍ତ୍ତୀ କାର୍ତ୍ତବୀର୍ଯ୍ୟ (ଦେଖନ୍ତୁ)—Name of the 8th Emperor of the Jainas; Kārtabīrjya. Subhūma

ସୁଭୂଷଣ—ସଂ, ବ—ସୁନ୍ଦର ଅଳଙ୍କାର—Beautiful ornament. Subhūshana

ସୁଭୃଷ(ଷ)—ସଂ. ଵଣ ର ଵଣ ଓ ହି. ଵଣ—ଅତିଶୟ—Very much. Subhṛsa(sha)

ସୁଭେକ୍ଷ ଦେ. ବ (ସଂ. ସୁଭିକ୍ଷ)—ସସ୍ତା କାଳ—A time when the necessaries of life are cheap and plentiful. Subhaiksha ସୁଭିକ୍ଷ ସୁମିକ୍ଷ

ସୁଭୋଗ୍ୟ—ସଂ. ଵଣ—ଉତ୍ତମ ରୂପେ ଭୋଗ କରିବା ଯୋଗ୍ୟ—Enjoyable with ease. Subhogya (ସୁଭୋଗ୍ୟ—ସ୍ତ୍ରୀ)

ସୁଭୌମ—ସଂ, ବ (ନାମ)—ଜୈନଙ୍କ ଚକ୍ରବର୍ତ୍ତୀ କାର୍ତ୍ତବୀର୍ଯ୍ୟଙ୍କ ପୁତ୍ର—Subhauma Son of the Jaina emperor Kārttabīrjya's son. [ଦ୍ର—ଜୈନ ଦ୍ୱାଦଶରେ ଲେଖାଅଛି ଯେ, ପରଶୁରାମ କାର୍ତ୍ତବୀର୍ଯ୍ୟାର୍জ୍ଜୁନଙ୍କୁ ବଧ କରିବା ପରେ କାର୍ତ୍ତବୀର୍ଯ୍ୟମହୀ ଶିଶୁ ସୁଭୌମକୁ ଘେନ କୁଶିକାଶ୍ରମକୁ ଗଲେ । ସେଠାରେ ରହୁ ସୁଭୌମ ବୟସ୍ଥ ହୋଇ ପିତୃ-ହତ୍ୟାର ପ୍ରତିଶୋଧ ନେବା ପାଇଁ ତୋଡ଼ିଏଥର ପୃଥିବୀକୁ ବ୍ରାହ୍ମଣଶୂନ୍ୟ କରି କ୍ଷତ୍ରିୟଙ୍କ ପ୍ରାଧାନ୍ୟ ପୃଥିବୀରେ ପ୍ରତିଷ୍ଠିତ କଲେ—ହ ଶ]

ସୁଭ୍ରୁ—ସଂ, ବଣ, ସ୍ତ୍ରୀ (ସୁ=ସୁନ୍ଦର+ଭ୍ରୁ ଯାହାର; ବହୁବ୍ରୀହି)—Subhrū ସୁନ୍ଦର ଭ୍ରୂଯୁକ୍ତା (ନାସ୍ତ)—(a woman) Having (ସୁଭ୍ରୁ—ପୁଂ) nice-eye brows. ବ. ସ୍ତ୍ରୀ—୧ । ସୁନ୍ଦର ନାସ୍ତ—1. A beautiful woman; a lovely woman. ୨ । ନାସ୍ତ; ସ୍ତ୍ରୀ (ଜଙ୍ଘାଧର) —2. Woman. [ଦ୍ର—ଏହୁ ଶବ୍ଦର ସମ୍ବୋଧନ ଏକ ବଚନରେ ରୂପ 'ସ୍ୱଭୁ'; କନ୍ତୁ ରନ୍ତି, ଜାଲଦାସ ଓ ଭବଭୂତି ଅଦ ଜଣମାନେ ଏ ଶବ୍ଦର ସମ୍ବୋଧନ ଏକ ବଚନରେ 'ସୁଭ୍ରୁ' ଆକାର ବ୍ୟବହାର କରି ଅଛନ୍ତି । ଯଥା କୁମାର ସମ୍ଭବ ୫।୭୩; ମାଳବିକାଗ୍ନିମିତ୍ର ୩।୮—ଅନ୍ତେ ।]

ସୁମ୍ବା—ତାଦେ (ମଲ୍ଲପୁର) ବ—ଚନାସୀ ଦଉଡ଼ା—Rope made of Pollindium Augustifolium or Ischaemum Augustifolium grass. Sum-hā

ସୁମ—ସଂ. ବ (ବହୁବ୍ରୀହି; ସୁ=ସୁନ୍ଦର+ମା=ଲକ୍ଷ୍ମୀ ବା ଶୋଭା ଯାହାର)—୧ । ପୁଷ୍ପ; ଫୁଲ (ଉତ୍ତର),—1. Flower. ୨ । ଚନ୍ଦ୍ର (ସମିତ୍ର ଧାର)—2. The moon, ୩ । ନଭଃ; ଅକାଶ; ଗଗନ (ସମିତ୍ର ଧାର)—3. The sky

ସୁମିତ୍ରା ଦେ. ବ. ସ୍ତ୍ରୀ—ସୁମତି ଓ ସୁମିତ୍ରାର ଡାକ ନାମ—Name for calling women named Sumati or Sumitrā. Sumitrā

ସୁମ ବଣ (ସଂ. ଶୋସ୍ତ)—କୃପଣ—Miserly. Sum

ସୁମ ଟାପ ଦେବେ. ବ (ଫା. ସୁମ୍=ନଖ)—ଘୋଡ଼ା ଆଦ ପଶୁଙ୍କ ନଖ—The nail or hoof of horse and other animals.

ସୁମଖାରା—ବେବେ. ବ (ଫା)—ଯେଉଁ ଘୋଡ଼ାର ଗୋଟିଏ ଆଖିର ତାରା ଖରାପ ହୋଇଥାଏ—A horse with one defective eye-ball. Sumakhārā ସୁମଖାରା

ସୁମଙ୍ଗଳ—ସଂ ବ—୧ । ଅତ୍ୟନ୍ତ ମଙ୍ଗଳ ବା ଶୁଭ—1. Supreme bliss. ୨ । ଏକପ୍ରକାର ବିଷ (ହି. ଶ)—2. A kind of poison. Sumangala (ସୁମଙ୍ଗଳା—ସ୍ତ୍ରୀ. ଵଣ) ବଣ—୧ । ଅତି ଶୁଭଯୁକ୍ତ—1. Very auspicious. ୨ । ଅତି ଆନନ୍ଦଯୁକ୍ତ—2. Very blissful.

ସୁମଙ୍ଗଳା—ସଂ. ଵଣ. ସ୍ତ୍ରୀ (ସୁମଙ୍ଗଳ+ଆ)—ସୁମଙ୍ଗଳର ସ୍ତ୍ରୀଲିଙ୍ଗ—Sumangalā Feminine of Sumangala. ବ—୧ । ବାୟୁପୋଳି (ଉତଡ); ଏକପ୍ରକାର ଘାସ (ହି. ଶ); (ହିନ୍ଦୀ) ମକଡ଼ା ଘାସ (ହି. ଶ)—1. Name of a grass. ୨ । କାମାଖ୍ୟାଦେଶୀୟ ନଦୀବିଶେଷ—2. Name of a river in Assam. [ଦ୍ର—ଏହା ହିମାଳୟରୁ ବାହାର ମଣିକୂଟ ପର୍ବତର ପୂର୍ବ ଦାନ୍ତେ କାମାଖ୍ୟା ଦେଶ ମଧ୍ୟରେ ବହୁ ଯାଇଅଛି । ଯେଉଁ ବ୍ୟକ୍ତି ମଣିକୂଟ ପାହାଡ଼କୁ ଚଢ଼ି ଏ ନଦୀକୁ ଦେଖେ ସେ ଗଙ୍ଗା-ସ୍ନାନ ଫଳ ପାଏ—କଳିକା ପୁରାଣ ।] ୩ । ଅର୍ଦ୍ଦନ୍ ମାତା (ଦେଖନ୍ତୁ)—

3. The mother of a Buddhist saint.

ସୁମତ—ସଂ. ଵଣ (ସୁ+ମନ୍ ଧାତୁ+କର୍ମ. ତ)—୧ । ସୁବୁଦ୍ଧିଶାଳୀ—Sumata 1. Having good intelligence. ୨ । ବନ୍ଧୁତ୍ୱ ଶିଷ୍ଟ—2. Having friendship. ୩ । ପ୍ରିୟ—3. Dear.

ସୁମ(ମ୍)ତରାଶ—ବେବେ. ବ (ଫା. ସୁମ୍ତରାସ୍)—ଘୋଡ଼ାଙ୍କ ନଖ କାଟିବାର ଛୁରି—A knife for cutting the nail of horses. Sumā(m-)tarāś ସୁମତରାଶ ସୁମତରାଶ

ସୁମତି—ସଂ. ବ (କର୍ମଧା)—୧ । ସୁବୁଦ୍ଧି (ଦେଖ)—1. Subuddhi (See) ୨ । ଦୟା; ଅନୁଗ୍ରହ—2. Favour; kindness. ୩ । ଭକ୍ତି (ହି. ଶ)—3. Devotion. ୪ । (ବହୁବ୍ରୀହି) ମଇନା; ସାଲୁୟା (ହି. ଶ)—4. Myna bird. ୫ । ସନ୍ଧି (ହି. ଶ)—5. Agreement. ୬ । (ପୁଂ) (ନାମ) ବର୍ତ୍ତମାନ କଳ୍ପର ପଞ୍ଚମ ଜୈନ-ପୁରୁଷ) (ଦେଖନ୍ତୁ)—(6. Name of the 5th Jaina saint of the present era. ୭ । (ନାମ) (ପୁଂ) ଭୂତଳକ୍ରୁର ଜୈନମୁନିଭଦେଖ (ଦେଖନ୍ତୁ)

Digitized by srujanika@gmail.com

7. Name of a Jaina saint of the past era. ୮ । (ନାମ) ସ୍ତ୍ରୀ—ଜଳସ୍ଥଳର ଉଷୁ ଅତାରଙ୍କ ମାତା; କଲ୍କି ମାତା; ଉଷୁ ଯଶା ନୃସତ୍ତଙ୍କ ଗତ୍ନୀ 8. Mother of the Kalki incarnation of Bisi ṇu. ୯ । (ନାମ) ସ୍ତ୍ରୀ—ଶ୍ରୀକୃଷ୍ଣଙ୍କ ଉସ୍ତମଭକ୍ତ ସୁଦାମା ବ୍ରାହ୍ମଣଙ୍କ ସ୍ତ୍ରୀଙ୍କ ନାମ—9. Name of the wife of Sudāmā. ୧୦ । (ନାମ) ସ୍ତ୍ରୀ—ଖାତିଏ ଜଣାର ସୁନ୍ଦ ଜନକ ସଗରସ୍ତ୍ରଜଗତ୍ନୀ (ଭ. ଶ)— 10. Name of the wife of king Sagara. ୧୧ । (ନାମ) ପୁଂ—ଭରତଙ୍କର ଏକ ପୁତ୍ର (ଭ. ଶ) — 11. Name of a son of Bharata. ୧୨ । [ନାମ] ପୁଂ—ଜନମେଜୟଙ୍କ ଏକ ପୁତ୍ର [ଭ. ଶ]— 12. Name of a son of Janamejaya. ୧୩ । [ନାମ] (ପୁଂ)-ଲୁତଙ୍କ ଏକ ପୁତ୍ର ବା ଶିଷ୍ୟଙ୍କ ନାମ- 13. Name of a son or disciple of Sage Sūta. ବିଣ—୧ । [ବୁଦ୍ଧ୍ୟା ଦୁ] ସୁନ୍ଦର ମତିସମ୍ପନ୍ନ; ସୁବୁଦ୍ଧିଯୁକ୍ତ—1. Intelligent. ୨ । ସୁନ୍ଦରପ୍ରକୃତିକ— 2. Of good nature. [ଉ—ବୃଥେ ଶୁର୍ଣ୍ଣକା ଦେଇ ସୁମତି—ଉଷ. ଦୈଦେଷ୍ଣୁଗଣଲୋଷ ।] ଦେ. ବ. ସ୍ତ୍ରୀ—ସ୍ତ୍ରୀମାନଙ୍କ ନାମ A name given to females.

ସୁମଦ—ବି. ବିଶ. ପୁଂ [ବଦ୍ଧ୍ୟା ଦୁ]—ମଦୋନ୍ମତ୍ତ; ମଦ୍ୟପାନ [ଭ. ଶ]- Sumada Intoxicated. ବି. ବ. ପୁ—ବାନରଜାତୀୟ (ସୁମଦା—ସ୍ତ୍ରୀ) ବାନର ସେନାପତିବିଶେଷ [ଭ. ଶ]— Name of a monkey comander of Rama's army.

ସୁମଦନ—ବି. ବ—ଅମ୍ବୁତରୁ [ବୃଜଦର୍ଦ୍ଧ୍ଦ]— Sumadana Mango tree.

ସୁମଦର—ଚୁ. ବ (ବି. ସମୁଦ୍ର) —ସମୁଦ୍ର— Sumadara सुमुद्दर समुंदर, सुमंदर Sea. (ସୁମଦ୍ର—ଅନ୍ୟରୂପ)

ସୁମଦାତ୍ମଜା—ବି. ବ— ଅତ୍ସର୍ (ଦିବ୍ୟାଙ୍ଗ ସ୍ତ୍ରୀଲିଙ୍ଗ)— Sumadātmajā A heavenly nymph.

ସୁମଧୁର—ବି. ବିଶ—ଅତ୍ୟନ୍ତ ମଧୁର—Very sweet. ବ-୧ । ଅତି ମଧୁର ବାକ୍ୟ (ଦେଖନ୍ତୁ)—1. Very (ସୁମଧୁର—ସ୍ତ୍ରୀ) sweet words. ୨ । ଜଳଶାକ; ଜଳକୁମ୍ଭୀ (ବୃଜଦର୍ଦ୍ଧ୍ଦ)—2. Celtis Orientallis (a herb).

ସୁମଧ୍ୟମ (ମା)—ବି. ବିଶ. ପୁଂ (ବଦ୍ଧ୍ୟା ଦୁ; ସୁ ଅତ୍ତେ ମଧ୍ୟମ=ବିଣ Su madhyama (madhya) ଯାହାର)—ସୁନ୍ଦର ବା ସରୁ (ସୁମଧ୍ୟମା—ସ୍ତ୍ରୀ) ଦୁଃଖଶିଷ୍ଟ—Having a beautiful or slender waist.

ସୁମଧ୍ୟମା (ମା) —ବି:ବିଶ. ସ୍ତ୍ରୀ (ସୁମଧ୍ୟମ+ଅ)—ସୁମଧ୍ୟମ ସ୍ତ୍ରୀଲିଙ୍ଗ— Su madhyamā (madhyā) Feminine of Sumadhyama. ବ—୧ । ଶୀଣଦୁଃ ସ୍ତ୍ରୀ—1. A slender waisted woman. ୨ । ସୁଦଗ୍ଧ ସ୍ତ୍ରୀ— 2. A graceful woman.

ସୁମନ—ଦେ. ବ (ବି. ସୁଂଜନସ୍, ସୁଂଜାଃ —୧ । ସୁମନାଃ; ସୁଷ୍ପ; Sumana ପୁଲ – 1. Flower. ୨ । ଉତ୍ତମ ମନ— 2. Good mind. (ଉ—[୧+୨] ବତଳ ଧ୍ରୁବରେ ଲେଲ ସୁମନ ଉମ୍ବରେ ମେଲ ଦଶରଥ ଏମନ୍ତ ଚଥିତା ଉତ୍ତ. ଦୈଦେଷ୍ଣୁଗଣଲୋଷ ।) ୩ । ପଣ୍ଡିତ— 3. Learned man. ୪ । ଦେବତା —4. Deity. ବିଣ— ୧ । ରସିକ—1. Witty; humorous. ୨ । ସତ୍ତ୍ୱସମ୍ପନ୍ନ-2. Of amiable frame of mind. ୩ । ହୃଷ୍ଟ; ଅନନ୍ଦିତ— 3. Glad; cheerful; pleased. (ଉ— ଦଶରଥ ସ୍ତ୍ରୀଙ୍କ ସୁନ୍ଦ ଜାତରେ; ସେହି ଜାଲେ ତରେ ସେ ଦୋଇଣ ସୁମନ । କୃତ୍ତିବଂଦ. ବଦ୍ଧାଜ୍ଜରତ. ବଳ ।) ୪ । ପ୍ରସନ୍ନଚେତାଃ—4. Gracious-minded. ସ. ବ (ସୁ + ମନ୍, ଧ ଦୁ=ଦୋଧ ବତ୍ତା + ଡମ୍ଭି. ଅ)—୧ । ଗୋଧୂମ; ଗହମ (ଅମର)— 1. Wheat. ୨ । ଧତ୍ତୂର; ଧତ୍ତୁର୍ (ଦେଖାନ୍ତୁ)— 2. Dhatura plant; Datura Fastosa. ସୁ. ବିଣ—ଅତି ମନୋହର (ଅତି ଉତ୍ତମ)— Very amiable; very charming.

ସୁମନଃ—ସ. ବ (ସୁମନସ୍ ଶବ୍ଦ) —୧ । (ଦର୍ମଧା) ସରସ ମନ— Sumanaḥ 1. Witty mind. ୨ । ପ୍ରସନ୍ନ ମନ— 2. Favourable disposition. ଦେ. ବ— ୧ । (ସୁମନସ୍ ଶବ୍ଦ., ସୁ ଉତ୍ତମ ମନସ୍ ଯହିଁରେ ଥାଆ. ୧ବ; ସୁମନାଃ)—ସୁଷ୍ପ; ଫୁଲ—1. Flower. ୨ । ପଣ୍ଡିତ— 2. Learned man. ୩ । ଦେବତା—3. Deity.

ସୁମନଃ ପତ୍ରିକା(ପତ୍ର)—ସଂ. ବ—ଜାଟା ପତ୍ରିକା, ଜାଇପତ୍ରି (ବୃଜଦର୍ଦ୍ଧ୍ଦ) Sumanaḥ patrikā(patra) —Mace (spice).

ସୁମନଃ ଫଳ—ସଂ. ବ—୧ । ଜାଟା ଫଳ; ଜାଇଫଳ (ବୃଜଦର୍ଦ୍ଧ୍ଦ)— Sumanaḥ phala 1. Nutmeg. ୨ । କପିତ୍ଥ ବୃକ୍ଷ (ଶବ୍ଦ ଚନ୍ଦ୍ରିକା)—2. The wood apple tree.

ସୁମନଃ ଶର—ଦଂ. ବ (ବଦ୍ଧ୍ୟା ଦୁ; ସୁମନସ୍ =ପୁଷ୍ପରେ ରଚିତ ଧନୁ Sumanaḥ śara ଯାହାର)—ସୁମନ ଶର (ଦେଖ) Sumana śara (See)

ସୁମନ ଦୀପ—ଦେ. ବ (ସଂ. ସୁମନଃ+ଦୀପ)—ଦେବ ଦୀପ (ଦେଖ) Sumana dīpa Deba dīpa (See) [ଉ—ବାଟରେ ଅନ୍ଧେରି ଶୀର ଜାତ ମୋ ଘରାର ମାର ଭେଜେ ସୁମନ ଦୀପର ଘର—ଉଷ. ଚମତ୍କାରଲକ୍ଷ ।]

ସୁମନ ଶର(ଚାପ)—ଦେ. ବ (ସଂ. ସୁମନଃ ଶର)—ପୁଷ୍ପଧନୁ; କାମ; Sumana śara(chāpa) ଦର୍ଭ – Cupid. (ଉ— ସୁମନ ଶର ମୋତେ ଚଣ୍ଡୁ ମହିବ ସୁମନ ଶରେ—ଉଷ. ଚମତ୍କାରଲକ୍ଷ) ସୁମନ ଶର

Digitized by srujanika@gmail.com

ସୁମନସ୍—ସଂ. ଵ—ସୁମନାଃ (ଦେଶ)—
Sumanas Sumanaḥ (See)

ସୁମନସ—ଦେ. ବ (ସଂ. ସୁମନସ୍) —୧ । ପୁଷ୍ପସମୂହ—
Sumanasa 1. A collection or multitude
ସୁମନସ of flowers. ୨ । (ସଂ. ସୁମନସ୍) ଦେବତା—
ସୁମନସ 2. Deity. ୩ । ପଣ୍ଡିତ—3. A learned man. (ଉ—ବାଦୁଡୁଲେ ଭ୍ରର ଚର ସୁମନସ ବର—ଭଞ୍ଜ. ବୈଦେଘ୍ଲଶ୍ବଳାସ ।) ୪ । ପ୍ରସନ୍ନ ଚିତ୍ତ—4. Delighted heart. ୫ । ଉତ୍ତମ ମନ—5. Good mind. (ଉ—ବଣା ଯେ ସୁମନସେ ସୁମନ ସୁମନସେ ଛୁଡ଼ିଲ ନ ଛୁଡ଼ିଲ ମୁଣ୍ଡ—ଭଞ୍ଜ. ବୈଦେଘ୍ଲଶ୍ବଳାସ ।)

ସୁମନସ ପଦ୍ଧତି—ଦେ. ବ (ସଂ. ସୁମନସ୍ =ଦେବତା + ପଦ୍ଧତି = ପଥ; ଦେବମାର୍ଗ)—୧ । ଜ୍ୟୋତିଷ-ସୁମନ ପଦ୍ଧତି ଦାଣ୍ଡ—1. The milky way. ୨ । (ସଂ. ସୁମନସ୍ =ଫୁଲ + ପଦ୍ଧତି = ଶ୍ରେଣୀ) ପୁଷ୍ପମାଳା—
ସୁମନ ପଦ୍ଧତି 2. Flower-garland. (ଉ—ବସ୍ତାରଚ ସୁମନସ ପଦ୍ଧତି ଅଦୁର—ଭଞ୍ଜ. ବୈଦେଘ୍ଲଶ୍ବଳାସ ।)

ସୁମନସ୍କ—ସଂ. ବଣ. ପୁଂ (ସୁ + ମନସ୍ + କ; ବହୁବ୍ରୀ.)—୧ । ପ୍ରସନ୍ନ; ତୁଷ୍ଟ (ହୁ. ଶ)—1. Pleased. ୨ । ସୁଖୀ (ହୁ. ଶ)—2. Happy.
ସୁମନସ୍କ

ସୁମନା—ଦେ. ବ (ସଂ. ସୁମନସ୍ ଶବ୍ଦର ୧ମା. ୧ବ; ସୁମନାଃ)—
Sumanā ସୁମନାଃ (ଦେଶ)—Sumanāḥ (See) (ଉ—
ସୁମନା ସୁମନା ଭାଦ୍ରାଙ୍କର ଦ୍ୱିଅ ନାମ ଅଟେ ସୁଭଦ୍ରା, ଦେଖିଲେ ତାଙ୍କୁ ବଶ ହୋଇବେ ସୁମନା—କୃଷ୍ଣସିଂହ. ମହାଭ୍ଭରତ. ଭଜ ।) ସଂ. ବ—ଜାଇ ଫୁଲ—One-petalled or great-flowered large jasmine (Apte). (ଉ—ସୁମନା-ଜାମିକା ଗଲ୍ଭ ସୁମନା । ନାଗ-ନାଗଶ୍ୱ ଶିବ୍ଭେମଣି ସିନା—ଭଞ୍ଜ. କୋଣିବ୍ରହ୍ମାଣସ୍ତନଶ୍ୱ ।) ଦେ. ବଣ (ସଂ. ସୁମନାଃ)—ସୁମନାଃ (ଦେଶ)—
Sumanāḥ (See)

ସୁମନାଃ—ସଂ. ବଙ. ପୁଂ. ସ୍ତ୍ରୀ (ବହୁବ୍ରୀ; ସୁ + ମନସ୍; ସୁମନସ୍; ୧ମା.
Sumanāh ୧ବ)—୧ । ମହାମନା; ଉଦାରଚେତା—
1. Magnanimous; liberal-minded; benevolent (Apte). ୨ । ଅନନ୍ଦଯୁକ୍ତ; ତୁଷ୍ଟ—
2. Joyous; delighted. ୩ । ସ୍ନିଗ୍ଧସ୍ତ୍ରୀ—
2. Loving; affectionate. ୪ । ସୁନ୍ଦର—
4. Graceful. ସଂ. ବ—୧ । ଦେବତା (ଅମର)—
1. Deity. ୨ । ପଣ୍ଡିତ (ମେଦନୀ)—2. Learned man. ୩ । ଗୃଦ୍ଧକରଞ୍ଜ (ଶବ୍ଦମାଳା)—3. Pūtikaranja (See). ୪ । ଜାତିବୃକ୍ଷ ବୃକ୍ଷ; ଜାଇଫଳୀ ଗଛ (ଶବ୍ଦରତ୍ନାବଳୀ)—4. The nutmeg tree. ୫ । ନିମ୍ବ (ରତ୍ନକୋଷ)—5. The Nima tree. ୬ । ସେବତୀ; ଶତପତ୍ରୀ (ରତ୍ନକୋଷ)—5. Muskrose. ୭ । ମହାକରଞ୍ଜ (ରତ୍ନକୋଷ)—7. Pongamia Indica (tree). ୮ । ଗୋଧୂମ; ଗହମ (ରତ୍ନକୋଷ)—8. Wheat. ୯ । (ସୁ=ପ୍ରସନ୍ନ + ମନାଃ ଦ୍ଭବ ଯାହାଦ୍ୱାରା, ବହୁବ୍ରୀ) ପୁଷ୍ପ (ମେଦନୀ)-9 Flower. ୧୦ । ମାଳତୀ ଫୁଲ (ମେଦନୀ)—10. A kind of Jasmine. ୧୧ । କବଣ୍ଡ ଗୋ; ଚମରୀ ଗୋ (ହୁ. ଶ)—11. Yak. ୧୨ । (ନାମ) କୈକେୟୀଙ୍କ ବାସ୍ତବିକ ନାମ (ହୁ. ଶ)—12. The actual name of Kaikeyī. ୧୩ । (ନାମ) ଦମଘୋଷଙ୍କ ପତ୍ନୀ (ହୁ. ଶ)—13. Name of the wife of Dama. ୧୪ । (ନାମ) ମଧୁଙ୍କ ପତ୍ନୀ ଓ ବୀରବ୍ରତଙ୍କ ମାତା (ହୁ. ଶ) —14. Name of the wife of Madhu. ୧୫ । ଜାଇ ଫୁଲ (ହୁ. ଶ)—15. Large-petalled jasmine. [ଦ୍ର—ସଂସ୍କୃତରେ ସୁମନାସ୍ ଶବ୍ଦ ଜଭ୍ୟ ବହୁବଚନାନ୍ତ, ତେବେ କେତେ ବତ୍ତବଚନାନ୍ତ ମଧ୍ୟ ହୁଏ ।] ୧୬ । ପ୍ରିୟା—16. One's beloved lady. (ଉ—ବରଞ୍ଚ ସୁମନା ଦ୍ୱାତେ, ବରଂ ମଧୁଳରେ ବ୍ୟାତେ—ଭଞ୍ଜ. ବୈଦେଘ୍ଲଶ୍ବଳାସ ।)

ସୁମନା ସୁମନା—ଦେ. ବ—ଦେବପୁଷ୍ପ; ଲବଙ୍ଗ—Cloves. (ଉ—
Sumanā sumanā ବରଦେହ୍ନ ସୁମନା ସୁମନା ଏ ସୁତଲ୍ଭା ।
ଲବଙ୍ଗ ବରଦେଘ୍ଲ ସୁମନା ସୁମନା ଏ ସୁତଲ୍ଭା—ଭଞ୍ଜ. ବୈଦେଘ୍ଲଶ୍ବଳାସ ।)
ଲବଂଗ

ସୁମନୋଜ୍ଞ—ସ. ବଣ. ତ୍ରି—ଅତି ସୁନ୍ଦର—
Sumanojñya Very lovely.
[ସୁମନୋଜ୍ଞା—ସ୍ତ୍ରୀ]

ସୁମନୋତ୍ତରା—ସଂ. ବ. ସ୍ତ୍ରୀ—ରାଜାମାନଙ୍କ ଅନ୍ତଃପୁରସ୍ଥା ସ୍ତ୍ରୀ (ହୁ. ଶ)—
Sumanottarā A woman living in the harem of kings.

ସୁମନୋରଜଃ—ଷ ବ (ଷଷ୍ଠୀ ତତ୍ପୁ; ସୁମନସ୍ + ରଜସ୍; ସୁମନୋରଜସ୍ ୧ମା ୧ବ)—ପୁଷ୍ପରଗ୍ଭ—
Sumanorajah The pollen of flowers.

ସୁମନୌକା—ସଂ. ବ. (ଷଷ୍ଠୀ ତତ୍ପୁ; ସୁମନ୍ + ଔକସ୍; ୧ମା ୧ବ)—
Sumanauka ସ୍ୱର୍ଗ (ହୁ. ଶ)—Heaven, the abode of the gods.

ସୁମନ୍ତ ପଟ୍ଟ(ଟ୍ଟ)ନାୟକ—ଦେ. ବ [ଦ୍ର ସୁମନ୍ତ]—ଗଡ଼ଜାତର ରାଜ ଙ୍କଦ୍ୱାରା
Sumanta paṭṭa(ṭṭa)nāyaka ଜରଶଙ୍କୁ ପ୍ରଦତ୍ତ ଉପାଧି-ବିଶେଷ—A title given to some Kāmanas in the Orissa States by the Rajas.

ସୁମନ୍ତର—ଗ୍ରା. ବ (ସଂ. ସୁମନ୍ତ୍ର) —ସୁମନ୍ତ୍ର (ଦେଶ)
Sumantara Sumantra (See).
ସୁମନ୍ତ୍ର

ସୁମନ୍ତୁ—ସଂ. ବ (ନାମ)—୧ । ଅଥର୍ବ ବେଦର ଶାଖାପ୍ରଶାଖାରେ ଓ ପୁର୍ତ୍ତି ପ୍ରତିଷ୍ଠା ମୁନିବିଶେଷ (ସ୍ମୃତିବତ)—1. Name of a sage [ଦ୍ର—ଏ ବେଦବ୍ୟାସଙ୍କ ଶିଷ୍ୟ ଥିଲେ ।

Digitized by srujanika@gmail.com

ଏହାଙ୍କ ନାମ ସ୍ମରଣ କଲେ ଉପରେ କଜ୍ର ପଡ଼େ ନାହିଁ ।] ୨ । ଜହ୍ନୁଙ୍କର ଏକ ପୁତ୍ର—2. Name of a son of sage Jahnu. ● । ଉତ୍ତମ ଉପଦେଷ୍ଟକ—3. A good adviser (Apte) ବିଶ—(ସୁ=ଅତି+ମନ୍ତୁ=ଅପରାଧ ଯାହାର)—୧ । ଅତ୍ୟପରାଧୀ—1. Very sinful or offending. ୨ । ଅତି ନିନ୍ଦନୀୟ—2. Very blameable (Apte) ୩।(ସୁ+ମନ୍, ଧାତୁ+କ୍ତିନ୍. ତୁ) ଉତ୍ତମ ଉପଦେଶକାରୀ—3. Advising well (Apte).

ସୁମନ୍ତ୍ର—ପୁ. ବି—୧ । ବିଷ୍ଣୁଙ୍କ କଲ୍କିଅବତାରରେ କଲ୍କି ଦେବଙ୍କର Sumantra ଜ୍ୟେଷ୍ଠଭ୍ରାତା ତିନି ଜଣଙ୍କ ମଧ୍ୟରୁ ଜଣେ—1. Name of one of the three elder brothers of the Kalki incarnation of Bishnu. [ଦ୍ର—ଅନ୍ୟ ଦୁଇ ଭାଇଙ୍କ ନାମ କବି ଓ ପ୍ରାଜ୍ଞ । କଲ୍କିପୁରାଣ] ୨ । ଦଶରଥଙ୍କ ମନ୍ତ୍ରୀବିଶେଷ ଓ ସାରଥି—2. Name of a minister and charioteer of king Daśaratha. (ଉ—ବଶିଷ୍ଠ ଭରଦ୍ୱାଜ ବାମଦେବ କଶ୍ୟପ ସୁମନ୍ତ୍ର ଗୌତମ । ଉଜ୍ଜ. ବୈଦେହୀଶବଲାଶ୍ୱ ।) ୩ । (ନାମ) ଅନ୍ତରୀକ୍ଷର ଏକପୁତ୍ର (ହ. ଶ)—3. Name of a son of Antarīksha.

ବିଚାରଜ୍ଞ ଦେ. ବିଶ—ବିଚାରବାନ୍—Considerate. (ଉ—ବିଚାରବାଲା ବିବେକ ସୁମନ୍ତ୍ର ସୁମନ୍ତ୍ରର ଥିଲ ଯାଇ । ଉଜ୍ଜ. ବୈବେକ-ପ୍ରାଶବଲାଶ୍ୱ ।)

ସୁମନ୍ଥନ—ସଂ. ବି ୦ । (କର୍ମଧା) ଉତ୍ତମ ମନ୍ଥନ—I. Thorough sumanthana churning. ୨ । (ବହୁବ୍ରୀ) ମନ୍ଦର ପର୍ବତ (ହ. ଶ)-୨. The Mandara mountain.

ସୁମନ୍ଦ—ସ. ବିଶ—ଅତି ମୃଦୁ—

Sumanda Very mild.

ସୁମନ୍ୟୁ—ସ. ବି—୧ । (ନାମ) ପରଶୁରାମଙ୍କ ଶିଷ୍ୟବିଶେଷ—Sumanyu 1. Name of a disciple of Paraśurāma. (ଉ—ସୁମନ୍ୟୁ ନାମରେ ପରଶୁ-ରାମ ଶିଷ୍ୟ ଥିବାର । ସ୍ୱାଧ୍ୟାୟ. ଚତୁର୍ଥଭାଗ ।) ୨ । ଉତ୍ତମ ବିଶେଷ (ହ.ଶ)—2. Name of a Gandharba. ସ. ବିଶ—ଅତି କୋପୀ (ହ. ଶ)—Very fiery-tempered.

ସୁମ ଫଟା(ଫାଟ)—ଦେ. ବି (ଘା. ସୁନ୍+ଓ. ଫାଟ, ଫଟା)—Suma phaṭā(phāṭa) ଘୋଡ଼ାଙ୍କ ଖୁର ଫାଟିଯିବା ରୋଗ-ସୁମକାଟା ବିଶେଷ—A disease affecting the hoofs of horses. ସୁମକଟା

ସୁମର—ସଂ. ବି (ସୁ+ମୃ. ଧାତୁ+ଅ)—୧ । ବାୟୁ (ହ. ଶ)—Sumara 1. Air. ୨ । ସହଜ ମୃତ୍ୟୁ (ହ. ଶ)—2. Easy or painless death.

ସୁମରଣ—ସଂ. ବି—ସୁନ୍ଦର ବା ସୁଖମୟ ମୃତ୍ୟୁ; ଯେଉଁ ମୃତ୍ୟୁରେ ମୃତ Sumararaṇa ବ୍ୟକ୍ତି ଦୁଃଖ ପାଏ ନାହିଁ—A painless death. ଦେ. ବି—ସ୍ମରଣ (ଦେଶ)—Sumaraṇā (See)

ସୁମରଣା—ଦେ. (ପଦ୍ୟ) ବି (ସଂ. ସ୍ମରଣ)—ସ୍ମରଣ (ଦେଶ)—Sumaraṇā Smaraṇa (See) (ଉ—ସବୁ ଦୋଷେ ମଧ୍ୟ ସ୍ମରଣ ସୁମରଣ କରିବ ସୁମରଣା । କୃଷ୍ଣସିଂହ. ମହାଭାରତ ବନ ।)

ସୁମରଣୀ—ଦେ. ବିଣ (ସଂ. ସ୍ମରଣୀୟ)—ସ୍ମରଣୀୟ (ଦେଶ)—Sumaraṇī Smaraṇīya (See) ଦେ. ବି—ଦେବତାଙ୍କ ଛୋଟ ଜପମାଳା ନାମ ଜପିବା ପାଇଁ ବ୍ୟବହୃତ ୨୭ଟି ଦାନା ଥିବା ସୁମରଣୀ ଜପମାଳା—A rosary of 27 beads. [ଦ୍ର—ଏଥିରେ ୯ଥର ଜପ କଲେ ଜପସଂଖ୍ୟା ୧୦୮ ହୁଏ ।] (ଉ—ପ୍ରାୟଃ ସୁମରଣୀ ଏହା । ଉଜ୍ଜ. ବୋଷ୍ଟବ୍ରହ୍ମାଣ୍ଡ ସ୍ତବସ୍ତ୍ର ।)

ସୁମର୍—ଦେ. ବ (ସଂ. ସ୍ମୃ. ଧାତୁ)—ସ୍ମରଣ—

Sumarā Remembrance. ସ୍ମରା ସୁମରନ

ସୁମର୍(ଓ)ଇବା—ଦେ. କି (ସୁମରିବା କିୟାର ଣିଜନ୍ତରୂପ)—ସ୍ମରଣ Sumarā(re)ibā କରାଇବା—To remind; to cause. ସ୍ମରଣ କରାନ to remember. (ଉ—ସୁଯୋଧନ ଖେଳେ ସୁମରନ କରାନା ବୋଲକା ବଚନକୁ, ଉଦାରେ ସ୍ୱୟଂ ସୁମର୍ଇବେ ଭାଦାଙ୍କୁ । କୃଷ୍ଣସିଂହ. ମହାଭାରତ ଉ ।)

ସୁମରିବା—ଦେ. କି (ସଂ. ସ୍ମୃ. ଧାତୁ)—ସ୍ମରଣ କରିବା Sumaribā To remember. ସ୍ମରଣକରା ସୁମରନା

ସୁମ ଶାୟକ—ସଂ. ବି—୧ । (ମ, ଷ. ତତ୍ପୁ) ପୁଷ୍ପରଚିତ ଧନୁ—Suma śāyaka 1. A bow made of flowers. ୨ । (ବହୁବ୍ରୀ) ପୁଷ୍ପବାଣ; କାମଦେବ—2. Cupid.

ସୁମ ଶୁଖା—ଦେ. ବି—ଘୋଡ଼ାଙ୍କ ଖୁର ସେମନ୍ତଯିବା ରୋଗ-ବିଶେଷ—Suma śukhā A horse-disease in which the hoofs become shrunken. ସୁମଶୁଖା ସୁମସୁଖଡ଼ା

ସୁମା—ଦେ. ବି (ସଂ. ସୁମ=କୁସୁମ ସଙ୍ଗେ ଅ ଯୋଗକରି ସ୍ତ୍ରୀଲିଙ୍ଗ Sumā ଶବ୍ଦ ପ୍ରତୋଦନାର୍ଥ ବ୍ୟବହୃତ)—ପୁଷ୍ପ; ଫୁଲ Flower. (ଉ—ସୁମା ସଜ୍ଜାକୁ ଶ୍ରେଣିକ କହିଲେ, ଖଇ ଫୁଲ ସୁମନେ ସେ ଯେବେ ଅବତ୍ତେଲେ । ଅଜସୃ. ପ୍ରାଚ୍ଚଦର୍ଶନ ।)

ସୁମାତ୍ରା—ଦେ. ବି—ପୂର୍ବ ଭାରତୀୟ ବା ମାଲୟ ଦ୍ୱୀପପୁଞ୍ଜ ମଧ୍ୟରୁ Sumātrā ଏକ ଦ୍ୱୀପ—Sumātrā; name of an ସୁମାତ୍ରା island in the Indian archipelago. [ଦ୍ର—ସୁମାତ୍ରା ଏହା ମାଲୟ ଉପଦ୍ୱୀପର ଦକ୍ଷିଣ ଓ ମାଲକ୍କା ପ୍ରଣାଳୀର ପଶ୍ଚିମ ପାରରେ; ଏହାର ମଧ୍ୟରେ ବିଷୁବରେଖା ଯାଇଅଛି । ଏହା ବୋର୍ଣ୍ଣିଓ ଦ୍ୱୀପର ଉତ୍ତର ଓ ଯାବା ଦ୍ୱୀପର ଉତ୍ତରରେ ଅବସ୍ଥିତ । ପୂର୍ବେ କଳଙ୍ଗ ଦେଶୀୟ ବଣିକମାନେ ଜଳପଥରେ ଯାଇ ସେଠାରେ ବାଣିଜ୍ୟ ଓ ଉପନିବେଶ କରୁଥିଲେ ।]

Digitized by srujanika@gmail.com

ସୁମାନସ—ସଂ· ବହ. ପୁଂ (ସୁ+ମାନସ; ବହୁବ୍ରୀ)—ସହୃଦୟ—Sumānasa Magnanimous. (ସୁମାନସା—ସ୍ତ୍ରୀ)

ସୁମାନିକା—ସ. ବ—ପ୍ରତ୍ୟେକ ଚରଣରେ ସାତ ଅକ୍ଷର ଥିବା ବୃତ୍ତ-Sumānikā ବିଶେଷ (ହୃ· ଶ)—Name of a Sanscrit metre. [ଦ୍ର—ଏହାର ୧ମ, ୩ୟ, ୫ମ ଓ ୭ମ ବର୍ଣ୍ଣ ଲଘୁ ।]

ସୁମାନ୍ୟ—ସ. ବହ· ପୁଂ (ସୁମାନନ୍; ୧ମା· ୧ବ)—ଅତି ଅହମାନ୍ୟ (ହୃ. Sumānī (ସୁମାନନ୍ୟା—ସ୍ତ୍ରୀ) ଶ)—Very egoistic.

ସୁମାୟ୍ୟ –ସ, ବହ· ପୁଂ (ସୁ+ମାୟା+ଯ)—୧ । ଅତ୍ୟନ୍ତ ବୁଦ୍ଧିମାନ୍ Sumāya (ହୃ. ଶ)—1. Very intelligent. ୨ । (ସୁମାୟା—ସ୍ତ୍ରୀ) ମାୟାଯୁକ୍ତ (ହୃ. ଶ)—2. Illusive; illusory.

ସୁମାର୍(ରି)—ବୈଦେ· ବ (ଫା. ସୁମାର୍)—୧ । ଗଣ୍ୟା—Sumār(ri) 1. Number. ୨ । ଗଣନା—2. Counting. ସୁମାର୍[ରି] ସୁମାର

ସୁମାରି କରିବା— ଦେ. ବ—ଗଣିବା—To count. Sumāri karibā ସୁମାରି କରା ସୁମାରी करना

ସୁମାଳିନୀ—ସ. ବ—ପ୍ରତ ଚରଣରେ ଛଅଟି ବର୍ଣ୍ଣ ଥିବା ବୃତ୍ତବିଶେଷ Sumālinī (ହୃ. ଶ)—1. Name of a Sanscrit metre. [ଦ୍ର—ଏହାର ୬ଷ୍ଠ ଓ ୫ମ ବର୍ଣ୍ଣ ଲଘୁ; ଅନ୍ୟ ବର୍ଣ୍ଣଗୁଡ଼ିକ ଗୁରୁ ।] ୨ । ଗନ୍ଧର୍ବୀବିଶେଷ (ହୃ· ଶ)—2. Name of a Gandharba-female

ସୁମାଳୀ—ସ. ବ· (ନାମ)—୧ । ସୁକେଶ ନାମକ ଧର୍ମଜ୍ଞଙ୍କ ରାକ୍ଷସଙ୍କ Sumālī ପୁତ୍ର; ରାବଣଙ୍କ ମାତାମହ—1. Name of the maternal grandfather of Rāvaṇa. [ଦ—ଏହି ରାକ୍ଷସ ଏବଂ ତାଙ୍କ ଭ୍ରାତା ମାଲୀ ଓ ମଲ୍ୟବାନଙ୍କ ସଙ୍ଗେ ତପସ୍ୟା କରି ବ୍ରହ୍ମାଙ୍କ ବରରେ ବ୍ରହ୍ମାଣ୍ଡରେ ଅଜେୟ ହୋଇଥିଲେ । ଏହି ୩ ଭାଇଙ୍କ ଆଦେଶରେ ବିଶ୍ୱକର୍ମା ଲଙ୍କା ନଗରୀର ଗଢ଼ିଲେ । ଏମାନେ ଦେବତାମାନଙ୍କୁ ଉତ୍ପୀଡ଼ନ କରିବାରୁ ବିଷ୍ଣୁ ଏହାଙ୍କୁ ସଂହାର କଲେ, ତେଣୁ ଏମାନେ ପଳାଇ ଯାଇ ପାତାଳରେ ଲୁଚିଲେ ସୁମାଳୀ କୁବେରଙ୍କ ପିତା ବିଶ୍ରବାଙ୍କୁ ଆପଣା କନ୍ୟା କଳାବତୀ ବା କୈକସୀଙ୍କୁ ବିବାହ ଦେଲେ । ବିଶ୍ରବାଙ୍କ ଔରସରେ କୈକସୀଙ୍କ ଗର୍ଭରୁ ରାବଣ, କୁମ୍ଭକର୍ଣ୍ଣ, ସୂର୍ପଣଖା ଓ ବିଭୀଷଣ ଜାତ ହେଲେ । ରାବଣ ତପସ୍ୟା କରି ବ୍ରହ୍ମାଙ୍କଠାରୁ ବର ପାଇ ଦେବତା-ମାନଙ୍କୁ ଜିଣି ଲଙ୍କା ଅଧିକାର କରି ରାଜତ୍ୱ କଲେ ଓ ତାଙ୍କ ସଙ୍ଗେ ସୁମାଳୀ ଅସି ରହିଲେ । ରାବଣ ଦଶରଥଙ୍କୁ ଜିତିବାକୁ ଲଙ୍କାରୁ ଅନ୍ୟତ୍ର ଯାଇଥିବା ସମୟରେ ଅସ୍ତ୍ରମ ବସୁ ସାହୁଜଙ୍କଦ୍ୱାରା ସୁମାଳୀ ହତ ହୋଇଲେ ।] ୨ । (ନାମ) ବାନରବିଶେଷ(ହୃ· ଶ)—2. Name of a monkey.

ସୁ(ସୋ)ମାଳୀ –ବୈଦେ. ବ(ଫା· ସୁମାଲ୍)-(ନାମ) ସୋମାଲ; ଅଫ୍ରିକାର ଉତ୍ତର ପୂର୍ବ ଉପକୂଳରେ ଓ ଏଡେନ୍‌ରେ ବାସ Su(so)mālī କରୁଥିବା କୃଷ୍ଣକାୟ ଥରବ ଜାତିବିଶେଷ—The Somalis inhabiting the north-east corner of Africa. [ଦ୍ର—ଏମାନଙ୍କ ପୂର୍ବପୁରୁଷ-ମାନେ ଜଙ୍ଗଲୀ ଥିଲେ । ସବୁ ଜାତିମାନେ ଏମାନଙ୍କ ପୂର୍ବ-ପୁରୁଷଙ୍କୁ ଦକ୍ଷିଣ ଆଫ୍ରିକାରୁ ଅଣିଥିଲେ । ଏମାନେ ଅସଭ୍ୟ ଅବସ୍ଥାରେ ଅଛନ୍ତି ।]

ସୁ(ସୋ)ମାଲି ଲାଣ୍ଡ୍—ବୈଦେ. ବ (ଫା. ସୁମାଲ୍+ଇଂ. ଲାଣ୍ଡ୍)—Su(so)mālī lānḍ ଅଫ୍ରିକାର ଉତ୍ତର ପୂର୍ବ ଉପକୂଳରେ ସୋମାଲି ଜାତିଙ୍କ ଅଧ୍ୟୁଷିତ ଅଞ୍ଚଳ—Somaliland. [ଦ୍ର—ଏହାର ଉତ୍ତରାଂଶ ଇଂରାଜଙ୍କ ଅଧିକୃତ (British Somaliland) ଓ ଦକ୍ଷିଣାଂଶ ଇଟାଲିର ଅଧିକୃତ (Italian Somaliland) ଅଟେ ।]

ସୁମିତ୍ର—ସ. ବ—୧ । ଉତ୍ତମ ବା ଉପକାରୀ ମିତ୍ର—1. A good Sumitra friend. ୨ । (ନାମ) ଇକ୍ଷ୍ୱାକୁ ବଂଶୀୟ ଅନ୍ତିମ ରାଜା ସୁରଥଙ୍କ ପୁତ୍ର (ଇକ୍ଷ୍ୱାକୁବଂଶ)—2. Name of the son of Suratha, the last king of the Ikshwāku dynasty. ୩ । (ନାମ) ବର୍ତ୍ତମାନ ଯୁଗର ୨ଂଶ ଅର୍ହତ୍ ସୁବ୍ରତଙ୍କ ପିତା (ଜୈନତନ୍ତ୍ର)—3. Name of Subāta, the 20th Jaina saint of the modern era. ୪ । (ନାମ) ଶ୍ରୀକୃଷ୍ଣଙ୍କ ଏକ ପୁତ୍ର—4. Name of a son of Śrīkṛushṇa. ୫ । (ନାମ) ଅଭିମନ୍ୟୁଙ୍କ ସାରଥି—5. Name of the charioteer of Abhimanyu. ୬ । (ନାମ) ବୃଷ୍ଣିଙ୍କର ଏକ ପୁତ୍ର—6. A son of Bṛushṇi. ୭ । (ନାମ) ମେବାର ରାଣାବଂଶର ସ୍ଥାପୟିତା—7. The progenitor of the Ranas of Mewar. [ଦ୍ର—ଉତ୍ତରତରେ ଏହାଙ୍କ ଉଲ୍ଲେଖ ଅଛି । ଏ ସୌରାଷ୍ଟ୍ରର ଅନ୍ତିମ ରାଜା ଥିଲେ । ଟଡ୍‌ଙ୍କିଲ୍ ଝଡ଼ ରାଜସ୍ଥାନଗୁଡ଼ିରେ ଏହାଙ୍କୁ ବିକ୍ରମାଦତ୍ୟଙ୍କ ସମସାମୟିକ ବୋଲି ଲେଖିଅଛନ୍ତି । ଏ ସୌରାଷ୍ଟ୍ରରୁ ରାଜ-ପୁତାନାକୁ ଯାଇ ସେଠାରେ 'ରାଣା' ବଂଶର ପ୍ରତିଷ୍ଠା କରିଥିଲେ—ହୃ. ଶ ।] ସଂ· ବହ. ପୁଂ—ଉତ୍ତମ ମିତ୍ରବଶିଷ୍ଠ—Having good friend.

ସୁମିତ୍ରଭୂ—ସ. ବ (ନାମ)—୧ । ସଗର ନାମକ ଜନମାନଙ୍କ ଜୈନ Sumitrabhū ଚକ୍ରବର୍ତ୍ତୀ—1. Name of a Jaina Emperor. ୨ । ବର୍ତ୍ତମାନ ଅବସର୍ପିଣୀର ୨ଂଶ ଅର୍ହତ୍ (ହୃ. ଶ)—2. Name of the 20th Jaina saint of the present era.

ସୁମିତ୍ରା—ସ. ବ. ସ୍ତ୍ରୀ (ସୁ+ମିତ୍ର+ଆ)—୧ । ଦଶରଥଙ୍କ ତୃତୀୟା Sumitrā ରାଣୀ; ଶତ୍ରୁଘ୍ନ ଓ ଲକ୍ଷ୍ମଣଙ୍କ ମାତା—1. Name of the mother of Śatrughna and Lakshmaṇa [ଦ୍ର—ଏହି ଦଶରଥଙ୍କ ତୃତୀୟା ପତ୍ନୀ । କୌଶଲ୍ୟା ଓ କୈକେୟୀଙ୍କୁ ଦଶରଥ ଯେଉଁ ବରଅଳ ଦେଇଥିଲେ, ସେ

Digitized by srujanika@gmail.com

ଦୁହେଁ ଚଳଚଳର ଅଂଶରୁ ଏକ ଏକ ଭାଗ ଚାଡ଼ି ଏହାଙ୍କୁ ଦେଲେ; ତାହା ଖାଇବାରୁ ଏହାଙ୍କ ଗର୍ଭରୁ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଯାଆଁଳା ପୁଅ ଜନ୍ମି ଥିଲେ । ରାମଙ୍କ ସଙ୍ଗେ ଲକ୍ଷ୍ମଣ ବନବାସ ଗଲାରୁ ଓ ଦଶରଥଙ୍କ ମୃତ୍ୟୁ ହେବାରୁ ଏ ଅତି ଦୁଃଖରେ ଥିଲେ ଓ ରାମଙ୍କର ବନବାସରୁ ଫେରିବା ପରେ ଏ ସୁଖରେ କାଳ କଟାଇଲେ । ରାମଙ୍କ ସଙ୍ଗେ ବନକୁ ଯିବାକୁ ଏ ଲକ୍ଷ୍ମଣଙ୍କୁ ଅନୁମତି ଦେଇଥିଲେ ଏବଂ ଲକ୍ଷ୍ମଣଙ୍କୁ ଏହି ଉପଦେଶ ଦେଇଥିଲେ, 'ରାମଙ୍କୁ ପିତା, ଓ ସୀତାଙ୍କୁ ମାତା ବୋଲି ଜ୍ଞାନ କର ଚଳର ।' କୌଶଲ୍ୟାଙ୍କ ମୃତ୍ୟୁ ପରେ ଏହାଙ୍କର ଦେହାନ୍ତ ହୋଇଥିଲା ।] ୨ । (ନାମ) ମାର୍କଣ୍ଡେୟଙ୍କ ମାତା—2. Mother of sage Mārkaṇḍeya. ଦେ. ବ· ସ୍ତ୍ରୀ—ସ୍ତ୍ରୀମାନଙ୍କ ନାମ—A name given to females.

ସୁମିତ୍ରା
सुमित्रा

ସୁମିତ୍ର୍ୟ—ସ. ବଣ. ପୁଂ (ସୁମିତ୍ର+ଯ)—ଉତ୍ତମ ମିତ୍ର ବିଶିଷ୍ଟ (ବ୍ୟ· ଶ)—Having good friend. (ସୁମିତ୍ର୍ୟା—ସ୍ତ୍ରୀ)

Sumitrya

ସୁମୁଖ—ସ. ବ (କର୍ମଧା)—୧ । ସୁନ୍ଦର ମୁଖ—1. Nice face. ୨ । (ବହୁବ୍ରୀହି) ରକ୍ତଶାଖବର୍ତ୍ତିତ ନଖକ୍ଷତବିଶେଷ (ଶବ୍ଦ ରତ୍ନାବଳୀ)—2. Name of a kind of scratch with the nails· ୩ । (ନାମ) ଗରୁଡ଼ଙ୍କର ଏକ ପୁତ୍ର (ଶବ୍ଦ ରତ୍ନାବଳୀ)—3. Name of a son of 'Garurda'. ୪ । ଗଣେଶ (ଶବ୍ଦ ରତ୍ନାବଳୀ)—4. God Ganeśa. ୫ । ଶାକବେଦ (ଶବ୍ଦ ରତ୍ନାବଳୀ)—5. Name of a potherb. ୬ । ନାଗ-ବେଦ (ଶବ୍ଦ ରତ୍ନାବଳୀ)—6. Name of a serpent. [ବ୍ୟୁ—ଏ ଐରାବତ ବଂଶୋଦ୍ଭବ ଅର୍ଜୁନଙ୍କ ପୁତ୍ର । ଏ ମାତଲୀ-କନ୍ୟା ଗୁଣକେଶୀର ପାଣିଗ୍ରହଣ କରିଥିଲେ । ଏକଦା ଗରୁଡ଼ ଏହାକୁ ଖାଇବାକୁ ସ୍ଥିର କଲାରୁ ଏ ଇନ୍ଦ୍ରଙ୍କ ଶରଣ ନେଲେ । ଶତ୍ରୁଙ୍କ ଅଦେଶରେ ଇନ୍ଦ୍ର ଏହାକୁ ଘର୍ଘାସ୍ତ୍ର ଦେଲେ । ଇନ୍ଦ୍ର ଗରୁଡ଼ ବଳର ବଳ ଦେଖାଇବାକୁ ଯାଇ ବତ୍ସଙ୍କ ସମକ୍ଷରେ ଇନ୍ଦ୍ରକୁ ସ୍ତବ କରିବାରୁ ଓ ବତ୍ସ ଗରୁଡ଼ର କାନ୍ଧରେ ବଳର ବାନ୍ଧ ରଖିବାରୁ ଗରୁଡ଼ ସେ କାନ୍ଧର ଭରରେ ମୃତବତ୍ ହୋଇ ବତ୍ସକୁ ସ୍ତବ କଲେ । ବତ୍ସ ପ୍ରୀତ ହୋଇ ଗରୁଡ଼ଙ୍କ ଦୋଷ କ୍ଷମା କଲେ ଏବଂ ବଳ ଯାଦ ଦ୍ୱାରା ଏ ନାଗକୁ ଗରୁଡ଼ଙ୍କ ବକ୍ଷସ୍ଥଳକୁ ପଠାଇଦେଲେ । ସେହି ଦିନଠାରୁ ଗରୁଡ଼ ଓ ସୁମୁଖଙ୍କ ମଧ୍ୟରେ ବନ୍ଧୁତା ହେଲା ।] ୭। ପଣ୍ଡିତ (ବଣ)—7. Learned man. ୮ । ସିତାର୍ଜ୍ଜକ (ସିତାର୍ଜ୍ଜକ) (ଦେଖ)—8. Sitārjjaka (See) ୯ । ବନ କକରଦା (ସୁଚ ଜର୍ଘଣ୍ଟା)—9. The wild black basil plant. ୧୦ । ଶିବ (ହ୍ର· ଶ)—10. Śiba. ୧୧ । (ନାମ) ଦ୍ରୋଣଙ୍କର ଏକ ପୁତ୍ର—11. A son of Droṇa. ୧୨ । ଚମ୍ପରମାନଙ୍କ ରାଜା (ହ୍ର. ଶ)—12. The king of the Kinnaras. ୧୩ । ଜଳପକ୍ଷିବିଶେଷ (ହ୍ର· ଶ)—13. A kind of aquatic bird. ୧୪ । ସୁନ୍ଦର ସର୍ଷପ; ସୁନ୍ଦର ସୋରିଷ (ହ୍ର· ଶ)—14. Rye. ବଣ—୧ । ସୁନ୍ଦର ମୁଖ ବା

ସୁମୁଖା[ଖୀ]—ସ୍ତ୍ରୀ) ଅଗ୍ରଭାଗରେ ସପ୍ତ ବା ସାମନା ସୁନ୍ଦର—1. Having a nice mouth or front· ୨ । (ବହୁବ୍ରୀହି) ପୁଂ ସୁନ୍ଦର ମୁଖ ବିଶିଷ୍ଟ—2, Having a nice face· ୩ । ସୁନ୍ଦର—3. Beautiful. ୪ । ପ୍ରସନ୍ନ; ଅନୁକୂଳ (ହ୍ର. ଶ)—4. Favourable. (ବ୍ୟୁ—ଜାଣିହୁ ଚତୁର ମୁଖ ଚତୁରେ ସୁମୁଖ । ଭଞ୍ଜ. ଚୋଟି-ବ୍ରହ୍ମାଣ୍ଡ ସୁନ୍ଦର ।) ୫ । କୃପାଳୁ (ହ୍ର. ଶ)—5. Kind.

ସୁମୁଖ
सन्मुख

ଗ୍ରା. ବ ଓ ବଣ—(ସ. ସନ୍ମୁଖ) ସମ୍ମୁଖ (ଦେଖ)—Sammukha (See)

ସୁମୁଖା—ସ· ବଣ. ସ୍ତ୍ରୀ (ସୁମୁଖ+ଅ) —ସୁମୁଖର ସ୍ତ୍ରୀଲିଙ୍ଗ; ଚନ୍ଦ୍ରମୁଖୀ—

Sumukhā

(Feminine of Sumukha); Fair-faced (woman). ବ· ସ୍ତ୍ରୀ—୧ । ସୁନ୍ଦର ନାରୀ—1. A beautiful woman. ୨ । ଦର୍ପଣ [ଶବ୍ଦ କଲ୍ପଦ୍ରୁମ]—2. Mirror.

ସୁମୁଖା ସୁମୁଖୀ—ଦେ. ବଣ ଓ କ୍ରି ବଣ (ସ. ସମ୍ମୁଖ)—ପରସ୍ପରର

Sumukhā sumukhī

ସମ୍ମୁଖବର୍ତ୍ତୀ; ସାମନା ସାମନି—

ସୁମୁଖାସୁମୁଖୀ आमनेसामने Facing each other.

ସୁମୁଖୀ—ସ. ବ. ସ୍ତ୍ରୀ—୧ । ସୁମୁଖା; ସୁନ୍ଦର ସ୍ତ୍ରୀ—1. A beautiful

Sumukhi

woman. ୨ । ଏକାଦଶାକ୍ଷର ଛନ୍ଦୋବିଶେଷ—2. A Sanscrit metre of 11 syllables. [ବ୍ୟୁ—ଏଥିର ପ୍ରଥମ, ଅଷ୍ଟମ ଓ ଏକାଦଶ ବର୍ଣ୍ଣ ଲଘୁ, ଅନ୍ୟ ବର୍ଣ୍ଣମାନ ଗୁରୁ—ହ୍ର. ଶ] ୩ । ସଙ୍ଗୀତରେ ଏକ ପ୍ରକାର ମୂର୍ଚ୍ଛନା (ହ୍ର. ଶ)—3. A kind of modulation in music. ୪ । (ନାମ) ଅପ୍ସରା-ବିଶେଷ (ହ୍ର· ଶ)—4. Name of an Apsarā. ୫ । ନାଲ ଅପରାଜିତା (ହ୍ର. ଶ)—5. The blue-flowered Clitoris creeper. ୬ । ଶଙ୍ଖପୁଷ୍ପୀ (ହ୍ର. ଶ)—6, Śaṅkhapushpī (See) ବଣ—ସୁମୁଖା (ଦେଖ)—Sumukhā (See)

ସୁମୁଦ(ନ)ର—ଗ୍ରା· ବ—ସମୁଦ୍ର—

Sumuda(nda)ra

Ocean.

ସମୁଦ୍ଦୁର
समुंदर

ସୁମୁଦି—ଗ୍ରାଦେ (ମେଦଗାପୁର) ବ—ସମୁଦ (ଦେଖ

Sumudi

Samudi (See)

ସୁମୁରା—ଗ୍ରାଦେ (ଉତ୍ତର ବାଲେଶ୍ୱର) ବ—ହାଣ୍ଡିଫୁଟା (ଦେଖ

Sumurā

Hāṇḍiphuṭā See)

ସୁମୁର କରିବା—ଗ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ସନ୍ତୋଳିବା (ଦେଖ)—Santolibā (See)

Sumuri karibā

[ଅଥା—ମନ ଉପରେ ସୁମୁର କରି ରଖିବା]

Digitized by srujanika@gmail.com

ସୁମୂର୍ତ୍ତି—ଗ୍ରା· ବ (ସଂ· ସ୍ତ୍ରୀ)—୧ । ସ୍ମୃତିଶାସ୍ତ୍ର; ହିନ୍ଦୁଶାସ୍ତ୍ର—
Sumurti 1. Hindu code of law. (ଉ—ବଳସ୍ମୃତି ବାଖି ଟକାରେ ଶାଇବା ଯାର, ବଣା ଢେଙ୍କି ବଦ୍ୟା ଅଦ
ସୁମୁରତୀ, ସୁମୃତି ସ୍ମୃର୍ତ୍ତି ସାର । ଭଞ୍ଜ· ବୈଦେଘ୍ଲାଶବଳାସ ।)
ସୁମୂର୍ତ୍ତି ୨ । ଧର୍ମଶାସ୍ତ୍ର—2. Scripture. ୩ । ସଂସ୍କୃତ
ସମୂର୍ତ୍ତି ଶ୍ଲୋକ—3. Sanscrit sloka. [ଦ୍ର—ଏହି ଶବ୍ଦ ସଙ୍ଗେ ସବ୍ଦତରରୂପେ ସ୍ମୃତି, ଶାସ୍ତ୍ର (ଶାସ୍ତ୍ର, ଶାବାସ୍ତ୍ର), ଶ୍ଲୋକ (ଶୋଲକ) ଆଦ ଶବ୍ଦମାନ ବ୍ୟବହୃତ ହୁଏ ।]
୪ । (ସଂ· ସୁମୂର୍ତ୍ତି) ସୁନ୍ଦରରୂପ—4. Beautiful appearance. ବଣ—ସୁମୂର୍ତ୍ତ; ସୁନ୍ଦର ରୂପବିଶିଷ୍ଟ—Of a good shape.

ସୁମୁଷ୍ଟି—ସଂ· ବ—ମହାନିମ୍ବ (ହି· ଶ)
Sumushṭi Melia Azadirichtatree.

ସୁମୁହାଁ—ଗ୍ରା· ବଣ· ସ୍ତ୍ରୀ—ସୁମୁଖୀ; ସୁନ୍ଦରୀ—Beautiful. [ଉ—Sumuhiñ ଆଢ଼େ ଜନମେଜସ୍ୟ ଏ ରୂପରେ କଡ଼, ଗଲେ ପଣ୍ଡି-
ସୁମୁଖୀ କୁଶୀକ ଦ୍ରୌପଦୀ ସ୍ମମୁଁ । କୃଷ୍ଣସିଂହ· ମହାଭାରତ· ବନ ।]
ସୁମୁହାଁ ବ—ସୁମୁଖୀ ସ୍ତ୍ରୀ; ସୁନ୍ଦରୀ ସ୍ତ୍ରୀ—Beautiful woman. [ଉ—ବୋଲଦେଲେ ସ୍ମମୁଖଁ ଅନ୍ତର ମୁହିଁ, ବଡୁ ଶୀତର
ଥରିଲିଁ ଭୁତୁ । ଭଞ୍ଜ· ବୈଦେଘ୍ଲାଶବଳାସ ।]

ସୁମୂର୍ତ୍ତି—ସଂ· ବ—୧ । (କର୍ମଧା) ସୁନ୍ଦର ମୂର୍ତ୍ତି—1. A nice
Sumūrtti shape. ୨ । ଶିବଙ୍କର ଏକ ଗଣ (ହି· ଶ)—
ସୁମୂର୍ତ୍ତି 2. A class of Śiba's retinue. ବଣ—
ସୁମୁରତୀ (ବହୁବ୍ରୀ) ସୁନ୍ଦର ମୂର୍ତ୍ତିଯୁକ୍ତ—Having a nice shape. ଗ୍ରା· ବ (ସଂ·ସ୍ମୃତି)—ସ୍ମୃତିଶାସ୍ତ୍ର—Hindu code of law. (ଉ—ବଚନ ଉଣେ ମାରୁଚ ବହୁଲ
ଏତେ ସ୍ମମୂର୍ତ୍ତ ଶୁଭରେ ଏ କଥା ଶୁଣା ଜାହିଁ ।
ଭଞ୍ଜ· ବୈଦେଘ୍ଲାଶବଳାସ ।)

ସୁମୂଳ—ସଂ· ବ—୧ । (ବହୁବ୍ରୀହି) ଶ୍ୱେତ ଶିଟୁ (ସ୍ୱଳ୍ପ ଜର୍ଘଣ୍ଟ)—
Sumūla 1. The white variety of horse radish, ୨ । ଉତ୍ତମ ମୂଳ—2. Good root. ବଣ (ବହୁ-
ବ୍ରୀହି)—ସୁନ୍ଦର ମୂଳଯୁକ୍ତ—Having a good
(ସୁମୂଳା—ସ୍ତ୍ରୀ· ବଣ) root.

ସୁମୂଳକ—ସଂ· ବ—ଗଜର (ସ୍ୱଳ୍ପ ଜର୍ଘଣ୍ଟ); ଗାଜର—
Sumūlaka Carrot.

ସୁମୂଳା—ସଂ· ବଣ· ସ୍ତ୍ରୀ (ସୁମୂଳ+ଅ)—ସୁମୂଳର ସ୍ତ୍ରୀଲିଙ୍ଗ—
Sumūlā Feminine of Sumūla. ବ—୧ । ଶାଳପର୍ଣ୍ଣୀ
(ସ୍ୱଳ୍ପ ଜର୍ଘଣ୍ଟ) (ଦେଶ)—1. Śālaparnnī (See)
୨ । ପୃଶ୍ନିପର୍ଣ୍ଣୀ (ସ୍ୱଳ୍ପ ଜର୍ଘଣ୍ଟ) (ଦେଶ)—
2. Pṛuśniparnnī,

ସୁମୃତ—ଗ୍ରା· ବ ଓ ବଣ—ସୁମୂର୍ତ୍ତି (ଦେଶ)
Sumṛuti Sumurti (See)

ସୁମେଖଳ—ସଂ· ବଣ (ବହୁବ୍ରୀହି)—ସୁନ୍ଦର ମେଖଳା ଯୁକ୍ତ—Having
Sumekhala a nice belt or girdle. ବ—ମୁଞ୍ଜ (ସ୍ୱଳ୍ପ
(ସୁମେଖଳା—ସ୍ତ୍ରୀ· ବଣ) ଜର୍ଘଣ୍ଟ) (ଦେଶ)—Munja (See)

ସୁମେଚକ—ସଂ· ବ (ବୈଦ୍ୟକ)—ଶ୍ୟାମସ୍ୱଳ୍ପ; କଳା ଦାନା—
Sumechaka Ipomœa Hederacea (plant and seed).

ସୁମେଧାଃ—ସଂ· ବଣ (ବହୁବ୍ରୀହି; ସ୍ୱ+ମେଧସ୍; ୧ମା. ୧ବ)—ସୁନ୍ଦର
Sumedhāḥ ମେଧା ବା ବୁଦ୍ଧିବିଶିଷ୍ଟ; ବୁଦ୍ଧିମାନ୍—Of good
(ସୁମେଧସ୍ୱୀ—ସ୍ତ୍ରୀ) intelligence; sharp of intellect.
[ସୁମେଧା—ଦେ·ରୂପ] ସଂ· ବ—୧ । (ନାମ) ଶୁକ୍ଳଯଜୁର୍ବେଦୀୟ ଏକ ଋଷି (ହି· ଶ)—1. Name of an ancient
sage. ୨ । ପଞ୍ଚମ ମନ୍ୱନ୍ତରର ବିଶିଷ୍ଟ ଦେବତା—
2. Name of the special Deity of the 5th
Manwantara. ୩ । ପିତୃଲୋକଙ୍କ ଗଣ ବିଶେଷ—
3. Name of a class of deceased ancestors.
୪ । ଜ୍ୟୋତିଷ୍ମତୀ ଲତା (ହି· ଶ)—4. Jyotishmatī
latā (See).

ସୁମେଧ୍ୟ—ସଂ· ବ·—ସୁପବିତ୍ର; ଅତି ପବିତ୍ର—
Sumedhya Very pure.
(ଅସମେଧ୍ୟ—ବିପରୀତ) [ସୁମେଧା—ସ୍ତ୍ରୀ]

ସୁମେରୁ—ସଂ· ବ—୧ । ପୁରାଣୋକ୍ତ ଭୂମଧ୍ୟସ୍ଥ ପର୍ବତ ବିଶେଷ; ମେରୁ
Sumeru ଗିରି—1. The Meru mountain of mythological fame. [ଦ୍ର—ଭାଗବତ ଅନୁସାରେ
ଏହା ପର୍ବତରୁଜ । ପୌରାଣିକ ଭୂମଣ୍ଡଳର ସାତଦ୍ୱୀପ ମଧ୍ୟରୁ ଜମ୍ବୁଦ୍ୱୀପର ୯ କୋଟି ବର୍ଷ ମଧ୍ୟରୁ ଇଳାବୃତ୍ତ ନାମକ
ଅଭ୍ୟନ୍ତରସ୍ଥ ବର୍ଷରେ ଏ ପର୍ବତ ଅବସ୍ଥିତ । ଏହା ଜନଜ-
ମଣ୍ଡିତ ଥିବାରୁ ଏହାର ନାମ ହେମାଦ୍ରି । ଏହାର ସାନୁରେ
ନାନା ରତ୍ନ ଥିବାରୁ ଏହାର ନାମ ରତ୍ନସାନୁ । ଏହାର
ଶୃଙ୍ଗରେ ଦେବତାମାନେ ରହୁଥିବାରୁ ଏହାର
ନାମ ସ୍ୱର୍ଗଲଘୁ, ଅମରଗିରି । ଏହା ପୃଥିବୀରେ ଥିବାରୁ ଏହାର
ନାମ ଭୂସ୍ୱର୍ଗ । ଏହାର ଉଚ୍ଚତା ୮୪ ହଜାର ଯୋଜନ । ଏଥି
ମଧ୍ୟରୁ ଭୂତଳରେ ୧୬ ହଜାର ଯୋଜନ ଅଛି । ଏହାର
ଶୃଙ୍ଗ ୩ କୋଟି । ଏହାର ମଧ୍ୟମ ଶୃଙ୍ଗ ସ୍ଫଟିକ ଓ
ବୈଦୂର୍ଯ୍ୟମୟ, ପୂର୍ବଶୃଙ୍ଗ ଇନ୍ଦ୍ରନୀଳମୟ ଓ ପଶ୍ଚିମ ଶୃଙ୍ଗ
ସାର୍ବିତ୍ୟମୟ । ଭାଗବତ ୫।୧୬, ମତ୍ସ୍ୟପୁରାଣ ୧୪୫, ନୃସିଂହ
ପୁରାଣ ୩୦ ଓ କୂର୍ମପୁରାଣ ୪୩ଶ ଅଧ୍ୟାୟରେ ଏ ପର୍ବତର
ବିବରଣ ଅଛି । ଏହି ପର୍ବତର ପୂର୍ବରେ ଦେବଧାନୀ ନାମକ
ଇନ୍ଦ୍ରପୁରୀ, ପଶ୍ଚିମରେ ନମ୍ଲୋଚନ୍ତା ନାମକ ବରୁଣପୁରୀ ଓ
ଉତ୍ତରରେ ବିଭାବରୀ ନାମକ ସୋମପୁରୀ ଅଛି । ଏହାର
ଶୃଙ୍ଗଗାର୍ଦ୍ଦ ଶ୍ୱେତବର୍ଣ୍ଣ, ପଶ୍ଚିମ ପୀତ, ଉତ୍ତର ରକ୍ତବର୍ଣ୍ଣ ଓ
ଦକ୍ଷିଣ ପାର୍ଶ୍ୱ ଅବ୍ଜକାରମୟ । ଏହାର ପଶ୍ଚିମରେ ଭଦ୍ରାଶ୍ୱ,
ଗୁରତ ଓ କେତୁମାଳଦେଶ, ଉତ୍ତରରେ କୁରୁଦେଶ
ଅଛି ।] ୨ । (ଭୂଗୋଳ) ପୃଥିବୀର ଉତ୍ତର ଦେଦ୍ର; ଉତ୍ତର
ମେରୁ; ଉତ୍ତର ଧ୍ରୁବ—2. (Geography) The
north pole of the globe. [ଦ୍ର—ଦକ୍ଷିଣ ଦେଦ୍ରକୁ
କୁମେରୁ ବୋଲିଥାଏ ।] ୩ । ଜପମାଳାର ମଧ୍ୟସ୍ଥ
ଗୁଟିକା; ମେରୁ—3. The central bead of a

Digitized by srujanika@gmail.com

rosary. ୪ । ଶିବଙ୍କର ଏକ ନାମ (ହ. ଶ)—4. A name of Śiba.

ସୁମେରୁ ବୃତ୍ତ—ଦେ. ବ (ଭୂଗୋଳ)—ପୃଥିବୀର ଉତ୍ତର ଦେଇ ଠାରୁ Sumeru bṛutta ଅକ୍ଷାଂଶ ୬୬½ ଡିଗ୍ରୀ ଦୂରରେ ଗୋଲକର ସୁମେରୁ ବୃତ୍ତ ଚତୁର୍ଦ୍ଦାଶରେ ବେଢ଼ି ଥିବା କଳ୍ପିତ ବୃତ୍ତ ବା ରେଖା—(Geography) The Arctic circle. [ଦ୍ର—ଏହ ରେଖା ଓ ସୁମେରୁ ମଧ୍ୟରେ ଉତ୍ତର ଶୀତକଟିବନ୍ଧ ଅବସ୍ଥିତ ।]

ସୁମେରୁ ଶୃଙ୍ଗ—ସ. ବ—ସୁବର୍ଣ୍ଣୋଜ୍ଜ୍ୱଳ ସୁମେରୁ ପର୍ବତର ଉନଗୋଟି ଶୃଙ୍ଗ Sumeru śṛunga (ଯହିଁରେ ଦେବତାମାନେ ବିହାର କରନ୍ତି)—The three peaks of the mythological Sumeru mountain.

ସୁମେରୁ ମହାସାଗର (ସମୁଦ୍ର, ସାଗର)—ଦେ. ବ (ଭୂଗୋଳ)—Sumeru mahāsāgara (samudra; sagara) ଉତ୍ତର ସୁମେରୁ ମହାସାଗର ମେରୁକୁ ବେଢ଼ି ଥିବା ମହାସାଗର; ଉତ୍ତର ସୁମେରୁ ମହାସାଗର ମେରୁ ମହାସାଗର—(Geography) The Arctic ocean.

ସୁମ୍ପଲୁଣ୍ଠ—ସ. ବ—କର୍ପୂର (ଶବ୍ଦରତ୍ନାକର)—Sumpaluṇṭha Camphor.

ସୁମ୍ବ—ତାଦେ (ଉଡ଼ଜାଉ) ବ—କାଶ ତୃଣ—Sumba A kind of grass; Sachcharum Spontanacium.

ସୁମ୍ଭ—ସ, ବ (ନାମ)—୧ । ଦେଶ ବିଶେଷ—1. Name of a Sumbha country. ୨ । ସୁମ୍ଭଦେଶବାସୀ ବ୍ୟକ୍ତି—2. An inhabitant of the 'Sumbha' country. ତାଦେ (ଉଡ଼ଜାଉ)—ସୁମ୍ବ (ଦେଶ)—Sumba (See)

ସୁମ୍ଭା—ତାଦେ (ସମ୍ବଲପୁର) ବ—ସୁମ୍ବା (ଦେଶ) Sumbhā Sum-hā (See)

ସୁଯଜ୍ଞ—ସ. ବଣ. ତ୍ରି (ବହୁବ୍ରୀ ହି)—ଉତ୍ତମତା ବା ସଫଳତା ସହକାରେ ଯଜ୍ଞ ସମ୍ପାଦନକାରୀ—Performing a Jājña well. ସ.ବ (କର୍ମଧା)—୧ । ଉତ୍ତମ ଯଜ୍ଞ—1. Good Jājña. ୨ । (ବହୁବ୍ରୀ ହି) (ନାମ) ଆରୁଚି ଗର୍ଭଜାତ ରୁଚ ପ୍ରଜାପତିଙ୍କ ପୁତ୍ର (ହ. ଶ)—2. A son of Ruchi. ୩ । (ନାମ) ବଶିଷ୍ଠଙ୍କ ଏକ ପୁତ୍ର—3. A son of Baśishṭha. ୪ । ଧ୍ରୁବଙ୍କର ଏକ ପୁତ୍ର—4. A son of Dhruba. ୫ । ଉଶୀନରର ଏକ ରାଜା—5. Name of a king of Uśīnara.

ସୁ(ସୂ)ୟା—ଦେ. ବ—ସ୍ନେହ—Affection. Su(śū)yā (ଦ୍ର—ହିତ ମଣି ସେ ଅନୁସୂୟା । ସୂୟା ସୁତ ପ୍ରେମ ସ୍ନେହ ସ୍ନେହ ଦେହେ ଗ୍ରାହ ହୃଦୟା—ଅଭିମନ୍ୟୁ. ହରଶ୍ଚନ୍ଦ୍ରାମଣି)

ସୁଯାତ୍ର—ସ. ବଣ (ବହୁବ୍ରୀ ହି;ସୁ+ଯାତ୍ରା=ଗତି+ଅ)—ମନୋହର ଗତିଶୀଳ—Sujātra Having a nice motion. ବ—(ସୁଯାତ୍ରା—ସ୍ତ୍ରୀ.ବଣ) ସୂର୍ଯ୍ୟ—The sun.

ସୁଯାତ୍ରା—ଦେ. ବ—ଶୁଭ ଯୋଗରେ ଯାତ୍ରା—An auspicious Sujātrā starting. [ଦ୍ର—ଯେଉଁ ଯାତ୍ରାରେ ଅନୁକୂଳ ଲକ୍ଷଣ ସୁଯାତ୍ରା ସମସ୍ତଙ୍କରେ ଶୁଭଲକ୍ଷଣମାନ ଦେଖାଯାଏ ଓ ଯେଉଁ ସୁଯାତ୍ରା ଯାତ୍ରାରେ କୌଣସି ବାଧାବିଘ୍ନ ଘଟେ ନାହିଁ ଏବଂ ଯେଉଁ ଯାତ୍ରାର ଫଳ ଶୁଭ ହୁଏ ।]

ସୁଯାମୁନ—ସ. ବ (ସୁ+ଯମୁନା+ଅ)—୧ । ବିଷ୍ଣୁ (ହେମଚନ୍ଦ୍ର); Sujāmuna ବିଷ୍ଣୁସହସ୍ରନାମୋକ୍ତ ବିଷ୍ଣୁଙ୍କର ନାମ—1. A name of Bishṇu, ୨ । ବାରସୁତ (ହେମ) —Bārasuta (See) ୩ । ସୁନ୍ଦର ପ୍ରାସାଦ (ହେମଚନ୍ଦ୍ର)—3. Royal building, palace. ୪ । ଅର୍ବୁଦଶୈଳ (ହେମଚନ୍ଦ୍ର)—4. Name of a mountain. ୫ । ମେଘବିଶେଷ (ମେଦିନୀ)—5. Name of a cloud.

ସୁଯୁକ୍ତି—ସ. ବ (କର୍ମଧା)—ସୁନ୍ଦର ଯୁକ୍ତି—Sujukti Nice argument.

ସୁଯୁଦ୍ଧ—ସ. ବ—୧ । ଧର୍ମଯୁଦ୍ଧ (ହ. ଶ)—1. Righteous war. Sujuddha ୨ ନ୍ୟାୟସଙ୍ଗତ ଯୁଦ୍ଧ (ହ. ଶ)—2. War carried on properly.

ସୁୟେଜ୍—ବୈଦେ. ବ (ନାମ)—ସୁଏଜ୍ (ଦେଶ)—Suyej Suej (See)

ସୁଯୋଗ—ସ. ବ (କର୍ମଧା)—୧ । ଉତ୍ତମ ଯୋଗ—1. Nice Sujoga conjunction. ୨ । ଶୁଭକର ଯୋଗ—2. Auspi- (ଦୁର୍ଯୋଗ—ବିପଯ୍ୟୟ) cious conjunction. ୩ । ଉତ୍ତମ ଅବସର—3. Nice or good opportunity. ୪ । ଉପଯୁକ୍ତ ଅବସର—4. Suitable opportunity ୫ । ସୌଭାଗ୍ୟ—5. Good luck. (ଉ—ଘୁମାଇବାର ସମ୍ଭାବନା ନାହିଁକ ଅମ୍ଭ ସୁଯୋଗୁ ସିନା କହୁ ଅଇଲୁ ରେ—କବିସୂର୍ଯ୍ୟ. କଲୋଚନଙ୍କୁ ଘ ଗୀତ ।) ୬ । ସଜ୍ଜନଙ୍କର ସାନ୍ନିଧ୍ୟ; ଶୁଭକର ମିଳନ ବା ସଙ୍ଗ—6. Good company or association.

ସୁଯୋଗକୁ—ଦେ. କ୍ରି. ବଣ—ସୌଭାଗ୍ୟବଶେ—Sujogaku Fortunately; luckily. ସୁଯୋଗକ୍ରମେ ସୁଯୋଗସେ (ସୁଯୋଗକ୍ରମେ—ଅନ୍ୟରୂପ)

ସୁଯୋଗ୍ୟ—ସ. ବଣ. ତ୍ରି—ଅଙ୍ଗଶବ୍ଦ ଉପଯୁକ୍ତ—Very able or Sujogya (ସୁଯୋଗ୍ୟା—ସ୍ତ୍ରୀ) fit. (ସୁଯୋଗ୍ୟତା—ବ) (ଅଯୋଗ୍ୟ—ବିପରୀତ)

ସୁଯୋଧନ—ସ, ବ, ତ୍ରି (ସୁ+ଯୁଧ୍ ଧାତୁ+ଲୁଟ୍, ଅଚ)—ଦୁର୍ଯୋ- Sujodhana ଧନଙ୍କ ନାମାନ୍ତର—A name of Durjyo- dhana. (ଦ୍ର—ଉତ୍ତରଲ ଅର ଦୁସ୍ତ ଡେଲେ ସୁଯୋଧନ—ବ୍ରଧାନାଥ. ମହାଯାତ୍ରା ।)

ସୁର୍ (ଧାତୁ)—ସ—୧ । ଘଡ଼ି ଘାଇବା; ଶୋଭା ଘାଇବା—1. To Sur (root) shine. ୨ । ଶ୍ରୀବୃଦ୍ଧି ଯୁକ୍ତ ହେବା—2. To prosper. ୩ । ଅଧିପତ୍ୟ କରିବା— .3 To rule; to exercise mastery.

Digitized by srujanika@gmail.com

ସୁର୍—ଦେ, ବ (ସ. ସ୍ୱର)—୧ । ଶବ୍ଦ; ଧ୍ୱନି—1. Sound. ୨ । ସଙ୍ଗୀତର ସ୍ୱର ବା ତାନ—2. Tune, ୩ । ସୁର ସୁର ବଙ୍ଗୀୟ ବଶୋପାଧିବଶେଷ—3. A family title in
ସୋର Bengal. ବୈଦେ. ବ—୧ । (ଫା. ସୁର୍) ସୋଧ୍; ସୁର ଚେତନା—1. Consciousness. ୨ । (ଫା, ସୁରୁ) ସୁରୁ ସୁରୁ ଆରମ୍ଭ—2. Beginning.

ସୁର୍କି(ଖି)—ବେଦେ. ବ (ଫା. ସୁର୍ଖୀ)—ସୁରୁକି (ଦେଖ)
Sur-ki(khi) Suruki (See)

ସୁର୍କିବା—ଗ୍ରାଦେ. (ସମ୍ବଲପୁର) ବ—୧ । ଶୋଷିବା—1. To
Sur-kibā suck; to imbibe. ୨ । ଗୋଡ଼ିକବା—
2. To gulp with a gusto.

ସୁର୍କୁଟା (ଇତ୍ୟାଦି)—ଦେ. ବଣ—ସୁରୁକୁଟା ଇତ୍ୟାଦି (ଦେଖ)
Sur-kuṭā (etc) Surukuṭā etc (See)

ସୁର୍କୁଟିବା—ଗ୍ରାଦେ (ଘାଟଶୀ) କି—ଶୁଙ୍ଘିବା—
Sur-kuṭibā To smell.

ସୁର୍ଖୁର୍—ଦେ. ବଣ ଓ କି. ବଣ—ସୁରୁଖୁର (ଦେଖ)
Sur-khur Surukhur (See)

ସୁର୍ଖୁରିଆ—ଦେ. ବଣ—ଶାନ୍ତଶିଷ୍ଟ—
Sur-khuriā ଶାନ୍ତଶିଷ୍ଟ ସୁରଖୁର Very meek.
(ସୁର୍ଖୁଣ୍ଡ, ସୁରୁଖୁରେଇ—ସ୍ତ୍ରୀ)

ସୁର୍ଗୁଜା—ଗ୍ରାଦେ (ସମ୍ବଲପୁର) ବ—ଶାଗୁଣା—
Sur-gunā Vulture.

ସୁର୍ଗୁଜା—ଦେ. ବ (ନାମ)—ସଧ୍ୟ ପ୍ରଦେଶର ବର୍ତ୍ତମାନ ଇଷ୍ଟର୍ଣ୍ଣ ଷ୍ଟେଟସ୍ ଏଜେନ୍ସିର ଅନ୍ତର୍ଗତ ଗୋଣ୍ଡ ଦେଶୀୟ ରାଜ୍ୟ—
ସୁରଗୁଜା 1. The name of a State in the
ସୁରଗୁଜା Central Provinces included in the present Eastern States Agency; Surguja. ୨ । ସରଗୁଜା, ଜାଶପୁର, ଉଦୟପୁର ଅଦ ଅଞ୍ଚଳରେ ପ୍ରଚଳିତ ଛତ୍ତିଶଗଢ଼ୀ ଭାଷାର ଉପଭାଷା—2. A form of Chhatisagardī dialect of Eastern Hindi spoken in Surgujā, Jāspur Udaipur etc.;

ସୁର୍ଜୁନା—ଗ୍ରାଦେ (ସମ୍ବଲପୁର) ବ—ସର୍ଜନ—
Sur-junā Creation.

ସୁର୍ତା—ଗ୍ରାଦେ (ଜାଶପୁର) ବ—ଚେତା—
Sur-tā Sense; consciousness.

ସୁର୍ତି—ଦେ. ବ—ସୁରୁତି (ଦେଖ)
Sur-ti Suruti (See)

ସୁର ଦାସ—ଦେ. ବ (ସ. ସୁର+ଦାସ)—ସୁରଦାସ (ଦେଖ)
Sur-dāsa Sura dāsa (See)
ସୁର ଦାସ ସୂର ଦାସ

ସୁର୍ମା—ବୈଦେ. ବ (ଫା)—ସୁରୁମା (ଦେଖ)
Sur-mā Surumā (See)

ସୁର୍ ଝିବା—ଗ୍ରାଦେ (ଘାଟଶୀ) କି—ଶୀଘ୍ର ବା ପ୍ରଭୁଷରେ ଖାଇବା—
Sur-jibā To take one's meal at an early hour of the day.

ସୁର୍(ରୁ)ସାର୍—ଦେ. ବ (ସ. ସ୍ୱର ସହିତ ଜରର୍ଥକ ସହତତ୍ତ)—
Sur(ru)sār ସୋରଶବ୍ଦ; ସାଡ଼ାଶବ୍ଦ; ଚୌଣସି ପ୍ରକାରର ଧ୍ୱନି—
ସାଡ଼ାଶବ୍ଦ ଆବାଜ Any sound. ବଣ—ସଜ୍ଞାନ
ପ୍ରକଟିତ ପ୍ରକାଶିତ; ପ୍ରକୃତ; ପ୍ରଘଟ ହୋଇଥିବା—
ପ୍ରଘଟ, ପ୍ରକଟ Published abroad; made public.

ସୁର୍(ରୁ)ସାର୍ କରିବା—ଦେ. କି—୧ । ଶବ୍ଦ କରିବା—1. To
Sur(ru)sār karibā make a sound. ୨ । ଚୌଣସି ଗୁପ୍ତ ଆବାଜ କରା ବିଷୟକୁ ସାଧାରଣରେ ପ୍ରକାଶ କରିବା—2. To
ପ୍ରକଟ କରନା make a matter public; to divulge a matter.

ସୁର୍ଶିଆ ମାଲ୍—ଗ୍ରାଦେ (ସମ୍ବଲପୁର) ବ—ସୁର୍ଶିଆ ମାଲ୍ (ଦେଖ)
Sur-shiā māl Surshiā māl (See)

ସୁର—ସଂ. ବ: ସୁ°(ସୁ. ଧାତୁ=ଅଧ୍ୟସନ କରିବା+କର୍ତ୍ତୃ.ରନ୍; ଅମ୍ବା ସୁର୍.
Sura ଧାତୁ+କର୍ତ୍ତୃ. ଅ)—୧ । ଦେବ (ଅମର)—1. Deity; (ସୁରା—ସ୍ତ୍ରୀ) the gods. ୨ । ସୂର୍ଯ୍ୟ—2. The sun. [ଅସୁର—ବିପରୀତ] ୩ । ସୂଧୀଜନ; ପଣ୍ଡିତ—3. Learned man. ୪ । ମୁନି; ଋଷି (ହି. ଶ)—4. Sage; seer.
ସୁର ଦେ. ବ (ସ. ସ୍ୱର)—୧ । କଣ୍ଠସ୍ୱର; ରବ—
ସୁର 1. Sound issuing from the throat; tone. ୨ । ଧ୍ୱନି—2. Sound. (ଯଥା—ବଡ଼ା ସ୍ୱର, ଚଢ଼ାସୁର, ମିଠାସ୍ୱର, ଖାଦ୍‌ସ୍ୱର (ଜାଗ୍‌ସୁର), ଜଲ୍‌ସ ର, ମିହିସ୍ୱର, କାଂସ୍ୟସ୍ୱର ଇତ୍ୟାଦି ।) ୩ । ସଙ୍ଗୀତର ସ୍ୱର—3. The scales of music; tune. (ଯଥା—ଉଦାତ୍ତସ୍ୱର ତାତ୍ତସ୍ୱର, କାଂସ୍ୟସ୍ୱର, ଅନୁଦାତ୍ତ ସ୍ୱର, ସ୍ୱରିତାଘାତସ୍ୱର, ପ୍ରଚୟସ୍ୱର) ୪ । ସୁରଘ୍ନ, ସୁରଘ୍ନ, ସୁରେନ୍ଦ୍ରର ତାତ୍ପର୍ଯ୍ୟ—4. Name for calling Surarāja, Surapati, Surendra. ୫ । ସୁରଲୋକ; ଦେବଲୋକ—5. The place of the gods. ବୈଦେ. ବ (ଫା)—ସୁର୍ (ଦେଖ)—Sur (See) ଗ୍ରାଦେ. (ଉତ୍ତରଗଡ଼) ବ—ଘଷ୍ଟୁର (ତୁଳ. ହି. ସୂଅର୍)—
Hog.

ସୁର କରି—ସଂ. ବ (ଶୁଣ୍ଡା ଧର୍)—ଦେବତାମାନଙ୍କ ହସ୍ତୀ; ଐରାବତ
Sura karī ପରି—The mythological elephant of
[ସୁରକଣ୍ଡନ, ସୁରସ୍ତ୍ରୀ—ଅନ୍ୟରୂପ] the heaven

ସୁର କାରୁ—ସଂ. ବ (କର୍ତ୍ତୃ.ରୁ; ସୁର ବା ଦେବତାମାନଙ୍କ ମଧ୍ୟରେ
Sura kāru କାରୁ=କାରଗର)—ବିଶ୍ୱକର୍ମା—
The Divine Architect.

ସୁର କାର୍ମୁକ—ସଂ. ବ—ଇନ୍ଦ୍ର ଧନୁ [ହି. ଶ]—
Sura kārmuka Rainbow.

ସୁର କାଷ୍ଠ—ସଂ. ବ—ଦେବଦାରୁ [ହି. ଶ]—
Sura kāshṭha Pine.

Digitized by srujanika@gmail.com

ସୁରକ୍ତ—ବି. ବ୍ରୀ (ସୁ+ରକ୍ତ)—୧ । ଉତ୍ତମରୂପେ ରଞ୍ଜିତ—Surakta 1. Nicely painted. ୨ । ସୁନ୍ଦର ରକ୍ତବର୍ଣ୍ଣ-ବିଶିଷ୍ଟ—2. Of nice red colour. ୩ । ଅତିଶୟ ଅନୁରକ୍ତ—3 Much attached. ୪ । ସୁମଧୁର—4. Very sweet. ୫ । ସୁଶ୍ରାବ୍ୟ; ଶ୍ରବଣ ସୁଖକର—5. Sweet to the ear. ୬ । ଯାହାର ଉଚ୍ଚଧ୍ୱନି ମଧୁର—6. Having a sweet tone.

ସୁରକ୍ତକ—ବି. ବ—୧ । ଦୋପାମ୍ର (ସ୍ୱଳ୍ପଦର୍ଦ୍ଧୁ); କୁସୁମଗଛ—Suraktaka The mulberry tree. ୨ । ସ୍ୱର୍ଣ୍ଣଗୈରିକ [ସ୍ୱଳ୍ପଦର୍ଦ୍ଧୁ]—2. Yellow chalk.

ସୁରକ୍ଷିତ—ବି. ବ୍ରୀ—ଉତ୍ତମରୂପେ ରକ୍ଷିତ—Surakshita Well preserved.

ସୁର ଖଣ୍ଡନିକା(ମଣ୍ଡଳିକା)—ବି. ବ (ସୁର=ଦେବତା+ଖଣ୍ଡ୍ ଧାତୁ+ଅନ+ଅକ+ଆ)—ବୀଣାବେଦ [ଶବ୍ଦରତ୍ନାବଳୀ)—A sort of harp. [ଦ୍ର—ଏ ଯନ୍ତ୍ରରେ ଗୋଟିଏ ଘଣ୍ଟା ଉପରେ ତାର ଟଣା ଯାଇଥାଏ; ତୁମ୍ବି ଉପରେ ରଖି ଏଡାଲ୍ ମିଳ୍‌ରବ ଦ୍ୱାରା ବଜାଇବାକୁ ହୁଏ—ହ. ଶ ।]

ସୁର ଗଜ—ବି. ବ—ଐରାବତ ହସ୍ତୀ [ହ. ଶ]—Sura gāja Indra's elephant.

ସୁରଗଣ୍ଡ—ବି. ବ—ବ୍ରଣବୋଗବିଶେଷ (ଶବ୍ଦକଳ୍ପଦ୍ରୁମ)—A sort of boil or tumour (a disease), Suraganḍa ରାଜଗାଁଡ଼

ସୁର ଗୁରୁ—ବି. ବ (୬ଷ୍ଠୀ ତତ୍)—୧ । ବୃହସ୍ପତି; ଦେବତାମାନଙ୍କ ଗୁରୁ—1. Bṛubaspati; the preceptor of the gods. ୨ । ବୃହସ୍ପତି ଗ୍ରହ—2. Jupiter (planet).

ସୁର ଗ୍ରାମଣୀ—ବି. ବ (ସୁରମାନଙ୍କର ଗ୍ରାମଣୀ=ଅଗ୍ରଣୀ)—ଇନ୍ଦ୍ର Sura grāmaṇī [ବିଦ୍ୟାଣ୍ଡ ଶେଷ]—Indra (the leader (ସ୍ୱର୍ଗପ୍ରଣୀ—ଅଭିଧାନରୂପ) of the gods).

ସୁରଙ୍ଗ—ବି. ବ (ସୁ+ରଙ୍ଗ)—୧ । ନାଗରଙ୍ଗ; ନାରଙ୍ଗ—Suraṅga 1. A kind of orange. ୨ । ବବର; ସୁଡ଼ଙ୍ଗ; ଲମ୍ବଗର୍ତ୍ତ (ଶବ୍ଦକଳ୍ପଦ୍ରୁମ); ଭୂମି ତଳେ ତଳେ ଖୋଳାଯିବା ପଡ଼ଣୀ;—2. Tunnel; trench. ୩ । ହିଙ୍ଗୁଳ (ସ୍ୱଳ୍ପଦର୍ଦ୍ଧୁ)—3. Vermillion. ୪ । ପତ୍ରଙ୍ଗ (ସ୍ୱଳ୍ପଦର୍ଦ୍ଧୁ); ବଜମଦାଠ—4. Sappan wood. ୫ । ସୁନ୍ଦର ରଙ୍ଗ—5. Nice colour. (ଦ୍ର—ସୁରଙ୍ଗ ଦେଖି ଚିତ୍ତହରିଲ ସ୍ୱାମୀ, ଜହ୍ନ ବଜ୍ର ମାଇଲ ଭୂମି ଉଜୁ—ଭଣ୍ଡାଳ. ବତତ ସ୍ୱମାପ୍ତି ।) ୬ । ସିନ୍ଧ ଗାତ (ହ. ଶ)—6. Hole bored into a house by a house breaker. ବି. ବଣ—୧ । ସୁନ୍ଦର; ସୁନ୍ଦର ରକ୍ତବର୍ଣ୍ଣବିଶିଷ୍ଟ—1. Of nice red colour. ୨ । ସୁରଞ୍ଜିତ—2. Nicely painted. ବେ. ବଣ—ଅତ୍ୟନ୍ତ ଉତ୍ସବଯୁକ୍ତ—ହଟ୍ଟକଯୁକ୍ତ Very frolicsome. [ଉ—ଗୋସାଇଁ ଖଣ୍ଡଘଣ୍ଟ ଭୁରଙ୍ଗ ଆଣି । ସୁରଙ୍ଗ କରାଇ ସ୍ନାନ ଦେଲା ସେ ପୁଣି—ଦୋଷିବ୍ରହ୍ମାଣ୍ଡସୁନ୍ଦର ।]

ସୁରଙ୍ଗଦ—ବି.ବ (ସୁରଙ୍ଗ+ବା. ଧାତୁ+କର୍ତ୍ତୃ.ଅ)—ପତ୍ରଙ୍ଗ; ବଜମଦାଠ Surangada (ସ୍ୱଳ୍ପଦର୍ଦ୍ଧୁ)—Sappan wood.

ସୁରଙ୍ଗ ଧାତୁ—ବି. ବ—ଗୈରିକ (ସ୍ୱଳ୍ପଦର୍ଦ୍ଧୁ); ଗେରୁମାଟି—Surangа dhātu Red chalk.

ସୁରଙ୍ଗଯୁକ୍—ବି. ବ (ସୁରଙ୍ଗ=ସୁଡ଼ଙ୍ଗ, ବବର+ଯୁକ୍ ଧାତୁ+କର୍ତ୍ତୃ. ଦ୍ୟୁତ; ସୁରଙ୍ଗଯୁକ୍ ଶବ୍ଦ; ୧ମା, ୧ବ)—ଯେଉଁ ବ୍ୟକ୍ତି ସୁରଙ୍ଗ କା ସିନ୍ଧ କର ଗୃହ ଭରେ; ସିନ୍ଧଚୋର—Surangajuk A thief who steals by boring a tunnel into the house.

ସୁରଙ୍ଗରେ—ବେ. କି. ବଣ—କୌତୁକରେ—Gaily. Surangare (ଉ—ବଢ଼ରେ ଯୁଥପଙ୍କ ଗଠଣ ଉତ୍ସଙ୍ଗେ ସୁରଙ୍ଗେ କୌତୁକସେ ରଣାଙ୍ଗଣେ ସୁରଙ୍ଗରେ । ରଙ୍ଗ. ବୈଦେଘ୍ୟାଶ ବଳାସ ।)

ସୁରଙ୍ଗା—ବି. ବ (ସୁରୁଙ୍ଗ+ଆ)—୧ । ସିନ୍ଧଗାତ (ଦଲାଯୁଧ)—Surangā 1. A hole bored into a house by a house-breaker. ୨ । କୈବର୍ତ୍ତିକା; ଦେଉଚିଆ ମୂଥା (ସ୍ୱଳ୍ପଦର୍ଦ୍ଧୁ)—2. A sort of bulbous grass root.

ସୁରଙ୍ଗି—ଦେ. ବ—ଗଞ୍ଜାମ ଜିଲ୍ଲାର ଜମିଦାରୀ ବିଶେଷ—Name of Surangi an estate in the Ganjam district. ସୁରଙ୍ଗୀ [ଦ୍ର—ଏଥିର ସ୍ୱର୍ଦ୍ଦେ ସ୍ୱରା ଚଳ୍ଲ ଚଳ୍ଲ ଚଳ୍ଲାମଣି ବ୍ରଜଚଳ୍ଲନଦେବ ସୁରଂଗୀ ଜହୁଳ ସାହୁତ୍ୟ ଶେଷରେ ସ୍ମରଣୀୟ ।] ବଣ—ସୁରକ୍ତ (ଦେଖ)—Surakta (See)

ସୁର(ରି)ଙ୍ଗି କମଳା—ବେ. ବ (ଗଞ୍ଜାମର ସୁରଙ୍ଗି ସ୍ୱରାର ନାମାନୁସାରେ)—ଗଞ୍ଜାମ ଓ ବଣାଖାପଟଣାର ସମୁଦ୍ର ତୀରବର୍ତ୍ତୀ ଉଦ୍ୟାନଜାତ ଅଞ୍ଚଳରେ ଉତ୍ପନ୍ନ ହେବା କମଳାଲେମ୍ବୁ—Surа(ri)ngi kamalā A species of deep yellow or reddish orange. [ଦ୍ର—ଏହା ମିଠା ଓ ନାଲ ଅଟେ ।]

ସୁରଙ୍ଗିକା—ବି. ବ (ସୁରଙ୍ଗ+କ+ଆ)—ମୁଙ୍ଗା—Surangikā The bow-string grass.

ସୁରଙ୍ଗୀ—ବି. ବ (ସୁରଙ୍ଗ+ଇନ୍; ୧ମା. ୧ବ)—୧ । କାକନାସ Surangī (ସ୍ୱଳ୍ପଦର୍ଦ୍ଧୁ); କଇଅଁଳାଝୁଡ଼ିଘର ଫଳଯୁକ୍ତ ଲତା—1. Solanum Indicum (plant). ୨ । ରକ୍ତ ଶୋଭାଞ୍ଜନ (ରତ୍ନମାଳା); ନାଲ ସଜନା—2. The red variety of horse-radish. ୩ । ପୁନ୍ନାଗ (ହ. ଶ)—3. Punnāga.

ସୁର ଚଢ଼ା(ଢ଼େ)ଇବା—ବେ. କି—୧ । ଧ୍ୱନିର ଉଚ୍ଚତର କରିବା—Sura chaṛdhā(ṛdhe)ibā 1. To raise the tone.

Digitized by srujanika@gmail.com

ସୁରଚଢ଼ାନ ୨ । ଯନ୍ତ୍ରରୁ ଉପ୍ପାଦେତ ସ୍ୱରକୁ ଉଚ୍ଚତର କରବା— **ସୂରଚଢ଼ାନା** 2. To raise the tune of a musical instrument to a higher pitch. ୩ । ବେଦେଲ୍ଲ ଓ ସୀତାର ଅଦର ତାରକୁ ଠିକ୍ ସ୍ୱରଯୁକ୍ତ କରବା—3. To regulate the tune of a musical instrument; to set a musical instrument to tune.

ସୁର ଗ୍ରପ—ସଂ· ବ—ଇନ୍ଦ୍ରଧନୁ—
Sura chāpa Rainbow.

ସୁରୁଜ୍—ଗ୍ରାଦେ (ଉତ୍ତତ୍ତ୍ୱଗା) ବ—ସୂର୍ଜ୍ୟ—
Suruj The sun.

ସୁରଜଃଫଳ—ସ. ତ (ବହୁବ୍ରୀହି; ସୁରଜସ୍ + ଫଳ)—ପନସ ବୃକ୍ଷ—
Surajah phala The jack fruit tree.

ସୁରଜନୀ—ସ. ବ (ସ୍ + ଉଜ୍ଜନୀ)—୧ । ସୁନ୍ଦର ରାତ୍ରି—
Surajanī 1. A nice night. ୨ । ରାତ୍ରି (ଶବ୍ଦ ଚନ୍ଦ୍ରିକ ।—2. Night.

ସୁର ଜ୍ୟେଷ୍ଠ—ସ. ବ (ଥମୀ ତତ୍; ସୁରମାନଙ୍କ ମଧ୍ୟରେ ଜ୍ୟେଷ୍ଠ)—
Sura jyeshṭha ବ୍ରହ୍ମା (ଅମର)—Brahmā.

ସୁରଞ୍ଜନ—ସ. ବ—ଗୁବାକ ବୃକ୍ଷ (ହିନ୍ତାଣ୍ଡ ଗେଷ)—
Surañjana The areca nut tree.

ସୁରଞ୍ଜିତ—ସ. ବଣ (ସ୍ + ରଞ୍ଜିତ)—ସୁନ୍ଦର ରଙ୍ଗରେ ରଞ୍ଜିତ—
Surañjita Nice coloured; nicely painted.

ସୁରଟ—ଦେ. ବ (ସ୍ୱରଟ୍ ବା ସୌରାଷ୍ଟ୍ର ଦେଶର ନାମରୁ)—ସ୍ୱରଗ୍ରାମୀ
Surața ସ୍ୱରଗ୍ରେଣୀ)—Name of a musical note. [ଦ୍ର—(ସ୍ୱରଟ ମଲ୍ଲାର—ଅନ୍ୟରୂପ) ଏହା ସ୍ୱରଗ୍ରାମର ପ୍ରଥମ ଓ ଦ୍ୱିତୀୟ ସୁରଟି ସୁରଟ ପ୍ରକୃତରେ ଗେୟ, ସପ୍ତସ୍ୱରବଶିଷ୍ଟ ଓ ଏକ ଅଧିକା କୋମଳସ୍ୱରଯୁକ୍ତ ।]

ସୁରତ(ଥ୍)—ବୈଦେ. ବ (ଫା)—୧ । ଗତି; ପ୍ରଣାଳୀ—
Surat(th) 1. Fashion; mode; manner. ୨ । ଦେହର ସୁରତ୍ ତେଜେସ୍ୱୀ ମୃଗଚର୍ଯ୍ୟା—2. The appearance of the body. ୩ । ଅବସ୍ଥା—3. Condition. ୪ । ଆକୃତି—4. Form; shape. ବଣ—୧ । ମିଷ୍ଟ; ମଧୁର—1 Sweet. ୨ । ସୁନ୍ଦର, ମନୋଜ୍ଞ—2. Beautiful. ୩ । କାରଣ—3. By reason of; by means of. ଦେ· କ୍ରି· ବଣ (କରତଥା)—୧ । ଅବଲମ୍ବନ ଓ; ଉତ୍ତ ଭିତ୍ତିରେ—1 On the basis of. ୨ । କାରଣରୁ—2. On account of; owing to.

ସୁରତ୍ ବଦଲା(ଲେ)ଇବା—ଦେ. କ୍ରି—ଅନ୍ୟ ରୂପ ବା ତେଜେସ୍ୱ ଧାରଣ
Surat badalā(le)ibā କରବା—To change one's shape or appearance.

ସୁରତ୍ରେ—ଦେ, କ୍ରି. ବଣ (କରତଥା) କ୍ରି· ବଣ—ସୁରତ୍ (ଦେଶ)
Surat-re Surat (See)

ସୁରତ୍ ହ(ହା)ରାମ—ବୈଦେ. ବଣ (ଫା)—ଯେଉଁ ବ୍ୟକ୍ତ ଦେଖିବାକୁ
Surat-ha(hā)rām ସୁନ୍ଦର କନ୍ତୁ ଅନ୍ତରରେ କ୍ରୂର; ଏଥିରୁ ସୁରତ୍‌ହାରାମ **ସୁରତହରାମ** ପଯ୍ୟୋମୁଖ ସଦୃଶ ଏପରି—
A person who is cruel at heart, but nice in appearance.

ସୁରତ୍‌ହାଲ—ବୈଦେ. ବ (ଫା; ତତ୍ତ୍ୱଥା)—୧ । ମୃତବ୍ୟକ୍ତିର ଦେହର
Surat-hāl ବା ଶବର ଅବସ୍ଥା—1. The condition of a (ସ୍ୱରଥାଲ—ଅନ୍ୟରୂପ) dead body. ୨ । ସ୍ଥାନିକ ସୁରତ୍‌ହାଲ **ସୁରତହାଲ** ତଦନ୍ତ—2. Local investigation; inquest.

ସୁରତ୍‌ହାଲ୍ ରିପୋର୍ଟ୍—ଦେ. ବ (କରତଥା) (ଫା ଓ ଇଂ)—୧ । ମୃତ
Surat-hāl ripoṭ ବ୍ୟକ୍ତିର ଦେହ ସମ୍ବନ୍ଧୀୟ କର ଡାକ୍ତର ବା (ସ୍ୱରଥାଲ୍ ରିପୋର୍ଟ୍—ଅନ୍ୟରୂପ) ପୁଲସ ଯେଉଁ ରିପୋର୍ଟ ଦଅନ୍ତି— ସୁରତହାଲ ରିପୋର୍ଟ **ସୁରତହାଲ ରିପୋର୍ଟ** 1. Inquest report on the condition of a dead body. ୨ । ସ୍ଥାନିକ ତଦନ୍ତ ରିପୋର୍ଟ—2. A report of the result of a local investigation.

ସୁରତ—ସ. ବ (ସ୍ + ରମ୍. ଧାତୁ + ଘଞ୍. ତ)—କନ୍ଦର୍ପନ; ମୈଥୁନ;
Surata ସ୍ତ୍ରୀ ପୁରୁଷ ସଙ୍ଗମ—Copulation; coition. ବଣ, (ସୁରତା—ସ୍ତ୍ରୀ· ବଣ) ସୁଂ (ସ୍ + ରମ୍ ଧାତୁ + କର୍ତ୍ତୃ· ତ)—୧ । ଅତ୍ୟନ୍ତ ଅନୁରକ୍ତ—1. Much attached to; enamoured of, ୨ । ଦୟାଳୁ—2. Kind. ୩ । ଶୂରତ୍ୱ ଅତି କୃପାଳୁ—3. Very merciful. ଦେ· ବଣ— ଶୂରତ୍ୱ (ସ. ଦୁରତ୍ୱ) ଶୂରତ୍ୱ; ବଳଷ୍ଟତା; ବଳବତ୍ତାଦର୍ଶାଏ (ଗୋପୀନାଥ ନଉ)—Strength; might. ବୈଦେ, ବ (ଫା)—ସୁରତ୍ (ଦେଶ)—Surat (See)

ସୁରତ ଖେଦ (ଗ୍ଲାନି)—ସ. ବ (ସ. ଷ· ତତ୍ପୁ; ସୁରତଜନିତ ଖେଦ)—
Surata kheda (glāni) ସୁରତ ଶ୍ରମ (ଦେଖ)—
Surata śrama (See)

ସୁରତ ଗୋପନା—ସ. ବ ଓ ବଣ. ସ୍ତ୍ରୀ—ସୁରତି ଗୋପନା (ଦେଖ)
Surata gopanā Surati gopanā (See)

ସୁରତ ତାଳୀ—ସଂ· ବ· ସ୍ତ୍ରୀ—୧ । ଦୂତୀ (ମେଦନୀ)—1. A
Surata tālī female go-between. ୨ । ଶିରଃସ୍ରକ୍; ଶିରଃସ୍ଥିତ ମାଳା—2. A chaplet for the head.

ସୁରତ ପ୍ରସଙ୍ଗ—ସଂ· ବ—୧ । ରତିକ୍ରିୟା—1. Act of copula-
Surata prasaṅga tion, ୨ । ରତି ସମ୍ବନ୍ଧେ ଗଲ୍ପ—2. Talk about copulation.

ସୁରତ(ତ) ବିଚିତ୍ରା—ସଂ. ବ. ସ୍ତ୍ରୀ (ବହୁବ୍ରୀହି; ସୁରତ ଅର୍ଥେ ବିଚିତ୍ର
Surata(ti) bichitrā ଯାତ୍ରାର; ସୁରତ + ବିଚିତ୍ର + ଆ)— ବହୁପ୍ରକାର ମଧ୍ୟନାୟିକା ମଧ୍ୟରୁ ଏକ ପ୍ରକାର ନାୟିକା; ଯେଉଁ ମଧ୍ୟନାୟିକାଙ୍କ ରତିକ୍ରିୟା ବିଚିତ୍ର ଅର୍ଥେ— A lady or heroine of love stories whose coition is wunderful, [ଦ୍ର— ମଧ୍ୟନାୟିକାଙ୍କ

Digitized by srujanika@gmail.com

ଗୁର ଶ୍ରେଣୀ ଯଥା—ଅରୂଢ଼ଯୌବନା, ପ୍ରଗଲ୍ଭବଚନା, ଦୀପ୍ତଯୌବନା ଓ ସୁରତବିଚକ୍ଷଣା—ହେ. ଶ ।] ସଂ. ବ୍ରୀ. ସ୍ତ୍ରୀ—ବିଚିତ୍ର ରତ୍ନକ୍ରୀଡ଼ାକାରିଣୀ (ସ୍ତ୍ରୀ)—(a woman) Of wonderful coition.

ସୁର ତରଙ୍ଗିଣୀ—ସଂ. ବ (ଷଷ୍ଠୀ ତତ୍ପୁ)—ଗଙ୍ଗା ନଦୀ—Sura taraṅgiṇī The river Ganges.

ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକକୁ ଦିଆଯିବା ନାମ—A name given to females.

ସୁର ତରୁ—ସଂ. ବ—୧ । ନନ୍ଦନ କାନନର ତରୁ—1. A tree of the heaven. (ଉ—ଗଙ୍ଗ ଦୋଇ ସୁରତରୁ ଲୁମ୍ବ ବାଞ୍ଛିଲ୍ଲ ରେ । କବିସମ୍ରାଟ୍. କଶୋସ୍ତବଷଟ୍ପଦୀଗୀତ ।) [ଦ୍ର—କଲ୍ପତରୁ, ମନ୍ଦାର, ପାରିଜାତ, ହରିଚନ୍ଦନ, ଏମାନେ ନନ୍ଦନ କାନନର ତରୁ ଅଟନ୍ତି ।] ୨। ସ୍ୱର୍ଗର କଲ୍ପତରୁ—2. The wish-bearing tree of the heaven. ୩। ସୁନ୍ଦାଗ– 3. Mast wood; Calophyllum Inophyllum. (ଉ—ସୁରତରୁ ଲୁଞ୍ଜେ ମଞ୍ଜୁଳ ମୋର ମୈବେଦ୍ୟ ବ । ସ୍ୱଧାନାଥ. ଚନ୍ଦ୍ରଭାଗା ।)

ସୁରତ ଶ୍ରମ—ସଂ. ବ (ମ. ଯ. ତତ୍ପୁ; ସୁରତଜନିତ ଶ୍ରମ)—ରମଣଜନିତ ପରିଶ୍ରମ—Surata śrama ରତିଶ୍ରମ—Exertion due to cohabitation.

ସୁରତ ସୁଖ—ସଂ. ବ (ମ. ଯ. ତତ୍ପୁ; ସୁରତଜନିତ ସୁଖ)—ରମ୍ଭଜନିତ ଆନନ୍ଦ—Surata sukha ଅନନ୍ଦ—Pleasure derived from coition.

ସୁରତ ସ୍ୱେଦ—ସଂ. ବ (ମ. ଯ. ତତ୍ପୁ; ସୁରତଜନିତ ସ୍ୱେଦ)—ରତିଶ୍ରମ Surata sweda ଜନିତ ଘର୍ମ—Perspiration due to the strain of cohabitation.

ସୁରତା—ସଂ. ବିଶ. ସ୍ତ୍ରୀ (ସୁରତ+ଅ)—ସୁରତର ସ୍ତ୍ରୀଲିଙ୍ଗ—Suratā Feminine of Surata. ବ—୧ । (ସୁର+ତ୍ୱାର୍ଥେ. ତା) ଦେବତ୍ୱ (ମେଦନୀ)—1. Divinity. ୨ । (+ସମୂହାର୍ଥେ. ତା) ସୁର ବା ଦେବସମୂହ—2. A gathering of the gods.

ସୁରତ (ତୁ)ଙ୍ଗ—ସଂ. ବ—ସୁନ୍ଦ ସୁନାଗ (ରାଜନିର୍ଘଣ୍ଟୁ) (ଦେଖ) Suratā(tu)ṅga Surapunnāga (See)

ସୁରତାନ୍ତ—ସଂ. ବ (ଷଷ୍ଠୀ ତତ୍ପୁ; ସୁରତ+ଅନ୍ତ) ରତିର ଶେଷ—Suratānta The end of coition.

ସୁରତି—ସ. ବ (ସୁ+ଉତ୍. ଧାତୁ=ରମଣ କରିବା+ଭିବ. ତି)—Surati ରତି; ସୁରତ; ମୈଥୁନ—Copulation. ବୈଦେ. ବ—ସୁରତି ସୃତି (ଦେଖ)—Surti (See) ଦେ. ବ—ସୁରୁତି (ଦେଖ) Suruti (See).

ସୁରତି ଗୋପନା—ସ. ବ ଓ ବିଶ (ସ୍ତ୍ରୀ)—ଯେଉଁ ନାୟିକା ନାୟକ ସହିତ କୃତ ରତିକ୍ରୀଡ଼ା ବିଷୟ ଅନ୍ୟ ସଖୀମାନଙ୍କଠାରୁ ଲୁଚାଏ (ହେ, ଶ)—Surati gopanā A woman who conceals the fact of her amorous dalliance from her companions.

ସୁର ତୋଷକ—ସଂ. ବିଶ—ଦେବତାମାନଙ୍କ ପ୍ରୀତିକାରକ—Sura toshaka Pleasing to the gods.

(ସୁରତୋଷିକା—ସ୍ତ୍ରୀ) ବ—ବୈଷ୍ଣବମଣି (ଶବ୍ଦ ରତ୍ନାବଳୀ)—The gem worn by Bishṇu.

ସୁରତ୍ନ—ସ. ବ—୧ । ଉତ୍ତମ ରତ୍ନ—1. Excellent gem. Suratna ୨ । ସୁନା (ହେ. ଶ)—2. Gold. ୩। ମାଣିକ୍ୟ (ହେ. ଶ)—3. Ruby. ବିଶ—୧ । ସର୍ବଶ୍ରେଷ୍ଠ (ହେ. ଶ)—1. Superior to all others. ୨ । ଉତ୍ତମ ରତ୍ନଯୁକ୍ତ—2. Having good gems.

ସୁରଥ—ସଂ. ବ (ସୁ ଅତ୍ୟନ୍ତ ଉତ୍ତମ ରଥ ଯାହାର)—୧ । ବୈଦିକ ସମୟର ରାଜବଂଶୀୟ ରାଜା—1. Name of a king of the Lunar dynasty. [ଦ୍ର—ଚନ୍ଦ୍ରଙ୍କ ଔରସରେ ସ୍ୱରୁଥହୀ ଭାର୍ଯ୍ୟାଙ୍କ ଗର୍ଭରୁ ବୁଧ ଜନ୍ମିଥିଲେ । ବୁଧଙ୍କଠାରୁ ବୈନ୍ୟ ଓ ବୈନ୍ୟଙ୍କଠାରୁ ସୁରଥ ଜନ୍ମିଥିଲେ । ଏ ଶତ୍ରୁମାନଙ୍କ ଦ୍ୱାରା ସ୍ୱକୀୟଭ୍ରଷ୍ଟ ହୋଇ ତପୋବନକୁ ଗଲେ । ସେଠାରେ ମେଧିସ ମୁନିଙ୍କୁ ବୈଶ୍ୟ (ସମାଧି ନାମକ)କୁ ତେଣ୍ଟ ମେଧା ନାମକ ମୁନିଙ୍କଠାରୁ ସଂସାରର ମହାମାୟା ବା ଦୁର୍ଗାଙ୍କ ବୃତ୍ତାନ୍ତ ଓ ଦେବୀଙ୍କ କୃତ୍ରିମ ମହତ୍ତାପୁର, ରକ୍ତବୀଜ, ଶୁମ୍ଭ, ନିଶୁମ୍ଭ ଆଦି ରାକ୍ଷସମାନଙ୍କ ବଧର ବିବରଣ ଶୁଣି ପୃଥିବୀରେ ପ୍ରଥମେ ମୃତ୍ତିକାମୟୀ ପ୍ରତିମାସ୍ଥାପନ କରି ଶାରଦୀୟା ଦୁର୍ଗାପୂଜା ଅରମ୍ଭ କଲେ ଏବଂ ଦେବୀଙ୍କ ବରରେ ନଷ୍ଟରାଜ୍ୟ ପ୍ରାପ୍ତ ହୋଇ ଦେହାନ୍ତେ ସ୍ୱର୍ଗକୁ ଗଲେ । ଏ ସରଜନ୍ମରେ ସାବର୍ଣ୍ଣି ମନୁରୂପେ ଜାତ ହେଲେ । (ମାର୍କଣ୍ଡେୟ ସ୍ୱରୋତ୍ପନ୍ନ ଦେବୀ. ମହାତ୍ମ୍ୟ ବା ଚଣ୍ଡୀରେ ଏବଂ ବ୍ରହ୍ମବୈବର୍ତ୍ତ ପୁରାଣର ପ୍ରକୃତି ଖଣ୍ଡରେ ଏ ବିଷୟ ବର୍ଣ୍ଣିତ ହୋଇଅଛି) ।

ସୁରଥଙ୍କ ପୁତ୍ର ଜୟଦ୍ରଥଙ୍କ ଜନ୍ମକାଳରେ ଦୈବବାଣୀ ହୋଇଥିଲା ଯେ, ନବଜାତ କୁମାର ଗୁଣୀ ଓ ଶତ୍ରୁଘ୍ନ ହେବ । ତାହା ଶୁଣି ସୁରଥ କହିଥିଲେ, 'ଯେ ଜୟଦ୍ରଥଙ୍କ ମୁଣ୍ଡ କାଟି ଭୂତଳରେ ପକାଇ ଦେବ, ତାର ଶିର ଶତଧା ଛିନ୍ନ ହେବ, ଭଗବାନ ଶ୍ରୀକୃଷ୍ଣଙ୍କର ଆଦେଶ ଅନୁସାରେ ମହାଯୁଦ୍ଧରେ ଅର୍ଜୁନ ଜୟଦ୍ରଥଙ୍କର ମୁଣ୍ଡ କାଟି ଅର୍ଦ୍ଧ ଦେବାକାଶରେ ସୁରଥଙ୍କ ଅଞ୍ଜଳରେ ତାହାକୁ ପକାଇ ଦେଲେ । ସୁରଥଙ୍କ ହାତରୁ ଜୟଦ୍ରଥଙ୍କ ମୁଣ୍ଡ ଭୂତଳରେ ଖସି ପଡ଼ିବାରୁ ସୁରଥଙ୍କ ମୁଣ୍ଡ ଶତଧା ଛିନ୍ନ ହୋଇଗଲା; ଯଥା—

ସୁରଥ ଥିଲ ତପସ୍ୟାରେ
ତା ପୁତ୍ର ମୁଣ୍ଡ ନେଇ କରେ
କଥନ୍ତେ ନାଶ ତାକୁ କଲେ
ଦୁଇନ୍ତ କର୍ମ ତେ ବୋଇଲେ ।
ପାଣ୍ଡୀ. ପୂର୍ଣ୍ଣତମ ତତ୍ତ୍ୱାବସ୍ୱ ।]

୨ । (ନାମ) ଦ୍ରୁପଦଙ୍କ ଏକପୁତ୍ର (ହେ. ଶ)—2. Name of a son of Drupada. ୩ । (ନାମ) ଜୟଦ୍ରଥଙ୍କ

ଏକ ପୁତ୍ର (ହି. ଶ)—3. Name of a son of Jayadratha. ୪। ଜନମେଜୟଙ୍କ ଏକ ପୁତ୍ର (ହି.ଶ)—4. Name of a son of Janamejaya ୫। (ନାମ) ରମଲପୁରର ରାଜା ହଂସଧ୍ୱଜଙ୍କ ପୁତ୍ର—5. Name of the son of Rajā Hamsadhwaja. ବିଶ—ସୁନ୍ଦର ରଥ ବିଶିଷ୍ଟ—Having a nice car.

ସୁର ଦାରୁ—ସଂ. ବ (ଶୁଦ୍ଧା ତତ୍)—ଦେବଦାରୁ (ରହସାଲା)—Sura dāru The pine or cedar.

ସୁର ଦାସ—ଦେ. ବ—୧। ଅନ୍ଧ—1. Blind man. ୨। କିଶା—Sura dāsa 2. One-eyed person. ୩। (ନାମ) ପ୍ରସିଦ୍ଧ ସୁରଦାସ ସ୍ୱର୍ଗୀୟ ହିନ୍ଦୀ କବି—3. Name of a celebrated ସୁର ଦାସ Hindi poet. [ବୃ—ଏ ହିନ୍ଦୀ ଜଗତ୍‌ବିଖ୍ୟାତ ସିଦ୍ଧ ନାମକ ଗ୍ରାମରେ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ । ଏ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର କବି । ଉତ୍ତର ଶେଷ ସ୍ୱାଧୀନ ସମ୍ରାଟ ପୃଥ୍ୱୀରାଜଙ୍କ ରାଜସଭାର କବି 'ଚନ୍ଦ'ଙ୍କର ଏ ବଂଶଧର ଥିଲେ । ଏ ବାଲ୍ୟକାଳରେ ଯମୁନା ତୀରବର୍ତ୍ତୀ ଗୌଘାଟ ଗ୍ରାମରେ ଥିବା ମାଉଲାଳସ୍ଥରେ ରହି ସଂସ୍କୃତ ଓ ପାରସୀ-ଭାଷାରେ ପାଣ୍ଡିତ୍ୟ ଲାଭ କରିଥିଲେ । ଏହାଙ୍କ ପିତାଙ୍କ ନାମ ରାମଚନ୍ଦ୍ର । ଏହାଙ୍କର ଆଉ ଛଅ ଭାଇ ଥିଲେ ଓ ସେମାନେ ତତ୍କାଳୀନ ଦିଲ୍ଲୀର ମ୍ଲେଚ୍ଛାଦଶୀୟ ମୁସଲମାନ୍ ସମ୍ରାଟଙ୍କ ଅଧୀନ ସୈନିକ କର୍ମ କରି ବାବରଙ୍କ ସହ ଯୁଦ୍ଧରେ ହତ ହୋଇଥିଲେ । ଏ ସଂବାଦଟି ଥିଲେ ଓ ଅନ୍ଧ ଥିବାରୁ ସୈନ୍ୟ ବିଭାଗରେ ପଶି ପାରି ନ ଥିଲେ । ଏହାଙ୍କର ଅନ୍ୟ ନାମ ସୂର୍ଯ୍ୟଦାସ, ସୂରଦାସ, ସୂରଶ୍ୟାମ, ସୂର୍ଯ୍ୟଚନ୍ଦ୍ର । ଏ ଜନ୍ମାନ୍ଧ ନ ଥିଲେ । ପିଲାଦିନୁଁ ଏ ଧର୍ମାନୁରାଗୀ ଥିଲେ ଓ ପ୍ରଭୁଦର୍ଶନାର୍ଥ ଗୋଟିଏ ଦେଉଳକୁ ଅସି ସେଠାରେ ଗୋଟିଏ ସୁନ୍ଦର ଯୁବତୀ ଶ୍ରେଣୀଙ୍କୁ ଦେଖି ତାହାଙ୍କ ରୂପରେ ମୁଗ୍ଧ ହେଲେ ଓ ସେ ଶ୍ରେଣୀ ମଧ୍ୟ ଏହାଙ୍କ ରୂପରେ ମୁଗ୍ଧା ହେଲେ । ଏହି ସମୟରେ ସେ ଶ୍ରେଣୀ ଏହାଙ୍କ ନିକଟକୁ ଅସି ଠିଆ ହେବା ସମୟରେ ଦେଖିଲେ ଯେ, ଦେବ ପ୍ରତିମା ଜଳି ଯାଉଅଛନ୍ତି । ଏହା ଦେଖି ସେ ଶ୍ରେଣୀ ସେଠାରୁ ପଳାଇଲେ ଓ ସୂରଦାସ ତାଙ୍କ ପଛରେ 'ଗୋଟିଏ ମାତ୍ର ଇଚ୍ଛା' ଏହି ବାକ୍ୟ ଚିତ୍କାର କରି କରି ଗୋଡ଼ାଇଲେ । ଯାହା ଯାହା ସ୍ତ୍ରୀଙ୍ଗ ଅରଣ୍ୟ ମଧ୍ୟରେ ସପ୍ତ ଶୃଙ୍ଗରେ ଅଗ୍ନି ଜଳୁଥିବା ଦେଖି ସେ ଶ୍ରେଣୀ ଠିଆ ହେଲେ ଓ ସୂରଦାସ 'ଗୋଟିଏ ମାତ୍ର ଇଚ୍ଛା' ଏହି ବାକ୍ୟ ଚେଚାଇ କରି ତାଙ୍କ ନିକଟରେ ପହଞ୍ଚିଲେ । ସେ ଶ୍ରେଣୀ ତାଙ୍କୁ ପଚାରିଲେ 'କ ଇଚ୍ଛା ମାଗୁଛ ?' ସୂରଦାସ କହିଲେ 'ଏ ଚକ୍ଷୁ ମୋର ପରମ ଶତ୍ରୁ; ତୁମେ କୃପା ଆଣି ମୋର ଏହି ଅକ୍ଷି ଦଉଟିକୁ ଫୁଟାଇ ଦିଅ, ମୁଁ ଏହି ଇଚ୍ଛା ମାଗୁଅଛି ।' ସେ ଶ୍ରେଣୀ ନିକଟବର୍ତ୍ତୀ ଜଙ୍ଗଲରୁ କଣ୍ଟା ଆଣି ସୂରଦାସଙ୍କ ଆଖି ଦଉଟି ଫୁଟାଇ ଦେଲେ ଓ ସେହିଦିନୁ ସେ ଅନ୍ଧ ହେଲେ । ସୂର ଦାସ ଅନ୍ଧ ଥିବା ବିଷୟ ଶ୍ରବଣପ୍ରତିବନ୍ଧ ଥିବାରୁ ସୂରଦାସ ଓଡ଼ିଶାରେ ମଧ୍ୟ ଅନ୍ଧ ଗାୟକ, ଉତ୍କଳ ଓ ସାଧୁମାନଙ୍କୁ ଲୋକେ ସୂରଦାସ ନାମରେ ଡାକନ୍ତି । ଜଗୋପବନ୍ଧୁଙ୍କ ମଧ୍ୟ 'ତୁ ଅନ୍ଧ, ନୋ ସୂରଦାସ ?' ବୋଲି ଲୋକେ କହୁଥାଆନ୍ତି । ତାଙ୍କର ପ୍ରସିଦ୍ଧ ଗ୍ରନ୍ଥ ସୂରସାଗର ବା ସୂରସାଗ୍-ବଲୀରେ ହିନ୍ଦୁ ଭାଷାରେ ଶ୍ରୀକୃଷ୍ଣଙ୍କ କଥା ପଦ୍ୟରେ ବର୍ଣ୍ଣିତ ହୋଇଅଛି । ଏ ଗ୍ରନ୍ଥକୁ ସେ ୬୨ ବର୍ଷ ବୟସରେ ସମାପ୍ତ କରିଥିଲେ । ଏହା ଛଡ଼ା ସାହିତ୍ୟଲହରୀ ନାମକ ଶତ୍ରୁ ଏ ଗ୍ରନ୍ଥ ସେ ୧୫୧୭ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ । ହିନ୍ଦୀ-ଭାଷାରେ କବିଙ୍କ ମଧ୍ୟରେ ତାଙ୍କୁ ସୂର୍ଯ୍ୟ ଓ ତୁଳସୀଦାସଙ୍କୁ ଚନ୍ଦ୍ରଙ୍କ ସଙ୍ଗେ ତୁଳନା କରିପାଏ । ତାଙ୍କ କବିତାରେ ସମ୍ରାଟ ଅକବର ମୁଗ୍ଧ ହୋଇ ତାଙ୍କୁ 'ମନ୍‌ସବ୍' (ପାପିତ ୭୦୦ ଟଙ୍କାର ବୃତ୍ତି) ଦେଇଥିଲେ ଓ ଉକ୍ତ ଧନ ସେ ଗରିବ, ଦୁଃଖୀଙ୍କୁ ବଣ୍ଟନ କରିଥିଲେ । ତାଙ୍କର କବିତାରେ ଆବାଲବୃଦ୍ଧବନିତା ସମସ୍ତେ ମୁଗ୍ଧ । ଓଡ଼ିଶାରେ ଓ ବଙ୍ଗ ଦେଶରେ ତାଙ୍କର କେତେଗୋଟି ହିନ୍ଦୀ ସଙ୍ଗୀତ ଗାୟକ-ମାନେ ଗାଇଥାନ୍ତି ।

[ରସଚନ୍ଦ୍ର ପତ୍ରିକାରୁ ଉଦ୍ଧୃତ]

୪। ଶ୍ରୀ ଗୋଇଙ୍କର ଗୁରୁଦତ୍ତ ନାମ—4. The name given to Bhīma Bhoi by his preceptor. [ଦ୍ର—ଶ୍ରୀମତ୍ତୋଇ ରେଢ଼ାଖୋଲ ସବ୍‌ଜୀର ଅନ୍ତର୍ଗତ ଗ୍ରାମଡିହ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସେ ଜାତିରେ କନ୍ଧ ଓ ଜନ୍ମରୁ ଅନ୍ଧ ଥିଲେ । ଗୁରୁ ମହିମାଗୋସାଇଁଙ୍କ ଅନୁଗ୍ରହରୁ ତାଙ୍କ ଚକ୍ଷୁ ଦେଖାଗଲା । ସେ ମହିମାଗୋସାଇଁଙ୍କଠାରୁ ମହିମାଧର୍ମର ଉପଦେଶ ଗ୍ରହଣ କରିଥିଲେ ଏବଂ ଗୁରୁଙ୍କ ଦୟାରେ ଶ୍ରୀମନ୍ଦିରରେ ଅଲୌକିକ ଜ୍ୟୋତିଃ ପ୍ରକାଶ ପାଇଲା । ସ୍ତୁତି ଚନ୍ଦ୍ରାମଣି, ବ୍ରହ୍ମନିରୂପଣ, ଶ୍ରୁତିନିଃଶେଷ ନିର୍ବେଦସାଧନା ପ୍ରଭୃତି ଗ୍ରନ୍ଥ ତାଙ୍କ ରଚିତ । ତାହାଙ୍କ ଭଜନ ଓ ଜଣାଣମାନଙ୍କରେ ମହିମାଧର୍ମ ଓ ମହିମାଗୋସାଇଁଙ୍କ ଲୀଳା-ବତରଣ ପ୍ରଥମେ ପ୍ରକାଶିତ ହୋଇଥିଲା । ଶ୍ରୀ ଗୋଇ କେତେକ ଦିନ ରେଢ଼ାଖୋଲରେ ରହି ଉତ୍ତରେ ସେ ସ୍ଥାନ ତ୍ୟାଗ କରି ସୁନୁପୁର (ସୋନପୁର) ଅନ୍ତର୍ଗତ ଖଲଅଥାଲ ଗ୍ରାମରେ ଗୋଟିଏ ମଠ ନିର୍ମାଣ କରାଇ ଗୃହସ୍ଥାଶ୍ରମୀ ହୋଇ ରହିଥିଲେ । ସେ ଅଞ୍ଚଳର ସାଧାରଣ ଲୋକେ ଶ୍ରୀ ଗୋଇଙ୍କୁ ମହାପୁରୁଷ ଜ୍ଞାନ କରି ତାହାଙ୍କଠାରୁ ଧର୍ମ ଉପଦେଶ ଗ୍ରହଣ କରି ତାଙ୍କ ସେବା ପୂଜାରେ ରତ ରହୁଥିଲେ । ସେହି ମଠରେ ଶ୍ରୀ ଗୋଇ ମାନଲୀଳା ସମ୍ବରଣ କରିଥିଲେ । ବର୍ତ୍ତମାନ ସେ ସ୍ଥାନରେ ତାଙ୍କର ଗୋଟିଏ ସମାଧି ମନ୍ଦିର ଓ ମଠ ରହିଅଛି ।

ସହାୟ ଲେଖକ—ଅବଧୂତ ଶ୍ରୀ ବଦ୍ରିନାଥ ବାବା ।]

ସୁର ପାର୍ଥିକା—ସଂ. ବ (ଶୁଦ୍ଧା ତତ୍)—ମନ୍ଦାକିନୀ; ସ୍ୱର୍ଗଗା (ଅମର)—Sura dirghikā The Ganges said to flow in the heaven.

Digitized by srujanika@gmail.com

ସୁର ଦୁନ୍ଦୁଭି—ସଂ. ଦ—୧ । ଦେବତାମାନଙ୍କ ଦୁନ୍ଦୁଭି ବାଦ୍ୟ—Sura dundubhi 1. The trumpet of the gods. ୨ । ତୁଳସୀଗଛ (ବ୍ରଜନର୍ଘଣ୍ଟ)—2. The holy Basil plant.

ସୁରଦ୍ୱିଟ୍—ସଂ. ବଶ. ତ୍ରି (ସୁର+ଦ୍ୱିଷ୍ ଧାତୁ=ହିଂସା କରିବା+କ୍ୱିପ୍ Suradwiṭ ଜୁଡ଼ି. ଦ୍ୱିଷ୍; ସୁରଦ୍ୱିଟ୍; ୧ମା. ୧ବ)—ଦେବଦ୍ୱେଷୀ—Malignant to the gods. ଦ୍ୱି. ତ୍ରି—୧ । ଅସୁର—1. Demon. ୨ । ଦେବ ଶତ୍ରୁ—2. Enemy of the gods.

ସୁର ଦ୍ୱିପ—ସଂ. ବ (୬ଷ୍ଠୀ ତତ୍) —ଦେବହସ୍ତୀ; ଐରାବତ (ଶବ୍ଦ-କଳ୍ପଦ୍ରୁମ)—Sura dwipa The elephant of Indra.

ସୁର ଦ୍ରୁମ—ସଂ. ବ—୧ । ସୁରତରୁ (ଦେଖ)—1. Surataru Suradruma (See). ୨ । ଦେବଦାରୁ (ବ୍ରଜନର୍ଘଣ୍ଟ)—2. Name of a reed plant.

ସୁର ଧନୁଃ(ଧ୍ୱଜ, କେତୁ)—ସଂ. ବ (୬ଷ୍ଠୀ ତତ୍)—ଇନ୍ଦ୍ରଧନୁ—Sura dhanuḥ(dhwaja, ketu) Rainbow. [ସୁରଧନୁ—ଦେ. ରୂପ]

ସୁର ଧାମ(ନଗର)—ସଂ, ବ (ସୁରଧାମନ୍; ୬ଷ୍ଠୀ ତତ୍)—ଦେବଲୋକ; ସ୍ୱର୍ଗ—Sura dhāma(nagara) Heaven.

ସୁର ଧୁନୀ(ନଦୀ, ନିମ୍ନଗା)—ସଂ. ବ (୬ଷ୍ଠୀ ତତ୍; ସୁର=ଦେବତା+ଧୁନୀ=ନଦୀ)—୧ । ଗଙ୍ଗାନଦୀ—1. The river Ganges, ୨ । ସ୍ୱର୍ଗଗଙ୍ଗା—2. The Ganges said to flow in heaven.

ସୁର ଧୂପ—ସଂ. ବ—ରାଳ (ବ୍ରଜନର୍ଘଣ୍ଟ); ଧୂନା—Sura dhūpa Resin.

ସୁର ଧେନୁ—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍) —କାମଧେନୁ—The Sura dhenu mythological cow granting whatever is desired.

ସୁର ନଦୀ—ସଂ. ବ (ନାମ)—ନଦୀବିଶେଷ (ଶବ୍ଦଚନ୍ଦ୍ରାବଳୀ)—Sura nadī Name of a river.

ସୁର ନାଥ(ନାୟକ)—ସଂ. ବ (୬ଷ୍ଠୀ ତତ୍)—ଇନ୍ଦ୍ର—Sura nātha(nāyaka) Indra.

ସୁରନାଳ—ସଂ. ବ—ଦେବନାଳ (ବ୍ରଜନର୍ଘଣ୍ଟ)—Suranāla Name of a reed plant.

ସୁରନିର୍ଗନ୍ଧ—ସଂ. ବ—ତମକ (ବ୍ରଜନର୍ଘଣ୍ଟ); ତେଜପତ୍ର—Suranirgandha Cassia leaf.

ସୁର ନିଳୟ—ସଂ. ବ (୬ଷ୍ଠୀ ତତ୍; ଦେବତାମାନଙ୍କ ବାସସ୍ଥାନ)—Sura nilaya ସୁମେରୁ ପର୍ବତ—The mythological Sumeru mountain.

ସୁରପ୍—ଧାତୁ (ଲଟଅ) ବ ଓ ବଶ—ଘୋଷ; ଘାଣ୍ଟିକରି କରତଳରେ ସମାଇବା ବସ୍ତୁର ମୁଣ୍ଡି ପରିମାଣ—Surap One handful (of any thing). [ଯଥା—ସୁରପେ ଗଦଲ୍ ।]

ସୁର ପତି—ସଂ. ବ (୬ଷ୍ଠୀ ତତ୍) —ଦେବଶ୍ରେଷ୍ଠ; ଇନ୍ଦ୍ର (ଅମର)—Sura pati Indra.

ସୁରପତ୍ରୀ(ର୍ଣ୍ଣୀ)—ସଂ. ବ (ବୈଦ୍ୟକ)—ସୁଗନ୍ଧଯୁକ୍ତ ଶାକବିଶେଷ—Surapatrī(rṇṇa) A sweet-smelling herb. ଅନ୍ୟ ସଂ. ନାମ—ଦେବପର୍ଣ୍ଣୀ, ସୁରପର୍ଣ୍ଣୀ, ସୁଗନ୍ଧକ, ମାଚିପତ୍ର, ଶୂକ୍ଷ୍ମପତ୍ର, ଦେବାର୍ହ, ଗନ୍ଧପତ୍ରକ [ଦ୍ର—ଏହା ବହୁତ, ଛୋଟ, ପାଚକ, ବର୍ତ୍ତିକର, ବାଳରୋଗରେ ହିତକର; କୃମି, ଶ୍ୱାସ, କଫ, କାଶ ଓ ବାୟୁ-ନାଶକ ।]

ସୁରପର୍ଣ୍ଣିକ—ସଂ. ବ—ସୁରପୁନ୍ନାଗ (ବ୍ରଜନର୍ଘଣ୍ଟ); ଚୁଇଅଜା—Suraparṇṇika A sweet-scented flowering tree Ochrocarpus Longifolinus

ସୁରପର୍ଣ୍ଣିକା—ସଂ. ବ—ପୁନ୍ନାଗ (ହେମଚନ୍ଦ୍ର) (ଦେଖ)—Suraparṇṇikā Punnāga (See)

ସୁରପା—ଧାତୁ (ଲଟଅ) ଭ—ପୋଡ଼ିବା—One draught (o Surapā drinkable food). [ଦ୍ର—ସଂଗନା ଭୁକ୍ ସୁରପା ବ—ଲଟଅ ପ୍ରତ୍ୟୟ ।]

ସୁର ପାଦପ—ସଂ. ବ—ସୁରତରୁ (ଦେଖ)—Sura pādapa Surataru (See)

ସୁରପୁନ୍ନାଗ—ସଂ. ବ—ଚୁଇଅଜା ଗଛ—Ochrocarpus Longifolinus. [ଦ୍ର—ଏହାର ଗୁଣ ଅନ୍ୟ ସଂ. ନାମ—ସୁରପର୍ଣ୍ଣିକ, ପୁନ୍ନାଗବଦ୍ଧ, ଏହି ଗଛ ପୁନ୍ନାଗ ନମେରୁ, ସୁରେଷ୍ଟ, ସୁରଟାଙ୍ଗ ଜାଗପୁ, କନ୍ଥ ପୁନ୍ନାଗ ଅପେକ୍ଷା ଛୋଟ। ସୁଲତାନିଚାଁପା ଓ ସରୁ; ଫୁଲ ଧଳା ଓ ଗନ୍ଧ ଯାଉଁଥିଅ ସୁଲତାନଚାଁପା ଓ ବଡ଼ ଟେଙ୍ଗପୁଲ୍ । ସଭ୍ୟବାପ୍ପା ଗୋଟିନାଥଙ୍କ ମନ୍ଦିର ସଂଲଗ୍ନ ବକୁଳବନରେ ଏ ଗଛ ଅନେକ ମନକୁ ଛୁଟିଅଛି ।]

ସୁର ପୁର(ପୁରୀ)—ସଂ. ବ—ଅମରାବତୀ; ଇନ୍ଦ୍ରସ୍ୱର୍ଗ—Sura pura(purī) The capital of the gods in heaven.

ସୁର ପୁରୋଧା—ସଂ. ବ (୬ଷ୍ଠୀ ତତ୍)—ବୃହସ୍ପତି; ସୁରଗୁରୁ—Sura purodhā Bṛuhaspati, the preceptor of the gods.

ସୁର ପ୍ରିୟ—ସଂ. ବଶ (ପୁଂ)—୧ । ଦେବତାମାନଙ୍କ ପ୍ରିୟ—1. Loved Sura priya by the gods. ୨। ଯେ ଦେବତାମାନଙ୍କୁ ସ୍ନେହ [ସୁରପ୍ରିୟା – ସ୍ତ୍ରୀ] କରେ—2. Fond of the gods. ବ—୧ । ଅଗସ୍ତ୍ୟବୃକ୍ଷ (ବ୍ରଜନର୍ଘଣ୍ଟ)—2. Sesbania Grandiflora. ୨ । ଭାରାବତ୍ତ—2. Cubeb pepper. ୩ । ଇନ୍ଦ୍ର—3. Indra. ୪ । ବୃହସ୍ପତି—4. The preceptor of the gods.

ସୁରପ୍ରିୟା—ସଂ. ବଶ. ସ୍ତ୍ରୀ—ସୁରପ୍ରିୟର ସ୍ତ୍ରୀଲିଙ୍ଗ—Feminine of Surapriyā Surapriya. ସଂ. ବ. ସ୍ତ୍ରୀ—୧ । ଜାତିପୁଷ୍ପ—1. Long-petalled jasmine, ୨ । ଚମ୍ପାକଦଳୀ (ହି. ଶ)—2. A kind of banana;

ସୁର ବଧୂ(ବନିତା; ଲଳନା) —ସଂ. ବ—ଦେବ ସ୍ତ୍ରୀ—The wife of Sura badhu(banitā, lalanā) one of the gods.

ସୁର ବର—ସଂ. ବ (୬ଷ୍ଠୀ ତତ୍) —ଇନ୍ଦ୍ର—Sura bara Indra,

Digitized by srujanika@gmail.com

ସୁର ବର୍ତ୍ତ୍ମ—ସଂ. ବ (୬ଷ୍ଠୀ ତତ୍)—ଦେବପଥ; ଆକାଶ (ଅମର)—Sura barttma The sky,

ସୁର ବଲ୍ଲଭା—ସଂ. ବ—ଶ୍ୱେତଦୂବ୍ବା (ରତ୍ନନିର୍ଘଣ୍ଟ)—A bleached Sura ballabhā variety of doob grass.

ସୁର ବଲ୍ଲୀ—ସ. ବ—ତୁଳସୀ (ରତ୍ନନିର୍ଘଣ୍ଟ)—

Sura ballī The Holy Basil plant.

ସୁର ବସ୍ତ୍ର—ସ.ବ—ବଲ୍କଲନିର୍ମିତ ବସ୍ତ୍ର—Cloth made of bark; Sura bastra bark used as cloth.

ସୁର ବାରି—ସଂ. ବ—ଗଙ୍ଗା—The Ganges, (ଈ—ଜୁତ ଅମର ଧୌତ ତରଙ୍ଗ, ଯେଣେ ସୁରତ ସୁର ବାରି—ଜଗନ୍ନାଥ ଭ୍ରମରତ ।]

Sura bīthī The milky way.

ସୁର ବୀଥୀ—ସ. ବ—ନକ୍ଷତ୍ରମାର୍ଗ (ହି. ଶ)—

ସୁର ବାଳା—ସ. ବ—୧ । ଦେବବାଳା; ଦେବ ସ୍ତ୍ରୀ—1. Goddess; Sura bāḷā wife of one of the gods. (ସୁରବାଳା—ଦେ. ରୂପ) ୨ । ଅପ୍ସରସ୍—2. Heavenly ସୁରବାଳା सुरबाला nymph. ଦେ. ବ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ସୁର ବୀର—ଦେ.ବର୍ଣ (ସଦ୍ଭରର ଶବ୍ଦ) (ସଂ. ଶୂର=ବୀର)—୧। ବଳୁଆ- Sura bīra 1. Strong. ୨ । ସାହସୀ—2. Brave. ଶୁରବୀର शुरवीर ୩ । ଯେ ନିଜର ବଳ ଦେଖାଏ—3. Displaying one's prowess. ସ, ବ—(୬ଷ୍ଠୀ ତତ୍) ଇନ୍ଦ୍ର (ହି. ଶ)—Indra.

ସୁରବୀର ହେବା—ଦେ. କ୍ରି—୧ । ନିଜର ବଳ ଦେଖାଇ ହେବା—Surabīra hebā 1. To display one's prowess. ସୁରବୀର ହଓୟା सुरवीर होना ୨ । ନିଜର ବଡ଼ାଇଗଡ଼ିଆ ଅସ୍ଫାଳନ କରିବା—2. To boast of one's prowess.

ସୁରବୁଲି—ଦେ. ବ—ସୁରୁବୁଲି (ଦେଖ)

Surabuli Surubuli (See)

ସୁର ବୃକ୍ଷ—ସ. ବ—କଲ୍ପତରୁ (ହି. ଶ)—

Sura bṛuksha The mythological tree of plenty.

ସୁର ବେଶ୍ମ—ସ. ବ (ସୁରବେଶ୍ମନ୍; ୧ମା. ୧ବ)—ସ୍ୱର୍ଗ (ହି. ଶ)—

Sura beśma Heaven.

ସୁର ବୈରୀ(ରିପୁ)—ସ. ବ (୬ଷ୍ଠୀ ତତ୍)—ଅସୁର—

Sura bairī(ripu) Demon.

ସୁରଭି—ସ. ବ (ସୃ+ରଭ୍. ଧାତୁ+କ୍ତିନ୍. ଇ)—୧ । ସୌରଭ; ସୁଗନ୍ଧ (ଅମର)—1. Sweet scent. ୨ । ଚମ୍ପକ (ରତ୍ନନିର୍ଘଣ୍ଟ)—2. The Champaka tree. ୩ । ବସନ୍ତ ଋତୁ (ରତ୍ନନିର୍ଘଣ୍ଟ)—3. The spring season. ୪ । ଜାଟଫଳ ବୃକ୍ଷ (ରତ୍ନନିର୍ଘଣ୍ଟ)—4. The nut-meg tree. ୫ । ଶମୀ ବୃକ୍ଷ (ରତ୍ନନିର୍ଘଣ୍ଟ)—5. The spung tree; Prosopis Spicigera. ୬ । କଦମ୍ବ ବୃକ୍ଷ (ରତ୍ନନିର୍ଘଣ୍ଟ)—6. Neuclea Kadamba. ୭ । କଣ ଗୁଗ୍ଗୁଳ (ରତ୍ନନିର୍ଘଣ୍ଟ)—7. A kind of bdellium. ୮ । ଗନ୍ଧ ତୃଣ (ରତ୍ନନିର୍ଘଣ୍ଟ)—8. Lemon-scented grass. ୯ । ବକୁଳ ବୃକ୍ଷ (ରତ୍ନନିର୍ଘଣ୍ଟ)—9. Bakula tree. ୧୦ । ଧୂଣା; ଗୁଲ (ରତ୍ନନିର୍ଘଣ୍ଟ)—10. Resin, ୧୧। ଚୈତ୍ର ମାସ (ଧରଣୀ) —11. The month of Chaitra. ୧୨ । ଧୀର; ପଣ୍ଡିତ (ଧରଣୀ)—12. A learned man. ୧୩ । ଗନ୍ଧ ଫଳ (ଶବ୍ଦ ରତ୍ନାବଳୀ) (ଦେଖ)—13. Gandha phāḷa (See) ୧୪ । ବବ୍ବର ଚନ୍ଦନ (ବୈଦ୍ୟକ)—14. A species of sandal. ୧୫ । ମୁରା; ମୁରମାଂସୀ (ରେବଗ୍ଗ)—15. Murraya Grofica (Scented; herb). ୧୬ । ଲଣ୍ଡାବଗୁଲ (ଡରେକ୍ଟସ୍ ଦ୍ରବ୍ୟଗୁଣ)—16. A sort of wild sweet Basil plant Ocimum Gratissimm. ୧୭ । ଶଲ୍ଲକୀ (ରେବଗ୍ଗ); ଲୋବାନ୍—17. Olibanum. ୧୮ । ବନମଲ୍ଲିକା (ରତ୍ନନିର୍ଘଣ୍ଟ)—18. Wild jasmine. ୧୯ । ତୁଳସୀ (ରତ୍ନନିର୍ଘଣ୍ଟ)—19. Holy Basil plant. ୨୦ । ଘାଟୀ (ରାଜନିର୍ଘଣ୍ଟ); ଲତା ବିଶେଷ—20. A kind of creeper. ୨୧ । କୁଦ୍ର କଙ୍କା (ରତ୍ନନିର୍ଘଣ୍ଟ)—21. Cock'scomb; Celosia Cristata. ୨୨ । ସ୍ୱର୍ଣ୍ଣ (ଶବ୍ଦରତ୍ନାବଳୀ)—22. Gold. ୨୩ । ଗନ୍ଧାଶ୍ମ (ଶବ୍ଦରତ୍ନାବଳୀ); ଗନ୍ଧକ—23. Sulphur. ୨୪ । ପୃଥିବୀ; ଧରଣୀ—24. The earth. ୨୫ । ଗୋରୁ (ଧରଣୀ)—25. The cow. ୨୬ । ଗୋମାତା; ଗୋରୁମାଳଙ୍କର ଅଦ୍ୟମାତା—26. The progenitress of the cow-kind.

[ଦ୍ର—ସୁରଭି ଦକ୍ଷପ୍ରଜାପତିଙ୍କର ଏକତମା କନ୍ୟା । ମହର୍ଷି କଶ୍ୟପଙ୍କ ସହିତ ଏହାଙ୍କର ବିବାହ ହୋଇଥିଲା ଏବଂ ଏହାଙ୍କ ଗର୍ଭରୁ ପୃଥିବୀର ଯାବତୀୟ ଚତୁଷ୍ପଦ ଜନ୍ତୁ ଜନ୍ମିଥିଲେ । ଏ ସମ୍ବନ୍ଧରେ ବରୁଣାଳୟରେ ବାସ କରୁଥିଲେ । ଏହାଙ୍କ ସ୍ତନରୁ ସବୁଦା କ୍ଷୀରଧାରା ବହୁଥିଲା; ଏହି କ୍ଷୀରଧାରାରୁ କ୍ଷୀରୋଦସାଗରର ନାମକ ସରୋବରର ହୋଇଛି । ଏହି କ୍ଷୀରୋଦସାଗରରୁ ଚନ୍ଦ୍ର, ଲକ୍ଷ୍ମୀ, ଅମୃତ ଓ ପିତୃଗଣଙ୍କ ସ୍ୱଧା ପାନ୍ଥ ଜନ୍ମିଥିଲେ । ଏହାଙ୍କୁ ପୂଜା କରେ ପୃଜକ ସବୁଦାସମ୍ପ୍ରାପ୍ତ ହୁଅନ୍ତି । ଏହାଙ୍କ କନ୍ୟା ଓ ବଶିଷ୍ଠ ଋଷିଙ୍କ ହୋମଧେନୁ ନନ୍ଦାଙ୍କୁ ବଳ୍ୟା ଓ ସୁଦକ୍ଷିଣା ପୂଜା କରି ରଘୁଙ୍କୁ ପୁତ୍ରରୂପେ ପ୍ରାପ୍ତ ହୋଇ ଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣ ପ୍ରକୃତିଖଣ୍ଡରେ ୪୨ ଅଧ୍ୟାୟରେ କାରଦ-ଉପବାନ ସମ୍ବାଦରେ ଲେଖା ଅଛି ଯେ, ବୃନ୍ଦା ଅରଣ୍ୟରେ ଗୋପାଙ୍ଗନାପରିବୃତ ହୋଇ ସ୍ୱୟାନାଥ ସ୍ୱୟଂକାଙ୍କ ସଙ୍ଗେ କ୍ରୀଡ଼ା କରିବାକୁ ପିବା ସମୟରେ ତାଙ୍କର କ୍ଷୀରସାଗ-

Digitized by srujanika@gmail.com

ପ.ର ଇଚ୍ଛା ହେଲ୍ଲ ଏବଂ ଉତ୍ତଙ୍କଙ୍କଠାରୁ ସ୍ୱଧାନାଥଙ୍କ ବାସସ୍ଥାନ୍ତରୁ ସବସ୍ତା ସୁରଭ ଧେନୁଙ୍କର ଅହର୍ଦ୍ଧ ହେଲ୍ଲ । ସ୍ୱଦାସ ନାମକ ଗୋବାଳକ ରହସ୍ୟରେ ଏହାଙ୍କଠାରୁ ଦୁଗ୍ଧ ଦୋହନ କଲେ ଓ ସ୍ୱଧାନାଥ ସେହ କଦୁଷ୍ଣ ଦୁଗ୍ଧ ପାନରେ ତୃପ୍ତି ଲଭ କଲେ । ଦୁଗ୍ଧ ଦୋହନ କାଳରେ ଦୁଗ୍ଧେ ସ୍ପର୍ଶରୁ ଜହୁଳ ପଡ଼ଲ ଓ ତଦ୍ଦ୍ୱାରା ଗୋଲୋକରେ ଶତଯୋଜନ ବିସ୍ତୃତ କ୍ଷୀର ସରୋବରେ ଉତ୍ପନ୍ନ ହେଲ୍ଲ । ଏହା ବୃଦ୍ଧା ଓ ଗୋପୀନାଥଙ୍କର କ୍ରୀଡ଼ା ସରୋବର । ତରେ ଭଗବାନଙ୍କ ଇଚ୍ଛାରେ ସୁରଭଙ୍କ ଲୋମକୂପରୁ ଲକ୍ଷ ଗୋଟ୍ଟ ବାସୁଦେବଙ୍କୁ ଉତ୍ପନ୍ନ ହେଲେ । ପାପାଣ୍ଡା ଅମାବାସ୍ୟାର ପର ଦନ ଓ ମଙ୍ଗାନ୍ତରରେ କୋଜାଗର୍ଯ୍ୟ ବା କୁମାର-ପୂର୍ଣ୍ଣିମା ଦନ ଗୋଅଶ୍ୱକାଶ୍ୱ ବ୍ୟକ୍ତମାନେ ସୁରଭଙ୍କ ପୂଜା କରିବେ—ବ୍ରହ୍ମକୋପ ।]

୨୭ । କାର୍ତ୍ତିକେୟଙ୍କ ମାତୃକା ବିଶେଷ—27. Name of a foster mother of Kārttikeya. ୨୮ । ସୁରା; ମଦ୍ୟ—28. Wine. ୨୯ । ସୁଗନ୍ଧ ଦ୍ରବ୍ୟ (ପ୍ରକୃତବାଦ) —29. A scented article. ୩୦ । ବୀର (ବ୍ରହ୍ମକୋପ)-30. A hero. ୩୧ । ଏଳବାଳୁକ (ବ୍ରହ୍ମକୋପ) ଦେଖ —31. Wolfsbane. ୩୨ । ମହାଭୃଙ୍ଗ ବୃକ୍ଷ (ବ୍ରହ୍ମକୋପ) 32. A kind of achorus root. ୩୩ । ଯଜ୍ଞ ସୁରର ସ୍ଥାପନା ସମୟରେ ପ୍ରଜ୍ୱାଳିତ ଅଗ୍ନି (ହ୍ର. ଶ)— 33. Name of the fire ignited on the occasion of setting a Jajña Jūpa. ବିଶ – ୧ । ସୁଗନ୍ଧ ବିଶିଷ୍ଟ—1. Sweet-scented. ୨ । ପ୍ରିୟ—2. Beloved. ୩ । ବିଦ୍ୱାନ୍; ପଣ୍ଡିତ—3. Learned. ୪ । ମନୋହର—4. Charming. (ଜ୍ର—ବଇଦେଗ୍ଧ ସୁମନା ଏ ସୁମନା ସୁରଭ । ବଇଦେଗ୍ଧ ସୁମନା ସୁମନାଏ ସୁରଭ- ଭଞ୍ଜ. ବୈଦେଗ୍ଧୀଶତ୍ରଳାସ ।) ୫ । ବିଖ୍ୟାତ—5. Famous. ୬ । ଧାର୍ମିକ— 6. Pious. ୭ । ଉତ୍ତମ; ଶ୍ରେଷ୍ଠ (ହ୍ର. ଶ)— 7. Good; excellent. ୮ । ଗୁଣବାନ୍ (ହ୍ର- ଶ)— 8. Endowed with good qualities.

ସୁରଭିକା—ସ୍ତ୍ରୀ. ବ (ସୁରଭ+କ+ଆ)- ସୁଣ୍ଡି କଦଳୀ; ଚମ୍ପା କଦଳୀ Surabhikā (ବ୍ରଜଭଦ୍ଧ)—A species of scented banana.

ସୁରଭିକାନ୍ତା—ସ୍ତ୍ରୀ. ବ – ବାସନ୍ତୀ ପୁଷ୍ପ ବୃକ୍ଷ; ଜଥଳ (ହ୍ର, ଶ)— Surabhikāntā Jasminum Arborescens.

ସୁରଭି ଗନ୍ଧ—ସ୍ତ୍ରୀ. ବିଶ (ବହୁବ୍ରୀ ହ୍ର)—ସୁବାସବଶିଷ୍ଟ—Fragrant, Surabhi gandha ସ୍ତ୍ରୀ. ବ—ତେଜପତ୍ର (ହ୍ର, ଶ)— Cassia Isaf.

ସୁରଭିଗନ୍ଧା—ସ୍ତ୍ରୀ. ବ—ଜାଇଫୁଲ (ହ୍ର. ଶ) (ହନ୍ଦୀ ଚମ୍ବଲ୍ଲି)— Surabhigandhā Catalonian jasmine. ସ୍ତ୍ରୀ. ବିଶ. ସ୍ତ୍ରୀ —ସୁରଭିଗନ୍ଧର ସ୍ତ୍ରୀଲିଙ୍ଗ—Feminine of Surabhigandha.

ସୁରଭି ଗନ୍ଧ —ସ୍ତ୍ରୀ. ବିଶ —ମନୋହର ଗନ୍ଧଯୁକ୍ତ— Surabhi gandhi Fragrant; sweet-scented.

ସୁରଭିଚ୍ଛଦ—ସ୍ତ୍ରୀ, ବ (ବହୁବ୍ରୀ ହ)—ବଯିତ୍ର— Surabhichchhada Wood apple.

ସୁରଭିତ—ସ୍ତ୍ରୀ. ବିଶ (ସୁରଭ+ଇତ; ଅଥବା ସୃ+କର ଧାତୁ=ଭୂଷ୍ଣ Surabhita ଦେବା+କର୍ମ ତ)—୧ । ସୌରଭଯୁକ୍ତ; ସୁଗନ୍ଧ- (ସୁରଭିତା—ସ୍ତ୍ରୀ) ବିଶିଷ୍ଟ—1. Scented; fragrant. ୨ । ପ୍ରସିଦ୍ଧ; ଖ୍ୟାତ—2. Renowned; celebrated.

ସୁରଭି ତନୟ(ପୁତ୍ର)—ସ୍ତ୍ରୀ, ବ. ପୁଂ—ଅଣ୍ଡିଯ ଗୋରୁ; ଷଣ୍ଢ— Surabhi tanaya(putra) Bullock; bull. (ସୁରଭି ତନୟା, ସୁରଭି ପୁତ୍ରୀ—ସ୍ତ୍ରୀ)

ସୁରଭିତା—ସ୍ତ୍ରୀ. ବିଶ. ସ୍ତ୍ରୀ (ସୁରଭିତ+ଆ)—ସୁରଭିତର ସ୍ତ୍ରୀଲିଙ୍ଗ— Surabhitā Feminine of Surabhita. ବ (ସୁରଭି +ଭାବ. ତା)—ସୌରଭ; ସୁଗନ୍ଧ— Scent; fragrance.

ସୁରଭି ତ୍ୱକ୍—ସ୍ତ୍ରୀ. ବ (ସୁରଭି+ତ୍ୱଚ୍; ୬ମା. ୧ବ)—ବୃତ୍ତଦୋଳ; ବଡ଼ ଅଲାଇଚ—Cardamum. Surabhi twak

ସୁରଭି ତ୍ରିଫଳା—ସଂ. ବ—ସୁଗନ୍ଧ ତ୍ରିଫଳା (ବ୍ରଜଭଦ୍ଧ)— Surabhi triphalā Aggregate of 3 scented fruits.

ସୁରଭି ଦାରୁ(ଦାରୁକ)—ସ୍ତ୍ରୀ. ବ—ସରଳ ବୃକ୍ଷ; ଦେବଦାରୁ (ବ୍ରଜ- Surabhi dāru(dāruka) ଭଦ୍ଧ)—The pine tree; Pinus Longifolia.

ସୁରଭି ନିମ୍ବୁ—ସଂ. ବ (ବୈଦ୍ୟକ)—ସୁଗନ୍ଧ ଲେମ୍ବୁବିଶେଷ— Surabhi nimbu A sort of fragrant lemon. ବରସୁଙ୍ଗା [ଜ୍ର—ଏହା ଅମ୍ଲମଧୁର, ତ୍ରିଦୋଷାଘ୍ନ, ହରରିକଟନିମ ରୁଚିକର, ମୃଗର ଦୁର୍ଗନ୍ଧ ନାଶକ, ଜଘ- ସ. ଜାତ୍ରଳମ୍ବୁ ପିତ୍ତ ବର୍ଦ୍ଧକ ଓ ବାୟୁନାଶକ ।] ତେ, ବରବେଶତେଙ୍କ୍ଟ ତା. ବରବେମ୍ବୁ

ସୁରଭିପତ୍ରା—ସ୍ତ୍ରୀ. ବ (ବହୁବ୍ରୀ ହ)—୧ । ଜମ୍ବୁ ବୃକ୍ଷ (ବ୍ରଜଭଦ୍ଧ) — Sruabhipatrā 1. The black berry tree. ୨ । ମଦାଜମ୍ବୁ; ବ୍ରଜଜମ୍ବୁ; ଗୋଲ୍ଲପଜାମୁ (ବୈଦ୍ୟକ) — 2. Rose-berry.

ସୁରଭି ବର—ଦେ. ବ—୧ । ବୃଷର—1. Bull. ୨ । ଜାଇଫଳ Surabhi bara ବୃକ୍ଷ—2. The nutmeg tree. [ଜ୍ର— ସୁରଭିବର ସୁରଭିବର ବସି ସୁରଭଙ୍କରେ ସେ ଅଛ ଶିବ ଦୋଇ । ଭଞ୍ଜ. ବୈଦେଗ୍ଧୀଶ ବିଳାସ ।]

ସୁରଭି ବଲ୍ଲଳ—ସ୍ତ୍ରୀ. ବ (ବହୁବ୍ରୀ ହ)—ଗୁଡ଼ତ୍ୱକ୍; ଡାଲଚନି (ଶବ Surabhi balkala ଦାଲଚିନି)—Cinnamon.

ସୁରଭି ବାଣ—ସ୍ତ୍ରୀ. ବ (ବହୁବ୍ରୀ ହ)—କାମଦେବ (ଶବ ଜଲ୍ପଦ୍ରୁମ)— Surabhi bāṇa Cupid.

ସୁରଭିମଞ୍ଜରୀ—ସ୍ତ୍ରୀ. ବ (ବହୁବ୍ରୀ ହ) —ଶ୍ୱେତ ତୁଳସୀ (ହ୍ର. ଶ)— Surabhi mañjari The white-flowered variety of Holy Basil plant.

Digitized by srujanika@gmail.com

ସୁରଭି ମାସ—ସଂ. ବ – ଚୈତ୍ର ମାସ—
Surabhi māsa The month of Chaitra.

ସୁରଭି ମୁଖ—ସଂ. ବ (୬ଷ୍ଠୀ ତତ୍)—ବସନ୍ତଋତୁର ଆରମ୍ଭ—
Surabhi mukha The beginning of the spring Season.

ସୁରଭି ସମୟ – ସଂ. ବ—ବସନ୍ତ କାଳ—
Surabhi samaya The spring season.

ସୁରଭିସୁରା—ସ. ବ—ଶଣ୍ଢଗା; ଲୋବାନ୍—
Surabhisurā Olibanum.

ସୁରଭୀ—ସ, ବ (ସୁରଭ+ଈ)—୧ । ସୁଗନ୍ଧ; ସୌରଭ (ହି. ଶ)—
Surabhī 1. Fragrance; sweet scent. ୨ । ଗାଈ (ହି ଶ)—2. Cow. ୩ । ଚପିଚକୁ (ହି. ଶ)—3. Cowhage. ୪ । ବଣତୁଳସୀ (ହି. ଶ)—4. The wild Basil plant. ୫ । ରୁଦ୍ରଜଟା (ହି. ଶ) (ଦେଶ)—5. Rudrajaṭā (See). ୬ । ଏଲବାଳୁକ (ହି. ଶ)—6. Wolfsbane. ୭ । ମାଠକା ଶାକ (ହି ଶ)—7. A kind of potherb. ୮ । ସୁଗନ୍ଧଡ ଶାଳଧାନ୍ୟ; ବାସ୍ତବଙ୍ଗ ଧାନ (ହି. ଶ)—8. Scented winter rice. ୯ । ମୁରମାଂସୀ (ହି. ଶ)—9. Murraya Grofica. ୧୦ । ରାସ୍ନା (ହି ଶ)-10 Vanda Roxburghii. ୧୧ । ଚନ୍ଦନ—11. Sandal. ୧୨ । ଶଣ୍ଢଗା; ଲୋବାନ—12. Olibanum. ୧୩ । ଗୋମାତା; ଗୋଜାତିର ଆଦ୍ୟମାତା—13. Name of the original mother of the cow kind. [ଦ୍ର—ସୁରଭି ତଳେ ଦେଖ ।]

ସୁରଭୀରସା—ସ, ବ—ଶଣ୍ଢଗା ବୃକ୍ଷ (ଥୁରେକ୍ସ)—The tree from which olibanum is got.
Surabhīrasā

ସୁରଭୂମି—ସ. ବ (୬ଷ୍ଠୀ ତତ୍)—ଦେବଲୋକ; ସ୍ୱର୍ଗ—
Surabhūmi Heaven; the abode of the gods.

ସୁର ଭୂରୁହ—ସ. ବ—୧ । ଦେବଦାରୁ ତରୁ (ସ୍ୱଚ୍ଛଦ୍ରୁମାଦ) —
Sura bhūruha 1. The pine. ୨ । କଲ୍ପତରୁ (ହି.ଶ)—2. The heavenly tree of plenty.

ସୁର ଭୂଷଣ—ସ. ବ—ଦେବ ପ୍ରତିମାଙ୍କ ପାଇଁ ୪ ହାତ ଲମ୍ବ ଓ ୧୦୦୮ ମୁକୁତାରେ ତିଆରି ହାର (ହି. ଶ)—
Sura buūshaṇa A pearl necklace for idols, 4 cubits long and contaning 1008 pearls.

ସୁର ଭୋଗ—ସ. ବ (୬ଷ୍ଠୀ ତତ୍)—ଅମୃତ (ହି. ଶ)—
Sura bhoga Nectar.

ସୁର ଭୋଗ୍ୟ—ସ. ବଣ—ଦେବ ଭୋଗ୍ୟ; ଦେବତାଙ୍କ ଭୋଗ ପାଇଁ ଉପଯୁକ୍ତ—
Sura bhogya Fit for being enjoyed by the gods.

ସୁରମ—ସଂ. ବଣ (ସୃ+ରମ୍ ଧାତୁ+କର୍ତ୍ତି. ଅ)—ଅତି ରମଣୀୟ—
Surama Very charming.

(ସୁରମଣ୍ଡ, ସୁରମଣୀୟ—ଅନ୍ୟରୂପ) (ସୁରମା—ସ୍ତ୍ରୀ)

ସୁରମଇ କଲମ—ବୈଦେ. ବ (ଫା) —ସୁରମଚୁ (ଦେଶ)
Suramai kalama Suramachū (See)
ସୁରମଇ କଲମ ସୁରମାଚ କଜମ

ସୁରମଚୁ—ବୈଦେ.ବ (ଫା)—ଆଖିରେ ସୁରମା ଲଗାଇବା ପାଇଁ ବ୍ୟବହୃତ କାଠି—
Suramachū A pick with which collyrium is applied to the eyes.
ସୁରମଚୁ ସୁରମଚୂ

ସୁରମା—ବୈଦେ. ବ (ଫା. ସୁରମହ୍)—ସୁରୁମା (ଦେଶ)—
Suramā Surumā (See) ସଂ. ବଣ. ସ୍ତ୍ରୀ—ସୁରମର ସ୍ତ୍ରୀଲିଙ୍ଗ—Feminine of Surama.

ସୁର ମଣ୍ଡଳ—ସଂ, ବ (୬ଷ୍ଠୀ ତତ୍)—୧ । ଦେବତାମାନଙ୍କର ମଣ୍ଡଳ—
Sura maṇḍala 1. A circle formed by the gods. ୨ । ସୁର ଖଣ୍ଡନିକା (ଦେଶ)
2. Sura khaṇḍanikā (See)

ସୁର ମନ୍ତ୍ରୀ—ସଂ. ବ (୬ଷ୍ଠୀ ତତ୍)—ବୃହସ୍ପତି—
Sura mantrī Bṛuhaspati.

ସୁର ମନ୍ଦିର—ସଂ. ବ (୬ଷ୍ଠୀ ତତ୍)—ଦେବମନ୍ଦିର—
Sura mandira Temple.

ସୁରମା ଦାନ(ନୀ)—ବୈଦେ. ବ (ଫା. ସୁରମଦ୍‌ଦାନ୍) (ବଙ୍ଗୀଶବ୍ଦ)—
Surama dān(nī) ଆଖିରେ ଲଗାଇବା ସୁରମାକୁ ରଖିବା ପାଇଁ ସୁନା ରୂପାର ବ୍ୟବହୃତ ଛୋଟ ପାତ୍ରବିଶେଷ—A silver receptacle for keeping the soothing powder for the eye.
ସୁରମାଦାନ ସୁରମାଦାନୀ

ସୁରମାନୀ—ସଂ. ବଣ, ସ୍ତ୍ରୀ (ସୁର+ମନ ଧାତୁ+ଉଣ୍ଟି. ଇନ୍; ସୁରମାନନ୍; ସ୍ତ୍ରୀ. ଏ. ବ.)—ଯେ ଅପଣାକୁ ଦେବତା ଭାବନ (ସୁରମାନଙ୍ଗା—ସ୍ତ୍ରୀ) କରେ (ହି. ଶ)—Imagining oneself to be a god.
Suramānī

ସୁର ମୃତ୍ତିକା—ସଂ. ବ—ସୌଗନ୍ଧୀ; ସୌଗନ୍ଧ ମୃତ୍ତିକା; ଗୋପୀଚନ୍ଦନ—
Sura mṛutikā A sort of fragrant earth or clay with which marks are put on the forehead.

ସୁର ମେଦା—ସଂ. ବ—ମହାମେଦା (ବ୍ରଜନ୍ଦର୍ଣ୍ଣ) (ଦେଶ)
Sura medā Mahāmedā (See)

ସୁରମ୍ୟ—ସ. ବଣ (ସୃ+ରମ୍ୟ)—ଅତି ରମଣୀୟ—
Suramya (ସୁରମ୍ୟା—ସ୍ତ୍ରୀ) Very charming.

ସୁର ଯାନ—ସଂ. ବ—ଦେବତାମାନଙ୍କ ବ୍ୟବହୃତ ରଥ—
Sura jāna A cer used by the gods.

ସୁରଯା(ଯୁ)ନି—ବୈଦେ. ବ (ବଙ୍ଗଳା)—ପଠାଣମାନଙ୍କ ଉପାଧିବିଶେଷ
Surajā(yā)ni (ଜ୍ଞାନେନ୍ଦ୍ର ଅବଧାନ)—A title of Pathans. [ଦ୍ର—ସାଜାନ, ଲେହାନ, ଆର ଲୋଦାନ ସବୁଯାକ ଗୁର ପାଠାନ୍ ବସିଲେ ନାନା ଜାତ—ବଙ୍ଗଲା. ବଡ଼ଜଣ ।]

Digitized by srujanika@gmail.com

ସୁର ଯୁବତୀ(ଯୋଷିତ୍)—ସଂ. ବ. ସ୍ତ୍ରୀ—ଅପ୍ସର—
Sura jubatī(joshit) Heavenly nymph.

ସୁରରାୟ(ଏ)—ଦେ. ବ (ସଂ. ସୁରରାଜ)—ଇନ୍ଦ୍ର—
Surarāya(e) ସୁରରାୟ सुरराय Indra.

ସୁରରାଜ(ଜ୍)—ସଂ. ବ (୬ଷ୍ଠୀ ତତ୍) —ଦେବରାଜ; ଇନ୍ଦ୍ର—
Surarāja(j) Indra. ଦେ. ବ. ସଂ—ଲୋକଙ୍କ ନାମ—
ସୁରରାଜ सुरराज A name given to males.

ସୁର ରିପୁ—ସଂ. ବ (୬ଷ୍ଠୀ ତତ୍)—ଅସୁର—
Sura ripu Demon.

ସୁରର୍ଷଭ—ସଂ. ବ (୬ମୀ ତତ୍ ; ସୁର+ଋଷଭ)—୧ । ଇନ୍ଦ୍ର—
Surarshabha 1. Indra. ୨ । ମହାଦେବ—2. Śiba.

ସୁରର୍ଷି—ସଂ. ବ (ସୁର + ଋଷି)—ଦେବର୍ଷି—A class of sages.
Surarshi [ଜ—ନାରଦ, ଭୁମ୍ବୁରୁ, ଦୋଲାଚଳ ଆଦ—ଅମର. ଉଭଚ ।] [ଦ୍ର—ଋଷିମାନଙ୍କ ଉଚ୍ଚ ଉଚ୍ଚ ଶ୍ରେଣୀ ବଞ୍ଚଗ କରାଯାଇଅଛି । ଯଥା—ବ୍ରହ୍ମର୍ଷି, ଦେବର୍ଷି, ରାଜର୍ଷି, ମହର୍ଷି, ପରମର୍ଷି, କାଣ୍ଡର୍ଷି, ଶ୍ରୁତର୍ଷି ।]

ସୁର ଲକ୍ଷ୍ମୀ—ସଂ. ବ (୬ଷ୍ଠୀ ତତ୍) —ସୁରଶ୍ରୀ (ଦେଶ)—
Sura lakshmī Suraśrī (See)

ସୁର ଲତା—ସଂ. ବ—ମହା ଜ୍ୟୋତିଷ୍ମତୀ (ରାଜ ନିଘଣ୍ଟୁ) (ଦେଶ)
Sura latā Mahā jyotishmatī (See)

ସୁରଳା—ସଂ. ବ (ସୁର+ଳା· ଧାତୁ=ଦାନ କରିବା+ଜର୍ମ. ଅ+ଆ)—୧ । ଗଙ୍ଗା ନଦୀ (ହାରାବଳୀ)—1. The Ganges. ୨ । ନଦୀ ବିଶେଷ (ଶବ୍ଦ ଚନ୍ଦ୍ରିକା)—2. Name of a river.
Suralā

ସୁର ଲାସିକା—ସ. ବ (୬ଷ୍ଠୀ ତତ୍)—୧ । ବଂଶୀ ଧ୍ୱନି—1. The sound of the flute. ୨ । (ବହୁବ୍ରୀହି) ବଂଶୀ (ହ. ଶ)—2. Flute,
Sura lāsikā

ସୁର ଲୋକ—ସ. ବ (ମ. ତ. ଲୋ; ସୁରମାନଙ୍କ ଅଧିଷ୍ଠିତ ଲୋକ)—ଦେବ ଲୋକ; ସ୍ୱର୍ଗ—The heaven.
Sura loka

ସୁର ଶତ୍ରୁ—ସଂ. ବ (୬ଷ୍ଠୀ ତତ୍)—ଅସୁର—
Sura śatru Demon.

ସୁର ଶୟନୀ - ସଂ. ବ—ଆଷାଢ଼ ଶୁକ୍ଳ ଏକାଦଶୀ; ବିଷ୍ଣୁଙ୍କ ଶୟନ ଏକାଦଶୀ (ହ. ଶ)—The eleventh day of the bright lunar fortnight of Ashārdha (when Bishṇu goes to sleep).
Sura śayanī

ସୁର ଶାଖୀ—ସଂ. ବ—ସୁର ତରୁ (ଦେଶ)
Surs śākhī Sura taru (See)

ସୁର ଶିଖ—ଦେ. ବ—ଇନ୍ଦ୍ର—Indra. [ଦ୍ର—ତଦଅନ୍ତେ ତାଙ୍କୁ ପୂଜିଲେ ସୁରଶିଖ, ଅସିଲଟି ବ ଚୁମ୍ବେ ବାଟେ ଲଉ ପୃଷ୍ଠ । କୃତ୍ତିବିଂଦ, ମହାଭାରତ· ବନ ।]
Sura śikha

ସୁର ଶିଳ୍ପୀ—ସଂ. ବ—ବିଶ୍ୱକର୍ମା—
Sura śilpī The Divine Architect.

ସୁର ଶୈବଲିନୀ—ସଂ. ବ—ସ୍ୱର୍ଗ ଧୁନୀ; ଗଙ୍ଗା—
Sura śaibalinī The Ganges.

ସୁରଶ୍ରୀ—ସଂ. ବ (୬ଷ୍ଠୀ ତତ୍)—ଦେବତାମାନଙ୍କର ଶ୍ରୀ ବା ବୈଭବ—The prosperity or effulgence of the gods.
Sura śrī

ସୁର ଶ୍ରେଷ୍ଠ—ସଂ. ବ (୬ମୀ ତତ୍ ; ସୁରମାନଙ୍କ ମଧ୍ୟରେ ଶ୍ରେଷ୍ଠ)—
Sura śreshṭha ୧ । ସୁରଜ୍ୟେଷ୍ଠ; ବ୍ରହ୍ମା—1. God 'Brahmā'. ୨ । ବିଷ୍ଣୁ (ହ, ଶ)—2. Bishṇu. ୩ । ଶିବ - 3. Śiba. ୪ । ଗଣେଶ (ହ. ଶ)—4. Gaṇeśa. ୫ । ଇନ୍ଦ୍ର (ହ, ଶ)—5. Indra.

ସୁରଶ୍ରେଷ୍ଠା—ସ. ବ· ସ୍ତ୍ରୀ (ସୁରଶ୍ରେଷ୍ଠ+ଅ) —ବ୍ରାହ୍ମୀ (ରାଜନିର୍ଘଣ୍ଟୁ) (ଦେଶ)—Brāhmī (See)
Surasśreshṭhā

ସୁରଷ୍—ଗାଦେ (ଗାରୁଡ଼ା) ବ—ସୋରିଷ—
Surash Mustard seed.

ସୁରସ—ସଂ· ବିଶ (ବହୁବ୍ରୀହି; ସୁ ଅର୍ଥେ ରସ=ସ୍ୱାଦ ଯାହାର)—
Surasa ୧ । ସୁସ୍ୱାଦ; ମଧୁର; ମିଷ୍ଟ—1· Sweet. ୨ । (ସୁରସା—ସ୍ତ୍ରୀ) (କାବ୍ୟ) ରସଯୁକ୍ତ—2. Full of noble sentiments. ୩ । ରସମୟ—3. Juicy. ୪ । ସୁନ୍ଦର; ମନୋହର (ହ. ଶ)—4. Beautiful. ବ—୧ । ବୋଲ (ରାଜନିର୍ଘଣ୍ଟୁ); ଗନ୍ଧବୋଲ—1. Myrrh, gum myrrh. ୨ । ଦାରୁ (ରାଜନିର୍ଘଣ୍ଟୁ); ଗୁଡ଼ତ୍ୱକ; ଡାଲଚନି—2. Cinnamon. ୩ । ଗନ୍ଧ ତୃଣ (ରାଜନିର୍ଘଣ୍ଟୁ)—3. A species of scented grass. ୪ । ବଲ୍କଳ; ଗଛର ଛାଲ (ଜ୍ଞାନେନ୍ଦ୍ର)—4. Bark of trees. ୫ । ତୁଳସୀ (ମେଦଜ)—5. The holy Basil. ୬ । ଶ୍ୱେତପୁଷ୍ପ ତୁଳସୀବୃକ୍ଷ (ବୈଦ୍ୟକ)—6. A white-flowered Basil plant. [ଦ୍ର—ଏହାର ନାମାନ୍ତର ପର୍ଣ୍ଣାସ । ଏହା କଫନାଶକ, ଉଷ୍ଣବୀର୍ଯ୍ୟ, ଅଗ୍ନିବର୍ଦ୍ଧକ, ରୁଚିକର, ବାତଶ୍ଲେଷ୍ମାନାଶକ, ପିତ୍ତବର୍ଦ୍ଧକ, ଶ୍ୱାସ, କାଶ, ପାର୍ଶ୍ୱଶୂଳ, ଜ୍ୱର, କ୍ଷତଦୋଷ ଓ କୀଟ ଦୌର୍ଗନ୍ଧର ଶାନ୍ତକାରକ ।] ୭ । ସିନ୍ଦୁବାର (ଶବ୍ଦରତ୍ନାବଳୀ); ନେପୁଳକ—7. Vitex Trifolia. ୮ । ମୋଚରସ (ରାଜନିର୍ଘଣ୍ଟୁ); ଶିମିଳି ଆଠା—8. The gum Bombax Malabarica. ୯ । ତେଜପତ୍ର (ହ. ଶ)—9. Cassia leaf. ୧୦ । ପୀତଶାଳ (ହ. ଶ)(ଦେଶ)—10· Pītaśāla
ସୁରସ (See) ଦେ. ବ—୧ । ଅମୃତ—1. Nectar.
ସୁରସ ୨ । ପ୍ରୀତି; ଶୃଙ୍ଗାରରସ—2. Cohabitation. (ଉ—ସୁର ସୁରସ ଭୋଗକୁ ତନ୍ତ୍ରମା ପୂର୍ତ୍ତି । ଭବେ, ଭାବେ ଯଥା ତଥା ନୃପଜନ୍ମନ —ଭଞ୍ଜ. ପ୍ରେମସୁଧାନଧି ।]

ସୁର ସଖ—ସ· ବ—ଇନ୍ଦ୍ର (ହ. ଶ)—
Sura sakha Indra.

ସୁର ସଦ୍ମ(ସଦନ)—ସଂ· ବ (୬ଷ୍ଠୀ ତତ୍ , ସୁର+ସଦ୍ମ; ୧ମା. ୧୯)—ସ୍ୱର୍ଗ—The heaven.
Sura sadma(sadana)

Digitized by srujanika@gmail.com

ସୁର ସମିଧ୍ —ଫ. ବ—ଦେବଦାରୁ (ହି ଶ)—
Sura samidh — Pinus Longifolius.

ସୁର ସରଣି —ଫ. ବ (୬ଷ୍ଠୀ ତତ୍) —ଅକାଶ; ଗଗନ—
Sura saraṇi — The sky.

ସୁର ସରିତ—ଫ. ବ (୬ଷ୍ଠୀ ତତ୍) —ଗଙ୍ଗା (ଜଳାଧାର) —
Sura sarit — The Ganges.

[ସୁରସରିତ—ଦେ. ରୂପ] [ଉ—ଯାଣେ ଥିଲେ ସୁରସରିତ । ବଲଇ ବ ତହିଁ ମୃତକ ଚତ୍ତ—ସଙ୍ଗୀତ ।]

ସୁର ସର୍ଷପକ—ଫ. ବ—ଦେବ ସର୍ଷପ (ଗୁଜରଘଣ୍ଟା)—
Sura sarshapaka — A species of mustard seed.

ସୁରସା—ଫ. ବଣ, ସ୍ତ୍ରୀ (ବହୁବ୍ରୀ ହି; ସୁରସ+ଅ)—ସୁରସର ସ୍ତ୍ରୀଲିଙ୍ଗ—
Surasā — Feminine of Surasa. ବ—୧ । ତୁଣ୍ଡୀର; ଶ୍ୱେତପୁଷ୍ପଯୁକ୍ତ ତୁଳସୀ [ଶବ୍ଦରତ୍ନାବଳୀ]—1. The white Basil; the white-flowered Basil plant. ୨ । ତୁଳସୀ [ମେଦନୀ]—2. The holy Basil plant. ୩ । ମେଦନୀ; ପୃଥିବୀ—3. The earth. ୪ । ଯୂଇ ଫୁଲ ଓ ଗୁଳ୍ମ—4. Jui (flower and plant). ୫ । ନାଗମାତା [ମେଦନୀ]—5. Name of the mother of serpents. [ଦ୍ର—ଏ ସମୁଦ୍ରରେ ରହୁଥିଲେ; ଡହୁମାନ୍ ସୀତାଙ୍କୁ ଠାବ କରିବାକୁ ସମୁଦ୍ରକୁ ଡେଇଁଲା ବେଳେ ଏ ଦେବ ଗନ୍ଧର୍ବାଦଙ୍କ ଅନୁରୋଧରେ ସ୍ତ୍ରୀସ୍ତ ରୂପ ଧାରଣ କରି ଛଳାଳ ହନୁମାନଙ୍କ ବଳ ଦେଖିବା ଇଚ୍ଛା କରିବା ପାଇଁ ହନୁମାନଙ୍କୁ ବାଧା ଦେଇଥିଲେ । ହନୁମାନ୍ ଅଛ ସୂକ୍ଷ୍ମ ରୂପ ଧାରଣ କରି ଏହାଙ୍କ ମୁହଁରେ ପଶି ପୁଣି ବାହାର ପଡ଼ିଲେ । ଏହା ଦେଖି ସୁରସା ପ୍ରୀତା ହେଲେ—ବାଲ୍ମୀକି ରାମାୟଣ ।] ୬ । ମିଶ୍ରେୟା (ଶବ୍ଦରତ୍ନାବଳୀ); ଯାନମଣ୍ଡୁକୀ—6. Aniseed. ୭ । ଚଟ୍ରା [ରତ୍ନମାଳା]; ଚଟ୍ରଶୂର; ଢାଲମ—7. Common cress. ୮ । ବ୍ରାହ୍ମୀ [ରତ୍ନମାଳା]—8. A medicinal herb. ୯ । ଛନ୍ଦୋବିଶେଷ [ଛାନେନ୍ଦ୍]—9. Name of a Sanscrit metre. ୧୦ । ମହା ଶତାବରୀ [ଗୁଜରଘଣ୍ଟା]; ଛତୁରର ପ୍ରକାର ଭେଦ—10. Asparagus Racemosus. ୧୧ । ଦୁର୍ଗା [ଶବ୍ଦ କଳ୍ପଦ୍ରୁମ]—11. Goddess Durgā. ୧୨ । ଗୁଗଚ୍ଛ ପଞ୍ଚମ ସ୍ୱରୋତ୍ପନ୍ନ ନଦୀଭେଦ [ଶବ୍ଦ କଳ୍ପଦ୍ରୁମ)—12. Name of a river. ୧୩ । ଲାଣ୍ଡାବଗୁଲି (ଦେଶ)—13. Landābaguli (See). ୧୪ । ରାସ୍ନା (ହି. ଣ)—14. Randa Roxburghii. ୧୫ । ଅପ୍ସରୋବିଶେଷ [ହି. ଣ]—15. Name of a heavenly nymph. ୧୬ । ଶ୍ୱେତ ନିରିତ୍ [ହି. ଣ]—16. The white variety of Tribrut. ୧୭ । ଶଲ୍ଲକୀ [ହି. ଣ]—17. Olibanum. ୧୮ । ନିର୍ଗୁଣ୍ଡୀ [ହି. ଣ] (ଦେଶ)—18. Nirgundī (See). ୧୯ । ବୃହତ୍ତା [ହି ଣ] (ଦେଶ)—19. Bṛuhati (See). ୨୦ । କଣ୍ଟକାରୀ [ହି. ଣ] (ଦେଶ)—20. Kaṇṭakārī (See). ୨୧ । ଅଙ୍କୁଶର ଉପରେ ଥିବା ସୂଚୀ ଅଂଶ [ହି. ଣ]—21. The sharp point at the end of a goad. ଦେ ବଣ ସ୍ତ୍ରୀ—ସୁରସିକା - (female) **ସୁରସା** Versed in sentimental aspects. [ଉ—ନବ ସୁରସାରେ ସ୍ନାନ, ନବ ସୁରସାରେ । ଏ ଯଦି ମୋ ଅଙ୍ଗ ବଳା ନ କସ୍ତୁରୀ ରେ—ଉତ୍କଳମଣି. ସଙ୍ଗୀତ ।]

ସୁରସାଳ—ଫ. ବଣ—୧ । ଉତ୍ତମ ରସଯୁକ୍ତ—1. Very juicy; **Surasāla** luscious. ୨ । ଅତି ମଧୁର ରସ ପୂର୍ଣ୍ଣ —2. Full of sweet juice.

ସୁରସାଷ୍ଟ—ଫ.ବ (ସୁରସ+ଅଷ୍ଟ=ରସଯୁକ୍ତ ୪ଠରୁ ୫ ଦ୍ରବ୍ୟ) —ବୈଦ୍ୟ-**Surasāshṭa** ଶାସ୍ତ୍ରୋକ୍ତ ବୃକ୍ଷମାନଙ୍କ ଗଣବିଶେଷ—A group of 8 trees, classified in the Hindu medical books. [ଦ୍ର—ଏହି ୮ ଗୋଟିର ନାମ ଯଥା—ବେଲ ବାରବ୍ରୟ, ତୁଳସୀ, ବ୍ରାହ୍ମୀ, ବୃହତ୍ତାବ୍ରୟ, କଣ୍ଟକାରିକା, ପୁନର୍ନବା ।]

ସୁରସିକ—ଫ. ବଣ. ପୁଂ—୧ । ଉତ୍ତମ ରସଜ୍ଞ—1. Well versed **Surasika** in tender sentiments. ୨ । ଉତ୍ତମ ରସଗ୍ରାହୀ (ସୁରସିକା—ସ୍ତ୍ରୀ) —2. Very capable of comprehending tender sentiments. ୩ । ମଧୁରଭାଷୀ—3. Sweet in conversation. ୪ । ଅତ୍ୟନ୍ତ ରସିକ —4. Very witty or gallant.

ସୁର ସିଂଙ୍ଗ(ଙ୍କି, ଙ୍ଘ,ଙ୍ଘି,ଙ୍ଘ)—ଦେ. ବ (ଫ. ଶୂର ଓ ସିଂଙ୍ଗ)—ଗଡ଼ଜାତର **Sura siṁṅga(ṅgi,ṅgha,ṅghi,gha)** କରଣ ଓ ଘାଇତମାନଙ୍କୁ ଖଜଦାର ଜମିଥ ବିଶେଷ (ପୋଥୀନାଥ ନନ୍ଦ)—A title given by Rajas to Karaṇas and Pāikas of the Oriya States.

ସୁର ସିନ୍ଧୁ—ଫ. ବ—ସୁରନଦୀ; ଗଙ୍ଗା (ଶବ୍ଦ କଳ୍ପଦ୍ରୁମ) —
Sura sindhu — The Ganges.

ସୁରସୀ—ଦେ. ବଣ—ସୁରସିକ; ଉତ୍ତମ ରସଜ୍ଞ —Well-versed in **Surasi** tender sentiments. [ଉ —୧୭। ଗାଏଁ ସୁରସିକ **सुरसी** ଲେଖିବ ଅରେ ସୁରସି । ସ୍ନାନାଥ. ୬୭ଲା ।]

ସୁର ସୁନ୍ଦର—ଫ. ବଣ. ପୁଂ—ଦେବତାଙ୍କ ପରି ଅତି ସୁନ୍ଦର—
Sura sundara — Very beautiful.

ସୁର ସୁନ୍ଦରୀ—ଫ. ବ. ସ୍ତ୍ରୀ (୬ଷ୍ଠୀ ତତ୍; ସୁରମାନଙ୍କର ସୁନ୍ଦରୀ = ନାରୀ) **Sura sundarī** —୧। ଦେବକନ୍ୟା; ଦେବୀ —1. A Goddess ୨ । ସ୍ୱର୍ଗେଶ୍ୟା; ଅପ୍ସରା (ଶବ୍ଦ କଳ୍ପଦ୍ରୁମ) —2. The heavenly nymphs. ୩। ଦୁର୍ଗା (ଶବ୍ଦ କଳ୍ପଦ୍ରୁମ)—3. Goddess Durgā. ୪ । (ତନ୍ତ୍ର) ଯୋଗିନୀ ବିଶେଷ; ଶ୍ରୀ ସୁନ୍ଦରୀ (ଶବ୍ଦ କଳ୍ପଦ୍ରୁମ)—4. Name of a Jogini worshipped by the Tantrikas.

Digitized by srujanika@gmail.com

୫ । ବଜ୍ରାଘାତ (ଶବ୍ଦ କଲ୍ପଦ୍ରୁମ)—5. Lightning. ୬ । ଏକପ୍ରକାର ମାଛ (ଶବ୍ଦ କଲ୍ପଦ୍ରୁମ)—6. A kind of fish.

ସୁରା—ସଂ. ବ (ସ୍ତୁ. ଧାତୁ=ସାନ୍ତି ଗାଇବା+କ୍ରନ୍. ଥ+ଥ; କମ୍ବା. ସ. Surā ଧାତୁ=ପ୍ରସବ କରିବା+କ୍ରନ୍. ର+ଥ)—୧ । ମଦ୍ୟ; ଅନ୍ୟ ସଂ. ନାମ—ମଦ୍ୟ, ବାରୁଣୀ, ଇରା, ମଦ୍ୟାନନା, ଚଞ୍ଚୁ, କାରଣ, ପାଣିକା, ଅମୃତା, ମାଧବୀ, ମଦ୍ଦୁ, ମଦକା, ମୋଦକା, ମଧୁ, ବଳପ୍ରିୟା, ଦେବସ୍ପୃଷ୍ଟ, କାମିନୀ, ଦର୍ପିଣୀ । ସରାପ, ମଦ **ଦାରୁ, ସରାବ** ଫା. ସବ୍ଜ୍ଵ ଅ. ଖମର

spirit. [ଦ୍ର—ଚଉଳ ଦ୍ରବ୍ୟକୁ ପାଣିରେ ପଡ଼ାଇବା ପରେ ଉକ୍ତଦ୍ରବ୍ୟ ଫେନଯୁକ୍ତ Fomented) ହୋଇ ଗଲେ ତାକୁ ନଆଁ ଉପରେ ବସାଇ କଦଳୀ ପତ୍ର ଦ୍ୱାରା ଛହିଁରୁ ଯେଉଁ ଦ୍ରବ କଡ଼ାଯାଏ ତାକୁ ସୁରା କହନ୍ତି ।

ବୈଦ୍ୟଶାସ୍ତ୍ରରେ ସୁରାର ଔଷାଦାନ ଓ ପ୍ରସ୍ତୁତ କରିବାର ପ୍ରକ୍ରିୟା-ଭେଦରେ ନାନା ପ୍ରକାର ନାମକରଣ ହୋଇଅଛି ।

ଯଥା—

ଗୌଡ଼ୀ—(ଗୁଡ଼ ଓ ଧାତୁଙ୍କା ଫୁଲରୁ ଉତ୍ପନ୍ନ)
ପୈଷ୍ଟୀ—(ଚଣ୍ଡୁଳ ଅଦି ଶସ୍ୟରୁ ଉତ୍ପନ୍ନ)
ମାଧ୍ୱୀ—(ମଧୁ ଓ ଅନ୍ୟପୁଷ୍ପ ଇତ୍ୟାଦିରୁ ପ୍ରସ୍ତୁତ)
କାଦମ୍ବୀ—(ନାନା ଔଷାଦାନରୁ ପ୍ରସ୍ତୁତ)
ମାଧ୍ୱୀକ—(ମହୁଲ ଫୁଲରୁ ପ୍ରସ୍ତୁତ)
ମୈରେୟୀ—(ବେଇମୂଳ, କରଜୋଳ ଓ ଅର୍କପତ୍ରରୁ ପ୍ରସ୍ତୁତ)
ମାର୍ଦ୍ଦିକ—(ଦ୍ରାକ୍ଷା ଫଳରୁ ପ୍ରସ୍ତୁତ)

ମନୁସଂହିତାରେ ସୁରାକୁ ଛଅ ଶ୍ରେଣୀରେ ବିଭକ୍ତ କରାଯାଇଅଛି । ଯଥା—

ଗୌଡ଼ୀ—ଗୁଡ଼ରୁ ଉତ୍ପନ୍ନ
ପୈଷ୍ଟୀ—ଚଣ୍ଡୁଳାଦି ଶସ୍ୟରୁ ଉତ୍ପନ୍ନ
ମାଧ୍ୱୀ—ମଧୁ ଓ ଅନ୍ୟାନ୍ୟ ପୁଷ୍ପରସରୁ ଉତ୍ପନ୍ନ ।

ଏହା ମାଦକତା ଶକ୍ତିବିଶିଷ୍ଟ । ବ୍ରାହ୍ମଣମାନଙ୍କ ପକ୍ଷରେ ଏହାର ପାନ ନିଷିଦ୍ଧ । ସୁରାପାୟୀ ବ୍ରାହ୍ମଣ ପ୍ରାୟଶ୍ଚିତ୍ତାର୍ହ । ସୁରାପାନ ମହାପାପ । ସୁରାପାନ କଲେ ବକଲତା, ବଚନ-ସ୍ଖଳନ, ଗଦ୍ଗଦସ୍ଖଳନ, ଲଜ୍ଜାଘ୍ନତା, ମାନବ୍ୟଥ, ପ୍ରେମାଧିକ୍ୟ ଓ ଭ୍ରମ ଘଟେ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ଗୁରୁପାକ, ସନ୍ଧାରୋଧକ, ବଳକର, ସ୍ତନ୍ୟକର୍ତ୍ତକ, ପୁଷ୍ଟିକର, ମେଦୋକର, କଫଜନକ ଓ ଗୁରୁ, ଅର୍ଶ, ଶୋଥ, ମୂତ୍ରକୃଚ୍ଛ୍ର ଅଦ ବ୍ୟାଧିନାଶକ ।]

୨ । ମଦ୍ୟପାନ ପାତ୍ର—2. Wine-glass. ୩ । ସର୍ପିଣୀ—3. A female serpent. ୪ । ଜଳ (ଦ୍ର. ଶ)—4. Water. ୫ । ସର୍ପ (ଦ୍ର. ଶ)—5. Serpent. ଧଣ (ସ୍ୱ=ଶୋଭନ+ତ୍ନ=ଧନ ଯାହାର ଅଛି)—ଧନବାନ୍; ଧନୀ—Rich. ଦେ. ବ—୧ । (ସଂ.

ସ୍ପୃହା ସ୍ପୃହା) ସ୍ପୃହା—1. Hankering after a thing.
ସ୍ପୃହା ୨ । ସୁରସଜ୍ଜ ଓ ସୁରେଶର ଭାଇ ନାମ—2. Name
ସୁର for calling Suresa and Surarāja. ବୈଦେ.
ସୁର ବ (ଥ)—ମୁସଲମାନ୍ ଧର୍ମଗ୍ରନ୍ଥ କୋରାନ୍‌ର ଶ୍ଲୋକ ବା
ସୁରା **ସୁରା** ଷ୍ଟୋତ୍ର—A couplet or hymn of the Koarn.

ସୁରାଇ—ବୈଦେ. ବ. (ଫା)—ସୋରେଇ; ଲମ୍ବ ମୁଖଯୁକ୍ତ ଗୋଲ
Surāi ଜଳ ଭାଣ୍ଡ—A long-necked round water-
ସୋରାଇ **ସୁରାହ୍ଵୀ** jug ସ୍ୱରହ (ଦେଶ)—Surāhi (See)

ସୁର(ରେ)ଇବା—ଦେ. କି—(ସ, ସ୍ମୃର ଧାତୁ)—୧ । ସ୍ମୃରବା—
Surā(re)ibā 1. To be tickled. ୨ । (ସ. ସ୍ମୃହ୍‌ଧାତୁ;
ସ୍ପୃରା, **ଫରକନା** ସ୍ପାର୍ଶ ବା ଭୂଶ)—ସ୍ମୃହାଯୁକ୍ତ ହେବା; ଲଳାୟିତ
ଲାଳାୟିତ ହଓୟା **ଲାଳାୟିତ ହୋନା** ହେବା—(The mouth)
To hanker after; to water after a thing.

ସୁରାକ୍(ଖ୍)—ବୈଦେ. —(କଚରଅ) (ଫା. ସୁରଙ୍=ଛିଦ୍ର; ଭୂର୍ତ୍ତୀ=
Surāk(kh) ସୁରଙ୍=ସୂନ୍ନ ବା ସନ୍ଧାନ)—୧ । ଅନୁସନ୍ଧାନ
ସୁରାକ୍ **ସୁରାଖ** କରୁ ଯାଉଥିବା କୌଣସି ବିଷୟର ସୂତ୍ର; ଚିହ୍ନ—
1. Trace of anything which is being investigated; clue. ୨ । ଅନୁସନ୍ଧାନ—2. Investigation. ୩ । ଇଙ୍ଗିତ; **ଅଙ୍ଗୁଳି**—3. A nod; a sign; hint; indication.

ସୁରାକ୍(ଖ୍)କରିବା—ଦେ. କି (କଚରଅ) କୌଣସି ବିଷୟର ଅନୁସନ୍ଧାନ
Surāk(kh)karibā କରିବା—To investigate into a
ସନ୍ଧାନକରା **ସୁରାଖକରନା** matter.
[ସୁରାକ୍(ଖ୍) ନେବା—(ଅନ୍ୟରୂପ)

ସୁରାକ୍(ଖ୍)ଦେବା—ଦେ. କି(କଚରଅ)—କୌଣସି ଗୁପ୍ତ ବିଷୟର ସନ୍ଧାନ
Surāk(kh)debā ବା ସୂତ୍ର କହିଦେବା—To give the
ସୁରାକ୍ ଦେଓୟା **ସୁରାଖଦେନା** clue to a matter.

ସୁରାକ୍(ଖ୍) ପାଇବା—ଦେ. କି—(କଚରଅ)—କୌଣସି ବିଷୟର
Surāk(kh)pāibā ସୂତ୍ର ପାଇବା—To get at or find
ସୁରାକ୍ ପାଓୟା **ସୁରାଖ** । i out the clue of a matter.

ସୁରାକ୍(ଖ୍) ସନ୍ଧାନ—ଦେ.ବ—(କଚରଅ)—(ଫା.ସୁରଙ୍+ସଂ.ସନ୍ଧାନ;
Surāk(kh) sandhāna ଏକାର୍ଥକ ସମାସର)—କୌଣସି
ସୁରାକ୍ ସନ୍ଧାନ **ସୁରାଖସନ୍ଧାନ** ବିଷୟର ସନ୍ଧାନ ବା ସୂତ୍ର—Clue to anything.

ସୁରାକତ୍—ବୈଦେ. ବ (ଥ. ସିଦ୍ଧାକତ୍)—୧ । ସମ୍ପର୍କ—
Surākat 1. Connection. ୨ । ଯୋଗ; ସଂଯୋଗ—
ସୁରାକତ୍ **ସମ୍ପର୍କ, ଶରାକତ** 2. Conjunction; union.

ସୁରାକର—ସଂ. ବ (ସୁର+କ୍ର. ଧାତୁ+ଅଧି. ଅ)—୧ । ମଦ୍ୟୋତ୍ପତ୍ତି-
Surākara ସ୍ଥାନ; ଯେଉଁ ବସ୍ତୁରୁ ମଦ୍ୟ ପ୍ରସ୍ତୁତ ହୁଏ—1. An article or thing from which wine is got. ୨ । ନାରିକେଳ ବୃକ୍ଷ (ଶବ୍ଦ କଲ୍ପଦ୍ରୁମ)—2. Cocoanut tree. [ଦ୍ର—ମାଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର ଅଗ୍ରଭାଗସ୍ଥିତ ପୁଷ୍ପକୋଷର ଅଗ୍ରଭାଗକୁ ଚାଷଲେ ତହିଁରୁ

ଯେଉଁ ରଥ ଥରେ, ତାହା ତାଡ଼ିରୂପ ବ୍ୟବହୃତ ହୁଏ। ଉତ୍କଳଦେଶରେ ମଧ୍ୟ ଉଦୁଙ୍କ ଯୋଦ୍ଧାମାନେ ଦାହିଣାତ୍ୟରେ 'ନାରକେଲାସବ' ପାନ କରୁଥିବା କଥାର ଉଲ୍ଲେଖ ଅଛି।]

ସୁରକି—ବୈଦେ. ବଣ (ଚତୁରଥ) (ଫା. ସୁରଗୀ)—ଅନୁସନ୍ଧାନ
Surāki ରଖସୂତ୍ରରେ ରଖ—Skilful in finding out a
ସୁରାକି, ସନ୍ଧାନୀ ସୁରାଖୀ clue.
(ସୁରକଥ—ଅନ୍ୟରୂପ)

ସୁରଗ—ସ. ବ—ସୁନ୍ଦର ରଙ୍ଗ—
Surāga Beautiful colour.

ସୁରଗ ରଞ୍ଜିତ—ସ. ବଣ—ସୁନ୍ଦର ବର୍ଣ୍ଣରେ ରଞ୍ଜିତ—
Surāga rañjita Nicely painted or coloured.

ସୁରାଗାର—ସ. ବ (ସୁର+ଆଗାର)—୧। ଦେବ ମନ୍ଦିର—
Surāgāra 1. Temple. ୨। (ସୁରା+ଆଗାର)—
ସୁରାଦୋକାନ—2. Tavern.

ସୁରାଗ୍ରହ—ସ. ବ ସୁରା+ଗ୍ରହ ଧାତୁ+ଅଚ୍. ଅ)—ମଦ୍ୟ ପାତ୍ର—
Surāgraha Wine cup.

ସୁରାଙ୍ଗନା—ସ. ବ (୬ଷ୍ଠୀ ତତ୍) —୧। ଦେବାଙ୍ଗନା; ଅପ୍ସରା—
Surāṅganā 1. The heavenly nymphs. ୨।
ଦେବତାମାନଙ୍କ ସ୍ତ୍ରୀ—2. Wife of one of the gods.

ସୁରାଚାର୍ଯ୍ୟ—ସ. ବ (ସୁର+ଆଚାର୍ଯ୍ୟ; ୬ଷ୍ଠୀ ତତ୍)—ସୁରଗୁରୁ; ବୃହସ୍ପତି
Surāchārjya (ଅମର)—Bṛuhaspati, the preceptor of the gods; Jupitor.

ସୁରାଜକ—ସ. ବ—ଭୃଙ୍ଗରାଜ (ଶବ୍ଦମାଳା) (ଦେଖ)
Surājaka Bhṛuṅgarāja (See)

ସୁରାଜା—ସ. ବ (ସୁ+ରାଜନ୍)—ଉତ୍ତମ ରାଜା (ମୁଖ୍ୟବୋଧ)—
Surāja A good king.

ସୁରାଜି—ଦେ. ବ (ସ. ସୁ ଓ ଫା. ରାଜୀ)—ସ୍ୱେଚ୍ଛା; ନିଜର ସ୍ୱାଧୀନ ଇଚ୍ଛା—One's free will.
ସ୍ୱରାଜି ସ୍ୱରାଜୀ

ସୁରାଜୀବ—ସ. ବ (ସୁରା+ଜୀବ=ଜୀବିକା ଯାହାର)—ଶୌଣ୍ଡିକ; ଶୁଣ୍ଡୀ—A wine trader; distiller.
Surājība

ସୁରାଜୀବୀ—ସ. ବ (ସୁରା+ଜୀବ୍ ଧାତୁ+କର୍ତ୍ତୃ. ଇନ୍)—ଶୌଣ୍ଡିକ; ଶୁଣ୍ଡୀ (ଦ୍ୱୈମତଜ୍)—A wine merchant; a distiller of wine.
Surājībī

ସୁରାଜ୍ୟ—ସ. ବ—୧। ଉତ୍ତମ ରାଜ୍ୟ—1. A good kingdom. ୨। ଯେଉଁ ରାଜ୍ୟରେ ପ୍ରଜାଙ୍କ ହିତ ପ୍ରତି ଦୃଷ୍ଟି ରଖାଯାଏ ଓ ଯେଉଁଠାରେ ସୁଖ ଓ ଶାନ୍ତି ବିରାଜ ଥାଏ (ହେ. ଶ 2. A kingdom governed for the benefit of the ruled and where happiness and peace reign. ଦେ. ବ—ସ୍ୱରାଜ୍ୟ (ଦେଖ)
ସ୍ୱରାଜ୍ୟ ସୁରାଜ୍ୟ
Swarājya (See

ସୁରାଷ୍ଟ୍—ଦେ. ବ (ସ. ସୌରାଷ୍ଟ୍ର)—୧। ଗୁଜରାଟର ପଶ୍ଚିମ ଉପକୂଳସ୍ଥ ସୋରଠ ଜିଲ୍ଲା, ନଗର ଓ ବନ୍ଦର; ସୁରତ—1. Name
ସୁରାଟ of a district, town and port in West
ସୁରାଟ India. [ଦ୍ର—ଏ ନଗର ବମ୍ବେ ପ୍ରଦେଶରୁ ଓଁତାପ୍ତୀ ନଦୀର ମୁହାଣରେ ଅବସ୍ଥିତ । ଇଂରାଜ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀ ଏଠାରେ ପ୍ରଥମେ ବାଣିଜ୍ୟ କୋଠି ସ୍ଥାପନ
ସୁରାଜ କରିଥିଲେ।] ୨। (ସ. ସୁ ଓ ରାଷ୍ଟ୍ର)—ଉତ୍ତମ ରାଜ୍ୟ;
ସୁରାଜ ଉତ୍ତମ ଦେଶ—2. A good country or kingdom.

ସୁରାଷ୍ଟୀ—ଦେ. ବଣ—ସୁରାଷ୍ଟ୍ର ଦେଶୀୟ—Of or pertaining to
Surāṭī 'Surāṭ.' ବ—ସୁରାଷ୍ଟ୍ରମଲ୍ଲାର; ସ୍ତ୍ରୀଜା ବଶେଷ—
ସୁରାଟୀ ସୁରାଟୀ Name of a musical tune.

ସୁରାଦ୍ରି—ସ ବ (୬ଷ୍ଠୀ ତତ୍)—ସୁମେରୁ ପର୍ବତ—The mythological Sumeru mountain.
Surādri

ସୁରାଧାନୀ—ସ. ବ (ସୁରା+ଧାନୀ)=ସୁରା ରଖାଯିବାର ଶ୍ରେଷ୍ଠ ଚଳଣ; ଓରା—A small wine-pitcher.
Surādhānī

ସୁରାଧିପ—ସ. ବ (୬ଷ୍ଠୀ ତତ୍) —ଇନ୍ଦ୍ର—Indra.
Surādhipa (ସୁରାଧୀଶ—ଅନ୍ୟରୂପ)

ସୁରାଧ୍ୟକ୍ଷ—ସ. ବ (୬ଷ୍ଠୀ ତତ୍; ସୁର+ଅଧ୍ୟକ୍ଷ)—୧। ବ୍ରହ୍ମା (ହେ. ଶ)—1. Brahmā. ୨। ଶିବ (ହେ.ଶ)—
Surādhyaksha 2. Śiba. ୩। ଶ୍ରୀକୃଷ୍ଣ (ହେ. ଶ)—3. Śrīkṛushṇa.

ସୁରାଧ୍ୱଜ—ସ. ବ—ମଦ୍ୟପାନଦ୍ୱାର ବଦ୍ଧିର କପାଳରେ ଚ୍ଛାଚୀନ
Surādhwaja କାଳରେ ତାତ୍ତପ୍ତ ଲୌହାରେ ଦାଗ ଦିଆ ଯାଇଥିବା ମଦ୍ୟପାତ୍ରର ଚିହ୍ନ (ହେ. ଶ)—The figure of a wine-cup marked on the brow of a wine drinker with red hot iron as a punishment.

ସୁରାନକ—ସ. ବ (୬ଷ୍ଠୀ ତତ୍; ସୁର+ଅନକ) —ଦେବତାମାନଙ୍କ
Surānaka ନାଗରା—Drum of the gods.

ସୁରାନୀକ—ସ. ବ (୬ଷ୍ଠୀ ତତ୍; ସୁର+ଅନୀକ)—ଦେବ ସେନା—
Surānīka The army of the gods.

ସୁରାପ—ସ. ବ. ତ୍ରି (ସୁରା+ପା. ଧାତୁ+କର୍ତ୍ତୃ. ଅ)—୧। ସୁରାପାୟୀ
Surāpa ବ୍ୟକ୍ତି—1. A person who drinks wine.
(ସୁରପା—ସ୍ତ୍ରୀ) ୨। ମଦୁଆ ବ୍ୟକ୍ତି—2. A drunkard ୩
ମଦ୍ୟ ରଖିବା—3. A person who stores wine
ସ. ବଣ. ତ୍ରି—୧। ମଦ୍ୟପାୟୀ; ମଦୁଆ—1. Addicted to drink. ୨। ବୁଦ୍ଧିମାନ୍; ମେଧାବୀ (ହେ. ଶ)—
2. Intelligent.

ସୁରାପଗା—ସ. ବ. ସ୍ତ୍ରୀ (ସୁର=ଦେବ+ଆପଗା=ନଦୀ)—ସୁରଧୁନୀ;
Surāpagā ଗଙ୍ଗା—The river Ganges.

ସୁରା ପାତ୍ର—ସ. ବ —ମଦରାଖିବା; ମଦ୍ୟପାତ୍ର—A receptacle for
Surā pātra wine; wine cup.

ସୁରା ପାନ(ଣ)—ସ. ବ (୬ଷ୍ଠୀ ତତ୍)—୧। ମଦ୍ୟ ପାନ; ମଦ ପିଇବା
Surā pāna(ṇa) —1. Drinking of wine. ୨।

Digitized by srujanika@gmail.com

ଅବଦଂଶ; ଷ୍ଟଃ (ହି. ଶ)—2. Any relishable thing eaten by drinkers of wine.

ସୁରାପାନୋଦ୍ଦୀପ୍ତ—ଦ. ବଣ. ପୁଂ (ଚତୁ୰୍ଥୀ ଓ ତ୍ରିଚତ୍ୱା ତତ୍) —ସୁରାପାନ Surāpān-ddipta ଯୋଗୁଁ ଉତ୍ତେଜିତ—Intoxicated (ସୁରାପାନୋଦ୍ଦୀପ୍ତା—ସ୍ତ୍ରୀ) with wine.

ସୁରାପାୟୀ—ଦ. ବଣ ଓ ବ. ପୁଂ—(ସୁରାପାୟିନ୍ ଶବ୍ଦ; ସୁରା+ପା. ଧାତୁ Surāpāyī +ଣିନ୍, ଇନ୍)—ସୁରାପ; ଯେ ମଦ୍ୟପାନ କରେ—(ସୁରାପାୟିନୀ - ସ୍ତ୍ରୀ) One who drinks wine.

ସୁରାପିତ—ଦଂ. ବଣ. ପୁଂ (ବତ୍ତୁ୍ୟର୍ଥ; ପୀତ ଦୋର ଅଛ ସୁରା ଯାହା Surāpīta ଦ୍ୱାରା)—ଯେ ମଦ ପିଇଅଛୁ—Drunk. (ସୁରାପୀତା—ସ୍ତ୍ରୀ)

ସୁରାପୀଥ—ଦଂ. ବ—ସୁରାପାନ (ହି. ଶ)—
Surapitha Drinking of wine.

ସୁରାବ୍ଧି—ଦଂ. ବ (ମ. ଯ. ଲେ; ସୁରାସମୁଦ୍ର ଅର୍ଥ)—ସୌରାଣିକ ସାତ Surābdhi ସମୁଦ୍ର ମଧ୍ୟରୁ ଦୃଶ୍ୟମାନ ସମୁଦ୍ର—One of the seven mythological oceans surrounding the earth.

ସୁରାଭାଗ—ଦଂ. ବ (ଚତୁ୰୍ଥୀ ତତ୍)—୧ । ସୁରାମଣ୍ଡ; ସୁରାର ଅତ୍ୟୁତ୍ତମ Surābhāga ବା ସର (ଶବ୍ଦଚନ୍ଦ୍ରିକା)—1. The scum of wine. ୨ । ସୁରାଭାଣ୍ଡ (ହି. ଶ)—
2 Wine vessel.

ସୁରାଭାଣ୍ଡ—ଦ. ବ (ଚତୁ୰୍ଥୀ ତତ୍)—ମଦ୍ୟଭାଣ୍ଡ; ସୁରା ପାତ୍ର—
Surā bhāṇḍa A receptacle for wine.

ସୁରା ମଣ୍ଡ—ଦ. ବ—ସୁରାର ଅଗ୍ରଭାଗ (ଶବ୍ଦଚନ୍ଦ୍ରିକା); ସୁରା ଉପରେ ଘଉ Surā maṇḍa ଥିବା ସର—The scum of wine.

ସୁରା ମତ୍ତ—ଦ. ବଣ. ପୁଂ (ତୃୟା ତତ୍)—ମାତାଲ—
Surā matta Intoxicated with wine.
[ସୁରାମତ୍ତା—ସ୍ତ୍ରୀ] (ସୁରାମତ୍ତତା—ବ)

ସୁରାମେହ—ଦ. ବ—ଏକ ପ୍ରକାର ମେହ ରୋଗ—A kind of Surā meha gonorrhœa. [ଦ୍ର—ଏଥିରେ ରୋଗୀର ପ୍ରସ୍ରାବ ସୁରା ପର ମାଡ଼ିଆ ବା ଈଷତ୍ ରକ୍ତବର୍ଣ୍ଣ ହୁଏ । ତାତ ରୋଗଲରେ ଏପ୍ରସ୍ରାବକୁ ରଖିଲେ ତାହାର ତଳାଂଶ ଗାଢ଼ ଓ ଉର୍ଦ୍ଧାଂଶ ପତଳା ଦେଖାଯାଏ—ହି. ଶ ।]

ସୁରା ରାଣୀ—ଦଂ. ବ—ଦେବମାତା; ଅଦଉ (ହି. ଶ)
Surā rāṇī The mother of the gods.

ସୁରାରାତି—ଦ. ବ (ସୁର+ଅରାତି; ଚତୁ୰୍ଥୀ ତତ୍)—ଦେବତାମାନଙ୍କ Surārāti ଅରି; ଅସୁର—Demon.
[ସୁରାରି—ଅନ୍ୟରୂପ]

ସୁରାରି ହନ୍ତା—ଦ ବ (ଚତୁ୰୍ଥୀ ତତ୍; ସୁରାରିହନ୍ତୃ ଶବ୍ଦ; ୧ମା. ୧ବ)—
Surāri hantā ଦେବତାମାନଙ୍କ ଶତ୍ରୁ (ଈଶ୍ୱର ତତ୍ତ୍ୱ)—
(ସୁରାରିଘ୍ନ—ଅନ୍ୟରୂପ) An epithet of Bishnu.

ସୁରାର୍ଦ୍ଦନ—ଦଂ. ବ (ସୁର+ଅର୍ଦ୍ଦନ=ଦେବ ପୀଡ଼କ) —ଅସୁର (ହି. ଶ) —A demon.

ସୁରାର୍ହ—ଦଂ. ବ (ଚତୁ୰୍ଥୀ ତତ୍; ସୁର=ଦେବ+ଅର୍ହ=ଯୋଗ୍ୟ)—
Surārha ୧ । ରକ୍ତଚନ୍ଦନ (ବୃକ୍ଷବିଶେଷ)—1. A species of sandal. ୨ । ସ୍ୱର୍ଣ୍ଣ (ଶବ୍ଦ କଳ୍ପଦ୍ରୁମ)—2. Gold. ୩ । କୃତ୍ରିମ ସୁରୁ ରଜନ (ହି. ଶ)—3. Another kind of sandal.

ସୁରାଳ—ଦଂ. ବ—ଧୂନା (ହି. ଶ)—
Surala Resin.

ସୁରାଳୟ—ଦଂ. ବ (ଚତୁ୰୍ଥୀ ତତ୍)—୧ । ସୁମେରୁ (ଅମର) (ଦେଖ)—
Surālaya 1. Sumeru. ୨ । (ସୁର+ଆଳୟ) ଦେବତା ମାନଙ୍କ ଗୃହ; ଦେବମନ୍ଦିର—2. Temple ୩ । (ସୁରା + ଳୟ) ମଦ୍ୟଶାଳା—3. A distillery.

ସୁରାଳିକା—ଦଂ. ବ—ସପୁଲା ନାମକ ବନ୍ୟ ଲତା—A kind of Surālikā wild creeper. [ଦ୍ର—ଏହାର ପତ୍ର ଖଇର ପତ୍ର ଅପେକ୍ଷା ବଡ଼ିଆ ଓ ସ୍ଥୂଳତର । ଏଥିର ଛୁଇଁ ଦୁଲଚଥା ଓ ରେପଟା; ମଞ୍ଜି କଳା, ମଞ୍ଜିରୁ ଦୁଲଚଥା ରସ ବାହାରେ । ବୈଦ୍ୟକ ମତରେ ଏହା ଲଘୁ, ଉଷ୍ଣ ଓ ତିକ୍ତ । ଏହା କଫ, ପିତ୍ତ, ବଟ୍ଟଃ, ବ୍ରଣ ଓ ଶୋଥ ନାଶକ ଅଟେ—ହି. ଶ ।]

ସୁରାବ—ଦଂ. ବ—୧ । ଉତ୍ତମ ଧ୍ୱନି—1. Good sound. ୨ । ଏକ Surāba ପ୍ରକାର ଘୋଡ଼ା (ହି. ଶ)—2. A species of horse.

ସୁରାବନି—ଦଂ. ବ—୧ । ଦେବମାତା; ଅଦଉ (ହି. ଶ)—1. Aditi; Surābani the mother of the gods. ୨ । ପୃଥିବୀ (ହି. ଶ) —2. The earth.

ସୁରାବାସ—ଦଂ. ବ (ଚତୁ୰୍ଥୀ ତତ୍ ସୁର+ଆବାସ) —ସୁମେରୁ ପର୍ବତ—
Surābāsa The mythological Sumeru mountain. [ସୁରାଶୟ—ଅନ୍ୟରୂପ]

ସୁରାଭୃତ୍—ଦଂ. ବ—ସୂର୍ଯ୍ୟ [ହି. ଶ]
Surābhṛutta The sun.

ସୁରାଷ୍ଟ୍ର—ଦଂ. ବ (ସୁ=ଉତ୍ତମ+ରାଷ୍ଟ୍ର=ରାଜ୍ୟ)—୧ । ସୁରଟ Surāshṭra (ଦେଶ)—1. Surāṭ (See) [ଦ୍ର—ଭାଷା ଭାଷା [ସୌରାଷ୍ଟ୍ର—ବଣ] ମତରେ ଏହା ପ୍ରାଚୀନ ସୁରଟ, ଭାଷା ଭାଷା ମତରେ ଗାଠିଆ ବାଡ଼—ହି. ଶ ।] ୨ । (ନାମ) ବୃଦ୍ଧ ଦଶରଥଙ୍କର ଏକ ମନ୍ତ୍ରୀ—2. Name of a minister of Daśaratha.

ସୁରାଷ୍ଟ୍ରଜ—ଦଂ. ବଣ [ସୁରାଷ୍ଟ୍ର+ଜନ୍, ଧାତୁ+କ୍ୱିପ୍. ଅ]—ସୁରାଷ୍ଟ୍ର Surāshṭraja ଦେଶ ଜାତ—Produced in Surat. ବ—[ସୁରାଷ୍ଟ୍ରଜା—ସ୍ତ୍ରୀ ୧ । ତୁଳସୀ ତୁଳସୀ [ଅମର]; ବନ୍ୟ ତୁଳସୀ—1. A sort of wild Basil. ୨ । କୃଷ୍ଣ ମୁଗ [ବୃକ୍ଷ ଜାତୀୟ] ଜଳାମୁଗ—2. A species of Phasoelus Moonga (grain). ୩ । ଗୋପୀ ଚନ୍ଦନ; ସୌରାଷ୍ଟ୍ର ମୃତ୍ତିକା (ହି. ଶ)—3. A kind of yellow earth. ୪ । କାଳି ଜୋଲଥ [ହି. ଶ] —4. Red

Digitized by srujanika@gmail.com

horse-gram. ୪ । ଏକ ପ୍ରକାର ବିଷ [ହି.]—5. A kind of poison.

ସୁରାଷ୍ଟ୍ରଜା—ସଂ. ବଣ. ସ୍ତ୍ରୀ—ସୁରାଷ୍ଟ୍ରଜର ସ୍ତ୍ରୀଲିଙ୍ଗ—Feminine of Surāstrajā Surāshtraja. ବ. ସ୍ତ୍ରୀ—୧ । ତୁଳସୀ (ସୁଜ ଜାତିଭେଦ); ଲଣ୍ଡାବଗୁଲ୍ଲା—1. A sort of wild Basil plant. ୨ । ସୌରାଷ୍ଟ୍ରୀ; ସୌରାଷ୍ଟ୍ର ମୃତ୍ତିକା (ବୈଦ୍ୟକ)—2. A sort of fragrant earth.

ସୁରାଷ୍ଟ୍ରୋଦ୍ଭବା—ସଂ. ବ—ଫିଟ୍‌କିରି [ହି. ଶ].
Surāstrodbhabā Alum.

ସୁରା ସନ୍ଧାନ—ସଂ. ବ [୬ଷ୍ଠୀ ତତ୍]—ସଡ଼ାଯାଇଥିବା ଦ୍ରବରୁ ବଳ-
Surā sandhāna ଯନ୍ତ୍ର ସାହାଯ୍ୟରେ ସୁରା ବାହାର କରିବା କ୍ରିୟା—Distillation of wine.

ସୁରାସବ—ସଂ. ବ—୧ । ଗୁଜୁଲ ସିଝା ଇତ୍ୟାଦିରୁ ବଳ ଯନ୍ତ୍ରଦ୍ୱାର
Surāsaba ଚୁଆଁ ଢୋଇ ବାହାର କରିଥିବା ମଦ; ଅରଖି—1. Distilled spirit or wine. ୨ । ସୁରାଠାରୁ ଖୁବ୍ ମାଦକତା ଶକ୍ତିଯୁକ୍ତ ଅସବ ବା ଅରଖି ବିଶେଷ—2. A very intoxicating spirit (like wine). [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ଏହା ତୀକ୍ଷ୍ଣ, ମୁଖପ୍ରିୟ, ରୁଚିକର, ବାୟୁନାଶକ, ମୂତ୍ରବର୍ଦ୍ଧକ, କଫବାୟୁନାଶକ । ଏହାର ମାଦକତା ବହୁକ୍ଷଣ ସ୍ଥାୟୀ ।]

ସୁରା ସମୁଦ୍ର (ସାଗର)—ସଂ. ବ—ସୁରବ୍ଧି (ଦେଖ)
Surā samudra Surābdhi (See)

ସୁରାସୁର—ସଂ. ବ (ସୁର+ଅସୁର; ଦ୍ୱନ୍ଦ୍ୱ)—ଦେବତା ଓ ଦାନବ—
Surāsur Gods and demons.

ସୁରା ସେବନ—ସଂ. ବ (୬ଷ୍ଠୀ ତତ୍)—ସୁରାପାନ (ଦେଖ)
Surā sebana Surāpāna (See)

ସୁରା ସେବୀ—ସ. ବଣ. ପୁଂ (ସୁରା ସେବନ୍ ଶବ୍ଦ; ସୁରା+ସେବ୍ ଧାତୁ +କର୍ତ୍ତୃ. ଇନ୍)—ସୁରାପାୟୀ (ଦେଖ)
Surā sebī (ସୁରା ସେବକ—ସ୍ତ୍ରୀ) Surāpāyī (See)

ସୁରାହା—ଦେ. ବ (ସଂ. ସୁ ଓ ଫା. ରାହ୍)—୧ । ସୁପଥ—1. Good
Surāhā road. ୨ । ସୁମାର୍ଗ; ସତ୍‌ପଥ—2. Good ways. ସୁରାହା ୩ । ସୁବିଧା—3. Convenience. ୪ । ଶୁଭଲକ୍ଷଣ
ସୁରାହ —4. Auspicious or good sign.

ସୁରାହି—ବୈଦେ. ବ (ଗା)—୧ । ଲମ୍ବା ମୁଖଯୁକ୍ତ ଗୋଲାକାର ଜଳଭାଣ୍ଡ
Surāhi —1. A long-necked round water-jug. ସୋରାଇ, କୁଜୋ [ଦ୍ର—ଖରାଦିନେ ଏଥିରେ ପାଣି ରଖି ଏ ପାତ୍ରକୁ ମୁକ୍ତ
ସୁରାହୀ, କୁଜ୍ଜା ବାୟୁରେ ରଖି ଦେଲେ ମାଠିଆ ଅପେକ୍ଷା ଏଥିରେ ପାଣି ବେଶି ଥଣ୍ଡା ହୁଏ ।] ୨ । (ବଣିଆ ଶବ୍ଦ) ବାଜୁ ଅଦରୁ ଲମ୍ବିତ ଥିବା ଘୁଣ୍ଡି ଉପରେ ଲଗାଯିବା ରୂପାର ବା ସୁନାର ସୁରାହି ଆକୃତି ବିଶିଷ୍ଟ ଅଳଙ୍କାର—2. A surahi-shaped gold or silver ornament attached to the upper side of the tassels of the Bāju. ୩ । (ଦରଜିଙ୍କ ଶବ୍ଦ) ଗୁଜୁଆ ଅଦରେ ସିଲେଇ କରିଥିବା ସୁରାହି ଆକାରର ଢଳା—3. A sorai-shaped bit of cloth sewn on shamianas. ୪ । ସୁରାହି ଆକାର ନଳର ସୁରାହି ଅକୃତିବିଶିଷ୍ଟ ଅଗ୍ରଭାଗ (ଯହିଁ ଉପରେ ଚଲମ ରଖାଯାଏ)—4. The sorahi-shaped top of the tube of a hookah.

ସୁରାହ୍ୱ—ସଂ. ବ (ସୁର+ଆ+ହ୍ୱେ ଧାତୁ=ଡାକିବା+ବଉଣ. ଅ)—
Surāhwa ୧ । ଦେବଦାରୁ [ଶବ୍ଦରତ୍ନାବଳୀ]—1. Pine tree. ୨ । ଦାରୁହଳଦୀ; ଦାରୁହଳଦ [ଶବ୍ଦଚନ୍ଦ୍ରିକା]—2. Cascinium Fenestratum. ୩ । ମରୁବକ [ଶବ୍ଦଚନ୍ଦ୍ରିକା]; ମରୁଆ ଗୁଳ୍ମ—3. Origanum Marjoram.

ସୁରି—ସଂ. ବଣ (ସୁ+ରି+କି=ଶୋଭନ ଧନବାନ୍—ମୁଗ୍ଧବୋଧ
Suri ବ୍ୟାକରଣ)—ଖୁବ୍ ଧନୀ—Very rich.

ସୁର ସୁର ଦେ. ବ—ସୁରରାଜ, ସୁରେଶ, ସୁରେନ୍ଦ୍ର, ସୂର୍ଯ୍ୟମଣିଙ୍କ ଡାକ ନାମ—Name for calling Surarāja, Suresa, Surendra, Sūrjyamani

ସୁରିବା—ଦେ. କ୍ରି (ସଂ. ସ୍ଫୁର୍ ଧାତୁ)—୧ । ସ୍ଫୁରିବା; ସ୍ପନ୍ଦିତ ହେବା—
Suribā 1. To tickle; to throb; to vibrate.
ସୁରା ଫରକନା [ଯଥା—ମୋ ଆଖି ସୁରୁଛି ।]
ଲାଳାୟିତ ହୋଇ ୨ (ସଂ. ସ୍ପୃହ୍ ଧାତୁ) (ଭକ୍ଷ, ପାଣି) ସ୍ପୃହାଯୁକ୍ତ
ଲାଳାୟିତ ହୋନା ହେବା; ଲାଳାୟିତ ହେବା; ସୋରେଇବା—2. To be watering after; to hanker after. [ଯଥା—ଖାଇବା ପଦାର୍ଥ ଦେଖି ମୋ ଭୋକ ସୁରୁଛି ।] ୩ । ଅନୁରାଗଯୁକ୍ତ ହେବା—3. To be attached to any person or thing. ୪ ।
ସୁରା (ସଂ. ସ୍ଫୁର୍ ଧାତୁ) (କଥା) ବାକ୍‌ସ୍ଫୁର୍ତ୍ତି ହେବା; ପଇଠ ହିବା—
ବାତ ନିକଳନା 4. To come to the tip of one's tongue. [ଯଥା—ମୋ ଭୋକରୁ କଥା ସୁରୁ ନାହିଁ ।]

ସୁରୀ—ସଂ. ବ—୧ । (ସୁରା+ଈ, କମ୍ବା ସୁର୍ ଧାତୁ=ପାଟି ପାଇବା+
Surī କର୍ତ୍ତୃ. ଈ)—ସୁରା (ଦେଖ)—1. Surā (See) ୨। (ସ୍ତ୍ରୀ) (ସୁର+ଈ) ଦେବପତ୍ନୀ (ହି. ଶ)—2. Wife of one of the gods. [ଦ୍ର—ବହୁଧାଲପି ଜଗତ ସ୍ତ୍ରିଭି ନାସ୍ତି ସ୍ୱସ୍ତ, ଦ୍ରାକ୍ଷ ସୁମନା ମନମୋହନ ଛବି ମାତାର—ରଙ୍କ. ବୈଦେଗ୍ଧୀଗବଳୀୟ ।]

ସୁରୁ—ବୈଦେ. ବ (ଅ)—ଆରମ୍ଭ—Beginning. ଗ୍ରାମ୍ୟ.
Suru (ସମ୍ବଲପୁର; ବଲାଙ୍ଗିର ପାଟଣା) ବଣ—ସାନ; ନିତ୍ୟ
ସୁରୁ ଶୁରୁ (ପିଲା)—Very young (said of children); tiny.

ସୁରୁଆ—ବୈଦେ. ବ (ଆ. ସୋର୍‌ବା) —ମାଂସର ଝୋଳ; କ୍ୱାଥ; ମାଂସର
Surua ଅଣ—Soup of meat. [ଦ୍ର—ସୁରୁଆ ଉଥର
ସୁରୁୟା କରିବା ଲଗି ଅଳ୍ପ କ୍ଷୁଦ୍ର ଛିଦ୍ରପୂର୍ଣ୍ଣ ବୋଇଲ ଆକାରର ପାତ୍ର
ଶୋ(ସୁ)ରବା ଆବଶ୍ୟକ । ଏଥିରେ କୁକୁଡ଼ା ଛେଳି ବା କୁକୁଡ଼ା ମାଂସ ରଖି ଚିପି ବନ୍ଦ କରି ଏହାକୁ ଜଳପୂର୍ଣ୍ଣ ହାଣ୍ଡିରେ ଝୁଲାଇ ରଖି, ହାଣ୍ଡି ତଳେ କଦଳୀ ଜାଳ ଦେଲେ ବୋଇଲ ଗରମ ହୋଇ ଏହା ସମସ୍ତ ମାଂସରୁ ଅଳ୍ପ ତରଳ ପଦାର୍ଥ ବାହାରେ ।

Digitized by srujanika@gmail.com

ମାଂସକୁ ପିଙ୍ଚି ଦେଇ ଏହା ଖାଣି ବା ସୁରୁଅକୁ ସେବନ କଲେ ଖୁବ୍ ବଳ ହୁଏ ।]

ସୁରୁ କରିବା—ଦେ. କ୍ରି—ଦୌଣସି କାର୍ଯ୍ୟ ଅରମ୍ଭ କରିବା—To begin any work. ସୁରୁ କରିବା ସୁରୁ କରନା

ସୁରୁକା—ବୈଦେ. ବ (ଫା. ସରେଖା; ସରଖତ୍)—ସମ୍ବେକା; ସମ୍ପର୍କ—Connection; relationship. ସୁରୁକା ସମ୍ବନ୍ଧ

ସୁରୁକି(ଖି)—ବୈଦେ, ବ (ଫା. ସୁର୍ଖ୍; ସୁରଖୀ)—ଚୂନ ସଙ୍ଗେ ମିଶା ଥିବା ଗାଢ଼ି ଚୂର୍ଣ୍ଣି କରିପିବା ଇଟା; ଇଷତ୍କ ଚୂର୍ଣ୍ଣି—Powdered brick or brick dust intended to be used as mortar when mixed with lime. ସୁରକି(ଖି) ସୁରଖୀ

ସୁରୁକୁଟା—ଦେ·ବିଣ ପୁଂ (ସଂ. ଶୁଷ୍କୀକୃତ)—୧। କ୍ଷୀଣଗାତ୍ର—1. Lean-bodied. ୨ । ଶୀର୍ଣ୍ଣ—2. Emaciated; withered. (ସୁରୁକୁଟିଆ—ଅନ୍ୟରୂପ) (ସୁରୁକୁଟୀ, ସୁରୁକୁଟେଇ-ସ୍ତ୍ରୀ)

ସୁରୁକୁଟା ମୁରୁକୁଟା—ଦେ· ବିଣ (ସଂ. ଶୁଷ୍କ ଓ ମର୍କଟ; ସଙ୍ଗଚର ଶବ୍ଦ)—ଜୀର୍ଣ୍ଣ ଶୀର୍ଣ୍ଣ—Withered and lean; lean and emaciated. (ସୁରୁକୁଟିଆ ମୁରୁକୁଟିଆ—ଅନ୍ୟରୂପ) (ସୁରୁକୁଟୀ ମୁରୁକୁଟୀ, ସୁରୁକୁଟେଇ ମୁରୁକୁଟେଇ-ସ୍ତ୍ରୀ)

ସୁରୁକୁଟି—ଦେ. ବ—ଜଳଜ ଶାକବିଶେଷ—A species of aquatic herb. [ଦ୍ର—ଏହାର ମୂଳ କନ୍ଦମୂଳ ବା ମୂଳା ପରି । ଏହା ମୂଳକୁ କଞ୍ଚା ବା ସିଝାଇ ଖାଆନ୍ତି । ଏହା ଶିଶୁମାନଙ୍କୁ ଝାଡ଼ାରୋଗରେ ଖୁଆଇଲେ ଉପକାର ହୁଏ । ଏହାର ପତ୍ରର ଲମ୍ବ ୫ ଇଞ୍ଚି ଓ ଚଉଡ଼ା ୧ ଇଞ୍ଚି । ଏ ଗଛର କାଣ୍ଡ ନାହିଁ ।]

ସୁରୁକୁଟେଇବା—ଦେ· କ୍ରି—ଜୀର୍ଣ୍ଣଶୀର୍ଣ୍ଣ ହେବା—The wither; to become emaciated. (ସୁରୁକୁଟେଇ ହିବା—ଅନ୍ୟରୂପ)

ସୁରୁଖୁର୍(ରୁ)—ଦେ. ବିଣ (ସଂ. ସୁଗରୁ; ତୁଳ. ଫା. ସୁର୍ଖ୍ରୁ=କାନ୍ତୁ-କାରୁ; ପ୍ରଫୁଲ୍ଲିତ; ସମ୍ପାଦିତ)—୧। ବିଘ୍ନ-ସୁବିଧା ରହିତ—1. Free from obstacles. ୨। ଜଟିଳତା ଗୋଳମାଳରହିତ—2. Free from complications. ୩। ଶାନ୍ତ; ସୁଶୀଳ—3. Meek; good. ୪। ସୁଗରୁ; ଶୋଭନ; ସୁନ୍ଦର; ସୁଦୃଶ୍ୟ—4. Beautiful. ୫ । ସହଜ—5. Easy· କ୍ରି. ବିଣ—୧। ସୁଗରୁରୁପେ; ସୁନ୍ଦରରୂପେ—1. Beautifully. [ଉ—ସୁରୁଖୁରୁ ଚଳିବ ସଂସାର, ଖୁଡାଙ୍କର ଅଳ ଘର ଦେଲେ ଘର ଘର ଲେ ଡୋଇଲ !—କାଳକୃଷ୍ଣ. ଅକାଳ ଡୋଇଲ ।] ୨। ନିର୍ଦ୍ଦ୍ୱନ୍ଦ୍ୱରେ—2. Easily. ୩। ନିର୍ବିଘ୍ନରେ—3. Without any let or hindrance. [ଉ—କାମକାମ ସବୁ ସୁରୁଖୁରୁରେ ହୋଇ ଯାଉଛୁ—ଉକାଷ୍ଟ. ରତ୍ନମାଳା ।]

ସୁରୁଖୁରିଆ—ଦେ· ବିଣ. ପୁଂ ଓ ସ୍ତ୍ରୀ—୧। ଶାନ୍ତ; ସୁଶୀଳ—1. Meek; mild. ୨। ଯେ ଦୁଷ୍ଟ ନୁହେଁ—2. One who is not wicked· (ସୁରୁଖୁରିଆ—ସ୍ତ୍ରୀ) ଶାନ୍ତଶିଷ୍ଟ ସୁରୁଖୁରିୟା

ସୁରୁଖୁରୁରେ—ଦେ. କ୍ରି. ବିଣ—ସୁରୁଟୁରୁ (ଦେଖ) Surukhurure Surakhur (See)

ସୁରୁଗୁଡ଼ା—ଦେ. ବିଣ. ପୁଂ ଓ ସ୍ତ୍ରୀ (ସ. ଶୀର୍ଣ୍ଣକାୟ)—୧ । ଅତି କ୍ଷୀଣ-କାୟ—1. Very lean. ୨ । ଶୀର୍ଣ୍ଣ—ରୋଗାପଟକା 2. Emaciated· ୩। ଦ୍ରୁସ୍ୱଶରୀରଯୁକ୍ତ; ବାମନ—3. Dwarfish. (ସୁରୁଗୁଡ଼ିଆ—ଅନ୍ୟରୂପ) (ସୁରୁଗୁଡ଼ୀ—ସ୍ତ୍ରୀ) ଦୁବଳା ପତଳା

ସୁରୁଗୁଲି—ଗାଦେ. (ଗଞ୍ଜାମ) ବ—ସୁରୁବୁଲି (ଦେଖ) Suruguli Surubuli (See)

ସୁରୁଙ୍ଗ—ସଂ· ବ—ଶୋଭାଞ୍ଜନ; ଶଜନା (ଶଜମାଳା) —The Indian horse radish tree. Surunga

ସୁରୁଙ୍ଗା—ସଂ· ବ—ସୁରଙ୍ଗ। (ଜଟାଧର) (ଦେଖ) Surungā Surańga (See)

ଦେ· ବ—ଚଲକା ହ୍ରଦରେ ମିଳୁଥିବା ଏକପ୍ରକାର ମାଛ—A kind of fish (in the Chilka)·

ସୁରୁଙ୍ଗାଢ଼ି—ସଂ. ବ (ସୁରୁଙ୍ଗା + ଅଡ଼ି)—ସିନ୍ଧଛାଳ ଗୋର; ସୁରଙ୍ଗଯୁକ୍ତ ଅଧଃସ୍ଥୋର; ଭୂଜମ୍ବିଲ (ଶବ୍ଦରତ୍ନାବଳୀ)—A house breaker, who bores a tunnel into a house. Surungāḍhi

ସୁରୁଚ—ଗ୍ରା. ବ (ସ. ସ୍ରୁଚ)—ସ୍ରୁକ୍ (ଦେଖ)—Sruk (See) Surucha

ସଂ· ବ—ଜ୍ୱଜ୍ୱଳ ପ୍ରକାଶ; ଦୀପ୍ତି (ହେ. ଶ)—Luminosity; bright display. ସଂ. ବିଣ—ସୁନ୍ଦର ପ୍ରକାଶବଶିଷ୍ଟ (ହେ. ଶ)—Finely luminous or bright.

ସୁରୁଚି—ସଂ. ବ (କର୍ମଧା)—୧ । ଶୋଭନରୁଚି; ଅଶ୍ଳୀଳତା ବର୍ଜ୍ଜିତ ରୁଚି—1. Good taste; taste free from obscenity. ୨ । ଅତ୍ୟନ୍ତ ପ୍ରସନ୍ନତା (ହେ. ଶ)—2. Much favourableness. ୩ । (ନାମ; ସ୍ତ୍ରୀ) ଧ୍ରୁବଙ୍କ ବମାତା—3. Step-mother of Dhruba. ୪ । (ପୁଂ) ଗନ୍ଧର୍ବରାଜବିଶେଷ—4. Name of a king of the Gandhārbas. ୫ । (ନାମ) ଯକ୍ଷବିଶେଷ—5. Name of a Jāksha. ବିଣ—୧ । ଶୋଭନ ରୁଚିବଶିଷ୍ଟ—1. Of good taste. ୨ । ରୁଚିକର; ସୁନ୍ଦର—2. Tasteful.

ସୁରୁଚିମାନ୍—ସଂ. ବ (ରୁଚିମତ୍ ଶବ୍ଦ; ସୁରୁଚି + ମତ୍) = ଶୋଭନ ରୁଚିବିଶିଷ୍ଟ—Of polished taste. Suruchimān

ସୁରୁଚିର—ସଂ. ବିଣ—୧ । ମନୋହର—1. Charming. ୨ । ଦୀପ୍ତିଶାଳୀ; ଜ୍ୱଜ୍ୱଳ—2. Bright. Suruchira (ସୁରୁଚିର୍—ସ୍ତ୍ରୀ) (ସୁରୁଚିରତା—ବ)

Digitized by srujanika@gmail.com

ସୁରୁଚି ସଙ୍ଗ(ମ୍ଭ)ତ—ବି. ବ—ଶୋଭନ ରୁଚିର ଅନୁମୋଦିତ—Of Suruchi saṅga(mma)ta polished taste; approved by good taste; tasteful.

ସୁରୁଜ—ବି. ଦେ. ପୁଂ (ବଦ୍ଧକୃ୍ଚ୍ଛ୍ର; ସୃ+ରୁଜ)—ରୁଗ୍ଣତା; ପୀଡ଼ିତ Suruja (ହୃ, ଶ)—Ill. ଗ୍ରା° ବ—୧ । (ସଂ· ସୂର୍ଯ୍ୟ) ସୁଜ୍ଜ ସୁରୁଜ ସୂର୍ଯ୍ୟ ଇତ୍ୟାଦି (ଦେଖ)—1. Sūrjya etc (See) ୨ । (ସଂ) ସୂର୍ଯ୍ୟମଣି ନାମକ ସୁରୁଷର ଡାକ ନାମ—Nickname for Sūrjyamaṇi.

ସୁରୁଜମଣି—ଗ୍ରା. ବ (ପୁଂ ଓ ସ୍ତ୍ରୀ)—ସୂର୍ଯ୍ୟମଣି ନାମକ ସୁରୁଷର ଓ Surujamaṇi ସ୍ତ୍ରୀର ଡାକ ନାମ—Nickname for ସୁଜ୍ଜମନୀ ସୁରୁଜମନୀ Sūrjyamaṇi.

ସୁରୁଜମୁଖୀ—ଗ୍ରା· ବ (ସଂ. ସୂର୍ଯ୍ୟମୁଖୀ —ସୂର୍ଯ୍ୟମୁଖୀ (ଦେଖ)— Surujamukhī Sūrjyamukhī (See) ସୁଜ୍ଜମୁଖୀ ସୁରୁଜମୁଖୀ

ସୁରୁଜୀ—ଗ୍ରା, ବ (ସ୍ତ୍ରୀ)—ସୂର୍ଯ୍ୟମଣି ନାମ୍ନୀ ସ୍ତ୍ରୀର ଡାକ ନାମ— Surujī Nickname for Sūrjyamaṇi. ସୁର୍ଜୀ ସୁରୁଜମନୀ

ସୁରୁଟି—ଦେ· ବ (ବଣିଅଣ୍ଡ)—ସୁନା ବା ଠାକୁରଙ୍କ ଆଗରେ ରଖିବା Suruṭi ପାଇଁ ବ୍ୟବହୃତ ମୟୂରମୁଠି ପର ମୟୂର ପୁଚ୍ଛଗୁଚ୍ଛବନ୍ଧିଥିବା ରୂପାର ବଇଠି—A silver holder for holding a bound bunch of peacock tail put before a Raja or an idol.

ସୁରୁଣ—ଗ୍ରାଦେ· (ବଲ୍ଲଙ୍କିର ପାଠଣା) ବ—ସ୍ମରଣ— Suruṇa Recollection; reminding.

ସୁରୁତ—ଗ୍ରାଦେ (ବଲ୍ଲଙ୍କିର ପାଠଣା) ବ ଓ ବଣ —ସ୍ୱାଦ— Suruta Taste.

ସୁରୁତା—ଗ୍ରାଦେ· (ବଲ୍ଲଙ୍କିର ପାଠଣା) ବ—୧ । (ଭୁଲ· ହୃ. ସରୌତା; Surutā ସରୋତା) ଗୁଆକାଢ଼ି—1. Nut-cracker. ୨ । ସ୍ମରଣ—2. Remembrance.

ସୁରୁତା କରିବା—ଗ୍ରାଦେ· (ବଲ୍ଲଙ୍କିର ପାଠଣା) କ୍ରି—ସ୍ମରଣ କରିବା— Surutā karibā To recollect; to remember.

ସୁରୁତି—ବୈଦେ. ବ (ଡର୍ଟ୍ରୁରୀନ୍)—ଭଗ୍ୟ ପରୀକ୍ଷାବିଶେଷ; ସୁର୍ତ୍ତି Suruti ଲଟ୍ଟ୍ଟ—Lottery. ଦେ·ବ (ହୃ. ସ୍ୱସ୍ତ୍ରୀ ଦେଶୀସୂନାମ ସୁର୍ତ୍ତି ସୁରତ (Surat)ରୁ;ଏହା ପ୍ରଥମେ ସୁରତ ଦେଶରେ ଅବସ୍ଥିତ ଜୁଆ ହୋଇ ଥିବାରୁ)—ପାନ ସଙ୍ଗେ ଖିଆଯିବା ପାଇଁ କାଶୀ,ଗୁଜରାଟ, ସୁର୍ତ୍ତି ବମ୍ବେ, କଲିକତା ଆଦିରେ ପ୍ରସ୍ତୁତ ଏକ ପ୍ରକାର ତମାକୁର ଚୂର୍ଣ୍ଣ ସୁରତୀ, ଖୈନୀ —A preparation from tobacco ସୁର୍ତ୍ତି chewed with betel. [ଦ୍—ଏହା ପାନ ସଙ୍ଗେ ଗୁଣ୍ଡି ସମୃତୀ ପର ବ୍ୟବହୃତ ହୁଏ ।] ଗ୍ରା. ବ. (ସଂ. ଶ୍ରୁତି; ସ୍ମୃତି ବ)— ସ୍ମରଣ; ଧର୍ମଶାସ୍ତ୍ର ଆଦି—Scripture; religious tract.

ସୁରୁଦ୍ରି—ସଂ, ବ—ଶତଦ୍ରୁ ନଦୀର ଏକ ନାମ (ହୃ. ଶ)— Surudri A name of the Sutlej river.

ସୁରୁନୁନି—ଗ୍ରାଦେ (ସମ୍ବଲପୁର) ବ—ସାନ ଝିଅ; ସାନ ଝୋଙ୍କା— Surunūni A very young girl.

[ଦ୍—ମାଗୁର ମାଛର ମୁଣ୍ଡ ଚେପଟା, ଝେଙ୍ଗଣା ମାଛର କଣ୍ଟା, ଅମ୍ଳ ସୁରୁନୁନା ସପୁର ଅଣ୍ଡା, ଘୋଳ ଦେବ ଡୋଙ୍ଗା ମଠା—ଉପ ।]

ସୁରୁପୁଅ—ଗ୍ରାଦେ. (ସମ୍ବଲପୁର) ବ—୧ । କୋଡ଼ଘୋଷ ପୁଅ— Suru pua 1. Parents' last son. ୨ । ଦୁଗ୍ଧ ଘୋଷ୍ୟ ବାଳକ; ଶିଶୁ ବାଳକ—2. A male-child.

ସୁରୁବ—ଗ୍ରା· ବ (ସଂ. ସ୍ରୁବ)—ସ୍ରୁବ (ଦେଖ) Suruba Sruba (See)

ସୁରୁବୁଲି—ଦେ. ବ—୧ । (ସଂ. ଚର କିମ୍ବା ଚରବନ୍ଧୀ)—ଲୁଗା ବା Surubuli ସୂତା ରଙ୍ଗାଇବାରେ ବ୍ୟବହୃତ ଅଳୁଣାଦ ବର୍ଗର ସୁରବଳୀ ଝେଉଥାଡ଼ା ପତ୍ର ଗୁଳ୍ମ ବିଶେଷ—1. Oldenଚିରବଳ, ସୁରବୁଲି landia Umbellata; Morenda Tincoria. [ଦ୍—ଏ ଗୁଳ୍ମ ବଙ୍ଗ ଦେଶଠାରୁ ହିନ୍ଦୁସ୍ଥାନ ପର୍ଯ୍ୟନ୍ତ ଉତ୍ତରର ବାଲୁଅ ଭୂମିରେ ସଦଂଜ ଜାତ ହୁଏ ଏବଂ ୬ ମାସ ମାଳ ବଞ୍ଚେ । ଏହାର ତେରର ଛାଲରୁ ସୁନର ନାଲ ରଙ୍ଗ ବାହାରେ । ଏହି ନାଲ ରଙ୍ଗରେ ରୁବୁଲ ସାଡ଼ିର ଧଡ଼ର ସୂତା ରଙ୍ଗାଯାଏ । ମଲ୍ଲଲପଟ୍ଟଣା ଅବା ସମୁଦ୍ର ଉପକୂଳସ୍ଥ ବାଲିଆ ମାଟି ଥିବା ଅଞ୍ଚଳରେ ଏ ଗଛର କୃଷି କରାଯାଏ । ଏଥିର ମଞ୍ଜି ଅଷାଢ଼ ମାସରେ ବୁଣାଯାଏ (ହୃ. ଶବ୍ଦସାଗର)

ଡାକ୍ତର ବ୍ରଧାଚରଣ ପଣ୍ଡା କହନ୍ତି ଯେ, ଚଲ୍ଲିକା ମଧ୍ୟ କେତେକ ଦ୍ୱୀପରେ ପୂର୍ବେ ଏକ ପ୍ରକାର ଘାସ ମିଳୁଥିଲା । ଏହି ଘାସମୂଳରୁ ରଙ୍ଗ ତିଆର ହେଉଥିଲା । ସେହି ରଙ୍ଗ ସୁରୁବୁଲି ଲୁଗାରେ ଦିଆ ଯାଉଥିଲା । ବର୍ତ୍ତମାନ ବଣ୍ଡେଣୀ ରଙ୍ଗର ପ୍ରସ୍ତୁତ ଯୋଗୁଁ ଏ ରଙ୍ଗର ଆମଦାନି କମ ହୋଇଅଛି ।] ୨ । ଚଲ୍ଲିକା ମଧ୍ୟସ୍ଥ ଝାମୁରେ ମିଳିବା ଏକ ପ୍ରକାର ଘାସ (ଏହାର ତେରରୁ ସିଝାଇଲେ ନାଲ ରଙ୍ଗ ବାହାରେ)—2. A kind of grass found on some of the islands of the Chilka lake. ୩ । (ଏ ସାଢ଼ିର ଧଡ଼ ସୁରୁବୁଲି ତେରରୁ ବାହାରିବା ରଙ୍ଗରେ ରଙ୍ଗା ଯାଇଥିବାରୁ) ଅଳ୍ପ ସ୍ତ୍ରୀ ଲୋକମାନଙ୍କ ପିନ୍ଧିବା ଦେଶୀ ନାଲଧଡ଼ିଆ ଏକ ପ୍ରକାର ଧଳା ଶାଢ଼ୀ— 3. A species of red bordered white cloth for females. [ଦ୍—ଏହାର ଧଡ଼ ୪।୬ ଅଙ୍ଗୁଳ ଚଉଡ଼ା ଓ ଧଡ଼ ତଳେ କୁମ୍ଭ ବା କାଙ୍କୁଡ଼ ପଡି ଥାଏ ଏବଂ ଏହାର ମଡୁଣ୍ଡା ୧୩ ହାତ ପର୍ଯ୍ୟନ୍ତ ବ୍ୟାପି ଥାଏ ।]

ସୁରୁବେଲ—ଗ୍ରାଦେ. (ଚଲ୍ଲିକା ଅଞ୍ଚଳ) ବ—୧ । ଏକପ୍ରକାରର ଝିନ୍ଦ— Surubeli 1. A kind of shell. ୨ । ସୁରୁବୁଲି ୨।୩ (ଦେଖ)—2. Surubuli 2-3 (See)

Digitized by srujanika@gmail.com

ସୁରୁମଇ କଲମ—ବୈଦେ· ବ—ସୁରମଇ କଲମ (ଦେଖ)
Surumai kalama Suramai kalama (See)
(ସୁରୁମ୍ବ—ଅନ୍ୟରୂପ)

ସୁରୁମା—ବୈଦେ. ବ (ଫା. ସୁର୍‌ମହ୍)——୧ । ଆଖିରେ ଅଞ୍ଜନାର୍ଥ
Surumā ବ୍ୟବହୃତ ଜଲାଗୁଣ୍ଡା ଦ୍ରବ୍ୟ—1. Galena; a
ସୁର୍ମା black powder used as a paint for the
सुरमा eye. ୨ । ରସାଞ୍ଜନ—2. Sulphuretted antimony used as collyrium; stilenite. [ଦ୍ର—ଅଣ୍ଟିମନ୍ ନାମକ ଧାତୁ ଓ ଗନ୍ଧକ ମିଶ୍ରିତ ଏ ମାଲଡ଼ଣ୍ଡି ଖଣିଜ ଦ୍ରବ୍ୟ ପାରସ୍ୟ, ଯୁରାବ ଓ ବୃହତ୍ତଦେଶରେ ମିଳେ । ଏହାର ଚୂର୍ଣ୍ଣ ଚକ୍ଷୁର ଅଞ୍ଜନ ରୂପେ ବ୍ୟବହୃତ ହୁଏ । ବଜାରରେ ଯାହା 'ସୁରୁମା' ବା ସୁର୍ମା ନାମରେ ବିକା ଯାଏ ତାହା ସୀସା ଓ ଗନ୍ଧକର ମଣ୍ଡଣ (galene). ଏହା କାଜୁଲ ଓ ବୋଗାସ୍‌ରୁ ଅସେ । ଗ୍ଲାସ୍‌ଗାଜାରେ ବ୍ୟବହୃତ ସୀସା ଅକ୍ସଇ (ଷ୍ଟାଇସ୍)କୁ ତରଳ କରିବା ପାଇଁ ଏହା ସୀସାରେ ମିଶାଯାଏ ।]

ସୁରୁମାଦାନ୍(ନି)—ବୈଦେ. ବ (ଫା.ସୁରମହ୍‌ଦାନ୍)—ସୁରୁମା ରଖିବାର
Surumādān(nī) ଛୋଟ ଶିଶି—A small phial for
ସୁର୍ମାଦାନ सुरमादान(नी) keeping galona.

ସୁରୁ(ର)ମା ସଫେଦ୍—ବୈଦେ· ବ (ଫା)—୧ । ଏକ ପ୍ରକାର ଖଣିଜ
Suru(ra)mā saphed ପଦାର୍ଥ—1. Gypsum. [ଦ୍ର—
ସଫେଦ ସୁର୍ମା ଏହାର କଣ୍ଠି ତରଳାଅ ମିଶା ଧଳା; ଇଲେକ୍ଟ୍ରୋ-
सुरमा सफेद ଷ୍ଟାଇଟ୍ ବା ରବର୍ ମୋଦ୍ଧରର ଛାଞ୍ଚ କରିବା ପାଇଁ
(ସ୍ତ୍ରୀ ସଫେଦ୍—ଅନ୍ୟରୂପ) ପାରସ୍ ପ୍ଲାଷ୍ଟର୍ (Plaster of Paris) ଏଥିରୁ ଛାଞ୍ଚର କ ସ୍ତ୍ରୀଯାଇ ପାରେ । ସାଧାରଣତଃ ଏଉଦ୍ଦ୍ୟଶ୍ୟ ସୀସାର ଓ ଅନ୍ୟ ଧାତୁର ଦ୍ରବ୍ୟମାନ ଯୋଡ଼ାଯାଏ ହ. ଶ] ୨ । ଚିକ୍କଣ ସର ଧଳା ଖଣିଜ ପଦାର୍ଥ ବିଶେଷ—2. A kind of white mineral. [ଦ୍ର—ଏହା କାଜୁଲ ଅଞ୍ଚଳର ପାହାଡ଼ମାନଙ୍କରେ ମିଳେ । ଆଖିର ଜଳା ଗୋଡ଼ାରେ ଓ ମେହ ଆଦ ରୋଗରେ ଏହ ଉପକାସ୍ତ । ହ. ଶ

ସୁରୁଷୋ—ସ୍ତାଦେ (ବଲାଙ୍ଗିର ପାଟଣା) ବ (ତୁଳ. ହ· ସରସେଁ ।)—
Surusho ସୋରିଷ—Mustard seed.

ସୁରୁସୁରୁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ଜଳର ଅଳ୍ପ ସ୍ରୋତ
Surusuru ସୁତରେ ରେଖା କ୍ରମେ ପଡନ ହେବାର ଶବ୍ଦ—
ସୁର୍‌ସୁର୍ 1. Low sound or gurgling of water
सुरसुर dropping in a very slender line.
୨ । ସୁଲୁସୁଲୁ (ଦେଶ)—2. Sulusulu (See) [ଉ—ସୁରୁସୁରୁ ସ୍ତନେ ପେଟେ ଢେଦାରେ କାନ୍ଦାରେ, ପ୍ରସରେ ସଲସ୍ତ ସ୍ତ୍ରୀଙ୍କ ସରମଳ ସଙ୍ଗ । ଜଗନ୍ନାଥ· ମହାଯାଶା ।]
ସ୍ତାଦେ· (ଚାଷଣା) ବିଣ (ବହୁବଚନ)—ସାନ ସାନ—
Small (plural).

ସୁରୁହା—ସ୍ତା. ବ (ସଂ. ସ୍ପୃହା)—ସ୍ପୃହା (ଦେଖ)
Suruhā Spṛuhā (See)

ସୁରୂପ—ସଂ. ବ—୧ । ଶୋଭନ ରୂପ; ସୁନ୍ଦର ରୂପ—1. Charming
Surūpa or beautiful form. ୨ । ତୁଲା ଯନ୍ତ୍ର (ବ୍ରଜ ଭାଷା)—2. Balance. ୩ । ଶିବ (ହ. ଶ)—3. A name of Śiba. ୪ । କାର୍ପାସ (ହ. ଶ)—4. Cotton. ୫ । ପରଷାଗଛ (ହ· ଶ)—5. A kind of tree. ୬ । କାମଦେବ (ହ. ଶ)—6. Cupid personified. ୭ । ଅଶ୍ୱିନୀକୁମାର ଦ୍ୱୟ (ହ. ଶ)—7. The twin sons of Aświnī. ୮ । ନକୁଳ ପାଣ୍ଡବ (ହ. ଶ)—8. The 4th Pāṇḍaba brother. ୯ । ପରୂରବା (ହ. ଶ)—9. Parurabā. ୧୦ । ନଳକୂବର (ହ· ଶ)—10. Nalakūbara. ୧୧ । ଶାମ୍ବ (ହ. ଶ)—11. Śāmba. ବିଣ—୧ । (ବହୁବ୍ରୀ ହ) ଶୋଭନରୂପ
(ସୁରୂପା—ସ୍ତ୍ରୀ) ବିଶିଷ୍ଟ; ରୂପବାନ୍—1. Charming, beautiful; symmetrical. ୨ । ବିଦ୍ୱାନ୍ (ହ· ଶ)—2. Learned. ୩ । ବୁଦ୍ଧିମାନ (ହ. ଶ)—3. Intelligent.

ସୁରୂପା—ସ. ବିଣ. ସ୍ତ୍ରୀ (ସୁରୂପ+ଅ)—ସୁରୂପର ସ୍ତ୍ରୀଲିଙ୍ଗ; ସୁନ୍ଦର୍ଯ୍ୟ—
Surūpā Feminine of 'Surūpa'. ବ—୧ । ଶାଲପର୍ଣ୍ଣୀ (ବ୍ରଜ ଭାଷା) (ଦେଶ)—1. Śālaparṇṇī (See) ୨ । ଭାର୍ଗୀ (ବ୍ରଜଭାଷା) (ଦେଶ)—2. Bhārgi (See) ୩ । ସୁନ୍ଦର ସ୍ତ୍ରୀ—3. Beautiful woman. ୪ । ରୂପା—4. Silver. (ଉ—[୩+୪] ବହୁବ୍ରୀ ସୁଉଯୋଗ ସଉ ସୁରୂପା । ବ୍ରଜ· ବୈଦେପ୍ସାଶବ୍ଦଲାସ୍ତ ।) ୫ । ସେବଗ (ହ. ଶ)—5. Muskrose. ୬ । ବାର୍ଷିକା ମଲ୍ଲିକା (ହ. ଶ)—6. Jasminum Sambac.

ସୁରୁହକ—ସଂ· ବ (ସୁ+ରୁହ୍· ଧାତୁ+କ୍ୱୁ. ଅକ; ଯାହା ଉପରେ ସୁଖରେ ଆରୋହଣ କରିପାଏ)—ଗର୍ଦ୍ଦଭ (ଦ୍ୱେମ-ଚନ୍ଦ୍ର); ଖଚର—Mule.

ସୁରେଇ—ବୈଦେ· ବ (ଫା)—ସୁରାଇ (ଦେଶ)—Surāi (See)
Surei ସ୍ତାଦେ (ଗଞ୍ଜାମ) ବ—୫ର—A spouted jug.

ସୁରେଖ—ସଂ. ବିଣ (ସୁ+ରେଖା)—୧ । ସୁନ୍ଦର ରେଖାଯୁକ୍ତ—
Surekha 1. Having beautiful lines. ୨ । ସୁନ୍ଦର—
(ସୁରେଖା—ସ୍ତ୍ରୀ) 2. Beautiful. (ଉ—ସୁନ୍ଦର ସର୍ବ୍ୱାଙ୍ଗସୁନ୍ଦର ସୁଖ, କୁଞ୍ଚିତ କୁନ୍ତଳ ସୁରେଖ । ଜଗନ୍ନାଥ. ଭାଗବତ ।)
ଦେ. ବ—ଗଞ୍ଜପା ସାରର ଫିକାରଙ୍ଗ—A pale blue colour used in painting the 'sun' cards of 'Gañjapā'.

ସୁରେଖା—ସ. ବିଣ. ସ୍ତ୍ରୀ—ସୁରେଖର ସ୍ତ୍ରୀଲିଙ୍ଗ—Feminine of
Surekhā Surekha. ସଂ. ବ—୧ । ସୁନ୍ଦର ରେଖା—1. Good line. ୨ । ହାତଗୋଡ଼ରେ ଥିବା ଶୁଭସୂଚକ ରେଖା (ହ. ଶ)—2. Auspicious lines in the hands and feet. ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ
ନାମ—A name given to females.

Digitized by srujanika@gmail.com

ସୁରେଖିତ—ବେ. ଭ—ଉତ୍ତମରୂପେ ରେଖା ଟଣା ଯାଇଥିବା—
Surekhita ସୁରେଖାଙ୍କିତ ସୁରେଖିତ Well-lined.
(ଉ—ସୁରେଖିତ ଅଳଙ୍କାରରେ ଦେଖିଲେ ରଞ୍ଜିତ ମନ । ଗ୍ରାଚୀ, ରସକାରଖ ।)

ସୁରେଜ୍ୟ—ସଂ, ବ. ପୁଂ (ସୁର+ଇଜ୍ୟ=ଯୁଜ୍ୟ)—ସୁରଗୁରୁ;
Surejya ବୃହସ୍ପତି—Bṛuhaspati, the preceptor of the gods. ଭଂ. ସ୍ତ୍ରୀ (ଙ୍ଷ୍ୟା ଭତ୍)—ଦେବତାମାନଙ୍କ
(ସୁରେଜ୍ୟା—ସ୍ତ୍ରୀ) ପୂଜ୍ୟ; ଦେବପୂଜ୍ୟ—Adorable or honoured by the gods.

ସୁରେଜ୍ୟା—ସଂ. ଭଂ, ସ୍ତ୍ରୀ—ସୁରେଜ୍ୟର ସ୍ତ୍ରୀଲିଙ୍ଗ—Feminine of
Surejyā Surejya. ବ—୧ । ତୁଳସୀ (ଗୁଜ୍ଜନବର୍ଦ୍ଧକ)—
1. The holy Basil plant. ୨ । ବ୍ରାହ୍ମୀ (ହି.ଶ)—
2. Brāhmī (See)

ସୁରେଣୁ—ସ. ବ—୧ । ଦେବରେଣୁ (ହି· ଶ)—1. Particle or
Sureṇu speck of dust. ୨ । (ପୁଂ) (ନାମ) ଏକ ପ୍ରାଚୀନ ରାଜା (ହି· ଶ)—2. Name of a king of ancient India. ୩ । (ସ୍ତ୍ରୀ) ବିବସ୍ୱାନ୍‌ଙ୍କ କନ୍ୟା ଓ ବିବସ୍ୱାନ୍‌ଙ୍କ ପତ୍ନୀ—3. Name of a wife of Bibaswāṇu. ୪ । (ସ୍ତ୍ରୀ) ପୌରାଣିକ ନଦୀ ବିଶେଷ—
4. Name of mythological river.

ସୁରେତର—ସଂ. ବ (୫ମୀ ଭତ୍; ସୁର+ଇତର)—ଅସୁର (ହି· ଶ)
Suretara Demon.

ସୁରେତା—ସଂ. ବଣ (ସୁ+ରେତସ୍; ବହୁବ୍ରୀ; ୧ମା· ୧ବ)—ବହୁ-
Suretā ବୀର୍ଯ୍ୟବାନ୍ ବା ସାମର୍ଥ୍ୟବାନ୍ (ହି. ଶ)—
Very mighty.

ସୁରେନ୍ଦ୍ର—ସଂ. ବ. ପୁଂ (୭ମୀ ଭତ୍; ସୁର+ଇନ୍ଦ୍ର)—୧ । ଦେବେନ୍ଦ୍ର;
Surendra ବାସବ; ଇନ୍ଦ୍ର; ଦେବରାଜ—1. Indra; the king of the gods· ୨। ମ୍ଲେଚ୍ଛରାଜ; ରାଜା(ହି.ବି)—
ସୁରେନ୍ଦ୍ର 2. King. ବେ. ବ, ପୁଂ—ମ୍ଲେଚ୍ଛଙ୍କ ନାମ—A name
ସୁରେନ୍ଦ୍ର given to males.

ସୁରେନ୍ଦ୍ର କନ୍ଦ—ସଂ. ବ—ଜଙ୍ଗଲୀ ଓଲ୍ କଚୁ (ହି. ଶ)—
Surendra kanda Wild arum.
(ସୁରେନ୍ଦ୍ରକ—ଅନ୍ୟରୂପ)

ସୁରେନ୍ଦ୍ର କୁମାର—ସଂ. ବ· ପୁଂ (୬ଷ୍ଠୀ ଭତ୍)—ଇନ୍ଦ୍ରଙ୍କ ପୁତ୍ର—
Surendra kumāra The son of Indra. ବେ.ବ. ପୁଂ—ମ୍ଲେଚ୍ଛଙ୍କ ନାମ—A name given to males.

ସୁରେନ୍ଦ୍ର ଗୋପ—ସଂ· ବ—ଇନ୍ଦ୍ରଗୋପ ପୋକ (ହି. ଶ)—
Surendra gopa Cochineal insect.

ସୁରେନ୍ଦ୍ର ଚାପ—ସଂ· ବ—ଇନ୍ଦ୍ରଧନୁ—
Surendra chāpa Rainbow.

ସୁରେନ୍ଦ୍ରଜିତ୍—ସଂ. ବ (ସୁରେନ୍ଦ୍ର=ଇନ୍ଦ୍ର+ଜ, ୩ୀଭୁ=ଜୟ
Surendrajit କରିବା+କ୍ତି· କୃତ୍)—୧ । ଇନ୍ଦ୍ରଜିତ; ରାବଣର ପୁତ୍ର; ମେଘନାଦ—1. Name of a son of 'Rābaṇa'. ୨ । ଗରୁଡ଼ (ବଳାୟୁଧ)—
2. Garurda; the king of birds.

ସୁରେନ୍ଦ୍ରନାଥ ବନ୍ଦ୍ୟୋପାଧ୍ୟାୟ—ବେ. ବ (ନାମ)—କଲିକତାର ପ୍ରସିଦ୍ଧ
Surendranātha bandopāddyāya ସ୍ୱର୍ଗୀୟ ବକ୍ତା ଓ ଦେଶ-
ସୁରେନ୍ଦ୍ରନାଥ ବାନାର୍ଜି } —ଅନ୍ୟରୂପ ହିତୈଷୀ—Name of
ସୁରେନ୍ଦ୍ରନାଥ ବାନର୍ଜି } the late famous patriot and orator of Bengal. [ଦ୍ର—ଏହାଙ୍କର ଜନ୍ମ ଖ୍ରୀ· ୧୮୪୮ ଓ ମୃତ୍ୟୁ ୧୯୨୪ ସାଲରେ; ଏ କଲିକତାରୁ ବ, ଏ ପାଶ୍ କରି ସିଭିଲ୍ ସର୍ଭିସ୍ ପରୀକ୍ଷା ଦେବା ପାଇଁ ବିଲାତ ଯାଇଥିଲେ ଓ ପରୀକ୍ଷା ପାଇଁ ନିର୍ଦ୍ଦିଷ୍ଟ ବୟସ୍‌ଠାରୁ ଏହାଙ୍କ ବୟସ ଅଳ୍ପ ଥିବାରୁ ପ୍ରଥମେ ଗୋଳମାଳ ଘଟିଥିଲା; କିନ୍ତୁ ପରେ ଏ ଭୁକ୍ତ ପରୀକ୍ଷାରେ ପାଶ୍ କରି କେତେକ ଦିନ ସିଭିଲ୍‌ଦ୍ୱାରେ ଅସିଷ୍ଟାଣ୍ଟ୍ ମାଜିଷ୍ଟ୍ରେଟ୍ ହୋଇ ପରେ ଉକ୍ତ ପଦରୁ ଅନ୍ତର ହୋଇଥିଲେ । ପରେ କଲିକତାର କେତେକ କଲେଜ୍‌ରେ ପ୍ରଫେସର କରି ସ୍ୱୟଂ ରିପନ୍ କଲେଜ୍ ନାମକ ଗୋଟିଏ କଲେଜ୍ ପ୍ରତିଷ୍ଠା କରିଲେ । ଏ ଛାତ୍ରମାନଙ୍କୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ ଓ ଛାତ୍ରମାନେ ମଧ୍ୟ ଏହାଙ୍କୁ ଦେବତା ତୁଲ୍ୟ ଭକ୍ତି କରୁଥିଲେ । ଏ ଇଣ୍ଡିଆନ୍ ଆସୋସିଏସନ୍ ନାମକ ଗୋଟିଏ ସ୍ୱଜାତୀୟ ସମିତି ସ୍ଥାପନ କରି ଭାରତୀୟମାନଙ୍କ ସ୍ୱତନ୍ତ୍ରତା ଅକ୍ଷୁଣ୍ଣ ରହିବା ପାଇଁ ଅନେକ ଲଢ଼ିଥିଲେ । ଏ 'କେଙ୍ଗ୍ରେସ୍' ନାମକ ଗୋଷ୍ଠୀ ଇଂରାଜୀ ସମ୍ବାଦପତ୍ର ସମ୍ପାଦନ କରୁଥିଲେ । ଭାରତରେ ଏ ଜଣେ ଅସାଧାରଣ ବାଗ୍ମୀ ଥିଲେ । ଭାରତବାସୀଙ୍କ ସ୍ୱାୟତ୍ତଶାସନାଦି ଅଧିକାର ପାଇଁ ଭାରତବ୍ୟାପୀ ନାନା ଆନ୍ଦୋଳନରେ ଏ ଅଗ୍ରଣୀ ହୋଇଥିଲେ ଓ ଏହି ଆନ୍ଦୋଳନ ପ୍ରସଙ୍ଗରେ ଇଂଲଣ୍ଡକୁ ଯାଇ ସେଠାରେ ମଧ୍ୟ ବକ୍ତୃତାଦି କରିଥିଲେ । ବଙ୍ଗକୁ ଗଭର୍ଣ୍ଣମେଣ୍ଟ ୧୯୦୭ ସାଲରେ ଦୁଇଟି ପ୍ରଦେଶରେ ବିଭକ୍ତ କରିବା ଯୋଗୁଁ ଭାରତବ୍ୟାପୀ ସେଇଁ ଆନ୍ଦୋଳନ ହୋଇଥିଲା, ସେଥିରେ ଏ ଜଣେ ପ୍ରଧାନ ନେତା ଥିଲେ । ଏ ଗଭର୍ଣ୍ଣମେଣ୍ଟଙ୍କ ଆଦେଶ ନିରୁତ୍ତରେ ବରିଶାଲର ପ୍ରାଦେଶିକ ସମ୍ମେଳନୀକୁ ଚଳାଇ ଥିବାରୁ ଗଭର୍ଣ୍ଣମେଣ୍ଟଙ୍କଦ୍ୱାରା ଧୃତ ହୋଇ ଦଣ୍ଡିତ ହୋଇଥିଲେ, କିନ୍ତୁ ହାଇକୋର୍ଟରେ ଅପୀଲ କରି ଖଲାସ ପଡ଼ିଲେ । ଭାରତର ବିଶେଷତଃ ବଙ୍ଗଦେଶର ସମସ୍ତ ସ୍ୱଜାତୀୟ ଆନ୍ଦୋଳନରେ ଏ ନିର୍ଭୀକଭାବରେ ଯୋଗ ଦେଇ ୪୦ ବର୍ଷକାଳ ଦେଶ-ସେବାରେ ଜୀବନକୁ ଉତ୍ସର୍ଗ କରିଥିଲେ । ଏ ମଧ୍ୟ ଭାରତୀୟ କଂଗ୍ରେସର ଜଣେ ପ୍ରଧାନ କର୍ମୀ ଥିଲେ; ବଡ଼ ଲାଟ ଓ ଛୋଟ ଲାଟଙ୍କ ବ୍ୟବସ୍ଥାପକ ସଭାରେ ବକ୍ତାଧିକ ଥର ମେମ୍ବର ହୋଇଥିଲେ ଏବଂ ମଣ୍ଟେଗୁ-ଚେମ୍ସ୍‌ଫୋର୍ଡ୍ ଶାସନ ସଂସ୍କାର ପ୍ରବର୍ତ୍ତିବା ପରେ ଏ ବଙ୍ଗପ୍ରଦେଶର ପ୍ରଥମ ମନ୍ତ୍ରୀ ହୋଇଥିଲେ ।]

ସୁରେନ୍ଦ୍ର ପୂଜ୍ୟ—ସ. ବଣ· ପୁଂ (୩ଷ୍ଠୀ ଭତ୍)—ଇନ୍ଦ୍ରଙ୍କ ପୂଜନୀୟ—
Surendra pūjya Adorable by Indra. ସ, ବ—
ବୃହସ୍ପତି—Bṛuhaspati.

Digitized by srujanika@gmail.com

ସୁରେନ୍ଦ୍ର ବଜ୍ରା—ସଂ. ବ – ବର୍ଣ୍ଣବୃତ୍ତବିଶେଷ; ଇନ୍ଦ୍ରବଜ୍ରା—Name of Surendra bajrā a Sanscrit metre. [ଦ୍ର—ଏଥିରେ ଦୁଇ ତଗଣ, ଏକ ଜଗଣ ଓ ଦୁଇଟି ଗୁରୁ ବର୍ଣ୍ଣ ଥାଏ ।]

ସୁରେନ୍ଦ୍ରବଧୂ—ସଂ. ବି. ସ୍ତ୍ରୀ—ଶଚୀ; ଇନ୍ଦ୍ରାଣୀ (ହି. ଶ)—Surendrabadhū The wife of Indra.

ସୁରେନ୍ଦ୍ର ବଟ—ସଂ. ବି—ଗ୍ରନ୍ଥଭେଦ (ହିତୋପଦେଶ); ଏକପ୍ରକାର ଗୁଆ—Surendra baṭa A species of areca nut.

ସୁରେଭ—ସଂ. ବି—୧ । ରଙ୍ଗ ନାମକ ଧାତୁ (ହିତୋପଦେଶ); Surebha ଟିଣ—1. Tin; a metal. ୨ । ଦେବଦନ୍ତୀ (ହି. ଶ)—2. An elephant used by the gods.

ସୁରେଶ—ସଂ. ବି (ସୁର + ଈଶ; ଷଷ୍ଠୀ ତତ୍ପୁ)—୧ । ସୁରେନ୍ଦ୍ର (ଦେବ)—Sureśa 1. Surendra (See) ୨ । ଶିବ (ହି. ଶ)—2. Śiba. ୩ । ବିଷ୍ଣୁ (ହି. ଶ)—3. Bishṇu. ୪ । ଲୋକପାଳ (ହି. ଶ)—4. The guardian Deities of the world. ଦେ. ବି. (ପୁଂ)—ପୁରୁଷଙ୍କ ନାମ—A name given to males.

ସୁରେଶ ଚନ୍ଦ୍ର (ପ୍ରସାଦ)—ଦେ. ବି (ପୁଂ)—ପୁରୁଷଙ୍କ ନାମ—Sureśa chandra (prasāda) A name given to ସୁରେଶଚନ୍ଦ୍ର (ପ୍ରସାଦ) ସୁରେଶଚନ୍ଦ୍ର (ପ୍ରସାଦ) males.

ସୁରେଶଚନ୍ଦ୍ର ବିଶ୍ୱାସ—ଦେ. ବି (ନାମ)—ଜନୈକ ସ୍ୱର୍ଗତ ଖ୍ୟାତନାମା Sureśachandra biśwāsa ବଙ୍ଗୀୟ ବୀରପୁରୁଷ—Name of a late celebrated hero of Bengal. [ଦ୍ର—ଏ ବଙ୍ଗର କୃଷ୍ଣନଗରରେ ୧୮୨୧ ଖ୍ରୀଃରେ ଜନ୍ମ ହୋଇଥିଲେ ଓ ୧୯୦୫ରେ ପ୍ରାଣତ୍ୟାଗ କରିଲେ । ଏ କଲେଜରେ ପଢ଼ିବା ଅବସ୍ଥାରେ ହରବାର ତ୍ୟାଗ କରି ଖ୍ରୀଷ୍ଟ ହୋଇଥିଲେ । ଏ ଇଂଲଣ୍ଡ, ଇଉରୋପ ଓ ଅମେରିକାର ନାନା ଦେଶ ବୁଲି ସର୍ବତ୍ର ସ୍ୱଜାତିଙ୍କୁ ଶାସନ କରିବାରେ ବଙ୍ଗେପ ଚେଷ୍ଟା ଦେଖାଇ ଘରେ ଦକ୍ଷିଣ ଆମେରିକାର ବ୍ରାଜିଲ୍ ରାଜ୍ୟରେ ସେନାବିଭାଗରେ ପ୍ରବେଶ କରି 'କର୍ଣେଲ୍' ହେରୁ 'ଫାଷ୍ଟ୍ ଲେଫ୍ଟନେଣ୍ଟ୍' ପଦ ପର୍ଯ୍ୟନ୍ତ ଉନ୍ନତି ଲାଭ କରିଥିଲେ । ଏ ବ୍ରାଜିଲ୍ ଦେଶବାସୀ ଜଣେ ଧନାଢ୍ୟ ଚନ୍ଦ୍ରଭଙ୍କ ତନୟାଙ୍କୁ ବାହାଘ କରି ଦକ୍ଷିଣ ଅମେରିକା ହଇଓ ଡି ଜେନେରୋ ନଗରରେ ୪୫ ବର୍ଷ ବୟସରେ ପରଲୋକ ଗମନ କଲେ । ଏ ଅଳ୍ପ ବୟସ୍କା ଓ ବିଧେ ଜ୍ଞାନରେ ସାରଦର୍ଶୀ ଥିଲେ । ବଦେଶରେ ଯୁବବୟସରେ ସାରଦର୍ଶିତା ଲାଭ କରି ବଦେଶୀୟ ଗଭର୍ଣ୍ଣମେଣ୍ଟଙ୍କଠାରୁ ଉଚ୍ଚ ସୈନିକ ସମ୍ମାନ ଲାଭ କରିବାରେ ଏ ଭାରତବାସୀଙ୍କ ମଧ୍ୟରେ ଅଗ୍ରଗଣ୍ୟ ।]

ସୁରେଶଚନ୍ଦ୍ର ସମାଜପତି—ଦେ. ବି (ନାମ)—ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ Sureśachandra samājapati ସ୍ୱର୍ଗତ ଜ୍ୟେଷ୍ଠ ଜାମାତା—The late eldest son-in-law of Īswara-chandra Bidyāsāgara (a Bengalee author and writer). [ଦ୍ର—ଏ ବଙ୍ଗର ଜଣେ ପ୍ରସିଦ୍ଧ ଗ୍ରନ୍ଥକାର, ପଣ୍ଡିତ ଓ ଲେଖକ, ବଙ୍ଗର ପ୍ରସିଦ୍ଧ 'ସାହିତ୍ୟ' ନାମକ ମାସିକ ପତ୍ରିକାର ଓ 'ବସୁମତୀ' ନାମକ ସାପ୍ତାହିକ ପତ୍ରିକାର ସମ୍ପାଦକ ଓ ସୁନ୍ଦରସୁଶ ଲେଖକ ଓ ବକ୍ତା ଥିଲେ । ଏହାଙ୍କ ରଚନା ଅତି ମଧୁର ଓ ସରସ ।]

ସୁରେଶପ୍ରସାଦ ସର୍ବାଧିକାରୀ—ଦେ. ବି (ନାମ)—ବଙ୍ଗର ପ୍ରସିଦ୍ଧ ସ୍ୱର୍ଗୀୟ Sureśaprasāda sarbādhikārī ଡାକ୍ତର—Name of a late famous doctor of Bengal. [ଦ୍ର—ଏହାଙ୍କର ପିତାମଧ୍ୟ ଜଣେ ଡାକ୍ତର ଥିଲେ । ଏ ବାଲ୍ୟକାଳରୁ ଅତି ଦୁର୍ବଳ ଥିଲେ । କଲିକତା ମେଡିକାଲ୍ କଲେଜ୍‌ରୁ ଉତ୍ତୀର୍ଣ୍ଣ ହୋଇ ଏ ଅଳ୍ପ ବୟସ୍କାରେ ଅଲୌକିକ କୃତିତ୍ୱ ଦେଖାଇ ଇଉରୋପୀୟ ଗୁରୁମାନଙ୍କୁ ବିସ୍ମୟ କରିଥିଲେ । ବଲ୍ଲଭର ପ୍ରସିଦ୍ଧ ଡାକ୍ତରମାନେ ମୁକ୍ତକଣ୍ଠରେ ଏହାଙ୍କର ନୈପୁଣ୍ୟକୁ ପ୍ରଶଂସା କରିଥିଲେ ।

ଏହାଙ୍କ ଚେଷ୍ଟାରେ ଡାକ୍ତର ମାଲବଡନ ସରକାର ପ୍ରମୁଖ ପ୍ରସିଦ୍ଧ ଚିକିତ୍ସକଗଣଙ୍କଦ୍ୱାରା ବଙ୍ଗରେ ଗୋଟିଏ ବେସରକାରୀ ଡାକ୍ତରୀ କଲେଜ (College of Surgeons and Physicians of Bengal) ପ୍ରତିଷ୍ଠିତ ହୋଇ ଭାରତବର୍ଷୀୟ ହୋଇଅଛି । ଏ ଅଳ୍ପଚିକିତ୍ସା ଓ ଔଷଧଚିକିତ୍ସାରେ ସମାନ ଭାବରେ ଯାଉଥିଲେ । ଏବଂ କଲିକତା ବିଶ୍ୱବିଦ୍ୟାଳୟର ଫେଲୋ ଓ ସିଣ୍ଡିକେଟ୍‌ର ମେମ୍ବର ମଧ୍ୟ ଥିଲେ ।]

ସୁରେଶୀ—ସଂ. ବି (ସୁର + ଈଶୀ)—ଦୁର୍ଗା—Sureśī Durgā.

ସୁରେଶ୍ଚନ୍ଦ୍ର—ସ୍ତ୍ରୀ. ବି—ସୁରେଶ ଚନ୍ଦ୍ର ନାମର ଅଶୁଦ୍ଧ ବନାନ ଓ ଉଚ୍ଚାରଣ—Incorrect spelling of Sureśchandra ସୁରେଶ୍‌ଚନ୍ଦ୍ର ସୁରେଶ ଚନ୍ଦ୍ର the name Sureśa chandra.

ସୁରେଶ୍ୱର—ସଂ. ବି. ପୁଂ (ଷଷ୍ଠୀ ତତ୍ପୁ)—୧ । ସୁରେନ୍ଦ୍ର (ଦେବ) Sureśwara 1. Surendra (See) ୨ । ମହାଦେବ; ଶିବ—2. God; Śiba. ୩ । ବ୍ରହ୍ମା (ହି. ଶ)—3. Brahmā.

ସୁରେଶ୍ୱର ରତ୍ନ—ସଂ. ବି. ପୁଂ (ଷଷ୍ଠୀ ତତ୍)—ଇନ୍ଦ୍ର ନୀଳମଣି (ହୀରା) Sureśwara ratna Indra nīlamaṇi (See)

ସୁରେଶ୍ୱରୀ—ସଂ. ବି (ଷଷ୍ଠୀ ତତ୍)—୧ । ଦୁର୍ଗା—1. Goddess Sureśwarī Durgā. ୨ । ସ୍ୱର୍ଗଗଙ୍ଗା (ଶବ୍ଦ ରତ୍ନାବଳୀ)—2. The Ganges of the heaven. ୩ । ଲକ୍ଷ୍ମୀ (ହି. ଶ)—3. Lakshmī. ୪ । ରାଧା (ହି. ଶ)—4. Rādhā.

ସୁରେଷ୍ଟ—ସଂ. ବି (ଷଷ୍ଠୀ ତତ୍; ସୁର = ଦେବ + ଇଷ୍ଟ = ପ୍ରିୟ)—Sureshṭa ୧ । ବଡ଼ ବା ବଗଡୁଆ ବା ଅଗସ୍ତି ଗଛ—1. Sesbania Grandifloria. ୨ । ଶାଳ (ବୃକ୍ଷ ବିଶେଷ)—2. The Sal tree. ୩ । ସୁରସୁନାର (ବୃକ୍ଷ ବିଶେଷ); ଛତୁଅନା—3. Ochrocarpus Longifolius (flowering tree). ୪ । ଶିବମଲ୍ଲୀ (ବୃକ୍ଷ

Digitized by srujanika@gmail.com

ଲର୍ଦ୍ଧ୍ଵ); ବଡ଼ ବକୁଳ ଫୁଲର ଗଛ (ବୃ. ଗ) — 4. The large-flowered variety of Bakula.

ସୁରେଷ୍ଟା—ସଂ. ବି. ସ୍ତ୍ରୀ (+ ଅ)—ବ୍ରାହ୍ମୀ (ବ୍ରହ୍ମବର୍ଦ୍ଧ୍ଵ) (ଦେଶ) Sureshṭā Prābhmī (See)

ସୁରେ ସୁରେ—ଗ୍ରାମ୍ୟ (ବଲ୍ଲଙ୍ଗିରୁଣ୍ଡଗାଣ୍ଡଣା) କ୍ରି. ବିଶ—ଅଳ୍ପ ଦୂରରେ- Sure sure At a short distance; at short distances.

ସୁରେହା—ଗ୍ରା. ବି (ସଂ. ସ୍ପୃହା)—ସ୍ପୃହା; ଲଲସା—Hankering. Surehā ବିଶ—ସୁରେହୁ (ଦେଶ)—Surehi (See) स्पृहा स्पृहा

ସୁରେହି—ଗ୍ରା. ବିଶ. ସୁଂ (ସଂ. ସ୍ପୃହା)—୧ । ସ୍ପୃହାଯୁକ୍ତ; ଲଲାୟିତ— Surehi 1. Hankering after a thing. ୨ । ଅନୁ- स्पृहायुक्त ରକ୍ତଯୁକ୍ତ—2. Attached to; addicted to. स्पृहायुक्त (ସୁରେହା—ସ୍ତ୍ରୀ) ୩ । ସୁରଇ (ଦେଶ) 3. Surāi (See)

ସୁରେହିବା—ଦେ. କ୍ରି—ସୁରେଇବା (ଦେଶ) Surehibā Sureibā (See)

ସୁରୈ—ସଂ. ବି (ସୁ + ରୈ=ଧନ ଯାହାର)—ଐଶ୍ୱର୍ଯ୍ୟଶାଳୀ; ଧନୀ — Surai Rich; affluent. ବୈଦେ. ବି—ସୁରାଇ (ଦେଶ) ସୋରାଇ सुराही Surāi (See)

ସୁରୋଚନା—ସଂ. ଈ. ସ୍ତ୍ରୀ (ନାମ)—କାର୍ତ୍ତିକେୟଙ୍କର ଏକ ମାତୃକା— Surochanā, Name of a mother of Kārttikeya.

ସୁରୋତ୍ତମ—ସଂ. ବିଶ (ସୁନ୍ଦ + ଉତ୍ତମ; ୬ମୀ ତତ୍) —ଦେବତାମାନଙ୍କ Surottama ମଧ୍ୟରେ ଶ୍ରେଷ୍ଠ—Chief amongst the gods. ବି—୧ । ସୂର୍ଯ୍ୟ (ଶବ୍ଦ କଲ୍ପଦ୍ରୁମ)—1. The sun. ୨ । ବିଷ୍ଣୁ (ବୃ. ଗ)—2. Bishnu.

ସୁରୋତ୍ତର—ସଂ. ବି—ଚନ୍ଦନ (ଶବ୍ଦଚନ୍ଦ୍ରିକା)— Surottara Sandal.

ସୁରୋଦ—ସଂ. ବି (ମ. ବ. ଲୋ; ସୁରା + ଉଦ=ଜଳ)—ସୁରା Surodā ସୁରାରୂପୀ ସୁନ୍ଦର ସମୁଦ୍ର—The mythological (ସୁରୋଦକ, ସୁରୋଦଧି—ଅନ୍ୟରୂପ) ocean of wine.

ସୁରୋମା—ସଂ. ବିଶ (ସୁଂ ଓ ସ୍ତ୍ରୀ) (ସୁ + ରୋମନ୍; ୪ମା. ୪ବ)— Suromā ଉତ୍ତମ ବା ସୁନ୍ଦର ଲୋମବିଶିଷ୍ଟ—Having good fur. ସଂ. ବି - ପଞ୍ଚବିଶେଷ (ବୃ ଶ)— A kind of vedic sacrifice.

ସୁରୌକା—ସଂ. ବି (୬ଷ୍ଠୀ ତତ୍; ସୁର + ଔକସ୍=ଗୃହ; ସୁରୌକସ୍; Surauk ୪ମା. ୪ବ)—୧ । ସ୍ୱର୍ଗ—Heaven. ୨ । ଦେବ- ମନ୍ଦିର—2. Temple.

ସୁର୍କା(ର୍ଖା)—ବୈଦେ. ବି (ଫା. ସୁର୍ଖ୍=ନାଲଅ)—ନାଲ ରଙ୍ଗର ଘାଘ- Surkā(rkhā) Pigeon of red colour. ସୁର୍କାପାୟରା सुर्खा

ସୁର୍କି—ବୈଦେ. ବି—(ଫା. ସୁର୍ଖ=ରକ୍ତବର୍ଣ୍ଣ)—ସୁରୁକ (ଦେଶ) Surki Suruki (See)

ସୁର୍କୁଟା(ଇତ୍ୟାଦି)—ଦେ. ବିଶ—ସୁରୁକୁଟା ଇତ୍ୟାଦି (ଦେଶ) Surkuṭā (ete) Surukuṭā etc (See)

ସୁର୍ଗୁର୍ଡା—ଦେ. ବିଶ—ସୁରୁଗୁଡା (ଦେଶ) Surgurdā Surugurdā (See)

ସୁର୍ଚ - ଗ୍ରା. ବି (ସଂ ସ୍ରୁଚ) —ସ୍ରୁଚ (ଦେଶ) Surcha Srucha (See)

ସୁର୍ତା—ଗ୍ରାଦେ. (ଗାରଣା) ବି (ଭୁଲ. ହି. ସରୌତା)—ସୁଅବାଡ଼— Surtā Nut-cracker.

ସୁର୍ତା କରିବା—ଗ୍ରାଦେ. (ବଲ୍ଲଙ୍ଗିର ଗାରଣା) କ୍ରି (ସଂ. ସ୍ମୃତି)— Surtā karibā ମନେ କରିବା—To recollect. मनें करना याद करना

ସୁର୍ତି—ବୈଦେ. ବି (ପର୍ତ୍ତୁଗୀଜ୍)—ସୁରୁତି (ଦେଶ) Surti Suruti (See)

ସୁର୍ବ—ଗ୍ରା. ବି (ସଂ. ସ୍ରୁବ)—ସ୍ରୁବ (ଦେଶ) Surba Sruba (See)

ସୁର୍ବୁଲି—ଦେ. ବି—ସୁରୁବୁଲି (ଦେଶ) Surbuli Surubuli (See)

ସୁର୍ମା (ଇତ୍ୟାଦି)—ବୈଦେ. ବି—ସୁରୁମା ଇତ୍ୟାଦି (ଦେଶ) Surmā(etc) Surumā etc (See)

ସୁର୍ଷି—ଦେ. ବି (ସଂ. ସୁର୍ଷର)—କୁଦୁଣ୍ଡା; ଜବାଖର ଶିକୁଳକୁ ଚଉ- Surshi କଠରେ ଅଟକାଇବା ପାଇଁ ବ୍ୟବହୃତ ଅର୍ଦ୍ଧଚନ୍ଦ୍ରାକୃତି ସୁର୍ଷି कुलावा लौह—The semi-circular bit or loop of iron to which the chain of a door or box is attached when the door or box is closed; staple.

ସୁର୍ଷିଆ ମାଳ—ଗ୍ରାଦେ. (ସମ୍ବଲପୁର) ବି—ସୋରିଷିଆ ମାଳ; ସୋରିଷ Surshiā māl ପରି ଛୋଟ ଦାନାଯୁକ୍ତ ହାର—A necklace with small beads like mustard seeds.

ସୁରୁଷା—ଗ୍ରାଦେ. (ବଲ୍ଲଙ୍ଗିର ଗାରଣା) ବି—୧ । ସୋରିଷ ତେଲ— Sureho 1. Mustard oil. ୨ । ସୋରିଷ— 2. Mustard seed.

ସୁର୍ସାର୍—ଦେ. ବି ଓ ବିଶ—ସୁରୁସର୍ (ଦେଶ) Sursār Sur-sār (See)

ସୁର୍ସୁର୍(ରୁ)—ଦେ. ଅ—ସୁରୁସୁରୁ (ଦେଶ) Sursur(ru) Surusuru (See)

ସୁଲ୍କି—ଗ୍ରାଦେ. (ସମ୍ବଲପୁର) ବି—୧ । ସଙ୍କୀର୍ଣ୍ଣସ୍ଥାନ—1. Narrow Sul-ki place. ୨ । ଦୁଇ ଘରର ମଝିରେ ଥିବା ଅଳ ବାଟ ବା ଗଳି—2. A narrow lane or space between two houses.

ସୁଲ୍ଖୁଲ୍—ଗ୍ରା. ବିଶ—ସୁରୁଖୁରୁ (ଦେଶ) Sul-khul Surukhuru (See)

ସୁଲ୍ତାନ୍—ବୈଦେ. ବି (ଆ)—ସୁଲତାନ୍ (ଦେଶ) Sul-tān Sulatān (See)

ସୁଲ୍ତାନା—ବୈଦେ. ବି (ଫା)—ସୁଲତାନା (ଦେଶ) Sul-tānā Sulatānā (See)

ସୁଲ୍ତାନି (ଇତ୍ୟାଦି)—ବୈଦେ. ବି ଓ ବିଶ (ଫା) —ସୁଲତାନି ଇତ୍ୟାଦି Sul-tāni (eto) (ଦେଶ)—Sulatāni etc (See)

Digitized by srujanika@gmail.com

ସୁଲ୍‌ସୁଲ୍—ଦେ. ଅ—ସୁଲୁସୁଲୁ (ଦେଖ)
Sul-sul Sulusulu (See)

ସୁଲ୍‌ସୁଲି—ଗ୍ରାଦେ. (ସମ୍ବଲପୁର) ବ—ସଙ୍କୀର୍ଣ୍ଣ ପଥ—
Sul-suli A narrow path or way.

ସୁଲ୍‌ସୁଲେଇବା—ଗ୍ରାଦେ (ସମ୍ବଲପୁର) କ୍ରି—ଚୁଣ୍ଡେଇବା—To scratch for the purpose of relieving itching.
Sul-suleibā

ସୁଲ—ଗ୍ରାଦେ (ବାଲେଶ୍ୱର) ବ—୧ । ସୋଲ—1. Indian Sula cork plant; Aechynomene Aspera. [ଉ—ସୁଲ ଭଣ ନଁ, ସୋଲଖରେ ଦୃଢ଼; ଚୁନା ଚଲୁଲୀ ପିଠା ଦୃଢ଼—ଫଙ୍ଗାରମୋଡ଼ନ. ଗଲ୍ପସ୍ୱଳ୍ପ ।] ୨ । ସୁଲକ୍ଷଣା ବା ସୁଲୋଚନା ନାମକ ସ୍ତ୍ରୀର ଡାକ ନାମ—2. Nick-name of a woman named Sulakshaṇā or Sulochanā.

ସୁଲ(ଲ) (ଇତ୍ୟାଦି)—ଗ୍ରା, ବ—ଶୂଲ(ଳ) ଇତ୍ୟାଦି (ଦେଖ)
Sula(li) (etc) Sūla(li) ete. (See)

ସୁଲକ୍ଷଣ—ସ. ବ (ଭର୍ମଧା)—୧ । ଉତ୍ତମ ଲକ୍ଷଣ—1. Good or Sulakshaṇa characteristic sign. ୨ । ଶୁଭସୂଚକ (ସୁଲକ୍ଷଣା—ସ୍ତ୍ରୀ) ଲକ୍ଷଣ—2. Auspicious sign. ବ୍ରୀ. ପୁଂ (ବହୁବ୍ରୀ.)—୧ । ଶୁଭ ବା ଉତ୍ତମ ଲକ୍ଷଣଯୁକ୍ତ—1. Having auspicious or characteristic signs. ୨ । ଭାଗ୍ୟବାନ୍ (ପୁ. ଶ)—2. Fortunate.

ସୁଲକ୍ଷଣ ବନ୍ତ—ଦେ. ବଣ (ସ. ସୁଲକ୍ଷଣବାନ୍)—ସୁଲକ୍ଷଣଯୁକ୍ତ—
Sulakhaṇa banta Having good signs.
(ସୁଲକ୍ଷଣବନ୍ତୀ—ସ୍ତ୍ରୀ)

ସୁଲକ୍ଷଣା—ସ. ବଣ. ସ୍ତ୍ରୀ (ସୁଲକ୍ଷଣ+ସ୍ତ୍ରୀ. ଅ)—ସୁଲକ୍ଷଣର ସ୍ତ୍ରୀଲିଙ୍ଗ—
Sulakshaṇā Feminine of Sulakshaṇa.
ବ. ସ୍ତ୍ରୀ (ନାମ)—ଉମାଙ୍କର ସଖୀବିଶେଷ—Name of a female companion of Pārbati in her girl-hood. ଦେ. ବ. ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to females.

ସୁଲକ୍ଷଣାକ୍ରାନ୍ତ—ସ. ବଣ (ତୃତୀୟା ତତ୍) —ସୁଲକ୍ଷଣ ଦ୍ୱାରା ଯୁକ୍ତ—
Sulakshaṇākrānta Having good or auspicious signs.
(ସୁଲକ୍ଷଣାକ୍ରାନ୍ତା—ସ୍ତ୍ରୀ)

ସୁଲକ୍ଷଣା ଦେଇ—ଦେ. ବ (ନାମ)—ତେଙ୍କାନାଳର ସୁଯୋଗ୍ୟ ସନ୍ତାନ
Sulakshaṇā deī Name of the Oriya authoress of a poem Pārijāta Mālā. [ଉ—ଏ ଭଣେଶ୍ୱରୁଲରେ ଜନ୍ମି ଥିଲେ । ଏହାଙ୍କ ରଚିତ 'ପାରିଜାତମାଳା' ନାମକ କବିତା-ପୁସ୍ତକରେ ଶ୍ରୀ ଜଗନ୍ନାଥ ଦେବଙ୍କ ନଈ ଓ ଉତ୍ସବ ଅବ ବର୍ଣ୍ଣିତ ହୋଇଅଛୁ । ଏହି ପୁସ୍ତକଟି ଉତ୍କଳସରେ ପୂର୍ତ୍ତି ।]

ସୁଲକ୍ଷଣୀ—ଦେ.ବଣ.ସ୍ତ୍ରୀ (ସ. ସୁଲକ୍ଷଣା)—୧। ସୁଲକ୍ଷଣ ଯୁକ୍ତା (ସ୍ତ୍ରୀ)—
Sulakshaṇī 1. (female) Having good signs.
ସୁଲକ୍ଷଣୀ [ଉ—ଦୁଃଖରେ ଓମ୍ଭ ଘର ରହିଲେ ସୁଲକ୍ଷଣୀ ।
ସୁଲକ୍ଷଣୀ କୃଷ୍ଣଜିଡ଼. ମହାଭାରତ. ଅଦ ।] ୨ । ସୌଭାଗ୍ୟବନ୍ତା—2. Fortunate (woman). ବ—ସ୍ତ୍ରୀ ଲୋକଙ୍କ ନାମ—A name given to females.

ସୁଲକ୍ଷ୍ମୀ—ଦେ. ବଣ. ସ୍ତ୍ରୀ—ସୌଭାଗ୍ୟବନ୍ତା—Fortunate. [ଉ—
Sulakshmī ସୁଲକ୍ଷ୍ମୀ ଟିଅ ନବଯୁବା, ତୋତେ ସେ କରୁଥାଇ ବଡ଼ା । ଦାଡୀ. ଉଗୁଣ ମାହାତ୍ମ୍ୟ ।]

ସୁଲଗ୍ନ—ସ. ବ—ଉତ୍ତମ ବା ଶୁଭ ଲଗ୍ନ—Good or auspicious
Sulagna Lagna. ସ. ବଣ (ବହୁବ୍ରୀ.)—୧ । ଉତ୍ତମ ଲଗ୍ନଯୁକ୍ତ—1. Having auspicious Lagna. ୨ । ଅତି ଦୃଢ଼ ରୂପେ ଲଗ୍ନ ବା ସଂଯୁକ୍ତ—2. Very firmly attached.

ସୁଲଚନା—ଗ୍ରା. ବ. ସ୍ତ୍ରୀ—ସୁଲୋଚନାର ଅଶୁଦ୍ଧ ଉଚ୍ଚାରଣ—
Sulachanā Wrong pronunciation of the name Sulochanā.

ସୁଲତାନ୍—ବୈଦେ. ବ. ପୁଂ (ଅରବୀ ଓ ଫାର୍ସୀ ସୁଲ୍‌ତାନ୍ ଶବ୍ଦ; ଏ
Sulatān ଶବ୍ଦ ସଂସ୍କୃତରେ 'ସୁରଜାଣ' ଅଡାର ଧାରଣ କରିଅଛୁ)
(ସୁଲତାନା—ସ୍ତ୍ରୀ) —୧ । ମୁସଲ୍‌ମାନ୍ ସମ୍ରାଟ୍; ବାଦ୍‌ସାହା—
ସୁଲତାନ 1. Mahomedan name for an emperor;
ସୁଲତାନ Sultan. [ଦ,—ଉତ୍କଳର ପୂର୍ବତନ ସମ୍ରାଟଙ୍କୁ ସୁଲ୍‌ତାନ୍ କୋଲ୍ଲ ଯାଉଥିଲା । ଏ ଶବ୍ଦ ଇଂରାଜୀ ଭାଷାରେ ଅବତଳ ହୋଇ ଚଲେ ।] ୨ । ମୁସଲ୍‌ମାନ୍‌ମାନଙ୍କ ନାମବିଶେଷ—2. A name given to Mahomedan males.

ସୁଲତାନତ୍—ବୈଦେ. ବ (ଫା. ସୁଲ୍‌ତାନତ୍)—୧ । ସୁଲତାନଙ୍କ
Sulatānat ଅଧିକାର ବା ଅବସ୍ଥା ବା ପଣ—1. Sovereignty;
ସୁଲତାନୀ sultanate. ୨ ସାମ୍ରାଜ୍ୟ—2. Empire.
ସୁଲତାନୀ

ସୁଲତାନା—ବୈଦେ. ବ. ସ୍ତ୍ରୀ (ଫା)—୧ । ସମ୍ରାଟ୍ ପତ୍ନୀ—1, Wife
Sulatānā of the emperor. ୨। ସମ୍ରାଜ୍ଞୀ—2. Empress.
ସୁଲତାନା ସୁଲତାନା

ସୁଲତାନି—ବୈଦେ. ବ (ଫା)—ସୁଲତାନଙ୍କ କର୍ମ ବା ରାଜତ୍ୱ—
Sulatāni Sovereignty. ବଣ—୧ । ସୁଲତାନ୍ ସମ୍ବନ୍ଧୀୟ
ସୁଲତାନୀ —1. Relating to Sultan. ୨ । ସୁଲତାନଙ୍କ
ସୁଲତାନୀ ଯୋଗ୍ୟ—2. Befitting a Sultan.

ସୁଲତାନଆ—ଦେ. ବଣ (ଫା. ସୁଲତାନା)—ସୁଲତାନ ସମ୍ବନ୍ଧୀୟ—
Sulatāniā Relating to Sultans.
ସୁଲତାନି ସୁଲତାନୀ

ସୁଲତାନି ଚମ୍ପା—ଦେ. ବ (ଅକ୍ଷରର ଅର୍ଥ-ସମ୍ରାଟ୍ ଯୋଗ୍ୟ ଚମ୍ପକପୁଷ୍ପ)-
Sultāni champā ୧। ସ୍ୱରପୁଷ୍ପାଗ ବୃକ୍ଷ ଓ ଫୁଲ୍; କୁରଅନା—
ସୁଲତାନି ଚାଁପା 1. Ochrocarpus Longifolius (tree.)
ସୁଲତାନୀଚଂପା ୨। ପୁଲାଗ; ସୁଲଙ୍ଗ (ଗଛ ଓ ଫୁଲ)—2. Mast-wood; Alexandrian laure.

ସୁଲ(ଲ୍)ଫା—ବୈଦେ. ବ (ଫା. ସୁଲ୍‌ଫହ୍)—ଚେହ୍ନ ଧୂଆଁ ଘନତ୍ୱ
Sula(l)phā ଜଞ୍ଜିର ଘର ଦଳ କର ଚଲ୍ମରେ ରହ ଧୂସ୍ର ଘାନ

Digitized by srujanika@gmail.com

ତାମାଖ ସୁଲଫା କଗ୍ଗାଏ—Tobacco leaves which are crushed and put in the chilam and smoked.

ସୁଲଭ—ସଂ. ବିଣ (ସୁ=ସହଜରେ+ଲଭ୍ ଧାତୁ+କର୍ମ. ଅ)—Sulabha ୧ । ଅନାୟାସଲଭ୍ୟ; ସହଜଲଭ୍ୟ=1. Easily (ସୁଲଭା—ସ୍ତ୍ରୀ) available. [ଉ—ଗଙ୍ଗା ଯମୁନାଙ୍କ ସଙ୍ଗମେ (ଦୁର୍ଲଭ—ବହୁଶବ୍ଦ) ଯେ ବୁଡ଼ନ୍ତି, ଜାଣ ସବୁ କଥା ସୁଲଭ ଭାବୁ [ସୁଲଭତା(ତ୍ୱ)—ବ] ଅଛୁ । କୃଷ୍ଣଦ୍ୱିଜ ମଦାଲ୍ସରଭ. ବନ ।] ୨ । ସସ୍ତା—2. Cheap. [ଉ—ଏ ସବାଶୁଁ ଯତ୍ନକୁ ଦେଲେ ସେ ସୁଲଭ । କୃଷ୍ଣଦ୍ୱିଜ, ମଦାଲ୍ସରଭ. ସଭ୍ୟ ।] ୩ । ଅଯତ୍ନସିଦ୍ଧ—3. Easily accomplished. ୪ । ସହଜ—4. Easy. ଦେ. ବିଣ—୧ । ଶୁଭପ୍ରଦ—1. Auspicious. ୨ । ସୌଭାଗ୍ୟଯୁକ୍ତ—2. Lucky. ୩ । ସୁଖକର; ସୁଖଦାୟକ—3. Pleasant. [ଉ—ପିତା ମାତା ଦୋଷ ଗୁଣ ବାଛନ୍ତ, ସବୁର ଦୁଲଭ। ଅଭ ଶୋଭା ସୁଲଭ—ଭଗ ।] ବ—୧ । ସୌନ୍ଦର୍ଯ୍ୟ; ଶୋଭା—1. Beauty. [ଉ—ଯେ ସବାଶୁଁ ଦୂକ ଅଦ୍ଭୁତ ଦୋଇ ନଭ, ଭାଇ ଦେଲ ଚନ୍ଦ୍ର ନକ୍ଷତ୍ର ସୁଲଭ । କୃଷ୍ଣଦ୍ୱିଜ. ମଦାଲ୍ସରଭ. ବନ ।] ୨ । ସୁଖ—2. Pleasure; happiness. [ଉ—ଏବେ ତୁମ୍ଭେ ଘରକୁ ଯାଇ ସୁଖ ଲଭ, ମୋ ଝିଅମାନଙ୍କର କଥାଇ ସୁଲଭ । କୃଷ୍ଣଦ୍ୱିଜ. ମଦାଲ୍ସରଭ. ଶଲ୍ୟ ।]

ସୁଲଭା—ସଂ. ବ (ବୈଦ୍ୟକ) (ସୁଲଭ+ଅ)—୧ । ତୁଳସୀ—1. The holy basil plant. ୨ । ମାଷପର୍ଣ୍ଣୀ (ଦେଖ)—2. Māsaparṇṇī (See) ୩ । ଧୂମ୍ରପତ୍ରା; ତମାଖୁ—3. Tobacco. ୪ । ମଲ୍ଲିଫୁଲ (ହି. ଣ)—4. Jasminun Zambac. ୫ । (ନାମ) ବୈଦିକ କାଳର ଏକ ବ୍ରହ୍ମବାଦନୀ ସ୍ତ୍ରୀ (ହି. ଣ)—5. Name of a spiritualist lady of the vedic age. ସଂ. ବିଣ. ସ୍ତ୍ରୀ—ସୁଲଭର ସ୍ତ୍ରୀଲିଙ୍ଗ—Feminine of Sulabha.

ସୁଲଭେତର—ସଂ. ବିଣ—୧ । ଦୁର୍ଲଭ—1. Not easily available. ୨ । କଠିନ—2. Difficult. ୩ । ମହାର୍ଘ—3. Dear (in price).

ସୁଲଭ୍ୟ—ସଂ. ବିଣ (ସୁ+ଲଭ ଧାତୁ+କର୍ମ. ଯ)—ସୁଲଭ—Easily attainable. (ସୁଲଭ୍ୟା—ସ୍ତ୍ରୀ) (ସୁଲଭ୍ୟତା—ବ)

ସୁଲଲିତ—ସଂ. ବିଣ—୧ । ଅତି ସୁନ୍ଦର—1. Very beautful. ୨ । ଅତି ମଧୁର—2. Very sweet. ୩ । ଅତି (ସୁଲଲିତା—ସ୍ତ୍ରୀ) କୋମଳ—3. Very soft. ୪ । ଅତ୍ୟନ୍ତ (ସୁଲଲିତ୍ୟ—ବ) ଶ୍ରୁତିମଧୁର—4. Very sweet to the ear.

ସୁଲ—ବୈଦେ. ବ (କଚ୍ଛଅ) (ଅ. ସୁଲହ୍)—୧ । ବିବାଦରୁ ଅଘୋଷ ମୀମାଂସା—1. Amicable settlement of a dispute. ୨ । ଦୁଇ ସ୍ତ୍ରାଙ୍କ ମଧ୍ୟରେ ସନ୍ଧି—2. Treaty.

ସୁଲଗ—ଦେ. ବିଣ—୧ । ଭଲ ଦ୍ରବ୍ୟ—1. Good thing. ୨ । ଉପଯୋଜନୀୟ ଦ୍ରବ୍ୟ—2. Useful article. [ଉ—ଭାଲ ଜିନିଶ ଘୁଣ୍ଟିଣି ଜଳର ପ୍ରାୟ ଅସନ୍ତୁର ଗର୍ଦ୍ଦ, ସୁଲଗି ପଡାଇ ଆଚ୍ଛୀ ଚୀଜ ସେ ଅଲ୍ଲଟି ରଙ୍ଗେ ସବ—ଗାରୀ. ରତ୍ନସ୍ୟମଞ୍ଜସ୍ୟ ।]

ସୁଲନାମା—ବୈଦେ. ବ (କଚ୍ଛଅ) (ଫା. ସୁଲହ୍ ନାମହ୍)—Sulānāmā ୧ । ରଫାନାମା—1. Deed of amicable settlement. ୨ । ସନ୍ଧିପତ୍ର—ସୁଲାନାମା 2. A document embodying a treaty.

ସୁଲା ମାଉଁସ—ସ୍ତ୍ରାଦେ. (ବଲ୍ଲଙ୍କିର ଘାଟଣା) ବ—ଶୁଖା ଦୋଇଥିବା ମାଂସ—Dried meat.

ସୁଲିଆ—ଦେ. ବ (ନାମ)—ଓଡ଼ିଶାର ନୟଗଡ଼ଚ୍ଛଶେଷ—Name of a hill of Nayagarh State of Orissa. [ଉ—ଏହା ନୟଗଡ଼ ସ୍ତ୍ରଜ୍ୟରେ ଅବସ୍ଥିତ । ଏହାର ଉଚ୍ଚତା ୨୨୫୧ ଫୁଟ୍ ।]

ସୁଲୁଆ—ସ୍ତ୍ରାଦେ. (ବୌଦ) ବ—ଶୁଖିଲା ବାଇଗଣ—Suluā Dried brinjal.

ସୁଲୁକା(କେ)ଇବା—ଦେ. କ୍ରି—୧ । କାନ ମଧ୍ୟରେ କୁଟା ବା ସରୁ Sulukā(ke)ibā ପକ୍ଷୀର ପର ଚଳାଇ ସୁଲସୁଲ କରିବା—1. To ସୁଲକାନ tickle the ear with a feather. ୨ । ଉତ୍ସୁସୁଲଗାନା କାଇବା; କୌଣସି କଥାର ପ୍ରସଙ୍ଗକୁ ଉତ୍ତାପନ କରିବା—2. To initiate a controversy or discussion. ୩ । ଗୋପନରେ ଉତ୍ତେଜିତ କରିବା—3. To instigate a person secretly. ୪ । କାଠ ଆଦରେ କଥା ଧରାଇବା; ଜଳାଇବା—4. To ignite (wood).

ସୁଲୁକିବା—ଦେ. କ୍ରି (ସଂ. ସ୍ତ+ଲନ୍ତ)—୧ । (କାନ ଉତ୍ତର) ସୁଲ Sulukibā ସୁଲ ହେବା—1. (the ear-hole) To have a ସୁଲକା tickling sensation. ୨ । ଉତ୍ତେଜିତ ହେବା ସୁଲଗନା—2. To be irritated. ୩ । (କାଠରେ ନଆଁ ଧରିବାରୁ ତାହା) ଜଳିବା—3. To become ignited.

ସୁଲୁଖୁଲୁ(ଲୁ)—ସ୍ତ୍ରା. ବିଣ—ସୁରୁଖୁରୁ (ଦେଖ)—Sulukhulu(lu) Surukhuru (See)

ସୁଲୁଙ୍ଗା—ଦେ. ବିଣ—ଫୁଲିବା; ଶୋଥରେ ଫୁଲିବା ପରି (ମୁହଁ)—Sulungā ସୁଜା Swollen.

ସୁଲୁପ୍—ବୈଦେ. ବ (ଇଂ. ସ୍ଲୁପ୍: ଡଚ୍, ସ୍ଲିଅପ୍)—ଏକ ମାସୁଲିଆ Sulup ଛୋଟ ଜାହାଜ—Sloop; one-masted ship. ସୁଲୁପ [ଦ୍ର—ଓଡ଼ିଶାରେ ବାଲେଶ୍ୱର ଜିଲ୍ଲାକୂଳରେ ୧୦୦ ବର୍ଷ ପୂର୍ବେ ଜାହାଜ କାରବାର ଚଳୁଥିବା ବେଳେ ଏ ଶବ୍ଦ ବ୍ୟବହୃତ ହେଉଥିଲା ।]

Digitized by srujanika@gmail.com

ସୁଲୁପୀ—ଦେ. ବ—ଦେବୀବଶେଷ—1. Name of a popular Sulupī Goddess. ୨ । ଯୋଗିନୀବଶେଷ—2. Name of a Jōginī. [ଦ୍ର—୫।୪ ଜଣ ବାଳକ। ଏକଜ ଦେବା ଦେଖି ବର୍ତ୍ତୀସୃଗାମାନେ ସେମାନଙ୍କୁ ଲକ୍ଷ୍ୟ କର ଉଗ ବୋଲନ୍ତୁ—ଉଲୁପୀ, ସୁଲୁପୀ, ବାଘଚଙ୍କ, ବାଣ୍ଡି କଲା !]

ସୁଲୁସୁଲୁ(ଲୁ)—ଦେ. ଅ (ଧ୍ୱନ୍ୟନୁକରଣ)—୧ । ପବନର ଧୀର-ଭାବରେ ବହିବାର ଅବସ୍ଥା ଓ ଶବ୍ଦ—1. The Sulusul(lu) ସରସର state and sound of mild blowing of breeze. ଧୀରେ ଧୀରେ [ବ୍ୟ—ସୁଲୁ ସୁଲୁ ପଶି ବହୁଛି ପବନ ଟୁଲୁହ ବଠପି କର—ନନ୍ଦକଶୋର, ଛର୍ଦ୍ଦଶୀ ।]. ୨ । ସଲ୍‌ସଲ (ଦେଶ) 2. Sal-sal (See)

ସୁଲୁସୁଲି(ଲେ)ଇବା—ଦେ.କି—କାନରେ ବା ନାକରେ ଖଣ୍ଡିର ପର ବା Sulusulī(le)ibā କାଠି ଥୁଟ୍ଟି ସଲ୍‌ସଲ କରିବା—To tickle ସୁରସୁର କରା the ear or nostril with a feather. ସୁଲୁଗାନା

ସୁଲୁସୁଲା(ଲେ)ଇ ହେବା—ଦେ. କି—(କାନ ଅବର ଅନ୍ୟମାନଙ୍କରେ) Sulusulā (le)i hebā ସଲ୍‌ସଲ ବା ଚଲ୍ଲ ଅନୁଭୂତ ହେବା—ସୁରସୁର କରା ଖୁଜୁଲାନା To feel ticklish

ସୁଲୁସୁଲିଆ—ଦେ. ବଣ—ଧୀରଭାବରେ ବହୁଥିବା (ପବନ)—. Sulusuliā Mild (breeze). [ଯଥା—ସୁଲୁସୁଲିଆ ଆ ।] ଫୁରଫୁରେ ଧୀରେ ଧୀରେ ଚଲନେ ବାଲା

ସୁଲୁ—ସ. ବଣ (ସୁଂ ଓ ସ୍ତ୍ରୀ) (ସ୍ୱ+ଳୂ ଧାତୁ=ଛେଦନ କରିବା+ Sulū କ୍ତିନ୍. କ୍ୱିପ୍)—ଉତ୍କୃଷ୍ଟ ରୂପେ ଛେଦନକାରୀ— Cutting excellently.

ସୁଲେ - ବୈଦେ ବ (କଚରଆ) (ଆ. ସୁଲହ୍)—୧ । ବିବାଦର ଅମୋସି ମୀମାଂସା; ଇଂ—1. Amicable settle- ସୋଲେ ment of a dispute. ୨ । ଦୁଇ ରାଜାଙ୍କ ମଧ୍ୟରେ ସୁଲହ ସନ୍ଧି—2. Treaty between two kings.

ସୁଲେଈ—ଦେ. ବ— ୧ । <କନ୍ତୁକାର ଜଳଚର ବିଷାକ୍ତ ଜୀବ— Sulēī 1. A species of aquatic poisonous ani- mal. ୨ । (ସ. ସୁଲୋଚନା) ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—2. A name given to females.

ସୁଲେଖକ—ସ. ବ. ପୁଂ—୧ । ସୁନ୍ଦର ଲିପିକର—1. Excellent Sulekhaka writer. ୨ । ଉତ୍କୃଷ୍ଟ ପ୍ରବନ୍ଧରଚୟିତା— (ସୁଲେଖିକା—ସ୍ତ୍ରୀ) 2. A good composer or author.

ସୁଲେନାମା—ବୈଦେ. ବ (କଚରଆ) (ଫା=ସୁଲହ୍+ନାମହ୍)—Sulenāmā ୧ । ରଫାନାମା; ଦୁଇ ଜଣଙ୍କ ବିବାଦର ଅମୋସିରେ ସୁଲେନାମା ଲିଖିବାର ନିଦର୍ଶନସ୍ୱରୂପ ଲେଖାଯିବା ଦଲିଲ— ସୁଲହନାମା 1. A document embodying the terms of an amicable settlement; deed of compromise. ୨ । ସନ୍ଧି ପତ୍ର—2. A document embodying a treaty.

ସୁଲେମାନ୍—ବୈଦେ. ବ (ଫା)—୧ । ମୁସଲମାନ ନାମ—1. A Sulemān name given to Mahomedans; ସୁଲେମାନ୍ Suleman. ୨ । ଇହୁଦୀମାନଙ୍କର ଏକ ପ୍ରାଚୀନ ସୁଲେମାନ ସମ୍ରାଟ୍—2. Suleman, an ancient Jewish Emperor. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ. ପୂର୍ବ ୧୦୫୩ ରେ ଓ ମୃତ୍ୟୁ ଖ୍ରୀ. ପୂର୍ବ ୯୩୫ ରେ ହୋଇଥିବା ଜଣାଯାଏ । ଏହାଙ୍କୁ ଇହୁଦୀମାନେ ଜଣେ ଈଶ୍ୱରପ୍ରେରିତ ଦୂତ ବୋଲି ମାନନ୍ତି । ତେଜତା, ଯଜ୍ଞ ଓ ଯଜ୍ଞ ପଶୀମାନଙ୍କ ଏ ବଶ କରିଥିଲେ—ଦ୍ର. ଶ ।] ୩ । କେଲ୍ଲତସ୍ଥାନ ଓ ପଞ୍ଜାବର ମଧ୍ୟରେ ଥିବା ଏକ ପର୍ବତଶ୍ରେଣୀ—3. The Suleman range of hills between the Punjab and Beluchistan.

ସୁଲେମାନୀ—ବୈଦେ. ବଣ (ଫା)—ସୁଲେମାନ୍ ସମ୍ବନ୍ଧୀୟ—Relating Sulemānī to Suleman. ବ—୧ । ଧଳା ଅଖି ଥିବା ସୁଲେମାନୀ ଘୋଡ଼ା (ଦ୍ର. ଶ)—1. A horse with white ସୁଲେମାନୀ eyes. ୨ । ଅଂଶତଃ ଧଳା ଓ ଅଂଶତଃ କଳା ଏକ ପ୍ରକାର ରତ୍ନ (ଦ୍ର. ଶ)—2. A kind of gem partly white and partly black.

ସୁଲେମାନୀ ନୁ(ଲୁ)ଣ—ବୈଦେ. ବ (ଫା. ସୁଲେମାନୀ ଓ ସ. ଲବଣ)—Sulemānī nu(lu)ṇa (ଅରବୀ ବୈଦ୍ୟଶାସ୍ତ୍ରରେ ବ୍ୟବହୃତ) ସୁଲେମାନୀନୁଣ ଏକ ପ୍ରକାର ଔଷଧୀୟ ଲବଣ—Sulemāni salt ସୁଲେମାନୀ ନମକ prescribed by Arabian medical books.

ସୁଲୋକ—ସ. ବ—ସ୍ୱର୍ଗ (ଦ୍ର. ଶ)
Suloka Heaven.

ସୁଲୋଚନ—ସ. ବଣ. ପୁଂ (ବହୁବ୍ରୀହି)—ସୁନେତ୍ର; ସୁନ୍ଦର ନୟନ ବିଶିଷ୍ଟ Sulochana —Having beautiful eyes. ବ—୧ । (ସୁଲୋଚନା—ସ୍ତ୍ରୀ. ବଣ) ମୃଗ; ହରିଣ (ସୁନ୍ଦର ଦର୍ଶନୀୟ)—1. Deer. ୨ । ଦୁର୍ଯ୍ୟୋଧନ (ଶବ୍ଦ କଲ୍ପଦ୍ରୁ ର)—2. A name of Durjyodhana, ୩ । ଚଡୋର (ଦ୍ର. ଶ)—3. Coccyster bird. ୪ । (ନାମ) ରୁକ୍ମୀଙ୍କ ବାପା (ଦ୍ର. ଶ)—4. Name of Rukmiṇī's father. ପ୍ରାଦେ. (ଚଷମା) ବ—ଚଷମା—Spectacles.

ସୁଲୋଚନା—ସ. ବଣ. ସ୍ତ୍ରୀ (ସୁଲୋଚନ+ଆ)—ସୁଲୋଚନର ସ୍ତ୍ରୀଲିଙ୍ଗ— Sulochanā Feminine of Sulochana. ବ—୧। (ନାମ) ପଦ୍ମପୁରାଣୋକ୍ତ ମାଧବରାଜଙ୍କ ପତ୍ନୀ—1. Name of the queen of King Mādhaba (described in Padmapurāṇa). [ଦ୍ର—ଏ ଗୁପ୍ତ ଦ୍ୱୀପର ରାଜାଙ୍କ ରାଜାଙ୍କ କନ୍ୟା । ଏହାଙ୍କୁ ମାଧବରାଜା ଗାନ୍ଧର୍ବ ବିଧିରେ ବିବାହ କରିଥିଲେ । ଏ ଅବସ୍ଥାପତ୍ନୀରୂପେ ସମ୍ମାନିତା—[ପଦ୍ମପୁରାଣ. କିସ୍କି। ଯୋଗସାର ।] ୨। (ନାମ) ଅଷ୍ଟସତ୍ତ୍ୱେବଶେଷ (ଦ୍ର. ସ)—2. Name of a

Digitized by srujanika@gmail.com

heavenly nymph. ୩। (ନାମ) ବାସୁକୀଙ୍କ କନ୍ୟା ଓ ମେଘନାଦଙ୍କ ସ୍ତ୍ରୀ (ଜ୍ଞ. ଶ)—3. Name of a daughter of Bāsukī and wife of Meghanāda. ଦେ. ବ—ସ୍ତ୍ରୀମାନଙ୍କ ନାମ—A name given to females.

ସୁଲୋଚନା

ସୁଲୋଚନା ଦେଇ—ଦେ.ବ.ସ୍ତ୍ରୀ (ନାମ)—ବାମଣ୍ଡା ଷ୍ଟେଟର ଜଣେ ଲବ୍ଧପ୍ରତିଷ୍ଠ କବୟିତ୍ରୀ ଓ ଲେଖିକା—A female poet and writer of the Bāmrā State (still living). [ଦ୍ର—ଏ ବାମଣ୍ଡା ରାଜ-ମୁଦ୍ରାଯନ୍ତ୍ରର ସ୍ୱର୍ଗତ ମାନେଜର ଶ୍ରୀ ସାନକଡ଼ି ଗଡ଼ନାୟକଙ୍କ କନ୍ୟା । ସ୍ୱର୍ଗତ ରାଜା ଗଜେନ୍ଦ୍ରାନନ୍ଦ ଦିତ୍ୟବନ ଦେବ ଓ ରାଜ୍ଞୀ ଶ୍ରୀମତୀ ଉମାରୁଧର ପ୍ରିୟା ମହାଦେବୀଙ୍କ ସାହାଯ୍ୟରେ ଏ ଦେବଗଣ ରାଜଧାନୀରେ ଶିକ୍ଷା ଲାଭ କରିଥିଲେ ଓ ବାମଣ୍ଡାର କନ୍ୟା-ମାନଙ୍କ ମଧ୍ୟରେ ପ୍ରଥମେ ମିଡ଼ିଲ୍ ଇଂଲିଶ୍ ପରୀକ୍ଷାରେ ଉତ୍ତୀର୍ଣ୍ଣା ହୋଇଥିଲେ । ଘରେ ବଙ୍ଗଳା ଓ ଇଂରାଜୀ ଓଡ଼ିଆ ପୁସ୍ତକମାନ ପାଠ କରି ଏ ବହୁଜ୍ଞାନାର୍ଜ୍ଜନ କରିଅଛନ୍ତି । ଅବକାଶରେଞ୍ଜସ୍ (କବିତା), ଚତୁର୍ଦ୍ଦଶୀ (ଗଦ୍ୟ ଓ ପଦ୍ୟ), ବଙ୍ଗମଣ୍ଡୀ (ଗଦ୍ୟ ଓ ପଦ୍ୟ), ଦମୟନ୍ତୀ (ଗଦ୍ୟ), ସାବନ୍ତୀ (ଗଦ୍ୟ), ବାବାଡମଙ୍ଗଳ ଆଦ ଜେଡେଗୁଡ଼ଏ ପୁସ୍ତକ ଏ ରଚନା କରିଅଛନ୍ତି । ବର୍ତ୍ତମାନ ସେ ତାଙ୍କ ସ୍ୱାମୀ ବାମଣ୍ଡା ରାଜ୍ୟର ଦଇକାରେ ବାସ କରୁଅଛନ୍ତି । ୧୯୩୮ ସାଲ ଫେବ୍ରୁୟାରୀ ମାସରେ ଜଣେ କୋଷ ରିସ୍ତ୍ରାଡ଼କ ଡାକ୍ତର ମଫସଲରେ ଥିବା ଘରକୁ ଯାଇ ତାଙ୍କୁ ଦେଖିଥିଲେ । ସେ ବାମଣ୍ଡା ରାଜଦରବାରରୁ 'କବିତା ମନୋରମା' ଉପାଧି ପାଇ ଅଛନ୍ତି । ଲେଖିବା ବିଷୟରେ ସୁଲୋଚନା ବାମଣ୍ଡାର ଗୌରବ ହୋଇ ବାମଣ୍ଡାର ରାଜ ପିତାମ୍ବା ଶ୍ରୀମତୀ ଉମାରୁଧର ପ୍ରିୟାଦେବୀ ପ୍ରକାଶ କରିଅଛନ୍ତି । ଏ ୧୯୪୮ ସାଲରେ ଜନ୍ମଗ୍ରହଣ କରିଥିଲେ । ବର୍ତ୍ତମାନ ଏହାଙ୍କର ବୟସ ୪୦ ବର୍ଷ ।]

ସୁଲୋମଶା—ସ୍ତ୍ରୀ. ବ—କାକଜଂଘା (ରାଜନିର୍ଘଣ୍ଟ); ଏକପ୍ରକାର ପୋକ-ଶୃଂଘା—Lea Hirta (a herb).

Sulomaśā

ସୁଲୋମା—ସ୍ତ୍ରୀ. ବ—୧ । ଚାମ୍ବଲିଙ୍କୀ (ରାଜନିର୍ଘଣ୍ଟ)—1. A herb. ୨ । ମାଂସଚ୍ଛଦା (ରାଜ ନିର୍ଘଣ୍ଟ)—2. Another herb.

Sulomā

ସୁଲୋହକ—ସ. ବ (ସୁ=ଉତ୍ତମ+ଲୋହ+କ)—ପିତ୍ତଳ—Brass.

Sulohaka

ସୁଲୋହିତ—ସ. ବଣ—ମନୋହର ରକ୍ତବର୍ଣ୍ଣବିଶିଷ୍ଟ—Of charming red colour.

Sulohita

ସୁଲୋହିତା—ସ. ବ. ସ୍ତ୍ରୀ—ଅଗ୍ନିଙ୍କ ସପ୍ତଜିହ୍ୱା ମଧ୍ୟରୁ ଏକ—One of the 7 tongues of the Fire-god

Sulohitā

ସ. ବଣ. ସ୍ତ୍ରୀ—ସୁଲୋହିତର ସ୍ତ୍ରୀ ଲିଙ୍ଗ—Feminine of Sulohita.

ସୁଲ୍ତାନ୍(ନା, ନି) (ଇତ୍ୟାଦି)—ବୈଦେ. ବ ଓ ବଙ୍ଗ—ସୁଲତାନ୍ ଇତ୍ୟାଦି (ଦେଖ)—

Sultān(nā, ni) (etc

Sulatān etc (See)

ସୁଶକ(କ୍ୟ)—ସ. ବଣ (ସୁ+ଶକ୍ ଧାତୁ+କର୍ମ. ଅ; ଯ)—ସୁତର—Easily performable.

Suśaka(kya)

ସୁଶକ୍ତ—ସଂ. ବଣ. ପୁଂ—ଖୁବ୍ ଶକ୍ତିଶାଳୀ—Very potent.

Suśakta (ସୁଶକ୍ତା—ସ୍ତ୍ରୀ)

ସୁଶବି—ସ. ବ—୧ । କଳାଜୀରା (ହି. ଶ)—1. Black cumin-seed. ୨ । କଲରା (ଜ୍ଞ. ଶ)—2. Memordica. ୩ । କରଞ୍ଜ (ଜ୍ଞ. ଶ)—3. Pongamia Glabra (tree).

Suśabi

ସୁଶବ୍ଦ—ସଂ. ବ—ମନୋହର ଶବ୍ଦ—Sweet or fine sound.

Suśabda

ସଂ. ବଣ—ମନୋହର ଧ୍ୱନିବାଚୀ—Making or emitting a sweet sound.

(ସୁଶବ୍ଦା—ସ୍ତ୍ରୀ. ବଣ)

ସୁଶରଣ୍ୟ—ସ. ବ—ମହାଦେବ (ଜ୍ଞ. ଶ)—Śiba

Suśaraṇya

ସୁଶରୀର—ସ. ବ—ଉତ୍ତମ ବା ସୁନ୍ଦର ଦେହ—Good or fine body.

Suśarīra

ସଂ. ବଣ. ପୁଂ—ସୁନ୍ଦର ଶରୀରବିଶିଷ୍ଟ—Fine-bodied.

(ସୁଶରୀର—ସ୍ତ୍ରୀ)

ସୁଶର୍ମା—ସ. ବଣ. ପୁଂ. ଓ ସ୍ତ୍ରୀ (ସୁ=ଶୋଭନ+ଶର୍ମନ୍=ସୁଖ ଯାହାର, ୧ମା. ୧ବ)—ଶୋଭନ ସୁଖବିଶିଷ୍ଟ—Happy.

Suśarmā

ସଂ. ବ—୧ । ଜଘନ୍ୟ ବ୍ରାହ୍ମଣବିଶେଷ—1. A class of bad Brāhmaṇas. [ଦ୍ର—ଏମାନେ ଦୁର୍ମେଧା, ଯାଯାପ୍ସା, ବେଦ ବଦ୍ୟାରେ ଅଜ୍ଞ ଓ କ୍ରୂରକର୍ମୀ ଅଟନ୍ତି—ଦଦ୍ଦୁପୁରାଣ ଉତ୍ତରଖଣ୍ଡ ।] ୨। ରାଜବିଶେଷ; ପ୍ରାଚୀନ ତ୍ରିଗର୍ତ୍ତ ଦେଶର ରାଜା—2. Name of a king of ancient Trigartta country. [ଦ୍ର—ଶାଚକଙ୍କଦ୍ୱାରା ବିରାଟ ରାଜା ଏହାଙ୍କ ରାଜ୍ୟକୁ ଅଧିକାର କରିଥିବାରୁ ଏ ଦୁର୍ଯ୍ୟୋଧନଙ୍କ ଶରଣାପନ୍ନ ହୋଇଥିଲେ । ଶାଚକଙ୍କ ମୃତ୍ୟୁ ପରେ ଏ ଦୁର୍ଯ୍ୟୋଧନଙ୍କୁ ଉତ୍ତେଜିତ କରି ବିରାଟଙ୍କ ଗାଈମାନଙ୍କୁ ହରଣ କରିବାକୁ ଯାଇ ବିରାଟ ରାଜାଙ୍କୁ ବନ୍ଦୀ କଲେ, କନ୍ତୁ ଛଦ୍ମବେଶୀ ଶ୍ରମଙ୍କଦ୍ୱାରା ପରାଜିତ ହୋଇ ପଳାଇ ଅସିଲେ । କୁରୁକ୍ଷେତ୍ରରେ ଏ କୌରବଙ୍କ ପକ୍ଷ ଅବଲମ୍ବନ କରି ଦଶମ ଦିବସରେ ଅର୍ଜୁନଙ୍କଦ୍ୱାରା ନିହତ ହୋଇଲେ ।]

ସୁଶଲ୍ୟ—ସଂ. ବ—ଖଦର (ରାଜନିର୍ଘଣ୍ଟ)—Catechu.

Suśalya

ସୁଶାକ—ସଂ. ବ—୧ । ଆର୍ଦ୍ରକ (ରାଜନିର୍ଘଣ୍ଟ); ଅଦା—1. Ginger. ୨ । ତିକ୍ତ; ରକ୍ତ ବରଣ (ରାଜନିର୍ଘଣ୍ଟ)—2. Red variety of castor oil-seed plant. ୩ । ଭିଣ୍ଡୀ (ରାଜନିର୍ଘଣ୍ଟ)—3. Lady's finger. ୪ । ତଣ୍ଡୁଳୀୟ (ରାଜନିର୍ଘଣ୍ଟ); ଲେଉଟିଆ ଶାଗ—4. A kind of pot-herb; Amaranthus Polygamus.

Suśāka

Digitized by srujanika@gmail.com

ସୁଶାନ୍ତ—ସଂ. ବଣ. ପୁଂ—ଅତି ଶାନ୍ତ—Very meek.
Suśānta (ସୁଶାନ୍ତା—ସ୍ତ୍ରୀ)

ସୁଶାନ୍ତା—ସଂ. ବ. ସ୍ତ୍ରୀ—ଶଶିଧ୍ୱଜ ରାଜପତ୍ନୀ—Name of the wife
Suśāntā of king Śaśidhwaja. [ଦ୍ର—ଏ ଅଭ୍ୟନ୍ତ ବଷ୍ଟୁପର୍ଯ୍ୟନ୍ତା ଥିଲେ ଓ କଲ୍ଲୀକ ସଙ୍ଗେ ଯୁଦ୍ଧ କରବାକୁ ସ୍ୱାମୀଙ୍କୁ ନଦେଖ କରିଥିଲେ—କଲ୍ଲୀସୁପ୍ତଣ ।]
ସଂ. ବଣ. ସ୍ତ୍ରୀ—ସୁଶାନ୍ତର ସ୍ତ୍ରୀ ଲିଙ୍ଗ—
Feminine of Suśānta.

ସୁଶାସନ—ସଂ. ବ—୧ । ନ୍ୟାୟସଙ୍ଗତ ଶାସନ—1. Just or
Suśāsana righteous rule. ୨ । ଉତ୍ତମରୂପେ ଦମନ; କଟକଣା—2. Efficient controlling; discipline.

ସୁଶାସିତ—ସଂ. ବଣ—୧ । ନ୍ୟାୟ ମାର୍ଗରେ ଶାସିତ—1. Justly
Suśāsita ruled, ୨ । ସ୍ୱଚ୍ଛରୁ ରୂପେ ଦମିତ—2. Well
(ସୁଶାସିତା—ସ୍ତ୍ରୀ) controlled; kept under discipline.

ସୁଶାସ୍ୟ—ସଂ. ବଣ. ପୁଂ—ସହଜରେ ଶାସନୀୟ —
Suśāsya Easily governable.
(ସୁଶାସନୀୟ—ଅନ୍ୟରୂପ) (ସୁଶାସ୍ୟା, ସୁଶାସନୀୟା—ସ୍ତ୍ରୀ)

ସୁଶିକ୍ଷା—ସ. ବ—୧ । ଉତ୍ତମ ଅଧ୍ୟୟନ—1. Good learning
Suśikshā or education. ୨ । ଉତ୍ତମ ଉପଦେଶ—2. Good advice. ୩ । ସୁନ୍ଦର ଅଭ୍ୟାସ—3. Good habit or training.

ସୁଶିକ୍ଷିତ—ସଂ. ବଣ. ପୁଂ—ଉତ୍ତମ ରୂପେ ଶିକ୍ଷା ପ୍ରାପ୍ତ—
Suśikshita Well educated; well trained.
(ସୁଶିକ୍ଷିତା—ସ୍ତ୍ରୀ)

ସୁଶିଖ—ସ. ବଣ (ବହୁବ୍ରୀହି; ସୁ ଅର୍ଥେ ଶିଖା ଯାହାର)—ଉତ୍ତମ ଶିଖା-
Suśikha ଯୁକ୍ତ—Having a good flame or pigtail.
(ସୁଶିଖା—ସ୍ତ୍ରୀ. ବଣ) ବ—ଅଗ୍ନି (ଜଟାଧର)—Fire.

ସୁଶିଖା—ସ. ବ—୧ । ମୟୂର ଶିଖା (ସ୍ୱଳ୍ପବର୍ଦ୍ଧ)—1. The tail-
Suśikhā feather of a peacock. ୨ । ମୟୂରଶିଖା ଗୁଳ୍ମ—2. Celesia Cristala herb.
ସଂ. ବଣ. ସ୍ତ୍ରୀ—ସୁଶିଖର ସ୍ତ୍ରୀ ଲିଙ୍ଗ—
Feminine of Suśikha.

ସୁଶୀତ—ସ. ବଣ—ଅତିଶୟ ଶୀତଳ ବା ଥଣ୍ଡା—Very cold. ବ—
Suśīta ୧ । ପୀତ ଚନ୍ଦନ (ଶବ୍ଦଚନ୍ଦ୍ରିକା)—1. The yellow variety of sandal. ୨ । କ୍ଷୁଦ୍ରପ୍ଲକ୍ଷ (ସ୍ୱଳ୍ପବର୍ଦ୍ଧ)—2. A small variety of Plaksha tree ୩ । ଜଳବେତସ (ହି. ଶ)—3. Water-ratan. ୪ । ଗୌରୀ—4. Lady's only.

ସୁଶୀତଳ—ସଂ. ବ—୧ । ଗନ୍ଧତୃଣ (ରୋହିଷାଳା)—1. A fragrant
Suśītala species of grass. ୨ । ନାଗ ଦମନା (ହି. ଶ)—2. Indian wormwood ୩ । ଶ୍ୱେତ ଚନ୍ଦନ (ହି. ଶ)—3. The white sandal wood. ବଣ (ସୁଶୀତଳା—ସ୍ତ୍ରୀ. ବଣ) —ସୁଶୀତ (ଦେଖ)—Suśīta (See)

ସୁଶୀତଳା—ସଂ. ବଣ. ସ୍ତ୍ରୀ—ସୁଶୀତଳର ସ୍ତ୍ରୀ ଲିଙ୍ଗ—
Suśītala Feminine of Suśītala.
ସଂ. ବ—ବାଲୁଙ୍କ—Cucumber.

ସୁଶୀତା—ସଂ. ବ—୧ । ଶତପତ୍ରୀ (ଶବ୍ଦଚନ୍ଦ୍ରିକା); ସେବଞ୍ଚ ଫୁଲ—
Suśītā 1. Cabbage-rose; musk rose. ୨ । ଗୁଲ-ବମଳ (ହି. ଶ)—2. Hibiscus Mutabilis.

ସୁଶୀବିକା—ସଂ. ବ—ଜଳ ଉଦ୍ଭିଦ; ବାରିପ୍ଲବଜ (ଶବ୍ଦ ଚନ୍ଦ୍ରିକା)—
Suśībikā A species of herbarious bulbous root; Dioscorea.

ସୁଶୀ(ଶୀ)ମ—ସଂ. ବ—୧ । ଶୀତଗୁଣ; ଶୈତ୍ୟ; ଶୀତଳତା—
Suśī(shī)ma 1. Coolness. ୨ । ଚନ୍ଦ୍ରକାନ୍ତ ମଣି (ହି. ଶ)—2. Moon stone. ୩ । ଏକ ପ୍ରକାର ସର୍ପ—3. A kind of serpent. ବଣ—୧ । ଶୀତଳ—1. Cool. ୨ । ମନୋଜ୍ଞ (ହି. ଶ)—2. Beautiful,

ସୁଶୀଳ—ସଂ. ବଣ. ପୁଂ (ବହୁବ୍ରୀହି) —୧ । ସଚ୍ଚରିତ୍ର; ସତ୍‌ସ୍ୱଭାବ-
Suśīla ଶାଳିତ୍ୱ—1.Of good conduct or nature.
(ସୁଶୀଳା—ସ୍ତ୍ରୀ. ବଣ) ୨ ନମ୍ର; ନମ୍ର (ହି. ଶ)—2. Humble.
ବ. ପୁଂ—ସପ୍ତମୁନ୍ୟନ୍ତୋତ୍ପନ୍ନ ଜନୈକ ପ୍ରାଚୀନ ରାଜପୁରୁଷ ବା ରାଜା; ଶ୍ଲୋଲବ୍ରଜ—Name of a king of ancient India. ବେ. ବ. ପୁଂ—ପୁରୁଷଙ୍କ ନାମ—
सुशील A name given to males. ବେ. ବଣ—ଅତି କଠିନ ହୃଦୟ; ଅତି କଠିନ—Very hard. [ଦ୍ର—ଦୁଃଖ
कठिन ଅପମାଳ ଭଲ ଦୁଦ ବ ସୁଶୀଳ, ଶିଳ ଢେଲ ଅଟ୍ଟ ନୋହୁ ଫାଳ ଫାଳ । ଭଞ୍ଜ, ବ୍ରେମସ୍ପୃଧାବଦ୍ଧ ।]

ସୁଶୀଳତା(ତ୍ୱ)—ସଂ. ବ—୧ । ସଦ୍ଭାବ ଚରିତ୍ରତା—1. Goodness
Suśīlatā(twa) of disposition or nature.
୨ । ବିନୟ; ନମ୍ରତା—2. Humility.

ସୁଶୀଳା—ସଂ. ବଣ. ସ୍ତ୍ରୀ—ସୁଶୀଳର ସ୍ତ୍ରୀ ଲିଙ୍ଗ—Feminine of
Suśīlā 'Suśīla'. ବ—୧ । (ନାମ)—ଶ୍ରୀକୃଷ୍ଣଙ୍କର ଅଷ୍ଟ ମହିଷୀଙ୍କ ମଧ୍ୟରୁ ଏକତମା—1. Name of one of the 8 queens of 'Śrīkṛushṇa'. ୨ । (ନାମ) ଯମ ଭାର୍ଯ୍ୟା—2. The name of the wife of the King of death. ୩ । (ନାମ) ରାଧାଙ୍କର ଏକ ଅନୁଚରୀ (ହି. ଶ)—3. Name of a female companion of Rādhā. ବେ. ବ. ସ୍ତ୍ରୀ—ସ୍ତ୍ରୀ-
सुशीला ସୁଶୀଳା ଲୋକଙ୍କ ନାମ—A name given to females.

ସୁଶୃଙ୍ଖଳ—ସ. ବଣ—(ବହୁବ୍ରୀହି; ସୁ+ଶୃଙ୍ଖଳା+ଅ) —
Suśṛunkhala ୧ । ସୁନିୟନ୍ତ୍ରିତ—1. Well regulated
(ସୁଶୃଙ୍ଖଳା—ସ୍ତ୍ରୀ) ୨ । ଉତ୍ତମରୂପେ ବ୍ୟବସ୍ଥିତ—2. Well.
(ବଶୃଙ୍ଖଳ—ବପଶ୍ଚତ) arranged. ୩ । ସୁସଜ୍ଜିତ—3.
(ସୁଶୃଙ୍ଖଳତା—ବ) Nicely equipped.

Digitized by srujanika@gmail.com

ସୁଶୃଙ୍ଖଳା—ସଂ. ତ—୧ । ଉତ୍ତମ ବନ୍ଦୋବସ୍ତ ବା ବ୍ୟବସ୍ଥା—Susṛuṅkhalā 1. Nice arrangement. ୨ । ସୁନ୍ଦର ନିୟମ—2. Good rule. ବିଣ. ସ୍ତ୍ରୀ—ସୁଶୃଙ୍ଖଳର ସ୍ତ୍ରୀଲିଙ୍ଗ—Feminine of Susṛuṅkhala.

ସୁଶୃଙ୍ଗ—ସଂ. ବିଣ. ପୁଂ—(ବହୁବ୍ରୀହି)—ସୁନ୍ଦର ଶୃଙ୍ଗ ବିଶିଷ୍ଟ—Susṛuṅga Having beautiful peak or horn. (ସୁଶୃଙ୍ଗା—ସ୍ତ୍ରୀ)

ସୁଶୃତ—ସଂ. ବିଣ—ଅତି ଉଷ୍ଣ (ହି. ଶ)—Very hot Susṛuta

ସୁଶେକ୍—ଘାଡେ (ଲଉଆ) ବ (ଧ୍ୱନ୍ୟନୁକରଣ)—ସରୁ ଚାଦଣା, ଶବ୍ଦେଇ ଦୋଇ କାନ୍ଦିବା; ସୁଁ ସୁଁ ଦୋଇ କାନ୍ଦିବା—Susek Weeping with bated sighs; whimper.

ସୁଶୋଭନ—ସଂ. ତ—ଅତି ସୁନ୍ଦର—Very beautiful. Susobhana [ସୁଶୋଭନା—ସ୍ତ୍ରୀ)

ସୁଶୋଭିତ—ସଂ. ବିଣ—୧ । ଅତିଶୟ ଶୋଭାଯୁକ୍ତ—1. Very Susobhita graceful. ୨ । ସୁସଜ୍ଜିତ—2. Handsomely decorated. ୩ । ସୁନ୍ଦରରୂପେ ସୁଚାରିତ—3. Elegantly embellished. ଦେ. ତ—ସୌନ୍ଦର୍ଯ୍ୟ—Beauty. [ଶୁ—ଭୂ ଭହଁ । ତତ୍ସତ ଶୋଭା ସୁନ୍ଦରତା ବସ୍ତ୍ରଳା ସୁଶୋଭତ । ଉଜ୍ଜ, ବୈଦେଗ୍ଧ୍ୟଶବ୍ଦଳାସ]

ସୁଶ୍ରାବ୍ୟ—ସଂ. ବିଣ—ଶୁଣିବାକୁ ମଧୁର; ଶ୍ରୁତିମଧୁର—Sweet to Susrābya (ଦୁଃଶ୍ରାବ୍ୟ—ବିପରୀତ) hear. (ସୁଶ୍ରାବ୍ୟତା—ତ)

ସୁଶ୍ରୀ—ସଂ. ବିଣ—ପୁ ଓ ସ୍ତ୍ରୀ (ବହୁବ୍ରୀହି)—ଶ୍ରୀମାନ୍; ସୁନ୍ଦର ଶୋଭାଯୁକ୍ତ—Susrī (ସୁଶ୍ରୀକ—ଅନ୍ୟରୂପ) Handsome; beautiful. (ସୁଶ୍ରୀତା—ଅନ୍ୟ ସ୍ତ୍ରୀ. ରୂପ)

ସୁଶ୍ରୀକା—ସଂ. ବ—ସଜ୍ଜୀ (ବ୍ରଜନଦର୍ଣ୍ଣ)—Percupine. ସଂ. ବିଣ. Susrīkā ସ୍ତ୍ରୀ—ସୁଶ୍ରୀକର ସ୍ତ୍ରୀଲିଙ୍ଗ—Feminine of Susrīka.

ସୁଶ୍ରୁତ—ସଂ. ବିଣ—୧ । (ସୁ+ଶ୍ରୁତ=ବେଦ; ବହୁବ୍ରୀହି)—ବେଦରେ ସୁଶ୍ରୁତ ପାରଙ୍ଗମ; ବେଦବିଶାରଦ—Well versed in the Bedas. ୨ । ଉତ୍ତମରୂପେ ଶୁଣା ଯାଇଥିବା—2. Distinctly heard. ୩ । ସୁପ୍ରସିଦ୍ଧ — 3, Celebrated. ବ—୧ । ଦ୍ରୁତ ଚିକିତ୍ସା-ଶାସ୍ତ୍ର ପ୍ରଣେତା ଓ ବିଶ୍ୱାମିତ୍ର ମୁନିଙ୍କ ପୁତ୍ର—1. Name of the son of sage Biswāmitra, the author of the well-known treatise on Hindu medicine. [ଦ୍ର—ଏ କାଶୀକୁ ଯାଇ ଧନ୍ୱନ୍ତରିଙ୍କ ଅବତାର କାଶୀରାଜ ଦିବୋଦାସଙ୍କଠାରୁ ଚିକିତ୍ସାଶାସ୍ତ୍ର ଶିକ୍ଷା କରିଥିଲେ] ୨ । (ଦ୍ୱାପରଯୁଗରେ) ସୁଶ୍ରୁତ ଋଷିଙ୍କ ପ୍ରଣୀତ ଶ୍ରୁତ ସଂହିତା ନାମକ ଚିକିତ୍ସାଗ୍ରନ୍ଥ ବିଶେଷ—2. Name of the medicinal treatise by sage 'Susruta' (in the Dwāpara age).

ସୁଶ୍ରୁତ ସଂହିତା—ସଂ. ବ—ସୁଶ୍ରୁତ ଋଷିଙ୍କ ପ୍ରଣୀତ ଚିକିତ୍ସାଗ୍ରନ୍ଥ—Sasruta saṁhitā Title of the medical work by Susruta.

ସୁଶ୍ରୋଣୀ—ସଂ. ବିଣ. ସ୍ତ୍ରୀ—ସୁନ୍ଦର ନିତମ୍ବବତୀ (ସ୍ତ୍ରୀ) (ହି. ଶ)—Susroṇi (a woman) With nice buttocks.

ସୁସ୍ଲିଷ୍ଟ—ସଂ. ବିଣ—ଭଲରୂପେ ସଯୁକ୍ତ; ଉତ୍ତମରୂପେ ଲଗ୍ନ ବା ଯୁକ୍ତ—Suslishṭa Well-united; well attached.

ସୁସ୍ଲୋକ—ସଂ. ବିଣ. ପୁଂ (ବହୁବ୍ରୀହି)—୧ । ପୁଣ୍ୟଶ୍ଲୋକ; ପୁଣ୍ୟକୀର୍ତ୍ତି Susloka (ହି. ଶ)—1. Of pious memory. (ସୁଶ୍ଲୋକା—ସ୍ତ୍ରୀ) ୨ । ପ୍ରସିଦ୍ଧ (ହି. ଶ)—2. Celebrated.

ସୁଷବୀ—ସ. ବ (ସୁ+ସୁ ଧାତୁ=ପ୍ରେରଣ କରିବା+କର୍ମ ଅ+ଈ)—Sushabī ୧ । କାରବେଲ୍ଲ (ଅମର); କଲରୁ—1. Hairy memordica. ୨ । କୃଷ୍ଣ ଗାରକ (ମେଦଗା); କଳା ଜୀରୁ—2. Black variety of cumin seed; Nigella Sativa. ୩ । କ୍ଷୁଦ୍ର କାରବେଲ୍ଲ (ରାଜକର୍କଶ); ଛୋଟ କଲରୁ—3. Small-fruited variety of hairy memordica.

ସୁଷମ—ସଂ. ବିଣ (ସୁ+ସମ; ଷତ୍ୱବିଧାନ ଅନୁସାରେ ସ ସ୍ଥାନରେ ଷ)—୧ । ଅତି ସମାନ—1. Equal (ସୁଷମତା—ବ) in all respects; symmetrical. (ସୁଷମା—ସ୍ତ୍ରୀ) ୨ । ଶୋଭନ; ସୁନ୍ଦର—2. Charming; beautiful. ଘା. ବ (ସଦ୍ୟ) ସୁଷମା; ଶୋଭା; ସୌନ୍ଦର୍ଯ୍ୟ—Beauty. (ଜ୍ଞ—ମଦନ ସରପିଚ ଗୃହଁ ସୁଷମ—ଅଉମନ୍ୟୁ ବଦଶ୍ଚତନ୍ତ୍ରାମଣି ।)

ସୁଷମା—ସଂ. ବ—୧ । ପରମା ଶୋଭା; ସୌନ୍ଦର୍ଯ୍ୟ—1. Beauty; Sushamā grace; exquisite beauty. ୨ । ସୁନ୍ଦର ସମତା—2. Symmetry. ୩ । ଗୀତ ଚରଣରେ ୧୦୫ ଅକ୍ଷର ଥିବା ବର୍ଣ୍ଣ ବୃତ୍ତବିଶେଷ—3. Name of a Sanscrit metre, [ତ୍ର—ଏଥିର ଆଦ୍ୟ, ଅର୍ଥ, ୮ମ ଓ ୧୪ ବର୍ଣ୍ଣ ଗୁରୁ, ଅନ୍ୟ ବର୍ଣ୍ଣମାନ ଲଘୁ—ହି. ଶ)—ସଂ. ବିଣ. ସ୍ତ୍ରୀ—ସୁଷମର ସ୍ତ୍ରୀଲିଙ୍ଗ—Feminine of Sushama.

ସୁଷି—ସଂ. ବ—୧ । ଶୁଷି (ଉରଡ); ମୁଣ୍ଡି କାଠ ମଧ୍ୟରେ ଥିବା ଲମ୍ବ ଛିଦ୍ର—Sushi A hole running through the length of a log of wood. ୨ । ଛିଦ୍ର; ଗର୍ତ୍ତ—2. Hole. ୩ । ବଂଶୀବିଶେଷ (ଗ୍ରାମ୍ୟବାଦ)—3. A kind of flute. ଘାଡେ (ବଲ୍ଲଙ୍ଗୀର-ଘାଟଣା) ବ—ଗଛର ମଜ୍ଜା—The pith of a tree.

ସୁଷିକ—ସଂ. ବ—ଶୀତଳତା (ହି. ଶ)—Coolness. ସଂ. ବିଣ. Sushika ଶୀତଳ (ହି. ଶ)—Cool.

ସୁଷିବା—ଘାଡେ (ସମ୍ବଲପୁର ଓ ବାଲେଶ୍ୱର) କ୍ରି—ଶୋଷିବା—Sushibā To suck.

Digitized by srujanika@gmail.com

ସୁଷିର—ସଂ. ବ (ସୁଷି+ର ଧାତୁ+କର୍ତ୍ତୃ ଅ)—୧ । ଛିଦ୍ର,—
Sushira 1. Hole. ୨ । କାଙ୍ଉଣ (ହି. ଶ)—
2. Bamboo. ୩ । ବେତ (ହି· ଶ)—
3. Ratan; cane. ୪ । ଅଗ୍ନି (ହି· ଶ)—4 Fire;
୫ । ମୂଷିକ (ହି. ଶ)—5. Mouse, ୬। ବାୟୁ-
ପୂରିତ ସଙ୍ଗୀତଯନ୍ତ୍ର (ହି·ଶ)—6. A wind instru-
ment. ୭ । ବାୟୁମଣ୍ଡଳ (ହି. ଶ)—7. The air.
୮ । ଲବଙ୍ଗ [ହି. ଶ]—8. Cloves. ୯ । କାଠ—
[ହି. ଶ]—9. Wood. ସଂ· ବଣ —ଛିଦ୍ରଯୁକ୍ତ [ହି.ଶ].
Having hole

ସୁଷିରା—ସଂ· ବ—୧ । [ବୈଦ୍ୟକ] ନଳକା ନାମକ ଉତ୍କାର ଗନ୍ଧ-
Sushirā ଦ୍ରବ୍ୟ ଓ ତହିଁର ଲତା; ବଦ୍ରୁମ ଲତା [ହି·ଶ]
1. A scented herb. ୨ । ନଦୀ [ହି. ଶ]—
2. River.

ସୁଷିମ—ସଂ. ବଣ—୧। ଶୀତଗୁଣ ଯୁକ୍ତ (ଅମର)—1. Cool.
Sushima ୨ । ସୁନ୍ଦର—2. Beautiful.
ବ—୧ । ଚନ୍ଦ୍ରକାନ୍ତ ମଣି (ଜହ୍ମାଖର)—1. A gem;
moon stone. ୨ । ସର୍ପବିଶେଷ (ମେଦନୀ)—
2. A species of serpent. ୩ । ସ୍ୱର୍ଣ୍ଣ; ସୁନା—
3. Gold.

ସୁଷୁ—ସ. ବ (ଧ୍ୱନ୍ୟନୁକାର)—ଅବ୍ୟକ୍ତ ଶବ୍ଦ—
Sushu A very soft hissing sound.

ସୁଷୁପୁ—ସଂ· ବଣ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଉସ୍, ସ୍ୱପସୁସ୍ ଶବ୍ଦ)
Sushupu —୧ । ଶୋଇବାକୁ ଇଚ୍ଛୁକ (ହି· ଶ)—
1. Desirous of sleep. ୨ । ନିଦ୍ରାତୁର (ହି·ଶ)—
2. Sleepy; feeling sleepy.

ସୁଷୁପ୍ତ—ସଂ· ବଣ (ସୁ+ସ୍ୱପ୍ ଧାତୁ+କର୍ତ୍ତୃ. ତ)—୧ । ଗଭୀର
Sushupta ନିଦ୍ରାଗ୍ରସ୍ତ—1. Profoundly asleep. ୨ ।
(ସୁଷୁପ୍ତା—ସ୍ତ୍ରୀ) ଅଜ୍ଞ; ଅସ୍ମବୋଧ ଶୂନ୍ୟ—2. Devoid of self-
consciousness. ବ—(+ଭାବ. ତ) ସୁଷୁପ୍ତି;
ଉତ୍ତମ ନିଦ୍ରା—Profound sleep.

ସୁଷୁପ୍ତି—ସ. ବ (ସ+ସ୍ୱପ୍ ଧାତୁ+ଭାବ. ତି)—୧ । ସୁନିଦ୍ରା;
Sushupti ଉତ୍ତମ ନିଦ୍ରା—1. Slumber; profound
sleep; sound sleep. [ଦ—ଯେଉଁ ନିଦ୍ରାରେ
ପ୍ରାଣୀର କୌଣସି ବାହ୍ୟଜ୍ଞାନ ବା କାମନା ନ ଥାଏ ଓ
ସ୍ୱପ୍ନରେ କୌଣସି ସ୍ୱପ୍ନ ଦେଖାଯାଏ ନାହିଁ ତାକୁ ସୁଷୁପ୍ତି
କୋଇଯାଏ ।] ୨ । (ପାତଞ୍ଜଳ ଦର୍ଶନ) ଚତୁର୍ଥ
ବା ଅନୁଭୂତିବିଶେଷ—2.(Pātanjala philosophy)
A kind of mental experience. [ଦ—ଏ
ଅବସ୍ଥାରେ ଜୀବ ନିତ୍ୟଚୈତନ୍ୟ ପ୍ରାପ୍ତ ହେଇଥାଏ, ତନ୍ତୁ
ଜୀବର ଦୁଇ ପ୍ରାପ୍ତି ବିଷୟରେ ଜ୍ଞାନ ନ ଥାଏ—ହି·
ଶ । ସୁଷୁପ୍ତି ଅବସ୍ଥାରେ ମନୁଷ୍ୟ ସ୍ୱର୍ଗଲୋକରେ ବିଚରଣ
କରେ— ବେଦାନ୍ତ]

ସୁଷୁପ୍ସ(ପ୍ସୁ)—ସ. ବଣ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଅ, ଉ)—
Sushupsa(psu) ଶୋଇବାକୁ ଇଚ୍ଛୁକ (ହି· ଶ)—
Desirous of sleep.

ସୁଷୁପ୍ସା—ସ. ବ (ସ୍ୱପ୍ ଧାତୁ+ଇଚ୍ଛାର୍ଥେ ସନ୍+ଆ —ଶୋଇବାକୁ
Sushupsā ଇଚ୍ଛା (ହି· ଶ)—Desire to sleep.

ସୁଷୁମ୍ନା(ନା)—ଗ୍ରା. ବ (ସଂ· ସୁଷୁମ୍ନା)—ସୁଷୁମ୍ନା (ଦେଖ)—
Sushumnā(nā) Sushumnā (See) [ହି—ତାହାକୁ
ସୁସୁମ୍ନା ସୁଷୁ(ଷ)ମନା ସୁଷୁମ୍ନା ବହି—ପଶୋବନ୍ତଃ ପ୍ରେମବନ୍ତୁ
ବ୍ରହ୍ମଗୀତା ।]

ସୁଷୁମ୍ନା(ମ୍ନା)—ସଂ· ବ (ସୁଷୁ=ଅବ୍ୟକ୍ତ ଶବ୍ଦ+ମ୍ନା ଧାତୁ=ଅଭ୍ୟାସ
Sushumnā(mnā) କରିବା+କର୍ତ୍ତୃ. ଅ+ଆ)—୧ ।
(ଯୋଗଶାସ୍ତ୍ର) ମେରୁଦଣ୍ଡରେ ଥିବା ଇଡ଼ା ଓ ପିଙ୍ଗଳା ନାଡ଼ୀ
ମଧ୍ୟସ୍ଥ ନାଡ଼ୀବିଶେଷ—1. A vein or artery
running along the backbone between
the two other veins Irdā and Pingalā.
[ଦ୍ର—ନାସିକାର ବାମ ଭାଗରେ ଇଡ଼ା; ଦକ୍ଷିଣ ଭାଗରେ
ପିଙ୍ଗଳା ଓ ମଧ୍ୟଭାଗ (ବ୍ରହ୍ମରନ୍ଧ୍ର) ରେ ସୁଷୁମ୍ନା ପ୍ରବାହିତ ।
ଇଡ଼ା ଚନ୍ଦ୍ରସ୍ୱରୂପା, ପିଙ୍ଗଳା ସୂର୍ଯ୍ୟସ୍ୱରୂପା ଓ ସୁଷୁମ୍ନା
ବହ୍ନିଗୁଣାତ୍ମିକା ବା ମଙ୍ଗଳରୂପରେ ଅଗ୍ନିସ୍ୱରୂପା—ହି. ଶ ।]
୨ । (ବୈଦ୍ୟକ) ନାଭିର ମଧ୍ୟସ୍ଥ ଓ ଶଙ୍ଖରର ଅନ୍ୟ ନାଡ଼ି-
ମାନଙ୍କଦ୍ୱାରା ବେଷ୍ଟିତ ନାଡ଼ିବିଶେଷ (ହି. ଶ)—
2. One of the veins inside the navel.

ସୁଷୁଷ୍କ—ବେ. ବ (ସଂ· ସୁଷ୍କିର, କ୍ରମା ସୁ+ସ୍ଥର)—୧ । ଏକପ୍ରକାର
Sushurī ବଂଶୀ—1. A kind of flute. ୨। ସିଟି ମାରିବା
ସୀଟି ସୁଷିର ଯନ୍ତ୍ର—2. Whistle.

ସୁଷେଣ—ସଂ. ବ (ବହୁବ୍ରୀହି; ସୁ+ସେନା; ସୁ ଅର୍ଥେ ସେନା ଯାହାର)
Susheṇa —୧ । ବିଷ୍ଣୁ—1. A name of Bishnu. ୨।
(ନାମ) ସର୍ଜ୍ଜଃବିଶେଷ; ବାଳବ୍ରତାଙ୍କ ଶ୍ୱଶୁର; ତାରାଙ୍କ ପିତା-
2. Name of a monkey who was also a
physician and the father of Tārā, wife
of Bāli. [ଦ୍ର—ଏ ଯୁଦ୍ଧବିଦ୍ୟା ଓ ଚିକିତ୍ସା ବିଦ୍ୟାରେ
ଅତ୍ୟନ୍ତ ନିପୁଣ ଥିଲେ । ସ୍ୱବଶର ଶକ୍ତିପ୍ରୟୋଗ ଲକ୍ଷ୍ମଣ
ଅଚେତନ ହୋଇଲେ ଏହାଙ୍କ ପରାମର୍ଶରେ ହନୁମାନ୍ ଔଷଧ
ଆଣିବାରୁ ଲକ୍ଷ୍ମଣ ବଞ୍ଚିଲେ । ଏ ଅଶ୍ୱଘୋଷଙ୍କର, ମହା-
ଭାରତରେ ବରୁଣଙ୍କର, ମହାଭାରତରେ ଧନ୍ୱନ୍ତରିଙ୍କର ପୁତ୍ର
ଥିଲେ । ଏ ବାଳିଙ୍କ ଶ୍ୱଶୁର ଓ ସୁଗ୍ରୀବଙ୍କ ବୈଦ୍ୟ ଥିଲେ ।
ରାମ-ରାବଣ ଯୁଦ୍ଧ ସମୟରେ ଏ ରାମଦଳକୁ ବହୁ ସାହାଯ୍ୟ
କରିଥିଲେ ।] ୩ । ଭରମର୍ଦ୍ଦଳ; କରଞ୍ଜ ଜାତୀୟ ଗଛ—
3. Name of a tree; Carissa Caranda.
[ହି—ଯେ ବୋଲେ ଅସ୍ତ୍ର ରାମ ସୈନ୍ୟ ସସ୍ତ୍ର, ତାହାର
ଭାଲମ୍ ସୁସେଣାଦ ଥିବାଏ । ଉଦ୍ଧ. ବୈଦେହୀସୁଷେଣାଦ ।]
୪ । ବେତସ ଲତା—4. Ratan cane. ୫ ।
(ନାମ) ଶାକ୍ୟସିଂହଙ୍କର ଏକ ପୁତ୍ର (ହି· ଶ) —5. A son of

Digitized by srujanika@gmail.com

Śrīkṛushṇa. ୬ । (ନାମ) ପରୀକ୍ଷିତଙ୍କର ଏକ ପୁତ୍ର (ହି. ଶ)—6. A son of King Parīkshita. ୭ । (ନାମ) ବସୁଦେବଙ୍କର ଏକ ପୁତ୍ର (ହି. ଶ)—7. A son of Basudeba. ୮ । (ନାମ) ଶଂବରର ଏକ ପୁତ୍ର (ହି. ଶ)—8. A son of Śambara demon. ୯ । (ନାମ) ଦ୍ୱିତୀୟ ମନୁଙ୍କ ଏକ ପୁତ୍ର (ହି. ଶ) —9. A son of the 2nd Manu. ୧୦। (ନାମ) ଗନ୍ଧର୍ବ ବିଶେଷ—10. Name of one of the Gandharbas. ୧୧। (ନାମ) ଯକ୍ଷ ବିଶେଷ (ହି.ଶ)—11. Name of a Jāksha. ୧୬ । (ନାମ) ନାଗାସୁର ବିଶେଷ (ହି. ଶ)—12. Name of a Nāga demon.

ସୁଷେଣିକା—ସ. ବ—କୃଷ୍ଣ ନିଶୁନ୍ଦା (ଅମର); ଶ୍ୟାମାନିଶୁନ୍ଦ; କଳା Susheṇikā ଉଡୁଡ଼—A black variety of Ipomœa Turpethum.

ସୁଷେଣୀ—ସ. ବ—ନିଶୁନ୍ଦ; ଉଡୁଡ଼ (ରତ୍ନାବର୍ଦ୍ଧନ)— Susheṇī Ipomœa Turpethum.

ସୁଷୋମା—ସ. ବ—ନଦୀ ବିଶେଷ (ଭାଗବତ)—Name of a Sushomā river mentioned in the Bhāgabata.

ସୁଷ୍ଠୁ—ସ. ଅ (ସୁ+ସ୍ଥା ଧାତୁ+କ୍ତୁ. ଉ)—୧ । ସୁନ୍ଦର ରୂପେ— Sushṭhu 1. Well; excellently. ୨ । ସତ୍ୟ—2. True. ୩ । ଶ୍ରେଷ୍ଠ—3. Excellent; pre-eminent. ୪ । ଅତିଶୟ—4, Very; much. ୫ । ଯଥାଯୋଗ୍ୟ— 5. Proper. ୬ । ସୁନ୍ଦର—6. Beautiful.

ସୁଷ୍ଠୁତା(ତ୍ୱ)—ସ.ବ (ସୁଷ୍ଠୁ+ତ୍ୱ ବା ତା)—୧। ମଙ୍ଗଳ; କଲ୍ୟାଣ (ହି· ଶ) Sushṭhutā(wa) —1. Bliss. ୨ । ସୌଭାଗ୍ୟ (ହି ଶ)— 2. Good fortune; prosperity. ୩ । ସୁନ୍ଦରତା (ହି· ଶ)—3. Beauty; grace.

ସୁଷ୍ମ—ସ. ବ—୧ । ରଜ୍ଜୁ (ସ୍ତ୍ରୀ)—1. Rope. ୨ । କେତସ (ରତ୍ନ Sushma ରତ୍ନାବଳୀ)—2. Cane; ratan. ୩ । କରମର୍ଦ୍ଦକ (ଅମର); କେରେନ୍ଦା ଜୋଳ—3. A kind of a plum; Carissa Caranda.

ସୁସ୍ତା—ପ୍ରାଦେ· (ଲରଥ) କି· ବ୍ୟ—ଧୀରେ ଧୀରେ— Sus-tā Slowly.

ସୁଁ ସୁଁ—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଶର୍ଦ୍ଦି ଯୋଗୁଁ ନାକରୁ Suñ suñ କାହାରିବା ଅନୁନାସିକ ଶବ୍ଦ—1. Nasal sound ସୁଁ ସୁଁ due to cold. ୨ । ଶକେଇ କର କାନ୍ଦିବାର ଶବ୍ଦ— 2. Sound of slow sighing cry; whining whimpering sound.

ସୁଁ ସୁଁଆ—ଦେ. ବ୍ୟ (ପୁଂ)—ଯେଉଁ ବ୍ୟକ୍ତି ସବୁଦା ଶରଦ ଯୋଗୁଁ Suñ suñāñ ନାକଦ୍ୱାର ସୁଁ ସୁଁ ଶବ୍ଦ କରେ—A person (ସୁଁ ସୁଁଏଁ—ସ୍ତ୍ରୀ) who always suffers from cold and ଶର୍ଦ୍ଦି ନେକୋ emits a nasal sound on account of ସୁଁ ସୁଁ କରନେ ବାଲା mucus in the nasal passage.

ସୁସମ୍ବାଦ—ସ. ବ—ଶୁଭବାର୍ତ୍ତା; ସୁସମାଚାର— Susaṁbāda Good news. (ଡ୍ୟୁଏବ.ଡ—ବସସ୍ତ)

ସୁସମ୍ଭତ—ସ. ବଣ (ସୁ+ସମ୍+ଯମ୍ ଧାତୁ+କର୍ମ. ତ)— Snsaṁjata ୧ । ଦୃଢ଼ବଦ୍ଧ—1. Well attached. ୨ । (ସୁସଂଯତା—ସ୍ତ୍ରୀ) ଯଥାବତ୍ ନିୟନ୍ତ୍ରିତ—2. Well regulated. ୩ । ଯଥାବତ୍ ସଂଯମ ରକ୍ଷିତ—3. Well kept under control; well disciplined.

ସୁସଂସ୍କୃତ—ସଂ. ବଣ—୧ । ଉତ୍ତମ ରୂପେ ପକ୍ୱ ବା ସିଦ୍ଧ— Susaṁskṛuta 1. Well-boiled. ୨ । ଘୃତାଦି ଦ୍ୱାରା ପ୍ରଯତ୍ନ ସଂସ୍କୃତ (ବ୍ୟଞ୍ଜନାଦି)—2. Well seasoned and fried (curry). ୩ । ଯାହାର ଉତ୍ତମ ରୂପେ ସଂସ୍କାର କରା ଯାଇଅଛି—3. Thoroughly repaired.

ସୁସଁ—ପ୍ରାଦେ· (ଘାଟଣା) ବ—ତୋଷ— Susañ Thirst.

ସୁସଙ୍ଗ—ସ. ବ—୧ । ଉତ୍ତମ ସଙ୍ଗ—1. Good company ୨ । Susaṅga ସାଧୁଙ୍କ ସଙ୍ଗ—2. Companionship of good [ସୁସଙ୍ଗତ—ଅନ୍ୟରୂପ] people.

ସୁସଙ୍ଗତ—ସଂ· ବଣ (ସୁ+ସଙ୍ଗତ)—୧ । ଉତ୍ତମ ରୂପେ ଯୁକ୍ତି ଯୁକ୍ତ— Susaṅgata 1. Fairly reasonable. ୨ । ସୁଯୋଗ୍ୟ— (ସୁସଙ୍ଗତ—ବ) 2. Very fit. ୩ । ନିତ୍ୟ—3. Permanent. ୪ । ଅତି ଉଚିତ—4. Very proper.

ସୁସଜ୍ଜ—ସ· ବଣ (ବହୁବ୍ରୀହି; ସୁ+ସଜ୍ଜା+ଅ)—ଉତ୍ତମରୂପେ ସଜ୍ଜିତ Susajja ବା ଅଳଙ୍କୃତ—Well adorned or equipped [ସୁସଜ୍ଜିତ—ଅନ୍ୟରୂପ] nicely fitted. (ସୁସଜ୍ଜା—ସ୍ତ୍ରୀ)

ସୁସଜ୍ଜା—ସ. ବଣ· ସ୍ତ୍ରୀ (ସୁସଜ୍ଜ+ଆ)—ସୁସଜ୍ଜର ସ୍ତ୍ରୀ ଲିଙ୍ଗ— Susajjā Feminine of Susajja. ସ. ଶ୍ରୀବ—ଉତ୍ତମ ସଜ୍ଜା—Nice equipment.

ସୁସଜ୍ଜୀକୃତ—ସ. ବଣ. ପୁଂ (ସୁ+ସଜ୍ଜୀକୃତ)—ଯାହା ଉତ୍ତମ ରୂପେ Susajjīkṛuta ସଜ୍ଜିତ ବା ଅଳଂକୃତ କରା ଯାଇଅଛି— (ସୁସଜ୍ଜୀକୃତା – ସ୍ତ୍ରୀ) Recently decorated well by (ସୁସଜ୍ଜୀକରଣ—ବ) another person.

ସୁସଜ୍ଜୀଭୂତ—ସ· ବଣ ପୁଂ. (ସୁ+ସଜ୍ଜୀଭୂତ)—ଯାହା ବା ଯେ ପୂର୍ବେ Susajjībhūta ସୁସଜ୍ଜିତ ନ ଥିଲ ଓ ବର୍ତ୍ତମାନ ଉଚିତ ସୁସଜ୍ଜିତ (ସୁସଜ୍ଜୀଭବ—ବ, ସୁସଜ୍ଜୀଭୂତା—ସ୍ତ୍ରୀ.ବଣ) ହୋଇଅଛି—Recently well equipped or adorned himself.

ସୁସଞ୍ଚ—ଦେ. ବଣ (ସ. ସୁସଜ୍ଜ)—୧ । ଅତି ସୁନ୍ଦର—1. Very Susañcha nice. ୨ । ସଜ୍ଜିତ; ପ୍ରସ୍ତୁତ—2. Fitted; pre- ପରମସୁନ୍ଦର pared. [ଉ-ଉଦାହରଣ ସୁସଞ୍ଚ ସମଜପୁର, ସଞ୍ଚ ତେଜଣ ଖୁବସୁରତ ପୁଅ ଜନ୍ମ ମୁଞ୍ଚ । ଭଞ୍ଜ· ବୈଦେହୀଶ ବଲାଣ ।]

Digitized by srujanika@gmail.com

ସୁସଞ୍ଚିତ—ସଂ.ବିଣ—ଉତ୍ତମ ରୂପେ ବା ଯତ୍ନପୂର୍ବକ ସାଇତା ଦୋଇଥିବା Susañchita —Well stored; stored with care. (ସୁସଞ୍ଚୟ—ବ)

ସୁସଞ୍ଚିବା—ଦେ. କି—ଯତ୍ନପୂର୍ବକ ବା ଉତ୍ତମରୂପେ ସଞ୍ଚୟ କରିବା—Susañchibā To store carefully. [ଉ—ଏ ଧନ ଦ୍ରବ୍ୟ ସଞ୍ଚୟକରା ସୁସଞ୍ଚିଲେ, ସଦ୍ଭର ଗାଇ ଅନ୍ତକାଳେ । ଗ୍ରାବୀ. ଜଗ୍ନ୍ନାଥ ମାହାତ୍ମ୍ୟ ।] **ସଂଚୟକରନା**

ସୁସତ୍ୟା—ସଂ. ବ. ସ୍ତ୍ରୀ—ଜନକ ରାଜାଙ୍କର ଏକ ଭାର୍ଯ୍ୟା (ବାଳକା-ପୁରାଣ)—Susatyā A wife of king Janaka.

ସୁସବୀ—ସଂ. ବ—ସୁଷବୀ (ସ୍ତ୍ରୀ ମୂର୍ତ୍ତି) (ଦେଖ) Susabī Sushabī (See)

ସୁସମୟ—ସଂ. ବ—୧ । ସୁଖର ସମୟ—1. Happy time. ୨ । Susamaya ସୁଦିନ—2. Good day. ୩ । ସୁଉଷ କାଳ—3. Time of plenty.

ସୁସମାଚାର—ସଂ. ବ—ସୁସମାଦ; ଉତ୍ତମ ସମାଦ; ଶୁଭ ଖବର—Susamāchāra Good news.

[ଉ—"ବହୁ ଋଣ ସ୍ୱଦେଶୁ ସୁସମାଚାର ଲଭିବ ନାହିଁ ଅଜ୍ଞ ଦର୍ଶନ ପାର ।"
ଜଗନ୍ନାଥଦାସଙ୍କର ବିଲାପ—ମଧୁସୂଦନ ।]

ଦେ. ବ—ଖ୍ରୀଷ୍ଟାନ୍ ଧର୍ମପୁସ୍ତକରେ ଉତ୍ତମ ଉତ୍ତମ ଅଂଶରେ ଲିପିବଦ୍ଧ ଦୋଇଥିବା ଧର୍ମ-ସଂବାଦ ଯଥା—ମାଥିଉ, ଲ୍ୟୁକ୍, ଜନ୍ ଆଦ ମହର୍ଷିଙ୍କ ଲିଖିତ ସୁସମାଚାର)—Relations recorded in the Bible; the Epistles in the Bible (e. g. Luke, Mathew, John etc).

ସୁସମୃଦ୍ଧ—ସଂ, ବିଣ—ଅତ୍ୟନ୍ତ ସମୃଦ୍ଧିଶାଳୀ—Very prosperous. Susamṛudha (ସୁସମୃଦ୍ଧି—ବ)

ସୁସମେ—ଦେ. ଅ (ସଂ. ସୁସମ) —ସମାନ; ସଦୃଶ—Like; similar. Susame [ଉ—ବୁଲନ୍ତୁ ଜଗତେ ଦେବ ସଙ୍ଗଭରେ ସୁସମେ ନ ସମାନ, ସୁସମେ **ସମାନ** ମିଳେ ବର । ରଞ୍ଜ. ଦୈବେଦ୍ଗଣବିଳାସ ।]

ସୁସମ୍ପତ୍(ତ୍)—ସଂ. ବ—ସୌଭାଗ୍ୟ (ତିରାଣ୍ଡ ଶେଷ)—Susampat(da) Good fortune; prosperity.

ସୁସମ୍ପନ୍ନ—ସଂ. ବିଣ—ଉତ୍ତମରୂପେ ନିଷ୍ପନ୍ନ; ସୁନିଷ୍ପନ୍ନ—Susampanna Well accomplished. (ସୁସମ୍ପାଦନ—ବ) (ସୁସମ୍ପାଦିତ—ଅନ୍ୟରୂପ)

ସୁସମ୍ବର—ଦେ. ବ—୧ । ଶିଶୁମାର (ଦେଖ)—1. Śisumāra Susambara (See) ୨ । ରକ୍ତଖାଇ (ଦେଖ)—2, Rakta-khāi (See)

ସୁସମ୍ବାଦ—ସଂ. ବ—ଆନନ୍ଦଜନକ ଖବର—Susambāda Happy news.

ସୁସହ—ସଂ. ବିଣ (ସୁ+ସହ୍. ଧାତୁ+କର୍ମ. ଅ)—ଅନାୟାସରେ ସହ୍ୟ; ସୁଖସହ୍ୟ—Easily bearable. ସଂ. [ସୁସହା—ସ୍ତ୍ରୀ. ବିଣ] ବ—ଶିବଙ୍କର ଏକ ନାମ (ହ. ଶ)—A name of Śiba. (ଦୁଃସହ—ବିପରୀତ)

ସୁସାଧ୍ୟ—ସଂ. ବିଣ (ସୁ+ସାଧ୍. ଧାତୁ+କର୍ମ. ଯ)—ସୁକର; ଅନାୟାସ-ସାଧ୍ୟ; ସହଜରେ ସାଧନୀୟ—Easily accomplishable. [ଦୁଃସାଧ୍ୟ—ବିପରୀତ] (ସୁସାଧନ; ସୁସାଧ୍ୟତା—ବ) (ସୁସାଧନୀୟ—ଅନ୍ୟରୂପ)

ସୁସାର—ସଂ. ବିଣ (ବହୁବ୍ରୀ.; ସୁ+ସାର)—୧। ଶ୍ରେଷ୍ଠ—1. Excellent. ୨। ସର୍ବୋତ୍କୃଷ୍ଟ—2. Superior to all. ୩। ଅତ୍ୟନ୍ତ ସାରବତ୍ତାଯୁକ୍ତ—3. Substantial; having good essence or sap. ୪ । ସୁଦୃଢ଼—4. Very strong. ବ—୧ । ଉତ୍ତମ ସାର—1. Good essence, sap or substance. ୨ । ସାରଗତା—2. Competence (M. W) ୩ । (ବହୁବ୍ରୀ.; ସୁ+ସାର ଯାହାର) ରକ୍ତଖଦର (ତ୍ରିକଳିଙ୍ଗ)—3. Red catechu. ୪ । ଇନ୍ଦ୍ରନୀଳମଣି (ହ. ଶ)—4. Sapphire. ଦେ. ବିଣ—୧ । ପ୍ରଚୁର; ଯଥେଷ୍ଟ—1. Enough; sufficient. ୨ । ଅତ୍ୟନ୍ତ ଆଦରଯୁକ୍ତ—**ପୂରା, ସୁଧାର** 2. Very fond. ୩ । ଉତ୍ତମ—3. Good. ୪ । ସହଜ—4. Easy. ୫। ସଚ୍ଚରିତ୍ର (ବାଳକ)—5. Of good conduct (boy). ୬ । ଦୋଷମୁକ୍ତ—6. Free from defects. ୭ । ସୁସ୍ଥ; ସୁସ୍ଥତାଯୁକ୍ତ (ଶରୀର)—7. Healthy (body). ୮ । ରୋଗମୁକ୍ତ (ଦେହ)—8. Cured; recovered from illness. ୯ । ସମ୍ୟକ୍ ରୂପଯାଇଁ ସଜଡ଼ା ଯାଇଥିବା—9. Repaired; set right

ସୁସାର ବଚନ—ଦେ. ବ.—ମିଠା କଥା—Sweet words. Susāra bachana ପ୍ରାତେ (ଗଡ଼ଜାତ)ବ—ଘୋଓଟାଅଥା—ମିଷ୍ଟିକଥା **ମୀଠୀବାତ** Bold language, outs pokenness.

ସୁସାରବତ୍—ସଂ. ବ—ସ୍ଫଟିକ (ତ୍ରିକାଣ୍ଡଶେଷ); Susārabat Quartz.

ସୁସାରିବା—ଦେ. କି—୧ । ଦୁସ୍ଥ ଦେହକୁ ସୁସ୍ଥାବସ୍ଥାକୁ ଆଣିବା—Susāribā 1.To restore to health. ୨ । ଦୋଷମୁକ୍ତ **ସୁଧରାନ** ସୁଧାରନା କରିବା—2. To free from defects.

ସୁସାରରେ—ଦେ. କି. ବିଣ—୧ । ଉତ୍ତମରୂପେ—Goodly; well. Susārare ୨ । ନିର୍ଦ୍ଦୋଷ ରୂପେ—2. Faultlessly. ୩ । ଉତ୍ତମରୂପେ **ଅଚ୍ଛୀତରହ** ଅତ୍ୟନ୍ତ ଆଦର ସହକାରେ—3. With great fondness. [ଉ—ଯଦେ ସକ୍ଷାଦବା ଚନ୍ଦ୍ରାମଣି ଅବା ମୋ ଜରେ ଦେଲ ସୁସାରରେ । ଜବସୂର୍ଣ୍ଣ ଜଗୋସ୍ୱ ଚମ୍ପୂ ଯ ଗୀତ ।] ୪ । ବିନା ଆପତ୍ତିରେ—4. Without any objection. [ଉ—ବିନା ଅଷ୍ଟଦୁର୍ଗର ଏ ସ୍ଥାନରେ, ରତେ ଏବେ ଜଳେ ଦେଇ ସୁସାରେ । ଜବସୂର୍ଣ୍ଣ—ଜଗୋସବଚମ୍ପୂ ର ଗୀତ ।]

ସୁସିକତା—ସ.ବ.—(ସୁ+ସିକତା) ୧ । ଉତ୍ତମ ବାଲୁକା—1 Good. Susikstā sand. ୨ । ଶର୍କରା(ତ୍ରିକଳିଙ୍ଗ)—2 Molasses. ୩ । ଚିନି (ହ ଶ)—3 White sugar.

Digitized by srujanika@gmail.com

ସୁସିଦ୍ଧ—ଫ. ବିଣ—୧ । ଉତ୍ତମରୂପେ ସିଦ୍ଧ ବା ପକ୍ୱ (ଅନ୍ନାଦି)—
Susiddha 1. Well boiled; well dressed (food).
୨ । ଉତ୍ତମରୂପେ ସଫଳ (ଉଦ୍ଦେଶ୍ୟ, କର୍ମ)—2. Well successful (work, aim). ୩। (ବିଦ୍ୟା, ଉପାସ୍ୟା, ଯୋଗ ସାଧନାଦରେ) ଉତ୍ତମରୂପେ ସିଦ୍ଧିଲାଭ କରିଥିବା (ବ୍ୟକ୍ତି)—3. Adept; well proficient.

ସୁସିଦ୍ଧି—ସ୍ତ୍ରୀ. ବ—ସାହିତ୍ୟର ଅଳଙ୍କାର ବିଶେଷ—
Susiddhi Name of a rhetorical figure.
[ଦ୍ର—ଯେଉଁଠାରେ ଜଣେ ମନୁଷ୍ୟର ସତ୍‌ଶ୍ରମର ଫଳ ଅନ୍ୟ କେହି ଭୋଗ କରେ ସେଠାରେ ଏହି ଅଳଙ୍କାର ହୁଏ—ହ. ଶ ।]

ସୁସିର—ସ. ବ—ବାତଜ ଅଙ୍ଗୁଷାରେ ଦାନ୍ତମୂଳର ସରଷା ରୋଗ—
Susira A disease of the gum.
[ଦ୍ର—ଏ ରୋଗରେ ଦାନ୍ତମୂଳ ଫୁଲିଥାଏ ଓ ଖୁବ୍ ଦରଜ ହୁଏ; ଦାନ୍ତମୂଳରୁ ବହୁତ ରକ୍ତ ବହେ ଓ ଦାନ୍ତମୂଳର ମାଂସ ଭଙ୍ଗିଯାଏ ବା ଗଳିଯଇଥାଏ; ପିତ୍ତ ଓ ରକ୍ତ ଦୂଷିତ ହେବାରୁ ଏ ରୋଗ ହୁଏ —ହ ଶ ।]

ସୁସୀତା—ସ୍ତ୍ରୀ. ବ—ଶତପତ୍ରୀ; ସେବତୀ (ହ. ଶ)
Susītā Musk rose.

ସୁସୀମା—ସ୍ତ୍ରୀ. ବ (ନାମ)—ବୃତ୍ତୀର୍ଥନାଥଃ. ଷଷ୍ଠ ଜିନଙ୍କ ଜନନୀ—
Susīmā Name of the mother of the sixth Jaina saint.

ସୁସୁ—ଦେ. ଅ (ଧ୍ୱନ୍ୟନୁକରଣ)—୧ । ପବନର ଜୋର୍‌ରେ ବହିବାର ଶବ୍ଦ—1. The hissing sound of blowing wind. ୨ । ସର୍ପ ଚଳିବାର ଶବ୍ଦ—2. The hissing sound of a snake. ୩ । ଓଠଦ୍ୱାର ସିଟି ମାରିବାର ଶବ୍ଦ—3. The sound of whistling with the lips.
ଖୋସ୍‌ଖୋସ୍ ସୁସୁ

ସୁସୁନ(ଣି)—ଗ୍ରାମ୍ୟ (ସେବାଗ୍ରାମର ଓ ବାଲେଶ୍ୱର) ବ—(ସ. ସୁନଷ୍ଠକ; ଭୁଲ—ବ. ସୁସେନେ)—ସୁନିଶୁନିଆ (ଦେଶ)—
Susuni(ndi) Sunishunia (See)

ସୁସୁମାର—ଦେ. ବ (ସ. ଶିଶୁମାର)—ଶିଶୁମାର (ଦେଶ)
Susumāra Gangetic porpoise.
ଶିଶୁମାର, ଶୁଶୁକ ସୁସମାର, ସୁ(ଶୁଁ)ସ

ସୁସୁର ପ୍ରିୟା—ସ. ବ—ଜାତିପୁଷ୍ପ (ଦେଶ) (ହ. ଶ)—
Susura priyā Jāti pushpa (See)

ସୁସୂକ୍ଷ୍ମ—ସ. ବିଣ—ଅତି ସୂକ୍ଷ୍ମ—Very minute; ବ—ପରମାଣୁ (ହ. ଶ)—Molecule.
Susūkshma

ସୁସୂକ୍ଷ୍ମ ପତ୍ରା—ସ୍ତ୍ରୀ. ବ—ଜଟାମାଂସୀ (ହ. ଶ)—
Susūkshma patrā Indian spikenard.

ସୁସୌଭଗ—ସ. ବ—ଦାମ୍ପତ୍ୟ ସୁଖ (ହ. ଶ)—
Susaubhaga Conjugal happiness.

ସୁସ୍କନ୍ଦନ—ସ. ବ—ବବୁର ବୃକ୍ଷ (ହ. ଶ)—
Suskandana Acacia Arabica (tree).

ସୁସ୍କିବା—ଗ୍ରାମ୍ୟ (ଲକ୍ଷଣା) କ୍ରି. (ଭୁଲ. ହ. ସୁସ୍କଡ଼ନା) —ସକେଇ
Suskibā ସକେଇ କାନ୍ଦିବା—To cry with bated sobs; to whimper.

ସୁସ୍ତ—ପ୍ରା. ବିଣ (ସ. ସୁସ୍ଥ)—୧ । ସୁସ୍ଥ—1. Healthy. ୨। ନିଶ୍ଚିନ୍ତ; ଚିନ୍ତାଶୂନ୍ୟ—2. Free from anxiety. ବ—
ସୁସ୍ଥ ୧ । ସୁସ୍ଥତା—1. Health. ୨ । ସୁଖ—2. Happi-
ସୁସ୍ଥ ness. ୩ । ସ୍ୱଚ୍ଛନ୍ଦତା—3. Comfort. ଦେଦେ, ବିଣ
ସୁସ୍ତ (ପା. ସୁସ୍ତ)—୧ । ଦୁର୍ବଳ—1. Weak; devoid of
ସୁସ୍ତ strength, ୨। ଚଳା ବା ଲଢ଼ା ଅବ ଯୋଗୁଁ ବଳୁଛି ବା ବସ୍ତୁଛି—2. Shorn of vigour. ୩ । ଯାହାର ବେଗ ଶ୍ଲଥଲତା, ଗତି ଅବ ମନ ଢୋଇ ଯାଇଅଛୁ; ମାଡ଼ା —3. With one's motion slackened. ୪ । ଅଳସ; ଆଳସ୍ୟଗ୍ରସ୍ତ—4. Idle; lazy. ୫ । ମନ୍ଥର —5. Slow; slothful. ୬ । ଶିଥିଳ—6. Slack. ୭ । ସର୍ଘସ୍ତ୍ରୀ—7. Dilatory.

ସୁସ୍ତନା—ସ୍ତ୍ରୀ. ବିଣ ଓ ବ, ସ୍ତ୍ରୀ (ବହୁବ୍ରୀ; ସୁ+ସ୍ତନ+ଅ)—
Sustanā ୧ । ସୁନ୍ଦର ସ୍ତନବିଶିଷ୍ଟା କାନ୍ତା (ହ. ଶ)—1. A woman with charming breasts. ୨ । ପ୍ରଥମ ଥର ରଜସ୍ୱଳା ହୋଇଥିବା ସ୍ତ୍ରୀ (ହ. ଶ)—2. A girl who has had her first menstruation.

ସୁସ୍ତା—ଗ୍ରାମ୍ୟ. (ବାଲେଶ୍ୱର) ବ—କ୍ଷୁଦ୍ର ପଶ୍ୟ ବିଶେଷ—
Sustā A kind of small fish.

ସୁସ୍ତାଇବ—ଗ୍ରାମ୍ୟ. (ଲକ୍ଷଣା) କ୍ରି. (ଭୁଲ. ହ. ସୁସ୍ତାନା)—
Sus āibā ଥକା ମାରିବା; ଶ୍ରମ ମେଣ୍ଟାଇବା—To refresh oneself after fatigue.

ସୁସ୍ତି—ପ୍ରା. ବିଣ ଓ ବ—ସୁସ୍ତ (ଦେଶ)—Sust (See). ଦେଦେ.
Susti ବିଣ (ପା. ସୁସ୍ତ)—୧ । ଅଳସ—1. Lazy; idle.
ଆଳସେ ୨ । ସର୍ଘସ୍ତ୍ରୀ; ମନ୍ଥର—2. Slow; dilatory. ୩ ।
ସୁସ୍ତ ଶିଥିଳ—3. Slack. ବ—୧ । ବିଶ୍ରାମ—1. Rest. ୨ । ଆଳସ୍ୟ—2. Idleness. ୩ । ମନ୍ଥରତା—3. Slowness. ୪ । ଶିଥିଳତା—4. Slackness ୫ । ସର୍ଘସ୍ତ୍ରିତା—5, Dilatoriness.

ସୁସ୍ଥ—ସଂ. ବିଣ (ପୁଂ) (ସୁ+ସ୍ଥା. ଧାତୁ+କର୍ତ୍ତୃ. ଅ)—୧ । ସ୍ୱାସ୍ଥ୍ୟଯୁକ୍ତ; ସୁସ୍ଥା—ସ୍ତ୍ରୀ sickness. ୨ । ସୁସ୍ଥିର—2. Calm; fixed [ସୁସ୍ଥତା(ତ୍ୱ)—ବ] ୩ । ସ୍ୱଚ୍ଛନ୍ଦ—3. Easy; comfortable. [ବିପରୀତ—ଅସୁସ୍ଥ] ୪ । ସୁଖୀ—4. Happy. ୫ । ନିଶ୍ଚିନ୍ତ—5. Free from anxiety. ୬ । ସୁନ୍ଦର—6. Beautiful. ୭ । ଉତ୍ତମ ରୂପେ ସ୍ଥିତ (ହ. ଶ)—7. Well placed; well situated.

ସୁସ୍ଥକାୟ—ସଂ. ବ (କର୍ମଧା)—ଶାସ୍ତ୍ରୋକ୍ତ ଦେହ—Healthy body.
Susthakāya ବିଣ (ପୁଂ) (ବହୁବ୍ରୀ) —ଯାହାର ଦେହରେ

Digitized by srujanika@gmail.com

(ସୁସ୍ଥ ଦେହ, ସୁସ୍ଥ ଶରୀର—ଅନ୍ୟରୂପ) ରୋଗ ନାହିଁ—Healthy.
(ସୁସ୍ଥତାପୂର୍ଣ୍ଣ, ସୁସ୍ଥ ଦେହ, ସୁସ୍ଥ ଶରୀର—ସ୍ତ୍ରୀ)

ସୁସ୍ଥ ଚତ୍ତ—ବି. ବହୁ. ସୁଂ (ବହୁବ୍ରୀ)—ପ୍ରସନ୍ନଚତ୍ତ; ସୁଖୀ—Sustha chitta Of easy mind; delighted.
(ସୁସ୍ଥଚତ୍ତା—ସ୍ତ୍ରୀ)
[ସୁସ୍ଥଚେତାଃ, ସୁସ୍ଥମନାଃ—ଅନ୍ୟ ସୁଂ ଓ ସ୍ତ୍ରୀରୂପ]

ସୁସ୍ଥତା(ତ୍ୱ)—ସଂ. ବ (ସୁସ୍ଥ+ଭାବ ତା; ତ୍ୱ)—୧ । ନୀରୋଗତା—Susthatā(twa) 1. Good health; freedom from illness. ୨ । ସୁଖଜନତା—2. Comfort. ୩ । ସୁଖ—3. Happiness. ୪ । ସୁସ୍ଥିରତା—4. Calmness. ୫ । କୁଶଳ; କ୍ଷେମ (ହି· ଶ)—5. Weal; bliss. ୬ । ଆନନ୍ଦ (ହି· ଶ)—6. Joy.

ସୁସ୍ଥି—ଦେଦେ. ବ ଓ ବଣ—ସୁସ୍ତ (ଦେଶ)
Susthi Susta (See)

ସୁସ୍ଥିତ—ବି. ବଣ· ସୁଂ—୧ । ଉତ୍ତମରୂପେ ଅବସ୍ଥିତ—Well situated; well positioned. ୨ । ସୁସ୍ଥ (ହି୦ ଶ)—(ସୁସ୍ଥିତା—ସ୍ତ୍ରୀ) 2. Healthy. ୩ ଭଗ୍ୟବାନ୍ (ହି. ଶ)—[ସୁସ୍ଥିତତା(ତ୍ୱ), ସୁସ୍ଥିତ—ବ] 3. Fortunate. ୪ । ପ୍ରସନ୍ନ, ଆନନ୍ଦିତ—4. Delighted. ସଂ. ବ—୧ । ସେଇଁ ବ ସ୍ତୁର ବା ଘରର ଚାରି ପାଖରେ ସାଧୁକା ବା ମାର୍ଗ ଥାଏ (ହି. ଶ)—1. A homestead or house having roads on all sides. ୨ । ଘୋଡ଼ାଙ୍କର ଏକ ରୋଗ (ହି. ଶ)—2. A kind of horse-disease [ଦ୍ର—ଏ ରୋଗଗ୍ରସ୍ତ ଘୋଡ଼ା ସବୁବେଳେ ଦୌଡ଼ି ଦୌଡ଼ି ଦେଉଛି. ଥାଏ ଓ ଅଥ । ଦେହରୁ ଅଘେ ଦେଖୁଥାଏ—ହି ଶ ।] ୩ । (ନାମ) ଜୈନାଗୁରୁଙ୍କ ବିଶେଷ (ହି. ଶ)—3. Name of a Jaina preceptor.

ସୁସ୍ଥିର—ବି. ବଣ ସୁଂ—୧ । ଅତି ସ୍ଥିର—1. Very calm. ୨ । ଅବ ଦୃଢ଼;ଦୃଢ଼—2. Fixed. ୩ । ସୁନିଶ୍ଚିତ—(ସୁସ୍ଥିର—ସ୍ତ୍ରୀ) 3. Certain.

ସୁସ୍ଥିରା—ସ. ବଣ. ସ୍ତ୍ରୀ—ସୁସ୍ଥିରର ସ୍ତ୍ରୀଲିଙ୍ଗ—Feminine of Susthirā Susthira. ସ· ଚ—ରକ୍ତବାହକ ଶିରା (ହି. ଶ)—Blood vessels,

ସୁସ୍ନା—ସଂ. ବ—ଶମୀଧାନ୍ୟ ଭେଦ (ଗୁଜରାଟୀ); ଖେସାରି—Susnā A kind of pulse, Lathegra Sativus.

ସୁସ୍ନାତ—ବି. ବଣ (ସୁଂ) (ସୁ+ସ୍ନାତ)—୧ । ଯଜ୍ଞଶେଷରେ ସ୍ନାନକାରୀ—1. One who had his sacrificial (ସୁସ୍ନାତା—ସ୍ତ୍ରୀ) bath. ୨ । ସୁନ୍ଦରରୂପେ ଧୁତସ୍ନାନ—2. Well-washed. ୩ । ମାଙ୍ଗଲ୍ୟ ଦ୍ରବ୍ୟ ବା ସବୌଷଧି ମିଶ୍ରିତ ଜଳଦ୍ୱାରା ଧୁତସ୍ନାନ—3. Bathed with medicated or auspicious ingredients mixed in water. ବ (ସୁ+ସ୍ନା ଧାତୁ+କ୍ତ· ତ) —ସୁସ୍ନାନ(ଦେଶ)—Susnāna (See)

ସୁସ୍ନାନ—ସଂ. ତ—୧ । ଉତ୍ତମ ସ୍ନାନ—1. A good bath; a Susnāna thorough bath. ୨। ଯଜ୍ଞାନ୍ତ ସ୍ନାନ; ଅବଭୃତ—2. Bath after a Vedic sacrifice. ୩ । ସବୌଷଧି ମିଶ୍ରିତ ଜଳରେ ସ୍ନାନ—3. Bath with medicated water.

ସୁସ୍ନିଗ୍ଧ—ସଂ. ବଣ—୧ । ଅତି ସ୍ନିଗ୍ଧ—1. Very smooth. ୨ । Susnigdha ଅତି ମୃଦୁ—2. Very mild. ୩ । ଅତି (ସୁସ୍ନିଗ୍ଧତା—ତ) ମଧୁର—3. Very sweet. ୪। ସୁଶୀତଳ—4. Agreeably cool.

ସୁସ୍ନେହା—ବି· ବଣ· ସ୍ତ୍ରୀ—ଉତ୍ତମ ସ୍ନେହବତ୍ତୀ/ସ୍ନେହଶୀଳା; ସ୍ନେହବତ୍ତା—Very Susnehā ସ୍ନେହବତୀ **ସୁସ୍ନେହା** affectionate (woman), (ସୁସ୍ନେହ—ସୁଂ. ଓ ସ୍ତ୍ରୀ—ଅନ୍ୟରୂପ) {ଦ୍ର—ବହୁ ଯାହା ତାହା ସୁଦେହା ସୁସ୍ନେହା ଜାଣି ତ ଥିବୁ ଅବଶ୍ୟ । ଉଜ. ବୈଦେସ୍ନାଣ ବଳାସ ।)

ସୁସ୍ପଷ୍ଟ—ସଂ· ବଣ—୧ । ଅତିଶୟ ସ୍ପଷ୍ଟ—1. Very clear. ୨ । Suspashṭa ସୁବ୍ୟକ୍ତ—2. Well evident, (ସୁସ୍ପଷ୍ଟତା—ତ)

ସୁସ୍ୱଧା—ସଂ· ବଣ—୧ । କଲ୍ୟାଣ; ମଙ୍ଗଳ (ହି. ଶ)—Susvadhā 1. Bliss; weal, ୨ । ସୌଭାଗ୍ୟ (ହି: ଶ) —2. Good fortune,

ସୁସ୍ୱନ—ସଂ, ବଣ (ବହୁବ୍ରୀ)—୧ । ଉତ୍ତମ ବା ମଧୁର ଧ୍ୱନଯୁକ୍ତ—Suswana 1. Having good or sweet sound. ୨ । ଖୁବ୍ ଉଚ୍ଚ (ହି·ଶ)—2. Very high. ୩ । ସୁନ୍ଦର (ହି. ଶ)—3. Charming. ସ· ବ—ଶଙ୍ଖ (ହି·ଶ)—Conch.

ସୁସ୍ୱପ୍ନ—ସ. ବ—୧ । ଶୁଭସୂଚକ ସ୍ୱପ୍ନ—1. Dream which Suswapna augers well. ୨ । ଆନନ୍ଦଦାୟକ ସ୍ୱପ୍ନ—(ଦୁଃସ୍ୱପ୍ନ—ବିପରୀତ) 2. Pleasant dream. ୩ । ଶିବ (ହି. ଶ)—3. Śiba.

ସୁସ୍ୱର—ସ. ବ—୧ । ମଧୁର ସ୍ୱର—1. Sweet tune. ୨ । ମଧୁର Suswara କଣ୍ଠସ୍ୱର—2. Sweet tone. ୩ । ଉଚ୍ଚ ଓ ସ୍ପଷ୍ଟ (ସୁସ୍ୱର—ସ୍ତ୍ରୀ) ସ୍ୱର—3. Loud and clear sound. ସ. ବଣ. ସୁଂ (ବହୁବ୍ରୀ)—୧ । ସୁନ୍ଦର ସ୍ୱର [ଉତ୍ପାଦନକାରୀ (ଯନ୍ତ୍ର)—1. Emitting sweet tune; melodious. ୨ । ମଧୁର କଣ୍ଠସ୍ୱରବିଶିଷ୍ଟ; ସୁତନୁ—2. Having medious tone. ୩ । ଉଚ୍ଚସ୍ୱର ବିଶିଷ୍ଟ—3. Loud-voiced. (Apte)

ସୁସ୍ୱରୀ—ଦେ. ବ (ସଂ. ସ୍ୱର)—ମୁଖବାଦ୍ୟ ବାଦ୍ୟ ବିଶେଷ—Suswarī An instrument blown by the mouth. ସୁସ୍ୱରୀ **ସୁତୁରୀ**

ସୁସ୍ମିତ—ଦେ. ବଣ· ସୁଂ (ବହୁବ୍ରୀ; ସ ଅନ୍ତେ ସ୍ମିତ ଯାହାର)—ସୁନ୍ଦର Susmita ଲଜ୍ଜାବିହ୍ୟଯୁକ୍ତ; ହସ୍ୟମୁଖୀ—Sweetly smil-(ସୁସ୍ମିତା—ସ୍ତ୍ରୀ) ing; having a smiling face.

Digitized by srujanika@gmail.com

ସୁସ୍ମିତା—ସଂ. ବ. ସ୍ତ୍ରୀ—ସୁନ୍ଦରୀ ସ୍ତ୍ରୀ; ସୁନ୍ଦର ଈଷତ୍‌ହାସ୍ୟଯୁକ୍ତା ସ୍ତ୍ରୀ—Susmitā A sweet smiling woman; a woman with a pleased or smiling countenance (Apte), ସଂ. ଉଣ. ସ୍ତ୍ରୀ—ସୁସ୍ମିତର ସ୍ତ୍ରୀଲିଙ୍ଗ—Feminine of Susmita.

ସୁହରନ୍—ବୈଦେ. ବ (ଇଂ. ଷୁହ୍‌ରନ୍)—ଯୋତା ମଧ୍ୟକୁ ଗୋଡ଼ର ଗୋଇଠିକୁ ସଜ୍ଜଡ଼ରେ ନୁଗୁଡ଼ିବା ପାଇଁ ବ୍ୟବହୃତ (ସୃଜ୍‌—ଅନ୍ୟରୂପ) ଶିଂଘର ବଙ୍କା ଓ ଖାଲ୍ଲା ପାଉଁଶା—Suharan ସୁହରନ୍ ସୁହରନ Shoe-horn.

ସୁହସ୍ତ—ସଂ. ବ—୧ । ସୁନ୍ଦର ହାତ—1. Graceful hand. ୨ । Suhasta ଦାନଶୀଳ ହସ୍ତ—2. Bounteous hand. ୩ । (ସୁହସ୍ତା—ସ୍ତ୍ରୀ) ଶୁଭସୂଚକ ହସ୍ତ—3. Auspicious hand. ୪ । (ନାମ) ଧୃତରାଷ୍ଟ୍ରଙ୍କ ଏକ ପୁତ୍ର—4. A son of Dhṛutarāshṭra. ସଂ. ବହୁ. ସୁଂ (ବହୁବ୍ରୀ)—୧ । ସୁନ୍ଦର ହସ୍ତଯୁକ୍ତ ଯିଏ—1. Having dainty hands ୨ । ଶୁଭସୂଚକ ହସ୍ତଯୁକ୍ତ ଯିଏ—2. Having auspicious hands.

ସୁହସ୍ତି(ସ୍ତୀ)—ସଂ. ବ—(ନାମ) ବୌଦ୍ଧ ବିଶେଷ (ଦ୍ୱେମତଭେଦ); Suhasti(stī) ଜୈନାଗ୍ନ୍ୟର୍ଚ୍ଚ ବିଶେଷ—Name of a Jaina monk.

ସୁହା—ଦେ. ବ (ସଂ. ସହ୍‌. ଧାତୁ)—ସହ୍ୟ କରିବା—Suhā ସହା, ସହନ ସହନା Bearing; enduring.

ସ୍ୱାହା ପ୍ରା. ବ (ସଂ. ସ୍ୱାହା)—ସ୍ୱାହା (ଦେଶ) ସ୍ୱାହା Swāhā (See)

ସୁହାଇବା—ଦେ. କି (ସଂ. ସହ୍‌. ଧାତୁର ଣିଜନ୍ତ)—୧ । ସହିବା କ୍ରିୟାର ଣିଜନ୍ତରୂପ—1. To cause to bear. [ଉ—ସହାନା ସୁହାଇଲ ସତୀମାନଙ୍କ ପରହାସ । କୃଷ୍ଣସିଂହ. ମହାଭାରତ. ସହାନା ବନ ।] ୨ । ସହ୍ୟ ହେବା; ସୁହାଯିବା—2. To be endured or borne. (ଉ—ବଙ୍କୁଡ଼ାକୁ ଗୋଳପାଣି ସୁହାଏ । ଛଗ ।)

ସୁହାଗ—ଦେ. ବ (ସଂ. ସୌଭାଗ୍ୟ; ପ୍ରା. ସୋହଗ୍ଗ)—୧ । ଅତି ସ୍ନେହ—Suhāga ସୋହାଗ 1. Excessive fondness or affection. (ଉ—ଦେଶ ଗୋ ସୁରଙ୍ଗର ଭାଗ୍ୟ, ଅଧିକେ ସୁହାଗ କୃଷ୍ଣର ସୁହାଗ । ଜଗନ୍ନାଥ. ଭାଗବତ ।) ୨ । ସ୍ଥିର ସୌଭାଗ୍ୟ ବା ସତ୍ତ୍ୱିୟା ହେବା ଅବସ୍ଥା—2. The state of a woman being loved and fondled by her husband.

ସୁହାଗ କରିବା—ଦେ. କି—ଅତି ସ୍ନେହ କରିବା—Suhāga karibā To fondle; to dote for. ସୋହାଗ କରା ସୁହାଗ କରନା

ସୁହାଗ କାଢ଼ିବା—ଦେ. କି (ବ୍ୟଙ୍ଗ୍ୟ)—ଅତି ସ୍ନେହପ୍ରଦର୍ଶନ କରିବା—Suhāga kārḍhibā ଦେଖାଇବା—To make a show of great fondling ସୋହାଗ କାଢ଼ାନ, ସୋହାଗ ଦେଖାନ ସୁହାଗ ନିକାଳନା

ସୁହାଗା—ଦେ. ବ (ସଂ. ସୁଭଗ; ସୌଭାଗ୍ୟ)—ଟଙ୍କଣ; ଟାଙ୍କଣା—Suhāgā Borax; Sodas Biboras. [ଉ—ଏହା ଜଳ ସୋହାଗା ସନ୍ଧିଧାନରେ ଲାଭ ସାରବିଶେଷ । ଭାଶ୍ମୀର ଦେଶର ସୁହାଗା, ଟଙ୍କଣ ଉଷ୍ଣ ପ୍ରସ୍ରବଣର ଜଳରୁ ଉତ୍ପନ୍ନ ଓ ସୁହାଗା ମିଳେ । ସଂ. ପଞ୍ଚାମୃ—କ୍ଷୀରଦ୍ରାମ୍ଳ, ଛତରର ଦ୍ରବଜଳରୁ ସୁହାଗା ଟଙ୍କଣ, ସୁଭଗ, ସ୍ୱର୍ଣ୍ଣଗାତକ, ମିଳେ । ସୁନାରେ ବା ରୂପାରେ ରସଶୋଧନ, ଜଳକ୍ଷାର, ସୁହାଗା ମିଶାଇ ବାଅଁରେ ସୌଭାଗ୍ୟ, ଧାତୁଦ୍ରାବକ, ରଖିଲେ ଶୀଘ୍ର ଅରୁଣ ଦୋଇ-ଖାଇ— ଯାଏ । ଏହା ଔଷଧରେ ଲଗେ । ମ. ସବାଗୀ, ଟଙ୍କଣଖାର ଲୁଗାର ରଙ୍ଗକୁ ପକ୍କା କରିବାକୁ ପା. ଟିଂଗାର ରଙ୍ଗମିଶା ପାଣିରେ ସୁହାଗା ଦଅ-ଅ. ବୁରକ ଯାଏ ଏବଂ ଲୁଣ୍ଡା ଓ ପିତ୍ତଳକୁ ଡେ. ବୋରାକ୍ସ ଝାଲବାରେ ସୁହାଗା ଲଗେ । ଘୋଡ଼ାମାଷ୍ଟର ବାସନରେ ଏହାର ପୃଷ୍ଠ ଦେଲେ ତାହା ଚକଚକ ହୁଏ । ବୈଦ୍ୟଶାସ୍ତ୍ର ମତରେ ଏହା ଅଗ୍ନିବର୍ଦ୍ଧକ, କଫ ଓ ରକ୍ତୋତ୍ପତ୍ତିକ, ବଳକାରକ, ମୂତ୍ର ଗର୍ଭଜନ୍ମ ଓ ପିତ୍ତବର୍ଦ୍ଧକ ।] ବଣ—ସୁହାଗିଆ (ଦେଶ) —Suhāgiā (See)

ସୁହାଗା ଖଇ—ଦେ. ବ—ଜଳରେ ଘୋଡ଼ାଯିବା ଯୋଗୁଁ ଖଇପର Suhāgā khai ଫୁଲୁଥିବା ଟାଙ୍କଣା—Borax which ସୋହାଗା ଖଇ ସୁହାଗା ଲାବା becomes swollen being heated.

ସୁହାଗିଆ(ଣୀ)—ଦେ. ବଣ. ପୁଂ—ସୁହାଗୀ (ଦେଶ) Suhāgiā(hā) Suhāgī (See) (ସୁହାଗୀ, ସୁହାଗେଇ—ସ୍ତ୍ରୀ)

ସୁହାଗିନୀ—ଦେ. ବଣ. ସ୍ତ୍ରୀ—୧ । ସ୍ନେହଶୀଳା—1. Affection Suhāginī ate. (ଉ—ରୂପ ଯୌବନ ଗୁଣ ସବୁ, ଭାଜିଲ ସୋହାଗୀ, ସୋହାଗୀନୀ ସୁହାଗିଲା ଗବ୍ଦ । ଭୂପଦ୍ଧ. ପ୍ରେମ ସୁହାଗିନୀ ଉଜ୍ଜାମୁଡ ।] ୨ । ଅତିଶୟ ସ୍ନେହଶୀଳା—2. Doting; fond. ଦେ. ବ. ସ୍ତ୍ରୀ—୧। ସ୍ନେହଶା ସ୍ତ୍ରୀ—1. A beloved wife. ୨ । ଯଉବତିଷ୍ଟା ସ୍ତ୍ରୀ—2. A woman whose husband is living.

ସୁହାଗୀ—ଦେ. ବଣ (ପୁଂ ଓ ସ୍ତ୍ରୀ)—୧ । ଯାହାକୁ ଅତିଶୟ ସ୍ନେହ କରି-Suhāgi ଯାଏ; ସ୍ନେହଶାତୁ—Unduly fondled. [ଉ—ସୋହାଗୀ ଜେହୀ କୃଷ୍ଣର ସୁରସିକଗଣେ ସବେ ସୁହାଗୀ ମନେ ମନେ—ଭୂପଦ୍ଧ ପ୍ରେମପଯୋମୃତ ।] ୨ । ଯେ ଅତି ସ୍ନେହ କରେ—2 Doting; fond. ୩ । ସ୍ନେହଶୀଳ—3. Loving; affectionate. [ଦ୍ର—ଏ ଶବ୍ଦ ଅନ୍ୟ ବ୍ୟକ୍ତିବାଚକ ଶବ୍ଦ ସଙ୍ଗେ ଯୁକ୍ତ ହୁଏ । ଯଥା—ଘରଭା-ସୁହାଗୀ; ଝିଅ-ସୁହାଗୀ ଇତ୍ୟାଦି ।] ଗ୍ରାମ୍ୟେ ଗଡ଼ ଜାତ) ବ—ରାଜା ପେଇଁ ରକ୍ଷିତା ବାଗ୍ଦତ୍ତା ବିଶେଷ ଅନ୍ତଃପୁର ଦୃଶ୍ୟ—The beloved concubine of a Rājā

Digitized by srujanika@gmail.com

ସୁହାଗେଇ ହେବା—ଦେ. କ୍ରି (ସ୍ତ୍ରୀ ସଃରେ)—୧ । ସ୍ୱାମୀ-ସ୍ନେହ ଲାଭ
Suhāgei hebā କରିବା ପାଇଁ ଲାଳାୟିତା ହେବା—1. To hanker after a husband's fondling or caressing. ୨ । ସ୍ୱାମୀ ତାଙ୍କପ୍ରତି ବିଶେଷ ଅନୁରକ୍ତ ଅଟନ୍ତି ବୋଲି ଦେଖାଇ ହେବା ବା କୁହ ବୁଲିବା—2. To show or boast to people that one's husband is very fond of her.

ସୁହା ଯି(ହେ)ବା—ଦେ. କ୍ରି (ସଂ. ସହ୍)—ସହିବାର କର୍ମବାଚ୍ୟରୂପ—
Suhā ji(he)bā The passive form of Sahibā. ସହ୍ୟହୋୟା सहाजाना ସହ୍ୟ ହେବା—To be borne or endured. [ଉ—ଭାଷା ମଧ୍ୟ ମୋହର ଦେହ ସୁହାଗିଲା—କୃଷ୍ଣଚିନ୍ଦ ମହାଭାରତ ବନ ।]

ସୁହାରା—ଦେ. ବ—ଛୁଆଁରା (ଦୋଷ)—
Suhārā Chhuāṅrā (See)

ସୁହାସ(ସ୍ୟ)—ସଂ. ବ—୧ । ମଧୁର ହାସ୍ୟ—1. Sweet laugh. ୨ । ମୃଦୁହାସ—2. Smile. ସଂ. ବଣ. [ସୁହାସା(ସ୍ୟା)—ସ୍ତ୍ରୀ ବଣ] ବି—୧ । ମଧୁର ହାସ୍ୟଯୁକ୍ତ—Sweetly laughing. ୨ । ମୃଦୁହାସବିଶିଷ୍ଟ—2. Smiling.
Suhāsa(sya)

ସୁହାସିନୀ—ସଂ. ବଣ. ସ୍ତ୍ରୀ(ସୁହାସ+ଇନ୍+ସ୍ତ୍ରୀ ଈ)—୧। ସୁନ୍ଦର ହାସ୍ୟ-ଯୁକ୍ତା—1. (woman) Having a smiling face. ୨ । ପ୍ରସନ୍ନବଦନା—2. Having a cheerful face. ୩ । ମୃଦୁହାସ୍ୟକାରୀ—3. Smiling. (ଉ—ସୁହାସିନୀ ଉଷାଦେବୀ ଆଲୋକ-ନଦୀ ବନ୍ଦେ ଭକ୍ତିରେ ଯେବେ ତୋର ସଦଉଲେ—ମଧୁସୂଦନ କବିତା)
Suhāsinī

ସୁହାସୀ—ସଂ. ବଣ. ପୁଂ (ସୁହାସ+ଇନ୍; ୧ମା ୧ବ)—ସୁହାସିନୀର ପୁଂଲିଙ୍ଗ—Masculine of Suhāsinī. ଦେ. ବଣ. ସ୍ତ୍ରୀ (ସଂ. ସୁହାସା)—ସୁହାସିନୀ (ଦେଶ)—Suhāsinī (See)
Suhāsī

ସୁହିତ—ସଂ. ବଣ (ସୁ+ଧା ଧାତୁ+କର୍ତ୍ତୃ ତ)—୧ । ତୃପ୍ତ; ସନ୍ତୁଷ୍ଟ (ବିଣ)—1. Satisfied; pleased. ୨ । (+କର୍ମ ତ) ବିହିତ (ବିଣ)—2. Proper. ୩ । [+କର୍ତ୍ତୃ ତ]—ଅତି ହିତ—3. Very beneficial. ୪ । ସାଧିତ; କୃତ [ପ୍ରକୃତବାଦ]—4. Done; accomplished. ୫ । ଉପଯୋଗୀ [ହି. ଣ]—5. Suitable.
Suhita

ସୁହିତା—ସଂ. ବ—୧ । ଅଗ୍ନିର ସପ୍ତ ଜିହ୍ୱା ମଧ୍ୟରୁ ଏକତମ [ଜଟାଧରୀ]—1. Name of one of the seven tongues of fire. ୨ । ରୁଦ୍ରଜଟା (ହି. ଣ) (ଦେଶ)—2. Rudrajaṭā (See)
Suhitā

ସୁହୁଜେ—ସାଦେ [ଲଘୁ] କ୍ରି. ବଣ—ସହଜେ—
Suhuje Easily.

ସୁହୃତ୍(ଦ୍)—ସଂ. ବ [ବହୁବ୍ରୀହି; ସୁ=ଶୋଭନ+ହୃତ୍=ହୃଦୟ; ଯାହାର]
Suhṛut(d) —୧ । ମିତ୍ର—1. Friend. ୨ । ସଦାନୁଗତ ସଙ୍ଗୀ; ପ୍ରକୃତ ବନ୍ଧୁ—2. A true or constant friend. ୩ । ସଖା—3. A boon companion. ୪ । ଅନ୍ତରଙ୍ଗ ବନ୍ଧୁ—4. Intimate friend; bosom friend. ୫ । [ଜ୍ୟୋତିଷ]—ଲଗ୍ନର ଚତୁର୍ଥ ବା ମିତ୍ର ସ୍ଥାନ—5. (Astrology) The 4th house from the 'Lagna.' ସଂ. ବଣ—ଭଦ୍ରାନ୍ତଃକରଣବିଶିଷ୍ଟ [ହି. ଣ]—Good-hearted.

ସୁହୃଦୟ—ସଂ. ବଣ. ପୁଂ (ବହୁବ୍ରୀହି; ସୁ ଅର୍ଥେ ହୃଦୟ ଯାହାର)—
Suhṛudaya ୧ । ହୃଦୟାଳୁ; ପ୍ରଶସ୍ତମନାଃ; ସହୃଦୟ; ଉଦାର-(ସୁହୃଦୟା—ସ୍ତ୍ରୀ) ଚେତାଃ—1. Noble-hearted; magnanimous. ୨ । ଶୁଦ୍ଧ ଚିତ୍ତ—2. Pure-minded. ୩ । ସ୍ନେହଶୀଳ (ହି. ଣ)—3. Affectionate.

ସୁହୃଦ୍ବର—ସଂ. ବ. ପୁଂ (୭ମୀ ତତ୍ପୁ; ସୁହୃତ୍+ବର) —୧ । ବନ୍ଧୁଶ୍ରେଷ୍ଠ
Suhṛudbara —1. Chief friend. ୨ । ଅତି ଉତ୍ତମ (ସୁହୃଦ୍ବରା—ସ୍ତ୍ରୀ) ବନ୍ଧୁ—2. Very good friend.

ସୁହୋତା—ସଂ. ବ ଓ ବଣ. ପୁଂ (ସୁହୋତୃ, ୧ମା. ୧ବ) —ଉତ୍ତମରୂପେ
Suhotā ହବନକାରୀ—Excellently performing vedic (ସୁହୋତ୍ରୀ—ସ୍ତ୍ରୀ) sacrifice.

ସୁହୋତ୍ର—ସଂ. ବ. ପୁଂ (ନାମ)—୧ । ଚନ୍ଦ୍ରବଂଶୀୟ ବୃଦ୍ଧଦଶ୍ରୁ ରାଜାଙ୍କର
Suhotra ପୁତ୍ର (ମହାଭାରତ; ହରିବଂଶ)—1. Name of a prince of the Lunar dynasty. ୨ । ସହଦେବଙ୍କ ଏକ ପୁତ୍ର (ହି. ଣ)—2. A son of Sahadeba. ୩ । ଧୃତରାଷ୍ଟ୍ରଙ୍କ ଏକ ପୁତ୍ର (ହି. ଣ)—3. A son of Dhrutarāshṭra. ୪ । ବୈଦିକ ଋଷିବିଶେଷ (ହି. ଣ)—4. Name of a Vedic sage. ୫ । ଦୈତ୍ୟବିଶେଷ (ହି. ଣ)—5. Name of a demon.

ସୁହ୍ମ—ସଂ. ବ (ସୁନ୍ଦ୍ ଧାତୁ=ସ୍ତୁତି ଗାଇବା+କର୍ତ୍ତୃ. ଅ)—୧ ।
Suhma ପ୍ରାଚୀନ ଦେଶବିଶେଷ—1. Name of an ancient country. [ଦ୍ର—ଗୌଡ଼ ଦେଶର ପଶ୍ଚିମରେ ଏହା ଅବସ୍ଥିତ ଥିଲା (ହି. ଣ); କେହି କେହି ଇଜ୍ରୋସ୍ୟାମ୍ ପଣ୍ଡିତ ଏହାକୁ ଆଧୁନିକ ହିଘୁଗ୍ ଓ ଆସ୍ୱାନ୍ ପ୍ରଦେଶ ବୋଲି ଅନୁମାନ କରନ୍ତି; ଜ୍ୟୋତିଳର ଭୂଗୋଳାଂଶରେ ଅବସ୍ଥିତ ତାମ୍ରଲିପ୍ତ (ତମଲୁକ) ନଗର ସୁହ୍ମର ଅନ୍ତର୍ଗତ ଥିଲା ବୋଲି କେହି କେହି କହନ୍ତି ।] ୨ । ସୁହ୍ମ ଦେଶବାସୀ ପ୍ରାଚୀନ ଯବନ ଜାତିବିଶେଷ—2. A class of Jabanas of the Suhma country. ଦେ. ବ ଓ ବଣ—ସୁମ (ଦେଶ)—Suma (See)

ସୂ (ଧାତୁ)—ଫ—୧ । ପ୍ରସବ କରିବା—1. To give birth to. ୨ । ପୀଡ଼ନ କରିବା—2. To oppress. ୩ । ଜନ୍ମ ହେବା—3. To be born.

Sū (root)

ସୂ—ସ. ବ (ସୂ ଧାତୁ+କ୍ତିନ୍, ଦୀର୍ଘ)—୧ । ପ୍ରସବ; ପ୍ରସବ—1. Bringing forth of a child. ୨ । ପ୍ରେରଣ—2. Entrusting; throwing. ବିଶ—(ସ୍ତ୍ରୀ. ଙ୍କ ଙ୍କୀ)—୧ । ପ୍ରସୂତି; ଯେ ପ୍ରସବ କରେ—1. Bringing forth or giving birth to children. ୨ । ଉତ୍ପାଦକ—2. Producing.

Sū

ସୂକର—ସ. ବ (ସୂ ଧାତୁ=ପ୍ରସବ କରିବା+କର୍ତ୍ତା. କ୍ୱନ୍+ସ୍ୱାର୍ଥେ କ)—୧ । ବାଣ (ମେଦନୀ)—1. Arrow. ୨ । ବାତ; ପବନ (ମେଦନୀ)—2. Air; wind. ୩ । ଜଳଜ; ପଦ୍ମ (ମେଦନୀ)—3. Lotus.

Sūka

ସୂକର—ସ. ବ (ସୂଂ) (ଶୂକରର ଅନ୍ୟରୂପ)—୧ । ଶୂକର ଇତ୍ୟାଦି (ଦେଶ); ଘୃଣ୍ଟୁର (ଶବ୍ଦ ରତ୍ନାବଳୀ) ପ୍ରଥମଅର୍ଥର ଅନ୍ୟ ସ. ନାମ— ଶୂକର, ଦଂଷ୍ଟ୍ରୀ, ଭୂଦାର, ଭୂଲନାଶିକ, ଦନ୍ତାୟୁଧ, ବଜ୍ରକବଚ, ଘାର୍ଘଟର, ଅଶଳକ, ଭୂଦିତ, ସ୍ତବ୍ଧରୋମା, ମୃଗଜଙ୍ଘଳ । (ସ୍ତ୍ରୀ—ସ୍ତ୍ରୀ)

—1. Hog. ୨ । କୁମ୍ଭକାର (ଶବ୍ଦ ରତ୍ନାବଳୀ)—2. Potter. ୩ । ମୃଗଭେଦ (ଜଣାଯର)—3. A species of deer. ୪ । ଧଳା ଧାନ (ହ.ଶ)—4. A white variety of paddy. ୫ । ନରକ ବିଶେଷ—5. Name of a part of hell.

Sūkara

ସୂକର କନ୍ଦ—ସ. ବ—ବାରାହୀକନ୍ଦ; ଭୁଇଁକଖାରୁ (ହ. ଶ)—

Sūkara kanda

—Disocorea (root-bulb).

ସୂକର କ୍ଷେତ୍ର—ସ. ବ—ମଥୁରା ଜିଲ୍ଲାରେ ଅଜକାଲି ସୋରୋ ନାମରେ ପ୍ରସିଦ୍ଧ ହିନ୍ଦୁମାନଙ୍କ ତୀର୍ଥବିଶେଷ (ହି·ଶ)—

Sūkara kshetra

Name of an ancient place of Hindu pilgrimage.

ସୂକରପାଦିକା—ସ. ବ—୧ । କପିକଚ୍ଛୁ; ବାଇରଙ୍ଗ (ହ. ଶ)—1. Cowhage. ୨ । ଶିମ୍ବ (ହ· ଶ)—2. Bean.

Sūkarapādikā

ସୂକରୀ—ସ· ବ (ସୂକର+ଈ)—୧ । (ସ୍ତ୍ରୀ) ମାଇ ଘୁଷୁର—1. A female hog; sow. ୨ । ବରାହାକ୍ରାନ୍ତା (ଦେଶ) (ହ· ଶ)—2. Barāhakrāntā (See) ୩ । ବାରାହୀକନ୍ଦ (ହ. ଶ)—3. Disocorea. ୪। ବରାହୀ; ଦେବୀବିଶେଷ (ହି· ଶ)—4. A popular Goddess. ୫ । ପକ୍ଷିବିଶେଷ (ହ· ଶ)—5. Name of a species of birds.

Sūkarī

ସୂକ୍ତ—ସ. ବ (ସୂ=ଶୋଭନ+କ୍ତ=କ୍ତି ବଧିସ୍ଥ)—୧ । ବେଦୋକ୍ତ ସ୍ତୋତ୍ର ମନ୍ତ୍ରାଦି—1. Vedic hymns and incantations. [ବି—ଋଗ୍ବେଦର ଅଗ୍ନିସୂକ୍ତ—'ଅଗ୍ନୀ ମୀଳେ' ଇତ୍ୟାଦି । ଋଗ୍ବେଦର ପୁରୁଷ ସୂକ୍ତ—'ସହସ୍ର ଶୀର୍ଷା' ଇତ୍ୟାଦି । ଋଗ୍ବେଦର ବେଣ ସୂକ୍ତ—'ଅହଂରୁଦ୍ରେଭିଃ' ଇତ୍ୟାଦି । ଋଗ୍ବେଦର ଶ୍ରୀ ସୂକ୍ତ—'ହିରଣ୍ୟବର୍ଣ୍ଣା' ଇତ୍ୟାଦି । ଋଗ୍ବେଦର ରାତ୍ରି ସୂକ୍ତ—'ରାତ୍ରି ବ୍ୟଖ୍ୟଦାୟତୀ' ଇତ୍ୟାଦି । ଋଗ୍ବେଦର ଗଣେଶ ସୂକ୍ତ—'ଶ୍ରାତ୍ରୁଣ ଇନ୍ଦ୍ରଂ' ମନ୍ତ୍ର । ଋଗ୍ବେଦର ସରସ୍ୱତୀ ସୂକ୍ତ—'ଇୟଂପଦାଦ୍ ରବଂ' ଇତ୍ୟାଦି । ଏହିପରି ଋଗ୍ବେଦରେ ସପ୍ତସୂକ୍ତ ସୂକ୍ତ ଅଛି ।] ୨ । ଉତ୍ତମ ଭାଷଣ; ସଦ୍ବଚନ (ହ. ଶ)—2. Good speech. ୩। ମହାପୁରୁଷମାନଙ୍କ ବାକ୍ୟ (ହ.ଶ)—3. Saying of great men. ସ· ବିଶ—ଉତ୍ତମ ରୂପେ କଥିତ—Excellently uttered or spoken.

Sūkta (See)

ସୂକ୍ତା—ସ. ବ (ସୂ+କ୍ତ+ଆ)—ଶାରଡା; ସରଡା (ହିମାଳୟ ପ୍ରଦେଶ) —The hill-myna bird. (ଅନ୍ୟ ସ. ନାମ—ସଦନସ୍ତଭାଷା, ଚତୁରାଶ୍ରି, ବରତ୍ରା, ଶାରିକା)

Sūktā

ସୂକ୍ତି—ସ. ବ (ସୂ+କ୍ତି)—ସୂକ୍ତ (ଦେଖ)

Sūkti

Sūkta (See)

ସୂକ୍ତିକ—ସ. ବ—୨ଟି ପ୍ରକାର ଛୋଟ ବା ବଡ଼ତାଳ (ହ. ଶ)—

Suktika

A kind of cymbals.

ସୂକ୍ଷ୍ମ—ସ. ବିଶ (ସୂଚ୍ ଧାତୁ=ସୂଚନା କରିବା+କର୍ମ. ମନ୍) —୧ । ଅତି ଅଳ୍ପ—1. Very little. ୨। କ୍ଷୁଦ୍ର—(ସୂକ୍ଷ୍ମା—ସ୍ତ୍ରୀ) 2. Small; fine; minute. ୩ । ହ୍ରସ୍ୱ—(ସୂକ୍ଷ୍ମ[ଶୁ]ମ–ଜ୍ଞାନ୍ୟ ରୂପ) 3. Diminutive. ୪ । ଶୀଣ; ସରୁ; (ସୂକ୍ଷ୍ମ—ହ୍ରସ୍ୱଗୁଡ) ପତଳା—4. Slender; thin. ୫ । ସଙ୍କୀର୍ଣ୍ଣ [ସୂକ୍ଷ୍ମତା(ତ୍ୱ)—ବ] —5. Narrow. ୬ । ଅଣ୍ଡୁଯୁ; ଇନ୍ଦ୍ରିୟମାନଙ୍କର ଅଗୋଚର—6. Imperceptible to the senses; subtle; atomic. ୭। ଅଧିକବେଶ ସୂକ୍ଷ୍ମ—7. Sharp; attentive. ୮ । ଶୁଦ୍ଧ; ସତ୍ୟ—8. Accurate; correct. ୯ । ସୂକ୍ଷ୍ମଦର୍ଶିତ୍ୱ—9. Discerning. ବ—୧ । ଅଣୁ (ମେଦନୀ)—1. Atom. ୨। ଗଜକ ବୃକ୍ଷ (ମେଦନୀ); କମ୍ପିଲା ଗଛ—2. Strychnos Potatorum (tree); clearing nut tree. ୩ । ଅଧ୍ୟାତ୍ମବସ୍ତୁ; ପରବ୍ରହ୍ମ—3. The Essential Soul of the universe. ୪ । ଅଧ୍ୟାତ୍ମ ବିଦ୍ୟା—4. Metaphysics. ୫ । କାପଟ୍ୟ—5. Crookedness. ୬। ଛଳ;ଛୈତ ବ—6. Deceit; subtlity. ୭ । କାବ୍ୟାଳଙ୍କାର ବିଶେଷ—7. A figure of speech. [ବି—ଏହା ଅତ୍ୟଧିକ ଅଳ୍ପ ପରିମାଣରେ ଓ ଉପାଦାନ ରେଣ୍ଟିତ ଅଟେ; ଏଥିରେ ଚକ୍ଷୁରିନ୍ଦ୍ରିୟର ସୂକ୍ଷ୍ମ ରେଣ୍ଟୁ ଦ୍ୱାରା ଲକ୍ଷିତ କରିହେବା ବସ୍ତୁସବୁ ବର୍ଣ୍ଣିତ ହୋଇଥାଏ—ହ୍ରସ୍ୱ. ଶ] ୮ । ଲିଙ୍ଗ ଶରୀର (ହ୍ର. ଶ)—8. The subtle frame in which the soul is settled; etheric body of a being. ୯ । ଶିବ (ହ. ଶ)—9. Śiba. ୧୦ । ଦାନବ ବିଶେଷ (ହ. ଶ)—10. Name of a demon. ୧୧ । ଜୀରକ; ଜୀରା (ହ.ଶ)—11. Cumin seed. ୧୨ । ଅରଣ୍ଡ; ବଠା

Sūkshma

Digitized by srujanika@gmail.com

(ହି. ଶ)—12. Soap-nut. ୧୩ । ଗୁଗ; ଗୁଗ୍ଗୁଲ (ହି. ଶ)—13. Betel-nut. ୧୪ । ଔଷଧ ଦ୍ରବ୍ୟ ତାହାକୁ ଶରୀରରେ ପ୍ରବେଶ କରିବା ଔଷଧ (ହି. ଶ)—14. Medicine which is administered through the pores of the skin.

ସୂକ୍ଷ୍ମ କଳା—ସଂ. ବ (ଅଧୁନିକ ପ୍ରୟୋଗ)—ଅନୁଧ୍ୟାନଯୋଗ୍ୟ Sūkshma kalā ସୁନ୍ଦର କଳା—Fine arts. (ଯଥା—ସୂକ୍ଷ୍ମ କଳା **सूक्ष्म कला** ସଙ୍ଗୀତ, ନୃତ୍ୟ, ଭାସ୍କର୍ଯ୍ୟ ଆଦି।)

ସୂକ୍ଷ୍ମ କୋଣ—ସ. ବ (ଜ୍ୟାମିତି)—ସମକୋଣ ବା ୯୦ ଡିଗ୍ରୀରୁ କମ୍ Sūkshma kona କୋଣ—(geometry) Acute angle. (ସ୍ଥୂଳ କୋଣ—ଗଣଗ୍ରନ୍ଥ) ସୂକ୍ଷ୍ମ କୋଣ **सूक्ष्म कोण**

ସୂକ୍ଷ୍ମ କୋଣୀ—ବି. ଜ (ଜ୍ୟାମିତି)—ସୂକ୍ଷ୍ମ କୋଣବିଶିଷ୍ଟ— Sūkshma konī Acute-angled. ସୂକ୍ଷ୍ମ କୋଣୀ **सूक्ष्म कोणी**

ସୂକ୍ଷ୍ମକୋଣୀ ତ୍ରିଭୁଜ—ବି. ବ (ଜ୍ୟାମିତି)—ଯେଉଁ ତ୍ରିଭୁଜର ଉଭୟ Sūkshmakoṇī tribhuja କୋଣଯାକ କୋଣ ସୂକ୍ଷ୍ମ କୋଣ ସୂକ୍ଷ୍ମକୋଣୀ ତ୍ରିଭୁଜ ଅଟେ—Acute-angled triangle. **सूक्ष्म कोणी त्रिभुज**

ସୂକ୍ଷ୍ମ ତଣ୍ଡୁଳ—ସ. ବ—୧ । ସରୁ ବା ବାରଇ ଗୁଣ୍ଡଲ —1. Fine Sūkshma taṇḍula rice. ୨ । ପୋସ୍ତଦାନା (ହି. ଶ)—2. Poppy seed. ୩ । ଗୁଣା (ହି. ଶ)—3. Resin.

ସୂକ୍ଷ୍ମ ତଣ୍ଡୁଳା—ସ. ବ (ବହୁବ୍ରୀହି)—୧ । ପିମ୍ପଳୀ— Sūkshma taṇḍulā 1. Long pepper. ୨ । ଗୁଣା (ହି. ଶ)—2. Resin.

ସୂକ୍ଷ୍ମ ଦର୍ଶନ—ସ. ବ—ଅଭ୍ୟାସବେଶରୁ ଜନ୍ମିଥିବା ଦୃଷ୍ଟି— Sūkshma darśana Insight; discernment. ସୂକ୍ଷ୍ମ ଦର୍ଶନ ବି. ବ—ଅତି ସୂକ୍ଷ୍ମ ବସ୍ତୁର ଦର୍ଶନ— **सूक्ष्म दर्शन** Seeing of minute things.

ସୂକ୍ଷ୍ମଦର୍ଶନ(କ) ଯନ୍ତ୍ର—ବି. ବ—ଅଣୁକ୍ଷଣଣ ଯନ୍ତ୍ର— Sūkshmadarśana(ka) jantra Microscope. ସୂକ୍ଷ୍ମଦର୍ଶନଯନ୍ତ୍ର **सूक्ष्मदर्शन यन्त्र**

ସୂକ୍ଷ୍ମଦର୍ଶୀ—ସ. ବବ (ସୂକ୍ଷ୍ମଦର୍ଶନ୍ ଶବ୍ଦ; ୧୩୦ ବ; ସୂକ୍ଷ୍ମ+ଦୃଶ୍ Sūkshmadarśī ଧାତୁ=ଦେଖିବା+କର୍ତ୍ତୃ. ଇନ୍)—[ସୂକ୍ଷ୍ମଦର୍ଶିତା—ସ୍ତ୍ରୀ] ୧ । ତୀବ୍ରଧୀ; ଅତ୍ୟନ୍ତସୂକ୍ଷ୍ମ ବୁଦ୍ଧିସମ୍ପନ୍ନ— (ସୂକ୍ଷ୍ମଦର୍ଶିତା—ବ) 1. Very sharp-witted. ୨। ବୁଦ୍ଧାଗ୍ରିସମ୍ପନ୍ନ; ତତ୍କାଳଧୀ; ପ୍ରତ୍ୟୁତ୍ପନ୍ନମତ୍ତ—2. Having presence of mind.

ସୂକ୍ଷ୍ମ ଦୃଷ୍ଟି—ସ. ୧—ଅତି ସୂକ୍ଷ୍ମ ବିଷୟ ପ୍ରତି ଦୃଷ୍ଟି ବା ଅଭ୍ୟନ୍ତବେଶ— Sūkshma dṛushṭi Sharp irsight. ସ୍ ବହୁ. ସୂଂ ତତ୍ପୁ—ସୂକ୍ଷ୍ମ ଦୃଷ୍ଟିବିଶିଷ୍ଟ—Sharp-sighted.

ସୂକ୍ଷ୍ମଦେହୀ—ବହୁ. ବହୁ—୧ଣୁକ୍ଷଣଣ ଯନ୍ତ୍ର ବିନା ଦେଖା ନ ଯିବା ଛୁଦ୍ର Sūkshmadehī (ଜୀବ)—Microscopic (animals); ସୂକ୍ଷ୍ମଦେହୀ (animals) which can not be seen **सूक्ष्मदेही** without a microscope; having a very diminutive body. ବ—୧ । ଅତି ସୂକ୍ଷ୍ମଜୀବ—1. The infusoria. ୨ । ପରମାଣୁ (ହି. ଶ)—2. Molecule.

ସୂକ୍ଷ୍ମ ପତ୍ର—ସଂ. ବ (ବହୁବ୍ରୀହି; ସୂକ୍ଷ୍ମ ଅଟେ ପତ୍ର ଯାହାର)— Sūkshma patra ୧ । ଧନ୍ୟାକ (ସଜ ଜାତିଶ); ଧନିଆ—1. Coriander. ୨ । ବନଜୀରକ (ସଜ ଜାତିଶ)—2. Wild cumin seed. ୩ । ବବୂର ବୃକ୍ଷ (ଶବ୍ଦ ଚନ୍ଦ୍ରିକା)—3. Acacia tree. ୪ । ବନ-କଙ୍ଗୁ (ସଜଜାତିଶ); ଲଣ୍ଡାବଗୁଲ—4. Wild variety of Basil plant. ୫ । ଦେବସର୍ଷପ (ସଜ-ଜାତିଶ)—5. A species of mustard. ୬ । ଲଘୁ ବଦର (ସଜ ଜାତିଶ)—6. A species of Jujube. ୭ । ଶୂରପର୍ଣ୍ଣୀ (ସଜ ଜାତିଶ)—7. A tree. ୮ । କ୍ଷୁଦ୍ର କୃଷ୍ଣ; ବଣଜାମୁ (ବୈଦ୍ୟକ)—8. A species of wild blackberry. ୯ । ଲୋହିତେକ୍ଷୁ (ସଜ-ଜାତିଶ)—9. The red variety of sugar-cane. ୧୦ । କୁଙ୍କୁମ (ସଜ ଜାତିଶ)—10. Blumea Odorata (plant). ୧୧ । ଜୁଗଳୁ (ହି. ଶ)—11. Alhagi Maurorum (plant). ୧୨ । ମାଷ (ହି. ଶ); ବ୍ରୀହି—12. Phaseolus Radiatus. ୧୩ । ଅର୍କ ପର୍ଣ୍ଣୀ (ହି. ଶ.) (ଦେଶ)—13. Arkaparnnā (See)

ସୂକ୍ଷ୍ମପତ୍ରିକା—ସଂ. ବ—୧ । ଶତପୁଷ୍ପା (ସଜ ଜାତିଶ); ଶତ୍ରୁ—Sūkshma patrikā 1. Dill seed. ୨ । ଶତାବରୀ (ସଜ-ଜାତିଶ) —2. Asparagus Racemosus. ୩ । କ୍ଷୁଦ୍ର ବ୍ରାହ୍ମୀ (ସଜ ଜାତିଶ)—3. A short of potherb. ୪ । କ୍ଷୁଦ୍ରଗୋଦନ୍ତା (ସଜ ଜାତିଶ); ସାନ ଗୋଇ—4. A sort of Basella creeper. ୫ । ଜୁଗଳୁ (ସଜ ଜାତିଶ)—5. Fogonia Arabica; Alhagi Maurorum. ୬ । ଅତୀଶ ମାଟୀ (ସଜ ଜାତିଶ)—6. A medicinal plant.

ସୂକ୍ଷ୍ମପର୍ଣ୍ଣୀ—ସଂ. ବ—୧ । ଜାଣ୍ଟିଫଜୀ (ସଜ ଜାତିଶ); ଜାବନ୍ତୀ; Sūkshmaparnnā ଗୁଡୁଚୀ—1. Combus Cordifolia (Creeper). ୨ । ବୃଦ୍ଧଦାରକ (ହି. ଶ)—2. Melina Asiatica. ୩ । ବୃହତ୍ତା (ହି. ଶ)—3. Solanum Xanthocarpum.

ସୂକ୍ଷ୍ମପର୍ଣ୍ଣୀ—ସଂ. ବ—ଗ୍ରାମ୍ୟଜାତ ବୃକ୍ଷ (ଶବ୍ଦଚନ୍ଦ୍ରିକା); ଗୁଡୁଚୀ— Sūkshmaparnnī Combus Cordifolia (creeper). (ଅନ୍ୟ ସଂ ନାମ—ଗ୍ରାମ୍ୟଜାତ, ଯବପୁଷ୍ପା, ଉରୁଶ୍ୟାମା, ବୃଷସ୍ଥା, ନାଗବଲ୍ଲିକା, କାଣ୍ଡଲୀ, ଅମୃତଲତା ।

रामतुलसी

Digitized by srujanika@gmail.com

ସୂକ୍ଷ୍ମପୁଷ୍ପା(ଶ୍ରୀ) – ସ. ; ବ (ବୈଦ୍ୟକ)—ଯବତୁଲ୍ଲା; ବୁର୍ଜନ୍ମ; ଶ୍ୱେତ Sūkshmapushpā(shpī) ବନବଳା; ଏବପ୍ରକାର ତରେଇତା; କାଳମେଘ ମୁହଁନିମ —Andropogen Paniculata

ସୂକ୍ଷ୍ମଫଳା—ସ. ବ—୧ । ବୃନ୍ୟାମଲକୀ; ବୁଇଁଅଁଳା (ଉତ୍ତମାଳା)— Sūkshmaphalā 1. Phyllanthus Niruri (a herb). ୨ । ତାଳସପତ୍ର (ହି· ଶ) (ଦେଶ)—2. Tālisapatra (See) ୩ । ମହାଜ୍ୟୋତିଷ୍ମତୀ ଲତା (ହି· ଶ) (ଦେଶ)—3. A phosphorescent plant.

ସୂକ୍ଷ୍ମବଦରୀ—ସ. ବ—ବୁଦରୀ (ବ୍ରଜନର୍ଘଣ୍ଟ); ବୁଇଁବରକୋଳ— Sūkshma badarī A small variety of jujube.

ସୂକ୍ଷ୍ମବଲ୍ଲୀ—ସ· ଜ—୧ । ଡାମ୍ବଲୀ; ଜଡୁଳା (ବ୍ରଜନର୍ଘଣ୍ଟ); ପର୍ଯ୍ୟଟୀ— Sūkshmabalī 1. A kind of plant; Oldenlandia Biflora. ୨ । ଲଘୁ କାରବେଲ୍ଲ (ହି· ଶ); ଚୂର୍ଣ୍ଣୀକଲସ୍ୱ—2. Small variety of memordica.

ସୂକ୍ଷ୍ମ ବସ୍ତ୍ର—ସ. ବ— ପତଳା ଲୁଗା; ସରୁ ଲୁଗା— Sūkshma bastra Fine cloth.

ସୂକ୍ଷ୍ମ ବିଚାର—ସ. ବ—୧ । ଅଭିନିବେଶଯୁକ୍ତ ବିଚାର—1. Discernment. ୨। ନ୍ୟାଯ୍ୟ ବିଚାର— 2. Just consideration.

ସୂକ୍ଷ୍ମ ବୀଜ—ସ· ବ—ପୋସ୍ତଦାନା (ହି· ଶ) — Sūkshma bīja Poppy seed.

ସୂକ୍ଷ୍ମ ବୁଦ୍ଧି(ମତି)—ସ.ବ(ଜର୍ମଧା)—ତୀକ୍ଷ୍ଣ ବୁଦ୍ଧି— Sharp intellect. Sūkshma buddhi(mati) ବିଣ (ଯୁ· ଓ ସ୍ତ୍ରୀ) (ବହୁବ୍ରୀ ହି)— ତୀକ୍ଷ୍ଣବୁଦ୍ଧି— Keen-witted.

ସୂକ୍ଷ୍ମଭୂତ – ସ. ବ— ଅତୀନ୍ଦ୍ରିୟ ପଞ୍ଚ ସ୍ଥୂଳମହାଭୂତର ସୂକ୍ଷ୍ମାଂଶ— Sūkshmabhūta Atoms of the five elements of nature; five elementary particles of matter. [ଦ୍ର—ସାଂଖ୍ୟଦର୍ଶନ ମତରେ ପଞ୍ଚତନ୍ମାତ୍ର (ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ) ପୃଥକ୍ ପୃଥକ୍ ସୂକ୍ଷ୍ମଭୂତ ଅଟନ୍ତି । ଏହି ପଞ୍ଚତନ୍ମାତ୍ରରୁ ପଞ୍ଚ ମହାଭୂତର ଉତ୍ପତ୍ତି ହୋଇଅଛି । ଏଥିରୁ ପଞ୍ଚୀକୃତ ହେବା ପରେ ଅତୀନ୍ଦ୍ରିୟ ଭୂତକୁ ସ୍ଥୂଳଭୂତ କୋଲ୍ଲଯାଏ—ହି· ଶ ।]

ସୂକ୍ଷ୍ମ ମକ୍ଷିକ—ସ. ବ. ସୁଂ—ମଶକ (ବ୍ରଜନର୍ଘଣ୍ଟ); ମଶା—Gnat. Sūkshma makshika [ସୂକ୍ଷ୍ମମକ୍ଷିକା – ସ୍ତ୍ରୀ]

ସୂକ୍ଷ୍ମ ମୂଳା—ସ. ବ—୧ । ଜୟନ୍ତୀ (ବ୍ରଜନର୍ଘଣ୍ଟ) (ଦେଶ)— Sūkshma mūlā 1. Jayantī (See) ୨ । ବ୍ରାହ୍ମୀ (ହି· ଶ) (ଦେଶ)—2. Brāhmī (See)

ସୂକ୍ଷ୍ମ ଶରୀର—ସ· ବ— ଷଡ଼ ପ୍ରାଣ, ପଞ୍ଚ ଜ୍ଞାନେନ୍ଦ୍ରିୟ, ପଞ୍ଚ କର୍ମେନ୍ଦ୍ରିୟ, Sūkshma śarīra ମନ ଓ ବୁଦ୍ଧି, ଅତ୍ମାର ଭୋଗସାଧନ (ସ୍ଥୂଳ ଶରୀର—ବ୍ୟତୀତ) ଏହି ସପ୍ତଦଶ ତତ୍ତ୍ୱର ସମୂହ; ଅତ୍ମାର ୧୭ ଟି ଅବୟବ; ଲିଙ୍ଗଦେହ—The sentient soul according to Theosophy; the causal body. [ଦ୍ର—ସାଂଖ୍ୟଦର୍ଶନ ମତରେ ଶରୀର ଦୁଇ ପ୍ରକାରର, ଯଥା—ସ୍ଥୂଳ ଶରୀର ଓ ସୂକ୍ଷ୍ମ ଶରୀର । ହାଡ, ଗୋଡ଼, ମୁଣ୍ଡ, ହସ୍ତପଦ ଅଙ୍ଗପ୍ରତ୍ୟଙ୍ଗ ଶରୀର ସ୍ଥୂଳ ଶରୀର ଅଟେ । ମରନ୍ତୁ ଏହି ସ୍ଥୂଳଶରୀର ଭସ୍ମ ହୋଇଯିବା ପରେ ଏହି ପ୍ରକାର ଅନ୍ୟ ଏକ ଶରୀର ରହି ଥାଏ, ଯାହା ଉକ୍ତ ୧୭ ତତ୍ତ୍ୱରେ ଗଠିତ । ଏହାକୁ ସୂକ୍ଷ୍ମ ଶରୀର କହନ୍ତି । ଏହା ସଦ୍ଧା ଦେଖାଯାଏ ଯେ, ଯେତେବେଳ ପର୍ଯ୍ୟନ୍ତ ଆତ୍ମାର ମୁକ୍ତି ହୁଏ ନାହିଁ, ସେ ପର୍ଯ୍ୟନ୍ତ ଏହି ସୂକ୍ଷ୍ମ ଶରୀରର ସଂସାରକୁ ଗମନାଗମନ ବରାବର ହେଇଥାଏ । ସ୍ୱର୍ଗ ଓ ନରକ ଆଦର ଭୋଗ ମଧ୍ୟ ଏ ସୂକ୍ଷ୍ମ ଶରୀରକୁ ହିଁ ହୋଇଥାଏ—ହି· ଶ ।]

ସୂକ୍ଷ୍ମ ଶର୍କରା—ସ. ବ—ବାଲୁକା (ବ୍ରଜନର୍ଘଣ୍ଟ— Sūkshma śarkarā Sand.

ସୂକ୍ଷ୍ମ ଶାଳି—ସ. ବ—୧ । ସରୁ ଶାରଦ ଧାନ—1. Fine variety Sūkshma śāli of winter paddy. ୨ । ଅଣୁଧାନ୍ୟବିଶେଷ—2. A sort of minute grain. [ଦ୍ର— ଏହାର ଗୁଣ ସୁମଧୁରତ୍ୱ, ଲଘୁତ୍ୱ, ପିତ୍ତାସ୍ରଦାହନାଶିତ୍ୱ ।]

ସୂକ୍ଷ୍ମ ଷଟ୍‌ଚରଣ—ସ· ବ—ଯୁକ୍ମ ଯୂକ (ବ୍ରଜନର୍ଘଣ୍ଟ); ଅଶିଘଡାର Sūkshma shaṭ-charaṇa ଚମଲୁହୁଣୀ— Lice adhering to the eye-lashes.

ସୂକ୍ଷ୍ମା—ସ: ବଣ (ସୂକ୍ଷ୍ମ + ଅ)—ସୂକ୍ଷ୍ମ ର ସ୍ତ୍ରୀଲିଙ୍ଗ—Feminine Sūkshmā of Sūkshma. ବ—୧ । ଯୂଥିକା; ଚୂଇଫୁଲ (ଶତପତ୍ରିକା)—1. A sort of jasmine. ୨ । ଚଣ୍ଡିକା; ମଲ୍ଲୀଫୁଲ—2. Jasminum Sambac. ୩ । ବାଲୁକା; ବାଲି (ବ୍ରଜନର୍ଘଣ୍ଟ)—3. Sand. ୪ । କ୍ଷୁଦ୍ରୈଳା (ବ୍ରଜନର୍ଘଣ୍ଟ); ସୁଜଗନ୍ଧ—4. The white species of cardamum. ୫ । ଶବ୍ଦପ୍ରବୃତ୍ତ୍ୟବଚ୍ଛେଦକ; ଶବ୍ଦର ପ୍ରତିପାଦ୍ୟ—5. An attribute of words; connotation of words. ୬ । ମୂଷଳୀ (ହି· ଶ) (ଦେଶ)—6. Mūsalī (See) ୭ । ବିଷ୍ଣୁଙ୍କର ଏକ ଶକ୍ତି (ହି· ଶ)—

7. One of the Śaktis of Bishnu.

ସୂକ୍ଷ୍ମାଂଶ—ସ. ବ (ଜର୍ମଧା)—ଅତି ସରୁ ଅଂଶ— Sūkshmāmśa Atomic particle.

ସୂକ୍ଷ୍ମାଗ୍ର—ସ. ବ(ଜର୍ମଧା)—ଅତି ତୀକ୍ଷ୍ଣ ଅଗ୍ରଭାଗ; ଅସ୍ତ୍ରାଦର ସୂକ୍ଷ୍ମ ଧାର Sūkshmāgra ବାଢ଼; ସୂକ୍ଷ୍ମ—Fine sharp edge.

ସ. ବଣ(ବହୁବ୍ରୀ ହି)—ସୂକ୍ଷ୍ମ ଅସ୍ତ୍ରାଦ (ଅସ୍ତ୍ରାଦ)—Fine-pointed.

ସୂକ୍ଷ୍ମାନୁ(ଉ)ସୂକ୍ଷ୍ମ—ସ· ବଣ—୧ । ସୂକ୍ଷ୍ମାନୁସୂକ୍ଷ୍ମ—1. Thorough. Sūkshmānu(ti)sūkshma ୨ । ଅତି ସୂକ୍ଷ୍ମ—

2. Very fine; molecular.

ସୂକ୍ଷ୍ମୈଳା—ସଂ. ବ—ଛୋଟ ଅଳାଇଚ; ସୁଜଗନ୍ଧ—The small Sūkshmailā cardamum; Ellettaria Cardamomum· [ଦ୍ର—ଏହା ମଧୁରତ୍ୱ, ଶୀତଗୁଣ, ଶ୍ୱାସହୀ, ଭୃଷ୍ଟି, ଶୀତୋର୍ଦ୍ଦି, ଲଘୁପାକ, ଉତ୍କ୍ଲେଦକ, ସୂକ୍ଷ୍ମା, ଉପହୃଦ୍ୟା, ଦୁର୍ଦ୍ଦା, ବଳକର, ଶୁକ୍ରବର୍ଦ୍ଧକ, ବାଯୁଲାଶତ

Digitized by srujanika@gmail.com

ତୋରଙ୍ଗୀ, ଦ୍ରାବଡ଼ୀ । ଓ ଶ୍ୱାସ, କାଶ, ଅର୍ଶଃ ଓ ମୂତ୍ରକୃଚ୍ଛ୍ର ରୋଗରେ ଉପକାରୀ । ବଡ଼ା ଛଡ଼ା ବଡ଼ ଅଳାଇଚର ଗୁଣମାନ ଏଥିରେ ଅଛି ।]
ଗୁଜରାଟି, ଏଲାଚ, ଛୋଟି ଏଲାଚ
କ୍ଷୋଟୀ ଇଲାଇଚୀ
ତେ. ଚିନ୍ନଯାଲକୁଲୁ, ଏଲ୍ଲଚାୟା

ସୂଚ୍ (ଧାତୁ)—ଦ—୧ । ଜ୍ଞାପନ କରିବା—1. To intimate. ୨ । କହିବା—2. To speak out. ୩ । ସୂଚନା କରିବା—3. To hint. ୪ । ସଙ୍କେତ କରିବା—4. To indicate by signs. ୫ । ହିଂସନ କରିବା—5. To take revenge. ୬ । ଆବିଷ୍କାର କରିବା—6. To discover. ୭ । ଅଭିନୟ କରିବା—7. To act a part. ୮ । ଦୋଷ ଦେଖାଇବା—8. To find fault with.

ସୂଚ—ଦ. ବ—କୁଶାଙ୍କୁର—
Sūcha The tender sprouts of Kuśa grass.

ସୂଚକ—ସଂ. ବଣ. ପୁଂ (ସୂଚ୍. ଧାତୁ ଣିଚ୍=ସୂଚି. ଧାତୁ=ଜଣାଇବା+କର୍ତ୍ତୃ. ଅକ)—୧ । ଯାହା ଦ୍ୱାରା କୌଣସି (ସୂଚକା—ସ୍ତ୍ରୀ) ବିଷୟର ସୂଚନା କରେ—1. Indicating, hinting. ୨ । କଥକ—2. Speaking. ୩ । ଜ୍ଞାପକ—3. Informing. ୪ । ଯାହା ଦ୍ୱାରୁ କୌଣସି ବିଷୟର ସୂଚନା କରେ—4. Indicative of. ବ—୧ । ପିଶୁନ (ଅମର; ଶବ୍ଦରତ୍ନାବଳୀ); ଚୁଗୁଲଖୋର—1. A backbiter; slanderer. ୨ । ଚର୍ଦ୍ଦୋଜଡ଼; ଚରବରେପ; ଗୁପ୍ତ ଗୁପ୍ତଚର—2. A spy; an informer. ୩ । ସୀବନ ଯନ୍ତ୍ର (ମେଦଙ୍ଗା)—3. Sewing machine. ୪ । ସୂଚୀ; ଛୁଞ୍ଚ—4. Needle. ୫ । କୁକୁର (ମେଦଙ୍ଗା)—5. Dog. ୬ । ବିଲାଳ (ମେଦଙ୍ଗା) 6—Cat. ୭ । କାକ (ମେଦଙ୍ଗା)—7. Crow. ୮ । ସୂତ୍ରଧର; ସୂତ୍ରଧାର (ଦ୍ୱୈରଚନ୍)—8. Stage-manager. ୯ । ବଢ଼େଇ (ଦ୍ୱୈରଚନ୍)—9. Carpenter. ୧୦ । ପିଶାଚ (ଶବ୍ଦରତ୍ନାବଳୀ)—10. An evil spirit. ୧୧ । ସିଦ୍ଧ (ଶବ୍ଦରତ୍ନାବଳୀ)—11. A class of aerial beings. ୧୨ । ବୁଦ୍ଧ (ଶବ୍ଦରତ୍ନାବଳୀ)—12. The Buddha. ୧୩ । କଥକ (ଦ୍ୱୈରଚନ୍)—13. A speaker. ୧୪ । ସୂକ୍ଷ୍ମଶାଳୀ (ଉତ୍କର୍ଷ)—14. A fine grain. ୧୫ । ଦଳପତି—15. Leader of a gang. ୧୬ । ଜଲୁଆ (ହ. ଶ)—16. Jackal. ୧୭ । ବରଣ୍ଡା (ହ. ଶ)—17. Varanda. ୧୮ । ଅଳଗଡ଼ା; ରେଲିଙ୍ଗ୍ ଦ୍ୱାରା ବେଷ୍ଟିତ ସ୍ଥଳ (ହ. ଶ)—18. Railed enclosure. ୧୯ । ଦରଜୀ (ହ. ଶ)—19. Tailor. ୨୦ । ଖଳ ବ୍ୟକ୍ତି (ହ. ଶ)—20. A wicked person. ୨୧ । ଉଚ୍ଚ ପାନ୍ଥ (ହ. ଶ)—21. High wall. ୨୨ । ଅଯୋଗବ-ମାତା ଓ କ୍ଷତ୍ରିୟ-ପିତାଙ୍କଠାରୁ ଉତ୍ପନ୍ନ ପୁତ୍ର (ହ. ଶ)—22. Son born of a Ayogaba mother & Kshatriya father.

ସୂଚକ ସୂଚକ ଦେ. ବ—ଜ୍ଞାପକ ଲକ୍ଷଣ—Indicative sign.

ସୂଚନ(ନା)—ସଂ. ବ (ସୂଚ୍ ଧାତୁ+ଲ୍ୟୁ, ଅନ)—୧ । ଜ୍ଞାପନ—Sūchana(nā) 1. Indication. ୨ । ସଙ୍କେତ ବା ଚିହ୍ନ ଦ୍ୱାରା ଜଣାଇବା—2. Indicating by signs; hinting. ୩ । କଥନ—3. Speaking. ୪ । ହିଂସନ—4. Taking revenge. ୫ । ଅଭିନୟ—5. Acting. ୬ । ଦୋଷ ଆବିଷ୍କରଣ; ଦୋଷ ଦେଖାଇବା—6. Finding fault. ୭ । ବଦ୍ଧ କରିବା; ଫୋଡ଼ିବା; ବେଧନ—7. Piercing. ୮ । ସୁଗନ୍ଧ ବିସ୍ତାର କର୍ମ (ହ. ଶ)—8. The act of diffusing fragrance. ୯ । କୌଣସି ବିଷୟର ପୂର୍ବାଭାସ—9. Preliminary indication; hint. ୧୦ । ବିଜ୍ଞାପନ—10. Notifying. ୧୧ । ହିଂସା (ହ. ଶ)—11. Envy; bitterness.

ସୂଚନୀୟ—ସଂ. ବଣ (ସୂଚ୍ ଧାତୁ+ଅନୀୟ. ଅର୍ଥାତ୍)—ସୂଚିତ ହେବାର ଯୋଗ୍ୟ—Sūchanīya Fit to be indicated or hinted.

ସୂଚା(ଚେ)ଇବା—ଦେ. କ୍ରି—୧ । ସୂଚିବା କ୍ରିୟାର ଣିଜନ୍ତ ରୂପ—Sūchā(che)ibā 1. Causative of Sūchibā. ୨। ସୂଚିବା ସୂଚାନ ସୂଚିତ କରାନା (ଦେଶ)—2. Sūchibā (See)

ସୂଚି—ସଂ. ବ (ସିଚ୍ ଧାତୁ=ସିଲାଇ କରିବା+କରଣ, ଇ; ଜଯାଇନ)—୧ । ବେଧନୀ; ସୀବନୀ; ଛୁଞ୍ଚି—Sūchi 1. Needle. ୨ । ନୃତ୍ୟଭେଦ (ରେହୁଦୋଷ); ଏକ ପ୍ରକାର ନୃତ୍ୟ—2. A sort of dance. ୩ । ସୂଚ୍ୟ ଅଗ୍ରଭାଗ; ଖିଙ୍ଗା (ରେହୁଦୋଷ)—3. Pointed top; fine point. ୪ । ନଟ୍ଟିକମାନଙ୍କର କର ଓ ଅଙ୍ଗାଦି ଦ୍ୱାରା ଅଭିନୟ; ଗାରଳା—4. Indicating of the purport of a song by signs made by the hands and limbs; mime. ୫ । କେତକୀ ଫୁଲ (ହ. ଶ)—5. The yellow-flowered Pandanus Odoratissimus. ୬ । ସେନାଚୁଂଦ ବିଶେଷ (ହ. ଶ)—6. A kind of battle-array. [ଦ୍ର.—ଏଥିରେ କୁଶଳ ଓ କର୍ମଠ ସେନ୍ୟଙ୍କୁ ଆଗରେ ରଖାଯାଏ ଓ ଅନ୍ୟମାନଙ୍କୁ ପଛରେ ରଖାଯାଏ—ହ. ଶ] ୭ । କାଠଗଡ଼ା; ଅଳଗଡ଼ା (ହ. ଶ)—7. Railed enclosure. ୮ । କବାଟର ଛିଟକିଣି (ହ. ଶ)—8. The bolt of a door. ୯ । ନଷାଦ ପିତା ଓ ବୈଶ୍ୟା ମାତାଙ୍କଠାରୁ ଜାତ ସନ୍ତାନ (ହ. ଶ)—9. The son of a Nishāda father and Baiśya mother. ୧୦। ମୈଥୁନ ବିଶେଷ (ହ.ଶ)—10. A mode of coition. ୧୧ । ଶୂର୍ପକାର (ହ.ଶ)—11. The manufacturer of winnowing.

Digitized by srujanika@gmail.com

fan. ୧୬ । କୁଶ (ହି. ଣ)—12. Kusa grass. ୧୩ । ଦୃଷ୍ଟି (ହି. ଣ)—13. Sight; vision. ୧୪ । (ସୂଚ୍ ଧାତୁ=ସୂଚନା କରିବା+ଅକ) ଘ)—ସୁଗୁଜୁ ବିଷୟର ମୂଳାଗ୍ରନ୍ଥ; ଆମ୍ନୋ—14. Indication of the contents of a book; index. ୧୫ । ତାଲିକା (ହି. ଣ)—15. List.

ସୂଚକ—ସ. ବି. ପୁଂ (ସୂଚ+ଜ୍ଞାର୍ଥେ କ)—ସୂଚକର୍ମକଣ୍ଠ; ଦରଜ୍ଜ— Sūchika A tailor. (ଅନ୍ୟ ସ. ନାମ—ସୌଚିକ, ସୌଚି, ଜୁଲବାସ୍, ସୂଚିକର୍) (ସୂଚକା—ସ୍ତ୍ରୀ)

ସୂଚି କର୍ମ—ସ. ବ—୧ । ସିଲେଇକାମ—1. Sewing, ୨ । ବସ୍ତ୍ର Sūchi karma ଉପରେ ଛୁଞ୍ଚିଦ୍ୱାରା କରିଥିବା କାରୁକାର୍ଯ୍ୟ— 2. Fine needle work done on cloth.

ସୂଚିକା—ସ.ବର୍ଣ. ସ୍ତ୍ରୀ.(ସୂଚକ+ଅ)—ସୂଚକର ସ୍ତ୍ରୀଲିଙ୍ଗ; ଜ୍ଞାପିକା— Sūchikā (Feminine of Sūchaka) Indicating (female) ସ. ବ (ସ୍ତ୍ରୀ)—୧ । (ସୂଚକ+ଅ)—ଦରଜଆଣୀ—1. A female tailor. ୨ । (ସୂଚ+କ+ଅ)—ଛୁଞ୍ଚି; ସୂଚ—2. Needle. ୩ । ହାତୀର ଶୁଣ୍ଡ—3. Ths trunk of elephant. ୪ । କେତକୀ (ହି. ଣ)—4. Yellow-flowered Pandanus. ୫ । ଅପ୍ସରୋବିଶେଷ (ହି. ଣ)—5. Name of a heavenly nymph.

ସୂଚିକାଧର—ସ. ବି(ସୂଚିକା ଅର୍ଥେ ଅଧର ଯାହାର)—ହସ୍ତୀ (ଶବ୍ଦମାଳା)- Sūchikādhara Elephant,

ସୂଚିକାପୁଷ୍ପ—ସ. ବ—ସୂଚିପୁଷ୍ପ (ଦେଖ)— Sūchikā pushpa Sūchipushpa (See)

ସୂଚିକାଭରଣ—ସ. ବ—ସନ୍ଧିସାଙ୍ଗରେ ପ୍ରଯୁଜ୍ୟ ଅଳ୍ପ ମାତ୍ରାରେ Sūchikābharaṇa ସେବ୍ୟ ଔଷଧବିଶେଷ (ଭୈଷଜ୍ୟ (ସୂଚିକାଭରଣ ରସ—ଅନ୍ୟରୂପ) ରତ୍ନାବଳୀ)— A sort of medicinal preparation administered in minute doses. [ଦ୍ର—ସର୍ବଜ୍ୱର ଓ ସାରଦ ରୁଣ୍ଡ କର ଘୋଡଣୀଦ୍ୱାରା ମୃଦ କାଚ ବୋତଲରେ ପୁରାଇ ମନ ମନ ଜଳୁଥିବା ଅଗ୍ନିରେ ଦୁଇ ପ୍ରହରକାଳ ପୁଟପାକ କରିଯାଏ; ତହିଁରୁ ବାଷ୍ପରୂପେ ଯାହା ଛୁଟି ବୋତଲରେ ଓ ଘୋଡଣୀରେ ଲାଗିଯାଏ ତାହା ସଂଗ୍ରହ କରିଯାଏ । ଏହା ସନିପାତ ରୋଗୀ ଓ ସର୍ବଦଷ୍ଟ ବ୍ୟକ୍ତି ଠାରେ ପ୍ରୟୋଗ କଲେ ଅଶୁଫଳ ଫଳେ । ବୋତଲର ଦେହରେ ଲାଗିଥିବା ପଦାର୍ଥ କୁଞ୍ଚି ମୂଳରେ ଲଗି ଅଛିଲେ ଔଷଧ ପ୍ରସ୍ତୁତ ହେଲ ବୋଲି ଜଣାଯାଏ । ଏଥି ଯୋଗୁ ଏହ ନାମ ହୋଇଅଛୁ । ସନ୍ନିପାତ, ବସୂଚକା ସର୍ବଦଂଶନ ଯୋଗୁଁ ରୋଗୀର ଅନ୍ତିମ ଅବସ୍ଥା ଉପସ୍ଥିତ ହେଲେ ଏ ଔଷଧର ପ୍ରୟୋଗ କରିଯାଏ । ମୃତପ୍ରାୟ ରୋଗୀର ମୁଣ୍ଡରେ ଗୋଟିଏ ଛୋଟ ଛଦ୍ର କର ସେହି ଛିଦ୍ରରେ କୁଞ୍ଚି ମୂଳଦ୍ୱାରା ଏ ଔଷଧ ପୂରାଇ ଦିଆଯାଏ । ଏ ଔଷଧ ଦ୍ୱାରା ଉଲଳ ହେଲେ ରୋଗୀର ମରଣ ଅନିବାର୍ଯ୍ୟ । ଏ ଔଷଧ ପ୍ରୟୋଗ କରିବା ଦ୍ୱାରା ରୋଗୀର ଶ୍ୱାସ ଅତି ଗରମ ହୋଇଯାଏ ଓ ଏଥିପାଇଁ ବହୁ ଶୀତଳ ଉପଚାର କରିବାକୁ ହୁଏ । ଏ ଔଷଧ ପ୍ରସ୍ତୁତ କରିବା ପାଇଁ ଉପର୍ଯ୍ୟୁକ୍ତ ପ୍ରଣାଳୀ ଛଡ଼ା ଅନ୍ୟ ପ୍ରଣାଳୀମାନ ଅଛୁ :—

୧ । ଘାସ, ଗଜଳ, ଖୀସା, କାଠବଷ ଓ ତଳା ନାରଯାଘର ସରଳରୁ ସଜ କର ଯଥାକ୍ରମେ ରୋହୁ ମାଛର, ମଇଁଷିର, ମଯୂରର, ଛେଳର ଓ ଘୁଷୁରର ବିଷ୍ଠାରେ ତାହାକୁ ଭାବନା କର ସୋରଷ ପର ବଟିକା ପ୍ରସ୍ତୁତ କରିଯାଏ ।

୨ । କାଠବଷ, ସାପ ଗଲଳ, ଦାରୁମୂଷି, ପ୍ରତ୍ୟେକ ଏକ ରତ୍ତି, ହୁଇଁଳ ୩ ରତ୍ତି, ଏ ସବୁକୁ ସଜ ଯଥାକ୍ରମେ ରୋହୁ ମାଛର, ମଇଁଷିର, ମଯୂରର, ଛେଳର ଓ ଘୁଷୁରର ବିଷ୍ଠାରେ ୧ ଦିନ ଭାବନା କର ସୋରଷ ପର ବଟିକା ଭଅର କରିଯାଏ— ହି. ଣ.]

ସୂଚିକାମୁଖ—ସ. ବ—(ବହୁବ୍ରୀ; ସୂଚିକା=ଛୁଞ୍ଚି ପର ମୁଖ ଯାହାର) Sūchikāmukha ୧ । ଶଙ୍ଖ—1. Conch shell. ୨ । ଚୁଚୁନ୍ଦ୍ରା—2. Mole. ୩ । ମୂଷିକ; ମୂଷା— 3. Rat; mouse. ୪ । (ସ୍ତ୍ରୀ ଜାତି)—ଛୁଞ୍ଚିର ମୁନ୍ଦି; ଛୁଞ୍ଚିର ଚକ୍ଷା—4. The mouth or eye of a needle.

ସୂଚିଘନ—ଦେ ବିଣ—ଲମ୍ବା ଓ ମୁନିଆ; ଗୋଜିଆ; ଚୂଳିଆ— Sūchighana Conical; long and sharp pointed. ସୁତୀକ୍ଷ୍ଣ, ଛୁଁଚାଳ ନୋକଦାର

ସୂଚିତ—ସ. ବିଣ (ସୂଚ୍ ଧାତୁ. କିତ୍+କର୍ମ. ତ)—୧ । ଜ୍ଞାପିତ— Sūchita 1. Indicated; intimated. ୨ । ପ୍ରସ୍ତାବିତ—(ସୂଚନ[ନା]—୨) 2. Proposed. ୩ । ସଙ୍କେତାଦ ଦ୍ୱାରା ଜ୍ଞାପିତ—3. Hinted at; indicated by signs. ୪ । ଉକ୍ତ—4. Spoken. ୫ । ହିଂସିତ— 5. Avenged; hurt. ୬ । ଖୁବ୍ ଉପଯୁକ୍ତ (ହି. ଣ)— 6. Very fit,

ସୂଚିତବ୍ୟ—ସ. ବିଣ (ସୂଚ୍, ଧାତୁ+କର୍ମ. ତବ୍ୟ)—ସୂଚିତ ହେବାର ଯୋଗ୍ୟ—Fit to be hinted at; (ସୂଚ୍ୟ, ସୂଚନୀୟ—ଅନ୍ୟରୂପ) requiring to be indicated.

ସୂଚିତାର୍ଥ—ସ. ବ (କର୍ମଧା)—ବ୍ୟଞ୍ଜନା ଦ୍ୱାରା ପ୍ରତୀୟମାନ ଶବ୍ଦାର୍ଥ— Suchitārtha Suggested meaning of a word.

ସୂଚି ଦଳ (ପତ୍ର, ପତ୍ରକ)—ସ. ବ—୧ । ଶିଉଳୀ; ସୂକଷ୍ପଦ (ସୂଚ Sūchi dala (patra, patraka) ଜାତି); ସୂକଷ୍ପନଥ ଶାଗ— 1. Marselea Quadrifolia (a pot herb). ୨ । ଏକ ପ୍ରକାର ଆଖୁ (ହି. ଣ)—2. A kind of

Digitized by srujanika@gmail.com

sugarcane. ୩ । ସୂଚୀପତ୍ର (ଦେଖ)—3. Sūchī-patra (See)

ସୂଚ ପାଶ—ସଂ· ବ (ଷଷ୍ଠୀ ତତ୍)—ଛୁଞ୍ଚିର ଢଣା—
Sūchi pāśa The eye of a needle.

ସୂଚ ପୁଷ୍ପ—ସଂ· ବ—କେତକୀ ବୃକ୍ଷ (ଜାଖରେ);କଅଁ ଗଛ—
Sūchi pushpa The yellow-flowered screw pine; Pandanus Odoratissimus.

ସୂଚ ବ(ର)ଦନ—ସଂ· ବ (କର୍ତ୍ତୃ.ବହୁ)—୧ । ନକୁଳ; ନେଉଳ (ସ୍ତନ-
Sūchi ba(ra)dana ଜନ୍ତୁ)—1. Ichneumon. ୨ । ମଶକ; ମଶା (ସ୍ତନଜନ୍ତୁ)—2. Mosquito.

ସୂଚିବା—ଦେ. କ୍ରି (ସଦ୍ୟ)—୧ । ସୂଚନା କରିବା—1. To
Sūchibā indicate. ୨ । ସଙ୍କେତାଦଦ୍ୱାରା ଛଳନେ କରିବା—
2. To hint at a thing. [ଦ୍ର—ଡୋ ଠାରେ ନଘା ସେ ଦୁହ ସେହୁ ସୂଚିବ । ରଘାକାଥ. ସେଘଦୂତ ।]
ସୂଚନାଦେଓୟା ୩ । ଗୋପନରେ କୌଣସି ବିଷୟ କହିବା—3. To
सूचना देना speak a thing secretly. ୪ । (ମନାର୍ଥ) କାନରେ କହିଦେବା; ଫୋଡ଼ି ଦେବା—4. To whisper a thing to the ears of another (bad sense).

ସୂଚିବାନ୍—ସଂ. ବ· ପୁଂ (ସୂଚି+ବତ୍; ୧ମା· ୧ବ)—ଗରୁଡ଼ (ଶବ୍ଦ
Sūchibān ରତ୍ନାବଳୀ)—The mythological king of birds.

ସୂଚିବେଦ୍ୟ—ସଂ. ବଣ (ତୃତୀୟା ତତ୍)—୧ । ଯାହା ସୂଚିଦ୍ୱାରା
Sūchibhedya ବେଧନ କରିଯାଇ ପାରେ—1. Fit to be pierced with a needle, ୨ । ଘନ; ଗାଢ଼ (ଅନ୍ଧକାର)—2. Dense (darkness).

ସୂଚିବେଦ୍ୟ ଅନ୍ଧକାର—ସ. ବ—ଘନ ଅନ୍ଧକାର (ଏପରି ଅନ୍ଧକାର
Sūchibhedya andhakāra ଯେ, ତାହା ଛୁଞ୍ଚିଦ୍ୱାରା ଫୋଡ଼ି ସୂଚିଭେଦ ଅନ୍ଧକାର ବଥଯାଇ ପାରେ ବୋଲି କହିଲେ ଅତ୍ୟୁକ୍ତି
सूचिभेदअंधकार ହେବ ନାହିଁ)—Dense darkness·

ସୂଚିମଲ୍ଲିକା—ସ. ବ—ନବମଲ୍ଲିକା, ନଅଳି ଫୁଲ (ହି. ଶ) (ଦେଖ)
Sūchi mallikā Nāli (See)

ସୂଚି ମାଛି ପରୀକ୍ଷ(କ୍ଷା)—ଦେ. କ୍ରି—ଭଲ ଭଲ କରି ପରୀକ୍ଷା
Sūchi māchhi pariksha(kshā) karibā
ତନ୍ନ ତନ୍ନ କରିୟା ଦେଖା, ଖୁଁଟିନାଟି କରିୟାଦେଖା Scrutiny.
चतुकरदेखना [ଦ୍ର—ସେଠାବରେ ସୂଚମୁଖ ପକ୍ଷୀଟି ନୁହଇ—ପ୍ରାଚୀ. ବ୍ରହ୍ମଜରୁପଶଙ୍କୀତା ;]

ସୂଚିମୁଖ—ସ· ବ (କର୍ତ୍ତୃ.ବହୁ)—୧ । ପ୍ରବଳ (ଦେମଚନ୍ଦ୍ର; ଶବ୍ଦ—
Sūchimukha 1. Diamond, ୨ । ସିତକୁଶ (ସ୍ତନଜନ୍ତୁ); ଧଳାକୁଶ—2. White variety of kusa grass, ୩ । ସୂଚ୍ୟାସ୍ୟ (ଦେମଚନ୍ଦ୍ର); ମୂଷିକ—3. Mouse, ୪ । ଚୁଚୁନ୍ଦର—4. Shrew; mole. ୫ । କୁକୁଡ଼ବ୍ୟୂହ—5. A kind of battle-array. ୬ । ଛୁଞ୍ଚିରେ ଛିଦ୍ର (ହି. ଶ)—6. The eye of a needle.

ସୂଚିରୋମା—ସ· ବ (ବହୁବ୍ରୀହି; ସୂଚୀ+ରୋମନ୍; ୧ମା· ୧ବ)—
Sūchiromā ୧ । ଶୂକର—1. Hog. ୨ । ବରାହ—2. Wild hog; boar. ବଂ. ସ୍ତ୍ରୀ ଓ ସ୍ତ୍ରୀ—ଛୁଞ୍ଚି ପରି ରୋମବିଶିଷ୍ଟ—Having bristles; needle-haired.

ସୂଚିଶାଳି—ସ· ବ—ଖୁବ୍ ସରୁ ଶାରଦ ଧାନ (ହି. ଶ)—
Sūchiśāli Very fine winter paddy.

ସୂଚି ଶିଖା—ସ· ବ (ଷଷ୍ଠୀ ତତ୍)—ଛୁଞ୍ଚିର ମୁନ—
Sūchi śikhā The sharp point of a needle.

ସୂଚି ସୂତ୍ର—ସ·ବ—୧ । (ମ.ସ.ତତ୍ପୁ) ଛୁଞ୍ଚିର ଛିଦ୍ରରେ ପୂର୍ବପାଇଥିବା
Sūchi sūtra ସୂତା—1. Thread passed through the eye of a needle. ୨ । (ଦ୍ୱନ୍ଦ୍ୱ) ଛୁଞ୍ଚି ଓ ସୂତା—
2. Needle and thread.

ସୂଚୀ (ଇତ୍ୟାଦି)—ସ· ବ (ସୂଚି+ଈ)—୧ । ସୂଚି ଇତ୍ୟାଦି (ଦେଖ)
Sūchī (etc) Sūchi etc (See) ୨ । (ଦ୍ୱନ୍ଦ୍ୱ ଓ) ଯେଉଁ ସାକ୍ଷୀ ବଳା ସମନରେ ଆସି ସାକ୍ଷ ଦିଏ (ହି.ଶ)—
2. A witness who gives evidnece without being summoned. ୩ । (ସୁଶ୍ରୁତ) ଶସ୍ତ୍ରଚିକିତ୍ସାର ସୂଚ ସ୍ଥାନକୁ ସିଲେଇ କରିବା ପାଇଁ ବ୍ୟବହୃତ ଛୁଞ୍ଚି (ହି. ଶ)—3. Surgeon's needle. ୪ । (ଫଂ ସୂଚକ; ୧ମା· ୧ବ. ପୁଂ) ଚର; ଭେଦୁଆ (ହି. ଶ)—4. Spy; informer. ୫ । (ପୁଂ) ଚିଣୁନ; ଚୁଗୁଲଅକ୍ଷ୍ୟଣ୍ଡ (ହି. ଶ)—5. Backbiter· ୬ । (ପୁଂ) ଖଳ ବ୍ୟକ୍ତି;ଦୁଷ୍ଟ ବ୍ୟକ୍ତି (ହି. ଶ)—6. A wicked person. ସଂ. ବଦ୍ଧ ପୁ—୧ । ସୂଚନାକାରୀ—1. Indicating. ୨ । ଚୁଗୁଲଅ—2. Backbiting. ୩ । ଖଳ—
3. Wicked; depraved.

ସୂଚୀକ—ସ. ବ (ସୂଚୀ+କ)—ଯେଉଁ ଜନ୍ତୁର ନାକଡ଼ ଛୁଞ୍ଚି ପରି ମୁନଥା
Sūchīk (ହି. ଶ) (ଯଥା—ମଶା)—
Animals having needle-like tongues.

ସୂଚୀ କଟାହ ନ୍ୟାୟ—ସଂ· ନ୍ୟାୟ—ପ୍ରଥମେ ସ୍ୱଳ୍ପାୟାସସାଧ୍ୟ ସୂଚୀ
Sūchī kaṭāha nyāya ଦ୍ୱାରା ଗଣିତ କରି ସାର ପରେ ବହ୍ୱାୟାସସାଧ୍ୟ କଟାହ ଦ୍ୱାରା ଗଣିତ କରିବା ନ୍ୟାୟ; ବହୁଶ୍ରମସାଧ୍ୟ ଭାର୍ଯ୍ୟା ସୁଗିଲେ ଋଷି ଅଳ୍ପଶ୍ରମସାଧ୍ୟ ଭାର୍ଯ୍ୟା କରିବା ନ୍ୟାୟ—
(Analogy) Deferring a difficult matter till the completion of an easy one.

ସୂଚୀ କର୍ମ—ସଂ· ବ—ସୂଚ କର୍ମ (ଦେଖ)
Sūchī Karma Sūchi karma (See)

ସୂଚୀ ଜୀବୀ—ସଂ. ବ. ପୁଂ (ସୂଚୀ+ଜୀବ୍ ଧାତୁ+କର୍ତ୍ତୃ. ଇନ୍; ୧ମା·
Sūchī jibī ୧ବ)—ଦରଜି—Tailor.
[ସୂଚୀ ଜୀବୀ—ସ୍ତ୍ରୀ]

ସୂଚୀ ଦଳ—ସଂ. ବ—ସୂଚ ଦଳ (ଦେଖ)—Suchi dala (See)
Sūchī dala

Digitized by srujanika@gmail.com

ସୂଚୀ ପତ୍ର (ପତ୍ରକ)—ସଂ. ଷ—୧ । ସୂଚ ଦଳ (ଦେଖ)—1. Sūchi Sūchī patra (patraka) daḷa-(See) ୨ । ସୁବଗତ ବଷୟର ସଂକ୍ଷିପ୍ତ ସୂଚନା ବା ତାଲିକା ଯେଉଁ ପୃଷ୍ଠାରେ ଲେଖା ଦୋଇଥାଏ—2. An index to a book; table of contents. ୩ । ବ୍ୟବସାୟୀଙ୍କ ଦୋକାନରେ ଥିବା ଜନସ ଆଦର ନାମ, ବବରଣ ଓ ମୂଲ୍ୟର ତାଲିକା ଯେଉଁ କହୁରେ ଥାଏ (ହି. ଶ)—3. Catalogue or price-list of a trader or shopkeeper.

ସୂଚୀପତ୍ରା—ସଂ. ଷ—ଗଣ୍ଡୁଦ୍ବା (ବ୍ରଜନଗର୍ଦ୍ଧ)—Sūchīpatrā A sort of knotted grass.

ସୂଚୀପଦ୍ମ—ସଂ. ଷ—ସୈନ୍ୟବନ୍ୟାସ ବିଶେଷ (ହି. ଶ)—Sūchīpadma A kind of battle-array.

ସୂଚୀ ପୁଷ୍ପ—ସଂ. ଷ—ସୂଚପୁଷ୍ପ (ଦେଖ) Sūchīpushpa Sūchipushpa (See)

ସୂଚୀ ବକ୍ତ୍ର—ସଂ. ବ (ନାମ)—୧ । ସ୍କନ୍ଦଙ୍କ ଅନୁଚରବିଶେଷ (ହି. ଶ)—Sūchi baktra 1. Name of a companion of Skanda. ୨ । ଅସୁରବିଶେଷ (ହି. ଶ)—2. Name of a demon. ସଂ. ବଶ. ପୃ (ବକ୍ତ୍ର ବ୍ରୀହି)—ଛୁଞ୍ଚି ପର ମୁହଁ ବା ପାଟି ଯାହାର—Having the mouth or face pointed like the needle.

ସୂଚୀବକ୍ତ୍ରା—ସଂ. ବଶ. ସ୍ତ୍ରୀ—ସୂଚୀବକ୍ତ୍ରର ସ୍ତ୍ରୀଲିଙ୍ଗ—Feminine of Sūchībaktrā Suchībaktra. ସଂ. ବ—ବୈଦ୍ୟକ ମତରେ ୨୦ ପ୍ରକାର ଯୋନି ରୋଗରୁ ଏକପ୍ରକାର ଅତି ସୂକ୍ଷ୍ମ ଯୋନି (ଯାହା ପୁରୁଷସଙ୍ଗମାର୍ଥ ଏକାନ୍ତ ଅଯୋଗ୍ୟ) [ହି. ଶ]—A very narrow mouthed vagina which is totally unfit for cohabitation.

ସୂଚୀ ବଦନ—ସଂ. ବ—ସୂଚ ବଦନ (ଦେଖ)—Sūchī badana Sūchi badana (See)

ସୂଚୀଭେଦ୍ୟ—ସଂ. ବଶ—ସୂଚଭେଦ୍ୟ (ଦେଖ)—Sūchībhedya Sūchibhedya (See)

ସୂଚୀମୁଖ—ସଂ. ବ—୧ । ସୂଚମୁଖ (ଦେଖ)—1. Suchimukha Sūchīmukha (See) ୨ । ନରକବିଶେଷ (ହି. ଶ)—2. Name of a part of the hell. ୩ । ପ୍ରକ (ହି. ଶ)—3. Diamond.

ସୂଚୀରୋମା—ସଂ. ବ ଓ ବଶ—ସୂଚରୋମା (ଦେଖ) Sūchīromā Sūchiromā (See)

ସୂଚ୍ୟ—ସଂ. ବଶ (ସୂଚ ଧାତୁ+କର୍ମ. ଯ)—ସୂଚତବ୍ୟ (ଦେଖ) Sūchya Sūchitabya (See)

ସୂଚ୍ୟଗ୍ର—ସଂ. ବ (୬ଷ୍ଠୀ ତତ୍)—୧ । ଛୁଞ୍ଚିର ଅଗ—1. The fine point of a needle. ୨ । କୁଶ—2. The Kuśa grass,

ସୂଚ୍ୟଗ୍ର ପରିମିତ—ସଂ. ବଶ—୧ । ଛୁଞ୍ଚିର ଅଗଦ୍ୱାରା ସେତେ ସ୍ଥାନ ଅଧିକୃତ ହୋଇଥାରେ—1. Measured by the fine point of a needle. ୨ । ଅତି ସୂକ୍ଷ୍ମ—2. Minutest. [ଯଥା—ଦୂର୍ଯ୍ୟୋଧନ କହୁଲେ ଯେ, ବନା ଯୁଦ୍ଧରେ ମୁଁ ପାଣ୍ଡବମାନଙ୍କୁ ସୂଚ୍ୟଗ୍ର ପରିମିତ ସ୍ଥାନ ଛଡ଼ ଦେବ ନାହିଁ ।]

ସୂଚ୍ୟଗ୍ରବତ୍—ସଂ.ବଶ—ଛୁଞ୍ଚିର ଅଗ ପର—Like the fine point of a needle- Sūchyagrabat

ସୂଚ୍ୟଗ୍ର ସ୍ତମ୍ଭ—ସଂ. ବ—ମିନାର୍; ମୂଳଥ ସମ୍ବଳ (ହି. ଶ)—Sūchyagra stambha Minaret; a column having the top formed like a needle.

ସୂଚ୍ୟଗ୍ର ସ୍ଥୂଳକ—ସଂ. ବ—୧ । ତୃଣବିଶେଷ; କୁଶ ଘାସ; ଦଭ୍—Sūchyagra sthūlaka 1. The Kuśa grass; Andropogen Nordeides. ୨ । କୁଶ ଘାସ (ହି. ଶ)—2. A kind of needle-pointed grass.

ସୂଚ୍ୟାକାର—ସଂ. ବଶ (ବହୁବ୍ରୀହି)—ଛୁଞ୍ଚି ପର ଲମ୍ବ, ପତ୍ର ଓ ସୂକ୍ଷ୍ମଥ Sūchyākāra —Long, slender and sharp-pointed like the needle.

ସୂଚ୍ୟର୍ଥ—ସଂ.ବ (କର୍ମଧା;ସୂଚ୍ୟ+ଅର୍ଥ)—ଶବ୍ଦର ବ୍ୟଞ୍ଜନା ଶକ୍ତଦ୍ୱାର Sūchyārtha ଦ୍ୟୋତ୍ୟ ଅର୍ଥ (ହି. ଶ)—Suggestive meaning of a word.

ସୂଚ୍ୟାସ୍ୟ—ସଂ. ବ (ବହୁବ୍ରୀହି; ସୂଚୀ+ଆସ୍ୟ)—ସୂଚମୁଖ (ଦେଖ) Sūchyāsya Suchimukha (See)

ସୂଚ୍ୟାହ୍ୱ—ସଂ. ବ—ସୁନାଷପତ୍ରକ ଶାକ (ହି. ଶ)—Sūchyāhwa Marselia Quadrifolia (herb).

ସୂତ୍କାର—ସଂ. ବ (ସୂତ୍=ଅନୁକରଣ ଶବ୍ଦ+କାର)—ସୀତ୍କାର; Sūt-kāra ଅନୁକରଣ ଶବ୍ଦବିଶେଷ—A whistling or hissing sound,

ସୂତ୍ପର—ସଂ. ବ—ସୁରାସନ୍ଧାନ (ଶବ୍ଦରତ୍ନା)—Sūt-para Fermentation of wine.

ସୂତ—ସଂ. ବଶ (ସୂ ଧାତୁ=ଉତ୍ପନ୍ନ ହେବା+କର୍ତ୍ତୃ. ତ)—୧ । (ସୂତା–ସ୍ତ୍ରୀ) Sūta ପ୍ରସୂତ; ଉତ୍ପାଦିତ (ମେଦନୀ)—1. Produced; brought forth. ୨ । ପ୍ରେରିତ (ମେଦନୀ)—2. Sent forth. ବ—୧ । ସାରଥି (ମେଦନୀ)—1. Charioteer. ୨ । ସୂର୍ଯ୍ୟ—2. The sun. ୩ । ସାରଦ (ଅମର)—3. Mercury. ୪ । ସ୍ତୁତିପାଠକ; ବନ୍ଦୀ; ମାଗଧ; ଭାଟ (ମେଦନୀ)—4. A herald; panegyrist. ୫ । ସ୍ୱତ୍ର ଜାତିବିଶେଷ; ବ୍ରାହ୍ମଣୀ ଗର୍ଭରୁ କ୍ଷତ୍ରିୟ ଔରସଜାତ ସନ୍ତାନ (ମେଦନୀ)—5. A caste begotten by a Kshatriya on a Brāhmaṇa girl. [ଦ୍ର—ଏ ଜାତିର ଲକ୍ଷଣ ସାରଥିପଣ ।] [ଦ୍ର—ବ୍ରାହ୍ମଣ ସ୍ତ୍ରୀଗର୍ଭରେ କ୍ଷତ୍ରିୟଙ୍କଠାରେ ଜନ୍ମିତ । ବୋଲ୍ଲଏଟି ତା ନାମ ଜଗତରେ ସୂତ—କୃଷ୍ଣସିଂହ. ମହାଭାରତ ଅନୁଶାସନ ।] ୬ । ରଥକାର ବା ସୂଚିଧର—6. Carpenter or car-maker. ୭ । (ନାମ) ନୈମିଷାରଣ୍ୟବାସୀ ସପ୍ତଶତଜ୍ଞା ଜନୈକ ମୁନି (ଏ ବଷୟ-

Digitized by srujanika@gmail.com

ସିଦ୍ଧଙ୍କ ପୁତ୍ର ଥିଲେ—ହି. ଶ)—7. Name of a sage who propounded the Purāṇas. to the sages; ୮ । ସୂତ୍ରଶବକ୍ତା; ପୌରାଣିକ (ହି. ଶ)—8. The reciter of mythologies.

ସୂତକ—ସଂ. ବ (ସୂତ+କ)—୧ । ଜନ୍ମ (ମେଦନୀ)—1. Birth.

Sūtaka ୨ । ଜନନାଶୌଚ; ଅଶୁଦ୍ଧତା—2. Impurity which affects the kinsmen of new-born baby. ୩ । ପାରଦ (ମେଦନୀ)—3. Mercury; quick silver. ୪ । ମୃତଶା ଶୌଚ (ହି. ଶ)—4. Impurity affecting the kinsmen of a deceased. ୫ । ସୂର୍ଯ୍ୟର ବା ଚନ୍ଦ୍ରର ଗ୍ରହଣ—5. Solar or lunar eclipse.

ସୂତକା—ସଂ. ବ (ସୂତକ+ଅ)—ସୂତିକା (ଦେଶ)

Sūtakā Sūtikā (See)

ସୂତକାଗାର—ସଂ. ବ—ସୂତିକାଗୃହ (ଦେଶ)

Sūtakāgāra Sūtikāgṛuha (See)

ସୂତକାନ୍ନ—ସଂ.ବ—ଜନନାଶୌଚ ଘଟିତ ବ୍ୟକ୍ତିର ବା ଜାତି ପରିବାରଙ୍କ

Sūtakānna ଅନ୍ନ।ନ୍ନ—Rice etc cooked by a family affected by Sutakāśaucha.

ସୂତକାଶୌଚ—ସଂ. ବ (ମ. ଃ. ଙ୍ଗ; ସୂତକ ହେତୁ ଅଶୌଚ)—

Sūtakāśaucha ଜନନାଶୌଚ;ସନ୍ତାନ ଜନ୍ମ ହେତୁ ଅଶୌଚ—Impurity which affects the kinsmen of a new-born baby. [ଦ୍ର—କନ୍ୟା ବା ପୁତ୍ର ଜନ୍ମିଲେ ସପିଣ୍ଡମାନଙ୍କର ସଦ୍ୟଶୌଚ ଅଶୌଚ ହୁଏ । ପୁତ୍ର ଓ କନ୍ୟା ଜନ୍ମିଲେ ଦ୍ୱିଜାତିମାନଙ୍କର ୧୦ ଦିନ ଓ ଶୂଦ୍ରମାନଙ୍କର ୧ ମାସ ଅଶୌଚ ହୁଏ ।]

ସୂତକୀ—ସଂ. ବଣ. ସ୍ତ୍ରୀ (ସୂତକ+ଇନ୍; ୪ମା. ୧ବ)—୧ । ଜନନା-ଶୌଚ ଯୋଗୁ ଅଶୁଚ (ବ୍ୟକ୍ତି ବା ପରିବାର)—

Sūtakī (ସୂତକଜା—ସ୍ତ୍ରୀ) 1. (a person or family) Affected by impurity due to a birth in the family. ୨ । ମରଣାଶୌଚ ଯୋଗୁ ଅଶୁଚ (ବ୍ୟକ୍ତି ବା ପରିବାର) [ହି. ଶ]—2. (a person or family) Affected by impurity due to a death in the family.

ସୂତଗ୍ରାମଣୀ—ସଂ. ବ. ପୁଂ—ଗ୍ରାମର ମୁଖ୍ୟ ବ୍ୟକ୍ତି [ହି. ଶ]—

Sūtagrāmaṇī The headman of a village.

ସୂତ ଗୃହ—ଦେ. ବ—ସୂତିକା ଗୃହ (ଦେଶ)

Sūta gṛuha Sūtikā gṛuha (See)

ସୂତ ତନୟ(ପୁତ୍ର, ପୁତ୍ରକ, ନନ୍ଦନ)—ସ. ବ—୧ । (ସୂତ=ସୂର୍ଯ୍ୟଙ୍କ

Suta tanaya(putra, putraka, nandana) ତନୟ, କର୍ଣ୍ଣ (ସୂତକ—ଅନ୍ୟରୂପ) ଅଧିରଥ ନାମକ ସୂତଦ୍ୱାରା ପାଳିତ ତନୟ) ସୂର୍ଯ୍ୟଙ୍କ ଔରସଜାତ କୁନ୍ତୀଙ୍କ କାନୀନ ପୁତ୍ର କର୍ଣ୍ଣ—1. The famous warrior Karṇṇa.

୨ । କୀଚକ (ହି. ଶ)—2. Kīchaka.

ସୂତବଣା—ସ. ବ—ଗାଈ (ହି. ଶ)—

Sūtabaśā Cow.

ସୂତରାଟ୍—ସ. ବ (ସୂତରାଜ୍ ଶବ୍ଦ; ୪ମା. ୧ବ)—ପାରଦ (ରାଜନିର୍ଘଣ୍ଟ)-

Sūtarāṭ Mercury.

ସୂତଲି—ଦେ. ବ—ସୁତୁଲି (ଦେଶ)

Sūtali Sutuli (See)

ସୂତା—ସ, ବଣ. ସ୍ତ୍ରୀ (ସୂତ+ସ୍ତ୍ରୀ. ଆ)—୧ । ସୂତର ସ୍ତ୍ରୀଲିଙ୍ଗ—

Sūtā 1. Feminine of Suta. ୨ । ପ୍ରସୂତା (ସ୍ତ୍ରୀ)—2. (a woman) Who has been delivered of a child. ବ. ସ୍ତ୍ରୀ—ନବ ପ୍ରସୂତା ସ୍ତ୍ରୀ (ଯାହାର ପ୍ରସବଠାରୁ ୧୦ ଦିନ ଗତ ହୋଇ ନାହିଁ)—A woman who has recently been delivered of a child. ୨ । ସୂତିକା ରୋଗ (ଦେଶ)—2. Sūtikā roga (See) ଦେ. ବ (ସ. ସୂତ)—୧ । ସୂତ୍ର—

ସୁତା 1. Thread; yarn. ୨ । ଅଣ୍ଟା ସୂତା—2. Waist-chain. ୩ । ସରୁ ଦଉଡ଼ି—3. A slender rope. ୪ । ଏକ ଇଞ୍ଚର ଅଠ ଭାଗରୁ ଏକ ଭାଗ—4. One-eighth of an inch (linear measure). ୫ । ତୁଳାରୁ ତିଆରି ହୋଇଥିବା ସୂତ୍ର—5. Cotton thread. ୬ । ବଢ଼େଇ ଓ କରଡମାନେ ଚାଟ ଆଦ ଉପରେ ଚିହ୍ନ ଦେବା ପାଇଁ ତିଆ ବା ତିନ ଗଡ଼ରେ ରଞ୍ଜିତ ଯେଉଁ ସୂତ୍ର ବ୍ୟବହାର କରନ୍ତି—6. A string saturated with chalk or black used by carpenters and sawyers to mark timbers. ୭ । ରାଜମିସ୍ତ୍ରୀଙ୍କ ବ୍ୟବହୃତ ଓଲମ ସୂତା—7. Plumb line of masons.

ସୂତା ଆଳୁ—ପାଦେ (ଗଡ଼ଜାତ) ବ—ଏତଦ୍ଦେଶୀୟ ବନ୍ୟ ସରୁ ସୂତ-

Sūtā āḷu ବିଶିଷ୍ଟ ଆଳୁ—A kind of wild slender yam. [ଦ୍ର—ଏହାକୁ ଜଳନାନେ ଗୋଳ ଖାଆନ୍ତି ।]

ସୂତାଏ—ଦେ. କ୍ରି. ବଣ—୧ । ସୂତା ପରିମାଣରେ—1. To the

Sūtāe breadth of $\frac{1}{8}$th of an inch. ୨ । ସୂତା ପରି ଏକ ସୂତା ଖୁବ୍ ସରୁଭାବରେ—2. Very delicately. ୩ । ଏକ ସୂତା ଅଟ୍ଟ ମୃଦୁଭାବରେ—3. Very tenderly. ୪ । ସାମାନ୍ୟ ମାତ୍ର—4. Very slightly. ଦେ. ବଣ—ଏକ ସୂତା ପରିମିତ—Measuring an eighth of an inch. ଦେ. ବ—ଏକ ସୂତା ପରିମାଣ—Measurement of $\frac{1}{8}$th of an inch.

ସୂତା କଣ୍ଟା—ଦେ. ବ—ତୁଳାରୁ ସୂତା କଲବା—Spinning of

Sūtā kaṭā thread; spinning. [ଦ୍ର—ସୁତୁଖୁରୁ ସୁତୋକାଟା ତଳିବ ସଂସାର, ସୂତା କଣ୍ଟା ଅଗ ପରି ହେଲେ ସୁତା କାତନା ଘର ଘର ଯେ ବୋଇଲି—ବାଲକୃଷ୍ଣ. ଅନାଳ ବୋଇଲ ।]

Digitized by srujanika@gmail.com

ସୂତା କଣ୍ଡା(କାଣ୍ଡିଆ)—ଦେ· ବ (ସ, ସୂତ ଓ କଣ୍ଡନ)—ତନ୍ତୁରେ Sūtā kaṇḍā(kāṇḍiā) ବୁଣିବା ପାଇଁ କାଠିରେ ଗୁଡ଼ାଏ ସୂତୋର ଡାଣ୍ଡା ଦୋଇଥିବା ସୂତାର ଛଡ଼ା—A bundle of नरी thread twisted round a reel, ready for weaving.

ସୂତା କାଟିବା—ଦେ. କ୍ରି—ତୂଳାରୁ ଘଣି ସେଥିରୁ ବଳଣା କର ଅରଟ Sūtā kāṭibā ବା ଚାରୁଡ଼ ସାହାଯ୍ୟରେ ତୂଳାର ସୂକ୍ଷ୍ମ ତନ୍ତୁ-ସୂତୋକାଟା ମାନଙ୍କରୁ ସୂକ୍ଷ୍ମ ସୂତା ପ୍ରସ୍ତୁତ କରିବା—To spin सूता कातना thread from cotton.

ସୂତା କନାରି—ଗ୍ରାଦେ. (ବାଲେଶ୍ୱର) ବ—ଫାନ୍ଦାର (ଯେଉଁ ଘୁଡ଼ିର) Sūtā kinārī ମୋଡ଼ା ଦୋଇଥିବା ଧଡ଼ ମଧ୍ୟରେ ସୂତା ଥାଏ—(a paper kite) Having thread twisted into its upturned rim.

ସୂତା ଖିଅ—ଦେ. ବ (ସ. ସୂତ + ଖ ଛଡା)—ସୂତର ଗୋଟିଏ ସରୁ Sūtā khia —One string of thread. ସୂତୋର ଖୀ सूता तागा

ସୂତା ଗଣ୍ଠି—ଦେ. ବ (ସ. ସୂତ + ଗ୍ରନ୍ଥି)—ସୂତରେ ପଡ଼ିଥିବା ଗଣ୍ଠି- Sūtā gaṇṭhi A knot of thread. ସୂତାରଗାଁଇଟି सूता गाँठ

ସୂତା ଗାଣ୍ଠି—ଦେ. ବ—ବହୁତ ସୂତା ଏକତ୍ର ବନ୍ଧା ଦୋଇଥିବା ବଡ଼ Sūtā gāṇṭhi ବଡ଼ା—A big package or bundle of ସୂତାର ଗାଁଠି सूतागाँट yarn or thread,

ସୂତା ଚ୍ଛଡ଼ିବା (ଦେବା, ବଢ଼ାଇବା)—ଗ୍ରାଦେ· (ବାଲେଶ୍ୱର) କ୍ରି— Sūtā chhārḍibā (debā, barḍhāibā) ଘୁଡ଼ିକୁ ବଢ଼ୁ ଉଚ୍ଚକୁ ଉଠାଇବା ପାଇଁ ତରଖିରେ ଗୁଡାଏ ଦୋଇଥିବା ସୂତାକୁ ପିଠାଇ ଦେବା—To let out the string of a kite so that the kite may fly high.

ସୂତା ଜାଲ—ଗ୍ରାଦେ (ବାଲେଶ୍ୱର) ବ— ଜାତର ସୂତାରେ ତିଆରି ଜାଲ- Sūtā jāla ବିଶେଷ—A kind of net made of thread.

ସୂତା ଧରିବା—ଗ୍ରାଦେ (ବାଲେଶ୍ୱର) କ୍ରି —ଘୁଡ଼ି କଟିଗଲେ ଉଲୁ ଘୁଡ଼ି Sūtā dharibā ସହିତ ଲଗି ଥିବା ସୂତା ଏବଂ ତରଖି ଦେହରେ ଲଗିଥିବା ସୂତା ଭୂମିରେ ପଡ଼ିବା ମାତ୍ରକେ ତାହାକୁ ତରଖିରେ ଗୁଡ଼ାଇ ଦେବା—To wind up the string of a kite after it is cut by another kite,

ସୂତା ନ ଚାଲିବା—ଗ୍ରାଦେ. (ବାଲେଶ୍ୱର) ବ—ଘୁଡ଼ିର ସେଥ୍ର ବସିବା Sūtā na chālibā ଯୋଗୁ କୌଣସି କାରଣରୁ ଦୁଇ ଘୁଡ଼ିର ସୂତା ମଧ୍ୟରେ ଗଣ୍ଠି ପଡ଼ିବା ଯୋଗୁ ସୂତା ଅଚଳ ହେବା-- The string of two flying kites becoming under-knotted and incapable of being worked. [ଦ୍ର—ସେତେବେଳେ ଗୋଟିଏ ଘୁଡ଼ିର ସୂତା ଛଡ଼ିଲେ ଅନ୍ୟ ଘୁଡ଼ିର ସୂତା ଯଦି ଛଡ଼ା ନ ଯାଏ, ତେବେ ପ୍ରଥମ ଘୁଡ଼ିର ସୂତା ଓହ୍ଲଳ ହୋଇପଡ଼େ; କାରଣ, ସେପର ଅବସ୍ଥାରେ ଦୁଇଟି ଯାକ ଘୁଡ଼ିର ଭୋର୍ ଦ୍ୱିଗୁଣ ଦୂରର ସୂତା ଉପରେ ଅସି ପଡ଼େ । ଏହି ଅବସ୍ଥାକୁ ପ୍ରଥମ ଘୁଡ଼ିର ସୂତା ନ ଗୁଲିବା କହନ୍ତି ।]

ସୂତା ନାଗ—ଦେ· ବ—ସୂତା ପର ଲମ୍ବ ଓ ଚାନ୍ଦବଖ ପର ପରୁ ଏକ- Sūtā nāga ଜାଗାୟ ସର୍ପ—A kind of very slender ସରୁ ସାପ serpent. [ଦ୍ର—ଏ ପ୍ରାୟ ଏକ ଗୃଷ୍ଣ ଲମ୍ବ ହୁଏ, ଏ ସାମାନ୍ୟ ବଷଧର । ଏହାର ମୁଣ୍ଡ ଉପରେ ଗୋଟିଏ ଚୋପି ପର ଅବରଣ ଥାଏ । ଏମାନେ ବର୍ଷା ଦନେ ବାହାରେ ଥାଆନ୍ତି ଓ ଘାଚଲ ଫଳକୁ ଭଣା କର ଖାଆନ୍ତି ।]

ସୂତା ଭାଙ୍ଗିଜିବା—ଗ୍ରାଦେ. (ବାଲେଶ୍ୱର) ବ—ଉଡେଇବା (ଦେଖ) Sūtā bhāṅgijibā Chhaṭeibā (See)

ସୂତା ମସିଣା(ସଉପ, ସପ)—ଦେ. ବ—ଫୋଡ଼ ଦଉଡ଼ାରେ ବୁଣା ନ Sūtā masiṇā (saupa, sapa) ଦୋଇ ତୂଳାର ସୂତାରେ ସୂତା ସପ, ସୂତୋର ମାଦୁର ବୁଣା ଯାଇଥିବା ସରୁ ମସିଣା—A thin सूतेकी चटाई mat woven with thread. [ବ— ଏହାକୁ ବଡ଼ଲୋକମାନେ ଗ୍ରୀଷ୍ମ ଦନରେ ଶେଯ ଉପରେ ପକାଇ ଶୁଅନ୍ତି । ତୂଳା ଶେଯ ତୂଳନାରେ ଏହା ଦେହକୁ ଶୀତଳ ଲଗେ ।]

ସୂତାର୍—ଗ୍ରାଦେ. (ମେଦନୀପୁର ଓ ବାଲେଶ୍ୱର) ବ (ତୁଳ· ଦ. ସୂ- Sūtār [ତୁ]ତାର୍)—(ସ. ସୂତଧର)—ବଢ଼େଇ—Carpenter, ଗ୍ରାଦେ. (ସମ୍ବଲପୁର) ବ—ଟୀକା ଦଅ— Vaccinator.

ସୂତାରି—ଗ୍ରାଦେ. (ସମ୍ବଲପୁର) ବ—ଟୀକା ଦଅ— Sūtārī Vaccinator.

ସୂତା ଲୁଗା—ତୂଳାର ସୂତାରେ ବୁଣା ଦୋଇଥିବା ଲୁଗା—Cloth Sūtā lugā woven with cotton thread. ସୂତି କାପଡ଼ सूता कपडा

ସୂତି—ସ. ବ (ସୂ· ଧାତୁ + କ୍ତିବ· ଇ)—୧ । ଜନନ; ଜନ୍ମ— Sūti 1. Birth. ୨ । (+ ଜର୍ମ· ଇ) ସନ୍ତାନ— 2. Child. ୩ । (ସିବ୍ ଧାତୁ + କ୍ତିବ, ଇ) ସୀବନ; ସେଉଁଆ—3. Sewing. ୪ । ସୂତା କାର୍ଯ୍ୟ— 4. Needle work. ୫ । (+ ଅଧାଧାନ· ଇ) ଉତ୍ପତ୍ତିର ସ୍ଥାନ ବା କାରଣ (ହୁ· ଶ)—5. Place or cause of birth; origin, ୬ । (+ କ୍ତିବ· ଇ) ଫଳର ବା ଫସଲର ଉତ୍ପତ୍ତି (ହୁ.'ଶ)—6. Production of fruit or crop, ୭ । ଯଜ୍ଞାର୍ଥ ସୋମରସ ବାହାର କରିବା କର୍ମ (ହୁ. ଶ)—7. The act of extacting the soma juice for a vedic sacrifice. ୮ । (ନାମ) ବଶ୍ୱାମିତ୍ରଙ୍କର ଏକ ପୁତ୍ର (ହୁ. ଶ)—8. A son of sage Biswāmitra. ୯ । ହଂସ (ହୁ. ଶ)—9. Gander; drake. ଗ୍ରା.

Digitized by srujanika@gmail.com

ସୂତି ସୂତୀ ବିଣ (ସଂ· ସୂତ୍ର)—୧ । ସୂତ୍ର ନିର୍ମିତ—1. Made of yarn. ୨ । କଥା ସୂତା ନିର୍ମିତ—2. Made of cotton thread.

ସୂତିଆ—ଦେ· ବି (ସଂ. ସୂତ୍ର)—ନାଆ ଦଉଡ଼ା; ଉଜାନୁ ଓଟାର କରି ନେବା ପାଇଁ ବ୍ୟବହୃତ ଲମ୍ବ ଦଉଡ଼ି—Long rope for towing a boat. ଶୁଣ ଦଉଡ଼ି रस्सी

ସୂତିକା—ସଂ· ବି (ସୂତ+ଅ)—୧ । ନବ ପ୍ରସୂତା ସ୍ତ୍ରୀ; ପୋଖତୀ ଥଲୀ ସ୍ତ୍ରୀ—1. A woman who has been recently delivered of a child. ୨ । ସୂତିକା ରୋଗ (ଦେଖ)—2. Sūtikā roga (See) ୩ । ନବ ପ୍ରସୂତା ଗାଈ (ହିଂ· ଶ)—3. Recently calved cow

ସୂତିକାଗାର—ସଂ. ବି (ସୂତିକା+ଅଗାର)—ପ୍ରସବ ଗୃହ; ଅନୁଚ୍ଚ-ଶାଳ; ଯେଉଁଠାରେ ପ୍ରସୂତ ଚିଲ୍ଲ ଜନ୍ମ କରେ—A lying-in room· ସୂତିକାଗୃହ, ସୂତିକାଗେହ, ସୂତିକାଶାଳା, ସୂତିକାବାସ, ସୂତିକା ଭବନ } ଅନ୍ୟରୂପ

ସୂତିକା ଗ୍ରହଣୀ—ସଂ. ବି—ସୂତିକା ରୋଗଜନ୍ତ ନବପ୍ରସୂତିର ଗ୍ରହଣୀ ରୋଗ—Chronic dysentery or diarrhoea which attacks a woman after delivery. ସୂତିକା ଝାଡ଼ା, ସୂତିକା ଦୁଗା } ଦେ. ରୂପ

ସୂତିକା ଜ୍ୱର—ସଂ. ବି—ପ୍ରସବ କାଳରେ ଧାଈମାନଙ୍କର ଅସାବଧାନତା ବା ବ୍ୟବହୃତ ବସ୍ତ୍ର ଆଦି ମଇଳା ଥିବା ଯୋଗୁଁ ପ୍ରସୂତିର ଗର୍ଭରେ ବିଷ ପ୍ରବେଶ କରିବା ଯୋଗୁଁ ପ୍ରସବର ୪।୭ ଦିନ ମଧ୍ୟରେ ପ୍ରସୂତିଙ୍କୁ ଯେଉଁ ମାରାତ୍ମକ ଜ୍ୱରଜ୍ୱର ହୁଏ [ଡାକ୍ତର ସୁଜଳଶୋର ନନ୍ଦ. ପ୍ରସୂତିଜ୍ୱର]—Puerperal fever; puerperal sepsis.

ସୂତିକା ରୋଗ—ସଂ. ବି—ନବପ୍ରସୂତା ସ୍ତ୍ରୀଙ୍କର ବ୍ୟାଧିବିଶେଷ—A disease attacking some women after delivery. [ଦ୍ର—ଏ ରୋଗ ଅତି କଷ୍ଟସାଧ୍ୟ ହୁଏ । ପ୍ରସବାନ୍ତେ ପ୍ରସୂତିଙ୍କ ଯତ୍ନ ନଆ ନ ଘଟେ, ପଥ୍ୟ ଜଗା ନ ହେଲେ ଗୁରୁପାକ ଦ୍ରବ୍ୟର ଭୋଜନ ହେଲେ ଓ ଦେହରେ ଥଣ୍ଡା ଲଗିଲେ ଏ ରୋଗ ହୁଏ । ପ୍ରଥମେ ଜ୍ୱର ହୁଏ, ତା ସଙ୍ଗରେ ଅଜସାର, ଶୋଥ, ପେଟଫମ୍ପା, ପେଟମରା ବା ଶୂଳ, ଅଗ୍ନି-ମାନ୍ଦ୍ୟ, ଜମ୍ପି, ଦୁର୍ବଳତା, ଗୋଡ଼ ହାତ ଓ ଦେହ ଫୁଲା, ଦାଶ,ଜ୍ୱର ଓ ଉତ୍ତ୍ରାସନତା ଜନ୍ମେ ଓ ଏହା ସମସ୍ତେ ସମସ୍ତେ ବହୁଦିନ ବ୍ୟାପି ରହି ଶେଷରେ ରୋଗୀଙ୍କର ମୃତ୍ୟୁ ଘଟାଏ ।]

ସୂତି କାଳ(ବେଳା)—ସଂ. ବି—ସନ୍ତାନ ଜନ୍ମ ହେବାର ସମୟ ବା ମୁହୂର୍ତ୍ତ—Sūti kāla(belā) The moment or time when a child is born.

ସୂତିକା ଷଷ୍ଠୀ—ସଂ. ବି—୧ । ସୂତିକାଗାର ରହିରେ ନବଜାତ ସନ୍ତାନର ଜନ୍ମର ଷଷ୍ଠ ଦିବସରେ ପୂଜିତା ଦେବୀବିଶେଷ; ଷଷ୍ଠୀ ଦେବୀ; ଷଠୀଦେବୀ—1. The Goddess who looks after the safety of infants and is worshipped on the sixth day of a birth· ୨ । ଷଠୀଘର; ଜନ୍ମର ଷଷ୍ଠ ଦିନ କରାଯିବା ଉତ୍ସବ (ଦ୍ର.ଶ)—2. The festival observed on the sixth day of a child's birth.

ସୂତି ଗୃହ(ଭବନ, ଶାଳା, ବାସ)—ସଂ· ବି—ସୂତିକାଗାର (ଦେଖ)

ସୂତି ମାରୁତ(ବାତ)—ସଂ. ବି—ପ୍ରସବ ବେଦନା; ପ୍ରସବକାଳୀନ ଶୂଳ (ହିଂ· ଶ)—Throes of child-birth.

ସୂତି ମାସ—ସଂ. ବି—(ଏଥିର ନାମାନ୍ତର ବୈଦ୍ୟଜନ—ଅମର) ପ୍ରସବ ମାସ; ଗର୍ଭାଧାନର ନବମ ବା ଦଶମ ମାସ—The 9th or 10th month of pregnancy, which is the time of delivery.

ସୂତୀ—ସଂ. ବି. ସ୍ତ୍ରୀ (ସୂତ+ଈ)—ସୂତ ପତ୍ନୀ (ହି. ଶ)—The wife of a sūta.

ସୂତ୍ତର—ସଂ. ବିଣ (ସୁ+ଉତ୍ତର)—ଖୁବ୍ ଶ୍ରେଷ୍ଠ (ହି ଶ)—Very excellent. ସଂ· ବି—ଉତ୍ତମ ବା ଯୋଗ୍ୟ ଉତ୍ତର—Good or fitting reply.

ସୂତ୍ତୀ—ତାଦେ (ତାଲେଶ୍ୱର) ବି—ବନସିଁରେ ମାଛ ଧରିବା ପାଇଁ ବ୍ୟବହୃତ ଖୁବ୍ ମୋଟା ଏବଂ ଶକ୍ତ ସୂତାର ଛଅର ଲମ୍ବା [ସୂତ୍ତା—ଅନ୍ୟରୂପ] ଡୋର—A thick angling string. [ଦ୍ର—ଏଥିରେ ଖଣ୍ଡିଏ ବଡ଼ ଶୋଲ ବାଲ୍ଲ ବନସି ଢଣ୍ଡାରେ ଜାଅନ୍ତା ମାଛ କମ୍ବା ସେହିପରି ଅନ୍ୟ କୌଣସି ଥୋଇ ଗୁର୍ଚ୍ଚି ମାଛ ଧରିବା ଲଗି ପାଣି ଉପରକୁ ପକାଇ ଦିଆଯାଏ । ଏହାକୁ ବନସିଉଡ଼ାରେ ବାନ୍ଧିବା ଦରକାର ହୁଏ ନାହିଁ ।]

ସୂତ୍ଥାନ—ସଂ· ବି (ସୁ+ଉତ୍ଥାନ)—ସୁନ୍ଦର ଉତ୍ଥାନ—Nice arising.

ସୂତ୍ଥାନ ବିଣ—(ଜଡ଼ତ୍ୱ ହୁ; ପୁ ଅର୍ଥେ ଉତ୍ଥାନ ସାହାର)—୧ । ଚତୁର (ଅମର)—1. Smart; clever. ୨ । କର୍ମଦକ୍ଷ; ପଟୁ—2. Skilful.

ସୂତ୍ୟଶୌଚ—ସଂ. ବି (ସ. ଷ. ତତ୍ପୁ; ସୂତ୍ୟ=ପ୍ରସବଜନିତ ଅଶୌଚ)—ସୂତିକାଶୌଚ (ଦେଖ) Sūtikāsaucha (See)

ସୂତ୍ୟା—ସଂ. ବି (ସୂ ଧାତୁ+ଘଞ୍, ଯ+ଆ)—୧ । ପଞ୍ଚାଗ୍ନି ସ୍ନାନ (ଉତ୍ସବ)—1. Bath taken after a vedic sacrifice. ୨ । ସୋମରସ ପାନ (ଉତ୍ସବ)—2. Drinking of the soma juice. ୩ । ସୋମରସ ବାହାର କରିବା କର୍ମ (ହି. ଶ)—3. The extraction of the Soma juice for vedic sacrifice.

ସୂତ୍ର (ଧାତୁ)—ସଂ—ସୁନ୍ଦର କରିବା; ଗୁନ୍ଥିବା—To lay or string through.

Digitized by srujanika@gmail.com

ସୂତ୍ର—ସଂ. ବ (ସିବ୍ ଧାତୁ=ସିଲ୍ଲଇ କରିବା+କରଣ. ତ୍ର; ଯାହାଦ୍ୱାରା ସିଲ୍ଲଇ କରିପାରେ, ତାହା ସୂତ୍ର ଧାତୁ+କରଣ. ଅ)—
Sūtra ୧ । ସରୁ ବା ସୂତ୍ର ରଜ୍ଜୁ, ସୂତା—1. Thread. ୨ । ତନ୍ତୁ—2. Fibre. ୩ । ଯାହାଦ୍ୱାରା ଲୁଗା ବୁଣାଯାଏ; ବସ୍ତ୍ରାରମ୍ଭକ—3. Yarn. ୪ । ତୋର; ସରୁ ସୂତା—4. String. ୫ । ବ୍ୟବସ୍ଥାର ଓ ଶାସ୍ତ୍ରାଦର ସୂଚନା ଗ୍ରନ୍ଥ (ବେଦଙ୍ଗ)—5. A treatise indicating the scriptures and the law books. ୬ । ବ୍ୟବସ୍ଥା, ବ୍ୟାକରଣ, ଦର୍ଶନାଦି ଶାସ୍ତ୍ରପ୍ରଣେତାଙ୍କର ପ୍ରଥମ ପ୍ରଣୀତ ସୂତ୍ରିତ ବାକ୍ୟ; ସାରଗର୍ଭିତ ସଂକ୍ଷିପ୍ତ ପଦ—6. Aphorism; terse sentence conveying a rule in any branch of knowledge (e. g. grammar; logic, law, philosophy). ୭ । ବିଷୟ-ନିର୍ଦ୍ଦେଶ—7. Indication of the contents. ୮ । ନାଟ୍ୟଶାସ୍ତ୍ରର ଉପକ୍ରମ; ନାଟକର ପ୍ରସ୍ତାବନା—8. Indication of the contents of a drama; a prologue. ୯ । ବଜ୍ଞାନାଦି ଶାସ୍ତ୍ରବିଷୟକ ସଂକ୍ଷିପ୍ତ ନିୟମ—9. Axiom; a rule of science or grammar. ୧୦ । ଯଜ୍ଞସୂତ୍ର; ପଇତା—10. A Brahman's sacred thread. ୧୧ । ପ୍ରାଚୀନ କାଳର ମାନବିଶେଷ (ହି. ଶ)—11. A unit standard of measurement of ancient times. ୧୨ । ରେଖା (ହି. ଶ)—12. Line. ୧୩ । କଟିସୂତ୍ର; କଟି ଭୂଷ ଃ (ହି. ଃ)—13. A string worn round the waist. ୧୪ । କାରଣ; ନିମିତ୍ତ; ମୂଳ (ହି. ଶ)—14. Cause; root. ୧୫ । ପତ୍ତା; ସୂତ୍ରକ୍ (ହି. ଶ)—15. Trace; clue. ୧୬ । ବୁଢିଆଣୀ ସୂତା—16. Spider's thread. ୧୭ । ତାର—17. Wire (M. W.). ଦେ, ବ ଓ ବଙ୍ଗ—ସୁତର (ଦେଶ)—Sutara (See) [ଦୃ—ସୂତ୍ର ଜଣିବା, ସୂତ୍ର କରିବା, ସୂତ୍ର ପାଇବା ଇତ୍ୟାଦି ଦେଶଜ ଶବ୍ଦମାନଙ୍କ ପାଇଁ ସୁତର ଚଲେ ନୋଟ୍ ଦେଖ ।]

ସୂତ୍ରକ—ସଂ. ବ (ସୂତ୍ର+କ)—୧ । ସୂତ୍ର (ଦେଖ)—1. Sūtra
Sūtraka See) ୨ । ଅଟାରେ ବା ମଇଦାରେ ତିଆରି ସରୁ ସୂତା ଭଳି ଖାଦ୍ୟ (ହି. ଶ)—2. Vermicelli.

ସୂତ୍ର କଣ୍ଠ—ସଂ. ବ. ପୁଂ (ବହୁବ୍ରୀ; ସୂତ୍ର ଅଛି କଣ୍ଠରେ ଯାହାର)—
Sūtra kaṇṭha ୧ । ବ୍ରାହ୍ମଣ; ବ୍ରାହ୍ମଣ (ବେଦଙ୍ଗ)—1. A Brāhmaṇa. ୨ । ଖଞ୍ଜନପକ୍ଷୀ; ଖଞ୍ଜନ ଜାତୀ (ବେଦଙ୍ଗ)—2. The wagtail bird. ୩ । କପୋତ (ବେଦଙ୍ଗ)—3. Dove.

ସୂତ୍ର କର୍ମ—ସଂ. ବ (ସୂତ୍ର+କର୍ମନ୍; ୧ମା. ୧ବ)—୧ । ବଢେଇ
Sūtra karma କାମ (ହି. ଶ)—1. Carpentry. ୨ । ଗୁନ୍ଥକାମ (ହି. ଶ)—2. Mason's work.

ସୂତ୍ର କାର(କୃତ୍)—ସଂ. ତ—୧ । ସୂତ୍ର ପ୍ରଣୟନକର୍ତ୍ତା; ସୂତ୍ରରଚୟିତା
Sūtra kāra(kṛut) —1. The author of aphorisms or rules of a treatise. ୨ । ବଢେଇ (ହି. ଶ)—2. Carpenter. ୩ । ତନ୍ତୀ (ହି. ଶ)—3. Weaver. ୪ । ବୁଢିଆଣୀ (ହି. ଶ)—4. Spider.

ସୂତ୍ର କୋଣ—ସଂ. ବ (ବହୁବ୍ରୀ; ସୂତ୍ର ଅଛି କୋଣରେ ଯାହାର)—
Sūtra koṇa ଉମରୁ (ହାସ୍ୱବାଲୀ; ଚିତାଶବ୍ଦେଷ)—A slender-waisted double-mouthed small drum shaped like an hour-glass.

ସୂତ୍ରକ୍ରୀଡା—ସଂ. ବ—ସୂତ ସାହାଯ୍ୟରେ ଜପ୍ତିବା ୬୪ କଳାର
Sūtra krīrḍā ଅନ୍ତର୍ଗତ କ୍ରୀଡାବିଶେଷ (ହି. ଶ)—A kind of game with thread considered as one of the fine arts in India.

ସୂତ୍ର ଗଣ୍ଡିକା—ସଂ. ବ—ତନ୍ତୁବାୟର ଉପକରଣ ବିଶେଷ; ଏପଣୀ (ଶବ୍ଦ-
Sūtra gaṇḍikā ମାଳା);ମାକୁ—The weaver's shuttle.

ସୂତ୍ରଗ୍ରହ—ସଂ. ବଣ (ସୂତ୍ର+ଗ୍ରହ ଧାତୁ+କର୍ତ୍ତୃ. ଅ)—ଯେ ସୂତ୍ର ଧାରଣ
Sūtragraha କରେ ବା ଗ୍ରହଣ କରେ(ହି. ଶ)--Holding thread.

ସୂତ୍ରଣ—ସଂ. ବ (ସୂତ୍ର ଧାତୁ+ଭାବ. ଅନ)—୧ । ସୂତ୍ର ରଚନ କରିବା
Sūtraṇa କର୍ମ (ହି. ଶ)—1. The act of composing aphorisms. ୨ । ସୂତା କାଟିବା କର୍ମ (ହି. ଶ)—2. Spinning. ୩ । ଗୁନ୍ଥିବା—3. Stringing (M. W).

ସୂତ୍ର ତନ୍ତୁ—ସଂ. ବ—ସୂତ୍ର; ସୂତା (ହାସ୍ୱବାଲୀ) —
Sūtra tantu Thread; string.

ସୂତ୍ର ତକୁର୍ଟୀ—ସଂ. ବ—ତାନ୍ତୁଡ (ଜଳାଧର)—
Sūtra tarkuṭī Spindle.

ସୂତ୍ର ଧ(ଧା)ର—ସଂ. ବ (ସୂତ୍ର+ଧୃ ଧାତୁ+କର୍ତ୍ତୃ. ଅ)—୧ । କାଠକା-
Sūtra dha(dhā)ra ଉନୟୁ ଆରମ୍ଭ ହେବା ପୂର୍ବରୁ ଯେଉଁ ନାଟ୍ୟକାର ରଙ୍ଗଭୂମିକୁ ଆସି ଦର୍ଶକମାନଙ୍କୁ ନାଟ୍ୟଯୁ କଥାର ସୂଚନା ଦିଅନ୍ତି; ନାଟ୍ୟସୂତ୍ରାବକ—1. An actor who appears on the stage and indicates the contents of the drama; stage manager. ୨ । ବଢେଇ—2. Carpenter. [ଦୃ—ଏ ବଙ୍ଗଜନ୍ମା ଔରସରେ ଦୂଦ୍ରଗର୍ଭଜାତ ସନ୍ତାନ—ବ୍ରହ୍ମବୈବର୍ତ୍ତ ପୁରାଣ ।] ୩ । ଶଚୀପତି; ଇନ୍ଦ୍ର—3. God Indra. ୪ । ସୂତ୍ରକାର (ଦେଶ)—4. Sutrakāra (See)

ସୂତ୍ରଧାରୀ—ସଂ. ବଣ. ପୁଂ (ସୂତ୍ରଧାରିନ୍; ୧ମା. ୧ବ)—ଯଜ୍ଞୋପବୀତ
Sūtradhārī ଧାରଣକାରୀ—Wearing the sacred thread. ସଂ. ବ—ଅଭିନୟର ସୂତ୍ରଧର (ହି. ଶ)—Stage manager.

ସୂତ୍ର ପାତ—ଦେ. ବ (ବ୍ରଜ, ବଢେଇ ଓ ଶିଳ୍ପୀମାନେ କାମ ଆରମ୍ଭ
.Sūtra pāta କରିବା ସୂତ୍ରପାତ ବାରୁ ଏହା ଅର୍ଥ) —୧ । ଗୃହାଦିର ନିର୍ମାଣ ଆରମ୍ଭ;

सूत्रपात କାର୍ଯ୍ୟାରମ୍ଭ—1. Beginning or commencement of any thing. [ଉ—ଜମେ ଗୃହ ବସ୍ତ୍ରର ସୂତ୍ରପାତ ହୋଇ, ଏହାରୁପେ ଛନ ଉତ୍ସ ହେଲେ ଅର୍ଥ ଜାତ—ସ୍ୱାମୀନାଥ. ପଦ୍ମାବତୀ ।] ୨ । କାର୍ଯ୍ୟର ପ୍ରାଥମିକ ସୂଚନା—2. Preliminary indication of a work. ସଂ. ବ—ମାପିବା ସୂତ୍ରାଦ୍ୱାରା ମାପ କରିବା—Applying the measuring line (M. W).

ସୂତ୍ର ପୁଷ୍ପ—ସଂ. ବ (ସୂତ୍ର ରୂପ ପୁଷ୍ପରୁ ଯାହାର)—କାର୍ପାସ; କଳା Sūtra pushpa (ବିକାଣ୍ଡ ଶେଷ)—Cotton.

ସୂତ୍ର ପ୍ରୋତ—ସଂ, ବଣ (ଂଯା ତତ୍)—ସୂତ୍ରାଦ୍ୱାରା ଗୁନ୍ଥା ବା ସଂଲଗ୍ନ— Sūtra prota Fastened with wires (M. W.)

ସୂତ୍ର ବାପ—ସ. ବ (୬ଷ୍ଠୀ ତତ୍)—ବସ୍ତ୍ରନ; ଲୁଗା ଆଦ ବୁଣିବା କର୍ମ Sūtra bāpa (ହୁ. ଶ)—Weaving.

ସୂତ୍ର ବୀଣା—ସ, ବ—ପ୍ରାଚୀନ ବୀଣାଭେଦ; ଲମ୍ବୁଆ (ତାମ୍ବଳୀ)— Sūtra bīṇā A sort of harp used in ancient time. [ଦ୍ର—ଏଥିରେ ଧାତବ ତାର ପରିବର୍ତ୍ତେ ସୂତ୍ରର ବ୍ୟବହାର ହେଉଥିଲା—ହୁ. ଶ ।]

ସୂତ୍ର ବେଷ୍ଟନ—ସ.ବ—୧ । (ବତ୍ତୁମ୍ବାହୁ) ଉତ୍ତୁରାସ୍ପୋଫରଣ; ତାସଣ; Sūtra beshṭana ଖସର; ମାକୁ—1. A shuttle. ୨ । (ଂଯା ତତ୍) ବସ୍ତ୍ରନ (ହୁ. ଶ)—2. Weaving. ୩ । (ବତ୍ତୁମ୍ବାହୁ) ତନ୍ତ୍ର—3. Loom.

ସୂତ୍ରଭ୍ରତ୍(ଦ୍)—ସ. ବ (ସୂତ୍ର+ଭଦ୍ ଧାତୁ+କ୍ୱିପ୍. କ୍ୱଚିତ୍; ଯେ Sūtrabhit(d) ସୂତ୍ରଦ୍ୱାରା ବେଦ କରେ)—ଶୌଚିକ (ଶବ୍ଦ ରତ୍ନାବଳୀ); ଦରଜ—A tailor.

ସୂତ୍ରମଧ୍ୟଭୂ—ଅ. ବ—ଯଜ୍ଞଧୂପ (ଶବ୍ଦଚନ୍ଦ୍ରିକା); ଶଲ୍ଲକୀନିର୍ଯ୍ୟାସ— Sūtramadhyabhū A sort of incense.

ସୂତ୍ର ଯନ୍ତ୍ର—ସ, ବ—ସୂତ୍ରବେଷ୍ଟନ କାଷ୍ଠ (ଶବ୍ଦମାଳା); ତନ୍ତ୍ର— Sūtra jantra Loom.

ସୂତ୍ରଳା—ସ. ବ (ସୂତ୍ର+ଲ ଧାତୁ=ପ୍ରବଣ କହିବା+କର୍ତ୍ତୃ. ଅ)— Sūtralā ୧ । ତକୁଳି; ତାମୁଡ଼ୀ—1. Spindle. ୨ । ଭୁଲାର ବଳକା—2. A skein or roll of cotton for spinning.

ସୂତ୍ରଶାଖ—ସ' ବ (ବତ୍ତୁମ୍ବାହୁ, ସୂତ୍ର ଅର୍ଥେ ଶାଖା ଯାହାର)—ଶସ୍ତର Sūtraśākha (ହୁ. ଶ)—Body.

ସୂତ୍ରାଙ୍ଗ—ସ ବ—ଉତ୍ତମ ତାମ୍ର (ହୁ. ଶ)— Sūtrāṅga Excellent bellmetal.

ସୂତ୍ରାମା—ସ. ବ (ସୂ=ଉତ୍ତମରୂପେ+ତ୍ରି ଧାତୁ=ପାଳନ କରିବା Sūtrāmā +କର୍ତ୍ତୃ. ମନ୍; ୧ମା. ୯ବ)—ଇନ୍ଦ୍ର (ଅମର)— Indra.

ସୂତ୍ରାଳୀ—ସ. ବ (ସୂତ୍ର+ଅଳୀ) —୧ । ଗଳସୂତ୍ର; ଗଳମେଖଳ— Sūtrāḷī 1. A string used ornament for the neck. ୨ । ମାଳା (ହୁ. ଶ)—2. Garland.

ସୂତ୍ରିତ—ସଂ. ବଶ (ସୂତ୍ର ଧାତୁ+କର୍ମ. ତ)—୧ । ଗୁନ୍ଥା ହୋଇଥିବା— Sūtrita 1. Strung (M. W). ୨ । ବ୍ୟବସ୍ଥିତ—2. Arranged (M. W). ୩ । ସୂତ୍ରରୂପେ ଲକ୍ଷିତ ବା କଥିତ—3. Prescribed or delivered in aphorisms (M. W).

ସୂତ୍ରୀ—ସ; ବଣ (ସୂତ୍ର+ଇନ୍; ୧ମା. ୧ବ)—ସୂତ୍ରବତ୍ତିଶ୍ଚ— Sūtrī Fibrous. ବ—କାକ (ବିକାଣ୍ଡ ଶେଷ)—Crow.

ସୂତ୍ରୀୟ—ସ. ବଣ (ସୂତ୍ର+ଛ) —ସୂତ୍ର ସମ୍ବନ୍ଧୀୟ— Sūtrīya Relating to sūtra.

ସୂତ୍ରେ—କ୍ରି. ବି. ବଣ—କୌଶଳରେ—With great tact; Sūtre tactfully. [ଉ—ବୋଇଲେ ଚୂତ୍ରେ ସୂତ୍ରେ ଫିକିରେ କୌଶଳସେ ଖଣ୍ଡ ହୁଅଳ ସୂତ୍ରେ ସାର୍ଦ୍ଧସୂତ୍ରେ ଦଳନ ହୋଇଲ୍ଲ— ଭଞ୍ଜ. ବୈଦେଘୋଶବଳାସ ।]

ସୂତ୍ରେଇବା—କ୍ରି—ସୁତରାଇବା (ଦେଶ) Sūtreibā Sutarāibā (See)

ସୂତ୍ରେ ସୂତ୍ରେ—କ୍ରି. ବି. ବଣ—ସୁତ୍ରେ ସୁତ୍ରେ (ଦେଶ) Sūtre sūtre Sutre sutre (See)

ସୂଦ (ଧାତୁ)—ସଂ—୧ । ବଧ କରିବା—1. To kill; to Sūda (root) slaughter. ୨ । ନାଶ କରିବା—2. To destroy. ୩ । ହିଂସା କରିବା—3. To hurt; to injure.

ସୂଦ—ସଂ. ବ (ସୂଦ ଧାତୁ; ଣିଜନ୍ତ=ସୂଦ ଧାତୁ=ନାଶ କରିବା+ Sūda କର୍ତ୍ତୃ. ଅ; ଯେ କ୍ଷୁଧା ନାଶ କରେ)—୧ । ସୂପକାର (ଅମର); ସୁଆର; ପାଚକ—1. Cook. ୨ । (+କର୍ମ. ଅ) ବ୍ୟଞ୍ଜନ (ଅମର)—2. Curry. ୩ । ଝୋଳ; ସୂପ (ହ୍ରସ୍ୱ)—3. Soup. ୪ । ସାରଥ୍ୟ (ଜଯୂଘାଳ)— 4. Charioteership. ୫ । ଅପରାଧ; ଦୋଷ (ଜଯୂଘାଳ)—5. Crime; delinquency. ୬ । ପାପ (ଜଯୂଘାଳ)—6. Sin. ୭ । ଶ୍ଲେଧ୍ମ (ଜଯୂଘାଳ) —7. Simplocos Racemosa.

ସୂଦନ—ସଂ. ବ (ସୂଦ. ଧାତୁ=ବଧ କରିବା+ଲ୍ୟୁ. ଅନ)— Sūdana ୧ । ହନନ; ମାରଣ; ମାରିବା—1. Killing; slaughtering. ୨ । ନିକ୍ଷେପଣ—2. Throwing; consigning. ୩ । ଅଙ୍ଗୀକରଣ—3. Agreeing, ୬୫ (+କର୍ତ୍ତୃ. ଅନ)—(ଏହା ଅନ୍ୟ କାମ୍ବାଦନ୍ତ ଶବ୍ଦ ସଙ୍ଗେ ବ୍ୟବହୃତ ହୋଇ ବିଶେଷଣ ରୂପ ଧାରଣ କରେ । ଯଥା—ମଧୁସୂଦନ, କେଶୀସୂଦନ) କାମ୍ବାକାସ୍ତ, ମାରକ; ଦୁଷ୍ୟାକାସ୍ତ—Destructive of. ଦେ. ବ—ଖାଦ୍ୟ; ଭକ୍ଷଣ ଭକ୍ଷଣ—Drinking; eating. (ଉ—ଯେ କାଳେ ଶତ୍ରୁ ଦଳନ, ବ ଦୋଷ୍ଟା ଭଞ୍ଜବଦନ ଅଳକ ମଧୁସୂଦନ ମଧୁସୂଦନ । ଭଞ୍ଜ. ପ୍ରେମ ସୁଧାଳହ୍ୟ ।)

ସୂଦଶାଳା—ସଂ. ବ—ପାଚଶାଳା (ହେମଚନ୍ଦ୍ର)— Sūdaśāḷā Kitchen.

Digitized by srujanika@gmail.com

ସୂଦ ଶାସ୍ତ୍ର—ସଂ. ବ—ପାକଶାସ୍ତ୍ର—The science of cooking; culinary art.
Sūda śāstra

ସୂଦାଧ୍ୟକ୍ଷ—ସଂ. ବ. ପୁଂ—ପାକଶାଳାଧ୍ୟକ୍ଷ (ଉତ୍ତମଚଉ)—Chief cook; head cook.
Sūdādhyaksha (ଅନ୍ୟ ସଂ ନାମ—ଘୌଟ୍ଟେଗମ, ସୂପ୍ତେଗମ)

ସୂଦିତ—ସଂ. ବଣ (ସୂଦ୍, ଧାତୁ+କର୍ମ. ତ)—୧ । ଅଦ୍ଭତ—1. Wounded. ୨ । ବିନଷ୍ଟ—2. Destroyed. ୩ । ବଦ୍ଧତ—3. Killed.
Sūdita

ସୂନ—ସଂ. ବ (ସୂ ଧାତୁ=ପ୍ରସବ କରିବା+କ୍ତ. ତ;—୧ । ପ୍ରସବ (ଋ, ମେଦନୀ)—1. Birth. ୨ । (+କର୍ମ. ବ) ପୁଷ୍ପ (ଋ, ମେଦନୀ)—2. Flower. ବଣ—୧ । ବିକସିତ; ପ୍ରସ୍ଫୁଟିତ (ଋ, ମେଦନୀ)—1. Full blown; with expanded petals. ୨ । ଜାତ (ମୁଗ୍ଧବୋଧ)—2. Born. ୩ । ଶୂନ୍ୟ; ଖାଲି; ରିକ୍ତ (ପ୍ରକୃତବାଦ)—3. Empty.
Sūna

ସୂନବାନ୍—ସଂ. ବଣ ପୁଂ (ସୂନବତ୍ ଶବ୍ଦ; ସୂ ଧାତୁ+କ୍ତ୍ୱିଁ. ତବତ ୧୩। ୧୮)—ଜାତ (ମୁଗ୍ଧବୋଧ,—Born. (ସ୍ତ୍ରୀ—ସୂନବତ୍ତା—ସ୍ତ୍ରୀ)
Sūnabān

ସୂନ ଶର—ସ, ବ—୧ । ପୁଷ୍ପଶର; କାମଦେବଙ୍କ ଧନୁ—1. The flowery bow of cupid. ୨ । (ବହୁବ୍ରୀ.ହ) କାମଦେବ—2 Cupid personified.
Sūna śara

ସୂନା—ସ. ବ (ସୂ ଧାତୁ=ପ୍ରସବ କରିବା+କର୍ମ. ତ+ସ୍ତ୍ରୀ. ଆ)—୧ । ପୁଅୀ; ତନୟା (ମେଦନୀ)—1. Daughter. ୨ । (+ଅଧ. ଅ)—ବଧ ସ୍ଥାନ (ମେଦନୀ)—2. Place of slaughter. ୩ । ଗଳଶୁଣ୍ଡିକା (ମେଦନୀ); ଘଣ୍ଟିକା—3. The uvula. ୪ । ମୃଗମାଂସ ବିକ୍ରୟ (ସଂକ୍ଷିପ୍ତସାର)—4. Sale of meat of beasts, ୫ । ମୃଗପକ୍ଷି-ବଧ ସ୍ଥାନ (ସଂକ୍ଷିପ୍ତସାର); କଂସେଇଖାନା—5. Slaughter-house. ୬ । ମାଂସ ବିକ୍ରୟ (ସଂକ୍ଷିପ୍ତସାର)—6. Sale of meat. ୭ । ଗୃହାଶ୍ରିତଦ୍ୟାର ବା ଜୀବହିଂସାର ଉପକରଣ; ଗୃହସ୍ଥର ନିତ୍ୟ ବ୍ୟବହାର୍ଯ୍ୟ ୫ଟି ବସ୍ତୁ—7. Five household articles or utensils which cause slaughter of animals. (ଦ୍ର—ଗୃହସ୍ଥର *ଗୋଟି ଉପକରଣରେ ଅଜ୍ଞତସାରରେ ଯେଉଁ ପତଙ୍ଗାଦି କୀଟ ଜୀବହିଂସା ବା ପ୍ରାଣିହତ୍ୟା ହୁଏ । ଏହା * ଗୋଟି କଥାକୁ ପଞ୍ଚସୂନା ବୋଲାଯାଏ । ଯଥା—ଚୁଲି; ଶିଳ, ଶିଳପୁଅ ଓ ଚକା; ଝାଡୁଣୀ ଓ ପହଁରା; ଉଦୂଖଳ ମୁସଳ ବା ଢିଙ୍କି; ଡାଣ୍ଡି ମାଟିଆ ରନ୍ଧିବାର ହିଣ୍ଡୀ । ଗୃହସ୍ଥ ପ୍ରତିଦିନ 'ପଞ୍ଚସୂନା' ଦ୍ୱାରା ଏହି ପଞ୍ଚସୂନାଜନିତ ପାପରୁ ମୁକ୍ତଲାଭ କରେ ।) ୮ । ହତ୍ୟା (ହ. ଶ)—8. Slaughter.
Sūnā

ସୂନା ଦୋଷ—ସ. ବ—ଚୁଲି, ଚକା ଓ ଶିଳ, ଛିଙ୍କି, ଝାଡୁ ଓ ପାଣି ମାଟିଆ ଅଦ ରନ୍ଧିବା ହିଣ୍ଡୀ ଅଦ ଯୋଗୁଁ ଗୃହସ୍ଥ ଯେଉଁ ଅଜ୍ଞାନକୃତ ଜୀବହିଂସା ଜନ୍ୟ ଜନ୍ମଜାତ ଦୋଷ ବା ପାପ—Sin committed by a householder by the daily use of five domestic articles.
Sūnā dosha

ସୂନିକ—ସ. ବ (ସୂନା+ଇକ)—୧ । ମାଂସ ବିକ୍ରୟକାରୀ ବ୍ୟକ୍ତି (ହ. ଶ)—1. Seller of meat. ୨ । ବ୍ୟାଧ—2. Hunter. ୩ । ଚଂସେଇ—3. Butcher.
Sūnika

ସୂନ୍ମଦ—ସ. ବ (ସୂ+ଉତ୍ମଦ)—୧ । ଉନ୍ମତ୍ତ (ଜଜତ)—1. Maddened; insane. ୨ । ଉନ୍ମଦଯୁକ୍ତ (ଜଜତ)—2. Intoxicated.
Sūnmada

ସୂନ୍ମାଦ—ସ. ବଣ (ବହୁବ୍ରୀ.ହ; ସୂ+ଉନ୍ମାଦ)—ପାଗଳ; ଉନ୍ମାଦ ରୋଗବିଶିଷ୍ଟ (ରମାନାଥ)—Insane; lunatic.
Sūnmāda

ସୂପ୍—ବୈଦେ. ବ (ଇଂ)—ମାଂସାଦର ଝୋଳ ବା ଅଶ; ସୁରୁଆ—ସୁପ ଶୋରବା Soup
Sūp

ସୂପ—ସ. ବ (ସୂ ଧାତୁ=ପ୍ରସବ କରିବା+କର୍ମ. ଘ)—୧ । ଝୋଳ; ଉତ୍ତଣର ଅଶ—1. Soup. ୨ । ମୁଗ, ସମ୍ବର ଅଦର ଡାଲି; ବ୍ୟଞ୍ଜନବିଶେଷ—2. Soup of pulse. [ଦ୍ର—ମୁଗ ଅଦକୁ ରଗଡ଼ି, ପାଣିରେ ପିଣ୍ଡାଇ ଲୁଣ, ଅଦା, ହେଙ୍ଗୁ ଅଦ ଦେଇ ପ୍ରସ୍ତୁତ କରିବା ବ୍ୟଞ୍ଜନକୁ ସୂପ ବୋଲିପାରେ । ଏଡ଼ା ବସ୍ତୁମୂଳ,ରୁଟ ଓ ଶାଗଚଳ । ମୋପା ଛଡ଼ା ଡାଲିର ସୁପ ଲଘୁପାକ ।] ୩ । ସୂଦ (ମେଦନୀ) ୧ (ଦେଖ)—3. Sūda (See) ୪ । ଭାଣ୍ଡ (ଶବ୍ଦରତ୍ନାବଳୀ); ବାସନ—4. Receptacle; utensil. ୫ । ବାଣ; ଶାୟକ (ଶବ୍ଦରତ୍ନାବଳୀ)—5. Arrow. ୬ । ପାଚକ (ହ. ଶ)—6. Cook. ୭ । ଡାଲି ଅଦର ପାଣି ବା ଅଶ—7. The water or soup of boiled pulse.
Sūpa

ସୂପକାର—ସଂ. ବ. ପୁଂ (ସୂପ+କୃ. ଧାତୁ+କର୍ତ୍ତା. ଅ)—୧ । ପାଚକ—1. Cook. ୨ । ଶୂଦ୍ରପାକୋପଜୀବୀ (ସୂପକାର—ସ୍ତ୍ରୀ) (ବ୍ରହ୍ମବୈବର୍ତ୍ତ)—2. The cook of a Śūdra.
Sūpakāra
(ଅନ୍ୟ ସଂ. ନାମ—ବଲ୍ଲବ, ଅଗ୍ନିକ, ଅବସ୍ଫିକ, ସୂଦ, ଭିଦନିକ, ଗୁଣ, ପାଚକ; ପାଚୁକ, ଉଷ୍ଣୟାଙ୍କାର ।)

ସୂପ ଧୂପନ(କ)—ସଂ. ବ (ଏଦ୍ଦ୍ୱାରା ସୂପ ବସ୍ତୁ ପାଚୁଥିବାରୁ)—ହିଙ୍ଗୁ (ଚିଆଣ ଶେଷ)—Asafoetida
Sūpa dhūpana(ka)

ସୂପପର୍ଣ୍ଣୀ—ସଂ. ବ—ମୁଦ୍ଗପର୍ଣ୍ଣୀ (ଉତ୍ପଳମାଳା) (ଦେଖ)—Mudgaparṇṇī (See)
Sūpaparṇṇī

ସୂପ ଶାସ୍ତ୍ର—ସଂ. ବ—ପାକ ଶାସ୍ତ୍ର—The art of cooking.
Sūpa śāstra

ସୂପ ଶ୍ରେଷ୍ଠ—ସଂ. ବ—ମୁଦ୍ଗ; ମୁଗ (ରାଜନିର୍ଘଣ୍ଟ.)—A pulse.
Sūpa śreshṭha

ସୂପ ସ୍ଥାନ(ଶାଳା)—ସଂ. ବ—ପାକଶାଳା (ହ. ଶ)—Kitchen.
Sūpa sthāna(śālā)

Digitized by srujanika@gmail.com

ସୁପାଙ୍ଗ—ସଂ. ବ (ଶ୍ରୀ ଭତ୍)—ହିଙ୍ଗୁ (ଗୁଜନ୍ଦର୍ଣ୍ଣ)—
Sūpāṅga Asafœtida.

ସୁପୋଦନ—ସଂ. ଣ (ସୁପ୍ ; ସୁପ + ଓଦନ)—ଡାଲି ଓ ଭାତ (ଦ୍ର ଣ)—Dal and boiled rice.
Sūpodana

ସୁମ—ସଂ. ବ (ସୁ. ଧାତୁ + କର୍ତ୍ତୃ. ମ)—୧ । କ୍ଷୀର; ଦୁଗ୍ଧ [ମେଦନୀ]—
Sūma 1. Milk. ୨ । ଆକାଶ [ମେଦନୀ]—2. Sky. ୩ । ଜଳ [ଶବ୍ଦରତ୍ନାବଳୀ]—3. Water. ୪ । ସ୍ୱର୍ଗ [ତ୍ରି. ଣ]—4. Heaven. ବୈଦେ. ବଣ କୃପଣ
ସୁମ (ଧା. ସୁମ୍ = ଅଶୁଭ)—କୃପଣ—Niggardly.

ସୁୟ—ସଂ. ବ (ସୁ. ଧାତୁ=ପ୍ରସବ କରିବା + ଭାବ ଅ)—୧। ସୋମରସ ବାହାର କରିବା କର୍ମ [ତ୍ରି. ଣ]—1. The act of pressing out the Soma juice for vedic sacrifice. ୨ । ଯଜ୍ଞ [ତ୍ରି. ଣ]—
Sūya 2. Vedic sacrifice.

ସୁର (ଧାତୁ)—ସଂ—୧ । ବଧ କରିବା—1. To kill. ୨ । ସ୍ତମ୍ଭିତ କରିବା—2. To stop.
Sūr(root)

ସୁର—ସଂ. ବ (ସୁ = ପ୍ରସବ କରିବା + କର୍ତ୍ତୃ. ର)—୧। ସୂର୍ଯ୍ୟ [ଅମର]—1. The sun. ୨ । ଅର୍କ ବୃକ୍ଷ [ଅମର]—2. Calotropis Gigantea (a plant). ୩ । ବର୍ତ୍ତମାନ ଅବସର୍ପିଣୀର ସପ୍ତଦଶ ଅର୍ହତ୍ ବୁଦ୍ଧୁଙ୍କ ପିତା—3. Name of the father of the Buddhist saint of the present age. ୪ । (ସୁର ଧାତୁ + କର୍ତ୍ତୃ, ଅ) ପଣ୍ଡିତ (ଶବ୍ଦକଳ୍ପଦ୍ରୁମ)—4. Learned man. ୫ । ଶୂର; ବୀର—5. Hero. ୬ । ମସୁର (ତ୍ରି. ଣ)—
Sūra 6. A kind of lentil.

ସୁରଜ୍—ପ୍ରାଦେ. (ଉତ୍ତରାଞ୍ଚଳ) ବ (ଚଳ. ତ୍ର. ସୁରଜ୍)—ସୂର୍ଯ୍ୟ—
Sūraj The sun.

ସୁରଜ୍ ଫୁଲ୍—ପ୍ରାଦେ (ଗାଢ଼ିଣା ବଙ୍ଗଳିର) ବ—ସୂର୍ଯ୍ୟମୁଖୀ ଫୁଲ—
Sūraj phul The sun-flower.

ସୁର(ରୁ)ଜ(ଜୀ) (ଇତ୍ୟାଦି)—ପ୍ରା.ବ (ସଂ. ସୁର୍ଯ୍ୟ)—ସୂର୍ଯ୍ୟ (ର୍ଯ୍ୟ) ଇତ୍ୟାଦି
Sura(ru)ja(jī) (etc) (ଦେଶ)—Sūrjya (rjī)etc (See)

ସୁର(ରି)ଞ୍ଜାନ୍—ବୈଦେ. ବ (ଫା. ସୁରଂଜାନ୍) —ଔଷଧରେ ବ୍ୟବହୃତ ଗୁଳ୍ମବିଶେଷ—Name of a medicinal plant. [ଦ୍ର—ଏହାର ପିଆଜ ସଦୃଶ ମୂଳ ଔଷଧରେ ଲାଗେ । ଏହା କେଶର (ଜାଫ୍ରାନ୍)—ଜାତୀୟ ଗୁଳ୍ମ । ପଶ୍ଚିମ ହିମାଳୟର ସମଶୀତୋଷ୍ଣ ଅଞ୍ଚଳରେ ଦେବଦାରୁ ଜାତିରେ ଘାସ ମଧ୍ୟରେ ଏ ଗୁଳ୍ମ ମଳକୁ ଉଠେ ଓ ଏହା ଏକଗୃଶୀଷ ପର୍ଯ୍ୟନ୍ତ ଉଚ୍ଚ ହୋଇ ବଢ଼େ । ପାରସ୍ୟ ଦେଶରେ ମଧ୍ୟ ଏ ଗୁଳ୍ମ ଜନ୍ମେ । ଏହାର ପତ୍ର ଅଳ୍ପ ଅଳ୍ପ ଓ ଡାହା ଫୁଲ ସହଜ ବାହାରେ । ଫୁଲ ଲମ୍ବ ଓ ଡେଙ୍ଗ-ବିଶିଷ୍ଟ । ମୂଳରେ ରସ୍ତଣଠାରୁ ବଡ଼ ଜନ ଥାଏ । ଏହାର ଜନ ଜଡ଼ୁଆ ଓ ମିଠା ବେଦରେ ଗୁଳ୍ମ ଭୁଇ ପ୍ରକାରର । ମିଠା ଜନ ପାରସ୍ୟରୁ ଏ ଦେଶକୁ ଅସେ ଓ ଔଷଧରୂପେ ଖିଆଯାଏ । ଜଡ଼ୁଆ ଜନ ତେଲ ଥଦରେ ମିଶା ଯାଇ ଦେହରେ ମଳିସ କରାଯାଏ । ଏହାର ବାଜ ବଶାକୁ ଥିବାରୁ ଏହାର ମାଡ଼ା ବଡ଼ ସାବଧାନତା ସହକାରେ ବେଗୀକୁ ବନ୍ଧାଯାଏ । ଯୁନାନୀ ଚକସ୍ତା ଅନୁସାରେ ସୁରଞ୍ଜାନ ରୁକ୍ଷ, ରୁଚିକର ଓ ବାତ, କଫ, ପାଣ୍ଡୁ, ପ୍ଲୀହା, ସନ୍ନିବାତ ରୋଗ ଦୂର କରେ—ହି. ଣ ।]

ସୁରଣ—ସ. ବ (ସୁର ଧାତୁ + କର୍ତ୍ତୃ. ଅନ)—୧ । ଶୂରଣ, ଓଲୁଅ—
Sūraṇa 1. Wild taro. ୨ । ବେଣା ମୂଳ (ପ୍ରକୃତିବାଦ)—(ସୁରଣ—ଅନ୍ୟରୂପ) 2. The root of Benā. (ପ୍ରଥମ ଅର୍ଥରେ ଅନ୍ୟ ସଂ. ନାମ—ସୂରକନ୍ଦ,କନ୍ଦଳ, ଅର୍ଣ୍ଣୋଦ୍ଭ ।)

ସୁରତ—ସ. ତ୍ରି. ସ୍ତ्री (ସୁ + ରମ୍ ଧାତୁ + କର୍ତ୍ତୃ. ତ; ସୁ ସ୍ଥାନରେ ସୁ ଆଦେଶ)—ଅତି କୃପାଳୁ (ଅମର)—Very merciful. (ସୁରତା—ସ୍ତ୍ରୀ)

ସୁର ଦାସ—ସ. ବ (ଶ୍ରୀ ଭତ୍)—ପଣ୍ଡିତମାନଙ୍କ ଭୃତ୍ୟ—The servant of learned men, ଦେ. ବ—
ସୁର ଦାସ ୧ । (ଉକ୍ତ ସୁରଦାସ ଅନ୍ଧ ଥିବାରୁ) ଅନ୍ଧ ବ୍ୟକ୍ତି—
ସୁର ଦାସ 1. A blind person. ୨ । ଅନ୍ଧ ଗାୟକ—2. A blind singer. ୩ । (ନାମ) ଉତ୍ତର ଭାରତର ପ୍ରସିଦ୍ଧ ସ୍ତୋତ୍ରକୃତ୍ କବି—3. Suradāsa, the late celebrated poet of North India.

[ଦ୍ର—ଏ ତୁଳସୀ ଦାସଙ୍କ ପର ଉତ୍ତର ଭାରତର ଶ୍ରେଷ୍ଠ ହିନ୍ଦୀ କବିରୂପେ ଅମର ହୋଇଅଛନ୍ତି । ଏ କୃଷ୍ଣଲୀଳା ସମ୍ବନ୍ଧେ ବହୁ ସହସ୍ର ପଦ ସମ୍ବଳିତ 'ସୂରସାଗର' ନାମକ ଗ୍ରନ୍ଥ ରଚନା କରିଥିଲେ । ଏ ଆକବର ସମ୍ରାଟଙ୍କ ସମସାମୟିକ ଥିଲେ । ଏହାଙ୍କ ଜନ୍ମ ୧୫୪୦ ସମ୍ବତ୍‌ରେ । ଏ ସାରସ୍ୱତ ବ୍ରାହ୍ମଣ ଥିଲେ । ଏହାଙ୍କ ପିତାଙ୍କ ନାମ ରାମ ଦାସ । ଜଣଶ୍ରୁତି ଅଛି ଯେ, ଏ ଜନ୍ମାନ୍ଧ ଥିଲେ । କିନ୍ତୁ ଅନ୍ୟ ଏକ କାମଦନ୍ତୀ ଅଛି ଯେ, ଜଣେ ସର୍ତ୍ତୀଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହେବାରୁ, ଏହା ନଜର ତଳୁଅନ୍ତୁ ସୋଚୁଁ ଘଟିଥିବା ଜଘଲବ୍ଧ କର ନଜର ଥଞ୍ଚି ଦୁଇଟିକୁ ଏ ନଜେ ପୁଡ଼ାଇ ଦେଇଥିଲେ। ଏ ନଜ ଗ୍ରନ୍ଥରେ ଏକ ସ୍ଥାନରେ ଲେଖିଅଛନ୍ତି ଯେ, ଏ ଚନ୍ଦବରଦାଇ ନାମକ ଜଣେ ପ୍ରସିଦ୍ଧ ହିନ୍ଦୀ ମହାକବିଙ୍କର ବଂଶଧର ଥିଲେ ଓ ଏହାଙ୍କର ଆଉ ଛଅ ଭାଇ ଥିଲେ । ଏହାଙ୍କ ଜନ୍ମ ସ୍ଥାନ ଦିଲ୍ଲୀ ନଜଃସ୍ଥ ସୀହୀ ଗ୍ରାମରେ ଥିବା କଥିତ । ଏ ଆଠ ବର୍ଷ ବୟସରେ 'ଚତ୍ତ' ହୋଇ ପିତାମାତାଙ୍କ ସଙ୍ଗେ ମଥୁରା ତୀର୍ଥକୁ ଯାଇ ସେଠାରେ କୃଷ୍ଣଭକ୍ତ ହୋଇ ବହିଗଲେ, ଆଉ ଘରକୁ ଫେରି ଆସିଲେ ନାହିଁ । ଏ ବୃନ୍ଦାବନ ନଜଃସ୍ଥ ଗୋକୁଳରେ ଶ୍ରୀନାଥଜୀଙ୍କ ମନ୍ଦିରରେ ରହି ପଦସାନ ରଚନା କରିବାରେ ଲାଗିଲେ । ବଲ୍ଲଭାଚାର୍ଯ୍ୟ ନାମକ ଗୁରୁଙ୍କଠାରୁ ଏ କୃଷ୍ଣମନ୍ତ୍ର ଗ୍ରହଣ କରିଥିଲେ ଓ ଅଗ୍ରା ଏବଂ ମଥୁରା ମଧ୍ୟବର୍ତ୍ତୀ ଗଉଘାଟ ନାମକ ସ୍ଥାନରେ ରହୁଥିଲେ । ଏ

Digitized by srujanika@gmail.com

କେବଳ 'ବ୍ରଜଭାଷା'ରେ ପଦ୍ୟାବଳୀ ରଚନା କରିଥିଲେ । ତୁଳସୀ ଦାସ ଜଣ ଅବଧୀ (ଅଯୋଧ୍ୟା ପ୍ରଚଳିତଭାଷା) ଓ ବ୍ରଜ ଭାଷାରେ କବିତା ରଚନା କରିଥିଲେ । ଏହାଙ୍କର ଅନ୍ୟ ଗୋଟିଏ ପ୍ରସିଦ୍ଧ 'ସାହିତ୍ୟଲହରୀ' । ଏହାଙ୍କ କବିତା ଶୃଙ୍ଗାର ଓ ବାତ୍ସଲ୍ୟ ରସରେ ପୂର୍ଣ୍ଣ । କଥିତ ଅଛି ଯେ, ଅକବର ଏହାଙ୍କ ଗାନ ଶୁଣିବାକୁ ଏହାଙ୍କୁ ଫତେପୁର ସିକ୍ରିଠାରୁ ଡକାଇ ଥିଲେ କନ୍ତୁ ଏ ନ ଯିବାରୁ ଅକବର ଏହାକୁ ଦେଖିବାକୁ ଜାନସେନଙ୍କ ସଙ୍ଗେ ପ୍ରଚ୍ଛନ୍ନବେଶରେ ମଥୁରାକୁ ଯାଇ ଏହାଙ୍କ ଗାନ ଶୁଣିଥିଲେ—ହି. ଶ ।]

ସୂରମୁଖୀ—ଫଂ. ବ—୧ । ସୂର୍ଯ୍ୟମୁଖୀ ଜାତ (ହି. ଶ)—1. Double convex lens. ୨ । ସୂର୍ଯ୍ୟକାନ୍ତ ମଣି (ହି. ଶ)—2. A kind of precious stone. ୩ । ସୂର୍ଯ୍ୟମୁଖୀ ଫୁଲ (ହି. ଶ)—3 The sunflower.

Sūramukhī

ସୂର ସୁତ—ସଂ. ବ, ପୁଂ (୬ଷ୍ଠୀ ତତ୍) —୧ । ଶନିଗ୍ରହ—1. The planet Saturn. ୨ । ସୁଗ୍ରୀବ—2. Sugrība (monkey king).

Sūra suta

ସୂର ସୁତା—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍) —ଯମୁନା—The river Jamunā.

Sūra sutā

ସୂର ସୂତ—ସଂ. ବ (୬ଷ୍ଠୀ ତତ୍, ସୂର୍ଯ୍ୟଙ୍କର ସାରଥି)—ଅରୁଣ—The dawn (personified).

Sūra sūta

ସୂରା—ବୈଦେ. ବ (ଆ)—କୋରାନ୍‌ର ଶ୍ଲୋକ ବା ପ୍ରକରଣ—Section of the Quoran.

Sūrā सूरा सुरा

ସୂରି—ସଂ. ବ (ସୂର୍ ଧାତୁ + କିନ୍ ଇ)—୧ । ପଣ୍ଡିତ (ଅମର)—1. Learned man. ୨ । ସୂର୍ଯ୍ୟ (ଜ୍ଞାନଦାତୋପ)—2. The sun. ୩ । କବି—3. Poet. ୪ । ଯାଦବ-ବିଶେଷ—4. Name of a member of the Jādu dynasty. ୫ । କୃଷ୍ଣ (ଗୁରୁତ୍ତବାଦ)—5. A name of Krushna. ୬ । (ଜୈନ) ଜୈନ ଗୁରୁବିଶେଷ (ଗୁରୁତ୍ତବାଦ)—6. Name of a Jaina preceptor. ୭ । ବୃହସ୍ପତି (ହି. ଶ)—7. A name of Bruhaspati.

Sūri

ସୂରି—ସଂ. ବ (ସୂର୍ ଧାତୁ + ଇନ୍; ୧ମା. ଏ ବ)—୧ । (ପୁଂ) ଜ୍ଞାନୀ ବ୍ୟକ୍ତି—1. Wise man. ୨ । (ପୁଂ) ପଣ୍ଡିତ—2. A learned man. ୩ । (ସ୍ତ୍ରୀ) ବିଦୁଷୀ, ପଣ୍ଡିତା—3. A learned woman. ୪ । କୁନ୍ତୀ (ହି. ଶ)—4. Kunti. ୫ । ରାଜସର୍ଷପ (ରହସାଲା); ରାଇ-ଦୋଣ୍ଟ—5. A kind of rye. ୬ । ପୁରୋହିତ—6. A priest (Apte). ୭ । ଜୈନ ପଣ୍ଡିତଙ୍କୁ ଦିଆଯିବା ଉପାଧି (ଯଥା—ମଲ୍ଲିନାଥ ସୂରି)—7. A title of respect given to Jaina Pandits.

Sūrī

ସୂରୀ—ସଂ. ବ (ସୂର୍ ଧାତୁ + ଈନ୍; ୧ମା. ଏ ବ)—୧ । (ପୁଂ) ଜ୍ଞାନୀ ବ୍ୟକ୍ତି—1. Wise man. ୨ । (ପୁଂ) ପଣ୍ଡିତ—2. A learned man. ୩ । (ସ୍ତ୍ରୀ) ବିଦୁଷୀ, ପଣ୍ଡିତା—3. A learned woman. ୪ । କୁନ୍ତୀ (ହି. ଶ)—4. Kunti. ୫ । ରାଜସର୍ଷପ (ରହସାଲା); ରାଇ-ଦୋଣ୍ଟ—5. A kind of rye. ୬ । ପୁରୋହିତ—6. A priest (Apte). ୭ । ଜୈନ ପଣ୍ଡିତଙ୍କୁ ଦିଆଯିବା ଉପାଧି (ଯଥା—ମଲ୍ଲିନାଥ ସୂରି)—7. A title of respect given to Jaina Pandits, ବିଣ (ପୁଂ. ଓ ସ୍ତ୍ରୀ)—୧ । ଜ୍ଞାନୀ—1. Wise. ୨ । ବିଦ୍ୱାନ୍—2. Learned.

ସୂରୁଜ୍—ପ୍ରାଦେ. (ସମ୍ବଲପୁର) ବ—ସୂର୍ଯ୍ୟ—The sun.

Sūruj

ସୂରୁଜ (ଇତ୍ୟାଦି)—ପ୍ରା. ବ (ସଂ. ସୂର୍ଯ୍ୟ)—୧ ସୂର୍ଯ୍ୟ ଇତ୍ୟାଦି (ଦେଖ) 1. Sūrjya etc (See) ୨ । ଗଞ୍ଜପା ସାରରେ ଦିଆଯିବା ରଙ୍ଗବିଶେଷ (ଜାଲ ଓ ଶଙ୍ଖ ବାଟି ଇତ୍ୟାଦି ଅଠା ମିଶାଇ ତିଆରି ହୋଇଥିବା ରଙ୍ଗ)—2. A pale blue paint used in painting the cards of the game of Ganjapā. ୩ । ସୂର୍ଯ୍ୟମଣିର ଡାକ ନାମ—3. Name for calling Sūrjyamani.

Sūruja (etc)

ସୂରୁଜ ବନ୍ଧୁ—ପ୍ରା. ବ—ସୂର୍ଯ୍ୟ ବନ୍ଧୁ; ମହାପ୍ରସାଦ ବନ୍ଧୁ—God-friend.

Sūruja bandhu

ସୂର୍କ୍ଷ(ର୍କ୍ଷ୍ୟ) (ଧାତୁ)—ସ୍ୱ.—୧ । ଅନାଦର କରିବା—1. To disregard; to slight. ୨ । ଈର୍ଷା କରିବା—2. To spite. ୩ । ସମ୍ମାନ କରିବା—3. To respect; to honour (Apte).

Sūrksha(rkshya) (root)

ସୂର୍କ୍ଷ(ର୍କ୍ଷ୍ୟ)ଣ—ସଂ. ବ (ସୂର୍କ୍ଷ୍ ଧାତୁ + ଭାବ. ଅନ)—ଅନାଦର—Disregard; disrespect; slight.

Sūrksha(rkshya)na

ସୂର୍କ୍ଷ୍ୟ—ସଂ. ବ—ମାଷ; ସ୍ୱାଦୁ (ଶବ୍ଦରତ୍ନାବଳୀ)—A pulse; Phaseolus Radiatus.

Sūrkshya

ସୂର୍ପ—ସଂ. ବ (ଶୂର୍ପର ଅନ୍ୟରୂପ)—୧ । ଶୂର୍ପ (ଦେଖ)—1. Surpa (See) ୨ । (ବୈଦ୍ୟକ) କୁମ୍ଭ ପରିମାଣ; ଦ୍ରୋଣ ପରିମାଣ—2. A unit of measure of quantity

Sūrpa

ସୂର୍ପଣ(ନ)ଖା—ସଂ. ବ. ସ୍ତ୍ରୀ (ଶୂର୍ପଣଖାର ଅନ୍ୟରୂପ)—ଶୂର୍ପଣଖା (ଦେଖ)—Surpaṇakhā (See) (ସୂର୍ପଣଖୀ—ଗ୍ରାମ୍ୟ. ରୂପ)

Sūrpa(na)khā

ସୂର୍ପୀ—ସଂ. ବ. ସ୍ତ୍ରୀ (ଶୂର୍ପୀର ଅନ୍ୟରୂପ)—ଶୂର୍ପୀ; କୁଲେଇ; ଶ୍ରେଷ୍ଠ କୁଲା—A small winnowing tray.

Sūrpī

ସୂର୍ମ୍ମି(ର୍ମ୍ମୀ, ର୍ମି, ର୍ମୀ)—ସଂ. ବ (ଶୂର୍ମିର ଅନ୍ୟରୂପ)—୧ । ଲୌହର ବା ଧାତୁର ମୂର୍ତ୍ତି—1. An image made of iron or other metal (Apte). ୨ । ଲୌହ ନିର୍ମିତ ସ୍ତ୍ରୀ ମୂର୍ତ୍ତି (ହି. ଶ)—2. The image of a woman made of iron. [ଦ୍ର—ମନୁସଂହିତାରେ ଲେଖା ଅଛି ଯେ, ଗୁରୁପତ୍ନୀ-ହରଣ ବା ବ୍ୟଭିଚାର କରିଥିବା କ୍ୟକ୍ତି ନଜର ସାମ ପ୍ରକାଶ କରି ଉତ୍ତପ୍ତ ଲୌହଶଯ୍ୟାରେ ଶୋଇ କମ୍ବା ଉତ୍ତପ୍ତ ସୂର୍ମ୍ମିକୁ ଅଲଙ୍ଗନ କରି ମୃତ ହେଲେ, ଉକ୍ତ ପାପରୁ ମୁକ୍ତ ହୁଏ—ମନୁ—୧୧।୧୦୩ ।] ୩ । ଘରର ଖୁମ୍ବ;ସ୍ତମ୍ଭ—3. The pillar of a house [Apte] ୪ । ପାଣିର ନଳ (ହି. ଶ)—4. Water-pipe; water-tube. ୫ । ଔଜ୍ଜ୍ୱଲ୍ୟ—5. Radiance; lustre [Apte]. ୬ । ଅଗ୍ନିର ବା ଆଲୋକର ଶିଖା—6. Flame [Apte].

Sūrmmi(rmmī, rmi, rmī)

ସୂର୍ମ୍ମୀ ଯନ୍ତ୍ର—ସଂ. ବ—କୃଷ୍ଣ ଯଜୁର୍ବେଦୋକ୍ତ କାଲକାସ୍ତ୍ରବିଶେଷ; ଏକ ପ୍ରକାର ବେଦିକ ତୋପ—A sort of gun used in the vedic age. [ଦ୍ର—ଏଥିର ଲୌହ ନଳର

Sūrmmī jantra

ମଧ୍ୟ ଦେଇ ଉତ୍ତର ସୀସକ ପିଣ୍ଡ ବାହାର ଶବ୍ଦକୁ ଦବ୍ଦ-ଥ୍ୱନ୍ଦ ।] ଦେ· ତ—ନଳଦ୍ୱାର ଯାଣି ବୁହା ଢେବା କଲ—Appliance for carrying water through pipes or tubes.

ସୂର୍ଯ୍ୟ(ର୍ଯ)—ସଂ· ବ· ପୁଂ (ସୃ, ଧାତୁ=ଗମନ କରିବା+ଉତ୍ତି· ଯ; ଯେଉଁ କରେ ବା ସୁର+ସ୍ୱାର୍ଥେ· ଯ)—ସୂର୍ଯ୍ୟା; ସୂର୍ଯ୍ୟା, ସୂର୍ଯ୍ୟାଣୀ, ସୂର୍ଯ୍ୟାଣୀ } ସ୍ତ୍ରୀ ୧ । ରବି; ଦିବାକର—1. The sun. [ଦ୍ର—ସ୍ତୁତି ମତରେ କଶ୍ୟପ ମୁନିଙ୍କ ଔରସରେ ଇପୂତୀ ଅଦିତିଙ୍କ ଗର୍ଭରୁ ଏହାଙ୍କ ଜନ୍ମ । ଏଥିପାଇଁ ଏହାଙ୍କର ଏକ ନାମ ଆଦିତ୍ୟ । ସ୍ମୃତି ମତରେ ଏ ସପ୍ତାଶ୍ୱଯୁକ୍ତ ରଥରେ ଆକାଶ ମାର୍ଗରେ ଭ୍ରମଣ କରନ୍ତି ଓ ଧ୍ରୁବଦ୍ୱାରରେ ଉଦୟାଚଳରେ ଉଇଁ ପଶ୍ଚିମରେ ଅସ୍ତାଚଳରେ ଅସ୍ତ ହୁଅନ୍ତି । ଅରୁଣ ଏହାଙ୍କର ସାରଥି । ଏ ବିଶ୍ୱକର୍ମାଙ୍କ କନ୍ୟା ସଂଜ୍ଞାଙ୍କର ପାଣିଗ୍ରହଣ କରିଥିଲେ ଓ ସଂଜ୍ଞାଙ୍କ ଗର୍ଭରୁ ବୈବସ୍ୱତମନୁ ଓ ଯମ ଏ ଦୁଇଟି ପୁତ୍ର ଓ ଯମୁନା ନାମରେ ଗୋଟିଏ କନ୍ୟା ଜନ୍ମିଥିଲେ । ଅନନ୍ତର ସଂଜ୍ଞା ସୂର୍ଯ୍ୟଙ୍କ ତେଜ ସମ୍ଭାଳି ନ ପାର ଛାୟାନାମ୍ନୀ ଗୋଟିଏ ସ୍ତ୍ରୀ ସୃଜନ କର ତାଙ୍କୁ ସୂର୍ଯ୍ୟଙ୍କ ଅଜାଣତରେ ତାଙ୍କ ଜନକଙ୍କରେ ନଜର ବଦଳରେ ରଖି ଦେଇ ପିତୃଗୃହକୁ ପଳାଇଲେ । ସୂର୍ଯ୍ୟ ଛାୟାକୁ ସ୍ୱପତ୍ନୀ ସଂଜ୍ଞା ବୋଲି ବଗୁର ତାଙ୍କ ସଙ୍ଗେ ବାସ କଲେ । ଛାୟାଙ୍କ ଗର୍ଭରୁ ଶନି ନାମକ ପୁତ୍ର ଓ ତପତ୍ତାନାମ୍ନୀ କନ୍ୟା ଜନ୍ମ ହେଲେ । ଘଟଣାରଙ୍ଗରେ ସୂର୍ଯ୍ୟ ପରେ ଜାଣି ପାରିଲେ ଯେ, ସଂଜ୍ଞା ପଳାଇ ଯାଇଅଛନ୍ତି ଓ ସଂଜ୍ଞାଙ୍କୁ ସୂର୍ଯ୍ୟ ଖୋଜିବାକୁ ବାହାରିଲେ । ଏଣେ ସଂଜ୍ଞା ଜନ୍ମ ଘର ପିତୃଗୃହରେ ରହିବା ପରେ ସ୍ୱାମୀଙ୍କ ଜନକଙ୍କୁ ଫେରି ଯିବା ପାଇଁ ବିଶ୍ୱକର୍ମା ସଂଜ୍ଞାଙ୍କ ସଙ୍ଗେ ବିଶେଷ ଜଗର କରିବାରୁ ସେ ସେଠାରୁ ପଳାଇ ଗୋଟିଏ ଅଶ୍ୱିନୀ (ଘୋଟକୀ) ରୂପ ଧାରଣ କର 'ଉତ୍ତର କୁରୁ' ଦେଶରେ ବିଚରଣ କଲେ । ସୂର୍ଯ୍ୟ ଏହା ଜାଣି ପାର ଅଶ୍ୱ ବେଶ ଧାରଣ କର ସଂଜ୍ଞାଙ୍କୁ ଭେଟିଲେ ଓ ତାଙ୍କ ଔରସରେ ସଂଜ୍ଞାଙ୍କ ଗର୍ଭରୁ ଅଶ୍ୱିନୀକୁମାରଦ୍ୱୟ ଜନ୍ମିଲେ । ପରେ ବିଶ୍ୱକର୍ମା ସୂର୍ଯ୍ୟଙ୍କ ଅସହ୍ୟମୟ ତେଜକୁ ଚୁହାରେ ଘଷି ହ୍ରାସ କର ଦେବାରୁ ସଂଜ୍ଞା ଅସି ପୁଣି ସୂର୍ଯ୍ୟଙ୍କ ସଙ୍ଗେ ବାସ କଲେ ଓ ପରେ ସୂର୍ଯ୍ୟଙ୍କ ଔରସରେ କପିଳବର୍ଣ୍ଣ ବାଜି ଓ ସୁଗ୍ରୀବ ଜନ୍ମ ହେଲେ । କୁମାସ୍ୱ କୁନ୍ତୀଙ୍କ କାନ ବାଟେ ସୂର୍ଯ୍ୟଙ୍କ ଔରସରେ କର୍ଣ୍ଣ ଜନ୍ମ ହେଲେ । ରାବଣ ତିଲୋକ-ବିଜୟ ଉପଲକ୍ଷରେ ସୂର୍ଯ୍ୟଲୋକରେ ଉପସ୍ଥିତ ହେବାରୁ ସୂର୍ଯ୍ୟ ତାକୁ ରାବଣ ଜନକଙ୍କରେ ସମ୍ବନ୍ଧୀୟ ବୋଲି ସ୍ୱୀକାର କଲେ । ଏକଦା ଜମଦଗ୍ନି ସ୍ୱପତ୍ନୀ ରେଣୁକାଙ୍କ ସହିତ ନର୍ମଦା ତଟରେ ବାଲୁକାସ୍ତୂପରେ ରତ ଥିବା ସମୟରେ ସୂର୍ଯ୍ୟ ବ୍ରାହ୍ମଣ ରୂପରେ ସେଠାରେ ଉପସ୍ଥିତ ହୋଇ ତାଙ୍କ ମୈଥୁନରେ ବାଧା ଦେବାରୁ ଜମଦଗ୍ନି ସୂର୍ଯ୍ୟଙ୍କୁ ଶାପ ଦେଲେ ଯେ, ତୁମେ ଗ୍ରହତ୍ୱରୁ ଦେବ । ସେହି ଶାପ ଯୋଗୁଁ ସୂର୍ଯ୍ୟ ଗ୍ରହତ୍ୱରୁ ହୁଅନ୍ତି ।

ବେଦ ମତରେ ବ୍ରାହ୍ମଣମାନେ ସନ୍ଧ୍ୟା କରିବ ସମୟରେ ସୂର୍ଯ୍ୟମଣ୍ଡଳର ମଧ୍ୟବର୍ତ୍ତୀ ସବିତୃନାରାୟଣ ସର୍ବଦା ନାରାୟଣଙ୍କ ଧ୍ୟାନ କରନ୍ତି । ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ ଦେବୀମାନେ ମଧ୍ୟ ସୂର୍ଯ୍ୟମଣ୍ଡଳମଧ୍ୟସ୍ଥା ଅଟନ୍ତି । ବ୍ରାହ୍ମଣ-ମାନଙ୍କର ଗାୟତ୍ରୀ ମନ୍ତ୍ର କେବଳ ସୂର୍ଯ୍ୟଙ୍କ ନାରାୟଣରୂପରେ କଳ୍ପନା କର ସ୍ତବ କରିବାର ମନ୍ତ୍ର ଅଟେ ।

ସୂର୍ଯ୍ୟଙ୍କର ୧୨ ମାସରେ ପୂଜାପାଏ ରୂପ ଓ ନାମ—

ମାର୍ଗଶିର—ମିତ୍ର,
ପୌଷ—ବିଷ୍ଣୁ, ସନାତନ,
ମାଘ—ଅରୁଣ,
ଫାଲ୍ଗୁନ—ସୂର୍ଯ୍ୟ,
ଚୈତ୍ର—ବେଦାଙ୍ଗ,
ବୈଶାଖ—ଧାତୃ,
ଜ୍ୟୈଷ୍ଠ—ଇନ୍ଦ୍ର,
ଆଷାଢ଼—ରବି,
ଶ୍ରାବଣ—ଗଭସ୍ତି,
ଭାଦ୍ର—ଯମ,
ଆଶ୍ୱିନ—ପ୍ରୁଷ୍ଣରେତାଃ,
କାର୍ତ୍ତିକ—ଦିବାକର,
ଅଧିମାସ—ପୁରୁଷ
(ଆଦିତ୍ୟହୃଦୟ) ।

ଜ୍ୟୋତିଷ ମତରେ ସୂର୍ଯ୍ୟ ବା ରବି ନବଗ୍ରହମାନଙ୍କ ମଧ୍ୟରେ ପ୍ରଥମ ଗ୍ରହ ବା ଗ୍ରହଗୁଚ୍ଛ ଅଟନ୍ତି । ଏହାଙ୍କ ଦଶାର ପରିମାଣ ୬ ବର୍ଷ ।

ଆଧୁନିକ ବିଜ୍ଞାନ ମତରେ ସୂର୍ଯ୍ୟ ଘୂର୍ଣ୍ଣାୟମାନ ଧାତବ ବାଷ୍ପର ସମଷ୍ଟି । ଏ ବଳୟର ଅନ୍ତରେ ଘନ ରେ ଓ ଏକ ସ୍ଥାନରେ ଅବସ୍ଥିତ ଥାଏ । ଏହାର ଚାରିଆଡ଼େ ପୃଥିବୀ ଆଦି ଯାବତୀୟ ଗ୍ରହ ଓ ଉପଗ୍ରହମାନେ ନିଜ ନିଜ କକ୍ଷରେ ବୁଲି ଅଛନ୍ତି । ସୂର୍ଯ୍ୟ ଏମାନଙ୍କଠାରୁ ବହୁ ସହସ୍ର କୋଟି ମାଇଲ୍ ଦୂରରେ ଅବସ୍ଥିତ । ପୃଥିବୀ ମଧ୍ୟ ନିଜ କକ୍ଷରେ ବୁଲୁଅଛି । ସୂର୍ଯ୍ୟ ପୃଥିବୀଠାରୁ ବହୁ ସହସ୍ର କୋଟି ମାଇଲ୍ ଦୂରରେ ଅବସ୍ଥିତ । ପୃଥିବୀ ମଧ୍ୟ ନିଜ ଅକ୍ଷରେ ଦୂର ଦୂର ସୂର୍ଯ୍ୟ ଗୋଟିଏ ୩୬୫ ଦିନରେ ଘେରିଏ ବୁଲି ଆସେ । ପୃଥିବୀ ନିଜର ଅକ୍ଷ ଉପରେ ଦିବସରେ ଥରେ ବୁଲିବା ଅବସ୍ଥାରେ ଯେଉଁ ଅଂଶ ସୂର୍ଯ୍ୟାଲୋକରେ ଆଲୋକିତ ହୁଏ ତହିଁରେ ଦିନ ଓ ଯେଉଁ ଅଂଶ ସୂର୍ଯ୍ୟର ବିପରୀତ ଦିଗରେ ଥାଏ ତହିଁରେ ରାତି ହୁଏ । ସୂର୍ଯ୍ୟର ଆଲୋକ ଜଳ ଉପରେ ପଡ଼ି ପ୍ରତିଫଳିତ ହୋଇ ପୃଥିବୀରେ ଜ୍ୟୋତ୍ସ୍ନାରୂପରେ ପଡ଼େ ।

Digitized by srujanika@gmail.com

ଅଧୁନାତନ ବୈଜ୍ଞାନିକମାନେ ସ୍ଥିର କରିଅଛନ୍ତି ଯେ, ସୂର୍ଯ୍ୟ ପୃଥିବୀଠାରୁ ୪ କୋଟି ୭୫ ଲକ୍ଷ ମାଇଲ୍ ଦୂରରେ ଅବସ୍ଥିତ । ଏହାର ବ୍ୟାସ ପୃଥିବୀର ବ୍ୟାସଠାରୁ ୧୦୮ ଗୁଣ, ଅର୍ଥାତ୍ ୮୫ ଲକ୍ଷ ୩୩ ହଜାର କୋଶ ଅଟେ । ଘନଫଳ ହିସାବରେ ସୂର୍ଯ୍ୟ ଯେତେ ସ୍ଥାନ ଅଧିକାର କରିଅଛ ୧୭ ଲକ୍ଷ ୫୦ ହଜାରଟି ପୃଥିବୀ ସେଭଳି ସ୍ଥାନ ଅଧିକାର କରିବ । ସୂର୍ଯ୍ୟଙ୍କ ଦେହର ଗୁରୁତ୍ୱ ପୃଥିବୀର ଏକ ଚତୁର୍ଥାଂଶ, ଅର୍ଥାତ୍ ସୂର୍ଯ୍ୟଙ୍କ ଗୁରୁତ୍ୱାକର୍ଷଣ ପୃଥିବୀର ଗୁରୁତ୍ୱାକର୍ଷଣ ଅପେକ୍ଷା ଖୁବ୍ ଅଧିକ । ଏହା ଉତ୍ତପ୍ତ ଜ୍ୱଳନ୍ତ ବସ୍ତୁ ଅଟେ । ଏଥିର ତାପ ୨୦ହଜାର ଡିଗ୍ରୀ । ସୂର୍ଯ୍ୟର ଦେହରେ ଅନେକ କଳା ଦାଗ ଅଛି । ଏକ ନିର୍ଦ୍ଦିଷ୍ଟ ନିୟମ ଅନୁସାରେ ଏ ଦାଗମାନଙ୍କର ସଂଖ୍ୟାବୃଦ୍ଧି ଘଟେ । ଏ ଦାଗମାନ ବଢ଼ିଗଲେ ପୃଥିବୀରେ ଚୁମ୍ବକଶକ୍ତିର ସ୍ରୋତ ବଢ଼ିଯାଏ ଓ ବେଶି ବୈଦ୍ୟୁତିକ କାଣ୍ଡମାନ ସଂଘଟିତ ହୁଏ । ଏହି ଦାଗମାନଙ୍କ ସଂଖ୍ୟାବୃଦ୍ଧି ସଙ୍ଗେ ପୃଥିବୀରେ ବର୍ଷାର ସମ୍ବନ୍ଧ ଅଛି ବୋଲି କେତେକ ବୈଜ୍ଞାନିକ କହନ୍ତି । ସୂର୍ଯ୍ୟ ସୌରଜଗତ୍‌ର ଜୀବନ୍ତ ଓ ଏହାର ସ୍ୱଗୋଷ୍ଠ ପୃଥିବୀ, ଶୁକ୍ର, ଶନି, ମଙ୍ଗଳ, ବୃହସ୍ପତି, ବୁଧ ଓ ଅନ୍ୟାନ୍ୟ ଗ୍ରହ ନକ୍ଷତ୍ରର ଦୂରରୁ ଅଛନ୍ତି । ପ୍ରାୟ ସବୁ ସଭ୍ୟ ପ୍ରାଚୀନ ଜାତିଙ୍କ ମଧ୍ୟରେ ସୂର୍ଯ୍ୟ ଦେବତାରୂପେ କଳ୍ପିତ ହୋଇଥିଲେ ଓ ତାଙ୍କୁ ଉପାସନା କରିଯାଇଥିଲା । ପ୍ରାଚୀନ ଆସିରିୟ, ମେକ୍‌ସିକୋବାସୀ, ପ୍ରସ୍ତଗସ୍ୱ ଓ ପାରସିକମାନେ ସୂର୍ଯ୍ୟ ପୂଜା କରୁଥିଲେ । ହନୁମାନଙ୍କ ମତରେ ସୂର୍ଯ୍ୟ ସାତ ଘୋଡ଼ା ଯୋଗୁ ଏକଚକ୍ରବିଶିଷ୍ଟ ରଥରେ ସିବା ଆସିବା କରନ୍ତି—ହୁ· ଶ ।

ଓଡ଼ିଶାର କୋଣାର୍କରେ ନରସିଂହ ଦେବ ସୂର୍ଯ୍ୟମନ୍ଦିର କୋଲାଇଥିଲେ । ଚନ୍ଦ୍ରିର ଭଗ୍ନାବଶେଷ ଅବଶ୍ୟ ବିଦ୍ୟମାନ । କଥିତ ଅଛି ଯେ, ଶାମ୍ବ ଏହିଠାରେ ସୂର୍ଯ୍ୟ ପୂଜା କରି କୁଷ୍ଠରୋଗରୁ ମୁକ୍ତିଲାଭ କରିଥିଲେ ।

ସୂର୍ଯ୍ୟଙ୍କର ନାମାନ୍ତର :—

ସବିତ, ସୂର୍ଯ୍ୟ, ଅଦିତ୍ୟ, ଦିବାକର, ଅହସ୍କର, ଭାସ୍କର, ପ୍ରଭାକର, ବିଭାକର, ବିବସ୍ୱାନ୍, ଭାସ୍ୱାନ୍, ସପ୍ତାଶ୍ୱ, ବିରୋଚନ, ଅର୍କ, ମାର୍ତ୍ତଣ୍ଡ, ଆଦିତ୍ୟ, ମିହିର, ଦ୍ୟୁମଣି, ଉଦିତି, ମିତ୍ର, ତମିସ୍ରହା, ବରୁଣ, ବିବସ୍ୱତ, ବିବସ୍ୱସ୍ତ, ତ୍ରିଦଶାଧିପ, ତ୍ରିଦିବାଧିପ, ତ୍ରିଧ୍ନ, ଦ୍ୱାଦଶାତ୍ମା, ଦ୍ୱାଦଶାର୍କ, ଅରୁଣ, ଅହଃପତି, ଖଗ, ହଂସ, ସପ୍ତସପ୍ତାଂଶୁ, ହରିତ, ସହସ୍ରାଂଶୁ, ଚଣ, ସହସ୍ରରଶ୍ମି, ଉଗ୍ରଚକ୍ଷୁ, ଅହସ୍କରମାଳୀ, ତଣ୍ଡକର, ଶୁଚି, ଉଚ୍ଚ, ବୁଧ୍ନ, ପଦ୍ମିନୀବନ୍ଧୁ, ଦିନ, ଦିନମଣି, ଚଣ୍ଡାଂଶୁ, ସପ୍ତସପ୍ତି, ଜଗତ୍ପିତାମହ, ଅଂଶୁମାଳୀ, ଭାସ୍କରେସ୍ୱ, ଖଗ, ଭାସ୍କରାନ୍, ଲୋକଲୋଚନ, ପଦ୍ମବନ୍ଧୁ, ତ୍ରୈଲୋକ୍ୟାନ୍, ଅକ୍ଷୟ, ଭାସନ, ତମିସ୍ରରିପୁ, ଖମଣି, ଦିବାମଣି, ଉଦସ୍ତିଗିରି, ହେଳି, ପତଙ୍ଗ, ଅହିଁ, ଦିନଘ୍ନୀ, ବେଦୋଦସ୍ୱ, ଭାଲକୃତ୍, ଗ୍ରହପତି, ତମୋନୁତ, ଉଷାଧାର, ଗ୍ରହବନ୍ଧୁ, ଉନ, ଜଗଚ୍ଚକ୍ଷୁ, ଖଦ୍ୟୋତ, ଲୋକବାନ୍ଧବ, ଘର୍ମରଶ୍ମିକାନ୍ତ, ଅଂଶୁମନ୍ତ, ଘର୍ମଧାର୍, ଦୁରଣ୍ୟରେତା, ଘୀତ, ହରିତାଶ୍ୱ, ରୋଘତ, କୃଷ୍ଣତ, ଶ୍ୱତପ, ସ୍ୱନୁ, ଗତସ୍ତି, ତମୋଘତ, ଅତ୍ରି, ଜ୍ୟୋତିଃଗୀଥ, କର୍ମସାକ୍ଷୀ, ଶସ୍ୟୀତପ ।] ୨ । ତାମ୍ର—2. Copper. ୩ । ବାର ସଂଖ୍ୟା (ଅଦିତ୍ୟଙ୍କ ସଂଖ୍ୟା ୧୨ ଥିବାରୁ) (ହୁ· ଶ)—3. The number twelve. ୪ । ଅର୍କଗୁଳ୍ମ (ହୁ· ଶ)—4. Calotropis Gigantea plant. ୫ । (ନାମ) ବଳିଙ୍କର ଏକ ପୁତ୍ର (ହୁ· ଶ)—5. Name of a son of Bali. ଦେ· ବ (ବହିଆ ଶବ୍ଦ)—୧ । ସ୍ତ୍ରୀମାନଙ୍କ ଚାଳି ଉପରେ ପିନ୍ଧାଯିବ ସ୍ୱନାପଙ୍କରେ ନକାସି ତୋଇଥିବା ଗୋଲାକୃତି ଅଳଙ୍କାର—1. A circular gold ornament for the crown of the head of females. ୨ । ଏକତୋଳା କଉଡ଼ିର ୧୨ ଭାଗରୁ ୧ ଭାଗ—2. One twelfth of a cowri.

ସୂର୍ଯ୍ୟ ଉଠି(ଇଁ)ବା—ଦେ· ବ—ସୂର୍ଯ୍ୟୋଦସ୍ୱ ତୋଇବା—Sūrĵya uṭhi(iñ)bā Sunrise; the rising of the sun. ସୂର୍ଯ୍ୟ ଉଦୟ ହୋଇବା ସୂର୍ଯ୍ୟ ଉଗନା

ସୂର୍ଯ୍ୟ ଉଦିବା—ଗ୍ରାଦେ· (ସମ୍ବଲପୁର) ବ—ସୂର୍ଯ୍ୟୋଦସ୍ୱ ତୋଇବା—Sūrĵya udibā The rising of the sun.

ସୂର୍ଯ୍ୟ କମଳ—ସଂ· ବ—ସୂର୍ଯ୍ୟମୁଖୀ ଫୁଲ (ହୁ· ଶ)—Sūrĵya kamala The sunflower.

ସୂର୍ଯ୍ୟ କର—ସଂ· ବ (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ କରଣ; ଖର—Sūrĵya kara Sun's rays.

ସୂର୍ଯ୍ୟକାନ୍ତ—ସଂ· ବ (କନ୍ଦୁଗ୍ରହ; ସୂର୍ଯ୍ୟ ଅଟେ କାନ୍ତ=ପ୍ରିୟ ଯାହାର) Sūrĵyakānta ଅନ୍ୟ ସଂ· ନାମ—ସୂର୍ଯ୍ୟମଣି, ସୂର୍ଯ୍ୟାଶ୍ମା, ଦହନୋପଳ, ତପନମଣି, ଭାସ୍କର, ରବିକାନ୍ତ, ଘାତ୍ରୋପଳ, ଅଗ୍ନିଗର୍ଭ, ଜ୍ୱଳନାଶ୍ମା, ଅର୍କୋପଳ, ସୂରମଣି, ଅତପମଣି । —୧ । ମଣିବିଶେଷ; ଅତସମଣି—1. A species of precious gem. (ଦ୍ର—ଏହାକୁ ସୂର୍ଯ୍ୟର କରଣରେ ଧରିଲେ ଏଥିରୁ ଜଳ ବାହାରେ, ଘାସ୍ରୋପଳ, ଘଡ଼େ । ଏହାର ଗୁଣ—ଚକ୍ଷୁଷ୍ୟ, ଜନ୍ମଜରା, ରସାୟନକର, ବାତଶ୍ଲେଷ୍ମ—ହରକର, ମେଧାକର । ଏହାକୁ ପୂଜା କଲେ ଅତସମଣି । ସୂର୍ଯ୍ୟଦେବ ତୁଷ୍ଟ ହୁଅନ୍ତି—ବ୍ରଜନଦର୍ଶନ ।) ୨ । ଦ୍ୱିଦିକ୍ଷବକ୍ରଗିଷ୍ଟ କାଚ (ହୁ· ଶ)—2. Double-convex lens. (ଦ୍ର—ଏହାକୁ ସୂର୍ଯ୍ୟକରଣରେ ଧରିଲେ ଜଳ କାହାରେ ।) ୩ । ସ୍ଫଟିକ (ଜଳାଯୁଧ)—3. Crystal; quartz.

ଅନ୍ୟ ସଂ· ନାମ—ସୂର୍ଯ୍ୟମଣି ପୁଷ୍ପରକ୍ତା, ଅତପ୍ରିୟ, ଅଦିତ୍ୟଭକ୍ତି ୪ । ଅଦିତ୍ୟଭକ୍ତି; ପୁଷ୍ପବୃକ୍ଷବିଶେଷ (ଶବ୍ଦଚନ୍ଦ୍ରିକା)—4. A flowering plant. ଦେ· ବ, ପୁଂ—

Digitized by srujanika@gmail.com

ସୂର୍ଯ୍ୟକାନ୍ତ ପୁରୁଷଙ୍କ ନାମ—A name given to males.
सूर्यकान्त

ସୂର୍ଯ୍ୟ କାଳ—ସଂ. ବି—ଦିବସ (ଶବ୍ଦଚନ୍ଦ୍ରିକା)—
Sūrjya kāla Day time.

ସୂର୍ଯ୍ୟ କାଳାନଳ ଚକ୍ର—ସଂ. ନ (ଫଳିତ ଜ୍ୟୋତିଷ)—ନରସାଙ୍କ ଶୁଭାଶୁଭ ଜ୍ଞାନାର୍ଥ ନକ୍ଷତ୍ରଘଟିତ ଚକ୍ରବିଶେଷ—An astrological figure.
Sūrjya kālānala chakra

ସୂର୍ଯ୍ୟକୁମାର ସର୍ବାଧିକାରୀ—ବେ. ବ (ନାମ)—ବଙ୍ଗୀୟ ସ୍ୱର୍ଗତ ପ୍ରସିଦ୍ଧ ଡାକ୍ତର—Name of a late famous doctor of Bengal. (ଦ୍ର—ଏ ୧୮୩୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ଜଳ୍‌ଦିତା ମେଡିକାଲ୍ କଲେଜରୁ ପାଶ୍ କରି ସୈନିକ ବିଭାଗରେ ଡାକ୍ତରି କର୍ମ କରୁଥିଲେ । ଏହାଙ୍କର ଗାଜିପୁରରେ ଥିବାସମୟ କାଳରେ ଏ ୧୮୫୭ ସାଲର ସିପାହି ବିଦ୍ରୋହର ସୂଚନା ପାଇ ସ୍ୱାମୀୟ ଇଂରାଜ କର୍ମଚାରୀମାନଙ୍କ ସାବଧାନ ବିଷୟରେ ସତର୍କ କରିଥିଲେ । ଲକ୍ଷ୍ନୌ ଉଦ୍ଧାର କାଳରେ ଏ ଇଂରାଜ ସେନାଙ୍କ ସଙ୍ଗରେ ଥିଲେ । ଏ ସେନାବିଭାଗରେ 'ବ୍ରିଗେଡ଼ିୟର୍ ସର୍ଜନ୍' ଉପାଧି ପାଇଥିଲେ । ବେଶେକ ଉପରସ୍ଥ ଶ୍ୱେତାଙ୍ଗ ସୈନିକ କର୍ମଚାରୀ ଏହାଙ୍କ ପ୍ରତି ଈର୍ଷାପରବଶ ହୋଇଥିଲେହେଁ ଏହାଙ୍କର କିଛି ଅନିଷ୍ଟ କରି ପାରି ନ ଥିଲେ । ଶେଷରେ ଏ ସୈନିକ ବିଭାଗର କାର୍ଯ୍ୟ ତ୍ୟାଗ କରି ପ୍ରଥମେ ଶ୍ରୀରାମପୁରରେ ଓ ପରେ କଲିକତାରେ ସ୍ୱାଧୀନ ଚିକିତ୍ସା ବ୍ୟବସାୟ କରି ଚିକିତ୍ସାପ୍ରସିଦ୍ଧତା, ଦାନଶୀଳତା ଓ ସାହିତ୍ୟସେବାଦ୍ୱାରା ଯଶୋଭାଜନ ହୋଇଥିଲେ । ଏହାଙ୍କ ଉପାର୍ଜ୍ଜିତ ଅର୍ଥ ଦେଶସେବା ଓ ଦରିଦ୍ର ରୋଗୀଙ୍କ ସେବାରେ ବ୍ୟୟିତ ହେଉଥିଲା । ଏ ଉତ୍ତର ସଙ୍ଗ ଅଞ୍ଚଳ ଓ ବ୍ରହ୍ମଦେଶ ପର୍ଯ୍ୟଟନ କରିଥିଲେ । ଓଡ଼ିଶାର ପ୍ରସିଦ୍ଧ ନଅଙ୍କ ସମୟରେ ଏ ଓ ଏହାଙ୍କ ବଡ଼ ଭାଇ ପ୍ରସନ୍ନକୁମାର ଅକାତର ଅର୍ଥ ବ୍ୟୟ କରି ବହୁ ପ୍ରାଣୀଙ୍କ ଜୀବନ ରକ୍ଷା କରିଥିଲେ । ଏହାଙ୍କର ଦୁଇ ପୁତ୍ର ଦେବପ୍ରସାଦ ଓ ସୁରେଶପ୍ରସାଦ ।)

ସୂର୍ଯ୍ୟ କ୍ଷୟ—ସଂ. ବ—ସୂର୍ଯ୍ୟମଣ୍ଡଳ (ହି. ଣ)—
Sūrjya kshaya The orb of the sun.

ସୂର୍ଯ୍ୟ ଗ୍ରହ—ସଂ. ବ—୧ । ନବଗ୍ରହ ମଧ୍ୟରୁ ପ୍ରଥମ ଗ୍ରହ; ସୂର୍ଯ୍ୟ—
Sūrjya graha 1. The sun as a first planet. ୨ । ସୂର୍ଯ୍ୟଗ୍ରହଣ—2. Solar eclipse ୩ । ରାହୁ—3. Rāhu; the ascending node. ୪ । କେତୁ—4. Ketu; the descending node. ୫ । ତାଳସୀର ତଳଭାଗ (ଗ୍ରନ୍ଥିବାଦ)—
5. The bottom of a pitcher.

ସୂର୍ଯ୍ୟ ଗ୍ରହଣ—ସଂ. ବ—ସୂର୍ଯ୍ୟୋପରାଗ—Solar eclipse. (ଦ୍ର—
Sūrjya grahaṇa ଚନ୍ଦ୍ରପରାଗ ମତରେ ରାହୁଦେବ ସୂର୍ଯ୍ୟଙ୍କ ଗ୍ରାସ କଲେ ସୂର୍ଯ୍ୟଗ୍ରହଣ ହୁଏ: ତନ୍ମ ଅଧିକ ବଙ୍ଗାଳର ସିଦ୍ଧାନ୍ତ ଅନୁସାରେ ସୂର୍ଯ୍ୟ ଓ ପୃଥିବୀ ମଧ୍ୟରେ ଚନ୍ଦ୍ର ଅବସ୍ଥିତ ହେଲେ ଚନ୍ଦ୍ରର ଛାୟା ଦ୍ୱାରା ସେହି ଅବସ୍ଥାରେ କିଛିକାଳ ସକାଶେ ସୂର୍ଯ୍ୟ ଦେଖାଯାଏ ନାହିଁ ।)

ସୂର୍ଯ୍ୟଜ—ସଂ. ବ. ପୁଂ—୧ । ସୁଗ୍ରୀବ ବାନର (ଜଟାଧର)—
Sūrjyaja 1. Sugrība, the monkey king. ୨ । ଶନି ଗ୍ରହ—2. The planet Saturn. ୩ । ଯମ—3, The Hindu God of death. ୪ । କର୍ଣ୍ଣରାଜା—4. King Karṇṇa. ୫ । ସାବର୍ଣ୍ଣି ମନୁ—5. Sāvarṇṇi Manu.

ସୂର୍ଯ୍ୟଜା—ସ. ବ. ସ୍ତ୍ରୀ—ଯମୁନା ନଦୀ (ହେମଚନ୍ଦ୍ର)—
Sūrjyajā The river Jamunā.

ସୂର୍ଯ୍ୟ ତନୟ (ନନ୍ଦନ)—ସଂ. ବ. ପୁଂ—୧ । ଶନିଗ୍ରହ—1. The Sūrjya tanaya (nandana) planet Saturn. ୨ । ଯମ—2. The God of death. ୩ । ସାବର୍ଣ୍ଣିମନୁ—3. A progenitor of mankind. ୪ । କର୍ଣ୍ଣ ରାଜା—4. King Karṇṇa. ୫ । ସୁଗ୍ରୀବ—5. Sugrība, the monkey king. ୬ । ଅଶ୍ୱିନୀକୁମାରଦ୍ୱୟ—6. The twin Aświnīkumāras. ୭ । ବରୁଣ (ହି. ଣ)—7. The Sea-god.

ସୂର୍ଯ୍ୟ ତନୟା (ନନ୍ଦନା)—ସଂ. ବ. ସ୍ତ୍ରୀ—୧ । ଯମୁନା ନଦୀ—1. The Sūrjya tanayā (nandanā) river Jamunā. ୨ । ତପତୀ—2. Tapatī, another daughter of the Sungod.

ସୂର୍ଯ୍ୟ ନାଡ଼ୀ—ସଂ. ବ—ଇଡ଼ାନାଡ଼ୀ—The vein running
Sūrjya nāṛḍī along the right side of the vertebral column and making the breath escape through the right nostril. [ଦ୍ର—ସ୍ୱରୋଦୟ ଶାସ୍ତ୍ର ମତରେ ଏହି ନାଡ଼ୀରେ ନିଶ୍ୱାସ ବହୁଥିଲେ ବୋଜନ କରିବ ଓ ଶୟନ କରିବ । ସ୍ୱରୋଦୟ ଦେଖ ।]

ସୂର୍ଯ୍ୟ ପକ୍ୱ—ସ. ବ (ଅସ୍ତା ଉତ୍ ବା ମ୍ ଅ. ଲୋ; ସୂର୍ଯ୍ୟୋତ୍ପ ପକ୍ୱ)—
Sūrjya pakwa ସୂର୍ଯ୍ୟପାଗୀ (ଦେଖ)—
Surjyapāgī (See)

ସୂର୍ଯ୍ୟପତ୍ର – ସ.ବ—୧। ଅଶୋତ୍ତିଆ ଗୁଳ୍ମ; ଅଦଭ୍ୟପତ୍ରା (ବୃଜବର୍ଦ୍ଧକ)
Sūrjyapatra —1. A plant; Cleomi Viscosa. ୨ । ଅର୍କ ଗୁଳ୍ମ (ହି. ଣ)—
2. Calotropis Gigantea.

ସୂର୍ଯ୍ୟପରାଗ – ବେ. ବ (ସ. ସୂର୍ଯ୍ୟୋପରାଗ)—ସୂର୍ଯ୍ୟଗ୍ରହଣ—
Sūrjyaparāga Solar eclipse.

ସୂର୍ଯ୍ୟପର୍ବ—ସ. ବ—ସୂର୍ଯ୍ୟର ଏକ ନୂଆ ରାଶିରେ ପ୍ରବେଶ କରିବା
Sūrjyaparba ସମୟ—The time of the sun's entering into a new sign of the zodiac

Digitized by srujanika@gmail.com

ସୂର୍ଯ୍ୟପର୍ଣ୍ଣୀ—ସ. ବ—୧ । ମୃଦ୍ଗପର୍ଣ୍ଣୀ (ଦେଖ)—1. Mudga-parnnī (See) ୨ । ମାଷପର୍ଣ୍ଣୀ (ଦେଖ) 2. Māshaparnnī (See)

ସୂର୍ଯ୍ୟପାଗୀ—ଦେ. ବଣ (ସଂ. ସୂର୍ଯ୍ୟପକ୍ୱ)—ଖରାରେ ବହୁକାଳ ରଖା ଯାଇ ଯାଇ ଭଲ୍ ଯାଇଥିବା—Prepared after being exposed to the heat of the sun for some time. [ଦ୍ର—ଅଗ୍ନିର, ବାଷ୍ପ ଅବଲ୍ ଖରାରେ ରଖି ଯାଇ ଭଲ୍ଯାଏ ।]

ସୂର୍ଯ୍ୟ ପାଦ—ସଂ. ନ (୬ଷ୍ଠୀ ତତ୍)—ସୂର୍ଯ୍ୟକିରଣ (ଦ୍ର. ଶ)—The rays of the sun.

ସୂର୍ଯ୍ୟ ପୁତ୍ର (ପୁତ)—ସଂ. ବ. ପୁଂ—ସୂର୍ଯ୍ୟତନୟ (ଦେଖ) Surjyatanaya (See)

ସୂର୍ଯ୍ୟପୁତ୍ରୀ (ପୁତା)—ସଂ. ବ. ସ୍ତ୍ରୀ—୧ । ସୂର୍ଯ୍ୟ ତନୟା (ଦେଖ)—1. Sūrjya tanayā (See) ୨ । ବିଦ୍ୟୁତ୍ (ଦ୍ର. ଶ)—2. Lightning.

ସୂର୍ଯ୍ୟ ପୁରାଣ—ସଂ. ବ—ସୌରପୁରାଣ, ଉପପୁରାଣବିଶେଷ—Name of a minor Purāṇa. [ଦ୍ର—ଏଥିରେ ସୂର୍ଯ୍ୟଙ୍କ ମାହାତ୍ମ୍ୟ ବର୍ଣ୍ଣିତ—ଦ୍ର. ଶ ।]

ସୂର୍ଯ୍ୟ ପୂଜକ—ସଂ. ବ—ସୂର୍ଯ୍ୟୋପାସକ—Worshipper of the Sun god. [ଦ୍ର—ଦ୍ୱାରଶୀମାନେ ସୂର୍ଯ୍ୟପୂଜକ ଅଟନ୍ତି ।]

ସୂର୍ଯ୍ୟ ପୂଜା—ସଂ. ବ—ସୂର୍ଯ୍ୟଦେବଙ୍କ ଉପାସନା—Worship of the Sungod.

ସୂର୍ଯ୍ୟପ୍ରଭ—ସଂ. ବଣ. ପୁଂ (ବହୁବ୍ରୀହି; ସୂର୍ଯ୍ୟ + ପ୍ରଭ)—ସୂର୍ଯ୍ୟ ପରି ଜ୍ୟୋତିଷ୍ମାନ୍—Radiant like the sun. (ସୂର୍ଯ୍ୟପ୍ରଭା—ସ୍ତ୍ରୀ)

ସୂର୍ଯ୍ୟପ୍ରଭବ—ସଂ. ବଣ. ପୁଂ—ସୂର୍ଯ୍ୟଙ୍କଠାରୁ ଜାତ—Born of the Sungod. (ସୂର୍ଯ୍ୟପ୍ରଭବା—ସ୍ତ୍ରୀ)


ସୂର୍ଯ୍ୟଫଣି ଚକ୍ର—ସଂ. ବ—ସବୁ ଜ୍ୟୋତିଷ୍କ ଗ୍ରହନକ୍ଷତ୍ରାଦିର ଜ୍ୟୋତିଷୋକ୍ତ ଚକ୍ରବିଶେଷ (ସ୍ୱପ୍ନଦସ୍ୱ)—Sūrjyaphaṇi chakra A sort of astrological figure.

ସୂର୍ଯ୍ୟ ବଂଶ—ସ. ବ—ସୂର୍ଯ୍ୟଙ୍କଠାରୁ ଜାତ ସନ୍ତାନପରମ୍ପରାକ୍ରମ ବଂଶ—Sūrjya bamśa The solar dynasty of kings of India. [ଦ୍ର—ପରମେଶ୍ୱରଙ୍କଠାରୁ ବ୍ରହ୍ମା, ବ୍ରହ୍ମାଙ୍କଠାରୁ ମରୀଚି, ମରୀଚିଙ୍କ ପୁତ୍ର କଶ୍ୟପ, କଶ୍ୟପଙ୍କ ପୁତ୍ର ସୂର୍ଯ୍ୟ, ସୂର୍ଯ୍ୟଙ୍କ ପୁତ୍ର ବୈବସ୍ୱତ ମନୁ (ଏ ସତ୍ୟଯୁଗରେ ଭରତର ରାଜା ଥିଲେ ।) ଏହାଙ୍କ ପୁତ୍ର ଇକ୍ଷ୍ୱାକୁ ଓ ତାହାଙ୍କ ବଂଶଧରମାନେ [ଯଥା—ଦଳୀପ, ଅଜ, ରଘୁ ଓ ଦଶରଥ) ତ୍ରେତାଯୁଗରେ ରାଜା ହେଲେ । ତ୍ରେତା ଓ ଦ୍ୱାପର ସନ୍ଧିରେ ଦଶରଥଙ୍କ ପୁତ୍ର ରାମଚନ୍ଦ୍ରଜନ୍ମ ହେଉଛି । ତାହାଙ୍କ ପୁତ୍ର କୁଶ ଓ ତାଙ୍କ ବଂଶଧରମାନେ କଳିଯୁଗର ସପ୍ତସ୍ର ବର୍ଷ ପର୍ଯ୍ୟନ୍ତ ରାଜତ୍ୱ କଲେ ।


ଭରତର ଦୁଇ ପ୍ରାଚୀନ ରାଜବଂଶ (ଚନ୍ଦ୍ରବଂଶ ଓ ସୂର୍ଯ୍ୟବଂଶ) ମଧ୍ୟରୁ ଏହା ଏତଦ୍ଭର । ଜନକ ରାଜା (ମଉଜ୍ଜରରେ) ଚନ୍ଦ୍ରବଂଶୀୟ ଥିଲେ । ବବାହ ସୂତ୍ରରେ (ଜନକଙ୍କ ଜନ୍ୟାମାନଙ୍କ ସହିତ ଦଶରଥଙ୍କ ପୁତ୍ରମାନଙ୍କ ବବାହଦ୍ୱାରା) ଚନ୍ଦ୍ର ଓ ସୂର୍ଯ୍ୟବଂଶ ମିଳିତ ହେଲେ ।

ସୂର୍ଯ୍ୟ ଓ ଚନ୍ଦ୍ର ବଂଶର ବଂଶବୃକ୍ଷ—

(ସ୍ୱସ୍ୱବାଡ଼ାଡୁର ସ୍ୱଳବଶୋର ଦାସଙ୍କ ଗୃଗବତ ନବମସ୍କନ୍ଧର ଜ୍ୟୋତିଷରୁ ଉଦ୍ଧୃତ ।)



Digitized by srujanika@gmail.com



Digitized by srujanika@gmail.com

ସୂର୍ଯ୍ୟବଂଶିକ—ବେ. ବ୩—୧ । ସୂର୍ଯ୍ୟବଂଶ ସମ୍ବନ୍ଧୀୟ —1. Relating Sūrjyabamśika to solar dynasty. ୨ । ସୂର୍ଯ୍ୟ-ସୂର୍ଯ୍ୟବଂଶୀ ବଂଶୋଦ୍ଭବ—2. Born of the solar dynasty. [ଦ୍ର—ତାର ସେ ସ୍ଥାନେ ଜନ୍ମିବ, ତାହାରେ ସୂର୍ଯ୍ୟବଂଶିକ, ବଳେ ଦକ୍ଷିଣ ମୃଗରେ, ବଡ଼ାର ଖରେ ସେ । ଭଃ· ବୈଦେହୀଗ୍ରହଳାସ ।]

ସୂର୍ଯ୍ୟ ବଂଶୀ (ଂଶୀୟ, ଂଶ୍ୟ)—ସଂ· ବ୩. ପୁଂ—ସୂର୍ଯ୍ୟବଂଶିକ (ଦେଖ) Sūrjya bamśī (bamśīya, bamśya) Sūrjya-bamśika (See) (ସୂର୍ଯ୍ୟବଂଶିନୀ, ସୂର୍ଯ୍ୟବଂଶୀୟା, ସୂର୍ଯ୍ୟବଂଶ୍ୟା—ସ୍ତ୍ରୀ)

ସୂର୍ଯ୍ୟ ବନ୍ଧୁ—ବେ. ବ—ମହାପ୍ରସାଦ ବନ୍ଧୁ; ଧର୍ମବନ୍ଧୁ— Sūrjya bandhu God-relation.

ସୂର୍ଯ୍ୟବନ୍ଧୁତା—ବେ· ବ—ମହାପ୍ରସାଦ ବନ୍ଧୁତା— Sūrjyabandhutā God relationship.

ସୂର୍ଯ୍ୟବଲ୍ଲୀ—ସ୍ତ୍ର. ବ—ଅର୍କପୁଷ୍ପିକା ବୃକ୍ଷ (ଉତ୍ପମାଳା); ସୂର୍ଯ୍ୟମୁଖୀ ଫୁଲ—The sunflower· Sūrjyaballī

ସୂର୍ଯ୍ୟବଲ୍ଲଭା—ସ୍ତ୍ର.ବ—୧। ଅଣସୋରଗିଥ—1. Cleome Viscosa. Sūrjyaballabhā ୨ । ପଦ୍ମ (ହ. ଣ)—2. Lotus.

ସୂର୍ଯ୍ୟ ବାଉଳି —ବେ. ବ (ବଣିଥ ଶବ୍ଦ) —ଡଲ କାନରେ ପିନ୍ଧାଯିବା Sūrjya bāuli ସୁନାର ଅଳଙ୍କାର ବିଶେଷ—Name of a gold ornament for the ear. [ଦ୍ର—ଏଥିରେ ତାର ଚନ୍ଦ୍ର (ଭଲ୍ଲିଡ ସୂର୍ଯ୍ୟ) ଥର ଚକଡ଼ ଲଗିଥାଏ ।]

ସୂର୍ଯ୍ୟ ବାର (ବାସର)—ସଂ· ବ—ରବିବାର— Sūrjya bāra (bāsara) Sunday.

ସୂର୍ଯ୍ୟ ବିମ୍ବ —ସଂ· ବ (୬ଷ୍ଠୀ ତତ୍) —ସୂର୍ଯ୍ୟଙ୍କ ମଣ୍ଡଳ— Sūrjya bimba The orb of the sun.

ସୂର୍ଯ୍ୟ ବିଲୋକନ—ସଂ· ବ—ଶିଶୁର ୪ ମାସ ବୟସରେ Sūrjya bilokana ପ୍ରଥମ ସୂର୍ଯ୍ୟ ଦର୍ଶନରୂପ ମାଙ୍ଗଳିକ କର୍ମ (ହ. ଣ)—The ceremonial of looking at the sun on the 4th month of a child's birth.

ସୂର୍ଯ୍ୟ ବୁଡ଼ିବା—ବେ. ବ—ସୂର୍ଯ୍ୟର ଅସ୍ତ ହେବା— Sūrjyā burḍibā The setting of the sun. ସୂର୍ଯ୍ୟ ଡୋବା ସୂର୍ଯ୍ୟାସ୍ତ

ସୂର୍ଯ୍ୟ ବୃକ୍ଷ—ସଂ· ବ—ଅର୍କଗଛ (ହ. ଣ)— Sūrjya bṛuksha Calotropis Gigantea (plant).

ସୂର୍ଯ୍ୟ ବେଶ୍ମ—ସଂ· ବ (୬ଷ୍ଠୀ ତତ୍; ସୂର୍ଯ୍ୟବେଶ୍ମନ୍; ୧ମା. ୧ବ)— Sūrjya besma ସୂର୍ଯ୍ୟମଣ୍ଡଳ—The orb of the sun.

ସୂର୍ଯ୍ୟ ବ୍ରତ—ସଂ, ବ—୧ । ସୂର୍ଯ୍ୟପୂଜାରୂପ ବ୍ରତ—1. The vow Sūrjya brata of worshipping the sun. ୨ । ସୋମନାଥ ବ୍ରତ (ଦେଖ)— 2. Somanātha brata (See)

ସୂର୍ଯ୍ୟଭକ୍ତ—ସ୍ତ୍ର. ବ. ପୁଂ—୧ । ସୂର୍ଯ୍ୟୋପାସକ—1. A devotee Sūrjyabhakta of the Sungod. ୨ । ବନ୍ଧୁକ ପୁଷ୍ପ; (ସୂର୍ଯ୍ୟଭକ୍ତକ—ଅନ୍ୟରୂପ) (ମେଦନୀ); ବଥଡ଼ରଥ ଫୁଲ; ବଧୂଳ ଫୁଲ—2. Pentapetes Phoenicea (flower).

ସୂର୍ଯ୍ୟଭକ୍ତା—ସ୍ତ୍ର. ବ—୧। ସ୍ୱବଚ୍ଚଳା; ସୂର୍ଯ୍ୟମୁଖୀ ଗଛ —1. The sun Sūrjya bhaktā flower. ୨ । ଅଣସୋରଗିଥ (ଗୁଳ୍ମ)— 2. Cleomi Viscosa (plant).

ସୂର୍ଯ୍ୟ ମଇତ —ବେ. ବ—ସୂର୍ଯ୍ୟବନ୍ଧୁ (ଦେଖ)— Sūrjya maitra Sūrjyabandhu (See). ସୂର୍ଯ୍ୟବନ୍ଧୁ ସୂର୍ଯ୍ୟ ବଂଧୁ

ସୂର୍ଯ୍ୟମଣି – ସ. ବ—ସୂର୍ଯ୍ୟକାନ୍ତ (ଦେଖ)—Sūrjyakānta (See) Sūrjyamaṇi ବେ. ବ. ସ୍ତ୍ରୀ ଓ ପୁଂ—ସ୍ତ୍ରୀ ଓ ପୁରୁଷଙ୍କ ଦଅ-ଥିବା ନାମ—A name given to males and females.

ସୂର୍ଯ୍ୟମଣି ଚ୍ୟାଉପଟ୍ଟଣାୟକ—ବେ. ବ (ନାମ)—ସ୍ୱର୍ଗତ ଜୁଲୁଲୀୟ Sūrjyamaṇi chyāupaṭṭaṇāyaka କବିବିଶେଷ—Name of an Oriya poet of the 18th century. [ଦ୍ର—ଏ ଜାତିରେ ଜରଣ ଥିଲେ; ୧୭୭୯ ଖ୍ରୀଷ୍ଟାବ୍ଦରେ ଚଞ୍ଚାମଙ୍ଗଳ ପୁସ୍ତକର ସ୍ତବ୍ୟରେ ଜନ୍ମଗ୍ରହଣ କରିଥିଲେ । ଏ ଅତି ସରଳଭାଷାରେ ଅଧ୍ୟାତ୍ମଗାଥା ଲେଖି ଯାଇ-ଅଛନ୍ତି —ଭାରତୀ, ଜୁଲୁଲ ସାହିତ୍ୟ ଇତିହାସ ।]

ସୂର୍ଯ୍ୟମଣି ପାଟମହାଦେଇ(ଈ)—ବେ· ବ (ନାମ)—ସୁପ୍ତ ଗଜପତି ସ୍ତବ-Sūrjyamaṇī pāṭa mahādeī(bī) ବରର ଜନୈକା ସ୍ୱର୍ଗତା ସ୍ତମ୍ଭାତା—A dowager Ranee of the Gajapati dynasty of Puri, the great grand mother of the present Gajapati Raja Ramachandra Deba.

[ଦ୍ର—ଏ ସୁପ୍ତର ସ୍ତମ୍ଭା ବବ୍ୟସିଂହ ଦେବଙ୍କ ମାତା, ସ୍ୱର୍ଗତ ମୁକୁନ୍ଦ ଦେବଙ୍କ ପିତାମଫ୍ଟା ଓ ବର୍ତ୍ତମାନ ଶ୍ରୀ ସ୍ତମତନ୍ତ୍ର ଦେବଙ୍କ ପ୍ରପିତାମଫ୍ଟା ଥିଲେ । ଏ ଅତି ବୃଦ୍ଧା ହୋଇ ୧୯୨୨ ସାଲରେ ସ୍ୱର୍ଗଗାମିନୀ ହେଲେ; ଉତ୍ତରୁଣ୍ଡମେଣ୍ଟ ପୁସ୍ତକନ୍ଦରୁ ଜାସ୍ ଉଦ୍ଧାରିତ କରିବାରୁ ଏ ଗଭର୍ଣ୍ଣମେଣ୍ଟଙ୍କ ସଙ୍ଗେ ମତଦ୍ୱୈଧରେ ଫାଇଦୋଟ୍ ଯାଏଁ ଲଢ଼ି ମନ୍ଦରରେ ପୁସ୍ତ ବ୍ରଜାସାଦେବଙ୍କ ପୁରୁଷାନୁକ୍ରମ ଚରିତ୍ରତନାଧିକାର ପ୍ରତିଷ୍ଠିତ କରିବାରେ ସମର୍ଥୀ ହୋଇଥିଲେ ।]

ସୂର୍ଯ୍ୟମଣି ଫୁଲ —ବେ. ବ— ବଧୂଳ ଫୁଲ— Sūrjyamaṇi phula Pentapetes Phoenicia. ବାଁଧୁଳି ଦୁପହରିଆ

ସୂର୍ଯ୍ୟ ମଣ୍ଡଳ—ସଂ·ବ (୬ଷ୍ଠୀ ତତ୍)—ସୂର୍ଯ୍ୟଙ୍କ ଗତ୍ରବେଶ ବା ଗତ୍ରଧୂ— Sūrjya maṇḍala The orb of the sun; the sun's disc. ଅନ୍ୟ ସଂ—ଗତ୍ରବେଶ, ଗତ୍ତଧ୍ୱ, ଜ୍ୟୋତିର୍ଯ୍ୟମଣ୍ଡଳ

ସୂର୍ଯ୍ୟମୁଖୀ —ସ୍ତ୍ର· ବ—ଅଣସୋରଗିଥ; ତନ୍ୟଶାକବିଶେଷ—Cleom Sūrjyamukhī Viscosa. ବେ· ବ (ସ. ସୂର୍ଯ୍ୟ +ମୁଖ; ଏ ଫୁଲ ସୂର୍ଯ୍ୟଙ୍କ ଆଡ଼େ ମୁଖ ବୁଲାଇ ଫୁଟୁଥିବାରୁ)—ଏତନ୍ନାମକ ତଳବର୍ଥ ଫୁଲ ଓ ତହିଁର ଗଛ— ହୁଡ଼ୁହୁଡ଼େ, ଓଲଟେ ହୁରହୁର

Digitized by srujanika@gmail.com

The sun flower; Helianthus Annuus.

ସୂର୍ଯ୍ୟମୁଖୀ, ରାଧାପଦ୍ମ ସୁରଜମୁଖୀ
ଫା. ଗୁଲ୍ ଅଫ୍ତାବ୍ ପରସ୍ତ୍
ଅ. ଥର୍ ଦେଇନ୍
ତେ. ସୂର୍ଯକାନ୍ତୁପୁ ସୂର୍ଯମୁଲବନ୍ନି
ସଂ. ନାମ—ଅବଭ୍ୟ-ଭକ୍ଷା, କରଦା, ସ୍ୱଚ୍ଛଳ, ସୂର୍ଯ୍ୟଲତା, ଅର୍କକାନ୍ତା, ଭସ୍ମରେଷ୍ଟା, ବଡାନ୍ତା, ସ୍ୱତେଜା, ସୌଖ, ଅର୍କହୃତା ।

[ଦ୍ର—ଏହା ସୋମସ୍ୱଜ୍ୟାଦ ବର୍ଗର ଉଦ୍ୟାନଜାତ ବର୍ଷଜୀବୀ ଶୁଷ (ଗୁଳ୍ମ) । ଏହାର ପୁଷ୍ପମଞ୍ଜରୀ ଓ ପାଖୁଡ଼ା ହଳଦିଆ । ଏ ଫୁଲ ବ୍ୟାସରେ ପ୍ରାୟ ୬ ଇଞ୍ଚ୍ ପର୍ଯ୍ୟନ୍ତ ବଢ଼େ । ସୂର୍ଯ୍ୟାସ୍ତ ପୂର୍ବରୁ ଏ ଫୁଲ ଉଜୁଡ଼ି ପଡ଼େ ଓ ସୂର୍ଯୋଦୟ ପରେ ପୁଣରୁ ଫୁଟି ପାଏ । ଡ୍ୟୁନ୍ସାଙ୍କ ମତରେ ଏ ଫୁଲଗୁଡ଼ିକ ସର୍ବପ୍ରଥମେ ଆମେରିକାରୁ ଆସିଥିଲା । ଏ ଗଛ ଦୁର୍ଗନ୍ଧିତ ବାୟୁକୁ ଶୁଦ୍ଧ କରେ ବୋଲି କଥିତ ।

ଏ ଫୁଲ ଦୁଇ ପ୍ରକାରର; ଯଥା ଶ୍ୱେତ ଓ ପୀତ ।

ଶ୍ୱେତ ସୂର୍ଯ୍ୟମୁଖୀ—ଶୀତବୀର୍ଯ୍ୟ, ରୁକ୍ଷ, ମଧୁରବିପାକ, ସାରକ, ଗୁରୁ, ଦୋଷ କଫୁରସ, ବଷ୍ତମ୍ଭ, କଫ ଓ ବାତନାଶକ (ଶ୍ୱେତ-ଫୁଲର ସ୍ପୃଷ୍ଟାବସ୍ଥାସ୍ଥ ସୂର୍ଯ୍ୟଭକ୍ତା, ସ୍ୱଚ୍ଛଳା, କରଦା, ବଦରୁ, ସୂର୍ଯ୍ୟାବର୍ତ୍ତୀ, ରବିପ୍ରିୟା ।

ପୀତ ସୂର୍ଯ୍ୟମୁଖୀ—(ସଂ· ସ୍ୱଦୁର୍ଲଭା) । ଏହା ଈଷତ୍-କଷାୟରସ, କଟୁ, ଉଷ୍ଣବୀର୍ଯ୍ୟ, ସାରକ, ରୁକ୍ଷ, ଲଘୁ ଓ କଫ, ରକ୍ତପିତ୍ତ, ଶ୍ୱାସ, କାସ, ଅରୁଚି, ଜ୍ୱର, ବିଷ୍ଫୋଟ, କୁଷ୍ଠ, ମେଦ, ଉତ୍କ୍ଲେଦ, ଯୋନିବ୍ୟାପତ୍, କୃମି ଓ ପାଣ୍ଡୁରୋଗ ନାଶକ ।]

ସୂର୍ଯ୍ୟ ରଶ୍ମି —ସ, ବ(୬ଷ୍ଠୀ ତତ୍) —ସୂର୍ଯ୍ୟଙ୍କ କିରଣ—The rays of the sun
Sūrjya raśmi

[ଦ୍ର—ସୂର୍ଯ୍ୟଙ୍କୁ ଅନୁସ୍ତରଣରେ ଧନ୍ୟବାଦଜ୍ଞାପନ ହୋଇ ଯାଇଅଛି । ଅଧୁନାତନ ବିଜ୍ଞାନଦ୍ୱାରା ପ୍ରମାଣିତ ହୋଇଅଛି ଯେ ସୂର୍ଯ୍ୟରଶ୍ମି ୭ ଗୋଟି ମୌଳିକ ବର୍ଣ୍ଣର ସମନ୍ୱୟ ଅଟେ । ଯଥା—

୧ । ବାଇଗଣି—(Violet)
୨ । ନେଳୀ—(Indigo)
୩ । ଶ୍ୟାମଳ—(Blue)
୪ । ଶାଗୁଆ—(Green)
୫ । ହଳଦିଆ—(Yellow)
୬ । ନାରଙ୍ଗୀ—(Orange)
୭ । ନାଲି—(Red) ।]

ସୂର୍ଯ୍ୟ ଲତା—ସଂ· ବ—୧ । ଅବଭ୍ୟଭକ୍ତା (ବ୍ରଜନ୍ଧର୍ଣ୍ଣ); ଅଣ-ଷୋଡ଼ିଆ—1. Cleome Viscosa.
Sūrjya latā

୨ । ସୂର୍ଯ୍ୟମୁଖୀ (ଦେଖ)—
2. Sūrjyamukhī (See)

ସୂର୍ଯ୍ୟ ଲୋକ—ସଂ· ବ—୧ । ସୌରଭୁବନ; ସୂର୍ଯ୍ୟଭକ୍ତ, ପୁଣ୍ୟଶୀଳ ଓ ଯୁଦ୍ଧରେ ମୃତ ବୀରପୁରାଳଙ୍କର ପୁଣ୍ୟଲୋକ ଯାହାଲୌକିକ ବାସସ୍ଥାନ—1. The abode of the sun. worshippers after death.
Sūrjya loka

୨ । ସୌରଜଗତ୍—
2. The universe of which the sun is the centre; the solar system.

ସୂର୍ଯ୍ୟ ଶିଷ୍ୟ—ସ. ବ· ସୁ—୧ । ଯାଜ୍ଞବଲ୍କ ଋଷି (ଭ· ଶ.)—1. Jājñabalka sage.
Sūrjya śishya

୨ । ଜନକ ରାଜର୍ଷି (ବୃ. ଶ)—2. King Janaka.

ସୂର୍ଯ୍ୟ ସଂକ୍ରମଣ (ସଂକ୍ରାନ୍ତି, ସଂକ୍ରମ) ବ—ସୂର୍ଯ୍ୟର ଏକରାଶିରୁ ଅନ୍ୟ ରାଶିକୁ ଗମନ—The transition of the sun from one zodiacal sign to another.
Sūrjya saṁkramaṇa (saṁkrānti, saṁkrama)

(ସୂର୍ଯ୍ୟ ସଂକ୍ରମଣ [ସଂକ୍ରାନ୍ତି, ସଂକ୍ରମ]—ଅନ୍ୟରୂପ)

ସୂର୍ଯ୍ୟସଂଜ୍ଞ—ସ· ବ (ସୂର୍ଯ୍ୟ+ସଂଜ୍ଞା; ବହୁବ୍ରୀହି)—୧ । କୁଙ୍କୁମ
Sūrjyasaṁjñā (ଚିକାଣ ଔଷଧ)—1. Saffron. ୨ । ଅର୍କଗୁଳ୍ମ (ହି· ଶ)—2. Calotropis Gigantea. ୩ । ତାମ୍ର (ହି· ଶ)—3. Copper. ୪ । ଏକ-ପ୍ରକାର ମାଣିକ୍ୟ (ହି· ଶ)—4. A kind of ruby.

ସୂର୍ଯ୍ୟସାବର୍ଣ୍ଣି—ସ· ବ—ମାର୍କଣ୍ଡେୟ ପୁରାଣ ଅନୁସାରେ ଅଷ୍ଟମ ମନୁଙ୍କ ନାମ—Name of the eighth Manu.
Sūrjya sābarṇṇi

[ଦ୍ର—ଏ ସୂର୍ଯ୍ୟଙ୍କ ଔରସରେ ସଜ୍ଞାଙ୍କ ଗର୍ଭରୁ ଜନ୍ମଲାଭ ହୋଇଥିଲେ । ଦେବୀମାହାତ୍ମ୍ୟ (ଚଣ୍ଡୀ)ରେ ଲକ୍ଷିତ ସୁରଥ ରାଜା ସମୟରେ ସାବର୍ଣ୍ଣି ମନୁ ହୋଇଥିବା କଥିତ ।]

ସୂର୍ଯ୍ୟ ସାରଥି —ସ· ବ (୬ଷ୍ଠୀ ତତ୍)—ଅରୁଣ—The dawn (personified).
Sūrjya sārathi

ସୂର୍ଯ୍ୟ ସିଦ୍ଧାନ୍ତ —ସ. ବ- ଦ୍ୱନ୍ଦ୍ୱ ଜ୍ୟୋତିଷର ପ୍ରଧାନ ଗ୍ରନ୍ଥ—Name of a famous ancient Sanscrit treatise on astrology.
Sūrjya siddhānta

[ଦ୍ର—ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥ ଅତି ପ୍ରାଚୀନ । ବର୍ତ୍ତମାନ ମିଳୁଥିବା ଗ୍ରନ୍ଥରେ ଅନେକ ଗ୍ରହ ପ୍ରକ୍ଷିପ୍ତ ଓ ଦେବେଦ୍ଦାଂଶ ଲୁପ୍ତ ହୋଇ କଦ୍ଦ ପ୍ରକାର ସୂର୍ଯ୍ୟସିଦ୍ଧାନ୍ତ ଗ୍ରନ୍ଥ ଦେଖିବାକୁ ମିଳେ । ସତ୍ୟଯୁଗର ଶେଷରେ ମୟ ନାମକ ଅସୁର ଏହି ସିଦ୍ଧାନ୍ତ ବୋଧ କରିଥି ସୂର୍ଯ୍ୟଦେବଙ୍କର ଅର୍ଚ୍ଚନା କରିଥିଲେ । ସେଥିରେ ସୂର୍ଯ୍ୟ ଦେବ ପ୍ରୀତ ହୋଇ ମୟାସୁରଙ୍କୁ ଏହି ସକଳ ତତ୍ତ୍ୱବୋଧ କରାଇଥିଲେ । ଏଥିରେ ଗ୍ରହମାନଙ୍କର ଗତି, ସ୍ଥିତି, ଭୂଗୋଳ ବର୍ଣ୍ଣନ ଇତ୍ୟାଦି ସିଦ୍ଧାନ୍ତର ସମସ୍ତ ବିଷୟ ପୁଙ୍ଖାନୁପୁଙ୍ଖ ରୂପର କରାଯାଇଅଛି । ଆର୍ଯ୍ୟମାନେ ଏହି ସିଦ୍ଧାନ୍ତକୁ ଅବଲମ୍ବନ କରି 'ଅର୍କବ୍ଦ' ନାମକ ଜ୍ୟୋତିଷ ଗ୍ରନ୍ଥ ରଚନା କରିଥିଲେ । ବର୍ତ୍ତମାନ ମିଳୁଥିବା ସୂର୍ଯ୍ୟସିଦ୍ଧାନ୍ତ ବରାହଙ୍କ ସଙ୍କଳିତ—ସମର୍ଥ ଲେଖକ, ବାଇବୋଳ ସଦୃଶ ଜ୍ୟୋତିଷଶାସ୍ତ୍ରର ।]

ସୂର୍ଯ୍ୟ ସୂକ୍ତ—ସ. ବ—ସୂର୍ଯ୍ୟଦେବଙ୍କ ସ୍ତବ ସମ୍ବଳିତ ଋଗ୍ବେଦର ସୂକ୍ତ—ସବିତା ଦେବତାଙ୍କ ଉଦ୍ଦେଶ୍ୟରେ ରଚିତ ଏକ ବୈଦିକ ସ୍ତୋତ୍ର—Name of a vedic prayer to the Sungod
Sūrjya sukta

Digitized by srujanika@gmail.com

ସୂର୍ଯ୍ୟ ସ୍ତବରାଜ—ସ. ବ—ଶାମ୍ବପ୍ରତିଶୋକ୍ତ ସୂର୍ଯ୍ୟଙ୍କର ଏକବିଂଶ ନାମ
Sūrjyastabarāja ସମ୍ବଳିତ ସ୍ତୋତ୍ର—Title of a hymn of the Sungod containing 21 names of the sun. [ଦ୍ର—ଏ ସ୍ତବକୁ ସୂର୍ଯ୍ୟଦେବ ଶାମ୍ବକୁ ଉପଦେଶ ଦେଇଥିଲେ ଓ ଶାମ୍ବ ଏହା ପ୍ରତିଦିନ ଦ୍ୱିପହ୍ନାରେ ପାଠ କରି କୁଷ୍ଠ ରୋଗ ମୁକ୍ତ ହୋଇଥିଲେ ।]

ସୂର୍ଯ୍ୟ ସ୍ୱର—ଦେ. ବ—୧ । ଶରୀରରେ ଥିବା ବାୟୁବିଶେଷ (ଏ ପୁରୁଷ
Sūrjya swara ଓ ଏହାର ବର୍ଣ୍ଣ ଶ୍ୱେତ ଅଟେ)—A kind of wind which is circulated in the human body.
୨ । ସୂର୍ଯ୍ୟକାର୍ଡ଼ୀ (ଦେଶ)—
2. Surjyanārdī (See)
[ବ୍ର—ଶୁଣ ଶାଳମ୍ବସ୍ତ ସୂର୍ଯ୍ୟସ୍ୱରର ବେତ୍ତାର ଜ୍ଞାନ କର୍ମମାନ ଜନ୍ତୁରୁ ଏ ସଂସାର—ଶିବସ୍ୱରୋଦୟ ।]

ସୂର୍ଯ୍ୟ ହାର—ଦେ. ବ (ବଣିଆଶବ୍ଦ)—ଅଣ୍ଟାରେ ପିନ୍ଧା ଯିବା ପାଇଁ
Sūrjya hāra ସୁନାର ବା ରୂପାର ଏକପ୍ରକାର ଚାରଭଙ୍ଗି ସୂର୍ଯ୍ୟହାର ଅଳଙ୍କାର—A kind of gold or silver waist-chain with filagree works thereon.
ସୁର୍ଯ୍ୟହାର

ସୂର୍ଯ୍ୟ ହୃଦୟ—ସଂ. ବ—ଅଦ୍ଭୁତହୃଦୟ; ସୂର୍ଯ୍ୟଦେବଙ୍କ ସ୍ତବବିଶେଷ
Sūrjya hṛudaya (ଜୁର୍ମପୁରାଣ, ଗରୁଡ଼ପୁରାଣ)—
Name of a hymn to the Sungod.

ସୂର୍ଯ୍ୟା(ର୍ଯ୍ୟା)—ସଂ. ବ (ସୂର୍ଯ୍ୟ+ଅ)—୧ । ସୂର୍ଯ୍ୟପତ୍ନୀ; ସଂଜ୍ଞା
Sūrjya(rjyā) (ଶବ୍ଦରତ୍ନାବଳୀ)—1. The wife of the Sungod. ୨ । ଇନ୍ଦ୍ରବାରୁଣୀ (ଗୁଜବର୍ଘଣ୍ଟ); ମହାତାଳ ଲତା—2. Colocynth. ୩ । କନେଡ଼ା; କନକବଧୂ (ଶବ୍ଦରତ୍ନାବଳୀ)—3. A bride; a newly married girl. ୪ । ସୂର୍ଯ୍ୟଙ୍କ କନ୍ୟା—4. The daughter of the Sungod (Apte). ୫ । ଔଷଧ—5. Drug (Apte). ୬ । ସୂର୍ଯ୍ୟଙ୍କ ବିବାହ ସମ୍ବନ୍ଧୀୟ ସ୍ତୋତ୍ରବିଶେଷ—6. The hymn about the marriage of Sungod (Apte). ଦେ. ବ (ପୁଂ)—ସୂର୍ଯ୍ୟମଣିର ଅନାଦରସୂଚକ ଭାଙ୍ଗ ନାମ—
Name for calling Sūrjyamaṇi in contempt.

ସୂର୍ଯ୍ୟା(ର୍ଯ୍ୟା)ଣୀ—ସଂ. ବ. ସ୍ତ୍ରୀ (ସୂର୍ଯ୍ୟ+ସ୍ତ୍ରୀ. ଅଙ୍ଗ)—ସୂର୍ଯ୍ୟପତ୍ନୀ;
Sūrjyā(rjyā)ṇī ସଂଜ୍ଞା—The wife of the Sungod.

ସୂର୍ଯ୍ୟାତପ—ସଂ. ବ (୬ଷ୍ଠୀ ତତ୍ ; ସୂର୍ଯ୍ୟ+ଆତପ) —ଖରା—
Sūrjyātapa The glare of the sun; sunshine.

ସୂର୍ଯ୍ୟାତ୍ମଜ—ସଂ. ବ-ପୁଂ (୬ଷ୍ଠୀ ତତ୍ ; ସୂର୍ଯ୍ୟ+ଆତ୍ମଜ) —ସୂର୍ଯ୍ୟ-
Sūrjyātmaja ତନୟ (ଦେଖ)—
Sūrjya tanaya (See).

ସୂର୍ଯ୍ୟାତ୍ମଜା—ସ. ବ. ସ୍ତ୍ରୀ (୬ଷ୍ଠୀ ତତ୍)—ସୂର୍ଯ୍ୟତନୟା (ଦେଖ)
Sūrjyātmajā Sūrjyatanayā (See)

ସୂର୍ଯ୍ୟାପୀଡ଼—ସ. ବ. (ନାମ)—ପରୀକ୍ଷିତଙ୍କ ଏକ ପୁତ୍ର (ଭ. ଶ)
Sūrjyāpīrda Name of a son of Parīkshita.

ସୂର୍ଯ୍ୟାବର୍ତ୍ତ(ର୍ତ୍ତା)—ସ. ବ (ସୂର୍ଯ୍ୟ+ଆ+ବୃତ୍ ଧାତୁ=ଘୂରିବା+
Sūrjyābartta(rttā) କ୍ତକ୍ତି. ତ+ତ; ଯାହା ସୂର୍ଯ୍ୟଙ୍କ ଦିଗକୁ ମୁହଁ ଘୁଞ୍ଚାଏ)—୧ । ସୂର୍ଯ୍ୟମୁଖୀ ଫୁଲ—1. The sunflower; Helianthus Annuus. ୨ । ଅଣ-ଓରିଷିଆ ଗଛ—2. Cleome Viscosa plant. ୩ । ଗଜପିପ୍ପଳୀ (ଲ. ଶ)—3. Pothos Officinalis (creeper). ୪ । ଅର୍ଦ୍ଧାବଭେଦକରୋଗ—4. Megrim. [ଦ୍ର—ଏ ରୋଗ ସୂର୍ଯ୍ୟୋଦୟସମୟରେ ପ୍ରଥମେ ଆରମ୍ଭ ହୋଇ ଓ ସୂର୍ଯ୍ୟର ଗତି ସଙ୍ଗେ ବୃଦ୍ଧି ପାଇ ଦ୍ୱିପ୍ରହର ପରେ କମି କମି ସୂର୍ଯ୍ୟାସ୍ତସମୟରେ ବନ୍ଦ ହୋଇଯାଏ ।]

ସୂର୍ଯ୍ୟାୟାମ—ସଂ. ବ (୬ଷ୍ଠୀ ତତ୍)—ସୂର୍ଯ୍ୟାସ୍ତ ସମୟ (ଭ. ଶ)—
Sūrjyāyāma The time of sunset.

ସୂର୍ଯ୍ୟାର୍ଘ୍ୟ—ସ. ବ (ମ. ଷ. ତତ୍ପୁ)—ସୂର୍ଯ୍ୟଦେବଙ୍କ ଉଦ୍ଦେଶ୍ୟରେ ମନ୍ତ୍ର
Sūrjyārghya ପାଠପୂର୍ବକ ପ୍ରଦତ୍ତ ଜଳାଞ୍ଜଳି ଜଳ—Oblation of water made to the Sungod.

ସୂର୍ଯ୍ୟାୟୁଣ ବାର—ଦେ. ତ—ରବିବାର—Sunday. [ବ୍ର—
Sūrjyāṇa bāra ପୂର୍ବାୟୁଣ ବାରରେ ଯେ ପୃଥ୍ୱୀତତ୍ତ୍ୱଜ୍ଞାନ,
ରବିବାର ମଙ୍ଗଳବାରରେ ଅଗ୍ନିତତ୍ତ୍ୱ ପରମାଣ ।
ରବିବାର ପ୍ରାପ୍ତି. ଶିବ ସ୍ୱରୋଦୟ ।]

ସୂର୍ଯ୍ୟାଶ୍ମା—ସ. ବ (ସୂର୍ଯ୍ୟ+ଅଶ୍ମନ୍; ୧ମା. ୧ବ)—ସୂର୍ଯ୍ୟକାନ୍ତ ମଣି—
Sūrjyāśmā A precious gem.

ସୂର୍ଯ୍ୟାଶ୍ୱ—ସ. ବ—ସୂର୍ଯ୍ୟଙ୍କ ରଥରେ ଲଗିଥିବା ୭ ଗୋଟି ଅଶ୍ୱ—
Sūrjyaśwa The seven horses yoked to the chariot of the Sungod.

ସୂର୍ଯ୍ୟାସ୍ତ—ସ. ବ (୬ଷ୍ଠୀ ତତ୍)—ସୂର୍ଯ୍ୟର ପଶ୍ଚିମ ଦିଗରେ ବୁଡ଼ିଯିବା;
Sūrjyāsta ସୂର୍ଯ୍ୟର ଅସ୍ତ ଗମନ—Sunset; setting
(ସୂର୍ଯ୍ୟୋଦୟ—ବିପରୀତ) of the sun.

ସୂର୍ଯ୍ୟାହ୍ୱ—ସ. ବହୀ (ସୂର୍ଯ୍ୟ+ଆହ୍ୱା=ନାମ; ବହୁବ୍ରୀ) —
Sūrjyāhwa ସୂର୍ଯ୍ୟନାମଧାରୀ—Bearing the name of 'Sūrjya'. ବ—୧ । ତାମ୍ର (କିତାଣ ଶେଷ)—1. Copper. ୨ । ଅର୍କ ଗଛ (ଗୁଜବର୍ଘଣ୍ଟ)—2. Calotropis Gigantea (plant). ୩। ମହେନ୍ଦ୍ର-ବାରୁଣୀ (ଲ. ଶ)—3. The large variety of Colocinth.

ସୂର୍ଯ୍ୟେନ୍ଦୁ ସଙ୍ଗମ—ସ. ବ (ଦ୍ୱନ୍ଦ୍ୱ, ୬ଷ୍ଠୀ ତତ୍)—ସୂର୍ଯ୍ୟ ଓ ଚନ୍ଦ୍ରର
Sūrjyendu saṅgama ମେଳନ; ଅମାବାସ୍ୟା (ପେଜୁଁ ଉଭୟରେ ସୂର୍ଯ୍ୟ ଓ ଚନ୍ଦ୍ର ଏକ ରାଶିରେ ଥାଆନ୍ତି)—The change of the moon; the day on which the moon and the sun are in the same sign of the zodiac.

ସୂର୍ଯ୍ୟୋଡ଼୍—ସ. ବ (ସୂର୍ଯ୍ୟ+ବହ୍ ଧାତୁ+କର୍ମ. ଡ; ସୂର୍ଯ୍ୟ ଯାହାକୁ
Sūrjyordha ବହନ କରି ଅଗ୍ରସର ହୁଏ)—୧ । ସୂର୍ଯ୍ୟାସ୍ତକାଳରେ ଅଗତ

Digitized by srujanika@gmail.com

ଅତଥି (ଦ୍ୱେମରଜ୍); ଯେଉଁ ଅତଥି ସୂର୍ଯ୍ୟାସ୍ତ ପରେ ଆସି କୌଣସି ଗୃହସ୍ଥଙ୍କ ଘରେ ପହଞ୍ଚ ଯାଅନ୍ତି—1. An unexpected guest who arrives at sunset. ୨ । ଅସ୍ତଗତ ସୂର୍ଯ୍ୟ (ବହୁ. ପୁରୁଣ)—2. The sun which has set. ୩ । ସୂର୍ଯ୍ୟାସ୍ତ ସମୟ (ହ୍ର. ଶ)—3. The time of sunset.

ସୂର୍ଯ୍ୟୋତ୍ଥାନ—ସ. ବ (୬ଷ୍ଠୀ ତତ୍)—୧ ସୂର୍ଯ୍ୟୋଦୟ—1. Sunrise. ୨ । (ମଧ୍ୟାହ୍ନ ସୂଚକରୁ) ସୂର୍ଯ୍ୟର ଆକାଶ-ମାର୍ଗରେ କ୍ରମଶଃ ଉପରକୁ ଉଠିବା—2. The rising of the sun and higher in the sky (in the forenoon).

ସୂର୍ଯ୍ୟୋଦୟ—ସ. ବ (୬ଷ୍ଠୀ ତତ୍)—୧ । ପୂର୍ବ ଦଗରେ ସୂର୍ଯ୍ୟର ପ୍ରକାଶ—2. Sunrise. ୨ । ସୂର୍ଯ୍ୟର ପୂର୍ବ ଦଗରେ ଉଇଁବା ସମୟ—1. The time of sunrise.

ସୂର୍ଯ୍ୟୋଦୟ ଗିରି—ସ. ବ (୬ଷ୍ଠୀ ତତ୍)—ଉଦୟାଚଳ—Sūrjyodaya giri The mythological mountain from behind which the sun rises.

ସୂର୍ଯ୍ୟୋପରାଗ—ସ. ବ (୬ଷ୍ଠୀ ତତ୍)—ସୂର୍ଯ୍ୟଗ୍ରହଣ; ଛେଦୁଦ୍ୱାରା ସୂର୍ଯ୍ୟର ଗ୍ରାସ—Solar eclipse. Sūrjyoparāga

ସୂର୍ଯ୍ୟୋପସ୍ଥାନ—ସ. ବ (ମ. ଘ· ଲୋ)—ପ୍ରାତଃକାଳ, ମଧ୍ୟାହ୍ନ ଓ ସୂର୍ଯ୍ୟାସ୍ତ କାଳରେ ସୂର୍ଯ୍ୟଙ୍କ ଅଭିମୁଖ ମୁହଁ ଘୂରାଇ ଏକ ଗୋଡ଼ରେ ଦଣ୍ଡାୟମାନ ଭକ୍ତଙ୍କ ଦ୍ୱାରା ସୂର୍ଯ୍ୟଦେବଙ୍କର ଉପାସନା (ହ୍ର. ଶ)—The rite of turning the face towards the sun (at sunrise, noon and sunset) and praying to the Sungod by standing on one leg. Sūrjyopsthāna

ସୂର୍ଯ୍ୟୋପାସକ—ସ· ବ. ପୁଂ (୬ଷ୍ଠୀ ତତ୍)—ସୂର୍ଯ୍ୟଭକ୍ତ—Sūrjyopāsaka Worshipper of the Sun-god. (ସୂର୍ଯ୍ୟୋପାସିକା—ସ୍ତ୍ରୀ)

ସୂର୍ଯ୍ୟୋପାସନ(ନା)—ସ.ବ (୬ଷ୍ଠୀ ତତ୍)—ସୂର୍ଯ୍ୟଦେବଙ୍କର ଉପାସନା Sūrjyopāsana(nā) ବା ପୂଜା—Worship of the Sungod.

ସୂଷ୍ (ଧାତୁ)—ସ—ପ୍ରସବ କରିବା—Sūsh (root) To bring forth (Apte).

ସୂଷଣା—ସ. ବ· ସ୍ତ୍ରୀ (ସୂଷ୍ ଧାତୁ+କର୍ତ୍ତୃ. ଅନ+ଆ)—ମାତା—Sūshaṇā A mother (Apte).

ସୂଷ୍ୟନ୍ତ—ସ· ବ. ସ୍ତ୍ରୀ (ସୂଷ୍ ଧାତୁ+କର୍ତ୍ତୃ. ଯତ୍+ଅ)—ଅସନ୍ନ-ପ୍ରସବା ସ୍ତ୍ରୀ—Sūshyati A woman about to be confined; parturient woman (Apte).

ସୃ (ଧାତୁ)—ସ—୧ । ଗତି କରିବା—1. To move. ୨ । ଦଉଡ଼ିବା—2. To run (Apte). ୩ । ଆକ୍ରମଣ କରିବାକୁ ଅତ୍ୟନ୍ତ ବେଗରେ ଯିବା—3. To rush at (Apte). ୪ । (ପବନ, ଜଳ) ବହିବା—4. To blow (as the wind); to flow (as the water) (Apte).

ସୃକ୍ (ଗ୍, ଟ୍, ଡ୍)—ସ. ବ. ପୁଂ (ସୃଜ୍ ଧାତୁ+କ୍ୱିପ୍; ସୃଜ୍ ଶବ୍ଦ; Sṛuk (g, ṭ, ḍ) ୧୩୮. ୧୯)—ସୃଷ୍ଟିକର୍ତ୍ତା (ସିଦ୍ଧାନ୍ତକୌମୁଦୀ) The creator of. [ଦ୍ର—ଏହା ଅନ୍ୟ ଶବ୍ଦର ଶେଷରେ ଯୁକ୍ତ ହୁଏ; ଯଥା—ଉଗ୍ରସୃକ୍ ।]

ସୃକ—ସ. ବ (ସୃ. ଧାତୁ+କର୍ତ୍ତୃ. କ)—୧ । ପଦ୍ମଫୁଲ (ସିଦ୍ଧାନ୍ତ-କୌମୁଦୀ); କଇଁଫୁଲ—1. Water lily. ୨ । ବାଣ (ସିଦ୍ଧାନ୍ତକୌମୁଦୀ)—2. Arrow. ୩ । ପଦ୍ମ (ସିଦ୍ଧାନ୍ତ-କୌମୁଦୀ)—3. Lotus. ୪ । ବାୟୁ (ସିଦ୍ଧାନ୍ତ-କୌମୁଦୀ)—4. Air. ୫ । ଶୂଳ; ଭଲ୍ଲାତ୍ତ (ହ୍ର. ଶ)—5 Javelin. ୬ । ବଜ୍ର—6. Thunderbolt (Apte).

ସୃକଣ୍ଡୁ—ସ. ବ—କଣ୍ଡୁ ରୋଗ (ଶବ୍ଦରତ୍ନାବଳୀ); କାନ୍ଥୁ କୁଣ୍ଡି ଆ—Sṛukaṇḍu Itches; scab.

ସୃକାଳ (ଇତ୍ୟାଦି)—ସ· ବ (ସୃ ଧାତୁ+କର୍ତ୍ତୃ· କାଳ)—ଶୃଗାଳ; Sṛukāḷa(etc) ଶୃଗାଳ; ବଲ୍ଲା—Jackal (Apte). ୨ । ଶୃଗାଳ ଇତ୍ୟାଦି (ଦେଖ)—2. Śṛugāḷa etc (See)

ସୃକ୍କ—ସ. ବ (ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ କନ୍; ସ୍ତ୍ରୀକନ୍ Sṛukka ଶବ୍ଦ; ୧୩.୧୯; ସୃଜ୍ ଧାତୁ+କ)—ସୃକ୍କଣୀ (ଉଭଉ) (ଦେଖ)—Sṛukkaṇī (See)

ସୃକ୍କଣୀ—ସ. ବ (ସୃଜ୍ ଧାତୁ=ସୃଷ୍ଟି କରିବା+କର୍ତ୍ତୃ. ଜନନ+ Sṛukkaṇī ସ୍ତ୍ରୀ. ଈ; ଏହା ଲଲାଟ ସୃଚନ କରୁଥିବାରୁ)—ଦୁଇ ଓଷ୍ଠର ପ୍ରାନ୍ତ ଭାଗ (ଉଭଉ); ଓଷ୍ଠଦ୍ୱୟର ବାମ ଓ ଦକ୍ଷିଣ ପ୍ରାନ୍ତ—The right and left corners of the lips; the ends of the lips.

ସୃକ୍କଣ—ଦେ· ବ (ସ. ସୃକ୍କଣୀ)—ସୃକ୍କଣୀ (ଦେଖ)—Sṛukkana Sṛukkaṇī See) [ଉ—ଚଞ୍ଚଳ ଅଶ୍ୱ ପରି ଜଜ୍ଜ୍ୱଳ ନୟନ । ଦେଉଛ ଜଉ ଲହୁ ଲହୁ ତା ସୃକ୍କଣ—କୃଷ୍ଣସିଂହ, ମହାଭାରତ· ବନ ।]

ସୃକ୍କି (କ୍କି) —ସ°·ବ (ସୃଜ୍ ଧାତୁ+କର୍ତ୍ତୃ କ;ଜନ୍)—ସୃକ୍କଣୀ (ଦେଖ) Sṛukki(kkī) Sṛukkaṇī (See)

ସୃକ୍କିଣୀ -ସ°. ବ (ସୃଜ୍ ଧାତୁ+କର୍ତ୍ତୃ· ଜନ୍+ଈ)—ସୃକ୍କଣୀ Sṛukkiṇī (ଦେଖ)—Sṛukkaṇī (See)

ସୃକ୍ୱ—ସ°. ବ (ସୃଜ୍ ଧାତୁ+କର୍ତ୍ତୃ ବ)—ସୃକ୍କଣୀ (ଦେଖ)—Sṛukwa Sṛukkaṇī (See)

ସୃକ୍ୱ(କ୍ୱି)ଣୀ—ସ°· ବ (ସୃଜ୍ ଧାତୁ+ଜନନ+ସ୍ତ୍ରୀ, ଈ)—ସୃକ୍କଣୀ Sṛukwa(kwī)ṇī (ଦେଖ)—Sṛukkaṇī (See)

ସୃକ୍ୱି(କ୍ୱି)—ସ°. ବ (ସୃଜ୍ ଧାତୁ+କର୍ତ୍ତୃ. ବ; +ଈ)—ସୃକ୍କଣୀ Sṛukwi(kwi) (ଦେଖ) Sṛukkaṇī (See)

ସୃଗ—ସ°· ବ (ସୃ ଧାତୁ=ଗତି କରିବା+କର୍ତ୍ତୃ. ଗ)—ଛୋଟ ଭାଲ—Sṛuga A small javelin thrown from the hand; a sling (Apte).

Digitized by srujanika@gmail.com

ସୃଗାଳ (ଇତ୍ୟାଦି)—ସଂ. ବ. ପୁଂ (ସୃଜ୍ ଧାତୁ=ସୃଷ୍ଟି କରିବା+ Sṛugāla(etc) କର୍ତ୍ତୃ.ବାଳ)—ଶୃଗାଳ ଇତ୍ୟାଦି(ଦେଶ),ବଲ୍ଲଅ (ସୃଗାଳକ—ଅନ୍ୟରୂପ) ଜମ୍ବୁକ—Jackal; Śṛugāla etc (ସୃଗାଳସ୍ୟ, ସୃଗାଳୀ—ସ୍ତ୍ରୀ) (See)

ସୃଗାଳିକା—ସଂ. ବ. ସ୍ତ୍ରୀ (ସୃଗାଳ+କ+ଅ)— Sṛugālikā ୧ । ମାଈ ବଲ୍ଲଅ—1. A female jackal. ୨ । ଭୂଇଁକଖାରୁ (ଦ୍ର. ଶ)—2. Diascorea. ୩ । ପଳାୟନ (ଦ୍ର. ଶ)—3. Fleeing away. ୪ । ଦଙ୍ଗା ବିଷାଦ; ଦଙ୍ଗାମ (ଦ୍ର. ଶ)—4. Affay; (ସୃଗାଳୀ—ଅନରୂପ) breach of the peace.)

ସୃଜ୍ (ଧାତୁ)—ସଂ—୧ । ସୃଷ୍ଟି କରିବା—1. To create. ୨ । Sṛuj (root) ସନ୍ତାନ ଜନ୍ମ କରିବା—2. To beget; to procreate (Apte). ୩ । ମୁକ୍ତ କରିବା—3. To release; to loose (Apte). ୪ । ଉପରେ ଲଗାଇବା; ବୋଳିବା—4. To put on; to place on; to apply (Apte) ୫ । (ସ୍ରୋତ-ବାଦ) ତ୍ୟାଗ କରିବା—5. To emit; to shed; to pour out (Apte). ୬ । (ଶବ୍ଦ) ଫିଙ୍ଗିବା; ନିକ୍ଷେପ କରିବା—6. To throw; to discharge (Apte). ୭ । ତ୍ୟାଗ କରି ଗଲିପିବା— 7. To quit; to a bandon (Apte);

ସୃଜକା କ୍ଷାର—ସଂ. ବ—ସର୍ଜିକା କ୍ଷାର (ରତ୍ନାକାଥ) (ଦେଶ) Sṛujakā kshāra Sarjakī kshāra (See)

ସୃଜନ—ଦେ. ବ (ସଂ. ସର୍ଜନ)—ସର୍ଜନ; ସୃଷ୍ଟି—Creating. Sṛujana [ଦ୍ର—ଏ ଶବ୍ଦ ବଙ୍ଗରେ ଓ ଓଡ଼ିଆରେ ସାଧୁ ସୃଜନ ସୃଜନ ଭାଷାରେ କଦାଚିତ ବ୍ୟବହୃତ ହୋଇଅଛି, ଜନ୍ମ ଏହା ବ୍ୟାକରଣ ବିରୁଦ୍ଧ ପ୍ରୟୋଗ; ବ୍ୟାକରଣର ନିୟମାନୁସାରେ (ସୃଜ୍ ଧାତୁ ସ୍ତ୍ରୀବାଚ୍ୟରେ. ଅନ ପ୍ରତ୍ୟୟ ହେଲେ) 'ସର୍ଜନ-ପଦ ସିଦ୍ଧ ଅଟେ ।]

ସୃଜୟ—ସଂ. ବ—ପକ୍ଷିବିଶେଷ (ଦ୍ର, ଶ)— Sṛujaya A species of bird.

ସୃଜୟା—ସଂ. ବ—ନୀଳମକ୍ଷିକା (ଦ୍ର. ଶ)— Sṛujayā The blue bottle.

ସୃଜିକା କ୍ଷାର—ସଂ. ବ—ସାଜମାଟି— Sṛujikā kshāra Natron; alkali (Apte).

ସୃଜିବା—ଦେ. କି (ପଦ୍ୟ)—(ସ. ସୃଜ୍ ଧାତୁ)—ସୃଷ୍ଟି କରିବା— Sṛujibā ସୃଜନ କରା ସୃଜନା To create. (ଉ—ଶତ ଶତ ଉପଜାଉ ସୃଜିବେ ବ୍ରାହ୍ମଣେ । ସ୍ୱଧାନାଥ. ମଦାଯାତ୍ରା ।)

ସୃଜ୍ୟ—ସ. ବଣ. ପୁଂ (ସୃଜ୍. ଧାତୁ+କର୍ମ. ଯ)—ସର୍ଜନୀୟ— Sṛujya Fit or about to be created etc.

ସୃଞ୍ଜୟ—ସ. ବ. ବ (ନାମ)—୧ । ଶିବି ନାମକ ସ୍ୱକୀୟ ପୁତ୍ର— Sṛuñjaya 1. Name of a son of King Switwa of ancient India. [ଦ୍ର—ଏ ସ୍ୱତନ୍ତ୍ରାତ୍ମ ନାରଦଙ୍କୁ ପ୍ରଦାନ କରିଥିଲେ । ନାରଦଙ୍କ ବରରେ ଏହାଙ୍କର 'ସୁରଣ୍ଡିଶ୍ଚୀକ' ନାମକ ପୁତ୍ର ଜନ୍ମିଥିଲେ । ଏହି ଉକ୍ତ ପୁତ୍ରଙ୍କୁ ଦସ୍ୟୁମାନେ ଅପହରଣ କରି ନେଲେ; ପରେ ନାରଦଙ୍କ ବରରେ ଏ ଉକ୍ତ ପୁତ୍ରଙ୍କୁ ପାଇଥିଲେ ।] ୨ । (ନାମ) ମନୁଙ୍କର ଏକ ପୁତ୍ର (ହ. ଶ)—2. Name of a son of Manu. ୩ । (ନାମ) ଏକ ଐତିହାସିକ ସୂଳବଂଶ, ଯହିଁରେ ଧୃଷ୍ଟଦ୍ୟୁମ୍ନ ଜନ୍ମିଥିଲେ (ହ. ଶ)—3. A line of kings in which Dhṛushṭadyumna was born. ୪ । (ନାମ) ସଯାତିବଂଶୀୟ କାଳନର ସୂଳାଙ୍କ ଏକ ପୁତ୍ର (ହ. ଶ)—4. Name of a son of Kālanara.

ସୃଣି—ସ. ବ (ସୃ. ଧାତୁ=ଗମନ କରିବା+କ୍ତିନ୍, ନ)—୧ । ଅଙ୍କୁଶ Sṛuṇi (ଅମର); ହାତୀଥାଙ୍କୁଶ—1. A hook used to (ସୃଣୀ—ଅନ୍ୟରୂପ) goad an elephant. ୨ । ଶତ୍ରୁ (ଅଭ-ମାନୀ)—2. Enemy. ୩ । ଚନ୍ଦ୍ର—3. The moon (Apte).

ସୃଣିକା—ସ. ବ (ସୃ. ଧାତୁ+କର୍ମ. ଣିକ+ଅ)—୧ । ଲାଳ— Sṛuṇikā 1. Saliva. ୨ । ଛେପ; ଥୁକ—2. Spitte (Apte).

ସୃଣୀ—ସଂ. ବ (ସୃଣି+ଙ୍ଗି)—ଅଙ୍କୁଶ— Sṛuṇī A hook.

ସୃଣୀକ—ସ. ବ (ସୃ. ଧାତୁ+କର୍ତ୍ତୃ. ଣି. କ)—୧ । ବାୟୁ (ହ. ଶ)— Sṛuṇīka 1. Air. ୨ । ଅଗ୍ନି (ହ. ଶ)—2. Fire. ୩ । (ସୃଣୀକା—ସ୍ତ୍ରୀ) ବଜ୍ର (ହ. ଶ)—3. Thunder bolt. ୪ । (ପୁଂ) ଉନ୍ମତ୍ତ ବ୍ୟକ୍ତି (ହ. ଶ)—1. A maddened person.

ସୃଣୀକା—ସ. ବ (ସୃଣୀ+କ+ଅ)—୧ । ଲାଳ (ରତ୍ନାଶ୍ରୟ)— Sṛuṇīkā 1. Saliva. ୨ । (ସ୍ତ୍ରୀ) ଉନ୍ମତ୍ତା ସ୍ତ୍ରୀ—2. A maddened woman.

ସୃତ—ସ. ବଣ (ସୃ. ଧାତୁ+କର୍ତ୍ତୃ. ତ)—୧ । ଗତ—1. Gone; Sṛuta moved. ୨ । ବର୍ତ୍ତତ; ଅତ୍ତତ—2. Past.

ସୃତା—ସ. ବ—୧ । ଗମନ କରିବା (ହ. ଶ)—1. Going. ୨ । Sṛutā ପଳାୟନ (ହ. ଶ)—2. Fleeing away.

ସୃତି—ସ. ବ (ସୃ. ଧାତୁ+କ୍ତିନ୍. ଇ)—୧ । ଗମନ—1. Going. Sṛuti ୨ । (+ଅଧ୍ୱରଣ. ଇ) ମାର୍ଗ—2. Road; path. ୩ । (+କରଣ. ଇ) ଜନ୍ମ (ହ. ଶ)—3. Birth. ୪ । (ସ୍ତ୍ରୀ. ଇ) ଅଘାତକରଣ; ହିଂସନ—4. Hurting; injuring (Apte)

ସୃତ୍ୱର—ସ. ବଣ (ସୃ. ଧାତୁ+କର୍ତ୍ତୃ. ତ୍ୱର)—ଗମନଶୀଳ; ଗତିଶୀଳ Sṛutwara (ମୃଗଚୋର)—Moving.

ସୃତ୍ୱରୀ—ସ. ବଣ. ସ୍ତ୍ରୀ (ସୃତ୍ୱର+ଙ୍ଗୀ. ଈ)—ସୃତ୍ୱରର ସ୍ତ୍ରୀଲିଙ୍ଗ— Sṛutwarī Feminine of Sṛutwara. ୨. ସ୍ତ୍ରୀ—

Digitized by srujanika@gmail.com

୧ । ମାତା (ସନ୍ଧିପ୍ରସାର)—1. Mother. ୨ । ନଦୀ—2. River; stream (Apte)

ସୃଦର—ସଂ. ବ (ସୃ. ଧାତୁ+ଦରଚ୍. ଦର)—ସର୍ପ (ସିଦ୍ଧାନ୍ତକୌମୁଦୀ)—Sṛudara Serpent.

ସୃଦାକୁ—ସଂ. ବ.ସୁଂ (ସୃ. ଧାତୁ +ଦରଚ୍ ଆକୁ; ଦ ଅଗମ)—୧। ବାୟୁ (ମେଦନୀ)—1. Wind. ୨ । ବଜ୍ର (ମେଦନୀ)—2. Thunder. ୩ । ଅଗ୍ନି (ମେଦନୀ)—3. Fire. ୪ । ପ୍ରଭାସୂର୍ଯ୍ୟଚକ୍ର; ସୂର୍ଯ୍ୟମଣ୍ଡଳ (ମେଦନୀ)—4. Sun's disc. ୫ । ମୃଗ (ସଂଜ୍ଞାପ୍ରସାର)—5. Deer. ୬ । ବନାଗ୍ନି (ହ. ଶ)—6. Forest fire. ୭ । (ସ୍ତ୍ରୀ) ନଦୀ (ଜୈଶାବ କୋଷ)—7. River. ୮ । ଗୋଧା (ହ. ଶ)—8. Varanus Salvator.

ସୃପ୍ (ଧାତୁ)—ସଂ—୧ । ଗତି କରିବା—1. To move. ୨ । ଧୀରେ Sṛup (root) ଧୀରେ ଗତି କରିବା; ଗଡ଼ି ଗଡ଼ି ଗତି କରିବା—2.To creep; to crawl; to glide gently. (Apte)

ସୃପ—ଗ୍ରା. ବ (ସଂ. ସୃପ୍)—କୁଲା—Winnowing tray. Sṛupa (ଓ—ଚଉଷାଦ ସାଦରେ ଭୁ ଦୋଷୀ ଥିଲେ ପ୍ରକାଶ ସ୍ୱଚ୍ଛ କୁଲୋ, କୁଲା ସୂପ ସୃପର। ଅଉମଡ୍ୟ. ଚଦଷ୍ଟ ଚନ୍ଦ୍ରାମଣି ।)

ସୃପମା—ସଂ. ବ (ସୃପ୍. ଧାତୁ+ଦରଚ୍. ଅମନ୍; ସୃପମନ୍; ୧ମା. ୧ବ)—Srupamā ୧ । ସର୍ପ (ହ. ଶ)—1. Serpent. ୨ । ଶିଶୁ (ହ. ଶ)—2. Infant. ୩ । ଚତସ୍ପୀ (ହ. ଶ)—3. An anchorite.

ସୃପାଟ(ଟୀ)—ସଂ. ବ (ସୃପ୍. ଧାତୁ+ଦରଚ୍. ଅଟ; ଙ୍ଗୀ)—୧ । ପରମାଣ Sṛupāṭa(ṭī) ଭେଦ (ଭରତ)—1. A unit of measure. ୨ । ରକ୍ତଧାର (ଗୋବର୍ଦ୍ଧନ)—2. A flow of blood. ୩ । ଫୁଲର ତଳେ ଥିବା କ୍ଷୁଦ୍ର ପତ୍ର (ହ ଶ) 3. Little leaves below a flower.

ସୃପାତିକା—ସ. ବ (ସୃ ଧାତୁ+ପାଟ+କର୍ତ୍ତୃ. ଣ+ଆ)—ଚଞ୍ଚୁ; ପକ୍ଷୀ Sṛupāṭikā Beak of birds.

ସୃପ୍ର—ସ, ବ (ସୃପ୍ ଧାତୁ+କର୍ତ୍ତୃ. ର)—୧ । ଚନ୍ଦ୍ର (ଜୈଶାବକୋଷ) Sṛupra —1. The moon. ୨ । ମଧୁ (ହ. ଶ)—2. Honey. ସ. ବିଣ—୧ । ଚିକ୍କଣ; ସ୍ନିଗ୍ଧ (ହ. ଶ)—1. Smooth; glossy. ୨ । ପଚ୍ଛଡ଼ା (ହ. ଶ)—2. Slippery.

ସୃ ସ୍ରଂ ଭ୍ (ଧାତୁ)—ସ. ବ—ହିଂସା କରିବା—Sṛu(sṛum)bh (root) To injure; to hurt.

ସୃମର—ସ. ବ (ସୃ ଧାତୁ+ମରଚ୍)—୧ । ପଶୁବିଶେଷ—1. A kind of beast. ୨ । ବାଳମୃଗ (ଶବ୍ଦକଳ୍ପଦ୍ରୁମ)—2. A young deer. ୩ । ଅସୁରବିଶେଷ (ହ.ଶ)—3. Name of a demon. ବିଣ (ତ୍ରି)—ଗମନଶୀଳ —Moving.

ସୃଷ୍ଟ—ସ. ବଣ (ସୃଜ୍ ଧାତୁ+କର୍ମ. ତ)—୧ । ଉତ୍ପନ୍ନ; ନିର୍ମିତ—Sṛushṭa 1. Created. ୨ । କୃତ—2. Done. ୩ । (ସୃଷ୍ଟି—ବ) ଯୁକ୍ତ (ମେଦନୀ)—3. Joined. ୪ । ବହୁଳ (ମେଦନୀ)—4. Excessive; numerous. ୫ । ନିଶ୍ଚିତ (ମେଦନୀ)—5. Ascertained; determined. ୬ । ତ୍ୟକ୍ତ (ମେଦନୀ)—6. Abandoned. ୭ । ଭୂଷିତ (ଅଳଙ୍କୃ)—7. Adorned. ୮ । ଉତ୍ପନ୍ନ (ହ. ଶ)—8. Produced: ୯ । ବହିର୍ଗତ; ଉତ୍ସୃଷ୍ଟ—9. Emitted; given out. ୧୦ । ଢଳା ଢେଳା; ଚଢ଼ା ଢେଳା — 10. Poured out (Apte). ୧୧ । ମୁକ୍ତ—11. Let loose (Apte). ୧୨ । ନିକ୍ଷିପ୍ତ —12. Discharged. ସ. ବ—ଇନ୍ଦ୍ରଜଉ; ଡେଙ୍ଗ (ହ. ଶ)—Diospyrus Glutinosa(tree).

ସୃଷ୍ଟ ମାରୁତ—ସ.ବଣ (ବହୁବ୍ରୀ.ହି; ସୃଷ୍ଟ ଦ୍ୱାରା ମାରୁତ ଯାହାଦ୍ୱାରା)—Sṛushṭa māruta (ସୁଶ୍ରୁତ) ପେଟ ଭିତରଧ୍ୟାସ ଉଦରସ୍ଥ ବାୟୁ ବାହାର ଯାଏ—(medicine) Causing the wind inside the belly to be emitted or discharged.

ସୃଷ୍ଟି—ସ, ବ (ସୃଜ୍ ଧାତୁ+ଭାବ. ଇ)—୧ । ନର୍ମାଣ; ରଚନା—Sṛushṭi 1. Creating; building; making. ୨ । ନସର୍ଗ; ସ୍ୱଭାବ—2. Nature. ୩ । (+କର୍ମ. ଇ) ବ୍ରହ୍ମାଣ୍ଡ; ବଶ୍ୱ; ଜଗତ୍—3. Creation; universe. ୪ । ଶିଳ୍ପ—4. Handicraft; manufacture. ୫ । (+ଭାବ. ତ) ଦାନଶୀଳତା (ହ. ଶ)—5. Liberality; bounty. ୬ । (+କର୍ମ. ଇ) ଜମ୍ବୀର ଗଛ (ହ. ଶ)—6. Gmelina Arborea tree. ୭ । ସଜ୍ଞରେଦୀ ନର୍ମାଣାର୍ଥ ବ୍ୟବହୃତ ଏକପ୍ରକାର ଇଷ୍ଟକ (ହ. ଶ)—7. A kind of brick used for raising a sacrificial alter. ୮ । (+ଭାବ ଇ) ମୋଚନ—8. Letting loose; emission. ୯ । ଦାନ— 9. Giving away; a gift (Apte). ଦେ. ବ (ପ୍ରାଚୀନ ସାହିତ୍ୟ)—୧ । ସମୂହ—1. Multitude; myriads. [ଉ—ଯେତୁଯେ କରଇ କଳତ୍ରା ସାଯେ ସୃଷ୍ଟି । ଯେତୁଯେ ବାହାର ମୋ ଧନ୍ୟ ଶର ସୃଷ୍ଟି—କୃତ୍ତିସିଂହ. ମହାଭାରତ. ବନ ।] ୨ । ସମାଜ; ସାମାଜିକ ପ୍ରଥା ଆଚାର—

2. Society; social customs and rules.

ସୃଷ୍ଟିକର୍ତ୍ତା—ସ. ବ. ପୁଂ—୧ । ବ୍ରହ୍ମା—1. Brahmā; the Sṛushṭi karttā Creator. ୨ । ପରମେଶ୍ୱର—2. God.

ସୃଷ୍ଟିକୃତ୍—ସ. ବ—୧ । ସୃଷ୍ଟିକର୍ତ୍ତା (ହ. ଶ)—1. Creator. Sṛushṭikrut ୨ । ଝେଙ୍ଗାପତ୍ରା (ହ. ଶ)—2. Umeria parviflora (Apte).

ସୃଷ୍ଟିକୌଶଳ—ସ. ବ (୭ମୀ ତତ୍)—ସୃଷ୍ଟିଚତୁରତ୍ୱ (ଦେଖ) Sṛushṭi kauśala Sṛushṭichāturjya (See)

Digitized by srujanika@gmail.com

ସେଇଆ(ୟା)—ଦେ. ସର୍ବ—୧ । ତାଦୃଶ—1. That much. ୨। Seiā(yā) ସେହିତା—2. The same. [ଉ—ତାତା ଥେଇଆ, (ଏଇଆ—ବିପରୀତ) ଯାହା ତହିଁରେ ସେଇଆ—ଉଗ ।] ତାଇ **वही**

ସେଇ କ୍ଷ(କ୍ଷି, ଖି)ଣି—ଦେ. ଅ (ସଂ. ତତ୍କଣଂ)—୧ । ତତ୍କ୍ଷଣାତ୍— Sei kṣha(kṣhi, khi)ṇi 1. Immediately; at ତତ୍‌କ୍ଷୁନୀ once. ୨ । ସେଇ ସମୟରେହିଁ— **उसी समय** 2. Then and there. [ସେଇ କ୍ଷ(କ୍ଷି, ଖି)ଣିତା, ସେଇ ଛତା, ସେଇ ଛତିକା, ସେଇ ଚୁଣି(ଣୁ), ସେଇ ଚ୍ଛ(ଚ୍ଛୁ)ଣି(ଣୁ)ତା]—ଅନ୍ୟରୂପ

ସେଇ ଘଡ଼—ଦେ. ବ—୧ । ସିଦ୍ଧାଇ ଘଡ଼; ମସ୍ୟାଧାର—1. Ink pot Sei ghaṛḍi ୨ । ସେହି ସମୟ—2. That hour. ଦୋୟାତ **मसिहानी**

ସେଇଟା—ଦେ. ସର୍ବ (ଅନାଦରାର୍ଥକ)—ସେହି ଗୋଟାଇ; ସେହି ବସ୍ତୁକି Seiṭā ବା ବସ୍ତୁଟା—That person or thing (in (ଏଇଟା—ବିପରୀତ) contempt) ସେଟା, ସେଇଟା **वही**

ସେଇଟି—ଦେ. ସର୍ବ (ଅଦରାର୍ଥକ)—୧। ସେହି ବସ୍ତୁ ବା ବ୍ୟକ୍ତି— Seiṭi 1. That person or thing (in fondness.) ୨। ସେଟି, ସେଇଟି **वही**ସେଇଉ, ତାହାହିଁ—2. The very same.

ସେଇଠଁ—ଦେ. ଅ—ସେଇଠୁଁ (ଦେଶ) Seiṭhauñ Seiṭhuñ (See) (ଏଇଠଁ—ବିପରୀତ)

ସେଇଠା—ଦେ. ସର୍ବ (ସଂ. ତତ୍ ଓ ସ୍ଥାନ)—ସେହି ସ୍ଥାନ— Seiṭhā That place. (ଏଇଠା—ବିପରୀତ) ସେଥା **वह स्थान**

ସେଇଠାକୁ—ଦେ. ଅ—ସେଠାକୁ; ସେ ସ୍ଥାନକୁ— Seiṭhāku To that place. (ଏଇଠାକୁ—ବିପରୀତ) ସେଥାୟ **उसस्थानको**

ସେଇଠାରୁ—ଦେ. ଅ—୧ । ସେହି ସ୍ଥାନରୁ—1. Thence. Seiṭhāru ୨ । ସେହି କାଳରୁ—2. From that time. (ଏଇଠାରୁ—ବିପରୀତ) ସେଥାରେକେ **उसस्थानसे**

ସେଇଠାରେ—ଦେ. ଅ—ସେଠାରେ; ସେ ସ୍ଥାନରେ— Seiṭhāre There; at that place. (ଏଇଠାରେ—ବିପରୀତ) ସେଥାୟ **उसस्थानमे**

ସେଇଠି(ଠିଁ)—ଦେ. ଅ—ସେହି ସ୍ଥାନରେ; ସେହିଠାରେ— Seiṭhi(ṭhiñ) There. (ଏଇଠି—ବିପରୀତ) ସେଥାୟ **उसस्थानमें**

ସେଇଠିକା—ଦେ. ବଣ—ସେହି ସ୍ଥାନର; ତତ୍ସମ୍ବନ୍ଧୀ—Of that place. Seiṭhikā ସେଥାକାର **उसस्थानका** (ସେଇଠିକାର—ଅନ୍ୟରୂପ) (ଏଇଠି, ଏଇଠିକାର—ବିପରୀତ)

ସେଇଠିକି—ଦେ. ଅ—ସେଠାକୁ; ସେହି ସ୍ଥାନକୁ—To that place. Seiṭhiki ସେଥାନେ **उसस्थानको** (ଏଇଠିକି—ବିପରୀତ)

ସେଇଠୁ(ଠୁଁ)—ଦେ. ଅ—୧ । ସେଠାରୁ; ସେହି ସ୍ଥାନରୁ—1. Thence; Seiṭhu(ṭhuñ) from that place. ୨ । ତତ୍‌ପରେ— ସେଥାକେକେ, ତାରପର 2. Thereafter; after that. **उसस्थानसे, उसकाबाद** [ଏଇଠୁଁ—ବିପରୀତ]

ସେଇତ—ଦେ. ସର୍ବ—ସେ ଜଣ୍ଟୁ; ସେଇ—The very same Seita [ଉ—ସେଇତ ସେଇ, ସେଇ ଥିଲେ ସେଇ ହୁଅନ୍ତା ସେଇତ **वहितो** ସେଇ—ନାଆଁ ଜଣା ।] [ଏଇତ—ବିପରୀତ]

ସେଇତା—ଦେ. ସର୍ବ—ତାହାହିଁ—That only; the same. Seitā ତାଇ **वही** [ଏଇତା—ବିପରୀତ]

ସେଇଥିକ—ଦେ. ଅ—୧ । ସେହି କାମକୁ—1. For that pur- Seithiki pose. ୨ । ସେଇ କାରଣରୁ—2. Therefore. ସେଇଜନ୍ୟେ **उसकेलिये, उसकारनसे** ସେଇଥିଗା(ଟେଁ)ଇଁ, ସେଇଥିଲାଗି, ସେଇଥିଯୋଗୁ(ଗୁଁ, ଗେ) } ଅନ୍ୟରୂପ [ଏଇଥିକ—ବିପରୀତ]

ସେଇଥି(ଥୁ)ରୁ—ଦେ. ଅ—୧ । ସେଇ କାରଣରୁ—1. Therefore. Seithi(thu)ru ୨ । ତତ୍ପରେ—2. After that. ୩ । ସେଇ କାରଣେ, ତାରପର, ତାଇଥିକେ ତହିଁରୁ—3. From that **उस कारनसे, उसके बाद, उससे**

ସେଇଥିରେ—ଦେ. ଅ—ସେଥିରେ; ତହିଁରେ—In that. [ଉ— Seithire ତାକୁ ଯେ ଯାହା ବଲେଇଲା, ସେ ସେହିଥିରେ ଖୁସି ସେଇଥିରେ **उसमें** ଲୁନ୍ତଳାଲୁମାଲ୍ଲ· ନଅଭୁଣ୍ଡା ।] [ଏଇଥିରେ—ବିପରୀତ]

ସେଇ ଦୁଆତ—ଦେ. ବ—ସିଦ୍ଧାଇ ଘଡ଼—Inkpot· Sei duāta ଦୋୟାତ **मसिहनी**

ସେଇନା(ଲା)ଗି—କ୍ରା. ଅ—ସେଇଯୋଗୁଁ (ଦେଶ)— Seinā(lā)gi Seijoguñ (See) ସେଇଜନ୍ୟ **उसलिये**

ସେଇ ନା(ଲା)ଗେ—କ୍ରା· ଅ—ସେଇଲଏ (ଦେଶ)— Sei nā(lā)ge Seilāe (See) ତଖନି **उसी समय**

ସେଇପରି—ଦେ. ବଣ—ତତ୍ସଦୃଶ—Like that. seipari ସେହି ରକମ **उसके जैसे** ସେହିପିରି, ସେଇପରକା, ସେହିପ୍ରିତ, ସେହିପିତକା } ଗ୍ରାମ୍ୟରୂପ [ସେଇମରକା, ସେଇମତ, ସେଇମତକା—ଅନ୍ୟରୂପ]

ସେଇ ଯୋଗୁଁ(ଗେ)—ଦେ. ଅ—ସେହି କାରଣରୁ—For that rea- Sei joguñ(ge) son; owing to that. ସେଇଜନ୍ୟେ **उसकारणसे** [ସେଇପାଇଁ, ସେଇଲାଗି—ଅନ୍ୟରୂପ]

ସେଇ ଲଏ(ଗେ)—ଦେ. ଅ (ସଂ. ତତ୍ ଓ ଲଗ୍ନ)—ତତ୍କ୍ଷଣାତ୍; Seilāe(ge) ସେହିକ୍ଷଣକୁ—Instantaneously; at once ତଖନି **उसीवक्त** immediately. [ଉ—ମୋ ଘର [ଏଇଲଏ, ଏଇଲଗେ—ବିପରୀତ] ଲଳଖୁଲ, ନୋହିବା ନାସ୍ତକଳ, ଘର ଗିଲନ୍ତା ସେଇଲଗେ ଲୋ—ଭବଭୂତି. ସଙ୍ଗୀତ ;]

Digitized by srujanika@gmail.com

ସୃଷ୍ଟି କ୍ରମ—ସଂ. ବ (ଷଷ୍ଠୀ ତତ୍) —ଜଗତର କ୍ରମବିକାଶ—The gradual evolution of the creation. [ବି—ଭଗବତ ଅନୁସାରେ ସୃଷ୍ଟିକ୍ରମ ଏପ୍ରକାର—କାଳ, କର୍ମ ଓ ସ୍ୱଭାବବଶତଃ ଗୁଣଖୋର ଉପସ୍ଥିତ ହୁଅନ୍ତେ ମହତ୍ତତ୍ତ୍ୱର ଅବର୍ତ୍ତାବ ହେଲା; ତହିଁରୁ ଅହଙ୍କାର ଜାତ ହେଲା। ସେ ଅହଙ୍କାର ଗୁଣଭେଦରେ, ସତ୍ତ୍ୱଗୁଣରୁ ମନ ଓ ଇନ୍ଦ୍ରିୟ ଅଧିଷ୍ଠାତୃ ଦେବତା, ରଜୋଗୁଣରୁ ଦଶ ଇନ୍ଦ୍ରିୟ ଏବଂ ତମୋଗୁଣରୂପଞ୍ଚତନ୍ମାତ୍ର ଓ ପଞ୍ଚ ମହାଭୂତରୂପେ ପରିଣତ ହେଲା। ଏହି ଉତ୍ପନ୍ନସମସ୍ତ ଉପାଦାନଙ୍କ ଦ୍ୱାରା ଅନୁପ୍ରାଣିତ ହୁଅନ୍ତେ ଚତୁର୍ଦ୍ଦଶ ବ୍ରହ୍ମାଣ୍ଡ ସୃଷ୍ଟି ହୋଇ ବିରାଟ ପୁରୁଷରୂପେ ପ୍ରକାଶିତ ହେଲ।]

ସୃଷ୍ଟି କ୍ରିୟା—ସଂ. ବ (ଷଷ୍ଠୀ ତତ୍) —ଜଗତ୍‌ସୃଷ୍ଟି କ୍ରିୟା—Sṛushṭi kriyā The act of creating the universe.

ସୃଷ୍ଟି ଚାତୁର୍ଯ୍ୟ—ସଂ. ବ (ଷଷ୍ଠୀ ତତ୍) —୧। ଜଗତ୍‌ସୃଷ୍ଟି-କୌଶଳ—Sṛushṭi chāturjya 1. Skill in creation. ୨। ବିଶ୍ୱ ସୃଷ୍ଟି କରିବାର ନୈପୁଣ୍ୟ—2. Skill in the creation of the universe

ସୃଷ୍ଟି ଛଡ଼ା—ଦେ. ବିଶ (ପ୍ରଦାର୍ଥ)—୧। ଦୁନିଆରୁ ବହିର୍ଭୂତ; ଅଲୌକିକ—Sṛushṭi chhardā 1. Extraordinary. ସୃଷ୍ଟି ଛାଡା ୨। ଅସ୍ୱାଭାବିକ—2. Unnatural; abnormal. **दुनियासे बाहार** [ବି—ସୃଷ୍ଟିଛଡ଼ା ସୋଡ଼ଠାରେ ଦୁର୍ଗାଗଣର ବାଜ। ନଦକିଶୋର ସୀତାବନବାସ।]

ସୃଷ୍ଟିଦା—ସଂ. ବ—ଋଦ୍ଧି ନାମକ ଔଷଧ—Sṛushṭidā A kind of rare herb,

ସୃଷ୍ଟି ନାଶ—ସଂ. ବ (ଷଷ୍ଠୀ ତତ୍) —ବିଶ୍ୱର ଧ୍ୱଂସ—Sṛushṭi nāśa The destruction of the universe.

ସୃଷ୍ଟି ନୈପୁଣ୍ୟ—ସଂ. ବ (ଷଷ୍ଠୀ ତତ୍) —ସୃଷ୍ଟି ଚାତୁର୍ଯ୍ୟ (ଦେଖ) Sṛushṭi naipuṇya Sṛushṭichāturjya (See)

ସୃଷ୍ଟିପ୍ରଦା—ସଂ. ବ—ଗର୍ଭଦାତ୍ରୀ ଝୁଅ (ଗୁଳଞ୍ଜବର୍ଦ୍ଧକ); ପୁତ୍ରଞ୍ଜୀବ ବୃକ୍ଷ—Sṛushṭipradā Nagera Putranjiba (a medicinal bush).

ସୃଷ୍ଟି ପ୍ରଳୟ—ସ. ବ (ଷଷ୍ଠୀ ତତ୍) —ସୃଷ୍ଟି ନାଶ—Dissolution of the universe, Sṛushṭi pralaya

ସୃଷ୍ଟି ବାହାର—ଦେ. ବିଶ—ସୃଷ୍ଟି ଛଡ଼ା (ଦେଖ) Sṛushṭi bāhāra Sṛushṭi chhardā (See)

[ବି—ତାଙ୍କ ସ୍ୱଭ ସୃଷ୍ଟି ବାହାର, ବାଳା ବାଡ଼ି ଥାଉ ଗଲେ ବଦଳୁ ଦାର। ଉଷ. ପ୍ରେମସୁଧାକାବ୍ୟ।]

ସୃଷ୍ଟି ବୁଡ଼ା—ଦେ. ବିଶ—୧। ସର୍ବନାଶକାରୀ—1. Causing utter ruination. ୨। ସମାଜ ବିପ୍ଳବକାରୀ —2. Bringing about convulsions in society. **सृष्टि डुबानेवाला**

ସୃଷ୍ଟି ବୁଡ଼ିବା—ଦେ. ବ—୧ ସର୍ବନାଶ ଘଟିବା—1. Being undone; utter ruination. Sṛushṭi burdibā

ସର୍ବନାଶ ହଓୟା [ବି—ସମ୍ପଦ ଦୋହଦ ଅଳ ସଣିଲେ ସେ **दुनिया बुड़ना** ସୃଷ୍ଟି ବୁଡ଼ିବଟି ମୋର। ଉଷ. ପ୍ରେମସୁଧାକାବ୍ୟ।] ୨। ସମାଜରେ ଅସୁବିଧାର ବିପ୍ଳବ ଉପସ୍ଥିତ ହେବା; ଲୁଲ-ଧର୍ମର ଲୋପ—2. Fierce revolution in society.

ସୃଷ୍ଟି ରକ୍ଷଣ(ରକ୍ଷା)—ସ. ବ (ଷଷ୍ଠୀ ତତ୍) —ଜଗତର ରକ୍ଷା ବା ପାଳନ—Sṛushṭi rakshaṇa(rakshā) Preservation of the creation.

ସୃଷ୍ଟି ସଂହାର—ସ. ବ (ଷଷ୍ଠୀ ତତ୍) —ସୃଷ୍ଟି ନାଶ—Dissolution of the universe. Sṛushṭi saṁhāra

ସୃଷ୍ଟି ସ୍ଥିତି ପ୍ରଳୟ—ସ. ବ (ବହୁ)—ଜଗତର ସୃଷ୍ଟି, ରକ୍ଷଣ ଓ ପ୍ରଳୟ—The creation, preservation and dissolution of the universe. Sṛushṭi sthiti pralaya

ସୃ (ଧାତୁ)—ହିଂସା କରିବା—Sṛū (root) To spite; to injure.

ସେନା ନାୟକ—ସଂ· ବ (୬ଷୀ ତତ୍)—ସେନାପତ୍ତ; ବାହୁଜୀପତ୍ତ—
Senā nāyaka — A general; a commander.
ସେନା ନାୟକ ଦେ. ବ—ଉତ୍କଳୀୟ ପଦାତିକ ସେନା ଦଳର ସର୍ଦ୍ଦାର;
सेनानायक ନାୟକ—A Naik; the captain of a body of Indian foot soldiers.

ସେନା ନିବାସ(ନିବେଶ)—ଦେ. ବ (୬ଷୀ ତତ୍)—ସୈନ୍ୟମାନଙ୍କ
Senā nibāsa(nibesa) — ରହିବା ସ୍ଥାନ; ଛଉଣି; କାମ୍ପ୍—The camp of an army; barracks; cantonment. [ଦ୍ର—ଅସ୍ଥାୟୀ ସେନାନିବାସକୁ କାମ୍ପ୍ ବା ଛଉଣି ଏବଂ ସ୍ଥାୟୀ ସେନାନିବାସକୁ ବାରକ୍ସ୍ ବୋଲଯାଏ ।

ବୃହତ୍ ସଂହିତାରେ ଉପଦେଶ ଅଛି ଯେ, ଯେଉଁ ସ୍ଥାନରେ ଘାଉଁଶ, ଅଟାର, ଦୋଇଜ, ଦାଭ, ତୃଣ, କେଶ, ଗଣ୍ଡି, ଲୁଣୀମାଟି, କଙ୍କଡ଼ା, ହଂସ୍ରଜନ୍ତୁ, ମୂଷାଗାତ, ଉଇ ଢୁଙ୍କା ନ ଥିବ ଓ ସେଉଁ ସ୍ଥାନର ଭୂମି ଘନ, ଚିକ୍କଣ, ସ୍ୱଗନ୍ଧଯୁକ୍ତ, ମଟୁର ଓ ସମତଳ ହୋଇଥିବ, ସେଥର ସ୍ଥାନରେ ରାଜା ସେନାନିବାସ ରଚନା କରିଥିବେ—ହୁ· ଶ ।]

ସେନାନୀ—ସଂ, ବ (ସେନା+ନା ଧାତୁ=ନେବା+କର୍ତ୍ତୃ. କ୍ୱିପ୍) —
Senānī — ୧ । ସେନାପତ୍ତ; ସୈନ୍ୟାଧ୍ୟକ୍ଷ—1. Commander; general. ୨ । କାର୍ତ୍ତିକେୟ (ଦେବସେନାର ସେନାପତ୍ତ)—2. God Kārttikeya, the commander of the army of the gods. ୩ । (ନାମ) ଏକ ରୁଦ୍ରଙ୍କ ନାମ (ହୁ. ଶ)—3. Name of one of the Rudra Deities. ୪ । (ନାମ) ଧୃତରାଷ୍ଟ୍ରଙ୍କର ଏକ ପୁତ୍ର (ହୁ. ଶ)—4. Name of a son of Dhṛutarāshṭra. ୫ । (ନାମ) ଶମ୍ବର ଦୈତ୍ୟର ଏକ ପୁତ୍ର (ହୁ. ଶ)—5. Name of a son of demon Śambara. ୬ । ଏକପ୍ରକାର ପଶା ଖେଳ (ହୁ. ଶ)—6. A kind of indoor game.

ସେନାପଟା—ଦେ. ବ—ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମାର ପୃଷ୍ଠଭାଗରେ
Senāpaṭā — ଲହଡ଼ ଜାଠର ପଟା—A plate of wood attached to the back of the image of Lord Jagannātha.

ସେନାପତ୍ତ—ସଂ· ବ (୬ଷୀ ତତ୍)—୧ । ସେନାପ୍ପ; ସୈନ୍ୟାଧ୍ୟକ୍ଷ—
Senāpati — 1. A commander; a general. [ଦ୍ର—ମନୁସ୍ମୃତିର ରାଜଧର୍ମ ୧୮୫ ଅଧ୍ୟାୟରେ ସେନାପତ୍ତଙ୍କ ଅବଶ୍ୟକ ଲକ୍ଷଣମାନ ଲିପିବଦ୍ଧ ହୋଇଅଛି । ଯଥା—ଭୁକୀନ, ଶୀଲସମ୍ପନ୍ନ, ଧନୁର୍ବେଦବିଶାରଦ, ହସ୍ତ୍ୟଶ୍ୱ-

Digitized by srujanika@gmail.com

ଶାସ୍ତ୍ରରେ କୁଶଳ, ମଧୁରଭାଷୀ, ଜମିତ୍ତଜ୍ଞ, ଶତ୍ରୁଜଳ୍ପ, ଚକିତ୍ସା-ଶାସ୍ତ୍ରଜ୍ଞ, ସ୍ୱାମିଭକ୍ତ, ଶାସ୍ତ୍ରଜ୍ଞ, ଶସ୍ତ୍ରଜ୍ଞ, ରଣଚଦ୍ୟାଘଟ୍ଟ, ସ୍ଥିର ଦୃଷ୍ଟିଶକ୍ତି ବା ଅନିଦ୍ରିତ୍ୱ ଗୁଣ। ସେନାପତ୍ତ ପଦରେ ବରଣ କରନ୍ତେ ।] ୨ । କାର୍ତ୍ତିକେୟ—2. God

ସେନାପତି Kārttikeya. ଦେ. ବ—୧ । ଖଣ୍ଡାୟତଙ୍କ ବଂଶୋଦ୍ଭବଶେଷ—1. Family title of some Khandāyetas. ୨ । ବଳଭଦ୍ର ଗୋତ୍ରୀ ବା ମାସ୍ତାନ ବ୍ରାହ୍ମଣଙ୍କର ବଂଶୋଦ୍ଭବଶେଷ—2. A family title of some Māstāna Brāhmanas.

ସେନାପତ୍ୟ—ସଂ. ନ—୧ । (ସେନାପତ୍ତ+ଯ) ସେନାପତ୍ତଙ୍କ କର୍ମ ବା

Senāpatya ଅଧିକାର (ହ. ଶ)—1. Generalship; commandership of an army. ୨ । ଅଧୁନିକ ସମୟର ଘଟଣା ଯେଉଁ ଅବଶ୍ୟକ ନୂତନ ଅର୍ଥ) (୬ଷ୍ଠୀ ତତ୍ପୁ; ସେନା+ଅପତ୍ୟ) ଆଜକାଲି ଯୁଦ୍ଧ ସମୟରେ ସେନା-ମାନେ କୌଣସି ସ୍ଥାନରେ ଛାଉଣୀ ପକାଇ ସେଠାରେ ସ୍ତ୍ରୀସ୍ପୃ ମହିଳାମାନଙ୍କସଙ୍ଗେ ପ୍ରଣୟ ଓ କାମବୃତ୍ତି ଚରିତାର୍ଥ କରିବା ଫଳରେ ଜାତ ସନ୍ତାନ – War baby; child begotten from women of places of encampment of an army as a result of love-intrigues of the soldiers.

ସେନା ପାଳ—ସଂ. ବ (ଷୁ°)—୧ । ସୈନ୍ୟଗଣକ—1. The

Sena pāla maintainer of an army. ୨ । ସେନାଧିପ; ସେନାପତ୍ତ—2. A commander; a general. [ଉ—ଦେଇ ରାଜାମାନଙ୍କ ମଧ୍ୟେ ସେନାପାଳ—କୃତ୍ତିବାସ] ମହାଭାରତ ସଭା ।

ସେନା ପୃଷ୍ଠ—ସଂ. ବ (୬ଷ୍ଠୀ ତତ୍ପୁ)—ସେନାର ପଛଭାଗ—

Senā prushṭha The vanguard or rear of an army

ସେନାବାସ—ସଂ. ବ (୬ଷ୍ଠୀ ତତ୍ପୁ ସେନା+ଆବାସ)—୧। ସେନା ନିବାସ

Senābāsa (ଦେଶ)—1. Senā nibāsa (See) ୨ । ଡେରା; ଛାଉଣୀ (ହ. ଶ)—2. Tent.

ସେନାବାହ—ସଂ, ବ (ସେନା+ବହ ଧାତୁ+କର୍ତ୍ତୃ. ଅ)—ସେନାପତ୍ତ

Senābāha (ହ. ଶ)—General.

ସେନା ବ୍ୟୂହ(ବିନ୍ୟାସ, ସଜ୍ଜା)—ସଂ. ବ (୬ଷ୍ଠୀ ତତ୍ପୁ)—ଯୁଦ୍ଧ ପାଇଁ

Senā byūha(binyāsa,sajjā) ଉନ୍ନ ଉନ୍ନ ସ୍ଥାନରେ ଓ ଦାନ୍ତ ଜାଗାମାନଙ୍କରେ ସେନାର ଉନ୍ନ ଉନ୍ନ ଅଙ୍ଗର ବା ଅଂଶର କୌଶଳପୂର୍ଣ୍ଣ ସ୍ଥାପନ—Battle array,

ସେନା ମୁଖ—ସଂ. ବ (୬ଷ୍ଠୀ ତତ୍ପୁ)—୧ । ସେନାର ଅଗ୍ରଭାଗ—

Sena mukha 1. The advance guard of an army. ୨ । ୩ ହସ୍ତୀ, ୯ ଅଶ୍ୱ, ୩ ରଥ ଓ ୧୫ ପଦାତି, ଏମାନଙ୍କ ୩୦ ଜଣ ସମ୍ବଳିତ ସେନାଦଳ (ଅମର)—2. A company of 30 soldiers;—consisting of 3 elephants, 9 cavalry, 3 chariots and 15 foot soldiers [ଏ—ସତାନ୍ତରରେ ୯ ହସ୍ତୀ, ୨୮ ଅଶ୍ୱ, ୯ ରଥ ଓ ୬୫ ପଦାତି ସମ୍ବଳିତ ସେନାକଲ୍ପ ସେନାମୁଖ ବୋଲିଥାଏ—ହ. ଶ ।] ୩ । ୧୫ର ୩ଗୁଣ ବା ୧୬୫ ଜଣ ପଦାତିକ ସୈନ୍ୟ—3. A body of 165 foot soldiers. [ଉ—୨୫ ଜଣ ଗୁଣରେ ସେନାମୁଖ ଖ୍ୟାତ—କୃତ୍ତିବିଂହ, ମହାଭାରତ. ଉଦ୍‌ଯୋଗ ।] ୪ । ପୁରଦ୍ୱାରର ସମ୍ମୁଖବର୍ତ୍ତୀ ପଥ (ଶବ୍ଦକଳ୍ପଦ୍ରୁମ)—

4. The road passing in front of the gate of a town.

ସେନା ରକ୍ଷ(ରକ୍ଷକ)—ସଂ. ବ—୧ । ସୈନ୍ୟମାନଙ୍କୁ ଜଗିବା ପ୍ରହରୀ—

Senā raksha(rakshaka) 1. A sentinel. ୨। ସୈନିକ —2. A soldier

ସେନୁ—ପ୍ରାଦେ. (ବୌଧତ୍ୱଜ୍ୟ ଓ ପାଣ୍ଡବୀ) ଅ—ସେଠାରୁ—

Senu From that place.

ସେନେ—ପ୍ରାଦେ. (ବୌଧ ଓ ପାଣ୍ଡବୀ) ଅ—ସେଉ—

Sene That.

ସେନେଁ—ପ୍ରାଦେ. (ବୌଧ ଓ ପାଣ୍ଡବୀ) ଅ—ସେଠାରେ—

Senen̄ There; in that place.

ସେନେଟ୍ (ଇତ୍ୟାଦ)—ବୈଦେ. ବ—ସିନେଟ୍ ଇତ୍ୟାଦ (ଦେଶ)

Seneṭ (etc) Sineṭ etc (See)

ସେନେହ—ପ୍ରା. (ପଦ୍ୟ) ବ (ସଂ. ସ୍ନେହ)—ସ୍ନେହ (ଦେଶ)—

Seneha Sneha (See) [ଉ—ସେନେହେ ସଦ୍‌ଗ୍ରହର ଜଳେ । ମୁଁ ଥିଲି ଗୋଟି ମୀନ ସେଲେ—ଭୂପଦ୍ମ. ପ୍ରେମଭକ୍ତିମୁକ୍ତ ।]

ସେନେହା—ପ୍ରା. ବଣ. ସ୍ତ୍ରୀ—ସେନେହ୍ନା (ଦେଶ)—

Senehā Senehī̄ (See)

ବ—(ପ୍ରାଚୀନ ପଦ୍ୟ); (ସଂ. ସ୍ନେହ)—ସ୍ନେହ—

Love. [ଉ—ପଲାଇ ନ ସମ୍ଭାଳ ତାହା । ତେସନ୍ତ କୃଷ୍ଣର ସେନେହା—ଜଗନ୍ନାଥ, ଭାଗବତ ।]

ସେନେହ୍ନା – ପ୍ରା. ବଣ (ସ୍ତ୍ରୀ. ଓ ପୁ) (ସଂ. ସ୍ନେହ୍ନ)—ସ୍ନେହଶୀଳ—

Senehī̄ Affectionate; loving. [ଉ—ବନ୍ଧବ ପଣ୍ଡରେ ସେନହୀ **सनेही** ହୋଇ ଜଦ୍ଦବ ସେନେହ୍ନା —ଭକ୍ତ. ବୈଦେହ୍ନାଶବଳାସ ।]

ସେନୋ—ପ୍ରାଦେ. (ବଲାଙ୍ଗିର ପାଣ୍ଡବୀ) ବ—ସ୍ନେହ—

Seno Love; affection.

ସେନ୍ତ୍ ଖାନା—ବୈଦେ. ବ (ଅ. ସେଟଡ୍‌ଖାନା)—ସେଟ୍‌ଖାନା (ଦେଶ)

Sent-khānā Set-khānā (See

ସେନ୍ତ୍ ସେନ୍ତିଆ—ଦେ. ବଣ—ସନ୍ତସନ୍ତିଆ (ଦେଶ)

Sent sentiā Santasantiā (See)

ସେନ୍ତରା (ଇତ୍ୟାଦ)—ଦେ. ବଣ ଓ ବ—ସନ୍ତରା ଇତ୍ୟାଦ (ଦେଶ)

Sentarā (etc) Santarā etc (See)

ସେନ୍ତା—ଦେ. ବ. ପୁ°—ଅପର୍ତ୍ତିଅଣ୍ଡି ଲୋକଙ୍କ ନାମ—A name

Sentā given to males whose elders had predeceased them at their birth.

(ସେନ୍ତ୍ରୀ—ଅନ୍ୟରୂପ) (ସେନ୍ତ୍ରୀ, ସେନ୍ତ୍ରେଇ—ସ୍ତ୍ରୀ) ପ୍ରାଦେ. (ସମ୍ବଲପୁର ଓ ଗଡ଼ଜାତ) ଅ—ସେନ୍ତା (ଦେଶ)—Sen-tā (See).

Digitized by srujanika@gmail.com

ସେନ୍ତ(ନ୍ତି)—ଦେ. ବ (ସଂ. ଶୀଘ୍ର)—ସିଂଚ (ଦେଖ)
Senti(nthi) Siñti (See)

ସେନ୍ତ୍ରି—ବୈଦେ. ବ (ଇଂ. ସେଣ୍ଟ୍ରି)—ପନ୍ଥି; ପହରା, ଦେଉଥିବା
Sentri ସଶସ୍ତ୍ର ସୈନିକ—Sentry; armed watchman.

ସେନ୍ଦୁର—ପ୍ରାଦେ. (ବଙ୍ଗଳାର ପାଟଣା)ନ(ଭୂଳ. ହି. ସିଁଦୂର)—
Sendur ସିନ୍ଦୂର—Vermilion.

ସେନ୍ଦ୍ରିୟ—ସଂ. ବଣ (ସ୍ୱାର୍ଥ ବତୁପ୍ତ୍ୟୟ; ସ+ଇନ୍ଦ୍ରିୟ)—୧ । ଇନ୍ଦ୍ରିୟ
Sendriya ବିଶିଷ୍ଟ—1. Having organs of sense.
୨ । ଘୁଂସୁ ବିଶିଷ୍ଟ (ହି. ଣ)—
2. Virile; having virility.

ସେନ୍ସସ୍—ବୈଦେ. ବ (ଇଂ) —ଜନ ସମାଜ; ସରକାରଙ୍କ ଦ୍ୱାରା କରା-
Sensas ଯିବା ଗୁରୁତ୍ୱର ଲୋକସଂଖ୍ୟା ଗଣନା କ୍ରିୟା—Census,
ସେନ୍‌ସସ ସେନ୍ସସ

ସେପ୍ଟିକ୍—ବୈଦେ. ବଣ (ଗ୍ରୀକୁସ୍ଥ ଭାଷା) (ଇଂ) —୧ । ପଚନଶୀଳ।
Sep-ṭik (ଶରୀର ଆଦି)—1. Septic. ୨ । ଯାହା ଶରୀର
ସେପଟିକ ଆଦିରୁ ପଚୁଇ ହୁଏ—2. Promoting putre-
ସେପ୍ଟୀକ faction of sores etc

ସେପ୍ଟେମ୍ବର୍—ବୈଦେ.ବ (ଇଂ ଲାଟିନ୍ ସେପ୍ଟେମ୍=ସ.ସପ୍ତନ୍=ସାତ;
Sep-ṭembar —ପୂର୍ବେ ରୋମ୍‌ରେ ପ୍ରଚଳିତ ମାସଗଣନା
ସେପ୍‌ଟେମ୍ବର ସିତମ୍ବର ଅନୁସାରେ ଏହା ସପ୍ତମ ମାସ ଥିବାରୁ)
(ସେପ୍ଟେମ୍ବର—ଅନ୍ୟରୂପ) ଖ୍ରୀଷ୍ଟାବ୍ଦ ମାସ ଗଣନାରେ ନବମ ମାସ;
ଅଗଷ୍ଟ ମାସର ପରବର୍ତ୍ତୀ ଓ ଅକ୍ଟୋବର୍ ମାସର ପୂର୍ବବର୍ତ୍ତୀ
ମାସ; ଓଡ଼ିଆ ଭାଦ୍ରବ ଓ ଆଶ୍ୱିନ ମାସ—September.

ସେପଟା—ବୈଦେ. ବ (ବୈଦ୍ୟକ) (ଇଂ. ସାପୋଟା)—ସ୍ୱାଦୀ
Sepaṭā ଫଳବିଶେଷ; ସପେଟା—A species of fruit
ସପେଟା ସପେଟା Achras Sapota. [ଦୁ—ଏହା ମଧୁର, ପିତ୍ତ-
ନାଶକ ଓ ପୁଷ୍ଟିକର—ଦ୍ରବ୍ୟଗୁଣ. କଲ୍ପଦ୍ରୁମ ।]

ସେପତ୍ତନ—ଦେ. ବ (ଫା. ସେ=ତ୍ରୟ ଓ ସ. ପତ୍ତନ)—ଦର-
Sepattani ପତ୍ତନଦାରଠାରୁ ଗୃହୀତ ପତ୍ତନ—An undertе-
ସେପତ୍ତନୀ nure under a Darpattanidār.

ସେପତ୍ତନଦାର୍—ଦେ. ବ—ଦରପତ୍ତନ ଅଧୀନ ପତ୍ତନଦାର—
Sepattanidār An undertenure-holder under
ସେପତ୍ତନୀଦାର a Darapattani.

ସେ ପରା—ଦେ. ବଣ—୧। ତତ୍ସଦୃଶ—1. Similar to it; like
Se parā him, her or it. ୨ । ସେ ପ୍ରକାରର—
ସେଇ ରକମ, ଓରକମାରି 2. Of that kind. ୩ । ଭଲ ପରା;
ବୈସା ଅତି ଉତ୍କୃଷ୍ଟ—3. Excellent. ୪ । ଅତୁଳନୀୟ—
4. Incomparable. ଅ—ସେପରି; ସେପ୍ରକାରେ—
In that manner.

ସେପରି—ଦେ. ଅ—୧ । ତତ୍ସଦୃଶ—1. Like that. ୨ । ସେହି
Separi ସେଇ ରକମ ବୈସା ପ୍ରକାରେ—2. In that way.

ସେ ପାଇଁ—ପ୍ରା. ଅ—ସେଥିପାଇଁ (ଦେଖ)
Se pāiñ Sethipāiñ (See)

ସେପାୟା(ହ୍ୟା)—ବୈଦେ. ବ (ପା.)—ତ୍ରିପାୟା; ତିନଗୋଡ଼ିଆ
Sepā;ā(hyā) କାଷ୍ଠାସନ—Tripod; tepoy.
ସେପାୟା, ତେପାୟା ତପାଈ

ସେପିଆ—ବୈଦେ. ବ (ଇଂ)—ଚିତ୍ରାଦରେ ବ୍ୟବହୃତ ଗଢ଼ା ରଙ୍ଗ।
Sepiā ସେପିୟା ସେପିया ରଙ୍ଗ—Sepia (colour).

ସେ ପୁର(ରି)—ଦେ. ବ—ଯମପୁର—The abode of Death.
Se pura(ri) ଓ ପୁରୀ सपुर

ସେ ପୁରକୁ ଯିବା—ଦେ. କ୍ରି ମରଯିବା—To die. [ଦ୍ର—
Sepuraku jibā ବଡଅ ସେପୁରକୁ ଗଲା—ହନୁଲାଲୁମାତ୍ର.
ଓପୁରୀତେ ଯାଓବା मरजाना; उसपुर पर जाना ନଅଣ୍ଡୁଶୀ ।]

ସେଫ୍—ବୈଦେ. ବ (ଇଂ)—ଧନ ଅବ ବହୁମୂଲ୍ୟ ପଦାର୍ଥକୁ ଚୌର୍ଯ୍ୟ ଓ ଅଗ୍ନି
Seph ଆଦିରୁ ରକ୍ଷାପାଇ ରଖିବା ପାଇଁ ଅଯସ୍କାନ୍ତ ଲୁହାର
ସେଫ ସେଫ ମଜଭୁତ ସିନ୍ଦୁକ—Ironsafe.

ସେଫ୍‌ଟି ପୀନ୍—ବୈଦେ. ବ (ଇଂ) —ଚଟକଳା ଲଗା ଏକପ୍ରକାର
Seph-ṭi pin ଧାତୁମୟ ପୀନ୍, ଯଦ୍ଦ୍ୱାରା କେଶ, ବସ୍ତ୍ର ଆଦିକୁ
ସେଫଟୀ ପୀନ ସେଫଟी पीन ଏପରି ଲଗାଇ ରଖାଯାଇ ପାରେ—
Safety pin.

ସେଫ୍‌ଟି ଫାଷ୍ଟ୍—ବୈଦେ. ବ (ଇଂ. ସେଫ୍‌ଟୀ+ଫାର୍ଷ୍ଟ୍=ଏଥିର
Seph-ṭi phāsht ଅର୍ଥ ବିପଦରୁ ଦୂରରେ ରହିବା ପ୍ରଥମ
ସେଫଟି ଫାଷ୍ଟ୍ ଆବଶ୍ୟକ)—ରେଳଗାଡ଼ି ଓ ଅନ୍ୟାନ୍ୟ କଳ-
ସେଫଟी फाष्ट କାରଖାନା ଇତ୍ୟାଦିରେ ଚଳପ୍ରଚଳ ହେବା ସମୟରେ
ସାବଧାନ ହେବା ପାଇଁ ଲୋକମାନଙ୍କୁ ସତର୍କ କରିବା
ନିମନ୍ତେ ଅଧୁନିକ ଆନ୍ଦୋଳନ—The Safety first
movement recently started to warn
people to look to their own safety while
going about railway trains and dan.
gerous machines.

ସେଫ୍‌ଟି ଭଲ୍—ବୈଦେ. ବ (ଇଂ) —ବାଷ୍ପୀୟ କଳ ଆଦିରେ ବାଷ୍ପର
Seph-ṭi bhālbh ବେଗ ବେଶି ହୋଇଗଲେ ଅଧିକା ବାଷ୍ପ
ସେଫଟी ଭାଲ୍‌ଭ ଶବଂ ବାହାର ଯିବା ପାଇଁ ଉତ୍ତୁ କଳରେ ଲଗିଥିବା
ସେଫଟी भाल्भ କବାଟ—Safety valve.

ସେଫ୍‌ଟି ଲ୍ୟାମ୍ପ—ବୈଦେ. ବ (ଇଂ) —କୋଇଲା ଖଣି ମଧ୍ୟରୁ ବାହାରୁ-
Seph-ṭi lāmp ଥିବା ଜ୍ୱଳନଶୀଳ ବାଷ୍ପ ଖଣିରେ କାମ କରୁଥିବା
ସେଫଟି ଲ୍ୟାମ୍ପ ବ୍ୟକ୍ତିଙ୍କଦ୍ୱାରା ଆଲୋକାର୍ଥ ବ୍ୟବହୃତ ଲ୍ୟାମ୍ପରେ ଥିବା
ସେଫଟी लैंप ଆଲୋକରେ ଲଗି ଜ୍ୱଳ ନ ଉଠିବା ପାଇଁ ତାର ବେଢ଼ା
ଆଲୋକବିଶିଷ୍ଟ ଲ୍ୟାମ୍ପ—Safety lamp.

ସେଫ୍‌ଟି ର(ରେ)ଜର୍—ବୈଦେ. ବ (ଇଂ) —ସେଉଁ ଖୁରଦ୍ୱାରା କର-
Seph-ṭi ra(re)jar ପଦ୍ଧତିରେ ଖୌର କର୍ମ ସମାହିତ ହୁଏ—
ସେଫଟି ରାଜର ସେଫଟी रैजर Safety razor.

ସେଫ—ସ. ବ (ସେଫର ରୂପାନ୍ତର) —ଶିଶ୍ନ: ଲିଙ୍ଗ (ଜୀବଧର) —
Sepha Penis.

ସେଫାଲିକା—ସ. ବ (ସେଫାଲିକାର ରୂପାନ୍ତର)—ଶେଫାଳିକା (ଦେଖ)
Sephālikā Sephālikā (See)

Digitized by srujanika@gmail.com

ସେପ୍ଟି (ଇତ୍ୟାଦି)—ବୈଦେ. ବ (ଇଂ)—ସେପ୍ଟି ଇତ୍ୟାଦି (ଦେଶ)
Sephṭi (etc) Septi etc (See)
ସେଫ୍‌ଟି ସେଫ୍‌ଟୀ

ସେବ୍ (ଧାତୁ)—ସ—୧ । ସେବନ କରିବା; ଭୋଗ କରିବା—
Seb (root) 1. To enjoy. ୨ । ଖାଇବା—
2. To partake of. ୩ । ସହଚର୍ଯ୍ୟା କରିବା—
3. To serve. ୪ । ବ୍ୟବହାର କରିବା; ଉପଭୋଗକରିବା-
4. To use; (Apte) ୫ । ସମ୍ଭୋଗ କରିବା—5. To enjoy carnally (Apte) ୬ । ବାସ କରିବା; ଘରଦ୍ୱାର କରିବା—6. To inhabit; to frequent (Apte). ୭ । ଚର୍ଚ୍ଚା ବା ଅଧ୍ୟୟନ କରିବା—7. To practise; to cultivate (Apte). ୮ । ଜଗିବା—8. To watch; to guard (Apte).

ସେବ—ସ. ବ (ସେବ୍ ଧାତୁ + କର୍ମ. ଅ)—୧ । ସେଉଁ ଫଳ (ଭୁଲ. ଫା. Seba ସେବ୍); (ଉପଭୁକ୍ତଭାବ)—1. Apple; Pyrus Malus. ୨ । (+ଉର୍ବ) ସେବା (ଦେଶ)-
2. Sebā (See). ଦେ. ବ. ସ୍ତ୍ରୀ (ସେବତ୍ତ)—ସେବତ୍ତର ଡାକ ନାମ—Nickname for Sebati.

ସେବକ—ସ. ବି. ପୁଂ (ସେବ୍ ଧାତୁ + କର୍ତ୍ତୃ. ଅକ)-୧ । ସେବାକାର୍ଯ୍ୟ
Sebaka 1. Rendering service; serving.
[ସେବ(ବ୍)କା—ସ୍ତ୍ରୀ] ୨। ସହଚର୍ଯ୍ୟାକାର୍ଯ୍ୟ. 2. Tending.
୩ । ଧାର୍ଯ୍ୟମତେ କୌଣସି କର୍ମାବଲମ୍ବନକାର୍ଯ୍ୟ (ଯଥା—ସାହୁଡ଼ୀ ସେବକ)—3. Following an occupation regularly. ୪ । ଭୋଗକାର୍ଯ୍ୟ—
4. Enjoying. ବି—୧ । ତୁମ୍ବେବକ (ସେତଗା); ସାଙ୍ଗାପ୍ରାନ୍ତସ୍ଥ ବଳ କାଷ୍ଠ; ସାଙ୍ଗାଶ୍ରିତ ଅଳାବୁ ଫଳବିଶେଷ—
1. The gourd attached to the end of a harp. ୨ । ଥଳି; ମୁଣି—2. A wallet made of rags. ୩ । (ସିବ୍ ଧାତୁ=ସିଲ୍ଭଇ କରିବା + କର୍ତ୍ତୃ. ଅକ)—ସୀବନ କର୍ତ୍ତା; ଦରଜି—
3. Sewer; tailor. ୪ । ସହଚରକ; ଦାସ; ଉଚ୍ଚୀ; ଚାକରଆ—4. Servant. ୫ । ସହଚର୍ଯ୍ୟାକାର୍ଯ୍ୟ ବ୍ୟକ୍ତି;
5- Attendant. ୬ । ଭକ୍ତ (ହି. ଶ. —
6. A devotee. ୭ । ଉପାସକ; ଆରାଧକ (ହି. ଶ)-
7. Worshipper; a votary. ୮ । (କୌଣସି ବସ୍ତୁର) ବ୍ୟବହାରକର୍ତ୍ତା ବ୍ୟକ୍ତି (ହି. ଶ)—
8. The user of a certain thing. ୯। ଧାରାବାହିକ ରୂପେ କୌଣସି କର୍ମ ଅବଲମ୍ବନକାର୍ଯ୍ୟ ବ୍ୟକ୍ତି—
9. Regularly following or devoted to an occupation. ୧୦। (+କର୍ମ. ଅକ)—ବୋରା, ଚଟା (ହି. ଶ)—10. Sack; gunny bag (Apte) ୧୧ । (ସେବ୍ ଧାତୁ + କର୍ତ୍ତୃ. ଅକ) ଦେବତାଙ୍କ ପୂଜା ଅର୍ଚ୍ଚା କରିବା ବ୍ୟକ୍ତି; ପୂଜାର୍ଚ୍ଚାକାର୍ଯ୍ୟ—11. A person who regularly performs the worship and rituals of a Deity. [ଦ୍ର—ପୁରୀର ଜଗନ୍ନାଥଙ୍କର ସେବକମାନେ ଦେବତାଙ୍କର ଉତ୍ତମ ଉତ୍ତମ ନାଉ କରିବା ଅନୁସାରେ ୫୬୪ ଶ୍ରେଣୀରେ ବଟନ୍ତି—ସେମାନଙ୍କୁ ଛତିଶା ନଃଯୋଗ ବୋଲି-ଯାଏ, ସାଧାରଣତଃ ଶିବ ଓ ବିଷ୍ଣୁଙ୍କ ମନ୍ଦିରରେ ଦୁଇ ଜାତିର ସେବକ ଦେଖା ଯାଆନ୍ତି ଯଥା—ବ୍ରାହ୍ମଣ (ପଣ୍ଡା ବା ପୂଅର) ଓ ଶୂଦ୍ର (ମାଳ, ବଡ଼ୁ ବା ମଲ୍ଲଅ) ।]

[ଦ୍ର—ଜନ୍ମରେ ସେବକ ଶବ୍ଦ ସଯୁକ୍ତ କେତେକ ଶବ୍ଦ ଦଅଗଲ୍ଲ—

ଉଥାଇଆ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ମନ୍ଦିରରେ ଉଥାଇ ନାମକ ଏକ ପ୍ରକାର ବାଜା ବଜାଇବା ସେବକ ବିଶେଷ—ଜଗବନ୍ଧୁ. ପ୍ରାଚୀନ ଉଲ୍ଲେଖ ।

ଗ୍ରାମ ସେବକ—ଦେ. ବ—ଗ୍ରାମବାସୀଙ୍କର ସେବାକାର୍ଯ୍ୟ ଉଦ୍ଦିଷ୍ଟ—ଭଣ୍ଡାଘ, ଧୋବା ଆଦି ।

ଚରଣ ସେବକ, ଥାଦ ସେବକ—ସ. ବ—ଥାଦ ସେବା କରିବା ଉଦ୍ଦିଷ୍ଟ ।

ଜୟମଙ୍ଗଳ ଆଳତି ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କର ଆଳତି କରିବା ସେବକ ।

ଦରପଣିଆ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ସ୍ନାନ ସମୟରେ ଆଗରେ ଦରପଣ ଧରିବା ସେବକବିଶେଷ ।

ଦେବ ସେବକ—ସ. ବ—ଦେବତାଙ୍କ ସେବାକାର୍ଯ୍ୟ ବ୍ୟକ୍ତି ।

ଧୂଜଧସ୍ତ୍ର ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ମୁଣ୍ଡୋଳ ବେଳେ ଗରୁଡ଼ଧ୍ୱଜ, ତାଳଧ୍ୱଜ, ଆଦି ଧରିବା ସେବକ ।

ପଣ୍ଡା ସେବକ ଦେ. ବ—ପଣ୍ଡାଜାତୀୟ ଦେବପୂଜକ ।

ଚଡ଼ୀବଡୁ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କର ପୂଜାର ସମସ୍ତ ଉପକରଣ ପଣ୍ଡାମାନଙ୍କୁ ବଢ଼ାଇ ଦେବା ସେବକ—ଜଗବନ୍ଧୁ. ପ୍ରାଚୀନ ଉଲ୍ଲେଖ ।

ପାଣି ଅପଣ୍ଡ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ସେବା-ପୂଜା ନମନ୍ତେ ପାଣି ଯୋଗାଇବା ସେବକ ।

ପାଳଆ ସେବକ—ଦେ. ବ—ଯେଉଁ ସେବକଙ୍କର ଦଦକସେବାରେ ପାଳର ବନ୍ଦ ପଡିଥାଏ ।

ପୁରୁଣ୍ଡୋ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ମନ୍ଦିରରେ ପୁରୁଣ ପାଠ କରିବା ସେବକବିଶେଷ —ଜଗବନ୍ଧୁ. ପ୍ରାଚୀନ ଉଲ୍ଲେଖ ।

ପ୍ରସାଦ ବଡୁ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ପ୍ରସାଦ ନେଇ ଗଜପତି ସ୍ୱଜାଙ୍କ ଉଦ୍ଦେଶ୍ୟରେ ଘଡ଼ାଇବା କାମ କରିବା ସେବକ ।

ଫୁଲ ବଡୁ ସେବକ—ଦେ. ବ—ଶ୍ରୀ ଜଗନ୍ନାଥ ମନ୍ଦାପ୍ରଭୁଙ୍କ ଫୁଲ ପ୍ରସାଦ ନେଇ ଗଜପତି ମନ୍ଦାସ୍ୱଜାଙ୍କ ଉଦ୍ଦେଶ୍ୟରେ ଘଡ଼ାଇବା ସେବକ—ଜଗବନ୍ଧୁ. ପ୍ରାଚୀନ ଉଲ୍ଲେଖ ।

Digitized by srujanika@gmail.com

ବଡ଼ ସେବକ—ଦେ· ବ (ଫ· ବଡ଼ ଓ ସେବକ)—ଭୁବନେଶ୍ୱରସ୍ଥ ଲିଙ୍ଗରାଜ ମହାପ୍ରଭୁଙ୍କ ସ୍ନାନ ଜଳ ଓ ଫୁଲ ବେଲପତ୍ରୀ ଯୋଗାଉଥିବା ଶୂଦ୍ର ସେବକ ।

ବଡ଼ଅ ଯୋଗଣ ସେବକ—ଦେ· ବ—ଠାକୁରଙ୍କ ଲାଗି ଥାନଶିଲ ସଫାସୁତୁରା କରି ଆଣି ଦୁଇଥ ନାପିତଙ୍କୁ ଯୋଗାଇବା ସେବକ ।

ବମାନବଡ଼ୁ ସେବକ—ଦେ· ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମାମାନଙ୍କୁ ଯାତ୍ରାଦି ସମୟରେ ବହନ କରୁଥିବା ବାମନକୁ କାନ୍ଧେଇବା ଓ ମୂଲ ଘାଣି ଅଦ ଲାଗି କରୁଥିବା ସେବକ ।

ବ୍ରାହ୍ମଣ ସେବକ—୧ । ସ· ବ—ବ୍ରାହ୍ମଣଜାତୀୟ ଦେବ-ସେବକ ।

୨ । ଦେ· ବ—ଭୁବନେଶ୍ୱର ଲିଙ୍ଗରାଜଙ୍କ ସ୍ତୂପକାର ବ୍ରାହ୍ମଣଜାତୀୟ ସେବକ ।

ଭଉର ଗରବଡ଼ୁ—ଦେ· ବ—ଆବଶ୍ୟକ ବେଳେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କଠାରୁ ଘାଣି ଧରି ଖଣ୍ଟିବା ସେବକ ।

ଜଗବନ୍ଧୁ ପ୍ରାଚୀନ ଉଜୁଲ ।

ମହାସୁଅର ସୁଅର ସେବକ—ଦେ· ବ (ଫ· ସୂପକାର ସେବକ)—ସୁଙ୍ଗ ଓ ଭୁବନେଶ୍ୱରରେ ବଢ଼ଇଚ ଦେବଙ୍କ ଅନ୍ନଶାକକାଣ୍ଡ ବ୍ରାହ୍ମଣ ସେବକ ।

ମାଳ ସେବକ—ଦେ· ବ (ଫ· ମାଳାକାର ସେବକ)—ଦେବଙ୍କୁ ଫୁଲ ଯୋଗାଇବା ଶୂଦ୍ର ମାଳାକାରଜାତୀୟ ସେବକ ।

ଯୋଗାଡ଼ମଳା ସେବକ—ଦେ· ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବାସନ ମାଜିବା ସେବକ ।

ରାଜ ସେବକ—ସ· ବ—ରାଜାଙ୍କର ଉତ୍ତମ୍ୟ ।

ଶୂଦ୍ର ସେବକ—ସ· ବ—ଶୂଦ୍ରଜାତୀୟ ଦେବସେବକ ।

ସାହୁତ୍ୟ ସେବକ—ଦେ· ବ—ଧାତ୍ରବାଦ୍ଦକ ସାହୁତ୍ୟଚର୍ଚ୍ଚା କରୁଥିବା କର୍ତ୍ତା ।

ସୁଅର ବଡ଼ୁ ସେବକ—ଦେ· ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ଘରେ ମନ୍ଦରର ଉପାଶୁରୁ ଘାଣି ପକାଇ ଧୋଇବା, ଘାଡ଼ାଡ଼ା ପକାଇବା, ଧୂପ ଓ ଅଲତ ଘାଇଁ କଥା ଓ ଅଲେକ ଅଣି ଦେବା ଏବଂ ପଣ୍ଡାମାନଙ୍କୁ ଅଲତ କାଠି, ଧୂପଦାଗ ଆଦ ବଢ଼ାଇ ଦେବା ସେବକ ।

ଜଗବନ୍ଧୁ ପ୍ରାଚୀନ ଉଜୁଲ ।

ସୁଦୁ ସୁଅର ସେବକ—ଦେ· ବ—ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଭୋଗ ଘାଇଁ ମୁଗ ରନ୍ଧିବା, ପରିବା କାଟିବା, ପାଚିଲକଦଳ ପ୍ରସ୍ତୁତ ଆଣି ଦେବା ଏବଂ ପଞ୍ଚାମୃତ ଯୋଗାଇବା ଇତ୍ୟାଦି କାର୍ଯ୍ୟ କରିବା ସେବକ—ଜଗବନ୍ଧୁ· ପ୍ରାଚୀନ ଉଜୁଲ ।

ସ୍ୱେଚ୍ଛାସେବକ—ଦେ· ବ—ଯେ ନିଜ ଇଚ୍ଛାରେ କୌଣସି ସେବାକାର୍ଯ୍ୟ ଚଳାଣ କରି ଥାଅନ୍ତି ।

ହାଣ୍ଡୋଳା ବଡ଼ୁ ସେବକ—ଦେ· ବ—ଦେବଦ୍ୱୟଙ୍କ ହାଣ୍ଡୋଳା ବା ଦୋଳା କାନ୍ଧେଇବା ସେବକ ।]

ସେବକ ଜାଗିର—ଦେ· ବ—ସେବକାନ୍ ଜାଗିର (ଦେଖ)
Sebaka jāgiri Sebakān jāgiri (See)

ସେବକ ନଯୋଗ—ଦେ· ବ—ଉଚ୍ଚ ଉଚ୍ଚ ଶ୍ରେଣୀର ସେବକମାନଙ୍କର ଗୋଷ୍ଠୀ ବା ସମାଜ—A society of different classes of Sebaks. [ଦ୍ର—ଉଚ୍ଚ ଉଚ୍ଚ ସେବକଶ୍ରେଣୀଙ୍କର ଉଚ୍ଚ ଉଚ୍ଚ ନଯୋଗ ଅଛନ୍ତି । ଏଲ୍ଲ ନଯୋଗ ଦ୍ୱାରା ଛୋଟ ଦଳରସାମାନଙ୍କ ନିୟମମାନ ପରିଚାଳିତ ହୁଏ ।]
Sebaka nijoga

ସେବକ ବରତନ (ବର୍ତ୍ତନ)—ଦେ· ବ—ସେବକଙ୍କୁ ଦେଯ ଭତ୍କୃତ ସେବାର ପାରିଶ୍ରମିକ—Wages given to a servant for service rendered.
Sebaka baratana (bartana)
ସେବକ ବେତନ
ସେବକବେତନ

ସେବକ ବ୍ରାହ୍ମଣ—ସ· ବ—ଦେଉଳଆ ବା ପଣ୍ଡା ବ୍ରାହ୍ମଣ; ନଳୁଷ୍ଟଶ୍ରେଣୀର ବ୍ରାହ୍ମଣ—Brāhmans who serve as worshippers to idols and are deemed lower than others.
Sebaka brāhmaṇa

ସେବକା—ସ· ବି· ସ୍ତ୍ରୀ (ସେବକ + ଆ)—ସେବକର ସ୍ତ୍ରୀଲିଙ୍ଗ—Feminine of 'Sebaka'.
Sebakā

ଦେ· ବଣ—ସେବକାଇ (ଦେଖ)—Sebakāra (See)

ସେବକାଧମ—ସ· ବି ପୁଂ (୭ମୀ ତତ୍) (ବନଯୋଗ)—ଅଧମ ସେବକ—An humble servant; most humble servant.
Sebakādhama (ସେବକାଧମା—ସ୍ତ୍ରୀ)

ସେବକାନ୍—ଦେ· ବ (ବହୁବଚନ)—ସେବକମାନେ—A number of 'Sebakas'.
Sebakān
ସେବକେରା ସେବକାନ୍

ସେବକାନ୍ ଜାଗିର—ଦେ· ବ—ଜରୁରୀ ପ୍ରୟୋଜନରେ ସେବକଙ୍କୁ ଦିଆଯାଇଥିବା ବୃତ୍ତି—Service tenure given to a servant in lieu of pay.
Sebakān jāgiri
ସେବକାନ ଜାଗିରି
ସେବକାନ ଜାଗୀର

ସେବକାନ୍ ନିଷ୍କର—ଦେ· ବ—ସେବା କରିବା ଯୋଗୁଁ ସେବକ ଯେଉଁ ନିଷ୍କର ଚାକରାନ ଜମିର ରାଜସ୍ୱ ମାଫ ପାଇଥାଏ—Holding granted to a Sebaka free of rent.
Sebakān nishkara
ସେବକାନ ନିଷ୍କର

ସେବକାନୁସେବକ—ସ· ବ—ଅତି ହୀନ ବ୍ୟକ୍ତି (ଯେ ଆପଣଙ୍କର ସେବକର ସେବକ ହେବାର ଉପଯୁକ୍ତ)—One who is fit to be the servant to your servant.
Sebakānusebaka

ସେବକାର—ଦେ· ବିଶ—୧ । ସେହି ସମୟର—1. Of that time
Sebakāra
ତତ୍କାଳୀନ—2. Of the past.
ତତ୍କାଳୀନ
ଅତି ପୁରାତନ—3. Very old.
ଉସ ସମୟକା

ସେବକାଳୁ—ସ· ବ—୧ । ନଶାକାରୀ ବୃକ୍ଷ (ଶବରଜ୍ରକା); ବୁଦ୍ଧ-ସେବୁ ବୃକ୍ଷ—1. A kind of wild tree.
Sebakāḷu
୨ । ବୁଦ୍ଧଅମେଣ୍ଟି ଲତା; ବୁଦ୍ଧିକା; ଭଲୁବୁଦ୍ଧା ଲତା—2. Oxystelma Esculentum (creeper)

Digitized by srujanika@gmail.com

ସେବଙ୍କା—ସ୍ତ୍ରୀ. ବ. ସ୍ତ୍ରୀ (ସେବକାର ଅଶୁଦ୍ଧ ଉଚ୍ଚାରଣ)—ସେବକା Sebakī (ଦେଖ)—Sebakā (See) [ଉ—ବ୍ରହ୍ମାଣ୍ଡେ ସେବିକା ଏକ ସୁନ୍ଦର ଭଗ୍ନୀ ହେବ ଜ । ବନ୍ଧୁଁ ଭୂମି ଗୃପ ଜାତ କନ୍ୟା ସେବଙ୍କା—ଭଞ୍ଜ. ବୈଦେସ୍ପଶବଳାସ ।] (ସେବଙ୍କା—ଅନ୍ୟ ଅଶୁଦ୍ଧରୂପ) **सेविका, सेवकी**

ସେବଣ୍ଟି—ସ. ବ—୧ । ଶତପତ୍ରୀ—1. Muskrose; Rosa Moschata; the garden daisy (Kritikar); Crysthemum (large); Coronaria. [ଦ୍ର—ଗୁରୁକେଶର୍, ସେବନ୍ତୀ, ମହାରୁମାଲ୍, ଗନ୍ଧାଢ୍ୟା, ଲମ୍ବପୁଷ୍ପା, ଅଙ୍ଗମଞ୍ଜୁଳା, ଘୃଙ୍ଗବଲ୍ଲଭା ।] ୨ । ସ୍ତ୍ରୀଲୋକଙ୍କ ନାମ—2. A name given to females. ଦେ. ବ —ସ୍ତ୍ରୀଲୋକମାନଙ୍କ ମଧ୍ୟରେ ପରସ୍ପର ବନ୍ଧୁତା ବନ୍ଧୁତା—A godfriendship set up between females. [ଦ୍ର—ସ୍ତ୍ରୀମାନେ ପରସ୍ପର ମହାପ୍ରସାଦ, ତୀର୍ଥଜଳ, ତୀର୍ଥ ମୃତ୍ତିକା, ପୁଷ୍ପ ଆଦି ଦଅା ଦେଇ ହୋଇ ସେହି ସେତୁ ନାମରେ ଧର୍ମବନ୍ଧୁତା ସ୍ଥାପନ କରନ୍ତି ।] सेवंती, गुलदाउदी, सेवंतीगोलाप

ସେବଣ୍ଟି ଫୁଲ—ଦେ. ବ—୧ । ସେବଣ୍ଟି (ଦେଖ) —1. Sebatī (See) ୨ । (ବଣିଅ ଶବ୍ଦ) ସ୍ତ୍ରୀଲୋକମାନଙ୍କ ବାଳରେ ଶୋଭାସିବା ପାଇଁ ସେବଣ୍ଟି ଫୁଲ ପରି କାରୁକାର୍ଯ୍ୟଖଚିତ ସୁନାର ବା ରୂପାର ଅଳଙ୍କାରବିଶେଷ —2. Name of an ornament of gold or silver for the hair. Sebatī phula सेवंती फूल

ସେବଣ୍ଟି ମାଳଆ—ଦେ. ବ—ସେବଣ୍ଟି ଫୁଲରେ ଗୁନ୍ଥା ହୋଇଥିବା ମାଳ ବା ହାର—A garland of Sebatī flowers. [ଉ—ଗୁନ୍ଥିଥିବ ପେବେ ମୁଁ ସେବଣ୍ଟି ମାଳଥ, ତା ଦେଖିଲେ କଳ୍ପଇ ଜନକନ୍ଦର ହଅ—କୃଷ୍ଣସିଂହ. ମହାଭାରତ. ବନ୍ଦଃ ।] Sebatī māniā सेवंती माला

ସେବଧି—ସ. ବ (ସେବ=ସେବା+ଧା ଧାତୁ+କର୍ତ୍ତି. ଇ)—କୁବେରଙ୍କ ନଧି;—ରତ୍ନ, ଶଙ୍ଖ, ପଦ୍ମାଦ— Sebadhi The gams of God Kubera.

ସେବନ—ସ. ବ (ସିବ୍ ଧାତୁ+ଭାବ. ଅନ) —୧ । ବସ୍ତ୍ରାଦି ସିବନ; ସିଲେଇ କରିବା—1. Sewing. ୨ । (ସେବ୍ ଧାତୁ +ଭାବ. ଅନ) ସେବା କରିବା; ପରିଚର୍ଯ୍ୟା—2. serving. ୩ । ଆରଧନା; ଉପାସନା, ପୂଜନ—3. Worshipping. ୪ । ଉପଭୋଗ—4. Enjoyment. ୫ । ଭୋଜନ—5. Eating; partaking of. ୬ । ଚର୍ଚ୍ଚା; ଅଭ୍ୟସନ—6. Practising; cultivati n ସେବଣ୍ଟ, ସେବ୍ୟ, ସେବନୀୟ } ତ୍ରିଲ୍ଲ ସେବ୍ଲେଗ—7. Enjoying carnally (Apte) ୮ । ବାସ କରିବା; ବଦାରୁ—8. Dwelling in; frequenting (Apte). ୯ । (+ଉର୍ମ. ଅନ) ବୋରୁ; ବସ୍ତା (ହି. ଣ)—9. Sack. सेवन करना

ସେବନ କରିବା—ଦେ. କ୍ରି—୧ । ସେବା କରିବା; ପରିଚର୍ଯ୍ୟା କରିବା— Sebana karibā 1. To serve; to tend. [ଉ—ସେବା କରା ଅଷ୍ଟ ଆୟୁଧ କରେ ଛନ୍ତୁ । ସେବକ ସେବନ କରନ୍ତୁ —ଭଗବାଣ. ଭାଗବତ ।] ୨ । (ଔଷଧାଦି) ଖାଇବା—2. To take (medicine); to partake of. ୩ । (ବାୟୁ) ସେବନ କରିବା; (ବାୟୁକୁ) ଦେହରେ ଉପଭୋଗ କରିବା—3. To take (in airing) to enjoy. ୪ । (ଖରା) ପୋଇଁବା—4. To bask (in the sun). ୫ । (ମଦ୍ୟ) ପାନ କରିବା—5. To drink (wine). ୬ । (ଦେବତାଙ୍କୁ) ଦ୍ରୋପାସନା କରିବା— 6. To worship (a Deity). सेवन करना

ସେବନା—ସ. ବ (ସେବନ+ଆ)—ଉପାସନା— Sebanā Worshipping.

ସେବନୀ—ସ. ବ (ସିବ୍ ଧାତୁ+କରଣ. ଅନ+ଈ)—ସୂଚୀ; ଛୁଞ୍ଚି— Sebanī Needle.

ସେବନୀୟ—ସ. ବ (ସେବ୍ ଧାତୁ+କର୍ମ. ଅନୀୟ)—ସେବନ ଯୋଗ୍ୟ— Sebanīya 1. Fit to be enjoyed. ୨ । ଭୋଗ୍ୟ— 2. Enjoyable. ୩ । ଉପାସ୍ୟ—3. Adorable; worshipable.

ସେବା—ସ. ବ (ସେବ୍ ଧାତୁ+ଭାବ. ଅ+ଆ)—୧ । ପରିଚର୍ଯ୍ୟା— Sebā 1. Serving. ୨ । ଦାସ୍ୟ—2. Service, servitude, ୩ । ଆରାଧନା; ଉପାସନା— 3. Worshipping; rendering homage. [ଦ୍ର—ସେବା * ପ୍ରକାର—୧ । ମଧୁର (ଗୋପୀମାନଙ୍କର), ୨ । ସଖ୍ୟ (ଦାମ, ସୁଦାମାଦିଙ୍କର), ୩ । ବତ୍ସଲ (ନନ୍ଦ ଯଶୋଦାଙ୍କର), ୪ । ଦାସ୍ୟ (ଗରୁଡ଼, ହନୁମାନ ପ୍ରଭୃତିଙ୍କର), ୫ । ଶାନ୍ତ (ଯୋଗୀ ଓ ଋଷିଙ୍କର) ଯଥା—ମଧୁର ଭକ୍ତି ସଖା ସେବନ । ବତ୍ସଲ ଦାସ ଶାନ୍ତ ଯେନ ॥ ୪ ଉପାସନା ତ୍ରିବିଧ । ବୋଲିଣ କହିଛନ୍ତି ବୁଧ—ଗ୍ରାଚୀ. ଦୃଶ୍ଚିତ୍ତମ ଚଦ୍ରୋଦୟ ।] ୭ । ଅଭ୍ୟାସ ଚର୍ଚ୍ଚା—7. Practice; exercise (Apte). ୮ । (କୌଣସି ବାସ୍ତି ପ୍ରତି) ଅନୁରକ୍ତି—8. Fondness or attachment for; devotion or addiction to. ୯ । (କୌଣସି ସ୍ଥାନରେ) ବାସ ବା ବଦାରୁଦ—9. Frequenting; moving about; living in (Apte). ୧୦ । ସମ୍ଭୋଗ— सेवा

Digitized by srujanika@gmail.com

10. Carnal enjoyment. ୧୧ । (+ତତ୍ପର. ଅ +ଅ) ଗୃହୁବାକ୍ୟ—

11. Flattery; coaxing words (Apte).

ସେବାଇ(ଏ, ୟ)ତ—ଦେ. ବ (ସ. ସେବତା)—୧ । ସେବକ; Sebāi(e, ya)ta ଦେବତାଙ୍କ ସେବାତାତ୍ପର—1. Person ସେବାୟତ **सेवायत** performing the services of a ସେବେୟତ ସେବୈତ } ଅନ୍ୟରୂପ Deity. ୨ । ମନ୍ଦିରର ସେବକ ଭୃତ୍ୟ—2. Temple servant. ୩ । ଗ୍ରାମଲୋକଙ୍କ ସେବାତାତ୍ପର ଭଣ୍ଡାତ୍ପ ଓ ଧୋବା—3. Village servant (e. g. barber, washerman etc).

ସେବାଇ(ଏ, ୟ)ତ ମାର୍‌ଫତ୍‌ଦାର୍—ଦେ. ବ (ସଦ୍ଭବର ଶବ୍ଦ)—Sebāi(e, ya)ta mār-phat-dār ଦେବତାଙ୍କର ସେବକ ସେବାୟତ ମାରଫତଦାର ଗୃହର ଓ ସେବା କାର୍ଯ୍ୟ ତଦାରଖି କରିବା ଲୋକ ଯାଇଁ ନିଯୁକ୍ତ ବ୍ୟକ୍ତି—**सेवायत मारफतदार**

Servants and trustees of a Deity.

ସେବାଇ(ଏ, ୟ, ୟି, ୟେ)ତି—ଦେ. ବ—ସେବାଇତର କାର୍ଯ୍ୟ— Sebāi(e, ya, yi, ye)ti Sebāyetship; the duty or ସେବାୟତି **सेवायती** post of a temple-servant.

ସେବାଏ(ୟ, ୟେ)—ଦେ. ଅ (ପା. ସଦ୍ଧା)—ଛଡ଼ା; ବ୍ୟତୀତ— Sebāe(ya, ye) Beside; except. ବ୍ୟତୀତ **सिवा, सेवाय**

ସେବା କରିବା—ଦେ. କ୍ରି—ସେବନ କରିବା (ଦେଖ) Sebā karibā Sebana karibā (See)

ସେବା କାକୁ—ସ. ବ (ମ. ଷ. ତତ୍ପୁ)—ସେବା କରିବା ସମୟରେ Sebā kāku ସେବକଙ୍କ କଣ୍ଠସ୍ୱରର ପରିବର୍ତ୍ତନ (କେତେବେଳେ ଉଚ୍ଚ, କେତେବେଳେ ନୀଚ, କେତେବେଳେ କୋମଳ କେତେବେଳେ ମଧୁର) (ତ୍ର. ଶ)—

Modulation or change of voice during service (Apte).

ସେବାକାତ୍ପ—ସ. ବଣ ଓ ବ (ଙ୍କୁ) (ସେବାକାରିନ୍ ଶବ୍ଦ)—ସେବକ Sebākāri (ଦେଖ)—Sebaka (See) (ସେବାକାରିଣୀ—ସ୍ତ୍ରୀ)

ସେବା ଖଞ୍ଜା—ଦେ. ବ—ଦେବସେବା ନିମନ୍ତେ ଜଦ୍ଦିତ୍ପ ସମ୍ପତ୍ତି— Sebā khañjā Endowment for the service of a ଦେବୋତ୍ତର **देवोत्तर** Deity.

ସେବା ଖଟିବା—ଦେ କ୍ରି—କୌଣସି ବ୍ୟକ୍ତିର ସେବା କରିବା— Sebā khaṭibā To render personal service to a ସେବା କରା **सेवा करना** person. [ତ୍ର—ଦୂରୁ ଜାଣୁଥାନ୍ତୁ ଯାତ୍ରିକ ଭଃ । ଅସି ଘର ଭୁମ୍ଭେ ତା ସେବା ଖଟ— ଜବସୂର୍ଯ୍ୟ. କବିତା ।]

ସେବା ଦାସୀ—ଦେ. ବ (ସେବା ନିମନ୍ତ୍ତ ଉତ୍ସର୍ଗିତା ଦାସୀ)—୧ । ଦେବ- Sebā dāsi ସେବା ପାଇଁ ଉତ୍ସର୍ଗିତା ଦାସୀ—1. Maid ser- ସେବା ଦାସୀ vants entertained in a temple for **सेवा दासी** performing the services of Idols, ୨ । ପ୍ରଭୁଙ୍କର ସେବାକାରିଣୀ ଦାସୀ—2. A maid servant engaged for serving a master. [ତ୍ର—ଏ ଜଣା ଜଙ୍କଷ୍ଟ ସେବାଦାସୀ ସିନା ଦେବ ଜଉଣେ ଭୁମ୍ଭର—ଚନ୍ଦ୍ରାମଣି. ଜଜ୍ଞସାଦଭ୍ୟ ।] ୩ । ଦାକ୍ଷିଣାତ୍ୟରେ ମନ୍ଦିରମାନଙ୍କରେ ରକ୍ଷିତା ଅଳବାହୁତା ରମଣୀ ଓ କର୍ତ୍ତିଙ୍କା; ଜଗନ୍ନାଥ ଦେତ୍ପଲର ମାଦାତ୍ପ—3. Damsels and unmarriad girls kept in temples for dancing before the Idol. ୪ । ଉପଭୋଗାର୍ଥ ରକ୍ଷିତା ସ୍ତ୍ରୀ—4. A concubine. ୫। କୌଣସି କୌଣସି ସମ୍ପ୍ରଦାୟ ଉତ୍ତ ବୈଷ୍ଣବଙ୍କର ରକ୍ଷିତା ଅଙ୍ଗଲଗା ମାଡାଳା— 5. Concubines entertained by a sect of Baishnabas for administering to the personal comforts and animal wants of the latter.

ସେବା ଧର୍ମ—ସ. ବ (ରୂପକ)—୧ । ଅବଶ୍ୟକର୍ତ୍ତବ୍ୟରୂପେ ଗୃହୀତ Sebā dharma ସେବା ଜର୍ମ—1. The duty of service. ୨ । ସେବକର କର୍ତ୍ତବ୍ୟ ଜର୍ମ—2. The duties or ଅଙ୍ଗୀକୃତ—obligations of a Sebaka.

ସେବା ବୃତ୍ତି—ସ. ବ (ରୂପକ)—ଜୀବକାର୍ଥ ଗୃହୀତ ସେବା ଜର୍ମ— Sebā brutti Service taken as a profession. ସ. ବହ ବୁଂ ଓ ସ୍ତ୍ରୀ (ବହୁବ୍ରୀ)—ଗୃହର ଯାହାର ଜୀବିକା Having service as a profession.

ସେବା ବ୍ରତ—ସ. ବ—ପରୋପକାର ଓ ପରଉପର୍ଯ୍ୟାରୂପ ନିୟମ— Sebā brata Religious vow taken for rendering service to humanity or to a Deity or to a cause.

ସେବା ମନ୍ଦିର—ଦେ. ବ—ସେବାଶ୍ରମ (ଦେଖ) Sebā mandira Sebāśrama (See)

ସେବାୟୁଧ—ଦେ. ବ—ସେବା ନିମନ୍ତେ ଆବଶ୍ୟକ ଦ୍ରବ୍ୟଚୟ— Sebāyudha Articles required for performing different kinds of ser- ସେବାୟୁଧ **सेवा सामग्री** vices. [ତ୍ର—ବଦ୍ୟ ବେଶ ସବଂ ଗୁଣୀ ପାର ଯେତେ ପରଜଳା ସେବାୟୁଧ ଜରେ ଯେଜ ସବେ ଚଲାଏ—ପ୍ରାଚୀ,ରଦ୍ଦଦ୍ୟସଙ୍ଗଦ୍ଧ ।]

ସେବାର୍ହ—ସ. ବଣ(ସେବା+ଅର୍ହ ଧାତୁ+କର୍ତ୍ତୃ. ଅ)—ସେବକ ଦେବାର Sebārha ଯୋଗ୍ୟ—Fit to be worshipped. (ସେବାର୍ହା—ସ୍ତ୍ରୀ)

ସେବାଶ୍ରମ—ସ. ବ—ଯେଉଁ ଆଶ୍ରମରେ ସେବକମାନେ ନାନାପ୍ରକାରେ Sebāśrama ଦେଶସେବା ଓ ଦରିଦ୍ରସେବା କରନ୍ତି— ସେବାଶ୍ରମ A place where volunteers serve the **सेवाश्रम** country and the poor.

ସେବା ସଂଘ—ସ. ବ (ମ. ଷ. ତତ୍ପୁ; ସେବା ନିମନ୍ତେ ପ୍ରତିଷ୍ଠିତ ସଂଘ)— Sebā saṃgha ଦେଶ ସେବା ପାଇଁ ଗଢ଼ା ସମାଜ—A league ସେବା ସଂଘ **सेवा संघ** formed for social service.

Digitized by srujanika@gmail.com

ସେବା ଶୁଶ୍ରୂଷା—ଷ. ବ (ଏକାର୍ଥକ ସଦ୍ଭାବ)—କୌଣସି ବ୍ୟକ୍ତିଙ୍କର ବା ରୋଗୀର ସଯତ୍ନ ପରିଚର୍ଯ୍ୟା—Nursing of a patient or person.
Sebā śuśrūshā

ସେବା ସମର୍ପଣ—ଷ. ବ—ଦେବ ମୂର୍ତ୍ତିଙ୍କ ଅର୍ଚ୍ଚନାଦି ସତ୍କର୍ମର ସମ୍ପାଦନ କରିବା ପାଇଁ କୌଣସି ବ୍ୟକ୍ତିଙ୍କ ହସ୍ତରେ ଦେବତାଙ୍କ ସେବାର ଅର୍ପଣ—Consignment or gift of the service of a Deity to a person in trust.
Sebā samarpaṇa
ସେବା ସମର୍ପଣ
ସେବା ସମର୍ପଣ

ସେବାସମର୍ପଣ ପତ୍ର—ଦେ. ବ (କରଣ)—ଯେଉଁ ଦଲିଲ ଦ୍ୱାରା ଜଣେ ବ୍ୟକ୍ତି ଦେବତାଙ୍କ ସେବାଧିକାର ଅନ୍ୟ ବ୍ୟକ୍ତିଙ୍କ ନିକଟରେ ଅର୍ପଣ କରେ—A trust deed conveying the service of an Idol to another person.
Sebāsamarpaṇa patra
ସେବାସମର୍ପଣପତ୍ର
ସେବାସମର୍ପନପତ୍ର

ସେବାସି—ସ୍ତ୍ରୀ. ବ—ସେବକ (ଦେଖ)—Sebaka (See).
Sebāsi

ସେବି—ଷ. ବ—୧ । ସେଉଫଳ—1. Apple. [ଦ୍ର—ଏହା ବାଟ-ଫିଟ୍ଟର, ସ୍ୱରୂ, ବୃଂହଣ, ବଲକର, କଫକର, ବୃଷ୍ୟ ଓ ଗାତଲେ ସ୍ୱାଦୁ ।] ୨ । ବଦରଫଳ;ବରକୋଳ(ହି.ଶ.)-Jujube (Apte) tree and berry.
Sebi

ସେବିକା—ଦେ. ବଣ. ସ୍ତ୍ରୀ ଷ. ସେବକ ।)—ସେବକର ସ୍ତ୍ରୀଲିଙ୍ଗ—ସେବିକା Feminine of 'Sebaka' [ଦ୍ର—ସେବକର ସ୍ତ୍ରୀଲିଙ୍ଗ ଅନୁସାରେ ସେବକା ଅଟେ,କନ୍ତୁ ଭାଷାରେ କେହି କେହି ସେବିକା ଓ ସେବକା ଲେଖନ୍ତି; କିନ୍ତୁ ଏହା ବ୍ୟାକରଣ-ବିରୁଦ୍ଧ ବ୍ୟବହାର ।] ଷ.ବ—ପତ୍ଳାଳ ବିଶେଷ;ସିମେଇ—ସେମେଇ **ସେବ, ସେବଇ** Vermicelli. [ଦ୍ର—ମଇଦାକୁ ଦଳି ଏଥିରୁ ବଡ ପରି ସରୁ ସରୁ ଲମ୍ବା ଖଣ୍ଡମାନ କଳ ତାରୁ ଖରାରେ ଶୁଖାଇ ଘୁଅ, ଶର୍କରା ଓ ଘିଅରେ ମଧୁ ଅଗ୍ନିରେ ପାକ କରି ଏହା ପ୍ରସ୍ତୁତ କରାଯାଏ (ଭାବପ୍ରକାଶ) । ଏହା ଉର୍ବରୀ, ବଲ୍ୟା, ଗୁରୁ, ଘିଅ-ଖାଲାଯଦ୍ୟା, ପ୍ରାହୁଣୀ, ସନ୍ଧାନୁଚ୍, ରୁଚ୍ଚ । ଏହାକୁ ଅତି ମାତ୍ରାରେ ଖାଇବ ନାହିଁ । ଆଜି ଏକପ୍ରକାର ଖୁବ୍ ସରୁ ଲମ୍ବା ଲମ୍ବା ସିମେଇ ଉତ୍ପାଦ କରାଯାଏ । ମଇଦାକୁ ବା ଗୁଣ୍ଡ ସେସନକୁ ଥାଳିରେ ତରଳ ଜାଲିତନ୍ତୁ ଉପରେ ଲେଉଟର ଭାରୁ ମଳନେ ଜାଲିତନ୍ତୁର ଛିଦ୍ର ବାଟେ ସରୁ ସୂତା ପରି ବାହାରୁଥିବା ଖଣ୍ଡମାନ ନଅଁ ଉପରେ ଫୁଟୁଥିବା ଘିଅରେ ବା ତେଲରେ ତଳି ଦିଏ । ଏହାକୁ କୁଟୁର ସିମେଇ କୋଇପାଏ ।]
Sebi

ସେବି(ଭି)ଙ୍ଗ୍—କୈ.ଦେ.ବ(ଇଂ)—ବ୍ୟୟରୁ ଉଦ୍ବୃତ୍ତ ଧନର ସଞ୍ଚୟ—ସେଭିଙ୍ଗ୍ ସଞ୍ଚୟ Sebi(bhi)ṇg Saving of money. [ସେବିଂ (ଇଂ)—ଅଣୁଚ୍ଚ ଥଳାର]
ଶୋମିଂଗ

ସେବି(ଭି)ଙ୍ଗ୍ସ୍ ବା(ବ୍ୟା,ବେ)ଙ୍କ୍—କୈଦେ. ବ, (ଇଂ)—ସେଉଁ ଠାରେ ସଞ୍ଚିତ ଟଙ୍କା ଓ ଅବଶ୍ୟକ ପଡ଼ିଲେ ସେଠାରୁ ଧନ ଆଣି ପାରନ୍ତି (ଏଥିରେ କିଛି ସୁଧ ମଧ୍ୟ ମିଳେ)—Savings bank.
Sebi(bhi)ṇgs bā(byā,be)nk
ସେଭିଙ୍ଗ୍ସ ବ୍ୟାଙ୍କ
ସଞ୍ଚୟବୈଙ୍କ

ସେବିତ—ଷ. ବଣ (ସେବ୍ ଧାତୁ+କର୍ମ. ତ)—୧ । ସମ୍ପୂଜାପିତ; ଅର୍ଚ୍ଚିତ; ପୂଜିତ—1. Worshipped. ୨ । ଉପଭୁକ୍ତ—2. Enjoyed; partaken of. ୩ । ଅଧ୍ୟୁଷିତ—3. Inhabited. [ଉ—ଦିନ୍ଦ୍, ବ୍ୟାଘ୍ର, ମୁଖରେ ସେବିତ ହୋଇଥିଲା—କୃଷ୍ଣମିଶ୍ର. ପ୍ରବୋଧଚନ୍ଦ୍ରୋଦୟ ନାଟକ ।] ୪ । ଆଶ୍ରିତ; ଯାହାଙ୍କଠାରୁ ଆଶ୍ରୟ କରା ଯାଇଥିଲା—4. Resorted to. ୫ । ରକ୍ଷିତ 5. Protected. ୬ । ଅଭ୍ୟସ୍ତ—6. Practised. ୭ । ବ୍ୟବହୃତ—7. Used. ୮ । ଯାହାଙ୍କର ସେବା ବା ପରିଚର୍ଯ୍ୟା କରା ଯାଇଥିଲା—8. Served; looked after; tended. ଷ. ବ—ସେବ (ଦେଖ) (ହି. ଶ)—Sebi (See).
Sebita
(ସେବିତା—ସ୍ତ୍ରୀ. ବଣ)

ସେବିତବ୍ୟ—ସଂ.ବଣ.ନୁଂ—୧ । (ସେବ ଧାତୁ+କର୍ମ.ତବ୍ୟ)—ସେବିତ ହେବା ଯୋଗ୍ୟ—Fit to be served, tended, worshipped etc. ୨ । (ସିବ ଧାତୁ+କର୍ମ. ତବ୍ୟ) ସିଲେଇ କରାଯିବା ଯୋଗ୍ୟ (ହି. ଶ)—(ସେବିତବ୍ୟା—ସ୍ତ୍ରୀ) 2. Fit to be sewn.
Sebitabya

ସେବିତା—ଷ. ବଣ—୧ । (ସ୍ତ୍ରୀ) (ସେବିତ+ଅ)—ସେବିତର ସ୍ତ୍ରୀଲିଙ୍ଗ, Feminine of Sebita. ୨ । (ସୂ) (ସେବ ଧାତୁ+କ୍ତୁ ଟୂ; ୧ମା. ୧ବ)—ସେବାକାରୀ—(ସେବିନୀ—ସ୍ତ୍ରୀ) Performing service etc.
Sebitā

ସେବ—ଷ—୧ । (ପୁଂ) ସେବକ (ଦେଖ) Sebaka (See) ୨ । (କ୍ଲୀ) (ସେବନ୍+ଭାବ ବା)—ସେବକର କର୍ମ—Servitude
Sebi phala

ସେବିବା—ଦେ.କି (ଫ.ସେବଧାତୁ) (ସଦ୍ୟ)—୧। ସେବା କରିବା;ଉପାସନା—1. To serve. [ଉ—ନୋହିଲେ ଅବା ଅନ ନଷ୍ଟଙ୍କ ସେବାକରା ସେବିବ । କୃଷ୍ଣମିଶ୍ର. ପ୍ରବୋଧଚନ୍ଦ୍ରୋଦୟ ନାଟକ ।) ୨ । (ତୀର୍ଥାଦିକୁ) ଯିବା—2. To go to; to frequent. (ଉ—ନାନା ତୀର୍ଥ ସେବି, ଶୂନ୍ୟରେ ଅସିଣ ମିଳିଲେ । ରାଧାନାଥ. ପ୍ରବୋଧାନନ୍ଦ ।]
Sebibā
ସେବନା ଯିବା

ସେବି—ଷ. ବଣ. ପୁଂ (ସେବନ୍ ଶବ୍ଦ; ସେବ୍ ଧାତୁ+କର୍ତ୍ତୃ. ଇନ୍; ୧ମା ୧ବ)—ଯେ ସେବା କରେ; ସେବକ (ଦେଖ) —One (ସେବିନୀ—ସ୍ତ୍ରୀ) who enjoys or partakes of a thing. [ଦ୍ର—ଏହା ଅନ୍ୟ ଶବ୍ଦ ସହିତ ସମାସରେ ଯୁକ୍ତ ହୁଏ । ଯଥା—ଅଗ୍ନିହୋତ୍ରସେବି, ମାଦକସେବି ଇତ୍ୟାଦି ।]
Sebi

ସେବେ—ଦେ. ଅ—୧ । ସେକାଳରେ—1. At that time. ୨ । ପୂର୍ବେ—2. In the past.
Sebe
ସେକାଳେ **ଉସ ସମୟମେଁ**

Digitized by srujanika@gmail.com

ସେବେତୀ—ଗ୍ରା. ବ (ସ. ସେବତୀ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—
Sebeti ସେବତୀ (ଦେଖ)—Sebati (See)

ସେବ୍ୟ—ସ. ବିଣ (ସେବ୍ ଧାତୁ+ତର୍ମ. ଯ)—ସେବନୀୟ; ସେବାର୍ହ
Sebya (ସେବ ଧାତୁର ସମସ୍ତ ଅର୍ଥ ଦେଖ)—Fit to
(ସେବ୍ୟା—ସ୍ତ୍ରୀ) be enjoyed or worshipped. etc.
ବ—୧ । ବାରଣ ମୂଳ; ବେଣାରେର—1. The root of the 'Beṇā' grass. ୨ । ଅଶ୍ୱତ୍ଥ ବୃକ୍ଷ (ସ୍ୱଜ-ନ୍ମର୍ଦ୍ଧକ୍ଷ)—2. Ficus Religiosa tree. ୩ । ହିନ୍ତାଳ ବୃକ୍ଷ (ଶବ୍ଦ ରତ୍ନାବଳୀ)—3. Barringtonia Acutangulia. ୪ । ସେବକର ପ୍ରଭୁ—4 The master of a servant (Apte). ୫ । ଲମ୍ବଜ୍ଜ ତୃଣ (ହି. ଶ) – 5. A kind of grass. ୬ । ରକ୍ତଚନ୍ଦନ (ହି. ଶ)—6. Sappan wood. ୭। ସୁଗନ୍ଧବାଲା; ବୁରୁବେଲ୍ (ହି· ଶ)—7. Pavonia Odorata. ୯ । ସାମୁଦ୍ର ଲବଣ (ହି. ଶ)—9. Sea salt. ୧୦। ଜଳ (ହି. ଶ)—10. Water, ୧୧ । ଜଳପକ୍ଷିବିଶେଷ (ହି. ଶ) (ହିନ୍ଦୁ-ଗୋରେୟା ପକ୍ଷୀ)—11. A kind of aquatic bird.

ସେବ୍ୟକ—ଦେ. ବ— (ବୈଦ୍ୟକ; ସ. ସେବ୍ୟ) — ବେଣା-
Sebyaka ବେର—The root of Beṇā grass.
ସେବ୍ୟକ,ବେଁଣାର ମୂଳ ଖସଖସ

ସେବ୍ୟ ସେବକ—ସ. ବ ପୁଂ—(ପୁଂ)—ଦ୍ୱିବଚନ—ପ୍ରଭୁ ଓ ଭୃତ୍ୟ—
Sebya sebaka Master and servant.
(ସେବ୍ୟା ସେବକା—ସ୍ତ୍ରୀ)

ସେବ୍ୟା—ସ. ବ. ସ୍ତ୍ରୀ—୧ । ବଦାବୃକ୍ଷ (ଶବ୍ଦ ରତ୍ନାବଳୀ) ବନାକ;
Sebyā ପରଙ୍ଗା—1. A parasitic plant; Loranthus Longifolius· ୨ । ଅଆଁଳା; ଆମଲକୀ (ହି. ଶ)—2.Embelic Myrobalan· ୩ । ଏକ ପ୍ରକାର ଜଙ୍ଗଲୀ ଧାନ (ହି· ଶ)—3. A kind of wild paddy. ସ· ବିଣ.ସ୍ତ୍ରୀ—ସେବ୍ୟାରସ୍ତ୍ରୀଲିଙ୍ଗ—Feminine of Sebya·

ସେ ଭଲି—ଦେ. ଅ—୧ । ସେହି ପ୍ରକାରର; ସେପରି—1.Of that
Se bhali kind or nature. ୨ । ତାହାର ସମାନ—? Like
ସେରକମ that; similar to that, (ଉ— ସେ ଭଲି ସେବକ
ଉସତରହ ଆଉ ନ ଦେଖି ଭାରତେ, ଭାରତୀ ସେ ସାଧା ଏବେ ଧରନ୍ତୁ ଶାକରେ । ବ୍ରଧାନାଥ—ମହାଯାତ୍ରା ।)

ସେଭିଙ୍ଗ୍ସ ବା(ବ୍ୟା,ବେ)ଙ୍କ୍—ବୈଦେ· ବ (ଇଂ)—ଡାକଘରେ ଏକ
Sebhings bā(byā,be)nk ପ୍ରଥାର କମ୍ପା ଅନ୍ୟ ବାଙ୍କ୍,
ସେଭିଙ୍ଗ୍ସ ବ୍ୟାଙ୍କ ଯାହାଁରେ ଲୋକେ ଆପଣାର ଉଦ୍ବୃତ୍ତ ଧନ ଜମା
ସେଭିଂଗବୈଂକ ରଖନ୍ତି ଓ ଅବଶ୍ୟକବେଳେ ଅଳନ୍ତି ଏବଂ ଟଙ୍କା ସେଠାରେ
ଧନ ଜମା ରହେ ସେଦେଦନ ପାଇଁ ଜମା ଟଙ୍କାର କିଛି ସୁଧ
ପାଅନ୍ତି—Savings Bank· [ଦୃ—ଡାକ ଘରର
ସେଭିଙ୍ଗ୍ସ୍ ବାଙ୍କ୍ରୁ ପୋଷ୍ଟାଲ୍ ସେଭିଙ୍ଗ୍ସ୍ ବାଙ୍କ୍
Postal Savings Bank କହନ୍ତି ।]

ସେମଏ—ବୈଦେ. ବ (ଫ୍ରେଞ୍ଚ୍— ସାମୋଏ) — ଏକପ୍ରକାର
Semae ଚର୍ମ୍ମରୋଗାର୍ତ୍ତ ଛେଳି—Chamoise. [ଦୃ—ଏହାର
ସେମୟ ତମଡ଼ା ଅତି ନରମ । ତଥା ଓ ଗଦୁଆ ଅଦରୁ ପୁସ୍ତକରେ
ସେମଏ ଖାଲର୍ ବନ୍ଧିବା ପାଇଁ ଏହା ବ୍ୟବହୃତ ହୁଏ ।]

ସେମଏ ଲେଦର୍ (ଚମଡ଼ା)—ବୈଦେ. ବ (ଫ୍ରେଞ୍ଚ୍. ସାମୋଏ+ଇଂ.
Semae ledar(chamardā) ଲେଦର୍)—ସେମଏ ଛେଳିର ଚର୍ମ—
Chamois leather.
ସେମୟ ଲେଦର୍ ସେମଏ ଲେଦର୍

ସେମଟା—ଦେ. ବିଣ (ସ· ଶୀର୍ଣ୍ଣ ଜମା ଶ୍ରମ)—୧ । ଶୁଖିଯାଇ ଖୀଣ
Semaṭā ବା ଶୀର୍ଣ୍ଣ ହୋଇଥିବା; ଖାଣ ଶୀର୍ଣ୍ଣ—1. Emaciat-
(ସେମଟୀ—ସ୍ତ୍ରୀ) ed; withered. ୨ । ଖୀଣକାୟ—2 Thin;
ସିଟକାନ ସିକୁଡା lean.

ସେମଟା(ଟେ)ଇବା—ଦେ· କ୍ରି— ୧। ସେମଟିବା କ୍ରିୟାର ଣିଜନ୍ତ ରୂପ—
Semaṭā(ṭe)ibā 1. Causative from of Semaṭibā.
ସିଟାକେ ଦେଓୟା ୨ । ଶୀର୍ଣ୍ଣ କରିବା—2. To cause to
ସିକୁଡାନା become lean.

ସେମଟିବା—ଦେ. କ୍ରି—ଖାର୍ଣ୍ଣ ଶୀର୍ଣ୍ଣ ହେବା—
Semaṭibā To become lean and thin,
(ସେମିଟିଯିବା—ଅନ୍ୟରୂପ) ସିଟିକା ସିକୁଡନା

ସେ ମ(ମି, ମେ)ତି—ଗ୍ରା. ଅ—୧ । ସେପରି; ତେମନ୍ତ; ସେହିପରି—
Se ma(mi me)ti 1. Like that. ୨ । ତଦ୍ ସଦୃଶ—
ସେମନ୍ତ(ନ୍ତି) } ଅନ୍ୟରୂପ 2. Similarly. ୩। ସେହି ପ୍ରକାରେ—
ସେମତେ } 3. In that manner. [ଉ—ଖିନ୍ନ
ତେମନ ସଙ୍ଗେ ଦୁଃଖିତ ମୋତେ ସେ ସେମନ୍ତ । କୃଷ୍ଣସିଂହ. ମହା-
ବୈସା ଭାରତ. ସଭା ।]

ସେମ(ମି, ମେ)ତିକା—ଗ୍ରା· ଅ—ତେମନ୍ତ; ତେମନ୍ତ; ସେହି ପ୍ରକାରର
Sema(mi, me)tikā —Of that kind; similar to
[ସେମ(ତି, ମେ)ତିକ—ଅନ୍ୟରୂପ] that.
ସେଇ ରକମ ବୈସା

ସେ ମାଦାରେ—ଗ୍ରା ଅ—୧ । ସେହି ଯୋଗୁଁ; ସେହି ହେତୁରୁ—
Se mādāre 1. For that reason. ୨ । ସେହି
ସେଇ ଜନ୍ୟ ସମ୍ପର୍କରେ—2. In that connection.
ଉସ କାରଣସେ

ସେମାଫୋର୍—ବୈଦେ· ବ (ଇଂ) (ରେଳ ବ୍ୟବହୃତ ଶବ୍ଦ)—
Semāphor ରେଳ ଷ୍ଟେସନର ଖମ୍ଭୁଡ଼ାରେ ଥୋଇ ହୋଇ-
ସିମା ଫୋର୍ ଥିବା ସୂଚକ ଖୁଣ୍ଟି; ସିଗ୍ନାଲ୍ ଖୁଣ୍ଟି—
ସେ ମାଫୋର Railway signal post; semaphore.

ସେମାନେ—ଦେ. ସର୍ବ (ସ°. ତତ୍ ଶବ୍ଦ; ବହୁବଚନ)—
Semāne ଉର୍ଦ୍ଧ ବ୍ୟକ୍ତିମାନେ—They.
ତାହାରା ସେ ସବ

ସେମାହି—ବୈଦେ. ବିଣ (ଫା. ସେ=ତିନି+ମାହ୍=ମାସ+ଇ)—
Semāhi ତ୍ରୈମାସିକ—Quarterly. ବ—ତିନିମାସ କାଳ—
ସେମାହି Quarter; a period of three months.
ସେମାହୀ.

Digitized by srujanika@gmail.com

ସେମି—ବୈଦେ. ବ୍ଦ (ଇଂ. ଅନ୍ୟ ଇଂରାଜୀ ଶବ୍ଦ ସଙ୍ଗେ ବ୍ୟବହୃତ, ଯଥା—ସେମିକୋଲନ୍, ସେମି ସର୍କ୍ଲ୍, ସେମି ଅଫିସିଆଲ୍) —ଅର୍ଦ୍ଧ—Half.
Semi ସେମି

ସେମି ଅଫିସିଆଲ୍—ବୈଦେ. ବ୍ଦ (ଇଂ)—ଉର୍ଦ୍ଦୁଭାଷୀମାନଙ୍କ ସ୍ଥାନରେ ଚଳବା ଉର୍ଦ୍ଦୁସଂକ୍ରାନ୍ତ ଓ ସରକାରୀ ନିଶା (ଚଠି ଆଦ)—Semi official.
Semi aphisial ସେମି ଅଫିସିଆଲ୍ ସେମି ବାଫିସିୟଲ

ସେମିକୋଲନ୍—ବୈଦେ. ବ (ଇଂ)—ରଚନାରେ ଭାବପ୍ରକାଶର ସମାପ୍ତି ବୋଇ ନ ଥିବା ବାକ୍ୟ ପରେ ବ୍ୟବହୃତ ଚହ୍ନ—ସେମିକୋଲନ୍ ସେମୀକୋଲନ
Semikolan Semicolan.

ସେମିଜ୍(ଜି)—ବୈଦେ. ବ (ଇଂ. ଫ୍ରେଞ୍ଚ୍ ସେମିଜ୍)—ସ୍ତ୍ରୀଲୋକମାନଙ୍କ ଦ୍ୱାରା ପିନ୍ଧାଯିବା ଏକ ପ୍ରକାର ଲମ୍ବାକୁର୍ତ୍ତା—Chemise.
Semij(ji) ସେମିଜ୍ ସେମୀଜ

[ଦ୍ର—ଏହା କେଳ ସାଖରୁ ଆରମ୍ଭ ହୋଇ ଗୋଡ଼ ପର୍ଯ୍ୟନ୍ତ ଲମ୍ବି ଥାଏ ଓ ଏଥିରେ ହାତ ନ ଥାଏ କମା ବାହୁ ପର୍ଯ୍ୟନ୍ତ ଅସ୍ତୀନ୍ ଥାଏ । ଏହାକୁ ପିନ୍ଧି ଏହା ଉପରେ ଓଢ଼ଣୀଯୁକ୍ତ ସ୍ତ୍ରୀମାନେ ଶାଢ଼ୀ ପିନ୍ଧନ୍ତି ।]

ସେମିଟିକ୍—ବୈଦେ. ବ୍ଦ (ହେବ୍ରୁ ସେମ୍ ନାମରୁ)—ହେବ୍ରୁ ଜାତିଯ ସେମ୍ ନାମକ ବ୍ୟକ୍ତିଙ୍କ ବଂଶଧର ଓ ସେମାନଙ୍କ ଭାଷା ସମ୍ବନ୍ଧୀଯ—Relating to the descendants of Shem and their language; Semitic. ବ—୧ । ମନୁଷ୍ୟମାନଙ୍କର ଆଧୁନିକ ବର୍ଗୀକରଣ ଶାଖା ବିଶେଷ—1. A branch of the people of the world according to the modern classification; the Semitic branch of humanity. [ଦ୍ର—ଏହି ବର୍ଗରେ ପ୍ରାଚୀନ ଓ ଆଧୁନିକ ଇହୁଦୀ, ଆରବୀ, ସୀରିଯ, ମିଶ୍ର ଦେଶୀଯ ଆଦି ଲୋହିତ ସାଗରର ଉପକୂଳବାସୀ ଜାତିମାନେ ଅନ୍ତର୍ଭୁକ୍ତ ; ମୋସେସ୍, ଯୀଶୁ, ମହମ୍ମଦ୍ ଏହି ବର୍ଗରେ ଜନ୍ମଗ୍ରହଣ କରିଛନ୍ତି । ଏ ବର୍ଗ ଅନ୍ୟ ବର୍ଗଗୁଡ଼ିକଠାରୁ ପୃଥକ୍ । ହି. ଣ] ୨ । ଉପର୍ଯ୍ୟୁକ୍ତ ବର୍ଗର ବ୍ୟକ୍ତିମାନଙ୍କ କଥିତ ଭାଷାମାନ—2. Thee Smitic languages. [ଦ୍ର—ଇବରୀ, ଆରବୀ, ଆସିରୀଯ, ଫିନିସୀଯ ଭାଷାମାନ ଏହି ବର୍ଗର ଅନ୍ତର୍ଗତ । ଏହା ଅନ୍ୟ ବର୍ଗୀଯ ଭାଷାମାନଙ୍କଠାରୁ ପୃଥକ୍ । ହି. ଣ]
ସେମିଟିକ

ସେମି(ମେ)ଟି ଜିବା—ଦେ. କି—ସେମିଟିବା (ଦେଖ)
Semi(me)ṭi jibā Semiṭibā (See)

ସେମିନା(ନେ)ରୀ—ବୈଦେ. ବ (ଇଂ)—ଶିକ୍ଷାଳଯ; ବିଦ୍ୟାଳଯ—
Seminā(ne)rī Seminary. (ଯଥା—ମୋସେସ୍ଙ୍କ ସେମିନାରୀ ସେମୀନରୀ ସେମିନାରୀ ।)

ସେମି ସର୍କ୍ଲ୍—ବୈଦେ. ବ (ଇଂ)—ବୃତ୍ତାର୍ଦ୍ଧ—
Semi sark-l Semicircle.
(ସେମି ସର୍କ୍ଲ୍—ଅନ୍ୟରୂପ) ସେମି ସାର୍କଲ ସେମୀ ସର୍କଲ

ସେମୀ—ପ୍ରାଦେ (ଗଡ଼ଜାତ) ବ (ଦ୍ରାଲ. ହି. ସେମ୍, ସେମା=ଶିମ୍)—
Semī ଶିମ୍—Bean.

ସେମେଇ—ଦେ. ବ—ସିମେଇ (ଦେଖ)
Semei Simei (See)

ସେମୁଏଲ୍—ଦେ. ବ (ହେବ୍ରୁ ନାମ)—ସାମୁବଲ୍ (ଦେଖ)
Semuel Sāmuel (See

ସେମ୍ବର—ପ୍ରାଦେ (ବସୁର) ବ—ପାଳଧୁଆ ଗଛ—
Sembara The Indian coral tree.

ସେମ୍ବି—ପ୍ରାଦେ (ସମ୍ବଲପୁର) ବ (ସଂ. ଶିମ୍)—ଶିମ୍—
Sembi Bean.

ସେୟା—ପ୍ରା. ସଦ୍ | ସେଇଥ (ଦେଖ)
Seyā Seiā (See)

ସେର୍—ବୈଦେ. ବ (ଫା. ସେର୍=ବ୍ୟାଘ୍ର)—ମୁସଲମାନମାନଙ୍କ ନାମ ପୂର୍ବରେ ବସିବା ସାହସବ୍ୟଞ୍ଜକ ଉପାଧିବିଶେଷ—
Ser ସେର ଶେର
A title prefixed to names of Mahomedans indicating might or heroism (literally; a tiger).

ସେର୍ ଅ(ଆ)ଲି—ଦେ. ବ (ନାମ)—ଆଫଗାନସ୍ଥାନବାସୀ ଜଣେ ଅଦ୍ଭୁତ ଆତତାୟୀ—Sher Ali, name of an assassin of Lord Mayo in the Andamans in 1872.
Ser a(a) liā ସେରଆଲି ସେର୍ ଆଲୀ

[ଦ୍ର—ଗତଶତର ବଡ଼ଲାଟ ଲର୍ଡ୍ ମେୟୋ ଆଣ୍ଡାମାନ (ସେଚ୍ ଅଫଜାନ୍—ଅନ୍ୟରୂପ) ଦ୍ୱୀପ (କଲାପାଣି)କୁ ପରିଦର୍ଶନ କରିବାକୁ ଯାଇଥିବା ସମୟରେ ସେଠାରେ ଜଘନ୍ୟ ଯୋଗୁଁ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଭୋଗ କରୁଥିବା ଏହି ବ୍ୟକ୍ତି ୧୮୭୨ ସାଲରେ ବଡ଼ଲାଟଙ୍କ ଦେହରେ ଶେଷ ଗୁଳି ଛାଡ଼ି ମାର ପକାଇଥିଲେ । ଏ ବ୍ୟକ୍ତି ଅଫଗାନସ୍ଥାନବାସୀ, ବଳାକେତେ ସେଣାବାରରେ ଇଂରାଜ ସେନାପତିଙ୍କର ଅଶ୍ୱାରୋହୀ ଅର୍ଦ୍ଦଳୀ (Orderly) କାର୍ଯ୍ୟ କରୁଥିଲା । ପରେ ଏ ନରହତ୍ୟା ଅପରାଧରେ ଅଭିଯୁକ୍ତ ହୋଇ ଆଣ୍ଡାମାନ ଦ୍ୱୀପରେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ଭୋଗ କରୁଥିବା ଅବସ୍ଥାରେ ବଡ଼ଲାଟଙ୍କୁ ହତ୍ୟା କଲା ଓ ଏହାର ଦଣ୍ଡସ୍ୱରୂପ ଫାଶୀ ପାଇଲା ।]

ସେର୍ନା—ପ୍ରାଦେ (ସମ୍ବଲପୁର) ବ—ସେରଣା ମାଛ—
er-nā A kind of fresh water fish

ସେର୍ ପେଟିବା—ପ୍ରାଦେ (ପାଟଣା) କି—ଛପିଯିବା; ଲୁଚିଯିବା—
Ser peṭibā To hide oneself, to lay hidden.

ସେର୍ବବର୍—ବୈଦେ. ବ (ଫା. ବବ୍ରବାଲ ପର କେଶରଯୁକ୍ତ ବ୍ୟାଘ୍ର)—ସିଂହ—Lion.
Ser-babbar ସେରବବର

ସେର୍ଷ—ପ୍ରାଦେ (ଓଡ଼ିଆଳ) ବ (ସଂ. ସର୍ଷପ)—ସୋରଷ—
Ser-sha Mustard seed.

ସେର୍ଷାଁ—ପ୍ରାଦେ (ଲରଥା) ବ ସୋରଷ—
Sershañ Mustard seed.

ସେର୍ଷୋ—ପ୍ରାଦେ. (ଗଡ଼ଜାତ, ଓଡ଼ିଆଳ ଓ ସମ୍ବଲପୁର) ବ—
Ser-sho ସୋରଷ—Mustard seed.

Digitized by srujanika@gmail.com

ସେର୍ ସାହା—ଦେ. ବ (ଫା. ନାମ)—ଉତ୍ତରରେ ପଠାଣ ସାମ୍ରାଜ୍ୟର
Ser sāhā ପୁନଃ ସ୍ଥାପକ ଜଣେ—Name of an invader
ସେରସାହା who re-established the Pathan
ଶେରଶାହ empire in North India; Sher Saha.
[ଦ୍ର—ଏ ଅଫଗାନ୍‌ବଂଶୀୟ ଥାଇ ବାବରଙ୍କ ଅଧୀନ ବଦାଉର ଜଣେ ଜାଇଦାର ଥିଲେ । ବାବରଙ୍କ ମୃତ୍ୟୁ ପରେ ଏ ହୁମାୟୂନଙ୍କ ସଙ୍ଗେ ଯୁଦ୍ଧ କରି ବୌଶଲଃରେ ହୁମାୟୂନଙ୍କୁ ଗୋଣ ଓ ଗଙ୍ଗା ନଦୀ ସଙ୍ଗମ ଚଉଷାଠାରେ ଓ କାନ୍ୟକୁବ୍ଜଠାରେ ୧୫୩୯ ଖ୍ରୀଷ୍ଟାବ୍ଦରେ ପରାସ୍ତ କରି ଦକ୍ଷୀର ସିଂହାସନରେ ନିଜକୁ ସମ୍ରାଟ୍ ଘୋଷଣା କର ୧୫୪୦ଠାରୁ ୧୫୪୫ ପର୍ଯ୍ୟନ୍ତ ସମ୍ରାଟ୍ ହେଲେ ଓ ହୁମାୟୂନ୍ ପାରସ୍ୟକୁ ପଳାଇଲେ । ଏହାଙ୍କ ମୃତ୍ୟୁ ପରେ ଏହାଙ୍କ ପୁତ୍ର ଇସ୍ଲାମ୍ ବା ସେଲିମ୍ ସାହା ୧୫୪୫ ପର୍ଯ୍ୟନ୍ତ ଓ ସେଲିମ୍‌ଙ୍କ ଭାଇ ଆଦଲ୍ ସାହା ୧୫୫୫ ପର୍ଯ୍ୟନ୍ତ ଓ ଆଦଲ୍ ସାହାଙ୍କର ଜଣେ ଉଜୀର ତାପରେ ଦେଢେକ ମାସ ପର୍ଯ୍ୟନ୍ତ ସମ୍ରାଟ୍ ହେଲ ପରେ ହୁମାୟୂନ୍ ପାରସ୍ୟରୁ ସୈନ୍ୟ ସଜ୍ଜବ କରି ପୁଣି ଦକ୍ଷୀର ସମ୍ରାଟ୍ ହେଲେ । ସେର ସାହା ତାଙ୍କ ସଂକ୍ଷିପ୍ତ କାଳରେ ଅନେକ ଦେଶହିତକର କାର୍ଯ୍ୟ କରଥିଲେ । ସେ ରାସ୍ତାର ଦୁଇ ପାର୍ଶ୍ୱରେ କୁଅ ଟୋଇ, ଗଛ ଘୋଡ, ଓଃ (ସରାଇ) ତିଆର କର ଅନେକଗୁଡ଼ିଏ ସଡ଼କ ଛଅର କରାଇ ଥିଲେ ଏବ ଏହି ରାସ୍ତା କାହେଁ ସଂଜ୍ଞାସ୍ଥ ଡାକ ଯିବା ଅସିବା କରୁଥିଲ । ଭଦ୍ରାସ୍ତ ବା ଦକ୍ଷୀରେ ସେର୍ ସାହା ଗୋଟିଏ ବଡ଼ ମଦ୍ରାସା ତାଙ୍କ ନାମରେ ନାମିତ କରାଇ ଥିଲେ । ମାଲବାଜ ଓ ମେବାରର ସଂଜ୍ଞାମଙ୍କ ସଙ୍ଗେ ସେର୍ ସାହା ଯୁଦ୍ଧରେ ବ୍ୟାପୃତ ଥାଇ ଚତୋର ଅଧିକାର କରଥିଲେ, କନ୍ତୁ ଉଦ୍ଦ୍ୟପ୍ତବସ୍ଥ କାଲଞ୍ଜର ଦୁର୍ଗ ଅବରୋଧ କରବା ସମୟରେ ୧୫୪୫ ରେ ନିହତ ହେଲେ ।]

ସେର୍‌ସେଟା—ସ୍ତ୍ରୀଦେ (ଲଘୁଅ) ବ—ଶୁଖି ଯାଇଥିବା ଘାଆ ଉପରର
Ser-seṭā ଗୋଲଥା—Stiff slough formed on a convalescent sore.

ସେର—ଦେ. ବ (ଫ. ଶବ୍ଦ)—ଶେର (ଦେଖ)—Śera (See).
Sera ସ୍ତ୍ରୀଦେ (ଯାଜପୁର) ବ—ମାର୍ଗଶିର ମାସ
ସେର ଶୋର ପୁରୁଷାନୁକ୍ରମ କରିବା ଲକ୍ଷ୍ମୀ ପୂଜା; ମାଣବସା—The worship of Goddess Lakshmī in the shape of a measuring pot filled with paddy on a Thursday of the month of 'Mārgasira'. ସ୍ତ୍ରୀଦେ (ସିଂହଭୂମି) ବ—୮୦ ତୋଳା ଓଜନ—A weight of 80 tolās or rupees.

ସେ ରଙ୍ଗେ—ସ୍ତ୍ରୀଦେ (ବଲ୍ଲଙ୍ଗିର ଘାଟଣା) କି. ବଣ—
Se-range ସମ୍ପୂର୍ଣ୍ଣରୂପେ—Completely; in full measure. ଦେ. ଅ—ସେ ପ୍ରକାରେ—In that manner.

ସେରଡ଼ା—ଦେ. ବ—ଚଲିକାହ୍ରଦର ଏକପ୍ରକାର ଲୁଣି ମାଛ—
Serarḍā A species of salt water fish (found in the Chilka lake).

ସେର(ରେ)ଣା—ଦେ. ବ (ଫ. ଶରଣା)—ସାରଣା ମାଛ—
Sera(re)ṇā Barbus Sarana (fish).
ସରଲପୁଂଟି ଶରନା [ଦ୍ର—ଏହା ଛୋଟ କେଉଣ୍ଡିର ଅନୁରୂପଦର୍ଶିଣ୍ଟ, କନ୍ତୁ ଛୋଟ କେଉଣ୍ଡିଠାରୁ ପତଳା; ଏହା ମଧୁର ଜଳରେ ବାସ କରେ ଓ ୧୪ ଫୁଟ୍ ପର୍ଯ୍ୟନ୍ତ ବଢ଼େ ।]

ସେରନ୍ତା—ଦେ. ବଣ. ପୁଂ ଓ ସ୍ତ୍ରୀ [ଫ. ସ୍ନେହ; ସ୍ନେହଭାଜନ]—ଗେଲ୍ଲା;
Serantā ଅତ୍ୟଧିକ ଆଦରରେ ଲାଳିତପାଳିତ (ସନ୍ତାନ)—
ସେରନ୍ତୀ } —ସ୍ତ୍ରୀଲିଙ୍ଗର ଅନ୍ୟରୂପ Much fondled
ସେରନ୍ତୁଣ୍ଡ } (child). [ଦ୍ର—
ଆଦୁରେ ଦୁଲାର(ରା) ସେରନ୍ତା ? ଦୋଇ ବ ଘର କରବେ ?—ସ୍ତ୍ରୀ ଉଦ୍ବାହଜଜ୍ଞପ୍ତି ।]

ସେରନ୍ତେଇ ହେବା—ଦେ. କି—ଅତ୍ୟଧିକ ସ୍ନେହ ପାଇବାର ଲକ୍ଷଣ
Serantei hebā ପ୍ରକାଶ କରବା—To make a show of one's being fondled.
ଆଦର ଦେଖାନ ଦୁଲାରପନ ଦିଖଲାନା

(ଭାର)ସେର ପୂରିଲ—ଦେ. ବାକ୍ୟ—ବଧିନର୍ଦ୍ଦିଷ୍ଟ ଅସୂଷ୍ଟାଳ ଶେଷ
Sera pūrilā ହୋଇ; ମରଣଧର୍ମ୍ମ ଉପସ୍ଥିତ ହେଲ—
ପରମାଇ ଫୁରାଲ ଆୟୁ ଶେଷହୁଆ The appointed time (of death) is come; one's preordained time of dissolution is at hand. [ଉ—ଦେଖୁ ଦେଖୁ ସେର ପୂରିଲ । ଦୁର୍ଲଭ ମାନବ ଜନ୍ମ ବୃଥା ସରିଲ—ମାଲମଣି ମିଶ୍ର, ଅମ୍. ଜଦେବନ ।]

ସେର ବସିବା—ସ୍ତ୍ରୀଦେ (ଯାଜପୁର) ବ—ମାଣବସା; ସେର (ଦେଖ)
Sera basibā Sera (See)

ସେରସ୍ତା (ଇତ୍ୟାଦି)—ବୈଦେ. ବ—ସିରସ୍ତା ଇତ୍ୟାଦ (ଦେଖ)
Serastā (etc) Sirastā etc (See)

ସେଗୁ—ସ୍ତ୍ରୀଦେ. (ସମ୍ବଲପୁର ଓ ଗଡ଼ଜାତ) ବଣ—ସେହୁଗୁଡ଼ିକ—
Serā Those. ସ୍ତ୍ରୀଦେ (ସିଂହଭୂମି) ବ—୨୫ ଠାରୁ ୩୦
ତୋଳା ଓଜନ—A standard weight of 25 to 30 Tolās.

ସେରଳ—ସଂ ବ—ଫିକା ହଳଦିଆ ବର୍ଣ୍ଣ (ଉ. ଶ)—Faint yel-
Serāḷa low colour, ସଂ. ବଣ—ଫିକା ହଳଦିଆ (ଉ. ଶ)—
Faint yellow; yellowish.

ସେରହ—ସ, ବ—ଦୁଧ ପରି ଧଳା ଘୋଡ଼ା (ଉ. ଶ)—
Serāha Milk-white horse.

ସେରିଫ୍—ବୈଦେ. ବ (ଇଂ)—ଇଂଲଣ୍ଡର ଅଧ ରାଜଧାନୀରେ ଥିବା
Seriph ମିଜ୍‌ଦସିଆଲଙ୍କର ଡେପୁଟମାନ୍—Sheriff.
ସେରିଫ ସେରିଫ

Digitized by srujanika@gmail.com

ସେରୁ—ସ. ବଣ—ବନ୍ଧନବାସ୍ତୁ (ଦ୍ର. ଶ)—
Seru Binding.

ସେରୁରୁହ—ସ.ବ—ସେହଁ ଧଳା ଘୋଡ଼ାର ମୁଣ୍ଡରେ ଦାଗ ଥାଏ (ଦ୍ର.ଶ)
Serurāha —A white horse having a mark on the head.

ସେରେ—ଦେ. ଚ ଓ ବଣ—ଏକସେର ପରିମାଣ—One seer.
Sere ଏକସେର ଏକसेर

ସେର୍ଣ୍ଣା(ର୍ନା)—ପ୍ରାଦେ (ସମ୍ବଲପୁର) ବ—ସେରଣା (ଦେଖ)
Sernṇā(rnā) Seraṇā (See)

ସେଲ୍—ବୈଦେ. ବ (ଇଂ)—୧ । ବିକ୍ରି—1. Sale. ୨ । ଅଦାଲତ ଅଦରେ କରିଯିବା ଢାକ ନଲ୍ଲମ—2. Auction sale. ୩ । ଗୁଳ୍ଲଣ ମାରିମୁକ ଅସ୍ତ୍ର ଗୁଣ୍ଡି କାରୁଦ ଗୁଳା—3. Shell (of a cannon). ୪ । ଜେଲ୍ ଖାନାରେ ଜଣେ ମାତ୍ର କଏଦକୁ ବନ୍ଦ କର ରଖାଯିବା ପାଇଁ ନିର୍ଦ୍ଦିଷ୍ଟ ଛୋଟ ଗୁଣ୍ଡି କୋଠରୀ—4. Cell or small room for one person in a Jail.
Sel ସେଲ
सेल सेल

ସେଲ୍ ଖତମ୍ କରିବା—ଦେ. କି (କରିଆ) (ଇଂ. ସେଲ୍ ଓ ଫା. ଖତମ୍)—ଡାକଖୋଜ ଦ୍ୱାରା ନଲ୍ଲମରେ ସେଲ ଖତମ କରା ସବୋଚ୍ଚ ଡାକକୁ ଚୂଡ଼ାନ୍ତ କରି ସବୋଚ୍ଚ ଡାକିବା
Sel khatam karibā
सेल खतम करना ବ୍ୟକ୍ତିଙ୍କ ନାମ ଘୋଷଣା କରିବା—To conclude an auction sale by proclaiming the name and call of the highest bidder.

ସେଲ୍ ଡେଟ୍—ବୈଦେ. ବ (କରିଆ) (ଇଂ) —ଅଦାଲତ ଅଦରେ ସମ୍ପତ୍ତିର ଜାହାର୍ଯ୍ୟ ନଲ୍ଲମ କରିଯିବା ପାଇଁ ନିର୍ଦ୍ଧାରିତ ଓ ଘୋଷିତ ଦିବସ—Sale date.
Sel ḍeṭ
सेल डेट (ସେଲ୍ ଡାରିକ[ଖ]—ଅନ୍ୟରୂପ)

ସେଲ୍ ପ୍ରୋକ୍ଲାମେସନ୍—ବୈଦେ. ବ (କରିଆ) (ଇଂ)—କୌଣସି ସମ୍ପତ୍ତିର ନଲ୍ଲମ ହେବା ପାଇଁ ନିର୍ଦ୍ଧାରିତ ପ୍ରକାଶିତ ବିଜ୍ଞପ୍ତି ଅଦେଶପତ୍ର ବା ନଲ୍ଲମ ଇସ୍ତିହାର—Sale proclamation.
Sel proklāmesan
सेल प्रोक्लामेसन

ସେଲ୍ ଫରଦ୍—ବୈଦେ. ବ (କରିଆ) (ଇଂ ସେଲ୍ ଓ ଫା. ଫର୍ଦ୍ଦ)—କୌଣସି ସମ୍ପତ୍ତିର ଅଦାଲତ ଅଦରେ ପ୍ରକାଶ୍ୟ ନଲ୍ଲମ କରିଯିବା ସମୟରେ ନଲ୍ଲମ ହବ କବ ଡାକଲେ ଓ କେତେ କେତେ ମୂଲ୍ୟରେ ଡାକଲେ ଏହା ନଲ୍ଲମ କରିବା ଡାକମ ସେହି କାଗଜରେ ଲେଖନ୍ତି—
Sel pharad
सेल फर्द (ସେଲ୍ ଫର୍ଦ୍ଦ—ଅନ୍ୟରୂପ)
(ସେଲ୍ ସିଟ୍—ଇଂ. ରୂପ)
Sale sheet.

ସେଲ୍ ରଦ୍(ଦ୍ଦ)—ବୈଦେ. ବ (କରିଆ) (ଇ. ସେଲ୍ ଓ ଫା. ରଦ୍ଦ)—ସମ୍ପତ୍ତିର ନଲ୍ଲମ ହେବା ପରେ ଜୁଏରସ୍ତ ଡାକମଙ୍କଦ୍ୱାରା ଅଇନସଙ୍ଗତ କାରଣରୁ ଉକ୍ତ ନଲ୍ଲମର ଖଣ୍ଡନ—The setting aside of a sale; annulment of a sale.
Sel.rad(dd)
सेल रद्द

ସେଲ୍ ଲିଷ୍ଟ୍(ଷ୍ଟ)—ବୈଦେ. ବ (କରିଆ) (ଇଂ)—ନଲ୍ଲମ ହୋଇଥିବା ବା ନଲ୍ଲମରେ ଉଠିଥିବା ସମସ୍ତ-ସେଲ ଲିଷ୍ଟ
Sel lisṭ(shṭi)
शेल लिस्ट ମାନଙ୍କର ତାଲିକା—Sale list.

ସେ ଲଗେ—ପ୍ରାଦେ. (ବଲ୍ଲଙ୍ଗିର ପାଟଣା) ଅ—ସେହି ସ୍ଥାନରେ—
Se lage In that place; there,

ସେଲମ୍—ଦେ. ବ (ସ. ତେଲମ୍)—ଦାକ୍ଷିଣାତ୍ୟରେ ନର୍ମିତ ଉନ୍ନତ-ଜାତୀୟ ତୂଳା ଅଡ ସୂକ୍ଷ୍ମ ପୋଷାକ ବସ୍ତ୍ର—A fine kind of cotton cloth woven in South India.
Selam
सेलम चेलम

ସେଲ୍ଲ—ପ୍ରାଦେ. (ଲରିଆ) ସର୍ବ—ସେହିଟା—
Selā That.

ସେଲାଇ (ଇତ୍ୟାଦି)—ଦେ. ବ [ବଙ୍ଗଳା ଭାଷାରୁଣରୁ ଅନୁକୃତ]—ସିଲାଇ (ଦେଖ)—
Selāi (etc) Silāi etc (See)

ସେ ଲାଗି—ଦେ. ଅ—ସେଥିପାଇଁ; ସେଥିଯୋଗୁଁ—
Se lāgi For that; owing to that.
सेइजन्य उसकेलिए

ସେ ଲାଗେ—ଦେ. ଅ—(ସଂ ତତ୍ ଲଗ୍)—ସେଇକ୍ଷଣେ, ତତ୍କ୍ଷଣାତ୍—
Se lāge Immediately; at once; in that very moment.
तथनि उससमय

ସେଲା ବର୍ଦାର୍—ବୈଦେ. ବ (ଫା. ସିଲ୍ଲହ୍=ଅସ୍ତ୍ର+ବର୍ଦାର୍=ଧାରୀ)—ଅସ୍ତ୍ରବାହକ ସିପାହୀ—A soldier or peon armed with weapons.
Selā bar-dār
सेलाबरदार्

ସେଲାମ୍ (ଇତ୍ୟାଦି)—ବୈଦେ. ବ (ବଙ୍ଗଳା ଭାଷାରୁଣର ଅନୁକରଣ)—ସଲାମ୍ ଇତ୍ୟାଦି (ଦେଖ)
Selām (ete) Salām etc (See)

ସେଲାମତ୍—ବୈଦେ. ବ (ବଙ୍ଗଳା ଭାଷାରୁଣର ଅନୁକରଣ)—ସଲାମତ୍ (ଦେଖ)—Salāmat (See)
Selāmat

ସେଲାମି—ବୈଦେ. ବଣ ଓ ବ (ବଙ୍ଗଳା ଭାଷାରୁଣର ଅନୁକରଣ)—ସଲାମି (ଦେଖ)—Salāmi (See)
Selāmi

ସେଲି—ଦେ. ବ [ସ. ତେଲ]—ସୂକ୍ଷ୍ମ ବସ୍ତ୍ର ବା ପୋଷାକବିଶେଷ—ସେଲି ଚେଲି चेल A sort of fine cloth or dress.
[ଦ୍ର—ସିଆଇ ବେଶ ସେଲ ଅଛନ୍ତି ବେକେ ଉର୍—କୃଷ୍ଣ-ସେଲି ସିଂହ. ମହାଭାରତ. ଅଶ୍ୱ ।] ବୈଦେ. ବ [ଇଂ. ନାମ]
शेलि —ଇଂଲଣ୍ଡର ଜଣେ ପ୍ରଧାନ ସ୍ୱର୍ଗତ କବି—
Shelley; a late famous poet of England.

ସେଲିବିସ୍—ବୈଦେ. ବ (ନାମ)—ଭାରତୀୟ ଦ୍ୱୀପପୁଞ୍ଜର ଅନ୍ତର୍ଗତ ଓ କୋଣ୍ଡିଓ ଦ୍ୱୀପର ପୂର୍ବରେ ଅବସ୍ଥିତ ଦ୍ୱୀପ ଓ ସମୁଦ୍ର—ସେଲିବିସ୍ Celebes (island and sea) in the Indian archipelago. [ଦ୍ର—ଏହି ଦ୍ୱୀପର ଉତ୍ତରରେ ଥିବା ଜଳସାଗରକୁ ସେଲ୍ବସ୍ ଜଳସାଗର କୋଲ୍ଲଯାଏ ।]
Selibis
सेलिविस्

ସେଲିମ୍—ବୈଦେ. ବ (ଫା. ନାମ)—୧ । ସେରସାହାଙ୍କ ଦ୍ୱିତୀୟ ପୁତ୍ର-1. The second son of Sher Saha who
Selim

Digitized by srujanika@gmail.com

ସେଲିମ reigned at Delhi for 9 years till 1554.
ସଲୀମ [ଦ୍ର—ଏ ଅବ୍ଧୀରେ ଖ୍ରୀ. ୧୫୫୫ ରୁ ୧୫୫୪ ପର୍ଯ୍ୟନ୍ତ ଭାରତ ସମ୍ରାଟ୍ ହୋଇ ଦିଲ୍ଲୀରେ ରାଜ୍ୟ ଶାସନ କରିଥିଲେ ।]
୨ । ମୋଗଲ ସମ୍ରାଟ୍ ଆକବରଙ୍କ ଜ୍ୟେଷ୍ଠ ପୁତ୍ରଙ୍କର ପ୍ରଥମ ନାମ—2. The first name of Emperor Jahangir. [ଦ୍ର—ଆକବରଙ୍କ ମୃତ୍ୟୁପରେ ୧୬୦୫ ସାଲରେ ଏ 'ଜାହାଙ୍ଗୀର୍' ନାମ ଗ୍ରହଣ ପୂର୍ବକ ଭାରତ ସମ୍ରାଟ୍ ହୋଇଥିଲେ ।]

ସେଲୁ(ଲ୍ୟୁ)କସ୍—ବୈଦେ. ବ (ନାମ)—ଭାରତବର୍ଷଜୟୀ ମହାବୀର ସିକନ୍ଦରଙ୍କ ସେନାପତ୍ତି—Nikator Selucus; the name of a general of Alexander the Great who formed alliance with Chandragupta and ceded to him the Provinces west of the Indus, conquered by the Greeks.
Selu(lyu)kas
ସେଲୁକସ୍
ସେଲୂକସ
[ଦ୍ର—ଏ ସିକନ୍ଦରଙ୍କ ମୃତ୍ୟୁ ପରେ ଖ୍ରୀଷ୍ଟପୂର୍ବ ୩୨୩ ଅବ୍ଦରେ ସିକନ୍ଦରଙ୍କ ବଳାତ ଭାରତବର୍ଷର ରାଜା ହେଲେ ହେଲେ ଏବଂ ଭାରତ ଆକ୍ରମଣରେ ଅକୃତକାର୍ଯ୍ୟ ହୋଇ ଚନ୍ଦ୍ରଗୁପ୍ତଙ୍କ ସହିତ ସନ୍ଧି ସ୍ଥାପନ କଲେ । ଏ ସନ୍ଧି ନଫଳରେ ପଶ୍ଚିମରେ ଥିବା ଗ୍ରୀକ୍ ଅଧିକୃତ ପ୍ରଦେଶମାନଙ୍କୁ ଚନ୍ଦ୍ରଗୁପ୍ତଙ୍କୁ ଛାଡ଼ି ଦେଇ ଚନ୍ଦ୍ରଗୁପ୍ତଙ୍କଠାରୁ ଖ୍ରୀଷ୍ଟପୂର୍ବ ୩୧୭ ରେ ୫୦୦ ଗୋଟି ହାତୀ ଗ୍ରହଣ କରିଥିଲେ ।]

ସେ(ସା)ଲୁନ୍—ବୈଦେ. ବ (ଇଂ ଓ ଫ୍ରେଞ୍ଚ୍)—ଜାହାଜରେ ଏବଂ ରେଲଗାଡ଼ିରେ ଉଚ୍ଚ ଶ୍ରେଣୀର ଯାତ୍ରୀମାନଙ୍କ ବ୍ୟବହାର ନିମନ୍ତେ ସୁସଜ୍ଜିତ କୋଠରୀ—Saloon in a ship or railway train.
Se(sā)lun
ସେଲୂନ୍
ସେଲୂନ

ସେଲେଖାନା—ବୈଦେ. ବ (ଫା. ସିଲହ୍+ଖାନା)—ଅସ୍ତ୍ରାଗାର—Arsenal; armoury.
Selekhana
ସେଲଖାନା
ସେଲଖାନା

ସେଲେଟ୍ (ଇତ୍ୟାଦି)—ବୈଦେ. ବ—ସିଲଟ୍ ଇତ୍ୟାଦି (ଦେଖ) Silaṭ etc. (See)
Seleṭ (etc)
ସେଲ୍ଫ ଷ୍ଟାର୍ଟର୍—ବୈଦେ. ବ (ଇଂ)—ମୋଟର ଗାଡ଼ିବିଶେଷ (ଯହିଁରେ ଡ୍ରାଇଭର୍ ଚାଙ୍କ ଅସନରେ ବସି ଗିୟରକୁ ମୋଡ଼ି ଦେଲେ ସେ ଗାଡ଼ି ଚଢ଼ି କରେ)—A self-starter motor car.
Selph stārtar
ସେଲ୍ଫ ଷ୍ଟାର୍ଟର
ସେଲ୍ଫ ଷ୍ଟାର୍ଟର

ସେ —ବୈଦେ. ବ (ଇଂ)—ଶୁଳ୍କ; ଗ୍ରହଣୀୟ କର—Cess. [ଦ୍ର—ଗଭର୍ଣ୍ଣମେଣ୍ଟଙ୍କୁ ବା ରାଜାଙ୍କୁ ଦେୟ ଜମିର ଖଜଣା ବା ରାଜସ୍ୱ ଛଡ଼ା ବିଶିଷ୍ଟ ରାଜକାର୍ଯ୍ୟ କାର୍ଯ୍ୟବାହାର୍ଥ (ଯଥା—ଶିକ୍ଷା, ରାସ୍ତା, ଡାକ, ପୂର୍ତ୍ତି ଆଦ ବାମ ପାଇଁ) ଭୂମ୍ୟଧିକାରୀ ଓ ପ୍ରଜାମାନଙ୍କଠାରୁ ଯେଉଁ ଶୁଳ୍କ ଗଭର୍ଣ୍ଣମେଣ୍ଟ ବା ରାଜା ଅଦାୟ କରନ୍ତି ତାକୁ ସେସ୍ ବୋଲାଯାଏ ଗଣ୍ଡାମରେ ଏତାକୁ ବିସ୍ତୁ କହନ୍ତି ।]
Ses
ସେସ୍
ସେସ

ସେଶ୍ ପିଟ୍—ବୈଦେ. ବ (ଇଂ)—ଘର, ଗଞ୍ଜା ଓ ଖାଇଖାନାରୁ ବୋହୁଥିବା ମଇଳା ଖାଲି ଜମା ହେବାପାଇଁ ଜମିରେ ଖୋଳା (ସେଶ୍ ପୁଲ୍—ଅନ୍ୟରୂପ) କୁଣ୍ଡ—Cesspit; cesspool.
Ses pit
ସେସପୀଟ୍
ସେସପୀଟ

[ଦ୍ର—ଏହାର ପରିବର୍ତ୍ତେ ଘାଇଁ ଗୃହ ସ୍ୱାମୀ ନିଜ ଗୃହର ଯାଇଁ ଅଧିକା ସେସ୍ ଦଅନ୍ତି ।]

ସେଶନ୍—ବୈଦେ. ବ (ଇଂ)—୧ । ସେଶନ୍ସ୍ (ଦେଖ)
Sesan
ସେସନ୍
ସେଶନ
1. Sessions (See) ୨ । ବିଦ୍ୟାଳୟର ପାଠବର୍ଷ—2. The session of a school. ୩ । ଲଘୁ ସଭା ଆଦର ବୈଠକ—3. Session of a Legislative Council.
[ଦ୍ର—ନ୍ୟାୟାଳୟ, ପାର୍ଲିଆମେଣ୍ଟ, ବ୍ୟବସ୍ଥାପକ ସଭା ଆଦରେ ଏକାଦିକ୍ରମେ କିଛିଦିନ କାଳ ଧରେ ଅଧିବେଶନ ଚାଲିଲେ ଉକ୍ତ ଅଧିବେଶନକୁ ସେସନ୍ ବୋଲାଯାଏ ।]

ସେଶନ୍—ବୈଦେ. ବ (ଇଂ)—ଗୁରୁତର ଫଜ୍‌ଜଦାର ମାମଲା (ଯଥା—ଜରତ୍କତ୍ୟା, ଗୁରୁତର ଅଘାତ, ଡକାୟତି)ମାନଙ୍କ ବିଚାର (ସେଶନ୍ ଅନ୍—ଗଞ୍ଜାମୀ ରୂପ) କରିବା ପାଇଁ ସ୍ଥାପିତ ଅଦାଲତ; ସେସନ୍ସ୍ ଦଉଡ଼—Sessions. [ଦ୍ର—ଏ ଅଦାଲତରେ ଜଜଙ୍କ ସହିତ ମଫସଲମାନ କେତେ ଜଣ ଜୁରି ବା ଅଟସେସର୍ ବସି ମକଦ୍ଦମାମାନଙ୍କ ବିଚାର କରନ୍ତି ।]
Sesans
ସେଶନ୍ସ
ସେଶନ୍ସ

ସେସନ୍ସ୍(ନ୍) କେସ୍—ବୈଦେ. ବ (ଇଂ) (ବିଚାର୍ଯ୍ୟ)—ସେସନ୍ସ ମକଦ୍ଦମା (ଦେଖ)—Sessions makadama (See)
Sesans(n) kes
ସେଶନ୍ସ୍(ନ୍)କୋର୍ଟ୍(ର୍ଟ)—ବୈଦେ. ବ—ସେସନ୍ସ୍‌ରେ ବିଚାର୍ଯ୍ୟ ମକଦ୍ଦମା ବିଚାର କରିବାକୁ ବିଚାରାଧିକାର ପ୍ରାପ୍ତ ଅଦାଲତ ବା (ସେଶନ୍ସ ଅଦାଲତ—ଅନ୍ୟରୂପ) କଚେରୀ—Sessions court. court of sessions.
Sesans(n) kot'rt)
ସେସନ୍ସ୍ କୋର୍ଟ୍
ସେଶନ୍ସ କୋର୍ଟ

ସେଶନ୍ସ୍(ନ୍) ଜଜ୍—ବୈଦେ. ବ (ଇଂ)—ଜିଲ୍ଲାର ସର୍ବ ପ୍ରଧାନ ଫଜ୍‌ଜଦାର ବିଚାରପତ୍ତି—Sessions Judge; [ଦ୍ର—ସାଧାରଣତଃ ଫଜ୍‌ଜଦାର ମୋକଦ୍ଦମାକୁ ମାଜିଷ୍ଟ୍ରେଟ ବିଚାର କରନ୍ତି ଓ ଉକ୍ତ ମାଜିଷ୍ଟ୍ରେଟମାନଙ୍କ (ସେଶିଅନ ଜଜ୍ଜ—ଗଞ୍ଜାମୀ ରୂପ) ବିଚାର ବିରୁଦ୍ଧରେ ସେସନ୍ସ ଜଜ୍‌ଙ୍କ ନିକଟରେ ଅପୀଲ୍ ହୁଏ । ଗୁରୁତର ଫଜ୍‌ଜଦାର ମକଦ୍ଦମା (ଯଥା—ନରହତ୍ୟା, ବିଷପ୍ରୟୋଗ, ଗର୍ଭପାତ, ଘର ଖୋଡ଼ି,ଡକାଇତି)ମାନଙ୍କରେ ମାଜିଷ୍ଟ୍ରେଟ୍‌ମାନେ ପ୍ରଥମେ ଅନୁସନ୍ଧିତ୍ସୁକ ତଦନ୍ତ କାର୍ଯ୍ୟ ପରେ ଅପରାଧୀକୁ ସେସନ୍ସ୍ କୋର୍ଟ୍‌କୁ ବିଚାର ନିମନ୍ତେ ପଠାନ୍ତି । ସେସନ୍ ଜଜ୍‌ଙ୍କ ସଙ୍ଗେ ସର୍ବସାଧାରଣଙ୍କ ମଧ୍ୟରୁ ମନୋନୀତ ଏକାଧିକ ବ୍ୟକ୍ତି (ଜୁରି ବା ଅସେସର୍) ବସି ସେଶନ୍ସ ମକଦ୍ଦମା ବିଚାର କରନ୍ତି । ଓଡ଼ିଶାରେ ଯେଉଁ ଯେଉଁ ଜିଲ୍ଲାରେ ସେଶନ୍ସ ମକଦ୍ଦମାମାନ ଘଟେ, ସେସନ୍ସ ଜଜ୍ ସେହି ସେହି ଜିଲ୍ଲାର ରାଜଧାନୀକୁ ଯାଇ ସେଠାରେ ବର୍ଷକ ଭର ଉକ୍ତ ମକଦ୍ଦମାମାନ ବିଚାର କରନ୍ତି ।]
Sesans(n) jaj
ସେସନ୍ସ୍(ନ୍) ବିଚାର —ବେ. ବ—ସର୍ବସାଧାରଣଙ୍କ ମଧ୍ୟରୁ ନିଯୁକ୍ତ ଏକାଧିକ (୨ ଠାରୁ ୧୨ ପର୍ଯ୍ୟନ୍ତ)
Sesans(n) bichāra

ସେସନ୍ସ ବିଚାର ବ୍ୟକ୍ତିଙ୍କ ସଙ୍ଗେ ସେସନ୍ ଜଜ୍‌ଙ୍କଦ୍ୱାରା ଗୁରୁତର ସେଶନ ବିଚାର ଫଉଜ୍‌ଦାରୀ ମକଦମାର ବଗୁର—Sessions trial.

ସେସନ୍ସ(ନ୍) ମକଦ(ଦ୍ଦ)ମା—ବୈଦେ. ବ—ସେସନ୍ ଅଦାଲତର ବଗୁର୍ଥ Sesans(n) makada(dda)ma ଗୁରୁତର ଫଉଜ୍‌ଦାରୀ ମକଦମା ସେସନ୍ସ ମକଦମା —Serious criminal cases triable ସେଶନ ମୁକଦମା by the sessions court.

ସେସନ୍ସ୍(ନ୍) ସୁପରଦ—ବୈଦେ. ବ (ବଙରଅ)—ଦଉବା ସ୍ୱପର୍ଦ୍ଦ; Sesans(n) suprada ଗୁରୁତର ଫଉଜ୍‌ଦାରୀ ମକଦମାମାନଙ୍କର ସେସନ୍ସ୍ୱ(ନ୍) ସ୍ୱ(ସୋ)ପର୍ଦ ସେସନ୍ସ୍ୱ(ନ୍) ସମ୍ପର୍ଦ —ଅନ୍ୟରୂପ ପ୍ରଥମେ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରା ତଦନ୍ତ ହେବା ପରେ ସେସନ୍ସ ସୋପର୍ଦ ଅପରାଧୀ ଅପରାଧ କରିଥିବାର ସମ୍ଭାବନା ଦେଖାଗଲେ ସେଶନ ସପୁର୍ଦ ଜଣେ ମକଦମାର ଶେଷ ବଗୁର ଥାଇଁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଉକ୍ତ ଅପରାଧୀକୁ ସେସନ୍ ଜଜ୍‌ଙ୍କ କୋର୍ଟ୍‌କୁ ପ୍ରେରଣ— Commitment of an accused to the sessions after preliminary enquiry by a magistrate.

ସେ ସରି—ଦେ. ଅ—୧ । ସେ ପର୍ଯ୍ୟନ୍ତ— Sesari ସେପର୍ଯ୍ୟନ୍ତ ସେହିଁତକ 1. Till then. (ସେ ସରବ—ଅନ୍ୟରୂପ) ୨ । ସେ ଅବସ୍ଥା—2. That condition.

ସେହା (ଇତ୍ୟାଦି)—ବୈଦେ. ବ—(ବଙ୍ଗଳା ଉଚ୍ଚାରଣରୁ ଅଦ୍ଭୁତ) — Sehā (etc) ସିହା ଇତ୍ୟାଦି (ଦେଖ)—Sihā etc (See)

ସେହି—ଦେ. ସର୍ବ (ସ. ଇଦ୍ ଶବ୍ଦର 'ସଃ')—ସେ (ସ୍ତ୍ରୀ. ସ୍ତ୍ରୀ ଓ କ୍ଲୀବ)—He, she or it. [ଉ—ଗୁରୁଙ୍କଠାରେ ଉକ୍ତ ସେ କରଥାନ୍ତୁ ସେହି । କୃଷ୍ଣସିଂହ. ମହାଭାରତ. ଅଦ ।] ୨ । ସେହି (ସ. ଇତ୍‌ହି) ନିର୍ଦ୍ଦିଷ୍ଟ ବସ୍ତୁ ବା ବ୍ୟକ୍ତି; ସେ ଏକା; ଉଷ୍ଟସ୍ତ ସେ ତାହା ବା ତାହା—2. That only; certainly he, she ସେହି or it; a certain person or thing. ୩ । ଅନୁପସ୍ଥିତ ବ୍ୟକ୍ତି ବା ବସ୍ତୁ—3. That person or thing

କାଳି ବୈଦେ. ବ (ଫା. ସିହାଇ)—ସିହାଇ; ସ୍ୟାଇ; କାଳ— ସ୍ୟାହୀ Ink.

ସେହି (ଇତ୍ୟାଦି)—ଦେ, ସର୍ବନାମ—ସେଇ ଇତ୍ୟାଦି (ଦେଖ) Sehi (etc) Sei etc (See)

ସେହି ଖନ—ପ୍ରାଦେ. (ଲରଅ) କ୍ରି. ବଣ—ସେହିକ୍ଷଣି— Sehi khan At that moment; immediately; ସେହି ଖ(ଷି,ଛି କୁ)ଣି ସେହି ଯ (ସି ଛି କୁ)ଣିକା ଦେ ରୂପ at once.

ସେହି ସଜରେ—ଦେ. କ୍ରି. ବଣ—୧ । ଉତ୍ତରକ୍ଷଣାତ୍—1. At once; Sehi sajare suddenly. [ଉ—ଏହା ତହି ସେହି ତଖନି ସଜରେ ଘାଣ୍ଟୁଥିଲେ । ଧାଇଁଲେ ଜଯଦ୍ରଥ ଯଇ- ଉସୀ ହାଲତମେ ଥିବା ପଥେ—କୃଷ୍ଣସିଂହ. ମହାଭାରତ. ବନ ।] ୨ । ଅଲକ୍ଷିତ ଭାଗାଲୀରେ—2. In a secret manner. [ଉ—ଉଚାର ! ସେହି ସଜରେ । ଖାଣି ଘଣିଲେ ତାଳସ୍ୱନରେ—ଶିଶୁରଞ୍ଜନ ଘତ ।]

ସେହୁ—ଦେ. ସର୍ବ (ପଦ୍ୟ) ପୁଂ ଓ ସ୍ତ୍ରୀ (ସ. ସଃ+ହି; ପ୍ରା. ସୋଇ)— Sehu ନିର୍ଦ୍ଦିଷ୍ଟ ବ୍ୟକ୍ତି—A certain person. [ଉ— ସେହି ତାହାଙ୍କୁ ସେହୁ ସେବା କଲେ ଅତ୍ତନିଁଶ—କୃଷ୍ଣସିଂହ. ବହୀ ମହାଭାରତ. ଅଦ ।]

ସେହୁଣ୍ଡ—ବି. ବ—ଘଉର ସିଜୁ: ମନସା ସିଜୁ—Uphorbia Ner- Sehunda rifolia [ଉ—ଏହା ଉଚ୍ଚରସ, ଅନ୍ୟ ସ—ସିଂହୁଣ୍ଡ, ଗୁରୁପାକ, ଗୁଣ୍ଡ, ବରେତକ, ଅଗ୍ନି- ବର୍ଦ୍ଧକ ଏବଂ କଫ, ବାୟୁ, ଅମ୍ଳଦୋଷ, ବଜ୍ରୀ, ବଜ୍ରଦ୍ରୁମ, ସୁଧା, ସମ୍ଭୁହ୍ୟା, ସ୍ନୁକ, ସ୍ନୁହୀ, ଶୂଳ, ହୃଦଗ୍ଦାନ, ହୃଦର ବେଗ, ଗୁଡ଼ା । ଗୁଲ୍ମ, ଅଷ୍ଟିଲା, ପ୍ଲୀହା, ଯକୃତ୍, ଜ୍ୱର, ମନସା ସୀଜ ଘାଣ୍ଟୁ, ସୋଥ, ଅର୍ଶ, କୁଷ୍ଟ, ଉନ୍ମାଦ ସେହୁଣ୍ଡ, ଥୁହର, ସିଜ ବ୍ରଣ, ମେଦ, ଅଶ୍ମରୀ, ମେଦୋ ଦୋଷ- ଅ. ଜରୁମ୍ ଓ ବିଷଦୋଷର ଶାନ୍ତିକାରକ ।

ଏହାର ଘରୁର ରସ ବାହ୍ୟ ପ୍ରୟୋ- ଗରେ ଶୋଥରେ ବିଶେଷ ଉପକାରୀ ।

ଏ ଗଛର ଖୀର (ଅଠା) ଉଚ୍ଚରସ, ଉଷ୍ଣବୀର୍ଯ୍ୟ, ଲଘୁ- ପାକ, ସ୍ନିଗ୍ଧ ଏବଂ ଗୁଲ୍ମ, କୁଷ୍ଟ ଓ ହୃଦର ବେଗରେ ଉପକାରକ ।]

ସେହୁଲ—ପ୍ରାଦେ (ସମ୍ବଲପୁର) ବ—ସେଉଳ ମାଛ— Sehula Ophiceplasus Striatus fish.

ସେ ହେଲ—ପ୍ରାଦେ (ଲରଅ) ସର୍ବ—ସେହିଟା— Se helā That.

ସେହ୍ନା—ଦେ. ବ (ସ. ସ୍ନାହ)—୧ । କବଚ; ସାଜୁ—1. Armour; Sehnā coat of mail. [ଉ—ବଶୀଶ୍ରୀ କଲ ସେହ୍ନା ଅଙ୍ଗେ, ସାଁଜୋୟା ସନାହ ଦେଖି ଧାଇଁଲ ଅଛ ବେରେ । ଜଗନ୍ନାଥ. ଭାଗବତ] ସ୍ନେହ ସ୍ନେହ ୨ । (ସ. ସ୍ନେହ) ସ୍ନେହ—2. Affection. ସହାୟ ସହାୟ ୩ । ସହାୟ—3. Help. [ଉ—ଜାହ୍ନି କେତେ ନୋହନ୍ତୁ ସେହ୍ନା—ପାଳକୃଷ୍ଣ. ରସତରଙ୍ଗୋଲ ।]

ବଣ—ସ୍ନେହୀ—Loving; affectionate.

ସୈ—ବୈଦେ. ବ (ଫା) —ସହି (ଦେଖ) Sai Sabi (See)

ସୈଂ(ସୈଁ)ତରଶ(ଶି)—ଦେ. ବ ଓ ବଣ (ସଙ୍ଖ୍ୟାବାଚକ) (ସି. ସପ୍ତ- Saiṁ(saiñ)tiriśa(Śi) ଦିଂଶତ୍; ପାଳି—ସତ୍ତତିଂସ, ପ୍ରା. ସାୟଁତ୍ରିସ ସତ୍ତରଇ)—ତରଶଠାରୁ ସାତ ଅଧିକ— ସୈଂତୀସ Thirty seven. (ସୈଂ[ସୈଁ]ତ[ରି]ଶ[ଶି]—ଅନ୍ୟରୂପ)

ସୈଂ(ସୈଁ)ତରଶାଶତ(ହେ)—ଦେ. ବ ଓ ବଣ (ସଙ୍ଖ୍ୟାବାଚକ) Saiṁ(saiñ)tiriśāśae(he) (ସ. ସପ୍ତତ୍ରିଂଶତ୍+ଶତ)— ଏକଶ ସାୟଂତ୍ରିଶ ଏକଶତ ସୈଂତରଶ—One hundred and ଏକସୌ ସୈଂତୀସ thirty seven. [ସୈଂ(ସୈଁ)ତ(ରି)ଶାଶତ(ହେ)—ଅନ୍ୟରୂପ]

ସୈଂଦୂର—ସ. ବଣ—ସିନ୍ଦୁର (ଦେଖ) Saiṁdūra Saindūra (See)

Digitized by srujanika@gmail.com

ସୈଂଧବ (ଇତ୍ୟାଦି)—ସ. ବ ଓ ବଶ—ସୈନ୍ଧବ ଇତ୍ୟାଦ (ଦେଶ)
Saiṁdhaba (etc) Saindhaba etc (See)

ସୈଂହ—ସ. ବଶ (ସିଂହ+ସମ୍ବନ୍ଧାର୍ଥେ ଅ)—୧ । ସିଂହସମ୍ବନ୍ଧୀୟ—
Saiṁha 1. Leonine; relating to lion. ୨ । ସିଂହ ସଦୃଶ—2. Similar to a lion.

ସୈଂହଳ—ସ. ବଶ (ସିଂହଳ+ସମ୍ବନ୍ଧାର୍ଥେ ଅ)—୧ । ସିଂହଳଦ୍ୱୀପ ସମ୍ବନ୍ଧୀୟ—1. Ceylonese. ୨ । ସିଂହଳ-(ସୈଂହଳୀ—ସ୍ତ୍ରୀ) ଦ୍ୱୀପଜାତ—2. Produced in Ceylon.
Saiṁhala

ସୈଂହଳୀ ପିପ୍ପଳୀ—ସ. ଷ—ଏକପ୍ରକାର ପିପ୍ପଳୀ—A kind of long pepper. [ଦ୍ର—ବୈଦ୍ୟକ ଅନ୍ୟ ସ—ସୈଂହଳୀ, ସର୍ପଦଣ୍ଡୀ, ମତ୍ତରେ ଏହା କଟୁରସ, ଉଷ୍ଣବୀର୍ଯ୍ୟ, ସର୍ଦ୍ଦାଗ୍ନି, ଉତ୍କଳଠା, ଘାବଜା, ଅର୍ଶନିବର୍ହ୍ଣକ, କୋଷ୍ଠଶୋଧକ, ଟୈଲଜା, ବହ୍ନିଭୂମିଜା, ଲମ୍ବଜା, ଏବଂ କଫ, ଶ୍ୱାସ, ବାତ ଓ କୃମି-ଭାମ୍ବା, ଅଭ୍ରକା, ସିଂହଳସ୍ଥା, ନାଶକ ।]
ଜାବଲ, ଲମ୍ବଡଣ୍ଡା, ଜାବନେଷ୍ଟୀ, ଜବାଲ, କୁରୁମ୍ବୀ ।
Saiṁhalī pīpalī सिंहली पीपल म. ଗ୍ରନ୍ ପିପ୍ପଲ୍ଲ କର୍ଣ୍ଣାଟୀ. କାହୁ ପିପ୍ପଲ୍ଲ ।

ସୈଂହିକ—ସ. ବ. ପୁଂ (ସୈଂହିକା+ଅପତ୍ୟର୍ଥେ· ଅ)—
Saiṁhika ସିଂହିକା ପୁତ୍ର; ରାହୁଗ୍ରହ—The Ascending (ସୈଂହିକେୟ—ଅନ୍ୟରୂପ) Node; the Dragon's head.

ସୈକତ - ସଂ. ବଶ (ସିକତା=ବାଲି+ବହୁତ୍ୱାର୍ଥେ· ଅ)—୧ ।
Saikata ସିକତଯୁକ୍ତ; ସିକତାବହୁଳ; ବାଲୁକାମୟ (ସ୍ଥାନ); ବାଲିଆ (ଭୂମି)—1. Sandy; full of sand (soil). ୨ । ବାଲିରେ ତିଆରି—2. Made of sand. ବ—୧ । ନଦୀର ବା ସମୁଦ୍ରର ବାଲୁକାମୟ ତଟ; ପୁଳିନ (ଅମର)—1. Sandy shore of a river or sea coast. ୨ । ବାଲିଆମାଟି (ହ. ଶ)—2. Sandy soil.

ସୈକତଚର—ସଂ. ବଶ. ପୁଂ (ସୈକତ+ଚର ଧାତୁ+ଭର୍ତ୍ତୃ. ଅ)—
Saikatachara ସୈକତରେ ବିଚରଣକାରୀ—Walking (ସୈକତଚରୀ—ସ୍ତ୍ରୀ) or moving in the sandy coast.

ସୈକତ ବାହିନୀ—ସଂ. ବଶ· ସ୍ତ୍ରୀ - ବାଲୁକାମୟ ତଟର ମଧ୍ୟ ଦେଇ
Saikata bāhinī ପ୍ରବାହିତା (ନଦୀ)—(river) Flowing through sandy soil

ସୈକତ ଭୂମି—ସଂ. ବ—୧ । ବାଲୁକାମୟ ଭୂମି—1. Sandy
Saikata bhūmi soil. ୨ । ବାଲୁକାମୟ ତଟ—
2. Sandy coast.

ସୈକତିକ - ସଂ· ବଶ. ପୁଂ (ସିକତା+ଇକ) - ୧ । ଶ୍ରମଜୀବୀ—1. A
Saikatika labourer. ୨ । ସନ୍ଦେହଜନକ (ଜୀବନ)—
2. Living a life full of doubt. ୩ । ସନ୍ଦେହୀ—3. Doubting. ୪ । ସିକତା ସମ୍ବନ୍ଧୀୟ—
4. Sandy. ୫ । ସୈକତ ସମ୍ବନ୍ଧୀୟ—5. Relating to Saikata. ବ—୧ । ଅପଣତ—
1. A Buddhist ascetic. ୨ । ସାଢ଼ାତାଳରେ ବନ୍ଧାଯିବା ମଙ୍ଗଳ ସୂତ୍ର (ଜୈନ)—2. An auspicious string tied on the arm before beginning a journey, ୩ । ସାଧୁ; ସନ୍ନ୍ୟାସୀ (ହି· (ସୈକ୍ଷକା—ବଶ. ସ୍ତ୍ରୀ) ଶ)—3. An ascetic.

ସୈକତିଲ—ସ. ବଶ (ସିକତା+ଇଲ; ଅଥବା ସିକତିଲ+ସ୍ୱାର୍ଥେ·
Saikatila ଅ)—ସିକତାମୟ; ବାଲୁକାମୟ—Sandy.

ସୈକତୀ—ସ. ବଶ. ସ୍ତ୍ରୀ—ସୈକତାଯୁକ୍ତ; ବାଲୁକାମୟ (କୂଳ) (ହି. ଶ)
Saikatī —Sandy (shore)
(ସୈକତ୍ୟା—ସ୍ତ୍ରୀ)

ସୈକତେଷ୍ଟ—ସ. ବ (ସୈକତ=ବାଲୁକାମୟ ସ୍ଥାନ+ଇଷ୍ଟ=ପ୍ରିୟ;
Saikateshṭa ବହୁବ୍ରୀହି)—ଆର୍ଦ୍ରକ; ଆଦା (ସ୍ୱଳ୍ପବର୍ଦ୍ଧ୍ୟ)—
Ginger. [ଦ୍ର—ଏହା ବାଲୁକାମୟ ଭୂମିରେ ଉତ୍ପନ୍ନ ହୋଇଥାଏ ।] ବଶ—ବାଲୁକାମୟ ସ୍ଥାନ ଯାହାକୁ ପସନ୍ଦ କରେ ସେ—Fond of sandy soil.

ସୈକାରିଆ—ଦେ. ବଶ—ସହକାରିତ୍ୱ (ଦେଶ)
Saikāriā Sahikāritā (See)

ସୈଗୋ—ଗ୍ରାମ୍ୟ (ବସୁର) ବଶ—ଅଖଣ୍ଡ—
Saigo Undivided; unbroken.

ସୈତବାହିନୀ—ସ. ବ (ସିତ=ଶୁଭ୍ର+ବହ୍· ଧାତୁ+ଇନ୍+ଈ)—
Saitabāhinī ବାଲୁକା; ନଦୀବିଶେଷ—Name of a river issuing from Himalayas.

ସୈତମ୍ବା(ମ୍ବା)—ଗ୍ରାମ୍ୟ (ସିଂହଳଭୂମି) ବ—ପିଜୁଲ୍ଲ—
Saitambā(mmā) Guava.

ସୈତାନ୍ (ଇତ୍ୟାଦ)—ସୈତେ. ବ—ସୟତାନ୍ ଇତ୍ୟାଦ (ଦେଶ)
Saitān (etc) Saitān etc (See)

ସୈତାନି (ଇତ୍ୟାଦ)—ସୈତେ. ବ ଓ ବଶ—ସୟତାନ ଇତ୍ୟାଦ (ଦେଶ,
Saitāni (etc) Saitāni etc (See)

ସୈ (ସୈଁ)ତିରିଶ—ଦେ. ବ ଓ ବଶ (ସ. ସପ୍ତତ୍ରିଂଶତ୍; ପ୍ରା. ସତ୍ତତିଂସ)
Sai(saiñ)tiriśa —ସପ୍ତତ୍ରିଂଶ; ୩୭—Thirty seven.
ସାୟତ୍ରିଂଶ ସୈତିସ 37.

ସୈଦ—ସୈତେ. ବ (ଅ)—ସୈୟଦ୍ (ଦେଶ)
Said Saiyad See)

ସୈନ[ନି]—ଦେ. ବ (ସଦ୍ୟ) (ସ. ସୈନ୍ୟ)—୧ । ସୈନ୍ୟ
Saina[ni] (ଦେଶ)—1. Sainya (See) [ଦ୍ର—ସେନା ସୈନ, ଫଉଜ ଭେଣେ ଜାଣିଲେ ରୁଦ୍ର ସୈନ୍ୟ । ତା ଦେଖି ବେଟେର ଦେବ ମୁନ—ଜଗନ୍ନାଥ. ଭାଗବତ ।] ୨ । ବୌଣସି ବ୍ୟକ୍ତିଙ୍କ ସହଚରରେ ଅବସ୍ଥିତ ବହୁ ଅନୁଚର—
2. A large body of followers or attendants accompanying a person,

ସୈନ ସାମନ୍ତ—ଦେ. ବ (ସହଚର ଶବ୍ଦ; ସ. ସୈନ୍ୟ ଓ ସାମନ୍ତ)—
Saina sāmanta ୧ । ରାଜାଙ୍କ ସଙ୍ଗେ ଥିବା ସେନା ଓ ସୈନ୍ୟ ସାମନ୍ତ ସର୍ଦ୍ଦାର ଆଦ—1. Soldiers and noblemen
सैनसामन्त accompanying a king. ୨ । ବହୁ ସଙ୍ଖ୍ୟକ ଅନୁଚର—2. A large body of attendants.

Digitized by srujanika@gmail.com

ସୈନାନ୍ୟ—ସଂ· ନ (ସେନାଙ୍କ + ତ୍ୱାର୍ଥେ· ଯ)—ସେନାପତ୍ୟ (ହି· ଶ)—Generalship·

ସୈନାପତ୍ୟ—ସଂ· ନ୍ତ (ସେନାପତ + ସମ୍ବନ୍ଧାର୍ଥେ· ଯ)—ସେନାପତ୍ୟ Sainapatya ସମ୍ବନ୍ଧୀୟ—Relating to a general. ନ (+ତ୍ୱ ଓ କର୍ମ· ଯ)—ସେନାଧ୍ୟକ୍ଷତା—Generalship; the position of a commander·

ଯୁଦ୍ଧେ ପର୍ବତରେ ଏହ ଲତାର ରସକୁ ଋଷିମାନେ ପାନ କରୁଥିଲେ ଓ ଉଦ୍ଧାସ ଜନ୍ମା ଦେଉଥିଲା । ଏହ ଲତାରେ ୧୪୫ ଷୁଦ୍ର ପତ୍ର ଥାଏ । ଚନ୍ଦ୍ରକଳାର ବୃଦ୍ଧି ଅନୁସାରେ ଏହାର ଗୋଟିଏ ଲେଖାଏ ପତ୍ର ବୃଦ୍ଧି ହୁଏ ଓ ହ୍ରାସ ଅନୁସାରେ ଗୋଟିଏ ଲେଖାଏ ପତ୍ର ଝଡ଼େ । ସୋମଲତା ଚତୁର୍ବିଂଶତି ପ୍ରକାରର । ଉନ୍ନତରୁ ଯାହାର ଗଳ ଦୃଢ଼ ପର ତାହାର ନାମ ଅଂଶୁମାନ୍; ଯାହାର କନ୍ଦ କଦଳୀ କନ୍ଦ ପର ତାହାର ନାମ ରଜତପ୍ରଭ; ରସୁଣ ପତ୍ର ପର ଯାହାର ପତ୍ର ତାହାର ନାମ ମୁଞ୍ଜବାନ୍; ଯାହାର ବର୍ଣ୍ଣ ସ୍ୱର୍ଣ୍ଣବର୍ଣ୍ଣ ଓ ଯାହା ଜଳରେ ଜହୁନ୍ନ ହୁଏ ତାହାର ନାମ ଚନ୍ଦ୍ରମା; ଯେଉଁ ଲତା ସାପକାଞ୍ଚ ପର ତାହାର ନାମ ଗରୁଡ଼ାହୃତ ଓ ଶ୍ୱେତାଶ; କନ୍ତୁ ସମସ୍ତ ଜାତିର ଲତାର ୧୫ ଗୋଟ ପତ୍ର ଓ ପତ୍ରର ପୂର୍ବୋକ୍ତ ହ୍ରାସବୃଦ୍ଧି ଲକ୍ଷିତ ହୁଏ । ନାମଭେଦ ଓ ରୂପଭେଦ ହେଲେ ମଧ୍ୟ ଗୁଣ ସମସ୍ତଙ୍କର ସମାନ । ମହେନ୍ଦ୍ର, ମଳୟ, ଶ୍ରୀପର୍ବତ, ଦେବଗିରି, ହିମାଳୟ, ପାରିପାତ୍ର, ସହ୍ୟ ଓ ବନ୍ଧ୍ୟପ୍ରଭୃତ ପର୍ବତରେ ଏବଂ କାଶ୍ମୀର ଦେଶସ୍ଥ କ୍ଷୁଦ୍ର, ମାନସସରୋବରତଟରେ ଏ ଲତାର ଉତ୍ପତ୍ତି ହୁଏ ବୋଲି ଶାସ୍ତ୍ରମାନଙ୍କରେ ଲେଖା ଅଛ । ବେଦ ଏବଂ ପ୍ରାଚୀନ ଗ୍ରନ୍ଥମାନଙ୍କରେ ସୋମ ଲତାର ବହୁ ଉଲ୍ଲେଖ ଅଛ । ଏଥିର ଉତ୍ତ ଦ୍ୱଳଦଥ ଓ ମାଦକ । ଏହାକୁ ବୈଦିକ ଋଷିମାନେ ପାନ କରୁଥିଲେ ଓ ଏହା ପାନ କରିଲେ ଜରା, ମୃତ୍ୟୁ, ପାପ ଓ ବ୍ୟାଧିରୁ ମୁକ୍ତ ମିଳୁଥିଲା ଓ ଏହା ଅମୃତ ସମ ବୋଲି ବର୍ଣ୍ଣିତ ହୋଇଅଛୁ । ତରଳ ଓ ସ୍ପୃଢ଼ ପ୍ରସ୍ତରରେ ଏ ଲତାର. ଓ ରସର ଉଲ୍ଲେଖ ଅଛ; କନ୍ତୁ ସେ ପ୍ରସ୍ତରଦ୍ୱୟର ରଚନା ସମସ୍ତଙ୍କୁ ଏହା ଦୁଷ୍ପ୍ରାପ୍ୟ ହୋଇଥିବା ଜଣାଯାଏ । ବର୍ତ୍ତମାନ ବାଲରେ ଏତଦ୍ଭିନ୍ନ ଗୁଣବିଶିଷ୍ଟ ଲତା ଦୁର୍ଲଭ । ତନ୍ତ୍ରଙ୍କ ମତ ଅନୁସାରେ ସୋମ ଲତାର ପୁଷ୍ପ ଓ ସ୍ରବ ହେଉଥିବା ଦୁଗ୍ଧରେ ଋଷିମାନେ ଚନ୍ଦ୍ରଙ୍କୁ ସୋମ ଲତାର ଅଧିଦେବତା ରୂପେ କଳ୍ପନା କରିଥିଲେ ।]

ଦେ. ବ.—ଶୁଆଁ ଲଇ ଲତା (ଦେଶ)—Suañ lai (See).

ସୋମ ଲତିକା—ସଂ. ବ—ଗୁଡୁଚୀ (ଗୁଜ ନର୍ଘଣ୍ଟ) Soma latikā Tinaspora Cordifolia.

ସୋମ ଶକଳା—ସଂ. ବ—ଶଶାଣ୍ଡୁକୀ (ଗୁଜନର୍ଘଣ୍ଟ); Soma śakalā ଜାତୁଡ଼—A sort of cucumber.

ସୋମ ସଞ୍ଜ—ସଂ. ବ (ବହୁବ୍ରୀହି; ସୋମ+ସଞ୍ଜା+ଅ)—କର୍ପୂର Soma samjña (ଉତ୍ପମାଳା)—Camphor.

ସୋମ ସାର—ସଂ. ବ—୧ । ଶ୍ୱେତ ଖଦର (ଗୁଜନର୍ଘଣ୍ଟ)—Soma sāra 1. White catechu. ୨ । ବବୁର ଗଛ (ହି. ଶ)—2. Acacia Arabica.

ସୋମ ସିଦ୍ଧାନ୍ତ—ସଂ. ବ—୧ । ବୁଦ୍ଧଦେବ (ଜଟାଧର)—1. The Soma siddhānta name of a Buddhist saint. ୨ । ତନ୍ତ୍ରୋକ୍ତ ଜ୍ୟୋତିଷଗ୍ରନ୍ଥ ବିଶେଷ; ହିନ୍ଦୁ ଜ୍ୟୋତିଷ-ଶାସ୍ତ୍ର ପଞ୍ଚସିଦ୍ଧାନ୍ତ (ସୂର୍ଯ୍ୟସିଦ୍ଧାନ୍ତ, ସୋମସିଦ୍ଧାନ୍ତ, ଅର୍ଯ୍ୟସିଦ୍ଧାନ୍ତ ପୈତାମହ ସିଦ୍ଧାନ୍ତ, ବୃହତ୍ ସିଦ୍ଧାନ୍ତ) ମଧ୍ୟରୁ ଏତତ୍ତମ—2.One of the Hindu astronomical treatises. ୩ । (ସ+ଉମା+ଅ=ସୋମ=ମହାଦେବ; ଉତ୍କୃଷ୍ଟ ସିଦ୍ଧାନ୍ତ=ତନ୍ତ୍ର ବିଶେଷ)—ମହାଦେବଉକ୍ତିତ ତନ୍ତ୍ରଶାସ୍ତ୍ର ବିଶେଷ—3. Name of a Tantric treatise. ୪ । ଶାକୃଷ୍ଟ ମିଶ୍ରକୃତ ପ୍ରବୋଧଚନ୍ଦ୍ରୋଦୟ ନାଟକର ନାଟାଳଙ୍କ ବେଶଧାରୀ ଅଭିନେତା—4. Name of an actor in the Sanscrit drama, called Prabodha Chandrodaya. ୫ । ଶୈବ ମତାବଲମ୍ବୀ ପଣ୍ଡିତ ବିଶେଷ—5. Name of a Pandit professing the Saiba faith.

ସୋମ ସିଦ୍ଧାନ୍ତୀ—ସଂ. ତ୍ରି. ସ୍ତ୍ରୀ (ସୋମ ସିଦ୍ଧାନ୍ତ+ଇନ୍; ୨ମା. ୨ବ)—ସୋମ ସିଦ୍ଧାନ୍ତ ବେତ୍ତା—Versed in Somasiddhānta.

ସୋମ ସୁତ୍(ତ)—ସଂ. ବ (ସୋମ+ସୁ. ଧାତୁ=ଷେଚଣ କରିବା+ କର୍ତ୍ତୃ. କ୍ୱିପ୍; ବନ୍; ସୋମସ୍ୱତ୍ୱନ୍ ୧ମା. ୧ବ)—Soma sut(ta) ଯେଉଁ ବ୍ୟକ୍ତି ଯଜ୍ଞ ସ୍ଥଳରେ ସୋମଲତା ରସ ଅଭିଷବ କରନ୍ତି—A priest whose duty is to offer the Soma-juice unto the fire in a vedic sacrifie.

Digitized by srujanika@gmail.com

ସୋମ ସୁତ – ସଂ. ଷ. ପୁଂ (ଷଷ୍ଠୀ ତତ୍) —ବୁଧଗ୍ରହ —
Soma suta The planet Mercury.

ସୋମସୁତା—ସଂ. ଷ. ସ୍ତ୍ରୀ (ଷଷ୍ଠୀ ତତ୍)—ରେବା ବା ନର୍ମଦା ନଦୀ—
Somasutā The river Nerbudda.
(ସୋମୋଦ୍ଭବା—ଅନ୍ୟରୂପ)

ସୋମ ସୁତି(ତ୍ୟା)—ସଂ. ଷ—ସୋମଲତାକୁ ଚୁପ୍ତଡ଼ ସଙ୍କାର୍ଥ ରସ
Soma suti(tyā) ବାହାର କରିବା କ୍ରିୟା (ହୁ. ଣ)—The act of pressing out the juice of the Soma creeper for Jajña.

ସୋମ ସୂତ୍ର – ସଂ. ଷ—ପ୍ରଣାଳ; ଶିବଲିଙ୍ଗ ସମୀପସ୍ଥ ଜଳନିଃସରଣ ମାର୍ଗ
Soma sūtra ବା ନଳା (ହୁ. ଣ)—The channel at the mouth of the 'Śakti' of a "Śiba-linga" through which the bath-water of the image of Śiba flows out. ଦେ. ଷ—ଖାଡୁକକୁଣ୍ଡ—The pit for holding such bath water. [ଉ—କଲ୍ପଣା କରିନ୍ଥ ନାରେ ସୋମସୂତ୍ର ପ୍ରାପ୍ତେ—ପାନକୁଣ୍ଡ. ରସକଲ୍ଲୋଳ ।]

ସୋମା—ସ. ଷ (ସୋମ+ଅ) – ୧ । ସୋମଲତା (ଦେଖ)—
Somā 1. Somalatā (See) ୨ । ଅପ୍ସରୋବିଶେଷ (ହୁ. ଣ)—2. Name of a heavenly nymph. ୩ । ମାର୍କଣ୍ଡେୟ ପୁରାଣୋକ୍ତ ନଦୀବିଶେଷ (ହୁ. ଣ)—3. Name of a mythological river.

ସୋମାଖ୍ୟ—ସ ଷ (ସୋମ+ଆଖ୍ୟା+ଅ —ରକ୍ତକୈରବ (ରକ୍ତ-
Somākhya ମାଳା); ଲାଲ କଇଁ—The red water-lily.

ସୋମାଭା—ସ, ବ' ସ୍ତ୍ରୀ—୧ । (ବହୁବ୍ରୀ ; ସୋମ+ଆଭା+ଅ)
Somābhā ତତ୍ପାବଳୀ (ଭକ୍ତିରସାମୃତସିନ୍ଧୁ)—1. A female companion of Rādhā. [ଉ—ରାଧା ସୋମାଭା ବେନ ପାଶେ । ଅଙ୍କର ନଃବର ବେଶେ—ପ୍ରାଚୀ. ଚୁଣ୍ଡ-ରମ ତତ୍ପାଦସ୍ୱ ।] ୨ । (ଷଷ୍ଠୀ ତତ୍) ତତ୍କିରଣ (ହୁ. ଣ)—2. The rays of the moon.

ସୋମାୟନ—ସ. ଷ—୨୨ ଦିନ ସୋଡୁଧ ପାନ ଓ ୩ ଦିନ ଉପବାସ
Somāyana କରିଥିବା, ଏଥିର ଏକମାସକାଳ କରଣୀୟ ବ୍ରତ-ବିଶେଷ—A kind of religious vow observed by subsisting on cow's milk for 27 days and fasting for 3 days. [ଦ୍ର—ଯାଜ୍ଞବଲ୍କ୍ୟ-ସ୍ମୃତି ଅନୁସାରେ ବ୍ରତକାରୀ ପ୍ରଥମ ୨ ଦିନ ଗାଈର ୪ ସ୍ତନରୁ, ଦ୍ୱିତୀୟ ସପ୍ତାହରେ ୩ ସ୍ତନରୁ, ତୃତୀୟ ସପ୍ତାହରେ ୨ ସ୍ତନରୁ ଓ ପରବର୍ତ୍ତୀ ୨ ଦିନ ୧ ସ୍ତନରୁ ଦୁହାଁଯିବା ଦୁଗଧ ପାନ ପାନ କରିବେ ଓ ଶେଷରେ ୩ ଦିନ ନିର୍ଜଳ ଉପବାସ କରିବେ—ହୁ. ଣ ।]

ସୋମାରୁଦ୍ର—ସ. ଦ (ସୋମ+ରୁଦ୍ର ; ନଖାତନ)—ସୋମ ଦେବତା
Somārudra ଓ ରୁଦ୍ର, ଦେଇତା—
The two Deities Soma and Rudra.

ସୋମାର୍ଦ୍ଧ—ସ. ଦ (ଷଷ୍ଠୀ ତତ୍ ; ସୋମ+ଅର୍ଦ୍ଧ)—ଅର୍ଦ୍ଧଚନ୍ଦ୍ର—
Somārddha Halfmoon.

ସୋମାର୍ଦ୍ଧଧାରୀ—ସ. ତଣ. ପୁଂ (ସୋମାର୍ଦ୍ଧ+ଧୃ ଧାତୁ+କର୍ତ୍ତୃ. ଇନ୍ ;
Somārddhadhārī ୧୩. ୧ତ) –ମସ୍ତକରେ ଅର୍ଦ୍ଧଚନ୍ଦ୍ର
(ସୋମାର୍ଦ୍ଧଧାରିଣୀ—ସ୍ତ୍ରୀ) ଧାରଣକାରୀ—Holding the half-moon on the head or brow ସ. ଷ. ପୁଂ—ଶିବ—Śiba.

ସୋମାଳ—ସଂ. ବଣ (ସୋମ+ଅଳ୍ ଧାତୁ=ଭୂଷିତ କରିବା+କର୍ତ୍ତୃ.
Somāla ଅ)—କୋମଳ (ବେମତଳ)—Soft.

ସୋମାଳକ—ସଂ. ଦ—ପୁଷ୍ପରାଗମଣି (ହୁ. ଣ)—
Somālaka Topaz (gem).

ସୋମାଷ୍ଟମୀ—ସଂ. ତ—ସୋମବାର ଦିନ ଅଷ୍ଟମୀଟିଥି ହେଲେ କଣ୍ଡଯିବା
Somāshṭamī ବ୍ରତ (ଭଣ୍ଡୋଷ)—A religious vow observed if a monday falls on the 8th day of a lunar fortnight.

ସୋମାହ୍ୱ—ସଂ. ବ (ସୋମ+ଅହ୍ୱ୍)—ସୋମବାର (ଦେଖ)
Somāha Somabāra (See)

ସୋମାହୁତି—ସଂ. ବ—୧ । ଭାର୍ଗବ ଋଷି (ହୁ. ଣ)—1. Sage
Somāhuti Bhārgaba. ୨ । ସୋମରସଦ୍ୱାରା ଅଗ୍ନିରେ (ହୁ. ଣ)—2. Offering of the Soma juice unto the fire.

ସୋମେଶ୍ୱର—ସଂ. ତ—୧ । (ସୋମଙ୍କ କର୍ତ୍ତୃକ ପ୍ରତିଷ୍ଠିତ ଦୋଇ-
Someśwara ଥିବାରୁ) କାଶୀର ଶିବଲିଙ୍ଗବିଶେଷ—1. Name of an image of Śiba at Benares. ୨ । (ନାମ) ପ୍ରାଚୀନ କବିବିଶେଷ (ଭଣ୍ଡୋଷ)—2. Name of an ancient poet. ୩ । (ନାମ) ସଙ୍ଗୀତ ଶାସ୍ତ୍ରର ଅଦ୍ୱିତୀୟବିଶେଷ (ହୁ. ଣ)—3. Name of an expert in music. ୪ । (ନାମ) ସ୍ୱଦର୍ଶନ ସଂପ୍ରଦାୟର ଉପେଶ୍ୱର ଦର୍ଶନରେ ଉଲ୍ଲିଖିତ ଦାର୍ଶନିକବିଶେଷ (ଭଣ୍ଡୋଷ)—4. Name of an ancient Indian philosopher. ୫ । (ନାମ) ଚୈତ୍ରିଶାସ୍ତ୍ର ନ୍ୟାୟମାଳା ଗ୍ରନ୍ଥରଚୟିତା—5. Name of the author of a treatise on philosophy. ୬ । (ନାମ) ଉଦ୍ଧାଲୋକ ଓ ଚତୁର୍ବିଂଶିତା ନାମକ ଗ୍ରନ୍ଥଦ୍ୱୟର ରଚୟିତା (ଭଣ୍ଡୋଷ)—6. Name of a Tantric writer. ୭ । (ନାମ) ସୋମେଶ୍ୱରଭଟ୍ଟାର୍କଙ୍କ ଶିଷ୍ୟ ଶ୍ରୁତଶବ୍ଦାର୍ଥ ସମୁଚ୍ଚୟ ଗ୍ରନ୍ଥ ପ୍ରଣେତା (ଭଣ୍ଡୋଷ)—7. Name of a lexicographer. ୮ । (ନାମ) ଭେଳଜ୍ଜଳ କୃତ ଶିବାନ୍ତ ସଂପ୍ରଦାୟ ଟୀକାକାର (ଭଣ୍ଡୋଷ)—8. Name of an annotator. ୯ । (ନାମ) କୁମାରିଲଭଟ୍ଟଙ୍କ ତନ୍ତ୍ରବାର୍ତ୍ତିକର ସବ୍ଦାନବଦ୍ୟ-ତାରଣୀ ଟୀକାର ପ୍ରଣେତା (ଭଣ୍ଡୋଷ)—9. Name of another commentator. ୧୦ । ଶ୍ରୀକୃଷ୍ଣଙ୍କର ଏକ ନାମ—10. A name of Śrikṛushṇa.

Digitized by srujanika@gmail.com

୧୧ । ସୋମନାଥ (ହି. ଶ)(ଦେଶ)—11. Somanāṭha

ସୋମେଶ୍ୱର (See)· ଦେ· ବ—୧ । କୋଶଳର ଜନୈକ ସୋମ
ସୋମେଶ୍ୱର ବଂଶୀୟ ରାଜା—1- Name of a king of the Soma dynasty who ruled in Kośala.
[ଦ୍ର—ଏ ମହାରାଜାଧିରାଜ ସୋମବଂଶୀ ଉଦ୍ୟୋତ କେଶରୀଙ୍କ ପରେ କୋଶଳରେ ରାଜତ୍ୱ କରୁଥିଲେ । ତାଙ୍କ ରାଜତ୍ୱରେ ନର୍ମିତ ସୋମେଶ୍ୱର ମନ୍ଦିର ପାଟଣାଷ୍ଟେଟ ଅନ୍ତର୍ଗତ ରାଣୀପୁର ଝରିଅଲ ନାମକ ବଡ଼ ପ୍ରାଚୀନ ଭଗ୍ନ-ଶୋଭିତ ସ୍ଥାନରେ ଅଦ୍ୟାପି ବିଦ୍ୟମାନ ।

ସୋମବଂଶର ସୋମେଶ୍ୱରଙ୍କ ଛଡ଼ା କୋଶଳ ବା ପାଟଣା ଓ ସୋନପୁର ଅଞ୍ଚଳରେ ଗୋଇବଂଶୀୟ 'ସୋମେଶ୍ୱର' ନାମକ ଦୁଇ ଜଣ ରାଜା ରାଜତ୍ୱ କରୁଥିଲେ—କେଦାରନାଥ, ମହାପାତ्र ।] ୨ । ପାଟଣାରାଜ୍ୟାନ୍ତର୍ଗତ ରାଣୀପୁର ଝରିଅଲରେ ପ୍ରତିଷ୍ଠିତ ଶିବଲିଙ୍ଗ—2. Name of an idol of Śiba in the Patna state.

ସୋମୋଦ୍ଭବ—ସଂ. ବଣ· ପୁଂ(ବହୁବ୍ରୀ ହି; ସୋମଙ୍କଠାରୁ ଉଦ୍ଭବ ଯାହାର)
Somodbhaba —ସୋମଙ୍କଠାରୁ ଜାତ—Born of Soma.
(ସୋମୋଦ୍ଭବା—ସ୍ତ୍ରୀ) ବ· ପୁଂ—୧ । ବୁଧଗ୍ରହ—1. Planet Mercury. ୨ । ଶ୍ରୀକୃଷ୍ଣଙ୍କର ଏକ ନାମ (ରନ୍ଦ୍ରା ଉପପୁରାଣ) (ହି· ଶ)—
2. A name of Śrīkṛushṇa.

ସୋମୋଦ୍ଭବା—ସଂ. ବ, ସ୍ତ୍ରୀ—ରେବା ବା ନର୍ମଦା ନଦୀ (ଅମର)—
Somodbhabā The Nerbudda river.
ସଂ. ବଣ. ସ୍ତ୍ରୀ—ସୋମୋଦ୍ଭବର ସ୍ତ୍ରୀଲିଙ୍ଗ—Feminine of Somodbhaba.

ସୋମୋଦ୍ର—ଗ୍ରା· ବ (ମାଦଳା ପାଞ୍ଜି)—ସମୁଦ୍ର—
Somodra Ocean.
ସମଦ୍ଦୁର ସମୁଦ୍ର

ସୋମ୍ୟ—ସଂ· ବଣ (ସୋମ+ଯ)—୧ । ସୋମ ସମ୍ବନ୍ଧୀୟ—
Somya 1. Relating to Soma· ୨ । ସୋମଯୁକ୍ତ (ହି. ଶ)—2- Having Soma. ୩ । ସୋମପାନର ଯୋଗ୍ୟ (ହି. ଶ)—3. Entitled to or fit for drinking Soma juice. ୪ । ସୋମ ରସର ଆହୁତି ଦେବାକାରୀ (ହି. ଶ)—4. (a person or priest) Offering the Soma juice unto fire.

ସୋୟଂ— ଗ୍ରା. ଅ (ସ୍ୱୟଂର ଅଶୁଦ୍ଧ ଉଚ୍ଚାରଣ)—ସ୍ୱୟଂ—
Soyam Self; personally.
ସ୍ୱୟଂ ସ୍ୱୟଂ

ସୋୟମ୍—ବେଦେ. ବଣ (ଫା)—୧ । ତୃତୀୟ—1. Third. ୨ । ତୃତୀୟ ଶ୍ରେଣୀର (ଜମି)—2. Of the third class (land)· [ଦ୍ର—ଓଡ଼ିଶାର ସାବେକ ରାଜସ୍ୱ ବନ୍ଦୋବସ୍ତରେ ଜମିମାନଙ୍କୁ ଉଚ୍ଚରତା ଦୃଷ୍ଟିରେ—
ଅବ୍ୱଲ୍ (୧ମ ଶ୍ରେଣୀର ବା ଉତ୍ତମ),
ଦୋୟମ୍ (୨ୟ ଶ୍ରେଣୀର),
ସୋୟମ୍ (୩ୟ ଶ୍ରେଣୀର),
ଚହାରମ୍ (୪ର୍ଥ ଶ୍ରେଣୀର),
ଏହିପରି ଶ୍ରେଣୀବିଭାଗ ଜମ୍ବାପାଇଥିଲା ।]

ସୋର୍—ବେଦେ. ବ—୧ । (ଇଂ ନାମ) ସର୍ଜନ୍ ସୋର୍; ଗ୍ରବର୍ଣ୍ଣର ଜେନେରଲ୍—1. Sir John Shore, a Governer General of India; Lord Teignmouth.
[ଦ୍ର—ଏ ଖ୍ରୀ: ୧୭୯୩ରୁ ୧୭୯୮ ପର୍ଯ୍ୟନ୍ତ ଗଭର୍ଣ୍ଣର ଜେନେରଲ୍ ହୋଇଥିଲେ । ଏହାଙ୍କର ଅନ୍ୟ ନାମ ଲର୍ଡ଼ ଟେନ୍ମାଥ୍ । ଏହାଙ୍କ ଅମଳରେ ବନାରସ ରାଜ୍ୟ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀଙ୍କ ଶାସନ୍ ଦଖଲରେ ଅସିଥିଲା ଏବଂ ଆଲ୍ଲାହାବାଦ ଶାସନ୍ ଦଖଲରେ ଅସିଥିଲା ।] ୨ । (ଫାଂ. ଶୋର୍) କୋଳାହଳ; ଘୋଟା—2. Noise (ଭୁଇ· ଦଂ. ସ୍ୱର)—
୩ । (ଇଂ) ସମୁଦ୍ର ଆଦର ତଟ; କନାର୍—3. Shore.
୪ । (ଫା. ଶୁର୍) ଚେତନାବସ୍ଥା—4. Conscious condition.

ସୋର୍ କରିବା—ଦେ. କି—୧ । ଗୋଳ କରିବା—1. To make
Sor karibā a noise. ୨ । ହୋ ହଟାଇବା—2. To
ସୋର ଗୋଳକରା raise a hue and cry. ୩ । ହାଙ୍କ
ସୋର ମଚାନା କରିବା—3. To make a loud voice.
୪ । ଶବ୍ଦ କରିବା—4. To make a sound. ୫ ।
କୌଣସି ବିଷୟ ସାଧାରଣରେ ପ୍ରଚାର କରିବା; ରଟିଯାଏ କରିବା—5. To publish a matter broadcast.

ସୋର୍ ଗୋଳ —ଦେ· ବ (ସଙ୍କରର ଶବ୍ଦ; ସଂ.ସ୍ୱର ଓ ଫା. ଗୋଲ୍)—
Sor gola ଗୋଳମାଳ ଗଣ୍ଡଗୋଳ—Noise; ado.
ସୋର ଗୋଳ ଶୋରଗୋ(ଗୁ)ଳ

ସୋର୍ ଶବଦ—ଦେ. ବ (ସଙ୍କରର ଶବ୍ଦ, ସଂ. ସ୍ୱର ଓ ଶବ୍ଦ)—କୌଣସି
Sor śabada ପ୍ରକାରର ଶବ୍ଦ—Any sound or noise.
ସୋର ଶବ୍ଦ ସୋରଗୁଳ
(ସୋର ଶବ୍ଦ—ଅନ୍ୟରୂପ)

ସୋର୍ ସାର୍—ଦେ. ବ (ଜଟିଳାର୍ଥକ ଦ୍ୱିରୁକ୍ତି ସଙ୍କରର ଶବ୍ଦ)—ସୋର୍
Sor sār ଶବଦ (ଦେଶ)—Sor śabada (See)

ସୋର୍ ହଜିବା—ଦେ. ବ—ଚୈତନ୍ୟଲୋପ ହେବା—
Sor hajibā Losing or loss of consciousness.
ବେହୁଁଶ ହଓୟା ଚେତ ହୋନା

ସୋର୍ ହେବା—ଦେ. ବ—୧ । ଜ୍ଞାନଲାଭ ହେବା—1. Regain-
Sor hebā ing or revival of consciousness. ଦେ.
ଚୈତନ୍ୟ ହଓୟା କି (କୌଣସି ବିଷୟ)—ସ୍ୱୟଂ ହେବା—To be
ଚେତ ହୋନା published; to become public.
ରଟିୟା ଯାଓୟା ଶୋରହୋନା

ସୋର—ଦେ. ବ (ସଂ. ସ୍ୱରର ଅଶୁଦ୍ଧ ଉଚ୍ଚାରଣ)—୧ । ସ୍ୱର; ଶବ୍ଦ—
Sora 1. Sound. ୨ । ବାଦ୍ୟାଦିର ଶବ୍ଦ—2. Tone of
ସୋର musical instrument. ୩ । ଗଣ୍ଡଗୋଳ; ଗୋଳମାଳ—

Digitized by srujanika@gmail.com

ସ୍ୱର 3. Noise. ୪ । ସୋରୋ (ଦେଶ)—4. Soro (See) ହୁଁଶ ୫ । ସ୍ମରଣ—5. Recollection. ବୈଦେ. ବ (ଧା. ସୃରୁ) ହୋଇ, ସୁର ବୋଧ; ବେଦ୍; ଜ୍ଞାନ)—Consciousness. ସଂ. ବ—ବକ୍ରଗତି (ହ୍ର. ଶ)—Tortuous motion.

ସୋରକ—(ଅର୍ବାଚୀନ) ସଂସ୍କୃତ. ବ—ସୋରା (ରାସବୋଷ)—Soraka Saltpetre.

[ଦ୍ର—ପ୍ରାଚୀନ ସଂସ୍କୃତ ଅବଧାନରେ ଏ ଶବ୍ଦ ମିଳେ ନାହିଁ ବୋଲି ଡାକ୍ତର ଉଦପୃଥ୍‌ଦ ଦତ୍ତ ତାଙ୍କ ରଚିତ Materia Medica of the Hindus (ହିନ୍ଦୁଙ୍କ ବୈଦ୍ୟକ ବିଜ୍ଞାନ ଗ୍ରନ୍ଥରେ ଲେଖିଅଛନ୍ତି ।]

ସୋରଠ (ଠ) ମଲ୍ଲା(ହ୍ଲା)ର—ବେ. ବ—ସମ୍ପୂର୍ଣ୍ଣ ତାନର ସ୍ୱର ବିଶେଷ—Soraṭa(ṭha) mallā(hlā)ra Name of musical tune. ସୁରଟ ମଲ୍ଲାର [ଦ୍ର—ଏଥିରେ ସବୁ ଶୁଦ୍ଧସ୍ୱର ଲଗେ—ହ୍ର. ଶ ।]

सोरठ मल्हार

ସୋରଡା—ପ୍ରାଦେ (ଗଞ୍ଜାମ) ବି. (ଧ୍ୱନ୍ୟନୁକରଣ)—୧ । ସୋଡ଼କା (ଦେଶ)—1. Sordakā (See) ୨ । ଗଞ୍ଜାମର (ସୋରଡ଼ା—ସ୍ତ୍ରୀ) ଗୋଟିଏ ଗ୍ରାମ—2. Name of a village in Ganjam. ବିଶ—ସୋଡ଼କା (ଦେଶ)—Sordakā (See)

ସୋରଡ଼ିବା—ପ୍ରାଦେ (ଗଞ୍ଜାମ) କି. (ଧ୍ୱନ୍ୟନୁକରଣ)—ସୋଡ଼କିବା (ଦେଶ)—Sordakibā (See)

ସୋରଣ—ସଂ. ବିଣ—ଈଷତ୍ ଚୁଆ, ମଠା ଖଟା ଓ ଲୁଣିଆ ହେବାରୁ ରୁଚିକର (ହ୍ର. ଶ)—Palatable owing to being a little astringent, sweet, sour and saline.

ସୋରଣା—ପ୍ରାଦେ (ଗଡ଼ଜାତ) ବ—୧ । ସାନ ସଣ୍ଡାଅସି—Soraṇā 1. Small pincers. ୨ । ନାପୁଆସି—2. Pincers used by barbers to draw out the furs from the nostrils.

ସୋର(ରୋ)ତ—ପ୍ରା. (ପଦ୍ୟ) ବ. (ସଂ. ସ୍ରୋତ)—ସ୍ରୋତ—Sora(ro)ta स्रोत सोत Current.

(ଉ—ଚଉଥଇଁ ଭଦ୍ରି ଯେ ସୋରତର ବେଳା, ପାର ହେବାପାଇଁ କ୍ଷେ ଶବ ହେଲା—କୃଷ୍ଣଦି ମହାଭାରତ ଦ୍ରୋଣ ।]

ସୋରସ(ସୋ)ତି—ପ୍ରା. ବ (ସଂ. ସରସ୍ୱତୀ ଶବ୍ଦର ଅଶୁଦ୍ଧ ଉଚ୍ଚାରଣ)—Sorasa(so)tī ସରସ୍ୱତୀ (ଦେଶ)—Saraswatī सरस्वती (See).

ସୋରା—ବୈଦେ. ବ (ଫା; ତୁଲ. ସଂ. କ୍ଷାର, ସୁବର୍ଚ୍ଚିକା ଓ ସର୍ଜିକା କ୍ଷାର ୧ । ଯବକ୍ଷାର; ଭୂପୃଷ୍ଠରୁ ଜାତ କ୍ଷାରବିଶେଷ—Sorā सोरा शोरा 1, Saltpetre; Potassium nitrate; nitrate of potash. [ଦ୍ର—ଇଜିପ୍ସ, ଆମେରିକା, ମଧ୍ୟଅସିଆ, ପାରସ୍ୟ, ବ୍ରହ୍ମ, ଭାରତବର୍ଷର ପ୍ରାୟ ସବୁସ୍ଥ ଓ ବିଶେଷତଃ ବଦ୍ଦାରେ ଓ ଆମେରିକାର ବର୍ଷାସ୍ନାନ ଅଟ୍ଟାଳମାନଙ୍କରେ ମାଟି ଉପରେ ଚୁକାଚୁଚୁ ଫୁଟିଲା ପରି ଏ କ୍ଷାରର ସ୍ତର ପଡ଼ିଯାଏ । ଏହି ସ୍ତର (ପାଚ୍ଚମାଟି)କୁ ପାଣିରେ ଗୋଳ ଜଳୁ ମାଟିଆ ପାଣିକୁ ଚାଳଦେଇ ତଳେ ବସିବା ଅଂଶକୁ ଖରରେ ବା ନଳି ଦ୍ୱାରା ଶୁଖାଇଲେ ସୋରା ମିଳେ । ସୋରା ସହିତ ଗନ୍ଧକ ଓ କୋଇଲାଗୁଣ୍ଡା ମିଶାଯାଇ ବାରୁଦ ପ୍ରସ୍ତୁତ କରାଯାଏ ।] ୨ । ସୋଡ଼ା (ଦେଶ)—2. Sordā (See). ୩ । (ସ. ନର ଲର ସର) ହାର ଆଦର ସ୍ୱର—3. A string of beads etc. ୪ । ସୋତୋସ୍ତ; ଜମି ଆଦର ଲମ୍ବ ପଟ୍ଟ—4. A long strip of land. ୫ । ଲେମ୍ବୁ ଆଦର ଚ(ଚୁ)ରୁଡ଼ା ବା ଚୋପ—5, One strip of lemon. ୬ । କରମଚା, ଅମୃତରମ୍ଭା, ବୋଇତକଖାରୁ ଆଦ ଉପରେ ଥିବା ଲମ୍ବ ଚୁରୁଡ଼ା—6. A long ridged portion or strip of a corrugated fruit (e. g. carrambola, red gourd) from the stem of the fruit to its end. ପ୍ରାଦେ (ପାଣିଶା) ବ—ସ୍ମରଣ—Recollection

ସୋର(ରେ)ଇ—ବୈଦେ. ବ (ଫା—ସୁରଇ) ସୁରଇ (ଦେଶ) Sorā(re)i Surāi (See)

ସୋର(ରେ)ଇବା—ବେ. କି (ସ. ସ୍ମୃତି ଧାତୁ କର୍ମ। ସ୍ମୃତି ଧାତୁ)—ସ୍ମରଣ କରିବା (ଦେଶ)—Surāibā (See)

ସୋରକ୍(ଖ୍)(ଇତ୍ୟାଦି)—ବୈଦେ. ବ.—ସୁରକ୍ ଇତ୍ୟାଦି (ଦେଶ) Sorāk(kh)(etc) Surāk etc (See)

ସୋର କ୍ଷାର—ବେ. ବ (ବୈଦ୍ୟକ)—ଯବକ୍ଷାର—Sorā kshāra Potassium nitrate; saltpetre. ସୋରାକ୍ଷାର शोरा

ସୋରଜାନ—ବେ. ବ (ବଙ୍ଗଳଘରଭାଷା)—ଯବକ୍ଷାରଜାନ ବାଷ୍ପ—Sorājāna Nitrogen. ସୋରାଜାନ शोराजान

ସୋର ଝଲକା—ପ୍ରାଦେ. (ଗଞ୍ଜାମ) ବ—ଉପର କାନର ଫାସିଆ (ଯହିଁରୁ ସୋର ସୋର ଝଞ୍ଜିର ଓଢ଼ୋଳ ଥାଏ)—Sorā jhalakā An ear—ornament worn on the upper part of the ear and from which hang chained pendants,

ସୋରବାସ—ସ.ବ—ଲୁଣ ମିଶା ଯାଇ ନ ଥିବା ମାଂସର ସୋରୁଆ(ହ୍ର.ଶ)—Sorābāsa Soup of meat not seasoned with salt.

ସୋରଷ୍ଟ୍ରିକ—ସ. ବ—ସୌରାଷ୍ଟ୍ରିକ (ବିଶକୋଷ) (ଦେଶ) Sorāshṭrika Saurāshṭrika (See)

ସୋର—ବେ. ବ—ସୋର ୩ (ଦେଶ)—Sorā 3 (See) [ଦ୍ର—Sori ବନ୍ଧୁ ତୁ ମୋ ଖତ ଦେଖୁଥିଲ ସୋଉ ସୋର ବ ଦୁଃଖ ଯାଉଥାର ଟେ—କବିଚନ୍ଦ୍ର. ସଙ୍ଗୀତ ।]

Digitized by srujanika@gmail.com

ସୋରିବା—ଦେ. କି—ପୁରିବା (ଦେଶ)—
Soribā Suribā (See)

ସୋରିଷ—ଦେ. ବ (ସଂ. ସର୍ଷପ)—ସର୍ଷପ; ତୈଲବୀଜବିଶେଷ—
Sorisha Indian rape; mustard; Brassia Papus;
ସରିଷା **सरसों** Sinapis Nigra. [ଦ୍ର—ସର୍ଷପ ତଲେ ନୋଟ୍ ଦେଖ ।]

ସୋରିଷ ତେଲ(ମାଲପା)—ଦେ. ବ—ସର୍ଷପ ତୈଲ—
Sorisha tela(mālapā) Mustard oil.
ସରିଷା ତେଲ **सरसों का तेल**

ସୋରିଷା—ଦେ. ବଣ—୧ । ସୋରିଷ ପର୍ ଅନୁରୂପବିଶିଷ୍ଟ—1. Having the shape of a mustard. ୨। ସୋରିଷର
Sorishā ଦାନା ଥିବା ବଣ୍ଡିବିଶିଷ୍ଟ—2. Mustard-colSorisha ଦାନା ଥିବା ବଣ୍ଡିବିଶିଷ୍ଟ—2. Mustard-coloured. ବ—୧। ସୋରିଷ ପରି ଗୋଟେ
ସରିଷା **सरसों के जैसे** ଦାନା ଥିବା ଅଳଙ୍କାର—1. Necklace consisting
(ସୋରିଷିଆ—ଅନ୍ୟରୂପ) of mustard like beads. ୨ । କବାଟ ଅଦରେ
ସୁରସୋ ଲଗିଥିବା ଏକପ୍ରକାର କଣ୍ଟା—2. A kind of nail
କୁଳାବା for doors. ୩ । କବାଟରେ ବା ସିନ୍ଦୁକ ଅଦରେ ମଝି
ଯାଇଥିବା କୁନ୍ଦୁଣ୍ଡା—3. Staple of a door.

ସୋରିଷା କଣ୍ଠି (ମାଳ,ମାଳି,ହାର)—ଦେ.ବ—ସୋରିଷପରି ଛୁଦ୍ର ଦାନା-
Sorishā kaṇṭhi (mālā,mālī, hāra) ଯୁକ୍ତ ଅଳଙ୍କାରବିଶେଷ—
ସରିଷା ହାର **कंठी** A necklace of mustard-shaped beads.

ସୋରିଷିଆ (ଇତ୍ୟାଦି)—ଦେ. ବଣ ଓ ବ—ସୋରିଷା ଇତ୍ୟାଦି (ଦେଖ)
Sorishiā (etc) Sorishā etc (See)

ସୋରିଷିଆ ଗୋଧି—ଦେ. ବ—ଏକପ୍ରକାର ଦୀଳଦଅ ଓ ସୋରିଷ ପରି
Sorishiā godhi ଫୁଟ୍‌ଫୁଟିକା ଚମଡ଼ାଯୁକ୍ତ ଗୋଧି—A species
ଗୋସାପ **विषखपरा** of iguana. [ଦ୍ର—ଏ ଶ୍ରେଣୀର ଗୋଧିକ ବିଷ ମାରାତ୍ମକ । ଅନ୍ୟ ପ୍ରକାରର ଗୋଧିକୁ ମାରିଅ ଗୋଧି ବୋଲିଯାଏ ।]

ସୋରିହା—ଗ୍ରା. ବ ଓ ବଣ—ସୋରେହା (ଦେଖ)
Sorihā Sorehā (See)

ସୋରୀ—ଗ୍ରା. ବି. ସ୍ତ୍ରୀ—ସରସ୍ୱତୀର ୀ ସ୍ତ୍ରୀର ଡାକ ନାମ—
Sorī Nickname for Saraswati

ସୋରୁଅ—ଦେ. ବ—ଖାଇଲା ପଣସ ବା ଖାଇଲା ଭାଲର ଚକ୍‌ଟା ରସ—
Sorua The kneaded juice of a ripe jackfruit or
ସତ୍ତ **रस** ripe palm.

ସୋରୁଆ—ବୈଦେ. ବ (ଘା. ସୋର୍‌ବ୍ଭା)—ମାଂସର ଝୋଳ—
Sorua ସୁରୁୟା **सोरवा** Meat soup.

ସୋ ରୁମ୍—ବୈଦେ. ବ (ଇଂ) —ଦୋକାନମାନେ ଯେଉଁ ଘରେ ଦ୍ରବ୍ୟ-
So rum ଦ୍ରବ୍ୟମାନ ଲୋକଙ୍କୁ ଦେଖାଇବା ପାଇଁ ସଜାଇ ରଖନ୍ତି—
ସୋରୁମ **सोरुम** Show room.

ସୋରେ ଅ—ଗ୍ରା. ବାକ୍ୟ (ସଂ. ସୁ - ଅ)—ଅବଧାନମାନେ ଶୁଦ୍ଧାଳରେ
Sore a ଶିଖନ୍ତି ସ୍ୱରବର୍ଣ୍ଣର 'ଅ' ଅକ୍ଷରକୁ ଖଡ଼ିରେ ଭୂଇରେ ଲେଖା-
ସରେ ଅ ଇଚ୍ଛାବେଳେ ଡାକିବା ପଦ—The first vowel
ସ୍ୱର ଅ letter 'a' called out by the teacher
while causing the beginner to write it on the ground with chalk and repeat it.

ସୋରେ ଆ—ଦେ. ବାକ୍ୟ—୧ । ଅବଧାନମାନେ ଶୁଦ୍ଧାଳରେ ଶିଖ-
Sore ā ମାନଙ୍କ 'ଆ' ଅକ୍ଷର ପଢ଼ାଇବା ବାକ୍ୟ-1. The second
ସରେ ଆ vowel letter 'ā' called out by the teacher
ସ୍ୱର ଆ while causing the beginner to write it on the ground with chalk, ୨ । ସୋରେହା (ଦେଖ)—2 Sorehā (See).

ସୋରେହା—ଦେ. ବ (ସଂ. ସ୍ପୃହା)—୧ । ଉତ୍କଣ୍ଠା; ଆଗ୍ରହ; ଲାଳସା—
Sorehā 1. Eagerness; hankering. ୨ । ଶ୍ରଦ୍ଧା—
ସୃହା **स्पृहा** 2. Affection; liking [ଦ୍ର—ସୋଭେ ଯାହା ବି ଦର୍ଶିଲି ମୁଁ ବଖାଣିଲି ତାହା । ଯାହାର ଜଗତ ରୁରେ ପ୍ରେମକୁ ସୋରେହା—ଗାଢୀ. ଉତ୍କଳାରଣ୍ୟ ।] ବଣ. ପୁଂ—
ସ୍ପୃହାଯୁକ୍ତ; ଅନୁରାଗଯୁକ୍ତ—Eager or hankering; attached to; doting on.

ସୋରେହିବା—ଦେ. କି—ତୀବ୍ରତା ଦ୍ରବ୍ୟ ପ୍ରତି ସ୍ପୃହାଯୁକ୍ତ ହେବା—
Sorehibā To hanker after a thing.
ସୃହାଯୁକ୍ତ ହଓୟା **स्पृहायुक्त होना**

ସୋରୋ—ଦେ. ବ (ନାମ) —ବାଲେଶ୍ୱରର ଗୋଟିଏ ଥାନାର ଓ ଗ୍ରାମର
Soro ନାମ—Name of a village and police station in the district of Balasore.

ସୋର୍ଣ୍ଣ—ସଂ. ବଣ (ସଦ୍ଭାର୍ଥ ବତ୍ୱର୍ଥାତ୍ମକ; ସ+ଊର୍ଣ୍ଣା)—ଊର୍ଣ୍ଣାବିଶିଷ୍ଟ—
Sorṇṇa Having wool; wooly.

ସୋର୍ଣ୍ଣ ଭ୍ରୂ—ସଂ. ବଣ (ପୁଂ ଓ ସ୍ତ୍ରୀ) (ବତ୍ୱର୍ଥାତ୍ମକ; ସୋର୍ଣ୍ଣ+ଭ୍ରୂ)—
Sorṇṇa bhrū ଯେଉଁ ବ୍ୟକ୍ତିର ଦୁଇ ଭ୍ରୂଲତା ମଧ୍ୟରେ ଲୋମ ବା ଲୋମର ଘୂର୍ଣ୍ଣି ଥାଏ (ବ୍ରୀ. ଶ)—(a person) Having downs or downy whorl between the two eyebrows.

ସୋର୍ମ୍ମି—ସଂ. ବଣ (ସଦ୍ଭାର୍ଥ ବତ୍ୱର୍ଥାତ୍ମକ; ସ+ଊର୍ମ୍ମି)—ଊର୍ମ୍ମି ବା
Sormmi ଲହଡ଼ାବିଶିଷ୍ଟ (ବିଶ୍ୱକୋଷ)—
Having waves; wavy.

ସୋଲ୍—ବୈଦେ. ବ (ଇଂ)—୧ । ଜୋତାର ସୋଇଠିର ଚମଡ଼ା—
Sol 1. The heel of a shoe. ୨ । ଜୋତାର ତଳ
ସୋଲ **सोल** ଚମଡ଼ା; ତଳା—2. The sole of a shoe.

ସୋଲ୍‌ଟଂ ପୋଲ୍‌ଟଂ—ଦେ. ଅ—ଓଲଟ ପାଲଟ—Tupsy turvy,
S l-ṭam pol-ṭam [ଦ୍ର— ସୋଲ୍‌ଟଂ ପୋଲ୍‌ଟଂ ସାର୍‌ଥକ୍ୟ ଓଲଟ ପାଲଟ **उलट पलट** —ଉଗ ।]
(ସୋଲଟ ସୋଲଟ, ସୋଲ୍ଟଂ ପୋଲ୍ଟଂ—ଅନ୍ୟରୂପ)

ସୋଲ(ଲ୍ଲ, ଲ୍ଲା ଇତ୍ୟାଦି)—ଦେ. ବ—ଶୋଲ ଇତ୍ୟାଦି (ଦେଖ)—
Sola(hla, hlā) etc Śola etc (See).

ସୋଲ—ସଂ. ବ—୧ । (ଶୀତଳତା; ଥଣ୍ଡାପଣ (ହି. ଶ.)—
Sola 1. Coolness. ୨ । ସ୍ୱାଦ (ହି. ଶ.)—

Digitized by srujanika@gmail.com

2. Taste. ସଂ. ବଣ । ୧ ଶୀତଳ; ଥଣ୍ଡା (ହୃ. ଶ)- 1. Cold. ୨ । ସ୍ୱାଦବିଶିଷ୍ଟ (ହୃ. ଶ)— 2. Having a taste.

ସୋଲ (ଇତ୍ୟାଦି)—ଗ୍ରା. ବି· ଓ ବଣ—ଶୋଲ ଇତ୍ୟାଦି (ଦେଖ)— Sola (etc) Shola etc (See).

ସୋଲ(ଲା)ଙ୍କ(ଙ୍କି)—ଦେ. ବ—ଉତ୍ତର ଭାରତର ପ୍ରାଚୀନ ଖତ୍ରିୟ ରାଜବଂଶବିଶେଷ—Name of a celebrated Kshatriya royal family of North India. [ଦ୍ର—ଖ୍ରୀଷ୍ଟ ୬୩୫ଠାରୁ ୧୨୦୦ ପର୍ଯ୍ୟନ୍ତ ଅନେକ ଶିଲାଲେଖ ଓ ଦାନପତ୍ର ଆଦରୁ ଏ ବଂଶ ଚଉବଂଶୀୟ ଓ ଥାଣ୍ଡବଙ୍କ ବଂଶଧର ଥିବାର ପ୍ରମାଣ ମିଳେ । କନ୍ତୁକାଳ ଏ ବଂଶ ଗୁଜରାଟରେ ରାଜତ୍ୱ କରୁଥିଲେ । କନ୍ତୁ 'ପୃଥ୍ୱୀରାଜ ରାସୋ' ଆଦ ପରବର୍ତ୍ତୀକାଳର ଗ୍ରନ୍ଥରେ ଲେଖା ଅଛି ଯେ, ଏ ବଂଶର ଆଦିପୁରୁଷ ଗୁଲୁଚ୍ୟ ଥିବା ସମୟରେ ବଶିଷ୍ଠ ଋଷିଙ୍କ ଯଜ୍ଞ କୁଣ୍ଡରୁ ଉତ୍ପନ୍ନ ହୋଇଥିଲେ । କଥିତ ଅଛି ଯେ, ପ୍ରଥମେ ସୋଲଙ୍କିମାନଙ୍କ ରାଜ୍ୟ ଅଯୋଧ୍ୟାରେ ଥିଲା । ତହିଁପରେ ସେ ବଂଶ ଦକ୍ଷିଣାପଥକୁ ଗଲେ ଓ ସେଠାରୁ ପୁଣି ଗୁଜରାଟ, କାଠିଆବାଡ଼, ରାଜପୁତାନା ଓ ବମ୍ବେପ୍ରଦେଶରେ ରାଜ୍ୟ କଲେ । ଉତ୍ତରାଭାରତରେ ଯେତେବେଳେ ହର୍ଷବର୍ଦ୍ଧନ ରାଜତ୍ୱ କରୁଥିଲେ, ସେ ସମୟରେ ଦକ୍ଷିଣରେ ସୋଲଙ୍କି ସମ୍ରାଟ ଦ୍ୱିତୀୟ ପୁଲକେଶୀ ରାଜତ୍ୱ କରୁଥିଲେ ଓ ସେ ହର୍ଷବର୍ଦ୍ଧନଙ୍କୁ ପରାସ୍ତ କରିଥିଲେ । ଗୁମା ରାଜ୍ୟର ବଘେଲ ବଂଶ ଏହି ସୋଲଙ୍କି ବଂଶର ଏକ ଶାଖା ଓ ଏ ଅର୍ତ୍ତି ବଂଶୀୟ ବୋଲି ପରିଚିତ (ହୃ. ଶ) ।]

ସୋଲନ୍—ଦେ. ବ (ଗ୍ରୀକ୍ ନାମ)—ପ୍ରାଚୀନ ଗ୍ରୀସ୍‌ର ରାଜଧାନୀ ଅଥେନ୍ସର ପ୍ରସିଦ୍ଧ ବ୍ୟବସ୍ଥାପକ ଓ ଗ୍ରୀସ୍‌ର ଜଣାଶୁଣା ୭ ଜଣ ସୋଳନ ସୋଲନ ମହାପଣ୍ଡିତଙ୍କ ମଧ୍ୟରୁ ଏକତମ— Solon the Wise; the great philosopher and legislator of Athens. [ଦ୍ର—ଏଥାନ୍ସର ଜନ୍ମ ଖ୍ରୀ. ପୂ. ୬୪୦ ଓ ମୃତ୍ୟୁ ଖ୍ରୀ. ପୂ. ୪୫୯ । ଏ ବହୁ ଦେଶ ଭ୍ରମଣ କରି ଜ୍ଞାନସ୍ପୃହା ଚରୋର୍ଦ୍ଧାପିତ କରିଥିଲା ଉତଳା କର ଜନ୍ମଭୂମି ସାଲେମିସ୍ ଦ୍ୱୀପକୁ ବଜେଡାଙ୍କ ହସ୍ତରୁ ମୁକ୍ତ କରିଥିଲେ । ଏ ଜଣେ ବାଣିଜ୍ୟିକ ଓ ଜ୍ଞାନୀ ଥିଲେ । ଏଥାନ୍ସର ଗୋଟିଏ ଉକ୍ତି ଓଡ଼ିଆ ପ୍ରଗବଚର 'ଜ୍ଞାନୀର ଭଲ ମନ ବାଣୀ, ମରଣ କାଳେ ତାହା ଜାଣି' ଉକ୍ତିର ତାତ୍ପର୍ଯ୍ୟତୋଳକ । ଏଥାନ୍ସ ପ୍ରଣୀତ ବ୍ୟବସ୍ଥା (ଥଇନ୍)ର ସାରବତ୍ତା ସର୍ବଜନଗତଭାବେ ମୁଗ୍ଧ ଓ ଚମତ୍କୃତ କରିଥିଲା ।]

ସୋଲ(ଲୁ)ପ—ବୈଦେ· ବ (ଇଂ. ସ୍ଲୁପ୍)—ଖୁବ ଜାହାଜ— Sola(lu)pa A small ship; sloop. (ଜ୍ର—ଶ୍ରୁପ ସୋଲପ ଗଡ଼ ଗଗଡ଼ ଚଳିବା ଗୁହାଁ, ସୋଲପ ଘର ମଣନ୍ତୁ ଜହାଁ, ତମ୍ଭୁମାନଙ୍କୁ ବୋଲନ୍ତୁ ଦେଶ, ବୋହୁତ ଏହା ଯେ—ବ୍ରଜନାଥ. ସମରତରଙ୍ଗ ।)

ସୋଲର୍—ଦେ. ବ (ନାମ)—ଖୋରଧାର ବାଣପୁର ଅଞ୍ଚଳରେ ଅବସ୍ଥିତ Solari ଚଲ୍ଲିକାହ୍ରଦ ପରବର୍ତ୍ତୀ ଗୋଟିଏ ପାହାଡ଼— Name of a hill in Banpur in the Khurda Subdivision on the shore of the Chilka lake.

ସୋଲା—ଦେ. ବି· (ହିନ୍ଦୀ; ସଂ. ଚଣକ)—ବୁଟ; ଚଣା— Solā Gram; chickpea; Cicer Arletinum ଛୋଲା ଚାନ, ବୁଟ ଦେ· ବଣ—ଖୋଜି ପରି ହାଲୁକା—As light as cork. ପ୍ରାଦେ ହାଲକା (ଗଞ୍ଜାମ) ବ—ଚଞ୍ଜାମ ଅଞ୍ଚଳରେ ପ୍ରଚଳିତ ଶସ୍ୟ ଓ ହଲକା ତୈଳାଦିର ମାପବିଶେଷ; ୧୬ ତୋଳା ଓଜନ—A unit of voluminal measure in Ganjam [ଦ୍ର—ଅଢ଼ା ତଳେ ନୋଣ୍ଠ ଦେଖ ।]

ସୋଲା ଚଣା—ଦେ. ବ—ସୋଲା (ଦେଖ)— Solā chaṇā Solā (See)

ସୋଲେ—ବୈଦେ· ବ (ଉତ୍ପତ୍ତ୍ୟା; ଫା. ସୁଲହ୍)—ସୁଲେ (ଦେଖ)— Sole Sule (See).

ସୋଲେନାମା—ବୈଦେ. ବ(ଉତ୍ପତ୍ତ୍ୟା; ଫା. ସୁଲହ୍‌ନାମା)—ସୁଲେନାମା Solenāmā (ଦେଖ)—Sulenāmā (See).

ସୋଲୋପ୍—ବୈଦେ. ବି (ଇଂ)—ଗଡ଼ାଣିଆ ବା ଢଲାଜମି ସ୍ଥାନ; Solop ଗଡ଼ୁନ୍ତୁ—A slope. ବଣ—ଗଡ଼ାଣିଆ; ଢଲାଜମି— ଢାଳୁ ସ୍ଲୋପ Sloping; slanting.

ସୋଲ୍ଲାସ—ସଂ. ବଣ. ପୁଂ (ସଦାର୍ଥ ବହୁବ୍ରୀ ହି,ସ + ଉଲ୍ଲାସ)—ଉଲ୍ଲାସ- Sollāsa ଯୁକ୍ତ; ଉତ୍ଫୁଲିତ—Delighted, (ସୋଲ୍ଲାସା—ସ୍ତ୍ରୀ)

ସୋଲ୍ଲୁଣ୍ଠ—ସଂ. ବଣ ପୁଂ(ସଦାର୍ଥ ବହୁବ୍ରୀ ହି,ସ + ଉଲ୍ଲୁଣ୍ଠ = ପରିହାସ)— Sollunṭha 1. Jocular; jestive. ୨ । ପାର୍ଶ୍ୱପରିବର୍ତ୍ତିନାଦ ଯୁକ୍ତ—2. Accompanied with rolling on the sides. ସଂ. ବ—ସୋଲ୍ଲୁଣ୍ଠନ (ଦେଖ)— (ସୋଲ୍ଲୁଣ୍ଠା—ସ୍ତ୍ରୀ. ବଣ) Sollunṭhana (See)

ସୋଲ୍ଲୁଣ୍ଠନ—ସଂ. ବ (ସ + ଉଲ୍ଲୁଣ୍ଠନ; ସଦାର୍ଥ ବହୁବ୍ରୀହି)— Sollunṭhana ୧ । ପରିହାସଯୁକ୍ତ ବାକ୍ୟ—1. Jestive words; redicule. ୨ । (ଅଳଙ୍କାର) ବ୍ୟାଜସ୍ତୁତି; ବ୍ୟଙ୍ଗ୍ୟ—2. Ironical praise. ୩ । ସ୍ତୁତିପୂର୍ବକ ନିନ୍ଦାବାଦ (ଜଟାଧର)—3. Satire; sarcasm; irony (Apte).

ସୋଲ୍ଲୁଣ୍ଠୋକ୍ତି—ସଂ. ବ—ବ୍ୟଙ୍ଗୋକ୍ତି— Sollunṭhokti Irony; ironical expression.

ସୋସିର(ରି)—ଦେ. ବଣ(ସଂ. ସଦୃଶ; ତୁଲ ଓଡ଼ିଆ ଦୋସର; ସରଣା) — Sosira(ri) ୧ । ସଦୃ; ସଦୃଶ—1. Similar. ୨ । ସରଣା; ସରିସ ସମାନ—2. Equal.

ସୋସିର(ରା,ରି)—ଦେ.ବି(ସଂ·ଶୁଷିର)—ଫୋତ୍କୃତ,ଚର୍ମ ଘାଣ୍ଟର ପବନ ଦ୍ୱାରା Sosira(rā ri) ଉଚ୍ଚାରିତ ଧ୍ୱନି; ସୁଷିର ବାଜା—A whistle. ସିଟି ସୁସକାରୀ

Digitized by srujanika@gmail.com

ସୋସାଇଟି(ଟି)—ବୈଦେ, ବ (ଜ°)—୧ । ସମାଜ—1. Society. 2 । କୋଅପରେଟିଭ୍ ସୋସାଇଟି—2- Co-operative Society. ୩ । ଥିଓଜଫିକାଲ୍ ସୋସାଇଟି, ବ୍ରହ୍ମବିଦ୍ୟା ସମିତି—3. The Theosophical Society.

[ଦ୍ର—କଅଣ ? ରୁଷ୍ ଦେଶରେ ବ୍ରହ୍ମବିଦ୍ୟା ମାଡ଼ାମ୍ ବ୍ଲାଭ୍‌ଟ୍‌ସ୍କୀ ନାମ୍ନୀ ରହିଲା ଏବଂ ଅମେରିକା ଯୁକ୍ତରାଜ୍ୟର କର୍ଣ୍ଣେଲ୍ ଅଲ୍‌କଟ୍ ସାହେବ ପ୍ରଥମେ ୧୮୭୫ ଖ୍ରୀଷ୍ଟାବ୍ଦରେ ଆମେରିକାର କଲ୍‌ସ୍ୱର୍କ୍ ସହରରେ ବ୍ରହ୍ମବିଦ୍ୟା ସମିତି (Theosophical Society) ସ୍ଥାପନ କରିଥିଲେ । ଏହି ସମିତି ଏବଂ ବ୍ରହ୍ମବିଦ୍ୟା ସମ୍ପର୍କରେ ଇଂରେଜୀ ଭାଷାରେ ବହୁସଂଖ୍ୟକ ପୁସ୍ତକ ଲିଖିତ ହୋଇଅଛି । ସାଧାରଣ ଭାରତୀୟ ଭାଷାମାନଙ୍କରେ ସେଥିର ପୁସ୍ତକମାନଙ୍କର ସଂଖ୍ୟା ଅଳ୍ প । ବର୍ତ୍ତମାନ ପୃଥିବୀର ପ୍ରାୟ ଅଧିକାଂଶ ଦେଶରେ ଏହି ସମିତି ସ୍ଥାପିତ ହୋଇଅଛି ଏବଂ ସେହି ସେହି ଦେଶମାନଙ୍କରେ ଯେତେ ସମିତି ଅଛି ସେମାନଙ୍କର ଗୋଟିଏ ଲେଖାଏ କେନ୍ଦ୍ର ଅଛି । ଉଦାହରଣ ସ୍ୱରୂପ, ଭାରତବର୍ଷରେ ବନାରସ ବା ଭାଶୀ ଏ ଦେଶର ସମିତି-ମାନଙ୍କର କେନ୍ଦ୍ର । ପୁଣି ସମସ୍ତ ପୃଥିବୀର ସମିତିମାନଙ୍କର କେନ୍ଦ୍ର (Head quarters) ଏହି ଭାରତ ବର୍ଷର ମାଦ୍ରାଜ ସହରର ଆଡୟାର୍ ନାମକ ସ୍ଥାନରେ ସ୍ଥାପିତ ।

ବ୍ରହ୍ମବିଦ୍ୟା କୌଣସି ବ୍ୟକ୍ତିକୁ କୌଣସି ଅନ୍ଧବିଶ୍ୱାସ ଉପରେ ପ୍ରତ୍ୟୟ ସ୍ଥାପନ କରିବାକୁ କହେ ନାହିଁ; କାରଣ, ଏହା କହେ ଯେ, ପ୍ରତ୍ୟେକ ବ୍ୟକ୍ତିଠାରେ ଏପରି ଶକ୍ତି ନିହିତ ଅଛି, ଯାହା ଜାଗରିତ ହେଲେ ସେ ପ୍ରତ୍ୟେକ ସତ୍ୟ ନିଜେ ଦେଖି ପାରିବେ ଓ ପରୀକ୍ଷା କରି ପାରିବେ । ସାଧାରଣ ଭାଷାରେ ଆମ୍ଭେମାନେ କହୁଁ, ମନୁଷ୍ୟର ଆତ୍ମା ଅଛି । ମାତ୍ର ବ୍ରହ୍ମବିଦ୍ୟା କହେ, ମନୁଷ୍ୟହିଁ ଆତ୍ମା । ଏହାର ଦେହ ବା ଶରୀର ଅଛି । ଅନ୍ତର ଠିକ୍ ଭାବରେ କହିଲେ, ମନୁଷ୍ୟର ଅନେକ ଦେହ ଅଛି । ଏଥିମଧ୍ୟରୁ କେବଳ ସ୍ଥୂଳ ଶରୀରଟି ସାଧାରଣ ଦେଖି ପାରନ୍ତି । ଅନ୍ୟ ଶରୀରଗୁଡ଼ିକ କେବଳ ସାଧକ ମନୁଷ୍ୟମାନେ ଦେଖି ପାଇନ୍ତି । ଏହି ଉନ୍ନତ ଶରୀରଧାରୀ ମନୁଷ୍ୟ ଭିନ୍ନ ଭିନ୍ନ ଲୋକରେ ଯାତାୟାତ କରେ । ଏହି 'ଲୋକ'ଗୁଡ଼ିକ ଗୋଟିଏ ଉପରେ ଗୋଟିଏ ସ୍ଥାପିତ ନୁହେଁ; ମାତ୍ର ସମସ୍ତେ ଏକାବେଳକେ ଏହିଠାରେ ଆମ୍ଭମାନଙ୍କ ନିକଟରେ ଉପସ୍ଥିତ । ସାଧାରଣ ଲୋକେ କେବଳ ସଜ୍ଞାନ ଭୂଲୋକକୁ ଜାଣି ପାରନ୍ତି; କେବଳ ସ୍ୱପ୍ନରେ ସମୟ ସମୟରେ ଭୁବର୍ଲୋକର ଅନୁଭବ ପାଆନ୍ତି । ଯାହାକୁ ମୃତ୍ୟୁ କହନ୍ତି ତାହା କେବଳ ଏହି ସଜ୍ଞାନ ଭୂର୍ଲୋକ ସମ୍ବନ୍ଧୀୟ ଜଡ଼ଦେହର ପରିତ୍ୟାଗ । ସେଥିପରେ ମନୁଷ୍ୟ ଗୋଟିଏ ଯୋଖାକ ଖୋଲ ଫୋପାଡ଼ି ଦେଲେ ତାହାର ଜଡ଼ଦେହର କୌଣସି ପରିବର୍ତ୍ତନ ହୁଏ ନାହିଁ, ସେହିପରି ମୃତ୍ୟୁ ସମୟରେ ଜଡ଼ ବା ସ୍ଥୂଳ ଦେହ ପରିତ୍ୟାଗ-ଦ୍ୱାରା ଆତ୍ମାର କୌଣସି ପରିବର୍ତ୍ତନ ଘଟେ ନାହିଁ । ଏହା ଅନୁମାନ ନୁହେଁ, ମାତ୍ର ସାଧକ ଓ ସିଦ୍ଧ 'ମହାତ୍ମାମାନଙ୍କର ସାକ୍ଷାତ୍ ପରିଦର୍ଶନ ଓ ପରୀକ୍ଷାସିଦ୍ଧ ।

ଯେଉଁମାନଙ୍କର ସୂକ୍ଷ୍ମଦୃଷ୍ଟି ଖୋଲି ହୋଇଅଛି ସେମାନେ ଅନୁସନ୍ଧାନଦ୍ୱାରା ଜାଣି ଅଛନ୍ତି ଯେ, ମନୁଷ୍ୟ ସ୍ୱୟଂ ଭଗବାନଙ୍କଠାରୁ ପ୍ରଥମେ ଆସିଅଛି ଏବଂ ସୁଦୀର୍ଘକାଳବ୍ୟାପୀ କ୍ରମବିକାଶ ଦ୍ୱାରା ବର୍ତ୍ତମାନ ଅବସ୍ଥାରେ ପହଞ୍ଚିଅଛି ଓ କ୍ରମ-ବିକାଶ ଦ୍ୱାରା ପୁଣି ଭଗବାନଙ୍କଠାରେ ଯାଇ ପହଞ୍ଚିବ । ଏହି କ୍ରମବିକାଶ ଦୁଇ ପ୍ରକାର । ଅପାର କ୍ରମବିକାଶ ଓ ବାହ୍ୟ ଆକାରର ବା ଶରୀରର କ୍ରମବିକାଶ । ଏଥିରୁ ଆମ୍ଭେମାନେ ଜାଣୁ ଯେ, ମାନବାତ୍ମାର ଜୀବନକାଳ ଅତ୍ୟନ୍ତ ସୁଦୀର୍ଘ, ଏବଂ ଯାହାକୁ ଆମ୍ଭେମାନେ ଜୀବନ ବୋଲି କହୁଁ, ତାହା ସେହି ମହାଜୀବନର ଗୋଟିଏ ଦିନ ମାତ୍ର । ମନୁଷ୍ୟ ଏହିପରି ଅନେକ ଦିନ ବଞ୍ଚିଅଛି ଏବଂ ଭବିଷ୍ୟତରେ ମଧ୍ୟ ଅନେକ ଦିନ ବଞ୍ଚିବ ।

ସିଦ୍ଧପୁରୁଷମାନେ ବର୍ତ୍ତମାନ ସ୍ୱୟଂ ପୃଥିବୀରେ ଅଛନ୍ତି ଏବଂ ସେମାନଙ୍କ ସଂସ୍ପର୍ଶରେ ଆସିବା ଓ ସେମାନଙ୍କଠାରୁ ଉପଦେଶ ପାଇବା ଯେ ସମ୍ଭବ, ଏହା ବ୍ରହ୍ମବିଦ୍ୟାର ଅତ୍ୟନ୍ତ ଗୋଟିଏ ସୁସମ୍ବାଦ । ଏହି ପୃଥିବୀ ଅନାବୃତ୍ତିତ ଭାବରେ ଅତ୍ୟନ୍ତତା ଆଡ଼ମ୍ବର ପ୍ରଧାନତ ଦେଖି ନାହିଁ । ମାତ୍ର ଏହାର ଉତ୍ତର ଦେବଦେବିଷ୍ଟ ଏକ ଚିତ୍ରିସଂଘ ଦ୍ୱାରା ସଦ୍ଭଦ ରକ୍ଷିତ ।

ଯେଉଁମାନେ ଏ ସବୁ ବିଷୟ ବୁଝି ପାରନ୍ତି ସେମାନେ କ୍ରମବିକାଶର ଏହି ମୁଦୁଗତିରେ ସନ୍ତୁଷ୍ଟ ନ ହୋଇ ବିଧା ଗ୍ରସ୍ତା ଅନ୍ୱେଷଣ କରନ୍ତି ଏବଂ ଲାଭ ମଧ୍ୟ କରନ୍ତି । ଏହି ପଥରେ ପଥିକ ହେବା ଯେ କଷ୍ଟସାଧ୍ୟ, ଏହା ବୋଲିବା ବାହୁଲ୍ୟ । ଏହି ପଥରେ ଯାଇ ଯେଉଁମାନେ ମୁକ୍ତିଲାଭ କରନ୍ତି ସେମାନେ ଏହି ବିଶାଳ ବାର୍ଷି-ବର୍ତ୍ତୁଳ ବୃତ୍ତି ପାରନ୍ତି ଏବଂ ଉପରୋକ୍ତଲିଖିତ ଋଷିସଂଘ ସହିତ ସଦ୍ଭଯୋଗ କରି ସୃଷ୍ଟିର କ୍ରମବିକାଶରେ ସାହାଯ୍ୟ କରି ପାରନ୍ତି ।

ପୂର୍ବେ କୁହାଯାଇଅଛି ଯେ, ବ୍ରହ୍ମବିଦ୍ୟା ତାହାରକୁ କୌଣସି ବିଷୟ ଅନ୍ଧବିଶ୍ୱାସରେ ବିଶ୍ୱାସ କରିବାକୁ କହେ ନାହିଁ । ମାତ୍ର ଯେ ବ୍ରହ୍ମବିଦ୍ୟା ପ୍ରଥମେ ଅଧ୍ୟୟନ କରିବାକୁ ଅରମ୍ଭ କରିବେ, ସେ ତ ସବୁ ବିଷୟ ଅନୁଭୂତିଦ୍ୱାରା ଜାଣି ନ ପାରେ । ସୁତରାଂ, ସେ ଅନ୍ୟମାନଙ୍କର ଅନୁଭୂତିସିଦ୍ଧ ସତ୍ୟ ଗୁଡ଼ିକୁ ସମ୍ଭବ ବୋଲି ପ୍ରଥମେ ଗ୍ରହଣ କରିବେ ଏବଂ ତଦନୁ-ଯାୟୀ ଜୀବନ ଗଠନ କରିବା ଲାଗି ସଚ୍ଚେଷ୍ଟା କରିବେ; ମାତ୍ର ନିଜ ଜୀବନରେ ଅନୁଭୂତ ନ ହେବାଯାଏ କୌଣସି ବିଷୟ ବିଶ୍ୱାସ କରିବାକୁ ସେ ବାଧ୍ୟ ନୁହନ୍ତି ।

ବ୍ରହ୍ମବିଦ୍ୟା ତାହାରକୁ ତାଙ୍କର ନିଜ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିବାକୁ ଉପଦେଶ ଦିଏ ନାହିଁ; ପରନ୍ତୁ ତାଙ୍କ ନିଜ ଧର୍ମକୁ ତାଙ୍କୁ ବିଶଦ ଭାବରେ ବୁଝାଇ ଦିଏ । ସେ

ବ୍ରହ୍ମବିଦ୍ୟା ପଢ଼ିବା ପୂର୍ବରୁ ତାଙ୍କର ନିଜ ଧର୍ମକୁ ଯେଉଁ ରୂପଟିଏ ଦେଇଥିଲେ ତଦପେକ୍ଷା ଉଲ୍ଲତ ରୂପରେ ବୁଝି ପାରିବେ ଓ ଉଲ୍ଲତ ରୂପରେ କାର୍ଯ୍ୟ କରିବେ; ଯେଉଁଥିରେ ତାଙ୍କର ବିଶ୍ୱାସ ଦେଖି ନ ଥିଲ ତହିଁରେ ଦୃଢ଼ ବିଶ୍ୱାସ ହେବ ।

ଏହା ବ୍ରହ୍ମଜ୍ଞାନ ଶାସ୍ତ୍ର ପ୍ରତ୍ୟେକ ସତ୍ୟକୁ ବାଦ୍‌ବାର ପଦ୍ଧତି ଓ ପରଦର୍ଶନ କରି ପ୍ରମାଣ କରେ । ଏହିପରି ଭାବରେ ଦୂରଦୂରର ଉଲ୍ଲ ଉଲ୍ଲ ପ୍ଲେନ୍ (planes) ଏବଂ ଜୀବନରେ ଓ ମୃତ୍ୟୁ ପରେ ମାନବର (ଆତ୍ମାର) ଚୈତନ୍ୟ ସମ୍ବନ୍ଧରେ ନାନାବିଧ ଅନୁସନ୍ଧାନ କରି ଏହା ନାନା ସତ୍ୟରେ ପ୍ରମାଣିତ ହୋଇଅଛି । ମାତ୍ର କୌଣସିଟି ଅନୁମାନ ନୁହେ—ମହାତ୍ମାମାନଙ୍କର ପ୍ରତ୍ୟକ୍ଷ ଅନୁଭୂତି ।

ବ୍ରହ୍ମବିଦ୍ୟାର ପ୍ରଥମେଶ :-

୧ । ମନୁଷ୍ୟର ଆତ୍ମା ଅମର । ଯେଉଁ ବସ୍ତୁର ବିକାଶ ଓ ପୌଢ଼ତ୍ୱର ସୀମା ନାହିଁ ତାହାର ଭବିଷ୍ୟତ୍ ଯାତ୍ରା, ମନୁଷ୍ୟ ଆତ୍ମାର ଭବିଷ୍ୟତ୍ ତାହା ।

୨ । ଯେଉଁ ଶକ୍ତି ଆମ୍ଭମାନଙ୍କୁ ଜୀବନ ପ୍ରଦାନ କରେ ତାହା ଆମ୍ଭମାନଙ୍କ ଭିତରେ ଅଛି, ବାହାରେ ଅଛି, ତାହା ଅମର, ଚିରମଙ୍ଗଳମୟ । ତାକୁ କେହି ଦେଖି ପାରେ ନାହିଁ, ଶୁଣି ପାରେ ନାହିଁ କମ୍ବା ଘ୍ରାଣ କରି ପାରେ ନାହିଁ । କେବଳ ଯାହାର ଅନୁଭୂତି କରିବା ପାଇଁ ଇଚ୍ଛା ଥାଏ, ସେ ସମ୍ୟକ୍ ଚେଷ୍ଟାଦ୍ୱାରା ସେହି ଶକ୍ତିର ଅନୁଭୂତି ଲାଭ କରି ପାରେ ।

୩ । ପ୍ରତ୍ୟେକ ଲୋକ ନିଜର ଭାଗ୍ୟବିଧାତା, ନିଜର କର୍ମ ପାଇଁ ଦାୟୀ, ସୁତରାଂ ନିଜ ସୁଖ ଦୁଃଖର ସ୍ରଷ୍ଟା ।

୪ । ଏକ, ଅନନ୍ତ ସର୍ବବ୍ୟାପୀ ପରମେଶ୍ୱରଙ୍କ ସମ୍ବନ୍ଧରେ ଆମ୍ଭେମାନେ ବର୍ତ୍ତମାନ ଅବସ୍ଥାରେ କିଛି ଜାଣି ପାରିବା ନାହିଁ । ଅସୀମକୁ ଧାରଣା କରିବା ବର୍ତ୍ତମାନ ଅବସ୍ଥାରେ ଅସମ୍ଭବ । କେବଳ ଏତିକି ଜାଣିବା—ସେ ଅଛନ୍ତି ।

ତାଙ୍କ ଉପରେ ଅଗଣିତ ବ୍ରହ୍ମାଣ୍ଡ ଓ ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଅଗଣିତ ସୌର ଜଗତ୍ ଅଛି । ପ୍ରତ୍ୟେକ ସୌର ଜଗତ୍ ଗୋଟିଏ ମହାଶକ୍ତିଶାଳୀ ଦେବଙ୍କ ପ୍ରକାଶୀଭୂତ । ଏହାଙ୍କୁ ଆମ୍ଭେମାନେ ସୂର୍ଯ୍ୟଦେବତା ବା ସୂର୍ଯ୍ୟକାତ୍ମସ୍ୱରୂପ କହିଥାଉଁ । ସାଧାରଣତଃ ଈଶ୍ୱର କହିଲେ ଯାହା ବୁଝୁଁ ଆମ୍ଭମାନଙ୍କ ପକ୍ଷରେ ସେ ତାହାହିଁ ଅଟନ୍ତି । ସେ ସମସ୍ତ ସୌର ଜଗତରେ ବ୍ୟାପ୍ତ । ତାଙ୍କ ବିରହିତ ବସ୍ତୁ ସୌର ଜଗତରେ ନାହିଁ । ତଥାପି ସେ ସୌର ଜଗତ୍ ଉପରେ ଓ ବାହାରେ ଥାନ୍ତି ।

ତାଙ୍କର ଉଚ୍ଚତର ଜୀବନ ବିଷୟରେ ଆମ୍ଭେମାନେ କିଛି ଜାଣୁ ନାହିଁ । ମାତ୍ର ତାଙ୍କର ଯେଉଁ ଅଂଶ ଏହି ସୌର ଜଗତକୁ ପ୍ରାଣ ଦାନ କରିଅଛି, ସେ ଅଂଶ ସମ୍ବନ୍ଧରେ କିଛି ଜାଣି ପାରିବା । ଆମ୍ଭେମାନେ ତାକୁ ଦେଖି ପାରିବା ନାହିଁ, ମାତ୍ର ତାଙ୍କର ଶକ୍ତିର କାର୍ଯ୍ୟ ଦେଖି ପାରିବା ।

ସେ ନିଜ ରୂପରୁ ଏହି ପ୍ରକାଣ୍ଡ ସୌର ଜଗତ୍ ସୃଷ୍ଟିସାଧନ କରିଅଛନ୍ତି । ଆମ୍ଭେମାନେ ସମସ୍ତେ ତାଙ୍କର କଳା ଏବଂ ଶେଷରେ ତାଙ୍କ ମଧ୍ୟକୁ ଫେରିଯିବା ।

ସେ କେତେ ଉଚ୍ଚରେ ଅଛନ୍ତି, ତାହା ଆମ୍ଭମାନଙ୍କର ବୁଦ୍ଧିର ଅଗମ୍ୟ । ମାତ୍ର ତାଙ୍କର ଯେଉଁ ଶକ୍ତି ଜଡ଼-ଜଗତରେ କାର୍ଯ୍ୟ କରେ ତାହା ସର୍ବଦା ବିବିଧ । ସୃତରାଂ ସବୁ ଧର୍ମରେ ତାଙ୍କର ନିଜ ମୂର୍ତ୍ତି କଳ୍ପିତ ହୋଇଅଛି; ନିଜ ମୂର୍ତ୍ତି, ମାତ୍ର ଏକ ଈଶ୍ୱରଙ୍କର ନିଜ ନିଜ ଦୃଶ୍ୟ । ଏହି ବିବିଧ ଶକ୍ତିଦ୍ୱାରା ସୌର ଜଗତର ଓ ମାନବର ଜନ୍ମବିକାଶ ସାଧିତ ହେଉଅଛି । ଏହି ଜନ୍ମବିକାଶଟିହିଁ ତାଙ୍କର ଇଚ୍ଛା ।

ସୂର୍ଯ୍ୟଦେବଙ୍କର ସାତ ଜଣ ମନ୍ତ୍ରୀ ଅଛନ୍ତି । ଯେତେ ଜନ୍ମ-ବିକାଶ ତାଙ୍କଠାରୁ ଆସୁଅଛି ସେ ସମସ୍ତ ଏହି ସାତ ଜଣ ମଧ୍ୟରୁ କାହାର ନାଁ କାହାର ମଧ୍ୟ ଦେଇ ଆସୁଅଛି ।

ଆମ୍ଭମାନଙ୍କ ପୃଥିବୀରେ ସୂର୍ଯ୍ୟଦେବତାଙ୍କର ପ୍ରତିନିଧି ସନତ୍‌କୁମାର ନାମକ ଜଣେ ପ୍ରଭାବଶାଳୀ ଅଛନ୍ତି । ଆମ ପୃଥିବୀରେ ଯେତେ ଜନ୍ମବିକାଶ ହେଇଅଛି ସେ ସବୁ ତାଙ୍କଦ୍ୱାରା ପରିଚାଳିତ । ସେ ସ୍ୱୟଂ ଏବଂ ଉଚ୍ଚ ଉଚ୍ଚ ଶକ୍ତିଗୁଡ଼ିକ ତାଙ୍କ ତଳେ ମନ୍ତ୍ରୀ ସବୁ ରହିଅଛନ୍ତି, ଯାହାଙ୍କ ଅଧୀନରେ ଶିକ୍ଷା ଓ ଧର୍ମବିଭାଗ ସ୍ଥାପିତ; ସେ ନିଜେ ଆତ୍ମା ତାଙ୍କର କୌଣସି ଶିଷ୍ୟ ନୂତନ ଧର୍ମ ସ୍ଥାପନ କରିବାପାଇଁ ସମୟ ସମୟରେ ଦେହଧାରଣ କରନ୍ତି ।

ସବୁ ଧର୍ମ ଏକ ମହାପୁରୁଷଙ୍କଦ୍ୱାରା ସ୍ଥାପିତ ହୋଇଥିବାରୁ ଏକ ସାଧାରଣ ସତ୍ୟ ଉପରେ ପ୍ରତିଷ୍ଠିତ । କେବଳ ସଭ୍ୟତା ଓ ଜନ୍ମବିକାଶର ପାର୍ଥକ୍ୟ ହେତୁ ଉଚ୍ଚ ଉଚ୍ଚ ଧର୍ମର ବାହ୍ୟ ଆବରଣ ଉଚ୍ଚ ଉଚ୍ଚ ଦେଖାଯାଏ । ଏଥିରୁ କି, କେତେକ ଧର୍ମ ପରସ୍ପର ବିରୋଧୀ ହେବା ପରି ଜଣାଯାଏ । ମାତ୍ର ସବୁ ଧର୍ମର ଅନ୍ତର୍ନିହିତ ସତ୍ୟ ଏକ; କାରଣ, ସବୁ ଧର୍ମର ସ୍ରୋତ ଏକ ଉତ୍ସରୁ ଆସିଅଛି ।

ମାନବ ଜାତିର ଅଧମ ଅବସ୍ଥାରେ ବିଶିଷ୍ଟଙ୍କର କର୍ମ-ଶୂତ୍ରମାନେ ପୃଥିବୀର ବାହାରୁ ଅଳୀକ ହୋଇଥିଲେ ମାତ୍ର ମନୁଷ୍ୟମାନେ ଯେତେବେଳେ ସେହି ଉଚ୍ଚ ଜ୍ଞାନର ଓ ଶକ୍ତିର ଅଧିକାରୀ ହୋଇ ପାରିଲେ ସେତେବେଳେ ସେମାନଙ୍କୁ ସେହି ସବୁ ପଦରେ ନିଯୁକ୍ତ କରିଗଲେ । ସେହି ପଦ ଲାଭ କରିବାକୁ ମନୁଷ୍ୟକୁ ଅଧ୍ୟାତ୍ମିକ ଜଗତର ଉଚ୍ଚସ୍ତରକୁ ଯିବାକୁ ପଡ଼େ । ସେ ଅବସ୍ଥା ପ୍ରାପ୍ତ ହେଲେ ମନୁଷ୍ୟର ଜୀବନ୍ମୁକ୍ତି ହୋଇଯାଏ । ବୌଦ୍ଧ ଧର୍ମଶାସ୍ତ୍ରରେ ତାହାଙ୍କୁ ଅର୍ହତ ବୋଲାଯାଏ । ଇଂରାଜୀରେ (Adept) ଆଡେପ୍ଟ୍ ବୋଲାଯାଏ । ସେମାନେ ମାନବର ଜନ୍ମବିକାଶର ଶେଷ ସୀମାରେ ପହଞ୍ଚି ଅଛନ୍ତି । ମାତ୍ର ସେମାନଙ୍କର ଜନ୍ମ-ବିକାଶ ଦେବତ୍ୱ ପ୍ରାପ୍ତି ପର୍ଯ୍ୟନ୍ତ ଚାଲିଥାଏ ।

ବହୁତ ମହାପୁରୁଷ ଏ ଅବସ୍ଥା ପ୍ରାପ୍ତ ହୋଇଅଛନ୍ତି । ସେମାନେ କୌଣସି ବିଶେଷ ଜାତିର ନୁହନ୍ତି । ମାତ୍ର

Digitized by srujanika@gmail.com

ପୃଥିବୀର ପ୍ରାୟ ସବୁ ପ୍ରଧାନ ପ୍ରଧାନ ଜାତିରୁ ଉଠିଅଛନ୍ତି । ସେମାନେ ଅଦମ୍ୟ ସାହସ ଓ ଚେଷ୍ଟାଦ୍ୱାରା ପ୍ରକୃତିର ଦୁର୍ଭେଦ୍ୟ ଦୁର୍ଗ ସବୁ ଜୟ କରି ତାହାର ଅନ୍ତରତମ ସତ୍ୟ ସବୁ ଲାଭ କରିଅଛନ୍ତି । ସେମାନଙ୍କ ମଧ୍ୟରେ ବହୁତ ବଣ୍ଟା ଦୋଇଅଛ ଏବଂ ପ୍ରତ୍ୟେକ ବହୁତର କାର୍ଯ୍ୟ ଉନ୍ନ ଉନ୍ନ । ମାତ୍ର ସବୁ ସମୟରେ ସେମାନଙ୍କ ମଧ୍ୟରୁ କେତେଜଣ ଏହି ପୃଥିବୀର ସମ୍ପର୍କରେ ଥାଆନ୍ତି ଓ ଋଷିସଘର ସଭ୍ୟସ୍ୱରୂପେ ଏହି ପୃଥିବୀର କାର୍ଯ୍ୟମାନ ପରିଦର୍ଶନ କରନ୍ତି ।

ଏହି ଋଷିସଘର ସଭ୍ୟମାନେ ସ୍ଥୂଳଦେହରେ କ ଥିବାରୁ ଏକ ସ୍ଥାନରେ ସେମାନଙ୍କର ରହିବା ଅବଶ୍ୟକ ହୋଇ ନ ଥାଏ । ସେମାନେ ପୃଥିବୀର ଉନ୍ନ ଉନ୍ନ ସ୍ଥାନରେ ଥାଇସ୍ଥା ଅନାୟାସରେ ପରସ୍ପର ମଧ୍ୟରେ ସବଦା ଭାବର ଆଦାନ-ପ୍ରଦାନ କରି ପାରନ୍ତି । ଯେ କୌଣସି ଲୋକ ସେମାନଙ୍କ ମଧ୍ୟରୁ ତାହାର ମନୋଯୋଗ ଆକର୍ଷଣ କରି ପାରନ୍ତି । ମାତ୍ର ତାଙ୍କର ମନୋଯୋଗ ଆକର୍ଷଣ କରିବା ପାଇଁ ଉପଯୁକ୍ତ ହେବା ଅବଶ୍ୟକ । ଯେ ଏହି ବିଷୟରେ ଚେଷ୍ଟା କରିବେ ତାଙ୍କର ଚେଷ୍ଟାରୁ କାଳେ କେହି ଋଷି ଦେଖିବେ ନାହିଁ,ତାହାର ଏଥିର ଆଶଙ୍କା କରିବାର ଅବଶ୍ୟକତା ନାହିଁ । କାରଣ,କେତେକ ଜୀବନ୍ମୁକ୍ତ ପୁରୁଷ ଅତ୍ୟନ୍ତ ଉଚ୍ଚଶ୍ରେଣୀର ଲୋକଙ୍କୁ ପାଇଲେ ତାଙ୍କୁ ଶିଷ୍ୟ (ଚେଲା) କରିବାକୁ ଇଚ୍ଛୁକ । ଏହି କେତେକ ଜୀବନ୍ମୁକ୍ତ ପୁରୁଷଙ୍କୁ ଗୁରୁ (ଇଂରାଜୀରେ ମାଷ୍ଟର୍—Master) କୋହିଯାଏ । ଏହି ଗୁରୁଙ୍କ ଲକ୍ଷ୍ୟ କରି ଆମ୍ଭମାନଙ୍କ ଶାସ୍ତ୍ରରେ ଉପଦେଶ ଅଛି :—

"ଅଜ୍ଞାନତିମିରାନ୍ଧସ୍ୟ ଜ୍ଞାନାଞ୍ଜନଶଲାକୟା ।
ଚକ୍ଷୁରୁନ୍ମୀଳିତଂ ଯେନ ତସ୍ମୈ ଶ୍ରୀଗୁରବେ ନମଃ ॥"

ଯେଉଁ ମାଡାମ୍ ବ୍ଲାଭାଟ୍‌ସ୍କିଙ୍କ ନାମ ଏହି ଗ୍ରନ୍ଥ ଆରମ୍ଭରେ ଲେଖା ହୋଇଅଛି, ସେ ଏହିପରି କୌଣସି ପୁରୁଷଙ୍କ ଚେଲା ବା ଶିଷ୍ୟା ଥିଲେ । ସେହି ମହାମାନଙ୍କ ଯେଉଁ ଜ୍ଞାନଗୁରୁର ଲାଗି ବ୍ରହ୍ମଣ୍ଡଲରେ ଅବତୀର୍ଣ୍ଣ ହୋଇଥିଲେ ତାହା ସମ୍ୟକ୍ ସଫଳତା ଲାଭ କରିଅଛ । ତାହାଙ୍କଦ୍ୱାରା ସ୍ଥାପିତ ବ୍ରହ୍ମବିଦ୍ୟା ସମିତି (ଥିଓଜଫିକାଲ୍ ସୋସାଇଟି) ପାଚିବ ବର୍ଷ ମଧ୍ୟରେ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଶାଖା ପ୍ରଶାଖା ବିସ୍ତାର କରି ବହୁଜନ ଜୁନଝ ମାର୍ଗରେ ଅଗ୍ରଗତିରେ ପ୍ରଧାବିତ ହେଉଅଛ । ପୃଥିବୀର ନାନା ଭାଷାରେ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ପୁସ୍ତକମାନ ଲିଖିତ, ମୁଦ୍ରିତ ଓ ପ୍ରଚାରିତ ହେଉଅଛ । ସହସ୍ର ସହସ୍ର ନରନାରୀ ଏହି ପବିତ୍ର କାର୍ଯ୍ୟରେ ମନ ପ୍ରାଣ ଢାଳି ଦେଇ ନିଜ ନିଜର ଜୀବନକୁ ସାର୍ଥକ କରୁ ଅଛନ୍ତି । ସବୁ ଦେଶରେ ଏହାର ଆଦର୍ଶ ବଢୁଅଛ ।

ଯେଉଁ ପନ୍ଥା ଅବଲମ୍ବନ କଲେ ଗୁରୁଙ୍କ କୃପା-ଲାଭ ହୋଇ ଥାଇବ ତାହା ଅତ୍ୟନ୍ତ କଠିନ । କୋଧନ୍ତୁ ଏଥି ସେପରି କଠିନ କିଛି ପନ୍ଥା ଏ ଜଗତରେ ନାହିଁ । ଏ ପନ୍ଥାରେ ସିଦ୍ଧି ସ୍ୱଳ୍ପଚିତ; ତେବେ ତାହା କେତେ କାଳରେ ଲାଭ ହେବ, ତାହା କେହି କହି ପାରିବେ ନାହିଁ । ପୁଣି ସାଧାରଣ କାର୍ଯ୍ୟରେ ମନୁଷ୍ୟର ଅଳ୍প ହେଲେ ଚଳିବ ନାହିଁ, ଅସଙ୍କୁଚିତ ହେବାକୁ ହେବ । ପର ସେବା ଓ ସାର୍ଥତ୍ୟାଗ ଏ ପନ୍ଥାର ପ୍ରଧାନ କର୍ତ୍ତବ୍ୟ ।

ଯେଉଁ ସ୍ୱର୍ଗତ ମହାପୁରୁଷ (ହଷଟ୍ ଲେଡ୍ ସାଣ୍ଟର୍)ଙ୍କ ଗ୍ରନ୍ଥରୁ ଏହି ଗ୍ରନ୍ଥର ଅଧିକାଂଶ ଅନୁବାଦିତ, ସେ ବହୁକାଳ ଏହି ପନ୍ଥାରେ କାର୍ଯ୍ୟ କରିବା ପରେ କେତେକ ଜଣ ଗୁରୁଙ୍କ ସମ୍ପର୍କରେ ଅସିଥିଲେ । ସେମାନଙ୍କଠାରୁ ଅନେକ ଶିକ୍ଷା ପାଇ ପରେ ସେ ନିଜେ ସେମାନଙ୍କର ଶିକ୍ଷା ସବୁ ପରୀକ୍ଷା ଦ୍ୱାରା ପ୍ରମାଣିତ କରି ପାରିଲେ ।

ଏହି ଗୁରୁମାନଙ୍କର ଶିଷ୍ୟ ହେବା ପ୍ରତ୍ୟେକ ବ୍ରହ୍ମବିଦ୍ୟା-ପାଠକଙ୍କର ଚରମ ଲକ୍ଷ୍ୟ ହେବା ଉଚିତ । ସେ ସୌଭାଗ୍ୟ ଲାଭ କରିବା ଲାଗି ଅଦମ୍ୟ ସଙ୍କଳ୍ପ ଓ ସାଧନା ଆବଶ୍ୟକ ।
ଶ୍ରୀ ଜଗନ୍ନାଥ ଦିଘାଟୀ, ବି. ଏ., ବି. ଟି.ଙ୍କ 'ବ୍ରହ୍ମବିଦ୍ୟା ପରିଚୟ' ଗ୍ରନ୍ଥରୁ ଗୃହୀତ ।]

ସୋସିଆଲିଜ୍‌ମ୍—ବୈଦେ. ବି (ଇଂ)—ସମାଜତନ୍ତ୍ର ବା ସାମ୍ୟବାଦ ନାମକ Sosiālij-m ମତବାଦ; ଅଧୁନିକ ସ୍ୱଳ୍ପାଭିତ ମତବାଦ ବିଶେଷ—ସୋସିଆଲିଜ୍‌ମ୍ Name of a modern political creed;
ସୋସିଆଲିଜ୍‌ମ୍ socialism. [ଦ୍ର—ସମାଜରେ ବଡ଼ଲୋକଙ୍କର ବେଶୀ ଧନ ହେବା ଅବସ୍ଥାର ଓ ଗରିବ ଲୋକଙ୍କ ଜର୍ଜ୍ଜନ ଅବସ୍ଥାର ଲୋପକର ଉହିଁ ପରିବର୍ତ୍ତେ ଦେଶରେ ଥିବା ସବୁଧନ ଓ ସମ୍ପତ୍ତିକୁ ସବୁ ଲୋକଙ୍କ ମଧ୍ୟରେ ସମାନ ଭାଗରେ ବାଣ୍ଟି ଦେଇ ଜଗତକୁ ସ୍ୱର୍ଗରାଜ୍ୟରେ ପରିଣତ କରିବା ଏ ମତବାଦର ଚରମ ଲକ୍ଷ୍ୟ ଅଟେ । ଏ ମତବାଦୀମାନେ ନାନା ଆନ୍ଦୋଳନ ଓ ବକ୍ତୃତା ଆଦି କରି ଜଗତରୁ ରାଜା,ଜମିଦାର, ସେଠ ଓ ଧନପତିମାନଙ୍କ ଉଚ୍ଛେଦ ସାଧନ କରିବାକୁ ଲୋକଙ୍କୁ ଉପଦେଶ, ଉତ୍ତେଜନା ଓ ମନ୍ତ୍ରଣା ଦେବାରେ ଲାଗିଛନ୍ତି ଓ ସାମ୍ୟବାଦ ଜଳସ୍ରୋତବାଦ (bolshivism) ଧାରଣ କରୁଅଛ ।]

ସୋସିଆଲିଷ୍ଟ୍—ବୈଦେ. ବି ଓ ବଣ (ଇଂ)—ସମାଜତାନ୍ତ୍ରିକ; Sosiālisht ସୋସିଅଲିଜ୍‌ମ୍ ମତବାଦ ବ୍ୟକ୍ତି—ସୋସିଆଲିଷ୍ଟ **ସୋସିଆଲିଷ୍ଟ** Socialist.

ସୋହଂ—ସ. ବାକ୍ୟ (ସଃ=ସୋ + ଅହଂ=ମୁଁ; ସନ୍ଧିଦ୍ୱାରା ସଃ ଓ Sohaṁ ଅହଂ ମିଳାଇ ସୋଽହଂ ପଦ ହେଲା । ସୋ ଏବ ଅହଂ (ସୋଽହଂ, ସୋଽହମସ୍ମି—ଅନ୍ୟରୂପ) ମଧ୍ୟରେ ଽ ବା ଲୁପ୍ତ ଅକାର ରହିଲା । ଏଥିର ଅର୍ଥ:—ସେ ମୁଁ ଅଟେ, ଅର୍ଥାତ୍ ଈଶ୍ୱର ବା ପରମାତ୍ମା ମୋ ଭିତରେ ଅଛନ୍ତି; ଅର୍ଥାତ୍, ଈଶ୍ୱର ଓ ସୃଷ୍ଟି ଏକ ଅଟେ, ଅର୍ଥାତ୍ ଈଶ୍ୱର ବା ପରମାତ୍ମା ଭସ୍ତୁଷ୍ଟ ପ୍ରତ୍ୟେକ ବସ୍ତୁରେ ବା ବସ୍ତୁରେ ବିଦ୍ୟମାନ)—The elementary principle of Pantheism, meaning 'God is myself; God is present in the creation; the Divine Essence pervades

Digitized by srujanika@gmail.com

the universe. [ଦ୍ର—ଏହା ବେଦାନ୍ତ ଦର୍ଶନର ଅଦ୍ୱୈତବାଦର ମିଳନ ପ୍ରତିଜ୍ଞା। ଜୀବାତ୍ମା ଓ ପରମାତ୍ମା ଏକ; ବ୍ରହ୍ମ ଓ ମୁଁ ଅଟେ।]

ସୋହଡ଼—ବେ. ବଣ (ସଂ. ସୁଗଠିତ)—ସୁଗଠିତ; ସୌଷ୍ଠବଯୁକ୍ତ—
Sohar<u>d</u>a ସୁଗଠିତ ସୁଗଠିତ Symmetrical.
[ଦ୍ର—ସୋହଡ଼ ସୁନ୍ଦର ନାଥ ଜଗତମୋହନ। ସାରଳା. ମହାଭାରତ. ଅଦ।]

ସୋହତ—ବେ. ବ (ପ୍ରାଚୀନ ପ୍ରଯୋଗ)—୧। (ସଂ. ସହଦ୍ୟତ)—
Sohati ସମୁଦ୍ର—1. The sea. ୨। (ସଂ. ସମୁଦ୍ର ସମୁଦ୍ର (ସୌଭାଗ୍ୟ)—ସୌଭାଗ୍ୟ—2. Fortune.
ସୁହାଗ ସୁହାଗ (ଦ୍ର—ମାନବ ଯେ କାଳେ ସୋହଡ଼ରେ ପୁଣି ସ୍ରୋତ ସୋତା ଫୁଲେଇ ଦୁଅଇ ଘଡ଼ିଟିକଖାଇଁ—ଅଳଯଦତ୍ତ. ଶେଷବତ୍ତୀ।) ୩। (ସଂ. ସ୍ରୋତ)—
ସ୍ରୋତ—3. Current. (ଦ୍ର—ସୋହଡ଼ରେ ଯଡ଼ ଅସେ କାଳଦ୍ଦୀରେ ଘୁସି—ପ୍ରାଚୀ. ବ୍ରହ୍ମନରୂପଣ ଗୀତା।)
ପ୍ରାଦେ (ବାଲେଶ୍ୱର) ବ—ନଦୀ—River.

ସୋହତ୍ର—ପ୍ରା. ବ (ସଂ. ସମୁଦ୍ର)—ସମୁଦ୍ର—The sea. (ଦ୍ର—
Sohatra ସୋହତ୍ର ଜଳେ ଯେପ୍ତେ ଘାସଇ ସମୁଦ୍ର ସମୁଦ୍ର ଛତିଘଣ୍ଟେ—ସାରଳା ମହାଭାରତ. ଅଦ।)

ସୋହଦ୍ର—ପ୍ରା. ବ (ସଂ. ସମୁଦ୍ର)—୧। ସୋହତ୍ର (ଦେଶ)—
Sohadra 1. Sohatra (See), ୨। ସୋଦ୍ରୋଦ୍ର (ଦେଶ) 2. Sohodra (See).

ସୋହବତ—ବୈଦେ. ବ (ଘା)—ସୋବତ୍ (ଦେଶ)—
Sohabat Sobat (See).

ସୋହବତି—ବୈଦେ. ବଣ—ସୋବତି (ଦେଶ)—
Sohabati Sobati (See).
(ସୋହବତ୍ଥ—ଦେଶଜରୂପ)

ସୋହମତ୍—ବେଦେ. ବ (ଘା)—ସୋବତ୍ (ଦେଶ)—
Sohamat Sobat [See].

ସୋହମତି—ବୈଦେ. ବଣ—ସୋବତି (ଦେଶ)—
Sohamati Sobati (See).
(ସୋହମତ୍ଥ—ଦେଶଜରୂପ)

ସୋହରତ୍—ବୈଦେ. ବ (ଘା)—୧। ଘୋଷଣା—Publication.
Sohara<u>t</u> ୨। ଢୋଲ ବା ନାଗରା ବଜାଯିବା ଦ୍ୱାରା
ସୋହରତ ଶୋହରତ ଜଣାଯିବା ଘୋଷଣା—
2. Publication of any matter by beat of drum.

ସୋହାଇବା—ବେ. କ୍ରି—ସୁହାଇବା (ଦେଶ)—
Sohāibā Suhāibā (See).

ସୋହାଗ (ଇତ୍ୟାଦି)—ବେ. ବ—ସୁହାଗ ଇତ୍ୟାଦି (ଦେଶ)—
Sohāga (etc) Suhāga etc (See).

ସୋହାଗା—ବେ. ବ—ସୁହାଗା (ଦେଶ)—
Sohāgā Suhāgā (See).

ସୋହାଗିଆ—ବେ. ବଣ. ପୁଂ—ସୁହାଗୀ (ଦେଶ)—
Sohāgiā Suhāgī (See). [ସୋହାଗେଇ(ଘ୍ନୀ)—ସ୍ତ୍ରୀ]

ସୋହାଗିନୀ—ବେ. ବଣ. ସ୍ତ୍ରୀ ସୁହାଗିନୀ (ଦେଶ)—
Sohāginī Suhāginī (See).

ସୋହାଗୀ—ବେ. ବଣ (ପୁଂ ଓ ସ୍ତ୍ରୀ)—ସୁହାଗୀ (ଦେଶ)—
Sohāgī Suhāgī (See).

ସୋହାରୁ—ବେ. ବ—ଚୁଆରୁ (ଦେଶ)—
Sohārā Chhuārā (See).

ସୋହିନୀ—ବେ. ବ (ସଂ. ଶୋଭନା)—ଗୁଜୁରୀ ରାଗିଣୀ—
Sohinī Name of a musical tune.
ସୋହିନୀ ଶୋଭନୀ [ଦ୍ର—ଏହା ଷଡ଼୍ଜଗ୍ରାମୀୟ ଷାଡ଼ବ ଗୁର୍ଜରୀ। ଏହା ଗୁର୍ଜରୀର ଜାତି ଓ ୪ଥ ପ୍ରହରରେ ଗେୟ।]

ସୋହ୍ନି—ବେ. ବ. ସ୍ତ୍ରୀ—ସୋଇ (ଦେଶ)—
Sohī Soi (See)

ସୋହୋଡ଼—ବେ. ବଣ—ଶୋଭନ—Beautiful. (ଦ୍ର—
Sohorda ଜଯୁ ତୁ ବଳା ତତ୍ତ ବସ୍ତ୍ର କରଡ଼ା ଜୟା ଶୋଭନ ଶୋଭନ ସୋହୋଡ଼ ଅଣ୍ଡା ଗିରିବା ସୋଡ଼। ପ୍ରାଚୀ ଭବ୍ୟପ୍ରଶସ୍ତି।]

ସୋହୋଦ୍ର—ପ୍ରା. ବ (ପ୍ରାଚୀନ ପଦ୍ୟ) (ସଂ. ସହୋଦର; ସୋଦର)—
Sohodra ସହୋଦର; ଏକ ଗର୍ଭଜାତ ଭ୍ରାତା—
ସହୋଦର ସହୋଦର Uterine brother.
ବଣ—(ସଂ.ସୁହୃଦ୍) ୧। ସୁହୃଦ୍ ସମ୍ବନ୍ଧୀୟ—1.Relating to suhrud. ୨। ସାକ୍ଷାତ୍ ସମ୍ବନ୍ଧରେ ସମ୍ପର୍କିତ—2. Directly related. (ଦ୍ର—ସୋହୋଦ୍ର ମାଇଁକ ଦ୍ୱାରଲେ, ଭଉଣୀ ସଙ୍ଗେ ଘର କରଇ—ପ୍ରାଚୀ. ଜଗନ୍ନାଥଦାସ୍ୟ।)

ସୋହୋରା—ପ୍ରାଦେ (ଜଯପୁର) ବ—ଚୁଡ଼ା, ମୁଢ଼ି, ଲଅ ଆଦ ଉତ୍ତର
Sohorā କରଣ। ଘାଣିଅଛୁଆଁ (ଶୂଦ୍ର, ଜାତି ବିଶେଷ—A class of Sūdras who prepare flattened rice; parched rice etc and from whose hands high caste people do not drink water.

ସୋହ୍ଲା—ବେ. ବଣ—ଶୋଲପର ହାଲୁକା—As light as cork;
ସୋଲା ବ—୧। ସୋଲ୍ଲ; ବୁଣ୍ଟ—1. Gram; chick-
ହୌଲା pea. ୨। ସୋଲ୍ଲ (ଉତ୍ତ୍ୟାଦ)—2. Aeschynomene.
ସୋଲା ୩। (ପାନବରଜ) ପାନଲତାର ଦ୍ରବ ବିଶେଷ—3. A
ବୁଣ୍ଟ, ଚଣା disease of betel plant. [ଦ୍ର—ଖର ଦଳରେ ପାନଲତାର ମୂଳରେ କଦୁପରମାଣରେ ଜଳ ଦେବା ଦ୍ୱାରା ସାହି ସବୁଦା ଫସଫସିଆ ରହୁ ପାନଲତା ଖୁବ୍ ବଢ଼ୁଥା ଦୋଇ ବଢ଼ି ଉତ୍ତମରେ ଉହିର ବୃଦ୍ଧି ଏତାବେଳଟେ ବନ୍ଦ ହୋଇଯାଏ।]

Digitized by srujanika@gmail.com

ସୋଲ୍ଲେନାମା—ବୈଦେ. ବ (କଚ୍ଚରଥ) (ଫା)—ସୁଲେନାମା (ଦେଶ)
Sollenāmā Sulenāmā (See)

ସୌଆ (ଇତ୍ୟାଦି)—ଦେ. ବ ଓ ବଣ—ସଉଆ ଇତ୍ୟାଦ (ଦେଖ)
Sauā (etc) Sauā etc (See)

ସୌଆର୍—ବୈଦେ. ବ—(ଫା)—ସଉଆର୍ (ଦେଖ)
Sauār Suār (See)

ସୌଆରି—ବୈଦେ. ବ (ଫା)—ସବାର୍ (ଦେଖ)
Sauāri Sabāri (See)

ସୌଆଲ୍ (ଇତ୍ୟାଦି)—ସବାଲ୍ ଇତ୍ୟାଦ (ଦେଖ)
Saual (etc) Sabāl etc (See)

ସୌକ୍(ଖ୍) (ଇତ୍ୟାଦି)ଦେ. ବ ଓ ବଣ—ସଉକ୍ (ଖ) ଇତ୍ୟାଦ (ଦେଖ)
Sauk(kh) (etc) Sauk(kh) etc (See)

ସୌକତ ଅଲି—ବୈଦେ. ବ (ନାମ)—ମହମ୍ମଦଅଲିଙ୍କ ଭାଇ; ଭାରତର
Saukata ali ଖିଲ୍ଲଫତ୍ ଆନ୍ଦୋଳନର ନେତା ଦୁଇ ଭାଇଙ୍କ ସୌକତଅଲି ମଧ୍ୟରୁ ଜଣେ—One of the Mahomedan
सौकतअलि brothers who were the leaders of the Khillafat movement in India in the 20th century.

[ଦ୍ର—ଏ ୧୯୩୮ ସାଲ ଶେଷାଂଶରେ ମୃତ ହେଲେ ।]

ସୌକନ୍ୟ—ସଂ. ବଣ (ସୁକନ୍ୟା+ସମ୍ବନ୍ଧେ. ଅ)—ସୁକନ୍ୟା ସମ୍ବନ୍ଧୀୟ—
Saukanya Relating to Sukanyā. (ଦ୍ର—ଏଠାରେ ସୌକନ୍ୟଚରିତ ସମାପ୍ତ, ଦୋଇଲ୍ଲ ଚନ୍ଦେ କୃଷ୍ଣସିଂହ ନରଯନ୍ତ । କୃଷ୍ଣସିଂହ. ମହାଭାରତ. ବନ ।]

ସୌକର—ସଂ. ବ (ଶୂକର+ସମ୍ବନ୍ଧେ. ଅ)—ଶୂକର ସମ୍ବନ୍ଧୀୟ (ଶବ୍ଦ-
Saukara କଲ୍ପଦ୍ରୁମ)—Relating to pig.

ସୌକରିକ—ସଂ. ବ (ଶୂକର+ଇକ) —ବ୍ୟାଧ; ଶିକାରୀ (ଶବ୍ଦ
Saukarika କଲ୍ପଦ୍ରୁମ)—A hunter.

ସୌକର୍ଯ୍ୟ—ସଂ. ବ (ସୁକର+ଭାବ. ଯ)—୧ । ସୁକରତା; ସୁସାଧ୍ୟତା—
Saukarjya 1. State of being easy of execution; feasibility. ୨ । ଅନାୟାସ—2. Easiness; facility. ୩ । କୌଶଳ—3. Skill. ୪ । (ଶୂକର+ଭାବେ. ଯ) ଶୂକରତ୍ୱ—4. State of being a pig.

ସୌକି(ଖି)—ଦେ. ବ ଓ ବଣ—ସଉକ (ଦେଖ)
Sauki(khi) Sauki (See)
(ସୌକି[ଖି]କ୍[ନ]—ଅନ୍ୟରୂପ)

ସୌକିନ୍ ସେନା—ଦେ. ବ—ସଉଖିନ୍ ସେନା (ଦେଖ)
Saukin senā Saukhin Senā (See)

ସୌକୁମାର୍ଯ୍ୟ ସଂ. ବ (ସୁକୁମାର=ଅଲ୍ପ ମୃଦୁ+ଭାବ. ଯ)—
Saukumārjya ୧ । ସୁକୁମାରତା; ମୃଦୁତା; କୋମଳତା—
1. Softness; delicacy. ୨ । ଯୌବନ—
2. Youth.

ସୌକ୍ଷ୍ମ୍ୟ—ସଂ ବ (ସୂକ୍ଷ୍ମ+ଭାବ. ଯ)—ସୂକ୍ଷ୍ମତା—
Saukshmya Tenderness; minuteness; delicacy.

ସୌଖଶାୟନିକ—ସଂ. ବ. ପୁଂ (ସୁଖଶୟନ+ଇକ; ଯେଉଁ ବ୍ୟକ୍ତି
Saukha śāyanika ସୁଖଶୟନ ବିଷୟ ଜଜ୍ଞାସା କରେ)—
ସୌଖ ସୁପ୍ତିକ } —ଅନ୍ୟରୂପ ବୈତାଳିକ; ସୁପ୍ତଗାଠକ—
ସୌଖ ଶାୟିକ } A herald or person (whose duty it was to sing songs to rouse a sleeping king early every morning). ବଣ. ପୁଂ—ସୁଖଶୟନ ଜିଜ୍ଞାସୁ—Enquiring after one's sound sleeping.

ସୌଖିକ—ସଂ. ବଣ (ସୁଖ+ଇକ)—୧ । ସୁଖ ସମ୍ବନ୍ଧୀୟ—
Saukhika 1. Relating to pleasure (Apte),
(ସୌଖୀୟ—ଅନ୍ୟରୂପ) ୨ । ସୁଖପ୍ରଦ; ସୁଖଜନକ—
[ସୌଖିକା, ସୌଖୀୟୀ—ସ୍ତ୍ରୀ] 2. Pleasant; delightful (Apte).

ସୌଖୀନ—ସଂ. ବଣ. ପୁ (ସୁଖ+ସମ୍ବନ୍ଧେ. ଇନ)—୧ । ସୁଖାର୍ଥୀ;
Saukhīna (ମହାଭାରତ; ରାଜଧର୍ମ) ସୁଖେଚ୍ଛୁ—1. Desiring
(ସୌଖୀନା—ସ୍ତ୍ରୀ) happiness. ୨ । ସଜ୍ଜନ; ବଳାସୀ—
2. Luxury-loving.

ସୌଖୀନତା—ସଂ, ବ—ବଳାସିତା; ବାବୁଗିରି—
Saukhīnatā Foppery; luxuriousness; gallantry.

ସୌଖ୍ୟ—ସଂ. ବ (ସୁଖ+ଭାବ. ଯ)—୧ । ସୁଖ—1. Happiness.
Saukhya ୨ । ଅନନ୍ଦ—2. Pleasure. ୩ । ସୁଖୀ ହେବାର ଭାବ—3. The state of being happy or
सुख सौख्य comfortable. ଦେ. ବଣ—ସୁସ୍ଥ—Hale. (ଦ୍ର—ଷଣକେ ଜ୍ଞାନ ପାଇ ସୌଖ୍ୟ ହୋଇ ମୁହଁ । କୃଷ୍ଣସିଂହ. ମହାଭାରତ. ବନ ।)

ସୌଗତ—ସଂ. ବ (ସୁଗତ+ସ୍ୱାର୍ଥେ. ଅ)—୧ । ବୁଦ୍ଧ ବିଶେଷ
Saugata (ବୈମରଜ)—1. Name of a Buddhist saint. ୨ । ବୌଦ୍ଧ; ଶୂନ୍ୟବାଦୀ—2. A Buddhist. ୩ । ବୌଦ୍ଧମାନଙ୍କ ସମ୍ପ୍ରଦାୟ ବିଶେଷ—3. A sect or school of the Buddhists. [ଦ୍ର—ବୌଦ୍ଧମାନେ ୪ ସମ୍ପ୍ରଦାୟ ବା ଶ୍ରେଣୀରେ ବିଭକ୍ତ ହୋଇଥିଲେ; ଯଥା—ମାଧ୍ୟମିକ, [ସୌଗତ] ବା ସୌତ୍ରାନ୍ତିକ, ଯୋଗାଚାର ଓ ବୈଭାଷିକ—Apte ।] ୪ । ନାସ୍ତିକ ବ୍ୟକ୍ତି—
4. An atheist.

ସୌଗତିକ—ସଂ. ବ (ସୁଗତ+ସମ୍ବନ୍ଧେ. ଇକ)—୧ । ବୁଦ୍ଧ ବିଶେଷ
Saugatika (ଶବ୍ଦ କଲ୍ପଦ୍ରୁମ)—1. Name of a Buddhist saint. ୨ । ବୌଦ୍ଧ ସନ୍ନ୍ୟାସୀ—3. Buddhist monk. ୩ । ସନ୍ନ୍ୟାସୀ ବ୍ରାହ୍ମଣ—2. A Brahman recluse. ୪ । ସନ୍ଦେହ [ପ୍ରକୃତ୍ତବାଦ]—
4. Doubt. ୫ । ଈଶ୍ୱରଙ୍କଠାରେ ବିଶ୍ୱାସର ଅଭାବ [ପ୍ରକୃତବାଦ]—5. Absence of faith in God. ୬ । ନାସ୍ତିକତା [ପ୍ରକୃତବାଦ]—5. Atheism. ୭ । ବୌଦ୍ଧ ସମ୍ପ୍ରଦାୟବିଶେଷ—
7. A sect of Buddhists (Apte).

Digitized by srujanika@gmail.com

ସୌଗନ୍ଧ—ଫ· ତ (ସୁଗନ୍ଧ + ସ୍ୱାର୍ଥେ· ଅ)—୧ । ଜଡ଼ୁଣ (ଶବ୍ଦରତ୍ନାବଳୀ); ଏକପ୍ରକାର ସୁଗନ୍ଧ ତୃଣ; ଧନଶୀ—1. Andropogen Schoenanthus; a kind of scented grass. [ଦ୍ର—ପଦ୍ମର ଶ୍ରେଷ୍ଠ ବଡ଼ ଭେଦରେ ଏହା ଦୁଇ ପ୍ରକାରର । ଶୂଦ୍ରଗନ୍ଧୀ ସୌଗନ୍ଧ କଷାୟରସଯୁକ୍ତ, ଉତ୍ତେଜକ; ଦୁର୍ଗନ୍ଧ, କଣ୍ଡୁତ୍ୱ, ପିତ୍ତ, ରକ୍ତଦୋଷ, ଶୂଳ, କାସ ଓ ଜ୍ୱରନାଶକ । ୨ । ଗନ୍ଧଯୁକ୍ତ ସୌଗନ୍ଧ କଟୁତିକ୍ତରସ, ଉଷ୍ଣବୀର୍ଯ୍ୟ, ବ୍ରଣ, କଫବ୍ରଣ ଓ ଭୂତଗ୍ରହାବେଶରେ ଉପକାରକ ।] ୨ । ସୁଗନ୍ଧ ହେବାର ଅବସ୍ଥା—2. The state of being scented. ୩ । ସୌରଭ; ସୁଗନ୍ଧ—3. Fragrance. ବଣ—ଶୋଭନ ଗନ୍ଧଯୁକ୍ତ—Sweet-scented; fragrant.

ସୌଗନ୍ଧକ—ଫ. ବଣ (ସୁଗନ୍ଧ + ଇକ)—ସୌଗନ୍ଧ (ଦେଶ)—Saugandhika Saugandha (See) ବ—୧ । ସୌଗନ୍ଧ; ଜଡ଼ୁଣ [ଅମର]—1. A species of sweet scented grass; Andropogen Scheonanthus. । ଗନ୍ଧକ [ଅମର]—2. Sulpher· ୩ । ଶୀତାଂଶୁ ତୈଳ; କାକୁପୁଟି ତେଲ (ଚକ୍ଷୁରୋଗ ଦ୍ୟକ)—3. The oil of kajuputi. ୪ । ଶ୍ୱେତକଞ୍ଜାତ; କୁଇଁ [ଅମର]—4. Nymphea lotus (white); white water lily. ୫ । ଗନ୍ଧବଣିକ୍ (ଶବ୍ଦକଳ୍ପଦ୍ରୁମ); ଗୋଟେଲ ବଣିଆ—5. Apothocary; druggist; a person dealing in herbs, spices and scents. ୬ । କାଳୋତ୍ପଳ (ରାଜନିର୍ଘଣ୍ଟ)—6. The blue variety of nymphea lotus. ୭ । ପଦ୍ମରାଗ ମଣି [ମେଦନୀ]—7. A species of gem; ruby.

ସୌଗନ୍ଧିକା—ଙ୍ଗ. ବ (ସୌଗନ୍ଧକ + ଆ)—ପଦ୍ମଭେଦ [ମହାରାଷ୍ଟ୍ରଭାଷା]—Saugandhikā A species of lotus.

ସୌଗନ୍ଧ୍ୟ—ଫ· ବ (ସୁଗନ୍ଧ + ଯ)—୧ । ସୁଗନ୍ଧଯୁକ୍ତ ଅବସ୍ଥା—Saugandhya 1. The state of being scented. ୨ । ସୁଗନ୍ଧ; ସୌରଭ—2. Fragrance; sweet smell. ୩ । ସୁଗନ୍ଧ ଦ୍ରବ୍ୟ—3. Scented article; a scent.

ସୌଗମ୍ୟ—ଫ· ବ (ସୁଗମ + ଷ୍ଟ୍ୟଞ୍· ଯ)—ସୁଗମତା; ସହଜତା—Saugamya Ease; facility (Apte).

ସୌଚି—ଫ. ବ, ପୁଂ (ସୂଚୀ + ଜ୍ଞାବକାର୍ଥେ· ଇ)—ସୌଚିକ [ଶବ୍ଦରତ୍ନାବଳୀ] (ଦେଶ)—Sauchi Sauchika (See)

ସୌଚିକ—ଫ. ତ, ପୁଂ (ସୂଚୀ + ଜ୍ଞାବକାର୍ଥେ· ଇକ)—ସୂଚୀକର୍ମ୍ମ ପଳାସ; ଦରଜୀ [ଶବ୍ଦରତ୍ନାବଳୀ]—Sauchika A tailor.

ସୌଜନ୍ୟ—ଫ· ବ (ସୁଜନ + ଷ୍ୟଞ୍· ଯ)—୧ । ସୁଜନତା—Saujanya 1. Goodness of manners. ୨ । ଭଦ୍ରତା; [ଅସୌଜନ୍ୟ—ଦୁଷ୍ଟତ୍ୱ] ଶିଷ୍ଟାଚାର—2. Civility; urbanity· ୩ । ସଦ୍ବ୍ୟବହାର—3. Gentlemanly behaviour.

ସୌଜନ୍ୟ କୃତ—ଫ ବଣ. ପୁଂ (ଅସ୍ମା ଉତ୍)—କୌଣସି ବ୍ୟକ୍ତିଙ୍କ Saijanya krita ପ୍ରଦର୍ଶିତ ଭଦ୍ରତା ବା ଶିଷ୍ଟାଚାରଦ୍ୱାରା ବଶୀଭୂତ [ସୌଜନ୍ୟକୃତା—ସ୍ତ୍ରୀ] —Charmed or enamoured by the civility or gentlmanly behaviour of a person.

ସୌଣ୍ଢୀ—ଫ. ତ—ପିପ୍ପଳୀ [ଶବ୍ଦରତ୍ନାବଳୀ]—Saunḍī Black pepper.

ସୌତ ଭାଇ—ସ୍ୱାଦେ. (ବସୁର) ବ (ଭ୍ରାତୃ. ହ. ସୌତଲ ଭାଇ)—Sauta bhāi ସାବତ ଭାଇ—Step brother.

ସୌତ ମାୟ୍ ଆ) - ସ୍ୱାଦେ (ବସୁର) ବ—ସାବତ ମାଆ—Sauta māya(ā) Step mother.

ସୌତୁଣୀ (ଇତ୍ୟାଦ) - ଦେ. ବ. ସ୍ତ୍ରୀ—ସଉତୁଣୀ ଇତ୍ୟାଦ (ଦେଶ) Sautuṇī (etc) Sautuṇī etc (See).

ସୌତ୍ୟ—ଫ, ବ (ସୂତ + ଯ)—ସାରଥ୍ୟ; ସାରଥିପଣ—Sautya The office of a charioteer [Apte].

ସୌତ୍ର—ଫ. ବଣ (ସୂତ୍ର + ଅ)—୧ । ସୂତ୍ରସମ୍ବନ୍ଧୀୟ—Sautra 1. Relating to sūtra. ୨ । ସୂତ୍ରାନୁଯାୟୀ—[ସୌତ୍ରିକ—ଅନ୍ୟରୂପ] 2. Following or according to the aphorisms. ବ—୧ । ବ୍ରାହ୍ମଣ (ଯଜ୍ଞସୂତ୍ର ଧାରଣ କରିଥିବାରୁ)—1. Brāhmaṇa. ୨ । ସୌତ୍ର ଧାତୁ [ଦେଶ]—2. Sautra dhātu [See].

ସୌତ୍ର ଧାତୁ—ଫ. ବ (ବ୍ୟାକରଣ) କଳ୍ପିତପ୍ରତ୍ୟୟାଦ୍ୟାତ୍ମକ ଧାତୁର Sautra dhātu ଗଣବିଭେଦେ· ଗଣପାଠୋକ୍ତ ଧାତୁ ପର ବ୍ୟାକରଣ ଗ୍ରନ୍ଥଦରେ ଯେଉଁ ଧାତୁର ପ୍ରୟୋଗ ଦେଖାଯାଏ କାହିଁ । କନ୍ତୁ ଶବ୍ଦବିଶେଷର ସାଧନାର୍ଥେ ସ୍ୱୀକୃତ ବ୍ୟାକରଣ ସୂତ୍ର ଅନୁସାରେ ଗଢ଼ା ଧାତୁ—[grammar] A root coined and formed extempore for manufacturing a particnlar word by following the grammatical aphorisms for the formation of roots, though such root is not to be found in the list of different classes [Ganas] of roots mentioned in grammatical treatises, nor can be conjugated like a regular verb. [ଦ୍ର—ସୌତ୍ର ଧାତୁ ସଂ—ଉର୍ ଧାତୁ=ଗଣ କରିବା; ଉଦ୍-

Digitized by srujanika@gmail.com

ଧାତୁ=ଅଘାତ କରିବା; ଜୁ ଧାତୁ=ଦ୍ରୁତଗତି କରିବା । ୪୶ ଗୋଟି ସୌତ୍ର ଧାତୁ ଗଢ଼ିବା ଥାଇଁ ସ୍ୱତନ୍ତ୍ର ବ୍ୟାକରଣଶାସ୍ତ୍ରର ସ୍ୱତନ୍ତ୍ର ସ୍ୱତନ୍ତ୍ରମାନ ଅଛୁ । ଏହୁ ସୌତ୍ର ଧାତୁମାନଙ୍କ ସାହାଯ୍ୟରେ ଶବ୍ଦମାନ ଗଢ଼ାଯାଏ । ସମସ୍ତ ଶବ୍ଦ ସଙ୍କ ନାମକ ସୌତ୍ର ଧାତୁରୁ ନିଷ୍ପନ୍ନ । ସ୍ପଷ୍ଟତଅନ୍ୟାନ୍ୟ ଧାତୁ ପର ଏହୁ ଧାତୁର ରୂପ ଦୃଶ୍ୟ ନାହିଁ, ତମ୍ଭା ଏହା ବ୍ୟାକରଣରେ ସୌତ୍ରଧି ଗଣର ଅନ୍ତର୍ଗତ ନୁହେ । ଆଜ୍ଞ ସନ୍ଧି ଏହାର ଅନ୍ୟତ୍ର ବ୍ୟବହାର ନାହିଁ, କେବଳ କେତେ-ଗୁଡ଼ିଏ ଶବ୍ଦସାଧନ ଥାଇଁ ଏହୁ ସୌତ୍ର ସର୍କ୍ ଧାତୁ ଗଢ଼ କରିବା ଅର୍ଥରେ ବ୍ୟବହୃତ ହୁଏ—ପଣ୍ଡିତ କୁଲମଣି ଦାଶ ।]

ସୌତ୍ରାନ୍ତିକ—ସଂ. ବ—ବୌଦ୍ଧ ସମ୍ପ୍ରଦାୟବିଶେଷ—Name of a
Sautrāntika school of the Buddhists.

ସୌତ୍ରାମଣୀ—ସଂ· ବ (ସୂତ୍ରାମା=ଇନ୍ଦ୍ର+ଅନ+ଈ;ନିଷ୍ପାତନ)—
Sautrāmaṇī ଯାଗବିଶେଷ—Name of a vedic sacrifice. [ଦ୍ର—ଯଜୁର୍ବେଦର କାଣ୍ୱଶାଖାର ୨୧। ୨୨;୨୩ରେ ଏହୁ ଯାଗର ମନ୍ତ୍ର ଓ ବିଧି ଲେଖାଅଛୁ ଏବ ଏହୁ ଯାଗର କ୍ରମ କାତ୍ୟାୟନ ସୂତ୍ର ଗ୍ରନ୍ଥରେ ଲେଖାଅଛୁ ଯେ, "ସ ଏଟଂ ମଦ୍ୱାନ୍ତଂ ଅଯଶୀଯାତ୍" ଏହୁ ପ୍ରକୃତି-ପ୍ରତ୍ୟୟଦ୍ୱାରା ସୌତ୍ରମଣୀ ଶବ୍ଦ ନିଷ୍ପନ୍ନ ହୋଇଅଛୁ । ଏହୁ ଯାଗରେ ମନ୍ତ୍ର ପାଠପୂର୍ବକ ସୁରାସନ୍ଧାନ କରିବାରୁ ହୁଏ । ଏହୁ ଯାଗର ଋଷି ପ୍ରଜାପତି, ଦେବତା ସ୍ୱର୍ଗ, ଛନ୍ଦ—ଅନୁଷ୍ଟୁପ୍ ।]

ସୌତ୍ରିକ—ସଂ· ବ (ସୂତ୍ର+ଇକ)—୧ । ତନ୍ତୁବାୟ; ତନ୍ତୀ (ହି·
Sautrika ଶ)—1. A weaver. ୨ । ବୁଣା ହୋଇଥିବା ବସ୍ତୁ (ହି· ଶ)—2. A woven thing.

ସୌଦର୍ଯ୍ୟ—ସଂ. ବଣ (ସୋଦର+ଯ)—ସହୋଦରସମ୍ବନ୍ଧୀୟ—
Saudarjya Relating to uterine brother. ସଂ· ବ —ସହୋଦରତା—The state of being a uterine brother.

ସୌଦା (ଇତ୍ୟାଦ)—ବୈ·ଦେ. ବ (ଆ. ସୌଦା)—ସଉଦା ଇତ୍ୟାଦ
Saudā (etc) (ଦେଶ)—Saudā etc (See)

ସୌଦାଗର—ବୈଦେ. ବ (ଫା)—ସଉଦାରର (ଦେଶ)
Saudāgara Saudāgara (See)

ସୌଦାଗର(ଇତ୍ୟାଦ)—ବୈଦେ.ବ ଓ ବଣ(ଫା)—ସଉଦାରର ଇତ୍ୟାଦ
Saudagar, (etc) (ଦେଶ)—Saudāgari etc (See)

ସୌଦାଗରିଆ—ଦେ. ବଣ—ସଉଦାଗରିଆ (ଦେଶ)
Saudagariā Saudāgariā (See)

ସୌଦା ପତର(ପତ୍ର)—ଦେ. ବ—ସଉଦାପତର (ଦେଶ)
Sauda patara (patra) Saudāpatara (See)

ସୌଦାମନୀ—ସଂ· ବ· ସ୍ତ୍ରୀ (ସ୍ୱଦାମନ୍=ସଦ୍ଭ+ଅ+ଈ; ସଦ୍ଭରର
Saudāmanī ଝଟକମସ୍ତ୍ର ପ୍ରାନ୍ତରୁ ଉତ୍ପନ୍ନ; ତମ୍ଭା ଝଟକମସ୍ତ୍ର ପ୍ରାନ୍ତରୁ ଉତ୍ପନ୍ନ; ତମ୍ଭା ଦୃଶମନ୍=ଦୀପ୍ତିବତ ବସ୍ତୁ+ସ୍ତ୍ରୀ· ଈ; ଅର୍ଥାତ୍ ସେଘରୁ ଜାତ; ତମ୍ଭା ସ୍ୱଦାମନ୍=ମାଳ+ଉତ୍ତସ୍ୱତ୍ପ ଅର୍ଥରେ+ଈ; ଅର୍ଥାତ୍ ମାଳାକାର) —୧ । ବିଦ୍ୟୁତ୍; ବଜୁଳ (ଶବ୍ଦତରାବଳୀ)—1. Lightning. ୨ । ଜଣେ ଅପ୍ସରସ୍ତ୍ରୀର ନାମ (ମେଦଙ୍କା)—2. Name of a heavenly nymph. ୩ । ବିଦ୍ୟୁତ୍-ଭେଦ; ଏକପ୍ରକାର ବଜୁଳ; ମାଳାକାର ବଜୁଳ (ମେଦଙ୍କା)—3. A kind of lightning which flashes like a garland. ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

[ସୌଦାମନୀ—ଭ୍ରାମ୍ୟରୂପ]

ସୌଦାମନ୍ତ୍ର—ସଂ, ବ. ସ୍ତ୍ରୀ (ସ୍ୱଦାମନ୍+ଈ; ନିଷ୍ପାତନ)—୧ । ବିଦ୍ୟୁତ୍;
Saudāmanī ବଜୁଳ—Lightning. ୨ । ଉତ୍ତରଭ୍ରବ [ସୌଦାମ୍ନୀ—ଅନ୍ୟରୂପ] (ଦେମଚନ୍ଦ୍ର)—2. A kind of lightning. ୩ । ଅପ୍ସରୋଭେଦ (ଦେମଚନ୍ଦ୍ର) —3. Name of a heavenly nymph. ୪ । ଦେଶ-ବିଶେଷ (ଅଜଯୁ)—4. Name of a country. ଦେ·

ସୌଦାମିନୀ ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given
ସୌଦାମିନୀ to females.

ସୌଦାୟିକ—ସଂ· ବ (ସୁ=ଉତ୍ତମ+ଦାୟ=ଧନ+ଇକ)—(ପୁତ୍ର ବା ଦୁହିତୃ ଅଇନ୍) ପିତୃମାତୃ-ଭ୍ରାତୃଭଗିନୀପ୍ରଭୃତି ସ୍ତ୍ରୀ-ଜନ;ଶ୍ୱଶୁରାଳୟ କାଳରେ ବା ପରେ ବା ପୁଙ୍କରୁ ପିତୃକୁଳରୁ ଓ ମାତୃକୁଳରୁ ସ୍ତ୍ରୀ ଯେଉଁ ଧନ ପାଆନ୍ତି ଓ ଶ୍ୱଶୁରଘରେ ସ୍ୱାମୀକୁଳରୁ ଯେଉଁ ସମ୍ପତ୍ତି ପାଆନ୍ତି (କାତ୍ୟାୟନ ୨୩)—Wealth or property got by a woman as gift from her parents, paternal and maternal relatives, husband and husbands relative's. [ଦ୍ର—ଏହୁ ସୌଦାୟିକ ଧନରେ ସ୍ତ୍ରୀଙ୍କର ସ୍ୱତନ୍ତ୍ର ଅଧିକାର ଅଛୁ । ଏଥୁରୁ ସ୍ତ୍ରୀ ସ୍ୱାମୀଙ୍କ ଜନା ଅନୁମତିରେ ଜଙ୍ଗମ ବା ଦାନ ବା ବିକ୍ରୟସ୍ତ୍ର ବା ହସ୍ତାନ୍ତର କରି ପାରନ୍ତି [କାତ୍ୟାୟନ ସ୍ମୃତି] ।]

ସୌଦାସ—ସଂ. ବ (ନାମ) (ସୁଦାସ+ଅ)—ଇକ୍ଷ୍ୱାକୁବଂଶୀୟ
Saudāsa ଅଯୋଧ୍ୟାଧିପତି—Name of a king of ancient Ajodhyā. [ଦ୍ର—ଏହାଙ୍କ ବିଷୟ ଭାଗବତ ନବମ ସ୍କନ୍ଧରେ ବର୍ଣ୍ଣିତ ହୋଇଅଛୁ; ଏ ସୁଦାସଙ୍କ ପୁତ୍ର ଓ ଋତୁପର୍ଣ୍ଣଙ୍କ ପୌତ୍ର ଥିଲେ ।]

ସୌଧ—ସଂ. ବଣ (ସୁଧା+ସମ୍ଭାର୍ଥେ, ଅ—୧ । ସୁଧା ସମ୍ବନ୍ଧୀୟ—
Saudha 1. Relating to Sudhā. ୨ । (ସୁଧା=ଚୂନ+ [ସୌଧୀ—ସ୍ତ୍ରୀ] ସମ୍ବର୍ଗାର୍ଥେ. ଅ) ଚୂନନିର୍ମିତ—2. Made of lime. ୩ । ଚୂଣ୍ଡିଧବଳିତ—3. Whitewashed with lime. ବ—୧ । ଘୋଡ଼ା; ଇଷ୍ଟକାଦ ନିର୍ମିତ ଭବନ; ପ୍ରାସାଦ; ଦମ୍ପତ୍ୟ ଅଟ୍ଟାଳିକା—1. Building; pucca house. ୨ । ରାଜସଦନ [ଅମର] —2. Palace; mansion. ୩ । ସୌଧ୍ୟ [ରାଜନିର୍ଦ୍ଦେଶ] —

Digitized by srujanika@gmail.com

3. Silver. ୪ । ରୂପ୍ୟାଖାଣ [ରଜନଦର୍ପଣ]; ଦୁଧଖଡ଼; ଚକ୍‌ଖଡ଼ି—4. Chalk-stone. ୫ । ସୁଧାଧବଳିତ ଗୃହ—5. A white-washed house.

ସୌଧକାର—ପୁ. ବ—ରାଜମିସ୍ତ୍ରୀ [ଦ୍ରୁ. ଶ]
Saudhakāra A mason; a builder.

ସୌଧ କିରୀଟୀ—ସ୍ତ୍ରୀ. ବହୁ (ସୌଧକିରୀଟିନ୍ ଶବ୍ଦ; ରୂପକ; ସୌଧରୂପ କିରୀଟ ଅଛି ଯାହାର, ସୌଧକିରୀଟ + ଅଚ୍ଛ ଅର୍ଥରେ [ସୌଧକିରୀଟିକା—ସ୍ତ୍ରୀ] ଇନ୍, ୧ମା. ୧ବ)—ସୌଧମାନ ଯାହାର [ଯେଉଁ ନଗରର ବା ପୁରର] କିରୀଟ ବା ମୁକୁଟରୂପେ ଶୋଭା ପାଉଥାଏ—A town or place ornamented with buildings [compared to a crown on the head.]
Saudha kirīṭī

ସୌଧ ଚୂଡ଼ା—ସ୍ତ୍ରୀ. ବ (୬ଷ୍ଠୀ ତତ୍ପୁ.)—କୋଠାର ଅଗ୍ରଭାଗ—The top of a building; a terrace. (ସୌଧତ—ଅନ୍ୟରୂପ)
Saudha chūrḍā

ସୌଧ ପୃଷ୍ଠ—ସ୍ତ୍ରୀ. ବ (୬ଷ୍ଠୀ ତତ୍)—କୋଠାର ଉପର; କୋଠାର ଛାତ —The roof of a building.
Saudha pṛushṭha

ସୌଧ ବାସ—ପୁ. ବ—ଅଟ୍ଟାଳିକା; ଦୁର୍ଗ—
Saudha bāsa A palatial building (Apte).

ସୌଧମୟ—ପୁ. ବହୁ (ସୌଧ + ମୟ)—କୋଠାମାନଙ୍କରେ ପୂର୍ଣ୍ଣ—
Saudhamaya Full of buildings; abounding in mansions.

ସୌଧ ମାଳା—ସ୍ତ୍ରୀ. ବ (୬ଷ୍ଠୀ ତତ୍)—ପ୍ରାସାଦଶ୍ରେଣୀ—
Saudha mālā A row of buildings.

ସୌଧ ଶିଖର—ପୁ. ବ (୬ଷ୍ଠୀ ତତ୍)—କୋଠାର ଊର୍ଦ୍ଧ୍ୱଦେଶ;
Saudha śikhara ସୌଧଚୂଡ଼ା—The top of a building.

ସୌଧାକର—ପୁ. ବହୁ (ସୁଧାକର + ଅ)—ଚନ୍ଦ୍ରସମ୍ବନ୍ଧୀୟ—
Saudhākara Relating to the moon; lunar.

ସୌଧାତ—ପୁ. ବ—ବ୍ରାତ୍ୟବ୍ରାହ୍ମଣ ଓ ବ୍ରାହ୍ମଣୀଙ୍କଠାରୁ ଉତ୍ପନ୍ନ ଉତ୍କଳଜଣ
Saudhāta ଜାତୀୟା ସ୍ତ୍ରୀ ଓ ବ୍ରାହ୍ମଣ ପୁରୁଷଜାତ ସନ୍ତାନ (ଦ୍ରୁ. ଶ)—Name of a hybrid caste.

ସୌଧାର—ପୁଂ. ବ—ନାଟକର ଚତୁର୍ଦ୍ଦଶ ଭାଗରୁ ଏକଭାଗ (ଶବ୍ଦ-
Saudhāra କଳ୍ପଦ୍ରୁମ)—One fourteenth part of a drama.

ସୌଧାରୂଢ଼—ବିଣ. ବହୁ. ପୁଂ (୬ମୀ ତତ୍)—କୋଠା ଉପରେ ଚଢ଼ି-
Saudhārūrḍha ଥିବା—Standing on the top of a (ସୌଧାରୂଢ଼ା—ସ୍ତ୍ରୀ) (ସୌଧାରୋହଣ—ବ) building.

ସୌଧାଳ—ପୁ.. ବ (ସୌଧ + ଅଳ)—ଶିବ ମନ୍ଦିର (ଶବ୍ଦକଳ୍ପଦ୍ରୁମ)—
Saudhāla A Śiba's temple.

ସୌଧୋପରି—ସଂ. ଅ (୬ଷ୍ଠୀ ତତ୍)—କୋଠା ଉପରେ—
Saudhopari On a building.

ସୌନ—ପୁଂ. ବହୁ (ସୂନା + ଅ)—ବଧଭୂମି ସମ୍ବନ୍ଧୀୟ—Relating
Sauna to a slaughter house (Apte). ୨ । (ସୌନା—ସ୍ତ୍ରୀ. ବହୁ) ଜୀବବଧ ସମ୍ବନ୍ଧୀୟ—2. Relating to butchery (Apte). ପୁଂ. ବ—ଚଂପେଇଦ୍ୱାରା ବଧ ଜୀବର ମାଂସ—Butcher's meat (Apte).

ସୌନଧର୍ମ୍ୟ—ପୁଂ. ବ (ସୌନଧର୍ମ୍ମ + ଯ)—ରକ୍ତାକ୍ତର ବା ମାରପ୍ରକ
Saunadharmya ଶତ୍ରୁତା—A state of deadly hostility (Apte).

ସୌନନ୍ଦ—ପୁଂ. ବ (ସୁନନ୍ଦ + ଅ)—ବଳଦେବଙ୍କ ମୁଷଳ (ହେମଚନ୍ଦ୍ର)
Saunanda The name of the mace carried by Baladeba.

ସୌନନ୍ଦୀ—ସଂ. ବ. ପୁଂ (ସୌନନ୍ଦ + ଅଚ୍ଛ ଅର୍ଥରେ ଇନ୍; ୧ମା. ୧ବ)
Saunandī —ବଳଦେବ—Baladeba.

ସୌନିକ—ପୁଂ. ବ. ପୁଂ (ସୂନା = ବଧଭୂମି + ଇକ)—୧ । ପଶୁପକ୍ଷି-
Saunika ମାଂସ ବ୍ୟବସାୟୀ—1. A dealer in meat. (ଶୌନିକ—ଅନ୍ୟରୂପ) ୨ । ବ୍ୟବସାପାଇଁ ଜୀବବଧକାରୀ—ଅନ୍ୟ ସଂ—ବୈଚଂସିକ, 2. A butcher (Apte). ମାଂସିକ, କୌଟିକ

ସୌନ୍ଦ—ପୁଂ. ବ ପୁଂ (ସୁନ୍ଦ + ଅଣ୍ ତତ୍ପୁ. ଅ)—ମାଲ୍ୟବ ରାକ୍ଷସ—
Saunda The demon Mārīcha.

ସୌନ୍ଦର୍ଯ୍ୟ—ପୁଂ. ବ (ସୁନ୍ଦର + ଷ୍ଟ୍ୟଞ୍ ତତ୍. ଅ)—୧ । ସୁନ୍ଦରତା—
Saundarjya 1. Beauty. ୨ । ସୁଚାରୁତା—2. Grace. ୩। ଅଙ୍ଗପ୍ରତ୍ୟଙ୍ଗମାନଙ୍କର ସଦୋଚିତ ସନ୍ନିବେଶଜନିତ ଶୋଭା; ସୁଶ୍ରୀକତା—3. Symmetry of form of the several limbs of the body. [ଦ୍ର—ଉତ୍କୃଳ ମାଲମ୍ବଶ୍ରୀ ଗୁରୁର ଉକ୍ତି—ଅଙ୍ଗପ୍ରତ୍ୟଙ୍ଗକାନାଂ ଯଃ ସନ୍ନିବେଶୋ ଯଥୋଚିତଃ, ସୁଶ୍ଲିଷ୍ଟଃ ସନ୍ଧିବନ୍ଧଃ ସ୍ୟାତ୍ ତତ୍ସୌନ୍ଦର୍ଯ୍ୟଂ ମୁଦାହୃତମ୍ ।]

ସୌନ୍ଦର୍ଯ୍ୟ ଗର୍ବ—ସଂ. ବ (୩. ତ. ଲୋ; ସୌନ୍ଦର୍ଯ୍ୟଜନିତ ଗର୍ବ)—
Saundarjya garba ନିଜର ସୌନ୍ଦର୍ଯ୍ୟ ଯୋଗୁଁ ମନରେ (ସୌନ୍ଦର୍ଯ୍ୟ ଗର୍ବିତ—ପୁଂ. ବହୁ) ଜନ୍ମିବା ଅହଙ୍କାର—Pride of (ସୌନ୍ଦର୍ଯ୍ୟ ଗର୍ବିତା—ସ୍ତ୍ରୀ. ବହୁ) having a graceful form.

ସୌନ୍ଦର୍ଯ୍ୟ ଗୌରବ—ସଂ. ବ (୩. ତ. ଲୋ; ସୌନ୍ଦର୍ଯ୍ୟଜନିତ ଗୌରବ)
Saundarjya gauraba —ସୌନ୍ଦର୍ଯ୍ୟ ଗର୍ବ (ଦେଖ)—1. Saundarjya garba (See). ୨ । (୬ଷ୍ଠୀ ତତ୍) ସୌନ୍ଦର୍ଯ୍ୟର ମହତ୍ତ୍ୱ—2. The majesty of beauty.

ସୌନ୍ଦର୍ଯ୍ୟ ପୂର୍ଣ୍ଣ—ସଂ. ବହୁ—ସୌନ୍ଦର୍ଯ୍ୟମୟ (ଦେଖ)
Saundarjypūrṇṇa Saundarjyamaya (See)

ସୌନ୍ଦର୍ଯ୍ୟ ପ୍ରିୟ—ସଂ. ବହୁ. ପୁଂ (ବହୁବ୍ରୀ; ସୌନ୍ଦର୍ଯ୍ୟ ଅର୍ଥେ ପ୍ରିୟ
Saundarjya priya ଯାହାର)—ଯେ ସୌନ୍ଦର୍ଯ୍ୟ ଦେଖିବାକୁ ସ୍ପୃହା ରଖେ—Aesthetic; fond of beauty.

ସୌନ୍ଦର୍ଯ୍ୟ ପ୍ରିୟତା—ସଂ ବ—ସୁନ୍ଦରତାକୁ ଦେଖିବା ଯାଇଁ ଔତ୍ସୁକ୍ୟ—
Saundarjya priyatā Aesthetic faculty; love of beauty.

ସୌନ୍ଦର୍ଯ୍ୟ ମୟ—ସଂ. ବହୁ—ଶୋଭାମୟ; ସଦ୍ଭାବସୂଚକ—
Saundarjya maya Very beautiful; full of grace. (ସୌନ୍ଦର୍ଯ୍ୟମୟୀ—ସ୍ତ୍ରୀ)

Digitized by srujanika@gmail.com

ସୌନ୍ଦର୍ଯ୍ୟ ଲାଭ—ସଂ. ବ—ନଜର ସୁନ୍ଦର ଦେବା ଅବସ୍ଥାର ପ୍ରାପ୍ତି—Saundarjya lābha Attainment of grace or beauty.

ସୌନ୍ଦର୍ଯ୍ୟ ଲିପ୍ସା—ସଂ. ବ—୧ । ସୁନ୍ଦର ହେବାର ବାସନା—1. The Saudarjya lipsā desire to be beautiful. ୨ । ସୌନ୍ଦର୍ଯ୍ୟ ଅନୁଭବ କରିବାର ଅଭିଳାଷ—2. The (ସୌନ୍ଦର୍ଯ୍ୟ ଲିପ୍ସୁ—ବଣ) desire to appreciate beauty

ସୌନ୍ଦର୍ଯ୍ୟାଧାର—ସଂ. ବଣ (୬ଷ୍ଠୀ ତତ୍) —ଅତି ସୁନ୍ଦର; ଅତି Saundarjyādhāra ଶୋଭାମୟ—Very beautiful; graceful.

ସୌପର୍ଣ୍ଣ—ସଂ. ବ (ସୁପର୍ଣ୍ଣ+ସ୍ୱାର୍ଥେ.ଅ)—୧। ମରକତ (ରାଜନିର୍ଘଣ୍ଟୁ)—Sauparnna 1. Emerald. ୨ । ଶୃଣ୍ଠୀ (ରାଜନିର୍ଘଣ୍ଟୁ)—2. A species of dry ginger. ୩ । (ସୁପର୍ଣ୍ଣୀ=ବନତା+ଅପତ୍ୟାର୍ଥେ. ଅ, ଅଥବା ସୁପର୍ଣ୍ଣ=ଗରୁଡ଼+ସ୍ୱାର୍ଥେ. ଅ)—ଗରୁଡ଼ (ହେମଚନ୍ଦ୍ର)—3. The mythological king of birds. ଫ. ବଣ—ସୁପର୍ଣ୍ଣ ସମ୍ବନ୍ଧୀୟ—Relating to 'Suparnna'.

ସୌପର୍ଣ୍ଣାଂଶୁ—ସଂ. ବ(ବହୁବ୍ରୀ.ହି.)—ମରକତମଣି; ଗାରୁଡ଼ମଣି—Sauparnnāmśu Emerald.

ସୌପର୍ଣ୍ଣୀ—ସଂ. ବ—ପାତାଳ ଗରୁଡ଼ୀ ଲତା (ରାଜନିର୍ଘଣ୍ଟୁ)—Sauparnnī Cululus Villosus; Congenaria Vulgaris (a creeper).

ସୌପର୍ଣ୍ଣେୟ—ସଂ. ବ. ପୁଂ (ସୁପର୍ଣ୍ଣୀ=ବନତା+ଅପତ୍ୟାର୍ଥେ ଏୟ)—Sauparnneya ୧ । ଗରୁଡ଼ (ହେମଚନ୍ଦ୍ର)—1. Garurda, the king of birds. ୨ । ଗାୟତ୍ର୍ୟାଦି ଛନ୍ଦୋଗଣ (ଅଷ୍ଟ ସୁରଣ)—2. The vedic metres, Gāyatri etc.

ସୌପ୍ତିକ—ସଂ. ବ (ସୁପ୍ତ=ନଦ୍ୟା+ଇକ) —୧ । ରାତ୍ରିଯୁଦ୍ଧ—Sauptika 1. Battle during the night, ୨ । ରାତ୍ରି ମାରଣ—2. Murder during night. ୩ । ଶୋଇଥିବା ବ୍ୟକ୍ତିମାନଙ୍କୁ ବଧରେ ଆକ୍ରମଣ—3. Night attack; murderous attack on sleeping man (Apte). ୪। ମହାଭାରତର ଅଷ୍ଟାଦଶ ପର୍ବଣେ—4. The title of one of the 18 books of the Mahābhārata.

[ଦ୍ର— ମହାଭାରତର (୧୮) ପର୍ବମାନଙ୍କର ନାମ ଯଥା—ଆଦି, ସଭା, ବନ, ବିରାଟ, ଉଦ୍ୟମ ବା ଉଦ୍ଯୋଗ, ଭୀଷ୍ମ, ଗୁରୁ ବା ଦ୍ରୋଣ, ରତ୍ନଜ ବା କର୍ଣ୍ଣ, ଅଦ୍ରବ ବା ଶଲ୍ୟ, ସୌପ୍ତିକ, ସ୍ତ୍ରୀ, ଶାନ୍ତି, ଅନୁଶାସନ, ଅଶ୍ୱମେଧ, ବ୍ୟାସାଶ୍ରମ, ମୂଷଳ, ମହାପ୍ରସ୍ଥାନ, ସ୍ୱର୍ଗାରୋହଣ।

ମହାଭାରତ ଯୁଦ୍ଧ ଶେଷ ହେବା ପରେ କୁରୁବଂଶୀୟ ପାଣ୍ଡବମାନେ ପାଣ୍ଡବଙ୍କ ସିଦ୍ଧରେ ପ୍ରବେଶ କରି ରାତ୍ରିରେ ମହାଭାରତ ଯୁଦ୍ଧରୁ ବଞ୍ଚିଥିବା କୃତବର୍ମା, ଅଶ୍ୱତ୍ଥାମା ଓ କୃପଙ୍କୁ ହତ୍ୟା କରିଥିବାର ବିଷୟ ସୌପ୍ତିକ ପର୍ବରେ ବର୍ଣ୍ଣିତ ହୋଇଅଛି ।] ବଣ—ସୁପ୍ତି ସମ୍ବନ୍ଧୀୟ—Relating to sleep.

ସୌପ୍ତିକ ବଧ—ସଂ. ବ—୧ । ଶୋଇଥିବା ବ୍ୟକ୍ତିମାନଙ୍କୁ ରାତ୍ରିରେ Sauptika badha ଅତ୍ରମଣ ଯୁଦ୍ଧକ ହତ୍ୟା—1. Nocturnal attack & slaughter of a sleeping person or persons (Apte).

୨ । କୁରୁକ୍ଷେତ୍ର ଯୁଦ୍ଧ ପରେ କୌରବ ପାଣ୍ଡବ ଦ୍ୱାରା ରାତ୍ରିରେ ପାଣ୍ଡବ ବାଳମାନଙ୍କ ହତ୍ୟା—2. [The great necturnal slaughter of the surviving Pāṇḍaba warriors by the Kauraba warriors

ସୌବ—ସଂ. ବ (ସ୍ୱ+ଅ)—୧ । ସ୍ୱୀୟ; ସ୍ୱକୀୟ; ସ୍ୱସମ୍ବନ୍ଧୀୟ (ମୁଖ୍ୟ- Sauba ବୋଧ)—1. Relating to self. ୨ । ସ୍ୱର୍ଗରେ ଉତ୍ପନ୍ନ (ମୁଖ୍ୟବୋଧ)—2. Existing or produced in heaven. ୩। ରାଜ୍ୟ ଶାସନ (ଶବ୍ଦ କଳ୍ପଦ୍ରୁମ)—3. Administration. ୪ । ରାଜାଜ୍ଞା—4. Royal order; command. ୫। ଘୋଷଣା ପତ୍ର—5. A proclamation.

ସୌବଗ୍ରାମିକ—ସଂ. ବ (ସ୍ୱଗ୍ରାମ+ଇକ)—ସ୍ୱଗ୍ରାମୋଦ୍ଭବ ବସ୍ତୁ (ମୁଖ୍ୟ- Saubagrāmika ବୋଧ ବ୍ୟାକରଣ)—Any article produced in one's own village.

ସୌବର—ସଂ. ବଣ (ସ୍ୱର+ଅ)—ସ୍ୱର ସମ୍ବନ୍ଧୀୟ (ମୁଖ୍ୟବୋଧ Saubara ବ୍ୟାକରଣ)—Relating to sound, tune or vowel.

ସୌବର୍ଗ—ସଂ. ବ (ସ୍ୱର୍ଗ+ଅ)—ସ୍ୱର୍ଗ ସମ୍ବନ୍ଧୀୟ—Heavenly. Saubarga ବ—ଦେବ; ଶୂର—Deity.

ସୌବର୍ଚ୍ଚଳ—ସଂ.ବ (ସୁବର୍ଚ୍ଚଳ=ଦେଶବିଶେଷ+ଜାତାର୍ଥେ ଅ)—୧ । Saubarchchala ଘଟଲବଣ ମଧ୍ୟରୁ ଏକତମ; ସୁବର୍ଚ୍ଚଳ ଦେଶରେ ଅନ୍ୟ. ଫ—ଅକ୍ଷ, ରୁଚକ, କୃଷ୍ଣଲବଣ, ଉଲକ, ଉଦ୍ଭଦ-ଗନ୍ଧକ, ରୁଚ୍ୟ, କୌଦ୍ରବକ, ପାକ୍ୟ । ସଚଲନୁନ चोहारकोड़ा, नमकसीसा ଫା. ନମକ୍ ସିୟା ଆ. ମଲ୍ଲ ଫୁଲଜ ଯାସ୍

ଲବଣ ଜାତ; ଏହା ରୁଚକର, ଜ୍ୱରଘାତ୍ନ, କର୍ମଳ, କଟୁ ଓ ଗୁଲ୍ମଶୂଳବ୍ରଣନାଶକ, କଫବାତ୍ ପିତ୍ତକର, ଲଘୁ, ବାୟୁନାଶକ; ଭେଦକ, ଅର୍ଶୋଘ୍ନକ, ଗାତ୍ରକ, ଉଦ୍ଗାର ଶୁଦ୍ଧିକାରକ ।] ୨ । ସାଜ ମାଟି (ହି. ଶ)—2. Natron (Apte)

ସୌବର୍ଣ୍ଣ—ସଂ. ବଣ (ସୁବର୍ଣ୍ଣ+ସମ୍ବେ. ଅ) —୧ । ସୁବର୍ଣ୍ଣ ସମ୍ବନ୍ଧୀୟ— Saubarnna 1. Golden. ୨ । ସୁବର୍ଣ୍ଣ ବର୍ଣ୍ଣଯୁକ୍ତ—2. Of (ସୌବର୍ଣ୍ଣୀ, ସୌବର୍ଣ୍ଣା—ସ୍ତ୍ରୀ) golden colour. ୩ । ତତ୍ତ୍ୱ ବା ୧୬ ମଷା ପରିମିତ ସୁବର୍ଣ୍ଣ ସମ୍ବନ୍ଧୀୟ—3. Relating to a fixed weight of gold. ୪ । (+ବତାର୍ଥେ. ଅ) ସ୍ୱର୍ଣ୍ଣନିର୍ମିତ; ସୁବର୍ଣ୍ଣମୟ—4. Made

Digitized by srujanika@gmail.com

of gold. ଫ. ବ (+ସ୍ୱାର୍ଥେ. ଅ)—୧। ସୁବର୍ଣ୍ଣ; ସୁନା (ହେ. ଶ)—1. Gold. ୨ । ଏକ କର୍ଷ ବା ୧୬ ମଷା ପରିମିତ ସୁନା (ହେ. ଶ)—2. A quantity of gold weighing one Karsha.

ସୌବର୍ଣ୍ଣ ଭେଦିନୀ—ଫ. ଈ—ପ୍ରିୟଙ୍ଗୁ (ଶବ୍ଦମାଳା)—
Saubarṇṇa bhedinī Priyaṅgu (See)

ସୌବର୍ଣ୍ଣ ଶିଲାଜତୁ—ଫ. ବ—ସୁବର୍ଣ୍ଣବର୍ଣ୍ଣଯୁକ୍ତ ବା ଚୋପା ନାଲ
Saubarṇṇa śilājatu ଶିଲାଜତୁ—Asphalt of golden colour. [ଦ୍ର—ଶିଲାଜତୁ ୪ ସ୍ତବକ; ଯଥା—ସୌବର୍ଣ୍ଣ, ରଜତ, ତାମ୍ର ଓ ଅୟସ । ସୌବର୍ଣ୍ଣ ଶିଲାଜତୁ ଜବାସଦୃଶ ସଦୃ ବର୍ଣ୍ଣବିଶିଷ୍ଟ, କଟୁଉତ୍ତ ମଧୁରରସ, ଶୀତବୀର୍ଯ୍ୟ ଓ ଜଠରାଗ୍ନି-ବର୍ଦ୍ଧକ ।]

ସୌବର୍ଣ୍ଣିକ—ଫ. ବ (ସୁବର୍ଣ୍ଣ+ଇକ)—ସ୍ୱର୍ଣ୍ଣକାର; ବଣିଆ (ହେ. ଶ)—
Saubarṇṇika A goldsmith. ଫ. ବଣ—ଏକ କର୍ଷ ବା ୧୬ ମଷା ଓଜନର (ହେ. ଶ)—Weighing 1 Karsha.

ସୌବଳ—ସଂ. ବ. ପୁଂ (ସୁବଳ=ଗାନ୍ଧାର ଦେଶର ଜଣେ ରାଜା+
Saubala ଅପତ୍ୟାର୍ଥେ. ଅ)—ଶକୁନି; ଦୁର୍ଯ୍ୟୋଧନଙ୍କ ମାମୁଁ—(ସୌବଳଜ, ସୌବଲେୟ—ଅନ୍ୟରୂପ) Śakuni; the maternal uncle of 'Durjyodhana.'

ସୌବଳୀ—ସଂ. ବ. ସ୍ତ୍ରୀ (ସୁବଳ+ଅପତ୍ୟାର୍ଥେ. ଅ+ସ୍ତ୍ରୀ ଈ)—
Saubalī ଧୃତରାଷ୍ଟ୍ରଙ୍କ ପତ୍ନୀ ଗାନ୍ଧାରୀ—A name of [ସୌବଲେୟୀ—ଅନ୍ୟରୂପ] Gāndhārī.

ସୌବଶ୍ୟ—ସଂ. ବ—ଘୋଡ଼ଦୌଡ଼ (ହେ. ଶ)
Saubaśya Horse race.

ସୌବସ୍ତିକ—ସଂ, ବଣ (ସ୍ୱସ୍ତି+ଇକ)—୧ । ସ୍ୱସ୍ତି ସମ୍ବନ୍ଧୀୟ—
Saubastika 1. Relating to Swasti. ୨ । ଆଶୀର୍ବାଦ [ସୌବସ୍ତିକା—ସ୍ତ୍ରୀ. ବଣ] ସମ୍ବନ୍ଧୀୟ—2. Benidictory (Apte) ବ—୧ । (ସ୍ୱସ୍ତିବାଚନ କରୁଥିବାରୁ) ପୁରୋହିତ—1. A priest. ୨ । ସ୍ୱସ୍ତିବାଚକ—2. One who recites benedictory mantras.

ସୌବାଧ୍ୟାୟିକ—ସଂ. ବଣ. ପୁଂ (ସ୍ୱାଧ୍ୟାୟ+ଇକ)—ସ୍ୱାଧ୍ୟାୟୀ; ବେଦ-
Saubādhyāyika ପାଠକରତ—Engaged in the (ସୌବାଧ୍ୟାୟିକା—ସ୍ତ୍ରୀ) study of the Bedas.

ସୌବାସ୍ତବ—ସଂ. ବଣ (ସୁବାସ୍ତୁ+ଅ)—୧ । ସୁନ୍ଦରବାସ୍ତୁ ସମ୍ବନ୍ଧୀୟ—
Saubāstaba 1. Relating to a fine building-site. (ସୌବାସ୍ତବୀ—ସ୍ତ୍ରୀ) ୨ । ଉତ୍ତମବାସ୍ତୁରେ ନିର୍ମିତ [ଗୃହାଦି]—2. (house) Built on a good site; pleasantly situated (Apte).

ସୌବିଦ—ସଂ. ବ ପୁଂ (ସୁ+ବିଦ୍ ଧାତୁ+କର୍ତ୍ତା. ଅ)—ଅନ୍ତଃପୁରରକ୍ଷକ
Saubida ଖୋଜା (ଅମର); କଞ୍ଚୁକୀ—A servant who guards the harem.

ସୌବିଦଲ୍ଲ—ସଂ. ବ. ପୁଂ (ସୁ+ବିଦ୍. ଧାତୁ=ଜାଣିବା+କର୍ତ୍ତା ଅ=
Saubidalla ସୁବିଦ=ପଣ୍ଡିତ; ସୁବିଦ+ଅଚ୍. ଧାତୁ=ଗମନ (ସୌବିଦଲ୍ଲକ; ସୌବିଦ—ଅନ୍ୟରୂପ) କରିବା+କ୍ୱିପ୍=ସୁବିଦଚ୍ ଅନ୍ୟ ସଂ—ଦୂତୀ, =ନୃପଙ୍କ; ସୁବିଦଚ୍+ଲା.ଧାତୁ=ଗ୍ରହଣ ସ୍ଥାପନ୍ୟ, ସ୍ଥପଙ୍କ, କରିବା+କର୍ତ୍ତା. ଅ=ସୁବିଦଚ୍=ଅନ୍ତଃ-ସୁବିଦ । ପୁର+ଜନୟୁକ୍ତାର୍ଥେ: ଅ; ଯାହାକୁ ରାଜାମାନେ ଅନ୍ତଃପୁରରକ୍ଷା କରିବାନିମନ୍ତେ ନିଯୁକ୍ତ କରନ୍ତି)—ଅନ୍ତଃପୁରରକ୍ଷକ; କଞ୍ଚୁକୀ; ମହଲ୍ଲରକ୍ଷକ; ବହୁଃସଦ୍ମରକ୍ଷ-ତାରଣୀ ସ୍ତ୍ରୀମାନଙ୍କ ପ୍ରେକ୍ଷକ ବେତ୍ରଧର ଭୃତ୍ୟ—A servant watching the female apartments and the maids of a king.

ସୌଭୀର—ସଂ. ବ (ସୁଭୀର=ସିନ୍ଧୁନଦ ନଜଦୀସ୍ଥ ଦେଶବିଶେଷ+
Saubīra ଅ)—୧ । ବଦର; ବରକୋଳ (ଝରୁମାଲା)—1. The jujube berry. ୨। ସୌଭୀରକ; କାଞ୍ଜିକା—2. Fermented gruel. [ଦ୍ର—ଯବ, ଗୋଧୂମ ଆଦରୁ ସିଦ୍ଧାଇ ବା କଞ୍ଚାଅବସ୍ଥାରେ ଘାଣିରେ ପକାଇ ଏହା କାଞ୍ଜି କରାଯାଏ । ଏହା ଗୁରୁଣୀ, ଅର୍ଶଃ, କଫ, ଉଦାବର୍ତ୍ତ, ଶୂଳ ଓ ଅନାହନାଶକ, ଭେଦା ଓ ପ୍ରପକ ।] ୩ । ପ୍ରୋତାଞ୍ଜନ ସୌଭୀରାଞ୍ଜନ (ଅମର)—3. A kind of collyrium. ୪ । ସୁଭୀର; ଦେଶ ବିଶେଷ (ମେଦନୀ); ସିନ୍ଧୁନଦ ସନ୍ନିକଟସ୍ଥ ଦେଶ ବିଶେଷ—4. Name of a country near the Indus. ୫ । ସୁଭୀର ପ୍ରଦେଶ-ବାସୀ ବ୍ୟକ୍ତି (ହେ.ଶ.)—5. An inhabitant of the Subīra country. ୬ । ସୁଭୀରଦେଶର ରାଜା (ହେ: ଶ)—6. A king of the Subira country.

ସୌଭୀରକ—ସଂ. ବ—(ସୌଭୀର+ସ୍ୱାର୍ଥେ. କ)—କାଞ୍ଜି ବିଶେଷ;
Saubīraka ସୁଭୀରମ୍ଳ; ଯବ ଓ ଗହମରୁ ପ୍ରସ୍ତୁତ କାଞ୍ଜି—1. A kind of fermented barley gruel. [ଦ୍ର—ଅନ୍ୟ ସଂ—ସୁକ୍ତାମ୍ଳ, ଘୋଳମ. ସମ୍ବଳ, ଯବାମ୍ଳଜ, ସବୋତ୍ଥ, ଚୁକ୍ରୋତ୍ଥ, ଚୁକ୍ରୋଦକ, ସୌଭୀରାମ୍ଳ] ଯବ ବା ଗହମକୁ ୮ଗୁଣ ପାଣିରେ ବହୁଘଣ୍ଟ ସଢ଼ାଇଲେ ଯେଉଁ କାଞ୍ଜି ଟକ ଟାଳୁ ସୌଭୀରକ କହନ୍ତି ।

ଏହା ଅମ୍ଳ, କେଶ୍ୟ, ବଲକାରକ, ଅଗ୍ନିବର୍ଦ୍ଧକ, ମଳଭେଦକ, ଜଳନକାରକ, ସନ୍ଧାନକ; ଏହା ମସ୍ତୁଦୋଷ, ଜଳ, ଶୈଥିଲ୍ୟ, ଅସ୍ଥିଶୂଳ, ଅର୍ଶଃ ଓ ଗ୍ରହଣୀନାଶକ—ଗୁରୁ-ଜର୍ଦ୍ଦକ । ସୁଭୀର ଦେଶବାସୀ ଏ କାଞ୍ଜିକୁ ଉଷ୍ଣ ସ୍ପର୍ଶ ଥାଉ ଥିଲେ—ହେ. ଶ ।] ୨ । ବଦର ବୃକ୍ଷ; ବରକୋଳ ଗଛ—2. The jujube berry tree. ୩ । ସୌଭୀରାଞ୍ଜନ (ଦେଶ)—3. Saubīrāñjana. (See) ୪ । ଜୟଦ୍ରଥ-ଙ୍କର ଏକ ନାମ—4. A name of Jayadratha (Apte).

Digitized by srujanika@gmail.com

ସୌବୀର ପାଷାଣ—ବେ· ବ.ମ (ବୈଦ୍ୟକ)—ପାଷାଣବିଷବିଶେଷ Saubīra pāshāṇa (ଦ୍ରବ୍ୟଗୁଣ ଭଲ୍ଲଦ୍ରବ)—A kind stony of poison. [ଦ୍ର—ଏହାର ଶୋଧନ ବିଧି ଦାରୁମୂତ୍ରୀର ଶୋଧନବିଧି ତୁଲ୍ୟ ।]

ସୌବୀର ବଦର—ବୈଦେ· ବ (ବୈଦ୍ୟକ)—ମିଠା ଓ ବଡ଼ ବର-କୋଳ; ଖାଇବାକୁ ବଡକୋଳ—A sort of big and sweet jujube berry. Saubīrā badara

ନାରକେଲୀକୁଳ, ପାଟନାଇକୁଳ କାଶୀବୈର (ଦ୍ର—ଏହା ମଧୁର-ରସ, ଶୀତଳ, ଗୁରୁପାକ, ପୁଷ୍ଟିକର, ଶୁକ୍ରକର୍ତ୍ତକ, ମଳ-ଭେଦକ; ଏହା ବାୟୁ, ପିତ୍ତ, ତୃଷ୍ଣା, ରକ୍ତ ଓ କ୍ଷତ ରୋଗରେ ହିତକର ।)

ସୌବୀର ସାର—ସଂ. ବ—ସୌବୀରାଞ୍ଜନ (ଦେଖ) Saubīra sāra Saubīrāñjana (See)

ସୌବୀରାଞ୍ଜନ—ସଂ· ବ (ସୌବୀର=ଦେଶବିଶେଷ; ଜାତ ଅଞ୍ଜନ)—ଶୁକ୍ଲ ସ୍ତ୍ରୀଜାତୀୟ ଅଞ୍ଜନ; ଔଷଧରୂପେ ପ୍ରଯୁକ୍ତ ଅଞ୍ଜନବିଶେଷ; ଶ୍ୱେତସୁରୁମା—Sulphuret of antimony. [ଦ୍ର—ଶ୍ୱେତବର୍ଣ୍ଣ ବା ଖାଣ୍ଡୁର ଅଞ୍ଜନକୁ ସୌବୀରାଞ୍ଜନ ବୋଲାଯାଏ । ସୌବୀରାଞ୍ଜନ ବଲ୍ମୀକମିଶ୍ରିତ ତୁଲ୍ୟ ଅକୃତ୍ରିମ ଅଞ୍ଜନ ସଦୃଶ ଅଟେ ଓ ଘର୍ଷଣ କଲେ ଗେରୁ ମାଟିର ବର୍ଣ୍ଣ ତୁଷ୍ଟ ହୁଏ ।]

Saubīrāñjana ଅନ୍ୟ ସଂ—ଅଞ୍ଜନ, ବାର୍-ସମ୍ଭବ, କଫୋତ୍ଭବ, ଯାମୁନ, ଓ କୃଷ୍ଣ ଅଞ୍ଜନର ନାମ ନାଦେୟ, ମେଚକ, ସ୍ତ୍ରୀଜ, ଦୁଷ୍ଟୃଦ, ନାଲ, ସୁଷ୍ମାରଜ, ନୀଲାଞ୍ଜନ,ଚକ୍ଷୁଷ୍ୟ, କଫୋତାଞ୍ଜନ ପ୍ରଭୃତି । ଏହାକୁ ଘୃଙ୍ଗି ଦେଲେ ଫା· ସୁରମା, ମୋଙ୍ଗୁରମା, ଅସ୍ଫାହାନ୍ତ ଆ. ଜୁଦଲଇ ସମ୍ବଜ୍ ଇ. ସୌବୀରାଞ୍ଜନ

ସୌବୀରାମ୍ଳ—ସଂ, ବ—ଯବର ବା ଗହମର କାଞ୍ଜି— Saubīrāmla Fermented barley or wheat water.

ସୌବୀରକ—ସଂ· ବ—ବରକୋଳ ଗଛ ଓ କୋଳ— Saubīrika Jujube plant and berry

ସୌବୀରୀ—ସ. ବ—୧ । ସଙ୍ଗୀତର ମୂର୍ଚ୍ଛନା ବିଶେଷ—1. One of the musical flourishes. [ଦ୍ର—ଏହାର ସ୍ୱରଗ୍ରାମ—ମଧ୍ୟମଷଡ୍ଜରେଗ ନିଷଦ୍ଗେଗ ମଧ୍ୟମଷଡ୍ଜର ଗମ—ହୃ· ଶ] ୨ । ସୌବୀର ରାଜକନ୍ୟା—A princess of the Saubīra country.

ସୌବୀର୍ଯ୍ୟ—ସ. ବ· (ସୁବୀର+ଷ्ଯ. ଭ)—୧ । ସୁବୀରତା—Great heroism ୨ । (ସୌବୀର+ଯ) ସୌବୀର ଦେଶର ରାଜା (ହୃ· ଶ·) A king of Saubīra.

ସୌବ୍ରତ୍ୟ—ସ. ବ. (ସୁବ୍ରତ+ଯ)—୧ । ଏକନିଷ୍ଠା ଭକ୍ତି (ହୃ· ଶ.) Saubratya 1. Devotion ୨ । ଆଜ୍ଞାପାଳନ (ହୃ· ଶ·)—Obedience.

ସୌଭ—ସ. ବ—ଦ୍ୱାରକାସ୍ଥିତ ପୁର (ଜିତାଶ୍ୱ ଶେଷ) Sauṁha of king Harischandra; said to have been suspended in the sky. —The capital ଅନ୍ୟ ସ. ନାମ—ଦାମାଗ୍ନିରପୁର (ଜଟାଧର) [ଦ୍ର—ଏହା ଶୂନ୍ୟ ବା ଆକାଶରେ ଝୁଲୁଥିବା ବୋଲି କଥିତ ହୋଇଅଛି ।]

ସୌଭଗ—ସଂ· ବ (ସୁଭଗ+ଷ୍ଯ, ଅ)—ସୁଖ; ସୁଖଭୋଗ—Saubhaga Bliss; happiness; enjoyment of bliss or happiness. [ଦ୍ର—ଭୋଜ, ସୌଭଗ ତ୍ୟାଗ ନାଶ । ଏ ସବୁ ଜାଣ ମୋର ଅଂଶ—ଜଗନ୍ନାଥ. ଭାଗବତ]

ସୌଭଦ୍ର—ସଂ. ବ. ପୁଂ (ସୁଭଦ୍ରା+ଅପତ୍ୟାର୍ଥେ. ଅ)—ସୁଭଦ୍ରା ପୁତ୍ର; Saubhadra ଅଭିମନ୍ୟୁ—Abhimanyu, the son of Subhadrā by Arjuna. ବିଣ—ସୁଭଦ୍ରା ସମ୍ବନ୍ଧୀୟ —Relating to Subhadrā.

ସୌଭଦ୍ରେୟ—ସଂ. ବ. ପୁଂ (ସୁଭଦ୍ରା+ଅପତ୍ୟାର୍ଥେ ଏୟ) —୧ । Saubhadreya ସୁଭଦ୍ରାପୁତ୍ର; ଅଭିମନ୍ୟୁ—1. Abhimanyu the son of Subhadrā. ୨ । ବଳିଭଦ୍ର ବୃକ୍ଷ; ବାହାଡ଼ା ଗଛ—The Beleric myrobalan tree.

ସୌଭରି—ସଂ. ବ (ନାମ)—ଜନୈକ ମୁନି—Name of a sage. Saubhari [ଦ୍ର—ଏ ଜଳଗର୍ଭବାସୀ ବିଶେଷ ଅସୋଇଥିବା ଲୋକ କାହା ଘରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବାକୁ ଇଚ୍ଛୁକ ହୋଇ ସ୍ୱୟଂ ମାନ୍ଧାତାଙ୍କ କନ୍ୟାଙ୍କ ପାଣିଗ୍ରହଣପାଇଁ ଦୋଇ ମାନ୍ଧାତାଙ୍କ ନିକଟରେ ଉପସ୍ଥିତ ହେବାରୁ, ସେଇଁ କନ୍ୟା ଏହାଙ୍କୁ ମନୋନୟନ କରିବେ, ସେହି ତାହାଙ୍କୁ ମୃତଙ୍କୁ ପ୍ରଦାନ କରିବେ ବୋଲି କନ୍ୟାମାନଙ୍କ ନିକଟକୁ ଏହାଙ୍କୁ ପଠାଇ ଦେଲେ । ଏ ଜଳୋକଳରେ ଦିବ୍ୟ ରୂପ ଧାରଣ କରି କନ୍ୟାମାନଙ୍କ ନିକଟରେ ଉପସ୍ଥିତ ହେବାରୁ ସ୍ୱୟଂ-ଙ୍କର ସମସ୍ତ କନ୍ୟା ଏହାକୁ ବରମାଲ୍ୟ ପ୍ରଦାନ କଲେ । ଏ ସେହି କନ୍ୟାମାନଙ୍କୁ ସହୀରୂପେ ପାଇ ସଂସାର ଚଳେଇ ଓ ଜଳୋକଳରେ ଅତୁଳ ଐଶ୍ୱର୍ଯ୍ୟର ଅଧିକାରୀ ହୋଇ ବହୁ ପୁତ୍ର କନ୍ୟା ଲାଭ କଲେ । କେତେକାଳ ସଂସାର ହୋଇ ପୁଣି ଏ ଜଳଗର୍ଭରେ ନିଜ ଇନ୍ଦ୍ରିୟ ତ୍ୟାଗ କଲେ ।]

ସୌଭାଗିନେୟ—ସଂ. ବ. ପୁଂ (ସୁଭଗା+ଅପତ୍ୟାର୍ଥେ ଏୟ)—ସୁଭଗା Saubhāgineya କାନ୍ତିଙ୍କ ପୁତ୍ର; ସୌଭାଗ୍ୟବତ୍ତାଙ୍କ ତନୟ— (ସୌଭାଗିନେୟୀ—ସ୍ତ୍ରୀ) The son of a lucky woman; the son of an adored or favourite wife.

ସୌଭାଗୀ—ଦେ. ବିଣ (ସଂ. ସୌଭାଗ୍ୟବତ୍ତା)—ସୁଭଗା; ଭାଗ୍ୟବତ୍ତା— Saubhāgī Fortunate; lucky (woman). (ଉ—ଏ ସୁଭାଗୀ, ସୋହାଗୀ ମଞ୍ଚ ତୋର ଯାଦ ଲଗେ । ସେମନ୍ତ ବଣଇ ଭାଗ୍ୟବତୀ ସୌଭାଗୀ—ଜଗନ୍ନାଥ. ଭାଗବତ ।)

ସୌଭାଗ୍ୟ—ସଂ. ବ (ସୁଭଗ+ଷ୍ଯ, ଯ)—୧ । ଶୁଭଦୃଷ୍ଟ—1. Good Saubhāgya luck; good fortune. ୨ । ସୌନ୍ଦର୍ଯ୍ୟ; (ଦୁର୍ଭାଗ୍ୟ—ବିପରୀତ) ଶୋଭା—2. Beauty; grace. ୩ । ପ୍ରିୟତ୍ୱ—3. The state of being loved (ଦ୍ର—ଈର୍ଷ୍ୟା ସ୍ୱାମୀଙ୍କ ପ୍ରିୟ ହେଲେ ଓ ସ୍ୱାମୀ ଈର୍ଷ୍ୟାଙ୍କ ପ୍ରିୟ ହେଲେ;

Digitized by srujanika@gmail.com

ଜ୍ଞାନସ୍ୱରୂପ ସେହି ଅବସ୍ଥାକୁ ସୌଭାଗ୍ୟ କୁହାଯାଏ—ଅପ୍ତେ । ୩ । ୪ । ଶୁଭ; ମଙ୍ଗଳ—4. Blessedness; auspiciousness (Apte). ୫ । ମନୋହାରିତ୍ୱ—5. Charm (Apte) ୬ । ମହତ୍ତ୍ୱ—6. Grandeur; sublimity [Apte] ୭ । ସ୍ନେହ—7. Affection [Apte] ୮ । ଅନୁଗ୍ରହ—8. Favour [Apte]. ୯ । ଶୁଭକାମନା; ଅଭିନନ୍ଦନ—9. Goodwishes; congratulation [Apte]. ୧୦ । ଅକ୍ଷୟତ୍ୱ; ସଧବାତ୍ୱ—10. The auspicious state of wifehood [as opposed to widowhood] [Apte]. ୧୧ । ଜ୍ୟୋତିଷୋକ୍ତ ଶୁଭଯୋଗ-ବିଶେଷ—11. Name of one of the auspicious astrological conjunctions. [ଦ୍ର—ଏହା ଜ୍ୟୋତିଷୋକ୍ତ ୨୨ଟି ଯୋଗ ମଧ୍ୟରୁ ଚତୁର୍ଥ ଯୋଗ । ଏ ଯୋଗରେ ପାଞ୍ଚ ଅଙ୍କ ଶୁଭଜନକ ଓ ଏ ଯୋଗରେ ଜନ୍ମ ହେବା ବ୍ୟକ୍ତି ସୌଭାଗ୍ୟଶାଳୀ ହୁଅନ୍ତି ।] ୧୨ । (ସ୍ତ୍ରୀ ଅର୍ଥରେ) ସ୍ୱାମୀଙ୍କ ପ୍ରିୟତ୍ୱ; ସୁଭଗତ୍ୱ—12. The state of being the beloved or fondled wife of the husband. ୧୩ । ସିନ୍ଦୂର (ରଞ୍ଜନବର୍ତ୍ତି)—13. Vermillion; red lead. ୧୪ । ସୋହାଗ (ରଞ୍ଜନବର୍ତ୍ତି)—14. Borax. ୧୫ । ସୌଭାଗ୍ୟ ବ୍ରତ—15. Saubhāgya brata [See]

ସୌଭାଗ୍ୟକରଣ ବ୍ରତ—ସ. ବ—ସୌଭାଗ୍ୟ ବ୍ରତ (ଦେଖ)—Saubhāgyakaraṇa brata Saubhāgya brata [See]

ସୌଭାଗ୍ୟ କ୍ରମେ (ବଶତଃ)—ଦେଃ କ୍ରି. ବିଣ—ଶୁଭଭାଗ୍ୟର ଫଳରେ—Saubhāgya krame(baśatah) Luckily; fortunately. ସୌଭାଗ୍ୟକ୍ରମେ **सौभाग्यक्रमे**

ସୌଭାଗ୍ୟ ଗର୍ବ—ସ. ବ—ନିଜର ଅଦୃଷ୍ଟ ଭଲ ବୋଲି ମନରେ ଜାତ ଅହଙ্କାର—Pride due to a person being lucky. Saubhāgya garba (ସୌଭାଗ୍ୟଗର୍ବିତ—ବିଣ)

ସୌଭାଗ୍ୟ ଗୌରବ—ସ. ବ—୧ । ସୌଭାଗ୍ୟ ଗର୍ବ (ଦେଖ)—1. Saubhāgya garba (See) ୨ । ସୌଭାଗ୍ୟଜନିତ ମହତ୍ତ୍ୱ—2. Greatness arising from good fortune. Saubhāgya gaurava

ସୌଭାଗ୍ୟ ଚିନ୍ତାମଣି—ସ. ବ (ନାମ)—ଅସୁବେଦୋକ୍ତ ସୌଭାଗ୍ୟ (ବାହାରୁ) ଅବ ଘଟିତ ଔଷଧ (ବଟିକା) ବିଶେଷ—Name of a medicinal pill. [ଦ୍ର—ଏହା ସେବନ କଲେ ଶୂଳ, ଶ୍ୱାସ, କୁଷ୍ଠ, ଅରୁଚି, ତୃଷା, ଜ୍ୱର ଓ ତ୍ରିଦୋଷ, ଅଷ୍ଟ ସ୍ୱେଦ, ଘୋର ନିଦ୍ରା ଅବ ଦୂର ହୁଏ—ସାରଙ୍ଗୌମୁଖ ।] Saubhāgya cintāmaṇi

ସୌଭାଗ୍ୟ ଚିହ୍ନ—ସ. ବ (ଅର୍ଥୀ ତତ୍ପୁ)—୧ । ଶୁଭଭାଗ୍ୟର ଲକ୍ଷଣ—1. Any mark of good fortune. ୨ । ସଧବାର ଚିହ୍ନ (ଯଥା—କପାଳରେ ସିନ୍ଦୂର, ହାତରେ ଶଙ୍ଖ)—2. Indication of wifehood. Saubhāgya chihna

ସୌଭାଗ୍ୟଜନ୍ମା—ସ. ବିଣ (ବହୁବ୍ରୀହି; ସୌଭାଗ୍ୟ + ଜନ୍ମନ୍, ୨ମା. ୧ବ) Saubhāgyajanma —ଯେଉଁ ବ୍ୟକ୍ତି ସୌଭାଗ୍ୟ ଯୋଗରେ ଜନ୍ମ ହୋଇ ଥାଏ—A person who is born during the 'Saubhāgyajoga.

ସୌଭାଗ୍ୟଜନ୍ମା ସୁଭଗୋ ମନୁଷ୍ୟଃ
ଶ୍ଲାଘ୍ୟୋ ଜନାନାଂ ଧନବାନ୍ ଗୁଣଜ୍ଞଃ
ଉଦାରଚେତ୍ତା ବଲବାନ୍ ଜିତେଜ୍ଞା
ମହାଉମାଙ୍ଗା ଶ୍ରିୟୁତ୍ପଣଶ୍ଚ—ବୋଷ୍ଟୀପ୍ରଦୀପ ।)

ସୌଭାଗ୍ୟ ତନ୍ତୁ(ସୂତ୍ର)—ସଂ. ବ (ମ. ଷ. ତତ୍ପୁ)—ବିବାହ ସମୟରେ କନ୍ୟାଙ୍କ ଗଳାରେ ବର ଯେଉଁ ମଙ୍ଗଳ ସୂତ୍ର ବାନ୍ଧି ଦିଅନ୍ତି ଓ ଯାହା ବିଧବା ହେବା ପର୍ଯ୍ୟନ୍ତ ସ୍ତ୍ରୀ ଧାରଣ କରନ୍ତି—The marriage-string put round the neck of the bride by the bridegroom and which she wears till widowhood (Apte). Saubhāgya tantu(sūtra)

ସୌଭାଗ୍ୟ ତୃତୀୟା—ସ. ବ—ଭାଦ୍ର ଶୁକ୍ଳ ତୃତୀୟା; ବାଇ ତୃତୀୟା; ଗୌରୀ ବ୍ରତ—The 3rd day of the bright fortnight of Bhādra. Saubhāgya tṛtiya

[ଦ୍ର—ଏ ଦିନ ବ୍ରହ୍ମା, ମହେଶ୍ୱର, ଗଣେଶ, ସରସ୍ୱତୀ ଓ ବିଷ୍ଣୁଙ୍କର ପୂଜା ହୁଏ । ଏହି ବ୍ରତ କଲେ ପୁରୁଷମାନେ ସୁଦୀର୍ଘ ଓ ସ୍ତ୍ରୀମାନେ ସୁଭଗା ହୁଅନ୍ତି । ଅନ୍ନ ଦେଖରେ ସ୍ତ୍ରୀମାନେ ଏ ଦିନ ନିର୍ଜଳ ଉପବାସ କରନ୍ତି । ସ୍ତ୍ରୀମାନଙ୍କର ଏହି ବ୍ରତ କରିବାର ଫଳ—

ଉମାଂ ଶିବଂ ଗଣେଶଂ ଚ ବିଧିବତ୍ ପୂଜୟନ୍ତି ଯାଃ
ସୌଭାଗ୍ୟରୂପସାଦେନ ସଦଂ ସୌଭାଗ୍ୟମାପ୍ନୁୟୁଃ ।]

ସୌଭାଗ୍ୟ ଦେବତା—ସ. ବ—ଇଷ୍ଟଦେବତା—Saubhāgya debatā Tutelary Deity (Apte).

ସୌଭାଗ୍ୟ ପତି—ସ. ବ—ମହାଦେବ (ଯେ ଭକ୍ତକୁ ସୌଭାଗ୍ୟ ଦାନ କରନ୍ତି) (ବୈଦିକ ସ୍ୱରୂପ)—Saubhāgya pati God Śiba who bestows good luck on his devotees. [ଦ୍ର—ସୌଭାଗ୍ୟବ୍ରତରେ 'ଓଁ ସୌଭାଗ୍ୟପତୟେ ସ୍ୱାହା' ମନ୍ତ୍ରରେ ମହାଦେବଙ୍କ ଉଦ୍ଦେଶ୍ୟରେ ମଧୁଘୃତମିଶ୍ରିତ ଜଳଦ୍ୱାରା ହୋମ କରଯାଏ]

ସୌଭାଗ୍ୟବତୀ—ସଂ. ବିଣ. ସ୍ତ୍ରୀ (ସୌଭାଗ୍ୟବତ୍ + ଈ)—୧ । ସୌଭାଗ୍ୟବାନ୍‌ର ସ୍ତ୍ରୀଲିଙ୍ଗ—1, Feminine of Saubhāgyabān. ୨ । ସଧବା; ଅକ୍ଷୟ (ସ୍ତ୍ରୀ)—2. Unwidowed (wife) (Apte); (a woman) whose husband is living. Saubhāgyabatī

Digitized by srujanika@gmail.com

ସୌଭାଗ୍ୟବାନ୍—ସଂ ବଣ ପୁଂ (ସୌଭାଗ୍ୟବତ୍ ଶବ୍ଦ; ୧ମା ୧ ବଚନ ସୌଭାଗ୍ୟ + ଅଚ୍ଛ ଅର୍ଥରେ ବତ୍)—
Saubhāgyabān (ସୌଭାଗ୍ୟବତ୍ତା—ସ୍ତ୍ରୀ) ସୌଭାଗ୍ୟଶାଳୀ (ଦେଶ)—
(ସୌଭାଗ୍ୟବନ୍ତ—ଦେ. ରୂପ) Saubhāgyaśālī (See)

ସୌଭାଗ୍ୟ ବିଲୋପୀ—ସ ବିଣ. ସ୍ତ୍ରୀ (ସୌଭାଗ୍ୟ + ବି + ଲୁପ୍ ଧାତୁ + କର୍ତ୍ତୃ ଇ; ୧ମା ୧ବ)—ସୌଭାଗ୍ୟ ବା
Saubhāgya bilopī ଶୋଭା ନାଶକାରୀ (ବାଳବାସ)—
(ସୌଭାଗ୍ୟବିଲୋପିକା—ସ୍ତ୍ରୀ) Marring or inpairing beauty.

ସୌଭାଗ୍ୟ ବ୍ରତ—ସଂ. ବ—୧। ସୌଭାଗ୍ୟ ତୃତୀୟାରେ କର୍ତ୍ତବ୍ୟ ବ୍ରତ—
Saubhāgya brata 1. A religious vow observed on the day of Saubhāgya Tṛutīyā ୨। ବରାହପୁରାଣୋକ୍ତ ବ୍ରତବିଶେଷ-2 Name of a religious vow prescribed in Barāha Purana [ଦ୍ର—ଫାଲ୍ଗୁନ ଶୁକ୍ଳ ତୃତୀୟାଦିନ ଉମାମହେଶ୍ୱର ଓ ଲକ୍ଷ୍ମୀନାରାୟଣଙ୍କୁ ଏକ ଦେବଦମ୍ପତିରୂପେ କଳ୍ପନା କରି ତାଙ୍କ ଆଗରେ ମଧୁଦ୍ରବ ମିଶ୍ରିତ ଜଳଦ୍ୱାରା 'ଓଁ ସୌଭାଗ୍ୟ ପତୟେ ସ୍ୱାହା' ମନ୍ତ୍ର ବୋଲି ହୋମ କରିବ ଓ ଭୂମି ଉପରେ ଅଖାର, ହରଡ ଓ କଞ୍ଚେଇ ଗୋଧୂମାଦ ନୈବେଦ୍ୟ କରିବ। ପରବର୍ତ୍ତୀ ଅଷାଢ଼ ଓ କାର୍ତ୍ତିକମାସ ଶୁକ୍ଳ ତୃତୀୟାଦିନ ଏହିପରି କରିବ। ମାଘ ଶୁକ୍ଳ ତୃତୀୟାଦିନ ସ୍ୱର୍ଣ୍ଣର ହରଗୌରୀ ମୂର୍ତ୍ତି ଓ ସଲଖୀକ ବସ୍ତ୍ର ମୂର୍ତ୍ତି ଉଆର କରି ତାହା ବ୍ରାହ୍ମଣଙ୍କୁ ଦାନ କରିବ ଓ ଯଥାକ୍ରମେ ମଧୁ, ଘୃତ, ଲୁଣତେଲ, ଗୁଡ଼, ଲବଣ, ଗୋପୀଚନ୍ଦନ ୬ ଗୋଟି ଥାଳ ବ୍ରାହ୍ମଣଙ୍କୁ ଦାନ କରିବ।
ବରାହ ପୁରାଣ।]

ସୌଭାଗ୍ୟଲକ୍ଷ୍ମୀ—ସଂ. ବ—୧। ଶୁଭଦୃଷ୍ଟିର ଅଧିଷ୍ଠାତ୍ରୀ ଦେବୀ; ସୌଭାଗ୍ୟ
Saubhāgya lakshmī ଦାତ୍ରୀ ଲକ୍ଷ୍ମୀ—1. The Goddess bestowing good fortune. ୨। ସୌଭାଗ୍ୟରୂପିଣୀ ଲକ୍ଷ୍ମୀ—2. Good luck personified. ୩। ମହତ୍ତା ଶୋଭା—3. A great beauty or charm.

ସୌଭାଗ୍ୟଶାଳୀ—ସଂ. ବିଣ (ସୌଭାଗ୍ୟଶାଳିନ୍ ଶବ୍ଦ; ସୌଭାଗ୍ୟ +
Saubhāgyaśālī ଇନ୍ ଅର୍ଥରେ ଶାଳିନ୍)—ଯାହାର ଭାଗ୍ୟ
(ସୌଭାଗ୍ୟଶାଳିକା—ସ୍ତ୍ରୀ) ସୁପ୍ରସନ୍ନ; ସୁଦିନ; କପାଳିଆ—
Fortunate; lucky.

ସୌଭାଗ୍ୟ ଶୁଣ୍ଠି—ସଂ, ବ—ସ୍ତ୍ରୀରୋଗ ଓ ବାତରୋଗ ଯାଇଁ ଆୟୁ-
Saubhāgya śuṇṭhi ର୍ବେଦୋକ୍ତ ମିଶ୍ର ଚୂର୍ଣ୍ଣ ବା ମୋଦକ
(ସୌଭାଗ୍ୟ ଶୁଣ୍ଠି ଔଷଧ—ଅନ୍ୟରୂପ) ବିଶେଷ—[ଦ୍ର—ଏଥିରେ ଶୁଣ୍ଠିରଙ୍ଗ ଅଧିକ ଥାଏ।]—Name of a medicinal preparation for certain female diseases and also for rheumatism.

ସୌଭାଗ୍ୟ ସୂର୍ଯ୍ୟ—ସଂ. ବ (ରୂପକ)—ସୂର୍ଯ୍ୟଙ୍କ ସଙ୍ଗେ ତୁଳନା କରିବା
Saubhāgya sūrjya ସୌଭାଗ୍ୟ—Good luck compared to the sun in grandeur.

ସୌଭାଗ୍ୟ ହୀନ—ବି. ବିଣ. ପୁଂ (ଅନ୍ୟା ଉତ୍) —ଯାହାର ସୌଭାଗ୍ୟ
Saubhāgya hīna ନାହିଁ ବା ଲୁପ୍ତ ଦୋଇଅଛି; ଦୁର୍ଭାଗ୍ୟଶାଳୀ;
(ସୌଭାଗ୍ୟହୀନା—ସ୍ତ୍ରୀ) ଦୁର୍ଭଗ—Unfortunate; unlucky.

ସୌଭାଞ୍ଜନ—ସଂ ବ—ଶୋଭାଞ୍ଜନ ବୃକ୍ଷ (ଉରଡ); ସଜନା ଗଛ—
Saubhāñjana The horse radish tree.

ସୌଭାସିକ—ସଂ. ବିଣ (ସୁ + ଭାସ + ଇକ)—ସମୁଜ୍ଜ୍ୱଳ (ହି. ଶ)—
Saubhāsika Very bright; dazzling.

ସୌଭିକ—ସଂ. ବି. ପୁଂ—ଇନ୍ଦ୍ରଜାଲିକ (ଦାସ୍ତବଲୀ)—
Saubhika A conjurer; magician; juggler.

ସୌଭିକ୍ଷ—ସଂ. ବିଣ (ସୁଭିକ୍ଷ + ଅ)—ସୁଭିକ୍ଷ ବା ସୁସମୟ ଅନୟନ
Saubhiksha ଜାତ (ହି.ଶ)—Bringing good time.

ସୌଭିକ୍ଷ୍ୟ—ସଂ. ବ (ସୁଭିକ୍ଷ + ଯ)—ସୁକାଳ; ଖାଦ୍ୟ ପଦାର୍ଥର ପ୍ରଚୁରତା
Saubhikshya (ହି. ଶ)—Sufficiency of food stuffs.

ସୌଭ୍ରାତ୍ର—ସଂ. ବ (ସୁଭ୍ରାତୃ + ଷ୍ଟ୍ରଞ୍ ଅ) —ସୁଭ୍ରାତୃତ୍ୱ; ଭାଇମାନଙ୍କ
Saubhrātra ମଧ୍ୟରେ ସଦ୍ଭାବ ପ୍ରୀତି—Brotherly feeling; mutual attachment amongst brothers; good brotherhood; fraternity (Apte).

ସୌମନସ—ସଂ. ବିଣ (ସୁମନସ୍ + ଅ)—୧। ପୁଷ୍ପସମ୍ବନ୍ଧୀୟ—
Saumanasa 1. Relating to flower; floral,
ସୌମନସା } —ସ୍ତ୍ରୀ ୨। ମନୋହର; ରୁଚିକର (ହି. ଶ)—
ସୌମନସୀ } 2. Agreeable; charming.
ସଂ. ବ—୧। ପ୍ରଫୁଲ୍ଲତା; ଆହ୍ଲାଦ (ହି.ଶ) —1. Delight. ୨। ଦୟା; ଅନୁଗ୍ରହ—2. Benevolence, kindliness of spirits (Apte). ୩। ଆନନ୍ଦ; ସନ୍ତୋଷ—3. Pleasure; satisfaction (Apte) ୪। (ନାମ) ପଶ୍ଚିମ ଦିଗର ଦାନ୍ତ (ହି, ଶ)—4. Name of the elephant guarding the west. ୫। ଜାଇଫଳ (ହି. ଶ)—5. Nutmeg. ୬। ଅସ୍ତ୍ର ସଂହାରବିଶେଷ (ହି. ଶ)—6. A kind of withdrawal of the potency of a weapon. ୭। ପର୍ବତବିଶେଷ (ହି. ଶ)—7. Name of a mountain.

ସୌମନସା—ସଂ. ବ (ସୁମନସ୍ + ଅ)—୧। ଜାଇପତ୍ରୀ; ଜାଇ.
Saumanasā (ସୁଗନ୍ଧଦ୍ରବ୍ୟ)—1. Mace. (spice)
(ସୌମନସାସୃଜା—ପ୍ରଥମ ଅର୍ଥରେ ଅନ୍ୟରୂପ) ୨। ରାମାୟଣ ବର୍ଣ୍ଣିତ ନଦୀବିଶେଷ (ହି. ଶ)—2. Name of a river mentioned in the Rāmāyaṇa.

ସୌମନସ୍ୟ—ସଂ. ବ (ସୁମନସ + ଷ୍ଟ୍ରଞ୍. ଅ)—୧। ମନର ପ୍ରସନ୍ନତା,
Saumanasya ସନ୍ତୋଷ; ଚିତ୍ତପ୍ରସାଦ—1. Content-
(ସୌମନସ୍ୟ—ବିଷୟରେ) ment; happy condition of mind; satisfaction; pleasure. ୨। ପ୍ରେମ; ସ୍ନିଗ୍ଧ; ସ୍ନେହ—2. Love; affection. ୩। ଶାନ୍ତରେ

Digitized by srujanika@gmail.com

ପିଣ୍ଡଦାନାନନ୍ତର ଶ୍ରାଦ୍ଧବ୍ରାହ୍ମଣଙ୍କ ହସ୍ତରେ ପୁଷ୍ପଦାନ ମନ୍ତ୍ର (ଏହା ଦ୍ୱାରା ଦାତା ଓ ବ୍ରହ୍ମଣଙ୍କର ସୌମନସ୍ୟ ବା ମନର ପ୍ରସାଦ ଜନ୍ମିବାରୁ)—3. Name of a formula uttered while presenting flowers to the Brāhmaṇa who takes meal on the Srāddha-plate. ୪ । ପିଣ୍ଡଦାନାନନ୍ତର ଶ୍ରାଦ୍ଧ ବ୍ରାହ୍ମଣଙ୍କ ହସ୍ତରେ ପୁଷ୍ପ ଦାନ—4. Present of flowers to the Srāddha Brāhmaṇa after the offering of Piṇḍa.

ସୌମନସ୍ୟାୟିନୀ—ସଂ. ବ (ସୌମନସ୍ୟ=ମନର ପ୍ରସନ୍ନତା + ଆ ଉପସର୍ଗ Saumanasyāyinī + ଇ. ଧାତୁ+କର୍ତ୍ତୃ. ଅନ + ସ୍ତ୍ରୀ. ଙ୍ଗି; ଯାହା ମନରେ ପ୍ରସନ୍ନତା ଆଣେ)—ମାଳତୀ ପୁଷ୍ପ (ହିକାଣ୍ଡ ଶେଷ)—The bud of the Mālatī flower.

ସୌମନା—ସଂ. ବ—୧ । (କାମ୍ୟ) ଉଦୟାଚଳର ଗୋଟିଏ ଶୃଙ୍ଗର Saumanā କାମ୍ୟ—1. Name of a peak of the mythological Udayagiri mountain. [ଦ୍ର—ଯୁବେ ବସ୍ତୁ ମୈତ୍ରେକ୍ୟ ଅନୁମଣ କାଳରେ ଗୋଟିଏ ଯଦି ଏହି ଶୃଙ୍ଗରେ ଓ ଅନ୍ୟ ଦେହି ସୁମେରୁ ଶୃଙ୍ଗରେ ରଖି ଠିଆ ହୋଇଥିଲେ ।] ୨ । ଫୁଲ (ହି· ଶ)—2. Flower. ୩ । କଳିକା (ହି. ଶ)—3. Bud. ୪ । ଦିବ୍ୟାସ୍ତ୍ରବିଶେଷ (ହି. ଶ)—4. Name of divine weapon.

ସୌମାୟନ—ସଂ. ଦ (ସୋମ+ସ୍ୱାର୍ଥେ ଅୟନ)—ସୋମ ପୁତ୍ର ବୁଧଗ୍ରହ Saumāyana The planet Mercury.

ସୌମିକ—ସଂ. ବିଣ (ସୋମ+ଇକ)—୧ । ସୋମ ବା ଚନ୍ଦ୍ରସମ୍ବନ୍ଧୀୟ Saumika 1. Relating to the moon; lunar. ୨ । ସୋମରସସମ୍ବନ୍ଧୀୟ—2. Relating to the Soma juice. ୩ । ସୋମ ଯଜ୍ଞସମ୍ବନ୍ଧୀୟ—3. Relating to the Soma sacrifice. ୪ । ଚାନ୍ଦ୍ରାୟଣବ୍ରତକାରୀ (ବ୍ୟକ୍ତି) (ହି· ଶ)—4. (a person) Observing the Chāndrāyana penance. ଦ୍ର· ବ·ସୋମରସ ରଖିବାପାତ୍ର (ହି.ଶ) A receptacle for containing the Soma juice.

ସୌମିକା—ସଂ. ବ—୧ । ପାଞ୍ଚଟୀୟ ଇଷ୍ଟି (ବେମଚଦ୍ର); ଯାଗବିଶେଷ—Saumikī 1. A kind of vedic sacrifice. ୨ । ଯଜ୍ଞାର୍ଥ ସୋମରସ ଚୁଆଇବା କର୍ମ (ହି. ଶ)—2. The pressing of the Soma juice for vedic sacrifice.

ସୌମିତ୍ର(ତ୍ରି)—ସଂ. ବ. ପୁଂ (ସୁମିତ୍ରା=ଦଶରଥଅହ୍ନୀ + ଅପତ୍ୟାର୍ଥେ ଅ; Saumitra(tri) +ଇ ,—୧ । ସୁମାନୁଜ; ଲକ୍ଷ୍ମଣ—1. Lakshmaṇa. [ଦ୍ର—ଅଗ୍ରଜ ଅଙ୍କାବଦ୍ଧ ସୌମିତ୍ରି ରଥୀ—ମଧୁସୂଦନ ସୀତାବନବାସ ।] ୨ । ଶତ୍ରୁଘ୍ନ—2. Śatrughna.

ସୌମେରକ—ସଂ. ବ (ସୁମେରକ+ଅ)—ସୁନା; ସୁବର୍ଣ୍ଣ (ହି. ଶ)—Saumerchaka Gold (Apte).

ସୌମେଧିକ—ସଂ. ବିଣ .(ସୁମେଧା+ଇକ)—୧ । ସୋଭନମେଧାସମ୍ବନ୍ଧୀୟ Saumedhika 1. Relating to sharp intellect. ୨ । ପ୍ରଖରବୁଦ୍ଧିସମ୍ପନ୍ନ—2. Sharp of intellect. ୩ । ଦିବ୍ୟଜ୍ଞାନସମ୍ପନ୍ନ—3. Having occult or supernatural knowledge. ବ—ସିଦ୍ଧ ଭାବସ—A person who has attained success in penance; seer; sage.

ସୌମେରୁକ—ସଂ. ବିଣ (ସୁମେରୁ+କ)—ସୁମେରୁସମ୍ବନ୍ଧୀୟ—Saumeruka Relating to Sumeru. (ସୌମ୍ୟରୁଙ୍କ—ସ୍ତ୍ରୀ· ବିଣ) ବ—ସୁବର୍ଣ୍ଣ (ସ୍ୱଜଜର୍ଦ୍ଧ)—Gold.

ସୌମ୍ୟ—ସଂ. ବ (ସୋମ+ଯ)—୧ । ବୁଧଗ୍ରହ; ଚନ୍ଦ୍ରପୁତ୍ର (ଅମର)—Saumya 1. The planet Mercury. ୨ । ଚନ୍ଦ୍ର; ବ୍ରାହ୍ମଣ (ଶବ୍ଦମାଳା)—2. Brahman. [ଦ୍ର—ଏ ଶବ୍ଦଦ୍ୱାରା ବ୍ରାହ୍ମଣଙ୍କୁ ସମ୍ବୋଧନ କରାଯାଏ ।] ୩ । ସୋମ ଯଜ୍ଞ—3. The Soma sacrifice. ୪ । ଉଦୁମ୍ବର ବୃକ୍ଷ (ସ୍ୱଜଜର୍ଦ୍ଧ)—4. A sort of fig. ୫ । ବୃଷ, କର୍କଟ, ତୁଳା, ବୃଶ୍ଚିକ, ମକର ଓ ମୀନରାଶିଗଣ (ଜ୍ୟୋଚ୍ଛନ୍ଦ୍ର)—(ହି, ଶ)—5. Six particular signs of the Zodiac. ୬ । ଯଜ୍ଞର ଯୂପସ୍ତମ୍ଭର ବମ୍ପରେ ୧୫ ଅଙ୍ଗୁଳି ପରିମିତ ଭୂଖଣ୍ଡ—6. A given area of land under the Jūpa pillar of a sacrifice. ୭ । ସୌମ୍ୟକୃଚ୍ଛ୍ର ବ୍ରତ (ଦେଖ)—7. Saumya kṛuchchhra brata (See) ୮ । (ଦ୍ର. ରେ ବହୁବଚନରେ 'ସୌମ୍ୟାଃ'ରୂପେ ବ୍ୟବହୃତ) ଇଲ୍ୱଳା, କାଳପୁରୁଷର ଶିରୋଦେଶରେ ଅବସ୍ଥିତ ୫ ଗୋଟି ତାରାଙ୍କ ଏକତ୍ର ନାମ (ବଣ୍ଟ, ବେମଚନ୍ଦ୍ର); ମୃଗଶିରା ନକ୍ଷତ୍ର (ହି. ଶ)—8. A name given to the 5 stars (in plural) situate on the top of the Orion constellation; the Orion's head. ୯ । ଭକ୍ତ; ଉପାସକ (ହି. ଶ)—9. Worshipper; devotee. ୧୦ । ବାମ ହସ୍ତ (ହି. ଶ)—10. The left hand. ୧୧ । (ଅୟୁର୍ବେଦ) ରକ୍ତକଣ୍ଡରେ ଘରଣତ ହେବା ଯୁଦ୍ଧରୁ ରକ୍ତର ଅବସ୍ଥା; ରସ (ହି. ଶ)—11. Serum. ୧୨ । ପିତ୍ତ (ହି. ଶ)—12. Bile; gastric juice (Apte). ୧୩ । ମାର୍ଗଶିର ମାସ (ହି. ଶ)—13. The month of Mārgaśira. ୧୪ । ବାମ ନେତ୍ର (ହି. ଶ)—14. The left eye. ୧୫ । କରତଳର ମଧ୍ୟଭାଗ (ହି. ଶ)—15. The middle of the palm ୧୬ । ପିତୃଗଣ ବିଶେଷ [ଦ୍ର. ଶ]—16. A class of the Pitṛus or the manes. ୧୭ । ଜ୍ୟୋଚ୍ଛଷୋଳ

Digitized by srujanika@gmail.com

୬୦ ବର୍ଷ ମଧ୍ୟରୁ ଏକ (ହୃ. ଶ)—17. One of the 60 astrological years. [ଦ୍ର—ଏ ବର୍ଷ ଅନାବୃଷ୍ଟି, ମୂଷିକ ଓ ଶଲଭମାନଙ୍କ ଉପଦ୍ରବ, ରୋଗବୃଦ୍ଧି ଓ ରାଜାମାନଙ୍କ ମଧ୍ୟରେ ଶତ୍ରୁତା ହୁଏ—ହୃ. ଶ ।] ୧୮ । ପୌରାଣିକ ଦ୍ୱୀପବିଶେଷ—18. Name of a mythological island. ବିଣ—୧। ମୃଦୁ; ଅନୁଗ्र— (ସୌମ୍ୟତା[ତ୍ୱ]—ବ) 1. Mild; gentle. ୨ । ଶାନ୍ତମୂର୍ତ୍ତି— [ସୌମ୍ୟା—ସ୍ତ୍ରୀ] 2. Of calm appearance or shape ୩ । ପ୍ରସନ୍ନ—3. Favourable. ୪ । ମନୋଜ୍ଞ; ସୁନ୍ଦର—4. Charming; graceful. ୫ । ନିପୁଣ; ଦକ୍ଷ—5. Skilful. ୬ । ସୋମଦେବତାବିଶିଷ୍ଟ—6. Having 'Soma' or 'Chandra' as the presiding Deity. ୭ । ଶୁଭ—7. Auspicious (Apte) ୮ । ଉଜ୍ଜ୍ୱଳ—8. Bright; brilliant (Apte) ୯ । ସୋମ ସମ୍ବନ୍ଧୀୟ—9. Relating to Soma.

ସୌମ୍ୟକୃଚ୍ଛ୍ର ବ୍ରତ—ସ. ବ—ପ୍ରାୟଶ୍ଚିତ୍ତ ବା ବ୍ରତ ବିଶେଷ (ପ୍ରାୟଶ୍ଚିତ୍ତ ଚନ୍ଦ୍ରି)—A sort of expiation or religious vow.

[ଦ୍ର—ଏଥିରେ ପ୍ରତିଦିନ ଯଥାକ୍ରମେ ପିଣ୍ୟାକ=ସୁଣି ପିଣ୍ଡିଆ, ଆଗ୍ନ=ଘିଅର ସେଚ, ଉଦକ=ଦହି, ଅମ୍ବୁ=ଜଳ ଓ ଶକ୍ତୁ=ଛତୁଆ ଖାଇବାକୁ ହୁଏ ଓ ପଷ୍ଠଦିନ ଉପବାସ କରିବାକୁ ହୁଏ । (ଗରୁଡ଼ ପୁରାଣ) ।

ଏହ ଉକ୍ତ ପ୍ରାୟଶ୍ଚିତ୍ତର ନାମ ଯଥା—ପ୍ରାଜାପତ୍ୟ, ଆସୁରଦନ, ଶିଶୁକୃଚ୍ଛ୍ର, ଚନ୍ଦ୍ରାଜ, ଅତିକୃଚ୍ଛ୍ର, ପୂର୍ଣ୍ଣକୃଚ୍ଛ୍ର, ସୌମ୍ୟ ବା ସୌମ୍ୟକୃଚ୍ଛ୍ର, କୃଚ୍ଛ୍ର, ଅତିକୃଚ୍ଛ୍ର ।]

ସୌମ୍ୟ ଗନ୍ଧ(ନ୍ଧି)—ସ. ବ—ଶତପତ୍ର (ରାଜନିର୍ଘଣ୍ଟ); ସେବତୀ ଫୁଲ— Saumya gandha(ndhi) Muskrose.

ସୌମ୍ୟ ଗ୍ରହ—ସ. ବ—ଶୁଭ ଗ୍ରହ— Saumya graha Auspicious planet. [ଯାହାପ୍ରତି—ବିପରୀତ] [ଦ୍ର—ଚନ୍ଦ୍ରମା, ଯାହାପ୍ରତି ବୁଧ, ବୃହସ୍ପତି ଓ ଶୁକ୍ରଙ୍କୁ ସୌମ୍ୟଗ୍ରହ କୁହାଯାଏ ।]

ସୌମ୍ୟ ଜ୍ୱର—ସଂ. ବ—ବାତପିତ୍ତ ବା ବାତଜ୍ୱରର ପ୍ରକୋପଜନିତ Saumyn jwnru ଜ୍ୱର—A kind of fever. [ଦ୍ର—ଏଥିରେ କେବେ କେବେ ଜ୍ୱରର ଭାବ ବେଶୀ ହୁଏ, କେବେ କେବେ କମିଯାଏ—ହୃ. ଶ ।]

ସୌମ୍ୟତରା—ସ. ବ. ସ୍ତ୍ରୀ—ଦୁର୍ଗାଙ୍କର ନାମବିଶେଷ (ଦେବୀମାହାତ୍ମ୍ୟ)— Saumyatarā A name of Durgā.

ସୌମ୍ୟଦର୍ଶନ—ସ. ବଣ. ସଂ—(ବହୁବ୍ରୀ.ହି) ସୁନ୍ଦର ଦର୍ଶନ— Saumyadarśana Of lovely appearance. (ସୌମ୍ୟଦର୍ଶନା—ସ୍ତ୍ରୀ)

ସୌମ୍ୟ ଧାତୁ—ସ. ବ—କଫ (ରାଜନିର୍ଘଣ୍ଟ)— Saumya dhātu Phlegm; mucus.

ସୌମ୍ୟ ଧ୍ରୁବ—ସ. ବ—ଉତ୍ତର ମେରୁ ଉପରେ ଥିବା ଧ୍ରୁବ ତାରା— Saumya dhurba The Pole star. (ସୌମ୍ୟ ଧ୍ରୁବ ତାରା—ଅନ୍ୟରୂପ) [ଦ୍ର—ଏହି ଧ୍ରୁବ ତାରାକୁ ଆମ୍ଭମାନେ ଦେଖି ପାରୁଁ ଏବଂ ଏହାକୁ ଦେଖି ନାବିକ-(ଜଳଯାନ—ଯାମ୍ୟଧ୍ରୁବ) ମାନେ ଦିଙ୍ନିର୍ଣ୍ଣୟ କରନ୍ତି ।]

ସୌମ୍ୟ ବାର(ବାସର)—ବୁଧବାର— Saumya bāra(bāsara) Wednesday.

ସୌମ୍ୟ ଭାବ—ସ, ବ—୧ । ଶାନ୍ତଭାବ—1. Calm or mild Saumya-bhāba condition. ୨ । ପ୍ରସନ୍ନଭାବ—2. Favourable condition. ୩। ସାଧୁଭାବ—3.Goodness.

ସୌମ୍ୟ ମୂର୍ତ୍ତି—ସ. ବ (କର୍ମଧା)—୧ । ସୁନ୍ଦର ରୂପ— Saumya mūrtti 1. Graceful form. (ସୌମ୍ୟ ରୂପ—ଅନ୍ୟରୂପ) ୨ । ଶାନ୍ତ ମୂର୍ତ୍ତି— 2. Calm or placid form. ବିଣ. (ବହୁବ୍ରୀ.ହି) ସୁନ୍ଦରଶ୍ୟକପଯୁକ୍ତ; ଶାନ୍ତ ବା ସୁନ୍ଦର ଆକୃତିବିଶିଷ୍ଟ— Having a graceful form.

ସୌମ୍ୟା—ସ. ବଣ. ସ୍ତ୍ରୀ (ସୌମ୍ୟ+ସ୍ତ୍ରୀ ଆ)—ସୌମ୍ୟର ସ୍ତ୍ରୀଲିଙ୍ଗ— Saumyā Feminine of Saumya. ବ—୧ । ଦୁର୍ଗା (ଦେବୀମାହାତ୍ମ୍ୟ)—1. Goddess Durgā. ୨ । ମହେନ୍ଦ୍ରବାରୁଣୀ (ରାଜନିର୍ଘଣ୍ଟ)—2. A kind of big Mahākāla creeper and its fruit; Trichosanthes Palmata. ୩ । ରୁଦ୍ର ଜଟା (ରାଜନିର୍ଘଣ୍ଟ)—3. Uraria Picta (a plant). ୪ । ମହାଜ୍ୟୋତିଷ୍ମତୀ (ରାଜନିର୍ଘଣ୍ଟ)—4. A wild plaat (the buds of which make a bursting sound) ୫ । ମହାଷବଲ୍ଲୀ; ମାଲାକଗରୁଡ଼ୀ ଲତା— 5. A kind of medicinal creeper. ୬ । ଗୁଞ୍ଜା; କାଉଁ (ରାଜନିର୍ଘଣ୍ଟ)— 6. Abrus Pracatorius; a small pealike black-headed red berry enclosed in pod. ୭ । ଶାଳପର୍ଣ୍ଣୀ (ରାଜନିର୍ଘଣ୍ଟ) (ଦେଶ)— 7. Sālaparṇṇī (See). ୮ । ମଲ୍ଲିକା (ରାଜନିର୍ଘଣ୍ଟ)—8. Arabian Jasmine. ୯ । ବ୍ରାହ୍ମୀ (ରାଜନିର୍ଘଣ୍ଟ) (ଦେଶ)— 9. Brāhmī (See). ୧୦ । ଶଟି (ରାଜନିର୍ଘଣ୍ଟ) (ଦେଶ)—10. Śāṭi (See) ୧୧ । ମୁକ୍ତା (ହୃ. ଶ.)—11. Pearl. ୧୨ । ମୃଗଶିର୍ଷ ନକ୍ଷତ୍ର (ହୃ. ଶ.)—12. The Orion's head (constellation).

ସୌଯବସ—ସ. ବ—ଭକ୍ଷଣର ପ୍ରଚୁରତା (ହୃ. ଶ)— saujabasa Abundance of grass.

ସୌର—ସ. ବଣ (ସୂର୍ଯ୍ୟ=ସୂର୍ଯ୍ୟ+ସମ୍ବନ୍ଧାର୍ଥେ ଅ)—୧ । ସୂର୍ଯ୍ୟସମ୍ବନ୍ଧୀୟ Saura 1. Relating to the sun; solar. ୨ । ସୂର୍ଯ୍ୟଙ୍କଠାରୁ ଜାତ—2. Born of the sun. ୩ । (ସୁର+ଅ)—ଦେବସମ୍ବନ୍ଧୀୟ—Relating to the gods. ବ (ସୂର+ଅତଦ୍ଧିତାର୍ଥେ ଅ)—୧ । (ସୂର୍ଯ୍ୟ-

ସୂଚ) ଶନୈଶ୍ଚର—1. Planet Saturn ୨ । ଯମ—2. The God of death. ୩ । ବୈବସ୍ୱତମନୁ—3. Name of Manu or Progenitor of mankind. ୪ । (କ୍ରୁଗ୍ଦିଙ୍କର କାଳୀନ ସୂଚ) କର୍ଣ୍ଣ—4. King Karṇṇa. ୫ । ବାଳି ଓ ସୁଗ୍ରୀବ—5. Name of the monkey kings Bāli and Sugrība. ୬ । ଡୁମୁରୁ ବୃକ୍ଷ (ଗ୍ରନ୍ଥଦର୍ଣ୍ଣ)—6. A tree; Zanthoxylum Alatum. ୭ । ସୂର୍ଯ୍ୟଙ୍କ ରାଶିଭୋଗାବଚ୍ଛିନ୍ନ ମାସ; ସୌରମାସ; ଯେଉଁ କାଳ (୩୦$\frac{5}{8}$ ଦିନ) ମଧ୍ୟରେ ସୂର୍ଯ୍ୟ ଗୋଟିଏ ରାଶିକୁ ଅତିକ୍ରମ କରନ୍ତି—7. A solar month of 30$\frac{5}{8}$ days. ୮ । ସୂର୍ଯ୍ୟୋପାସକ; ସୂର୍ଯ୍ୟଭକ୍ତ—8. A devotee or worshipper of the Sungod. ୯ । ତନ୍ତ୍ରୋକ୍ତ ଗୁରୁ ବିଶେଷ (ତନ୍ତ୍ରସାର)—9. A class of Tantric preceptors. [ଦ୍ର—ତନ୍ତ୍ର ଅନୁସାରେ ନବପ୍ରୋକ୍ତ ୨ ଗୋଟି ଗୁରୁ ମଧ୍ୟ ଶ୍ରେଣୀରେ ଅଟନ୍ତି; ଯଥା—ଦୈଡ଼, ଶାମ୍ଭୋଭବ, ସୌର, ମାରଧ, କୌଳ, କୌଶଳ, ବଶାର୍ଣ୍ଣ ।] ୧୦ । ମଗ ବ୍ରାହ୍ମଣ—10. The class of Brahmins of the Maga country. ୧୧ । ଦକ୍ଷିଣ ଚକ୍ଷୁ (ହୃ. ଶ)—11. The right eye. ୧ । ଧନିଆ (ହୃ, ଶ)—12. Coriander. ୧୩ । (କାଳ) ବିଂଶ କଳ୍ପ (ହୃ. ଶ)—13. The name of the 20th Kalpa. ୧୪ । (ନାମ) ଏକ ସାମର ନାମ (ହୃ. ଶ)—14. Name of a Vedic hymn.

ସୌର କର—ସ. ତ (କର୍ମଧା)—ସୂର୍ଯ୍ୟଙ୍କ କିରଣ—
Saura kara Sun's rays.

ସୌର ଗଣନା—ସ. ବି (କର୍ମଧା)—ସୂର୍ଯ୍ୟଙ୍କ ଗତି ବା ଅବସ୍ଥିତି ଅନୁସାରେ କରାଯିବା ଗଣନା—Calculation made according to the position or movement of the sun.
Saura gaṇanā

ସୌରଜ—ସଂ. ବିଣ (ସୌର+ଜନ୍. ଧାତୁ+କର୍ତ୍ତୃ. ଅ)—ସୌରଠାରୁ ଜାତ—Born of Saura. ବି—୧ । ଡୁମୁରୁ ବୃକ୍ଷ [ଗ୍ରନ୍ଥଦର୍ଣ୍ଣ]—1. Zanthoxylum Alatum. ୨ । ଧନ୍ୟାକ; ଧନିଆ [ହୃ. ଶ]—2. Coriander.
Sauraja

ସୌର ଜଗତ୍—ସ.ବି—ଏକ ସୂର୍ଯ୍ୟ ଓ ତାହାର ଚାରିଆଡ଼େ ଘୂରୁଥିବା ଗ୍ରହ ଉପଗ୍ରହାଦିର ମଣ୍ଡଳ—The solar system. [ଦ୍ର—ସୂର୍ଯ୍ୟ ସୌର ଜଗତର କେନ୍ଦ୍ରସ୍ୱରୂପ । ଏହାର ଅଭିକର୍ଷଣଦ୍ୱାରା ନାନାବିଧ ଗ୍ରହ, ଉପଗ୍ରହ, ଧୂମକେତୁ ସୂର୍ଯ୍ୟର ଚାରିଆଡ଼େ ପାଞ୍ଚିର ଖାଇ ସବଦା ବୁଲିଥାନ୍ତି । ପୃଥିବୀ ମଧ୍ୟ ଗୋଟିଏ ଗ୍ରହ; ବ୍ରହ୍ମାଣ୍ଡରେ ବହୁ ସୌର ଜଗତ ଅଛି ।]
Saura jagat

ସୌରଣ—ସ. ବିଣ (ସୂରଣ+ଅ)—ସୂରଣ ବା ଓଲୁଅ ସମ୍ବନ୍ଧୀୟ—Relating to the wild arum.
Sauraṇa

ସୌରତ—ସ. ବିଣ (ସୁରତ+ଅ)—ରତକ୍ରୀଡ଼ା ସମ୍ବନ୍ଧୀୟ—Relating to coition; venal.
Saurata
ସ. ବି—ସୁରତ; ରତକ୍ରୀଡ଼ା—Copulation.

ସୌରତ୍ୟ—ସ. ବି [ସୁରତ+ଷ୍ୟ]—ରତସୁଖ; ସମ୍ଭୋଗ—Copulation; sexual enjoyment.
Sauratya

ସୌର ଦିନ(ଦିବସ)—ସ.ବି—ଏକଦିନର ସୂର୍ଯ୍ୟୋଦୟଠାରୁ ଅପରଦିନର ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ୨୪ ଘଣ୍ଟା ବା ୬୦ ଦଣ୍ଡ କାଳ—A solar day of 24 hours or 60 daṇḍas
Saura dina (dibasa)

ସୌରଧ୍ରୀ—ସ. ବି—ଏକ ପ୍ରକାର ଛୋଟ ବା ସିତାର (ହୃ. ଶ)
Sauradhrī A kind of guitar.

ସୌର ନକ୍ତ—ସ. ବି—ତ୍ରତ ବିଶେଷ—Name of a religious vow.
Saura nakta
[ଦ୍ର—ସ୍ନାନଶ୍ରାଦ୍ଧଯୁକ୍ତ ରବିବାରରେ ଏ ବ୍ରତ କରିବାର ବିଧି । ଚତୁର୍ଦ୍ଦଶାଙ୍ଗଦୋଷର ଉଚ୍ଚତାର ଦ୍ୱିଗୁଣ ପରିମିତ ଶୁଦ୍ଧ ଭୂମିରେ ପଡ଼ିବା ଅବସ୍ଥାରେ ସୂର୍ଯ୍ୟ ଥିବ ବେଳେ ଏ ବ୍ରତ କରି ଦିନଯାକ ଉପବାସ ରହି ସୂର୍ଯ୍ୟ ପୂଜା କରି ରାତିରେ ଖାଇବାକୁ ହୁଏ—ନୃସିଂହପୁରାଣ ।]

ସୌରପତ—ସ. ବି—ସୂର୍ଯ୍ୟୋପାସକ(ହୃ. ଶ)—
Saurapata Worshipper of the Sun.

ସୌର ପରିକର—ସଂ. ତ (କର୍ମଧା)—ସୌରଜଗତ୍ (ଦେଖ)
Saura parikara The solar system.

ସୌର ବତ୍ସର (ବର୍ଷ, ସମ୍ବତ୍ସର)—ସଂ. ତ (କର୍ମଧା)—୩୬୫ ଦିନ ୬ ଘଣ୍ଟା କାଳ ବିଶିଷ୍ଟ ବର୍ଷ; ଯେଉଁ ସମୟ ମଧ୍ୟରେ ପୃଥିବୀ ଥରେ ସୂର୍ଯ୍ୟର ଗୋଟାଏଡ଼େ ବୁଲି ଆସେ; ସୂର୍ଯ୍ୟର ଦ୍ୱାଦଶ ରାଶିକୁ ଥରେ ଭୋଗ କରିବାର ଅବଚ୍ଛିନ୍ନ କାଳ—A solar year of 365$\frac{1}{4}$ days.
Saura batsara (barsha, sambatsara)
[ଦ୍ର—ସୌର ବର୍ଷର ଗଣନା ଏକ ମେଷ ସଂକ୍ରାନ୍ତିଠାରୁ ଅରମ୍ଭରୀ ମେଷ ସଂକ୍ରାନ୍ତିର ପୂର୍ବ ଦିନ ପର୍ଯ୍ୟନ୍ତ କରାଯାଏ ।]

ସୌରଭ—ସଂ. ବି (ସୁରଭ+ଷ୍ଟ୍ରୀ. ଅ)—୧ । ସୁଗନ୍ଧ; ସୁବାସ—1. Sweet scent; fragrance. ୨ । ସୌନ୍ଦର୍ଯ୍ୟ—2. Beauty. ୩ । ସୌଗନ୍ଧ୍ୟ—3. The state of being fragrant. ୪ । କୁଙ୍କୁମ (ହିଙ୍ଗୁ ଶ୍ରେଷ୍ଠ) (ଦେଖ), ଜାଫ୍ରାଣ ଦ୍ର—4. Kuṅkuma (See), saffron. ୫ । ଗୁଣଗୌରବ (ମେଦନୀ)—5. Greatness of good qualities. ୬ । ବୋଳ; ଧୂଣା (ଗ୍ରନ୍ଥଦର୍ଣ୍ଣ)—6. Resin. ୭ । ଡୁମୁରୁ ବୃକ୍ଷ ଓ ତଦ୍ଜାତ ସୁଗନ୍ଧ ଦ୍ରବ୍ୟ (ହୃ. ଶ)—7. Xanthoxylum Alatum (a tree) and the scented article got from it. ୮ । ଆମ୍ବ (ହୃ. ଶ)—8. Mango. ୯ । ଧନିଆ (ହୃ. ଶ)—9. Coriander. ୧୦ । ସାମ ବେଦର [ହୃ. ଶ]—10. Name of a Vedic hymn. ବି. ତତ—୧ । ସୁଗନ୍ଧିତ [ହୃ. ଶ]—1. Sweet scented. ୨ । ସୁରଭ ଗାଈଠାରୁ ଉତ୍ପନ୍ନ

Digitized by srujanika@gmail.com

[ହ୍ର. ଶ]—2. Produced from the divine cow Surabhi

ସୌରଭକ—ବଂ· ବ [ସୌରଭ+କ]—୧ । ସୌରଭ (ଦେଖ)—Saurabhaka 1. Saurabha (See) ୨ । ବର୍ଣ୍ଣବୃତ୍ତି ଭେଦ—2. Name of a syllabic metre. [ଦ୍ର—ଏହାର ପ୍ରଥମ ଚରଣରେ ୪ଗଣ, ଜଗଣ, ସଗଣ ଓ ୧ ଲଘୁ, ଦ୍ୱିତୀୟ ଚରଣରେ ନଗଣ, ସଗଣ, ଜଗଣ ଓ ୧ଗୁରୁ, ତୃତୀୟ ଚରଣରେ ରଗଣ, ନଗଣ, ଭଗଣ ଓ ୧ଗୁରୁ, ଚତୁର୍ଥ ଚରଣରେ ସଗଣ, ଜଗଣ, ସଗଣ, ଜଗଣ ଓ ୧ଗୁରୁବର୍ଣ୍ଣ ଥାଏ—ହ୍ର. ଶ ।]

ସୌରଭମୟ—ବି· ବ୍ର.—୧ । ସୁବାସ ବିଶିଷ୍ଟ—1. Fragrant; Saurabhamaya sweet smelling. ୨ । ସୁଗନ୍ଧିତ—(ସୌରଭଶାଳୀ—ଅନ୍ୟରୂପ) 2. Sweet scented. [ସୌରଭମୟୀ, ସୌରଭଶାଳିନୀ—ସ୍ତ୍ରୀ]

ସୌରଭ ରାଶି—ସଂ· ବ (୬ଷ୍ଠୀ ତତ୍ପୁ)—ପ୍ରଚୁର ସୁଗନ୍ଧ—Saurabha rāśi Much fragrance. (ସୌରଭ ସମୂହ, ସୌରଭ ସମ୍ଭାର—ଅନ୍ୟରୂପ)

ସୌରଭାନ୍ୱିତ—ସଂ. ବିଣ (ସୌରଭ+ଅନ୍ୱିତ; ଉତ୍ତାତ୍ୱା ତତ୍)—Saurabhānwita ସୌରଭଯୁକ୍ତ; ସୁବାସିତ—Sweet-scented.

ସୌରଭିତ—ସଂ. ବିଣ (ସୌରଭ+ଇତ)—ସୌରଭଯୁକ୍ତ; ସୁବାସିତ—Saurabhita Sweet scented.

ସୌରଭେୟ ସଂ. ବିଣ (ସୁରଭି+ଏୟ)—ସୁରଭି ସମ୍ବନ୍ଧୀୟ—Saurabheya Relating to Surabhi (cow and (ସୌରଭେୟୀ—ସ୍ତ୍ରୀ) fragrance). ବି. ପୁଂ (ସୁରଭି+[ସୌରଭେୟକ—ଅନ୍ୟରୂପ] ଅପତ୍ୟାର୍ଥେ. ଏୟ)—ବୃଷ; ଷଣ୍ଢ (ଅମର)—Bull.

ସୌରଭେୟୀ—ସଂ· ବ (ସୌରଭେୟ+ସ୍ତ୍ରୀ· ଈ)—୧ । ଗାଈ; ଗାଭୀ Saurabheyī (ଅମର)—1. Cow. ୨ । ସୁରଭି ଗାଭୀର କନ୍ୟା ନନ୍ଦିନୀ—2. The cow Nandini, daughter of Surabhi. ସଂ. ବି. ସ୍ତ୍ରୀ—ସୌରଭେୟର ସ୍ତ୍ରୀଲିଙ୍ଗ—Feminine of Saurabheya.

ସୌରଭ୍ୟ—ସଂ· ବ (ସୁରଭି+ତ୍ୱବ· ଯ)—୧ । ସୁବାସ; ସୁଗନ୍ଧି Saurabhya (ସେନ୍ଦଗ)—1. Sweet scent; fragrance. ୨ । ସୌରଭ୍ୟ—2. The state of being fragrant. ୩ । ମନୋଜ୍ଞତ୍ୱ; ସୌନ୍ଦର୍ଯ୍ୟ (ସେନ୍ଦଗ)—3. Beauty; grace. ୪ । ଗୁଣ ଗୌରବ (ସେନ୍ଦଗ)—4. Greatness of good qualities. ୫ । କୁବେର (ଶବ୍ଦ ରତ୍ନାବଳୀ)—5. The God of wealth. ୬ । ପ୍ରସିଦ୍ଧି (ହ୍ର. ଶ)—6. Celebrity; fame.

ସୌର ମଣ୍ଡଳ—ସଂ· ବ—୧ । ସୂର୍ଯ୍ୟମଣ୍ଡଳ—1. The sun's disc. Saura maṇḍala ୨ । ସୌର ଜଗତ୍—2. The solar system.

ସୌର ମାନ—ସଂ. ବିଣ (ସୌର+ମାନ=ତତ୍ପୁମାଣ)—ସୌରଗଣନା ବା Saura māna ସୂର୍ଯ୍ୟଙ୍କଗତି ଦ୍ୱାରା ପରିମିତ (ବର୍ଷ, ମାସ, ଦିବସ)—Calculated by the solar measurement or movement.

ସୌର ମାସ—ସଂ.ବ—ସୂର୍ଯ୍ୟଙ୍କର ଏକ ରାଶିକୁ ଭୋଗ କରିବାର ଅବଚ୍ଛିନ୍ନ Saura māsa କାଳ (୩୦$\frac{5}{8}$ ଦିନ)—A solar month (30$\frac{5}{8}$ days. [ଦ୍ର—ଆମ୍ଭେମାନେ ସୌରମାସ) ଅନୁସାରେ ମାସର ଦିନସଂଖ୍ୟା ଗଣନା କରୁଁ; ଯଥା—ମଙ୍ଗର ବା ମାଘ ୧ ଦିନ, ୨ ଦିନ, ୩ ଦିନ; ଏଣୁ ପୂର୍ବେ ବୈଦିକ ଯୁଗ। ଓ ସିଦ୍ଧାନ୍ତ ଯୁଗରେ ଶୁଦ୍ଧ ମାସ ଅନୁସାରେ ଦିନ ଗଣନା କରୁଥିଲୁଥିଲେ। କେହି କେହି ଅମାବାସ୍ୟାଠାରୁ ଦିନ ପ୍ରତିପଦଠାରୁ ମାସର ପ୍ରଥମ ଦିନ ଗଣନ୍ତି (ଗୌଣଶୁଦ୍ଧ); କେହି ପୂର୍ଣ୍ଣିମା ବାସି ପ୍ରତିପଦ୍ ପର ଠାରୁ ଗଣନ୍ତି (ମୁଖ୍ୟ-ଶୁଦ୍ଧ)।

ଭାରତର ଦକ୍ଷିଣାଞ୍ଚଳରେ (ଯଥା—ମାରବାଡ଼ିମାନେ) ଶୁକ୍ଳ ଓ କୃଷ୍ଣପକ୍ଷର ଛଅଟି ସଂଜ୍ଞା ଅନୁସାରେ ତାରିଖ ଗଣନା କରନ୍ତି (ଯଥା—କାର୍ତ୍ତିକ ସୁଦ ୩=କାର୍ତ୍ତିକ ଶୁକ୍ଳ-ପକ୍ଷ ତୃତୀୟା)।

ମୁସଲମାନ୍ ମାନଙ୍କର ମାସ, ବର୍ଷ ଓ ଦିନ ଗଣନା ଶୁଦ୍ଧ-ମାନ ଭଳେ ନୁହେଁ। ମୁସଲମାନ୍‌ମାନେ ଅମାବାସ୍ୟା ପରେ ପ୍ରଥମ ଚନ୍ଦ୍ରଦର୍ଶନ ସନ୍ଧ୍ୟାଠାରୁ (ପୌଣ ଶୁଦ୍ଧମାନ ଭଳେ) ମାସ ଗଣନା ଆରମ୍ଭ କରନ୍ତି।

ଆମ୍ଭେମାନେ ସୂର୍ଯ୍ୟୋଦୟ ଠାରୁ ଦିନ ଗଣନା କରୁଁ। ଇଂରାଜମାନେ ରାତ୍ରି ୧୨ଟା ତତ୍ତ୍ୱଗତରୁ ଦିନ ଗଣନା କରନ୍ତି।]

ସୌର ସମ୍ବତ୍ସର—ସଂ. ବ—ସୌର ବତ୍ସର (ଦେଖ) Saura saṁbatsara Saura batsara (See)

ସୌର ସିଦ୍ଧାନ୍ତ—ସଂ. ବ—ସୂର୍ଯ୍ୟ ସିଦ୍ଧାନ୍ତ (ଦେଖ) Saura siddhānta Sūrjya siddhānta (See)

ସୌରସେନ—ସଂ. ବ—ସ୍କନ୍ଦ; କାର୍ତ୍ତିକେୟ—Saurasena Name of God Kārttikeya.

ସୌରସେନା—ବେ. ବିଣ—ମଥୁରାସ୍ଥିତ ବାସୀ—Inhabiting Mathurā. Sauraseni (ଦ୍ର—ଅସୁରନ୍ତ ଶବ୍ଦସିଦ୍ଧ ସୌରସେନୀ ସୌରସେନା ସ୍ତ୍ରୀରେ, ଶୌରସେନୀ ପ୍ରାକୃତ ଭାଷାର ନାମ। ଗ୍ରିୟର୍ସନ, ମହାଶୟ।)

ସୌରସେୟ—ସଂ· ବ. ପୁଂ (ସୁରସା+ଅପତ୍ୟାର୍ଥେ. ଏୟ)—ସ୍କନ୍ଦ; କାର୍ତ୍ତିକେୟ—Kārttikeya. Saurasēya

ସୌର ସୈନ୍ଧବ—ସଂ. ବିଣ (ସୁରସିନ୍ଧୁ+ଅ)—ଗଙ୍ଗା ସମ୍ବନ୍ଧୀୟ—Saura saindhaba Relating to the Ganges. ବ—୧ । ଗଙ୍ଗାପୁତ୍ର—1. The son of the Ganges. ୨ । ଭୀଷ୍ମ—2. Bhīshma. ୩ । (ସୌର=ସୂର୍ଯ୍ୟ+ସୈନ୍ଧବ=ଘୋଡ଼କ) ସୂର୍ଯ୍ୟଙ୍କ ରଥଟାଣୁଥିବା ସପ୍ତ ଘୋଡ଼କ—3. The seven horses drawing the chariot of the Sun god.

Digitized by srujanika@gmail.com

ସୌରସ୍ୟ—ସଂ. ବ (ସୁରସ+ଯ)—ସୁରସତା—
Saurasya Juiciness.

ସୌରାଜ୍ୟ—ସଂ. ବ (ସୁ+ରାଜନ୍+ଷ୍ୟାଞ୍. ଯ)—୧ । ସାଧୁ ରାଜାଙ୍କ ସୁରାଜ୍ୟ ସୁରୁ ହୋଇଥିବା (ଦେଶର) ଅବସ୍ଥା—1. The state of being governed by a good king. ୨ । ସୁଶାସନଦ୍ୱାରା ରାଜତ୍ୱ; ଉତ୍ତମ ରାଜତ୍ୱ ବା ସୁଶାସନ—2. Good government; a reign of good administration.

ସୌରାବ—ସଂ. ନ—ଲଣିଆ ସୋରୁଆ (ତ୍ରି. ଶ)
Saurāba Saline soup.

ସୌରାଷ୍ଟ୍ର—ସଂ. ବ (ସୁରାଷ୍ଟ୍ର+ସ୍ୱାର୍ଥେ. ଅ)—୧ । ସୁରାଷ୍ଟ୍ର ବା ସୁରାଟ ଦେଶ Saurāshṭra (ଜଟାଧର); ଅଧୁନାଳ ସାଟିଅବାଡ଼—1. The country round Surat. [ଦ୍ର—ଏହା ଗୁଜରାଟ—ସାଟିଅବାଡ଼ର ପ୍ରାଚୀନ ନାମ—ତ୍ରି. ଶ ।] ୨ । ସୁରାଷ୍ଟ୍ର-ଦେଶୀୟ ଲୋକ—2. A man of the Surat country. ୩ । ଗୁଜୁରଜ; ଗୁଜୁରୁଗୋଟ (ରାଜନିର୍ଘଣ୍ଟ); ଶଲ୍ଲକୀଜନଯୀଷ; ଲୋବାନ୍—3. Olibanum. ୪ । କାଂସ୍ୟ; କଂସା (ଶବ୍ଦ କଲ୍ପଦ୍ରୁମ)—4. Bell metal. ୫ । ବର୍ଣ୍ଣବୃତ୍ତ ବିଶେଷ (ତ୍ରି. ଶ)—5. Name of a syllabic metre. ବିଣ—(ସୌରାଷ୍ଟ୍ରୀ—ସ୍ତ୍ରୀ) ୧ । ସୁରାଷ୍ଟ୍ର ଦେଶଜାତ—1. Produced in [ସୌରାଷ୍ଟ୍ରେୟ—ବିଣ. ଅନୀୟର୍ପ୍ର] or got from Surat. ୨ । ସୁରାଷ୍ଟ୍ର ଦେଶ ସମ୍ବନ୍ଧୀୟ—2. Relating to the Surat country.

ସୌରାଷ୍ଟ୍ରକ—ସଂ. ନ (ସୌରାଷ୍ଟ୍ର+କ)—୧ । ପଞ୍ଚଲୌହ; ପଞ୍ଚଧାତୁ Saurāshṭraka (ଯଥା—ସ୍ୱର୍ଣ୍ଣ, ରୂପା, ତମ୍ବା, ରାଙ୍ଗ, ସୀସା) (ହେମଚନ୍ଦ୍ର)—1. The five metals, viz, gold, silver, copper, tin and lead. ୨ । ବିଷ ବିଶେଷ (ତ୍ରି. ଶ)—2. A kind of poison. ବିଣ—ସୁରାଷ୍ଟ୍ରଦେଶ ସମ୍ବନ୍ଧୀୟ—Relating to the Surat country.

ସୌରାଷ୍ଟ୍ର ମୃତ୍ତିକା—ଦେ. ନ—ସୌରାଷ୍ଟ୍ରୀ (ଦେଖ)
Saurāshṭra mṛuttikā Saurāshṭrī (See)

ସୌରାଷ୍ଟ୍ରା—ସଂ. ନ (ସୌରାଷ୍ଟ୍ର+ଅ)—୧ । ତୁବରୀ (ରାଜନିର୍ଘଣ୍ଟ) Saurāshṭrā (ଦେଖ)—1. Tubārī (See) ୨ । ବରବଡ଼—2. Cajanus Indicus (a pulse). ୩ । ସୌରାଷ୍ଟ୍ରୀ—(ଦେଖ)—3. Saurāshṭrī (See) ୪ । ବବଁଇ; ବଣ-ତୁଳସୀ; ଲଣ୍ଡାବଗୁଲି—Wild basil plant.

ସୌରାଷ୍ଟ୍ରିକ—ସଂ. ବିଣ (ସୁରାଷ୍ଟ୍ର+ଇକ)—ସୁରାଷ୍ଟ୍ରଦେଶୀୟ—Relating to the Surat country. ନ—ବିଷଭେଦ (ଶବ୍ଦ ରତ୍ନାବଳୀ)—A sort of poisonous root. [ଦ୍ର—ଏହା ସୁରାଷ୍ଟ୍ର ଦେଶରେ ଜାତ ଏକ ପ୍ରକାର ବିଷମୟ ମୂଳ । ଏହାର ପତ୍ର ପଲାଶ ପତ୍ରସଦୃ । ଏ ମୂଳ କୃଷ୍ଣାଗରୁ ସହ ବଳା ଓ କଚୁପତ୍ରର ତେଣ୍ଟେୟା ଓ ବସ୍ତୁତ—ତ୍ରି. ଶ ।]

ସୌରାଷ୍ଟ୍ରୀ—ସଂ. ବଣ (ସୌରାଷ୍ଟ୍ର+ଈ)—ସୌରାଷ୍ଟ୍ରର ସ୍ତ୍ରୀଲିଙ୍ଗ—Femi-Saurāshṭrī nine of 'Saurāshṭra'. ନ—ସୌରାଷ୍ଟ୍ର-ଅନ୍ୟ ସଂ. ନାମ—ଫାଙ୍କଡା, ଦେଶୀୟ ସୁରଭି ମୃତ୍ତିକା; ଗୋଟି-ଭାଙ୍ଗି, ମୃଗ୍ମା, କାଶ୍ମୀ, ଗର୍ଭ୍ୟା, ଚନ୍ଦନ—A kind of fra-ଭାଲକା, ସଙ୍ଗ, ଭୁବଲ୍ଲା, କାଙ୍ଗୁଳୀ, grant earth of Surat. ମୁଚାଲକ, ସୁରଭ୍ୟୁତ୍ପଳା, ଅଡ଼ଙ୍କା, [ଦ୍ର—ଏହାକୁ ହଳଦରେ ଗୋଟି ସୁରମୁଣ୍ଡିକା । ଚନ୍ଦନ ଚବନ୍ତୁ ଓ ଏହା ଗୁଳଚରୁଥେ ଦେହରେ ଲେଖାଯାଏ । ଏହା ମଧ୍ୟ ଔଷଧରେ ଲଗେ । ପିତ୍ତଜ୍ୱରର ଯେଉଁ ଗୁଣ ଏହାର ସେହି ଗୁଣ । ଏହାର ଅଭାବରେ ପଙ୍କର ଉପରସ (ଅର୍ଥାତ୍ ଶୁଖିଲ ପଙ୍କ ଉପରେ ପଡ଼ିବା ସାର) ପ୍ରୟୋଗ କରାଯାଏ । ଏହା ତୀକ୍ଷ୍ଣ, ପିତ୍ତ ବର୍ଦ୍ଧକ ଓ ବ୍ରଣନାଶକ ।]

ସୌରାସ୍ତ୍ର—ସଂ. ନ (ଉପମିତି)—ଦିବ୍ୟାସ୍ତ୍ର ବିଶେଷ (ତ୍ରି. ଶ)
Saurāstra A kind of divine weapon.

ସୌରି—ସଂ. ବ (ସୂର=ସୂର୍ଯ୍ୟ+ଅପତ୍ୟାର୍ଥେ. ଇ)—୧ । ଯମ—Sauri 1. The God of death. ୨ । ଶନି (ଗ୍ରହ)—2. Planet Saturn. ୩ । ଅସନ ବୃକ୍ଷ (ରାଜନିର୍ଘଣ୍ଟ)—3. Indian kino tree. ୪ । ଅତସୀ ଉଲ୍ଲା; ଅଣସୋରିଷା (ରାଜନିର୍ଘଣ୍ଟ)—4. Polanisia Icosandra; Cleome Viscosa (plant) ୫ । କର୍ଣ୍ଣ—5. King Karṇṇa. ୬ । ସୁଗ୍ରୀବ—6. Sugrība, the monkey king. ଦେ. ବ—(ପୁଂ ଓ ସ୍ତ୍ରୀ)—ଲୋକଙ୍କୁ ରଖାଯିବା ନାମ—A name given to males and females.

ସୌରିକ—ସଂ. ବ (ସୁର+ଇକ)—୧ । ସ୍ୱର୍ଗ (ଶବ୍ଦ ରତ୍ନାବଳୀ)—Saurika 1. Heaven. ୨ । (ସୁରା+ଇକ) ସୁରାବଜୟୁକର୍ତ୍ତା; ଶୁଣ୍ଡି—2. Wine seller. ୩ । (ସୌରି+ସ୍ୱାର୍ଥେ. କ) ଶନୈଶ୍ଚର (ଶବ୍ଦ କଲ୍ପଦ୍ରୁମ)—3. Planet saturn. ସଂ. ବିଣ—୧ । ସ୍ୱର୍ଗୀୟ (ତ୍ରି. ଶ)—1. Heavenly. ୨ । ସୁରା ବା ମଦ୍ୟ ସମ୍ବନ୍ଧୀୟ (ତ୍ରି. ଶ)—2. Relating to wine. ୩ । ମଦ୍ୟପାନାର୍ଥ କରାଯାଇଥିବା (ଋଣ)(ତ୍ରି. ଶ)—3. (debt) Incurred for drinking wine.

ସୌରି ବାସର (ବାର)—ପୁ. ବ—ଶନିବାର—
Sauri bāsara (bāra) Saturday.

ସୌରି ମଣି (ରତ୍ନ)—ପୁ. ବ (ସ. ତ. ତ୍ପୁ) (ଶନିଗ୍ରହଙ୍କ ପ୍ରିୟରତ୍ନ)—Sauri maṇi (ratna) ନୀଳମଣି (ରାଜନିର୍ଘଣ୍ଟ)—Sapphire.

ସୌରୀ—ସଂ. ବ. ସ୍ତ୍ରୀ (ସୂର=ସୂର୍ଯ୍ୟ+ଅପତ୍ୟାଦ୍ୟର୍ଥେ. ଅ+ସ୍ତ୍ରୀ ଙ୍ଗୀ)—Saurī ୧ । ସୂର୍ଯ୍ୟଙ୍କ କନ୍ୟା; ଯମୁନା—1. River Jamunā, the daughter of the Sun-god. ୨ । ସୂର୍ଯ୍ୟଙ୍କ ସ୍ତ୍ରୀ; ଛାୟାଦେବୀ; ଜୁରୁଙ୍କ ମାତା (ତ୍ରି. ଶ)—2. Wife of the Sun god. ୩ । ଗାଈ (ତ୍ରି. ଶ)—3. Cow. ୪ । ଅତସୀବର୍ଗୁଳା; ଅଣିସୋରିଷିଆ ଗୁଳ୍ମ—4. Cleome Viscosa (plant).

Digitized by srujanika@gmail.com

ସୌରୟ—ସଂ. ବଣ (ସୌର+ଇୟ) —୧ । ସୂର୍ଯ୍ୟ ସମ୍ବନ୍ଧୀୟ (ମୁଗ୍ଧ-ବୋଧ)—1. Solar. ୨ । ସୂର୍ଯ୍ୟଙ୍କର ହିତକର (ମୁଗ୍ଧବୋଧ)—2. Beneficial to the sun. ସ.ବ—୧ । ବଣାକୁ ଜନ୍ମାଉଥିବା ବୃକ୍ଷବିଶେଷ (ହ. ଶ)—1. A tree exuding a kind of poisonous gum. ୨ । ଉକ୍ତ ବୃକ୍ଷରୁ ନିର୍ଯ୍ୟାସ ବଣାକୁ ଥାଏ (ହ.ଶ)—2. Poisonous gum from the said tree.

ସୌରେୟ—ସଂ. [ବ—ଶ୍ୱେତ ହିଙ୍ଗୁଳୁ; ଧଳାଫୁଲଯୁକ୍ତ ବାସକେରେଣ୍ଡା—The white-flowered variety of Barlaria Cristata plant. [ଦ୍ର—ଏହା କଫ, ବାତରକ୍ତ, କଣ୍ଡୁ ଓ ବିଷନାଶକ । ଏହା ଉକ୍ତ, ଉଷ୍ଣ, ମଧୁର, ଦୀପ୍ୟ, ସ୍ନିଗ୍ଧ ଓ କେଶରଞ୍ଜନ (ଉତ୍ତପ୍ରକାଶ) ।] [ସୌରେୟକ—ଅନ୍ୟରୂପ] ଅନ୍ୟ ୫ ନାମ—କଣ୍ଟଶାରିକା, ବଣଶାରିକା, ଶ୍ୱେତପୁଷ୍ପ, ସୌରେୟୀ, ସଦ୍ଭବ, ସଦାଭବ, ଝିଣ୍ଟି । ଶ୍ୱେତଝିଣ୍ଟି **सफेदकटसरैया** ମ. କୋରେଣ୍ଟା

ସୌର୍ଯ(ର୍ଯ୍ୟ)—ସଂ. ବଣ (ସୂର୍ଯ୍ୟ, ସୂର୍ଯ୍ୟ+ଅ)—ସୂର୍ଯ୍ୟ ସମ୍ବନ୍ଧୀୟ Saurja(rjya) (ହ. ଶ)—Solar. ସଂ. ବ—୧ । ଶନିଗ୍ରହ—1. The planet Saturn. ୨ । (ନାମ) ହିମାଳୟର ଦୁଇଟି ଶୃଙ୍ଗର ନାମ (ହ. ଶ)—2. Name of two peaks of the Himalayas. ୩ । (ନାମ) ସଂବତ୍ସର ବିଶେଷ [ହ. ଶ]—3. Name of an astrological year.

ସୌର୍ଶି(ର୍ଯ୍ୟି)—ସଂ. ବ (ସୌର୍ଯ+ଇନ୍; ୧ମା. ୧ବ)—ହିମାଳୟ Sau rji(rjvi) ପର୍ବତ—The Himalayas.

ସୌର୍ଯୋ(ର୍ଯ୍ୟୋ)ଦୟିକ—ସଂ. ବ (ସୂର୍ଯ୍ୟୋଦୟ+ଇକ)—ସୂର୍ଯ୍ୟୋଦୟ ସମ୍ବନ୍ଧୀୟ Saurjo[rjyo]dayika (ହ. ଶ)—Relating to sunrise.

ସୌଲକ୍ଷଣ୍ୟ—ସଂ. ବ (ସୁଲକ୍ଷଣ+ଯ)—ସୁଲକ୍ଷଣତା (ହ. ଶ)—Saulakshanya The state of being of good sign.

ସୌଲଭ୍ୟ—ସଂ. ବ (ସୁଲଭ+ଯ)—୧ । ସୁଲଭତା (ହ. ଶ)—Saulabhya 1. Cheapness. ୨ । ଅନାୟାସଲଭ୍ୟତା—2. The state of being easy of attainment.

ସୌଲ୍ୱିକ—ସଂ. କ—ତାମ୍ରକୁଟ୍ଟକ (ଅମରଟୀକା;) ଥଟାର (ହ. ଶ)—Saulwika Copper smith.

ସୌଶମ୍ୟ—ସଂ. ବ (ସୁଶମ+ଯ)—ସୁଶମତା; ସୁଶାନ୍ତ (ହ. ଶ)—Sausamya Utter or good peace-

ସୌଶୀଲ୍ୟ—ସଂ. ବ (ସୁଶୀଳ+ଯ)—ସୁଶୀଳତା; ସାଧୁତା (ହ. ଶ)—Sausīlya Uprightness.

ସୌଶ୍ରବସ—ସଂ. ବ (ସୁଶ୍ରବସ୍+ଅ)—ସୁଯଶଃ; ସୁକୀର୍ତ୍ତି (ହ. ଶ)—Sausrabasa Good reputation.

ସୌଶ୍ରେୟ—ସଂ. ବ (ସୁଶ୍ରୀ+ଅ) ଐଶ୍ୱର୍ଯ୍ୟ; ବୈଭବ—Sausreya Prosperity; splendour.

ସୌଷିର—ସଂ. ବ (ସୁଷିର+ଅ)—୧ । ବାତ୍ୟାଙ୍କର ରୋଗବିଶେଷ—Saushira A disease of the jaws. [ଦ୍ର—ଏ ରୋଗରେ କଫ ଓ ପିତ୍ତର ପ୍ରକୋପରୁ ବାତ୍ୟାଦି ଫୁଲ ବରଳ ଦୁଏ ଓ ବହୁତ ଜ୍ୱଳ ଗଡ଼େ—ହ. ଶ ।] ୨ । ବାଯୁବାଦ୍ୟ ଯନ୍ତ୍ର (ଯଥା—ବଂଶୀ, ତୂରୀ, ସନ୍ତୁଗ) (ହ ଶ)—2. Wind instrument,

ସୌଷିର୍ଯ—ସଂ. ବ (ସୁଷିର+ଯ)—୧ । ଛିଦ୍ରବହୁଳତା (ହ. ଶ)—Saushirjya 1. Porousness. ୨ । ପୋଲାପଣ (ହ. ଶ)—2. Hollowness.

ସୌଷ୍ଠବ—ସଂ. ବ (ସୁଷ୍ଠୁ+ତ୍ୱବେ. ଅ)—୧ । ଆଧିକ୍ୟ; ଅଭିଶଯ—Saushṭhaba 1. Excess; abundance. ୨ । ସୁରୂପତା; ସୌନ୍ଦର୍ଯ୍ୟ; ସୁଗଠନ; ସୁଡୌଲପଣ—2. Symmetry; grace. ୩ । ପ୍ରଶଂସନୀୟତା—3. Praiseworthiness. ୪ । ଉତ୍କୃଷ୍ଟତା—4. Excellence. ୫ । ନାଟକାଙ୍ଗ ବିଶେଷ (ଶବ୍ଦକଳ୍ପଦ୍ରୁମ)—5. A part of a drama. ୬ । ଲଘୁତା; କ୍ଷିପ୍ରତା; ଫୁର୍ତ୍ତି—6, Smartness. ୭ । ଶୃଙ୍ଗାର ନୃତ୍ୟକାଳୀନ ମୁଦ୍ରାବିଶେଷ (ହ. ଶ)—7. A particular dancing posture of the body.

ସୌସାଦୃଶ୍ୟ—ସଂ. ବ (ସୁସଦୃଶ+ତ୍ୱବ. ଯ)—ସଦୃଶତା; ଉତ୍ତମ ମେଳ—Sausādṛusya Equality; good similarity.

ସୌସୁରାଦ—ସଂ. ବ—ବସ୍ତ୍ରାରେ ଜନ୍ମିବା ଏକ ପ୍ରକାର ପୋକ (ହ. ଶ) Sausurāda A kind of maggots or insects growing in foccas.

ସୌସ୍ଥିତ୍ୟ—ସଂ. ବ (ସୁସ୍ଥିତ+ଯ)—୧ । ସୁସ୍ଥିତ (ହ. ଶ)—Sausthitya 1. Good position. ୨ । ଗ୍ରହମାନଙ୍କର ଶୁଭ ଅବସ୍ଥିତ (ହ. ଶ)—2. Anspicious position of planets. [ଦ୍ର—ବୃହତ ସଂହିତାରେ ଲେଖାଅଛି ଯେ ଗ୍ରହମାନଙ୍କର ସୌସ୍ଥିତ୍ୟ ଦେଖି ଗ୍ରାମ ଶହୁ ଅକ୍ରମଣ କଲେ ଥଲ ବଳଶାଳୀ ହେଲେ ମଧ୍ୟ ବହୁ ଶସ୍ୟଧନ ଲାଭ କରନ୍ତି—ହ. ଶ ।]

ସୌସ୍ଥିର୍ଯ—ସଂ. ବ (ସୁସ୍ଥିର+ଯ)—ସୁସ୍ଥିରତା—Sausthirjya The state of being very calm or settled.

ସୌସ୍ନାନିକ—ସଂ. ବ (ସୁସ୍ନାନ+ଇକ)—ଯଜ୍ଞାନୁସ୍ନାନ ସଫଳ ହେଲ କି Sausnānika ନାହିଁ, ଏବଭୂତ ପ୍ରଶ୍ନ (ହ.)—A questioning as to the success of a bath after a vadic sacrifice.

ସୌସ୍ୱର୍ଯ—ସଂ. ବ (ସୁସ୍ୱର+ଯ)—ସୁସ୍ୱରତା (ହ. ଶ)—Sauswarjya The state of being sweet-toned.

Digitized by srujanika@gmail.com

ସୌହାର୍ଦ୍ଦ—ସଂ. ବ (ସୁହୃତ୍+ଅ)—୧ । ସୁହୃତ୍ ପୁତ୍ର; ମିତ୍ରଙ୍କ ପୁତ୍ର—
Sauhārdda 1. The son of one's friend. ୨ ।
ସୌହାର୍ଦ୍ଦ୍ୟ (ଦେଶ)—2. Sauhārddya (See)

ସୌହାର୍ଦ୍ଦ୍ୟ—ସ. ବ (ସୁହୃତ୍+ଷ୍ୟଞ୍. ଯ)—୧ । ସଙ୍ଗ; ମୈତ୍ରୀ—
Sauhārddya 1. Friendship. ୨ । ଘନତ୍ୱ ବନ୍ଧୁତା—
2. Intimate friendship. ୩ । ସ୍ନେହ—
3. Affection; attachment.

ସୌହାର୍ଦ୍ଦ୍ୟ ବନ୍ଧନ—ସଂ. ବ (ରୂପକ)—ମିତ୍ରତାରୂପ ବନ୍ଧନ—
Sauhārddya bandhana Tie of friendship.

ସୌହାର୍ଦ୍ଦ୍ୟ ସଂସ୍ଥାପନ (ସ୍ଥାପନ)—ସଂ. ବ—ବନ୍ଧୁତାର ପ୍ରତିଷ୍ଠା—
Sauhārddya samsthāpana(sthāpana) The setting up of a friendship.

ସୌହିତ୍ୟ—ସଂ. ବ (ସୁହୃତ+ଷ୍ୟଞ୍. ଯ)—୧ । ତୃପ୍ତି (ଅମର)—
Sauhitya 1. Contentment; sateity; satisfaction. ୨ । ପର୍ଯ୍ୟାପ୍ତ ଓ ତୃପ୍ତିକର ଭୋଜନ—2. A full meal; a meal to one's satisfaction. ୩ । ପୂର୍ଣ୍ଣତା—
3. Fullness; completion (Apte). ୪ ।ବନ୍ଧୁତା—
4. Friendliness (Apte)

ସୌହୃଦ(ଦ୍ୟ)—ସଂ. ବ (ସୁହୃତ୍+ଷ୍ୟଞ୍. ଅ; ଯ)—ସୌହାର୍ଦ୍ଦ୍ୟ (ଦେଶ)
Sauhṛuda(dya) Sauhārddya (See)
(ସୌହୃଦସ୍ୱ—ଅନ୍ୟରୂପ)

ସ୍କଟ୍—ବୈଦେ. ବ (ଇଂ)—୧ । ସ୍କଟ୍‌ଲଣ୍ଡ୍‌ଦେଶୀୟ ଲୋକ—1. A
Skaṭ Scot; a native of Scotland. ୨ । [ନାମ] ସର୍
ସ୍କଟ୍ ୱାଲ୍‌ଟର୍ ସ୍କଟ୍ ନାମକ ଅଷ୍ଟାଦଶ ଓ ଉନବିଂଶ ଶତାବ୍ଦୀର
ବ୍ରିଟେନ୍ ଜଣେ ପ୍ରଧାନ କବି ଓ ଉପନ୍ୟାସ ଲେଖକ—
2. Sir Walter Scott; the famous British poet and novelist of the 18th and 19th centuries.

[ଦ୍ର—ସର୍ ୱାଲ୍‌ଟର୍ ସ୍କଟ୍ ୧୭୭୧ ସାଲରେ ସ୍କଟ୍‌ଲଣ୍ଡ୍‌ର ରାଜଧାନୀ ଏଡିନ୍‌ବର୍ଗ ନଗରରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟାବସ୍ଥାରେ ସେ ପ୍ରେମ ହୋଇଥିଲେ, ମାତ୍ର ଗାର୍ହସ୍ଥ୍ୟ ଜୀବନର ଅରଚତ୍ୟ ହେଇଥିଲେ । ଯୌବନର ପ୍ରାରମ୍ଭରେ ବିଦ୍ୟାଳୟରେ ଅଧ୍ୟୟନ ଶେଷ ପରେ, ଅର୍ଥୋପାର୍ଜ୍ଜନ କରିବା ପାଇଁ ସେ ନଜଲ୍ ନଭସ୍ ହୋଇ ଏକ ବୈଠକରେ ୧୨୦ ପୁଲ୍‌ସ୍ଥାପ୍ ପୃଷ୍ଠା ଲେଖି ପାରୁ ଥିଲେ । ତାଙ୍କର ଅଦ୍ଭୁତ ସ୍ମରଣଶକ୍ତି ଥିଲା । ସେ ଲ୍ୟାଟିନ୍, ଇଟାଲିଅନ୍, ସ୍ପାନିଶ୍ ପ୍ରଭୃତି ଅନେକଗୁଡ଼ିଏ ଭାଷା ଶିକ୍ଷି-ଥିଲେ, ଏବଂ ଇତିହାସ, ବିଶେଷତଃ ଯୁଦ୍ଧବର୍ଣ୍ଣନାମାନ ମନୋନବେଶପୂର୍ବକ ପଢ଼ିଥିଲେ । ସେ କିଛିଦିନ ଓକିଲାତି ବ୍ୟବସାୟ କରିଥିଲେ; ମାତ୍ର ସାହିତ୍ୟର ଅକର୍ଷଣ ବଳବତ୍ତର ହେବାରୁ ତାହା ପରିତ୍ୟାଗ କଲେ । ସେ ପ୍ରଥମେ ଅନେକଗୁଡ଼ିଏ କବିତା ଲେଖିଥିଲେ । ସେଥିମଧ୍ୟରୁ ବେତେଟ୍ ଇଂରାଜ ସାହିତ୍ୟରେ ଅତୁଳନୀୟ; (ଯଥା—Lay of the last ministrel, Marmion, The Lady of the Lake). ମାତ୍ର ତାଙ୍କର ଉପନ୍ୟାସଦ୍ୱାରା ଇଂରାଜୀ ସାହିତ୍ୟଜଗତରେ ନବଯୁଗର ଆବର୍ଭାବ ହୋଇଥିଲା । ତାଙ୍କର Waverly novels ନାମକ ଉପନ୍ୟାସ ଇଂରାଜୀ ଭାଷାର ଅମୂଲ୍ୟରତ୍ନ । ବହୁ-ସଂଖ୍ୟକ ପୁସ୍ତକ ଲେଖି ସେ ୧୮୩୨ ସାଲରେ ପ୍ରାଣତ୍ୟାଗ କଲେ ।

ସମ୍ପାଦକ—ଶ୍ରୀ ଜଗନ୍ନାଥ ବିଦ୍ୟାଠୀ ।]

ସ୍କଟ୍‌ଲ(ଲା)ଣ୍ଡ୍—ଦେ. ବ (ଇଂ. ନାମ)—ଇଂଲଣ୍ଡର ଉତ୍ତରକୁ ଲାଗିଥିବା
Skaṭ-la(lā)ṇḍ ଦେଶ—Scotland. [ଦ୍ର—ଇଂଲଣ୍ଡ୍ ଓ
ସ୍କଟ୍‌ଲାଣ୍ଡ୍ ସ୍କଟ୍‌ଲଣ୍ଡ୍ ଗୋଟିଏ ଦ୍ୱୀପ; ଏହାର ପଶ୍ଚିମରେ ଆୟର୍-
ସ୍କଟ୍‌ଲୈରାଣ୍ଡ ଲ୍ୟାଣ୍ଡ ଦ୍ୱୀପ ଅଛି । ଇଂଲଣ୍ଡ୍, ସ୍କଟ୍‌ଲଣ୍ଡ୍ ଓ ଆୟର୍‌ଲ୍ୟାଣ୍ଡ୍‌କୁ ଗ୍ରେଟ୍‌ବ୍ରିଟେନ୍ କୋଇସାଏ । ଇଂଲଣ୍ଡ୍ ଓ ସ୍କଟ୍‌ଲଣ୍ଡ୍‌କୁ ଚଉଅଟ୍ ପାହାଡ଼ (Cheviot hills) ବଉଲ୍ଲ କରି-ଅଛି । ସ୍କଟ୍‌ଲଣ୍ଡ୍‌ରେ ବହୁ ପାହାଡ଼ ଓ ଜଳାଶୟ ଅଛି ଓ ଏହାର ଉପକୂଳରେ ବହୁ ଦ୍ୱୀପ ଅଛି । ଏ ଦେଶର ପ୍ରାକୃତିକ ଦୃଶ୍ୟ ଅତି ମନୋହର । ଗ୍ଲାସ୍‌ଗୋ, ଆବର୍ଡ଼ୀନ୍, ଏଡିନ୍‌ବର୍ଗ, ଡଣ୍ଡୀ ଆଦି ଏଥିର ପ୍ରଧାନ ନଗରମାନ ଅଟନ୍ତି ।]

ସ୍କନ୍ଦ୍(ନ୍ଦ୍)ଧାତୁ—ସ—୧ । ଡେଇଁ କର ଗଲିବା—1. To move by
Skad(nd) root leaps. ୨ । ଚଳନ କରିବା—2. To go. ୩ । ଚଞ୍ଚ କରିବା—3. To move. ୪ । ଶୋଷଣ କରିବା—4. To suck out. ୫ । ଢେଳନ କରିବା; ଅଳାଡ଼ିବା—5. To empty; to pour out. ୬ । ଡେଇଁବା; ଲମ୍ଫ ଦେବା—6. To leap; to jump. ୭ । ଉତ୍କ୍ଷେପଣ କରିବା; ଉପରକୁ ଡେଇଁବା—7. To rise; to jump upwards (Apte). ୮ । ଛଡ଼ି ପଡ଼ିବା—8. To be spilled (Apte) ୯ । ଧ୍ୱଂସପ୍ରାପ୍ତ ହେବା—9. To perish (Apte).

ସ୍କନ୍ଦ—ସ. ବ. ପୁଂ (ସ୍କନ୍ଦ୍ ଧାତୁ=ଗମନ କରିବା+ଘଞ୍. ଅ)—
Skanda ୧ । ଗତି—1. Motion; movement. ୨ । (+ କର୍ତ୍ତୃ. ଅ) କାର୍ତ୍ତିକେୟ; ଶିବଙ୍କ ପୁତ୍ର—
2. Kārttikeya. [ଦ୍ର—ଜାଳନ୍ଧରପୁରଣ ୬୨ ଅଧ୍ୟାୟରେ ଏହାଙ୍କ ଜନ୍ମବୃତ୍ତାନ୍ତ ବର୍ଣ୍ଣିତ ହୋଇଅଛି ।] ୩ । ନୃପତି (ଜଟାଧର)—3. King. ୪ । ଶରୀର (ଦେହାଣ୍ଡ ଶେଷ)—4. Body. ୫ । ସାରଦ (ଗ୍ରନ୍ଥକର୍ତ୍ତା)—
(ପୁତ୍ର—ବୁଧ) 5. Mercury. ୬ । ନଦୀତଟ (ଶବ୍ଦକଳ୍ପଦ୍ରୁମ)—
6. The bank of a river. ୭ । ବିଦ୍ୱାନ୍; ପଣ୍ଡିତ [ଶବ୍ଦ କଳ୍ପଦ୍ରୁମ]—7. Learned man. ୮ । କ୍ରୂର ବାଲଗ୍ରହବିଶେଷ [ଶବ୍ଦ କଳ୍ପଦ୍ରୁମ]—8. An evil supernatural agency attacking child-

Digitized by srujanika@gmail.com

ren; an infantile disease. [ଦ୍—ସ୍କନ୍ଦଗ୍ରହ ବାଳକକୁ ଆଶ୍ରୟ କଲେ ବାଳକ କେତେବେଳେ ହୃଦ୍‌ଦ୍ରବ ଓ କେତେବେଳେ ଶ୍ୱାସଯୁକ୍ତ ଦୋଇ ସ୍ୱେଦନ କରେ ଏବଂ ନଖ ଓ ଦାନ୍ତଦ୍ୱାରା ଜଳର ବା ଧାତ୍ରୀର ଗାଈ ବିଦାରଣ କରେ; ଉର୍ଦ୍ଧ୍ୱଦୃଗ୍‌ରୁ ଦୃଷ୍ଟି କରେ; ଦାନ୍ତ ଘଷେ; ଆର୍ତ୍ତନାଦ ଓ ଓଷ୍ଠଦଂଶନ କରେ; ଚୂଙ୍ଗପତ୍ର ଅଦ୍ଭାଣ କରିଥାରେ ନାହିଁ । ଶିଶୁର ଜୃମ୍ଭା, ବଳହ୍ରାସ, ଦେହର ମଳିନତା, ଜ୍ଞାନାବରୋଧ, ଭ୍ରୂଦ୍ୱୟର କମ୍ପନ, ପୁନଃ ପୁନଃ ଫେନୋଦ୍ଗମ, ଅତ୍ୟନ୍ତ ଜଦ୍ୟାନାଶ, ସ୍ୱରଭଙ୍ଗ, ଅଜୀର୍ଣ୍ଣ ଏବଂ ଶରୀରରେ ମଜ୍ଜା ଓ ରକ୍ତପରି ଦୁର୍ଗନ୍ଧ ହୁଏ ।

ବିଶେଷ ଲକ୍ଷଣ—ସ୍କନ୍ଦଗ୍ରହଗ୍ରସ୍ତ ବାଳକର ଅଙ୍ଗ ଶିଥିଳ, କ୍ଲୈବ୍ୟଯୁକ୍ତ ଦୃଶ ଏବଂ ସେ ସ୍ତନ୍ୟପାନରୁ ବହୁତ ଦୂର; ତାହାର ମୁଖ ବଳ,ବରଣ ଅଳ୍ପତ,ନେତ୍ର ଜଳସ୍ରାବତ,ହସ୍ତଦ୍ୱୟ ମୁଷ୍ଟିବଦ୍ଧ ଓ କଠିନ ହୁଏ ଏବଂ ସେହ ବାଳକ ହୃଦ୍‌ଦ୍ରବ ହୋଇ ଅଲ୍ପ ଅଳ୍ପ ସ୍ୱେଦନ କରେ—ବାଗ୍ଭଟୋକ୍ତ ।] ୯ । ଶିବ—9. Śiba (Apte). ୧୦ । ଚତୁର ବ୍ୟକ୍ତି—10. A clever man. ଗ୍ରା. ବ—(ସଂ. ସ୍କନ୍ଧ) [ଭାଗବତର] ଖଣ୍ଡ; ସ୍କନ୍ଧ—

One volume of 'Bhāgabat'.

ସ୍କନ୍ଦ ଅପସ୍ମାର—ଦେ. ବ—ବାଳରୋଗ ବିଶେଷ—Name of an Skanda apasmāra infantile disease. [ତ୍ର—ସ୍କନ୍ଦଙ୍କ (ସ୍କନ୍ଦାପସ୍ମାର—ସଂ. ଷ୍ଠ) ଅଙ୍ଗାରେ ଗ୍ରହରୂପ ହୋଇ, ବହୁତ ସ୍କନ୍ଦ ଅପସ୍ମାର ନାମ ବହୁ । କୃଷ୍ଣସିଂହ. ମହାଶ୍ୱରତ· ବନ ।] [ଦ୍—ସ୍କନ୍ଦାପସ୍ମାରରେ ଶିଶୁ ଅଚେତ ହୋଇଯାଏ, ଓ। ମୁହଁରୁ ଫେଣ ବାହାରେ । ଚୈତନ୍ୟଲାଭ କରିବା ସମୟରେ ସେ ହାତ ଗୋଡ଼ ଛୁଞ୍ଚାଡ଼େ ଓ ହାଇ ମାରେ; ଶିଶୁର ଶରୀରରୁ ରକ୍ତ ଓ ମଜ୍ଜାର ଗନ୍ଧ ବାହାରେ—ହୃ: ଶ: ।]

ସ୍କନ୍ଦକ—ସଂ. ବ ଓ ବିଶ (ସ୍କନ୍ଦ୍ ଧାତୁ+କଭୁ· ଅକ)—୧। ଲମ୍ଫକାଷ୍—Skandaka 1. One who leaps. ୨ । ସୈନ୍ୟ—2. A soldier (Apte).

ସ୍କନ୍ଦ ଗ୍ରହ—ସଂ. ବ—ସ୍କନ୍ଦ ୮ (ଦେଖ)

Skanda graha Skanda 8 (See)

ସ୍କନ୍ଦନ—ସଂ. ବ (ସ୍କନ୍ଦ୍ ଧାତୁ+ଭାବ· ଅନ)—୧ । ଗମନ; ଗତି—Skandana 1. Going; motion. ୨ । କ୍ଷରଣ—2. Oozing. ୩ । ରେଚନ—3. Emptying. ୪ । ଶୋଷଣ—4. Sucking. ୫ । ଶୀତଳ ପ୍ରୟୋଗଦ୍ୱାରା ରକ୍ତସ୍ରବଣ ବନ୍ଦ କରିବା—5. The suppression of bleeding by cold application [Apte]. ୬ । କୋଷ୍ଠତାରଲ୍ୟ—6. Purging; looseness of the bowe's [Apte]. ୭ । ଶୁଖିଯିବା—

7. Drying up.

ସ୍କନ୍ଦ ପୁତ୍ର—ସଂ· ବ—ଚୋର (ମୁଖଦୋଷ)—

Skanda putra A thief.

ସ୍କନ୍ଦ ପୁରାଣ—ସଂ. ବ—ସ୍ୱର୍ଗୀୟ ବିଶେଷ—Name of a Purāṇa-Skanda purāṇa [ତ୍ର—ସ୍କନ୍ଦ ସ୍ୱର୍ଗରେ ସନତ୍‌କୁମାର ସହିତା, ସୂତ ସହିତା, ଶଙ୍କର ସହିତା, ବୈଷ୍ଣବ ସହିତା, ବ୍ରାହ୍ମ ସହିତା, ସୌର ସହିତା ନାମକ ୭ଟି ସହିତା ଅଛି ଓ ମାହେଶ୍ୱର ଖଣ୍ଡ, ବୈଷ୍ଣବ ଖଣ୍ଡ, ବ୍ରହ୍ମ ଖଣ୍ଡ, କାଶୀ ଖଣ୍ଡ, ରେବା ଖଣ୍ଡ, ତାପୀ ଖଣ୍ଡ ଓ ପ୍ରଭାସ ଖଣ୍ଡ ଅଛି ଓ କେତେକ ମାହାତ୍ମ୍ୟ ଅଛି । ଏ ସ୍ୱର୍ଗର କାଶୀ ଖଣ୍ଡ ଅନ୍ୟ ଖଣ୍ଡମାନଙ୍କ ଅପେକ୍ଷା ପ୍ରସିଦ୍ଧ (ହି. ଶ) । ଏଥିର ଲକ୍ଷିଲ ଖଣ୍ଡରେ ଲକ୍ଷଲର ତୀର୍ଥମାନଙ୍କ ବିବରଣ ଅଛି । ଏ ସ୍ୱର୍ଗର ଶ୍ଲୋକ ସଙ୍ଖ୍ୟା ୮୧୧୦୦ । ଏହା ବ୍ୟାସଦେବଙ୍କ ସଙ୍କଳିତ ।]

ସ୍କନ୍ଦଫଳା—ସଂ. ବ—ଖଜୁର ଗଛ (ହି. ଶ)—

Skandaphalā Date palm.

ସ୍କନ୍ଦର—ଦେ. ବ—ଆଲେକ୍‌ଜାଣ୍ଡର; ସିକନ୍ଦର—Alexander. Skandara सौकन्दर; सिकन्दर. [ତ୍ର—ମଲ୍ଲଦେଲେ ବଳ—ବଳସ୍ଥୀ ସ୍କନ୍ଦର—ରାଧାନାଥ. ତରବାର ।]

ସ୍କନ୍ଦ ଷଷ୍ଠୀ—ସ. ବ—ଚୈତ୍ର ମାସ ଶୁକ୍ଳ ଷଷ୍ଠୀ—The sixth day Skanda shashṭhī of the bright fortnight of Chaitra. [ତ୍ର—ଷଷ୍ଠୀ ଦନ ସ୍କନ୍ଦ ତ ଅଉଷେଚ ଦେଲେ, ଏଣୁ ସ୍କନ୍ଦ ଷଷ୍ଠୀକୁ ସଂସ୍ତ୍ରେ ଯୁକ୍ତଲେ । କୃଷ୍ଣସିଂହ, ମହାଶ୍ୱରତ· ବନ ।] [ତ୍ର—ଏ ଦନ ବ୍ରହ୍ମାଙ୍କ ଦ୍ୱାରା କାର୍ତ୍ତିକେୟ ଦେବତାମାନଙ୍କ ସେନାପତ୍ତ ପଦରେ ଅଭିଷିକ୍ତ ହୋଇଥିଲେ ।)

ସ୍କନ୍ଦାଂଶକ—ସ· ବ—ପାରଦ (ସ୍ୱର୍ଣ୍ଣ ଜର୍ଘଣ୍ଟା)—Mercury; quick. Skandāṁśaka silver.

ସ୍କନ୍ଦିତ—ସଂ. ବିଣ (ସ୍କନ୍ଦ ଧାତୁ+କର୍ତ୍ତୃ· ତ)—୧ । ଚ୍ୟୁତ ପାଇଥିବା—Skandita 1. Spilt. ୨ । ପତିତ—2. Fallen. ୩ । ସ୍ଖଳିତ—3. Slipped

ସ୍କନ୍ଦୋଳ—ସ. ବିଣ—ଥଣ୍ଡା (ହି. ଶ)—Cold; cool. ସ. ବ—Skandola ଶୀତଳତା—(ହି. ଶ)—Coldness.

ସ୍କନ୍ଧ—ସଂ. ବ (କ=ମସ୍ତକ, କଂ=ମସ୍ତକକୁ+ଧା. ଧାତୁ=ଧାରଣ Skandha କରିବା+କର୍ତ୍ତୃ· ଥ, ନାଧାରଣ, ବ ସ୍ଥାନରେ ସ୍କ; ଅନ୍ୟ ସ ନାମ—ଭୃଜଶିରଃ, ଯାହା ମସ୍ତକକୁ ଧାରଣ କରେ)—ଅଂଶ, କନ୍ଧ, ଦୋଃଶିଖର । ୧ । କାନ୍ଧ; ବେକର ତଳ—1. Shoulder. ୨ । କାୟୁ; ଦେହ; ଗଣ୍ଡି; ମସ୍ତକଛଡ଼ା ଦେହର ଅନ୍ୟ ଅଂଶ—2. The trunk of the body. ୩ । ବୃକ୍ଷର ଗଣ୍ଡି; ଚରୁର ମୂଳଠାରୁ ଶାଖା କାଢ଼ାରିବା ଅଂଶ ପର୍ଯ୍ୟନ୍ତ ଅଂଶ (ଶବ୍ଦ ରତ୍ନାବଳୀ); ବୃକ୍ଷର ଅନ୍ୟ ସ ନାମ—ସ୍ତବାଣ୍ଡ, କାଣ୍ଡ—3. The trunk of a କାଣ୍ଡ, ଦଣ୍ଡ । tree; stem, ୪ । ନୃପତି (ସୈନ୍ୟର)—4. King; ୫ । ସେନାପତ୍ତ—5. Commander or general of an army. ୬ । ସଙ୍ଗ୍ରାମ; ଯୁଦ୍ଧ (ସୈନ୍ୟର)—6. Battle. ୭ । ବୃକ୍ଷ

(ଦ୍ୱେମତଭେଦ)—7. Battle array. ୮ । ପଥ (ଶବ୍ଦ ଉଚ୍ଚାରଣ)—9. Road; way. ୯ । ଛନ୍ଦୋବିଶେଷ (ମେଦଗା)—9. Name of a Sanscrit metre. ୧୦ । ଗ୍ରନ୍ଥ ପରିଚ୍ଛେଦ—10. Chapter of a book. [ଯଥା—ଭାଗବତର ୧୨ ସ୍କନ୍ଧ ।] ୧୧ । କାନ୍ଧଦ; ଷଣ୍ଢର ଚୂଳ—11. The tuft of flesh on the shoulder of a bull. ୧୨ । ବୌଦ୍ଧମତେ ଜ୍ଞାନର ୫୫ ଅଂଶ—12. Five component parts of knowledge according to Buddhist philosophy.

[ଦ୍ର—ରୂପ ସ୍କନ୍ଧ—ବିଷୟ ପ୍ରପଞ୍ଚ,
ବେଦନା ସ୍କନ୍ଧ—ବିଷୟଜ୍ଞାନ ପ୍ରପଞ୍ଚ,
ବିଜ୍ଞାନ ସ୍କନ୍ଧ—ଅଲଯ୍ୟବିଜ୍ଞାନ ପ୍ରପଞ୍ଚ,
ସଂଜ୍ଞା ସ୍କନ୍ଧ—ନାମ ପ୍ରପଞ୍ଚ,
ସଂସ୍କାର ସ୍କନ୍ଧ—ବାସନା ପ୍ରପଞ୍ଚ ।

ବୌଦ୍ଧମାନେ ଏ ପାଞ୍ଚଟୋଟି ସ୍କନ୍ଧର ଅତିରିକ୍ତ ଅତ୍ମାର ପୃଥକ୍ ଅସ୍ତିତ୍ୱ ସ୍ୱୀକାର କରନ୍ତି ନାହିଁ—ଭ. ଶ ।]

୧୩ । ଅଭିଷେକ ସାମଗ୍ରୀ—13. Articles required for coronation. ୧୪ । ସେନା ବିଭାଗ—14. Division of an army. ୧୫ । ଦୀର୍ଘବକ—15. A kind of crane. ୧୬। ବୁଦ୍ଧ—16. Buddha. ୧୭ । ସମୂହ—17. Multitude. ୧୮ । ଯୁକ୍ତି—18. Argument. ୧୯ । ନିର୍ଦ୍ଦିଷ୍ଟ କାର୍ଯ୍ୟ—19. Appointed work. ୨୦ । ବଳ ପ୍ରାଚୀନ ମନୁଷ୍ୟ—20. A wise old man. ୨୧ । ପଣ୍ଡିତ—21. A learned man. ୨୨ । ଶିକ୍ଷକ—22. Teacher. ୨୩ । (ଦର୍ଶନ ଶାସ୍ତ୍ର) ଅଟୋଇନ୍ଦ୍ରିୟର ପଞ୍ଚ ବିଷୟ; ରୂପ ରସ ଗନ୍ଧ ଶବ୍ଦ ଓ ସ୍ପର୍ଶ—23. (Hindu philosophy) Objects of the five senses(namely,-shape taste, smell, sound and touch). ୨୪ । ଡାଳ; ଶାଖା (ହି. ଶ)—24. Branch. ୨୫ । ରାଜା (ହି. ଶ)—25. King. ୨୬ । ଯୁଦ୍ଧ (ହି. ଶ)—26. Battle. ୨୭ । ରାଜ୍ୟାଭିଷେକର ଉପଯୋଗୀ ଦ୍ରବ୍ୟ (ଯଥା—ଜଳ, ଛତ୍ର) (ହି. ଶ)—27. Articles required for an installation. ୨୮ । ସନ୍ଧି; ରାଜନାମା (ହି. ଶ)—28. Treaty; compromise. ୨୯ । ଚଢ଼େଇପକ୍ଷୀ; ଧଳା ଚିଲ (ହି. ଶ)—29. White kite. ୩୦ । ଆର୍ଯ୍ୟାଛନ୍ଦର ଏକପ୍ରକାର (ହି. ଶ)—30. A class of Āryā metre.

ସ୍କନ୍ଧ ଗୃପ—ସ. ବ (ଯାହା ସ୍କନ୍ଧରୁ ରୂପ ଦଏ; ବହିବାକୁ ହୁଏ)—ବହଙ୍ଗୀକା; ବାଉଁଶୀ—
Skandha chāpa A bamboo for carrying on the shoulders loads suspended at both ends.

ସ୍କନ୍ଧଜ—ସ. ବ (ସ୍କନ୍ଧ=ଉତ୍ତର ସ୍କନ୍ଧ ବା ଗଣ୍ଠିରୁ ଜାତ)—୧ । ଶଲ୍ଲକୀ; ଧୂଣା (ଦ୍ୱେମତଭେଦ)—1. Resin. ୨ । ବଟ ବା ବରଗଛ (ବୈଦ୍ୟକ)—2. The banyan tree.
Skandhaja

ସ୍କନ୍ଧତରୁ—ସ. ବ—୧ । ନାରିକେଳ ବୃକ୍ଷ (ସୁଜନ୍ମର୍ଘଣ୍ଟ)—1. Cocoanut tree. ୨ । ଉଡ଼ୁମ୍ବର ବୃକ୍ଷ (ଶବ୍ଦରତ୍ନାବଳୀ)—2. A sort of fig tree.
Skandhataru

ସ୍କନ୍ଧ ଦେଶ(ପ୍ରଦେଶ)—ସଂ. ବ—୧। ଅଂସ; କାନ୍ଧ—1. Shoulder.
Skandha deśa(pradeśa)

୨ । ହାତୀର କାନ୍ଧ (ଯେଉଁଠାରେ ମାହୁନ୍ତ ବସେ), ବଳଦ ଆଦିଙ୍କ କାନ୍ଧ (ଯେଉଁଠାରେ ଜୁଆଳ ରହେ)—2. The shoulder of an elephant or bullock.

ସ୍କନ୍ଧ ପରିନିର୍ବାଣ—ସଂ. ବ—ବୌଦ୍ଧମାନଙ୍କ ମତରେ ଶାସ୍ତ୍ରର ୫ ଗୋଟି
Skandha parinirbāṇa

ସ୍କନ୍ଧ (ରୂପ, ରସ, ଗନ୍ଧ, ଶବ୍ଦ, ସ୍ପର୍ଶ)ର ନାଶ); ମୃତ୍ୟୁ (ହି. ଶ)—Death.

ସ୍କନ୍ଧ ପୀଠ—ସଂ. ବ (ଅସ୍ଥି ଭେଦ)—କାନ୍ଧର ହାଡ଼ (ହି. ଶ)—
Skandha pīṭha Shoulder blade; shoulder bone.

ସ୍କନ୍ଧଫଳ—ସଂ. ବ (ବହୁବ୍ରୀହି; ସ୍କନ୍ଧରେ ଫଳ ଫଳେ ଯାହାର)—
Skandhaphala

୧ । ନାରିକେଳ ବୃକ୍ଷ—1. Cocoanut tree. ୨ । ଉଡ଼ୁମ୍ବର ବୃକ୍ଷ (ହି. ଶ)—2. Fig tree.

ସ୍କନ୍ଧଫଳା—ସଂ. ବ—ଖଜୁର; ଖର୍জ୍ଜୁର—
Skandhaphalā Date palm.

ସ୍କନ୍ଧବନ୍ଦନା—ସଂ. ବ—ମଧୁରିକା (ଶବ୍ଦରତ୍ନାବଳୀ); ଘାଳମଣ୍ଡୁର—
Skandhabandanā Aniseed.

ସ୍କନ୍ଧବାହ—ସଂ. ବ (ସ୍କନ୍ଧ+ବହ୍ ଧାତୁ+କର୍ତ୍ତୃ. ଅ; ଅତ ଅନ୍ୟ ସଂ—ସ୍କନ୍ଧଜା, ଶଙ୍କ, ଶୃଙ୍ଗୀ, ଗୌରଘ, ଚୂର୍ତ୍ତିଲ । [ସ୍କନ୍ଧବାହକ—ଅନ୍ୟରୂପ]
Skandhabāha ସ୍କନ୍ଧଦ୍ୱାରା ଶକଟାଦି ବହନକାରୀ ବଳଦ —Cart-bullock. ବଣ—ଭାରବହନକାରୀ—Carrying load on the shoulder.

ସ୍କନ୍ଧମଲ୍ଲକ—ସଂ. ବ—ଜଙ୍ଘପକ୍ଷୀ (ଦ୍ୱେମତଭେଦ)—
Skandhamallaka Heron.

ସ୍କନ୍ଧରୁହ—ସଂ. ବ (ସ୍କନ୍ଧ+ରୁହ୍ ଧାତୁ+କର୍ତ୍ତୃ. ଅ)—ବଟବୃକ୍ଷ (ସୁଜନ୍ମର୍ଘଣ୍ଟ)—Banyan tree.
Skandharuha

ସ୍କନ୍ଧ ଶାଖା—ସଂ. ବ (ସ୍କନ୍ଧରୁ ଜାତ ଶାଖା)—ବୃକ୍ଷର ପ୍ରଧାନ ଶାଖା [ଅମର]—The main branch of a tree.
Skandha śākhā (ଅନ୍ୟ ସଂ. ନାମ—ଶାଳା)

ସ୍କନ୍ଧ ଶୃଙ୍ଗ—ସଂ. ବ (ସ୍କନ୍ଧ ଅଞ୍ଚଳୁ ବାଗେଇ ଥାଏ ଶୃଙ୍ଗ ଯାହାର)—
Skandha śṛuṅga ମହିଷ [ଶବ୍ଦକଳ୍ପଦ୍ରୁମ]—Buffalo.

ସ୍କନ୍ଧା—ସଂ. ବ (ସ୍କନ୍ଧ+ଅ)—୧ । ଶାଖା; ଡାଳ [ଶବ୍ଦକଳ୍ପଦ୍ରୁମ]—
Skandhā 1. Branch. ୨ । ଲତା [ଶବ୍ଦକଳ୍ପଦ୍ରୁମ]—2. Creeper.

Digitized by srujanika@gmail.com

ସ୍କନ୍ଧାଗ୍ନି—ସଂ. ବ—ବଡ଼ କାଠଗଣ୍ଡିଦ୍ୱାରା ଜାତ ଅଗ୍ନି [ହିକାଣ୍ଡଶେଷ]—
Skandhāgni Fire of big logs of wood.
(ସ୍କନ୍ଧାନଳ—ଅନ୍ୟରୂପ

ସ୍କନ୍ଧାବାର—ସଂ. ବ (ସ୍କନ୍ଧ=ସଜ୍ଜା, ସୈନ୍ୟ+ଅ+ବୃ ଧାତୁ+କର୍ତ୍ତୃ. ଅ, ଯାହା ସୈନ୍ୟଙ୍କୁ ବା ସୈନ୍ୟଙ୍କୁ ଆବରଣ ବା ରକ୍ଷା କରେ)—୧ । ସେନା; ସୈନ୍ୟଶିବିର—1. Army. ୨ । ରାଜଧାନୀ—2. Capital of a king. ୩ । କଟକ; ନଗର—3. City; town. ୪ । ଶିବିର; ସେନା-ନିବାସ—4. Cantonment. ୫ । ରାଜାଙ୍କ ଶିବିର (ହ. ଶ)—5, The camp of a king.

ସ୍କନ୍ଧିକ—ସଂ. ବ (ସ୍କନ୍ଧ+ଇକ)—୧ । ସ୍କନ୍ଧବାହକ; ଶଗଡ଼ଟଣା ବଳଦ
Skandhika 1. Cart-bullock. ୨ । ବଳଦ; ବୃଷ (ହ. ଶ) —2, Bullock; bull.

ସ୍କନ୍ଧୀ—ସଂ. ବଣ, ଙ୍କୁ(ସ୍କନ୍ଧ+ଇନ୍; ୧ମା. ୧ବ)—ସ୍କନ୍ଧଯୁକ୍ତ—Having
Skandhī shoulder. ବ—ବୃକ୍ଷ (ଜଟାମାଲା)—
(ସ୍କନ୍ଧଗା-ସ୍ତ୍ରୀ. ବଣ) Tree,

ସ୍କନ୍ଧେମୁଖ—ସଂ. ବଣ. ତ୍ରି (ବହୁବ୍ରୀ. ହ, ଅଲ୍‌କ୍)—କାନ୍ଧ ଉପରେ ଯାହାର
Skandhemukha ମୁଖ ଅବସ୍ଥିତ (ହ. ଶ)—Having the
(ସ୍କନ୍ଧେମୁଖୀ—ସ୍ତ୍ରୀ) face fixed to the shoulders.
ସଂ. ବ—ସ୍କନ୍ଦଙ୍କ ଅନୁଚରବିଶେଷ (ହ. ଶ)—
Name of an attendant of Skanda.

ସ୍କନ୍ଧ୍ୟ—ତ୍ରି, ବଣ [ସ୍କନ୍ଧ+ଯ]—୧ । ସ୍କନ୍ଧ ସମ୍ବନ୍ଧୀୟ—1. Relating
Skandhya to the shoulders. ୨ । ସ୍କନ୍ଧର ସମାନ [ହ.
ଶ]—2. Equal to or as high as the
shoulders.

ସ୍କନ୍ନ—ତ୍ରି: ବଣ (ସ୍କନ୍ଦ ବା ସ୍କନ୍ଦ୍. ଧାତୁ+କର୍ତ୍ତୃ. ତ)—୧ । ସ୍ଖଳିତ; ଚ୍ୟୁତ
Skanna [ଦମ୍ଭର]—1. Separated; fallen; ୨ । ଗତ (ଶବ୍ଦ କଲ୍ପଦ୍ରୁମ)—2. Gone. ୩ । ଶୁଷ୍କ [ଶବ୍ଦ କଲ୍ପଦ୍ରୁମ]—
3. Dry. ୪ । କ୍ଷରିତ—4. Oozing,

ସ୍କବ୍ଧ— ସଂ. ବଣ [ସ୍କମ୍ଭ୍. ଧାତୁ+କର୍ମ୍, ତ]—୧ । ଟେକାଯାଇଥିବା—
Skabdha 1. Supported; propped (Apte) ୨। ରୁଦ୍ଧ; ସ୍ତମ୍ଭିତ—2. Stopped (Apte).

ସ୍କଭ୍(ସ୍କମ୍ଭ୍) [ଧାତୁ]—ସଂ—୧ । ସ୍ତମ୍ଭନ କରିବା—1. To stop. ୨ ।
Skabh(mbh) [root] ରୁଦ୍ଧ କରିବା—2. To restrain.
୩ । ସର୍ଜ୍ଜନ କରିବା—3. To create (Apte). ୪ । ବାଧା ଦେବା—4. To hinder; to obstruct; to impede (Apte). ୫ । ଟେକି ଧରିବା—5. To prop up; to support [Apte].

ସ୍କଭନ—ସଂ. ବ (ସ୍କଭ୍. ଧାତୁ+କରଣ, ଅନ)—ଶବ୍ଦ [ହ. ଶ]
Skabbana Sound.

ସ୍କମ୍ଭ—ସଂ. ବ (ସ୍କମ୍ଭ, ଧାତୁ+କର୍ତ୍ତୃ. ଅ)—୧ । ସ୍ତମ୍ଭ; ଖୁମ୍—
Skambha 1, Pillar, ୨ । ଠେକ—2, Support; prop; stay; fulcrum [Apte]. ୩ । ପରମେଶ୍ୱର—
3. The Supreme Being [Apte].

ସ୍କମ୍ଭନ—ସଂ. ବ [ସ୍କମ୍ଭ୍. ଧାତୁ+ଭାବ, ଅନ]—୧ । ଟେକ ଧରିବ
Skambhana କର୍ମ—1. The act of supporting [Apte] ୨ । [+କର୍ତ୍ତୃ. ଅନ] ଠେକ—2. Prop; support [Apte].

ସ୍କମ୍ଭସର୍ଜ୍ଜନୀ—ସଂ. ବ—ବାଳୁଲ; ବଳଦଗାଡ଼ିର ଯୁଆଳର ଦୁଇ ମୁଣ୍ଡରେ
Skambhasarjanī ଥିବା ଯେଉଁ ଖୀଲା ବା ଖୁଣ୍ଟି ଯୋଗୁଁ ବଳଦଙ୍କ କାନ୍ଧ ଏଣେତେଣେ ଘୁଞ୍ଚିଯାଏ ନାହିଁ [ହ. ଶ]—
Pins attached to the ends of the yoke of a bullock cart to keep the shoulders of the bullocks fixed to their places,

ସ୍କଲ[ଳ]ର୍‌ଶିପ୍——ବୈଦେ, ବ [ଇଂ]—ଖଡ଼ତୃଣ; ପଶୁଖାରେ
Skala[lā]r-sip ଯାରଦର୍ଶିତାସତ୍ତ୍ୱ ଉତ୍ତୀର୍ଣ୍ଣ ଦେବା ଖଡ଼କୁ ଉଚ୍ଚଭଲ ସ୍କଲର୍‌ସୀପ ଶିକ୍ଷା କରିବା ପାଇଁ ଅର୍ଥ ସାହାଯ୍ୟସ୍ୱରୂପ ଉଚ୍ଚଶ୍ରେଣୀ ଭାଲ ଛାତ୍ରକୁ ଦିଆଯିବା ବୃତ୍ତି—Scholarship; a stipend granted to a passed student for prosecuting higher studies.

ସ୍କାଇ—ବୈଦେ, ବ [ଉତ୍ତ୍ରାର୍ଦ୍ଦେଶୀୟ ଭାଷା—ସ୍କାଇ ବା ସ୍କି]—ବରଫ
Skāi ଉପରେ ଗୋଡ଼କୁ ଖସାଇ ଖସାଇ ଗତି କରିବା ନିମନ୍ତେ [ସ୍କା—ଅନ୍ୟରୂପ] ବ୍ୟବହୃତ ଏକପ୍ରକାର ଦୀର୍ଘ ଯୋଡା—
ସ୍କାଇ ସ୍କାଇ Ski; Scandinavian snow shoe.
[ଦ୍ର—ଅନ୍ୟ ଦେଶରେ ମଧ୍ୟ ଶୀତଋତୁରେ ପ୍ରାୟ ବ୍ୟାପ୍ତ ହୋଇ କ୍ରୀଡ଼ା ପାଇଁ ଏ ଜୋଡା ଗୋଡ଼ରେ ଲଗାଇ ବରଫ ଉପରେ ଗୋଡ଼ ଖସାଇ ଖସାଇ ଗତି କରୁଅଛନ୍ତି ।]

ସ୍କାଇ ଲାଇଟ୍—ବୈଦେ, ବ (ଇଂ)—ଚୋଠାଘରର ଛତରେ ବା ଛତ
Skāi lāiṭ ପାଖରେ ଲଗିଥିବା ଜାତ ଝରକା, ଯେଉଁ ବାଟେ ସ୍କାଇ ଲାଇଟ୍ ସ୍କାଇ ଲାଇଟ ଘର ଭିତରକୁ ଆକାଶରୁ ଆଲୁଅ ପଶେ—Skylight.

ସ୍କାଉଟ୍—ବୈଦେ. ବ (ଇଂ)—୧ । ବାଲଚର—1. Scout. ୨ । ବଏ
Skāuṭ ସ୍କାଉଟ୍ (ଦେଶ)—2. Bæskāuṭ (See)
ସ୍କାଉଟ୍ ସ୍କାଉଟ

ସ୍କାଉଟ୍ ମାଷ୍ଟର୍—ବୈଦେ. ବ (ଇଂ)—ବାଳଚରମାନଙ୍କ ସର୍ଦ୍ଦାର ବା ବଡ଼
Skāuṭ māṣṭar ଭିଟ—Scout master.
ସ୍କାଉଟ୍ ମାଷ୍ଟର୍ ସ୍କାଉଟ ମାଷ୍ଟର

ସ୍କାଉଟ୍ ରାଲି—ବୈଦେ. ବ(ଇଂ)—ବାଳଚରମାନଙ୍କ ସମ୍ମେଳନ—
Skāuṭ rāli Scout rally.
ସ୍କାଉଟ୍ ରାଲୀ ସ୍କାଉଟ ରାଲୀ

ସ୍କାଣ୍ଡିନେଭିଆ—ବୈଦେ. ବ—ନରବେ ଓ ସ୍ୱିଡେନ୍ ସମ୍ମିଳିତ ଉପଦ୍ୱୀପ—
Skāṇḍinebhiā Scandinavia.
ସ୍କାଣ୍ଡିନେଭିଆ ସ୍କାଣ୍ଡିନେଭିଆ

ସ୍କାନ୍ଦ—ସଂ. ବ (ସ୍କନ୍ଦ+ଅ)—ସ୍କନ୍ଦପୁରାଣ (ଦେଶ)—Skanda-
Skānda purāṇa (See) ସଂ. ବଣ—୧ । ସ୍କନ୍ଦ ସମ୍ବନ୍ଧୀୟ—
[ସ୍କାନ୍ଦୀ—ସ୍ତ୍ରୀ. ଈ] 1. Relating to Skanda. ୨ । ଶିବ ସମ୍ବନ୍ଧୀୟ—2. Relating to Śiba. (Apte)

Digitized by srujanika@gmail.com

ସ୍କିମ୍—ବେଦେ· ବ (ଇଂ)—ତୌଣସି କାର୍ଯ୍ୟ ଆମ୍ଭେ ପୂର୍ବରୁ କର୍ଦ୍ଦିଷ୍ଟ ବା
Skim ସ୍କୀମ **स्कीम** ଗୃହୀତ କର୍ଦ୍ଦେଶ—Scheme·

ସ୍କୁ (ଧାତୁ)—ସଂ—୧ । ଉତ୍କୃତ କରିବା—1. To take out. ୨ ।
Sku (root) ଅଗ୍ଲାବନ କରିବା—2. To inundate. ୩ ।
ଲମ୍ଫଲମ୍ଫ ଯିବା; ଡେଇଁବା—3. To go by jumps; to leap; to bound (Apte). ୪
ଉତ୍ତୋଳନ କରିବା—4. To raise; to lift (Apte).
୫ । ଘୋଡ଼ାଇ ଯିବା—5. To cover; to overspread (Apte).

ସ୍କୁଦ୍(ନ୍) (ଧାତୁ)—ସଂ—୧ । ଅଗ୍ଲାବନ କରିବା—1. To in
Skud(nd) (root) undate. ୨ । ଲମ୍ଫିବା; ଡେଇଁବା—
2. To leap; to jump; to spring up. ୩ । ଡେଇଁ
ପଡ଼ିବା—3. To frisk. ୪ । ଉତ୍ତୋଳନ କରିବା—
4. To raise; to lift (Apte).

ସ୍କୁନ୍ଭ୍ (ଧାତୁ)—ସ—ପ୍ରତିବନ୍ଧ କରିବା—To restrain; to
Skun-bh root stop; to hinder. (Apte)
(ସ୍କୁମ୍ଭ ଧାତୁ—ଅନ୍ୟରୂପ)

ସ୍କୁପ—ବେଦେ· ବ (ଇଂ-ସ୍କ୍ରୁ)—ପେଚ କଣ୍ଟା—
Skup ସ୍କ୍ରୁପ୍, ଇସ୍କ୍ରୁପ **स्क्रूप** Screw.

ସ୍କୁଲ୍—ବୈଦେ· ବ(ଇଂ)—(ଆଧୁନିକ ସ୍ୱରେ ଗଠିତ) ବିଦ୍ୟାଳୟ—
Skul School (conducted on modern
ଇସ୍କୁଲ **स्कूल** lines) [ଦ୍ର—ଏହି ଶବ୍ଦକୁ ସାଧାରଣତଃ 'ଇସ୍କୁଲ' ବୋଲି ଉଚ୍ଚାରଣ କରିଯାଏ । ଏହି ଇଂରାଜି ଶବ୍ଦ ସଙ୍ଗେ ସଂଯୁକ୍ତ ଅନେକଗୁଡ଼ିଏ ଇଂରାଜି ଶବ୍ଦ ଆମ ଭାଷାରେ ବ୍ୟବହୃତ ହେଲଣି; ଯଥା—

ଲିଜିନଅରଙ୍ଗ୍ ସ୍କୁଲ୍, ସର୍ଭେ ସ୍କୁଲ, ମେଡ଼ିକାଲ ସ୍କୁଲ୍, ମାଇନର୍ ବା ମିଡ଼ିଲ୍ ଇଙ୍ଗ୍ଲିଶ ସ୍କୁଲ୍, ବର୍ଣ୍ଣାକ୍ୟୁଲ୍ ସ୍କୁଲ୍, ପ୍ରାଇମେରୀ ସ୍କୁଲ୍, ଅପର୍ (ଉଚ୍ଚ) ପ୍ରାଇମେରୀ ସ୍କୁଲ୍, ଲୋଅର୍ (ନିମ୍ନ) ପ୍ରାଇମେରୀ ସ୍କୁଲ୍, ଗା(ଗୋ)ର୍ଲ୍ ସ୍କୁଲ୍, ଟ୍ରେନିଙ୍ଗ୍ ସ୍କୁଲ୍, ସେକେଣ୍ଡାରୀ ସ୍କୁଲ୍, ହାଇ ସ୍କୁଲ୍, ନର୍ମାଲ୍ ସ୍କୁଲ, ଆର୍ଟ୍ ସ୍କୁଲ୍, ମଡେଲ୍ ସ୍କୁଲ୍, ଟେକ୍ନିକାଲ୍ ସ୍କୁଲ୍ ।

ଏସବ ଇଂରାଜି ଶବ୍ଦ ମାନଙ୍କର କେତେକ ଶବ୍ଦର ସାଙ୍କେତିକରୂପମାନ ମଧ୍ୟ ଚଳିଲା । ଯଥା—

ଏଚ୍. ଇ· ସ୍କୁଲ୍—ହାଇ ଇଙ୍ଗ୍ଲିଶ୍ ସ୍କୁଲ୍
ନ. ପ୍ରା. ସ୍କୁଲ୍—ନିମ୍ନ ପ୍ରାଇମେରୀ ସ୍କୁଲ୍ ।
ଏଲ୍. ପି ବା ଲୋ· ପ୍ରା. ସ୍କୁଲ୍—ଲୋଅର ପ୍ରାଇମେରୀ ସ୍କୁଲ୍ ।
ୟୁ. ପି, ବା ଉ· ପ୍ରା. ସ୍କୁଲ—ଅପର ପ୍ରାଇମେରୀ ବା ଉଚ୍ଚ ପ୍ରାଇମେରୀ ସ୍କୁଲ ।
ଏମ୍·ଇ· ବା ମି·ଇ. ସ୍କୁଲ୍—ମିଡ଼ିଲ୍ ଇଙ୍ଗ୍ଲିଶ୍ସ୍କୁଲ୍ ।

ସ୍କୁଲ୍ ଶବ୍ଦ ସହରେ ମଧ୍ୟ ଇଂରାଜି ଶବ୍ଦମାନ ଲାଗେ । ଯଥା—
ସ୍କୁଲ୍ ବୁକ୍, ସ୍କୁଲ୍ ମାଷ୍ଟର୍ ଇତ୍ୟାଦି ।]

ସ୍କୁଲ (ଇତ୍ୟାଦି) —ସ୍କୁଲ୍ ଇତ୍ୟାଦି (ଦେଖ)
Skul (etc) Shkul etc (See)

ସ୍କୁଲ୍ ଇନ୍ସପେକ୍ଟର୍—ବେଦେ· ବ (ଇଂ)—ବିଦ୍ୟାଳୟ ପରିଦର୍ଶକ
Skul inspektar ପ୍ରଧାନ କର୍ମଗୃଷ୍ଠ—Inspector of
ସ୍କୁଲଇନ୍ସପେକ୍ଟାର schools. [ଦ୍ର—ଏହିପରି ସ୍କୁଲ୍ ସବ୍ଇନ୍ସ୍ପେକ୍ଟର୍,
स्कूल इन्सपेक्टर ସ୍କୁଲ ଡେପୁଟି ଇନ୍ସ୍ପେକ୍ଟର୍, ସ୍କୁଲ ସେଡ଼ିକାଲ୍, ଅଫିସର୍ ଇତ୍ୟାଦି ଦୃଶ୍ୟ ।]

ସ୍କୁଲ୍ ଫାଇନାଲ୍—ବୈଦେ· ବ (ଇଂ, ସ୍କୁଲ୍ ଫାଇନାଲ୍ ଏକ୍ଜାମିନେ-
Skul phāināl ସନ୍)—ଯେଉଁ ଶ୍ରୀକ୍ଷା ପାଶ୍ କଲେ କଲେଜ୍‌ରେ
ସ୍କୁଲ ଫାଇନାଲ ପଢ଼ିବାକୁ ଇଚ୍ଛୁକ ନ ଥାନ୍ତି ସେମାନଙ୍କ ପାଇଁ
स्कूलफाईनाल ନିର୍ଦ୍ଦିଷ୍ଟ ମାଟ୍ରିକୁଲେସନ୍ ପରୀକ୍ଷା—
The School-final examination.

ସ୍କୁଲ୍ ବୁକ୍—ବୈଦେ· ବ (ଇଂ)—ବିଦ୍ୟାଳୟର ପାଠ୍ୟ ପୁସ୍ତକ—
Skul buk Text book.
ସ୍କୁଲବୁକ୍ **स्कूलबुक**

ସ୍କୁଲ୍ ବୁକ୍ କମିଟି—ବୈଦେ· ବ (ଇଂ)—ପାଠ୍ୟପୁସ୍ତକ ନିର୍ବାଚନ ସମିତି—
Skul buk kamiṭi School-book Committee.
ସ୍କୁଲବୁକ୍ କମୀଟି **स्कूलबुककमीटी**

ସ୍କୁଲ୍ ବୁକ୍ ସୋସାଇଟି—ବୈଦେ· ବ (ଇଂ)—ସ୍କୁଲମାନଙ୍କର
Skul buk sosāiṭi ପାଠ୍ୟପୁସ୍ତକମାନ ପ୍ରକାଶ କରିବା ପାଇଁ
ସ୍କୁଲବୁକ୍ ସୋସାଇଟି ପ୍ରତିଷ୍ଠିତ ସଂଘ—
स्कूलबुक सोसाईटी School book Society.

ସ୍କୁଲ୍ ଲିବ୍ରିଙ୍ଗ୍ ସାର୍ଟିଫିକେଟ୍—ବୈଦେ· ବ—(ଇଂ)—ସ୍କୁଲର
Skul libbiṅg sārṭipbiket ଉଚ୍ଚତମ ଶ୍ରେଣୀ ପର୍ଯ୍ୟନ୍ତ
ସ୍କୁଲ ଲୀଭିଙ୍ଗ୍ ସାର୍ଟିଫିକେଟ ପଢ଼ି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ
स्कूललिभिंग सार्टीफिकेट ହୋଇ ଅନ୍ୟର ସ୍କୁଲ ତ୍ୟାଗ କରିବା-
କାଳରେ ଉତ୍ତୀର୍ଣ୍ଣପତ୍ର ଦ୍ୱାରା ଉକ୍ତଅନ୍ୟକୁ ପ୍ରଦତ୍ତ ସାର୍ଟିଫିକେଟ୍—
School-leaving certificate.

ସ୍କ୍ରୁ(ସ୍କ୍ରୁ)—ବୈଦେ. ବ (ଇଂ)—ପେଚକଣ୍ଟା—
Skṛu(skru) Screw.
ସ୍କ୍ରୁ **स्क्रू**
(ସ୍କ୍ରୁ—ଅଶୁଦ୍ଧରୂପ)

ସ୍କ୍ରୁ(ସ୍କ୍ରୁ)ଡ୍ରାଇବର୍—ବୈଦେ. ବ. (ଇଂ)—ପେଚକଣ୍ଟା; ପେଚକଣ୍ଟାକୁ
Skṛu(skru)ḍrāibhar କାଢ଼ିବା ଓ ବସାଇବା ପାଇଁ
ସ୍କ୍ରୁ ଡ୍ରାଇଭାର **स्क्रू ड्राईभार** ବ୍ୟବହୃତ ଯନ୍ତ୍ର—
Screw driver.

ସ୍କେଟ୍—ବୈଦେ. ବ (ଇଂ)—ବରଫ ଉପରେ ଶୀଘ୍ରଗତିରେ ଗଲିବ
Sketṭ ପାଇଁ ତଳିଆ ଲମ୍ବା କଣ୍ଡା ପାଇଥିବ
ସ୍କେଟ **स्केट** ଏକପ୍ରକାର କାଠର ଜୋତା—
A skate

Digitized by srujanika@gmail.com

ସ୍କେଟିଙ୍—ବୈଦେ. ବ (ଙ୍) — ବରଫ ଉପରେ ସ୍କେଟ୍ ମାଡ଼ି ବହିଡ଼ିବା—Skating. ବଣ. ଯାହା ସ୍କେଟିଙ୍ଗ ସ୍କେଟିଂଗ ସାହାଯ୍ୟରେ ସ୍କେଟିଙ୍ ହୁଏଯାଏ— Sketing Useful or used in skating. (ଯଥା—ସ୍କେଟିଙ୍ ଜୋତା)

ସ୍କେଲ୍—ବୈଦେ. ବ (ଙ୍)—୧ । ବଡ଼ ଖେଡ଼ ଅଦରୁ ନଦ୍ଦୀରେ ଛଠାଇବା ପାଇଁ ବ୍ୟବହୃତ ଅନୁପାତିତ ପରମାଣ— Skel ସ୍କେଲ skēla 1. Scale. ୨ । ଯେଉଁ ଉନ୍ନ ଉନ୍ନ ପରମାଣ ଓ ଅଙ୍କଚିହ୍ନିତ ଫଳକ (ପତ୍ର) ଦ୍ୱାରା ନଦ୍ଦୀରେ ଥିବା ଖେଖକୁ ମାପ କରି ଭୂମିରେ ମିଳାଇବାକୁ ହୁଏ, କିମ୍ବା ଭୂମିର ମାପକୁ ନଦ୍ଦୀରେ ମିଳାଇବାକୁ ହୁଏ— 2. A scale or protractor; a surveyor's scale. ୩ । ଜମପରିଛି; ଜମୋଟ ବା ଜମନମ୍ବର ରେଟ୍—3. Scale; rate.

ସ୍କୋଟିକା—ସଂ. ବ—ଏକ ବିଶେଷ (ଚିକାଣ୍ଡବିଶେଷ); ଖଞ୍ଜନଚା ପକ୍ଷୀ— Skoṭikā Name of a bird; the blue jay.

ସ୍କ୍ୱାୟାର୍—ବୈଦେ. ବ (ଇଂ. ସ୍କ୍ୱାୟାର୍; ଏ ସ୍କ୍ୱାୟାର୍)—୧ । ପୂର୍ବକାଳରେ ଇଂଲଣ୍ଡର ନାଇଟ୍‌ମାନଙ୍କ ସହଚର— Skwāyār ସ୍କ୍ୱାୟାର skāyāra 1. Squire. ୨ । ବର୍ତ୍ତମାନ ଉଦ୍ଦ୍ରେକ ଓ ସାହେବମାନଙ୍କ ନାମ ପରେ ଲେଖିବା ଉପାଧି—2. Esquire. [ଦ୍ର—ଏଥିର ସାଙ୍କେତିକ Esq. ସାହେବ ବା ସାହେବା ଉଦ୍ଦ୍ରୋକଙ୍କ ନାମ ପୂର୍ବେ ମିଷ୍ଟର୍ (Mr) ଲଗେ, କିମ୍ବା ପରେ ସ୍କ୍ୱାୟାର୍ (Esq) ଯୁକ୍ତ ହୁଏ ।]

ସ୍କଦ୍(ଧାତୁ)—ସ—୧ । ବିଦାରଣ କରିବା—1. To pierce Skhad(root) to split. ୨ । ହିଂସା କରିବା— 2. To assault; to beat; to kill. ୩ । ଅତ୍ୟାଚାର କରିବା—3. To oppress

ସ୍କଦନ—ସ. ବ (ସ୍କଦ୍ ଧାତୁ+ଭାବ ଅନ)—୧ । ବିଦାରଣ; ଫାଡ଼ିବା Skhadana ଚିରିବା—1. Piercing; splitting; tearing. ୨ । ସ୍ଥୈର୍ଯ୍ୟ—2. Calmness. ୩ । ଫାଟନ—3. Cleaving. ୪ । ହିଂସନ— 4. Killing; hurting. ୫। କଷ୍ଟଦେବା; ଉତ୍ପୀଡ଼ନ— 5. Giving pain; oppressing,

ସ୍କଲ(ଧାତୁ)—ସ—୧ । ଚଳିତ ହେବା—1. To move. ୨ । Skhala(root) ସ୍ଥାନଚ୍ୟୁତ ହେବା—2. To move from one's position. ୩ । ପଡ଼ିବା; ଖସିପଡିବା—3. To fall down; to slip; to stumble.

ସ୍କଲନ—ସ. ବ (ସ୍କଲ୍ ଧାତୁ+ଭାବ. ଅନ)—୧ । ବଚ୍ୟୁତ; ପତନ— Skhalana 1. Falling down. ୨ । ଗୋଡ଼ ଖସିର ପଡ଼ (ସ୍ଖଲତ—ବଣ) ଯିବା—2. Slipping. ୩ । ସ୍ୱସ୍ଥାନଚ୍ୟୁତ— 3. Loss of one's own position; removal from a place. ୪ । ଝୁଣ୍ଟି କର ପଡ଼ିଯିବା—4. Falling down by slipping; stumbling; tripping. ୫ । ଧକ୍କା।—5. Push; concussion. ୬ । ନିୟମ ଲଙ୍ଘନ—6. Transgression of rules, ୭ । ପ୍ରତିଘାତ-7. Counter-stroke. ୮। ମୋଚନ— 8. Emission. ୯ । ବାର୍ଦ୍ଧକ୍ୟ, ରୋଗ ବା ଭ୍ରମବଶତଃ ବାକ୍ୟର ଅର୍ଦ୍ଧ ବା ଭ୍ରାନ୍ତ ଉଚ୍ଚାରଣ; ଖଳାଇବା— 9. Slip of the tongue; stammering (due to old age or disease). ୧୦ । ବିକୃତ— 10. Alteration. ୧୧ । ବିଫଳ ହେବା—11. Becoming futile; frustration. ୧୨ । ଭ୍ରାନ୍ତ— 12. Mistake; delusion. ୧୩ । ବିରୁଦ୍ଧାଚରଣ— 13. Acting in opposition. ୧୪। ନ୍ୟାୟରୁ,ଧର୍ମରୁ ବା ସାଧୁମାର୍ଗରୁ ଚ୍ୟୁତ—14. Transgression from the path of justice or morality. ୧୫ । ଅଭିବ୍ରତ ବ୍ରତାଦିର ଭଂଗ—15. Infringement of the penance or austerity undertaken by a person.

ସ୍ଖଲିତ—ସ. ବଣ (ସ୍ଖଲ୍. ଧାତୁ+କ୍ତ. ତ)—୧ । ପତିତ— Skhalita 1. Fallen down. ୨ । ମୁକ୍ତ; ଚ୍ୟୁତ—2. Emitted. ୩ । ଗୋଡ଼ ଖସିଯାଇ ପଡ଼ିଯାଇଥିବା—3. Slipped. ୪ । ସ୍ଥାନଚ୍ୟୁତ; ବିଚଳିତ—4. Displaced; removed form one's place. ୫ । ବିଫଳୀକୃତ—5. Frustrated; become futile. ୬ । ପ୍ରତିହତ— 6. Counter-struck. ୭ । ଅର୍ଦ୍ଧୋଚ୍ଚାରିତ— 7, Half-uttered. ୮ । ଝୁଣ୍ଟି କର ପଡ଼ିଯାଇଥିବା— 8. Stumbled; tripped. ବ—(+ଭାବ. ତ)— ୧ । କୂଟଯୁଦ୍ଧାଦିଦ୍ୱାରା ଯୁଦ୍ଧମର୍ଯ୍ୟାଦାରୁ ସ୍ଖଳନ; ଛଳ (ମେଦଗା)—2. Transgression from the rules of fair fight. ୨ । ସ୍ଖଳନ—2. Slipping. ୩ । ପତନ—3. Fall. ୪ । ଭୁଲ; ଭ୍ରାନ୍ତ—4. Error. ୫ । ଉଚ୍ଚାରଣରେ ଭ୍ରାନ୍ତି—5. Slip of the tongue.

ସ୍ଖଲିତ ବଚନ—ସ. ବ—(କର୍ମଧା) ଅର୍ଦ୍ଧୋଚ୍ଚାରିତ ବାକ୍ୟ—Half Skhalita bachana uttered or stammered words. (ସ୍ଖଲିତବଚନା—ସ୍ତ୍ରୀଲିଙ୍ଗ.) କି.ବଣ.ସଂ—ଖଳା—Stammering.

ସ୍ତକ୍ (ଇତ୍ୟାଦି)—ବୈଦେ. ବ (ଙ୍)—ଷ୍ତକ୍ ଇତ୍ୟାଦି (ଦେଖ) Stak (etc) ଷ୍ଟକ୍ ସ୍ଟାକ୍ Shtak etc (See) [ଦ୍ର—ସ୍ତ, ସ୍ତା, ସ୍ତି, ସ୍ତୁ, ସ୍ତେ, ସ୍ତୋ, ସ୍ତ୍ର ଅବ୍ୟୟାନ୍ତ ଯୁକ୍ତ ଶବ୍ଦମାନଙ୍କ ପାଇଁ ଏ ବ୍ୟାକୋଷରେ ଷ୍ତ, ଷ୍ତା, ଷ୍ତି, ଷ୍ତୁ, ଷ୍ତେ, ଷ୍ତୋ, ଷ୍ତ୍ର ଅବ୍ୟୟାନ୍ତର ଯୁକ୍ତ ଶବ୍ଦମାନ ଦେଖ ।]

ସ୍ତଲ୍—ବୈଦେ. ବ (ଙ୍)—୧ । ଘୋଡ଼ାମାନଙ୍କ ରହିବାର ଘର— Stal 1. Stall. ୨ । ପଣ୍ୟଦ୍ରବ୍ୟ ରଖିବାର ଦୋଚ୍ଚ—2. A ଷ୍ଟଲ୍ ସ୍ଟାଲ stall for keeping merchandise etc.

Digitized by srujanika@gmail.com

ସ୍ଟିଚିଙ୍ଗ୍ ମେସିନ୍—ବୈଦେ. ଇ (ଗା)—ଲଦ୍ଦା ତାକ ଦ୍ୱାରା ବହୁ ସିଲ୍ଲଇ କରିବା ଯନ୍ତ୍ର—Stitching machine.
Stiching mesin ଷ୍ଟିଚିଙ୍ଗ୍ ମେସୀନ୍ ସ୍ଟିଚିଂ ମେସୀନ

ସ୍ଟେଜ୍—ବୈଦେ, ବ (ଇଂ)—୧ । ନାଟ୍ୟଶାଳାର ବା ଥିଏଟରର ବା ଷ୍ଟେଜ୍ ସର୍ଜସ୍ୱର ରଙ୍ଗମଞ୍ଚ—1. Theatrical or other stage. ୨ । କକ୍ତୃତା ଅବ କରିବାର ମଞ୍ଚ—2. A stage for lecturing. ୩ । (ପୂର୍ବକାଳୀନ) ଡାକ ଘୋଡ଼ାଗାଡ଼ି ଅଦର ମଜଲ୍—3. The stage for conveyance of passengers in old times.
Stej ଷ୍ଟେଜ୍ ସ୍ଟେଜ୍ stage.

ସ୍ଟେଜ୍ କୋଚ୍—ବୈଦେ. ବ (ଇଂ)—ମଝିର୍ ବା ରେଲ ଅଦର ପ୍ରତଳନ ପୂର୍ବେ ମନୁଷ୍ୟ ଅବକ୍ଷ ମଜଲ୍ଦ୍ୱାର୍ ବହନ କରୁଥିବା ଘୋଡ଼ାଗାଡ଼ି—Stage coach.
Stej koch ଷ୍ଟେଜ୍ କୋଚ ସ୍ଟେଜ୍ କୋଚ

ସ୍ଟେଜ୍ ମା (ମ୍ୟା, ମେ) ନେଜର୍—ବୈଦେ. ବ (ଇଂ)—ରଙ୍ଗମଞ୍ଚର ବ୍ୟବସ୍ଥାପକ—Stage manager.
Stej ma(mya, me)nejar ଷ୍ଟେଜ୍ ମ୍ୟାନେଜାର ଷ୍ଟେଜ୍ ମେନେଜର

ସ୍ଟେଜିଙ୍ଗ୍ ବଙ୍ଗଲ୍(ଲୋ)—ବୈଦେ. ବ (ଇଂ)—ରେଲ, ମଝିର୍ ଅଦର ପ୍ରତଳନ ପୂର୍ବେ ମଜଲ୍ଦ୍ୱାର୍ ବାହୁତ ଲୋକମାନଙ୍କ ରହିବାପାଇଁ ପ୍ରସ୍ତୁତ କୋଠୀ—Staging bungalow.
Stejing bangalā(lo) ଷ୍ଟେଜିଙ୍ଗ ବଙ୍ଗଲୋ ଷ୍ଟେଜିଂବଙ୍ଗଲୋ

ସ୍ଟ୍ରବେର୍—ବୈଦେ. ବ (ଇଂ)—ଏକପ୍ରକାର ସୁଗାଦ୍ୟ ଇଉରୋପୀୟ କୋଳ—Strawberry.
Straberi ଷ୍ଟ୍ରୀବେରି ଷ୍ଟ୍ରବେରୀ

ସ୍ତକ୍(ଧାତୁ)—ସ—ପ୍ରତ୍ୟାଘାତ କରିବା—To counterstrike.
Stak (root)

ସ୍ତଙ୍କୁ—ସ. ବ—ପ୍ରାଚୀନ କାଳରେ ବ୍ୟବହୃତ ଏକପ୍ରକାର ଆନଦ୍ଧ ବାଦ୍ୟ (ହ. ଶ)—A kind of ancient drum.
Stanku

ସ୍ତନ୍ଭ୍ (ଧାତୁ)—ସ—୧ । ସ୍ତମ୍ଭନ କରିବା—1. To benumb. ୨ । ଅଟକ କରିବା—2. To restrain.
Stan-bh (root)

ସ୍ତନ୍ (ଧାତୁ)—ସ—୧ । (ମେଘ)ଶବ୍ଦ କରିବା; (ମେଘ) ଗର୍ଜ୍ଜନ କରିବା—1. To roar (said of thunder). ୨ । ଶବ୍ଦ କରିବା—2. To make a sound
Stan (root)

ସ୍ତନ—ସ. ବ (ସ୍ତନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଅ; ଏଥିରୁ ଦୁଗ୍ଧ ଦୁହାଁ ଦେବା ବେଳେ ଶବ୍ଦ ହେବାରୁ)—ଅନ୍ୟ ସ ନାମ—ଲୁଚ, ଉରଜ, ବକ୍ଷୋଜ, ପୟୋଧର, ଉରସିଜ, କ୍ଷୋରୁହ—1. Female breast. [ଦ୍ର—ସାଧାରଣ ଭାଷାରେ ଏହାକୁ ଦୁଧ, ଓ ମମା କୋହିଥାଏ।] ୨ । ଥଣ୍ଡା; ଉଧ—2. Udder. ଦେ. ବ (ସ. ସ୍ତନ୍ୟ)
Stana
Stana ସ୍ତନ ସ୍ତନ

ସ୍ତନ କୀଳ—ସ. ବ—ସ୍ତ୍ରୀମାନଙ୍କ ସ୍ତନରେ ହେବା ଏକପ୍ରକାର ବ୍ରଣ (ହ, ଣ)—A kind of boil on the breast of females.
Stana kīla

ସ୍ତନ ଚୂଚୁକ—ସ.ତ (ଷ୍ଠୀ ତତ୍)—ସ୍ତନର ବର୍ତ୍ତୁଳାକୃତ ଅଗ୍ର; ସ୍ତନର ବୃନ୍ତି—Nipple.
Stana chūchuka

ସ୍ତନଥ(ଥୁ)—ସ. ବ (ସ୍ତନ୍ ଧାତୁ+ଉତ୍ତ, ଅଥ, ଅଥୁ)—(ସିଂହ ଅବଙ୍କ) ଗର୍ଜ୍ଜନ (ହ. ଶ)—Roar.
Stanatha(thu)

ସ୍ତନ ଦାତ୍ରୀ—ଦେ.ବ. ସ୍ତ୍ରୀ—ଶିଶୁକୁ ପେଡ଼ି ସ୍ତ୍ରୀ ଅପଣା ସ୍ତନ୍ୟ ପାନ କରାଉ—A woman who suckles an infant.
Stana dātrī

ସ୍ତନନ—ସ. ବ (ସ୍ତନ୍ ଧାତୁ+ଭାବ. ଅନ)—୧ । ରବ; ଧ୍ୱନ—1. Sound. ୨ । ମେଘ ଧ୍ୱନ—2. Roar of thunder. ୩ । ଅର୍ତ୍ତଧ୍ୱନ; କରୁଣ ଧ୍ୱନ—3. Piteous sound; cry of distress.
Stanana

ସ୍ତନନ୍ଧୟ—ସ. ବଣ. ପୁଂ (ସ୍ତନଂ=ସ୍ତନକୁ+ଧେ. ଧାତୁ=ପାନ କରିବା +କର୍ତ୍ତୃ. ଅ)—ସ୍ତନ୍ୟପାୟୀ; ଅଳ୍ପ ଶିଶୁ; (ସ୍ତନନ୍ଧୟୀ[ସ୍ତ୍ରୀ]—ସ୍ତ୍ରୀ) ଦୁଗ୍ଧପୋଷ୍ୟ—Sucking (child). ପ୍ରଥମ ଅର୍ଥରେ ଅନ୍ୟ ସଂ—ଡିମ୍ଭ, ଜ୍ଞନଶୟ (ପୁଂ), ଡିମ୍ଭା, ଜ୍ଞନଶୟା (ସ୍ତ୍ରୀ)—ବ—୧ । ସ୍ତନ୍ୟପାୟୀ ଶିଶୁ; ପେଡ଼ି ଶିଶୁ ମାଆଙ୍କଠାରୁ ଦୁଧ ଖାଇବା ଛଡ଼ ନ ଥାଏ; ଅଳ୍ପ ଶିଶୁ—1. An infant at the breast; a child which is not yet weaned. ୨ । ବାଛୁରୀ (ହ. ଶ)—2. A calf.
Stanandhaya

ସ୍ତନପ—ସ. ତଣ ଓ ତ, ପୁଂ (ସ୍ତନ+ପା ଧାତୁ=ପିଇବା+କର୍ତ୍ତୃ. ଅ)—ସ୍ତନନ୍ଧୟ (ଦେଶ)—Stanandhaya (See) (ସ୍ତନପାୟୀ—ଅନ୍ୟତ୍ରଣ ରୂପ) (ସ୍ତନପା—ସ୍ତ୍ରୀ) (ସ୍ତନପାୟିନୀ—ଅନ୍ୟ ସ୍ତ୍ରୀ ତ୍ରଣ)
Stanapa

ସ୍ତନ ପାନ—ସ. ବ—ସ୍ତନ୍ୟପାନ (ହ. ଶ); ସ୍ତନରୁ ଦୁଧ ପିଇବା—Stana pāna Sucking of the milk from a woman's breast.

ସ୍ତନପାୟିକା—ସ.ତଣ. ଓ ସ୍ତ୍ରୀ—ସ୍ତନନ୍ଧୟା; ଅଳ୍ପ ଶିଶୁ ବା ଦୁଗ୍ଧପୋଷ୍ୟା ବାଳିକା—A sucking girl.
Stanapāyikā

ସ୍ତନ ବିଦ୍ରଧି—ସ. ବ—ସ୍ତନରୋଗ (ଦେଶ)—Stanaroga (See)
Stana bidradhi

ସ୍ତନ ବୃନ୍ତ—ସ. ବ (ସ୍ତ୍ରୀ ତତ୍)—ସ୍ତନମୁଖ (ଦେଶ)—Stanamukha (See)
Stana brunta

ସ୍ତନ ଉତ୍ତ—ସ. ବଣ—ସ୍ତନଜାତ—Born of the breast. ବ—ରତିବନ୍ଧବିଶେଷ (ସ୍ତ୍ରୀ ରତିପିତା)—A posture in coition. (ଦ୍ର—ସ୍ତ୍ରୀଜଂଘାଦ୍ୱୟ ମଧ୍ୟେ ତୁ କୂର୍ମ ଯୋଷିତ୍ଉପଦଦ୍ୱୟଂ। ସ୍ତନୌ ଧୃତ୍ୱା ଉପେତ୍ଭାମ୍ୟୌ, ବଦ୍ଧଃ ସ୍ତନ୍ଉତ୍ତଃ ସ୍ମୃତଃ—ସ୍ମୃରତିପିତା।)
Stana bhaba

ସ୍ତନଭର—ସଂ. ବଣ. ପୁଂ—ସ୍ତ୍ରୀମାନଙ୍କ ପରି ସ୍ଥୂଳ ସ୍ତନବିଶିଷ୍ଟ (ପୁରୁଷ)—(a man) Having plump feminine breasts. ସଂ. ବ—୧ । ସ୍ଥୂଳ ବା ପୃଷ୍ଟ ସ୍ତନ (ହ, ଶ)—1. Plump breasts. ୨ । ସ୍ତ୍ରୀଙ୍କ ପରି ପୃଥୁଳ ସ୍ତନବିଶିଷ୍ଟ ପୁରୁଷ (ହ. ଶ)—2. A man having feminine breasts
Stanabhara

Digitized by srujanika@gmail.com

ସ୍ତନ ଭର—ଦେ. ଷ—ସ୍ତନଭରଦ୍ୱାର୍ତ୍ତ ଅବାଲୁ—Troubled by Stanabharā the weight of her breasts. [ଦ୍ର—ସ୍ତନଭରା स्तनभरा ଗାଈଏ ସ୍ତନଭର ଦୋଇ । ଚଢ଼ିଗେ ନ ପାରନ୍ତି ଶୋଇ—ଜଗନ୍ନାଥ· ସ୍ତ୍ରୀଗବତ ।]

ସ୍ତନ ଭର—ଫ. ବ (ଷଷ୍ଠୀ ତତ୍)—ସ୍ଥୂଳ ସ୍ତନର ବୋଝ—Stana bharā Weight of big breasts.

ସ୍ତନଭାର ନମ୍ର(ତ)—ଫ. ବଣ (୭ମ୍ଭୀ ଓ ୫ମ୍ଭୀ ତତ୍)—ସ୍ତନର ଭାର Stanabhāra namra(ta) ଯୋଗୁଁ ଆଗକୁ ଝୁଙ୍କି ପଡ଼ିଥିବା [ସ୍ତନଭାର ଅନମ୍ର(ତ)—ଅନ୍ୟରୂପ] (ଦେହ ବା ଅବୟବ)—ସ୍ତନଭାର ନମ୍ର[ତା] ସ୍ତନଭାର ଅବନମ୍ର[ତା] } ସ୍ତ୍ରୀ (body or limb) Leaning to the front owing to the weight of big breasts.

ସ୍ତନ ମଣ୍ଡଳ—ଫ· ବ—ସ୍ତନର ପରିଧି ବା ଚଉଡ଼ା—The circum- Stana mandala ference of the breast.

ସ୍ତନ ମୁଖ—ଫ ବ (ଷଷ୍ଠୀ ତତ୍)—ସ୍ତନାଟ୍ଟ; ଚୁଚୁକ (ଦ୍ୱେମରତନ୍); ଦୁଧର Stana mukha ଭୂଣ୍ଡି—Nipple.

ସ୍ତନୟିତ୍ନୁ—ଫ· ବ (ସ୍ତନ୍ ଧାତୁ+ଣିଜନ୍ତ=ସ୍ତନ ଧାତୁ=ଶବ୍ଦ କରିବା Stanayitnu +କର୍ତ୍ତୃ. ଇତ୍ନୁ; ଯାହା ଶବ୍ଦ କରେ)—୧ । ମେଘ (ଅମର)—1. Cloud. ୨ । ମୂଳକ; ମୂଥା (ଅମର)—2. Grass root. ୩ । ମେଘ ଧ୍ୱନି (ମେଦନୀ)—3. Roar of thunder clouds. ୪ । ବିଦ୍ୟୁତ୍ (ଶବ୍ଦରତ୍ନାବଳୀ)—4. Lightning. ୫ । ମୃତ୍ୟୁ (ଦ୍ୱେମରତନ୍)—5. Death. ୬ । ରୋଗ (ଦ୍ୱେମରତନ୍) —6. Disease.

ସ୍ତନ ରୋଗ—ଫ. ବ—(ଗର୍ଭିଣୀ ଓ ପ୍ରସୂତିଙ୍କ) ସ୍ତନରେ ଜାତ ହେବା Stana roga ରୋଗ; ଥନରୋଗ—Disease of the female breast; tumour on the breast; mammites. [ଦ୍ର—ଏ ରୋଗରେ ସ୍ତନକୁ ଇକ୍ତ ଗଡ଼ ଭାବା ଫୁଲିଯାଏ ଓ ଘାରେ ।]

ସ୍ତନ ରୋହିତ—ଫ. ବ—ସ୍ତନର ଅଗ୍ରଭାଗର ଗୋଲାକଡ଼େ ଦୁଇ ଆଙ୍ଗୁଳ Stana rohita ବ୍ୟାପିତ ଅଂଶ (ଦ୍ର. ଶ)—The part of the female breast which is about one inch around the nipple.

ସ୍ତନ ଶିକ୍ଷା—ଫ· ବ (ଷଷ୍ଠୀ ତତ୍)—ସ୍ତନମୁଖ (ଦ୍ୱେମରତନ୍) [ଦେଖ] Stana śikhā Stanamukha [See]

ସ୍ତନ ଶୋଷ—ଫ· ବ—ଏକପ୍ରକାର ରୋଗ, ଯହିଁରେ ସ୍ତନ ଶୁଖିଯାଏ [ଦ୍ର. Stanaśosha ଶ]—A kind of disease in which the female breasts wither and go dry.

ସ୍ତନହରା—ଦେ· ବ (ଫ· ସ୍ତନ୍ୟହର୍ତ୍ତ)—ସ୍ତନରୋଗ [ଦେଖ] Stanaharā ସ୍ତନଲୀ Stanaroga [See]

ସ୍ତନାଗ୍ର—ଫ. ବ (ଷଷ୍ଠୀ ତତ୍)—ସ୍ତନମୁଖ [ଦେଖ] Stanāgra Stanamukha [See]

ସ୍ତନାନ୍ତର—ଫ. ବ (ଷଷ୍ଠୀ ତତ୍; ଦୁଇ ସ୍ତନର ଅନ୍ତର ବା ମଧ୍ୟଭାଗ)—Stanāntara ୧ । ହୃଦୟ—1. The breast. ୨ । ସ୍ତନ ଦ୍ୱୟର ମଧ୍ୟବର୍ତ୍ତୀ ସ୍ଥାନ—2. The part between the two female breasts. ୩ । ସ୍ତ୍ରୀମାନଙ୍କର ବୈଧବ୍ୟ ଲକ୍ଷଣବିଶେଷ; ଦୁଇ ସ୍ତନ ମଧ୍ୟରେ ଥିବା ସମତଳ ଚଉ- ବସେଷ [ଯାହା ଥିଲେ ସ୍ତ୍ରୀ ବିଧବା ହୁଏ]—3. A sign appearing in females, consisting of a level part between the two breasts of some women (indicative of the possessor becoming a widow)

ସ୍ତନାଭୁଜ—ଫ. ବଣ ଓ ବ (ସ୍ତନ+ଅ+ଭୁଜ୍ ଧାତୁ+କର୍ତ୍ତୃ. ଅ)—Stanābhuja ସ୍ତନ୍ୟପାୟୀ ଜୀବ—Mammal.

ସ୍ତନାଭୋଗ—ଫ. ବଣ (ସ୍ତନ+ଅଭୋଗ)—ସ୍ତନଭର [ଦେଖ]—Stanābhoga Stanabhara [See] ବ—ସ୍ତନର ସ୍ଥୂଳତା ବା ପରିପୁଷ୍ଟତା—Fullness or full development of the female breasts.

ସ୍ତନିତ—ସଂ. ବ (ସ୍ତନ୍ ଧାତୁ+ଣିଜନ୍ତ=ସ୍ତନ ଧାତୁ+ଭୂତ. ତ)—Stanita ୧ । ମେଘ ଗର୍ଜ୍ଜନ (ଅମର)—1. Rumbling of thunder-cloud. ୨ । ବଜ୍ରଧ୍ୱନି—2. Thunder clap. ୩ । କରତାଳ ଶବ୍ଦ (ଶବ୍ଦ ଚନ୍ଦ୍ରିକା)—3. Sound of clapping. ୪। ରତି ଶବ୍ଦ (କ୍ଷେମେନ୍ଦ୍ର)—4. Sound produced by copulation. ବଣ— ୧ । (ଭର୍ମ. ତ) ଶବ୍ଦିତ—1. Sounding. ୨ । (+କର୍ତ୍ତୃ. ନତ) ଶବ୍ଦକାରକ; ଗର୍ଜ୍ଜନକାରୀ— 2. Roaring.

ସ୍ତନିତଫଳ—ସଂ. ବ—ବଡଙ୍ଗତ ବୃକ୍ଷ [ସଜଲବର୍ଦ୍ଧ]; ଭଇଁ ବୋଇ Stanitaphala ଗଛ—Flacourtia Ramontchi (a plum-bearing plant).

ସ୍ତନ୍ୟ—ସଂ. ବ (ସ୍ତନ+ଭବାର୍ଥେ. ଯ)—୧ । ସ୍ତନରୁ ଉତ୍ପନ୍ନ ଦୁଗ୍ଧ; Stanya ଦୁଧ—1. Milk. ୨ । ମାତୃ ସ୍ତନଜାତ ଦୁଗ୍ଧ— 2. Milk from the mother's breast. ବଣ—ସ୍ତନସମ୍ବନ୍ଧୀୟ— Relating to the female breast.

ସ୍ତନ୍ୟଜୀବି—ସଂ. ବଣ· ପୁଂ (ସ୍ତନ୍ୟଜୀବନ୍ ଶବ୍ଦ, ସ୍ତନ୍ୟ+ଜୀବ୍ ଧାତୁ Stanyajīvi +କର୍ତ୍ତୃ.ଇନ୍)—ସ୍ତନନ୍ଧୟ [ଦେଖ]— [ସ୍ତନ୍ୟଜୀବନା—ସ୍ତ୍ରୀ] Stanandhaya [See]

ସ୍ତନ୍ୟଦା—ଫ, ବଣ, ସ୍ତ୍ରୀ—୧ । ଯେଉଁ ସ୍ତ୍ରୀର ସ୍ତନରୁ ଦୁଧ ବାହାରେ— Stanyadā 1. (a woman) Having breasts full of (ସ୍ତନ୍ୟଧାତ୍ରୀ—ଅନ୍ୟରୂପ) milk. ୨ । ପିଇବା ଯୋଗ ଦୁଧ ପିଅନ୍ତି ଥାଏ—2. Suckling.

ସ୍ତନ୍ୟ ଦାନ—ସଂ. ବ—ନିଜ ସ୍ତନରୁ ଶିଶୁକୁ ଦୁଧ ପିଆଇବା— Stanya dāna Suckling a child.

ସ୍ତନ୍ୟପ—ସଂ. ବଣ ଓ ବ (ପୁଂ)—ସ୍ତନପ (ଦେଖ) Stanyapa Stanapa (See) [ସ୍ତନ୍ୟପା—ସ୍ତ୍ରୀ] (ସ୍ତନ୍ୟପାୟୀ—ଅନ୍ୟ ପୁଂ. ବହୁରୂପ) [ସ୍ତନ୍ୟପାୟିନୀ—ଅନ୍ୟ ସ୍ତ୍ରୀ. ବହୁ ରୂପ]

Digitized by srujanika@gmail.com

ସ୍ତନ୍ୟ ପାନ—ଷ. ବ (ଶ୍ରୀ ତତ୍ପୁ)—ମାଉ ସ୍ତନରୁ ଦୁଧ ପିଇବା— Stanya pāna Sucking from the mother's breast.

ସ୍ତନ୍ୟପାୟୀ—ଷ. ବଣ. ପୁଂ—(ସ୍ତନ୍ୟପାୟିନ୍ ଶବ୍ଦ; ସ୍ତନ୍ୟ + ପା. ଧାତୁ + Stanyapāyī ଣିନି, ଇନ୍)—ଯେ ମାତୃସ୍ତନ୍ୟ ପାନ କରେ— Feeding on the mother's milk; breast-fed. ବ—ଯେଉଁ ଜନ୍ତୁମାନେ ଶିଶୁ ଅବସ୍ଥାରେ ମାତୃସ୍ତନ୍ୟ ପାନ କରନ୍ତି — Mammals; the mammalia.

ସ୍ତନ୍ୟ ବୃଦ୍ଧି —ଷ. ବ—ଔଷଧ ପ୍ରୟୋଗ ବା ଖାଦ୍ୟ ଦ୍ୱାରା ନବପ୍ରସୂତା Stanya bṛuddhi ମାତାଙ୍କ ସ୍ତନରେ ଶିଶୁ ପାଇଁ ଦୁଧ ବଢ଼ିବା— Increase of milk in the mother's breast.

ସ୍ତନ୍ୟ ରୋଗ—ଷ. ବ—ଅସ୍ୱସ୍ଥ ମାତାଙ୍କ ସ୍ତନ୍ୟ ପାନ କରିବା ଯୋଗୁ Stanya roga ଶିଶୁର ହୋଇ ହେବା ରୋଗ (ହୁ. ଶ)— Infantile illness due to sucking a sick mother.

ସ୍ତନ୍ୟା—ଷଂ. ବଣ. ସ୍ତ୍ରୀ (ସ୍ତନ୍ୟ + ଅ)—ସ୍ତନ୍ୟର ସ୍ତ୍ରୀଲିଙ୍ଗ— Stanyā Feminine of Stanya.

ଷ. ବ—କନମ ଶାଗ (ହୁ. ଶ)—Ipomœa Aquatica, a herb.

ସ୍ତବ—ଷ. ବ (ସ୍ତୁ. ଧାତୁ = ପ୍ରାର୍ଥନା କରିବା; ସ୍ତୁତ କରିବା + Staba ଭାବ. ଅ)—୧ । ସ୍ତୁତି; ପ୍ରଶଂସା; ଗୁଣଗାୟନ— (ସ୍ତୁତ—ତଣ) 1. Praise; eulogy. ୨ । ଈଶପ୍ରାର୍ଥନା; ସ୍ତୋତ୍ର—2. Prayer; hymn.

ସ୍ତବକ—ଷଂ. ବ (ସ୍ତା. ଧାତୁ = ଥିବା, ରହିବା + କର୍ତ୍ତୃ. ଅବଚ, Stabaka ଣକ ପ୍ରତ୍ୟୟ)—୧ । ଫୁଲ ଆଦିର ଗୁଚ୍ଛ; ଗୁଚ୍ଛକ; ଗୁଚ୍ଛ— 1. Cluster or bunch of flowers etc. ୨ । ଫୁଲର ତୋଡ଼ା—2. A bouquet ୩ । ମେଢ଼ (ଶବ୍ଦ-କଳ୍ପଦ୍ରୁମ)—3. Multitude; collection. ୪ । ଗ୍ରନ୍ଥ ପରିଚ୍ଛେଦ (ଶବ୍ଦ କଳ୍ପଦ୍ରୁମ)—4. Chapter of a book. ୫ । (ସ୍ତୁ ଧାତୁ + କର୍ମ. ଅକ) ସ୍ତବ (ଦେଖ)— (ସ୍ତବତା—ସ୍ତ୍ରୀ ବଣ) 5. Staba (See) ବଣ. ପୁଂ (+ କର୍ତ୍ତୃ. ଅକ). ସ୍ତବତାରକ—Praying.

ସ୍ତବ କରିବା-ଦେ. କ୍ରି-୧ । ଦେବତାଙ୍କର ବା ଈଶ୍ୱରଙ୍କର ଗୁଣଗାନପୂର୍ବକ Staba karibā ପ୍ରାର୍ଥନା କରିବା—1. To utter hymns ସ୍ତବ କରା or prayers to God or to Deities; ୨ । ସ୍ତବ କରନା ପ୍ରଶଂସା ଗାନ କରିବା—2. To eulogise; to praise. ୩ । ତୋଷାମତ କରିବା—3. To flatter.

ସ୍ତବକ ସ୍ତନ—ଷଂ. ବ (ରୂପକ ସମାସ)—ସ୍ତନ ସଙ୍ଗେ ତୁଳନା ଦେଇଥିବା Stabaka stana (ଅଶୋକ) ପୁଷ୍ପାଦର ଗୁଚ୍ଛ—A bunch of flowers (e. g. Asoka) compared with to the female breast. [ଦ ସ୍ତବକସ୍ତନରେ ନମ୍ର ଅଶୋକବୃନ୍ତ—ମଧୁସୂଦନ. ଚରିତ୍ର ।]

ସ୍ତବକିତ—ଷଂ ବଣ (ସ୍ତବକ + ଷଂଜାତାର୍ଥେ. ଇତ)—ଗୁଚ୍ଛୀକୃତ; ତୋଡ଼ା Stabakita ବୋଧାଇଥିବା—Made into a bunch or nosegay.

ସ୍ତବ କୀର୍ତ୍ତନ (ଗାନ; ଗାୟନ)—ଷ. ତ-ଈଶ୍ୱର ବା ଅନ୍ୟ ବା ଦେଶଂସାଗାନ Staba kīrttana (gāna; gāyana) Singing the praise or eulogy of; eulogising.

ସ୍ତବଥ—ଷଂ. ବ (ସ୍ତୁ. ଧାତୁ + ଭାବ. ଅଥ)—ସ୍ତୁତି; ସ୍ତବ; (ହୁ. ଶ)— Stabatha Prayer; hymn.

ସ୍ତବଦ(ଧ)—ସ୍ତା. ବଣ (ସଦ୍ୟରେ) (ସଂ. ସ୍ତବ୍ଧ)—୧ । ସ୍ତବ୍ଧ (ଦେଖ)— Stabada(dha) 1. Stabdha (See). ୨ । ଜଡ଼ତା— ସ୍ତବଧ 2. Motionless. ୩ । ଜଡ଼ଶବ୍ଦ—3. Quiet; silent.

[ଉ—କଲ୍ପ ସରୁ ପ୍ରାଣୀଙ୍କର ସ୍ତବଧ ଯେ ଜାଳ—କୃଷ୍ଣସିଂହ, ସମ୍ବାଦ୍ୱାରତ. ଥଦ ।] [ଉ—ବୋଲ ମିଥ୍ୟା ଏ ସେ ଶବଦ ଜଡ଼ନେ କହିବାରୁ ମୁଁ ସ୍ତବଦ ହୋଇ ଗୋ— ଉଷ. ବୈଦେହୀଶବିଳାସ ।]

ସ୍ତବନ—ଷ. ବ (ସ୍ତୁ. ଧାତୁ + ଭାବ. ଅନ)—୧ । ସ୍ତବ କରିବା; Stabana ପ୍ରଶଂସା ଗାନ—1. Eulogising. ୨ । ସ୍ତୁତି କରିବା—2. Uttering of hymns.

ସ୍ତବନୀୟ—ଷ. ପୁଂ ବଣ (ସ୍ତୁ. ଧାତୁ + କର୍ମ. ଅନୀୟ)—୧ । ଯାହାକୁ ସ୍ତବ Stabanīya କରିବା ଉଚିତ—1. Deserving to be (ସ୍ତବତବ୍ୟ—ଅନ୍ୟରୂପ) eulogised. ୨ । ପ୍ରଶଂସନୀୟ— (ସ୍ତବନୀୟା, ସ୍ତବତବ୍ୟା—ସ୍ତ୍ରୀ) 2. Praiseworthy

ସ୍ତବ ପ୍ରିୟ—ଷଂ. ବଣ (ବହୁବ୍ରୀ; ସ୍ତବ ପ୍ରିୟ ଯାହାଙ୍କର)—ଯେ ସ୍ତୁତ Stabapriya ହେବାକୁ ସ୍ପୃହା ରଖନ୍ତି—Loving to be eulogised. ଷ. ବ—ବିଷ୍ଣୁ ସହସ୍ର ନାମୋକ୍ତ ବିଷ୍ଣୁଙ୍କ ନାମ—A name of Bishnu.

ସ୍ତବରକ—ଷଂ. ବଣ (ପୁଂ)—ଆବରକ (ଶବ୍ଦକଳ୍ପଦ୍ରୁମ); ବେଷ୍ଟନୀ— Stabaraka Covering; fencing.

ସ୍ତବରାଜ—ଷଂ. ବ (ତତ୍ପୁ ତତ୍)—ଶ୍ରେଷ୍ଠ ସ୍ତବ— Stabarāja Chief, principal or great hymn.

ସ୍ତବ ସ୍ତୁତ—ଷଂ. ବ (ଏକାର୍ଥ ସମାସ)—ପ୍ରାର୍ଥନା ଓ ଗୁଣଗାନ— Staba stuti Eulogy and prayer; hymn and praise.

ସ୍ତବିତବ୍ୟ—ଷଂ. ବଣ (ସ୍ତୁ. ଧାତୁ + କର୍ମ. ତବ୍ୟ)—୧ । ସ୍ତୁତ Stabitabya ହେବା ଯୋଗ୍ୟ—1. Fit to be prayed to. ୨ । ପ୍ରଶଂସନୀୟ—2. Praiseworthy.

ସ୍ତବିତା—ଷଂ. ବଣ. ଓ ବ. ପୁଂ (ସ୍ତୁ. ଧାତୁ + କର୍ତ୍ତୃ. ତୃ = ସ୍ତବିତୃ; ୧ମା. Stabitā ୧ବ)—୧ । ସ୍ତବକାରୀ—1. Praying. (ସ୍ତବିତ୍ରୀ—ସ୍ତ୍ରୀ) ୨ । ପ୍ରଶଂସାକାରୀ—2. Praising.

ସ୍ତବିବା—ଦେ. କ୍ରି (ସଦ୍ୟ)—ସ୍ତବ କରିବା; ସ୍ତୁତ କରିବା-To utter Stabibā hymns or prayers to God or to Deities. ସ୍ତବ କରା ସ୍ତବ କରନା [ଉ—ଇଷ୍ଟଦେବେ ସ୍ତବ ଏହୁରୂପେ ଯୁବା ଚନ୍ଦ୍ର। ବଳଲେ—ଗ୍ରଧାନାଥ. ଉଷା ।]

Digitized by srujanika@gmail.com

ସ୍ତବେଷ୍ୟ(ଯ୍ୟ)—ସଂ. ବ (ସ୍ତୁ ଧାତୁ=ସ୍ତବ କରିବା+ବର୍ତ୍ତ. ଏଷ୍ୟ; Stabeshya(jya) ଇଜ୍ୟ)—ଇନ୍ଦ୍ର (ଜ୍ଞାନ ଦୋଷ)—God Indra.

ସ୍ତବ୍ଧ—ସଂ. ବିଣ (ସ୍ତମ୍ଭ୍ ଧାତୁ+କର୍ତ୍ତୃ. ତ)—୧ । ନିସ୍ପନ୍ଦ; ନିଶ୍ଚଳ; Stabdha ସ୍ପନ୍ଦନସ୍ପାନ—1. Unmoving; calm; motion- (ସ୍ତବ୍ଧତା, ସ୍ତବ୍ଧତ୍ୱ—ବ) less. ୨ । ଜଡୀଭୂତ—2. Dull; (ସ୍ତବ୍ଧା—ସ୍ତ୍ରୀ) rigid. ୩ । ବନ୍ଦ କରାଯାଇଥିବା; ସ୍ତମ୍ଭିତ— 3. Stopped. ୪ । ଅବଶୀଭୂତ—4. Paralysed. ୫ । ଦୂରୀକୃତ—5. Removed. ୬ । ମୂର୍ଚ୍ଛିତ— 6. Fainted. ୭ । କାଲ; ଭାବଦା; ବଧିର— 7. Deaf; deafened. ୮ । ଉଦ୍ଧତ—8. Arrogant; proud. ୯ । ଦୃଢ଼; ସ୍ଥିର (ହି. ଶ)—9. Fixed. ୧୦ । ଅଳସ (ହି. ଶ)—10. Idle; lazy; slothful. ୧୧ । ଦୁରାଗ୍ରହୀ (ହି. ଶ)—11. Headstrong. ୧୨ । ମାନ୍ଦା (ହି. ଶ)—12. Sluggish; dull. ସଂ. ବ—ବଂଶୀର ଛଅଗୋଟି ଦୋଷ ମଧ୍ୟରୁ ଏକ, ଯହିଁର ଫଳରେ ବଂଶୀର ସ୍ୱର ଧୀମା ବା ମାନ୍ଦା ହୁଏ (ହି. ଶ)—One of the six defects of a flute, viz. when the sound becomes dull.

ସ୍ତବ୍ଧ କର୍ଣ୍ଣ—ସଂ.ବ—ସ୍ଥିର ଊର୍ଦ୍ଧ୍ୱ କର୍ଣ୍ଣ—Rigid erect ear. [ଦ୍ର— Stabdha karṇṇa ସେହିଁ ଜାନ ଏଣେ ତେଣେ ଚାଲିତ ହୋଇ ଯାରେ ନାହିଁ ।] ବିଣ. ପୁଂ—ସ୍ଥିର ଊର୍ଦ୍ଧ୍ୱକର୍ଣ୍ଣବିଶିଷ୍ଟ— (ସ୍ତବ୍ଧକର୍ଣ୍ଣୀ-ସ୍ତ୍ରୀ ବିଣ) Having rigid and inflexible ears.

ସ୍ତବ୍ଧ ଗାଦ—ସଂ. ବିଣ. ପୁଂ. (ବହୁବ୍ରୀହି)—ଖଞ୍ଜ; ପଙ୍ଗୁ; ଲେଙ୍ଗଡ଼ା (ହି. ଶ) Stabdha pāda —Lame. (ସ୍ତବ୍ଧଗାଦା—ସ୍ତ୍ରୀ) (ସ୍ତବ୍ଧଗାଦତା—ବ)

ସ୍ତବ୍ଧ ମତି(ଧି, ବୁଦ୍ଧି)—ସଂ. ବ (କର୍ମଧା)—ମନ୍ଦ ବୁଦ୍ଧି; ନିର୍ବୋଧତା— Stabdha mati[dhi, buddhi] Stupidity. ସଂ. ବିଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ମନ୍ଦବୁଦ୍ଧି—Stupid.

ସ୍ତବ୍ଧ ମେଢ୍ର—ସଂ. ବିଣ. ପୁଂ (ବହୁବ୍ରୀହି)—ଷଣ୍ଢ ବ; ନପୁଂସକ (ହି.ଶ)— Stabdha medhra Eunoch; neuter.

ସ୍ତବ୍ଧରୋମା—ସଂ. ବ (ବହୁବ୍ରୀହି; ସ୍ତବ୍ଧ+ରୋମନ୍=ଲୋମ, ସ୍ତବ୍ଧ- Stabdharomā ରୋମନ୍, ୧ମା. ୧ବ)—ବରାହ; ଶୂକର— Boar; hog. ସଂ. ବିଣ—ଯାହାର ରୋମ ଠିଆ ହୋଇ ଥାଏ—Having the hairs of the body rigid and erect.

ସ୍ତବ୍ଧୀଭୂତ—ସଂ. ବିଣ (ସ୍ତବ୍ଧ+ଅଭୂତଦ୍ଭାବେ ଚ୍ବି [ଇ]+ଭୂତ)— Stabdhībhūta ନିସ୍ପନ୍ଦୀଭୂତ—Made dull; paralysed. [ସ୍ତବ୍ଧୀଭୂତ.—ସ୍ତ୍ରୀ]

ସ୍ତବ୍ୟ—ସଂ. ବିଣ ପୁଂ (ସ୍ତୁ ଧାତୁ+କର୍ତ୍ତୃ. ଚ)—୧ । ସ୍ତବନୀୟ— Stabya 1. Deserving to be prayed to. ୨। ପ୍ରଶଂସ୍ୟ— [ସ୍ତବ୍ୟା—ସ୍ତ୍ରୀ] 2. Praiseworthy. ସଂ. ବ—ବିଷ୍ଣୁଙ୍କ ସହସ୍ର ନାମ ମଧ୍ୟରୁ ଏକତମ—One of the names of Bishṇu.

ସ୍ତଭ୍ (ଧାତୁ)—ସଂ—ସ୍ତମ୍ଭନ କରିବା—To stop. Stabh (root) (ସ୍ତମ୍ଭ୍ ଧାତୁ—ଅନ୍ୟରୂପ).

ସ୍ତଭ—ସଂ. ବ (ସ୍ତମ୍ଭ୍ ଧାତୁ+କର୍ତ୍ତୃ. ଅ)—ଛତ; ଛେଳି— Stabha Goat.

ସ୍ତମ୍ବ—ସଂ. ବ (ସ୍ତମ୍ଭ୍ ଧାତୁ+କର୍ତ୍ତୃ. ଅମ୍, ବାହାଦନ)—୧ । ଗୁଚ୍ଛ Stamba (ଅମରକୋଷ)—1. Cluster; bunch. ୨। ତୃଣାଦିର ଗୁଚ୍ଛ—2. Bundle or sheaf of grass or grain. ୩ । ତୃଣ—3. Grass. ୪। କାଣ୍ଡଶୂନ୍ୟ ବୃକ्ଷ— 4. Trunkless plant. ୫ । ଗୁଳ୍ମ—5. Shrub. ୬ । ବୃକ୍ଷର (ଜଟାଧର); ଶାଖା—6. Branch shoot of a tree. ୭। ସ୍ତମ୍ଭ (ଦେଶ)—7. Stambha (See). ୮ । (+କରଣ. ଅ) ହସ୍ତିବନ୍ଧନ ସ୍ତମ୍ଭ—8. The post to which an elephant is tied. ୯ । (+ଭାବ, ଅ) ଅଜ୍ଞାନ ଅବସ୍ଥା—9. The state of being unconscious; stupefaction. ୧୦ । ଝୁଣ୍ଟା—10. Bush; thicket (Apte). ୧୧ । ପର୍ବତ—11. Mountain (Apte) ୧୨ । ରୋହିତକ ବୃକ୍ଷ (ହି. ଶ)—12. Rohitaka (See ୧୩ । ପର୍ବତ ବିଶେଷ (ହି. ଶ)—13. Name of a mountain.

ସ୍ତମ୍ବକର୍—ସ, ବ (ସ୍ତମ୍ବ +କୃ. ଧାତୁ+କର୍ତ୍ତୃ.ଟ)—୧। ଧାନ୍ୟ(ଅମର)— Stambakari 1. Paddy. ୨ । ଶସ୍ୟ—2. Grains, pulses.

ସ୍ତମ୍ବକାର—ସଂ. ବ (ସ୍ତମ୍ବ=ଗୁଚ୍ଛ+କୃ. ଧାତୁ+କର୍ତ୍ତୃ. ଅ)—ଗୁଚ୍ଛ- Stambakāra କାରକ; ଯେ ଗୋଥାବାନ୍ଧେ—One who binds into sheaves.

ସ୍ତମ୍ବଘନ—ସଂ. ବ (ସ୍ତମ୍ବ+ଘନ୍ ଧାତୁ+କର୍ତ୍ତୃ. ଅ)—୧ । ତୃଣାଦି Stambaghana ଛେଦନ କରିବା ଉପଯୋଗୀ ଦାଆ ପ୍ରଭୃତି ସ୍ତମ୍ବଘ୍ନ, ସ୍ତମ୍ବଘାତ ସ୍ତମ୍ବଘନକ, ସ୍ତମ୍ବଘନୀ } ଅନ୍ୟରୂପ ଅସ୍ତ୍ର—1. A hoe or sickle for cutting corn. ୨ । କଦା—2. Hoe; rake. ୩ । ଶସ୍ତ୍ରାଦି (ହି. ଶ)— 3. Grass mower.

ସ୍ତମ୍ବପୁ—ସଂ, ବ—ସ୍ତମ୍ବଦେଶ; ତାମ୍ରଲିପ୍ତ; ତମଲୁକ—Name of Stambapū the ancient town; called Tamluk [ସ୍ତମ୍ବପୁର—ଅନ୍ୟରୂପ] [ଦ୍ର—ଏହାର ପର୍ଯ୍ୟାୟ—ତାମ୍ରଲିପ୍ତ, ତାମ୍ରଲିପ୍ତୀ, ତମାଳଜ, ହରିଣ ଗୃହ, ଚଦଭୂ, ଜୁଣ୍ଡିନ— ଦେମରଜନ୍ ।]

ସ୍ତମ୍ବେରମ—ସଂ. ବ (ଅଲୁକ; ସ୍ତମ୍ବେ=ସ୍ତମ୍ବରେ ଅର୍ଥାତ୍ ବକ୍ଷନ ସ୍ତମ୍ବରେ Stamberama +ରମ୍ ଧାତୁ=କ୍ରୀଡ଼ା କରିବା+କର୍ତ୍ତୃ. ଅ)— ହସ୍ତୀ; ହାତୀ [ଅମର]—Elephant.

ସ୍ତମ୍ଭ୍ (ଧାତୁ)—୧ । ପ୍ରତିବନ୍ଧ କରିବା—1. To stop; To arrest; Stambh (root) ୨ । ଦୃଢ଼ କିମ୍ବା ଜଡ଼ କରିବା—2. To stiffen or to make firm. ୩ । ଜଡ଼ୀଭୂତ କିମ୍ବା ନିଶ୍ଚଳ କରିବା—3. To stupefy; to paralyse.

Digitized by srujanika@gmail.com

ସ୍ତମ୍ଭ—ସଂ. ବ (ସ୍ତଭ୍‌ ବା ସ୍ତମ୍ଭ. ଧାତୁ+ଘଞ୍‌. ଅ)—୧ । ଜଡ଼ତ୍ୱଭାବ; Stambha ଗତିଶୂନ୍ୟର ଜଡ଼ତ୍ୱ ଭାବରେ ଅବସ୍ଥାନ; ଜଡ଼ତ୍ୱଭାବ।—[ସ୍ତବ୍ଧ—ଭାବ] 1. Motionlessness; stillness. ୨ । ଜଡ଼ତ୍ୱଶୂନ୍ୟତା—2. Rigidity; dullness; numbness; paralysis. ୩ । (+କର୍ତ୍ତୃ. ଅ) ସ୍ତମ୍ଭ, ଖମ୍ବ—3. Pillar; post; column. ୪ । ଦେହର ଜଡ଼ତ୍ୱଶୂନ୍ୟତାରୂପ ବିକାର ବିଶେଷ (ଦ୍ୱି-ଏଡ଼ା ରୋଗରୁ, ଭୟରୁ ଓ ପ୍ରେମରୁ ଘଟେ । ଉତ୍ସ, ହର୍ଷ, ଆଶ୍ଚର୍ଯ୍ୟ, ବିଷାଦ ଓ ଅମର୍ଷ ସୋଗୁଁ ଦେଖାଯାଇ ଯେଉଁ ପ୍ରଭାବ ଜୀବ ଦ୍ରବ ଭାବାର କାମ ସ୍ତମ୍ଭ । ଅଙ୍ଗଘାତ୍‌ କାନୁଭବ ମଧ୍ୟରୁ ଏହା ଦୋଷ)—4. Paralysis. ୫ । ଗଛର ଗଣ୍ଡି—5. Trunk of a tree. ୬ । ଦେହର ଅତୈଭଦ୍ୟଜନିତ ସ୍ତିବ୍ଧତ୍ୱ।—6. Rigidity of the body due to fit. ୭ । (+ଭାବ ଅ) ପ୍ରତିବନ୍ଧ-7. Obstacle; obstruction. ୮ । ଇନ୍ଦ୍ରଜାଲଦ୍ୱାରା ଚେଷ୍ଟାରୋଧ—8. Stopping of action or movement by magic. ୯। ରୋଧ—9. Stopping. ୧୦। ରୋଗାଦି ହେତୁ ଅଜ୍ଞାନ ଅବସ୍ଥା—10. Unconciousness due to disease. ୧୧ । (+କରଣ ଅ) ଠେକ—11. Prop; fulcrum [Apte]. ୧୨ । ଜଡ଼ୋଧ୍ୟମ—12. Stupidity (Apte).

ସ୍ତମ୍ଭକ—ସଂ. ବଣ, ପୁଂ (ସ୍ତମ୍ଭ ଧାତୁ+କର୍ତ୍ତୃ. ଅଚ)—ସ୍ତମ୍ଭକର (ଦେଖ) Stambhaka (ସ୍ତମ୍ଭି—ସ୍ତ୍ରୀ) Stambhakara (See)

ସ୍ତମ୍ଭକର—ସଂ. ବଣ ପୁଂ-୧ । ଯେ ଜଡ଼ କରେ—1. Paralysing; Stambhakara benumbing (Apte). ୨ । ରୋଧ—(ସ୍ତମ୍ଭକଷ୍ଟ—ସ୍ତ୍ରୀ) କାଷ୍ଟ—2. Obstructing (Apte). ୩ । ଯାହା ସ୍ତମ୍ଭ କରେ—3. Causing stambha. ୪ । ସଦ୍ଦୋଷ କାଳରେ ସାର୍ଦ୍ଧ ସ୍ଖଳନ ନ କରାଇବା (ଔଷଧ)—4. (medicine) Which delays the discharge of semen during coition. ୫। ସଲାବରୋଧକାରୀ—5. Astringent; causing costiveness.

ସ୍ତମ୍ଭକା—ସ୍ତ. ବ (ସ୍ତମ୍ଭକନ୍‌ ଶବ୍ଦ ୧ମା, ୧ ବଚନ)—ପ୍ରାଚୀନ ଅନଦ୍ଧ Stambhaki ବାଦ୍ୟ ଯନ୍ତ୍ରବିଶେଷ (ଚର୍ମ ଦ୍ୱାରା ଉଭୟ ମୁଖ ଆବୃତ)—A sort of musical instrument covered over with skin, used in ancient times.

ସ୍ତମ୍ଭନ—ସ୍ତ. ବ (ସ୍ତମ୍ଭ ଧାତୁ+ଭାବ. ଅନ)—୧ । ଜଡ଼ୀକରଣ—Stambhana 1. Paralysing; benumbing; making (ସ୍ତବ୍ଧ—ଭାବ) inert. ୨ । ଉପ୍ତୋକ୍ତ ସଦ୍ଦୋଷମିଶ୍ରିତ ଅଶୁଦ୍ଧ କର୍ମ; କୌଣସି ବ୍ୟକ୍ତିର କର୍ମେନ୍ଦ୍ରିୟର ଚଳନସ୍ପନ୍ଦନ-କରଣ—2. Paralysing the limbs and activity of a person by magic; suppression of the functions of a person's faculties by charms. [ଦ୍ର—ଏହାକୁ ସାଧାରଣ ଭାଷାରେ "ବନ୍ଧନ" କରିବା କହନ୍ତି; ଏହି ଅଘଟଣ ଯାହା ପ୍ରତି ପ୍ରଯୋଜିତ ହୁଏ ତାହାର କାର୍ଯ୍ୟଶକ୍ତିର ରୋଧ ହୁଏ ।] (+କର୍ତ୍ତୃ. ଅନ) କାମଦେବଙ୍କ ପଞ୍ଚବାଣ ମଧ୍ୟରୁ ଏକତମ—3. One of the five arrows of the God Cupid. [ଦ୍ର—କାମଦେବଙ୍କ ପଞ୍ଚବାଣର କାମ ପଥା—ଉନ୍ମାଦନ, ଶୋଷଣ, ତାପନ, ସ୍ତମ୍ଭନ ଓ ସମ୍ମୋହନ।] ୪ । (+ଭାବ. ଅନ) ଅବରୋଧ—4. Obstruction: siege. ୫ । ଥଦା ହୋଇଯିବା—5. Becoming inert. ୬ । ସ୍ଥିରୀକରଣ— 6. Settling. ୭ । ନିବାରଣ—7. Prevention. ୮ । ରକ୍ତସ୍ରାବର ଗତିରୋଧ—8. Stopping the flow of blood. ୯ । ଜଡ଼ୀକରଣ ସାଧନ; ଯାହା ଦ୍ୱାରା ଜଡ଼ କରାଯାଏ—9. Appliance for making inert rigid or benumbed. ୧୦ । ଦୃଢ଼ୀକରଣ—10. Strengthening; making rigid. ୧୧ । (+କରଣ ଅନ) ଠେକ;—11. Prop; stay; support—୧୨ । (+ଭାବ ଅନ)—ସାର୍ଦ୍ଧ ସ୍ଖଳନର ରୋଧ (ଦ୍ର. ଶ)—12. Causing retention of seminal discharge. ୧୩ । (+କରଣ. ଅନ) ବଳମ୍ବରେ ସାର୍ଦ୍ଧ ସ୍ଖଳନ କରାଇବା ଔଷଧ (ଦ୍ର. ଶ)—13. Any medicine which delays seminal discharge. ୧୪ । ସଲାବରୋଧକ ଔଷଧ(ଦ୍ର.ଶ)—14. Astringent medicine.

ସ୍ତମ୍ଭନୀ—ସ. ବ (ସ୍ତମ୍ଭନ+ଈ)—ଏକପ୍ରକାର ଇନ୍ଦ୍ରଜାଲ (ଦ୍ର. ଶ)—Stambhani A kind of magic.

ସ୍ତମ୍ଭନୀୟ—ସଂ. ବଣ [ସ୍ତମ୍ଭ ଧାତୁ+କର୍ମ. ଅନୀୟ]—୧ । ସ୍ତମ୍ଭିତ ହେବା ଯୋଗ୍ୟ—1. Fit to be restrained or stopped, delayed etc. ୨ । ଯାହାକୁ ସ୍ତମ୍ଭିତ କରିବ—2. Going to be stopped etc.

ସ୍ତମ୍ଭ ବୃତ୍ତି—ସ. ବ—ପ୍ରାଣାୟାମର ଅଙ୍ଗବିଶେଷ; ଭୂମ୍ଭକ (ଦ୍ର. ଶ)—Stambhabṛutti The art of stopping the breath during breath exercise

ସ୍ତମ୍ଭି—ସ. ବ (ସ୍ତମ୍ଭ ଧାତୁ+କର୍ତ୍ତୃ. ଇ)—ସମୁଦ୍ର (ଦ୍ର. ଶ)—Stambhi The sea.

ସ୍ତମ୍ଭିକା—ସ. ବ (ସ୍ତମ୍ଭ+କ+ଆ)—୧ । ଚଉକ, ଖଟ ଆଦର ଗୋଡ଼ (ଦ୍ର. ଶ)—1. The posts of a bedstead, chair etc. ୨ । ଛୋଟ ଖୁମ; ଖୁଣ୍ଟି.—2. Small pillar or post.

ସ୍ତମ୍ଭିତ—ସ. ବ (ସ୍ତନ୍ଭ ଧାତୁ ଣିଚ=ସ୍ତମ୍ଭି ଧାତୁ+କର୍ମ. ତ)—Stambhita ୧ । ଜଡ଼ୀକୃତ—1. Paralysed; benumbed. ୨ । ନିବାରିତ—2. Prevented. ୩ । ରୁଦ୍ଧ; କଳ କରା ଯାଇଥିବା; ସ୍ଥଗିତ—3. Stopped; restrained. ୪ । ଦୃଢ଼ୀକୃତ—4. Strengthened; made rigid. ୫ । ନିସ୍ପନ୍ଦୀକୃତ—5. Made

Digitized by srujanika@gmail.com

immoveable; astounded. ୨ । ସ୍ଥିରୀକୃତ—6. Fixed.

ସ୍ତମ୍ଭି ଦେବା—ଦେ. କ୍ରି (ସଂ. ସ୍ତମ୍ଭ ଧାତୁ)—ସ୍ତମ୍ଭନ କରିବା—Stambhi debā To render motionless. **स्तंभन करना** [ଜି—ଇନ୍ଦ୍ର କ୍ରୋଧ ଦେଇ ଅସୁରଙ୍କୁ ବଜ୍ର ଧରି, ତାଙ୍କ ହାତ ସ୍ତମ୍ଭି ଦେଲେ ଭଯଙ୍କାର । କୃତ୍ତିବାସ. ମହାଭାରତ. ବନ ।]

ସ୍ତମ୍ଭିନୀ—ସଂ. ବିଣ. ସ୍ତ୍ରୀ (ସ୍ତମ୍ଭିନ୍+ଈ)—ସ୍ତମ୍ଭୀର ସ୍ତ୍ରୀ ଲିଙ୍ଗ—Stambhinī Feminine of Stambhī.

ସଂ. ବି—ଯୋଗ ଶାସ୍ତ୍ର ଅନୁସାରେ ୫ ଗୋଟି ଧାରଣା ମଧ୍ୟରୁ ଗୋଟିଏ (ହି. ଶ)—One of the 5 Dhāraṇās in Yoga.

ସ୍ତମ୍ଭୀ—ଦେ. ବିଣ—ଜଡ଼; ସ୍ଥିର; ନିଶ୍ଚଳ—Motionless, [ଉ—କେ ଜାଣେ ଲୁହ ଯଦ୍ୟପି । ତେ ସ୍ତମ୍ଭୀ ହୁଏ । ବରଦେ—ସ୍ତମ୍ଭୀ **स्तम्भी** ଘାନକୃଷ୍ଣ. ଉତ୍କଳୋଲ ।] ସଂ. ବିଣ ପୁଂ (ସ୍ତମ୍ଭ+ଇନ୍ ୧ମା. ବ)—୧ । ସ୍ତମ୍ଭଯୁକ୍ତ—1. Pillared. ୨ । ସ୍ତମ୍ଭକର (ଦେଶ)—2. Stambhakara (See) **ସଂ. ବି**—ସମୁଦ୍ର (ହି. ଶ)—The sea.

ସ୍ତମ୍ଭୀଭୂତ—ସଂ. ବିଣ (ସ୍ତମ୍ଭ+ଭୂ ଧାତୁ+ ର୍ତ୍ତି [ଈ]+କର୍ତ୍ତୃ. ତ)—Stambhībhūta ୧ । ଜଡ଼ୀଭୂତ—1. Petrified become motionless; paralysed. ୨ । ନିଶ୍ଚଳ—2. Become rigid.

ସ୍ତର—ସଂ. ବି (ସ୍ତୃ ଧାତୁ=ବିଛାଇବା+କର୍ମ. ଅ)—୧ । ଥାକ; ଭୂମି Stara ଅବର ଜ୍ୟର୍ଥଯର ନିହତ ସରସ୍ତ - 1. Layer stratum. ୨ । ଶଯ୍ୟା; ଭଲ୍ଲ—2. Bed.

ସ୍ତରଣ—ସଂ. ବି (ସ୍ତୃ ଧାତୁ+ଭାବ. ଅନ)—୧ । ବିସ୍ତାର କରିବା ବା ବିଛାଇବା Staraṇa କର୍ମ—1. The act of spreading. ୨ । (+କର୍ମ. ଅ) ଶଯ୍ୟା; ବିଛଣା—2. Bedding. ୩ । ପଲସ୍ତର—3. Plaster.

ସ୍ତରଣୀୟ—ସଂ. ବିଣ (ସ୍ତୃ ଧାତୁ+କର୍ମ ଅନୀୟ)—ବିସ୍ତୃତ ହେବା Staraṇiya ଯୋଗ୍ୟ—Deserving to be spread. [ସ୍ତୃଣି—ଅନ୍ୟରୂପ]

ସ୍ତରି(ରୀ)ମା—ସଂ. ବି (ସ୍ତୃ ଧାତୁ+କର୍ମ ଇମନ୍; ୧ମା. ୧ବ)—ଭଲ୍ଲ; ଶଯ୍ୟା Stari(rī)mā [ଉଡ଼ାଦଡୋଗ]—Bed

ସ୍ତରୀ—ସଂ. ବି (ସ୍ତୃ ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)—ଧୂମ; ଧୂଆଁ—Starī Smoke.

ସ୍ତରୁ—ସଂ. ବି (ସ୍ତୃ ଧାତୁ+କର୍ତ୍ତୃ. ଉ)—ଶତ୍ରୁ; ବେସ୍ତ [ହି. ଶ]—Staru Enemy.

ସ୍ତାବ—ସଂ. ବି (ସ୍ତୁ ଧାତୁ+ଭାବ ଅ)—ସ୍ତବ (ଦେଶ)—Stabа Stāba (See) ସଂ. ବିଣ—ସ୍ତାବକ (ଦେଶ) Stābaka (See)

ସ୍ତାବକ—ସଂ. ବିଣ ପୁଂ (ସ୍ତୁ ଧାତୁ+କର୍ତ୍ତୃ ଅକ)-ସ୍ତବକାରୀ Praising; Stābaka praying. ସଂ ବି—୧ । ସ୍ତୁତିଗାୟକ କବି—1. A panegyrist. ୨ । ତୋଷାମଦିଆ; ଗୁଣୁକାର କବି—2. A flatterer.

ସ୍ତାବଲ—ବୈଦେ. ବି (ସଂ. ସ୍ଥୈର୍ଯ୍ୟ)—ଅସ୍ଥାବର; ଘୋଡ଼ାଶାଳ Stābal ଆସ୍ତାବଲ **स्तबल** Stable.

ସ୍ତାବ୍ୟ—ସଂ. ବିଣ (ସ୍ତୁ ଧାତୁ+କର୍ମ. ଯ)—ସ୍ତବନୀୟ (ଦେଶ) Stābya Stabaniya (See)

ସ୍ତିମ୍ (ଧାତୁ)—ସଂ—ଆର୍ଦ୍ର ହେବା; ଜଳ ହେବା—Stim (root) To become wet.

ସ୍ତିମି—ସଂ. ବି (ସ୍ତିମ୍ ଧାତୁ+କର୍ତ୍ତୃ. ଇ)—୧ । ପୁଷ୍ପଗୁଚ୍ଛ (ହି. ଶ); Stimi ସ୍ତବକ—1. A bunch of flowers. ୨ । ସମୁଦ୍ର (ହି. ଶ)—2. The sea. ୩ । ପ୍ରତିବନ୍ଧ; ଅବରୋଧ (ହି. ଶ)—3. Obstruction.

ସ୍ତିମିତ—ସଂ. ବିଣ (ସ୍ତିମ୍ ଧାତୁ. ଜଳ ହେବା+କର୍ତ୍ତୃ. ତ)—୧ । Stimita ଆର୍ଦ୍ର; ସିକ୍ତ—1. Moistened; wet. ୨ । ସ୍ଥିର; ନିଶ୍ଚଳ—2. Motionless; fixed; steadfast. ୩ । ଶାନ୍ତ (ହି. ଶ)—3. Calm. ୪ । ପ୍ରସନ୍ନ; ସନ୍ତୁଷ୍ଟ (ହି. ଶ)—4. Satisfied. ବ—(+ଭାବ. ତ)—୧ । ଜଡ଼ତା—1. Rigidity. ୨ । ନିଶ୍ଚଳତା—2. Motionlessness. ୩ । ଆର୍ଦ୍ରତା—3. Wetness.

ସ୍ତିମିତ ଦୃଷ୍ଟି—ସଂ. ବ—ଏକଦୃଷ୍ଟି; ଏକଦରକୁ ନିଶ୍ଚଳ ଦୃଷ୍ଟି—Stimita drushṭi Eyesight fixed to one side; fixed gaze. ସଂ. ବିଣ, ପୁଂ ଓ ସ୍ତ୍ରୀ-ସ୍ତିମିତନୟନ [ଦେଶ] Stimitanayana (See)

ସ୍ତିମିତ ନୟନ(ନେତ୍ର, ଲୋଚନ)—ସଂ. ତ (କର୍ମଧା)—ଏକଦୃଷ୍ଟିଯୁକ୍ତ Stimita nayana (netra, locchana) ଚକ୍ଷୁ; ସ୍ଥିରଚକ୍ଷୁ—Steadfast eye. ସଂ. ବିଣ. ପୁଂ (ବହୁବ୍ରୀ)—ସ୍ଥିର ଦୃଷ୍ଟିଯୁକ୍ତ—Having fixed gaze. [ସ୍ତିମିତନୟନା(ନେତ୍ରା, ଲୋଚନା)—ସ୍ତ୍ରୀ]

ସ୍ତିର—ଗ୍ରା. ବିଣ (ସଂ. ସ୍ଥିର)—ସ୍ଥିରୀକୃତ (ଦେଶ)—Sthirī Stira kṛuta (See) ବ—ସ୍ଥିରୀକରଣ (ଦେଶ) Sthirīkaraṇa (See)

ସ୍ତିରୀ, ରୀ)—ଗ୍ରା. ବି (ସଂ. ସ୍ତ୍ରୀ)—୧ । ଭାର୍ଯ୍ୟା; ସ୍ତ୍ରୀ—1. Wife. Stiri(rī, rlā) [ଉ—ଘାଣିରୁଡ଼ାଲାଙ୍କ ମୁଣ୍ଡରେ ଗୋସା, ସ୍ତ୍ରିରଲା } ଘର ସ୍ତ୍ରିର ଯୋବେ ଦରଇ ସୁଂସା; ତବେ ଦନେଇ ସ୍ଥିର } ଏ ଫସରଫସା—ଦନେଇ ଦାସଙ୍କ ପଢ଼ିଛ ।] ୨ । ସ୍ତ୍ରୀ ସ୍ତ୍ରୀ ନାରୀ; ସ୍ତ୍ରୀ—2. Woman.

ସ୍ତିରୀ(ରି)ସ୍ୱଭାବ—ସ୍ତ୍ରୀ. ବ—ସ୍ତ୍ରୀମାନଙ୍କର ସ୍ୱାଭାବିକ ଋତୁ—Stiri(ri)swabhāba Menstruation (which ସ୍ତ୍ରୀସ୍ୱଭାବ is natural to females).

ସ୍ତୀବ—ସଂ ବି (ସ୍ତୁ ଧାତୁ+କର୍ତ୍ତୃ. ଇ)—୧। ନଭଃ; ଆକାଶ (ପରିତ୍ରସାଇ)-Stirbi 1. Sky ୨ । ରୁଧିର (ପରିତ୍ରସାଇ)—2. Blood ୩ । ତୃଣ—3. Grass. ୪ । ଅଧ୍ୟର୍ଯ୍ୟୁ; ଯଜୁର୍ବେଦଜ୍ଞ ଋତ୍ୱିକ୍—4. A priest versed in the

Digitized by srujanika@gmail.com

Jajurbeda. ୫। ଉତ୍ସଃ; ଜଳ—5. Water. ୬। ଶତ୍ରୁ—6. Enemy; adversary. ୭। ଶରୀର (ହ୍ର. ଶ)—7. Body. ୮। ଭୟ (ହ୍ର. ଶ)—8. Fear. ୯। ଇନ୍ଦ୍ର (ହ୍ର. ଶ.)—9. Indra.

ସ୍ତୁ (ଧାତୁ)—ସଂ—୧। ସ୍ତବ କରିବା—1. To pray. ୨। ପ୍ରଶଂସା କରିବା—To praise; to eulogise.
Stu (root)

ସ୍ତୁକ—ବି. ବ. ପୁଂ [ସ୍ତୁ ଧାତୁ+କର୍ମ. କ]—ସନ୍ତାନ; ଅପତ୍ୟ [ହ୍ର. ଶ]—Offspring.
Stuka (ସ୍ତୁକା—ସ୍ତ୍ରୀ)

ସ୍ତୁଚ୍ (ଧାତୁ)—ସଂ—ପ୍ରସନ୍ନ କରିବା—To cause to be favourable; to please.
Stuch (root)

ସ୍ତୁତି—ସଂ. ବ—ଭରଦ୍ୱାଳ ପକ୍ଷୀ [ହ୍ର. ଶ]—The skylark.
Stuti

ସ୍ତୁତ—ସଂ. ବିଣ [ସ୍ତୁ ଧାତୁ+କର୍ମ. ତ]—୧। ପ୍ରଶଂସିତ—1. Praised; eulogised. ୨। ଯାହାଙ୍କୁ ସ୍ତୁତି କରାଯାଏ—2. Prayed; to whom prayer is offered. ୩। ଝରୁଥିବା (ହ୍ର. ଶ)—3. Oozing. ସ. ବ (+ଭାବ ତ)—୧। ସ୍ତବ; ସ୍ତୁତି (ହ୍ର. ଶ)—1. Hymn. ୨। ମହାଦେବ (ହ୍ର ଶ)—2. Śiba. ୩। ପ୍ରଶଂସା—3. Praise.
Stuta (ସ୍ତୁତା—ସ୍ତ୍ରୀ)

ସ୍ତୁତସ୍ତୋମ—ସଂ ବିଣ ପୁଂ—ପ୍ରଶଂସିତ [ହ୍ର. ଶ.]—Praised.
Stutastoma [ସ୍ତୁତସ୍ତୋମା—ସ୍ତ୍ରୀ]

ସ୍ତୁତି—ସଂ ବ—[ସ୍ତୁ ଧାତୁ+କରଣ. ତି]—୧। ସ୍ତବ [ଅମର]—Prayer; hymn. [ଉ—ପ୍ରାଣିଙ୍କ ଦୋଷ ନ ଘୋଷନ୍ତୁ, ସ୍ତୁତି—ବିଣ] ସ୍ତୁତ୍ୟରେ ହରଷ ନୁହନ୍ତୁ—ଜଗନ୍ନାଥ ଭାଗବତ।] ୨। (ଭାବ.ତି) ପ୍ରଶଂସା; ଗୁଣଗାର୍ତ୍ତନ—2. Eulogy; praise. ୩। (କର୍ମ. ତି) (ପୁଂ) ସହସ୍ର-ନାମୋକ୍ତ ବିଷ୍ଣୁଙ୍କର ନାମ—3. One of the names of Bishnu. ୪। (ସ୍ତ୍ରୀ) ଦୁର୍ଗା—4. The Goddess Durga.
Stuti (ସ୍ତୁତି—ସ୍ତ୍ରୀ)

ସ୍ତୁତି ପାଠ—ସ. ବ (୭ମ୍ଭୀ ତତ୍)—ପ୍ରଶଂସା ଗାନ—Eulogising; panegyrics.
Stuti pāṭha

ସ୍ତୁତି ପାଠକ—ସ. ବ. ପୁଂ—ଭାଟ; ବନ୍ଦୀ; ମାଗଧ; ଯେଉଁମାନେ ରାଜାଙ୍କ ଜନ୍ମରେ ରାଜାଙ୍କର ସଙ୍ଗୋଗାନ କରନ୍ତି (ଅମର)—Panegyrist; herald; an encomiast.
Stuti pāṭhaka

ସ୍ତୁତି ପ୍ରିୟ—ସ. ବିଣ. ପୁଂ (ବହୁବ୍ରୀ)—ଯେ କଳର ପ୍ରଶଂସା ଶୁଣି ଖୁସି ହୁଅନ୍ତି—Fond of praise or adulation.
Stuti priya (ସ୍ତୁତିପ୍ରିୟା—ସ୍ତ୍ରୀ) (ସ୍ତୁତିପ୍ରିୟତା—ବ)

ସ୍ତୁତି ବାକ୍ୟ (ବାଣୀ; ବଚନ)—ସ. ବ—ପ୍ରଶଂସାବାଚକ ଵ—Eulogy; laudatory expression.
Stuti bākya (bāṇī; bachana)

ସ୍ତୁତି ବାଦ—ସ. ବ (ସ୍ତୁତ=ସ୍ତବ+ବାଦ=ବାଚ୍ୟ)—୧। ପ୍ରଶଂସାବାଦ; ପ୍ରଶଂସାମୂଳକ ବାକ୍ୟ; ଗୁଣ ଗାନ—1. Eulogy; panegyric. ୨। ଚାଟୁବାକ୍ୟ—2, Flattery.
Stuti bāda

ସ୍ତୁତିବାଦକ—ସଂ. ବିଣ. ପୁଂ (ସ୍ତୁତ+ବଦ୍ ଧାତୁ+ଣ୍ୱୁଲ୍. ଅକ)—୧। ପ୍ରଶଂସାକାରୀ—1. Praising. ୨। ଚାଟୁକାର—2. Flattering.
Stuti bādaka (ସ୍ତୁତିବାଦକା—ସ୍ତ୍ରୀ)

ସ୍ତୁତ ବ୍ରତ—ସଂ. ବ. ପୁଂ (ସ୍ତୁତ ଅଟେ ବ୍ରତ ଯାହାର, ବହୁବ୍ରୀ)—ସ୍ତୁତିପାଠକ; ଭାଟ—Panegyrist.
Stuti brata

ସ୍ତୁତ୍ୟ—ସଂ. ବିଣ (ସ୍ତୁ ଧାତୁ+କର୍ମ. ଯ)—ସ୍ତବର ଯୋଗ୍ୟ; ସ୍ତବନୀୟ; ପ୍ରଶଂସନୀୟ—Deserving praise.
Stutya

ସ୍ତୁନକ—ସଂ. ବ—ଛାଗ (ଛତ୍ତର)—Goat.
Stunaka

ସ୍ତୁନଭ୍ (ଧାତୁ)—ସଂ (ସୌତ୍ର ଧାତୁ)—୧। ପ୍ରତିବନ୍ଧ କରିବା—1. To restrain; to stop. ୨। ଆବରଣ କରିବା—2. To cover; to enshroud.
Stunabh (root)

ସ୍ତୁବିବା—ଦେ. କ୍ରି (ପଦ୍ୟ) (ସଂ. ସ୍ତୁ ଧାତୁ)—ସ୍ତୁତି ବା ସ୍ତବ କରିବା—To praise; to pray.
Stubibā

ସ୍ତୁବି—ସଂ. ବିଣ (ସ୍ତୁ ଧାତୁ+କର୍ତ୍ତୃ ବି)—ଦଂ, ତ—୧। ସ୍ତବକାରୀ; ସ୍ତାବକ; ଉପାସକ; ଯଜମାନ—1. Worshipper, ୨। (+ଅଶ୍ୱକରଣ. ବ)—ଯଜ୍ଞ (ହ୍ର. ଶ)—2. Vedic sacrifice.
Stubi

ସ୍ତୁବେଜ୍ୟ—ଷ. ବ. ପୁଂ—ଇନ୍ଦ୍ର (ହ୍ର. ଶ)—Indra.
Stubejya

ସ୍ତୁଭ୍ (ଧାତୁ)—ସ—ରୋଧ କରିବା—To stop; to restrain.
Stubh (root)

ସ୍ତୁର—ସ. ବ (ପୁଂ)—୧। ଛାଗ (ଭତ୍ତର)—1. Goat. ୨। ଅଗ୍ନି-ବିଶେଷ (ହ୍ର. ଶ)—2. A kind of fire.
Stubha (ସ୍ତୁଭ୍ରା—ସ୍ତ୍ରୀ) (ସ୍ତୁଭ୍ରକ—ଅନ୍ୟରୂପ)

ସ୍ତୁଷେଜ୍ୟ—ସଂ. ବିଣ—୧। ସୁଖ୍ୟ; ପ୍ରଶଂସନୀୟ (ହ୍ର. ଶ)—Stushejya 1. Praiseworthy. ୨। ଉତ୍ତମ (ହ୍ର.ଶ) 2. Good.

ସ୍ତୂପ୍ (ଧାତୁ)—ସଂ—ଗଦା କରିବା—To heap up.
Stūp (root)

ସ୍ତୂପ—ସଂ. ବ (ସ୍ତୂପ୍ ଧାତୁ+କର୍ମ. ଅ)—୧। ମୃତ୍ତିକା କୂଟ; ମାଟିର ବା ଅନ୍ୟ ଦ୍ରବ୍ୟର ଗଦା; ଘନୀଭୂତ ମୃତ୍ତିକାଦି (ଅମର)—1. Heap of earth etc. ୨। ମାଟିର ଢିପ—2. A mound of earth. ୩। ସମାହାର (ସଂଘଟ୍ଟସାର)—3. Collection. ୪। ବଳ; ସୈନ୍ୟ—4. Army. ୫। ବସ୍ତୁ ଯୋଜନାରେ—5. Absence of use; uselessness. ୬। ମାଟି, ଘଥର, ଇଟା ଆଦିରେ ନିର୍ମିତ ଢିପ, ଯହିଁ ତଳେ ବୁଦ୍ଧଦେବଙ୍କର ବା କୌଣସି ବୌଦ୍ଧ ମହାତ୍ମାଙ୍କ ଅସ୍ଥି, ଦନ୍ତ, କେଶ ଆଦି ସ୍ମୃତିଚିହ୍ନ ରହିଛି ବୋଇଥାଏ (ହ୍ର.)—6. A mound of earth or

Digitized by srujanika@gmail.com

masonry inside which is preserved some of the Buddhistic relics. ଦେ. ବ—

ସ୍ତୂପ **स्तूप** ବୌଦ୍ଧମାନଙ୍କର ସୁରକ୍ଷିତ ମଠର ଭଗ୍ନାବଶେଷର ପରିଚୟସୂଚକ ମୃତ୍ତିକାର ଗଦା—A mound of earth indicating the existence of an old Buddhistic monastery at the site.

ସ୍ତୂପାକାର—ସଂ. ବଣ (ବହୁବ୍ରୀ, ସ୍ତୂପ ଦୋଇଅନ୍ତ ଅକାର ଯାହାର)—Stūpākāra ରାଶୀକୃତ—Heaped up.

ସ୍ତୂପୀକୃତ—ସଂ. ବଣ [ସ୍ତୂପ+ଅଭୂତ ଭଲାବେ ଚ୍ବି (ଇ)+କୃତ]—Stūpīkruta Heaped up.

ସ୍ତୂୟମାନ—ବଂ, ବଣ. ଘଂ (ସ୍ତୁ ଧାତୁ+କର୍ମ ଶାନଚ୍=ଅନ)—Stūyamāna ଯାହାଙ୍କୁ ସ୍ତବ କରୁ ଯାଉଅଛୁ—(ସ୍ତୂୟମାନା—ସ୍ତ୍ରୀ) One who is being praised or eulogised or prayer to.

ସ୍ତୃ(ଧାତୁ)—ସଂ—୧ । ବଛଇବା—1. To spread out. ୨ । Stṛu (root) ଅଚ୍ଛାଦନ କରିବା—2. To spread over.

ସ୍ତୃକ୍ଷ୍(ଧାତୁ)—ସଂ—ଗତି କରିବା—Stṛuksh (root) To move.

ସ୍ତୃତ - ସଂ. ବ (ସ୍ତୃ ଧାତୁ+କର୍ମ ତ)—୧ । ଅଚ୍ଛାଦିତ—Stṛuta 1. Spread over; covered. ୨ । ବିସ୍ତୃତ—2. Spread.

ସ୍ତୃତି—ସଂ. ବ (ସ୍ତୃ ଧାତୁ+ସ୍ତ୍ରୀ ତି)—୧ । ବିସ୍ତୃତି—Stṛuti 1. Spreading. ୨ । ଅଚ୍ଛାଦନ—2. Covering.

ସ୍ତୃନ୍(ଧାତୁ)—ସ—ସ୍ତ୍ରୀଙ୍କ ରକ୍ଷା କରିବା—Stṛun(root) To preserve friendship.

ସ୍ତୃହ୍(ଧାତୁ)—ସଂ—ବଧ କରିବା—Stṛuh (root) To kill.

ସ୍ତୄ (ଧାତୁ)—ସଂ—ବିସ୍ତାରିବା—Stṛū (root) To spread out.

ସ୍ତେନ୍ (ଧାତୁ)—ସଂ. କ—ଚୋର କରିବା—Sten (root) To steal.

ସ୍ତେନ—ସଂ. ବ [ସ୍ତେନ୍ ଧାତୁ+ସ୍ତ୍ରୀ ଅ]—୧ । ସ୍ତେୟ; ଚୌର୍ଯ୍ୟ; Steta ଚୋର (ଉପଦ); ପରସ୍ୱାପହରଣ—1. Stealing. ୨ । [+କର୍ତ୍ତା ଅ] ଚୋର; ଚୋର (ଅମର)-2. Thief. ୩ । ପରଦ୍ରବ୍ୟାପହାରକ-3. Dishonest remover of other people's property. ୪ । ଦେବତାଙ୍କୁ ନିବେଦନ ନ କରି ଯେ ଅନ୍ନାଦ ଭୋଜନ କରେ (ଭଗବଦ୍ଗୀତା)—4. A person who eats food without offering it to God. । ୫ ଚୋର ନାମକ ଉଦ୍ଭଦ୍ରବ୍ୟ—5. A medicinal scent.

ସ୍ତେପ୍ (ଧାତୁ) – ସ—୧ । ପ୍ରେରଣ କରିବା—1. To throw. ୨ । ଛରିବା—2. To ooze (Apte).

ସ୍ତେମ—ସଂ. ବ (ଷ୍ଟିମ୍. ଧାତୁ+ଭାବ. ଅ)—ଆର୍ଦ୍ରଭାବ—Stema Moisture; wet condition. [ସ୍ତିମିତ—ବଣ].

ସ୍ତେୟ—ସଂ. ବ (ସ୍ତେନ୍. ଧାତୁ+ଭାବ. ଯ)—ଚୌର୍ଯ୍ୟ; ଚୋରି; Steya ପରଦ୍ରବ୍ୟାପହରଣ—Stealing, ସଂ. ବଣ (+କର୍ମ. ଯ) —୧। ଅପହୃତ (ଦ୍ରବ୍ୟ) (ହି. ଶ)—1. Stolen. ୨ । ଅପହରଣୀୟ—2. Capable of being stolen.

ସ୍ତେୟୀ—ସଂ. ବ. ପୁଂ (ସ୍ତେୟ+ଇନ୍. ୧ମା, ୧ବ)—୧ । ଚୋର—Steyī 1. Thief. ୨ । ସ୍ୱର୍ଣ୍ଣକାର; ବଣିଅଁ (ଶବ୍ଦକଳ୍ପଦ୍ରୁ)—[ସ୍ତେୟିନୀ—ସ୍ତ୍ରୀ] 2. Goldsmith. ୩ । ବନମୂଷିକ—3. Wild rat; mouse.

ସ୍ତୈନ—ସଂ. ବ (ସ୍ତେନ+ଭାବ.ଅ)—୧। ଚୌର୍ଯ୍ୟ; ଚୋର(ଅମର, ଉଣାଦ) Staina —1. Stealing. ୨ । (ସ୍ତେନ୍ ଧାତୁ+କର୍ତ୍ତୃ ଅ)—ଚୋର—2. Thief; robber (Apte).

ସ୍ତେନ ନିଗ୍ରହ—ସ, ବ (୬ଷ୍ଠୀ ତତ୍)—୧। ଚୋରମାନଙ୍କୁ ଦଣ୍ଡ ଦେବା—Stena nigraha 1. Punishment of thieves (Apte). ୨ । ଚୋର ଅପରାଧ ବନ୍ଦ କରିବା—2. Suppression of theft (Apte).

ସ୍ତୈନ୍ୟ—ସଂ. ବ (ସ୍ତେନ+ସ୍ୱାର୍ଥେ.ଯ)—୧। ଚୌର୍ଯ୍ୟ (ଶବ୍ଦରତ୍ନାବଳୀ)—Stainya 1. Thief. ୨ । (+ଭାବ. ଅ) ଚୌର୍ଯ୍ୟ—2. Theft; robbery [Apte].

ସ୍ତୈମିତ୍ୟ—ସଂ. ବ (ସ୍ତିମିତ+ଭାବ. ଯ)—ଜଡ଼ତା (ସଜ୍ଞାନଦର୍ଶନ)—Staimitya Rigidity; numbness.

ସ୍ତୋକ—ସଂ. ବଣ (ସ୍ତୁଚ୍. ଧାତୁ+କର୍ମ. ଅ)—୧ । ଅଳ୍ପ; କ୍ଷୁଦ୍ର; ଅଳ୍ପ Stoka ପରିମାଣ (ଅମର)—1. Little; slight, [ଉ—ମହା ସତ୍ତ୍ୱବନ୍ତ ଅଟନ୍ତି ଯେତେ ଜଣାନ୍ତି, ତହିଲେ କ୍ଲେଶ ଭାନ୍ତୁ ମଣନ୍ତି ଯେ ସ୍ତୋକ । କୃଷ୍ଣସିଂହ. ମହାଭାରତ. ବନ ।] ୨ । କ୍ଷୁଦ୍ର—2. Short (Apte). ୩ । ଅଳ୍ପସଂଖ୍ୟକ—3. Few (Apte). ୪ । ନୀଚ—4. Low; abject (Apte). ସ. କ୍ରି. ବଣ—ଅଳ୍ପେ ଅଳ୍ପେ—Little by little. ବ-୧ । ଶୁଚିଦ ପକ୍ଷୀ (ମେଦିନୀ)—1. The pied-crested coccyster. ୨ । ଜଳବିନ୍ଦୁ (ଶବ୍ଦକଳ୍ପଦ୍ରୁ)—2. A drop of water, ୩ । କ୍ଷୁଦ୍ରତା ମାତ୍ର—3. A little (Apte).

ସ୍ତୋକକ—ସଂ. ବ (ସ୍ତୋକ+ସ୍ୱାର୍ଥେ. କ)—ଶୁଚିଦ ପକ୍ଷୀ—Stokaka The pied-crested coccyster bird.

ସ୍ତୋକ କାୟ—ସ.ବ୍ରୀ. ପୁଂ [ବହୁବ୍ରୀ]-କ୍ଷୁଦ୍ର ଶରୀରବିଶିଷ୍ଟ; ଗେଣ୍ଡା—Stoka kāya Short-bodied; dwarfish. [ସ୍ତୋକକାୟା—ସ୍ତ୍ରୀ] [ସ୍ତୋକ କାୟକ—ତ]

ସ୍ତୋକକୃଷ୍ଣ—ଦେ. ବ—ଗୋପରେ ଥିବା କୃଷ୍ଣଙ୍କର ସଙ୍ଗୀଙ୍କ—[ଉ—Stokakṛushna ମଥୁରାଗଲବେଳେ ଏହାଙ୍କ ହସ୍ତରେ କୃଷ୍ଣ ବର୍ଣ୍ଣୀ ସ୍ତୋକକୃଷ୍ଣ ଦେଇ ଯାଇଥିଲେ ।]—One of the playmates स्तोककृष्ण of Śrīkṛushṇa in Gopapura. [ଉ—

Digitized by srujanika@gmail.com

ସୁମଉଲେ ସ୍ତୋକକୃଷ୍ଣ, ଜାଣିଲ ପ୍ରଭୁଙ୍କ ମନ, ପିଲଙ୍କ ଅସି ବଦନ, ଛୁଚ୍ଛନ୍ତ ଡୋଇ । ପ୍ରାଚୀ· ରଚ୍ଚସ୍ୟମଞ୍ଜସ୍ୱ ।]

ସ୍ତୋକ ବାକ୍ୟ—ଦେ. ବ (ସଂ. ସ୍ତୁତ; ସ୍ତୋମ=ସ୍ତବ; ସଂ. ସ୍ତାବକ)—Stoka bākya ୧ । ସ୍ତୁତିବାଚକ ବା ଚୋସାମଦ୍ଦଆ କଥା—ସ୍ତୋକବାକ୍ୟ 1. Flattering words. ୨ । ଭୁଲ୍ଲାଇଥ କଥା—खुसामदी बात 2. Inveigling words.

ସ୍ତୋକ ମାତ୍ର—ଦେ. ବ ଓ ବଣ—ସାମାନ୍ୟ ମାତ୍ର; ଥୋଡ଼ାଏ—Stoka mātra A little. सामान्यमात्र थोड़ासा

ସ୍ତୋକ ରଟ—ସଂ. ବ (ଷଷ୍ଠୀ ତତ୍ପୁ)—ଗୁଡକ ଧ୍ୱନି—Stoka raṭa The twitter of the bird coccyster.

ସ୍ତୋଟକ—ସ. ବ—୧ । ଗୁଡକ (ହି. ଣ)—1. Coccyster bird. Stoṭaka ୨ । ବସୁନାଗ ବଷ (ହି. ଣ)—2. A kind of poison.

ସ୍ତୋତବ୍ୟ—ସ· ବ (ସୁ· ଧାତୁ+କର୍ମ. ତବ୍ୟ)—ସ୍ତୁତ୍ୟ; ସ୍ତବଯୋଗ୍ୟ—Stotabya Fit to be prayed to.

ସ୍ତୋତା—ସ, ବଣ· ପୁଂ (ସୁ. ଧାତୁ+କର୍ତ୍ତୃ· ତୃ ୧ମା. ୧ବ)—ସ୍ତୁତକାରକ; ସ୍ତବକାରକ—Praying; eulogising. (ସ୍ତୋତ୍ରୀ—ସ୍ତ୍ରୀ) ବ—ସଦ୍ଭସ୍ତକାମୋକ୍ତ ବିଷ୍ଣୁଙ୍କ ନାମ—Stotā A name of Bishṇu,

ସ୍ତୋତ୍ର—ସ. ବ (ସୁ ଧାତୁ+ଭାବ ବା କରଣ ତ୍ର)—୧। ସ୍ତୁତ (ଅମର)—Stotra 1. Prayer; eulogy. ୨ । ଦେବୋଦ୍ଦେଶ୍ୟରେ ରଚିତ ସ୍ତବ—2. Hymn; prayer to a Deity. [ଦ୍ର—ସପ୍ତଂସ୍ମରଣରେ ସ୍ତୋତ୍ରମାନଙ୍କୁ ଗୁରୁ ଶ୍ରେଣୀରେ ବର୍ଗୀକୃତ କରା ଯାଇଅଛି :— ଦ୍ରବ୍ୟ ସ୍ତୋତ୍ର, କର୍ମ ସ୍ତୋତ୍ର, ବସ୍ତୁ ସ୍ତୋତ୍ର ଓ ଅବଜନ ସ୍ତୋତ୍ର ।]

ସ୍ତୋତ୍ର ପାଠ—ସ, ବ (ଷଷ୍ଠୀ ତତ୍ପୁ)—ସ୍ତବର ଆବୃତ୍ତି—Stotra pāṭha Recital of a hymn.

ସ୍ତୋତ୍ର ପାଠକ—ସ. ବ. ପୁଂ—ଯେ ସ୍ତବପାଠ କରେ—Stotra pāṭhaka Reciter of hymn. (ସ୍ତୋତ୍ରପାଠିକା—ସ୍ତ୍ରୀ)

ସ୍ତୋତ୍ର ପ୍ରଣେତା—ସ.ବ.ପୁଂ (ଷଷ୍ଠୀ ତତ୍ପୁ)—ଯେ ସ୍ତବ ରଚନା କରନ୍ତି—Stotra praṇetā The composer of a hymn. (ସ୍ତୋତ୍ରରଚକ, ସ୍ତୋତ୍ର ରଚୟିତା—ଅନ୍ୟରୂପ) (ସ୍ତୋତ୍ରପ୍ରଣେତ୍ରୀ, ସ୍ତୋତ୍ର ରଚକା, ସ୍ତୋତ୍ର ରଚୟିତ୍ରୀ—ସ୍ତ୍ରୀ)

ସ୍ତୋତ୍ର ରଚନା—ସ. ବ (ଷଷ୍ଠୀ ତତ୍ପୁ)—ସ୍ତୁତି ପ୍ରଣୟନ—Stotra rachanā The composing of hymn.

ସ୍ତୋତ୍ରି(ତ୍ରୀ)ୟ—ସ, ବଣ—ସ୍ତୋତ୍ର ସମ୍ବନ୍ଧୀୟ (ହି. ଣ)
Stotri(trī)ya Relating to hymn or prayer,

ସ୍ତୋଭ—ସ. ବ (ସ୍ତୁଭ୍ ଧାତୁ+ଭାବ ଅ)—୧ । ସ୍ତମ୍ଭନ (ଦେଖ) Stobha (ହେମଚନ୍ଦ୍ର)—1. Stambhana (See) (ସ୍ତୋଭନ—ବଣ) ୨ । ହେଳନ; ଅଗୌରବ (ହେମଚନ୍ଦ୍ର)—2. Slighting. ୩ । ବାଧାଦାନ—3. Obstructing; restraining. ୪ । ସ୍ତବ—4. Hymn. ୫ । ସାମାବୟବବଶେଷ; ଗୀତାଲାପ ପୂରଣାର୍ଥ ଜଲ୍ପିତ ଶବ୍ଦ ବା ଅକ୍ଷର—5. Any meaningless word or letter added to fill up a song (a part of the Sāmabeda). ୬ । ଉତ୍କୃଷ୍ଟରଣ (ହି. ଣ)—6. Abusing.

ସ୍ତୋମ୍ (ଧାତୁ)—ସ—ପ୍ରଶଂସା କରିବା—Stom (root) To praise; to eulogise.

ସ୍ତୋମ—ସ. ବ (ସ୍ତୋମ୍ ଧାତୁ+କର୍ମ. ଅ)—୧ । ରାଶି; ସମୂହ (ଅମର) Stoma —1. Multitude; heap. [ଦ୍ର—ଉତ୍ତେଜନ କଲେ ଧ୍ରୁବସ୍ତୋମ—ଭଟ୍ଟ. ବୈଦେଘୁଶବଳାଶ ।] ୨ । ଯଜ୍ଞ (ହେମଚନ୍ଦ୍ର) —2. Vedic sacrifice. ୩ । (+ଗୁଣ·ଅ) —ସ୍ତବ; ସ୍ତୁତି (ଶବ୍ଦକଳ୍ପଦ୍ରୁମ)—3. Praise; hymn. ୪ । (କର୍ମ. ଅ) ଧନ (ଶବ୍ଦକଳ୍ପଦ୍ରୁମ)—4. Riches. ୫ । ମସ୍ତକ (ଶବ୍ଦକଳ୍ପଦ୍ରୁମ) —5. Head. ୬ । ଶସ୍ୟ (ଶବ୍ଦକଳ୍ପଦ୍ରୁମ)—6. Grain. ୭ । ଲୌହାଗ୍ର ଦଣ୍ଡ—7. A rod with an iron top. ୮ । ଗୃହକ; ଗୃହ ଅକର ବାଡ଼ା (ଶବ୍ଦକଳ୍ପଦ୍ରୁମ)—8. Rent for occupation of a property. ୯ । ଦଣ ଧନୁଷ୍କର ବା ୪୦ ହାତର ଏକ ମାପ (ହି. ଣ)—9. A standard of linear measure. ୧୦ । ଯଜ୍ଞକାର୍ଯ୍ୟ ବ୍ୟକ୍ତି (ହି. ଣ)—10. The performer of a sacrifice. ବଣ—୧ । ନତ—1. Bent. ୨ । ବକ୍ର—2. Awry.

ସ୍ତୋମ୍ୟ—ସ. ବଣ (ସ୍ତୋମ୍ ଧାତୁ+କର୍ମ ଯ)—ସ୍ତୁତ୍ୟ; ସ୍ତୁତର ଯୋଗ୍ୟ Stomya (ହି. ଣ)—Fit to be prayed to.

ସ୍ତୌପିକ—ସ. ବ (ସ୍ତୂପ+ଉକ)—୧ । ବୌଦ୍ଧ ସ୍ତୂପ ମଧ୍ୟରେ ରକ୍ଷିତ ଅସ୍ଥି, ନଖ ଆଦ ସ୍ମୃତିଚିହ୍ନ (ହି. ଣ)—Staupika 1. Mementoes or relics preserved inside Buddhist Stūpas. ୨ । ଜୈନଯତିଙ୍କ ପାଖରେ ରଖାଯିବା ମାର୍ଜ୍ଜନୀ (ହି· ଣ) —2. A duster kept near a Jaina ascetic.

ସ୍ତ୍ୟାନ—ସ· ବଣ—(ଷ୍ଟିଙ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ. ଲ)—୧ । ଧ୍ୱନ- Styāna କାରକ (ମୁଗ୍ଧବୋଧ)—1. Making a sound. ୨ । ସଂଘାତକର୍ତ୍ତା—2. Heaping up; gathering together. ୩ । (+କର୍ମ ତ) ଜାତି; ଘନ—3. Dense. ୪ । ସଂଘାତ—4. Heaped up. ୫ । ମିଳିତ—5 Joined together; mixed up. ୬ । ଅଶ୍ୟାନ; ଶୁଷ୍କ ଓ ଚଟଚଟିଆ—6. Dry & sticky; resinous. ୭ । ମସୃଣ; ସ୍ନିଗ୍ଧ—7. Oily; smooth. ୮ । ସ୍ଥୂଳ—8. Thick. ୯ । ଧ୍ୱନିତ; ଶବ୍ଦିତ—9. Echoed; sounded. ବ—୧ । (+ଭାବ. ଲ) ଶବ୍ଦ—1. Sound. ୨ । ଜାତିତ୍ୱ (ବୈଶ୍ୟ. ମେଦଙ୍କ)—2. Density. ୩ । ଘନତ୍ୱ—3. Thickness,

Digitized by srujanika@gmail.com

୪ । ଅଳସ୍ୟ—4. Idleness. ୫ । ପ୍ରତିଧ୍ୱନି—5. Echo. ୬ । ଅମୃତ (ହ୍ର. ଶ)—6. Nectar.

ସ୍ତ୍ୟାୟନ—ସଂ. ବ (ସ୍ତ୍ରୈ ଧାତୁ+କର୍ତ୍ତୃ. ଅନ) —ଜନସମୂହ (ଅ ଶ)— Stryāyana Crowd.

ସ୍ତ୍ୟେନ—ସଂ. ବ (ସ୍ତେନ୍ ଧାତୁ+କର୍ତ୍ତୃ. ଅ)—୧। ଚୋର; ତସ୍କର (ହ୍ର. ଶ)—1. Thief. ୨ । ଅମୃତ (ହ୍ର. ଶ)—2. Nectar.

ସ୍ତ୍ରୈ (ଧାତୁ)—ସଂ—୧ । ଶବ୍ଦ କରିବା—1. To make a sound. Styai (root) ୨ । ଗଦା କରିବା—2. To heap up.

ସ୍ତ୍ରୈନ—ସଂ. ବ (ସ୍ତେନ ଧାତୁ+କର୍ତ୍ତୃ ଅ)—୧ । ଚୌର (ଜ୍ଞାନାଦ କୋଷ)—1. Thief. ସଂ. ବଣ—ଅଳ୍ପ (ହ୍ର ଶ)—Little.

ସ୍ତ୍ରିୟମ୍ମନ୍ୟ—ସଂ. ବଣ. ପୁଂ (ସ୍ତ୍ରିୟଂ=ସ୍ତ୍ରୀକୁ+ମନ ଧାତୁ+କର୍ତ୍ତୃ.ଯ)— Striyammanya ଯେଉଁ ପୁରୁଷ ଅଯଥାରୁ ସ୍ତ୍ରୀ ବୋଲି ଜ୍ଞାନ କରେ (ହ୍ର. ଶ)—(a male) Thinking himself to be a female.

ସ୍ତ୍ରୀ—ସଂ. ବ. ସ୍ତ୍ରୀ (ସ୍ତ୍ରୈ ଧାତୁ+କର୍ମ ର+ସ୍ତ୍ରୀ ଙ୍କ)—୧ । ନାସ୍ତ; Strī ପୁରୁଷର ବିପରୀତ ଲିଙ୍ଗ ଓ ଲକ୍ଷଣ (ସ୍ତନ, ଯୋନ୍ୟାଦି) (ପୁରୁଷ—ବିପରୀତ) ବିଶିଷ୍ଟ ବ୍ୟକ୍ତି—1. Woman. ୨ । ପୁରୁଷର ବିପରୀତ ଜାତୀୟ ଜୀବ—2. Female animal. ୩ । ଭାର୍ଯ୍ୟା; ପତ୍ନୀ—3. Wife. [ଦ୍ର—ସ୍ତ୍ରୀ ଶବ୍ଦର ପର୍ଯ୍ୟାୟ—ଯୋଷିତ୍, ସୀମନ୍ତିନୀ, ବଧୂ, ପ୍ରତୀପଦର୍ଶିନୀ, ବାମା, ବନିତା, ମହିଳା, ତ୍ରିୟା, ରମା, ଜଦ୍ଧ, ଜଙ୍ଗା, ଯୋଷିତା, ବନିତା, ମଦ୍ଦେଲତା, ମଦ୍ଦେଳା, ଶଙ୍ଖିନୀ, ସିନ୍ଦୂରଚଳିକା, ସ୍ତନ୍ଦୁ, ସ୍ତନସ୍ପୃଶା, ବାମଦୃକ୍, ଅଙ୍ଗନା, ଲଳନା, କାନ୍ତା, ପୁରନ୍ଧ୍ରୀ, ବରବର୍ଣ୍ଣିନୀ, ସୁଜଘନୀ, ଜଘନୀ, ଜଘନ, କାମିନୀ, ଭଦ୍ରାଙ୍ଗୀ, ରମଣୀ, କୁରଙ୍ଗନୟନା, ଖ୍ରୀରୁ, ଖ୍ରୀଜନ ବଳାସିନୀ, ନାରୀ, ମତ୍ତକାସିନୀ, ସ୍ତନେକ୍ଷା, ପ୍ରମଦା, ଅସ୍ପରୁ, ଲଳତା, ବାସିତା, ଖ୍ରୀମଣି, ବରାରୋହା, ନତାଙ୍ଗୀ, ବନିତା, ବଧୂ, ଶ୍ୟାମା, ଗୁରୁପତ୍ନୀ ।

କାମଶାସ୍ତ୍ରରେ ସ୍ତ୍ରୀମାନଙ୍କ ୪ ଶ୍ରେଣୀରେ ବର୍ଣ୍ଣନ କରାଯାଇଅଛି ।

୧ । ପଦ୍ମିନୀ :—

ଉତ୍ତମ କମଳନେତ୍ରା, ନାସିକା ଶୁଦ୍ଧ,ଉନ୍ନତ ।
ଅଳରଲଲୁତ୍ତୁଗା, ପାର୍ଦ୍ଦଦେଶୀ, କୃଶାଙ୍ଗୀ ।
ମୃଦୁବଚନ ସ୍ପର୍ଶୀଳା, କ ତ୍ୟଗୀତାନୁରକ୍ତା
ସକଳଉତ୍ସବେଶା ପଦ୍ମିନୀ ପଦ୍ମଗନ୍ଧା ।

ପଦ୍ମିନୀ—ପଦ୍ମଗନ୍ଧା; ଶଶକଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

୨ । ଚର୍ତ୍ତିଣୀ :—

ଉତ୍ତମ ଉତ୍ତରୋଷ୍ଠ ନାଭିପାର୍ଶ୍ୱ ନ ଗଦ୍ଦା
ଉଲଲୁପ୍ତମସୂନାଭା ସ୍ନିଗ୍ଧଦେହୋତ୍ପଲାଶୀ ।
କଠିନ ଘନଲୁଗ୍ଦୟା ସ୍ତନଦ୍ୱ ସା ସ୍ପର୍ଶୀଳା
ସକଳ ଗୁଣବତ୍ତରା ଚର୍ତ୍ତିଣୀ ଚତ୍ତରଜ୍ଞା ।

ଚର୍ତ୍ତିଣୀ—ମୀନଗନ୍ଧା; ମୃଗଜାତୀୟ ପୁରୁଷ ଏହାଙ୍କ ଯୋଗ୍ୟ ।

୩ । ଶଙ୍ଖିନୀ :—

ପାର୍ଶ୍ୱା ସୁସ୍ପର୍ଦ୍ଦନସ୍ପୃକା ବରସ୍ପନ୍ଦସ୍ତା ସା
କାମୋଦଯୋଗଉତ୍ସୁକିକା ଗୁଣଶୀଳଯୁକ୍ତା ।
ରେଖାତ୍ରୟୋତ୍ତ ତ ବତ୍ତୁଣ୍ଡିତକଣ୍ଠଦେଶା
ସମ୍ଭୋଗକେଳିରସିକା ଖଳ ଶଙ୍ଖିନୀ ସା ।

ଶଙ୍ଖିନୀ—ଶାରଗନ୍ଧା; ବୃଷଭଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

୪ । ହସ୍ତିନୀ :—

ସ୍ଥୂଳାଧରା ସ୍ଥୂଳନତମ୍ବଗ୍ନଗା
ସ୍ଥୂଳାଙ୍ଗୁଳି ସ୍ଥୂଳଭୁଗ୍ନ ସ୍ପର୍ଶୀଳା ।
କାମୋତ୍ସୁକା ଗାଢ଼ରତ୍ତିପ୍ରୀତ
ନତମ୍ବଜଙ୍ଘା ଖଳୁ ହସ୍ତିନୀ ସ୍ୟାତ୍ ।

ହସ୍ତିନୀ—ମଦଗନ୍ଧା; ଅଶ୍ୱଜାତୀୟ ପୁରୁଷ ଏହାଙ୍କର ଯୋଗ୍ୟ ।

ସ୍ତ୍ରୀମାନେ ଋତୁମତ୍ତା ହେବା ପୂର୍ବେ ବାଳିକା ଓ ଋତୁମତ୍ତା ହେବାଠାରୁ ୧୬ ବର୍ଷ ପର୍ଯ୍ୟନ୍ତ ବାଳା, ୩୦ ବର୍ଷ ପର୍ଯ୍ୟନ୍ତ ତରୁଣୀ, ୫୫ ବର୍ଷ ପର୍ଯ୍ୟନ୍ତ ପ୍ରୌଢ଼ା ଓ ତହିପରେ ବୃଦ୍ଧା ଦୃଅନ୍ତୁ ।]

(ସାଙ୍କେତିକ)—ସ୍ତ୍ରୀଲିଙ୍ଗ ଶବ୍ଦର ସାଙ୍କେତିକ ଚିହ୍ନ— Abbreviation for words of female gender.

ସ୍ତ୍ରୀଆଚାର—ଦେ. ବ—ସ୍ତ୍ରୀଲୋକମାନଙ୍କ ଦ୍ୱାରା ବିବାହକାଳୀନ ମଙ୍ଗଳାନୁଷ୍ଠାନ Striāchāra ଅନୁଷ୍ଠାନ ବିଶେଷ—(ଯଥା—କୁଳଦେବୀ ପୂଜାରେ ସ୍ତ୍ରୀଆଚାର ଜୋଇଁକୁ ଅଳତାସିନ୍ଦୂର ଦେବା, ବରକନ୍ୟାଙ୍କୁ ସ୍ତ୍ରୀଆଚାର ଜୁଆ ଖେଳାଇବା ଇତ୍ୟାଦି)—Some rites performed by females in the course of a marriage ceremony.

ସ୍ତ୍ରୀକାମ—ଫ. ବଣ. ପୁଂ (ସ୍ତ୍ରୀ+କାମ. ଧାତୁ+କର୍ତ୍ତୃ. ଅ)—ସ୍ତ୍ରୀକୁ Srikāma କାମନା ବା ଇଚ୍ଛା କରୁଥିବା (ବ୍ୟକ୍ତି)—(A person) Desiring to get a woman.

ସ୍ତ୍ରୀକୋଶ—ସ. ବ—ଖଡ୍ଗ (ହ୍ର. ଶ) Strik sa Sword.

ସ୍ତ୍ରୀ କ୍ଷୀର—ଷ. ବ—ସ୍ତ୍ରୀଙ୍କ ସ୍ତନରୁ ଉତ୍ପନ୍ନ ଦୁଗ୍ଧ (ହ୍ର. ଶ)— Strī kshīra Milk got from the breast of a woman.

ସ୍ତ୍ରୀ ଗାଈ—ସଂ. ବ—ଧେନୁ; ଗାଈ— Strī gabi Cow.

ସ୍ତ୍ରୀ ଗମନ—ସଂ. ବ—ସ୍ତ୍ରୀସଂସର୍ଗ; ମୈଥୁନ— Strī gamana Copulation with a female.

ସ୍ତ୍ରୀ ଗୁରୁ—ସଂ. ବ—ପାଠାଦାତ୍ରୀ— Strī guru A preceptress.

[ଦ୍ର—ଚତ୍ତରେ ସଦାଗୃହଣୀ ଓ ଶାସ୍ତ୍ରଜ୍ଞା ସ୍ତ୍ରୀଗୁରୁଙ୍କଠାରୁ ମନ୍ତ୍ର ଗ୍ରହଣ କରିବାର ବିଧାନ ଅଛି —ହ୍ର. ଶ ।]

Digitized by srujanika@gmail.com

ସ୍ତ୍ରୀ ଗ୍ରହ—ସଂ. ବ—ଜ୍ୟୋତିଷମତରେ ବୁଧ, ଚନ୍ଦ୍ର ଓ ଶୁକ୍ର—The Strī graha planets mercury, moon and venus. [ଦ୍ର—ଜ୍ୟୋତିଷମତରେ ବୁଧ, ଚନ୍ଦ୍ର ଓ ଶୁକ୍ର ସ୍ତ୍ରୀଗ୍ରହ; ଜାତକରେ ଲଗ୍ନର ସପ୍ତମ ସ୍ଥାନରେ ଶୀଚଦ୍ରଙ୍କ ଅବସ୍ଥିତି ବା ଦୃଷ୍ଟି ଥିଲେ ସ୍ତ୍ରୀସନ୍ତାନ ବୁଧ ଓ ପୁରୁଷର ଲଗ୍ନରେ ସ୍ତ୍ରୀଗ୍ରହ ଥିଲେ ଉକ୍ତ ପୁରୁଷ ସ୍ତ୍ରୀସ୍ୱଭାବଶୀଳ ହୁଏ—ହୃ. ଶ ।]

ସ୍ତ୍ରୀ ଘୋଷ—ସଂ. ବ. (ବହୁବ୍ରୀ)—ପ୍ରଭାତ (ଶବ୍ଦଜନ୍ୟତ୍ୱ)—Strī ghosha Dawn; early morning.

ସ୍ତ୍ରୀ ଚଞ୍ଚଳ—ସଂ. ବିଣ. ପୁ. (୭ମୀ ତତ୍.) —କାମୀ; ଲମ୍ପଟ (ହୃ. ଶ) Strī chañchala Lecherous.

ସ୍ତ୍ରୀ ଚିତ୍ତହାରୀ—ସଂ. ବ—ଶୋଭାଞ୍ଜନ (ହିଙ୍ଗୁ ଶେଷ)—Strī chittahārī The Indian horse radish.

ସଂ ବିଣ. ପୁଂ (ସ୍ତ୍ରୀଚିତ୍ତହାରିନ୍)—ସ୍ତ୍ରୀମାନଙ୍କ ଚିତ୍ତହରଣକାରୀ—Charming females.

ସ୍ତ୍ରୀ ଚିହ୍ନ—ସଂ. ବ (୭ମୀ ତତ୍)—୧ । ଯୋନି; ଭଗ—1. Female Strī chihna organ. ୨ । ନାସ୍ତ୍ରୀର ଲକ୍ଷଣ—2. The signs of a female.

ସ୍ତ୍ରୀ ଚୌର—ସଂ. ବି. ପୁଂ—୧ । କାମୁକ; ରଉହଣ୍ଡକ—1. A lascivi- Strī chaura ous person. ୨ । ପରସ୍ତ୍ରୀ ରମଣକାରୀ—(ସ୍ତ୍ରୀଗ୍ରେର—ଦେ. ରୂପ) 2. Adulterer. ୩ । ପରସ୍ତ୍ରୀ ଅପହାରକ—3. Ravisher of another's wife.

ସ୍ତ୍ରୀ ଚୌର୍ଯ୍ୟ—ସଂ. ବ—୧ । ସ୍ତ୍ରୀକୁ ବଳପୂର୍ବକ ଅପହରଣ—1. Kid- Strī chaurjya napping of a woman. ୨ । ପର ସ୍ତ୍ରୀ ରମଣ—2. Adultery. ୩ । ସ୍ତ୍ରୀକୁ ବଳପୂର୍ବକ ରମଣ—3. Rape.

ସ୍ତ୍ରୀ ଜନନୀ—ସଂ. ବ. ସ୍ତ୍ରୀ—କେବଳ କନ୍ୟାପ୍ରସବକାରୀ ସ୍ତ୍ରୀ (ମନୁ)—Strī jananī A woman bringing forth female children only; the mother of female children only.

ସ୍ତ୍ରୀ ଜାତି—ସଂ. ବ—ନାସ୍ତ୍ର ସମ୍ପ୍ରଦାୟ; ପୃଥିବୀର ନାସ୍ତ୍ରୀଗଣ—Strī jāti The female world; the women of the world.

ସ୍ତ୍ରୀ ଜିତ(ନିର୍ଜିତ, ବିଜିତ)—ସଂ. ବିଣ. ପୁଂ (ଜି+କ୍ତ ଭତ୍ୱପୁରୁଷ)—୧. ସ୍ତ୍ରୀ- Strī jita (nirjita, bijita) ବଶୀଭୂତ—1. Hen-pecked. ୨ । ସ୍ତ୍ରୈଣ—2. Excessively fond of women; effeminate.

ସ୍ତ୍ରୀତା(ତ୍ୱ)—ସଂ. ବ (ସ୍ତ୍ରୀ+ସ୍ତ୍ରୀତାର୍ଥେ ତା, ତ୍ୱ)—୧ । ସ୍ତ୍ରୀର ଭାବ— Strītā(twa) 1. The state of being a female; the characteristic qualities of a female. ୨ । ସ୍ତ୍ରୀ ଧର୍ମ (ଦେଖ)—2. Strīdharma (See). ୩ । (ବ୍ୟାକରଣ) ସ୍ତ୍ରୀଲିଙ୍ଗସୂଚକ ପ୍ରତ୍ୟୟ (ହୃ. ଶ)—3. (grammar) A suffix denoting the feminine gender. [ଦ୍ର—ଯେଉଁ ଶବ୍ଦରେ ଏ ପ୍ରତ୍ୟୟ ଯୁକ୍ତ ହୁଏ ତାହା ସ୍ତ୍ରୀଲିଙ୍ଗ ହୁଏ—ହୃ. ଶ.]

ସ୍ତ୍ରୀତ୍ୱ ପ୍ରାପ୍ତି—ସଂ. ବ (୬ଷ୍ଠୀ ତତ)—ପ୍ରଥମ ଋତୋଦର୍ଶନ—The first Strītwa prāpti menstruation of a woman.

ସ୍ତ୍ରୀ ଦେହାର୍ଦ୍ଧ—ସଂ. ବ (ପୁଂ) (ବହୁବ୍ରୀ)—(ଯାହାଙ୍କ ଅର୍ଦ୍ଧ ଅଙ୍ଗରେ Strī dehārddha ଧାରଣକାରୀ) ଶିବ (ହୃ. ଶ)—Siba.

ସ୍ତ୍ରୀ ଧନ—ସଂ. ବ (ହନ୍+ପ୍ତ) —ସ୍ତ୍ରୀଙ୍କ ସ୍ୱତ୍ୱ ପ୍ରବର୍ତ୍ତିବା ଧନବିଶେଷ; Strī dhana ସ୍ତ୍ରୀଙ୍କର ସ୍ୱତନ୍ତ୍ର ଧନ—A peculiar kind of property over which a woman has absolute control according to the Hindu law. [ଦ୍ର—ବିବାହକାଳରେ, ସ୍ୱାମି ଗୃହରୁ ପିତା ସମ୍ମୁଖରେ ଓ ସ୍ୱାମିଗୃହରେ ସ୍ତ୍ରୀ ନିଜର ଭାଇଙ୍କଠାରୁ ପିତାମାତାଙ୍କଠାରୁ, ସ୍ୱାମୀଙ୍କଠାରୁ, ଶାଶୁଶ୍ୱଶୁରଙ୍କଠାରୁ ଓ ବନ୍ଧୁମାନଙ୍କଠାରୁ ଉପହାରରୂପେ ପାଇବା ଧନ ବା ସମ୍ପତ୍ତିକୁ ଯୌତୁକ ବା ସ୍ତ୍ରୀ ଧନ ବୋଲାପାଏ । ସ୍ତ୍ରୀଙ୍କର ନିଜର ବ୍ୟବହାର ନିମନ୍ତେ ପିତା ଓ ସ୍ୱାମୀ ଅଥଚ ପ୍ରଦତ୍ତ ଅଳଙ୍କାର ସ୍ତ୍ରୀଧନ । ବିବାହିତା କନ୍ୟା ପିତୃ ଗୃହରୁ ଓ ପତି ଗୃହରୁ ଯେଉଁ ଧନ ପାଏ ତାହା କନ୍ୟାର ସୌଦାୟିକ ବା ସ୍ୱତନ୍ତ୍ର ଧନ ଅଟେ । ସ୍ତ୍ରୀଧନରେ ସ୍ୱାମୀ, ପୁତ୍ର, ପିତା ବା ଭ୍ରାତା ଅଧିକାର ଦୋଇ ପାରନ୍ତେ ନାହିଁ । ଏଥିରେ ପୁତ୍ରଙ୍କର ଓ କନ୍ୟାଙ୍କର କେବଳ ଅଧିକାର ଅଛି ।]

ସ୍ତ୍ରୀ ଧବ—ସଂ. ବ (୬ଷ୍ଠୀ ତତ୍)—ପୁରୁଷ—Strī dhaba Male.

ସ୍ତ୍ରୀ ଧର୍ମ—ସଂ. ବ—୧। ସ୍ତ୍ରୀର ଋତୁ; ଋତୋଦର୍ଶନ—1. Menstrua- Strī dharma tion. ୨ । ସ୍ତ୍ରୀ ଦେହର ଅବସ୍ଥା—2. Womanhood. (ଦ୍ର—ସେ ପୁରୀ ଇତ୍ୟା ନାମେ ଯାଇଲେ ସ୍ତ୍ରୀ ଧର୍ମ—କୃଷ୍ଣଦ୍ୱିଦ୍ୱ ମହାଭାରତ ଆଦ ।) ୩ । ମୈଥୁନ (ହୃ. ଶ) —3. Copulation. ୪ । ସ୍ତ୍ରୀର କର୍ତ୍ତବ୍ୟ (ହୃ. ଶ)—4. The duties of a wife or a woman. ୫ । ସ୍ତ୍ରୀସମ୍ବନ୍ଧୀୟ ବିଧାନ (ହୃ. ଶ)—5. Rules regarding women.

ସ୍ତ୍ରୀ ଧର୍ମିଣୀ—ସଂ ବିଣ. ସ୍ତ୍ରୀ (ସ୍ତ୍ରୀ ଧର୍ମ+ଇନ୍+ଈ)—ଋତୁମତୀ— Strī dharminī Menstruated.

ସ୍ତ୍ରୀ ଧୂର୍ତ୍ତ—ସଂ ବ. ପୁଂ—ଅସତ୍ ଉଦ୍ଦେଶ୍ୟରେ ସ୍ତ୍ରୀକୁ ପ୍ରଲୋଭନ କରିବା Strī dhūrtta ପୁରୁଷ (ହୃ. ଶ)—A man who entices females for evil purposes.

ସ୍ତ୍ରୀ ଧ୍ୱଜ—ସଂ. ବିଣ. ପୁଂ (ବହୁବ୍ରୀ)—ସ୍ତ୍ରୀଚିହ୍ନବିଶିଷ୍ଟ (ହୃ. ଶ)— Strī dhwaja Having female signs or signs like the female organ. ସଂ ବ—ହାତୀ (ହୃ. ଶ). Elephant.

ସ୍ତ୍ରୀ ନାମା—ସଂ ବିଣ (ବହୁବ୍ରୀ; ସ୍ତ୍ରୀ+ନାମନ୍; ୧ମା ୧ବ)— Strī nāmā ସ୍ତ୍ରୀନାମଧାରୀ; ସ୍ତ୍ରୀବାଚକ ନାମଧାରୀ— Having the name of a female.

Digitized by srujanika@gmail.com

ସ୍ତ୍ରୀ ନାୟକ—ସଂ· ବଣ (ବହୁବ୍ରୀ)—ଯେଉଁ ଅନୁଷ୍ଠାନାଦରେ ସ୍ତ୍ରୀ ନେତ୍ରୀ ଅଟନ୍ତି—(a movement (ସ୍ତ୍ରୀ ନାୟକା—ଦେ· ରୂପ) or institution) Led by a woman or women.

ସ୍ତ୍ରୀନାୟକତ୍ୱ(ତା)—ସଂ ବ—ଜଣେ ବା ବହୁସ୍ତ୍ରୀଙ୍କ ନେତୃତ୍ୱ—Strīnāyaktwa(tā) Leadership of a woman or [ସ୍ତ୍ରୀନେତୃତ୍ୱ(ତା)—ଅନ୍ୟରୂପ] [ସ୍ତ୍ରୀ ନାୟକା—ସ୍ତ୍ରୀ] women.

ସ୍ତ୍ରୀ ନାୟିକା(ନେତ୍ରୀ)—ସଂ. ବ—ନେତୃତ୍ୱରେ ଅଧିଷ୍ଠିତା ସ୍ତ୍ରୀ—Strī nāyikā(netrī) A woman installed as the leader.

ସ୍ତ୍ରୀ ନିବନ୍ଧନ—ସଂ· ବ—ସ୍ତ୍ରୀମାନଙ୍କଦ୍ୱାରା କୃତ ଗୃହକର୍ମ (ହି. ଶ); ଘରେ ମାଇପଙ୍କ କରିବା ଅନୁଷ୍ଠାନ—Strī nibandhana Works performed by females in the household.

ସ୍ତ୍ରୀ ପଣ୍ୟୋପଜୀବୀ—ସଂ. ବଣ ଓ ବ· ପୁଂ (ସ୍ତ୍ରୀରୂପ ପଣ୍ୟଦ୍ୱାରା ଉପଜୀବୀ; ସ୍ତ୍ରୀପଣ୍ୟୋପଜୀବିନ୍ ୧ମା. ୧ବ)—୧ । ସମ୍ଭୋଗାର୍ଥ ଅର୍ଥଦାନ ସ୍ତ୍ରୀକୁ ଅନ୍ୟପୁରୁଷଙ୍କୁ ଦେଇ ତଦ୍ଦ୍ୱାରା ପୁରୁଷଙ୍କଠାରୁ ପ୍ରାପ୍ତଧନ ଯେ ଭୋଗ କରେ; ରଡ଼ାଖିଆ—1. A person who lives on the earnings of his wife's adultery. ୨ । ବେଶ୍ୟାଙ୍କ ଅର୍ଜ୍ଜନ ଦ୍ୱାରା ଜୀବିକା ନିର୍ବାହକାରୀ ବ୍ୟକ୍ତି (ହି. ଶ)—2. A person living on the earning of prostitutes.

ସ୍ତ୍ରୀପର—ସଂ. ବି. ପୁଂ (ସ୍ତ୍ରୀ + ପର=ଅନୁତ୍ତରପ୍ର; ୬ମୀ ତତ୍) —୧ । ସ୍ତ୍ରୀପର ଖିଡ଼ୁ—1. Paramour; adulterer. ୨ । କାମୁକ ବ୍ୟକ୍ତି—2. A lecherous person. ଦୁ· ବଣ. ପୁଂ— କାମୁକ; ଲମ୍ପଟ—Lecherous.

ସ୍ତ୍ରୀ ପୁଂ ଧର୍ମ—ସଂ· ବ (ଦ୍ୱନ୍ଦ୍ୱ; ୬ମୀ ତତ୍)—୧ । ସ୍ତ୍ରୀଙ୍କର ଓ ପୁରୁଷଙ୍କର ବ୍ୟବହାର—1. The conduct of men and women. ୨ । (ହିନ୍ଦୁସ୍ତ୍ରୀ ଓ) ମନୁପ୍ରଭୃତି ଅଷ୍ଟମ ଓ ନବମ ଅଧ୍ୟାୟରେ ବର୍ଣ୍ଣିତ ଅଷ୍ଟାଦଶ ବିବାଦପଦାନ୍ତର୍ଗତ ବିବାଦମୀମାଂସା ଓ ନିରୂପଣାନ୍ତଃଶେଷ—2. Mode of decision of dispute between and the status of man and woman as laid down by Manu.

ସ୍ତ୍ରୀ ପୁଂସ—ଦେ· ବ (ସଂ· ସ୍ତ୍ରୀପୁଂସୌ—ଦ୍ୱିତତନ)—୧ । ଦମ୍ପତି ମିଥୁନ; ଦ୍ୱନ୍ଦ୍ୱ—1. A couple. ୨ । ସଦ୍ଧବହୀ ସ୍ତ୍ରୀ ପୁରୁଷ ସ୍ତ୍ରୀପୁରୁଷ —2. Husband and wife.

ସ୍ତ୍ରୀ ପୁଂସ ଲକ୍ଷଣା—ସଂ. ବଣ· ସ୍ତ୍ରୀ— କେତେକ ସ୍ତ୍ରୀଲକ୍ଷଣ (ଯଥା— ସୋନ, ସ୍ତନ) ଓ କେତେକ ପୁରୁଷ-ଲକ୍ଷଣ (ଯଥା—ଶ୍ମଶ୍ରୁ, ଅଣ୍ଡକୋଷ) ଯୁକ୍ତା (ସ୍ତ୍ରୀ); ଖୋଜା—Strī puṁsa lakhaṇā Hermaphrohite; (a person) exhibiting some male and female physical signs.

ସ୍ତ୍ରୀ ପୁର—ସଂ. ବ (୬ମୀ ତତ୍)—ଅନ୍ତଃପୁର (ହି. ଶ)—Strī pura Seraglio; harem.

ସ୍ତ୍ରୀ ପୁଷ୍ପ—ସଂ· ବ—୧ । (୬ଷ୍ଠୀ ତତ୍) ଋତୁ; ରଜଃ—1. Menstrual flux. ୨ । (ଉଦ୍ଭିଦ ବିଜ୍ଞାନ) ଫାଳ ପୁଲ; ଯେଉଁ ଫୁଲରୁ ଫଳ ହୁଏ—2. (Botany) A flower from which fruits grow.

ସ୍ତ୍ରୀ ପୂର୍ବ—ସଂ. ବଣ. ପୁଂ (ବହୁବ୍ରୀ) —ସ୍ତ୍ରୀଜିତ (ଦେଖ) Strī pūrba .Strījita (See).

ସ୍ତ୍ରୀ ପ୍ରସଙ୍ଗ(ଭୋଗ)—ସଂ. ବ (୬ଷ୍ଠୀ ତତ୍) —ସୁରତ; ରତି— Strī prasaṅga(bhoga) Copulation.

ସ୍ତ୍ରୀ ପ୍ରିୟ—ସଂ. ବଣ. ପୁଂ (ବହୁବ୍ରୀ) —୧ । ନାସ୍ତ୍ରୀପ୍ରିୟ (ଲୋକ)— Strī priya 1. (a person) Beloved by females. ବ—(୬ଷ୍ଠୀ ତତ୍)—୧ । ନାସ୍ତ୍ରୀଙ୍କ ପ୍ରିୟ ଦ୍ରବ୍ୟ— 1. Any article of which females are fond. ୨ । ଆମ୍ବବୃକ୍ଷ (କିରାତ୍ତ ଶେଷ)— 2. Mang o tree.

ସ୍ତ୍ରୀ ବନ୍ଧ—ସଂ. ବ (୬ଷ୍ଠୀ ତତ୍)—ମୈଥୁନ (ହି· ଶ)— Strī bandha Copulation.

ସ୍ତ୍ରୀ ବଶ(ବିଧେୟ)—ସଂ· ବଣ. ପୁଂ—ସ୍ତ୍ରୀଜିତ; ସ୍ତ୍ରୈଣ—Doting on Strī baśa(bidheya) one's wife; excessively attached to one's wife; effeminate.

ସ୍ତ୍ରୀ ବାର(ବାସର)—ସଂ· ବ—(ସୋମ, ବୁଧ ଓ ଶୁକ୍ର ସ୍ତ୍ରୀରୂପେ ଗଣ୍ୟ ହେଉଥିବାରୁ) ସୋମବାର, ବୁଧବାର ଓ ଶୁକ୍ରବାର—Monday, Wednesday and Friday.

ସ୍ତ୍ରୀ ବାସଃ—ସଂ ବ (ସ.ଷ.ତତ୍)—ସ୍ତ୍ରୀ ସମ୍ଭୋଗ ଯାଇଁ ଉପଯୁକ୍ତ ବସ୍ତ୍ର(ହି· ଶ) Strī bāsaḥ —Dress or cloth suitable for use during copulation.

ସ୍ତ୍ରୀ ବିଷୟ—ସଂ. ବ (୬ଷ୍ଠୀ ତତ୍) —ସମ୍ଭୋଗ; ମୈଥୁନ (ହି· ଶ)— Strī bishaya Copulation.

ସ୍ତ୍ରୀ ବୀର୍ଯ୍ୟ—ସଂ. ବ (୬ଷ୍ଠୀ ତତ୍)—୧ । ନାସ୍ତ୍ରୀର ବଳ—1. The Strī bīrjya might or prowess of a woman. ୨ । ସ୍ତ୍ରୀର ଋତୁଃ— 2. The menstrual flux of women

ସ୍ତ୍ରୀ ବ୍ୟଞ୍ଜନା—ସଂ·ବ(୬ଷ୍ଠୀ ତତ୍)—ସ୍ତ୍ରୀସୂଚକ ଚିହ୍ନ (ଯଥା—ସ୍ତନ,ତୋମଳ Strī byañjanā ସ୍ୱର)(ହି.ଶ)—Signs indicating the possessor to be a female.

ସ୍ତ୍ରୀ ବ୍ରଣ—ସଂ, ବ—ଉରୁ; ଯୋନି (ହି· ଶ)— Strī braṇa The female organ.

ସ୍ତ୍ରୀ ବ୍ରତ—ସଂ, ବ—ଏକଦାରୀ ବ୍ରତ; ସ୍ୱ ସ୍ତ୍ରୀସମ୍ଭୋଗ (ହି. ଶ)— Strī brata The vow of loving one's only wife.

ସ୍ତ୍ରୀ ଭୂଷଣ—ସଂ. ବ (୬ଷ୍ଠୀ ତତ୍)—୧ । ସ୍ତ୍ରୀଙ୍କ ସମ୍ଭୋଗ ଅଳଙ୍କାରାଦି— Strī bhūshaṇa 1. Ornaments for female wear. ୨ । କେତକୀପୁଷ୍ପ (ହି. ଶ)— 2. Pandanus Odoratissimus flower.

ସ୍ତ୍ରୀ ଭୋଗ—ସଂ. ବ (୬ଷ୍ଠୀ ତତ୍)—ମୈଥୁନ (ହି. ଶ)— Strī bhoga Copulation.

Digitized by srujanika@gmail.com

ସ୍ତ୍ରୀ ମନ୍ତ୍ର—ସଂ. ବ—ଯେଉଁ ମନ୍ତ୍ରର ଶେଷରେ 'ସ୍ୱାହା' ଥାଏ—An Strī mantra esoteric formula having Swāhā in the end.

ସ୍ତ୍ରୀ ମହଲ(ଳ)—ବେ. ବ—୧ । ନାରୀସମାଜ—1. The society of Strī mahala(lā) women. ୨ । ଅନ୍ତଃପୁର—2. Harem. ସ୍ତ୍ରୀମହଲ स्त्री महल

ସ୍ତ୍ରୀ ମୁଖପ—ସଂ. ବ (ସ୍ତ୍ରୀ ମୁଖ + ପା ଧାତୁ + କର୍ତ୍ତୃ. ଅ)—ବକୁଳ—Strī mukhapa The Bakula tree and flower.

ସ୍ତ୍ରୀ ମୂର୍ତ୍ତି—ସଂ. ବ—ସ୍ତ୍ରୀଙ୍କର ଅବୟବ—Strī mūrtti The shape of a woman.

ସ୍ତ୍ରୀମନ୍ୟ—ସଂ. ବଣ. ପୁଂ—ସ୍ତ୍ରୀଂମନ୍ୟ (ଦେଖ) Strīmmanya Strimmanya (See)

ସ୍ତ୍ରୀ ରଞ୍ଜନ—ସଂ. ବ—ତାମ୍ବୂଳ (ଶବ୍ଦକଳ୍ପଦ୍ରୁମ)—Strī rañjana Betel.

ସ୍ତ୍ରୀ ରତ୍ନ—ସଂ. ବ—୧ । ଉତ୍ତମା ସ୍ତ୍ରୀ—1. An excellent woman; Strī ratna a paragon of beauty. ୨ । ଲକ୍ଷ୍ମୀ (ହେ. ଶ)—2. Goddess Lakshmī.

ସ୍ତ୍ରୀ ରୋଗ—ସଂ. ବ—ସ୍ତ୍ରୀମାନଙ୍କର ନିମିତ୍ତ ରୋଗ—Female Strī roga diseases; diseases peculiar to females. (ଯଥା—ପ୍ରଦର, ସୂଚ୍ଛାଦ୍, ଯୋନିବ୍ୟାପତ୍, ସ୍ତନ୍ୟାଭ୍ରୁଦ ।)

ସ୍ତ୍ରୀ ଲକ୍ଷଣ—ସଂ. ବ (ଷଷ୍ଠୀ ତତ୍) —୧ । ସ୍ତ୍ରୀ ଚିହ୍ନ; ଯୋନି—Strī lakshaṇa 1. Female organ. ୨ । ସ୍ତ୍ରୀଙ୍କର ନିମିତ୍ତ ଲକ୍ଷଣ—2. Female characteristics.

ସ୍ତ୍ରୀ ଲମ୍ପଟ(ଲୋଳ)—ସଂ. ବଣ. ପୁଂ (ଷଷ୍ଠୀ ତତ୍) —୧ । କାମୁକ—Strī lampaṭa (lola) 1. Lecherous. (ସ୍ତ୍ରୀ ଲମ୍ପଟି, ସ୍ତ୍ରୀ ଲମ୍ପଟିଅ—ଦେ. ରୂପ) ୨ । ସବୁଦା ସ୍ତ୍ରୀସଙ୍ଗାଭିଳାଷୀ—2. Always hankering after fomale company.

ସ୍ତ୍ରୀ ଲାଭ—ସଂ. ବ—(ପୁରୁଷ ପକ୍ଷରେ) ଭାର୍ଯ୍ୟା ପ୍ରାପ୍ତି; ବିବାହ—Strī lābha (in the case of a man) Marriage.

ସ୍ତ୍ରୀ ଲିଙ୍ଗ—ସଂ. ବ—୧ । ସ୍ତ୍ରୀ ଚିହ୍ନ; ଯୋନି—1. Female organ. Strī liṅga ୨ । ବ୍ୟାକରଣପ୍ରସିଦ୍ଧ ସ୍ତ୍ରୀବାଚକ ଶବ୍ଦ—2. (grammar) Female gender. ୩ । ସ୍ତ୍ରୀଜାତି—3. The females. (ଉ—ସ୍ତ୍ରୀଲିଙ୍ଗ ଅବଲମ୍ବ କଲେ, ପଣ୍ଡିତେ ନ ମାନନ୍ତି ଭଲେ—ଜଗନ୍ନାଥ ଭଗବତ ।)

ସ୍ତ୍ରୀ ଲୋକ—ବେ. ବ—୧ । ସ୍ତ୍ରୀଜାତିସ୍ଥ ବ୍ୟକ୍ତି—1. A woman. ୨ । ସ୍ତ୍ରୀଜାତି—2. The females. ସ୍ତ୍ରୀଲୋକ स्त्रीजाति

ସ୍ତ୍ରୀ ଶିକ୍ଷା—ସଂ. ବ(ଷଷ୍ଠୀ ତତ୍)—ସ୍ତ୍ରୀଲୋକଙ୍କର ଶିକ୍ଷା ବା ଅଧ୍ୟୟନଜନିତ ଜ୍ଞାନ—Strī śikshā Female education.

ସ୍ତ୍ରୀ ଶୌଣ୍ଡ—ସଂ. ବଣ. ପୁଂ(ଷଷ୍ଠୀ ତତ୍)—ଅତି କାମୁକ; ଅତି କାମାତୁର Strī śaunḍa (ହେ. ଶ)—Very lecherous; libidinous.

ସ୍ତ୍ରୀ ସଂସର୍ଗ (ସମାଗମ)—ସଂ. ବ (ଷଷ୍ଠୀ ତତ୍)—ମୈଥୁନ—Strī saṁsarga (samāgama) Cohabitation.

ସ୍ତ୍ରୀ ସଙ୍ଗ (ସଙ୍ଗମ,ସହବାସ,ସମ୍ଭୋଗ)—ସଂ. ବ (ଷଷ୍ଠୀ ତତ୍)—ପୁରୁଷର ସ୍ତ୍ରୀକୁ ରମଣ କରିବା; ମୈଥୁନ—Strī saṅga(saṅgama, sahabāsa; sambhoga) Co-habitation with woman.

[ଦ୍ର—ବୈଦ୍ୟଶାସ୍ତ୍ରର ଉପଦେଶ ଏହି ଯେ, ଯଦି ଦିବସମାନଙ୍କରେ, ଶୀତ ଦିବସରେ, ଋତୁକାଳର ପ୍ରଥମ ଗୁରୁ ଦିନ ମଧ୍ୟରେ ସ୍ତ୍ରୀସଙ୍ଗମ କରିବ ନାହିଁ । ଅନ୍ୟ ଦିନରେ ସ୍ନାନ ଓ ଅନୁଲେପ ତୈଳ ମାର୍ଜିତ କରି ଓ ବାଜୀକରଣ ଦ୍ରବ୍ୟ ସେବନ କରି ଉତ୍ତମ ବସ୍ତ୍ର ପରିଧାନପୂର୍ବକ ସୁସଜ୍ଜିତ ହୋଇ ଚାମ୍ବୂଳାଦି ଚର୍ବଣ କରି ସ୍ତ୍ରୀଯୁ ଧର୍ମପତ୍ନୀପ୍ରତି ଅନୁରାଗୀ ଓ ପ୍ରଫୁଲ୍ଲଚିତ୍ତା ହୋଇ ଋତୁକାଳରେ ରୋଗଘ୍ନାନା, ଋତୁସ୍ନାତା ଓ ଅନୁରକ୍ତା ହୋଇଁ ସଙ୍ଗମ କରିବ । ରୋଗୀ, କ୍ଷୁଧାର୍ତ୍ତ, ପିପାସାର୍ତ୍ତ, ଅପରିମିତଭୋଜୀ, ଶୋକାତୁର, ବାଳକ ଓ ବୃଦ୍ଧ ପୁରୁଷକ ଯତ୍ନରେ ସ୍ତ୍ରୀସହବାସ ବର୍ଜିବ ।]

ସ୍ତ୍ରୀ ସଙ୍ଗ୍ରହଣ—ସଂ. ବ (ଷଷ୍ଠୀ ତତ୍)—୧ । ବଳାତ୍କାରପୂର୍ବକ ସ୍ତ୍ରୀସମ୍ଭୋଗ (ହେ. ଶ)—1. Rape. ୨ । ବ୍ୟଭଚାର (ହେ. ଶ)—2. Adultery.

ସ୍ତ୍ରୀ ସଭା—ସଂ. ବ (ସ୍ତ୍ରୀ + ସଭା)—ସ୍ତ୍ରୀମାନଙ୍କର ସଭା; ମାଇପି ସଭା—Strī sabha A gathering of females.

ସ୍ତ୍ରୀ ସୁଖ—ସଂ ବ—୧ । (ମ. ଷ. ତତ୍ପୁ)—ମୈଥୁନ (ହେ. ଶ)—Strī sukha Sexual intercourse with a woman. ୨ । (ବୃକ୍ଷବିଶେଷ) ସୋଜନ (ହେ. ଶ)—2. Moringa tree.

ସ୍ତ୍ରୀ ସୁଲଭ—ସଂ. ତ୍ରିଲିଙ୍ଗ—୧ । ନାରୀଜନୋଚିତ—1. Befitting a Strī sulabha woman. ୨ । ସ୍ତ୍ରୀସ୍ୱଭାବସିଦ୍ଧ—2. Natural to females.

ସ୍ତ୍ରୀ ସେବନ—ସଂ. ବ (ଷଷ୍ଠୀ ତତ୍)—ମୈଥୁନ—Strī sebana Copulation.

ସ୍ତ୍ରୀ ସ୍ୱଭାବ—ସଂ. ବ—୧ । (ଷଷ୍ଠୀ ତତ୍)—ସ୍ତ୍ରୀଲୋକଙ୍କ ଚରିତ୍ର—Strī swabhāba 1. The nature of females. ୨ । (ବହୁବ୍ରୀହି) ଅନ୍ତଃପୁରରକ୍ଷକ; ମହଲିଆ—2. The keeper of the seraglio. ୩ । ନପୁଂସକ ବ୍ୟକ୍ତି—3. Eunuch (Apte).

ସ୍ତ୍ରୀ ସ୍ୱାଧୀନତା—ସଂ. ବ (ଅମୂଳକ)—ପୁରୁଷଙ୍କ ତରହ କାର୍ଯ୍ୟମାନଙ୍କର ସ୍ୱାଧୀନତାରେ ସ୍ୱତନ୍ତ୍ର ଗମନାଗମନ ଓ କାର୍ଯ୍ୟାନୁଷ୍ଠାନ—Female liberty; female emancipation. Strī swādhīnatā

ସ୍ତ୍ରୈଣ—ସଂ. ବଣ. ପୁଂ (ସ୍ତ୍ରୀ + ଅ)—୧ । ସ୍ତ୍ରୀସମ୍ବନ୍ଧୀୟ—Straiṇa 1. Relating to woman; womanly. ୨ । ସ୍ତ୍ରୀଜିତ—2. Henpecked. ୩ । ଅଣ୍ଡରକ୍ରୁରୂପେ ସ୍ତ୍ରୀକଠାରେ ଅସକ୍ତ—3. Addicted to women; effeminate. ୪। ସ୍ତ୍ରୀଯୋଗ୍ୟ (ହେ. ଶ)—4. Befitting a woman. ବ (+ତ୍ୱତ୍ୱେ. ତ)—

Digitized by srujanika@gmail.com

୧ । ସ୍ତ୍ରୀତ୍ୱ (ଦୋଷ)—1. Stritwa (See). ୨ । ସ୍ତ୍ରୀ ସମ୍ବନ୍ଧୀୟ;ଅନ୍ତଃପୁର ରକ୍ଷକ—2. A servant guarding the harem. ୩। ସ୍ତ୍ରୀସମୂହ—3. A body of females.

ସ୍ତ୍ରୈଣତା(ତ୍ୱ)—ପୁଂ. ବ—ସ୍ତ୍ରୀବଶତା; ସ୍ତ୍ରୀବଶ ହେବା ଅବସ୍ଥା—
Strainatā(twa) The state of being henpecked.

ସ୍ତ୍ରୈଣ୍ୟ—ସଂ. ବ (ସ୍ତ୍ରୈଣ+ଗୁଣେ. ଯ)—ସ୍ତ୍ରୈଣତା (ଦୋଷ)—
Strainya Strainatā (See)

ସ୍ତ୍ର୍ୟ(ସ୍ତ୍ର୍ୟା)ଗାର—ସଂ. ବ (ଷଷ୍ଠୀ ତତ୍)—ଅନ୍ତଃପୁର—
Strya(stryā)gāra Harem.

ସ୍ତ୍ର୍ୟଧ୍ୟକ୍ଷ—ସଂ. ବ. ପୁଂ (ଷଷ୍ଠୀ ତତ୍)—ଅନ୍ତଃପୁରର ପ୍ରଧାନ ଅଧିକାରୀ (ହି. ଶ)—The man who is in charge of the harem.
Stryadhyaksha

ସ୍ତ୍ର୍ୟନୁଜ—ସଂ. ବ. ଓ ବଣ ପୁଂ (ଷଷ୍ଠୀ ତତ୍)—ଭଉଣୀ ପରେ ଜନ୍ମ ହୋଇଥିବା ଭାଇ (ହି. ଶ)—A male child born after the birth of a female child.
Stryanuja

ସ୍ତ୍ର୍ୟାଜୀବ—ସଂ. ବଣ ଓ ବ. ପୁଂ—ସ୍ତ୍ରୀଧନୋପଜୀବୀ (ଦୋଷ)—
Stryājiba Strīpanyopajībī [See].

ସ୍ତ୍ର୍ୟାଖ୍ୟା—ସଂ. ବ [ବହୁବ୍ରୀ.]—ପ୍ରିୟଙ୍ଗୁ [ହି. ଶ] [ଔଷ]—
Stryākhyā Priyangu (See).

ସ୍ତ୍ର୍ୟାଚାର—ସଂ. ବ. [ମ. ଷ. ତତ୍ପୁ., ସ୍ତ୍ରୀଜାତିର ଅନୁଚିତ ଆଚରଣ]—ସ୍ତ୍ରୀ ଆଚାର [ଦୋଷ]—
Stryāchāra Strī āchāra (See).

ସ୍ଥ—ବି. ବଣ, ପୁଂ (ଅନ୍ୟ ଶବ୍ଦ ପରେ ଯୁକ୍ତ ହୋଇ ସ୍ଥା; ଧାତୁ+ କର୍ତ୍ତୃ. ଅ; ଯଥା—ସ୍ୱର୍ଗସ୍ଥ, ସତ୍ତ୍ୱସ୍ଥ, ଚରାଚରସ୍ଥ ଓ ଦୁଃସ୍ଥ—(ସ୍ଥା—ସ୍ତ୍ରୀ)
Stha (a suffix) (ଅମୁକ)ରେ ସ୍ଥିତ; ବିଦ୍ୟମାନ; ବର୍ତ୍ତମାନ—Situate in; belonging to; living in.

ସ୍ଥକିତ—ଦେ. ବଣ (ବି. ସ୍ଥଗିତ)—ସ୍ଥଗିତ (ଦୋଷ)
Sthakita Sthagita (See)
ସ୍ଥକିତ ସ୍ଥଗିତ

ସ୍ଥଗ୍ (ଧାତୁ)—ବି—୧ । ପ୍ରତିରୋଧ କରିବା—1. To restrain. ୨ । ଆଚ୍ଛାଦନ କରିବା—2. To cover. ୩ । ବନ୍ଦ କରିବା—3. To stop; to discontinue.
Sthag (root)

ସ୍ଥଗ—ବି. ବଣ. ପୁଂ (ସ୍ଥଗ୍. ଧାତୁ+କର୍ତ୍ତୃ. ଅ)—୧ । ଧୂର୍ତ୍ତ; ଠକ; ପ୍ରତାରକ—1. Fraudulent; cheating; deceptive. ୨ । ନିର୍ଲଜ୍ଜ—2. Shameless.
Sthaga (ସ୍ଥଗା—ସ୍ତ୍ରୀ)

ସ୍ଥଗଣା—ବି, ବ (ସ୍ଥଗ୍ ଧାତୁ+କର୍ତ୍ତୃ. ଅନ+ଆ)—ପୃଥିବୀ (ହି. ଶ)
Sthaganā The earth.

ସ୍ଥଗନ—ବି, ବ (ସ୍ଥଗ୍ ଧାତୁ+ଭାବ. ଅନ)—୧ । ଗୋପନ—1. Concealment. ୨ । ଲୁଗ୍‌ଚାପା—2. Hiding. ୩ । ଆଚ୍ଛାଦନ—3. Covering.
Sthagana (ସ୍ଥଗିତ—ବଣ)

ସ୍ଥଗର—ବି. ବ—ତଗର (ଦୋଷ) (ହି: ଶ)
Sthagara Tagara (See)

ସ୍ଥଗିକା—ବି. ବ (ସ୍ଥଗ୍. ଧାତୁ+କର୍ମ, ଉକ+ଆ)—
Sthagikā ୧ । ତାମ୍ବୂଳକରଙ୍କ; ପାନଡବା (ହି. ଶ)—1. A metal case for keeping betel packets. ୨ । (+କରଣଇକ)(ବୈଦ୍ୟକ) ଆଙ୍ଗୁଠି ଓ ଲିଙ୍ଗ ଅଦର ଅସ୍ତ୍ରଚିକିତ୍ସର ଶତ ଉପରେ ବନ୍ଧାଯିବା (ପାନଡିବା ଆକାରର) ପଟ୍ଟୀ (ହି. ଶ)—2. (Surgery) A bandage (shaped like a betel case) put over the sores on the end of a finger or male organ.

ସ୍ଥଗିତ—ସଂ, ବ (ସ୍ଥଗ୍. ଧାତୁ+କର୍ମ. ତ)—୧ । ଆଚ୍ଛାଦିତ—Sthagita 1. Covered. ୨ । ଆବୃତ—2. Hidden. ୩ । ଉତ୍ସେଦ୍ଧତ—3. Extinct. ୪ । ନିବର୍ତ୍ତିତ; ଅପବାରିତ—4. Restrained; prevented. ୫ । ବନ୍ଦ କରିଦିଆଯାଇଥିବା—5. Stopped; discontinued. ୬ । ସଂଗୋପିତ—6. Concealed. ୭ । ଅବରୁଦ୍ଧ (ହି. ଶ)—7. Confined. ୮ । କୌଣ ସମୟ ପାଇଁ ବନ୍ଦ କରିଦିଆଯାଇଥିବା; ମୁଲତବ (ହି. ଶ)—8. Postponed; adjourned; stayed.

ସ୍ଥଗିବା—ଦେ. କ୍ରି (ପଦ୍ୟ) (ସଂ. ସ୍ଥଗ୍ ଧାତୁ)—ବନ୍ଦ କରିବା; ସ୍ଥଗିତ ରଖିବା—To stop.
Sthagibā
ସ୍ଥଗିତ ରାଖା स्थगित करना

ସ୍ଥଗୀ—ସଂ. ବ (ସ୍ଥଗ୍. ଧାତୁ+କର୍ମ. ଈ)—ତାମ୍ବୂଳଧାର; ପାନବଟା—
Sthagī A betel-box.

ସ୍ଥଗୁ—ସଂ. ବ (ସ୍ଥଗ୍. ଧାତୁ+କରଣ. ଉ)—୧ । ଗଡ଼ୁ; ପାଣିର ଝୁଙ୍ଗ—1. A long-necked pitcher. ୨ । (+କର୍ତ୍ତୃ. ଉ) ପିଠି ଉପରେ ଥିବା କୁଜ (ହି. ଶ)—2. Hump on the back.
Sthagu

ସ୍ଥଣ୍ଡିଲ—ସଂ. ବ (ସ୍ଥା. ଧାତୁ+ଅଧିକରଣେ ଅଣ୍ଡିଳ, କମ୍ବା ସ୍ଥଲ୍. ଧାତୁ= ଉହ୍ୟା+ଅଧି. ଇଳ; ଉପାଚନ)—୧ । ଚତ୍ୱର; ଅଗଣା—1. Courtyard. ୨ । ଯଜ୍ଞାର୍ଥ ପରିଷ୍କୃତ ଭୂମି—2. A place cleansed for the performance of vedic rites. ୩ । ବାଲୁକାଦ୍ୱାରା ପ୍ରସ୍ତୁତ ଦେୱାର୍ଥ ମଣ୍ଡଳବିଶେଷ । (ଏହା ଦ୍ୱାରାପରିମିତ ତଣ୍ଡୁଳସ୍ୱ ଦେବାର ବଧୂ, ବଶିଷ୍ଠ ସଂହିତା । ଜିଯାସାର ।)—3. A raised platform of sand prepared for making offering to the fire. ୪ । ଯଜ୍ଞ-ବେଦୀର ଶୁଦ୍ଧ ସାଗର ପରିଷ୍କୃତ ଭୂମି—4. A cleansed and well-swept plot of land round the sacrificial altar. ୫ । ସୀମା; ପରିଦ୍ଧ (ହି. ଶ)—5. Boundary; limit. ୬ । ମାଟିଗଦା (ହି. ଶ)—6. A heap of earth. ୭ । ଜମି; ଭୂମି (ହି. ଶ)—7. Land. ୮ । (ନାମ) ପ୍ରାଚୀନ ଋଷି ବିଶେଷ (ହି. ଶ) —8. Name of an ancient sage.

Digitized by srujanika@gmail.com

ସ୍ଥଣ୍ଡିଲ ଶଯ୍ୟା—ସଂ. ଷ—ବ୍ରତାଦଯୋଗୁଁ ତ୍ରତାଶ୍ୱଙ୍କର ଭୂମିଶୟନ—Sthaṇḍila śajyā Sleeping on the bare ground (of a person observing a vow.)

ସ୍ଥଣ୍ଡିଲଶାୟୀ—ସଂ. ବଣ (ସ୍ଥଣ୍ଡିଲ+ଶୀ. ଧାତୁ+କର୍ତ୍ତୃ. ଇନ୍. ୧ମା. ୧ବ; Sthaṇḍilaśāyī ସ୍ଥଣ୍ଡିଲଶାୟିନ୍ ୧ମା. ୧ବ)—ଯେଉଁ ବ୍ୟକ୍ତି [ସ୍ଥଣ୍ଡିଲଶାୟିନୀ—ସ୍ତ୍ରୀ] ବ୍ରତ ପାଳନ କରୁଥିବା ସୋଇ ସ୍ଥଣ୍ଡିଲରେ ବା ଭୂମିରେ ଶୋଇଅଛନ୍ତି—Sleeping on bare ground during the observance of a vow.

ସ୍ଥଣ୍ଡିଲସିତ—ସଂ. କ—ଯଜ୍ଞବେଦୀ (ହି. ଶ) Sthaṇḍilasita Sacrificial altar.

ସ୍ଥଣ୍ଡିଲେଶୟ—ସଂ. ବଣ ଷ. (ସଂ. ସ୍ଥଣ୍ଡିଲେ=ଭୂମିରେ+ଶୀ. ଧାତୁ+ Sthaṇḍileśaya କର୍ତ୍ତୃ. ଅ; ଅଲୁକ୍ ସମାସ)—ସ୍ଥଣ୍ଡିଲଶାୟୀ (ଦେଶ)—Sthaṇḍilaśāyī (See) ସଂ. ବ—ପ୍ରାଚୀନ ଋଷି ବିଶେଷ—Name of an ancient sage.

ସ୍ଥପତି—ସଂ. ବ (ସ୍ଥ=ସ୍ଥିତ+ପତ୍ତ)—୧ । କଞ୍ଚୁଙ୍କୀ; ଅନ୍ତଃପୁରରକ୍ଷକ Sthapati [ନେପଳା]—1. A servant watching the harem. ୨ । ବ୍ରଜମିସ୍ତ୍ରୀ; ଶିଳ୍ପିବିଶେଷ (ଅମର); ବାସ୍ତୁବିଦ୍ୟାବିଧାନଜ୍ଞ ଲବ୍ଧପ୍ରତିଷ୍ଠ ଶିଳ୍ପୀ; ବାସ୍ତୁଶିଳ୍ପୀ—2. Mason. ୩ । ବଢେଇ;ସୂତ୍ରଧର—3. Carpenter. ୪ । ବାର୍ହସ୍ପତ୍ୟ ଯଜ୍ଞକର୍ତ୍ତା; ଗୀଷ୍ପତ୍ତିଯଜ୍ଞା—4. The performer of the Bārhaspatya sacrifice. ୫ । ମନ୍ତ୍ରୀ—5. Minister. ୬ । ବୃହସ୍ପତି—6. Bṛubaspati. ୭ । କୁବେର—7. Kubera; the God of Wealth. ୮ । ରାଜା (ହି. ଶ)—8. King. ୯ । ଉଚ୍ଚ ରାଜକର୍ମଚାରୀ (ହି. ଶ)—9. A high government official. ୧୦ । (ରାମ) ରାମଚନ୍ଦ୍ରଙ୍କ ସଖା; ଗୁହ ଶବର (ହି. ଶ)—10. Name of the Sabara friend of Rāma. ୧୧ । ସାରଥି (ହି. ଶ)—11. Charioteer. ବଣ—୧ । ପ୍ରଧାନ—1. Chief; principal. ୨ । ଉତ୍ତମ; ଶ୍ରେଷ୍ଠ—2. Excellent; best.

ସ୍ଥପତି ବିଜ୍ଞାନ—ସଂ. ବ—୧ । ଗୃହ ବମୀତ ସମ୍ବନ୍ଧୀୟ ଶିଳ୍ପବିଜ୍ଞାନ—Sthapati bijñāna 1. The science of house-building. ୨ । ସୂତ୍ରଧର ସମ୍ବନ୍ଧୀୟ ବିଜ୍ଞାନ—2. The science of carpentry.

ସ୍ଥପନୀ—ସଂ. ବ—ଦୁଇ ଭ୍ରୁଲତାର ମଧ୍ୟବର୍ତ୍ତୀ ସ୍ଥାନ (ହି. ଶ)—The Sthapanī middle of the two eyebrows, [ଦ୍ର—ବୈଦ୍ୟକ ମତରେ ଏହା ଏକ ମର୍ମସ୍ଥାନ ଅଟେ—ହି. ଶ]

ସ୍ଥପା(ପେ)ଇବା—ଦେ.କ୍ରି—ଅନ୍ୟଦ୍ୱାରା ସ୍ଥାପିତ କରାଇବା—Sthapā(pe)ibā Causative form of theverb ରାଖାନ ସ୍ଥାପିତ କରାନା Sthāpibā. [ଦ୍ର—ନଗର ଦ୍ୱାରେ ଯୂପଙ୍କୁ ସ୍ଥପାଇଲେ। ସୋତାଇ ଜମ୍ବାତରୁ ତୋରଣ। ବାନ୍ଧଲେ—କୃଷ୍ଣସିଂହ. ମହାଭାରତ. ଶାନ୍ତି ।]

ସ୍ଥପିତ କରିବା—ଦେ. କ୍ରି (ସଦ୍ୟ)—ହୃଦୟରେ ଲୁଚାଇ ରଖିବା—Sthapita karibā To keep to one's self; to have ହୃଦୟେ ଲୁକିୟେ ରାଖା some secret deposited in the ଗୁପ୍ତ ରଖନା inner recesses of one's heart. [ଦ୍ର—ସ୍ଥପିତ ନ କରି ଦୁର୍ଜ୍ଜନଙ୍କ ଆଗେ କହୁ କ ?—କବିସୂର୍ଯ୍ୟ. ରହାତର ଚମ୍ପୂ ।]

ସ୍ଥପୁଟ—ସଂ, ବ (ସ୍ଥ+ପୁଟ ଧାତୁ+କର୍ତ୍ତୃ. ଅ)—୧ । ଅସ୍ଥିର ସନ୍ଧିସ୍ଥାନ—Sthaputa 1. Bone-joint. ୨ । ଉଚ୍ଚାନୀଚ ସ୍ଥାନ—2. High and low place; undulating place. ୩ । ବିଷମ ସ୍ଥାନ ସଂଶ୍ରୟୀ ଜୀବ—3. Animals living or moving in undulating places. ବଣ—୧ । ଉତ୍ତୋଳିତ (ଦେମଡତ) —1. Undulating; high and uneven. ୨ । ବାଁଙ୍କା ବା ଦୁଃଖାଦରେ ଭୁଜାକୃତ—2. Bent double with sorrow or illness. ୩ । ବିପନ୍ନ (ହି. ଶ)—3. Involved in danger. ୪ । କୁବ୍ଜ (ହି. ଶ); କୁଜା—4. Having a hump.

ସ୍ଥବି—ସଂ. ବ୯ (ସ୍ଥା. ଧାତୁ+କର୍ତ୍ତୃ. ଇ)—ଜଙ୍ଗମ (ଉଣାଦିବୃତ୍ତି)—Sthabi Moving. ବ—୧ । ତନ୍ତୁବାୟ—1. Weaver. ୨ । ସ୍ୱର୍ଗ—2. Heaven ୩ । ଜଙ୍ଗମ; ସଦାର୍ଥ—3. Moveable thing. ୪ । ଥଳ (ହି. ଶ)—4. Bag. ୫ । ଅଗ୍ନି (ହି. ଶ)—5. Fire. ୬ । ଫଳ (ହି. ଶ)—6. Fruit.

ସ୍ଥବିର—ସଂ. ବଣ (ସ୍ଥା. ଧାତୁ+କର୍ତ୍ତୃ. ଇର)—୧ । ବୃଦ୍ଧ—Sthabira 1. Old; aged. ୨ । ଅଚଳ—2. Unmoving. (ସ୍ତ୍ରୀବି—ସ୍ତ୍ରୀ) ୩ । ବୃଦ୍ଧ ଓ ପୂଜ୍ୟ (ହି. ଶ)—3. Old and adorable. ବ—୧ । ବ୍ରହ୍ମା—1. Brahmā. ୨ । ଶୈଳେୟ (ସୁଜ୍ଞାନର୍ଦ୍ଧି) (ଦେଶ)—2. Śaileya (See) ୩ । ବୃଦ୍ଧଦାରକ (ହି. ଶ) (ଦେଶ)—3. Bṛuddhadāraka (See) ୪ । ବୃଦ୍ଧ ଓ ପୂଜ୍ୟ ବୌଦ୍ଧଯତି (ହି. ଶ)—4. An old and revered Buddhist mendicant. ୫ । ବୌଦ୍ଧ ସମ୍ପ୍ରଦାୟ ବିଶେଷ (ହି. ଶ)—5. A sect of Buddhists.

ସ୍ଥବିରତା(ତ୍ୱ)—ସଂ. ବ (ସ୍ଥବିର+ତ୍ୱ. ତା)—ବାର୍ଦ୍ଧକ୍ୟ—Sthabiratā(twa) Old age.

ସ୍ଥବିର ଦାରୁ—ସଂ. ବ—ବୃଦ୍ଧଦାରକ (ହି. ଶ) (ଦେଶ) Sthabira dāru Bṛuddhadāraka (See)

ସ୍ଥବିରା—ସଂ, ବଣ, ସ୍ତ୍ରୀ (ସ୍ଥବିର+ସ୍ତ୍ରୀ, ଅ)—୧ । ବୃଦ୍ଧା—1. Old Sthabirā (woman). ୨ । ବୃଦ୍ଧା ଓ ପୂଜ୍ୟା—2. Old

Digitized by srujanika@gmail.com

and adorable (female).ସଂ·ବ.ସ୍ତ୍ରୀ—ମହାଶ୍ରାବଣୀ (ବ୍ରଜନର୍ଘଣ୍ଟ) (ଦେଶ)—1. Mahāśrābaṇi (See). ୨ । ବୃଦ୍ଧା ସ୍ତ୍ରୀ—

2. An old woman.

ସ୍ଥବିଷ୍ଠ—ସଂ. ବଣ ପୁଂ(ସ୍ଥୂଳ+ଅତ୍ୟର୍ଥେ ଇଷ୍ଠ) —ଅତି ସ୍ଥୂଳ—Sthabishṭha(ସ୍ଥବିଷ୍ଠା—ସ୍ତ୍ରୀ) Very corpulent and thick.

ସ୍ଥବୀୟାନ୍—ସଂ·ବଣ ପୁଂ(ସ୍ଥୂଳ+ଅତ୍ୟର୍ଥେ. ଇୟସୁ ; ସ୍ତ୍ରୀୟସ୍ତ୍ରୀ,୧ମା ୧ବ·) Sthabīyān —ଅତି ମୋଟା—Very corpulant and thick. (ସ୍ତ୍ରୀୟସୀ—ସ୍ତ୍ରୀ)

ସ୍ତମ୍ବିବା – ଦେ· କ୍ରି (ସଂ. ସ୍ତମ୍ଭ୍ ଧାତୁ)—ଅଟକିବା; ଗତି କରୁ କରୁ ରହିଯିବା—To stop while moving. Sthambibā ଥାମା **स्तंभना** [ସ୍ତମ୍ଭା(ମ୍ବେ)ଇବା—ଣିଜନ୍ତ ଅକାର]

ସ୍ତମ୍ବି ରହିବା—ଦେ. କ୍ରି (ସଂ· ସ୍ତମ୍ଭ ଧାତୁ)—ଗତି କରୁ କରୁ ବନ୍ଦ ହୋଇ ରହିବା—To come to a stand·still. Sthambi rahibā ଥାମିୟା ଯାଓୟା **स्तम्भी रहना** [ଉ—ଏ ସକାଶୁଁ ସ୍ତମ୍ବି ରହିଲା ରଥ ରତ୍ନେ । ପୁଣି ମଡ଼ା ସୈନ୍ୟେ ଘୋଷଲେ କୋଣେ ଯାଏ—କୃଷ୍ଣସିଂହ· ମହାଭାରତ· ଦ୍ରୋଣ]

ସ୍ଥଲ୍ (ଧାତୁ)—ସଂ—୧ । ଥିବା; ଅବସ୍ଥାନ କରିବା—1. To be. Sthal (root) ୨ । ରହିବା—2. To remain.

ସ୍ଥଳ—ସଂ. ବ (ସ୍ଥଲ୍ଧାତୁ=ସ୍ଥିତ ହେବା+କର୍ତ୍ତୃ. ଅ)—୧ । ଅକୃତ୍ରିମ ଭୂମି—1.A bit of land in its natural condition. ୨ । ପ୍ରଦେଶ; ସ୍ଥାନ—2. Place; site; tract of country; locality. ୩ । ପାତ୍ର—3. Receptacle. ୪ । ଥାଳ—4. A big cup; a deep plate. ୫ । ଥାଳୀ—5. A plate. ୬ । ତମ୍ବୁ; ପଟୁବାସ—6. Tent.୭ । ଶୁଖିଲା ସ୍ଥାନ;ଜଳଶୂନ୍ୟ ଭୂଭାଗ —7. Land; waterless place. ୮ । ଅବସ୍ଥିତି—8. Position. ୯ । ବିଷୟ—9. Subject; topic; matter. ୧୦ । ଅବସର (ହି. ଶ)—10. Occasion. ୧୧ । ଉଚ୍ଚ ଜାଗା (ହି. ଶ)—11. A high place. ୧୨ । ପୁସ୍ତକର ଏକ ଅଂଶ ବା ପରିଚ୍ଛେଦ (ଇ· ଶ)—12. Portion or chapter of book.

ସ୍ଥଳ କନ୍ଦ—ସଂ. ବ—ଅଗ୍ରାମ୍ୟ କନ୍ଦ; ବଣ ଓଲୁଅ— Sthala kanda Wild arum.

ସ୍ଥଳ କମଳ କମଳିନୀ)—ସ. ବ (ସ· ଷ. ତତ୍ପୁ, କର୍ମଧା; ସ୍ଥଳଜାତ କମଳ) Sthala kamala(kamalinī) —ସ୍ଥଳପଦ୍ମ—Hibiscus ସ୍ଥଳକମଳ Mutabilis; Tonidinam Suffruticcsum. **थलकमल** [ଉ—ସ୍ଥଳକମଳେ ଦେଖ ରୂପର ସ୍ତବ । ଜଗତ୍ତ ଦେଲେ [ଅଳକମଳ—ଦେ. ରୂପ] ଯେବେ ହୁଏ ଏ ଜାତ—ଗ୍ରାଧାନାଥ. ରୂଳସୀ ସ୍ତବକ ।] [ଦ୍ର—ଏହାର ପର୍ଯ୍ୟାୟ—ପଦ୍ମଗନ୍ଧିନୀ, ଅଜଲତା, ପୁଷ୍ପର ପଣ୍ଡିକା, ପଦ୍ମାହ୍ୱା, ଅମ୍ବୁରୁହା, ପୁଷ୍କରନାଡ଼ୀ, ସ୍ଥଳପଦ୍ମ, ଅବ୍ୟଥା, ପଦ୍ମା, ଗନ୍ଧଠୀ, ସାରଦା, ଜଳପଦ୍ମ, ସ୍ଥଳପଦ୍ମିନୀ, ଉତ୍ପାଳକ, ସ୍ଥଳରୁହା, ପୁଗଛମୂଳା, ପଦ୍ମାବତୀ, ପୁଷ୍କରିଣୀ । ବୈଦ୍ୟକ ମତରେ ଏହା ଅନୁଷ୍ଣ, କଟୁତିକ୍ତକଷାୟରସ ଏବଂ ବାତ, ବାୟୁ, ମୂତ୍ରକୃଚ୍ଛ୍ର, ଅସୃଗ୍ଦୋଷ, ଶୂଳ, ଶ୍ୱାସ, ଦାହ, ଅପସ୍ମାର, ବମନ, କାସ ଓ ବିଷ-ନାଶକ ! ଏହା ବୃଷ୍ୟାବେଶ ଶୀତ୍ମକାରକ ଓ ସ୍ତନ ଦୁଗ୍ଧବର୍ଦ୍ଧକ ।

ଏହା ଜଳାଶୟ ବର୍ତ୍ତର ପୃଷ୍ଠପ୍ରପତ୍ରଶେଷ; ଗତ୍ର ଏକ ହାତ ଲମ୍ବ, ପତ୍ର ବଡ଼ ବଡ଼ । ଏଥିରେ ଶରତ୍କାଳରେ ଫୁଲ ଫୁଟେ । ଏହି ଫୁଲ ପ୍ରଥମେ ଧଳା, ପରେ ପଦ୍ମବର୍ଣ୍ଣ ବା ରକ୍ତାଭ ହୁଏ । ଏ ଫୁଲ ବହୁ ଦଳ ଓ ଦେଖିବାକୁ ପଦ୍ମ ଜାଣି ବା ଗୋଲାପି ରଙ୍ଗର । ମାହ ଏହା ଗଛ-ପ୍ରୁନ ।]

ସ୍ଥଳ କୁମୁଦ—ସ.ବ (ସ. ଷ. ତତ୍ପୁ)—କରବୀର (ବ୍ରଜନର୍ଘଣ୍ଟ) (ଦେଶ) Sthala kumuda Karabīra (See)

ସ୍ଥଳ କୂଳ—ଦେ· ବ (ସଙ୍ଗତର)—୧ । କୌଣସି ବିଷୟର ଜଣାଶୁଣା— Sthala kūla 1.Trace or clue of any thing. ୨ । କୂଳ କିନାରା ଅଶ୍ରୟ—2. Shelter. ୩ । ଅଶ୍ରୟ ନେବା **तट किनारा** ସ୍ଥାନ—3 Place of shelter. [ଉ—ବ କରବେ ବଡ଼ ବୁଦ୍ଧି ନ ବଶିଲା, ନ ଯାଇଲେ ସ୍ଥଳ କୂଳ—ନଳକଡୋର ଶର୍ମିଷ୍ଠା ।]

ସ୍ଥଳଚର.—ବି,ବ.ଣ ପୁଂ (ସ୍ଥଳ+ଚର୍ ଧାତୁ+କର୍ତ୍ତୃ. ଅ)—ଯେଉଁ ଜୀବ ସ୍ଥଳରେ ବାସକରେ—(animals) Sthalachara (ଜଳଚର—ବିପରୀତ) Moving on land. (ସ୍ଥଳଚ, ସ୍ଥଳଗାମୀ, ସ୍ଥଳଗତ୍ୟ—ଅନ୍ୟରୂପ) (ସ୍ଥଳଚଙ୍ଗୀ—ସ୍ତ୍ରୀ)

ସ୍ଥଳ ପଥ – ବି. ବ (୭ମୀ ତତ୍) —ଭୂମି ଉପରେ ଯିବା ପଥ—Road on Sthala patha land; land route. (ଜଳ ପଥ—ବିପରୀତ)

ସ୍ଥଳ ପଦ୍ମ(ପଦ୍ମିନୀ)—ବି.ବ—୧ । ସ୍ଥଳ କମଳ (ଦେଖ) — 1. Sthala Sthala padma(padminī) kamala (See) ୨ । ମାନକ; ମାଣସାରୁ (ରହସ୍ୟମାଳା)—

2. A kind of taro.

ସ୍ଥଳ ବାଣିଜ୍ୟ—ଦେ. ବ—ସ୍ଥଳ ପଥରେ ଜଣାଦତ ବାଣିଜ୍ୟ—Trade thala bāṇijya on land route; land-borne ସ୍ଥଳ ବଣିଜ୍ୟ थल वाणिज्य trade.

ସ୍ଥଳ ଭାଗ—ବି. ବ—ଭୂଭାଗ—Dry land; land portion. Sthala bhāga (ଜଳ ଭାଗ—ବିପରୀତ)

ସ୍ଥଳ ମଞ୍ଜରୀ—ବି· ବ—ଅପାମାର୍ଗ (ରହସ୍ୟମାଳା) (ଦେଶ) Sthala mañjarī Apāmārga (See)

ସ୍ଥଳ ମର୍କଟ—ବି. ବ – କରମର୍ଦ୍ଦକ (ହି. ଶ) (ଦେଶ) Sthala markaṭa Karamarddaka (See)

ସ୍ଥଳ ଯୁଦ୍ଧ(ବିଗ୍ରହ)—ବି·ବ—ସ୍ଥଳ ଭାଗ ଅର୍ଥାତ୍ ଭୂଭାଗ ଉପରେ ଥାଇ ଦୁଇ Sthala juddha(bigraha) ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ—War between two armies on the land.

ସ୍ଥଳରୁହା—ବି. ବ (ସ୍ଥଳ+ରୁହ ଧାତୁ+କର୍ତ୍ତୃ. ଅ+ସ୍ତ୍ରୀ. ଆ)— Sthalaruhā ସ୍ଥଳକମଳ (ଦେଖ)— Sthalakamala (See)

Digitized by srujanika@gmail.com

ସ୍ଥଳ ଶୃଙ୍ଗାଟ(ଶୃଙ୍ଗାଟକ)—ଏ, ଏ—ଗୋଟ୍ଟୁର ଗଳ୍ପ (ଲତାଜାତ); Sthala śṛuṅgāṭa(śṛuṅgāṭaka) ଗୋଖରା (ଦେଶ) Gokharā (See)

ସ୍ଥଳ ସଙ୍କଟ—ଦେ· ବ (ଭୂଗୋଳ)—ଯୋଜକ; ଯେଉଁ ସଙ୍କୀର୍ଣ୍ଣ ଭୂଭାଗ Sthala saṅkaṭa ଦୁଇଟି ବୃହତ୍ ଭୂଭାଗକୁ ଯୋଗ କରିଥାଏ— ସ୍ଥଳ ସଂକଟ, ଯୋଜକ ଥଳ ସଂଯୋଜକ Isthmus.

ସ୍ଥଳ ସୀମା—ସ· ବ (ସ୍ଥଳ+ସୀମନ୍; ୧ମା. ୧ବ)—୧ । ସ୍ଥଣ୍ଡିଲ Sthala sīmā (ଶବ୍ଦକଳ୍ପଦ୍ରୁମ) (ଦେଶ)—1. Sthaṇḍila (See) ୨ । ଦୁଇ ଦେଶର ସୀମା— 2. Boundary between two countries.

ସ୍ଥଳା—ସ. ବ. ସ୍ତ୍ରୀ (ସ୍ଥଳ+ଅ)—୧ । ଜଳଶୂନ୍ୟ କୃତ୍ରିମ ଭୂମି Sthalā (ଉପଲ)—1. An artificial dry land; a spot of dry ground artificially raised and drained (Apte). । ଜଳଶୂନ୍ୟ ଭୂଭାଗ (ହ· ଶ) 2. Waterless land.

ସ୍ଥଳାଭିଷିକ୍ତ—ସ.ତତ.ସୁଂ —୧ । ଅନ୍ୟ ବ୍ୟକ୍ତିର ପ୍ରତିନିଧି—1. Repre- Sthalābhishikta senting another. ୨ । ଅନ୍ୟ ବ୍ୟକ୍ତିଙ୍କ ଜାଗାରେ ସ୍ଥାପିତ (ବ୍ୟକ୍ତି)—2. (a person) Placed (ସ୍ଥଳାଭିଷିକ୍ତା—ସ୍ତ୍ରୀ) in the position of another.

ସ୍ଥଳୀ—ସ. ବ· ସ୍ତ୍ରୀ (ସ୍ଥଳ+ଷ୍ଟାପ୍. ଈ)—୧ । ସ୍ଥଳ (ଦେଶ)— Sthalī 1. Sthala (See) [ଉ—ଏତେ ସ୍ଥଳୀ ଥାଉଁ ଜଳପୁରେ ପୁଣି ଆସ କେଉଁ ଅଣା ବହୁ ?—ସ୍ୱଧାକାବ. ଗାବଙ୍ଗ ।] ୨ । ଜଳଶୂନ୍ୟ ଅକୃତ୍ରିମ ଭୂମି—2. A natural spot of dry ground. ୩ । ଗୁଣ୍ଡି— 3. Bag. ୪ । ଦୃଢ଼ ଭୂମି—4. Firm land (Apte). ୫ । ସ୍ଥଳ ଦେବତା—5. A Deity of the soil (Apte). ୬ । ସ୍ଥଳାଧିଷ୍ଠାତ୍ର ଦେବତା— 6. Tutelary Deity (Apte).

ସ୍ଥଳୀ ଦେବତା—ସ, ବ—ଗ୍ରାମ ଦେବତା— Sthali debatā Presiding Deity of a village.

ସ୍ଥଳୀୟ ସ· ବିଶ (ସ୍ଥଳ+ଈୟ)—୧ । ସ୍ଥାନସମ୍ବନ୍ଧୀୟ—1. Relating Sthalīya to a place. ୨ । ସ୍ଥଳସମ୍ବନ୍ଧୀୟ— 2. Relating to land.

ସ୍ଥଳେରୁହା—ସ. ବ (ସ୍ଥଳେ+ରୁହ୍ ଧାତୁ+କ୍ୱିପ୍. ଅ+ସ୍ତ୍ରୀ· ଆ; Sthaleruhā ତତ୍ସମାସ)—୧ । ଗୃହକୁମାରୀ (ସ୍ୱଜନଧର୍ମ୍ମା); ଦୃତକୁମାରୀ; ଘିକୁଆଁର—1. Indian aloe. ୨ । ଦବ୍ଭାତୃଣ; ଚଡାକୁଣ୍ଡୀ ଗଳ୍ପ—2. A plant; Euparveiflora. ବିଶ—ସ୍ଥଳଜାତ (ବୃକ୍ଷାଦି)— Growing on land.

ସ୍ଥଳେଶୟ—ସ, ବିଶ (ସ୍ଥଳେ+ଶୀ ଧାତୁ+କର୍ତ୍ତୃ. ଅ; ଅଲୁକ୍ ସମାସ)— Sthaleśaya ଶୁଖିଲା ଭୂଇଁରେ ଶୋଇଥିବା—Sleeping on land. ବ – ମୃଗ; କୁରଙ୍ଗାଦି ପଶୁ— Deer; antelope.

ସ୍ଥଳୌକା—ସ. ବ(ବହୁବ୍ରୀହି;ସ୍ଥଳ+ଓକସ୍ =ଗୃହ ଯାହାର;ସ୍ଥଳୌକସ୍ Sthalaukā ଶବ)—ସ୍ଥଳଚର ଜନ୍ତୁ—Animals moving on land.

ସ୍ଥା (ଧାତୁ)—ସ—୧ । ଥିବା—1. To be. ୨ । ସ୍ଥିତ ହେବା—2. To Sthā (dhātu) be placed, ୩ । ରହିବା—3. To stay. [ଦ୍ର—ଏହି ଧାତୁ ଟୁହେଁ ଆ, ଅବ, ଉପ, ଅଧି, ଅନୁ, ପ୍ର, ପ୍ରତି ଆଦି ଉପସର୍ଗ ଲଗିଲେ ଉକ୍ତ ଉକ୍ତ ଅର୍ଥ ବୁଝାଯାଏ । ପ୍ରତି, ଅଧି ଓ ଅନୁ ପରେ 'ସ୍ଥା'ର ରୂପ 'ଷ୍ଠା' ହୁଏ ।]

ସ୍ଥା—ସ. ବିଶ. ସ୍ତ୍ରୀ ('ସ୍ଥ'ର ଟାପ୍ଲିଙ୍ଗ)—ଅବସ୍ଥିତା; ସ୍ଥିତା— Sthā Placed; situated. (female).

ସ୍ଥାନ—୧ । ଅବସ୍ଥାନ—1. Position. ୨ । ସ୍ଥାନ— 2. Place.

ସ୍ଥାନି—ସ୍ତ୍ରୀ. ବିଶ (ସ. ସ୍ଥାୟିନ୍)—ସ୍ଥାୟୀ (ଦେଶ)— Sthāni Sthāyī (See).

ସ୍ଥାଗ—ସ. ବ—୧ । ଶବ (ହ. ଶ)—1. Corpse; ୨ । ଶିବ Sthāga ଭୃତ୍ୟବିଶେଷ—2. Name of one of Śiba's attendants.

ସ୍ଥାଣ୍ୱାଶ୍ରୟ—ସ. ବିଶ (ସ୍ଥାଣୁ+ଆଶ୍ରୟ)—ସ୍ଥାଣୁସମ୍ବନ୍ଧୀୟ— Sthāṇabīya Relating to Sthāṇu.

ସ୍ଥାଣୁ—ସଂ. ବିଶ (ସ୍ଥା ଧାତୁ+କର୍ତ୍ତୃ ନୁ)—୧ । ଅଚଳ; ସ୍ଥିର— Sthāṇu 1. Fixed; steady. ୨ । ସ୍ଥବିର (ଦେଶ) 2. Sthabira (See). ବ—୧ । ଜାଖଣ୍ଡାଶବୃକ୍ଷ; ଶାଖାଶୂନ୍ୟ ଗଛ; ଲଣ୍ଡା ଗଛ; ଥୁଣ୍ଟା ଗଛ—1. A pollard; the branchless trunk of a tree. (ଏହାର ପର୍ଯ୍ୟାୟ ଧ୍ରୁବ, ଶଙ୍କୁ, ଅଣାଶବୃକ୍ଷ)—୨ । ଶିବ; ମହାଦେବ—2. God Śiba. ୩ । ସ୍ତମ୍ଭ; ଖୁଣ୍ଟ; ଖମ୍ବ· 3. Pillar. ୪ । ଖୋଳ—4. A post or peg drawn into the ground. ୫ । ଜାବକ ନାମକ ଗନ୍ଧଦ୍ରବ୍ୟ(ଶବ୍ଦରତ୍ନାକର)—5. A rare scented herb; ୬ । ଅସ୍ତ୍ରଭେଦ (ଖାଲ ଜଣ୍ଡ)—6. A kind of weapon, ୭ । ଉଇ ଢିପ୍ପା—7. Anthill. ୮ । ଏକପ୍ରକାର ବର୍ଚ୍ଛା (ହ. ଶ)—8. A kind of spear. ୯ । ହଳର ଅଂଶବିଶେଷ (ହ.ଶ)—9. A part of the plough. ୧୦ । ସୂର୍ଯ୍ୟ ଘଡ଼ିର କଣ୍ଟା [ହ. ଶ]—10. The hand of a sundial. ୧୧ । ସ୍ଥାବର ପଦାର୍ଥ [ହ· ଶ]— 11. An immovable thing. ୧୨ । [କାମ] ନାଗବିଶେଷ—12. Name of a Nāga. ୧୩। ଏକାଦଶ ରୁଦ୍ର ମଧ୍ୟରୁ ଏକ [ହ. ଶ]—13. One of the eleven Rudra Deities. ୧୪ । ରାକ୍ଷସବିଶେଷ [ହ.ଶ]—14. Name of a demon. ୧୫ । ପ୍ରଜାପତି ବିଶେଷ—15. Name of a Progenitor of mankind.

ସ୍ଥାଣୁ ତୀର୍ଥ—ସଂ.ବ—(ପ.ତ.ତତ୍ପୁ)—ବାମନପୁରାଣ ଉକ୍ତ ତୀର୍ଥଯାତ୍ରାରେ ଉକ୍ତ ତୀର୍ଥ Sthāṇu tīrtha ବିଶେଷ—[ଦ୍ର-ଏହା ବର୍ତ୍ତମାନରେ ସ୍ଥାଣୁ ବ, ଗୁଜୁରାଟ

Digitized by srujanika@gmail.com

ଥିବାରୁ ଏହ ନାମ । ଏ ଶିବଲିଙ୍ଗଙ୍କ ଜଳଧାରୟ ଅଛ ।] ଥାନେଶ୍ୱର ନାମକ ସ୍ଥାନ, ଯେଉଁଠାରେ ପୃଥ୍ୱୀରାଜ ଓ ମହମ୍ମଦ ଘୋରୀଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା—Name of a place of pilgrimage; Thaneswar, the battlefield where Mahmmad Ghori fought with Pruthwirāja.

ସ୍ଥାଣୁବତ୍—ସଂ. ଅ—ଥୁଣ୍ଟା ପରି ଥର—Sthāṇubat Like a pollard.

ସ୍ଥାଣୁ ରୋଗ—ସଂ. ବ—ଘୋଡ଼ାଙ୍କ ଜଙ୍ଘରେ ହେବା ଦୂରାରୋଗ ବ୍ରଣବିଶେଷ [ହି. ଶ]—Sthāṇu roga A kind of boil on the thigh of the horse.

ସ୍ଥାଣ୍ଡିଲ—ସଂ. ବଣ. ପୁଂ [ସ୍ଥଣ୍ଡିଲ+ଅ]—ସ୍ଥଣ୍ଡିଲଶାୟୀ [ଦେଖ]—Sthāṇḍila Sthandilaśāyi (See) [ସ୍ଥାଣ୍ଡିଲା—ସ୍ତ୍ରୀ]

ସ୍ଥାଣ୍ଵୀଶ୍ୱର—ସ. ବ—ଥାନେଶ୍ୱର; ସ୍ଥାଣୁତୀର୍ଥସ୍ଥ ଶିବଲିଙ୍ଗ—The Sthānwiswara name of the idol of Siba in Sthāṇutīrtha (modern Thaneswar).

ସ୍ଥାତବ୍ୟ—ସ. ବଣ (ସ୍ଥା ଧାତୁ+ଅଧିକରଣେ. ତବ୍ୟ)—ରହିବାର ଉପଯୁକ୍ତ ବା ଉଚିତ, ଅବସ୍ଥିତ ଯୋଗ୍ୟ (ସ୍ଥାନ)—(a place) Fit to stay.

ସ୍ଥାନ—ସ. ନ (ସ୍ଥା ଧାତୁ+ଅଧିକରଣେ. ଅନ)—୧। ସ୍ଥଳ; ଜାଗା; ଥାନ— 1. Place; spot. ୨। ଦିଗ୍ଦିଷ୍ଟ ଅଞ୍ଚଳ; ଦେଶ—2. Locality. ୩। ଭାଜନ; ପାତ୍ର; ଆଧାର (ଜଳାଶୟ)—3. Receptacle; reservoir. ୪। ବିଷୟ—4. Matter; topic. ୫। ଅବକାଶ; ଫାଙ୍କ (ସମୟର)—5. Leisure; space. ୬। ଗ୍ରନ୍ଥବିଭାଗ (କିତାଣ ଆଦି); ପରିଚ୍ଛେଦ—6. Chapter of a book. ୭। ବ୍ୟବସାୟ; ପେଶା—7. Trade; business; profession. ୮। ଘର; ଗୃହ; ବସତି; 8. Residence; dwelling; [ଦ୍—ଥରବତରେ ଅସି କଲ ମୁହ ସ୍ଥାନ—କୃଷ୍ଣସିଂହ. ମଦାରିଘର. ବନ] ୯। ସ୍ଥିତି; ଅବସ୍ଥିତି (ସମୟର)—9. Position; situation; site. ୧୦। ସ୍ଥୈର୍ଯ୍ୟ—10. Fixity. ୧୧। ସନ୍ନିବେଶ (ଦେଖଚନ୍ତୁ)—11. Arrangement. ୧୨। ସାଦୃଶ୍ୟ (ସମୟର)—12. Similarity. ୧୩। ମାଉଜେପାମାନଙ୍କର ନିର୍ବର୍ତ୍ତନ ବର୍ତ୍ତିବିଶେଷ. ଯହିଁରେ ରାଜ୍ୟର ଅଷ୍ଟବର୍ତ୍ତର କ୍ଷୟ ବା ବୃଦ୍ଧି ନ ଥାଏ (ଅମର)—13. A position which is neither increase nor decrease (in politics) ୧୪। ଅବସ୍ଥାନ କରିବାର ଉପଯୁକ୍ତ ସ୍ଥାନ—14. Fit or proper place or position. ୧୫। କାର୍ଯ୍ୟ କରିବାର ଜାଗା; ପଦ; କର୍ମ, (ହି. ଶ.)—15. Post. ୧୬। ପଦ; ପଦବୀ (ହି. ଶ.)—16. Position; status. ୧୭। (ବ୍ୟାକରଣ) ମୁଖଗହ୍ୱରସ୍ଥ ଯେଉଁ ଅଂଶରୁ କୌଣସି ବର୍ଣ୍ଣ ଉଚ୍ଚାରିତ (ହୁଏ) (ହି. ଶ.); ଉଚ୍ଚାରଣ ସ୍ଥାନ—17. (Grammar) The position inside the mouth from which a sound or letter is uttered. ୧୮। ରାଜ୍ୟ; ଦେଶ (ହି. ଶ.)—18 Kingdom; country. ୧୯। ମନ୍ଦିର; ଦେବାଳୟ (ହି. ଶ.) 19, Temple. ୨୦। ଗଡ଼; ଦୁର୍ଗ (ହି. ଶ.)—20. Fort; fortress. ୨୧। ସେନାଙ୍କର ଅସ୍ତ୍ରରକ୍ଷା ନିମନ୍ତେ ସୈନିକଠାରେ ସ୍ଥିରରୂପେ ଅବସ୍ଥିତି—(ହି. ଶ.)—21. Position taken up by an army for its own protection or defence. ୨୨। ଅସ୍ତ୍ରଶସ୍ତ୍ରର ଏକପ୍ରକାର ମୁଦ୍ରା (ହି. ଶ.)—22. A position or posture of the body during shooting ୨୩। ଅବସର (ହି. ଶ.) 23. Occasion. ୨୪। ଅବସ୍ଥା; ଦଶା (ହି. ଶ.)—24. Condition; state. ୨୫। କାରଣ; ଉଦ୍ଦେଶ୍ୟ (ହି. ଶ.)—25. Cause; aim. ୨୬। କୌଣସି ଅଭିନେତାଙ୍କ ଅଭିନୟ ବା ଅଭିନୟଗତ ଚରିତ୍ର—26. The character of an actor in a drama. ୨୭। ବେଦୀ (ହି ଶ.)—27. Altar. ୨୮। ରାମାୟଣୋକ୍ତ ଗନ୍ଧର୍ବଜାତ ବିଶେଷ (ହି. ଶ.) 28. Name of a king of Gandharbas mentioned in the Rāmāyaṇa. ଦେ. ବ—୧। ସୈନିକ ନିମନ୍ତେ ପରିଷ୍କୃତ ସ୍ଥଳ—1. Place prepared for taking meal upon, ୨। ଦେହର ଅଂଶ—2. Part of the body. (ଯଥା—ମର୍ମସ୍ଥାନ ସନ୍ଧିସ୍ଥାନ)।

ସ୍ଥାନ
ସ୍ଥାନ

ସ୍ଥାନ ଅସ୍ଥାନ—ଦେ. ବ (ସନ୍ଧିରେ)—୧। ଉପଯୁକ୍ତ ସ୍ଥାନ ଓ ଅନୁପଯୁକ୍ତ ସ୍ଥାନ—1. Fit place and unfit place; good and evil places. ୨। ଦେହର ସମସ୍ତ ଅଙ୍ଗ ଓ ପ୍ରତ୍ୟଙ୍ଗ—2. All the parts and limbs of the body; visible and private parts of the body.

ସ୍ଥାନକ—ସ. ନ (ସ୍ଥାନ+କ)—୧। ଅଳବାଲ; ଗଛ ମୂଳରେ ପାଣି ରହିବା ପାଇଁ କରାଯାଇଥିବା ଗାତ—A trough made round the foot of a tree to water to feed the roots. ୨। ନଗର—2. Town. ୩। ଫେଣ—3. Foam. ୪। ବୁଦ୍‌ବୁଦ—4. A bubble. ୫। ନୃତ୍ୟର ମୁଦ୍ରାବିଶେଷ—5. A posture in dancing.

ସ୍ଥାନଚଞ୍ଚଳା—ସ. ବ—ବଙ୍ଗସ୍ଥ ତୁଳସ (ଶବ୍ଦଚନ୍ଦ୍ରିକା); ବନ ତୁଳସୀ—Sthanachañchalā Wild Basil plant.

ସ୍ଥାନଚିନ୍ତକ—ସ. ବ—ସେନା ପାଇଁ ସ୍ଥଳୀର ବ୍ୟବସ୍ଥା କରିବା କର୍ମଚାରୀ (ହି. ଶ)—An army

Digitized by srujanika@gmail.com

officer who arranges for the camping of an army.

ସ୍ଥାନ ଚ୍ୟୁତ—ଫ. ବ୍ରୀ (୫ମୀ ତତ୍)—ସ୍ଥାନଭ୍ରଷ୍ଟ—Sthāna chyuta Dislodged from one's position. (ସ୍ଥାନଚ୍ୟୁତ—ବ)

ସ୍ଥାନ ତ୍ୟାଗ—ଫ. ବ (୬ଷ୍ଠୀ ତତ୍)—କୌଣସି ସ୍ଥାନ ବା ଅଞ୍ଚଳ ଛାଡି ଚାଲିଯିବା—Sthāna tyāga Leaving a place; going away.

ସ୍ଥାନ ତ୍ୟାଗୀ—ବ୍ରୀ. ବ୍ରୀ. ପୁଂ—ଯେ କୌଣସି ସ୍ଥାନ ତ୍ୟାଗ କରେ—Sthāna tyāgī (One) Leaving any place. (ସ୍ଥାନତ୍ୟାଗିନୀ—ସ୍ତ୍ରୀ)

ସ୍ଥାନ ଦାନ—ବ୍ରୀ. ବ (୬ଷ୍ଠୀ ତତ୍)—କୌଣସି ବ୍ୟକ୍ତିକୁ ବା ବସ୍ତୁକୁ Sthāna dāna ଅବସ୍ଥିତି ପାଇଁ ଅଶ୍ରୟ ଦେବା—Giving a place or shelter to a person or thing.

ସ୍ଥାନ ପାଳ—ବ୍ରୀ. ବ(ସ୍ଥାନ + ପାଳ ଧାତୁ + କର୍ତ୍ତରି.ଅ)—୧। ସ୍ଥାନରକ୍ଷକ; Sthāna pāla ସ୍ଥାନର (ଶବ୍ଦ କଲ୍ପଦ୍ରୁମ); ଯେ କୌଣସି ସ୍ଥାନକୁ ଜଗେ; ଚୌକିଦାର—1. A person who watches a place; watchman. ୨। ପ୍ରଧାନ ନିରୀକ୍ଷକ (ହି.ଶ)—2. Chief Inspector.

ସ୍ଥାନ ବ୍ୟାପକତା—ଫ. ବ—ସ୍ଥାନାବରୋଧକତା—The quality of Sthāna byāpakatā occupying or obstructing a place.

ସ୍ଥାନ ଭ୍ରଷ୍ଟ—ବ୍ରୀ. ବ୍ରୀ (୫ମୀ ତତ୍)—୧। ସ୍ୱ ସ୍ଥାନରୁ ଚ୍ୟୁତ; Sthāna bhrashṭa ସ୍ଥାନଚ୍ୟୁତ—1. Dislodged out of one's post or position. ୧। ଉଚିତ ସ୍ଥାନରୁ ଚ୍ୟୁତ—(ସ୍ଥାନଭ୍ରଷ୍ଟା—ସ୍ତ୍ରୀ) 2. Displaced from the proper position. ୩। ସ୍ଥାନାନ୍ତରିତ—3. Dislocated. ୪। ନିଜ ସ୍ଥାନରୁ ଖସି ପଡ଼ିଥିବା—4. Fallen from one's place. [ଦ୍ର—ସ୍ଥାନଭ୍ରଷ୍ଟା ନ ଶୋଭନ୍ତେ ଦନ୍ତାଃ କେଶାଃ ନଖା ନରାଃ—ଗରୁଡ଼ ପୁରାଣ=ସ୍ଥାନଭ୍ରଷ୍ଟ ହେଲେ କେଶ, ଦନ୍ତ, ନଖ ଓ ନର ଶୋଭା ପାଅନ୍ତି ନାହିଁ ।]

ସ୍ଥାନ ମୃଗ—ଫ. ବ—୧। କଙ୍କଡ଼ା (ହି· ଶ)—1. Crab. ୨। ମାଛ Sthāna mṛuga (ହି. ଶ)—2. Fish. ୩। କଚ୍ଛପ (ହି. ଶ)—3. Tortoise. ୪। ମକର; ମକର (ହି· ଶ)—4 Shark.

ସ୍ଥାନ ରକ୍ଷକ—ଫ. ବ ପୁଂ—ସ୍ଥାନପାଳ; କୌଣସି ସ୍ଥାନକୁ ଜଗିବାର Sthāna rakshaka ଭାରପ୍ରାପ୍ତ ବ୍ୟକ୍ତି—A person who is in charge of watching a place.

ସ୍ଥାନରେ—ଦେ. ଅ—୧। ବଦଳରେ; ବଦଳରେ—1. In the Sthānare place of. ୨। ସ୍ଥଳାଭିଷିକ୍ତରୂପେ—2. As a ସ୍ଥାନେ ସ୍ଥାନମେ representative of. ୩। ଠାରେ; ଜାଗାରେ—3. On; at (a place).

ସ୍ଥାନ ସଙ୍କୁଳନ—ବ୍ରୀ. ବ—୧। ଥାନ ଅଟିବା; ଅବସ୍ଥାନ କରିବାପାଇଁ Sthāna saṅkulana ସ୍ଥାନର ସଥେଷ୍ଟତା—1. The state of having sufficient space; provision for sufficient space. ୨। ସ୍ଥାନର ସଂକୀର୍ଣ୍ଣତା; ସ୍ଥାନ ନ ଅଟିବା—2. Narrowness of space.

ସ୍ଥାନ ସ୍ଥିତ—ବ୍ରୀ. ବ୍ରୀ—୧। ନିଜ ସ୍ଥାନରେ ବା ଉପଯୁକ୍ତ ସ୍ଥାନରେ Sthāna sthita ଅବସ୍ଥିତ—1. Situated in one's proper or fit position. ୨। ବିଶିଷ୍ଟ ସ୍ଥାନରେ ଅବସ୍ଥିତ—2. Situated in a special position.

ସ୍ଥାନାଧିପ—ବ୍ରୀ· ବ (୬ଷ୍ଠୀ ତତ୍)—୧। ସ୍ଥାନରକ୍ଷକ; ଥାନାଦାର—Sthānādhipa 1.The person in charge of a place. ସ୍ଥାନାଧିପତି, ସ୍ଥାନାଧ୍ୟକ୍ଷ, ସ୍ଥାନାଧୀଶ, ସ୍ଥାନାଧୀଶ୍ୱର } ଅନ୍ୟରୂପ ୨। ଥାନାପତି—2. Master; headman of a place. ୩। କୌଣସି ସ୍ଥାନର ମାଲିକ—3. Proprietor of a place

ସ୍ଥାନାନ୍ତର—ବ୍ରୀ.ବ(ଅନ୍ୟ ସ୍ଥାନ=ସ୍ଥାନାନ୍ତର, କର୍ମଧାରୟ)—ଅନ୍ୟସ୍ଥାନ—Sthānāntara Another place. ଦେ. ବ—ସ୍ଥାନାନ୍ତର ସ୍ଥାନାନ୍ତର ୧। ସ୍ଥାନାନ୍ତରିତ ହେବାର ଅବସ୍ଥା—1. Removal; displacement. ୨। ଚାକିରୀରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳି—2. Transfer of service from one place to another.

ସ୍ଥାନାନ୍ତରିତ—ବ୍ରୀ. ବ୍ରୀ (ସ୍ଥାନାନ୍ତର+ଇତ)—୧। ଏକ ସ୍ଥାନରୁ ଅନ୍ୟ Sthānāntarita ସ୍ଥାନକୁ ଯାତ ବା ପ୍ରେରିତ—1. Displaced; dislocated; removed from one place. ୨। ଚାକିରୀରୁ ବଦଳି ହେବା—2. Transferred from service at one place to another.

ସ୍ଥାନାଧ୍ୟକ୍ଷ—ବ୍ରୀ. ବ.ପୁ—୧। କୌଣସି ସ୍ଥାନର ରକ୍ଷକ—1. Watch-Sthānādhyaksha man of a place. ୨। କୌଣସି (ସ୍ଥାନାଧ୍ୟକ୍ଷା—ସ୍ତ୍ରୀ) ସ୍ଥାନର ପ୍ରଧାନ ନିରୀକ୍ଷକ—2, The principal Supervisor of a place.

ସ୍ଥାନାପନ୍ନ—ବ୍ରୀ· ବ୍ରୀ—(୬ଷ୍ଠୀ ତତ୍)—ଅନ୍ୟ ବ୍ୟକ୍ତିଙ୍କ ସ୍ଥାନରେ Sthānāpanna ଅସ୍ଥାୟୀ ଭାବରେ କାର୍ଯ୍ୟ କରୁଥିବା(ବ୍ୟକ୍ତି)(ହି ଶ.) Acting temporarily for another.

ସ୍ଥାନାବରୋଧ—ବ୍ରୀ. ବ (୬ଷ୍ଠୀ ତତ୍)—ଏକ ସ୍ଥାନ ଆଡ଼ ବସିବା—Sthānāborodha Occupying or obstructing, (ସ୍ଥାନାବରୋଧକ, ସ୍ଥାନାବରୋଧୀ—ବିଣ) a place.

ସ୍ଥାନାବରୋଧକତା – ବ୍ରୀ.ବ(ବଜ୍ଞାନପରିଭାଷା)—ଜଡ଼ପଦାର୍ଥର ଗୁଣବିଶେଷ, Sthānāborodhakatā ଯେଉଁ ଗୁଣ ଯୋଗୁଁ ଜଡ଼ ପଦାର୍ଥ ନିର୍ଦ୍ଦିଷ୍ଟ ସ୍ଥାନକୁ ବ୍ୟାପିଥାଏ (physics) An attribute of matter; occupation of space by matter,

ସ୍ଥାନାଭାବ—ବ୍ରୀ. ବ (୬ଷ୍ଠୀ ତତ୍)—ସ୍ଥାନର ନିଅଣ୍ଟ ହେବା—Sthānābhāba Want of space

ସ୍ଥାନିକ—ବ୍ରୀ. ବିଣ (ସ୍ଥାନ+ଇକ)—୧। ସ୍ଥାନୀୟ—1. Local. ୨। Sthānika ସ୍ଥାନସମ୍ବନ୍ଧୀୟ—2- Relating to a place. ବ. ପୁ—୧। ସ୍ଥାନାଧ୍ୟକ୍ଷ; ସ୍ଥାନ ରକ୍ଷକ—

Digitized by srujanika@gmail.com

1. Custodian of a place; proprietor of a place. (ଓଡ଼ିଆରେ 'ଥାନା' ଶବ୍ଦ ଏହୁ ଶବ୍ଦରୁ ଅପଭ୍ରଷ୍ଟ, ଯଥା—ଥାନା ରଇତ) ୨ । ମନ୍ଦିରର ତତ୍ତ୍ୱାବଧାୟକ (ହୁ. ଶ)—2. The Superintendent of a temple.

ସ୍ଥାନା—ଶ. ବ୍ରୀ (ସ୍ଥାନ+ଇନ୍; ୧ମା. ୧ବ)—୧ । ସ୍ଥାନବିଶିଷ୍ଟ; ସ୍ଥିତଶୀଳ (ମୁଗ୍ଧବୋଧ)—1. Having space; spacious. ୨ । ସ୍ଥାୟୀ (ହୁ. ଶ)—2. Permanent. ୩ । ଉଚିତ; ଉପଯୁକ୍ତ (ହୁ. ଶ)—3. Proper; suitable.

ସ୍ଥାନା (ନ୍ତ୍ରୀ)—ଦେ. ବ (ଶବ୍ଦ; ଅନ୍ୟ ଶବ୍ଦ ପରେ ଯୁକ୍ତ) (ଅନୁକର) ସ୍ଥାନ; ବସ୍ତୁ; ପାତ୍ର—Object (e.g. of worship) (ଉ—ତା ଭୁଲରେ ଦଶ ଅଯୁତ ପ୍ରାଣପୋନ, ଦେଲେ ସେ ଦେବତାମାନଙ୍କ ପୂଜାସ୍ଥାନା—କୃଷ୍ଣବିଂଦ. ମହାଭାରତ. ଶଲ୍ୟ ।)

ସ୍ଥାନାପତି—ଶ. ବ୍ରୀ. ଦେ. ଅ—୧ । ସ୍ଥାନର ଅଧିପତି; ସ୍ଥାନାଧିପ; ଥାନେଶ୍ୱର—Sthānādhipa Sthāneśwara (See) ୨ । ଥାନେଶ୍ୱର ନାମକ ପ୍ରାଚୀନ ତୀର୍ଥ—2. Thaneswar; an ancient place of Hindu pilgrimage.

ସ୍ଥାନାପତ୍ୟ—ଶ. ବ୍ରୀ. ଦେ. ଅ—୧ । ସ୍ଥାନର ଅଧିପତି; ସ୍ଥାନାଧିପ; ଥାନେଶ୍ୱର—Sthānādhipa Sthāneśwara (See) ୨ । ଥାନେଶ୍ୱର ନାମକ ପ୍ରାଚୀନ ତୀର୍ଥ—2. Thaneswar; an ancient place of Hindu pilgrimage.

ସ୍ଥାନାୟ—ଶ୍ରୀ. ବ୍ରୀ (ସ୍ଥା+ଅଧିକରଣ. ଅନାୟ)—୧ । ସ୍ଥାତବ୍ୟ—Sthānīya 1. Fit to stay in. ୨ । ସ୍ଥାନସମ୍ବନ୍ଧୀୟ (ସ୍ଥାନାୟା—ସ୍ତ୍ରୀ) 2. Relating to a place or locality. (ଯଥା—ସ୍ଥାନାୟ କର୍ମଦତ୍ତୀ)—୩ । ନିର୍ଦ୍ଦିଷ୍ଟ ଅଞ୍ଚଳସମ୍ବନ୍ଧୀୟ—3. Local. ୪ । ଅନ୍ୟ ଶବ୍ଦ ପରେ ଯୁକ୍ତ) (ଅନୁକର) ସଦୃଶ; କଲ୍ପ; ସମାନସମ୍ପର୍କଯୁକ୍ତ (ବ୍ୟକ୍ତି)—4. Occupying a position similar to. (ଯଥା—ଠିଟସ୍ଥାନାୟ, ଗୁରୁସ୍ଥାନାୟ) । ୫. ବ—ନଗର (ଅମର)—Town.

ସ୍ଥାନୀୟ **स्थानीय** ଦେ. ବିଣ—କୌଣସି ଅଞ୍ଚଳ ଉପରେ ଅଧିକାରଯୁକ୍ତ—Having jurisdiction over a place. (ଯଥା—ସ୍ଥାନାୟ ହାକିମ; ସ୍ଥାନାୟ ସଞ୍ଚାଏତ) ।

ସ୍ଥାନାୟ ହାକିମ—ଦେ.ବ—କୌଣସି ସ୍ଥାନ ଉପରେ ଅଧିକାର ପ୍ରାପ୍ତ ହାକିମ Sthāniya hākima —Local authority; authority having jurisdiction over a place. **स्थानीय हाकिम** [ଦ୍ର—ଏହୁପର ମୁନ୍‌ସଫ୍, ସୁଲସ୍, ଡ୍ରେସିଡେଣ୍ଟ୍, ମାଜିଷ୍ଟ୍ରେଟ୍, ସବ୍ ରେଜିଷ୍ଟ୍ରାର୍, କୋର୍ଟ୍, ଗଭର୍ଣ୍ଣମେଣ୍ଟ୍, ଲର୍ଡ୍ ଆଦ ଶବ୍ଦ ପୂର୍ବରେ ସ୍ଥାନାୟ ଶବ୍ଦ ବ୍ୟବହୃତ ହୁଏ ।]

ସ୍ଥାନେ——ଶ. ଅ—୧ । ଯୋଗ୍ୟ; ଉଚିତ; ଯୁକ୍ତ (ଶବ୍ଦରତ୍ନାବଳୀ)—Sthāne 1. Proper; fit. ୨ । ସମାନ; ସଦୃଶ—2. Similar; equal. ୩ । ସତ୍ୟ—3. True; real. ୪ । ସୁତରାଂ—4 Consequently. ୫ । ଫଳତଃ—5. In fact; actually. ୬ । କାରଣରୁ—6. For the reason of, ୭ । ବଦଳରେ; ବଦଳସ୍ୱରୂପ—7. In lieu of. ୮ । ମଧ୍ୟରେ—8. Among. [ଉ—ଗଡ଼ଜଙ୍କରେ ରତ୍ନ, ଦେବଙ୍କ ସ୍ଥାନେ ମେରୁ—କୃଷ୍ଣବିଂଦ. ମହାଭାରତ. ବନ୍ଦୀ ।] ୯ । ବିଶିଷ୍ଟ ସ୍ଥାନରେ—9. In a special position.

ସ୍ଥାନେ ସ୍ଥାନେ—ଦେ. ଅ—୧ । ଭିନ୍ନ ଭିନ୍ନ ସ୍ଥାନରେ—Sthāne sthāne 1. At different places. ୨ । ଅନେକ ସ୍ଥାନରେ—ସ୍ଥାନେ ସ୍ଥାନେ 2. At many places. ୩ । କେତେକ **स्थान स्थान में** ସ୍ଥାନରେ—3. At some places.

ସ୍ଥାନେଶ୍ୱର—ଶ. ବ—୧ । ସ୍ଥାନାଧିପ (ଦେଶ)—1. Sthānādhipa Sthāneśwara (See) ୨ । ଥାନେଶ୍ୱର ନାମକ ପ୍ରାଚୀନ ତୀର୍ଥ—2. Thaneswar; an ancient place of Hindu pilgrimage.

ସ୍ଥାପକ—ଶ. ବିଣ. ପୁଂ (ସ୍ଥା· ଧାତୁ ଣିଚ୍=ସ୍ଥାପି ଧାତୁ+କର୍ତ୍ତୃ. ଅକ)—Sthāpaka ସ୍ଥାପନକର୍ତ୍ତା; ଯେ ପ୍ରତିଷ୍ଠା କରେ; ସଂସ୍ଥାପକ; (ସ୍ଥାପିକା—ସ୍ତ୍ରୀ) ପ୍ରତିଷ୍ଠାତା—One who starts or establishes or places something.

ସ୍ଥାପତ୍ୟ } ବ. ପୁଂ (ନାଟ୍ୟ ଶାସ୍ତ୍ର)—୧ । ସୂତ୍ରଧରଙ୍କ ପରେ ନାଟ୍ୟକାର୍ଯ୍ୟର ବିଷୟ ସୂଚନାକାରୀ ନଟ; ସୂତ୍ରଧରଙ୍କ ସହକାରୀ; ସହକାରୀ ରଙ୍ଗମଞ୍ଚାଧ୍ୟକ୍ଷ (ହୁ. ଶ)—1. An actor who introduces the play to the audience after the Sūtradhara; assistant stage-manager. ୨ । ଦେବପ୍ରତିମା ନର୍ମାତା (ହୁ. ଶ)—2. The maker of an idol. ୩ । ଅମାନତ୍‌କାରୀ ବ୍ୟକ୍ତି (ହୁ· ଶ)—3. Depositor.

ସ୍ଥାପତ୍ୟ—ଶ. ବ (ସ୍ଥପତି+ଯ)—୧ । ରାଜକାମ; ସ୍ଥପତିର କାର୍ଯ୍ୟ—Sthāpatya 1. The work of a mason; masonry. ୨ । ସ୍ଥପତି ବିଦ୍ୟା; ଗୃହାଦିର ଶିଳ୍ପ—2. Architecture; the art of house-building. ୩ । ଅନ୍ତଃପୁର ରକ୍ଷକ (ଅମର)—3. The servant in charge of the harem. ୪ । ସ୍ଥାନରକ୍ଷକଙ୍କ ପଦ (ହୁ. ଶ)—4. The post or position of the keeper of a place.

ସ୍ଥାପତ୍ୟ ବେଦ—ଶ. ବ—ବାସୁଶିଳ୍ପ ବା ଭବନନିର୍ମାଣ ବିଷୟକ Sthāpatya beda ଉପବେଦ—One of the four secondary Bedas dealing with house-building. [ଦ୍ର—ଏହା ଶବ୍ଦ ଉପବେଦ ମଧ୍ୟର ଗୋଷ୍ଠୀ । ବିଶ୍ୱାସ ଅଛି ଯେ, ବିଶ୍ୱକର୍ମା ଅଥର୍ବ ବେଦରୁ ଏହା ବାହାର କରିଥିଲେ—ହୁ· ଶ ।]

ସ୍ଥାପନ(ନା)—ଶ. ବ (ସ୍ଥା ଧାତୁ ଣିଚ୍= ଣି ଧାତୁ+ଭାବ. ଅନ+ Sthāpana(nā) ଅ)—୧ । ଅବେଶନ; ରଖିବା; ଲୋଇବା (ସ୍ଥାପ୍ୟ, ସ୍ଥାପନୀୟ—ବିଣ) 1. Placing; setting up. (ଥାପକ—ଅପଭ୍ରଂଶ) ୨ । ପ୍ରତିଷ୍ଠା କରିବା; ଥାପିବା—2. Establishing; starting; founding; setting up. ୩ । ଅର୍ପଣ—3. Entrusting. ୪ । ନିଯୋଗ କରଣ—4. Deputing. ୫ । ସଂସ୍କରଣ (ସେବଳା); ହଜୁଟର ଦ୍ୱିତୀୟ ସଂସ୍କାର—5. A

Digitized by srujanika@gmail.com

ceremony performed by the husband of a woman when she perceives the foetus to be quick in the womb in the second or third month of conception, ୬। ସମାଧି (ବଣ୍ଣ)—6. Laying of the ashes of a deceased saint, ୭। କୌଣସି ନୂଆ କାମ କରିବା (ହି. ଶ)—7. Starting of a new work. ୮। ପ୍ରତି. ପାଦନ; ପ୍ରମାଣିତ କରିଣ (ହି ଶ)—8. Establishment of a matter by proof, ୯। ଶରୀରରକ୍ଷାର ବା ଆୟୁର୍ବୃଦ୍ଧିର ଉପାୟ (ହି ଶ)—9. Means for preservation of the body or for longevity, ୧୦। (ରକ୍ତସ୍ରାବ) .ରୋଧ କରିବା ଉପାୟ (ହି. ଶ.) 10. Means taken for restraining the flow (of blood . ୧୧ । ଅଳୟ; ଆବାସ; ଗୃହ (ହି. ଶ)—11. House. ୧୨। ଖଳୁରି (ହି. ଶ)—12. A heap of food. ୧୩। ନିରୂପଣ (ହି. ଶ)—13. Ascertainment.

ସ୍ଥାପନ ନିକ୍ଷେପ—ସଂ. ବ—ଅର୍ହତ୍ଙ୍କ ମୂର୍ତ୍ତିର ପୂଜା (ହି. ଶ)—Sthāpana nikshepa Worship of the image of a Jaina saint.

ସ୍ଥାପନା ଲିଙ୍ଗ—ଦେ. ବ—ଯେଉଁ ଶିବଲିଙ୍ଗ ସ୍ୱୟମ୍ଭୂ ନୁହନ୍ତି, ଅର୍ଥାତ ଯଦ୍ୱାରା ପ୍ରୋକ୍ତ ଆଣି କୌଣସି ସ୍ଥାନରେ ସ୍ଥାପିତ ଲିଙ୍ଗ ସ୍ଥାପନ କରନ୍ତି ବା ବସାନ୍ତି—An image of ସ୍ଥାପିତ ଲିଙ୍ଗ Siba which is set up at a place and ସ୍ୱୟମ୍ଭୂ ଲିଙ୍ଗ is not self-existent. ପାତାଳଫୁଟା ଲିଙ୍ଗ } —ବିଶ୍ୱକୋ

ସ୍ଥାପନା ସତ୍ୟ—ସଂ. ବ—କୌଣସି ବସ୍ତୁର ବା ବ୍ୟକ୍ତିଙ୍କ ପ୍ରତିମାରେ ବା ଚିତ୍ରରେ ସ୍ୱୟଂ ଉକ୍ତ ବସ୍ତୁର ବା ବ୍ୟକ୍ତିଙ୍କର ଆରୋପ (ହି. ଶ)—Sthāpanā satya Attributing of a thing or person on its image or picture.

ସ୍ଥାପନିକ—ସଂ. ବ (ସ୍ଥାପନ+ଇକ)—ଅମାନତ କରି ରଖାଯାଇଥିବା (ଧନ ବା ବସ୍ତୁ)—Deposited, kept in deposit.

ସ୍ଥାପନୀ—ସ. ବ (ସ୍ଥାପନ+ଈ)—ଘାଟୀ (ମେଦଶା, ଅମର); ଅଜାନବଲ୍ଲ Sthāpanī ଗୁଳ—Stephania Hernandifolia (plant).

ସ୍ଥାପନୀୟ—ସ. ବଣ (ସ୍ଥାପି ଧାତୁ+କର୍ମ. ଅନୀୟ)—ସ୍ଥାପିତ ହେବାର Stāpanīya ଯୋଗ୍ୟ—Fit to be placed or fixed or (ସ୍ଥାପ୍ୟ—ଅନ୍ୟରୂପ) started.

ସ୍ଥାପୟିତା—ସ. ବଣ. ପୁଂ (ସ୍ଥାପି ଧାତୁ+କର୍ତ୍ତୃ. ତୃ; ସ୍ଥାପୟିତୃ ଶବ୍ଦ ୧ମା. ୧ବ)—ସଂସ୍ଥାପକ; ସ୍ଥାପକ; ଯେ Sthāpayitā ସ୍ଥାପନ କରନ୍ତି—Establishing; (ସ୍ତ୍ରୀ—ସ୍ଥାପୟିତ୍ରୀ) founding.

ସ୍ଥାପି(ଧାତୁ)—ସ.(ସ୍ଥା ଧାତୁ=ରହିବା+ଣିଚ୍) —ରଖାଇବା; ଥୋଇବା; Sthāpi (root) ବସାଇବା—To set up; to place.

ସ୍ଥାପିକା—ସ. ବଣ. ସ୍ତ୍ରୀ (ସ୍ଥାପକ+ଅ)—ସ୍ଥାପକର ସ୍ତ୍ରୀ ଲିଙ୍ଗ— Sthāpikā Feminine of Sthāpaka.

ସ୍ଥାପିତ—ସ. ବଣ (ସ୍ଥାପି ଧାତୁ+କର୍ମ. ତ)—୧। ରଖାଯାଇଥିବା— Sthāpita 1. Placed. ୨। ରଖା ଯାଇଥିବା—2. Located ୩। ନ୍ୟସ୍ତ—3. Deposited. ୪। ରୋପିତ— 4. Planted. ୫। ଆରମ୍ଭ କରି ଯାଇଥିବା—5. Set up; started; founded. ୬। ନିଶ୍ଚିତ (ମେଦଶା) 6. Fixed. ୭। ଅମାନତ ରଖାଯାଇଥିବା (ହି. ଶ)— 7. Deposited. ୮। ନିର୍ଦ୍ଦିଷ୍ଟ (ହି ଶ.)—8. Specified. ୯। ଦୃଢ଼ (ହି. ଶ.)—9. Firm; fixed. ୧୦। ବିବାହିତ—10. Married.

ସ୍ଥାପିତ ଲିଙ୍ଗ—ସ. ବ—ସ୍ଥାପନା ଲିଙ୍ଗ (ଦେଶ)—Sthāpanā liṅga Sthāpita liṅga (See)

ସ୍ଥାପିବା—ଦେ. କ୍ରି (ସ. ସ୍ଥାପି ଧାତୁ)—୧। ସ୍ଥାପନ କରିବା—1. To Sthāpibā set up, to start; to found; to establish. ୨। ଥୋଇବା; ରଖିବା—2. To place. ସ୍ଥାପନକରିବା ୩। ନିରୂପଣ କରିବା—3. To locate. [ଜ୍ଞ—କେବଳ ମନରୁ ସ୍ଥାପି ସ୍ଥିର ଅସନେ—ଘନକୃଷ୍ଣ. ରସକଲ୍ଲୋଳ] ୪। ଅନ୍ୟଦ୍ୱାରା ରଖାଇବା; ଥୁଆଇବା— 4. To cause to be set or placed.

ସ୍ଥାପୀ—ସ. ବ. ପୁଂ (ସ୍ଥାପି ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—ପ୍ରତିମା ନିର୍ମାଣକାରୀ ବ୍ୟକ୍ତି (ହି. ଶ)—The maker of an idol. (ସ୍ତ୍ରୀପ୍ରତିମା—ସ୍ତ୍ରୀ)

ସ୍ଥାପ୍ୟ—ସ. ବଣ (ସ୍ଥାପି ଧାତୁ+କର୍ମ ଯ)—ସ୍ଥାପନଯୋଗ୍ୟ—Fit to be Sthāpya placed or set up. ସଂ. ବ— ୧। ଦେବପ୍ରତିମା (ହି. ଶ)—1. Idol. ୨। ଅମାନତ; ଉପାଜ୍ଜ୍ଞ (ହି. ଶ)—2. Deposit.

ସ୍ଥାବର—ସଂ. ବଣ (ସ୍ଥା ଧାତୁ+କର୍ତ୍ତୃ ଶୀଲାର୍ଥେ ବର)—୧। ଅଚଳ; ଯାହା ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ (ଜଙ୍ଗମ—ବିଶ୍ୱକୋ) ନିଆ ଯାଇ ନ ପାରେ— 1. Immovable; incapable of being moved away from a place. [ଦୃ—ସ୍ଥାବର ସମ୍ପତ୍ତି—ଯଥା—ଘର, ଜମି, ଗଛ । ଅସ୍ଥାବର ସମ୍ପତ୍ତି—ଯଥା—ଧନ ଦ୍ରବ୍ୟ ।] ୨। ଚିରସ୍ଥାୟୀ; ସ୍ଥାୟୀ; ସ୍ଥିତିଶୀଳ 2. Permanent. ୩। ସ୍ଥାବର ସମ୍ପତ୍ତିସମ୍ବନ୍ଧୀୟ. (ହି. ଶ)—3. Relating to immovable property. ବ—୧। ପର୍ବତ (ଶବ୍ଦରତ୍ନାବଳୀ)— 1. Mountain. ୨। ଧନୁର୍ଗୁଣ (ଵିକାଣ୍ଡଶେଷ)— 2. Bowstring. ୩। ବୃକ୍ଷ—3. Tree. ୪। ଭୂ. ସମ୍ପତ୍ତି—4. Immovable property; landed property. ୫। ପୁରୁଷାନୁକ୍ରମେ ପରିବାରରେ ରକ୍ଷିତ ହେବା ସମ୍ପତ୍ତି—5. Any property which is retained permanently in a family from generation to generation.

Digitized by srujanika@gmail.com

ସ୍ଥାବର ଜଙ୍ଗମ—ସ. ବ(ବସ୍ତ୍ୱର୍ଥେ ସଦ୍ଭାବ)—୧। ଅଚଳନ୍ତ ଓ ଚଳନ୍ତ ବସ୍ତୁ—1. Immovable and movable things. ୨। ଜଡ଼ପଦାର୍ଥ ଓ ପ୍ରାଣୀ—2. Inanimate and animate things. ବଣ—ଚଳନ୍ତ ଓ ଅଚଳନ୍ତ—Movable and immovable.

Sthābara jaṅgama

ସ୍ଥାବର ବିଷ—ସ. ବ—ସ୍ପର୍ଶରେ ଅନୁଭାବେ ଯେଉଁ ବିଷବୃକ୍ଷ ମୂଳ, ପତ୍ର, ଫଳ, ଛଲ, ଦୁଧ, ସାର, ଅଠା, ତେର ଓ ଧାତୁରେ ମିଳେ (ହ. ଶ); ସ୍ଥାବର ପଦାର୍ଥରେ ଥିବା ଜହର—Vegetable and metal poison. [ଦ୍ର—ଚୈଦ୍ୟକ ସତ୍ତରେ ଏ ବିଷ ଜ୍ୱର, ହିକ୍କା, ଦନ୍ତହର୍ଷ, ଗଳ-ବେଦନା, ବମନ, ଅରୁଚି, ଶ୍ୱାସ, ମୂର୍ଚ୍ଛା ଉତ୍ପାଦନ କରେ (ହ. ଶ)।

Sthābara bisha

ସ୍ଥାବର ରାଜ—ସ. ବ (ଷଷ୍ଠୀ ତତ୍ପୁ)—ଗିରିରାଜ; ହିମାଳୟ ପର୍ବତ—Sthābararāja The Himalayan mountain.

ସ୍ଥାବର ସମ୍ପତ୍ତି—ସ. ବ—ଭୂମ୍ୟାଦି; ଅଚଳନ୍ତ ସମ୍ପତ୍ତି—Sthābara sampatti Immovable property.

ସ୍ଥାବରାଦି——ସଂ. ବ—ହଳାହଳ ନାମକ ବିଷ (ରାଜନିର୍ଘଣ୍ଟୁ); ମିଠା ବିଷ ସଦୃଶ—Aconite. Sthābarādi

ସ୍ଥାବରାସ୍ଥାବର ସମ୍ପତ୍ତି—ସଂ. ବ—ଅଚଳନ୍ତ ଓ ଚଳନ୍ତ ସମ୍ପତ୍ତି—Sthābarāsthābara sampatti Immovable and movable properties.

ସ୍ଥାବିର(ର୍ଯ୍ୟ)—ସଂ. ବ (ସ୍ଥବିର+ଭାବ ଅ; ଯ)—୧ । ସ୍ଥାବିରତା, ବାର୍ଦ୍ଧକ୍ୟ—1. Old age. ୨ । ପୁରୁଷ ୬୯ରେ ୭୦ ଓ ସ୍ତ୍ରୀଲୋକଙ୍କ ୫୦ ବର୍ଷ ହୁଏତା ଅବସ୍ଥା 2. Attainment of the age of 70 years in the case of males and 50 years in the case of females. [ଦ୍ର—୭୦ ବର୍ଷରୁ ୯୦ ବର୍ଷ ବୟସ ମଧ୍ୟର ସ୍ଥାବିରାବସ୍ଥା ଓ ତହିଁରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିକୁ ବର୍ଷୀୟାନ କୋଇଯାଏ—ହ. ଶ।]

Sthābira(rjya)

ସ୍ଥାମ—ସଂ ବ (ସ୍ଥା ଧାତୁ+କରଣ ମନ୍; ସ୍ଥାମନ୍; ୧ମା ୧ବ)—୧ । ସାମର୍ଥ୍ୟ; ଶକ୍ତି (ହ. ଶ)—1. Power; ability. ୨ । ଅଶ୍ୱଘୋଷ; ଘୋଡ଼ାର ଡେଁ ଡେଁ ରବ (ହ. ଶ)—2. Neighing of the horse. ୩ । (+ଅଧିକରଣ ମନ୍) ସ୍ଥାନ; ଜାଗା (ହ. ଶ)—3. Place; locality.

Sthāma

ସ୍ଥାୟ—ସଂ ବ (ସ୍ଥା ଧାତୁ+ଅଧିକରଣ ଘ)—୧ । ଅଧାର; ଆଧାର (ହ. ଶ) 1. Receptacle.

Sthāya

ସ୍ଥାୟୀ—ସଂ. ବ (ସ୍ଥା ଧାତୁ+ଅଧିକରଣ, ଆ)—ପୃଥିବୀ (ହ.ଶ)—The earth.

Sthāyī

ସ୍ଥାୟିତା(ତ୍ୱ)—ସଂ. ବ (ସ୍ଥାୟିନ୍+ଭାବାର୍ଥେ ତା, ତ୍ୱ)—୧ । ସ୍ଥିରତା-1. Fixedness ୨ । ସ୍ଥାୟୀ ହେବା ଭାବ—2, The state of being Sthāyī.

Sthāyitā(twa)

ସ୍ଥାୟିଭାବ—ସଂ ବ (ସ୍ଥାୟିନ୍+ଭାବ କର୍ମ ଧା) —୧ । ସ୍ଥାୟିତ୍ୱ (ଦେଖ) 1. Sthāyitwa (See) ୨ । (ସାହିତ୍ୟ) ରସର ବିଧାୟକତାନ୍ତର୍ଗତ ଭାବବିଶେଷ—2. Permanent state of a sentiment [ଦ୍ର—ଉଭୟ ଉତ୍ତମ ରସ ମନରେ ଯେଉଁ ବହୁକାଳସ୍ଥାୟୀ ଭାବ ଜନ୍ମାଏ ତାକୁ ସ୍ଥାୟୀଭାବ କୁହାଯାଏ । ରସର ଭାବ ୯ ପ୍ରକାର ।

Sthāyi bhāba

୧ । ସ୍ପୃଙ୍ଗାସ୍ପ ୨ । ବ୍ୟଭଚାରିସ୍ପ ୩ । ସ୍ଥାୟୀ ସଞ୍ଚାରୀରେ

୧ । ସ୍ଥାୟୀ ୨ । ସାତ୍ତ୍ୱିକ ୩ । ସ୍ପୃଙ୍ଗାସ୍ପ ।

ଶୃଙ୍ଗାରାଦି ନଅଟି ରସର ଅବସ୍ଥାନକାଳ ଯଥାଯନ୍ତ ମନରେ ଯେଉଁ ଭାବମାନ ଯଥାକ୍ରମେ ଥାଏ । ଯଥା—ଶୃଙ୍ଗାରରସର ସ୍ଥାୟିଭାବ—ରତି, ହାସ୍ୟରସର—ହାସ୍ୟ, କରୁଣରସର—ଶୋକ, ରୌଦ୍ରରସର—କ୍ରୋଧ, ବୀରରସର —ଉତ୍ସାହ, ଭୟାନକ ରସର ଭୟ, ବୀଭତ୍ସ ରସର ଜୁଗୁପ୍ସା ବା ଘୃଣା, ଅଦ୍ଭୁତରସର—ବିସ୍ମୟ, ଶାନ୍ତରସର—ଶମ ବା ନିର୍ବେଦ । ସ୍ଥାୟିଭାବ ସର୍ବଦା ଚିତ୍ତରେ ସଂସ୍କାରରୂପରେ ବର୍ତ୍ତମାନ ଥାଏ ଓ ବିଭାବ ଆଦରେ ଅଭିବ୍ୟକ୍ତ ହୋଇ ରସତ୍ୱ ପ୍ରାପ୍ତ ହୁଏ । ହ. ଶ ।)

ସ୍ଥାୟିଭାବର ଅନ୍ୟ ସଜ୍ଞା—ଯାହା ରସାସ୍ୱାଦନର ଅଙ୍କୁରସ୍ୱରୂପ ଏବଂ ଅବରୁଦ୍ଧ ବା ଅରୁଦ୍ଧ କୌଣସି ଭାବ ଯାହାକୁ ଅଚ୍ଛାଦିତ କରି ଶେଷରେ ନାଶ କରି ସ୍ଥାୟିଭାବ ଅଟେ ।)

ସ୍ଥାୟୀ—ସ. ବତ. ସୁଂ (ସ୍ଥା ଧାତୁ+କର୍ତ୍ତରି. ଇନ୍=ସ୍ଥାୟିନ୍ ଶବ ୧ମା. ୧ବ) ୧ । ଚିର; ସ୍ଥିରଶୀଳ; ଯେ ଚିରକାଳ ରହେ—(ସ୍ତ୍ରୀ—ସ୍ତ୍ରୀ) 1. Permanent, ୨ । ଅଚଳ (ଅସ୍ଥାୟୀ—ବିପରୀତ) 2. Immovable; stable. ୩ । ବହୁକାଳ ସ୍ଥାୟୀ 3. Enduring; which can exist long. ୪ । ଅଚଞ୍ଚଳଚିତ୍ତଶୀଳ—4. Steady; unchangeable, invariable. ୫ । ବିଶ୍ୱାସ କରିବା ଯୋଗ୍ୟ (ହ.ଶ.) 5. Trustworthy. ସ. ବ.—ସ୍ଥାୟିଭାବ (ଦେଖନ୍ତୁ) Sthāyibhāba (See)

ସ୍ଥାୟୀ ଚାକିରି—ଦେ. ବ.—ଯେଉଁ ଚାକିରିରେ କୌଣସି ବ୍ୟକ୍ତି ଚିରକାଳ ରହିପାରେ—Permanent service. स्थायीचाकुरी स्थयीनौकरी (ଅସ୍ଥାୟୀ ବା ଠିକାଚାକିରି—ବିପରୀତ)

ସ୍ଥାୟୁକ—ସ. ବ୍ରଣ (ସ୍ଥା ଧାତୁ+କର୍ତ୍ତରି. ଉକ)—୧ । ଏକ ଗ୍ରାମରେ ନଯୋଜିତ (ଅମର) —1. Employed or serving in the same village ୨ । ସ୍ଥାୟୀ—2. Permanent. ବ. ପୁଂ—ଗ୍ରାମର ମଣ୍ଡଳ, ଗ୍ରାମାଧିପତି Headman of a village.

Sthāyuka

ସ୍ଥାଳ (ଳ)—ସଂ. ବ (ସ୍ଥା ଧାତୁ+ଅଥୁକରଣେ. ଅଳ, କମ୍ବା ସ୍ଥଲ୍ ଧାତୁ= Sthāla (la) ରହିବା+କର୍ତ୍ତୃ. ଅ)—୧ । ସ୍ଥାଳୀ (ବେଶ)—(ଥାଳ, ଥାଳ,ଥାଳଆ—ଅପଭ୍ରଂଶ) 1. Sthālī (See). ୨। ଥାଳ; ଭୋଜନ ପାତ୍ର (ଅମର)—2. Plate for taking meal. ୩। ଥାଳ; ଚଟକ ଭୋଜନପାତ୍ର—3.A shallow plate for taking meal in. ୪। ପାତ୍ର; ଆଧାର (ହି. ଶ.)—4 Receptacle. ୫। ଦାନ୍ତର ଉପରେ ଦାନ୍ତ-ପାଟିର ଉପର ଅଂଶ (ହି. ଶ)—5 The inner portion of the jaw below the teeth

ସ୍ଥାଳକ—ସଂ. ଅ—ପିଠିର ଗୋଟିଏ ହାଡ଼ (ହି.ଶ.)—One of the Sthālaka bones of the back.

ସ୍ଥାଳକ—ସଂ. ନ—ମଳର ଦୁର୍ଗନ୍ଧ (ହି. ଶ)—The offensive Sthālika odour of fæcus.

ସ୍ଥାଳକା—ସଂ. ସ୍ତ୍ରୀ.—ଏକପ୍ରକାର ମାଛି (ହି. ଶ.)—A kind of Sthālikā fly.

ସ୍ଥାଳୀ(ଳି)—ସ. ନ—(ସ୍ଥାଳ+ଈ)—୧ । ହାଣ୍ଡିବାସନ ବିଶେଷ; ହାଣ୍ଡି—Sthālī(li) 1. An earthen pot; a cooking pot; a boiler. ୨ । ଥାଳ; ଚଟକା ଭୋଜନପାତ୍ର—1. A shallow plate. (ଉ—ବୁଲୁଇ ଭଳି ନଳରେ ପଞ୍ଚ ରହିସ୍ଥାଳୀ । ଉଜ୍ଜ. ବୈଦ୍ୟେସ୍ପାଶବଳାସ ।) ୩ । ଜୁଣ୍ଡ—3. Trough. [ଉ—ଏଥିର ସଂସ୍କୃ ପିଠର, ଜଖା, ପିଠଗ୍ଗ, ସ୍ଥାଳ, ଜୁଣ୍ଡା, ଜୁଣ୍ଡୀ, କୁଣ୍ଡା, କୁଣ୍ଡୀକା, ପାକ, ପାଣ୍ଡଗ୍ଗ ।] ୪ । ପାତ୍ରିର ଥାଳଆ (ହି. ଶ)—4. Earthen saucer. ୫ । ସୋମରସ ଛଣିବା ଜଉବାରେ ବ୍ୟବହୃତ ପାତ୍ର ବିଶେଷ (ହି. ଶ)—5. A kind of pot used in preparing the Soma juice. ୬ । ପାଟଳା (ହି. ଶ)—6. Pāṭalā (See).

ସ୍ଥାଳୀ ପକ୍ୱ—ସ. ତତ୍ପୁ (୭ମୀ ତତ୍)—ହାଣ୍ଡିରେ ଚାଉଳ କରିସାଇଥିବା—Sthālī pakwa Cooked in a boiler.

ସ୍ଥାଳୀ ପାକ—ସଂ. ନ—୧ । ହାଣ୍ଡିରେ ପାକ କରିବା—1. Cooking Sthālī pāka in a pot. ୨ । ହାଣ୍ଡିରେ ପାକ କରିସାଇଥିବା ଅନ୍ନାଦ—2. Food cooked in a boilor. ୩ । ଅଦୂଦ ବିଅପିବା ପାଇଁ ଦୁଧରେ ପାକକରିସାଇଥିବା ଗୁରୁଳ ବା ସବ (ହି. ଶ); ଚରୁ ବିଶେଷ—3.Rice or barley boiled in milk for being offered unto the fire. ୪ । ବୈଦ୍ୟକ ଅନୁସାରେ ଲୌହର ପାକବିଧ ବିଶେଷ (ହି. ଶ)—4. A mode of purifying iron over fire for medicinal purpose.

ସ୍ଥାଳୀ ପୁଲାକ—ସଂ. ନ (ନ୍ୟାସୃତବିଶେଷ)—ହାଣ୍ଡିରେ ଥିବା ସମସ୍ତ ଗୁଡ଼ଳ Sthālī pulāka ଯେଉଁଠାର ଏକ ସମସ୍ତରେ ସିଝେ, ଅର୍ଥାତ୍ ଗୋଟିଏ ଗୁଡ଼ଳ ସିଝିଲେ ସବୁ ଗୁଡ଼ଳ ସିଝି ଥିବା ଜଣାଯାଏ, ସେହିପରି ଗୋଟିଏ ବିଷୟକୁ ଅନୁଭବ କରି ସେହି ଶ୍ରେଣୀର ସମସ୍ତ ବିଷୟ ସମ୍ବନ୍ଧେ ଅନୁମାନରୂପକ ନ୍ୟାସୃ—An analogy used when a person knows the whole by examining a minute part thereof. [ଉ—ଓଡ଼ଆରେ 'ଭାତଦାଣ୍ଡିରୁ ଗୋଟିଏ ଚିପ ବା' ନ୍ୟାସୃ ଏହୁ ନ୍ୟାସୃ ସଙ୍ଗେ ସମାନ ।]

ସ୍ଥାଳୀ ବଳ—ସଂ. ନ (୬ଷ୍ଠୀ ତତ୍)—ପାତ୍ରପାତ୍ରର ଅଭ୍ୟନ୍ତର—Sthālī bila The inside of a cooking pot.

ସ୍ଥାଳୀ ବଳୀୟ—ସଂ. ବିଣ (ସ୍ଥାଳବଳ+ଈୟ)—ସ୍ଥାଳୀରେ ପାକ Sthālī bilīya ଯୋଗ୍ୟ (ଭଣ୍ଡୁଲାଦ)—(Victuals) Fit (ସ୍ଥାଳୀବଳ୍ୟ—ଅନ୍ୟପଦ) to be cooked in a boiler or cooking pot.

ସ୍ଥାଳୀ ବୃକ୍ଷ (ଦ୍ରୁମ)—ସଂ ନ—ଅଶ୍ୱତ୍ଥ ଭେଦ (ଜ୍ଞାନଭୃଙ୍ଗାଣ);ନଦୀବୃକ୍ଷ—Sthālī bṛuksha (druma) A sort of piper tree. [ଉ—ଏହାର ସଂସ୍କୃ ନଦୀବୃକ୍ଷ, ଅଶ୍ୱତ୍ଥଭେଦ, ପ୍ରଗ୍ଲେକ୍ଷ, ଗଳଗାଦଦ, କ୍ଷୀରତରୁ, ଜୀଘ୍ର, ବଳଦ୍ରୁମ ।

ବୈଦ୍ୟକ ମତରେ ଏହା ଲଘୁ, ସ୍ୱାଦୁ, ଈଷତ୍ ତୁବର, ଜନ୍ତ୍ର, କଫପାକରସ, ଗ୍ରାହ୍ୟ ଓ ବିଷବିଷ୍ଫୋରକୁ-ନାଶକ ।]

ସ୍ଥାସକ—ସଂ. ବ (ସ୍ଥା. ଧାତୁ+କର୍ତ୍ତୃ. ସକ)—୧ । ଗୃଦ୍ଧିକ୍ୟ; ଚୂର୍ଣ୍ଣାଥ Sthāsaka ଚୂର୍ଣ୍ଣ ବିଶେଷ (ଅମର)—1. Toilet powder. ୨ । ଜଳବୁଦ୍‌ବୁଦ—2. Water bubble. ୩ । ଗନ୍ଧ-ଚୂର୍ଣ୍ଣ(ବେଦନା) 3. Scented powder. ୪। ଛାପ;ମୁଦ୍ରା—4. Impression; seal. ୫। ସଜ୍ଜାରକୁ ଚଦନାଦରେ ଚର୍ଚ୍ଚିତ ବା ସୁଗନ୍ଧିତ କରଣ (ହି. ଶ)—5. Toilette. ୬ । ଘୋଡ଼ାର ଜନ୍ର ଏକ ଅଳଙ୍କାର (ହି. ଶ)—6. A kind of ornament for the saddle of a horse.

ସ୍ଥାସୁ—ସଂ. ବ (ସ୍ଥା. ଧାତୁ+କରଣ ସୁ)—ଶାସ୍ତ୍ରିକ ବଳ—Sthāsu Physical strength.

ସ୍ଥାସ୍ନୁ—ସଂ. ବିଣ (ସ୍ଥା. ଧାତୁ+କର୍ତ୍ତୃ. ସ୍ନୁ)—୧ । ସ୍ଥିତିଶୀଳ; ସ୍ଥାସ୍ନୁ Sthāsnu (ବେଶ)—1. Sthitisīla, Sthāyī (See) ୨ । ସ୍ଥିରତର—2. stable. ୩ । ଶାଶ୍ୱତ (ଉତ୍ତର)—3. Eternal. ବ—ବୃକ୍ଷ (ଶ୍ରୀଧର ସ୍ୱାମୀ)—Tree.

ସ୍ଥିକ—ସଂ ବ (ସ୍ଥା. ଧାତୁ+କରଣ. ଉକ)—କଟିପ୍ରୋଥ; ଘିଗୁ—Sthika Buttock. [ଉ—ଏଥିର ସଂସ୍କୃ କଟିପ୍ରୋଥ, କଟିପ୍ରୋଥ, ପୁଲ, ଶ୍ରୋଣି, ନତମ୍ ।]

ସ୍ଥିତ—ସଂ. ବ (ସ୍ଥା. ଧାତୁ+କର୍ତ୍ତୃ, ତ)—୧ । ରହିଥିବା; ଅବସ୍ଥିତ—Sthita 1. Situated in; contained in; placed (ସ୍ଥିତା—ସ୍ତ୍ରୀ) in; being in. ୨ । କୃତାବସ୍ଥାନ; ଅସୀନ—[ସ୍ଥିତ, ସ୍ଥାନ, ସ୍ଥିତତା—ବ] 2. Staying in; seated. ୩ । ସ୍ଥିର; ନିଶ୍ଚଳ—3. Steady. ୪ । ବର୍ତ୍ତମାନ; ଉପସ୍ଥିତ; ବିଦ୍ୟମାନ—4. Present. (ଉ—ବହୁତ ବ୍ୟଥିତକୁ, ଶୁଣିଲା କଥିତକୁ, ସ୍ଥିତ ନ ରହ ତତ୍ତେ ବେଳେ । ଉଜ୍ଜ. ବୈଦ୍ୟେସ୍ପାଶବଳାସ ।) ୫ । ଅଚଳ—5. Unmoving; immovable. ୬ । ଅପରବର୍ତ୍ତିଜଗତ୍—6. Un-

Digitized by srujanika@gmail.com

changeable. ୬ । ଦଣ୍ଡାୟମାନ—7. Standing. ୮ । ଉର୍ଦ୍ଧ୍ୱ—8. High. ୯ । ପ୍ରତିଜ୍ଞାବିଶିଷ୍ଟ; ଦୃଢ଼-ପ୍ରତିଜ୍ଞ—9. Determined; resolved. ୧୦ । (ଅମୃତରେ) ବାସ କରୁଥିବା—10, Living in.

ସ୍ଥିତ ଧୀ—୧୦. ବହ. ସ୍ତ୍ରୀ ଓ ସ୍ତ୍ରୀ-(କର୍ତ୍ତୃତ୍ୱ ସମାସ, ସ୍ଥିତା ହୋଇଅଛି Sthita dhī ଧୀ=ବୁଦ୍ଧି ଯାହାଙ୍କର)—୧ । ସ୍ଥିରବୁଦ୍ଧି (ବ୍ୟକ୍ତି)—1. (a person) Of fixed mind; stable-minded. ୨ । ଦୁଃଖରେ ଅନୁଦ୍‌ବିଗ୍ନମନା, ସୁଖରେ ବଗତଞ୍ଚୃହ, ବୀତରାଗଭୟକ୍ରୋଧ (ବ୍ୟକ୍ତ) —2. (A person) Who is free from passions; unmoved by delight or sorrow and by worldly matters.

[ଦ୍ର—ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟର ୫୬ ଶ୍ଲୋକରେ ଭଗବାନ୍ କହୁଅଛନ୍ତି ଯେ, ଦୁଃଖରେ ଅନୁଦ୍‌ବିଗ୍ନ, ସୁଖରେ ସ୍ପୃହାହୀନ, ରାଗ-ଭୟ-କ୍ରୋଧଶୂନ୍ୟ ବ୍ୟକ୍ତିକୁ ସ୍ଥିତଧୀ ମୁନି ବୋଲାଯାଏ ।]

ସ୍ଥିତ ପ୍ରଜ୍ଞ—ସଂ. ବହ. ପୁଂ ((କର୍ତ୍ତୃତ୍ୱ; ସ୍ଥିତା=ସ୍ଥିର ଅର୍ଥେ ପ୍ରଜ୍ଞା Sthitaprajñā ଯାହାଙ୍କର)—ଯେଉଁ ବ୍ୟକ୍ତି ମନୋଗତ ସମସ୍ତ ବାସନାକୁ ତ୍ୟାଗ କରି ସର୍ବଦା ତୃପ୍ତ ଥାଆନ୍ତି;ମନୋବିକାର-(ସ୍ଥିତପ୍ରଜ୍ଞା—ସ୍ତ୍ରୀ) ରହିତ—(A person) Who has relinquished all desires; free from wordly desires, [ଦ୍ର—ଅର୍ଜୁନଙ୍କ ପ୍ରଶ୍ନର ଉତ୍ତରରେ ଭଗବାନ୍ ଭଗବଦ୍‌ଗୀତାର ଦ୍ୱିତୀୟ ଅଧ୍ୟାୟ ୫୬ ଓ ୫୮ ଶ୍ଲୋକରେ 'ସ୍ଥିତପ୍ରଜ୍ଞ' ବ୍ୟକ୍ତିଙ୍କ ଗୁଣ ବର୍ଣ୍ଣନ କରି-ଅଛନ୍ତି—

ଯେଉଁ ବ୍ୟକ୍ତି ଶୁଭ ବା ଅଶୁଭ ପ୍ରାପ୍ତ ହେଲେ କୌଣସି ବସ୍ତୁ ପ୍ରତି ସ୍ନେହ ବା ମମତାସ୍ପାଦ ହୁଅନ୍ତି ନାହିଁ, ଯେ କାହାରିକୁ ଅଯଥାଯଥ କରନ୍ତି ନାହିଁ ଓ କାହାରିପ୍ରତି ଦ୍ୱେଷ କରନ୍ତି ନାହିଁ, ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ହୋଇଅଛୁ । କଚ୍ଛପ ନିଜର ଅଙ୍ଗପ୍ରତ୍ୟଙ୍ଗକୁ ଖୋଳ ଭିତରକୁ ଟାଣି ନେବା ପରି ଯେଉଁ ବ୍ୟକ୍ତି ଇନ୍ଦ୍ରିୟାର୍ଥମାନଙ୍କରୁ ନିଜର ଇନ୍ଦ୍ରିୟମାନଙ୍କ ସଂହାର କରନ୍ତି ତାଙ୍କର ପ୍ରଜ୍ଞା ପ୍ରତିଷ୍ଠିତ ହୋଇଅଛୁ ।]

ସ୍ଥିତ ପ୍ରେମା—ସଂ. ବ. ପୁଂ (ସ୍ଥିତ ଅର୍ଥେ ପ୍ରେମ ଯାହାର, ସ୍ଥିତପ୍ରେମନ୍, Sthita premā ୧ମା. ୧ବ)—ସ୍ଥିରତର ବନ୍ଧୁ; ଚିରବନ୍ଧୁ—A constant friend.

ସ୍ଥିତବୁଦ୍ଧିଦତ୍ତ—ସଂ. ବ—ବୁଦ୍ଧଦେବଙ୍କର ଏକ ନାମ—A name Sthitabuddhi datta of the Buddha.

ସ୍ଥିତି—ସଂ. ବ (ସ୍ଥା ଧାତୁ+କ୍ତି.ଈ)—୧। ଅବସ୍ଥାନ;ରହିବା(ଅମର)—Sthiti 1. Staying. ୨। (+ଅଧିକରଣେ ଈ)—ସୀମା(ମେଦିନୀ) 2. Boundary; limit. ୩ । ମର୍ଯ୍ୟାଦା; ନ୍ୟାୟପଥରେ ଅବସ୍ଥାନ (ଅମର)—3. Propriety of conduct. ୪ । ସଂସ୍ଥିତି; କୌଣସି ଅବସ୍ଥାରେ ରହିଯାଇ ରହିବା । (ଶବ୍ଦ ରତ୍ନାବଳୀ)--4 Continuance in any state or condition. ୫। ସ୍ଥିରତା; ସ୍ଥାୟିତ୍ୱ—5. Stability; fixity ୬ । ପାଳନ—6. Bringing up; cherishing, ୭। (+କରଣ.ଈ) ସଂସ୍ଥାନ; ଜୀବିକାରଣ; ଜୀବିକା—7. Living; livelihood. ୮। ବିଶ୍ରାମ—8. Rest. ୯। ଅବଧାରଣ—9. Determination. ୧୦। ସିଦ୍ଧାନ୍ତ--10. Decision. ୧୧ । ଏକସ୍ଥାନରେ ବନ୍ଦ ହେବା—11. Stoppage at a place. ୧୨ । ନିବୃତ୍ତି—12. Cessation. ୧୩ । ଅଟକିବା—13 Pause; stopping. ୧୪।(+ଅଧିକରଣେ.ଈ)ସ୍ଥାନ—14. Place, position. ୧୫ । (ବିଜ୍ଞାନ) ଜଡ଼ପଦାର୍ଥର ବା ଦ୍ରବ୍ୟର ଗୁଣ ବିଶେଷ, ଯେଉଁ ଗୁଣ ଯୋଗୁ ଜଡ଼ପଦାର୍ଥ ଏକ ସ୍ଥାନରେ ସ୍ଥିର ହୋଇ ରହେ—15. (Physics) Inertia. ୧୬। (+ଅଧିକରଣେ. ତ)—ଅବସ୍ଥା (ହି.ଶ.) —16. Condition. ୧୭ । ଅସ୍ତିତ୍ୱ (ହି.ଶ.)—17. Existence; being. ୧୮ । ଢଙ୍ଗ (ହି. ଶ.)—18. Mode; manner. ୧୯ । ଆକାର; ଆକୃତି (ହି. ଶ.) 19. Shape. ୨୦ । ସଂଯୋଗ; ସୁଯୋଗ (ହି. ଶ.) 20. Occasion; opportunity.

ସ୍ଥିତି କ୍ରିୟା—ସ.ବ—ଅବସ୍ଥାନରୂପ କାର୍ଯ୍ୟ—The act of staying. Sthíti kriyā

ସ୍ଥିତି ନିଷେଧ—ସ. ବ(୭ମୀ ତତ୍ପୁ.)—ରହିବାକୁ ନିଷେଧ—Sthiti nishedha Prohibition to stay.

ସ୍ଥିତିବାନ୍(ନ)—ବେ- ବ (ସଂ. ସ୍ଥିତିମାନ୍)—ଲଗାତର ବୃତ୍ତିରେ ୧୨ବର୍ଷରୁ Sthitibān(na) ଊର୍ଦ୍ଧ୍ୱ ଦଖଲ କରୁଥିବା ପ୍ରଜା—Occupancy ସ୍ଥିତିବାନ ଦଖଲକାର tenant. (ସ୍ଥିତିବାନ ରୟତ, ସ୍ଥିତିବାନ ପ୍ରଜା—ଅନାଂରୂପ)

ସ୍ଥିତିବାନ ସତ୍ୱ—ବେ. ବ (ସଂ ସ୍ଥିତିମାନ୍+ସତ୍ତ୍ୱ)—ବାର ବର୍ଷରୁ ଊର୍ଦ୍ଧ୍ୱ Sthitibān satwa ରୟତ ଜମି ଦଖଲ କରିବାଯୋଗୁ ଜମ୍ମି ସ୍ଥିତିବାନସତ୍ୱ ଜମିରେ ରୟତର ଜନ୍ମୁଜନ୍ମା ସତ୍ତ୍ୱ— ଦଖଲିସ୍ତ୍ୱ Occupancy right.

ସ୍ଥିତି ବିଜ୍ଞାନ—ସଂ. ବ (ଆଧୁନିକ ବିଜ୍ଞାନ ପରିଭାଷା)—ଜଡ଼ ପଦାର୍ଥର Sthiti bijñāna ଅବସ୍ଥିତି ବିଷୟକ ଗଣନା ସମ୍ବନ୍ଧୀୟ ବିଜ୍ଞାନ— Statics(a science).

ସ୍ଥିତି ବିରୋଧ—ସଂ ବ—ଦୁଇଟି ପରସ୍ପର ବିରୋଧୀ ବସ୍ତୁର ଏକ ସ୍ଥାନରେ ଓ Sthiti birodha ଏକ କାଳରେ ଅନବସ୍ଥାନ—Impossibility of two opposed things simultaneously remaining at one place.

ସ୍ଥିତିସ୍ଥାପକ—ସଂ. ବିଣ (ଆଧୁନିକ ବିଜ୍ଞାନ ପରିଭାଷା)—୧ । ଯେଉଁ ଦ୍ରବ୍ୟ Sthitisthāpaka ଗୁଡ଼ ପାଇଲେ ବଡ଼ ବା ଖୁଣ୍ଟ ଦୁଏ ହେଲା [ସ୍ଥିତି ସ୍ଥାପକତା (ଊ)—ବ]. ଗୁଡ଼ ଜୋରାଇଦେଲେ ଦୁଇ ଅଙ୍ଗୁଳି ଧାରଣ କରେ (ଯଥା—ରବର୍)—1. Elastic. ୨ ।

Digitized by srujanika@gmail.com

ବସ୍ତୁର ପୂର୍ବ ଅବସ୍ଥାକୁ ଯେ ପ୍ରାପ୍ତ କରାଏ (ହ. ଶ)—2. Causing a thing to resume its original condition

ସ୍ଥିର—ସଂ.ବିଣ.(ସ୍ଥା ଧାତୁ+କର୍ତ୍ତୃ. ଇର) —୧ । ସ୍ୱାବର; ଅଚଳ; ଦୃଢ଼ିଲ (ଧରଣୀ)—1. Immovable; fixed; firm. [ତୁ—ସ୍ଥିର ଜଙ୍ଗମ ମଧ୍ୟେ ଦ୍ୱର. ଅଜନ୍ମ ଘଟେ ଜନ୍ମ ପୁତ୍ର. (ସ୍ଥିର—ସ୍ତ୍ରୀ) ଜଗନ୍ନାଥ. ଭାଗବତ]—୨ । ସ୍ଥାସ୍ନୁ—2. Permanent. ୩ । ନିତ୍ୟ—3. Constant. ୪ । ନିଶ୍ଚିତ—4. Certain; sure. ୫ । ଗମ୍ଭୀରଚାରୀ—5. Calm; quiet. ୬ । କଠିନ; ଦୃଢ଼ (ଧରଣୀ)—6. Hard. ୭ । ଅପରିବର୍ତ୍ତନୀୟ—7. Unchangeable. ୮ । ସ୍ଥିରୀକୃତ; ମୀମାଂସିତ. ନିର୍ଦ୍ଧାରିତ—8. Ascertained; settled; fixed; ୯ । ବିଶ୍ୱସନୀୟ (ହ. ଶ)—9. Trustworthy. ସ. ବ—୧ । ଦେବତା (ଶବ୍ଦରତ୍ନାବଳୀ)—1. Deity. ୨ । ପର୍ବତ (ଶବ୍ଦରତ୍ନାବଳୀ)—2. Mountain. ୩ । କାର୍ତ୍ତିକେୟ (ଶବ୍ଦରତ୍ନାବଳୀ)—3. Kārttikeya. ୪ । ବୃକ୍ଷ (ଶବ୍ଦରତ୍ନାବଳୀ)—4. Tree. ୫ । ଶନିଗ୍ରହ (ମେଦନୀ)—5. Saturn. ୬ । ମୋକ୍ଷ (ମେଦନୀ)—6. Salvation. ୭ । ଅନଡ୍ୱାନ୍; ଅଣ୍ଡିଆ ବାଛୁରୀ (ତ୍ରିକାଣ୍ଡଶେଷ)—7 A bull calf. ୮ । ଧବ ବୃକ୍ଷ; ଧଳା ଗଛ (ଭାବପ୍ରକାଶ)—8 A timber tree; Anogeissus Latifolia. ୯ । (ଜ୍ୟୋତିଷ)—ବୃଷ, ସିଂହ, ବୃଶ୍ଚିକ ଓ କୁମ୍ଭ ରାଶି—9. Name of four yodiacal signs. [ତୁ—ଫଳତ ଜ୍ୟୋତିଷ, ମତରେ ଏ ରାଶିମାନଙ୍କରେ ଜାତ କାର୍ଯ୍ୟ ସ୍ଥିର ବା ସ୍ଥାସ୍ନୁ ହୁଏ । ଏ ରାଶିମାନଙ୍କରେ ଜାତ ବ୍ୟକ୍ତି ସ୍ଥିର, ଗମ୍ଭୀରସ୍ୱଭାବ, କ୍ଷମାଶୀଳ ଓ ଦୀର୍ଘସୂତ୍ରୀ ହୁଅନ୍ତି—ହ୍ର ଶ) । ୧୦ । ଶିବ (ହ. ଶ)—10. Śiba. ୧୧ । ଜ୍ୟୋତିଷୋକ୍ତ ଯୋଗବିଶେଷ (ହ. ଶ)—11. Name of an astronomical conjunction. ୧୨ । ସ୍କନ୍ଦାନୁଚର ବିଶେଷ (ହ.ଶ)—12. Name of an attendant of Skanda. ୧୩ । ବୃଷ (ହ. ଶ)—13, Bull. ୧୪ । ଶସ୍ତ୍ର ଅଭିମନ୍ତ୍ରିତ କରିବା ମନ୍ତ୍ରବିଶେଷ (ହ. ଶ)—14. Name of a charm for weapons. ଦେ. ବ—ବିଶ୍ରାମ; ସ୍ଥିରତା—Rest. [ତୁ—ବଞ୍ଚିବ ଗୃଧ୍ର ଚିର ସ୍ଥିର ହୋଇବ ଦୂର ଭବିଷ୍ୟତ ଲଙ୍କାପୁର ସ୍ଥିର ସେ—ଭାଗ. କୈବେଦ୍ୟୁଶ୍ୱରଲାସ ।] ସ୍ଥାବର (ଯଥା ଜି)—Immovable (property).

ସ୍ଥିରକ—ସଂ. ବ—ଶାକବୃକ୍ଷ; ଶାଗୁଅନ ଗଛ (ହ. ଶ)—Sthiraka Teak tree.

ସ୍ଥିର କରିବା—ଦେ. କ୍ରି—୧ । ନିଶ୍ଚୟ କରିବା; ଥୟ କରିବା; ଅବଧାରଣ କରିବା—Sthira karibā 1. To ascertain. ସ୍ଥିର କରା ୨ । ମୀମାଂସା କରିବା—2. To settle, ୩ । (ତାରିଖ ସ୍ଥିର କରନା ବା ଦିନ) ପୂର୍ବରୁ ନିର୍ଦ୍ଧାରଣ କରିବା—3. To fix (a date). ୪ । ପ୍ରତିଜ୍ଞା କରିବା—4. To resolve. ୫ । (ମନକୁ) ଅଚଞ୍ଚଳ କରିବା—5. To fix or make steady (the mind).

ସ୍ଥିର କର୍ମା—ସ. ବହ (ବହୁବ୍ରୀ; ସ୍ଥିର+କର୍ମନ୍; ୧ମା. ୧ବ)—Sthira karmā ସ୍ଥିରତା ବା ଦୃଢ଼ତା ସହିତ କର୍ମକାରୀ (ହ. ଶ) —Acting with fixity.

ସ୍ଥିର କୁସୁମ—ସ. ବ—ବକୁଳ ବୃକ୍ଷ [ହ. ଶ]—Sthira kusuma The Bakula tree.

ସ୍ଥିର ଗନ୍ଧ—ସ.ବ (କର୍ମ)—୧। ବହୁକାଳସ୍ଥାୟୀ ଗନ୍ଧ—1, Permanent Sthira gandha fragrance. ୨। (ବହୁବ୍ରୀ)—ଚମ୍ପକବୃକ୍ଷ (ସ୍ଥିର ଗନ୍ଧା—ସ୍ତ୍ରୀ. ବିଣ) [ତ୍ରିକାଣ୍ଡଶେଷ] (ଦେଶ)—2. Champaka bṛuksha (See) ସ. ବିଣ—ଚିରସ୍ଥାୟୀ ସୌରଭଯୁକ୍ତ; ସ୍ଥାସ୍ନୁ ଗନ୍ଧଯୁକ୍ତ—Permanently fragrant.

ସ୍ଥିର ଗନ୍ଧା—ସ. ବ—୧ । ପାଟଳା; ପାଠଳ ଗଛ [ତ୍ରିକାଣ୍ଡଶେଷ] (ଦେଶ) Sthira gandhā 1. Pāṭalā (See) ୨ । କେତକୀ—2. Pandanus Odoratissimus. ସ. ବିଣ. ସ୍ତ୍ରୀ—ସ୍ଥିର ଗନ୍ଧର ସ୍ତ୍ରୀଲିଙ୍ଗ—Feminine of Sthira gandha.

ସ୍ଥିର ଚକ୍ର—ସ. ବ—ଜଣେ ଜୈନ ଋଷି (ଜିତାଣ୍ଡ ଶେଷ) Name of Sthira chakra a Jaina saint. [ତୁ—ଏହାଙ୍କର ଅନ୍ୟ ନାମମାନ—ମଞ୍ଜୁଶ୍ରୀ, ମଞ୍ଜୁଘୋଷ, କୁମାର, ଅଷ୍ଟାବକ୍ରବାନ୍, ବଜ୍ରଧର, ପ୍ରଜ୍ଞାକାୟ, ବାଜସତ୍ତ୍ୱ, ମାଲୋପୁଲି, ମହାବଜ୍ର, ମାଲ, ଶାର୍ଦ୍ଦୂଲବାହନ, ଧର୍ମାଧ୍ୟକ୍ଷ, ଚୂଡ଼ାଞ୍ଜନ, ଖଡ୍ଗୀ, ଜଭୁଷଣ; ବାଲବ୍ରତ, ପଞ୍ଜିତାର, ସିଂହଦେବଳ, ଶିଖାଧର ଓ ବାଗୀଶ୍ୱର, ଦଣ୍ଡୀ—ତ୍ରିକାଣ୍ଡ ଶେଷ ।]

ସ୍ଥିର ଚିତ୍ତ—ସ. ବ ଓ ବିଣ. ପୁଂ—ସ୍ଥିର ବୁଦ୍ଧି (ଦେଶ) Sthira chitta Sthira buddhi (See) [ସ୍ଥିରଚିତ୍ତା—ବିଣ. ସ୍ତ୍ରୀ]

ସ୍ଥିର ଚେତା—ଦେ. ବିଣ [ସ. ସ୍ଥିର ଚେତାଃ]—ସ୍ଥିର ଚେତାଃ (ଦେଶ) Sthira chetā Sthira chetāḥ (See)

ସ୍ଥିର ଚେତାଃ—ସଂ. ବିଣ (ବହୁବ୍ରୀ; ସ୍ଥିର+ଚେତସ୍; ୧ମା. ୧ବ) —Sthira chetāḥ ସ୍ଥିର ବୁଦ୍ଧି (ଦେଶ)—Sthira buddhi (See)

ସ୍ଥିରଚ୍ଛଦ—ସ. ବ (ବହୁବ୍ରୀ; ସ୍ଥିର+ଛଦ; ସନ୍ଧଯୋଗୁ ଚ୍ଛ)—ଭୂର୍ଜ୍ଜ Sthirachchhada ପତ୍ର [ଇତିହାସ] (ଦେଶ) Bhūrjja patra (See)

ସ୍ଥିରଚ୍ଛାୟ—ସ. ବ (ସ୍ଥିର+ଛାୟା; ବହୁବ୍ରୀ)—୧। ବୃକ୍ଷ (ଶବ୍ଦମାଳା) —Sthirachchhāya 1. Trees (generally). ୨ । ଛାୟା-ପ୍ରଧାନ ବୃକ୍ଷ; ଛାୟାତରୁ—2. Shady tree.

Digitized by srujanika@gmail.com

ସ୍ଥିର ଜହ୍ନ—ଫ. ବ (ସ୍ଥିର+ଜହ୍ନା; ବହୁବ୍ରୀହି)—ମତ୍ସ୍ୟ—
Sthira jihwa Fish.

ସ୍ଥିର ଜୀବତା—ଫ. ବ—ଶାଳୁଳ ବୃକ୍ଷ [ଶବ୍ଦମାଳା]—
Sthira jībitā The silk cotton tree.

ସ୍ଥିର ଜୀବୀ—ଫ· ବଣ. ପୁଂ—ଯେ ବହୁକାଳ ବଞ୍ଚେ—Long-lived.
Sthira jībī ଫ. ବ—କାଉ [ହ୍ରସ୍ୱ]—The crow.
[ସ୍ଥିର ଜୀବନା—ସ୍ତ୍ରୀ ବଣ]

ସ୍ଥିରତା(ତ୍ୱ)—ଫ· ବ (ସ୍ଥିର+ଭାବାର୍ଥେ ତା, ତ୍ୱ)—ସ୍ଥିର ହେବାର
Sthiratā(twa) ଭାବ—The state of being Sthira.

ସ୍ଥିର ଦଂଷ୍ଟ୍ର—ଫ. ବ (ବହୁବ୍ରୀହି)—୧ । ସର୍ପ [ହ୍ରସ୍ୱ]—1. Serpent,
Sthira damshtra ୨ । ବରାହରୂପୀ ବିଷ୍ଣୁ [ହ୍ରସ୍ୱ]—2. The Boar incarnation of Bishnu. ୩ । ଧ୍ୱନି [ହ୍ରସ୍ୱ]—3. Sound.

ସ୍ଥିରଧୀ—ସଂ, ବଣ. ପୁଂଓ ସ୍ତ୍ରୀ (ବହୁବ୍ରୀହି; ସ୍ଥିର+ଧୀ)—ଦୃଢ଼ ବୁଦ୍ଧି—
Sthiradhī Of fixed-mind.

ସ୍ଥିର ନିଶ୍ଚୟ—ସଂ ବ (ବହୁବ୍ରୀହି)—ଦୃଢ଼ସଙ୍କଳ୍ପ—Fixed rssolve:
Sthira niśchaya determination, ବଣ, ପୁଂ—
[ସ୍ଥିର ନିଶ୍ଚୟା—ସ୍ତ୍ରୀ. ବଣ] ଦୃଢ଼ ପ୍ରତିଜ୍ଞ—
Resolute; determined.

ସ୍ଥିର ନେତ୍ର(ଦୃଷ୍ଟି)—ସଂ. ବ—ଜଡ଼ଭଳି ଦୃଷ୍ଟି (ଦେଖ)—Fixed gaze.
Sthira netra (drushti) ବଣ. ପୁଂ—ଯାହାର ଚକ୍ଷୁ ଏଣେ ତେଣେ ବୁଲୁ ନାହିଁ—Having the gaze fixed.

ସ୍ଥିର ପତ୍ର—ସଂ. ବ (ବହୁବ୍ରୀହି)—୧ । ହନ୍ତାଳ [ବ୍ରାଜନ୍ଦର୍ଘଣ୍ଟ]—
Sthira patra (ଦେଖ)—1. Hintāla (See) ୨ । ଶତାଳ [ହ୍ରସ୍ୱ. ଣ]—2. A species of palmyra,

ସ୍ଥିର ପୁଷ୍ପ—ସଂ. ବ —୧ । ଚମ୍ପକ ବୃକ୍ଷ [ବ୍ରାଜନ୍ଦର୍ଘଣ୍ଟ] (ଦେଖ)—
Sthira pushpa 1. Champaka bṛuksha (See) ୨ । ବକୁଳ ବୃକ୍ଷ [ବ୍ରାଜନ୍ଦର୍ଘଣ୍ଟ] (ଦେଖ)—2. Bakula bṛuksha (See). ୩ । ତିଳକ ପୁଷ୍ପ ବୃକ୍ଷ [ହ୍ରସ୍ୱ. ଣ]—
3, The Tilaka flower tree,

ସ୍ଥିର ପୁଷ୍ପୀ—ସଂ. ବ—ତିଳକ ପୁଷ୍ପ ବୃକ୍ଷ (ଦେଖ)
Sthira pushpī Tilaka pushpa bṛuksha (See)

ସ୍ଥିର ପ୍ରତିଜ୍ଞ—ସଂ· ବଣ. ପୁଂ (ବହୁବ୍ରୀହି; ସ୍ଥିର+ପ୍ରତିଜ୍ଞା)—ଦୃଢ଼-
Sthira pratijña ପ୍ରତିଜ୍ଞ—Resolute; determined.
(ସ୍ଥିର ପ୍ରତିଜ୍ଞା—ସ୍ତ୍ରୀ· ବଣ) (ସ୍ଥିର ପ୍ରତିଜ୍ଞତା—ବ)

ସ୍ଥିର ପ୍ରତିଜ୍ଞା—ସଂ· ବ (କର୍ମଧା)—ଦୃଢ଼ ପ୍ରତିଜ୍ଞା—
Sthira pratijñā Strong resolve; determination.

ସ୍ଥିରବୁଦ୍ଧି—ଫ. ବ (କର୍ମଧା)—ଅବିଚଳିତ ମତି ବା ବୁଦ୍ଧି—Steady
Sthira buddhi mind. ବେ. ବ (ତତ୍ପୁରୁଷ ବୃତ୍ତି)—
[ସ୍ଥିରମନାଃ, ସ୍ଥିରମତି—ଅନ୍ୟ ବ.ରୂପ] ୧ । ସ୍ଥିରୀକୃତଯୁକ୍ତ ମନ; ସ୍ଥିରବୁଦ୍ଧି ଅବିଚଳିତ ମତି—1. Calm thought; undis-
ସ୍ଥିରବୁଦ୍ଧି turbed mind· ୨ । ଚୈତନ୍ୟ; ବିବେଚନାଯୁକ୍ତ ମନ—2. Sedateness; sensible mind or (ସ୍ଥିରମନାଃ, ସ୍ଥିରମତି—ଅ) intellect. ଫ· ବଣ· ଓ ସ୍ତ୍ରୀ—
(ବହୁବ୍ରୀହି)—୧ । ଯାହାର ଚିତ୍ତ ଅବିଚଳିତ—
1. Having a calm mind. ୨ । ଦୃଢ଼ପ୍ରତିଜ୍ଞ—
2. Determined; firm of determination·
୩ । ସ୍ଥିରୀକୃତଯୁକ୍ତ—3. Sedate. ୪ । କାମକ୍ରୋଧାଦି ଦ୍ୱାରା ଅବିଚଳିତ—4. Dispassionate.

ସ୍ଥିର ମଦ—ଫ. ବ (ବହୁବ୍ରୀହି)—ମୟୂର (ହ୍ରସ୍ୱ. ଣ)—
Sthira mada Peacock.

ସ୍ଥିର ମୁଦ୍ଗ—ଫ. ବ—ନଳ ବୋଳଥ (ହ୍ରସ୍ୱ. ଣ) —
Sthira mudgā The red Kulthi grain.

ସ୍ଥିର ଯଉବନା—ବେ. ବଣ· ସ୍ତ୍ରୀ (ଫ· ସ୍ଥିର ଯୌବନା)—
Sthira jaubanī ସ୍ଥିର ଯୌବନା (ଦେଖ)
ସ୍ଥିର ଯୌବନୀ **ସ୍ଥିର ଯଉବନୀ** Sthira jaubanī (See)

ସ୍ଥିର ଯୋନି—ସଂ. ବ—ସବଦା ଛାୟାଯୁକ୍ତ ବୃକ୍ଷ—A tree which
Sthira jōni is always shady.

ସ୍ଥିର ଯୌବନ—ସଂ. ବଣ. ପୁଂ (ବହୁବ୍ରୀହି, ସ୍ଥିର ଅନ୍ତେ ଯୌବନ
Sthira jaubana ଯାହାର)—ଯାହାର ତରୁଣାବସ୍ଥା ଚିରସ୍ଥାୟୀ-
(ସ୍ଥିର ଯୌବନା—ସ୍ତ୍ରୀ) Ever youthful; ever young.
ବ· ପୁଂ—୧ । ଚତୁର୍ଥାଧିକ; ଦେବଯୋନି ବିଶେଷ—
1. A class of demigods of perpetual youth. ୨ । (କର୍ମଧା) ଚିରସ୍ଥାୟୀ ତରୁଣାବସ୍ଥା—
2. Perpetual or long-lasting youth.

ସ୍ଥିର ଯୌବନା—ସଂ. ବଣ. ସ୍ତ୍ରୀ—ସ୍ଥିର ଯୌବନବିଶିଷ୍ଟା—
Sthira jaubanā Feminine form of Sthira jaubana. ବ. ସ୍ତ୍ରୀ—୧ । ଅପ୍ସର—1. Heavenly nymph. ୨ । ଯେଉଁ ସ୍ତ୍ରୀର ଯୌବନୋଚିତ ରୂପ-ଲାବଣ୍ୟ ଶୀଘ୍ର ନଷ୍ଟ ହୁଏ ନାହିଁ—2. A woman whose youthful appearance and bust etc. do not decay early.

ସ୍ଥିର ଯୌବନା—ବେ. ବଣ· ସ୍ତ୍ରୀ—ଚିର ଯୌବନା—
Sthira jaubanī Of long-lasting youth.
ସ୍ଥିର ଯୌବନୀ [ଉ—ବନ୍ଦାପ୍ରଣୀ ସ୍ଥିର ଯୌବନା ହରିଣେ
ସ୍ଥିର ଯୌବନୀ ଚଦ୍ଦରେ ଏକା ଘୋଳ । ଉତ୍ତ. ଦୈବେଦ୍ଦୁଶଚଳାସ ।]

ସ୍ଥିର ରଙ୍ଗା—ସଂ. ବ—ନାଳୀ (ବ୍ରାଜନ୍ଦର୍ଘଣ୍ଟ) ଗୁଳ—
Sthira rangā Indigo plant.

ସ୍ଥିର ରାଗା—ସଂ. ବ—ଦାରୁ ହରଦା— (ବ୍ରାଜନ୍ଦର୍ଘଣ୍ଟ)—
Sthira rāgā A kind of wild turmeric.

ସ୍ଥିର ଶ୍ରୀ—ସଂ. ବଣ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ଯେଉଁ ବ୍ୟକ୍ତିର ଲକ୍ଷ୍ମୀ
Sthira śrī ବା ସମ୍ପଦ ଅଟଳ ରହେ (ସମ୍ବୋଧନ)—
(a person) Whose prosperity lasts long.

ସ୍ଥିର ସାଧନକ—ସଂ. ବ—ସିଜୁଗଛ ବୃକ୍ଷ; ବେଗୁନିଆ ଗଛ (ବ୍ରାଜ
Sthira sādhanaka କର୍ଦ୍ଦଣ୍ଟ)—Begunia (See)

ସ୍ଥିର ସାର—ସଂ. ବ—ଶାକ ବୃକ୍ଷ (ବ୍ରାଜନ୍ଦର୍ଘଣ୍ଟ)—ଶାଗୁଆନ ଗଛ—
Sthira sāra Teak tree.

Digitized by srujanika@gmail.com

ସ୍ଥିର ସିଦ୍ଧାନ୍ତ—ସଂ. ବ—କର୍ମଧ. ମୀମାଂସା:—Fixed decision; Sthira siddhānta unchangeable decision.

ସ୍ଥିରା—ସଂ. ବଣ (ସ୍ଥିର+ଅ)—ସ୍ଥିରର ସ୍ତ୍ରୀ ଲିଙ୍ଗ— Sthirā Feminine of Sthira.

ବ—୧ । ପୃଥିବୀ (ଅମର)—1. The earth. ୨ । ଶାଳପର୍ଣ୍ଣୀ (ଅମର)—2. Desmodium Gangeticum. ୩ । କାକୋଳୀ (ଜଟାଧର)—3. A medical bulb. ୪ । ଶାଳ୍ମଳୀ ବୃକ୍ଷ—4. Silk cotton tree. ୫ । ଦୃଢ଼ଚିତ୍ତା ସ୍ତ୍ରୀ (ହ. ଶ)—5. A woman of fixed mind. ୬ । ବନମୁଦ୍ଗ (ହ. ଶ)—6. Wild variety of muga gram. ୭ । ମାଷପର୍ଣ୍ଣୀ (ହ.ଶ)—7. Māshaparṇṇī (See) ୮ । ମୂଷାକାଣି (ହ.ଶ)—8. Mushākāni (See)

ସ୍ଥିରା ଚକ୍ର—ସଂ. ବ—ସପ୍ତା ସମ୍ଭଲ— Sthirā chakra The globe.

ସ୍ଥିରାୟୁଃ—ସଂ. ବତ୍ର (ସ୍ଥିର+ଆୟୁସ୍ ; ୬ମା ୧ବ) —୧ । ଚିରଜୀବୀ, ଚିରାୟୁଃ—1. Long-living. ୨। ଅମର (ହ.ଶ) —2. Immortal. ବ—ଶାଳ୍ମଳୀ ବୃକ୍ଷ (ଅମର)— The silk cotton tree; Bombax Malabrica.

ସ୍ଥିରସ୍ତି—ଗ୍ରାଦେ. (ଟଙ୍ଗାମ) ବ—ଭୂସମ୍ପତ୍ତି; ସ୍ଥାବର ସମ୍ପତ୍ତି; ଜମିବାଡ଼ି— Sthirasti Immovable or landed property.

ସ୍ଥିରୀକରଣ—ସଂ. ବ (ସ୍ଥିର+ଅଭୂତଭାବେ. ଈ+କରଣ)— Sthirīkaraṇa ୧ । ଅବଧାରଣ; କର୍ତ୍ତବ୍ୟକରଣ— 1. Ascertainment; finding out; fixing. ୨ । ପୁଷ୍ଟି ; ସମର୍ଥନ (ହ. ଶ)—2. Ratification.

ସ୍ଥିରୀକୃତ—ସଂ. ବଣ (ସ୍ଥିର+ଅଭୂତଭାବେ. ଈ+କୃତ)— Sthirīkṛuta ୧ । ଅବଧାରିତ—1. Ascertained. ୨ । କର୍ତ୍ତବ୍ୟ—2. Fixed. ୩ । ଦୃଢ଼ୀକୃତ—3. Strengthened. ୪। ମୀମାଂସିତ—4. Settled. ୫। ସ୍ଥିରୀକୃତ—5. Resolved; determined.

ସ୍ଥୁଲ—ସଂ. ବ—ଏକ ପ୍ରକାର ଲମ୍ବା ତମ୍ବୁ ବା ପଟୁବାସ (ହ. ଶ)— Sthula A kind of long tent.

ସ୍ଥୂଡ୍ (ଧାତୁ)—ସଂ—ବରଣ କରିବା— Sthūḍ (root) To invite; to appoint.

ସ୍ଥୂଣା—ସଂ. ବ (ସ୍ଥା ଧାତୁ+ଅଥ. ଉନ+ଅ)—୧। ଗୃହସ୍ତମ୍ଭ; ଖୁଣ୍ଟ— Sthūṇā 1. Post or pillar of a house. ୨ । ଶୂର୍ପୀ; କମାରର ନେହୁଣୀ—2. The anvil. ୩ । ଲୌହ ପ୍ରତିମା (ଅମର)—3. Iron image. ୪। ଟୁଙ୍ଗା ଗଛ (ହ.ଶ)— 4. A pollard.

ସ୍ଥୂମ—ସଂ. ବ (ସ୍ଥା ଧାତୁ+କର୍ତ୍ତୃ. ଉମନ)—୧ । ଘାଣ୍ଟି (ଶବ୍ଦକଳ୍ପଦ୍ରୁମ) Sthūma —1. Splendour. ୨ । ଚନ୍ଦ୍ର—2. The moon. ୩ । ଆଲୋକ—3. Light.

ସ୍ଥୂର—ସଂ. ବ (ସ୍ଥା ଧାତୁ+କର୍ତ୍ତୃ. ଉର)—୧ । ବୃଷ (ସଂକ୍ଷିପ୍ତସାର)— Sthūra 1. Bull. ୨ । ଥୋକୁଆ ବଳଦ ବା ପଶୁ— 2. Pack-bullock; pack animal. ୩ । ମନୁଷ୍ୟ (ଶବ୍ଦାମୃ କୌମୁଦୀ)—3. Man. ୪ । ଥୋକୁ; ବଳଦଙ୍କ ପିଠିରେ ବୁହାଯିବା ବୋଝ—4. Pack—load. ବଣ— ଭାରବାହକ—Carrying a load on the back.

ସ୍ଥୂରି ପୃଷ୍ଠ—ଷ, ବ (ବହୁବ୍ରୀ.ହି; ସ୍ଥୂରର ଡୋରଅଛ ପୃଷ୍ଠ ଯାହାର)— Sthūri pṛushṭha ନବାରୂଢ଼ ଅଶ୍ୱ—Newly-ridden horse.

ସ୍ଥୂରୀ—ସଂ. ବ (ସ୍ଥୂରନ୍, ୧ମା.୧ବ;ସ୍ଥୂର=ସ୍ଥିର+ଅସ୍ତ୍ୟର୍ଥେ. ଇନ୍)— Sthūrī ୧ । ଥୋଡଆ ବଳଦ—1. Pack-bullock. ୨ । ସ୍ତ୍ରୀଲିଙ୍ଗ; ଭାରବାହକ ଅଶ୍ୱ (ସ୍ତ୍ରୀପୁଂକୁଟ, ଉଭୟ)— 2. A horse carrying a load on the back; a pack-horse. [ଦ୍ର—ଏହି ଶବ୍ଦର ଅପଭ୍ରଂଶ ଥୋଡଆ (ବଳଦ) ।]

ସ୍ଥୂଲ୍ (ଧାତୁ)—ଫ—୧। ବୃଂହଣ ବା ଗର୍ଜ୍ଜନ କରିବା—1. To make a Sthūl (root) roar. ୨ । ବୃଦ୍ଧି ପାଇବା— 2. To increase. ୩ । ମୋଟା ହେବା— 3. To become thick or stout.

ସ୍ଥୂଳ—ସ. ବଣ (ସ୍ଥୂଲ୍ ଧାତୁ+କର୍ତ୍ତୃ ଅ)—୧ । ଘୀନ; ଜଘଚତାଜଘନ; Sthūla ମୋଟା; ଘୀକର; ପୁଷ୍ଟ—1. Fat; (ସ୍ତ୍ରୀ—ସ୍ତ୍ରୀ) corpulent; stout; well-developed. (ନପୁଂ—ବଘସ୍ତାତ) ୨। ଇନ୍ଦ୍ରିୟ ଗ୍ରାହ୍ୟ—2. Perceptible by the senses. ୩ । ମୋଟା; ବେଧବିଶିଷ୍ଟ— 3. Thick. ୪ । ମୂର୍ଖ; ଜଡ଼ବୁଦ୍ଧି (ହ. ଶ)— 4, Dunce. ୫ । ଯହିଁର ବେଶି ବ୍ୟାଖ୍ୟା କରିବା ଦରକାର ନାହିଁ; ସହଜରେ ବୁଝା ଯାଉଥିବା— 5. Clear; easily comprehensible. ବ—୧ । କୂଟ; ସମୂହ (ମେଦିନୀ)—1. Collection, ୨ । ପନସ (ସୁଜନଦର୍ଦ୍ଧଣ)—2. Jack fruit. ୩ । ବିଷ୍ଣୁ (ହ. ଶ) 3. Bishṇu. ୪ । ପ୍ରିୟଙ୍ଗୁ (ହ.ଶ)—4. Priyangu (See) ୫ । ଏକପ୍ରକାର କଦମ୍ବ (ହ. ଶ)—5. A kind of Kadamba tree ୬ । ଶିବଙ୍କ ଗଣବିଶେଷ (ହ. ଶ)—6. A class of Śiba's attendants. ୭ । (ଦର୍ଶନଶାସ୍ତ୍ର) ଅନ୍ନମୟ କୋଶ; ସ୍ଥୂଳଶରୀର (ହ. ଶ)— 7. (philosophy)—The physical body. ୮ । ଅଖୁ (ହ. ଶ)—8. Sugarcane. ୯ । ଭୁଇଁ ଗଛ (ହ. ଶ)—9. Mulberry tree.

ସ୍ଥୂଳକୋଣ ସ୍ଥୂଲକୋଣ ଦେ. ବଣ (ଜ୍ୟାମିତି)— ସମକୋଣ ଅପେକ୍ଷା ବଡ଼—Obtuse (angle).

ସ୍ଥୂଳକ—ସ. ବଣ (ସ୍ଥୂଳ+ସ୍ୱାର୍ଥେ କ)—ସ୍ଥୂଳ (ଦେଖ)— Sthūlaka Sthūla (See).

Digitized by srujanika@gmail.com

ସ୍ଥୂଳ କଙ୍ଗୁ—ସ. ବ—ବରକ ଧାନ୍ୟ (ବୃଜନ୍ତଗର୍ଦ୍ଧ୍ଵ); ଏକପ୍ରକାର ଚନା—
Sthūla kaṅgu A kind of grain.

ସ୍ଥୂଳ କଟୀ—ସ. ବ (କର୍ମଧା)—ମୋଟ ଅଣ୍ଟା—Thick waist. ବଣ. ସ୍ତ୍ରୀ (ବହୁବ୍ରୀ)—ଯାହାର ଅଣ୍ଟା ମୋଟ—(ଶୀଣକଟୀ—ବହୁବ୍ରୀ) Thick-waisted woman). (ଉ—ସର୍ବଙ୍ଗସୁନ୍ଦରୀ ରମ୍ଭା, ସ୍ଥୂଳକଟୀ ଶୀଣସ୍ତନା, ଦଶଭ ଶମ୍ଭୁର ଦନ୍ତ, ସେହ୍ନେ ମନ୍ଦର—ଦାଶୀଉରଙ୍ଗ ।)

ସ୍ଥୂଳ କଣା - ସ. ବ—ସ୍ଥୂଳଜୀରକ (ବୃଜନ୍ତଗର୍ଦ୍ଧ୍ଵ ଦେଖ)—
Sthūla kaṇā Sthūla jīraka (See).

ସ୍ଥୂଳ କଣ୍ଟକ—ସ. ବ—ଜାଳବଦୂର (ଗଛ)—
sthūla kaṇṭaka A kind of Acacia tree.

ସ୍ଥୂଳକଣ୍ଟକିକା—ସ. ବ—ଶାଳ୍ମଳି ବୃକ୍ଷ (ବୃଜନ୍ତଗର୍ଦ୍ଧ୍ଵ)—
Sthūlakaṇṭakikā The silk-cotton tree.

ସ୍ଥୂଳ କଣ୍ଟା—ସ. ବ—ବୃହତା (ବୃଜନ୍ତଗର୍ଦ୍ଧ୍ଵ); ବେଡକାଇଗଣ—
Sthūla kaṇṭā Solanum Indicum.

ସ୍ଥୂଳ କନ୍ଦ—ସଂ. ବ—୧। ରକ୍ତଲଶୁନ (ବୃଜନ୍ତଗର୍ଦ୍ଧ୍ଵ)—1. Red
Sthūla kanda garlic. ୨। ଶୂରଣ; ଓଲୁଅ (ବୃଜନ୍ତଗର୍ଦ୍ଧ୍ଵ)—2. Wild arum. ୩। ବୃନ୍ତିକନ୍ଦ (ବୃଜନ୍ତଗର୍ଦ୍ଧ୍ଵ)—3. Raphanus Sativus (root-bulb) ୪। ମାଣକନ୍ଦ; ମାଣସାରୁ (ବୃଜନ୍ତଗର୍ଦ୍ଧ୍ଵ)—
4. Arum Indicum; Alocacia Indica.

ସ୍ଥୂଳକାୟ—ସଂ. ବଣ. ପୁଂ (ବହୁବ୍ରୀ), ସ୍ଥୂଳ+କାୟା)—ଯାହାର ଶରୀର ମୋଟା; ପୃଥୁଳ ଶରୀରବିଶିଷ୍ଟ—(ସ୍ଥୂଳକାୟା—ସ୍ତ୍ରୀ)
Sthūlakāya Corpulent; fat.

ସ୍ଥୂଳକାଷ୍ଠଧକ୍—ସଂ. ବ—ବଡ଼ ଚାଠର ନଆଁ—
Sthūlakāshṭhadhak Log-fire.
(ସ୍ଥୂଳକାଷ୍ଠାଗ୍ନି—ଅନ୍ୟରୂପ)

ସ୍ଥୂଳ କୋଣ—ସଂ. ବ (ଜ୍ୟାମିତି)—ଏକ ସମକୋଣଠାରୁ ବଡ଼, ମାତ୍ର ଦୁଇ ସମକୋଣଠାରୁ ସାନ କୋଣ—ସ୍ଥୂଳକୋଣ **स्थूलकोण** Obtuse angle.

ସ୍ଥୂଳକୋଣୀ—ସଂ. ଈଣ—ସ୍ଥୂଳକୋଣବିଶିଷ୍ଟ—
Sthūlakoṇī Obtuse-angled.

ସ୍ଥୂଳକୋଣୀ ତ୍ରିଭୁଜ—ସଂ. ବ (ଜ୍ୟାମିତି)—ଯେଉଁ ତ୍ରିଭୁଜର ଗୋଟିଏ କୋଣ ସ୍ଥୂଳକୋଣ—
Sthūlakoṇī tribhuja Obtuse-angled triangle.

ସ୍ଥୂଳ କ୍ଷ୍ୱେଡ଼—ସଂ. ବ—ବାଣ—
Sthūla kshwerḍa Arrow.

ସ୍ଥୂଳ ଚଞ୍ଚୁ—ସଂ. ବ—ମହାଚଞ୍ଚୁ ଶାକ (ବୃଜନ୍ତଗର୍ଦ୍ଧ୍ଵ)—
Sthūla chanchu A pot herb.

ସ୍ଥୂଳ ଚମ୍ପକ—ସଂ. ବ—ଧଳା ଚମ୍ପା [ହି. ଶ]—
sthūla champaka The white-flowered Champaka tree.

ସ୍ଥୂଳ ଚର୍ମ—ସଂ ବ [କର୍ମଧା]—ମୋଟ ଚମଡ଼ା—
Sthūla charma Thick skin.

ସ୍ଥୂଳଚର୍ମା—ସଂ. ଣ [ସ୍ଥୂଳଚର୍ମନ୍ ଶବ୍ଦ; ବହୁବ୍ରୀହି]—ଯେଉଁ ପ୍ରାଣୀର ଶରୀର ମୋଟା ଚମଡ଼ାରେ ଆବୃତ ଥାଏ—
Sthūla charmā Pachydermate (animals); thick-skined.
[ସ୍ଥୂଳତ୍ୱକ୍—ଅନ୍ୟରୂପ]
[ଦ୍ର—ହାତୀ, ଗଣ୍ଡା, ଗୁଳର, ହିପୋପଟାମସ୍ ପଭୃତି ପ୍ରାଣୀ ସ୍ଥୂଳଚର୍ମୀ ଅଟନ୍ତି ।]

ସ୍ଥୂଳ ଚାପ—ସଂ.ନ—ଢୁଲାଉଣା ଧନୁ; ଢୁଲାଗୁଣ; ଢୁଲା ଯନ୍ତ୍ରର କଉବା
Sthūla chāpa ପାଇଁ ବ୍ୟବହୃତ ଧନୁ [ଶବ୍ଦରତ୍ନାବଳୀ]—
Cotton carder's bow.

ସ୍ଥୂଳ ଜଙ୍ଘ—ସଂ. ବ—ସ୍ତମ୍ଭବଶେଷ—A demon. [ଜ—ବଷରୁ
Sthūla jaṅgha ବଷମ ସ୍ଥୂଳଜଙ୍ଘ ଶବ ପାଖରେ ଦର ଦେଇଲେ—ଭଞ୍ଜ. ବୈତେପ୍ପାଶତ୍ରଳାସ ।]

ସ୍ଥୂଳ ଜୀରକ—ସ. ବ—ଜୀରକଭେଦ; ବୃହଜ୍ଜୀରକ; କୃଷ୍ଣଜୀରକ;
Sthūla jīraka ବଲାଜୁନ୍—Negella Sativa.
କାଲଜୀରା **मंगरैला, कलौत**
[ଦ୍ର—ଏଥିର: ପର୍ଯ୍ୟାୟ—ଦବ୍ୟା, ଉପବୃହ୍ୟା, କାଳା ପୃଥୁ, ସ୍ଥୂଳଜୀରା, ପୃଥ୍ୱୀ, ମଙ୍ଗୋଲ୍ଲି, ଜାରଣୀ, ଜୀର୍ଣ୍ଣା, ଉରୁଣ, ପୁଷ୍ପା, କାରବୀ,ପୃଥ୍ୱୀକା । ଏହା କଫ, ଛର୍ଦ୍ଦି, ଉଦ୍ଦ ଓ ବାତଗୁଲ୍ମ ଶ୍ଲେଷ୍ମଶ୍ୱାସନାଶକ, ଜୀର୍ଣ୍ଣକାରକ ଓ ପାଚନ]

ସ୍ଥୂଳ ତଣ୍ଡୁଳ—ସଂ. ବ—ସ୍ଥୂଳଶାଳ (ବୃଜନ୍ତଗର୍ଦ୍ଧ୍ଵ); ମୋଟ ଧାନ—
Sthūla taṇḍula Course winter paddy.

ସ୍ଥୂଳ ତନୁ—ସଂ. ବ (କର୍ମଧା)—ମୋଟା ଦେହ—
Sthūla tanu Fat body.
ବଣ (ବହୁବ୍ରୀହି)—ପୃଥୁଳ ଶରୀର ବିଶିଷ୍ଟ—Corpulent; fat.

ସ୍ଥୂଳତା(ତ୍ୱ)—ସଂ.ବ (ସ୍ଥୂଳ+ତ୍ୱ ବ. ଟା,ତ୍ୱ)—୧। ସ୍ଥୂଳତ୍ୱ—1. Fat-
Sthūlatā (twa) ness; corpulence. ୨। (ଜ୍ୟୋତିଷ) ତାରାମାନଙ୍କ ଉଜ୍ଜ୍ୱଳତାର ପରମାଣ—2. Magnitude of stars determined according to the degree of their effulgence.
[ଦ୍ର—ଖୁବ୍ ଉଜ୍ଜ୍ୱଳ ତାରାକୁ ପ୍ରଥମ ସ୍ଥୂଳତାଯୁକ୍ତ, ତାଠାରୁ ଣିଳକୁ ଦ୍ୱିତୀୟ, ଏହିପର କ୍ରମଶଃ ଣିଳରେ ତାରାମାନଙ୍କୁ ଷଷ୍ଠ ଅର୍ଥ ୬ଷ ଓ ୬ଷ୍ଠ ସ୍ଥୂଳତା ଅନୁଯାୟୀ ଜଣାଯାଏ]

ସ୍ଥୂଳ ତାଳ—ସଂ. ବ—ହନ୍ତାଳ (ବୃଜନ୍ତଗର୍ଦ୍ଧ୍ଵ)—
Sthūla tāla Palmyra palm.

ସ୍ଥୂଳ ତିନ୍ଦୁକ—ସଂ. ବ—ଅବଲୂସ (ଢ'ଠ) (ହି. ଶ)
Sthūla tinduka Ebony.

ସ୍ଥୂଳତିକ୍ତା—ସଂ. ବ—ଦାରୁହଳଦୀ (ହି. ଶ)—
sthūlatiktā Dāruhaladi (See)

ସ୍ଥୂଳତଃ—ଦେ. କ୍ରି. ବଣ—ମୋଟା ମୋଟ—Roughly; on the
Sthūlatah whole. [ଦ୍ର—ସଂସ୍କୃତରେ ବିଶେଷ୍ୟ ଶବ୍ଦରେ ସ୍ଥୂଳତଃ ପଞ୍ଚମୀ ଓ ସପ୍ତମୀ ବିଭକ୍ତିରେ ତସ୍ ପ୍ରତ୍ୟୟ ହୁଏ, ବିଶେଷଣରେ **स्थूलतः** ହୁଏ ନାହିଁ । ପ୍ରକାଶ୍ୟତଃ ଆଦ ଯାହା ଅମ୍ଭେମାନେ ବ୍ୟବହାର କରୁଁ, ତାହା ସଂସ୍କୃତ ବ୍ୟାକରଣ ବିରୁଦ୍ଧ ।]

Digitized by srujanika@gmail.com

ସ୍ଥୂଳ ତ୍ୱଗ୍ —ସଂ. ବ—କାଶ୍ମର୍ଯ୍ୟ (ବ୍ରଜନ୍ତର୍ଘଣ୍ଟା); ଗମ୍ଭାରୀ ଗଛ (ହି· ଶ) —
Sthūla twachā Black grape; Gmelina Arborica.

ସ୍ଥୂଳ ଦଣ୍ଡ —ସଂ. ବ—ଦେବ ନଳ [ବ୍ରଜନ୍ତର୍ଘଣ୍ଟା)—
Sthūla daṇḍa A kind of reed.

ସଂ· ବହୁ. ପୁଂ (ବହୁବ୍ରୀହି) ସ୍ଥୂଳଦଣ୍ଡବଶିଷ୍ଟ—Having thick rod.
(ସ୍ଥୂଳଦଣ୍ଡା—ସ୍ତ୍ରୀ)

ସ୍ଥୂଳଦର୍ଭ (ର୍ଭ)—ସଂ ବ—ମୁଞ୍ଜତୃଣ (ବ୍ରଜନ୍ତର୍ଘଣ୍ଟା)—
Sthūladarbha (rbhā) A kind of grass; Saccharum Munja.

ସ୍ଥୂଳଦର୍ଶକ—ସଂ. ବ—ଅଣୁବୀକ୍ଷଣ ଯନ୍ତ୍ର; ଯେଉଁ ଯନ୍ତ୍ର ଦ୍ୱାରା ସୂକ୍ଷ୍ମ ବସ୍ତୁ
Sthūladarśak ସ୍ଥୂଳ ଦେଖାଯାଏ (ହି. ଶ)—Microscope.
(ସ୍ଥୂଳ ଦର୍ଶନ ଯନ୍ତ୍ର—ଅନ୍ୟରୂପ)

ସ୍ଥୂଳ ଦଳ—ସଂ ବ (ତତ୍ପୁରୁଷ) ମୋଟା ପତ୍ର—Thick leaf. ସଂ. ବଣ.
Sthūla dala ପୁଂ (ବହୁବ୍ରୀହି)—ମୋଟା ପତ୍ର ବିଶିଷ୍ଟ—
(ସ୍ଥୂଳଦଳା—ସ୍ତ୍ରୀ) Thick leaved.

ସ୍ଥୂଳଦଳା—ସଂ ବ—ଘିକୁଆଁର—
Sthūladalā Aloe Indica.

ସଂ. ବଣ· ସ୍ତ୍ରୀ—ସ୍ଥୂଳ ଦଳର ସ୍ତ୍ରୀଲିଙ୍ଗ—
Feminine of Sthūla dala.

ସ୍ଥୂଳ ଦେହ—ସଂ. ବ (କର୍ମଧା)—୧ । ସ୍ଥୂଳ କାୟା; ମୋଟା ଶରୀର—
Sthūla deha 1. Fat body. ୨ । ଜଡ଼ ଶରୀର—
(ସୂକ୍ଷ୍ମ ଦେହ, ଲିଙ୍ଗ ଦେହ—ବ୍ୟତ୍ୟୟ) 2. Gross material body; physical body. [ଉ—ସ୍ଥୂଳଦେହେ ସଦା ଅସ୍ଥୂଲର ସେହୁ ଘାଣ୍ଟୁର ଛନ୍ଦ ବାମାର,—ରୁଧାନାଥ.
ଘାଙ୍ଗଡା ।] ବଣ. ପୁଂ—ସ୍ଥୂଳକାୟ—Corpulent; fat.
(ସ୍ଥୂଳଦେହା—ବଣ. ସ୍ତ୍ରୀ)

ସ୍ଥୂଳ ନାଳ—ସଂ. ବ·—ଦେବନଳ (ବ୍ରଜ ନର୍ଘଣ୍ଟା)—
Sthūla nāla A sort of reed.

ସ୍ଥୂଳନାସ—ସଂ· ବଣ·ପୁଂ (ବହୁବ୍ରୀହି; ସ୍ଥୂଳା+ନାସା)—ଚାପି ନାସାଯୁକ୍ତ-
Sthūlanāsa Having a thick nose; thick-nosed;snub-nosed.
(ସ୍ଥୂଳନାସିକ—ଅନ୍ୟରୂପ)

ସଂ· ବ—ଶୂକର; ବରାହ—A hog.
(ସ୍ଥୂଳନାସା, ସ୍ଥୂଳନାସିକା—ସ୍ତ୍ରୀ)

ସ୍ଥୂଳ ନମ୍ବୁ—ସଂ. ବ—ମହାନମ୍ବୁ; ବଡ଼ଲେମୁ—
Sthūla nmbu Big orange.

ସ୍ଥୂଳ ନୀଳ—ସଂ. ବ—ବାଜ ପକ୍ଷୀ (ହି. ଶ)—
Sthūla nīla Hawk.

ସ୍ଥୂଳ ପଟ—ସ· ବଣ ପୁଂ (ବହୁବ୍ରୀହି)—ଚାଉର ବସ୍ତ୍ରଯୁକ୍ତ—
Sthūla paṭa Having a thick cloth.
(ସ୍ଥୂଳ ପଟା—ସ୍ତ୍ରୀ)

ସ୍ଥୂଳ ପଟ୍ଟ—ସଂ· ବ—କାର୍ପାସ (ଶବ୍ଦରତ୍ନାବଳୀ)—
Sthūla paṭṭa Cotton.

ସ୍ଥୂଳ ପଟ୍ଟାକ—ସଂ. ବ—ମୋଟା ଲୁଗା (ଶବ୍ଦରତ୍ନାବଳୀ)—
Sthūla paṭṭāka Thick cloth.

ସ୍ଥୂଳ ପତ୍ର—ସଂ. ବ—୧ । (କର୍ମଧା) ମୋଟା ପତ୍ର—1. Thick leaf.
Sthūla patra. ୨ । (ବହୁବ୍ରୀହି) ଦମନକ; ଦଅଣା ଗଛ—
2. The Damanaka plant. ୩ । ଛତିଆନା ଗଛ
(ହି. ଶ)—3. Chhatiānā (See) ସଂ. ବଣ—ମୋଟା
ପତ୍ର ବିଶିଷ୍ଟ—Thick-leaved.

ସ୍ଥୂଳପର୍ଣ୍ଣୀ—ସଂ· ବ—ଛତିଆନା ଗଛ (ହି. ଶ)—
Sthūlaparṇṇī Chhatiānā (See)

ସ୍ଥୂଳ ପାଦ—ସଂ. ବଣ· ପୁଂ(ବହୁବ୍ରୀହି)—ଗୋଦର; ମୋଟା ଗୋଡ଼ବିଶିଷ୍ଟ;
Sthūlapāda ଶ୍ଲୀପଦ—Having elephantiasis of the leg. ବ—ହସ୍ତୀ (ଗଜମାଲା)—Elephant.
(ସ୍ଥୂଳପାଦା—ସ୍ତ୍ରୀ)

ସ୍ଥୂଳ ପୁଷ୍ପ—ସଂ· ବ (ବହୁବ୍ରୀହି)—୧ । ବଡବୃକ୍ଷ (ଗଜମାଲା)—
Sthūla pushpa 1. Sesbania Grandiflora (tree)
୨ । ମୋଟଫୁଲ—2. Thick-petalled flower.

ସ୍ଥୂଳପୁଷ୍ପା—ସଂ. ବ—୧ । ପର୍ବତଜାତ ଅପରାଜିତା (ଗଜମାଲା)—
Sthūlapuspā 1· Clitoria flower growing on mountains. ୨ । ମୁଗୁରମଲ୍ଲୀ (ହି. ଶ)—2. Many-patalled Malli flower.

ସ୍ଥୂଳପୁଷ୍ପୀ—ସଂ· ବ—ଯବତିକ୍ତା (ବ୍ରଜନ୍ତର୍ଘଣ୍ଟା); ଶ୍ୱେତ ବନବନା; ଭୂଇଁ-
Sthūlapushpī ନମ୍ବ—Andrographis Paniculata.

ସ୍ଥୂଳ ପ୍ରିୟଙ୍ଗୁ—ସଂ. ବ—ବରବଟିଧାନ୍ୟ; ଚନାଶସ୍ୟ (ହି. ଶ)
Sthūlapriyaṅgu A kind of fine grain.

ସ୍ଥୂଳ ଫଳ—ସଂ ବ—ଶାଳ୍ମଳୀବୃକ୍ଷ (ବ୍ରଜନ୍ତର୍ଘଣ୍ଟା)—
Sthūla phala The silk cotton tree.

ସ୍ଥୂଳଫଳା—ସଂ. ବ—୧ । ଶଣପୁଷ୍ପୀ (ବ୍ରଜନ୍ତର୍ଘଣ୍ଟା): ବନ୍ୟ ଭଗସ୍ୟ—
Sthūla phalā 1, Wild flax plant. ୨ । ଶାଳ୍ମଳୀ (ହି. ଶ)—2. Silk-cotton tree.

ସ୍ଥୂଳବର୍ତ୍ତି କୃତ୍—ସଂ. ବ—ବ୍ରାହ୍ମଣ ଝାଟି (ଓଡିଶା)—
Sthūlabarttmakṛut Brāhmaṇa jhāṭi (See)

ସ୍ଥୂଳ ବଲ୍କଲ—ସଂ. ବ—ରକ୍ତଲୋଧ୍ର (ଜଟାଧର)—
Sthūla balkala The red variety of Symplocus Racemosa.

ସ୍ଥୂଳ ବୁଦ୍ଧି—ସଂ· ବ (କର୍ମଧା)—ମୋଟା ବୁଦ୍ଧି—
Sthūla buddhi Dullness of wit.
ବଣ· ପୁଂ ଓ ସ୍ତ୍ରୀ (ବହୁବ୍ରୀହି)—ମୋଟାବୁଦ୍ଧି ଅ—
Dull-witted.

ସ୍ଥୂଳ ବୃକ୍ଷ—ସଂ. ବ—ବକୁଳ ବୃକ୍ଷ (ହି·ଶ)—
Sthūla bruksha The Bakula tree.

ସ୍ଥୂଳବୃକ୍ଷ ଫଳ—ସଂ. ବ—୧ । ସ୍ଥୂଳ ପିଣ୍ଡିତକ (ବ୍ରଜନ୍ତର୍ଘଣ୍ଟା)—
Sthūla bruksha phala 1. The small variety of Pinḍitaka tree. ୨ । ମଦନ ଫଳ—2. The fruit of Bushy Gardenia

Digitized by srujanika@gmail.com

ସ୍ଥୂଳ ବୈଦେହୀ—ସଂ. ବ—ବଡ଼ ପିପ୍ପଳୀ (ରତ୍ନକର୍ଦ୍ଦଂ)—
Sthūla vaidehī The wild piper.

ସ୍ଥୂଳଭଦ୍ର—ସଂ. ବ—ଶ୍ୱେତାମ୍ବର ନାମକ ଜୈନଭେଦ (ହେମଚନ୍ଦ୍ର)—
Sthūlabhadra A sect of Jainas.

ସ୍ଥୂଳ ଭୂତ—ସଂ. ବ—୧। ପଞ୍ଚୀକୃତ ଅକାଶାଦି ଭୂତ—
Sthūla bhūta 1. The materialised elements of nature. ୨। ପଞ୍ଚଭୂତ—2. The five gross elements of nature.

ସ୍ଥୂଳ ମଞ୍ଜରୀ—ସଂ. ବ. (ବହୁବ୍ରୀ.)—ଅପାମାର୍ଗ [ହି. ଶ]
Sthūla mañjarī Achyranthes Aspera [plant].

ସ୍ଥୂଳ ମରିଚ—ସଂ. ବ—୧। କକ୍କୋଳ (ରତ୍ନକର୍ଦ୍ଦଂ) (ଦେଖ)
Sthūla maricha 1. Kakkola (See) ୨। ଶୀତଳ ଚିନି; କବାବ ଚିନି (ହି. ଶ)—2. Cubeb.

ସ୍ଥୂଳ ମୂଳ (ମୂଳକ)—ସଂ. ବ—ବଡ଼ ମୂଳା (ହି. ଶ)
Sthūla mūla(mūlaka) Big radish.

ସ୍ଥୂଳରୁହା—ସଂ. ବ—ସ୍ଥଳପଦ୍ମ (ହି. ଶ) (ଦେଖ)
thūlaruhā Sthalapadma (See)

ସ୍ଥୂଳ ରୂପ—ସଂ. ବ—ସ୍ଥୂଳ ଦେହ—
Sthūla rūpa Gross material body.

ସ୍ଥୂଳ ରୋଗ—ସଂ. ବ—ମେଦୋବୃଦ୍ଧି ରୋଗ—
Sthūla roga The disease of corpulence.

ସ୍ଥୂଳ ଲକ୍ଷ(କ୍ଷ୍ୟ, କ୍ଷୀ)—ସଂ. ବଣ. ପୁଂ (ବହୁବ୍ରୀ.)—୧। ଅତି ଦାନଶୀଳ—
Sthūla laksha (kshya, kshī) 1. Very bountiful.
ସ୍ଥୂଳ ଲକ୍ଷା(କ୍ଷ୍ୟା) } ସ୍ତ୍ରୀ ୨। କୃତବିଦ୍ୟ; ବିଦ୍ୱାନ୍—2. Learned.
ସ୍ଥୂଳ ଲକ୍ଷିଣୀ } ୩। କୃତଜ୍ଞ—3. Grateful.
[ସ୍ଥୂଳ ଲକ୍ଷ(କ୍ଷ୍ୟ, କ୍ଷୀ)ତା—ବ]

ସ୍ଥୂଳ ଶର(ଶାୟକ)—ସଂ. ବ ୧। ସ୍ୱମଶର; ଶରେଷୁଶରଭେଦ—
Sthūla śara(śāyaka) (ରତ୍ନକର୍ଦ୍ଦଂ)—1. A sort of reed. (ଦ୍ର—ଏରା ମଧୁର, ସ୍ୱାଦୁ, କୋଷ୍ଠ, କଫତ୍ରାଣ-ଅନ୍ୟ ସଂ. ନାମ—ମହାଶର, ମଦାଗନ୍ଧ; ବାଲବୀର୍ଯ୍ୟକର ।) ଇକ୍ଷୁରକ; କ୍ଷୁରପତ୍ର; ବହୁମୂଳ, ପାର୍ଶ୍ୱମୂଳକ ।

ସ୍ଥୂଳ ଶରୀର—ସଂ. ବ ଓ ବଣ ପୁଂ—ସ୍ଥୂଳ ଦେହ (ଦେଖ)
Sthūla śarīra Sthūla deha (See)

ସ୍ଥୂଳ ଶଟକ(କା)—ସଂ ବ—ମୋଟ ଲୁଗା—Thick or coarse cloth.
Sthūla śaṭaka
(ସ୍ଥୂଳଶାଟକା; ସ୍ଥୂଳଶାଟୀ—ଅନ୍ୟରୂପ)

ସ୍ଥୂଳ ଶାଳି—ସଂ. ବ—ବଡ଼ଧାନ; ଶାଳିଧାନ୍ୟଭେଦ; ମୋଟ ଶାଉଦ ଧାନ
Sthūla śali —Coarse winter paddy. [ଦ୍ର—ଏହା [ଲଘୁଶାଳି—ବଶଗ୍ଧତ] ସ୍ୱାଦୁ;ମଧୁର;ଶୀତଳ;ପିତ୍ତନାଶକ ଓ ଜୀର୍ଣ୍ଣତ୍ୱ-[ଅନ୍ୟନାମ—ସ୍ଥୂଳତଣ୍ଡୁଳ; ସ୍ଥୂଳାଙ୍ଗ] ଦାହଜ୍ୱରରୋଗନାଶକ; ଅତି ବଳବୀର୍ଯ୍ୟକର ।]

ସ୍ଥୂଳ ଶିରଃ—ସଂ. ବ [ସ୍ଥୂଳଶିରସ୍ ଶବ]—ବୃହତ ମୁଣ୍ଡ—Bighead.
Sthūla śirah ବଣ. [ବହୁବ୍ରୀ.ହି]—ବୃହନ୍ମସ୍ତକ [ବ୍ୟକ୍ତି]—Big-headed.

ସ୍ଥୂଳଶିଂଶିକା—ସଂ. ବ [ଏହାର ଶସ୍ତ୍ରର ଚଳନାରେ ମୃଣ୍ଡ ବଡ଼ ଥିବାରୁ]—
Sthūla śirshikā କ୍ଷୁଦ୍ରପିମ୍ପୁଲିକା (ହେମଚନ୍ଦ୍ର)—Small ant.

ସ୍ଥୂଳ ଷଟ୍‌ପଦ—ସଂ. ବ—ବଟେଲ; ବଡ଼ମୁଣ୍ଡ (ଶବ୍ଦକଳ୍ପଦ୍ରୁମ)
Sthūla shatpada Wasp.

ସ୍ଥୂଳ ଶାୟକ—ସଂ. ବ—ସ୍ୱମଶର; ଭଦ୍ରମୁଞ୍ଜ (ହି. ଶ)
Sthūla śāyaka A kind of reed.

ସ୍ଥୂଳ ସ୍କନ୍ଧ—ସଂ. ବ (ବହୁବ୍ରୀ)—ଲକୁଚ; ଚେଜୁଡ଼—
Sthūla skandha Autocorpus Loccucha tree.

ସ୍ଥୂଳ ସ୍ତନ—ସଂ ବ (କର୍ମଧା)—ଥୀବର ସ୍ତନ—
Sthūla stana Big breasts (of a woman).

ସ୍ଥୂଳସ୍ତନା—ସଂ. ବଣ ସ୍ତ୍ରୀ (ବହୁବ୍ରୀ ସ୍ଥୂଳ+ସ୍ତନ+ଆ)—ଥୀବର ସ୍ତନ-ଯୁକ୍ତା [ସ୍ତ୍ରୀ]—(a woman) Having big breasts.
(ଷଣ୍ଢନା—ବଶଗ୍ଧତ)

ସ୍ଥୂଳ ହସ୍ତ—ସଂ. ବ (କର୍ମଧା)—୧। ଘୋଳ ହାତ—Thick hand.
Sthūla hasta ୨। ହସ୍ତିଶୁଣ୍ଡ—The trunk of elephant.

ସ୍ଥୂଳା—ସଂ. ବଣ. ସ୍ତ୍ରୀ (ସ୍ଥୂଳ+ଆ)—ସ୍ଥୂଳର ସ୍ତ୍ରୀ ଲିଙ୍ଗ—
Sthūlā Feminine of Sthūla.
ବଣ. ସ୍ତ୍ରୀ—୧। ଗଜ ପିପ୍ପଳୀ (କ୍ଷୁଦ୍ର ଚିନ୍ନକା)—1. Wild pepper. ୨। ଏଙ୍କାରୁ (ରତ୍ନକର୍ଦ୍ଦଂ); ପୁଷ୍ଟ—2. Cucumber; Cucumis Memordicus. ୩। ସ୍ଥୂଳୈଳା (ରତ୍ନମାଳା)—3. The big variety Cardamum.

ସ୍ଥୂଳାମ୍ଶା ସଂ. ବ—ଗନ୍ଧ ପତ୍ରା (ରତ୍ନକର୍ଦ୍ଦଂ)—
Sthulāmsā A medicinal plant.

ସ୍ଥୂଳାଙ୍ଗ—ସଂ. ବ (କର୍ମଧା)—୧। ମୋଟ ଦେହ—1. Fat body.
Sthūlāṅga ୨। ଏକ ପ୍ରକାର ଗୁଜୁଲ (ହି. ଶ)—2. A (ସ୍ଥୂଳାଙ୍ଗ—ବଣ.ସ୍ତ୍ରୀ) species of rice. ବଣ. ପୁଂ—ସ୍ଥୂଳ ଦେହ-(ସ୍ଥୂଳାଙ୍ଗୀ—ଦେ. ସ୍ତ୍ରୀ. ରୂପ) ବପୁଷ୍ମାନ—Fat; corpulent.

ସ୍ଥୂଳାମ୍ର—ସଂ. ବ—୧। ମହାସ୍ୱଳରୂପ; ଉତ୍କୃଷ୍ଟ ଆମ୍ରବଶେଷ [ରତ୍ନକର୍ଦ୍ଦଂ]
Sthūlāmra 1. A species of excellent mango. ୨। କଲମୀଆମ୍ବ [ହି. ଶ]—2. Mango from graft.

ସ୍ଥୂଳ ସ୍ୟ—ସଂ. ବଣ . ପୁଂ [ବହୁବ୍ରୀ.ହି]—ବୃହନ୍ମୁଖ—Big face.
Sthūlāsya ବ—ସର୍ପ [ଚେରଚନ୍ଦ୍ରିକା]—Serpent,
[ସ୍ଥୂଳାସ୍ୟା—ବଣ. ସ୍ତ୍ରୀ]

ସ୍ଥୂଳୀ—ସଂ. ବ [ସ୍ଥୂଳ+ଇନ୍ ୧ମା, ୧ବ] - ଉଷ୍ଟ୍ର (ଶବ୍ଦକଳ୍ପଦ୍ରୁମ)—
Sthūlī Camel.

ସ୍ଥୂଲୈରଣ୍ଡ—ସଂ. ବ—ବୃହତ୍ ଏରଣ୍ଡ ବୃକ୍ଷ—
Sthūlairanda A big variety of castor oil-seed-plant.

ସ୍ଥୂଲୈଳା—ସଂ. ବ (କର୍ମଧା)—ବଡ଼ ଅଳା (ଲେ, ଲେ)ଇଚ—The larger variety of Cardamum.
(ସ୍ଥୂଳୈଳା=ସ୍ଥୂଳସ୍ୱଗ୍ଧ—ବଶଗ୍ଧତ) [ଦ୍ର—ଏହା ଶୀତଳ, ଲଘୁ

Digitized by srujanika@gmail.com

ବଡ଼ ଏଲାଚି ସ୍ଥୂଳଜ୍ଞ, ପିତ୍ତର୍ତ୍ତିକଫହର, ହୃଦ୍ରୋଗନାଶକ, ମୁଂସହ
ବଡ଼ୀ ଇଲାଯଚୀ ନାଶକ ଓ ଗ୍ରେଚକ ।]
ଫା. ଦୈଲ୍‌କର୍ଦ୍ଦ୍, ଅ· କାକଲେଢବାଇ, ଢେ. ପେଙ୍ଗଏଲ୍ଲକୁଲୁ;
ଅନ୍ୟ ସ. ନାମ—ଏଲା, ସ୍ଥୂଲା, ବହୁଳା, ପୃଥ୍ୱୀକା, ବିସ୍ପଃ, ଉଦ୍ଦୀଲା,
ବୃହଦେଲା, ଉଦ୍ଗାଳା, ଜଷ୍ଟୁଃ, କ୍ରିଦନୋଭବା, ସୁରଭ୍ୟୁତ୍‌କ୍,ସଦ୍ୱେଳା,
ପୃଥ୍ୱୀ, ଭଦ୍ୟା, ବୃଷାଭବା, ଜାଲ୍ପୁଣ୍ଡା, ଉଦ୍ଗାଣୀ, ଜାନ୍ତ୍ରା, ଜବ୍ୟଗନ୍ଧା,
ଜର୍ଦ୍ଦୀ ।].

ସ୍ଥୂଲୋଚ୍ଚୟ—ସ.ବ—୧। ହସ୍ତୀର ମଧ୍ୟମ ଗତି (ମେଦନୀ)—1. Medium
Sthūlochchaya motion of an elephant. ୨। ଗଣ୍ଡୋ-
ପଳ; ଜଣ୍ଡଶୈଳ (ମେଦନୀ)—2. A big block of
stone. ୩। ଅସମ୍ପୂର୍ଣ୍ଣତା (ମେଦନୀ)—3. Incom-
pleteness. ୪। ବରଣ୍ଡ; ବ୍ରଣ (ମେଦନୀ)—4. Boil.
୫। ହସ୍ତିଦନ୍ତ ମଧ୍ୟସ୍ଥ ରନ୍ଧ୍ର—5. The bore inside
the tusk of the elephant.

ସ୍ଥୂଲୋଦର—ସ. ବ (କର୍ମଧା)—ବଡ଼ ପେଟ—Big belly. ବଣ
Sthūlodara (ବହୁବ୍ରୀ) ପୁଂ—ବଡ଼ ପେଟଥିଆ; ଅନୁଦର ପେଟା—
(ସ୍ଥୂଲୋଦରୀ—ସ୍ତ୍ରୀ. ବଣ) Pot-bellied.

ସ୍ଥେୟ—ସ. ବଣ (ସ୍ଥା. ଧାତୁ+ଅଧ୍ୟ. ଯ)—୧। ସ୍ଥିରତର (ଦେଓଜନ୍)
Stheya —1. Calmer; more fixed. ୨। ସ୍ଥାପନୀୟ—
2. Fit to be placed or established. ବ—
୧। ବିବାଦ ସମୟର ଜଣ୍ଡୁତା; ମଧ୍ୟସ୍ଥ (ମେଦନୀ)—
1. Umpire; arbitrator. ୨। ପୁରୋହିତ—
2. Priest.

ସ୍ଥେୟାନ୍—ସ. ବଣ. ପୁଂ (ସ୍ଥିର+ଅତ୍ୟର୍ଥେ ଇୟସ୍ୁ=ସ୍ଥେୟସ୍; ୧ମା.୧ବ)
Stheyān —୧। ଅତି ସ୍ଥିର (ଅମର)—1. Very calm or
(ସ୍ଥେୟସୀ—ସ୍ତ୍ରୀ) fixed. ୨। ଶ୍ରେଷ୍ଠ—2. Excellent. ୩।
ଶାଶ୍ୱତ (ଭରତ)—3. Eternal.

ସ୍ଥେଷ୍ଠ—ସ. ବଣ. ପୁଂ (ସ୍ଥିର+ଅତ୍ୟର୍ଥେ ଇଷ୍ଠ)—୧। ଅତି ସ୍ଥିର—
Stheshṭha 1. Very calm or fixed. ୨। ଦୃଢ଼ତର—
(ସ୍ଥେଷ୍ଠା—ସ୍ତ୍ରୀ) 2. Very firm.

ସ୍ଥୈର୍ଯ୍ୟ—ସ. ବ (ସ୍ଥିର+ଭାବାର୍ଥେ ଯ)—୧। ସ୍ଥିରତା; ସ୍ଥିରତ୍ୱ—
Sthairjya 1. Calmness; fixity. ୨। ଜଚଞ୍ଚଳତା—
2. Unmoving condition; stability.

ସ୍ଥୌ(ସ୍ଥୌ,ସ୍ତ୍ୟୁ—ସ· ବ (ସ୍ଥୋଭତି ଧାତୁ ୧ମା. ୧ବ)—୧। ଥୋଡ଼
Sthe(sthau)rī ବୋହିବା ପଶୁ—1. Pack-animal.
୨। ଥୋରଆ ବଳଦ—2. Pack-bullock.

ସ୍ଥୌଣେୟ—ସ. ବ—ଗୁଡ଼ିଘଣ୍ଟି ନାମକ ଉତ୍ତ ଦ୍ରବ୍ୟ; ଜଣ୍ଡିଅଳା (ଅମର)
Sthauṇeya A scented herb,
(ସ୍ଥୌଣେୟକ—ଅନ୍ୟରୂପ) ଅନ୍ୟ ସ. ନାମ—ହରତ

ସ୍ଥୌର—ସ. ବ—ପଶୁଙ୍କ ପିଠିରେ ବାହୁତ ଭର; ଥୋଉ (ଦ୍ୱି. ଶ)—
Sthaura Loads carried in pack-saddle.

ସ୍ଥୌଲଶୀର୍ଷ—ସ. ବଣ. ପୁଂ (ସ୍ଥୂଲଶୀର୍ଷ+ଅ)—ବୃହତ୍ମସ୍ତକଯୁକ୍ତ—
Sthaula śirsha Big-headed.
(ସ୍ଥୌଲଶୀର୍ଷା—ସ୍ତ୍ରୀ)

ସ୍ଥୌଲ୍ୟ—ସ. ବ (ସ୍ଥୂଲ+ଭାବାର୍ଥେ ଯ)—୧। ସ୍ଥୂଳତା—1. Thick-
Sthaulya ness; fatness; corpulence. ୨। ମେଦୋ-
ବୃଦ୍ଧି ରୋଗ (ହୁ· ଶ)—
2. The disease of corpulence.

ସ୍ନ—ଚୁ· ବ (ଜରତ୍ଥ ସାଙ୍କେତିକ)—'ସନ'ର ସାଙ୍କେତିକ ରୂପ—
Sna सन सन Abbreviation for Sana (meaning
year).

ସ୍ନ ହାଲ୍—ଚୁ. ବ (ସାଙ୍କେତିକ; ଜରତ୍ଥ ଭାଷା; 'ସନ ହାଲ'ର
Sna hāl ଅବଭ୍ରଂଶ)—ଚଳନ ବର୍ଷ—Abbreviation for
हाल सन हाल सन 'the current year.
(ସ୍ନ ଦ୍ଧା —ଅନ୍ୟରୂପ)

ସ୍ନପନ—ସ.ବ (ସ୍ନା ଧାତୁ ଣିଜନ୍ତ ସ୍ନାପି ଧାତୁ+ଭାବ· ଅନ)—୧। ସ୍ନାନ
Snapana କରାଇବା; ଗାଧୋଇ ଦେବା—1. Giving a
bath. ୨। ଧୋଇବା—2. Washing; ablu-
tion. ୩। ଆର୍ଦ୍ରୀକରଣ—3. Moistening. ୪।
ଅଭିଷେକକରଣ; ଅଭିଷେଚନ —4. Act of sprink-
ling consecrated water. ୫। ସ୍ନାନ—
5. Bath; bathing.

ସ୍ନପିତ—ସ. ବଣ (ସ୍ନାପି ଧାତୁ+କର୍ମ. ତ)—କୃତ ସ୍ନାନ; ସ୍ନାତ—
Snapita 1. Bathed. ୨। ଧୌତ—2. Washed.
୩। ଆର୍ଦ୍ରୀକୃତ—3. Moistened. [ଜ୍ର—ଜର୍ଦ୍ଦରେ
କଦର୍ଥିତର ଶବ୍ଦରେ ପ୍ରଦାରେ । ସ୍ନପିତ ଅଧର ସିନ୍ଦେ ହୃଦସ୍
ବଦାରେ—ପ୍ରାଚୀ. ରସବାରଶ୍ମି ।] ୪। ବ୍ୟାପ୍ତ—
4. Spread.

ସ୍ନବ—ସଂ. ବ (ସ୍ନୁ ଧାତୁ=ସରତ ହେବା+ଭାବ. ଅ)—ସ୍ରବଣ;
Snaba (ସ୍ନୁତ—ବଣ) ସରଣ—Oozing.

ସ୍ନା (ଧାତୁ)—ସଂ—୧। ଗାଧୋଇବା—1. To bathe. ୨।
Snā (root) ଧୋଇବା—2. To wash. ୩। ଓଦା କରିବା—
3. To moisten.

ସ୍ନାଆନ—ଗ୍ରା. ବ (ସଂ· ସ୍ନାନ)—ସ୍ନାନ (ଦେଶ)—
Snā-āna स्नान, चान असनान Snāna (See)

ସ୍ନାତ—ସଂ. ବଣ (ସ୍ନା ଧାତୁ+କର୍ତ୍ତୃ. ତ)—୧। କୃତସ୍ନାନ—
Snāta 1. Bathed. ୨। (+କର୍ମତ)ଧୌତ—2. Washed.
(ସ୍ନାତା—ସ୍ତ୍ରୀ) ୩। ଆର୍ଦ୍ରୀକୃତ—3. Moistened.

ସ୍ନାତକ—ସଂ. ବ (ସ୍ନାତ+ସ୍ୱାର୍ଥେ. କ)—୧। ଗୁରୁଗୃହରେ ବ୍ରହ୍ମଚର୍ଯ୍ୟ
Snātaka ଓ ବେଦାଧ୍ୟୟନ ସମାପନ ହୁଏତ ଗୃହସ୍ଥାଶ୍ରମକୁ ସମା-
ବର୍ତ୍ତନ କରିଥିବା (ସେହୁ ଉପଲକ୍ଷରେ ପବ୍ୱସ୍ନାନ
କରିଥିବା) ବ୍ୟକ୍ତି—1. A person who has
entered into the stage of a house-
holder after completing his course of

Digitized by srujanika@gmail.com

vedic studies at the house of his preceptor. ୨ । ବ୍ରହ୍ମଚର୍ଯ୍ୟ ସମାପନାର୍ଥେ ଗୃହସ୍ଥାଶ୍ରମରେ ପ୍ରବିଷ୍ଟ ବ୍ୟକ୍ତି—2. A newly married person; an initiated householder (Hindu), [ଦ୍ର—ପ୍ରାଚୀନକାଳରେ ଦ୍ୱିଜ ବାଳକ ଗୁରୁକୁଳରେ ବେଦାଦ ଅଧ୍ୟୟନ ସମାପ୍ତ କରି ୨୫ ବର୍ଷ ବୟସରେ ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପାଇଁ ନିଜ ଘରକୁ ଫେରି ଆସୁଥିଲେ ।

ସ୍ନାତକ ତ୍ରିବିଧ ; ଯଥା—ବ୍ରତସ୍ନାତକ, ବିଦ୍ୟାସ୍ନାତକ ଓ ଉଭୟ ସ୍ନାତକ ।

୧ । ବ୍ରତସ୍ନାତକ—୨୫ ବର୍ଷ ବୟସ ପର୍ଯ୍ୟନ୍ତ ଯେ ବ୍ରହ୍ମଚର୍ଯ୍ୟାଚରଣ ପୂର୍ବକ ବେଦାଧ୍ୟୟନ ସମାପ୍ତ କରି ନ ପାରି ଘରକୁ ଫେରି ଯାଇଥିଲେ—୨ । ବିଦ୍ୟାସ୍ନାତକ—ଯେ ବ୍ରହ୍ମଚର୍ଯ୍ୟାଚରଣ ପୂର୍ବକ ୨୫ ବର୍ଷ ବୟସ ହେଲେ ମଧ୍ୟ ଗୁରୁଗୃହରେ ରହି ବେଦାଧ୍ୟୟନ କରୁଥିଲେ ଓ ଘରକୁ ଫେରୁ ନଥିଲେ—୩ । ଉଭୟ ସ୍ନାତକ—ବ୍ରହ୍ମଚର୍ଯ୍ୟପାଳନ ପୂର୍ବକ ଯେ ବେଦପାଠ ଶେଷ କରି ଗୃହସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ଅଜଡାଳ ଉପରେ ପ୍ରତିଷ୍ଠିତ ଗୁରୁକୁଳ ଓ ଋଷିକୁଳରେ ବିଦ୍ୟାଧ୍ୟୟନ କରି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ବାଳକକୁ ସ୍ନାତକ ଉପାଧି ଦିଆଯାଏ (ହି· ଶ)]

ସ୍ନାତକ ବ୍ରତ—ସ. ବ—ସ୍ନାତକଙ୍କ କର୍ତ୍ତବ୍ୟ ବ୍ରତ ବିଶେଷ—A Snātaka brata religious vow observed by a newly initiated householder.

ସ୍ନାତାନୁଲିପ୍ତ—ସ· ବ· ଷଂ [କର୍ମଧା; ଅଦୌ ସ୍ନାତ, ପଶ୍ଚାତ୍ ଅନୁଲିପ୍ତ Snātānulipta (ସ୍ନାତାନୁଲିପ୍ତା—ସ୍ତ୍ରୀ)—ସ୍ନାନ କରିବାର ଯେଉଁ ବ୍ୟକ୍ତି ଦେହରେ ଚନ୍ଦନାଦି ବୋଳ ଦୋଇଥାଆନ୍ତି—Besmeared with sandal paste etc. after bath.

ସ୍ନାନ—ସ. ବ (ସ୍ନା ଧାତୁ+ଭାବ ଅନ)—୧ । ଗାଧୋଇବା—1. Snāna Bathing; bath. ୨ । ଅବଗାହନ; ପାଣିରେ (ସ୍ନାତା—ବ୍ୟ) ବୁଡ଼ି ଗାଧୋଇବା; ମୁଣ୍ଡବୁଡ଼ାଇ ଗାଧୋଇବା ଏହାର ଅସଦ୍ଧାତୁ— —2. Bathing by dipping into ସ୍ନାଥ (ଦା) କ, ସ୍ନାଥ- water. ୩ । ସବାଙ୍ଗ ଧାଳନ— (ଦା) କ, ସିକା- 3. Washing of all the parts of (ତ୍ତ) କ) the body. [ଦ୍ର—ସ୍ନାନ ସାତ ପ୍ରକାର, ଯଥା—୧ । ମାନ୍ତ ବା ମନ୍ତ୍ର ସ୍ନାନ—ମନ୍ତ୍ରପାଠପୂର୍ବକ କାଳ୍ପନିକ ବା ପ୍ରକୃତ ସ୍ନାନ—୨ । ବାଯୁ ସ୍ନାନ—ବାଯୁଦ୍ୱାରା ଶରୀର ଧାଳନ—୩ । ଭୌମସ୍ନାନ—ଦେହରେ ମାଟିବୋଳ ସ୍ନାନ—୪ । ଅଗ୍ନେୟ ସ୍ନାନ—ଧୂଆଁଦ୍ୱାରା ଦେହ ଧୂପନ, କିମ୍ବା ଦେହରେ ଭସ୍ମ ବୋଳ ଦେବା—୫ । ଦିବ୍ୟ ବା ଅଭ୍ର ସ୍ନାନ—ସୂର୍ଯ୍ୟାଲୋକରେ ସ୍ନାନ—୬ । ବାରୁଣ ସ୍ନାନ—ଧଳଦ୍ୱାରା ବା ଗୋରଜ ଦ୍ୱାରା ଶରୀର ଧାଳନ—୭ । ମାନସ ସ୍ନାନ—ଜ୍ଞାନିକର ସ୍ନାନ । ଏହି ସ୍ନାନ ଛଡ଼ା ଉଣ୍ଡିଷ୍ଟ ଅନେକ ପ୍ରକାର ଶବ୍ଦ ଶ୍ରୁତାନ୍ତର ଅଛି । ସେଥିସମ୍ବନ୍ଧରୁ କେତେଗୁଡ଼ିଏ ଅଛି ପ୍ରଚଳିତ ଶବ୍ଦ ନମ୍ବରେ ଦିଆ ଯାଉଅଛି । ଯଥା—ଶିରଃ ସ୍ନାନ (ମୁଣ୍ଡଧୋଇ ଗାଧୋଇବା); (ସ୍ତ୍ରୀମାନଙ୍କର) ଋତୁସ୍ନାନ ବା ଶୁଦ୍ଧସ୍ନାନ; ପ୍ରାତଃସ୍ନାନ; ତୀର୍ଥସ୍ନାନ; ଦେବ-ସ୍ନାନ (ଜ୍ୟୈଷ୍ଠ ପୂର୍ଣ୍ଣିମାରେ ବିଷ୍ଣୁ ପ୍ରଭୃତିଙ୍କ ସ୍ନାନବିଧି), ମନ୍ତ୍ର-ସ୍ନାନ, ଗଙ୍ଗାସ୍ନାନ, ଉଭୁସ୍ନାନ, ମୋକ୍ଷସ୍ନାନ (ସୂର୍ଯ୍ୟ ବା ଚନ୍ଦ୍ରଙ୍କର ଗ୍ରହଣରୁ ମୁକ୍ତ ହେବା ପରେ ହନୁମାନଙ୍କର ସ୍ନାନ), ଗ୍ରସ୍ତ ସ୍ନାନ ବା ଗ୍ରହଣସ୍ନାନ (ସୂର୍ଯ୍ୟ ବା ଚନ୍ଦ୍ର ଗ୍ରହଣ ଲାଗିବା ବେଳେ ହନୁ-ଙ୍କର ସ୍ନାନ), ପ୍ରେତସ୍ନାନ (ମୃତ ବ୍ୟକ୍ତିଙ୍କ ପ୍ରେତ ଉଦ୍ଦେଶ୍ୟରେ କରଯିବା ସ୍ନାନ), ଜଳସ୍ନାନ, ନୈମିତ୍ତିକ ସ୍ନାନ (କୌଣସି ବିଶେଷ ନିମିତ୍ତ ଉପଲକ୍ଷରେ (ଯଥା—ଗ୍ରହଣ ସମୟରେ, କୌଣସି ଜୁଦୁମ୍ବ ମୃତ ହେଲେ) କରଯିବା ସ୍ନାନ, କାକସ୍ନାନ, ସନ୍ଧ୍ୟାସ୍ନାନ, (ଦେବପ୍ରତିମାଙ୍କର ସ୍ନାନ, ଦେବ ମନ୍ଦିରରେ କୌଣସି ଅଶୁଚିଜନକ ଘଟଣା ଘଟିଲେ, ଯଥା—ଅଶୁଚି ବ୍ୟକ୍ତି ଦେବତାଙ୍କୁ ଛୁଇଁ ଦେଲେ, ମନ୍ଦିର ମଧ୍ୟରେ କେହି ଝାଡ଼ା ଫେରି ପକାଇଲେ ବା ପ୍ରସ୍ରାବ କଲେ, ଦେବତାଙ୍କ ଗାଧୋଇଦେବାରୂପ କର୍ମ), କାମ୍ୟସ୍ନାନ (ପ୍ରାୟଶ୍ଚିତ୍ତ, ଅଭିଷେକ, ଉପନୟନ, କର୍ଣ୍ଣବେଧ ଇତ୍ୟାଦି କାମ୍ୟ କର୍ମ ଉପଲକ୍ଷରେ ସ୍ନାନ), ସମୁଦ୍ର ସ୍ନାନ ବା ସାଗର ସ୍ନାନ, ନଦୀସ୍ନାନ, ଅଶୌଚସ୍ନାନ, ସଦ୍ୟଃସ୍ନାନ, ମକରସ୍ନାନ ବା ମାଘସ୍ନାନ, କାର୍ତ୍ତିକସ୍ନାନ, ପ୍ରୟାଗସ୍ନାନ, ତ୍ରିବେଣୀ ସ୍ନାନ) ।

ସ୍ନାନ କରିବା—ଦେ. କ୍ରି—୧ । ଗାଧୋଇବା—1. To take a Snāna karibā bath. ୨ । ମୁଣ୍ଡବୁଡ଼ାଇ ଗାଧୋଇବା—ସ୍ନାନକରା, ଚାନକରା 2. To take a dip in the water. स्नानकरना

ସ୍ନାନ କଲସ(ଘଟ)—ସଂ ବ (ମ.ଘ. ଲୋ) —ସେଉଁ କୁମ୍ଭରେ ସ୍ନାନାର୍ଥ ଜଳ Snāna kalasa [ghaṭa] ରଖାଯାଏ—A pitcher containing water for bath.

ସ୍ନାନ ଗୃହ—ସଂ ବ—ସ୍ନାନାଗାର (ଦେଶ)— Snāna gṛuha Snānāgāra (See)

ସ୍ନାନ ତୃଣ—ସଂ. ବ—କୁଶ (ଶବ୍ଦମାଳା)—The kuśa grass. Snāna tṛuṇa (ଦ୍ର—କୁଶକୁ ହସ୍ତରେ ଧାରଣ କରି ସ୍ନାନ କରିବାର ବିଧି ଶାସ୍ତ୍ରରେ ଅଛି । (ହି· ଶ)

ସ୍ନାନ ଦାନ—ସ. ବ—୧ । ସ୍ନାନାନ୍ତେ ବ୍ରାହ୍ମଣକୁ ଧନାଦିର ଦାନ— Snāna dāna 1. Giving of presents to Brāhmaṇas after bath. ୨ । ସ୍ନାନ ଓ ବ୍ରାହ୍ମଣଙ୍କୁ ଧନାଦି ଦାନ—2. Bathing and giving presents to Brāhmaṇas.

ସ୍ନାନ ପୂର୍ଣ୍ଣମୀ—ଦେ. ବି (ସଂ. ସ୍ନାନପୂର୍ଣ୍ଣିମା)—ସ୍ନାନ ପୂର୍ଣ୍ଣିମା (ଦେଶ)— Snāna pūrṇṇamī Snāna pūrṇṇimā (See). स्नानपूर्णिमा असनानपूनमी (ସ୍ନାନ ପୁନେଇଁ—ଅନ୍ୟରୂପ)

ସ୍ନାନ ପୂର୍ଣ୍ଣିମା—ସଂ. ବ—ଜ୍ୟେଷ୍ଠ ପୂର୍ଣ୍ଣିମା, ଯେଉଁ ଦିନ ବିଷ୍ଣୁ Snāna pūrṇṇimā ପ୍ରଭୃତିଙ୍କର ସ୍ନାନ ମଣ୍ଡପରେ ସ୍ନାନ ବିଧି ସମ୍ପାଦନ କରନ୍ତି—Full moon of Jyaishṭha.

Digitized by srujanika@gmail.com

ସ୍ନାନ ପ୍ରକାର—ଦେ. ବ (ଚତୁର୍ଥ ସଦୃଶର)—ଗାଧୁଆ ଗାଧୁଆ—
Snāna prakāra Bathing etc. (ଉ—ସ୍ନାନ ଦେବାର ଚାନଟୀନ **अस्नान उत्सनान** କରୁଥିବା, ଗାଠା ଖଣ୍ଡର ଛିଡ଼ିଯିବ—ଫଙ୍କାରମୋଦନ ଘଣ୍ଟସ୍ତମ୍ଭ ।)

ସ୍ନାନ ବସ୍ତ୍ର—ସଂ. ବ (ଷ.ତ. ଲେ)—ସ୍ନାନ କରିବା ସମୟରେ ଯେଉଁ ଲୁଗା ପିନ୍ଧା ଦୋଇଥାଏ—Cloth put on during bath; bath-dress.
Snāna bastra

ସ୍ନାନ ବେଦୀ (ବେଦିକା)—ଷ. ବ—ସ୍ନାନମଣ୍ଡପ (ଦେଖ)
Snāna bedi (bedikā) Snāna maṇḍapa (See)

ସ୍ନାନ ଭୋଜନ—ଷ. ବ—ସ୍ନାନାନ୍ତେ ଭୋଜନ—
Snāna bhojana Taking bath and then taking meal.

ସ୍ନାନମଣ୍ଡପ—ଷ.ବ—ଯେଉଁ ମଣ୍ଡପରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ପ୍ରତିମାମାନଙ୍କର ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ସ୍ନାନ କାର୍ଯ୍ୟ ସମ୍ପାଦନ କରାଯାଏ—An altar on which the images of Jagannātha, Balabhadra and Subhadrā are given a washing on Snāna Purṇṇimā day.
Snāna maṇḍapa

ସ୍ନାନ ଯାତ୍ରା—ଷ, ବ—ଜ୍ୟୈଷ୍ଠ ପୂର୍ଣ୍ଣିମା ଦିନ ବିଷ୍ଣୁ ପ୍ରତିମାଙ୍କର (ଏବଂ ପୁଷ୍ପରେ ଓ ଅନ୍ୟ ସ୍ଥାନରେ ପ୍ରତିଷ୍ଠିତ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ପ୍ରତିମାମାନଙ୍କର) ମହାସ୍ନାନ ଉତ୍ସବରେ ଉତ୍ସବ—The ceremony of washing of the images of Bishṇu and of Jagannātha on the full moon of Jaishṭha.
Snāna jātrā

[ଦ୍ର—ଚକ୍ଷୁ କରି ଯାଇଥିବା ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ପ୍ରତିମାମାନଙ୍କ ଉପରେ କଦୁଘରମାଣରେ ଥାଣ୍ଡି ଜଳାଦେବାଦ୍ୱାରା ତାଙ୍କ ଦେହରୁ ରଙ୍ଗ ଛଡ଼ାଯାଏ; ଏଥିପାଇଁ ସ୍ନାନଯାତ୍ରା ପରେ ସେ ମୂର୍ତ୍ତିମାନଙ୍କୁ ସୁନବାର ଚର୍ଚ୍ଚିତ କରିବାକୁ ୧୫ ଦିନ ଲାଗେ । ସେ ସମୟରେ ଜଗନ୍ନାଥ ଆଦୌ ମୂର୍ତ୍ତି ଅଗରେ ଆଦି ବଦ୍ଧାଯାଏ ଓ ଯାତ୍ରୀମାନେ ଜଗନ୍ନାଥଙ୍କୁ ଦର୍ଶନ କରି ପାରନ୍ତି ନାହିଁ । ଉକ୍ତ ୧୫ ଦିନକୁ 'ଅଣସର'(ସଂ.ଅନବସର) କୋଲ୍ଲଯାଏ । କାରଣ ସ୍ନାନାଧ୍ୟକ୍ଷ ଯୋଗୁଁ ଜଗନ୍ନାଥଙ୍କୁ ଜ୍ୱର ଧରିଥିବାରୁ ଯାତ୍ରୀଙ୍କୁ ଦର୍ଶନ ଦେବାକୁ ତାଙ୍କୁ ଅନବସର (ଅଣସର) ଜ୍ୱର କୋଲି କୋଲ୍ଲଯାଏ । ଚଉ କାର୍ଯ୍ୟ ଶେଷ ହୋଇଗଲେ ଜଗନ୍ନାଥଙ୍କର 'ନବଯୌବନ' ବେଶକୁ ଯାତ୍ରୀମାନେ ଦେଖନ୍ତି ଓ ଉତ୍ସବରେ ନବ ଚର୍ଚ୍ଚିତ ମୂର୍ତ୍ତିମାନଙ୍କୁ ଅଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ରଥରୁ ବଇଯାଇ ରଥଯାତ୍ରା କରାଯାଏ ।]

ସ୍ନାନ ଶାଳା—ଷ. ବ—ସ୍ନାନାଗାର (ଦେଖ)
Snāna śālā Snānāgāra (See)

ସ୍ନାନଶୀଳ—ସଂ. ବଣ. ପୁଂ—ବେଶୀ ଗାଧୋଇବା ଯାହାର ଅଭ୍ୟାସ—
Snānaśīla Habituated to taking bath frequently.
(ସ୍ତ୍ରୀ—ଳା)

ସ୍ନାନାଗାର—ଷଂ. ବ (ଷ. ତ. ଲେ)—ଯେଉଁ ଘରେ ସ୍ନାନ କରିଯାଏ; ଗୋସଲଖାନା—Bath room.
Snānāgāra

ସ୍ନାନାହାର—ଷଂ. ବ—ପ୍ରଥମେ ସ୍ନାନ ଓ ପରେ ଭୋଜନ—
Snānāhāra Taking bath and taking meal after bath.

ସ୍ନାନିଆ—ଗ୍ରା. ବଣ—ସ୍ନାତ; ଧୌତସ୍ନାତ—Bathed; washed.
Snāniā [ସ୍ନା(ସ୍ନୁ)ଡାନିଆ—ଅନ୍ୟ. ଗ୍ରାମ୍ୟ. ରୂପ]
[ଅସ୍ନାନିଆ, ଅସ୍ନା(ସ୍ନୁ)ଡାନିଆ—ବ୍ୟତ୍ପନ୍ନ]
स्नात अस्नान कियाहुआ

ସ୍ନାନିବା—ଦେ. କ୍ରି. (ଅଦ୍ୟ) —(ସଂ. ସ୍ନାନ)—ସ୍ନାନ କରିବା—
Snāniba To bathe. (ଉ—ପ୍ରାୟ ଶିଶୁରେ ସ୍ନାନ ସଜ ସ୍ନାନକରା ପୁଷ୍ପ ଯେତେ, ବୃନ୍ଦାବନେ ବସୁଥାଉ ଅଲଭ ଅନାଉ, स्नानकरना ପ୍ରେମୋତ୍ପୁଳେ ବଲମ୍ବଇ କେବେ କ ସେ ଅଳ, ଶବ୍ଦରେ ମଜୁଳ ପୁଷ୍ପ ବାସି ଦେବା ଯାଏ ?—ଗୁଖାନଥ, ମହାଯାତ୍ରା)

ସ୍ନାନୀୟ—ସଂ. ବିଣ—(ସ୍ନାନ+ଈୟ)—୧ । ସ୍ନାତ ହେବାର ଯୋଗ୍ୟ—
Snānīya —1. Fit to be bathed. ୨ । ସ୍ନାନସମ୍ବନ୍ଧୀୟ—
2. Relating to bath. ୩ । ସ୍ନାନୋପଯୋଗୀ—
3. Requisite for a bath. ୪. ବ—ସ୍ନାନସାଧନ; ସ୍ନାନ ସମ୍ପାଦକ ଦ୍ରବ୍ୟ (ଯଥା—ଜଳ, ଗନ୍ଧଦ୍ରବ୍ୟ, ସାବୁନ, ଗାମୁଛ, ତେଲ ଇତ୍ୟାଦି)—Materials required for a bath; requisites for a bath.

ସ୍ନାନୋପକରଣ—ଷ. ବ (ଚତୁର୍ଥୀ ତତ)—ସ୍ନାନୀୟ (ବି) (ଦେଖ)—
Snānopakaraṇa Snānīya (See)

ସ୍ନାନୋତ୍ସବ—ଷ. ବ—ସ୍ନାନଯାତ୍ରା (ଦେଖ)—Snānajātrā (See)
Snānotsaba (ସ୍ନାନୋତ୍ସବ—ଅନ୍ୟରୂପ)

ସ୍ନାବ—ଷ, ବ—ସ୍ନାୟୁ (ଶବ୍ଦକଳ୍ପଦ୍ରୁମ) (ଦେଖ)—
Snāba Snāyu (See)

ସ୍ନାୟନ—ଷ. ବ—ସ୍ନାନ (ଜ୍ଞ)—
Snāyana Bath.

ସ୍ନାୟବିକ—ଷ. ବଣ (ସ୍ନାୟୁ+ଇକ)—ସ୍ନାୟୁ ସମ୍ବନ୍ଧୀୟ—
Snāyabika Relating to the nerves; nervine; nervous.

ସ୍ନାୟବିକ ଦୁର୍ବଳତା (ଦୌର୍ବଲ୍ୟ)—ଷ.ବ (ଅଧୁନିକ)—ସ୍ନାୟୁର ଦୋଷଜନିତ ସ୍ନାନବଳତା—
Snāyabika durbalatā [daurbalya] Nervous debility.

ସ୍ନାୟବୀୟ—ସଂ. ବଣ (ସ୍ନାୟୁ+ଈୟ)—ସ୍ନାୟୁ ସମ୍ବନ୍ଧୀୟ—Nervine.
Snāyabīya ସଂ. ବ—କର୍ମେନ୍ଦ୍ରିୟ(ହୁ. ଶ)—The organs of action.

ସ୍ନାୟୀ—ଷ. ବଣ. ପୁଂ (ସ୍ନା. ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—
Snāyī ସ୍ନାନକର୍ତ୍ତା—One who takes a bath.
(ସ୍ନାୟିନୀ—ସ୍ତ୍ରୀ)

ସ୍ନାୟୁ—ଷ. ବ (ସ୍ନା. ଧାତୁ+କର୍ତ୍ତୃ. ଉ)—୧ । (ଶରୀର ବନ୍ଧନ) ସଂ-
Snāyu ଦେହବ୍ୟାପୀ ସୂତ୍ରବତ୍ ଅଣ୍ଡିବଳମା ନାଡ଼ୀଗଣ—

Digitized by srujanika@gmail.com

1. Ligaments of the body. ୨ । ପେଶୀବନ୍ଧନ ନାଡ଼ୀ—2. Tendons. ୩ । ବାୟୁବାହୁନ ନାଡ଼ୀ; ସ୍ନାୟୁ ଶିରା—3. Nerves. [ଦ୍ର—ମେଦର ସ୍ନେହଗୁଣରୁ ଉତ୍ପନ୍ନ କର ଶିରାମାନେ ସ୍ନାୟୁରୂପରେ ପରିଣତ ହୁଅନ୍ତି । ଦେହର ଅସ୍ଥି, ମେଦ, ମାଂସ ଓ ସନ୍ଧିମାନଙ୍କୁ ସ୍ନାୟୁଗଣ ବନ୍ଧନ କର ସ୍ୱ ସ୍ୱ ସ୍ଥାନରେ ରଖନ୍ତି ଏବଂ ଏଥିଯୋଗୁଁ ମନୁଷ୍ୟ ସ୍ଥିର ହୋଇପାରୁ', ଅଙ୍ଗଚାଳନ କରିବାକୁ ଓ ପରିଶ୍ରମ କରିବାକୁ ସମର୍ଥ ହୁଏ । ସ୍ନାୟୁଗଣ ରକତ ପରି ସ୍ନିଗ୍ଧସ୍ଥାପକ ଓ ସେମୁଡ଼ାକ ଦୁର୍ବଳ ବା ଦୁର୍ବଳା ହେଲେ ମନୁଷ୍ୟ କର୍ମ କରିବାକୁ ଅସମର୍ଥ ହୁଏ । ସ୍ନାୟୁ ଉପରେ ଜୋର୍ ପଡ଼ିଲେ 'ରକା' ଯଶେ ବା ପବନ ଅଟକି ଯାଏ । ସ୍ନାୟୁମାନଙ୍କ ଦ୍ୱାରା ବାହ୍ୟ ବସ୍ତୁର ସ୍ପର୍ଶ ଅତ୍ୟନ୍ତ ଶୀଘ୍ର ଶବ୍ଦରେ ଉତ୍ତମ ସ୍ଥାନରୁ ମସ୍ତିଷ୍କକୁ ବାହୁତ ହୁଏ ଏବ ପୁଣି ସ୍ନାୟୁମାନଙ୍କଦ୍ୱାରା ମସ୍ତିଷ୍କରୁ ବହୁଦୂର ଅଦେଶ ଅଙ୍ଗମାନଙ୍କୁ ବାହୁତ ହୁଏ । ସ୍ନାୟୁର ବର୍ଣ୍ଣ ଧଳା; ଏହା ଚକ୍କଣ, ଟାଣୁଆ ଓ ଛଣପଟଗୁଚ୍ଛ ପରି; ସ୍ନାୟୁମାନ ଶବ୍ଦରସ୍ପର୍ଶ ମାଂସପେଶୀମାନଙ୍କ ମଧ୍ୟରେ ବ୍ୟାପ୍ତ ହୋଇଥାଏ । ବୈଦ୍ୟଶାସ୍ତ୍ରରେ କଥିତ ହୋଇଅଛି ଯେ, ଦେହରୁ ଘର୍ମ ବାହାରିବା ବା ଶ୍ଲେଷ୍ମକଫବାଟରେ ଲେପ ଓ ତୈଳ ଅଦି ଶବ୍ଦର ମଧ୍ୟକୁ ପ୍ରବେଶ କରିବା ଅଦି କର୍ମ ସ୍ନାୟୁମାନଙ୍କ ଦ୍ୱାରା ଘଟେ (ହି. ଶ) । ମାନବ ଦେହରେ ସବୁସୁଦ୍ଧା ୯୦୦ଟି ସ୍ନାୟୁ ଅଛି । ଏଥି ମଧ୍ୟରୁ ମସ୍ତକରେ ୭୦ଟି, ଦୁସ୍ତପଦରେ ୬୦୦, କୋଷ୍ଠରେ ବା ତ୍ରିବାଠାରୁ ଜଙ୍ଘ ପର୍ଯ୍ୟନ୍ତ ୭୩୦ଟି ସ୍ନାୟୁ ଅଛି ।

ସ୍ନାୟୁ ମଣ୍ଡଳ—ସଂ. ବ (ଶବ୍ଦର ବଜ୍ଞାନ) – ସବୁ ଶବ୍ଦରେ ପରିବ୍ୟାପ୍ତ ଓ ପରମ୍ପରସମ୍ବଦ୍ଧ ସ୍ନାୟୁସମୂହ—
Snāyu maṇḍala The nervous system.

ସ୍ନାୟୁର୍ମି—ଃଂ. ବ (ସ୍ନାୟୁ+ଅର୍ମନ୍; ୬ମା. ୧ବ) — ନେତ୍ରରୋଗ ବିଶେଷ (ମାଧବକର ବଦାନ)—A sort of eye-disease. [ଦ୍ର—ଏ ରୋଗରେ ଆଖିର ଧଳାଅଂଶ ଉପରେ ଗୋଟିଏ ଗ୍ରନ୍ଥି ବାହାର ପଡ଼େ; ଏ ରୋଗ ୩ ପ୍ରକାର :— ଅର୍ବୁଦଭେଦ, ଉର୍ଦ୍ଧ୍ୱଭେଦ ଓ ଅଧୋଭେଦ—ହି. ଶ ।]
Snāyūrmi

ସ୍ନାହାନ—ତ୍ରି. ବ (ସଂ. ସ୍ନନ)—ଗାଧୁଅ; ସ୍ନାନ—
Snāhāna Bath.
ଚାନ (ଦ୍ର—ସ୍ନାହାନ ସମୁଦ୍ରେ ସାରିଲେ । ସବୋବନ୍ତ. ପ୍ରେମରତ୍ନ ଅସ୍ନାନ ବ୍ରହ୍ମଗୀତା ।)

ସ୍ନିଗ୍ଧ—ସଂ. ବିଣ. ପୁଂ (ସ୍ନିହ୍ ଧାତୁ=ସ୍ନେହ କରିବା, ଚକ୍କଣ କରିବା, ତୈଳାକ୍ତ କରିବା+କର୍ମ. ତ)—୧ । ଅରୁକ୍ଷ; (ସ୍ନିଗ୍ଧା—ସ୍ତ୍ରୀ) ସ୍ନେହଯୁକ୍ତ; ତେଲିଆ (ଅମର)—1. Oily; (ସ୍ନିଗ୍ଧତା[ତ୍ୱ]—ବ) oiled; greasy. ୨ । ଚକଚକିଆ—2. Glossy; shining. ୩ । ଚକ୍କଣ; ମସୃଣ (ଶବ୍ଦରତ୍ନାବଳୀ)—3. Smooth. ୪ । ପ୍ରିୟ; ସ୍ନେହପାତ୍ର; ସ୍ନେହର ଆଧାର—4. Beloved; dear; object of affection; affectionate. ୫ । ସ୍ନେହଯୁକ୍ତ; କୋମଳ; ସ୍ନେହୀ—5. Loving; fond. ୬ । ସୁଶ୍ରାବ୍ୟ; ଶ୍ରୁତିମଧୁର—6. Sweet to the ear; agreeable to hear. ୭ । ସ୍ନିଗ୍ଧକର ଓ ଶୀତଳ—7. Cool and pleasing. ୮ । ଜବଡ଼—8. Thick. ୯ । କୋମଳ—9. Soft. ୧୦ । ଶୀତଳତାକାରକ—10. Cooling. ୧୧ । ରମ୍ୟ; ରମଣୀୟ—11. Pleasing. ସଂ. ବ—୧ । ଶିକୁଡ଼; ମଡ଼ଣ (ବ୍ରଜନର୍ଘଣ୍ଟ)—1. Wax. ୨ । ବୟସ୍ୟ (ଅମର)—2. Companion. ୩ । ରକ୍ତେରଣ୍ଡ (ବ୍ରଜନର୍ଘଣ୍ଟ)—3. The red variety of castor oil seed plant. ୪ । ସରଳ ବୃକ୍ଷ,(ବ୍ରଜନର୍ଘଣ୍ଟ)—4. Pine tree. ୫ । ଦୁଧସର (ହି. ଶ)—5. Cream of milk. ୬ । ଗନ୍ଧବିରଜା (ହି. ଶ) [ଦେଖ]—6. Gandha bi-ijā [See]

ସ୍ନିଗ୍ଧ କାନ୍ତି—ଃଂ. ବି (କର୍ମଧା)—ରମଣୀୟ ଲାବଣ୍ୟ—
Snigdha kānti Charming beauty or grace.

ସଂ. ବିଣ (ବହୁବ୍ରୀ) —ରମଣୀୟ କାନ୍ତିଯୁକ୍ତ—
Graceful.

ସ୍ନିଗ୍ଧ ଗମ୍ଭୀର —ସଂ. ବିଣ. ପୁଂ—ରମଣୀୟ ଅଥଚ ଗମ୍ଭୀର—
Snigdha gambhīra Grave yet graceful.
(ସ୍ନିଗ୍ଧଗମ୍ଭୀର—ସ୍ତ୍ରୀ)

ସ୍ନିଗ୍ଧ ଗାମ୍ଭୀର୍ଯ୍ୟ—ସଂ. ବ (କର୍ମଧା)—ମନୋରମ ଗମ୍ଭୀରତ୍ୱ—
Snigdha gāmbhīrjya Graceful gravity.

ସ୍ନିଗ୍ଧଚ୍ଛଦ—ସଂ ବ (ବହୁବ୍ରୀ; ସ୍ନିଗ୍ଧ+ଛଦ)—ବରଗଛ (ହି. ଶ.)—
Snigdhachchhada Banian tree.
ସଂ. ବିଣ—ମସୃଣ ପତ୍ରବିଶିଷ୍ଟ—Having smooth leaves.

ସ୍ନିଗ୍ଧଚ୍ଛଦା—ସଂ, ବିଣ. ସ୍ତ୍ରୀ—ସ୍ନିଗ୍ଧଚ୍ଛଦର ସ୍ତ୍ରୀଲିଙ୍ଗ—Feminine of Snigdhachchhadā Snigdhachchhada. ସଂ. ବ—ବରକୋଳ ଗଛ—Jujube tree.

ସ୍ନିଗ୍ଧ ଜୀରକ —ସଂ. ବ—ଇସବଗୋଲ (ହି. ଶ. ଦେଖ)
Snigdha jīraka Isabagol (See)

ସ୍ନିଗ୍ଧ ତଣ୍ଡୁଳ—ସଂ. ବ—ଷଷ୍ଟୀଶାଳ (ବ୍ରଜନର୍ଘଣ୍ଟ); ଲଘୁ ଧାନ; ଷାଠିକା ଧାନ—A light variety of winter-paddy.
Snigdha taṇḍula

ସ୍ନିଗ୍ଧତା(ତ୍ୱ) —ସଂ. ବ (ସ୍ନିଗ୍ଧ+ଭାବାର୍ଥେ ତା, ତ୍ୱ)—୧ । ସ୍ନିଗ୍ଧତ୍ୱର-
Snigdhatā (twa) 1. Oiliness; smoothness; coolness; softness. ୨ । ସ୍ନେହ (ବ୍ରଜନର୍ଘଣ୍ଟ)-
2. Affection; ୩ । ତେଲ (ବ୍ରଜନର୍ଘଣ୍ଟ)—
3. Oil.

ସ୍ନିଗ୍ଧ ଦାରୁ—ସଂ. ବ (ବହୁବ୍ରୀ)—୧ । ସରଳ ବୃକ୍ଷ; ଦେବଦାରୁ (ଜଟାଧର, ବ୍ରଜନର୍ଘଣ୍ଟ)—1. The pine tree. ୨ । ଶାଳ ଗଛ (ହି. ଶ)—2. Shorea Robusta tree.
Snigdha dāru

Digitized by srujanika@gmail.com

ସ୍ନିଗ୍ଧ ଦୃଷ୍ଟି—ସଂ. ବ (କର୍ମଧା ।)—୧ । ମଧୁର ଦୃଷ୍ଟି—Snigdha dṛushṭi 1. Sweet look; loving glance. ୨ । କୋମଳ ଦୃଷ୍ଟି—2. Fond or soft look. ସ. ବ. ଗୁଂ ଓ ସ୍ତ୍ରୀ (ବହୁବ୍ରୀ.ହି)—କୋମଳ ଦୃଷ୍ଟିଯୁକ୍ତ—Sweetlooking.

ସ୍ନିଗ୍ଧ ନିର୍ମଳ—ସ. ବ—ଚିକ୍କଣ ଓ ସଫା—Snigdha nirmala Smooth and clear.

ସ. ବ—କଂସା ଧାତୁ (ହି. ଶ)—Bell metal.

ସ୍ନିଗ୍ଧ ପତ୍ରକ—ସଂ. ବ—୧ । ଗଜର ତୃଣ (ରାଜନିର୍ଘଣ୍ଟ)—1. A Snigdha patraka kind of grass. ୨। ଗୁଚ୍ଛ କରଞ୍ଜ; ଘୃତ କରଞ୍ଜ (ରାଜନିର୍ଘଣ୍ଟ)—2. A species of Karañja. ୩ । ଆକଣ୍ଡିଙ୍ଗା ଲତା (ହି. ଶ)—3. A kind of wild creeper.

ସ୍ନିଗ୍ଧପତ୍ରୀ—ସଂ. ବ—୧ । ବଦଗ୍ଦ (ଜଠାଧର)—1. The Jujube Snigdhapatrī tree. ୨ । ଘାଲଙ୍କା (ରାଜନିର୍ଘଣ୍ଟ), ଘାଲଙ୍କ ଶାଗ—2. Spinage. ୩ । କାଶ୍ମଣ୍ଡ (ରାଜନିର୍ଘଣ୍ଟ); ଉମ୍ବାଣ୍ଡ—3. A tree; Gmelina Arborea.

ସ୍ନିଗ୍ଧ ପିଣ୍ଡୀତକ—ସ. ବ—ମଦନ ବୃକ୍ଷ ବିଶେଷ (ରାଜନିର୍ଘଣ୍ଟ)—Snigdha piṇḍītaka A species of Madana tree.

ସ୍ନିଗ୍ଧଫଳା—ସଂ. ବ—କାକୁଲୀ (ରାଜନିର୍ଘଣ୍ଟ); ବନ୍ଦା—Snigdhaphalā Vanda Roxburghii.

ସ୍ନିଗ୍ଧ ବୀଜ—ସଂ. ବ (ବହୁବ୍ରୀ.ହି)—୧ । ଇସବଗୋଲ (ହି. ଶ) Snigdha bīja 1. Isabagol (See)

୨ । ଚିକ୍କଣ ମଞ୍ଜି—2. Smooth seed.

ସ୍ନିଗ୍ଧ ମଜ୍ଜକ—ସ. ବ—ବାଦାମ୍ (ହି. ଶ) Snigdha majjaka Almond.

ସ୍ନିଗ୍ଧା—ସଂ. ବଣ, ସ୍ତ୍ରୀ—'ସ୍ନିଗ୍ଧ'ର ସ୍ତ୍ରୀଲିଙ୍ଗ—Feminine of Snigdhā 'Snigdha'. ସଂ. ବ—୧। ମେଦା [ରାଜନିର୍ଘଣ୍ଟ]—1. A rare root-bulb used in medicine. ୨ । ମଜ୍ଜା; ଅସ୍ଥିସାର [ହି. ଶ]—2. Bone marrow. ୩ । ଚିକ୍କଣତା; ଉଲ୍ଲ୍ଲ [ହି. ଗ] 3. Flacourtia Ramontchi [plant].

ସ୍ନିହ୍ [ଧାତୁ]—ସଂ. ବ—ସ୍ନେହ କରିବା—Snih [root] To love.

ସ୍ନିହ୍ (ଧାତୁ)—ସ. ବ—୧ । ସ୍ନେହ କରିବା—1. To love. ୨ । ତୈଳାକ୍ତ କରିବା—2. To oil. ୩ । ମସୃଣ କରିବା—3. To polish; to smooth.

ସ୍ନୁ (ଧାତୁ)—ସ—ସ୍ରବ ହେବା—Snu (root) To ooze.

ସ୍ନୁ—ସ. ବ—୧ । ସାନୁ; ଉତ୍କୋପରସ୍ଥ ସମଭୂଭାଗ (ଅମର)—Snu 1. Table land. ୨ । ସ୍ନାୟୁ (ଭାଗବତ)—2. Nerve.

ସ୍ନୁକ୍—ସ. ବ (ସ୍ନୁହ୍ ଧାତୁ=ବମନ କରିବା+କର୍ତ୍ତରି କ୍ୱିପ୍)—ସ୍ନୁହୀ Snuk ବୃକ୍ଷ (ଅମର); ସିଜୁ ଗଛ—Euphorbia tree.

(ସ୍ନୁଦ୍ଦକ—ଟଜ୍ୟରୂପ) [ଦ୍ର—ଏହୁ ବୃକ୍ଷର ଛାର ବମନର ଔଷଧ ରୂପେ ବ୍ୟବହୃତ ହୁଏ ।

ସ୍ନୁକ୍ଛଦ—ସ. ବ—କ୍ଷୀର କଷ୍ଟୁଳା ବୃକ୍ଷ (ଉତ୍ପାଳା); କ୍ଷୀର ବୃକ୍ଷ—Snuk-chhada A tree with leaves like the Euphorbia tree.

ସ୍ନୁତ—ସ. ବଣ (ସ୍ନୁ ଧାତୁ+କର୍ତ୍ତରି. ତ)—୧ । ଗଳତ; କ୍ଷରିତ Snuta (ଜଳାଦି)—1. Oozing. ୨ । ପତ୍ତିତ—(ସ୍ନୁ—ତ) 2. Fallen.

ସ୍ନୁଷା—ସ. ବ. ସ୍ତ୍ରୀ (ସ୍ନୁ ଧାତୁ+କର୍ତ୍ତରି. ଷ+ସ୍ତ୍ରୀ. ଆ)—୧ । ପୁତ୍ରବଧୂ Snushā (ଅମର)—1. Daughter-in-law. ୨ । ସ୍ନୁହୀ ବୃକ୍ଷ; ସିଜୁ ଗଛ (ଶବ୍ଦଚନ୍ଦ୍ରିକା)—2. The Euphorbia tree.

ସ୍ନୁହ୍ (ଧାତୁ)—ସଂ—ବମନ କରିବା—Snuh (root) To vomit.

ସ୍ନୁହା(ହି, ହୀ)—ସଂ. ବ (ସ୍ନୁ ଧାତୁ=ସ୍ରବ ହେବା+କର୍ତ୍ତରି. ଡ+ଅ, ଇ, ଈ)—ସିଜୁ (ଦେଶ)—Snuhā(hi, hī) Sijhu (See)

ସ୍ନେୟ—ସଂ. ବଣ (ସ୍ନା ଧାତୁ+କର୍ତ୍ତରି. ଯ)—୧ । ସ୍ନାନ କରିବା ଯୋଗ୍ୟ Sneya —1. Fit to take a bath. ୨ । ଯେ ସ୍ନାନ କରିବାକୁ ଯାଉଅଛୁ—2. About to bathe.

ସ୍ନେହ—ସଂ ବ (ସ୍ନିହ୍ ଧାତୁ+ଭାବ. ଅ)—୧ । ପ୍ରେମ (ଅମର)—Sneha 1. Love. ୨ । ବାତ୍ସଲ୍ୟ; ବୟ ଅପେକ୍ଷା କନିଷ୍ଠର ବ୍ୟକ୍ତି (ଯଥା—ପୁତ୍ର, ଭଜ୍ୟା, ଶିଷ୍ୟ, କନିଷ୍ଠ ଭ୍ରାତୃଆଦି) ପ୍ୟାର, ପିୟାର ଙ୍କ ପ୍ରତି ଗୁରୁଜନଙ୍କର ପ୍ରେମ—2. Affection (towards one's youngers). [ଦ୍ର—'ସ୍ନେହ' ସାଧାରଣତଃ ପ୍ରେମ ବା ପ୍ରୀତି (ଅର୍ଥାତ୍ ଏକ ବ୍ୟକ୍ତି ପ୍ରତି ଅନ୍ୟର ମନର ପ୍ରବଣତା)କୁ କୁହାଏ । କନ୍ତୁ ଏହ ଶବ୍ଦ ବିଶିଷ୍ଟ ଭାବରେ ପିତା, ମାତା ଓ ଗୁରୁସ୍ଥାନୀୟ ବ୍ୟକ୍ତିଙ୍କର ପୁତ୍ର, କନ୍ୟା ଓ ଶିଷ୍ୟାଦଙ୍କ ପ୍ରତି ବାତ୍ସଲ୍ୟ ବା ମନର ପ୍ରବଣତାକୁ କୁହାଏ ।] ୩ । ତୈଳ, ଘୃତ, ତତ୍ତ୍ୱଂ ଅଦ (ସ୍ନିଗ୍ଧ—ବଣ) ଚିକଣା ପଦାର୍ଥ; ତୈଳାଦ ରସଭେଦ (ମେଦମା)—ଏହାର ଅପଭ୍ରଂଶ— 3 Oil, ghee, grease, etc; any ସିନ୍ଧଡ, ସିଦ୍ଧେଡ oily thing. [ଦ୍ର—(୧ ଓ ୩ ଅର୍ଥ) ବାସ ସେନେଡ, ସିନ୍ଧଅ ପିଧାନରେ ପୁଡ଼ ଦବ୍ୟ ଭଜ୍ୟା ଘର, ବିଶେଷତ ଦୟିଡ ଭାହାଁରେ ସ୍ନେହ ଦର । ଉଜ୍ଜ. ବେଦେଷ୍ୱାସ୍ତଲାସ ।] ୪ । ଚିକ୍କଣତା—4. Oiliness; smoothness. ୫ । (ନ୍ୟାୟ ଦର୍ଶନ) ଗୁଣ ବିଶେଷ; ଜଳୀୟ ପରମାଣୁରେ ସଦା ଅବସ୍ଥିତ ଗୁଣ—5. (Logic) Name of a quality or attribute in water-atoms. ୬ । କୋମଳତା (ହି. ଶ)—6. Softness. ୭ । ଦନୁମାନଙ୍କ ମତରେ ଦ୍ରୋଦ୍ରବଗଲ ଗୁଡ଼ ଗୁଣ ବିଶେଷ (ହି. ଶ)—7. Name of a secondary musical air.

Digitized by srujanika@gmail.com

ସାଧାରଣ ନିୟମେ ଅକର ପୃଷ୍ଠାରେ ସୂଚ୍ୟଂଶ ଚନ୍ଦ୍ରବିନ୍ଦୁ ଅକର ଓ ମାତ୍ରା ଏବଂ ୨ଶ ଚନ୍ଦ୍ରବିନ୍ଦୁ ଅକର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତୁ ନାହିଁ ଅଦାଦର ୧ମ। ୨ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଡିଲେ ଯେତେ ଏ ସ୍ୱରାଦୋଷରେ ନ ମିଳିବ ସେତେ ସ୍ନେହ ଶବ୍ଦ ପାଇଁ ଯଥାକ୍ରମେ ଉହିଁର ବିପରୀତ ୨ ବା ୧ ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଯୋଡିବାକୁ ହେବ । ଯଥା—'ଘାଇ' ନ ମିଳିଲେ'ଘାଈ' ଯୋଡିବେ;'ମୂଢ଼' ନ ମିଳିଲେ 'ମୂଢ' ଯୋଡିବେ, 'ଝଂ'ନ ମିଳିଲେ'ଝଙ୍କ୍'ଯୋଡିବେ। 'ଅଉଁଷା'ନ ପାଇଲେ'ଅଣ୍ଟା'ଦେଖିବେ'ଅଲଡଟ'ନ ପାଇଲେ'ଅଲ୍ଟଟ୍'ଦେଖିବେ

୮ । ସୋରଷ (ହି. ଶ)—8. Mustard. ୯ । ଦୁଧ ସର (ହି. ଶ)—9. Cream of milk. ଦେ. ବ—୧ । କୌଣସି ଦ୍ରବ୍ୟ ପ୍ରତି ଥଦର—1. Liking for any thing. ୨। ଅଗ୍ରହ—2. Hankering; eagerness. [ହି—ଶୁଣିବାକୁ ଭାବା ମୋଦର ବଳ ଅଛି ସ୍ନେହ। କୃଷ୍ଣବିଂହ. ସଦାଗ୍ରହ· ଥଦ ।]

ସ୍ନେହ କରିବା—ଦେ. କ୍ରି—୧ । ସ୍ନେହ ଖାଇବା—1. To love. ୨ । ବାତ୍ସଲ୍ୟ ଦେଖାଇବା—2. To have affection for.

ସ୍ନେହ କୀତ—ସଂ. ବଣ. ପୁଂ (ଷଷ୍ଠୀ ତତ୍)—(ଲକ୍ଷଣାର୍ଥ)—ସ୍ନେହ ଦ୍ୱାରା କଣା ହେବା ଘର କଣୀଭୂତ—(figurative) Purchased or over-powered with affection shown by another.

ସ୍ନେହ ଗର୍ଭ—ସଂ. ବଣ (ବହୁବ୍ରୀ); ସ୍ନେହ ଅଛୁ ଗର୍ଭରେ ବା ଅନ୍ତରରେ Sneha garbha ଯାହାର)—ସ୍ନେହ ପୂର୍ଣ୍ଣ; ସ୍ନେହ ଜଡିତ—(ସ୍ନେହ ଗର୍ଭ—ଅନ୍ୟରୂପ) Full of affection; affectionate. [ଯଥା—ସ୍ନେହଗର୍ଭ ବାକ୍ୟ; ସ୍ନେହଗର୍ଭ ବ୍ୟବହାର ।] ସଂ. ବ—ତିଳ (ହି. ଶ)—Sessamum.

ସ୍ନେହ ତୁଟ—ଦେ. ବଣ—୧ । ଯେଉଁ ମନରୁ କୌଣସି ବ୍ୟକ୍ତି ପ୍ରତି Sneha tuṭa ପୂର୍ବର ସ୍ନେହ ଭୁଟି ଯାଇଅଛୁ—1. (a mind) ସ୍ନେହ ଛାଡ଼ା Which has lost its former attachment to a person. [ଜ—ଠାଣି ଯନ୍ତେ ଯତେ କହନ୍ତୁ, ତାହିଁ ର ମନ କଲୁ ସ୍ନେହଭୁଟ ?—ଜବସୂଫି. ସଙ୍ଗୀତ ।] ୨ । ଯେଉଁ ମନରୁ ସ୍ନେହ ଊଣା ହୋଇଅଛୁ—2. (a mind) Which has lessened its former love or attachment. ଦେ. ବ—୧ । ପୂର୍ବ ସ୍ନେହର ଊଣା ହେବା—1. The abatement of one's former attachment or love. ୨। ସ୍ନେହ ବନ୍ଧନର ଛେଦ—2. Loss of former love or attachment.

ସ୍ନେହ ଦୋସ୍ତି—ଦେ. ବ (ସପ୍ତତର)—ସ୍ନେହାଧିକ୍ୟଜନିତ ହୃଦୟର Sneha dosti ଘନିଷ୍ଠ ବନ୍ଧୁତ୍ୱ—Posom friendship; intପ୍ରଗାଢ଼ ବନ୍ଧୁତ୍ୱ ପକ୍କୀ ଦୋସ୍ତୀ imate friendship.

ସ୍ନେହନ—ସଂ. ବ (ସ୍ନିହ୍ ଧାତୁ+ଲ୍ୟୁଟ୍· ଅନ)—୧ । ସ୍ନେହ କରିବା Snehana —1. Loving; entertaining affection for. ୨ । ତୈଳ ମର୍ଦ୍ଦନ; ତେଲ ମାଖିବା ବା ଲଗାଇବା; ତୈଳ ମ୍ରକ୍ଷଣ; ଅଭ୍ୟଞ୍ଜନ; ଅଭ୍ୟଙ୍ଗ—2. Besmearing with oil; oiling; anointing with oil. ୩ । ଚିକ୍କଣତା ଉତ୍ପାଦନ (ହି· ଶ) 3. Producing smoothness. ୪ । ଦୟା; ଦ୍ୱେଷ (ହି. ଶ)—4. Phlegm. ୫ । ନବନୀତ (ହି. ଶ)—5. Butter.

ସ୍ନେହ ପତ୍ର—ସଂ. ଷ (୩· ତ· ଲୋ; ସ୍ନେହପୂରତ ପତ୍ର)—ସ୍ନେହପୂର୍ଣ୍ଣ Sneha patra ପତ୍ର; ସ୍ନେହମୟୀ ଲେଖ—Affectionate letter.

ସ୍ନେହ ପଦାର୍ଥ—ସ. ବ (୩· ତ· ଲୋ)—ତୈଳାଦ ବସ୍ତୁ—Sneha padārtha Oily substance.

ସ୍ନେହପରାୟଣ—ସଂ. ବଣ. ପୁଂ (ବହୁବ୍ରୀ)—ସ୍ନେହଶୀଳ (ଦେଖ) Sneha parāyaṇa Sneha śīla (See) [ସ୍ନେହପରାୟଣା—ସ୍ତ୍ରୀ] [ସ୍ନେହ ପରାୟଣତା—ବ]

ସ୍ନେହ ପରିପ୍ଲୁତ—ସଂ· ବଣ. ପୁଂ (ଷଷ୍ଠୀ ତତ୍)—ସ୍ନେହଦ୍ୱାରା ବ୍ୟାପ୍ତ; Sneha paripluta ସ୍ନେହଦ୍ୱାରା ପୂର୍ଣ୍ଣ—Filled with [ସ୍ନେହ ପରିପ୍ଲୁତା—ସ୍ତ୍ରୀ] affection

ସ୍ନେହ ପାତ୍ର—ସଂ. ବ (ଷଷ୍ଠୀ ତତ୍)—ସ୍ନେହଭାଜନ ବ୍ୟକ୍ତି; ଯାହାକୁ Sneha pātra ସ୍ନେହ କରାଯାଏ—Object of affection.

ସ୍ନେହ ପାନ—ସଂ. ବ (ଷଷ୍ଠୀ ତତ୍)—ରୋଗନିବାରଣାର୍ଥ ତୈଳ, ଘୃତ, Snehapāna ଚର୍ବୀ ଆଦର ପାନ—Drinking of oil etc to allay some disease. [ଦ୍ର—ଏତଦ୍ଭିନ୍ନ ଅଗ୍ନିପାତ୍ର ହୁଏ, ତୋଷ୍ଟ ଶୁଦ୍ଧି ହୁଏ । ସ୍ନେହ ୪ ପ୍ରକାର— ତୈଳ, ଘୃତ, ବସା ଓ ମଜ୍ଜା । ଖାଲି ତୈଳର ପାନକୁ ସ୍ନେହପାନ,ତୈଳ ଓ ଘିଅ ମିଶ୍ରିତ ପାନକୁ ସାମାନ୍ୟ ସ୍ନେହପାନ; ତୈଳ, ଘିଅ ଓ ବସା ମିଶ୍ରିତ ପାନକୁ ବିଶେଷ ସ୍ନେହପାନ ଓ ତୈଳ, ଘିଅ, ବସା ଓ ମଜ୍ଜା ମିଶ୍ରିତ ପାନକୁ ମହା-ସ୍ନେହପାନ କୋଲ୍ଲଯାଏ (ହି. ଶ)

ସ୍ନେହ ପାଳିତ—ସଂ. ବଣ. ପୁଂ (ଷଷ୍ଠୀ ତତ୍)—ବାତ୍ସଲ୍ୟ ଦେଖାଇ Sneha pālita ପାଳିତ—Brought up with affection (ସ୍ନେହପାଳିତା—ସ୍ତ୍ରୀ)

ସ୍ନେହ ପିଣ୍ଡୀତକ—ସଂ· ବ—ମଦନଫଳ— Sneha pinḍītaka Madanaphala (See)

ସ୍ନେହ ପିତା—ସ. ବ (ଦେଶଜ ବ୍ୟବହାର)—କୌଣସି ବ୍ୟକ୍ତିକୁ ପୁତ୍ର· Sneha pitā ବତ୍ ସ୍ନେହର ପାଳନ କରିବା ବ୍ୟକ୍ତି— A person who brings up another as affectionately as a father would do.

ସ୍ନେହ ପିତୁଳା (ଳି)—ଦେ. ବ (ସ. ସ୍ନେହ ପୁତ୍ତଳ)—ସ୍ନେହ ପୁତ୍ତଳ Sneha pitula(li) (ଦେଶ)—Snehaputtali (See) ସ୍ନେହପତଳି ସ୍ନେହମାଜନ

ସ୍ନେହ ପୁତ୍ତଳ—ସଂ. ବ--ଅତ୍ୟଧିକ ସ୍ନେହର ପାତ୍ର—One's cherished idol of affection. Sneha puttali (ସ୍ନେହ ପୁତ୍ତଳିକା—ଅନ୍ୟରୂପ)

Digitized by srujanika@gmail.com

୧	ଇ	ଉ	ଋ,ୠ	ଌ	ଏ	ହ୍ରସ୍ୱ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଜ୍ଞ	ଇଯ୍	ଉଅ	ୠ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ଙ୍ଗ	ଯ	ଶ	ଗ୍ଧ୍ୟ	ଇଅ	ଵ	ନ୍ଦ୍ର

ସ୍ନେହ ପୁତ୍ର(ତ୍ରି)—ସଂ. ବ (ଦେଶଜ ବ୍ୟବହାର)—ପୁତ୍ରରେ ସ୍ନେହଥାଇବ
Sneha putra (tra) ବ୍ୟକ୍ତି; ଯେ ଜନ୍ମତଃ ପୁତ୍ର ନୁହେଁ, ତଦ୍ରୂପ ପୁତ୍ର ପରି ସ୍ନେହରେ ପାଳିତ ହୋଇଥାଏ—A person who is brought up by a person as his own son.

ସ୍ନେହ ପୂର (ଫଳ)—ସ. ବ—ଭିଳ
Sneha pūra (phala) Sessamum

ସ୍ନେହ ପ୍ରଣୋଦିତ—ସ. ବଣ. ପୁଂ (ଆତ୍ମା ଭଳି)—ସ୍ନେହଦ୍ୱାରା ପ୍ରଭାବିତ
Sneha praṇodita ବା ପ୍ରବର୍ତ୍ତିତ—Prompted by affection.
(ସ୍ନେହପ୍ରଣୋଦିତା—ସ୍ତ୍ରୀ)

ସ୍ନେହ ପ୍ରଫୁଲ୍ଲ—ସ. ତତ୍ପୁ. ପୁଂ (ପ୍ରଫୁଲ୍ଲିତ)—ବାତ୍ସଲ୍ୟଯୋଗୁ ହର୍ଷୋତ୍ଫୁଲ୍ଲ
Sneha praphulla Delighted with affection.
(ସ୍ନେହପ୍ରଫୁଲ୍ଲା—ସ୍ତ୍ରୀ) (ସ୍ନେହପ୍ରଫୁଲ୍ଲତା—ସ୍ତ୍ରୀ)

ସ୍ନେହ ପ୍ରବଣ—ସଂ. ତତ୍ପୁ. ପୁଂ—(ପ୍ରାୟ ଭଳି)—ସ୍ନେହାର୍ଦ୍ର; ସ୍ନେହାସକ୍ତ; ଅତ୍ୟଧିକ ସ୍ନେହଶୀଳ—Very affectionate.
Sneha prabaṇa
(ସ୍ନେହପ୍ରବଣା—ସ୍ତ୍ରୀ) (ସ୍ନେହପ୍ରବଣତା—ବ)

ସ୍ନେହପ୍ରବଳା—ତତ. ବହୁ. ସ୍ତ୍ରୀ (ସ୍ନେହପ୍ରବଣା)—ସ୍ନେହମୟୀ—
Snehaprabalā Affectionate. [ଉ—ବଳାଦ୍ଭଜସ୍ତମା ସ୍ନେହପ୍ରବଳା—ଭଞ୍ଜ. ବୈଦେଘୋଷବଳାସ]

ସ୍ନେହ ପ୍ରିୟ—ସ. ବ (ବହୁବ୍ରୀ, ସ୍ନେହ=ଶବ୍ଦ ବା ତେଲ ଅର୍ଥେ ପ୍ରିୟ ଯାହାର)—ପ୍ରଦୀପ [ଦ୍ୱୟରତ୍ନ]—Oil lamp. ସ. ବହୁ—୧। ତେଲ ପ୍ରିୟ—1. Fond of oil. ୨। ଅତ୍ୟନ୍ତ ସ୍ନେହୀ—2. Very fond or affectionate.

ସ୍ନେହବତୀ—ସ. ବ—ମେଦା [ବ୍ରଜନ୍ଧର୍ଷ୍ଣ]—A rare herbaricous root. ସ. ବହୁ. ସ୍ତ୍ରୀ—ସ୍ନେହମୟୀ—[ସ୍ନେହବାନ୍—ପୁଂ]
Snehabatī
ସ୍ନେହାତ୍ମିକା
ସ୍ନେହପୂର୍ଣ୍ଣା
Loving (female)

ସ୍ନେହ ବନ୍ଧ—ସ. ବ (ଷଷ୍ଠୀ ତତ୍ ବା ରୂପକ କର୍ମଧାରୟ)—ସ୍ନେହ ଜନିତ ମମତା; ବନ୍ଧନରୂପ ସ୍ନେହ—[ସ୍ନେହ ବନ୍ଧନ—ଅନ୍ୟରୂପ]
Sneha bandha
Ties of affection.

ସ୍ନେହ ବନ୍ଧୁ—ସଂ. ବ (ଦେଶଜ ବ୍ୟବହାର)—ରକ୍ତ ବା ବୈବାହସମ୍ପର୍କୀୟ ନୋହଥିବା ବନ୍ଧୁ; ପ୍ରୀତି ବନ୍ଧୁ—
Sneha bandhu ବନ୍ଧୁ ନ ହୋଇ ସ୍ନେହବନ୍ଧନଦ୍ୱାରା ହୋଇଥିବା ବନ୍ଧୁ; ପ୍ରୀତି ବନ୍ଧୁ—
A friend of love (not by relationship).

ସ୍ନେହ ବନ୍ଧୁତା—ସ. ବ (ଦେଶଜ ବ୍ୟବହାର)—ସ୍ନେହଦ୍ୱାରା ସୃଷ୍ଟ ବନ୍ଧୁତା—
Sneha bandhutā
Frendship established by affection.

ସ୍ନେହ ବଳିବା—ତତ. ବ—ଅତ୍ୟଧିକ ସ୍ନେହ ହେବା—Excess or eagerness of attachment.
Sneha balibā
[ଉ—ଆଗ୍ରହ ବାଢ଼ା ଶୁଣିବାକୁ ତାହା ମୋର ବଳିଅଛୁ ସ୍ନେହ—ଇଚ୍ଛା ବର୍ଦ୍ଧନା କୃଷ୍ଣସିଂଦ. ମହାଭାରତ. ଆଦି]

ସ୍ନେହ ବସ୍ତି—ସଂ. ବ—ଅନୁବାସନ ବସ୍ତି; ତୈଳଦ୍ୱାରା ଗୁହ୍ୟଦ୍ୱାର ଦ୍ୱାରେ ଦଅଯିବା ପିଚକାରୀ [ଘ୍ରାବପ୍ରକାଶ]—
Sneha basti
Giving oil douche for medicinal purposes. [ଦ୍ର—ବାୟୁ ପ୍ରକୋପର ଶାନ୍ତି ଓ କୋଷ୍ଠଶୁଦ୍ଧି କରାଇବା ପାଇଁ ଏହା ପ୍ରଯୋଗ କରାଯାଏ—ହୃ. ଶ ।]

ସ୍ନେହବାନ୍—ସଂ. ବଣ. ପୁଂ (ସ୍ନେହ+ଅସ୍ତି ଅର୍ଥରେ ବତୁ; ୧ମା. ୯ବ)—ସ୍ନେହୀ; ସ୍ନେହମୟ; ସ୍ନେହପ୍ରବଣ; ଯେ ସ୍ନେହ କରେ—Loving; affectionate.
Snehabān
(ସ୍ନେହବତୀ—ସ୍ତ୍ରୀ)

ସ୍ନେହ ବିଦ୍ଧ—ସଂ. ବ—ଦେବଦାରୁ (ଜଟାଧର)—
Sneha biddha The pine.

ସ୍ନେହ ବୀଜ - ସଂ. ବ (ରୂପକ)—୧। ବୀଜ ସଙ୍ଗେ ତୁଳନା କରାଯିବା ସ୍ନେହ; ଜଥାସ୍ଥରେ ବୀଜ ବୁଣାଯିବା ପରି ହୃଦୟରେ ବୁଣାଯିବା ସ୍ନେହ—1. Affection compared to seeds planted in a field. ୨। ସ୍ନେହର ପ୍ରଥମ ପ୍ରକାଶ—2. Exhibition or dawning or attachment. ୩। ସ୍ନେହର କାରଣ—3. Object or cause of attachment. ୪। ପିଆଳ ବୃକ୍ଷ (ସ୍ନୁକ୍‌ଦର୍ଘଣ୍ଟ)—4. Buchanania Latifolia tree.

ସ୍ନେହ ବୋଳା—ଦେ. ବଣ (ଲକ୍ଷଣାର୍ଥ)—୧। ସ୍ନେହାର୍ଦ୍ର; ପ୍ରୀତିଚୂର୍ଣ୍ଣି; ସ୍ନେହମାଖା ସ୍ନେହପୂର୍ଣ୍ଣ—1. Full of affection; (literally) smeared with affection, overflowing with affection. ୨। ପ୍ରୀତିମଧୁର—2. Sweetened with affection
Snehā bolā
ସ୍ନେହଭରେ - ଦେ. କ୍ରି. ବଣ—ଅତ୍ୟନ୍ତ ସ୍ନେହରେ—With much affection. ଦେ. ବଣ (ବହୁବଚନ)—ସ୍ନେହଭରେ ପ୍ରୀତିଭାଜନ; ପ୍ରିୟ (ବନ୍ଧୁ)—Dear; loving; affectionate (many). [ଉ—ସଦ୍ୟ ଯେ ବନ୍ଧୁମାନଙ୍କରେ। (ସ୍ନେହଭରେ—ଏକବଚନ) ଶାଳକେ ହେକେ ସ୍ନେହଭରେ—ଜଗନ୍ନାଥ. ଭାଗବତ ।]
Snehabhare

ସ୍ନେହ ଭାଜନ—ସଂ. ବଣ. ପୁଂ ଓ ସ୍ତ୍ରୀ (ଷଷ୍ଠୀ ତତ୍)—ସ୍ନେହପାତ୍ର; ଯାହାକୁ ସ୍ନେହ କରଯାଏ—
Sneha bhājana
Object of affection.

ସ୍ନେହଭୂ—ସଂ. ବ—୧। ସ୍ନିଗ୍ଧ ଭୂମି—1. Oil-sturated or oily soil. ୨। ଶ୍ଳେଷ୍ମା (ତ୍ରିଦୋଷ)—2. Phlegm; rhenm.
Snehabhū

Digitized by srujanika@gmail.com

ସ୍ନେହମୟ—ସଂ. ବଣ. ପୁଂ (ସ୍ନେହ+ଷ୍ଟ୍ରୀଅର୍ଥେ. ମୟ)—୧ । ବାତ୍ସଲ୍ୟ Snehamaya ମୟୂ; ସ୍ନେହବତ୍ତୁଁ—1. Full of affection. (ସ୍ନେହମୟୀ—ସ୍ତ୍ରୀ) ୨ । ସ୍ନେହଯୁକ୍ତ—2. Affectionate. ୨ । ବତ୍ସଳ; ସ୍ନେହୀ; ସ୍ନେହଶୀଳ—3. Loving; affectionate by nature. ୪ । ତୈଳଯୁକ୍ତ; ତେଲିଆ—4. Oily.

ସ୍ନେହ ରଙ୍ଗ—ସଂ. ବ—ତିଳ (ଶବରହାବଲୀ)—Sneha ranga Sessamum seed.

ସ୍ନେହ ରସ—ସଂ. ବ—ବାତ୍ସଲ୍ୟରୂପ ରସ—Sneha rasa The sentiment of affection.

ସ୍ନେହ ଶୀଳ—ସଂ. ବଣ. ପୁଂ (ବହୁବ୍ରୀହି)—୧ । ବାତ୍ସଲ୍ୟଗୁଣଯୁକ୍ତ; Sneha śīla ସ୍ନେହମୟ—1. Affectionate. ୨ । ବତ୍ସଳ (ସ୍ନେହଶୀଳା—ସ୍ତ୍ରୀ) ପ୍ରକୃତିରଶିଷ୍ଟ —2. Affectionate by (ସ୍ନେହଶୀଳତା—ବ) nature.

ସ୍ନେହ ସଞ୍ଚାର—ସଂ. ବ (ଷଷ୍ଠୀ ତତ୍) —ସ୍ନେହୋଦ୍ରେକ (ଦେଖ) Sneha sañchāra Snehodreka (See)

ସ୍ନେହ ସାର—ସଂ. ବ—ଅସ୍ଥିସାର; ମଜ୍ଜା (ହି· ଣ)—Sneha sāra Bone-marrow.

ସ୍ନେହ ସିକ୍ତ—ସଂ. ବଣ (ଷଷ୍ଠୀ ତତ୍) (ଇତରୀର୍ଥ)—ସ୍ନେହାର୍ଦ୍ର; Sneha sikta ସ୍ନେହବୋଳା—Overflowing with affection.

ସ୍ନେହ ସିନ୍ଧୁ—ସଂ. ବ (ରୂପକ କର୍ମଧା)—ପ୍ରଗାଢ଼ ସ୍ନେହ; ସମୁଦ୍ର ସଙ୍ଗେ Sneha sindhu ତୁଳନା କରାଯିବା ସ୍ନେହ—Affection compared to the ocean; unbounded affection.

ସ୍ନେହ ସୁଧା—ସଂ. ବ (ରୂପକ କର୍ମଧା)—ଅମୃତ ସଙ୍ଗେ ତୁଳିତ ସ୍ନେହ—Sneha sudhā Affection compared to nectar.

ସ୍ନେହା—ସଂ. ବ (ସ୍ନିହ୍ ଧାତୁ+ଅଚ୍; ସ୍ନେହନ୍ ଶବ୍ଦ ୧ମା. ୧ବ)—Snehā ୧ । ରୋଗ ବିଶେଷ [ଉଣାଦିକୋଷ]—1. A sort of disease. ୨ । ବନ୍ଧୁ (ଶିବାନୁଜୌମୁଦ୍ଦୀ)—2. Friend. ୩ । ଚନ୍ଦ୍ର (ଶିବାନୁ ଜୌମୁଦ୍ଦୀ)—3. The moon. ଦେ. ବ—ସ୍ନେହ—Affection; love. (ଉ—ଏ ବର୍ତ୍ତମାନ ଦେହେ ଯାହା, ସେଭୁଏ ଦେଖି କରେ ସ୍ନେହା । ଜଗନ୍ନାଥ. ଭଗବତ ।) ଦେ. ବଣ—୧ । ସ୍ନେହୀ—1. Affectionate; loving. (ଉ—ବମାନ କୋଲୁ ବାହା ପଙ୍କ ସୋଦରସ୍ନେହା କୋଳେ ତାଙ୍କ ପ୍ରଭୁଙ୍କ କୃପା । ବଞ୍ଚ. ବୈଦେଗ୍ଧୀଶବଳାଶ ।) ୨ । ଅନୁରକ୍ତ—2. Attached. (ଉ—ଏମନ୍ତ ପ୍ରଭୁ ତୋର ମାସ୍ୟା, ଜୀବ ନ ଜାଣି ତୋଗେ ସ୍ନେହା । ଜଗନ୍ନାଥ. ଭାଗବତ ।)

ସ୍ନେହାକୃଷ୍ଟ—ସଂ, ବଣ (ଷଷ୍ଠୀ ତତ୍; ସ୍ନେହ+ଆକୃଷ୍ଟ)—ସାଦାର Snehākṛushṭa ସ୍ନେହଦ୍ୱାରା ସ୍ନେହୀ ବ୍ୟକ୍ତି ଅସକ୍ତ ହୃତ—Attracted by affection.

ସ୍ନେହାଢ୍ୟ—ସଂ. ବଣ (ଷଷ୍ଠୀ ତତ୍) —ସ୍ନେହଯୁକ୍ତ ବୋଲା (ଦେଶ) — Snehāḍhya Snehabolā (See)

ସ୍ନେହାଶ—ସଂ. ବ (ସ୍ନେହ୍=ତୈଳ+ଅଶ୍. ଧାତୁ=ଭକ୍ଷଣ କରିବା + ଘଞ୍) Snehāśa ବତ୍ତି· ଅ)—ପ୍ରଦୀପ—Light; lamp. (ଉ—ବୋଳେ ତନୟ ଦଳେ ଦନସାରଙ୍କୁ ପାଶ ତ କରେ ସ୍ନେହାଶ ସେ । ଭଃ· ବୈଦେଗ୍ଧୀଶବଳାଶ ।)

ସ୍ନେହାସ୍ପଦ—ସଂ. ବ (ଷଷ୍ଠୀ ତତ୍) —ସ୍ନେହପାତ୍ର; ସ୍ନେହଯୁକ୍ତଜନ— Snehāspada Object of affection.

ସ୍ନେହିତ—ସଂ. ବଣ (ସ୍ନେହ+ଇତ)—୧ । ସ୍ନେହଯୁକ୍ତ (ହି· ଣ)—Snehita 1. Oily. ୨ । ସ୍ନେହ ମିଶ୍ରିତ (ହି· ଣ)—2. Oiled. ୩ । ସ୍ନେହାସ୍ପଦ (ହି ଣ)—3. Beloved. ସଂ. ବ—ବନ୍ଧୁ (ହି. ଣ)—Friend.

ସ୍ନେହୀ—ସଂ. ବଣ· ପୁଂ (ସ୍ନେହ+ଅସ୍ତ୍ୟର୍ଥେ. ଇନ୍; ସ୍ନେହିନ୍ ୧ମା. Snehī ୧ବ)—୧ । ସ୍ନେହଶୀଳ; ସ୍ନେହଯୁକ୍ତ; ସେ ସ୍ନେହ (ସ୍ନେହିନୀ—ସ୍ତ୍ରୀ) କରେ—1. Affectionate; loving. ୨ । ଆଦରକାରୀ—2. Fond. ୩ । ତୈଳିଆ (ହି. ଣ)—3. Oily. ସଂ. ବ. ପୁଂ—୧ । ଚିତ୍ରକର (ଶବ୍ଦକଳ୍ପଦ୍ରୁମ)—1. A painter. ୨ । ବନ୍ଧୁସ୍ଥ ମିତ୍ର—2. A companion; intimate friend. ୩ । ସ୍ନେହୀ ସ୍ନେହାସ୍ପଦ—3. Object of affection. (ଉ—ସ୍ନେହୀ ପ୍ରକାଉ, ସୁରୁତ ଏ ଦୁଇ, ସ୍ମରୁତ ବ୍ରଜାଙ୍କର ସ୍ନେହୀ । ଜଗନ୍ନାଥ. ଭାଗବତ ।)

ସ୍ନେହୁ—ସଂ. ବ. (ସ୍ନିହ୍ ଧାତୁ+କର୍ତ୍ତୃ.ଉ)—୧ । ସ୍ନେହୀ; ସ୍ନେହଗ୍ରସ୍ତ Snehu (ଉଣାଦି କୋଷ)—1. A sort of disease. ୨ । ରୋଗ (ହି. ଣ)—2. Disease. ୩ । ଚନ୍ଦ୍ର (ଶିବାନୁ ଜୌମୁଦ୍ଦୀ)—The moon.

ସ୍ନେହୋତ୍ତମ—ସ. ବ (୭ମୀ ତତ୍)—ଉତ୍ତମତୈଳ (ହି. ଣ) Sn-hottama Sessamum oil,

ସ୍ନେହୋଦ୍ରେକ—ସ. ବ (୭ମୀ ତତ୍)—ସ୍ନେହର ସଞ୍ଚୟ; ମନରେ ସ୍ନେହ Snehodreka ଜାତ ହେବା; ମନରେ ସ୍ନେହର ଆବିର୍ଭାବ—The dawning of affection in a mind.

ସ୍ନେହୋପହାର - ସ. ବ—(ମ. ତ. ତତ୍)—ସ୍ନେହ ସହକାରେ ପ୍ରଦତ୍ତ Snehopahāra ଦ୍ରବ୍ୟାଦି—Loving or affectionate present.

ସ୍ନେହୋପହୃତ—ସ. ବଣ—ସ୍ନେହଦ୍ୱାରା ଦ୍ରବ୍ୟାଦିର ଉପଯାଚିତ ହୋଇଥିବା— Snehopahṛuta Presented with affection.

ସ୍ନେହ୍ୟ—ସ. ବଣ. ପୁଂ (ସ୍ନିହ୍ ଧାତୁ+କର୍ମ ଯ)—ସ୍ନେହ କରିବାର. Sn·ehya ଯୋଗ୍ୟ—Fit to be loved or oiled. (ସ୍ନେହ୍ୟା—ସ୍ତ୍ରୀ)

ସ୍ନୈଗ୍ଧ୍ୟ—ସ. ବ (ସ୍ନିଗ୍ଧ+ଭାବ ଯ)—୧ । ସ୍ନିଗ୍ଧତା—1. Smooth Snaigdhya ness. ୨ । ମାଧୁର୍ଯ୍ୟ—2. Sweetness.

ସ୍ନୈହିକ—ସଂ. ବଣ (ସ୍ନେହ+ଇକ)—୧ । ସ୍ନେହ ସମ୍ବନ୍ଧୀୟ— Snaihika 1. Relating to affection. ୨ । ତୈଳାକ୍ତ 2. Oily. ୩ । ଶୀତଳତା ଜାତ—3. Cooling.

Digitized by srujanika@gmail.com

ସ୍ନୋ—ବୈଦେ. ବ (ଇଂ—ସ୍ନୋ)—ସ୍ତ୍ରୀମାନଙ୍କ ମୁଖାଦର ଶୋଭୃବୃଦ୍ଧ୍ୟର୍ଥ ପ୍ରସ୍ତୁତ ଏକପ୍ରକାର ଧଳା ଚଲ୍ମ—Snow; name of an ointment prepared for the complexion (e. g. Hazeline snow)
Sno

[ଦ୍ର—ଇଂରେଜରେ ସ୍ନୋ (snow) ଶବ୍ଦର ଅର୍ଥ ବରଫ । ଏହ ଚଲ୍ମ ବରଫ ପର ଶୁଭ୍ର ଥିବାରୁ ଓ ଏଦାକୁ ଲଗାଇଲେ ମୁଖର ବର୍ଣ୍ଣ ବରଫ ପର ଶୁଭ୍ର ଓ ସୁନର ହେବ ବୋଲ ବଜ୍ଞାପିତ ହେଉଥିବାରୁ ବର୍ଣ୍ଣ ସୌସାଦୃଶ୍ୟ ଯୋଗୁ ଇଂରାଜରେ ଏହାର ଏପର ନାମକରଣ ହୋଇଅଛ ।

ଇଉଲଇ ସ୍ତ୍ରୀମାନଙ୍କର ପାଶ୍ଚାତ୍ୟ ଦେଶରୁଷା ପ୍ରଚ୍ଛ ଅଦର ବୃଦ୍ଧି ସଙ୍ଗେ ଏ ଶବ୍ଦ ଓଡ଼ିଆ ଭାଷାରେ ଓ ଏ ଦେଶୋପକରଣ ଦ୍ରବ୍ୟ ଇଉଲଲଲନାଙ୍କ ପ୍ରସାଧନ ସାମଗ୍ରୀ-ସମ୍ଭାର ମଧ୍ୟରେ ପ୍ରବେଶାଧିକାର ଲାଭ କରୁଅଛ]

ସ୍ନୋଡନ୍—ବୈଦେ. ବ (ଇଂ. ନାମ)—ଇଂଲଣ୍ଡର ପଶ୍ଚିମାଂଶସ୍ଥ ୱେଲ୍ସ୍ ପ୍ରଦେଶରେ ଏକ ପର୍ବତର ନାମ—The Snowdon mountain in Wales.
Snodan
ସ୍ନୋଡନ ସ୍ନୋଡନ

ସ୍ନୋମାନ୍—ବୈଦେ. ବ (ଇ° ସ୍ନୋ=ବରଫ+ମାନ୍=ମନୁଷ୍ୟ)—ଉତ୍ତର ଉତ୍ତ୍ୱଂଶସ୍ଥ ତୁଷାରାବୃତ ମାଲଭୂମିର ପୋଷଏ ଅଞ୍ଚଳର ଅଧିବାସୀ ପାର୍ବତୀୟ, ସୁଦୀର୍ଘକାୟ, ଘନଲୋମାବୃତ-ଦେହ ମନୁଷ୍ୟ—Snowman; a number of tall stout men covered with long hairs over the body, inhabiting the mountainous plateau north of Tibet. [ଦ୍ର—କଲିକତା 'ଇଲ୍ଷ୍ଟ୍ରେଟେଡ ମେମୋରଅଲ୍' ସ୍ତମ୍ଭରର ସମ୍ପାଦକଙ୍କ କାପ୍ତେନ୍ ଭି. ଡି'ଅର୍ଣ୍ଣି (Captain V. D'Auverne) ଉତ୍ତର ଦେଶର ଉତ୍ତ୍ୱାଞ୍ଚଳସ୍ଥ ପର୍ବତମୟ ମାଲଭୂମିରେ ଏ ନାମଧେୟ ଜଣେ ବ୍ୟକ୍ତିଙ୍କୁ ଦେଖିଛନ୍ତି ଓ ସେହ ପ୍ରଦେଶବାସୀ ଜୁର୍ମୋ ଲମା ନାମକ ଜଣେ ବୌଦ୍ଧଯଜ୍ଞକଠାରୁ ଶୁଣି ଏହ 'ସ୍ନୋମାନ୍' ଭାଇ ସମ୍ବନ୍ଧେ ଉପ୍ରୋକ୍ତ ଲିଖିତ ବେତାର-ବାର୍ତ୍ତା ପ୍ରଚାର କରିଥିବାରୁ ତାହା କଲିକତାର ଷ୍ଟେଟ୍ସ୍ମାନ୍ (The Statesman) ପତ୍ରିକାର ୪।୧୨।୩୯ର ସଂଖ୍ୟାରେ ପ୍ରକାଶିତ ହୋଇଅଛ । ଏମାନେ ଡେଙ୍ଗରେ ୮ ଫୁଟ୍ ଓ ସ୍ଥୂଳତାରୁ । ଏମାନଙ୍କ ଦେହର ବର୍ଣ୍ଣ ଶ୍ୱେତ ଓ ଏମାନଙ୍କର ମସ୍ତକଠାରୁ ଗୋଡ଼ପର୍ଯ୍ୟନ୍ତ ସବାଙ୍ଗ ୨।୩ ଲମ୍ବ ଘନ ଶୁଭ୍ର କେଶରେ ଆବୃତ । ଏମାନଙ୍କ ଆଖି ଖୁବ୍ ବଡ ଓ ଆଖିର ଡୋଳା ଗାଢ଼ ବୃଷ୍ଣବର୍ଣ୍ଣ; ଏମାନେ ଅତ୍ୟାଦେ ତଦ୍ଦେଶଜାତ ଏକଜାତୀୟ ବ୍ୟାଘ୍ର (snow leopard)ର ଚମଡ଼ାର ପତ୍ରୀ ଗଢ଼ାଇ ହୋଇଥାଆନ୍ତି । ଏମାନେ ଅନାବୃତଦେହ ଓ ଅନାବୃତପଦ ହୋଇ ବରଫ ଉପରେ ବିଚରଣ କରନ୍ତି ଏବ ହୋଇ ହୋଇ ସ୍ୱର ଅବଲୀଳାକ୍ରମେ ଦୁର୍ଗମ ଅତଃସ୍ଥ ପାର୍ବତ୍ୟ ପଥରେ ଏକ ଏକ ଶିଲାଖଣ୍ଡରୁ ଅନ୍ୟ ଶିଲାଖଣ୍ଡକୁ ଡେଇଁ କରି ଗତି କରନ୍ତି । ଏମାନେ ଅର୍ଓର୍ (A-ore) ନାମକ ସ୍ୱତନ୍ତ୍ର ଭାଷା ବ୍ୟବହାର କରନ୍ତି ।

ଏ ଅଞ୍ଚଳର ଅତ୍ୟୁର ଉତ୍ତରରେ ବାସ କରୁଥିବା କେତେ ଲୋକ ସ୍ତ୍ରୀମାନଙ୍କ ଅତ୍ୟାଗ୍ରର ସହ୍ୟ ନ ପାର ପ୍ରାୟ ୮୦ ବର୍ଷ ତୁବେ ସେଠାରୁ ପଳାଇ ଆସି ବର୍ତ୍ତମାନ ଏମାନଙ୍କ ବାସ କରୁଥିବା ଉତ୍ତରର ଉତ୍ତ୍ୱାଞ୍ଚଳରେ ତୁଷାର-ମୟ ପାଶ୍ଚାତ୍ୟ ସ୍ଥାନରେ ବସତ୍ତ ସ୍ଥାପନ କରିଥିଲେ । ଏହ ସ୍ଥାନର ତୁଷାରମୟ ଅବହାବାୟୁ (climate), ଜଳ ଓ ସ୍ଥଳର ସ୍ୱାସ୍ଥ୍ୟକର ପ୍ରକୃତିସ୍ୱାର ଫଳରେ ପଳାତକମାନଙ୍କ ସନ୍ତାନସନ୍ତତିମାନେ ସେମାନଙ୍କ ଅପେକ୍ଷା ପାର୍ଥାବୃତ ହେଲେ । ପୁରୁଷାନୁକ୍ରମେ ଏହ ପାର୍ଥାବୃତ ବ୍ୟକ୍ତିଙ୍କ ସନ୍ତାନ-ମାନେ ପିତାମାତାଙ୍କ ଅପେକ୍ଷା ଅତ୍ୟୁର ପାର୍ଥାବୃତ ହେଲେ । ଏହପର ପୁରୁଷାନୁକ୍ରମେ ବଂଶଧରମାନଙ୍କ ଦେହର ଅଙ୍ଗାର ଅଦ ବୃଦ୍ଧିଯାଇଁ ୮୦ବର୍ଷରେ ଏମାନେ ବର୍ତ୍ତମାନ ପରିଲକ୍ଷିତ ଅଙ୍ଗାର ଓ ଅବସ୍ଥାରେ ଉପଗତ ହୋଇଅଛନ୍ତି ।]

ସ୍ନୋ ଲେପାର୍ଡ୍—ବୈଦେ. ବ° (ଇଂ)—ଉତ୍ତର ଦେଶର ତୁଷାରାବୃତ ଉତ୍ତରାଞ୍ଚଳସ୍ଥ ପାର୍ବତ୍ୟ ପ୍ରଦେଶରେ ବଢ଼ୁଥିବା ହଂସ୍ର ଶ୍ୱେତ ବାଘ—Snow leopard; a species of white leopard found in the snowy mountainous northern part of Tibet.
Sno lepārd

ସ୍ପଞ୍ଜ୍—ବୈ ଦେ. ବ. (ଇ° ସ୍ପଞ୍ଜ୍)—ଏକ ପ୍ରକାର ସାମୁଦ୍ର ଜୀବର ବହୁ-ଛିଦ୍ରମୟ କୋମଳ ଜନ୍ତୁମୟ ଅଂଶ—Sponge. [ଦ୍ର—ସ୍ପଞ୍ଜ୍ ଏହାର ଛିଦ୍ର ମାନଙ୍କରେ ପାଣି ଶୋଷି ହୋଇ ରହେ ଓ ପ୍ରସ୍ତୁତ ହେଲେ ଉକ୍ତ ପାଣି ନିଗିଡ଼ାଏ । ଏହା ଭୂମଧ୍ୟସାଗର ଓ ଆମେରିକାର କଚ୍ଛସ୍ଥ ସମୁଦ୍ରରେ ମିଳେ ।
Spanj
ସ୍ପଞ୍ଜ

ସ୍ପଞ୍ଜ୍ ଖୀର୍ ମୋହନ—ବେ. ବ—ଛେନାରେ ପ୍ରସ୍ତୁତ,ଉତରେ ବହୁ ଛିଦ୍ର-ଯୁକ୍ତ ଖୀରରେ ତଳ ନାମକ ମିଷ୍ଟାନ୍ନ—A kind of sweetmeat. [ଦ୍ର—ଏହ ଖୀରମୋହନ ଖୀରମୋଦନର ଛିଦ୍ରମାନଙ୍କ ଉତରେ ବହୁ ପରିମାଣରେ ଘିଅ ଘଣି ଥାଏ ଓ ଏହା ଖାଇବାକୁ ବଡ଼ ତୃପ୍ତିକର ବୋଧ ହୁଏ ।]
Spanj khir-mohana
ସ୍ପଞ୍ଜ୍ କ୍ଷୀରମୋହନ

ସ୍ପଦ୍(ନ୍ଦ୍)(ଧାତୁ)—ସଂ—ଈଷତ୍ କମ୍ପିବା; ଅଳ୍ପ ହେବା—To slightly tremble; to quiver.
Spad(nd) (root)

ସ୍ପନ୍ଦ—ସଂ. ବ (ସ୍ପନ୍ଦ୍ ଧାତୁ=ଈଷତ କମ୍ପିବା+ଘଞ୍. ଅ)—୧। ଈଷତ୍ କମ୍ପନ—1. Tremour; slight trembling vibration; quaking. ୨। ପଞ୍ଚୁରଣ; ଚକ୍ଷୁର ଓ ଶରୀରର ଅନ୍ୟାନ୍ୟ ଅଙ୍ଗର ଝୁରଣ; ଡେଇଁବା—2. Involuntary throbbing or dancing of the eye lids or the skin of the different limbs of the body. [ଦ୍ର—ସମ୍ଭ୍ୟସୂତ୍ରଣ ୨୧୫ ଅଧ୍ୟାୟରେ ଦେହର ଉର୍ଦ୍ଧ ଉର୍ଦ୍ଧ ଅଙ୍ଗର ସ୍ପନ୍ଦନର ଶୁଭାଶୁଭ ଫଳ ବର୍ଣ୍ଣିତ ହୋଇଅଛ । ସାଧାରଣତଃ ପୁରୁଷଙ୍କ ଦକ୍ଷିଣାଙ୍ଗର ଝୁରଣ ଶୁଭପ୍ରଦ; ବାମାଙ୍ଗର ଓ ସ୍ତ୍ରୀର ଝୁରଣ ଅଶୁଭ-
Spanda
ସ୍ପନ୍ଦ

Digitized by srujanika@gmail.com

ସୂଚକ । ସ୍ତ୍ରୀମାନଙ୍କ ଯନ୍ତ୍ରରେ ଠିକ୍ ଏଥିର ବିପରୀତ ଫଳ ।]
୩ । (ଖଡ଼ି ବା ନାଡ଼ି) ଦମ୍ ଦମ୍ ଦେବା—3. Palpitation (of the heart or pulse); fluttering; pulsation.

ସ୍ପନ୍ଦନ—ସଂ. ବ (ସ୍ପନ୍ଦ ଧାତୁ+ଭାବ. ଅନ)—ସ୍ପନ୍ଦ (ଦେଖ)
Spandana Spanda (See)

ସ୍ପନ୍ଦନ ରହିତ—ସଂ. ବହୁ (ଷଷ୍ଠୀ ତତ୍ପୁ.)—ନିସ୍ପନ୍ଦ; କମ୍ପନଶୂନ୍ୟ; ସ୍ଥିର—
Spandana rahita Motionless.
(ସ୍ପନ୍ଦନ ଶୂନ୍ୟ, ସ୍ପନ୍ଦନଶୂନ୍ୟ, ସ୍ପନ୍ଦ ରହିତ, ସ୍ପନ୍ଦ ଶୂନ୍ୟ, ସ୍ପନ୍ଦନଶୂନ୍ୟ—ଅନ୍ୟରୂପ)

ସ୍ପନ୍ଦିତ—ସଂ. ବିଣ (ସ୍ପନ୍ଦ୍ ବା ସ୍ପନ୍ଦ ଧାତୁ+ତ)—କମ୍ପିତ—
Spandita Agitated vibrating; fluttering; palpitating.

ସ୍ପନ୍ଦିନୀ—ସଂ. ବିଣ. ସ୍ତ୍ରୀ (ସ୍ପନ୍ଦନ+ସ୍ତ୍ରୀ. ଈ)—ସ୍ପନ୍ଦୀର ସ୍ତ୍ରୀ ଲିଙ୍ଗ—
Spandini Feminine of Spandi. ଦେ. ବ. ସ୍ତ୍ରୀ—୧। ଋତୁସ୍ନାତା ସ୍ତ୍ରୀ (ହେ. ଶ)—1. A woman in her menses. ୨। କାମଧେନୁ; ସଦା ଦୁଗ୍ଧବତୀ ଗାଈ (ହେ. ଶ)
(ସ୍ପନ୍ଦୀ—ବିଣ. ପୁଂ) 2. A cow which perpetually gives milk.

ସ୍ପର୍ଶ—ତ୍ରା. ବ (ପଦ୍ୟ) (ସଂ, ସ୍ପର୍ଶ)—ସ୍ପର୍ଶ; ଛୁଇଁବା—
Sparsa Touch.
ପରଶ [ଦ୍ର—ଶବ୍ଦ ସୀମା ସ୍ପରଶେ । କବିସୂର୍ଯ୍ୟ.ଵିଶ୍ୱୋତ୍ପତ୍ତି ।]
परस

ସ୍ପର୍ଶନ—ତ୍ରା. ବ (ପଦ୍ୟ) (ସଂ. ସ୍ପର୍ଶନ)—ସ୍ପର୍ଶନ; ଛୁଇଁବା—
Sparsana Touching.
ପରଶନ परसन

ସ୍ପର୍ଶିବା—ତ୍ରା. କ୍ରି (ସଂ. ସ୍ପୃଶ୍ ଧାତୁ)—ସ୍ପର୍ଶ କରିବା; ଛୁଇଁବା—
Sparsiba To touch.
ପରଶନ କରା, ପରଶା परसना

ସ୍ପର୍ଦ୍ଧା—ସଂ. ବିଣ (ସ୍ପୃ ଧାତୁ+କର୍ତ୍ତୃ. ଚ; ସ୍ପର୍ଦ୍ଧତ୍; ୧ମା. ୧ବ)—ଦୁଃଖୋତ୍ପାଦକ (ଯଥା—ଶତ୍ରୁ, ଦୁର୍ଜନ, ରୋଗ)—
Spardhā Causing sorrow.

ସ୍ପର୍ଶା—ସଂ. ବିଣ (ସ୍ପୃଶ୍ ଧାତୁ+ଭାବ. ଅ)—ସ୍ପର୍ଶ (ଶବ୍ଦ କଲ୍ପଦ୍ରୁମ)—
Sparsa Touch.

ସ୍ପର୍ଦ୍ଧ୍ (ଧାତୁ)—ସଂ—୧। ସଂଘର୍ଷ ଦେବା; ବେଖାତର କରିବା—1. To Sparddh (root) defy. ୨। ଅହଙ୍କାର କରିବା—2. To boast. ୩। ସ୍ପର୍ଦ୍ଧାଯୋଗୀ ହେବା—3. To emulate. ୪। ଯୁଦ୍ଧକୁ ଆହ୍ୱାନ କରିବା—4. To challenge.

ସ୍ପର୍ଦ୍ଧନ(ନା)—ସଂ. ବ (ସ୍ପର୍ଦ୍ଧ୍ ଧାତୁ+ଭାବ. ଅନ)—୧। ସ୍ପର୍ଦ୍ଧାକରିବା—
Sparddhana (nā) 1. Defiance. ୨। ସ୍ପର୍ଦ୍ଧାରେ ଚିଡ଼ିବା—2. Rivalry; emulation. ୩। ଅହଙ୍କାର—3. Boasting. ୪। ଅହଂକାର; ବଡ଼ାଇ—4 Arrogance. ୫। ସାଦୃଶ୍ୟ—5. Similarity. ୬। କ୍ରମୋନ୍ନତି—6. Gradual improvement. ୭। ସଂଘର୍ଷ—7. Collision. ୮। ସମୀକରଣ—8. Equalisation. ୯। ଭିଡ଼—9. Crowd. ୧୦। ଈର୍ଷା; ଦ୍ୱେଷ (ହେ. ଶ)—10. Spite.

ସ୍ପର୍ଦ୍ଧନୀୟ—ସଂ.ବ (ସ୍ପର୍ଦ୍ଧ୍ ଧାତୁ+କର୍ମ. ଅନୀୟ)—ଯାହା ସଙ୍ଗେ ସ୍ପର୍ଦ୍ଧା
Sparddhanīya କରଯାଇ ପାରେ—Fit to be defied or challenged etc.

ସ୍ପର୍ଦ୍ଧା—ସଂ. ବ (ସ୍ପର୍ଦ୍ଧ୍ ଧାତୁ+ଭାବ. ଅ+ସ୍ତ୍ରୀ. ଆ)—ସ୍ପର୍ଦ୍ଧନ (ଦେଖ)
Sparddhā Sparddhana (See)

ସ୍ପର୍ଦ୍ଧିତ—ସଂ. ବିଣ. ପୁଂ (ସ୍ପର୍ଦ୍ଧା+ସଂଜ୍ଞାତାର୍ଥେ. ଇତ)—ସ୍ପର୍ଦ୍ଧାଯୁକ୍ତ—
Sparddhita Boastful; defiant.
(ସ୍ପର୍ଦ୍ଧିତା—ସ୍ତ୍ରୀ)

ସ୍ପର୍ଦ୍ଧୀ—ସଂ. ବିଣ. ପୁଂ (ସ୍ପର୍ଦ୍ଧ୍ ଧାତୁ+କର୍ତ୍ତୃ. ଇନ୍; ସ୍ପର୍ଦ୍ଧିନ୍ ୧ମା. ୧ବ)
Sparddhī ୧। ସ୍ପର୍ଦ୍ଧାକାରୀ—1. Arrogant; defiant.
(ସ୍ପର୍ଦ୍ଧିନୀ—ସ୍ତ୍ରୀ) ୨। ଅହଙ୍କାରକାରୀ; ବଡ଼ାଇ କରୁଥିବା—2. Boastful; bragging. ୩। ସଦୃଶ—3. Similar.
ସଂ. ବ (ଜ୍ୟାମିତି ପରିଭାଷା)—ସେଇ କୋଣ ଏକ ନିର୍ଦ୍ଦିଷ୍ଟ କୋଣ ସଙ୍ଗେ ମିଶିଲେ ଦୁଇଟି ମିଶି ୨ ସମକୋଣ ବା ୧୮୦ ଡିଗ୍ରି ହୁଏ (ହେ. ଶ)—(geometry) An angle which when joined to a given angle makes up 180 degrees or two right angles.

ସ୍ପର୍ଶ୍ (ଧାତୁ)—ସଂ—୧। ଛୁଇଁବ—1. To touch. ୨। ଗ୍ରହଣ
Spars (root) କରିବା—2. To hold. ୩। ଆଶ୍ଳେଷ କରିବା—[ସ୍ପୃଶ୍ (ଧାତୁ)—ଅନ୍ୟରୂପ] 3. To embrace.

ସ୍ପର୍ଶ—ସଂ. ବ (ସ୍ପୃଶ୍ ବା ସ୍ପର୍ଶ୍ ଧାତୁ+ଭାବ. ଅ)—୧। ଛୁଇଁବା;
Spars ଉତ୍ତେଜିତ ପୃଚ୍ଛାଦ୍ୟ ଜ୍ଞାନ—1. Touch. [ଦ୍ର—ସ୍ପର୍ଶ-(ସ୍ପୃଷ୍ଟ—ବିଣ) ମତରେ 'ସ୍ପର୍ଶ' ଏକାଦଶବିଧ; ଯଥା—ଉଷ୍ଣ, ଶୀତ, ସ୍ନିଗ୍ଧ, ରୁକ୍ଷ, କଠିନ, ମୃଦୁ, ଶ୍ଲକ୍ଷ୍ଣ, ଲଘୁ ଓ ଗୁରୁ । ମଜ୍ଜାଗତ. ଆତ୍ମସେନ୍ଦ୍ରିୟ ଯନ୍ତ୍ର ।] ୨। ରୁଜା; ରୋଗ—2. Illness; sickness. ୩। ଦାନ—3. Giving; donation. ୪। ବାୟୁ—4. Air. ୫। (+କର୍ତ୍ତୃ. ଅ) ବର୍ଗୀୟବର୍ଣ୍ଣ; କବର୍ଗାକ୍ଷର; 'କ'ଠାରୁ 'ମ' ପର୍ଯ୍ୟନ୍ତ ୨୫ଟି ବର୍ଗୀୟବର୍ଣ୍ଣ—5. The 25 consonants from 'Ka' to 'Ma'. ୬। ରତିବନ୍ଧ ବିଶେଷ—6. A mode of coition. ୭। ଯୋଗ—7. Contact. ୮। (ସଙ୍ଗୀତ) କୌଣସି ସ୍ୱର ଉଚ୍ଚାରଣ କରିବାର ପୂର୍ବେ ବା ପରେ ଅନ୍ୟ ପୂର୍ବବର୍ତ୍ତୀ ସ୍ୱରର ନାମ ମାତ୍ର ଉଚ୍ଚାରଣ ଯୋଗୁଁ ପ୍ରଧାନ ସ୍ୱରର ଅଙ୍ଗ ରୂପେ ବ୍ୟବହାର—8. (music) Nominal or slight utterance of a note as an accompaniment before or after the principal

Digitized by srujanika@gmail.com

note. ୯ । ପଦାର୍ଥ (ପ୍ରକୃତିବାଦ)—9. Thing. ୧୦ । ଦୂତ; ଦୂତୀ; ଦୂତ—10. Messenger. ୧୧ । ଗ୍ରହଣ ବା ଉପରାଗରେ ସୂର୍ଯ୍ୟ ବା ଚନ୍ଦ୍ରଙ୍କ ଉପରେ ଛାୟାଗାତ୍ରର ପଡ଼ିବା (ଜ୍ୟୋ. ଶ)—11. The beginning of the shadow to fall on the disc of the sun or the moon during an eclipse.

ସ୍ପର୍ଶକ—ବି. ବ୍ୟ. ସୂ (ସ୍ପୃଶ୍ ବା ସ୍ପୃଶ୍ ଧାତୁ+ଭବିଷ୍. ଅର୍ଥ)—ସ୍ପର୍ଶକାସ୍ତ୍ର, Sparsaka (ସ୍ପର୍ଶିକା—ସ୍ତ୍ରୀ) ଯୋଡ଼ିବଂ—Touching.

ସ୍ପର୍ଶ କରିବା—ଦେ. କ୍ରି.—ଛୁଇଁବା—To touch; to come in Sparsa karibā स्पर्शकरा स्पर्शकरना contact with.

ସ୍ପର୍ଶ କୋଣ—ସଂ. ବି. (ଜ୍ୟାମିତି)—ବୃତ୍ତ ଓ ସ୍ପର୍ଶ ଜ୍ୟାର ଦ୍ୱାରା କୋଣ Sparsa kona (ଜ୍ୟୋ. ଶ)—The angle formed by a tangent and a circle.

ସ୍ପର୍ଶ ଜନ୍ୟ(ଜନିତ)—ସ.ବି. (ଅସ୍ଥା ଭଲ) —ସଂକ୍ରାମକ (ରୋଗ)(ଜ୍ୟୋ.ଶ)— Sparsa janya (janita) Contagious.

ସ୍ପର୍ଶ ଜ୍ୟା - ସଂ. ବି.—(ଜ୍ୟାମିତି)—ବୃତ୍ତ ସ୍ପର୍ଶୀ ରେଖା; ସ୍ପର୍ଶଜ୍ୟା— Sparsa jyā (Geometry) Tangent. [ଦ୍ର—ଏହି ରେଖାକୁ ବୃଦ୍ଧି କଲେ ଏହା ବୃତ୍ତକୁ ଛେଦ କରିବ ନାହିଁ)।

ସ୍ପର୍ଶଜ୍ଞାନ—ସଂ. ବ—(ମ. ଯ. ଲେ) ସ୍ପର୍ଶଜନିତ ଜ୍ଞାନ—Knowledge Sparsa jnāna derived from touch.

ସ୍ପର୍ଶ ତନ୍ମାତ୍ର—ସଂ.ବି.—ବାୟୁର ଉପାଦାନ କାରଣ; ସୂକ୍ଷ୍ମ ଭୂତ ବିଶେଷ— Sparsa tanmātra A fine element of the air.

ସ୍ପର୍ଶଦିଶା—ସଂ. ବି.—ଚନ୍ଦ୍ରର ବା ସୂର୍ଯ୍ୟର ଯେଉଁ ଦିଗରୁ ଗ୍ରହଣର ଛାୟାଗାତ ଆରମ୍ଭ ହୁଏ (ଜ୍ୟୋ. ଶ)—The direction or quarter of the sun or the moon from which the shadow begins to creep into it.

ସ୍ପର୍ଶନ—ସଂ. ବି. (ସ୍ପର୍ଶ ବା ସ୍ପୃଶ୍ ଧାତୁ+ଭାବ ଅର୍ଥ)—୧। ସ୍ପର୍ଶ; ଛୁଇଁବା Sparsana (ସ୍ପର୍ଶନା)—1. Touching. ୨ । ଦାନ (ସ୍ପର୍ଶନା)—2. Giving. ୩ । ବଣ୍ଟନ (ସ୍ପର୍ଶନା)—3. Distributing. ୪ । ଗ୍ରହଣ—4. Accepting. ୫ । ବାୟୁ (ଅମର)—5. Air.

ସ୍ପର୍ଶନୀୟ—ସଂ. ବଣ (ସ୍ପର୍ଶ ବା ସ୍ପୃଶ୍ ଧାତୁ+କର୍ମ ଅନୀୟ)—ଯାହାକୁ Sparsaniya ଛୁଇଁ ଯାଇପାରେ; ସ୍ପୃଶ୍ୟ— Capable of being touched; tangible; touchable.

ସ୍ପର୍ଶେନ୍ଦ୍ରିୟ—ସଂ. ବ—ଚର୍ମ; ତ୍ୱଗିନ୍ଦ୍ରିୟ; ତ୍ୱକ୍—Skin; the organ Sparsanendriya of touch.

ସ୍ପର୍ଶ ପ୍ରସ୍ତର—ସଂ. ବି.—ସ୍ପର୍ଶମଣି (ଦେଶ)—Sparsamani (See). Sparsa prastara

ସ୍ପର୍ଶ ବର୍ଣ୍ଣ—ସଂ. ବ—(ବ୍ୟାକରଣ)—କ ଠାରୁ ମ ପର୍ଯ୍ୟନ୍ତ ୨୫ଟି Sparsa barnna ବର୍ଣ୍ଣ—The 25 consonants from 'Ka' to 'Ma'.

ସ୍ପର୍ଶ ମଣି—ସଂ. ବ—ସ୍ପର୍ଶମାତ୍ରକେ ଅନ୍ୟ ବସ୍ତୁକୁ ସୁନାରୂପରେ ବଦଳାଇ Sparsa mani ଦେଉ। କଳ୍ପିତ ଶକ୍ତିବିଶିଷ୍ଟ ମଣିବିଶେଷ; ପରଶ ପଥର—The philosopher's stone; a stone which is said to turn other things into gold by mere touch.

ସ୍ପର୍ଶମଣି ପ୍ରଭବ—ସଂ. ବ—ସ୍ୱର୍ଣ୍ଣ; ସୁନା (ଶବ୍ଦରତ୍ନାବଳୀ)— Sparsamoni prabhaba Gold

ସ୍ପର୍ଶ ରସିକ—ସଂ.ବ—କାମୁକ ବ୍ୟକ୍ତି (ହ. ଶ)— Sparsa rasika A lecher.

ସ୍ପର୍ଶରେଖା—ସଂ. ବ—(ଜ୍ୟାମିତି) ସ୍ପର୍ଶ ଜ୍ୟା (ଦେଶ) Sparsa rekhā Sparsa jyā (See)

ସ୍ପର୍ଶ ଲଜ୍ଜା—ସଂ.ବ—ଲଜ୍ଜାଳୁ ଲତା (ଶବ୍ଦରତ୍ନାବଳୀ)— Sparsa lajjā The mimosa creeper.

ସ୍ପର୍ଶଶକ୍ତି—ସଂ. ବ—ଛୁଇଁବା ଦ୍ୱାରା ଅନୁଭୂତ ହେବା ଶକ୍ତି— Sparsa sakti The feeling or sensation caused by touch.

ସ୍ପର୍ଶଶୁଦ୍ଧା—ସଂ. ବ ଶତମୂଳୀ; ଶତାବରୀ (ହରିତକୀ)— Sparsa suddhā Asparagus Racemosus.

ସ୍ପର୍ଶ ସଙ୍କୋଚ—ସଂ. ବ—ଲଜ୍ଜାଳୁ ଲତା (ହ. ଶ)— Sparsa sankocha The mimosa creeper.

ସ୍ପର୍ଶ ସୁଖ—ସଂ. ବ ସ୍ପର୍ଶ ଜନିତ ସୁଖ; ସ୍ପର୍ଶଜାତ ଆନନ୍ଦ; ଛୁଇଁବାଯୋଗୁ Sparsa sukha ଜାତ ଆନନ୍ଦ—Pleasure derived from the touch of any agreeable thing

ସ୍ପର୍ଶସ୍ୟନ୍ଦ—ସଂ ବ (ସ୍ପର୍ଶ=ଛୁଇଁବା+ସ୍ୟନ୍ଦ୍ ଧାତୁ=ଝରିବା+କର୍ତ୍ତୃ); Sparsa syanda ଯାହାକୁ ସ୍ପର୍ଶ କଲେ ଯେ ମୂତ୍ରତ୍ୟାଗ) ଭେକ, ବେଙ୍ଗ—Frog.

ସ୍ପର୍ଶ ହାନି(ଲୋପ)—ସଂ.ବ—କେତେକ ରୋଗ ଅବ ଯୋଗୁ ଚମଡ଼ାର Sparsa hāni(lope) ସ୍ପର୍ଶଶକ୍ତିର ଲୋପ—Loss of the sense of touch owing to some disease.

ସ୍ପର୍ଶା—ସଂ. ବି. (ସ୍ପର୍ଶ+ଅ)—୧। ବେଶ୍ୟା—1. Harlot; whore Sparsā ସ୍ୱରୀ—ଗ୍ରା. ରୂପ ୨ । ବ୍ୟଭିଚାରିଣୀ—2. Adulteress.

ସ୍ପର୍ଶାକ୍ରାମକ—ସଂ. ବଣ—(ସ୍ପର୍ଶ+ଆକ୍ରମକ)—ସଂକ୍ରାମକ (ରୋଗ)— Sparsākrāmaka Contagious (disease)

ସ୍ପର୍ଶାନନ୍ଦା—ସଂ. ବି. ସ୍ତ୍ରୀ—ଅପ୍ସରା; ସ୍ୱର୍ବେଶ୍ୟା— Sparsānandā The heavenly nymphs.

ସ୍ପର୍ଶାସ୍ପର୍ଶ—ସଂ. ବ—କୌଣସି ବ୍ୟକ୍ତିକୁ ଛୁଇଁବା ବା କୌଣସି ବ୍ୟକ୍ତିକୁ Sparsāsparsa ନଛୁଇଁବା ଭାବ ବା ବଗ୍ଧର (ହ. ଶ)— The state or consideration of touching or not touching a person.

ସ୍ପର୍ଶିକ—ସଂ. ବଣ (ସ୍ପୃଶ ଧାତୁ+କର୍ତ୍ତୃ ଭାବ)—ସ୍ପର୍ଶକାସ୍ତ୍ର (ହ. ଶ)— Sparsika Touching ସ. ବ—ବାୟୁ (ହ. ଶ)—Air.

ସ୍ପର୍ଶିନୀ—ସଂ. ବ (ଜ୍ୟାମିତି)—ସ୍ପର୍ଶଜ୍ୟା (ଦେଶ)—Sparsajyā (See) Sparsini ସଂ. ବଣ. ସ୍ତ୍ରୀ—'ସ୍ପର୍ଶୀ'ର ସ୍ତ୍ରୀଲିଙ୍ଗ—Feminine ସ୍ପର୍ଶୀ—ସୂ. ବଣ) of "Sparsi."

Digitized by srujanika@gmail.com

ସ୍ପର୍ଶୀ—ସଂ. ବଣ. ସ୍ତ୍ରୀ (ସ୍ପୃଶ ଧାତୁ+କର୍ତ୍ତୃ ଇନ୍; ୧ମା. ୧ବ)—ଯାହା ସ୍ପର୍ଶ କରିଥାଏ—ଯଥା ସ୍ତ୍ରୀ ସ୍ପର୍ଶୀ)—Touching. (ସ୍ପର୍ଶିଙ୍ଗା—ସ୍ତ୍ରୀ)
Sparśī

ସ୍ପର୍ଶେନ୍ଦ୍ରିୟ—ସଂ. ବ.—ତ୍ୱଚେନ୍ଦ୍ରିୟ; ଯଦ୍ଦ୍ୱାରା ସ୍ପର୍ଶଜ୍ଞାନ ଜନ୍ମେ—Sparśendriya Sense of touch; the skin.

ସ୍ପର୍ଶୋପଳ—ସଂ. ବ—ଯଜଣୁ ଯଥାର—Sparśopala The philosopher's stone.

ସ୍ପର୍ଶ୍ଟ—ସ. ବଣ (ସ୍ପୃଶ ଧାତୁ+କର୍ତ୍ତୃ ତୃ; ସ୍ପର୍ଷ୍ଟୃ; ୧ମା. ୧ବ)—ରୋଗାଦିକ ପୀଡ଼; ରୋଗ (ଉତ୍ତ)—Sparśhta Sickness; illness.

ସ୍ପଶ୍ (ଧାତୁ)—ସ.—୧ । ବ୍ୟକ୍ତ କରିବା—1. To make clear; to cleanse. ୨ । ବାଧା ଦେବା—2. To obstruct; to hinder. Spash (root)

ସ୍ପଶ—ସଂ. ବ. (ସ୍ପଶ ଧାତୁ+କର୍ତ୍ତୃ. ଅ)—୧ । ଚର; ଗୁପ୍ତଚରପୁରୁଷ, (ଅମର); ଗୁପ୍ତଚା—1. Spy. ୨ । [+ଅଶ୍ୱକରଣେ ଅ] ଅଶ୍ୱର; ଯୁଦ୍ଧ (ଅମର)—2. Battle. ୩ । ଯେ ପ୍ରାଣ-ଜରପେକ୍ଷ ଦୋଇ ଯୁଦ୍ଧ କରେ (ଉତ୍ତ)—3. A warrior who fights without caring for his life. Spaśa

ସ୍ପଷ୍ଟ—ସଂ. ବ (ସ୍ପଶ୍ ଧାତୁ+କର୍ମ୍ମ ତ)—୧ । ବ୍ୟକ୍ତ: ସଫା; ସ୍ପଷ୍ଟ—1. Clear; plain; apparent. ଏଥିର ଛାମ୍ନ ଅଯଭ୍ଟଂଷ—ସଷ୍ଟ୍ଟ, ସୁଷ୍ଟ୍ଟ, ସୋଷ୍ଟ୍ଟ } ୨ । ପ୍ରକାଶିତ: ପ୍ରକଟିତ—2. Evident. ୩ । ଜ୍ଞାନେନ୍ଦ୍ରିୟ-ଗୋଚର—3. Perceptible to the senses. ୪ । ଜ୍ୟୋତିଷ ମତରେ ଗ୍ରହମାନଙ୍କ ସ୍ପଷ୍ଟ ସାଧନ—4. Clear calculation of the positions of the planets at a fixed time or at a person's birth. [ଦ୍ର—ଏ ସାଧନରେ ଜନ୍ମକାଳରେ ଜନ୍ମ। ଅନ୍ୟ କୌଣସି ନିର୍ଦ୍ଦିଷ୍ଟ କାଳରେ କେଉଁ ଗ୍ରହ କେଉଁ ରାଶିରେ, କେତେ ଅଂଶ, କେତେ କଳା, କେତେ ବିକଳାରେ ଅବସ୍ଥିତ ଥିଲେ, ଏହା ସାଧିତ ହୁଏ—ହି. ଶ ।] ୫ । (ବ୍ୟାକରଣ) କେତେକ ବର୍ଣ୍ଣର ଉଚ୍ଚାରଣରେ ଏକ ପ୍ରକାର ପ୍ରଯତ୍ନ, ଯହିଁରେ ଦୁଇ ଓଠ ପରସ୍ପର ଛୁଅଁ ହେଇଁଥାଏ (ହି. ଶ)—(grammar) The effort in pronouncing some letters in which both the lips touch one another. (ଯଥା—ପ, ବ, ମ)
Spashṭa

ସ୍ପଷ୍ଟଇ(ହିଁ)—କ୍ରି. ବିଶ (ବଙ୍ଗଳାରୁ ଅନୁକୃତ) (ସଂ. ସ୍ପଷ୍ଟ+ଇ)—ସ୍ପଷ୍ଟ ରୂପେ—Spashṭai(hiñ) Clearly; apparently. ସ୍ପଷ୍ଟେଇ ସ୍ପଷ୍ଟହୀ

ସ୍ପଷ୍ଟ କଥନ—ସଂ. ବ (ବ୍ୟାକରଣ)—କଥକଙ୍କ କଥିତ ବାକ୍ୟ ତାଙ୍କ ଦ୍ୱାରା କଥନ (ହି. ଶ)—The report of the speech of a speaker exactly as he delivered it. Spashṭa kathana କହିବା ଅନୁସାରେ ଅନ୍ୟ ବ୍ୟକ୍ତିଙ୍କ

ସ୍ପଷ୍ଟ କଥା—ବେ. ବ—ସରଳ ସ୍ପଷ୍ଟ ବାକ୍ୟ—Spashṭa kathā Plain words. ସ୍ପଷ୍ଟ କଥା ଖୁଲାବାତ

ସ୍ପଷ୍ଟତୟା—ସଂ. କ୍ରି.ବିଶ (ସପ୍ତମ୍ୟନ୍ତ ଦ୍ୱାରା ଭାଷାରେ ବ୍ୟବହାର; ସ୍ପଷ୍ଟତା ସହିତ ଅସ୍ତି କରଯୁକ୍ତ)—ସ୍ପଷ୍ଟତ୍ୱରେ; ସ୍ପଷ୍ଟତା ସହକାରେ—Clearly. Spashṭatayā

ସ୍ପଷ୍ଟତା(ତ୍ୱ)—ସଂ. ବ (ସ୍ପଷ୍ଟ +ଭାବ. ତା, ତ୍ୱ)—ସ୍ପଷ୍ଟତ୍ୱର—Spashṭatā(twa) Clearness.

ସ୍ପଷ୍ଟ ପ୍ରଯତ୍ନ—ସଂ. ବ (ବ୍ୟାକରଣ)—ଦୁଇ ଓଠର ପରସ୍ପର ଛୁଇଁବାଦ୍ୱାରା ଉଚ୍ଚାରଣ କରିପିବା କେତେକ ଓଷ୍ଠ୍ୟବର୍ଣ୍ଣର ଉଚ୍ଚାରଣରେ ପ୍ରଯତ୍ନ—The effort required in pronouncing some labial letters in which both the lips touch one another. Spashṭa prajatna

ସ୍ପଷ୍ଟ ବକ୍ତା—ସଂ. ବଣ. ସ୍ତ୍ରୀ (ସ୍ପଷ୍ଟ କର୍ତ୍ତୃ ୧ମା. ୧ବ)—ଯେ ସଫା କଥା କହେ; ଯେ କାହାର ମନ ରଖା (ସ୍ପଷ୍ଟବକ୍ତ୍ରୀ—ସ୍ତ୍ରୀ) କରିବାପ୍ରତି ଦୃଷ୍ଟି ନ ଦେଇ ସ୍ପାସ୍ପ ମନୋଗତଭାବ ପ୍ରକାଶ କରେ—Plain-spoken. Spashṭa baktā

ସ୍ପଷ୍ଟବାଦୀ—ସଂ. ବଣ. ସ୍ତ୍ରୀ (ସ୍ପଷ୍ଟ+ବଦ ଧାତୁ+କର୍ତ୍ତୃ, ଇନ୍; ସ୍ପଷ୍ଟ-ବାଦିନ୍, ୧ମା ୧ବ)—ଯେ ସ୍ପଷ୍ଟ କଥା କହେ—(ସ୍ପଷ୍ଟବାଦିନୀ—ଅନ୍ୟରୂପ) Plainspoken. Spashṭa bādī

(ସ୍ପଷ୍ଟବାଦିତା, ସ୍ପଷ୍ଟବାଦିତ୍ୱ—ସ୍ତ୍ରୀ)

ସ୍ପଷ୍ଟବାଦିତା (ତ୍ୱ)—ସଂ ବ.—ସ୍ପଷ୍ଟ କଥା କହିବାର ଗୁଣ—Plain-spokenness. [ସ୍ପଷ୍ଟବାଦିତା (ତ୍ୱ) —ଅନ୍ୟରୂପ] Spashṭa bāditā (twa)

ସ୍ପଷ୍ଟ ଶ୍ରୁତ—ସଂ. ବଣ.—ସ୍ପଷ୍ଟ ରୂପରେ ଶୁଣାଯିବା (କଥା, ଧ୍ୱନି)—Clearly audible. Spashṭa śruta

ସ୍ପଷ୍ଟ ସ୍ଥିତି—ସଂ. ବ (ଫଳଜ୍ୟୋତିଷ)—ଶିଶୁର ଜନ୍ମକାଳରେ ରାଶି-ମାନଙ୍କର ଅଂଶ, କଳା, ବିକଳା ଆଦିଦ୍ୱାରା ପ୍ରଦର୍ଶିତ ଗ୍ରହମାନଙ୍କର ସ୍ପଷ୍ଟ ଅବସ୍ଥାନ (ହି. ଶ)—(astrology) Exact position of the planets or the zodiacal signs, giving the exact; degrees, minutes and seconds. Spashṭa sthiti

ସ୍ପଷ୍ଟ ସ୍ପଷ୍ଟ—କ୍ରି. ବିଶ—ସଫା ସଫା; ସ୍ପଷ୍ଟରୂପରେ—Plainly bluntly; in a plain manner. ସ୍ପଷ୍ଟାସ୍ପଷ୍ଟି, ସ୍ପଷ୍ଟି ସ୍ପଷ୍ଟି ସାଫ ସାଫ Spashṭa spashṭa

ସ୍ପଷ୍ଟାକ୍ଷର—ସଂ. ବ (କର୍ମ୍ମଧା)—୧ । ବ୍ୟକ୍ତଭାବରେ ଲିଖିତ ଅକ୍ଷର; ବରେଜ କରାଯାଇଥିବା ଅକ୍ଷର—1. Distinctly written script. ୨ । ସ୍ପଷ୍ଟ ବାକ୍ୟ—2. Plain words. Spashṭākshara

ସ୍ପଷ୍ଟାକ୍ଷରରେ—କ୍ରି. ବିଶ—ସ୍ପଷ୍ଟରୂପରେ—Clearly; in unambiguous terms; in plain terms. Spashṭākshare ସ୍ପଷ୍ଟାକ୍ଷରେ ସ୍ପଷ୍ଟାକ୍ଷରମେ

Digitized by srujanika@gmail.com

ସ୍ପଷ୍ଟାର୍ଥ—ସଂ. ବ (କର୍ମଧା)—ବ୍ୟକ୍ତୀକୃତ ଅର୍ଥ—Clear or apparent meaning.
Spashṭārtha

ସଂ. ବ୍ରହ୍ମ (ବହୁବ୍ରୀ) ବୋଧଗମ୍ୟ—(ସ୍ପଷ୍ଟାର୍ଥତା—ବ)—Intelligible.

ସ୍ପଷ୍ଟୀକୃତ—ସଂ. କ୍ରିଣ (ସ୍ପଷ୍ଟ+ଅଭୂତଭାବେ ଚ୍ବି+କୃ ଧାତୁ+କର୍ମ. ତ)—ବ୍ୟକ୍ତୀକୃତ—Made clear; elucidated.
Spashṭīkṛuta (ସ୍ପଷ୍ଟୀକରଣ, ସ୍ପଷ୍ଟୀକିୟା—ବ)

ସ୍ପଷ୍ଟୀକିୟା—ସଂ. ବ. (ଜ୍ୟୋଉଷ) ଯେଉଁ କ୍ରିୟା ବା ଗଣନାଦ୍ୱାରା ଦ୍ୱାରା କୌଣସି ନିର୍ଦ୍ଦିଷ୍ଟ ସମୟରେ କୌଣସି ଗ୍ରହର କେଉଁ ରାଶିର କେତେ ଅଂଶ, କେତେ କଳା ଓ କେତେ ବିକଳାରେ ଅବସ୍ଥିତ ହୋଇଥାଏ, ତାହା ସ୍ପଷ୍ଟରୂପେ ଜଣା ପଡ଼େ (ଜ୍ୟୋ. ଶ)—(astronomy) The process by which the exact position of a planet in any zodiacal sign (showing degrees, minutes and seconds) at a particular point of time is found out.
Spashṭī kriyā

ସ୍ପଷ୍ଟୀଭୂତ—ସଂ. ଭଣ (ସ୍ପଷ୍ଟ+ଅଭୂତଭାବେ ଚ୍ବି+ଭୂ ଧାତୁ+କର୍ତ୍ତା. ତ)—ଯାହା ପୂର୍ବେ ସ୍ପଷ୍ଟ ହୋଇ ନ ଥିଲା, ବର୍ତ୍ତମାନ ସ୍ପଷ୍ଟ ହୋଇଅଛି—Become plain or evident.
Spashṭībhūta (ସ୍ପଷ୍ଟୀଭବ—ବ)

ସ୍ପା—ବୈଦେ. ବ (ଇଂ)—(ବେଲ୍ଜିୟମ୍‌ରେ ସ୍ପା ନାମ ସ୍ପାସ୍ଥଳବାସର ନାମରୁ)—ଖଣିଜ ସ୍ପ୍ରିଙ୍ଗ ଯୁକ୍ତ ସ୍ୱାସ୍ଥ୍ୟପ୍ରଦ ଜଳପୂର୍ଣ୍ଣ ଉତ୍ତରଣୀ ଥିବା ସ୍ଥାନ—Spa; a place where there is a mineral spring of water, frequented as a health-resort.
Spā ସ୍ପା

ସ୍ପାନିଆର୍ଡ୍—ବୈଦେ. ବଣ. ଓ ବ (ଇଂ. ସ୍ପାନିଆର୍ଡ୍)—ସ୍ପେନ୍ ଦେଶବାସୀ (ବ୍ୟକ୍ତି)—Spaniard.
Spāniārd ସ୍ପାନିୟାର୍ଡ୍ ସ୍ପାନିୟାଡ୍

ସ୍ପାନଏଲ୍—ବୈଦେ. ବ. (ଇଂ. ସ୍ପାନଏଲ୍)—ଏକ ପ୍ରକାର ବଙ୍ଗଭ କୁକୁର—Spaniel. [ଦ୍ର—ଏ କୁକୁର ଅତ୍ୟନ୍ତ ଦେଶୀ ସ୍ପାନିୟେଲ୍ କୁକୁରମାନଙ୍କଠାରୁ ଆକାରରେ ଶ୍ରେଷ୍ଠ; ଲୋମ ୨।୩ ଇଞ୍ଚି ଲମ୍ବା, କାନ ଝୁଲି ପଡ଼ିଥାଏ; ଦେହ ଧଳା, କାଳ ବା ଧଳାକଳା ମିଶା ବଣ୍ଡିର ଲୋମରେ ପୂର୍ଣ୍ଣ ।]
Spāniel ସ୍ପେନିୟଲ

ସ୍ପାନଷ୍—ବୈଦେ. ବଣ. (ଇଂ ସ୍ପାନଷ୍) ସ୍ପେନ୍ ଦେଶୀୟ—Spanish.
Spānish ସ୍ପାନିଶ୍ ସ୍ପେନିସ

ସ୍ପାର୍ଟା—ବୈ. ବ. (ନାମ)—ପ୍ରାଚୀନ ଗ୍ରୀସ୍‌ର ଗୋଟିଏ ନଗର—Sparta, a town in ancient Greece.
Spārṭā ସ୍ପାର୍ଟା [ଦ୍ର—ଏଠାର ଅଧିବାସୀମାନେ ମହା ସାହସୀ ଥିଲେ ।]
ସ୍ପାର୍ଟା

ସ୍ପାର୍ଟାନ୍—ବୈଦେ. ବଣ. (ଇଂ. ସ୍ପାର୍ଟାନ୍)—ସ୍ପାର୍ଟା ଦେଶୀୟ—Spartan.
Spārṭān ସ୍ପାର୍ଟାନ ସ୍ପାର୍ଟାନ

ସ୍ପିକର୍—ବୈଦେ. ବ. (ଇଂ. ସ୍ପିକର୍)—୧ । ପାର୍ଲିଆମେଣ୍ଟର ବୈଠକ ସମୟରେ ଶୃଙ୍ଖଳା ରଖିବା ବ୍ୟକ୍ତି ବା ସଭାପତି—Spikar ସ୍ପିକ୍(କା)ର୍ 1. The Speaker of the Parliament. ସ୍ପୀକର ୨ । ଭାରତୀୟ ଓ ପ୍ରାଦେଶିକ ବ୍ୟବସ୍ଥାପକ ସଭାମାନଙ୍କର ଅଧ୍ୟକ୍ଷ ସଭାପତି—2. The Speaker of the Provinciar and Imperial Assemblies of India. ୩ । କୌଣସି ସଭାର ବା ବୈଠକର ବକ୍ତା—3. A speakel in a meeting or gathering.

ସ୍ପିଚ୍—ବୈଦେ. ବ. (ଇଂ. ସ୍ପିଚ୍) ୧ । ବକ୍ତୃତା—1. Speech; Spich lecture. ୨ । କଥା; କଥନ—2. Speech. ସ୍ପିଚ୍ ସ୍ପୀଚ

ସ୍ପିଟ୍‌ସ୍ ବର୍ଜ(ର୍ଜେ)ନ୍—ବୈଦେ. ବ.(ନାମ)—ଇଉରୋପର ଉତ୍ତରଦିଗରେ ଶୀତ ମହାସାଗରସ୍ଥ ଦ୍ୱୀପବିଶେଷ—Spiṭ-s barja (rje)n ସ୍ପିଟ୍‌ସ୍ ବର୍ଜନ୍ An island in the Arctic ocean; Spits-bergen. ସ୍ପୀଟ୍ସ ବର୍ଜନ

ସ୍ପିନ୍ କସ୍‌ମିସ୍—ବୈଦେ. ବ.—ବ୍ରେଟାର ପିଞ୍ଜିନ୍ ଅଞ୍ଚଳରେ ଜାତ ଏକ ପିସିନ୍ କସ୍‌ମିସ୍ ପ୍ରକାର ଉତ୍କୃଷ୍ଟ କସ୍‌ମିସ୍—A kind of excellent raisin. ସ୍ପୀନକିସମିସ (ପିସିନ୍ କସ୍‌ମିସ୍—ଅନ୍ୟରୂପ)

ସ୍ପିରିଚୁଆଲିଜ୍‌ମ୍—ବୈଦେ. ବ—ମୃତ ବ୍ୟକ୍ତିଙ୍କ ଆତ୍ମାକୁ ଆହ୍ୱାନ ପୂର୍ବକ Spirichuālij-m ତାଙ୍କ ସଙ୍ଗେ ଜୀବିତ ବ୍ୟକ୍ତିଙ୍କର ଭାବ ଆଦାନ ପ୍ରଦାନ ଯେଉଁ ବିଦ୍ୟା ବା କ୍ରିୟା ଦ୍ୱାରା ସାଧିତ ହୁଏ—Spiritualism. ସ୍ପିରିଚୁଆଲିଜମ୍

ସ୍ପିରିଚୁଆଲିଷ୍ଟ୍—ବୈଦେ. ବ—ମୃତ ବ୍ୟକ୍ତିଙ୍କ ଆତ୍ମାକୁ ଆହ୍ୱାନକାରୀ ବ୍ୟକ୍ତି —A spiritualist.
Spirichuālisht ସ୍ପିରିଚୁଆଲିଷ୍ଟ

ସ୍ପିରିଟ୍—ବୈଦେ, ବ. (ଇଂ. ସ୍ପିରିଟ୍) ୧। ଭୂତ ପ୍ରେତ; ଅରଷ୍ଟି—1. Spirit. ୨ । ସାରସ୍ୱାର—2. Essence. ୩ । ମନର ଶକ୍ତି; ଦମ୍ଭ; ଉତ୍ତେଜନା—3. Spirits; intellectual activity. ୪ । ଜୀବନସତ୍ତ୍ୱ; ଆତ୍ମା—4. The Vital Force; Soul. ୫ । ଭୂତ—5. Ghost. ୬ । ଶରୀରସ୍ଥ ଆତ୍ମା—6. The Soul or Spirit inside the body. ୭ । ସୂକ୍ଷ୍ମ ଶରୀର ସ୍ଥୂଳ ଶରୀରରୁ ବାହାର ଯେଉଁ ଶରୀର; ଶୂନ୍ୟରେ ବିଚରଣ କରେ—7. The astral body.
ସ୍ପିରିଟ୍ ସ୍ପିରିଟ

ସ୍ପୃ(ଧାତୁ)—ସଂ.—୧ । ସ୍ନେହ ବା ପ୍ରେମ କରିବା—1. To love Spṛu(root) ୨ । ରକ୍ଷା କରିବା—2. To save. ୩ । ପାଳନ କରିବା—3. To bring up.

ସ୍ପୃକ୍—ସ. ବଣ. ପୁଂ ଓ ସ୍ତ୍ରୀ (ସ୍ପୃଶ୍ ଧାତୁ+କର୍ତ୍ତା. କ୍ୱିପ୍; ସ୍ପୃଶ୍ ଶବ୍ଦ; Spṛuk ୧ମା. ୧ବ)—ସ୍ପର୍ଶୀ—Touching. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇଥାଏ । ଯଥା—ଚର୍ମସ୍ପୃକ୍ ।]

ସ୍ପୃକ୍କା—ସ.ବ (ସ୍ପୃଶ୍ ଧାତୁ+କର୍ମ କ+ଆ)—୧। ପୁକ୍କା; ପିଙ୍ଗଳ ଶାଗ—Spṛukkā 1. A potherb; Trigonella Corniculata. ୨ । ଲଜ୍ଜାଳୁ ଲତା (ଜ୍ର. ଶ)—2. Mimosa Pudica (creeper). ୩ । ଶତପତ୍ରୀ; ସେବତୀ (ଜ୍ର. ଶ)—3. Musk rose.

ସ୍ପୃଶ୍(ଶି) (ଧାତୁ)—ସ—ଛୁଇଁବା—Spṛuś(śi) (root) To touch.

Digitized by srujanika@gmail.com

ସ୍ପୃଶା—ଫ.ବ (ସ୍ପୃଶ୍ ଧାତୁ+ଭାବ. ଅ+ଆ)—୧। ସ୍ପର୍ଶ—1. Touch, Spṛusā ୨। (+କର୍ମ.ଅ+ଆ) ସତୀଶୀ; ଭୃଙ୍ଗରାଜ ଘାଉଘା ବୃକ୍ଷ; କଣ୍ଟାଳକା ଗୁଳୁ—2. A medicinal plant, ୩। କଣ୍ଟକାରୀ (ଦ୍ର.ଶ) 3. Kaṇṭakārī (See)

ସ୍ପୃଶୀ—ଫ. ବ (ସ୍ପୃଶ୍ ଧାତୁ+କର୍ମ.ଅ+ଈ)—କଣ୍ଟକାରୀ(ଅପଟ)(ଦେଶ) Spṛusī Kaṇṭakārī (See)

ସ୍ପୃଶ୍ୟ—ଫ. ବଣ. ପୁଂ (ସ୍ପୃଶ୍ ଧାତୁ+କର୍ମ. ଯ)—ସ୍ପର୍ଶ କରିବାର ଯୋଗ୍ୟ—Fit to be touched; touchable. (ସ୍ପୃଶ୍ୟା—ସ୍ତ୍ରୀ) (ଅସ୍ପୃଶ୍ୟ—ବିପରୀତ)

ସ୍ପୃଷ୍ଟ—ଫ. ବଣ. ପୁଂ (ସ୍ପୃଶ୍ ଧାତୁ+କର୍ମ. ତ)—୧। କୃତସ୍ପର୍ଶ; ଯାହା ଛୁଆଁ ଯାଇଅଛୁ—1. Touched. ୨। (ସ୍ପୃଷ୍ଟା—ସ୍ତ୍ରୀ) ଛୁଆଁ: ଅସ୍ପୃଶ୍ୟ ବସ୍ତୁର ସ୍ପର୍ଶ ଯୋଗୁଁ ଦୂଷିତ—2. Defiled by touch.

ସ୍ପୃଷ୍ଟକ—ଫ. ବ (ସ୍ପୃଶ୍ ଧାତୁ+ଭାବ. ତ+ସ୍ୱାର୍ଥେ. କ)—ଗାଢ ସ୍ପର୍ଶ ଦ୍ୱାରା ଅଲଙ୍ଗନ—Embrace by touching the body.

ସ୍ପୃଷ୍ଟ ରୋଦନିକା—ଫ. ବ—ଲଜ୍ଜାଳୁ ଲତା (ଦ୍ର. ଶ)—Spṛushṭa rodanikā Mimosa Pudica (creeper).

ସ୍ପୃଷ୍ଟା ସ୍ପୃଷ୍ଟି(ଷ୍ଟି)—ଫ. ଅ—୧। ପରସ୍ପର ସ୍ପର୍ଶନ—1. Mutual Spṛushṭā spṛushṭa(shṭi) touching; touching each other. ୨। (ଯାଆ ଅଦ ସ୍ଥାନରେ) ସମସ୍ତଙ୍କର ଅବାରିତ ଭାବରେ ସମସ୍ତଙ୍କୁ ଛୁଇଁବା—2. Promiscuous touching (e. g. in crowds).

ସ୍ପୃଷ୍ଟି—ଫ. ବ (ସ୍ପୃଶ୍ ଧାତୁ+ଭାବ. ତି)—ସ୍ପର୍ଶ (ଶବ୍ଦ ରୂପାବଳୀ)—Spṛushṭi (ସ୍ପୃଷ୍ଟା—ବଣ) Touch.

ସ୍ପୃହ୍ (ଧାତୁ)—ସ—କୌଣସି ବସ୍ତୁ ପାଇଁ ଇଚ୍ଛା କରିବା—1. To Spṛuh (root) wish for. ୨। ଅକାଙ୍କ୍ଷା କରିବା—2. To hanker after; to long for.

ସ୍ପୃହଣ—ସ. ବ (ସ୍ପୃହ୍ ଧାତୁ+ଭାବ. ଅନ)—ଇଚ୍ଛା; ଅଭିଳାଷ—Spṛuhaṇa Desire; wish.

ସ୍ପୃହଣୀୟ—ଫ. ବଣ. ପୁଂ (ସ୍ପୃହ୍ ଧାତୁ ଣିଚ୍=ସ୍ପୃହ ଧାତୁ+କର୍ମ. ଅନୀୟ)—୧। ବାଞ୍ଛନୀୟ—1. Desirable. (ସ୍ପୃହଣୀୟା—ସ୍ତ୍ରୀ) ୨। ଲୋଭନୀୟ—2. Enviable. ୩। ଯାହା ଲୋଭ କରିବାର ଉପଯୁକ୍ତ—3. Fit to be longed for. ୪। ପ୍ରଶଂସ୍ୟ—4. Praiseworthy. ୫। ଅଦ୍ଭୁତ—5. Wonderful, ୬। ଚୌରବ ପାଇବାର ଯୋଗ୍ୟ (ଦ୍ର. ଶ)—6. Respectable; honourable.

ସ୍ପୃହୟାଳୁ—ଫ. ବଣ (ସ୍ପୃହ୍ ଧାତୁ+ଣିଚ୍. ଆଳୁ)—୧। ସ୍ପୃହାଶୀଳ; ଲୋଭୀ—Spṛuhayāḷu 1. Covetuous after. ୨। ଅକାଙ୍କ୍ଷାଯୁକ୍ତ—2. Desirous.

ସ୍ପୃହା—ଫ. ବ (ସ୍ପୃହ୍ ଧାତୁ, ଣିଚ୍=ସ୍ପୃହ ଧାତୁ=ଭାବ. ଅ+ଆ)—୧। ଇଚ୍ଛା; ଅକାଙ୍କ୍ଷା; ଅଭିଳାଷ—1. Desire ଏହାର ଅପଭ୍ରଂଶ— longing. ୨। ହବଡେଚ୍ଛା; ଲୋଭ—ସ୍ପରେହା, ସୁରେହା। 2. Hankering after a thing. ୩। ଗଣନା—3. Calculation. ୪। (ନ୍ୟାୟ ଦର୍ଶନ)—କୌଣସି ପଦାର୍ଥର ପ୍ରାପ୍ତି ପାଇଁ ଧର୍ମିଷ୍ଠଜନ ଭାବନା (ଦ୍ର.ଶ) —4. (Nyāya philosophy) Pious desire to get a thing.

ସ୍ପୃହ୍ୟ—ବ୍ୟ. ବଣ. ପୁଂ (ସ୍ପୃହ୍ ଧାତୁ+କର୍ତ୍ତୃ. ଇତୁ; ୧ମା. ୧ବ)—ସ୍ପୃହାବୀ—ସ୍ପୃହାକାଙ୍କ୍ଷୀ; ଅଭିଳାଷୀ—Hankering; desirous. (ସ୍ପୃହୁଣୀ—ସ୍ତ୍ରୀ)

ସ୍ପୃହ୍ୟ—ବ୍ୟ. ବଣ (ସ୍ପୃହ୍ ଧାତୁ+କର୍ମ. ଯ)—ଯାହା ପାଇବା ପାଇଁ ସ୍ପୃହା କରଯାଏ—Desired; wished for; (ସ୍ପୃହ୍ୟା—ସ୍ତ୍ରୀ. ବଣ) hankered after. ଫ. ବ—ସାଜିଟୁର; ଟଗର (ଦ୍ର. ଶ)—Citron.

ସ୍ପେୟାର୍ କପି—କୈ.ଦେ.ବ—କୌଣସି ପୁସ୍ତକର ବା ଲେଖାର ଅତିରିକ୍ତ Spear kapi ବା ଅଧିକା କଣ୍ଡ—Spare copy of a book ସ୍ପେୟାର କାପି ସ୍ପେୟାର କୌପୀ or writing.

ସ୍ପେନ୍—କୈ.ଦେ. ବ (ନାମ)—ଇଉରୋପର ଦକ୍ଷିଣ ପଶ୍ଚିମସ୍ଥ ରାଜ୍ୟ— Spen [ଦ୍ର—ଏହା ରାଜଧାନୀ ମାଡ୍ରିଡ୍।] Spain. ସ୍ପେନ ସ୍ପେନ

ସ୍ପେନୀୟ—ତଦ. ବଣ (ଇଂ. ସ୍ପେନ୍+ଫ. ଈୟ; ତୁଳନା କର ମଧୁସୂଦନ ରାଓଙ୍କ 'ଇତାଲୀୟ ଯୁବା')—ସ୍ପେନ ଦେଶୀ Spenīya ସ୍ପେନୀୟ ସ୍ପେନକା Spanishଯ୍

ସ୍ପେଲିଙ୍—କୈ.ଦେ. ବ (ଇଂ. ସ୍ପେଲ୍ଲିଙ୍)—ଶବ୍ଦର ବ ବାକ୍ୟର ବନାନ Speling ସ୍ପେଲିଙ୍ଗ ସ୍ପେଲିଙ୍ଗ —Spelling.

ସ୍ପେଲିଙ୍ ମିଷ୍ଟେକ୍—କୈ.ଦେ. ବ (ଇଂ. ସ୍ପେଲିଙ୍ ମିଷ୍ଟେକ୍)—Speling mishṭek ବନାନରେ ଭୁଲ; ବର୍ତ୍ତାଶୁଦ୍ଧି— (ସ୍ପେଲିଙ୍ ଭୁଲ୍—ଦେ. ରୂପ) Spelling mistake. ସ୍ପେଲିଙ୍ଗ ମିଷ୍ଟେକ ସ୍ପେଲିଙ୍ଗ ମିସ୍ଟେକ

ସ୍ପେସ୍—କୈ.ଦେ. ବ. (ଇଂ. ସ୍ପେସ୍)—(ଶ୍ଲୋକାଦାନା) ଦୁଇ ଧାତୁର ବା Spes ଦୁଇ ଶବ୍ଦର ବା ଦୁଇ ଅକ୍ଷରର ମଧ୍ୟରେ ଥିବା ସ୍ଥାନ— ସ୍ପେଶ ସ୍ପେସ (printing) Space.

ସ୍ପେସ୍ ରଖିବା(ଦେବା, ଛାଡ଼ିବା)—କେ. କ୍ରି—(ଶ୍ଲୋକାଦାନା) ଦୁଇ ଧାତୁ Spes rakhibā(debā, chhārdibā) ବା ଶବ୍ଦ ମଧ୍ୟରେ ଥାନ ସ୍ପେଶ ରାଖା ଛାଡ଼ିବା—(Printing) To leave a space ସ୍ପେସ ରଖନା between letters, words or lines.

ସ୍ପେଶ(ଶା, ଶ୍ୟ)ଲ୍—କୈ.ଦେ. ବଣ (ଇଂ. ସ୍ପେଶାଲ୍)—୧। ବିଶିଷ୍ଟ— Spesa(śā,śya)l 1. Special. ୨। ବିଶିଷ୍ଟ ଘଟନା ଉପଲକ୍ଷରେ [ସ୍ପେଶିଅ(ଅ)ଲ୍—ଅନ୍ୟରୂପ] ରଚିତ ବା ସଜ୍ଜିତ— ସ୍ପେଶାଲ 2. Specially made or fitted. ବ—ସ୍ପେଶାଲ୍ ସ୍ପେଶାଲ ଟ୍ରେନ୍ (ଦେଶ)—Spesal ṭren (See) ସ୍ପେଶାଲ ଟ୍ରେନ

ସ୍ପେଶ(ଶା,ଶ୍ୟ)ଲ୍ ଟ୍ରେନ୍(ଗାଡ଼ି)—କୈଦେ.ବ (ଇଂ.ସ୍ପେଶଲ୍ ଟ୍ରେନ୍)— Spesa(śā, śya)l ṭren(gārdi) ବିଶିଷ୍ଟ ଘଟନା ଉପଲକ୍ଷରେ [ସ୍ପେଶିଅ(ଅ)ଲ୍ ଟ୍ରେନ୍(ଗାଡ଼ି)—ଅନ୍ୟରୂପ] ବା ବିଶିଷ୍ଟ ବ୍ୟକ୍ତିଙ୍କ ସ୍ପେଶାଲ ଟ୍ରେନ ଯାଇ ଗଠିତ ରେଳ ଗାଡ଼ି—Special train. ସ୍ପେସିସଲ ଗାଡୀ

Digitized by srujanika@gmail.com

ସ୍ପେଶିମେନ୍—ବୈ.ଦେ. ବ. (ଇଂ ସ୍ପେସିମେନ୍)—ବସ୍ତୁଖଣ୍ଡର ବା Spesimen ସ୍ପେସିମେନ ପୁସ୍ତକର ପୃଷ୍ଠାର ନମୁନା—Specimen (of signature or page of a book). [ଇ—ସ୍ପେସିମେନ୍ ପେଜ୍ (Page=ପୃଷ୍ଠା); ସ୍ପେସିମେନ୍ ସିଗ୍ନେଚର୍ (Signature=ବସ୍ତୁଖଣ୍ଡ)] ।

ସ୍ପ୍ରଷ୍ଟା—ବି. ବ. (ସ୍ପୃଶ୍ ଧାତୁ+କର୍ତ୍ତୃ ଟୃ; ସ୍ପ୍ରଷ୍ଟୃ ୧ମା. ୧ବ.)—ଯେଉଁମାନଙ୍କୁ; ରୋଗ (ଅମର; ଭରତ)—Sprashṭā Disease; sickness.

ସ୍ପ୍ରିଙ୍—ବୈଦେ. ବ (ଇଂ)—୧ । ଧାତୁର ପତଳା ଲମ୍ବା ସ୍ଥିତିସ୍ଥାପକ Spring ବସ୍ତୁ—1. Spring. ୨ । ଗାଡ଼ି ଆଦର କମାଣି—ସ୍ପ୍ରିଂ ସ୍ପ୍ରିଙ୍ଗ (ସ୍ପ୍ରିଂ—ଅନ୍ୟରୂପ) 2. The spring of a carriage.

ସ୍ପ୍ରିଙ୍ଦାର୍ (ବାଲ୍ଲ)—ବୈଦେ. ବଣ (ଇଂ. ସ୍ପ୍ରିଙ୍ଗ+ଫା. ଦାର, Springig dar(bāla) ବୁଆଲ୍ଲ)—ସ୍ପ୍ରିଙ୍ଗ ଲଗିଥିବା (ପଥା ଘଡ଼ି, ସ୍ପ୍ରିଙ୍ଗଦାର ଚଳ, ଗତି)—Having spring; springed. [ସ୍ପ୍ରିଂଦାର (ବାଲ୍ଲ)—ଅନ୍ୟରୂପ]

ସ୍ପ୍ରେ—ବୈଦେ. ବ. (ଇଂ)—ଜଳୀୟ ବସ୍ତୁକୁ ଖୁବ୍ ସୂକ୍ଷ୍ମ କଣାରେ ଛିଞ୍ଚିବା Spre ସ୍ପ୍ରେ ପାଇଁ ବ୍ୟବହୃତ ଚିତ୍ରକାଶ—Spray.

ସ୍ପ୍ଲିଣ୍ଟ୍—ବୈଦେ. ବ. (ଇଂ)—(ପାଶ୍ଚାତ୍ୟ ଚଳସ୍ତା)—ଭାଙ୍ଗି ଯାଇଥିବା Splint ହାଡ଼ମାନଙ୍କୁ ଯୋଡ଼ାରର ବସାଇବା ପରେ ଯୋଡ଼ା ସ୍ପ୍ଲିଣ୍ଟ ସ୍ପ୍ଲିଣ୍ଟ ଦୋଇଥିବା ହାଡ଼ମାନଙ୍କୁ ଠିକ୍ ଅବସ୍ଥିତିରେ ରଖିବା ପାଇଁ ବ୍ୟବହୃତ କାଠର ବା ଧାତୁର ଲମ୍ବା ଖଣ୍ଡ—(Surgery) Splint.

ସ୍ଫଟ୍ (ଧାତୁ)—ସଂ.—୧ । ଶୀର୍ଣ୍ଣ ହେବା—To wither. ୨ । Sphaṭ (root) ଫୁଲି ଉଠିବା—2. To inflate.

ସ୍ଫଟ (ଟା)—ସଂ. ବ.—(ସ୍ଫଟ୍ ଧାତୁ+କର୍ମ ଅ; ଆ)—ସର୍ପର ଫଣା Sphaṭa (ṭā) (ଅମର)—The hood of a serpent.

ସ୍ଫଟି (ଟୀ)—ସଂ. ବ.—(ସ୍ଫଟ୍ ଧାତୁ+କର୍ମ. ଇ; ଈ)—ଫିଟିକିରି—Sphaṭi(ṭī) Alum.

ସ୍ଫଟି (ଟୀ) କ—ସଂ ବ. (ସ୍ଫଟ୍ ଧାତୁ=ଭେଦ କରିବା+କର୍ତ୍ତୃ ଇକ; ବା Sphaṭi(ṭī)ka ସ୍ଫଟ+ସମାନାର୍ଥେ କ)—୧ । ଶୁଭ୍ର ସ୍ୱଚ୍ଛ ପଥର ପ୍ରଥମ ଅର୍ଥରେ ଅନ୍ୟ ସଂସ୍କୃତ ବିଶେଷ—1. Crystal; quartz. ନାମ—ସ୍ଫଟିକ, ସ୍ଫାଟିକ, ଭାସ୍ୱର, ସ୍ଫଟିକୋପଳ, ସ୍ଫାଟିପିଣ୍ଡ, ଧୌତଶିଳ, ସିତୋପଳ, ଜମଳମଣି. ୨ । ସୂର୍ଯ୍ୟକାନ୍ତ ମଣି—2. The sun-stone. ୩ । କାଚ (ହ.ଶ)—3. Glass. ୪ । ଫିଟିକିରି (ହ.ଶ)—4. Alum. ୫ । କର୍ପୂର (ହ.ଶ)—5. Camphor. ୬ଦେ. ବଣ.—ଜର୍ମଲୋପଳ, ସ୍ୱଚ୍ଛ, ସ୍ୱଚ୍ଛମଣି, ଅମର ରତ୍ନ, ଜସୁଷ ରତ୍ନ, ସ୍ଫଟିକ, ଫଟିକ ଫଟିକ ସ୍ଫଟିକ ପରି ସ୍ୱଚ୍ଛ—Transperent as crystal. [ତୁ—'ସ୍ଫଟିକ ଜଳ ଦେ' 'ଶ୍ଫଟିକ ଜଳ ଦେ' ସ୍ୱରଭ, ସତ୍ୟସ୍ୱ ଭଟ୍ଟେ—ନଳକଗୋର. ଶର୍ମିଷ୍ଠା]

ସ୍ଫଟିକ କ୍ଷା(ଖା)ର—ବୈଦେ. ବ—ଟାଙ୍ଗଣ (ତୁରେକସ୍ଥ 'ଦ୍ରବ୍ୟଗୁଣ')—Sphaṭika kshā(khā)ra Borax. ସ୍ଫଟିକଜାର ସୋହାଗା

ସ୍ଫଟିକ ନିନ୍ଦୀ—ସଂ. ବଣ.—ସ୍ଫଟିକ ଅପେକ୍ଷା ସ୍ୱଚ୍ଛତର—More transparent than quartz. Sphaṭika nindī

ସ୍ଫଟିକ ବିଷ—ସଂ.ବ.—ଦାରୁ ମୂଳ (ଡ଼ ଶ)—Aconite; bellebore. Sphaṭika bisha

ସ୍ଫଟିକ ମୟ—ସଂ. ତଣ.—ସ୍ଫଟିକ ନିର୍ମିତ—Made of crystal. Sphaṭika maya

ସ୍ଫଟିକ ସ୍ତମ୍ଭ—ସଂ. ବ.—ସ୍ଫଟିକ ନିର୍ମିତ ଖମ୍ଭ—Pillar or column of quartz. Sphaṭika stambha

ସ୍ଫଟିକା—ସଂ. ବ—ସ୍ଫଟିକାର; ଫିଟିକିରି (ଭାବ ପ୍ରକାଶ)—Alum. Sphaṭikā

ସ୍ଫଟିକାଚଳ—ଷଂ. ବ,—କୈଳାସ ପର୍ବତ (ଦେଶଭେଦ)—The Spaṭikācbala Kailāsa mountain. (ତୁ—ଏହା (ସ୍ଫଟିକମୟ—ଅନ୍ୟରୂପ) ଦୂରରୁ ସ୍ଫଟିକମୟ ପରି ଦେଖାଯାଏ]—

ସ୍ଫଟିକାଦ୍ରିଭିଦ୍—ସଂ, ବ,—(ସ୍ଫଟିକାଦ୍ରି=କୈଳାସ ପର୍ବତ+ଭିଦ୍ Sphaṭikādribhid ଧାତୁ=ଲକ୍ଷିତ ହେବା+କର୍ତ୍ତୃ କ୍ୱିପ୍) କର୍ପୂର (ରାଜ ନିର୍ଘଣ୍ଟ)—Camphor.

ସ୍ଫଟିକାରି (ରୀ)—ସଂ ବ.—ଫିଟିକିରି—Alum Sphaṭikāri(rī)

(ସ୍ଫଟିକା, ସ୍ଫଟିକ ରକ୍ତା—ଅନ୍ୟରୂପ)—[ତୁ—ଏହା କଟୁ, ସ୍ନିଗ୍ଧ, ଅନ୍ୟ ସମସ୍ତ—କଷାୟ, ମଧୁର, ମେଦ, ମୂତ୍ରକୃତ୍, ବମି ଓ ଶୋଣିତାଶକ, ରକ୍ତଦୋଷ, ରକ୍ତପିତ୍ତ, ବାତ ପିତ୍ତ କଫ କୃମିନାଶକ, ଯୋନିଦୋଷକୋଚକ ଦୃଢ଼କାରକ। ଟଙ୍ଗାଣ ଓ ମୁଖରେଚରେ ଉତ୍ତମ। ଏହାଦ୍ୱାରା ସ୍ତମ୍ଭିତ ଧାତୁର ରଙ୍ଗ ଦୃଢ଼ ହୁଏ ।]

ସ୍ଫଟିକାଧାର—ସଂ. ବ (ମ. ତ. ଲୋ; ସ୍ଫଟିକ+ଅଧାର)—ସ୍ଫଟିକନିର୍ମିତ Sphaṭikādhāra ପାତ୍ର—A pot made of crystal

ସ୍ଫଟିକାଭ୍ର——ସଂ ବ—କର୍ପୂର— S haṭikābhra Camphor.

ସ୍ଫଟିକ୍ୟା—ସ୍ତ୍ରୀ. ବ—ଟାଙ୍ଗଣ—Sphaṭikī (ସ୍ଫଟିକାରକା—ଅନ୍ୟରୂପ) Borax.

ସ୍ଫଟିକୋପମ—ସଂ. ତଣ (ବହୁବ୍ରୀହି; ସ୍ଫଟିକ ସଙ୍ଗେ ତୁଳନୀୟ ହୁଏ ଯାହାର) Sphaṭikopama ସ୍ଫଟିକ ସଙ୍ଗେ ତୁଳନୀୟ—Crystal-like. (ସ୍ଫଟିକୋପମା—ସ୍ତ୍ରୀ. ତଣ) ସ. ବ—୧ । କର୍ପୂର (ହ. ଶ)—1. Camphor. ୨ । ଦସ୍ତା ଧାତୁ (ହ. ଶ) 2. Zinc. ୩ । ଚନ୍ଦ୍ରକାନ୍ତ ମଣି (ହ. ଶ)—3. Moonstone.

ସ୍ଫଟୀ—ସ. ବ.—ଫିଟିକିରି— Sphaṭī Alum.

ସ୍ଫଡ଼ (ଧାତୁ)—ସ—ପରିହାସ କରିବା— Sphard (root) To joke.

ସ୍ଫର(ଧାତୁ)—ସ—୧ । ସ୍ଫୁରଣ କରିବା—1. To flash. ୨ । ଚଳିବା. 2. Sphar (root) To move.

ସ୍ଫରଣ—ସ. ବ (ସ୍ଫର୍ ଧାତୁ+ଭାବ. ଅନ)—ସ୍ଫୁରଣ (ବେଗ)— Spharaṇa Sphuraṇa (See)

ସ୍ଫଲ୍ (ଲ୍) (ଧାତୁ)—ସ—ସ୍ଫୁରଣ କରିବା— Sphal (l)(root) To flash,

Digitized by srujanika@gmail.com

ସ୍ଫାଟକ—ସଂ. ବ—(ସ୍ଫୁଟ୍‌ଧାତୁ+କର୍ତ୍ତରିଅକ)—୧ । ସ୍ଫଟିକ (ହୀ. ଶ)—Sphāṭaka 1. Crystal. ୨। ଜଳବିନ୍ଦୁ—2. Water-drop

ସ୍ଫାଟିକ—ସଂ ବଣ (ସ୍ଫଟିକ + ସମ୍ବନ୍ଧାର୍ଥେ ଅ)—ସ୍ଫଟିକସମ୍ବନ୍ଧୀୟ—Sphāṭika Crystalline.

ସ୍ଫାତ—ସଂ. ବଣ—(ସ୍ଫାର ଧାତୁ = ବୃଦ୍ଧି ପାଇବା + କର୍ତ୍ତରି. ତ)—ବୃଦ୍ଧିପ୍ରାପ୍ତ; ସ୍ଫୀତ—Increased; swollen.

ସ୍ଫାୟ୍ (ଇ) (ଧାତୁ)—ଅ.—୧ । ବୃଦ୍ଧି ପାଇବା—1. To increase. Sphāy (r) [root] ୨ । ଉନ୍ନତିଯୁକ୍ତ ହେବା—2. To improve. ୩ । ଫୁଲିବା—3. To swell.

ସ୍ଫାର—ଅ.ବଣ—(ସ୍ଫାୟ୍ ଧାତୁ=ବୃଦ୍ଧି ପାଇବା+କର୍ତ୍ତରି ର, କିମ୍ବା ସ୍ଫାୟ ଧାତୁ=ବୃଦ୍ଧି ପାଇବା+କର୍ତ୍ତରି ଅ)—୧ । ବୃଦ୍ଧିପ୍ରାପ୍ତ—Sphāra 1. Increased; enhanced. ୨। ବିସ୍ତୃତ—2. Extended; extensive ୩ । ପ୍ରଚୁର (ସମ୍ପତ୍ତିସମ୍ବନ୍ଧରେ) 3. Sufficient; abundant; ample ୪ । ବିପୁଳ; ବୃହତ୍ (ଦେହଗତ)—4. Big; large; wide. ୫ । ବିକଟ (ମେଦଜ)—5. Hideous; fierce. ସ୍ଫ. ବ ୧ । ସ୍ଫୁରଣ; ବିକାଶ—1. Exhibition; flashing; manifestation. ୨ । କନକାଦି ଧାତୁର ବୃଦବୃଦ (ମେଦଜ)—2. Drops or bubbles of molten gold or other metal.

ସ୍ଫାରଣ—ସଂ ବ. (ସ୍ଫୁଟ ଧାତୁ ଣିଚ୍=ସ୍ଫାର ଧାତୁ+ଭାବ ଅନ)—୧ ବଢ଼ାଇବା—Sphāraṇa 1. Widening; increasing; enhancing. ୨ । ବିସ୍ତାର କରିବା—2. Extending. ୩। ସ୍ଫୁରଣ (ଦେଖ)—3. Sphuraṇa (See)

ସ୍ଫାର ଦର୍ପଣ—ସଂ. ବ—ବଡ଼ ଆରଶି—Sphāra darpaṇa Big mirror.

ସ୍ଫାରିତ—ସଂ. ବଣ (ସ୍ଫାର ଧାତୁ, ଣିଚ+କର୍ମ ତ)—୧ । ବର୍ଦ୍ଧାଇତ Sphārita 1. Widened ୨ । ବିସ୍ତାରିତ—2. Extended.

ସ୍ଫାନ—ସଂ. ବ (ସ୍ଫଲ ଧାତୁ=ସ୍ଫୁର୍ତ୍ତି ପାଇବା+ଭାବ ଅ) Sphāna ୧ । ସ୍ଫୁର୍ତ୍ତି; ସ୍ଫୁରଣ—1. Flashing ୨ । ଅହଙ୍କାର—2. Boasting.

ସ୍ଫିକ୍—ସଂ. ବ (ସ୍ଫାୟ୍ ଧାତୁ+କଙ୍କୁ ଇଚ୍, ଶିଚ୍ ଲୋ. ଲେ)—ପିଣ୍ଡି; କଟିପ୍ରୋଥ—Sphic Buttocks.

ସ୍ଫିକ୍‌ଘାତନକ—ସ. ବ.—କଇଁଫଳ; କାଫଳ—Sphik-ghatanaka Myrica Sapida. (plant)

ସ୍ଫିଟ୍(ଧାତୁ)—ଦଂ.—ଉଭକରିବା—Sphiṭ (root) To cohabit.

ସ୍ଫିର—ସ. ବଣ (ସ୍ଫାୟ୍ ଧାତୁ + କଙ୍କୁ ଇର)—ପ୍ରଚୁର—Sphira Sufficient; abundant.

ସ୍ଫିର ଧନ—ସଂ. ବଣ. ବୁଂ (ବହୁବ୍ରୀ.ସ) ଯାହାର ବହୁଧନ ଅଛି—Sphira dhana Having abundant riches. (ସ୍ତ୍ରିଲିଙ୍ଗ—ଙ୍ଗୀ)

ସ୍ଫୀତ—ସଂ. ବଣ (ସ୍ଫାୟ୍ ଧାତୁ+କର୍ତ୍ତରି ତ)—୧ । ପ୍ରବୃଦ୍ଧ; ବଢ଼ିଥିବା; ବର୍ଦ୍ଧିତ—Sphīta 1. Increased. ୨ । ସମୃଦ୍ଧ (ସ୍ଫୀତି, ସ୍ଫୀତତା—ତ୍ୱ (ଭାଗବତ)—2. Grown rich or prosperous. ୩ । ଫୁଲିଥିବା—3. Swollen; bloated.

ସ୍ଫୀତ ବକ୍ଷଃ—ସଂ. ବ (କର୍ମଧା)—୧ । ଫୁଲିଥିବା ଛାତି—Sphīta bakshaḥ 1. Expanded breast. ୨ । ଗର୍ବୋନ୍ନତ ଛାତି—2. Bloated breast. ସଂ. ବଣ (ବହୁବ୍ରୀ.ହ) ଦର୍ପ ବା ଗର୍ବଦ୍ୱାରା ଯାହାର ଛାତି ଫୁଲି ଉଠିଅଛି: ଦର୍ପୋତ୍‌ଫୁଲ୍ଲ ବା ଗର୍ବୋତ୍‌ଫୁଲ୍ଲ—Having one's breast expanded through pride or joy.

ସ୍ଫୀତ ହେବା—ଦେ. କ୍ରି—ଫୁଲିବା—Sphita hebā To swell; to heave. स्फीत होना स्फीत होना

ସ୍ଫୀତି—ସଂ. ବ [ସ୍ଫାୟ୍ ଧାତୁ+ଭାବ ତି]—୧ । ପ୍ରବୃଦ୍ଧି—Sphīti 1. Increase. ୨ । ଶୋଥ—2. Dropsy; [ସ୍ଫୀତ—ବଣ] plethora. ୩ । ଫୁଲା—3. Swelling. ୪ । ଉନ୍ନତି—4. Improvement.

ସ୍ଫୀତୋଦର—ସଂ. ବ—୧ । [କର୍ମ] ଫୁଲା ପେଟ—1. Swollen Sphītodara belly. ୨ । [ବହୁବ୍ରୀ.ହ] ପେଟ ଫମ୍ପା ରୋଗ—2. Tympanites. ସଂ. ବଣ. [ସ୍ଫୀତୋଦର—ଙ୍ଗୀ] ପୁଂ [ବହୁବ୍ରୀ.ହ]—ଯାହାର ପେଟ ଫାମ୍ପିଛି—Having the belly swollen.

ସ୍ଫୁଟ୍ [ଧାତୁ]—ସଂ.—୧ । ବିକଶିତ ହେବା; [ଫୁଲ] ଫୁଟିବା—Sphuṭ (root) 1. To blow; to expand (said of a flower) ୨ । ପରିହାସ କରିବା—2. To joke. ୩ । ବ୍ୟକ୍ତ ହେବା—3. To be manifest. ୪ । ଫୁଟାଇବା; ଭେଦ କରିବା—4. To pierce. ୫ । ବିଦୀର୍ଣ୍ଣ ହେବା—5. To be split. ୬ । ଫାଟିଯିବା—6. To burst.

ସ୍ଫୁଟ—ସଂ. ବଣ [ସ୍ଫୁଟ୍ ଧାତୁ+କର୍ତ୍ତରି ଅ]—୧ । ପ୍ରସ୍ଫୁଟିତ; ବିକଶିତ; Sphuṭa ପ୍ରସ୍ଫୁଟିତ [ମେଦଜ]—1. Fully blown. [ସ୍ଫୁଟତା—ବ] [ଓ—ଅଳଜୁଳ ଯୁଥ କୁସୁମସ୍ଫୁଟେ [ଏଥିର ଅପଭ୍ରଂଶ—ଫାଟିବା, ଫୁଟିବା] ଚମ୍ପକ କର ପ୍ରସ୍ଫୋଟେ ଲୁଠେ—ଗୀତା ରସବାରଧି ।] ୨ । ବ୍ୟକ୍ତ; ସ୍ପଷ୍ଟ [ମେଦଜ]—2. Manifest; distinct. ୩ । ବିଶଦ-3. Clear; plain; obvious. ୪ । ପ୍ରଘୋଷିତ—4. Lighted, ୫ । ବିଦୀର୍ଣ୍ଣ—5, Pierced; lacerated. ୬ । ଭିନ୍ନ (ଶବ୍ଦକଲ୍ପଦ୍ରୁମ)—6, Separated. ୭ । ଫାଟି ଯାଇଥିବା—7, Burst; split, ୮ । ନିଶ୍ଚିତ—8, Sure; ascertained. ୯ । ଶୁଳ୍କ [ଅଳସ୍]—

Digitized by srujanika@gmail.com

9. White. ୧୦ । ଶୁଭ୍ର—10. Bright. ୧୧ । ନିର୍ମଳ—11. Clean. ୧୨ । ରନ୍ଧ୍ରଯୁକ୍ତ; ଫୁଟା—12. Having holes; perforated. ୧୩ । ସ୍ୱତନ୍ତ୍ର (ହି, ଶ)—13. Separate; distinct. ସଂ. ବି—୧ । ସର୍ପର ଫଣା—1. The expanded hood of a serpent. ୨ । ଜନ୍ମ ସମୟରେ କେଉଁ କେଉଁ ଗ୍ରହର କେଉଁ କେଉଁ ରାଶିରେ କେତେ ଅଂଶ, କେତେ କଳା, କେତେ ବିକଳାରେ ଅବସ୍ଥିତି, ଜନ୍ମ କୁଣ୍ଡଳୀରେ ଏଥିର ପ୍ରଦର୍ଶନ [ହି· ଶ.]—2. Showing in the horoscope the positions of different planets in degrees, minutes and seconds in the different zodiacal signs at the time of one's birth.

ସ୍ଫୁଟକ—ସଂ. ବି—ଜ୍ୟୋତିଷ୍ମତୀ ଲତା [ହି. ଶ]
Sphuṭaka Cardiospermum Helicacabum plant.

ସ୍ଫୁଟ ଗଣନା—ସଂ. ବି·—(ଜ୍ୟୋତିଷ)—ଗ୍ରହମାନଙ୍କର ଦୃଶ୍ୟମାନ ଗତି ବା ସ୍ଥିତି ଛଡ଼ା ପ୍ରକୃତ ଅବସ୍ଥିତି ସ୍ଥିର କରିବା ରୂପ ଗଣନା—(Astronomy) Calculation of
Sphuṭa gaṇanā the true motion or position of planets, as distinct from the apparent motion or position. [ଦ୍ର—ଯେତେବେଳେ ଅଖିକୁ ସୂର୍ଯ୍ୟ ବୁଡ଼ି ନ ଥିବାପରି ଦେଖାଯାଏ, ପ୍ରକୃତରେ ସେତେବେଳେ ସୂର୍ଯ୍ୟ ବୁଡ଼ି ଯାଇଥାଏ ଓ ଦରବଳସ୍ଥର ତଳକୁ ଯାଇଥାଏ; କାରଣ ବାୟୁମଣ୍ଡଳର ପ୍ରତିଫଳନ (refraction) ଯୋଗୁ ଛାଡ଼ା ଦିଗ୍‌ମଣ୍ଡଳର ଉପରେ ଅଖିକୁ ଦେଖି ପାଏ ।]

ସ୍ଫୁଟ ଗତି—ସଂ· ବି— ଜ୍ୟୋତିଷ)—ଗ୍ରହମାନଙ୍କ ପ୍ରକୃତ ଗତି—The
Sphuṭa gati true motion of planets. [ଦ୍ର· ଔଦୟିକ ବା ମଧ୍ୟାହ୍ନକାଳୀନ (କମ୍ବା ମଧ୍ୟରାତ୍ରୀସ୍ଥ) ସ୍ଫୁଟଗ୍ରହ ଓ ପଇଦନର ଔଦୟିକ, ମାଧ୍ୟାହ୍ନିକ ବା ମାଧ୍ୟରାତ୍ରିକ ସ୍ଫୁଟଗ୍ରହର ଅନ୍ତରଟି ସ୍ଫୁଟଗତି ଅଟେ । ସୂକ୍ଷ୍ମ ତାତ୍କାଳିକ ସ୍ପଷ୍ଟଗତି ଅଣିବାକୁ ହେଲେ 'ମନ୍ଦକେନ୍ଦ୍ର' ଗଣିକୁ ମନ୍ଦକେନ୍ଦ୍ରର କୋଟିଫଳ ଦ୍ୱାରା ଗୁଣି ଜ୍ୟା ଦ୍ୱାରା ଭାଗ କଲେ ମନ୍ଦଗତିଫଳ ଆସେ । ଏହି ଗତିଫଳକୁ କର୍କାଦି କେନ୍ଦ୍ରରେ ମଧ୍ୟଗତିରେ ଯୋଗକଲେ ଓ ମକରାଦି କେନ୍ଦ୍ରରୁ ବିଯୋଗ କଲେ ତତ୍କାଳିକ ମନ୍ଦ ସ୍ଫୁଟଗତି ହୁଏ । ସିଦ୍ଧାନ୍ତ ଶିରୋମଣି ଓ ସିଦ୍ଧାନ୍ତ ଦର୍ପଣରେ ଏହି ଜସ୍ୟମୂଳର ଉଲ୍ଲେଖ ଅଛି ।] (ସଦର୍ଦ୍ଦ ଲେଖକ ଶ୍ରୀ ବାଇଦୋଳ ମହାପାତ୍ର ଜ୍ୟୋତିଷରତ୍ନାକର)

ସ୍ଫୁଟ ଗ୍ରହ—ସ.ବି—(ଜ୍ୟୋତିଷ)—ଗ୍ରହମାନଙ୍କର ଦୃଶ୍ୟମାନ ଅବସ୍ଥିତିର
Sphuṭa graha ନିର୍ଣ୍ଣୟ—The ascertaining of the true positions of the planets in the Zodiac. [ଦ୍ର—ଗ୍ରହାଦିଙ୍କ ଗତି ପ୍ରସଙ୍ଗରେ 'ମଧ୍ୟମାଧିକାର' ରେ ସ୍ଥିର କରିଯାଇ ସେରେ 'ସ୍ଫୁଟ' କରିଥାଏ । ଏହାର ଜସ୍ୟମାନ 'ସିଦ୍ଧାନ୍ତ ଶିରୋମଣି' ଓ 'ସିଦ୍ଧାନ୍ତ ଦର୍ପଣ'ରେ ଦିଆ ଅଛି । ମଧ୍ୟମ ଗଣିର ସ୍ଫୁଟ ଗଣି ସ୍ଥିର କରି ନ ଗଲେ, କେବଳ ମଧ୍ୟମ ଗଣି ବା ଅବସ୍ଥିତିରୁ ଯହ କୌଣସି କାର୍ଯ୍ୟ କରିଣୀୟ ନୁହେ ।

ଫଳତ ଜ୍ୟୋତିଷରେ ସ୍ଫୁଟଗ୍ରହ ନ ଆଣିଲେ ଗ୍ରହମାନଙ୍କର ବର୍ଣ୍ଣାଦି ଓ ଛାଡାଦି ବଳ ନିର୍ଣ୍ଣୟ ହୋଇ ନ ପାରେ । ତେଣୁ ସ୍ଫୁଟ ଆଣିବା ସର୍ବାଦୌ କରତ୍ତବ୍ୟ । ପଞ୍ଜିକାରେ ସଦ୍ୟ ଗଣତଃ ପ୍ରତ୍ୟେକ ଦିନର ଔଦୟିକ ସ୍ଫୁଟଗ୍ରହ ଦିଆଯାଇ ଥାଏ । ଏଥିରୁ ଯେ କୌଣସି ସମୟର ସ୍ଫୁଟଗ୍ରହ ଆଣି ପାରିଯାଏ । ଯହ ଦିବସ ଔଦୟିକ ସ୍ଫୁଟରୁ ଆବଶ୍ୟକ ଦିନର ଔଦୟିକ ସ୍ଫୁଟ ବାଦ୍ ଦେଲେ ଗ୍ରହର ଦୈନିକ ଗତି ବାହାରେ । ଦିନକର ଗତି ଜଣାଗଲେ, ତ୍ରୈରାଶିକ ଦ୍ୱାରା ଲବ୍ଧାଙ୍କର ଗତି ସହ ଆଣି ପାଇ, ଆବଶ୍ୟକ କାଳ ଉଦସ୍ଥାରୁ ଯେତେ ଦଣ୍ଡ ଯେତେ ଲବ୍ଧା (ବା ଘଣ୍ଟା, ମିନିଟ) ହେଲା, ସେ ସମସ୍ତ ଗତି ହ୍ରାସ କର ଔଦୟିକ ସ୍ଫୁଟରେ ଯୋଗ କଲେ ଆବଶ୍ୟକକାଳୀନ ସ୍ଫୁଟଗ୍ରହ ବାହାରେ ।]
(ସଦର୍ଦ୍ଦ ଲେଖକ —ଶ୍ରୀ ବାଇଦୋଳ ମହାପାତ୍ର ଜ୍ୟୋତିଷରତ୍ନାକର)

ସ୍ଫୁଟତା (ତ୍ୱ)—ସଂ. ବି. (ସ୍ଫୁଟ+ଭାବେ. ତା,ତ୍ୱ)—୧ । ସ୍ପଷ୍ଟତା—
Sphuṭatā (twa) 1. Clearness; distinctness. ୨ । ଶୁଭ୍ରତା—2. Brightness.

ସ୍ଫୁଟତ୍ୱଗ୍—ସଂ. ବି—ଜ୍ୟୋତିଷ୍ମତୀ—Cardiospermum Heli.
Sphuṭa twacha cacabum (plant)

ସ୍ଫୁଟ ଧ୍ୱନି—ସଂ. ବି—(କନ୍ଥ୍ୟଗ୍ରହ)—ଧଳା କପୋତ (ହି. ଶ)
Sphuṭa dhwani The white dove-

ସ୍ଫୁଟନ—ସଂ. ବି. (ସ୍ଫୁଟ ଧାତୁ+ଭାବ ଅନ)—୧ । (ପୁଷ୍ପାଦିର)
Sphuṭana ବିକଶନ; ସ୍ଫୁଟିବା; ବିକସିତ ହେବା—1. Expanding, blowing; opening (of flowers). ୨ । ଫାଟିବା ବିଦାରଣ—2. Splitting; bursting. ୩ । ସ୍ଫୁଟିତ ହେବା; ଛିଦ୍ର ଯୁକ୍ତ ହେବା—3. Perforation. ୪ । ସ୍ଫୁଟାଇବା; ବେଧନ; ବେଦନ—4. Piercing. ୫ । ବ୍ୟକ୍ତ ହେବା—5. Being manifest, clear or distinct.

ସ୍ଫୁଟନ ବି. —(ଘଷିଟଦେବା ସମୟରେ ହାତର ଏ ଯୋଡ଼ର ଆଙ୍ଗୁଠି ଆଦ) ସ୍ଫୁଟକି ସ୍ଫୁଟାଇବା — The cracking of the joints of the finger or other limbs
[ଦ୍ର—ସ୍ଫୁଟନ କରିବା କର ଅଙ୍ଗୁଳି—ଶାମନ୍ତ ସିଂହାର ବିଦଗ୍ଧ ନାମଣି ।]

ସ୍ଫୁଟ ଫଳ—ସ. ବି—(କନ୍ଥ୍ୟଗ୍ରହ; ଯାହାର ଫଳ ଖାଇଲେ ଫାଟିଯାଏ)—
Sphuṭa phala ଭୁମ୍ବୁରୁ (ହି. ଶ); ଏକପ୍ରକାର ନାରଙ୍ଗି—Anthoxylum Alatum (tree).

Digitized by srujanika@gmail.com

ସ୍ଫୁଟ ବନ୍ଧନୀ(ନୀ)—ସଂ. ବ—ଜ୍ୟୋଇଣ୍ଟଟ୍; ସାନ୍ଧବନ୍ଧ-ସଦୃଶ; ଫୁଟୁଫୁଟିକା: Sphuṭa bandhanī(nī) କଙ୍କ୍ରା (ରତ୍ନମାଳା)—ନୟା ଫଟକୀ Cardiospermum Helicacabum (plant). ମାଳ କଂଗନୀ (ସ୍ଫୁଟ ବଲ୍ଲୀ[ଲି]—ଅନ୍ୟରୂପ)

ସ୍ଫୁଟ ଭାବ—ସଂ. ବ (ଜ୍ୟୋତିଷ)—ଜନ୍ମକୁଣ୍ଡଳୀରେ ଗ୍ରହମାନଙ୍କର ପ୍ରକୃତ ଅବସ୍ଥିତିର ଗଣନା—The real cusp of planets in the horoscope.

[ଦ୍ର—ପ୍ରଥମେ ଲଗ୍ନସ୍ଫୁଟ ଅଣି ତହିଁରୁ ଅନ୍ୟ ଭାବସ୍ଫୁଟ ଅଣିବାକୁ ହୁଏ । ଭାବସ୍ଫୁଟ ନ କଲେ ଭାବବଳ ଓ ତହିଁରେ ଗ୍ରହମାନଙ୍କର ସଯୋଗ ସମ୍ୟକ୍ ସ୍ଥିର କରାଯାଇ ନ ପାରେ; ଲଗ୍ନ ସ୍ଫୁଟରୁ ସପ୍ତମ ଲଗ୍ନ ବା ଦଶମ ଭାବସ୍ଫୁଟ କରାଯାଏ । ଲଗ୍ନଭାବସ୍ଫୁଟରେ ୬ ରାଶି ବା ୧୮୦ ଅଂଶ ଯୋଗ କଲେ ସପ୍ତମ ଭାବସ୍ଫୁଟ ହୁଏ । ଦଶମ ଭାବକୁ ଲଗ୍ନଭାବରୁ ବାଦ୍ ଦେଇ ଅବଶିଷ୍ଟକୁ ୩ ରେ ହରଣ କର ଏକ ଏକ ଭାବକୁ ଦଶମ ସ୍ଫୁଟରେ ମିଶାଇଲେ ଲାଭଭାବ ଓ ବ୍ୟୟଭାବ ବାହାରେ । ଏହାପର ଚତୁର୍ଥ ଓ ସପ୍ତମ ଭାବର ଅନ୍ତରରୁ ଅଷ୍ଟମ ଓ ଷଷ୍ଠ ଭାବ ସ୍ଥିର ହୁଏ । ଲଗ୍ନ ଓ ଚତୁର୍ଥର ଅନ୍ତରରୁ ଧନ ଓ ଭ୍ରାତୃଭାବ ସ୍ଫୁଟ ସ୍ଥିର କରାଯାଏ । ଦଶମ ଓ ସପ୍ତମର ଅନ୍ତରରୁ ଅଷ୍ଟମ ଓ କଳତ୍ରଭାବସ୍ଫୁଟ ସ୍ଥିର କରାଯାଏ । ଦଶମ ସ୍ଫୁଟରୁ ୬ ରାଶି ଅନ୍ତର କଲେ ଚତୁର୍ଥର ସ୍ଫୁଟ ବାହାର ଅଟେ । (ସନ୍ଦର୍ଭ ଲେଖକ—ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷ ବଶାରଦ) ।]

ସ୍ଫୁଟମାନ ହେବା—ଦେ. କ୍ରି—ପ୍ରକାଶିତ ହେବା—To appear clearly or distinctly. ସ୍ପଷ୍ଟମାନ ହଓୟା [ଉ—ସେ ସୁଣି ଚାଉଳ ସ୍ଫୁଟମାନ ହୁଅନ୍ତେ, ସ୍ପଷ୍ଟମାନ ହୋନା ମୋତେ କୁଷ୍ଠ ଥାଏଆରମ୍ଭେ । ଭାରତ. ଉଦ୍ୟୋଗପର୍ବ ।)

ସ୍ଫୁଟା—ସଂ. ବ—(ସ୍ଫୁଟ୍ ଧାତୁ+କର୍ମ.ଅ+ଆ)—ଫଣା; ଫଣା (ସର୍ପାଦିର) Sphuṭā —The expanded hood of a serpent.

ସ୍ଫୁଟି(ଟୀ)—ସ. ବ—(ସ୍ଫୁଟ ଧାତୁ=ଫାଟିଯିବା+କରଣ.ଇ; ଈ)—ଫାଟିଯାଇ ହେଉଥିବା ଘା; ଗୋଡ଼ଘାଟ ରୋଗ (ଶୀତ ଋତୁରେ)—1. Kibe; a disease; splitting up of the skin of the soles of the feet ୨ । ଫୁଟି କାକୁଡ଼ି; ଜାତିର କକୁଡ଼ି ଫଳ (ମେହଜ)—2. Musk melon; a kind of melon which bursts when ripe; Cucumis Melo.

ସ୍ଫୁଟିକା—ସଂ. ବ—୧ । ଫୁଟି କାକୁଡ଼ି—1. A kind of musk melon. ୨ । ଫଟିକରି (ହି. ଶ)—2. Alum.

ସ୍ଫୁଟିତ—ସଂ. କ୍ରିବି (ସ୍ଫୁଟ୍ ଧାତୁ+କର୍ତ୍ତା. ତ)—୧ । ବିକଶିତ—1. Opened; expanded; full blown. ୨ । ପରିହସିତ—2. Laughed at; derided. ୩ । ବ୍ୟକ୍ତୀକୃତ; ପ୍ରକଟିତ—3. Made distinct or apparent. ୪ । ଫାଟି ଯାଇଥିବା; ଛିନ୍ନ—4. Split up; pierced. ୫ । ଫୁଟି ଯାଇଥିବା; କଣା ହୋଇଥିବା—5. Perforated. ୬ । ନିଶ୍ଚିତ—6. Ascertained. ୭ । ଶୁଭ୍ରୀକୃତ—7. Brightened.

ସ୍ଫୁଟିତ କାଣ୍ଡ ଭଙ୍ଗ(ଗ୍ନ)—ସ. ବ—(ବୈଦ୍ୟକ)—ହାଡ଼ ଭଙ୍ଗ ହେବା Sphuṭita kāṇḍa bhaṅga(gna) ହୋଇ ଭାଙ୍ଗିଯିବା—The breaking of a bone into many bits.

ସ୍ଫୁଟୀ କରଣ—ସ. ବ (ସ୍ଫୁଟ+ଅତୂତଭାବେ ଚ୍ବି+କରଣ)—ଅସ୍ପଷ୍ଟ ବା ଅପ୍ରକଟ ବସ୍ତୁର ବ୍ୟକ୍ତୀକରଣ—(ସ୍ଫୁଟୀକୃତ—ବଣ) Sphuṭī karaṇa Making distinct.

ସ୍ଫୁଟ୍ (ଧାତୁ)—ସ—ଅନାଦର କରିବା—To slight; to treat with disregard. Sphuṭ (root)

ସ୍ଫୁର୍ଡ୍ (ଧାତୁ)—ସ—୧ । ପରିହାସ କରିବା—1. To joke. ୨ । ବଢ଼ିବା—2. To be expanded; to be full blown. ୩ । ବରଣ କରିବା—3. To choose; to invite. Sphurḍ (root)

ସ୍ଫୁତ୍—ଅ, ଅ—ଅନୁକରଣ ଶବ୍ଦ; ଫୁତ୍‌କାର; ଫୁତ୍‌କିବା ଶବ୍ଦ; ଫୁ ଫୁ ଶବ୍ଦ—Sound of blowing wind through the mouth. Sphut ଫୁଁ, ଫୁଁ ପୁଂଫକାର

ସ୍ଫୁତ୍-କର—ସ. ବ (ସ୍ଫୁତ୍=ଫୁଁ ଶବ୍ଦ+କୃ ଧାତୁ+କର୍ତ୍ତୃ. ଅ)—ଅଗ୍ନି (ଶବ୍ଦତଦ୍ଭବ)—Fire. Sphut-kara ଅଗ୍ନି

ସ୍ଫୁତ୍-କାର—ସଂ. ବ (ସ୍ଫୁତ୍=ଫୁଁ ଶବ୍ଦ+କୃ ଧାତୁ+ଘଞ୍. ଅ)—ଫୁତ୍‌କାର; ମୁଖରେ ଫୁତ୍‌କିବା ଶବ୍ଦ; ଫୁଁ ଫୁଁ ଶବ୍ଦ Sound of blowing air through the lips. Sphut-kāra

ସ୍ଫୁତ୍‌କାର କରିବା—ଦେ. କ୍ରି—ମୁଖରେ ଫୁତ୍‌କିବା—To blow air through the lips. Sphut-kāra karibā ଫୁଁ ଦେଓୟା ଫୂତ୍‌କାର କରନା

ସ୍ଫୁର୍ (ଧାତୁ)—ସଂ—୧ । ଚଞ୍ଚଳ ହେବା—1. To be active. ୨। ଇତସ୍ତତଃ ଈଷତ୍ ଚଳିବା—2. To move slightly to and fro; to palpitate; to throb. ୩ । (ଅଙ୍ଗର ଚର୍ମ) ଡେଇଁବା—3. To throb (said of the skin of a limb). ୪ । ପ୍ରକାଶିତ ହେବା—4. To be manifest; to be apparent. ୫ । କମ୍ପିବା—5. To shiver; to tremble. Sphur (root) ଏଦ୍ଦାର ଅପଭ୍ରଂଶ— ସ୍ଫୁରିବା, ସ୍ପୁରିବା ।

ସ୍ଫୁର—ସଂ. ବ (ସ୍ଫୁର ଧାତୁ+କର୍ତ୍ତୃ. ଅ)—୧ । ଫଳକ (ହେସଡ଼ଡ); ଫଟା—1. Pane; plate; board. ୨ । (+ଭାବ ଅ)—ସ୍ଫୁରଣ (ଅଳ୍ପର ଠାଏଁ) (ଦେଖ)—2. Sphuraṇa (See) ୩ । ବାୟୁ (ହି. ଶ)—3. Wind. Sphura

ସ୍ଫୁରଣ—ସଂ. ବ (ସ୍ଫୁର ଧାତୁ+ଭାବ. ଅନ)—୧ । କମ୍ପନ; ଈଷତ୍ ଚଳନ (ଉଭୟ)—1. Quivering; trembling; slight movement. ସ୍ଫୁରଣ, ସ୍ଫୁରଣା, ସ୍ଫୁଲନ, ସ୍ଫୋରଣ ୨ । ଇତସ୍ତତଃ ଗମନ—(ସ୍ଫୁରିତ—ବଣ) 2. Oscillating. ୩ । ସ୍ଫୁର୍ତ୍ତି (ଶବ୍ଦତଦ୍ଭବମାଳା) —3. Being manifest or expressed; ex-

Digitized by srujanika@gmail.com

pression ୪। ବ୍ୟକ୍ତନ—4. Blowing; expanding. ୫। ଦୀପ୍ତି—5. Shining; sparkling. ୬। ପ୍ରତିବିମ୍ବିତ ହେବା—6. Reflection. ୭। ଉତ୍ଥେଳିତ—7. Rising. ୮। ଅଙ୍ଗ ଥଦ ସ୍ଫୁରିବା—8. Throbbing of the skin of some part of the body.

ସ୍ଫୁରନ୍—ବି. ବଣ ପୁଂ (ସ୍ଫୁର ଧାତୁ+ଅଣ୍ (ଶବ୍ଦ); ସ୍ଫୁରଣ୍ ୧୩୩. ୧୯) Sphuran ୧। କମ୍ପନଯୁକ୍ତ—1. Trembling; vibrating; (ସ୍ଫୁରତ୍—ସ୍ତ୍ରୀ) throbbing. ୨। ସ୍ପୁର୍ଯ୍ୟୁକ୍ତ—2. Finding expression. ୩। ଦୀପ୍ୟମାନ—3. Shining.

ସ୍ଫୁରା (ରେ) ଇବ —ଦେ. କ୍ରି—ସ୍ଫୁରିବାର ନିଜନ୍ତ ରୂପ—Causative of Sphuribā. [ଉ—ପୂର୍ତ୍ତୁଗିଜ ଅଣା ଫ୍ୟୁରାନ ଫୁରବାନା ସ୍ଫୁରଣା ଶବ୍ଦରୁ—ମଧୁସୂଦନ. ଜ୍ଞାନଲଗାଥା]

ସ୍ଫୁରିତ—ବି. ବଣ (ସ୍ଫୁର ଧାତୁ+କର୍ତ୍ତୃ. ତ)—୧। କମ୍ପିତ—1. Sphurita Trembling. ୨। ସ୍ପୁରଣ ବିଶିଷ୍ଟ—2. Throbbing. ୩। ପ୍ରତିବିମ୍ବିତ—3. Reflected. ୪। ସ୍ପୁର୍ତ୍ତିବିଶିଷ୍ଟ—4. Expressed. ୫। ସ୍ପୁର୍ତ୍ତିପ୍ରାପ୍ତ—5. Shining; exhibited; manifest. ସଂ. ବି—ସ୍ପୁରଣ (ଦେଶ)—Sphūraṇa (See) ଦେ. ବଣ—୧। ଜଜାରିତ—1. Uttered. ୨। ପ୍ରକଟିତ—2. Published; proclaimed [ଉ—ବତ୍ତାକଣ୍ଠ ଶେଷନାଳେ, ସ୍ଫୁରିତ ଶବ୍ଦ ସଙ୍ଗତଳ, ସ୍ଥୁଳ ଜଘନ୍ୟ ଚାମ୍ବୁଳେ ଚୋପି—ଭୃଙ୍ଗ. ଦୈ ଦେପ୍ପାଶଟଳୀୟ]

ସ୍ଫୁରିତାଧର—ସଂ. ବଣ. ପୁଂ (ଷଷ୍ଠୀ ତ)—(କ୍ରୋଧରେ ଯାଦ୍ୱାର ଓଠ Sphuritādhara ଥରୁଥିବ; କମ୍ପିତୌଷ୍ଠ—With the lips trembling (out of anger) (ସ୍ଫୁରତାଧର—ସ୍ତ୍ରୀ) ସଂ ବି (କର୍ମଧା)—କମ୍ପୁଥିବା ଓଠ—Trembling lip

ସ୍ଫୁରିବା—ଦେ. କ୍ରି (ସଂ. ସ୍ଫୁର ଧାତୁ)—୧। କମ୍ପିବା—1, To Sphuribā tremble. ୨। (ଅଟଳଟେଶ) ଡେଇଁବା—2. To throb or palpitrate. [ଉ - ହୃଦସ୍ପନ୍ଦରେ ଭୟ ଦୋଇଲ୍ଲ ଜଘସ୍ଥିତ, ସ୍ଫୁରଲ୍ଲ ବାମଭୁଜ ଭୁଲେ ବାମ ନେତ୍ର—କୃଷ୍ଣସିଂହ ମହାଭାରତ,ବନ] ୩। (ବୁଝିବା ବାକ୍ୟ) ଯଇଟବା—3. To find expression. [ଉ— ଭାରତ ଗୀତ ଦୋଇ ସ୍ଫୁର ମୋ ହୃଦରେ—କୃଷ୍ଣସିଂହ. ମହାଭାରତ, ଆଦ] ୪। ପ୍ରକାଶିତ ହେବା—4.To be manifest. [ଉ—ଜଗତ୍ମ ହେବାର ଜ୍ଞାନଦ ସାର, ଶିଷ୍ୟ ସ୍ଫୁରଲ୍ଲ ସେ କ ପ୍ରକାର—କବିସୂର୍ଯ୍ୟ. ବଣୋତ୍ସ ଚମ୍ପୂ—କ ଗୀତ] ୫। ବାହାର ପଡିବା—5. To come out [ଉ— କାହୁଁ ସ୍ଫୁରଇ କେବା ସ୍ଫୁରେ, ଜରବଲମ୍ବ ନରୁଧାରେ—ଭୂଷଉ. ପ୍ରେମ ସପ୍ତମୁଦ] ୬। ଉଚ୍ଚାରିତ ହେବା—6. To be uttered. [ଉ—ଏଥର ପ୍ରଶଂସାମୁଦ ସ୍ଫୁରୁ କଂସାହୁତ ମୁଖ ଶବ୍ଦଧରେରେ—କବିସୂର୍ଯ୍ୟ. ସଙ୍ଗୀତ] ୭। ପ୍ରକଟିତ ହେବା—7. To be published.

ସ୍ଫୁର୍ଚ୍ଛ୍ (ଧାତୁ)—ସ—ବିସ୍ମୃତ ହେବା—
Sphurchchh (root) To forget.

ସ୍ଫୁର୍ଜ୍ (ର୍ଜ୍) (ଧାତୁ)—ସ—(ବଜ୍ର)ନିର୍ଘୋଷ କରିବା—
Sphurj(rji) (root) To roar (said of thunder).

ସ୍ଫୁର୍ଜ୍(ର୍ଜ୍)କ—ସ. ବ (ସ୍ଫୁର୍ଜ୍ ଧାତୁ+କର୍ତ୍ତୃ ଅକ; ଜଅଁରେ ଜଳାଇଲେ ଏଡା ଚଡ଼ ଚଡ଼ ଶବ୍ଦ କରେ)—
Sphurja(rjja)ka ଇନ୍ଦୁକ ବୃକ୍ଷ; କେନ୍ଦୁ ଗଛ—Disopyrus Glutinosa (tree).

ସ୍ଫୁର୍ଜ୍(ର୍ଜ୍)ଥୁ—ସ. ବ (ସ୍ଫୁର୍ଜ୍ ଧାତୁ+ଭାବ ଅର୍ଥ)—୧। ବଜ୍ରଘଡନ ଶବ୍ଦ—1. Roar of thunder; thunder clap.

ସ୍ଫୁଲ୍(ଧାତୁ)—ସ—୧। ସ୍ଫୁର୍ (ଧାତୁ) (ଦେଶ)—1. Sphur [root] Sphul [root] (See) ୨। ସ୍ଫୁରଣ କରିବା—2. To sparkle. ୩। ସ୍ଫୁଳିତ ହେବା—3.To split. ୪। ଚଳିବା—4. To move. ୫। ସଞ୍ଚୟ କରିବା—5. To store up.

ସ୍ଫୁଳ—ସ. ବ (ସ୍ଫୁଲ୍ ଧାତୁ+କର୍ତ୍ତୃ ଅ)—୧। ବସ୍ତ୍ରବେସ୍ମ; ତମ୍ବୁ; ବାଉଁଶ (ଜାଭାରହାବଳୀ)—1. Tent. ୨। ସ୍ଫୁର୍ତ୍ତି (ହି. ଶ)—2. Manifestation.

ସ୍ଫୁଳନ—ସ. ବ (ସ୍ଫୁଲ୍ ଧାତୁ+ଭାବ ଅନ)—ସ୍ଫୁରଣ (ଜାଲକଣ୍ଠ)(ଦେଶ)-Sphuḷana Sphuraṇa (See)

ସ୍ଫୁଲିଙ୍ଗ—ସ. ବ (ସ୍ଫୁତ୍=ଫୁତ୍କାର+ଲଙ୍ଗ୍ ଧାତୁ=ଲେବା+କର୍ତ୍ତୃ ଅ; ଯାହା ଫୁତ୍କାରଦ୍ୱାରା ଉତ୍ତୋଳିତ)—
Sphuliṅga ଅଗ୍ନିକଣା; ଜଳୁଥିବା ଅଗ୍ନିରୁଣ୍ଡ—Sparks of fire.

ସ୍ଫୁଲିଙ୍ଗିନୀ—ସ. ବ (ସ୍ଫୁଲିଙ୍ଗ + ଅଚ୍ଛ ଅର୍ଥରେ ଇନ୍+ସ୍ତ୍ରୀ ଈ)—
Sphuliṅginī ଅଗ୍ନିର ସପ୍ତ ଜିହ୍ୱା ମଧ୍ୟରୁ ଗୋଟିଏ (ଜଟାଧର)—One of the seven tongues of the fire-god.

ସ୍ଫୁର୍ଜ୍(ର୍ଜି) (ଧାତୁ)—ସ—ସ୍ଫୁର୍ଜ୍ (ଧାତୁ) (ଦେଶ)—
Sphūrj(rji)(root) Sphurj [root](See).

ସ୍ଫୁର୍ଜ୍(ର୍ଜ୍)କ—ସ. ବ (ସ୍ଫୁର୍ଜ୍ ଧାତୁ+ଭାବ ଅକ)—୧। ସ୍ଫୁର୍ଜକ (ଦେଶ)—
Sphūrja(rjja)ka 1. Sphurjaka (See).
୨। ଶେୟାଶାକ; ପଙ୍ଗପଣା ଗଛ (ହି. ଶ)—2. Bignonia Indica tree.

ସ୍ଫୁର୍ଜ୍(ର୍ଜ୍)ଥୁ—ସଂ. ବ (ସ୍ଫୁର୍ଜ୍ ଧାତୁ+ଅଥୁ)—୧। ସ୍ଫୁର୍ଜିଥୁ (ଦେଶ)—
Sphūrja [rjja]thu 1. Sphurjathu (See)
୨। ଭୂଣ୍ଡୁଳୀଶାକ; ଡାଣ୍ଟାଲେଉଡିଆ ଶାଗ (ହି. ଚୋଲାଇ ସାଗ)
2. Prickly amaranth (pot herb).

ସ୍ଫୁର୍ତ୍ତି—ସ. ବ (ସ୍ଫୁର୍ ଧାତୁ+ଭାବ. ତି; ର=ଉ)—୧। ସ୍ଫୁରଣ (ଦେଶ)—1. Sphuraṇa (See). ୨। ସ୍ପନ୍ଦନ—2. Throbbing; palpitating. ୩। ଉଲ୍ଲାସ; ହର୍ଷ—3. Joy; delight; ecstacy of joy. ୪। ପ୍ରତିଭା—4. Genius. ୫। ପ୍ରଭା—5. Dazzling.

Digitized by srujanika@gmail.com

ଫୁର୍ତ୍ତି ଫୁରତୀ

ଦେ. ବ—୧ । ଦୁର୍ଭଳନ୍ତ ମଉଜ; ଆମୋଦ—1. Merriment. ୨ । ଅନନ୍ଦଜନ୍ତ ମନର ଉତ୍ତେଜନା ବା ଶରୀରରେ ପ୍ରକାଶିତ ଚାଲତା; ଉତ୍ତେଜନା—3. Buoyancy of spirits and body; exuberence of spirits. ୩ । ମନର ସ୍ପୃହଲ୍ଲ; ଫୁର୍ତ୍ତି—3, Activity or elasticity of mind. ୪ । ଉତ୍ସ—4. Haste. ଦେ. ବଣ—ଚଞ୍ଚଳ—Active.

ସ୍ଫୂର୍ତ୍ତି କରିବା—ଦେ. କ୍ରି—୧ । ଅନନ୍ଦରେ ମଉଜ କରିବା—1. To Sphūrtti karibā be merry or exuberent in ଫୁର୍ତ୍ତିକରା spirits. ୨ । ତ୍ୱରା କରିବା—2. To make haste, ଫୁରତୀ କରନା

ସ୍ଫୂର୍ତ୍ତି ଜନକ—ସଂ. ବଣ—ଉତ୍ସାହକର—

Sphūrtti janaka Delightful,

ସ୍ଫୂର୍ତ୍ତିବାଜ—ଦେ. ବଣ—୧ । ସ୍ଫୂର୍ତ୍ତିମାନ୍ (ବଣ)—1. Sphūrti-Sphū ttibāj mān (See) ୨ । ପ୍ରଫୁଲ୍ଲମନା—2. Having ଫୁର୍ତ୍ତିବାଜ୍ buoyancy of spirits. ୩ । ଚଞ୍ଚଳ—3. Active. ଫୁରତୀଲା; ଫୁରତୀବାଜ

ସ୍ଫୂର୍ତ୍ତିବାଜି—ଦେ. ବ—'ସ୍ଫୂର୍ତ୍ତିବାଜ' ଦେବା ଅବସ୍ଥା—

Sphūrttibāji Activity in work; dexterity, ସ୍ଫୂର୍ତ୍ତିବାଜି ଫୁର୍ତ୍ତିବାଜୀ

ସ୍ଫୂର୍ତ୍ତି ବ୍ୟଞ୍ଜକ—ସଂ. ବଣ—ଯାହା ସ୍ଫୂର୍ତ୍ତି ସୂଚନା କରେ; ଉତ୍ସାହ-

Sphūrtti byañjaka ପୂର୍ଣ୍ଣକ—Indicating buoyancy of spirits;

ସ୍ଫୂର୍ତ୍ତିମାନ୍—ସଂ. ବଣ, ପୁଂ (ସ୍ଫୂର୍ତ୍ତି+ଅସ୍ତ୍ୟର୍ଥେ. ମତ୍; ସ୍ଫୂର୍ତ୍ତିମତ୍; Sphūrttimān ୧ମା. ୧ବ)—୧ । ସ୍ଫୂର୍ତ୍ତିଯୁକ୍ତ—1. Joy-(ସ୍ଫୂର୍ତ୍ତିମତ୍—ସ୍ତ୍ରୀ) ful; buoyant. ୨ । ବିକଶିତ ହେଉ-ଥିବା—2, Expanding. ୩ । କମ୍ପମାନ—3. Throbbing. ୪ । ଚଞ୍ଚଳ—4. Active. ସଂ. ବ—ପାଶୁପତ (ଶିବାସ୍ତ୍ରଶେଷ)—God Siba's weapon

ସ୍ଫେୟାନ—ସଂ. ବଣ ପୁଂ. (ସ୍ଫିର=ପ୍ରଚୁର+ଅତ୍ୟର୍ଥେ ଇଷ୍ଟ୍, ୧ମା ୧ବ) Spheyān —୧। ଅତି ପ୍ରଚୁର—1. Very abundant. ୨ । ଅତ୍ୟଧିକ ଅଭିଶୟ; (ଅମର)—2 Excessive (ସ୍ଫେୟସୀ—ସ୍ତ୍ରୀ)

ସ୍ଫେଷ୍ଠ—ତ୍ରି. ବଣ (ସ୍ଫିର=ପ୍ରଚୁର+ଅତ୍ୟର୍ଥେ ଇଷ୍ଠ)—୧ । ଅତି Sphesṭha ପ୍ରଚୁର—1. Very abundant. ୨। ଅତ୍ୟଧିକ 2. Excessive.

ସ୍ଫୋଟ—ସଂ. ବ (ସ୍ଫୁଟ୍ ଧାତୁ+କର୍ତ୍ତୃ ଅ)—୧ । ଫୋଟକ; ଫୋଟକା—Sphoṭa 1. Blister. ୨। ବ୍ରଣ; ବଡଫୋଟକ—2. Boil. ସଂ. ପର୍ଯ୍ୟାୟ— ୩ । (+ଭାବ ଅ) ବହୁପ୍ରକାରଣରୁ ଭେଦ କର ଫୋଟକ, ବଡଫୋଟକ ଅନ୍ତଃସ୍ଥ ବସ୍ତୁର ବହିର୍ଗମନ (ହ. ଶ); ଫୁଟିବାର ପିଡ଼କ, ଗଣ୍ଡ । ବାହାର ପଡ଼ିବା—3. The bursting of the outer covering by a thing from inside. ୪ । (+କର୍ତ୍ତୃ ଅ) ମୋତି; ମୁକ୍ତା (ହ. ଶ) 4. Pearl. ୫। (+ଭାବ ଅ) ଦେହ ଓ ଦ୍ରବ୍ୟାଦ୍ରବ ଅଙ୍ଗର ଜଳର ଶବ୍ଦ;ଫୁଟୁକି—5. A sound of cracking made by the lim bs. [ଯଥା—ବାତାଫୋଟ] ୬ । (ବ୍ୟାକରଣ) ଯୁକ୍ତ ଯୁକ୍ତ ବର୍ଣ୍ଣର ଅନୁଭବ ସଦ୍ଭୂତ ଚରମ ବର୍ଣ୍ଣ ବ୍ୟଙ୍ଗ୍ୟ ଅଖଣ୍ଡ ଶବ୍ଦବିଶେଷ [ପ୍ରକୃତିବାଦ];ଜଳ୍ପ୍ୟ ଶବ୍ଦ [ହ୍ୱ. ଶ]-6.The expression of the meaning of a word by joining together the separate letters comprising it. [ଦ୍ର—ସଦ୍ଦର୍ଶନ ସଂପ୍ରଦ୍ୟ ଅନୁସାରେ ଏହା ଜଳ୍ପ୍ୟ ଶବ୍ଦଦ୍ୱାରା ବହୁ ବର୍ଣ୍ଣାତ୍ମକ ଶବ୍ଦର ଅର୍ଥ ଜ୍ଞାନ ହୁଏ । ଯଥା—କମଳ ଶବ୍ଦସ୍ଥ ବର୍ଣ୍ଣତ୍ରୟ 'କ' 'ମ' ଓ 'ଲ' ର ସ୍ୱତନ୍ତ୍ର ଉଚ୍ଚାରଣଦ୍ୱାରା କାହୁ ଅର୍ଥ ପ୍ରତୀତ ହୁଏ ନାହିଁ । କିନ୍ତୁ ଏ ତିନ ବର୍ଣ୍ଣକୁ ଯଥାକ୍ରମେ ଉଚ୍ଚାରଣ କଲେ ଯେଉଁ 'ଫୋଟ' ବା ଜଳ୍ପ୍ୟରେ ହୁଏ, ସେଥିରୁ ଫୁଲ୍ଲଶବ୍ଦର ଅର୍ଥ ଜ୍ଞାନ ହୁଏ (ହ୍ୱ. ଶ) ।

ସ୍ଫୋଟକ—ସଂ. ବ—(ସ୍ଫୁଟ୍ ଧାତୁ+କର୍ତ୍ତୃ ଅଚ)—୧ । ଫୋଟକା—Sphotaka 1. Blister. ୨ । ବ୍ରଣ; କଥା—2. Boil. ୩ । ବସ୍ଫୋଟକ—3. Eruptions on the skin. ୪ । ଅର୍ବୁ—4. Tumour. ୫ । ଭଲ୍ଲାତକ, ଭଲିଆ (ହ୍ୱ. ଶ)—5. Marking nut. [ଦ୍ର—ଏହା ଦେହରେ ଲାଗିଲେ ଦେହରେ ସ୍ଫୋଟକ ବାହାରେ ।] ସଂ. ବଣ (ସ୍ଫୁଟ୍ ଧାତୁ+କର୍ତ୍ତୃ (ସ୍ଫୋଟକା—ସ୍ତ୍ରୀ. ବଣ) ଅକ)—୧ । ବେଧକ—1. Piercing. ୨ । ପରିହାସକ—2. Jesting.

ସ୍ଫୋଟନ—ସଂ. ବ (ସ୍ଫୁଟ୍ ଧାତୁ, ଣିଚ୍=ସ୍ଫୋଟି ଧାତୁ+ଭାବ ଅନ)—Sphoṭana ୧ । ବିଦାରଣ; ଫାଡ଼ିବା—1. Piercing; splitting. ୨ । ପ୍ରକାଶନ—2. Exhibiting; manifestin . ୩ । ଫୁଟାଇବା; ଫୋଡ଼ିବା—3. Perforating; drilling. ୪ । ଶବ୍ଦ (ହ୍ୱ. ଶ)—4. Sound. ୫ । ପୁଞ୍ଜୁଭ ଅନୁଭାବରେ ବାୟୁ ପ୍ରଚାରରୁ ବ୍ରଣର ପୀଡ଼ାବିଶେଷ, ଯହିଁହେତୁ ବ୍ରଣ ଫାଟିଗଲା ଭଳି ଜଣାଯାଏ (ହ୍ୱ. ଶ)—5. Bursting sensation of boils.

ସ୍ଫୋଟନୀ—ସଂ. ବ (ସ୍ଫୋଟି ଧାତୁ+କରଣ ଅନ+ଈ)—୧ । ବେଧନୀ; Sphoṭanī ଯଦ୍ଦ୍ୱାରା ଶଙ୍ଖ ଇତ୍ୟାଦି ଫୋଡ଼ିବା ଯାଏ; ଫୋଡ଼ଣୀ· ଅନ୍ୟ ସଂ ନାମ—ଅସ୍ଫୋଟନୀ 1. Auger; drilling ଲସ୍ଫୋଟନୀ, ବେଧନୀ, ବୃଷଦଂଶିକା instrument. ୨। ବଢ଼େଇଙ୍କ ବଥଁର—2. Carpenter's bit; auger.

ସ୍ଫୋଟନୀୟ—ସଂ· ବ (ସ୍ଫୋଟି ଧାତୁ+କର୍ମ ଅନୀୟ)—ଫୋଡ଼ା ହେବାର Sphoṭanīya ଉପଯୁକ୍ତ—Fit to be drilled into.

ସ୍ଫୋଟବୀଜକ (ହେତୁ)—ସଂ. ବ (ଯେଉର ସଙ୍ଗ ଦେହରେ ଲାଗିଲେ ସ୍ଫୋଟ Sphoṭa bijaka (hetu) ଜାତ ହେବାରୁ)—

Digitized by srujanika@gmail.com

ବୃକ୍ଷାଦିକ; ଗୁଲଞ୍ଚ (ସୁଜନଗର୍ଦ୍ଦ୍ଧ)—Marking nut.

ସ୍ଫୋଟା—ସଂ. ବ (ସ୍ଫୁ ଧାତୁ+କର୍ତ୍ତୃ. ଅ+ଆ)—୧। ସର୍ପର ଫଣା—
Sphoṭā 1. The expanded hood of a serpent. ୨। ଶରୁ ଶାରବା; ଧଳା ଅନନ୍ତମୂଳ (ହି. ଶ)—2. The white-rooted variety of Hemidesmus Indicus.

ସ୍ଫୋଟାୟୁ(ଦ)ନ—ସଂ. ବ—ମୁନିବିଶେଷ—Name of a sage.
Sphoṭāya(da)na [ଦ୍ର—ଏହା ଋଷିଙ୍କର ଅନ୍ୟ ନାମ 'କଣ୍ଡୀବାନ୍'।]

ସ୍ଫୋଟିକ—ସଂ. ବ—ପ୍ରସ୍ତରମୟ ଭୂମିକୁ ଖୋଳିବା ଆଦ କର୍ମ (ହି. ଣ)—
Sphoṭika The act of digging stony ground.

ସ୍ଫୋଟିକା—ସଂ. ବ—୧। ପକ୍ଷୀବିଶେଷ; ଢାପୁଚିକା (ଜିକାଣୁଶେଷ) (ଦେଶ)—1. Hāputrikā (See) (a ird) ୨। ଶ୍ଲେଷ୍ମ ବ୍ରଣ (ହି. ଣ)—2. Small eruption or boil.

ସ୍ଫୋଟିନୀ—ସଂ. ବ (ସ୍ଫୁ ଧାତୁ+କର୍ତ୍ତୃ. ଇନ୍+ସ୍ତ୍ରୀ. ଈ)—କାକୁଡ଼—
Sphoṭinī Cucumber.

ସ୍ଫୋଟା—ସଂ. ବ—୧। ଶାରବା; ଅନନ୍ତମୂଳ—1. Hemidesmus Indicus. ୨। ଶ୍ୱେତ ଅର୍କପୁଷ୍ପ—
Sphoṭā 2. The white variety of Calotropis Gigantea.

ସ୍ଫ୍ୟ—ଏଂ. ବ—ଖଦର କାଷ୍ଠ ନର୍ମିତ ଖଡ଼୍‌ଗାକାର ଯଜ୍ଞକାଷ୍ଠ—
Sphya A sacrificial bit of wood in the shape of a sword.

ସ୍ୱ—ସ. ସର୍ବ. (ସ୍ୱନ୍ ଧାତୁ=ଶବ୍ଦ କରିବା+କର୍ତ୍ତୃ ଅ)—୧। ଆତ୍ମା
Swa (ଅମର)—1. Soul. ୨। ସ୍ୱତଃ—2. Self.
ସଂ. ବ—୧। ଧନ (ଅମର)—1. Property; wealth. [ଦ୍ର—ଏହା ଅନ୍ୟ ଶବ୍ଦ ସଙ୍ଗେ ଲଗେ। ଯଥା—ଶିବସ୍ୱ, ବ୍ରହ୍ମସ୍ୱ, ସର୍ବସ୍ୱ, ଦେବସ୍ୱ।]—୨। ଜ୍ଞାତି (ଅମର)—2. Kinsman. ୩। ଜୀବାତ୍ମା—3. The Living Soul. ସ. ବ୍ରୀ.—ସ୍ୱକୀୟ; ନିଜର—One's own; relating to one's self.

ସ୍ୱ ଆୟତ—ଗ୍ରାଦେ (ଗଞ୍ଜାମ) ଅବ୍ୟୟ—ଦରଆଡ଼େ—Through.
Swa āyata ଦ୍ୱାରା ବଜାରିଯେ

ସ୍ୱଇରିଣୀ—ଗ୍ରା. ବ୍ରୀ. ସ୍ତ୍ରୀ. (ଅଦ୍ୟ)—(ସଂ. ସ୍ୱୈରିଣୀ)—ସ୍ୱୈରିଣୀ—
Swa-iriṇī (ଦେଶ) Swairiṇī See) [ଦ୍ର—ଘରର ଆଡ଼େ ସ୍ୱୈରିଣୀ ଗୃହପୁଚ୍ଛ କଲେ ଜାତ, ସ୍ୱଇରିଣୀ ଜାତୁଷ୍ଟ ବୋଲନ୍ତି ଜଗତ—କୃଷ୍ଣସିଂହ ମହାପାତ୍ରଙ୍କ ଆଦ।] ସ୍ୱେରିଣୀ

ସ୍ୱଃ—ସ. ଅବ୍ୟୟ—(ସ୍ୱନ୍=ଶବ୍ଦ କରିବା+ଅଧିକରଣ ଡ୍ୟୁ)—
Swaḥ ସ୍ୱର୍ ଦେ ୧ମା. ୧ବ)—୧। ସ୍ୱର୍ଗ (ଅମର)—1. Heaven; paradise. ୨। ଆକାଶ (ଶବ୍ଦରତ୍ନାବଳୀ)—2. The sky. ୩। ନିତ୍ୟସୁଖ; ନିରବଚ୍ଛିନ୍ନ ସୁଖ—3. Constant, or uninterrupted happiness. ୪। ପରଲୋକ (ଅମର)—4. Life after death. ୫। ଜ୍ୟୋତିଃ; ପ୍ରଭା—5 Lustre; splendour. ୬। ସପ୍ତଲୋକ ମଧ୍ୟରୁ ଏକତମ; ପୃଥିଲୋକ ଓ ଧ୍ରୁବଲୋକର ମଧ୍ୟସ୍ଥାନ—6. One of the seven worlds of Hindu mythology. ସଂ.ବ୍ରୀ—ଶୋଭନ; ସୁନ୍ଦର (ଶବ୍ଦରତ୍ନାବଳୀ)—Graceful,

ସ୍ୱଃ ପଥ—ସଂ. ବ (ଚତୁର୍ଥୀତତ୍)—ମୃତ୍ୟୁ (ହି.ଶ) - Death.
Swaḥ patha

ସ୍ୱଃ ସରିତ୍—ସଂ. ବ. (ଚତୁର୍ଥୀତତ୍)—ସ୍ୱର୍ଗ ଗଙ୍ଗା—
Swaḥ sarit The heavenly Ganges.

ସ୍ୱଃ ସୁନ୍ଦରୀ—ସଂ. ବ—ଅପ୍‌ସରା (ହି.ଶ)—
Swaḥ sundarī Heavenly maids.

ସ୍ୱକ—ସଂ. ବଶ. ପୁଂ. (ସ୍ୱ+କ)—୧। ସ୍ୱକୀୟ; ସ୍ୱୀୟ; ନିଜର—
Swaka 1. Belonging to one's self. ୨। ଅତ୍ମୀୟ; ଆତ୍ମା (ସ୍ୱକା—ସ୍ତ୍ରୀ) ସମ୍ବନ୍ଧୀୟ—2. Relating to self.

ସ୍ୱକମ୍ପନ—ସଂ. ବ (ସ୍ୱତଃ କମ୍ପନ ହୁଏ ଯାହାର; ବହୁବ୍ରୀ.)—ବାୟୁ
Swa kampana (ଶବ୍ଦରତ୍ନାବଳୀ)—Air

ସ୍ୱ କର୍ମ—ସଂ. ବ (ଚତୁର୍ଥୀ ତତ୍)—ନିଜକୃତ କାର୍ଯ୍ୟ—
Swa karma Work done by one's self.

ସ୍ୱକୀୟ—ସଂ. ବଶ. ପୁଂ. (ସ୍ୱ+ଈୟ ସମ୍ବନ୍ଧ ଏଁ; ଚ ଆଗମ. ଭୁଲନାକର Swakiya ପରକୀୟ, ସ୍ୱଜକୀୟ)—୧। ସ୍ୱକ; ସ୍ୱୀୟ; ନିଜର—(ସ୍ୱକୀୟା-ସ୍ତ୍ରୀ) 1 Belonging to one's self; one's own, (ପରକୀୟ—ବିପରୀତ) ୨। ନିଜ ସମ୍ବନ୍ଧୀୟ—2 Relating to one's self. (ସ୍ତ୍ରୀୟ—ଅନ୍ୟ ଆକୃତି)

ସ୍ୱକୀୟା—ସ. ବ. ସ୍ତ୍ରୀ—ସ୍ତ୍ରୀୟା (ଦେଶ)—Swiyā (See)
Swakiyā ('ନାୟିକା' ଭଳି ନୋଟ୍ ଦେଖ; ସ୍ୱକୀୟା ନାୟିକା (ସ୍ୱକୀୟା ନାୟିକା—ଅନ୍ୟରୂପ) ୨ ପ୍ରକାରର ଯଥା—ଜ୍ୟେଷ୍ଠା ଓ କନିଷ୍ଠା। ବୟସ ଅନୁସାରେ ଏମାନଙ୍କର ମଧ୍ୟ ଶ୍ରେଣୀ ଅଛି। ଯଥା—ମୁଗ୍ଧା, ମଧ୍ୟା ଓ ପ୍ରୌଢ଼ା—ହି. ଶ।)
ସଂ, ବ୍ରୀ, ସ୍ତ୍ରୀ—ସ୍ୱକୀୟର ସ୍ତ୍ରୀ ଲିଙ୍ଗ—
Feminine of Swakiya

ସ୍ୱକୀୟା ପ୍ରୀତି—ସ.ବ—୧। ନିଜ ସ୍ତ୍ରୀଙ୍କ ପ୍ରତି ସ୍ୱାମୀର ପ୍ରେମ—1. Love
Swakiyā prīti of a husband towards his wife. (ପରକୀୟା ପ୍ରୀତି—ଅନ୍ୟରୂପ) ୨। ନିଜ ସ୍ୱାମୀଙ୍କ ପ୍ରତି ସ୍ତ୍ରୀଙ୍କର ପ୍ରେମ —2. Love of a wife to her husband.

ସ୍ୱ କୁଳ—ସ. ବ (ଚତୁର୍ଥୀ ତତ୍)—ନିଜର ବଂଶ—
Swakula One's family.

ସ୍ୱକୁଳ କ୍ଷୟ—ସ. ବ (୬ଷ୍ଠୀ ତତ୍)—୧। ନିଜ ବଂଶର ନାଶ—
Swakula kshaya 1. Extinction of one's family. ୨। (ବହୁବ୍ରୀ.ହି) ମତ୍ସ୍ୟ (ଦେମଡତ୍)—2. Fish. ସ. ବ୍ରୀ—ନିଜ ବଂଶର ବିନାଶକ—Destructive of one's own family.

Digitized by srujanika@gmail.com

ସ୍ୱ କୃତ— ଫ. ବ୍ୟ. (ଅସ୍ମା ଭତ୍)—ନଜ: କୃତ; ନଜେ କରଥିବା—
Swa[k]ruta Done by one's self;made by one's self.

ସ୍ୱ ଖାତ—ଫ. ବ୍ରୀ (ଅସ୍ମା ଭତ୍)—୧ । ନଜ ଦ୍ୱାର୍ ଖୋଳା ଯାଇଥିବା-
Swa khāta 1.Dug by one's self. ୨। ନଜ ବ୍ୟୟରେ ଖୋଳା ଯାଇଥିବା—2. Dug at one's expense ଫ. ବ—ନଜ ଦ୍ୱାର୍ ଖୋଳା ଯାଇଥିବା ପୋଖରୀ—
Tank dug by one's self.

ସ୍ୱଖାତ ଜଳ(ସଲିଲ)—ଫ.ବ(ଅଷ୍ଠୀ ତତ୍)—ନଜଦ୍ୱାର୍ ଖୋଳାଯାଇଥିବା
Swakhāta jala(salila) ଜଳାଶୟର ପାଣି —Water of a tank dug by one's self.

ସ୍ୱଗ୍ (ଧାତୁ)—ଅ°—ଚଲିବା —
Swag (root) To move.

ସ୍ୱ ଗତ—ସଂ.ବ୍ରୀ (ଅସ୍ମା ତତ୍; ସ୍ୱ=ଅସ୍ମା+ଗତ=ଯାହା ଯାଇଅଛୁ)—
Swa gata ୧ । ଅସ୍ମଗତ; ମନୋଗତ—1. Arising in one's mind. ୨ । କହିବା ଲୋକ ଛଡ଼ା ଅନ୍ୟ କାହାକୁ ସେଟି କଥା ଶୁଣାଯାଏ ନାହିଁ—2. (speech) Which is not audible to another. ସଂ.ବ— ୧ । (ନାଟକ) ମନେ ମନେ କହିବା—1. (Drama) Soliloquising; speaking out to one's self ୨ । (ନାଟକ) ରଙ୍ଗମଞ୍ଚରେ ଅଭିନେତା ସାଙ୍ଗାଙ୍କ ସଙ୍ଗେ କଥାବାର୍ତ୍ତା କରୁଥାଅନ୍ତି, ତାଙ୍କୁ ନ ଶୁଣାଇ ମନର ଭାବକୁ ଶ୍ରୋତାମାନଙ୍କୁ ଶୁଣାଇବା ଉଦ୍ଦେଶ୍ୟରେ ଯେଉଁ କଥା କହନ୍ତି—2. (Drama) Aside; soliloquy.

ସ୍ୱଗତ କଥନ—ସଂ. ବ—ନାଟକାଭିନୟରେ ପାତ୍ରର ନଜେ ନଜେ କଥା କହିବା—Soliloquy in a dramatic performance. [ଦ୍ର—ରଙ୍ଗମଞ୍ଚରେ ଏକାଧିକ ପାତ୍ରଙ୍କ ଉପସ୍ଥିତିରେ ଯେବେ ଜଣେ ଅନ୍ୟ ପାତ୍ରମାନଙ୍କୁ ନ ଶୁଣାଇବା ଅଭିପ୍ରାୟରେ ଦୀର୍ଘସି କଥା କହେ, ତାକୁ ସ୍ୱଗତ କଥନ କୋଇଯାଏ ।]

ସ୍ୱ ଗୁପ୍ତା—ସଂ. ବ—୧ । ଶୂକଶିମ୍ବୀ (ଶବ୍ଦ ରତ୍ନାବଳୀ); ବାଇଗଣ—
Swa guptā 1. Cowhage. ୨ । ଲାଜକୁଳି ଲତା; ଲଜ୍ଜାଳୁ ଲତା—2. The mimosa plant.

ସ୍ୱ ଗୃହ—ସଂ.ବ (ଅଷ୍ଠୀ ତତ୍)—୧। ନଜର ଘର—1. One's house.
Swa gṛuha ୨। (ଜ୍ୟୋତିଷ)ଗ୍ରହମାନଙ୍କର ନଜନଜର ଭବନ—2. (astrology) The proper houses of respective planets. [ଦ୍ର-ପ୍ରତ୍ୟେକ ଗ୍ରହର ନିର୍ଦ୍ଦିଷ୍ଟ ଗୃହ ଅଛି । ଫଳତ ଜ୍ୟୋତିଷ ମତରେ ରବି ଓ ଚନ୍ଦ୍ରଙ୍କର ଗୋଟିଏ ଓ ମଙ্গଳ, ବୁଧ, ବୃହସ୍ପତି, ଶୁକ୍ର ଏବଂ ଶନିଙ୍କର ଦୁଇଟି ଲେଖାଏଁ ଗୃହ ଅଛି । ପ୍ରମାଣ—

ଭୂଜଶୁକ୍ରବୃଧେନ୍ଦ୍ୱର୍କସୌମ୍ୟଶୁକ୍ରାକଜାବୁବା°
ଜୀବାର୍କ୍ଷିନୁ ଜେଜ୍ୟାନା° ସେତ୍ରାଣି ସ୍ୟୁରନାଦୟଃ ।

ରବିର ସ୍ୱଗୃହ ସିଂହ, ଚନ୍ଦ୍ରର ସ୍ୱଗୃହ କର୍କଟ, ମଙ୍ଗଳର ସ୍ୱଗୃହ ମେଷ ଓ ବୃଶ୍ଚିକ, ବୁଧର ମିଥୁନ ଓ କନ୍ୟା, ବୃହସ୍ପତିର ଧନୁ ଓ ମୀନ, ଶୁକ୍ରର ବୃଷ ଓ ତୁଳା, ଶନିର ମକର ଓ କୁମ୍ଭ ସ୍ୱଗୃହ ଅଟେ ।

ଗ୍ରହମଣ୍ଡଳ ମଧ୍ୟରେ ରବି ଓ ଚନ୍ଦ୍ରଙ୍କୁ ବାଦ ଦେଇ କଳ୍ପନା କଲେ ଯାଇଅଛି । ସେହିପରି ବୁଧ ବୃଶ୍ଚିକମାତ୍ର, ଶୁକ୍ର ମଲ୍ଲୀ, ମଙ୍ଗଳ ସେନାପତି, ବୃହସ୍ପତି ମଲ୍ଲୀ ଓ ଶନି ଦୃତ ଅଟନ୍ତି । ରବିଙ୍କ ଅଧିକାର ସିଂହ ରାଶିରେ ନବଦେଶ କରି-ଯାଇ କ୍ରମେ ବାମାବର୍ତ୍ତରେ ଗୋଟିଏ ଗୋଟିଏ ରାଶି କୁମାର, ମନ୍ତ୍ରୀ, ସେନାପତି ଓ ଦୂତଙ୍କ ହୋଇ ଯାଇଅଛି । ସେହିପରି ଚନ୍ଦ୍ରଠାରୁ ଅର୍ଥାତ୍ କର୍କଟ ରାଶିଠାରୁ ମଧ୍ୟ ସେମାନଙ୍କର ଗୋଟିଏ ଗୋଟିଏ ସ୍ଥାନ ଦକ୍ଷିଣାବର୍ତ୍ତରେ ନବଦେଶ କରି ଯାଇଅଛି । ଆକାଶ କକ୍ଷାରେ ଗ୍ରହାବସ୍ଥିତିକୁ ଦେଖିଲେ ରବିଠାରୁ ରାଶିଚକ୍ରର ସ୍ୱଗୃହ ନବଦେଶ ଠିକ୍ ବୋଲି ମନେହୁଏ । ଚନ୍ଦ୍ରକୁ ରବିର ସମାନ ଅଞ୍ଚଳ ଦିଆ ଯାଇଥିବା ହେତୁ ତାହାର ନଅମରେ ମଧ୍ୟ ଗୃହ ରହିଛି । ରବିକୁ ଛେନ୍ଦି କରି ଧରିଲେ କ୍ରମେ ବୁଧ, ଶୁକ୍ର, ମଙ୍ଗଳ, ବୃହସ୍ପତି ଓ ଶନିଙ୍କର କଥା ରହିଛି । ଏହି ରାଶିଚକ୍ରର "ଗୃହ ସ୍ୱାମି" ଏଥିରୁ ଅଣାଯାଇ ଥିବା ସମ୍ଭବ । ଫଳତ ଜ୍ୟୋତିଷରେ ସ୍ୱଗୃହସ୍ଥ ଗ୍ରହମାନେ ଶୁଭଦାୟକ ଅଟନ୍ତି । ଜାତକାଭରଣରେ ଉକ୍ତ ଅଛି :—

ଦୁର୍ଗାଦରଣ୍ୟାଇ କୃଷିକର୍ତ୍ତିସ୍ୱାସ୍ୱାଂ ଧନାଳ୍ୟନେତାନ୍ତ
ଭବନ୍ତନୁନଂ,
ସ୍ୟାତ୍ ଖ୍ୟାତି ରୂଚ୍ଚୈର୍ନିଧଗୌଇବର କର୍ଣ୍ଣାରବସ୍ଥାତି-
ଦଶା ପ୍ରବେଶ ।

ଅର୍ଥାତ୍ ରବି ସିଂହ (ସ୍ୱଗୃହ) ରାଶିରେ ଥିଲେ ଦୁର୍ଗ ଅରଣ୍ୟାଦି ବିଷମ ସ୍ଥାନରେ କୃଷି ହେତୁ ବହୁ ଧନଲାଭ ଓ ସ୍ୱଜନହେତୁକ ଗୌରବ ଲାଭ ହୁଏ ।

କୁଳୀରସଂସ୍ଥସ୍ୟ କଳାଜଧେୟସ୍ୟାସ୍ଥାକେ ପଶ୍ୱାଦ୍ୟ
କୃଷିପ୍ରବୃତ୍ତିଃ
କଳାକଳାଘାତଜଳନଂ ଚ ଶୈଲେକନେରୁଚରଗର୍ଦ୍ଦିଭ୍ୟ
ଦେତ୍ତୋଭୟଃ ।

ଅର୍ଥାତ୍ ଚନ୍ଦ୍ର କର୍କଟରେ ଥିଲେ ପଶୁ,ଦ୍ରବ୍ୟ ଓ କୃଷିର ବୃଦ୍ଧି ହୁଏ, କଳାଶାସ୍ତ୍ରରେ ଅଧିକାର ଜାତ ହୁଏ, ବନ ଓ ପର୍ବତ ବିହାରରେ ମନ ବଳେ ଓ ଗୃହ୍ୟ ସ୍ଥାନରେ ରୋଗ ହୁଏ ।

ମେଷୋଘଯାତସ୍ୟ ଚ ବୃସ୍ଥତସ୍ୟ ସ୍ଥିତଃ ଯାକକାଳେ ଜଳ
ସଙ୍ଗଜାତ
ସ୍ୟାତ୍ତ୍ୱଜନ୍ତୁଭିଃ ସାଦ୍ଧସମନ୍ଧିବିଧା ନାନାବିଧାତ୍ମତସମ୍ଭବକଃ
ସ୍ୟାତ୍ ।
ସ୍ୱମାନ୍ତରେ ବୃଶ୍ଚିକସ୍ୱଗିତସ୍ୟ ଭୌମସ୍ୟ ଯାତେ
କୃଷିକର୍ମ କର୍ତ୍ତୁଂ ।
ସ୍ୱଂତ୍ରଦୋଳାତମନଃପ୍ରବୃତ୍ତ୍ୟେଷ୍ଟା ବହୁନାସନ୍ତ
ଜନ୍ତୁଦଃ । ୪ ।

Digitized by srujanika@gmail.com

ଅର୍ଥାତ୍,ମଙ୍ଗଳ ମେଷରେ ଥିଲେ ମଙ୍ଗଳୋତ୍ସବ,ସୁନ୍ଦାଦସୌଖ୍ୟ, ସାଦଃ, ଅର୍ଦ୍ଧଉପୁ ଓ ଶତ୍ରୁ ଉପୁ ହୁଏ। ମଙ୍ଗଳ ବୃଷ୍ଟିକରେ ଥିଲେ କୃଷିକର୍ମରୁ ଧନ ପ୍ରାପ୍ତି ହୁଏ। ଉକ୍ତ ବଂଶ୍ରୁ ସଂଗ୍ରହଶୀଳ ଓ କାମୁକ ହୁଏ ଏବଂ ବହୁଦ୍ରେଷୀ ଓ ବହୁଭୁକ୍ତୀ ଜନ୍ମଏ।

ଦ୍ୱାଦ୍ୱାଧସ୍ଥସ୍ୟ ବୁଧସ୍ୟଯାକେ ଦ୍ୱନେକବାଣ୍ଡୀ! ବହୁଜଲୁକର୍ତ୍ତ୍ରୀ
ଦାରସ୍ନଜଙ୍ଘାଚ୍ଚ ସ୍ତୋଯସ୍ତନ୍ୱୋ ନୁନଂ ଜନନ୍ୟାଶ୍ଚ
ସ୍ତୋନ ଘ୍ନାନଃ ॥

କନ୍ୟାର୍ତ୍ତିସେଂଜୁସ୍ତସ୍ୟଯାକେ ଦ୍ୱକେକ ବଶ୍ୟାଚ୍ଚ
ଗୁଦୈଃଯୁପୂର୍ଣ୍ଣଃ।
ବଦେଶଯାନାଚ୍ଚୁରତ୍ତୋ ନରଃ ସ୍ୟାତ୍ ପତ୍ନ୍ୟନ୍ନମାଦାପ୍ତଧନୋ-
ଦ୍ୟଙ୍ଗଃ ।

ଅର୍ଥାତ୍ ବୁଧ ମିଥୁନରେ ଥିଲେ ବହୁ ପ୍ରକାର ବଷୟରୁ, ଜଲ୍ପନାରୁ,ସ୍ତ୍ରୀ ପୁତ୍ର ଜ୍ଞାତିକଠାରୁ ସୁଖ ଲାଭହୁଏ,ମାତୃସୁଖ ପ୍ରାପ୍ତ କରେ। ବୁଧ କନ୍ୟାରେ ହେଲେ ବେକ. ଖ୍ୟାତି ଓ ଗୁଣରେ ତୁଷ୍ଟି କରେ; ବଦେଶ ଯାତ୍ରାରୁ ଓ ପତ୍ନୀଙ୍କଠାରୁ ଧନଲାଭ ହୁଏ ଏବଂ ଜନ୍ମୁ ବଂଶ ନାସ୍ତ୍ରମଙ୍ଗ ହୁଏ

ଶ୍ୱଗାଧିରୂଢ଼ସ୍ୟ ଗୁରୋର୍ଦ୍ଦଶାସ୍ଥାଂ ଭବେନ୍ନୁଣ୍ଡେଷ୍ୟା
ନୃପଲବ୍ଧମାନଃ।
କୃଷିକ୍ରିୟାଯଜ୍ଞଚତୁଷ୍ପଦେଷୁ ଭବେନ୍ନୁଷ୍ୟସ୍ୟ ମନଃ
ପ୍ରବୃତ୍ତଃ ॥

ସ୍ତୋଯସ୍ୟାତସ୍ୟ ଚ ଗୀଷ୍ପଚେଃସ୍ୟାଦ୍ଦଶାପ୍ରବେଶେ
ପୁରୁଷୋମନଶୀ।
ସସ୍ଥାନସ୍ଥୁନୁ ପ୍ରମଦାଦ ସମ୍ପଦ୍ଭାଜାନ୍ୱୟୋଯାତ୍ତ୍ୟମଦାସୁଖଶ୍ଚ।

ଅର୍ଥାତ୍ ବୃଦ୍ଧସ୍ଥତ ଧନୁରେ ଥିଲେ ସ୍ୱଜ ସସ୍ଥାନ ମିଳେ, କୃଷିକ୍ରିୟା,ସଜ୍ଞ, ଚତୁଷ୍ପଦାଦ ପାଲନରେ ମନ ନରତ ହୁଏ। ବୃଦ୍ଧସ୍ଥତ ମୀନରେ ଥିଲେ ଜାତକ ମନଶୀ, ସସ୍ଥାନଯୁକ୍ତ ହୁଏ; ଯୁତ ସ୍ତ୍ରୀ ସମ୍ପଦାଦ ସୌଖ୍ୟ ଓ ସ୍ୱଜଦ୍ୱେଷୁକ ସୁଖ ଲାଭ କରେ।

ବୃଷୋଯଯାତ୍ତୋଶନସୋ ଦଶାସ୍ଥାଂ କୃଷିକ୍ରିୟା ସତ୍ପଶୁ
ସୌଖ୍ୟବୃଦ୍ଧିଃ।
ଶାସ୍ତ୍ରେମତିଃସ୍ୟାତ୍ ସ୍ୱତତ୍ୱଂ ବଚଶ୍ଚ ଦାତୃତ୍ୱଜନ୍ୟାଜ୍ଜନନ
ପ୍ରସାଦାଃ ॥

ତୁଲାଧରସ୍ଥାସ୍ତରପୁଜଭସ୍ୟ ଦଶାପ୍ରବେଶେ କୃଷିକୃନ୍ନୃଷ୍ୟଃ।
ବଶିଷ୍ଟସ୍ଥାନୋଧନବାହନାଢ୍ୟଃ ସ୍ତ୍ରୀଜାତ ସଂପ୍ରାପ୍ତ
ମହାସୁଖଃ ସ୍ୟାତ୍ ॥

ଅର୍ଥାତ୍ ଶୁକ୍ର ବୃଷରେ ଥିଲେ କୃଷିକ୍ରିୟାରୁ ଓ ଉତ୍ତମ ପଶୁ ଦ୍ୱେତୁ ଲବ୍ଧ ହୁଏ। ସେ ଶାସ୍ତ୍ରଜ୍ଞରତ, ଦାତା, କନ୍ୟା-ଜାତକାପ୍ତ ଓ ସୁଖୀ ହୁଏ। ଶୁକ୍ର ତୁଲାରେ ଥିଲେ କୃଷିଦ୍ୱେତୁ, ବଶିଷ୍ଟ ସସ୍ଥାନରୁ ଧନ, ବାହନ ଇତ୍ୟାଦିର ପ୍ରାପ୍ତି ହୁଏ ଓ ସ୍ତ୍ରୀଜାତର୍କେ ଦ୍ୱେତୁ ସୁଖ ମିଳେ।

ଶନେର୍ଦ୍ଦଶାସ୍ଥାଂ ମକରସ୍ଥିତସ୍ୟ ବହୁଶ୍ରମୋତ୍ପନ୍ନଧନଂ ନରସ୍ୟ।
ନପୁଂସକସ୍ତ୍ରୀ ଜନସେବନଜ୍ଞଂ ବଶ୍ୟାସଘାତେନଧନାବହନ୍ତ ॥

ଶନେର୍ଦ୍ଦଶାସ୍ଥଂ କଲଶାସ୍ଥିତସ୍ୟ ସୁଖାଜନୁନଂ ମହତ୍ତାଯତ୍ତଶ୍ଚ।
ଶ୍ରେସ୍ତତ୍ତ୍ୱମ୍ଭଃଇଃ ସ୍ୱକୁଲେନରସ୍ୟ କୃଷିକ୍ରିୟା ପୁତ୍ରଧନାଭଲବ୍ଧଃ।

ଅର୍ଥାତ୍ ଶନ ମକରରେ ଥିଲେ ବହୁଶ୍ରମ ଦ୍ୱେତୁକ ଧନ ଲାଭହୁଏ; ନପୁଂସକ ଓ ସ୍ତ୍ରୀଦ୍ୱେତୁକ ସେବାରୁ ଧନ ଲାଭ ହୁଏ; ବଶ୍ୱାସଘାତକତାରେ ଧନ ନଷ୍ଟ ହୁଏ। ଶନ କୁମ୍ଭ ରାଶିରେ ଥିଲେ ସୁଖ, ମହତ୍ତ୍ୱ ପ୍ରାପ୍ତ୍ୟା, ଶ୍ରେଷ୍ଠତ୍ୱ ହୁଏ; ଉକ୍ତ ବ୍ୟକ୍ତି ନିଜ କୁଳରେ ସମ୍ମାନିତ, କୃଷି ଦ୍ୱେତୁକ ଲାଭବାନ୍ ଓ ପୁତ୍ରଧନାଦ୍ୟପୁକ୍ତ ହୁଏ। ଗ୍ରହମାନେ ସେମାନଙ୍କର ସ୍ୱଗୃହରୁ ଓ ସେଥିରେ ଥିବା ଗ୍ରହମାନଙ୍କୁ ଦେଖିବା ମଧ୍ୟ ଯୋଗକାରକ।

ସଦର୍ଭ ଲେଖକ—

ଶ୍ରୀ ବାଇବୋଳ ମହାପାତ୍ର ଜ୍ୟୋତିଷ ବଶାରଦ।]

ଂ। ଜଳକାର ପକ୍ଷୀ (ଜଃଧର)—3. A kind of bird.

ସୁଙ୍ଗ—ବି. ବ. (କର୍ମଧା, ସୁ+ଅଙ୍ଗ)—ସୁନ୍ଦର ଅବୟବ—Graceful Swanga limb. ସଂ. ବଶ.—(ବହୁବ୍ରୀ) ସୁନ୍ଦର ଅଙ୍ଗବଶିଷ୍ଟ (ସ୍ତ୍ରୀ—ସ୍ତ୍ରୀ) (ଦ୍ୱେମଚନ୍ଦ୍ର)— Having graceful limbs.

ସ୍ୱ ଚକ୍ଷୁରେ—ଦେ. କ୍ରି. ବଶ—ନିଜ ଆଖିରେ (ଦେଖିବା)— Swa chaksbure (To see) With one's eyes. ସ୍ୱଚକ୍ଷେ ସ୍ୱଚକ୍ଷୁ ସେ

ସ୍ୱଚ୍ଛ—ସଂ. ବଶ. (ସୁ=ଅତ୍ୟନ୍ତ+ଅଚ୍ଛ=ନର୍ମଳ)—୧। ଅତ ନର୍ମଳ Swachcha 1, Very clear. ୨। ସ୍ତ୍ରଚ୍ଛମ୍ଭାରଣଶ୍ଚସ୍ତ୍ର—(ଅନଚ୍ଛ—ବପସ୍ତତ) 2. Transparent. ୩। ଶୁକ୍ଳ—3. White. ୪। ଶୁଭ୍ର—4. Bright. ୫। ରୋଗବମୁକ୍ତ—5. Free from disease ୬। ନଷ୍ଟପଟ (ବ୍ର.ଶ)—6. Guileless

ସଂ. ବ.—୧। ମୁକ୍ତା (ସ୍ତଜନ୍ତଘର୍ଷ୍ଣ)—1. Pearl. ୨। ସ୍ଫଟିକ (ସ୍ତଜ ନର୍ଘର୍ଷ୍ଣ)—2. Crystal. [ଉ—ଧର୍ମଘାଶେ 'ସତ୍ୟ' ମହା ତେଜସ୍ୱୀ ଜର୍ତ୍ତାକି ସ୍ତତ୍ତବତ ଦଶେଯାଙ୍କ ସମସ୍ତ ବସ୍ତ୍ରତ— ସ୍ତଧାକାଥ ମହାପାତ୍ର।] ୩। ବଦଶୀ ବୃକ୍ଷ (ବ୍ର. ଶ) 3. Jujube tree ୪। ଅଭ୍ରକ (ବ୍ର. ଶ)—4. Mica. ୫। ସ୍ୱର୍ଣ୍ଣମାକ୍ଷିକ (ବ୍ର. ଶ)—5. Iron pyrites. ୬। ରୌପ୍ୟମାକ୍ଷିକ (ବ୍ର. ଶ)—6. A kind of iron pyrites. ୭। ସ୍ୱର୍ଣ୍ଣ ଓ ରୌପ୍ୟର ମିଶ୍ରଣ (ତ୍ର. ଶ)—7. Fusion of gold and silver. ୮। ବମଳ ଜଳତରଳ (ସ୍ତଜନ୍ତଘର୍ଷ୍ଣ)—8. Clear liquid or metal. ୧। ମନର ସ୍ୱସ୍ଥତା—1. Favourable condition of mind. ୨। ମନର ଅକୃତ୍ରିତ ଭାବ—2. Sportaneous mental condition; free will. [ଉ—ଅମୁକ କାର୍ଯ୍ୟ ପାଇଁ ତ ୩ ୪ ଦେବାକୁ ମୋର ସ୍ୱଚ୍ଛ ନେଇନ୍ଥ।] ବେ. ବଶ—୧। ଉଚତ; ସଥାର୍ଥ—1. Proper; appropriate. (ଉ—ବାସରେ ତତ୍ତ୍ୱତେ ଯୋଜନଗନ୍ଧା ନାମନ୍ତଂ ସ୍ୱଚ୍ଛ—ବୈଦେଗ୍ଭାଶବତାସ ।)

Digitized by srujanika@gmail.com

୨ । କୁଣ୍ଠା ରହିତ (ସ୍ଥାନ)—2. (mind) Free from any scruple.

ସ୍ୱଚ୍ଛତା(ତ)—ସଂ. ବ (ସ୍ୱଚ୍ଛ + ଭାବ. ତା, ତ୍ୱ)—୧ । ନିର୍ମ୍ମଳତା—Swachchhatā(twa) 1. Clearness, ୨ । ଦୃଢ଼ୀକରଣାଧାରଣ କ୍ଷମତା—2. Transparence, ୩ । ଶୁଭ୍ରତା—3. Brightness.

ସ୍ୱଚ୍ଛନ୍ଦ—ସଂ. ବିଣ. ପୁଂ (ସ୍ୱ ଅର୍ଥେ ଛନ୍ଦ ସାଧାରଣ; ବହୁବ୍ରୀହି; ସ୍ୱ + ଛନ୍ଦ = ଇଚ୍ଛା; ସଦ୍ଧାରା ଛ ସ୍ଥାନରେ ଚ୍ଛ)—(ସ୍ୱଚ୍ଛନ୍ଦା—ସ୍ତ୍ରୀ) ୧ । ସ୍ୱେଚ୍ଛାକୃତ; ସ୍ୱେଚ୍ଛାନୁବର୍ତ୍ତୀ—1. Self-willed; voluntary. (ଉ—ତ ରୂପରେ ମୋହର ଦୋଇବ ଯୋଉଦ, ଏଥିକ ସାଧା ହୁଅ ଦୋଇଣ ସ୍ୱଚ୍ଛନ୍ଦ । କୃଷ୍ଣସିଂହ ମହାଭାରତ. ବନ୍ଧଃ ।) ୨ । ଅପରାଧୀନ; ସ୍ୱତନ୍ତ୍ର; ସ୍ୱାଧୀନ—2. Independent; free. ୩ । ବାଧାଶୂନ୍ୟ; ଅନାସକ୍ତିତ; ନିରଙ୍କୁଶ—3. Unobstructed; unrestrained. ୪ । ସୁଖୀ—4. Happy. ୫ । ସନ୍ତୁଷ୍ଟ—5. Contented. ୬ । ଅସହଜାତ; ବନାବେଷ୍ଟାରେ ଉତ୍ପନ୍ନ; ମନରୁ ଉଠିଥିବା (ଚଳ୍ଚ); ରମ୍ୟ (ଗଦ୍ଦ)—6. Spontaneous; natural; produced without effort. ୭ । ସୁସ୍ଥ—7. Healthy. ୮ । ଅନାୟାସଲଭ୍ୟ—8. Easily available. ସଂ. ବ (ସପ୍ତମୀ ତତ୍ପୁ.)—୧ । ସ୍ୱେଚ୍ଛା; ଅନ୍ୟଦ୍ୱାରା ଅନାସକ୍ତିତ ନିଜର ଇଚ୍ଛା—1. One's free will. ୨ । ସ୍ୱାଧୀନତା—2. Freedom. ୩ । ସ୍ୱେଚ୍ଛାକୃତ—3. Action according to one's own will. ଦେ. କ୍ରି. ବିଣ (ଘଦ୍ୟ)—୧ । ସ୍ୱଚ୍ଛନ୍ଦରେ (ଦେଖ)—1. Swachchhandare (See) (ଉ—ସ୍ୱଚ୍ଛନ୍ଦେ ବ୍ରଜସୁନ୍ଦର ରମିଲେ ମାଧବ । ଘାଟୀ. ରହସ୍ୟାରାଧ୍ୟ ।) ୨ । ସ୍ୱେଚ୍ଛାକ୍ରମେ—2. Voluntarily.

ସ୍ୱଚ୍ଛନ୍ଦ ଗତି—ସଂ. ଷ (କର୍ମ୍ମଧା)—ସ୍ୱେଚ୍ଛାକ୍ରମେ ଯିବା—Voluntary motion. ସଂ. ବିଣ, ପୁଂ ଓ ସ୍ତ୍ରୀ—(ସ୍ୱଚ୍ଛନ୍ଦ ଗମନ—ଅନ୍ୟ ପୁଂ. ରୂପ) (ବହୁବ୍ରୀହି)—ଯେ ସ୍ୱେଚ୍ଛାକ୍ରମେ [ସ୍ୱଚ୍ଛନ୍ଦଗମନା—ସ୍ତ୍ରୀଲିଙ୍ଗ ରୂପ] ଗତି କରେ—Moving freely.

ସ୍ୱଚ୍ଛନ୍ଦଚର—ସଂ. ବିଣ. ପୁଂ (ସ୍ୱଚ୍ଛନ୍ଦ + ଚର. ଧାତୁ + କର୍ତ୍ତୃ. ଅ)—Swachchhandachara ସ୍ୱଚ୍ଛନ୍ଦଚାରୀ (ଦେଖ)—(ସ୍ୱଚ୍ଛନ୍ଦଚର—ସ୍ତ୍ରୀ) Swachchhandachārī (See)

ସ୍ୱଚ୍ଛନ୍ଦଚାରିଣୀ—ସଂ. ବିଣ. ସ୍ତ୍ରୀ (ସ୍ୱଚ୍ଛନ୍ଦଚାରିନ୍ + ସ୍ତ୍ରୀ. ଙ୍ଗୀ)—ସ୍ୱଚ୍ଛନ୍ଦଚାରୀର ସ୍ତ୍ରୀଲିଙ୍ଗ—Feminine of Swachchhandachārī. ସଂ. ବ. ସ୍ତ୍ରୀ—ବେଶ୍ୟା (ଅ. ଶ)—Harlot.

ସ୍ୱଚ୍ଛନ୍ଦଚାରୀ—ସଂ. ବିଣ. ପୁଂ—ଯେ ଇଚ୍ଛାନୁସାରେ ବଚରେ ଯେଉଁ ସ୍ଥାନରେ; ସ୍ୱେଚ୍ଛାବହାର—Moving (ସ୍ୱଚ୍ଛନ୍ଦଚାରିଣୀ—ସ୍ତ୍ରୀ) according to one's own free will.

(ଉ—ସେହି କାଳେ ଦେଲେ ଯେତେକ ଦ୍ୱିଜ ଜାତି, ସ୍ୱଚ୍ଛନ୍ଦଚାରିଣୀ ବୋଲି ଭାବାନ୍ତୁ କଦନ୍ନ । କୃଷ୍ଣସିଂହ. ମହାଭାରତ. ବନ ।)

ସ୍ୱଚ୍ଛନ୍ଦ ଚିତ୍ତ—ସଂ. ବ (କର୍ମ୍ମଧା)—୧ । ଚଞ୍ଚଳ ମନ—1. Unperturbed mind. ୨ । ସ୍ୱାଧୀନ ମନ—2. Independent mind. ସଂ. ବିଣ. ପୁଂ—(ସ୍ୱଚ୍ଛନ୍ଦଚେତାଃ—ଅନ୍ୟ ପୁଂ ଓ ସ୍ତ୍ରୀ. ବିଣରୂପ) (ବହୁବ୍ରୀହି)—[ସ୍ୱଚ୍ଛନ୍ଦଚିତ୍ତା—ସ୍ତ୍ରୀ. ବିଣ] ସ୍ୱସ୍ଥଚେତାଃ; ନିଶ୍ଚିନ୍ତମନାଃ—1. Contented; free from anxiety. ୨ । ସ୍ୱାଧୀନଚେତାଃ—2. Having an independent or uninfluenced mind.

ସ୍ୱଚ୍ଛନ୍ଦତା(ତ୍ୱ)—ସଂ. ବ (ସ୍ୱଚ୍ଛନ୍ଦ + ଭାବ, ତା, ତ୍ୱ)—୧ । ସ୍ୱାଧୀନତା; Swachchhandatā(twa) ସ୍ୱାତନ୍ତ୍ର୍ୟ—1. Independ- [ସ୍ୱାତନ୍ତ୍ର୍ୟ—ଅନ୍ୟ ବ. ରୂପ] ence. ୨ । ବାଧାଶୂନ୍ୟ ଅବସ୍ଥା—2. State of being unobstructed. ୩ । ଅଯତ୍ନଲାଭ ଅବସ୍ଥା—3. Spontaneity. ୪ । ସୁଖ—4. Happiness. ୫ । ସନ୍ତୋଷ—5. Contentedness. ୬ । ସୁସ୍ଥତା—6. Healthiness. ୭ । ନିଶ୍ଚିନ୍ତତା—7. Freedom from care or anxiety o uneasiness.

ସ୍ୱଚ୍ଛନ୍ଦ ବିହାର—ସଂ. ବ—ନିଜ ଇଚ୍ଛାନୁସାରେ ବୁଲିବା; ସ୍ୱଚ୍ଛନ୍ଦଗତି—Swachchhanda bihāra Rambling at one's (ସ୍ୱଚ୍ଛନ୍ଦବିହାର—ବିଣ. ପୁଂ) pleasure; a walk of [ସ୍ୱଚ୍ଛନ୍ଦବିହାରିଣୀ—ବିଣ. ସ୍ତ୍ରୀ] pleasure.

ସ୍ୱଚ୍ଛନ୍ଦ ମରଣ—ସଂ. ବ (ଦେବଜ ବ୍ୟବହାର)—୧ । ଇଚ୍ଛାମରଣ; ଇଚ୍ଛା- Swachchhanda maraṇa ମୃତ୍ୟୁ; ନିଜର ଇଚ୍ଛାଅନୁସାରେ ସ୍ୱେଚ୍ଛନ୍ଦମରଣ ମୃତ୍ୟୁ—1. Voluntary death. (ଉ—ତାହା ଈଚ୍ଛାମରଣ ଶୁଣିଣ ବାପେ ଗାଇ ଦଉଛନ୍ତି, ବରଣ କରିଦେଲେ ସ୍ୱଚ୍ଛନ୍ଦ ମରଣକୁ । କୃଷ୍ଣସିଂହ. ମହାଭାରତ. ଆଦ ।) ୨ । ଅନାୟାସମୃତ୍ୟୁ—2. Painless death.

ସ୍ୱଚ୍ଛନ୍ଦରେ—ଦେ. କ୍ରି. ବିଣ—ସ୍ୱେଚ୍ଛାକ୍ରମେ—Voluntarily; of Swachchhandare one's free will. ୨। ଅନାୟାସରେ—ସ୍ୱେଚ୍ଛନ୍ଦେ 2 Easily; at one's ease. ୩ । ସ୍ୱାଧୀନରୂପେ—3. Freely. ୪ । ସହଜରେ—4. Spontaneously. ୫ । ବାଧା ରହିତ ଭାବରେ—5. In an unobstructed manner. ସ୍ୱଚ୍ଛନ୍ଦମେଁ

ସ୍ୱଚ୍ଛନ୍ଦାଚାର—ସଂ. ବ. (କର୍ମ୍ମଧା)—ସ୍ୱେଚ୍ଛାଚାର; ଅସ୍ୱାଧୀନତା—Swachchhandāchāra Independence; unsubserviency. ସଂ. ବିଣ. ପୁଂ (ବହୁବ୍ରୀହି)—ସ୍ୱେଚ୍ଛା ବିହାର—(ସ୍ୱଚ୍ଛନ୍ଦାଚାର—ସ୍ତ୍ରୀ ବିଣ) Moving freely.

ସ୍ୱଚ୍ଛନ୍ଦାନୁବର୍ତ୍ତିତା—ସଂ. ବ. (ସ୍ୱଚ୍ଛନ୍ଦାନୁବର୍ତ୍ତିନ୍ + ଭାବେ ତା)—୧ । Swachchhandānubarttitā ସ୍ୱେଚ୍ଛାଚାରିତା—1. Liberty of action. ୨। ନିଜର ବ୍ୟକ୍ତିତ୍ୱ—2. One's individuality.

Digitized by srujanika@gmail.com

ସ୍ୱଚ୍ଛନ୍ଦାନୁବର୍ତ୍ତୀ—ସଂ. ବିଣ. ପୁଂ. (ସ୍ୱଚ୍ଛନ୍ଦ + ଅନୁବର୍ତ୍ତିନ୍; ସ୍ୱଚ୍ଛନ୍ଦାନୁ- Swachchhandānubartti ବର୍ତ୍ତିନ୍ ୧ମା ୧ବ)—(ସ୍ୱଚ୍ଛନ୍ଦାନୁବର୍ତ୍ତିତା—ସ୍ତ୍ରୀ) ସ୍ୱେଚ୍ଛାଗ୍ରସ୍ତ—Acting of one's free will; free to act.

ସ୍ୱଚ୍ଛ ପତ୍ର—ସଂ. ବ. (ବହୁବ୍ରୀ.ସ; ସ୍ୱଚ୍ଛ ଅଟେ ପତ୍ର ଯାହାର)—ଅଭ୍ର Swachchha patra (ହେମଚନ୍ଦ୍ର)—Mica.

ସ୍ୱଚ୍ଛ ବାଲୁକ—ସଂ. ବ. (କର୍ମଧା)—ନିର୍ମଳ ଜଯରସ; ବିମଳ ନାମକ Swachchha bāluka (Kā) ଉପଧାତୁ (ହେ. ଶ)—Clear-salts.

ସ୍ୱଚ୍ଛ ମଣି—ସଂ. ଷ. (କର୍ମଧା)—ଷ୍ଟଟିକ (ସୁଜନନିର୍ଘଣ୍ଟୁ)—Swachchha mani Crystal.

ସ୍ୱଚ୍ଛ ମନ - ସଂ.ବି(ଦେଶଜ ବ୍ୟବହାର)—୧ । ନିର୍ମଳ ବା ସରଳ ମନ—Swachchha maua 1. Clear or frank mind. ୨ । ସ୍ୱଚ୍ଛନ୍ଦମନ ଅସନ୍ଦିଗ୍ଧ ହୃଦୟ—2. Unsuspecting mind; **ସ୍ୱଚ୍ଛନ୍ଦମନ** mind having no scruple to do a thing. ୩ । ସ୍ୱେଚ୍ଛା—3. Free will.

ସ୍ୱଚ୍ଛ ସଲିଲ—ସ. ବ. (କର୍ମଧା)—ନିର୍ମଳ ଜଳ—Clear or trans- Swachchha salila parent water.—ସ. ବିଣ. ପୁଂ. (ସ୍ୱଚ୍ଛ ସଲିଲା—ସ୍ତ୍ରୀ) (ବହୁବ୍ରୀ.ସ) - ନିର୍ମଳ ଜଳବିଶିଷ୍ଟ— Containing clear or transparent water.

ସ୍ୱଚ୍ଛା—ସ. ବିଣ. ସ୍ତ୍ରୀ—ସ୍ୱଚ୍ଛର ସ୍ତ୍ରୀଲିଙ୍ଗ—Feminine of Swa- Swachchhā chchha. ସ. ବ.—ଶ୍ୱେତ ଦୂବା (ସୁଜନନିର୍ଘଣ୍ଟୁ)—The white Doob grass.

ସ୍ୱଚ୍ଛେ—ଦେ. କ୍ରି. ବିଣ—ସ୍ପଷ୍ଟରୂପେ—Clearly; distinctly; Swachchhe (ଯେ—ବାବାଙ୍କଲେ ତ ଯାଇଛୁ, ଆମିକ ମୁଦ୍ର ମଇଲୁ, ସ୍ପଷ୍ଟଭାବେ ବେଷ୍ଟିତ ଦେଲ ପର ସ୍ୱଚ୍ଛେ । **ସ୍ୱପ୍ରଭାବସେ** ୬୫. ବୈଦେହୀଶବିଳାସ ।)

ସ୍ୱଜ—ସଂ. ବିଣ. ପୁଂ (ସ୍ୱ+ଜନ୍ ଧାତୁ+କର୍ତ୍ତା. ଅ)—୧ । ଆତ୍ମଜାତ—Swaja 1. Produced from one's self. ୨ । ଶରୀରଜ (ସ୍ୱଜା—ସ୍ତ୍ରୀ) ଜାତ—2. Born of the body. ସଂ. ବ—୧ । ରକ୍ତ (ମେଦନୀ)—1. Blood. ୨ । (ପୁଂ) ପୁତ୍ର (ମେଦନୀ)—2. Son. ୩ । ସ୍ୱେଦ; ଝାଳ (ମେଦନୀ) —3. Sweat; perspiration.

ସ୍ୱଜନ—ସ. ବିଣ. ପୁଂ (ସ୍ୱ+ଜନ; ଉତ୍ତମପଦକର୍ତ୍ତ, ବିବାଦପକ୍ଷକର୍ତ୍ତ. Swajana ବା ଧର୍ମପକ୍ଷକର୍ତ୍ତରେ ଯେଉଁ ବ୍ୟକ୍ତି ଆଦୋଦ୍ଧ ଅଟନ୍ତି ।)—୧ । ଆତ୍ମୀୟ ବ୍ୟକ୍ତି; ମିତ୍ର—1. Friend. ୨ । ବନ୍ଧୁ ବାନ୍ଧବ—2. Relative. ୩ । ଜ୍ଞାତି; କୁଟୁମ୍ବ—3. Kinsman. ୪ । ନିଜର ଲୋକ—4. One's own people. ୫ । ଆପଣା ପରିବାରସ୍ଥ ବ୍ୟକ୍ତି—5. A member of one's family.

ସ୍ୱଜନତା(ତ୍ୱ)—ସ. ବ—(ସ୍ୱଜନ+ଭାବାର୍ଥେ ତା, ତ୍ୱ)—ସ୍ୱଜନ Swajanatā(twa) ହେବାର ଅବସ୍ଥା; ଆତ୍ମୀୟତା—Kinship; relationship; friendship.

ସ୍ୱଜନ ବିନାଶ (ନାଶ)—ସଂ ବ.—(ଷଷ୍ଠୀ ତତ୍ପୁ) ନିଜର ଆତ୍ମୀୟ Swajana bainā́sa (nā́śa) ବ୍ୟକ୍ତିଙ୍କ କ୍ଷୟ—Destruction of one's kinsmen and friends.

ସ୍ୱଜନ ବିରୋଧ—ସଂ. ବ. (ଷଷ୍ଠୀ ତତ୍ପୁ)—ଆତ୍ମୀୟ ବ୍ୟକ୍ତିମାନଙ୍କ ସଙ୍ଗେ Swajana birodha ବିବାଦ—Dispute or difference (ବିଣ. ପୁଂ.—ସ୍ୱଜନ ବିରୋଧୀ)—with one's kinsmen or (ବିଣ. ସ୍ତ୍ରୀ—ସ୍ୱଜନ ବିରୋଧିନୀ) friends.

ସ୍ୱଜନୀ—ସଂ. ବ. ସ୍ତ୍ରୀ (ସ୍ୱଜନ+ସ୍ତ୍ରୀ ଈ)—ସଜନୀ; ସ୍ତ୍ରୀସଙ୍ଗିନୀ—A Swajanī female friend or companion. (ଅସଦୃଶ—ସଜନୀ)

ସ୍ୱଜନ୍ମା—ସଂ.ବିଣ.ପୁଂ ଓ ସ୍ତ୍ରୀ—(ବହୁବ୍ରୀ.ସ; ସ୍ୱ+ଜନ୍ମନ୍; ସୁଜନ୍ମନ୍; ୧ମା Swajanmā ୧ବ)—ସ୍ୱପୁତ୍ର; ନିଜଠାରୁ ଜାତ; ଅନନ୍ୟଜନ୍ମା— Born of ones self; not born of another

ସ୍ୱଜା—ସଂ. ବିଣ. ସ୍ତ୍ରୀ. (ସ୍ୱଜ+ସ୍ତ୍ରୀ ଅ)—'ସ୍ୱଜ'ର ସ୍ତ୍ରୀଲିଙ୍ଗ—The Swajā feminine of Swaja. ସଂ ବ—ଦୁହିତା; କନ୍ୟା—Daughter.

ସ୍ୱଜାତ—ସଂ.ବିଣ ଓ ବି.ପୁଂ - (ସ୍ୱ+ଜାତ; ୬ମୀତତ୍ପୁ)—ସ୍ୱଜ (ଦେଖ) Swajāta Swaja (See) (ସ୍ୱଜାତା - ସ୍ତ୍ରୀ)

ସ୍ୱଜାତି—ସଂ. ବ. (ଷଷ୍ଠୀ ତତ୍ପୁ)—ନିଜର ଜାତି ବା ଶ୍ରେଣୀ—One's Swajāti own caste, class or nation.

ସ୍ୱଜାତିଦ୍ୱିଷ—ସଂ.ବିଣ. (ପୁଂ ଓ ସ୍ତ୍ରୀ)—(ସ୍ୱଜାତି+ଦ୍ୱିଷ୍ ଧାତୁ+କ୍ୱିପ୍) Swajātidwish କ୍ୱିପ୍)—ନିଜର ଜାତି ପ୍ରତି ବିଦ୍ୱେଷୀ— ସ୍ୱଜାତି ଦ୍ୱେଷୀ (ପୁଂ) } ଅନ୍ୟ ବିଣ ରୂପ—Spiteful to one's ସ୍ୱଜାତି ଦ୍ୱେଷିଣୀ(ସ୍ତ୍ରୀ) } own caste.

ସ୍ୱଜାତି ଦ୍ରୋହ (ଦ୍ୱେଷ)—ସଂ. ବ.—ସ୍ୱଜାତି ବିରୋଧ (ଦେଖ)— Swajāti droha (dwesha) Swajāti birodha (See)

ସ୍ୱଜାତିଦ୍ରୋହୀ (ଦ୍ୱେଷୀ)—ବିଣ ପୁଂ } ସ୍ୱଜାତି ଦ୍ରୋହିଣୀ,ଦ୍ୱେଷିଣୀ)—ବିଣ. ସ୍ତ୍ରୀ }

ସ୍ୱଜାତି ପ୍ରିୟ—ସଂ. ବିଣ. ପୁ.—୧ । (ବହୁବ୍ରୀ.ସ) ଯେଉଁ ବ୍ୟକ୍ତି ଆପଣା ସ୍ୱଜାତି ପ୍ରିୟା—ସ୍ତ୍ରୀ) ଜାତିକୁ ସ୍ନେହ କରେ—1. Fond of one's nation or class. ୨ । (ସ୍ୱଜାତି ପ୍ରିୟସ୍ତ—ବି) (ଷଷ୍ଠୀ ତତ୍ପୁ) ସ୍ୱଜାତୀୟମାନଙ୍କ ଅନୁରାଗ-ଭାଜନ—2. Loved by one's class.

ସ୍ୱଜାତି ପ୍ରୀତି (ପ୍ରେମ)—ସଂ. ବ.—ନିଜର ଜାତି ପ୍ରତି ଅନୁରାଗ— Swajāti priti (prema) Love for or attachment ସ୍ୱଜାତି ପ୍ରେମିକ (ପୁଂ) } ବିଣ—to one's kinsmen or ସ୍ୱଜାତି ପ୍ରେମିକା (ସ୍ତ୍ରୀ) } class.

ସ୍ୱଜାତି ବିରୋଧ (ବିଦ୍ରୋହ)—ସଂ.ବ—ସ୍ୱଜାତି ପ୍ରତି ଦ୍ରୋହ; ନିଜ ଜାତି Swajāti birodha (bidroha) ସଙ୍ଗେ ବିବାଦ—Dispute with or opposition to one's own caste or nation.

Digitized by srujanika@gmail.com

ସ୍ୱଜାତି ବିରୋଧୀ[ବିଦ୍ରୋହୀ]—ବି. ବିଣ. ପୁଂ— ନିଜ ଜାତିର ଉନ୍ନତି ବିରୋଧୀ ଚରଣକାର୍ଯ୍ୟ—Acting (ସ୍ୱଜାତିବିରୋଧିନୀ, ସ୍ୱଜାତିବିଦ୍ରୋହିଣୀ—ସ୍ତ୍ରୀ) in opposition to the interests of one's own nation or caste.

ସ୍ୱଜାତି ସୁଲଭ—ବି. ବିଣ (୭ମୀ ତତ୍)—ନିଜ ଜାତିର ସ୍ୱାଭାବିକ (ଗୁଣ, Swajāti sulabha ଅଭ୍ୟାସ ଆଦି); ଯାହା ସ୍ୱଜାତିରେ ସଚରାଚର ଦେଖାଯାଏ—Natural to one's own class or nation.

ସ୍ୱଜାତୀୟ—ବି. ବିଣ. ପୁଂ (ସ୍ୱ+ଜାତି+ଈୟ) —୧ । ସ୍ୱଜାତି Swajātiya ସମ୍ବନ୍ଧୀୟ—1. Relating to one's caste (ସ୍ୱଜାତୀୟା—ସ୍ତ୍ରୀ) or class. ୨ । ସ୍ୱଜାତିଭୁକ୍ତ—2. Belonging to or included in one's caste, class or nation.

ସ୍ୱ ଜାୟା(ଦାରା)—ବି. ବ (୬ଷ୍ଠୀ ତତ୍)—ପତ୍ନୀ; ନିଜର ବିବାହିତା ସ୍ତ୍ରୀ— Swa jāyā(dārā) One's married wife.

ସ୍ୱତଃ—ବି. ଅ (ସ୍ୱ+ତସ୍) —୧ । ଆପେ ଆପେ; ନିଜେ, ସ୍ୱୟଂ— Swatah 1. Of itself; of one's own self. (ସ୍ୱତଃ—ବପ୍ରୋକ୍ତ) ୨ । ସ୍ୱେଚ୍ଛାକ୍ରମେ—2. Out of one's own accord or free will. ୩ । ନିଜର ଇଚ୍ଛା ଅନୁସାରେ—3. Voluntarily. ୪ । ସ୍ୱାଧୀନ ଭାବରେ— 4. Independently. ୫ । ନିଜଠାରୁ—5. From one's self. ୬ । ଗଣ୍ଡି ଗଣ୍ଡି; ଅନ୍ୟର ସହ ବିନା— 6. Spontaneously. ୭ । ଅନ୍ୟର ବିନା ମନ୍ତ୍ରଣାରେ— 7. Without any suggestion or prompting from any other person.

ସ୍ୱତଃ ପରତଃ—ବି. ଅ (ବିପରୀତାର୍ଥ ସହଚର)—ନିଜଠାରୁ ଓ ପରଠାରୁ- Swatah paratah From one's self and from others.

ସ୍ୱତଃ ପ୍ରବୃତ୍ତ—ବି. ବିଣ. ପୁଂ—ନିଜ ଇଚ୍ଛାରେ ବ୍ୟାପୃତ—Actuated Swatah prabṛutta by one's self; actuated by (ସ୍ୱତଃ ପ୍ରବୃତ୍ତା—ସ୍ତ୍ରୀ) (ସ୍ୱତଃ ପ୍ରବୃତ୍ତ—ତ) one's free will.

ସ୍ୱତଃ ସିଦ୍ଧ—ବି. ବିଣ. ପୁଂ—୧। ଆପେ ଆପେ ସିଦ୍ଧ; ସହଜସିଦ୍ଧ; ସ୍ୱଭାବ- Swatah siddha ସିଦ୍ଧ—1. Instinctive; innate. ୨। (ସ୍ୱତଃ ସିଦ୍ଧା—ସ୍ତ୍ରୀ) ନିଜେ ସିଦ୍ଧିପ୍ରାପ୍ତ—2. Self-accomplish- (ସ୍ୱତଃ ସିଦ୍ଧି—ତ) ed. ୩ । ଯାହା ପ୍ରମାଣର ଅବଶ୍ୟକତା ରଖେ ନାହିଁ—3. Self-evident; axiomatic, ବି.— (ଜ୍ୟାମିତି)—ଯେଉଁ ସତ୍ୟ ପ୍ରମାଣିତ ହେବାର ଅବଶ୍ୟକତା ନାହିଁ—(Geometry) Axiom.

ସ୍ୱତନ୍ତର—ଚ୍ଛା. ବିଣ (ସଂ. ସ୍ୱତନ୍ତ୍ର)—ସ୍ୱତନ୍ତ୍ର (ଦେଖ) Swatantara Swatantra (See) ସ୍ୱତନ୍ତର ସ୍ୱତନ୍ତର [ସ୍ୱତନ୍ତ୍ରତ୍ୱ(ତ୍ୱ)—ସ୍ତ୍ରୀ]

ସ୍ୱତନ୍ତରୀ—ଚ୍ଛା. ବିଣ. ସ୍ତ୍ରୀ (ସଂ. ସ୍ୱତନ୍ତ୍ରା)—'ସ୍ୱତନ୍ତରୀ'ର ସ୍ତ୍ରୀଲିଙ୍ଗ— Swatantarā Feminine of 'Swatantara'.

[ଜ—ସ୍ୱକୀୟ ସ୍ୱତନ୍ତ୍ରର ନାଶ, ଯାହାକୁ ଆମ ଦେଶ ତର । ଭୂପତ, ପ୍ରେମଚନ୍ଦ୍ରାମୃତ ।]

ସ୍ୱତନ୍ତ୍ର—ବି. ବିଣ. ପୁଂ (ବନ୍ଧନଶୂନ୍ୟ; ସ୍ୱ ଦ୍ୱାରାଅନ୍ୟ ଉପରେ ଯାହାର)— Swatantra ୧ । ସ୍ୱାଧୀନ—1. Independent; free; (ସ୍ୱତନ୍ତ୍ରା—ସ୍ତ୍ରୀ) self-dependent, ୨ । ସ୍ୱେଚ୍ଛାଚାରୀ— (ସ୍ୱତନ୍ତ୍ର—ବପ୍ରୋକ୍ତ) 2. Self-willed. ୩। ନିର୍ବାଧ; ନିରୁଦ୍ଧ (ସ୍ୱତନ୍ତ୍ରତା, ସ୍ୱାତନ୍ତ୍ର୍ୟ—ତ) —3. Unobstructed. ୪ । ଅନ୍ୟ ମାନଙ୍କଠାରୁ ପୃଥକ୍—4. Distinct; separate from others; different. ୫ । ବିଶିଷ୍ଟ କାର୍ଯ୍ୟପାଇଁ ବା ପୃଥକ୍ ରୂପେ ନ୍ୟସ୍ତ—5. Specially set apart; set apart for a particular purpose.

ସ୍ୱତନ୍ତ୍ରତା(ତ୍ୱ) —ବି. ବ (ସ୍ୱତନ୍ତ୍ର+ଭାବ. ତା) —୧ । ସ୍ୱାଧୀନତା— Swatantratā(twa) 1. Independence. ୨ । ସ୍ୱେଚ୍ଛାଚାରତା— (ସ୍ୱାତନ୍ତ୍ର୍ୟ—ଅନ୍ୟରୂପ) 2. State of acting freely. ୩ । ବିଶିଷ୍ଟତା —3. Speciality. ୪ । ବ୍ୟକ୍ତିତ୍ୱ— 4. Individuality. ୫ । ଅନ୍ୟମାନଙ୍କଠାରୁ ପୃଥକ୍ ହେବା ଅବସ୍ଥା—5. State of being distinct from others; distinction.

ସ୍ୱତନ୍ତ୍ରା —ବି. ବିଣ. ସ୍ତ୍ରୀ (ସ୍ୱତନ୍ତ୍ର+ଅ)—'ସ୍ୱତନ୍ତ୍ର'ର ସ୍ତ୍ରୀ ଲିଙ୍ଗ— Swatantrā Feminine of Swatantra. (ସ୍ୱତନ୍ତ୍ର—ପୁଂ) ବି. ବ. ସ୍ତ୍ରୀ —ସ୍ୱୈରିଣୀ ସ୍ତ୍ରୀ; ଯେଉଁ ସ୍ତ୍ରୀ ନିଜ ଇଚ୍ଛା ଅନୁଯାୟୀରେ ଆଚରଣ କରେ—A woman who acts in an unrestrained manner.

ସ୍ୱତନ୍ତ୍ରାଚାର—ବି. ବିଣ. ପୁଂ ଓ ବ—ସ୍ୱେଚ୍ଛାଚାର (ଦେଖ) Swatantrāchāra Swechchhāchāra (See)

ସ୍ୱତନ୍ତ୍ରୀ—ବି. ବିଣ. ପୁଂ (ସ୍ୱ+ତନ୍ତ୍ରିନ୍; ୧ମା. ୧ବ)—ସ୍ୱାଧୀନ (ହୁ.ଶ) Swatantrī Free; independent. (ସ୍ୱତନ୍ତ୍ରିଣୀ—ସ୍ତ୍ରୀ)

ସ୍ୱତୀ —ଚ୍ଛା. ବିଣ. ସ୍ତ୍ରୀ ଓ ବ (ସଂ. ସତୀ)—ସତୀ (ଦେଖ)—Satī (See) Swati [ଜ—ସବୁ ସ୍ତ୍ରୀ ଯଦି ସେ ଅନନ୍ତ ମହାସ୍ୱତୀ । ପୀତାମ୍ବର ସତୀ सती ନ ସିଂହପୁରୀ ।]

ସ୍ୱ ତୁଲ୍ୟ(ସଦୃଶ)—ବି. ବିଣ. ପୁଂ (୬ଷ୍ଠୀ ତତ୍)—ନିଜ ସହ— Swa tulya(sadṛusa) Like one's self. (ସ୍ୱତୁଲ୍ୟା—ସ୍ତ୍ରୀ) (ସ୍ୱତୁଲ୍ୟତା, ସ୍ୱସାଦୃଶ୍ୟ —ତ)

ସ୍ୱତୋବିରୋଧ —ବି. ବ(ସ୍ୱତଃ + ବିରୋଧ)—ନିଜଠାରୁ ଉତ୍ପତ୍ତି ବିରୋଧ; Swatobirodha ନିଜ ଦ୍ୱାରା ସ୍ୱମତର ଖଣ୍ଡନ—Self-incongruity; self-contradiction.

ସ୍ୱତୋବିରୋଧୀ—ବି. ବିଣ.ପୁଂ (ସ୍ୱତୋବିରୋଧିନ୍; ୧ମା. ୧ବ)—ନିଜର Swatobirodhī ବିରୋଧୀ; ସ୍ୱମତର ବିରୋଧକାରୀ ବା ଖଣ୍ଡନ- କର୍ତ୍ତା—Self-contradictory; self-incongru (ସ୍ୱତୋବିରୋଧିତା—ସ୍ତ୍ରୀ) ous.

ସ୍ୱତ୍ୱ - ବି. ବ (ସ୍ୱ+ତ୍ୱବ. ତ୍ୱ) —୧ । ସ୍ୱାତନ୍ତ୍ର୍ୟ—1. Individual- Swatwa ity. ୨ । ଶାସ୍ତ୍ର ବିହିତ ସଥେଷ୍ଟ ବିନିଯୋଗାଦିର— (ଅପରାଂଶ—ସହ) 2. Proprietory right according

Digitized by srujanika@gmail.com

to the law books. ୩ । ସ୍ୱାମିତ୍ୱ; କୌଣସି ସମ୍ପତ୍ତିରେ ପ୍ରଭୁତ୍ୱ—3. Proprietory right; mastery; ownership; title to a property. ୪ । ସଂପତ୍ତିରେ ଅଧିକାର; ସମ୍ପତ୍ତିକୁ ପାଇବା, ଯାଞ୍ଚରେ ରଖିବା ଓ ଯଥେଚ୍ଛ ବ୍ୟବହାର କରିବାର ଅଧିକାର—4. Unrestricted right over property. ଦେ. ବ—ସଂପତ୍ତିକୁ ଦଖଲ କରିବାର ଅଧିକାର—Right to enjoy a property (on certain conditions). [ଦ୍ର—(୧) ଉତ୍ତରାଧିକାରିତ୍ୱ, କ୍ରୟ, ଦାନ, ବହୁକାଳ ଭୋଗ ଦ୍ୱାରା ଓ ଯୁଦ୍ଧରେ ସ୍ୱୟୋପାର୍ଜ୍ଜନ କରିବା ଦ୍ୱାରା ସଂପତ୍ତିରେ କୌଣସି ବ୍ୟକ୍ତିର ସ୍ୱତ୍ୱ ଜନ୍ମେ ।] [ଦ୍ର (୨)—ଅଇନ୍‌ଗତ ଜନ୍ୟମାନ ସ୍ଥାନରେ 'ସ୍ୱତ୍ୱ' ଅନେକ ପ୍ରକାରର ହୁଏ । ସେଥିରୁ କେତେଗୁଡ଼ିକର ପରିଚୟ ତଳେ ଦିଆ ଯାଇଛି ।

୧ । ଉପସ୍ୱତ୍ୱ—(କ) ସ୍ୱତ୍ୱର ବା ସ୍ୱାମିତ୍ୱର ଅଧସ୍ତନ ଅଧିକାର (ଖ) ଏକ ବ୍ୟକ୍ତିର ସ୍ୱତ୍ୱ ଉପରେ ଅନ୍ୟ ବ୍ୟକ୍ତିର ଜନ୍ମିବା ଅଧିକାର ।

୨ । କ (ଜେ)ସ୍ୱ ସ୍ୱତ୍ୱ—କଣିବା ଯୋଗୁଁ ସମ୍ପତ୍ତିରେ ଜେଜାଙ୍କର ପ୍ରବର୍ତ୍ତିବା ଅଧିକାର ।

୩ । ଚିରସ୍ଥାୟୀ ସ୍ୱତ୍ୱ ବା ସ୍ଥାୟୀ ସ୍ୱତ୍ୱ—ଯାବଚ୍ଚନ୍ଦ୍ରାର୍କ କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିର ପୁରୁଷାନୁକ୍ରମେ ଜନ୍ମିବା ସ୍ୱତ୍ୱ ।

୪ । ଜମିଦାରୀ ସ୍ୱତ୍ୱ—ଜମିଦାରୀ ରୂପ ଭୂସମ୍ପତ୍ତି । (ଏହାର ଲକ୍ଷଣାଜ ୧ଭ, ଦେବୋତ୍ତର ସ୍ୱତ୍ୱ, ବ୍ରହ୍ମୋତ୍ତର ସ୍ୱତ୍ୱ, ବାଦ୍ଦେଲ ସ୍ୱତ୍ୱ, ଝିଙ୍କି ସ୍ୱତ୍ୱ, ବ୍ୟାଜ୍ୟାପ୍ତି ସ୍ୱତ୍ୱ ଆଦି ଏକ ମଧ୍ୟ ହୁଏ ।)

୫ । ଜୀବନ ସ୍ୱତ୍ୱ—କୌଣସି ସମ୍ପତ୍ତିକୁ ଦଖଲ କରୁଥିବା ବ୍ୟକ୍ତିଙ୍କର ବଞ୍ଚିଥିବା ପର୍ଯ୍ୟନ୍ତ ଉକ୍ତ ସମ୍ପତ୍ତିରେ ତାଙ୍କର ପ୍ରବର୍ତ୍ତିବା ଅଧିକାର ।

୬ । ଆଶା ସ୍ୱତ୍ୱ—ରଇତ ଯୋତ ଉପରେ ଥାଣା ବା ମହାଜାନବାସୀ ରଇତର ଜନ୍ମିବା ସ୍ୱତ୍ୱ । (ଏହାର ଯାଦୁସ୍ୱତ୍ୱ, ସିକ୍ତମ ସ୍ୱତ୍ୱ, ଜାଗୀର ସ୍ୱତ୍ୱ, ଦେବାୟତ ସ୍ୱତ୍ୱ, ଗୁଦନା ସ୍ୱତ୍ୱ, ମିରାସ ସ୍ୱତ୍ୱ ଆଦି ହୁଏ ।)

୭ । ଦଖଲ ସ୍ୱତ୍ୱ—ସମ୍ପତ୍ତି ଦଖଲ କରିବାର ଅଧିକାର ବା ଜେଜେଭାଳ ଦଖଲ କରିବା ଯୋଗୁ ଦଖଲକାରୀର ଜନ୍ମିବା ଅଧିକାର ।

୮ । ଦାନ ସ୍ୱତ୍ୱ—ଦାନ ଦ୍ୱାରା ଦତ୍ତସମ୍ପତ୍ତି ଉପରେ ଗ୍ରହୀତାଙ୍କର ଜନ୍ମିବା ସ୍ୱତ୍ୱ ।

୯ । ଜଇଁଦ ସ୍ୱତ୍ୱ, ଜଗତ ସ୍ୱତ୍ୱ—ସମ୍ପତ୍ତି ଉପରେ ପୂର୍ଣ୍ଣ ସ୍ୱାମିତ୍ୱ ।

୧୦ । ଜଷର ସ୍ୱତ୍ୱ ବା ମିରାସ ସ୍ୱତ୍ୱ—ଖଜଣା ନ ଦେଇ ରଇତ ଜମିକୁ ଭୋଗ କରିବାର ପ୍ରଜାସ୍ୱତ୍ୱ ।

୧୧ । ଯଥା(ଥୁ)ଇ ସ୍ୱତ୍ୱ—ଜମିଦାରଙ୍କଠାରୁ ଯଥା ପାଇଥିବା ଯୋଉଁ ଜମିରେ ଯଥାଗ୍ରହୀତାଙ୍କର ଜନ୍ମିବା ଅଧିକାର ।

୧୨ । ପ୍ରଜାସ୍ୱତ୍ୱ—ଜମିଦାରଙ୍କ ଅଧୀନ ପ୍ରଜା ସ୍ୱରୂପ ରଇତ ଜମିକୁ ଭୋଗ କରିବାର ଅଧିକାର ।

୧୩ । ବିବାଦାସ୍ପଦ ସ୍ୱତ୍ୱ ବା ବିରୋଧୀସ୍ୱ ସ୍ୱତ୍ୱ—ଯେଉଁ ସ୍ୱତ୍ୱ ପାଇଁ ବିବାଦୀୟ ବ୍ୟକ୍ତିଙ୍କ ମଧ୍ୟରେ ବିବାଦ ଲାଗିଥାଏ ।

୧୪ । ବିରୁଦ୍ଧ ସ୍ୱତ୍ୱ—ଅନ୍ୟ ବ୍ୟକ୍ତିର ପ୍ରତିଦ୍ୱନ୍ଦ୍ୱିତା ଲୁପ୍ତ ହୋଇ କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କର ପ୍ରବର୍ତ୍ତିବା ଅଧିକାର ।

୧୫ । ଭୂସ୍ୱତ୍ୱ—ଜମିରେ ଜନ୍ମିବା ଅଧିକାର ।

୧୬ । ଭୋଗ ଦଖଲ ସ୍ୱତ୍ୱ—(କ) ଯେଉଁ ସମ୍ପତ୍ତିକୁ ବହୁ କାଳ ଭୋଗ ବା ଦଖଲ କରିବା ଦ୍ୱାରା ଭୋଗକାରୀଙ୍କର ଜନ୍ମିରେ ଯେଉଁ ସ୍ୱତ୍ୱ ଜନ୍ମେ ।

(ଖ) ଯେଉଁ ସ୍ୱତ୍ୱକୁ ସମ୍ପତ୍ତିର ପ୍ରକୃତ ସ୍ୱାମୀ ସ୍ୱୟଂ ଭୋଗ ବା ଦଖଲ କରୁଥାଆନ୍ତି ।

୧୭ । ମଧ୍ୟ ସ୍ୱତ୍ୱ—ଜେଜାଙ୍କଠାରୁ ଖଜଣା ଅପାସ୍ତ କରି ଜମିଦାରଙ୍କ ନକଟରେ ଦଖଲ କରିବା ଯାଇଁ ନଯୋଚିତ ଦାବୀସ୍ଥ ବ୍ୟକ୍ତିଙ୍କର ସ୍ୱତ୍ୱ ।

୧୮ । ମାଲିକ(ଜ)ସ୍ୱତ୍ୱ—ସମ୍ପତ୍ତିରେ ସମ୍ପୂର୍ଣ୍ଣାଧିକାରରୂପସ୍ୱତ୍ୱ ।

୧୯ । ପ୍ରତ୍ନସ୍ୱତ୍ୱ—ପ୍ରତ୍ନକାରଙ୍କର ଉଦ୍‌ଭୂତ ପ୍ରତ୍ନର ପ୍ରକାଶ ବିଷୟରେ ଅଧିକାର—Copyright.]

ସ୍ୱତ୍ୱ ଉପସ୍ୱତ୍ୱ—ଦେ. ବ (କଚରଆ ଭାଷା)—୧ । ସମ୍ପତ୍ତିରେ ଥିବା ସବୁ ପ୍ରକାରର ସ୍ୱାମିତ୍ୱ ଓ ଅଧିକାର—1. Proprietory and subordinate rights connected with a property. ୨ । ସମ୍ପତ୍ତିରେ ପୂର୍ଣ୍ଣ ସ୍ୱାମିତ୍ୱ ଓ ସମ୍ପତ୍ତିର ଅସ୍ଥାୟୀ ମାନ ଭୋଗ କରିବାର ଅଧିକାର—2. Right over a property and right over its usufruct.

Swatwa upaswatwa
ସ୍ୱତ୍ୱ ଉପସ୍ୱତ୍ୱ सत्व उपसत्व
(ସ୍ୱତ୍ୱ ଉପସ୍ୱତ୍ୱ—ଗ୍ରାମ୍ୟରୂପ)

ସ୍ୱତ୍ୱ ତ୍ୟାଗ—ସ. ବ (କଚରଆ ଭାଷା)—୧। କୌଣସି ସମ୍ପତ୍ତିରୁ ସ୍ୱାମିତ୍ୱ ବା ଅଧିକାର ଛାଡ଼ ଦେବା—1. Relinquishment of one's right over a property. ୨ । ନିଜର ଦଖଲକୁ ଛାଡ଼ଦେବା—2. Giving up of possession.

Swatwa'tyāga

ସ୍ୱତ୍ୱ ତ୍ୟାଗ ପତ୍ର—ଦେ. ବ [କଚରଆ ଭାଷା]—ଯେଉଁ ଦଲିଲଦ୍ୱାରା କୌଣସି ବ୍ୟକ୍ତି କୌଣସି ସମ୍ପତ୍ତିରେ ନିଜର ସ୍ୱାମିତ୍ୱ ଛାଡ଼ଦେବା କଥା ଲେଖିଥାଏ; ନାଦାସ୍ତାପତ୍ର—Deed of relinquishment or release.

Swatwa tyāga patra
ସ୍ୱତ୍ୱତ୍ୟାଗପତ୍ର सत्वत्यागपत्र

ସ୍ୱତ୍ୱ ଦଖଲ—ଦେ. ବ (ସହରର; କଚରଆ ଭାଷା)—ସମ୍ପତ୍ତିର ସ୍ୱାମିତ୍ୱ ଓ ଭୋଗ—Title to and possession of a property.

Swatwa dakhala
ସ୍ୱତ୍ୱଦଖଲ सत्वदखल

ସ୍ୱତ୍ୱ ଦାୟୀ—ଦେ. ବଣ (କଚରଆ ଭାଷା)—ସତ୍ୱଦାୟୀ (ଦେଖ)—Satwadāyi (See)

Swatwa dāyi

ସ୍ୱତ୍ୱ ନିବୃତ୍ତି—ସ. ବ [କଚରଆ ଭାଷା)—କୌଣସି ସମ୍ପତ୍ତିରୁ ସ୍ୱାମିତ୍ୱ ଲୁପ୍ତ ହେବା—Cessation of right over a property.

Swatwa nibrutti

ସ୍ୱତ୍ୱ ନିର୍ଦ୍ଧାରଣ—ଦେ. ବ (କରଅ) —କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କର ଥିବା ସ୍ୱତ୍ୱର ସ୍ଥିରୀକରଣ—ସ୍ୱତ୍ୱନିର୍ଦ୍ଧାରଣ **स्वत्वनिर्धारण** Ascertainment of a person's right over a property.

ସ୍ୱତ୍ୱ ପ୍ରଚାର—ଦେ. ବ(କରଅ)—କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କ ସ୍ୱତ୍ୱପ୍ରଚାର **स्वत्वप्रचार** ସ୍ୱତ୍ୱ ଥିବା ବିଷୟ ଅଦାଲତଙ୍କ ଦ୍ୱାରା ଘୋଷଣା—Declaration by a court of a person's right over a property.

ସ୍ୱତ୍ୱ ଭୋଗ—ସଂ. ବ—କୌଣସି ସମ୍ପତ୍ତିରେ ସ୍ୱାମିତ୍ୱର ଦଖଲ—Swatwa bhoga Enjoyment of proprietory right.

ସ୍ୱତ୍ୱ ଭୋଗୀ—ସଂ. ବିଣ (କରଅ ବିଗ) —ଯେଉଁ ବ୍ୟକ୍ତି ସମ୍ପତ୍ତିରେ ମାଲିକରୂପେ ଦଖଲକାର ଥାଏ—ସ୍ୱତ୍ୱଭୋଗୀ **स्वत्वभोगी** (a person) In possession of a property as its proprietor.

ସ୍ୱତ୍ୱ ଲୋପ—ସଂ.ବ(କରଅ ବିଗ)—ସମ୍ପତ୍ତିରେ ଅଧିକାର ଲୁପ୍ତ ହେବା; ସ୍ୱତ୍ୱନାଶ; ସ୍ୱତ୍ୱନଷ୍ଟ—Cessation of right over property. [ଦ୍ର—ଆଇନ୍ ଅନୁସାରେ କୌଣସି ସମ୍ପତ୍ତିରୁ ୧୨ ବର୍ଷ ଦଖଲ ଦେଇଥିଲେ ପୂର୍ବସ୍ୱାମୀଙ୍କ ସ୍ୱତ୍ୱର ଲୋପ ହୁଏ ଓ ଦଖଲକାରୀଙ୍କ ସ୍ୱତ୍ୱ ଜନ୍ମୁଥାଏ ।]

ସ୍ୱତ୍ୱ ସାବ୍ୟସ୍ତ—ଦେ. ବ (କରଅ ବିଗ) —କୌଣସି ସମ୍ପତ୍ତିରେ କୌଣସି ବ୍ୟକ୍ତିଙ୍କ ସ୍ୱତ୍ୱ ଥିବା ସ୍ୱତ୍ୱସାବ୍ୟସ୍ତ **स्वत्वसाव्यस्त** ବିଷୟର ଅଦାଲତଙ୍କ ଦ୍ୱାରା ସ୍ଥିରୀକରଣ ଓ ଘୋଷଣା—Establishment of right over property by a law court; declaration of title to a property.

ସ୍ୱତ୍ୱ ସାବ୍ୟସ୍ତ କରିବା—ଦେ. କ୍ରି—(କରଅ)—କୌଣସି ସମ୍ପତ୍ତିରେ କାହାଙ୍କ ସ୍ୱତ୍ୱ ଥିବା ବିଷୟ ସ୍ୱତ୍ୱ ସାବ୍ୟସ୍ତ କରା (ଅଦାଲତ) ସ୍ଥିର କରିବା—To declare or establish title to property. **स्वत्व साव्यस्त करना**

ସ୍ୱତ୍ୱ ସାବ୍ୟସ୍ତ ମକଦ(ଦ୍ଦ)ମା—ଦେ ବ. (କରଅ)—କୌଣସି ସମ୍ପତ୍ତିରେ କାହାଙ୍କ ସତ୍ୱ ସାବ୍ୟସ୍ତ ମୋକଦମା ସ୍ୱତ୍ୱ ସାବ୍ୟସ୍ତ କରିବା ପାଇଁ ଯେଉଁ **स्वत्व साव्यस्त मुकद्दमा** ମକଦ୍ଦମା ଦାୟର ହୁଏ—Declaratory suit; suit for the establishment and declaration of plaintiff's title to a property. (ସ୍ୱତ୍ୱ ସାବ୍ୟସ୍ତ ମାମଲା—ଅଳଂରୁଘ)

ସ୍ୱତ୍ୱ ସ୍ୱାମିତ୍ୱ—ସଂ. ବ.(ଦେଶଜ, କରଅ ବିଯୋଗ; ଏକାର୍ଥକ ସଦ୍ଭାବ) Swatwa swāmitwa ସମ୍ପତ୍ତିରେ ଥିବା ଅଧିକାର—ସତ୍ୱ ସ୍ୱାମିତ୍ୱ **सत्व स्वामित्व** Right over land or other property.

ସ୍ୱତ୍ୱହାନି—ସଂ. ବ.—୧ । ସ୍ୱତ୍ୱ ଲୋପ (ଦେଖ)—1. Swatwa hāni lopa (See). ୨ । ସତ୍ତ୍ୱରେ ବାଧା—Obstruction to or cloud over the title to a property.

ସ୍ୱତ୍ୱାଧିକାର—ସଂ. ବ (କରଅ ବିଷ)—୧ । ସମ୍ପତ୍ତିରେ ସ୍ୱାମିତ୍ୱ ଓ ଦଖଲ—1. Title to and possession of a property; right and title to property. ୨ । ସମ୍ପତ୍ତିରେ ସମ୍ପୂର୍ଣ୍ଣ ଅଧିକାର—2. Full proprietory right over property; absolute proprietory right. [ଦ୍ର—ଏହ ସ୍ୱତ୍ୱାଧିକାର ଦ୍ୱାରା ମାଲିକ ଉକ୍ତ ସମ୍ପତ୍ତିକୁ ସ୍ୱେଚ୍ଛାନୁସାରେ ଭୋଗ, ଦଖଲ, ଦାନ, ହସ୍ତାନ୍ତର ବା ଦସ୍ତବ୍ରତ୍ତ କରିଥାଏ ।]

ସ୍ୱତ୍ୱାଧିକାରୀ—ସଂ. ବିଣ. ପୁଂ (କରଅ ବିଗା)—୧ । ସମ୍ପତ୍ତିରେ ପୂର୍ଣ୍ଣ ସ୍ୱାମିତ୍ୱପ୍ରାପ୍ତ (ବ୍ୟକ୍ତି) —(ସ୍ୱତ୍ୱ ଧ୍ୱଂସକାରିଣୀ—ସ୍ତ୍ରୀ) 1. (a person) Having full proprietory right and title to property. ୨ । ଦାନ ବିକ୍ରୟାଦିର ଅଧିକାରଯୁକ୍ତ (ବ୍ୟକ୍ତି)—2. (a person) Having absolute power of disposal over a property. ୩ । ଯାହାର ସମ୍ପତ୍ତିରେ ସ୍ୱତ୍ୱ ଓ ଦଖଲ ଥାଏ—3. Having title to and possession of a property.

ସ୍ୱଦ୍ (ଧାତୁ) —ସଂ. ବ—୧ । ଆସ୍ୱାଦନ କରିବା; ଚୁଣିବା—Swad(root) 1. To taste. ୨ । ଅନୁଭବ କରିବା—2. To experience. ୩ । ଛେଦନ କରିବା [ଶବ୍ଦକୋଷ]—3. To cut.

ସ୍ୱଦନ—ସଂ. ବ (ସ୍ୱଦ୍ ଧାତୁ + ଭାବ. ଅନ) —୧ । ଆସ୍ୱାଦନ; ଚୁଣିବା—Swadana 1. Tasting. ୨ ।(ସୁ+ ଅଦନ) ଭୋଜନ; ଭକ୍ଷଣ (ଡେମରଡ୍)—2. Eating. ୩ । ଲେହ୍ୟ [ରାଜନିର୍ଘଣ୍ଟୁ]—3. A food which is to be eaten by licking. ୪ । ଲୌହ; ଲୁହା (ହି. ଶ)—4. Iron.

ସ୍ୱ ଦଳ(ପକ୍ଷ)—ସଂ. ବ—ନିଜର ଦଳ—Swa dala(paksha) One's party.

ସ୍ୱଦାର—ସ. ବ—(ସପ୍ତମୀ ତତ୍ପୁ)—ନିଜର ବିବାହିତା ସ୍ତ୍ରୀ; ସ୍ୱପତ୍ନୀ—Swa dārā One's married wife [ଦ୍ର—ଏହ ଶବ୍ଦ (ସଦାର—ବିପସ୍ତତ) ସଂସ୍କୃତରେ ବହୁ ବଚନାନ୍ତରେ 'ସ୍ୱଦାର'ରୂପେ (ସ୍ୱଦାର—ଦେ. ରୂପ) ବ୍ୟବହୃତ ହୁଏ ।]

ସ୍ୱଦାରଭିଗମନ—ସ. ବ—ନିଜର ବିବାହିତା ସ୍ତ୍ରୀଙ୍କ ସହବାସ—Swadārābhigamana Sexual union with one's wedded wife. (ସ୍ୱଦାରଗାମୀ—ବିଣ, ପୁଂ)

Digitized by srujanika@gmail.com

ସ୍ୱଦ୍ଧ—ବି. ବଣ. (ସ୍ୱ+ଅଦଧାତୁ+କ୍ତ). କ)—ଇତ୍ୟାଦିରୂପେ ସ୍ୱୋଜନ କରିଥିବା (ବ୍ୟକ୍ତି) (ମନୁ ୩।୬୫୧,୨୫୭)—Well-fed. [ଦ୍ର—ପିତୃଶ୍ରାଦ୍ଧରେ ଭୋଜନ କରିଥିବା ବ୍ରାହ୍ମଣମାନଙ୍କୁ ଶ୍ରାଦ୍ଧକାରୀ ବ୍ୟକ୍ତି ପଚାରେ—'ସ୍ୱଦ୍ଧ ?' ଅର୍ଥାତ୍ ଆପଣମାନଙ୍କର ସ୍ୱୋଜନ ହୋଇଅଛି କି ?]

ସ୍ୱଦେଶ—ବି. ବ. (୬ଷ୍ଠୀ ତତ୍) ଯେଉଁ ଦେଶରେ ମନୁଷ୍ୟ ଓ ପିତୃପିତାମହାଦିଙ୍କ ଜନ୍ମ ହୋଇଥାଏ; ମାତୃଭୂମି; ନିଜର (ଜନ୍ମ—ବାପଘର) ଜନ୍ମଭୂମି—One's native land; mother country; father land; the country of one's birth; one's home country.

ସ୍ୱଦେଶ ଦ୍ରୋହ—ବି. ବ. (୬ଷ୍ଠୀ ତତ୍)—ଜନ୍ମଭୂମିର ଅମଙ୍ଗଳଜନକ ଆଚରଣ—Opposition or revolt. (ସ୍ୱଦେଶ ଦ୍ରୋହିତା—ଅନ୍ୟରୂପ) against one's own country.

ସ୍ୱଦେଶ ଦ୍ରୋହୀ—ବି. ବଣ. ପୁଂ. (ସ୍ୱଦେଶ ଦ୍ରୋହିନ୍ ୧ମା. ୧ବ)—ସ୍ୱଦେଶ ଦ୍ରୋହିଣୀ—ସ୍ତ୍ରୀ) A person who acts against one's mother country; inimical to one's mother land.

ସ୍ୱଦେଶ ପ୍ରିୟ—ବି. ବଣ. ପୁଂ—ସ୍ୱଦେଶର ଭକ୍ତ—Swadeśa priya (ସ୍ୱଦେଶ ପ୍ରିୟା—ସ୍ତ୍ରୀ) Patriotic.

ସ୍ୱଦେଶ ପ୍ରୀତି(ପ୍ରେମ)—ବି.ବ.—ମାତୃଭୂମି ପ୍ରତି ମମତା; ସ୍ୱଦେଶାନୁରାଗ—Swadeśa prīti (prema) Patriotism.

ସ୍ୱଦେଶ ପ୍ରେମିକ—ବି. ବଣ. ପୁଂ.—ସ୍ୱଦେଶବତ୍ସଳ—Swadeśa premika Patriotic (ସ୍ୱଦେଶପ୍ରେମୀ—ଅନ୍ୟରୂପ) (ସ୍ୱଦେଶ ପ୍ରେମିକା, ସ୍ୱଦେଶ ପ୍ରେମିଣୀ—ସ୍ତ୍ରୀ)

ସ୍ୱଦେଶ ବତ୍ସଳ—ବି ବଣ. ପୁଂ.—ସ୍ୱଦେଶପ୍ରତ୍ୟନୁରାଗୀ—Patriotic. Swadeśa batsala (ସ୍ୱଦେଶ ବତ୍ସଳା—ସ୍ତ୍ରୀ) (ସ୍ୱଦେଶବତ୍ସଳତା, ସ୍ୱଦେଶ ବାତ୍ସଲ୍ୟ—ବି)

ସ୍ୱଦେଶ ଭକ୍ତ—ବି. ବଣ. ପୁଂ.—(୬ଷ୍ଠୀ ତତ୍)—ସ୍ୱଦେଶାନୁରାଗୀ—Swadeśa bhakta Patriotic. ବି. ବ.—ସ୍ୱଦେଶପ୍ରିୟ (ସ୍ୱଦେଶ ଭକ୍ତା—ସ୍ତ୍ରୀ) (ସ୍ୱଦେଶ ଭକ୍ତ—ବି) ବ୍ୟକ୍ତି—A patriot.

ସ୍ୱଦେଶ ହିତୈଷଣା—ବି. ବ. (୬ଷ୍ଠୀ ତତ୍)—ମାତୃଭୂମିର ମଙ୍ଗଳକାମନା—Swadeśa hitaiṣhaṇā Patriotism. (ସ୍ୱଦେଶ ପ୍ରତି ହିତା-ଅନ୍ୟରୂପ)

ସ୍ୱଦେଶ ହିତୈଷୀ—ବି. ବଣ. ପୁଂ—(ସ୍ୱଦେଶ ହିତୈଷିନ୍ ୧ମା ୧ବ) Swadeśa hitaiṣhī ଯେଉଁ ବ୍ୟକ୍ତି ମାତୃଭୂମିର କଲ୍ୟାଣ (ସ୍ୱଦେଶ ହିତୈଷିଣୀ—ସ୍ତ୍ରୀ) ବାଞ୍ଛା କରନ୍ତି—Patriotic. (ସ୍ୱଦେଶ ହିତୈଷିତା—ବି)

ସ୍ୱଦେଶାନୁରକ୍ତ—ବି. ବଣ. ପୁଂ. (୬ଷ୍ଠୀ ତତ୍)—ସ୍ୱଦେଶ ଭକ୍ତ; ସ୍ୱଦେଶ ପ୍ରେମିକ—Patriotic Swadeśānurakta (ସ୍ୱଦେଶାନୁରକ୍ତା—ସ୍ତ୍ରୀ).

ସ୍ୱଦେଶାନୁରକ୍ତି—ବି. ତ (୭ମୀ ତତ୍)—ସ୍ୱଦେଶ ପ୍ରୀତି—Patriotism; love for one's mother-country Swadeśānurakti (ସ୍ୱଦେଶାନୁରାଗ—ଅନ୍ୟରୂପ)

ସ୍ୱଦେଶାନୁରାଗୀ—ବି. ବଣ. ପୁଂ (ସ୍ୱଦେଶାନୁରାଗିନ୍ ୧ମା. ୧ବ.)—ସ୍ୱଦେଶ ପ୍ରେମିକ—Patriotic. Swadeśānurāgī (ସ୍ୱଦେଶାନୁରାଗିଣୀ—ସ୍ତ୍ରୀ)

ସ୍ୱଦେଶୀ—ତେ. ବଣ. ପୁଂ (ସ୍ୱଦେଶୀୟ)—୧। ସ୍ୱଦେଶରେ ନିର୍ମିତ—1. Country-made; home-made. ସ୍ୱଦେଶୀ ସ୍ୱଦେଶୀ ୨। ସ୍ୱଦେଶରେ ଜାତ—2. Produced in one's own country. ୩। ସ୍ୱଦେଶସମ୍ବନ୍ଧୀୟ—3. Relating to one's native land. ୪। ସ୍ୱଦେଶବାସୀ—4. Inhabitant of one's mother country Swadeśi

ସ୍ୱଦେଶୀ ଆନ୍ଦୋଳନ—ତେ. ବ (ଅଧୁନିକ)—ବଦେଶୀୟ ଦ୍ରବ୍ୟର ବ୍ୟବହାର ବର୍ଜନ ଏବଂ ସ୍ୱଦେଶୋତ୍ପନ୍ନ ସ୍ୱଦେଶୀ ଆନ୍ଦୋଳନ ବଦଳରେ ବ୍ୟବହାର କରିବାଯାଇଁ ବଙ୍ଗଦେଶରେ ସ୍ୱଦେଶୀ ଆନ୍ଦୋଳନ ଓ ଯରେ ସମସ୍ତ ଭାରତରେ ପରିବ୍ୟାପ୍ତ ଆନ୍ଦୋଳନ—[ଦ୍ର—ଏହି ଆନ୍ଦୋଳନ ୧୯୦୯ ସାଲରେ ଆରମ୍ଭ ହୋଇଥିଲା ।]—A movement which was first started in Bengal in 1909 and then diffused throughout India, advising the Indians to eschew foreign cloths, etc., and use country goods.

[ଦ୍ର—ବଡ଼ ଲାଟ ଲର୍ଡ୍ କର୍ଜନ୍ ବଙ୍ଗ ପ୍ରଦେଶକୁ ପୂର୍ବବଙ୍ଗ ଓ ପଶ୍ଚିମ ବଙ୍ଗ, ଏହିପରି ଦୁଇ ପ୍ରଦେଶରେ ବିଭକ୍ତ କଲେ ଓ ତଦ୍ଦ୍ୱାରା ବଙ୍ଗବାସୀମାନେ ସେମାନଙ୍କ ମଧ୍ୟରେ ସ୍ୱଦେଶ ପ୍ରେମର ଚକାଶରେ ବାଧା ପଡ଼ିବାର ଆଶଙ୍କା କର ଏହି ବିଭାଗକରଣ ଆଦେଶ ବିରୁଦ୍ଧରେ ଘୋର ପ୍ରତିବାଦ କରିବା ସାଇଁ ଏହି ଆନ୍ଦୋଳନର ସୂତ୍ରପାତ କରିଥିଲେ ଏବଂ କ୍ରମଶଃ ଏହା ଭାରତ ତମାମ୍ ବ୍ୟାପିଗଲା । ଭାରତ ଗଭର୍ଣ୍ଣମେଣ୍ଟ ଓ ବଲ୍ଲତ ଗଭର୍ଣ୍ଣମେଣ୍ଟ ଏହା ଦେଖି ଏହି ବଙ୍ଗ ବ୍ୟବଚ୍ଛେଦ ଆଦେଶକୁ ପ୍ରତ୍ୟାହାର କଲେ । ଏହି ଆନ୍ଦୋଳନ ଫଳରେ ଭାରତବର୍ଷରେ ଅନେକ ଲୁଗାକଳ ପ୍ରତିଷ୍ଠିତ ହେଲା ଓ ଭାରତୀୟମାନେ ବଲ୍ଲତ ଓ ବଦେଶୀ କପଡ଼ର ବ୍ୟବହାର ଛାଡ଼ିବା ଆରମ୍ଭ କଲେ । କ୍ରମଶଃ ଏହି ଆନ୍ଦୋଳନ ଶୀଘ୍ରତା ଭଲବାକୁ ବସିଥିଲା; କିନ୍ତୁ ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତିତ 'ସତ୍ୟଗ୍ରହ ଆନ୍ଦୋଳନ' ଓ 'ଖଦଡ଼ ପ୍ରଚାର' ଏହି ଆନ୍ଦୋଳନକୁ ପୁନରୁତ୍ଥାନିତ କରିଥିଲା ।]

ସ୍ୱଦେଶୀୟ—ବି. ବଣ. ପୁଂ (ସ୍ୱଦେଶ+ଈୟ)—୧। ସ୍ୱଦେଶ ସମ୍ବନ୍ଧୀୟ Swadeśiya —1. Relating to one's native land. (ସ୍ୱଦେଶୀୟା—ସ୍ତ୍ରୀ) ୨। ସ୍ୱଦେଶରେ ପ୍ରସ୍ତୁତ—2. Country-made. ୩। ସ୍ୱଦେଶରେ ଉତ୍ପନ୍ନ—3. Produced or made in one's country. ୪। ସ୍ୱଦେଶବାସୀ—4. Inhabiting the mother country.

Digitized by srujanika@gmail.com

ସ୍ୱଦେହରେ—ଦେ. କି. ବ୍ୟ (ସ. ସ୍ୱଦେହେ)—ନିଜର ଶରୀର ସମ୍ବନ୍ଧରେ—Swadehare With one's body; bodily. (ସ୍ୱଦେହେ—ଅନ୍ୟରୂପ) ସ୍ୱଦେହେ ସ୍ୱଦେହମେଁ

ସ୍ୱ ଧର୍ମ—ସଂ.ବ (ଷଷ୍ଠୀ ତତ୍)—୧। ନିଜର ଜାତିର ବା ବର୍ଣ୍ଣର ଅନୁଷ୍ଠେୟ Swa dharma ଧର୍ମ; ନିଜର ବର୍ଣ୍ଣାଶ୍ରମ ଧର୍ମ—1. Religion (ଘର ଧର୍ମ—ବ୍ରାହ୍ମଣ) of one's caste. [ଦ୍ର—ଯଜନ-ଯାଜନ, ଅଧ୍ୟୟନ-ଅଧ୍ୟାପନ,ଦାନ-ପ୍ରତିଗ୍ରହ, ଏମାନ ବ୍ରାହ୍ମଣଙ୍କ ସ୍ୱଧର୍ମ; ଯୁଦ୍ଧ କରିବା, ଦଣ୍ଡଦେବା ଜାରି କରିବା, ରକ୍ଷଣାବେକ୍ଷଣ କରିବା କ୍ଷତ୍ରିୟଙ୍କ ସ୍ୱଧର୍ମ; କୃଷି, ଗୋପାଳନ, ବାଣିଜ୍ୟ ବୈଶ୍ୟଙ୍କ ସ୍ୱଧର୍ମ; ସେବା ଶୂଦ୍ରଙ୍କ ସ୍ୱଧର୍ମ ଅଟେ । ଭଗବାନ୍ ଗୀତା (୩।୩୫)ରେ ଅର୍ଜୁନଙ୍କୁ କହି ଅଛନ୍ତି ! "ସୁନ୍ଦର ରୂପେ ଅନୁଷ୍ଠିତ ପର ଧର୍ମାନୁଷ୍ଠାନ ଅପେକ୍ଷା ଅଙ୍ଗହୀନ ସ୍ୱଧର୍ମାନୁଷ୍ଠାନ ଶ୍ରେୟସ୍କର ଓ ସ୍ୱଧର୍ମାନୁଷ୍ଠାନ କରୁ କରୁ ମୃତ୍ୟୁ ଘଟିଲେ ତାହା ଶ୍ରେୟସ୍କର, କାରଣ ପରଧର୍ମାନୁଷ୍ଠାନ ଭୟାବହ ଅଟେ ।"] ୨ । କୌଣସି ବ୍ୟକ୍ତି ନିଜେ ଯେଉଁ କୁଳରେ ବା ସମାଜରେ ଜନ୍ମଲାଭ କରିଅଛନ୍ତି,ସେହି କୁଳର ଧର୍ମ—2.Religion of the family or society in which one was born. ୩। ନିଜର ଧର୍ମ—3. One's own religion. ୪ । ନିଜର କର୍ତ୍ତବ୍ୟ କର୍ମ—4. One's peculiar duties. ୫। ନିଜର ଗୁଣ ବା ଲକ୍ଷଣ—5. Attributes or symptoms peculiar to any thing or animal. [ଉ—ଜୀବ ହିଂସା କରିବା ବ୍ୟାଘ୍ରର ସ୍ୱଧର୍ମ । ଦାହିକା ଶକ୍ତି ଅଗ୍ନିର ସ୍ୱଧର୍ମ ।] ୬ । ସ୍ୱଭାବ; ପ୍ରକୃତି—6.Nature. ୭। ବେଦବିହିତ ଅଗ୍ନିର ବା ଧର୍ମ—7. Religious rites or conduct prescribed by the Bedas. ୮ । ସ୍ୱବର୍ଣ୍ଣାଗତ—8. Practices prescribed for one's caste people. ୯।(ଯୋଗଶାସ୍ତ୍ର) ପ୍ରାଣାୟାମ—9. The operation of controlling or exercising the breath; breathing exercise.

ସ୍ୱଧର୍ମ ତ୍ୟାଗ—ସଂ. ବ (ଷଷ୍ଠୀ ତତ୍)—୧ । ନିଜର ଧର୍ମକୁ ବା ଜାତିକୁ ସ୍ୱଧର୍ମ ତ୍ୟାଗ ଶବ୍ଦରେ—1. Act of forsaking (ସ୍ୱଧର୍ମ ତ୍ୟାଗୀ—ବିଣ. ପୁଂ) one's caste or religion; (ସ୍ୱଧର୍ମ ତ୍ୟାଗିତା—ବିଣ. ସ୍ତ୍ରୀ) apostacy. ୨ । ନିଜର କର୍ତ୍ତବ୍ୟ ପାଳନ ନ କରିବା—2. Breach of one's peculiar duties.

ସ୍ୱଧର୍ମ ନିରତ—ସଂ. ବିଣ. ପୁଂ (୭ମୀ ତତ୍)—ସ୍ୱଧର୍ମର ପାଳନରେ ସ୍ୱଧର୍ମ ନିରତ ସର୍ବଦା ରତ—(ସ୍ୱଧର୍ମ ନିରତା—ସ୍ତ୍ରୀ) Engaged in the observance of one's religious rites or duties.

ସ୍ୱଧର୍ମ ପାଳନ—ସଂ. ବ (ଷଷ୍ଠୀ ତତ୍)—ନିଜର ଧର୍ମର ବା କର୍ତ୍ତବ୍ୟର ସ୍ୱଧର୍ମ ପାଳନ ଅନୁଷ୍ଠାନ—Observance or following of one's duties or religion. (ସ୍ୱଧର୍ମ ପାଳକ, ସ୍ୱଧର୍ମ ପାଳକା—ସ୍ତ୍ରୀ. ବିଣ)

ସ୍ୱଧର୍ମ ଭ୍ରଷ୍ଟ—ସଂ. ବିଣ. ପୁଂ (୬ମୀ ତତ୍)—ନିଜର ସ୍ୱଧର୍ମ ସ୍ୱଧର୍ମ ଭ୍ରଷ୍ଟ ଧର୍ମକୁ ତ୍ୟାଗ କରିଥିବା (ବ୍ୟକ୍ତି)—(ସ୍ୱଧର୍ମ ଭ୍ରଷ୍ଟା—ସ୍ତ୍ରୀ) (a person) Who has forsaken his religion; aspostate; renegade.

ସ୍ୱଧା—ସଂ. ଅ (ସ୍ୱଦ୍ ଧାତୁ—ଆସ୍ୱାଦନ କରିବା+ଭର୍ମ. ଅ+ଆ)—୧ । ଦେବତାଙ୍କୁ ଉଦ୍ଦେଶ କରି ହବି ପ୍ରଦାନ କରିବା ବେଳେ ଉଚ୍ଚାରିତ ମନ୍ତ୍ର ବିଶେଷ—1. (Interjection) The mystic exclamation or formula uttered while offering ghee to the Gods through fire. [ଦ୍ର—ସ୍ୱାହା, ବୌଷଟ୍, ବୌଷଟ୍, ବଷଟ୍ ଓ ସ୍ୱଧା, ଏମାନେ ପଞ୍ଚ ଗୋଟି ଶବ୍ଦ ସ୍ଥାନବିଶେଷରେ ବ୍ୟବହୃତ ହୁଏ । ଏହାର ଅର୍ଥ- "ହେ ଦେବ ! ଏହା ଆପଣ ଗ୍ରହଣ ବା ଆସ୍ୱାଦନ କରି" । ଏହି ଶବ୍ଦମାନଙ୍କ ଯୋଗରେ ସଂସ୍କୃତରେ ଅର୍ଥୀ ବଦଳି ହୁଏ ।] ୨ । ପିତୃଙ୍କୁ ପିଣ୍ଡ ଓ ଉଦକଜଳ ଦେବା ସମୟରେ ଉଚ୍ଚାରିତ ମନ୍ତ୍ର—2. Formula or exclamation uttered while giving oblations to the manes of one's ancestors. ବ.୧। (ସ୍ତ୍ରୀ) ଶ୍ରାଦ୍ଧର ଅଧିଷ୍ଠାତୀ ଦେବୀ;ମାତୃକା ଦେବୀଙ୍କଶ୍ରେଷ୍ଠ ପିତୃଲୋକଙ୍କ ପତ୍ନୀ—1. The Goddess presiding over Srāddha. [ଦ୍ର—ଏ ବ୍ରହ୍ମାଙ୍କ ମାନସୀ କନ୍ୟା; ଏ ସୁସ୍ଥିରଯୌବନା, ଶ୍ୱେତଚମ୍ପକବର୍ଣ୍ଣୀ, ଗୁଣବତ୍ତା, ବିଦ୍ୟାବତ୍ତା ଓ ରୂପବତ୍ତା । ଏହାଙ୍କ ନାମ ଉଚ୍ଚାରଣ କଲେ ପିତୃଲୋକେ ପିଣ୍ଡ ପାଆନ୍ତି । ଏହାଙ୍କୁ ପ୍ରଥମେ ଅର୍ଚ୍ଚନା ନ କରି ଶ୍ରାଦ୍ଧ କଲେ ଉକ୍ତ ପିଣ୍ଡରୁ ପିତୃଲୋକେ ପାଆନ୍ତି ନାହିଁ । ଏହାଙ୍କର ପୂଜା ମନ୍ତ୍ର—"ଓଁ ହ୍ରୀଂ ଶ୍ରୀଂ କ୍ଲୀଂ ସ୍ୱଧା ଦେବ୍ୟୈ ସ୍ୱାହା"—ବ୍ରହ୍ମବୈବର୍ତ୍ତ ପୁରାଣ, ପ୍ରକୃତିଖଣ୍ଡ ।] ୨ । ପିତୃଲୋକଙ୍କୁ ପ୍ରଦତ୍ତ ଅନ୍ନ ବା ପିଣ୍ଡ (ଋଗ୍ବେଦ· ଦେବୀ ସୂକ୍ତ)—2. Funeral cake offered to the manes of one's ancestors. ୩ । ଅଗ୍ନି ପତ୍ନୀ—3. The wife of the Firegod. ୪ । ଗୌରୀଦି ଷୋଡ଼ଶ ମାତୃକାଦେବି (ବାସ୍ତୁକୋଶ)—4. One of the 16 Mātṛukā Deities. [ଦ୍ର—ନାନ୍ଦୀମୁଖ ଶ୍ରାଦ୍ଧରେ ବା ଷଷ୍ଠୀ ଦେବୀଙ୍କ ପୂଜାରେ ଏହାଙ୍କର ପୂଜା କରିଯାଏ । ଏ ଦେବୀ ସର୍ବଦା ସମସ୍ତଙ୍କର ମଙ୍ଗଳ କାମନା କରନ୍ତି । ଶ୍ରୀମଦ୍ ଭାଗବତମତରେ ଏ ଦକ୍ଷ କନ୍ୟା । ଏହାଙ୍କର ଦୁଇଟି କନ୍ୟା—ଯମୁନା ଓ ଧାରଣୀ । ଏ ଦୁଇ କନ୍ୟା ଚତୁର୍ଦ୍ଦିଗ ଦୋଇ ଚତୁର୍ଦ୍ଦଶୀରେ ଚାଲାଚାଲି କରନ୍ତି । ଏମାନେ ସନ୍ତାନହୀନା ।]

ସ୍ୱଧାକର—ସଂ. ବିଣ. ପୁଂ—ଶ୍ରାଦ୍ଧ କରିବାର ଅଧିକାରୀ (ବ୍ୟକ୍ତି) Swadhākara (ମନୁ ୩।୧୨୬)—(a person) Entitled to perform Srāddha.

ସ୍ୱଧାକାର—ସଂ. ବ—(ସ୍ୱଧା+କୃ. ଧାତୁ+ଘଞ୍ ଅ)—ଶ୍ରାଦ୍ଧାଦିରେ Swadhākāra ସ୍ୱଧାଶବ୍ଦର ଉଚ୍ଚାରଣ (ମନୁ ୩।୨୫୨)—The utterance of the word Swadhā in Srāddha.

Digitized by srujanika@gmail.com

ସ୍ୱଧାଧିପ—ସଂ. ବ (୬ଷ୍ଠୀ ତତ୍)—ଅଗ୍ନି (ବଶବକୋଷ)—Fire. Swadhādhipa

ସ୍ୱଧା ପ୍ରିୟ—ସଂ, ବ·—୧ । ଅଗ୍ନି (ଶବ୍ଦ ରତ୍ନାବଳୀ)—1. Fire. Swadhā priya ୨ । କୃଷ୍ଣତିଳ (ଶବ୍ଦ ରତ୍ନାବଳୀ)—2. The black sessamum seed.

ସ୍ୱଧା ଭୁକ୍ (ଭୋଜୀ)—ସଂ ତ·—(ସ୍ୱଧା+ଭୁଜ୍ ଧାତୁ+କ୍ୱିପ୍ ପ୍ରତ୍ୟୟ) Swadhā bhuk (bhoji) ସ୍ୱଧାଭୁଜ୍ ୧ମା. ୧ବ), ଏମାନେ (ସ୍ୱଧାଶନ—ଅନ୍ୟରୂପ) 'ସ୍ୱଧା' ମନ୍ତ୍ର ଦ୍ୱାରା ଭୋଜନ କରୁଥିବାରୁ)—୧ । ଦିବଂଗତ ପୂର୍ବପୁରୁଷ—1. The deified deceased ancestors. ୨ । ଦେବତା—2. The gods.

ସ୍ୱଧିତି(ତୀ)—ସଂ. ବ.—(ସ୍ୱଦ୍ ଧାତୁ=ଛେଦନ କରିବା+କରଣ ଇ; Swadhiti (tī) ଦ=ଧ)—୧ । କୁଠାର (ଅମର)—1. Axe. ୨ । ପରଶୁ—2. Battle-axe.

ସ୍ୱଧିତି ହେତିକ—ସଂ. ବ.—ପରଶୁଧାରୀ ଯୋଦ୍ଧା (ଶବ୍ଦକଳ୍ପଦ୍ରୁମ)—Swadhiti hetika A warrior armed with battle-axe.

ସ୍ୱଧିଷ୍ଠିତ—ସଂ· ବଣ.—(ସ୍ୱ+ଅଧିଷ୍ଠିତ)—୧ । ଉତ୍ତମରୂପେ ଅବସ୍ଥିତ—Swadhishṭhita 1. Well situated. ୨ । ଗଜସ୍କନ୍ଧ-(ସ୍ୱଧିଷ୍ଠାନ—ବ) ପୃଷ୍ଠରେ ଆସନ ଜମାଇ ବସିଥିବା (ବଶବକୋଷ)—2. Comfortably seated on an elephant or horse.

ସ୍ୱଧୀତ—ସଂ. ବ—(ସ୍ୱ+ଅଧୀତ)—ସ୍ୱାଧ୍ୟାୟ; ବେଦାଦି ପାଠ (ବଶବ-Swadhīta କୋଷ)—Study of the Bedas—ସଂ· ବଣ, —ଉତ୍ତମରୂପେ ପଠିତ—Well studied.

ସ୍ୱଧୀତି (ତି)—ସ. ବଣ (ବତ୍ପତ୍ତ୍ୟର୍ଥ; ସୁ+ଅଧୀତି, ସ୍ୱଧୀତି+ଅଚ୍ ଅର୍ଥରେ Swadhīti (tī) ଇନ୍; ୯ମା. ୧ବ)—ସ୍ୱାଧ୍ୟାୟ ଯୁକ୍ତ; ବେଦପାଠ-ନରତ (ବଶବକୋଷ)—Studious of the Bedas.

ସ୍ୱନ୍ (ଧାତୁ)—ସ·—୧ । ଶବ୍ଦ କରିବା—1. To make a sound. Swan (root) ୨ । ଭୂଷଣ କରିବା—2. To adorn.

ସ୍ୱନ—ସଂ· ବ.—(ସ୍ୱନ୍ ଧାତୁ+ଭାବ· ଅ)—୧ । ଶବ୍ଦ; ଧ୍ୱନି—1. Swana Sound. ୨ । ପ୍ରାଣୀମାନଙ୍କର ମୁଖ୍ୟାଦି କୃତ ଶବ୍ଦ—(ସ୍ୱନତ—ବଣ) 2. Voice; sound made by animals.

ସ୍ୱ ନକ୍ଷତ୍ର—ସ.ବ.—୧ । (ଜ୍ୟୋତିଷ) ନିଜର ଜନ୍ମ ନକ୍ଷତ୍ର—1. (Astrology) The asterism in which a person is born. ୨ । ନିଜର ବାର୍ଷିକ ଜନ୍ମଦିନ—2. Birthday (annual). [ଦ୍ର—ଦୁଇ ପ୍ରାଣଙ୍କ ମଧ୍ୟରେ ଯୁଦ୍ଧ ଜାତ ବ୍ୟକ୍ତି ନବ ବସ୍ତ୍ର ପରିଧାନ କରନ୍ତୁ ଓ ଷଷ୍ଠୀ ଦେବୀଙ୍କୁ ପିଷ୍ଟକାଦି ନୈବେଦ୍ୟ ଦିଅନ୍ତୁ ।]

ସ୍ୱନ ଚକ୍ର—ସ. ବ—ରତିବନ୍ଧ ବିଶେଷ—Name of a pose in Swana chakra coition. [ଦ୍ର—ଦକ୍ଷିଣ ବାହୁଂ ଉଥା ଉତ୍ତଂ ଗାଦତୋଽପି ଶିରଃ ସ୍ଥିତଃ, ଗୂଢ଼ଂ ତ କାମସ୍ୟେତ୍ ବାମୀ 'ସ୍ୱନଚକ୍ର'ଃ ପ୍ରକୀର୍ତ୍ତିତଃ—ରତିମଞ୍ଜରୀ ।]

ସ୍ୱନନ୍ଦା—ସଂ. ବ—ଦୁର୍ଗା (ହ. ଶ)—Swanandā Durgā.

ସ୍ୱ ନାମ—ସଂ. ବ.—ନିଜର ନାମ—Swa nāma One's own name.

ସ୍ୱନାମ ଖ୍ୟାତ—ସଂ. ବଣ. ପୁଂ.—(ଷଷ୍ଠୀ ତତ୍)—ନିଜର ନାମଦ୍ୱାରା Swanāma khyāta ସର୍ବତ୍ର ପ୍ରସିଦ୍ଧ ବା ପରିଚିତ—Known (ସ୍ୱନାମ ଖ୍ୟାତା—ସ୍ତ୍ରୀ) by one's own name; (a person) celebrated by his own actions. [ଦ୍ର—ଯେଉଁ ବ୍ୟକ୍ତି ନିଜର ବିଶିଷ୍ଟ କାର୍ଯ୍ୟଦ୍ୱାରା ବିଖ୍ୟାତ ଓ ସାଧାରଣଙ୍କୁ ଚିହ୍ନାଇବା ପାଇଁ ତାଙ୍କ ପିତାଙ୍କ ନାମ କହିବାକୁ ହୁଏ ନାହିଁ, ସେହିପରି ବ୍ୟକ୍ତିଙ୍କ ପକ୍ଷରେ ଏହି ବିଶେଷଣ ପ୍ରଯୁଜ୍ୟ ହୁଏ ।]

ସ୍ୱନାମ ଧନ୍ୟ—ସଂ. ବଣ. ପୁଂ.—(ଷଷ୍ଠୀ ତତ୍)—ନିଜର ନାମଦ୍ୱାରା Swanāma dhanya ପ୍ରଶଂସିତ; ନିଜ ନାମରେ ପରିଚିତ ବିଖ୍ୟାତ ବ୍ୟକ୍ତି (ସ୍ୱନାମଧନ୍ୟା—ସ୍ତ୍ରୀ) ଯେଉଁ ଯେ ନିଜ ନାମଦ୍ୱାରା ସର୍ବତ୍ର ଧନ୍ୟ ବା ପ୍ରଶଂସିତ ହୁଅନ୍ତି—(a person) Who in extolled by virtue of his own actions.

ସ୍ୱନାମ ମିତ୍ର—ସ. ବ.—ମୈତ୍ର; ମିତ; ନିଜ ନାମର ସୌସାଦୃଶ୍ୟ ଯୋଗୁଁ Swanāma mitra ଯେଉଁ ବ୍ୟକ୍ତିଙ୍କ ସଙ୍ଗେ ମିତ୍ରତା ସ୍ଥାପିତ ହୁଏ – A friend whose name tallies with another's name; one's namesake.

ସ୍ୱନାମା—ସ. ବଣ. ପୁଂ. (ସ୍ୱ+ନାମନ୍ ଅଚ୍ ପ୍ରାଦାରି: କପ୍ତ୍ୱାତ୍ୱ; ୧ମା. Swanāmā ଏବ.)—ସ୍ୱନାମଧନ୍ୟ (ଦେଖ)—Swanāma-dhanya (See). [ଦ୍ର—ସ୍ୱନାମା ପୁରୁଷୋ ଧନ୍ୟଃ । —ଶ୍ଲୋକାଂଶ]

ସ୍ୱନାମୀ—ଦେ· ବଣ. (କରଣ୍ୟ) (ସ. ସ୍ୱ+ନାମନ୍ଯ)—୧ । ନିଜର Swanāmī ନାମରେ କ୍ରୀତ ହୋଇଥିବା (ସମ୍ପତ୍ତି)—(ସ୍ୱନାମୀୟ, ସ୍ୱନାମିତ—ଅନ୍ୟରୂପ) 1. (Property) Purchaced (ବେନାମୀ—ବିପରୀତ) openly in one's own name ସ୍ୱନାମୀ ବେନାମୀ (and not 'benāmee' in the name of another). ୨ । ନିଜର ନାମରେ ବା ନିଜର ସ୍ୱାକ୍ଷରରେ ପ୍ରକାଶିତ (ପତ୍ରାଦି)—2. (letters) Published with the writer's name attached thereto.

ସ୍ୱନି—ସଂ. ବ. (ସ୍ୱନ୍ ଧାତୁ+ଭାବ. ଇ)—୧ । ସ୍ୱନ; ଧ୍ୱନି—Swani 1. Sound. ୨ । (+ତତ୍ତୁ. ଇ)—ଅଗ୍ନି (ହ.ଶ)—Fire.

ସ୍ୱନିତ—ସଂ. ବଣ. (ସ୍ୱନ୍ ଧାତୁ+କର୍ମ. ତ) ୧ । ଧ୍ୱନିତ (ଅମର)—Swanita 1. Sounded. ୨ । (+ତତ୍ତୁ. ତ)ଗର୍ଜିତ—2. Roaring. ସଂ. ବ·—୧। (+ଭାବତ) ମେଘ ଗର୍ଜନ (ଦେଖନତ)—2. Roar of thunder; thunder clap.

ସ୍ୱନିତାହ୍ୱୟ—ସଂ· ବ.—ତଣ୍ଡୁଳୀୟ (ପ୍ରଜଜର୍ଘଙ୍ଘ); ଲେଟ୍ୟୁସିଅ ଶାଗ—Swanitāhwaya A pot herb; amaranth.

Digitized by srujanika@gmail.com

ସ୍ୱନିବା—ଦେ. କ୍ରି, (ସଦ୍ୟ) (ସଂ. ସ୍ୱନ୍ ଧାତୁ)—ସ୍ୱନ କରିବା—
Swanibā To make a sound. [ଉ—ସ୍ୱନିଲେ ସ୍ୱନା,ସ୍ୱନିତହୋଇ ଶବ୍ଦକରିବା ପବନ ଯେପ୍ତେ ଜଣାଥିବା କରୁଣସ୍ୱର । —ସ୍ୱଧାନାଥ,ଉଷା] [ଦ୍ର—ଏହି ଶବ୍ଦ ବଙ୍ଗୀୟ କବି ମାଇକେଲ୍ ମଧୁସୂଦନଙ୍କ ରଚନା ଅନୁକରଣରେ ବ୍ୟବହୃତ ଏବଂ ଅଧୁନିକ ଓଡିଆ କବିମାନଙ୍କ ରଚନାରେ ବ୍ୟବହୃତ ହେବା ଦେଖାଯାଏ ।]

ସ୍ୱନୋତ୍ସାହ—ସଂ. ବ. (ବହୁବ୍ରୀ ସ୍ୱନ=ଶବ୍ଦରେ ଉତ୍ସାହ ଯାହାର)—
Swanotsāha ଗଣ୍ଡକ; ଗଣ୍ଡା (ଜନ୍ତୁ) (ଶବ୍ଦ ଉତ୍ସାହୀ)—Rhinocerus.

ସ୍ୱନ୍ତ—ସଂ. ବିଣ. ତ୍ରି. (ବହୁବ୍ରୀ ସୁ ଦୋଇଅଛ ଅନ୍ତ=ପରିଣାମ ଯାହାର)—
Swanta ଶୁଭୋଦର୍କ; ଯାହାର ପରିଣାମ ଭଲ—Having good result; blessed with good result.
(ସ୍ୱନ୍ତା—ସ୍ତ୍ରୀ)

ସ୍ୱପ୍ (ଧାତୁ)—ସଂ.—ଶୋଇବା—To sleep.
Swap (root)

ସ୍ୱ ପକ୍ଷ—ସଂ. ବ. ପୁଂ (ଷଷ୍ଠୀ ତତ୍ପୁ)—୧ । ନିଜର ଦଳ—1. One's party. ୨ । ନିଜର ପାଖ—2. One's side. ସଂ. ବିଣ—ନିଜ ପକ୍ଷୀୟ—Belonging to one's party.
Swa paksha
(ସ୍ୱପକ୍ଷ, ସପକ୍ଷ—ବହୁବ୍ରୀ)
(ସ୍ୱପକ୍ଷୀୟା—ସ୍ତ୍ରୀ—ବିଣ)

ସ୍ୱପକ୍ଷ ସମର୍ଥନ—ସଂ.ବ. (ଷଷ୍ଠୀ ତତ୍)—ନିଜର ପକ୍ଷର ଅନୁମୋଦନ—Supporting one's party.
Swapaksha samarthana
(ସ୍ୱପକ୍ଷସମର୍ଥକ—ବିଣ. ପୁଂ)

ସ୍ୱପକ୍ଷୀୟ—ସଂ. ବିଣ. ପୁ.—(ସ୍ୱପକ୍ଷ+ସମ୍ବାର୍ଥେ ଈୟ)—୧ । ନିଜର ଦଳ ସମ୍ବନ୍ଧୀୟ—1. Relating to one's party. ୨। ନିଜର ଦଳଭୁକ୍ତ—2. Belonging to one's party.
Swa pakshiya
(ସ୍ୱପକ୍ଷୀୟା—ସ୍ତ୍ରୀ)
(ବହୁପକ୍ଷୀୟ—ବହୁପକ୍ଷତ)

ସ୍ୱ ପତି—ସଂ. ବ. (ଷଷ୍ଠୀ ତତ୍)—୧ । ନିଜର ସ୍ୱାମୀ—1; One's husband. ୨। ସମ୍ପତ୍ତିର ସ୍ୱାମୀ—2. Owner of a property.
Swa pati

ସ୍ୱ ପତ୍ନୀ—ସଂ. ବ. ସ୍ତ୍ରୀ—ନିଜର ବିବାହିତା ସ୍ତ୍ରୀ—One's married wife.
Swa patnī

ସ୍ୱପନ—ସଂ. ବ.—(ସ୍ୱପ୍ ଧାତୁ+ଭାବ ଅନ)—୧ । ନିଦ୍ରା—1. Sleep. ୨ । ସ୍ୱପ୍ନ—2. Dream. [ଉ—କାହିଁ ସେହ କାହିଁ ମୁହିଁ ଅଭାଜନ । ଦେଖୁଥିଲ ସିନା ଜାଗତ ସ୍ୱପନ—ସ୍ୱଧାନାଥ, ଚଇକା] ୩ । ସୁନ୍ଦୁସ୍ୱନଆ ଶାଗ (ଦରେକୃଷ୍ଣ ଦ୍ରବ୍ୟଗୁଣ)—3. Marsila Quadrifolia (pot-herb).
Swapana

ସ୍ୱପନ କଥା—ଦେ. ବ—ସ୍ୱପ୍ନଦୃଷ୍ଟ ବିଷୟ—A matter seen in dream.
Swapana kathā
ସ୍ୱପ୍ନ କଥା ସ୍ୱପ୍ନକୀ ବାନ

ସ୍ୱପନ ସୁନ୍ଦରୀ—ଦେ. ବ. ସ୍ତ୍ରୀ—୧ । ସ୍ୱପ୍ନାବତୀ (ଦେଶ)—1. Swapnābatī (See) (ଉ—ସ୍ୱପନସୃଜନ୍ତା ଇସ୍ତ୍ରୀ ଆଗେ କଢେ ଯେଣୁ—ପ୍ରାଚୀ. ଶାଗୁରୁଉତ୍କଳୀତା ।) ୨ । ସ୍ୱପ୍ନରେ ମନୁଷ୍ୟକୁ ଦେଖା ଦେଇ ସ୍ୱପ୍ନଦୋଷାଦି ଘଟାଇବା ସ୍ତ୍ରୀମୂର୍ତ୍ତି—2. The form of a charming female appearing in dreams and causing nocturnal emissions
Swapana sundarī
ସ୍ୱପ୍ନସୁନ୍ଦରୀ स्वप्नसुन्दरी

ସ୍ୱପନା—ଦେ. ବ. ସ୍ତ୍ରୀ—ସ୍ୱପ୍ନାବତୀ (ଦେଶ)—
Swapanā Swapnābatī (See)

ସ୍ୱପନା(ନେ)ଇବା—ଦେ. କ୍ରି—ସ୍ୱପ୍ନାଇବା (ଦେଶ)—
Swapanā(ne)ibā Swapnāibā (See).

ସ୍ୱପନାବତୀ—ଦେ. ବ. ସ୍ତ୍ରୀ—ସ୍ୱପ୍ନାବତୀ (ଦେଶ)—
Swapanābatī Swapnābatī (See).

ସ୍ୱପନୀୟ—ସଂ.ବିଣ (ସ୍ୱପ ଧାତୁ+କର୍ମ ଅନୀୟ)—ନିଦ୍ରାର ଯୋଗ୍ୟ [ହି.ଶ]
Swapanīya Fit to sleep.
(ସ୍ୱପ୍ତବ୍ୟ—ଅନ୍ୟରୂପ)

ସ୍ୱପ୍ନ- ସଂ. ବ (ସ୍ୱପ୍ ଧାତୁ+ଭାବ ନ)—୧ । ନିଦ୍ରା—
Swapna 1. Sleep. ୨ । ନିଦ୍ରାବସ୍ଥାରେ ଦୃଷ୍ଟାନୁଭବ—2. Dream. ୩ । [ଲକ୍ଷଣାର୍ଥ] ବୃଥା କଳ୍ପନା ବା ଆଶା—3. Day dream. [ଉ—ସ୍ୱପ୍ନାରମ୍ଭା ଭୁଜା ସ୍ୱପ୍ନ ।] ବିଣ.ଦେ. ବ—ନିଦ୍ରାବସ୍ଥାରେ ମନୁଷ୍ୟଙ୍କୁ ଦେବତାଙ୍କ ଆଦେଶ ପ୍ରାପ୍ତି—Revelation of Divine will to a person in dream. ୧ସ୍ୱପ୍ନଦୃଷ୍ଟ ବସ୍ତୁ ପରି ଅପ୍ରାପ୍ୟ; ଅଲଭ୍ୟ—1. Unavailable (like the things seen in a dream). [ଉ—ଦେଖିବାକୁ ସ୍ୱପ୍ନ ଅଟଇ ମାତ୍ର କାଲ—କୃଷ୍ଣସିଂହ. ମଙ୍ଗାଭାରତ ବନ ।] ୨ । ଅନୁପସ୍ଥିତ—2. Absent. (ଉ—ଏ ବନରେ ମନୁଷ୍ୟ ସବୁଠିଁ ସ୍ୱପନ-କୃଷ୍ଣସିଂହ ମହାଭାରତ. ବନ ।)
Swapna

ସ୍ୱପ୍ନକ୍—ସଂ. ବିଣ (ସ୍ୱପ୍ ଧାତୁ+କର୍ତ୍ତୃ ଅକ; ସ୍ୱପ୍ନଜ୍ ୧ମା. ୧ବ)—
Swapnak ନିଦ୍ରୁକ; ନିଦ୍ରାଶୀଳ; ଶୟନଶୀଳ—Given to sleep; sleepy.

ସ୍ୱପ୍ନ କାରକ—ସଂ. ବିଣ—୧ । ନିଦ୍ରାକାରକ—1. Soporific.
Swapna kāraka ୨ । ଯାହା ସ୍ୱପ୍ନ ଘଟାଏ—2. Causing dreams.

ସ୍ୱପ୍ନକୃତ୍—ସଂ. ବିଣ [ସ୍ୱପ୍ନ+କୃ ଧାତୁ+କର୍ତ୍ତୃ କ୍ୱିପ୍)—ସ୍ୱପ୍ନକାରକ (ଦେଶ)—Swapna kāraka (See). ସଂ. ବ—ସୁନ୍ଦୁସ୍ୱନଆ ଶାଗ—Marsila Quadrifolia (pot herb).
Swapna kṛut

ସ୍ୱପ୍ନ ଗୃହ—ସଂ. ବ [ସ. ତ. ଲୁକ୍]—ଶୋଇବା ଘର—Sleeping room; bed room.
Swapna gṛuha

ସ୍ୱପ୍ନ ଜାଲ—ସଂ. ବ (ରୂପକ)—ଜଟିଳ ବା ଅବୋଧ ସ୍ୱପ୍ନ—Knotty or incomprehensible dream.
Swapna jāla

ସ୍ୱପ୍ନ ଜାଲ—ସଂ. ବ [ଷଷ୍ଠୀ ତତ୍]—ସ୍ୱପ୍ନସମୂହ—A variety of dreams.
Swapna jāla

Digitized by srujanika@gmail.com

ସ୍ୱପ୍ନ ତତ୍ତ୍ୱ—ସଂ. ବ [୬ଷ୍ଠୀ ତତ୍ପୁ ବା ମ. ଯ. ସ୍ଲେ]—ସ୍ୱପ୍ନବିଷୟକ ରହସ୍ୟର ଜ୍ଞାପକ—The key to dreams.
Swapna tattwa

ସ୍ୱପ୍ନ ଦର୍ଶନ—ସଂ, ବ—୧ । ସ୍ୱପ୍ନ ଦେଖିବା—1. Dreaming, ୨ । ସ୍ୱପ୍ନରେ କୌଣସି ବ୍ୟକ୍ତିର ଦେଖା ଦେବା—2. Vision during a dream.
Swapna darśana

ସ୍ୱପ୍ନଦର୍ଶୀ—ସଂ ଣ.ପୁଂ (ସ୍ୱପ୍ନଦର୍ଶିନ୍, ୧ମା.୧ବ)—ଯେ ସ୍ୱପ୍ନ ଦେଖେ—Dreaming.
Swapna darśī
(ସ୍ୱପ୍ନଦର୍ଶିନୀ—ସ୍ତ୍ରୀ)

ସ୍ୱପ୍ନ ଦୃଷ୍ଟ—ଦଂ. ବଣ (୭ମୀ ତତ୍)—ସ୍ୱପ୍ନରେ ପ୍ରତ୍ୟକ୍ଷୀକୃତ—Seen in dream; dreamt of.
Swapna dṛushṭa

ସ୍ୱପ୍ନ ଦେଖା(ଖେ)ଇବା—ଦେ. କ୍ରି [ସଂ. ସ୍ୱପ୍ନ]—ସ୍ୱପ୍ନାଇବା (ଦେଖ)—Swapna dekhā[khe]ibā Swapnāibā (See)
स्वप्न देखाना स्वपनाना, स्वप्न दिखाना

ସ୍ୱପ୍ନ ଦେଖିବା—ଦେ. କ୍ରି—୧ । ଜାଗ୍ରାବସ୍ଥାରେ କେତେକ ବିଷୟ ପ୍ରତ୍ୟକ୍ଷ କରିବା—1. To dream. ୨ । ବୃଥା ସ୍ୱପ୍ନ ଦେଖା କଳ୍ପନା କରିବା—2. To build castles in the air. ୩ । ସତ୍ୟ ଘଟଣାକୁ ସ୍ୱପ୍ନ ଦେଖିଲା ପରି ବୋଧ କରି ସହଜରେ ବିଶ୍ୱାସ ନ କରିବା—3. Not to believe a real thing, thinking it to be a dream.
Swapna dekhibā
स्वप्न देखना

ସ୍ୱପ୍ନ ଦେବୀ—ସ. ବ.—୧ । ଦେବରୂପେ କଳ୍ପିତ ସ୍ୱପ୍ନ (ଭୁଲ, ନିଦ୍ରା-ଦେବୀ)—1. Dream personified as a Deity. ୨ । ସ୍ୱପ୍ନ ବତି ଦେଖ)—2, Swapnabati (See)
Swapna debī

ସ୍ୱପ୍ନ ଦୋଷ—ସଂ. ବ. (୬ଷ୍ଠୀ ତତ୍)—୧ । ସ୍ୱପ୍ନରେ ଉତ୍କଟ ବିଷୟ ଦେଖିବା; ଦୁଃସ୍ୱପ୍ନ—1. Frightful dream; nightmare. ୨ । ସ୍ୱପ୍ନରେ ଦୃଷ୍ଟ କାମୋଦ୍ଦୀପକ ଦୃଶ୍ୟର ବା ସ୍ତ୍ରୀସଙ୍ଗର ଫଳରେ ରେତଃସ୍ଖଳନ—2, Wet dream; nocturnal emission of semen.
Swapna dosha

ସ୍ୱପ୍ନ ନିକେତନ (ସ୍ଥାନ)—ସ. ବ—ଶୋଇବା କୋଠରି; ଶଯ୍ୟାଗାର Swapna niketana (sthāna) (ପୃ. ଶ)—Bedroom.

ସ୍ୱପ୍ନ ପ୍ରାପ୍ତ—ସ. ବଣ.—ସ୍ୱପ୍ନ ଲବ୍ଧ (ଦେଖ)—Swapna labdha (See)
Swapna prāpta

ସ୍ୱପ୍ନ ଫଳ—ସ. ବ.—(୬ଷ୍ଠୀ ତତ୍)—ସ୍ୱପ୍ନାଦ୍ୟାସ୍ୟ ଇତ୍ୟାଦି ଗ୍ରନ୍ଥରଚିତ ବିଭିନ୍ନ ସ୍ୱପ୍ନର ବିଭିନ୍ନ ଫଳମାନ—Results of different dreams as elucidated by seers.
Swapna phala

ସ୍ୱପ୍ନବତ୍—ସ. ଅ.—ସ୍ୱପ୍ନ ପରି—Like dream. ସ. ବଣ.—୧ । ଅବାସ୍ତବ—1. Unreal. ୨ । ଅସାର—2. Unsubstantial.
Swapna bat

ସ୍ୱପ୍ନ ବିଚାର—ସ, ବ.—ସ୍ୱପ୍ନର ଶୁଭାଶୁଭ ଫଳର ଅନ୍ୱେଷଣ।—Ascertainment or discussion about the good or bad result of a dream.
Swapna bichāra

ସ୍ୱପ୍ନ ବିଚାରି—ସ.ବିଣ.ପୁଂ—ଶୁଭାଶୁଭ ସ୍ୱପ୍ନର ବ୍ୟାଖ୍ୟାକାରୀ—Expounding the results of dreams.
Swapna bichārī

ସ୍ୱପ୍ନବିତ୍—ସ. ବିଣ. (ସ୍ୱପ୍ନ+ବିଦ୍ ଧାତୁ+କର୍ତ୍ତୃ କ୍ୱିପ୍; ସ୍ୱପ୍ନବିତ୍ ଶବ୍ଦ, ୧ମା. ୧ବ)—ସ୍ୱପ୍ନର ଫଳାଫଳ ଜାଣିଥିବା (ସ୍ୱପ୍ନବିତ୍[ତ୍ଦ]—ତତ୍. ରୂପ) କରିବା ବିଷୟରେ ଅଭିଜ୍ଞ—Well-versed in understanding results of the dreams. [ତୁ—ଫଳ ଜଜ୍ଞାସିଲେ କୃଷ୍ଣ ସ୍ୱପ୍ନବିତ ବୁଝେ ଭଲାଇ।—ରଘାନାଥ, ଛଷା]
Swapna bit

ସ୍ୱପ୍ନ ବିବରଣ (ବୃତ୍ତାନ୍ତ)—ସ• ବ—ସ୍ୱପ୍ନରେ ଦେଖା ଯାଇଥିବା ବିଷୟର ବର୍ଣ୍ଣନା—Description of what was seen in a dream.
Swapna bibaraṇa (bruttānta)

ସ୍ୱପ୍ନମୂଳକ—ସ. ବିଣ—(ବହୁବ୍ରୀ)—୧। ସ୍ୱପ୍ନରେ ଦେଖାଯାଇଥିବା—1. Seen in a dream. ୨ । କାଳ୍ପନିକ—2. Imaginary. ୩ । ସ୍ୱପ୍ନ ଉପରେ ପ୍ରତିଷ୍ଠିତ—3. Based on dream.
Swapna mūlaka

ସ୍ୱପ୍ନରେ ସୁଦ୍ଧା ବିଚାର (ଭାବ) ନ ଥିବା—ଦେ. କ୍ରି.—କଳ୍ପନାରେ ସ୍ମରା Swapnare suddhā bichari(bhābi)na thibā ବିଚାର ସ୍ୱପ୍ନେ ନା ଭାବା କର ନ ଥିବା—Not to have dreamt of it for a moment. (said of any impossible or impracticable matter.
स्वप्नमे भी न विचारना

ସ୍ୱପ୍ନ ଲବ୍ଧ—ସଂ. ବିଣ. (ଷଷ୍ଠୀ ତତ୍)—ଦୈବାନୁଗ୍ରହରେ ସ୍ୱପ୍ନାବସ୍ଥାରେ ପ୍ରାପ୍ତ—(Information) Obtained during dream through Divine Grace.
Swapna labdha

ସ୍ୱପ୍ନ ସୁନ୍ଦରୀ - ଦେ. ବ. ସ୍ତ୍ରୀ—ସ୍ୱପ୍ନାବତୀ (ଦେଖ)—Swapnābatī (See)
Swapna sundarī

ସ୍ୱପ୍ନ ହେବା—ଦେ. କ୍ରି—ନ ମିଳିବା; ଦୁଷ୍ପ୍ରାପ୍ୟ ହେବା—Not to be had; unavailable.
स्वप्न होना

ସ୍ୱପ୍ନା(ପ୍ନେ)ଇବା—ଦେ. କ୍ରି—୧ । ସ୍ୱପନାଇବା; (ଦେବତା) ନିଦ୍ରିତ ବ୍ୟକ୍ତିକୁ ସ୍ୱପ୍ନରେ ଦେଖା ଦେବା—ସ୍ୱପ୍ନ ଦେଖାଇବା
Swapnā(pne)ibā
स्वप्न दिखाना

ସ୍ୱପ୍ନାଦେଶ—ସ. ବ.—ସ୍ୱପ୍ନରେ ଦେବତାଙ୍କ ଆଦେଶ—Command received in a dream.
Swapnādeśa

ସ୍ୱପ୍ନାବତୀ—ସ୍ତ୍ରୀ. ବ.—ସ୍ୱପ୍ନରେ ଦେଖାଯାଇଥିବା ଅପୂର୍ବ ସୁନ୍ଦରୀ ନାରୀ—A beautiful woman seen in a dream.
Swapnābatī

ସ୍ୱପ୍ନାଭିଳାଷ—ସଂ. ବ. (୬ଷ୍ଠୀ ତତ୍)—ସ୍ୱପ୍ନରେ ଦେଖିବାର ଇଚ୍ଛା—Desire to see in a dream.
Swapnābhilāṣa

ସ୍ୱପ୍ନାଲୁ—ବିଣ. ବି—ଅଧିକ ସ୍ୱପ୍ନ ଦେଖୁଥିବା—Dreamy.
Swapnālu

ସ୍ୱପ୍ନାସକ୍ତ—ସଂ. ବିଣ. ବି—ସ୍ୱପ୍ନ ଦେଖିବାରେ ଅତ୍ୟଧିକ ଆସକ୍ତ—Dreamy.
Swapnāsakta

ସ୍ୱପ୍ନାସକ୍ତି—ସଂ. ବ. (୬ଷ୍ଠୀ ତତ୍)—ସ୍ୱପ୍ନ ଦେଖିବାରେ ଅତ୍ୟଧିକ ଆସକ୍ତି—Dreamy habit.
Swapnāsakti

ସ୍ୱପ୍ନାସ୍ପଦ—ସଂ. ବିଣ. ବି—ସ୍ୱପ୍ନ ଦେଖିବାର ଅଭ୍ୟାସ ଥିବା—Dreamy.
Swapnāspada

ସ୍ୱପ୍ନାଳୁ—ବିଣ. ବି—ସ୍ୱପ୍ନାଲୁ ଦେଖ—Dreamy.
Swapnāḷu

ସ୍ୱପ୍ନିଳ—ବିଣ. ବି—ସ୍ୱପ୍ନାଲୁ ଦେଖ—Dreamy.
Swapnila

ସ୍ୱପ୍ନୀ—ବିଣ. ବି—ସ୍ୱପ୍ନାଲୁ ଦେଖ—Dreamy.
Swapnī

ସ୍ୱପ୍ନେଶ୍ୱର—ସଂ. ପୁ. ବ. (୬ଷ୍ଠୀ ତତ୍)—ସ୍ୱପ୍ନର ଅଧିଷ୍ଠାତା ଦେବତା—The presiding deity of dreams.
Swapneśwara

ସ୍ୱପ୍ନୋପମ—ସଂ. ବିଣ. ବି—ସ୍ୱପ୍ନ ପରି ଅସାର—Unsubstantial like dream.
Swapnopama

ସ୍ୱପ୍ନୋପମା—ସଂ. ସ୍ତ୍ରୀ. ବ. (୬ଷ୍ଠୀ ତତ୍)—ସ୍ୱପ୍ନ ପରି ଅସାରତା—Unsubstantiality like dream.
Swapnopamā

ସ୍ୱପ୍ନୋପମାନ—ସଂ. ବିଣ. ବି—ସ୍ୱପ୍ନ ପରି ଅସାର—Unsubstantial like dream.
Swapnopamāna

ସ୍ୱପ୍ନୋପମାନତା—ସଂ. ସ୍ତ୍ରୀ. ବ. (୬ଷ୍ଠୀ ତତ୍)—ସ୍ୱପ୍ନ ପରି ଅସାରତା—Unsubstantiality like dream.
Swapnopamānatā

ସ୍ୱପ୍ନୋପମେୟ—ସଂ. ବିଣ. ବି—ସ୍ୱପ୍ନ ପରି ଅସାର—Unsubstantial like dream.
Swapnopameya

ସ୍ୱପ୍ନୋପମେୟତା—ସଂ. ସ୍ତ୍ରୀ. ବ. (୬ଷ୍ଠୀ ତତ୍)—ସ୍ୱପ୍ନ ପରି ଅସାରତା—Unsubstantiality like dream.
Swapnopameyatā

Digitized by srujanika@gmail.com

ସେ ଦ୍ୱିତୀୟ ଥର କାଶୀ ଯୁବ କରବାକୁ ଯାଇ ଜୟ କରିଥିବାର କାହାଣୀ ଅଛି ।

ଅନେକ ରୋଗୀ ଅରୋଗ୍ୟ ଲାଭାର୍ଥ ଦେବତାଙ୍କ ନଜଟରେ ଅଧା ପଡ଼ନ୍ତି; ଏବଂ ଦେବତା ସନ୍ତୁଷ୍ଟ ହୋଇ ତାଙ୍କୁ ସ୍ୱପ୍ନାନ୍ତ ଓ ଆରୋଗ୍ୟର ଉପାୟମାନ କହାନ୍ତି ବା ଦୃଲୁମ ଦଅନ୍ତି ।

ଥ୍ରଓଜଫୀ ବା ବ୍ରହ୍ମଦତ୍ୟାର ମତ ଏହି ଯେ, ମନୁଷ୍ୟର ନଦ୍ରିତ ଥିବା ଅବସ୍ଥାରେ ତାର ସ୍ଥୂଳ ଶରୀର ନଦ୍ରିତ ଥାଏ, କନ୍ତୁ ସୂକ୍ଷ୍ମ ଶରୀର (astral body) ଜାଗ୍ରତ୍ ଥାଏ ଓ ସେହି ସୂକ୍ଷ୍ମ ଶରୀର ସ୍ୱପ୍ନ ଦେଖେ ।] ୩ । ମନ୍ତ୍ର ପଢ଼ାଦି ପ୍ରୟୋଗ ଦ୍ୱାରକ କୌଣସି ନଦ୍ରିତ ବ୍ୟକ୍ତିକୁ ନାନା ଭୟଙ୍କର ସ୍ୱପ୍ନ ଦେଖାଇବା—3. To cause (by the employment of charm) a person to have frightful dreams and nightmares.

ସ୍ୱପ୍ନାଟନ—ସଂ. ବ (୭ମୀ ତତ୍) —ରୋଗ ବଶେଷ; ନଦ୍ରିତ ଅବସ୍ଥାରେ Swapnāṭana ବୁଲଚୁଲ କରିବା—Somnambulism.

ସ୍ୱପ୍ନାଦେଶ—ସଂ. ବ (ସ. ଷ. ତତ୍ପୁ)—ସ୍ୱପ୍ନରେ ପ୍ରାପ୍ତ ଦେବାଦେଶ—
Swapnādeśa Divine commandment conveyed to a person in dream.

ସ୍ୱପ୍ନାଧ୍ୟାୟ—ସଂ. ବ—ପୁରାଣାଦରେ ସ୍ୱପ୍ନର ଫଳାଫଳର ବଚାର—
Swapnādhyāya A study of the good and bad results of different dreams.

[ଦ୍ର—ବ୍ରହ୍ମବୈବର୍ତ୍ତପୁରାଣ ଶ୍ରୀକୃଷ୍ଣଜନ୍ମ ଖଣ୍ଡ ସପ୍ତତିତମ (୭୦) ଅଧ୍ୟାୟରେ ସ୍ୱପ୍ନ ବଷୟ ଓ ୮୬ ଅଧ୍ୟାୟରେ ଦୁଃସ୍ୱପ୍ନ ବଷୟ ଓ ଫଳାଦ ବବୃତ ହୋଇଅଛି ଏବଂ ୩୫ ଅଧ୍ୟାୟରେ କଂସର ମୃତ୍ୟୁ ପୂର୍ବରୁ କଂସ ଦ୍ୱାରା ଦୃଷ୍ଟ ଦୁଃସ୍ୱପ୍ନ ବର୍ଣ୍ଣିତ ହୋଇଅଛି । ମତ୍ସ୍ୟ ପୁରାଣର ୨୧୭ ଅଧ୍ୟାୟରେ ଯାତ୍ରାଦ ସମ୍ପର୍କରେ ଶୁଭାଶୁଭ ସୂଚକ ସ୍ୱପ୍ନମାନ ବର୍ଣ୍ଣିତ ହୋଇଅଛି । ମହାଭାରତ, ଗ୍ରୁଡ଼ପୁରାଣ, ଦେବୀପୁରାଣ, କାଳିକା ପୁରାଣ ଆଦରେ ମଧ୍ୟ ସମ୍ପଳ ସ୍ୱପ୍ନମାନଙ୍କ ବଷୟ ବବୃତ ହୋଇଅଛି ।]

ସ୍ୱପ୍ନାବତୀ—ଦେ.ବ.ସ୍ତ୍ରୀ (ସଂ.ସ୍ୱପ୍ନବତୀ) —ସ୍ୱପ୍ନର ଅଧିଷ୍ଠାତ୍ରୀ ଦେବତା ବା ଠାକୁରାଣୀ—Name of the Goddess who appears to persons in dreams.

ସ୍ୱପ୍ନ ଦେବୀ [ଦ୍ର—ଏ ଶ୍ଲୋକକୁ ସ୍ୱପ୍ନରେ ଦେଖା ଦେଇ ଉପଦେଶ ଦଅନ୍ତି ବା ଉପାୟ ଦେଖାନ୍ତି ବା ସର୍ତ୍ତ କରନ୍ତି ।]

ସ୍ୱପ୍ନାବସ୍ଥା—ସଂ. ବ— ୧ । ନଦ୍ରାବସ୍ଥା—1. The state of sleep.
Swapnāvasthā ୨ । ନଦ୍ରାରେ ସ୍ୱପ୍ନ ଦେଖୁଥିବା ଅବସ୍ଥା—2. The state of dreaming.

ସ୍ୱପ୍ନାବେଶ—ସଂ. ବ—ସ୍ୱପ୍ନର ଆବର୍ଭାବ; ସ୍ୱପ୍ନ ଦେଖିବା ଅବସ୍ଥା—
Swapnāveśa The state of dreaming.

ସ୍ୱପ୍ନାଳୁ—ସଂ. ବଶ (ସ୍ୱପ୍ନ + ଆଳୁ)—ନଦ୍ରାଳୁ (ହି. ଶ)—
Swapnāḷu Sleepy.

ସ୍ୱପ୍ନେଶ୍ୱର—ଦେ. ବ—୧ । ପୁରୁଷ ଲୋକଙ୍କୁ ଦଆଯିବା ନାମ—
Swapneśwara 1. A name given to males. ୨ । ଏକ ଶିବଲିଙ୍ଗଙ୍କ ନାମ—2. The name of an image of Śiba,
ସ୍ୱପ୍ନେଶ୍ୱର ସ୍ୱପ୍ନେଶ୍ୱର

ସ୍ୱପ୍ନୋତ୍ଥିତ—ସଂ.ବଶ.ଭୂ— ସ୍ୱପ୍ନ ଦେଖୁଥିବା ଅବସ୍ଥାରେ ବା ସ୍ୱପ୍ନ ଦେଖି-
Swapnotthita ବାର ଅବ୍ୟ ବହ୍ନିତ,ପରେ ନଦ୍ରାରୁ ଉଠିଥିବା—
Awakened from sleep while dreaming or
(ସ୍ୱପ୍ନୋତ୍ଥିତା—ସ୍ତ୍ରୀ) just after dreaming.

ସ୍ୱ ପ୍ରକାଶ—ସଂ. ବ— ୧ । ସ୍ୱୀୟ ଶକ୍ତି ଦ୍ୱାରା ପ୍ରକାଶିତ; ଅନ୍ୟର ବନା
Swa prakāśa ସାହାଯ୍ୟରେ ପ୍ରକାଶିତ ବା ଦୃଷ୍ଟ; ବନା ଆଲୋକରେ ଦୃଷ୍ଟ—1. Self luminous; shining by its own light. ୨ । ସ୍ୱତଃସିଦ୍ଧ—2. Self-evident.

ସ୍ୱ ବଶ—ସଂ. ବଶ. ପୁଂ (୬ଷ୍ଠୀ ତତ୍)—ଅସ୍ୱତନ୍ତ୍ର; ସ୍ୱାଧୀନ—
Swa baśa (ସ୍ୱବଶା—ସ୍ତ୍ରୀ,ସ୍ୱବଶତ୍ୱା—ବ) Independent.

ସ୍ୱ ବାସିନୀ—ସଂ. ବ.ସ୍ତ୍ରୀ (ସ୍ୱ—ଶ୍ୱାଶୁ ମଧ୍ୟରେ; ପିତୃ ଗୃହରେ + ବାସିନୀ)
Swa bāsinī —ଚରଣ୍ଟୀ; ଅଜନ୍ମ ପିତୃଗୃହବାସିନୀ (ବବାହୁତା ବା ଅବବାହୁତା) କନ୍ୟା (ଅମର)—A girl who lives in her parent's house for life.

ସ୍ୱ ବୀଜ—ସଂ. ବ—୧ । ଆତ୍ମା (ଶବ୍ଦ ଉତ୍ପାଦନୀ)—1. Soul. ୨ ।
Swa bīja ନଜର ବୀର୍ଯ୍ୟ—2. One's own semen.

ସ୍ୱ ବୀର୍ଯ୍ୟ—ସଂ. ବ—୧ । ନଜର ବୀର୍ଯ୍ୟ—1. One's semen. ୨ ।
Swa bīrjya ନଜର ବଳ—2. One's own might.

ସ୍ୱ ବୀର୍ଯ୍ୟ ଗୁପ୍ତ—ସଂ. ବଶ ପୁଂ. (୩ଯୀ ତତ୍)—ନଜର ବଳ ଦ୍ୱାରା
Swa bīrjya gupta ଯେ ଅପଣାକୁ ରକ୍ଷା କରେ—Protectep
(ସ୍ୱବୀର୍ଯ୍ୟ ଗୁପ୍ତା—ସ୍ତ୍ରୀ) by one's own power or might.

ସ୍ୱ ଭଦ୍ରା—ସଂ. ବ—ଗମ୍ଭାରୀ ବୃକ୍ଷ (ହି. ଶ)—
Swa bhadrā Gmelina Arborica (tree).

ସ୍ୱ ଭାଗ୍ୟ—ସଂ. ବ—ନଜର ଭାଗ୍ୟ—
Swa bhāgya One's luck.

ସ୍ୱ ଭାଜନ—ସ, ବ (ସ୍ୱ + ଭାଜନ)—୧ । ଅଳଙ୍କନ; ଅଭ୍ୟର୍ଥନା—
Swa bhājana 1. Welcoming; reception, ୨ । ସୌଜନ୍ୟ—2. Courtesy; civility. ୩ । ନଜର ଖାଦ୍ୟ—3. One's receptacle.

ସ୍ୱଭାବ—ସଂ. ବ (ସ୍ୱ + ଭାବ)—୧ । ପ୍ରକୃତି; ପ୍ରାଣୀର ସଙ୍ଗଜନ୍ମ
Swabhāba ହୋଇଥିବା ଗୁଣ—1. Nature; natural or innate character.
(ସ୍ୱାଭାବିକ—ବଶ) ୨ । ଅସ୍ତିତ୍ୱ; ବସ୍ତୁର ସହଜ ଗୁଣ—2. Natural propensity or quality of a thing. ୩ । ଚରିତ୍ର—3. Character. ୪ । ଅଭିପ୍ରାୟ; ଉଦ୍ଦେଶ୍ୟ—4. Intention. ୫ । ସ୍ୱାଭାବିକ ଅବସ୍ଥା—5. Natural condition. ୬ । ପ୍ରକୃତି—6.Nature. ଦେ. ବ—୧ ।
ସ୍ୱଭାବ ମାତ୍ରଲୁଲରେ ବବାହାଦଦ୍ୱାରା ବ୍ରାହ୍ମଣର ଜାତତା
ସମ୍ଭାତ ପ୍ରାପ୍ତ ହୋଇ ନ ଥିବା ଅବସ୍ଥା; ଅଭଦ୍ର ଚୌଳନ୍ୟ—

Digitized by srujanika@gmail.com

1. The state of not having lost one's family-dignity by low marriage (amongst the Kulīna Brāhmaṇas of Bengal). [ଦ୍ର—ଯେ ସ୍ୱଭାବରେ ନାହାନ୍ତି, ସେ ଭଙ୍ଗ କୁଳୀନ; ଯେ ସ୍ୱଭାବରେ ଅଛନ୍ତି, ସେ ଅଭଙ୍ଗ କୁଳୀନ।]

୫। ଅଭ୍ୟାସ—3. Habit.

ସ୍ୱଭାବ ଗତ—ସଂ. ବଣ (ଷଷ୍ଠୀ ତତ୍)—୧। ପ୍ରକୃତିଗତ; ସ୍ୱାଭାବିକ—Swabhāba gata 1. Natural; innate.

୨। ସ୍ୱାଭାବିକ ଅବସ୍ଥାପ୍ରାପ୍ତ—2. Restored to natural condition.

ସ୍ୱଭାବ ଚରିତ୍ର—ଦେ. ବ (ସମାହାର)—୧। ପ୍ରକୃତି ଓ ଗୁଣାଚରଣ; ସ୍ୱଭାବ ଚରିତ୍ର ପ୍ରକୃତି ଓ ଆଚରଣ—**स्वभाव चरित्र** 1. Nature and character; character and conduct.

୨। ଚାଲି ଚାଉ—2. Manners.

ସ୍ୱଭାବ ଚିକିତ୍ସା—ସଂ. ବ (ଅଧୁନିକ ପ୍ରୟୋଗ)—ଉନ୍ନ ଉନ୍ନ ରୋଗଗ୍ରସ୍ତ ସ୍ୱଭାବ ଚିକିତ୍ସା ବ୍ୟକ୍ତିକୁ ଜିତ, ଅପ୍, ତେଜଃ, ମରୁତ୍, ବ୍ୟୋମ, ଏହି ପଞ୍ଚଭୂତର ଉନ୍ନ ଉନ୍ନ ପ୍ରୟୋଗଦ୍ୱାରା ଚିକିତ୍ସା କରିବାର ବର୍ତ୍ତମାନ ଯୁଗରେ ଆବିଷ୍କୃତ ଚିକିତ୍ସା—ପ୍ରାକୃତିକ ଚିକିତ୍ସା—Naturopathy.

ସ୍ୱଭାବଜ—ସଂ. ବଣ (ଜନ୍ମାର୍ଥକ ଉତ୍ପୁରୁଷ, ସ୍ୱଭାବ+ଜନ୍ ଧାତୁ+କର୍ତ୍ତୃ ଅ)—୧। ସ୍ୱାଭାବିକ—1. Natural.

୨। ସହଜ; ପ୍ରକୃତିଗତ; ସ୍ୱଭାବଜାତ—2. Innate: inborn.

ସ୍ୱଭାବତଃ—ସଂ. ଅ (ସ୍ୱଭାବ+ତସ୍)—୧। ପ୍ରକୃତିବଶତଃ—1. By Swabhāvataḥ nature.

୨। ପ୍ରକୃତ ବଶରୁ; ସାଧାରଣ-ରୂପେ—2. Naturally

ସ୍ୱଭାବ ପ୍ରକୃତି—ଦେ.ବ (ଏକାର୍ଥକ ସମାହାର)—୧। ସ୍ୱଭାବ ବା ପ୍ରକୃତି—Swabhāba prakṛuti 1. Nature.

୨। ସ୍ୱଭାବ ଚରିତ୍ର—2. Nature and conduct.

ସ୍ୱଭାବପ୍ରକୃତି **स्वभाव प्रकृति**

ସ୍ୱଭାବ ବିରୁଦ୍ଧ (ବିରୋଧୀ)—ସଂ. ବଣ (ଷଷ୍ଠୀ ତତ୍)—୧। ଅସ୍ୱାଭାବିକ Swabhāba biruddha (birodhī) —1. Unnatural.

୨। ପ୍ରକୃତିର ବିରୁଦ୍ଧ—2. Opposed to one's nature.

ସ୍ୱଭାବ ଶୋଭା—ସଂ. ବ—୧। ସ୍ୱାଭାବିକ ସୌନ୍ଦର୍ଯ୍ୟ; ଅକୃତ୍ରିମ ସୌନ୍ଦର୍ଯ୍ୟ-Swabhāba śobhā 1. Natural grace or beauty.

୨। ନୈସର୍ଗିକ ଶୋଭା—2. The beauty of Nature.

ସ୍ୱଭାବ ସଙ୍ଗତ—ସଂ. ବଣ (ଷଷ୍ଠୀ ତତ୍)—୧। ସ୍ୱଭାବର ଅନୁକୂଳ; Swabhāba saṅgata ସ୍ୱଭାବଗତ—1. Favourable to one's nature.

୨। ସ୍ୱାଭାବିକ—2. Natural.

ସ୍ୱଭାବ ସିଦ୍ଧ—ସଂ, ବଣ—ପ୍ରକୃତିଗତ—Swabhāba siddha Innate; natural; inborn.

ସ୍ୱଭାବ ସୁଲଭ—ସ ତତ—୧। ପ୍ରକୃତିଗତ; ସ୍ୱଭାବଜ—1. Inborn Swabhāba sulabha

୨। ସ୍ୱାଭାବିକ—2. Natural.

ସ୍ୱଭାବ ସୌନ୍ଦର୍ଯ୍ୟ—ସଂ ବ—ସ୍ୱଭାବ ଶୋଭା (ଦେଖ)—Swabhāba saundarjya Swabhāba śobhā (See)

ସ୍ୱଭାବା—ଦେ. ବ (ପ୍ରାତିପଦିକ)—ପ୍ରକୃତିଦତ୍ତ ଗୁଣ—Innate Swabhābā quality; natural propensity. [ଉ—କୃଷ୍ଣଙ୍କ ବେଢି ସେହ୍ନା ଗୁଣ ଜଲ୍ଦା ଜଦସ୍ୱ କଲେ ସଭ୍ୟା—ଭାରତ. ଉଦ୍ୟୋଗ୍ୟ]

ସ୍ୱଭାବେ—ଦେ. କ୍ରି. ବଣ—୧। ସହଜେ; —1. Easily. Swabhāte

୨। ସ୍ୱଭାବତଃ—2. Naturally. [ଉ—ସ୍ୱ ସ୍ୱାଭାବେ ଉଲ୍ଲାସ ଯେ ଲୋକ ଭଲ, ଜୀବନ ଥାଉଁ ସେ **स्वभावसे** ସ୍ୱଭାବେ ମଲ—ପାଳକୃଷ୍ଣ. ପ୍ରସ୍ତାବସିନ୍ଧୁ।]—୫। ଫଳତଃ; ଫଳରେ; ପ୍ରକୃତରେ—3. As a matter of course; consequently. [ଉ—ଦ୍ରୌପଦୀ ଦେଶ ସ୍ୱର୍ଗ ଦୋଷେ, ସ୍ୱଭାବେ ଅଲଘ ଆସୁଷେ—ଜଗନ୍ନାଥ. ଭାଗବତ] ୪। ସ୍ୱତଃ—4. Of itself.

ସ୍ୱଭାବୋକ୍ତି—ସଂ. ଚ—(ଷଷ୍ଠୀତତ୍)—ଅର୍ଥାଲଙ୍କାର ବିଶେଷ; ଦ୍ରବ୍ୟାଦିର Swabhāb'okti ସ୍ୱଭାବ ବର୍ଣ୍ଣନ ରୂପ ଅଳଙ୍କାର (ଅଳଙ୍କାର ଦେଖ)

A rhetorical figure which describes an object in its natural or true colour. [ଦ୍ର—ପ୍ରକୃତ କର୍ମା କୌଶଳି ପ୍ରକୃତ ବସ୍ତୁର ସ୍ୱଭାବ-ସଙ୍ଗତ ରମତ୍କାର ବର୍ଣ୍ଣନା ହେଲେ ତାହାକୁ ସ୍ୱଭାବୋକ୍ତି ଅଳଙ୍କାର କହନ୍ତି। ଯଥା—

। ପ୍ରକୃତ ବର୍ଣ୍ଣନା—

ପ୍ରଗାନ୍ତ ନଶାନ୍ତ କାଳ ବର୍ତ୍ତେ ଜ୍ଞକ୍ଷଲେ, ଜ୍ୟୋତ୍ସ ଜ୍ୟୋତ୍ସ ଶୁଭ୍ର ଲଜ୍ଜଃମଣ୍ଡଳେ, ସ୍ୱର୍ଗର କୌସୁଭ ମଣି ଶୁକ୍ଲ ସୁଶୋଭନ, ପଶ୍ଚାତ୍ତା ଦଗଲ୍ଲ ପଟେ ଛବି ଅଭୁଲନ, ଜ୍ୟୋତ୍ସା ଆକାଶେ ଦୂରେ ମହା ଜ୍ୟୋତ୍ସର୍ମୟ, ଜ୍ୟୋତ୍ସାର କଳ୍ପତ ଗ୍ରଜେ ଚିତ୍ତଜ, ଅଳସ୍ୟ, ଅନଳ୍ପ ହୁମାଗା ଶ୍ରେଣ ଶୁଭ୍ର ହୁମାଚଳ, ଚିଦ୍ଦରର ପୁଣ୍ୟ ପୁଞ୍ଜ ପ୍ରାପ୍ୟ ସମୁଜ୍ଜ୍ୱଳ—ମଧୁସୂଦନ. ଋଷିପ୍ରାଣେ ଦେବାବତରଣ।

୨। ସ୍ୱଭାବ ବର୍ଣ୍ଣନା—

ଦେମାଙ୍କ ଜଳଯାବସନ୍ତ ଦେଖି ସେଥେ ସଜ୍ଞାଣ, ଅନ୍ତଃପୁରେ ଧାଏଁ ସଜଖେ ଶ୍ରଣପ୍ରଭୁ ସମାନ। ଜୀବନ ଜଡଲେ ସଭ୍ୟେ ଶରେ ଧାଏଁ ଦୁଜଳ, ଶରଭର ବେଗେ ଜାଜ୍ୱଲ୍ୟ-ଅଗେ ଧାଏଁ ପ୍ରବଳ। ମୁହୁଃ ଚଞ୍ଚି ମୁକ ସଜ୍ଞାଣ ସହୁ ଭରେ ବସ୍ତାର। ଷଣେ କରଗତ ଯଲ୍ଲକେ ସଗ୍ର ଦେଲ ଶ୍ରୀକାର, ଦଳଯାବସନ୍ତ ଏବାନ୍ତ ପ୍ରଣତ୍ୟେ ଅସ୍ତୁର। ଷଣେ ଧୃତ ଷଣେ ମୁକ୍ତ ସଣେ ଜଜ ଶଶ୍ୱର। ଜାଞ୍ଜନ ପୁତ୍ରକୁ ସଜ୍ଞାଣ ଚଞ୍ଚି ଷଣେ ଧରଣେ, ଚଞ୍ଚଳ ଏଡ଼ାଇ ଶ୍ରୀକାର ଶରେ ଉର୍ଯ୍ୟଙ୍କେ ଶସେ—ରଘାନାଥ. ଚନ୍ଦ୍ରାବତୀ]

ସ୍ୱୟୁ—ସଂ. ଚ. (ସ+ଭୂଧାତୁ+କର୍ତ୍ତୃ ଭୂ+ଯୁ)—ସ୍ୱୟମ୍ଭୁ (ଦେଖ)—Swabhū Swayam hu (See)

Digitized by srujanika@gmail.com

ସ୍ୱମବାର—ଗ୍ରା. ବ.—ଟୋମବାର (ଦେଶ)
Swamabāra Somabāra (See)

ସ୍ୱମେକ—ସଂ. ବ.—ସଂବତ୍ସର (ଇଥ୍ୟାଦ ଉକ୍ତି)—
Swameka A year.

ସ୍ୱୟଏତ—ପ୍ରାଦେ. (ଗଞ୍ଜାମ) ଅ. (ସଂ. ସ୍ୱାୟତ୍ତ)—ଜରିଆରେ—
Swayaeta ଦ୍ୱାରା ଜରିୟେସେ Through.

ସ୍ୱୟଂ—ସଂ. ଅ—(ସ୍ୱ+ଅୟଂ; ଜ୍ଞାତେନ୍ଦ୍ର)—୧ । ଆପଣେ; ଅପେ; ନିଜେ
Swayam 1. By itself; of one's self. ୨ । ଖୋଦ୍; ନିଜେ—2. Itself; himself; herself.

ସ୍ୱୟଂକୃତ—ସଂ. ବିଣ—ଅପ୍‌କୃତ—Preformed by one's self.
Swayam kruta

ସ୍ୱୟଂ ଗୁପ୍ତା—ସ.ବ—ଶୂକ ଶିମ୍ବିକା (ଶବ୍ଦ ରତ୍ନାବଳୀ); ବାଇଗଙ୍ଗ—
Swayam guptā Cowbage.

ସ୍ୱୟଂ ଜ୍ୟୋତିଃ—ସଂ. ବ (ବହୁବ୍ରୀହି)—ପରମେଶ୍ୱର (ହ. ଶ)—
Swayam jyotiḥ God.

ସ୍ୱୟଂ ଦତ୍ତ—ସଂ. ବ—ସ୍ମୃତି ଶାସ୍ତ୍ରୋକ୍ତ ଦ୍ୱାଦଶ ବିଧ ପୁତ୍ରାନ୍ତର୍ଗତ ପୁତ୍ର-
Swayam datta ବିଶେଷ—A class of sons according to the Hindu Law; a son who gives himself to another as the latter's son. [ଦ୍ର—ପିତୃ ମାତୃ ଜ୍ଞାନ ବା ପିତୃ ମାତୃ ତ୍ୟକ୍ତ ଯେଉଁ ସନ୍ତାନ ଅନ୍ୟ ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତ ହୋଇ ଅପଣାକୁ ତାଙ୍କର ପୁତ୍ର ବୋଲି ସ୍ୱୀକାର କରେ ତାକୁ ସ୍ୱୟଂଦତ୍ତ ବୋଲ୍ଯାଏ—ମିତାକ୍ଷର]

ସ୍ୱୟଂଦୂତ—ସ. ବ. ପୁଂ—ଯେଉଁ ନାୟକ ନାୟିକାଙ୍କଠାକୁ ଅନ୍ୟ ଦୂତକୁ ନ ପଠାଇ ନିଜେ ନାୟିକାଙ୍କ ନିକଟରେ ପ୍ରଣୟ ପ୍ରାର୍ଥନା କରନ୍ତି (ହ. ଶ)—A class of heroes in fiction who, instead of sending any emissary or employing a go between, delivers his amatory messpersonally sages to his sweet heart.

ସ୍ୱୟଂ ଦୂତୀ—ସ. ବ. ସ୍ତ୍ରୀ—ଯେଉଁ ନବୋଢ଼ା ନାୟିକା କୌଣସି ଦୂତ ବା
Swayam dūtī ଦୂତୀଙ୍କ ଦ୍ୱାରା ସାହାଯ୍ୟରେ ନାୟକଙ୍କ ନିକଟରେ ନିଜର ପ୍ରେମ ପ୍ରକାଶ କରନ୍ତି—A class of heroines in fiction who acts as her own emissary before her lover—[ଦ୍ର—ବଦଳ ଗୁଳ୍ମ ସ୍ୱୟଂ ଦୂତୀ ବିଭାଗ ଏଠାରେ ଦେଖନ୍ତୁ ।—ଉଜ୍ଜ୍ୱ. ବୈଦେହୀଶ ବିଳାସ ।]

ସ୍ୱୟଂପତିତ—ସ. ବ— ନିଜେ ବା ଆପଣାଙ୍କି ପଡ଼ିବା—Fallen down
Swayam patita of itself. (ଯଥା—ପକ୍ୱଫଳ ବୃନ୍ତରୁ ସ୍ୱୟଂପତିତ ହୁଏ ।]

ସ୍ୱୟଂ ପ୍ରକାଶ—ସ. ବିଣ. (ବହୁବ୍ରୀହି)—ସ୍ୱପ୍ରକାଶ (ଦେଖ)—
Swayam prakāśa Swa prakāśa (See).

ସ୍ୱୟଂ ପ୍ରଭ—ସ.ବିଣ. ପୁଂ (ସ୍ୱୟଂ+ପ୍ରଭ;ବହୁବ୍ରୀହି)—ସ୍ୱପ୍ରକାଶ (ଦେଖ)
Swayam prabha Swa prakāśa (See).
(ସ୍ୱୟଂପ୍ରଭା—ସ୍ତ୍ରୀ) ସ. ବ—ଜୈନମାନଙ୍କ ଶାସ୍ତ୍ରଲକ୍ଷିତ ଭୂତ ୨୪ ଜଣ ଅର୍ହତ୍‌ଙ୍କ ମଧ୍ୟରୁ ଚତୁର୍ଥ ଅର୍ହତ୍ (ହ. ଶ)—
Name of the fourth of the 24 Jaina saints who will come to the world.

ସ୍ୱୟଂ ପ୍ରଭା—ସଂ. ବ—ଅପ୍‌ସରୋବିଶେଷ, ମେରୁସାବର୍ଣ୍ଣି ଋଷିଙ୍କ କନ୍ୟା
Swayam prabhā —Name of one of the heavenly nymphs. [ଦ୍ର—ଏ ମୟୂଦାନବଙ୍କ ପ୍ରଣୟିନୀ ଓ ହେମା ଅପ୍‌ସରାଙ୍କର ଦିବ୍ୟ ସଖୀ । ହେମାଙ୍କ ଅନୁରୋଧରେ ଏ ମୟୂ ଦାନବଙ୍କ ପୁତ୍ରକୁ ଜଗୁଥିଲେ । ମୟୂଦାନବଙ୍କ ଔରସରେ ଏହାଙ୍କ ଗର୍ଭରୁ ମନୋଦସ୍ୱା ଜନ୍ମ ଗ୍ରହଣ କରିଥିଲେ । ସୀତାନ୍ୱେଷଣ ଲତ ହନୁମାନଙ୍କ ସଙ୍ଗେ ମୟୂ ଦାନବଙ୍କ ପୁରୀଠାରେ ଏହାଙ୍କର ଭେଟ ହୋଇଥିଲା ।]

ସଂ. ବିଣ. ସ୍ତ୍ରୀ—ସ୍ୱୟଂ ପ୍ରଭର ସ୍ତ୍ରୀଲିଙ୍ଗ—Feminine of Swayam prabha.

ସ୍ୱୟଂ ପ୍ରମାଣ—ସଂ. ବିଣ. (ବହୁବ୍ରୀହି)—ଅନ୍ୟ କୌଣସି ପ୍ରମାଣର
Swayamprāmāṇa ଜରୁରତ ହୋଇ ଯାହା ପ୍ରମାଣିତ ହୁଏ (ହ. ଶ)—Self-evident.

ସ୍ୱୟଂଫଳ—ସଂ. ବିଣ (ବହୁବ୍ରୀହି)—ଯାହା ଅନ୍ୟ କୌଣସି କାରଣରୁ
Swayamphala ଉତ୍ପନ୍ନ ନ ହୋଇ ନିଜେହିଁ ନିଜର କାରଣ ହୋଇଥାଏ (ହ. ଶ)—That which is the cause of itself.

ସ୍ୱୟଂ ବର—ସଂ. ବ. (ସ୍ୱୟଂ+ବୃ ଧାତୁ+ଭାବ ଅ)—୧ । କନ୍ୟାଙ୍କ
Swayam bara ଦ୍ୱାରା ସ୍ୱୟମ୍ବର ଜଦାଚରରେ ପଣ୍ଡିତଦ୍ୱନ୍ଦ୍ୱ-ରୂପ ବରାଦ୍ୱ; ସେଉଁ ବରାଦ୍ୱରେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କ ମଧ୍ୟରୁ କନ୍ୟା ନିଜର ସ୍ୱାମୀଙ୍କୁ ବରଣ କରନ୍ତି—1. A form of marriage in which the bride chooses her husband from the assembled suitors; self-choice; the election of a husband by a girl at a public gathering of suitors.

[ଦ୍ର—ପ୍ରାଚୀନକାଳରେ ସ୍ୱୟମ୍ବର ଅର୍ଥ, ବିଶେଷତଃ କ୍ଷତ୍ରିୟ ଓ ରାଜବଂଶରେ ଏ ସ୍ୱୟମ୍ବର ପ୍ରଥାରେ ବରାଦ୍ୱ ସମ୍ପାଦିତ ହେଉଥିଲା । କନ୍ୟାଙ୍କୁ ବରାଦ୍ୱଯୋଗ୍ୟା ହେଲେ କନ୍ୟାପିତା ବହୁ ଯୋଗ୍ୟ ପ୍ରାର୍ଥୀଙ୍କୁ ନିମନ୍ତ୍ରଣ କର ଆଣୁଥିଲେ ଓ ସେମାନଙ୍କର ଉପସ୍ଥିତିରେ ସ୍ୱୟମ୍ବର ସଭା ହେଉଥିଲା । କନ୍ୟା ଉକ୍ତ ସଭାକୁ ଆସି ପ୍ରାର୍ଥୀମାନଙ୍କୁ ଦେଖି ଓ ସେମାନଙ୍କର ଗୁଣ ଆଦି ବଜ୍ଞାପିତା ହୋଇ ଯାହାଙ୍କୁ ଉପଯୁକ୍ତ ବର ବୋଲି ସ୍ଥିର କରୁଥିଲେ, ତାଙ୍କ ଗଳାରେ ବରଣମାଳା ଅର୍ପଣ କରୁଥିଲେ ଓ ଉକ୍ତ ମନୋନୀତ ବ୍ୟକ୍ତିଙ୍କ ସଙ୍ଗେ ତାଙ୍କର ବରାଦ୍ୱ ବୈଦିକ ଅଗ୍ନ୍ୟାଧାନରେ ସମ୍ପନ୍ନ ହେଉଥିଲା ।

କେତେକ ସ୍ଥାନରେ ବରଙ୍କ ବଳ ଓ ଗୁଣ ପରୀକ୍ଷା ପାଇଁ କନ୍ୟାପିତା କୌଣସି କାର୍ଯ୍ୟ [ଯଥା—ଲକ୍ଷ୍ୟଭେଦ] ନିରୂପଣ କରୁଥିଲେ । ଯେ ଉକ୍ତ କାର୍ଯ୍ୟ କରିବାରେ ସମର୍ଥ ହେଉଥିଲେ, କନ୍ୟା ତାଙ୍କୁ ବରମାଳା ଅର୍ପଣ କରୁଥିଲେ ।]

Digitized by srujanika@gmail.com

୨ । ସ୍ୱୟମ୍ବର ସଭା; ଯେଉଁଠାରେ କନ୍ୟାଙ୍କ ପାଣିଗ୍ରହଣାର୍ଥ ବରମାନେ ଏକତ୍ର ହେଉଥିଲେ (ଦ୍ର. ଶ.)—2. The assembly or gathering where suitors assembled for selection by the bride.

ସ୍ୱୟଂବରଣ—ସଂ. ବ—ସ୍ୱୟଂବର ୧ (ଦେଖ)—Swayambaraṇa Swayambara 1 (See)

ସ୍ୱୟଂବରା—ସଂ. ବଣ. ସ୍ତ୍ରୀ—ପଞ୍ଚମସ୍ୱର; ବର୍ଣ୍ଣା; ସ୍ୱୟମ୍ବର ଉତ୍ସବରେ Swayambarā ପଟ୍ଟମହାଦେବୀ (କନ୍ୟା)—(a girl) Choosing her husband from amongst the invited suitors; self-choosing; (a girl) who chooses her husband herself.

ସ୍ୱୟଂବହ—ସଂ, ବ୍ୟ. ପୁଂ (ସ୍ୱୟଂ+ବହ ଧାତୁ+କର୍ତ୍ତୃଅ)—ଯେ ସ୍ୱୟଂ Swayambaha ବା ନିଜେ ଅର୍ଥାତ୍ ଅନ୍ୟର ବିନା ସାହାଯ୍ୟରେ (ସ୍ୱୟଂବହା—ସ୍ତ୍ରୀ) ଚଳେ—Self-flowing; self-rotating; self revolving.

ସ୍ୱୟଂବହ ଯନ୍ତ୍ର—ସଂ. ବ—ସମସୂଚ୍ଚାପକ ଜ୍ୟୋତିଷିକ ଯନ୍ତ୍ରବିଶେଷ—Swayambaha jantra Name of an astronomical self-rotating timekeeper.

[ଦ୍ର—ଏହି ଯନ୍ତ୍ର ନିଜେ ଘୂରୁଥାଏ ଓ ଏତଦ୍ଦ୍ୱାରା ସମୟ ନିର୍ଦ୍ଦେଶ କରାଯାଏ । 'ସିଦ୍ଧାନ୍ତଶିରୋମଣି' ଗ୍ରନ୍ଥର ଯନ୍ତ୍ରାଧ୍ୟାୟରେ ଏ ଯନ୍ତ୍ରର ନିର୍ମାଣବିଧି ବର୍ଣ୍ଣିତ ହୋଇଅଛି । ଏହା ଅନେକ ପ୍ରକାରର । ଗୋଟିଏ ପ୍ରକାର ଯନ୍ତ୍ରର ନିର୍ମାଣ ବିଧି—

"ଲଦ୍ଦାରୁଜ ସମଚକ୍ରେ ସମସ୍ତତିରଗ୍ରଃ ସମାନ୍ତର୍ଲେମ୍ୟାଃ
କଶ୍ଚଦ୍ଭବଜ୍ଞାଯୋଜ୍ୟାଃ ସ୍ଥଗିତଯଷ୍ୟାବ୍ଧେ ପୃଥକ୍ତାସାଂ
ଉପଯୁପ୍ତେ ଭଚକ୍ରଂ ବ୍ୟାଧାସ୍ତ୍ରସ୍ତିତଂ ସ୍ୱୟଂ ଭ୍ରମଚ୍ଚି"

ଲଘୁ (ହାଲୁକା) କାଷ୍ଠରେ ସମକର୍ତ୍ତୁଳ ଗୋଟିଏ ଚକ୍ର କର, ସେହି ଚକ୍ରର ପରିଧିରେ ସମସଂଖ୍ୟକ ଛିଦ୍ର କର ଛିଦ୍ରରେ ଛିଦ୍ରମାନଙ୍କ ସମଦୂରତ୍ୱିତ ଅରମାନ ଲଗାଇବ । ଅରଗୁଡ଼ିକୁ ଏକଦଗରେ କଣ୍ଟଳ ବକ୍ରଖଣ୍ଡରେ ପରସ୍ପର ସମଯୁକ୍ତ କରି ବସାଇବ । ଅରମାନଙ୍କ ଉତ୍ତରେ ଥିବା ଛିଦ୍ରମାନଙ୍କ ଅର୍ଦ୍ଧ ଅଂଶକୁ ପାଣିଦ୍ୱାରା ପୂର୍ଣ୍ଣ କରିବ ଓ ଅପର ଅର୍ଦ୍ଧାଂଶ ଶୂନ୍ୟ ରଖିବ । ଯେଉଁ ପର ଶାଣ ଯନ୍ତ୍ର (ଚକ୍ର)ର ଅକ୍ଷର ଦୁଇ ମୁଣ୍ଡକୁ ଦୁଇଟି ଖୁଣ୍ଟି ଉପରେ ରଖା କରାଯାଏ, ଏ ଚକ୍ରର ଅକ୍ଷକୁ ଦୁଇଟି ଖୁଣ୍ଟି ଉପରେ ଭଞ୍ଜିବ, ଯେପରି ଚକ୍ର, ଚକ୍ରସ୍ଥ ସ୍ୱାଧୀନ-ଭାବରେ ଘୂରି ପାରିବ । ଅର୍ଦ୍ଧସଂଖ୍ୟକ ଅରର ଛିଦ୍ରମଧ୍ୟସ୍ଥ ପାଣି ଚକ୍ରର କେନ୍ଦ୍ର ପାଖରେ ରନ୍ଧ୍ରିତ ଓ ବସ୍ତ୍ରଭଡ଼ପାଖର ଅରମାନଙ୍କରେ ଥିବା ପାଣି ଚକ୍ରର ପରସ୍ଥ ପାଖକୁ ଗଲେ-ଆସିବ । ଚକ୍ରକୁ ଥରେ ଘୁରାଇଦେଲେ ଅର୍ଦ୍ଧସଂଖ୍ୟକ ଅରର ପାଣି ଚକ୍ରର ପରଖଣ୍ଡକୁ ନେଇ ଯାଉଥିବ ଓ ବସ୍ତ୍ରଭ ଦଗର ଅରମାନଙ୍କ ପାଣି ଚକ୍ରର କେନ୍ଦ୍ର (ନାଡ଼ି)ଅଡ଼କୁ ବହି ଯାଇଥିବ; ଚକ୍ର ଘୂରନ୍ତେ ନେଲି ପାଖର ପାଣି ନାଉ ଅଡକୁ ଆସୁଥିବ ଓ ନେମିର ଦୂରବର୍ତ୍ତୀ ପାଣି ନାଉ ଅଡ଼ୁ ବହି ଯାଇଥିବା ଏହିପରି ପାଣି କ୍ରମଶଃ ଉପରକୁ ଓ ତଳକୁ ବହୁସିବାଦ୍ୱାରା ପାଣି ଥିବା ପାଖର ନେମି କ୍ରମେ ହେଉଥିବ ଓ ତଳକୁ ଘୁରି ଯାଉଥିବ । ପୁଣି ନେମିର ଯେଉଁ ପାଖ ଉପରକୁ ଥିବ ସେ ପାଖର ପାଣି ନେମି ଅଡ଼କୁ ଗଲା ଆସୁଥିବ । ଏହିପରି ପାଣିର ସ୍ଥାନ ପରବର୍ତ୍ତୀକ୍ରମ ଅନୁସାରେ ଚକ୍ରର ନେମି ଘୂରୁଥିବ । ତାକୁ ଅନ୍ୟ ପ୍ରବାହର ଦରକାର ହେବ ନାହିଁ । ଏହି ଚକ୍ର ସ୍ୱୟଂ ଘୂରୁଥିବାରୁ ଏ ଯନ୍ତ୍ରର ନାମ ସ୍ୱୟଂବହ ଯନ୍ତ୍ର—ସନ୍ଦର୍ଭଲେଖକ ଶ୍ରୀ ବାଇକୋଳ ମହାପାତ୍ର ଜ୍ୟୋତିଷବଶାରଦ ।]

ସ୍ୱୟଂ ବିକ୍ରୀତ—ସଂ.ବିଣ. ପୁଂ—ଯେ ନିଜକୁ ଦାସରୂପେ ଅନ୍ୟକୁ ବିକ୍ରୟ କରିଦେଇ Swayam bikrīta ଥାଏ (ଦ୍ର.ଶ)—One who has sold (ସ୍ୱୟଂବିକ୍ରୀତା—ସ୍ତ୍ରୀ) himself to another (as slave).

ସ୍ୱୟଂଭୁ (ବୂ)—ସଂ. ବ (ସ୍ୱୟଂ+ଭୂ ଧାତୁ+କର୍ତ୍ତରି କ୍ୱିପ୍)—୧ । ବ୍ରହ୍ମା—Swayambhu (bhū) 1. Brahmā. ୨ । ବିଷ୍ଣୁ—2. Bishṇu. ୩ । ମହାଦେବ—3. Śiba. ୪ । କାମଦେବ—4. Cupid. ୫। କାଳ, ସମୟ—5. Time (personified) ୬ । ମାସପର୍ଣ୍ଣୀ (ଗୁଳଜବର୍ଗଣ୍ଡ)—6. A wild creeper of the bean species; Teramuns Lebialis. ୭ । ଲଙ୍ଗିମା (ଗୁଳଜବର୍ଗଣ୍ଡ) ଲତା ବିଶେଷ—7. A wild creeper. ୮ । ଜଳ-ଚକ୍ରବର୍ତ୍ତିବିଶେଷ (ହେମଚନ୍ଦ୍ର)—8. Name of a Buddhistic emperor. ସଂ. ବିଣ—୧ । ଯେ ଅନ୍ୟ କାହାଠାରୁ ଜାତ ହୋଇ ନାହାନ୍ତି—1. Self-existing. ୨ । ଅନନ୍ତ କାଳରୁ ବର୍ତ୍ତମାନ—2. Existing from eternity. ୩ । (ଶିବଲିଙ୍ଗ) ଯେ ବିଜେଭୂମିରୁ ଉତ୍ପନ୍ନ, ଅର୍ଥାତ୍ ଯାହାଙ୍କ କେହି ସ୍ଥାପନା କରିନାହିଁ —3. (An image of Siba) Which has not been set up by any human agency.

ସ୍ୱୟଂଭୁବ —ସଂ. ବ ୧ । (ସ୍ୱୟଂଭୁ+ସ୍ୱାର୍ଥେ. ଅ)—ବ୍ରହ୍ମା—Swayambhuba 1. Brahma. ୨ । (ସ୍ୱୟଂଭୁ+ଅପତ୍ୟାର୍ଥେ ଅ)—ସ୍ୱାୟମ୍ଭୁବ ମନୁ; ପ୍ରଥମ ମନୁ; ବ୍ରହ୍ମାଙ୍କ ପୁତ୍ର, ଆଦି ମନୁ—2. The first Manu or progenitor of mankind.

ସ୍ୱୟଂଭୁବା—ସଂ ବ. ସ୍ତ୍ରୀ—୧ । ଧୂଆଁପତ୍ର; ଧୂମ୍ର ପତ୍ର (ଗୁଳଜବର୍ଗଣ୍ଡ)—Swayam bhubā Tobacco l af. ୨ । ଶିବଲଙ୍ଗୀ ଲତା (ହ. ଶ)—2. A wild creeper. ୩ । ମାସପର୍ଣ୍ଣୀ (ହ.ଶ) —3. Teramuns Lebialis.

ସ୍ୱୟଂଭୁ (ବୂ) ଲିଙ୍ଗ—ସଂ. ବ.—ଯେଉଁ ଶିବଲିଙ୍ଗଙ୍କୁ କେହି ସ୍ଥାପନା କରି Swayambhu (bhū) linga. ନାହିଁ; ସ୍ୱୟଂ ଉଦ୍ଭୂତ ଶିବଲିଙ୍ଗ —An image of Siba which has not been

Digitized by srujanika@gmail.com

set up by human hands but has risen itself from the ground. [ଦ୍ର—ଶିବଙ୍କ ଲଭେଦ୍ଭବ ଦ୍ରବ୍ୟ ବା ଶିବଲିଙ୍ଗାଲ୍ୟକୁ ଶିବଭକ୍ତ (ଶୈବ)ଙ୍କ ଛଡ଼ା ଅନ୍ୟ କାହାର ଭୋଜନ ଉଚିତ ନଷ୍ଟିବ । ଏନ୍ତୁ ଶିବପୁରାଣ ଓ ଲିଙ୍ଗପୁରାଣରେ ଅଛି ଯେ, ସ୍ୱୟଂଭୂ ଲିଙ୍ଗଙ୍କୁ ଅର୍ପିତ ନୈବେଦ୍ୟକୁ ସମସ୍ତେ ଭୋଜନ କରି ପାରନ୍ତି । ଭୁବନେଶ୍ୱରରେ ବରାଳତ ଲିଙ୍ଗତ ମହାପ୍ରଭୁ ସ୍ୱୟଂଭୂ ଲିଙ୍ଗ ଥିବାରୁ ତାଙ୍କଠାରେ ଅର୍ପିତ ନୈବେଦ୍ୟ ସବୁ ଭକ୍ତ ଅବାଧରେ ଖାଆନ୍ତି । ଶାସ୍ତ୍ର ପୁରାଣମାନ ଅନ୍ୟେତ ଦୋଇ କଳକ ସତ୍ଜଳ୍ ଭୋଟ୍ଟରେ ଓ ତାଇଭୋଟ୍ଟରେ ଏହା ଗୋଷ୍ଟଏ ମଲଭମାରେ ସିଦ୍ଧାନ୍ତ ହୋଇଅଛି ।]

ସ୍ୱୟଂଭୋଜ—ସ. ବ.—(ନାମ)—ଶିବ ସ୍ରଜାଳର ଏକ ପୁତ୍ର (ହ. ଶ)—Swayam bhoja Name of a son of king Śibi.

ସ୍ୱୟଂ ଶ୍ରେଷ୍ଠ—ସ. ବ.— ଶିବ (ହ.ଶ)—Swayam śreshṭha Śiba.

ସ୍ୱୟଂସିଦ୍ଧ—ସ.ବର୍ତ.—୧ । ନଜର ଚେଷ୍ଟାଦ୍ୱାରା ସିଦ୍ଧି ପ୍ରାପ୍ତ—1. Self accomplished. ୨ । ସ୍ୱତଃସିଦ୍ଧ (ଦେଶ)—2. Swataḥ Siddha (See)

ସ୍ୱଂ ସେବକ—ସ. ବ. ସ୍ତ. (ମଧ୍ୟଲକ ପ୍ରୟୋଗ)—ସ୍ୱେଚ୍ଛା ସେବକ Swayam sebaka (ଦେଶ)—Swechchhā sebaka (See) (ସ୍ୱଂ ସେବକା—ସ୍ତ୍ରୀ)

ସ୍ୱୟଂ ହାରକରୀ (ହାରିକା)—ସ. ବ. ସ୍ତ୍ରୀ—ସ୍ୱଗଣବର୍ତ୍ତିତା ଜଣେ ସ୍ତ୍ରୀ; Swayam hārakarī (hārikā) ବ୍ରହ୍ମାମାନସ ସୃଷ୍ଟ ଦୁଃସହଙ୍କ ଔରସରେ ଉତ୍ପନ୍ନା ଜନୀଷ୍ଟଙ୍କ ଗର୍ଭଜାତ ଆଠ କୁମାର ଓଆଠ ଜନ୍ୟାଙ୍କ ମଧ୍ୟରୁ ସପ୍ତମା ଜନ୍ୟା—Name of a malignant spirit, one of the daughters of Duḥsaha. [ଦ୍ର—ପୁରାଣ ମତରେ ଏହ ଜନ୍ୟାମାନେ ମୃତସନ୍ତାନଙ୍କ ଗଳାରୁ ଧାନ, ଗୋସନରୁ ଦୁଗ୍ଧ ଓ ଅର୍ଦ୍ଧପକ୍ୱ ଅନ୍ନ, ଢଳରୁ ଢେଲି ଓ କଥାରୁ ସୂତାକୁ ଅପହରଣ କରନ୍ତି । ଶାସ୍ତ୍ରୋକ୍ତ ବଧଦ୍ୱାରା ଏମାନଙ୍କର ଶାନ୍ତିବଧାନ କରିଯାଏ ।]

ସ୍ୱୟଂକୃତ—ସଂ. ବଣ.—ସ୍ୱୟଂକୃତ (ଦେଶ)—Swayaṁkṛuti Swayam kṛuta (See)

ସ୍ୱୟଂଗୁପ୍ତା—ସଂ. ବ.—ସ୍ୱୟଂଗୁପ୍ତା (ଦେଶ)—Swayaṅguptā Swayam guptā (See).

ସ୍ୱୟଂଦତ୍ତ—ସଂ. ବ ସ୍ୱୟଂଦତ୍ତ (ଦେଶ) Swayandatta Swayamdatta (See)

ସ୍ୱୟଂ—ସଂ ଅ.—ସ୍ୱୟଂ (ଦେଶ)—Swayam Swayam (See).

ସ୍ୱୟଂଅର୍ଜିତ—ସଂ. ବଣ. (ସ୍ୱୟଂ + ଅର୍ଜିତ) — ଅପଣାଦ୍ୱାରା ଅର୍ଜ୍ଜନ କରା Swayamarjita ସାଧିବା—Self-earned; self-acquired. (ସ୍ୱୟଂଅର୍ଜିତ—ଅନ୍ୟରୂପ)

ସ୍ୱୟଂଆଗତ—ସଂ. ବଣ. ସ୍ତ୍ରୀ.—(ସ୍ୱୟଂ + ଆଗତ = ଉପସ୍ଥିତ) — ଯେ Swayamāgata ନଜେ ଆସି ଉପସ୍ଥିତ ହୁଏ—Attending voluntarily

ସ୍ୱୟଂଉପସ୍ଥିତ
ସ୍ୱୟଂଉପାଗତ
ସ୍ୱୟଂଉପେତ
—ଅନ୍ୟରୂପ

[ସ୍ୱୟଂଆଗତା, ସ୍ୱୟଂଉପାଗତା, ସ୍ୱୟଂଉପସ୍ଥିତା, ସ୍ୱୟଂଉପେତା—ସ୍ତ୍ରୀ]

ସ୍ୱୟଂଈଶ୍ୱର—ସଂ. ବ.—୧ । ପରମେଶ୍ୱର (ହ. ଶ)—1. God. Swayamīśwara ୨ । ପରମାତ୍ମା (ହ. ଶ)—2. The Supreme Soul.

ସ୍ୱୟଂମୁକ୍ତି—ସଂ. ବ.—(ସ୍ୱୟଂ + ମୁକ୍ତି)—ଶ୍ରୁତିଶାସ୍ତ୍ରୋକ୍ତ ୪ ପ୍ରକାର Swayamukti ସାଧୀ ମଧ୍ୟରୁ ଏକ; ଯେଉଁ ସାଧୀ କୌଣସି ଚେଷ୍ଟାଦ୍ୱାରା ଅଦ୍ଭୁତ ନ ହୋଇ ଜନ୍ମେ ଆସି ଧର୍ମାଧିକରଣରେ ସାକ୍ଷ୍ୟ ଦଏ (ହ. ଶ)—A witness who attends court and gives evidence without being called by any of the parties.

ସ୍ୱୟଂଉପାତ୍ତ—ସଂ. ବଣ.—(ସ୍ୱୟଂ + ଉପାତ୍ତ)—ସ୍ୱୋପାର୍ଜିତ (ଦେଶ)—Swayamupātta Swopārjita (See)

[ସ୍ୱୟଂଉପାର୍ଜ୍ଜି (ର୍ଜ୍ଜି)ତ—ଅନ୍ୟରୂପ]

ସ୍ୱୟଂପ୍ରକାଶ—ସଂ. ବଣ.—ସ୍ୱୟଂ ପ୍ରକାଶ (ଦେଶ)—Swayam prakāśa Swayamprakāśa (See).

ସ୍ୱୟଂପ୍ରଭ—ସଂ. ବଣ. ପୁଂ.—ସ୍ୱୟଂ ପ୍ରଭ (ଦେଶ)—Swayam prabha Swayamprabha (See)
(ସ୍ୱୟଂପ୍ରଭା—ସ୍ତ୍ରୀ)

ସ୍ୱୟଂପ୍ରଭା—ସ. ବ୍ର. ପୁଂ ସ୍ୱୟଂପ୍ରଭ (ଦେଶ)—Swayam prabhā (See) Swayamprabhā

ସଂ. ବଣ. ସ୍ତ୍ରୀ—ସ୍ୱୟଂପ୍ରଭର ସ୍ତ୍ରୀଲିଙ୍ଗ—Feminine of Swayamprabha.

ସ୍ୱୟଂମ୍ବର(ଇତ୍ୟାଦ)—ସ. ବ—ସ୍ୱୟଂବର ଇତ୍ୟାଦ (ଦେଶ)—Swayambara (etc) Swayam bara etc(See)

ସ୍ୱୟଂମ୍ବରା—ସଂ. ବଣ. ସ୍ତ୍ରୀ—ସ୍ୱୟଂବରା (ଦେଶ)—Swayambarā Swayambarā (See)

ସ୍ୱୟଂମ୍ବହ(ଇତ୍ୟାଦ)—ସଂ. ବଣ—ସ୍ୱୟଂବହ ଇତ୍ୟାଦ (ଦେଶ)—Swayambaha (etc) Swayambaha etc (See)

ସ୍ୱୟଂମ୍ଭୁ (ମ୍ଭୂ) (ଇତ୍ୟାଦ)—ସଂ. ବ ଓ ବଣ—ସ୍ୱୟଂଭୂ ଇତ୍ୟାଦ (ଦେଶ) Swayambhu (mbhū) (etc) Swayambhu (etc) (See)

ସ୍ୱୟଂମ୍ଭୁବ—ସ. ବ—ସ୍ୱୟଂଭୂବ (ଦେଶ)—Swayambhuba Swayambhuba (See)

ସ୍ୱୟଂମ୍ଭୁବା—ସ. ବ, ସ୍ତ୍ରୀ—ସ୍ୱୟଂଭୂବା (ଦେଶ)—Swayambhubā Swayambhubā (See)

ସ୍ୱୟେଂ—ସ୍ତ୍ରୀ. ଅ—ସ୍ୱୟଂ (ଦେଶ)—Swayem Swayam (See)

[ଦ୍ର—ଅନାଦ ପ୍ରଭୁ ଜଗତ୍କାର. ସୟେଂ ଅଜନ୍ମା ଏ ଶସ୍ତର ପ୍ରାଚୀ. ଜଗତ୍ପିତା ସାଦାସ୍ୟ]

Digitized by srujanika@gmail.com

ସ୍ୱୟେଁ—ତ୍ରି. ଅ.—ସ୍ୱୟଂ (ଦେଶ)—
Swayeñ Swayam (See)

[ଉ—ଦେବ ଗୁରୁଙ୍କ ଶିଷ୍ୟ ସ୍ୱୟେଁ, ସ୍ୱତ୍ୱରେ ମନ୍ତ୍ରଗୁରୁ ବହେ—ଜଉଲାଥ ଭାଗବତ]

ସ୍ୱଯୋନି—ସ. ବ—୧। (ଶ୍ରୀ ଙ୍କୀ) ନିଜର ଉତ୍ପତ୍ତି ସ୍ଥାନ—
Swa joni 1. One's place of origin. ୨। (ବହୁବ୍ରୀ) ନିଜର ଉତ୍ପତ୍ତିର କାରଣ—2. The cause of one's birth or origin.

ସ୍ୱର (ଧାତୁ)—ସ. ୧। ଅନୁତାପ କରିବା—1. To repent; to
Swara (root) lament. ୨। ଉଚ୍ଚାରଣ କରିବା—2. To utter. ୩। ଶବ୍ଦ କରିବା—3. To make a sound. ୪। ଶବ୍ଦାୟମାନ ହେବା—4. To resound.

ସ୍ୱର୍—ସଂ. ଅ—ସ୍ୱଃ (ଦେଶ)—
Swar Swah (See)

ସ୍ୱର—ସଂ. ବ—୧। (ସ୍ୱର୍ ଧାତୁ = ଶବ୍ଦକରିବା + ଭାବେ ଅ)—(ବେଦ)
Swara ଉଦାତ୍ତ, ଅନୁଦାତ୍ତ ଓ ସ୍ୱରିତ, ଏହି ତିନିପ୍ରକାରର ଉଚ୍ଚଧ୍ୱନି (ଅକ୍ଷର)—1. Accent; a vocal sound (which is loud, low or intermediate). ୨। (ସଙ୍ଗୀତ) ଚିହ୍ନିତଶୋଧିତ ସପ୍ତ ଧ୍ୱନି (ଅକ୍ଷର); ଷଡ଼୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ, ନିଷାଦ, ଏହି ସପ୍ତବିଧ ଗାନାଙ୍ଗ ଧ୍ୱନି—2. A tune or tone in music (which is seven in number or scale); a musical note.

[ଦ୍ର—ଏହି ସପ୍ତ ସ୍ୱରରୁ ୨୨ ଗୋଟି ଶ୍ରୁତି ଉତ୍ପନ୍ନ ହୁଏ, ଏବଂ ସ୍ୱରତନ୍ତ୍ର ସଙ୍ଗୀତଶାସ୍ତ୍ରରେ ଏହି ୨୨ଟି ଶ୍ରୁତିର ନାମ, ଲକ୍ଷନ ଓ ଲକ୍ଷନର ସମ୍ପର୍କ ନିମ୍ନରେ ଦିଆଗଲା । ଏହା ସ୍ୱରତନ୍ତ୍ର ସଙ୍ଗୀତ ଶାସ୍ତ୍ରର ବିଶେଷତ୍ୱ (Indian chromatic scale) । ସ୍ୱରତନ୍ତ୍ର ହିନ୍ଦୁ ସଙ୍ଗୀତ-ଶାସ୍ତ୍ର ଅନୁଯାୟୀ ସ୍ୱର ଗାନ କରିବାକୁ ହେଲେ ଏହି ଶ୍ରୁତିମାନଙ୍କର ସାହାଯ୍ୟ ବିନା ସ୍ୱର ବିଶୁଦ୍ଧ ଓ ଭାବାତ୍ମକ ହୁଏ ନାହିଁ ।

ଶ୍ରୁତିର ନାମ	ସ୍ୱରର ନାମ	ଲକ୍ଷନ	ଲକ୍ଷନ ସମ୍ପର୍କ
୧—ତୀବ୍ରା	ଷଡ଼୍‌ଜ	୨୫୦	୧
୨—କୁମୁଦ୍ୱତୀ	ଋଷଭ (ଅତି କୋମଳ)	୨୫୨	୨୦୫
୩—ମନ୍ଦା	ଋଷଭ (କୋମଳ)	୨୫୭	୨୬୫
୪—ଛନ୍ଦୋବତୀ	ଋଷଭ [ମଧ୍ୟମ]	୨୬୬୫	୨୦୫
୫—ଦୟାବତୀ	ଋଷଭ (ତୀବ୍ର)	୨୬୦	୨
୬—ରଞ୍ଜନୀ	ଗାନ୍ଧାର (କୋମଳ)	୨୮୫୫	୩୬୫
୭—ରତିକା	ଗାନ୍ଧାର (ସାଧାରଣ)	୨୮୮	୩୫
୮—ଭୂସାରଣୀ	ଗାନ୍ଧାର (ତୀବ୍ର)	୩୦୦	୪୫
୯—ଭ୍ରୀତ	ଗାନ୍ଧାର (ତାର ତୀବ୍ର)	୩୦୩୫	୪୬୫
୧୦—ମାର୍ଜନୀ	ମଧ୍ୟମ (କୋମଳ)	୩୨୦	୫
୧୧—ଛିତି	ମଧ୍ୟମ (ତୀବ୍ର)	୩୨୫	୫୬୫
୧୨—ରକ୍ତା	ମଧ୍ୟମ (ତୀବ୍ର)	୩୩୭୫	୫୬୫
୧୩—ସନ୍ଦୀପନୀ	ମଧ୍ୟମ (ତାର ତୀବ୍ର)	୩୪୧୫	୬୫୫
୧୪—ଅଲାପନୀ	ପଞ୍ଚମ	୩୬୦	୭
୧୫—ମଦାନ୍ତୀ	ଧୈବତ (ଅତି କୋମଳ)	୩୬୮	୭୦୫
୧୬—ରୋହିଣୀ	,, (କୋମଳ)	୩୮୫	୮
୧୭—ରମ୍ୟା	,, (ମଧ୍ୟମ)	୪୦୦	୫
୧୮—ଉଗ୍ରା	,, (ତୀବ୍ର)	୪୦୫	୨୦
୧୯—ଖୋରଣୀ	ନିଷାଦ (କୋମଳ)	୪୨୨ ୫	୨୦
୨୦—ତୀବ୍ରା	,, (କୈଶିକ)	୪୩୨	୨
୨୧—କୁମୁଦ୍ୱତୀ	,, (ତୀବ୍ର)	୪୫୦	୨୦
୨୨—ମନ୍ଦା	,, (ତାର ତୀବ୍ର)	୪୫୫ ୫	୨୦୫

ଅଧୁନିକ ପ୍ରଚଳିତ ହାର୍‌ମୋନିଅମ୍‌ରେ ଯେଉଁ ୧୨ ଗୋଟି ସ୍ୱର ରହିଯାଇଅଛି, ତାହାର କମ୍ପନସମ୍ପର୍କର ସ୍ୱରତନ୍ତ୍ରୀୟ ଉପର୍ଯ୍ୟୁକ୍ତ ପ୍ରଚଳିତ ଶ୍ରୁତି ସହିତ କୌଣସି ସମ୍ପର୍କ ନାହିଁ । ଅତଏବ ହାର୍‌ମୋନିଅମ୍‌ରେ ସ୍ୱରତନ୍ତ୍ରୀୟ ସ୍ୱର, ସ୍ୱତିଣୀମାନ ଗାନ କରିଯାଇ ପାରେ ନାହିଁ ।

(ଲେଖକ—ଶ୍ରୀ ମନମୋହନ ଘୋଷ)

ପ୍ରାଣୀଙ୍କ କଣ୍ଠରୁ ଅଥବା କୌଣସି ପଦାର୍ଥରେ ଆଘାତ ହେବାରୁ ଉତ୍ପନ୍ନ ଶବ୍ଦଲହରୀକୁ ସ୍ୱର ବୋଲାଯାଏ । ସ୍ୱର ମାନଙ୍କ ସଂଖ୍ୟା କରିଯାଇ ପାରେ ନାହିଁ । ତଥାପି ସୁବିଧା ସକାଶେ ପଣ୍ଡିତମାନେ ୭ଟି ସ୍ୱର (ସା ଋ ଗ ମ ପ ଧ ନି) ନିରୂପଣ କରିଅଛନ୍ତି । ବୈଜ୍ଞାନିକମାନେ ପରୀକ୍ଷା କରି ଦେଖିଅଛନ୍ତି ଯେ, କୌଣସି ବସ୍ତୁରେ ୨୫୬ ଥର କମ୍ପନ ଜାତ ହେଲେ ଷଡ଼୍‌ଜ, ୨୯୮ଟି କମ୍ପନରେ ଋଷଭ, ୩୨୦ ରେ ଗାନ୍ଧାର ଓ ଏହିପରି କମ୍ପନ ବଢ଼ି ବଢ଼ି ୬୮୦ ବାର କମ୍ପି ହେଲେ ନିଷାଦ ସ୍ୱର ଉତ୍ପନ୍ନ ହୁଏ । କମ୍ପନର ସଂଖ୍ୟା ଯେତେ ଅଧିକ ହୁଏ ସ୍ୱର ସେତିକି ଉଚ୍ଚତାକୁ ଚଢ଼େ । ଏହି କମ୍ପୋଚ ସୋପାନରେ ଅବ୍ୟବହିତକାଳ ସପ୍ତସ୍ୱରକୁ 'ସପ୍ତକ' କୋହଯାଏ । ଏକ ସପ୍ତକର ଉପରକୁ ଅଉ ଗୋଟିଏ ସପ୍ତକ ଅଛି । ଏଥିରେ ସ୍ୱରମାନଙ୍କ କମ୍ପନ ସଂଖ୍ୟା ଉପର୍ଯ୍ୟୁକ୍ତ ସଂଖ୍ୟାର ଦ୍ୱିଗୁଣ । ଏହିପରି ତୃତୀୟ ଓ ଚତୁର୍ଥ ସପ୍ତକ ମଧ୍ୟ ଅଛି—ହି. ଶ ।]

୩। (ବ୍ୟାକରଣ)—ବ୍ୟଞ୍ଜନ ବର୍ଣ୍ଣର ବିନା ସାହାଯ୍ୟରେ ଉଚ୍ଚାରିତ ହେବା ୧୪ ଗୋଟି ବର୍ଣ୍ଣ (ଅ. ଆ. ଇ. ଈ. ଉ. ଊ. ଋ. ୠ. ଌ. ୡ. ଏ. ଐ. ଓ. ଔ) (ସ୍ୱରବର୍ଣ୍ଣ)—3. Vowel. [ଦ୍ର—ଦେହ ଦେହ ଅନୁସ୍ୱାର ଓ ବିସର୍ଗକୁ ସ୍ୱର ବହନ୍ତି । ସ୍ୱରବର୍ଣ୍ଣମାନେ ହ୍ରସ୍ୱ ଓ ଦୀର୍ଘ, ଏହି ଦୁଇ ଶ୍ରେଣୀରେ ବିଭକ୍ତ । ହ୍ରସ୍ୱସ୍ୱର—ଅ. ଇ. ଉ. ଋ. ଌ; ଦୀର୍ଘସ୍ୱର—ଆ. ଈ. ଊ. ୠ. ୡ, ଏ, ଐ. ଓ. ଔ । ଏହା ଛଡ଼ା ବୈଦିକ ଉଚ୍ଚାରଣରେ ସ୍ୱରମାନଙ୍କର 'ପ୍ଲୁତ' ଉଚ୍ଚାରଣ ଲକ୍ଷିତ ହୁଅଛି ।]

୪। (ତନ୍ତ୍ର)—ପ୍ରାଣାଦି ବାୟୁର ବ୍ୟାପାର ବିଶେଷ—4. (Tantra) One of the actions of five vital airs. [ଉ—ତାହାକୁ ଯେ ସ୍ୱର ତହିଁ ଶୁଣ ଶାରମ୍ଭ—ଭାଗୀ. ଶିବସ୍ୱରୋଦୟ ।

Digitized by srujanika@gmail.com

୫ । (ଭଲ୍ଲ)—ନାସା ବାୟୁ (ନେତ୍ରଜ); ନାକ ପୁଡ଼ାବାଟେ ପିବା ଅବିବା ଶ୍ୱାସ ବାୟୁ—5. Breath passing through the nostrils, [ଦ୍ର—ଏହି ନାସାବାୟୁର ଜଗାଣ ପ୍ରଶ୍ୱାସ ଦ୍ୱାରା ଜୀବ ସର୍ବଦା ଅଜପା ଜପ ମନ୍ତ୍ର (ସୋଽହଂ ଓ ହଂସଃ) ଜପୁଛି ଓ ଦନରାତ୍ରି ୨୧୬୦୦ ଥର ଜପୁଛି—ମହାଭାରତ ଅଶ୍ୱମେଧ ପର୍ବ ।

୬ । (ଜ୍ୟୋତିଷ) ଶୁଭାଶୁଭ ଜଣ୍ଡିଯାର୍ଥ ଗାଇବ ଚକ୍ରରେ ସ୍ଥାପିତ କରାଯିବା ଇଦ୍ଦିଷ୍ଟ ସ୍ୱରବର୍ଣ୍ଣ ସ୍ଥଳରେ କଳ୍ପନା କରାଯାଇଥିବା ରାଶି,ଗ୍ରହ ଓ ନକ୍ଷତ୍ରଗଣ—6. (astrology) Planets and astrological signs representing different vowels and used in making astrological calculations. [ଦ୍ର—ଏହ ଗ୍ରହସ୍ୱରଚକ୍ର ଓ ରାଶିସ୍ୱର ଚକ୍ରରେ ଜନ୍ମଲଗ୍ନରାଶିରୂପେ ରାଶି ଓ ଗ୍ରହମାନଙ୍କୁ କଳ୍ପନା କରାଯାଏ, ଯଥା—

ଅ—ମେଷ, ସିଂହ ଓ ଧନୁ ରାଶି ।
ଇ—କନ୍ୟା, ମିଥୁନ ଓ କର୍କଟ ।
ଉ—ଧନୁ, ମୀନ ।
ଏ—ତୁଳା, ବୃଷ ।
ଓ—ମକର, କୁମ୍ଭ ।
ମେଷ, ବୃଶ୍ଚିକ ରାଶି=ମଙ୍ଗଳଗ୍ରହ ।
ବୃଷ, ତୁଳା=ଶୁକ୍ର ।
କନ୍ୟା, ମିଥୁନ=ବୁଧ ।
କର୍କଟ=ଚନ୍ଦ୍ର
ମୀନ, ଧନୁ=ଜୀବ ବା ବୃହସ୍ପତି ।
ମକର, କୁମ୍ଭ=ଶନି ।
ସିଂହ=ରବି ।

ସ୍ୱରୋଦୟ ଗଣନା ଚକ୍ରରେ ମଧ୍ୟ ସ୍ୱରମାନଙ୍କ ସ୍ଥଳରେ କରନ୍ତ ଜଣ୍ଡିଷ୍ଟ ଗ୍ରହମାନଙ୍କୁ ସ୍ଥାପନ କରାଯାଏ ।

ଏହ ଚକ୍ରମାନଙ୍କୁ ଯଥାକ୍ରମେ ରାଶିସ୍ୱରଚକ୍ର, ଗ୍ରହ ସ୍ୱରଚକ୍ର ଓ ନକ୍ଷତ୍ରସ୍ୱରଚକ୍ର ବୋଲଯାଏ—ବ୍ରହ୍ମ ପାସଲ୍ ଇନ୍ଦୁ]

୭ । (ଜ୍ୟୋତିଷ) ଶୁଭାଶୁଭ ଜଣ୍ଡାଯୁକ୍ତ ପକ୍ଷିସ୍ୱର କାକାଦ ପକ୍ଷୀଙ୍କ ଧ୍ୱନ—7.(astrology), The sound or note uttered by crow and other birds. [ଦ୍ର—ଏମାନଙ୍କୁ ପକ୍ଷିସ୍ୱରଜ୍ଞାନଜ୍ଞାସ୍ତ୍ର ବୋଲଯାଏ ଓ ପକ୍ଷୀମାନଙ୍କ ଉଲ ଉଲ ଧ୍ୱନରୁ ମନୁଷ୍ୟର ଶୁଭାଶୁଭ ଜଣ୍ଡାଇ ହୁଏ—ବସନ୍ତ ରାଜ, ଶାକୁନ ଗ୍ରନ୍ଥ]

ସ୍ୱରକର—ବି. ବଣ (ସ୍ୱର+କୃ ଧାତୁ+ଅଣ୍ଟି ଅ)—ଯେଉଁ ପଦାର୍ଥର ସେବନରେ ବା ବ୍ୟବହାରରେ ଗଳାର ସ୍ୱର ଗାଢ଼ ଓ ସ୍ପଷ୍ଟ ବା ମଧୁର ହୁଏ—(a thing) Which improves the tone or voice.

ସ୍ୱର କ୍ଷୟ—ବି. ବ (ଷଷ୍ଠୀ ତତ୍)—ସ୍ୱରଭଙ୍ଗ (ରୋଗ)—
Swara kshaya Swarabhanga (See)

ସ୍ୱରକ୍ଷ—ବି. ବ—ପୁରାଣାନୁସାରେ ମେରୁ ପର୍ବତର ପଶ୍ଚିମ ଭାଗରେ ବହୁଥିବା ଗଙ୍ଗାନଦୀର ଏକ ଧାରାର ନାମ; କଥ—
Swaraksha Name of a mythological current of the Ganges said to flow by the wetern side of the Meru mountain. [ଦ୍ର—ମାର୍କଣ୍ଡେୟ ପୁରାଣରେ ଅଛ ଯେ, ଭଗୀରଥ ଗଙ୍ଗାଙ୍କୁ ପୂର୍ବରୁ ମର୍ତ୍ତ୍ୟକୁ ଆଣିବା ସମୟରେ ଗଙ୍ଗା ଚାରଗୋଟି ଧାରରେ ବଇଲେ । ମେରୁ ପର୍ବତର ପଶ୍ଚିମରେ ବହୁଥିବା ଧାରର ନାମ ସୁଚକ୍ଷୁ ବା ଚକ୍ଷୁ—ଭ. ଖ]

ସ୍ୱରଗ—ଚ୍ଛା. (ପଦ୍ୟ) ବ. (ସଂ. ସ୍ୱର୍ଗ)—୧ । ସ୍ୱର୍ଗ—1. Heaven.
Swaraga [ଚ୍ଛ—ଢୋଲ ସ୍ୱର୍ଗରେ ଅନ୍ତେ ସ୍ୱଚ୍ଛେ ବାସ—ସରଗ ବଧାନାଥ. ଦେଶଦୂତ]—୨ । ଆକାଶ—2.The sky.
ସରଗ ୩ । ଶୂନ୍ୟ—3. The Space
(ମଲ୍ଲ· ଯାତାଲ– ବଯତ୍ତ୍ୱ)

ସ୍ୱରଗତ(ତା)—ଚ୍ଛା. (ପଦ୍ୟ) ବଣ—ସ୍ୱର୍ଗତ (ଦେଶ)—
Swaragata(tā) Swargata (See)
ସର୍ଗତ [ଚ୍ଛ—ନଦୁଷ ଅନୁତାପ ସାଗର ମାଝାରୁ, ଜମି ଅନ୍ଧ ଯେତେ ସର୍ଗତ ନୃପଚ୍ଛ ସ୍ୱଗେତା—କୃଷ୍ଣସିଂହ ମହାପାତ୍ରର ଛତ୍ରଚ]

ସ୍ୱରଗ ପଥର—ଦେ. ବ –କୁଅପଥର—Hailstone. [ଚ୍ଛ—
Swaraga pathara ପାଣି ହଇ ଯଡ଼େ ସ୍ୱରଗ ପଥର ତା
ସରଗପାଥର ଏଲ ଦେଖି ବାଳକମାନେ—କନକଗୋର· ନର୍ଚ୍ଛରୀ]

ସ୍ୱର ଗ୍ରାମ—ବି·ବ (ଷଷ୍ଠୀ ତତ୍)—ସଙ୍ଗୀତର ସ୍ୱରଶ୍ରେଣୀ—The musical scale; gamut. [ଦ୍ର—ସ୍ୱରଗ୍ରାମ ଲେଖି ଦେଖ]

ସ୍ୱରଘ୍ନ—ବି·ବ·—ସ୍ପୃଷ୍ଟ ଅନୁସାରେ ଗଳାର ରୋଗ ବିଶେଷ—(ହ.ଣ)
Swaraghna A kind of throat disease. [ଚ୍ଛ—ଏ ରୋଗ ବାୟୁ ପ୍ରକୋପରୁ ହୁଏ । ଏଥିରେ ଗଳା ଫୁଲଯାଏ, ସ୍ୱର ବନ୍ଦ ହଯାଏ, ଖାଇବା ପଦାର୍ଥ ଗଳାବାଟେ ଭିତରକୁ ଯାଏ ନାହିଁ ଓ ଶ୍ୱାସପ୍ରଶ୍ୱାସ ନାଡ଼ୀ ବନ୍ଦ ହୋଇଯାଏ—(ହ.ଣ) ବି· ବଣ (ସ୍ୱର+ହନ୍ ଧାତୁ+କର୍ତ୍ତୃ ଅ)—ସ୍ୱରନାଶକାରୀ—Destructive of the tone.

ସ୍ୱରଚିତ—ବି·. ବଣ (ଷଷ୍ଠୀ ତତ୍)—ନିଜଦ୍ୱାରା ରଚିତ; ନିଜଦ୍ୱାରା ରଚିତ—Composed by one's self.

ସ୍ୱରଜ୍ଞ—ବି·. ବଣ. ତ୍ରି (ସ୍ୱର+ଜ୍ଞା ଧାତୁ+କର୍ତ୍ତୃ ଅ)—ସାଙ୍ଗୀତ ସ୍ୱର
Swarajna ବୋଧ ଅଛୁ—Skilled in the science of
(ସ୍ୱରଜ୍ଞା– ସ୍ତ୍ରୀ) musical notes.

ସ୍ୱର ଜ୍ଞାନ—ବି·ତ(ଷଷ୍ଠୀ ତତ୍)—ସ୍ୱର ସମ୍ବନ୍ଧେ ଜ୍ଞାନ—Knowledge
Swara jnāna of the science of Swara in music and astrology.

ସ୍ୱରଣ—ଚ୍ଛା. ବ (ସଂ. ରଣ) ସ୍ମରଣ (ଦେଶ)—
Swarana Smāraṇa (See)
ସରନ ସମରନ

ସ୍ୱରଧର ଯନ୍ତ୍ର—ବି· ବ· (ଅଧିକତ)—ଗ୍ରାମଫୋନ୍; ଯେଉଁ ଯନ୍ତ୍ର ସାହାଯ୍ୟରେ ମନୁଷ୍ୟାଦିଙ୍କ ଗଳାର ସ୍ୱର ଓ

Digitized by srujanika@gmail.com

ସ୍ୱରଧର ଯନ୍ତ୍ର ଗ୍ରାମୋଫୋନ ବାଦ୍ୟାଦର ସ୍ୱର ଅବଳଲ ଗୁପ୍ତାତ ଦୋଇ ଘରେ ବାଦର ଦୋଇଥାରେ—Gramophone.

ସ୍ୱର ଧରି ଗାଇବା —ଦେ. କ୍ରି—କୌଣସି ଗୀତରୁ ଉପଯୁକ୍ତ ସ୍ୱର ରତିଣୀରେ ଗାଇବା—To sing a song in proper tune. [ଉ—ଉସ୍ତମାନେ ସ୍ୱରଧରକରଗାଆ ପ୍ରଭୃତନ କୌଶଳ ଅଧ୍ୟାପ୍ତ ରମାପ୍ତଣ ସ୍ୱରଧର ଗାଇବ—ଜଳକଣ୍ଠ. ପିଲ୍ଲଙ୍କ ରାମାପ୍ତଣ]

ସ୍ୱରନାଦ —ଃଂ. ବ. (ସ୍ୱରନାଦନ୍; ୧ମା. ୧ବ)—ମୁଦିରେ ଫୁଙ୍କାଯାଇ ବଜାଯିବା ବାଦ୍ୟ (ହୁ. ଶ)—A musical instrument played by blowing wind through it.

ସ୍ୱରନାଭି—ଃଂ. ବ—ମୁଁରେ ଫୁଙ୍କାଯାଇ ବଜାଯିବା ପ୍ରାଚୀନ କାଳରେ ବ୍ୟବହୃତ ଏକ ପ୍ରକାର ବାଜା—(ହୁ. ଶ) A kind of musical instrument used in ancient times by blowing with the mouth.

ସ୍ୱରନାମା—ଦେ. ବ କନ୍ଦର୍ପ; (ସ୍ୱରେଣମନ୍)ସ୍ମର—Cupid [ଉ—ସ୍ୱରନାମ ହୃତ୍ୱ ଦୃଅଇ ସେହୁ ସ୍ୱରନାମା ହୁଦେ—ଭଞ୍ଜ. ସ୍ମର କନ୍ଦର୍ପ ଦେବେପ୍ତଶବଳାଃ)

ସ୍ୱର ନାଳୀ—ଃ. ବ —ଗଳା ମଧ୍ୟର ଯେଉଁ ନାଳୀବାଟେ କଣ୍ଠ ସ୍ୱର ବାହାରେ—Trachea; windpipe.

ସ୍ୱର ପଡ଼ିବା —ଦେ. କ୍ରି.—କଣ୍ଠ ସ୍ୱରର ଉଚ୍ଚତା ଲୋପ ହେବା—The state of one's voice becoming hushed up. (ସ୍ୱର ପଡ଼ିଯିବା—ଅନ୍ୟରୂପ) **ସ୍ୱରପଡ଼େଯାଓୟା ଗଲାରୋକ**

ସ୍ୱର ପତ୍ତନ—ଃ. ବ.—(ଚତ୍ତୀ ତତ୍ ; ଏଡ଼ା ଗାକାତ୍ମକ ଥିବାରୁ)—Swara pattana ସାମବେଦ (ଶିକାଣ୍ଡ ଶେଷ)—The Sāma Beda.

ସ୍ୱରବଦ୍ଧ—ଃଂ. ବ. (ଚତ୍ତୀ ତତ୍ ;)—ସୁରରେ ବନ୍ଧା ହୋଇଥିବା (ଗୀତଆଦ); ନିର୍ଦ୍ଦିଷ୍ଟ ସ୍ୱର ଅନୁସାରେ ରଚତ (ସ୍ୱଟୀତ)—(Song) Composed in a certain musical measure.

ସ୍ୱରବନ୍ଧ—ଃ. ବ. (ଚତ୍ତୀ ତତ୍) —ଗଳାର ସ୍ୱର ବନ୍ଦ ହୋଇଯିବା; କଣ୍ଠ ପଡ଼ିଯିବା ରୋଗ—Loss of one's voice. (ସ୍ୱର ବନ୍ଦ—ଦେ. ରୂପ)

ସ୍ୱର ବର୍ଣ୍ଣ—ଃ. ବ.—ବର୍ଣ୍ଣମାଳା ମଧ୍ୟରୁ ଯେଉଁ ବର୍ଣ୍ଣମାନଙ୍କୁ ଉଚ୍ଚାରଣ କରି ବର୍ଣ୍ଣ ଲେଡ଼ା ହୁଏ ନାହିଁ (ଅଠାରୁ ଔ ପର୍ଯ୍ୟନ୍ତ)—The vowels. **ସ୍ୱର ବସିବା**—ଦେ. ବ—ସ୍ୱର ପଡ଼ବା (ଦେଖ)—Swara pardibā (See). (ସ୍ୱର ବସିଯିବା—ଅନ୍ୟରୂପ)

ସ୍ୱରବାଦ୍ଧି—ସଂ. ବ. (ସ୍ୱରବାଦ୍ଧନ୍ ; ୧ମା. ୧ବ)—ଯେଉଁ ବାଦ୍ୟରୁ କେବଳ ସ୍ୱର ବାହାରେ, ତାଳ ଆଦ ଗୁରତ ହୁଏ ନାହିଁ (ହୁ. ଶ)—A musical instrument from which tunes merely issue (& not the measures).

ସ୍ୱର ବିକାର(ବିକୃତି) —ଃ. ବ. (ଚତ୍ତୀ ତତ୍)—କଣ୍ଠସ୍ୱରର ବିକୃତି; କଣ୍ଠ Swara bikāra(bikṛuti) ଫାଟିଯିବା ବା ବସିଯିବା— Derangement or change of one's voice.

ସ୍ୱର ବିଜ୍ଞାନ —ଃ. ବ.—୧ । ଯେଉଁ ବିଦ୍ୟାଦ୍ୱାରା ସ୍ୱର ସମ୍ବନ୍ଧେ ବିଶିଷ୍ଟ Swara bijñāna ଜ୍ଞାନ ଜନ୍ମେ—1. The science of singing or music. ୨ । ସ୍ୱରୋଦୟ (ଦେଖ)— 2. Swarodaya (See).

ସ୍ୱର ବିବର୍ତ୍ତ—ଃଂ. ବ.—(ଚତ୍ତୀ ତତ୍)—୧ । ଧ୍ୱନିର ପରିବର୍ତ୍ତନ— Swara bibartta 1. Change of tune. ୨ । କଣ୍ଠ-ଧ୍ୱନିର ଜମ୍ପନ—2. Vibration of the voice.

ସ୍ୱର ବୋଧ—ଃ ବ.—ସ୍ୱରଜ୍ଞାନ; ସଙ୍ଗୀତର ସ୍ୱର ସମ୍ବନ୍ଧେ ଅଭିଜ୍ଞତା — Swara bodha Knowledge of the tunes or notes of music.

ସ୍ୱର ଭଙ୍ଗ —ଃ ବ.—୧। କଣ୍ଠ ବସିଯିବା ରୋଗ; ସ୍ୱର ବିକୃତିର ରୋଗ- Swara bhaṅga ବିଶେଷ; ଗଳାର ରୋଗବିଶେଷ; ସ୍ୱରଭେଦ — 1. A disease resulting in making the voice hoarse; hoarseness; [ଦ୍ର—ଏହି ରୋଗରେ କଣ୍ଠସ୍ୱର କ୍ଷୀଣତର, କର୍କଶତର ଓ ଜଘନ୍ୟରୂପ ହୁଏ। ଜୁର୍ ଉଚ୍ଚୈଃସ୍ୱରରେ ବାରମ୍ବାର ଚତ୍କାର କଲେ ବା ପାଠ କଲେ, ବିଷପାନ କଲେ, ଗଳାରେ ଗୁରୁତର ଆଘାତ ଲାଗିଲେ ବାୟୁ କୁପିତ ହୋଇ ସ୍ୱରନାଳୀରେ ପ୍ରବେଶ କରିବାରୁ ଏ ରୋଗ ହୁଏ (ହୁ. ଶ)—୨ । କଥା କହିବାବେଳେ (ପ୍ରାୟତଃ, ବାର୍ଦ୍ଧକ୍ୟ ବା ରୋଗ ଯୋଗୁଁ) ସ୍ୱରର କମ୍ପନ—2. Tremulousness of the voice (due to weakness, old age or disease etc). ୩ । ଉତ୍ସୃଷ୍ଟ ପ୍ରେମିକ ପ୍ରେମିକାଙ୍କ-ଠାରେ ଲକ୍ଷିତ ଅଷ୍ଟବିଧ ସାତ୍ତ୍ୱିକ ବିକାର ମଧ୍ୟରୁ ଏକତମ —3. One of the eight stages marked in insatiated lovers. [ଦ୍ର—ଏହାର ଉଦାହରଣ ଅଷ୍ଟ କୋଷ୍ଠବ୍ରହ୍ମାଣ୍ଡସୁନ୍ଦର ୮୮ଶତ ୬୮ ପଦରେ ବର୍ଣ୍ଣିତ ହୋଇଅଛୁ ।]

ସ୍ୱର ଭଙ୍ଗୀ—ଃ. ବ.—(ସ୍ୱର ଭଙ୍ଗିନ୍ ଶବ୍ଦ; ୧ମା ୧ବ)—୧ । ପକ୍ଷି- Swara bhaṅgi ବିଶେଷ (ଶବ୍ଦରତ୍ନାବଳୀ)—1. Name of a kind of bird. ୨ । ସ୍ୱରଭଙ୍ଗ (ଦେଖ)—2. Swara bhaṅga (See). ୩ । ସ୍ୱରର ବିଶେଷତ୍ୱ— 3. Peculiarity of voice. ଃ. ବଣ. ପୁଂ.— ସ୍ୱରଭଙ୍ଗ ରୋଗଗ୍ରସ୍ତ (ବ୍ୟକ୍ତି) —(a person) Suffer- (ସ୍ୱରଭଙ୍ଗିମା—ସ୍ତ୍ରୀ.ବଗ) ing from hoarseness of voice.

ସ୍ୱର ଭଙ୍ଗିଯିବା—ଦେ. କ୍ରି.—୧ । ସ୍ୱର ବିକାର (ଦେଖ)—Swara Swara bhāṅgijibā bikāra (See). ୨ । ସ୍ୱରଭଙ୍ଗ ସ୍ୱର ଭେଙ୍ଗେଯାଓୟା (ଦେଖ)—2. Swara bhaṅga (See) **ସ୍ୱର ଟୁଟଜାନା**

Digitized by srujanika@gmail.com

ସ୍ୱର ଭେଦ—ସଂ ବ.—ସ୍ୱରଭଙ୍ଗ ରୋଗ—A disease (hoarse)—Swara bheda ness). [ବ୍ୟୁ—ଖୁବ୍ ଜୋର୍‌ରେ ବା ବଡ଼ ସାଁ ଭାଁ କରି ବା ଚାଣିଦୋଇ କଥା କହିବା ବା ଗୀତ ବୋଲିବା, ବହୁତ ସାଙ୍ଗୀ ପିଇବା, ଦେହରେ ଥଣ୍ଡା ଲାଗିବା, ବହୁତ ଶୋଇ କଫ ବାହାରିଲେ ବା କାନ୍ଦିବା ଯୋଗୁଁ ବା ଗଳାରେ କଫ ଜମିଲେ ବା ଶରଦ ଓ ଚାଷ ହେଲେ ଏ ରୋଗ ଜାତ ହୋଇ କଣ୍ଠର ସ୍ୱର ବସିଯାଏ, ଅର୍ଥାତ୍ ଇର୍କଶ ବା ଶବ୍ଦଜ୍ଞାନ ହୁଏ । ଗଳା ଉଚ୍ଚରେ ଚ୍ଲେଦର ସ୍ତ୍ରୁ ବସିବା ଓ ଗଳାରେ ଖତ ହେବା ଯୋଗୁଁ ସ୍ୱର ବହୁତ ହୋଇଯାଏ । ଘିଅ, ଚଦା, ପିପ୍ପଳୀ, ବାହାଡ଼ା, ଦଶମୂଳ ଥାରନ ଆଦ ସେବନ କଲେ ଏ ରୋଗ ଜମିଯାଏ ।]

ସ୍ୱର ଭାନୁ— ସଂ, ବ.—(ନାମ) ସତ୍ୟଭାମାଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କ ଦଶପୁତ୍ର Swarabhānu ମଧ୍ୟରୁ ଜଣେ (ହି.ଶ)—Name of one of the ten sons of Srī Krushna by Satya-bhāmā.

ସ୍ୱର ଭାବ—ସଂ. ବ.—କେବଳ ସ୍ୱରଦ୍ୱାରା ମନୋଭାବ ପ୍ରକାଶ କରିବା Swara bhāba ରୂପ ସଙ୍ଗୀତର ଗୂଢ଼ ଭାବ ମଧ୍ୟରୁ ଗୋଟିଏ (ହି.ଶ)—One of the four modes of expressing one's thought by the voice only.

ସ୍ୱର ଭେଦ—ସଂ. ବ.—ସ୍ୱରଭଙ୍ଗ (ହି. ଶ) (ରୋଗ)—Swara bheda Swara bhanga (See)

ସ୍ୱର ମଣ୍ଡଳ—ସଂ. ବ. ବାଣା ବିଶେଷ (ଶବ୍ଦରତ୍ନାବଳୀ)—A kind Swara mandala of harp. [ବ୍ୟୁ—ଭ୍ରାଙ୍ଗ ମର୍ଦ୍ଦନ (ସ୍ୱର ମଣ୍ଡଳକା—ଅନ୍ୟରୂପ) ସ୍ୱରମଣ୍ଡଳ ଏ ବାଣା—ସ୍ତ୍ରୀ. ରତ୍ନମଞ୍ଜରୀ ।

ସ୍ୱରମଣ୍ଡଳିକା—ସଂ. ବ.—ପ୍ରାଚୀନକାଳର ଏକ ପ୍ରକାର ବାଣା (ହି. ଶ)] Swaramandalikā A kind of ancient harp

ସ୍ୱର ମାଧୁରୀ(ମାଧୁର୍ଯ୍ୟ)—ସ. ବ (ଷଷ୍ଠୀ ତତ୍ପୁ)—ସ୍ୱରର ମଧୁରତା; ଶ୍ରୁତି- Swara mādhurī(mādhurjya) ମଧୁରତା—Sweetness

ସ୍ୱରାଜ୍—ପ୍ରାଦେ (କର୍ମଧ) ବ—ସୂର୍ଯ୍ୟ— of voice or tune. Swaraj The sun.

ସ୍ୱର ଯୋଗ—ସ ବ—ସଙ୍ଗୀତରେ ବାଦ୍ୟଯନ୍ତ୍ରର ସ୍ୱର ସଙ୍ଗେ କଣ୍ଠସ୍ୱରର Swara joga ସଯୋଗ; ଲୟ—Intonation of a song; making the instrumental music tally with the vocal music.

ସ୍ୱର ଲମ୍ବା(ମ୍ବେ)ଇ ବା—ଦେ.କ୍ରି—ଛଳନା କରି ଉଚ୍ଚ ସ୍ୱରାଧିକ କାନ୍ଦିବା- Swara kambā(mbe)ibā To moan with a ସ୍ୱରଲମ୍ବାକରା ବିଲାପକରିବା long voice.

ସ୍ୱର ଲାସିକା—ସ.ବ (ସ୍ୱର + ଲସ୍ ଧାତୁ=ଲାଳାଚରିବା+କର୍ତ୍ତୃ. ଅକ + Swara lāsikā ସ୍ତ୍ରୀ. ଆ)—ବଶୀ (ଶବ୍ଦରତ୍ନାବଳୀ)—Flute.

ସ୍ୱର ଲିପି—ଦେ. ବ (ସ. ଷ. ତତ୍ପୁ; ସ୍ୱରବଜ୍ଞାପକ ଲିପି)—ଭୌତିକ ସଙ୍ଗୀତ Swara lipi ବିଷୟସ୍ୱରରେ ବୋଲାଯିବ ବା ଯନ୍ତ୍ର ସ୍ୱରଲିପି ସ୍ୱରଲିପି ଦ୍ୱାରା କଳା ଯାଇ ପାରିବ, ଏଭଳି ଲାଞ୍ଛିତାକାରରେ ଲେଖା ଯାଇଥିବା ପାଠକ୍ରମ: ସଙ୍ଗୀତର ସ୍ୱର, ସ୍ୱରଗତିଶୀ, ତାଳ, ଲୟ, ମାତ୍ରା ଆଦ ଜ୍ଞାପକ ଲିପି—A chart indicating the intonation and tune etc of a song; musical chart. [ବ୍ୟୁ—ଏହା ସ୍ୱରଲିପିର ଦେଖି ଜାପଦେଶଜରତ୍ରେ ହୋଇ କୌଣସି ସ୍ୱରଲିପିଜ୍ଞ ବ୍ୟକ୍ତି ସଙ୍ଗୀତବଶେଷର ଅନାସ୍ପାସରେ ଗାଇ ପାରିବେ ଓ ବଜାଇ ପାରିବେ ।]

ସ୍ୱର ଶାସ୍ତ୍ର—ସ. ବ—ସ୍ୱରୋଦୟ (ଦେଖ)—

Swara sāstra Swarodaya (See)

ସ୍ୱ ରସ—ସ. ବ (ଷଷ୍ଠୀ ତତ୍ପୁ; ସ୍ୱ=ନଜର+ରସ=ଅନ୍ତ୍ରାସ୍ୱ)—

Swa rasa ୧ । ନଜର ଇଚ୍ଛା; ସ୍ୱେଚ୍ଛା-1. One's wish. ୨ । (ବୈଦ୍ୟକ) ଶିଳରେ ଛେଚି ହୋଇ ଚଟୁଡ଼ା ଯାଇଥିବା ରସ; (ପତ୍ର, ଲତା, ଫଳାଦର) ଶିଳାପିଷ୍ଟ ଥୋଡ଼ର ରସ—2. Juice pressed after bruising any leaf,plant, fruit etc. ୩ । ସଦ୍ୟଃ ସଗୃହୀତ ଶତାବରୀ ଓ ଶ୍ୱେତମୁରୁଣ୍ଡୀ ପ୍ରଭୃତି କେତେକ ଔଦ୍ଭିଜ୍ଜର ମୂଳ ଏବଂ ଅବଶ୍ୟକ ଦ୍ରବ୍ୟର ସହ ପ୍ରତ୍ତଲକୁ କୁଟି ବାହାର କରାଯିବା ରସ ଦ୍ରବ୍ୟଗୁଣ ଚନ୍ଦ୍ରପ୍ରଭ) —3.The juice which is pressed out from fresh leaves, roots etc of Aspargus Racemosus, white hogweed and some other medicinal herbs.

ସ୍ୱର ସନ୍ଧି—ସ. ବ—(ବ୍ୟାକରଣ) ପୂର୍ବପଦର ଶାନ୍ତ୍ୟସ୍ଥ ଓ ପରବର୍ତ୍ତୀ ପଦର Swara sandhi ଆଦ୍ୟସ୍ଥ ଦୁଇଟି ସ୍ୱରବର୍ଣ୍ଣର ମିଳନ ଦ୍ୱାରା ଉଚ୍ଚାରଣ ବର୍ଣ୍ଣର ଏକ ବର୍ଣ୍ଣରେ ପରିଣତ ହେବାର ଅବସ୍ଥା ଓ ସେ ସମ୍ପର୍କୀୟ ବ୍ୟାକରଣର ନିୟମ— Grammar) Coalition of two vowels (one at the end of a word and the other at the beginning of another word) into one. [ବ୍ୟୁ—'ଅ' ବା 'ଆ' ସଙ୍ଗେ 'ଅ' ବା 'ଆ' ମିଶିଲେ 'ଆ' ହୁଏ । ଯଥା—ଦ୍ରେନ + ଅଜନ=ଦ୍ରେମାଜନ । ଏହାପର ଅ+ଇ=ଏ; ଅ+ଉ=ଓ; ଅ+ଋ=ଅର୍; ଅ+ଓ=ଔ ଇତ୍ୟାଦ ।]

ସ୍ୱର ସମୁଦ୍ର—ସ. ବ—ପ୍ରାଚୀନକାଳର ତନ୍ତ୍ରୀ ବାଦ୍ୟ ବିଶେଷ (ହି. ଶ)- Swara samudra A kind of stringed musical instrument of ancient times.

ସ୍ୱରସା—ସ. ବ—୧ । କପିଡ୍ଡ ପତ୍ରକ ନାମକ ଔଷଧି (ହି. ଶ)—

Swarasā 1. Name of medicinal herb. ୨ । ଲାକ୍ଷା (ହି. ଶ)—2. Shell lac.

ସ୍ୱରସାଦ—ସ. ବ—ଗଳା ବସିଯିବା; ସ୍ୱରଭଙ୍ଗ (ହି. ଶ)—

Swarasāda Hoarseness of voice.

ସ୍ୱ ରସାଦି—ସ. ବ—କଷାସ୍ୱ; କେତେକ ଔଷଧ ଦ୍ରବ୍ୟ ପାଣିରେ ଅଉଟା Swa rasādi ହୋଇ ପ୍ରସ୍ତୁତ କରାଯିବା ପାରନ—A decoction made by boiling some medicines with water.

Digitized by srujanika@gmail.com

ସ୍ୱରା—ସଂ. ବ (ସ୍ୱର + ଅ) — ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ; ଗାୟତ୍ରୀଙ୍କ ସପତ୍ନୀ (ଯଦୁସ୍ୱରଣ· ଉତ୍ତର ଖଣ୍ଡ; କାର୍ତ୍ତିକ ମାହାତ୍ମ୍ୟ)— Name of the elder wife of Brahmā.
Swarā
ସ୍ୱରା(ରେ)ଇବା—ଦେ. କି· (ସଂ. ସ୍ମୃ ଧାତୁ) —ସ୍ମରଣ କରିବା (ଦେଶ)
Swarā(re)ibā — Surāibā (See)
ସ୍ୱରାଂଶ—ସଂ. ବ (ସପ୍ତମୀ ତତ୍ପୁ) (ସଙ୍ଗୀତ)— ସ୍ୱରର ଅର୍ଦ୍ଧ ବା ପାଦ (ଶବ୍ଦ କଳ୍ପଦ୍ରୁମ)—(Music) A part or half of a musical note.
Swarāṁśa
ସ୍ୱରାନ୍ତ—ସଂ. ବଣ (ବହୁବ୍ରୀହି; ସ୍ୱର + ଅନ୍ତ)—ଯେଉଁ ପଦର ଶେଷ ଅକ୍ଷର ସ୍ୱରବର୍ଣ୍ଣ ଅଟେ—(a word) Ending with a vowel.
Swarānta
ସ୍ୱରାଜ୍(ଜ)—ଦେ. ବ (ସଂ. ସ୍ୱରଜ୍ୟ)—ସ୍ୱରାଜ୍ୟବାସୀ ବା ସ୍ୱଦେଶବାସୀଙ୍କ ଦ୍ୱାରା ବ୍ୟବସ୍ଥାପନ ପ୍ରଣାଳୀ; ସ୍ୱାୟତ୍ତଶାସନ— Autonomy; Swaraj; government of a country by its own people; self-government. [ଟ—ଏହି ଶବ୍ଦ ଇଂରାଜ ଭାଷାରେ ଚଳନ୍ତିଣି । ମହାତ୍ମା ଗାନ୍ଧୀଙ୍କ ପ୍ରବର୍ତ୍ତନାରେ ଭାରତବାସୀମାନେ 'ସ୍ୱରାଜ' ପାଇବା ପାଇଁ ବ୍ରିଟିଶ୍ ଜାତିଙ୍କ ବିରୁଦ୍ଧରେ ସ୍ୱର୍ଦ୍ଧା ସହ୍ୟତ ଦାବୀ କରୁ ଅଛନ୍ତି ଓ ଏହି ଆନ୍ଦୋଳନ ଫଳରେ ଇଂରେଜ ସରକାର ଭାରତବାସୀଙ୍କୁ କ୍ରମଶଃ ସ୍ୱାୟତ୍ତ ଶାସନ ବା ସ୍ୱରାଜ ଦେବା ପାଇଁ ୧୯୧୮ ସାଲଠାରୁ ପ୍ରତିଶ୍ରୁତି ଦେଇ ଆସୁ ଅଛନ୍ତି । କେହି କେହି କହନ୍ତି ଯେ, 'ସ୍ୱରାଜ'ର ଅର୍ଥ ଇଂରେଜମାନଙ୍କ ସଙ୍ଗରୁ ସବୁ ସମ୍ପର୍କ ତୁଟାଇ ଦେଇ ଭାରତବାସୀମାନେ ନିଜ ଦେଶରୁ ଶାସନ କରିବେ । ପୁଣି କେହି କେହି କହନ୍ତି—କାନେଡା, ଅଷ୍ଟ୍ରେଲିୟା ପରି ଭାରତବର୍ଷ ଇଂରେଜ 'ସାମ୍ରାଜ୍ୟ'ର ଘଟକରାଜ୍ୟ ହୋଇ ବ୍ରିଟିଶ୍ ସମ୍ରାଟଙ୍କୁ ନାମ ମାତ୍ର (Constitutional) ସମ୍ରାଟ୍ ବୋଲି ସ୍ୱୀକାର କରିବ ଓ ସବୁ ବିଷୟରେ ଇଂରେଜମାନଙ୍କ ସମକକ୍ଷ ହେବ । ଏହି ସ୍ୱରାଜ ମତାବଲମ୍ବୀମାନେ ୨ଟି ଦଳ ହୋଇଅଛନ୍ତି । ଯଥା—

୧ । ଚରମ ପନ୍ଥୀ (Extremists)—ଯେଉଁମାନେ ଭାରତର ଇଂଲଣ୍ଡ ସଙ୍ଗେ କିଛି ମାତ୍ର ରାଜନୈତିକ ସମ୍ପର୍କ ରଖିବାକୁ ଇଚ୍ଛା କରନ୍ତି ନାହିଁ ।

୨ । ନରମ ପନ୍ଥୀ ବା ମଡରେଟ୍ (Moderates)— ଭାରତ ବ୍ରିଟିଶ୍ ସାମ୍ରାଜ୍ୟର ପରିବାରଭୁକ୍ତ ସମାନାଧିକାର-ପ୍ରାପ୍ତ ରାଜ୍ୟ ହେବାକୁ ଯେଉଁମାନେ ଦାବି କରନ୍ତି । ଏହି ମତାବଲମ୍ବୀମାନଙ୍କୁ 'ସ୍ୱରାଜ' ଦଳଭୁକ୍ତ (Swarajist) କୁହାଯାଏ ।

ଗାନ୍ଧୀ ମହାତ୍ମା ଛାଡରେଟ୍ ଦଳର ନେତା । ବଙ୍ଗର ସ୍ୱର୍ଗୀୟ ଚିତ୍ତରଞ୍ଜନ ଦାସ (ସି. ଆର୍· ଦାସ) ପ୍ରଥମେ ଚରମ ପନ୍ଥୀ ସ୍ୱରାଜ ଥିଲେ; କିନ୍ତୁ ପରେ ମଡରେଟ୍ ଦଳର ନାଙ୍କ ପ୍ରତି ଆକୃଷ୍ଟ ହେଲେ । ପ୍ରଥମେ ସ୍ୱରାଜୀମାନେ ସରକାରଙ୍କ ସଙ୍ଗେ ଅସହଯୋଗ (Non-co-operation) ପନ୍ଥା ଅବଲମ୍ବନ କରିଥିଲେ; କିନ୍ତୁ କ୍ରମଃ ପ୍ରତିବାଦମୂଳକ ସହଯୋଗ (Responsive co-operation) ମାନ୍ଥ ଅବଲମ୍ବନ କରୁ ଅଛନ୍ତି । ଭାରତର ପ୍ରାଦେଶିକ ଓ କେନ୍ଦ୍ରିକ ସଭ୍ୟମାନଙ୍କର ମେମ୍ବର ମାନେ ଯେଉଁ ବଡଲ ଦଲମାନ ଗଢି ଥିଲେ, ସେମାନଙ୍କ ମଧ୍ୟରେ ସ୍ୱରାଜ୍ୟ ଗୋଷ୍ଠୀର ଦଳ ଗଢି ଥିଲେ ଏବଂ ଚିତ୍ତରଞ୍ଜନଙ୍କ ମୃତ୍ୟୁ ପରେ ପଣ୍ଡିତ ମୋତିଲାଲ ନେହରୁ ଓ ବଲ୍ଲଭଭାଇ ପଟେଲ ଏହି ସେହି ଦଳର ନେତୃତ୍ୱ ଦୋଇ ଥିଲେ । ବର୍ତ୍ତମାନ ଡକ୍ଟର୍ ମଞ୍ଜେ 'ଭାରତର ପୂର୍ଣ୍ଣ ସ୍ୱାଧୀନତା' ପାଇର ସମର୍ଥକ ଅଟେ ତଥାପି କଂଗ୍ରେସ୍ ଉକ୍ତ ବନ୍ଧବ୍ୟକୁ ଆପତତଃ ବୈଧିକ ସ୍ୱାୟତ୍ତ ଶାସନର ଯଥାଯାଗ ଥିବା ଜଣାଯାଏ ।]

ସ୍ୱରାଜ ଦଳ—ଦେ. ବ.—ଭାରତ ସ୍ୱରାଜ୍ୟ ପାଇ କରିବା, ଏହି ଦାବି ଉପରେ ପ୍ରତିଷ୍ଠିତ ରାଜନୈତିକ ଦଳ—ସ୍ୱ. ସ୍ୱରାଜ ଦଳ
Swarāja dala
ସ୍ୱରାଜ ଦଳ
स्वराज दल political party formed for claiming self-government for India; the Swaraj party.

ସ୍ୱରାଜି (ଜୀ)—ଦେ· ବ.—ନିଜର ବୁଦ୍ଧି ବା ସମ୍ମତି; ନିଜର ସ୍ୱାଧୀନ ଇଚ୍ଛା
Swarāji (jī)
ସରାଜୀ
स्वराजी —One's free consent; consent obtained from a person without coercion.

ସ୍ୱରାଜୀ ଦେ· ବଣ.—ସ୍ୱରାଜ୍ୟ (ଦେଶ)—Swarājiā (See).

ସ୍ୱରାଜିଆ (ଷ୍ଟ୍)—ଦେ. ବିଣ (ସ. 'ସ୍ୱରାଜ୍ୟ'ରୁ ଜାତ ଦେଶୀୟ 'ସ୍ୱରାଜି' ଶବ୍ଦ ସଙ୍ଗେ ଦେଶୀୟ 'ଇୟା' ପ୍ରତ୍ୟୟ ଏବଂ ଇଂରାଜୀ ଭାଷା 'ist' ପ୍ରତ୍ୟୟ କାରଣ ଯଦି)—୧ । ସ୍ୱରାଜ ଦଳ ସମ୍ବନ୍ଧୀୟ—1. Relating to the Swarāj party. ୨ । ସ୍ୱରାଜ ଦଳଭୁକ୍ତ—2. Belonging to the Swarāj party; ଦେ· ବ—ସ୍ୱରାଜ ମତାବଲମ୍ବୀ ବ୍ୟକ୍ତି—A Swarājist; a person who is a member of the Swaraj party.
Swarājiā (shṭ)
ସ୍ୱରାଜିଆ
स्वराजी

ସ୍ୱରାଜ୍ୟ—ସଂ. ବ.—୧ । ନିଜର ରାଜ୍ୟ—1. One's kingdom. ୨ । ନିଜର ଦେଶ; ମାତୃଭୂମି; ସ୍ୱଦେଶ—2. One's (ପର ରାଜ୍ୟ—ବିପରୀତ) mother country. [ଦେ. ବ.—୧ । ସ୍ୱରାଜ୍ୟ ସ୍ୱଦେଶବାସୀଙ୍କ ଦ୍ୱାରା ଶାସିତ ରାଜ୍ୟ—1. A country governed by its own people; republic. ୨ । ସ୍ୱାୟତ୍ତ ଶାସନ ('ସ୍ୱରାଜ' ଦେଶ)—2. Self government. ୩ । ସ୍ୱରୂପରେ ସ୍ଥିତି ବା ଅବସ୍ଥାନ— 3. Personal presence. [ଜ—ଯେବେ ଦେଉଛୁ ଦେବେ ମୋତେ, ସ୍ୱରାଜ୍ୟେ ରହଇ ନଶ୍ଚିନ୍ତେ —ଜଗନ୍ନାଥ ରାମଦାସ ।]
Swarājya
ସ୍ୱରାଜ୍ୟ
स्वराज्य

ସ୍ୱରାଜ୍ୟ ଦଳ—ସଂ. ବ. (ଅଧିକ ପ୍ରଯୋଗ)—ଭାରତର ରାଜନୈତିକ ଦଳବିଶେଷ—The Swarājist party (of India).
Swarājya dala
ସ୍ୱରାଜ୍ୟ ଦଳ
स्वराज्यदल

ସ୍ୱୟଂ—ସଂ. ବ.—(ସ୍ୱ = ନିଜେ + ଅଞ୍ଚ୍. ଞ୍ଚି ଧାତୁ = ଯାଉଥିବା + କର୍ତ୍ତୃ ଏ୍ୟ୍; 'ସ୍ୱୟଞ୍ଚ୍' ଶବ୍ଦ; ୧ମା. ୧ବ) —ସ୍ୱତଃପ୍ରକାଶ;
Swayaṁ

ସ୍ୱପ୍ରକାଶ—Self-illuminated; self-effulgent.

ସ୍ୱର—୧ । ଈଶ୍ୱର—1. God. ୨ । ବୈଦିକ ଛନ୍ଦୋବିଶେଷ (ଶବ୍ଦ କଲ୍ପଦ୍ରୁମ)—2. Name of a vedic Sanscrit metre. [ଦ୍ର—ଏ ଛନ୍ଦର ୩୪ ପାଦ ଅଛି—ପ୍ରଥମ ଦୁଇ ପଦରେ ୮ ଅକ୍ଷର ଲେଖାଏ ଓ ତୃତୀୟ ପାଦରେ ୧୦ ଅକ୍ଷର ଥାଏ ।]—୩ । ସ୍ୱତନ୍ତ୍ର ଶାସନ ପ୍ରଣାଳୀ ପ୍ରଚଳିତ ଥିବା ରାଜ୍ୟର ରାଜା (ହୁ. ଶ)—3. A constitutional monarch of a republic.

ସ୍ୱରାନୁକରଣ—ସଂ. ବ.—(୬ଷ୍ଠୀ ତତ୍ପୁ.)—ଜଣ୍ଟ ଧ୍ୱନିର ଅନୁକରଣ—Swarānukaraṇa Imitation of the voice.

ସ୍ୱରାନୁଭାବକତା—ସଂ. ବଣ.—ସ୍ୱରଜ୍ଞାନଜନକ ବୃତ୍ତି—Faculty Swarānubhābakatā of understanding the Swara (of music) or musical note.

ସ୍ୱରାପଗା—ସଂ. ବ. (୬ଷ୍ଠୀ ତତ୍ପୁ.; ସ୍ୱଃ=ସ୍ୱର୍ଗ+ଅପଗା=ନଦୀ)—Swarāpagā ସ୍ୱର୍ଗଙ୍ଗା (ଦେବଯାନ); ମନ୍ଦାକିନୀ—The Ganges said to flow in the heaven.

ସ୍ୱରାମକ—ସଂ. ବ.—ଅଗରୋଟ ଗଛ (ହୁ. ଶ)—The walnut Swarāmaka tree.

ସ୍ୱରାଲୁ—ସଂ. ବ.—ବଚ୍ (ଶବ୍ଦରତ୍ନା)—Swarālu The sweet flag; Acorus Calamus.

ସ୍ୱରାଷ୍ଟ୍ରକ—ସଂ. ବ.—ବଙ୍ଗାଳି, ଭୈରବ, ଗାନ୍ଧାର, ପଞ୍ଚମ ଓ ଗୁର୍ଜ୍ଜରୀ ରାଗର ମେଳରେ ରଚିତ ସଙ୍କର ରାଗ (ହୁ. ଶ)—Swarāshṭaka Name of a hybrid tune in Hindu music.

ସ୍ୱରାଷ୍ଟ୍ର—ସଂ. ବ.—୧ । ରାଜାଙ୍କର ନିଜରାଜ୍ୟ—1. A king's own kingdom. ୨ । ପ୍ରାଚୀନ ସୌରାଷ୍ଟ୍ର ଦେଶର ଏକ ନାମ (ହୁ. ଶ)—2. A name of ancient Saurāshṭra. ୩ । ତାମସ ମନୁଙ୍କ ପିତାଙ୍କ ନାମ (ହୁ. ଶ)—3. Name of the father of Tāmasa Manu. [ସ୍ୱରାଷ୍ଟ୍ର—ଷଷ୍ଠୀତତ୍]

ସ୍ୱରାଷ୍ଟ୍ର ସଚିବ—ସଂ. ବ.—[illegible] Swarāshṭra sachiba (ସ୍ୱରାଷ୍ଟ୍ର ସଚିବ—ଷଷ୍ଠୀତତ୍) ରାଜ୍ୟର ଭିତରର କାର୍ଯ୍ୟ ବୁଝୁଥିବା—Secretary of State; minister for the internal affairs of a State; Home Secretary.

ସ୍ୱରିତ—ସଂ, ବଣ.—(ସ୍ୱର=ଗୀତ ଧ୍ୱନି+ସୂଚ୍ୟାର୍ଥେ ଇତ)—୧ । ସ୍ୱର Swarita ସହିତ—1. Accompanied with sound. ୨ । ଉଚ୍ଚାରିତ—2. Uttered. ୩ । (ସ୍ୱର୍ ଧାତୁ+କର୍ମ୍ମଣି)—ଆନ୍ଦୋଳିତ—3. Aroused; overthrown. ସଂ. ବ—ଉଦାତ୍ତ ଓ ଅନୁଦାତ୍ତର ମଧ୍ୟବର୍ତ୍ତୀ ସ୍ୱର; ମଧ୍ୟମରୂପେ ଉଚ୍ଚାରିତ ସ୍ୱର—The middle or intermediate tone in music, [ଦ୍ର—ଏଥିରେ ଅତି ଉଚ୍ଚ (ଉଦାତ୍ତ) ବା ଅତି ନୀଚ (ଅନୁଦାତ୍ତ) ନୁହେଁ ।]

ସ୍ୱରୁବା—ଗ୍ରା. କ୍ରି (ସ୍ମୃ ଧାତୁ)—୧ । ସ୍ମରଣ କରିବା (ଦେଖ)—Swaribā 1. Smaribā (See) ୨ । (ସଂ. ସ୍ଫୁର ଧାତୁ) ସ୍ଫୁରା ସ୍ଫୁରଣ କରିବା (ଦେଖ)—2. Sphuribā (See) [ଉ—ସମ୍ଭରନା ଯାଦ ନ ଚଲଇ ଜହିଁ ନ ସ୍ୱରଇ ସ୍ୱାମୀ । ଗ୍ରାଚୀ. ଚତ୍ତ ଜରୂଥଣ ଗୀତା ।] ୩ । (ସଂ. ସ୍ପୃହ ଧାତୁ) ସ୍ପୃହାଯୁକ୍ତ ହେବା—3. To be desirous of.

ସ୍ୱରୀ—ଗ୍ରା. ବ. ସ୍ତ୍ରୀ (ନାମ)-୧ । ସରସ୍ୱତୀର ଡାକ ନାମ-1. Nick name Swarī of Saraswatī. ୨ । ହୋଗୁ; ମାଳର ସ୍ୱର୍—ସର ସରୀ ମର ଛଡ଼ 2. String of necklace etc.

ସ୍ୱରୀଶ୍ୱର—ସଂ. ବ (୬ଷ୍ଠୀ ତତ୍ପୁ; ସ୍ୱଃ=ସ୍ୱର୍ଗ+ଈଶ୍ୱର)—ଇନ୍ଦ୍ର; Swarīśwara ସ୍ୱରଙ୍କ—Indra; the king of the gods.

ସ୍ୱରୁ—ସଂ. ବ (ସ୍ୱୃ ଧାତୁ+କରୁ. ତ୍ର)—୧ । ବଜ୍ର (ଅମର)—Swaru 1. Thunder; thunder-bolt. ୨ । ଯୂପଗଣ୍ଡ (ମେଦଗ)—2. A piece of sacrificial log. ୩ । (+ଅଧ୍ୱ. ତ୍ର) ସଜ୍ଞ; (ମେଦଗ)—3. Vedic sacrifice. ୪ । ବେଧନାସ୍ତ୍ର—4. A drill; anger. ୫ । ଶର (ମେଦଗ), ବାଣ—5. Arrow. ୬ । ସୂର୍ଯ୍ୟରଶ୍ମି; ଖର (ଶବ୍ଦ କଲ୍ପଦ୍ରୁମ)—2. Sun's rays; sunbeam. ୭ । ବୃଶ୍ଚିକ ଭେଦ (ଶବ୍ଦ କଲ୍ପଦ୍ରୁମ)—7. A kind of scorpion.

ସ୍ୱରୁଃ—ସଂ. ବ (ଶ୍ୱରୁସ୍ ଶବ୍ଦ; ୧ମା. ୧ବ; ସ୍ୱୃ ଧାତୁ+କରୁ.ଅସ୍)—Swaruḥ ବଜ୍ର (ମାଳକଣ୍ଠ)—Thunder.

ସ୍ୱରୁଚି—ସଂ. ବ (୬ଷ୍ଠୀ ତତ୍)—୧ । ସ୍ୱେଚ୍ଛା (ପ୍ରାପ୍ତବ୍ୟ ବସ୍ତୁ)—Swaruchi 1. One's free will. ୨ । ନିଜର ରୁଚି—2. One's natural or personal taste. ବଣ. (ସୁଂ ଓ ସ୍ତ୍ରୀ)(ବହୁବ୍ରୀ.ସମା)—ସ୍ୱେଚ୍ଛାଚାରୀ;ହେବା; ସ୍ୱତନ୍ତ୍ର—Independent; acting with freedom; freely moving.

ସ୍ୱରୂପ—ସଂ. ବ (୬ଷ୍ଠୀ ତତ୍)—୧ । ନିଜର ପ୍ରକୃତ ରୂପ—1. One's real form. ୨ । ସ୍ୱଭାବ; ପ୍ରକୃତି (ଅମର)—2. Nature. ୩ । ସ୍ୱାଭାବିକ ଅବସ୍ଥା—3. Natural condition. ୪ । ପଣ୍ଡିତ—4. A learned man. ୫ । କୌଣସି ବସ୍ତୁର ବା ବ୍ୟକ୍ତିର ମୂର୍ତ୍ତି ବା ଚିତ୍ର [ହୁ. ଶ] 5. The image or picture of any thing or person. ୬ । ଦେବତା ଆଦିଙ୍କ ଧୃତ ରୂପ (ହୁ. ଶ)—6. The form assumed by a Deity. ୭ । ଆତ୍ମା (ହୁ. ଶ)—7 Soul ବଣ.—୧ । ପଣ୍ଡିତ (ଅମର)—(ସ୍ୱରୂପା—ସ୍ତ୍ରୀ.ବଣ) 1. Learned. ୨ । ମନୋଜ୍ଞ; ସୁନ୍ଦର; ଅପରୂପ (ଅମର)—2. Graceful; charming. ୩ । ଅବିକଳ—3. Exact; true; complete. [ଉ—ଏବେ ମୁଁ କହୁଛି ସ୍ୱରୂପ ବଚନ—ରଘୁନାଥ ଚତୁଷ୍ପଦୀସାର୍ଦ୍ଧ ।]

ସ୍ୱରୂପତା, ସ୍ୱରୂପତ୍ୱ, ସ୍ୱାରୂପ୍ୟ } ବ

Digitized by srujanika@gmail.com

ତ । ପ୍ରକୃତ; ଯଥାର୍ଥ—4. Actual; real. ୫ । ସଦୃଶ; ତୁଲ୍ୟ—5. Similar. ୬ । (ଯେକୌଣସି ବସ୍ତୁର ବା ବ୍ୟକ୍ତିର) ସଦୃଶରୂପ—6. The image of (any thing or person). [ଉ—ସ୍ୱରୂପରଖାଟେ ବସାଡା ଗଲା ଏ ରୂପ ଲଜ୍ଜ—ବଞ୍ଚ କୋଽଟ୍ରବ୍ରାଣ୍ଡସ୍ୱଦଗ୍ଧ ।] ଦେ.ବ—୧। ବାସ୍ତବିକ ଘଟଣା ବା ଅବସ୍ଥା—1. Actual state of affairs. [ଉ—ସ୍ୱରୂପ ବଖାର କଣେ କରନ୍ତେ କୋଳ—ଶିଶୁଶଙ୍କର ଉଷା ଅଉଳାଷ ।]—୨ । (ସଂ.ରୂପ) ରୂପ—2. Shape; form. [ଉ—ନାନା ସ୍ୱରୂପ ଭୁମେ ଧର, ଅନେକ ଶରୀର କର୍ମ ଭର । ଭୂପଦ୍ମ ପ୍ରେମ ପଞ୍ଚାମୃତ ।]

ସ୍ୱରୂପ ଚିନ୍ତା—ସ. ବ—ଦେବତାଙ୍କର ନିଜର ରୂପର ଧ୍ୟାନ—Swarūpa chintā Contemplation of the form of a Deity.

ସ୍ୱରୂପତଃ—ସ. ଅ (ସ୍ୱରୂପ + ତସ୍)—ପାରମାର୍ଥତଃ; ପ୍ରକୃତପକ୍ଷେ—Swarūpatah Actually. (ସ୍ୱରୂପତ—ଦେ. ରୂପ)

ସ୍ୱରୂପତା(ତ୍ୱ)—ସ. ବ(ସ୍ୱରୂପ + ତ୍ରାବ. ତା; ତ୍ୱ)—୧ । ଅନନ୍ୟତା—Swarūpatā(twa) 1. Identity. ୨ । ସାଦୃଶ୍ୟ—2. Similarity.

ସ୍ୱରୂପ ନିରୂପଣ(ନିର୍ଣ୍ଣୟ)—ସ. ବ—ପ୍ରକୃତ ଅବସ୍ଥାର ବା ରୂପର ନିର୍ଦ୍ଧାରଣ Swarūpa nirūpaṇa(nirṇṇaya) —Ascertainment of the actual form or condition.

ସ୍ୱରୂପ ଯୋଗ୍ୟ—ସ. ବଣ—ନିଜର ଉପଯୋଗିତା ଅନୁସାରେ କାର୍ଯ୍ୟ-ସିଦ୍ଧି ପାଇଁ ଉପଯୁକ୍ତ; କାର୍ଯ୍ୟ ସାଧନୋ-Swarūpa jogya (ସ୍ୱରୂପଯୋଗ୍ୟତା—ବ) ପଯୋଗୀ—Individually fit for accomplishing any work.

ସ୍ୱରୂପ ସମ୍ବନ୍ଧ—ସ. ବ—ଅଭିନ୍ନ ସମ୍ବନ୍ଧ; ଅନ୍ୟ ବ୍ୟକ୍ତିର ବା ବସ୍ତୁର Swarūpa sambandha ଅନୁରୂପତାଜନିତ ସମ୍ବନ୍ଧ—Exact relationship; relationship in which there is no difference.

ସ୍ୱରୂପାଖ୍ୟାନ—ସଂ. ବ (ଷଷ୍ଠୀ ତତ୍ପୁ)—ପ୍ରାକୃତିକ ଅବସ୍ଥାର ବର୍ଣ୍ଣନା—Swarūpākhyāna The story or description of the natural or original condition.

ସ୍ୱରୂପାନନ୍ଦ—ଦେ.ବ.ପୁଂ (ନାମ)—୧। ଲୋକଙ୍କ ନାମ—1. A name Swarūpānanda given to males. ୨ । କଟକଜିଲ୍ଲାର ସ୍ୱରୂପାନନ୍ଦ ନେମ୍ବାଳ ମାଧବ ପ୍ରତିଷ୍ଠାତା ଅଚ୍ୟୁତାନନ୍ଦଙ୍କ ବଂଶଧରଙ୍କ ସ୍ୱରୂପାନନ୍ଦ ନାମ ବିଶେଷ—2. Name of a descendant of Achyutānanda of a Nembāḷa Matha of the Cuttack district.

ସ୍ୱରୂପାତ୍ମକ—ସ. ବଣ ପୁଂ (ସ୍ୱରୂପ + ଆତ୍ମନ୍ + କ)—ସାଦୃଶ୍ୟ ଜ୍ଞାପକ; Swarūpātmaka ସାଦୃଶ୍ୟାତ୍ମକ; ସଦ୍ଦ୍ୱାରା ମୌଳିକ ବସ୍ତୁର ସ୍ୱରୂପ ଦେଖାଯାଏ ବା ଜଣାଯାଏ—Exactly representing the original; conveying the idea as (ସ୍ୱରୂପାତ୍ମିକା—ସ୍ତ୍ରୀ) to the true state of the original.

ସ୍ୱରୂପୀ—ଦେ. ବଣ ସ୍ତ୍ରୀ (ପ୍ରାଚୀନପଦ୍ୟ)—ନିଜର ପ୍ରକୃତରୂପ ବିଶିଷ୍ଟା—Swarūpī Of one's real form [ଉ—ଗ୍ୱାଳା ଅଂଶ ପେଟେ ଗୋଧି; ସେ କୃଷ୍ଣ ଜୀବନ ସ୍ୱରୂପୀ—ଭୂପଦ୍ମ ପ୍ରେମ ପଞ୍ଚାମୃତ] ସ. ବିଶ. ପୁଂ (ସ୍ୱରୂପ + ଇନ୍ ; ୧ମା; (ସ୍ୱରୂପିଣୀ—ସ୍ତ୍ରୀ) ୧ବ)—୧ । ସ୍ୱରୂପ ବିଶିଷ୍ଟ—1. Having similarity. ୨ । ସ୍ୱରୂପଧାରୀ—2. Assuming one's real form.

ସ୍ୱରୂପୋତ୍ପ୍ରେକ୍ଷା—ସ. ବ (ଅଳଙ୍କାର ଶାସ୍ତ୍ର)—ଉତ୍ପ୍ରେକ୍ଷା ଅଳଙ୍କାରର Swarupotpreksha ପ୍ରକାର ଭେଦ—A figure of speech; of class at Utpreksha or allegory.

ସ୍ୱରୂପୋପନିଷଦ୍—ସଂ. ବ—ବେଦାନ୍ତ ତତ୍ତ୍ୱଜ୍ଞାନବିଶେଷ; ଉପନିଷଦ୍ Swarupopanishad ବିଶେଷ—Title of a philosophical supplement to the Vedas.

ସ୍ୱରେ 'ଅ'—ଦେ. (ବାକ୍ୟ)—ସ୍ୱରବର୍ଣ୍ଣ ମଧ୍ୟର ପ୍ରଥମ ବର୍ଣ୍ଣ—The Sware 'a' first vowel of the Oriya alphabet. ସ୍ୱରେ ଅ [ଉ—ଅକ୍ଷରଜ୍ଞାନମାନେ ଶିଶୁମାନଙ୍କୁ ପ୍ରଥମେ ଖଡ଼ିଦ୍ୱାରା ସ୍ୱର ଅ ଭୂମିରେ 'ଅ' ଲେଖାଇ ପଢ଼ାଇଲା ବେଳେ ଏହି ବାକ୍ୟ ଉଚ୍ଚାରଣ କରନ୍ତି]

ସ୍ୱରେ ଆ—ଦେ. ବ—୧ । (ସଂ. ସ୍ପୃହା)—ସ୍ପୃହା (ଦେଖ)—Spruha (See) ୨ । ସ୍ୱରବର୍ଣ୍ଣର ଦ୍ୱିତୀୟବର୍ଣ୍ଣ ଆ—2. The second vowel of the Oriya alphabet.

ସ୍ୱରେଣୁ—ସ. ବ (ନାମ)—ସ୍ୱର୍ଜିତପତ୍ନୀ; ସଂଜ୍ଞା—Sajṇā; one of Swarenu the two wives of the Sun-'god.

ସ୍ୱରେହା—ସ୍ତ୍ରୀ. ବ—୧ । କୁମାର; ବାଳକ; ନନ୍ଦନ; (ଅମୁକ କୁଳର) Swarehā ସନ୍ତାନ—1. Son or child (of such and such a family) [ଉ—ଶୁଣ ସ୍ୱମତ୍ତ ବ୍ରଜ ସ୍ୱରେହା ସନ୍ତାନ —ଅଚ୍ୟୁତାନନ୍ଦ, ଶୂନ୍ୟ ସହରା]—୨ । (ସଂ) ସ୍ପୃହା—2. Acute wish; hankering.

ସ୍ୱରୋଚିଷ—ସଂ.ବ—ଦ୍ୱିତୀୟ ମନୁ (ଅଗ୍ନିଙ୍କର ପୁତ୍ର)—The second Swarochisha progenitor of mankind (son of the Fire-god). [ଉ—ସେ ମନୁ ଅନ୍ୟେ ସ୍ୱରୋଚିଷ, ଦ୍ୱିତୀୟ ମନୁ ସେ ବିଶେଷ—ଜଗନ୍ନାଥ. ଭାଗବତ] [ଦ୍ର—ଏ ଜଣ ନାମକ ଗନ୍ଧର୍ବଙ୍କ ଔରସରୁ ବରୂଥିନୀ ନାମ୍ନୀ ଅପ୍ସରାଙ୍କ ଗର୍ଭରୁ ଜନ୍ମିଥିଲେ । ଏ ସ୍ୱାରୋଚିଷ ମନୁଙ୍କ ପିତା ଥିଲେ ।)

ସ୍ୱରୋଦସ୍ୟ—ସଂ. ବ (ଷଷ୍ଠୀ ତତ୍ପୁ)—୧ । ନାସାବାୟୁର ଉଦୟ; ନିଶ୍ୱାସ Swarodaya ପ୍ରଶ୍ୱାସ—1. Breathing; flow of breath through the nostrils. ୨। (ଯୋଗଶାସ୍ତ୍ର)—ନାସିକାର ବାୟୁ ଦ୍ୱାରା ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡୀମାନଙ୍କର ଉଚ୍ଚ ପର୍ଯ୍ୟବେକ୍ଷଣ କରି ଯାହା, ଭୋଜନ, ଶୟନାଦି କର୍ମ କରିବାର ପାଇଁ ଉପଦେଶ ଦେଇଁ ଶାସ୍ତ୍ରରେ ଅଛି—2. A treatise

Digitized by srujanika@gmail.com

giving advice to regulate one's actions by observing the flow of one's breath through the left or right nostril or through both. [ଦ୍ର—ମନୁଷ୍ୟଦେହରେ ୩୫ ନାଡ଼ୀ ଅଛି । ଇଡ଼ା ନାଡ଼ି ନାକର ବାମ ସୁଡ଼ା ବାଟେ ନିଶ୍ୱାସ ବୁଡ଼ାଏ । ପିଙ୍ଗଳା ନାଡ଼ି ଡାହାଣ ସୁଡ଼ା ବାଟେ ବୁଡ଼ାଏ ଓ ସୁଷୁମ୍ନା ନାଡ଼ି ଦୁଇ ସୁଡ଼ାରେ ସମାନ ଭାବରେ ନିଶ୍ୱାସକୁ ଚଳାଏ । ଡାହାଣ ନୁଡ଼ା (ପିଙ୍ଗଳା) ରେ ପବନ ଚଳୁଥିବା ବେଳେ (ଯୁଦ୍ଧ, ଦୌଡ଼ ବା ଯୁଦ୍ଧ କଲେ ଶୁଭ ଫଳ ଘଟେ ।

ବାମସୁଡ଼ା (ଇଡ଼ା) ବାଟେ ପବନ ବହୁଥିବା ବେଳେ ଯାତ୍ରା, ଶସ୍ୟନ, ମନ୍ତ୍ରମୂଳ ତ୍ୟାଗ କରିବ ଓ ଦୁଇସୁଡ଼ାରେ ସମାନ ଭାବରେ (ସୁଷୁମ୍ନା ନାଡ଼ିରେ) ନିଶ୍ୱାସ ବହୁଥିବା ବେଳେ ଯୋଗସାଧନ, ଈଶ୍ୱର ଭଜନ, ଇଷ୍ଟ ସାଧନ ଓ ଜପାଦି କରିବ ।

ଯୁଦ୍ଧକାଳରେ ଯୋଦ୍ଧାଙ୍କର ଯେଉଁ ସୁଡ଼ାରେ ପବନ ବହୁଥିବ ସେ ସେହି ଦଗକୁ ଲକ୍ଷ୍ୟ କରି ଶତ୍ରୁକୁ ଅଭିମଣ କଲେ ଜୟଯୁକ୍ତ ହେବେ ।

ଏହି ସ୍ୱରୋଦୟ ଶାସ୍ତ୍ରଜ୍ଞାନ ଦ୍ୱାରା କେଉଁ ସମୟରେ ପଞ୍ଚ ତତ୍ତ୍ୱ (ପୃଥ୍ୱୀତତ୍ତ୍ୱଜଳରୁଦ୍ୟୋମ) ମଧ୍ୟର କେଉଁ ତତ୍ତ୍ୱ ଦେହରେ ପ୍ରବଳ ହୋଇଅଛି ତାହା ଜାଣିପାରି ତଦନୁସାରେ କାର୍ଯ୍ୟ କଲେ ଫଳ ଭଲ ହେବ ।

ଏହି ୩ ନାଡ଼ି ଛଡ଼ା ଦେହରେ ଅନ୍ୟ ୭ ଗୋଣ ନାଡ଼ି ଅଛି । ସେମାନଙ୍କ କ୍ରିୟା ଚକ୍ଷୁ, ଜିହ୍ୱା, କର୍ଣ୍ଣ, ନସ୍ତ, ଲିଙ୍ଗାଦିର ଅବସ୍ଥାରୁ ଜଣାପଡ଼େ ଓ ତଦନୁସାରେ ଜଳ କାର୍ଯ୍ୟକଲାପକୁ ନିୟନ୍ତ୍ରିତ କରିବାକୁ ହୁଏ ।

ଏହି ନାଡ଼ିମାନଙ୍କ ଦ୍ୱାରା ନାସାବାୟୁର ଚଳନଜନ୍ୟକୁ ଲକ୍ଷ୍ୟ କରି ମନୁଷ୍ୟ ମୃତ୍ୟୁକାଳ ଓ ଗର୍ଭସ୍ଥ ସନ୍ତାନାଦି ବିଷୟ ପୂର୍ବରୁ ଜାଣିପାରେ—ଗରୁଡ଼ପୁରାଣ ।

ଦ୍ୱିତୀୟ ସ୍ୱରୋଦୟଲେଶ ନାମକ ଗ୍ରନ୍ଥ ଅବଲମ୍ବନରେ ଯଃଶୋବନ୍ତ ଦାସଙ୍କ ଶିବ ସ୍ୱରୋଦୟ (ପ୍ରାଚୀ ସମ୍ପିଚ୍ଚ ଚୁନ୍ଦ୍ରମାଳା ଷୋଡ଼ଶଖଣ୍ଡ) ଗ୍ରନ୍ଥ ଲିଖିତ । ଏଥିରେ ସ୍ୱରୋଦୟର ବେରଣ ଲେଖାଅଛି । ଏହା ମହାଦେବ ପାର୍ବତୀଙ୍କୁ କହି ଥିଲେ । ଏ ଶାସ୍ତ୍ରରେ ନିଶ୍ୱାସ ବାୟୁର ଗତି, ଶସ୍ତ୍ରଯନ୍ତ୍ରସ୍ଥ ନାଡ଼ୀ ଓ ପଞ୍ଚଭୂତମାନଙ୍କ ବିଷୟ ଉଲ୍ଲେଖ ଅଛି । କେଉଁ ନାସାପୁଟରେ ଶ୍ୱାସବାୟୁ ବହିଲେ କ ଫଳ ହେବ, ତାହା ଏହି ଶାସ୍ତ୍ରରୁ ମନୁଷ୍ୟ ଜାଣିପାରେ ।]

୩ । (ଜ୍ୟୋତିଷ) ରାଶି, ଗ୍ରହ, ନକ୍ଷତ୍ରମାନ ଦ୍ୱାରା ବେଶିତ ହୋଇ ଅଙ୍କିତ ହୋଇଥିବା ଚକ୍ରରୁ ଶୁଭାଶୁଭ ଜ୍ଞାପକଶାସ୍ତ୍ର—3. Astrological treatise dealing with the future of a person by calculating the position of astrological units in a figure drawn on the ground,

ସ୍ୱର୍ଗ–ସଂ. ବ (ସୁ=ସୁଖ+ରୁଜ୍ ଧାତୁ=ପ୍ରାପ୍ତ ହେବା+ଅଘ୍ଞ ଅ Swarga ଯେଉଁଠାରେ ସୁଖ ପ୍ରାପ୍ତି ହୁଏ)—ଅନ୍ୟ ସଂ ନାମ—ସ୍ୱଃ, ନାକ, ତ୍ରିଦିବ, ତ୍ରିଦଶାଳୟ, ସୁରଲୋକ, ଦ୍ୟୌଃ, ଦ୍ୟୌ, ତ୍ରିପିଷ୍ପଟ, ସନ୍ଦର, ଅବରୋଦ୍ଧ, ଗୌଃ, ରମ୍ଭ, ଫଲୋଦୟ, ଦେବଲୋକ, ସ୍ୱର୍ଲୋକ, ଉର୍ଦ୍ଧ୍ୱଲୋକ, ସୁଖାଧାର, ସୌଦ୍ଧିକ, ଶକ୍ରଭୁବନ, ଦିବାନ । (ନଉକ—ଉପଗ୍ରହ) ୧ । (ହିନ୍ଦୁ ମତ) ସୁରଲୋକ; ଦେବତାମାନଙ୍କର ଅବାସ (ଏ ଲୋକର ରାଜା ଇନ୍ଦ୍ର) 1. Heaven; the abode of the Gods of the Hindus. ୨ । (ପୁରାଣ) ସୂର୍ଯ୍ୟଲୋକ ଓ ଧ୍ରୁବଲୋକ ମଧ୍ୟସ୍ଥ ଲୋକ; ସ୍ୱର୍ଲୋକ; ମୃତ୍ୟୁ ପରେ ସୁକୃତକାରୀ ବ୍ୟକ୍ତିମାନେ ଯେଉଁ ଲୋକକୁ ବା ସ୍ଥାନକୁ ଯାଇ ସୁଖଭୋଗ କରନ୍ତି (ଯେଉଁଠାରେ ରୋଗ, ଶୋକ, କ୍ଷୁଧା, ପିପାସା, ଗ୍ଲାନି, ଜନ୍ମ, ଜରା ଓ ମୃତ୍ୟୁ ନାହିଁ)—2. The abode of the virtuous after death (according to the Purāṇas). ୩ (ସମସ୍ତ ଧର୍ମଶାସ୍ତ୍ର ମତରେ)—ଉତ୍ତରଜୀବନର ବାସସ୍ଥାନ; ବୈକୁଣ୍ଠ; ଯେଉଁଠାକୁ ପୁଣ୍ୟାତ୍ମାମାନେ ମୃତ୍ୟୁ ପରେ ଯାଇ ଚରସୁଖ ଭୋଗ କରନ୍ତି—3. The paradise (according to the scriptures of all religions). [ଦ୍ର—ପୃଥିବୀର ପ୍ରାୟ ସମସ୍ତ ଧର୍ମଶାସ୍ତ୍ରରେ ଲିଖିତ ଅଛି ଯେ, ମନୁଷ୍ୟ ଇହସଂସାରରେ ଯେଉଁ ଭଲ ବା ମନ୍ଦ କାର୍ଯ୍ୟ କରେ ତହିଁର ଫଳରେ ମୃତ୍ୟୁ ପରେ ଯଥାକ୍ରମେ ସ୍ୱର୍ଗ ଓ ନରକ ଭୋଗ କରେ । ଶାସ୍ତ୍ରକାରମାନେ କଳ୍ପନା ବଳରେ ସ୍ୱର୍ଗକୁ ସମସ୍ତ ସୁଖର ସ୍ଥାନ ଓ ନରକକୁ ସମସ୍ତ ଦୁଃଖର ଓ ଯନ୍ତ୍ରଣାର ସ୍ଥାନ ବୋଲି ବର୍ଣ୍ଣନା କରିଅଛନ୍ତି ।

ହିନ୍ଦୁ ପୁରାଣ ମତରେ ସ୍ୱର୍ଗ ଦେବତାମାନଙ୍କର ବାସସ୍ଥାନ । ଏଠାରେ ରୋଗ, ଶୋକ, କ୍ରୋଧ, କ୍ଷୁଧା, ପିପାସା, ଗ୍ଲାନି, ଜନ୍ମ, ଜରା, ମୃତ୍ୟୁ ଆଦି ନାହିଁ; ଏହା ସୂର୍ଯ୍ୟଲୋକର ଉର୍ଦ୍ଧ୍ୱରେ ଓ ଧ୍ରୁବଲୋକର ନିମ୍ନରେ ଅବସ୍ଥିତ, ଏଠାରେ ଦେବତାମାନେ ବାସ କରନ୍ତି ଓ ଦେବତା; ମାନଙ୍କର ରାଜା ଇନ୍ଦ୍ର ଏଠାରେ ରାଜତ୍ୱ କରନ୍ତି ।] ବେ. ବ—୧ । ଆକାଶ—1. The heavens; the sky. [ଦ୍ର—ବଡ଼ଲୋକକୁ ଉତ୍ତର ନାହିଁ; କ ସ୍ୱର୍ଗକୁ ନଶୁଣି ନାହିଁ—ଉତ୍ତ ।] ୨ । (ଲକ୍ଷଣାର୍ଥ)—ସବଂସୁଖମୟ ସ୍ଥାନ—2. (figurative) A place full of happiness or bliss.

ସ୍ୱର୍ଗକାମ—ସଂ. ବଣ, ପୁଂ (ବହୁବ୍ରୀ)—ସ୍ୱର୍ଗାଭିଳାଷୀ; ଯେଉଁ ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗରେ ବାସ କରିବାକୁ କାମନା କରନ୍ତି—Desirous of attaining the heaven after death.

Swargakāma (ସ୍ୱର୍ଗକାମା—ସ୍ତ୍ରୀ)

Digitized by srujanika@gmail.com

ସ୍ୱର୍ଗ କାମନା—ଷ° ବ—ମୃତ୍ୟୁ ପରେ ସ୍ୱର୍ଗଲାଭ କରିବା ପାଇଁ ବାସନା- Swarga kāmanā Desire of attaining the heaven after death.

ସ୍ୱର୍ଗକାମୀ – ବ° ବଣ. ତ୍ରି° (ସ୍ୱର୍ଗକାମିନ୍ ଶବ୍ଦ; ସ୍ୱର୍ଗ+କାମ+ଇନ୍, ୧ମା. ୧ବ)-ସ୍ୱର୍ଗକାମ (ଦେଖ) (ସ୍ୱର୍ଗକାମିନୀ—ସ୍ତ୍ରୀ) Swarga kāmī Swarga kāma (See)

ସ୍ୱର୍ଗକୁ ଉଠା(ଠେ)ଇବା—ଦେ କ୍ରି—(ଲକ୍ଷଣାର୍ଥ)—୧ । କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ପ୍ରଶଂସା ବା [ସ୍ୱର୍ଗକୁ ଉଠା(ଠେ)ଇ ଦେ (ନେ)ବା—ଅନ୍ୟରୂପ] ବାହାଦୁରୀ କରିବା ସ୍ୱର୍ଗେତୋଳା —1. (figurative) To adulate or glorify **स्वर्गचढ़ाना** a person; to raise a person to the seventh heaven. ୨ । କୌଣସି ବ୍ୟକ୍ତିର ଉନ୍ନତି କରିବା—2. To improve a person; to lift a person high. ୩ । ମୋକ୍ଷ ଲାଭରେ ସହାୟତା ଦେବା —3. To help a person in gaining salvation or beatitude.

ସ୍ୱର୍ଗକୁ ଉଠିବା—ଦେ. କ୍ରି—୧। (ଲକ୍ଷଣାର୍ଥ)—ମନେ ମନେ ବାହାଦୁର ହେବା; ନିଜକୁ ଗୁଣ୍ୟବାନ୍ ବୋଲି ମନେ ସ୍ୱର୍ଗେଉଠା କରିବା—1. (Figurative) To think one's **स्वर्गचढ़ना** self the happiest of beings. ୨ । ମୋକ୍ଷ ଲାଭ କରିବା—2. To attain salvation.

ସ୍ୱର୍ଗକୁ ନଶୁଣି ନାହିଁ—ଦେ. ପ୍ରବଚନାଂଶ—ସ୍ୱର୍ଗକୁ ବା ଆକାଶକୁ ଉଠିବା ପାଇଁ ଶିଢ଼ି ନାହିଁ—There is no ladder to go up to the heaven. [ଦ୍ର—ଅତି ଗୁରୁତର—ସ୍ୱର୍ଗକୁ ନଶୁଣି ନାହିଁ; କ, ବଡ଼ଲୋକଙ୍କୁ ଅତ୍ତର ନାହିଁ ।] **स्वर्गकी सिढ़ी नहीं**

ସ୍ୱର୍ଗକୁ ଲଗି ବଢ଼ା(ଢ଼େ)ଇବା—ଦେ. କ୍ରି.—(ଲକ୍ଷଣାର୍ଥ)—ଖଣ୍ଡିଏ ସ୍ୱର୍ଗେ ଲଗି ବାଡ଼ାନ ଆକାଶକୁ ସ୍ପର୍ଶ କରି ପାରିବା ପରି ଦୁରୂହାମସ୍ପୃ ବା Swargaku lagi barḍhā (ṛḍhe) ibā **स्वर्गमे सिढ़ी लगाना** ଅସମ୍ଭବ କଥା କରିବା ପାଇଁ ସାହସ କରିବା —(Figurative) To dare an impossible thing (literally, to try to touch the sky with a pole or log).

ସ୍ୱର୍ଗ ଖଣ୍ଡ—ସ°. ବ.—ପଦ୍ମପୁରାଣର ଖଣ୍ଡ ବା ବିଭାଗ ବିଶେଷର ନାମ— Swarga khaṇḍa Name of one of the parts of the Padma purāṇa.

ସ୍ୱର୍ଗ ଗଙ୍ଗା—ସ°. ବ.—ସ୍ୱର୍ଗଙ୍ଗା (ଦେଖ)— Swarga gaṅgā Swargaṅgā (See).

ସ୍ୱର୍ଗ ଗଣିକା—ସ°. ବ.—ସ୍ୱର୍ଗଣିକା (ଦେଖ)—Swarganikā (See). Swarga gaṇikā

ସ୍ୱର୍ଗ ଗତ—ସ°. ବଣ. ତ୍ରି°—(ୱସ୍ଥା ଭୂତ)—ମୃତ— Swarga gata Dead. (ସ୍ୱର୍ଗଗତା—ସ୍ତ୍ରୀ)

ସ୍ୱର୍ଗଗତ(ଗମନ)—ସ°. ବ—୧। ସ୍ୱର୍ଗକୁ ଯିବା—1. Going to Swarga gati (gamana) heaven. ୨ । ମୃତ୍ୟୁ— 2. Death.

ସ୍ୱର୍ଗଗାମୀ—ସ°. ବଣ. ତ୍ରି° (ସ୍ୱର୍ଗଗାମିନ ଶବ୍ଦ, ସ୍ୱର୍ଗ+ଗମ ଧାତୁ +କର୍ତ୍ତୃ. ଇନ୍ ୧ମା. ୧ବ)— Swargagāmī ୧ । ମୃତ—1. Dead. (ସ୍ୱର୍ଗଗାମିନୀ—ସ୍ତ୍ରୀ) ୨ । ଯେଉଁ ପୁଣ୍ୟକର୍ମୀ ବ୍ୟକ୍ତି ମୃତ୍ୟୁ ପରେ ସ୍ୱର୍ଗଲାଭ କରନ୍ତି 2. (a person) Attaining heaven after death by virtue of one's meritorious acts in this life.

ସ୍ୱର୍ଗ ଗିରି—ସ°. ବ [ୱସ୍ଥା ଭତ୍]—ସୁମେରୁ (ଦେଖ)— Swarga giri Sumeru (See)

ସ୍ୱର୍ଗଙ୍ଗା—ସ. ବ (ୱସ୍ଥା ଭତ୍ ବା ମ. ତ ଲୋ; ସ୍ୱଃ=ସ୍ୱର୍ଗରେ ରହୁଥିବା Swargaṅgā ଗଙ୍ଗା)—୧ । ଦ୍ରବ ପୁଞ୍ଜ ବର୍ଣ୍ଣିତ ଦେବ- ଲୋକରେ ବହୁଥିବା ଗଙ୍ଗା ନଦୀ; ମନ୍ଦାକିନୀ— 1. The Ganges said to flow in heaven (according to the Purāṇas). ୨। ଆକାଶରେ ଥଉଥିବା ଅସଂଖ୍ୟ ନକ୍ଷତ୍ର ଖଚିତ ଶ୍ୱେତ ପଥ 2. The milky way; the galaxy.

ସ୍ୱର୍ଗଜିତ୍—ସ. ବଣ. ପୁଂ ଓ ସ୍ତ୍ରୀ (ସ୍ୱର୍ଗ+ଜି ଧାତୁ=ଜୟ କରିବା + Swargajit କ୍ୱିପ୍. କ୍ୱିପ୍)—ଯେ ସ୍ୱର୍ଗକୁ ବା ଦେବତାମାନଙ୍କୁ ନିଜର ବାହୁବଳରେ ବା ଧର୍ମବଳରେ ଜୟ କରନ୍ତି— Winning the heaven by one's prowess or piety.

ସ୍ୱର୍ଗଣିକା – ସ. ବ (ୱସ୍ଥା ଭତ୍)—ସ୍ୱର୍ବେଶ୍ୟା; ଅପ୍ସରୀମାନେ— Swarganikā The nymphs or dancing girls of heaven, [ଦ୍ର—ଏମାନେ ଉର୍ବଶୀ ଯୁବତୀ ଓ ଦେବଲୋକର। ଏମାନେ ଇନ୍ଦ୍ରଙ୍କ ସଭାରେ ନୃତ୍ୟଗୀତାଦି କରନ୍ତି ।]

ସ୍ୱର୍ଗତ—ସ. ବଣ.ପୁଂ (ୱସ୍ଥା ଭତ୍, ସ୍ୱଃ=ସ୍ୱର୍ଗକୁ ତତ)—ସ୍ୱର୍ଗଲୋକଗତ; Swargata ମୃତ—Dead. (ସ୍ୱର୍ଗତା—ସ୍ତ୍ରୀ) (ସ୍ୱର୍ଗତ—କ)

ସ୍ୱର୍ଗ ତରଙ୍ଗିଣୀ – ସ. ବ. (ୱସ୍ଥା ଭତ୍)—ସ୍ୱର୍ଗଙ୍ଗା (ଦେଖ) Swarga taraṅgiṇi Swargaṅgā (See)

ସ୍ୱର୍ଗ ତରୁ—ସ°. ବ (ସ. ତ• ଲୋ; ସ୍ୱର୍ଗରେ ଜାତ ତରୁ)—୧ । ସ୍ୱର୍ଗରେ Swarga taru ଜାତ ତରୁ—1. The trees said to grow in the heaven. ୨ । କଳ୍ପତରୁ— 2. A mythological tree in the heaven said to grant every one his wishes. ୩ । (ସ୍ୱର୍ଗର) ପାରିଜାତ ବୃକ୍ଷ—3. A flowering tree of the heaven said to produce the 'Pārijāta flower.

ସ୍ୱର୍ଗତି—ସ°. ବ—ସ୍ୱର୍ଗ ଗତି (ଦେଖ) Swargati Swarga gati (See)

Digitized by srujanika@gmail.com

ସ୍ୱର୍ଗ ଦୁଆର—ଦେ. ବ (ସଂ. ସ୍ୱର୍ଗଦ୍ୱାର)—ସ୍ୱର୍ଗଦ୍ୱାର (ଦେଖ)
Swarga duāra Swarga dwāra (See)
ସ୍ୱର୍ଗ ଦୁୟାର ସ୍ୱର୍ଗଦ୍ୱାର

ସ୍ୱର୍ଗ ଦ୍ୱାର—ସଂ. ବ (ଷଷ୍ଠୀ ତତ୍ପୁ)—୧ । (ପୁରୁଣୋକ୍ତ) ସ୍ୱର୍ଗକୁ ଯିବାର
Swarga dwāra ଦ୍ୱାରଥିବା; ସ୍ୱର୍ଗ ପ୍ରବେଶର ପଥ—1. The gate of heaven. ଦେ. ବ. ୧ । (ନାମ) ପୁରୀର ସମୁଦ୍ରକୂଳସ୍ଥ ତୀର୍ଥ ବିଶେଷ—1. Name of a holy place on the sea beach on the Puri Town. [ଦ୍ର—'ଜୟ ଜଗନ୍ନାଥର' ବୋଲି ସ୍ୱର୍ଗଦ୍ୱାରେ ଯାଇବି କରନ୍ତୁ ଗୋଳ । ରାଧାନାଥ. ଗାଈଟ୍ଟ ।] [ଦ୍ର—ଏଠାରେ ଶବଦାହ ହୁଏ ।] ୨ । ଅଯୋଧ୍ୟାରେ ସରଯୂ ନଦୀର ଗୋଟିଏ ସ୍ନାନ ଘାଟର ନାମ—2. Name of a bathing ghat on the river 'Sarajū in Ajodhyā'.

ସ୍ୱର୍ଗଦ—ସଂ. ତତ୍ପୁ. ପୁଂ (ସ୍ୱର୍ଗ+ଦା ଧାତୁ+କର୍ତ୍ତୃ. ଅ)—ଯେ ଦାନ
Swargada ସ୍ୱର୍ଗପ୍ରାପ୍ତ କରାଏ—Causing one to attain (ସ୍ୱର୍ଗଦା, ସ୍ୱର୍ଗଦାଣୀ, ସ୍ୱର୍ଗଦାୟିକା—ସ୍ତ୍ରୀ) heaven. (ସ୍ୱର୍ଗଦାତା, ସ୍ୱର୍ଗ ଦାୟକ—ଅନ୍ୟରୂପ)

ସ୍ୱର୍ଗ ଧାମ—ସ. ବ.—(ରୂପକ; ସ୍ୱର୍ଗ+ଧାମନ୍)—୧ । (ମୃତ୍ୟୁପରେ)
Swarga dhāma ସ୍ୱର୍ଗରୂପ ବାସସ୍ଥାନ—1. Heaven, which becomes the abiding place of the pious after death. ୨ । ସ୍ୱର୍ଗଲୋକ—2. The heaven.

ସ୍ୱର୍ଗ ଧେନୁ—ସଂ. ବ.—(ଷଷ୍ଠୀ ତତ୍)—(ପୁରାଣ) କାମଧେନୁ—
Swarga dhenu A divine cow said to give whatever is desired and to give as much milk as required.

ସ୍ୱର୍ଗ ନଦୀ—ସ. ବ.—(ଷଷ୍ଠୀ ତତ୍)—ସ୍ୱର୍ଗଗଙ୍ଗା (ଦେଖ)—Swar-
Swarga nadi gangā (See).

ସ୍ୱର୍ଗ ପତି—ସ. ବ.—(ଷଷ୍ଠୀ ତତ୍) (ପୁରାଣ)—ଦେବରାଜ; ଇନ୍ଦ୍ର—
Swarga pati A name of Indra, the king of the Gods.

ସ୍ୱର୍ଗ ପୁର(ରୀ)—ସ. ବ.— ପୁରାଣ) ଇନ୍ଦ୍ରଙ୍କ ରାଜଧାନୀ; ଅମରାବତୀ—
Swarga pura (rī) The capital where Indra is said to hold his court in heaven.

ସ୍ୱର୍ଗ ପୁଷ୍ପ—ସ. ବ.—(ଷଷ୍ଠୀ ତତ୍)—୧ । ସ୍ୱର୍ଗସ୍ଥ ପୁଷ୍ପବୃକ୍ଷର (ଯଥା ପାରିଜାତର) ଫୁଲ—1. The flower of heavenly trees. ୨ । ଲବଙ୍ଗ (ହି. ଶ)—2. Clove.

ସ୍ୱର୍ଗ ପ୍ରାପ୍ତି—ସ. ବ—ସ୍ୱର୍ଗଲାଭ (ଦେଖ)—
Swarga prāpti Swarga lābha (See).

ସ୍ୱର୍ଗ ବଧୂ—ସ. ବ—(ପୁରାଣ) ସୁରାଙ୍ଗନା; ଅପ୍ସରା—The heavenly
Swarga badhū nymphs.

ସ୍ୱର୍ଗ ବାଣୀ—ସ. ବ—(ସ. ଷ. ତତ୍ପୁ; ସ୍ୱର୍ଗରୁ ଆଗତା ବାଣୀ)—ଆକାଶ-
Swarga bāṇī ବାଣୀ; ଶୂନ୍ୟବାଣୀ—Word heard from nowhere or from the void.

ସ୍ୱର୍ଗ ବାସ—ସ. ବ—(ଷଷ୍ଠୀ ତତ୍)—୧ । ସ୍ୱର୍ଗରେ ରହିବା—1.
Swarga bāsa Abode in the heaven. ୨ । ମୃତ୍ୟୁ—2. Death.
(ସ୍ୱର୍ଗବାସୀ—ବିଶ. ପୁଂ)

ସ୍ୱର୍ଗବାସୀ—ସ. ବିଶ. ପୁଂ—(ସ୍ୱର୍ଗବାସିନ୍ ଶବ୍ଦ)—୧ । ଯେ ସ୍ୱର୍ଗରେ
Swargabāsī ବାସ କରେ—1. Living in heaven. (ସ୍ୱର୍ଗବାସିନୀ—ସ୍ତ୍ରୀ) ୨ । ମୃତ; ସ୍ୱର୍ଗତ—2. Dead; deceased. ବ—ଦେବତା—Deity.

ସ୍ୱର୍ଗ ବେଶ୍ୟା—ସ. ବ—(ଷଷ୍ଠୀ ତତ୍)—ସ୍ୱର୍ଗବଧୂ (ଦେଖ)—
Swarga beśyā Swarga badhū (See).

ସ୍ୱର୍ଗ ଭୂତି—ସ. ବ—ସ୍ୱର୍ଗ ସମ୍ପତ୍ତି (ଦେଖ)—Swarga sampatti
Swarga bhūti (See).

ସ୍ୱର୍ଗ ଭୂମି—ସ. ବ—(ନାମ) ବାରାଣସୀର ପଶ୍ଚିମସ୍ଥ ପ୍ରାଚୀନ ଜନପଦବିଶେଷ
Swarga bhūmi (ହି. ଶ)—Name of an ancient village to the west of Benares. [ଦ୍ର—ଜଣାଯାଏ ଯେ, ଏହିଠାରେ ଭଗବତୀ ଦୁର୍ଗା ନାମକ ରାକ୍ଷସକୁ ବଧ କରି ଜଗତେ 'ଦୁର୍ଗା' ନାମରେ ଅଭିହିତା ହେଲେ (ହି. ଶ)—ଉକ୍ତ ଦେବୀମାହାତ୍ମ୍ୟ ବା ଚଣ୍ଡୀ ପୁରାଣର ୧୧ଶ ଅଧ୍ୟାୟରେ ଦେବୀଙ୍କ ବାକ୍ୟ ଜନ୍ମଲଗ୍ନରୁ ସତେ ଯେପରି ଦୋଇଅଛୁ—"ଶତବାର୍ଷିକ ଅନାବୃଷ୍ଟି ହେଲେ ଜଳଶୂନ୍ୟ ଭୂମିରେ ମୁଁ ଅଯୋନିଜାରୂପେ ଉତ୍ପନ୍ନ ହେବି (୪୭ ଶ୍ଲୋକ); ସେତେବେଳେ ମୁଁ ଶତନେତ୍ର ଦ୍ୱାରା ମୁନିମାନଙ୍କୁ ନମସ୍କାର କରିବି ଓ ସେହି ହେତୁରୁ ମୋ ନାମ ଶତାକ୍ଷୀ ହେବ (୪୭ ଶ୍ଲୋକ); ସେ ସମୟରେ ବୃଷ୍ଟି ହେବା ପର୍ଯ୍ୟନ୍ତ ମୁଁ ନିଜ-ଦେହ ସମୁତ ପ୍ରାଣଧାରକ ଶାକ ଦ୍ୱାରା ସମୁଦାୟ ଲୋକଙ୍କ ଭରଣ କରିବି (୪୮ ଶ୍ଲୋକ); ଓ ସେହି ହେତୁରୁ ମୋ ନାମ ଶାକମ୍ଭରୀ ହେବ (୪୯ ଶ୍ଲୋକ); ସେହି ଅନାବୃଷ୍ଟି ସମୟରେ ମୁଁ ଦୁର୍ଗ (ଦୁର୍ଗମ) ନାମକ ମହାସୁରକୁ ବଧ କରିବି ଓ ସେହି ହେତୁରୁ ମୋ ନାମ ଦୁର୍ଗା ହେବ (୫୦ ଶ୍ଲୋକ)]

ସ୍ୱର୍ଗ ଭୋଗ—ସ. ବ—(ଷଷ୍ଠୀ ତତ୍)—୧ । ସ୍ୱର୍ଗରେ ସୁଖ ଉପଭୋଗ—
Swarga bhoga 1. Enjoyment of bliss or beatitude in heaven. ୨ । ଦିବ୍ୟ ସୁଖ ଭୋଗ—2. Enjoyment of heavenly bliss.

ସ୍ୱର୍ଗମନ—ସ. ବ.—ସ୍ୱର୍ଗତି (ଦେଖ)—
Swargamana Swargati (See).

ସ୍ୱର୍ଗ ରାଜ୍ୟ—ସଂ. ବ.—୧। ସ୍ୱର୍ଗ ଭୋଗ – 1. The kingdom of
Swarga rājya heaven. ୨ । ପୁଣ୍ୟାତ୍ମା ବ୍ୟକ୍ତିମାନଙ୍କ ପରଲୋକ—2. The place where the pious go after death.

Digitized by srujanika@gmail.com

ସ୍ୱର୍ଗ ଲାଭ—ସଂ. ବ (ଷଷ୍ଠୀ ତତ୍) —୧ । ପୁଣ୍ୟବଳରେ ସ୍ୱର୍ଗବାସ—
Swarga lābha 1. Attainment of heaven after death, as the result of one's pious acts. ୨ । ମୃତ୍ୟୁ—2. Death.

ସ୍ୱର୍ଗ ଲୋକ—ସଂ. ପୁଂ—୧ । (ପୁରାଣ) ଦେବଲୋକ—
Swarga loka 1. The abode of the Gods. ୨ । ସ୍ୱର୍ଗ—2. Swarga (See).

ସ୍ୱର୍ଗ ଲୋକେଶ—ସଂ. ବ (ଷଷ୍ଠୀ ତତ୍)—୧ । ଇନ୍ଦ୍ର—1. Indra.
Swarga lokeśa ୨ । ଶଶ୍ୱର; ତନୁ (ହ. ଶ)—2. The body.

ସ୍ୱର୍ଗ ଶିରି—ଦେ. ବ (ସ. ସ୍ୱର୍ଗ ଶ୍ରୀ)—ସ୍ୱର୍ଗ ସମ୍ପତ୍ତି (ଦେଖ)
Swarga śirī Swarga sampatti (See)
ସ୍ୱର୍ଗେର ଶ୍ରୀ [ଉ—ଭୂମ୍ ଧାତୁରେ ଅସୁନ୍ ପ୍ରତ୍ୟୟରେ ଅସୁରଙ୍କୁ ମାର, ଦେବେ
स्वर्ग संपद् ଭୂଙ୍ ଅଛନ୍ତି ପୁଣେ ସ୍ୱର୍ଗ ଶ୍ରିଶ୍ୱ । କୃଷ୍ଣସିଂହ. ମହାଭାରତ. ବନ ।]

ସ୍ୱର୍ଗ ସମ୍ପତ୍ତି—ସ. ବ—୧। ସ୍ୱର୍ଗାଭ ଇଚ୍ଛା କ୍ରୁସ ଔଷଧି ବା ବିଭୂତି—
Swarga sampatti 1. The supreme happiness of a person attaining heaven. ୨ । ପରମ ପରାକାଷ୍ଠା—2. Utmost happiness. ୩ । ସ୍ୱର୍ଗସୁଖ (ଦେଖ)—3. Swarga sukha (See)

ସ୍ୱର୍ଗ ସରିଦ୍ବର—ସ. ବ (ଷଷ୍ଠୀ ତତ୍)—ଗଙ୍ଗା (ପ୍ରଜାନର୍ଦ୍ଦନ)—
Swarga saridbara The Ganges.

ସ୍ୱର୍ଗ ସୁଖ—ସ. ବ—୧ । ସ୍ୱର୍ଗରେ ଅନୁଭୂତ ସୁଖ—1. Happiness
Swarga sukha enjoyed in heaven. ୨ । ଦୁଃଖ-ଲେଶଶୂନ୍ୟ ଅନନ୍ଦ—2. Unmixed or unalloyed bliss. ୩ । ସ୍ୱର୍ଗସୁଖ ପରି ଅପାର ଅନନ୍ଦ—3. Excessive or incomparable heavenly bliss.

ସ୍ୱର୍ଗ ସ୍ତ୍ରୀ—ସ. ବ (ଷଷ୍ଠୀ ତତ୍)—ଅପ୍ସରୋଗଣ (ହ. ଶ)—
Swarga strī The heavenly nymphs.

ସ୍ୱର୍ଗସ୍ଥ—ସ. ବଣ. ପୁଂ (୭ମୀ ତତ୍)—୧ । ସ୍ୱର୍ଗରେ ଅବସ୍ଥିତ—
Swargastha 1. Placed or situated in heaven. (ସ୍ୱର୍ଗସ୍ଥା—ସ୍ତ୍ରୀ) ୨ । ସ୍ୱର୍ଗତ; ମୃତ—2. Dead.

ସ୍ୱର୍ଗାଚଳ—ସ. ବ (ଷଷ୍ଠୀ ତତ୍)—ସୁମେରୁ (ଦେଖ)
Swargāchala Sumeru (See)

ସ୍ୱର୍ଗାପଗା—ସ. ବ (ଷଷ୍ଠୀ ତତ୍)—୧ । ଗଙ୍ଗା (ଦେବନଦୀ)—
Swargāpagā 1. The Ganges. ୨ । ମନ୍ଦାକିନୀ—2. The Ganges said to flow in heaven.

ସ୍ୱର୍ଗାମୀ—ସ. ବଣ. ପୁଂ—ସ୍ୱର୍ଗତ (ଦେଖ)
Swargāmī (ସ୍ୱର୍ଗାମିନୀ—ସ୍ତ୍ରୀ) Swargata (See)

ସ୍ୱର୍ଗାରୁଢ—ସ. ବଣ—୧ । ଯେ ସ୍ୱର୍ଗକୁ ଆରୋହଣ କରି ଅଛନ୍ତି—
Swargārurukṣha 1. Having ascended the (ସ୍ୱର୍ଗାରୁଢ଼ା—ସ୍ତ୍ରୀ) heaven. ୨ । ସ୍ୱର୍ଗତ; ମୃତ—2. Dead.

ସ୍ୱର୍ଗାରୋହଣ—ସ. ବ—୧ । ସ୍ୱର୍ଗପ୍ରାପ୍ତି; ସ୍ୱର୍ଗକୁ ଉଠିବା; ସ୍ୱର୍ଗକୁ
Swargārohaṇa ଯିବା—1. Ascension to heaven; (ସ୍ୱର୍ଗାରୂଢ—ବଣ) ascending to heaven. ୨ । ମୃତ୍ୟୁ—2. Death. ୩ । ମହାଭାରତର ଅନ୍ତିମ ଉପଖଣ୍ଡ; ମହାଭାରତର ୧୮ ତମ ପର୍ବରୁ ଶେଷ ପର୍ବ, ଯେଉଁ ପର୍ବରେ ପାଣ୍ଡବମାନଙ୍କର ସ୍ୱର୍ଗାରୋହଣ ବର୍ଣ୍ଣନ ବର୍ତ୍ତିତ ହୋଇଅଛି—3. The last chapter or volume of the Mahābhārata.

ସ୍ୱର୍ଗିରି—ସ. ବ (ଷଷ୍ଠୀ ତତ୍)—(ପୁରାଣ) ସ୍ୱର୍ଗଗିରି; ସୁମେରୁ ପର୍ବତ—
Swargiri The Sumeru mountain.

ସ୍ୱର୍ଗୀ—ସଂ. ବ. ପୁଂ (ସ୍ୱର୍ଗ + ଅସ୍ତ୍ୟର୍ଥେ. ଇନ୍; ୧ମା. ୧ବ)—ଦେବତା—
Swargī Deity. ସ. ବଣ. ପୁଂ—୧ । ସ୍ୱର୍ଗତ (ଦେଖ)
(ସ୍ୱର୍ଗିଣୀ—ସ୍ତ୍ରୀ) 1. Swargata (See) ୨ । ମୃତ—2. Dead 'the late' (so and so). ୩ । ସ୍ୱର୍ଗବାସୀ—3. Living in heaven. ୪ । ଦୟାଶୀଳ, ସତ୍ୟବାନ୍, ଗୁରୁଦେବଭକ୍ତ ଓ ସାଧୁ ସଜ୍ଜନକାଣ୍ଡ (ବ୍ୟକ୍ତି) (ଗରୁଡ଼ ପୁରାଣ)—4. Kind, truthful, god-fearing and devoted (person).

ସ୍ୱର୍ଗୀୟ—ସ. ବଣ. ତ୍ରି (ସ୍ୱର୍ଗ + ଈୟ)—୧ । ସ୍ୱର୍ଗ ସମ୍ବନ୍ଧୀୟ—
Swargīya 1. Relating to heaven; divine.
(ସ୍ୱର୍ଗୀୟା—ସ୍ତ୍ରୀ) ୨ । ସ୍ୱର୍ଗ ସମ୍ବନ୍ଧୀୟ ଗୁଣ ପୂର୍ଣ୍ଣ—2. Heavenly. ୩ । ଯାହା ସ୍ୱର୍ଗସୁଖ ଦିଏ—3. Giving heavenly bliss. ୪ । ସ୍ୱର୍ଗତ; ମୃତ—5. Dead. [ଦ୍ର—"ମୃତ" ଅର୍ଥରେ ଏହି ଶବ୍ଦ ବ୍ୟବହୃତ ହେବା ସ୍ଥଳରେ "ସ୍ୱର୍ଗୀୟ ଅମୁକ" ନ ଲେଖି "ଙ୍କ ଅମୁକ" ବଙ୍ଗଳାରେ ଲେଖାଯାଏ ଏବ ଏଥିର ଅନୁକରଣରେ ଓଡ଼ିଆର ଅଧୁନିକ କେତେକ ଲେଖକ ମଧ୍ୟ ଏହି "ଙ୍କ" ଚିହ୍ନ ବ୍ୟବହାର କରୁଥିବା ଦେଖାଯାଏ । କେହି କେହି "ସ୍ୱର୍ଗୀୟ" ଶବ୍ଦ ପରବର୍ତ୍ତୀରେ "ଈଶ୍ୱର" ଅମୁକ ବୋଲି ଉଚ୍ଚାରଣ କରନ୍ତି ।]

ସ୍ୱର୍ଗୌକାଃ—ସଂ. ବ (ବହୁବ୍ରୀ; ସ୍ୱର୍ଗ ଅର୍ଥେ ଔକସ୍ = ବାସସ୍ଥାନ
Swargaukāḥ ଯାହାଙ୍କର; ୧ମା. ୧ବ)—ଦେବତା—Deity.

ସ୍ୱର୍ଗ୍ୟ—ସଂ. ବଣ (ସ୍ୱର୍ଗ + ସମ୍ବନ୍ଧାର୍ଥେ ଯ)—୧ । ସ୍ୱର୍ଗୀୟ—
Swargya 1. Heavenly. ୨ । ଯେଉଁ କାର୍ଯ୍ୟ ଦ୍ୱାରା ଲୋକ ସ୍ୱର୍ଗ ଭୋଗ କରେ—2. (any act) By which a person attains heaven.

ସ୍ୱର୍ଚ(ର୍ଚ୍ଚ)ନ—ସଂ. ବ—ଯେଉଁ ଅଗ୍ନିରୁ ସୁନ୍ଦର ଜ୍ୱାଳା ବହୁଗର୍ତ୍ତ
Swarcha(rchcha)na ଦେଇଥାଏ (ହ. ଶ)—Fire emitting a good blaze or flame.

ସ୍ୱର୍ଜକ୍ଷାର—ସଂ. ବ—ସର୍ଜିକ୍ଷାର; ସାଜମାଟି (ହ. ଶ)—
Swarja kshāra Fuller's earth; natron.

ସ୍ୱର୍ଜି(ର୍ଜ୍ଜି)କ—ସଂ. ବ (ସୁ + ଅର୍ଜ୍, ଧାତୁ + ଇକ)—୧ । ସର୍ଜିକ୍ଷାର;
Swarji(rjji)ka ସାଜମାଟି—Natron; fuller's

Digitized by srujanika@gmail.com

ସ୍ୱର୍ଜି(ର୍ଜି)କାଷାର
ସ୍ୱର୍ଜି(ର୍ଜି)ଟାର
ସ୍ୱର୍ଜି(ର୍ଜି)
ସ୍ୱଜ୍ଜି(ର୍ଜି)ବା

ସଂ. ଯବକ୍ଷାରୃ—ଖାର, ସ୍ୱଯୋର୍ଜିକ; ସ୍ୱବର୍ଚ୍ଚିକ, ସ୍ୱବର୍ଚ୍ଚିକ, ସ୍ୱବର୍ଚ୍ଚି, ସ୍ୱଜବର୍ଚ୍ଚି, ଯାବନ୍ତୁକ, ସବାଗ୍ରଜ, କଗୋଡ, ସ୍ୱବର୍ଚ୍ଚିକା । earth. ୨ । ଯବକ୍ଷାର (ସ୍ୱଜବର୍ଜ୍ଜ)—2. Saltpetre; nitre. [ଦ୍ର—ଏହା ଜଦ୍ରୁଷ୍ଣ, ଟଙ୍ଗ, ବାଉକଫନାଶକ, ସ୍ନିଗ୍ଧ, ଲଘୁ, ବଦ୍ଧିପାଯକ ଓ ଗୁଲ୍ମ, ଶୂଳ, ଆଧ୍ମାନ, କୃମି. ବ୍ରଣ,ଜଠରଦୋଷ ନାଶକ ।]

ସ୍ୱର୍ଣ୍ଣ—ସଂ. ବ (ସୃ=ସୌନ୍ଦର୍ଯ୍ୟ+ଋଣ୍ ଧାତୁ=ଯାଇବା+କର୍ତ୍ତୃ. ଅ; ବଂବା Swarṇṇa ସୁ=ସୁନ୍ଦର ଅର୍ଣ୍ଣ=ବର୍ଣ୍ଣ ଯାହାର)-ସଂ. ଯକ୍ଷ୍ୟ—ସୁବର୍ଣ୍ଣ, କାଞ୍ଚନ, ହେମ, ହାଟକ, କଳଶ, କନକ, ଜାତ୍ରେୟ, ଭପଞ୍ଚାସ୍ୱ, କଳଧୌତ, ଶାତକୁମ୍ଭ, ଗୁମ୍ଭକର, ଜାମୂନଦ, ଜାତରୂପ, କାର୍ତ୍ତିସ୍ୱର, ମହାରଜତ, ଅଷ୍ଟାପଦ । ୧ । ସ୍ୱବ ; ସୁନା; ଧାତୁ-ବିଶେଷ—1. Gold (metal). [—ଏହା ଖଣିରୁ ବାହାରେ । ଦକ୍ଷିଣ ଭାରତ, ଅଷ୍ଟ୍ରେଲିଆ ଓ ଆଫ୍ରିକାରେ ସ୍ୱର୍ଣ୍ଣଖଣି ଅଛି, ଏହା ଦୁଷ୍ପ୍ରାପ୍ୟ ଥିବାରୁ ମୂଲ୍ୟବାନ୍; ଏଥିରେ ଅଳଙ୍କାର, ମୁଦ୍ରା ଓ ବାସନ ଆଦ ପ୍ରସ୍ତୁତ ହୁଏ ।

ବ୍ରହ୍ମବୈବର୍ତ୍ତ ପୁରାଣ କୃଷ୍ଣଜନ୍ମ ଖଣ୍ଡ ୧୩ଂଶ ଅଧ୍ୟାୟରେ ଲେଖା ଅଛି ଯେ ଏକଦା ଦେବତାମାନେ ସ୍ୱର୍ଗର ସଭାରେ ଏକତ୍ର ଅବସ୍ଥାନ କରୁଥିଲେ; ସେହି ସମୟରେ ସେଠାରେ ଅପ୍ସରାମାନେ ନୃତ୍ୟ ଗୀତ କରୁଥିଲେ । ଏହି ସମୟରେ 'ବଭ୍ରୁ' ଦେବ ସୁଶ୍ରୋଣୀ ରମ୍ଭାଙ୍କୁ ଦେଖି ମୁଗ୍ଧ ହେଲେ ଏବଂ କନ୍ଦର୍ପଙ୍କ ପରହୃତ ବ ରେ ରେତଃ ସ୍ଖଳନ ହେଲ । ସେହି ରେତଃ ସ୍ୱର୍ଣ୍ଣ ରୂପରେ ପରିଣତ ହୋଇ ଭୂମି ଯାଇ 'ସୁମେରୁ' ପର୍ବତ ହେଲ । ଏଥିପାଇଁ ଅଗ୍ନିକୁ 'ହିରଣ୍ୟରେତାଃ' ବୋଲଯାଏ ।

ଉତ୍ତମ ସ୍ୱବର୍ଣ୍ଣର ଲକ୍ଷଣ—ଏହା ଖୋଳିଲେ ରକ୍ତବର୍ଣ୍ଣ, କାଟିଲେ ଶୁକ୍ଳାଭ, କଷିତ ପଥରରେ କଷିଲେ ଜୁକୁମାଭ ଓ କୋମଳ ଦେଖାଯାଏ ।

ଏଥିର ଗୁଣ—ଏହା ଈକ୍ଷୁ, ମଧୁର, କଷାସ୍ୱ, ଗୁରୁ, ହୃଦ୍ୟ, ରସାସ୍ୱନ, ବଲ୍ୟ, ଚକ୍ଷୁଷ୍ୟ, କାନ୍ତିଦ ଓ ଶୁଚ । ଏହା ଅୟୁଃ, ମେଧା, ବାକ୍ୟଶୁଦ୍ଧି ଓ ଦ୍ୟୁତ୍ପ୍ରଦାସ୍ୱକ ଏବଂ ଷସ୍ୱ ଓ ଜୃମ୍ଭାଦନାଶକ ।

ଏହାକୁ ଗୁବ୍ ପତଳା ପାତଅ କର ନଆଁରେ ଘୋଡ଼ି ତେଲ, ଚର୍ବି, ଘିଅ, ଗୋମୂତ୍ର ଓ କୋଳଅ ପାଣିରେ ଉଜଅର ଲେଖାଏ ବୁଡ଼ାଇଲେ ଏହା ଶୋଧିତ ହୁଏ । ଏହି ଶୋଧିତ ସ୍ୱର୍ଣ୍ଣର ଦୁଇଗୁଣ ପାରଦ ଓ ଅମ୍ଳ ସଙ୍ଗେ ମର୍ଦ୍ଦନ କର ଏଥିରେ ସ୍ୱର୍ଣ୍ଣର ଚଉ ଗୁଣ ଗନ୍ଧକଚୂର୍ଣ୍ଣ ମିଶାଇ ଗୁଳା ଉଥର କର ୧୪ ଥର ପୁଟପାକ କଲେ ଏହା ଭସ୍ମ ହୁଏ ।

ସ୍ୱର୍ଣ୍ଣ ସାହାଯ୍ୟରେ ଅସୁବେଦୋକ୍ତ ମକରଧ୍ୱଜ, ରସସିନ୍ଦୂର ନାନା ରସାସ୍ୱନ ଓ ବାଜୀକରଣ ଔଷଧ ପ୍ରସ୍ତୁତ ହୁଏ ।] ୨ । ଧୁସ୍ତୂର (ଅମର)—2. The Datura plant. ୩ । ଗୌର ସୁବର୍ଣ୍ଣ ଶାକ (ରାଜନିର୍ଘଣ୍ଟ)—3. A pot herb. ୪ । ନାଗକେଶର (ରାଜନିର୍ଘଣ୍ଟ)—4. A flowering tree, Mesua Ferra. ୫। ଗୌରାଶ୍ରିତ ନଦବିଶେଷ (ଦ୍ର. ଶ)—Name of mythological river.

ସ୍ୱର୍ଣ୍ଣ କଣ—ସଂ. ବ —୧ । (ଷଷ୍ଠୀ ତତ୍ପୁ) ସ୍ୱବର୍ଣ୍ଣର ରେଣୁ—1, Gold Swarṇṇa kaṇa dust; small particles of gold. ୨ । (ବହୁବ୍ରୀହି) କଣଗୁଗ୍ଗୁଳ (ରାଜନିର୍ଘଣ୍ଟ)—2. A species of Bdellium.

ସ୍ୱର୍ଣ୍ଣ କଣା (କଣିକା)—ସଂ. ବ (ଷଷ୍ଠୀ ତତ୍ପୁ)—ସ୍ୱବର୍ଣ୍ଣର ରେଣୁ—Swarṇṇa kaṇā (kaṇikā) Gold dust.

ସ୍ୱର୍ଣ୍ଣକଣ୍ଡୁ—ସଂ. ବ—ଧୂନା (ଦ୍ର. ଶ)—Swarṇṇa kaṇḍu Resin.

ସ୍ୱର୍ଣ୍ଣ କଦଳୀ—ସଂ. ବ—ସ୍ୱର୍ଣ୍ଣଫଳା; ରମ୍ଭା କଦଳୀ—Swarṇṇa kadalī A kind of banana. [ଉ—ସ୍ୱର୍ଣ୍ଣ କଦଳୀ ଦଳ ତଜ୍ଜଦଗରେ, ଶୋଦେ ବଜୁଳ ସେଜେ ଡୋ କଲେବରେ—ରାଧାନାଥ ମେଘଦୂତ ।]

ସ୍ୱର୍ଣ୍ଣ କମଳ—ସଂ. ବ—ରକ୍ତ ପଦ୍ମ (ଦ୍ର. ଶ)... Swarṇṇa kamala The red variety of lotus.

ସ୍ୱର୍ଣ୍ଣ କାୟ—ସଂ. ବ—୧ । ସର୍ଣ୍ଣମୟ ଶରୀର—1. Golden body. Swarṇṇa kāya ୨ । ଗରୁଡ଼ (ହେମରତ୍ନ)—2. The mythological king of birds. (ସ୍ୱର୍ଣ୍ଣକାୟା—ସ୍ତ୍ରୀ ବଣ) ସଂ. ବଣ ବହୁ—ସ୍ୱର୍ଣ୍ଣବର୍ଣ୍ଣଯୁକ୍ତ ଦେହବଶିଷ୍ଟ- Having the body of golden colour.

ସ୍ୱର୍ଣ୍ଣକାର—ସଂ ବ (ସ୍ୱର୍ଣ୍ଣ+କୃ ଧାତୁ+କର୍ତ୍ତୃ ଅ)-୧ । ସୁନାର ବଣିଅ—Swarṇṇa kāra 1. Goldsmith. (ସ୍ୱର୍ଣ୍ଣକୃତ—ଅନ୍ୟରୂପ) ୨ । ଜାତିବିଶେଷ—ସ୍ୱର୍ଣ୍ଣଭପଙ୍ଗାସୃ—ନାଡ଼ୀବିଶେଷ, କଳାଦ, ରୁକ୍ମକାର, ଜଣାଦ, ହେମକଳ । 2. Name of a Hindu caste. [ଦ୍ର—ବୈଶ୍ୟକର୍ମୀଙ୍କ ଔରସରେ ଶୂଦ୍ରାଗର୍ଭଜାତ ଗୋଷ୍ଠୀ ସନ୍ତାନ ଏ ଜାତିର ଆଦପୁରୁଷ । ବୈଶ୍ୟକର୍ମୀଙ୍କ ଔରସରେ ଶୂଦ୍ରାଗର୍ଭରେ ନଅଗୋଷ୍ଠି ଶିଳ୍ପୀ ଜାତି ଜନ୍ମିଥିଲେ । ଯଥା—

୧ । ମାଳାକାର (ମାଳୀ), ୨ । କର୍ମକାର (କମାର), ୩ । ଶଙ୍ଖକାର (ଶଙ୍ଖାର), ୪ । କୁବନକ (ଜଲ୍ଲୀ), ୫ । କୁମ୍ଭକାର (କୁମ୍ଭାର), ୬ । କଂସକାର (କଂସାଇ), ୭ । ତନ୍ତୁବର (ତନ୍ତୁବାର), ୮ । ସୁତ୍ରଧାର (କଡ଼େଇ), ୯ । ସ୍ୱର୍ଣ୍ଣକାର (ସୁନାର ବଣିଅ) ।

ସ୍ୱର୍ଣ୍ଣକାରମାନେ ବ୍ରାହ୍ମଣମାନଙ୍କର ସ୍ୱର୍ଣ୍ଣ ଅଳଙ୍କାର କରବାରୁ ବ୍ରହ୍ମସାଥରେ ଯଉତ ଜାତି ହେଲେ—ବ୍ରହ୍ମବୈବର୍ତ୍ତପୁରାଣ ବ୍ରହ୍ମଖଣ୍ଡ ।]

Digitized by srujanika@gmail.com

ସ୍ୱର୍ଣ୍ଣ କୁମାରୀ—ଦେ. ବ. ସ୍ତ୍ରୀ—୧ । ସ୍ତ୍ରୀଲୋକଙ୍କ ନାମ—
Swarṇṇa kumārī 1. A name given to females.
ସ୍ୱର୍ଣ୍ଣକୁମାରୀ **स्वर्णकुमारी** ୨ । ରାଜସ୍ଥାନର ଜନୈକ କ୍ଷତ୍ରିୟରମଣୀ—2. The name of an illustrious Kshyatriya lady of Rājasthāna. ୩ । ବଙ୍ଗର ସ୍ୱର୍ଗୀୟ ସାହିତ୍ୟସେବିକା ସ୍ୱର୍ଣ୍ଣକୁମାରୀ ଦେବୀ- 3. The late Swarnakumārī Debī of Bengal. [ଦ୍ର—ଏ ସ୍ୱର୍ଗୀୟ ଦେବେନ୍ଦ୍ରନାଥ ଠାକୁରଙ୍କ କନ୍ୟା; ୧୮୫୨ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଏ ବଙ୍ଗ ମହିଳାମାନଙ୍କ ମଧ୍ୟରେ ପ୍ରଥମ ଉପନ୍ୟାସ ଲେଖିଥିଲେ । ଏହାଙ୍କ ପ୍ରଥମ ଉପନ୍ୟାସ 'ଦୀପନିର୍ବାଣ'; ଏ ପରେ 'ଛିନ୍ନମୁକୁଳ, ଦୁଗ୍ଧଜର ଇମାସ୍ ବାଡ଼ା, ସ୍ନେହଲତା, ବିଦ୍ରୋହ, ମିବାରଗୁରୁ; ଫୁଲର ମାଲ୍ୟ, କାହାକେ, ନବ କାନ୍ତାର, ବସନ୍ତ ଉତ୍ସବ, ଗାଥା, ବାଲ୍ୟବନୋଦ' ଆଦି ବଙ୍ଗଳା ଗ୍ରନ୍ଥ ଲେଖିଥିଲେ । ଏ ବଙ୍ଗଳା, ସଂସ୍କୃତ ଓ ଇଂରାଜି ଭାଷା ଉତ୍ତମରୂପେ ଜାଣିଥିଲେ । ଏହାଙ୍କ ସ୍ୱାମୀଙ୍କ ନାମ ଜଗନ୍ନାଥ ଘୋଷାଲ । ଏ ୧୧ ବର୍ଷ 'ଭାରତୀ' ନାମିକ ମାସିକ ପତ୍ରିକାର ସମ୍ପାଦକତ୍ୱ କରିଥିଲେ । ଏହାଙ୍କ କନ୍ୟା ଶ୍ରୀମତୀ ସରଳା ଦେବୀ ବ. ଏ । ଏ ଭାରତୀର ପରଦାନସୀନ୍ ସ୍ତ୍ରୀଲୋକମାନଙ୍କ ପାଇଁ 'ସଖୀ ସମିତି', 'ବିଧବାଶ୍ରମ' ଓ 'ମହିଳା-ଶିଳ୍ପମେଳା' ଆଦି ଅନେକଗୁଡ଼ିଏ ଅନୁଷ୍ଠାନର ସୂତ୍ରପାତ କରିଥିଲେ ।]

ସ୍ୱର୍ଣ୍ଣ କେତକୀ—ସଂ ବ—୧ । ଦଲବିଶିଷ୍ଟ କର୍ଣ୍ଣିର କେତକୀ (ଗୁଳ୍ମଜାତିଭେଦ)—
Swarṇṇa ketakī 1. The yellow variety of
ସ୍ୱର୍ଣ୍ଣପର୍ଯ୍ୟାୟୀ— Pandanus Odoratissimus,
ହେମକେତକୀ, କନକପ୍ରସବା, [ଦ୍ର—ଏହା କର୍ଣ୍ଣିୟ, କେଶ-
ହୈମୀ, ଜ୍ଞାନପୁଷ୍ପା, ଦୌର୍ଗନ୍ଧ୍ୟ ନାଶକ । ଏହା
ଦୀପ୍ତାରୁହା, ସ୍ୱର୍ଣ୍ଣପୁଷ୍ପୀ, ପିତ୍ତକଫନାଶକ, ରସାୟନ
କାମଙ୍ଗଦଳା । ଓ ଦେହଦାର୍ଢ୍ୟକର ।]

ସ୍ୱର୍ଣ୍ଣ କ୍ଷିରିଣୀ (କ୍ଷୀରି, ଦୁଗ୍ଧା)—ସଂ ବ—(ବୈଦ୍ୟକ)—ଅଗର ଗୁଳ୍ମ—
Swarṇṇa kshiriṇī [kshīrī, dugddhā]
ସଂ. ପିଣ୍ଡୀର ଭେଦୁ Gamboje Thistle;
ବା. ହଲୁଦଣ୍ଡୁବରଇ Cleome Felina
ତେ. ଚଟ୍ଟିକଭେଦୁ (plant). [ଦ୍ର—
ଶୀୟାଲାକାଁଟା, ସୋନାଖିରୁଇ ଏହାର ମୂଳ ରେଚକ,
ସତମାନାଶୀ, କଟେରି, ଭରଭାଂଡ଼ ଭେଦକ ଓ ରକ୍ତ ଓ ଏହା
ସ୍ୱର୍ଣ୍ଣପର୍ଯ୍ୟାୟୀ—ହେମକ୍ଷୀରୀ, କୃମି, ବିଷ, ଅଜୀର୍ଣ୍ଣ, କଫ,
ହେମକନ୍ତା, କନ୍ଦୁପର୍ଣ୍ଣୀ, ହୁମକନ୍ତା, ରକ୍ତପିତ୍ତ ଓ କୁଷ୍ଠ
ହେମାହ୍ୱା, ପୀତଦୁଗ୍ଧା, ନାଶକ । ଏହାର କ୍ଷୀର
ଶୃଗାଳକଣ୍ଟକ । ବିଷବିଶେଷ ।]

ସ୍ୱର୍ଣ୍ଣ ଖଚିତ—ସଂ. ବିଣ (ଆସ୍ଥା ଭତ୍)—ସ୍ୱର୍ଣ୍ଣମଣ୍ଡିତ; ସୁନାର ବୁଟା।
Swarṇṇa khachita ବିଶ ସାଇଥିବା—
Set with gold stars; gold-starred.

ସ୍ୱର୍ଣ୍ଣ ଗିରି—ସଂ ବ—ସୁମେରୁ ପର୍ବତ—
Swarṇṇa giri The mythological Sumeru mountain.

ସ୍ୱର୍ଣ୍ଣ ଗୈରିକ—ସଂ ବ—ସୁବର୍ଣ୍ଣଗୈରିକ; ବନମାଟି—
Swarṇṇa gairika A kind of yellow earth; yellow ochre.

ସ୍ୱର୍ଣ୍ଣ ଗ୍ରୀବା—ସଂ ବ—କାଳକାମୁର୍ଗଣ (୮।୨୩)ରେ ଉକ୍ତ ନାଟକ ଶୈଳର ପୂର୍ବଭାଗରୁ. କୃଷ୍ଣଙ୍କ
Swarṇṇa grībā ନଦୀବିଶେଷ—Name of a mythological river.

ସ୍ୱର୍ଣ୍ଣ ଘଟିତ—ସଂ ବିଣ (ଆସ୍ଥା ଭତ୍)—ଯେଉଁ ଔଷଧରେ ସ୍ୱର୍ଣ୍ଣ ମିଶିତ
Swarṇṇa ghaṭita ହୋଇଥାଏ ବା ବ୍ୟବହୃତ
ହୋଇ ଥାଏ—Any preparation in which gold has been mixed or used [ଯଥା, ସ୍ୱର୍ଣ୍ଣଘଟିତ ମକରଧ୍ୱଜ ।]

ସ୍ୱର୍ଣ୍ଣ ଚୂଡ଼(ଳ)—ସଂ ବିଣ. ପୁଂ (କର୍ମଧା.ହି; ସ୍ୱର୍ଣ୍ଣ ଚୂଡ଼ାରେ ଅଛ ଯାହାର
Swarṇṇa chūrḍa(la) ୧ । ଯାହାର ଚୂଡ଼ାରେ ସ୍ୱର୍ଣ୍ଣ
(ସ୍ୱର୍ଣ୍ଣଚୂଡ଼ା—ସ୍ତ୍ରୀ.ବିଙ) ଅଛ—1. Gold-crested
୨ । ଯାହାର ମସ୍ତକ ସ୍ୱର୍ଣ୍ଣାଭ—2. Having the head of the colour of gold. ସଂ ବ—
ସ୍ୱର୍ଣ୍ଣଚୂଡ଼ପର୍ଯ୍ୟାୟୀ— ପକ୍ଷିବିଶେଷ; ନୀଳକଣ୍ଠ ପକ୍ଷୀ—
କୃଷ୍ଣ, ନୀଳାଦବ, The blue-necked jay
ଶୀତମୁଣ୍ଡକ ଦେ. ବ—ଓଡ଼ିଶାର ନୀଳଗିରି
ରାଜ୍ୟର ରାଜଧାନୀ ସନ୍ନିହିତ ପର୍ବତର ନାମ;ସ୍ତନଚଟ ପର୍ବତ—
The name of a mountain near the capital of the Nilgiri State of Orissa.
[ଦ୍ର—ନୀଳଗିରି ଯହିଁ ସର୍ବତ ମନ୍ଦର, ଝରେଛି ଅମୃତେ
ଶୈଳସ୍ୱର୍ଣ୍ଣଚୂଡ଼—ରାଧାନାଥ ନନ୍ଦକୋଶ୍ୱର ।]

ସ୍ୱର୍ଣ୍ଣଜ—ସଂ. ବ (ସ୍ୱର୍ଣ୍ଣ+ଜନ୍ ଧାତୁ=ଜାତ ହେବା+କର୍ତ୍ତା ଅ)—
Swarṇṇaja ସ୍ୱର୍ଣ୍ଣରୁ ଜାତ—Produced
[ସ୍ୱର୍ଣ୍ଣଜାତ—ଅନ୍ୟରୂପ] from gold. ସଂ ବ—
ରୂପ ଧାତୁ; ରଙ୍ଗ ଧାତୁ [ହେମଚନ୍ଦ୍ର]—
Tin (metal).

ସ୍ୱର୍ଣ୍ଣଜାତି(ଜାତିକା)—ସଂ ବ—ପୀତବର୍ଣ୍ଣ ଜାଇଫୁଲ ପୀତଜାତି—
Swarṇṇa jati(jātikā) Yellow Jāi flower.

ସ୍ୱର୍ଣ୍ଣ ଜୁବ୍(ବୁ)ଲି—ଦେ. ବ (ଇ. ସ୍ୱର୍ଣ୍ଣ+ଇଂ, ଜୁବ୍ଲି)—ରାଜାମାନଙ୍କର
Swarṇṇa jubi(bu)lī ୫୦ ବର୍ଷ ରାଜତ୍ୱ ପୂର୍ତ୍ତି ହେଲେ
ସାମ୍ରାଜ୍ୟବ୍ୟାପୀ ସେଇ ଉତ୍ସବ ପାଳିତ ହୁଏ—
Golden jubilee.

ସ୍ୱର୍ଣ୍ଣ ଜୀବନ୍ତୀ—ଇ. ବ—ଗୁଳ୍ମ ବିଶେଷ—Name of a plant.
Swarṇṇa jībantī [ଦ୍ର—ଏହା ବୃଷ୍ୟ, ମଧୁର, ଚକ୍ଷୁଷ୍ୟ, ଶୀତଳ, ବାତପିତ୍ତରକ୍ତଦାହନାଶକ ଓ ବଳବର୍ଦ୍ଧକ
(ସ୍ୱର୍ଣ୍ଣ ଜୀବା, ସ୍ୱର୍ଣ୍ଣ ଯଷ୍ଟି, ସ୍ୱର୍ଣ୍ଣ ଲତା—ଅନ୍ୟରୂପ) ଅଟେ ।]
ସଂ. ପର୍ଯ୍ୟାୟ—ହେମାହ୍ୱା, ହେମ ଜୀବନ୍ତୀ, ବୃଣଗ୍ରନ୍ଥୀ; ହୈମାଗ୍ରଯୀ, ସୁଜୀବନ୍ତୀ, ସୁଯଷ୍ଟିକା, ହେମପୁଷ୍ପା, ହେମବଲ୍ଲୀ, ହେମ ଲତା ।

Digitized by srujanika@gmail.com

ସ୍ୱର୍ଣ୍ଣନଦୀ—ସଂ. ବ (ସ୍ୱଃ=ସ୍ୱର୍ଗର+ନଦୀ; ୬ଷ୍ଠୀ ତତ୍) —୧ । ସ୍ୱର୍ଗଗଙ୍ଗା; ସ୍ୱର୍ଗରେ ପ୍ରବାହିତା ନଦୀ (ଅମର)—1. The river Ganges said to flow in heaven. ୨ । ବୃଶ୍ଚିକାଳୀ (ବ୍ରଜବର୍ଦ୍ଧ୍ନ); ବିଛୁଆଡ—2. The stinging nettle. ୩ । ସିତ ଗଙ୍ଗା; ଆସାମ ଦେଶର ଦାମୋଦ୍ୟାର ଠାରୁ ଭ୍ରଗରେ ବହୁଥିବା ନଦୀ—3. Name of a river flowing in Assam. [ଦ୍ର—ଏହି ନଦୀ ଉପରେ ବଦ୍ରିକାରବାସିନୀ ଦେବୀ ଓ ମହାଦେବ ବିରାଜିତ । ଏଥିରେ ସ୍ନାନ କଲେ ଗଙ୍ଗାସ୍ନାନର ଫଳ ଲାଭ ହୁଏ । —କାଳିକା ପୁରାଣ ।]

ସ୍ୱର୍ଣ୍ଣ ଦୀଧିତ—ସଂ. ବ. (ବହୁବ୍ରୀ.ହି; ସ୍ୱର୍ଣ୍ଣ=ସ୍ୱର୍ଣ୍ଣ ବର୍ଣ୍ଣୀୟ+ଦୀଧିତ= କିରଣ ଧାରା)—ଅଗ୍ନି—Fire.

ସ୍ୱର୍ଣ୍ଣ ଦ୍ରୁ—ସଂ. ବ—ଅରଗ୍ୱଧ (ବ୍ରଜବର୍ଦ୍ଧ୍ନ); ସୁନାର ଗଛ— Swarṇṇa dru A tree; Cassia Fistula.

ସ୍ୱର୍ଣ୍ଣ ପକ୍ଷ—ସଂ. ବିଣ. ଘୁଂ(ବହୁବ୍ରୀ.ହି)—ସ୍ୱବର୍ଣ୍ଣ ପକ୍ଷବିଶିଷ୍ଟ—Having Swarṇṇa paksha golden wings, ବ—ଗରୁଡ଼ (ଖିକାଣ୍ଡ ବିଶେଷ)—The mythological king (ସ୍ୱର୍ଣ୍ଣପକ୍ଷା—ସ୍ତ୍ରୀ. ବିଣ) of birds.

ସ୍ୱର୍ଣ୍ଣ ପତ୍ର—ସଂ. ବ—ସୁନାର ପାତଅ— Swarṇṇa patra Thin plate of gold.

ସ୍ୱର୍ଣ୍ଣ ପତ୍ରୀ(ମୁଖୀ)—ସଂ. ବ—ସୁନାମକେଇ— Swarṇṇa patrī(mukhī) Cassia Indica. (ସ୍ୱର୍ଣ୍ଣ ପତ୍ରିକା—ଅନ୍ୟରୂପ)

ସ୍ୱର୍ଣ୍ଣ ପଦ୍ମ—ସଂ. ବ—ସ୍ୱର୍ଣ୍ଣ ବର୍ଣ୍ଣବିଶିଷ୍ଟ ପଦ୍ମଫୁଲ—Golden lotus. Swarṇṇa padma [ଦ୍ର—ଏହା ସ୍ୱର୍ଗଗଙ୍ଗାରେ ଫୁଟେ ବୋଲି ପୁରାଣରେ ବର୍ଣ୍ଣିତ ।]

ସ୍ୱର୍ଣ୍ଣ ପଦ୍ମା—ସଂ. ବ—ସ୍ୱର୍ଗଗଙ୍ଗା (ଶବ୍ଦ ରତ୍ନାବଳୀ)—The Ganges Swarṇṇa padmā said to flow in heaven.

ସ୍ୱର୍ଣ୍ଣ ପାଟକ—ସଂ. ବ—ଟଙ୍କଣ; ଟାଙ୍କଣ । (ଶବ୍ଦମାଳା)— Swarṇṇa pāṭaka Borax.

ସ୍ୱର୍ଣ୍ଣ ପାରେବତ—ସଂ. ବ—ମହାପାରେବତ (ବ୍ରଜବର୍ଦ୍ଧ୍ନ)— Swarṇṇa pārebata A species of golden-coloured guava.

ସ୍ୱର୍ଣ୍ଣ ପିଞ୍ଜର—ସଂ. ବ (ସ. ଷ. ତତ୍)—ସୁନାରେ ତିଆରି ପଞ୍ଜୁରା— Swarṇṇa pinjara Golden cage; a cage of gold.

ସ୍ୱର୍ଣ୍ଣ ପୁର—ଦେ. ବ—ସୋନପୁର (ଦେଶ) Swarṇṇa pura Sonapura (See)

ସଂ. ବ. (ସ. ଷ. ତତ୍)—୧ । ସ୍ୱର୍ଣ୍ଣନିର୍ମିତ ନଗର—1. A city of gold, ୨ । ସୁନାରେ ତିଆରି ଘର—2. A house made of gold.

ସ୍ୱର୍ଣ୍ଣ ପୁଷ୍ପ—ସଂ. ବ (ବହୁବ୍ରୀ.ହି)—୧ । ଚମ୍ପକ ବୃକ୍ଷ (ବ୍ରଜବର୍ଦ୍ଧ୍ନ)— Swarṇṇa pushpa 1. Champaka tree. ୨। ଅରଗ୍ୱଧ ବା ସୁନାର ଗଛ (ବ୍ରଜବର୍ଦ୍ଧ୍ନ)—2. Cassia Fistula (tree). ୩ । ବବୁର ଗଛ ବା କଣ୍ଟାଲୁମ୍ବ (ଦେଉନ୍ଦ୍ରା) —3. Acacia tree. ୪ । କଥିତ୍ଥ (ହି. ଶ)— 4. Wood apple. ୫ । ଧଳା କଖାରୁ (ହି ଶ)— 5. The white gourd. ୬ । (ସ. ଷ. ତତ୍)—ସୁନାରେ ତିଆରି ଫୁଲ— 6. Golden flower.

ସ୍ୱର୍ଣ୍ଣ ପୁଷ୍ପା—ସଂ. ବ—୧। ମେଣ୍ଢାଶିଙ୍ଗା ମହୁଲ (ହି. ଶ)—1. Aconite. Swarṇṇa pushpā ୨ । ବଣ ଲଙ୍ଗୁଳିଆ (ଦେଶ)— 2. Bishalāṅgulia (See) ୩ । ସ୍ୱର୍ଣ୍ଣଲୀ; ଅରଗ୍ୱଧ; ସୁନାର ଗଛ—3. Cassia Fistula (tree). ୪ । ସାତଳା (ବ୍ରଜବର୍ଦ୍ଧ୍ନ) (ଦେଶ)—4. Sātala (See) ୫। ସ୍ୱର୍ଣ୍ଣ କେତକୀ (ହି. ଶ)—5. The yellow-flowered Pandanus Odoratissimus.

ସ୍ୱର୍ଣ୍ଣ ପୁଷ୍ପୀ—ସଂ. ବ—୧ । ଅରଗ୍ୱଧ; ସୁନାର ଗଛ (ଶବ୍ଦ ତତ୍ତ୍ୱା)— Swarṇṇa pushpī 1. Cassia Fistula. ୨ । ସ୍ୱର୍ଣ୍ଣକେତକୀ (ବ୍ରଜବର୍ଦ୍ଧ୍ନ)—2. The yellow-flowered variety of Pandanus Odoratissimus. ୩ । ସାତଳା (ଦେଶ)—3. Sātalā (See)

ସ୍ୱର୍ଣ୍ଣ ପ୍ରତିମା—ସଂ. ବ—(ସ. ଷ. ତତ୍)—ସ୍ୱର୍ଣ୍ଣନିର୍ମିତ ମୂର୍ତ୍ତି— Swarṇṇa pratimā Golden image.

ସ୍ୱର୍ଣ୍ଣପ୍ରଭ—ସଂ.ବିଣ.ଘୁଂ—ସ୍ୱର୍ଣ୍ଣ+ପ୍ରଭା; ବହୁବ୍ରୀ.ହି)—ସ୍ୱର୍ଣ୍ଣ ପରି ଆଭା ବିଶିଷ୍ଟ Swarṇṇaprabha —Having the lustre of gold. (ସ୍ୱର୍ଣ୍ଣପ୍ରଭା—ସ୍ତ୍ରୀ)

ସ୍ୱର୍ଣ୍ଣପ୍ରସୂ—ସଂ. ବିଣ. (ସ୍ତ୍ରୀ)—ସ୍ୱର୍ଣ୍ଣ ପ୍ରସବକାରିଣୀ; ସ୍ୱର୍ଣ୍ଣୋତ୍ପାଦକ। Swarṇṇa prasū (ଭୂମି)—Producing gold.

ସ୍ୱର୍ଣ୍ଣ ଫଳ—ସଂ. ବି (ବହୁବ୍ରୀ.ହି)—ଧୋତୁରା—Datura Fustosa. Swarṇṇa phala

ସ୍ୱର୍ଣ୍ଣଫଳା—ସଂ. ବ. (ସ୍ତ୍ରୀ)—ସୋନରମ୍ବା; ଚମ୍ପା କଦଳୀ (ବ୍ରଜ ବର୍ଦ୍ଧ୍ନ)— Swarṇṇaphalā A variety of banana.

ସ୍ୱର୍ଣ୍ଣ ବଣିକ୍—ସ. ବ—(ସ୍ୱର୍ଣ୍ଣ ବଣିଜ୍ ଶବ୍ଦ;୧ମା, ୧ବ)—ସୁନାର ବଣିଆ; Swarṇṇa baṇik ସୁନାର ବଣିଆ; ସ୍ୱର୍ଣ୍ଣକାର—Gold-(ସ୍ୱର୍ଣ୍ଣ ବଣିକ—ଦେ. ରୂପ) smith.

ସ୍ୱର୍ଣ୍ଣ ବର୍ଣ୍ଣ—ସଂ. ବ (୬ଷ୍ଠୀ ତତ୍)—ସୁନାର ରଙ୍ଗ—Golden Swarṇṇa barṇṇa colour. ବିଣ. ଘୁଂ (ବହୁବ୍ରୀହି)— (ସ୍ୱର୍ଣ୍ଣବର୍ଣ୍ଣା—ସ୍ତ୍ରୀ. ବିଣ) 1. Of golden hue; golden. ୨ । ସୁନାରଙ୍ଗ; ସୁନାର ପରି ଦେହ ବିଶିଷ୍ଟ; ସୁନାଭର ଗୌର— 2. Having the body of golden colour, golden-complexioned. ଦେ. ବ—୧ । ସ୍ୱର୍ଣ୍ଣାକ୍ଷର (ଦେଶ)—1. Swarṇṇākshara (See).

Digitized by srujanika@gmail.com

୨ । ଜଣଗୁଡ୍ଡୁଲ (ହି. ଶ)—2. A kind of Bdellium. ୩ । ହରତାଳ—3. Yellow orpiment. ୪ । ସ୍ୱର୍ଣ୍ଣଗୈରିକ (ହି. ଶ)—4. Yellow ochre. ୫ । ଦାରୁ ହଳଦୀ (ହି. ଶ) (ଦେଶ)—5. Dāru haladī (See)

ସ୍ୱର୍ଣ୍ଣବର୍ଣ୍ଣୀ—ସଂ. ବି. (ସ୍ତ୍ରୀ)—ହରିଦ୍ରା; ହଳଦୀ—Turmeric.

Swarṇṇa barṇṇā ସଂ. ବିଣ. (ସ୍ତ୍ରୀ) ଯେଉଁ ସ୍ତ୍ରୀଙ୍କ ଦେହ ସ୍ୱର୍ଣ୍ଣ ତୁଲ୍ୟ ହଳଦିଆ ରଙ୍ଗ। ଗୋରା; ଫେକଶା ଗୋରା—(a woman) Having the colour of the skin yellow.

ସ୍ୱର୍ଣ୍ଣବର୍ଣ୍ଣୀକ—ସଂ. ବି—ମୂର୍ଦ୍ଦାର ଶଙ୍ଖ; କଂଚୁଷ୍କ (ହି ଶ)—Litharge.

Swarṇṇa barṇṇāka

ସ୍ୱର୍ଣ୍ଣ ବଳୟ—ସଂ ବି—(ମ. ଯ. ଲୁପ୍ତ)—ସ୍ୱର୍ଣ୍ଣ ନିର୍ମିତ ହାତ ଚୁଡ଼ି—

Swarṇṇa balaya A wristlet of gold.

ସ୍ୱର୍ଣ୍ଣ ବଲ୍ଲଲ—ସଂ.ବି—ଶ୍ୟୋଣାକ ବୃକ୍ଷ [ଶବ୍ଦ ରତ୍ନାକର]; ଫଟଫଟା—

Swarṇṇa balkala Bignonia Indica.

ସ୍ୱର୍ଣ୍ଣ ବଲ୍ଲୀ—ସଂ ବି.—୧ । ଲତାବିଶେଷ—1. Name of a Swarṇṇa ballī creeper. [ଦ୍ର—ଏହା ଦୁଗ୍ଧଦାୟକ, [ଅନ୍ୟ ସଂ. ନାମ—କାକବଲ୍ଲୀ, କାକାଣ୍ଡୁ, ରକ୍ତଫଳା] ଶିଟଖଟୀଡ଼ା ଏବଂ କ୍ରିଦୋଷ ନାଶକ (ରାଜନିଘଣ୍ଟୁ)] । ଏଥିର ଫଳ ରକ୍ତବଲ୍ଲୀ । ୨ । ଆରଗ୍ୱଧ; ସୁନାଖି ଗଛ (ହି. ଶ)—2. Cassia Fisula.

ସ୍ୱର୍ଣ୍ଣ ବାଲୁକା—ସଂ.ବି.—(ମ.ଯ.ଲୁପ୍ତ)—୧ । ସ୍ୱର୍ଣ୍ଣରେଣୁ ମିଶ୍ରିତ ବାଲି—

Swarṇṇa bālukā 1. Sand mixed with gold dust. ୨ । ସ୍ୱର୍ଣ୍ଣରେଣୁ—2. Gold dust.

ସ୍ୱର୍ଣ୍ଣ ବିନ୍ଦୁ—ସଂ. ବି.—ସ୍ୱର୍ଣ୍ଣରେଣୁ; ସ୍ୱର୍ଣ୍ଣକଣା—1. Gold dust.

Swarṇṇa bindu ୨ । (ତନ୍ତ୍ରଶାସ୍ତ୍ରୋକ୍ତ) ବିଷ୍ଣୁଙ୍କର ନାମ—ବିଶେଷ—2. One of the names of Bishṇu.

ସ୍ୱର୍ଣ୍ଣ ବୀଜ—ସଂ. ବି—ଧାତୁରା ମଞ୍ଜି—

Swarṇṇa bīja Seed of Dhatura Plant.

ସ୍ୱର୍ଣ୍ଣ ଭସ୍ମ—ସଂ. ବି.—ଅସୁବେଦୋକ୍ତ ବୈଜ୍ଞାନିକ ପ୍ରକ୍ରିୟାରେ ପାଉଁଶ ରୂପେ ପରିଣତ ସ୍ୱର୍ଣ୍ଣ—(ଦ୍ର—ସୁନାଭସ୍ମ ଭଳେ ନୋଟ୍ ଦେଖ)

Swarṇṇa bhasma Oxide of gold.

ସ୍ୱର୍ଣ୍ଣ ଭୂମି—ସଂ. ବି—(ମ. ଦ୍ୱି. ଲୁପ୍ତ)—୧ । ସ୍ୱର୍ଣ୍ଣପ୍ରସୂ ଭୂମି—1. A Swarṇṇa bhūmi land producing gold. ୨ । ଅତି ଉତ୍କୃଷ୍ଟ ବା ଫଳପ୍ରସୂ ଭୂମି—2. A very fruitful land. ୩ । ସ୍ୱର୍ଣ୍ଣଖନିଯୁକ୍ତ ଭୂମି—3. A land containing gold mines. ୪ । ଗୁଡ଼ତ୍ୱକ୍; ଦାରୁଚିନି (ହି. ଶ)—4. Cinnamon.

ସ୍ୱର୍ଣ୍ଣ ଭୂଷଣ—ସଂ. ବି.—(ମ.ଯ. ଲୁପ୍ତ)—୧ । ସ୍ୱର୍ଣ୍ଣନିର୍ମିତ ଅଳଙ୍କାର—

Swarṇṇa bhūshaṇa 1. Golden ornaments. ୨ । ଆରଗ୍ୱଧ; ସୁନାଖି ଗଛ—2. Cassia Fistula. ୩ । ସ୍ୱର୍ଣ୍ଣ ଗୈରିକ (ହି. ଶ)—3. Yellow ochre.

ସ୍ୱର୍ଣ୍ଣ ଭୃଙ୍ଗରାଜ—ସଂ ବି—ଏକ ପ୍ରକାର ଭୃଙ୍ଗରାଜ ଗଛ (ରାଜନିର୍ଘଣ୍ଟୁ)—

Swarṇṇa bhṛuṅgarāja The yellow variety of Bhṛungarāja plant.

ସ୍ୱର୍ଣ୍ଣ ଭୃଙ୍ଗାର—ସଂ ବି—(ମ. ଯ. ଲୁପ୍ତ)—ସ୍ୱର୍ଣ୍ଣନିର୍ମିତ ଝାରୁ—

Swarṇṇa bhṛuṅgāra A pitcher of gold ୨ । ସ୍ୱର୍ଣ୍ଣ ଭୃଙ୍ଗରାଜ (ଦେଶ)—2. Swarṇṇa bhṛuṅgarāja (See).

ସ୍ୱର୍ଣ୍ଣ ମଣ୍ଡନ—ସଂ. ବି.—ସ୍ୱର୍ଣ୍ଣ ଗୈରିକ (ହି. ଶ)—

Swarṇṇa maṇḍana Yellow ochre.

ସ୍ୱର୍ଣ୍ଣ ମଣ୍ଡିତ—ସଂ. ବି.—(ଷଷ୍ଠୀ ତତ୍ପୁ.)—୧ । ସୁନାଦ୍ୱାରା ଭୂଷିତ—

Swarṇṇa maṇḍita 1. Adorned with gold. ୨ । ସ୍ୱର୍ଣ୍ଣ ଖଚିତ—2. Set with gold. ୩ । ସୁନାର ବୁନା ବସାଯାଇଥିବା—3. Spangled with gold.

ସ୍ୱର୍ଣ୍ଣମୟ—ସଂ. ବି—(ସ୍ୱର୍ଣ୍ଣ + ମୟଟ୍ ପ୍ରତ୍ୟୟ)—୧ । ସ୍ୱର୍ଣ୍ଣ ନିର୍ମିତ—1.

Swarṇṇamaya Made of gold. ୨ । ସ୍ୱର୍ଣ୍ଣରେ ପୂର୍ଣ୍ଣ—(ସ୍ୱର୍ଣ୍ଣମୟୀ—ସ୍ତ୍ରୀ) 2. Filled with gold.

ସ୍ୱର୍ଣ୍ଣମୟୀ—ଦେ. ବି. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to Swarṇṇamayī females. ସଂ. ବିଣ. ସ୍ତ୍ରୀ—ସ୍ୱର୍ଣ୍ଣମୟର ସ୍ତ୍ରୀଲିଙ୍ଗ—Feminine of Swarṇṇamaya.

ସ୍ୱର୍ଣ୍ଣମୟୀ (ମହାରାଣୀ)—ଦେ. ବି—(ଜ ପ୍ର)—ବଙ୍ଗ ପ୍ରଦେଶର କାଶିମ

Swarṇṇamayī (mahārāṇī) ବଜାରର ସ୍ୱର୍ଗତା ଦାନଶୀଳା ଭୂମ୍ୟଧିକାରିଣୀ—A famous landlady of Bengal who was famous for her extensive charities. [ଦ୍ର—ଏ ଅଞ୍ଚ ନାଟୋର ଡେଲ ଜୁଲରେ ୧୮୨୭ ଖ୍ରୀଷ୍ଟାବ୍ଦରେ ଜନ୍ମ ହୋଇଥିଲେ । ଏ ଅଞ୍ଚ ସୁନ୍ଦରୀ ଓ ଗୁଣବତୀ ଥିବାରୁ କାଶିମବଜାରର ଜମିଦାର କୃଷ୍ଣନାଥଙ୍କ ସହିତ ଏହାଙ୍କର ବିବାହ ହେଲା । ଏହାଙ୍କର ଦୁଇଟି କନ୍ୟା ଜାତ ହୋଇଥିଲେ । ଏହାଙ୍କର ସ୍ୱାମୀ ତାଙ୍କର ଶିକ୍ଷା ବିସ୍ତାର ଓ ଲୋକହିତକର କାର୍ଯ୍ୟରେ ଦାନଶୀଳତା ଯୋଗୁଁ ଗଭର୍ଣ୍ଣମେଣ୍ଟଙ୍କଠାରୁ ସମ୍ମାନାସ୍ପଦର ଉପାଧି ପାଇଥିଲେ । ୧୮୫୫ ସାଲରେ କୃଷ୍ଣନାଥ ଗୋଟିଏ ନରହତ୍ୟା ମୋକଦ୍ଦମାରେ ଅଭିଯୁକ୍ତ ହୋଇ ଅସ୍ତ୍ରହତ୍ୟା କଲେ । ଏଥି ପୂର୍ବରୁ କୃଷ୍ଣନାଥଙ୍କ ଜଇଣ୍ଟ୍ ବଳରେ ସ୍ୱର୍ଣ୍ଣମୟୀଙ୍କ ସ୍ତ୍ରୀଧନ ଛଡ଼ା କୃଷ୍ଣନାଥଙ୍କର ତ୍ୟକ୍ତ ଅନ୍ୟ ସମସ୍ତ ସମ୍ପତ୍ତିକୁ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଅଧିକାର କଲେ; ଫଳରେ ସ୍ୱର୍ଣ୍ଣମୟୀ ଜଲ୍ଦଜ୍ଞ। ସୁପ୍ରୀମ୍ କୋର୍ଟ୍‌ରେ ମୋକଦ୍ଦମା କରି ଜଇଣ୍ଟ୍ ବଳର ଉଦ୍ ବଳର ସ୍ୱାମୀଙ୍କତ୍ୟକ୍ତ ସମସ୍ତ ସମ୍ପତ୍ତିରେ ମାଲିକ ହେଲେ । ଏହାଙ୍କର ସ୍ୱଦକ୍ଷ ଦେବାନ ଗୁଣାବଲୋଚନଙ୍କ ସାହାଯ୍ୟରେ ଏ ମୋକଦ୍ଦମା ଜିତନ୍ତେ କରିଥିବା ଦେଣା ପରିଶୋଧ କରି ଜମିଦାରୀର ଅସ୍ତ୍ର ବୃଦ୍ଧି ଓ ରକ୍ଷଣ କଲେ । ଏହାଙ୍କ ଆୟର ଅଧିକାଂଶ ଦାନ ଓ ସତ୍କାର୍ଯ୍ୟରେ ବ୍ୟୟିତ ହେଉଥିଲା । ଗଭର୍ଣ୍ଣମେଣ୍ଟ ଏଥିରେ ସନ୍ତୁଷ୍ଟ ହୋଇ ଏହାଙ୍କ 'ମହାରାଣୀ' ଓ C. I. E

Digitized by srujanika@gmail.com

ଉପାଧି ଦେଲେ ଏବଂ ଏହାଙ୍କ ଉତ୍ତରାଧିକାରୀ 'ମହାରାଜା' ଉପାଧି ପାଇବେ ବୋଲି ସନନ୍ଦ ଦେଲେ । ଏହାଙ୍କ ଦେବାନଙ୍କ ମଧ୍ୟ ରାସ୍ତବାଦାଦୁର ଉପାଧି ଥିଆଗଲା । ଏହାଙ୍କର ବଙ୍ଗପ୍ରଦେଶର ମୁର୍ଶିଦାବାଦ, ରାଜସାହୀ, ଯାବଜା, ଦନାଜପୁର, ମାଲଦହ, ରଙ୍ଗପୁର, ବଗୁଡ଼ା, ଫରଦପୁର, ଯଶୋହର, ନଦୀଆ, ବର୍ଦ୍ଧମାନ, ହାବଡ଼ା, ତଣ୍ଡଗ୍ରାମରେ ଏବଂ ଉତ୍ତର ପଶ୍ଚିମରେ ଗାଜିପୁର, ଆଜମଗଡ଼ ଆଦରେ ଥିବା ଜମିଦାରର ବାର୍ଷିକ ଆୟ ୮ଲକ୍ଷ ଟଙ୍କା ଥିଲା । ୧୮୧୯ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗତ୍ୱିତ କରିବାରୁ କୃଷ୍ଣନାଥଙ୍କ ତଣଜା ମହାରାଜ ମଣୀନ୍ଦ୍ରଚନ୍ଦ୍ର ନନ୍ଦୀ କାଶିମ ବଜାରର ମହାରାଜ ହେଲେ । ମହାରାଜ ଚୌଣସି ଯାଚକଙ୍କୁ ନିରାଶ କରୁ ନ ଥିଲେ । ମୁର୍ଶିଦାବାଦ ଜଜ୍ଞାର ଚୁଆପୁର ସହରର ଜଳ କଳ ପାଇଁ ୪ ୧୯ ଲକ୍ଷ, ଉତ୍ତର ବଙ୍ଗ ଦୁର୍ଭିକ୍ଷ ପାଇଁ ୧ଲକ୍ଷ ୨୫ହଜାର ଓ କଲିକତା ପ୍ରେସିଡାନ୍ସି କଲେଜର ଖ୍ରୀଶ୍ଚିମାନଙ୍କ ଆବାସ ପାଇଁ ୧ଲକ୍ଷ ଟଙ୍କା ଦାନ କରିଥିଲେ । ବଙ୍ଗଦେଶରେ ଅନେକ ବିଦ୍ୟାଳୟ, କଲେଜ, ଚଭୁଷ୍ପାଠୀ ଓ ଧାଠଶାଳାକୁ ମହାରାଜ ମଣୀନ୍ଦ୍ରଚନ୍ଦ୍ର ବସ୍ତର ଦାନ କରିଥିଲେ ।]

ସ୍ୱର୍ଣ୍ଣମହା—ସଂ. ବ.—(ନା:)—କାଳିକା ପୁରାଣୋକ୍ତ ନଦୀ ବିଶେଷ—Swarṇṇamahā Name of a mythological sacred river. [ଦ୍ର—ବୈଶାଖ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ଏଥିରେ ସ୍ନାନ କଲେ ମନୁଷ୍ୟ ସତ୍ତଲୋକରେ ଶିବଲୋକ ଓ ବ୍ରହ୍ମ-(ସ୍ୱର୍ଣ୍ଣ ଶ - ଅନ୍ୟରୂପ) ଲୋକପ୍ରାପ୍ତ ହୁଏ ।]

ସ୍ୱର୍ଣ୍ଣମାକ୍ଷିକ—ସଂ,ବ—ଉପଧାତୁ ବିଶେଷ; ସୁନାମାଖୀ—Iron pyrites; Swarṇṇamākshika Ferri sulphuratum. [ଦ୍ର—ଅ.ସଂ.ନାମ—ତାପୀଜ,ମଧୁମାକ୍ଷିକ, ଏହା ଖଜଜ । ଏହା ସ୍ୱବର୍ଣ୍ଣର ତାପ୍ୟ, ମାକ୍ଷିକ ଧାତୁ, ମଧ୍ୟଧାତୁ ତାପିଜ । ଉପଧାତୁ; କଞ୍ଚିତ୍ ସ୍ୱର୍ଣ୍ଣଗୁଣଯୁକ୍ତ ଥିବାରୁ ଏଥିର ଏହି ନାମ ହୋଇଅଛି । ଏହା ଦେଖିବାକୁ ସ୍ୱର୍ଣ୍ଣାଭ ଓ ଈଷତ୍ କୃଷ୍ଣ । ଏହାକୁ ସ୍ପର୍ଶକଲେ ଉତ୍ତରେ ସୁନାର ଆଘ୍ର ଦେଖାଯାଏ, ବୈଦ୍ୟଶାସ୍ତ୍ରମତରେ ଏହା ମଧୁର, ଉତ୍କୁରସ, ବୃଷ୍ୟ, ରସାୟନ ଚକ୍ଷୁଷ୍ୟ ଏବଂ ଅର୍ଶଃ, ଶୋଥ, କୁଷ, କଣ୍ଡୁ, ଶିତଦୋଷ, ବସ୍ତିଦୋଷ, କଷ୍ଟଦୋଷ, ପାଣ୍ଡୁ, ମେହରୋଗରେ ଉପକାରୀ ।

ସୋନାମାଖୀ
ସୋନାମାଖୀ; ସୋନାମକ୍ଷୀ
ପା—ଚର୍ଚ୍ଚିଲା
ଅ—ରବ୍ଟଲ୍ ଜଜର୍
ଚୈ—ସ୍ୱର୍ଣ୍ଣମାକ୍ଷୀ

ଏଥିରେ ୫ ଗୁଣ ସୈନ୍ଧବ ଲବଣ ମିଶାଇ ଜମ୍ବୀର ଓ ଚତ୍ରସରେ ବୁଲାଇ ଲୌହ ପାତ୍ରରେ ରଖି ଏହା ସୋଧିତ ହୁଏ ଓ କୋଳଥସିଦ୍ଧା ପାଣିରେ ଏହାକୁ ମର୍ଦ୍ଦନ କରି ତୈଳ ଓ ଘୃତ ମୁଦ୍ଦରେ ଏହାକୁ ପୁଟ ପାକ କଲେ ଏହାର ଭସ୍ମ ହୁଏ ।]

ସ୍ୱର୍ଣ୍ଣ ମାରଣ—ସ. ବ—୧ । ବୈଦ୍ୟଶାସ୍ତ୍ରୋକ୍ତ ବିଧି ଦ୍ୱାରା ସ୍ୱର୍ଣ୍ଣକୁ ଶୋଧନ କରିବା—1. Refining of gold by Ayurvedic process. ୨ । ଦ୍ରବ୍ୟ-ସଂଯୋଗ ଦ୍ୱାରା ଅନ୍ୟ ଧାତୁକୁ ସୁନାରେ ପରିବର୍ତ୍ତନ କରିବା—2. The process of changing basermetals into gold; alchemy

ସ୍ୱର୍ଣ୍ଣମୁଖୀ—ସଂ. ବ—ସ୍ୱର୍ଣ୍ଣପତ୍ରୀ; ସୁନାମକେଇ (ହି. ଶ)—Senna. Swarṇṇamukhī

ସ୍ୱର୍ଣ୍ଣ ମୁଦ୍ରା—ସଂ. ବ—ଅସରଫୀ; ସୁନା ମୋହର—Gold coin. Swarṇṇa mudrā

ସ୍ୱର୍ଣ୍ଣ ମୃଗ—ସ. ବ—ରାମଚନ୍ଦ୍ରଙ୍କୁ ପ୍ରଲୋଭିତ କର ଦୂରସ୍ଥ ଅରଣ୍ୟକୁ Swarṇṇa mruga ନେଇଯିବା ପାଇଁ ରାବଣର ଆଦେଶ-କ୍ରମେ ମାରିଚ ସ୍ୱର୍ଣ୍ଣର ଧାରଣ କରିଥିବା ସ୍ୱର୍ଣ୍ଣାଭ ଜୀବନ୍ତ ମୃଗମୂର୍ତ୍ତି —The form of a goldon deer assumed by Māricha to tempt Rama into the distant woods, so that Rāvaṇa would abduct Sītā.

ସ୍ୱର୍ଣ୍ଣଯୂଥିକା (ଯୂଥୀ)—ସଂ. ବ—ଶୀତବର୍ଣ୍ଣ ଯୂଇ ଫୁଲ—The Swārṇṇa Jūthikā (jūthī) yellow variety of ଅ. ଫ —ବ୍ରଣୀ, ଘୀଟିକା, ଦେମପୁଷ୍ପିକା, ଦେମା Jui flower. (ସୁନା ଯୂଇ—ଡେ, ରୂପ) ସୋନାଯୁଁଇ **स्वर्णजूही; पीलीजूही**

ସ୍ୱର୍ଣ୍ଣ ରମ୍ଭା—ସ. ବ—ସ୍ୱର୍ଣ୍ଣ କଦଳୀ; ଚମ୍ପାକଦଳୀ—A yellow-Swarṇṇa rambhā kernelled variety of plantain.

ସ୍ୱର୍ଣ୍ଣ ରୀତି—ସ. ବ—ସ୍ୱର୍ଣ୍ଣ ପିତ୍ତଳ (ହି· ଶ)—A kind of bright Swarṇṇarīti brass.

ସ୍ୱର୍ଣ୍ଣ ରେଣୁ—ସଂ. ବ—ସୁନାର ଚୂନ—Gold-dust. Swarṇṇa reṇu

ସ୍ୱର୍ଣ୍ଣଲତା—ସଂ. ବ—ଜ୍ୟୋତିଷ୍ମତୀ (ସ୍ୱର୍ଣ୍ଣ ଜର୍ଦ୍ଦଣ୍ଡ); ପୁଟି ପୁଟୁକା ଗୁଳୁ—Swarṇṇa latā 1. The staff tree; Cardio-spermum Halicacabum. ୨ । (ଲକ୍ଷଣାର୍ଥ) ଶୀଣଦେହା ସୁନ୍ଦର ସ୍ତ୍ରୀ—2.(figurative) A graceful and slender lady. ୩ । ସ୍ୱର୍ଣ୍ଣ ଜୀବନ୍ତୀ (ହି. ଶ)—3. The yellow variety of Jibantī.

ସ୍ୱର୍ଣ୍ଣଳୀ—ସଂ. ; —ଏକ ପ୍ରକାର ଅରଣ୍ଡ ବା ସୁନାର ଗଛ; Swarṇṇalī ସ୍ୱର୍ଣ୍ଣପୁଷ୍ପୀ—A species of Cassia Fistula [ଦ୍ର—ଏହା କଟୁ କଷାୟ, ଶୀତବୀର୍ଯ୍ୟ, ବିରେଚକ, ସୋନାଲୁ, ସୋଁଦାଲ ଚଳନାଶକ, ଓ ସାଧାରଣ ସୁନାର ଗଛର, **अमलतास, सोनुली** ଅନ୍ୟଗୁଣ ବିଷିଷ୍ଟ ।]

ସ. ସୁବର୍ଣ୍ଣଲବର, ତେ· ରେସ୍ପୁଷ୍ପି, ଗୁ. ସୋନୁଲ୍ଲ

ସ୍ୱର୍ଣ୍ଣଶିଖ—ସଂ, ବ—ନୀଳବର୍ଣ୍ଣ ପକ୍ଷୀ—The blue jay (bird). Swarṇṇaśikha

ସ୍ୱର୍ଣ୍ଣଶେଫାଳିକା—ସଂ. ବ·—୧ । ଅରଗ୍ୱ (ଶବ୍ଦମାଳା); ସୁନାର ଗଛ Swarṇṇa śephālikā —1 Cassia Fistula. ୨।

Digitized by srujanika@gmail.com

ଶୀତ ଶେଫାଳିକା (ଶବ୍ଦ କଳ୍ପଦ୍ରୁମ)—2. A yellow variety of Sephālikā.

ସ୍ୱର୍ଣ୍ଣ ସିନ୍ଦୁର—ସଂ. ବ—(ବୈଦ୍ୟକ)—ଉପସିନ୍ଦୁର; ସାଦଦ ଓ Swarṇṇa sindūra ଗନ୍ଧକ ମିଶ୍ରିତ ସ୍ୱଃପାକ ଶୋଧିତ ସ୍ୱର୍ଣ୍ଣଘଟିତ ଔଷଧ ବିଶେଷ—Name of an Ayurvedic preparation from gold, mercury and sulphur. [ଦ୍ର—ଏହାର ବର୍ଣ୍ଣ ଗାଢ଼ରକ୍ତ ଓ ଏହାକୁ ଚୂର୍ଣ୍ଣ କଲେ ସିନ୍ଦୂର ପରି ରଙ୍ଗ ବାହାରେ ।]

[ମଦ୍ଧ୍ୟଜ ଉଲେ ନୋଟ୍ ଦେଖ

ସ୍ୱର୍ଣ୍ଣ ସୁଯୋଗ—ବେ. ବ.—(ଇଂରାଜୀ ଭାଷାରୁ ଅନୁଭୂତ ଅଧୁନିକ Swarṇṇa sujoga ପ୍ରଯୋଗ)—ସ୍ୱର୍ଣ୍ଣପରି ମୂଲ୍ୟବାନ୍ ବା ଶ୍ରେଷ୍ଠ ସ୍ୱର୍ଣ୍ଣସୁଯୋଗ ସୁଯୋଗ; ଶ୍ରେଷ୍ଠ ସୁଯୋଗ ବା ଅବସର—Golden opportunity. **ସ୍ୱର୍ଣ୍ଣ ସୁଯୋଗ**

ସ୍ୱର୍ଣ୍ଣ ସ୍ତେନ—ସ.ବ (ଷଷ୍ଠୀ ତତ୍.)—ସୁନା ଚୋର; ଯେ ସୁନା ଚୋରି କରେ Swarṇṇa stena —Stealer of gold.

ସ୍ୱର୍ଣ୍ଣ ସ୍ତେୟ—ସ. ବ. ପୁଂ (ଷଷ୍ଠୀ ତତ୍)—ସୁନା ଚୋରି କରିବାରୂପ ପାପ Swarṇṇa steya —Stealing of gold, counted as a sin.

ସ୍ୱର୍ଣ୍ଣହାଳି—ସଂ. ବ.—ଅରଗ୍ୱଧ; ସୁନାଝଗଡ—Cassia Fistula Swarṇṇahāḷi (tree).

ସ୍ୱର୍ଣ୍ଣାକର—ସ. ବ. (ଷଷ୍ଠୀ ତତ୍)—ସୁନାର ଖଣି; ଯେଉଁ ଖଣିରୁ ସୁନା ବାହାରେ—Gold mine. Swarṇṇākara

ସ୍ୱର୍ଣ୍ଣାକ୍ଷର—ସଂ. ବ (ମ. ପ. ତତ୍ପୁ)—୧ । ସ୍ୱର୍ଣ୍ଣଜଡିତ ଅକ୍ଷର—1. Swarṇṇākshara Golden letters. ୨। ସ୍ୱର୍ଣ୍ଣପରି ଉଜ୍ଜ୍ୱଳ ଓ ସ୍ୱର୍ଣ୍ଣାକ୍ଷର ଚିରସ୍ଥାୟୀ ଅକ୍ଷର—2. Letters as bright and permanent as gold. ୩ । ଯେଉଁ ଅକ୍ଷର ସହଜରେ ଲିଭିଯାଏ ନାହିଁ—3 Letters which can not be effaced soon. (ଯଥା—ଜୟଦେବ ଭଣିତ ନାମ ଜଗନ୍ନାଥ ଇତ୍ୟାଦିରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଅଛି ।)

ସ୍ୱର୍ଣ୍ଣାଙ୍ଗ—ସ. ବ.—ଅରଗ୍ୱଧ (ବୃଜନଦର୍ଦ୍ଧ୍ଦ); ସୁନାଝ ଗଛ—Swarṇṇāṅga Cassia Fistula (tree).

ସ୍ୱର୍ଣ୍ଣାଙ୍ଗୁରିୟ—ସ. ବ.—(ମ. ପ. ତତ୍ପୁ)—ସ୍ୱର୍ଣ୍ଣନିର୍ମିତ ଅଙ୍ଗୁରିୟ; ସୁନା ମୁଦି—Gold ring. Swarṇṇāṅguriya (ସ୍ୱର୍ଣ୍ଣାଙ୍ଗୁରୀୟକ—ଅନ୍ୟରୂପ)

ସ୍ୱର୍ଣ୍ଣାଦ୍ରି—ସଂ. ବ.—(ମ. ପ. ତତ୍ପୁ)—୧ । ସ୍ୱର୍ଣ୍ଣମୟ ପର୍ବତ—1. Swarṇṇādri Mountain of gold. ୨ । ସୁମେରୁ (ସ୍ୱର୍ଣ୍ଣାଚଳ—ଅନ୍ୟରୂପ) (ଦେଖ)—2. Sumeru (See). ୩ । ସ୍ୱର୍ଣ୍ଣାଭ ପର୍ବତ—3. A mountain of golden hue. ୪ । ସୁସଜ୍ଜାର ଭୁବନେଶ୍ୱର ଗାର୍ଥର ପୌରାଣିକ ନାମାନ୍ତର—4. A mythological name of Bhubaneswara in the Puri district

ସ୍ୱର୍ଣ୍ଣାଦ୍ରି ମହୋଦୟ—ସଂ. ବ.—(ନାମ)—ଭୁବନେଶ୍ୱର ଗାର୍ଥର ମାହାତ୍ମ୍ୟ Swarṇṇādri mahodaya ଓ ସେଠାରେ ପ୍ରତିଷ୍ଠିତ ଲିଙ୍ଗମାନଙ୍କ ବର୍ଣ୍ଣନାତ୍ମକ ପୌରାଣିକ ଗ୍ରନ୍ଥ—A mythological work dealing with the particulars of the sacred place Bhubaneswara and its shrines.

ସ୍ୱର୍ଣ୍ଣାଭ—ସଂ. ବଣ.—(ସ୍ୱର୍ଣ୍ଣ+ଆଭା; ବହୁବ୍ରୀ)—ସ୍ୱର୍ଣ୍ଣର ପ୍ରଭାଯୁକ୍ତ—Swarṇṇābha Glittering like gold; of a golden (ସ୍ୱର୍ଣ୍ଣାଭା—ସ୍ତ୍ରୀ) hue. ସଂ. ବ.—ହରତାଳ—Yellow orpiment

ସ୍ୱର୍ଣ୍ଣାଭରଣ—ସଂ. ବ, (ମ. ପ. ତତ୍ପୁ)—ସ୍ୱର୍ଣ୍ଣ ଭୂଷଣ; ସ୍ୱର୍ଣ୍ଣ ନିର୍ମିତ Swarṇṇābharaṇa ଗହଣା; ସୁନା ଗହଣା—Gold ornament. (ସ୍ୱର୍ଣ୍ଣାଳଙ୍କାର—ଅନ୍ୟରୂପ)

ସ୍ୱର୍ଣ୍ଣାରି—ସଂ. ବ. (ଷଷ୍ଠୀ ତତ୍.)—ଗନ୍ଧକ (ଶବ୍ଦକଳ୍ପଦ୍ରୁମ)—Swarṇṇāri Sulphur.

ସ୍ୱର୍ଣ୍ଣାରୀ—ସଂ. ବ.—(ଷଷ୍ଠୀ ତତ୍ ସ୍ତ୍ରୀ+ନାମ)—ସ୍ୱର୍ଗଣିକା (ଦେଖ)—Swarṇṇārī Swarganikā (See)

ସ୍ୱର୍ଣ୍ଣାଳୁ—ସଂ. ବ.—ସ୍ୱର୍ଣ୍ଣୁଳୀ (ଦେଖ) (ହ୍ର. ଶ)—Swarṇṇāḷu Swarṇṇuḷī (See)

ସ୍ୱର୍ଣ୍ଣାହ୍ୱା—ସଂ. ବ—ଦୂର୍ଣ୍ଣାକ୍ଷୀ (ଦେଖ)—Swarṇṇāhwā Swarṇṇakshīrī (See)

ସ୍ୱର୍ଣ୍ଣିକା—ସଂ. ବ.—ଧନିଆ (ହ୍ର. ଶ)—Swarṇṇikā Coriander

ସ୍ୱର୍ଣ୍ଣୁଳୀ—ସ. ବ—ସ୍ୱର୍ଣ୍ଣିଳି; ଅରଗ୍ୱଧ; ସୁନାଝ—Cassia Fistula. Swarṇṇuḷī [ଦ୍ର—ଏହା କହୁଁ; ଶୀତଳ, କଷାୟ, ବ୍ରଣାଘଦ୍ନ] ସୋନ୍ଦାଳ **ସୋନୁଲୀ** [ଅନ୍ୟ ସ. ନାମ—ଦେବପୁଷ୍ପୀ, ସ୍ୱର୍ଣ୍ଣପୁଷ୍ପା; ଅବ୍ଦୁଳା]

ସ୍ୱର୍ଣ୍ଣୋପଧାତୁ—ସଂ. ବ—ସ୍ୱର୍ଣ୍ଣମାକ୍ଷିକ (ଦେଖ)—Swarṇṇopadhātu Swarṇṇamākshika (See).

ସ୍ୱର୍ତ୍ (ଧାତୁ)—ସଂ—୧। ଗତି କରିବା—1. To move. ୨। Swartt (root) ଦୁଃଖରେ ଜୀବନ ଧାରଣ କରିବା—2. To live in misery. ୩। ଅତିଶୟିତ ହେବା—3. To be frightened or terrified.

ସ୍ୱର୍ଦ୍ (ଧାତୁ)—ସଂ.—୧। ପ୍ରୀତି କରିବା—1. To make love. Sward (root) ୨। ରସାସ୍ୱାଦନ କରିବା—2. To taste ୩। ଚୁଟିବା—3. To lick.

ସ୍ୱର୍ଧୁନୀ—ସଂ. ବ (ସ୍ୱଃ+ଧୁନୀ)—ସ୍ୱର୍ଗଗଙ୍ଗା—The river Ganges Swardhūnī said to flow in heaven.

ସ୍ୱର୍ନଗରୀ—ସ. ବ (ଷଷ୍ଠୀ ତତ୍)—ଅମରାବତୀ—The capital or Swarnagarī court of Indra.

ସ୍ୱର୍ନଦୀ—ସ. ବ (ଷଷ୍ଠୀ ତତ୍)—ସ୍ୱର୍ଗଗଙ୍ଗା; ସ୍ୱର୍ଗଗା (ଉରତ) Swarnadī The river Ganges said to flow in heaven.]

ସ୍ୱର୍ପତି—ସଂ. ବ (ଷଷ୍ଠୀ ତତ୍, ସ୍ୱଃ+ପତି)—ଦେବରାଜ; ଇନ୍ଦ୍ର—Swarpati Indra.

Digitized by srujanika@gmail.com

ସ୍ୱର୍ବ(ର୍ଭ)ଧୂ—ସଂ. ବ—(ସୁରଗ)—୧ । ସ୍ୱର୍ଗୀୟା ସ୍ତ୍ରୀ—1. A Swarba (rbba) dhū woman of heaven. ୨ । ଅପ୍‌ସରମାନେ (ଦେମଚନ୍ଦ୍ର)—2. The heavenly nymphs.

ସ୍ୱର୍ବା(ର୍ଭା)ପୀ—ସଂ. ବ—ଗଙ୍ଗାନଦୀ (ଦେମଚନ୍ଦ୍ର)—
Swarbā (rbbā) pī The Ganges.

ସ୍ୱର୍ବେ(ର୍ଭେ)ଶ୍ୟା—ସଂ. ବ—ଅପ୍‌ସରା—
Swarbe (rbbe) śyā The heavenly nymphs.

ସ୍ୱର୍ବୈଦ୍ୟ—ସଂ. ବ (୬ଷ୍ଠୀ ତତ୍ପୁ)—୧ । ସ୍ୱର୍ଗରେ ଦେବତାମାନଙ୍କର Swarbaidya ଚିକିତ୍ସକ—1. The physician of heaven. ୨ । ଅଶ୍ୱିନୀକୁମାର ଦ୍ୱୟ—2 The twin brothers, Aświnī Kumāras. [ଦ୍ର—ସଂସ୍କୃତରେ ଏହି ଶବ୍ଦ ନିତ୍ୟ ଦ୍ୱିବଚନ 'ସ୍ୱର୍ବୈଦ୍ୟୌ' ରୂପ ଧାରଣ କରେ; କାରଣ, ଅଶ୍ୱିନୀକୁମାରଦ୍ୱୟ ଯମଜ ।]

ସ୍ୱର୍ଭାନବ—ସଂ. ବ—ଗୋମେଦକ ମଣି—
Swarbhānaba Topaz; a species of gem.

ସ୍ୱର୍ଭାନୁ—ସଂ. ବ—୧ । (ସ୍ୱଃ=ସ୍ୱର୍ଗରେ+ଭାନୁ=କିରଣ ଯାହାର)—
Swarbhānu ରାହୁ (ଅମର)—1. The Ascending. Node. ୨ । (ନାମ) ସତ୍ୟଭାମାଙ୍କ ଗର୍ଭଜାତ ଶ୍ରୀକୃଷ୍ଣଙ୍କର ଏକ ପୁତ୍ର (ହ. ଶ)—2. Name of a son of Śrīkṛushṇa.

ସ୍ୱର୍ଭାନୁ ସୂଦନ—ସଂ. ବ—ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—
Swarbhānu sūdana The sun.

ସ୍ୱର୍ଯାତ—ସଂ. ବଣ. ପୁଂ (ସ୍ୱଃ+ଯା ଧାତୁ+କ୍ତ ତ)—ସ୍ୱର୍ଗତ (ଦେଶ)—
Swarjāta (ସ୍ୱର୍ଯାତା—ସ୍ତ୍ରୀ) Swargata (See).

ସ୍ୱର୍ଲୋକ—ସଂ. ବ—୧ । ସ୍ୱର୍ଗଲୋକ; ଦେବଲୋକ; ସୁରଲୋକ—
Swarloka 1. Heaven, the abode of the gods. ୨ । ସ୍ୱର୍ଗ (ଦେଶ)—2. Swarga (See).

ସ୍ୱଲ୍ଲିନ—ସଂ. ବ. ପୁଂ—ଦାନବବିଶେଷ—Name of a demon.
Swalīna [ଦ୍ର—ରଘୁବଂଶ ଗଙ୍ଗାଙ୍କୁ ମର୍ତ୍ତ୍ୟକୁ ଆଣିବା ସମୟରେ କାଷ୍ଠରେ ଏ ଦାନବ ପର୍ବତରୂପ ଧାରଣ କର ୧୦୦ ବର୍ଷକାଳ ଗଙ୍ଗାଙ୍କର ପଥରୋଧ କରିଥିଲା । ଭଗୀରଥ ଚୌତ୍ରିକଙ୍କୁ ଆରାଧନା କରିବାରୁ ସେ ତାଙ୍କୁ ଗୋଟିଏ ନାଗବାଡନ ଦେଲେ । ଏହି ନାଗ ସ୍ୱଲ୍ଲିନକୁ ବିଦାରଣ କରିବାରୁ ଗଙ୍ଗାଙ୍କ ବାଟ ଫିଟିଲା—(ବହ୍ନିପୁରାଣ ଗଙ୍ଗାବତରଣ)] ।

ସ୍ୱଲ୍ପ—ସଂ. ବଣ [ସୁ=ଅତି+ଅଳ୍ପ]—୧ । ଟିକିଏ—
Swalpa 1. A little. ୨ ଅତ୍ୟଳ୍ପ—2. Very little. ୩ । ଅତ୍ୟନ୍ତ ଛୋଟ; ଅତି ଶ୍ରେଷ୍ଠ-3.Very small. ୪ । ଅତି ସାମାନ୍ୟ—4. Very slight. [ସ୍ୱଲ୍ପତା(ତ୍ୱ)—ବ]

ସ୍ୱଲ୍ପ କନ୍ଦ—ସଂ. ବ (ବହୁବ୍ରୀ)—କଶେରୁ—
Swalpa kanda Scirpus Grossus; Kysoor.

ସ୍ୱଲ୍ପ କାଷ୍ଠ—ସଂ. ବ. [ବହୁବ୍ରୀ]—ଶଙ୍ଖ ଅଳୁ—
Swalpa kāshṭha (ହ. ଶ.)—Pachyrhinzus Augulatus.

ସ୍ୱଲ୍ପ କେଶର୍(ର)—ସଂ. ବ (ସ୍ୱଲ୍ପ+କେଶର+ଇନ୍; ୧ମା. ୧ବ)—
Swalpa kesarī(ra) କାଞ୍ଚନାର; କୋବିଦାର ବୃକ୍ଷ (ସ୍ୱଳ୍ପ କର୍ଦ୍ଦମ); କଞ୍ଚନ ଗଛ (କାଲି ଓ ଧଳା)—Bauhinia Variegata tree.

ସ୍ୱଲ୍ପ କେଶ—ସଂ. ବ (କର୍ମଧା)—ଅତି ଅଳ୍ପ କାଳ—Very few or Swalpa kesha short hairs. ସଂ- ବହୁ. ବ୍ରୀ (ବହୁବ୍ରୀହି) (ସ୍ୱଲ୍ପକେଶା—ସ୍ତ୍ରୀ ବ.ଶ) ସ୍ୱଲ୍ପକେଶୀ (ଦେଶ)—Swalpakeshī (See)

ସ୍ୱଲ୍ପ କେଶିନୀ—ସଂ. ବହୁ. ସ୍ତ୍ରୀ (ସ୍ୱଲ୍ପ+କେଶ+ଇନ୍; ସ୍ତ୍ରୀ. ଙ୍କି)—
Swalpa kesinī ଅତ୍ୟଳ୍ପ କେଶବିଶିଷ୍ଟା (ସ୍ତ୍ରୀ)—Having a (ସ୍ୱଲ୍ପକେଶୀ—ପୁଂ) few or short hairs.

ସ୍ୱଲ୍ପକେଶୀ—ସଂ. ବ—୧ । ଭୂତକେଶ ନାମକ ଘାସ; ଗେଇଦୂବ୍ଜା—
Swalpakeśī 1. The white variety of Doob ଅନ୍ୟ ସଂ. ନାମ—ଭୂତକେଶ, grass; creeping Cynodon. ଦୂବ୍ଜା, ଶତପର୍ବିକା, ଗୋଲୋମୀ, ୨। ଗୋଲୋମୀ; ବଗ୍ (ଶବ୍ଦଚନ୍ଦ୍ରିକା); କେଶଗୁଚ୍ଛ । ବତ—2. The sweet flag; Acorus Calamus. ସଂ ବହୁ. ପୁଂ—ସ୍ୱଲ୍ପକେଶିନୀର ପୁଂଲିଙ୍ଗ—(a female) Having very few or short hairs.

ସ୍ୱଲ୍ପ ଚଟକ—ସଂ. ବ—ବାଦୁ। ଚଡ଼େଇ—
Swalpa chaṭaka The weaver-sparrow.

ସ୍ୱଲ୍ପ ଜମ୍ବୁକ—ସଂ. ବ—ଛୋଟଶିଆଳ (ହ. ଶ)—
Swalpa jambuka Fox.

ସ୍ୱଲ୍ପ ତରୁ(ବିଟପ)—ସଂ. ବ—କେମୁକ (ହ. ଶ)—
Swalpa taru(biṭapa) Cabbage; Costus Speciosus.

ସ୍ୱଲ୍ପ ଦୃଷ୍ଟି—ସଂ. ବହୁ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି; ସ୍ୱଳ୍ପ ଅଟେ ଦୃଷ୍ଟି Swalpa dṛushṭi ଯାହାର)—ଯାହାର ଦୃଷ୍ଟିଶକ୍ତି କ୍ଷୀଣ—Short-sighted.

ସ୍ୱଲ୍ପ ନଖ—ସଂ. ବ (ବୈଦ୍ୟକ)—ନଖୀ ୪ (ଦେଶ)
Swalpa nakha Nakhī 4 (See)

ସ୍ୱଲ୍ପ ପତ୍ରକ—ସଂ. ବ (ସ୍ୱଲ୍ପ+ପତ୍ର+କ)—(ବୈଦ୍ୟକ, ରତ୍ନମାଳା)
Swalpa patraka ଗୌରଶାକ; ମିଧୂକ ଭେଦ; ପାଢ଼ାଡ଼ା ଅନ୍ୟ ସଂ ନାମ—ଗୌରଶାକମସ୍ତୁ } ଅ—A wild or hilly ମଧୂକ, ଗିରିଜ । } plant.

ସ୍ୱଲ୍ପ ପର୍ଣ୍ଣୀ—ସଂ. ବ (ସ୍ୱଲ୍ପ+ପର୍ଣ୍ଣ+ଇନ୍)—ମେଦା ନାମକ ଅଷ୍ଟବର୍ଗୀୟ ଔଷଧ—A rare herb.

ସ୍ୱଲ୍ପ ଫଳା—ସଂ. ବ—ଦୁପୁଷା ଭେଦ (ବ୍ରାଜନଦର୍ଣ୍ଣ); ସଲ୍ଲ୍ୟାକୃତି ଫଳ Swalpa phalā ବିଶିଷ୍ଟ ଗୁଳ୍ମବିଶେଷ—Thueetia Nerifolia. [ଦ୍ର—ଦୁପୁଷା ତଳେ ନୋଟ ଦେଖ ।]

ସ୍ୱଲ୍ପ ବର୍ତ୍ତୁଳ—ସଂ. ବ—ମଟର (ହ. ଶ)—
Swalpa barttula Pea.

Digitized by srujanika@gmail.com

ସ୍ୱଳ୍ପ ବଲ୍କଳା—ସଂ. ବ (ବହୁବ୍ରୀ)—ତେଜବତୀ (ହି. ଶ) ବୃକ୍ଷ—
Swalpa balkalā The toothache tree.

ସ୍ୱଳ୍ପ ବିରାମ ଜ୍ୱର—ସ. ବ—ଯେଉଁ ଜ୍ୱରରେ ମଝିରେ ମଝିରେ
Swalpa birāma jwara ଅଳ୍ପକାଳ ପାଇଁ ଦେହର ତାପ କମିଯାଇ ପୁଣି ବଢ଼େ—A kind of remittant fever.

ସ୍ୱଳ୍ପ ଭାଷୀ—ସଂ.ବ୍ରୀ. ପୁଂ (ସ୍ୱଳ୍ପ ଭାଷିନ୍ ଶବ୍ଦ;ସ୍ୱଳ୍ପ+ଭାଷ୍ ଧାତୁ+ଣିନି.
Swalpa bhāshī ଇନ୍)—ଯେ ଅତି ଅଳ୍ପ କଥା କହେ—(ସ୍ତ୍ରୀ ଭାଷିଣୀ—ସ୍ତ୍ରୀ) Speaking or talking very little.

ସ୍ୱଳ୍ପ ମାତ୍ର—ସଂ. ବ ଓ ବିଣ ପୁଂ ଓ ନି. ବିଣ (ସ୍ୱଳ୍ପ+ମାତ୍ରା;ବହୁବ୍ରୀ)—
Swalpa mātra ୧। ଅତି ଅଳ୍ପ ମାତ୍ରାବିଶିଷ୍ଟ—1. Very in quantity. little. ୨। ଅତି ଅଳ୍ପ—2. Very little.
(ସ୍ୱଳ୍ପମାତ୍ରା—ସ୍ତ୍ରୀ. ବିଣ)

ସ୍ୱଳ୍ପମାତ୍ରା—ସଂ. ବ (କର୍ମଧା)—ଅତି ଅଳ୍ପ ପରିମାଣ—Very small
Swalpamātrā quantity or dose. ସଂ. ବିଣ ସ୍ତ୍ରୀ—ସ୍ୱଳ୍ପମାତ୍ରର ସ୍ତ୍ରୀ ଲିଙ୍ଗ—Feminine of Swalpa-matra.

ସ୍ୱଳ୍ପ ଶବ୍ଦା – ସଂ. ବ—ଶଣପୁଷ୍ପୀ (ହି. ଶ)—
Swalpa śabdā Crotolaria Juncia (plant).

ସ୍ୱ ଶବ୍ଦ ବାଚ୍ୟ ଦୋଷ—ସଂ. ବ—ରସ ଦୋଷ ବିଶେଷ—A defect
Swa śabda bāchya dosha in rhetoric, in which a particular sentiment is expressed by the very verbal expression which denotes that sentiment. [ଦ୍ର—ଯେତେବେଳେ କୌଣସି ରସ ବା ରସର ସ୍ଥାୟୀ ଭାବ ବା ବ୍ୟଭିଚାରୀ ଭାବ ସ୍ୱଶବ୍ଦ ଦ୍ୱାରା ବର୍ଣ୍ଣିତ ହୁଏ ତେବେ ସ୍ୱଶବ୍ଦବାଚ୍ୟ ଦୋଷ ହୁଏ ।

ଯଥା—ଉର୍ଦ୍ଧ୍ୱରୁ ବହୁନ୍ତ ଦୋଇ ଛଟକେ ଭୁଉକ ଛଟପଟ ଦେଇ ଭୂମେ, ରକ୍ତ ଉତ୍ପ ସ୍ରାସ୍ତ ସାଲଙ୍କାର ହସ୍ତ ପାଦ ସଶିରସ୍କ ଶିରଃ, ପେଶି ଦୋଇ ଗଲେ ପଛ ଅଗେ ଅଶ୍ୱରଥେ ରଥ ଘଡଳ ସେ ବିମର୍ଦ୍ଦେ, ଦୁଖିର କର୍ଦ୍ଦମେ ମର୍ତ୍ତି ସ୍ତ ସକୃତ୍ ଚ୍ଲୀତା ଅନ୍ତ ମାଂସ ବସା, ହୃଦସ୍ତାଦ ପ୍ରିଣି ଦେଲ ଅସହ୍ୟ ସେ କାଳେ ଦୈରସ୍ତର ତ୍ତେଗ ସୋଗ୍ୟ ସାଉସ୍ତ ଘାଣ୍ଡିଅ । ଗ୍ରଧାନାଥ. ମହାସାଶା । ସାଉସ୍ତ ରସର ବର୍ଣ୍ଣନାରେ "ସାଉସ୍ତ" ଶବ୍ଦର ଉଲ୍ଲେଖ ଦୋଷାବହ ।]

ସ୍ୱ ସର—ସ. ବ—୧। ଗୃହ; ଘର (ହି. ଶ)—1. House. ୨। ଦିନ (ହି. ଶ)—2. Day.
Swa sara

ସ୍ୱସା—ସ. ବ ସ୍ତ୍ରୀ (ସ୍ୱ=ଉତ୍ପନ୍ନ+ଅସ୍ ଧାତୁ=ଦେବା+କର୍ତ୍ତୃ ରୂ;
Swa sā ସ୍ୱ ଶବ୍ଦ; ୧ମା, ୧ବ)—୧। ଉଗିନୀ; ଭଉଣୀ—1 Sister. ୨। ତେଜବତୀ (ହି. ଶ)—2. The toothache tree.

ସ୍ୱସ୍କ୍ (ଧାତୁ) - ସ.—ଗତି କରିବା—
Swask (root) To move.

ସ୍ୱସ୍ତି—(ସୁ=ଉତ୍ପନ୍ନ+ଅସ୍ ଧାତୁ=ଦେବା+ତ୍ତିବ ଇ)—(ଆଶୀର୍ବାଦ,
Swasti ମଙ୍ଗଳ କାମନା ଆଦି ଅର୍ଥରେ ବ୍ୟବହୃତ ଅବ୍ୟୟ ଶବ୍ଦ;—ତୁମର ମଙ୍ଗଳ ହେଉ ।) (Interjection used in benedictions and goodwishes;—God bless you !) ସ. ବ—୧। ଆଶୀର୍ବାଦ—1. Blessing. ୨। ପୁଣ୍ୟ—2. Piety. ୩। କଲ୍ୟାଣ; ଶୁଭ; ମଙ୍ଗଳ—3. Auspiciousness; bliss. ୪। ସ୍ୱୀକାର—4. Consent. ୫। ତୃପ୍ତି; ସନ୍ତୋଷ—5. Satisfaction; contentment. ୬। ଶାନ୍ତି—6. Peace. ୭। ପୁରାଣାନୁସାରେ ବ୍ରହ୍ମାଙ୍କର ୩ ସ୍ତ୍ରୀଙ୍କ ମଧ୍ୟରୁ ଜଣେ (ହି.ଶ)—7.One of the 3 wives of Brahmā. ସଂ (ଅ)—୧। ଆଶୀର୍ବାଦ ଓ ମଙ୍ଗଳକାମନା ବୋଧକ ବ୍ୟବହୃତ ଶବ୍ଦ)—ତୁମର କଲ୍ୟାଣ ହେଉ—1. God bless you ! ୨। ମଙ୍ଗଳ କର୍ମରେ ସ୍ୱସ୍ତି ଶବ୍ଦଯୁକ୍ତ ମନ୍ତ୍ର 2. Holy formula with the word 'Swāsii' used on auspicious occasions. ୩। ଦାନ ସ୍ୱୀକାର ମନ୍ତ୍ର—3. A formula pronounced by a person while accepting a gift. [ଦ୍ର—ବ୍ରାହ୍ମଣ ଦାନ ଗ୍ରହଣ କରିବାର 'ସ୍ୱସ୍ତି' 'ସ୍ୱସ୍ତି' 'ସ୍ୱସ୍ତି' ଏହି ମନ୍ତ୍ର ଉଚ୍ଚାରଣ କରନ୍ତି ।

ସଂସ୍କୃତରେ ଏହି ଶବ୍ଦ ଯୋଗେ ଚତୁର୍ଥ୍ୟନ୍ତ ପଦର ଚତୁର୍ଥୀ ବିଭକ୍ତି ହୁଏ । ଯଥା—"ସ୍ୱସ୍ତି ଧାତ୍ରେ" (ମୁଗ୍ଧବୋଧ ବ୍ୟାକରଣ)।

ହେ. ବ—୧। ମଙ୍ଗଳ—1. Good. [ଦ୍ର—ତାହା ଜାଣିଥାଇ ଏ ଭଳ ବ୍ରାହ୍ମଣ, ବୋଇଲେ ହେଉ ସ୍ୱସ୍ତି ଭଦ ନଉସ୍ତଣ । କୃଷ୍ଣ ତା ଶୁଣି ସ୍ତ୍ରୀମ ସ୍ୱସ୍ତି ବଚ୍ଚାଇଲେ, ଯୁଦ୍ଧ ବୋଲ ତାହାଙ୍କୁ ବେଗେ ଅଜ୍ଞା ଦେଲେ—କୃଷ୍ଣସିଂହ. ମହାଭାରତ—ସଭା] ୨। ମନର ଶାନ୍ତି; ଉଦ୍ବେଗଶୂନତା—2.Peace of mind; freedom from anxiety. ୩। ସୁଖଦତା—3. Comfort. ୪। ସନ୍ତୋଷ; ସୁଖ ଓ ଶାନ୍ତିମୟ ଅବସ୍ଥା—4. A state of happiness, peace and contentment. ୫। ପତ୍ରାଦିର ଅରମ୍ଭରେ ଲେଖାଯିବା ମଙ୍ଗଳସୂଚକ ଶବ୍ଦ—5. A word written at the beginning of a letter.

ସ୍ୱସ୍ତିକ—ସ. ବ.—(ସ୍ୱସ୍ତି+କ)—୧। ମଙ୍ଗଳ ଦ୍ରବ୍ୟ—1. Auspi-
Swastika cious article- ୨। ପିଠରି ବା ଗୁଣ୍ଡଳ ଚୂନା ନିର୍ମିତ ଏକ ପ୍ରକାର ଅର୍ଘ୍ୟବାସ ଦ୍ରବ୍ୟ—2. An article made of rice paste used on the eve of auspicious occasions. [ଦ୍ର—ବିବାହାଦି ମଙ୍ଗଳ କାର୍ଯ୍ୟରେ ଏହା ଉଥର ହୁଏ ଓ ଏହା ଦେବତାମାନଙ୍କ ନିବାସ ବୋଲି ବିବେଚିତ (ହି. ଶ)—୩। ଚତୁଷ୍ପଥ। ଚତୁଷ୍ପଥ; ଛକ—3. A meeting place of two

Digitized by srujanika@gmail.com

cross roads. ୬ । ଚତ୍ୱର; ଚତୁଷ୍କ—4. A square; a courtyard. ୫ । ଏକ ପ୍ରକାର ଗୃହ (ସ୍ଥାପତ୍ୟ)—5. A sort of house facing east and having varandas on two sides and portico on the front. [ଦ୍ର—ଏ ଗୃହର ପୂର୍ଯ୍ୟ-ମୁହଁ ଦୁଇପାଖ ଓ ଏଥିର ସାମନାରେ ଓ ଦୁଇପାଖରେ ବରଣ୍ଡା ବା ଅଳନ୍ଦ ଥାଏ (ହର୍ଷ); ଯେଉଁ ଘରର ଦୁଇପାଖରେ ବରଣ୍ଡା ଓ ସାମନା ପାଖରେ ଗୁନ୍ଦମା ବା ଗାଡ଼-ବରଣ୍ଡା ଥାଏ, ସମାନ୍ତରରେ, ଯେଉଁ ଘରର ପଶ୍ଚିମାଂଶରେ ଗୋଟିଏ ଦଲ୍ଲଣ (ସେଜ୍ଜ) ଓ ପୂର୍ବାଂଶରେ ଦୁଇଟି ଦଲ୍ଲଣ ଥାଏ, ତାକୁ ସ୍ୱସ୍ତିକ ବୋଲିଯାଏ । ଏ ଘରେ ରହିବା ଗୃହସ୍ଥଙ୍କର ମଙ୍ଗଳ ବା ସ୍ୱସ୍ତି ହୁଏ ବୋଲି ଏଥିର ଏହି—ନାମ (ହ୍ର. ଶ)—୭ । ପିଷ୍ଟକ ବିକାର (ରନ୍ଧ); ପିଠଲ—6. A paste for pastry cakes. ୭ । (ପୁଂ) ଖରାପ ଚାଲିଚଳନ (ଦେଶ); ଦିଲ୍ଲଗି—7. A panderer; a person who procures women for a gallant. ୮ । ବୁଦ୍ଧଦେବଙ୍କର ଚରଣର ଛାପ; ବୌଦ୍ଧମାନଙ୍କର ଚତୁର୍ଦ୍ଦଶଭ ଚିହ୍ନାନ୍ତର୍ଗତ ଚକ୍ର ବା ଧ୍ୱଜ-ବିଶେଷ (ହିନ୍ଦୀ ଶବ୍ଦ)—8. A print of the footsteps of the Buddha borne on the flag of the Buddhists. [ଦ୍ର—ବୌଦ୍ଧମାନଙ୍କର ଚତୁର୍ଦ୍ଦଶଭ ଚିହ୍ନ—ବୃଷ, ଗଜ, ଅଶ୍ୱ, ପ୍ଲବଗ, କୌଞ୍ଚ, ଅବ୍ଜ, ସ୍ୱସ୍ତିକ, ଶଶୀ, ମକର, ଶ୍ରୀବତ୍ସ, ଖଡ୍ଗୀ, ମତ୍ସ୍ୟ, ଶୂକର, ଶ୍ୟେନ, ବଜ୍ର, ମୃଗ, ଛତ୍ର, ନନ୍ଦ୍ୟାବର୍ତ୍ତ, ଘଟ, କୂର୍ମ୍ମ, ସାଲୋତ୍ପଳ, ଶଙ୍ଖ, ଝଷୀ ଓ ସିଂହ ।]—୯ । ସିତାବର ଶାକ (ରାଜ ନିର୍ଘଣ୍ଟ); ସୁନୁସୁନଆଁ ଶାଗ—9. Blepharis Edulis (a potherb) ୧୦। ସ୍ୱସ୍ତିକାସନ;ଯୋଗାଙ୍ଗାସନ ବିଶେଷ—10. One of the seats prescribed for joga exercise. [ଦ୍ର—ଏହି ଆସନରେ ବସିଲେ ହଠଯୋଗୀ ସାଧକଙ୍କୁ ସ୍ୱସ୍ତି ବା ଆରାମ ବୋଧହୁଏ । ଏ ଆସନରେ ଦୁଇ ଗୋଡ଼ର ଗୋଇଠିକୁ ଯଥାକ୍ରମେ ଗୁହ୍ୟ-ଦ୍ୱାର ଓ ଉପସ୍ଥ ନିକଟରେ ରଖି ଓ ଦୁଇ ହାତକୁ ବିପରୀତ ଜଙ୍ଘରେ ନ୍ୟସ୍ତ କର ସାଧକ ଦେହ। ସଳାଇ ଦେହକୁ ସରଳ ଭାବରେ ରଖି ବସନ୍ତି ।] ୧୧ । ସର୍ପଫଣା—11. The expanded hood of a serpent. ୧୨ । ସର୍ପଫଣାକୃତି ଅଞ୍ଜଳି—12. Palms of the hand folded like the expanded hood of a serpent. ୧୩ । ପ୍ରାଚୀନ କାଳରେ ବ୍ୟବହୃତ ଶଲ୍ୟୋଦ୍ଧାରଣ ଯନ୍ତ୍ର ବିଶେଷ—13. A kind of surgical instrument used in ancient India for drawing out an arrow or foreign body from a wound. [ଦ୍ର—ଏ ଯନ୍ତ୍ର ୧୮ ଅଙ୍ଗୁଳ ପରିମିତ ଲମ୍ବ ଓ ସିଂହ, ଗଜାଳ, ମୃଗଶିରଙ୍କ ଆକାର ଅନୁସାରେ ଏ ଯନ୍ତ୍ର ୧୮ ପ୍ରକାର (ହ୍ର. ଶ) ।]

୧୪ । ଶୁଭସୂଚକ ଚତୁରବଶେଷ; ଚଉରଠ—14. A conventional sign, viz, ┼ [ଦ୍ର—ପ୍ରାଚୀନ-କାଳରେ ଏହି ଶୁଭସୂଚକ ଚତୁରବାଦାଦ ଉତ୍ସବରେ ମାଙ୍ଗଲିକ ଦ୍ରବ୍ୟମାନଙ୍କ ଉପରେ ଅଙ୍କିତ ହେଉଥିଲା । ଅଳ୍ପକାଳ କେତେକ ପାଶ୍ଚାତ୍ୟ ଜାତି (ଯଥା, ଜର୍ମାନ୍) ଏ ଚତୁରଠ ସଦ୍ଧ ବ୍ୟବହାର କରୁଅଛନ୍ତି । ଥିଓସଫି (Theosophy) ବା ବ୍ରହ୍ମବିଦ୍ୟାର ଏକତମ ପ୍ରତିଷ୍ଠାତ୍ରୀ ମାଡାମ୍ ବ୍ଲାଭ୍ସ୍କି (Madam B'av sky ତାଙ୍କ ସଙ୍କଳିତ ଗୁପ୍ତ-ତତ୍ତ୍ୱ (The Secret Doctrine) ନାମକ ଗ୍ରନ୍ଥରେ (୧ମ ଖଣ୍ଡ ୭୨-୭୩ ପୃଷ୍ଠା, ୩ୟ ଖଣ୍ଡ ୧୦୭।୧୦୮ ପୃଷ୍ଠା, ୪ର୍ଥ ଖଣ୍ଡ ୧୫୭-୧୫୮ ପୃଷ୍ଠା) ପୃଥିବୀର ପ୍ରାୟ ସବୁ ପ୍ରାଚୀନ ଧର୍ମାନୁ-ଷ୍ଠାନମାନଙ୍କ ଶାସ୍ତ୍ରବଚନମାନ ଉଦ୍ଧାର କରି ପ୍ରମାଣ କରି ଅଛନ୍ତି ଯେ, ଏ ଚତୁରଠ ପ୍ରାଚ୍ୟ ପାଶ୍ଚାତ୍ୟ ସବୁ ପ୍ରାଚୀନ ଧର୍ମ (ଯଥା—ହିନ୍ଦୁ, ଜୈନ, ବୌଦ୍ଧ, ଖ୍ରୀଷ୍ଟାନ୍, ମିଶରୀୟ) ରେ ଅନନ୍ତକାଳ(eternity)ର ପ୍ରତୀକରୂପେ ଗୃହୀତ ହୋଇଥିଲା ଓ ସବୁ ଦେଶବାସୀମାନେ ଏହାକୁ ମଙ୍ଗଳମୟ ଚିହ୍ନରୂପେ ଗ୍ରହଣ କରିଥିଲେ ।]

୧୫। ରସୋନ; ରସୁଣ (ତିକ୍ତାମ୍ଳବିଶେଷ)—15. Garlic. ୧୬। ରକ୍ତାଳୁ (ହ୍ର.ଶ)—16. The red variety of yam. ୧୭ । ମୂଳା (ହ୍ର.ଶ)—17. Radish. ୧୮ । (ସାମୁଦ୍ରିକ) କେତେକ ବ୍ୟକ୍ତିଙ୍କ ଶରୀରରେ ପ୍ରକାଶିତ ଶୁଭକର ସ୍ୱସ୍ତିକ ଚିହ୍ନ (ହ୍ର. ଶ) —18. A sign like Swastika found on the limbs of some persons. ୧୯ । ଘାଆ ଓ ବଥ ଆଦି ବନ୍ଧାଯିବା ଏକ ପ୍ରକାର ପଟ୍ଟି (ହ୍ର.ଶ)—19. A kind of bandage tied on boils and sores. ୨୦ । ସର୍ପଫଣା ଉପରେ ଥିବା ନାଳବର୍ଣ୍ଣ ରେଖା (ହ୍ର. ଶ)—20. Blue line on a serpent's hood. ୨୧ । ପ୍ରାଚୀନକାଳରେ ରାଜାଙ୍କ ବ୍ୟବହାର୍ଯ୍ୟ ଉତ୍କୃଷ୍ଟ ନୌକା (ହ୍ର. ଶ)—21. A kind of excellent royal barge used in ancient India.

ସ୍ୱସ୍ତିକା—ସଂ. ବ—(ହ୍ର. ଚମ୍ପେଲି)—ନାଇଫୁଲ—Catalonain or Spanish jasmine.

ସ୍ୱସ୍ତିକାସନ—ସଂ. ବ—ଯୋଗ ଶାସ୍ତ୍ରୋକ୍ତ ଆସନ ବିଶେଷ—A kind of sitting posture prescribed in joga exercise. [ଦ୍ର—ଏଥିରେ ସାଧକ ଚେକା ପକାଇ ବା ପଦ୍ମାସନ କରି ବସିବାବେଳେ ଦୁଇ ଗୋଇଠିକୁ ଯଥାକ୍ରମେ ଗୁହ୍ୟ ଓ ଉପସ୍ଥ ଉପରେ ରଖି ଡାହାଣପାଦକୁ ବାଆଁ ଜଙ୍ଘକୁ ଓ ବାଆଁ ପାଦକୁ ସଙ୍ଗେ ଡାହାଣ ଜଙ୍ଘକୁ ଲଗାଇ ବେକକୁ ସରଳ ଭାବରେ ରଖି ଯୋଗ ସାଧନ କରନ୍ତି । (ଯୋଗଶାସ୍ତ୍ର)]

Digitized by srujanika@gmail.com

ସ୍ୱସ୍ତିକୃତ୍—ସଂ. ବଣ (ପୁଂ ଓ ସ୍ତ୍ରୀ) (ସ୍ୱସ୍ତି + କୃ ଧାତୁ + କର୍ତ୍ତରି କ୍ୱିପ୍)—
Swastikṛut କଲ୍ୟାଣକାରୀ—Doing good. ସଂ. ବ—
ଶିବ (ହୁ. ଶ)—Śiba.

ସ୍ୱସ୍ତିଘୋଷ—ସଂ. ବ—ଦକ୍ଷିଣା ପାଇବା ବ୍ରାହ୍ମଣମାନଙ୍କର ସ୍ୱସ୍ତିଶବ୍ଦ
Swastighosa ଉଚ୍ଚାରଣ—Utterance of the word 'Swasti' by Brāhmaṇas on receiving gifts. (ଉ—ଦକ୍ଷିଣା ପାଇ ଦ୍ୱିଜେ ସ୍ୱସ୍ତି ଘୋଷ କଲେ । ସେ ଶବ୍ଦରେ ଆକାଶ ମଣ୍ଡଳ ମଣ୍ଡିଲେ । କୃଷ୍ଣସିଂହ. ମହାଭାରତ—ସଭା)

ସ୍ୱସ୍ତିବାଚ—ଦେ. ବ—ସ୍ୱସ୍ତିବାଚନ (ଦେଖ)—
Swastibācha Swastibāchana (See)
(ଉ—ଜଳଧାର ଦେଇ ଯେ କହିବ ସ୍ୱସ୍ତିବାଚ—କୃଷ୍ଣସିଂହ ମହାଭାରତ—ବନ)

ସ୍ୱସ୍ତିବାଚକ—ସଂ. ବଣ. ପୁଂ (ସ୍ୱସ୍ତି + ବଚ ଧାତୁ + କର୍ତ୍ତୃ ଅଚ)—୧।
Swastibāchaka ସ୍ୱସ୍ତି ଶବ୍ଦ ଉଚ୍ଚାରଣକାରୀ—1. Uttering the word Swasti. ୨। ଆଶୀର୍ବାଦକ—2. Blessing.

ସ୍ୱସ୍ତିଦ—ସଂ. ବଣ. ପୁଂ—(ସ୍ୱସ୍ତି + ଦା ଧାତୁ + କର୍ତ୍ତୃ ଅ)—କଲ୍ୟାଣଦାତୃକ
Swastida Giving bliss. (ସ୍ୱସ୍ତିଦା—ସ୍ତ୍ରୀ) ସଂ. ବ. ପୁଂ ଶିବ (ହୁ. ଶ)—Śiba.

ସ୍ୱସ୍ତିବାଚନ—ନଂ. ବ—ମାଙ୍ଗଲ୍ୟ କର୍ମାରମ୍ଭରେ 'ସ୍ୱସ୍ତି ! ସ୍ୱସ୍ତି !' ମନ୍ତ୍ର
Swastibāchana ଉଚ୍ଚାରଣ, ପୁଣ୍ୟକ ଅକ୍ଷତ ଚନ୍ଦନାଦି ଓ ଦେବତାଙ୍କର ଆଶୀର୍ବାଦ ପ୍ରାର୍ଥନା—The utterance of certain formula beginning with 'Swasti' and invoking blessing of the gods and sprinkling rice while beginning any auspicious ceremony. (ଉ—ଡକାଇ ଦ୍ୱିଜ ସ୍ୱସ୍ତିବାଚନ କରଅ, ଦୁର୍ଦ୍ଦିନକୁ ଘୋଡ଼ା ଦେବାଗାଇଁ ଯାଅ—କୃଷ୍ଣସିଂହ. ମହାଭାରତ—ସଭା)
(ଦ୍ର—ସ୍ୱସ୍ତିବାଚନ ମନ୍ତ୍ର ଯଥା—ଜମ୍ବୁକର୍ତ୍ତା କହନ୍ତେ 'ସ୍ୱସ୍ତି ଦୁଶ୍ୟାହଂ ଭବନ୍ତୋ ଅମୃତ କର୍ମଣି ସ୍ୱସ୍ତି ବ୍ରୁବନ୍ତୁ;' ବ୍ରାହ୍ମଣମାନେ କହନ୍ତେ 'ଏବମସ୍ତୁ, ବଳ୍ପଯସ୍ୱାମି'; କର୍ମକର୍ତ୍ତା କହନ୍ତେ 'ଉଚ୍ୟତାଂ'; ବ୍ରାହ୍ମଣମାନେ କହନ୍ତେ 'ଭୋବ୍ରାହ୍ମଣାନାଂ ବଚା ପ୍ରଜାନାଂ ଶାନ୍ତିର୍ଭବତୁ ।

ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ
ସ୍ୱସ୍ତି ନଃ ପୂଷା ବିଶ୍ୱଦେବାଃ
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଽରିଷ୍ଟନେମିଃ
ସ୍ୱସ୍ତି ନୋ ବୃହସ୍ପତି ର୍ଦଧାତୁ ।'

ଏହା ବୋଲି ଭୂମିରେ ଚଣ୍ଡୁଳ ବୁଣିବେ ।)

ସ୍ୱସ୍ତିବାଚନିକ—ବ. ବଣ—୧। ସ୍ୱସ୍ତିବାଚନ ସମ୍ବନ୍ଧୀୟ—1. Relating
Swastibāchanika to 'swastibāchana'
୨। ସ୍ୱସ୍ତିବାଚନୋଚ୍ଚାରଣକାରୀ—2. Reciting the 'swastibāchana' formula

ସ୍ୱସ୍ତିମୁଖ—ସଂ.ବ—(ବହୁବ୍ରୀ.ହ,ସ୍ୱସ୍ତି ଶବ୍ଦ ଅଛୁ ମୁଖରେ ଯାହାଙ୍କର)—୧
Swasti mukha ବ୍ରାହ୍ମଣ (ମେଦଜ) - 1. A Brāhmaṇa.
୨। ବନ୍ଦୀ; ସ୍ତୁତି (ମେଦଜ)—2. A herald; a paregyrist. ୩। (ଲିପି ଆଦର ଆରମ୍ଭରେ ସ୍ୱସ୍ତି ଲେଖିବାର ବଧ୍ୟ ଥିବାରୁ) ଲିପି; ଲେଖ; ଯତ୍ର (ମେଦଜ)—3. A letter.

ସ୍ୱସ୍ତ୍ୟୟନ—ସ୍ତ୍ରୀ. ବ. (ଦେଦ୍ୟ) ସ୍ୱସ୍ତ୍ୟୟନ (ଦେଶ)—Swastyayana
Swastyana (See).
ସ୍ୱସ୍ତ୍ୟୟନ ସ୍ୱସ୍ତେନ [ଉ—ଭୂତଙ୍କୁ ଦେଇ ଭୂତବଳି, ସ୍ୱସ୍ତ୍ୟୟନ କଲେ ଦ୍ୱିଜେ ମିଳି । ଜଗନ୍ନାଥ. ଭାଗବତ ।]

ସ୍ୱସ୍ତ୍ୟୟନ—ସଂ. ବ (ବହୁବ୍ରୀ.ହ; ସ୍ୱସ୍ତି=ମଙ୍ଗଳ + ଅ + ଇ ଧାତୁ + ଅନ୍ତ, ଅନ)—୧। ଭୂତଙ୍କର ଶାନ୍ତି କରିବା ପାଇଁ ଅନୁଷ୍ଠିତ ହୋମାଦି ମଙ୍ଗଳ କର୍ମ; ଗ୍ରହଯାଗ—
Swastyayana 1.Oblations unto fire made for propitiating evil planets. ୨। ଦାନଗ୍ରହୀତା ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ୱସ୍ତିବାଚନ ପୂର୍ବକ ଆଶୀର୍ବାଦ—2. Blessings uttered by Brāhmaṇas on accepting gifts. [ଉ—ସ୍ୱରୋଚିଷ ଆଦି ମଙ୍ଗଳପ୍ରଦ ଜନ, ପାଶରେ ଥାଇ କରନ୍ତୁଟିକ ସ୍ୱସ୍ତ୍ୟୟନ । କୃଷ୍ଣସିଂହ. ମହାଭାରତ. ସଭା]

ସ୍ୱସ୍ଥ—ବ. ବଣ.ତୃ(ସ୍ୱସ୍ଥା + ଧାତୁ + କର୍ତ୍ତୃ.ଅ)—୧। ସୁସ୍ଥ (ଦେହ ମାହାତ୍ମ୍ୟ)
Swastha —1. Hale; in enjoyment of
(ସ୍ୱସ୍ଥା—ସ୍ତ୍ରୀ) health. ୨। ନିରୁଦ୍ବିଗ୍ନ—2. Free from
(ସ୍ୱସ୍ଥତା—ବ) anxiety. ୩। ସନ୍ତୁଷ୍ଟଚିତ୍ତ—3. Contented.

ସ୍ୱସ୍ଥ ଚିତ୍ତ—ବ. ବଣ. ପୁଂ—ଯାହାର ଚିତ୍ତ ସୁସ୍ଥ ବା ଶାନ୍ତ ହୋଇଅଛୁ—
Swastha chitta With the mind tranquilised.
(ସ୍ୱସ୍ଥ ଚିତ୍ତା—ସ୍ତ୍ରୀ) (ସ୍ୱସ୍ଥ ଚେତାଃ—ଅନ୍ୟ ବଣ. ରୂଢ଼)

ସ୍ୱସ୍ରୀୟ—ନ.ବ. ପୁଂ (ସ୍ୱସୃ + ଅଞ ଭାବାର୍ଥେ. ଇୟ)—ଭଗିନେୟ; ଭଣଜା
Swasrīya Sister's son.
(ସ୍ୱସ୍ରୀୟା—ସ୍ତ୍ରୀ) ସ. ବଣ—ଭଗିନୀ ସମ୍ବନ୍ଧୀୟ—Relating to a sister; sisterly.

ସ୍ୱସ୍ରୀୟ ବଧୂ—ସଂ. ବ. ସ୍ତ୍ରୀ (୬ଷ୍ଠୀ ତତ୍) —ଭଣଜା ବୋହୂ—The
Swasriya badhū wife of one's sister's son.

ସ୍ୱସ୍ରୀୟା—ସଂ. ବ. ସ୍ତ୍ରୀ (ସ୍ୱସ୍ରୀୟ + ଆ)—ଭଗିନେୟୀ; ଭାଣଜା—
Swasrīyā One's sister's daughter.

ସ୍ୱ ହସ୍ତ—ସଂ. ବ (୬ଷ୍ଠୀ ତତ୍)—ନିଜର ହାତ—
Swa hasta One's own hand.

ସ୍ୱହସ୍ତ ପାକ—ସଂ. ବ (୬ଷ୍ଠୀ ତତ୍)—ନିଜର ହାତରେ ରନ୍ଧଣା—
Swahasta pāka Cooking by one's own hand.

ସ୍ୱହସ୍ତ ଲିପି(ଲେଖ)—ସଂ. ବ (୬ଷ୍ଠୀ ତତ୍)—ନିଜର ହସ୍ତାକ୍ଷର—
Swahasta lipi(lekha) One's own handwriting.

ସ୍ୱହସ୍ତାଙ୍କିତ—ସଂ. ବଣ (୬ଷ୍ଠୀ ତତ୍)—ନିଜର ହାତଦ୍ୱାରା ଲେଖା—
Swahastāṅkita Written by one's self.

Digitized by srujanika@gmail.com

ସ୍ୱ ହିତ—ସ. ବ (୬ଷ୍ଠୀ ତତ୍)—ନିଜର ମଙ୍ଗଳ—
Swa hita One's good.

ସ୍ୱାଇ—ଦେ. ବି (ସଂ ସମାଦ)—୧ । ସୁଧରେ; କରଜ ବଅଷିବା ଧାନ ଉପରେ ଅଦାୟ କରିବା ୬ ପରିମିତ ସୁଧ—
Swāi 1. Interest at the rate of 25 per cent on paddy lent as loan.
ପାଇ
ସବାଇ, ସତଆ

[ଦ୍ର—ଦୋଳଯୁଦ୍ଧିମାଠାରୁ ପରବର୍ତ୍ତୀ ଧାନ ଫସଲ ଅମଦାନ ହେବା ପର୍ଯ୍ୟନ୍ତ ଯେଉଁ ଖାତକମାନେ ଧାନ କରଜ ନଅନ୍ତି ସେମାନଙ୍କଠାରୁ ପରବର୍ତ୍ତୀ ଧାନ ଫସଲ ଅମଦାନ ହେଲାରୁ କରଜ ନଅଯାଇ ଥିବା ଧାନ ଓ ଉହାଁର ସୁଧ ୬ ମୂସାରେ ଅଦାୟ କରିଯାଏ । ସେ ବର୍ଷ ସୁଦି ନ ଘାରଲେ ତହିଁ ପର ବର୍ଷରୁ ଉକ୍ତ ସୁଧ ଓ ମୂଳ ଧାନ ମୂଳରୂପେ ପରଗଣିତ ହୋଇ ତହିଁ ଉପରେ ଚକ୍ରବୃଦ୍ଧି ସୁଧ କଷାଯାଏ । ଏହାକୁ ସ୍ୱାଇ କରଜ ବା ସୁଅଇ କରଜ କହନ୍ତି । ଝୁଟୁଙ୍ଗେ ଧାନ ମହାଜନମାନେ ୬ ଦାରରେ ସୁଧ ନେଇଥିଲେ । ସେଥିପାଇଁ ଏହାକୁ କେତେ ଅଞ୍ଚଳରେ ଦେଢ଼ି କୁହାଯାଏ । ଏଠାରେ ଅଉ ଗୋଟିଏ କଥା ବକ୍ତବ୍ୟ ଏହା ଯେ, ସ୍ୱାଇର ଅର୍ଥ ସତ୍ତାଂଶ ବା ୧୪, କିନ୍ତୁ ଭାଷାରେ 'ସ୍ୱାଇ' ଶବ୍ଦ କେବଳ ଏକ ଚତୁର୍ଥାଂଶ ଅର୍ଥରେ ବ୍ୟବହୃତ ହୁଏ ।]

୨ । ଏକ ଚତୁର୍ଥାଂଶ—
2. One fourth.

ସ୍ୱାଇଁ—ଦେ. ବି (ସଂ. ସ୍ୱାମୀ)—କେତେକ କୃଷକ ଓ ବଳରାମଗୋତ୍ରୀ ବ୍ରାହ୍ମଣଙ୍କ ବଂଶୋପାଧି—
Swāiñ A family-title of some cultivators and Balarāma Gotri Brāhmaṇas.

ସ୍ୱାଇ ସୁଦ(ଧ)—ଦେ. ବ—ମୂଳ ଧନର ଏକ ଚତୁର୍ଥାଂଶ ସୁଦ—
Swāi suda(dha) Interest at 25 percent.

ସ୍ୱାକ୍ଷ ପାଦ—ସ. ବ (ସ୍ୱ+ଅକ୍ଷ ପାଦ)—ନୈୟାୟିକ (ନ୍ୟାୟର)—
Swāksha pāda A logician.

ସ୍ୱାକ୍ଷର—ସ. ବ (୬ଷ୍ଠୀ ତତ୍)—୧ । ଦସ୍ତଖତ; ସହି; ଦଲିଲ ଓ ପତ୍ର ଆଦିରେ ଅପଣାର ନାମ ଦସ୍ତଖତ—
Swākshara 1. Signature.
୨ । ନିଜର ହସ୍ତାକ୍ଷର—
2. One's own handwriting.

ସ୍ୱାକ୍ଷରକାରୀ—ସ. ବଣ. ପୁଂ—କୌଣସି ଲେଖାରେ ଯେ ସ୍ୱାକ୍ଷର କରିଅଛନ୍ତି—
Swāksharakārī One who has signed a writing.
(ସ୍ୱାକ୍ଷରକାରିଣୀ—ସ୍ତ୍ରୀ)

ସ୍ୱାକ୍ଷରିତ—ସଂ. ବଣ (ସ୍ୱାକ୍ଷର+ଇତ)—ସ୍ୱାକ୍ଷରଯୁକ୍ତ; ଦସ୍ତଖତ—
Swāksharita Containing one's signature; signed by a person.

ସ୍ୱାଗତ—ସଂ. ବି (ସ୍ୱ+ଅଗତ)—୧ । ସୁଖରେ ଅସି ପହଞ୍ଚିବା—
Swāgata 1. Safe arrival.
୨ । ଶୁଭାଗମନ—
2. Welcome; auspicious arrival.
୩ । କୁଶଳ—
3. Weal; well being.
୪ । ଅତିଥି ବିଶିଷ୍ଟ ବ୍ୟକ୍ତିକୁ ବରଣିବା ଅଦ୍ଭୁତନ; ଅଭ୍ୟର୍ଥନା—
4. Welcoming of a newly arrived honoured person.
ସ. ଅ (ସଂ. ସ୍ୱାଗତଂ)—(ଅତିଥି ବ୍ୟକ୍ତିକୁ ଅଭ୍ୟର୍ଥନା କରିବା ଉପଲକ୍ଷରେ ଉଚ୍ଚାରିତ ଶବ୍ଦ) ଅପଣ ସକଂଶଳରେ ଅସି ପହଞ୍ଚିଲେ ତ ? ଅପଣଙ୍କର ଶୁଭାଗମନ ହେଉ ତ ? ଅପଣଙ୍କ ଶୁଭାଗମନରେ ମୁଁ ଅପ୍ୟାୟିତ ହେଲି—Interjection—(a word uttered to welcome a guest)—Hail !
(ସ୍ୱାଗତା—ସ୍ତ୍ରୀ) Welcome !
ସ. ବଣ. ପୁ—କୁଶଳରେ ଅଗତ
Arived safely.

ସ୍ୱାଗତ ଜିଜ୍ଞାସା(ପ୍ରଶ୍ନ)—ସଂ. ବ—ସ୍ୱାଗତ ରୂପ ପ୍ରଶ୍ନ; ଅଗନ୍ତୁକ ବ୍ୟକ୍ତିକୁ କୁଶଳ ପ୍ରଶ୍ନ (ଯଥା—ଅପଣଙ୍କର ସକଂଶଳ ତ ? ଅପଣ ନିର୍ବିଘ୍ନରେ ଅସିଲେଣ୍ଟି ?)
Swāgata jijñāsā(praśna) —Enquiry about the well-being or safe journey of a newly arrived honoured guest.

ସ୍ୱାଗତ ପତିକା(ଭର୍ତ୍ତୃକା)—ସ. ବ. ସ୍ତ୍ରୀ—(ବହୁବ୍ରୀହି, ସ୍ୱାଗତ+ପତି; ଭର୍ତ୍ତୃ+କ+ଟା)—
Swāgata patikā (bharttṛukā) ଏକ ଶ୍ରେଣୀର ନାୟିକା; ଅପଣାର ପତି ବଦେଶରୁ ଫେରି ଅସିବା ସମୟରେ ତାଙ୍କୁ ପ୍ରସନ୍ନ ଚିତ୍ତରେ ଅଭ୍ୟର୍ଥନାକାରିଣୀ ନାୟିକା (ନା. ଶ)—(a class of heroines in a plot) A woman who welcomes her husband returning home after a long sojourn

ସ୍ୱାଗତପ୍ରିୟ।—ସ.ବ. ପୁଂ—(ବହୁବ୍ରୀହି; ସ୍ୱାଗତ+ପ୍ରିୟା)—ଏକଶ୍ରେଣୀର
Swāgatapriyā ନାୟକ; ବଦେଶରୁ ଫେରି ଅସି ପତ୍ନୀଙ୍କ ପ୍ରତି ପ୍ରସନ୍ନ ନାୟକ (ନା. ଶ)—(a clsas of heroes in a plot) A husband who assumes a very pleasant attitude to his wife on meeting her after his long sojourn.

ସ୍ୱାଗତ ସମ୍ଭାଷଣ—ସ. ବ.—ଆଗନ୍ତୁକ ବ୍ୟକ୍ତିକୁ ଭେଟିଲେ ସ୍ୱାଗତ
Swāgata sambhāshaṇa ଜିଜ୍ଞାସା ପୂର୍ବକ ଅଭିନନ୍ଦନ—
Words of welcome addressed to an honoured guest on meeting him.

ସ୍ୱାଗତିକ—ସ. ବଣ. ପୁଂ—(ସ୍ୱାଗତ+ଇକ)—ସ୍ୱାଗତକାରୀ; ସମାଗତ
Swāgatika ବ୍ୟକ୍ତିକୁ ସାଦର ସମ୍ଭାଷଣକାରୀ—(a person) Welcoming a guest.
(ସ୍ୱାଗତିକା—ସ୍ତ୍ରୀ)

ସ୍ୱାଗମ—ସ. ବ—(ସ୍ୱ+ଅଗମ)—ସ୍ୱାଗତ (ଦେଖ)—Swāgata.
Swāgama (See)

ସ୍ୱାଙ୍କିକ—ସ. ବ (ସ୍ୱ+ଅଙ୍କ+ଇକ)—ମାର୍ଦ୍ଦଙ୍ଗିକ (ଶବ୍ଦ ଉତ୍ପାଦକ); (ସ୍ୱାଙ୍କିକା—ସ୍ତ୍ରୀ)
Swāṅkika A person who plays on 'Mṛudaṅga' or earthen drum.

ସ୍ୱାଙ୍ଗ—ସ. ବ—(ସ୍ୱ+ଅଙ୍ଗ) -ନିଜର ଅଙ୍ଗ—
Swāṅga One's limb or body.

Digitized by srujanika@gmail.com

ସ୍ୱାଚ୍ଛନ୍ଦ୍ୟ—ସ୍ତ. ବ -(ସ୍ୱଚ୍ଛନ୍ଦ+ଭାବ ଅ)—୧ । ସ୍ୱଚ୍ଛନ୍ଦତା; ଅସ୍ୱସ୍ତି— Swāchchhandya 1. Comfort; ease; feeling of ease. ୨ । ସ୍ୱାସ୍ଥ୍ୟ—2. Health. ୩ । ସ୍ୱାଧୀନତା—3. Independence.

ସ୍ୱାଜନ୍ୟ—ସଂ. ବ (ସ୍ୱଜନ+ଭାବ ଅ)—ସ୍ୱଜନତା—The state of Swājanya being a Swajana.

ସ୍ୱାଜୀବ (ବ୍ୟ)—ସଂ. ବିଣ [ଚତୁର୍ଥ୍ୟନ୍ତ; ସୁ+ଆଜୀବ(ବ୍ୟ)]—ଯେଉଁ Swājiba(bya) ସ୍ଥାନରେ ବା ଦେଶରେ କୃଷିବାଣିଜ୍ୟାଦି ଜୀବିକା ସୁଲଭ ଅଟେ (ହି. ଶ)—(a place) Where it is easy to get a living.

ସ୍ୱାତନ୍ତ୍ର୍ୟ—ସଂ. ବ—(ସ୍ୱତନ୍ତ୍ର+ଭାବ ଯ)—୧ । ସ୍ୱତନ୍ତ୍ରତା—1. Specia- Swatantrya lity; peculiarity. ୨ । ବ୍ୟକ୍ତିତ୍ୱ— 2. Individuality. ୩ । ସ୍ୱାଧୀନତା—3. Independence; freedom. (ଯଥା—ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟ ମର୍ହତି=ସ୍ତ୍ରୀଲୋକ ସ୍ୱାତନ୍ତ୍ର୍ୟର ଯୋଗ୍ୟା ନୁହନ୍ତି ।]

ସ୍ୱାତି(ତୀ)—ସଂ. ବ—(ସୁ+ଅତ୍‌ଧାତୁ=ଗମନ କରିବା+କର୍ତ୍ତା ଇ;) Swāti (tī) (ସୁବ୍ରତାକ୍ତୁ) ସୂର୍ଯ୍ୟ ପତ୍ନୀମାନଙ୍କର (ହରିବଂଶ ଅନୁସାରେ)— Name of one of the wives of the sun god. [ଦ୍ର—ସୂର୍ଯ୍ୟଙ୍କ ପତ୍ନୀମାନଙ୍କ ନାମ—ସଂଜ୍ଞା, ସ୍ୱାତି, ସୂର୍ଯ୍ୟା, ସୁବର୍ଚ୍ଚଳା, ସବର୍ଣ୍ଣୁ, ଦ୍ୟୁମ୍ନସ୍ତ୍ରୀ, ଭାସ୍ତ୍ରୀ (ହରିବଂଶ ଅନୁସାରେ) ୨ । ଖଡ୍ଗ (ଧରଣୀ)—2. Sword. ୩ । ବହୁଶାଖ ତୃଣ ବିଶେଷ—3 A species of grass having many branches. ୪ । ଜ୍ୟୋତିଷୋକ୍ତ ସପ୍ତ ବିଂଶତି ନକ୍ଷତ୍ର ମଧ୍ୟରୁ ପଞ୍ଚଦଶ ନକ୍ଷତ୍ର—4. (Astrology) The 15th asterism. [କ୍ର—ଏହା ଭୁଜ୍ମାରୁଣ-ବର୍ଣ୍ଣ ଓ ଏକତାରକାଯୁକ୍ତ । ଏହାର ଅଧିଦେବତା ପବନ । ଏହ ନକ୍ଷତ୍ରର ଜାତ ବ୍ୟକ୍ତି କଳହପ୍ରିୟ ରୂପବାନ୍ ବାଗ୍ମୀ ଜନପ୍ରିୟ, ଚେତ୍ରସନ୍ତ, ମହାସତ୍ତ, ଓ ବହୁଛତ୍ରଶାଳୀ ହୁଅନ୍ତି ।— କୋଷ୍ଠୀ ପ୍ରଦୀପ ପୁରୁଣ୍ଡେଲ୍ଲାମଣି) ଏହ ନକ୍ଷତ୍ରଯୁକ୍ତ ଦିଥିରେ ପବନ ବା ବତାସ ବହେ ଓ ବୃଷ୍ଟି ହୁଏ ବୋଲି ଲୌକିକ ବିଶ୍ୱାସ ଅଛି ।

ଅମାବାସ୍ୟା, ଶନିବାର ଓ ସ୍ୱାତି ନକ୍ଷତ୍ର ଏହି ତିନିଙ୍କର ଏକତ୍ର ସଯୋଗ ମହାବାତ୍ୟାସୂଚକ, । ପୁରାଣରେ ଉକ୍ତ ଅଛି ଯେ, ସ୍ୱାତି ନକ୍ଷତ୍ରରେ ହେବା ବର୍ଷା ବା ଜଳବିନ୍ଦୁ ସାମୁଦ୍ରାରେ ମୁକ୍ତା, ବାଉଁଶରେ ବଂଶଲୋଚନ ଓ ସର୍ପମୁଖରେ ବିଷ ଉତ୍ପାଦନ କରେ ।] (ଉ—ମହାବାତ୍ୟା ସଂ। ଅମାସୋମ ସ୍ୱାତିଯୋଗେ —ଜଗନ୍ନାଥ, ମହାଯାତ୍ରା ।) ୨ । ଝଡ଼ ବର୍ଷା; ଲଗାଣ; ବତାସ—2. Storm; hurricane accompanied with continuous rain. ସ୍ୱାତୀ. (ଗଡ଼ଜାତ) ବ—ଟକ୍କିପର ଏକ ପ୍ରକାର ମଧୁର ଫଳ—A species of sweet fruit like citron.

ସ୍ୱାତି(ତୀ) ଯୋଗ—ପୁ. ବ.—(ଜ୍ୟୋତିଷ)—୧ । ଆଷାଢ଼ ମାସ ଶୁକ୍ଳ Swāti (ti) joga ପକ୍ଷରେ ଚତୁର୍ଦ୍ଦଶର ସ୍ୱାତି ନକ୍ଷତ୍ର ସଙ୍ଗେ ସଂଯୋଗ—1. (astrology) The conjunction of the moon with the 15th asterism during the bright lunar fortnight of Āshārdha.

[ଦ୍ର—ସ୍ୱାତି ନକ୍ଷତ୍ରଯୁକ୍ତ ଆଷାଢ଼ ଶୁକ୍ଳପକ୍ଷରେ ବାରିରେ ପ୍ରଥମ ପ୍ରହରରେ ବୃଷ୍ଟି ହେଲେ ଶସ୍ୟ ବୃଦ୍ଧି ହୁଏ; ଦ୍ୱିତୀୟ ପ୍ରହରରେ ଭଲାଦ ଶସ୍ୟ ପ୍ରଚୁର ହୁଏ; ତୃତୀୟ ପ୍ରହରରେ ଗ୍ରୁଷ୍ମକାଳୀନ ଶସ୍ୟ ପ୍ରଚୁର ହୁଏ । ଦିବସର ପ୍ରଥମ, ତୃତୀୟ ଓ ଚତୁର୍ଥ ଭାଗରେ ବୃଷ୍ଟି ହେଲେ ହରଡର ହୁଏ, ଅନ୍ୟଥା ଅଶୁଭ —ଶ୍ରୀ ବାଇକୋଳ ଜ୍ୟୋତିଷରତ୍ନାକର ।]

୨ । (ଜ୍ୟୋତିଷ) ରବିବାର, ଶନିବାର ବା ମଙ୍ଗଳବାର ଦିନ ଅମାବାସ୍ୟା ହେବା ଓ ସେ ଦିନ ରହର ସ୍ୱାତି ନକ୍ଷତ୍ରରେ ଅବସ୍ଥିତି ରୂପ ଜ୍ୟୋତିଷିକ ଯୋଗ— 2, (astrology) The conjunction of the sun with the 15th asterism on the new-moon day of the month of Karttika, if its falls on a sunday, saturday or tuesday. [ଦ୍ର—ଏ ଯୋଗରେ ତୋଫାନ ବା ବୃଷ୍ଟି ହେଲେ ବହୁ ପ୍ରାଣୀ ବିନଷ୍ଟ ହୁଅନ୍ତି ।

ଶ୍ରୀ ବାଇକୋଳ ଜ୍ୟୋତିଷରତ୍ନାକର ।]

ସ୍ୱାଦ —ସଂ. ବ.—(ସ୍ୱଦ୍ ଧାତୁ+ଭାବ ଅ)—୧ । ଆସ୍ୱାଦନ; ଜହ୍ୱା ଦ୍ୱାରା Swāda ପଦାର୍ଥର ରସ ଗ୍ରହଣ; ଚଖିବା—1. The tasting of (ସ୍ୱାଦ—ଅପଭ୍ରଂଶ ଶବ୍ଦ) a thing with the tongue. (ସ୍ୱାଦଯ—ବିଣ) ୨ । ପ୍ରୀତିକରତ୍ୱ—2. Pleasing. ୩ । କାବ୍ୟାଦିର ରସ —3. Sentiment in literature. ୪ । ଅସ୍ୱାଦ; ଚଖିବାଦ୍ୱାରା ପଦାର୍ଥ ଜ୍ଞାତ ହେ ପିଠା, ଜହ୍ୱାଦ୍ୱାରା ଏହ ଅନୁଭୂତି—4. Flavour; the taste of a thing. ୫ । (ଲକ୍ଷଣାର୍ଥ) ଇନ୍ଦ୍ରିୟାଦ ଦ୍ୱାରା ଲବ୍ଧ ଅନୁଭବ— 5. Experience acquired through the senses. ଦେ. ବିଣ—(ସଂ ସ୍ୱାଦୁ) ମିଠାଲଥ; ମିଠା; ସ୍ୱସ୍ୱାଦୁଯୁକ୍ତ; ମଧୁର—Sweet to the taste.

ସ୍ୱାଦଂଷ୍ଟ୍ରା—ସଂ. ବ —ଗୋକ୍ଷୁର; ଗୋଖରୁ—A thorny plant Swādamshṭrā and its thorny berry; Tygophyllae Tribulus Terrestris.

ସ୍ୱାଦ କୁସୁମ—ପୁ. ବ.—ଅରଣ୍ୟଜାତ ବୃହତ୍ ତରୁ ବିଶେଷ— Swāda kusuma Schlichera Trijuga (a wild tree) ସାଦ କୁସୁମ କୁସ୍ମା କୁସୁମ

ସ୍ୱାଦ ଗନ୍ଧ—ସଂ. ବ.—(ଦ୍ୱନ୍ଦ୍ୱ; ସପ୍ତତର ଶବ୍ଦ)—କୌଣସି ପଦାର୍ଥର ସ୍ୱାଦ Swāda gandha ଓ ବାସ—Taste and smell of a thing.

ସ୍ୱାଦ ଗ୍ରହଣ—ସଂ. ବ. (୬ଷ୍ଠୀ ତତ୍)—୧ । କୌଣସି ପଦାର୍ଥକୁ Swāda grahaṇa ଚଖିବା ଦ୍ୱାରା ତାହାର ରସାନୁଭବ —1.

Digitized by srujanika@gmail.com

The tasting of a thing. ୨ । କଥିତ ବା ଲିଖିତ ବିଷୟର ସ୍ୱୋନଭବ—2. The relishing or enjoyment of the sentiment of a thing spoken or written.

ସ୍ୱାଦଗ୍ରାହ୍ୟ—ସଂ. ବଣ.ପୁଂ—(ସ୍ୱାଦଗ୍ରାହିନ୍ ଶବ୍ଦ; ସ୍ୱାଦ + ଗ୍ରହ୍ ଧାତୁ + Swādagrāhi ଣିନ୍ ଇନ୍)—୧ । ଆସ୍ୱାଦ ଗ୍ରହଣକାରୀ; (ସ୍ୱାଦଗ୍ରାହିଣୀ—ସ୍ତ୍ରୀ) ରସ ଗ୍ରହଣକାରୀ—1 Tasting a thing; enjoying the flavour of a thing. ୨ । କାବ୍ୟାଦର ରସଗ୍ରାହ୍ୟ—2. Enjoying the sentiment of any matter. ୩ । ସ୍ନିଗ୍ଧଯୁକ୍ତ; ସ୍ନିଗ୍ଧଶୀଳ—3. Loving.

ସ୍ୱାଦନ—ସଂ. ବ.—(ସ୍ୱଦ୍ ଧାତୁ + ଭାବ ଅଳ)—୧ । ରସାସ୍ୱାଦନ; Swādana ଗୃଧିତା—1. Tasting. ୨ । ରସଗ୍ରହଣ—2. (ସ୍ୱାଦତ—ବଣ) Erjoying or appreciating the sentiment of a matter; relishing. ୩ । ସ୍ନିଗ୍ଧକରଣ—3. Pleasing ୪। (+କର୍ମ ଅଳ) ରସ—4. Sentiment; taste. ୫ । ମିଠା କରିଯିବା; ମିଷ୍ଟୀକରଣ—5. Sweetening (Apte).

ସ୍ୱାଦନୀୟ—ସଂ. ବଣ (ସ୍ୱଦ ଧାତୁ + କର୍ମ ଅନୀୟ)—୧। ଚଖାଦେବାର Swadanīya ଯୋଗ୍ୟ—1. Fit to be tasted. ୨ । ଯାହାର ରସ ଅନୁଭବ କରିବା ଯୋଗ୍ୟ—2. Of which the sentiment is fit to be enjoyed. ୩ । ସ୍ୱାଦୁ; ସୁଅଦଅ—3. Sweet to the taste; tasteful; relishing.

ସ୍ୱାଦି—ବେ. ବଣ.—(ସଂ. ସ୍ୱାଦୁ)—ସୁସ୍ୱାଦୁ; ମଧୁର; ସୁଅଦଅ—Swādi Sweet [ଉ—ବଙ୍ଗେ ଏସ୍ତ୍ରୀ ନଆ, ବଙ୍ଗେଷ୍ଟ ଉହିଁ ସୋୟାଦୀ ଦୋଇ ସ୍ୱାଦ—ଭଞ୍ଜ ବୈଦେଘ୍ୟଶବ୍ଦଲାଭ ।] स्वादुवाला, स्वादीष्ट

ସ୍ୱାଦଆ ଦେ ବଣ —ସୁସ୍ୱାଦୁ—Sweet to the taste. Swādiā सोयादी स्वादीष्ट

ସ୍ୱାଦିତ—ସଂ. ବଣ. (ସ୍ୱଦ୍ ଧାତୁ + କର୍ମ.ତ)—୧ । ଆସ୍ୱାଦିତ; ଗୃଦ୍ଧିତ- Swāditā ସ୍ୱାଦ; ରସ ଯାଇଥିବା—1. Tasted. ୨ । ତୋଷିତ (ଖାଦ, ସ୍ୱଦନ—ବ) 2. Pleased. ୩ । ଭକ୍ଷିତ—3. Eaten, partaken of. ୪ । ଯାହାକୁ ମିଠା କରିଯାଇଅଛି, ମିଷ୍ଟ କୃତ—4. Sweetened (Apte).

ସ୍ୱାଦିତ୍ୱ(ତା)—ସଂ.ବଣ,(ସ୍ୱାଦନ୍ + ଭାବ. ତ୍ୱ, ତା)—ସ୍ୱାଦ ହେବାର ଭାବ Swāditva(tā) (ହି.ଶ)—The state of having taste.

ସ୍ୱାଦିମା—ସଂ. ବ—ସ୍ୱଦ + ଇମନ୍, ୧୮। ୧ବ)—ରସମଧୁତ୍ୱ; ମିଠା- Swādimā ପଣ—Sweetness; savouriness (Apte).

ସ୍ୱାଦିଷ୍ଠ—ବି. ବଣ—(ସ୍ୱାଦ + ବହୁମଧ୍ୟରେ ଅତିଶୟାର୍ଥେ ଇଷ୍ଠ)—ସୁସ୍ୱାଦୁ; Swādisṭha ଅତିମିଠା; ସମସ୍ତଙ୍କ ଅପେକ୍ଷା ବେଶିମିଠା; ମଧୁରତମ—Very sweet; sweetest (superlative degreee).

ସ୍ୱାଦୀ—ସଂ. ବଣ. ପୁଂ (୬ଦ ଧାତୁ + ଣ୍ଡୁ ଇନ୍; ୧୩। ୧ବ)—୧ । Swādi ଆସ୍ୱାଦନକାରୀ; ସେ ଗୃଗେ—1.Tasting. ୨। ରସବୋଧ- (ସ୍ୱାଦନା—ସ୍ତ୍ରୀ) ଜ୍ଞେତକାରୀ—2. Relishing the flavour or sentiment of a thing. ସଂ. ବ ପୁଂ—୧। ରସିକ ବ୍ୟକ୍ତି—1, A gallant ବେ. ବ ପୁ.—ଗୃଧ୍ନୁଣିଆ; ଗୃଜା ଶବ୍ଦକ ଘାଇଁ ଦୃଷ୍ଟତ ଖାଦ୍ୟକୁ ଗୃଜାଙ୍କ ଖାଇବା ପୂର୍ବରୁ ପରିଷ୍କାର ପରୀକ୍ଷା କରିବାପାଇଁ ନିଯୁକ୍ତ ବ୍ୟକ୍ତି; ସବୁ ବେଳେ—A person whose duty is to examine by tasting every dish before it is partaken of by the king.

ସ୍ୱାଦୀୟାନ—ସ. ବଣ ପୁଂ (ସ୍ୱାଦ + ଦୁଇଙ୍କ ମଧ୍ୟରେ ଅଇଶସ୍ଥାର୍ଥେ ଇୟସୁନ୍; Swādiyān ସ୍ୱାଦୀୟସ୍ ୧ମା. ୧ବ) – ଦୁଇ ଜଣ ମଧ୍ୟରେ (ସ୍ୱାଦୀୟସୀ—ସ୍ତ୍ରୀ) ବେଶି ମିଠ; ମଧୁରତର—Sweeter (than the other) (comparative degree).

ସ୍ୱାଦୁ—ସ. ବ—(ସ୍ୱଦ ଧାତୁ + କର୍ମ.ଉ) —୧ ମଧୁର ରସ (ଚିନିପରି); Swādu ମିଠାପଣ—1. Sweetness (to the taste); flavour. ୨ । ଗୁଡ (ନିକୃଷ୍ଟ ଶେଷ)—2. Molasses; treacle. ୩। ଜାବକ ନାମକ ଔଷଧ (ଜଟାଧରୀ)—3. A rare medicinal herb; Cellis Orientalis. ୪ । ସୁଗନ୍ଧଦ୍ରବ୍ୟ ଭେଦ (ଗନ୍ଧରବ୍ୟ); ଏକପ୍ରକାର (ଅନ୍ୟ ନାମ—ଅଗୁରୁଷାଡ; ସୁଧୁସ୍ୟ, ଗନ୍ଧଧୂମଜ)—ଧୂଣା—4. A kind of frankincense [ତ୍ର—ବଡ଼ା ଜଟାଧାସୁ, ଲଘୁ, ସୁଗନ୍ଧମୋଦଯୁକ୍ତ, ବାତନାଶକ—ରାଜନିର୍ଘଣ୍ଟ] ୫ । ଦ୍ରାକ୍ଷା (ଉରଡ)—5. Grape. ବଣ. ପୁଂ ଓ ସ୍ତ୍ରୀ. ୧ । ମିଷ୍ଟ; ମଧୁର—1. Sweet; savoury. ୨। ମିଷ୍ଟ; ମନୋଜ୍ଞ—2. Graceful; charming; pleasing. (ସ୍ୱାଦ୍ୱୀ—ସ୍ତ୍ରୀ)—lovely. [ତ୍ର—ଭୁଲନା କର—ସଂ. ସ୍ୱାଦୁ; ଲ. Sweet.(ସ୍ୱୀଟ୍); ଲିଥୁନ୍, Svadvis (ସ୍ୱାଦ୍ୱିସ୍); ଲାବସ୍ ଭାଷା, Svd (ସ୍ୱୋଡ); ଗଥିକ୍ Svotis (ସ୍ୱୋଟିସ୍)]

ସ୍ୱାଦୁ କଣ୍ଟକ—ସଂ. ବ—(ବୈଦ୍ୟକ) ୧ । କଣ୍ଟକ ଗୁଳ୍ମ (ଅମରଃ Swādu kaṇṭaka ଭଇଁଶ ଗୁଳ; ଭଇଁଶଟକୋଳ ଗଛ— 1. Flacourtia Romontchi (a thorny shurb). ୨ । ଗୋକ୍ଷୁର; ଗୋଖରା (ଅମରଃ)—2. Tyzophyllae. Tribulus Terrestris, a thorny plant.

ସ୍ୱାଦୁକନ୍ଦକ—ସ.ବ. (ବୈଦ୍ୟକ)—୧। ଗଡରକନ୍ଦ; ପିଣ୍ଡାଳୁ; ପିଙ୍ଗାଳୁ; Swadu kandaka ଧଳା ଅଳୁ—1. Sweet potato, a species of white yam; Batatas Esculetus. ୨। ଗୁଲ୍ କୋବି (ହି.ଶ)—2. Kohl rabi. ୩। ଭୂମି-କୁଷ୍ମାଣ୍ଡ (ହି.ଶ)—3. Ipomoea Digitata

ସ୍ୱାଦୁକନ୍ଦା—ସ. ବ—୧ । ଗଦାପୁ (ରାଜନିର୍ଘଣ୍ଟ); ଭୂଇଁ ଚଗାରୁ— Swādukandā 1. Ipomoea Digitata ୨ । ବାରାହୀକନ୍ଦ (ବୈଦ୍ୟକ)—2. Disocorea.

Digitized by srujanika@gmail.com

ସ୍ୱାଦୁକର—ଶ. ବ—ମହାଭାରତରେ ଉଲ୍ଲିଖିତ ବର୍ଣ୍ଣସଙ୍କର ଜାତିବିଶେଷ (ଦ. ଶ)—Name of an ancient half caste Hindu class of India.
Swādukara

ସ୍ୱାଦୁକା—ଫ. ବ—କାଗଦନ୍ତୀ (ବୃଜନବର୍ଦ୍ଧକ); ଏକ ଆଉ—Stinging nettle; Fragia Iuvolucrata.
Swādukā

ସ୍ୱାଦୁ କ୍ଷୀର—ଶ, ବଶ.ପୁଂ (ବହୁବ୍ରୀ)—ଯାହାର କ୍ଷୀର ମିଠା—Having sweet juice.
Swādu kshīra (ସ୍ୱାଦୁକ୍ଷୀର-ଙ୍କୀ)

ସ୍ୱାଦୁ ଖଣ୍ଡ—ଶ ବ—୧ । ଗୁଡ଼ (ଭେଷଜାବଳୀ)—1. Molasses. ୨ । ଦୋଣସି ମିଠା ବସ୍ତୁର ଖଣ୍ଡ—2. A piece of any sweet substance (Apte).
Swādu khaṇḍa

ସ୍ୱାଦୁଗନ୍ଧା—ଶ. ବ—୧ । ଭୂମି କୁଷ୍ମାଣ୍ଡ; ଭୂଇଁ କଖାରୁ (ଜଟାଧର)—1. Ipomoea Digitata. ୨ । ଇକ୍ଷୁଗୋତ୍ରଜନ (ଚନ୍ଦ୍ରମାଳ ।); କାଲିସଜନା—2. The red-flowered variety of horse-radish tree.
Swādu gandhā

ସ୍ୱାଦୁ ଜାତି—ଦେ. ବ—୧ । ସ୍ୱାଦୁ ଗୁଣ—1. Sweetness ୨ । ଉତ୍ତମ ଜାତି—2. Good quality. [ଦ୍ର—ବହୁଲ୍ୟଶ୍ରୀ ଭାବେ ହୀଚ, ବଧ୍ୟଂସ ଦେବ ସ୍ୱାଦୁ ଜାତି—ଭଞ୍ଜ. ବୈଦେଘ୍ୟଶତଲାସ ।]
Swādu jāti

ସ୍ୱାଦୁ ତିକ୍ତ—ଫ. ବଶ—ମିଠା ଓ ପିତା—Sweet and bitter
Swadu tikta

ସଂ. ବ—ଘୀଲୁ ଫଳ (ହି. ଶ)—The fruit of the tooth-brush tree.

ସ୍ୱାଦୁତିକ୍ତଫଳ—ଶ. ବ (ବହୁବ୍ରୀ)—ଲେମ୍ବୁ ଗଛ—The orange tree.
Swadutikta phala

ସ୍ୱାଦୁଧନ୍ୱା—ଶ. ବ. ପୁଂ (ସ୍ୱାଦୁ=ମନେ ଙ୍କ + ଧନ୍ୱନ୍=ସ୍ୱାଦୁଧ ନି ଶବ୍ଦ. ସ୍ୱାଦୁଧନ୍ୱା ୧ମା. ୧ବ, ବହୁବ୍ରୀ)—କାମଦେବ; ମଦନ (ଶବ୍ଦକଳ୍ପଦ୍ରୁମ)—Cupid; the god of love.
Swādudhanwā

ସ୍ୱାଦୁ ପଟୋଳିକା(ପତ୍ର)—ସଂ. ବ—ପଟୋଳ ଲତା (ହି. ଶ)—Trichosanthes Dioica (creeper.)
Swādu paṭolikā(patra)

ସ୍ୱାଦୁ ପର୍ଣ୍ଣୀ (ପୁଷ୍ପିକା)—ସଂ. ବ—ଦୁଗ୍ଧିକା (ବୃଜନବର୍ଦ୍ଧକ); ଚଉଳିଆ ଶାଗୁଲୁ; କ୍ଷୀରୁଇ—ଦଦସ୍ତା ଗୁଳ—Euparveiflora (plant).
Swadu parṇṇī(pushpikā)
ଦୁଗ୍ଧୀ. ଦୁଧୀୟା, ଦୁଧୀ ପା. ଧୋଦ୍ଧସିର୍, ଜଣାଗଡ଼ ତେ. ପିଲ୍ଲପାଲଚେଟ୍ଟୁ [ଦ୍ର—ଏହା ଉଷ୍ଣବୀର୍ଯ୍ୟ, ଗୁରୁ, ରୁଷ; ଗର୍ଭଜନକ, ସ୍ୱାଦୁଶୀତ, ବାସୁବର୍ଦ୍ଧକ, ମଜ୍ଜଧାତୁଜନକ ବହୁମୂତ୍ର ଓ ଶୁକ୍ରଜନକ ।]

ସ୍ୱାଦୁ ପାକା——ସଂ. ବ—କାକମାଚୀ (ବୃଜନବର୍ଦ୍ଧକ); କୃଷ୍ଣବର୍ଣ୍ଣଆ ଗୁଳ୍ମ Solanum Nigrum; the nightshade (plant).
Swādu pākā
(ସ୍ୱାଦୁପାକଫଳ—ଅନ୍ୟାରୂଢ଼)

ସ୍ୱାଦୁ ପିଣ୍ଡା—ଶଂ. ବ- ପିଣ୍ଡ ଖଜୁରୀ (ବୃଜନବର୍ଦ୍ଧକ)—The sweet date palm; Phoenix Monrena.
Swadu pīṇḍā

ସ୍ୱାଦୁ ପୁଷ୍ପ(ଷ୍ପି)—ଶଂ ବ - କଣ୍ଟେଇ (ବୃଜନବର୍ଦ୍ଧକ); କଣ୍ଟା ଶିରିଷ ଗଛ—Careya Arborea (tree).
Swādu pushpa(shpī)

ସ୍ୱାଦୁଫଳ—ଶଂ. ବ—୧ । ବରକୋଳି ଫଳ (ଶବ୍ଦରତ୍ନାବଳୀ); ବରକୋଳ—1. The Jujube berry. ୨ । ଖଜୁର ବୃକ୍ଷ; ଡାମଣ ଗଛ (ହି. ଶ)—2. Cordia Macleodii (tree).
Swāduphala

ସ୍ୱାଦୁଫଳା—ସଂ. ବ—୧ । ଦ୍ରାକ୍ଷା (ବୃଜନବର୍ଦ୍ଧକ)—1. Grapes. ୨ । ବରକୋଳ (ଶବ୍ଦରତ୍ନାବଳୀ)—2. The jujube berry. ୩ । ଖଜୁରୀ ଗଛ (ହି ଶ) 3. The date palm. ୪ । କଦଳୀ ଗଛ (ହି. ଶ) 4. The plantain tree. ୫ କପଳଜ ଲବଣ, ସୁନକ୍ଷା (ହି. ଶ)—5. Rasin.
Swādu phalā

ସ୍ୱାଦୁ ବୀଜ—ସଂ. ବ (ବହୁବ୍ରୀ)—ଅଶ୍ୱତ୍ଥ ଗଛ (ହି. ଶ)—The Ficus Religiosa tree.
Swādu bīja

ସ୍ୱାଦୁ ମଜ୍ଜ (ଜ୍ଜ)—ସଂ.ବ (ସ୍ୱାଦୁଃଖନ୍ ଶବ୍ଦ; ୯ମା. ୧ବ)—ଯବକଳଳ ଘୀଲୁ ବୃକ୍ଷ (ଜଟାଧର), ଗୁଡ଼ ଫଳ—A variety of dwarf date palm.
Swādu majja(jj.)

ସ୍ୱାଦୁମାଂସୀ—ଶଂ ବ—କାକୋଳୀ (ବୃଜନବର୍ଦ୍ଧକ)—Cocculus Indicus.
Swādumāṁsī

ସ୍ୱାଦୁ ମୂଳ—ଶଂ. ବ—ଗଜର (ବୃଜନବର୍ଦ୍ଧକ); ଗାଜର—Carrot.
Swadu mūla

ସ୍ୱାଦୁ ରସା—ସଂ. ବ—୧ । କାକୋଳୀ (ଅମର)—1. Cocculus Indicus. ୨ । ଦ୍ରାକ୍ଷା—(ଶବ୍ଦକଳ୍ପଦ୍ରୁମ)—2. Grape. ୩ । ଅମ୍ବାଡ଼ ଫଳ (ଶବ୍ଦରତ୍ନାବଳୀ); ଅମ୍ବଡ଼ା—Hogplum (fruit). ୪ । ମଦ୍ୟ (ଶବ୍ଦମାଳ)—4. Wine. ୫ । ଦ୍ରାକ୍ଷାଜାତ ସୁରା (ବୈଦ୍ୟକ)—5. Wine from grapes. ୬ । ଶତାବରୀ (ବୃଜନବର୍ଦ୍ଧକ)—6. Indian asparagus. ୭ । ମୂର୍ବା (ହି. ଶ)—7. Sansevieria Zeylanica.
Swādu rasā

ସ୍ୱାଦୁ ଲତା—ଶଂ ବ—୧ । ବଡାଙ୍ଗ; ଭୂଇଁକଖାରୁ (ବୃଜନବର୍ଦ୍ଧକ)—1. Ipomoea Digitata. ୨ । ବାରାହୀକନ्द—2. Dioscorea.
Swādu latā

ସ୍ୱାଦୁ ଶୁଣ୍ଠି—ଶଂ. ବ—ସପେଦ କଣ୍ଟେଇ (ହି. ଶ) The white-flow red variety of Careya tree.
Swādu sunṭhi

ସ୍ୱାଦୁ ଶୁଦ୍ଧ—ଶଂ. ବ—୧ । ସୈନ୍ଧବ ଲବଣ (ଶବ୍ଦକଳ୍ପଦ୍ରୁମ)—1. Rock salt. ୨ । ସାମୁଦ୍ର ଲବଣ (ଶବ୍ଦକଳ୍ପଦ୍ରୁମ)—2. Sea-salt.
Swādu śuddha

Digitized by srujanika@gmail.com

ସ୍ୱାଦ୍ୱଗୁରୁ—ଫ, ବ (କୌଦ୍ୟକ)—ଏକପ୍ରକାର ମଧୁର ରସଯୁକ୍ତ ଅଗୁରୁ—Swādwaguru A kind of sweet agad'chia used for fumigating. [ଦ୍ର—ଏହା ମଧୁରକଷାୟୁରସ, ଉଷ୍ଣବୀର୍ଯ୍ୟ, ଅମ୍ଳବାତ ନାଶକ ଏବଂ ସାଧାରଣ ଅଗୁରୁ ଠାରୁ ଗୁଣ ଜଣିଷ୍ଟ ।]

ସ୍ୱାଦ୍ୱନ୍ନ ଫ. ବ—୧ । ମିଷ୍ଟାନ୍ନ—1. Sweetmeat; dainties; Swādwanna delicacies. ୨। (କୌଦ୍ୟକ)—ମଧୁର ରସମିଶ୍ରିତ, ସୁସ୍ୱାଦୁ ଅନ୍ନ ବିଶେଷ—Sweetened food. [ଦ୍ର—ଏହା ଶୀତଜ୍ୱର, ଗୁରୁପାକ, କଫଜନକ, ବଲକର, ପୁଷ୍ଟିକର, ଅମ୍ଳବାତିକ ଏବଂ ପ୍ରୀତିକାରକ]

ସ୍ୱାଦ୍ୱମ୍ଳ—ସଂ. ବଣ—ମିଠା ଓ ଖଟା—Of sweet and acid Swādwamla tastes. ବ.—୧। ଡାଳମ୍ବ ବୃକ୍ଷ (ହିନ୍ତାଣ୍ଡ ଭେଦ)—1. Pomegranate. ୨। ମଧୁର ଓ ଅମ୍ଳ ରସ—2. Sweet and acid tastes ୩। ନାଗଙ୍କ ଗଛ (ହି. ଶ)—3. Glonium Multiflorum (tree). ୪। କଦମ୍ବଗଛ (ହି. ଶ)—4. Nuclea Kadamba tree.

ସ୍ୱାଦ୍ୱୀ ଫ. ବଣ (ସ୍ୱାଦୁ+ଷ୍ଟୀ ଈ)—ସ୍ୱାଦୁର ସ୍ତ୍ରୀଲିଙ୍ଗ—Feminine Swādwī of 'swādu' ବ—୧। ଦ୍ରାକ୍ଷା (ଅମର)—1. Grape. ୨। କ୍ଷୁଦ୍ର ଖର୍জ୍ଜୁର (ବୈଦ୍ୟକ); କୁଖର୍ଜ୍ଜୁର 2. The dwarf date palm; Phoenix Dactylifera (tree) ୩। ଖର୍জ୍ଜୁର ବୃକ୍ଷ (ହି.ଶ)—3. The date palm tree. ୪। ଜଳିଲ ଦ୍ରାକ୍ଷା (ହି. ଶ); ମୁନକା—4. Raisin. ୫। ଚର୍ମ୍ମଟିକା (ହି. ଶ); ଫୁଟି କାକୁଡି—5. Melon.

ସ୍ୱାଦ୍ୟ—ଫ. ବଣ (ସ୍ୱଦ୍ ଧାତୁ+କର୍ମ୍ମ ଯ)—ଚଖାଯିବାର ଯୋଗ୍ୟ Fit Swadya to be tasted or relished

ସ୍ୱାଧିକାର ଫ. ବ (ଷଷ୍ଠୀ ତତ୍)—୧। ନିଜର ଅଧିକାର ବା ଦଖଲ Swadhikāra ଭାବ ଦଖଲ—1, One's possession or enjoyment ୨। ଅନ୍ୟର ଅଧିକାରର ବା ପ୍ରଭୁତ୍ୱର ସୀମା—2. One's jurisdiction. ୩। ନିଜର ପଦ—3. One's post or position. ୪। ଅଧିକାର କର୍ତ୍ତବ୍ୟ କର୍ମ୍ମମାନ—4. One's duties.

ସ୍ୱାଧିକୃତ—ସଂ. ବଣ (ତତ୍ପୁ ତତ୍)—ନିଜଦ୍ୱାରା ଦଖଲ କରା ଯାଇଥିବା—Swādhikṛuta Possessed or enjoyed by one's self.

ସ୍ୱାଧିଷ୍ଠାନ—ସଂ. ବ (ଯୋଗଶାସ୍ତ୍ର)—ଶରୀରସ୍ଥ ଚକ୍ରବିଶେଷର ଲିଙ୍ଗମୂଳସ୍ଥ Swādhishṭhana ସ୍ୱୟମ୍ଭୁ ନାଭିର ଅନ୍ତର୍ଦ୍ଦେଶ ସ୍ଥିତ ଷଡ଼୍‌ଦଳ ପଦ୍ମ—A six-petalled lotus-shaped circle said to exist inside the body at the base of the pelvis. [ଦ୍ର—ଏହି ବର୍ଣ୍ଣ ବ, ଭ, ମ, ଯ, ର, ଳ, ଏହି ଛଅଟି ଅକ୍ଷରଯୁକ୍ତ ଓ ଦୁଇଟି ବା ସ୍ପାନ୍ଦକ ସମ ଯୁକ୍ତ-ବିଶିଷ୍ଟ। ଏଠାରେ ଶିବ ଓ ଅଗ୍ନି ଦେବତାଦ୍ୱୟ ବିରାଜ ଓ ଏହାର ଅଙ୍କ ଦେଶରେ ଧୀତୋମର ଶାକର କୌସୁମ୍ଭଧାରୀ ବହ୍ନିଙ୍କର ଗଳଦୀ ଶକ୍ତି ବିରାଜିତା। (ତନ୍ତ୍ରସାର)] ଏହା ଷଟ୍‌ଚକ୍ର ମଧ୍ୟର ଦ୍ୱିତୀୟ ଚକ୍ର।

ସ୍ୱାଧୀନ—ଫ. ବଣ (ଷଷ୍ଠୀ ତତ୍)—୧। ସ୍ୱତନ୍ତ୍ର; ଅସ୍ୱତନ୍ତ୍ରାଧୀନ—1. Swādhīna dependent. ୨। ଅସ୍ୱବଶ—2. Free; self (ସ୍ୱାଧୀନା—ସ୍ତ୍ରୀ) dependent ୩। ସ୍ୱେଚ୍ଛାକୃତ—3. Self-(ସ୍ୱତନ୍ତ୍ରାଧୀନ—ବିଶେଷତ) acting; free to act. ୪। ସ୍ୱପ୍ରଦେଶୀୟ (ସ୍ୱାଧୀନତା—ବ) ବ୍ୟକ୍ତିମାନଙ୍କଦ୍ୱାରା ଶାସିତ—4. Self-governed. ୫। ନିଜର ଅଧୀନ—5. Under one's own control.

ସ୍ୱାଧୀନ ତନ୍ତ୍ର—ଦେ. ବ—୧। ସ୍ୱରାଜ (ଦେଶ)—1. Swaraj(See) Swādhīna tantra ୨। ପ୍ରଜାମାନଙ୍କ ଦ୍ୱାରାଚିତ ପ୍ରତିନିଧିଙ୍କ ସ୍ୱାଧୀନତନ୍ତ୍ର **स्वाधीनतन्त्र** ଦ୍ୱାରା ପରିଚାଳିତ ଶାସନତନ୍ତ୍ର—2. Democracy.

ସ୍ୱାଧୀନତା (ତ୍ୱ)—ଫ. ବ (ସ୍ୱାଧୀନ+ତ୍ୱ ବିଭକ୍ତି, ତ୍ୱ)—ସ୍ୱାତନ୍ତ୍ର୍ୟ, ଅସ୍ୱବଶତା—Independence; freedom. Swādhīnatā(twa)

ସ୍ୱାଧୀନତାଦାନ—ସଂ. ବ—ପରାଧୀନତା ମୋଚନପୂର୍ବକ କୌଣସି ବ୍ୟକ୍ତିକୁ ସ୍ୱାଧୀନତା ଦେବା—Giving a person freedom by freeing him from any bondage Swādhīnatādāna **स्वाधीनतादान** **स्वाधीनतादान**

ସ୍ୱାଧୀନତାପ୍ରିୟ—ସଂ ବଣ.ପୁଂ—ଯେ ସ୍ୱାଧୀନ ହେବାପାଇଁ ଇଚ୍ଛୁକ—ସ୍ୱାଧୀନତାପ୍ରିୟ **स्वाधीनताप्रिय** Swādhīnatā priya Loving freedom.

ସ୍ୱାଧୀନତା ଲୋପ—ସଂ. ବ (ଷଷ୍ଠୀ ତତ୍)—ସ୍ୱବଶତାର ବିନାଶ—ସ୍ୱାଧୀନତା ଲୋପ **स्वाधीनता लोप** Swādhīnatā lopa Deprivation of freedom.

ସ୍ୱାଧୀନତା ହରଣ—ଫ. ବ (ଷଷ୍ଠୀ ତତ୍)—କୌଣସି ସ୍ୱାଧୀନ ବ୍ୟକ୍ତି ବା ଜାତିକୁ ପରାଧୀନ କରିବା—ସ୍ୱାଧୀନତା ହରଣ **स्वाधीनता हरण** Swādhīnatā haraṇa Depriving a person or nation of its freedom.

ସ୍ୱାଧୀନ ଦେଶ—ଦେ. ବ—ଯେଉଁ ଦେଶ ପରାଧୀନ ନୁହେଁ, ଅର୍ଥାତ ଅନ୍ୟ ଜାତି ଦ୍ୱାରା ଶାସିତ ନୁହେଁ—ସ୍ୱାଧୀନ ଦେଶ **स्वाधीन देश** Swādhīna deśa A free country.

ସ୍ୱାଧୀନ ପତିକା (ଭର୍ତ୍ତୃକା)—ଫ. ବଣ. ସ୍ତ୍ରୀ (ସ୍ୱାଧୀନ+ଟଚ୍, ଭର୍ତ୍ତୃ+କ+ଆ; ସ୍ୱାଧୀନ ଅଛେ ପତି ବା ଭର୍ତ୍ତା ଯେଉଁ ସ୍ତ୍ରୀଙ୍କର;ବହୁବ୍ରୀହି)—ଯେଉଁ ସ୍ତ୍ରୀ ସ୍ୱାମୀ ବଶ ହୋଇ ଥାଆନ୍ତି—(a woman) Having control over her husband. ବ. ସ୍ତ୍ରୀ -(କାମଶାସ୍ତ୍ରୋକ୍ତ) ନାୟିକାବିଶେଷ; ଯେଉଁ ନାୟିକାଙ୍କ ନାୟକ, ନାୟିକାବଶ ହୋଇ ସବୁବେଳେ ନାୟିକାଙ୍କ ଶରୀରର ଓ ଅଙ୍ଗାବୟବ ହୋଇ ଅବସ୍ଥାନ କରନ୍ତି—A class of heroines of dramas or plots who have their lovers or husbands under their complete control [ଦ୍ର—ନାୟିକା ୯ ପ୍ରକାରର ପଥା—

ଖଣ୍ଡିତା, ଭ୍ରହିଣ୍ଡିତା, ବସ୍ତ୍ରଲଙ୍ଘା, ପ୍ରୋଷିତଭର୍ତ୍ତୃକା, କଳହାନ୍ତରିତା, ପ୍ରବସ୍ୟତ୍‌ପ୍ରେୟସୀକା, ଅଭିସାରିକା, ବାସକସଜ୍ଜା ଓ ସ୍ୱାଧୀନ ଭର୍ତ୍ତୃକା (ଜଟଧର)।

ଏମାନଙ୍କ ମଧ୍ୟରୁ ସ୍ୱାଧୀନ ଭର୍ତ୍ତୃକା ନାୟିକା ପୁଣି ପଞ୍ଚବିଧା।

୧। ମୁଗ୍ଧା—ଯେଉଁ ନାୟିକା ପ୍ରୀତି ଉତ୍ସବରେ ସମ୍ପୂର୍ଣ୍ଣ ରୂପେ ଅଭିଜ୍ଞା ହୋଇ ନ ଥାନ୍ତି ଓ ପୂର୍ଣ୍ଣ ଯୁବତୀ ହୋଇ ନ ଥାନ୍ତି।

ମୁଗ୍ଧାଙ୍କ ଲକ୍ଷଣ ଉକ୍ତି—"ମଧୁନେ ବଶିମା,ସୁରତେନ ଗରମା, ଦେବ୍ରେନ ବା କାନ୍ତମା, ଶ୍ରୋଣୌ ନ ପୃଥ୍ୱମା, ଗଣ୍ଡୌ ନ ଜଡ଼ିମା, ନେତ୍ରେ ନବା ବକ୍ରିମା, ଲଜ୍ୟେନ ଦ୍ରୁତିମା, ନ ବାଚ ପଟୁମା ଦାସ୍ୟେନ ବା ଶ୍ରୀଲିମା, ପ୍ରାଣେଶସ୍ୟ ତଥାପି ମଜ୍ଜତି ମନୋମଧ୍ୟେବ କଂ କାରଣଂ।"

୨। ମଧ୍ୟା—ମଧ୍ୟାନାୟିକାଙ୍କ ଉକ୍ତି—"ଯଦପି ଇତି-ମଦ୍ରୋସ୍ତୁକେ ନକାରେ, ଯଦପି କରଶେର ମାନ୍ତ ଧାରଣାନ୍ତ ପିସ୍ତି ସଖୀ ପଇରେଷ ପାଶ୍ଚଦେଶଂ ତଦପି ନ ପ୍ରଚ୍ଛତି ତେତ୍ତ୍ୱ ବମାଚରସ୍ତି।"

୩। ପ୍ରୌଢ଼ା—ପ୍ରୌଢ଼ାଙ୍କ ଉକ୍ତି—"ବଲ୍ଲଭସ୍ୟାଅଭ-ଦ୍ଧେବସ୍ୟ ବଉରୋ ଦୁଃସ୍ୟସ୍ୟ ଲଘ୍ୟସ୍ୟବା। ଧନ୍ୟା କାମରବନ ସୁନ୍ଦର ଦୃଶାଂ କାନ୍ତ ସ୍ତନୋଦ୍ଭ ସୁଦ୍ଭଂ, ସ୍ୱପ୍ନେ କାପି ନଗଚ୍ଛତ ଶ୍ରୁତ ଯଥଂ ତେତଃ ଯଥଂ ଦୃକ୍‌ଯଥଂ, କାଦ୍ୟନ୍ୟା ଦସ୍ୟିତସ୍ୟ ମେ ସଖିକଥଂ ଉସ୍ୟାସ୍ତୁ ବେଦଭ୍ରଦଃ।"

୪। ପରକୀୟା—ପରକୀୟାଙ୍କ ଉକ୍ତି—"ସ୍ୱୀୟା ସନ୍ତ ଗୁରୋ ସବ୍ରେରୁଦ୍ଦତ୍ତୋ ଯାସାଂ, ବଲାତ୍‌ସେପଣଂ, କାଞ୍ଚୀ କୁଣ୍ଡଳ ଡେମ କଙ୍କଣ ଝନତ୍‌କାରେ ନ ବଜ୍ଞାମଂଡି; ଭୋଦ୍ବେଡୁଃ ସଙ୍ଗି କାନନେ ପୁରମୁଖେ ସୌଧେ ସଙ୍ଗୀ ସନ୍ତୁଦୌ, ଭ୍ର ମନ୍ତ୍ରୀ-ମପି ପଚ୍ଛବସ୍ୟ ପରତୋ ଦୃଷ୍ଟିର୍କମାଂ ମୁଞ୍ଚତି।"

୫। ସାମାନ୍ୟା—ସାମାନ୍ୟାଙ୍କ ଉକ୍ତି—"ସନ୍ତ୍ରେବ ପ୍ରତି ପନ୍ଥରଂ ମୃଗଦୃଶୋ ଯାସାଂ ସୁଧା ସାଗର—, ସ୍ତୋତସ୍ଥଂ ସତ ସବ୍ରେନ ସୁନ୍ଦର ଚମତ୍‌କାରଦୃଶୋ ବଭ୍ରମଃ, ଚନ୍ଦଂ ଜନୁ ବଚନ୍ତ ମନ୍ଥଜଳା ବୈଦଗ୍ଧ୍ୟଦେବେତଃ ପୁନ ର୍ଦ୍ଧଂ ଚତ୍ତୁଦ୍ଦରଂ ପ୍ରସଚ୍ଛତି ଯୁବା ମଯୋବ କଂ କାରଣଂ।" ରସମଞ୍ଜସ୍ୱା।]

ସ୍ୱାଧୀନ ଭାବରେ(ଭାବେ)—ଦେ.କି.ବଣ—୧। ସ୍ୱାଧୀନ ନ ହୋଇ—Swādhīna bhābare(bhābe) 1. Freely. ୨। ସ୍ୱେଚ୍ଛା-ସ୍ୱାଧୀନ ଭାବେ **स्वाधीन भावसे** କ୍ରମେ—2. Of one's free will.

ସ୍ୱାଧୀନ ମତ—ଦେ. ବ—ପର ଦ୍ୱାରା ପ୍ରଣୋଦିତ ନ ହୋଇ ନିଜର Swādhīna mata ଇଚ୍ଛାରେ ଗଠିତ ବା ପ୍ରକାଶିତ ମତ—ସ୍ୱାଧୀନ ମତ **स्वाधीन मत** One's free opinion.

ସ୍ୱାଧ୍ୟାୟ—ସ. ପୁ ବ (ସୁ=ସୁନ୍ଦର+ଅ=ବଶିଷ୍ଟ ରୂପେ+ଅଧ୍ୟାୟ= Swādhyāya ଅଧ୍ୟୟନ)—୧। ବେଦାଧ୍ୟୟନ; ବେଦ ପାଠ—1. Learning of the Bedas; Vedic studies. ୨। ଅବ୍ରୁତ୍‌ପୂର୍ବଂକ ବେଦ ପାଠ—2. Recital of the Bedas. ୩। ଜପ; ପାଞ୍ଚ ନ କରି ବେଦମନ୍ତ୍ର ପାଠ—3. Silent ruminati n of the Vedic formulae. ୪। ବେଦ—4. The Bedas. ୫। ବେଦାଂଶବିଶେଷ—5. A part of the Bedas. ୬। ବିଧିପୂର୍ବକ ଶାସ୍ତ୍ରାଧ୍ୟୟନ—6. Studying of the scriptures according to the prescribed rules. ୭। ଯୋଗସାଧନ-7. Spiritual exercise. ୮। ତପସ୍ୟା—8. Religious penance.

ସ୍ୱାଧ୍ୟାୟ ନିରତ—ସଂ ବଣ.ପୁଂ (୭ମୀ ତତ୍ପୁ)-ବେଦାଧ୍ୟୟନରେ ସର୍ବଦାନିରତ-Swādhyāya nirata Constantly engaged [ସ୍ୱାଧ୍ୟାୟନିରତ—ଅନ୍ୟରୂପ] in the study of the Bedas.

ସ୍ୱାଧ୍ୟାୟବାନ୍—ସଂ ବଣ. ପୁଂ [ସ୍ୱାଧ୍ୟାୟ+ବତ୍]-୧। ସ୍ୱାଧ୍ୟାୟକାରୀ, Swādhyāyabān ବେଦାଧ୍ୟୟନକାରୀ— (ସ୍ୱାଧ୍ୟାୟଶୀଳ—ଅନ୍ୟରୂପ) 1. Studying the Bedas. ୨। ସ୍ୱାଧ୍ୟାୟନିରତ (ଦେଖ)—2. Swādhyāya nirata (See

ସ୍ୱାଧ୍ୟାୟ ସେବା—ସଂ. ବ—ବେଦାଧ୍ୟୟନ;ନିୟମିତରୂପେ ବେଦ ପାଠ— Swādhyāya sebā Regular and systematic study of the Bedas.

ସ୍ୱାଧ୍ୟାୟୀ—ସଂ. ବଣ. ପୁଂ (ସ୍ୱାଧ୍ୟାୟ+ଇନ୍; ୧ମା. ୧ବ)— Swādhyāyī ସ୍ୱାଧ୍ୟାୟବାନ୍; ସର୍ବଦା ସ୍ୱାଧ୍ୟାୟରେ ବା ବେଦାଧ୍ୟୟନରେ ରତ—Engaged in regular study of the Bedas. ୧। ବେଦପାଠକ—1. A reader of the Bedas. ୨। ପଲ୍ଲୀ-ବାସିକ୍ (କ୍ଷିତ୍ୟାଦିଶେଷ)—2. A. mercbant trading in villages.

ସ୍ୱାନ—ସଂ. ବ (ସ୍ୱନ୍ ଧାତୁ=ଧ୍ୱନ କରିବା+ଭାବ ଅ)—ସ୍ୱନ; Swāna ଧ୍ୱନ; ରବ; ଶବ୍ଦ (ଅମର)— Sound; voice. (ଦ୍ର—ବଜନ୍ତର କଲ୍ପ ସ୍ୱାନ ଅବରତେ ରମକ ରତଲ୍ପ ଶରତ୍ରେ—ଭଙ୍ଗ. ବୈଦେଘ୍ମାଶ-ବଲାସ ।)

ସ୍ୱାନୁଭୂତି—ସ. ବ—ଅସ୍ମଜ୍ଞାନ; ନିଜର ଜୀବନ ସମ୍ବନ୍ଧେ ଅନୁଭୂତି— Swānūbhūti Self-knowledge. [ଭ—ସେ ମୂଳ ବସ୍ତୁତ୍ତ ସ୍ୱାନୁଭୂତ ମହାଭୂତ, ଗୋପିତା ପ୍ରସନ୍ନେ ନର ସେ ଜ୍ଞାନ ଲଭନ୍ତି । ଭୂପତ୍ତ· ପ୍ରେମଘଞ୍ଜାମୁତ ।]

ସ୍ୱାନ୍ତ—ସ. ବଣ (ସ୍ୱନ୍ ଧାତୁ=ଶବ୍ଦ କରିବା+କର୍ମ. ତ)—୧। ଶବ୍ଦିତ Swānta (ଶବ୍ଦ କଲ୍ପତ୍ରମ୍)—1. Sounded. ସ. ବ (+କର୍ତ୍ତୃ. ତ)—ଅନ୍ତଃକରଣ; ମନ (ଅମର)— 1. Mind, ୨। ଗହ୍ୱର (ମେଦନୀ)—2. A hole; cave. ୩। ଅପଣାର ଅନ୍ତ ବା ମୃତ୍ୟୁ (ହ. ଶ)—3. One's end or death. ୪। ଅପଣା ରାଜ୍ୟ ବା ପ୍ରଦେଶ (ହ. ଶ)—4. One's kingdom or country.

Digitized by srujanika@gmail.com

ସ୍ୱାପ—ପୁ. ବ (ସ୍ୱପ୍ ଧାତୁ+ଭାବ. ଅ)—୧ । ନିଦ୍ରା (ଅମର)—Swāpa 1. Sleep. ୨ । ଶୟନ (ହେ)—2. Sleeping. (ସ୍ୱପ୍ତ—ତ୍ରି) ୩ । ଜଡ଼ତା—3. Inertness. ୪। ଅଚୈତନ୍ୟ; ଅଜ୍ଞାନ (ମେଦିନୀ)—3. Unconsciousness. ୫ । ପକ୍ଷାଘାତ—5. Paralysis. ୬ । ସ୍ପର୍ଶଶକ୍ତ୍ୟଭାବ—6. Numbness of the sense of touch. ୭ । ସ୍ୱପ୍ନ—7. Dream.

ସ୍ୱାନ୍ତଜ—ପୁ. ତ୍ରି (ସ୍ୱାନ୍ତ+ଜନ୍ ଧାତୁ+କର୍ତ୍ତୃ. ଅ)—ଜଜର ମନରୁ Swāntaja ଜାତ—Born of one's mind. ପୁ. ବ—ମନୋଜ; କାମଦେବ (ହ୍ରୁ. ଶ)—1. Cupid. ୨ । ପ୍ରେମ (ହ୍ରୁ ଶ)—2. Love.

ସ୍ୱାପକ—ତ୍ରି. ତ୍ରି. ପୁଂ (ସ୍ୱପ ଧାତୁ ଣିଚ+କର୍ତ୍ତୃ. ଅକ)—ନିଦ୍ରାକାରକ Swāpaka —Soporific; causing sleep. (ସ୍ୱାପିକା - ସ୍ତ୍ରୀ)

ସ୍ୱାପତେୟ—ପୁ. ବ (ସ୍ୱ=ଧନ+ପଚ୍+ସମ୍ଭାର୍ଥେ. ଢକ୍) —Swāpateya ୧ । ଧନ (ଅମର)—1. Riches. ୨ । ସମ୍ପତ୍ତି —2. Property.

ସ୍ୱାପଦ—ପୁ. ତ—ଶ୍ୱାପଦର ଅନୁରୂପ (ହଲାୟୁଧ); ଶ୍ୱାପଦ (ଦେଖ) Swāpada Śwāpada (See)

ସ୍ୱାପନ—ପୁ. କ୍ଲୀ (ସ୍ୱପ ଧାତୁ ଣିଚ+କର୍ତ୍ତୃ. ଅ.)—ନିଦ୍ରାକାରକ (ହ୍ରୁ.ଶ) Swāpana —Soporific. ପୁ. ବ—୧ । ନିଦ୍ରାକାରକ ଦ୍ରବ୍ୟ (ହ୍ରୁ. ଶ)—1. Soporific article. ୨ । ନିଦ୍ରାକାରକ ପ୍ରାଚୀନ ଅସ୍ତ୍ର ବିଶେଷ (ହ୍ରୁ. ଶ)—2. A weapon of ancient times which induced sleep in the smitten.

ସ୍ୱାବ୍—(ବେଦେ.ବ(ଇଂ)—ଜାହାଜର ଚଟଚଳ (ଡେକ୍) ଓ ଡାକ୍ତରଖାନାର Swāb ଚଟାଣ ଓ ଟେବଲ୍ ଆଦ ଝାଡ଼ିବା ପାଇଁ ବ୍ୟବହୃତ କନାର ବା ସ୍ପାବ୍ ସ୍ୱାବ୍ ତୁଲାର ବା ଜଣଘଟର ବସ୍ତ୍ର—Swab.

ସ୍ୱାବଲମ୍ବନ—ପୁ. ବ (ସ୍ୱ+ଅବଲମ୍ବନ)—୧ । ଆପଣା ଉପରେ ନର୍ଭର Swābalambana କରିବା—1. Reliance or dependence on one's self. ୨ । ଜଜର ଚକ୍ଷୁ ଉପରେ ନର୍ଭର କର ଚେମ୍ବାଏପଣୀ ନ ଦେଖାଇ ଭାର୍ଯ୍ୟ ସାଧନ (ସ୍ୱାବଲମ୍ବ—ଅନ୍ୟରୂପ) କରିବା—2. Self-reliance.

ସ୍ୱାବଲମ୍ବନ ଶୀଳ—ପୁ. ତ୍ରି. ପୁଂ—ନିଜର ଉପରେ ନର୍ଭରଶୀଳ— Swābalambana śīla Self-reliant, (ସ୍ୱାବଲମ୍ବନଶୀଳ—ଅନୁରୂପ) (ସ୍ୱାବଲମ୍ବଶୀଳା—ସ୍ତ୍ରୀ) (ସ୍ୱାବଲମ୍ବଶୀଳତା, ସ୍ୱାବଲମ୍ବନଶୀଳତା—ବ)

ସ୍ୱାବଲମ୍ବୀ—ପୁ. ବ. ପୁଂ (ସ୍ୱାବଲମ୍ବିନ୍ ଶବ୍ଦ; ସ୍ୱ+ଅବ+ଲମ୍ବ ଧାତୁ+ Swābalambī ଇନ୍)—ଆତ୍ମନର୍ଭର—Self-reliant. (ସ୍ୱାବଲମ୍ବିନୀ—ସ୍ତ୍ରୀ)

ସ୍ୱାଭାବିକ—ତ୍ରି. ବ (ସ୍ୱଭାବ+ଭବାର୍ଥେ. ଇକ) —୧ । ସ୍ୱଭାବସିଦ୍ଧ— Swābhābika 1. Natural; habitual. ୨ । ପ୍ରାକୃତିକ; (ସ୍ୱାଭାବିକୀ—ସ୍ତ୍ରୀ) ନୈସର୍ଗିକ; ଯାହା କୃତ୍ରିମ ନୁହେଁ— (ଅସ୍ୱାଭାବିକ, କୃତ୍ରିମ—ତତ୍ପରତ) 2. Natural; instinctive; not artificial. ୨ । ସ୍ୱଭାବତଃ ଜାତ; ସହଜ— 3. Spontaneous; inherent; innate.

ସ୍ୱାଭାବ୍ୟ—ପୁ. ତ (ସ୍ୱଭାବ+ଯ)—୧ । ସ୍ୱଭାବରୁ ଉତ୍ପନ୍ନ— Swābhābya 1. Inherent. ୨ । ସ୍ୱୟଂ ଉତ୍ପନ୍ନ—2. Self-born.

ସ୍ୱାମ—ଦେ. ବ—ସୁଷମ (ଦେଖ) Swāma Suṣama (See)

ସ୍ୱାମିକ—ପୁ. ବ (ସ୍ୱାମିନ୍+କ)—ସ୍ୱାମିଯୁକ୍ତ; ଯାହାର ସ୍ୱାମୀ ବା Swāmika ମାଲିକ ଅଛନ୍ତି—Having a master. (ଦ୍ର— (ସ୍ୱାମୀକା—ସ୍ତ୍ରୀ) ଏ ଶବ୍ଦ ସାଧାରଣତଃ ଅନ୍ୟ ଶବ୍ଦ ସଙ୍ଗେ ସମାସରେ (ଅସ୍ୱାମିକ—ତତ୍ପରତ) ପ୍ରଯୁକ୍ତ ହୁଏ । ଯଥା—ମୁକ ସ୍ୱାମିକ ।)

ସ୍ୱାମି ଜାଂଘୀ—ପୁ. ତ ପୁଂ (ସ୍ୱାମିନ୍+ଜଘ+ଇନ୍; ୧ମା. ୧ତ)— Swāmi jāṁghī ପରଶୁରାମ (ଶବ୍ଦମାଳା)—A name of the great hero Paraśurāma.

ସ୍ୱାମିଜୀ ଦେ.ବ—ସ୍ୱାମୀ ପ୍ରଭୃତିଧାରୀ ବ୍ୟକ୍ତିଙ୍କୁ ସମ୍ମାନାର୍ଥକ ସମ୍ବୋଧନ— Swāmijī A respectful term used in addressing ସ୍ୱାମିଜୀ an anchorite or person having the title of Swāmī.

ସ୍ୱାମିତ୍ୱ—ନ. ବ (ସ୍ୱାମିନ୍+ତ୍ୱ ତ୍ୱ.) —୧ । କର୍ତ୍ତୃତ୍ୱ; ଅଧିକାର— Swāmitwa 1. Mastery. ୨ । ସ୍ୱତ୍ୱ—2. Proprietory right. ୩ । ଭର୍ତ୍ତୃତ୍ୱ; ପତିତ୍ୱପଣ—3. The state of being the husband of a woman.

ସ୍ୱାମିନ୍—ପୁ. ସମ୍ବୋଧନ (ସ୍ୱାମିନ୍ ଶବ୍ଦର ସମ୍ବୋଧନ)—ହେ ସ୍ୱାମୀ— Swāmin Oh Lord !

ସ୍ୱାମିନୀ—ସଂ. ବ. ସ୍ତ୍ରୀ—(ସ୍ୱାମିନ୍+ସ୍ତ୍ରୀ ଈ)—୧ । ସ୍ୱାମୀର ସ୍ତ୍ରୀଲିଙ୍ଗ— Swāminī 1. Feminine of Swāmī. ୨ । ଅଧିକାରିଣୀ; ସ୍ୱାମିନ୍ତ୍ରାଣୀ—2. Mistress; a female owner. ୩। ଗୃହିଣୀ—3. The mistress of a house.

ସ୍ୱାମି ଭକ୍ତ—ସଂ. ବଣ ପୁଂ (ଶ୍ରୀ ଭକ୍ତ୍) —ସ୍ୱାମୀଙ୍କ ପ୍ରତି ଭକ୍ତିଯୁକ୍ତ— swāmi bhakta Devoted to one's master. (ସ୍ୱାମିଭକ୍ତା—ସ୍ତ୍ରୀ) ବ. ପୁଂ—ସ୍ୱାମୀଙ୍କର ଭକ୍ତ—Devotee of one's master.

ସ୍ୱାମି ଭକ୍ତା—ସଂ. ବଣ. ସ୍ତ୍ରୀ—ପତିଙ୍କ ପ୍ରତି ଭକ୍ତିଶାଳିନୀ—Devoted Swāmi bhaktā to one's husband. ବ. ସ୍ତ୍ରୀ—ସାଧ୍ୱୀ, ସତୀ—A chaste woman.

ସ୍ୱାମି ଭକ୍ତି—ସଂ. ବ (ଶ୍ରୀ ଭକ୍ତି)—୧ । ପତିଭକ୍ତି—1. Devotion Swāmi bhakti to one's husband. ୨। ଗୁରୁଙ୍କ ପ୍ରତି ଭକ୍ତି— 2. Devotion to one's master.

ସ୍ୱାମି ଶୂଳ—ପୁ. ବ—୧। ଜଳ ପ୍ରଭୃତିଙ୍କ ବୈଦ୍ୟ; ଉଷଜଙ୍କ ବୈଦ୍ୟ—Enemy Swāmi śūla of one's master or lord.

[ଦ୍ର—ଭୂସ୍ୱରେ ସ୍ୱାମି-ଶୂଳ ଏହୁ ଜଗତେ; ଖୋଜଲେବି ମିଳବ କାହିଁ ମୋଦସତେ—କୃଷ୍ଣସିଂହ. ମଦାଲସଚରିତ—ସପ୍ତ]

Digitized by srujanika@gmail.com

୨ । ପତ୍ନିଙ୍କ ପ୍ରତି ବୈର ଭାବାପନ୍ନା ସ୍ତ୍ରୀ—2. A woman inimical to her husband

ସ୍ୱାମି ସହଗମନ (ମରଣ)—ସ.ବ (ଷଷ୍ଠୀ ତତ୍)—ସହଗମନ (ଦେଖ)—Swāmi sahagamana (maraṇa) Sahagamana (See)

ସ୍ୱାମି ସହବାସ—ସଂ. ବ—୧। ସ୍ୱାମୀଙ୍କ ସଙ୍ଗେ (ସ୍ତ୍ରୀଙ୍କର)ଏକତ୍ର ବାସ—Swami sahabāsa 1. (a wife's) Living with her husband—୨। ସ୍ୱାମୀଙ୍କ ସଙ୍ଗେ ରତି—2. Cohabitation with one's husband.

ସ୍ୱାମି ସେବା—ସଂ. ବ (ଷଷ୍ଠୀ ତତ୍)—ସ୍ୱାମୀଙ୍କ ପରିଚର୍ଯ୍ୟା—Swāmi sebā serving or tending one's husband.

ସ୍ୱାମୀ—ଅ.ବ.ପୁ(ସ୍ୱାମିନ୍ ଶବ୍ଦ;ସ୍ୱ=ଧନ + ଅନ୍ତ ଅର୍ଥରେ.ମିନ୍;୧୩.୧୧) Swāmī —୧। (ଉତ୍ତମ) ପ୍ରଭୁ; ଧାମିନ—1. Master; lord. ୨। (ବ୍ୟକ୍ତିର ବା ଜାତିର) ପାଳକ; ରକ୍ଷକ; ଅନ୍ନଦାତା—2. Protector maintainer. ୩। (ଦ୍ରବ୍ୟାଦିର) (ସ୍ତ୍ରୀଲିଙ୍ଗ—ସ୍ୱାମିନୀ) ଅଧିକାରୀ; ମାଲିକ—3. Owner; proprietor. ୪। (ସ୍ତ୍ରୀଙ୍କ) ପତି; ଗୋରସ୍ତ; ଭର୍ତ୍ତା (ଧରଣୀ)—4. Husband. [ଦ୍ର—ସ୍ୱାମୀ ଶବ୍ଦର ଅନ୍ୟ ଅନ୍ୟ ପ୍ରଚଳିତ ଯଥା—ସ୍ୱାମୀ=ଦେବର ପ୍ରତି, ଭର୍ତ୍ତା=ଭରଣ କର୍ତ୍ତା, ପତି=ପାଳନକର୍ତ୍ତା,କାନ୍ତ=କାମ୍ୟତମ,ବଲ୍ଲଭ=ସୁଖବର୍ଦ୍ଧନାଦି, ଗୃହ୍ୟ=ଗୃହିଦାତା, ଈଶ=ଐଶ୍ୱର୍ଯ୍ୟଦାୟକ, ପ୍ରାଣନାଥ=ପ୍ରାଣର ପ୍ରଭୁ, ରମଣ=ରତିଦାତା] ୫। (ରାଜ୍ୟର) ରାଜା; ଅଧିପତି (ଅମର)—5. King; sovereign. [ଦ୍ର—ହିନ୍ଦୁ ନୀତିଶାସ୍ତ୍ର ମତରେ ସ୍ୱାମୀ ବା ରାଜା ରାଜ୍ୟାଙ୍ଗର ଏତତ୍ତମ। ରାଜ୍ୟର ୭ ଗୋଟି ଅଙ୍ଗ ଯଥା—ସ୍ୱାମି=ରାଜା; ଅମାତ୍ୟ=ମନ୍ତ୍ରୀ; ସୁହୃତ୍=ମିତ୍ରରାଜା, କୋଷ=ଧନାଗାର, ରାଷ୍ଟ୍ର=ରାଜ୍ୟ, ଦୁର୍ଗ=ଗଡ଼, ବଳ=ସୈନ୍ୟ; ଏହି ୭ ଗୋଟି ଅଙ୍ଗରୁ ଯୌଗିପି ଅଙ୍ଗ ହଳଲ ବା ଦୁର୍ବଳ ହେଲେ ରାଜ୍ୟର ନାଶ ବା ଅନିଷ୍ଟ ଘଟେ।] ୬। (ଦଳର) ଦଳପତି; ନେତା; ନାୟକ (ଅମର)—6. Leader; head; headman. ୭। (ଶିଷ୍ୟର) ଗୁରୁ (ଧରଣୀ)—7. Preceptor; teacher. [ଦ୍ର—ଶାସ୍ତ୍ରରେ ଅନ୍ତ ଯେ. ଗୁରୁ, ବିପ୍ର ଓ ଇଷ୍ଟଦେବଙ୍କ ମଧ୍ୟରେ ସ୍ୱାମୀ (ପତି) ସମସ୍ତଙ୍କଠାରୁ ଶ୍ରେଷ୍ଠ।] ୮। ଚତୁର୍ଥାଶ୍ରମୀ ବା ପରମହଂସ ବ୍ରତଧାରୀ ବ୍ୟକ୍ତିଙ୍କ ଉପାଧି—8. Title of a person who has renounced the world and has been initiated as a 'Paramahamsa' and observes celebacy. [ଦ୍ର—ସନ୍ନ୍ୟାସୀ ଓ ପରମହଂସମାନଙ୍କର ଓ ଦେବତାଙ୍କର 'ସ୍ୱାମୀ' ଉପାଧି ଶାସ୍ତ୍ରସିଦ୍ଧ॥ ଦୁଃଖର ବିଷୟ ଯେ, ଅଜ୍ଞତାବଶତଃ କେତେକ କୀର୍ତ୍ତନୀୟ ବ୍ୟକ୍ତିଙ୍କ ପ୍ରତି ଶ୍ରେଷ୍ଠତ୍ୱ ପ୍ରଦର୍ଶନାର୍ଥ 'ସ୍ୱାମୀ' ଉପାଧିରେ ନିଜ ନାମକୁ ଭୂଷିତ କରୁଅଛନ୍ତି ଓ ତାଙ୍କ ଭକ୍ତମାନଙ୍କ, ସାଧାରଣ ଓ ସାମାନ୍ୟ ଭକ୍ତମାନେ ତାଙ୍କ ପ୍ରୀତ୍ୟପକ୍ଷାଦନାର୍ଥ ତାଙ୍କୁ 'ସ୍ୱାମୀ' ଉପାଧିରେ ଭୂଷିତ କରୁଅଛନ୍ତି। ଜଗତ୍ରେ ବ୍ୟକ୍ତିବିଶେଷଙ୍କର ଅଧିକାର ନ ଥାଇ 'ସ୍ୱାମୀ' ପଦବାଚ୍ୟତା ଓ ଅନେକ ଅର୍ବାଚୀନ ଭାଗବତରେ ଓ ସବାଦପତ୍ରରେ ଏ ଉପାଧିର ତାଙ୍କ ନାମ ପୂର୍ବରେ ଜଟପ୍ରୋଜନ ଓ ସମସ୍ତ ସମୟରେ ତାଙ୍କ ନିଜ ସ୍ୱାକ୍ଷରରେ ମଧ୍ୟ ଏହି ଉପାଧିର ପ୍ରୟୋଗ ଏ ପଦର ସମ୍ୟକ୍ ଅପବ୍ୟବହାର ଅଟେ॥ ଯେତେବେଳେ କୌଣସି ବ୍ୟକ୍ତି ମୃତପତ୍ନୀକ ଥାଇ ଏକପତ୍ନୀବ୍ରତ ଗ୍ରହଣ କରି ଯେବେ ଏହି ଅନଧିକାର-ଗୃହୀତ ଉପାଧି ତାଙ୍କ ପ୍ରତି ଦ୍ୟୋତ୍ତ ହେଲେ ତହିଁରେ ତାଙ୍କର ଦୃପ୍ତିଲାଭ ହୁଏ ବୋଲି ତାଙ୍କ ବନ୍ଧୁମାନେ ଦେଖନ୍ତୁ, ତେବେ ତତ୍ପୂର୍ତ୍ତିରେ ତାଙ୍କ-ଠାରେ ସେ ଉପାଧି ଲଗାନ୍ତୁ। ଉହାଳର ବାଡ଼ୀରେ ପଥ ଅନେକଙ୍କୁ ଅନଧିକାର 'ସ୍ୱାମୀ' ପଦଭୂଷିତ ଦେଖା ଦେଇଥାଏ]

୯୧। ବିଷ୍ଣୁ; ଈଶ୍ୱର (ଶବ୍ଦରତ୍ନାବଳୀ)—11. God. ୧୨। ବିଷ୍ଣୁ; ବିଷ୍ଣୁ (ଶବ୍ଦରତ୍ନାବଳୀ)—12 Bishṇu. ୧୩। ଭବ; ଶିବ; ମହାଦେବ (ଶବ୍ଦରତ୍ନାବଳୀ)—13. Siba. ୧୪। ବାତ୍ସ୍ୟାୟନ ମୁନି (ନିରୁକ୍ତାଣ୍ଡଶେଷ)—14. A name of sage 'Bātsāyana'. ୧୫। ଗରୁଡ଼ (ଶବ୍ଦକଳ୍ପଦ୍ରୁ)—15. A name of 'Garuṛda'. ୧୬। ଅଷ୍ଟାଙ୍ଗ କଲ୍ପୀୟ ଅର୍ହତ୍ଭେଦ (ହେମଚନ୍ଦ୍ର), ଗତ ଉତ୍ସର୍ପିଣୀର ଏକାଦଶ ଅର୍ହତ୍—16. Name of a Buddhist saint before the advent of the Buddha. ୧୭। ପଣ୍ଡିତ ବ୍ରାହ୍ମଣ—17. A learned Brāhmaṇa. ୧୮। ସେନାପତି (ଡିଂ ଶ)—18. Commander; general. ଦେ. ଅ—(ସଂ. ସ୍ୱାମିନ୍) ହେ ମହାଶୟ—Sir! [ଉ—କେ ତୁମେ ଜଡ ସ୍ୱାମୀ ସୋରେ, ଜରୁଣାଳର ଏ ଜଙ୍ଗଲେ, ଜଗନ୍ନାଥ, ଜଗତର !]

ସ୍ୱାମ୍ୟ—ଅ. ବ (ସ୍ୱାମିନ୍ + ସ୍ୱାର୍ଥେ ଯ)—ସ୍ୱାମିତ୍ୱ (ନ୍ତ. ଶ)—Swāmya The state of being swami.

ସ୍ୱାମ୍ୟମାତ୍ୟ—ସଂ. ବ (ଦ୍ୱନ୍ଦ୍ୱ)—ରାଜା ଓ ମନ୍ତ୍ରୀ—Swāmyamātya The king and his minister.

ସ୍ୱାମ୍ୟମାତ୍ୟସୁହୃତ୍କୋଷରାଷ୍ଟ୍ରଦୁର୍ଗବଳ—ସଂ. ବ (ଦ୍ୱନ୍ଦ୍ୱ)—ନୀତିଶାସ୍ତ୍ରମତେ Swāmyamātyasuhṛutkosharāshṭradurgabaja ରାଜ୍ୟର ୭ଟି ଅଙ୍ଗ (ସ୍ୱାମୀ, ଅମାତ୍ୟ, ସୁହୃତ୍, କୋଷ, ରାଷ୍ଟ୍ର, ଦୁର୍ଗ ଓ ବଳ)—The 6 component parts of a kingdom (king, minister, ally, treasury, kingdom, fort and army).

ସ୍ୱାମ୍ୟର୍ଥ ମରଣ—ଅଧିକାର ସ୍ୱାମୀ (ଭର୍ତ୍ତା ବା ଶାସନ)ଙ୍କ ଜୀବନ ରକ୍ଷା ବା Swāmyartha maraṇa ଉପକାର ଯାଇଁ ଜୀବନ ଦାନ—Dying to save or benefit one's husband or master. [ଦ୍ର—ବଙ୍ଗୀୟ ସ୍ମୃତିଶାସ୍ତ୍ରରେ ସଂଜ୍ଞାସମ୍ବନ୍ଧୀୟ ନାମକ ଅଧ୍ୟାୟରେ ଅଛି ଯେ, ଯେଉଁ ବ୍ୟକ୍ତି ସ୍ୱାମୀଙ୍କ ଜୀବନ-

Digitized by srujanika@gmail.com

ଉଦ୍ଧାରେ ନଜର ଜୀବନ ବିସର୍ଜନ କରନ୍ତି ସେ ନରମେଧ ଯଜ୍ଞର ଫଳ ଲାଭ କରି ସ୍ୱର୍ଗ ଲାଭ କରନ୍ତି ।]

ସ୍ୱାମ୍ୟୁପକାରକ—ସଂ. ବିଣ ପୁଂ—ସ୍ୱାମୀଙ୍କର ବା ପ୍ରଭୁଙ୍କର ଉପକାର୍ଯ୍ୟ—Swāmyupakāraka Rendering of benefit to one's master; serving one's master. ବି—(ଧ୍ୟାମ୍ୟୁପକାର୍ଯ୍ୟ—ଅଳଂଭୂତ) (ଶବ୍ଦକଳ୍ପଦ୍ରୁମ—Hor. e. (ସ ।ମ୍ୟୁପକାର—ବ.ବ୍ରୀ)

ସ୍ୱାୟତ୍ତ—ସଂ. ବିଣ—୧ । ନଜର ବଶୀଭୂତ—1. Under one's Swāyatta control. ୨ । ସ୍ୱାଧୀନ—2. Independent.

ସ୍ୱାୟତ୍ତ କରିବା—ବେ. କ୍ରି—୧ । ନଜର ଅନ୍ତଃକରଣକୁ ଆଣିବା; ବଶୀଭୂତ କରିବା—1. To bring Swāyatta karibā under one's control. ୨ । ସମ୍ପୂର୍ଣ୍ଣରୂପେ ନଜର ବଶ କରିବା—2. To fully control a person.

ସ୍ୱାୟତ୍ତ ଶାସନ—ଦେ. ବ (ସପ୍ତମ୍ୟନ୍ତ, କର୍ମ ଅଧିକରଣ ପ୍ରତ୍ୟୟାଗ) —ସ୍ୱରାଜ; Swāyatta śāsana ଦେଶବାସୀଙ୍କ ନିଜସ୍ୱ ପ୍ରତିନିଧିମାନଙ୍କ ସ୍ୱାୟତ୍ତ ଶାସନ **स्वायत्त शासन** ଦ୍ୱା ସ୍ୱରାଜ୍ୟ ଶାସନ—ସ୍ୱରାଜ—Self-government; autonomy.

ସ୍ୱାୟତ୍ତୀକରଣ—ନ ବ (ସ୍ୱାୟତ୍ତ+ଅଭୂତ ତଦ୍ଭାବେ ଈ+କରଣ)—Swāyattīkaraṇa ନଜର ବଶକୁ ଅଣାଯିବା—Bringing under one's control.

ସ୍ୱାୟତ୍ତୀକୃତ—ସ. ବିଣ (ସ୍ୱାୟତ୍ତ+ଅଭୂତତ୍ୱରେ ଈ+କୃତ)—ନଜର Swāyattīkṛuta ବଶକୁ ଆଣିତ—Brought under one's cuntrol.

ସ୍ୱାୟମ୍ଭୁବ—ସ. ବିଣ (ସ୍ୱୟମ୍ଭୂ=ବ୍ରହ୍ମା+ସମ୍ବନ୍ଧାର୍ଥେ ଅ)—ସ୍ୱୟମ୍ଭୁ- Swāyambhuba ସମ୍ବନ୍ଧୀୟ—Relating to Swayambhū. ବି. (+ଅପତ୍ୟାର୍ଥେ ଅ)—ବ୍ରହ୍ମାଙ୍କ ପୁତ୍ର; ପ୍ରଥମ ମନୁ—The first progenitor of mankind.

ସ୍ୱାୟମ୍ଭୁବ ମନୁ—ସଂ. ବି—ପ୍ରଥମ ମନୁ—The 1st or original Swayambhuba manu progenitor of mankind

[ଦ୍ର—ସୃଷ୍ଟି ବୃଦ୍ଧି ପାଇଁ ବ୍ରହ୍ମା ନିଜର ଦକ୍ଷିଣ ଅଙ୍ଗରୁ ଜାତ କଲେ ଓ ବାମାଙ୍ଗରୁ ଶତରୂପାନାମ୍ନୀ କନ୍ୟାଙ୍କୁ ଜାତ କରି ସ୍ୱାୟମ୍ଭୁବଙ୍କୁ ବରାଦ ଦେଲେ । ଏହି ବରାଦରୁ ଅକୁଣ୍ଠି ଓ ଦେବହୂତି ଓ ପ୍ରସୂତି ନାମରେ ଦୁଇଟି କନ୍ୟା ଏବଂ ପ୍ରିୟବ୍ରତ ଓ ଉତ୍ତାନପାଦ ନାମରେ ଦୁଇଟି ପୁତ୍ର ଜାତ ହେଲେ । ପିତା ଏହି ଅକୁଣ୍ଠି କନ୍ୟାଙ୍କୁ ରୁଚିଙ୍କୁ ଓ ଦେବହୂତିଙ୍କୁ ଦକ୍ଷପ୍ରଜାପତିଙ୍କୁ ଦେଲେ । ଦକ୍ଷପ୍ରଜାପତିଙ୍କର ଔରସରେ ୧୬ ଗୋଟି ପୁତ୍ର ଓ ୨୪ଟି କନ୍ୟା ଜନ୍ମିଲେ ଓ ଏହାମାନଙ୍କଠାରୁ ମନୁଷ୍ୟ, ଦେବ, ଋଷି, ପଶୁ, ପକ୍ଷୀ, ଗନ୍ଧର୍ବ, କୃଷ୍ଣ, ଲତା, ବୃକ୍ଷସବୁ ଅଦ୍ୟ ଜନ୍ମିଲେ ଓ କ୍ରମେ ପୃଥିବୀରେ ପ୍ରାଣୀମାନେ ମାଉଗଲେ— ମାର୍କଣ୍ଡେୟପୁରାଣ ।]

ସ୍ୱାୟମ୍ଭୁବ—ସଂ. ବି—ବ୍ରାହ୍ମୀ (ବ୍ରହ୍ମଜଦର୍ଦ୍ଧ ଦେଖ)—Swāyambhubi Brāhmī (See).

ସ୍ୱାର (ଇତ୍ୟାଦି)—ଗ୍ରା ବ—ସୁଆର ଇତ୍ୟାଦି (ଦେଖ)—Swāra (etc) Suāra etc (See)

ସ୍ୱାରସ୍ୟ—ସ, ବ (ସ୍ୱରସ+ଯ)—୧ । ସରସତା;ରସଯୁକ୍ତତା (ହି.ଶ)—Swārasya 1. Juiciness. ୨। ସ୍ୱାଭାବିକତା(ହି.ଶ)-2. Naturalness.

ସ୍ୱାରାଜ୍ୟ—ସଂ. ବ (ସ୍ୱରାଜ୍+ଭାବ. ଯ)—୧ । ସ୍ୱର୍ଗ ରାଜ୍ୟ—Swārājya 1. The kingdom of heaven. ୨ । ଈଶ୍ୱରତ୍ୱ—2. Divinity; godhead. ୩ । ସ୍ୱର୍ଗର ଆଧିପତ୍ୟ; ଇନ୍ଦ୍ରତ୍ୱ—3. Soverignty in heaven;the state of being Indra,the king of the gods. ୪ । ସ୍ୱାଧୀଶାସନବିଶିଷ୍ଟସ୍ୱରାଷ୍ଟ୍ରର ରାଜ୍ୟ—(ବ. ଶ.)—4. Autonomous country.

ସ୍ୱାରାଟ୍—ସଂ. ବି (ସ୍ୱ=ରାଜ୍ ଧାତୁ+କ୍ୱିପ; ସ୍ୱାରାଜ୍ ୧ମା. ୧ବ)—Swārāṭ ଇନ୍ଦ୍ର; ଦେବରାଜ (ଅମର)—Indra.

ସ୍ୱାରି (ଇତ୍ୟାଦି)—ଗ୍ରା. ବ ସୁଆରି ଇତ୍ୟାଦି (ଦେଖ)—Swā i Suāri etc (See)

ପାଲକୀ **स्वारी**

ସ୍ୱାରିବା—ଦେ. କ୍ରି—ସୁଆରିବା (ଦେଖ)—Swāribā Suāriba (See)

ସ୍ୱାରୋଚିଷ—ସଂ. ବି (ପୁଂ) (ନାମ)—(ସ୍ୱରୋଚିସ=ଅଗ୍ନି+ଅପତ୍ୟାର୍ଥେ Swārochisha ଅ)—ଦ୍ୱିତୀୟ ମନୁ—The 2nd progenitor of mankind. [ଦ୍ର—ଶ୍ରୀମଦ୍ ଭାଗବତ ମତରେ ଏ ଅଗ୍ନିସୁତ ଥିଲେ । ଏହାଙ୍କଠାରୁ ୪ ପୁତ୍ର ଓ ୭ ଋଷି (ଦତ୍ତୋଳି, ଚ୍ୟବନ, ସ୍ତମ୍ଭ, ପ୍ରାଣ, କଶ୍ୟପ, ଉର୍ଜ୍ଜ ଓ ବୃହସ୍ପତି ଜନ୍ମିଥିଲେ— ମତ୍ସ୍ୟପୁରାଣ । ମାର୍କଣ୍ଡେୟପୁରାଣରେ ଏହାଙ୍କ ନାମ ଦ୍ୟୁତ୍ତମାନ୍ ବୋଲି ଉକ୍ତ ହୋଇଅଛି (ହି. ଶ) ।]

ସ୍ୱାର୍ଜନ—ସଂ. ବି (ଷଷ୍ଠୀ ତତ୍ପୁ.)—ନଜର ଉପାର୍ଜନ—Swārjana Self-acquisition.

ସ୍ୱାର୍ଜିତ—ସଂ. ବିଣ (ତୃତୀୟା ତତ୍ପୁ.)—ନଜଦ୍ୱାରା ଉପାର୍ଜିତ; ସ୍ୱୟଂଲବ୍ଧ- Swarjita Self, acquired; earned by one's self.

ସ୍ୱାର୍ଥ—ସଂ- ବି (ଷଷ୍ଠୀ ତତ୍ପୁ.)—୧ । ନଜର ପ୍ରୟୋଜନ; ଅସ୍ମତ୍ପ୍ରୟୋଜନ; Swārtha ନିଜକାର୍ଯ୍ୟ—1. One's necessity or exclusive aim. ୨ । ସ୍ୱୀୟପ୍ରୟୋଜନ; ନିଜର ଅର୍ଥ; ନିଜସ୍ୱ ବସ୍ତୁ—2. One's own or exclusive property. ୩ । ନିଜର ଉଦ୍ଦିଷ୍ଟ ବିଷୟ—3. A thing aimed at by one's self. ୪ । ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟ 4. Self interes. ୫ । (ବ୍ୟାକରଣ) ଲକ୍ଷ୍ୟାର୍ଥ ବିଶେଷ (ଦୁର୍ଗାଦାସ); ପଦର ସ୍ୱାଭାବିକ ବା ସହଜ ଅର୍ଥ— 5. (Grammar) The inherent meaning

of a word ଗ୍ରାମ୍ୟ. ବିଣ (ସଂ. ସ'ର୍ଥ)—୧ । ସାର୍ଥ; ସାର୍ଥକ ସାର୍ଥକ—1. Fruitful. ୨ । ସିଦ୍ଧିପ୍ରଦ— 2. Successful.

ସ୍ୱାର୍ଥ ତ୍ୟାଗ—ସଂ. ବ (ଷଷ୍ଠୀ ତତ୍) —(ପରର ସପକ୍ଷ ସାଧନାର୍ଥ) ନିଜର Swārtha tyāga ଲାଭ ସମ୍ବନ୍ଧୀୟ ବଶ୍ୱରେ ପରତ୍ୟାଗ— Renunciation of one's self-interest; self- (ସ୍ୱାର୍ଥତ୍ୟାଗୀ—ପୁଂ; ସ୍ୱାର୍ଥତ୍ୟାଗିଜା—ସ୍ତ୍ରୀ. ବିଣ) sacrifice.

ସ୍ୱାର୍ଥ ନାଶ—ସ. ବ—୧ । ନିଜର ଅଭୀଷ୍ଟ ଥିବା ଉଦ୍ଦେଶ୍ୟର ବିନାଶ— Swārtha nāśa 1. Destruction or extinction of one's self interest. ୨ । ସ୍ୱାର୍ଥରେ ବାଧା— 2. Impediment or obstruction to one's self interest.

ସ୍ୱାର୍ଥ ପଣ୍ଡିତ—ବିଂ.ବିଣ.ପୁଂ.—ସ୍ୱାର୍ଥସାଧନ ବିଷୟରେ ଚତୁର (ହୁ.ଶ)— Swārtha paṇḍita Clever in accomplishing one's (ସ୍ୱାର୍ଥପଣ୍ଡିତା—ସ୍ତ୍ରୀ) self interest.

ସ୍ୱାର୍ଥପର—ସଂ. ବିଣ, ପୁଂ (ଷଷ୍ଠୀ ତତ୍)—ନିଜର ପ୍ରୟୋଜନସିଦ୍ଧି Swārthapara କମନ୍ତେ ଚେଷ୍ଟାପର—Selfish; self-seek- (ସ୍ୱାର୍ଥପରତ୍ୱ, ସ୍ୱାର୍ଥପରତ୍ୱ; ସ୍ୱାର୍ଥପରତା—ଅନ୍ୟରୂପ) ing; self inter- (ସ୍ୱାର୍ଥପର, ସ୍ୱାର୍ଥପରତ୍ୱ; ସ୍ୱାର୍ଥପରତା—ସ୍ତ୍ରୀ) ested. (ସ୍ୱାର୍ଥପରତା; ସ୍ୱାର୍ଥପରତ୍ୱ, ସ୍ୱାର୍ଥପରତା—ବ)

ସ୍ୱାର୍ଥ ବଳି—ସଂ. ବ(ଷଷ୍ଠୀ ତତ୍)—ପରର ମଙ୍ଗଳପାଇଁ ନିଜର Swārtha bali ପ୍ରୟୋଜନକୁ ତ୍ୟାଗକରିବା—Se f-sacrifice; sacrifice of one's self-interest to benefit others.

ସ୍ୱାର୍ଥ ବୁଦ୍ଧି—ସଂ. ବ (ମ. ପ ଲେ)—ନିଜର ପ୍ରୟୋଜନ ସିଦ୍ଧି ଲେଉଁବା Swārtha buddhi ବୃତ୍ତି—Selfish spirit. ବିଣ.ପୁଂ ଓ ସ୍ତ୍ରୀ(ବହୁବ୍ରୀ.ହି)—ସ୍ୱାର୍ଥପର;ଯେଉଁ ବ୍ୟକ୍ତି ସବୁବେଳେ ଅପରର ସ୍ୱାର୍ଥସିଦ୍ଧି କଥା ଭାବୁଥାଏ—Selfish.

ସ୍ୱାର୍ଥ ଲାଭ—ସଂ. ବ (ଷଷ୍ଠୀ ତତ୍)—ସ୍ୱାର୍ଥସାଧନ (ଦେଖ)— Swārtha lābha Swārtha sādhana (See)

ସ୍ୱାର୍ଥ ସାଧକ—ସଂ. ବିଣ. ପୁଂ—ଯେ ନିଜର ପ୍ରୟୋଜନ ସାଧନ କରେ— Swārtha sādhaka One who brings about the ful- (ସ୍ୱାର୍ଥସାଧିକା—ସ୍ତ୍ରୀ) filment of ones's selfish interests.

ସ୍ୱାର୍ଥ ସାଧନ—ସଂ ବ(ଷଷ୍ଠୀତତ୍) ନିଜର ଉଦ୍ଦେଶ୍ୟ ସଫଳ କରିବା— Swārtha sādhana Accomplishment or attain- (ସ୍ୱାର୍ଥ ସିଦ୍ଧି—ଅନ୍ୟରୂପ) ment of one's own object

ସ୍ୱାର୍ଥ ହେବା—ଭା. କ୍ରି (ସଂ. ସାର୍ଥ, ସାର୍ଥକ)—ସାର୍ଥକ ହେବା; ସଫଳ Swārtha hebā ହେବା—To be crowned with ସାର୍ଥକ ହଓୟା success; to attain one's end. (ଉଥ.— ସାର୍ଥକ ହୋନା ତୁମକୁ ଦର୍ଶନ କରିବାରୁ ମୋର ଏତେ ପରିଶ୍ରମ ସ୍ୱାର୍ଥ ହେଲା ।)

ସ୍ୱାର୍ଥାନ୍ଧ—ସଂ. ବିଣ. ପୁଂ—ଆଖିଣା ସ୍ୱାର୍ଥସିଦ୍ଧି କାମନାରେ ଅନ୍ୟ Swārthāndha ବିଷୟରେ ବିବେଚନାହୀନ—Blind to

(ସ୍ୱାର୍ଥାତ୍ମା—ସ୍ତ୍ରୀ) things other than one's [ସ୍ୱାର୍ଥାନ୍ୱିତ, ସ୍ୱାର୍ଥାନ୍ୱୟ—ବ] self interest.

ସ୍ୱାର୍ଥାନ୍ୱେଷଣ—ସଂ. ବ (ଷଷ୍ଠୀ ତତ୍)—ନିଜର ସ୍ୱାର୍ଥବୃଦ୍ଧିର ଉପାୟ Swārthānwesh ṇa ଖୋଜ ବୁଲିବା—Seeking one's good.

ସ୍ୱାର୍ଥାନ୍ୱେଷୀ—ସଂ. ବିଣ (ସ୍ୱାର୍ଥାନ୍ୱେଷିନ୍ ଶବ୍ଦ)—ଯେ ନିଜର ସ୍ୱାର୍ଥବୃଦ୍ଧି Swārthānweshī ଖୋଜ ବୁଲୁଥାଏ; ସ୍ୱାର୍ଥପର— [ସ୍ୱାର୍ଥାନ୍ୱେଷିଣୀ—ସ୍ତ୍ରୀ] Self-seeking.

ସ୍ୱାର୍ଥିକ—ସଂ. ବିଣ (ସ୍ୱାର୍ଥ+ଇକ)—୧ । ସ୍ୱାର୍ଥ ସମ୍ବନ୍ଧୀୟ— Swārthika 1. Relating to self interest. (ସ୍ୱାର୍ଥିକା—ସ୍ତ୍ରୀ) ୨ । (ପୁଂ) ସ୍ୱାର୍ଥପର—2. Selfish.

ସ୍ୱାର୍ଥୀ—ସଂ. ବିଣ (ପୁଂ) (ସ୍ୱାର୍ଥ+ଇନ୍; ୧ମା. ୧ବ)—ସ୍ୱାର୍ଥପର; Swārthī ସ୍ୱାର୍ଥପର—Selfish. [ସ୍ୱାର୍ଥିନୀ—ସ୍ତ୍ରୀ]

ସ୍ୱାଶ୍ରୟ—ସଂ. ବ—ସ୍ୱାବଲମ୍ବନ (ଦେଖ)—Swābalambana.(See)

Swāśraya ବିଣ (ପୁଂ)—ସ୍ୱାବଲମ୍ବୀ (ଦେଖ)— [ସ୍ୱାଶ୍ରୟ—ସ୍ତ୍ରୀ.ବିଣ] Swābalambī (See).

ସ୍ୱାସ୍ଥ—ଭା. ବ (ସଂ. ସ୍ୱାସ୍ଥ୍ୟ)—ସ୍ୱାସ୍ଥ୍ୟ (ଦେଖ) Swāstha Swāsthya(See)

ସ୍ୱାସ୍ଥ୍ୟ—ସଂ. ବ (ସ୍ୱସ୍ଥ+ଷ୍ୟଞ. ଯ)—୧ । ସୁସ୍ଥତା; ନୀରୋଗତା; Swasthya ନିରାମୟତା—1. Health; freedom from illness. ୨ । ଆରୋଗ୍ୟ—2. Convalescence. ୩ । ସ୍ୱାଚ୍ଛନ୍ଦ୍ୟ—3. Ease; comfort. ୪ । ସନ୍ତୋଷ (ଦ୍ୱେମଚନ୍ଦ୍ର)—4. Contentment. ୫ । ମନର ସୁସ୍ଥତା; ଉଦ୍ବେଗଶୂନ୍ୟତା; ନିଶ୍ଚିନ୍ତତା; ଅନୁଦ୍ୱେଗ— 5. Freedom from anxiety. ୬ । ସୁଖ— 6. Happiness. [ଉତ୍ପ—ସ୍ୱସ୍ଥ ଶବ୍ଦର ଅର୍ଥ ନୀରୋଗ; ଏହାଁରୁ ଭାବରେ 'ଯ' ପ୍ରତ୍ୟୟ ହୋଇ ସ୍ୱାସ୍ଥ୍ୟ ଶବ୍ଦ ନିଷ୍ପନ୍ନ ହୁଏ, ମାତ୍ର ଅନେକ ଅଧ୍ୟାନରେ ପ୍ରମାଦବଶତଃ ସ୍ୱସ୍ଥ ଶବ୍ଦରୁ ଯ ପ୍ରତ୍ୟୟ ଦ୍ୱାରା 'ସ୍ୱାସ୍ଥ୍ୟ' ଶବ୍ଦ ନିଷ୍ପନ୍ନ ହୁଏ ବୋଲି ଲେଖାଅଛି ।]

ସ୍ୱାସ୍ଥ୍ୟକର—ସଂ. ବିଣ—ଯାହା ସୁସ୍ଥତା ଜନ୍ମାଏ—Healthy; health- Swāsthyakara giving; hygienic. [ସ୍ୱାସ୍ଥ୍ୟଜନକ, ସ୍ୱାସ୍ଥ୍ୟଦାୟକ, ସ୍ୱାସ୍ଥ୍ୟପ୍ରଦ ସ୍ୱାସ୍ଥ୍ୟଦ—ଅନ୍ୟରୂପ]

ସ୍ୱାସ୍ଥ୍ୟ ନାଶ—ସଂ. ବ (ଷଷ୍ଠୀ ତତ୍)—ନୀରୋଗତାର ନାଶ— Swāsthya nāśa Loss of health.

ସ୍ୱାସ୍ଥ୍ୟ ନିବାସ(ବାସ)—ସଂ., ବ (ଅଧିକରଣ ତତ୍ପୁରୁଷ)— Swāsthya nibāsa (bāsa) ୧ । ସ୍ୱାସ୍ଥ୍ୟରକ୍ଷା ପାଇଁ ବା ନଷ୍ଟ ସ୍ୱାସ୍ଥ୍ୟର ପୁନରୁଦ୍ଧାରପାଇଁ ବା ସ୍ୱାସ୍ଥ୍ୟଲାଭ ପାଇଁ କୌଣସି ସ୍ୱାସ୍ଥ୍ୟକର ସ୍ଥାନରେ ବାସ—1. Resorting to a health resort for recouping or gain-

Digitized by srujanika@gmail.com

ing one's health. ୨ । ସ୍ୱାସ୍ଥ୍ୟପ୍ରଦ ସ୍ଥାନ—2 Health resort.

ସ୍ୱାସ୍ଥ୍ୟ ପାନ—ଦେ. ବ (ଇଂରଜୀ ବାକ୍ୟର ଅନୁବାଦ)—ଅନ୍ୟଥିଙ୍କର Swāsthya pāna ବା ଉଦ୍ଦିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟର ଉନ୍ନତି ସ୍ୱାସ୍ଥ୍ୟପାନ କାମନା କରି ମଦ୍ୟ ପାନ କରିବା—**ସ୍ୱାସ୍ଥ୍ୟପାନ** Drinking to the health (of a person).

ସ୍ୱାସ୍ଥ୍ୟ ପାନ କରିବା—ଦେ. କ୍ରି (ଇଂରଜୀ ବାକ୍ୟର ଓଡ଼ିଆ Swsāthyapāna karibā ଅନୁବାଦ)—ପାଶ୍ଚାତ୍ୟ ପ୍ରଥା ସ୍ୱାସ୍ଥ୍ୟପାନକରା ଅନୁସାରେ ଆଧୁନିକ ଭୋଜନ-ସମ୍ମେଳନାରେ **ସ୍ୱାସ୍ଥ୍ୟପାନ କରିବା** କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ କାମନା କରି ମଦ୍ୟ ପାନ କରିବା—To drink the health of; to toast (a person). [ଦ୍ର—ପାଶ୍ଚାତ୍ୟ ଭୋଜୀରେ ସମାଗତ ବିଶିଷ୍ଟ ଅତିଥିଙ୍କର ବା କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ କାମନା କରି ଭୋଜୀରେ ଯୋଗ ଦେବା ବ୍ୟକ୍ତିମାନେ ମଦ୍ୟ ପାନ କରନ୍ତି ।]

ସ୍ୱାସ୍ଥ୍ୟ ବିଭାଗ—ଦେ. ବ.—ରାଜ୍ୟବାସୀଙ୍କ ସ ାସ୍ଥ୍ୟପ୍ରତି ଦୃଷ୍ଟି ରଖିବା Swāsthya bibhāga ପାଇଁ ଗଠିତ ରାଜକୀୟ ବିଭାଗ—ସ୍ୱାସ୍ଥ୍ୟବିଭାଗ The Department of Public Health; **ସ୍ୱାସ୍ଥ୍ୟବିଭାଗ** The Public Health Department.

ସ୍ୱାସ୍ଥ୍ୟ ଭଙ୍ଗ—ପୁ ବ—ସୁସ୍ଥତାର ବନାଶ; ରୋଗାଦର ଅକ୍ରମଣ—Swāsthya bhaṅga The impairment or loss of one's health.

ସ୍ୱାସ୍ଥ୍ୟ ରକ୍ଷା—ସ୍ତ୍ରୀ. ବ—ଯେଉଁ ଉପାୟମାନ ଅବଲମ୍ବନ କଲେ ଶରୀର Swāsthya rakshā ସୁସ୍ଥ ରହିବ ତାହା କରିବା—Following hygienic rules; hygiene.

ସ୍ୱାସ୍ଥ୍ୟ ସଚିବ(ମନ୍ତ୍ରୀ)—ଦେ. ବ—ଯେଉଁ ମନ୍ତ୍ରୀଙ୍କଠାରେ ସ୍ୱାସ୍ଥ୍ୟ ବିଭାଗର Swāsthya sachiba(mantrī) ଭାରଟି ବା ଭାର ଥାଏ—The ସାସ୍ଥ୍ୟସଚିବ minister in charge of Public Health. **ସ୍ୱାସ୍ଥ୍ୟ ସଚିବ**

ସ୍ୱାସ୍ଥ୍ୟ ସମ୍ପନ୍ନ—ସଂ. ବଣ ପୁଂ (ଶସ୍ୟା ଭଳି)—ସୁସ୍ଥ—Swāsthya sampanna Hale, healthy. (ସୁସ୍ଥ ସମ୍ପନ୍ନା—ସ୍ତ୍ରୀ)

ସ୍ୱାସ୍ଥ୍ୟ ସୁଖ-ସଂ. ବ (ମ.ଯ.ତତ୍ପୁ)-ମନୁଷ୍ୟର ସୁସ୍ଥ ରହିବାଯୋଗୁ ଅନୁଭୂତ Swāsthya sukha ଆନନ୍ଦ—Happiness enjoyed by a healthy person.

ସୁସ୍ଥ ହାନି—ସଂ. ଣ—ସ୍ୱାସ୍ଥ୍ୟଭଙ୍ଗ; ସୁସ୍ଥତାର ନାଶ—Swāsthya hāni Loss of one's health.

ସ୍ୱାସ୍ଥ୍ୟ ହାନି (ନାଶ, ଭଙ୍ଗ)କର—ସଂ. ବଣ—ଯେ ବା ଯାହା ସୁସ୍ଥ Swāsthya hāni (nāśa, bhaṅga) kara ଲୋକକୁ ଅସୁସ୍ଥ କରେ—Impairing one's health, unhygienic

ସ୍ୱାହା—ସଂ. ଅ—(ସୁ + ଅ + ହୈ. ଧାତୁ=ଢାଳିବା + କରଣ ଅ + ଆ) Swāhā ଦେବତାଙ୍କ ଉଦ୍ଦେଶ୍ୟରେ ଅର୍ପିତ ଦେବାର ମନ୍ତ୍ର—(Interjection) A formula or exclamation uttered while pouring ghee into fire by invoking a particular deity by name. [ଦ୍ର—ଏହି ଶବ୍ଦ ଦେବତାଙ୍କ ନାମରେ ଲଗେ ଓ ଏହି ଶବ୍ଦ ଲଗିବା ଯୋଗୁ ଯୁଦ୍ଧଜନ୍ତୀ ପଦ ରେ ଷଥୀ ବିଭକ୍ତି ଯୁକ୍ତ ହୁଏ । ଯଥା—ଓଁ ନାରସିଂହାୟ ସ୍ୱାହା, ଓଁ ଅଗ୍ନୟେ ସ୍ୱାହା, ଓଁ ଦୁର୍ଗାୟୈ ସ୍ୱାହା ।

ପିତୃମାନଙ୍କୁ ଉଦ୍ଦେଶ କରି ପିଣ୍ଡ ଓ ଜଳତର୍ପଣାଦି ଦେଲେ 'ସ୍ୱଧା' ଏବଂ ଦେବତାଙ୍କୁ ଆହୁତି ଦେଲାବେଳେ 'ସ୍ୱାହା' ଉଚ୍ଚାରିତ ହୁଏ ।

(ଅନ୍ୟ ସ.—ଅଗ୍ନାୟୀ, ଦକ୍ଷିଣାଗ୍ନିସ୍ୱାହା, ଦ୍ୱିଂ, ଅନଳସ୍ୱିସ୍ୱା, ବହ୍ନିବଧୂ) ବ. ୧ । (+ଦକ୍ଷ ଅ + ଆ) ଅଗ୍ନିଦେବତାଙ୍କ ପତ୍ନୀ; ଦକ୍ଷ କନ୍ୟା—1. Name of the wife of the Fire god.

[ଦ୍ର—ଏ ଦକ୍ଷ କନ୍ୟା ଅଃନ୍ତ । ମତାନ୍ତରରେ ଏ ପ୍ରକୃତି ଦେବୀଙ୍କଠାରୁ ଜନ୍ମିଥିଲେ । ଫଳତଃ ଏ ଅଗ୍ନିଙ୍କର ଦାହିକା ଶକ୍ତି ଓ ବହ୍ନିଙ୍କୁ ସ୍ୱାମୀ ପାଇବା ପାଇଁ କଠୋର ତପସ୍ୟା କରୁଥିଲେ ଓ ଅଗ୍ନିଙ୍କୁ ସ୍ୱାମୀ ଗ୍ରହଣ କରିବାକୁ ବାଧ୍ୟ କରିବା ପାଇଁ ଉପଦେଶ ଦେଲେ ଓ ବ୍ରହ୍ମା ମଧ୍ୟ ଏହା ଅନୁମୋଦନ କଲେ ଏବଂ ଏହି କାରଣ ଦେଲେ ଯେ, ଦେବତାଙ୍କ ନାମର ମନ୍ତ୍ର ଶେଷରେ 'ସ୍ୱାହା' ଶବ୍ଦ ଉଚ୍ଚାରଣପୂର୍ବକ ଘିଅରେ ଆହୁତି ଦେଲେ ଉକ୍ତ ଆହୁତି ଦେବତାମାନେ ପାଇବେ । ଏହି ବର ପାଇ ସ୍ୱାହା ଅଗ୍ନିଙ୍କର ପତ୍ନୀ ହେଲେ । ଅଗ୍ନିଙ୍କ ଔରସରେ ଏହାଙ୍କ ଗର୍ଭରୁ ଦକ୍ଷିଣ, ଗାର୍ହପତ୍ୟ ଓ ଆହବନୀୟ ନାମକ ତିନି ବୈଦିକ ଅଗ୍ନି ଜାତ ହେଲେ ।

ବ୍ରହ୍ମାଙ୍କ କରରେ ସ୍ୱାହାସ୍ଥିତ ମନ୍ତ୍ର ଫଳପ୍ରଦ ହୁଏ ନାହିଁ । ଏହାକୁ ପୂଜା କରିବାର ମନ୍ତ୍ର—
"ଓଁ ଶ୍ରୀଁ ବହ୍ନିଜାୟାୟୈ ଦେବ୍ୟୈ ସ୍ୱାହା"
ବ୍ରହ୍ମବୈବର୍ତ୍ତପୁରାଣ ପ୍ରକୃତିଖଣ୍ଡ ।]

୨ । ଅଗ୍ନିର ଦାହିକା ଶକ୍ତି—2. The burning attribute of fire. ୩ । ବୌଦ୍ଧଶକ୍ତିବିଶେଷ—3. Name of a Buddhist goddess. [ଦ୍ର—ଏହାଙ୍କର ଅନ୍ୟ ନାମ—ଭାସ୍ୱ, ମହାଶ୍ୱେତା, ଚୋକ୍ଷାରୁ, ଶ୍ରୀ, ମନୋରମା, ତାରିଣୀ, ଜୟା, ଅନନ୍ତା, ଶିବା, ଲୋକେଶ୍ୱରସ୍ୱସ୍ତା, ଶତପତ୍ରବାସିନୀ, ଭଦ୍ରା, ବୈଶ୍ୟା, ମାଲାଧରସ୍ୱସ୍ତା, ଶଙ୍ଖିନୀ, ମହାତାରା, ବସୁଧାରା, ଧନଦା, ହିରୋଚନା, ଲୋଚନାକ୍ଷ୍ୟା (ନିକାଣ୍ଡଶେଷ)] । ୪ । ହୋମାଗ୍ନିରେ ଦଅଯିବା ଅହୁତି—4. Libations of ghee made into the sacrificial fire.

Digitized by srujanika@gmail.com

ସ୍ୱାହା କରିବା—ଦେ. କ୍ରି—୧ । ମନ୍ତ୍ର ସଙ୍ଗେ ସ୍ୱାହା ଉଚ୍ଚାରଣପୂର୍ବକ ଘିଅକୁ ନଅଁରେ ଅର୍ପଣ ଦେବା—ସ୍ୱାହା କରା स्वाहा करना 1. To offer ghee unto the fire by uttering the word Swāhā; (ଉ—ଦାତାର ଘିଅ ସରୁଛି, ବାହୁଣକୁ ସ୍ୱାହା କରିବାକୁ ଉର ମାଡୁଛୁ !—ଭଗ ।) ୨ । (ଲକ୍ଷଣାର୍ଥ)—(ସକ୍ଷ ଓ ଅଦଙ୍କୁ) ଅଚବ୍ୟୟ ବା ନଷ୍ଟ କରିବା; ଉଡାଇ ଦେବା—2. To squander away. ୩ । (ଲକ୍ଷଣାର୍ଥ) —ଅସ୍ୱାତ୍ କରିବା—3. To appropriate a thing to one's use.

ସ୍ୱାହାକୃତ୍—ସଂ.ବି.(ସ୍ୱାହା+କୃ ଧାତୁ+କର୍ତ୍ତୃ କ୍ୱିପ୍) ଯଜ୍ଞକାରୀ (ହବି.ଶ)—Swāhā kṛut The performer of a Vedic sacrifice.

ସ୍ୱାହା ନାଥ (ପତି, ପ୍ରିୟ, ବଲ୍ଲଭ)—ସଂ. ବ, ପୁଂ (ଷଷ୍ଠୀତତ୍) —Swāhā nātha (pati, priya, ballabha)—ଅଗ୍ନିଦେବ—The Fire god.

ସ୍ୱାହାଭୁକ୍—ସଂ. ବ. ପୁଂ—(ସ୍ୱାହା+ଭୁଜ୍ ଧାତୁ+କର୍ତ୍ତୃ କ୍ୱିପ୍; ଯେଉଁମାନେ ସ୍ୱାହା ଦ୍ୱାରା ପ୍ରଦତ୍ତ ଆହୁତି ଭୋଜନ କରନ୍ତି)—ଦେବତା—Deity; gods.

Swāhā bhuk

ସ୍ୱାହାର୍ହ—ସ. ବଣ. ପୁଂ—ପଙ୍କରେ ହବ୍ୟ ପାଇବା ଯୋଗ୍ୟ (ଦେବ)—Sāwhārha (a Diety) Entitled to get oblations unto the fire) (ସ୍ୱାହାର୍ହା—ସ୍ତ୍ରୀ)

ସ୍ୱାହାଶନ—ସ.ବ. (ବହୁବ୍ରୀହି; ସ୍ୱାହା ଦ୍ୱାରା ଅଶନ ତୁଏ ଯାହାଙ୍କର)—Swāhāśana ଦେବତା—Deity; one of the gods.

ସ୍ୱିଚ୍—ବୈଦେ. ବ. (ଇଂ)—ବଜୁଲୀକରି ଓ ଦଗା ଆଦି ଚଲାଇବା ବା Swich କନ୍ଦ କରିବା ପାଇଁ ବ୍ୟବହୃତ କଳ ବା ଗୁନ୍ଦ—ସ୍ୱୀଚ୍ स्वीच Switch of an electric contrivance.

ସ୍ୱିଜର୍‌ଲ(ଲା)ଣ୍ଡ୍—ବୈଦେ.ବ(ଇଂ. ନାମ)—ଇଟାଲିର ଉତ୍ତରରେ ଥିବା ସାଧାରଣତନ୍ତ୍ର ପାର୍ବତ୍ୟ ରାଜ୍ୟ—(ସ୍ୱିଟ୍‌ଜର୍‌ଲ (ଲା)ଣ୍ଡ୍—ଅନ୍ୟରୂପ) Swijar-la (lā)nd Switzerland. ସ୍ୱୀଜର ଲାଓ स्वीजरलैंड

ସ୍ୱିଡ୍—ବୈଦେ. ବଣ. (ଇଂ)—୧ । ସ୍ୱିଡେନ୍ ଦେଶୀୟ—Swid 1. Swede; swedish. ୨ । ସ୍ୱିଡେନ୍ ଦେଶବାସୀ—ସ୍ୱୀଡ୍ स्वीड 2. Inhabiting Sweden. (ସ୍ୱିଡିଶ୍—ଅନ୍ୟରୂପ)

ସ୍ୱିଡେନ—ଦେ. ବ, (ଇଂ. ନାମ)ଇଉରୋପର ଉତ୍ତର ଭାଗରେ ଥିବା ନରୱେ ରାଜ୍ୟର ପୂର୍ବସ୍ଥ ଦେଶ—Sweden ସ୍ୱୀଡେନ स्वीडेन्

ସ୍ୱିତ୍—ସ. ଅ—(ସ୍ୱ+ଇ. ଧାତୁ=ଯିବା+କ୍ତ. କ୍ୱିପ୍.)—ପ୍ରଶ୍ନ, ଇତର୍କ ଓ ସାଦପୂରଣରେ ବ୍ୟବହୃତ ଶବ୍ଦ—Interjection used in interrogation, doubt and completing a sentence. [ଦ୍ର—ଏହାର ଓଡିଆରେ ବ୍ୟବହାର ଦେବା ଦେଖା ନାହିଁ ।]

ସ୍ୱିଦ୍(ଧାତୁ)—ସ—ଝାଳେଇବା—Swid (root) To perspire.

ସ୍ୱିଦିତ—ସ. ବ—(ସ୍ୱିଦ୍ ଧାତୁ+କର୍ମ. ତ)—ପ୍ରସ୍ୱେଦିତ (ସିକାଇ) Swidita କୌମୁଦ)—Perspired; made to perspire.

ସ୍ୱିନ୍ନ—ସ. ବଣ—(ସ୍ୱିଦ୍ ଧାତୁ+କର୍ତ୍ତୃ.ତ)—୧ । ଘର୍ମଯୁକ୍ତ; ଘର୍ମାକ୍ତ—Swinna 1. Perspiring. ୨। ଆର୍ଦ୍ର; ସିକ୍ତ କ୍ଲେଦଯୁକ୍ତ; କ୍ଲିନ୍ନ —2. Wet; moist. ୩ । ରନ୍ଧା ହୋଇଥିବା; ପକ୍ୱ (ଚଣ୍ଡୁଳାଦି); ସିଦ୍ଧ —3. Cooked; boiled (rice). [ଦ୍ର—ଧାନ୍ୟାଦିକୁ ସ୍ୱେଦଗତ ଅବସ୍ଥାରେ 'ସ୍ୱିନ୍ନ', ସତୁଷ ଅବସ୍ଥାରେ 'ଧାନ୍ୟ', ନିତୁଷ ଅବସ୍ଥାରେ 'ଅନ୍ନ', ପକ୍ୱ ବା ରନ୍ଧା ଅବସ୍ଥାରେ ସ୍ୱିନ୍ନ ବୋଲଯାଏ—ଶାବଭତ୍ତ ।]

ସ୍ୱିଶ୍—ବୈଦେ. ବଣ—(ଇଂ)—୧ । ସ୍ୱିଜରଲଣ୍ଡ୍ ଦେଶୀୟ—1. Swis Belonging or appertaining to Switzerland. ୨ । ସ୍ୱିଜରଲଣ୍ଡ୍ ଦେଶବାସୀ—ସ୍ୱିଶ୍ स्विश 2. Inhabiting Switzerland

ସ୍ୱୀକ—ସଂ. ବଣ—(ସ୍ୱ+ଇକ) —ସ୍ୱଗୀୟ (ପ୍ରକୃତିବାଦ)—One's own. Swīka

ସ୍ୱୀକରଣ—ସ. ବଣ (ସ୍ୱ+ଅଭୂତ ଭଭାବେ ଇ+କରଣ)—୧ । ସ୍ୱୀକାର କରିବା—1. Promising. ୨ । [ସ୍ୱୀକରଣୀୟ, ସ୍ୱୀକର୍ତ୍ତବ୍ୟ, ସ୍ୱୀକୃତ—ବଣ] ସ୍ୱୀକାର କରିବା; ସମ୍ମତ ହେବ —2. Agreeing. ୩ । ପ୍ରତିଜ୍ଞା କରିବା—3. Vowing. ୪ । ପତ୍ନୀ ଗ୍ରହଣ କରିବା; ବିବାହ ହେବା (ଦ୍ର. ଣ)—4. Taking of a wife; marriage.

ସ୍ୱୀକର୍ତ୍ତବ୍ୟ—ସ. ବଣ (ସ୍ୱ+ଅଭୂତ ଭଭାବେ ଇ+କୃ ଧାତୁ+କର୍ମ. Swīkarttabya ତବ୍ୟ)—ସ୍ୱୀକାର୍ଯ୍ୟ (ଦେଖ) Swīkārjya (See)

ସ୍ୱୀକର୍ତ୍ତା—ସ.ବଣ.ପୁଂ (ସ୍ୱ+ଅଭୂତ ଭଭାବେ ଇ+କର୍ତ୍ତୃ. ତୃ ୧ମା.୧ବ) —ଯେ ସ୍ୱୀକାର କରେ; ସ୍ୱୀକାରକାରୀ— (ସ୍ୱୀକର୍ତ୍ତ୍ରୀ—ସ୍ତ୍ରୀ) Swīkarttā Agreenig; consenting.

ସ୍ୱୀକାର—ସ. ବ (ସ୍ୱ+ଅଭୂତ ଭଭାବେ ଇ+କୃ ଧାତୁ+ଘଞ୍. ଅ)—୧ । ଅଙ୍ଗୀକାର; ପ୍ରତିଶ୍ରୁତି—1. Swīkāra Promise; (ସ୍ୱୀକୃତ—ବଣ) agreement. ୨ । ପ୍ରତିଜ୍ଞା—2. Avowal. (ସମ୍ମତି—ଅସଦୃଶ) ୩ । ଗ୍ରହଣ—3. Acceptance of an offer; acquiescence. ୪ । ପ୍ରତିଗ୍ରହ—4. Acceptance of a gift. ୫ । ସମ୍ମତି; ସ୍ୱୀକୃତି ଦେବା—5. Consent; ratification. ୬ । ସ୍ୱୀକାରିବା —6. Admission; confession. ୭ । ଅଧୀନୀକରଣ—7. Bringing under control. ଦେ. ବ —୧ । ବିବାହ ପୂର୍ବରୁ ବରପକ୍ଷ ଓ କନ୍ୟାପକ୍ଷଙ୍କ ମଧ୍ୟରେ ଅନୁଷ୍ଠିତ ସମ୍ମତିଜ୍ଞାପକ କାର୍ଯ୍ୟ—1. Ceremony of formal betrothal or agreement before marriage. ୨ । ସିଦ୍ଧାନ୍ତ; କରଣ ସମ୍ବନ୍ଧରେ

Digitized by srujanika@gmail.com

ମହାପ୍ରସାଦ ଜଳଦ୍ଵାର ପରେ କନ୍ୟାଙ୍କ ପ୍ରତି ବର ପ୍ରଦତ୍ତ ପଠାଯିବା ବରଙ୍କ ବ୍ୟବହାର୍ଯ୍ୟ ପାତ୍ରଯଥା, ଦ୍ୱାର, ମୁଦି, ବାସନ ଆଦି—2. Formal present of cloth, ring etc for the bridgroom elect sent by the bride's party after formal betrothal or Mahaprasāda Nirbandha.

ସ୍ୱୀକାର କରିବା—ଦେ. କ୍ରି—୧ । ମାନ୍ୟିବା—1. To confess; Swīkāra karibā to admit. ୨ । ଅଙ୍ଗୀକାର କରିବା—ସ୍ୱୀକାର କରା स्वीकार करना 2. To promise.

ସ୍ୱୀକାର ସମ୍ମତ—ଦେ. ବ—ସିଦ୍ଧକାର ସନମତ (ଦେଖ) Swīkāra sammati Siukāra sanamati (See) (ସିଦ୍ଧକାର ସନମତ, ସୁଇକାର ସନମତ—ଗ୍ରାମ୍ୟ, ରୂପ)

ସ୍ୱୀକାର୍ଯ୍ୟ—ସ. ବିଣ (ସ୍ୱ+ଅତୀତ ତଦ୍ଭାବେ. ଈ+କୃ ଧାତୁ+କର୍ମ.ଯ)—Swīkārjya ସ୍ୱୀକୃତ ହେବାର ଯୋଗ୍ୟ—Fit to be admitted; admissible. ୨ (ଜ୍ୟାମିତି)—ଜ୍ୟାମିତିରେ ଯେଉଁ ପ୍ରତିପାଦ୍ୟମାନ ଅବଶ୍ୟ ସ୍ୱୀକାର କରିବାକୁ ହୁଏ—(geometry) Postulate.

ସ୍ୱୀକୃତ—ସ. ବିଣ (ସ୍ୱ+ଅତୀତ ତଦ୍ଭାବେ. ଈ+କୃତ)—୧ । ଯାହା Swīkṛuta ସ୍ୱୀକାର କରି ସାରିଅଛି—1. Agreed upon (ସ୍ୱୀକୃତ—ବି) (matter). ୨ । ଅଙ୍ଗୀକୃତ—2. Promised. ୩ । ସମ୍ମତ—3. Agreed; consented (person). ୪ । ଆୟତ୍ତୀକୃତ—4. Brought under control

ସ୍ୱୀୟ—ସ. ବ (ସ୍ୱ+ସମ୍ବନ୍ଧାର୍ଥେ. ଈୟ)—ସ୍ୱକୀୟ; ନିଜର; ଆତ୍ମୀୟ Swīya One's own.

(ସ୍ୱକୀୟ—ଅନ୍ୟରୂପ) (ସ୍ୱୀୟା—ସ୍ତ୍ରୀ)
(ସ୍ୱକୀୟା—ବ୍ୟବହୃତ)

ସ୍ୱୀୟା—ସ. ବ. ସ୍ତ୍ରୀ—୧ । ନାୟିକାଭେଦ; ସ୍ୱକୀୟା ନାୟିକା—Swīyā 1. A class of heroines in fictions. (ସ୍ୱୀୟା ନାୟିକା—ଅନ୍ୟରୂପ) [ଦ୍ର—ଏ ନାୟିକା ସବଦା ଅପଣା (ପରକୀୟା—ବିପକ୍ଷରେ) ସ୍ୱାମୀଙ୍କ ପ୍ରତି ଅନୁରକ୍ତା; ଏହାଙ୍କର ଚେଷ୍ଟା ସ୍ୱାମୀ ଶୁଶ୍ରୂଷା, ଶୀଳତଟା, ସରଳତା ଓ କ୍ଷମା । ଏ ନାୟିକା ତିନିଥା, ଯଥା - ମୁଗ୍ଧା=ଅଳ୍ପ ବୟସ୍କା ଯୌବନା; ମଧ୍ୟା=ସମାନ ଇଚ୍ଛା ମଦନା; ପ୍ରୌଢ଼ା ବା ପ୍ରଗଲ୍ଭା= ଅଭିମାନବଶତଃକେଳି କଳାପ କୋବିଦା । ନାୟିକାମାନଙ୍କୁ କାମଶାସ୍ତ୍ର ଓ କାବ୍ୟାଦରେ ୩ ଶ୍ରେଣୀରେ ବିଭକ୍ତ କରିଯାଇଅଛି ଯଥା—ସ୍ୱକୀୟା, ପରକୀୟା ଓ ସାମାନ୍ୟା । ଏ ପ୍ରତ୍ୟେକକୁ ପୁଣି ୩ଶ୍ରେଣୀରେ ବିଭକ୍ତ କରିଯାଇ ଅଛି,ଯଥା— ମୁଗ୍ଧା, ମଧ୍ୟା, ପ୍ରଗଲ୍ଭା । ଏହି ୩ ଶ୍ରେଣୀର ନାୟିକା ମଧ୍ୟ ଯଥାକ୍ରମେ ପ୍ରୋଷିତଭର୍ତ୍ତୃକା, ଖଣ୍ଡିତା, କଳହାନ୍ତରିତା, ବିପ୍ରଲବ୍ଧା, ଉତ୍କଣ୍ଠିତା, ବାସକସଜ୍ଜା, ସ୍ୱାଧୀନ ଭର୍ତ୍ତୃକା, ଅଭିସରିକା, ପ୍ରକାଶିତ ପତିକା, ଏହି ୯ ଶ୍ରେଣୀରେ ବିଭକ୍ତା । ପୁଣି ଏ ପ୍ରତ୍ୟେକେ ଜ୍ୟେଷ୍ଠା, ମଧ୍ୟମା ଓ ଅଧମା ଭେଦରେ ଯଥାକ୍ରମେ ୩ ଶ୍ରେଣୀରେ ବିଭକ୍ତା । ଅତଏବ ଦେଖିବାକୁ ଗଲେ ହିନ୍ଦୁ କାବ୍ୟକାରମାନେ ନାୟିକାମାନଙ୍କୁ ୩×୩×୯×୩ = ୨୪୩ ଶ୍ରେଣୀରେ ବିଭକ୍ତ କରି ଅଛନ୍ତି । ଏହାଙ୍କୁ ପୁଣି କାବ୍ୟ :ରସିକମାନେ, ଧୀର, ଅଧୀର, ଧୀରଧୀର, ଏହିପରି ୩ ବିଭାଗ କରି ଅଛନ୍ତି । (ଧୀର=ବ୍ୟଙ୍ଗକୋପ ପ୍ରକାଶା, ଅଧୀର=ଅବ୍ୟଙ୍ଗକୋପ ପ୍ରକାଶା, ଧୀରଧୀର=ବ୍ୟଙ୍ଗାବ୍ୟଙ୍ଗ କୋପ ପ୍ରକାଶା) । ଏମାନଙ୍କୁ ପୁଣି ଜ୍ୟେଷ୍ଠା ଓ କନିଷ୍ଠା ଭେଦରେ ଆଉ ୨ ଶ୍ରେଣୀରେ ଭାଗ କରି ଯାଇଅଛି । (ରସମଞ୍ଜରୀ) ।] ୬ । ପତିବ୍ରତା ସ୍ତ୍ରୀ—2. A devoted wife. ସଂ ବ. ସ୍ତ୍ରୀ—

ସ୍ୱୀୟର ସ୍ତ୍ରୀଲିଙ୍ଗ—Feminine of Swīya.

ସ୍ୱୁରଚ୍ଛ (ଧାତୁ)—ସଂ ବ—ବସ୍ତୁତ ଦେବା; ଭୁଲିଯିବା—To forget. Swūrchchh (root)

ସ୍ୱୃ (ଧାତୁ)—ସଂ ୧ । ଶବ୍ଦ କରିବା—1. To make a sound. Swṛu (root) ୨ । ପୀଡ଼ା ଦେବା; ଦଣ୍ଡଦେବା—2. To punish; to oppress.

ସ୍ୱୃ (ଧାତୁ)—ସଂ.—ହିଂସା କରିବା— Swṛū (root) To trouble; to kill.

ସ୍ୱେକ (ଧାତୁ)—ସଂ.—ଚେଷ୍ଟା କରିବା— Sweka (root) To move.

ସ୍ୱେଚ୍ଛା—ସଂ. ବ—(ତୃତୀ ତତ୍; ସ୍ୱ+ଇଚ୍ଛା)—୧ । ନିଜର ଇଚ୍ଛା— Swechchhā 1. One's wish; volition. ୨ । ସ୍ୱତନ୍ତ୍ରତା —2 Free will. ୩ । ସ୍ୱତନ୍ତ୍ର; ସ୍ୱାଧୀନତା— 3. Independence; freedom.

ସ୍ୱେଚ୍ଛାକ୍ରମେ—ଦେ. କ୍ରି ବିଣ—ନିଜର ଇଚ୍ଛାନୁସାରେ—Out of Swechchhā krame one's own accord voluntarily. स्वेच्छाक्रमे स्वेच्छासे

ସ୍ୱେଚ୍ଛାଚରଣ—ସଂ. ବ.—୧ । ସ୍ୱୈରଗତି; ସଚ୍ଛେଚ୍ଛାଚରଣ; ନିଜର ଇଚ୍ଛାନୁସାରେ ଆଚରଣ—1. Swechchhācharaṇa (ସ୍ୱେଚ୍ଛାଚରଣ—ଅନ୍ୟରୂପ) Acting according to one's free will. ୨ । ସ୍ୱୈରିତା—2. Arbitrariness.

ସ୍ୱେଚ୍ଛାଚାରୀ—ସଂ. ବିଣ ପୁଂ—(ସ୍ୱେଚ୍ଛାଚାର+ଇନ୍;ସ୍ୱେଚ୍ଛାଚାରିନ୍ ଶବ୍ଦ ୧ମା. ୧ବ)—୧ । ନିଜର ଇଚ୍ଛାନୁସାରେ Swechchhāchārī (ସ୍ୱେଚ୍ଛାଚାରିଣୀ—ସ୍ତ୍ରୀ) କାର୍ଯ୍ୟକାରୀ—Acting according to (ସ୍ୱେଚ୍ଛାଚାରିତା—ବ) one's free will. ୨ । ସ୍ୱେଚ୍ଛାଚାରୀ— 2. Arbitrary. ୩ । ଅବାଧ୍ୟ—3. Uncontrollable disobedient.

ସ୍ୱେଚ୍ଛାନୁବର୍ତ୍ତୀ—ସଂ. ବିଣ.—(ସ୍ୱେଚ୍ଛା ଅନୁବର୍ତ୍ତିନ୍=ସ୍ୱେଚ୍ଛାନୁବର୍ତ୍ତିନ Swechchhānubartti ଶବ୍ଦ ୧ମା. ୧ବ)—ସ୍ୱେଚ୍ଛାଚାରୀ (ସ୍ୱେଚ୍ଛାନୁବର୍ତ୍ତିତା—ବ) (ଦେଖ)—Swechchhācharī (See)

ସ୍ୱେଚ୍ଛା ପ୍ରଣୋଦିତ—ସଂ. ବିଣ.ପୁଂ—(ଷଷ୍ଠୀ ତତ୍)—ନିଜର ଇଚ୍ଛାଦ୍ୱାରା ପ୍ରଣୋଦିତ ବା ଚାଳିତ—Prompted by one's own will (ସ୍ୱେଚ୍ଛାପ୍ରଣୋଦିତା—ସ୍ତ୍ରୀ)

Digitized by srujanika@gmail.com

ସ୍ୱେଚ୍ଛାବିହାରୀ—ଦ୍ୱି· ବ୍ରୀ,ପୁଂ (ସ୍ୱେଚ୍ଛାବିହାରିନ ଶବ୍ଦ; ସ୍ୱେଚ୍ଛା+ବିହାରିନ୍) Swechchhā bihārī (ସ୍ୱେଚ୍ଛାବିହାରିଣୀ—ସ୍ତ୍ରୀ) (ସ୍ୱେଚ୍ଛାବିହାର—ବ) —ଯଦୃଚ୍ଛା ବିହାରୀ;ଯେ ସ୍ୱେଚ୍ଛାକ୍ରମେ ବିହାର କରେ—Moving freely according to one's free will.

ସ୍ୱେଚ୍ଛାମରଣ—ସଂ· ବ—ନିଜର ଇଚ୍ଛାରେ ମରିବା—Dying according to one's wish; self-controlled death. ବ—ଭୀଷ୍ମଦେବ Swechchhā maraṇa (ସ୍ୱେଚ୍ଛାମୃତ୍ୟୁ—ଅନ୍ୟରୂପ) A name of Bhīshma.

ସ୍ୱେଚ୍ଛାସେବକ—ଦେ· ବ ସଂ—ନିଜ ଇଚ୍ଛାନୁସାରେ କୌଣସି କାର୍ଯ୍ୟ Swechchhā sebaka କରିବାକୁ ବଜଖରଚର ବ୍ୟକ୍ତି; ସ୍ୱୟଂସେବକ; ସ୍ୱେଚ୍ଛାସେବକ ଭଲେଣ୍ଟିଅର୍—Volunteer. [ଦ୍ର—କୌଣସି ସ୍ୱେଚ୍ଛାସେବକ ଗୁରୁତର ଅସୁବିଧାସାଧ୍ୟ କର୍ମ ଓ ନିଜେ ସେବା ଆଦି କାର୍ଯ୍ୟ (ସ୍ୱେଚ୍ଛାସେବିକା—ସ୍ତ୍ରୀ) କରିବାକୁ ଯେଉଁମାନେ ନିଜର ଇଚ୍ଛା ଅନୁସାରେ ସ୍ୱୀକୃତ ହୋଇ କାର୍ଯ୍ୟ କରନ୍ତି ସେମାନଙ୍କୁ ସ୍ୱେଚ୍ଛାସେବକ ବା ଭଲେଣ୍ଟିଅର କୁହାଯାଏ ।]

ସ୍ୱେଦ—ସଂ. ବ (ସ୍ୱିଦ୍ ଧାତୁ+ଘଞ୍ ଅ; ହ୍ରସ୍ୱ, ଇଂ· ସ୍ୱେଟ୍)—୧। ଘର୍ମ; ଝାଳ—1. Sweat; perspiration. ୨। ବାଷ୍ପ; ବାଷ୍ପ—2. Vapour; steam ୩। ଉଷ୍ମ; ତାପ—3. Heat. ୪। ସ୍ୱେଦନ; ବାଷ୍ପ ଆଣି ଦେବା—4. Vapour bath. ୫। (+କରିଣ- ଅ)—ଝାଳ ବୁହାଇବା ଔଷଦ (ହି. ଶ)—5. Any medicine which brings about perspiration. ୬। ଜଳୀୟ କଣ—6. Moisture. ୭। (ବୈଦ୍ୟକ) ସେକ ବା—7. Fomentation. [ଦ୍ର—ଏହା ୪ ପ୍ରକାର—ତାପସ୍ୱେଦ, ଉପନାହ ସ୍ୱେଦ, ଦ୍ରବ୍ୟ ସ୍ୱେଦ ଓ ବାଷ୍ପସ୍ୱେଦ ।

(କ) ବାଲି, କନାପୁଡ଼ା, ଦାଢ, ଧାତୁପାତ୍ର ଓ ଖଇର କାଠର ଅଙ୍ଗାର ଦ୍ୱାରା ସନ୍ତପ୍ତ ଦେହକୁ ସେକିବାର ନାମ ତାପସ୍ୱେଦ ।

(ଖ) ଅମ୍ଳ, ଲବଣ ଓ ଘୃତ, ତୈଳାଦିଯୁକ୍ତ ବାଉଳାଣିକ ଉଷ୍ଣ ପ୍ରଲେପର ନାମ ଉପନାହ ସ୍ୱେଦ ।

(ଗ) ଗରମପାଣି ଏବଂ ବାଉଳାଣିକ ଉଷ୍ଣକ୍ୱାଥଦ୍ୱାରା ସ୍ନାନ କରାଇବାର ନାମ ଦ୍ରବ୍ୟ ସ୍ୱେଦ ।

(ଘ) ପଥର ଓ ଇଟା ପ୍ରଭୃତିକୁ ଅତିବତ୍ ଉତ୍ତପ୍ତ କରି ଭଣ୍ଡାରେ ଚୁଆଦ ଦ୍ରବ୍ୟ ସେଚନ କଲେ ଯେଉଁ ବାଷ୍ପ ଉଦ୍‌ଗତ ହୁଏ ତାହାର ନାମ ବାଷ୍ପସ୍ୱେଦ । (ଦ୍ରବ୍ୟଗୁଣ କଳ୍ପଦ୍ରୁମ]

୮ । ଉତ୍ତେଜିତ ପ୍ରେମିକ ପ୍ରେମିକାଙ୍କର ଅଷ୍ଟଦଶା ମଧ୍ୟରୁ ଏକଦଶା—8. One of the 8 stages found in unsatiated lovers. [ଦ୍ର—ଉଜ୍ଜ ନୋଟିକ୍ ଚ୍ଲାଣ୍ଡ ସ୍ୱନସ୍ତ ୧୮ଶ ଶ୍ଲୋକ ୬୭ ପଦରେ ଏ ବିଷୟ ବର୍ଣ୍ଣିତ ହୋଇଅଛି] ସଂ ବଣ—ଘର୍ମୋତ୍ପାଦକ (ହି· ଶ)—Causing perspiration.

ସ୍ୱେଦକ—ସଂ. ବ (ସ୍ୱିଦ୍ ଧାତୁ+କରୁ ଅକ)—କାନ୍ତଲୌହ (ହି ଶ)—Swedaka A kind of iron. ସଂ· ବଣ—ଘର୍ମ ତ୍ପାଦକ (ହି· ଶ)—Causing perspiration.

ସ୍ୱେଦ ଗଞ୍ଜନ—ଦେ. ବ—ଝାଳ ମାରିବା—Drying up perspiration. Sweda gañjan [ଦ୍ର—ବିଷ୍ଣୁପୁରାଣେ ଗଞ୍ଜନେ-ଖଣ୍ଡୀବ ସ୍ୱେଦଗଞ୍ଜନେ—ଭଟ୍ଟ. ପ୍ରେମସୁଧାକାବ୍ୟ]

ସ୍ୱେଦ ଚୂଷକ—ସଂ ବ (ସ୍ୱେଦ+ଚୁଷ୍ ଧାତୁ=ଶୋଷିବା+କର୍ତ୍ତୃ ଅକ)—Sweda chūshaka ଯାହା ଝାଳକୁ ଶୁଖାଇ ଦଏ) —ଶୀତଳବାୟୁ (ଶବ୍ଦକଳ୍ପଦ୍ରୁମ)—Cool wind.

ସ୍ୱେଦଜ—ସଂ. ବଣ· (ସ୍ୱେଦ+ଜନ୍ ଧାତୁ+କର୍ତ୍ତୃ ଅ) —ଘର୍ମରୁ Swedaja ଜାତ—Born of sweat or moisture. [ଦ୍ର—ପ୍ରାଣୀମାନେ ୪ ଶ୍ରେଣୀରେ ବିଭକ୍ତ ଯଥା—ଜରାୟୁଜ (ମତ୍ତାନ୍ତରରେ ଜୀବଜଜ), ଉଦ୍ଭିଜ୍ଜ, ଅଣ୍ଡଜ (ମତ୍ତାନ୍ତରରେ ଜଳଜ) ଓ ସ୍ୱେଦଜ ।] ସଂ·ବ.—କୃମି, ମଶା, ମାଛି ଆଦି—Insects (which were supposed to be born out of sweat or moisture); a class of animals.

ସ୍ୱେଦ ଜଳ (ବାରି) ସଂ. ବ—ଦେହରୁ ବୋହିବା ଝାଳ—Sweat or Sweda jala(bāri) perspiration flowing from the body.

ସ୍ୱେଦଜ ଶାକ—ସଂ. ବ—ଛତୁଖାଇ; ଛତୁ—Mushroom; fungus. Swedaja śāka [ଦ —ତ୍ରିଦୋଷକ ମତରେ ଏହା ଶୀତଳ, ଦୋଷତ୍ରୟନାଶକ, ପିତ୍ତିଲ ଓ ବମନ, ଅତିସାର ଓ ଜ୍ୱର ଆଦିର ଉତ୍ପାଦକ (ହି. ଶ) ।]

ସ୍ୱେଦନ—ସଂ. ବ (ସ୍ୱିଦ୍ ଧାତୁ ଣିଚ୍=ସ୍ୱେଦ ଧାତୁ+ଭାବ ଅନ)—Swedana ୧ । ଦେହରେ ତାପ ପ୍ରୟୋଗ ଦ୍ୱାରକ ଝାଳ ବୁହାଇବା; ସେକିବା—1. Causing the body to perspire by application of heat; fomentation. [ଦ୍ର—ବୈଦ୍ୟଶାସ୍ତ୍ର ଅନୁସାରେ ସ୍ୱେଦନ ୪ ପ୍ରକାର—ତାପସ୍ୱେଦନ—ଦେହକୁ ନିଆଁରେ ସେକିବା—Basking in or warming with fire.

ଉଷ୍ମସ୍ୱେଦନ—ଦେହରେ ବାଷ୍ପ ଲଗାଇ ସେକିବା; ବାଷ୍ପ ଆଣି ଦେବା—Vapour bath.

ଉପନାହ ସ୍ୱେଦନ—ଲୁଣ, ବାଲି,ଘଡ଼ ତେଲ,ମୂଳ ଆଦିକୁ ଚେରି, ପୁଡ଼ା କରି ଉକ୍ତ ପୁଡ଼ାକୁ ନିଆଁରେ ତତାଇ ତାହାକୁ ପୁଡ଼ାକୁ ଦେହରେ ମାଡ଼ିବା—Dry fomentation.

ଦ୍ରବ୍ୟ ସ୍ୱେଦନ—କୁଣ୍ଡ ମଧ୍ୟରେ ଗରମ ପାଣି ବା ଗରମ ଦୁଧ ବା ଗରମ କ୍ୱାଥ ଭଳି ତରଳରେ ନାକ ପର୍ଯ୍ୟନ୍ତ ବୁଡ଼ାଇ ଦେହକୁ ଗରମ କରିବା—Hot bath.

ଏହି ପ୍ରକ୍ରିୟା ଦ୍ୱାରା ନାନାବିଧ ଅସାଧ୍ୟରୋଗ ବଳ ହୁଏ ଓ ଦେହସ୍ଥଗତ ଦୂଷିତ ଓ ବଳାଳୁ ପଦାର୍ଥ ସ୍ୱେଦରୂପେ ଲୋମକୂପ ବାଟେ ବାହାର ଆସେ ।]

Digitized by srujanika@gmail.com

୨ । ସ୍ୱେଦୋତ୍ପତ୍ତି; ଝାଳ ବୋହିବା—2. Perspiration. ୩ । ବାଷ୍ପ ଥଣ୍ଡି ଦେବା—3. Vapour bath. ୪ । ଅଥାର ବାଷ୍ପ ଦିଆଇବା—4. Boiling things in vapour. ୫ । ଔଷଧକୁ ଶୋଧନ କରିବା ପାଇଁ ବୈଦ୍ୟମାନଙ୍କ ବ୍ୟବହୃତ ଯନ୍ତ୍ର ବିଶେଷ (ହୁ. ଶ) ଓ ଉକ୍ତ ପ୍ରକ୍ରିୟା—5. Name of a contrivance for rectifying medicines. [ଦ୍ର—ଗୋଟିଏ ହାଣ୍ଡିରେ ଜଳ, ଖାରଜଳ ବା ସ୍ୱଳ୍ପ ଅଳ୍ପ ଦୁଗ୍ଧର ହାଣ୍ଡିର ମୁହଁରେ ଢଙ୍କା ବାନ୍ଧି ଢଙ୍କା ଉପରେ ଔଷଧ-ଦ୍ରବ୍ୟକୁ ରଖି ତା ଉପରେ ଗୋଟିଏ ଚଲ୍ଲା ଘୋଡ଼ାଇ ହାଣ୍ଡିକୁ ଜଳକ୍ରା ଚୁହ୍ଲୀରେ ବସାଇବାକୁ ହୁଏ । ହାଣ୍ଡିରେ ଥିବା ଜଳୀୟ ପଦାର୍ଥ ଫୁଟିଲେ ତହିଁରୁ ବାହାରିବା ବାଷ୍ପ ଉକ୍ତ ଢଙ୍କାର ଉଦ୍ଭିଦମାନଙ୍କ ବାଟେ ଅସି ଉକ୍ତ ଔଷଧ ଦ୍ରବ୍ୟରେ ଲାଗେ । ଉକ୍ତ ଯନ୍ତ୍ରକୁ ଓ ଉକ୍ତ ପ୍ରକାର ଦ୍ରବ୍ୟଶୋଧନ ପ୍ରଣାଳୀକୁ ସ୍ୱେଦନ ବୋଲଯାଏ—ହୁ. ଶ]

ସ୍ୱେଦନ ଯନ୍ତ୍ର—ସଂ. ବ—ବୈଦ୍ୟଶାସ୍ତ୍ରୋକ୍ତ ଦୋଳା ଯନ୍ତ୍ର; ଔଷଧର Swedana jantra ପୁଡାକୁ ହାଣ୍ଡିରେ ରଖାଁ ଉପରେ ବସିଥିବା କାଞ୍ଜି ପାଣି ମଧ୍ୟରେ ଝୁଲାଇ ରଖି ଔଷଧକୁ ସିଝାଇବା ଯନ୍ତ୍ର—A contrivance for heating some herbs by suspending them into 'Kāñji' boiling in a pot over fire.

ସ୍ୱେଦ ନାଶ—ସଂ. ବ (ବହୁବ୍ରୀ)—ବାୟୁ; ପବନ (ହୁ. ଶ)—Sweda nāśa Air; wind.

ସ୍ୱେଦନିକା—ସଂ. ବ (ସ୍ୱେଦନା+ସ୍ୱାର୍ଥେ କ+ଆ)—୧ । କଡ଼େଇ; Swedanikā ଭର୍ଜନ ପାତ୍ର; ଭଜିବାର ପାତ୍ର; ଭଜା କରେଇ; ଭାଜିଆ (ହେମଚନ୍ଦ୍ର)—1. Frying pan. ୨ । ଭର୍ଜନ ଶାଳା—2. A room where things are roasted or fried. ୩ । ଅର୍କୀ ପଦ ତାହାର କଶ୍ଚିକା ପାତ୍ର (ହୁ. ଶ)—3. Wine-distilling pot.

ସ୍ୱେଦ ନିର୍ଗମ—ସଂ. ବ (ଷଷ୍ଠୀ ତତ୍ପୁ)—ଦେହରୁ ଝାଳ ବୋହିବା—Sweda nirgama Perspiration.

ସ୍ୱେଦନୀ—ସଂ. ବ (ସ୍ୱିଦ୍ ଧାତୁ+କରଣ. ଅନ+ସ୍ତ୍ରୀ. ଙ୍କ)—Swedanī ସ୍ୱେଦନିକା; ଭଜିବାର ପାତ୍ର; କଡ଼େଇ; ଭାଜିଆ—Frying pan.

ସ୍ୱେଦନୀୟ—ସଂ. ବଣ (ସ୍ୱିଦ୍ ଧାତୁ+କର୍ମ. ଅନୀୟ)—ସ୍ୱେଦ୍ୟ (ଦେଖ) Swedanīya Swedya (See)

ସ୍ୱେଦ ବିନ୍ଦୁ(ବିପ୍ରୁଟ୍)—ସଂ.ବ (ଷଷ୍ଠୀ ତତ୍ପୁ)—ଘର୍ମବିନ୍ଦୁ; ଝାଳର ଟୋପା Sweda bindu(biprut) —Drops of perspiration.

ସ୍ୱେଦ ମଲୋଜ୍ଜିତ ଦେହ—ସଂ. ବ—୧ । ଯେଉଁ ଦେହ ସ୍ୱେଦଯୁକ୍ତ ଓ Sweda malojjhita deha ମଳଯୁକ୍ତ ହୋଇଥାଏ—1. A body which has been abandoned owing to its having been spoiled with sweat and filth. ୨ । ସଜ୍ଜଭଲ୍ଲାତ୍ୟ ଜନୋତ୍ତମ (ହେମଚନ୍ଦ୍ର)—2. Name of the best of the Jaina saints. ବଣ. ପୁଂ—ଯେଉଁ ବ୍ୟକ୍ତିର ଶରୀର (ସ୍ୱେଦ ମଳୋଜ୍ଜିତ ଦେହା—ସ୍ତ୍ରୀ ବଣ) ସ୍ୱେଦ ଓ ମଳ ବହୁଗର୍ତ୍ତ ହୋଇଥାଏ—(a person) Whose body is emitting sweat and filth.

ସ୍ୱେଦ ସ୍ରାବ—ସଂ. ବ (ଷଷ୍ଠୀ ତତ୍ପୁ)—ଦେହରୁ ପ୍ରଚୁର ଘର୍ମ ନିର୍ଗମନ— Sweda srāba Copious perspiration.

ସ୍ୱେଦାୟନ—ସଂ. ବ (ଷଷ୍ଠୀ ତତ୍ପୁ; ସ୍ୱେଦର ଅୟନ ବା ମାର୍ଗ, ଯେଉଁ Swedāyana ବାଟେ ଦେହରୁ ସ୍ୱେଦ ବାହାରେ)—ଲୋମକୂପ (ହୁ. ଶ)—The pores of the skin.

ସ୍ୱେଦିତ—ସଂ. ବ (ସ୍ୱେଦ+ସଂଜାତ ଅର୍ଥରେ ଇତ)—୧ । ସ୍ୱେଦନ କରାଯାଇଥିବା; ସେକା ଯାଇଥିବା— Swedita 1. Fomented. ୨ । ସ୍ୱେଦଯୁକ୍ତ—2. Perspiring; sweating. ୩ । ତାପିତ—3. Heated.

ସ୍ୱେଦୀ—ସଂ, ବଣ. ପୁଂ (ସ୍ୱିଦ୍ ଧାତୁ+କର୍ତ୍ତୃ. ଇନ୍; ସ୍ୱେଦନ୍, ୧ମା. Swedī ୧ବ)—ଘର୍ମକାରକ (ହୁ. ଶ)—Causing perspiration. (ସ୍ୱେଦନା—ସ୍ତ୍ରୀ)

ସ୍ୱେଦୋଦ୍ଗମ—ସଂ. ବ (ଷଷ୍ଠୀ ତତ୍ପୁ)—ଦେହରୁ ଝାଳ ବୋହିବା— Swedodgama Perspiration.

ସ୍ୱେଦ୍ୟ—ସଂ. ବ—(ସ୍ୱିଦ୍ ଧାତୁ+କର୍ମ ଯ)—୧ । ସ୍ୱେଦଯୋଗ୍ୟ; ଯାହାକୁ Swedya ସ୍ୱେଦନ କରିବା ଉଚିତ—1. Fit to be fomented. ୨ । ଯାହାକୁ ଉତ୍ତପ୍ତ କରିବା ଉଚିତ—2. Fit to be warmed or heated. ୩ । ସ୍ୱେଦଜନକ— 3. Causing perspiration.

ସ୍ୱୈର—ସଂ. ବ (ସ୍ୱ+ଈର ଧାତୁ=ଗମନ କରିବା+ଭାବ ଅ)—୧ । Swaira ସ୍ୱେଚ୍ଛାଗତି—1. Freedom of action or movement. ୨ । ସ୍ୱାଧୀନତା—2 Liberty. ୩ । ସ୍ୱାଚ୍ଛନ୍ୟ— 3. Comfort. ବଣ. ପୁଂ—(+କର୍ତ୍ତୃ. ଅ)—୧ । ସ୍ୱତନ୍ତ୍ର— 1. Independent ୨ । ସ୍ୱବଶ—2. Free. ୩ । ସ୍ୱେଚ୍ଛାଚାରୀ (ବ୍ୟକ୍ତି)—3. Arbitrary (man). ୪ । ଧୀମା; ମାଡା (ହୁ.ଶ)—4. Slow. ୫ । ସଥେଚ୍ଛା (କର୍ମ)— (ସ୍ୱୈରୀ—ସ୍ତ୍ରୀ ବଣ) (ହୁ. ଶ)—5. Arbitrary (action).

ସ୍ୱୈର ଗତି—ସଂ.ବ (କର୍ମଧା) —ସ୍ୱତନ୍ତ୍ର ଗତି—Free movement. Swaira gati ବଣ. (ପୁଂ ଓ ସ୍ତ୍ରୀ) (ବହୁବ୍ରୀ)—ସ୍ୱେଚ୍ଛାବିହାରୀ— Moving freely.

ସ୍ୱୈରଚାରିଣୀ—ସଂ. ବ. ସ୍ତ୍ରୀ ବ୍ୟଭିଚାରିଣୀ ସ୍ତ୍ରୀ—Adulteress. Swairachāriṇī ସଂ. ବଣ. ସ୍ତ୍ରୀ—୧ । ବ୍ୟଭିଚାରିଣୀ (ସ୍ତ୍ରୀ)— 1. Adulterous (female). ୨ । ସ୍ୱୈରଚାରୀର ସ୍ତ୍ରୀ-ଲିଙ୍ଗ—2. Feminine of swairachāri.

ସ୍ୱୈରଚାରୀ—ସଂ. ବଣ ପୁଂ (ସ୍ୱୈରଚରଣ ଶବ୍ଦ, ସ୍ୱୈର=ସ୍ୱେଚ୍ଛାଚରଣ+ Swairachārī ଚର ଧାତୁ+କର୍ତ୍ତୃ. ଇନ୍; ୧ମା. ୧ବ)— (ସ୍ୱୈର ଚାରିଣୀ—ସ୍ତ୍ରୀ) ୧ । ସ୍ୱେଚ୍ଛାଚାରୀ; ସଥେଚ୍ଛାଚାରୀ— 1. Arbitrary, ୨ । ବ୍ୟଭିଚାରୀ—2. Adul-

Digitized by srujanika@gmail.com

(ସ୍ୱୈରଗ୍ରହତା—ବ) terous. ବ. ପୁଂ—ବ୍ୟଭିଚାରୀ ପୁରୁଷ—Adulteror.

ସ୍ୱୈର (ର) ତା—ଫ. ବ (ସ୍ୱୈର+ତା, ସ୍ୱୈରେ+ତା)—୧। ସ୍ୱେଚ୍ଛାଗ୍ରହତା—1. Arbitrariness. ୨। ଅବାଧ୍ୟତା—2. Disobedience; insubordination. ୩। ବ୍ୟଭିଚାରିତା—3. Adultery.

ସ୍ୱୈର(ର)ନ୍ଧ୍ରି—ଫ.ବ ସ୍ତ୍ରୀ(ସ୍ୱୈର=ସ୍ୱେଚ୍ଛାଗ୍ରହ+ଧୃ. ଧାତୁ+କର୍ତ୍ତୃ. ଅ+ଈ, ଭାବାଚ୍ଚନ)—ଘରଗୃହସ୍ଥୀ ସ୍ୱତନ୍ତ୍ର ଶିଳ୍ପକାରିଣୀ ନାସ୍ତ, ସେହଁ ଗୃହସ୍ଥୀ ସ୍ୱଳ୍ପ ଅଥଚ ସ୍ତ୍ରୀମାନଙ୍କର [ସ୍ୱୈର (ର) ନ୍ଧ୍ରୀ—ଅନ୍ୟରୂପ] ପ୍ରସାଧନ, ଗନ୍ଧାନୁଲେପନାଦି ଶିଳ୍ପକର୍ମ କରେ; ଅଥଚ ତା ନଜର ଇଚ୍ଛାନୁସାରେ ଗୃହସ୍ଥ ଭରେ ବା ଛଡ଼ି ଦେଇପାରେ—A maid servant who is free in her movements and who is engaged in attending to the toilette of the females of the harem of Rajas. [ଦ୍ର—ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ଦ୍ରୌପଦୀ ନିଜ ନାମରେ ବରଟରଜରବନରେ ଆପଣାକୁ ପରିଚୟ କରାଇ ଥଥ୍ୟ ନେଇଥିଲେ।]

ସ୍ୱୈର ପେଶୀ—ଦେ. ବ—(ଅଧୁନିକ ଚିକିତ୍ସାବିଜ୍ଞାନ ପରିଭାଷା)—Swaira pesī ହୃଦପୁର ଓ ପାକସଥଳୀର ପେଶୀ—The muscles of the heart and the abdomen; involuntary muscles of the body. ସ୍ୱୈରପେଶୀ

ସ୍ୱୈରବର୍ତ୍ତୀ—ଫ. ବଣ. ପୁଂ (ସ୍ୱୈର+ବୃତ ଧାତୁ+କର୍ତ୍ତୃ ଇନ ୧ମା, ୧ବ)—ସ୍ୱେଚ୍ଛାଗ୍ରସ୍ତ (ହୁ ଟ)—Swairabartti Arbitrary. (ସ୍ୱୈରବର୍ତ୍ତିନୀ—ସ୍ତ୍ରୀ)

ସ୍ୱୈର୍ ବୃତ୍ତି—ଫ. ବ—ସ୍ୱାଧୀନ ବୃତ୍ତି; ସ୍ୱେଚ୍ଛାଗ୍ରର—Acting freely; free in movement. Swairabṛutti (ସ୍ୱୈରବୃତ୍ତ. (ପୁଂ)—ସ୍ୱୈରବୃତ୍ତା (ସ୍ତ୍ରୀ)—ବଣ)

ସ୍ୱୈରାଚାର—ଫ. ବ—ଯଥେଚ୍ଛାଚାର—Arbitrary action. Swairāchāra (ସ୍ୱୈରାଚାରିଣୀ (ସ୍ତ୍ରୀ)—ସ୍ୱୈରାଚାରୀ(ପୁଂ)—ବଣ)

ସ୍ୱୈରିଣୀ—ଫ. ବ. ସ୍ତ୍ରୀ—୧। ବ୍ୟଭିଚାରିଣୀ ସ୍ତ୍ରୀ; କୁଲଟା—1. Adulteress. Swairiṇī ୨। ଯେଉଁ ସ୍ତ୍ରୀ ଜାମଣ୍ଡବଳ ଦୋଇ ସ୍ୱେଚ୍ଛାକ୍ରମେ ସବର୍ତ୍ତ ପୁରୁଷକୁ ଥଞ୍ଚସ୍ଥ କରେ—2. A woman who entertains a gallant of her caste out her free will. ଫ. ବଣ ସ୍ତ୍ରୀ—ସ୍ୱୈରର ସ୍ତ୍ରୀ ଲିଙ୍ଗ—Feminine of Swairī.

ସ୍ୱୈରିତା—ଫ. ବ (ସ୍ୱେନେ+ତା)—ସ୍ୱୈରତା (ଦେଖ)—Swairitā Swairata (See)

ସ୍ୱୈରିନ୍ଧ୍ରୀ—ଫ.ବ. ସ୍ତ୍ରୀ (ସ୍ୱୈର+ଧୃ. ଧାତୁ+କର୍ତ୍ତୃ.ଅ+ଈ, ଭାବାଚ୍ଚନ)—Swairindhri ସ୍ୱୈରନ୍ଧ୍ରୀ (ଦେଖ)—Swairandhri (See)—

ସ୍ୱୈରୀ—ବ°. ବଣ. ପୁଂ (ସ୍ୱୈର+ଇନ୍; ୧ମା. ୧ବ)—ସ୍ୱୈରଗ୍ରସ୍ତ Swairī (ଦେଖ)—Swaira chārī (See). ବ—(ସ୍ୱୈରତା—ବ) ବ୍ୟଭିଚାରୀ ବ୍ୟକ୍ତି—Adulteror.

ସ୍ୱୋପାୟ—ବ°. ବ—(ଷଷ୍ଠୀ ତତ୍)—ନିଜର ଉପାୟ—One's own plan. Swopāya

ସ୍ୱୋପାର୍ଜ୍ଜନ—ଫ. ବ (ଷଷ୍ଠୀ ତତ୍)—ନିଜର ଅର୍ଜ୍ଜନ; ନିଜର ସ୍ୱୋଜଗାର—Self-acquisition. Swopārjjana

ସ୍ୱୋପାର୍ଜ୍ଜିତ—ବ°. ବଣ—(ଅସ୍ୟା ତତ୍)—ନିଜଦ୍ୱାରା ଅର୍ଜ୍ଜିତ—Self-acquired. Swopārjjita

ସ୍ୱୋପାର୍ଜ୍ଜିତ ସମ୍ପତ୍ତି—ବ°. ବ—ନିଜଦ୍ୱାରା ଅର୍ଜ୍ଜିତ ସମ୍ପତ୍ତି—Property which is acquired by one's self; self-acquired property. Swopārjjita sampatti

[ଦ୍ର—ପୁତ୍ର ଅନୁପାରେ ମନୁଷ୍ୟ ସ୍ୱୋପାର୍ଜ୍ଜିତ ଧନକୁ ନିଜର ଇଚ୍ଛାକ୍ରମେ ବ୍ୟୟ ବା ଦାନ କରିପାରେ, କିନ୍ତୁ ପୈତୃକ ସମ୍ପତ୍ତିରେ ମନୁଷ୍ୟର ଅଧିକାର ସୀମାବଦ୍ଧ। ସ୍ୱୋପାର୍ଜ୍ଜିତ ସମ୍ପତ୍ତିର ଦୌଣସି ପୁତ୍ରକୁ ବା ସମସ୍ତ ପୁତ୍ରଙ୍କୁ ବଞ୍ଚିତ କରିପାରେ, କିନ୍ତୁ ପୈତୃକ ସମ୍ପତ୍ତି ସମ୍ବନ୍ଧରେ ମନୁଷ୍ୟ ଏହା କରି ନ ପାରେ।

ଉତ୍ତରାଧିକାର ପ୍ରସଙ୍ଗରେ ମଧ୍ୟରୁ ଜଣେ ବ୍ୟକ୍ତି ସମ୍ପତ୍ତି ଅର୍জ୍ଜନ କରିଥିଲେ ବଣ୍ଟନ୍‌ବେଳେ ସ୍ୱୋପାର୍ଜ୍ଜିତ ସମ୍ପତ୍ତିରୁ ଅନ୍ୟ ଅଂଶିଦାରମାନେ ଭାଗ ପାଇବେ, କିନ୍ତୁ ଅର୍জ୍ଜକର ଭାଗ ଅନ୍ୟ ମାନଙ୍କ ଭାଗ ଅପେକ୍ଷା ଦୁଇଗୁଣ ହେବ। ସ୍ୱୋପାର୍ଜ୍ଜିତ ସମ୍ପତ୍ତି ୨ ଶ୍ରେଣୀରେ ବିଭକ୍ତ—୧। ପୈତୃକ ସମ୍ପତ୍ତିର ସାହାଯ୍ୟରେ ଅର୍জ୍ଜିତ ସମ୍ପତ୍ତି ଓ—୨। ପୈତୃକ ସମ୍ପତ୍ତିର ବିନା ସାହାଯ୍ୟରେ ଅର୍জ୍ଜିତ ସମ୍ପତ୍ତି।]

ସ୍ୱୋବଶ୍ୱୀୟ—ଫ· ବ (ଶବ୍ଦ=ଶ୍ରେୟ+ଈୟ; ଭାବାଚ୍ଚନ)—କଲ୍ୟାଣ; ଶୁଭ (ମୃଗ ଅବୋଧ)—Well being; weal. Swobaśwīya

ସ୍ୱୋରସ—ଫ· ବ—ସ୍ୱରସ; ଶିଳା ପିଷ୍ଟ; କଲ୍କ (ଅଦଚରୁତା)—Sworasa Juice pressed from bruised leaves and twigs.

ସ୍ମକ୍—ବୈଦେ· ବ—(ଇଂ)—ଏକ ପ୍ରକାର କଡ଼ା ପୋଷାକ—Smak स्मक Smock.

ସ୍ମୟ—ସଂ. ବ—୧। ଗର୍ବ (ଅହଙ୍କାର)—1. Pride; arrogance. Smaya ୨। ବିସ୍ମୟ; ଆଶ୍ଚର୍ଯ୍ୟ (ଅହଙ୍କାର)—2. Wonder; astonishment. (ସ୍ମିତ—ବଣ) ବଣ—ଅଦ୍ଭୁତ (ଅହଙ୍କାର)—Wonderful: astonishing.

ସ୍ମର—ଫ. ବ—(ସ୍ମୃ ଧାତୁ=ମନେ କରିବା+କର୍ମ୍ମ ଅ)—୧। Smara ଭାରତବର; ମଦନ; ଅନଙ୍ଗ—1. Cupid. ୨। (+ଭବ୍ଭି. ଅ) ବେଦବ୍ୟାଖ୍ୟାତା—2. Comentator of the Bedas. ୩। (+ଭବ. ଅ) ସ୍ମରଣ; ସ୍ମୃତି—3. Remembrance. ବଣ—ସ୍ମରଣାର୍ଥ—Remembering.

ସ୍ମର କଥା—ଫ. ବ (ସ· ଷ. ତତ୍ପୁ)—କାମୋଦ୍ଦୀପକ ଆଳାପ—Libidinous talk. Smara kathā

ସ୍ମରକାର—ଫ.ବଣ (ସ୍ମର+କୃ ଧାତୁ ଣିଚ୍+କର୍ତ୍ତୃ.ଅ)—କାମୋଦ୍ଦୀପକ (ଭୂ. ଶ)—Suggestive of lust. Smarakāra

Digitized by srujanika@gmail.com

ସ୍ମର କୂପକ (କୂପ, କୂପିକା)—ଷ. ବ—ସ୍ତ୍ରୀଗୁପ୍ତ; ଭଗ (ଜିକାଣ୍ଡ)—Smara kūpaka (kūpa, kūpikā) Vagina; female organ.

ସ୍ମର ଗୁରୁ—ଷ. ବି—(ଶ୍ରୀ ଉଚ୍ଚ; ସ୍ମରଙ୍କ ଗୁରୁ=ପିତା)—ବିଷ୍ଣୁ—Smara guru Bishṇu. [ଦ୍ର—ଦ୍ୱଦ୍ଧ କୋପାନଳରେ ଦଗ୍ଧ ହେବା ପରେ ରତ୍ନଙ୍କ ପ୍ରାର୍ଥନାରେ ପ୍ରଦତ୍ତ ଶିବଙ୍କ ବରର ଫଳରେ କାମଦେବ ଶ୍ରୀକୃଷ୍ଣଙ୍କ ଔରସରେ ରୁକ୍ମିଣୀଙ୍କ ଗର୍ଭରେ ପ୍ରଦ୍ୟୁମ୍ନ କାମରେ ଜନ୍ମ ଗ୍ରହଣ କରିଥିଲେ ।]

ସ୍ମର ଗୃହ—ଷ. ବ—ଯୋନି (ଜଃଧର)—Smara gṛuha Female organ.

ସ୍ମର ଚକ୍ର—ସଂ. ବ—ରତ୍ୟବସ୍ଥ ବିଶେଷ (ସ୍ମରଦୀପିକା)—A pose Smara chakra during coition. [ଦ୍ର—ଧୃତ୍ୱା ଚାନ୍ଦ୍ରକରେଣୋରୁଂ ସ୍ତ୍ରୀପଦ୍ୟୋଃଯଥାସ୍ଥିତିଂ, ଦୃଢ଼ଞ୍ଚ ରମତେ କାମୀ ସ୍ମରଚକ୍ରଃ ପ୍ରକୀର୍ତ୍ତିତଃ—ସ୍ମରଦୀପିକା ।]

ସ୍ମର ଚ୍ଛତ୍ର—ଷ. ବ—ଯୋନି (ଶବ୍ଦ କଳ୍ପଦ୍ରୁମ)—Smara chchhatra Female organ. (ସ୍ମରଚ୍ଛଦ—ଅନ୍ୟରୂପ)

ସ୍ମରଣ—ଷ. ବି. (ସ୍ମୃ ଧାତୁ + ଭାବ ଅନ)—୧ । ସ୍ମୃତି; ମନେ ମନେ ପୂର୍ବାନୁଭୂତ, ପୂର୍ବଶ୍ରୁତ ବା ପୂର୍ବଦୃଷ୍ଟ ବିଷୟର ଆବୃତ୍ତି—1. Remembrance. ୨ । ପୂର୍ବାନୁଭୂତ ବିଷୟର ଚିନ୍ତା—2. Thought about matters previously experienced; recollection. ୩ । ଧ୍ୟାନ—3. Contemplation. ୪ । ଦେବତାଙ୍କ ନାମ ଜପ—4. Contemplation of a Deity by counting the beads; silent recital of the name or formula of a Deity. [ଦ୍ର—ନବଧା ଭକ୍ତି ମଧ୍ୟରୁ ମନନ ବା ସ୍ମରଣ ଏକ ଅଟେ । ଏଥିରେ ଉପାସକ ଉପାସ୍ୟଦେବଙ୍କୁ ଏକାଦଙ୍କମେ ମନେ କରନ୍ତି ଓ ତାଙ୍କ ନାମ ଉଚ୍ଚାରଣ କରନ୍ତି ।] ଦେ.ବ—ଦେବତାଙ୍କୁ ବା ସମାଜକୁ ଦିଆଯିବା ଉପଢ଼ୌକନ ଉପହାର ସଲାମୀ ବା ଉଲ୍ଲମ୍ପୀ—A present or premium presented to a Deity or to one's caste-guild.

ସ୍ମରଣ କରା(ରେ)ଇବା—ଦେ. କି—କୌଣସି ବ୍ୟକ୍ତିକୁ କୌଣସି ବିଷୟ ମନେ କରାଇ ଦେବା—To Smaraṇa karā(re)ibā ସ୍ମରଣକରାନ; स्मरण कराना(दिलाना) remind a person of any matter.

ସ୍ମରଣ କରିବା—ଦେ. କି—୧ । ମନେ ପକାଇବା—1. To re- Smaraṇa karibā collect. ୨ । ଦେବତାଙ୍କ ନାମ ଗ୍ରହଣ ସ୍ମରଣକରା स्मरण करना କରିବା—2. To recite the name of a Deity. ୩ । ମାଳା ଜପିବା—3. To count the beads by uttering the name of a Deity.

ସ୍ମରଣ ଚିହ୍ନ—ସଂ. ବ—ସ୍ମୃତି ଚିହ୍ନ (ଦେଖ)—Smṛuti chihna Smaraṇa chihna (See).

ସ୍ମରଣ ପଟ୍ଟ—ସଂ. ବ—(ରୂପକ)—ସ୍ମୃତିପଟ୍ଟ (ଦେଖ)—Smaraṇa paṭa Smṛutipaṭa (See)

ସ୍ମରଣ ପତ୍ର(ପତ୍ରିକା,ଲେଖ, ଲିପି)—ସଂ. ବ—(ପ୍ର. ଷ. ଲେ)—ସ୍ମାରକ Smaraṇa patra (pataikā;lekha, lipi) ଲେଖା; ସ୍ମାରକପତ୍ର —Memorandum; reminder.

ସ୍ମରଣ ପଥ—ସଂ. ବ—ସ୍ମୃତିପଥ(ଦେଖ)—Smṛuti patha(See) Smaraṇa patha

ସ୍ମରଣ ଯୋଗ୍ୟ—ସଂ.ବିଣ—ସ୍ମରଣୀୟ(ଦେଖ)—Smaraṇīya(See) Smaraṇa jogya

ସ୍ମରଣ ଶକ୍ତି—ସଂ. ବ—ପୂର୍ବାନୁଭୂତ, ପୂର୍ବଶ୍ରୁତ, ପୂର୍ବଦୃଷ୍ଟ ବା ପୂର୍ବ Smaraṇa śakti ଘଟଣ ବିଷୟକୁ ମନେ ରଖିବାର କ୍ଷମତା; ପୂର୍ବାନୁଭୂତ ବିଷୟ ମନେ ପକାଇବାର କ୍ଷମତା—Memory.

ସ୍ମରଣ ସୂଚକ—ସଂ ବିଣ—ସ୍ମରଣାର୍ଥକ (ଦେଖ)—Smaraṇa sūchaka Smaraṇārthaka (See)

ସ୍ମରଣାତୀତ—ସଂ. ବିଣ. (ଈନ୍ ଭାବ)—ବହୁ ପୂର୍ବବର୍ତ୍ତୀ (ସମୟ); ଯେଉଁ Smaraṇātīta କାଳର ବିଷୟ କାହାର ମନେ ନାହିଁ—Immemorial (time)

ସ୍ମରଣାତୀତ କାଳ (ଯୁଗ, ସମୟ)—ସଂ. ବ—ବହୁ ପୂର୍ବକାଳ—Smaraṇātīta kāla(juga,samaya) Time immemoria.

ସ୍ମରଣାପତ୍ୟତର୍ପକ—ସଂ. ବ—ଜଳୁଅ (ଶବ୍ଦ କଳ୍ପଦ୍ରୁମ)—Smāraṇāpatya tarpaka Tortoise.

ସ୍ମରଣୋର୍ଥ—ଦେ. କ୍ରି.ବିଣ—(ସଂ. ସ୍ମରଣାର୍ଥ)—ସ୍ମୃତି ଉଦ୍ରେକ ହେବା Smaraṇārtha ହେତୁ;କୌଣସି କଥା ମନେ ପଡ଼ିବ ବୋଲି—ସ୍ମରଣାର୍ଥ; स्मरणके लीये In memory of; with a view to be reminded of.

ସ୍ମରଣାର୍ଥକ—ସଂ. ବିଣ.—ଯାହା ମନେ କରାଇ ଦିଏ—Serving as Smaraṇārthaka a memorial or reminder.

ସ୍ମରଣାଳଙ୍କାର—ଷ. ବ—ଅର୍ଥାଳଙ୍କାର ବିଶେଷ—A kind of Smaraṇālaṅkāra figure in rhetoric [ଦ୍ର—ସଦୃଶ ବସ୍ତୁର ଅନୁଭବ ହେଉରୁ ଅନ୍ୟ ବସ୍ତୁର ସ୍ମରଣ ହେଲେ ସ୍ମରଣାଳଙ୍କାର ହୁଏ; ଅର୍ଥାତ୍ ପ୍ରସ୍ତୁତ ପଦାର୍ଥର ଅନୁଭବ ହେଉରୁ ଉଦ୍‌ବୋଧନ ଦ୍ୱାରା ତଦ୍‌ସଦୃଶ ଅନ୍ୟ ବସ୍ତୁର ସ୍ମରଣରେ ଯେଉଁ ବଚନଭଙ୍ଗୀ, ତାହାହିଁ ସ୍ମରଣାଳଙ୍କାର । ଏଥିର ଉଦାହରଣ—

ତତ୍ତ୍ୱା ସ୍ତନନେ ଗିରୀନ୍ଦ୍ରର ଶୋଭା
ଅପୂର୍ବ୍ୱ ଅନୁଭବ,
ସତ୍ତଲେ ସ୍ତନନ୍ତ— ଚାଲୀନ ମନ୍ଦର-
ଗ୍ରନ୍ଥ ଶୀବେଦ ଉତ୍ତ।
ବ୍ରଧାନାଥ ଉତ୍କଳୀ ।]

Digitized by srujanika@gmail.com

ସ୍ମରଣୀୟ—ବି. ବଣ (√ସ୍ମୃ ଧାତୁ+କର୍ମ ଅନୀୟ)—ମନେ ରହିବାର ଯୋଗ୍ୟ; ସ୍ମରିତବ୍ୟ—Fit to be remembered; memorable, Smaraṇīya

ସ୍ମର ଦଶା—ସଂ, ବ—୧। କାମଦଶା; କାମାତୁର ବ୍ୟକ୍ତର କାମଜାର ଦୂରି କ ଦେବାରୁ ଅନୁଭୂତ ଅବସ୍ଥାମାନ—1. The phases through which an amorous person passes when frustrated in his or her aim. [ଦ୍ର—କାମଦଶା ଦଶବିଧ ଯଥା—୧। ଚକ୍ଷୁଳଗ୍ନିଚ୍ଛ, ୨। ଚିତ୍ତସଙ୍ଗ; ୩। ସଂକଳ୍ପ, ୪। ଜାଗ୍ରାଚ୍ଛେଦ, ୫। ତନୁତା, ୬। ବିଷୟନିବୃତ୍ତି, ୭। ଜଗତାକାଶ, ୮। ଉନ୍ମାଦ, ୯। ମୂର୍ଚ୍ଛା, ୧୦। ମୃତ୍ୟୁ—ଇନ୍ଦ୍ରଜାଲମଣି।] ୨। ବିରହାବସ୍ଥା (ହି. ଶ)—2. The state of separation from oue's lover.

ସ୍ମର ଦହନ—ସଂ. ବି ୧। (√ଶମ୍ଭୁ ଭଜ୍) — ମହାଦେବଙ୍କ କୋଧାଗ୍ନି ଦ୍ୱାରା କାମଦେବଙ୍କର ଭସ୍ମରେ ପରିଣତ—1.The burning of the god Cupid with the fire of Siba's i e. ୨। (ବହୁବ୍ରୀ) — ମହାଦେବ; ଶିବ—Śiba.

ସ୍ମର ଦୀପନ—ସଂ. ବ—(√ଶମ୍ଭୁ ଭଜ୍)—କାମବୃତ୍ତିର ଉଦ୍ଦୀପନ—Excitement of lust.

ଣ ଯୁ (ବହୁବ୍ରୀ ହ)—କାମୋଦ୍ଦୀପକ—Exciting lust, libidinous.

ସ୍ମର ଦୀପିକା—ସଂ. ବ (କାମ)—ରତିରହସ୍ୟକ ଗ୍ରନ୍ଥବିଶେଷ—Smara dīpikā Name of a Sanscrit treatise dealing with love and sexual science.

ସ୍ମର ଧ୍ୱଜ—ସଂ. ବ (ସ୍ମର=କାମଦେବ+ଧ୍ୱଜ=ଚିହ୍ନ, ବହୁବ୍ରୀ ହ)— Smara dhwaja ୧। ଯୋନି (ଶବ୍ଦରତ୍ନାବଳୀ)—1. Female organ. ୨। ଲିଙ୍ଗ (ଶବ୍ଦକଳ୍ପଦ୍ରୁମ)—2. Penis. ୩। କାଦ୍ୟ (ଦେସଜନ୍, ହି ଶ)—3. Drum. ୪। (√ଶମ୍ଭୁ ଭଜ୍) କାମଦେବଙ୍କ ରଥର ଧ୍ୱଜ ବା ପତାକା—4. The flag of the car of God Cupid. ୫। (କାମଦେବଙ୍କ ରଥଧ୍ୱଜରେ ଅଙ୍କିତ ଚିହ୍ନିତ) ମତ୍ସ୍ୟ—5. Fish. (the sign or figure depicted on the flag of the car of God Cupid).

ସ୍ମରଧ୍ୱଜା—ସଂ. ବ—ଜ୍ୟୋତ୍ସ୍ନାମୟୀ ରଜନୀ (ଶବ୍ଦକଳ୍ପଦ୍ରୁମ)— Smara dhwajā Moonlit night.

ସ୍ମର ପୁର—ସଂ. ବ—ଯୋନି; ଯୋନି— Smara pura Female organ.

ସ୍ମର ପ୍ରିୟା(ବଧୂ,ଦୟିତା)—ସଂ. ବ. ସ୍ତ୍ରୀ (√ଶମ୍ଭୁ ଭଜ୍)—ରତି ଦେବୀ; କାମଦେବଙ୍କ ପତ୍ନୀ— Smārapriyā(badhū, dayitā) Sexual union, psrsonified as the wife of God Cupid.

ସ୍ମର ବଲ୍ଲଭ—ସଂ. ବ. ପୁ—ଅନିରୁଦ୍ଧ (ଶବ୍ଦକଳ୍ପଦ୍ରୁମ); ପ୍ରଦ୍ୟୁମ୍ନଙ୍କ ପୁତ୍ର— Smara ballabha Aniruddha. the son of Pradyumna or Cupid,

ସ୍ମର ବୀଥିକା—ଷ.ବ—(√ଶମ୍ଭୁ+ଭଜ୍; ସ୍ମର=କନ୍ଦର୍ପ+ବୀଥି=ଦୋକାନ Smara bīthikā +ପ୍ୱାର୍ଥକ+ଅ)-ବେଶ୍ୟ ;ଗଣିକା(ରତ୍ନକନ୍ଦର୍ଦ୍ଦଳ) Prostitute.

ସ୍ମର ବୃଦ୍ଧି—ସଂ. ବ—କାମ ବୃଦ୍ଧି ଗୁପ (ରତ୍ନକନ୍ଦର୍ଦ୍ଦଳ) — Name of a Smara bṛuddhi bushy plant. (ସ୍ମର ବୃଦ୍ଧି ସଂଜ୍ଞା—ଅନ୍ୟରୂପ)

ସ୍ମର ମନ୍ଦିର—ସଂ. ନ—ଯୋନିପୁର; ଯୋନି Smara mandira The female organ.

ସ୍ମର ଲେଖନୀ—ସଂ. ବ—ସାରିକା ପକ୍ଷୀ (ଶବ୍ଦରତ୍ନାବଳୀ) — Smara lekhanī The myna bird,

ସ୍ମର ଶତ୍ରୁ(ରିପୁ)—ସଂ. ବ (√ଶମ୍ଭୁ ଭଜ୍) ଶିବ; ମହାଦେବ—Śiba. Smara śatru(ripu)

ସ୍ମରଶାସ୍ତ୍ର—ନ. ବ (ମ.ଯ.ତତ୍ପୁ)—କାମଶାସ୍ତ୍ର; ରତିଶାସ୍ତ୍ର—A treatise Smara śāstra on sexual matters.

ସ୍ମର ସଖ—ସଂ. ବ—(ବହୁବ୍ରୀ ହ; ସ୍ମର+ସଖା; ସ୍ମର ଅଟେ ସଖା ଯାହାର)—୧। ସ୍ମରର ସଖା, କନ୍ଦର୍ପର ବନ୍ଧୁ—1 Friend of Cupid. ୨। ଚନ୍ଦ୍ର—(ଶବ୍ଦକଳ୍ପଦ୍ରୁମ)—2. The moon. ୩। ବସନ୍ତ—(ପୁରାସଖା—ଅନ୍ୟରୂପ) 3. Spring personified.

ସ୍ମର ସ୍ତମ୍ଭ—ନ. ବ—ଜ୍ୱରସ୍ତମ୍ଭ; ପୁରୁଷେନ୍ଦ୍ରିୟ—Penis; male organ. Smara stambha

ସ୍ମରସ୍ମରା—ନ. ବ—ସେବତୀପୁଷ୍ପ (ହି. ଶ)— Smarasmarā Muskrose.

ସ୍ମରସ୍ମର୍ଯ୍ୟ—ନ. ବ—ଗର୍ଦ୍ଦଭ (ଜିକାଣ୍ଡଶେଷ)— Smara smarjya The ass.

ସ୍ମରହର—ନ. ବ—(ସ୍ମର+ହୃ ଧାତୁ=ନାଶ କରିବା+ଅର୍ତ୍ତୃ. ଅ) — Smarahara ସ୍ମରଘ୍ନ; କାମାନ୍ତକ; ମହାଦେବ—Śiba, the destroyer of Cupid.

ସ୍ମରା(ରେ)ଇବା—ଦେ. କି—ସ୍ମରାନ୍ତ ଣିଜନ୍ତ ରୂପ—The Smarā(re)ibā causative form of Smaribā,) ସ୍ମରଣ ଶ୍ମରଣ କରାନ ସ୍ମରଣ କରନା କରାଇବା;ସ୍ମରାଇବା—To remind.

ସ୍ମରାଗାର—ସଂ. ବ—ଭଗ (ଶବ୍ଦରତ୍ନାବଳୀ)—Vagina; female Smarāgāra organ.

ସ୍ମରାଙ୍କୁଶ—ସଂ. ବ—୧। ନଖ (ଶବ୍ଦରତ୍ନାବଳୀ)—1. Finger-nail. Smarāṅkuśa ୨। ଲମ୍ପଟ ବ୍ୟକ୍ତି—2. Adulteror. ୩। ପୁରୁଷେନ୍ଦ୍ରିୟ; ଲିଙ୍ଗ (ହି.ଶ)—3. Male organ.

ସ୍ମରାଧିବାସ—ସଂ. ବ—ଅଶୋକ ବୃକ୍ଷ (ହି ଶ)— Smarādhibāsa The Asoka tree.

ସ୍ମରାନ୍ତକ—ସଂ. ବ—(√ଶମ୍ଭୁ ଭଜ୍) ଶିବ— Smarāntaka Śiba.

Digitized by srujanika@gmail.com

ସ୍ମରାମ୍ର—ସଂ. ବ—୧। ସୁଗନ୍ଧାମ୍ର (ସୁଜନଚନ୍ଦ୍ରୋଦୟ)—1. A kind of Smarāmra sweet mango. ୨। କଲମି ଆମ୍ବ (ହି. ଶ)—2. The fruit from grafted mango tree.

ସ୍ମରାରି—ସଂ. ବ—(ତ୍ରିପୁରୀ ଦଇତ୍ୟ)—ଶିବ; ମହାଦେବ—Śiba. [ଉ—Smarāri ଅସୁରତ୍ରୀଡ଼ିତ ଦେବମାନଙ୍କ ପ୍ରେରଣାରେ ମଦନ ଧାନ. ନରତ ମହାଦେବଙ୍କ ପ୍ରତି ସମ୍ମୋହନ ନାମକ ବାଣ ପ୍ରୟୋଗ କରିବାରୁ ଓ ସେ ସମ୍ମୁଖରେ ଭସ୍ମୀଭୂତ ହୋଇଥିବା ମହାଦେବଙ୍କୁ ସ୍ୱାମୀ ପାଇବା ଆଶାରେ ଯୋଗସାଧନରତ ମହାଦେବଙ୍କ ସେବାରେ ନିଯୁକ୍ତା ଥିବା ଅବସ୍ଥାରେ କାମଦେବ ଉପସ୍ଥିତ ହୋଇ ମହାଦେବଙ୍କ ପ୍ରତି ବାଣ ପ୍ରୟୋଗ କଲେ; ତଦ୍ଦ୍ୱାରା ମହାଦେବଙ୍କର ଉତ୍ପନ୍ନ ଧୈର୍ଯ୍ୟଚ୍ୟୁତି ହୋଇଥିଲା, ସେରେ ମହାଦେବ ନିଜକୁ ସଂଯତ କରି ତାଙ୍କ ଚିତ୍ତଚାଞ୍ଚଲ୍ୟର କାରଣ ଅନୁସନ୍ଧାନ କରିବା ଫଳରେ ମଦନଙ୍କୁ ଦେଖିଲେ ଓ ମଦନଙ୍କ ଉପରେ କ୍ରୁଦ୍ଧ ହୋଇ ତାଙ୍କ ପ୍ରତି କୋପଦୃଷ୍ଟି ନକ୍ଷେପ କରିବାରୁ ସେହି ଦୃଷ୍ଟି ସଙ୍ଗେ ମହାଦେବଙ୍କ କପାଳମଧ୍ୟସ୍ଥ ତୃତୀୟ ନେତ୍ରରୁ କୋପାନଳ ବାହାର ମଦନଙ୍କୁ ଭସ୍ମ କରିଦେଲା।]

ସ୍ମରାସବ—ଏଂ. ବ—(ସ୍ମର+ଆସବ=ମଦ)—୧। ମୃଗାମୃତ; ଲାଳା; Smarāsaba ମୃଗ ନାଃସୃତ ଲାଳ (ହିତୋପଦେଶ)—1. Saliva. ୨। ତାଳ ଗଛରୁ ଛପୁନ ତାଡ଼ୀ (ହି. ଶ)—2. The juice extracted from date-tree.

ସ୍ମରିବା—ଦେ. କ୍ରି (ପଦ୍ୟ) (ସଂ. ସ୍ମୃ. ଧାତୁ)—୧। ମନେ କରିବା Smaribā —1. To think of [ଉ—ଖଗ୍ର ସର ଝାଉଁଳିବା ଶ୍ରୀଅଙ୍ଗ ପାଇଲୁ ରେ—

କବିସୂର୍ଯ୍ୟ ବିରୋପ୍ତ ଚକ୍ଷୁ ଷ ଗୀତ।]

ସ୍ମରଣକରା ୨। ସ୍ମରଣ କରିବା—2. To recollect. ୩। स्मरन करना ମନେ ରଖିବା; ସୁମରିବା—3. To remember. [ଉ—ଏହା ଶୁଣି ସ ରଜେ ଶ୍ରୀ ମଧୁସୂଦନ—

କୃଷ୍ଣସିଂହ ମହାରାଜଙ୍କ ସମ୍ମୁଖେ ସମ୍ମୁ।]

ସ୍ମର୍ତ୍ତବ୍ୟ—ସଂ.ବିଣ—(ସ୍ମୃ ଧାତୁ+କର୍ମ ତବ୍ୟ)—ସ୍ମରଣୀୟ (ଦେଖ)—Smarttabya Smaraṇīya (See).

ସ୍ମର୍ତ୍ତା—ସଂ. ବିଣ ପୁଂ—(ସ୍ମୃ ଧାତୁ+କର୍ତ୍ତୃ. ତୃ, ସ୍ମର୍ତ୍ତୃ, ୧ମା. ୧ବ)—Smarttā ସ୍ମରଣକାରୀ—Recollecting. (ସ୍ମର୍ତ୍ତ୍ରୀ—ସ୍ତ୍ରୀ)

ସ୍ମର୍ତ୍ତବ୍ୟ—ସଂ. ବିଣ (ସ୍ମୃ ଧାତୁ+କର୍ମ ଯ)—ସ୍ମରଣୀୟ—Fit to be. Smarjya remembered; memorable (ସ୍ମାର୍ତ୍ତ—ଅନ୍ୟ ବିଣ, ରୂପ)

ସ୍ମଲ୍କ(କା)ଜ୍ କୋର୍ଟ୍(ର୍ଟ୍)—ବୈଦେ. ବ—(ଇଂ)—ଅଳ୍প ଦାବିଗତି ସ୍ମଲ-କ (କା)ଜ୍-କୋଟ୍ (ର୍ଟ୍) ଦେବାନା ମକଦ୍ଦମାମାନଙ୍କର ସଂକ୍ଷିପ୍ତ ସ୍ମଲକଜକୋର୍ଟ ଦ୍ୱାରରେ ବଗୁର କରିଯିବା ଅଦାଲତ; କାଜକୋର୍ଟ—स्मल काजकोर्ट Court of small Causes.

ସ୍ମାର—ସଂ. ବ—(ସ୍ମୃ ଧାତୁ+ଘଞ୍ ପ)—୧। ସ୍ମରଣ—Remembrance. Smāra collection. ୨। ଚିନ୍ତନ—2. Contemplation.

ସ୍ମାରକ—ସଂ. ବିଣ—(ସ୍ମୃ ଧାତୁ ଣିଚ, ସ୍ମାର ଧାତୁ+କର୍ତ୍ତୃ ଅକ)—Smāraka ୧। ଯେ ବା ଯାହା ସ୍ମରଣ କରାଇ ଦଏ—2. Reminding. ୨। ସ୍ମରଣର ଉଦ୍ବୋଧକ; ସ୍ମୃତି-ଜନକ—2. Causing remembrance; refreshing the memory.

ସ୍ମାରକ ଗୃହ—ସଂ. ବ (ଅଧୁନକ ବ୍ୟବହାର)—କୌଣସି ବିଷୟର ବା Smāraka gṛuha ଘଟଣାର ବା ବ୍ୟକ୍ତିଙ୍କ ସ୍ମରଣାର୍ଥ ନିର୍ମିତ ଗୃହ —Memorial house; memorial hall.

ସ୍ମାରକ ଚିହ୍ନ—ସଂ. ବ—(ଅଧୁନକ ବ୍ୟବହାର) ଯେଉଁ ଚିହ୍ନ ଦେଖିଲେ Smāraka chihna କୌଣସି ବ୍ୟକ୍ତିଙ୍କର ବା ଘଟନାର ବିଷୟ ମନେ ପଡ଼େ; ଅଭିଜ୍ଞାନ—Memento; memorial.

ସ୍ମାରକ ପତ୍ର(ଲିପି, ଲେଖ)—ସଂ. ବ (ଅଧୁନକ ବ୍ୟବହାର)—ସ୍ମୃତି-Smāraka patra(lipi, lekha) ଉଦ୍ବୋଧକ ଲେଖା—Memo; memorandum; a reminder.

ସ୍ମାରକ ଫଳକ—ସଂ. ବ (ଅଧୁନକ ବ୍ୟବହାର)—କୌଣସି ବିଷୟକୁ, Smāraka phalaka ବ୍ୟକ୍ତିକୁ ବା ଘଟନାକୁ ଚିରସ୍ମରଣୀୟ କରିବାପାଇଁ ଯେଉଁ ଫଳକରେ ଉଦ୍ଦିଷ୍ଟ ଲେଖା ଖୋଦିଥାଏ—Memorial tablet.

ସ୍ମାରକ ସ୍ତମ୍ଭ—ସଂ. ବ (ଅଧୁନକ ବ୍ୟବହାର)—ସ୍ମୃତି ସ୍ତମ୍ଭ—Smāraka stambha A pillar which serves as a memorial; a memorial pillar.

ସ୍ମାରିତ—ସଂ. ବିଣ (ସ୍ମୃ ଧାତୁ+ଣିଚ=ସ୍ମାରି ଧାତୁ+କର୍ମ. ତ)—Smārita ଯେଉଁ ବ୍ୟକ୍ତିକୁ ସ୍ମରଣ କରାଇ ଦିଆଯାଇଛି—Reminded (person).

ସଂ. ବ (ହିନ୍ଦୁ ସ୍ମୃତି)—ଏକ ଶ୍ରେଣୀର କୃତ୍ରିମ ସାକ୍ଷୀ; ଯେଉଁ ସାକ୍ଷୀଙ୍କ ନାମକୁ ବିପକ୍ଷ ସାକ୍ଷୀ ତାଲିକାରେ ଲେଖି ନ ଥାଏ, କିନ୍ତୁ ପରେ ଆପଣା ପକ୍ଷ ସମର୍ଥନ କରିବା ପାଇଁ ଡକାଏ (ହି. ଶ)—A class of witnesses according to Hindu Law; a witness whose name does not appear in the list of witnesses given by a party, but who is called by him afterwards on being remembered by him.

ସ୍ମାର୍ତ୍ତ—ସଂ. ବିଣ (ସ୍ମୃତି+ସମ୍ବନ୍ଧ ଓ ଜ୍ଞାନାର୍ଥେ. ଅ)—Smārtta ୧। ସ୍ମୃତି ଶାସ୍ତ୍ର ସମ୍ବନ୍ଧୀୟ—1. Relating to the Smṛuti works. ୨। ସ୍ମୃତି ଶାସ୍ତ୍ରଜ୍ଞ—2. Versed in Hindu Law. ୩। ସ୍ମୃତି ଶାସ୍ତ୍ରୋକ୍ତ—3. Mentioned in the Smṛutis. ୪। ସ୍ମୃତି ଶାସ୍ତ୍ରର ବିଧାନ ଅନୁସାରେ କାର୍ଯ୍ୟକାରୀ—4. Following the dictates of the Smṛuti works. ବ—୧। ସ୍ମୃତି ଶାସ୍ତ୍ରଜ୍ଞ ପଣ୍ଡିତ—1. A Pandit learned in Hindu Law. ବେ. ବ—ଏକ ଶ୍ରେଣୀର ଅଧୁନକ

Digitized by srujanika@gmail.com

ସ୍ମାର୍ତ୍ତ ସ୍ମାର୍ତ୍ତ ବ୍ରାହ୍ମଣ—A class of modern Brāhmaṇas.

ସ୍ମି (ଧାତୁ)—ସ. ବ—୧ । ଅନାଦର କରିବା—1. To deride; to slight. ୨ । ଈଷତ୍ ହାସ୍ୟ କରିବା—2. To smile.

Smi (root)

ସ୍ମିଟ୍ (ଧାତୁ)—ସ—ଅନାଦର କରିବା—To slight.

Smiṭ (root)

ସ୍ମିତ—ସ. ବ (ସ୍ମି ଧାତୁ+କ୍ତ ବ. ଭ)—ଈଷତ୍ ହାସ୍ୟ (ଅମର)—Smile. ବିଣ (+କର୍ତ୍ତୃ. ଭ)—୧ । ବିକସିତ (ବିକାଶ ଶେଷ); ଜୃମ୍ଭାସିତ; ପ୍ରଫୁଲ୍ଲିତ—1. Expanded; full-blown. ୨ । ଈଷତ୍ ହସିତ—2. Smiling. ୩ । ଚକିତ—3. Astonished. ୪ । ହାସ୍ୟୋଜ୍ଜ୍ୱଳ (ମୁଖ)—4. (face) Bright with laughter.

Smita Smile.

ସ୍ମିତ ମୁଖ—ସ. ବ (କର୍ମଧା)—ଈଷତ୍ହାସ୍ୟଯୁକ୍ତ ମୁଖ—Smiling face. ବିଣ. ପୁଂ (ବହୁବ୍ରୀ.)—ସେରମୁଖ; (ସ୍ତ୍ରିଜାତିନ—ଅନ୍ୟରୂପ) ଯାହାର ମୁଖ ଈଷତ୍ହାସ୍ୟଯୁକ୍ତ—(ସ୍ତ୍ରିବହୁବ୍ରୀ, ସ୍ତ୍ରିଜାତିନା—ସ୍ତ୍ରୀ) Having a smiling face.

Smita mukha

ସ୍ମିତ ହାସ୍ୟ—ସ. ବ—ମୃଦୁହାସ୍ୟ—Smile.

Smit hāsa

ସ. ବିଣ. ପୁଂ—ମୃଦୁହାସ୍ୟଯୁକ୍ତ।—Smiling. (ସ୍ତ୍ରିଜାତିହାସା—ସ୍ତ୍ରୀ)

ସ୍ମିତହାସୀ—ବେ. ବିଣ. ସ୍ତ୍ରୀ (ସଂ. ସ୍ତ୍ରିଜାତିହାସା)- ଈଷତ୍ହାସ୍ୟଯୁକ୍ତା (ସ୍ତ୍ରୀ)

Smitahāsī —(female) Having a smiling face.

ସ୍ମିତ ହାସ୍ୟ—ସ. ବ—ମୃଦୁହାସ୍ୟ; ଈଷତ୍ହାସ୍ୟ—Smile. ସ. ବିଣ. ପୁଂ (ବହୁବ୍ରୀ.)—ଈଷତ୍ହାସ୍ୟକାରୀ—(ସ୍ତ୍ରିଜାତିହାସ୍ୟା—ସ୍ତ୍ରୀ)

Smita hāsya Smiling.

ସ୍ମିଲ (ଧାତୁ)—ସ—ନିମେଷଣ କରିବା; ଆଖିର ପିଟୁଡ଼ା ପଡ଼ିବା—To close (said of the eye-lids).

Smīla (root)

ସ୍ମୃ ଧାତୁ—ସ—୧। ଉତ୍କଣ୍ଠିତ ହେବା—1. To be eager after. ୨ । ସ୍ମରଣ କରିବା—2. To remember.

Smṛu (root)

ସ୍ମୃତ—ସ. ବିଣ (ସ୍ମୃ ଧାତୁ+କର୍ମ ତ)—ଯାହାକୁ ସ୍ମରଣ କରାଯାଇଅଛି; ସ୍ମରଣର ବିଷୟୀଭୂତ—(ସ୍ତ୍ରିଜାତିନା—ସ୍ତ୍ରୀ) Remembered; recollected.

Smṛuta

ସ୍ମୃତି—ସଂ. ବ (ସ୍ମୃ ଧାତୁ+କ୍ତିବ. ଇ)—୧। କାଳାନ୍ତରରେ ଅନୁଭୂତ ବିଷୟର ଜ୍ଞାନ ବା ଚିନ୍ତନ; ସ୍ମରଣଶକ୍ତିଦ୍ୱାରା ସମ୍ଭବିତ ଜ୍ଞାନ; ସ୍ମରଣ—1. Remembrance; recollection. [ଦ୍ର—ଏହା ମନୋବିଜ୍ଞାନ (Psychology) ର ପାରିଭାଷିକ ଶବ୍ଦ । ଯେଉଁ ବିଷୟର ଜ୍ଞାନ ପ୍ରତ୍ୟକ୍ଷ ପ୍ରୟୋଗରେ ମନୋରାଜ୍ୟରେ ସୃଷ୍ଟି ହୁଏ, ତାହାର ପ୍ରତିରୂପ ଜ୍ଞାନର ନାମ ସ୍ମୃତି । ପ୍ରତ୍ୟକ୍ଷଜ୍ଞାନ ବସ୍ତୁର ସ୍ଥିତି (ବିଦ୍ୟମାନତା) ଉପରେ ନିର୍ଭର କରେ; କିନ୍ତୁ ବସ୍ତୁର ଅବର୍ତ୍ତମାନତାରେ ମଧ୍ୟ ସ୍ମୃତି ବସ୍ତୁର ଜ୍ଞାନ ଜନ୍ମାଏ । ଅତୀତ ଅନୁଭୂତ ବିଷୟର ଜ୍ଞାନ ସ୍ମୃତି ସାହାଯ୍ୟରେ ସମାହୃତ ହୁଏ।

ଏତଦ୍ବ୍ୟତୀତ ହିନ୍ଦୁ ଧର୍ମଶାସ୍ତ୍ରରେ 'ସ୍ମୃତି' ଏକ ବିଶିଷ୍ଟ ଜ୍ଞାନ ପ୍ରତି ପ୍ରଯୋଜ୍ୟ ହୁଏ । ଯେଉଁ ଜ୍ଞାନ ଭାଳ-ବଂଶପରମ୍ପରାରେ ମୌଖିକଭାବରେ ଗୃହୀତ, ତାହା ସ୍ମୃତି । ଶ୍ରୁତି ଓ ସ୍ମୃତି ହିନ୍ଦୁଧର୍ମର ଜ୍ଞାନର ଭଣ୍ଡାର; କିନ୍ତୁ ଶ୍ରୁତି ଓ ସ୍ମୃତି ମଧ୍ୟରେ ବିରୋଧ ଦୃଷ୍ଟ ହେଲେ ଶ୍ରୁତି ବଳବତ୍ତର ହୁଏ—ସନଜର୍ ଲେମ୍ବକ ପ୍ରୋଫେସର ବସିନ-ବାଡ଼ୀ ରଚିତ ଏମ୍. ଏ. ।] ୨ । ପୂର୍ବେ ଅନୁଭୂତ ବୋଲି ଥିବା ବିଷୟ ବିଷୟମାନଙ୍କର ଚିନ୍ତା—2. Thoughts about things once experienced. ୩ । ଚିନ୍ତନ; ଧ୍ୟାନ—3. Contemplation. ୪ । ମନ୍ୱାଦିକୃତ ଧର୍ମସଂହିତା; ଧର୍ମଶାସ୍ତ୍ର—4. The Institutes or treatise on Hindu law and usage by Manu and others. [ଦ୍ର—ବେଦରେ ଯାହା ଅଛି ତାହାର ସ୍ମରଣ ବା ଚିନ୍ତନର ଫଳରେ ଏ ବର୍ତ୍ତମାନ ଲକ୍ଷିତ ହୋଇଥିବାରୁ ଏମାନଙ୍କର ଏହାପର ନାମକରଣ ହୋଇଅଛି । ସ୍ମୃତିରେ ଧର୍ମ, ଦର୍ଶନ, ଆଚାର, ବ୍ୟବହାର, ପ୍ରାୟଶ୍ଚିତ୍ତ, ଶାସନଜାତ ଆଦର ବିଷୟ ହୋଇଅଛି ।

ସ୍ମୃତିକୁ ୩ ଶ୍ରେଣୀରେ ବିଭକ୍ତ କରା ଯାଇଅଛି । ଯଥା—

୧ । ସାତ୍ତ୍ୱିକ—ବାଶିଷ୍ଠ, ହାରୀତ, ବ୍ୟାସ, ପାରାଶର, ଉଶନାଜ, କାଶ୍ୟପ, ଏସ୍ ଓ ମାନ ମୁକ୍ତିଦ ।

୨ । ରାଜସ—ଚ୍ୟବନ, ଯାଜ୍ଞବଲ୍କ୍ୟ, ଅତ୍ରେୟି, ଦାକ୍ଷ, କାତ୍ୟାୟନ, ବୈଷ୍ଣବ, ଏମାନ ସ୍ୱର୍ଗଦ ।

୩ । ତାମସ ଯଥା—ଗୌତମ, ବାର୍ହସ୍ପତ୍ୟ, ସବର୍ତ୍ତ, ଯମ, ସାଂଖ୍ୟ, ଔଶନସ ଏମାନେ ନରୟୁପ୍ରଦ ।

ହିନ୍ଦୁମାନଙ୍କର ଧର୍ମ ସମ୍ବନ୍ଧୀୟ ବର୍ତ୍ତମାନ ଶ୍ରୁତି, ସ୍ମୃତି ଓ ପୁରାଣମାନଙ୍କରେ ନିହିତ ଅଛି ।

ସତ୍ୟଯୁଗରେ ମନୁଙ୍କ ପ୍ରବର୍ତ୍ତିତ ଧର୍ମ, ତ୍ରେତାରେ ଗୌତମଙ୍କ, ଦ୍ୱାପରରେ ଧର୍ମଙ୍କ ଓ ଶଙ୍ଖଙ୍କ ଏବଂ କଳିରେ ପରାଶରଙ୍କ ପ୍ରବର୍ତ୍ତିତ ଧର୍ମ ପାଳନୀୟ ।]

ହିନ୍ଦୁମାନଙ୍କ ଧର୍ମଗ୍ରନ୍ଥ ୨ ଭାଗରେ ବିଭକ୍ତ, ଶ୍ରୁତି ଓ ସ୍ମୃତି । ବେଦ, ବେଦର ବ୍ରାହ୍ମଣ ଭାଗ ଓ ଉପନିଷଦ (ବେଦାନ୍ତ) ଶ୍ରୁତିର ଅନ୍ତର୍ଗତ । ଅନ୍ୟ ଧର୍ମଶାସ୍ତ୍ରମାନଙ୍କୁ ସ୍ମୃତି ବୋଲାଯାଏ । ବର୍ତ୍ତମାନ ପ୍ରଚଳିତ ସ୍ମୃତିର ଅନ୍ତର୍ଗତ (କ) ଛଅ ବେଦାଙ୍ଗ, (ଖ) ଗୃହ୍ୟ, ଆଶ୍ୱଲାୟନ, ସାଂଖ୍ୟାୟନ, ଗୋଭିଲ, ପାରସ୍କର, ବୌଧାୟନ, ଭାରଦ୍ୱାଜ ଓ ଅପସ୍ତମ୍ବାଦ ସୂତ୍ର, (ଗ) ମନୁ, ଯାଜ୍ଞବଲ୍କ୍ୟ, ଅତ୍ରି, ବିଷ୍ଣୁ, ହାରୀତ, ଉଶନସ୍, ଅଙ୍ଗିରା, ଯମ, କାତ୍ୟାୟନ, ବୃହସ୍ପତି, ପରାଶର, ବ୍ୟାସ, ଦକ୍ଷ, ଗୌତମ, ବଶିଷ୍ଠ, ନାରଦ ଓ ଉଶନଃଅଦଙ୍କ ରଚିତ ଧର୍ମ ଶାସ୍ତ୍ର; (ଘ) ରାମାୟଣ, ମହାଭାରତ ଆଦ ଇତିହାସ; (ଙ) ଅଷ୍ଟାଦଶ ପୁରାଣ ଓ (ଚ) ସବୁ-ପ୍ରକାର ଜାତିଶାସ୍ତ୍ର ଗ୍ରନ୍ଥ । (ହୁ. ଶ)] ୫ । (ନାମ) ଦକ୍ଷ-କନ୍ୟା ଅଙ୍ଗିରାପତ୍ନୀଙ୍କ ଗର୍ଭରୁ ଜନ୍ମିତା କନ୍ୟା (ହୁ. ଶ)

Digitized by srujanika@gmail.com

5. Name of a daughter born of Angira's wife and Daksha's daughter. ୬ । (ଧର୍ମଶାସ୍ତ୍ରର ସଂଖ୍ୟା ୧୮ ଥିବାରୁ) ଅଠର ସଂଖ୍ୟା (ହ. ଶ)—6. The number eighteen. ୭ । ଛନ୍ଦୋବିଶେଷ. (ହ.ଶ)—7. Name of a Sanscrit metre. ୮ । ଇଚ୍ଛା; କାମନା (ହ.ଶ)—8. Desire; wish.

ସ୍ମୃତିକାର—ସଂ. ବି.—ସ୍ମୃତି ଗ୍ରନ୍ଥର ରଚନାକାରୀ ବ୍ୟକ୍ତି—Author of a Smṛuti work.
Smṛutikāra

ସ୍ମୃତିକାରକ—ସଂ. ବିଣ—ମେଧାକର; ଯାହା ସ୍ମରଣଶକ୍ତି ଜନ୍ମାଏ (ଔଷଧ)—(Medicine), Which sharpens the memory.
Smṛutikāraka

ସ୍ମୃତି ଗୋଚର—ସଂ.ବିଣ—ସ୍ମୃତିଥାରୁଢ଼; ମନେ ପଡ଼ିବା (କଥା)—Remembered; recollected
Smṛuti gochara

ସ୍ମୃତି ଚିହ୍ନ—ସଂ. ବି—(ସ. ଷ. ତତ୍ପୁ)—ସ୍ମରଣ ହେଉ; ଯାହା ଦେଖିଲେ କୌଣସି ବିଷୟ ମନେ ପଡ଼େ—Memento; memorial.
Smṛutichihna

ସ୍ମୃତିଧର—ସଂ.ବିଣ.ପୁଂ—(ସ୍ମୃତି+ଧୃ ଧାତୁ+କର୍ତ୍ତୃ.ଅ)—୧। ସ୍ମରଣଶକ୍ତି ସମ୍ପନ୍ନ—1. Of sharp memory. ୨। (ସ୍ତ୍ରୀ ଧରସ୍ତ୍ରୀ)—2. Learned.
Smṛutidhara

ସ୍ମୃତି ପତ୍ର—ସଂ. ବି—(ରୂପକ)—(ପତ୍ରରେ କୌଣସି କଥା ଲେଖାଥିବାର ଦୃଷ୍ଟାନ୍ତରେ ସ୍ମରଣ ଶକ୍ତିର ତୁଳନା)—ପତ୍ର ବା ସେହି ସଙ୍ଗେ ତୁଳନା କରିବା ସ୍ମୃତି—Memory compared to a slate or tablet.
Smṛuti patra

ସ୍ମୃତି ପଥ—ସଂ. ବି—(ରୂପକ)—୧। ସ୍ମରଣ ପଥ; ପଥ ସଙ୍ଗେ ତୁଳା ସିନା ସ୍ମୃତି—1. Memory compared to a road, ୨। ସ୍ମରଣର ବିଷୟ—2. Subject of memory.
Smṛuti patha

ସ୍ମୃତିପଥାରୁଢ଼—ସଂ. ବିଣ—ସ୍ମୃତି ଗୋଚର; ଯାହା ମନେ ପଡ଼ିଯାଏ—Recollected; remembered.
Smṛutipathārurūdha

ସ୍ମୃତି ବର୍ଦ୍ଧକ—ସଂ. ବିଣ. ପୁଂ (ସ୍ମୃତି+ବୃଧ ଧାତୁ+କର୍ତ୍ତୃ.ଅକ)—ସ୍ମରଣଶକ୍ତିର ବର୍ଦ୍ଧନକାରୀ—(ସ୍ତ୍ରୀ ସ୍ମୃତିବର୍ଦ୍ଧିକା—ସ୍ତ୍ରୀ) Sharpening the memory.
Smṛuti barddhaka

ସ୍ମୃତି ବର୍ଦ୍ଧିନୀ—ସଂ. ବି—ବ୍ରାହ୍ମୀ ଶାକ (ଏହା ସେବନ କଲେ ପ୍ରଖର ସ୍ମରଣ ଶକ୍ତି ହୁଏ) (ହ. ଶ)—The Brāhmi herb.
Smṛuti barddhini

ସ୍ମୃତି ବିରୁଦ୍ଧ—ସଂ. ବି—ଧର୍ମଶାସ୍ତ୍ରର ବିରୁଦ୍ଧ—Opposed to the books on Hindu Law.
Smṛuti biruddha

ସ୍ମୃତିମତ୍ତା—ସଂ.ବି(ସ୍ମୃତିମତ୍+ତା-ତା)—ମେଧା; ସ୍ମରଣଶୀଳତା—Sharpness of memory.
Smṛutimattā

ସ୍ମୃତି ମନ୍ଦିର—ସ. ବି(ସ.ଷ. ତତ୍ପୁ)—ସ୍ମୃତି ଜନକ ବା ସ୍ମୃତି ଉଦ୍ରୋଧକ ମନ୍ଦିର—A memorial temple; mausoleum; a temple raised to commemorate some thing.
Smṛuti mandira

ସ୍ମୃତିମାନ୍—ସ. ବିଣ. ପୁଂ. (ସ୍ମୃତି ଶବ୍ଦ ୧ମା. ୧ବ; ସ୍ମୃତି+ଅଛ ଅର୍ଥରେ ମତ୍)—ମେଧାକ୍ତ; ସ୍ମରଣଶକ୍ତି ବିଶିଷ୍ଟ—Having a sharp memory.
Smṛutimān (ସ୍ମୃତିମତ୍ତା—ସ୍ତ୍ରୀ) (ସ୍ମୃତିମତ୍ତ୍ୱ—ବି)

ସ୍ମୃତି ରକ୍ଷା—ସ. ବି—ସ୍ମୃତିଚିହ୍ନ ସ୍ଥାପନାଦି ଦ୍ୱାରା କୌଣସି ବ୍ୟକ୍ତିଙ୍କର ବା ବିଷୟର ଉତ୍କର୍ଷତାରେ ଲୋକଙ୍କ ସ୍ମରଣରେ ରହିବାର ଉପାୟ—Commemoration.
Smṛuti rakshā

ସ୍ମୃତି ରକ୍ଷା କରିବା—ଦେ. କ୍ରି—ସ୍ମୃତିଚିହ୍ନାଦି ସ୍ଥାପନ ଦ୍ୱାରା କୌଣସି ବ୍ୟକ୍ତିଙ୍କୁ ବା ବସ୍ତୁକୁ ବା ଘଟନାକୁ ଚିର ସ୍ମରଣୀୟ କରିବା—The commemorate. ସ୍ମୃତିରକ୍ଷାକରା **स्मृतिरक्षाकरना**
Smṛuti rakshā karibā

ସ୍ମୃତି ରତ୍ନ—ଦେ. ବି—ସ୍ମୃତିଶାସ୍ତ୍ରଜ୍ଞ ପଣ୍ଡିତଙ୍କ ଉପାଧି ବିଶେଷ—A title given to a Pandit learned in the Smṛutis. ସ୍ମୃତିରତ୍ନ **स्मृतिरत्न**
Smṛuti ratna

ସ୍ମୃତି ଶକ୍ତି—ସ, ବି—ସ୍ମରଣ ଶକ୍ତି—Memory.
Smṛuti śakti

ସ୍ମୃତି ଶାସ୍ତ୍ର—ସ. ବି—ମନ୍ୱାଦିକୃତ ଧର୍ମ ଶାସ୍ତ୍ର; ଧର୍ମସଂହିତା—The institutes on Hindu law and usage.
Smṛuti śāstra

ସ୍ମୃତି ସ୍ତମ୍ଭ—ସଂ. ବି (ସ.ଷ, ତତ୍ପୁ)—ସ୍ମାରକ ସ୍ତମ୍ଭ—A memorial pillar.
Smṛuti stambha

ସ୍ମୃତିହିତା—ସଂ. ବି—ଶଙ୍ଖପୁଷ୍ପୀ (ହ. ଶ) (ଦେଶ)—Sankhapushpī (Sec)
Smṛutihitā

ସ୍ମୃତି ହେତୁ—ସଂ.ବି—ସ୍ମରଣର କାରଣ, ବାସନା, ସଂସ୍କାର (ଜନ୍ମାନ୍ତର)—Associations (which rouse remembrance).
Smṛuti hetū

ସ୍ମୃତ୍ୟପେତ—ସଂ. ବିଣ—ସ୍ମୃତିବିରୁଦ୍ଧ (ଶବ୍ଦ କଲ୍ପଦ୍ରୁମ)(ଦେଶ)—Smṛuti biruddha (Sec)
Smṛutyapeta

ସ୍ମେର—ସଂ. ବିଣ (ସ୍ମି ଧାତୁ+କର୍ତ୍ତୃ.ର)—୧ ହସ; ଈଷତ୍ ହାସ୍ୟଯୁକ୍ତ—1. Smiling, expanded; opened. ୩। ପ୍ରକାଶିତ—3. Manifested. ୨। ବିକଶିତ—2. Blown;
Smera

ସ୍ମେର ବିଷ୍କିର—ସଂ. ବି (ସ୍ମେର=ଈଷତ୍ ହାସ୍ୟଯୁକ୍ତ+ବିଷ୍କିର=ପକ୍ଷୀ) ମୟୂର (ଶବ୍ଦ କଲ୍ପଦ୍ରୁମ)—Peacock.
Smera bishkira

ସ୍ମେର ମୁଖ—ସଂ. ବି (କର୍ମଧା)—ଈଷତ୍ହାସ୍ୟ ଯୁକ୍ତ ମୁଖ—Smiling face. ବିଣ. ପୁଂ (ବହୁବ୍ରୀ)—ଈଷତ୍ହାସ୍ୟ (ସ୍ମେରାନନ—ଅନ୍ୟରୂପ) ମୁଖ ଯୁକ୍ତ—Having a smiling face
Smera mukha (ସ୍ମେରମୁଖୀ, ସ୍ମେରାନନା—ସ୍ତ୍ରୀ)

ସ୍ମେଲିଙ୍ଗ୍ ସଲ୍ଟ୍—ବୈଦେ.ବି (ଇଂ)—ନଶାଦଳ ଓ ଚୂନ ମିଶ୍ରିତ ଦ୍ରବ୍ୟ (ଯାହା ଶୁଙ୍କିଲେ ଶୀଘ୍ର ଓ ମୂର୍ଚ୍ଛା ଆଦ ହୋଇଯାଏ)—Smelling salt
ସ୍ମେଲିଙ୍ଗସାଲଟ **स्मेलिंगसाल्ट**

Digitized by srujanika@gmail.com

ସ୍ୟଦ—ଅ. ବ (ସ୍ୟନ୍ଦ ଧାତୁ+ଭାବ ଅ)—୧। ବେଗ (ଅମର)—Syada 1. Velocity. ୨। ଶୀଘ୍ରତା—2. Haste; (ସ୍ୟଦ—ବିଶ) speediness.

ସ୍ୟଦ୍(ଧାତୁ)—ସ.—୧। ସ୍ରବିବା; ବୋହିବା; ଝରିବା—1. To ooze; Syard (root) to flow down. ୨। ଗମନ କରିବା—2. To go. ୩। ଗତି କରିବା—3. To move.

ସ୍ୟନ୍ଦ—ପୁ. ବି (ସ୍ୟନ୍ଦ୍ ଧାତୁ+ଭାବ ଅ)—୧। ଗତି—Syanda 1. Motion; movement. ୨। ଗମନ—2. Going; moving. ୩। ବେଗ—3, Velocity; speed. ୪। କ୍ଷରଣ—4. Oozing; flowing. ୫। (+କରଣ ଅ)—ସ୍ୟନ୍ଦନ; ରଥ—5. Car. ୬। (+ଭାବ ଅ) ତରଳିଯିବା; ଘାଣି ହୋଇଯିବା (ଜ.ଶ) 6. Liquefaction. ୭। ଝାଳ ବୋହିବା; ସ୍ୱେଦୋଦ୍ଭବ (ହ. ଶ)—7. Perspiration. ୮। (+ଅକ୍ଷିରୋଗ. ଅ) ନେତ୍ରରୋଗବିଶେଷ (ଏଥିରେ ଅଖିରୁ ଘାଣି ବହେ, ହ. ଶ)—8. An eye-disease. ୯। (+କର୍ତ୍ତୃ. ଅ) ଚନ୍ଦ୍ରମା (ହ. ଶ)—9. The moon.

ସ୍ୟନ୍ଦକ—ସଂ. ବ—ଇନ୍ଦୁକ ବୃକ୍ଷ [ହ. ଶ]; କେଉ (ଦେଶ)—Syandaka Diosporea Tomentosa tree.

ସ୍ୟନ୍ଦନ—ସଂ. ବ (ସ୍ୟନ୍ଦ୍, ଧାତୁ+କରଣ. ଅନ)—୧। ରଥଯୁକ୍ତ ଯାନ; Syandana 1- Car; wheeled vehicle; chariot. ୨। (+ଭାବ ଅନ) ଗତି—2. Motion. ୩। ବେଗ—3. Velocity. ୪। କ୍ଷରଣ—4. Oozing. ୫। (+କର୍ତ୍ତୃ. ଅନ) ଜଳ(ମେଦନୀ)—5. Water. ୬। (+ଭାବ, ଅନ) ଗମନ (ମେଦନୀ)—6. Going. ୭। (+କର୍ତ୍ତୃ. ଅନ) ଇନ୍ଦ୍ରଣ ବୃକ୍ଷ (ଅମର); ବାଙ୍ଗଣ ଗଛ—7. Ougenia Dalbergioides (a timber tree). [ଦ୍ରୁ—ଏଥିରେ ରଥ ଇତ୍ୟାଦି ହୁଏ] ୮। (+କର୍ତ୍ତୃ. ଅନ) ବାୟୁ (ଶବ୍ଦକଳ୍ପଦ୍ରୁମ)—8. Air. ୯। ବୁଦ୍ଧୋତ୍ତରବିଶେଷ (ହେମଚନ୍ଦ୍ର)—9. Name of a Buddhist saint. [ଦ୍ରୁ—ଏ ସମ୍ବନ୍ଧରେ ଅତ୍ୟର୍ପିତୀଭବତ୍ୟୋବଂଶ ଅର୍ଦ୍ଧତ୍ (ହ. ଶ)]। ୧୦। ଘାଣି ହୋଇଯିବା (ହ. ଶ); ତରଳିଯିବା—10. Turning into water; melting. ୧୧। ଚିତ୍ର [ହ. ଶ]-11. Picture. ୧୨। ଘୋଡ଼ା [ହ. ଶ]—12. Horse. ୧୩। ଇନ୍ଦୁକ (ହ. ଶ); କେଉ ଗଛ—13. Diosporea Tomentosa tree. ୧୪। ଅସ୍ତ୍ର ଅଭିମନ୍ତ୍ରିତ କରିବା ମନ୍ତ୍ରବିଶେଷ (ହ.ଶ)—14.Name of a mystic formula for consecrating weapons.

ସ୍ୟନ୍ଦନ ଦ୍ରୁମ(ଦ୍ରୁ)—ସଂ. ବ (ସ. ଷ. ତତ୍ପୁ)—ଇନ୍ଦ୍ରଣ ବୃକ୍ଷ—Ou-Syandana druma(dru) genia Dalbergioides tree.

ସ୍ୟନ୍ଦନବର—ସଂ. ବ (୭ମୀ ତତ୍ପୁ.)—ଉତ୍କୃଷ୍ଟ ରଥ—Syandanabara Excellent car.

ସ୍ୟନ୍ଦନାରୋହ—ସଂ. ବ (ବହୁବ୍ରୀ)—ରଥାରୋହୀ ଯୋଦ୍ଧା—Syandanāroha A warrior riding a car.

ସ୍ୟନ୍ଦନାରୋହଣ—ସଂ. ବ(୭ମୀ ତତ୍ପୁ.)—ରଥରେ ଚଢ଼ିବା—Syandanārohaṇa Riding on a car.

ସ୍ୟନ୍ଦନାରୋହୀ—ସଂ. ବିଣ. ପୁଂ—ରଥରେ ଚଢ଼ିଥିବା (ବ୍ୟକ୍ତି)—Syandanārohī (person) Riding a car. (ସ୍ୟନ୍ଦନାରୋହିଣୀ—ସ୍ତ୍ରୀ)

ସ୍ୟନ୍ଦନି—ସଂ ବ—୧। (ସ୍ୟନ୍ଦନ+ଇ, ଏଥିର କାଠରେ ରଥ ଇତ୍ୟାଦି ତୋଳାଯିବାରୁ)—ଇନ୍ଦ୍ରଣ ବୃକ୍ଷ (ଶବ୍ଦକଳ୍ପଦ୍ରୁମ), ବାଙ୍ଗଣଗଛ—1. Ougenia Dalbergioides (tree). ୨। ସ୍ୟନ୍ଦନୀ (ଦେଶ)—2. Syandanī (See)

ସ୍ୟନ୍ଦନିକା—ସଂ ବ—୧। କ୍ଷୁଦ୍ର ନଦୀ [ହ. ଶ]—1. Rivulet. Syandanika ୨। ଲାଳର ବିନ୍ଦୁ (ହ. ଶ)—2. Drop of saliva.

ସ୍ୟନ୍ଦନୀ—ସଂ. ବ (ସ୍ୟନ୍ଦ ଧାତୁ+କର୍ତ୍ତୃ ଅନ+ଈ)—୧। ଲାଳ; ଅସ୍ରସ୍. Syandanī ସ୍ରୁତ (ସ୍ରବଣଶୀଳ); ସ୍ନେହ—1. Saliva. ୨। (କୋଣ ଅନ+ଈ) ମୂତ୍ରନାଳୀ (ଶବ୍ଦକଳ୍ପଦ୍ରୁମ)—2. Urethra; urinary canal.

ସ୍ୟନ୍ଦିନୀ—ସଂ ବିଣ. ସ୍ତ୍ରୀ (ସ୍ୟନ୍ଦନ୍+ଇ)—ସ୍ୟନ୍ଦୀର ସ୍ତ୍ରୀଲିଙ୍ଗ—Syandinī Feminine of Syandī.

ସଂ. ବ—୧। ଲାଳ; ସ୍ନେହ—1. Saliva. ୨। ଯେଉଁ ଗାଈ ଏକାଥରକେ ଦୁଇଟି ବାଛୁରୀ ଜନ୍ମ ଜରେ—2. A cow which gives birth to two calves at a time.

ସ୍ୟନ୍ଦୀ—ସଂ.ବିଣ.ପୁଂ(ସ୍ୟନ୍ଦନ୍ ଶବ୍ଦ;ସ୍ୟନ୍ଦ ଧାତୁ+କର୍ତ୍ତୃ ଇନ୍ ୧ମା୧ବ)—Syandī ୧। ଯାହା ସ୍ରବୁଥାଏ; ସ୍ରବଣଶୀଳ—(ସ୍ୟନ୍ଦନୀ—ସ୍ତ୍ରୀ) 1. Oozing. ୨। ଗମନଶୀଳ—2, Moving. ୩। ସ୍ରାବକ—3. Causing to flow.

ସ୍ୟନ୍ନ—ପୁ. ବିଣ—(ସ୍ୟନ୍ଦ. ଧାତୁ+କର୍ତ୍ତୃ ତ)—ଝରୁଥିବା; Syanna ସ୍ରବୁଥିବା (ଅମର)—Oozing; percolating.

ସ୍ୟନ୍ନପ୍ରଣ—ପୁ. ବିଣ. ପୁଂ—ସ୍ତୁତ (ହେମଚନ୍ଦ୍ର)—Syannabīna (ସ୍ୟନ୍ନବୀଣା—ସ୍ତ୍ରୀ) Praised.

ସ୍ୟମ୍(ଧାତୁ)—ସଂ—୧। ଧ୍ୱନି କରିବା—1. To sound. ୨। Syam (root) ବିତର୍କ କରିବା—2. To doubt.

ସ୍ୟମନ୍ତକ—ସଂ. ବ—ଭାଗବତପ୍ରସିଦ୍ଧ ମଣିବିଶେଷ—Name of a Symantaka celebrated gem mentioned in the Bhāgabata. [ଦ୍ରୁ—ସତ୍ରାଜିତ୍ ନାମକ ଜଣେ ଯାଦବଙ୍କ ଉପସ୍ୟାଦ୍ୱାରା ସୂର୍ଯ୍ୟନାରାୟଣ ପ୍ରସନ୍ନ ହୋଇ ସୂର୍ଯ୍ୟଦେବ ଏ ମଣିକୁ ସତ୍ରାଜିତ୍‌ଙ୍କୁ ଉପହାର ଦେଇଥିଲେ। ଏ ମଣି ସୂର୍ଯ୍ୟଙ୍କ ପରି ପ୍ରଭାବଶାଳୀ ଥିଲା ଓ ପ୍ରତିଦିନ ମଣିର ଅଧିକାରୀଙ୍କୁ ୮ ଭର (=୧୭ ତୋଳା ପଲ) ସ୍ୱର୍ଣ୍ଣ ଅଣ୍ଟି ଦେଉଥିଲା। ଏ ମଣି ଯେଉଁ ସ୍ଥାନରେ ରହୁଥିଲା, ସେସ୍ଥାନରୁ ରୋଗ, ଶୋକ, ଦୁଃଖ, ଦାରିଦ୍ର୍ୟ ଆଦି ଅଶୁଭମାନ କଦାପି ନ ଥିଲା। ଯାଦବମାନଙ୍କ ଅନୁରୋଧ ଅନୁସାରେ ଶ୍ରୀକୃଷ୍ଣ ତାଙ୍କ ଉତ୍ତରୀୟକୁ ରେଷ୍ଟଦେବା ପାଇଁ ଏ ମଣିକୁ ସତ୍ରାଜିତ୍‌ଙ୍କୁ ମାଗିଲେ,

Digitized by srujanika@gmail.com

କିନ୍ତୁ ସତ୍ରାଜିତ୍ ତାହା ଦେଲେ ନାହିଁ । ଥରେ ସେ ମଣିକୁ କଣ୍ଠରେ ଧାରଣ କରି ସତ୍ରାଜିତଙ୍କ ଭାଇ ପ୍ରସେନଜିତ୍ ମୃଗୟାକୁ ଯାଇଥିଲେ । ବନରେ ପ୍ରସେନଜିତଙ୍କୁ ଏକ ସିଂହ ମାରିପକାଇ ସେ ମଣିକୁ ନେଇଗଲା । ସିଂହ ସେ ମଣିକୁ ଧାରଣ କରି ଗୋଟିଏ ଗୁମ୍ଫାରେ ପଶିବାରୁ ସେ ଗୁମ୍ଫା ଆଲୋକିତ ହେଲା । ଏହା ଦେଖି ଋକ୍ଷରାଜ ଜାମ୍ବବାନ୍ ଉକ୍ତ ସିଂହକୁ ମାରି ତାଠାରୁ ସେ ମଣିକୁ ନେଲେ । ଏଣେ ପ୍ରସେନଜିତ୍ ବନରେ ମରିଯିବାରୁ ଶ୍ରୀକୃଷ୍ଣଙ୍କୁ ସତ୍ରାଜିତ୍ ସନ୍ଦେହ କରି ତାଙ୍କ ନାମରେ କଳଙ୍କ ରଟନା କଲେ ଯେ, ଶ୍ରୀକୃଷ୍ଣ ଏ ମଣି ଲୋଭରେ ପ୍ରସେନଜିତଙ୍କୁ ମାରିପକାଇ ଅଛନ୍ତି। ଶ୍ରୀକୃଷ୍ଣ ଏ କଳଙ୍କରୁ ରକ୍ଷା ପାଇବାପାଇଁ ଜାମ୍ବବାନ୍‌ଙ୍କ ସଙ୍ଗେ ଯୁଦ୍ଧ କଲେ । ଜାମ୍ବବାନ୍ ଶ୍ରୀକୃଷ୍ଣଙ୍କୁ ସାକ୍ଷାତ୍ ଭଗବାନ ବୋଲି ଉପଲବ୍ଧି କରି ନିଜର କନ୍ୟା ଜାମ୍ବବତୀଙ୍କ ସହିତ ଏ ମଣିକୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କରି ତାଙ୍କଠାରେ ଶରଣ ପଶିଲେ । ଶ୍ରୀକୃଷ୍ଣ ସେ ମଣିକୁ ଆଣି ସତ୍ରାଜିତଙ୍କୁ ଦେଲେ । ସତ୍ରାଜିତ୍ ବୃଥାରେ ଶ୍ରୀକୃଷ୍ଣଙ୍କଠାରେ କଳଙ୍କ ଲଗାଇ ଥିବାରୁ ସେଥି ପାଇଁ ଲଜ୍ଜିତ ହୋଇ ନିଜକନ୍ୟା ସତ୍ୟଭାମାଙ୍କୁ ଓ ଏ ମଣିକୁ ଶ୍ରୀକୃଷ୍ଣଙ୍କୁ ଅର୍ପଣ କଲେ । ଶ୍ରୀକୃଷ୍ଣ ସତ୍ୟଭାମାଙ୍କୁ ପତ୍ନୀରୂପେ ଗ୍ରହଣ କଲେ, କିନ୍ତୁ ଏ ମଣିକୁ ସତ୍ରାଜିତ୍‌ଙ୍କୁ ଫେରାଇଦେଲେ । ଅନନ୍ତର ସତ୍ରାଜିତଙ୍କୁ ବଧ କରି ଏ ମଣିକୁ ଶତଧନ୍ୱା ନେଇଗଲେ । ଶତଧନ୍ୱାକୁ ଶ୍ରୀକୃଷ୍ଣ ବଧ କରି ଏ ମଣିକୁ ଆଣି ସତ୍ୟଭାମାଙ୍କୁ ଦେଲେ । କଥିତ ଅଛି ଯେ, ଶ୍ରୀକୃଷ୍ଣ ଭାଦ୍ରବ ଚତୁର୍ଥୀ (ଗଣେଶ ଚତୁର୍ଥୀ) ଦିନ ଚନ୍ଦ୍ରମା ଦର୍ଶନ କରି ଥିବାରୁ ତାଙ୍କଠାରେ ମଣିହରଣରୂପ ମିଥ୍ୟା କଳଙ୍କ ଲାଗିଥିଲା । ଏଥିପାଇଁ ସେଦିନ ଚତୁର୍ଥୀ-ଚନ୍ଦ୍ର ଦର୍ଶନ ନିଷିଦ୍ଧ । (ହି· ଶ) ଗଣେଶ ଚତୁର୍ଥୀଦିନ ଅକସ୍ମାତ ଚନ୍ଦ୍ର ଦର୍ଶନ ହେଲେ ସ୍ୟମନ୍ତକ ଉପାଖ୍ୟାନ ପାଠ କଲେ ସେଦିନ ଚନ୍ଦ୍ର ଦର୍ଶନଜନିତ ଦୋଷରୁ ମୁକ୍ତ ମିଳେ (ତିଥ୍ୟାଦିତତ୍ତ୍ୱ) ।]

ସ୍ୟମନ୍ତ ପଞ୍ଚକ—ସଂ· ବି—(ନାମ) କ୍ଷତ୍ରିୟମାନଙ୍କ ରକ୍ତରେ ପିତୃଲୋକଙ୍କ
Syamanta pañchaka ଉଦ୍ଦେଶ୍ୟରେ ପରଶୁରାମଙ୍କ ତର୍ପଣ କରିଥିବା ତୀର୍ଥ ବିଶେଷ (ଭାଗବତ)—Name of a place where Paraśurāma offered oblations of blood to the manes.

ସ୍ୟମିକ—ସଂ. ବି—(ସ୍ୟମ୍ ଧାତୁ+ଇକ)—୧ । ବଲ୍ମୀକ; ଉଇହୁଙ୍କା
Syamika (ହି· ଶ)—1. Anthill. ୨ । ବୃକ୍ଷ ବିଶେଷ (ହି· ଶ)—2. Name of a certain tree·

ସ୍ୟମୀକ—ସଂ· ବି—(ସ୍ୟମ୍ ଧାତୁ+ଈକ)—୧ । ବଲ୍ମୀକ; ଉଇହୁଙ୍କା—
Symīka 1. Anthill. ୨ । ବୃକ୍ଷବିଶେଷ (ମେଦିନୀ)—2. Name of a particular tree. ୩ । ମେଘ—3. Cloud. ୪ । କାଳ – 4. Time. ୫ । ଜଳ (ହି ଶ)—5. Water. ୬ । ପ୍ରାଚୀନ ରାଜବଂଶ-ବିଶେଷ (ହି. ଶ)—6. Name of an ancient royal family.

ସ୍ୟମୀକା—ସଂ. ବି—(ସ୍ୟମୀକ+ଆ)—୧ । ନୀଳକା (ମେଦିନୀ)—1.
Symikā Indigo plant. ୨ । ଏକ ପ୍ରକାର ପୋକ (ହି.ଶ) 2. A kind of insect.

ସ୍ୟାଇ(ହି) [ଇତ୍ୟାଦି]—ବୈଦେ, ବି (ଫା. ସ୍ୟାହ୍=କୃଷ୍ଣବର୍ଣ୍ଣ; ସ୍ୟାହି
Syāi(hi) (etc) =ମସୀ)—ସିହାଇ ଇତ୍ୟାଦି [ଦେଖ] Sihāi etc (See)

ସ୍ୟାଡ଼ —ଗ୍ରା. ସର୍ବନାମ—ସେ ଆଡ଼; ସେ ଅଞ୍ଚଳ; ସେ ଦିଗ; ସେ ପଟ—
Syārda That side; that quarter—(ଦ୍ର—ସ୍ୟାଡ଼
সেথা वहाँ ପଦ ସଙ୍ଗେ ବିଭକ୍ତିସୂଚକ ଅଙ୍ଗମାନ ଲାଗେ ଯଥା. (ସ୍ୟାଡ଼—ବିପରୀତ) ସ୍ୟାଡ଼କୁ, ସ୍ୟାଡୁ, ସ୍ୟାଡ଼କା, ସ୍ୟାଡ଼ର, ସ୍ୟାଡ଼କାର, ସ୍ୟାଡ଼େ) ।

ସ୍ୟାଡ଼କା—ଗ୍ରା. ସର୍ବନାମ—ସେ ଅଞ୍ଚଳର;ସେହି ଆଡ଼ର—Pertaining
Syārdakā to that place, quarter or side; of
সেথাকার वहाँका that quarter.
(ସ୍ୟାଡ଼କାର; ସ୍ୟାଡ଼ର—ଅନ୍ୟରୂପ)

ସ୍ୟାଡ଼କୁ—ଗ୍ରା· ସର୍ବନାମ—୧ । ସେହି ଅଞ୍ଚଳକୁ; ସେଠାକୁ—1. To
Syārdaku that locality or place. ୨ । ସେହି
সেথায় वहाँको ଦିଗକୁ—2. To that quarter. ୩ । ତତ୍ପରେ—3. After that.

ସ୍ୟାଡୁ—ଗ୍ରା. ସର୍ବନାମ—୧ । ସେଠାରୁ—1. Thence. ୨ । ସେ
Syārdu ଦିଗରୁ—2. From that quarter.
সেথাথেকে; वहाँसे

ସ୍ୟାଡ଼େ—ଗ୍ରା. ସର୍ବନାମ—୧ । ସେଠାରେ—1. There. ୨ । ସେ
Syārde সেথায় वहाँ ଦିଗରେ—2. In that quarter.
ଗ୍ରା· ଅ (ସ. ସାର୍ଦ୍ଧ) ସାଢ଼େ; ସାର୍ଦ୍ଧ; ସାଢ଼େ (ଦେଖ)—
And a half. (ଯଥା, ସ୍ୟାଢେ ତିନିଟା ବେଳ) ।

ସ୍ୟାଣା (ଇତ୍ୟାଦି)—ଗ୍ରା. ବିଣ – ସିଆଣା ଇତ୍ୟାଦି (ଦେଖ)
Syāṇā (etc) Siāṇā etc (See)

ସ୍ୟାତ୍—ଦେ. ଅ, (ସଂ. ଅସ୍ ଧାତୁ=ହେବା; ଏ ଧାତୁର ଭବିଷ୍ୟତ
Syāt କାଳ ତୃତୀୟ ପୁରୁଷ ୧ ବଚନ; ସ୍ୟାତ୍=ହୋଇପାରେ
স্যাৎ, যদিস্যাৎ स्यात ଏହା 'ଯଦି' ଶବ୍ଦ ସଙ୍ଗେ ଲାଗେ)—
(ତର୍କଣାର୍ଥକ); କେଜାଣି; କେଜାଣି ଅବା; ଯଦି; ଯଦିସ୍ୟାତ୍—If, in case. (ଯଥା—ସ୍ୟାତ୍ ମୁଁ ସେଠାକୁ ଯାଏଁ; ଅର୍ଥାତ୍, ଯେବେ କେଜାଣି ମୁଁ ସେଠାକୁ ଯାଏଁ)

ସ୍ୟାଳ—ସଂ. ବି· ପୁଂ—ଶ୍ୟାଳକ (ସ୍ୱାମିକୃତ ଅମର ଟୀକା)—
Syāla (ସ୍ୟାଳକ—ଅନ୍ୟରୂପ) One's wife's brother.

ସ୍ୟାଳିକା—ସଂ. ବି· ସ୍ତ୍ରୀ—ଶ୍ୟାଳିକା; ପତ୍ନୀଙ୍କ ସାନ ଭଉଣୀ (ହି. ଶ)—
Syālikā (ସ୍ୟାଳୀ—ଅନ୍ୟରୂପ) One's wife's younger sister.

ସ୍ୟୁତ୍ନ—ସଂ, ବି—ଆହ୍ଲାଦ (ଶବ୍ଦକଳ୍ପଦ୍ରୁମ)—Joy.
Syutna

Digitized by srujanika@gmail.com

ସ୍ୟୁ—ସଂ. ବ—(ସିବ୍ ଧାତୁ ସିଇଁବା + କରଣ ଉ)-ସୂତ୍ର; ସୂତା—(ହି. ଶ)-
Syū Thread

ସ୍ୟୁତ—ସଂ. ତ୍ରି—(ସିବ୍, ଧାତୁ = ସିଇଁବା + କର୍ମ ତ)—୧ । ପ୍ରୋତ; ଉତ୍ତ; ସୂଚିତ; ସୂତା ଦ୍ୱାରା ବୁଣା ଦୋଇଥିବା—1. Woven. ୨ । ସିଲ୍ଇ କରାଯାଇଥିବା—2. Sewn. ୩ । ରଫୁ କରାଯାଇଥିବା—3. Darned. ବ—୧ । ସୂତ୍ର ନର୍ମିତ ବସ୍ତ୍ର; ବସ୍ତ୍ର ନର୍ମିତ ମୃଣି; ଧୋକଡ଼ୀ; ଧୌତକଳ୍ଟ; (ଅନ୍ୟ ସଂ. ନାମ—ସ୍ୟୂନ, କନାର ଥଳ—A bag made of cloth or thread.
ସ୍ୟୋନ, ସ୍ୟୋତ, ଧୌତକଳ୍ଟ)

ସ୍ୟୁତସନ୍ଧି-ସଂ. ବ. (ଅଧିକ ପ୍ରଯୋଗ)-୧ । ସେଉଁ ଜୀବମାନଙ୍କର ଶସ୍ତ୍ରର
Syūtasandhi ସନ୍ଧ ସ୍ଥଳ ସିଲ୍ଇ କରାଯାଇଥିବା ଘର ଦେଖା ଯାଇଥାଏ (ମସ୍ତକର ଅସ୍ଥି ଗୁଡ଼ିକ ଦେଖିଲେ ସେମାନ ପରସ୍ପର ସିଲ୍ଇ ଦେବାପର ଜଣା ଯାଇଥାଏ, ଏହ ଦେଖୁରୁ ସେମାନଙ୍କର ସନ୍ଧ ସ୍ଥଳକୁ ସ୍ୟୂତସନ୍ଧ କୁହାଯାଏ ।)—
1. Sutaral animuls. ୨ । ଦାନ୍ତଦ୍ୱୟର ସେଉଁ ସନ୍ଧ ସିଲ୍ଇ ଦେବା ପର ଦେଖାଯାଏ (ଯଥା, ଖପୁରର ଦାନ୍ତମାନ)—2. Suture.

ସ୍ୟୁତି—ସଂ. ବ—(ସିବ୍ ଧାତୁ + ଭାବ ତ)—୧ । ସୀବନ; ଛୁଞ୍ଚ ଦ୍ୱାରା
Syūti ଲୁଗା ଆଦ ସେଇଁବା—1. Sewing. ୨ । ରଫୁ କରିବା—2. Darning. ୩ । ବୁଣିବା; ବସ୍ତ୍ରନ—3. Weaving. ୪ । (+କର୍ମ.ତ) ତନ୍ତୁ ପ୍ରଭୃତ. ତନ୍ତୁରେ ନର୍ମିତବସ୍ତୁ (ଯଥା—ଲୁଗାଘଣ୍ଟ)—4. Articles woven from fibres. ୫ । ଲୁଗାର ଥଳ—5. Cloth bag. ୬ । ସନ୍ତାନ; ସନ୍ତତ (ହି ଶ)—6. Offspring.

ସ୍ୟୂନ—ସଂ ବ—(ସିବ୍ ଧାତୁ + କର୍ମ ନ—୧ । ସ୍ୟୂତ; ଧୋକଡ଼; ମୃଣି—
Syūna 1. A bag of rags sewn together.

ସ୍ୟୂମ—ସଂ. ବ—୧। (ସିବ୍ ଧାତୁ + କରଣ. ମ)—ରଶ୍ମି; କରଣ (ସଚ୍ଚିତ୍ର ସାର)—1. Ray. ୨ । ଜଳ (ଉଣାଦକୋଷ)—
Syūma 2. Water.

ସ୍ୟେଇ (ଇତ୍ୟାଦ)—ବୈଦେ. ବ—ସିଙ୍ଘାଇ ଇତ୍ୟାଦ (ଦେଖ)—
Syei (etc) Sihāi etc (See)

ସ୍ୟୋତ—ସଂ. ବ—(ସିବ୍ ଧାତୁ + ତ ମ ତ)—ସ୍ୟୂତ; ଧୋକଡ଼ (ଉରତ)
Syota A bag made of rags sewn together.

ସ୍ୟୋନ—ସଂ. ବ—(ସିବ୍ ଧାତୁ + କର୍ମ ନ)—୧ । ସ୍ୟୂତ; ଧୋକଡ଼; ଧୌତକଳ୍ଟ (ଉରତ)—1. A bag of rags. ୨। (+ କର୍ତ୍ତୃ.ନ) ସୂର୍ଯ୍ୟ (ମେଦନୀ)—2. The sun. ୩। ରଶ୍ମି—
Syona 3. Ray of light. ୪ । ସୁଖ; ଆନନ୍ଦ (ଶବ୍ଦକଳ୍ପଦ୍ରୁମ)—4. Delight; happiness.

ସ୍ୟୋନାକ—ସଂ ବ—ଶ୍ୟୋନାକ [ହି. ଶ] (ଦେଖ)—
Syonāka Śyonāka (See)

ସ୍ରଂସନ(ନା)—ସଂ. ବ [ସ୍ରନଶ୍ ଧାତୁ = ଖସିତ ହେବା, ଖସିଯିବା + ଭାବ
Sraṁsana(nā) ଅନ + ଆ] ୧ । ସ୍ଖଳନ—1. Slipping. ୨ । ଅଧଃପତନ; ଖସିବା; ପଡ଼ିଯିବା; ଭ୍ରଂଶ—2. Falling down; dropping down. ୩ । ବିଚ୍ୟୁତି—3. Separation; displacement; dislocation. ୪। ଦେହସ୍ଥ ଊର୍ଦ୍ଧ୍ୱଗତ (ସ୍ରସ୍ତ—ବର୍ଣ) ଦୋଷକୁ ଅଧୋଦେଶକୁ ଅଣିବା [ସ୍ରଂଶ ତ ଟାପ୍]—4. The act of bringing down a defect from the top of the body downwards. ୫ । (+ କରଣ ଅନ) ମଳଭେଦକ ଔଷଧ [ହି. ଶ]—5. Cathartic medicine. ୬ । (+ଭାବ ଅନ) ଗର୍ଭପାତ; ଗର୍ଭସ୍ରାବ [ହି. ଶ]—6. Miscarriage; abortion. ସଂ. ବର୍ଣ—ମଳଭେଦକ (ହି. ଶ)—
Cashartic.

ସ୍ରଂସିନୀ-ସଂ. ବର୍ଣ, ସ୍ତ୍ରୀ (ସ୍ରଂସିନ୍ + ଙ୍ଗୀ)—ସ୍ରଂସୀର ସ୍ତ୍ରୀଲିଙ୍ଗ—
Sraṁsini Feminine of Sraṁsi. ସଂ. ବ—ପ୍ରସ୍ରଂସିନୀ; ଯୋନୀରୋଗ ବିଶେଷ—A kind of disease of the female organ. [ଦ୍ର—ଜ୍ୱରପ୍ରକାଶ ଅନୁସାରେ ପ୍ରସଙ୍ଗ ସମୟରେ ଅଘାତ ଲଗିବା ଯୋଗୁ ଯୋନ ବାହାର ଘଡ଼ ଓ ଗର୍ଭାଶୟ ବାହାର ହୋଇ ଥାରେ ନାହିଁ । ଏ ରୋଗକୁ ସ୍ରଂଶିନୀ ବୋଲାଯାଏ [ହି.ଶ]

ସ୍ରଂସିନୀଫଳ—ସଂ ବ—ଶିରୀଷ ବୃକ୍ଷ [ଶବ୍ଦମାଳା]—Abizzia
Sraṁsinīphala Lebbek; Acacia Lebbek.

ସ୍ରଂସୀ—ସଂ. ବର୍ଣ [ସ୍ରଂସିନ ଶବ୍ଦ, ସ୍ରନଶ୍ ଧାତୁ + କର୍ତ୍ତୃ ଇନ୍]=
Sraṁsī ୧। ଅଧଃପତନଶୀଳ—1. Falling down; slipping. (ସ୍ରଂସିନୀ—ସ୍ତ୍ରୀ) ୨ । ଭ୍ରଷ୍ଟ; ଚ୍ୟୁତ—2. Displaced. ୩ । ଅସମୟରେ ପତିତ ବା ଭ୍ରଷ୍ଟ (ଭ୍ରୂଣ) [ହି. ଶ]—3. Miscarried (foetus) ବ.—୧। ଦାନ୍ତୁନଘ୍ନ [ଅମର]—1. The tooth brush tree; salvedor tree. ୨ । ଗୁଆଗଛ [ହି ଶ]—2. The areca nut tree.

ସ୍ରକ୍ (ଧାତୁ)—ସଂ.—ଗତିକରିବା—
Srak (root) To move,

ସ୍ରକ୍(ଗ୍)—ସଂ ବ (ସୃଜ ଧାତୁ + କର୍ମ କ୍ୱିପ୍, ସ୍ରଜ୍ଶବ୍ଦ ୧ମା. ୧ବ)
Srak (g) ୧ । ମାଳ; ମାଳା; ହାର—1. Garland. ୨ । ମସ୍ତକରେ ପିନ୍ଧାଯିବା ପୁଷ୍ପଦାମ—2. A garland worn round the head. ୩ । ଫୁଲର ମାଳ ବା ହାର—3. A garland of flowers. ୪ । ବର୍ଣ୍ଣବୃତ୍ତ ବିଶେଷ—4. Name of a Sanscrit metre. [ଦ୍ର—ଏଥିରେ ପ୍ରତ୍ୟେକ ଚରଣରେ ୪ ନଗଣ ୧ ସଗଣ ଥାଏ ଓ ୬ଷ୍ଠ ଓ ନବମ ଅକ୍ଷରରେ ଯତିହୁଏ (ହି. ଶ)] ୫ । ବୃକ୍ଷ ବିଶେଷ (ହି. ଶ)—5. A kind of tree. ୬ । ଜ୍ୟୋତିଷୋକ୍ତ ଯୋଗ ବିଶେଷ (ହି.ଶ)
6. A kind of astrological conjuction.

ସ୍ରକ୍-ଚନ୍ଦନ—ସଂ. ବ [ଦ୍ୱନ୍ଦ୍ୱ]—ମାଳା ଓ ଚନ୍ଦନ—
Srak-chandana Garland and sandal paste

Digitized by srujanika@gmail.com

ସ୍ରଗ୍ଜିହ୍ୱ—ସଂ. ବ (କବ୍ୟଗ୍ରହ, ସ୍ରକ୍ ଘର ଜହ୍ନା ଯାହାର)—ଅଗ୍ନି [ହ୍ର.ଶ] Sragjihwa Fire.

ସ୍ରଗ୍ଧର—ସଂ. ବଣ. ପୁଂ (ସ୍ରକ୍+ଧୃ ଧାତୁ+କର୍ତ୍ତୃ ଅ)—ମାଳାଧାରୀ—Wearing garland. (ସ୍ତ୍ରୀ—ସ୍ତ୍ରୀ)

ସ୍ରଗ୍ଧରା—ସଂ. ବ—୧। ଏକବିଂଶତ୍ୟକ୍ଷରବିଶିଷ୍ଟ ସଂସ୍କୃତ ଛନ୍ଦୋବିଶେଷ- 1. Name of a Sanscrit metre of 21 syllables. ୨। ବୌଦ୍ଧ ଦେବୀବିଶେଷ (ହ୍ର.ଶ)= 2. Name of a Buddhist Goddess. ବି. ସ୍ତ୍ରୀ—ସ୍ରଗ୍ଧରର ସ୍ତ୍ରୀଲିଙ୍ଗ—Feminine of Sragdhara.

ସ୍ରଗ୍ବାନ୍—ସଂ. ବଣ. ପୁଂ (ସ୍ରକ୍ଟନ୍ ଶବ୍ଦ; ସ୍ରକ୍+ବତ୍)—ମାଳାଧାରୀ- Wearing garland; garlanded (ସ୍ତ୍ରୀ—ସ୍ତ୍ରୀ)

ସ୍ରଗ୍ବିଣୀ—ସଂ. ବଣ. ସ୍ତ୍ରୀ (ସ୍ରଗ୍ବିନ୍+ଈ)—ସ୍ରଗ୍ବୀର ସ୍ତ୍ରୀଲିଙ୍ଗ— Feminine of Sragbi.

ସଂ. ବ—୧। ସ୍ରଗ୍ଧରା ଚରଣରେ ୪ ରଗଣ ଥିବା ବୃତ୍ତବିଶେଷ- 1.Name of a Sanscrit metre, ୨। ଦେବୀବିଶେଷ (ହ୍ର. ଶ)—2. Name of a goddess.

ସ୍ରଗ୍ବୀ—ସଂ. ବଣ (ସ୍ରଗ୍ବିନ୍ ଶବ୍ଦ; ସ୍ରକ୍+ବତ୍)—ମାଳାଧାରୀ— Wearing garland. (ସ୍ରଗ୍ବିଣୀ—ସ୍ତ୍ରୀ)

ସ୍ରଜିଷ୍ଠ—ସଂ ବଣ. ପୁଂ (ସ୍ରକ୍+ଇଷ୍ଠ)—ମାଲ୍ୟଧାରିଷ୍ଠ— Wearing garland. (ସ୍ତ୍ରୀ—ସ୍ତ୍ରୀ)

ସ୍ରଜୀୟାନ୍—ସଂବଣ (ସ୍ରଜୀୟସ୍ ଶବ୍ଦ;ସ୍ରକ୍+ଈୟସ୍)—ମାଲ୍ୟଧାରିଷ୍ଠ— (ସ୍ତ୍ରୀଜୀୟସୀ ସ୍ତ୍ରୀ) Garlanded.

ସ୍ରଜ୍ୱା—ସଂ. ବ (ସୃଜ୍ ଧାତୁ+କର୍ତ୍ତୃ ବନ୍; ସ୍ରଜ୍ୱନ୍ ଶବ୍ଦ ୧ମା ୧ ବଚନ)- ୧ । ପ୍ରଜାସ୍ରଷ୍ଟା—1. The Progenitor fo mankind. ୨ । (ସ୍ରକ୍ ଧାତୁ+ବନ୍)— ରଜ୍ଜୁ; ଉନ୍ନତଃସଂଘାତ; ବଳା ହୋଇଥିବ ଦଉଡ଼ି— 2. Rope; fibres twisted into a rope. ୩ । (ସ୍ରକ୍+ବତ୍; ୧ମା ୧ବ)—ମାଳାକାର (ହ୍ର. ଶ)—3. Maker of garlands.

ସ୍ରଦ୍ଧ୍ନୁ— ସଂ ବ (ଶୃଧ୍ ଧାତୁ+ଉନ ର୍ଚ)—ବାତକର୍ମ—Breaking of wind; passing of wind through the anus. [ଶ୍ରଦ୍ଧ—ଅନ୍ୟରୂପ]

ସ୍ରନ୍ଭ୍ [ଧାତୁ]—ଦଂ—୧। ପ୍ରମାଦଯୁକ୍ତ ହେବା; ପ୍ରମତ୍ତ ହେବା— 1. To be mad. ୨। ବିଶ୍ୱାସ କରିବା—2. To trust.

ସ୍ରନ୍ସ୍ (ଧାତୁ)—ସଂ—୧। ଭ୍ରଂଶ ହେବା; ଖସିପଡିବା—1. To slip. Sran-s(root) ୨। ଉଚ୍ଚରୁ ପଡିଯିବା—2. To fall down. ୩। ପ୍ରସନ୍ନ ହେବା—3.To be favourable.

ସ୍ରବ—ସଂ. ବ [ସ୍ରୁ ଧାତୁ+ଭାବ ଅ]—୧। ସ୍ରାବ (ଦେଖ)— Sraba 1. Srāba (See). ୨। ସ୍ରବଣ (ଦେଖ)— 2, Srabaṇa (See)

ସ୍ରବଣ—ସଂ. ବ (ସ୍ରୁ ଧାତୁ+କର୍ତ୍ତୃ ଅନ)—୧। ପ୍ରସ୍ରାବ; ମୂତ୍ର Srabaṇa [ବଜଳଘର୍ଷଣ)—1. Urine. ୨। ଘର୍ମ— 2. Perspiration. ୩। (+ଭାବ ଅନ) ଝରିବା; ସ୍ରବଣ—3. Oozing; flowing down; percolating. ୪। (+କର୍ତ୍ତୃ ଅନ) ଉତ୍ସ; ପ୍ରସ୍ରବଣ— 4. Spring; fountain. ୫। ପ୍ରବାହ (ହ୍ର. ଶ)— 5. Flow; current. ୬। ଗର୍ଭସ୍ରାବ ହ୍ର. ଶ)— 6. Miscarriage

ସ୍ରବତ୍ତୋୟା—ସଂ. ବ—ରୁଦନ୍ତୀ (ଦେଖ; ହ୍ର. ଶ)— Srabattoyā Rudantī (See)

ସ୍ରବଦ୍ଗର୍ଭ—ସ. ବଣ. ସ୍ତ୍ରୀ(ସ୍ରବତ୍=ସ୍ଖଳିତ ହୋଇଅଛୁ ଗର୍ଭ ଯାହାର)- Srabad garbhā ଯେଉଁ ସ୍ତ୍ରୀର ଦୈବବଶରୁ ଗର୍ଭପାତ ହୋଇଅଛୁ; ଗର୍ଭର ପଳାଇଥିବା (ସ୍ତ୍ରୀ)।—Miscarried (woman) ବି. ସ୍ତ୍ରୀ—ଅବତୋକା; ଦୈବବଶରୁ ପଚ୍ଛତ- ଗର୍ଭ ଗୌ—A miscarried cow,

ସ୍ରବଦ୍ରଙ୍ଗ—ସଂ ବ—୧ । ପଣ୍ଯଭୂମି (ଖାସ୍ବଲୀ ; ବଜାର— Srabadraṅga 1. Market; bazar. ୨। ମେଳା; ପ୍ରଦର୍ଶନୀ (ହ୍ର. ଶ)—2. Fair; exhibition.

ସ୍ରବନ୍—ସ. ବଣ. ପୁଂ (ସ୍ରବତ୍ ଶବ୍ଦ ୧ମା ୧ବ, ସ୍ରୁ ଧାତୁ+କର୍ତ୍ତୃ ଅତ୍ (ଶତୃ)—ସ୍ରବଣବିଶିଷ୍ଟ; ଝରୁଥିବା; ସ୍ରବଣଶୀଳ— Sraban (ସ୍ତ୍ରୀବନ୍ତୀ—ସ୍ତ୍ରୀ) Oozing; percolating.

ସ୍ରବନ୍ତୀ—ସଂ. ବ (ସ୍ରୁ ଧାତୁ+ କର୍ତ୍ତୃ ଅତ୍+ଈ)—୧ । ନଦୀ—1 Srabantī River. ୨। ବନସ୍ପତିବିଶେଷ-2 A kind of tree. ୩। ଔଷଧିଭେଦ (ଗନ୍ଧଦଣ୍ଡା)—3 A herb. ସ. ବଣ—ସ୍ରବନ୍ତ ସ୍ତ୍ରୀଲିଙ୍ଗ—Feminine of Sraban.

ସ୍ରବା—ସଂ ବ [ସ୍ରୁ ଧାତୁ+କର୍ତ୍ତୃ ଅ+ଆ]—୧ । ମୁର୍ବା (ଗୁଚ୍ଛମୂଳକ); Srabā ମୂରୁଗା ଘାସ—1 Sansevieria Zeylaniea. ୨। ଜୀବନ୍ତୀ [ହ୍ର. ଶ ଦେଖ]— 2 Jībantī [See]

ସ୍ରବା(ବେ)ଇବା—ଦେ.କ୍ରି (ଭଦ୍ୟ) (ସ୍ରୁ ଧାତୁ.ଣିଚ)—ସ୍ରବିବାର ଣିଜନ୍ତ Srabā (be) ibā ରୂପ—The causative form of ସ୍ରବାନ 'Srabibā' [ଉ—ସେ ବୃକ୍ଷର ମଧ୍ୟରୁ ବହେ ମଧୁନଦୀ. **ବହାନା ସ୍ରବାନା** ଯୋଗଜ ପୁଷ୍ପ ସେ ସ୍ରବାଏ ନରବର୍ଷ । କୃତ୍ତିବାସ, ମହାସ୍ତ୍ରୀରତ - ବନ]

ସ୍ରବିବା—ଦେ. କ୍ରି (ଭଦ୍ୟ)(ସଂସ୍ରୁ ଧାତୁ) – ୧। ସ୍ରବ ହେବା—1.To Srabibā ooze. [ଉ—ରସଭାରୁ ଅଦ୍ଭନଶ ସ୍ରବୁଥଉ ଜଳ । ସ୍ରବା ଗୁଣାକାର, ମହାସାଧା] ୨। ଧାତୁ ଜଳେ ବୋହିବା— **ବହନା, ସ୍ରବନା** 2. To flow down

ସ୍ରଷ୍ଟବ୍ୟ—ସ. ବଣ (ସୃଜ ଧାତୁ+କର୍ମ. ତବ୍ୟ)—ସୃଷ୍ଟି ହେବାର ଯୋଗ୍ୟ—Fit to be created. Srashṭabya

Digitized by srujanika@gmail.com

ସ୍ରଷ୍ଟା—ସଂ. ବଣ. ପୁଂ (ସ୍ରଷ୍ଟୃ ଶବ୍ଦ; ସୃଜ୍ ଧାତୁ+କର୍ତ୍ତୃ. ତୃ ୧ମା. ୧ବ) Srashṭā ଯେ ସର୍ଜନା କରେ; ସୃଷ୍ଟିକର୍ତ୍ତା—Creating. (ସ୍ରଷ୍ଟ୍ରୀ—ସ୍ତ୍ରୀ) ବ—୧। ଜନ୍ମିତା—1. Maker ୨। ଉଦ୍ଭାବକ. କର୍ତ୍ତା—2. Inventor. ୩। ବଧାତା; ବ୍ରହ୍ମା—3. Brahmā the Creator. ୪। ଶିବ (ତନ୍ତ୍ରାଯୁଧ) 4. Śiba. ୫। ଈଶ୍ୱରଙ୍କର ସୃଷ୍ଟିକାର୍ଯ୍ୟରୂପ—5. God in the guise of the Creator of the universe. ୬। ବିଷ୍ଣୁ—6. Bishnu.

ସ୍ରଷ୍ଟୃତା (ତ୍ୱ)—ସ. ବ (ସ୍ରଷ୍ଟୃ+ତ୍ୱ. ତା, ତ୍ୱ)—୧। ସୃଷ୍ଟିକର୍ମ—Srastrutā (twa) 1. The act of creating; the act of the creator; creation. ୨। ସ୍ରଷ୍ଟା ହେବାର ଅବସ୍ଥା—2. The state of being the creator or maker.

ସ୍ରସ୍ତ—ସ. ବଣ (ସ୍ରନ୍ସ୍ ଧାତୁ+କର୍ତ୍ତୃ. ତ)—୧। ଝରିତ—Srasta 1. Oozed; percolated. ୨। ଜଲକୁ ଜସି ପଡ଼ିଥିବା—2. Fallen down. ୩। ଭ୍ରଷ୍ଟ;ବ୍ୟସ୍ତ; (ସ୍ରଂସନ—ଜ) ଖସିପଡିବା; ସ୍ଥାନଚ୍ୟୁତ—3. Displaced; disordered. ୪। ଖସିଯାଇଥିବା—4. Slipped off; dislocated. ୫। ଉଗଳିତ—5. Flowing; dropped from. ୬। ଶିଥିଳ; ଢିଲା ହୋଇଥିବା—6. Loosened; slackened.

ସ୍ରସ୍ତର—ସ. ବ [ସ୍ରନ୍ସ୍ ଧାତୁ+କର୍ମ ତର)—ସଂସ୍ତର; ଅସନ; ଶଯ୍ୟା —A bed; mat.

ସ୍ରା ଆ (ହା) ନ—ସ୍ରା. ବ (ସଂ. ସ୍ନାନ)—ସ୍ନାନ (ଦେଖ)—Srā-ā (hā) na Snāna (see) (ସ୍ନାନ—ଅନ୍ୟରୂପ)

ସ୍ରା ଆ (ହା) ନଆ—ଦେ. ବଣ—ସ୍ନାତ, ଜଳସ୍ନାନ—Srā-ā (hā) niā Bathed; washed.

ସ୍ରା କସ୍‌ମିସ—କୈଦେ. ବ—କ୍ଷେତ୍ର ଉପରେ ନିକୁଣ୍ଠିଥିବା ଏକପ୍ରକାର Srā kis-mis ଫଳ। ବାଇଗଣୀ ରଙ୍ଗର ଅଙ୍ଗୁର, ସାହାକୁ ଶୁଖାଇ ସ୍ରାକିସମିସ କର କରସମିସ କରଯାଏ [ହି. ଶ]—A kind of स्राकिसमिस light-violet grapes which are dried into raisins.

ସ୍ରାଗ—ସ୍ରା ବ (ସଦ୍ୟ) (ସଂ—ସ୍ରବ୍‌ଗ)—ସ୍ନେହ, ଅନୁରାଗ; ସୁରାଗ—Srāga Love; affection. [ତ୍ର—ଯହିଁଠାରେ ଭୁରସ୍ତର ନ ସ୍ନେହ ପ୍ୟାର ଥାଏ କ ସ୍ରାଗ। ଶୀତାମ୍ବର. କୃସିଂହ ପୁରୁଣ]

ସ୍ରାବ—ସଂ.ବ [ସ୍ରୁ ଧାତୁ+ଭାବ ଅ]—୧। ସ୍ରବ;ଝରଣ—1. Oozing. Srāba ୨। ବୋହୁବା—2. Flow; discharged. ୩। ପତନ—3. Falling down. ୪। ଭ୍ରଂଶ; ବଦ୍ୟୁତ 4. Dropping down; slipping. ୫। ପ୍ରସବ ପରେ ୩।୪ ଦିନ ପର୍ଯ୍ୟନ୍ତ ପ୍ରସୂତିଙ୍କ ଜନନେନ୍ଦ୍ରିୟରୁ ବାହାରୁବା ନାଲି ରଙ୍ଗର ଜଳୀୟ ବସ୍ତୁ (ଏହା କ୍ରମେ କ୍ରମେ ଫିକା ଓ ଛୁଞ୍ଚଦନ ପରେ ସାଦା ରଙ୍ଗ ହୋଇଯାଏ। ସୂଜଚ୍ଛୋରୁସ୍ରୂଚ୍ଛଡ଼ଥା] 5. Lochia. ୬। ଗର୍ଭପାତ (ହି. ଶ)—6. Miscarriage. ୭।(+କର୍ତ୍ତୃ. ଅ) କର୍ଯ୍ୟାସ; ବହୁଥିବା ରସ (ହି. ଶ)—7. Exuded juice.

ସ୍ରାବକ—ସଂ. ବଣ ପୁଂ(ସ୍ରୁ ଧାତୁ+କର୍ତ୍ତୃ ଅକ)—ଝରଣଶୀଳ; ଝରକ—Srābaka Oozing; flowing. ବ—ମରିଚ [ଶବ୍ଦରତ୍ନା] [ସ୍ରାବକା—ସ୍ତ୍ରୀ ବଣ] Black pepper.

ସ୍ରାବଣି କରଣୀ—ବେ. ବ—ମଦ୍ଦୌଷଧି ବଶେଷ—Name of a Srābaṇi karaṇī medicinal plant. [ତ୍ର—ସନ୍ଧାନ କରଣୀ ଯେ ବଶଲ୍ୟ କରଣୀ ମୃତ୍ୟୁସଞ୍ଜୀବନୀ ଯେ ସ୍ରାବଣି କରଣୀ—କୃତ୍ତିସିଂହ ମହାଗ୍ରନ୍ଥ ବନ।]

ସ୍ରାବଣୀ—ସ. ବ—ଋଦ୍ଧି ନାମକ ମଦ୍ଦୌଷଧି ବୃକ୍ଷ (ଶବ୍ଦକଳ୍ପଦ୍ରୁମ)—Srābaṇī A rare medicinal plant.

ସ୍ରାବିତ—ସ.ବଣ—(ସ୍ରୁ ଧାତୁ.ଣିତ=ସ୍ରାବ ଧାତୁ+କର୍ମ ତ)—ବୁହାଇବାର Srābita ବାହାର କରାଯାଇଥିବା (ରସ)—Caused to flow down.

ସ୍ରାବି—ବଂ. ବଣ. ସ୍ତ—(ସ୍ରୁ ଧାତୁ ଣିତ ସ୍ରାବ ଧାତୁ+କୃତ୍ ଇନ; Srābi ସ୍ରାବିନ୍ ୧ମା. ୧ବ)—୧। ସାହା ସ୍ରାବ କରେ—1. (ସ୍ରାବିଣୀ—ସ୍ତ୍ରୀ) Causing to flow. ୨। ଯହିଁରୁ ଝରୁଥାଏ 2. From which something is oozing out.

ସ୍ରାବ୍ୟ—ବଂ.ବଣ—(ସ୍ରୁ ଧାତୁ ଣିତ+କର୍ମ.ଯ) —ଝରନ୍ତ କରାଯିବା ଯୋଗ୍ୟ Srābya —Fit to be caused to flow or ooze out.

ସ୍ରିଜିବା—ଦେ କ୍ରି (ପ୍ରାଚୀନ ପ୍ରୟୋଗ)—ସର୍ଜନା କରିବା— Srijiba To create. [ତ୍ର—ସ୍ରିଜ ଘଟଣା କରେ ଅନ୍ୟ, ରହୁଣ ସୃଜନକର୍ତ୍ତା ଆମ୍ଭର ସଙ୍ଗତ—ପ୍ରାଚୀ ଜଗୁର୍ଣ୍ଣ ମାହାତ୍ମ୍ୟ।] सरजना

ସ୍ରିନ୍‌ଭ୍ (ଧାତୁ)—ସ—ହିଂସା କରିବା— Srin-bh (root) To strike; to kill.

ସ୍ରିବ୍ (ଧାତୁ)—ସଂ—୧। ଶୋଷଣ କରିବା—1. To suck; to Srib (root) drain. ୨। ଶୁଖାଇବା—2. To dry up. ୩। ଗତି କରିବା—3. To move.

ସ୍ରିଭ୍ (ଧାତୁ)—ସ—ହିଂସା କରିବା— Sribh (root) To strike; to kill.

ସ୍ରୁ (ଧାତୁ)—ସଂ.—୧। ଗତି କରିବା—1. To move. ୨। Sru (root) ସ୍ରବିବା; ଝରନ୍ତ ହେବା—2. To ooze; to percolate.

ସ୍ରୁକ୍ (ଗ)—ସଂ. ବ—(ସ୍ରୁ ଶବ୍ଦ; ସ୍ରୁ ଧାତୁ=ଝରନ୍ତ ହେବା+ Sruk (g) କରଣାର୍ଥକ କ୍ୱିପ୍, ୧ମା, ୧ବ)—କାଷ୍ଠନିର୍ମିତ ସଜ୍ଞପାତ୍ର- (ସ୍ରୁତ—ହେ ରୂପ) ବଶେଷ;ଏକ ପ୍ରକାର ସ୍ରୁବ—A wooden spoon for pouring ghee unto fire (having a wider mouth than Sruba) [ତ୍ର—ଏହା ବଟଯଜ୍ଞାଦିର, ଚରୁଯାଗାର, ଅର୍କଚନ୍ଦ୍ରାକୃତି ଓ ଶସ୍ତ୍ରବାଦ୍ଦ; ଏହା ଖଇର ବା ଅଶ୍ୱତ୍ଥ କାଠରେ ନିର୍ମିତ ହୁଏ। ଏହା

Digitized by srujanika@gmail.com

ଦ୍ୱାରା ଘୃତ ଅଗ୍ନିରେ ଢଳାଯାଏ ଓ ସ୍ରୁବ ଅପେକ୍ଷା ବଡ଼ା ଚଉଡ଼ା ଓ ମନୁଷ୍ୟର ବାହୁସଦୃଶିତ—ତ୍ରାସୁ ୧୪ ଦ୍ୱାଦଶ ଲମ୍ବ ହୁଏ—ଶଇବଳାବଳୀ ।

୧୪ ଦ୍ୱାଦଶ ଲମ୍ବା ଗୋଟିଏ ଚାଡ଼ର ଅଗରେ ଶମ୍ବାଘର ଚଉଡ଼ା କାଠର ଗାନ୍ଧ ଲଗିଥାଏ ଓ ଏହି ଗାନ୍ଧର ଅଗରେ ଗୁରଗୋଟି ଛିଦ୍ର ଦୋଇଥାଏ । ସେହି ଛିଦ୍ରଦାରେ ଗୁନ୍ଥିବାସ୍ତ ଦୋଇ ଘିଅ ଅଗ୍ନିରେ ପଡ଼େ । ସାଧାରଣ ଅନ୍ତଃ ଦେବାପାଇଁ ସ୍ରୁବ ବ୍ୟବହୃତ ହୁଏ; ଜନ୍ତୁ ପୂର୍ଣ୍ଣାହୁତି ଦେବାବେଳେ ସ୍ରୁକ୍ ବ୍ୟବହାର ହୁଏ । ସ୍ରୁବରେ ଅଧଛଟାଙ୍କିଏ ପର୍ଯ୍ୟନ୍ତ ଘିଅ ସମ୍ଭାବ, ଜନ୍ତୁ ସ୍ରୁକ୍‌ରେ ଅଧପାବ ବା ଛଅ ଛଟାଙ୍କି ଘିଅ ରହିପାରେ । ହୋମ ଶେଷରେ ଅଗ୍ନିରେ ଫଳ (ନାରିକେଳାଦି) ସ୍ଥାପନ କରି ତହିଁ ଉପରେ ସ୍ରୁକ୍‌ସ୍ଥାୟି ଘିଅ ଅହୁତି ଦଆଯାଏ ।]

ସ୍ରୁଗ୍‌ଦାରୁ—ସଂ. ବ—ବ୍ୟାଘ୍ରପାଦ ଗଛ (ଜଙ୍ଗଲ); ଉଇଁଚକୋଳ ଗଛ—Srug-dāru Flacourtia Romontchi (a thorny shrub).

ସ୍ରୁଘ୍ନୀ—ସଂ.ଟ—(ସ୍ରୁ=ସ୍ରାବ+ଘ୍ନ୍ ଧାତୁ+କର୍ତ୍ତା ଅ+ସ୍ତ୍ରୀ ଈ)—ସଜ୍ଜିକାକ୍ଷାର; ସାଜମାଟି (ଦେଶଜ)—Srughnī Nitre; rhe-soil.

ସ୍ରୁଚ୍—ସଂ. ବ. ପୁଂ—ସ୍ରୁକ୍ (ଦେଶ) Sruch Sruk (See).

(ସ୍ରୁଗ୍—ସ୍ତ୍ରୀ)

ସ୍ରୁଚ—ଦେ. ବ—(ସଂ. ସ୍ରୁଚ୍)—ସ୍ରୁକ୍ (ଦେଶ)—Srucha Sruk (See).

ସ୍ରୁତ—ସଂ. ବଣ—(ସ୍ରୁ ଧାତୁ+କର୍ତ୍ତା.ତ)—୧। ଝରଣ—1. Oozing; Sruta flowing; dropping down. ୨। ପତନ—(ସ୍ରୁ—ତ) 2. Fallen; dropped down.

ସ୍ରୁତା—ସଂ. ବ—ହିଙ୍ଗୁପତ୍ରୀ (ହି. ଶ) (ଦେଶ)—Srutā Hingupatri (See)

ସ୍ରୁତି—ସଂ.ବ—(ସ୍ରୁ ଧାତୁ+ଭାବ.ତି)—୧। ଝରଣ—1. Oozing. Sruti ୨। ପତନ—2. Falling down. ୩। ଦୋହଣ—ଘଡ଼ିବା—3. Dropping down.

ସ୍ରୁବ—ସଂ ବ [ସ୍ରୁ ଧାତୁ+କରଣ ଅ]—କାଷ୍ଠନିର୍ମିତ ସଜ୍ଞପାତ୍ରବିଶେଷ—Sruba A wooden spoon used in pouring ghee unto the sacrificial fire. (ଦ୍ର—ଏହା ଏକହସ୍ତପରିମିତ ଓ ଚାମୁଚ ବା ଖଡ଼ର କାଠରେ ନର୍ମିତ ହୁଏ । ଏହାର ଦେହରେ ସରୁ ଦୋଇ ବଳା ଦୋଇଥାଏ । ଏଥି ମୁଣ୍ଡରେ ଗୋଟିଏ ଚମସାକାର ଗୋଲକ ଥାଏ ଓ ସେ ଗୋଲ୍ଲେକର ଅଭ୍ୟନ୍ତର ଗୋଲା ଦୋଇ ଫମ୍ପା ଦୋଇଥାଏ । ଏଥିରେ ଘିଅ ପୂର୍ଣ୍ଣ କରି ଅଗ୍ନିରେ ଢଳାଯାଏ ।] ତ୍ରା. ବ—(ଲକ୍ଷଣାର୍ଥ; ଅଶ୍ଳୀଳ)—ଲିଙ୍ଗ; ମେଢ୍ର—Penis.

ଧନ ସ୍ରୁବ

ସ୍ରୁବ ତରୁ—ସଂ. ନ (ମ. ବ. ଲୋ)—ଉକଇଚ ଗଛ—Flaconrtia Sruba taru Romontchi plant.

ସ୍ରୁବ ବୁଡ଼ା(ଡ଼େ)ଇବା—ଗ୍ରା. କ୍ରି—(ଲକ୍ଷଣାର୍ଥ, ଅଶ୍ଳୀଳ)—ସ୍ତ୍ରୀ ସଙ୍ଗମ କରିବା—Sruba burdā (rde) ibā To copulate with a female. ସ୍ତ୍ରୀସଙ୍ଗ କରନା ସ୍ରୁବବୁଡ଼ାନା

ସ୍ରୁବ ସ୍ରୁଚ—ଦେ.ବ (ସଦୃଶର ଶବ୍ଦ)—ଦୋମ ଯାଇଁ ଲୋଡ଼ା ସଜ୍ଞ ପାତ୍ର। Sruba srucha Two kinds of wooden spoons used in offering ghee unto the fire. ସ୍ରୁବ ଓ ସ୍ରୁକ୍—ସ୍ରୁବ ସ୍ରୁଚ

ସ୍ରୁବା—ସ. ବ—(ସ୍ରୁ ଧାତୁ+କରଣ. ଅ+ଆ)—୧। ଶଲ୍ଲକୀ (ମେଦଜା); Srubā 1. Indian. olibanum; Boswellia Serrata. ୨। ମୁଞ୍ଜ (ମେଦଜା); ମୁରୁଗା ଘାସ—2. A kind of fibrous grass; Sansveira Zeylanica. ୩। ସ୍ରୁବ (ଦେଶ)—3. Sruba (See)

ସ୍ରୁବା ବୃକ୍ଷ—ତ.ବ—ଉକଇଚ ଗଛ [ଅମର]; ଉଇଁଚ କୋଳ ଗଛ—Srubā bṛuksha Flacourtia Romontchi shrub.

ସ୍ରୁ—ସଂ ବ (ସ୍ରୁ ଧାତୁ+କରଣ. ଉ)—୧। ସ୍ରୁବ (ଉରଡ) [ଦେଶ] Srū Sruba (See) ୨। (+କର୍ତ୍ତା. ଉ) ଝର୍ଝର; ଝରଣା—2. Spring; fountain,

ସ୍ରେ(ଧା)ଇ(ଗୁ)—ସଂ.—ପାକ କରିବା; ଗୁଜିବା—Srai (root) To cook; to boil.

ସ୍ରୋତ[ତଃ]—ସ ବ [ସ୍ରୁ ଧାତୁ+କର୍ତ୍ତା ତ; ତସ୍, ସ୍ରୋତସ୍ ଟଦ ୧ମା ବ, ସ ସ୍ଥାନରେ ଃ]—୧। ଜଳପ୍ରବାହ; ଜଲଧ.ଗ୍—Flow of water. ୨। ପ୍ରବାହ; ଜଲର ଜଳ ସମୂହ ବେଗରେ ବୋହିଯିବା; ସ୍ରୋତଃ ଅମ୍ବୁସରଣ [ଅମର]—2. Current; rapid stream. ୩। (+ଭାବ ତ, ତସ୍) ମତ୍ତଗଜର ଦେହର ସପ୍ତସ୍ଥାନରୁ ମଦ କ୍ଷରଣ—3. The flowing of watery juice from seven parts of the body of an infuriated elephant. ୪। (+ଅପାଦାନ ତତ୍ତ୍ୱା ଅସ୍)—ମନୁଷ୍ୟ ଦେହର ନବରନ୍ଧ୍ର ଇନ୍ଦ୍ରିୟ ପଥ ବା ଜଅ ଛିଦ୍ର (ରାଜନିର୍ଘଣ୍ଟ)—4. The nine holes or openings in the body of a man. [ଦ୍ର—ଏ ସବୁ ଛିଦ୍ରଦ୍ୱାରେ ଅନ୍ନ, ଜଳ, ରସ, ରକ୍ତ, ମାଂସ, ମେଦ, ମଳ, ମୂତ୍ର, ଶୁକ୍ର ଓ ଅର୍ତ୍ତବ ଶରୀରରେ ସଞ୍ଚାରିତ ହୁଏ । ପୁରୁଷଙ୍କ ଶରୀରର ଛିଦ୍ର ସଂଖ୍ୟା ନଅଟି । ଯଥା, ୨ ଅକ୍ଷି, ୨ କାନ, ୨ ନାକ, ପାଟି, ବୃଦ୍ଧ୍ନ ଓ ଗୁଦ; ସ୍ତ୍ରୀମାନଙ୍କର ଅନ୍ତ ଦୁଇଟି ଅଧିକା ଯଥା, ୨ ସ୍ତନ ।] ୫। ନଦୀ [ହି. ଶ]—5. River. ୬। ବଂଶପରମ୍ପରା; କୁଳଧାରା [ହି. ଶ]—6. Successive generations in a family.

ସ୍ରୋତଃଶୂନ୍ୟ—ସଂ. ବଣ—ସ୍ରୋତୋଞ୍ଜନ [ଦେଶ]—Srotaḥ śūnya Srotohina (See).

Digitized by srujanika@gmail.com

ସ୍ରୋତ ଆପତ୍ତି—ସଂ. ବ—ବୌଦ୍ଧଶାସ୍ତ୍ର ଅନୁସାରେ ନବୀନ-ସାଧକର ପ୍ରଥମ ଅବସ୍ଥା, ଯହିଁରେ ସାଧକଙ୍କର ସଂସାର ବନ୍ଧନ ଶିଥିଳ ହେବା ଆରମ୍ଭ ହୁଏ—The state of a Buddhist sage when his worldly ties begin to be slack.
Srota āpatti [ସ୍ରୋତଆପନ୍ନ—୬ଶ]

ସ୍ରୋତ ଈଶ—ସଂ. ବ [୬ଷ୍ଠୀ ତତ୍ପୁ.; ସ୍ରୋତଃ+ଈଶ]—ସମୁଦ୍ର—Ocean.
Srota īśa

ସ୍ରୋତସ୍—ସଂ [ଶବ୍ଦ] [ସୃ ଧାତୁ+କର୍ତ୍ତୃ ଅସ୍]—ସ୍ରୋତ [ଦେଶ]—Srota (See)
Srotas

ସ୍ରୋତସୋଞ୍ଜନ—ସଂ. ବ [ସଂ. ସ୍ରୋତସଃ=ସ୍ରୋତର+ଅଞ୍ଜନ]—ସ୍ରୋତ ଞ୍ଜନ (ଦେଶ)—Srotonjana (See).
Srotasoānjana

ସ୍ରୋତସ୍ୱତୀ—ସଂ. ବ [ସ୍ରୋତସ୍+ବତ୍+ଙ୍ଗୀ ଈ]—ନଦୀ—River. ସଂ. ବଣ. ସ୍ତ୍ରୀ—ସ୍ରୋତସ୍ୱାନ୍‌ର ସ୍ତ୍ରୀଲିଙ୍ଗ—Feminine of Srotaswān.
Srotaswati

ସ୍ରୋତସ୍ୱାନ୍—ସଂ. ବଣ [ସ୍ରୋତସ୍ୱତ୍ ଶବ୍ଦ; ସ୍ରୋତସ୍+ବତ୍ ୧ମା,୧ବୀ —ସ୍ରୋତୋବିଶିଷ୍ଟ—Having current. (ସ୍ରୋତସ୍ୱତ୍—ସ୍ତ୍ରୀ)
Srotaswān

ସ୍ରୋତସ୍ୱିନୀ—ସଂ ବ (ସ୍ରୋତସ୍+ଅସ୍ତି ଅର୍ଥରେ ବନ୍+ଙ୍ଗୀ ଈ)-ନଦୀ—River.
Srotaswini

ସ୍ରୋତସ୍ୟ—ସଂ. ବ [ସ୍ରୋତସ୍+ଯ]—୧ । ଶିବ; ମହାଦେବ [ଶବ୍ଦକଳ୍ପଦ୍ରୁମ]—1. God Śiba. ୨ । ଚୋର [ଶବ୍ଦକଳ୍ପଦ୍ରୁମ]—2. Thief.
Srotasya

ସ୍ରୋତାଞ୍ଜନ—ବେ. ବ (ବୈଦ୍ୟକ)—ସ୍ରୋତୋଞ୍ଜନ [ଦେଶ]—Srotonjana (See).
Srotānjana

ସ୍ରୋତୋଜ ~ ସଂ. ବ (ସ୍ରୋତସ୍+ଜନ୍ ଧାତୁ+କର୍ତ୍ତୃ ଅ)—ସ୍ରୋତୋଞ୍ଜନ (ଦେଶ)—Srotonjana (See).
Srotoja

ସ୍ରୋତୋଦ୍ଭବ } ଅନ୍ୟରୂପ—
ସ୍ରୋତୋଭବ }

ସ୍ରୋତୋ ଜଳ—ସଂ. ବ (ମ. ଯ. ତତ୍ପୁ. ସ୍ରୋତଃ+ଜଳ)—ସ୍ରୋତଃଯୁକ୍ତ ବା ପ୍ରବାହବିଶିଷ୍ଟ ଜଳ—Flowing water.
Srotoja la

ସ୍ରୋତୋଞ୍ଜନ—ସଂ.ବ (ମ. ଯ. ତତ୍ପୁ, ସ୍ରୋତଃ=ଯମୁନା ନଦୀର ସ୍ରୋତରୁ ଜାତ+ଅଞ୍ଜନ)—କଳା ସୁରମା; କୃଷ୍ଣବର୍ଣ୍ଣ (ଅନ୍ୟ ସଂ ନାମ—ସାମୁଦ୍ର, ସୌବୀରାଞ୍ଜନ, ସୌବୀର, ସୌବୀରସାର, ବାଇଭବ, ସ୍ରୋତୋଜ, ସ୍ରୋତୋଦ୍ଭବ, ସ୍ରୋତଜସାଭବ, ସ୍ରୋତୋଭବ, ସୌବୀରସାର, କପୋତସାର, କଜ୍ଜଳିକ ଶୀର୍ଷ] ଏହାର ଅକୃତ୍ରିମ ଉତ୍ପତ୍ତିସ୍ଥାନ ଶିନ୍ଧର ପର୍ବତ, ଏହାର ଅଭ୍ୟନ୍ତର ଅଞ୍ଜନ ପର୍ବତ । ଏହାକୁ ଘଷିଲେ ସେରୁ ମାତ୍ର ପର୍ବତ ରଙ୍ଗ ବାହାରେ । ଏହା ମଧୁରକଷାୟରସ, କୃମିନାଶକ, ରସାୟନ, ସୁନବୁଦ୍ଧିକର ଓ କଣ୍ଡୁ, ଦାହ ଓ କ୍ଲେଦ ନାଶକ, ତତ୍ତ୍ୱ ପଞ୍ଚରେ ହୃତକର, ତଥ ପିତ୍ତ-ନାଶକ, ବମନର ଓ ବିଷର ପ୍ରଯୁକ୍ତର ଓ ସ୍ନିଗ୍ଧ ସାର୍ଥ । ଏହାର ପ୍ରକାର ଭେଦ ସୌବୀରାଞ୍ଜନ । ସୌବୀରାଞ୍ଜନ ଧଳା ବା ଘାଣ୍ଟୁର, ସାର ସ୍ରୋତୋଞ୍ଜନ ତଳା । ସୌବୀରାଞ୍ଜନ ଅପେକ୍ଷା ସ୍ରୋତୋଞ୍ଜନ ଗୁଣରେ ଶ୍ରେଷ୍ଠ । (ଭାବ ପ୍ରକାଶ)]
Srotonjana

ସ୍ରୋତୋବହ (ଦ୍ୱ)—ସ.ବ—(ସ୍ରୋତସ୍+ବହ୍ ଧାତୁ+କର୍ତ୍ତୃ.ବ୍ୟ.ଅ)—ନଦୀ—River.
Srotobah(ha)

ସ୍ରୋତୋବହା—ସ.ବ.ସ୍ତ୍ରୀ—(ସ୍ରୋତୋବହ+ଅ)—ନଦୀ (ଜଳାଧର)—River.
Srotobahā

ସ୍ରୋତୋବାହିତ—ସ. ବଣ—(ତତ୍ପୁ.ସମା.ତତ୍)—ସ୍ରୋତଦ୍ୱାରା ଗୃହୀତ—Moved by current.
Srotobāhita

ସ୍ରୋତୋବେଗ—ସ. ବ—(୬ଷ୍ଠୀ ତତ୍) — ସ୍ରୋତର କ୍ଷିପ୍ରଗତି—Velocity of a current; force of current.
Srotobega

ସ୍ରୋତୋହୀନ—ସ. ବଣ—(ନଞ୍.ତତ୍) ୧ । ପ୍ରବାହରହିତ (ଜଳ)—1. Currentless. ୨ । ସ୍ଥିର (ଜଳ)—2. Stagnant (water).
Srotohīna

ସ୍ରୋହା—ସ୍ତ୍ରୀ. ବ—(ସ. ସ୍ପୃହା)—ସ୍ପୃହା (ଦେଶ)—Spruhā (See)
Srohā

ସ୍ରୌଘ୍ନିକା—ସ. ବ—ସର୍ଜିକାକ୍ଷାର (ହୁ. ଶ)—Nitre.
Sraughnikā

ସ୍ରୌତିକ—ସ. ବ (ସ୍ରୋତ+ଇକ)—ଶୀପ; ଝିନୁକ (ହୁ. ଶ)—Oyster.
Srautika

ସ୍ଲାଇଡିଙ୍ଗ ସ୍କେଲ—ବୈଦେ. ବ. (ଇଂ)—ଅଫିସ ଗଣ୍ଡାର ଅଧ ବଙ୍କସ୍ଥ ଚଉବାର କମ୍ପନ୍ସ କରୁଥିବ ଦର—ସ୍ଲାଇଡିଙ୍ଗସ୍କେଲ ସ୍ଲାଇଡ୍‌ଙ୍ଗ୍‌ସ୍କେଲ୍ Sliding scale. (ସ୍ଲାଇଡିଂ ସ୍କେଲ୍—ଅଶ୍ୱତ୍ୱ ଲକ୍ଷିତ ଆକାର)
Slāiding skel

ସ୍ଲିପ୍—ବୈଦେ. ବ. (ଇଂ)—କାଗଜର ଲମ୍ବା ଟୁକୁରା ବା ଖଣ୍ଡ—ସ୍ଲିପ୍ Slip Long slip of paper; a strip of paper.

ସ୍ଲିପଟ୍—ବୈଦେ. ବ. (ଇଂ. ସ୍ଲିପର୍)—ସ୍ଲିପର୍ (ଦେଶ) Slipaṭ Slipar (See). ଦେ. ବଣ.—ସ୍ଲିପଟିଆ (ଦେଶ) Slipaṭiā (See)

ସ୍ଲିପଟିଆ—ଦେ. ବଣ—(ଇ. ସ୍ଲିପର୍ ପର ଆଦଲା)—୧ । ପତଳା—1. Thin. ୨ । ଚୁଲମ୍ବା ଝୁଲୁ ଗା ଛାତିଯୁକ୍ତ ମହିଳା ପାତଳା ସ୍ତ୍ରିପଟ୍ (ସ୍ତ୍ରୀମାନଙ୍କ ବକ୍ଷସ୍ଥଳ)—2. (Women's breast) Having the breasts hanging or having no breast at all. ୩। ସର୍ବ୍ଦଯୁକ୍ତା (ନାଗ୍)—3. (a woman) Breastless; having flat breasts.

ସ୍ଲିପର୍—ବୈଦେ. ବ. (ଇଂ)—୧ । ବେଲ ଲାଇନ ତଳେ ଥଡ଼-ସାଗେ ସଜାଯିବା ପତଳା କାଠର ତଡ଼—1. Railway

Digitized by srujanika@gmail.com

ସ୍ଲିପାର **ସ୍ଲିପର୍** Sleeper (under Railway lines). ୨ । ଚଟ୍ଟି ଜୋତା—2. Slippers (shoes).

ସ୍ଲେଜ୍—ବୈଦେ. ବ. (ଇଂ) — ବରଫ ଉପରେ ଟଣାଯିବା ପାଇଁ ନମନ୍ତ ଚକ୍ରହୀନ ଶକଟ—Sledge.

Slej **ସ୍ଲେଜ** ସ୍ଲେଜ୍ **ସ୍ଲେଜ**

ସ୍ଲେଟ୍—ବୈଦେ. ବ—(ଇଂ)—୧ । ପେନ୍ସିଲ୍‌ରେ ଲେଖିବା ପାଇଁ ପାଥର ବା ପଥରର ପଟା—1. Slate. ୨ । ଏକପ୍ରକାର କଳାପଥର—2. Slate (stone).

Slet **ସ୍ଲେଟ** ସ୍ଲେଟ୍

ସ୍ଲେଟ୍ ପେନ୍‌ସିଲ୍—ବୈଦେ. ବ (ଇଂ)—୧ । ସ୍ଲେଟ୍ ଓ ପେନ୍ସିଲ୍— 1. Slate and pencil. ୨ । ସେଉଁ ପେନ୍ସିଲ ସ୍ଲେଟ୍ ଉପରେ (ସ୍ଲେଟ ଘଡ଼ି—ଦେ, ରୂପ) ଗାର ପକାଯାଏ —2. Slate-pencil.

Slet pencil **ସ୍ଲେଟ୍ ପେନସିଲ୍**

ସ୍ଲୋ—ବୈଦେ. ବଣ (ଇଂ)—୧ । ଧୀର—1. Slow. ୨ । ଧୀର ଗତିରେ ଚଳୁଥିବା—2. Moving slowly.

Slo **ସ୍ଲୋ** (ଫାଷ୍ଟ୍—ବିପକ୍ଷ)

ସ୍ଲୋ କରିବା—ଦେ. କି—୧ । ଘଣ୍ଟି ଗତିରେ ଚଳୁଥିବା ଘଣ୍ଟାର କଲକ୍ଜ ନିୟନ୍ତ୍ରିତ କରି ଘଣ୍ଟାକୁ ଧୀରତର କରିବା—

Slo karibā **ସ୍ଲୋ କରିବା**

ସ୍ଲୋ କରା To make a clock run slower by regulating it **ସ୍ଲୋ କରନା**

ସ୍ଲୋ(ପ୍ଲୋ)ଥ୍—ବୈଦେ. ବ (ଇଂ. ସ୍ଲୁଥ୍)—ଦକ୍ଷିଣ ଆମେରିକାର ଏକପ୍ରକାର Slo(sla)th **ଅତ୍ୟନ୍ତ** ଧୀରଗାମୀ କ୍ଷୁଦ୍ର ପଶୁ—Sloth (a South American small animal of very slow motion).

ସ୍ଲୋପ୍—ବୈଦେ. ବଣ (ଇଂ)—ଢଲନ୍ତା; ଘାଡ଼ାଳଆ; ଢାଲୁଆ— Slop Sloping. ବ – ଘାଡ଼ାଳଆ ସ୍ଥାନ; ଢାଲୁ ଜାଗା; ଢଲନ୍ତା ସ୍ଥାନ ବା ବସ୍ତୁ – Slope.

ସ୍ଲୋ ଫାଷ୍ଟ୍—ବୈଦେ. ବଣ (ଇଂ. ବିପକ୍ଷତ ସଦୃଶର ଶବ୍ଦ)— ଧୀର ଓ କ୍ଷିପ୍ର ଗତି ଯୁକ୍ତ (ଘଣ୍ଟା)—

Slo phāshṭ **ସ୍ଲୋ ଫାଷ୍ଟ** Slow and fast (time keeper).

[ଦ୍ର—ଏ ଗ୍ରନ୍ଥରେ 'ସ୍ଲ' ଆଦ୍ୟରେ ଥିବା ଶବ୍ଦମାନଙ୍କ ପାଇଁ 'ସ୍ଟ'-ଆଦ୍ୟ ପଦମାନଙ୍କ ପରେ ଦେଖିବାକୁ ଦେବା । ଏ ଗ୍ରନ୍ଥରେ ବର୍ଗ୍ୟ ବ ରେ ଅବର୍ଗ୍ୟ ଵ ସମ୍ପୃକ୍ତ ଶବ୍ଦମାନ ଦିଆ ଯାଇଅଛି ।

Digitized by srujanika@gmail.com



ହ—ବ୍ୟଞ୍ଜନ ବର୍ଣ୍ଣମାଳାର ତ୍ରୟସ୍ତ୍ରିଂଶତ୍ ବର୍ଣ୍ଣ—The 33rd consonant of the Ordia alphabet.

[ହ—ଏହାର ଉଚ୍ଚାରଣସ୍ଥାନ କଣ୍ଠ। ଏହାର ଉଚ୍ଚାରଣ ଇଂରାଜ H (ଏଚ୍) ଓ ପାରସୀ 'ହେ' ଅକ୍ଷରର ଉଚ୍ଚାରଣ ସଙ୍ଗେ ସମାନ।

ବର୍ଣ୍ଣୋଚ୍ଚାର ତନ୍ତ୍ର ମତରେ ଏହି ଅକ୍ଷରକୁ ଜପିବା ସମୟରେ ଦରମ୍ଭର, ଅଣ୍ଡହାସା, ଅଗ୍ନିମାଳାଧାରଣୀ, ଅଷ୍ଟଭୁଜା, ନାଭେନ୍ଦ୍ରାକ୍ଷ, ଭୂଷାଢ଼ୟା, ଜଳାମୃତଷ୍ଠମଣ୍ଡିତା, ବଙ୍କାମସ୍ତକା ଯାଙ୍କଙ୍କୁ ହୃଦୟରେ ଧ୍ୟାନ କରିବାକୁ ହୁଏ। 'ଅ' ଉଚ୍ଚାରଣ କାଳରେ ଶ୍ୱାସ ବାୟୁର ଜଳଶୋଷିତ ହୋଇ ଆସିଲା ବେଳକୁ ଏହି ଶବ୍ଦ ଗଳାରୁ ବାହାରେ। ଏଣୁ 'ଅ' ସ୍ୱରର ମହାପ୍ରାଣ ବର୍ଣ୍ଣ। ଏହି 'ହ' ରେ 'ହଳନ୍ତ' ଯୁକ୍ତ ହେଲେ ଏହା ଉତ୍ସର୍ଗର ଆକାର ଧାରଣ କରେ।]

ହ. ବ (ହନ୍ ଧାତୁ=ବଧ କରିବା, କାୟା ବା ଧାତୁ= ତ୍ୟାଗ କରିବା+କ୍ୱିପ୍.ଅ)—('ହ'ର ବର୍ଣ୍ଣ ଉଚ୍ଚାରଣରେ ଓ ରୁଦ୍ରଯାମଳ'ତନ୍ତ୍ରେ ଲକ୍ଷିତ ଅର୍ଥମାନ) —୧ । ଶିବ; ଶମ୍ଭୁ; ଶୂଳୀ—1. God Śiba. ୨ । ବିଷ୍ଣୁ—2. Bishnu. ୩ । ରବି; ସୂର୍ଯ୍ୟ—3. The sun. ୪ । ହଂସ—4. Swan. ୫ । ପୁରୁଷ ଲିଙ୍ଗ—5. Penis; male organ of generation. ୬ । ନାଗ ଗ୍ରହ—6. The of world mythological serpents. ୭ । ଚନ୍ଦ୍ର—7. The moon. ୮। ଜଳ—8. Water (Apte). ୯ । ଆକାଶ—9. Sky (Apte). ୧୦ । ରକ୍ତ—10. Blood (Apte). ୧୧ । ଜଗତ୍‌ପ୍ରାଣ—11. The life of the universe. ୧୨। ପ୍ରାଣେଶ; ସ୍ୱାମୀ—12. Husband; sweetheart. ୧୩ । ଯୁଦ୍ଧ—13. Battle. ୧୪ । କପିଳାମଳ—14. The dung of the Kapilā cow. ୧୫। ଗର୍ବ—15. Pride. ୧୬ । ପରମାତ୍ମା—16. The Supreme Soul. ୧୭। ରୋମାଞ୍ଚ—17. Horripilation. ୧୮ । ଅପତ୍ୟ—18. Son. ୧୯ । ଚିକିତ୍ସକ—19. Physician. ୨୦ । ଜୀବ; ପ୍ରାଣ—20. Life. ୨୧ । ଶୁଭ ସୂଚକତା—21. Auspiciousness (Apte). ୨୨ । କାରଣ—22. Cause. ୨୩ । ଅଙ୍ଗଣ—23. Courtyard. ୨୪ । ଉଦ୍ଦେଶ୍ୟ—24. Aim; motive (Apte). ୨୫ । ମୃଗ—25. Deer. ୨୬ । ଆହ୍ୱାନ—26. Call. ୨୭ । ଭୟ—27. Fear. ୨୮ । ଅସ୍ତ୍ର ଶସ୍ତ୍ର—28. Weapon. ୨୯ । ବୈକୁଣ୍ଠ—29. Paradise (Apte). ୩୦ । ମଣିର ପ୍ରଭା—30. Lustre of a gem. ୩୧। ସ୍ଥାଣୁ; ଖୁଣ୍ଟା ଗଛ—31. A stump; pollard. ୩୨ । ସାରୀର ଧ୍ୱନି—32. The sound of harp. ୩୩ । ସ୍ୱର୍ଗ—33. Heaven (Apte). ୩୪ । କୂପ—34. Well. ୩୫ । ଶୁଖିଯିବା—35. Drying (Apte). ୩୬ । ଲକ୍ଷ୍ମୀ; ମହାଲକ୍ଷ୍ମୀ—36. The Goddess of wealth. ୩୭ । ପରମେଶ୍ୱରୀ—37. The Supreme Goddess. ୩୮ । (ତନ୍ତ୍ର) ଲଲାଟରେ ପ୍ରାଣ ଶକ୍ତି—38. The vital essence said to be inside the brow. ୩୯ । ଚୈତନ୍ୟ—39. consciousness. ୪୦ । ଭୟ—40. Fear (Apte). ୪୧ । ମୃତ୍ୟୁ—41. Death. ୪୨ । ଘୋଡ଼ିକ—42. Horse. ୪୩ । ଅଂଶ—43. Part. ୪୪ । ଧ୍ୟାନ—44. Contemplation; meditation (Apte). ୪୫ । ଶାଙ୍ଖୋଟ; ସାଦାଡ଼ା ଗଛ—45. Streplus Asper. (tree). ୪୬। ସ୍ୱର୍ଗ—46. Heaven. ୪୭ । ମଙ୍ଗଳ—47. Bliss. ୪୮ । ସୋମ ମଣ୍ଡଳ—48. The halo of the moon. ୪୯ । ରକ୍ତ—49. Blood. ୫୦ । ବୋଦ୍ଧୁ—50. Reason. ୫୧ । ଗଗନ; ବ୍ୟୋମ; ଆକାଶ—51. The sky. ୫୨ । ଶୂନ୍ୟ (ସଙ୍ଖ୍ୟା)—52. Cypher (Apte). ୫୩ । ମହାଶୂନ୍ୟ—53. The great void. ୫୪ । ଶୁକ୍ର—54. The planet venus. ୫୫ । ଆନନ୍ଦ—55. Joy; delight (Apte). ୫୬ । ଜ୍ଞାନ—56. Knowledge. ସ. ହଣ—୧ । ଉଚ୍ଚ ହସିତ—1. Laughing loudly. ୨ । ଶାନ୍ତିଦ—2. Giving peace. ୩ । ମତ୍ତ—3. Maddened. ୪ । ସୁରାମତ୍ତ—4. Intoxicated with drink.

ହ. ଅ. (ହା ଧାତୁ+ଭାବ ଅ)—୧ । ସାଧାରଣତଃ ଅନ୍ୟର (ଅକ୍ଷର)—1. Interjection used in completing a sentence. ୨ । [ସମ୍ବୋଧନାର୍ଥ ବ୍ୟବହୃତ [ସେବକ, ଶବ୍ଦଟହାବଳୀ])—ହେ ! ଅରେ ! —2. Interjection used in a addressing; Oh !

Digitized by srujanika@gmail.com

୩ । କୋଧ ବା ଭତ୍ସନାର୍ଥକ (ସ୍ନେହଜ, ଶବ୍ଦଉଚ୍ଚାବଳୀ)—3. Interjection indicating anger. ୪ । ଆଯୋଗାର୍ଥକ (ସ୍ନେହଜ, ଶବ୍ଦଉଚ୍ଚାବଳୀ)—4. Interjection conveying order. ୫ । କୁତ୍ସାର୍ଥକ (ସ୍ନେହଜ, ଶବ୍ଦଉଚ୍ଚାବଳୀ)—5. Interjection used in abusing. ୬ । ଖେଦାର୍ଥକ (ସ୍ନେହଜ, ଶବ୍ଦଉଚ୍ଚାବଳୀ)—6. Interjection used in grieving. ୭ । ଉପଦେଶାର୍ଥକ—7. Interjection used in advising. ୮ । ଧାରଣାର୍ଥକ—8. Interjection used in comprehending or understanding a matter. ୯ । ଚିନ୍ତନାର୍ଥକ—9. Expressing one's tobughts.

ଥାମ ହ

ଦେ. ଅ—୧ । ଶଗଡ଼ରେ ବା ଦଳୁରେ ଲାଗିଥିବା ବଳଦଙ୍କୁ ଠିଆ କରାଇବା ଯାଇଁ ବ୍ୟବହୃତ ଡାକ—Interjection used in desiring the bullocks drawing a cart or plough to stand. ୨ । ସଦପୂରଣାର୍ଥ କ୍ରିୟା ପରେ ବ୍ୟବହୃତ (ପ୍ରାଚୀନ ପଦ୍ୟ)—2. A particle used after verbs to complete a sentence. (ଉ—ଅଗ୍ରଧ ଅନୁରୂପେ କରଦ୍ଦ ଦଣ୍ଡ—ଶିଶୁଶଙ୍କର ଉତ୍ତା ହଅ ହୋ ଅଉଲାଷ ।) ତ୍ରା. କ୍ରି.—୧ । ଦ୍ଵଅ (ଦେଶ)—1. Ha-a (See) ୨ । ଦ୍ଵବା (ଦେଶ) କ୍ରିୟାର ଅନୁଜ୍ଞା ଅନାଦରାର୍ଥକ ଏକବଚନ ରୂପ—2. Imperative mood singular form of the verb 'to be'. ପ୍ରାଦେ—୧ । (ପୁଶ୍ନ) ଅ-ଦୁଁ—Yes. ୨ । (ଖଡ଼ଅଳ)—ଢଳ ଗୁଲାଇବା. [ଦ୍ର ଦ୍ର—ଅନ୍ୟ ଅବ୍ୟୟ ରୂପ] ବେଳେ ବଳଦଙ୍କୁ ଗୁଲିବାକୁ ଉତ୍ତେଜିତ କରିବା ଡାକ—Interjection used by drivers of ploughs to instigate the bullocks to proceed. ୩ । (ଗଡ଼ଜାତ) ଦୋ (ଦେଶ)—Ho (See)

ଦ୍ଵଅ—ତ୍ରା. କ୍ରି—ଅନାଦରାର୍ଥକ ହେବା କ୍ରିୟାର ତ୍ରାମ୍ୟରୂପ 'ଦ୍ଵବା' Ha-a କ୍ରିୟାର ମଧ୍ୟମପୁରୁଷ ଅନୁଜ୍ଞା 'ତୁ' କର୍ତ୍ତୃ ସଙ୍ଗେ ହଅ ହୋ ଲାଗିବା ଅଚାର; ହୋ—Imperative mood singular of the verb Hebā or Habā (=to be) used in addressing a familiar person. ପ୍ରାଦେ (ପୁଶ୍ନ) ଅ—ଦୁଁ—Yes.

ଦ୍ଵଅ କରିବା—ଦେ. କ୍ରି—ଚାଲୁଥିବା ବଳଦ ବା ଚଳୁଥିବା ଶଗଡ଼କୁ Ha-a karibā ଠିଆ କରିବା—To stop a moving plough or cart.

ଦ୍ଵଇ—ଦେ. ଅ (ସଂ. ହି)—୧ । (ସମ୍ମତିସୂଚକ) ଦୁଁ—1. Yes Hai (denoting assent) ୨ । (ଦୂରରୁ ବା ନିକଟରୁ ହାଁ ଡୌଣସି ବ୍ୟକ୍ତିକୁ ଡାକିବାରେ ବ୍ୟବହୃତ) ଦେ ! —2. Oh !

ହାଁ (used in calling a person from far or near) ୩ । କଥୋପକଥନ ବେଳେ ବକ୍ତାଙ୍କ କଥନକୁ ଶ୍ରୋତା ଶୁଣିଅଛନ୍ତି, ଏଥିର ସୂଚକାର୍ଥକ ଦୁଁ ମାତ୍ରାରେ ବ୍ୟବହୃତ ଶବ୍ଦ—3. A word used by the hearer to encourage a speaker to continue his discourse during a conversation. ୪ । ଦେଇ ! (ଆଗରେ ଯାଉଥିବା ପଥିକମାନଙ୍କୁ ସାବଧାନ କରାଇବାପାଇଁ ଘୋଡ଼ାଗାଡ଼ିର କଣ୍ଡକ୍ଟର ଦ୍ୱାରା ଉଚ୍ଚାରିତ ଧ୍ୱନି—4. Heigh ! (Interjection uttered by the driver of a coach warning people in front) ୫ । ପ୍ରହରୀ ଓ ବୁଲାବିକା ମାନଙ୍କଦ୍ୱାରା ସାଧାରଣଙ୍କ ଦୃଷ୍ଟି ଆକର୍ଷଣାର୍ଥେ ବ୍ୟବହୃତ ଚିତ୍କାର—5. Interjection, exclamation or halloo used by watchmen and hawkers to attract attention. [ଦ୍ର—କେବଳ ପ୍ରହରୀ ସାବଧାନ କରି ଚିତ୍କାର ଦଇଦରୁ ।]

ଦେଁ ଚ—ସମ୍ମତି—Consent; assent.

[ଯଥା—ଡାକ ମୁହଁରୁ ଥରେ ଦଇ ବାହାରିଥିଲେ ଆଉ (ବିପତ୍ତିର—ନାହିଁ) ନାହିଁ ବାହାରିବ ନାହିଁ ।]

ହଇଆତ—ଦେ. ବ—ହ୍ୟାତ୍ (ଦେଶ)—

Haiāt Hayāt (See)

ହଇଯାନ୍ତ୍ (ନ୍ତି)—ଦେ. ବିଶ—ହ୍ୟାନ୍ତ୍ (ଦେଶ)—

Haiānt (nti) Hayānt (See)

(ଦ୍ଵଇଅଣ୍ଡଅ—ଅନ୍ୟରୂପ)

ହଇଏ—ଦେ. ଅ—ଉଚ୍ଚ ଦୋ ମାନସମ୍ମାନବ୍ୟକ୍ତିଙ୍କ ସଯୋଯୋଗ ଆକର୍ଷଣ କରିବା ଓ ତାଙ୍କୁ ଡାକିବା ଯାଇଁ ବ୍ୟବହୃତ ଶବ୍ଦ—ଓହେ ଆଜ୍ଞେ Interjection used in addressing one's superior; Oh !

ହଇଁଚଇଁ—ଦେ. ଅ—ହଁ ଚଁ (ଦେଶ)—

Haiñ chaiñ Hañ chañ (see)

ହଇକତ୍—ଦେଁ ଦେ. ବ—(ଫା. ହିକାଯତ୍=ବୃତ୍ତାନ୍ତ)—୧ । ବୃତ୍ତାନ୍ତ—

Haikat 1. Description.

ହକିକତ ୨ । ବିବରଣ ବା ବର୍ଣ୍ଣନା—2. Detailed description. [ଦ୍ର—ଏ ଶବ୍ଦ 'ହାଲ' ଶବ୍ଦ ସଙ୍ଗେ ସଙ୍ଗତିର ରୂପେ ମଧ୍ୟ ବ୍ୟବହୃତ ହୁଏ । ଯଥା —ଅମ୍ବକ ଗ୍ରାମର ହାଲ ହଇକତ କହ ଜଣାଗଲ ନାହିଁ ।

ହଇ କରିବା—ଦେ. କ୍ରି—୧ । ସ୍ୱୀକୃତ ହେବା—1. To agree.

Hai karibā ୨ । ସ୍ୱୀକାର ସୂଚକ ଉତ୍ତର ଦେବା—2. To answer in the affirmative.

ହାଁକରା ହାଁକରନା

(ନାହିଁ କରିବା – ବିପତ୍ତିର)

ହଇ କି ବେ—ତ୍ରା.ଅ (ଘୃଣାର୍ଥକ ବା ଅତି ଖରାପ ବ୍ୟକ୍ତି ପ୍ରତି)—୧। ରେ !

Hai ki be 1. Oh ! (in contempt).

ହାଁରେ ଅବେ ୨ । ପ୍ରଶ୍ନାର୍ଥକ— 2. (Interrogative) Well ?

ହଇ କି ରେ—ଦେ. ଅ (ଅପଣାଠାରୁ ନିମ୍ନତର ପୁରୁଷ ବ୍ୟକ୍ତିପ୍ରତି)—

Hai ki re ୧ । ରେ !—1. Oh ! (to one's inferrior).

ହାଁରେ ଅବେ ୨ । ପ୍ରଶ୍ନାର୍ଥକ—2. (Interrogative) Well ?

[ଯଥା—ଦଇଦରେ ! ତୁ କୁଅଡ଼େ ଯାଇଥିଲୁ ?]

Digitized by srujanika@gmail.com

ହଇ କି ଲୋ—ଦେ. ଅ (ସ୍ତ୍ରୀ ବ୍ୟକ୍ତିଙ୍କ ପ୍ରତି)—୧। ହେ !—1. Oh ! ୨। ପ୍ରଶ୍ନାର୍ଥକ—2. Interrogative.
Hai ki lo
ହାଁଲୋ ଯେ well ?

ହଇ କି ହେ—ଦେ. ଅ (ସମ୍ମାନାର୍ହ ବ୍ୟକ୍ତିଙ୍କ ପ୍ରତି)—ହେ !—1. Oh !
Hai ki he
ହାଁହେ, ଓହେ ଅଥୋ ୨। ପ୍ରଶ୍ନାର୍ଥକ—2. (interrogative) Oh !

ହଇ କି ହୋ—ଦେ, ଅ (ସଙ୍ଗୀ, ସମ୍ମାନାର୍ହ ଏକ ବା ବହୁ ବ୍ୟକ୍ତିଙ୍କ ପ୍ରତି)
Hai ki ho ୧। ହେ—1. Oh ! ୨। ପ୍ରଶ୍ନାର୍ଥକ—
ହାଁହେ ହୋ 2. (interrogative) Well ?

ହଇ ଗୋ—ଦେ. ଅ—(ସାନ୍ୟ ପୁରୁଷ ଓ ସାନ୍ୟା ନାସ୍ତ୍ରୀଙ୍କୁ ନାସ୍ତ୍ରୀଙ୍କର
Hai go ସମ୍ବୋଧନ କରିବାରେ ବ୍ୟବହୃତ) ହେ !—Oh !
ହାଁଗୋ (used by females in addressing respect-
ଓ able males or females).

ହଇ ଚଇ—ଦେ. ବି. ଓ ବିଣ (ବଙ୍ଗଳାରୁ ଅନୁକୃତ)—ହୈ ଚୈ (ଦେଶ)
Hai chai Hai chai (See)
ହୈଚୈ ହଲଚଲ

ହଇଜା—ଦେବେ. ବି (ଅ. ହୈଜହ୍; ଭୁଲ. ସ. ହଜଧାତୁ=ମଳତ୍ୟାଗ
Haijā ହଉବା) ଝାଡ଼ା ବାନ୍ତି; ଝାଡ଼ାକଇ; ବସୂଚିକା ରୋଗ—
କଲେରା; ଓଳାଓଠା ହୈଜା Cholera.

ହଇଜା ଟୀକା (ଘୋଡ଼ା)—ଦେ. ବି—ବାଡ଼ଘୋଡ଼ା (ଦେଶ)—
Haijā ṭikā Bārḍi phorḍā (See)
କଲେରାରଟିକା ହୈଜାଟୀକା

ହଇଜା ଧରିବା—ଦେ. ବି—ବସୂଚିକା ରୋଗର ଅକ୍ରମଣ—
Haijā dharibā Being attacked with cholera.
କଲେରାଧରା ହଜାଧରନା

ହଇଜା ମଲୁ (ରୋଗୀ)—ଦେ. ବି—ବସୂଚିକା ରୋଗାକ୍ରାନ୍ତ ବ୍ୟକ୍ତି—
Haijā malu (rogī) A cholera patient.
କଲେରାରୋଗୀ ହୈଜାମରୀଜ

ହଇଜା ଲଗିବା—ଦେ. ବି—କୌଣସି ଅଞ୍ଚଳରେ ହଇଜାରୋଗର ପ୍ରବଳ
Haijā lāgibā ହେବା—The prevalence of cholera
କଲେରାଲାଗା ହୈଜା ଫୈଲନା at a place.

ହଇତୁଁ—ପ୍ରାଦେ, (ଜାଣସୁର) କ୍ରି—ହଉନୁ—Let him be.
Haituñ

ହଇ ବେ—ପ୍ରା. ଅ (ଦୂରା ଓ ଅନାଦରାର୍ଥକ)—ହେ !—Oh !
Hai be (incontempt). ପ୍ରା. (ପ୍ରାଚୀନ) କ୍ରି—'ହେବେ' ର
ହାଁରେ ଅବେ ବିକଲ୍ପରୂପ—(old use) An alternative
form of Hebe.

ହଇବେହେ, ହଇବବେ, ହଇବବେ ହେ } ଅନ୍ୟ ଅବ୍ୟୟ ରୂପ (ଦ୍ର—କେବଣ ମାର୍ଗେ ଉଚ୍ଚଳେ ହଇବେ ପ୍ରବଳ—ପ୍ରାଚୀ ବ୍ରହ୍ମନରୁପଣଗୀତା ।)

ହଇୟା(ଆ)ତ୍—ବୈଦେ. ବି—ହୟାତ୍ (ଦେଶ)—
Haiyā(ā)t Haiyāt (See).

ହଇୟା(ଆ)ନ୍ତ—ଦେ. ବିଣ—ହୟାନ୍ତ (ଦେଶ)—
Haiyā(ā)nta Hayānta (See).

ହଇୟା(ଆ)ନ୍ତି—ଦେ. ବିଣ—ହୟାନ୍ତି (ଦେଶ)—
Haiyā(ā)nti Hayānti [See].

ହଇୟା(ଆ)ନ୍ତିଆ—ଦେ. ବିଣ—ହୟାନ୍ତିଆ (ଦେଶ)—
Haiyā(ā)ntiā Hayāntiā (See).

ହଇରାଣ—ବୈଦେ. ବିଣ (ଅ ହୈରାନ୍) —କ୍ରିଣ—୧ । ହଇରାଣିଆ
Hairāṇa (ଦେଶ)—Hairāniā [See] ୨।
ହାୟରାଣ ହୈରାନ ଉତ୍ପୀଡ଼ିତ; କ୍ଲାନ୍ତ୍ୟୁକ୍ତ—
2. Harassed; oppressed. (ଦ୍ର—ହଇରାଣ
କାହିଁକି ଏତେ, ହଇରାଣ ଅଛୁ ନ କର ମତେ—କବିସୂର୍ଯ୍ୟ,
ହାୟରାନୀ ହୈରାନୀ ସଙ୍ଗୀତ ।) ବୈଦେ. ବି.
(ଅ. ହୈରାନ୍ଗି)—କଷ୍ଟ; ଦଦ୍ରଗଞ୍ଜ; ହେବା ଅବସ୍ଥା—
Trouble; botheration.

ହଇରାଣ କରିବା—ଦେ. କ୍ରି—୧। ଉତ୍ପୀଡ଼ନ କରିବା—1. To
Hairāṇa karibā oppress; to harass. ୨। କଷ୍ଟ
ହାୟରାଣକରା ଦେବା—2.To trouble; to put to trouble;
ହୈରାନକରନା to bother.

ହଇରାଣ ହରକତ—ବୈଦେ. ବି (ବିକାର୍ଥକ ସମ୍ଭରର) (ଅ. ହୈରାନ୍ +
Hairāṇa harakata ହରକତ)—ନାନାପ୍ରକାର କଷ୍ଟ—
ହ(ହା)ୟରାନ ପରେସାନ Botheration; trouble.
ହୈରାନ ହରକତ ବୈଦେ. ବିଣ—ବ୍ୟାକୁଳ ଓ କଷ୍ଟପ୍ରାପ୍ତ—Bothered and troubled.

ହଇରାଣ ହେବା—ଦେ. କ୍ରି—କଷ୍ଟଭୋଗ କରିବା—
Hairāṇa hebā To suffer trouble.
ହାୟରାଣହଓୟା ହୈରାନହୋନା

ହଇରାଣି—ବୈଦେ. ବି (ଅ. ହୈରାନ୍ଗି)—୧। ଉତ୍ପୀଡ଼ନ—
Hairāṇi 1. Harassment; oppression.
ହାୟରାଣୀ ହୈରାନୀ ୨। କଷ୍ଟଯୁକ୍ତ ଅବସ୍ଥା—
2. State of trouble. ଦେ. ବିଣ—ହଇରାଣ(ଦେଶ)
Hairāṇa [See].

ହଇରାଣିଆ(ଆଁ)—ଦେ. ବିଣ (ଅ. ହୈରାନ୍) —୧। କଷ୍ଟପ୍ରଦ; ଯେ
Hairāniā(āñ) ହଇରାଣ କରେ—1. Troublesome;
ଗୋଳମେଳେ ହୈରାନ କରନେବାଲା putting.
to trouble; bothersome. ୨। ହଇରାଣ (ଦେଶ)
2. Hairāṇa (See)

ହଇ ରେ—ଦେ. ଅ (ପୁରୁଷମାନଙ୍କପ୍ରତି ଓ ଅପଣାଠାରୁ ବୟଃଲଘୁ ବ୍ୟକ୍ତି
Hai re ପ୍ରତି ବ୍ୟବହୃତ) ହେ ! ରେ !—Oh ! (addressed
ହାଁରେ ଅରେ to males of a lower status
than the speaker)

ହଇରୋଜ୍—ବୈଦେ. ଅ (ଅ. ହର୍+ରୋଜ)—ପ୍ରତିଦିନ—
Hairoj Every day; daily.
ପ୍ରତିଦିନ, ରୋଜ ରୋଜ ହରରୋଜ

ହଇ ଲୋ—ଦେ. ଅ— ୧। (ନାତ ବା ସମବୟସ୍କା ବା ଅଳପବୟସ୍କାସ୍ତ୍ରୀ ସ୍ତ୍ରୀ-
Hai lo ମାନଙ୍କ ପ୍ରତି ବ୍ୟବହୃତ) ହେ ! —
(ହଇବେ ହେ—ଅନ୍ୟରୂପ) 1. Oh (addressed to

Digitized by srujanika@gmail.com

ହାଁଲୋ a lower or equal or familiar women. ୨। ଅରି (ଅବଜ୍ଞାରେ ନାସ୍ତ୍ରୀଲିଙ୍ଗ ସମ୍ବୋଧନରେ ପ୍ରଥ ବ୍ୟବହୃତ)— Hallo! (Interjection denoting contempt and used towards females).

ହଇ ହଇ—ଦେ. ଅ—୧। ହଇ (ଦେଶ)—1. Hai (See) Hai hai ୨। (ସମ୍ମତିସୂଚକ ଅବ୍ୟୟ ହାଁ ହାଁ ହାଁ ହାଁ 'ହଇ'ର ଦ୍ୱିରୁକ୍ତି)—2. (doubling of the interjection 'Hai]--Ditto; yes. ହାଁ ହାଁ ବ—୧। ସମ୍ମତି—1. Consent; assent. ୨। କୌଣସି ବ୍ୟକ୍ତିର କହିବା କଥାରେ ସମ୍ମତି ପ୍ରକାଶ—2. Dittoing. (ଉ—ମାଧ୍ୟା ଘୋଇ! ସତ୍ତର କଥାରେ ହଇ ହଇ—ଚଗ।)

ହଇ ହୟ୍—ଗ୍ରା. ବ (ନାମ; ସ. ହୈହୟ୍)—ହୈହୟ୍ (ଦେଶ)— Haihaya Haihaya [See].

ହଇ ହେ—ଦେ. ଅ [ସମ୍ମାନାର୍ଥ ନର ନାମଙ୍କ ପ୍ରତି]—ହୋ—Oh! Hai he ବ (ଉ—ହଇ ହେ! ସବାସ୍ତନ ଏତେବେଳେ କେଉଁଠି ଥିବେ? ମଧୁସୂଦନ ଋତୁର ହାଁହେ ଓ ରାମ ଚଉଛ।)

ହଇ ହୋ—ଦେ. ଅ—୧। ହଇବେ [ଦେଶ]— Hai ho ହାଁ ହେ ଓ 1. Haibe [See]. ୨। (ଏକ ବା ବହୁ ଅପରିଚିତ ନରନାରୀଙ୍କ ପ୍ରତି ସମ୍ବୋଧନରେ ବ୍ୟବହୃତ) ହୋ!—Oh! [interjection used in addressing one or many males or females with whom one is not acquainted].

ହଉ--ଦେ. ଅ (ସ. ଭବତୁ)—୧। (ସମ୍ମତିସୂଚକ ଅବ୍ୟୟ) ହଁ!— Hau 1. Yes! Interjection denoting assent. ହଉକ, ଆଚ୍ଛା ଅଚ୍ଛା ୨। ଭଲାହେଉ; ଯଥାସ୍ତୁ— 2. Be it so. ୩। ଅନ୍ତରର ସନ୍ତୁଷ୍ଟି ରହିବା ମନର ଭାବଜ୍ଞାପକ ଅବ୍ୟୟ—3. Interjection denoting a state of contentment in one's lot. ଗ୍ରା. କ୍ରି—(ଦେବା ଧାତୁର ଅନୁଜ୍ଞା ଚତୁର୍ଥ ହଉକ ହୋ ପୁରୁଷ—ଅବଜ୍ଞାର୍ଥକ ଅକ୍ଷର) ଏହା ହେଉ, ସେ ହେଉ—Be it he, or she.

ହଉକତ—ଦେ. ବ (ଆ. ହକ୍କାତ)—ହଇକତ୍ [ଦେଶ]— Haukata Haikat (See)

ହଉଦା—ଗ୍ରାଦେ (ଓଡ଼ିଅଲ) ବ—ଚୌକି ଅପାର; ହାତ୍ତର ହାଉଦା— Haudā Cushion without arm, put on the back of an elephant

ହଉ ପଛକେ(ପଚ୍ଛେ)—ଦେ ଅ—(ଅନନୁମୋଦାସ୍ପଦ ହୋଇ ସମ୍ମତ Hau pachhake (pachhe) ହଉବା ସ୍ଥଳରେ ବ୍ୟବହୃତ)— ତାହିହଉକ ଅଚ୍ଛା ଏହା ସେପରି ପଟୁ—Be it so.

ହଉସେ—ଗ୍ରାଦେ (ଖାଟଣୀ) କ୍ରି—ହେଉଛୁ (ହେବା କ୍ରିୟାର ବର୍ତ୍ତମାନ କାଳ, "ସ୍ୱ ପୁରୁଷ ୧ବ)—Is.

ହଏ—ଗ୍ରା. କ୍ରି—('ହେବା' ବା 'ହବା' କ୍ରିୟାର ନଡ୍ୟବର୍ତ୍ତମାନ ଆସ୍ୱ Hae ପୁରୁଷ ୧ବଚନ)—(ସେ ବା ତାହା) ହୁଏ—(He; she; it) ହୟ ହୋ Is. ଗ୍ରାଦେ (ବଲ୍ଲଙ୍ଗିର ଖାଟଣୀ) ଅ—ହଁ—Yes.

ହଏଜା—ବୈଦେ. ବ (ଅ, ହୈଜନ୍)—ହଇଜା; ବସୂଚିକା ରୋଗ— Haejā Cholera.

ହଏତ—ଦେ. ଅ (ବଙ୍ଗଳା ଭାଷାରୁ ଅନୁକୃତ; ସଂ. ହସ୍ତ)—ସମ୍ଭବତଃ; Haeta ଏହା ବୋଧ ହୁଏ ଯେ; ଏହା ହୋଇଥାରେ ଯେ— ହୟତ ଶାୟଦ୍ Probably; perhaps; meseems; it seems.

[ଦ୍ର—ବହୁ ଭାଇଭୋଟ୍ଟର ଓଡ଼ିଆ ଲେଖକଙ୍କ ଲେଖା ଏ ବଙ୍ଗୀୟ ବ୍ୟବହାରରୁ ଅନୁକୃତ 'ହଏତ' ଓ 'ହୁଏତ' ବହୁଳ ଭାବରେ ଦେଖାଯାଏ।']

ହଏ ବୋ—ଗ୍ରାଦେ (ବଲ୍ଲଙ୍ଗିର ଖାଟଣୀ) ଅ—ହୋ— Hae bo Hallo!

ହଏରାଣ୍ (ଇତ୍ୟାଦି)—ବୈଦେ.ବଣ ଓ ବ—ହଇରଣ (ଇତ୍ୟାଦି)— Haerān (etc) Hairāṇa etc (see)

ହଏରାଣି—ବୈଦେ. ବ—ହଇରଣି (ଦେଶ) Haerāṇi Hairāṇi (See)

ହଏରାଣିଆ—ଦେ. ବଣ—ହଇରାଣିଆ (ଦେଶ)— Haerāṇiā Hairāṇiā (see)

ହଏରାନ୍—ଗ୍ରାଦେ (ଖଡ଼ିଅଲ) ବଣ ଓ ବ—ହଇରାଣ (ଦେଶ)— Haerān Hairāṇa (See)

ହଂ—ଫ. ଅ—୧। ରୁଷୋକ୍ତି (ମେଦଜ୍ଞା)—1. Interjection denoting anger. ୨। ଅନୁନୟ (ମେଦଜ୍ଞା)—2. Interjection denoting request or solicitation. ୩। ହଂ ସାଜ; ହଂସଃ ମନ୍ତ୍ରର ସାଜ ଅକ୍ଷର (ଯେଉଁ ହଂ ସାଜାଯାଇ ନଥାଏ)—3. The seed letter of the formula for the Hamsah mantra. ୪। ଅଜପାମନ୍ତ୍ରର ପ୍ରଥମ ଅଂଶ—ନାକବାଟେ ଶ୍ୱାସରୁ ବାହୁଡ଼ିବାସ୍ଥୁ ବହୁର୍ଗତ ହେଲାବେଳେ ଅନୁଭୂତ ଶବ୍ଦ)—4. The sound symbolising the exhalation of air through the nostrils. [ଦ୍ର—ନାକବାଟେ ଶ୍ୱାସ ମଧ୍ୟକୁ ବାୟୁ ପ୍ରବେଶ କଲାବେଳେ ଅନୁଭୂତ ଶବ୍ଦ ସଃ; ଏହ ଦୁଇ ଶବ୍ଦ ମିଶି ହଂସଃ ଓ ଏହାକୁ ଓଲଟାଇ ସୋଽହଂ ହୁଏ।]

ହଂକଂ—ଦେ. ବ (ନାମ)—ଚଳ ଦେଶର କାଣ୍ଟନ୍ ନଗରର ଦକ୍ଷିଣରେ Hamkam ଚତୁଃଶ୍ ଅଧିକୃତ ଦ୍ୱୀପ ଓ ବନ୍ଦର—Hongkong, [ହଂକଙ୍—ଅନ୍ୟରୂପ] (an island and port in ହଂକଂ ହଂକଂ China)

ହଂକା—ଦେ.ବ—ହଙ୍କା (ଦେଶ)—Hankā (See). ଗ୍ରାଦେ Hamkā (ସମ୍ଭଲପୁର) ବ—କୁଲା—Winnowing fan.

ହଂକା(କେ)ଇବା—ଦେ. କ୍ରି—ହଙ୍କାଇବା (ଦେଶ) Hamkā(ke)ibā Hankāibā (See)

Digitized by srujanika@gmail.com

ହଂକା ହଂକ—ଦେ. ବ—ହଙ୍କାବଙ୍କି (ଦେଶ)
Hamkā hamki Hankāhanki (See)

ହଂଗା(ଗେ)ରି—ଦୈଦେ. ବ (ନାମ)—ଇଉରୋପର ଯୁଗୋସ୍ଲାଭିଆର ଉତ୍ତରସ୍ଥ ସ୍ୱତନ୍ତ୍ର ଦେଶ—Hungary.
Hamga(ge)ri ହଂଗାରୀ ହଂଗେରି [ହଙ୍ଗା(ଙ୍ଗେ)ର—ଅନ୍ୟରୂପ]

ହଂଗୋରି—ଦେ. ବ—ଦାର୍ଜିଲିଙ୍ ପାହାଡ଼ରେ ଜନ୍ମୁଥିବା ଏକଜାତୀୟ କାଠଗଛ—A kind of timber wood tree found in Darjeeling hills. [ଦ୍ର—ଏଗଛର କାଠ ଖୁବ୍ ଦୃଢ଼ ଥିବାରୁ ଏଥିରେ ଖଟ, ଟେବୁଲ, ଚୌକି ଅଦି ଗୃହୋପକରଣ ଭଲ ହୁଏ। ପାହାଡ଼ିଆମାନେ ଏହାକୁ ଫଳ କାଥନ୍ତି।]
Hamgori हांगोरी हंगोरी

ହଂଜି—ସଂ. ଣ—ହ୍ମଚ୍ (ହ୍ମ. ଶ)—Sneeze.
Hamji (ହଞ୍ଜି—ଅନ୍ୟରୂପ)

ହଂଡ—ସ. ଅ—(ଖେଦସୂଚକ ଅବ୍ୟୟ; ଅହା)—(ହ୍ମ. ଶ)
Hamta Alas,

ହଂବା—ଦେ. ବ—(ସଂ ହଂ ଭୂ)—ହଂଭ୍ (ଦେଶ)—
Hamba Hambhā (See)

ହଂଭା—ଦ. ବ—ଗୋରୁମାନଙ୍କ ହମ୍ବାଳବା ଶବ୍ଦ (ହ୍ମ. ଶ)—
Hambhā The lowing of cattle.

ହଂସ୍ଲି—ଦୈଦେ. ବ—(ଫା)—ହଂସଲ (ଦେଶ)—
Hams-li Hamsali (See).

ହଂସ୍ଲି ହାଡ଼—ପ୍ରଦେ. (ସିଂହଭୂମି) ବ—କାନ୍ଧ ଓ କଣ୍ଠକୁ ଲାଗିଥିବା ହାଡ଼—Clavicles or collar bones.
Hams-li hārda

ହଂସ—ସଂ. ବ—(ହନ୍ ଧାତୁ=ଗତି କରିବା+କଞ୍ଚି ସ)—୧। Hamsa ଜଳଚର ପକ୍ଷି-ବିଶେଷ—1. The Swan. [ଦ୍ର—(ହଂସୀ—ସ୍ତ୍ରୀ) ଏହା ଜଳରେ ପହଁରିବାରେ; ଏହାର ଗୋଡ଼ର ସଂ. ପକ୍ଷୀସୂ— ଆଙ୍ଗୁଳଗୁଡ଼ିକ ପରସ୍ପର ସଂଯୁକ୍ତ ଥାଏ, ଚେଣ୍ଟ ଶ୍ୱେତ ଗରୁଡ଼, ଚକ୍ରାଙ୍ଗ, ଏହାକୁ ଲମ୍ବପଦ ବୋଲିଯାଏ। ଏହାର ଅଣ୍ଡା ମାନସୌକା, କଳକଣ୍ଠ, ଚେପଟା; ଏହା ମୁକ୍ତାଗଙ୍ଗାଜଳ ଜଳଚର ପିଚ୍ଛୁଦ, ପିଚ୍ଛଜ୍ଞ, ପକ୍ଷୀ; ଏମାନେ ଦଳ ଦଳ ହୋଇ ବଡ଼ ବଡ଼ ସରଃକାକ, ପୁରୁଦଂଶକ, ସରୋବରରେ ପହଁରନ୍ତି। ହଂସର ଡେଣାରୁ ଧବଳଚଞ୍ଚୁ, ମାନସାଳୟୀ, ଯେଉଁ ପକ୍ଷ ଝଡ଼ିପଡ଼େ ତହିଁର ମୂଳଦେଶ ବରଟ, ବରଳ ପଳା ଓ ସ୍ୱଚ୍ଛ କାଣ୍ଡଯୁକ୍ତ ପଦାର୍ଥବିଶିଷ୍ଟ ହାଁସ ହଁସ ଥିବାରୁ ଲୋକେ ତାକୁ କାଟି କଲମ ୨. କଳ୍ପଙ୍କା (Swan quill)ରୂପେ ବ୍ୟବହାର କରନ୍ତି।

ବୈଦ୍ୟଶାସ୍ତ୍ର ଅନୁସାରେ ଏହାର ମାଂସ ଗୁରୁପାକ, ଉଷ୍ଣବୀର୍ଯ୍ୟ, ବାତଘ୍ନ, ବୃଷ୍ୟ, ଶୁକ୍ରବର୍ଦ୍ଧକ, ବଳପ୍ରଦ, ବାତଘ୍ନ, କଫଜନକ, ସ୍ୱର ପରିଷ୍କାରକ ଓ ଅଗ୍ନିର (ଅନ୍ଧାରକଣା) ରୋଗର ପ୍ରତିକାରକ।

ପୁରାଣାଦିରେ ହଂସ ବ୍ରହ୍ମା ଓ ସରସ୍ୱତୀଙ୍କ ବାହନରୂପେ ବର୍ଣ୍ଣିତ ହୋଇଅଛି।

ଭାରତରେ ପ୍ରାଚୀନ ସାହିତ୍ୟରେ ହଂସ ସମ୍ବନ୍ଧରେ ପ୍ରବାଦ ଅଛି ଯେ, ହଂସଙ୍କ ଆଗରେ ପାଣିମିଶା ଦୁଧ ରଖିଦେଲେ ସେ ଦୁଧତକ ଖାଇଦଏ ଓ ପାଣିତକ ଦୁଧରୁ ଅଲଗା କରି ପାଖରେ ଛାଡ଼ିଯାଏ ("ହଂସୋହ୍ନ ଖୀରମାଦତ୍ତେ, ତନ୍ମିଶ୍ରଂ ବର୍ଜୟତ୍ୟପଃ")। ପ୍ରକୃତ କଥାଟି ଏହି ଯେ, ହଂସର ଅଣ୍ଡାରୁ ଅମ୍ଳରସ ସରଇ ହୁଏ, ସେହି ଅମ୍ଳରସ ଦୁଧରେ ମିଶିଲେ ତାହା ଛେନାରେ ପରିଣତ ହୋଇଯାଏ, ଏବଂ ସେହି ଛେନାତକ ହଂସ ଖାଇଯାଏ ଦୁଧର ଅବଶିଷ୍ଟ ଜଳୀୟ ଅଂଶ ପାଖରେ ପଡ଼ିରହେ।

ହଂସମାନଙ୍କୁ ଲୋକେ ଉମ୍ଭ ପାଇଁ ପାଳନ୍ତି। ଉମ୍ଭକୁ କେତେକ ବ୍ୟଙ୍ଗ ଖାଆନ୍ତି। ଅଥଚ ହଂସମାନେ ଖ୍ରୀଷ୍ଟୁ-କାଳରେ ଖ୍ରୀଷ୍ଟୁପ୍ରଧାନ ଦେଶରେ ନ ରହି ଉତ୍ତରଅଞ୍ଚଳକୁ ଉଡ଼ିଯାଆନ୍ତି ଓ ଜଣାଯାଇଛି ଯେ, ହଂସ ଓ ହଂସଜାତୀୟ ଜଳଚର ପକ୍ଷୀମାନେ ଖ୍ରୀଷ୍ମାରମ୍ଭରେ ହିମାଳୟ ପର୍ବତର କାନ୍ଥରେ ଥିବା ଗୋଟିଏ ରନ୍ଧ୍ରକାନ୍ତେ ଉତ୍ତର ଦରବର୍ତ୍ତୀ ମାନସ-ସରୋବରକୁ ଉଡ଼ିଯାଆନ୍ତି ଓ ବର୍ଷାଋତୁ ପରେ ପୁଣି ଏ ଦେଶକୁ ଆସନ୍ତି।

ହଂସମାନଙ୍କ ମନ୍ତ୍ରର ଗତିକୁ ଜଗତ୍ପିତା ଗୁରୁଜଘନା ଯୁବତୀମାନଙ୍କ ଗତି ସଙ୍ଗେ ତାହାମାନେ ତୁଳନା କରନ୍ତି, ଏବଂ ଗୃହଲକ୍ଷ୍ମୀମାନଙ୍କ ପାଦର ନୂପୁର ଆଦର କୃଜନକୁ ତାହାମାନେ କଳହଂସ ରୁତ ସଙ୍ଗେ ତୁଳନା କରନ୍ତି।

ବଡ଼ ହଂସକୁ ରାଜହଂସ କୋଲିଯାଏ। ବତକ ବା ପାଣ-ହଂସଙ୍କ ବେକ ଅପେକ୍ଷା ହଂସମାନଙ୍କ ବେକ ଲମ୍ବା। ପୃଥିବୀର ପ୍ରାୟ ସବୁ ଅଂଶରେ ହଂସ ଦେଖାଯାଆନ୍ତି। ଏମାନେ ପାଣିରେ ଥିବା କ୍ଷୁଦ୍ରଜଳଜନ୍ତୁ ଓ ଉଦ୍ଭିଦ ଖାଇ ବଞ୍ଚନ୍ତି। ହଂସର ବର୍ଣ୍ଣ ଶ୍ୱେତ ଥିବା ପ୍ରସିଦ୍ଧ ଥିଲେ ମଧ୍ୟ ଅଷ୍ଟ୍ରେଲିଆରେ କଳାହଂସ, ଆମେରିକାରେ ପାଇଁସିଆ ଓ ଚତୁରବର୍ଣ୍ଣ ହଂସ ଦେଖାଯାଆନ୍ତି।] ୨। କୃଷ୍ଣ (ମେଦଗା)—2. Bishnu. ୩। ଜୀବାତ୍ମା—Soul of animals, as distinguished from the Supreme Soul. ୪। ପରଂବ୍ରହ୍ମ; ପରମାତ୍ମା (ମେଦଗା)—4. The Divine Soul pervading the universe. ୫। ସୂର୍ଯ୍ୟ (ମେଦଗା)—5. The sun. [ଦ୍ର—(୨, ୩, ୪) ବୋଲେ କେତେକ ଜହ୍ନକୁ ହଂସ ଭୋଷଦା ସ୍ୱତ—ରଞ୍ଜ ବୈଦେହୀସ୍ଥ ବିଳାପ]

୬। ବ୍ରହ୍ମା (ମେଦଗା)—6. The Creator Brahma. ୭। ଶିବ (ଅନେକାର୍ଥ ଡୋଷ)—7. God Siba. ୮। ଅଜପା ମନ୍ତ୍ର (ମେଦଗା)—8. The mystic word which in involuntarily uttered with every breath. [ଦ୍ର—ସବଦା ନଃଶ୍ୱାସବାୟୁକୁ ଛଡ଼ବା ଓ ପ୍ରଶ୍ୱାସ ବାୟୁକୁ ଶବ୍ଦର ଉଚ୍ଚାରଣ କରିବାବେଳେ ଜୀବ ସ୍ୱଭାବତଃ ଏହି ହଂସଃ ମନ୍ତ୍ର ଜପୁଅଛି।

ପରାନ୍ତରେ ପ୍ରାଣବାୟୁ ବା ଶ୍ୱାସର ଗ୍ରହଣକାଳରେ 'ହଂ' ଓ ଶ୍ୱାସ ଛଡ଼ବାବେଳେ 'ସଃ' ଏହି ଶବ୍ଦ ଅନୁଭୂତ ହୁଏ।

Digitized by srujanika@gmail.com

ପ୍ରଦ୍ଧଦନ ଜୀବ ଏହୁ ଅଜପା ମନ୍ତ୍ରକୁ ୨୧ ହଜାର ୬୦୦ ଥର ଜପୁଛ, ଅର୍ଥାତ୍, ଏଭେଥର ଈଃଶ୍ୱାସ ମାରୁଛ । ଏହୁ ଈଃଶ୍ୱାସର ଗତ୍ତିକୁ ପ୍ରାଣାୟାମଦ୍ୱାରା ନିୟନ୍ତ୍ରିତ କରିବା ଓ ଠିକ୍‌ରଖିବା ଏବଂ କେନ୍ଦ୍ରି ସୁଦ୍ଧାରେ ଶ୍ୱାସ ରୋକୁଅଛୁ, ତାହା ବାରବା ଯୋଗସାଧନର ଅଙ୍ଗ ।] ୯ । ନିର୍ଲୋଭ ନୃପ (ମେଦନୀ)—9. A king having no avarice. ୧୦ । (ନାମ) ମେରୁର ଉତ୍ତରସ୍ଥ ପୌରାଣିକ ପର୍ବତ-ବିଶେଷ (ସ୍ତ୍ରୀଗଣ)—10. Name of a mythological mountain to the north of Meru (pole). ୧୧ । ମାତ୍ସର୍ଯ୍ୟ—11. Envy. ୧୨ । ମନ୍ତ୍ର-ବିଶେଷ; ହଂସମନ୍ତ୍ର (ଦେଶ)—12. Name of a mystic formula. ୧୩ । ଅବଧୂତ; ଯୋଗିଭେଦ (ମେଦନୀ);ପରମହଂସ—13. A class of anchorites who have renounced all worldly ties and passions. ୧୪ । ପ୍ରାଣବାୟୁ; ଶ୍ୱାସ; ଶଶ୍ୱତ୍ସ୍ଥ ବାୟୁ-ବିଶେଷ (ମେଦନୀ)—14. Name of the vital air; breath.

[ଦ୍ର—ଯୋଗସାଧନ ଦ୍ୱାରା ଶଶ୍ୱତରେ ସହଜ କଲ୍ପନାଦ୍ୱାରା ପ୍ରାଣବାୟୁକୁ ନିରୋଧ ଓ ନିୟନ୍ତ୍ରିତ କରି ଏକାନ୍ତ ଚିତ୍ତରେ ନାସାଗ୍ରକୁ ଚାହିଁ ସାଧନା କଲେ ସାଧକଙ୍କୁ କ୍ରମଶଃ ଇଜିତ-ମଧ୍ୟରେ ଗୋଟିଏ ଜ୍ୟୋତିର୍ମଣ୍ଡଳ ଦେଖାଯାଏ, ଏବଂ ଇଡ଼ା (ଇଅଁଳା), ପିଙ୍ଗଳା (ପିଅଁଳା), ଓ ସୁଷୁମ୍ନା (ଶିଶୁମୁନା) ନାଡ଼ୀମାନଙ୍କ ମଧ୍ୟରେ ଚଢି କରୁଥିବା ପ୍ରାଣବାୟୁକୁ ସାଧକ ଲକ୍ଷ କରିବାକୁ ସମର୍ଥ ହୁଅନ୍ତି । ତତ୍ପୋରୁ ଏହୁ ଯୋଗ-ସାଧନକୁ ଓଡ଼ିଶାରେ ବୌଦ୍ଧଧର୍ମର ପରବର୍ତ୍ତୀ ସମୟରେ ଯଥା—ଜଗନ୍ନାଥ, ବଳରାମ, ଅଚ୍ୟୁତ, ଅନନ୍ତ, ଯଶୋବନ୍ତ ଆଦ ଭକ୍ତମାନେ ଅଜପାଜପ ବା 'ଶଶ୍ୱରବେଦ' ନାମରେ ଚଳାଇ ହିନ୍ଦୁଧର୍ମ ଓ ବୌଦ୍ଧଧର୍ମର ସମନ୍ୱୟ କରିବାକୁ ଚେଷ୍ଟା କରି ଯାଇଅଛନ୍ତି ଓ ଏହାକୁ ସାଧାରଣ ଲୋକଙ୍କ ସାଧନାୟତ୍ତ କରିବାକୁ ଚେଷ୍ଟା କରି ଯାଇଅଛନ୍ତି । ଉକ୍ତ ଚଳ ନାଡ଼ୀର ସଜ୍ଞା (ଇଡ଼ିକୁଠ, ଜିମୁନା) ରେ ପ୍ରାଣବାୟୁ (ହଂସ, ଓଲଟ ହଂସ) ଖେଳୁଥିବାର ବର୍ଣ୍ଣନା କରି ସେମାନେ 'ଶଶ୍ୱର ବେଦ ଭଜନ' ବା ଆନ୍ତରିକ ସହଜିକ-ସାଧନକୁ ଲୋକସାଧାରଣରେ ପ୍ରଚାର କରି ଯାଇଅଛନ୍ତି ।] ୧୫ । ମହିଷ—15. Buffalo. ୧୬ । ଭୁରଙ୍ଗମଭେଦ; ଅଶ୍ୱ ବିଶେଷ (ମେଦନୀ)—16. A species of horse. ୧୭ । ନରପତି; ରାଜା—17. King. ୧୮ । ଦୀକ୍ଷାଗୁରୁ; ଆଚାର୍ଯ୍ୟ—18. Spiritual preceptor. ୧୯ । ସିତବର୍ଣ୍ଣ, ପିଙ୍ଗଳଚକ୍ଷୁ, ତାମ୍ରବର୍ଣ୍ଣ ଶୃଙ୍ଗ ଓ ବୃହତ୍-ମୁଖବିଶିଷ୍ଟ ଗାଈ—19. A white cow having grey eyes, coppery horns and large mouth. ୨୦ । ପର୍ବତ (ମେଦନୀ)—20. Mountain. ୨୧ । କାମଦେବ (ହ. ଶ)—21. Cupid. ୨୨। ନୃତ୍ୟ-ବିଶେଷ (ହ. ଶ)—22. A kind of dance. ୨୩ । ହଂସାକାରରେ ନିର୍ମିତ ଏକ ଶୃଙ୍ଗବିଶିଷ୍ଟ ପ୍ରାସାଦ (ହ.ଶ)—23. A kind of swan-shaped building. ୨୪। (ନାମ) କୃଷ୍ଣଙ୍କଦ୍ୱାରା ନିହତ ଜନୈକ ଦୁଷ୍ଟ କ୍ଷତ୍ରିୟବୀର—24. Name of a warrior killed by Krishna,

[ଦ୍ର—ଏହାର ଭାଇର ନାମ ଡିମ୍ଭକ; ଏ ଦୁଇ ଭାଇ ତପସ୍ୟା-ଦ୍ୱାରା ମହାଦେବଙ୍କଠାରୁ ବର ଓ ଅସ୍ତ୍ର ପାଇ ଅଜେୟ ହେଲେ ଓ କ୍ରମଶଃ ସମସ୍ତଙ୍କ ଉପରେ ଅତ୍ୟାଚାର କଲେ । ତେନେ ଏମାନେ ଦ୍ୱାରକାଠାରୁ କୌଣିନ ଖଣ୍ଡିକ ଛଡ଼ାଇ ନେବାରୁ ମୁନ ଦ୍ୱାରକାରେ ଶ୍ରୀକୃଷ୍ଣଙ୍କ ନିକଟରେ ଫେରିଦ ହେଲେ ଓ କୃଷ୍ଣ ହଂସକୃତ ଏ ଅପମାନନାର ପ୍ରତିଶୋଧ ନେବାପାଇଁ ପ୍ରତିଶ୍ରୁତ ହେଲେ । କେତେ ଦିନ ପରେ ହଂସର ପିତା ଜରସନ୍ଧ ଯଜ୍ଞ କରିବାରୁ ହଂସ ଯାଇ ଶ୍ରୀକୃଷ୍ଣଙ୍କଠାରୁ ବର ମାଗିଲା, କୃଷ୍ଣ ନାହିଁ କଲେ; ଓ ଏହା ସଙ୍ଗେ କୃଷ୍ଣଙ୍କର ପୁଷ୍ଟର କ୍ଷେତ୍ରରେ ଯୁଦ୍ଧ ହେଲା; ଓ ଏ କୃଷ୍ଣକଦ୍ୱାରା ହତ ହେଲା । ଡିମ୍ଭକ ଭ୍ରାତୃଶୋକରେ ଯମୁନାରେ ଝାସଦେଇ ମଲା—ଭାଗବତ] ବିଣ—୧। ଅଗ୍ରତଃ ସ୍ଥିତ (ଶବ୍ଦରତ୍ନାବଳୀ)—1. Situated in front. ୨। ମତ୍ସର (ମେଦନୀ)—2. Envious. ୩। ଶ୍ରେଷ୍ଠ (ହେମଚନ୍ଦ୍ର); ଉତ୍କୃଷ୍ଟ; ପ୍ରଧାନ—3. Excellent. ୪ । ବିଶୁଦ୍ଧ (ଅଜସ୍ପ)—4. Pure. ଦେ. ବି—୧ । ପୁରୁଷଲୋକଙ୍କୁ

ହାଁସ ହଁସ ପ୍ରଦତ୍ତ ନାମ—1. A name given to males. ୨। ଅବଧୂତ ବିଶେଷ—[ଦ୍ର—ଏମାନେ ହଂସାଶ୍ରମ୍ୟ, ଗୃଦ୍ଧ-ତ୍ୟାଗୀ,କାମନାରହିତ, ସର୍ବଦା ସନ୍ତୁଷ୍ଟ, ଚରନ୍ତୁମାତ୍ର, ଯଥା—ଲବ୍ଧ ଅନ୍ନଦ୍ୱାରା ଜୀବିକା ଅର୍ଜ୍ଜନ କରନ୍ତି) —2. A class of recluse. ୩ । ଲଲାଟ ମଧ୍ୟରେ ଇଡ଼ା, ପିଙ୍ଗଳା ଓ ସୁଷୁମ୍ନା ନାଡ଼ି ସଙ୍ଗରେ କ୍ରୀଡ଼ା କରୁଥିବା କଳ୍ପିତ ପ୍ରାଣବାୟୁ (ଯାହା ଶଶ୍ୱରବେଦ ଭଜନରେ "ହଂସ ଖେଳୁଛୁ ହିକୁଠ ସଜ୍ଜରେ । ଯମୁନା ବହୁଛୁ ଜୁଜାଣି" ଇତ୍ୟାଦି ପଦରେ ସୂଚିତ)-The essential air sustaining the body; and which is said to move inside the eyebrow. ପ୍ରାଦେ. (ଈଡ଼ାକ ସଦୃଶ; ବଜାରବାସୀଙ୍କ ବ୍ୟବହୃତ; ଭୁଲ, ଭୁନୀ, ହଂସୀ) ବି. (ସଂ. ହାସ୍ୟ)—ହାସ୍ୟ; ହସ—Laughter. (ଉ—ଯଥା—ହାସ୍ୟକୁ ଏକଥା ଶୁଣି ହଂସ ଲଗୁଛୁ ।]

ହଂସ ଉଡ଼ିଯିବା—ଦେ. ବି (ଲକ୍ଷଣାର୍ଥ)—ମୃତ୍ୟୁଘଟିବା—

Hams urdijibā The flying away of the bird of life from the cage (body); death taking place.

ହଂସକ—ସ.ବି (ହଂସ+ସ୍ୱାର୍ଥେ,କ)—୧ । (ପୁଂ) ସ୍ୱଜହଂସ (ଶବ୍ଦରତ୍ନାବଳୀ)

Hamsaka 1. Swan. (ହଂସ+କୈଧାତୁ=ପ୍ରକାଶ କରିବା+(ହଂସିକା—ସ୍ତ୍ରୀ) କର୍ତ୍ତୃ ଅ) ୨ । ହଂସାକୃତି କାଦମ୍ବକୁ ତରଣ ପୁଷ୍ପର

A kind of ornament for the leg which emits a sound like that of a swan. [ଯଥା-ନୂପୁର ହଂସଜାତ ନିନାଦରେ—କବିସୂର୍ଯ୍ୟ, ରହାକର ତଳ୍ପୁ ଯ ଗୀତ] ୩ । ହଂସାକୃତି ରବଶୂନ୍ୟ ତରଣିଭୂଷଣ--3. A soundless ornament for the leg. [ଯଥା—ବସ୍ତୁତ ଯେ ହଂସଜର ନସ୍ୱନ, ବତପନ ନଷ୍ଟରୁ-ମାଳା ପୁନ—ଭଞ୍ଜ ବୈଦେଘୀଶ ବଳାସ] ୪ । ଘାଦକଃକ (ଏଡା ହଂସାକୃତି ଥିବାରୁ) ଘାଦକଳସ୍ୱ, ବଳା, ଘାଉଞ୍ଜମ ଇତ୍ୟାଦ (ଏଡା ରବଶୂନ୍ୟ)—4. Anklet (which does not tinkle). ୫ । ତାଳଭେଦ; ଯେଉଁ ତାଳ ପ୍ରଥମେ ଲଘୁ, ପରେ ଗୁରୁ ଓ ଶେଷରେ ଲଘୁ ହୋଇଥାଏ (ସଙ୍ଗୀତ ଦାମୋଦର)—5. Name of a musical measure. ୬ । ଗୋଡ଼ ଅଙ୍ଗୁଠିରେ ପିନ୍ଧାଯିବା ମୃତ୍ତିକାବଶିଷ୍ଟ ଗଢ଼ଣା—6. An ornament for the fingers of the leg. ଗାଦେ. (କଃକ ସଦ୍ଦର, ଇତର ଜନ ବ୍ୟବହୃତ) ବି. (ସଂ. ହାସ୍ୟ) – ହସ; ହାସ୍ୟ—Laughter.

ହଂସ କଲମ—ଦେ. ବ.—ହଂସପକ୍ଷର ମୂଳ କଃଯାଇ ଛଞ୍ଚର କରିଥିବା Hamsa kalama କଲମ—Pen from swan quill.

ହାଁସ କଲମ ହଂସ କଲମ

ହଂସ କୀଳକ—ସଂ. ବ—ରତିବନ୍ଧ ବିଶେଷ— Hamsa kīlaka Name of a posture during coition.

[ଯଥା—ନାଗ୍ୟ ଘାଦଦ୍ୱୟଂ କୃତ୍ୱା କାନ୍ତସ୍ୟୋରୁ ଯୁଗୋପରି କଃମାଦୋଲସ୍ୟେଦ୍ ଯହାତ୍ ବଦ୍ଧୋଽସୌ ହଂସକୀଳକଃ— ଷ୍ଟ୍ରଦୀପିକା ।]

ହଂସ କୁମର—ଦେ. ବ (ସଂ. ହଂସକୁମାର)—ଯମ— Hamsa kumara God Jama.

[ଉ—ମରଦ୍ଭତକେଣୀ ଓଷ୍ଠସ୍ପୃଧାଘାତୁଁ କ ରତ୍ପଇ ହଂସ-କୁମର—ଭଞ୍ଜ ପ୍ରେମସୁଧାନଧି]

ହଂସ କୂଟ – ସଂ. ବ—୧ । କବୁତ୍ (ଶବ୍ଦକଳ୍ପଦ୍ରୁମ); ବୃଷତ୍ତର ଚୁଳ— Hamsa kuṭa The fleshy protuberance on the shoulder of a bull. ୨ । ପୌରାଣିକ ପର୍ବତ-ବିଶେଷ (ଘୁରାଣ)—2. Name of a mythological mountain.

ହଂସ:କେଳ—ଦେ.ବ—ପିଷ୍ଟକ ବିଶେଷ—A kind of cake. Hamsa keli [ଯଥା—ହଂସକେଳ କଃକମାନ—ଅଉମଲ୍ୟ ବଦଶ୍ଚତକ୍ରାମଣି]

ହଂସ ଗତି—ସଂ. ବ—୧ । (ଅଶ୍ୱୀ ତତ୍ତ୍ୱ) ହଂସପର ଧୀରଗତି—Slow Hamsa gati motion of the swan. ୨ । ତତ୍ତ୍ୱଜ୍ଞାନ୍ତି; ମୁକ୍ତ (ଭ. ଶ)—2. Final beatitude. ୩ । ଚୌତ୍ରିଶ ମାତ୍ରାର ଛନ୍ଦୋବିଶେଷ (ଭ. ଶ)—3. A kind of syllabic metre. [ଉ—ଏଥିରେ ଏକାଦଶ ମାତ୍ରାରେ ବତ୍ପ ଦ୍ରୁତ । ଏହ ଛନ୍ଦର ଦ୍ୱାଦଶ ମାତ୍ରାରେ ଯତିଘାତ ହେଲେ ଏ ଶ୍ଳନ୍ଦକୁ ମଞ୍ଜୁଳଳତା ବୋଲ୍ଯାଏ (ଭ. ଶ)] ସଂ. ବଶ (ପୁଂ ଓ ସ୍ତ୍ରୀ) ହଂସର ଗତ୍ତପର ଧୀର ମଧୁର ଗତ୍ତ ବସ୍ତିଷ୍ଣୁ—Having slow and lovely gait. [ଦ୍ର—ଏ ଶବ୍ଦ ସ୍ତ୍ରୀମାନଙ୍କ ବଶେ-ଦ ରୂପେ ସାଧାରଣତଃ ବ୍ୟବହୃତ ହୁଏ ।]

ହଂସଗଦା—ସଂ. ବ ସ୍ତ୍ରୀ (ହଂସ + ଗମ୍ ଧାତୁ = କହିବା + କତ୍ତି ଅ + ସ୍ତ୍ରୀ ଆ)—ମଧୁର-ଭାଷିଣୀ ସ୍ତ୍ରୀ (ଭ. ଶ)—Hamsagadā Sweet-voiced lady.

ହଂସଗଦ୍ଗଦା—ସଂ. ବଶ. ସ୍ତ୍ରୀ (ହଂସ + ଗଦ୍ଗଦ + ସ୍ତ୍ରୀ. ଆ)—ମଧୁର-ଭାଷିଣୀ; ମଧୁରଭାଷିଣୀ—Sweet-voiced (woman): of sweet speech. Hamsagadgadā

ହଂସ ଗମନ—ସଂ. ବ (ଅଶ୍ୱୀ ତତ୍ତ୍ୱ)—୧ । ହଂସର ଗତ୍ତ—1. Gait Hamsa gamana of a swan. ୨ । ହଂସପର ଗତ୍ତ—2. Majestic walking like a swan. ବଶ. ପୁଂ (ହଂସଗମନା—ସ୍ତ୍ରୀ. ବଶ) (କନ୍ଦର୍ପୀହ)—ଯେ ହଂସପର ଗତ୍ତେ—Majestically walking like a swan. [ଦ୍ର—ଏହ ଶବ୍ଦ ପୁଂଲିଙ୍ଗରେ ପୁରୁଷମାନଙ୍କ ପ୍ରତ ବ୍ୟବହୃତ ହୁଏ ନାହିଁ; କନ୍ତୁ କବମାନେ ଏହାର ସ୍ତ୍ରୀଲିଙ୍ଗ ଆକାରକୁ ସ୍ତ୍ରୀମାନଙ୍କଠାରେ ବ୍ୟବହାର କରିବାକୁ ଭ୍ରାର ପ୍ରଯତ୍ନ ଘାଥନ୍ତ ।]

ହଂସଗମନା—ସଂ. ବଶ. ସ୍ତ୍ରୀ (ହଂସପର ଗମନ ଯାହାର; ହଂସ + ଗମନ + ସ୍ତ୍ରୀ. ଆ)—ହଂସଗାମିନୀ (ଦେଖ)—Hamsagāmini (See).

ହଂସଗମନୀ—ଦେ ବଶ. ସ୍ତ୍ରୀ (ସଂ. ହଂସଗମନା) – ହଂସଗାମିନୀ (ଦେଖ)—Hamsagamani Hamsagāmini (See).

ହଂସଗାମିନୀ—ସଂ. ବଶ. ସ୍ତ୍ରୀ (ହଂସ + ଗମ୍ ଧାତୁ + କର୍ତ୍ତୃ. ଇନ୍ + ସ୍ତ୍ରୀ. ଈ)—ଯେଉଁ ସ୍ତ୍ରୀ ହଂସପର ମନ୍ଥର (ହଂସଗାମୀ—ପୁଂ) ଗତ୍ତରେ ଓ ସଦୃଶରେ ଗମନେ—(A woman) Strutting majestically like a swan. Hamsagāmini [ଦ୍ର—ଏ ଶବ୍ଦର ପୁଂଲିଙ୍ଗ ଆକୃତ୍ତି ପୁରୁଷମାନଙ୍କଠାରେ କବ-ମାନଙ୍କର ପ୍ରଯୋଗ କରିବା ଦେଖା ନାହିଁ; କନ୍ତୁ ପୁରୁଷମାନଙ୍କ ପକ୍ଷରେ ହଂସଗାମୀ ପକ୍ଷ ଅଛନ୍ତ ।] ବି. ସ୍ତ୍ରୀ—୧ । ହଂସପର ଗମନକାରିଣୀ ସ୍ତ୍ରୀ—1. A woman with a swan's gait. ୨ । ବ୍ରାହ୍ମଣୀ ଦେବୀ—2. The wife of God Brahmā.

ହଂସ ଗୁଣା—ଦେ.ବ—ଯେଉଁ ଗୁଣାରେ ବା ନାକର ଅଳଙ୍କାରରେ ହଂସର ମୂର୍ତ୍ତି ବସାଯ ଇଥାଏ—A nose ring set with the image of a swan. Hamsa guṇā

ହଂସଜା—ସଂ. ବ (ହଂସ = ପୂର୍ବପଦ + ଜନ୍ ଧାତୁ + କର୍ତ୍ତୃ. ଅ + ସ୍ତ୍ରୀ. ଆ)—ଯମୁନା ନଦୀ—Jamuna river. Hamsajā [ଉ—ବୃନ୍ଦ ହଂସ ପର ହଂସଜାଗରେ, ବାରେ ଗମନ ପ୍ରଚୁର ରେବାରେ । ଭଞ୍ଜ. ବୈଦେଘୀଶବିଳାସ ।]

Digitized by srujanika@gmail.com

ହଂସ ଡିମ୍ବ—ସ. ବ—ହଂସର ଅଣ୍ଡା—Swan's egg. [ଦ୍ର—Hamsa dimba ବୈଦ୍ୟଶାସ୍ତ୍ର ଅନୁସାରେ ବଦ୍ଧା, ମଧୁରରସଃ, ଗୁରୁ-ହାଁସର ଡିମ ସ୍ନାଗ୍ଧ, ଲଘୁପାକ, ବଲ୍ୟ, ବୃଂହଣ, ଶୁକ୍ରବର୍ଦ୍ଧକ ଓ ଅଂଡା ବାତନାଶକ; ଓ ପାକ ହେଲେ ଲଘୁତର ଓ ରେଚଃକ୍ଷୟ, କାଶ, ହୃଦ୍ରୋଗ, କ୍ଷତ ଆଦ ସଦ୍ୟୋମସ୍ୱ ବନାଶକ ହୁଏ—ଗୁଜରଦର୍ଦ୍ଧା।]

ହଂସ ତୁଳି—ଦେ. ବ—ହଂସୁଲି ତୁଳି (ଦେଖ)
Hamsa tuli Hamsuli tuli (See)

ହଂସ ଦାହନ—ସ. ବ—ଅଗୁରୁ (ଶବ୍ଦରତ୍ନକା); ଗୁଗୁଲ—
Hamsa dāhana Agallochia.

ହଂସନ୍—ଦେ. ବ (ନାମ) (ଫା. ହସନ୍)—ହସନ୍ ବା ହୋସେନ୍‌ର ଡାକ-ହୋସେନ୍ ନାମ—Nickname for a Mahammadan named Hossain.
ହସନ

ହଂସ ନଥ—ଦେ. ବ—ହଂସନୋଥ (ଦେଖ)
Hamsa natha Hamsanotha (See)

ହଂସନାଥ—ଦେ. ବ. ପୁଂ—୧ । ପୁରୁଷଙ୍କ ନାମ—1. A name Hamsanātha given to males. ୨ । ଶିବଲିଙ୍ଗଙ୍କ ନାମ
ହଂସନାଥ ଭଦେଶ—2. Name of an idol of Śiba. ୩ ।
ହଁସନାଥ କଟକ ଜଜ୍ଞାରେ କଟକ ସହରର ୭।୮ ମାଇଲ୍ ପୂର୍ବରେ ଜାଠଯୋଡ଼ୀ ନଦୀ କୂଳରେ ଅବସ୍ଥିତ ଶିବଲିଙ୍ଗ ଭଶେଷ; ପରମହଂସନାଥ—3. A popular name Paramahamsanātha; an image of Śiba at Paramhamsa in the Cuttack district.

ହଂସ ନାଦ—ସ. ବ (ଷଷ୍ଠୀ ତତ୍)—ହଂସର ଶବ୍ଦ—
Hamsa nāda The sound made by a swan.

ହଂସନାଦିନୀ—ସ. ବଣ. ସ୍ତ୍ରୀ—ହଂସପର ନାଦ ଜରୁଥିବା (ସ୍ତ୍ରୀ)—
Hamsanādinī (A woman) Having the voice of a swan. ବ. ସ୍ତ୍ରୀ—ମନୋରମା ନାସ୍ୱବଶେଷ—[ଦ୍ର—ଯେଉଁ ସ୍ତ୍ରୀଙ୍କ ଗଛ ହସ୍ତୀର ଗତିପରି, କଣ୍ଠସ୍ୱର କୋକଳ ସ୍ୱରପରି, ଯାହାଙ୍କ ଶଙ୍କର କୃଶ, ନତମ୍ବ ପୃଥୁଳ, ତାଙ୍କୁ ହଂସନାଦିନୀ କୋଲ୍ଲଯାଏ।]
(ଗଜେନ୍ଦ୍ରଗମନା ଭର୍ଦ୍ଦୀ କୋକିଳାନାଂରୁତାନ୍ୱିତା
ନତମ୍ବ ଗୁର୍ବିଣୀ ଯାସା କଥ୍ୟତେହଂସନାଦିନୀ—ଶବ୍ଦମାଳା)
A woman having the gait of an excellent elephant, the sweet voice of a peacock and having big buttocks with a lean body.

ହଂସନାବାଦ୍—ଦେ. ବ. (ନାମ)—କଟକ ସହରର ଅଂଶବଶେଷର
Hamsanābād ନାମ—Name of a part of the town of Cuttack.

ହଂସନାଭ—ସ. ବଣ (ନାମ)—ମାର୍କଣ୍ଡେୟ ପୁରାଣୋକ୍ତ ପର୍ବତ ବଶେଷ—
Hamsa nābha Name of a mythological mountain.

ହଂସ ନୋ(ନ)ଥ—ଦେ. ବ.—ଯେଉଁ ନୋଥରେ ହଂସର ମୂର୍ତ୍ତି ବସି
Hamsa no(na)tha ଥାଏ—A notha or nosering with the image of a swan on it.
ହଁସନଥ ହଁସନଥ

ହଂସ ପକ୍ଷ—ସ. ବ. ୧। (ସାମୁଦ୍ରକ; ଏହି ରେଖାର ଦୁଇ ପାଶ୍ୱରେ ହଂସର ପକ୍ଷରେ ଗୁଡ଼ିଏ କ୍ଷୁଦ୍ର ପର ଲଟିଥିବା
Hamsa paksha ପର ଗୁଡ଼ିଏ ରେଖା ଲାଗିଥିବାରୁ ଏହି ନାମ)—ଶୁଭ ସୂଚକ କଦ୍ଭଳସ୍ଥ ରେଖା ବଶେଷ—(Palmistry) Name of a feather-like line found on the palms of the hands. ୨। ହଂସର ପକ୍ଷ—2. The wing or feather of a swan.

ହଂସ ପକ୍ଷୀ—ସ. ବ—ହଂସ ନାମକ ପକ୍ଷୀ—The bird Swan.
Hamsa pakshī ଦେ. ବ—୧। ହଂସର ପକ୍ଷ—1. The
ହାଁସର ପାଖା ହଂସକାପର feather of a swan. ୨। ହଂସ-ପକ୍ଷର କଲମ—2. Swan-quill pen.

ହଂସ ପଥ—ସ.ବ. (ଷଷ୍ଠୀ ତତ୍)—ଆକାଶରେ ବହୁ ଉଚ୍ଚରେ ହଂସମାନେ
Hamsa patha ମାନସସରୋବରକୁ ଉଡ଼ିଯିବାବେଳେ ଯେଉଁ ବାଟ ଦେଇ ଯାଆନ୍ତି—The high part of the sky used by the swans when migrating to the Mānasasarobara lake.

ହଂସ ପଦ—ସ.ବ. (ଷଷ୍ଠୀ ତତ୍)—୧। ହଂସର ପଦ (ଯାହାଁ ଆଙ୍ଗୁଠି
Hamsa pada ପାଖ ଏକାଠେଇଁ ଲଗିଥାଏ)—1. Swan's foot; the web-foot of the swan. ୨। ହଂସ ପଦ ପରି ଛଡା ଆଙ୍ଗୁଠିଯୁକ୍ତ ପଦ; ଜଲ ପଦ—2. Webfoot. ୩। ଦୁଇ ତୋଳା ବା ଏକ କର୍ଷ ପରିମିତ ଓଜନ—3. A standard weight of 2 tolas or 1 Karsha. ବଣ. ପୁଂ. (ବହୁବ୍ରୀ) ୧। ଯେଉଁ ବ୍ୟକ୍ତିର ପାଦର ଆଙ୍ଗୁଠିପାଖ ପର୍ଯ୍ୟନ୍ତ (ହଂସପଦା—ସ୍ତ୍ରୀ. ବଣ) ଲଗିଥାଏ—1. Webfooted ୨। ଯେଉଁ ବ୍ୟକ୍ତିର ପାଦର ମଝି ଦେଖିବାକୁ ନ ଦେଇ ସମସ୍ତ ପାଦତଳ ଭୂମିରେ ପଶି ଦେଇ ଲଗିଥାଏ—2. A person whose soles touch the ground completely without there being any hollow in the middle.

ହଂସପଦୀ—ସ ବ—୧। ଗୋଧାପଦୀ (ଗୁଜରଦର୍ଦ୍ଧା); ଗୁଥଳଲତା
Hamsa padī ଗୋଥଳଥଲତା, ଏକ ପ୍ରକାର ଦୀର୍ଘ ଶାଳଲତା ସ. ପର୍ଯ୍ୟାୟ—ମଧୁସ୍ରବା, ବିପଦା, —1. A creeper; ଗୋଧାପଦୀ, ହଂସପାଦିକା, Vites Latifolia. [ଦ୍ର—ହଂସପାଦୀ, ଜାଠମାଡା.ଚୁଡ଼ାଳକ, ଏହି ଲତାର (ସ. ଚୁଡ଼ାଳକ) ତେର ଘରର ଫାଟ ଓ ଘରର ବଳର ଫାଟରେ ପଶି ଏ ଲତା ମାଡ଼େ (ଏଥିପାଇଁ ନାମ ଚୁଡ଼ାଳକ); ଏହାର ପତ୍ର ବିପର୍ଣ; ପତ୍ର ରୋମଶ। ଏହାର ପତ୍ରର ଆକାର ହଂସର ଲମ୍ବ ପାଦ ପରି ଥିବାରୁ ଏହାର ନାମ ହଂସପଦୀ। ଅନ୍ୟ-

Digitized by srujanika@gmail.com

ଏକ ପ୍ରକାର ବଡ଼ ଲତା (ଫ. ଗୋଧାପଦା) ଅଛି । ଏହାକୁ ବଡ଼ ଗୁଆଳଲତା ବୋଲଯାଏ (Vites Pedanta).

ଏହା କଟୁରସ, ଶୀତଳ, ଗୁରୁପାକ, ରକ୍ତପିତ୍ତନ, ଓ ବାତ, ଭ୍ରାନ୍ତି, ଅପସ୍ମାର, ଅଜ୍ଞତାର, ରକ୍ତଦୋଷ, ବ୍ରଣ, ଜ୍ୱର, ତୃଷ୍ଣା, ଅଗ୍ନିସ୍ତମ୍ଭକ ଓ କଫଦୋଷର ଶାନ୍ତି-କାରକ । ଏହା ପଳକୁ ବାଟ କଥା ଉପରେ ବୋଲିଲେ କଥା ପାଟିଯାଏ ଏବଂ ଟେକ ଉଲ ହୁଏ ।] ୨ । ହଂସରାଜ (ଦେଖ)—2. Hamsarāja (See).

ହଂସ ପର—ଦେ.ବ.—ହଂସର ଚେକରେ ଓ ଦେହରେ ଥିବା କୋମଳ Hamsa para ମୃଦୁ ରୋମ—The down of the swan; ହାଁସେରପାଲକ ହଁସକାପର eider down.

ହଂସପାକ ଯନ୍ତ୍ର—ଫ.ବ.—ଔଷଧପ୍ରକାର୍ଥ ବ୍ୟବହୃତ ଆୟୁର୍ବେଦୋକ୍ତ ଯନ୍ତ୍ର- Hamsapāka Jantra ବିଶେଷ – Name of a contri vance for boiling Ayurvedic preparations.

ହଂସପାତା(ତ)ଳ—ବୈ.ଦେ. ସ୍ତ୍ରୀ. ବ—ହସ୍ପିଟାଲ୍—Ho pital. Hamsapātā(ta)la [ଉ—ସ୍ୱାନ ବାବୁଙ୍କର ମୁଣ୍ଡ ପାଟିଯାଇଛି; ହଁସପାତାଳ ଯୋଇସ ସ୍ୱାନବାବୁଙ୍କୁ ହଂସପାତାଳକୁ ପଠାଇଛୁ— ଅସ୍ପତାଳ ଉତ୍ତାସ୍ତ୍ରଚରଣ— ସଂସାରତତ୍ତ୍ୱ]

ହଂସ ପାଦ—ଫ. ବ—୧ । ହଂସର ଚରଣ—1. The foot of a Hamsapāda swan. ୨ । ହିଙ୍ଗୁଳ (ଦଲାଯୁଧ)—2. Red sulphide of mercury; cinnabar; vermilion. ୩ । ହଂସପାଦପତ୍ର ସଦୃଶଶିଖ୍ଯ ଲତା ବିଶେଷ (ଏହା ଔଷଧରେ ଲାଗେ)—3. A kind of medicinal herb; Vites latifolia.

ହଂସପାଦା—ଦେ. ବିଣ. ସ୍ତ୍ରୀ (ଫ. ହଂସପଦ)—ଯେଉଁ ବ୍ୟକ୍ତିର ସମସ୍ତ Hamsapādā ତଳପା ଭୂଇଁରେ ଲାଗୁଥିବାରୁ ଅସୁନ୍ଦର ଦେଖା- (ହଂସପାଦଅ—ଅନ୍ୟରୂପ) ଯାଏ—(A person) Having [ହଂସପାଦା, ହଂସପାଦୀ—ସ୍ତ୍ରୀ) the whole sole of his ହଁସପେରେ feet touching the ground without hav- ହଂସପାଦା ing any hollow inside.

ହଂସପାଦିକା—ସଂ. ବ—ହଂସପଦା (ଦେଖ)— Hamsapādikā Hamsapadī (See)

ହଂସପାଦୀ—ଫ. ବ—୧ । ହଂସପଦା ଜାତୀୟ ଲତା ବିଶେଷ (ରତ୍ନମାଳା) Hamsapādī 1. A species of Hamsapadī [ଦ୍ର— ଏଥିର ଅନ୍ୟ ଫ. ନାମ କ୍ରିପଦା—ଦ୍ରବ୍ୟଗୁଣ . ଦ୍ରବ୍ୟଗୁଣ]

ହଂସପୁର—ଦେ.ବ—୧ । ରାଜପରିବାରସ୍ଥା ସ୍ତ୍ରୀମାନଙ୍କ ରହିବାପାଇଁ ଘର; Hamsapura ରାଣୀ ହଂସପୁର; ଅନ୍ତଃପୁର—1. Harem. ରାନୀମହଲ [ଯଥା—ଭମେ ରଲେ ଭାର୍ତ୍ତ ପ୍ରାମ୍ବେ ନରେ ସ୍ତ୍ରୁରେ; ରାନୀମହଲ ନୃତ୍ତଲେ ପାସ ଡେମା ହଂସପୁରେ—ରଧାନାଥ. ନଭକେ. ଶସ୍ତ୍ର] ୨ । ଆଧୁନିକ ମୁଲତାନ—2. Modern Multan. [ଉ—କାଶୀର, ସ୍ୱଲାବତ୍ତ, ଉତ୍କଳିଲା ସ୍ତମ୍ଭ, ଶୀଲାଭୁର, ହଂସପୁର ଅଦ୍ଭକର ଯେତେ—ସ୍ୱାନାଥ, ସଦାଯାତ୍ରା ।]

ହଂସ ବାହନ—ଫ.ବ ପୁଂ (ବହୁବ୍ରୀ, ହଂସ ଅଟେ ବାହନ ଯାହାର)— Hamsa bāhana ବ୍ରହ୍ମା—God Brahmā. ଫ. ବିଣ ପୁଂ ଯାହାଙ୍କ ବାହନ ହଂସ—Having the swan as (ହଂସବାହନା—ସ୍ତ୍ରୀ) his carrier.

ହଂସ ବାହନା(ବାହିନୀ)—ଫ, ବ ସ୍ତ୍ରୀ (ହଂସ+ବାହନ+ଅ; ହଂସ ଅଟେ Hamsa bāhanā(bāhini) ବାହନ ଯାହାଙ୍କର—ବହୁବ୍ରୀହି; ହଂସ+ବହଧାତୁ + ଲ୍ୟୁ+ଈ; ହଂସ ଯାହାଙ୍କର ବାହନ) ୧ । ସରସ୍ୱତୀ—1. Goddess of learning. ୨ । ବ୍ରହ୍ମାଣୀ—2. The wife of Brahmā. ଫ. ବିଣ ସ୍ତ୍ରୀ—ହଂସ ବାହନର ସ୍ତ୍ରୀ ଲିଙ୍ଗ—Feminine of Hamsa bāhana.

ହଂସ ବୀଜ—ଫ. ବ—ହଂସଡମ୍ବ— Hamsa bīja Swan's egg.

ହଂସମଣି—ଦେ. ବ ପୁଂ—୧ । ପୁରୁଷଙ୍କ ନାମ—1. A name Hamsamaṇi given to males. ୨ । ପରମାଦେବଙ୍କ ଲିଙ୍ଗ- ହଂସମଣି ବିଶେଷ—2. Name of an image of Siba. ୩ । କଟକ ଜିଲ୍ଲାର ପରମହଂସନାଥ ପରମାଦେବଙ୍କ ପ୍ରାକନାମ—3. Popular name of the image of Paramahamsanātha in the district of Cuttack.

ହଂସ ମନ୍ତ୍ର—ଦେ. ବ—୧ । ବ୍ରହ୍ମଜ୍ଞାନ ସମ୍ପର୍କୀୟ ମନ୍ତ୍ର ବିଶେଷ; ସୋଽହଂ. Hamsa mantra 1. A mystic formula reciting ହଂସମନ୍ତ୍ର knowledge about the Supreme Soul. ହଂସମନ୍ତ୍ର [ଉ—ହଂସ ମନ୍ତ୍ର ମୋର କର୍ଣ୍ଣରେ ଦେଇ, ଅଜର୍ଦ୍ଦୁ ଶିଷ୍ୟକର ମୋତେ ଭୁହ—ପ୍ରାଚୀ. ପରତେ ଚୀତା] ୨ । ଅଜପା ମନ୍ତ୍ର; ବିନା ଜପରେ ନାସାପ ପ୍ରଶ୍ୱାସ ଦ୍ୱାରା ସାଧାରଣତଃ କରୁ- ଥିବା ନାସାବାୟୁ ଜନିତ ମନ୍ତ୍ର—2. Mystic formula formed by the sound of exhalation and inhalation.

ହଂସ ମାଳା—୧ । ଫ. ବ (ଷଷ୍ଠୀ ତତ)—ହଂସଶ୍ରେଣୀ; ହଂସ ସମୂହ— Hamsa mālā 1. A crowd or herd of swans. ୨ । ମାଇହଂସ—2. Gander. ୩ । ବର୍ଣ୍ଣ ବୃତ୍ତ- ବିଶେଷ (ହ. ଶ)—3. Name of a syllabic metre.

ହଂସମାଷା—ସ. . ବ.—ମାଷପର୍ଣ୍ଣୀ (ରକ୍ତ ନର୍ଘଷ) (ଦେଖ)— Hamsa māshā Māshaparṇṇī (See)

ହଂସମୁଣ୍ଡି—ପ୍ରାଦେ. ବ. (ଗଡ଼ଜାତ)—ସାହାସ ମୃଣ୍ଡି (ଦେଖ) Hamsamuṇḍi Sāhāsamuṇḍi (See)

ହଂସ ଯୋଷିତ୍—ଫ. ବ. ସ୍ତ୍ରୀ —ହଂସୀ—A she-swan. Hamsa joshit

ହଂସ ରଥ (ଯାନ)—ଫ. ବ. (ବହୁବ୍ରୀ—ହଂସ ଅଟେ ରଥ=ବାହନ ଯାହାର)—ବ୍ରହ୍ମା—God Brahmā (whose vehicle is swan).

Digitized by srujanika@gmail.com

ହଂସରାଜ—ଦେ. ବ· (ସଂ· ହଂସଯାଗ)—ଅପୁଷ୍ପକ ଯଜ୍ଞାଙ୍ଗ ବିଶେଷ—
Hamsarāja (ତ୍ର—ଏହାର ଡାଙ୍ଗ କଲା ଭାର ପରି; ପତ୍ର ଗୁଚ୍ଛକ
ହଂସରାଜ ସମଳପତ୍ତୀ ଡାଲର ଦୁଇପାଖେ ନଡଆ ବାନ୍ତୁଙ୍ଗାରେ
ଲାଗିଥିବା କଡଆ ପତ୍ର ପରି ଲାଗିଥାଏ । ଯତ୍ତମାନ ଅର୍ଦ୍ଧ-
ଚନ୍ଦ୍ରାକାର । ବର୍ଷା ଦିନେ ଓଦାପାତ୍ରର ଓ ଇଟା କାନ୍ଥରେ
ଏ ଗୁଳ୍ମ ଜନ୍ମେ । ଏ ଗୁଳ୍ମ ଦେଖିବାକୁ ସୁନ୍ଦର; ଏଥିର
ମୂଳରୁ ଡାଲମାନ କଡଆ ବାନ୍ତୁଙ୍ଗା ପରି ବାହାର ଥାଏ ।
ବଡ଼ଲୋକମାନେ ସଜ୍ଜାଘରେ ଅଣି ଏହାକୁ କଗିଚରେ
ଲଗାନ୍ତି । ସୋଜ ଓ ଝକଝକ ପଥର ତଳା ଉପରେ ଏ ଗଛ
ଜଧ ଏ । ବୈଦ୍ୟଂକ ମତରେ ଏହା ଗରମ ଓ ଜ୍ୱରର
ଔଷଧ ଅଟେ ହି· ଶ)—The maiden hair fern.

ହଂସରାଡ଼ି(ଳି)—ଦେ· ବ. (ସଂ· ନାମ କଲହଂସ)—ଏକ ପ୍ରକାର ଶ୍ୱେତ
Hamsarāḍi(li) ହଂସଜାତିୟ ଜଳଚର ପକ୍ଷୀ; କଲହଂସ—
କଡ଼ହାଂସ ପନବତକ Grey lag goose; Anser Ferus.
[ତ୍ର—ହଂସ ହଂସରାଜମାନେ ଯେ ଘୁମୁଛନ୍ତି, କୃ. ଭ. ଅବ]
[ତ୍ର – ଏହା ମୁରଗ ବର୍ଗର ୧୨ ଅଙ୍ଗୁଳ ଦୀର୍ଘ ପକ୍ଷୀ;
ମୁଣ୍ଡ ଚଲା; ପେଟ ଧଳା ଓ ଗୁଛ ଖଇରି; ଗଳା ଲମ୍ବା; ଥଣ୍ଟ
ଚିପା ଓ ଦାଢ଼ିଆ; ଡେଣା ସାନ; ଲାଞ୍ଜ ପ୍ରାୟ ନାହିଁ; ଗୋଡ଼
ଶ୍ୱେତ । ଏମାନେ ପଣିରେ ବୁଡ଼ନ୍ତି ଓ ଡେଙ୍ଗା ଏବଂ ଗୋଡ଼
ଦ୍ୱାରା ପହଁରନ୍ତି । ଏମାନେ ଶୀତୁଆନ୍ତେ ଉତ୍ତର ଅଞ୍ଚଳ ଅଡ଼ୁ
ଆସି ସୋଖଣ୍ଟ, ହ୍ରୀଲ, ଓ ଚଲିକା ଆଦ ହ୍ରଦରେ ଥଲ ଥଲ
ହୋଇ ପଡ଼ନ୍ତି ଓ ଗ୍ରୀଷ୍ମ ଋତୁର ପୂର୍ବରୁ ଉଡ଼ି ଗଲ
ଯାଆନ୍ତି ।]

ହଂସ ରୁତ—ସ. ବ (ସପ୍ତୀ ତତ୍ପୁ)—୧ ହଂସର ଧ୍ୱନି ବା ରବ—
Hamsa ruta 1. The sound of a swan. ୨ । ସଂସ୍କୃତ
ଛନ୍ଦୋବିଶେଷ—2. Name of a Sanskrit metre.

ହଂସ ରୁତା(ତୀ)—ସ. ବିଣ. ସ୍ତ୍ରୀ (କର୍ମଧା୍ର—ହଂସସର ରୁତ=ନାଦ
Hamsa rutā(tī) ଯାହାର)—ହଂସର କଳନାଦଯୁକ୍ତ—
(a woman) Having the voice resembling
(ହଂସରୁତ—ବୁ) that of the swan
[ତ୍ର—ଯେଉଁ ସ୍ତ୍ରୀଙ୍କ ଗଳାର ସ୍ୱର ବା କଣ୍ଠସ୍ୱର ହାଦ.
ହଂସନାଦ ପରି କହମାନଙ୍କ କାନକୁ ଲାଗେ, ତାଙ୍କୁ
ହଂସରୁତା କହନ୍ତି; କନ୍ତୁ ପୁରୁଷମାନଙ୍କୁ କହମାନଙ୍କର ଏ
ବିଶେଷଣ ଦେବା ଶୁଣା ନାହିଁ ।]

ହଂସଲି—ଦେ. ବ (ସଂ. ଅଂଶ=କାନ୍ଧ ଓ ଲି ଧାତୁ ପ୍ରତ୍ୟୟ କରିବା)—
Hamsali ୧ । ଗ୍ରୀବା ର ବ ସ୍ୱର୍ଣ୍ଣର ଅର୍ଦ୍ଧଚନ୍ଦ୍ରାକାର ଅଳଙ୍କାରବିଶେଷ
ହାଁସୁଲୀ, ହାଁସଳୀ ହଂସଳି ବିଶେଷ; ହଂସଲ (ଇତ୍ୟାଦି) (ଦେଶ)—
A crescent-shaped ornament for the
neck. (ତ୍ର—ହାର ଓ ଚଲ ଗୁଜ୍ଜା ଢୋଇଆ ଏ; କନ୍ତୁ
ହଂସଲି ସର୍ବଦି ଧାତୁରେ ନିର୍ମିତ । ହା ସ୍ତ୍ରୀଲୋକମାନେ
ସ୍ତ୍ରୀଲୋକମାନେ ବ୍ୟବହାର କରନ୍ତି ।) ୨ । ହଂସଳିହାଡ଼—
2. Collar bone; clavicle.

ହଂସଲୋମଶ—ସଂ. ବ.—କାଶୀସ (ସୁଜନଦର୍ଦ୍ଦଣ); ହରିତସ—Green
Hamsa lomaśa sulphate of iron.

ହଂସ ଲୋହକ—ସଂ ବ.—ପିତ୍ତଳ (ହେମଚନ୍ଦ୍ର)—Brass.
Hamsa lohaka

ହଂସ ସୁତ (ତନୟ)—ସଂ. ବ (ସପ୍ତୀ ତତ୍) (ତନୟ) ଯମ—Jama.
Hamsa suta (tanaya)

ହଂସ ସୁତା(ତନୟା)—ସଂ.ବ (ସପ୍ତୀ ତତ୍) ଯମୁନାନଦୀ—The river
Hamsa sutā(tanayā) Jumna.

ହଂସା—ଦେ ବ. (ସଂ. ହଂସ=ଗତି)—୧ । ପ୍ରାଣ; ଜୀବନ—
Hamsā 1. Life. ୨ । ପ୍ରାଣବାୟୁ—2. Vital air;
ଶ୍ୱାସ ପ୍ରାଣବାୟୁ; ହଁସା breath of life. ୩ । ଧୈର୍ଯ୍ୟ;
ଧୈର୍ଯ୍ୟ—3. Patience. ପ୍ରାଦେ. ବ. (ତତ୍ସମ)—
ଦେଁଷ; ମୁନ୍ଦୁର—Rude reed mat.

ହଂସା(ସେ,ଇବା—ପ୍ରାଦେ (କର୍ତ୍ତରି ସପ୍ତମ୍ୟନ୍ତ ଅନୁପ୍ରୟୁକ୍ତ) କ୍ରି—
Hamsā(se)ibā ହସାଇବା—To make one laugh.

ହଂସା ଉଡ଼ା—ଦେ. ବିଣ—ଯହିଁରେ ହଂସା ଉଡ଼ିଯାଏ; ଅତ୍ୟନ୍ତ କ୍ଲାନ୍ତି-
Hamsā urdā ଜନକ—Very toilsome.
ଭୟାନକଶକ୍ତ ହଁସଉଡ଼ାନେବାଲା

ହଂସା ଉଡ଼ିବା—ଦେ. ବ—୧ । ଅତି ଷୁଧାର୍ତ୍ତି ବା ତୃଷାର୍ତ୍ତି ହେବା;
Hamsā urdibā ଷୁଧା ଓ ତୃଷାରେ ଓଷ୍ଠାଗତପ୍ରାଣ ହେବା—
ପ୍ରାଣବେରିୟେବାଓୟା ହଁସାଉଡ଼ନା 1. Being in extreme
pang for thirst and hunger. ୨ । ଅତ୍ୟନ୍ତ
ଲୋଭ କରିବା—2. Feeling extreme.
thirst. ୩ । ଓଷ୍ଠାଗତ ପ୍ରାଣହେବା; ମୃତପ୍ରାୟ ହେବା—
3. Being about to die. ୪ । ଧୈର୍ଯ୍ୟଲୋପ ହେବା;
ଫାକାସି ଦିଅିବା—4. Loss of patience
[ତ୍ର—ସେ ହକତ୍ର ଶୁଣି ଦାସଙ୍କ ଜିଭଲ୍ଲ ହଂସା—
ଦ୍ୱାଦାନାଥ—ଭଜଦବୁ)—୫ । ଅଣକଣ୍ଟାସି ହେବା—
5. Being out of breath.

ହଂସାଂଘ୍ରି—ସ. ବ.—୧ । ହଂସପାଦ (ଦେଶ)—1. Hamsapāda
Hamsāṁghri (See). ୨ । ହିଙ୍ଗୁଳ (ଦେଶ)—
2. Vermilion.

ହଂସାଣ୍ଡ—ସଂ. ବ. ସପ୍ତୀ ତତ୍; ହଂସ+ଅଣ୍ଡ) ହଂସ ଡିମ୍ବ—
Hamsāṇḍa Swan's egg.

ହଂସାଧରା—ପ୍ରାଦେ· ବ· (ସମ୍ବଲପୁର)—କୁସ୍ତି;—କସରତ—
Hamsādharā Athletics; athletic feat.

ହଂସା ଧରିବା—ପ୍ରାଦେ. କି (ସମ୍ବଲପୁର)—କୁସ୍ତି କରିବା—
Hamsā dharibā To perform athletic feats.

ହଂସାବଳୀ—ସ. ବ (ସପ୍ତୀ ତତ୍)—ହଂସମାଳା (ଦେଶ)—
Hamsābali Hamsamālā (See)

ହଂସାଭିଖ୍ୟ—ସ. ବ (ହଂସସର ଅଭିଖ୍ୟା=ସୌନ୍ଦର୍ଯ୍ୟ ଯାହାର)—ରୂପ୍ୟ;
Hamsābhikhya ରୂପା (ହେମଚନ୍ଦ୍ର)—Silver.
(ହଂସାଭରକ୍ୟ—ଅନ୍ୟରୂପ)

ହଂସାମୁଣ୍ଡି—ପ୍ରାଦେ· ବ (ଉଚ୍ଚାରଣ)—ଶଗଡ଼ର ଦୁଇ ଦଣ୍ଡାର ଅଗ୍ରଭାଗକୁ
Hamsāmuṇḍi ଯୋଡିବା କାଷ୍ଠଖଣ୍ଡ, ଯହିଁରେ ଜୁଆଳ ବାନ୍ଧନ୍ତି
(ନଦ)—A pin attached to the front ends

Digitized by srujanika@gmail.com

of the two poles of a cart to which the yoke is tied.

ହଂସାରୂଢ଼—ସଂ. ବ. ପୁଂ (ହଂସ୍ଥା ଉତ୍ତ)—ହଂସ ଉପରେ ଚଢିଥିବା—Hamsārūrdha Riding on a swan, ୧—ବ୍ରହ୍ମା—Brahmā. (ହଂସାରୂଢ଼ା—ସ୍ତ୍ରୀ)

ହଂସାରୂଢ଼ା—ସ ବ. ସ୍ତ୍ରୀ—୧ । ସରସ୍ୱତୀ—1. The Goddes of learning- ୨ । ବ୍ରହ୍ମାଣୀ—2. The wife of Brahmā.

ସ. ବଣ. ସ୍ତ୍ରୀ—ହଂସ ରୁଢୀର ସ୍ତ୍ରୀଲିଙ୍ଗ—Feminine of Hamsārurdha.

ହଂସାଳି—ସଂ. ବ (ହଂସ୍ତ୍ରୀ ଉତ୍ତ)—୧ । ହଂସମାଳ—1. A brood of swans. ୨ । ୩୨ ମାତ୍ରା ବିଶିଷ୍ଟ ଛନ୍ଦୋବିଶେଷ—2. A Sanscrit metre of 37 syllables. [ଦ୍ର—ଏଥିରେ ବଂଶସ୍ଥା ଉପରେ ଯଉଉଡ଼େ ଓ ଶେଷରେ ୧ ଯ ଗ ଣ ଥାଏ (ହଂ.ଶ)]

ହଂସି—ଗ୍ରାମ୍ୟ. (କଟକ ସହର ଇତର ବ୍ୟବହୃତ) ବ (ଭୁଲ. ହ୍ର. ହଂସୀ) Hamsi (ସଂ ହସ୍ ଧାତୁ)—୧ । ହାସ୍ୟ; ହସ—1. Laughter. ୨ । ହସିବା—2. Laughing. ଦେ. ବ—୧ । ଏକ ପ୍ରକାର ତନ୍ତୁ ଜାତି—1. A caste of weavers. ୨ । ହଂସ ବା ହଂସନାଥର ଆଦରାର୍ଥକ ଡାକନାମ—2. Nickname for calling Hamsanātha in (ହଂସୁ, ହଂସେଇ—ଆଦରାର୍ଥକ ଡାକନାମ) fondness. (ହଂସ ଆ, ହଂସୁଆ—ଅନାଦରାର୍ଥକ ଡାକନାମ)

ହଂସିଆ—ଦେ. ବ—୧ । ଅର୍ଦ୍ଧଚନ୍ଦ୍ରାକାର ଦାନ୍ତିଆ ଦାଆ—Hamsiā 1. Crescent-shaped sharp scythe. ୨ । କାନ୍ତେ ହଂସ ବା ହଂସନାଥ ନାମକ ବ୍ୟକ୍ତିର ଅନାଦରାର୍ଥକ ଡାକ ହଂସୁ(ସି)ଆ ନାମ—2. Nickname for Hamsanātha in familarity. ୩ । କଞ୍ଚା ମାଟିକୁ କାଟିବାପାଇଁ ବ୍ୟବହୃତ କୁମ୍ଭାରଙ୍କର ଅର୍ଦ୍ଧଚନ୍ଦ୍ରାକାର କତ୍ତୁଲ—3. A crescent-shaped bill hook used by potters to cut wet clay. ୪ । ମେଚ୍ଚାକୁ ଛେଲି ଚତ୍‌କଣ କରିବାରେ ବ୍ୟବହୃତ ମୋଚମାନଙ୍କର କତ୍ତୁଲ—4. A kind of bill hook used by cobblers to cut or smooth leather. ୫ । ହାତୀର ଅଙ୍କୁଶର ମୁନିଆ ଅଗ ସଙ୍ଗେ ଲାଗିଥିବା ବଙ୍କା ଅଂଶ—5. The bent portion attached to the pointed edge of an elephant's goad.-

ହଂସିକା—ସଂ. ବ (ହଂସକ + ଆ)—ହଂସୀ (ଶବ୍ଦରତ୍ନମାଳା)—Hamsikā A she swan,

ହଂସିଖୁସି—ଗ୍ରାମ୍ୟ. (କଟକ ସହର ଇତର ବ୍ୟବହୃତ) ବ—୧ । ହାସ୍ୟ Hamsikhusi ଓ କୌତୁକ; ହାସ୍ୟ ଓ ଆନନ୍ଦ—1. Laugh and joy. ୨ । ରଙ୍ଗଚଙ୍ଗ; ମଜ୍ଜ—2. Merriment ୩ । ଠଟ୍ଟାତାମସା—3. Jesting and wittisms.

ହଂସିବା—ଗ୍ରାମ୍ୟ. କ୍ରି (କଟକ ସହର ଇତର ବ୍ୟବହୃତ ଭାଷା; ସଂ. ହ୍ରସ Hamsibā ଧାତୁ, ମୂଳ. ହ୍ର. ହଂସନା)—୧ । ହସିବା; ହାସ୍ୟ କରିବା—1. To laugh. ୨ । ଉପହାସ କରିବା—2. To deride at. ୩ । ଠଟ୍ଟା କରିବା—3. To jest.

ହଂସୀ—ସଂ. ବ ସ୍ତ୍ରୀ (ହଂସ+ଈ)—୧ । ସ୍ତ୍ରୀ ହଂସ; ମାଈ ହଂସ—1. A Hamsī she-swan. ୨ । ଦ୍ୱାବିଂଶତ୍ୟକ୍ଷରପାଦ ଛନ୍ଦୋବିଶେଷ—2. Name of a Sanskrit metre of 22 letters. [ଦ୍ର—ଏଥିର ପ୍ରତ୍ୟେକ ଚରଣରେ ୨ ମଗଣ, ୧ ଚଗଣ, ୩ ନଗଣ, ୧ ସଗଣ ଓ ୧ ଗୁରୁବର୍ଣ୍ଣ ଥାଏ (ହ୍ର. ଶ)]

ଦେ. ବ—ହଂସି (ଦେଶ)—Hamsi (See)

ହଂସୁଆ—ଦେ. ବ—୧ । କଟକ ଜିଲ୍ଲାର ପ୍ରାକୃତିକ ଜଳଧାସ୍ତୁ Hamsuā ବଙ୍ଗୋପସାଗରରେ ପକାଇଥିବା ଏକ ନୈସର୍ଗିକ ନାଳି—1. A natural drainage channel draining the water of a part of the Cuttack dist. into the sea. ୨ । ପ୍ରାଚୀନ ବନ୍ଦର ବିଶେଷ—2. The name of an old port. ୩ । ହଂସ ବା ହଂସନାଥର ଅନାଦରାର୍ଥକ ଡାକ ନାମ—3. Nickname of Hamsanātha. ୪ । ହଂସିଆ (ଦେଶ)—4. Hamsiā (See)

ହଂସୁଡ଼ା(ଣ୍ଡ)—ଗ୍ରାମ୍ୟ (ଉତ୍କଳ ସହର; ଇତର ବ୍ୟବହୃତ) ବିଣ. ପୁଂ—Hamsurdā(ṛā) ହସୁଡ଼ା (ଦେଶ)—Hasurdā (See) (ହଂସୁଡ଼ୀ[ଣ୍ଡି]—ସ୍ତ୍ରୀ) ହଂସୀଡ଼(ର)

ହଂସୁଲି—ଦେ. ବ—୧ । ହଂସଲି (ଦେଶ)—1. Hamsali (See) Hamsuli ୨ । ହଂସଲୋମ ନିର୍ମିତ ଶେଯ—2. A quilt made हाँसेर पालेकेर गदि of eider down. ବିଣ—ହଂସଲୋମ ନିର୍ମିତ—Made of eider down. परकातोसक

ହଂସୁଲି ତୁଳି—ଦେ. ବ (ସ. ହଂସ ଓ ତୂଳା)—ତୂଳାପରି କୋମଳ Hamsuli tuli ହଂସ ଲୋମ—1. The down of the हाँसेर नरम पालक swan, soft as cotton. ୨ । ହଂସ-ହଂସକା पर ଲୋମପୂର୍ଣ୍ଣ ଶେଯ—2. A quilt of eider down. हाँसेर पालकेर गदि (ଘଥା—ଶଯ୍ୟକରୁ ଥିବ ହଂସଲି ତୁଳ—परकातोसक ତୁହନ୍ତୁ ନାହିଁ।)

ହଂସୁଲି ହାଡ଼—ଦେ. ବ (ସ. ଅଂସ+ଲ. ଧାତୁ)—କେକର ତୁଇ Hamsuli hārda ପାଖରେ କାନ୍ଧ ତଳ ସାମନାରେ ଥିବା ତୁଇ କଣ୍ଠାସ୍ଥି ଦାଗର ଧନୁାକାର ହାଡ଼—Collar bone; clavicle. हंसोहाड़; हसुलि

ହଂସେଇ ଦେ. ବ. ପୁଂ—(ଆଦରାର୍ଥକ) ହଂସନାଥର ଡାକ ନାମ—Hamsei Nickname of Hamsanātha in fondness.

ହଂସେଇବା—ଗ୍ରାମ୍ୟ (କଟକ ସହର ଇତର ବ୍ୟବହୃତ ଭାଷା; ମୂଳ. ହ୍ର. Hamsaeibā ହଂସାନା) କ୍ରି—ହସାଇବା—To cause to laugh.

Digitized by srujanika@gmail.com

ହଂସୋଦକ—ସ. ବ (କର୍ମଧା; ହଂସ=ଜଳପକ୍ଷୀ+ଉଦକ)—୧ । ସ୍ୱଚ୍ଛ-
Hamsodaka ବାରି; ନର୍ମଳ ଜଳ—1. Excellent or pure
water. ୨ । ଘଣ୍ଟାଜଳ; ଯାମୟ ବିଶେଷ—2. A kind
of drink. [ଦ୍ର—ନୂଆ ମାଣ୍ଟହାଣ୍ଡିରେ ଘଣି ଉଖି ତାକୁ
ଦଳରେ ଖଣ୍ଡରେ ଓ ଉଛୁରେ ଚନ୍ଦନକରଣରେ ମୃଦୁଘବନ
ବନ୍ଧୁଥିବା ସ୍ଥାନରେ ରଖି ଏଥିରେ ଅଳାଇଚ ଗୁଣ୍ଡା ଆଦ ଦେଇ
ଏହ ଯାମୟ ପ୍ରସ୍ତୁତ କ୍ତ କରା ଏହା ଶ୍ରମ, ପିତ୍ତ, ଉଷ୍ଣତା,
ଦାହ, ବିଷଦୋଷ, ମୂର୍ଚ୍ଛା ଓ ମଦାତ୍ୟୟରେ ଉପକାରୀ—
ସ୍ୱଜନଦର୍ଶୀ ।] ୩ ।(ହଂସ+ଉଦକ ଶରତ୍ତକାଳରେ
ଅଗସ୍ତ୍ୟ ନକ୍ଷତ୍ରୋଦୟ ଦ୍ୱାରା ନର୍ମଳୀକୃତ ଜଳ (ତ୍ରିବିଦ୍ୟଶାବ୍ଦ)
Water turned clear in autumn.

ହଂ ହୋ—ସ. ଅ—(ଜଲ୍ପାର୍ଥକ, ଜୃମ୍ଭାର୍ଥକ, ଅହ୍ୱାନାର୍ଥକ, ପ୍ରଶ୍ନାର୍ଥକ)
Ham ho ସମ୍ବୋଧନରେ ବ୍ୟବହୃତ (ଶବ୍ଦରତ୍ନାବଳୀ); ହଉ
ହେ ! ହେ ! ହୋ ! ଆଃହେ !—(Interjection) Oh !
(used in interrogation; addressing and
assumption).

ହଃ—ଅବ. ଅ—୧ । ଶଗଡ଼ ଓ ହଳରେ ଲଗିଥିବା ବଳଦଙ୍କୁ ଠିଆ
Hah କରାଇବା ପାଇଁ ଗୁଳକର ଡାକ—1. (Interjection) A
(ହଃହଃ—ଅନ୍ୟରୂପ) sound made by the driver in
ଥାମ୍; ହ directing the cart or plough bullocks
to stop; Stop !—ପ୍ରାଦେ (ପ୍ରଶ୍ନ)ଅ —୧ । ହଁ
(ସମ୍ମତି ବା ଅନୁମୋଦନାର୍ଥକ)—1. Yes. ୨। ପ୍ରାଦେଶିକ
(ଗଡ଼ଅଳ) ଅ—ବଳଦଙ୍କୁ ଚଳାଇବା ପାଇଁ ଉଚ୍ଚାରିତ ଶବ୍ଦ)
ଡ ଡ !—A sound used by drivers
to goad draft bullocks to advance.

ହଃ ! ହଃ ! ଡ଼ି ! ଡି !—ଦେ. ଅ (ସମ୍ବୋଧନ)—ଗାଡ଼ର ଓ ହଳର
Hah ! bah ! ḍi ! ḍi ! ବଳଦଙ୍କୁ ଯଥାକ୍ରମେ ଠିଆ କରାଇବା
ରଃ ! ଡ଼ୀ, ଡ଼ୀ ! (ହଃ ହଃ) ଓ ଚଲାଇବା ପାଇଁ (ଡ ଡ) ବ୍ୟବହୃତ
ହ , ହ ! आव, अव ; ଶବ୍ଦ—Interjections used in
stopping and moving draft bullocks
respectively.

ହଁ —ଦେ. ଅ. (ସଂ. ହଂ)—୧ । ପ୍ରଶ୍ନର ସମ୍ମତି ବା ଅନୁମୋଦନ ସୂଚକ
Hañ ଉତ୍ତର (ଅର୍ଥ—ପ୍ରଶ୍ନକାରୀ ଯାହା କହୁଛନ୍ତି ତାହାଁରେ
(ନାଁ, ନାହିଁ, ଉଁହୁ; ଏତେହିଁ—ବିପରୀତ) ମୋର ସମ୍ମତି ଅଛି
ତାହାହିଁ ଯଥାର୍ଥ ଅଟେ—1. (Interjection) Yes;
all right; (denoting approval or
agreement). ୨ । କଥା କହୁଥିବା ବ୍ୟକ୍ତିଙ୍କର କଥା
କହୁଁ କହୁଁ ହଠାତ ଥମିଯିବା ସମୟରେ ଶ୍ରୋତା ତାଙ୍କ
କଥାକୁ ମନ ଦେଇ ଶୁଣୁଅଛନ୍ତି ଓ ବକ୍ତା ଯେଉଁ କଥା
କହୁଛନ୍ତି ତାହା କହନ୍ତୁ, ଏହା ବକ୍ତାଙ୍କୁ ଜଣାଇବାପାଇଁ
ଶ୍ରୋତାଙ୍କ ଇଚ୍ଛାଦ୍ୟୋତକ ବାକ୍ୟ । ହୁଁ (ଅର୍ଥ – ଅଚ୍ଛା; ତା ପରେ
କଅଣ କହୁଛନ୍ତି କହନ୍ତୁ) 2. Yes; go on; well
then; (an interjection used by hearer
when a speaker takes breath, indicating
that the hearer is attentive and requesting
the speaker to continue. ୩ । (କୌଣସି
ବ୍ୟକ୍ତି ଅନ୍ୟ ବ୍ୟକ୍ତିଙ୍କୁ ନାମ ଧରି ଡାକୁଥିଲେ ଏଥି ବ୍ୟକ୍ତି
ୱନ ବ୍ୟକ୍ତଙ୍କୁ ଜବାବ ଦେବାରେ ବ୍ୟବହୃତ ପଦ)—ମୁଁ ଶୁଣୁଛି
ଡାକ ଶୁଣିଛି—3.Yes (used in responding to
a call), I am hearing your call. ୪ ।
କେତେକ ସମୟ ପୂର୍ବରେ ବୋଲା ଯାଇଥିବା କଥାକୁ ପୁଣି
ଆରମ୍ଭ କରିବା ସମୟରେ ବ୍ୟବହୃତ ପଦ—4. Now to
continue ; now then ; (a word used
before continuing a discourse which had
been left unfinished sometime before).
୫ । ପ୍ରଶ୍ନୋତ୍ତର, ଅଙ୍ଗୀକାରାଳନ, ସମ୍ମତି, ଅଙ୍ଗୀକାର,ପ୍ରତିଜ୍ଞା,
ଅନୁମୋଦନ ସୂଚକ ଶବ୍ଦ—5. Yes; it is so; (a
word used in replying to a question;
obeying an order, agreeing, promising,
vowing and supporting a matter).
୬ । ଅନ୍ୟ ବ୍ୟକ୍ତିର ଦୃଷ୍ଟି ଆକର୍ଷଣ କରିବାପାଇଁ ବ୍ୟବ-
ହୃତ ଶବ୍ଦ—6. Look here; Here; hear hear!
(interjection used in drawing another
person's attention). ୭ । ବକ୍ତାଙ୍କର ପୂର୍ବପ୍ରସ୍ତୁତ
ବିଷୟକୁ ଉତ୍ଥାପନ କରିବା ଅପଲକ୍ଷରେ ବ୍ୟବହୃତ ଶବ୍ଦ—
7. A word used to introduce a
matter which the speaker had forgotten
to mention before. [ଦ୍ର—ଏହି ଶବ୍ଦ ସଙ୍ଗେ
ରେ, ଲୋ, ଓଡ଼, ବୋ, ବେ ଆଦ ଶବ୍ଦ ମଧ୍ୟ ସମ୍ବୋଧନରେ
ବ୍ୟବହୃତ ହୁଏ] ୮ । କଥା କହିବା ସମୟରେ କଥିତ
ବାକ୍ୟର ଶେଷରେ ପ୍ରଯୁକ୍ତ ଧମକାଣ—8. A word
used in threatening after the finish of a
a sentence.

ହଁକ୍ —ପ୍ରାଦେ (ଗଡ଼ଅଳ) ବ —୧ । ଈର୍ଷା—1. Envy; jealousy;
Hañk ୨ । ନଜର; ଦୃଷ୍ଟି—2. Look.

ହଁ କରିବା—ଦେ. କି—୧ । କୌଣସି ପ୍ରସ୍ତାବରେ ରାଜି ହେବା; ସମ୍ମତ
Hañ karibā ହେବା—1. To agree to. [ଦ୍ର—
ହଁ करना ଅକାର ହକାର ପକାରେ, ଶବଦ ହଗର ଦିଗରେ
हाँ करना ଜଗତ୍ର ଥ ଘ୍ରଗବତ] ୨ । ଆହ୍ୱାନ ଅନ୍ୟବ୍ୟକ୍ତି
ଡାକୁଥିଲେ ଜବାବ ଦେବା—2. To respond to a
call. ୩ । କଥା କହୁଥିବା ବ୍ୟକ୍ତି ମଝିରେ ମଝିରେ
ଥମି ଯଉଲେ ତାଙ୍କୁ କଥା କହିବା ପାଇଁ 'ହଁ' ଶବ୍ଦଦ୍ୱାରା
ପ୍ରରୋଚନା ଦେବା—3. To speak 'yes' at
intervals to persuade a speaker to speak
on while he stops to take breath at
intervals.

Digitized by srujanika@gmail.com

ହଁଇସ୍—ପ୍ରାଦେ· (ଖଡ଼ିଆଳ)ବ—୧ । ଈର୍ଷା – 1. Envy; jealousy.
Hañkes ୨ । ଅକଥ—2. Grudge; spite.

ହଁକଂ—ଦେ·ଦେ. ବ—ନାମ—ହଂକଂ (ଦେଶ)—
Hañkaṁ Haṅkaṁ (See)

ହଁକା—ଦେ. ବ—ହଙ୍କା (ଦେଶ)—
Hañkā Haṅka (See)

ହଁକା (କେ) ଇବା—ଦେ. କ୍ରି—ହଙ୍କାଇବା (ଦେଶ)—
Hañkā (ke) ibā Haṅkāibā (See)

ହଁକାଇ ଦେବା—କ୍ରି—ହଙ୍କାଇ ଦେବା –
Haṅkāi debā Haṅkāi debā.

ହଁକା ହଁକ—ଦେ. ବ—ହଙ୍କାହଙ୍କି (ଦେଶ)—
Hañkā hañki Haṅkāhaṅki (See)

ହଁଚଁ—ଦେ· ଅ—୧ । ହୁଁ ଚୁଁ; ଝିଁଚୁଁ; ଇତସ୍ତତଃ ଗଡ଼ କରିବା—1. Hañchañ Moving to and fro. ୨ । କୌଣସି କଥାରେ ଉଁ ଚୁଁ ଚୂ ପ୍ରତ୍ୟୁତ୍ତର ଦେବା—2.Replying to anyt ing. ୩ । ପ୍ରଶ୍ନର ଉତ୍ତର ଦେବା—3. Replying to a question. ୪ । ଆପତ୍ତି କରିବା—4. Objecting to something. ୫ । ଇତସ୍ତତଃ—5. To and fro.

ହଁଚଁ କରିବା—ଦେ. କ୍ରି—୧ । ପ୍ରତ୍ୟୁତ୍ତର ଦେବା—1. To give Hañchañ karibā a reply. ୨ । ଆପତ୍ତି କରି କହିବା ଉଁଚୁଁ କରା —2. To raise any objection. [ଯଥା— ଚୂ କରନା ସାଅନ୍ତାଣୀ ଗାଳ ଦେଲାବେଳେ ଶୂକରର ହଁଚଁ କରିବାର ଚୋ ନାହିଁ]

ହଁଚଁ ହେବା—ଦେ.କ୍ରି —୧ । ଇତସ୍ତତଃ ହେବା—1.To move to Hañ chañ hebā and fro. ୨ । କୌଣସି ସ୍ଥାନରୁ ଟିକେ ସାନ୍ତ ଚଂଚଂକରା ବରଳତ ହେବା—1.To move even slightly ଇଧରଉଧରହୋନା from a place.

ହଁଡ଼ା—ପ୍ରା. ଦେ. (ଖଡ଼ିଆଳ) ବ—ଭୂମିରେ ପୋତା ହୋଇଥିବା ଧନ—
Hañrdā Buried treasure.

ହଁତା—ପ୍ରାଦେ.୧ ।(ସମ୍ବଲପୁର)ସଙ୍କଳାମ(କଥା କହିବାବେଳେ କୌଣସି Hañtā ବସ୍ତୁର ବା ବିଷୟର ନାମ କଥାକ୍ରମେ ମନେ ନ ପଡ଼ିଲେ ସେହି ବସ୍ତୁକୁ ଲକ୍ଷ କରି ବ୍ୟବହୃତ; ଭୁଲନା କର ଓଡ଼ାରଧା ଅଞ୍ଚଳରେ ଏତା)—ଏହା; ତାହା; ସେହି ବସ୍ତୁ; ସେହିତା; ଏହିତା—That matter or that thing (whose name does not occur to my mind now).

ପ୍ରାଦେ(ପାଠଶା) ଅ—ମୁଖ ଚ; ବୋଧହୁଏ—2.Meseems.

ହଁ ଭରିବା—ଦେ. କ୍ରି.—ହଁ କରିବା—To agree to. [ଯଥା— Haṅ bharibā ବାପା ପାଖକୁ କଥାରେ ହଁ ଭରିଲେ— ହଁ ବଳା ହାଁକରନା ପଙ୍କାରମୋଦକ ଲଲ୍ଲଲ୍ଲ]

ହଁ ମାରିବା—ଦେ. କ୍ରି.—ହଁ କରିବା (ଦେଶ)—
Haṅ māribā Haṅ karibā (See)
ହାଁ ହାଁ ବଳା ହାଁ ମାରନା

ହଁ ଯେ –ଦେ.ନିପା.—୧ । ହଁ, ତନ୍ତୁ—1. Yes, but. ୨ । ହଁ, Haṅ je ମଧ୍ୟ—2. Yes also.
ହାଁ କିନ୍ତୁ ହାଁତୋ ,ହାଁମି [ପ୍ର—ପ୍ରଶ୍ନ—ଠାକୁର ଘରେ ତୁ ପଶିଥିଲୁ? ଉତ୍ତର—ହଁ ଯେ, ମୁଁ କଦଳୀ ଖାଇ ନାହିଁ । ପ୍ରଶ୍ନ—ତୁ ପୁଷ୍ପକୁ ଏଚ୍ଛୁଥିଆ ଯିବୁ ? ଉତ୍ତର—ହଁ ଯେ, ମୋ ଅଙ୍ଗାରେ ଘଇସା ଥିଲେ ମତେ ସାଙ୍ଗ ମିଳନ୍ତେ ।]
[ଦ୍ର—ପ୍ରଶ୍ନର ଉତ୍ତରଦାତା ସମ୍ମତିସୂଚକ 'ହଁ' ପ୍ରତ୍ୟୁତ୍ତର କଲ ସାର ଅନ୍ୟ କିଛି କଥା କହିବାର ଥିଲେ 'ହଁ' ସଙ୍ଗେ 'ଯେ' ଲଗାନ୍ତି ।]

ହଁୟ୍ୟ—ପ୍ରାଦେ. (ଉତ୍ତଡ଼ୀ. ଭୁଜା) ସର୍ବ—ସେ—He.
Haṅya

ହଁୟ୍ୟ ଠାନେ—ପ୍ରାଦେ. (ଉତ୍ତଡ଼ୀ ଭୁଜା) ସର୍ବ—ସେଠାରେ—There.
Haṅya ṭhāne

ହଁୟ୍ୟ ଭିତର୍—ପ୍ରାଦେ. (ଉତ୍ତଡ଼ୀଭୁଜା) ସର୍ବ—ସେମାନଙ୍କ ଭିତରୁ—
Haṅya bhitar From among them; of them.

ହଁୟ୍ୟମନ୍—ପ୍ରାଦେ. (ଉତ୍ତଡ଼ୀ ଭୁଜା) ସର୍ବ—ସେମାନେ—They.
Haṅyaman (ହଁୟ୍ୟମନକେ=ସେମାନଙ୍କୁ)

ହଁରେ—ଦେ. ଅ—ହଇରେ (ଦେଶ)—Haire (See).
Haṅre

ହଁଲୋ—ଦେ, ଅ—ହଇଲୋ (ଦେଶ)—Hailo (See).
Haṅlo

ହଁସ୍ରା—ପ୍ରାଦେ. (ଉତ୍ତଡ଼ୀ ଗଡ଼ି) ବ—ହାତୁଡ଼ି—Hammer.
Haṅsrā

ହଁସ (ଇତ୍ୟାଦି)—ଦେ. ବ. (ସଂ. ହଂସ)—ହଂସ ଇତ୍ୟାଦି (ଦେଶ)—
Haṅsa (etc) Haṁsa etc (See). ପ୍ରାଦେ. (ଏକ ସହର ଇତର କ୍ୟଜନ୍ତୁତ) —ହସ (ଦେଶ]—2. Hasa (See)

ହଁସଗେଲ୍—ପ୍ରାଦେ (ଖଡ଼ିଆଳ) ବ.—କ୍ରୀଡ଼ାକୌତୁକ—
Haṅsagel (ହଁସ କୌତୁକ—ଅନୀରୁଦ୍ଧ). Merriment sport.

ହଁସଡ଼ା—ପ୍ରାଦେ. (ଖଡ଼ିଆଳ) ବଣ—ଯେ ବେଶି ବା ସବଦା ହସେ;
Haṅsarā ହସୁଡ଼ା – Given to laughing much (ହଁସଡ଼ା - ସ୍ତ୍ରୀ)

ହଁସରେଲ୍—ପ୍ରାଦେ. (ଖଡ଼ିଆଳ) ବ — ହଂସପକ୍ଷୀ — Grey
Haṅsarel lag goose.

ହଁସା(ସି) —ପ୍ରାଦେ (ଖଡ଼ିଆଳ) ବ (ଭୁଳ. ଦ୍ର. ହଂସୀ)—ହସ; ହାସ୍ୟ—
Haṅsā(si) Laughter.

ହଁସା(ସେ)ଇବା—ପ୍ରାଦେ. (ଏକ ସହର ଇତର ବ୍ୟବହୃତ) କ୍ରି—
Haṅsā(se)ibā ହସାଇବା (ଦେଶ)—Hasāibā (See).

ହଁସାଧର୍—ପ୍ରାଦେ (ସମ୍ବଲପୁର) ବ.—କୁସ୍ତି; କସରତ୍; ବ୍ୟାୟାମ—
Haṅsādharā Athletics; physical exercises.

Digitized by srujanika@gmail.com

ହଁସିବା—ଗାଦେ (ଉଚ୍ଚକ ସଦ୍ଦର ଉତ୍ତର ବ୍ୟବହୃତ) କ୍ରି (ସଂ. ହସ୍ ଧାତୁ)
Hañsibā —ହସିବା (ଦେଖ)—Hasibā (See).

ହାଁ ହାଁ—ଦେ. ଅ. (ସଦ୍ଦରେ)—ସମ୍ମତିସୂଚକ ଶବ୍ଦ ଦ୍ୱୟ—Two
Hāñ hāñ ହା ହାଁ ହାଁ words denoting consent.

ହକ୍—ବୈଦେ. ବ (ଅ)—୧ । ସମ୍ପତ୍ତି ଆଦରେ ସ୍ୱତ୍ୱ—1. Right
Hak in property etc. ୨ । ଗାଦ୍ୟ ଅଧିକାର—
ହକ ହକ 2. Due right. ୩ । କର୍ତ୍ତବ୍ୟ କାର୍ଯ୍ୟ—3. Duty.
୪ । ନ୍ୟାଯ୍ୟ କଥା—4. Right thing. ୫ ।
ଉଚିତ ବିଷୟ—5. Proper thing. ବୈଦେ. ବିଣ
(ଅ)—୧ । ନ୍ୟାଯ୍ୟ; ନ୍ୟାଯ୍ୟାନୁମତ; ନ୍ୟାଯ୍ୟସଙ୍ଗତ;
(ବେଦକ୍, ନାହକ୍—ବିପରୀତ-ବିଣ) ପ୍ରକୃତ —1. Just. ୨ ।
ଗାଦ୍ୟ—2. Due. ୩ । ଉଚିତ; ସଙ୍ଗତ—
3. Proper; reasonable.

ହକ କଉଡ଼ି—ଦେ. ବ—(ଅ. ହକ୍; ଫା. କଉଦ୍ଦି)—୧ । ନ୍ୟାଯ୍ୟାର୍ଜିତ
Hak kaurdi ଅର୍ଥ—1. Well-earned money. ୨ ।
ହକେରଧନ ହକକୌଡ଼ି ଉଚିତ୍ ଦାମ୍—2. Due price. ୩ ।
ଦ୍ରବ୍ୟାଦିର ପ୍ରକୃତ ଦାମ୍—3. Actual price.
୪ । ପ୍ରକୃତରେ ଦିଆଯାଇଥିବା ମୂଲ୍ୟ—4. Price
actually paid or paid in cash. ୫ । ଉଚିତ
ଗାଦ୍ୟ; ହକ୍ ପାଣ୍ଠଣା—5. Just due.

ହକ୍ କଥା—ଦେ. ବ (ଅ. ହକ୍; ସ. କଥା) ୧ । ନ୍ୟାଯ୍ୟ ସଙ୍ଗତ
Hak kathā କାର୍ଯ୍ୟ—1. Just words. ୨ । ଉଚିତ କଥା
ଠିକ୍ କଥା, ହକ୍ କଥା —2. Proper words. ୩ । ନ୍ୟାଯ୍ୟ
ହକ ବାତ ସଙ୍ଗତ ବିଷୟ—3. Just matter. ୪ । ଉଚିତ
ବିଷୟ—4. Proper matter.

ହକ୍ କହିବା—ଦେ. କ୍ରି—ଉଚିତ କଥା କହିବା—
Hak kahibā To speak what is proper.
ଉଚିତ କଥା ବଲା [ଯଥା—ହକ୍ କହିବ,ଗୁରୁ ଚଢ଼ିଲେ ଚଢ଼ିବେ—
ହକ କହନା ପ୍ରବଚନ ।]

ହକ୍ ଚକ୍—ଦେ. ଓ ବିଣ—୧ । କଳି କଉଥା; ଦ୍ୱନ୍ଦ୍ୱ ପ୍ରତ୍ୟୁତ୍ପନ୍ନ—
Hak chak 1. Quarrel; mutual change of hot
ଦାମ କସାକସି words, ୨ । ଦ୍ରବ୍ୟାଦି କିଣିବା ବିକିବାବେଳେ
ଝଗଡ଼ା ଦର ସମ୍ବନ୍ଧେ ବଢ଼ାଉ ଗଡ଼ିବା; ଦର ଦସ୍ତୁର କରିବା—
2. Higgling and haggling. ୩ । କୌଣସି
ବିଷୟକୁ ଥରକେ ସ୍ଥିର କିମ୍ବା କର ଯାଉନଥିବା ଦେବା—
3. Hesitating; hesitancy. ୪ । ଧକଚକ
(ଦେଖ)—4. Dhakachaka.

ହକ୍ ଚକ୍ କରିବା(ଦେବା)—ଦେ.କ୍ରି—୧ । ଧକଚକ କରିବା; ଗଣ୍ଡାଦ
Hak chak karibā(hebā) କିଣିବା ସମ୍ବନ୍ଧେ ଅଯଥା କଥାବାର୍ତ୍ତାରେ
ଦର ଦସ୍ତୁର କରା ଦସ୍ତୁର କରିବା—1.To higgle and haggle.
ଝଗଡ଼ା କରନା ୨ । ମନରେ ଯଥେଷ୍ଟଭାବେ କରିବା—2. To hesi-
tate. ୩ । ଧକ୍‌ଚକ୍ ଦେବା (ଦେଖ)—3. Dhaka
chaka hebā (See)

ହକ୍ ଚକିଆ—ଦେ. ବିଣ (ଘୁଁ)—୧ । ଧକଚକିଆ; ଦ୍ୱୋଷୀ; ଯେଉଁ
Hak-chakiā କ୍ୟକ୍ତି ଦ୍ରବ୍ୟାଦି କ୍ରୟ ବିକ୍ରୟରେ କଳହ ଅଯଥା
(ହକ୍‌ଚକେଇ—ସ୍ତ୍ରୀ) ଦର ଦସ୍ତୁର ଦେ—1. Very hig-
ଗୋଳ ମେଳେ gling and haggling (person).
ଝଗଡ଼ାଳୁ ୨ । ବାଚଳ—2. Babbling; talkative.
୩ । ଯେଉଁ ବ୍ୟକ୍ତି ଇତସ୍ତତଃ କରେ—3. Hesita-
ting.

ହକ୍‌ଟା ହକ୍‌ଟି—ଗାଦେ. (ଓଡ଼ିଆଳ) ବ—ଝଣାଝଣି—Mutual
Hak-ṭā hak-ṭi pulling or straining.

ହକ୍ ଦାବି—ବୈଦେ. ବ (ଉଚ୍ଚାରଣ)—୧ । ନ୍ୟାଯ୍ୟ ସଙ୍ଗତ ଦାବି—
Hak dābi 1. Just claim. ୨ । ନିଜର ସ୍ୱତ୍ୱାଦି ଦାବି
ହକ ଦାବୀ କରିବା—2. Claiming of what is one's
due.

ହକ୍ ଦାମ୍—ଦେ. ବ—ଉଚିତ ବା ନ୍ୟାଯ୍ୟ ମୂଲ୍ୟ—
Hak dām Proper or reasonable price.
ଠିକ ଦାମ ଉଚିତ ଦାମ

ହକ୍‌ଦାର୍—ବୈଦେ. ବିଣ (ଉଚ୍ଚାରଣ) (ଅ. ହକ୍; ଫା. ପ୍ରତ୍ୟୟ-ଦାର୍)-
Hak-dār ପାଇବାର ଅଧିକାରୀ—Entitled to get.
ହକଦାର ବ (ଉଚ୍ଚାରଣ) —୧ । ନ୍ୟାଯ୍ୟ ମତେ
ହକଦାର ଅଧିକାରୀ ବ୍ୟକ୍ତି—1. Rightful owner.
୨ । ନ୍ୟାଯ୍ୟ ସଙ୍ଗତ ଦାବୀଦାର୍—2. Rightful
claimant.

ହକ୍ ନାକ୍—ଦେ. ବ ଓ ବିଣ—ହକ୍ ନାହକ୍ (ଦେଖ)
Hak-nāk Hak nāhak (See)
କ୍ରି. ବିଣ—ହକ୍ ନାକେ (ଦେଖ)
Hak nāke (See)

ହକ୍ ନାକ୍ ପରିଚ୍ଛା—ଦେ. ବ—୧ । ଯେଉଁ ବ୍ୟକ୍ତି ନ୍ୟାଯ୍ୟ ଓ ଅନ୍ୟାଯ୍ୟ
Hak nāk parichhā ସ୍ଥଳରେ ମନ୍ତବ୍ୟ ପ୍ରକାଶ କରିବାର
ନ୍ୟାଯ ଅନ୍ୟାଯ ପଡ଼ିଛା ଅଧିକାରୀ—1. A person having the
ଉଚିତ ଅନୁଚିତ ଜାଁଚ କରନେ वाला right to pass
remarks about any matters, proper or
improper. ୨ । ଯେଉଁ ବ୍ୟକ୍ତି ପରର ବିଷୟରେ ମନ୍ତବ୍ୟ
ପ୍ରକାଶ କରେ—2. A person passing opinion
on the affairs of others. ୩ । ପରର କାର୍ଯ୍ୟରେ
ଅଯଥା ହସ୍ତକ୍ଷେପକାରୀ ବ୍ୟକ୍ତି—3. An officious
person.

ହକ୍ ନାକେ—ଦେ. କ୍ରି. ବିଣ—୧ । ଅକାରଣରେ, ବୃଥା—
Hak nāke 1. In vain. ୨ । ନ୍ୟାଯ୍ୟରେ ଓ ଅନ୍ୟାଯ୍ୟରେ—
ବୃଥାଯ, ନାହକ 2. Justly and unjustly. ୩ । କିଛି କାରଣ
ନାହକ, ହକ ନାହକ ନ ଥାଇ—3. For nothing. ୪ ।
କୌଣସି କାର୍ଯ୍ୟର ଔଚିତ୍ୟ ଅନୌଚିତ୍ୟ ବିଷୟର ନ
କରି—4. Without consideration of the ri ghtness or otherwise of any matter.
୫ । ବିନା ପ୍ରୟୋଜନରେ—5. Unnecessarily.

ହକ୍ ନାହକ୍—ବୈଦେ. ବ (ଅ)—୧ । ନ୍ୟାଯ୍ୟ କଥା ଓ ଅନ୍ୟାଯ୍ୟ
Hak nāhak ବିଷୟ—1. Just and unjust thing or
ହକ ନାହକ matter. ୨ । ଭଲମନ୍ଦ; କୌଣସି ବ୍ୟକ୍ତି ସମ୍ବନ୍ଧୀୟ
ହକ ନାହକ ଭଲ ଓ ମନ୍ଦ ସବୁକଥା—2. All personal
matters good and bad.

Digitized by srujanika@gmail.com

ଙ୍ଗ। ନ୍ୟାୟ ଓ ଅନ୍ୟାୟ—3. Justice and injustice; propriety and impropriety. ୧୩ ୧। ନ୍ୟାୟ୍ୟ ଓ ଅନ୍ୟାଯ୍ୟ—1. Just and unjust. ୨। ଉଚିତାନୁଚିତ; ନ୍ୟାୟ୍ୟସଙ୍ଗତ ଓ ଅନ୍ୟାୟ୍ୟ—2. Proper and improper. ଦ୍ରି. ୧୩—ହକ.

ନାହେ (ଦେଶ)—Hak nāke (See)

ହକ୍ ନାହକ୍ ପରିଚ୍ଛ—ଦେ. ବ—ହକ୍‌ନାହ୍ ପରଚ୍ଛ (ଦେଶ)—Hak nāhak parichhā Hak nāk parichhā (See)

ହକ୍ ପାଉଣା—ଦେ. ବ—ନ୍ୟାୟ୍ୟ ପ୍ରାପ୍ୟବସ୍ତୁ ବା ପଦାର୍ଥ—Hak pāunā Rightful or proper dues. ନ୍ୟାଯ୍ୟ ପାଓନା, ହକ ପାଓନା ୧୩—ନ୍ୟାଯ୍ୟତଃ ପ୍ରାପ୍ୟ—ହକ ପାବନା Rightly due.

ହକ୍ ବକ୍ (ବବକ୍)—ବୈଦେ. ବ (ସଦ୍ଭବତ; ଅ. ହକ୍=ନ୍ୟାୟ୍ୟ ଓ Hak bak(babak) ବକ୍=ଚଳ ପଡ଼ିବା—Transgression. ନ୍ୟାୟ ଅନ୍ୟାୟ ଉଚିତ ଅନୁଚିତ —ନ୍ୟାୟାନ୍ୟାୟ୍—Right and wrong.

ହକ୍ ବାତ୍ - ବୈଦେ.ବ (୧)(କଚ୍ଚଥ, ବ୍ୟଗ୍ୟ)—ହକ୍ କଥା(ଦେଶ) Hak bāt Hak kathā (See) ହକ କଥା ହକ ବାତ

ହକ୍ ମାଲିକାନା—ବୈଦେ, ବ (ଅ) (କଚ୍ଚଅଅ)—କୌଣସି ସ୍ଥାନରେ ବା ସମ୍ପତ୍ତିରେ ସ୍ୱାମୀଙ୍କ ସ୍ୱତ୍ୱ—Hak mālikānā ହକ୍ ମାଲିକାନା ହକ ମାଲିକାନା Proprietary right in a thing or property.

ହକ୍ ମିଲ୍‌କଅତ୍—ବୈଦେ. ବ (କଚ୍ଚଥ)—ସ୍ୱତ୍ୱ ଓ ସ୍ୱାମିତ୍ୱ—Hak mil-kiat Right and title. ହକ୍ ମିଲକିଅତ୍ ହକ ମିଲକିଅତ

ହକ୍ ମୌର(ରୁ)ସୀ—ବୈଦେ. ବ (ଅ) (କଚ୍ଚଥ)—ପିତୃ ପୈତାମହିକ ସ୍ୱତ୍ୱ—Hak maura(ru)si Ancestral right or title. ହକ୍‌ମୌରସୀ ହକ ମୌରୁସୀ

ହକ୍ ସଫା—ବୈଦେ. ବ (କଚ୍ଚଥ) (ଅ)—ହକ ସଫା (ଦେଶ) Hak saphā Haka saphā (See) ହକ ସଫା ହକ ସଫା

ହକତ୍—ଦେ.ବ ଓ ୧୩ (ଅ. ହରକତ୍‌ର ଅଶୁଦ୍ଧ ଉଚ୍ଚାରଣ)—ହରକତ୍ (ଦେଶ,—Harakat (See) ହରକତ ହରକତ

ହକର୍—ବୈଦେ. ବ (ଇଂ)—ଫେରିବାଲା; ଯେଉଁ ପଣ୍ୟଦ୍ରବ୍ୟ ଘର-ଘର ବୁଲି ଛାଡ଼ ଛାଡ଼ ପଣ୍ୟଦ୍ରବ୍ୟ ବିକି କରେ—ହକର ଫେରିବାଲା A hawker.

ହକର୍ ହ(ଚ)କର୍ ହେବା—ଦେ. କ୍ରି—୧। ଦୁଲୁକି ଗତି ହଉଥିବା ଘୋଡ଼ା ଉପରେ(ବସିବା ହଟ ହଟ କରେ ଯାଉଥିବା ମନୁଷ୍ୟର ଦେହ) ଉପରକୁ ତଳକୁ ଝଟିଘଡି ହିଲନା ଦୋହୋଲିବା—1. To jolt on a trotting horse; to rise up and down with repeated jerks on a horse which is trotting. [ହ—ଉଚ୍ଚା ଘୋଡ଼ା ଚଢ଼ି ହକର୍ ହକର୍, ମୁଁ ଶବ୍ଦଅନୁକାନ୍ତ ଚଢ଼ି ହକର୍ ହକର୍—ଉଗ।] ୨। କାହେଇଥିବା ଡେଉଁମାନଙ୍କ କାନ୍ଧର ଅସମତା ଦୋଷରୁ ସବାଉଚ ଦୋହଲା ଘୋଡ଼ୁଁ (ଉହିଁରେ ବସିଥିବା ମନୁଷ୍ୟ) ନାଚଲଘଳ ହେବା—2. To jolt or to have one's body shaken with jerks in a palky borne by inexpert or unequal bearers. ୩। ଗଡ଼ୁଆ ଜଲରେ ବା ଅସମ ଭୂମିରେ ଚଳୁଥିବା ଶଗଡ଼ରେ ବସିଥିବା ମନୁଷ୍ୟ ନାଚଲଘର ଝଟକେ ଉପରକୁ ଝଟକେ ତଳକୁ ଅସିବା —To jolt while riding a cart going on uneven ground. ୪। ହକ ହକ ହେବା (ଦେଶ) —4. Haka haka hebā (See).

ହକରା—ଦେ. ବ. (ସଂ. ହୁଙ୍କାର=ଅହ୍ୱାନ)—୧। ଡାକରା; ଅହ୍ୱାନ; ଡାକିବା; ଡାକରା—1. Invitation; calling, ହାଁକାର, ହାଁକା [ଦ୍ର—ରାମ ଅଜ୍ଞା ଦେଲେ ଅବେ ସୁଗ୍ରୀବ ହନୁଜ ବୁଲାହଟ ନଳକୁ ହକରା କର ଅଣାଅ ବନ୍ଦନ—ବଚନରାମାୟଣ] ୨। ରାଜା ବା ଅଦାଲତ ଆଦିଙ୍କ ଜରୁରୀକୁ ଯିବାକୁ ଅହ୍ୱାନ—2. Summons to attend a king or Court. [ଯଥା—ରାଜାଙ୍କ ହକରା ଅସିଲା ଦାସଙ୍କ ପ୍ରତି—ରାଧାନାଥ, ଇନ୍ଦ୍ରବଜ୍ର]—୩। ବ୍ରାହ୍ମଣ ଶାସନମାନଙ୍କରେ ରହୁଥିବା ପୂର୍ଣ୍ଣିମା ଦିନ ବା ଦଶହରାଦିନ ଗ୍ରାମର ଦେବତାଙ୍କ ନଜରରେ ଦେଇଥିବା ଭୋଗ ବା ବୋଦାମାଂସ ଗ୍ରାମବାସୀ ମହାଜନଙ୍କ ମଧ୍ୟରେ ବାଣ୍ଟ ଦେବା ସମୟରେ ଗ୍ରାମର ପୂଜକଗଣ ଅନୁସାରେ ଲିଖିତ ପାଞ୍ଜି ଦେଖି ଯଥାକ୍ରମେ ଜଣେ ଜଣେ ଜଣେ ବ୍ୟକ୍ତିଙ୍କୁ ଡାକିବା—3. The act of serially calling out the names of the Brahman inhabitants of a Brahman village for giving each his share of the offering made to the village Deity on certain festival days. ଶାବ୍ରାହ୍ମଣ ଶାସନର ଗ୍ରାମବାସୀଙ୍କ ମଧ୍ୟରେ ଜନ୍ତୁରୂପେ ବଣ୍ଟା ହେବା ଭୋଗ ବା ମାଂସର ଗୋଟିଏ ଭାଗ —4. One share or allotment of the offerings of the village—Deity apportioned to each Brahman villager of a Sāsana village; perquisite due to every house-holder out of the offerings made to the village-Diety. [ଦ୍ର—ପୁରା ଅହ୍ମାର ରାଜତ୍ୱରୁଟିତ ବ୍ରାହ୍ମଣ-ଶାସନମାନଙ୍କରେ ଶାସନବାସୀ ମହାଜନମାନଙ୍କର ଭାଗ ବଣ୍ଟା ସଙ୍ଖ୍ୟା ଅନୁସାରେ ଭୋଠ ସଙ୍ଗରୁ ଓ ଗ୍ରାମ ଦଥଙ୍କ ହେଗରେ ପ୍ରତ୍ୟେକ ମହାଜନଙ୍କର ହକ୍ ବା ସତ୍ତ୍ୱ ଥାଏ। ଶାବ୍ରାହ୍ମଣ ଶାସନର ଗ୍ରାମ ଦେବତାଙ୍କୁ ଭୋଠ ପଣ୍ଡରୁ ଯାହା ଭୋଗ ଲାଗେ ଓ ଶାରଦୀୟ ଦୁର୍ଗାପୂଜା ସମୟରେ ଯେଉଁ ବୋଦା ବଳିପଡ଼େ ତାହା ପୂଜାବଧି ଅନୁସାରେ ପ୍ରତ୍ୟେକ ମହାଜନଙ୍କୁ ଭାଗରା କରିଦାଇ କଣ୍ଠସ୍ଥ କରିଥାଏ ଓ ଯେଉଁ ବ୍ୟକ୍ତିଙ୍କ ଘରପରୁ

Digitized by srujanika@gmail.com

କେହି ହକର୍ ନେବାକୁ ଉପସ୍ଥିତ ନ ହୁଅନ୍ତି ତାଙ୍କର ହକର୍ ବୁଡ଼ିଯାଏ ବା ଲୋପପାଏ । ଏ ହକର୍ ସଙ୍ଗେ ଗ୍ରାମ ଉତ୍ପନ୍ନ ଓ ଗ୍ରାମ ଭୂମି ଅଂଶର ସମ୍ବନ୍ଧ ଥାଏ । ଅନ୍ୟ ଗ୍ରାମବାସୀ ବ୍ୟକ୍ତି ବା ବ୍ରାହ୍ମଣେତର ବ୍ୟକ୍ତି ଗ୍ରାମର ଉତ୍ପନ୍ନ ବା ଭୂମି ଖରିଦ କଲେ ସେହି ଖରିଦ ବଳରେ 'ହକର୍' ପାଇବାର ଅଧିକାରୀ ହୋଇ ନ ପାରନ୍ତି ।]

ତତ୍ତ୍ୱପାଠାନ ୫ । ବ୍ରାହ୍ମଣସମାଜରେ ଶଶୁରଘରକୁ ନବବଧୂକୁ
ପୁଛାର ପହିଲିପାଳ ଆଣିବା ପାଇଁ ଓ ପୂର୍ଣ୍ଣିମା ଅବସରେ ଜ୍ୱାଇଁଙ୍କୁ ଆଣିବା ପାଇଁ ପ୍ରେରିତ ନିମନ୍ତ୍ରଣ ସାମଗ୍ରୀ ବା ଯୋଗାଡ଼—5. A tray containing certain propitiatory articles as presents. (i. e ମହାପ୍ରସାଦ, ନଡ଼ିଆ, ହଳଦି) sent with the invitation to invite the daughter-in-law or son-in-law to the father-in-law's house.

ହକରା(ରେ)ଇବା—ଦେ.କ୍ରି.—୧। ଡକାଇବା—1. To send for.
Hakarā(re)ibā [ଉ—ଶ୍ରୀ ରାମଚନ୍ଦ୍ର, ହନୁ କହେ ଶାଭୂନା
हाँकाना बुलाना ଦେଇଣ ହକରାଇଲେ କପିଙ୍କ ରାଜ]
ବଚନ ରାମାୟଣ] ୨। ଅଣାଇବା—2. To fetch. [ଉ—ପ୍ରେତେକ ବୋଲିଣ ସାର ହକରାଇଲେ । ସିଂହାସନ ତଳେ ପଣା ସାର ପାଡ଼ିଲେ — ପ୍ରାଚୀ ନଳ ଚରିତ.]

ହକରା କନ୍ଦା—ଦେ. ବି. (ବୈଦ୍ୟକ)—ଔଷଧ ମୂଳ ବିଶେଷ (ଏହାକୁ
Hakarā kandā ଦହି ସହିତ ବାଟି ପିଆଇଲେ ଶିଶୁମାନଙ୍କର ଅଜୀର୍ଣ୍ଣ, ଅଗ୍ନିମାନ୍ଦ୍ୟ ଓ ଅତିସାର ପ୍ରଶମିତ ହୁଏ । ଦ୍ରବ୍ୟଗୁଣ କଳ୍ପଦ୍ରୁମ) A kind of medicinal root bulb.

ହକରା ଡା(ଡା)କରା—ଦେ. ବି. (ଏକାର୍ଥକ ସହଚର)—ଡାକ ହାକ—
Hakarā ḍa(ḍā)karā डाक हाँक बुलाहट उलाहट Calling.

ହ କରିବା—ଦେ. କ୍ରି.—ଚାଲୁଥିବା ଶଗଡ଼ର ବା ହଳର ବଳଦଙ୍କୁ ଠିଆ
Ha karibā କରାଇ ଶଗଡ଼ର ବା ହଳର ଗତି ବନ୍ଦ କରିବା—
थामना. ह करना To stop the motion of a cart or plough by directing the bullocks to stop.

ହକଳା—ଦେ.ବି.—(ସଂ. ପ୍ରକ୍ଷାଳନ)—(ଲୁଗା)ଧୋଇବା—Washing
Hakaḷā (of a cloth). ବିଣ—ଧୌତ (ବସ୍ତ୍ର)—
धोया, काचा धुलाई; काचा धुलायाहुआ Washed cloth.

ହକଳା(ଳେ)ଇବା—ଦେ. କ୍ରି—୧ । (ହକାଳିବା କ୍ରିୟାର ଣିଜନ୍ତରୂପ)
Hakaḷa(ḷe)ibā ଅନ୍ୟ ଦ୍ୱାରା ହକାଳିବା କ୍ରିୟା କରିବା—
काचाना धुलाना 1. (Causative of Hakāḷibā). To cause to wash. ୨ । (ବସ୍ତ୍ରାଦି) ଧୌତ କରାଇବା—2. To have (a cloth) washed.

ହକଳା ହକଳି—ଦେ, ବି.—ଧୁଆଧୋଇ; ବହୁ ବସ୍ତ୍ରର ବା ବହୁବାର
Hakaḷā hakaḷi ଧୋଇବା କର୍ମ—Washings.
धुआधुयी धुलाईउलाई

ହକ ଶଫା—ବୈଦେ. ବି—(ମୁସଲ୍‌ମାନ୍ ଆଇନ୍) (ଅ. ହକ୍‌ଶଫା)—
Hak śafā କୌଣସି ସମ୍ପତ୍ତିକୁ ସମ୍ପତ୍ତିର ମାଲିକ ବିକ୍ରି କରିବାକୁ
हक्सफा हकशफा ବସିଲେ ତାହାକୁ ସେହି ଦାମରେ କିଣିବା ପାଇଁ ବ୍ୟକ୍ତିବିଶେଷଙ୍କର (ଯଥା — ପ୍ରତିବେଶୀଙ୍କର, ସମ୍ପତ୍ତିର ଜଣେ ଅଂଶୀଦାର ମାଲିକଙ୍କର) ଯେଉଁ ସ୍ୱତ୍ୱ ଆଇନ ଅନୁସାରେ ଅଛି ।—(Mahomedan Law) Right of preemption; right to purchase a property in preference to other purchasers which vests in a co-sharer or a neighbour of a property to be sold. [ଦ୍ର—ମୁସଲମାନ୍ ଆଇନ୍ ଅନୁସାରେ ଭୂସମ୍ପତ୍ତିର ମାଲିକ ଯେବେ ସମ୍ପତ୍ତି ବିକ୍ରି କରିବାକୁ ବସନ୍ତି, ଉକ୍ତ ସମ୍ପତ୍ତିର ଅନ୍ୟ ଅଂଶୀଦାର୍ ବା ପ୍ରତିବେଶୀ ଆଇନ୍ ଅନୁସାରେ ଭୂସ୍ୱାମୀଙ୍କୁ ସେତିକି ମୂଲ୍ୟ ଦେଲେ ଭୂସ୍ୱାମୀ ଶେଷୋକ୍ତ ବ୍ୟକ୍ତିଙ୍କୁ ସମ୍ପତ୍ତିକୁ ନିର୍ଦ୍ଦିଷ୍ଟ ମୂଲ୍ୟରେ ଦେବାକୁ ବାଧ୍ୟ ଅଟନ୍ତି ।]

ହକସ୍—ପ୍ରାଦେ. (ଗଞ୍ଜାମ) ବି—୧ । ଅକସ; ଈର୍ଷା—1. Spite.
Hakas ୨ । ଅବହେଳା—2. Grudge.

ହକସ କରିବା—ପ୍ରାଦେ. (ଗଞ୍ଜାମ) କ୍ରି—ବଳ ଦେଖାଇବା ପାଇଁ
Hakasa karibā ପ୍ରତିଯୋଗିତାକାରୀଙ୍କ ମଧ୍ୟରେ ଲଗାଯିବା ହାର ଜିତ୍ ବା ପଣ—Wager.

ହକ ହକ ହେବା—ଦେ. କ୍ରି—୧ । ହକର ହକର ହେବା (୧) (ଦେଖ)
Haka haka hebā 1. Hakar hakar hebā (1)(See)
हट हट करे याओया ୨ । ହକର ହକର ହେବା (୨) (ଦେଖ) 2. Hakar hakar hebā (2) (See). ୩ । ହକର ହକର ହେବା, (୩)(ଦେଖ)—3. Hakar hakar (3) (See). ୪ । ଉଠେଇ ପଡ଼େଇ ହେବା; କୌଣସି କଥା
उद्‌विग्नहओया କହିବାକୁ ବା କାର୍ଯ୍ୟ କରିବାକୁ ବିଶେଷ ଉଦ୍‌ଗ୍ରୀବତା ଦେଖାଇବା; ମନକଥା ବାହାରେ ପ୍ରକାଶ କରିବା; (ମନ) ଧକ ଧକ ହେବା—4. To show eagerness to do any act or to speak anything. [ଦ୍ର—ମନର ଲାଳାୟିତ ଅବସ୍ଥାରେ ମନୁଷ୍ୟର ମନ ଧକ ଧକ ବା ଉଠେଇ ପଡ଼େଇ ହୁଏ, ଏବଂ ଉକ୍ତ ଚଞ୍ଚଳତା ବାହ୍ୟ ଲକ୍ଷଣଦ୍ୱାରା ପ୍ରକାଶ ପାଇଲେ ଉକ୍ତ ବ୍ୟକ୍ତି ଅମୁକ କାମ କରିବାକୁ "ହକ ହକ ହେଉଛି" ବୋଲି କୁହାଯାଏ ।]

ହକା—ଦେ. ବି—(ସଂ. ହୁଙ୍କାର)—ହାକ; ଆହ୍ୱାନ—Call.
Hakā हाँक बुलाहट [ଦ୍ର—ଏ ଶବ୍ଦ ଡକା ଶବ୍ଦ ସଙ୍ଗେ ସହଚରରୂପେ ବ୍ୟବହୃତ ହୁଏ]

ହକାଇବା—ଦେ. କ୍ରି—ହାଙ୍କାଇବା (ଦେଖ)—Hāṅkāibā (See).
Hakaibā

ହକାରିବା—ଦେ. କ୍ରି (ସଂ. ହୁଙ୍କାର=ଆହ୍ୱାନ)—୧ । ଆହ୍ୱାନ କରିବା—
Hakāribā 1. To call. [ଉ—ଇନ୍ଦ୍ର ପବନକୁ
हाँका बुलाना ହକାରି । ବୋଲଇ ପାଥ ମଧୁପୁରୀ—ଜଗନ୍ନାଥ. ଭାଗବତ.] ୨ । ପାଖକୁ ଡାକିବା—2. To summon. [ଯଥା—

Digitized by srujanika@gmail.com

ଦୃଢ଼ମାନଙ୍କ ହକାଇବା — ଭୂତଇ, ପ୍ରେମ. ପଶ୍ଚାତ୍ମୃତ]— ତୁଲା ହକାରନା ୩ । (ଘୁଟେ ବାଲେଶ୍ୱରରେ ଜାହାଜ ଚଳୁଥିବା ସମୟରେ ପ୍ରଚଳିତ ଜାହାଜଥ ଶବ୍ଦ ।) ପାଲ ଟାଣିବା—3. To set the sails of a ship. ୪ । ପତାକା ଉଠାଇବା—4. To raise a flag.

ହକାଲିବା ~ ଦେ. କି —(ସ. ପ୍ରକ୍ଷାଳନ)—(ଲୁଗା) ଧୋଇବା— Hakāliba କାଚା ଧୋନା To wash (clothes).

ହକାଲିବା—ଗ୍ରାଦେ (ଖଡ଼ଅଳ) କି.—୧। ଉଡ଼ାଇବା—1. To drive Hakālibā away; to expel. ୨ । ଗାଡ଼ିରେ ଲଗିଥିବା ବଳଦମାନଙ୍କୁ ଚଲାଇବା—2.To drive the bullocks yoked to a cart

ହକାହକି—ଦେ.ବ. [ସ.ହୁକ୍କାର=ଆହ୍ୱାନ)—୧ । ଡାକଡାକ; ବହୁ'ର Hakāhaki ଆହ୍ୱାନ—1. Several calls. ୨ । ଡାକାଡାକି; ଡାକାଡାକି ବୁଲାହଟ ଉଲାହଟ ପରସ୍ପରକୁ ଡାକିବା—2. Calling each other.

ହକି(କ୍କି)—ବୈଦେ. [ଇଂ.] ବ—(ଇଂରାଜ ହକ୍କା ଶବ୍ଦ; ଇଂ. ହୁକ୍=Haki(kki) ଆଙ୍କୁଶା ବା ବଙ୍କାଗ୍ର ଯଷ୍ଟିରୁ ଏହ ହକ୍କା ଶବ୍ଦ ହକି ହୌକୀ ହୋଇଥିବ ।) ୧ । ଏକପ୍ରକାର ~ ପାଶ୍ଚାତ୍ୟ ଖେଳ— 1. Hockey. [ଦ୍ର—ଏହ ଖେଳ ବହୁତ ପଡ଼ିଆରେ ଖେଳା ହୁଏ । ଖେଳାଳମାନେ ଦୁଇ ଦଳ ବା ଦୁଇ ଟଂଗାରେ ବଭକ୍ତ ହୁଅନ୍ତି । ଖେଳାଳମାନେ ଗଲଫର ବା ଘୋଡ଼ା ଉପରେ ଚଢ଼ି ହାତରେ ଗୋଟିଏ ଲେଙ୍ଗାଏ ଅଗ ଚେପ୍ଟା ଓ ବଙ୍କାଗ୍ର ଲମ୍ବା ବାଡ଼ି ଧର ଥାଅନ୍ତି । ଭୂମିରେ ଗୋଟିଏ ଘେଣ୍ଡୁ ଗଡୁଥାଏ । ତାକୁ ଏକଦଳର ଖେଳାଳମାନେ ବାଡ଼ିର ଚେପ୍ଟା ଅଗରେ ବାଡ଼େଇ ଅପର ପକ୍ଷ ଜଗିଥିବା ନିର୍ଦ୍ଦିଷ୍ଟ ସୀମା ବା ସ୍ଥାନ (ଗୋଲ୍)କୁ ଡିଆଁଇ ପଠାଇଲେ ଜତନ୍ତ୍ର] ୨ । ଉକ୍ତ ଖେଳର ଅଗ-ଚେପ୍ଟା ଓ ବଙ୍କାଗ୍ର ଯଷ୍ଟି—2. Hockey stick.

ହକିଅତ୍—ବୈଦେ (ଆ). ବ.(ଆ. ହକିୟତ୍) (ତତ୍ସମ)—୧ । ସ୍ୱତ୍ୱ; Hakiyat ପକ୍ଷରେ ପ୍ରବର୍ତ୍ତିବା ସ୍ୱାମିତ୍ୱ—1.Title to a pro- ହକିୟତ ହକିୟତ perty. ୨ ।ପକ୍ଷରେ ଅଧିକ ବ—2. Right to a property. ୩ । ଭୂପକ୍ଷରେ ସ୍ୱତ୍ୱ—3. Title. to landed property. ୪ । ବିଷୟ ପକ୍ଷରେ— 4. Property. ଦେ. ବ.—ହକିକତ୍ (ଦେଖ)— (ହକ୍ୟତ୍—ଅନ୍ୟରୂପ) Hakikat (See)

ହକିଅତି—ବୈଦେ (ଆ) ବ. (ତତ୍ସମ) (ଆ. ହକିୟତ୍)— Hakiati ୧ । ଭୂପକ୍ଷରେ—1. Landed property. [ହକ୍ୟତ—ଅନ୍ୟରୂପ] ୨ । ପକ୍ଷରେ—2. Property. ବଣ— ହକିୟତି [ଥ. ହକିୟତ୍ସ] ହକିଅତ୍ ସମ୍ବନ୍ଧୀୟ —Relating to ହକୀୟତୀ title in property.

ହକିଅତି ବିବାଦ—ଦେ. ବ (ତତ୍ସମ)—ପକ୍ଷରେ ସ୍ୱତ୍ୱ ସମ୍ବନ୍ଧୀୟ Hakiati bibāda ବିବାଦ—Dispute as to title to ହକିୟତୀ ବିବାଦ ହକୀୟତୀ ବିବାଦ any property.

ହକିମ(ମୋ)କଦ(ଦ୍ଦ)ମା ~ ବୈଦେ. ବ(ଅ)(ତତ୍ସମ)—ଦୁଇ ପକ୍ଷଙ୍କ Hakiati ma(mo)kada(dda)mā ମଧ୍ୟରୁ ସ୍ୱତ୍ୱ ପକ୍ଷରେ(ବିଶେଷତଃ ହକିୟତୀ ମୋକଦ୍ଦମା ଭୂପକ୍ଷଗତରେ) କୋର୍ଟ ପକ୍ଷର ସ୍ୱତ୍ୱ ଅଛୁ, ଏହା ହକିୟତୀ ମୁକଦ୍ଦମା ବିଷୟର ବିଚାରିବା ପାଇଁ ଉପସ୍ଥାପିତ ମକଦ୍ଦମା— Title suit; suit for declaration of title to a property as between two contending parties.

ହକିକତ୍—ବୈଦେ. (ଅ) ବ—୧ । ବୃତ୍ତାନ୍ତ; ବିବରଣ; ବର୍ଣ୍ଣନା— Hakikat 1. Description. ୨ । ପ୍ରକୃତ ତଥ୍ୟ—2. Ac- ହକିକତ୍ tual fact. ୩ । ସବିଶେଷ ବୃତ୍ତାନ୍ତ—3. Detailed ହକିକତ୍ description. ୪ । ଠିକ୍ ବିବରଣ—4. Correct description.

ହକିକତ୍ ନାମା—ବୈଦେ(ଅ)ବ(ତତ୍ସମ)—ବିବରଣ ପତ୍ର; ରିପୋର୍ଟ— Hakikat nāmā A report; a writing contain- ହକିକତ୍ ନାମା ing description of any matter. ହାକକତ ନାମା

ହକିଗତ୍—ଗ୍ରାଦେ (ସମ୍ବଲପୁର) ବଣ (ଆ. ହକିକତ୍)—ପ୍ରକୃତ— Hakigat Actual.

ହକିମ୍—ବୈଦେ. (ଆ) ବ. (ଆ. ହକମ୍=ପଣ୍ଡିତ; ବୈଦ୍ୟ)— Hakim ୧ । ମୁସଲମାନ୍ ବୈଦ୍ୟ—1. A Mahomedan ହକୀମ physician. ୨ । ଇରାଣୀ ବା ୟୁନାନୀ ମତରେ ରୋଗ- ହକୀମ ଚିକିତ୍ସକ—2. Physicians treating diseases according to the Iranian or Unani system of medicine.

ହକିମ୍ ସାହେ(ହା)ବ୍—ବୈଦେ. ବ(ଆ. ହକମ୍+ଆ. ସାହାବ୍)— Hakim sāhe(hā)b ହକିମଙ୍କ ପ୍ରତି ପ୍ରଯୁକ୍ତ ସମ୍ମାନାର୍ଥକ ହକିମ ସାହେବ ସମ୍ବୋଧନ—Word of respect used in ହକିମ ସାହବ addressing a Hakim.

ହକିମି—ବୈଦେ. ବ—୧ । ହକିମବୃତ୍ତି—1. The practice or Hakimi profession of a Hakim or Unani physi- ହକିମୀ cian. ୨ । ଇରାନୀୟ ଚିକିତ୍ସାପ୍ରଣାଳୀ—2. The Unani ହକୀମୀ system of medicine or treatment. ବଣ— ୧ । ହକିମ୍ ସମ୍ବନ୍ଧୀୟ—1. Relating to a Hakim. ୨ । ୟୁନାନୀ ଚିକିତ୍ସା ସମ୍ବନ୍ଧୀୟ—2. Relating to the Unani system of treating diseases.

[ଦ୍ର—ଏହ ହକିମି ଚିକିତ୍ସା ପାରସ୍ୟରୁ ମୁସଲମାନ୍ ଓ ମୋଗଲ୍ ବାଦ୍ସାହାମାନଙ୍କ ଅମଳରେ ଭାରତରେ ପ୍ରବେଶ କରିଥିଲ । ହକିମ୍ମାନେ ଅନେକ ଜଟିଳ ଓ କଷ୍ଟସାଧ୍ୟ ରୋଗର ଚିକିତ୍ସା ପ୍ରଣାଳୀ ଆବିଷ୍କାର କରିଥିଲେ । ବାଦ୍ସାହାମାନଙ୍କ ବେଗମ୍ମାନେ ଅସୂର୍ଯ୍ୟମ୍ପଶ୍ୟା ଥିଲେ । ଏପର ସ୍ଥଳରେ ରୋଗିଣୀଙ୍କୁ ନ ଦେଖି ଔଷଧ ବ୍ୟବସ୍ଥା କରିବାପାଇଁ ହକିମ୍ମାନେ ବାଧ ହେଉଥିଲେ ଓ ବର୍ତ୍ତିର

Digitized by srujanika@gmail.com

ସାଧାରଣ ଲୋକେ ଅଥର ପୃଷ୍ଠାରେ ସୂଚିତ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ଏବଂ ଚନ୍ଦ୍ରବିନ୍ଦୁ ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରଭେଦ ରକ୍ଷା କରନ୍ତି ନାହିଁ, ଅତଏବ ଏଠାରେ ଚନ୍ଦ୍ରବିନ୍ଦୁ କୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ଯେତେବେଳେ ଏ ଗ୍ରନ୍ଥାକୋପରେ ନ ମିଳିବ, ତେତେବେଳେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାଁ ରହିଥିବ । ଏ ବା । ଚନ୍ଦ୍ରବିନ୍ଦୁ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା—'ଗାଈ' ନ ମିଳିଲେ'ଗାଇ' ଖୋଜନ୍ତୁ;'ମୂଢ଼' ନ ମିଳିଲେ 'ମୂଢ଼' ଖୋଜନ୍ତୁ, 'ଙ୍ଗଧୂ'ନ ମିଳିଲେ'ଙ୍ଗବୁ'ଖୋଜନ୍ତୁ; 'ଅଗ୍ନିୟା'ନ ପାଇଲେ'ଅଗ୍ନିୟା'ଦେଖିବେ; ଅଳବଡ଼'ନ ପାଇଲେ'ଅଲ୍‌ବଡ଼'ଦେଖିବେ

ବିଷୟ ଏହା ଯେ, ସେଇଳ ଚିକିତ୍ସାରେ ବୈଦ୍ୟମାନେ କୃତକାର୍ଯ୍ୟ ସଧ ହେଉଥିଲେ । ଶୁଣାଅଛି ଯେ,ବାଦସାହା ଔଷଧସେବନ କରିବାକୁ ନାରାଜ୍ ହେଲେ ବୈଦ୍ୟମାନେ ଔଷଧଯୁକ୍ତ ବସ୍ତୁ ପିଇାଇ ଓ ସମ୍ମୁଖରେ ନିର୍ଦ୍ଦିଷ୍ଟ ବସ୍ତୁକୁ ଦେଖାଇ ରୋଗ ଭଲ କରୁଥିଲେ । ବାଦ୍‌ସାହା ଓ ଅମୀରମାନେ ବଦ୍ଧ-ପରିକର ବେଗଙ୍କୁ ସହୀରୂପେ ଗ୍ରହଣ କରୁଥିବାରୁ ପୁରୁଷ ଓ ସ୍ତ୍ରୀଙ୍କର ଯୌବନରକ୍ଷା, ସୌନ୍ଦର୍ଯ୍ୟବୃଦ୍ଧି, କେଶବୃଦ୍ଧି, ଲୋମନାଶ ଓ ଇନ୍ଦ୍ରିୟ ତୃପ୍ତି ଆଦ ପାଇଁ ବୈଦ୍ୟମାନେ ବହୁସଂଖ୍ୟକ ଔଷଧମାନ ପ୍ରସ୍ତୁତ କରୁଥିଲେ ।]

ହକି(କ୍କି) ଷ୍ଟିକ୍—କୌଦେ. (ଇଂ) ବ—ହକି ଖେଳରେ ବ୍ୟବହୃତ ଦଣ୍ଡ—Hockey stick.

Haki(kki) shṭik

ହକିଷ୍ଟିକ୍ ହୌକୀଷ୍ଟୀକ

ହକେ—ସ୍ରାଦେ. (ଉତ୍କଳଗ୍ରାମ୍ୟ) ସର୍ବନାମ—୧ । ତାହାକୁ; ସେ ବ୍ୟକ୍ତିକୁ 1. To that person. ୨ । ଏହାକୁ; ଏହି ବ୍ୟକ୍ତିକୁ —2. To this person.

Hake

ହକ୍ଡ(ଇତ୍ୟାଦି)—କୌଦେ. ବ. ଓ ରୂ—ହକ୍ ଇତ୍ୟାଦି (ଦେଖ)

Hakk(etc) Hak etc (See)

ହକ୍କ—ସଂ. ବ.—୧ । ଡାଙ୍କୁ ଡାକିବା; ଗଜସମ୍ମାହ୍ୱାନ (ଜନ୍ତାଧର)—1. Words used by the driver to guide an elephant. ୨ । ଡାଙ୍କର ଡାକ—2. The sound of an elephant.

Hakka

ହକ୍କାର—ସଂ. ବ.—୧ । ଅହ୍ୱାନ (ଶବ୍ଦକଳ୍ପଦ୍ରୁମ)—1. Call; summoning. ୨ । ଉଚ୍ଚୈଃସ୍ୱରରେ ହାଁକ ବୁଲାହଟ ଡାକିବା—2. Calling a person loudly.

Hakkāra

ହକ୍ୟତ୍(ତି) (ଇତ୍ୟାଦି)—କୌଦେ. ବ—ହକ୍‌ଅତ୍ ଇତ୍ୟାଦି (ଦେଖ)

Hakyat(ti) (etc) Hakiat etc. (See)

ହଗ୍‌ରୁ (ରୂ)—ସ୍ରାଦେ. (ଚଡ଼ଅଳ) ବଣ—ହଗୁରୁ; ଯେ ବେଶୀ ବା ବାରମ୍ବାର ହଗେ—One who passes stool many times in a day.

Hag-rū (ru)

(ହଗ୍‌ରୁ—ସ୍ତ୍ରୀ)

ହଗ୍‌ହଗ୍—ସ୍ରାଦେ. (ଚଡ଼ଅଳ) ବ—ମଳତ୍ୟାଗାର୍ଥ ଜୋର୍ ବେଗ—Tendency to pass stool.

Hag-hag

ହଗ—ଦେ. ବ (ସଂ. ହଦ ଧାତୁ=ବସ୍ତ୍ୟୁତ୍ସର୍ଗ କରିବା ସଂ. ହଦନ)—ବସ୍ତ୍ୟାଗ; ହଗିବା—Passing of stool; defecation.

Haga

ହଗଣା—ଦେ. ବ (ସଂ. ହଦନ)—୧। ଝାଡ଼ା ଫେଟିବା—1. Passing of stool. ୨ । ହଗାରୋଗ—2. Disease resulting in copious discharge of stool.

Haganā

ହଗା [ଯଥା—ଅନୁମୋଽ ପିଲ୍ଲ ହଗଣା ସବ୍ବେ—ଭଗ]

ହଗା ହଗ

(ମତେ) ହଗ ମାଡ଼ିବା—ଦେ. ବ—ମଳବେଗ ଅନୁଭୂତ ହେବା:—

Haga mārdibā Being called by nature.

ହାଗାପାଓୟା ଟଟ୍‌ଟୀଲଗନା

ହଗ ମୂତ—ଦେ. ବ (ସଦ୍ଭବର)—ହଗିବା ଓ ମୂତିବା; ମଳତ୍ୟାଗ ଓ ମୂତ୍ରତ୍ୟାଗ କରିବା—Passing of stool and urine.

Haga mūta

ହାଗାମୂତା ହଗମୂତ

ହଗରା—ଦେ. ବ—୧ । ଚର ଅଛପାର ରୋଗ—1. Chronic dysentery. ୨ । ହଗାରୋଗ; ଅଛପାର; ଗ୍ରହଣୀ. ହାଗାରୋଗ; ପେଟେରଅସୁଖ ଅମାଶୟ ଆଦ—2. Dysentery, diarrhoea etc.

Hagarā

ହେଗୋ ହଗନେବାଲା ରୂ.ହଗୁର୍ (ଦେଖ)—Hagurā (See)

ହଗା—ଦେ. ବ—(ସଂ. ହଦ ଧାତୁ; ହଦନ)—୧ । ହଗିବା; ଝାଡ଼ା ଫେରିବା; ବାଡ଼ଚ ହେବା; ମଳୋତ୍ସର୍ଗ—1. Passing of stool. [ଦ୍ର—ହଗା ଅଜରେ କ ବାଘର ଡର(ଭୟ)—ପ୍ରବଚନ; ଲୋକର ବିଶେଷ ମନୋଦ୍ରେଗ ଜନିତ ଖୀଡ଼ା ଉପସ୍ଥିତ ହେଲେ ସେ ବାଘ ମାରିବାଜନିତ ଉତ୍ସାହ ଭଙ୍ଗରେ ନ କରି ସେଇଁଠାରେଇଛା ସେଠାରେ ଝାଡ଼ା ଫେର ହକାବ ।]

Hagā

୨ । ବହୁବାର ତରଳଝାଡ଼ା ଫେରିବାରୋଗ—2. Disease of passing liquid stool; diarrhoea. ୩ । ଅଛପାର; ଅମାଶୟ ଝାଡା—3. Dysentery. ବିଣ. ପୁଂ—୧ । ଯେ ହଗିଥାଏ—1. Having passed stool. ୨ । ହଗୁର୍ (ଦେଖ)—2. Hagurā (See) ୩ । ଯେଉଁ ବ୍ୟକ୍ତି ହଗା ରୋଗରେ ଅକ୍ରାନ୍ତ—3. Suffering from dysentery or diarrhoea.

ହଗନେବାଲା

ଅବ୍ୟ (ବଲ୍ଗିର ଘାତଣା) ଅ—ହଇରେ ! (ଅନାଦର ଅର୍ଥରେ) Interjection (in contempt) Oh !

ହଗା (ଗେ)ଇ ଦେବା—ଦେ. କ୍ରି—୧ । କୌଣସି ବ୍ୟକ୍ତିକୁ ପ୍ରହାର ଆଦ ଦେବା ଦ୍ୱାରା ବଳା ପ୍ରେରଣାରେ ତାଠାରୁ ହାଗିଦେଓୟା ମଳନିଃସରଣ କରାଇବା—1. To cause a person to pass stool involuntarily as a result of very severe beating. ୨ । କୌଣସି ବ୍ୟକ୍ତିକୁ ଭୟ ଦେଖାଇ ଅତ୍ୟନ୍ତ କରିବା ଦ୍ୱାରା ଅନଚ୍ଛାକୃତ ଭାବେ ମଳ ନିଃସୃତ କରାଇବା—2. To cause a person to pass stool involuntarily through extreme fear. ୩ । କୌଣସି ବ୍ୟକ୍ତି ଉପରେ ତାହାର ବୋହୁ ଥାରିବା ଶକ୍ତିର ସୀମାଠାରୁ ବୋଝ ଲଦିବା ଦ୍ୱାରା ଅନଚ୍ଛାକୃତ ଭାବେ ଝାଡ଼ା ଫେରିବାର କାରଣ ହେବା—3. To cause a person to pass stool involuntarily by putting on him a load very much in excess of his carrying capacity. ୧ । (ଲକ୍ଷଣାର୍ଥ) କୌଣସି

Hagā debā

ହଗାଦେବା

Digitized by srujanika@gmail.com

୧	ଇ	ଉ	ଋ,ୠ	ଌ	ଏ	ହ୍ରସ୍ୱ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଜ୍ଞ	ଇଅ	ଉଅ	ହ୍ନ
୨	ଈ	ଊ	ୡ	ୠ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ତ୍ର	ଯ	ସ	ଜ୍ଞ	ଇଅ	ଉଅ	ନ୍ହ

ବ୍ୟକ୍ତିକୁ ଅତ୍ୟନ୍ତ ଧମକେଇ ଦେବା—1. (figurative) To frighten or terrify a person. ୨। କୌଣସି ବ୍ୟକ୍ତିକୁ ବେଜାୟ ମାଡ଼ ଦେବା—2. To beat a person very severely. ୩। କୌଣସି ବ୍ୟକ୍ତି ଉପରେ ବେଜାୟ ବୋଝ ଲଦ ଦେବା—3. To put excessive load on a person. ୪। କୌଣସି କାର୍ଯ୍ୟ କରିବାକୁ କୌଣସି ବ୍ୟକ୍ତିକୁ ଅତିଶୟ ତ୍ୱରାନ୍ୱିତ କରିବା—4. To cause unnecessary haste to a person by pressing him to do anything immediately.

ହଗା(ଗେ)ଇ ନେବା—ଦେ. କ୍ରି—ହଗିବାକୁ ଯିବା ବ୍ୟକ୍ତିର ସଙ୍ଗରେ ଯିବା—To accompany a person going to pass stool.

Hagā(ge)i nebā

ହାଗିୟେଆନ **ହଗାଲାନା**

ହଗା(ଗେ)ଇ ପକା(କେ)ଇବା—ଦେ. କ୍ରି—୧। ହଗାଇ ଦେବା (ଦେଖ) Hagā(ge)i pakā(ke)ibā Hagāidebā (See)

ହାଗିୟେଫେଲା **ହଗାଦେନା** [ଯଥା—ଏ ବାଡ଼ାରେ ଅର୍ଜୁନଙ୍କର ଧ୍ୱଜେ ଥିବ; ଭୁମ୍ଭ ଶତ୍ରୁକୁଳେ ହଗାଇ ପକାଇବ— କୃଷ୍ଣସିଂହ. ମହାଭାରତ. ବନ]

ହଗା(ଗେ)ଇବା—ଦେ. କ୍ରି—୧। ହଗିବା ଧାତୁର ଣିଜନ୍ତ ରୂପ— Hāgā(ge)ibā 1. Causative of hagibā. [ଦୃ— ହାଗାନ କୌଣସି ବ୍ୟକ୍ତିକୁ ମଲଭ୍ୟାଗରେ ସାହାଯ୍ୟ କରି (ଯଥା—ଶିଶୁ ମାନଙ୍କୁ ଆଣ୍ଠା ଦୁଇଗୋଡ଼ର ବଳାଗଣ୍ଠି ଉପରେ ବସାଇ) ଝାଡ଼ା ଫେରାଇବା] ୨। ଝାଡ଼ା ଫେରାଇବା—2. To cause a person to pass stool. ୩। ହଗାଇ ଦେବା (ଦେଖ)—2. Hagāidebā (See)

ହଗା(ଗେ)ଇବା ମୂତା(ତେ)ଇବା—ଦେ. କ୍ରି (ଲକ୍ଷଣାର୍ଥ)— Hagā(ge)ibā mutā(te)ibā କୌଣସି ବ୍ୟକ୍ତିକୁ ମାଡ଼ ହଗାନ ମୂତାନ ବା ଭୟ ପ୍ରଦର୍ଶନ ବା ତା ଉପରେ ଅଧିକ ବୋଝ **ହଗାନା ମୂତାନା** ଲଦିବା ଦ୍ୱାରା ତାର ଅନିଚ୍ଛାବଶତଃ ହଗିବା ଓ ମୂତିବାର କାରଣ ହେବା—To cause a person to involuntarily pass stool of Urine on account of fear, beating or being given excessive load.

[ହଗାଇ ମୂତାଇ ପକାଇବା (ଦେବା)—ଅନ୍ୟରୂପ]

ହଗା ଔଷଧ(ଦ)—ଦେ. ବ.—୧। ହଗା ବନ୍ଦ ହେବାର ଔଷଧ— Hagā oshadha(da) 1. Medicine used for stopping evacuation. ୨। କୋଷ୍ଠଶୁଦ୍ଧି ହେବା ପାଇଁ ପ୍ରଯୁକ୍ତ ଔଷଧ, ଜୁଲାପ—

ବାହ୍ୟର ଓଷୁଦ, ଜୋଲାପ **ଜୁଲାପ** 2. Catharitic medicine.

(ତାକୁ) ହଗା ଧରିବା(ହେବା)—ଦେ. ବ.—ଅତିସାର, ଅମାଶୟ, Hagā dharibā(hebā) ଇତ୍ୟାଦି ରୋଗ ଆକ୍ରମଣ କରିବା— ବାହ୍ୟି ହଓୟା Being attacked with diarrhoea, **ଟହୀକୀ ବୀମାରୀ ହୋନା** cholera or dysentery.

ହଗା ବାନ୍ତି—ଦେ. ବ—ହଇଜା—Cholera.

Hagā bānti କଲେରା **ହୈଜା**

ହଗା ବାନ୍ତି ଦି (ଦୁଇ) ମୁହାଁ ଫିଟିବା—ଦେ. ବ—ପ୍ରବଳ ଇତ୍ୟାଦିର Hagā bānti di(dui)muhāñ phiṭibā **ଆକ୍ରମଣ**— Being attacked with a virulent type of cholera.

ହଗା ମୂତା—ଦେ.ବ, (ସମାହାର)—ଝାଡ଼ା ଫେରିବା ଓ ପ୍ରସ୍ରାବକରିବା— Hagā mūtā Passing of stool and of urine.

ହାଗା ମୂତା **ହଗାମୂତା**

ହଗା ରୋଗ—ଦେ.ବ.—ଉଦରାମୟ,ଅତିସାର, ବାନ୍ତିକା ଆଦି ରୋଗ— Hagā roga Diseases relating to stool, i. e.

ହାଗାରୋଗ **ଟହୀକୀ ବେମାରୀ** dysentery, diarrhoea and cholera.

ହଗା ରୋଗୀ—ଦେ. ବ—ଉଦରାମୟରୋଗଗ୍ରସ୍ତ ବ୍ୟକ୍ତି—A patient Hagā rogī suffering from dysentery

ହେଗୋ ରୋଗୀ **ଟହୀକୀ ମରୋଜ** or dirrohea.

ହଗା ଲ(ନ)ଗା—ଦେ. ବଣ.—୧। ଉତ୍ତମରୂପ ପ୍ରହାରରେ ପ୍ରତାଡ଼ିତ— Hagā la(na)gā Beaten or belaboured furiମେରେ ହଗିୟେ ମୁତିୟେ (ଦେଓୟା) ously. ୨। ଅତିଆକ୍ରାନ୍ତ— **ହଗା ମୂତା** 2. Brought to pay.

ହଗି ଦ(ଧ)ଉଡ଼ିବା(ଧାଇଁବା)—ଦେ. କ୍ରି—(ଅଗ୍ନାର୍ଣ୍ଣ ବା ରୋଗ ଯୋଗୁଁ) Hagi da(dha)uṛdibā(dhāiñbā) ବାରମ୍ବାର ଝାଡ଼ା ହାଗତେ ଦୌଡ଼ା **ହଗନେକୋ ଦୌଡ଼ନା** ଫେରିବାକୁ ଯିବା—To (ହଗି ଧାଇଁବା—ଅନ୍ୟରୂପ) pass stool repeatedly or at short intervals.

ହଗି ଦେବା—ଦେ. କ୍ରି—ହଗି ପକାଇବା;ହଠାତ୍ ମଳୋତ୍ସର୍ଗ କରିବା— Hagi debā To defecate hastily. [ଯଥା—ମୁଣ୍ଡରେ ହେଗେ ଦେଓୟା **ହଗଦେନା** ଜଃ। କୁଆ ହଗିଦେଲା ଲଃପଃ—ଉଗ]

ହଗି ପକା(କେ)ଇବା—ଦେ. କ୍ରି.—୧। ଅପ୍ରତ୍ୟାଶିତ ଭାବରେ ବା Hagi pakā(ke)ibā ଅତର୍କିତ ଭାବରେ ଝାଡ଼ା ଫେରିବା— ହେଗେଫେଲା **ହଗଦେନା** 1. To defecate suddenly. ୨। ଶୀଘ୍ର ବିଷ୍ଠା ତ୍ୟାଗ କରିବା—2. To hastily pass stool. ୩। (ଲକ୍ଷଣାର୍ଥ)—ବେଜାୟ ମାଡ଼ ବା ଅତ୍ୟନ୍ତ ଭୟ ବା ଅତ୍ୟଧିକ ବୋଝର ଫଳରେ ବଳ ଇଚ୍ଛାରେ ଝାଡ଼ା ଫେରିବା—3. To involuntarily defecate through fear or boating or excessive straining under a load.

Digitized by srujanika@gmail.com

ହଗି ବସି ନାଆଁ ସର୍(ରେ)ଇବା—(ନ୍ୟାୟ୍)—(ବାଟରେ ଝାଡ଼ାଫେର
Hagi basi nā-ā̃ sarā(re)ibā ବସିଲେ କମ୍ବା ଅନ୍ୟ
ବ୍ୟକ୍ତିର ବାଡ଼ ଆଦରେ ଝାଡ଼ା ଫେରିଲେ ଝାଡ଼ା ଫେରିବା
ଅଳ୍ପେ ବଦନାମ କେନା **ହଗକର ନାମ ବୁଡାନା** ବ୍ୟକ୍ତିକୁ ଲୋକେ
ଗାଳ ଦଅନ୍ତୁ ଏହ୍ନ ମୌଳିକ ଶବ୍ଦରୁ ଲକ୍ଷଣାର୍ଥୀ)—ଘୃଣିତ ବା
ଲଜ୍ଜାଜନକ କାର୍ଯ୍ୟ କରିବା ଦ୍ୱାରା ଅଳ୍ପାଧିକ ବା ନିନ୍ଦା ଅର୍ଜ୍ଜିବା
—(figurative) To earn censure by doing
any insignificant or shameful act.

ହଗିବା—ଦେ. କ୍ରି. (ସଂ. ହଦ୍‌ଧାତୁ, ପ୍ରା—ହଗ୍‌ଧାତୁ=ବର୍ଜ୍ଜ୍ୟ ତ୍ୟାଗ
Hagibā କରିବା —୧। ଝାଡ଼ା ଫେରିବା; ମଳୋତ୍ସର୍ଗ
ହାଗା **ହଗନା** କରିବା—1. To pass stool; to relieve
one's bowels; to defecate. [ଦ୍ର—ଏ ଶବ୍ଦ
ଇତର ଲୋକଙ୍କ ବ୍ୟବହୃତ, ଭଦ୍ରସମାଜର କଥୋପ-
କଥନରେ ହଗିବା ନ କହି ଝାଡ଼ା ଫେରିବା, ପୋଖରୀ-
ଯିବା, ବହ୍ନଦେଶ ଯିବା, ବହ୍ନଭୂମି ଯିବା, ବାଡ଼କ ବସିବା ଓ
ଗଙ୍ଗାମରେ ବଲକୁ ଯିବା ଆଦି ବ୍ୟବହୃତ ହୁଏ।]
୨। (ଲକ୍ଷଣାର୍ଥ) ଜଳର ଶକ୍ତିର ବା ବଳର ଅସ୍ୱାସ୍ଥ୍ୟ
ଥିବାରୁ) କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ହେବା—
2. (figurative) Not to be able to do any
work (for want of sufficient strength).
୩। (ଲକ୍ଷଣାର୍ଥ) କୌଣସି କାର୍ଯ୍ୟକୁ (ଯଥା—ଲେଖା,
କାରଗରୀ ଇତ୍ୟାଦି) ଅସୁନ୍ଦର କରି କରିବା—3. (figu-
rative) To do any work clumsily. ୪।
ହଗି ପକାଇବା (ଦେଖ)—4. Hagi pakāibā (See)
୫। ଛେରିବା; ଅତ୍ୟଧିକ ପାଣିଆ ମଳ ଉତ୍ସର୍ଗ କରିବା—
5. To pass a large quantity of liquid
excrement.

ହଗିବା ମୂତିବା—ଦେ. କ୍ରି (ସଦ୍ଭରର)—ଝାଡ଼ା ଫେରିବା ଓ ପ୍ରସ୍ରାବ
Hagibā mūtibā କରିବା—To pass stool and
ହାଗାମୂତା urine; to ease one'self and to make water.
ହଗନା ମୂତନା

ହଗି ମୂତ ପକା(ଙ୍କେ)ଇବା—ଦେ.କ୍ରି—୧। ଏକ ସମୟରେ ମଳ ଓ ପ୍ରସ୍ରାବ
Hagi mūti pakāibā ତ୍ୟାଗ କରିବା—1. To pass
ହେଗେ ମୂତେ ଫେଲା stool and urine simultaneously ୨।
ହଗମୂତ ଦେନା (ଲକ୍ଷଣାର୍ଥ) ଅତ୍ୟନ୍ତ ମାଡ଼ ବା ଭୟ ବା ଅତ୍ୟଧିକବୋଝର
ଦାଉରୁ ସମ୍ଭାଳି ନ ପାର ବଳା ଇଚ୍ଛାରେ ଝାଡ଼ା ଫେରିବା ଓ
ପ୍ରସ୍ରାବ କରିବା—2. (figurative) To involunt-
arily pass stools and urine through fear-
beating or strain of load. ୩। (ଲକ୍ଷଣାର୍ଥ)
ଭୟରେ ଅଚ୍ଛନ୍ନ ହେବା—3. (figurative) To be
over-powered with fear; to be terri-
fied. [ଦ୍ର—ଦେଖାଯାଏ ଯେ, କେତେକ ବ୍ୟକ୍ତିକୁ ଓ
ପ୍ରାଣୀକୁ ବିଶେଷ ମାଡ଼ ଦେଲେ ବା ଭୟ ଦେଖାଇ
ଅଚ୍ଛନ୍ନ କରି ଦେଲେ, କମ୍ବା ତାଙ୍କ ଶତ୍ରୁର ସାଧାରଣତଃ ବୋଝ
ତାଙ୍କ ଉପରେ ଲଦି ଦେଲେ ବଳା ଇଚ୍ଛାରେ ତାଙ୍କଠାରୁ
ଝରୁଆ ଓ ଝାଡ଼ା ଢୋଇପାଏ।]

ହଗି ମୂତ ପଳା(ଳେ)ଇବା—ଦେ.କ୍ରି=ଅତି ଭୟଗ୍ରସ୍ତ ହୋଇ ପଳାଇଯିବା
Hagi mūti palā(le)ibā —To be affrighted too
ହେଗେ ମୂତେ ପାଳାନ much and flee away. (ଦ୍ର—ବାଳ
ହଗ ମୂତକର ଭାଗନା ଯେଉଁଥିଲେ ଭୟଙ୍କ ମାରୁଣୀରୁ, ହଗି ମୂତ
ପଳାଇଲେକ ସେ ବଳରୁ। କୃଷ୍ଣସିଂହ. ସଦାବ୍ରତ. ବନ।)

ହଗି ଯିବା—ଦେ. କ୍ରି—ମଳତ୍ୟାଗ କରିବା ପାଇଁ ସ୍ଥାନାନ୍ତରକୁ ଯିବା—
Hagijibā To go out to pass stool.
ହାଗତେ ଯାଓୟା **ଟଟ୍ଟୀ ଜାନା**

ହଗୁଡ଼ା(ଗ୍ଭ)—ଦେ. ବ. ପୁଂ—୧। ଅପତ୍ତ୍ୟଆଣୀଙ୍କୁ ବଧିଯିବା ନାମ—
Hagurḍā(rā) 1. A name given to a child whose
[ହଗୁସ୍ତ, ହଗୁଡ଼ୀ—ସ୍ତ୍ରୀ] elder has died before its
ହେଗୋ birth. ୨। ତର ଅଉଷାର ରୋଗୀ—2. A person
ହଗୁଆ suffering from chronic dysentery.
ବଣ—୧। ଯେ ପୁନଃ ପୁନଃ ମଳତ୍ୟାଗ କରେ; ଯେ
ଅନେକଥର ଝାଡ଼ା ଫେରେ—1. Passing stool
several times; passing stool frequently.
୨। ଯେ ହଗେ ବା ହଗିଥାଏ—2. Passing or hav-
ing passed stool. ୩। ସାଧାର ବାରମ୍ବାର ହଗିବାର
ଅଭ୍ୟାସ—3. Habitually passing stool. ୪।
(ଲକ୍ଷଣାର୍ଥ) ଛେରୁଆ; ଅଚ୍ଛନ୍ନାତ୍ମା—4. (figurative)
Coward; timid.

ହଗେଇ ଦେବା (ନେବା)—ହଗାଇ ଦେବା (ଦେଖ)
Hageideba (nebā) Hagāi debā (See)
[ହଗେଇ ପକା(ଙ୍କେ)ଇବା; ହଗେଇବା—ଅନ୍ୟରୂପ]

ହଗ୍ରା—ସ୍ତ୍ରୀଦେ (ସମ୍ବଲପୁର) ବଣ—ହଗୁଡ଼ା(ଗ୍ଭ) (ଦେଖ)
Hagrā Hagurḍā(rā) (See)

ହଙ୍କଙ୍—ଦେ. ବ (ନାମ)—ହଂକଂ (ଦେଖ)
Haṅkaṅg ହଂକଂ ହଂକଂ Haṁkāṁ (See)

ହଙ୍କା—ଦେ. ବ—ଗାଡ଼ ଇତ୍ୟାଦିର ଗୁଳନ—
Haṅkā The act of driving a cart etc.
ହାଁକା **ହଁକାଇ**

ହଙ୍କା(ଙ୍କେ)ଇ ଦେବା—ଦେ. କ୍ରି—ଧମକ ଦେଖାଇ କୌଣସି ବ୍ୟକ୍ତିକୁ
Haṅkā(ṅke)i debā କୌଣସି ସ୍ଥାନରୁ ଭଡ଼ଦେବା—To
ହାଁକିୟେ ଦେଓୟା **ହାଁକଦେନା** drive away a person from
a place by using threats.

ହଙ୍କା(ଙ୍କେ)ଇବା—ଦେ. କ୍ରି—(ସଂ. ହୁଙ୍କାର; ହ୍ୱାର; ହଙ୍କୃାର=
Haṅkā(ṅke)ibā ଅହ୍ୱାନ, କମ୍ବା ହଙ୍କୃ=ଗଜ ସମାହ୍ୱାନରୁ)—
ହାଁକାନ ୧। ଗାଡ଼ ବଗି ଅଦିକୁ ହାକିବା; ଗାଡ଼ି ଅଦର
ହାଁକନା, ହଁକାନା କରଥନ୍‌ସ୍ୱରୂପ ଘୋଡ଼ା ଅଦିକୁ ଚଲାଇବା—
1. To drive (the horses etc of) a vehicle

Digitized by srujanika@gmail.com

etc as driver. ୨ । (ଗାଡ଼ି ହଙ୍କାଇବା ଲୋକ ପ୍ରକୃତ ଧରି ଥାଃକର ଗାଡ଼ର ଘୋଡ଼ାକୁ ଗୁଳତ କରିବା ଅର୍ଥରୁ) କୌଣସି ବ୍ୟକ୍ତିକୁ ଧମକ ଦେଖାଇ ବା ଗାଳିଦାର ଉଠାଇ କୌଣସି ସ୍ଥାନରୁ ତଡ଼ିଦେବା—2. To drive away a person from a place by threat or show of force. ୩ । ହାଙ୍କିବାର ଣିଜନ୍ତ; ଅନ୍ୟ ଦ୍ୱାରା ହାଙ୍କିବା କ୍ରିୟା କରିବା—3. Causative form of Hāṅkibā.

ହଙ୍ଗ(ଙ୍ଗା)ମା—ବୈ.ଦେ. ବ—(ଫା. ହଙ୍ଗ୍‌ମାହ୍)—୧ । ହେଙ୍ଗମ—Haṅga(ṅgā)mā 1. Heṅgamā (See). ୨ । ଅନର୍ଥ; (ହଙ୍ଗାମ; ହେଙ୍ଗମା—ଅନ୍ୟରୂପ) କଳହ—2 Quarrel. ୩ । ହେ(ହୋ)ଙ୍ଗାମା, ହାଙ୍ଗାମା ହଙ୍ଗାମ କଳଚଞ୍ଚଳ ଚୁଟ୍‌କ ହବାଦ—3. Noisy quarrel. ୪ । ମାରପିଟ୍ ଧୁଟ୍‌କ କଳ—4. Brawl; affray. ୫ । ଶାନ୍ତଭଙ୍ଗ—5. Breach of the peace. ୬ । ଗୋଳମାଳ—6. Ado.

ହଙ୍ଗ(ଙ୍ଗା)ମା କରିବା—ଦେ. କ୍ରି.—୧ । କୌଣସି ବ୍ୟକ୍ତି ସଙ୍ଗେ କଳହ Haṅga(ṅgā)mā karibā କରିବା— 1. To quarrel ହାଙ୍ଗାମ (ହେଙ୍ଗାମା) କରା ହङ्गामाकरना with a person. ୨ । (ହଙ୍ଗାମ କରିବା—ଅନ୍ୟରୂପ) କଳହ ଧୁଟ୍‌କ ମାରପିଟ୍ କରିବା; ବେଆଇନ୍ ବଳ ପ୍ରୟୋଗ ବା ଫଜ୍‌ଝଦାର କରିବା—3. To use criminal force and asault a person; to commit affray.

ହଙ୍ଗ(ଙ୍ଗା)ମା ଦାର୍ (ବାଜ୍)—ବୈ.ଦେ. ବଣ (ଫା. ହଙ୍ଗ୍‌ମାହ୍+ବାଜ୍; Haṅga(ṅgā)mā dār (bāj) ଦାର୍)—୧ । କଳହପ୍ରିୟ ହେଙ୍ଗାମାବାଜ 1. Quarrelsome. ୨ । ବେଆଇନ ବଳପ୍ରୟୋଗ ହङ्गामादार ବାଜୁ—2. Using criminal force; assaul- (ହଙ୍ଗାମି, ହଙ୍ଗାମିଆ—ଅନ୍ୟରୂପ) ting; committing affray.

ହଚ୍‌ପଟ୍‌କୁ ଆଣିବା—ବୈ.ଦେ. (ଇଂ) ବ. (କରିବା) (ଇଂ. ହଚ୍‌ପଟ୍ Hach-paṭku āṇiba ଶବ୍ଦର ଅର୍ଥ ଡାଲା ପଦାର୍ଥମିଶ୍ରିତ ହଚପଟେଆମା ଘାଣ୍ଟ ଉଅଣା ବା ମନ୍ଥର । ଏହୁ ଅର୍ଥରୁ ଏହ ଶବ୍ଦ हचपटमें लाना ଅଇନରେ ବ୍ୟବହୃତ ହୋଇଥିବ ।)—ବଣ୍ଟାର ପ୍ରକଦ୍ଦମାରେ ଯଜମାନଙ୍କର ଯାବତୀୟ ସମ୍ପତ୍ତିକୁ ଏକତ୍ର ଦାଖଲ କରିବା—(Legal term) To bring all the properties of the co-sharers into the hotchpot on the occasion of partition.

ହଚକେଇ ଯିବା—ଦେ. କ୍ରି—ଚଂକର୍ତ୍ତବ୍ୟବମୂଢ଼ ହେବା—Hachakei jibā To get confused or bewildered. ହକଚକିୟେଯାଓୟା [ଯଥା—ତା ମୁହଁରେ ହଠାତ୍‌ଲଇଟ୍ ପଡ଼ିବାରୁ ସେ हकवकाना ହଚକେଇ ଗଲା ।]

ହଜ୍—ବୈ.ଦେ. (ଅ) ବ—ମୁସଲମାନ୍‌ମାନଙ୍କ ତୀର୍ଥ ମକ୍କାକୁ ଗମନ ଓ Haj ସେଠାରେ ତୀର୍ଥକୃତ୍ୟ ସମ୍ପାଦନ—Pilgrimage to हज Mecca and accomplishment of certain हज religious duties there (by a Mahomedan).

[ଦ୍ର—ମୁସଲ୍‌ମାନ ଜଲ୍‌ହଜ୍ ମାସର ଦଶମଦିନ ମୁସଲମାନ୍‌ମାନଙ୍କର 'ବକ୍ରୀଦ୍' ପର୍ବ । ସେ ଦିନ ମୁସଲ୍‌ମାନ୍‌ମାନେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ପଶୁବଳି ଦିଅନ୍ତି । ସେହି ଦିନ ଯେଉଁ ବ୍ୟକ୍ତି ମକ୍କାକୁ ଯାଇ ହଜ୍ କରନ୍ତି ଓ ବଳି ଦିଅନ୍ତି ତାଙ୍କ ନାମ ପୂର୍ବରେ 'ହାଜି' ଉପାଧି ଯୁକ୍ତ ହୁଏ ।]

ହଜ୍ କରିବା—ଦେ. କ୍ରି—ମକ୍କା ତୀର୍ଥ ଦର୍ଶନାଦି କରିବା—Haj karibā To accomplish a pilgrimage to हजकरा हजकरना Mecca.

ହଜ୍ ଗ(ବ)ଜ୍—ଦେ. ଅ—୧ । ହାଉଯାଉ (ଦେଶ)—1. Hāujāu Haj ga(ba)j (See). ୨ । ବସ୍ତୁସମୂହର ଇତସ୍ତତଃ ଛତିପ୍ତ ହେବା ହି(ହି)ଜବ(ବି)ଜ ଅବସ୍ଥା—2. The condition of many तितिरविति things being strewn here and there. ୩ । [ଦ୍ର—ମହାଭାରତରେ ଯୁଧିଷ୍ଠିରଙ୍କ ଉକ୍ତି 'ଅଶ୍ୱତ୍ଥାମା)ହତ ଇତି ଗଜଃ' ର ଭାବରୁ) ନିଶ୍ଚିତ କଥା ନ କହି ଇତସ୍ତତଃ କରିବା—3. Prevarication. ୪ । ବିଷୟ-ବସ୍ତୁର ନ କର ବା ଧାଗ୍‌ବାହୁକରୂପେ ବର୍ଣ୍ଣନା ନ କରି କୌଣସି ବିଷୟ କହିବା—4. Speaking anything without system or at random. ୫ । ଗୋଳମାଳ—5. Ado; confusion. (ଭୁଲ. ଇଂ. ହଜ୍‌ଘଜ୍=ଘାଣ୍ଟଉଅଣା) ୬ । (ଲୋକଅଦ୍ୟ) କୌଣସି ସ୍ଥାନରେ ବହୁ ଘରମାଣରେ ସାଲୁ ସାଲୁ ହେବା—6. The state of a place abounding in or being beset with a multitude of tiny insects.

ହଜ୍‌ଗ(ବ)ଜ୍ କରିବା—ଦେ. କ୍ରି—୧ । ନିଶ୍ଚିତ କଥା ନ କହି Haj·ga(ba)j karibā ଇତସ୍ତତଃ କରିବା—1. To preva- ହି(ହି)ଜବ(ବି)ଜ କରା ricate. ୨ । ଧାଗ୍‌ବାହୁକରୂପେ କଥା ନ କହି तितिरविति करना ଏଣୁତେଣୁ ଗଣିବା—2. To speak unsystematically.

ହଜ୍‌ଗଜ୍ ଗଜ୍‌ଗଜ୍—ପ୍ର ବି (ଶବ୍ଦଥଳ) ବ—ଅନଦର ଗଦ୍ଦଲଚଦ୍ଦଲ; Haj-gaj gaj-gaj ଅନଦମସ୍ୱ କୋଳାହଳ—Ado or confu- sion due to merriment.

ହଜ୍‌ଗ(ବ)ଜ୍ ହେବା—ଦେ. କ୍ରି—ଡାଲ୍‌ଜାଲ୍ ହେବା; (ବହୁସଂଖ୍ୟକ Haj-ga(ba)j hebā ପୋକ)ସାଲୁସାଲୁହେବା—To abound; ହି(ହି)ଜବ(ବିଜ କରା) तितिरविति होना to swarm. (ଯଥା—ତା ମୁଣ୍ଡରେ ଉକୁଣି ହଜଗଜ ହେଉଛନ୍ତି)

ହଜ୍‌ଗ(ବ)ଜିଆ—ଦେ. ବଣ. ପୁଂ—ଯେଉଁ ବ୍ୟକ୍ତି ନିଶ୍ଚିତ କଥା ନ କହି Haj-ga(ba)jiā ଇତସ୍ତତଃ କରେ—Prevaricating. ଯେ ହଜଗଜ କରେ तितिरविति करनेवाला (ହଜଗ[ବ]ଜିଆ, ହଜଗ[ବ]ଜେଇ—ସ୍ତ୍ରୀ)

ହଜ୍‌ବାଣ୍ଡା—ପ୍ରାଦେ. (ଗଡ଼ଜାତ) ବ. —ହାଉବାଣ୍ଡା (ଦେଶ)— Haj-bāṇḍā Hātibāṇḍā (See).

ହଜ୍‌ମି (ଇତ୍ୟାଦି)—ବୈଦେ. ବଣ—ହଜମି ଇତ୍ୟାଦି (ଦେଶ)— Haj-mi (etc) Hajami etc (See).

Digitized by srujanika@gmail.com

ହଜ୍‌ରତ୍‌—ବୈଦେ. ବ·—ହଜରତ୍‌ (ଦେଶ)—Hajarat (See).
Haj-rat ହଜରତ୍‌ ହଜରତ

ହଜ୍‌ରତ୍‌ ମହମ୍‌(ମ୍ମ)ଦ୍‌—ବୈଦେ. ବ—(ମହମ୍ମଦଙ୍କ ନାମ ପୂର୍ବରେ
Haj-rat mahama(mma)d ସମ୍ମାନସୂଚକ ହଜରତ୍‌ ଶବ୍ଦର
ହଜରତ୍‌ ମହମ୍ମଦ ହଜରତମୁହମ୍ମଦ ପ୍ରଯୋଗ)—ସମ୍ମାନଜାସ୍ପ ବା ମହାମହମ
ଦସ୍ୟତମର ମହମ୍ମଦ (ଦେଶ)
Hajrat Mahommed, the Prophet of Islam.

ହଜ୍‌ରୁ—ସ୍ତାଦେ (ଖଡ଼ଆଳ) ବଣ· ପୁଂ—ଅସନ୍ତୁଷ୍ଟ—Dissatisfied·
Haj-ru (ହଜ୍‌ରୁ—ସ୍ତ୍ରୀ) discontented.

ହଣ୍ଟିଙ୍ ଯୁ(ଯୋ)ତା—ଦେ. ବ. (ଦେବା ଶିକାରମାନଙ୍କ ଦ୍ୱାରା ବ୍ୟବହୃତ ଦେଉ ଥିବାରୁ)—ଯେଉଁ ଯୋତାର ଉପରେ ଉପର୍ ନ ଲଗି, ସାଦାସିଧା ଚମଡ଼ା ଦ୍ୱାରା ହଣ୍ଟିଙ୍ ଜୁତା ହଂଟିଙ୍ଗ ଜୁତା ତିଆରେ ତଳା ହୋଇ ବଳା ହୁଏ— [ହଣ୍ଟିଙ୍ ୱୁ (ୱୁଜ୍)—ବୈଦେ. ରୂ୨] Hunting shoes.

ହଣ୍ଟିଙ୍ ବୁଟ୍—ତୁବେଦେ. (ଇଂ) ବ—ଯେଉଁ ବୁଟ୍ ଯୋତାର ଦୁଇପାଖ ଚମଡ଼ାଦ୍ୱାରା ତିଆରାହୋଇ ବଳାଥାଏ। Hunting boot.

ହଣ୍ଟେଇବା—ଦେ. କ୍ରି—ଅଣ୍ଟାଇବା (ଦେଶ)— Haṇṭeibā Aṇṭāibā (See).

ହଣ୍ଟୋର(ଳ,ଗ୍ର, ଲା) (ଇତ୍ୟାଦି) ଦେ. ବ—ହଣ୍ଟର ଇତ୍ୟାଦି (ଦେଶ) Haṇṭora(la, rā, lā) (etc) Haṇṭara etc (See)

ହଣ୍ଡପା—ଦେ.ବ(ନାମ)—ଅଧୁନିକ ଗଡ଼ଜାତ ଅଠମଲ୍ଲିକର ପ୍ରାଚୀନ ନାମ Haṇḍapā —The old name of the Orissa State Aṭhamallik.

ହଣ୍ଡ(ଣ୍ଡୋ)ଲ୍—ତୁବେଦେ. (ଇଂ) ବ,—(ଇଂ. ହାଣ୍ଡ୍ଲ୍)—୧। ଯେଉଁ ଲମ୍ବାରେ ଲୁହାର କଲମ ଉପର ଲେଖିବାକୁ ହାତେଲ ହୋଲ୍ଡର,ହାଣ୍ଡଲ ହୁଏ—1. Pen-holder. ୨। ବେଣ୍ଟ— 2. Handle.

ହଣ୍ଡଲ୍—ପ୍ରାଦେ (ସମ୍ବଲପୁର) ବ—ପିତ୍ତଳର ବଡ଼ ହାଣ୍ଡି— Haṇḍalā (ହଣ୍ଡୁା—ଅନ୍ୟରୂପ) Big brass-pot.

ହଣ୍ଡା—ସ ଅ—ହାଁରେ ! ହଉରେ ! (ନାଟ୍ୟେଶ୍ୱରରେ ଦାସୀକୁ ସମ୍ବୋଧନରେ ବ୍ୟବହୃତ)—Interjection used in addressing a maid servant. [ଦ୍ର—ନାଚ ଶ୍ରେଣୀର ସ୍ତ୍ରୀମାନେ ସହଚରୀ ପ୍ରତି ସମ୍ବୋଧନ କରନ୍ତି—Apte.] ସ.ବ—(ହଣ୍ଡ୍ ଧାତୁ+ଅ+ଅ) କଡ଼ ମାଟି ହାଣ୍ଡି—Large earthen cooking vessel (Apte). ଦେ. ବ—୧। ଧାତୁ ନିର୍ମିତ ବଡ଼ ହାଣ୍ଡି— ହାଁଡ଼ି ହଁଡା 1.Big metal cooking pot(Apte). [ଦ୍ର-ଯେଉଁ ଧାତୁରେ ବା ପଦାର୍ଥରେ ହଣ୍ଡା ଉପର ଢୋଇଥାଏ, ସେହି ନାମ ସତ୍ତେ ଏ ଶବ୍ଦ ବଦଳେ । ଯଥା—ପିତ୍ତଳ ହଣ୍ଡା, କାଚ ହଣ୍ଡା ଇତ୍ୟାଦି ।] ୨ । (ମଦ୍ଦମବତ୍ତା ଜଳିବା ପାଇଁ) ଗୋଳକ କାଁଚକୀହାଁଡି ଜାତର ହାଣ୍ଡି—2. Big glass globes used as lamps. ୩ । (ଲକ୍ଷଣାର୍ଥ)ପେଟ— 3. (figurative) Belly. ପ୍ରାଦେ. (ଚଳାର (ଲକ୍ଷଣାର୍ଥ) ଗୁଣ ଅଛି; ଧୈର୍ଯ୍ୟ — (figurative) Patience.

ହଣ୍ଡା ଗରମ—ଦେ. ବ—୨ । ଉର୍ଦ୍ଧ୍ୱଶ୍ୱାସ ଓ ଉଦର ଗରମ ହେବା Haṇḍā garama ଶାସ୍ତ୍ରୀୟ ଅବସ୍ଥା—1. The state of one's body,when a person has got cold in the head and heat in the abdomen. ପେଟଗରମ (ହଣ୍ଡା ଭାଇବା—ଅନ୍ୟରୂପ) ୨ । ଖୁବ୍ ଜୋର ଅବସ୍ଥା— 2. A state of hunger.

ହଣ୍ଡା ଗିଲାସ—ଦେ. ବ (ସହରର)—ବଡ଼ଲୋକମାନଙ୍କର ବୈଠକ-ଖାନା ସଜାଇବାରେ ବ୍ୟବହୃତ କାଚର ଗୋଳକ ଝାଡ ଜାଳାପ୍ରକାରର ଅଲୋକାଧାର ଓ ଘର— Glass globes and lamps used in the parlour of rich people. ହଣ୍ଡା ଝାଡ଼ ହଣ୍ଡା ଚଲ୍ଲେର ହଣ୍ଡା ଲଣ୍ଠନ୍ } —ଅନ୍ୟରୂପ

ହଣ୍ଡା ଝୁଲା(ଲେ)ଇବା—ଦେ,କ୍ରି—(ଲୋକଙ୍କର ଧନ ସମ୍ପତ୍ତି ଜମିବା ପାଇଁ Haṇḍā jhulā(le)ibā ଘରର ଭଲେ ଗାତ ଖୋଳ ସେ ଗାତର ଭୀତେ ଟାକା ପୋତା ମୁହଁରେ ଭଡ଼ି ଯନ୍ତାଇ ସେ ଭଡ଼ିରୁ ବଡ଼ ବଡ଼ ତହବର ଗାଡ଼ନା ପିତ୍ତଳହଣ୍ଡା ଝୁଲାଇ ତହିଁ ମଧ୍ୟରେ ସୁନାରୂପା ଓ ମୁଦ୍ରା ଆଦି ସମ୍ପତ୍ତି ଜମା ରଖିବା ପ୍ରଥାରୁ)—ବହୁଧନ ସମ୍ପତ୍ତି ଜମିବା—To hoard a large amount of money by burying it underground.

(ମୋର) ହଣ୍ଡା ଫାଟି ଯିବା—ପ୍ରାଦେ (ଗଞ୍ଜାମ) କ୍ରି—ପେଟ ଫାଟିଯିବା— Haṇḍā phāṭi jibā The bursting of the belly.

ହଣ୍ଡିକା— ସ୍ତ୍ରୀ. ବ—ହାଣ୍ଡି; ସାକାର୍ଥ ବ୍ୟବହୃତ ଅନାବୃତମୁଖ ଗୋଲାକାର ମୃତ୍ପାତ୍ର—An earthen pot used for cooking. Haṇḍikā

ହଣ୍ଡିକା ସୁତ— ସ୍ତ୍ରୀ. ବ—ଛୋଟ ହାଣ୍ଡି; କୃଦନ— Haṇḍikā suta A small earthen pot.

ହଣ୍ଡୀ —ସ୍ତ୍ରୀ. ବ—ବଡ଼ ହାଣ୍ଡି— Haṇḍī Large earthen pot.

ହଣ୍ଡ(ଡେ)ଣ୍ଡୁଆ—ପ୍ରାଦେ (ସମ୍ବଲପୁର) ବ—ବାଉଁଶର ଶୁଖିଲା କରଡ଼— Haṇḍ(ḍe)ṇḍuā Dry shoots of bamboo.

ହଣ୍ଡୁରାଜ୍ ବୈଦେ. ବ (ନାମ)—ମଧ୍ୟ ଆମେରିକାର ଗୋଟିଏ ସ୍ୱାଧୀନ— Haṇḍurāj Honduras; name of a State in Central

Digitized by srujanika@gmail.com

ହଣ୍ଡୁରାଜ Ame:rica. [ଦ୍ର—ଏଡ଼ାର ଗୋଟିଏ ଅଂଶ ବ୍ରହ୍ମଣ୍ଡ
ହଣ୍ଡୁରାଜ ଅଧିକୃତ ଓ ଉକ୍ତ ଅଂଶରୁ ବ୍ରହ୍ମଣ୍ଡ ଦଣ୍ଡୁରଜ
ଜଡ଼ନ୍ତୁ ।]

ହଣ୍ଡେ—ଅ. ଅ (ହନଡ଼୍ ଧାତୁ+ଏ) (ନାଟ୍ୟୋକ୍ତି)—(ମାତ ସ୍ତ୍ରୀ ବା
Hand० ଦାସୀ ପ୍ରଭୃତି ବ୍ୟକ୍ତିଙ୍କ ସମ୍ବୋଧନ) ହାଲୋ ! ହଇଲୋ !—
(Interjection used in addressing a maid
servant or inferior woman) Hallo !

ହଣ୍ଡୋଳ(ଲ୍)—ଦେ. ବ (ଇଂ. ହାଣ୍ଡଲ୍)—ହଣ୍ଡଲ୍ (ଦେଶ)
Hand०la(l) Hand०al (See)

ହତ୍—ଦେ. ଅ (ସଂ. ହନ୍ ଅବ୍ୟୟ=ରୁଖୋକ୍ତୁ, ଅନୁନୟ)—ନିଷେଧାର୍ଥକ
Hat ବା ବାରଣାର୍ଥକ)—ହାଟ୍ ! ଧାଡ଼ ! —(Interjection
ଥେମ୍ used in stopping a person) Stop !
ତୁତ୍ Stay !

ହତ୍‌ତେର୍—ଦେ. ଅ (ନିଷେଧାର୍ଥକ ବା ବାରଣାର୍ଥକ)—୧ । ହାଉତେର
Hat-teri (ଦେଶ)—1. Hātteri (See) ୨ । ହତ୍
(ହତ୍‌ତେରକା[କ,କେ]—ଅନ୍ୟରୂପ) (ଦେଶ)—2. Hat
ହୁତ୍ତେରୀ ଘତ୍‌ତେରୀ (See)

ହତ୍‌ଲା ମାର୍‌ବା—ପ୍ରଦେ (ବଲ୍ଲଙ୍କିର ଘାଟଣା) କ୍ରି—ବେଶୀ ପୋକ
Hat-lā mār-bā ଯିବା—To take a large quantity.

ହତ୍‌ଲିବା—ପ୍ରାଦେ (ଜଡ଼ଖଲ) କ୍ରି—ସମୁଦାୟରୁ ଖଣ୍ଡେ ଟାଣି ଅଲଗା କରିବା—
Hat-libā To draw out a piece from the
whole.

ହତ୍‌ଣା—ଦେ. ବ (ସଦ୍ଭବ)—(ସଂ. ହସ୍ତରୁ)—ଟେବୁଲ ଅଦର ଦରୁଜକୁ
Hat-ṇā ଡାହଦ୍ୱାର ଟାଣିବା ଓ ବାହୁଡ଼ିକୁ ବାହାରେ ଜଠାଇବା
ହେଉଲ, ହତାତିଲ ଯଇଁ ଲଗିଥିବା କଡ଼ା—Handle; a ring
ହଥାରା attached to drawyers of table etc to
draw them in and out.

ହତ୍‌ଶିର୍—ଦେ. ଣଣ (ସଂ. ହତଶ୍ରୀ, ହତଶ୍ରୀକ)—ହତଶ୍ରୀକ (ଦେଶ)
Hat-śiri Hataśrīka (See)
ହତଶ୍ରୀ ହତଶ୍ରୀ

ହତ—ସଂ. ବଣ (ହନ୍ ଧାତୁ ବଧ କରିବା+କର୍ମ ତ)—୧ । ମାରିତ;
Hata ନିହତ; ବଧପ୍ରାପ୍ତ; ଜୀବନରେ ମରି ଯାଇଥିବା—
1. Killled; slain; murdered. ୨ । ନାଶପ୍ରାପ୍ତ;
ବିନାଶିତ; ବିନଷ୍ଟ—2. Destroyed; ruined;
perished; lost. (ଉ—ସବୁ ସ୍ୱଳକାଙ୍କଯାକଟ ଦୋଷ
ହତ—କୃଷ୍ଣସିଂହ ମହାପ୍ରଭୁଙ୍କ ସପ୍ତା ।) ୩ । ନିର୍ବାପିତ; ନିଭ
ଯାଇଥିବା; ଲୁପ୍ତ—3. Extinguished. (ଉ—
ପ୍ରଥମ ହତ ଦେଖି ଜରନ୍ଧେ ଲୋଡ଼ା, ଉତ୍ତରେ ଫେରିଦେଲ୍ଲ
ଗବାକ୍ଷ ଘୁଡ଼ା—ଉଦ୍ଧ ସଙ୍ଗୀତ ।) ୪ । ପ୍ରତିହତ—
4. Obstructed; restrained. ୫ । ଅହତ,
ଆଘାତପ୍ରାପ୍ତ—5. Wounded; hurt; injured.
୬ । ଗତାସୁ; ମୃତ—6. Dead. ୭ । ମନ୍ଦ; ଦୁର୍ଦ୍ଦିଷ୍ଟ—
7. Bad; wretched. ୮ । ଭଗ୍ନ—8. Broken;
shattered. ୯ । ବ୍ୟାହତ; ବିଫଳୀକୃତ—
9. Nullified; frustrated. (ଉ—ଅଷ୍ଟଥିଲେ
ଅଉଖେଚ ଶୀଘ୍ରମେ ଦୋଇ ଉସ୍ତୁତ ଉଘାସ୍ତେ ମୁଁ ତାହା
ଜଲ୍ଲ ହତ ଯେ-ଉଙ୍କ ବୌଦ୍ଧେପ୍ରଶହଲାସ ।)
୧୦ । ଭୁଚ୍ଛ; ଦ୍ୱେଷ୍ୟ—10. Despised. ୧୧ । ଗୁଣିତ—
11. Multiplied. ୧୨ । ଦଗ୍ଧ—12. Burnt
down. ୧୩ । ବିଗତ—13. Past; gone. ୧୪ ।
ଅଶାରହିତ; ନିରାଶ—14 Desperate; hopeless.
୧୫ । ଅନ୍ତର୍ଦ୍ଧିତ— 5. Disappeared ବ —୧ ।
(+ଭାବ ତ) ନୈରାଶ୍ୟ—1. Hopelessness;
desperation. ୨ । ହନନ—2. Slaughter;
killing; slaying. ୩ । ଗୁଣନ—3. Multiplying.

ହତ ହତ ଦେ. ବ. (ସଂ. ହତ୍ୟା)—ମରଣ; ମୃତ୍ୟୁ—Death.
(ଉ—ଶୁଣ ଦେ ବଳା ଥରାଯିବ, ଅର୍ଜୁନଠାରୁ ବଳ୍ଲୁ ହତ-
ଜଗନ୍ନାଥ. ଭାଟବତ ।)

ହତକ—ସ. ବଣ. ପୁଂ (ହତ+କ) ୧ । ନଷ୍ପ୍ରାୟ—1. About to
Hataka be destroyed; all but ruined.
(ହତକା—ସ୍ତ୍ରୀ) ୨ । ଖୁରୁ; ଭୀତ୍ୟୁ—2. Coward;
timid. ୩ । ନୀଚ—3. Low; mean. ୪ ।
ହତଭାଗ୍ୟ—4. Unfortunate. ୫ । ଦୁର୍ଦ୍ଦଶାଗ୍ରସ୍ତ—
5. Miserable (M. W) ୬ । ମୃତ—6. Dead
ବ—୧ । ନୀଚଲୋକ (ଶବ୍ଦଚନ୍ଦ୍ରିକା)—1. A
low or mean person. ୨ । ଖୁରୁ ବ୍ୟକ୍ତି—
2. A coward (Apte). ପ୍ରାଦେ (ଖଡ଼ିଆଳ) ବ—
ଅପମାନ—Insult.

ହତ କଣ୍ଟକ—ସଂ ବଣ. ପୁଂ (ବହୁବ୍ରୀହି,ହତ+କଣ୍ଟକ)—ଯାହାର
Hata kaṇṭaka ଶତ୍ରୁ ବା କଣ୍ଟକ ବା ବାଧା ନଷ୍ଟ
(ହତ କଣ୍ଟକା—ସ୍ତ୍ରୀ) ଦୋଇଅଛ—Freed from foes or
thorns or impedements (Apte).

ହତ କର—ଦେ. ବଣ—ଘାତକ—Muderous. [ଉ—ହସ୍ତ ଶୀର୍ଷ
Hata kara ଦୋ ଶସ୍ତ୍ରର, ମଧୁ କୈଟର ହତ କର—ଜଗନ୍ନାଥ
ସାତୁକ ଭାଗବତ] ବ. ପୁଂ—ଘାତକ ବ୍ୟକ୍ତି—Murderer.
मारनेवाला (ହତକର୍ତ୍ତା—ସ୍ତ୍ରୀ)

ହତ କରିବା—ଦେ. କ୍ରି (ସଂ. ହନ୍‌ଧାତୁ)—୧ । ମାରି ପକାଇବା—
Hata karibā 1. To kill; to murder. ୨ । ପରାଜୟ
ହତକରା କରିବା—2. To defeat. [ଉ—ଭୂମି ରଥୀ
ହତକରନା ନଅନ୍ତେ ଅରଜୁନ ସୁତ, ଅଦ୍ଭୁତ ଦୋହେ ଚନ୍ଦ୍ରଭ୍ରା କଲେ
ହତ—କୃଷ୍ଣସିଂହ ମହାପ୍ରଭୁଙ୍କ ଉଦ୍‌ଯୋଗ ।] ୩ ।
(ଜ୍ଞାନ) ଲୁପ୍ତ କରିବା; ବୁଡ଼ାଇବା—3. To cause
loss of (consciousness) ୪ । ହଜାଇବା—4.
To lose. [ଉ—ସେ ଘାତରେ ବ୍ୟାକୁଳ ଦୋଇ
ସୋମଦତ୍ତ, ରଥ ମଧ୍ୟେ ବସି ରେତରା ଭଳେ ହତ—
କୃଷ୍ଣସିଂହ ମହାପ୍ରଭୁଙ୍କ ଦୋଣ ।]

ହତକର୍ମୀ—ସଂ. ବଣ. ପୁଂ—(ବହୁବ୍ରୀହି ହତ + କର୍ମନ୍, ୧୩୩, ୧୯)
Hata karmā —ମନ୍ଦକର୍ମୀ; ହତଭାଗା—Unfortunate.

Digitized by srujanika@gmail.com

ହତ କିଲ୍ବିଷ—ଷ. ବହ. ପୁଂ—(ବହୁବ୍ରୀହି; ହତ+କିଲ୍ବିଷ)—ପାପମୁକ୍ତ Hata kilbisha Freed from sins (M. W).
(ହତକିଲ୍ବିଷା—ସ୍ତ୍ରୀ)

ହତ ଚିତ୍ତ—ଷ. ବହ. ପୁଂ—୧ । ହତବୁଦ୍ଧି; ହଂକର୍ତ୍ତବ୍ୟବିମୂଢ଼— Hata chitta 1. Dumb founded; bewildered; confounded. ୨ । ହତ ଚେତନ (ଦେଖ)—2. Hata chetana (See).
(ହତଚିତ୍ତା—ସ୍ତ୍ରୀ)

ହତଚେତ—ଦେ. ବହ—(ଷ. ହତଚେତନ)—ହତଚେତନ (ଦେଖ) Hatacheta Hata chetana (See) [ଉ—ବାଜଗଣ ହତଚେତନ ସାଦ୍ଧୁଡ ହତଚେତ ଅଣ୍ଡିରବ ସାପା ବହୁ—ଭଃ ହତଚେତା ଦେବେଦ୍ରାଶ ଦଲାସ]

ହତଚେତନ—ଷ. ବହ. ପୁଂ—(ହତ+ଚେତନା; ବହୁବ୍ରୀହି; ହତ= Hata chetana ଲୁପ୍ତ ହୋଇଅଛ ଚେତନା ଯାହାର)—(ହତଚେତନା—ସ୍ତ୍ରୀ) ଲୁପ୍ତସଂଜ୍ଞ; ଚେତନା ଶୂନ୍ୟ; ମୂର୍ଚ୍ଛିତ— Made unconscious; bereft of sense; become senseless.

ହତଚେତା—ଷ. ବହ (ହତ+ଚେତସ୍ ୧ମା. ୧ବ; ବହୁବ୍ରୀହି)—୧। ମୁଗ୍ଧ Hata chetā —1. Enchanted. ୨ । ହଂକର୍ତ୍ତବ୍ୟବିମୂଢ଼— ହତଚେତା 2. Bewildered. [ଉ—କରେ ଉର୍ବ୍ବରେଖା ହତଚେତା ଲୀଲାନ —ପାନକୃଷ୍ଣ ରସକଲ୍ଲୋଳ] ୩ । ଲୁପ୍ତସଂଜ୍ଞ— 3. Become senseless.

ହତଚ୍ଛାୟ—ଷ. ବହ ପୁ—(ବହୁବ୍ରୀହି; ହତ+ଛାୟା+ଅ; ସପ୍ତ ପୋଗୁ Hata chchhāya ଛ ସ୍ଥାନରେ ଚ୍ଛା)—୧ । ସୌନ୍ଦର୍ଯ୍ୟ- (ହତଚ୍ଛାୟା—ସ୍ତ୍ରୀ) ରହିତ—1. Bereft of beauty (M.W) ୨ । ସାହାର ଉଜ୍ଜ୍ୱଳତା କମି ଯାଇଅଛି—2. Dimmed in lustre (M. W).

ହତ ଜଳ୍ପିତ—ଷ. ବ—(କର୍ମଧା)—ଅନାବଶ୍ୟକ ଗଳ୍ପ— Hata jalpita Useless talk (M. W).

ହତ ଜୀବନ(ଜୀବତ)—ଷ. ବହ. ପୁଂ (ବହୁବ୍ରୀହି, ହତ ହୋଇଅଛି ଜୀବନ Hata jībana (jībit ଯାହାର)—୧ । ଗତାସୁ; ମୃତ— [ହତଜୀବନା, ହତଜୀବତା-ସ୍ତ୍ରୀ. ବହ] 1. Dead. ୨ । ମାରିତ— 2. Killed. ୩ । ନୈରାଶ୍ୟ ଜର୍ଜ୍ଜରିତ—3. Over come with despair (M. W)

ହଂ ବ (କର୍ମଧା)—୧ । ଜୀବନ ସମ୍ବନ୍ଧେ ଅଶାତ୍ୟାଗ— 1. Despair of life (M.W) ୨। ଦୁର୍ଦ୍ଦଶାଗ୍ରସ୍ତ ଜୀବନ —2. Blighted or wrecked life (M. W)

ହତ ଜ୍ଞାନ—ଷଂ ବହ ପୁ (ବହୁବ୍ରୀହି; ହତ ହୋଇଅଛି ଜ୍ଞାନ ଯାହାର)— Hata jñāna ହତଚେତନ (ଦେଖ)—1. Hata chetana (See) ୨ । ହତବୁଦ୍ଧି; ହଂକର୍ତ୍ତବ୍ୟବିମୂଢ଼— (ହତଜ୍ଞାନା—ସ୍ତ୍ରୀ) 2. Dumb founded; bewildered. ୩। ନିର୍ବୋଧ— ହତଜ୍ଞାନ ଅନାଦର 3. Stupid. ଦେ. ବ—ଅବଜ୍ଞା; ଅନାଦର— Disregard.

ହତ ଜ୍ୟୋତିଃ—ଷ. ବହ (ପୁଂ ଓ ସ୍ତ୍ରୀ) (ବହୁବ୍ରୀହି, ହତଜ୍ୟୋତସ୍; ୧ମା. Hata jyotih ୧ବ)—୧ । ଯାହାର ଜ୍ୟୋତି ବା ଆଭା ଲୁପ୍ତ ହୋଇଅଛି—1. Bereft of lustre. ୨ । ଯାହାର ଆଭା ଚାପି ଯାଇଅଛି—2. Dimmed in lustre.

ହତଜ୍ୟୋତିର୍ନିଶଥ—ଷ. ବ (ବହୁବ୍ରୀହି ଓ କର୍ମଧା, ହତଜ୍ୟୋତିଃ+ Hatajyotirnisitha ନିଶିଥ)—୧ । ଚନ୍ଦ୍ରବିହୀନ ଓ ନକ୍ଷତ୍ର- ବିହୀନ ରାତ୍ରି—1. Moonless and starless night. ୨ । ନକ୍ଷତ୍ର ବିରହିତା ରଜନୀ—2. Starless night. ୩ । ଅନ୍ଧକାରମୟୀ ରାତ୍ରି—3. Dark night.

ହତତ୍ୱିଷ୍ (ଷ୍)—ଷଂ. ବହ. ପୁଂ ଓ ସ୍ତ୍ରୀ (ହତ+ତ୍ୱିଷ୍, ବହୁବ୍ରୀହି; ହତତ୍ୱିଷ Hatatwish (ṭ) ୧ମା. ୧ବ)—ଶୋଭା ବା ଜ୍ୟୋତିର୍ବିହୀନ— Shorn of lustre (Apte).

ହତ ତାପ—ଷ. ବହ ପୁଂ (ବହୁବ୍ରୀହି, ହତ+ତାପ)—୧ ।ତାପମୁକ୍ତ— Hata tāpa 1. Freed from heat (M.W). ୨ । ଶୀତଳ ହୃତ—2. Cooled (M.W).

ହତନୀ—ସ୍ତ୍ରୀଦେ. (ଓଡ଼ିଆଲ) (ଭୁଲ. ହି. ହଥନୀ)—ବ. ସ୍ତ୍ରୀ—ହାତୁଣୀ; Hatanī ମାଇହାତୀ—A female elephant.

ହତ ତ୍ରାପ (ବ୍ରୀଡ଼)—ଷ. ବହ. ପୁଂ (ହତ+ତ୍ରପା, ବ୍ରୀଡ଼ା; ବହୁବ୍ରୀହି)— Hata trāpa (brīrda) ନିର୍ଲଜ୍ଜ; ବେହୟା—Shameless; devoid of shame. (ହତତ୍ରପା, ହତବ୍ରୀଡ଼ା—ସ୍ତ୍ରୀ)

ହତ ଦୈବ—ଷ. ବହ. ପୁଂ (ବହୁବ୍ରୀହି; ହତ+ଦୈବ)—ହତଭାଗ୍ୟ; Hata daiba ଦୁର୍ଭାଗ୍ୟ; ଅଭାଗା—Ill-fated; luckless; (ହତଦୈବା—ସ୍ତ୍ରୀ) (Apte).

ହତ ଦ୍ୱିଷ୍—ଷ. ବହ. ପୁଂ ଓ ସ୍ତ୍ରୀ (ବହୁବ୍ରୀହି, ହତ+ଦ୍ୱିଷ୍)—ଯେ ଶତ୍ରୁ Hata dwish କୁ ହତ କରିଅଛି—One who has slain his enemies (M. W.)

ହତ ଧୀ—ଷ.ବହ.ପୁଂ ଓ ସ୍ତ୍ରୀ(ବହୁବ୍ରୀହି,ହତ+ଧୀ)—ହତଚିତ୍ତ (ଦେଖ) Hata dhī Hatachitta (See)

ହତ ଧ୍ୱାନ୍ତ—ଷ. ବହ ପୁଂ (ବହୁବ୍ରୀହି)—ଅନ୍ଧକାର ମୁକ୍ତ— Hata dhwanta Freed from darkness (M.W) (ହତଧ୍ୱାନ୍ତା—ସ୍ତ୍ରୀ)

ହତ ପତି(ପତିକା)—ଷ. ବହ. ସ୍ତ୍ରୀ (ବହୁବ୍ରୀହି, ହତ+ପତି,+କ+ଅ) Hata pati(patikā) ଯେଉଁ ସ୍ତ୍ରୀଙ୍କ ସ୍ୱାମୀ ହତ ହୋଇଅଛନ୍ତି— (a woman) Having her husband slain (M. W)

ହତ ପାଟ—ଦେ. ବ (ପ୍ରାଚୀନ ଓଡ଼ିଆ)—ହୃତ ସ୍ୱଜ୍ୟ (ମାଦଳାପାଞ୍ଜି)— Hatapāṭa Lost kingdom. ଦେ. ବହ—ହୃତରାଜ୍ୟ— ହୃତରାଜ୍ୟ ହତରାଜ୍ୟ Bereft ofone's sovereignty.

ହତ ପିତୃ (ପିତୃକ)—ଷ. ବହ. ପୁଂ (ହତ+ପିତୃ+କ, ବହୁବ୍ରୀହି)— Hata pitṛu(pitṛuka) ଯାହାର ପିତା ହତ ବା ମୃତ ହୋଇ ଅଛନ୍ତି—One whose father has been (ହତପିତୃକା—ସ୍ତ୍ରୀ) slain (M. W).

[ଦ୍ର—ଏହାପର ହତମାତୃ, ହତମାତୃକ, ହତଭ୍ରାତୃ, ହତଭ୍ରାତୃକ ଶବ୍ଦମାନ ଦ୍ରଷ୍ଟବ୍ୟ ।]

Digitized by srujanika@gmail.com

ହତପୁତ୍ର, (ତ୍ର)—ସଂ. ବ୍ରୀ ପୁଂ—(ବହୁବ୍ରୀ.ହି) —ଯାହାର ପୁତ୍ର ହତ ବା Hata puttra (tra) ମୃତ ହୋଇଅଛି—Having one's son killed; having lost one's son. (ହତପୁତ୍ରା (ତ୍ରା)—ସ୍ତ୍ରୀ)

ହତପ୍ରଭ—ସଂ. ବ୍ରୀ ପୁଂ (ହତ+ପ୍ରଭା, ବହୁବ୍ରୀ.ହି)—ପ୍ରଭାହୀନ; ପ୍ରଭା- Hataprabha ରହିତ—Bereft of lustre. (ହତପ୍ରଭା—ସ୍ତ୍ରୀ)

ହତ ପ୍ରଭାବ (ପ୍ରତାପ)—ସଂ. ବ୍ରୀ ପୁଂ (ବହୁବ୍ରୀ.ହି, ହତ+ପ୍ରଭାବ)— Hata prabhāba (pratāpa) ୧ । ଯାହାର ପ୍ରଭାବ ଲୁପ୍ତ ହୋଇଅଛି—1. Bereft of glory or dignity. ୨ । ଯାହାର ଅନ୍ୟ ଜଣରେ କାର୍ଯ୍ୟକାରୀ ଶକ୍ତି ନଷ୍ଟ ହୋଇଅଛି—2. Shorn of one's influence. (ହତପ୍ରଭାବା, ହତପ୍ରତାପା—ସ୍ତ୍ରୀ)

ହତପ୍ରାୟ—ସଂ. ବ୍ରୀ—୧ । ନଷ୍ଟପ୍ରାୟ—1. All but ruined. Hataprāya ୨ । ମୃତପ୍ରାୟ—2. All but dead. ୩ । ମୁମୂର୍ଷୁ—3. Dying; at the point of death. ୪ । ପ୍ରାୟ ହତ—4. Almost killed.

ହତ ବଳ—ସ. ବ୍ରୀ. ପୁଂ (ବହୁବ୍ରୀ.ହି)—୧ । ଯାହାର ଶକ୍ତି ନଷ୍ଟ ହୋଇ Hata bala ଅଛି—1. Having lost one's power. (ହତବଳା—ସ୍ତ୍ରୀ) ୨ । ଯାହାର ସୈନ୍ୟକ୍ଷୟ ହୋଇଅଛି— 2. Having one's forces killed; shorn or deprived of one's army by slaughter.

ହତ ବିକ୍ରମ—ସ. ବ୍ରୀ. ପୁଂ (ବହୁବ୍ରୀ.ହି; ହତ+ବିକ୍ରମ)—ଲୁପ୍ତ ବଳ; Hata bikrama ବଳରହିତ; ପରାକ୍ରମରହିତ— (ହତ ବିକ୍ରମା—ସ୍ତ୍ରୀ) Bereft of strength or prowess.

ହତବିକ୍ରମୋଦ୍ୟମ—ସଂ. ବ୍ରୀ. ପୁଂ (ଦ୍ୱନ୍ଦ୍ୱ; ବହୁବ୍ରୀ.ହି; ହତ+ Hatabikramodyama ବିକ୍ରମୋଦ୍ୟମ)—ବଳ ଓ ହତବିକ୍ରମୋଦ୍ୟମା ଉଦ୍ୟମରହିତ—Bereft of ହତବିକ୍ରମୋଦ୍‌ଯୋଗା } ସ୍ତ୍ରୀ— strength and energy. (ହତବିକ୍ରମୋଦ୍‌ଯୋଗ—ଅନ୍ୟରୂପ) (M. W).

ହତ ବିଧି—ସଂ. ବ୍ରୀ. ପୁଂ ଓ ସ୍ତ୍ରୀ (ବହୁବ୍ରୀ.ହି, ହତ+ବିଧି)—ଦୁର୍ଭାଗ୍ୟ; Hata bidhi ଭାଗ୍ୟହୀନ—Ill-fated; ill-starred (M. W).

ହତ ବିନୟ—ସ. ବ୍ରୀ. ପୁଂ (ବହୁବ୍ରୀ.ହି; ହତ+ବିନୟ)—ଯାହାର ବିନୟ Hata binaya ଲୁପ୍ତ ହୋଇଅଛି—Lost to a sense (ହତ ବିନୟା—ସ୍ତ୍ରୀ) of propriety; dead to a sense of politeness.

ହତ ବୀର୍ଯ୍ୟ—ସ. ବ୍ରୀ. ପୁଂ (ବହୁବ୍ରୀ.ହି; ହତ+ବୀର୍ଯ୍ୟ)—ଶକ୍ତିହୀନ— Hata bīrjya (ହତବୀର୍ଯ୍ୟା—ସ୍ତ୍ରୀ) Impotent.

ହତ ବୁଦ୍ଧି—ସ. ବ୍ରୀ. ପୁଂ ଓ ସ୍ତ୍ରୀ (ବହୁବ୍ରୀ.ହି)—୧। ବିଚଳିତବ୍ୟବସ୍ଥ- Hata buddhi 1. Bewildered ୨ । ନିର୍ବୋଧ- 2. Foolish; silly. ୩ । ମୂର୍ଖ—3. Stupid; ignorant. ୪ । ଯାହାର ପୂର୍ବେ ବୁଦ୍ଧି ଥିଲା, ବର୍ତ୍ତମାନ ବୁଦ୍ଧିଲୋପ ପାଇଅଛି—4. Recently shorn of one's intelligence.

ହତ ବୃତ୍ତ—ସଂ. ବ୍ରୀ (ହତ+ବୃତ୍ତ; ବହୁବ୍ରୀ.ହି)—ଛନ୍ଦୋଜ୍ଞାନ— Hata brutta Defective in metre (M. W).

ହତ ବେଗ—ସଂ. ବ୍ରୀ. ପୁଂ (ହତ+ବେଗ; ବହୁବ୍ରୀ.ହି)—ଯାହାର Hata bega ବେଗ ପ୍ରତିହତ ହୋଇଅଛି—Whose (ହତବେଗା—ସ୍ତ୍ରୀ) impetusority force has been impeded (M. W)

ହତଭମ୍ବ(ମ୍ବ, ମ୍ବା)—ବି. ବ୍ରୀ (ସଂ. ହତ ପ୍ରତିବ)—ବିଚଳିତବ୍ୟବସ୍ଥ— Hatabhamba(nwa, swa) Bewildered. ହତଭମ୍ବ ହତବୁଦ୍ଧି

ହତଭାଗ—ସଂ. ବ୍ରୀ. ପୁଂ [ବହୁବ୍ରୀ.ହି; ହତ+ଭାଗ] - ହତଭାଗ୍ୟ,ଅଭାଗା- Hatabhāga Unfortunate; unlucky (Apte). (ହତଭାଗା—ସ୍ତ୍ରୀ)

ହତଭାଗା—ବି. ବ୍ରୀ. ପୁଂ (ସଂ. ହତଭାଗ୍ୟ)—ହତଭାଗ୍ୟ (ବେଶ)— Hatabhāgā Hata bhāgya (See) ହତଭାଗା ହତଭାଗ୍ୟ ସ. ବ୍ରୀ. ସ୍ତ୍ରୀ—ହତଭାଗର (ହତଭାଗିମା—ସ୍ତ୍ରୀ) ସ୍ତ୍ରୀଲିଙ୍ଗ—Feminine of Hatabhāga.

ହତଭାଗୀ—ବି. ବ୍ରୀ. ପୁଂ ଓ ସ୍ତ୍ରୀ (ସ. ହତଭାଗ୍ୟ)—ଅଭାଗା; ହତଭାଗ୍ୟ Hatabhāgi ଯାହାକପାଳଅ—Unfortunate; unlucky. ହତଭାଗା ହତଭାଗୀ

ହତ ଭାଗ୍ୟ—ସଂ. ବ୍ରୀ. ପୁଂ (ବହୁବ୍ରୀ.ହି ହତ+ଭାଗ୍ୟ)—ଭାଗ୍ୟହୀନ; Hata bhāgya ଯାହାର ଭାଗ୍ୟ ମନ୍ଦ; ମନ୍ଦଭାଗ୍ୟ; ଅଭାଗା— [ହତଭାଗ୍ୟା—ସ୍ତ୍ରୀ] Unfortunate; ill-fated; unlucky. ବ (କର୍ମଧା)—ମନ୍ଦଭାଗ୍ୟ; ଦୁର୍ଦ୍ଦୈବ—Bad luck; misfortune.

ହତମାନ—ସଂ ବ୍ରୀ. ପୁଂ (ବହୁବ୍ରୀ.ହି)—୧ । ଯାହାର ସମ୍ମାନ ନଷ୍ଟ Hata māna ହୋଇଅଛି; ଅପମାନିତ—1. Dis- (ହତମାନା—ସ୍ତ୍ରୀ) honoured. ୨ । ଅବଜ୍ଞାତ— 2. Disregarded; treated with disrespect. (ଦ୍ର—ଜଘନ୍ୟ ହସ୍ତୀ ଅଥବା ବ ହତମାନ—ନଉଚ୍ଚଶୋର ଜର୍ଜରିତା ।) ୩ । ଗର୍ବଶୂନ୍ୟ; ନିର୍ଗର୍ବିତ— 3. Free from pride or arrogance (M. W).

ହତ ମାନସ—ସଂ. ବ୍ରୀ. ପୁଂ [ବହୁବ୍ରୀ.ହି; ହତ+ମାନସ]—ହତଚିତ୍ତ Hata mānasa [ଦେଖ]—Hatachitta (See) [M.W.]. [ହତମାନସା—ସ୍ତ୍ରୀ]

ହତ ମାନ୍ୟ—ବି. ବ୍ରୀ.ପୁଂ ଓ ସ୍ତ୍ରୀ (ସ.ହତମାନ)—୧ । ଅବମାନିତ— Hata mānya 1 Dishonoured. ୨ । ଅପମାନ ପ୍ରାପ୍ତ— ଅପମାନିତ ଅପମାନିତ 2. Slighted. ବ—ଅପମାନ— ଅପମାନ ଅପମାନ Dishonour; disrespect.

ହତ ମୂର୍ଖ—ସ. ବ୍ରୀ—ଅତି ମୂର୍ଖ; ଗଳ ମୂର୍ଖ Very illiterate; Hata mūrkha ବ. ପୁଂ—ଗଳ ମୂର୍ଖ ବ୍ୟକ୍ତି—A dolt; a (ହତ ମୂର୍ଖା—ସ୍ତ୍ରୀ) blockhead (Apte).

ହତମ୍ବମ୍ବ(ମ୍ବ, ମ୍ବା)— ବି. ବ୍ରୀ. (ସ. ହତ ପ୍ରତିବ ବା ହତ ପ୍ରତିବ)— Hatambhamba(nwa, swa) ହତ ବୁଦ୍ଧି; ବିଚଳିତବ୍ୟ-

Digitized by srujanika@gmail.com

ହତଭସ୍ମ ହତବୁଦ୍ଧି ଭମ୍ପଡ଼—Bewildered. ଦ୍ର—ଏହାର ମୂଳ ସଂସ୍କୃତ ଶବ୍ଦ ମିଳୁ ନାହିଁ; ଅଧୁନିକ ବଙ୍ଗୀୟ ଲେଖକମାନେ ବହୁଶଃ ଏ ସମୟ ଓ ହତଭମ୍ବ ଅଥ ଶବ୍ଦ ବ୍ୟବହାର କରୁଅଛନ୍ତି ଓ ତାଙ୍କ ଦେଖାଦେଖି ଓଡ଼ିଅ ସାହିତ୍ୟରେ ଏ ଶବ୍ଦମାନ ଚଳଣିରେ ।]

ହତ ଯୁଦ୍ଧ—ସଂ.ବଣ. ପୁଂ—(ବହୁବ୍ରୀହି; ହତ+ଯୁଦ୍ଧ)—ଯୁଦ୍ଧ କରିବାର
Hata juddha ପ୍ରବୃତ୍ତି ରହିତ—Destitute of martial
(ହତଯୁଦ୍ଧା—ସ୍ତ୍ରୀ) spirit.

ହତ ରଥ—ସଂ. ବ—(କର୍ମଧା)—ଯେଉଁ ରଥର ସାରଥି ଓ ରଥବାହୀ
Hatartha ଅଶ୍ୱାଦି ହତ ହୋଇ ଅଛନ୍ତି—A chariot of
which the horses and the charioteer are
slain (Apte.

ହତ ଲକ୍ଷଣ—ସଂ.ବଣ. ପୁଂ (ବହୁବ୍ରୀହି; ହତ+ଲକ୍ଷଣ)—
Hata lakshaṇa ୧ । ଶୁଭଲକ୍ଷଣ ରହିତ—1. Devoid
(ହତଲକ୍ଷଣା—ସ୍ତ୍ରୀ) of auspicious marks (Apte)
୨ । ଦୁର୍ଭାଗ୍ୟ—2. Ill fated (Apte)

ହତଲକ୍ଷ୍ମା—ଦେ. ବଣ ପୁଂ (ସଂ. ହତଲକ୍ଷ୍ମୀକ)—୧ । ହତଲକ୍ଷ୍ମୀକ—
Hatalakshmā (ଦେଶ)—Hatalakshmika (See)
ହତଲକ୍ଷ୍ମୀ ହତଲକ୍ଷ୍ମା ୨ । ହତଭାଗ୍ୟ (ଦେଶ)—
2 Hatabhāgya (See)

ହତଲକ୍ଷ୍ମୀକ—ସଂ. ବଣ. ପୁଂ (ହତ+ଲକ୍ଷ୍ମୀ+କ)—ହତଶ୍ରୀ (ଦେଶ)—
Hatalakshmīka Hataśrī (See)
(ହତଲକ୍ଷ୍ମୀକା—ସ୍ତ୍ରୀ)

ହତ ଶକ୍ତି—ସଂ. ବଣ ପୁଂ ଓ ସ୍ତ୍ରୀ—(ବହୁବ୍ରୀହି; ହତ+ଶକ୍ତି)—ଯାହାର
Hataśakti ଶକ୍ତି ବା କ୍ଷମତା ନଷ୍ଟ ହୋଇଅଛି—Shorn of
one's petency

ହତଶା—ଦେ. ବ—ହତଶ୍ରା (ଦେଶ)—
Hataśā ହାତଲ ହାଥରା Hat-śā (See)

ହତଶିସ୍—ଦେ. ବଣ (ସଂ. ହତଶ୍ରୀ)—୧ । ହତଶ୍ରୀ (ଦେଶ)—
Hata śirī 1. Hatasrī (See) [ଉ—ସକଳ ବିଷୟ
ହତଶ୍ରୀ ହତଶ୍ରିତ, ଚଳ ଅଚଳ ବନଗିରି—ଜଗନ୍ନାଥ. ଭାଗବତ]
ହତସିରା ୨ । ଲକ୍ଷ୍ମୀହୀନ—2. Shorn of prosperity.
[ଉ—ଝଗଡ଼ା ଏକତା ନାଶକାସ୍ତ, ଝାଡ଼ିଁଲାଇ ଦବ ଶତ୍ରୁ
କରେ ହତଶିର: ଲେ କୋଇଲ—ବାଲକୃଷ୍ଣ. ଅକାଳ
ତୋଇଲ] ୩ । ଅଶ୍ରୀ ଅସୁନ୍ଦର; କୁତ୍ସିତ—3. Ugly.
[ଉ—ହତଶିସ ଘରକୁ ଯଦ୍ୟପି କୁଶିଆ କି ଯୋଗେ
ମିଳଇ ଥସି—ଭଗ]
୧ । ଲକ୍ଷ୍ମୀହୀନତା, ଦାରିଦ୍ର୍ୟ—1. Poverty
୨ । ଶୋଭାହୀନତା—2. Gracelessness; ugliness.
[ଉ—ଦଣ୍ଡକେଶିର, ଦଣ୍ଡକେ ହତଶିସ—ଭଗ]

ହତଶିଷ୍ଟ—ସ. ବଣ. ପୁଂ—(ହତ+ଶିଷ୍ଟ ଜ୍ଞା ଭୂତ ବାଚ୍ୟ)—ହତବ୍ୟକ୍ତି-
Hataśishṭa ମାନଙ୍କ ବାଦରୁ ଜୀଅନ୍ତା ରହିଥିବା—Left or
remaining out of the slain; left
(ହତାବଶିଷ୍ଟ—ଅନ୍ୟରୂପ) surviving (M. W)

ହତଶିଷ୍ଟ ଜନ—ସ.ବ.ପୁଂ ଓ ସ୍ତ୍ରୀ—ଅହତମାନଙ୍କ ମଧ୍ୟରୁ ଜୀଅନ୍ତା ରହିଥିବା
Hataśisṭa jana ବ୍ୟକ୍ତି—A survivor of the slain.
(M. W

ହତଶେଷ—ସଂ. ବଣ ପୁଂ (ୟୀ ବା ୬ଷ୍ଠୀ ତତ୍ପୁ, ହତ+ଶେଷ)—
Hataśesh ହତଶିଷ୍ଟ (ଦେଶ)—Hataśishṭa (See)
(ହତଶେଷା—ସ୍ତ୍ରୀ) (M. W.)

ହତଶ୍ୱାସ—ସ. ବଣ ପୁଂ (ବହୁବ୍ରୀହି)—୧ । ରୁଦ୍ଧଶ୍ୱାସ; ବେଦନା; ଯାହାର
Hata śwāsa ଶ୍ୱାସ ରୁଦ୍ଧ ହୋଇଅଛି—Out of breath;
(ହତଶ୍ୱାସ—ସ୍ତ୍ରୀ) breathless.

ହତଶ୍ରଦ୍ଧ—ସ. ବଣ ପୁଂ (ବହୁବ୍ରୀହି; ହତ+ଶ୍ରଦ୍ଧା+ଅ)—ଯାହାର ମନରୁ ଅନ୍ୟବସ୍ତୁ ବା ବିଷୟ ପ୍ରତି
Hataśraddha ଥୋଷିତ ଶ୍ରଦ୍ଧା ଲୁପ୍ତ ହୋଇଅଛି—Having lost
one's affection or attachment to anything
(ହତଶ୍ରଦ୍ଧା—ସ୍ତ୍ରୀ) or person.

ହତଶ୍ରଦ୍ଧା—ସ. ବ (କର୍ମଧା)—ଅନାଦର; ଅବଜ୍ଞା; ଅସମ୍ମାନ—Disres-
Hataśradhā pect; dishonour; disregard.
ସଂ. ବଣ. ସ୍ତ୍ରୀ—ହତଶ୍ରଦ୍ଧର ସ୍ତ୍ରୀ ଲିଙ୍ଗ—Feminine of
Hataśraddha.

ହତଶ୍ରୀ—ସ. ବଣ. ପୁଂ ଓ ସ୍ତ୍ରୀ (ହତ+ଶ୍ରୀ; ବହୁବ୍ରୀହି)—୧ । ନଷ୍ଟଶ୍ରୀ;
Hataśrī ଶ୍ରୀହୀନ; ଶୋଭାହୀନ—1. Bereft of grace. ୨ ।
ଅତି ଅସୁନ୍ଦର—2. Very ugly. ୩ । ଲକ୍ଷ୍ମୀହୀନ; ଅତି
ଗରିବ—3. Very poor; bereft of riches; in-
digent. ୪ । ଯେ ଲକ୍ଷ୍ମୀବନ୍ତ ଥିଲା, ବର୍ତ୍ତମାନ ଲକ୍ଷ୍ମୀହୀନ
ହୋଇଅଛି—4. Reduced to penury.

ହତଶ୍ରୀକ—ସ. ବଣ. ପୁଂ (ବହୁବ୍ରୀହି; ହତ+ଶ୍ରୀ+କ)—ହତଶ୍ରୀ (ଦେଶ)
Hataśrīka Hata śrī (See)
[ହତଶ୍ରୀକା—ସ୍ତ୍ରୀ]

ହତସଂଜ୍ଞ—ସ. ବଣ. ପୁଂ (ହତ+ସଂଜ୍ଞ; ବହୁବ୍ରୀହି)—ହତଚେତନ
Hatosaṁjñya (ଦେଶ)—Hata chetana (See)
[ହତସଜ୍ଞା—ସ୍ତ୍ରୀ]

ହତ ସମ୍ପଦ—ସ. ବଣ. ପୁଂ (ବହୁବ୍ରୀହି; ହତ+ସମ୍ପଦ୍+ଅ)—ହତଶ୍ରୀ
Hata sampada (ଦେଶ) (M. W)—Hataśrī (See)
[ହତସମ୍ପଦା—ସ୍ତ୍ରୀ]

ହତ ସମ୍ପଦ—ସ. ବଣ. ପୁଂ (ବହୁବ୍ରୀହି; ହତ+ସମ୍ପଦ)—ଯାହାର ଆନନ୍ଦ
Hata sampada ଧ୍ୱସ୍ତ ହୋଇଅଛି—Whose pleasures
[ହତସମ୍ପଦା—ସ୍ତ୍ରୀ] are destroyed or marred (M. W).

ହତ ସର୍ବଯୋଧ—ସ. ବଣ. ପୁଂ (ବହୁବ୍ରୀହି; ହତ+ସର୍ବଯୋଧ)—
Hata sarbajodha ଯାହାଙ୍କର ସବୁ ଯୋଦ୍ଧାଯାକ ହତ ହୋଇ-
ଅଛନ୍ତି—Having all the warriors slain
(M. W)

ହତ ସର୍ବସ୍ୱ—ସ. ବଣ. ପୁଂ (ବହୁବ୍ରୀହି)—ଯାହାର ସର୍ବସ୍ୱ ନଷ୍ଟ ହୋଇ
Hata sarbaswa ଅଛି—Having all the property
[ହତସର୍ବସ୍ୱା—ସ୍ତ୍ରୀ] ruined or gone; shorn or bereft of
all possessions.

Digitized by srujanika@gmail.com

ହତସା—ଦେ. ବ—ହତ୍‌ଶା (ଦେଶ)
Hatasā Hat-śā (See)

ହତ ସାଧ୍ୱସ—ଫ. ବଣ. ପୁଂ (ବହୁବ୍ରୀ.ହି; ହତ+ସାଧ୍ୱସ)—ଉତ୍ସୃଷ୍ଟ—
Hata sādhwasa Freed from fear (M. W).
[ହତସାଧ୍ୱସା—ସ୍ତ୍ରୀ]

ହତ ସାରଥି (ସୂତ)—ଯେଉଁ ଯୋଦ୍ଧ । ର ରଥର ସାରଥି ଯୁଦ୍ଧରେ ହତ
Hata sārathi (sūta) ହୋଇଥିବ —Having one's charioteer slain in battle.

ହତସ୍ତ୍ରୀକ—ଫ. ବଣ. ପୁଂ (ବହୁବ୍ରୀ.ହି; ହତ+ସ୍ତ୍ରୀ+କ)—ନାସ୍ତ୍ରୀଘାତକ;
Hatastrīka ସ୍ତ୍ରୀହତ୍ୟାକାରୀ—One who has murdered a woman or one's wife (M. W).

ହତସ୍ୱ—ଦେ. ବଣ (ଫ. ହତ ସର୍ବସ୍ୱ)—ହତ ସର୍ବସ୍ୱ (ଦେଶ)
Hataswa Hata sarbaswa (See)
ହତସର୍ବସ୍ୱ ହତସ୍ୱ

ହତ ସ୍ୱର—ଫ. ବଣ. ପୁଂ [ବହୁବ୍ରୀ.ହି; ହତ+ସ୍ୱର]—ସାନ୍ତାର ଗଳା ଯଉ
Hata swara ଯାଇଥିବା—One who has lost his [ହତସ୍ୱର—ସ୍ତ୍ରୀ] voice; hoarse (M. W)

ହତସ୍ୱସୃ—ଫ, ବଣ [ବହୁବ୍ରୀ.ହି; ହତ+ସ୍ୱସୃ]—ସାନ୍ତାର ଭଉଣୀ ନଉତା
Hata swasṛu ହୋଇଥିବା—One who has his sister slain (M. W.)

ହତସ୍ୱାମିକ—ଫ. ବଣ. ପୁଂ [ବହୁବ୍ରୀ.ହି; ହତ+ସ୍ୱାମିନ୍+କ; ହତ+
Hataswāmika ସ୍ୱାମିନ୍]—ସାନ୍ତାର ପ୍ରଭୁ ହତ ହୋଇଥିବା—
[ହତସ୍ୱାମିକା—ସ୍ତ୍ରୀ] Having lost the master.

ହତ ସ୍ୱାମିକା—ଫ. ବଣ. ସ୍ତ୍ରୀ—୧ । ସାନ୍ତାର ଭର୍ତ୍ତା ହତ ହୋଇଥିବା—
Hata swāmikā 1. Having her husband slain. ୨ । ବିଧବା—2. Widow. ୩ । ହତସ୍ୱାମିକର ସ୍ତ୍ରୀଲିଙ୍ଗ—
3. Feminine of Hata swāmika.

ହତ ସ୍ମର—ଫ. ବ (ବହୁବ୍ରୀ.ହି; ହତ ହୋଇଥିବା ସ୍ମର=ମଦନ ସାନ୍ତାକ
Hata smara ଦ୍ୱାରା)—ମହାଦେବ; ଶିବ—Siba; the slayer of Cupid.

ହତ ହୃଦୟ—ଫ. ବ (କର୍ମଧା)—ଦୈବଗ୍ରସ୍ତ ଦୁଃଖି ମନ—Broken
Hata hṛudaya heart (M. W). ଫ. ବଣ. ପୁଂ—ଦୈବଗ୍ରସ୍ତ-
[ହତହୃଦୟା—ସ୍ତ୍ରୀ. ବଣ] ଦୁଃଖି; ନିରାଶ—Broken hearted; desperate.

ହତା—ଦେ. ବ [ସ. ହସ୍ତକ]—୧ । [ହାତର ସାମୁଲଘର ଅକାର
Hatā ବିଶିଷ୍ଟ ଥିବାରୁ]—କରଚୁଲି—1. A big wooden
ହାତା କରଚୁଲି spoon. ୨ । ଦର୍ବୀ; ଚଟୁ—2. Ladle. ୩ ।
ଧନୁରମୁଠା ଧନୁର ମୁଠା; ଧନୁର ଯେଉଁ ଅଂଶକୁ ମୁଠାଇ ଧରାଯାଏ
ମୁଠା ତାହା—3. Handle of a bow; the part of a bow which is held with the fisted palm. ୪ । ଧନୁର ଦୁଇକୋଣ; ଧନୁର ମଧ୍ୟଭାଗକୁ ଦୁଇ ପଟକୁ
ବାଙ୍କାଇଥିବା ବକ୍ର ଅଂଶ—4. The arms of bow.
[ତୁ—କୃପଙ୍କ ଧନୁଦ୍ଭତା ଦୁହିଁକି ଦେଲେ ଛେଦ—ଶାରଳା.

ସମ୍ଭାବାରତ] ୫ । କରତଳ ବା ଅଞ୍ଜଳି ଦ୍ୱାରା ଏକା
ଅଁଜଳା ଥରକେ ଯେତେ ପଦାର୍ଥ (ଯଥା—ଅନ୍ନ, ଛଣ)
ଅଂଜୁଳ ସମ୍ଭାବେ—5. A handful (of any thing) ୬ ।
ଅଞ୍ଜୁଳି—6. Joined palms of the two hands.
ହାତଳ ୭ । ହାତଦ୍ୱାରା ସହଜ ମତେ ଧରି ନ ଯାଇପାରୁଥିବା ବସ୍ତୁକୁ
ହତ୍‌ଥା ହାତରେ ଧରିବାପାଇଁ ଯେଉଁ ବେତ ବା ମୁଦଅ ଲଗା
ଯାଇଥାଏ—7. The handle attached to any cumbrous or inconvenient thing. ୮ । (ଅ. ହତ୍ତା) କୌଣସି ଘରର ଚାରିପାଖେ ବେଷ୍ଟିତ ଥିବା ଫଲଟ ବା
ବେଷ୍ଟିତ ସ୍ଥାନ—8. A compound or enclosed space surrounding a house. ୯ । ଘରବାଡ଼;
ହାତା ବାସ୍ତୁ—9. Homestead; a house and its
ହତ୍ତା, ଆହତା precincts. ୧୦ । ଘର ଓ ତତ୍ସଲଗ୍ନ ଭୂମିର ଚାରି
ପାଖେ ଘେରିଥିବା ପାଚେରି—10. Compound wall.
ହାତା ପ୍ରାନ୍ତ ୧୧ । ଶାସନୀୟ ପ୍ରଦେଶ ବା ଶାସନ ଉଦ୍ଦେଶର ସୀମା
—(ଯଥା, ବଙ୍ଗଳା ହତା)—11. The jurisdiction or limit of an administrative Province. ୧୧ । କୌଣସି ପ୍ରଦେଶ—11 Any Province. ସଂ. ବଣ—ସ୍ତ୍ରୀ—(ହତ+ଅ)—
୧ । ହତର ସ୍ତ୍ରୀଲିଙ୍ଗ—1. Feminine of Hata.
୨ । ବ୍ୟଭଚାରିଣୀ (ହ. ଣ)—2. Adulterous (woman). ଦେ. ବଣ (ସଂ. ହସ୍ତ)—୧ । ଏକ
କରତଳ ବା ଅଞ୍ଜଳି ପରିମିତ—1. A handful
ଅଁଜଳା or palmful of (anything). ୨ । (ଅନ୍ୟ
ଅଂଜୁଳ ଶବ୍ଦ ସଙ୍ଗେ ଯୁକ୍ତ ହୁଏ, ଯଥା—ଚାଣ୍ଡହତା, ବଣ୍ଡିହତା) ହସ୍ତ
ହସ୍ତା ହଥା ବିଶିଷ୍ଟ—2. (used as compound after other words)—handed. ୩ । (ଅନ୍ୟ ସଂଖ୍ୟାବାଚକ
(ହତ, ହତେଇ—ସ୍ତ୍ରୀ) ଶବ୍ଦ ସଙ୍ଗେ ଯୁକ୍ତ) ଏତେ ହାତ ଲମ୍ବବିଶିଷ୍ଟ
ହାତ ହଥା (ଯଥା—ପଞ୍ଚହତା ମର୍ଦ୍ଦ)—3. Long by (so many) cubits. ଗାଦେ (ଖଡ଼ଅଳ) ବ—ଖେତର
କଅଁଳମାନଙ୍କୁ ପାଣିଯିବା ପାଇଁ ପାଣି ଯିବାର ରାସ୍ତା—water channel or passage for taking water to the fields (for irrigation puposes)

ହତା(ତେ)ଇବା—ଦେ. କି—ହାତଦ୍ୱାରା କୌଣସି ବସ୍ତୁକୁ ଧରିବା—
Hatā(te)ibā To handle anything.
ହାତାନ ହଥୋରନା

ହତା ଉଠା(ଠେ)ଇବା (ବୁଲା[ଲେ]ଇବା)—ଦେ. କି—ଗୃହ ଓ ତତ୍
Hatā uṭhā(ṭhe)ibā (bulā[le]ibā) ସଂଲଗ୍ନ ଜମିର
(ହତା ଘେରା [ରେ] ଇବା—ଅନ୍ୟତ୍ର ଗୃହଅଡ଼େ ଘରଛଡ
ପାଁଚୀର ଘେରାନ ଘେରାଇବା—To raise a compound
ହତ୍ତା ଉଠାନା wall round a house and its grounds.

ହତାଏ—ଦେ. ବଣ—୧ । ଏତଦ୍ଦଣ୍ଡ ବା କରତଳ ପରିମିତ—1. One
Hatāe ladleful of (anything) ୨ । ଏକ ଅଞ୍ଜୁଳି

Digitized by srujanika@gmail.com

(ହତାଏକ—ଅନ୍ୟରୂପ) ଦୁଇମିତ—2. One double handful of (anything) ୩। ଏକ କରତଳ ଦୁଇମିତ—3. One handful of. [ଉ—ଚାହାଣ ଯାଖରୁ ଉଚ୍ଚ ହତାଏକ ଖାଇ, ବାମ କରେ ପିଠା ଖାଇ ସାଉ ଯେ ଖେଯଇ—ସାରଳା. ମହାଭାରତ ଆଦିପର୍ବ ।]

ହତାଦର—ସଂ. ବଣ—(ହତ+ଅଦର; ବହୁବ୍ରୀହି)—୧ । ଅବଜ୍ଞାତ; Hatādara ଅପମାନିତ; ଅନାଦୃତ; ଉପେକ୍ଷିତ—1. Dishonoured; slighted; insulted. [ଉ—ହତାଦର ନୋହୁ ଦେଶ ତଜ, ଦାତବାନ୍ଧ ନ ଦହନ୍ତୁ ଶିଳତି ସମାଜ—ବାଳକୃଷ୍ଣ ଅକାଳ ବୋଇଲ ।] ସଂ.ତ. (କର୍ମଧା)—୧ । ଅଦରର ଅଭାବ—1. Want of respect. ୨। ଅସମ୍ମାନ ଅନାଦର—2. Disregard. ୩। ତିରସ୍କାର—3. Slight. ୪। ଅପମାନ—4. Dishonour; insult. ତେ. ବ—ଅଚ୍ଚୁ—Want of care. [ଉ—ପିଲଝା ମାମୁଁଘରେ ଗୁର ହତାଦର ଖାଇଲ—ପଙ୍କାରମୋହନ ।]

ହତାଧ୍ୱର—ସଂ. ବ. ସୁଂ—(ବହୁବ୍ରୀହି; ହତ=ନଷ୍ଟ ତୋଇଅଛ ଅଧ୍ୱର Hatādhwara =(ଦକ୍ଷ)ଯଜ୍ଞ ଯାହାଙ୍କଦ୍ୱାରା)— (ଦକ୍ଷଯଜ୍ଞ ବିନାଶକ) ମହାଦେବ; ଶିବ—Śiba (the destroyer of Daksha's sacrifice)

ହତା ପର୍‌ଚ୍ଛତ୍‌ତି) [ପାଚି (ଚେ)ରି]—ତେ. ବ—ଘରର ଗୁପ୍ତଖାଗେ Hatā parchhit(ti) pāchi(che)ri ବୁଲିଥିବା ଅଳ୍ପ ଉଚ୍ଚ ହାତା ଚାରିଦିକେର ତୋଳ କାନ୍ଥ—Compound wall or parapet.

ହତାପାର (ରି)—ତେ. ବ—୧ । ଗୃହର ସୀମାରୁ ବାହାର ଯିବା—1. Hatā pār(ri) Going out of the limits of a house and its grounds ୨ । ହତା ବାହାର ତେଖ—2 Hatā bāhāra (See) ବଣ —ହତା ବାହାର ତେଖ—Hatā bāhāra (See)

ହତା ବାହାର—ତେ.ବ—ଗୃହର ଓ ବାସ୍ତୁର ଉଚ୍ଚୁଃସୀମାରୁ ବହିଷ୍କରଣ—Hatā bāhār Driving away a person from the precincts of a house. ବଣ—ଗୃହର ଉଚ୍ଚୁଃସୀମାରୁ ବହିଷ୍କୃତ—Driven away from a house and its precincts.

ହତ ବୁଲା(ଲେ)ଇବା—ତେ. କ୍ରି—ହତା ଉଠାଇବା (ତେଖ) Hatā bulā(le)ibā Hatā uṭhāibā (See)

ହତାଭ—ସ. ବଣ. ସୁଂ (ହତ+ଆଭ; ବହୁବ୍ରୀହି; ହତ ତୋଇଅଛ ଆଭା ଯାହାର)—ହତପ୍ରଭ (ତେଖ)—Hata prabha (See) [ହତାଭା—ସ୍ତ୍ରୀ]

ହତା ମଡ଼ା(ଡ଼େ)ଇବା—ତେ କ୍ରି—୧ । କୌଣସି ବ୍ୟକ୍ତିକୁ ଗୃହର Hatā mardā(rde)ibā ହତା ମଧ୍ୟକୁ ବା ସୀମା ମଧ୍ୟକୁ ଆସିବାକୁ ହାତାୟ ଆସିତେ ଦେଓୟା ଅନୁମତି ଦେବା—1. To let a person enter the precincts or premises of a house. ୨ । ସଲଗ୍ନ ଜମିକୁ ଅଧିକାର କର ହତାକୁ ବଢ଼ାଇବା ବା ଅଧିକ କରିବା—2. To erect a compound wall so as to encroach on or occupy the adjoining land.

ହତା ମନା—ତେ. ବ—ଘରର ଚତୁଃସୀମାକୁ ପଶିବାକୁ କୌଣସି Hatā manā ବ୍ୟକ୍ତିକୁ କରିବା ନିଷେଧ—Ordering a हत्ता माना person not to enter the precincts and premises of a house.

ହତା ମାଡ଼ିବା –ତେ, କ୍ରି—କୌଣସି ବ୍ୟକ୍ତିଙ୍କ ଗୃହର Hatā mārdibā ଚତୁଃସୀମାରେ ପଦକ୍ଷେପଣ କରିବା—To step into हत्तामें आना the precincts of the house of a person.

ହତାମ୍ବ[ନ୍ବ,ଶ୍ୱ]—ତେ. ବଣ—ହତାରମ୍ଭ (ତେଖ) Hatāmbhamba(nwa,śwa) Hatabhamba (See)

ହତାର—ପ୍ରାତେ (ସିଂହଭୂମି) ବ—ଥାର (ତେଖ) Hatāra Athāra (See)

ହତାଲା –ପ୍ରାତେ (ଖଡ଼ିଆଳ) ବଣ—ଏକ ହାତରେ ଯେତେ ପରିମାଣରେ Hatālā ଧରି ହୁଏ—A handful or palmful of. ବ—ଏକ ହାତର କରତଳରେ ଧରି ହେବା ବସ୍ତୁର ପରିମାଣ—A handful.

ହତାଶ—ସ. ବଣ. ସୁଂ (ହତ+ଆଶା+ଅ; ବହୁବ୍ରୀହି; ହତ=ଲୁପ୍ତ Hatāśa ତୋଇଅଛ ଆଶା ଯାହାର)—୧ । ନିରୁପ୍ତ—[ହତାଶା—ସ୍ତ୍ରୀ] 1. Hopeless. ୨ । ଯାହାର ଆଶା ନଷ୍ଟ ତୋଇଅଛି—2. Having one's hopes blighted; desperate. ୩ । ଭଗ୍ନୋଦ୍ୟମ—3. Disappointed. ୪। ନିଷ୍ଫଳ—4. Fruitless. ୫ । ବନ୍ଧ୍ୟ (ଗର୍ଭ ରହିବାରୁ)—5. Barren. ୬ । ଅବସନ୍ନ—6. Pulled down; dejected. ୭ । ନିଷ୍ଠୁର; ନିଷ୍ଠୁର; ନିର୍ଦ୍ଦୟ (ମେଦନୀ)—7. Cruel; merciless. ୮ । ଦୁଷ୍ଟ —8. Wicked. ୯ । ଦୁର୍ବଳ—9. Weak.

ହତାଶିଆ[ୟା]—ତେ, ବଣ. ସୁଂ ଓ ସ୍ତ୍ରୀ (ସ. ହତାଶ)—ହତାଶ; ଯାହାର Hatāśiā[yā] ଆଶା ନଷ୍ଟ ତୋଇଅଛି—Desperate; disहତାଶ हतासिया appointed.

ହତାଶିବା—ପ୍ରାତେ. (ଖଡ଼ିଆଳ) କ୍ରି—ହତାଶ କରିବା; ନିରୁପ୍ତ Hatāśibā କରିବା—To disappoint; to cause disappointment.

ହତାଶ୍ୱ—ସ. ବଣ. ସୁଂ (ବହୁବ୍ରୀହି)—ଯେଉଁ ରଥୀଙ୍କର ବା ଆରୋହୀଙ୍କର [ହତାଶ୍ୱା—ସ୍ତ୍ରୀ] ଅଶ୍ୱ (ଯୁଦ୍ଧାଦିରେ) ହତ ତୋଇଅଛି—Having the horse (which a person was riding or driving) slain.

ହତାଶ୍ୱାସ—ସ. ବଣ (ବହୁବ୍ରୀହି; ହତ ତୋଇଅଛି ଆଶ୍ୱାସ ଯାହାର)—Hatāśwāsa ହତାଶ (ତେଖ)—Hatāśa (See) ବ—

Digitized by srujanika@gmail.com

(ଚର୍ମଧା)—ନୈରାଶ୍ୟ—Desperation; disappointment; hopelessness.

ହତାସ୍ମି—ସ. ଅ (ସ୍ତ୍ରୀଙ୍କ ବ୍ୟବହୃତ ଶବ୍ଦ)—ହତୋସ୍ମି (ଦେଖ)
Hatāsmi Hatosmi (See)

ହତାହତ—ସ. ବଣ—ହତ [ବ୍ୟକ୍ତି] ଓ ଆହତ [ବ୍ୟକ୍ତି]—ମାରତ ଓ
Hatāhata ଆଘାତପ୍ରାପ୍ତ [ବ୍ୟକ୍ତିଗଣ]—Killed and wounded [persons]. ସ. ବ—ମାରତ ଓ ଆଘାତ
ପ୍ରାପ୍ତ ବ୍ୟକ୍ତିଗଣ—The killed and the wounded.

ହତାହତି—ଦେ. ବ. (ସ. ହସ୍ତାହସ୍ତି)—୧ । ହାତାହାତି; ଘରଘର
Hatābati ହସ୍ତଦ୍ୱାରା ଅଙ୍ଗମର୍ଦ୍ଦନ—1 Hand to hand
ହାତାହାତି fighting ୨ । ହାତେ ହାତ; ଏକ ହାତରୁ ଅନ୍ୟ
ହାତାହାତି ହାତକୁ ଦୌଡ଼ିବା ଦ୍ରବ୍ୟର ହସ୍ତାନ୍ତର—2 Change
of hands; transfer of a thing from one person to another

ହତାହଂ—ସଂ. ଅ—(ସ୍ତ୍ରୀଙ୍କଦ୍ୱାରା ବ୍ୟବହୃତ)—ହତୋଽହଂ (ଦେଖ)—
Hatāham Hatoham (See)

ହତି—ସଂ. ବ.—(ହନ୍‌ଧାତୁ + ଭାବ ଇ)—୧। ହନନ; ବଧ; ହତ୍ୟା—
Hati 1. Slaughter; killing; murder [ଉ—
ବୁଲନ୍ତ ନାହିଁ ତ ଅସ୍ତ୍ର ଶସ୍ତ୍ରସନ ଏ ଘେନ ଯେତେକ ହତି
ସେ—ଭଞ୍ଜ, ବୈଦେହୀଶବଲାଶ ।] ୨। ଅପକର୍ଷ;
ହୀନତା (କାବ୍ୟପ୍ରକାଶ)—2. Inferiority. ୩।
ଜଘନ୍ୟତା—3. Wretchedness; nastiness. ୪।
ବ୍ୟାଘାତ—4. Obstruction. ୫ । ଗୁଣନ—5.
Multiplication.

ହତିଆ—ଗ୍ରା. ବ. ସଂ (ହତ୍ୟା)—୧ । ହତ୍ୟା (ଦେଖ)—1. Hatyā.
Hatiā (See) ୨ । ଅଧା; ଦେବତାଙ୍କ ନିକଟରେ ମନୋବାଞ୍ଛା
ହତ୍ୟା **ହତିଆ** ପୂରଣ ହେବା ପର୍ଯ୍ୟନ୍ତ ଧାରଣାଦେଇ ପଡ଼ି ରହିବା
—2. Throwing one's self before a Deity
till one's prayer is fulfilled.

ହତିଆ କରିବା—ଗ୍ରା. କ୍ରି—ହତ୍ୟା କରିବା (ଦେଖ)—
Hatiā karibā Hatyā karibā (See)
ହତ୍ୟାକରା **ହତିଆ କରନା**

ହତିଆ ଦେବା (ଛଡ଼ିବା)—ଗ୍ରା. ବ—ହତ୍ୟାଦେବା (ଦେଖ)—
Hatia debā (pardibā) Hatyā debā (See)
ହତ୍ୟାଦେଓୟା **ହତିଆ ଦେନା**

ହତିଆର—ଦେ. ବ (ସଂ ହେତି = ଅସ୍ତ୍ରଶସ୍ତ୍ର; ସଂ ହତ୍ୟାକର; କମ୍ବା ସଂ
Hatiāra ହସ୍ତର; ସାଦା ହାତରେ ଧରିସାଇ ବ୍ୟବହୃତ
ହାତିଆର, ହେତର **ହଥିୟାର** ଦ୍ୱିତ)—୧ । ଅସ୍ତ୍ରଶସ୍ତ୍ର—
1. Weapons; arms. ୨ । ଶିଳ୍ପକରଙ୍କ ଶିଳ୍ପକାର୍ଯ୍ୟର
ସାଧନ ଶସ୍ତ୍ରାଦି—2. Implements of an artisan.
୩ । ଡାକ୍ତରଙ୍କର ଶସ୍ତ୍ର—3. Surgical instrument.
ଗ୍ରା. ବ (ଇତର ବ୍ୟବହୃତ; ଲଜ୍ଜାର୍ଥ) ପୁରୁଷର ଲିଙ୍ଗ—
(slang) Penis.

ହତିଆର ଘର—ଦେ. ବ—ଯେଉଁ ଘରେ ନାନାବିଧ ଅସ୍ତ୍ର ଶସ୍ତ୍ର ରହିତ
Hatiāra ghara ହୋଇଥାଏ—Armoury; arsenal.
ହାତିଆର ଘର **ହଥିୟାର ଘର**

ହତିଆର ଚଲା(ଲ)ଇବା (ଚାଲିବା)—ଦେ. କ୍ରି—୧ । ଯଶ୍ଚ ବରୁଦ୍ଧରେ
Hatiāra chalā(lāibā)(chālibā) ଯୁଦ୍ଧକ୍ଷେତ୍ରର ଅସ୍ତ୍ରଶସ୍ତ୍ର
ବ୍ୟବହାର କରିବା—1. To ply a weapon against an enemy—୨ । (ଡାକ୍ତର) କୌଶଳାର୍ଥ ଅସ୍ତ୍ରଚାଳନ କରିବା
ହାତିଆର ଚାଳାନ **ହଥୀୟାର ଚଲାନା** 2, [a doctor]
To perform an operation on a patient.

ହତିଆର ଚାଲିବା—ଦେ ବ—କାର୍ଯ୍ୟକ୍ଷେତ୍ରରେ ଅସ୍ତ୍ର ଶସ୍ତ୍ରର ବ୍ୟବହାର—
Hatiāra chālibā The actual use of weapons
ହାତିୟାର ଚାଳା **ହଥିୟାର ଚଲନା** on the field.

ହତିଆର ବାନ୍ଧିବା—ଅସ୍ତ୍ରଶସ୍ତ୍ରାଦି ଦ୍ୱାରା ନିଜର ଦେହକୁ ସଜ୍ଜିତ କରିବା—
Hatiāra bāndhibā To arm one's body with
ହତିଆର ବାଁଧା **ହଥିୟାର ବାଁଧନା** weapons; to be armed.

ହତିଆରି—ଦେ. ବିଣ. ପୁଂ ଓ ସ୍ତ୍ରୀ—ଅସ୍ତ୍ର ଶସ୍ତ୍ରଦ୍ୱାରା ସଜ୍ଜିତ—
Hatiāri ଅସ୍ତ୍ରଧାରୀ **ହଥିୟାରବନ୍ଦ** Armed with weapons.
[ହତିଆରିଆ—ଅନ୍ୟରୂପ]

[ତାକୁ] ହତିଆ ଲାଗିବା—ଦେ. ବ.—ହତ୍ୟାଜନିତ ପାପରେ ଲିପ୍ତ
Hatiā lagibā ହେବା—Being tented with the
ହତିଆ ଲାଗା **ହତିଆ ଲଗନା** sin of a slaugher.

ହତିଶା—ଦେ. ବ—ହତଶ୍ରା (ଦେଖ)
Hatisā Hat-śā (See)

ହତିଶିରି—ଗ୍ରା.ବିଣ—ହତଶିରି (ଦେଖ)
Hatisiri Hataśirī (See)

ହତୀ—ଗ୍ରାଦେ [ଭଟ୍ଟୀଗ୍ରନ୍ଥା] ଅ—କନ୍ତୁ—But. ଗ୍ରାଦେ [ଘାଟଣା]
Hatī ଅ—ଏସନ୍ତ—Thus.
[ହତ୍ତାଲେ—ଅନ୍ୟରୂପ]

ହତୁ(ତ୍ତୁ)—ଦେ. ଅ—ହତ୍ (ଦେଖ)
Hatu(ttu) Hat (See)
ସଂ. ବ—ଶୀତ କାଳ—Winter [M. W]

ହତେଇବା—ଚଦେ. କ୍ରି—ହତାଇବା [ଦେଖ]
Hateibā Hatāibā [See]

ହତୋତ୍ସାହ—ସଂ. ବ. ପୁଂ. (ବହୁ ବ୍ରୀହି; ହତ = ଲୁପ୍ତ ହୋଇଅଛି ଉତ୍ସାହ
Hatotsaha ଯାହାର)—୧। ଯାହାର ଉତ୍ସାହ ଉଭି ଯାଇଅଛି—
[ହତୋତ୍ସାହା—ସ୍ତ୍ରୀ] 1. One who has his fervour extinguished, ୨ । ନରୁତ୍ସାହ—2. One who has lost his eagerness; discouraged. ବ—
କର୍ମଧା—ଉତ୍ସାହର ଲୋପ—Discouragement.

ହତୋଦ୍ୟମ—ସଂ. ବିଣ. ପୁଂ [ବହୁବ୍ରୀହି]—୧ । ଉଦ୍ୟମଶୂନ୍ୟ—
Hatodyama 1. Having the spirits cowed
[ହତୋଦ୍ୟମା—ସ୍ତ୍ରୀ] down; effortless. ୨ । ନରୁତ୍ସାହ—
2. Discouraged.

Digitized by srujanika@gmail.com

ହତୋଽସ୍ମି—ସଂ. ଅ [ସୁବୁଷଙ୍କଦ୍ୱାରା ବ୍ୟବହୃତ ; ହତଃ+ଅସ୍ମି =ମୁଁ ହତ Hato (a) smi ହୋଇଅଛି; ସନ୍ଧିଯୋଗ ଅ ସ୍ଥଳରେ ଓଣ୍ଠ ଅକାର (ଽ) ହୋଇ ହତୋଽସ୍ମି ।] (ଶେଦୋକ୍ତରେ ବ୍ୟବହୃତ ବାକ୍ୟ) ଅହୋ ! ମୁଁ ମଲି ! ମୋ କଥା ସରିଗଲା, ଅହୋ ।— (Interjection) Oh ! I am done for; Alas ! (ହତାସ୍ମି—ସ୍ତ୍ରୀମାନଙ୍କ ବ୍ୟବହୃତ) I am gone.

ହତୋଽହଂ—ସଂ. ଅ (ସୁବୁଷଙ୍କ ବ୍ୟବହୃତ, ହତଃ+ଅହଂ)—(ଶେଦୋକ୍ତ Hato (a) ham ବା ନୈରାଶ୍ୟ ସୂଚକ ବାକ୍ୟ)—ମୁଁ ମଲି— (Interjection) I am done for. (ହତାହଂ—ସ୍ତ୍ରୀ ମାନଙ୍କ ବ୍ୟବହୃତ)

ହତୌଜାଃ—ସଂ. ବ (ବହୁବ୍ରୀ, ହତ+ଓଜସ୍, ୩ମା. ୯ବ)—୧ । Hātaujāḥ ନଷ୍ଟତେଜସ୍କ; ଶକ୍ତିରହିତ—1. Powerless. ୨ । ଭଗ୍ନଳ—2. Shorn of strength; reduced to impotence.

ହତ୍ତ—ଦେ. ଅ—ହତ୍ (ଦେଶ)—

Hatta Hat (See)

[ହତ୍ତେର, ହତ୍ତେରକା (କ, କେ)—ଅନ୍ୟରୂପ]

ଧୋତ୍ ଘତ୍

ହତ୍ତା—ଗ୍ରା. ବଣ. ଓ ବ (ସଂ. ହର୍ତ୍ତା)—ହର୍ତ୍ତା (ଦେଶ)—

Hattā Harttā (See)

ଦେ. ବ.—ହତ୍ତା ଇତ୍ୟାଦି (ଦେଶ)—

ହାତା ହତ୍ତା Hattā etc. (See)

ହତ୍ତାକତ୍ତା—ଗ୍ରା. ବ (ସଂ. ହର୍ତ୍ତା ଓ କର୍ତ୍ତା ସୃଷ୍ଟି ସ୍ଥିତି ପ୍ରଳୟକର୍ତ୍ତା)— Hattā kattā ହର୍ତ୍ତାକର୍ତ୍ତା ଦୈବ ବଧାଡ଼ା ସ୍ୱରୂପ ରୌଣସି କାର୍ଯ୍ୟରେ ସର୍ବମୟ ପ୍ରଭୁ—An all powerful master; a sole master or lord of the ହର୍ତ୍ତାକର୍ତ୍ତା ହର୍ତାକର୍ତା situation

[ହତ୍ତାକତ୍ତା ବଧାଡ଼ା, ହତ୍ତାକତ୍ତା ଦୈବ ବଧାଡ଼ା—ଅନ୍ୟରୂପ]

ହତ୍ତେର—ଦେ. ଅ—ହତ୍ (ଦେଶ)—

Hatteri Hat (See)

[ହତ୍ତେରକା (କ, କେ); ହତ୍ତେରେକେ—ଅନ୍ୟରୂପ]

ହତ୍ନୁ—ସଂ.ବ (ହନ୍ ଧାତୁ+କର୍ତ୍ତୃ ନୁ)—୧ ।ବ୍ୟାଧି (ଉଣାଦିକୋଷ)— Hatnu 1. Disease; sickness. ୨ । (+କରଣ ନୁ) ଅସ୍ତ୍ରସ୍ୱ—(ଉଣାଦିକୋଷ)—2. Weapon.

ହତ୍ୟା—ସ. ବ (ହନ୍ ଧାତୁ=ବଧ କରିବା+ଭାବ ଯ+ଅ)—ପ୍ରାଣ- Hatyā ନାଶ; ହନନ; ବଧ; ଜୀବନରେ ମାରି ପକାଇବା— ବଣ.—ହତ, ହନ୍ତା (ପୁଂ) Killing; murder; slaughter. ହତା, ହନ୍ତ୍ରୀ (ସ୍ତ୍ରୀ) ଦେ. ବ—୧ । ଅଖାଦ୍ୟ ସିଦ୍ଧ ନଦେବା ପର୍ଯ୍ୟନ୍ତ ହତ୍ୟା ପ୍ରାଣପଣ କରି ଅନଶନରେ ରୌଣସି ଦେବତାଙ୍କ ପାଖରେ ହତ୍ୟା ଧାରଣାଦେବା-1. Act of lying prostrate before a Deity till one's prayer is responded to by the Deity. ୨ । ହତ୍ୟା ଜନିତ ପାପ ବା ଅପରାଧ—2. Sin or offence resulting from murder. [ବ—ଜୀବରେ ହତ୍ୟା, ପାଣ୍ଡିଙ୍କରେ କାରଣ ନାହିଁ—ଭଗ] ୩ । ରୌଣସି ବ୍ୟକ୍ତିର ମୃତ୍ୟୁ ଜନିତ ପାପଭାର—3. The burden of sin due to one's death. [ଜ—ନଳ ବନା ଯେ ସତେ ଖାଇବ ମୁଁ ନାହିଁ; ମରିବ ତୁମ୍ଭର ଉପରେ ହତ୍ୟା ଦେଇ— କୃଷ୍ଣଦିଂଡ. ସଭାପ୍ରବ. ବଚ]

ହତ୍ୟା କରିବା—ଦେ. କ୍ରି—ଜୀବନରେ ପାର ପକାଇବା; ପ୍ରାଣନାଶ Hatyā karibā କରିବା—To kill; to murder; to ହତ୍ୟାକରା ହତ୍या କରନା slay.

ହତ୍ୟା କାଣ୍ଡ—ସ. ବ—ରୌଣସି ଜୀବକୁ ହତ୍ୟା କରିବାର ବ୍ୟାପାର— Hatyā kāṇḍa The act or operation of killing any animal.

ହତ୍ୟାକାରୀ—ସଂ. ବ (ହତ୍ୟା+କୃ ଧାତୁ+କର୍ତ୍ତୃ ଇନ୍, ହତ୍ୟାକାରିନ Hatyākārī ପ୍ରଥମ ୧ମା. ୧ବ —ବଧକାରୀ; ହନ୍ତା; ଯେ ବଧ (ହତ୍ୟାକାରିଣୀ—ସ୍ତ୍ରୀ) କରିଥାଏ—Murderer; slayer.

ହତ୍ୟା ଦଣ୍ଡ—ସଂ. ନ (ମ. ତ. ତ୍ପୁ)—ହତ୍ୟାପରାଧ ପାଇଁ ହତ୍ୟାକାରୀକୁ Hatyādaṇḍa ପ୍ରଦତ୍ତ ଦଣ୍ଡ—Punishment for a murder.

ହତ୍ୟାଦେବା (ପଡ଼ିବା)—ଦେ. କ୍ରି—ମନୋବାଞ୍ଛା ସିଦ୍ଧି ନ ହେବାଯାଏ Hatyā deba (paṛdibā) ଦେବତାଙ୍କ ନଜରରେ ପ୍ରାଣପଣ ହତ୍ୟାଦେଇ କରି ପଡ଼ି ରହିବା—To lay one's self before ହତ୍ୟାଦେନା a Deity till one's prayers are answered).

ହତ୍ୟା ଦୋଷ—ସଂ. ବ (ମ. ତ. ତ୍ପୁ)—୧ । ହତ୍ୟାପରାଧ (ଦେଖ) Hatyā dosba 1. Hatyāparādha (See) ୨ । ହତ୍ୟା ଜନିତ ପାପ—2. Sin resulting from murder.

ହତ୍ୟା ନଳାମ(ମି)—ପ୍ରାଦେ (ପୁଂ) ବ. [କରଗଞ୍ଜ]—ହାଉଁନଳାମ Hatyā nilāma (mi) [ଦେଖ]—Hāuānilāma (See)

ହତ୍ୟାପରାଧ—ସଂ. ବ (ମ. ତ ତ୍ପୁ)—୧ । ହତ୍ୟା ଜନିତ ପାପ— Hatyāparādha 1. The sin of murder. ୨ । ହତ୍ୟାଜନିତ ବ୍ୟଜଦ୍ୱାରରେ ଅଘଟୁକ୍ତ ବ୍ୟକ୍ତିର ଅପରାଧ— 2. The offence or crime of murder.

ହତ୍ୟାପରାଧୀ—ସଂ. ବଣ. ଓ ବ. ପୁଂ—୧ । ଯେଉଁ ବ୍ୟକ୍ତି ହତ୍ୟା କରିଥିବା ଅପରାଧରେ ଅଘଟୁକ୍ତ ହୋଇଅଛି— (offender) Accused of murder. ୨ । ଯେଉଁ ବ୍ୟକ୍ତି ହତ୍ୟା ଅପରାଧ କରିଅଛି—2. (an offender) (ହତ୍ୟାପରାଧିନୀ—ସ୍ତ୍ରୀ) Who has committed murder.

ହତ୍ୟା ପାଇବା—ଦେ. କ୍ରି—ହତ୍ୟା ଦୋଷରେ ଭାଗୀ ହେବା— Hatyā pāibā To be responsible for a murder. ହତ୍ୟାର ଭାଗୀ ହଓୟା ହତ୍यापाना

ହତ୍ୟାର (ଇତ୍ୟାଦି)—ଦେ. ବଣ—ହତିଆର [ଦେଖ]— Hatyāra (etc) Hatiāra (See)

ହତ୍ୟାରି—ଦେ. ବଣ—ହତିଆର [ଦେଖ]— Hatyāri Hatiāri See)

[ଡାକୁ] ହତ୍ୟା ଲାଗିବା—ଦେ. ବ—ହତ୍ୟା ଦୋଷରେ ବା ପାପରେ Hatyā lāgibā ଭାଗୀ ହେବା—Being responsible. ହତ୍ୟାର ଦୋଷ ଲାଗା ହत्या लगना, हतयारि लगना for the murder of a person. [ଜ—ରୌଣସି ବ୍ୟକ୍ତିକୁ

Digitized by srujanika@gmail.com

ଯେବେ କେହି ମୋ ଅଗରେ ହତ୍ୟା କରେ, ଅଥଚ ମୁଁ ଏହା ଦେଖି ଜାଣି ସାତକକୁ ବାରଣ ନ କରେଁ, ତେବେ ମତେ ମଧ୍ୟ ଧର୍ମ ଓ ଅଇନ୍ ଅନୁସାରେ 'ହତ୍ୟା' କରିବ ।']

ହଟକର—ଗ୍ରା. କ୍ରି. ବିଣ [ସଂ. ଯତ୍ର ତତ୍ର]—୧ । ଯେଉଁଠିକୁ ସେଉଁଠାରେ; Hatra katra ଯେଉଁଠିସିଉଁଠାରେ—1. Anyhow. ଯେମନତେମନ କିସିପ୍ରକାରସେ ୨ । ଅତିକଷ୍ଟରେ—2. With much difficulty

ହଥ—ଅ. ବିଣ ଯୁ—ଶେଷ୍ଠ [ସନ୍ତିପ୍ରସାଦ]—Hatha Dejected. (ହଥା—ସ୍ତ୍ରୀ)

ହଦ୍—ଦେ. ଅ. ବିଣ. ବି. [ଆ. ହଦ୍]—ସୀମା [ଦେଶ]—Hadd Had ହଦ୍ଦ ହଦ୍ (See) [ଉ—ଏହାଙ୍କର ଇଲମ୍ ଓ ସ୍ତ୍ରୀ ସ୍ତ୍ରୀଙ୍କର କସରତ୍ ହଦ୍‌ରେ ହଦ୍—ପଙ୍କାରମୋଡ଼ନ ଛାଣଅଠଗୁଣ ।] ଗ୍ରାଦେ [ସମଲପୁର] ବି—ବଡ଼ ଗାତ-A big hole. ଗ୍ରାଦେ [କଟକ ଓ ବଲାଙ୍ଗିରଅଞ୍ଚଳ] ବି—କାଦୁଅ; ପଙ୍କ—Clay; mud; mire.

ହଦ୍[ଧାତୁ]—ସ—ମଳତ୍ୟାଗ କରିବା; ଦିଶିବା—H d(root) To pass fæces.

ହଦ—ଗ୍ରାଦେ [ବଲାଙ୍ଗିର ପାଠଶା] ବି—କାଦୁଅ—Hada Mud; clay.

ହଦ—ଦେ. ବି [ସଂ. ହ୍ରଦ]—୧ । ଜଳାଶୟ—1. Tank. [ଉ—ରହ Hada କାଳଦୀ ମଧ୍ୟ ହଦ—ସଶୋବନ୍ତ ସ୍ତ୍ରୋମଭନ୍ତ ବ୍ରହ୍ମ-ହଦ ହଦ, ଚଁବର ଗୀତା ।] ୨ । ହ୍ରଦ—2. Lake. (ଉ—କାଳଜୀହ୍ରଦ କୋଚନଦ, କଞ୍ଜ ଜୁବଲସ୍ୱ ଜୁମୁଦ—ଭୂଧର ସ୍ତ୍ରୋମଛାମ୍ବତ ।) ୩ । ଗଭୀର ଓ ବିସ୍ତୃତ ଜଳାଶୟ—3. A very deep and wide tank. ୪ । ଗଭୀର ଜଳ—4. Deep water. ୫ । (ସ ବଦ୍ଧ)—ଦହ; ଦଲ ହଦ ଦହ ଓ ଲତା ଘନ ମାଡ଼ିଥିବା ସୋଗୁଁ ବଦ୍ଧ ଜଳାଶୟ-5. A tank overgrown with aquatic and other plants on its surface. ଦେ. ବିଣ—୧। ଅତି ଗଭୀର [ଜଳ]—1. Very deep (water). ୨ । ଦଲ ଓ ଦୃଢ଼ଲତା ଦ୍ୱାରା ଆବଦ୍ଧ [ଜଳାଶୟ]—2. (Tank) Whose surface has been overgrown with plants. ଗ୍ରାଦେ [ଜଡ଼ଥଲ, ବଲାଙ୍ଗିର ପାଠଶା] ବି. ପଙ୍କ—Mire; mud. ଗ୍ରାଦେ. [ଜଡ଼ଆର] ବି. ସୀମା—Boundary.

ହଦନ—ସ ବ (ହଦ୍ ଧାତୁ+ଭାବ ଅନ)-ମଳତ୍ୟାଗ; ଦିଶିବା—Hadana Passing of faeces.

ହଦରଜିଆ—ଗ୍ରାଦେ (ସମ୍ବଲପୁର) ବିଣ—(ସଂ. ହତଧୈର୍ଯ୍ୟ)—Hadarajiā ଅଧୀର; ଧୈର୍ଯ୍ୟହୀନ—Impatient.

ହଦରା—ଗ୍ରାଦେ (ବଲାଙ୍ଗିର ପାଠଶା) ବିଣ, ଅଳସ୍ୟ—Hadarā Idle; indolent.

ହଦି—ଦେଦେ. ବ—ହଦ୍ଦି (ଦେଶ) Hadi Haddi (See)

ହଦୀଶ୍—ବୈଦେ. ବ (ଆ)—୧ । ସ୍ୱତନ୍ତ୍ର; ମୁସଲମାନ୍ ସ୍ତ୍ରୁତ୍ତାସ୍ତ୍ର; ହଦିସ ହଜରତ୍ ମହମ୍ମଦଙ୍କଠାରୁ ପରମ୍ପରା ଚଳେସ୍ତ୍ରଜନେ ସମାଜରେ ହଦିସ ଚଳ ଅସ୍ତ୍ରୁଥିବା ଧର୍ମସମ୍ବନ୍ଧୀୟ ଉକ୍ତିମାନ—1. Hadis; traditions handed down to posterity from generation to generation from the Prophet Mahomed. ୨ । ହଜରତ୍ ମହମ୍ମଦଙ୍କ କାର୍ଯ୍ୟ ଓ ଉକ୍ତି ସମସ୍ତେ ପରମ୍ପରାଗତ କାହାଣୀ (ଯାହା କୋରାନ୍‌ରେ ଲେଖା ହୋଇ ନାହିଁ, ଅଥଚ ମୁସଲ୍‌ମାନ୍‌ମାନେ ଯାହା ପାଳନ କରିବାକୁ କାଧ୍ୟ)—2. The acts or sayings of the Prophet Mahomed which have not been recorded in the Koran but handed down to posterity by words of mouth by any person who saw or heard Him [ଉ—ହଦୁମାନେ କେବଳ (ଶୁଦ୍ଧ) କୁ ମାନିବା ପରି, ମୁସଲମାନମାନେ କୋରାନକୁ ମାନନ୍ତି ଓ ହଦୁମାନେ ସମ୍ବାଦ ଧର୍ମଶାସ୍ତ୍ର (ସ୍ମୃତି)କୁ ମାନିବା ପରି ମୁସଲମାନ୍‌ମାନେ 'ହଦୀଶ୍' କୁ ମାନନ୍ତି । ଏହାଦ୍ୱାରା ଜଣାସ୍ତ୍ରୁରୂପ ଦେଖାଯାଇ ଯେ ମୁସଲମାନ୍‌ମାନଙ୍କର 'ସୁନତ୍' (ଲଜାତ୍ମ ଚର୍ମର ଛେଦନ) କରିବା ଯାହା ମହମ୍ମଦ୍ କୋରାନ୍‌ରେ ଲେଖି ଯାଇ ନାହାନ୍ତି, କିନ୍ତୁ ହଜ୍ ଓ ମହମ୍ମଦଙ୍କ ଜୀବନ ଜଙ୍ଗାଟେରମ ଜନ୍ମରୁ ଏବଂ ସମାନ ନ ଥିବାରୁ ତାଙ୍କର ସେହି ଅବସ୍ତ୍ରୁାକୁ ଦେଖି ତାଙ୍କ ଶିଷ୍ୟମାନେ 'ସୁନତ୍' କଲେ । 'ସୁନତ' ଗୋଷ୍ଟିର ହଦୀଶ୍ ।]

ହଦ୍—ବୈଦେ. ବ (ଅ. ହଦ୍)—୧ । ସୀମା—1. Boundary; Hadd limit. ୨ । ଉର୍ଦ୍ଧ୍ୱସୀମା—2. Utmost limit. ୩ । ହଦ୍ଦ ଅନ୍ତ; ଶେଷ—3. End; extremity. ୪ । ଚରମ; ହଦ୍ଦ ଚୂଡ଼ାନ୍ତ—4. Acme. ବିଣ—୧ । ସର୍ବଶେଷ—1. Last; ୨ । ଅନ୍ତ୍ୟ—2. Extreme. ୩ । ଶେଷସୀମାରେ ଅବସ୍ତ୍ରିତ—3. Arrived at the utmost limit. ୪ । ହତବୁଦ୍ଧିବ୍ୟକ୍ତି—4. Bewildered. କ୍ରି. ବିଣ—୧ । ପର୍ଯ୍ୟନ୍ତ—1. Upto; till. ୨ । ଉର୍ଦ୍ଧ୍ୱସୀମା ଧରିଲେ ମଧ୍ୟ—2. Taking the utmost limit. ୩ । ଅତି ଅଧିକ ହେଲେ ମଧ୍ୟ; ବଡ଼ ଜୋର—3. At best. (ଉ—ମତେ ବସ୍ତ୍ରୁସ ସେତେବେଳେ ହଦ୍ ଚଢ଼ିବ ତ ପଚିଶ ।) [ଉ—ଏହି ଅଙ୍କର ହଦରୁ ଅଙ୍କେ ଚଢ଼ିବାକୁ (ଚଉଠସୀମା) ଓ ଦୋଡ଼େ ଦି (ଜମିର ଦୁଇ ପାଖର ସୀମା) ଶବ୍ଦମାନ ଯୁପ୍ତ୍ର ହୋଇଅଛି ।] ଅ—ମୁଁ ଅସ୍ତ୍ରୁର୍ଯ୍ୟାନ୍ୱିତ ହେଉଅଛି—(Interjection) I am astonished!

ହଦ୍ଦ କଥା—ଦେ. ବ—ଅତି ଆସ୍ତ୍ରୁର୍ଯ୍ୟଜନକ କଥା—Hadd kathā A thing to be wondered at; ହଦ୍ଦ କଥା ହଦ୍ ବାତ wonderful matter.

ହଦ୍ଦ କରିବା—ଦେ. କ୍ରି—ହତବୁଦ୍ଧିବ୍ୟକ୍ତି କରିବା—Hadd karibā To bewilder a person. ହଦ୍ଦ କରା ହଦ୍ କରନା

Digitized by srujanika@gmail.com

ହଦ୍ ଜବାବ୍—ଦେ. ବ (ଆ.)—୧ । ଶେଷ ଜବାବ— 1. Last word in a matter; one's last say in a matter. ୨। କାଜୀଙ୍କ କୋର୍ଟରେ ଦଖେମାନଙ୍କର ଦାଖଲ କରିବା ଶେଷ ଜବାବ—2. The last statement made by a party in the court of a Kajee. ଦେ. ବ—୧ । ଉତ୍ତରଦେଇନ— 1. Having no reply to make. ୨ । କର୍ତ୍ତବ୍ୟବିମୂଢ଼—2. Bewildered. ୩ । ମୂକ— 3. Silent.

Had i jababa
ହଦ୍ଦ୍ ଜବାବ
ହଦ୍ଦଜବାବ

[ଦ୍ର—ମୁସଲମାନ୍ ରାଜତ୍ୱରେ କାଜମାନଙ୍କ ଜଜ୍‌ରେ କାମର ପ୍ରଥମେ ଅରଜୀଦାର ଲ କରିବାପରେ ପ୍ରତିବାଦୀଙ୍କବାବ ଦେଉଥିଲା । ସେ ଜବାବକୁ ଖଣ୍ଡନ କର ବାଦୀ ଦ୍ୱିତୀୟ ଜବାବ ଦେଉଥିଲ । ତାପରେ ତୃତୀୟ 'ହଦ୍ଦ୍ ଜବାବ' ଦେଉଥିଲ । ତାପରେ ବାଦୀ 'ହଦ୍ଦ୍ ଜବାବ' ଦେଉଥିଲା । ଏହିଠାରେ ବାଦୀ ପ୍ରତିବାଦୀଙ୍କ ମଧ୍ୟରେ ଶୁଖିଲ ଜବାବ୍ (ପ୍ରଶ୍ନୋତ୍ତର) ସମସ୍ତ ଡୋଇ ତାପରେ 'କାଜୀ' ମକଦ୍ଦମାର ମୀମାଂସାରେ ପ୍ରବୃତ୍ତ ହେଉଥିଲେ ।]

ହଦ୍ଦ୍ ବନିବା (ମଣିବା, ମାନିବା, ହେବା)—୧ । ଅସ୍ଥର୍ଯ୍ୟାନ୍ୱିତ ହେବା— 1. To wonder at; to be astonished at. ୨। ଜଜର ସତ୍ୱରମର ବା ବୁଦ୍ଧିର ଶେଷ ସୀମାରେ ଉପସ୍ଥିତ; ବିଂକର୍ତ୍ତବ୍ୟବିମୂଢ଼ ହେବା—2. To be at one's wit's end; to be bewildered. ୩ । ଥକିଯିବା— 3. To be overtired.

Hadd banibā (maṇibā, mānibā, hebā)
ହଦ୍ଦ ହଓୟା
ହଦ୍ଦହୋନା

ହଦ୍ଦମ୍—ବୈଦେ. କି. ବଣ (ଅ. ହର୍ଦ୍ଦମ୍)—ହର୍ଦ୍ଦମ୍ (ଦେଖ)

Haddam
ହରଦମ୍

Harddam (See)
ହରଦମ

ହଦ୍ଦା—ଷ.ବ(ଜ୍ୟୋଃ ଉଃ)—ମେଷାଦି ଦ୍ୱାଦଶ ଲଗ୍ନମାନଙ୍କର ତ୍ରିଂଶଦଂଶ—

Haddā
Had dā

(Astrology) The 30th part of every Lagna.

[ଦ୍ର— ପ୍ରତ୍ୟେକ ରାଶିର ଲଗ୍ନରେ ୫୫ ଲେଖାଏଁ ସ୍ପଷ୍ଟକର ନିର୍ଦ୍ଦିଷ୍ଟ ୩୦ ଟି ଲଗ୍ନ ଅଛୁ । ମନୁଷ୍ୟମାନଙ୍କର ଜନ୍ମ ପ୍ରବେଶକାଳରେ ଶୁଦ୍ଧଶୁଦ୍ଧ ଗଣନାରେ ଏହାର ପ୍ରୟୋଜନ ହୁଏ—

ମେଷ ଲଗ୍ନରେ=ବୃହସ୍ପତି ୬+ଶୁକ୍ର ୬+ବୁଧ ୮+ମଙ୍ଗଳ ୫+ଶନି ୫=୩୦ ଅଂଶ ।

ବୃଷ ଲଗ୍ନରେ=ଶୁକ୍ର ୮+ବୁଧ ୬+ବୃହସ୍ପତି ୮+ଶନି ୫+ମଙ୍ଗଳ ୩=୩୦ ଅଂଶ ।

ମିଥୁନ ଲଗ୍ନରେ=ବୁଧ ୬+ଶୁକ୍ର ୬+ବୃହସ୍ପତି ୫+ମଙ୍ଗଳ ୭+ଶନି ୬=୩୦ ଅଂଶ ।

କର୍କଟ ଲଗ୍ନରେ=ମଙ୍ଗଳ ୭+ଶୁକ୍ର ୬+ବୁଧ ୬+ବୃହସ୍ପତି ୭+ଶନି ୪=୩୦ ଅଂଶ ।

ସିଂହ ଲଗ୍ନରେ=ବୃହସ୍ପତି ୬+ଶୁକ୍ର ୫+ଶନି ୭+ବୁଧ ୬+ମଙ୍ଗଳ ୬=୩୦ ଅଂଶ ।

କନ୍ୟା ଲଗ୍ନରେ=ବୁଧ ୬+ଶୁକ୍ର ୯୦+ବୃହସ୍ପତି ୪=ମଙ୍ଗଳ ୭+ଶନି ୬=୩୦ ଅଂଶ ।

ତୁଳା ଲଗ୍ନ=ଶନି ୬+ବୁଧ ୮+ବୃହସ୍ପତି ୭+ଶୁକ୍ର ୭+ମଙ୍ଗଳ ୬=୩୦ ଅଂଶ ।

ବୃଶ୍ଚିକ ଲଗ୍ନ=ମଙ୍ଗଳ ୭+ଶୁକ୍ର ୪+ବୁଧ ୮+ବୃହସ୍ପତି ୫+ଶନି ୭=୩୦ ଅଂଶ ।

ଧନୁର୍ଲଗ୍ନ=ବୃହସ୍ପତି ୯୬+ଶୁକ୍ର ୪+ବୁଧ ୫+ମଙ୍ଗଳ ୫+ଶନି ୪=୩୦ ଅଂଶ ।

ମକର ଲଗ୍ନ=ବୁଧ ୭+ବୃହସ୍ପତି ୭+ଶୁକ୍ର ୮+ଶନି ୪+ମଙ୍ଗଳ ୪=୩୦ ଅଂଶ ।

କୁମ୍ଭ ଲଗ୍ନ=ବୁଧ ୭+ଶୁକ୍ର ୭+ବୃହସ୍ପତି ୭+ମଙ୍ଗଳ ୫+ଶନି ୫=୩୦ ଅଂଶ ।

ମୀନ ଲଗ୍ନ—ଶୁକ୍ର ୯୬+ବୃହସ୍ପତି ୪+ବୁଧ ୩+ମଙ୍ଗଳ ୯+ଶନି ୬=୩୦ ଅଂଶ ।

—ମାଲବର୍ଣ୍ଣିୟ ଜାତକ]

ହଦ୍ଦି—ବୈଦେ. ବ (ଅ. ହଦ୍ଦୀ)—ସୀମା—

Haddi
ହଦ୍ଦି

Boundary; limit.
ହଦ୍ଦ

ହଦ୍ରା—ପ୍ରାଦେ. (ସମ୍ବଲପୁର) ବଣ—ଭୀରୁ; ଭରୁଆ—

Hadrā

Cowrd; timid.

ହଦ୍ରିଆ—ପ୍ରାଦେ. (ସମ୍ବଲପୁର) ବଣ—ଈର୍ଷୀ—

Hadriā

Spiteful; malicious.

ହଦ୍ରିବା—ପ୍ରାଦେ. (ବଲ୍ଲଙ୍କିର ପାରଳା) କ୍ରି—ହଟିଯିବା—

Hadribā

To retreat; to resile; to shrink.

ହନ୍ ବ(ବା)ଲି—ଦେ. ବ (ଅ ହନ୍ ଧାତୁ)—ସୁନ୍ନୀ ସମ୍ପ୍ରଦାୟ ଭୁକ୍ତ

Han-ba (bā) li

ମୁସଲମାନଙ୍କର ୪ଟି ଶାଖା ମଧ୍ୟରୁ ଏକଟିର—

ହନବାଲୀ
ହଲବାଲୀ

One of the four sects Sunni Mahomedans.

[ଦ୍ର—ଏହି ଶାଖାର ମୁସଲମାନ୍ ମାନେ ଦାକ୍ଷିଣାତ୍ୟ ଓ ଓମାନ୍ ଅଞ୍ଚଳରେ ବାସ କରନ୍ତି । ଏମାନଙ୍କର ପ୍ରଥମ ପ୍ରବର୍ତ୍ତକ ଇମମ୍ ଅହାମ୍ମଦ୍ ବନ୍ ହନ୍‌ବଲଙ୍କ ନାମରୁ ଏହି ଶାଖାର ନାମ । ଏମାନେ ସୁନ୍ନୀଉତରେ ନାହାନ୍ତି । ସୁନ୍ନୀମାନଙ୍କର ଅନ୍ୟ ଶାଖା ୩ଟିର ନାମ ହନଫି, ସାଫେଇ ଓ ମାଲକୀ ।]

ହନ୍ ଧାତୁ—ସଂ—୧ । ବଧ କରିବା—1. To kill. ୨। ଦାଣିବା—

Han (root)

2. To cut. ୩ । ହିଂସା କରିବା—3. To injure. ୪। ଗତି କରିବା—4. To move. ୫ । ନାଶ କରିବା—5. To destroy.

ହନ—ସଂ. ବଣ (ହନ୍ ଧାତୁ+ଅଣ୍ ଅ)—ହନନକାର୍ଯ୍ୟ—

Hana

Murdering; slaying. ବ. ହତ୍ୟାକାର୍ଯ୍ୟ କର୍ତ୍ତା—

Murderer.

ହନନ—ସଂ. ବ (ହନ ଧାତୁ+ଭାବ ଅନ)—୧ । ମାରଣ; ଅନ୍ୟର

Hanana

ପ୍ରାଣନାଶ କର୍ମ; ହତ୍ୟା—1. Slaughter. ୨ । (ଅଙ୍କଶାସ୍ତ୍ର) ଗୁଣନ (ଦ୍ର. ଶ)—2. (mathematics) Multiplication.

Digitized by srujanika@gmail.com

ହନନୀୟ—ସଂ. ବଣ. ପୁଂ (ହନ୍ ଧାତୁ+କର୍ମ ଅନୀୟ)—ହତ ହେବାର ଯୋଗ୍ୟ—Fit to be killed.
Hananīya

ହନଫି—ବୈଦେ. ବ. (ଅ)—ହନାଫି (ଦେଶ)—
Hanaphi Hanāphi (See)
ହନାଫୀ ହନଫୀ

ହନଲୁଲୁ—ବୈଦେ. ବ (ନାମ)—ପ୍ରଶାନ୍ତ ମହାଶାଗରର ଗୋଟିଏ
Hanalulu ଦ୍ୱୀପ; ଇଂରେଜମାନଙ୍କର ଜାହାଜମାନଙ୍କରେ କୋଇଲା
ହନଲୁଲୁ ନେବା ସ୍ଥାନ—Honolulu; an island and
ହନଲୁଲ୍ଲୁ coaling station of English ships in the Pacific.

ହନା(ନେ)ଇବା—ଗ୍ରାମ୍ୟ. (ଓଡ଼ିଆ ଅଞ୍ଚଳରେ ଇଉର ବ୍ୟବହୃତ)—
Hanā(ne)ibā କ୍ରି—ଅନାଇବା; ଗହଁବା—(Slang) To look at.

ହନାଫୀ—ବୈଦେ. ବ (ଆ. ହନାଫୀ)—ସୁନ୍ନୀ ସମ୍ପ୍ରଦାୟ ଭୁକ୍ତ ମୁସଲ-
Hanāphi ମାନଙ୍କର ୪ଟି ଶାଖା ମଧ୍ୟରୁ ଏକତମ—One of
ହନାଫୀ the four subsects of the Sunni
ହନାଫୀ Mahomedans. [ଦ୍ର—ଇମାମ୍ ଅବୁହନିଫା ନାମକ ଧର୍ମଗୁରୁଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇ ତାଙ୍କ ନାମରୁ ଏହି ନାମ ହୋଇଅଛି । ଭାରତର ସୁନ୍ନୀ ମୁସଲମାନ୍‌ମାନେ ଅଧିକାଂଶ ଏହି ଶାଖା ଭୁକ୍ତ । ଅନ୍ୟ ୩ଟି ଶାଖା ହନ୍‌ବଲ୍, ସାଫେଇ ଓ ମାଲ୍‌କି ।]

ହନିମାନ୍—ବୈଦେ. ବ (ନାମ)—ହାନ୍ନେମାନ୍ (ଦେଶ)
Hanimān Hahnemān (See)
ହାନୀମାନ୍ ହାନିମାନ

ହନିମୁନ୍—ବୈଦେ (ଇଂ) ବ—ପାଶ୍ଚାତ୍ୟ ବରକନ୍ୟାଙ୍କର ବିବାହର
Hanimun ପରବର୍ତ୍ତୀ ୧୫ ଦିନ—Honeymoon.
ହନିମୁନ [ଦ୍ର—ଏହା ଅମ୍ବଦେଶର 'ମଧୁଚନ୍ଦ୍ରିମା' ପରି ଓ ସେହି ୧୫
ହନୀମୁନ ଦିନ ବରକନ୍ୟା ନିଜର ଘରେ ନରହି କୌଣସି ସ୍ଥାନକୁ ଯାଇ ଆନନ୍ଦରେ ଓ ପ୍ରେମରେ ଦିନ କଟାଇ ପରେ ଘରକୁ ଫେରି ଥାସି ଘର କର ରହନ୍ତି ।]

ହନିଶକ୍ଲ୍—ବୈଦେ (ଇଂ) ବ—ଏକ ପ୍ରକାର ଲଲ୍ଲଉ ଫୁଲ—
Hanisakl Honey suckle (Lonicera Capri-
ହନୀସକ୍‌ଲ୍ ହନୀସକଲ foliam.)
[ଦ୍ର]—ଏହି ଫୁଲ ଦେଖିବାକୁ ସୁନ୍ଦର ଓ ସ୍ନିଗ୍ଧ ଗନ୍ଧଯୁକ୍ତ । ଏହାର ଅକାର କାହାଳଯର ଓ ଗୋଟିଏ ଖୋସାଫୁଟି ଭିତରି ମଧ୍ୟରୁ ଗୁଡ଼ିଏ ଫୁଲ ବାହାରେ ।]

ହନିଲ—ସ.ବ—କେତକୀ (ରହୁମାଳା)—Pandanus Odoratis-
Hanīla simus, yellowflowered variety).
(ହନ୍ଦନ—ଅନ୍ୟରୂପ)

ହନୁ—ସ. ବ (ହନ୍, ଧାତୁ+କର୍ମ. ଉ)—୧ । ଗଣ୍ଡ ଦେଶର ଉପର-
Hanu ଭାଗ; ଉପର ଚାଲଘାଟି ହାଡ଼ (ଏହା ତଳେ ଉପର ଘାଟିର ତଳଦାନ୍ତ ଥାଏ)—1. The part of the cheek over the joint of the 2 jaws; the jaw. [ଉ—ଧନୁ ଧରିଥିବା ଲୋକଙ୍କର ହନୁରେ କାଜନ୍ତେ ବସିଲେ ସେ ଯମ ସଦନରେ । କୃଷ୍ଣସିଂଡ. ମହାଭାରତ. ବନ ।] ୨ । ଦାନ୍ତ ସହିତ କଡ଼େଇ—2. The joint of the jaws. ୩ । ହଜିଲା ଝିଅ; ବେଶ୍ୟ—3. Harlot. ୪ । ରୋଗ—4. Disease. ୫ । ଅସ୍ତ୍ର—5. Weapon. ୬ । ମୃତ୍ୟୁ—6. Death. ୭ । (ବୈଦ୍ୟକ) ନଖୀ ନାମକ ଗନ୍ଧଦ୍ରବ୍ୟ—7. Fasciolaria. ଦେ. ବ (ସ. ହନୁମତ୍)—
ହନୁମାନ ହନୁମାନ୍; ହନୁମନ୍ତ; ମାଙ୍କଡ଼—The black-faced
ହନୁମାନ monkey. (ଉ—ହନୁ । ତୁ ଜାହାଁ ଅଇଲୁ, ଶୀଘ୍ର ନାମ ଯାଇଲୁ । ଶ୍ରୀ ଜଗନ୍ନାଥ ।)

ହନୁକମ୍ପ—ସଂ. ବ—ହନୁର ବା ଗାଲଘାଟିର ହାଡ଼ କମ୍ପିବା ରୋଗ—
Hanu kampa Shivering of the jaws.

ହନୁକରଣ—ଦେ. ବ (ବ୍ୟଙ୍ଗ୍ୟ, ଅଧୁନିକ ପ୍ରଯୋଗ)—ଅନୁକରଣ—
Hanukaraṇa (Ironical) Imitation. [ଦ୍ର—ଯେଉଁମାନେ
ହନୁକରଣ ହାସ୍ୟାସ୍ପଦ ଭାବରେ ଅନୁକରଣ କରନ୍ତି, ତାଙ୍କ
ହନୁକରଣ କର୍ମକୁ ବ୍ୟଙ୍ଗୋକ୍ତିରେ ହନୁକରଣ ବୋଲିଯାଏ ।]

ହନୁକା—ସଂ. ବ (ହନୁ+କ+ଆ)—ହନୁ ୧।୨ (ଦେଶ) (ହ. ଶ)
Hanukā Hanu 1 and 2 (See)

ହନୁଗ୍ରହ—ସ. ବ (ହନୁ+ଗ୍ରହ, ଧାତୁ+ଜଙ୍ଘ, ଅ)—ରୋଗ ବିଶେଷ
Hanugraha ଦାନ୍ତ ଘାଟିର କବଜା ଅଚଳ ହେବା ରୋଗ—
Lock jaw.

ହନୁବାର୍ଜ୍ୟା—ଗ୍ରା. ବିଣ (ସଂ. ଅନିବାର୍ଯ୍ୟ)—ଉଦ୍ଦଣ୍ଡ; ଅତ୍ୟଦୁଷ୍ଟ—
Hanubārjyā ଅନିବାର୍ଯ୍ୟ ଅବରା Wicked.

ହନୁ ଭେଦ—ସ. ବ (ଷଷ୍ଠୀ ତତ୍ପୁ; ହନୁ+ଭେଦ)—ଦାନ୍ତଘାଟିର କବଜା
Hanu bheda ଖୋଲିଯିବା (ହ. ଶ)—The opening of the jaws,

ହନୁମତ୍—ସ ବ. ପୁଂ (ହନୁ+ଅତ୍ତୁ ଅର୍ଥରେ ମତ୍; ଅର୍ଥାତ୍ ଯାହାର
Hanumat ହନୁ ଉଚ୍ଚ ବା ବଡ଼; ଏଥିର ୧ମ ପୁରୁଷ ୧ବ
ହନୁମାନ୍)—ହନୁମାନ୍ (ଦେଶ)—Hanumān (See)

ହନୁମନ୍ତ—ଗ୍ରା. ବ (ସ. ହନୁମତ୍)—ହନୁମାନର ଡାକ ନାମ; ହନୁମାନ
Hanumanta (ଦେଶ)—Hanumān (See) (ଉ—ଘରଘ
ହନୁମାନ ଘର ହନୁମନ୍ତ ବାହୁଙ୍କଣ୍ଠ । କୃଷ୍ଣସିଂଡ. ମହାଭାରତ.
ହନୁମନ୍ତ ବନ ।)

ହନୁମନ୍ତିଆ—ଦେ. ବିଣ—ହନୁମାନ୍ ପରି ପ୍ରକାଣ୍ଡ ବା ବଡ଼—
Hanumantiā ଖୁବ୍ ବଡ଼ ହନୁମାନକେ ଜୈସା Big as
Hanumān). (ଉ—ହନୁମନ୍ତିଆ କାଇଗଣ; ହନୁମନ୍ତିଆ କଖାରୁ ।)

ହନୁ ମାକ(ଙ୍କ)ଡ଼—ଦେ. ବ—ଏକପ୍ରକାର ମାଙ୍କଡ଼—The black
Hanu maka(ṅka)ṛda faced monkey; entellus;
ହନୁମାନ hougoor; Semnopithecus Entellus. (ମାଦ୍ରାଜ
କାଲାବ'ନ୍ଦର ଭଳେ ଝୋକା ଦେଶ) [ଦ୍ର—ସେମାନଙ୍କ ପୁଚ୍ଛ, କର ତଳ ଓ ଗୋଡ଼ତଳିଆ ରଙ୍ଗ କଳା । ସେମାନଙ୍କର ଲମ୍ବା ଦୁଇ ହାତ ପର୍ଯ୍ୟନ୍ତ ଲମ୍ବ; ସେମାନେ ଅଧିକ ସମୟରେ ଗଛରେ ବୃତ୍ତାନ୍ତ କରନ୍ତି ।]

Digitized by srujanika@gmail.com

ହନୁମାନ୍—ସଂ. ବ. ପୁଂ [ହନୁ + ଅଚ୍ଛ ଅର୍ଥରେ ମନ୍. ହନୁମତ୍ ଶବ୍ଦର ୧ମା. ୧ବ]—ଶ୍ରୀରାମଙ୍କ ଦୂତ ବାନର, ଅନ୍ୟ ସଂ. ନାମ — ପବନନନ୍ଦନ, ଅଞ୍ଜନେୟ, ସୋଗତର, ଅଳଲୀ. ହନୁମାରମଣ, ବାତସୁତ, ପବନସୁତ, ବାସୁସୁତ, ପବନାତ୍ମଜ, ବାସୁଜ. ରାମଦୂତ, ଅର୍ଜୁନଧ୍ୱଜ, ମରୁତାତ୍ମଜ। ଅଞ୍ଜନାଗର୍ଭରୁ ପବନଦେବଙ୍କ (ମତାନ୍ତରରେ ମହାଦେବଙ୍କ) ଔରସଜାତ ବାନରବିଶେଷ Name o a monkey who was a devotee of Śrīrāma

[ବ୍ୟୁ—ଏ ସ୍ତ୍ରୀବଙ୍କ ଉଣ୍ଡଳା; ଏହାଙ୍କ ମାତାଙ୍କ ନାମ ଅଞ୍ଜନା; ଏ ବାସୁ ପବନଙ୍କ ପୁତ୍ର। ଏ ପ୍ରଥମେ କାଳଙ୍କର ସେନାପତି ଥିଲେ। ପରେ କାଳଙ୍କର କୃପାରୁ ବରାଦ୍ଦନ ପରେ, ଏ ସୁଗ୍ରୀଙ୍କର ପାରିଷଦ ହେଲେ। ସୀତାହରଣ ପରେ ରାମଚନ୍ଦ୍ରଙ୍କର ସୁଗ୍ରୀବଙ୍କ ସଙ୍ଗେ ମିତ୍ରତା ହେବାରୁ ଏ ସୀତାଙ୍କୁ ଠାବ କରିବାକୁ ଦୂତରୂପେ ଦକ୍ଷିଣକୁ ଯାଇ ଲଙ୍କାରେ ଅଶୋକବନରେ ସୀତାଙ୍କୁ ଠାବ କରି, ତାଙ୍କୁ ଶ୍ରୀରାମଙ୍କ ସଂବାଦ ଦେଇ, ତାଙ୍କଠାରୁ ଲେଉଟି ସଂବାଦ ଓ ସଂକେତ ଅଣି ଶ୍ରୀରାମଙ୍କୁ ଦେଇଥିଲେ। ଏ ଜଳଜାଙ୍ଗଲରେ କନା ଗୁଡ଼ାଇ ତେଲ ଢାଳାଇ ତହିଁରେ ନିଆ ଲଗାଇ ଲଙ୍କାକୁ ଯୋଡ଼ ପକାଇ ଥିଲେ। ଏ ଅତି ବଳଶାଳୀ ଥିଲେ ଓ ଉତ୍ତରପର୍ବତରୁ ଲଙ୍କାକୁ ଡେଇଁଥିଲେ। ଲକ୍ଷ୍ମଣଙ୍କ ଶକ୍ତିଭେଦ ହେବାରୁ ଏ ଅମରମହୌଷଧି ଆଣିବାକୁ ଯାଇ ଗନ୍ଧମାଦନ ପର୍ବତରୁ ଉପାଡ଼ି ନେଇ ମୁଣ୍ଡରେ ବୋହି ଲଙ୍କାଠାକୁ ଆଣିବାରୁ ଲକ୍ଷ୍ମଣଙ୍କର ପ୍ରାଣରକ୍ଷା ହେଲା। ଏ ରାବଣଙ୍କ ରକ୍ଷସ ସେନା ସଙ୍ଗେ ଟୁବ୍ ପାରିବା ସକ୍ତାରେ ଯୁଦ୍ଧ କରି ଥିଲେ। ରାମଙ୍କୁ ଦେହ ତ୍ୟାଗ କରିବା ସମୟରେ ଏହାଙ୍କୁ ଅମରବର ଦେଇଥିଲେ। କଥିତ ଅଛି ଯେ, ଲଙ୍କା ପୋଡିବା ପରେ ହନୁମାନ୍ ନିଜ ଲାଞ୍ଜରେ ଜଳୁଥିବା ନିଆଁକୁ ବାଲିରେ ଓ ଗୋଡରେ ମଳ ଲଉଡି ଦେଇ ସେହି କଳଭଲକୁ ମୁଁ ଦରେ ବୋଳି ଦେବାରୁ ତାଙ୍କ ମୁହଁ କଳା ପଡ଼ିଗଲା ଓ ତଦବଧି ତାଙ୍କ ବଂଶଧରମାନେ (ହନୁମାନ୍ ଡ଼) ମୁହଁ ପୋଡ଼ା ବାନର ହେଲେ। ଦ୍ୱାପର ଯୁଗରେ ଭୀମଙ୍କ ସଙ୍ଗେ ଗନ୍ଧମାଦନ ପର୍ବତରେ ଏହାଙ୍କର ଭେଟ ହୋଇଥିଲା। ଏ ମହାବୀର ଥିଲେ ଓ ଅଦ୍ୟାପିନ୍ତୁ ହନୁମାନେ ଏହାଙ୍କୁ 'ମହାବୀର' ଠାକୁର ରୂପରେ ପୂଜା କରନ୍ତି। ଏ ରାମଚନ୍ଦ୍ରଙ୍କ ଭକ୍ତମାନଙ୍କ ମଧ୍ୟରେ ଶ୍ରେଷ୍ଠ ଥିଲେ।]

ହନୁମାନ ହनुमान ଦେ. ବ—୧। ସଂସ୍କୃତ କାବ୍ୟ ମହାନାୟକର ରଚୟିତା ତୁଳସୀଦାସ ଶ୍ରୀ ହନୁମାନ ମିଶ୍ର ୨। ହନୁମାକଡ଼—୧. The black-faced monkey; entellus. ୩। ହନୁମାକଡ଼ ପରି ଅସୁନ୍ଦରମୁହାଁ ବ୍ୟକ୍ତି— 3. An ugly-faced person (like a monkey).

ହନୁମୁହାଁ—ଦେ. ବଣ. ପୁଂ—ହନୁ ମାକଡ଼ ପରି ଅସୁନ୍ଦର ମୁଖଯୁକ୍ତ— Hanu muhāñ Monkey-faced; ugly-faced. ବାଦର ମୁଖୋ वांदर मुहाँ

(ହନୁମୁହାଁ—ସ୍ତ୍ରୀ)

ହନୁମୋକ୍ଷ—ସଂ. ବ—ବାନ୍ତଘାଣ୍ଟର ରୋଗବିଶେଷ। Hanu moksha ବାନ୍ତଘାଣ୍ଟ ଖୁବ ଦରଜ ହୁଏ ଓ ଟୋକ ହୁଏ କାହିଁ -ହୁ. ଶ]—A disease of the jaws.

ହନୁଳ—ସଂ ବଣ. ପୁଂ (ହନୁ+ଳ)—ଦୃଢ ହନୁବିଶିଷ୍ଟ (ହୁ. ଶ)— Hanula Having strong jawbones.

ହନୁସ୍ତମ୍ଭ—ସଂ ବ—ରୋଗବିଶେଷ (ଏଥିରେ ବାନ୍ତଘାଣ୍ଟର ଜାବ ବା Hanu stambha ବୋଲଘ ପଡ଼ିଯାଏ)—Lockjaw (a disease).

ହନୁହାର୍ଡ—ସଂ. ବ—ହନୁର ବା ବାନ୍ତଘାଣ୍ଟର ଉପରସ୍ଥ ଅସ୍ଥି— Hanu hārda Jawbone.

ହନୁ(ଉତ୍ୟାଦ)—ସଂ ବ(ହନ୍ ଧାତୁ+କର୍ତ୍ତୃ ଉ)—ହନୁ ଇତ୍ୟାଦ(ଦେଖ)— Hanū (etc) Hanu etc (See)

ହନୂମାନ୍—ସଂ ବ. ପୁଂ—ହନୁମାନ୍ (ଦେଖ)— Hanūmān Hanumān (See)

ହନୂଷ—ସଂ ବ (ହନ୍ ଧାତୁ ବଧ କରିବା+କର୍ତ୍ତୃ ଉଷ୍-ଉଷସ (ନିଶାଶେଷ)—Demon. Hanūsha

ହନେଇବା—ଗ୍ରା. କ୍ରି—ହନାଇବା (ଦେ)— Haneibā Hanāibā (See).

ହନ୍ତ ସଂ. ଅ [ହନ୍ ଧାତୁ+ତାଚ୍. ତ]। ୧। (ହର୍ଷ, ଅନୁକମ୍ପା, Hanta ବାକ୍ୟାରମ୍ଭ, ବିଷାଦ, ବାଦ, ସମ୍ଭ୍ରମ ଓ ଖେଦରେ ବ୍ୟବହୃତ ଅବ୍ୟୟ)—ଅହ !— 1. An interjection used to express gladness, pity, sorrow, grief, respect and in the beginning of a speech. ୨। ଉର୍ଦ୍ଧତରେ ପିତୃଲୋକଙ୍କୁ ଜଳ ଦେବା ସମୟରେ ସମ୍ବୋଧନ ବାକ୍ୟ ଶେଷରେ ବ୍ୟବହୃତ ଶବ୍ଦ— 2. An interjection used in including the address to the deceased ancestors while offering oblations of water. (ଦ୍ର—ସନତ୍ସୁଜୀୟାଂ, ଉପ୍ସିତ୍ୟ ଦୁଦକଂ ହନ୍ତାଭିର୍ଦଶ ବଚନ) – ଦେ. ବ—ପୀଡ଼ନ ପୀଡ଼ା पीड़ा —Oppression. (ଚ – ଦୁଃଖ ମଦନ ମସ୍ତାପଚ ଜଲ୍ପ ହନ୍ତ ଯେ—ପ୍ରାରୀ ଲକ୍ଷବାରଣ୍ଟ ।)

ହନ୍ତକ—ଦେ. ବ (ସଂ.ହନ୍ ଧାତୁ; ହନ୍ତୃ ଶବ୍ଦର ୧ମା ୧ବ ପୁଂ;ହନ୍ତା)— Hantaka ହତ୍ୟାକାରୀ; ଘାତକ ବ୍ୟକ୍ତି—Murderer; ଘାତକ हन्तक slayer.

ହନ୍ତାକାର—ସ. ବ (ହନ୍ତ=ବାକ୍ୟାରମ୍ଭରେ ବ୍ୟବହୃତ ଅବ୍ୟୟ+କୃ ଧାତୁ Hantakāra +କର୍ତ୍ତୃ ଅ; ବାକ୍ୟାରମ୍ଭ ରେ 'ହନ୍ତ' ଦେଇ ପ୍ରସ୍ତୋଗଥିବାରୁ ଏହା ଅଭିଥିକୁ ଅଥଯାଚିତ ଦିଆଯାଉଥିବାରୁ)— ୧। ଅଚ୍ଛୁଥିକୁ ଦେୟ ଉତ୍ତମ ତଣ୍ଡୁଳ (ଚାଉଳକଣ୍ଡ)— 1. Rice presented to a guest. ୨। ଉର୍ଦ୍ଧରେ ପିତୃଲୋକଙ୍କ ଜଳ ଦେବା ସମୟରେ 'ଏତଦୁଦକଂ ହନ୍ତ' ଶବ୍ଦର ଉଚ୍ଚାରଣ (ଅଭିକାଙ୍କ୍ଷର ଚଉ) – 2. Utterance

Digitized by srujanika@gmail.com

of the word Hanta while offering water to the manes—ଈ । ଅଣ୍ଡଖିଙ୍କ ଦାନ ହେଉଥିବା ଷୋଳ ଗ୍ରାସ ଅଉ ବା ଚଣ୍ଡୁଳ (କର୍ମପୁରଣ, ମାର୍କଣ୍ଡେୟ ପୁରାଣ)—3. Boiled or unboiled rice sufficient for 16 mouthfuls presented to a guest. ଦେ. ବ—ହନ୍ତକ (ଦେଶ) Hantaka (See)

ହନ୍ତକାର୍‌(ରୁ)—ଦେ. ବଣ. (ସଂ. ହନ୍ତା)—୧ । ହନ୍ତକ (ଦେଶ)—Hantakārī (ru) 1. Hantaka (See) [ଉ—ଫୁଟ୍‌ବୌଧନ ଘାତକ ସମ୍ପର୍କରେ ଦ୍ରୌପଦୀଙ୍କି ଉତ୍ତର, ଦେଖାଇବାର ବେଳେ ଶ୍ରୀମ **ହନ୍ତକାରୀ** ହନ୍ତାକାରୁ—କୃଷ୍ଣସିଂହ ମହାପ୍ରଭୁର. ବନ ।] ୨ । **ସର୍ବ୍ବପ୍ରଧାନ** ସଦ୍ଦପ୍ରଧାନ; ଶ୍ରେଷ୍ଠ—2. Best; most eminent. **ସର୍ଦ୍ଦାପ୍ରଧାନ** [ଉ—ଭର ବଳାମିଙ୍କୁ କାର୍ତ୍ତବେସ୍ୟ ଗୁରୁ, ଦେଲେ ସବୁ ବଳମାନଙ୍କେ ହନ୍ତକାରୁ—କୃଷ୍ଣସିଂହ ମହାପ୍ରଭୁର ବଳ] ୩ । ବଳିଷ୍ଠ—3. Strongest. [ଉ—ଯେତେ ଥିଲେ ବାନରେ ହନ୍ତକାରୁ—କୃଷ୍ଣସିଂହ ମହାପ୍ରଭୁର, ବନ ।]

ହନ୍ତବ୍ୟ—ଃଂ. ବଣ. (ହନ୍‌ ଧାତୁ + କର୍ମ ଭବ୍ୟ)—ହନନଯୋଗ୍ୟ; ହତ Hantabya ହେବାର ଉପଯୁକ୍ତ; ମାରିବା ମାରଣଭାଇବା ଉଚିତ Fit to be killed; deserving death.

ହନ୍ତ ସନ୍ତ—ଦେ. ଚଣ. (ସଂ. ହନ୍ତ+ସନ୍ତ; ହନଧାତୁ=ହିଂସା କରିବା, Hanta santa ଭୁଲନାରେ-ଶତ୍ରୁନାଶନାଥକରେ-ବହୁଂ ଚତ୍ତ-ହନ୍ତସନ୍ତ.ପ୍ରପୀଡ଼ିତ ନେପୋଟ୍‌ ହନ୍ତଃ=ଉତ୍ତାନ୍ପେଷଣ ଉର ଉର ଅମେ **ହୈରାନ ପରେଶାନ** ମଚ୍ଛୁଟୁଁ ବା ଦଦ୍ରଞ୍ଜ ଡେଇଅଟୁଁ)—୧। ପ୍ରପୀଡିତ—1. Harassed; oppressed; persecuted. ୨ । ଦଦ୍ରଞ୍ଜ; ବ୍ୟତିବ୍ୟସ୍ତ; କଷ୍ଟଗ୍ରାସ୍ତ—2. Troubled, suffering great hardship.

ହନ୍ତସନ୍ତ କରିବା—ଦେ. କ୍ରି—୧ । ଅତି ଦଦ୍ରଞ୍ଜ କରିବା—1. To Hanta-santa karibā put one to much trouble. ହନ୍ତସନ୍ତ କରା ୨ । କଷ୍ଟ ଦେବା; ଉତ୍ପୀଡ଼ନ କରିବା—2. To **ହୈରାନ (ପରେଶାନ କରନା** harass; to oppress. [ହନ୍ତସନ୍ତା(ନ୍ତ)ଵା—ଅନ୍ୟରୂପ]

ହନ୍ତସନ୍ତିଆ—ଦେ. ବଣ. ପୁଂ—୧ । ସେଜି ବଂଶ୍ଚ ସବୁଦା ବ୍ୟସ୍ତ ହୁଏ; Hanta santiā ବ୍ୟତିବ୍ୟସ୍ତ—1 Harassed. ୨ । ଅସନ୍ତୁଷ୍ଟ ହାୟରାଣ **ହୈରାନ ପରେଶାନ** —2 Discontented.

ହନ୍ତସନ୍ତୀ / ହନ୍ତସନ୍ତୁଆଇ } ସ୍ତ୍ରୀ

ହନ୍ତା—ସ. ବଣ. ପୁଂ. (ହନ ଧାତୁ + କର୍ତ୍ତୃ; ହନ୍ତୃ ଶବ୍ଦର ୧ମା ୧ବ) Hanta —ଘାତକ—Murderous. (ଏ ଶବ୍ଦ ଅନ୍ୟ ଶବ୍ଦ (ହନ୍ତା—ସ୍ତ୍ରୀ) ସଙ୍ଗରେ ସମାସରେ ପ୍ରଥ ବ୍ୟବହୃତ ହୁଏ ଯଥା, ଧେନୁହନ୍ତା, ନରହନ୍ତା)—ସଂ. ବ. ପୁଂ—ଘାତକ ବ୍ୟକ୍ତି—Murderer. ପ୍ରାଦେ. (ଅଠାମଚ୍ଛି ଚାହାଁ ସମ—୧ । ଅମୁକ—1.Such or such a person. [ଉ—ହନ୍ତାର ବୁଥା; ହନ୍ତାର ମାଥା] ୨ । ନିରର୍ଥକ ବକ୍ୟାଳଙ୍କାର ବଚନ—2. Unmeaning expression used in a sentence. ପ୍ରାଦେ. (ବାକ୍ୟରେ ଅଶ୍ରୀ) ତୁଚ୍ଛାର୍ଥକ) ସେଇଠା—That(in contempt).

ହନ୍ତା(ନ୍ତେ)ଇବା—ଦେ. କ୍ରି—ହନ୍ତସନ୍ତ କରିବା (ଦେଶ)—Hantā(nte)ibā Hanta santa karibā (See)

ହନ୍ତା ପଡିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କ୍ରି—ଶଗିଯିବା; ଉତ୍ତରକୁ ହନ୍ତା ପର୍ଦ୍ଦିବା Hantā pardibā ପଶିଯିବା—To shrink in. [ଏ—ଆ ଟେଣ୍ଟ ଦନ୍ତା ଟଉଛୁ=ଯେଣ୍ଟ ପଶି ଯାଇଛୁ ।]

ହନ୍ତାଳ—ଦେ. ବ—ହେନ୍ତାଳ (ଦେଶ) Hantāla Hentāla (See)

ହନ୍ତାଳିବା—ପ୍ରାଦେ (ସାଲୁର) କ୍ରି—(ବାଘଆଦ) ଡକାଇବା—Hantālibā To bellow.

ହନ୍ତୁ—ସ. ବ (ହନ୍‌ ଧାତୁ + ତୁବ୍‌. ତୁ)—୧ । ମୃତ୍ୟୁ—1. Death. Hantu ୨ । (କନ୍ନ. ତୁ)—ବୃଷ (ଶବ୍ଦକଳ୍ପଦ୍ରୁମ)—2. Bull.

ହନ୍ତୁକ—ଦେ. ବଣ. ପୁଂ (ସଂ. ହନ୍ତା)—୧ । ହନ୍ତା; ଘାତକ—Hantuka 1. Murderous. ୨ । ହିଂସ୍ର—2. Spiteful; revengeful; rapacious. ଈ । କଷ୍ଟର— [ହନ୍ତୁକା—ସ୍ତ୍ରୀ] Cruel.

ହନ୍ତୁସନ୍ତୁ—ଦେ. ବଣ—ହନ୍ତସନ୍ତ (ଦେଶ)—Hantusantu [ଉ—ଘୋଡ଼ୁଏ ଜୀବନ ସତ୍ତି ଚହୁଣ୍ଟ କରାଇଁ, ବଅର୍ଥ କାରଣେ ହନ୍ତୁସନ୍ତୁ ଦେଇ । ପ୍ରାଚୀ. ରତ୍ନସ୍ୟ-ମଞ୍ଜରୀ ।]

ହନ୍ତୃ (ନ୍ତୃ)—ସ. ବଣ (ହନ୍‌ ଧାତୁ + କର୍ତ୍ତୃ; ତୃ)—ସେ ହତ୍ୟାକାରୀ—Hantru Killing; murderous. ସ.ବ—ଘାତକ ବ୍ୟକ୍ତି—(ହନ୍ତା—ପୁଂ) [ହନ୍ତ୍ରୀ ସ୍ତ୍ରୀ] Murderer.

ହନ୍ତୋକ୍ତି—ସ. ବ—ଅନୁକମ୍ପୋକ୍ତି (ଶବ୍ଦ କଲ୍ପଦ୍ରୁମ)—Hantokti Expression of pity.

ହନ୍ଦର—ବୈଦେ. ବ (ଇଂ ହଣ୍ଡ୍ରେଡ୍‌) —୧ । ଏକଶତ ସଂଖ୍ୟା—Handara 1. Hundred. ୨ । ହଣ୍ଡ୍ରେଡ୍‌ ଓଜନ; ଇଉରୋପ-ହନ୍ଦର ପ୍ରଚଳିତ ପଦାର୍ଥର ମାପ ଓ ଓଜନର ପରମାଣ ବିଶେଷ—ହନ୍ଦ୍ରର 2. Hundred-weight; a unit of weight. [ଦ୍ର—ଏହା ସ୍ଥାନ ବିଶେଷରେ ୧୦୦, ୧୧୨ ଓ ୧୨୦ ପାଉଣ୍ଡ୍‌ ସଙ୍ଗେ ସମାନ ।

ଇଂଲଣ୍ଡରେ ଏହା ୧୧୨ ପାଉଣ୍ଡ୍‌ =ବାଲେଶ୍ୱର ୫୨ ସେର=ପ୍ରାୟ ୧ ମଣରୁ ଅଳ୍ପ ବେଶି ।] ୩ । (ଇଂ ହଣ୍ଡ୍ରେଡ୍‌) ତାସ୍‌ ଖେଳରେ ଜଣେ ଖେଳାଳିଙ୍କର ପାଇଥିବା ତାସମାନଙ୍କର ମୂଲ୍ୟସ୍ୱରୂପ ଧରାଯିବା ଗତ ସଂଖ୍ୟା—3. Hundred in the game of cards. [ଦ୍ର—ଯେବେ ଜଣେ ଖେଳାଳିଙ୍କ ହାତକୁ ଏକାଥରକେ ଗୋଟିଏ ଟୂନ୍ଟା, ଗୋଟିଏ ସାତୋଦ, ଗୋଟିଏ ବଡ଼, ଗୋଟିଏ ଗୋଲ୍ଲମ ଓ ଗୋଟିଏ ଦଶା ଓ ଗୋଟିଏ ନବା ଅସିଯାଏ, ତେବେ ତାଙ୍କର ହନ୍ଦର ହୋଇଅଛୁ ବୋଲି ବୋଲିଯାଏ ।]

Digitized by srujanika@gmail.com

ହଡାଣ୍(ଳ)ବା—ଦେ. କ୍ରି (ସ ଅନ୍ୱେଷଣ)—୧। ଚୌଣସି ବସ୍ତୁ ନିମନ୍ତ୍ର
Han āri(li)bā ଚୌଣସି ସ୍ଥାନକୁ ଭଲ ଭଲ କର ଖୋଜିବା;
ଅଣ୍ଡାଳିବା—1. To thoroughly search a place
ହାଁତଡାନ fo something. ୨। ଇନ୍ଦ୍ରାଳନ; ଦରଣ୍ଡିବା—
ହାଥୋରନା 2. To grope for a thing.

ହଡାଣ୍(ଳ) ଡେବା—ଗ୍ରାଦେ (ବଲ୍ଲଙ୍କିର ଗାଣ୍ଡୀ) କ୍ରି—ଘାଣ୍ଟି ଦେଇ;
Handāri(li) bebā ଡଇଁରଙ୍ଗ ଦେବା—To be much
toubled or bothered.

ହଡି ସନ୍ଦି(ନ୍ଧି)—ଦେ. ବ—ଅନ୍ଦିସନ୍ଧ (ଦେଶ)
Handi sandi(ndhi) Andisandi (See)
ଅନ୍ଦିସନ୍ଧି କୋଳେକୋଳେ

ହଡେ—ଦେ. ଅ (ପ୍ରାଚୀନ)—ଡଡୁରୁ; ଯୋଗୁଁ—For (that).
Hande (ଉ—ବ୍ୟବଗେ କଟକେ ଅଟକ ଦେଲେ ସେସ୍ତୁ, ସେ ହଡେ
ଜନ୍ତେ ବ୍ୟାକୁଲ ମୋ ହୃଦ ହେଇ ଉହୁଁ । ସଦାନନ୍ଦ କବସୂର୍ପ୍ୟ—
କେ ଜିୟେ, ହେତୁ ସୁଗଲରସାମୃତ ଲହଡ଼ୀ ।)

ହନ୍ନ—ଦ. ବଣ. ପୁଂ (ହନ୍ ଧାତୁ=ହତିବା +କ୍ତ. ନ)—
Hanna କୃତପୁଣ୍ଡଷୋତ୍ସର୍ଗ; ସେ ହତି ସାରଅଛି—(A person)
(ହନ୍ନା—ସ୍ତ୍ରୀ) Who has passed faeces.

ହନ୍ୟ—ଦ. ବଣ. ପୁଂ (ହନ୍ ଧାତୁ+କର୍ମ. ଯ)—ହନ୍ତବ୍ୟ—
Hanya (ହନ୍ୟା – ସ୍ତ୍ରୀ) Fit to be killed.

ହନ୍ୟମାନ—ଦ. ବଣ ପୁଂ [ହନ୍ ଧାତୁ+କର୍ମ (ଶାନ) ଆନ]—ଯାଉଥାଇ
Hanyamāna ହଣା ଯାଉଅଛି—1. One who is being
[ହନ୍ୟମାନା—ସ୍ତ୍ରୀ] cut. ୨। ଯାହାକୁ ବଧ କର ଯାଉଅଛୁ—
2. Being slain.

ହପ୍କା—ଦେ ବ—୧ । ହଠାତ୍ ଉତ୍ପନ୍ନ ଭୟ—1. Sudden
Hap-kā fear; terror; fright ୨। ଭୟ—2. Fear.
ଭୟ ଭୟ ୩। ହୁଣ୍ଡା—3. Paroxysm.

ହପ୍ତନ୍(ମ୍) (ଇତ୍ୟାଦି)—ବୈଦେ. ବ—ହପ୍ତନ୍ (ଇତ୍ୟାଦି) (ଇତ୍ୟାଦି)
Hap-tan(m) (etc) Haptan(m) etc (See)

ହପ୍ତରଙ୍ଗି—ଗ୍ରାଦେ (ପୁସ୍) ବ—ହଠାତ୍ ଦେଖାଇବା ଧଯାବାଜି; ଫାକି;
Hap-tarangi ଭମି ଭୋପାନ—Bravado; boastful
denial; brazen-facedness.

ହପ୍ତା—ବୈଦେ. ବ—ହପ୍ତା (ଦେଶ)
Hap-tā Haptā (See)

ହପା (ଇତ୍ୟାଦି)—ଦେ. ବ—ହପ୍ତା [ଇତ୍ୟାଦି] (ଦେଶ)
Hapā (etc) Happā [etc] (See)

ହପା(ପେ)ଇବା—ଦେ. କ୍ରି—ହପ୍ତାଇବା [ଦେଶ]
Hapā(pe)ibā Happāibā (See)

ହପାଏ ଇ,ଏ)—ଦେ.ବଣ ଓ ବ ଓ କ୍ରି ବଣ—ହପ୍ତାଏ(ଇ,ଏ) [ଦେଶ]
Hapāe(ka,ke) Happāe(ka,ke) [See]

ହପାଲି—ଦେ. ବ—ହାତୀର ଦ୍ରୁତଗତି—
Hapāli Swift motion of an elephant.
ହାତୀରଜୋରଚାଲ, ଦ୍ରୁତଗତି ହାଥୀକା ଜୋରସେ ଚଲନା

ହପାଲିଆ—ଦେ. ବଣ. ପୁଂ—ହପ୍ତାଲିଆ [ଦେଶ]
Hapāliā Happāliā (See)
ହରିବୋ(ବ୍ବୋ)ଲ—ଦେ. ବାକ୍ୟ (ଅବ୍ୟୟୀଭୂତ ବ୍ୟବହୃତ) ୧ । ହରିବୋଲ ଅର୍ଥ—ଦେ ଭକ୍ତିଭାଜନ ଭାଇମାନେ ତୁମେମାନେ ହରିବୋଲ 'ହର' ଶବ୍ଦ ବୋଲ ବା ଉଚ୍ଚାରଣ କର) ଜଳେ 'ହର' ନାମ ଉଚ୍ଚାରଣ କର ପାର୍ଶ୍ୱସ୍ଥ ଅନ୍ୟମାନଙ୍କୁ 'ହର'ନାମ ଉଚ୍ଚାରଣକରିବା ପାଇଁ ଅନୁରୋଧ ସୂଚିତ ବାକ୍ୟ—1. Interjection for uttering the name of Hari and asking others present to do so ୨ । (ହରନାମ ଉଚ୍ଚାରଣେଚ୍ଛୁକଙ୍କ ଜସ୍ୟ ଜୟୁକାର ଧ୍ୱନି) ଜୟ ହର ! ଜୟ ହର !—2.Hurrah ! [ଉ—ହରବୋଲ ଭାଇ ଗୋବଦ୍ଦ ବୋଲ; ଭାସିଲ ପଥର ବୁଡିଲ ସୋଲ—ଭଗ] ନ—ହରଧ୍ୱନି; ଭଗବାନଙ୍କରେ ପୁନଃ ପୁନଃ ହରନାମ ଉଚ୍ଚାରଣ; ହରଙ୍କ ଜୟଧ୍ୱନି—Repeated utterance of the name of Hari. [ବ୍—ପାଶ୍ଚାତ୍ୟମାନେ ଆନନ୍ଦ ଦୋଳାଦ୍ୱଳ ଉତ୍ସାହରେ 'ହୁର୍ରେ' (Hurrah), 'ହିପ୍ ହିପ୍ ହୁର୍ରେ' (Hip Hip Hurrah !)ଆଦି ଧ୍ୱନି କରନ୍ତି; କିନ୍ତୁ ଆମ୍ଭେମାନେ ଆନନ୍ଦ ପ୍ରକାଶ ସଙ୍ଗେ ସଙ୍ଗେ ହରଙ୍କ ନାମ ଧରି 'ହରିବୋଲ୍' ଧ୍ୱନିକରୁଁ । କିମ୍ବଦନ୍ତୀରେ ସମାଗମରେ ଲୋକେ ସ୍ୱକାଆଦ୍ୟଙ୍କର ମଙ୍ଗଳକାମନାକରି, ପ୍ରଭୁଙ୍କ ବର ପ୍ରାର୍ଥନାକରି, ଅତ୍ୟାଶ୍ଚର୍ଯ୍ୟ ଉପରେ ପ୍ରଭୁଙ୍କ ଦୋଧକୁ ଅହାନ କର 'ହରିବୋଲ' ଦଅନ୍ତି । ଉତ୍ତରର ଅନ୍ୟାନ୍ୟ ଅଞ୍ଚଳରେ 'ହରିବୋଲ' ପରିବର୍ତ୍ତେ ଲୋକେ ଜୋଜୋକାର ମଧ୍ୟ କରନ୍ତି ।]

ହରିବୋଲ ଦେବା [ପକା(କେ)ଇବା]—ଦେ. କି – ବାର୍ଦ୍ଦାର Haribola debā[pakā(ke)ibā] ହରିବୋଲ ଶବ୍ଦ ଉଚ୍ଚାରଣ ହରିବୋଲ ଦେଓୟା ବହୁଜଣ ହରିନାମ କରିବା—To repeat the ହରିବୋଲ ଦେନା word Haribola several times. [ଉ—

ଜୀଡ଼ା ଭେଜ ଶିଶୁ ଦେଇ ହରିବୋଲ
ଦଉଡ଼ ଯାଅନ୍ତେ ଘରେ
ଅର୍ଦ୍ଧପଥେ ମେଘ ଗୋଡ଼ାଇ ଧରଣ
ଝଡିଯାଏ ତାଙ୍କୁ ଖରେ ।
ନନ୍ଦକିଶୋର]

[ବ୍—ହରସଙ୍କୀର୍ତ୍ତନ ଶେଷରେ, କୌଣସି ଶୁଭକାର୍ଯ୍ୟାନର ଅଭିମୁଖରେ ଓ ଶେଷରେ, ଉଚ୍ଚାରେ ବହୁତ ଲୋକଙ୍କ ନପଥାରୁ ଡେରିଥିବା ସମୟରେ,ମେଳା ମଜ୍ଜିବରେ, କୌଣସି ବ୍ୟକ୍ତିଙ୍କ ମଙ୍ଗଳ କାମନା କରିବାରେ,ଦେବତାଙ୍କଠାରୁ ବର ଲୋକଙ୍କ ବର ପ୍ରାର୍ଥନା କରିବା ଉପଲକ୍ଷରେ ଓ ଆନନ୍ଦ ଉତ୍ସବରେ ଲୋକେ 'ହରିବୋଲ' ଦଅନ୍ତି । ଚଢ଼ା ଯାଉଥିବା ଧର୍ମ ଗ୍ରନ୍ଥ ପାଠ କରିସାରି ପାଠକ ହରିବୋଲ ଶବ୍ଦ ଉଚ୍ଚାରଣ କରନ୍ତି । ଅନ୍ତିମ ସମ୍ୟ ଦେଖାଯାଏ ଯେ,ସାଧାରଣ ଲୋକେ ପରପାଡ଼ିତ ବ୍ୟକ୍ତି ଉପରେ ପରୁଙ୍କର ଦଣ୍ଡ ପଡ଼ୁ ବୋଲ ଉଚ୍ଚା କରି ସେହ ବ୍ୟକ୍ତିର ନାମ ଧରି ହରିବୋଲ ଦଅନ୍ତି । କୌଣସି ଅପ୍ରୀତିକର କଥା କାହାକୁ ଶୁଣାଇବା,କୌଣସି ବଡ଼ଲୋକଙ୍କ ସମ୍ବନ୍ଧେ ଜନଶ୍ରୁତି କଥା କହିବା, ଅସମ୍ଭବ ଘଟଣା ବିଷୟ କହିବା ଅବା ଉପଲକ୍ଷରେ ମଧ୍ୟ ଲୋକେ ହରିବୋଲ ଉଚ୍ଚାରଣ କରନ୍ତି । ଏମନ୍ତ କି, ଆଧୁନିକ ଯୁଗର ଲେଖକ ମାନଙ୍କର (ଯଥା—ଫଙ୍କାରମୋହନ) ଉକ୍ତ ପ୍ରସଙ୍ଗମାନଙ୍କରେ ହରିବୋଲ ଶବ୍ଦ ବ୍ୟବହାର କରିବା ଦେଖାଯାଏ ।

କବକର୍ତ୍ତୃରଚିତ ସତ୍ୟନାରାୟଣ ପାଞ୍ଚା ଶୁଣିବାକୁ ସମବେତ ହୋଇଥିବା ବ୍ୟକ୍ତିମାନେ କୌଣସି ବିଶେଷ ଅଙ୍ଗଭଙ୍ଗିମା ବା ପ୍ରସଙ୍ଗ ଶେଷରେ 'ହରିବୋଲ' ଦଅନ୍ତି ।

ଅନ୍ୟ ଦେଶରେ ପୁରୁଷମାନଙ୍କର ଜାତୀୟରରେ 'ହରିବୋଲ' ଉଚ୍ଚାରଣ କରିବା ଓ ସ୍ତ୍ରୀମାନଙ୍କର 'ହୁଲୁହୁଳି' ଦେବାର ପ୍ରଥା ବହୁକାଳରୁ ଅଛି । ସମବେତ ଜନମଣ୍ଡଳୀରୁ ଜଣେ ପ୍ରଥମେ କହନ୍ତି 'ଆନନ୍ଦେ ଏକବାର ହରିବୋଲ୍' ଓ ତା ସଙ୍ଗେ ସଙ୍ଗେ ସମବେତ ସମସ୍ତେ 'ହରିବୋଲ' ଶବ୍ଦରୁ ଉଥ ଧରନ୍ତି । ଏହାପରେ 'ଆଉ ଏକବାର୍ ହରିବୋଲ', 'ଫେର ଏକବାର ହରିବୋଲ', 'ପୁଣି ଆନନ୍ଦେ ଏକବାର ହରିବୋଲ' ଏହାପରି ବାରମ୍ବାର ହରିବୋଲ ପଡ଼ୁଥାଏ ଓ ଏ ଡାକ ସଙ୍ଗେ ସଙ୍ଗେ ସେଠାରେ ସ୍ତ୍ରୀମାନେ ଥିଲେ ସେମାନଙ୍କ ଉଚ୍ଚାରିତ ହୁଲହୁଲିର ରୋଳ ମଧ୍ୟ ଉଠୁଥାଏ ।

ହରିବୋଲ ପଡ଼ିବା—ଦେ. ବ—କୌଣସି ସ୍ଥାନରେ ସମବେତ ଲୋକଙ୍କ Haribola pardibā ଦ୍ୱାରା ବାରଂବାର ହରିଧ୍ୱନି ଉଚ୍ଚାରିତ ହରିବୋଲ ପଡ଼ା ହରିବୋଲପଡ଼ନା ହେବା—The repeated utteranee of Haribola by the assembled people.

ହରିବୋଲ୍ ବୋଲ୍ ହରି—ଦେ. ଅ—ଶବକୁ ସତ୍କାରାର୍ଥିମାନଙ୍କର Haribol bol hari ଶ୍ମଶାନଭୂମିକୁ ନେବା ସମୟରେ ମଧ୍ୟେ ହରିବୋଲ ବୋଲହରି ରାମ ନାମ ସତ୍ୟ ହେ ମଧ୍ୟେ ଉଚ୍ଚାରଣ (ହରିବୋଲ୍ ହରି—ଅନୁରୂପ) କରିବା ପଦ—Words uttered at intervals while carrying a corpse to the cremation ground. [ବ୍—ଶ ଶାନଭୂମିକୁ ନେଇଯିବା ସମୟରେ ଶବବାହକ ଓ ଶବର ପଶ୍ଚାତ୍‌ଗାମୀ ବ୍ୟକ୍ତିମାନେ 'ରାମ ନାମ ସତ୍ୟ' ବା

Digitized by srujanika@gmail.com

'ଉମ୍ନାମ୍ ସତ୍ୟ ହେ' ବାକ୍ୟ ବହୁବାର ଉଚ୍ଚାରଣ କରନ୍ତୁ ଓ ମଝିରେ ମଝିରେ 'ହରବୋଲ୍ ବୋଲ୍ ହରି' ଉଚ୍ଚାରଣ କରନ୍ତୁ ।]

ହରିବୋଲ ଭାଇ ଗୋବିନ୍ଦ ବୋଲ—ଦେ. ଅ (ଭଜେ ହରି ଓ ଗୋବିନ୍ଦ ନାମ ଉଚ୍ଚାରଣ କରିବାର ହରିବୋଲ ଭାଇ ଗୋବିନ୍ଦ ବୋଲ **हरिबोल भाई गोबिन्दबोल** ଅନ୍ୟକୁ ତାଡ଼ା କରିବାକୁ ଅନୁରୋଧ) ଜସ୍ ଜସ୍ ହରି !—(words used in uttering the name of Hari) Hurrah, in the name of God.

ହରିବୋଲ ଭାଇ ହରିବୋଲ—ଦେ. ଅ—ହରିବୋଲ ଭାଇ ଗୋବିନ୍ଦ ବୋଲ (ଦେଖ)—Haribola bhāi Haribola **हरिबोलभाइ हरिबोल bhāi gobinda bola** (See)

[ଦ୍ର—ଗାଦେ ! ଅଘଣ ଫଟ୍‌ରଡବ, ନାଉଡ଼ବ ଚୁଡ଼ାରେ ସତ୍ତେଇଶି ଜଣ ବ୍ରାହ୍ମଣଙ୍କର ଖେଚ କଘର ଥୁରଲ୍ଲ ? ହର ବୋଲଇଁଇ ହରବୋଲ୍—ପଙ୍କାରମୋହନ. ଜମାଣଅଠଗୁଣ]

ହରିବୋଲିଆ—ଦେ. ବିଣ—୧ । ଯେଉଁ ବ୍ୟକ୍ତି (ବା ବୈଷ୍ଣବ) ସବଦା Hariboliā ମୁଖରେ ହରନାମ ଉଚ୍ଚାରଣ କରନ୍ତି—1.(A person) ହରିବୋଲା Always uttering the name of Hari. ୨ । **ହରିବୋଲୀଆ** ଯେଉଁ ବ୍ୟକ୍ତି ସର୍ବଦା ମୁଖରେ "ହରିବୋଲ" ଶବ୍ଦ ଉଚ୍ଚାରଣ କରେ—2. Always uttering Haribola, ଜ । (ଲଟଜାର୍ଟ) (ବସନ୍ତୋତ୍ସବସମାଗମକାଳରେ ଉଚ୍ଚୈଃସ୍ୱରରେ ସମସ୍ତେ ମିଶି ହରବୋଲ ଉଚ୍ଚାରଣ କରୁଥିବାରୁ) ଯେଉଁ ବ୍ୟକ୍ତି ସବୁ କାର୍ଯ୍ୟରେ ଗୋଳମାଳକୁ ବା ବହୁଲୋକଙ୍କ ଉଚ୍ଚ ସ୍ୱରକୁ ସ୍ପୃହା ଯାଏ—3. (Figurative Noise-leoving; loving confusion. ଘାଟବ (ଉଡ଼ଜାତ) ବ—କଞ୍ଚା ଆମ୍ବର ଶସକୁ ବାଟି ଭିତରେ ଲୁଣ ଓ ଲଙ୍କାମରେ ଘୁଣ୍ଟା ଦେଇ ଆମ୍ବଖଡ଼ା ପର ଘୁସୁ ଘୁସୁଡ଼ର ଖରରେ ଶୁଖାଇ ଭାତ ସରେ ଅଗ୍ଚର ରୂପେ ଖାଇବାକୁ ସାଇଟା ଯାଇଥିବା ଆମ୍ବ ଅଗ୍ଚର—Pick'e made by drying the pasted kernel of green mango after seasoning it in salt and pepper.

ହରିବୋଲିଆ ଭଜା—ଦେ. କି—୧ । (ବହୁଲୋକଙ୍କ ହରବୋଲ Hariboliā karibā ଶୁଣିବା ବେଳେ ଘଟିବା ଶବ୍ଦଗୋଳର ହରିବୋଲାକରା ଖରରୁ)—(ଲଞ୍ଜଗାର୍ଟ) ଦୈନିସି କାର୍ଯ୍ୟକୁ ଗୋଳ. **ହରିବୋଲିୟାକରନା** ମାଲଆ କରିବା—(1.Figurative) To confuse matters. ୨ । ବଶୃଙ୍ଖଳ ଭାବରେ ଦୈନିସି କାର୍ଯ୍ୟ କରିବା—2. To perform a thing in a perfunctory or disorderly manner.

ହରିବଂଶ—ସ.ବ—୧ । ଶ୍ରୀକୃଷ୍ଣଙ୍କ ବଂଶ; ଯଦୁବଂଶ—1. The race Hari bamsa of Srikrushna. ୨ । ଶ୍ରୀକୃଷ୍ଣଙ୍କ ବଂଶଧର-ଗଣ—2. The descendants of Srikrushna. ୩ । ମହାଭାରତର ଖିଲଭାଗ ବ୍ୟାସକୃତ ଗ୍ରନ୍ଥ ବିଶେଷ—3. Name of a book which is supplemen. to the Mahābhārata. [ଦ୍ର—ଏଥିରେ ଶ୍ରୀକୃଷ୍ଣଙ୍କ ବଂଶଧର ଓ ସେମାନଙ୍କ କାର୍ଯ୍ୟକଳାପ ବର୍ଣ୍ଣିତ ହୋଇଅଛୁ] ୪ । ବ୍ୟାସ ରଚିତ ହରିବଂଶକୁ ଅବଲମ୍ବନ କରି ଓଡ଼ିଆରେ ରଚିତ ପଦ୍ୟଗ୍ରନ୍ଥ—4. The title of an Oriya poem which follows the original Sanskrit Haribamsa. [ଦ୍ର—ଓଡ଼ିଆରେ ବ୍ୟାସ ରଚିତ ହରିବଂଶର ଅନୁବାଦ ଓ ଭକ୍ତି ଗ୍ରନ୍ଥକୁ ଅବଲମ୍ବନ କରି ପଦ୍ୟ ଗ୍ରନ୍ଥ ପଞ୍ଚ ରଚିତ ହୋଇଅଛୁ]

ହରିବ୍ୟାସି—ଦେ. ବ—'ଜମାର୍କ' ବା ଜମାଇତ ବୈଷ୍ଣବ ସମ୍ପ୍ରଦାୟର Haribyāsi ଅନ୍ତର୍ଗତ ହରିବ୍ୟାସ ନାମକ ଜଣେ ବୈଷ୍ଣବଙ୍କ ପ୍ରବର୍ତ୍ତିତ ଉପ ସମ୍ପ୍ରଦାୟ ବିଶେଷ—Name of sub-sect of the Nimbārka sect of Baisnabast

ହରି ଭକ (ଗ) ତ—ଗ୍ରା. ବି. ପୁଂ—**ହରିଭକ୍ତ** (ଦେଖ)—Hari bhaka (ga) ta Haribbakta (See)

ହରି ଭକ (ଗ) ତି—ଗ୍ରା. ବି—**ହରିଭକ୍ତି** (ଦେଖ) —Hari bhaka (ga) ti Haribhakti (See)

ହରି ଭକ୍ତ—ସ.ବଣ. ପୁଂ (ସପ୍ତୀ ତତ୍)—ବିଷ୍ଣୁଙ୍କ ପ୍ରତି ଭକ୍ତିଯୁକ୍ତ—Haribhakta Devoted to God. ବ—**ହରିଙ୍କଠାରେ** ମନପ୍ରାଣ ଅର୍ପଣ କରିଥିବା ବ୍ୟକ୍ତି; ହରି ସେବକ—A devotee of Hari; a devout worshipper of God. [ଦ୍ର—ଯେଉଁ ଲୋକର ହରିଙ୍କଠାରେ ଭକ୍ତି ଥାଏ ଓ ଯେଉଁ ବ୍ୟକ୍ତି ସର୍ବଜୀବରେ ଈଶ୍ୱର ବିଦ୍ୟମାନ ଥିବା ଭାବନ୍ତି, ତାଙ୍କୁ ହରିଭକ୍ତ କୁହାଯାଏ—ବ୍ରହ୍ମବୈବର୍ତ୍ତ ପୁରାଣ ଉତ୍ତରଖଣ୍ଡ.]

ହରି ଭକ୍ତି—ନ ବ (ସପ୍ତୀ ତତ୍)—ଈଶ୍ୱରଭକ୍ତି; ବିଷ୍ଣୁଭକ୍ତି; ହରିଙ୍କ ଠାରେ ଭକ୍ତି—Devotion to God. Hari bhakti

ହରିଭକ୍ତିପ୍ରଦ—ନ ବଣ.ପୁଂ.—ଯାହା (ଯେଉଁ କାର୍ଯ୍ୟ, ଅଚରଣ, ଗ୍ରନ୍ଥ ବା ସମାଜ) ମନୁଷ୍ୟମାନଙ୍କ ହୃଦୟରେ ହରିଭକ୍ତିର ଉଦ୍ରେକ କରେ—(any act, book or association) Which begets a spirit of devotion to Hari in the minds of persons.

ହରିଭକ୍ତିପ୍ରଦାପୃକ
ହରିଭକ୍ତିପ୍ରଦାପୃ
—ଅନ୍ୟରୂପ

ହରିଭକ୍ତିପ୍ରଦା
ହରିଭକ୍ତିପ୍ରଦାୟିକା
ହରିଭକ୍ତିପ୍ରଦାୟିନୀ
—ସ୍ତ୍ରୀଲିଙ୍ଗ ରୂପ

ହରିଭକ୍ତିବିଳାସ—ସ.ବ (ନାମ)—ହରିଭଜନ ଓ ବୈଷ୍ଣବଙ୍କ କର୍ତ୍ତବ୍ୟ ଏବଂ ଆଚାରାଦି ବିଷୟକ ପ୍ରାମାଣ୍ୟ ସମ୍ବଳିତ ସଂସ୍କୃତ ଗ୍ରନ୍ଥ ବିଶେଷ—Haribhakti bilāsa The title of an authoritative Sanskrit treatise dealing with the duties of a Baishnaba) (e.g. fasts, festivals, hymns etc

ହରି ଭଜନ—ନ.ବ (ସପ୍ତୀ ତତ୍)—ସବଦା ହରିଙ୍କ ନାମ ସ୍ମରଣ ଓ ଗାନ—Haribhajana Chanting of and devotion to the name of Hari constantly.

Digitized by srujanika@gmail.com

ହରି ଭଜନ **हरिभजन** ଦେ. ବ—୧ । କୌଣସି ବ୍ୟକ୍ତିଙ୍କ ଦ୍ୱାରା ହରିନାମ ଉଚ୍ଚାରଣ—1. Utterance of the name of Hari by a single person. (ଦ୍ର—ସାଧାରଣତଃ ଜଣେ ଲୋକଙ୍କର ଏକାଗ୍ର ବସି ହରିଙ୍କ ନାମ ଉଚ୍ଚାରଣ ଓ ଗାନ କରିବାକୁ 'ହରିଭଜନ' ଓ ବହୁ ଲୋକଙ୍କର ଖୋଳ କରତାଳ ସହିତ 'ହରିନାମ ଗାନ'କୁ 'ହରିସଙ୍କୀର୍ତ୍ତନ' ବୋଲାଯାଏ ।) ୨ । ହରିଙ୍କ ନାମଯୁକ୍ତ ସ୍ତବ ବା ଗାନ—2. A hymn containing the name of Hari. ୩ । ପୁରୁଷଙ୍କ ନାମ—3. A name given to males.

ହରି ଭଜିବା—ଦେ. କି—୧ । ହରିଙ୍କ ନାମ ଉଚ୍ଚାରଣ କରିବା— **हरिभजना** Hari bhajibā 1. To utter the name of Hari. ୨ । ଭକ୍ତିପୂର୍ବକ ହରିଙ୍କଠାରେ ଶରଣ ନେବା—2. Taking shelter of Hari.

ହରିଭଦ୍ର—ସ. ବ—ହରିବାଲୁକ (ଦେଶ)—
Haribhadra Haribāluka (See).

ହରିଭାବି—ସ. ବଣ (ହରି+ଭାବ ଧାତୁ+କର୍ତ୍ତୃ. ଇନ୍, ୧ମା. ୧ବ)—
Haribhābi ହରିଙ୍କ ସମ୍ବନ୍ଧେ ଭାବନାଶୀଳ; ଯେ ସର୍ବଦା (ହରିଭାବନା—ସ୍ତ୍ରୀ) ହରିଙ୍କ ବିଷୟ ଭାବନା କରୁଥାଏ; ହରିଦତ୍ତ (ମୁଗ୍ଧବୋଧ ବ୍ୟାକରଣ)—Always bent on contemplating God.

ହରିଭୁକ—ସ ବ (ହରି=ବେଙ୍ଗ+ଭୁଜ୍ ଧାତୁ=ଖାଇବା+କର୍ତ୍ତୃ. କ୍ୱିପ୍; ହରିଭୁଜ୍, ଶବ୍ଦ ୧ମା. ୧ବ)—ସର୍ପ (ଶବ୍ଦରତ୍ନାବଳୀ)—Snake.

ହରିମନ୍ଥ—ସ. ବ—୧ । ଗଣିଆରିକା; ଅଗରଥୁ (ଶବ୍ଦ ଚନ୍ଦ୍ରିକା)—
Harimantha Premna Serratifolia (tree)
୨ । ଚଣକ; ଚଣା (ସଂସ୍କୃତ ଶବ୍ଦ)—2. The chicken pea. ୩ । ଦେଶ ବିଶେଷ (ଭରତ)—3. Name of a country.

ହରିମନ୍ଥକ (ଜ)—ସ. ବ—(ହରିମନ୍ଥ ଦେଶରେ ଏହା ପ୍ରଚୁର ଜନ୍ମୁ- Harimanthaka(ja) ଥିବାରୁ) ୧ । ଚଣକ (ଅମରକୋଷ, ଭରତ)—1. The chicken pea. ୨ । ବୃଟ—2. Gram. ୩ । କୃଷ୍ଣମୁଦ୍ଗ (ହେମଚନ୍ଦ୍ର) (ଦେଶ)—3. Krushna mudga (See)

ହରି ମନ୍ଦିର—ସ. ବ—(ଷଷ୍ଠୀ ତତ୍ପୁ)—୧ । ବିଷ୍ଣୁ ମନ୍ଦିର; ଯେଉଁ Hari mandira ମନ୍ଦିରରେ ବିଷ୍ଣୁ ବିଗ୍ରହ ପ୍ରତିଷ୍ଠିତ ଓ ପୂଜିତ ହୁଅନ୍ତି—1. A temple for the worship of Bishnu. ୨ । ବୈଷ୍ଣବମାନଙ୍କ ଲଲାଟରେ ଅଙ୍କିତ ଉଲଟା ରେଖା ବିଶେଷ—2. A sort of mark painted on the forehead of Baishnabas. [ଦ୍ର—ହରିମନ୍ଦିର ଉଲଟ କରାଯିବା—ବ୍ରାତ୍ୟ. ବ୍ରତାଃ. ଶବ୍ଦାନ୍ତରେଣ ।]

ହରିମନ୍ଦିର ତିଳକ—ସ. ବ—ହରିମନ୍ଦିର (୨) (ଦେଶ)—
Harimandira tilaka Harimandira (2) (See)
[ହରିମନ୍ଦିର ତତ୍ପୁ—ଦେ. ରୂପ]

ହରି ମନ୍ଦିର—ଦେ. ବ—ହରିମନ୍ଦିର (୨) (ଦେଶ)—
Harimandirā Harimandira (2) (See)
[ହରିମନ୍ଦିର ତତ୍ପୁ—ଅନ୍ୟରୂପ] [ଦ୍ର—ଜଣେ ଜଣେ ନଅଣ ଘଇତା, ବୃଡ଼ାଦଳେ ହରିମନ୍ଦିର ତତ୍ପୁ—ଉଗ]

ହରିମନ୍ଦିର ତିଳକ **हरिमन्दिर तिलक**

ହରିମନ୍ଦିର କାଟିବା—ଦେ. କି—୧ । କପାଳରେ ହରିମନ୍ଦିର ଉଲଟ Harimandirā kātibā ରେଖା ଅଙ୍କିତ କରିବା—1. To ହରିମନ୍ଦିର ତିଳକ କାଟା paint Harimandira figure **हरिमन्दिर तिलक करना** on the forehead. ୨ । (ଲକ୍ଷଣାର୍ଥ) ତତ୍ପୁ ତାଡ଼ିବା; କୌଣସି ବ୍ୟକ୍ତିକୁ ଠକିବା—2. (Figurative) To cheat a person.

ହରିମନ୍ଦିର ଦେବା=ଦେ. କି—୧ । ଅନ୍ୟ ବ୍ୟକ୍ତିର କପାଳରେ (ଯଥା Harimandirā debā ଗୁରୁ ଶିଷ୍ୟର କପାଳରେ) ହରିମନ୍ଦିର ହରିମନ୍ଦିରତିଳକ ଦେଓୟା ଉଲଟ ଅଙ୍କିତ କରିବା—1. To paint **हरिमन्दिरतिलकदेना** Harimandirā figure on the forehead of another. ୨ । (ଲକ୍ଷଣାର୍ଥ) ତତ୍ପୁ କାଟିବା; କୌଣସି ବ୍ୟକ୍ତିକୁ ଠକିବା—2. (figurative) To cheat a person.

ହରି ମୁଦ୍ଗ—ସ.ବ—ଏକ ପ୍ରକାର ମୁଗ; ଶାଗୁଆ ମୁଗ—A species Hari mudga of moonga pulse of green colour.

ହରି ମେଧ—ସ. ବ—୧ । ଅଶ୍ୱମେଧ ଯଜ୍ଞ (ହି. ଶ)—1. Horse Hari medha sacrifice. ୨ । ବିଷ୍ଣୁଙ୍କର ଗୋଟିଏ ନାମ (ହି. ଶ)—2. A name of Bishnu.

ହରିୟ—ସଂ. ବ—ପୀତବର୍ଣ୍ଣ ଘୋଟକ (ହେମଚନ୍ଦ୍ର)—
Hariya A horse of yellow colour.

ହରିୟଲ୍—ଦେ. ବ—ହରିଅଲ୍ (ଦେଶ)—
Hariyal Harial (See)

ହରିୟା—ଦେ. ବ—ହରିଆ (ଦେଶ)—
Hariyā Hariā (See)

ହରି ୟାନ (ବା'ହନ)—ସଂ. ବ (ଷଷ୍ଠୀ ତତ୍ପୁ)—ଗରୁଡ଼—
Hari jāna (bāhana) Garurda; the carrier of Hari.

ହରିୟାଲ୍ (ଲ୍)—ଦେ. ବ—ହରିଅଲ୍ (ଲ୍) (ଦେଶ)—
Hariyāl (l) Hariāl (l) (See)

ହରିୟୂପୀୟା—ସଂ. ବ (ନାମ)—ବେଦୋକ୍ତ ମହାଜନପଦ ବା ମହାଦେଶ- Hariyūpīyā ବିଶେଷର ନାମ; ମାନବ ଜାତିର ଆଦ ଜନ୍ମଭୂମି—Name of a continent mentioned in the Bedas and said to be the original birth-place of man. [ଦ୍ର—ପ୍ରତ୍ନତତ୍ତ୍ୱବିତ୍ ଅଧୁନିକ ପଣ୍ଡିତମାନେ ଏହାକୁ ଅଧୁନିକ ୟୁରୋପ (Europe) (ଲାଟିନ୍ ନାମ ୟୁରୁପା) ମହାଦେଶ ଥିବା ଅନୁମାନ କରନ୍ତି—ଶବ୍ଦେନ୍ଦ୍ରତତ୍ତ୍ୱ, ବଙ୍ଗଳା ଅଭିଧାନ]

ହରିର୍ ନୁ (ଲୁ) ଟ୍—ଦେ. ବ—ହରିଲୁଟ୍ (ଦେଶ)—
Harir-nu (lu) ṭ Harilut (See)

Digitized by srujanika@gmail.com

ହରି ରାମ—ଦେ. ବ. ପୁଂ—ପୁରୁଷଙ୍କ ନାମ—
Hari rāma A name given to males.
ସଂ. ବ—ଏକଜ ଉଚ୍ଚାରିତ ହରିଙ୍କର ଦୁଇଟି ନାମ—
Two names of Hari uttered one after another.
[ହରେରାମ—ଦେଶଜ ରୂପ]

ହରିର୍ନାମ—ଦେ. ବ—(ସଂ. ହରେର୍ନାମ)—ହରେର୍ନାମ (ଦେଖ)—
Harirnāma Harernāma (See)

ହରି ର୍ନୁ (ର୍ଲୁ) ଟ୍—ଦେ. ବ—ହରିଲୁଟ୍ (ଦେଖ)—
Harirnu (rlu)ṭ Harilut (See)

ହରିଲୁଟ୍ (ଠ୍)—ଦେ. ବ (ସଂ. ହରି ଓ ଲୁଣ୍ଠନ)—ଈପ୍ସିତ ବିଶେଷ; ହରି
Harilut (ṭh) ସଂଙ୍କୀର୍ତ୍ତନ ପରେ ହରିଙ୍କ ଉଦ୍ଦେଶ୍ୟରେ ନିବେଦିତ ପ୍ରସାଦ (ଭଖୁଡ଼ା, ଦୋଦ୍ଦ, ଖଇ ଆଦି) ଭୂମିରେ ଢାଳା ହେବା ପରେ ତାକୁ ସମବେତ ଭକ୍ତଗଣଙ୍କର ଆନନ୍ଦ କୋଳାହଳ କରି ଓ ହରିବୋଲ ଯକାଇ ଗୋଟାଇ ଘରକୁ ଯିବାର ରୂପ ଉତ୍ସବ—
A festival consisting of strewing the sweet offerings offered to Hari on the ground after finishing the chanting of Nāma Saṁkirttana and the assembled people picking up as much as each can in the crowd.

ହରି ଲୋକ—ସଂ. ବ (ଶ୍ରୀ ଉଚ୍)—ବିଷ୍ଣୁଲୋକ; ବୈକୁଣ୍ଠ (ହି. ଶ)—
Hari loka The paradise of the Hindus.

ହରି ଲୋଚନ—ସଂ. ବଣ. ପୁଂ (ବହୁବ୍ରୀ, ହରି=ହରିତ ଅଟେ
Hari lochana ଲୋଚନ ଯାହାର)—ଚଲ୍ଲ ଅଖିଆ—(a person) Having green eyes. ବ—୧ । କୁଲୀର;କଙ୍କଡ଼ା
[ହରିଲୋଚନା—ସ୍ତ୍ରୀ] (ହିନ୍ଦୀ ଶବ୍ଦ)—1. Crab. ୨ । ପେଚକ (ଶବ୍ଦକଳ୍ପଦ୍ରୁ, ୨)—2, Owl.

ହରିଶ୍—ଦେ. ବ—ହରିଶ୍ଚନ୍ଦ୍ରର ଡାକନାମ—Nickname of
Hariś Hariśchandra.

ହରିଶଙ୍କର—ସ. ବ—ବିଷ୍ଣୁ ଓ ଶିବ; ହରିହର—God Bishnu
Hariśaṅkara and God Śiba. ଦେ.ବ. ପୁଂ—ପୁରୁଷଙ୍କ ନାମ—A name given to males.

ହରି ଶବ୍ଦ—ଦେ. ବ (ସଂ. ହରିଶବ୍ଦ)—ହରିଧ୍ୱନି; ହରିବୋଲ; ହରିଙ୍କ
Hari śabada ନାମ ଉଚ୍ଚାରଣ—The utterance of the name of Hari. [ଉ—ଲଙ୍କାରେ ଘୁଣି ହରିଶବ୍ଦ—ଭଗ; ଅର୍ଥାତ୍ ଲଙ୍କାବାସୀ ନାସ୍ତିକ ରାକ୍ଷସମାନଙ୍କ ମୁଖରୁ [ହରିଶବ୍ଦ—ସ. ରୂପ] ହରିଶବ୍ଦ ଶୁଣାଯିବା ଆଶା କରିସାରେ ନାହିଁ]

ହରି ଶୟନ—ସ. ବ—୧। ବିଷ୍ଣୁ ବା ହରିଙ୍କର ନିଦ୍ରା—1, The sleep
Hari śayana of Bishṇu or Hari. ୨ । ଯେଉଁ ସମୟରେ ହରିନିଦ୍ରିତ ରହନ୍ତି—2. The time when Bishnu is said to be in bed. ୩ । ଆଷାଢ଼ମାସର ଶୁକ୍ଳଦ୍ୱାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ପର୍ଯ୍ୟନ୍ତ କାଳ (ଯେଉଁ ସମୟରେ ବିଷ୍ଣୁ ନିଦ୍ରା ଯାଆନ୍ତି)—3. A period of 4 months from the 12th day of the bright lunar fortnight of Ashārḍha to the 12th day of the bright fortnight of Kārttika. ୪ । ଆଷାଢ଼ ମାସର ଶୁକ୍ଳ ଏକାଦଶୀ—4. The 11th day of the bright lunar fortnight of Ashārḍha [ଦ୍ର—ଏହା ପୁରୀ ଜଗନ୍ନାଥ ମହାପ୍ରଭୁଙ୍କର ଶୟନଯାତ୍ରା ନାମକ ଗୋଟିଏ ଯାତ୍ରା ଦିବସ ଅଟେ ଓ ଏହି ଦିନଠାରୁ ଗୁରୁମାଁସ୍ୟା ବ୍ରତାରମ୍ଭ ହୁଏ । ପୁରୁଣମାନଙ୍କ ମତରେ ବିଷ୍ଣୁ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶୋଇବାକୁ ଯାଆନ୍ତି, ଭାଦ୍ର ମାସ ଶୁକ୍ଳ ଏକାଦଶୀ ଦିନ ପାର୍ଶ୍ୱ ପରିବର୍ତ୍ତନ କରନ୍ତି ଓ କାର୍ତ୍ତିକ ଶୁକ୍ଳ ଏକାଦଶୀ ପର୍ଯ୍ୟନ୍ତ ନିଦ୍ରାଯାଇ ଦ୍ୱାଦଶୀଦିନ ନିଦ୍ରାରୁ ଉଠନ୍ତି—ସମ୍ପ୍ରଦାୟଗତ, ବାମନ ପୁରାଣ, ବରାହ ପୁରାଣ ଓ ଭବିଷ୍ୟ ପୁରାଣ]

ହରିଶୟନ ଏକାଦଶୀ—ସ. ବ—ଆଷାଢ଼ ଶୁକ୍ଳ ଏକାଦଶୀ—The 11th
Hariśayana ekādasī day of the bright lunar fortnight of Āshārḍha.

ହରିଶୟନ ଯାତ୍ରା—ଦେ. ବ—ପୁରୀ ଜଗନ୍ନାଥ ଦେବଙ୍କର ଆଷାଢ଼ ଶୁକ୍ଳ
Hariśayana jātrā ଏକାଦଶୀ ଦିନ କରଯିବା ଯାତ୍ରା—A festival observed on the occasion of Hariśayana Ekādasī in the temple of Jagannātha of Puri. [ଦ୍ର—ଭୁବନେଶ୍ୱର ଲିଙ୍ଗରାଜଙ୍କର ବା ଶିବଙ୍କର ଶୟନଯାତ୍ରା (ଶୟନ ଚତୁର୍ଦ୍ଦଶୀ) ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ଓ ଉତ୍ଥାପନ ଯାତ୍ରା (ଶିବୋତ୍ଥାପନ) କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ଦିନ ସମାହୃତ ହୁଏ]

ହରି ଶର—ସ·ବ·ପୁଂ (ବହୁବ୍ରୀ, ହରି ଦୋଇଥିଲେ ଶର ଯାହାଙ୍କର)—
Hari śara ଶିବ (ଶିବ କଲ୍ପଦ୍ରୁମ)—Śiba. [ଦ୍ର—ତ୍ରିପୁର ଦହନାର୍ଥ "ହର" ମହାଦେବଙ୍କ ହସ୍ତସ୍ଥିତ ଧନୁରେ ଶର ରୂପେ ହରିଛତ ହୋଇଥିବାରୁ ଶିବଙ୍କର ଏହି ନାମ ହୋଇଅଛି]

ହରି ଶରଣ—ଦେ, ବ. ପୁଂ—୧ । ପୁରୁଷଙ୍କ ନାମ—1. A name
Hari śaraṇa given to males. ୨ । (ବାକ୍ୟ) ପତ୍ରାଦିର ଉପରି ଶିରୋଦେଶରେ ଲେଖାପିବା ବାକ୍ୟ [ଏହାର ଅର୍ଥ [ହରିଶବ୍ଦ—ସ. ରୂପ] ହରିଙ୍କଠାରେ ଶରଣାଗତ ହୋଇ ଏ ପତ୍ର ଅବମ୍ଭ କଲି]— 2. A formula written as the heading of private letters (invoking the name of Hari as the writer's refuge). [ଦ୍ର—କେହି କେହି ହରିଭରସା, ଶ୍ରୀହରିଃ, ହରିଃ, ହରିଶରଣଂ, ଶ୍ରୀହରି, ଶ୍ରୀହରିଶରଣ ଇତ୍ୟାଦି ଲେଖନ୍ତି]

ହରିଶାଣି—ଦେ. ବ—ଆତଗଛ ପରି ଏକପ୍ରକାର ନାତିଦୀର୍ଘବନୀତୃଣ—
Hariśāṇa A wild tree of middle stature like the custard apple tree, the leaves of which are used in polishing ivory and horn articles.

Digitized by srujanika@gmail.com

[ଦ୍ର—ଏଥିର ପଦର ପିଠି ପାଖରେ ଟାଣୁଆ ଲୋମମାନ ଥାଏ । ଏହି ପଦର ପିଠିପାଖ ଶିଙ୍ଗର ଓ ଡାଳଦାନ୍ତର ଭିତର ସାନଙ୍କ ଭିତରେ ଘଷିଲେ ସେମାନ ପାଲସ ହୁଏ]

ହରିଶ୍ଚନ୍ଦ୍ର—ସ. ବ (ନାମ) (ନଘାତନ ସିଦ୍ଧ; ସ. ହରିଃ + ଚନ୍ଦ୍ର; ବ୍ୟାକ-
Hariśchandra ରଣର ବଧୂ ଅନୁସାରେ ଏହା "ହରିଚନ୍ଦ୍ର" ହେବା ଉଚିତ) ଏଥିର ଅର୍ଥ—ହରିଙ୍କ ପରି ଚନ୍ଦ୍ର ବା ରମଣୀୟ)—ସୂର୍ଯ୍ୟବଂଶୀୟ ଜନୈକ ରାଜା—Name of a king of the Solar race'

[ଦ୍ର—ଏ ତ୍ରେତାଯୁଗର ସୂର୍ଯ୍ୟବଂଶୀୟ ଅଷ୍ଟାବିଂଶ ରାଜା । ଏହାଙ୍କର ପିତା ତ୍ରିଶଙ୍କୁ, ଏହାଙ୍କର ପୁତ୍ର ରୋହିତାଶ୍ୱ ଓ ରାଣୀ ଶୈବ୍ୟା । ଏ ଅତି ଧର୍ମନିଷ୍ଠ, ଗୁଣବାନ୍ ଓ ଦାତା ଥିଲେ । ଜନେ ସ୍ୱର୍ଗରେ ବଶ୍ୱାମିତ୍ର ବଶିଷ୍ଠଙ୍କଠାରୁ ହରିଶ୍ଚନ୍ଦ୍ରଙ୍କ ଧର୍ମନିଷ୍ଠା ଓ ଦାତୃତ୍ୱର ପ୍ରଶଂସା ଶୁଣି ଏହା ପରୀକ୍ଷା କରିବା ପାଇଁ ହରିଶ୍ଚନ୍ଦ୍ରଙ୍କ ନକଟରେ ଉପସ୍ଥିତ ହେଲେ; ଏବଂ ଏହାଙ୍କୁ ରାଜ୍ୟ ସହିତ ସମସ୍ତ ଧନ ସମ୍ପତ୍ତି ବିଶ୍ୱାମିତ୍ରଙ୍କୁ ସମସ୍ତ ଦାନ କରି ଏକବସ୍ତ୍ର ହୋଇ ସ୍ତ୍ରୀ ଓ ପୁତ୍ର ସହିତ ରାଜ୍ୟତ୍ୟାଗ କଲେ । ତଥାପି ବଶ୍ୱାମିତ୍ର ଏଥିରେ ସନ୍ତୁଷ୍ଟ ନ ହୋଇ ଏହାଙ୍କଠାରୁ 'ଦାନର ଦକ୍ଷିଣା' ପାଇବା ପାଇଁ ଅଳ କଲେ । ବଶ୍ୱାମିତ୍ରଙ୍କୁ ଦକ୍ଷିଣା ଦେବାପାଇଁ ଧନ ସଂଗ୍ରହ କରିବାର ଅନ୍ୟ ଉପାୟ ନ ଥିବାରୁ ହରିଶ୍ଚନ୍ଦ୍ର ନିଜର ସ୍ତ୍ରୀ ଶୈବ୍ୟାକୁ ଦାସୀରୂପେ ଓ ଏକମାତ୍ର ପୁତ୍ର ରୋହିତାଶ୍ୱକୁ ଦାସରୂପେ ଜଣେ ବ୍ରାହ୍ମଣଙ୍କୁ ବିକ୍ରି କଲେ ଓ ନିଜେ ଗୋଟିଏ ଚଣ୍ଡାଳ ନକଟରେ ଦାସତ୍ୱ ସ୍ୱୀକାର କରି, ଏକଭୂତ ଦାସତ୍ୱଲବ୍ଧ ଧନ ଆଣି ବଶ୍ୱାମିତ୍ରଙ୍କୁ ଦକ୍ଷିଣା ଦେଲେ । ଶ୍ମଶାନରେ ଶବସତ୍କାର କରିବାପାଇଁ ଆସିବା ବ୍ୟକ୍ତିମାନଙ୍କଠାରୁ ଶୁଳ୍କ (ଟିକସ) ଆଦାୟ କରିବାର ଭାର ଏହାଙ୍କ ମାନିବ ଚଣ୍ଡାଳ ହରିଶ୍ଚନ୍ଦ୍ରଙ୍କଠାରେ ଅର୍ପଣ କରିଥିଲା; ତେଣୁ ଏ ଅଗତ୍ୟା ଶ୍ମଶାନରେ ରହି ସେ କାର୍ଯ୍ୟ କରୁଥାଆନ୍ତି । ଏଣେ ଶୈବ୍ୟା ରୋହିତାଶ୍ୱ ସହିତ ବ୍ରାହ୍ମଣ ଘରେ ଦାସୀ ବୃତ୍ତି କରି ଅତି ଦୁଃଖରେ କାଳଯାପନ କରୁଥାଆନ୍ତି, ଓ ଏହି ଅବସ୍ଥାରେ ହରିଶ୍ଚନ୍ଦ୍ରଙ୍କ ସଙ୍ଗେ ସ୍ତ୍ରୀଙ୍କର ଓ ପୁତ୍ରଙ୍କର କିଛିମାତ୍ର ସଞ୍ଚବ ନ ଥାଏ । ଏହିରୂପେ କିଛିଦିନ ଗତ ହେବା ପରେ ରୋହିତାଶ୍ୱ ସର୍ପଦଂଶନରେ ପ୍ରାଣତ୍ୟାଗ କଲା । ଶୈବ୍ୟା ପୁତ୍ରର ଶବକୁ ସତ୍କାର କରିବାପାଇଁ ନଣାସଜ୍ଜରେ ଶ୍ମଶାନକୁ ନେଲେ । ପ୍ରଥମେ ସ୍ୱାମୀ ଓ ସ୍ତ୍ରୀ କେହୁ କାହାରିକୁ ଚହି ପାରିଲେ ନାହିଁ । ଶ୍ମଶାନରେ ଶୁଳ୍କ ଦେବାପାଇଁ ଶୈବ୍ୟାଙ୍କର ଅର୍ଥସଙ୍ଗତି ନ ଥିଲା । ତଥାପି ଚଣ୍ଡାଳର ନିର୍ବାରିତ ଶୁଳ୍କ ଦେବାପାଇଁ ହରିଶ୍ଚନ୍ଦ୍ର ଶୈବ୍ୟାକୁ ଜିଦ କରିବାରୁ ଶୈବ୍ୟା ଶୋକାଭିଭୂତା ହୋଇ ନିଜର ଦୁଃଖ ବୃତ୍ତାନ୍ତ ବର୍ତ୍ତନା କରି ରୋଦନ କଲେ; ହରିଶ୍ଚନ୍ଦ୍ର ଶୈବ୍ୟାକୁ ଓ ଶୈବ୍ୟା ହରିଶ୍ଚନ୍ଦ୍ରଙ୍କୁ ଚହ୍ନିଲେ । ଏକମାତ୍ର ପୁତ୍ର ମୃତ ହେବାରୁ ମାତାପିତା ଦୁହେଁ ମଧ୍ୟ ପୁତ୍ରର ଶବ ସଙ୍ଗେ ଚିତାଗ୍ନିରେ ଝାସ ଦେଇ ଇହଲୋକର ଯାତନାରୁ ମୁକ୍ତ ହେବା ପାଇଁ ଚିତା ଜଳାଇଲେ । ଏହି ଅବସ୍ଥାରେ ଏହାଙ୍କର ଧର୍ମନିଷ୍ଠତାରେ ପ୍ରୀତ ହୋଇ ବଶ୍ୱାମିତ୍ର ସେହି ଶ୍ମଶାନରେ ଉପସ୍ଥିତ ହେଲେ ଓ ତାଙ୍କ ଦାନଯଜ୍ଞର ସ୍ୱେହଭାଣ୍ଡକୁ ଖାଆଇଁ ଦେଲେ ଓ ହରିଶ୍ଚନ୍ଦ୍ରଙ୍କୁ ସ୍ୱରାଜ୍ୟ ଫେରାଇ ଦେଲେ ।]

ଦେ. ବ. ପୁଂ (ନାମ)—ପୁରୁଷଙ୍କୁ ଦିଆଯିବା ନାମ—
ହରିଶ୍ଚନ୍ଦ୍ର **ହରିଶ୍ଚନ୍ଦ୍ର** A name given to males..

ହରିଶ୍ଚନ୍ଦ୍ର ପୁର—ସ. ବ (ଷଷ୍ଠୀ ତତ୍) —ରାଜା ହରିଶ୍ଚନ୍ଦ୍ରଙ୍କ ରାଜଧାନୀ;
Hariśchandra pura ତ୍ରେତାପୁର—The capital of King Hariśchandra of the Treta age.

ହରିଶ୍ଚନ୍ଦ୍ର ମୁଖୋପାଧ୍ୟାୟ(ମୁଖର୍ଜି)—ଦେ: ବ--ଜଣେ ପ୍ରସିଦ୍ଧ ସ୍ୱର୍ଗତ ବଙ୍ଗୀୟ
Hariśchandra Mukhopādhyāya (mukharji) ବ୍ରାହ୍ମଣ-
A famous Bengalee Brāhmaṇa.

ହରିଶ୍ଚନ୍ଦ୍ରମୁଖୋପାଧ୍ୟାୟ **ହରିଶ୍ଚନ୍ଦ୍ରମୁଖୋପାଧ୍ୟାୟ**

[ଦ୍ର—ଏହାଙ୍କର ଜନ୍ମ ଖ୍ରୀ ୧୮୨୪—ମୃତ୍ୟୁ ୧୮୬୧ । ଏହାଙ୍କ ପିତା ରାମଧନ ଅତି ଗରିବ ଥିଲେ । ହରିଶ୍ଚନ୍ଦ୍ର ସ୍ୱୀୟ ପ୍ରତିଭା ଓ ଅଧ୍ୟବସାୟ ବଳରେ ସାମାନ୍ୟ ଶିକ୍ଷାଲାଭ କରି କଲିକତାରେ ସରକାରୀ ସାମରିକ ହିସାବ ପରୀକ୍ଷା ବିଭାଗରେ ପ୍ରଥମେ ଦଫ୍ତରୀ ଦରମାରେ ବିଭାଗ ଗୁଜର କଲେ; ସେଠାରେ ନିଜର ଅଧ୍ୟବସାୟ ଓ ଶକ୍ତିର ପରିଚୟ ଦେଇ ସେ କ୍ରମଶଃ ଉନ୍ନୀତ ହୋଇ ଶେଷରେ ମାସିକ ଶହେଶତ ଟଙ୍କା ବେତନରେ ସେହି ବିଭାଗରେ ସହକାରୀ ସାମରିକ ପରୀକ୍ଷକ(Assistant military auditor)କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏ କଲିକତାର ଇଂରାଜୀ ସମ୍ବାଦପତ୍ର 'ହିନ୍ଦୁ ପାଟ୍ରିଅଟ୍' (Hindu patriot) ର ସମ୍ପାଦକତ୍ୱ ଗ୍ରହଣ କରି ନିଜ ଲେଖନୀର କ୍ଷମତାଦ୍ୱାରା ତତ୍କାଳୀନ ବଡ଼ଲାଟଙ୍କୁ ସୁଦ୍ଧା ଚକିତ କରିଥିଲେ । ୧୮୫୭ ସାଲରେ ସିପାହୀ ବିଦ୍ରୋହ ସହିତ ବଙ୍ଗବାସୀମାନଙ୍କର ସହାନୁଭୂତି ନ ଥିବା ବିଷୟ ଏ ମହାଶୟ ଉକ୍ତ ପତ୍ରିକାରେ ପ୍ରମାଣିତ କରିଥିଲେ । ନୀଳକର ସାହେବ (Indigo planters) ମାନଙ୍କଦ୍ୱାରା ପ୍ରଜା ମାନଙ୍କପ୍ରତି କରାଯାଇଥିବା ଅତ୍ୟାଚାରବୃତ୍ତାନ୍ତରେ ଏ ଲେଖକ ଗୁଳନ କରି ପ୍ରଜାମାନଙ୍କ ଦୁଦ୍ଦାର ଉଦ୍ଦର କରିବାପାଇଁ ଗଭର୍ଣ୍ଣ-ମେଣ୍ଟ ନିଯୁକ୍ତ ନୀଳକର-କମିସନ୍(Indigo commision) ଙ୍କ ନକଟରେ ସାକ୍ଷ୍ୟ ଦେଲେ । ନୀଳକର ସାହେବମାନେ ଏହାଙ୍କ ନାମରେ 'ଅପବାଦ ରଟନା' କରିଥିବା ଅଭିଯୋଗ କରି ଫଉଜଦାରୀ ଓ ଦେୱାନି କାଇସ କରି ଡିଗ୍ରୀ ପାଇ ଏହାଙ୍କ ମୃତ୍ୟୁ ପରେ ଏହାଙ୍କର ସମସ୍ତ ସମ୍ପତ୍ତି ନିଲାମ କରାଇଦେଲେ । ଏହାଙ୍କ ସତ୍କାର୍ଥ ବ୍ରିଟିଶ୍ ଇଣ୍ଡିଆନ୍ ସଭା (The British Indian Association) ସ୍ଥାପିତ ହୋଇଥିବା ସମୟରେ ଏହାଙ୍କ ସମ୍ପାଦକତାରେ 'ହରିଶ୍ଚନ୍ଦ୍ର ଲାଇବ୍ରେରୀ' ନାମକ ଗୋଟିଏ ପୁସ୍ତକାଳୟ ସ୍ଥାପିତ ହୋଇଥିଲା ଓ ଫ୍ରାନ୍ସୀ ବୋମାନ୍ସ ନାମକ ଜଣେ ଖାର୍ସୀ ଗ୍ରାନ୍ଥୀର ଅଲୋକ ଓ ଛାୟାମାନ (Lights and shades of the East) ନାମକ

Digitized by srujanika@gmail.com

ପୁସ୍ତକରେ ଏହାଙ୍କ ଜୀବନଚରିତ ଲେଖିଅଛନ୍ତି—ସୁବଲଚନ୍ଦ୍ର ।

ଏହାଙ୍କର ଲେଖାପଢ଼ିକୁ ହରି ଗୁରୁ, ଗ୍ରନ୍ଥାବଳୀ ନାମରେ ବଙ୍ଗବାସୀ ପଣ୍ଡିତମାନଙ୍କଠାରୁ ଯଥେଷ୍ଟ ପ୍ରଶଂସାପତ୍ର ପ୍ରକାଶ କରି ଅଛନ୍ତି ।]

ହରିଶ୍ଚନ୍ଦ୍ର ସାହୁ—ଦେ. ବ (ନାମ)—ଜଣେ ପ୍ରସିଦ୍ଧ ସ୍ୱର୍ଗତ ହିନ୍ଦି କବି, Hariśchandra sāhu ଭାରତେନ୍ଦୁ ହରିଶ୍ଚନ୍ଦ୍ର—Late famous Hindi writer and author. [ଦ୍ର—ଜନ୍ମ ଖ୍ରୀ. ୧୮୫୨—ମୃତ୍ୟୁ ୧୮୫୯ । ଏହାଙ୍କ ପିତା ଗୋପାଲଚନ୍ଦ ସାହୁ କାଶୀଧାମରେ ବାସ କରୁଥିଲେ । ଏ ହିନ୍ଦିରେ ଅନେକଗୁଡ଼ିଏ କବିତା, ଗ୍ରନ୍ଥ, ସାମୟିକ ପ୍ରସଙ୍ଗ ଓ ସମାଲୋଚନା ଲେଖି ହିନ୍ଦୀଭାଷୀମାନଙ୍କ ମଧ୍ୟରେ ସୁପରିଚିତ ହୋଇଥିଲେ । ଏହାଙ୍କ ପଦ୍ୟ ଓ ଗଦ୍ୟଗ୍ରନ୍ଥମାନଙ୍କ ସଂଖ୍ୟା ଶତ ଯୁକ୍ତ ହେବ । ହିନ୍ଦିଭାଷାରେ ଏହାଙ୍କ ରଚିତ 'ସୁନ୍ଦରୀ ତିଲକ' 'କବିବଚନସୁଧା', 'ପ୍ରସିଦ୍ଧ ମହାତ୍ମାଙ୍କ ଜୀବନ' ଆଦି ଗ୍ରନ୍ଥ ଉଲ୍ଲେଖଯୋଗ୍ୟ । ଏ 'ହରିଶ୍ଚନ୍ଦ୍ରା' ନାମରେ ଜଣେ ହିନ୍ଦି ସମ୍ବାଦପତ୍ରର ଅନେକ ବର୍ଷ ସମ୍ପାଦକତ୍ୱ କରିଥିଲେ । ହିନ୍ଦି ସମ୍ବାଦ ପତ୍ରର ସମ୍ପାଦକମାନେ ଏହାଙ୍କୁ 'ଭାରତେନ୍ଦୁ' ଉପାଧି ଦେଇଥିଲେ । ଏହାଙ୍କର ଅନେକଗୁଡ଼ିଏ ହିନ୍ଦିଗ୍ରନ୍ଥ ବହାର ଓଡ଼ିଶା ଓ ଉତ୍ତର ଭାରତରେ ହିନ୍ଦି ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେଉଅଛି । ସୁବଲଚନ୍ଦ୍ର]

ହରିଶ୍ଚନ୍ଦ୍ର—ଦେ.ବ(ନାମ)—ରାଜା ହରିଶ୍ଚନ୍ଦ୍ରଙ୍କ ଭକ୍ତ ସମ୍ପ୍ରଦାୟ ବିଶେଷ—Hariśchandri Name of a religious sect which is devoted to the mythological king Hariśchandra.

ହରିଷ—ସଂ. ବ—ହର୍ଷ ଶବ୍ଦର ଅନ୍ୟ ଆକାର (ଶବ୍ଦକଳ୍ପଦ୍ରୁମ)—Harisha The alternative form of the word Harsha. (delight)

ହରିଷେଣ—ସଂ. ବି. ପୁଂ—୧। (ନାମ) ଇକ୍ଷ୍ୱାକୁ ବଂଶୀୟ ଜଣେ ଚକ୍ରବର୍ତ୍ତି-ବିଶେଷ—Harisheṇa 1. Name of a pre Buddhist emperor of India of Ikshwāku dynasty. ୨। (ନାମ) ଜଣେ ବିଖ୍ୟାତ ଜୈନପଣ୍ଡିତ (ବିଶ୍ୱକୋଷ)—2. Name of a famous Jaina Pandit. [ଦ୍ର—ଏ ୧୫୫୧ ସମ୍ବତ ବା ୧୫୨୨ ଖ୍ରୀଷ୍ଟାବ୍ଦରେ 'ଜଗତସୁନ୍ଦରୀ ଯୋଗମାଳା' ଗ୍ରନ୍ଥ ରଚନା କରିଥିଲେ—ବିଶ୍ୱକୋଷ] ୩। (ନାମ) କାଶୀଧାମୀ ବାସୀ ଜଣେ ବିଦ୍ୱାନ୍‌ଙ୍କ ପଣ୍ଡିତ—3. A learned author of Benares. [ଦ୍ର—ରାଜମାଓ ସମ୍ବନ୍ଧେ ଜଣେ ସମ୍ପ୍ରତି ଗ୍ରନ୍ଥ ଏ ରଚନା କରିଥିଲେ—ବିଶ୍ୱକୋଷ] ୪। କାଳାନ୍ତର ବଂଶୀୟ ଦେବସେନଙ୍କ ପୁତ୍ର ମହାରାଜ (ବିଶ୍ୱକୋଷ)—4. Name of another Emporer, son of Debasena,

ହରିସ୍— ଦେ. ବ—ହରିଶ୍ଚନ୍ଦ୍ରର ଡାକନାମ—Haris Nickname of Hariśchandra.

ହରି ସଭା—ଦେ. ବି (ସ. ଯ. ଲୋ)—ହରିନାମ ସଙ୍କୀର୍ତ୍ତନ ଓ ହରିଭକ୍ତିର Hari sabhā ଗୁଣର ଏବଂ ଆଲୋଚନାର୍ଥ ବୈଷ୍ଣବମାନଙ୍କ ସଭା—ହରିସଭା A society or meeting held to chant the हरिसभा name of Hari and discuss religious subjects.

ହରି ସଙ୍କୀର୍ତ୍ତନ—ସଂ. ବି (ସପ୍ତମୀ ତତ୍.)—୧। ବହୁବାର ହରିନାମ Hari saṁkirttana ଉଚ୍ଚାରଣ—1. Repeated utterance of Hari. ୨। ଖୋଳ କରତାଳ (ଝାଞ୍ଜ ମୃଦଙ୍ଗ) ବାଦନ ସହକାରେ ବହୁ ଲୋକଙ୍କଦ୍ୱାରା ହରିନାମ ଗାନ—2. Chanting of the hymns of Hari accompanied by music of drums and cymbals. [ଦ୍ର—ହରି ସଙ୍କୀର୍ତ୍ତନ ବ୍ୟତୀତ କଳିଯୁଗରେ ଦାନ, ବ୍ରତ ତପସ୍ୟା, ଯଜ୍ଞ, ଶ୍ରାଦ୍ଧ ବା ପିତୃ ତର୍ପଣ ନିଷ୍ଫଳ ଅଟେ ।]

ହରି ସୁତ—ସଂ. ବ—୧। ହରିଙ୍କ ପୁତ୍ର—1. Son of Hari. ୨। Hari suta ହରିଷେଣ (ଦେଖ)—2. Harisheṇa (See)

ହରି ସ୍ତବ (ସ୍ତୁତି, ସ୍ତୋତ୍ର)—ସଂ. ବ (ସପ୍ତମୀ ତତ୍.)—ଶ୍ରୀ ହରିଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ବା ଉଚ୍ଚାରିତ ପ୍ରାର୍ଥନା—Hari staba (stuti, stotra) A hymn to Hari.

ହରି ହଟା—ଦେ. ବ—୧। ହରିହାଟ (ଦେଖ)—1. Harihāṭa Hari haṭṭa (See). ୨। (ଲକ୍ଷଣାର୍ଥ) ଗୋଳଗୋଟା; ଗୋଳମାଳ; କୋଳାହଳ—2. (figurative) Noise; ado.

ହରି ହୟ—ସଂ. ବ (ବହୁବ୍ରୀହି; ହରି=ଶାଗୁଆ ଅଶ୍ୱ ହୟ=ଘୋଡ଼ା) Hari haya ସାଢ଼ାଙ୍କର)—୧। ଇନ୍ଦ୍ର (ଅମର କୋଷ)—1. God Indra. ୨। ସୂର୍ଯ୍ୟ (ଶବ୍ଦକଳ୍ପଦ୍ରୁମ)—2. The sun ୩। କାର୍ତ୍ତିକେୟ (ଶବ୍ଦକଳ୍ପଦ୍ରୁମ)—3. God Kārttikeya. ୪। ଗଣେଶ (ଶବ୍ଦକଳ୍ପଦ୍ରୁମ)—4. God Gaṇeśa.

ହରି ହର—ସଂ. ବ.—୧। ବିଷ୍ଣୁ ଓ ଶିବ—1. Bishṇu and Śiba. Hari hara ୨। ସମ୍ମିଳିତ ବିଷ୍ଣୁ ଓ ଶିବ ମୂର୍ତ୍ତି—2. A form of Divinity consisting of Bishṇu and Śiba together.

[ଦ୍ର—ଏକଦା ସମ୍ମିଳିତ ଋଷି ଓ ଦେବତାମାନଙ୍କୁ ବିଷ୍ଣୁ ବୁଝାଇଥିଲେ ଯେ, ହର ଓ ହର ଏକାତ୍ମକ ଅଟନ୍ତି ଓ ଏଥିର ପ୍ରମାଣ ସ୍ୱରୂପ ଡାହାଣପାଳ ବିଷ୍ଣୁ ମୂର୍ତ୍ତି ବାମପାଳ ଶିବ ମୂର୍ତ୍ତି ବିଶିଷ୍ଟ ରୂପ ସେମାନଙ୍କୁ ଦେଖାଇଥିଲେ । ଏହାଙ୍କ ବିଷୟ ବାମନ ପୁରାଣ ୫୯ ଅ ଓ ୬୫ ଅ ଅଧ୍ୟାୟରେ ଏବଂ ଦେବୀ ପୁରାଣ ୯୨ ଅ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।]

ଦେ ବ. ପୁଂ—ପୁରୁଷଙ୍କ ନାମ—A name given to males. ହରିହର

ହରିହର ଆତ୍ମା—ଦେ. ବ—ହରିହରାତ୍ମା (ଦେଖ)—Harihara ātmā Haribarātmā (See)

ହରିହର କବି—ଦେ. ବ (ନାମ)—"ସୁଚରୁ ସମାସୃଣ" ନାମକ ଓଡ଼ିଆ Harihara kabi ଗ୍ରନ୍ଥର ରଚୟିତା ପ୍ରସିଦ୍ଧ କବି (ଭାରଣୀ. ଦ୍ର·

Digitized by srujanika@gmail.com

ସା. ଇତିହାସ)—Author of 'Suchitra Rāmāyana

ହରିହର କ୍ଷେତ୍ର ସଂ. ବ (ନାମ)—ପାଟଳିପୁତ୍ର (ଅଧୁନାତନ ନାମ ପାଟନା) Harib ra kshetra ନଜିକଟସ୍ଥ ଗଙ୍ଗାରଥୀର ଉତ୍ତର କୂଳରେ [ହରିକ୍ଷେତ୍ର, ଦେବାଟକ୍ଷେତ୍ର—ଅନ୍ୟରୂପ] ଅବସ୍ଥିତ ତୀର୍ଥବିଶେଷ—Name of a sacred place of pilgrimage near Patna where the Sonepur fair is held (in a place where the river Gaṇḍukī falls into the river Ganges.)

[ଦ୍ର—ଏହା ଗଙ୍ଗା ଓ ଗଣ୍ଡକୀ ନଦୀର ସଙ୍ଗମସ୍ଥଳରେ ଅବସ୍ଥିତ । ଏଠାରେ କାର୍ତ୍ତିକପୂର୍ଣ୍ଣିମାରେ ସ୍ନାନ କରିବାଯାଇ ବହୁ ଲକ୍ଷ ଲୋକ ସମବେତ ହୁଅନ୍ତି ଓ ଏଠାରେ ପକ୍ଷୀମାନେ ରହିବାକୁ ଦୂର । କଣ୍ଡୁ ସ୍ମୃତିରେ ଲେଖାଅଛି ଯେ ଏକଦା ହରି ଗୋଧନ ସକଳକୁ ନେଇ ଏହି କ୍ଷେତ୍ରକୁ ଯାଇଥିଲେ, ସେଠାରେ ଶୂଳପାଣି ହର ନନ୍ଦି ସହିତ ଗୋଧନମାନଙ୍କୁ ରକ୍ଷା କଲେ ଓ ସେହି ଦିନଠାରୁ ସେଠାରେ ଅବସ୍ଥାନ କରୁଅଛନ୍ତି ବୋଲି ଏ କ୍ଷେତ୍ରର ନାମ ହରିହର କ୍ଷେତ୍ର ହୋଇଅଛି । ଦେବଗଣ ମଧ୍ୟ ଏଠାକୁ ବିଚରଣ କରନ୍ତି । ଏହାର ଅନ୍ୟ ନାମ ଦେବଘାଟ ଓ ହରିହର ଛତ୍ର ।]

ହରିହର ଚତୁରଙ୍ଗ—ଦେ. ବ (ନାମ)—ସଂସ୍କୃତ ପୁସ୍ତକ ବିଶେଷ—Harihara chaturaṅga Name of a book.

[ଦ୍ର—ଓଡ଼ିଶାର ସ୍ୱାଧୀନ ରାଜା ପ୍ରତାପରୁଦ୍ର ଦେବଙ୍କ ସମୟରେ ଗୋବାଦତ୍ତ ମିଶ୍ର ନାମରେ ଜନୈକ ପଣ୍ଡିତଙ୍କ ଦ୍ୱାରା ଏ ପୁସ୍ତକ ପ୍ରଣୀତ । ଏଥିରେ ରଥ, ଅଶ୍ୱ, ହସ୍ତୀ, ପଦାତିକ ଓ ଧନୁର୍ବେଦ ବିଷୟ ବର୍ଣ୍ଣିତ ହୋଇଅଛି—ଜଗବନ୍ଧୁ : ପ୍ରାଚୀନ ଉତ୍କଳ]

ହରିହର ଛତ୍ର—ଦେ. ବ (ସଂ. ହରିହର କ୍ଷେତ୍ର; ଏହା ହରିହର କ୍ଷେତ୍ରରେ ହେଉଥିବାରୁ) —ବିହାରର ପାଟନା ହରିହର ଛତ୍ର ନିକଟ ସୁନ୍ଦର ଗଙ୍ଗାନଦୀର ଅପର ପାରରେ ସୋନପୁର ନାମକ ସ୍ଥାନରେ ବର୍ଷକେ ଥରେ କାର୍ତ୍ତିକ ପୂର୍ଣ୍ଣିମାଠାରୁ ଦଶ ହରିହର ଛତ୍ର ଦିନ କାଳ ବସୁଥିବା ଗୋଟିଏ ମେଳା - The annual fair held at Sonepur near Patna for 10 days from the full moon day of Kārttika.

[ଦ୍ର—ଏହି ଉପଲକ୍ଷରେ ଏଠାରେ ବହୁ ଲକ୍ଷ ଲୋକ ସମବେତ ହୁଅନ୍ତି ଓ ସହସ୍ର ସହସ୍ର ଘୋଡ଼ା, ଗାଈ ଓ ବହୁ ଲକ୍ଷ ଟଙ୍କା ମୂଲ୍ୟର ଗଣ୍ୟ ଓ ବାଣିଜ୍ୟ ପଦାର୍ଥମାନ ଏଠାରେ ଜମାବିକା ହୁଏ । ବିଦ୍ୱାସମାନେ ଏହି ଉତ୍ସବକୁ 'ଛଟ୍' ଉତ୍ସବ କହନ୍ତି । ପାଟନା ଗଙ୍ଗାର ଦକ୍ଷିଣ ତୀରରେ ଅବସ୍ଥିତ, ଓ ହରିହର ଛତ୍ର ଗଙ୍ଗାର ଉତ୍ତର ତୀରରେ ଗଣ୍ଡକୀ ଓ ଗଙ୍ଗାନଦୀର ସଙ୍ଗମସ୍ଥଳରେ ସାମାନ୍ୟ ଦୂରତାରେ ଅବସ୍ଥିତ । ଏଠାରେ ହରିହରନାଥ ନାମକ ମହାଦେବ ମୂର୍ତ୍ତି ଅଛନ୍ତି । ଏଠାକୁ ରାଜା ମହାରାଜାଙ୍କଠାରୁ ଯୋଗୀ ସନ୍ନ୍ୟାସୀ ପର୍ଯ୍ୟନ୍ତ ସମସ୍ତଙ୍କର ବ୍ୟକ୍ତ ଅସନ୍ତି । ଏସର ବଡ଼ ଜନସମାଗମ (ମେଳା) ଉତ୍ତର ଭାରତରେ ଅନ୍ୟ କୁତ୍ରାପି ଦୃଷ୍ଟ ହୁଏ ନାହିଁ]

ହରିହର ପୁର—ଦେ. ବ (ନାମ)—୧ । ଜଗତସିଂହପୁର; କଟକ ଜିଲ୍ଲାର Haribara pura ପୂର୍ବାଞ୍ଚଳସ୍ଥ ପ୍ରଗଣା ଓ ଗ୍ରାମର ନାମ—Name of a perganna and village in the eastern part of Cuttack District.

[ଦ୍ର—ଏହି ଗ୍ରାମରେ ଦୁଇଟି ଇଂରେଜମାନଙ୍କର ଗୋଟିଏ ବାଣିଜ୍ୟକୋଠି ଥିଲା । ବର୍ତ୍ତମାନରେ ଦେଖାଯାଉଥିବା ଗୋଟିଏ ସ୍ତମ୍ଭଯୁକ୍ତ ଜେଟି ଉକ୍ତ ବାଣିଜ୍ୟକୋଠିର ଭଗ୍ନାବଶେଷ ବୋଲି କୁହନ୍ତି । ଏଠାରେ ଗୋଟିଏ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଥାନା, ପୋଷ୍ଟଅଫିସ୍, ଡାକ୍ତରଖାନା, ଭେଟେରିନେରି ଅଫିସ୍, ଦାତବ୍ୟ ଓ ବାଉକଳମ୍ବି ସବରେଜିଷ୍ଟ୍ରି ଅଫିସ୍ ଅଛି । ଓଡ଼ିଶାରେ ମନ୍ତ୍ରୀ ଅପରେସନ୍ ଆନ୍ଦୋଳନର ଫଳରେ ଏହି ସ୍ଥାନ ବର୍ତ୍ତମାନ କଂଗ୍ରେସ କର୍ମୀମାନଙ୍କଦ୍ୱାରା 'ଅଲକାଶ୍ରମ' ନାମରେ ଗୋଟିଏ ସ୍ୱରାଜ୍ୟାଶ୍ରମ ଓ ବୟସ୍କ-ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଏହି ଗ୍ରାମର ବର୍ତ୍ତମାନ ନାମ ଜଗତସିଂହପୁର । ଏହା କାଠଯୋଡ଼ି ନଦୀର ଗୋଟିଏ ଶାଖା ଅଲକାନଦୀର କୂଳରେ ଅବସ୍ଥିତ । ଏହି ଗ୍ରାମ କଟକଠାରୁ ୨୪ ମାଇଲ୍ ପୂର୍ବରେ ଅବସ୍ଥିତ । ଦେଓାନ ବାହାଦୁର ଶ୍ରୀକୃଷ୍ଣ ମହାପାତ୍ରଙ୍କ କଠୋର ଅଧ୍ୟବସାୟ ଓ ସ୍ୱାର୍ଥତ୍ୟାଗ ଫଳରେ ପ୍ରସ୍ତୁତ ଏଠାରେ ଗୋଟିଏ ହାଇସ୍କୁଲ ପ୍ରତିଷ୍ଠିତ ହୋଇଅଛି ।]

୨ । ମୟୂରଭଞ୍ଜର ପୂର୍ବ ରାଜଧାନୀ—2. Name of the ancient capital of Mayurbhanj State.

[ଦ୍ର—ହରିହରପୁର ବା ହରିପୁର ଗଡ଼ । ଏହା ମୟୂରଭଞ୍ଜର ବର୍ତ୍ତମାନ ରାଜଧାନୀ ବାରିପଦାଠାରୁ ୧୦ ମାଇଲ ଦକ୍ଷିଣ-ପୂର୍ବରେ ଅବସ୍ଥିତ ଥିଲା । ପ୍ରତ୍ନତତ୍ତ୍ୱ ସମ୍ବନ୍ଧୀୟ କତ୍ତୁ ଭଗ୍ନାବଶେଷ ଏଠାର ଜଙ୍ଗଲ ମଧ୍ୟରେ ରହିଅଛି । ମୟୂରଭଞ୍ଜର ମହାରାଜ ହରିହର ଭଞ୍ଜ ଶକାବ୍ଦ ୧୫୬୨ (ଖ୍ରୀ.ଖ୍ରୀ.୧୬୪୦) ରେ ଏ ନଗର ବସାଇଥିଲେ ଓ ତାଙ୍କ ନାମରେ ଏ ନଗରର ନାମକରଣ ହୋଇଥିଲା । ଶ୍ରୀ ଚୈତନ୍ୟ ଦେବ ଏହି ହରିପୁର ବାଟେ ଓଡ଼ିଶାକୁ ଆସିଥିଲେ । ଏହିଠାରେ ସଙ୍କୀର୍ତ୍ତନ କରୁ କରୁ ଚୈତନ୍ୟ ଦେବ ପ୍ରେମବିହ୍ୱଳ ହୋଇ ଦଣ୍ଡ ପ୍ରାପ୍ତ ହୋଇଥିଲେ । ସେ ସମୟରେ ଏ ନଗର ସମୃଦ୍ଧିଶାଳୀ ଥିଲା । ଚୈତନ୍ୟ ଦେବଙ୍କର ଓଡ଼ିଶାରେ ୧୮ ବର୍ଷ ଅବସ୍ଥାନ କାଳରେ ଭଞ୍ଜ ନରପତିମାନେ ଶୈବ ଥିଲେ । ଚୈତନ୍ୟ ଦେବଙ୍କ ତିରୋଭାବର କେତେ ବର୍ଷ ପରେ ମୟୂରଭଞ୍ଜ ନୃପତି ବୈଷ୍ଣବଧର୍ମ ଅବଲମ୍ବନ କଲେ । ଦେବକ୍ରୁଦ୍ଧ ଧ୍ୱଂସକାରୀ କଳାପାହାଡ଼ ଏ ନଗର ଆକ୍ରମଣ କରି ସୁଜନବଂଶକୁ ଅତିଶୟ ଦୁର୍ଦ୍ଦଶାଯୁକ୍ତ କରିଥିଲା ଓ ସୁଜନ-ପରିବାର ଏହି ଆକ୍ରମଣର ଅତ୍ୟାଶ୍ଚର୍ଯ୍ୟରୁ ରକ୍ଷା ପାଇବା ନିମନ୍ତେ ଯତ୍ନବାନ ଗହ୍ୱରରେ ଆଶ୍ରୟଗ୍ରହଣ କରିଥିଲେ ।

Digitized by srujanika@gmail.com

ଉତ୍ତରରେ ମୟୂରଭଞ୍ଜକୁ ମୁସଲମାନ୍‌ମାନେ ଆକ୍ରମଣ କରିବାରେ ଲଗିଲେ । ବଙ୍ଗରୁ ଉତ୍ତାଡ଼ିତ ହୋଇ ଦାଉଦ୍ ଖାଁ ଏଠାର ସୁଦୃଢ଼ ଦୁର୍ଗରେ ଆଶ୍ରୟ ନେଇଥିଲେ । ସେ ଅଳବରଙ୍କ ସେନାଯତ ଚେତାଡ଼ର ସନ୍ଧିକଦ୍ୱାରା ପଳାଇତ ହୋଇ କଟକ ଅଡ଼କୁ ଯାଇଥିଲେ । ଦାଉଦ୍ ଖାଁଙ୍କ ପରାଜୟ ପରେ ଓଡ଼ିଶା ମୋଗଲ ସୁବାଧୀନ ହେଲା । ଦାଉଦ ଖାଁଙ୍କର ହରହରପୁରରେ ଆଶ୍ରୟ ନେବା ସମୟରେ ମୟୂରଭଞ୍ଜର ଭଦାମାନ୍ତନ ମହାପ୍ରଭୁ ଚୈତନ୍ୟଙ୍କ ପରବର୍ତ୍ତୀ ରସିକାନନ୍ଦ ଠାକୁରଙ୍କଠାରୁ ବୈଷ୍ଣବଧର୍ମ ଗ୍ରହଣ କଲେ ଓ ସେହି ସମୟରୁ ସୁବ୍ୟର ପ୍ରଜାମାନେ ମଧ୍ୟ ବୈଷ୍ଣବଧର୍ମ ଗ୍ରହଣ କଲେ । ବୈଦ୍ୟନାଥ ଭଞ୍ଜଙ୍କ ପରବର୍ତ୍ତୀ ମହାସୁବ୍ରମାନେ ହରହରପୁରରେ ଅନେକ ବିଷ୍ଣୁ ମନ୍ଦିର ନିର୍ମାଣ କରାଇ ଥିଲେ ଓ ତାଙ୍କ ପରବର୍ତ୍ତୀ ବଳରାମଦତ୍ୟ ସେଠାରେ ରାଧାମୋହନଙ୍କର ଏକ ବଡ଼ ମନ୍ଦିର ତୋଳାଇଲେ । ଅଲବର୍ଦ୍ଦି ଖାଁ ମୟୂରଭଞ୍ଜ ଆକ୍ରମଣ କରି ବହୁ ଚେଷ୍ଟା ପରେ ମୟୂରଭଞ୍ଜକୁ ତାଙ୍କ ଶାସନାଧୀନ କଲେ । ଉପରେ ମରହଟ୍ଟା-ବର୍ଗୀମାନେ ମୟୂରଭଞ୍ଜ ଆକ୍ରମଣ କରି ସମ୍ଭବିମତ୍ତ ହରହରପୁର ନଗଶ୍ୱର ଧ୍ୱଂସ ସାଧନ କଲେ । ବର୍ତ୍ତମାନ ହରହରପୁରରେ ମରହଟ୍ଟା ଲୁଣ୍ଠନର ଚିହ୍ନ ସ୍ୱରୂପ ଭଗ୍ନାବଶେଷ ମାନ । କନ୍ତୁ ୧୮୦୧ ସାଲ ପର୍ଯ୍ୟନ୍ତ ମୟୂରଭଞ୍ଜର ରାଜାମାନେ ଅସଣାକୁ ହରହରପୁରର ରାଜା ବୋଲି ପରିଚିତ କରୁଥିଲେ । ହରହରପୁର ବର୍ତ୍ତମାନ ଜଙ୍ଗଲରେ ପରିଣତ ହୋଇଅଛୁ । ଏହି ଜଙ୍ଗଲ ମଧ୍ୟରେ ଦକ୍ଷିଣ ପୂର୍ବ ଦିଗରେ ରସିକ ରାୟଙ୍କ ସୁନ୍ଦର ମନ୍ଦିରର ଭଗ୍ନାବଶେଷ ଅଛୁ । ଏ ମନ୍ଦିର ଜଗତରେ ରାଣୀଦିଂସପୁର ଓ ଦରବାର ପୁନ୍ଦର ଭଗ୍ନାବଶେଷ ଓ ଜଗନ୍ନାଥ ମନ୍ଦିରର ଭଗ୍ନାବଶେଷ ଅଛୁ । ଏଥିରେ ଥିବା ଜଗନ୍ନାଥ ମୂର୍ତ୍ତି ପ୍ରତାପପୁରକୁ ସ୍ଥାନାନ୍ତରିତ ହୋଇଅଛନ୍ତି । ହରହରପୁରର ଦକ୍ଷିଣପଶ୍ଚିମରେ ମହାସମର୍ଦ୍ଦନ ଓ କୋଟବାସିଙ୍କ ଦେଉଳର ମୂର୍ତ୍ତି ଅଛୁ । ବଶ୍ୱକୋଷ]

ହରହର ଭେଟ—ଦେ. ବ—୧ । ହରଙ୍କ ସହିତ ଶିବଙ୍କର ଭେଟ—Haribara bheṭa The meeting of Hari with Śiba. ୨ । ଶିବ ଚତୁର୍ଦ୍ଦଶୀ (ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ)ର ରାତ୍ରି ଶେଷରେ ମନ୍ଦାଦେବଙ୍କ ପ୍ରତିମା ଓ ବିଷ୍ଣୁଙ୍କ ପ୍ରତିମା ଦୁଇଜଙ୍କର ପରସ୍ପର ଭେଟ ଦେବାରୂପ ଉତ୍ସବ—3. The ceremony of the meeting of the images of Hari and Śiba towards the last part of the Śibarātri night.

(ରାଜା) ହରହର ମର୍ଦ୍ଦରାଜ ଦେବ—(ନାମ) ଗଞ୍ଜାମ ଜିଲ୍ଲାର ଖଲ୍ଲିକୋଟ (Rājā) Haribar Mardarāja Deba ଅଠଗଡ଼ର ସ୍ୱର୍ଗତ ରାଜା—Name of the late Raja Haribar Mardaraj Deb of Khallikote and Athagad of Ganjam district.

[ଦ୍ର—ସ୍ୱର୍ଗତ ରାଜା ଶ୍ରୀ ହରହର ମର୍ଦ୍ଦରାଜଦେବ (ମେଡ୍ରେରବାନ୍-ଇ—ଦୋସ୍ତାନ୍, ରାଜାସାହେବ ଖଲ୍ଲିକୋଟ ଆଠଗଡ଼, ଟଞ୍ଜାମ, ଓଡ଼ିଶା) । ଏ ମହାତ୍ମା ୧୮୭୨ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୧୦ ତାରିଖ ଦିନ ଖଲ୍ଲିକୋଟ ଆଠଗଡ଼ର ସାମ୍ବତ୍ସର ମେଡ୍ରେର୍‌ବାନ୍-ଇ—ଦୋସ୍ତାନ୍ ସ୍ୱର୍ଗତ ମହାରାଜା ମର୍ଦ୍ଦରାଜ ଦେବଙ୍କର ପଞ୍ଚପୁତ୍ରର ରୂପେ ଖଲ୍ଲିକୋଟ ରାଜ-ପ୍ରାସାଦରେ ଭୂମିଷ୍ଠ ହୋଇଥିଲେ । ନାବାଳକ ବାଲ୍ୟବସ୍ଥାରେ ପୂର୍ବତନ ହରହର ପିତୃବ୍ୟଙ୍କ ଦେବାରୁ ସ୍ୱର୍ଗତ୍ୟବସ୍ଥା ୧୮୮୬ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ସରକାରଙ୍କ ଖାସ୍ ପରିଚାଳନାରେ ରହିଥିଲା ।

ଏକଦା ଅଯୋଧ୍ୟାର ସୂର୍ଯ୍ୟବଂଶୀୟ ରାଜପରିବାରର ଗେଣ୍ଡୁ ରାଣା ଓ କାଞ୍ଜିନ ରାଣା ନାମକ ଦୁଇ ସହୋଦର ଜଗନ୍ନାଥଙ୍କୁ ଆସିଥିଲେ । ଜ୍ୟେଷ୍ଠଙ୍କଦ୍ୱାରା ଖଲ୍ଲିକୋଟ ଏବଂ କନିଷ୍ଠଙ୍କଦ୍ୱାରା ଆଠଗଡ଼ ରାଜ୍ୟ ପ୍ରତିଷ୍ଠିତ ହୋଇଥିବା ବିଷୟ ରାଜବଂଶାବଳରୁ ଜଣାଯାଏ । ସେମାନଙ୍କ ବଂଶଧର-ମାନେ ଉକ୍ତ ଦୁଇ ରାଜ୍ୟକୁ ଯଥାକ୍ରମେ ଅଦ୍ୟାବଧି କରି ଆସୁଥିଲେ । ଆଠଗଡ଼ ରାଜ୍ୟର ପୂର୍ବତନ ରାଜା ବାଲୁକେଶ ଦେବଙ୍କ ରାଜତ୍ୱକାଳରେ ଜଗନ୍ନାଥ ବଲଭଦ୍ର ସୁଭଦ୍ରା ଏବଂ ଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଅତି ଜାଙ୍କଜମକରେ ସମ୍ପନ୍ନ ହେଉଥିଲା । ଆଠଗଡ଼ ରାଜ୍ୟର ପୂର୍ବତନ ରାଜା ବାଲୁକେଶ ଦେବଙ୍କ ରାଜତ୍ୱକାଳରେ ଜଗନ୍ନାଥ ବଲଭଦ୍ର ସୁଭଦ୍ରା, ଜଗତ୍ପୂର୍ଣ୍ଣ ବଳଦେବ ରଥ ଅତ୍ୟନ୍ତ ଲଘୁ ଭର ଉକ୍ତ ରାଜାଙ୍କ ନାମରେ ସ୍ୱରଚିତ ଜଗୋରଚନ୍ଦ୍ରାନନ ଚମ୍ପୂ ଓ ବହୁ ସଙ୍ଗୀତ ରଚିଥା ଭର ତାଙ୍କୁ ଅମର କରିଯାଇ ଅଛନ୍ତି ।

ରାଜା ନାବାଳୁଣ ପ୍ରଥମେ ଖଲ୍ଲିକୋଟ ରାଜ୍ୟର ଅଧିପତ୍ତି ଥିଲେ । ତାଙ୍କ ଅମଳରୁ ଏହି ରାଜବଂଶ ବିଶେଷ ଖ୍ୟାତି ଲାଭ କରି ଆସିଅଛି । ଆଠଗଡ଼ର ବାଲୁକେଶ ଦେବଙ୍କ ପୁତ୍ରଙ୍କ ରାଜତ୍ୱ ସମୟରେ ଆଠଗଡ଼ ରାଜ୍ୟ ବାଙ୍କା ରାଜସ୍ୱ ନିମନ୍ତ୍ରେ ଜଲମଗ୍ନରେ ଉଠିବାରୁ, ରାଜା ନାବାଳୁଣ ତାଲୁ ଜଲମଗ୍ନରେ ଶରଦ ଜଳେ ଓ ସେହି କାଳରୁ ଆଠଗଡ଼ ରାଜ୍ୟ ଖଲ୍ଲିକୋଟସହିତ ଯୁକ୍ତ ହୋଇଲା । ତାଙ୍କର ସୁଯୋଗ୍ୟ ସନ୍ତାନ ରାଜା ହରହର ମିଶ୍ରଙ୍କର ଏଫ୍. ଜେ. ବି. ମିନ୍‌ଚିନ୍ ସାହେବଙ୍କ ଠାରୁ ରତ୍ନା ଇଷ୍ଟେଟ୍ କ୍ରୟ କଲେ । ରାଜା ହରହରଙ୍କ ଦାୟାଦରୂପେ ବର୍ତ୍ତମାନ ସ୍ୱନାମଧନ୍ୟ ରାଜା ଶ୍ରୀ ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେବ ବାହାଦୁର ୧୯୩୫ ଖ୍ରୀଷ୍ଟାବ୍ଦରେ ବହୁତ ରାଜ୍ୟ କ୍ରୟ କରି ଖଲ୍ଲିକୋଟ, ଆଠଗଡ଼ ଏବଂ ବହୁତ ରାଜ୍ୟମାନଙ୍କ ଅଧୀଶ୍ୱରରୂପେ ବିଦ୍ୟମାନ । ଖଲ୍ଲିକୋଟ ଓ ଆଠଗଡ଼ର ଅସ୍ଥାୟୀ ୫୪୦ ବର୍ଗମାଇଲ ଏବଂ ଉହାର ବର୍ତ୍ତମାନ ମଫସଲ ବାର୍ଷିକ ଆଦାୟ ଜମା ୨ ଲକ୍ଷ ଟଙ୍କା । ପେଶକସ୍ ଓ ସେସ୍ ରୂପେ ସରକାର ବାହାଦୁରଙ୍କୁ ଏହି ଉଭୟ ରାଜ୍ୟର ଦେୟ ଏକଲକ୍ଷ ପଚାଶ ହଜାର ଟଙ୍କା । ଉଭୟ ରାଜ୍ୟର ଗ୍ରାମ ସଂଖ୍ୟା ୪୯୫ । ବହୁତ ରାଜ୍ୟର ଅସ୍ଥାୟୀ ଗ୍ରାମ ୬୫ ବର୍ଗମାଇଲ; ପ୍ରଜାଙ୍କଠାରୁ ଆଦାୟ ରାଜସ୍ୱର ପରିମାଣ ପ୍ରାୟ ସତୁରୀ ହଜାର ଟଙ୍କା । ଏ ରାଜ୍ୟଯାଇଁ ସରକାରଙ୍କୁ ଦେୟ ପେଶକସ୍ ବାରହଜାର ଟଙ୍କା ମାତ୍ର ।

ସ୍ୱର୍ଗତ ହରହର ନାବାଳବସ୍ଥାରେ ଜଣେ ବଙ୍ଗୀୟ ପଣ୍ଡିତଙ୍କଠାରୁ ସଂସ୍କୃତ ଶିକ୍ଷା କରି ସାରିଲାରେ ଓ ଉତ୍ତରରେ ମାନ୍ଦ୍ରାଜରେ ଇଂରାଜୀ ଶିକ୍ଷା ଅଧ୍ୟୟନ କରିଥିଲେ । ତାହାର

Digitized by srujanika@gmail.com

ବସ୍ତ୍ରପରେ ନଜର ସଦ୍‌ଗୁଣାବଳ ହେଉରୁ ଉଦାଗାନ୍ତନ ଦାକ୍ଷିଣାତ୍ୟର ସ୍ୱଜନ୍‌ମାରମାନଙ୍କ ମଧ୍ୟରେ ହରହର ବିଶେଷ ଖ୍ୟାତି ଅର୍ଜନ କରିଥିଲେ ।

୧୮୮୩ ଖ୍ରୀଷ୍ଟାବ୍ଦରେ ଏକୋଇଶ ବର୍ଷ ବୟସରେ ସାବାଲକ ହୋଇ ଲୁମାର ହରହର ସ୍ୱଜ୍ୟାଉଷିକ୍ସ ହେଲେ । ୧୮୯୪ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜ ସ୍ୱଜ୍ୟର ଉଦାଗାନ୍ତନ ଷ୍ଟେଟ୍‌ସ୍ୱ (ସ୍ୱର୍ଗୀୟ ମହାସ୍ୱଜ ଶ୍ରୀସ୍ୱମଚନ୍ଦ୍ରଙ୍କ ସାନଭାଇ) ବୃନାବନଚନ୍ଦ୍ର ଭଞ୍ଜ ଦେବଙ୍କ ଜ୍ୟେଷ୍ଠା ଜେମାମଣିଙ୍କ ସହ ସ୍ୱଜା ହରହରଙ୍କର ଶୁଭ ପରିଣୟ ଅନୁଷ୍ଠିତ ହେଲା । ମାତ୍ର ଅଳ୍ପ କେତେକ ମାସ ପରେ ସ୍ୱଜା ହରହର ବିପତ୍ନୀକ ହେଲେ ଓ ୧୮୯୫ ଖ୍ରୀଷ୍ଟାବ୍ଦରେ ପ୍ରୋକ୍ତ ଷ୍ଟେଟ୍‌ସ୍ୱଙ୍କର ଦ୍ୱିତୀୟା ଜେମା ପ୍ରାଚ୍ୟଶ୍ରବଣୀୟା ଶ୍ରୀମତୀ କନକମଞ୍ଜୁଷ୍ୱଙ୍କ ପାଣିଗ୍ରହଣ କଲେ । ସ୍ୱଜା ହରହର ଯେଉଁପର ନାନାଦଗରେ ସ୍ୱଦେଶର ଶିକ୍ଷା, କୃଷି ଓ ବାଣିଜ୍ୟ ଉତ୍ତାଦର ଉଦ୍ଦେଶ୍ୟରେ ମନ, ଧନ ଅକାତର ଭାବରେ ଢାଳ ଥିଲେ, ସ୍ୱଶୀ କନକମଞ୍ଜୁଷ୍ୱା ମଧ୍ୟ ତାଙ୍କର ସ୍ୱଲୁମାର ମନୋବୃତ୍ତିଗୁଡ଼ିକୁ ସେହପର ନାସ୍ୱତାଜର କଲ୍ୟାଣ ପଥଁ ନିୟୋଜିତ କରିଥିଲେ । ତାଙ୍କ ପ୍ରଣୀତ 'ବାଳକାଘାଠ' ନାମକ ବାଳକା-ପାଠ୍ୟପୁସ୍ତକ ନାସ୍ୱତାଜର ଅଶେଷ କଲ୍ୟାଣ ସାଧନ କରିଅଛି । ସ୍ୱର୍ଗତ କବିବର ସ୍ୱଧାନାଥ ଉକ୍ତ ପୁସ୍ତକ ସମ୍ବନ୍ଧରେ ମତ ଦେଇଥିଲେ ଯେ, ବାଳକା ବିଦ୍ୟାଳସ୍ୱରେ ପାରତୋଷିକ ଦେବା ସକାଶେ ଏପର ସୁନ୍ଦର ପୁସ୍ତକ ଓଡ଼ିଆ ଭାଷାରେ ଦ୍ୱିତୀୟ ନାହିଁ ।

ସ୍ୱଜା ହରହର ଖଣ୍ଡିକୋଟ ଗଡ଼ର ପଶ୍ଚିମ ଦଗରୁ ଏକ ମାଇଲ୍ ଦୂରରେ 'ନର୍ମଲଝର' ନକଟରେ ଗୋଟିଏ ଆଦର୍ଶ କୃଷିକ୍ଷେତ୍ର ପ୍ରତିଷ୍ଠିତ କରି, ଉକ୍ତ ନର୍ଝରର ଜଳ ସାହାସ୍ୟରେ ନାନାପ୍ରକାର ଫସଲ ଆବାଦ କରାଇଥିଲେ । 'ନର୍ମଲଝର' କବିଙ୍କ ରଚିତ ନରଭିଶସ୍ୱ ଅନଦ୍ରପ୍ରଦ ଓ ଯୋଗୀଙ୍କ ସାଧନକ୍ଷେତ୍ର । ସ୍ୱଜା ହରହର ଉକ୍ତ ନର୍ଝରର ସୌନ୍ଦର୍ଯ୍ୟ ବୃଦ୍ଧି ମାନସରେ ନାନା ବିଚିତ୍ର କୌଶଳ ଉଦ୍ଭାବନ କରି ସେଠାରେ ଗୋଟିଏ ସ୍ୱଜନବର ନର୍ମାଣ କରାଇଥିଲେ । ଓଡ଼ିଅଙ୍କ ଜାତିସ୍ୱ ଉତ୍ସବର ସବୁ ଦଗରୁ ତାଙ୍କର ବିଶେଷ ଦୃଷ୍ଟି ଥିଲା । ଓଡ଼ିଆ ଜାତିର ଉତ୍ସବଗୁଡ଼ିକୁ ସ୍ୱଜା ହରହରଙ୍କର ବଦ୍ଧତୋମୁଖ କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ । ତାଙ୍କର ଅତ୍ୟୁଦସ୍ୱ ବେଳକୁ 'ଉତ୍କଳ ସମ୍ମିଳନୀ' ପ୍ରତିଷ୍ଠିତ ହୋଇ ନ ଥିଲା ଓ ଦେଶରେ ସଂବଦିକତାର ନତାନ୍ତ ଅଭାବ ଥିଲା । ଖଣ୍ଡବଖଣ୍ଡିତ ଓଡ଼ିଶାର ନଉଳ ଅଂଶମାନଙ୍କୁ ବଙ୍ଗ, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ସରକାରମାନେ ନଜ ନଜର ଅଙ୍ଗସୌଷ୍ଠବରେ ନିୟୋଜିତ କରି ସାରିଥିଲେ । ଖଣ୍ଡ-ବଖଣ୍ଡିତ ଉତ୍କଳଭାଷୀ ଅଞ୍ଚଳମାନଙ୍କୁ ଏକଶାସନାଧୀନ କରିବା ପାଇ ସ୍ୱରଉସରକାର ଓ ବ ଙ୍ଗଶ୍ ସରକାରଙ୍କଠାରେ ଉପସ୍ଥାପିତ କରିବାକୁ କେହି ବାକାର୍ ନ ଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦ ତାଙ୍କ ଜୀବନର ଗୋଟିଏ ସ୍ମରଣୀୟ ବର୍ଷ । ଏହି ବର୍ଷ ସେ ତାଙ୍କ ରମ୍ୟ ପ୍ରାସାଦ ସମ୍ମୁଖରେ ନବନିର୍ମିତ ଶ୍ୟାମସୁନ୍ଦର ଉଦ୍ୟାନ ତଳେ ଏକ ବରଣ ବେଦିକା ଉପରେ ଉତ୍କଳର ତତାନ୍ତନ ବୃତ୍ତସନ୍ତାନମାନଙ୍କୁ ଘେନି ବଉଳ ପ୍ରଦେଶମାନଙ୍କରେ ଥିବା ଖଣ୍ଡବଖଣ୍ଡିତ ଓଡ଼ିଆ ଅଞ୍ଚଳମାନଙ୍କ ଏକୀକରଣସ୍ୱରୂପ ମହାସଭାର ଅଗ୍ନି ପ୍ରଜ୍ୱଳିତ କରାଇ ଥିଲେ । ଆଜ ତାହା 'ଉତ୍କଳସମ୍ମିଳନୀ' ରୂପେ ପରିଣତ । ରମ୍ୟ ସ୍ୱଜପ୍ରାସାଦ ସମ୍ମୁଖରେ ଅବସ୍ଥିତ ସେହି ପବିତ୍ର ବେଦିକା ହରହରଙ୍କ ସ୍ୱଦେଶ ପ୍ରେମର ସ୍ମୃତିକୁ ଉଜ୍ଜୀବିତ ରଖି ବିଦ୍ୟମାନ ଅଛି । ଏହି ଅନୁଷ୍ଠାନରେ ତାଙ୍କର ଦୁଇଜଣ କର୍ମଗୁରୁଙ୍କ କାର୍ଯ୍ୟକୁଶଳତା ପ୍ରଶଂସନୀୟ । ଜଣେ ହରହରଙ୍କ ସ୍ଥାପିତ ପ୍ରଜାବନ୍ଧୁ ପ୍ରେସ୍‌ର ମାନେଜର୍ ସ୍ୱର୍ଗତ ପଣ୍ଡିତ ମାଲମଣି ବିଦ୍ୟାଭୂଷଣ ଓ ଅନ୍ୟ ଜଣକ ରମ୍ୟ ସ୍ୱଜପ୍ରାସାଦାର ତତ୍ତ୍ୱାବଧାରକ ମାରବ ଦେଶକର୍ମୀ ଶ୍ରୀଯୁକ୍ତ ଜୟକୃଷ୍ଣ ଚ୍ୟାଉପଟ୍ଟନାୟକ । ଏହି ଉଦ୍ୟମ ପରେ ହରହରଙ୍କ ଉଦ୍ୟମ, ପ୍ରେରଣା ଓ ଅର୍ଥିକ ସାହାଯ୍ୟରେ ଘାରଲାଖୋମୁଣ୍ଡିର ସ୍ୱର୍ଗତ ଶ୍ୟାମସୁନ୍ଦର ସ୍ୱଜଗୁରୁ ବ. ଏ. ଙ୍କ ସଭ୍ୟପତ୍ତିତ୍ୱରେ ୧୯୦୭ ଖ୍ରୀଷ୍ଟାବ୍ଦରେ ପ୍ରଥମ ଗଞ୍ଜାମ ଉତ୍କଳ ସମ୍ମେଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ସେହି ସମ୍ମେଳନୀରେ ଉତ୍କଳର ବନ୍ଧୁ ଅଞ୍ଚଳ (କଟକ, ପୁରୀ, ବାଲେଶ୍ୱର)ରୁ ବନ୍ଧୁ ଜାତିସ୍ୱ କର୍ମୀ ଯୋଗ ଦେଇଥିଲେ । ସ୍ୱର୍ଗତ ମଧୁସୂଦନ ଦାସ ସି. ଆଇ. ଇ, ଫକୀରମୋହନ, ବଶ୍ୱନାଥ, ସ୍ୱମଚନ୍ଦ୍ର ଦାସ, ଗୋପବନ୍ଧୁ ଓ ଗଞ୍ଜାମର ବନ୍ଧୁ ମାରବ କର୍ମୀ ମଧ୍ୟ ଏଥିରେ ମନ ପ୍ରାଣ ଢାଳ ଦେଇଥିଲେ । ଏ ସମ୍ମେଳନୀରେ ଯୋଗ ଦେଇଥିବା ବ୍ୟକ୍ତିମାନଙ୍କ ମଧ୍ୟର ବ୍ରହ୍ମପୁରର ଶ୍ରୀ କୃଷ୍ଣଚନ୍ଦ୍ର ସାହାଣୀ, ଶ୍ରୀବତ୍ସ ପଣ୍ଡା ଓ କଟକର ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ, ଶ୍ରୀ ଶଶିଭୂଷଣ ରାସ୍ୱ, ଶ୍ରୀ ରଘୁନାଥ ରାଓ ଜୀବତ ଅଛନ୍ତି । ଉତ୍କଳଭାଷୀ ବଚ୍ଛିନ୍ନ ଅଞ୍ଚଳମାନ ଏକ ଶାସନାଧୀନ ହେବା ପ୍ରସ୍ତାବ ପ୍ରଥମେ ଉତ୍କଳ ସମ୍ମେଳନୀରେ ଗୃଘ୍ଭତ ହୋଇ ପରବର୍ତ୍ତୀକାରୁ ମଧୁବାବୁଙ୍କ ନେତୃତ୍ୱରେ ଉତ୍କଳ ସମ୍ମେଳନୀର ଅଧିବେଶନ ମାନଙ୍କରେ ତାହା ପୁନଃପୁନଃ ଗୃଘ୍ଭତ ହେଲା ।

ଦେଶରେ ସ୍ତ୍ରୀଶିକ୍ଷାବସ୍ତାର ବଗରେ ତାଙ୍କର ବିଶେଷ ଦୃଷ୍ଟି ଥିଲା ଏବ ସେହି ହେତୁରୁ ସେ ପ୍ରଥମେ ନଜ ସ୍ୱଜ୍ୟ ମଧ୍ୟରେ ଖଣ୍ଡିକୋଟ, ରମ୍ୟା ଓ ବୋଇଗୁଣୀ ପ୍ରଭୃତି ସ୍ଥାନମାନଙ୍କରେ ବାଳକା-ବିଦ୍ୟାଳସ୍ୱମାନ ସ୍ଥାପନ କରିଥିଲେ । ସେ କଟକର ରେଭେନ୍‌ସା ବାଳକାବିଦ୍ୟାଳସ୍ୱର ଛାତ୍ରୀମାନଙ୍କ ବ୍ୟବହାର ନିମ୍ନ ନଜାରେ ଟଙ୍କାର ଘୋଡ଼ା ଓ ଗାଡ଼ି ଓ ଅର୍ଥ ସାହାସ୍ୟ ପ୍ରଦାନ କରିଥିଲେ । ଠିକ୍ ଏହି ସମସ୍ୱରେ ସରକାର ବାହାଦୁରଙ୍କ ଦ୍ୱାରା ପ୍ରତିଷ୍ଠିତ ବ୍ରହ୍ମପୁରର ସେକେଣ୍ଡରୀ କଲେଜକୁ ଅର୍ଥାଭାବ ହେତୁ ସରକାର ଉଠାଇଦେବାର ପ୍ରସ୍ତାସ କରିଥିଲେ । ଗଞ୍ଜାମର କେତେଜଣ ଜମିଦାରଙ୍କ ସାହାଯ୍ୟରେ କଲେଜଟି କେତେକାଳ ବଞ୍ଚିରହିବା ପରେ ପୁଣି ଅର୍ଥକୃଚ୍ଛ୍ରତା ଘଟିବା

Digitized by srujanika@gmail.com

ଫଳରେ କଲେଜ୍‌ର ଅବସ୍ଥା ଟଳମଳ ହୋଇଥିଲା । ରାଜା ଦ୍ୱାରକାର ସେତେବେଳେ ନିଜର ଅର୍ଥିକ ଅସୁବିଧା ସତ୍ତ୍ୱେ ଏ କଲେଜ୍‌କୁ ସାହାଯ୍ୟ କରିଥିଲେ । ସେହିଦିନୁ ଏହା ମହାରାଜା କଲେଜ୍ ନାମରେ ପରିଚିତ । ବର୍ତ୍ତମାନ ସୁଦ୍ଧା ଏହି କଲେଜ୍ ମହାରାଜାଙ୍କ ଏଷ୍ଟେଟ୍‌ରୁ ବାର୍ଷିକ ଅର୍ଥ ସାହାଯ୍ୟ ପାଇକରି ଆସୁଅଛି । ତାଏମଣ୍ଡ ଜୁବିଲି ହଲ୍ ନାମକ ବ୍ରହ୍ମପୁରର ଟାଉନ୍ ହଲ୍‌ଟି ରାଜା ଦ୍ୱାରକାଙ୍କ ପ୍ରଦତ୍ତ ଅର୍ଥସାହାଯ୍ୟରେ ନିର୍ମିତ ହୋଇ ଗଞ୍ଜାମର ଅଶେଷ ଉପକାର ସାଧନ କରୁଅଛି ।

ଦେଶରେ ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ରାଜା ଦ୍ୱାରକାଙ୍କର ମଧ୍ୟ ବିଶେଷ ଦୃଷ୍ଟି ଥିଲା । ସେ ସଂସ୍କୃତ ଚତୁଷ୍ପାଠୀମାନ ସ୍ଥାପନ କରାଇ ପଣ୍ଡିତ ଓ ସାହିତ୍ୟ ସେବକମାନଙ୍କୁ ଯଥେଷ୍ଟ ଅର୍ଥ ସାହାଯ୍ୟ କରୁଥିଲେ । ସ୍ୱର୍ଗତ ପଙ୍କାରମୋହନ ସେନାପତି ତାଙ୍କ ଓଡ଼ିଆ ମହାଭାରତର ଅନୁବାଦ କାର୍ଯ୍ୟ ରାଜା ଦ୍ୱାରକାଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶ କରିଥିଲେ । ସ୍ୱର୍ଗତ ବିଶ୍ୱନାଥକର, ଭାଷାକୋଷର ସମ୍ପାଦକ ଓ ଅନ୍ୟାନ୍ୟ ଅନେକ ସାହିତ୍ୟିକ ତାଙ୍କଠାରୁ ସାହାଯ୍ୟ ପାଇଥିଲେ ଓ ବହୁବାର ତାଙ୍କ ଆତିଥ୍ୟ ଗ୍ରହଣ କରିଥିଲେ ।

୧୯୦୩ ଖ୍ରୀଷ୍ଟାବ୍ଦରେ ରାଜା ଦ୍ୱାରକାର ରତ୍ନାଠାରେ ଗୋଶିବ (ଇସାଖାନା) ଷ୍ଟେସ୍ ସ୍ଥାପନ କରି ପଣ୍ଡିତ ମାଲମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ପ୍ରଜାବନ୍ଧୁ, ଉତ୍କଳ ମଧୁପ, ଏବଂ ସମ୍ବାଦବହ ନାମରେ ତିନି ଖଣ୍ଡି ସାପ୍ତାହିକ ଓ ମାସିକ ପତ୍ର ପ୍ରକାଶ କରାଇ, ଦେଶମିତ୍ରଣ ଆନ୍ଦୋଳନରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଦେଶବିଦେଶରୁ ବହୁ ମାନ୍ୟଗଣ୍ୟ ବିଦ୍ୱାନ୍ ବ୍ୟକ୍ତିଙ୍କୁ କଲିକତାରୁ ରାଧାନାଥଙ୍କର 'ସରଲମାଲମା ମାଲାମୁ ଚଲକା' କୁଲସ୍ଥିତ ନିଜର ରମ୍ୟ ରାଜପ୍ରାସାଦକୁ ଅହ୍ୱାନ କରି ସେମାନଙ୍କୁ ସମ୍ମାନରେ ପ୍ରୀତ କରାଇ ବିଭିନ୍ନ ସେମାନଙ୍କଠାରେ ଦେଶମଙ୍ଗଳ ପ୍ରସ୍ତାବ ଉପସ୍ଥାପିତ କରୁଥିଲେ ।

ସଦାଶୟ ସରକାର ବାହାଦୁର ତାଙ୍କ ସ୍ୱଦେଶ-ପ୍ରେମର ମହତ୍ତ୍ୱ ଉପଲବ୍ଧି କରି ତାଙ୍କୁ ୧୯୧୮ ଖ୍ରୀଷ୍ଟାବ୍ଦ ମେ ମାସ ୨୧ ତାରିଖରେ ରାଜା ଉପାଧି ପ୍ରଦାନ କରିଥିଲେ । ରାଜ୍ୟ ପ୍ରାପ୍ତିର ବର୍ଷେ ବର୍ଷ ପର୍ଯ୍ୟନ୍ତ ସେ ପୁତ୍ର-ସନ୍ତାନ ଲାଭ କରି ନ ପାରି ଅତ୍ୟନ୍ତ ଦୁଃଖିତ ହୋଇଥିଲେ । ୧୯୦୦ ଖ୍ରୀଷ୍ଟାବ୍ଦରେ ବର୍ତ୍ତମାନ ରାଜା, କୁମାର ଶ୍ରୀ ବ୍ରହ୍ମଚନ୍ଦ୍ର ତାଙ୍କର କୋଳ ସନ୍ତାନ ହୋଇଥିଲେ । ଜନ୍ମର ଦ୍ୱାଦଶ ବର୍ଷରେ କୁମାରଙ୍କ ନାମକରଣ ଉତ୍ସବ ମହାସମାରୋହରେ ଅନୁଷ୍ଠିତ କରାଇ ରାଜା ଦ୍ୱାରକାର ଜହିଳର ବନ୍ଧୁ ବାନ୍ଧବମାନଙ୍କୁ ନିମନ୍ତ୍ରଣ କରିଥିଲେ । ଏହା ତାଙ୍କର ଏକ ଚିରସ୍ମରଣୀୟ କୀର୍ତ୍ତିରେ ଶେଷ ଅଧ୍ୟାୟ । ଏହି ଜଳିଲ ଶରୀରକର୍ତ୍ତରେ ରାଜା ଦ୍ୱାରକା ୧୯୦୯ ଖ୍ରୀଷ୍ଟାବ୍ଦ ଜୁନ୍ ମାସରେ ନିଜର ପରିବାର ତଥା ଦେଶବାସୀଙ୍କୁ ଶୋକସାଗରରେ ଭସାଇ ସ୍ୱର୍ଗାରୋହଣ କଲେ ।

ରାଜାବାହାଦୁର ଶ୍ରୀ ବ୍ରହ୍ମଚନ୍ଦ୍ର ସୁଯୋଗ୍ୟ ପିତାଙ୍କର ସୁଯୋଗ୍ୟ ଦାୟାଦରୂପେ ସ୍ୱର୍ଗତ ରାଜା ଦ୍ୱାରକାଙ୍କର ଉର୍ଦ୍ଧ-ଘୋଷିତ ଆଶା ଓ ଆକାଂକ୍ଷା ପୂରଣ ଉଦ୍ଦେଶ୍ୟ ୧୯୩୬ ସାଲରେ ସରକାରଙ୍କଦ୍ୱାରା ଆହୂତ ହୋଇ ଲଣ୍ଡନରେ ଗୋଲଟେବଲ୍ ଦ୍ୱିତୀୟ ବୈଠକରେ ଯୋଗଦାନ ପୂର୍ବକ ନୂଆ ଓଡ଼ିଶା ପ୍ରଦେଶ ଗଠନଲାଗି ବ୍ୟବସ୍ଥା କରି ଆସିଲେ । ଫଳେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପୃଷ୍ଠଭୂ ସହିତ ରାଜାବାହାଦୁରଙ୍କ ନାମ ଚିରଦିନ ଜଡ଼ିତ ରହିଥିବ । ଲଣ୍ଡନରେ ରାଜା ବାହାଦୁରଙ୍କ ଉପସ୍ଥିତିର ଶ୍ରୀଯୁକ୍ତ ଜଗନ୍ମୋହନ ପଟ୍ଟନାୟକଙ୍କ ସ୍ୱଦେଶପ୍ରେମ ଉଲ୍ଲେଖଯୋଗ୍ୟ । ଦେଶ-ମିତ୍ରଣ ବିଷୟରେ ରାଜା ବାହାଦୁରଙ୍କୁ ସାହାଯ୍ୟ କରିବା କାର୍ଯ୍ୟରେ ତାଙ୍କର ବିଚକ୍ଷଣତା ଅତୀବ ପ୍ରଶଂସନୀୟ । ପୃଥକ୍ ପ୍ରଦେଶର ଦାବି ଗୋଲଟେବଲ୍ ବୈଠକରେ ଉତ୍ଥସ୍ଥ ପିଚ ହେବା ବିଷୟରେ ଶ୍ରୀଯୁକ୍ତ ଜଗନ୍ମୋହନ, ରାଜା ବାହାଦୁରଙ୍କର ଉର୍ମ୍ମ-ଥନ୍ତ୍ରା ସୁଗମ କରିବାରେ ଯଥେଷ୍ଟ ସାହାଯ୍ୟ କରିଥିଲେ ।

ରାଜାବାହାଦୁର ବାଲ୍ୟବୟସରୁ ପିତୃହୀନ ହୋଇ ଥିବାରୁ ରାଜ୍ୟ ସରକାରଙ୍କ ଶାସନରେ ପରିଚାଳିତ ହେଉଥିଲା । ସେ ସ୍ୱର୍ଗତ ପଣ୍ଡିତ ମାଲମଣି ବିଦ୍ୟାରତ୍ନଙ୍କଠାରୁ ପ୍ରାଥମିକ ମାତୃଭାଷା ଶିକ୍ଷା ଲାଭ କରି, ମାଦ୍ରାଜର ୟୁନିଫ୍ରେନ୍ ଏବଂ ଖ୍ରୀଷ୍ଟିଆନ୍ କଲେଜ୍‌ରେ ଉଚ୍ଚ ଇଂରାଜୀ ଶିକ୍ଷା ପ୍ରାପ୍ତ ହେଲେ । ରାଜମାତା କନକଲତାଙ୍କଙ୍କ ତତ୍ତ୍ୱାବଧାନରେ ଓ କୋର୍ଟ ଅଫ୍ ୱାର୍ଡ୍‌ସ୍‌ଙ୍କ ପରିଚାଳନାରେ ୧୯୧୦ ମସିହା ମେ ମାସ ଦଶ ତାରିଖ ଦିନ ତାଙ୍କର ଶୁଭ ଉପନୟନ ଓ ବ୍ରତୋପନୟନ ଅନୁଷ୍ଠିତ ହୋଇଥିଲା । ୧୯୧୦ ଖ୍ରୀଷ୍ଟାବ୍ଦରେ ଅଧ୍ୟୟନ ଶେଷକରି ଶ୍ରୀମତ୍ ୧୦୫ ମହାରାଜା ରାଜ୍ୟ ଭାର ଗ୍ରହଣ କଲେ । ସେହି ସମୟରୁ ସେ ଗଞ୍ଜାମ ଡିଷ୍ଟ୍ରିକ୍ଟ ବୋର୍ଡ଼ର ସଭାପତି-ରୂପେ ନିଜର ସଦ୍‌ଗୁଣାବଳି ଦ୍ୱାରା ଲୋକପ୍ରୀତିଭାଜନ ହୋଇ ୧୯୩୭ ସାଲ ପର୍ଯ୍ୟନ୍ତ ୧୫ ବର୍ଷ ବାରମ୍ବାର ଉକ୍ତ ବୋର୍ଡ଼ର ସଭ୍ୟପଦ ଗ୍ରହଣ କରିଥିଲେ । ରାଜା ବାହାଦୁର ତାଙ୍କ କର୍ମକାଳ ମଧ୍ୟରେ ଦେଶର ବହୁବିଧ ଦାବି ସଦ୍ଦେଶ୍ୟରେ ଉପସ୍ଥିତ କରି ଭରେଣ ଲକ୍ଷ ଟଙ୍କା ସାହାଯ୍ୟ ଆଣି, ଗଞ୍ଜାମର ନାନା ସ୍ଥାନରେ ଅନେକଗୁଡ଼ିଏ ପୋଲ, ସଡ଼କ ପ୍ରସ୍ତୁତ କରାଇ ଜନସାଧାରଣଙ୍କର ଚିରସ୍ମରଣୀୟ ହୋଇଅଛନ୍ତି ।

ବାଲ୍ୟ ସେହ୍ନ ରୁ ତାଙ୍କର କ୍ରୀଡ଼ାନୁ ପ୍ରତି ଅତ୍ୟନ୍ତ ପ୍ରଶଂସନୀୟ । କ୍ରୀଡ଼ା କୌତୁକ ଓ ଶିକାର ସେ ଯେଉଁ ଦକ୍ଷ, ଜାତିସୁଲଭ ଇଚ୍ଛା ବଳରେ ମଧ୍ୟ ସେହିପରି ସେ ଜଣେ ବଳିଷ୍ଠ କର୍ମୀ । ଇଉରୋପ ଭ୍ରମଣ କରି, ବହୁ ଉଚ୍ଚ ଦେଶର ଉନ୍ନତ ଶାସନ୍ତନ୍ତ୍ରାଦି ଅନୁଷ୍ଠାନ ଓ ସମାଜ ସହଯୋଗ ସମିତିମାନଙ୍କର କର୍ମପନ୍ଥା ନିଜେ ପର୍ଯ୍ୟବେକ୍ଷଣ କରି ସେହି

Digitized by srujanika@gmail.com

ଅବଲମ୍ବନ କର ସେ ମାତୃଭୂମିର ଉନ୍ନତିପାଇଁ ନାନା ବ୍ୟବସ୍ଥା କଲ୍ପନା କରଅଛନ୍ତି । ତାଙ୍କର ସାହତ୍ୟାନୁରାଗ ପ୍ରଶଂସନୀୟ । ଉତ୍କଳର ପ୍ରଖ୍ୟାତନାମା ବହୁମାନଙ୍କୁ ସେ ଅକାତର ଅର୍ଥ ସାହାଯ୍ୟ ପ୍ରଦାନ କରି, ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରାଇଅଛନ୍ତି । ସେ କର ଚନ୍ଦ୍ରାମଣି, କରସୂର୍ଜ ପ୍ରଦ୍ଭାବଳର ସମ୍ପାଦକ ପଣ୍ଡିତ ଜ୍ୟୋତିଶ୍ଚନ୍ଦ୍ର ବାଗ ପ୍ରଭୃତିଙ୍କୁ ଉତ୍ସାହଦାନଦ୍ୱାରା ମାତୃଭାଷାର ପ୍ରଭୂତ ମଙ୍ଗଳ ସାଧନ କରଅଛନ୍ତି । ରାଜା ବାହାଦୁର ଭାଷାକୋଷର ଜଣେ ଉତ୍ସାହୀ ପୃଷ୍ଠପୋଷକ । ତାଙ୍କର ଉଦ୍ଧ୍ୱ ସଦ୍‌ଗୁଣ ସଦର୍ଶନରେ ପ୍ରୀତ ହୋଇ ବ୍ରିଟିସ୍ ସରକାର ତାଙ୍କୁ ୧୯୨୯ ଖ୍ରୀଷ୍ଟାବ୍ଦ ଜୁଲାଇ ମାସରେ ବ୍ୟକ୍ତିଗତ ରାଜା ଉପାଧି ଓ ପରେ ୧୯୩୪ ମସିହାରେ ତାଙ୍କୁ ବଂଶାନୁକ୍ରମିକ ରାଜା ଉପାଧିରେ ସମ୍ମାନିତ କରଥିଲେ । ଗତ ୧୯୩୨ ଖ୍ରୀଷ୍ଟାବ୍ଦରେ ପୁଣି ସରକାର ତାଙ୍କର ସାଧାରଣ କର୍ମ କ୍ଷେତ୍ରରେ କର୍ମ କୁଶଳତା ଉପଲବ୍ଧି କର ତାଙ୍କୁ ରାଜା ବାହାଦୁର ଉପାଧି ପ୍ରଦାନ କରଅଛନ୍ତି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ସଗଠନ ସମ୍ପର୍କରେ ନାନା ବିଷୟ ଅନୁସନ୍ଧାନ କର ସେ ସରକାର ଓଡ଼ିଜେନ୍ସ୍ କମିଟିଙ୍କ ସମ୍ମୁଖରେ ପ୍ରଦେଶ ଗଠନ ସପକ୍ଷରେ ଯେଉଁ ପାଣ୍ଡିତ୍ୟ ପୂର୍ଣ୍ଣ ଅକାଟ୍ୟ ଯୁକ୍ତିପୂର୍ଣ୍ଣ ସାକ୍ଷ୍ୟ ପ୍ରଦାନ କରଥିଲେ, ତାହା ଜାତିର ଇତିହାସରେ ଅମରକ୍ଷରରେ ଲିପିବଦ୍ଧ ହୋଇ ରହିଥିବ । କେବଳ ଏତ୍ତକ କର ନୀରବ ନ ଥାଇ ସେ ଘାଲିଆମେଣ୍ଟାରି କମିଟି ଆଗରେ ଓଡ଼ିଆମାନଙ୍କର ସମସ୍ୟୋପଯୋଗୀ ଦାବିମାନ ଉପସ୍ଥାପିତ କରବାକୁ ନାନା ଅସୁବିଧା ଓ କଷ୍ଟଭୋଗ କର ଦେଶର ଅଶେଷ କଲ୍ୟାଣ ସାଧନ କରଅଛନ୍ତି । ବଜ ଗୃହ୍ୟରେ ପ୍ରଜାମାନଙ୍କର ଶ୍ରୀବୃଦ୍ଧି ନମିତ୍ତ ସେ ଲକ୍ଷାମାନ ଖୋଲାଇ ଜଳାଭାବ ଦୂରୀକରଣର ବ୍ୟବସ୍ଥା କରଅଛନ୍ତି ।

ରାଜାବାହାଦୁର ୟୁନେ ମାନ୍ଦ୍ରାଜ କାଉନ୍ସିଲ୍ ମେମ୍ବର ଥିଲେ । ପ୍ରଥମେ ଓଡ଼ିଶାର ଆଡ଼ଭାଇସର କମିଟିର ଓ ପରେ ଅସେମ୍ବ୍ଲି ମେମ୍ବର ରୂପେ ସେ ଦେଶର ଜଟିଳ ରାଜନୈତିକ କର୍ମୀ ବୋଲି ସର୍ବତ୍ର ସୁପରିଚିତ । କ୍ଷମା ଓ ସଦ୍ଗୁଣଶୀଳତା ତାଙ୍କ ଚରିତ୍ରର ବିଶେଷତ୍ୱ; ତାଙ୍କ ସମ୍ପର୍କରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି ଏହା ଉତ୍କୃଷ୍ଟରୂପେ ହୃଦୟଙ୍ଗମ କର ପାରଛନ୍ତି । ରାଜା ବାହାଦୁରଙ୍କର ସ୍ୱଦେଶ ପ୍ରେମ, ସଙ୍ଗୀତ ଓ ସାହତ୍ୟାନୁରାଗ ତଥା ବିନମ୍ର ଇତ୍ୟାଦି ଅସାଧାରଣ ସଦ୍‌ଗୁଣାବଳି ସର୍ବଥା ପ୍ରଶଂସନୀୟ । ଉତ୍କଳ ଇତିବୃତ୍ତରେ ତାଙ୍କର ଗୁଣାବଳି ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

"ପୁତ୍ରେ ଯଶସି ତୋୟେତୁ ବିଶୁଦ୍ଧାନାଂ କୁଳସ୍ତ୍ରିୟାଂ"
ଏହି ଅପ୍ତବଚନର ସତ୍ୟତା ପ୍ରତିପାଦନ କମିତ୍ତ ରାଜା-ବାହାଦୁର ଶ୍ରୀ ହରହର ସର୍ବଜ୍ଞଙ୍କ ଗୁଣାବଳି ଏଥିରେ ସନ୍ନିବିଷ୍ଟ ହେଲା ।

ସ୍ୱାକ୍ଷର ଲେଖକ—
ହରହର ଜାଲୀଚରଣ ପଟ୍ଟନାୟକ

ହରହର ରଥ—ବେ.ବ (ନାମ)—ପୁରୀ ସହର ନବାସୀ ଜନୈକ ସ୍ୱର୍ଗତ ପଣ୍ଡିତ—The late Sanskrit-knowing pandit of Puri town. [ଦ୍ର—ଏ ମହାଶୟ ବେଣୀସହାର ଓ ଶଙ୍କୁନ୍ତଳା ପ୍ରଭୃତି କେତେକ ନାଟକ ସଂସ୍କୃତରୁ ଓଡ଼ିଆରେ ଅନୁବାଦ କର-ଥିଲେ ଓ କେତେକ ଓଡ଼ିଆ ନାଟକ ପ୍ରଣୟନ କରଥିଲେ—ତାରଣୀ. ଉ. ସା. ଇତିହାସ ।]

ହରହରାତ୍ମକ—ସ. ବ—୧ । ହରହର କ୍ଷେତ୍ର (ଦେଖ)—1. Harihara Hariharātmaka kshetra (See). ୨ । ଗରୁଡ଼ (ଶବ୍ଦ-ରତ୍ନାବଳୀ)—2. The mythological king of birds. ୩ । ଶିବ ବାହନ ବୃଷ (ଶବ୍ଦରତ୍ନାବଳୀ)—3. Thebull which is said to carry Śiba on his back. ବହୁ. ପୁଂ—ଯାହାଙ୍କ ଅତ୍ମାରେ ହର ଓ ହର ବିଦ୍ୟମାନ—Whose soul is pervaded by Hari and Hara.

[ହରହରାତ୍ମିକା—ସ୍ତ୍ରୀ. ରତ୍ନ]

ହରହରାତ୍ମା—ବେ. ବ (ସଂ. ହରହର ଓ ଆତ୍ମା; ହର ଓ ହରଙ୍କର ସଯୁକ୍ତ Hariharātmā କ୍ଷୁଦ୍ର ପର ଦୁଇଜଣଙ୍କ ଅଭିନ୍ନ ମନ ଥିବାରୁ)—ହରିହରାତ୍ମା ୧ । ଦୁଇଜଣଙ୍କର ଅତିନ୍ନପ୍ରଣୟ; ଅଭେଦ୍ୟପ୍ରୀତି; ଏକାତ୍ମ୍ୟ; ଅଭେଦ୍ୟମୈତ୍ର ଅଚ୍ଛେଦ୍ୟ ବନ୍ଧୁତା— .Very intimate friendship between two persons. ୨ । (ଦ୍ୱିବଚନ) ଯେଉଁ ଦୁଇବନ୍ଧୁଙ୍କ ମଧ୍ୟରେ ଅଚ୍ଛେଦ୍ୟ ବନ୍ଧୁତା ବା ଅତିନ୍ନ ପ୍ରୀତି ଥାଏ—2. Two friends who are tied to each other by an unbreakable tie of friendship. ୩ । ଯେଉଁ ଦୁଇଜଣଙ୍କର ମନ ଏତ—3. Two friends of one mind.

ହରିହାଟ—ବେ. ବ—ଖୋଳ କରତାଳ ସହିତ ବହୁଜନଙ୍କ ସମବେତ ହରିନାମ ସଙ୍କୀର୍ତ୍ତନ ବିଶିଷ୍ଟ ଉତ୍ସବ—A festival consisting of several parties of singers chanting the name of Hari.

ହରୀତକୀ—ସ. ବ—୧ । (ହର+ଇ ଧାତୁ=ଗମନ କରବା=ଚଞ୍ଚଳ Harītaki +ତ+ସ୍ତ୍ରୀ.ଈ; ବଂବା ୨ । ହୃ ଧାତୁ=(ଏଙ୍କବ୍ୟାଖ୍ୟା) ହରଡ଼ା, ହରୀତକୀ, ହର୍ତ୍ତକୀ, ହର୍ତ୍ତକି ହରଣ କରବା+କ୍ତୀ. ଇ+ହନ୍ତ, ହରେ; ହର୍ୟ ଦଙ୍ଗା=ପାପ;ଜନ୍ମା ୩ । ହୃ=ଗାଣ୍ଡୁର ବର୍ଣ୍ଣ+ଇ ପା. ହଲିଲେ ଜାବଲ; ହଲଲେ ଧାତୁ=ମିଳତ ହେବା+ଅଥ ଜଜ୍; ହଲଲେ ସିହା । ଚରଣ. ତ+ତ+ଇ; ବଂବା ୪. ହରଡ଼ା ୪ । ହର=ଶିବ+ଉତ=ହରତ=ଶିବଙ୍କ ଅ. ହଲଲ୍ ଜଥସ୍ ଫର୍; ଉଦନ କୈଳାସରେ ଜାତ, ହରତ+ତ ହଲଲଜଥସଓଜ୍ । +ଇ)—ହରଡ଼ା ନାମକ ବୃକ୍ଷ ଓ ଫଳ ଡେ. କରକଚେଟ୍ଟୁ Terminalia Chebula, the black ତା. କଡ୍ଡକ୍କି । myrobalan (tree and fruit). ଫ. ଘର୍ଯ୍ୟାସ୍ୱ— [ଦ୍ର—ଏହାଗଛ ନାତ୍ୟର୍ଦ୍ଧ ନାତ ଶୁଦ୍ଧ ହସ୍ତଉଙ୍କା, ଅଭୟା, ପଥ୍ୟା, ଏହା ପ୍ରାୟତଃ ସର୍ବତ୍ର ଜଙ୍ଗଲରେ;

Digitized by srujanika@gmail.com

କାସ୍ଥା, ପୂତନା, ଅମୃତ, ଜମ୍ବୁ । ଘାଡ଼ାଡ଼ିଆ ଜାଗାରେ ଜନ୍ମିବ । ଅମୃତା, ଦୈମବତ୍ତ, ଅଜ୍ୟଥା, ଗନ୍ଧ ଶ୍ଲେଃ ଓ ଚୁଡ଼ିଆ ଦ୍ରୁଏ । ପ୍ରଭଦର୍ଷ ଚେଡଙ୍ଗା, ଶ୍ରେସ୍ମଳୀ, ଶିବା, ଗଛରୁ ପୁଟୁଣା ଅଳ ଝଡ଼ିପଡ଼େ । ଏହାର ବସ୍ୟସ୍ଥା, ବଜସ୍ୟା, ଜୀବନ୍ତୀ, ପଳ ଉପରେ ଘାଞ୍ଚଟି ଶିଗ୍ । ଏହାରଫଳ ରେହଣୀ, ବସ୍ୟସ୍ଥା, ସ୍ଥଧା, ମୃଦଙ୍ଗ ପରି, ଦୁଇମୁଣ୍ଡ ସରୁ ଓ ମଝି ଭନ୍ୟା, ରସାସ୍ୟନଫଳା, ମୋଟ । କେତେ ଜାଗାସ୍ଥ ହରୀତକୀ ଚେଡନକୀ, ପ୍ରପଥ୍ୟା, ଜୀବ- ଅଣ୍ଡାକାର ଓ କେତେକ ଗୋଲ । ଫଳ ପ୍ରିୟା, ଜୀବନକା, ଉଷଗ୍ବର୍ତ୍ତ, ଶୀତଦଳେ ପାଚେ । ଜଳବାୟୁ ଓ ମୃତ୍ତିକା ଉଷଚ୍ପ୍ରିୟା, ପ୍ରାଣଦ୍ୟା, ଜୀବ୍ୟା, ଗୁଣରେ ଏହାର ଫଳ ½ ଇଞ୍ଚ ଠାରୁ ଦେଖା, ପାବ୍ୟା । ୩ଇଞ୍ଚ ପର୍ଯ୍ୟନ୍ତ ଲମ୍ବ ହୁଏ ଏବଂ ½ ଇଞ୍ଚ ଠାରୁ ୧ ଇଞ୍ଚ ପର୍ଯ୍ୟନ୍ତ ମୋଟ ହୁଏ । ଏହା ଗଛର ଡାଳରୁ ଏକପ୍ରକାର ଅଠା ବାହାରେ । ହରଡ଼ାଗଛର ଛାଠ ଖୁବ୍ ଟାଣୁଆ । ଏ ଫଳର ସ୍ୱାଦ କଷା, ଓ ଏହାର ଶସ ଲଘୁତ୍ ଜଳଦଆ । ଏହା ଉତ୍ତରର ମଞ୍ଜି ରୁଡ଼ରୁଡ଼ିଆ ଅର୍ଥାତ୍ ଅମସୃଣ ଏହାକୁ ଘାଣିରେ କଚୁଘଇ ଚମଡ଼ାକୁ କଷିବାକୁ ହୁଏ । ଏଥିରେ ଟିହିରର ମିଶାଇ ହଳଦିଆ ଓ ହରୁତକ ମିଶାଇ କାଳିଆ ରଙ୍ଗ ଉଆର କସାଯାଇ ଲୁଗା ଓ ସୂତାଆଦ ରଙ୍ଗାହୁଏ ।

ବୈଦ୍ୟକମତରେ ହରଡ଼ା ମଧୁର, ଉତ୍ତୁ, ଅମ୍ଳ, ତିକ୍ତ ଓ କଷାୟ ଏହ ୫ ରସଯୁକ୍ତ । ଏଥିରେ କଷାୟ ରସ ଅଧିକ । ଏଥିରେ ଲବଣ ରସ ନାହିଁ । ଏହା ମଧୁର, ଉତ୍ତ୍ର ଓ କଷାୟ ବୋଲ ପିତ୍ତନାଶକ, କଟୁତିକ୍ତ କଷାୟ ବୋଲ କଫନାଶକ, ଅମ୍ଳ ବୋଲ ବାୟୁନାଶକ । ହରଡ଼ା ଫଳର ମଜ୍ଜାରେ ମଧୁର ରସ, ସ୍ନାୟୁରେ ଅମ୍ଳରସ, ଦନ୍ତରେ ତିକ୍ତରସ, ହୃତ୍‌ରେ କଟୁରସ ଓ ଅସ୍ଥିରେ କଷାୟରସ ଅଛି । ଏହା ରୁକ୍ଷ, ଉଷ୍ଣବୀର୍ଯ୍ୟ, ଅଗ୍ନି- ଦୀପ୍ତିକର, ମେଧାଜନକ, ମଧୁରବିପାକ, ରସାୟନ, ବୟସ୍ଥର ହିତକର, ଲଘୁ, ଆୟୁସ୍କର, କୃମିଘ୍ନ ଓ ମଳରୋଧକ ।

ଏହା ଶ୍ୱାସ, କାସ, ପ୍ରମେହ, ଅର୍ଶ, କୁଷ୍ଠ, ଭଗନ୍ଦର, ଶୋଥ ଉଦରରୋଗ, କୃମି, ସ୍ତନବିକୃତି, ସ୍ତନ୍ୟଜନ୍ତୀ, ମଲବଦ୍ଧତା, ବିଷମ- ଜ୍ୱର, ଗୁଲ୍ମ, ଅଧ୍ୟାନ (ପେଟଫମ୍ପା), ତୃଷ୍ଣା, ହିକ୍କା, କଣ୍ଡୁ, ଦୁଦ୍ରୋଡ, କାମଳ, ଶୂଳ, ଆନାହ, ପ୍ଲୀହା, ଯକୃତ୍, ଅସସ୍ଥ, ମୂତ୍ରକୃଚ୍ଛ୍ର ଓ ମୂତ୍ରାଘାତ ରୋଗରେ ଉପକାରକ ।

ଆୟୁର୍ବେଦ ମତରେ ହରଡା ପରି ପ୍ରଶସ୍ତ ବସ୍ତୁ ପୃଥିବୀରେ ନାହିଁ; ଏହା ମାତାପରି ହିତକାରଣୀ । ମାତ୍ରା, ଅନୁପାନ, ପଥ୍ୟ ଓ ପ୍ରଯୋଗପ୍ରଣାଳୀ ଓ ଋତୁଭେଦରେ ଏହାଫଳ ସେବନ କଲେ ବହୁ ରୋଗରେ ଏହା ଅଶ୍ୱଫଳପ୍ରଦ ହୁଏ । ଏହାର ଅନ୍ୟନାମ ଅମୃତ ଓ ଅବ୍ୟୟା ।

ହରୀତକୀ ୭ପ୍ରକାରର ଯଥା—ବଜସ୍ୟା, ରେହଣୀ, ପୂତନା, ଅମୃତା, ଅବ୍ୟୟା, ଜୀବନ୍ତୀ ଓ ଚେତକୀ ।

୧ । ବଜସ୍ୟା—ଏ ଫଳର ଅଷ୍ଟାଂଶ ଅଲ୍ପରୁ ବା ଲମ୍ବରୁ ପର ଗୋଲ । ଏହା ସବୁ ହରଡ଼ା ମଧ୍ୟରେ ଶ୍ରେଷ୍ଠ, ଏହା ସୁଖସେବ୍ୟ, ସୁଲଭ୍ୟ ଓ ସର୍ବରୋଗରେ ହିତକର । ଏହା ଅତ୍ୟନ୍ତ ଥିରବର୍ଣ୍ଣ ।

୨ । ରେହଣୀ—ଏ ଫଳର ଆକାର ସମ୍ପୂର୍ଣ୍ଣ ଗୋଲ । ଏହା ତ୍ରଣ ରୋଗରେ ଉପକାରକ ।

୩ । ପୂତନା—ଏଥିର ଆକାର ସୂକ୍ଷ୍ମ ଓ ମଞ୍ଜିବଡ଼; ପ୍ରଲେପ କାର୍ଯ୍ୟରେ ପ୍ରଯୋଜ୍ୟ ।

୪ । ଅମୃତା—ଏହା ମାଂସଳ ଅର୍ଥାତ୍ ଶସ୍ୟବହୁଳ ଓ କ୍ଷୁଦ୍ରାଙ୍ଗବିଶିଷ୍ଟ । ଭେଦ ବା କୋଷ୍ଠ ପରିଷ୍କାର କାର୍ଯ୍ୟରେ ପ୍ରଯୋଜ୍ୟ ।

୫ । ଅବ୍ୟୟା—ଏ ଫଳ ୫ ଗୋଟି ରେଖାବିଶିଷ୍ଟ; ନେତ୍ରରୋଗରେ ପ୍ରଶସ୍ତ ।

୬ । ଜୀବନ୍ତୀ—ଏହା ସ୍ଥୂଳ ବର୍ଣ୍ଣ; ସର୍ବରୋଗ ବିନାଶକ ।

୭ । ଚେତକୀ—ଏହା ଉନ୍ନତଗୋଟ ରେଖା ବିଶିଷ୍ଟ । ଏହା ଚୂର୍ଣ୍ଣାର୍ଥ ବ୍ୟବହାର୍ଯ୍ୟ । ଏହା ଅଷ୍ଟ ଭେଦକ । ଚେତକୀ ହରୀତକୀ ଶୁକ୍ଳ ଓ କୃଷ୍ଣ ଭେଦରେ ୨ପ୍ରକାର । ଶୁକ୍ଳବର୍ଣ୍ଣ ଚେତକୀ ଦୁଇ ଅଙ୍ଗୁଳ ପରିମିତ । କୃଷ୍ଣଚେତକୀ—୧ଅଙ୍ଗୁଳ ପରିମିତ । ମନୁଷ୍ୟ, ପଶୁ, ପକ୍ଷୀ ଆଦ ଜୀବ ଚେତକୀ ହରଡ଼ା ଗଛର ଛାଇକୁ ଅସିଲେ ସ୍ଥଳତ୍ୟାଗ କରିପକାନ୍ତି; ଏହ ହରଡ଼ାକୁ ହାତରେ ଧରିଲେ ଝାଡ଼ାହୁଏ । ବୃଷାଣ୍ଡି, ପୁତ୍ରମାର, କୃଶ ଓ ଔଷଧଦ୍ରୋଣୀ ବ୍ୟକ୍ତିମାନଙ୍କ ମୁଖ ବୈରେଚନାର୍ଥ ମାତ୍ରା ଓ ଅନୁପାନ ଭେଦରେ ଚେତକୀ ହରଡ଼ାର ବହୁତ ବ୍ୟବହୃତ ହୁଏ ।

ସବୁ ହରଡ଼ା ମଧ୍ୟରେ ବଜସ୍ୟା ଶ୍ରେଷ୍ଠ । କେହି ହରଡ଼ାକୁ ଖାଇଲେ, କେହି ହରଡ଼ାକୁ ଆଘ୍ରାଣ କଲେ, କେହି ହରଡ଼ାକୁ ସ୍ପର୍ଶ କଲେ, କେହି ହରଡ଼ାକୁ ଦର୍ଶନ କଲେ ବେଦ (ଝାଡ଼ା) ହୁଏ ।

ଯେଉଁ ହରଡ଼ା ଜଳରେ ସ୍ନିଗ୍ଧ, କଠିନ, ଗୋଲାକାର ଓ ଭାରି, ଯାହାକୁ ଗାର୍ତ୍ତରେ ପକାଇଲେ ବୁଡ଼ିଯାଏ ତାହା ପ୍ରଶସ୍ତ ଗୁଣକର । ଯେଉଁ ହରଡ଼ା ୬ କରଷି ଓଜନ ତାହା ସର୍ବଶ୍ରେଷ୍ଠ ।

ହରଡ଼ା ଗେ୍ୱାଇକର ଖାଇଲେ ଅଗ୍ନିବୃଦ୍ଧି, ପେଷିତର ଖାଇଲେ ମଳଶୋଧନ, ପିଠାଇକର ଖାଇଲେ ମଳସ୍ତମ୍ଭ, ଭୃଜ ଖାଇଲେ ବିଦୋଷନାଶ ହୁଏ; ଖାଦ୍ୟ ସଙ୍ଗେ ଖାଇଲେ ବୁଦ୍ଧି, ବଳ ଓ ଇନ୍ଦ୍ରିୟ ବିକାଶ ଏବଂ ଦୁଇ ପୁଷ୍ପ ନର୍ଗମ ହୁଏ । ଅଦାର ପରେ ହରଡ଼ା ସେବନ କଲେ ତ୍ରିଦୋଷ ନାଶ ଓ ଅଲ ଓ ପାନ ଜନିତ ସମସ୍ତ ପୀଡ଼ା ଦୂରହୁଏ ଓ ମୁଖ ଶୁଦ୍ଧିହୁଏ । ହରଡ଼ାକୁ ଲୁଣ ସଙ୍ଗେ ଖାଇଲେ ପିତ୍ତନାଶ, ଦିଅ ସଙ୍ଗେ ଖାଇଲେ ବାତ ନାଶ ଓ ଗୁଡ଼ ସଙ୍ଗେ ଖାଇଲେ ସର୍ବରୋଗ ନାଶହୁଏ ।

ବର୍ଷାଋତୁରେ ହରଡ଼ା ଚୂନାକୁ ସୈନ୍ଧବଲୁଣ ସଙ୍ଗେ, ଶରତ୍‌କାଳରେ ଚନସଙ୍ଗେ, ହେମନ୍ତରେ ଶୁଣ୍ଠିଚୂନା ସଙ୍ଗେ, ଶୀତରେ ପିପ୍ପଳୀଚୂନା ସଙ୍ଗେ, ବସନ୍ତରେ ମହୁ ସଙ୍ଗେ ଓ ଗ୍ରୀଷ୍ମରେ ଗୁଡ଼ ସଙ୍ଗେ ସେବନ କଲେ ଏହା ରସାୟନ ହୁଏ, ଅର୍ଥାତ, ସେବନକାରୀ ବୀର୍ଯ୍ୟ ପୌରୁଷତ୍ୱ, ବଳ, ମାରୋଗ

Digitized by srujanika@gmail.com

ସାଙ୍ଗବାନ୍ ହୁଅନ୍ତୁ । ଏହି ପ୍ରକାର ସେବନକରିବାରେ ବ୍ୟବହୃତ ହରିଡାକୁ ଋତୁ ହରିତକୀ କୋଲୁପାଏ ।

ସପ୍ତଶୀନ୍ତ, ଦୁର୍ବଳ, କୃଶ, ଉପବାସଶୀଳ, ପିତ୍ତଧାତୁ-ପ୍ରଧାନ, ଗର୍ଭିଣୀ ଓ ନବସୂତ୍ରୀଲୋକ ବ୍ୟକ୍ତିମାନଙ୍କ ପକ୍ଷରେ ହରିଡା ସେବନ ନିଷିଦ୍ଧ । ହରିଡା ବାହାଡ଼ା ଅଁଳାର ସମାହାରକୁ ତ୍ରିଫଳା କହନ୍ତି; ତ୍ରିଫଳାର କ୍ୱାଥ କୋଷ୍ଠଶୁଦ୍ଧି-କର ଓ ଜ୍ୱର ନାଶକ । ପରୀକ୍ଷାଦ୍ୱାରା ଦେଖାଯାଇଅଛୁ ଯେ ପ୍ରତ୍ୟହ ଗୋଟିଏ ହରିଡାର, ୨ଟି ବାହାଡ଼ାର ଓ ୩ଟି ଅଁଳାର ସାଢ଼ଗ୍ରାମ ଅଂଶକୁ ୪।୬ ଘଣ୍ଟା ଭିଜାଇ ସାଣିରେ ବଟୁରି, ଛକି ପାଣିକୁ ଛଣି ଖାଲିପେଟରେ ପିଇଲେ କୋଷ୍ଠଶୁଦ୍ଧି ହୁଏ ।

ବଡ଼ା କରି ହରିଡାକୁ ଗଛରୁ ଛଡ଼ାଇ ଶୁଖାଇ କର ରଖାଯାଇଥାଏ ଓ ତାହା ଔଷଧରେ ଲଗେ । ଭାବୁ ଜଂଘି ହରିଡା କହନ୍ତି ।

କେହି କେହି ଓ ବିଶେଷତଃ ସନ୍ନ୍ୟାସୀମାନେ ସ୍ତ୍ରୀକନାନ୍ତେ ମୁଖବାସାର୍ଥ ଓ ମୁଖଶୋଧନାର୍ଥ ହରିଡାର ଚୋବକୁ ଗୁଡ଼ପର କଲରେ ଯାକନ୍ତି ।

ହରିଷା—ସ ବ (ହୃ ଧାତୁ + କର୍ମ ଇଷ୍ + ଅ)—ମାଂସବ୍ୟଞ୍ଜନବିଶେଷ—
ଆସ A kind of meat curry.

[ଦ୍ର—ବଡ଼ ବଡ଼ ମାଂସଖଣ୍ଡକୁ ଗୋଟିଏ ବଡ଼ ହାଣ୍ଡିରେ ପ୍ରଚୁର ଜଳ, ଘିଅ, ହିଙ୍ଗୁ, ଆଦ୍ରକ, ଧନିଆ, ଅଦା, ଶୁଣ୍ଠି, ଲୁଣ, ଲଙ୍କା ଓ ଗୋଲମରିଚ ଦେଇ ସିଝାଇ ସେଥିରେ ଗୁଡ଼ଲ ଓ ଗଡ଼ମ ପକାଇ ଜମୀର ଲେମ୍ବୁ ରସ ଦେଇ ସମସ୍ତକୁ ଜତ୍ତ୍ୱମରୂପେ ସିଦ୍ଧ କର ଛୋଲ ଥାଉ ଥାଉ ନଅଁରୁ ଓହ୍ଲାଇ ଏହି ମାଂସ ଉତ୍ତଳାସ୍ତ ଗନ୍ଧାର କରାଯାଏ । ଏହା ବଳକର, ବାତପିତ୍ତଘନ୍ନ, ଗୁରୁ, ଶୀତୋଷ୍ଣ, ଶୁକ୍ରକର ଓ ସ୍ନିଗ୍ଧ-ସ୍ରାବଘ୍ନକାଶ ।]

ହରୁ—ସ୍ତ୍ରୀ. ବ—ହର ଓ ହରର ଡାକନାମ—Nickname for calling Hara and Hari.
Haru

ହରୁଆ—ଦେ. ବଣ. ପୁଂ (ସଂ ହାରକ; ହାରୀ)—୧ । ଯେ ହରଣ କରେ; ହାରକ; ହରଣକାରୀ—2. One who steals; stealing. ସ୍ତ୍ରୀ (ଗଡ଼ଜାତ) ବ ଓ ବଣ—ହଳୁଆ (ଦେଖ)—Haluā (See). ସ୍ତ୍ରୀ (ଶବ୍ଦାର୍ଥ) ବ—ପଶୁମାନଙ୍କର ଚିତ୍କାର—The sound made by beasts.
Haruā ହାରାନେ ହରଣ କରନେବାଲା 1. Losing; one who loses. ୨ । ଯେ ହରଣ କରେ; ହାରକ; ହରଣକାରୀ—2. One who steals; stealing.
(ହରେଇ—ସ୍ତ୍ରୀ)

ହରୁଆଁ—ସ୍ତ୍ରୀ. (ବଣାଇ ଗଢ଼ଜାତ)ବ—ଗଡ଼—
Haruāñ A brass water pitcher.

ହରୁହରଦମ୍—ସ୍ତ୍ରୀ. (ସମ୍ବଲପୁର) ଅ—ସବୁବେଳା; ଅବିଶ୍ରାନ୍ତଭାବରେ—
Haruhar-dam Constantly; uninterruptedly.

ହରେ—ସଂ ଅ (ହର ଶବ୍ଦର ସମ୍ବୋଧନ)—ହେ ହର ! (ହର ବା ବିଷ୍ଣୁଙ୍କୁ ସମ୍ବୋଧନ)—Oh Hari ! (exclamation used in invoking Hari).
Hare

ହରେଇବା—ଦେ. କ୍ରି—ହରାଇବା (ଦେଖ)—
Hareibā Harāibā (See)
ହାରାନ ହରାନା

ହରେଇ—ଦେ. ବ. ସ୍ତ୍ରୀ—ହରୁଆର ସ୍ତ୍ରୀଲିଙ୍ଗ—
Harei Feminine form of Haruā.

ହରେକ—ବୈ.ଦେ. ସର୍ବନାମ ଓ ବଣ (ପା ହର୍+ଏକ) ୧ । ପ୍ରତ୍ୟେକ—
Harek 1. Every; each ହରନ୍ନ; ଜଣଜଣ; ନାନା—2. Various; several; different.
୩ । ସମସ୍ତେ—3. All.

ହରେକ୍ କିଶମ୍—ବୈ.ଦେ. ବ (ପା)—୧ । ପ୍ରତ୍ୟେକପ୍ରକାର—
Harek kisam 1. Every sort or kind.
ହରେକରକମ ହରେକକିସମ ୨ । ନାନାପ୍ରକାର—
2 Various sorts. ବଣ—୧ । ପ୍ରତ୍ୟେକପ୍ରକାରର
1. Of every sort. ୨ । ନାନାପ୍ରକାରର—
2. Of various sorts. ୩ । ବହୁପ୍ରକାରର—
3. Of different kinds.

ହରେକ୍ ରକମ୍—ବୈ.ଦେ. ବ, ଓ ବଣ (ପା)—ହରେକ୍ କିଶମ୍ (ଦେଖ)
Harek rakam Harek kisam (See).
ହରେକରକମ ହରେକକିସମ ବ—ପ୍ରତ୍ୟେକ ବସ୍ତୁ—
Every thing.

ହରେକୁଷଁ[ଷ୍ଣଁ,ଷ୍ଟଁ]—ସ୍ତ୍ରୀ. ବ.ଓ ଅ(ହରେ କୃଷ୍ଣ)—ହରେ କୃଷ୍ଣ (ଦେଖ)
Har-kushañ(shṭañ. shṇañ) Harekṛushṇa (See)
ହରେକିଷ୍ଟ(ଷ୍ଟଁ) ହରେକୀଷ୍ଣ

ହରେ କୃଷ୍ଣ—ସ ଅ (ସ ହର ଓ କୃଷ୍ଣ ଦୁଇ ଶବ୍ଦର ସମ୍ବୋଧନ)—
Harekṛushṇa ୧ । ହେ ହର ! ହେ କୃଷ୍ଣ !—
1.Oh Hari!,Oh Kṛushṇa'! ୨ । ହରିଙ୍କୁ ସମ୍ବୋଧନ
2.Invocation to Hari. ୩ । ହରିଙ୍କର ଦୁଇଟି ବହୁତ ନାମ ଉଚ୍ଚାରଣପୂର୍ବକ ଡାକ—3. Invocation to Hari by two names. ୪ । ଯାହା ତାହା ବା ମନ୍ଦ କଥା ଶ୍ରବଣଜନିତ ପାପ କ୍ଷାଳନାର୍ଥ ବ୍ୟବହୃତ ଅବ୍ୟୟ
4. An exclamation used by a person to wash away the sin of hearing any bad or sinful matter.
ହରେକୃଷ୍ଣ ହରେକୃଷ୍ଣା
ଦେ. ବ. ପୁଂ—ପୁରୁଷର ନାମ—A name given to males.

ହରେକୃଷ୍ଣ ଦାସ—ଦେ. ବ, (ନାମ)—ଓଡ଼ିଶାର ଜନୈକ ସ୍ୱର୍ଗତ
Harekṛushṇa Dāśa ଦେଶହିତୈଷୀ ବ୍ୟକ୍ତି—
A late patriot of Orissa. [ଦ୍ର—ଏ ଓଡ଼ିଶା ଗଡ଼ଜାତସମୂହର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଥାଇ, ଓଡ଼ିଶାର ଦେଶହିତକରପ୍ରତିଷ୍ଠାନରେ ଦେଶହିତୈଷୀ ସ୍ୱର୍ଗତ ବଳଭଦ୍ରାନନ୍ଦଙ୍କର ସଙ୍ଗେ ବଣ୍ଟିଷ୍ଟ ସହକର୍ମୀ ଥିଲେ ।

Digitized by srujanika@gmail.com

ଏହାଙ୍କର ଗଡ଼ଜାତରେ କାର୍ଯ୍ୟ କରୁଥିବା ସମୟରେ ଅନୁଗୁଳ ଓ ସମ୍ବଲପୁର ସରକାରଙ୍କ ଶାସ୍ ଶାସନକୁ ଅସିଥିଲା । ଏହାଙ୍କ ଜନ୍ମସ୍ଥାନ ଯାଜପୁର ଅନ୍ତର୍ଗତ କଖାବଣିଆ ଗ୍ରାମ । ୧୮୭୭ ମସିହାରେ ଏହାଙ୍କର ମୃତ୍ୟୁ ହୋଇଥିଲା ।]

ହରେକୃଷ୍ଣପୁର—ଦେ.ନି (ନାମ)—ପୁରୀ ସଦରଠାରୁ ୩ ମାଇଲ ଦୂରବର୍ତ୍ତୀ ଓଡ଼ିଶାର ଗୋଟିଏ ବ୍ରହ୍ମତ୍ରଭୂମି ବ୍ରାହ୍ମଣଗାଁ—Name of a Brāhmaṇa village near the town of Puri, established by an ancient king of Orissa. [ଦ୍ର—ଏହି ଗ୍ରାମ କାଟ୍ଟେ ବେଙ୍ଗଲ୍ ନାଗପୁର ରେଲ ଲାଇନ୍ ଯାଇଅଛି ଓ ଏହି ଗ୍ରାମର ଚନ୍ଦନ ଯୋଗଣ୍ଡା ରେଲ ଲାଇନ୍‌ର ଦକ୍ଷିଣପାଶ୍ୱର୍ରେ ଅବସ୍ଥିତ ଓ ଏହା ଅତ୍ୟନ୍ତ ଗଣ୍ଡୀର ।]

ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ—ସଂ. ଅ—Hare Kṛushṇa Hare Kṛushṇa Krushṇa Krushṇa Hare Hare.

(ହରେର ରାମ ହରେ ରାମ ରାମ ରାମ ହରେ ହରେ—ଅନ୍ୟ ପଦ)—ରାମ, ହର ଓ କୃଷ୍ଣଙ୍କ ନାମର ସମ୍ବୋଧନ ବଭ୍ରୁରେ କଳ୍ପିତ ପଦମାନଙ୍କଦ୍ୱାରା ଶ୍ଲୋକାକାରରେ ରଚନା; କଳିଯୁଗରେ ଭାବକ ବ୍ରହ୍ମନାମ, ମନ୍ତ୍ରଶ୍ଲୋକର ପ୍ରଥମ ପଦ Half of a couplet used by a devotee invoking God (Hari) in three names and laid down to be the formula in which God(Hari) is to be invoked in the present (Kaḷi) age.

ହରେଣୁ—ସଂ. ବ. ସ୍ତ୍ରୀ—୧ । ରେଣୁକା ନାମକ ଗନ୍ଧଦ୍ରବ୍ୟ (ଅମରକୋଷ) Hareṇu 1.A scented herb;Piper Athrautiacum. ୨ । ତାମ୍ରବର୍ଣ୍ଣାମୃଗୀ—2. A copper coloured female deer. ୩ । ଗୃହଯୋଷିତ୍ (ମେଦନୀ)—3. A house-wife; a family woman. ୪ । ଗ୍ରାମର ସୀମା ବଚ୍ଛିନକାରିଣୀ ଲତା—4.A creeper which divides the boundaries of 2 villages. ପୁଂ—୧ । ସତ୍ତାଳ (ମେଦନୀ); କଳାମୁଗ—1. A kind of grain. ୨ । ବଡ଼ରଣା ହରେକୃଷ୍ଣ,ଦ୍ରବ୍ୟଗୁଣ)—2. Big species of Cicer Arietenum. ୩ । ମଟର—3. Pea. ୪ । ଲଙ୍କା ଦ୍ୱୀପ—4. The island of Ceylon.

ହରେଣୁକ—ସଂ ବ (ହରେଣୁ+କ)—ମଟର; ସୁଜନବର୍ଦ୍ଧନ)—Pea. Hareṇuka

ହରେଣୁକା—ସଂ. ବ (ହରେଣୁକ+ଆ)—ରେଣୁକା ନାମକ ଗନ୍ଧଦ୍ରବ୍ୟ- Hareṇukā A scented herb; Piper Aurantiacum.

ହରେରାମ୍—ଦେ. ଅ (ସଂ. ହରେରମ)—ହରେରମ (ଦେଶ)— Harerām Harerāma (See).

ହରେରମ—ଦେ. ଅ—୧ । ହର ଓ ରମ ଶବ୍ଦଦ୍ୱୟର ସମ୍ବୋଧନ ଆକାର— Harerām 1. (interjection) Oh Hari ! ହରେରାମ ହରେରାମ Oh Rama ! exclamation uttered in invoking the name of Hari by two of His names. ୨ । 'ହରେକୃଷ୍ଣ' ପର ଶ୍ରୀହରିଙ୍କ ନାମଦ୍ୱୟର ଉଚ୍ଚାରଣ— 2. Invocation of the name of Hari. ୩ । ପର କଥା ବା ପାପ କଥା ଶ୍ରବଣଜନିତ ପାପକ୍ଷାଳନାର୍ଥ ଶ୍ରୋତାଙ୍କ ଦ୍ୱାରା ବ୍ୟବହୃତ ଅବ୍ୟୟ—3. Interjection used to wash away the sin attached to a person on hearing any sinful or bad thing.

ହରେ ରାମଚନ୍ଦ୍ର—ଦେ. ଅ—ହର ଓ ରାମଙ୍କ ସମ୍ବୋଧନ; ହରେ ରାମ (ଦେଶ)—Harerāma (See) Hare rāmachandra ହରେ ରାମଚନ୍ଦ୍ର ହରେ ରାମ

ହରେ ହରେ—ସ. ଅ(ହର ଶବ୍ଦର ସମ୍ବୋଧନ)—ହେ ହର ! ହେ ହର ! Hare hare (ହରଙ୍କ ନାମର ଦୁଇଥର ଉଚ୍ଚାରଣଦ୍ୱାରା ଭାକ)—Invocation to Hari

ହରୋବଟୋ—ଗାଦେ (ବଙ୍ଗଳିରଗାଡ଼ଗା) ବ ଓ ବଣ—ହରବର— Harobaṭo Troubled; involved in difficulty

ହରୋଟରୋ—ଗାଦେ (ସମ୍ବଲପୁର) ବଣ—ବରକ୍ତ— Harotaro Vexed.

ହର୍କତ୍(ଇତ୍ୟାଦି)—ବୈଦେ. ବ ଓ ବଣ—ହର୍‌କତ୍ (ଦେଶ)— Harkat(etc) Harkat [See]

ହର୍କତିଆ—ଦେ. ବଣ—ହର୍‌କତିଆ (ଦେଶ)— Harkatiā Har-katiā [See]

(ହର୍କଟେଇ—ସ୍ତ୍ରୀ)

ହର୍କରା—ବୈ ଦେ. ବ—ହର କରା (ଦେଶ)— Harkarā Har-karā [See]

ହର୍କିଶମ—ବୈଦେ. ବ—ହର୍‌କିଶମ୍ (ଦେଶ)— Harkiśam Har-kiśam [See]

ହାଲଖୋଲାରସମୟ,ଲାଙ୍ଗଳଛାଡ଼ାରସମୟ हलखोलनेकासमय

ହଳବଳ—ଦେ. ବ ଓ ଉଭ—୧ । ହଳଚଳ (ଦେଖ)—Halabala 1. Halachal (See)

୨ । ହଳହଳ (ଦେଖ)—2. Halahala (See)

ହଳ ବଳଦ—ଦେ. ବ—,ସହଚର)—୧। କୃଷି କରିବାପାଇଁ ଅବଶ୍ୟକ Hala balada ହଳ ଓ ବଳଦ—1. Plough and ହାଲବଳଦ हलबैल bullocks for cultivation. ୨। ହଳଥ ବଳଦ; ହଳରେ ଲଗିବାପାଇଁ ସଜ ହୋଇଥିବା ବଳଦ—2. Plough-ox; ox trained to the plough

ହଳବଳିଆ—ଦେ. ବିଣ. ପୁଂ—୧ । ଅସ୍ଥିର—1. Restless. ୨ । Hala baliā ଅସ୍ଥିର ମନା (ବ୍ୟକ୍ତି)—2. Fickle; not (ହଳବଳା; ହଳବଳେଇ—ସ୍ତ୍ରୀ) ଅସ୍ଥିର हलबलिया constant.

ହଳବା—ଗ୍ରାଦେ (ବସ୍ତର) ବ. (ସଂ. ହଳବାହ; ଜୁଲ ଓଡ଼ିଆ ହଳୁଆ)—Halabā ବସ୍ତର ରାଜ୍ୟର ଅଧିବାସୀ କୃଷକ ଜାତି ବିଶେଷ—A class of husbandmen living in the Bastar State. [ଦ୍ର—ଏମାନଙ୍କ ସଂଖ୍ୟା ୧ ଲକ୍ଷ ୭୫ ହଜାର । ତହିଁ ମଧ୍ୟରୁ ୧ ଲକ୍ଷ ୭୧ ହଜାର ବସ୍ତର ରାଜ୍ୟର ଅଧିବାସୀ । ଏମାନେ କୃଷକ । ଏମାନଙ୍କ ମାତୃଭାଷା ହଲ୍ବା ଅଟେ । ଏମାନେ ରାଇଲ ଗୀତ, ଚଇତପରବ ଗୀତ, ମୂଦ୍ଦ ମାଗଣା ଗୀତ, ଛେଡ଼ଣା, ଲେଜା ଗୀତ, ଏହିପରି ନାନାପ୍ରକାର ଗୀତ ବୋଲନ୍ତି । ବାଳକମାନେ ଗୀତ ବୋଲନ୍ତି ଓ ଯୁବକମାନେ ଗୀତରେ ତହିଁର ପ୍ରତ୍ୟୁତ୍ତର ଦଅନ୍ତି । ଏହ ଗୀତମାନ ବୋଲି ବୋଲି ଗାୟକ ଗାୟିକାମାନେ ଗ୍ରାମ ଗ୍ରାମ ବୁଲନ୍ତି ଓ କିଛୁ କିଛୁ ଅର୍ଥ ସଗ୍ରହ କରନ୍ତି । ଚୈତ ପରବ ଗୀତର ଭାଷା ଉଡ଼ିଆ ଅଟେ, କିନ୍ତୁ ହଲବାମାନେ ଏହା ଗାଆନ୍ତି । ରାଇଲ ଗୀତର ଗାୟକ ଗାୟିକାମାନେ 'ଗ୍ରେସନା' ନାମକ ହଲଦଅ ଫୁଲକୁ ସବୋଧନ କରି ଗୀତ ଗାଆନ୍ତି । ଗ୍ରେସନା ଫୁଲ ଦଅ-ଦେଇ ହୋଇ ଯେଉଁ ଗ୍ରୀଷ୍ମବନ୍ଧୁଡା ସ୍ଥାପିତ ହୁଏ ତାହା ଚରସ୍ଥାୟୀ । ଏ ବନ୍ଧୁମାନେ ପରସ୍ପର ନାମ ଧରି ନ ଡାକି 'ଗ୍ରେସନା' ବୋଲି ଡାକନ୍ତି । ରାଇଲ ଗୀତରେ ଗାୟକ ଗାୟିକାମାନେ ପ୍ରଶ୍ନୋତ୍ତର ଛଳରେ ଗୀତ ବୋଲନ୍ତି । ହଲବାମାନେ ଉତ୍ସଲସରେ ବାଳକ ବାଳକାଙ୍କ ମଧ୍ୟରେ ଜଣଜଣ ହୋଇ ବା ଦଳବଦ୍ଧ ହୋଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ରାଇଲ ଗୀତ ବୋଲାଯାଏ—ମଉଡ଼ି ଉପରୁ ୧୯୩୮ ଜୁଲୁଇ ସଂଖ୍ୟା]

ହଳବୀ—ଗ୍ରାଦେ (ବସ୍ତର) ବ—ବସ୍ତର ଅନ୍ତର୍ଗତ ହଲବାମାନଙ୍କ Halabī କଥିତ ମରହଟ୍ଟି ଭାଷାର ଭାଷା—A dialect of the Marahaṭṭi language spoken by the Halbis in Bastār State. [ଦ୍ର—ସର୍ ଗ୍ରୀଅର୍ସନ୍ ଏ ଭାଷାକୁ ମରହଟ୍ଟି, ଓଡ଼ିଆ ଓ ଛତିଶଗଡ଼ୀ ଭାଷାମାନଙ୍କ ମିଶ୍ରିତ ଭାଷା ବୋଲି ଲେଖି ଅଛନ୍ତି ।]

ହଳ ବୁଲ—ଦେ. ବ—ଖେତରେ ହଳ ଦ୍ୱାରା କରାଯିବା କୃଷିକର୍ମ—Hala bulā Ploughing; tilling of land. ଲାଙ୍ଗଳଦେଓୟା हलजोत

ହଳ ବୁଲ(ଲେ)ଇବା—ଦେ. କି—ଖେତକୁ ହଳ ଦ୍ୱାରା କର୍ଷଣ କରିବା—Hala bulā[le]ibā To plough a field ଚାଷଦେଓୟା हलजोतना

ହଳ ବୁଲିବା—ଦେ. ବ—ହଳଦ୍ୱାରା ଖେତ କର୍ଷଣ ହେଉଥିବା—Hala bulibā A field being cultivated; ଚାଷହଓୟା हलजोत ploughing of a field.

ହଳଭୂତି—ସଂ.ବ—୧ । (ହଳ+ଭୂ ଧାତୁ+ଭାବ ଈ)—କୃଷିକର୍ମ—Halabhūti Agriculture; husbandry, ୨ । ଶଙ୍କରାଚାର୍ଯ୍ୟଙ୍କ ଏକ ନାମ (ହ. ଶ.)—2. A name of Sankarāchārjya.

ହଳଭୃତ—ଶ ବ (ହଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତା. କ୍ୱିପ୍)—ହଳଧର (ଦେଖ)—Halabhṛut Haladhara (See)

ହଳଭୃତି—ସଂ. ବ (ହଳ+ଭୃ ଧାତୁ=ଧାରଣ କରିବା+କର୍ତ୍ତୃ ଈ)—Halabhṛuti ୧। ମୁନିବିଶେଷ—1. Name of a sage. [ଦ୍ର—ଅନ୍ୟନାମ—ଏହାଙ୍କର ଉପବର୍ଷ, କୃତକୋଷ୍ଟ, ଅଗାଟତ—ହରିବାଣ୍ଡ ଶେଷ ।] ୨ । କୃଷିକର୍ମ—(ଶବ୍ଦକଳ୍ପଦ୍ରୁମ) 2. Agriculture; cultivation.

ହଳ ଭେରାଏ—ଦେ. ବ—ହଳ ଚଷାଏ; ହଳଓଡ଼େ—Tilling or Hala bherāe ploughing of a land once only. ଏକଚାଷ एकचास

ହଳ ମଜୁରୀ(ମୂଲ)—ଦେ.ବ—କୌଣସି ବ୍ୟକ୍ତିର ହଳଦ୍ୱାରା ଅନ୍ୟ ବ୍ୟକ୍ତିର Hala majuri(mūla) କୃଷି କର୍ଷ ହେଲେ ପ୍ରଥମ ବ୍ୟକ୍ତ ଦ୍ୱିତୀୟ

Digitized by srujanika@gmail.com

ହାଲ ମଜୁରି ବ୍ୟକ୍ତିଠାରୁ ହଲର ବ୍ୟବହାର ପାଇଁ ସେଉଁ ଧନ ବା ହଲ ମଜୁରୀ ଦ୍ରବ୍ୟ ଦିଆଯାଏ—Hire paid to the owner of a plough for the use of his plough and bullocks in another's field.

ହଲମୁଚୀ—ସଂ. ବ—ହୁଡ୍ରମିଚ୍—(ଦ୍ୱରେକ୍ଟ୍ରସ୍ ଦ୍ରବ୍ୟଗୁଣ)—
Hala muchī A herb; Enhydra Hingcha.
(ହଲମୋଚିକା—ଅନ୍ୟରୂପ)

ହଲ ମୁଷଲ—ସଂ. ବ—(ହଲ + ମୁଷଲ)—ବଳଦେବଙ୍କର ଦୁଇଟି
Hala mushala ଶସ୍ତ୍ର :—ଲଙ୍ଗଳ ଓ ଠେଙ୍ଗା—Plough and cudgel borne by Balarāma.

ହଲର୍ ହ(ଚ)ଲର୍—ଦେ ବିଣ—୧। ଢିଲୁଲା ହୋଇ ହଲୁଥିବା; ଯାହା
Halar ha(cha)lar (ଦୃଢ଼ି ଇତ୍ୟାଦି) ଛିଦ୍ରରେ ଦୃଢ଼ରୂପେ
(ହଲ ହଲ—ଅନ୍ୟରୂପ) ନ ରହି ଢିଲୁଲା ବା ଇତସ୍ତତଃ ଗୁଳିଉ
ହଲହଲ ହେଉଥାଏ—1. Slackened (e. g. a pin in a
ହଲର ହଲର, ହଲହଜ big hole); not tightly set;
shaking on account of sickness. ୨।
ଶିଥିଳବନ୍ଧନ—2. Loosened; slackened.
(ଯଥା—ମୋ ଦାନ୍ତଗୁଡ଼ାକ ହଲର ହଲର ହେଇଛି)

ହଲରାକ୍ଷ—ସଂ. ବ—ଅଦ୍ରଲ୍ୟ; କ୍ଷୁଦ୍ର ବୃକ୍ଷବିଶେଷ—A sort of
Halarāksha small tree. [ଦ୍ର—ଏହା ଛୋଟ ବୃକ୍ଷ,
ଭୁଞ୍ଜିତଖଡ଼, ତରବଟି ଶୀତଜ୍ୱରାଘ୍ନି, ରକ୍ତର ହ୍ରାସକର; ପିତ୍ତ, ଦାହ,
ତରବଡୁ, ଆବେର ମୃଗରୋଗ, କୁଷ୍ଠ, କଣ୍ଡୁ, କୃମି, ଶୂଳ ଓ ବ୍ରଣ
ରୋଗରେ ଉପକାରୀ।]

ହଲସାଈଁ—ଦେ. ବ—(ସଂ. ହଲ + ସ୍ୱାମୀ)—ବଳରାମ; ହଲଧର—
Halasāiñ A name of Balarāma, step-brother of
ହଲଧର Śrikṛushṇa. [ଦ୍ର—ଏରୂପେ ପାଶ୍ୱର୍ ବଳରାମଙ୍କ
ହଲସାଈଁ ଗୃହିଁ, ବୋଇଲେ ଦୁଇକଥା ଯେଡ଼ବା ହଲସାଈଁ।
ଦୀଚାମ୍ବର. କୃଦିଂଦୁ ପୁରାଣ।]

ହଲସି—ପ୍ରାଦେ. (ଓଡ଼ିଅଳ ଓ ଘାଟିଶା) ବ—(ତୁଳ. ହିଂ. ଦରସ)—ଈଷା;
Halasi ଈଶ—The diagonal shaft joining the
plough with the yoke.

ହଲ ହଡ଼ା—ଦେ. ବ—(ସଦ୍ଭବର)—ହଳ ଓ ହଳର ପ୍ରୟୋଜନୀୟ ବଳଦ
Hala hardā —Plough and bullocks necessary
ହାଳବଳଦ for the same. (ଯଥା—ମୋର ହଳହଡ଼ା ନ ଥିବାରୁ
ହଳବଇଲ ମୁଁ ଜମି ଚଷି ନ ପାରି ପ୍ରଜାକୁ ଲଗାଇଦେଲି)।

ହଲ ହଲ—ସଂ. ବ—(ହଲ ଧାତୁ + ଅ)—ହଳାହଳ (ଦେଶ)—
Hala hala Hālāhala (See) ଦେ. କି. ବିଣ—୧। ହଳ-
ଜୋଡ଼ାଜୋଡ଼ା କା ହଳ; ଯୋଡ଼ା ଯୋଡ଼ା ଦୋଇ ବହୁ ଯୋଡ଼ା—
ଜୋଡ଼ାକା ଜୋଡ଼ା 1. In pairs. (ଯଥା—ଗରୁମାନଙ୍କ ସଙ୍ଗମ
ଋତୁରେ ସେମାନେ ହଳ ହଳ ହୋଇ ବୁଲନ୍ତି)। ୨।
ହଳଚା ହଳ; ହଳେ ଲେଖାଏଁ—2. In separate
pairs. (ଯଥା—ବଳଦମାନଙ୍କୁ ହଳ ହଳ ଛଡ଼ାଅ)।
୩। ବହୁ ଘନିବିଡ—3. Too many; in packs
(ଯଥା—ବଣରେ ବାଘଗୁଡ଼ାଏ ହଳ ହଳ ହେଇଚନ୍ତି)।

ହଲ୍‌ହଲ୍—ଦେ. ବିଣ—(ସଂ. ହଳ ଧାତୁ)—୧। ଶ୍ଲଥ ବନ୍ଧନ—1.
Hala hala Loose. ୨। ଢିଲୁଲା—2. Slack. ୩।
ହଲ୍‌ହଲେ ଚଞ୍ଚଳତା; କମ୍ପନ—3. Shaking; shaky ୪।
ହଲରହଜ ଲବ୍ଧ ଲବ୍ଧ (ଦେଶ)—4. Laha laha (See)

ହଲହଲା—ସ. ବ—ଆନନ୍ଦ କୋଳାହଳ—Hilarious ado. ଦେ.ବ
Halāhala (ସଂ. ହଳ ଧାତୁ) ହଳାହଳ, ଉଗ୍ରବିଷ—Very fatal
ହଳାହଳ ଉଗ୍ରବିଷ poison.

ହଲହଲ୍—ତ୍ରିଦେ. (ଘ ଚତୁର୍ଥୀ) ବ ଓ ବିଣ ~ ଅତ୍ୟଧିକ ଗରମ—
Hala halā Very hot.

ହଲହଲା ବିଷ—ଦେ. ବ. (ସଂ. ହଳାହଳ)—୧। ହଳାହଳ—1. Very
Halahalā bisha fatal poison. ୨। ହଳାହଳତୁଲ୍ୟ
ହଳାହଳ ବିଷ ବା ଅଖାଦ୍ୟ ବସ୍ତୁ—Unacceptable and
ହଳାହଜ ବିଷ uneatable article like fatal poison.
(ଯଥା—ତାହାଙ୍କ ଅଦୃଶ୍ୟିଆ ବା ଦେବସ୍ୱ ହଳାହଳ ବିଷ
ଅଟେ। [ଅର୍ଥାତ୍ ଏହାକୁ ଯେ ଖାଇବ, ସେ ମରିବ])।

ହଲହଲିଆ—ପ୍ରାଦେ. (ମେଦିନୀପୁର) ବ—ମାରାତ୍ମକ ବର୍ତ୍ତୁଳାକାର ସାପ—
Halahaliā A species of nonpoisonous snake.
Tropidonotus Stolatus.

ହଲହଲିଆ [ଯା]—ଦେ. ବିଣ—୧। ଢିଲୁଲା—1. Slack. ୨।
Halahaliā (yā) ଚଞ୍ଚଳତା; କମ୍ପମାନ—2. Shaking.
୩। ଲମ୍ବୁଲା—3. Very thin and long.
ହଲହଲେ ହଲହଲିୟା
ନତନତେ ଲକଲକିୟା ଦେ. ବ—ଲମ୍ବୁଲା ବସ୍ତୁ—
A thin and long thing. [ଦ୍ର—ଲୋକେ
ଗାଳ ଦେଲାବେଳେ କହନ୍ତି—'ରହୁଥା' ତୋଟେଇଁ
ଗୋଟାଏ ହଲହଲିଆ ଥୁଟରେଇ ଦେବ=ତତେ ହାଡ଼ଲ ବା
ହାଡ଼ୁଡ କରିବ।]

ହଲା—ସ. ଅ (ହୃ + ଲ ଧାତୁ=ଗ୍ରହଣ କରିବା + କର୍ତ୍ତୃ ଅ, ସ୍ତ୍ରୀ ଆ)—
Halā (ଆହ୍ୱାନାକ୍ତିରେ ସଙ୍ଗୀସ୍ତ୍ରୀ ସମ୍ବୋଧନ କରଣ)—
ହଉଲୋ!—(interjection used in addressing
a female companion) Hallo! ସ ବ—୧। ସଙ୍ଗୀ
(ଜଣାଧରୁ)—1. A female companion. ୨।
ମଦ୍ୟ—(ଅନେକାର୍ଥ କୋଷ)—2. Wine.
୩। ପୃଥିବୀ—(ଅନେକାର୍ଥ କୋଷ)—3. The world.
୪। ଜଳ—(ଅନେକାର୍ଥ କୋଷ)—4. Water.

ଧାନେରଆଁଟି ଆଁଠି ଦେ. ବ—ଖେତରୁ କଟା
ହୋଇଥିବା ଧାନଗଛମାନଙ୍କର ବଡ଼ା—Sheaf of
harvested paddy-stalks. (ଦ୍ର—ଏ ସିବାଏ
ଯି ଘରୁ ଧାନକଟା ସମୟରେ ଗୋଟେ ଏନ୍ତୁଡ଼ିଆଏ ହଲା
ଘାଏ—ଯଜ୍ଞାରମୋଦ୍ଦନ ଚମାଶଅଠଗୁଣ।

Digitized by srujanika@gmail.com

ହଲ୍ଲ—ଦେ. ବ—୧। ହଲ୍ଲା (ଦେଶ)—1. Hallā (See). ୨। Halā ଦୋହଲାଇବା; ହଲ୍ଲାଇବା—2. Shaking.
ହଲ୍ଲା ହଲ୍ଲା ୩। ଗୁଳନ—3. Movement; moving. ୪। ହଲିବା [ଦେଶ]—4. Halibā
ନଡ଼ାନ हलना (See). ଦେ. ବଶ—୧। [ହଲେଇ—ସ୍ତ୍ରୀ—ବଶ] ହଲୁଥିବା—1. Swinging, ୨। ଶ୍ଲଥ ହୋଇଥିବା—2. Slackened; loose. ୩। ସେ ହଲ୍ଲ ବ—3. Wagging or shaking. [ଦ୍ର—<ହା ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୁଏ। ଯଥା—ଲାଙ୍ଗୁଡ଼ହଲ୍ଲ ଜୀବ, ଛତହଲ୍ଲ କୁକୁର ଇତ୍ୟାଦି।] ପ୍ରାଦେ (ବଲ୍ଲାଙ୍ଗିର ଗାଣ୍ଡଣା) ବ—୧। ଢେଉ—1, Wave. ୨। (କ୍ରିୟା) ହେବା କ୍ରିୟାର ବର୍ତ୍ତମାନସାନିଧ୍ୟ ଅଘାତକାଳ ଉତ୍ତମପୁ ପୁରୁଷ ଏକବଚନ) -- ଦେଲ୍ଲ; ହୋଇଲ୍ଲ (It, she or he) 2. Has been. ସ ବ ଓ ଅ—ହଲା (ଦେଶ) — Halā (See)

ହଲ୍ଲ(ଲେ)ଇବା—ଦେ. କ୍ରି (ସଂ. ହଲ୍ ଧାତୁ (=ହଲିବା)ର ଣିଜନ୍ତରୂପ)
Halā(le)ibā —୧। ଦୋହଲାଇବା—1. To swing;
ନଡ଼ାନ, ହେଲାନ हलाना, हलवाना, झुलना to shake. [ଉ—ହଲେଇ ଖାଇଲ୍ଲ ଗଛକ ଫଳ—ଉଗ।] ୨। ଇତସ୍ତତଃ ଗୁଳତ କରିବା—2. To move to and fro; to wag. ୩। ଦୁଗାଳବା, ଦୃଢ଼ ସଦାର୍ଥରୁ ଶ୍ଲଥ କରିବା—3. To slacken. ୪। (ଲକ୍ଷଣାର୍ଥ) ଝଟକା ଅଧ ଆଦାୟ କରିବା ପାଇଁ ଧମକାଇବା—4. (figurative) To threaten a person to wring out some money from him. (ଯଥା—ତାକୁ ହଲେଇଦେଲେ ଛଡ଼ୁ ପଇସା ଝଡ଼ିବ।)

ହଲ୍ଲ(ଲେ)ଇ ମାର—ଦେ. ଅ—ସବାର୍‌ବେଦେର୍‌ଙ୍କ ଡାକବଶେଷ—
Halā(le)i māra A term used by palki-bearers [ଦ୍ର—ଏ ଡାକଦ୍ୱାର୍ ଥରୁତେ କାନ୍ଧେଇଥିବା ବେଦେର୍‌ମାନଙ୍କ ଅଙ୍ଗ ସଞ୍ଚାଳନ ଓ ବଳପ୍ରକାଶ କରିବାକୁ ଅଟରେ ବେଦେର୍‌ମାନେ ଡାକନ୍ତି।]

ହଲ୍ଲ(ଲେ)ଇହେବା—ଦେ. କ୍ରି—୧। ଅଙ୍ଗାଦରୁ ନଜେ ସଂଞ୍ଚାଳନ କରିବା
Halā(le)i hebā —1. To swing one's limbs
ନାଡ଼ାନ हलाना or ornaments voluntarily. [ଉ—ସାଆନ୍ତୁଙ୍କ ଘର ଛିଅ, ହଲେଇ ହୁଅନ୍ତି ନାକ ଫୁଲି-ଗୁଣା, ଦେଖେଇ ହୁଅନ୍ତି ବଡ଼—ଉଗ।] ୨। କଥାର ଭଙ୍ଗିରେ ବା ଢଙ୍ଗ କହିବା ଛଳରେ ବା ନଜର ବାହାଦୁର ବା ସୌନ୍ଦର୍ଯ୍ୟ ଦେଖାଇବା ପାଇଁ ମୁଣ୍ଡରୁ ଓ କାନନାକରେ ପିନ୍ଧିଥିବା ନୋଳ ବସୁଣି ଅଧ ଅଳଙ୍କାରକୁ ଇତସ୍ତତଃ ଗୁଳତ କରିବା। 2.To move one's face, and consequently the rings worn on the nose and ears, in different directions with a view to exhibit one's pride, excellence, beauty or ornaments. ୩। ଅଙ୍ଗ ଗୁଳନ ଓ ସଞ୍ଚାଳନସ୍ୱରୂପ କଥା କହିବା—3.To boast arrogantly by moving one's mbs. (ଉ—ଖୋଇଲ ଘେଇଲ ନୋହୁଲ କହୁ, ହଲେଇ ହଉଛ ଗୁହାଳ ଗୋରୁ—ଉଗ—ସହଜୀର ସ୍ୱାମୀଙ୍କ ରକ୍ଷିତା ସ୍ତ୍ରୀଙ୍କୁ ଅଗୋଗବାଣୀ] [ଦ୍ର—କୌଣସି ବାଳକ ବା ସ୍ତ୍ରୀ ପୁରୁଜନଙ୍କ ଜଓଠରେ ଅସ୍ପର୍ଶ୍ୟ କୌଣସି କଥା କହିଲେ ବା ଅଭିବାଦ କଲେ ତାକୁ ଲୋକେ କହନ୍ତି—ଦେଖ, ସେ କେଡେ ହଲେଇ ହୋଇ କଥା କହୁଛି।

ହଲ୍ଲ ଉଠା(ଠେ ଇବା—ଦେ. କ୍ରି—ହଲ୍ଲା ଉଠାଇବା [ଦେଶ]—
Halā uṭhā(ṭhe) bā Hallā uṭhāibā (See)

ହଲ୍ଲକତ୍—ପ୍ରାଦେ [ଖଉଅଳ]—ବ [ଅ ହଲ୍ଲକତ୍=ହତ୍ୟା; ମୃତ୍ୟୁ]—
Halākat ୧। କଷ୍ଟ—1. Hardship. ୨। ବ୍ୟତିବ୍ୟସ୍ତ; ହରବର—2. Harassment.

ହଲ୍ଲ କରିବା—ଦେ. କ୍ରି—ହଲ୍ଲା କରିବା (ଦେଶ)—
Halā karibā Hallā karibā (See)

ହଲ୍ଲଚଲ୍ଲ—ଦେ. ବ ଓ ବଶ—ହଲ୍ଲଚଲ୍ଲ (ଦେଶ)—
Halā chalā Hallā chala (See)
ହଲାଚଲା, ନଡ଼ାଚଡ଼ା हलचल

ହଲ୍ଲଟୁଲ୍ଲ କରିବା—ପ୍ରାଦେ (ଖଡଅଳ) କ୍ରି—ବ୍ୟାଘାତ କରିବା—
Halāṭulā karibā To harass.

ହଲ୍ଲଟୁଲ୍ଲ ହେବା—ପ୍ରାଦେ (ଖଡ଼ଅଳ) କ୍ରି—୧। ବ୍ୟତିବ୍ୟସ୍ତ ହେବା—
Halāṭulā hebā 1. To be harassed. ୨। ବଜା କାମରେ ହଲଚଲ ହେବା—2. To saunter about aimlessly.

ହଲ୍ଲ ପଡ଼ା—ଦେ. ବଶ—ହରବର ବା ଦୁଇଟଣରେ ପଡ଼ିଥିବା—
Halā paṛā In trouble or difficulty. ଦେ. ବ—
ମୁସ୍କିଲ, ହଇରାନ ୧। ଦୁଃଦୁଡ଼ା—1. Botheration. ୨। ହରହୈରାନ,ପରେସାନ ବଚ;ଦଦ୍ରଗଞ୍ଜ—2. Trouble; harassment. ୩। ଝଣାଓଁଝତ୍ୱ—3.The state of being drawn hither and thither.

ହଲ୍ଲପଡ଼ା କରିବା—ଦେ- କ୍ରି—କୌଣସି ବ୍ୟକ୍ତିକୁ ଦୁଇଟଣ କରିବା—
Halāpaṛā karibā To trouble or harass a
ହଇରାନକରା हैरानकरना person.

ହଲ୍ଲପଡ଼ାରେ ପଡ଼ିବା—ଦେ. କ୍ରି—ଦୁଇଟଣ ହେବା—
Halāpaṛāre pardibā To be troubled or bothered.
[ହଲ୍ଲପଡ଼ା ହେବା—ଅନ୍ୟରୂପ]
ହଇରାନହଓୟା हैरानीमेंपडना

ହଲ୍ଲପଡ଼ିଆ—ଦେ. ବଶ—୧। କଷ୍ଟଯୁକ୍ତ (କାର୍ଯ୍ୟ)—1.Troublesome.
Halāpaṭiā ୨। (ପୁଂ ଓ ସ୍ତ୍ରୀ) ଯେ ଅନ୍ୟ ବ୍ୟକ୍ତିକୁ ହଲ୍ଲପଡ଼ା ଗୋଲମେଲେ କରେ—2. Puttting another to trouble.
हैरानकरनेवाला

ହଲା ବଧାର (ବାହୁଥ)—ଦେ.ବ—୧। ଧାନକଟାଲମାନଙ୍କର ହଲରୁ ଧାନ
Halā badhāra (bāhiā) କାଟି ଥଣି ନଜ ନଜର ହଲାମାନଙ୍କ ହଲାମୁଣ୍ଡୁଲା ଯୁଦ୍ଧରୁ ଦେଇ ରଖିଥିବା ଗଦା—1.Heaps of paddy-sheaves made by different reapers

Digitized by srujanika@gmail.com

inthe threshing floor before they get their
ଧାନେର ଆଁଟିର ଗାଦା **ବୋମ୍ଫାକାଢେର** share as wages cut of the same.

ହଲା ବଧାର କରିବା—ଦେ. କ୍ରି—ଧାନକଟାଲମାନେ ବଲରୁ ଧାନକାଟି
Halābadhāra karibā ହଲା ବାନ୍ଧ ଖଲାକୁ ଅଣିବାପରେ
ହଲାବଧାରିବା } ହଲା ମୁକୁଲା ହେବା ପୂର୍ବରୁ (ଅର୍ଥାତ୍
ହଲାବାହୁଆ କରିବା } ଅନ୍ୟରୂପ କଟାଲମାନେ ତାଙ୍କ ପ୍ରାପ୍ୟ ଅଂଶ
ହଲା ବାହ୍ୟା କରିବା } ପାଇବା ପୂର୍ବରୁ) ଚଉଠ ସକାଶେ
ବଜ ବଜର କଟା ହଲାବଡ଼ାମାନଙ୍କୁ ଏକତ୍ର ଗଦା ମାରିବା—
To make or arrange the sheaves (cut by a particular reaper) into one heap before they are counted by the owner-
ଧାନେରଆଁଟି ଗାଦାକରା **ବୋମ୍ଫାଢେରକରନା**

ହଲା ବାଡ଼େଇବା—ଦେ. କ୍ରି—ଧାନକୁ ପୃଥକ୍ କରିବାପାଇଁ ହଲାକୁ
Halā birdeibā ବେଙ୍ଗଲା ନ ହକାଇ ବମା ଗୋଡରେ ନ ସକତ
ହଲାର ମୂଳଭାଗକୁ ଧରି ଗୋଟିଏ ପଟା ଉପରେ ହଲାର ଅଗ
ଡାଙ୍ଗକୁ ଘଷିବା—To strike the upper end of a sheaf of paddy on a log of wood to separate the grains from the straw.
ଧାନଆଛଡାନ **ବୋମ୍ଫାମାରନା**

ହଲା ବାନ୍ଧିବା—ଦେ. କ୍ରି—ଧାନଗଛକୁ ବଲରୁ କାଟିବା ସମୟେ ଧାନ-
Halā bāndhibā ଗଛମାନଙ୍କୁ ଏକତ୍ର କରି ବଡ଼ା ବାନ୍ଧିବା—
To tie paddy plants or stalks into sheaves
ଧାନେରଆଁଟିବାଁଧା **ବୋମ୍ଫାବାଂଧନା** after reaping.

ହଲା ବଡ଼ା ଦେ. ବ—(ଏକାଥିକ ସଦୃଶର)—ଗୋଟିଏ ହଲା—
Halā birdā One sheaf or bundle of paddy.
ଧାନେରଆଁଟି **ଆଂଟି**

ହଲା ବେଙ୍ଗୁଳା—ଦେ. କ୍ରି—ବେଙ୍ଗଲା ହକାଇବାପାଇଁ ଧାନହଲା
Halā bengulā ମାନଙ୍କୁ ମେରର ଗୁରୁଆଙ୍ଗରେ ବୃତ୍ତାକାରରେ
ସଜ୍ଜିତ କରି ରଖି ବନ୍ଧା ହୋଇଥିବା ହଲାର ବନ୍ଧନ କାଟିବା
—The arrangement of the sheaves of paddy in circles round the threshing post and cutting their ligatures for having them trodden by bullocks.

ହଲା ବେଙ୍ଗୁଳିବା—ଦେ. କ୍ରି—ବେଙ୍ଗଲା ହକାଇବାପାଇଁ ଧାନହଲା
Halā bengulibā ମାନଙ୍କୁ ମେର ଗୁରୁଆଙ୍ଗରେ ସୁର ସୁର କରି
ବୃତ୍ତାକାରରେ ସଜାଇ ହଲାପାକର ବନ୍ଧନକୁ କାଟିବା—To arrange the paddy sheaves in circles round the threshing post and cutting the ligatures before having them trodden by bullocks.

ହଲା ମକଚ (ମଲା)—ଦେ. ବ—ଧାନହଲାରୁ ଧାନ ଅଲଗା କରିବାକୁ
Halā makacha (malā) ତାକୁ ବେଙ୍ଗଲା ନ ହକାଇ ହଲା
ବନ୍ଧା ହୋଇ ଥିବା ଅବସ୍ଥାରେ ତାହାର ଅଗକୁ ଗୋଡରେ
ଦଳିବା କର୍ମ—The act of treading on the ears of paddy with the feet to separate the grains therefrom (instead of having them trodden by bullocks.

ହଲା ମଳିବା (ମଳିବା)—ଦେ. କ୍ରି—ଧାନ ଅଲଗା କରିବାପାଇ
Halā makachibā (malibā) ଧାନହଲାକୁ ମନୁଷ୍ୟ ଗୋଡରେ
ଚକଟିବା—To tread on the sheaves of paddy to separate the paddy grains from the ears.

ହଲା ମୁକୁଳ (ଲା)—ଦେ. ବ—କଟାଲମାନେ ବଲରୁ ଧାନହଲାମାନଅଣି
Halā mukula(lā) ଖଳାରେ ବାହୁଆ କରିବା ସରେ ସେହସ୍ଥାନୀ
ଧାନକାଟା ମଜୁରିର ଭାଗ ଯାହାଦ୍ୱାରା ଯାହା କଟା ହୋଇଥିବା
ହଲାମାନ ସମାନ କରି କଟାଲମାନଙ୍କୁ ସେମାନଙ୍କ
ପାରଶ୍ରମିକ ବା ମୂଲ ସ୍ୱରୂପ ହଲାର ଅଂଶ (ଯଥା—
କୋଠିଆ କାଟିଥିବା ୧୦ଟା ହଲା ବା ସାଧାରଣ ମୂଲ୍ୟଠା
କାଟିଥିବା ୯୬ଟା ହଲା ମଧ୍ୟରୁ ପାରଶ୍ରମିକ ସ୍ୱରୂପ
ଗୋଟିଏ ହଲ) ଦେବାରୂପ କାର୍ଯ୍ୟ—The act of counting the paddy sheaves cut by different reapers and giving them a definite share out of the number of sheaves according to customary rate.

ହଲା ମୁକୁଳ(ଲା)କରିବା—ଦେ. କ୍ରି—କଟାଲମାନଙ୍କର କଟା ହଲାକୁ
Halā mukula (lā)karibā ସମାନ କରି ସେଥିର ପାରଶ୍ରମିକ
[ହଲ ମୁକୁଳ(ଲେ)ଇବା—ଅନ୍ୟରୂପ] ତାକୁ ଦେବା—To give
ଧାନକାଟା ମଜୁରି ଦେଓୟା the shares of the sheaves to
ବୋନ ଦେନା the reapers as remuneration.

ହଲାୟୁଧ—ସଂ. ବ. ପୁଂ—(ବହୁବ୍ରୀହି; ହଲ + ଆୟୁଧ)—ବଳରାମ;
Halāyudha ବଳଦେବ (ଶ୍ରୀକୃଷ୍ଣଙ୍କ ଭାଇ)—Balarāma, elder step-brother of Śrikṛushṇa ଦେ. ବ.
—(ନାମ) ବଙ୍ଗରାଜ ଲକ୍ଷ୍ମଣ ସେନଙ୍କ ମନ୍ତ୍ରୀ ଓ ବ୍ରାହ୍ମଣ ସର୍ବସ୍ୱ ଓ ପଣ୍ଡିତ ସର୍ବସ୍ୱ ପ୍ରଭୃତ ସଂକଲୟିତା—Name of a minister of king Lakshmaṇa Sen of Bengal.
[ଏ ଅଞ୍ଚଳ ଦେଶ ପ୍ରଚଳିତ "ପଣ୍ଡିତ ସର୍ବସ୍ୱ" ନାମକ ସ୍ମୃତିଗ୍ରନ୍ଥ ଏହ ହଲାୟୁଧଙ୍କ ଦ୍ୱାରା ରଚିତ ହୋଇଥିଲା । ଅଠମଲ୍ଲିକର ବୁଝା ଶ୍ରୀ କଶୋରଚନ୍ଦ୍ର ଦେବଙ୍କ ପ୍ରକାଶିତ ପଣ୍ଡିତ ସର୍ବସ୍ୱ ପ୍ରଭୃତର ଭୂମିକାରେ ଦେୱାନ ପଣ୍ଡିତ ଶ୍ରୀ ବାସଦେବ ମିଶ୍ର ଉଂ ଏ. ପ୍ରମାଣ କରି ଅଟନ୍ତି ଯେ, ହଲାୟୁଧ ଜହୁଲୀୟ ବ୍ରାହ୍ମଣ ଥିଲେ ଏବଂ ବଙ୍ଗ ଦେଶରେ ବାଜର ପାଣ୍ଡିତ୍ୟ ପ୍ରକର୍ଷ ହେଉରୁ ତତ୍ତ୍ୟ ବୁଝା ଲକ୍ଷ୍ମଣ ସେନଙ୍କର ମନ୍ତ୍ରିତ୍ୱ ଲାଭ କରିଥିଲେ ।]

ହଲାର୍ (ଲ୍)—ବୈ ଦେ. ବ (ଅ ହଲ୍=ଧର୍ମଶାସ୍ତ୍ର ଅନୁସାରେ ଉଚିତ
Halār(l କର୍ମ)—୧ । ମୁସଲମାନ ସମାଜଦ୍ୱାରା ଗୋରୁ-
[ହଯଗ୍ରୀବ—ହର୍ଷ୍ମ] ଛାଗିତ ମନ୍ତ୍ରୋଚ୍ଚାରଣପୂର୍ବକ ପଶୁ ପକ୍ଷୀ
ହଲାଲ **ହଲାଲ** ଅଦିର କଣ୍ଠ କାଟିବାରୂପ ବଳଦାନ-
1. Sacrifice or act of cutting the throats

Digitized by srujanika@gmail.com

of birds and beasts by a Muslim after pronouncing Koranic formula. ୨ । ମୁସଲମାନ୍ ଧର୍ମଶାସ୍ତ୍ର ଅନୁସାରେ ଈଶ୍ୱରଙ୍କୁ ବଳି ଦେଇ ଖାଇବାଯାଇଁ ପ୍ରସ୍ତୁତ ପଶୁ ଓ ପକ୍ଷୀ—2. Sacred birds and beasts which should be eaten after being offered as sacrifice according to the Koran. ୩ । କୋରାନ୍ ଲିଖିତ ମନ୍ତ୍ରୋଚ୍ଚାରଣ ପୂର୍ବକ ବଳିଦଅ ଯାଇଥିବା ପଶୁର ଓ ପକ୍ଷୀର ମାଂସ—3. The meat of birds and beasts sacrificed according to the Koran. ବଣ—୧ । ମୁସଲମାନ ଶାସ୍ତ୍ର ଅନୁସାରେ ବଳି ଦେବା ଓ ଖାଦ୍ୟ ନିମନ୍ତେ ପ୍ରଶସ୍ତ (ପଶୁପକ୍ଷୀ)—1. (Brids and beasts) Sacred for eating and offering as sacrifice according to Koranic texts. ୨ । ମୁସଲମାନ୍‌ମାନଙ୍କ ଧର୍ମଶାସ୍ତ୍ର ଅନୁସାରେ ଚରିତ (କର୍ମ) 2. (act) Conforming to the precepts of the Koran,

(ବଙ୍ଗଳ—ହଲ୍ଲ୍) Halār(l) karibā ହଲ୍ଲର୍(ଲ୍) କରିବା – ଦେ. କ୍ରି—କୋରାନ୍ ଲିଖିତ ମନ୍ତ୍ରୋଚ୍ଚାରଣ ପୂର୍ବକ ପଶୁ ପକ୍ଷୀଙ୍କ ଗଳିରେ ଛୁରି ଦେଇ ମାରିବା—ହଲାଲ କରା To kill birds and beasts by uttering Koranic texts by cutting their throats. हलाल करना

ହଲ୍ଲର୍(ଲ୍)ଖୋର୍—ବି ଦେ. ବଣ—(ଅ) ମୁସଲମାନ୍ ଶାସ୍ତ୍ରମତରେ Halār(l)khor ବଧ ଓ ହଲ୍ଲାଲ କରାଯାଇଥିବା ପଶୁ ପକ୍ଷୀଙ୍କ (ବପୁଗର୍ତ୍ତ—ହଲ୍ମ୍ ଖୋର୍) ମାଂସାହାରୀ (କ୍ୟକ୍ତି)—(A person par taking of the meat of beasts and bisd killed according to Koranic rites. हलालखोर हलालखोर

ବ—୧। (ହିନ୍ଦୁମାନଙ୍କ ବ୍ୟବହୃତଶବ୍ଦ) —ମୁସଲମାନ୍—1. (term used by Hindus) A Mahomedan. [ତ୍ର ମୁସଲମାନ୍‌ମାନଙ୍କ ଦୃଷ୍ଟିରେ ହଲ୍ଲାଲ୍ ପବନ ବାଘ; ମାନ୍ୟ ହିନ୍ଦୁମାନଙ୍କ ଦୃଷ୍ଟିରେ ଏହା ଘୃଣାର ସ୍ୱରୂପ ହବେଚତ ହୁଏ । ୨ । ଯଜ୍ଞ ମାଂସ ଖାଦକବ୍ୟକ୍ତି—2. A person who partakes of meat duly offered to God and sacrificed.

ହଲାହ—ଫ. ବ—ଚର୍ତ୍ତିଚାଣ (ହେମଚନ୍ଦ୍ର); ଛତ୍ରଚୁଡିକାଅ ଘୋଡ଼ା— Halāha A horse of variegated colour

ହଲାହଲ—ଫ. ବ—(ହଲ +ଅ + ହଲ୍ ଧାତୁ=କର୍ଷଣ କରିବା + କ୍ତି. ଅ—ହଳରେ ଯାହା ଦେହ ମଧ୍ୟକୁ ଚଷି-ପକାଏ)—୧ । କାଳକୁଟ ବିଷ—1 A very acute mortal poison. [ତ୍ର—ଦେବାସୁରଙ୍କ ଦ୍ୱାରା ସମୁଦ୍ର-ମନ୍ଥନରୁ ଶେଷରେ ବାହାରିଥିବା ଉତ୍ତାବିଷ । ଏହାକୁ ମହାଦେବ ପାନ କରିବାରୁ ଏହାର ଦାହରେ ତାଙ୍କ କଣ୍ଠ ନୀଳ ହୋଇଯାଇଥିଲା] । ୨ । ବ୍ରହ୍ମସର୍ପ (ମେଦନୀ)—2. Brahma sarpa. ୩ । ଅଞ୍ଜିନୀ (ମେଦନୀ)—3. Anjinī. ୪। ବୁଦ୍ଧ ବଶେଷ (ତିବ୍ବାତୀ ଶେଷ)—4. Name of a Buddhist saint. ୫ । ମାରାତ୍ମକ ବିଷ—5. Mortal poison. ୬ । ଭାଲଘନ ପର ଘନ-ବିଶିଷ୍ଟ ବିଷାକ୍ତ ବୃକ୍ଷ ବଶେଷ (ଗୁଳ୍ଫପ୍ରକାଶ)—6. Name of very poisonous tree. [ତ୍ର—ଏଥିର ଫଳ ଓ ଚେରର ଗନ୍ଧ ମୋହିକ ଚରିତ୍ରର; ଏ ଗଛଯାକରେ ଅନ୍ୟ ଗଛ ଜିଥାଏ ନାହିଁ ଓ ଏ ଗଛର ଗନ୍ଧ ଶୁଙ୍କିଲେ ମନୁଷ୍ୟ ମରିଯାଏ (ହ ଶ) । ୭ । ହଲାହଲ ପର ଅଖାଦ୍ୟ ବସ୍ତୁ—7. Any thing uneatable like mortal poison.

ହଲାହଲି—ଦେ.ବି—ବହୁବାର ହଲଇବା; ବହୁବାର ଗୁଳଡ କରିବା— Halābali Repeatedly moving a thing; the ନଡ଼ାନଡ଼ି, ହେଲନ ଚଳନ act of wagging several times. हलाहली

ହଲି—ଫ. ବ—(ହଲ୍ ଧାତୁ=ଭର୍ତ୍ତଣ କରିବା+କର୍ମ. ଇ)—୧ । Hali ହଳକୃତ ରେଖା—1. Furrow. ୨। (ହଲ୍ ଧାତୁ + ଭାବ. ଇ)—କୃଷି; କୃଷ—2, Agriculture; cultivation. ୩। (ହଲ୍ ଧାତୁ + କରଣ ଇ)—ବୃହତ୍ ହଳ— Big plough. ଦେ. ବ—(ନାମ; ଅଦର୍ଥ)—ହଳଧରର ଡାକ ନାମ—A nickname for Haladhara.

ହଲିଆ – ଦେ. ବ—(ଅନାଦରାର୍ଥ)—୧ । ହଳଧରର ଡାକ ନାମ— Haliā 1. Nickname of Haladhara. ୨। ହଳ କାମରେ ନିଯୁକ୍ତ ଶ୍ରମିକ ବା ମୂଲିଆ—2. A ଚାଷଜଳେ servant or labourer engaged for plough- हलवाह ghing. [ତ୍ର—ହଲିଆ ୧୨ ଜଣ, ଏମାନେ ହାର-ମାନିଆ, ଜାଉରେ ବାନ୍ଧିଥା; ଇନକମ ପାଣ— ପଚାରମୋହନ, ଛମାଣ ଅଠଗୁଣ୍ଠ] । ୩ । ହାଳିଆ; ଚଷା —3. Cultivator. ଦେ. ବଣ—(ସଂ. ହାଳିକ)—୧। ହଳକାମରେ ନିଯୁକ୍ତ (ବଣ ଓ ଲେଚ)—1. Engaged in the operation of ploughing. [ତ୍ର—ସେହୁ ଟଙ୍କାରେ ହଳିଆ ବଳଦ ଓ କୃଷିସରଞ୍ଜାମ କିଣି ଅପଣା କୃଷରେ ଲଗିଗଲ—ପଚାରମୋହନ, ଗଲ୍ପସ୍ୱଲ୍ପ] ୨ । ହଳକାର୍ଯ୍ୟ ସମ୍ବନ୍ଧୀୟ—2. Relating to ploughing or agriculture. ୩ । ଚଷାଣିଆ; ଚଷାପରି ଅଗାଡୁଆ—3. Churlish. ଗ୍ରାମ୍ୟ. (ଗଡ଼ଜାତ; ମେଦନୀପୁର) ବ—ହଳ କାମରେ ନିଯୁକ୍ତ ବଳଦ— Plough-bullock.

ହଲିଆ—ଗ୍ରାମ୍ୟ. (ଖଡ଼ଆଳ) ବି. ପୁଂ—କୃଷିକାମ ପାଇଁ ନିଯୁକ୍ତ ଅସ୍ଥାୟୀ Haliā ନୌକର—Petty or temporary servant (ହଳିଏନ୍—ସ୍ତ୍ରୀ) engaged for ploughing. [ତ୍ର—ଏ ନୌକରମାନେ ମାଲକଠାରୁ ପ୍ରଥମେ ବନ୍ଧ ସେସତି (ଅଗରୁଟ୍ଟ ଧନ)

Digitized by srujanika@gmail.com

ନେଇ କମ୍ବର ଅନୁସାରେ କମ୍ବର ସମସ୍ତଙ୍କୁ ଦାମ କରନ୍ତି । ଏ ସେମାନଙ୍କୁ ବାହାବନ୍ଧା ଦଉନ୍ତୁ ।

ହଲଆ କୋଠିଆ—ଦେ. ବ—(ସଦ୍ଧତର)—ହଲଆ ଓ କୋଠିଆ; Haliā koṭhiā ଯେଉଁ ଗୃହର ବା ମୂଲଆ ହଲଦାମ କରେ ସର୍ଦ୍ଦାର ଲାଙ୍ଗଳେ ଓ ଯେଉଁ ଗୃହର ହଲଆଗୃହରଙ୍କ ମଧ୍ୟରେ ସର୍ଦ୍ଦାର— हलबाहाघरामां Servants or labourers engaged for ploughing and the head-servant over the ploughmen.

ହଲଆ ଗୃଢର—ଦେ. ବ—ଯେଉଁ ବ୍ୟକ୍ତକୁ ହଲଦାମ କରିବା ପାଇଁ Haliā chākara ଗୃଢର ସ୍ୱରୂପ ନିଯୁକ୍ତ କରାଯାଏ—A ଲାଙ୍ଗଳେ ଚାକର whole time servant retained for हलबाह नौकर ploughing or agriculture.

ହଲଆ ଜାଗିର (ହେତା)—ଦେ. ବ—ହଲଆ ବ୍ୟକ୍ତକୁ ଦେଇନକ ମୂଲ Haliā jāgiri (hetā) ବା ଦରମା ଛଡ଼ା ଦଆ ଯାଇଥିବା ଜମି— ହେଲେ ଚାକରାନ Land given to a ploughman over हलबहापरवरीस and above his daily wages or pay.

ହଲଆ ଡହ—ଦେ. ବ—ହଲଆ ବଳଦକୁ ହଲଆ ଲୋକ ହଲ ବୁଲାଇବା Haliā ḍiha ବେଳେ ହଲଆ ପାଞ୍ଚଣର ମୁଣ୍ଡି ଦ୍ୱାରା ମାରିବା ଲଣ୍ଡୁର ହେଲେଖୋଁଚା ଡହ ବା ଛୁଚ୍ଚ ଡହ ପର୍ ଲଣ୍ଡୁର ମାଡ଼—A cruel हलबाहाडिह push or poking given to plough-bullocks by a ploughman with the butt end of a ploughing cudgel.

ହଲଆ ପାଞ୍ଚଣ—ଦେ. ବ—ହଲ କରିବା ବେଳେ ବଳଦକୁ ଅଡାଇବା Haliā pāñchaṇa ପାଇଁ ହଲଆର ବ୍ୟବହାର କରିବା ମୋଟ ହେଲେଚାବୁକ ପାଞ୍ଚଣ—A cudgel or stick used by a हलबाहापैना ploughman to goad plough-bullocks.

ହଲଆ ବରତନ (ବତ୍ତିନ)—ଦେ. ବ—ହଲଆ ଜାଗିର ପରିବର୍ତ୍ତରେ Haliā baratana (barttana) ଦଆଯିବା ନିର୍ଦ୍ଧାରିତ ବାର୍ଷିକ ହାଲଚାଷୀରବେତନ ଦରମା—A definite sum of money हवाहाकादरमाहा giveu to a ploughman after the completion of a year's work (over and above the daily wages or salary.)

ହଲଆ ବ୍ରାହ୍ମଣ—ଦେ. ବ—ମାସ୍ତାନ ବ୍ରାହ୍ମଣ (ଦେଖ)— Haliā brāhmaṇa Māstāna brāhmaṇa (See).

ହଲଏ—ଦେ. ବଣ ଓ ବ—ହଳେ; ଏକହଳ ବା ଏକଯୋଡ଼ା ମାନ— Haie One pair of. एकयोड़ा ऐकहल

ହଲକ—ଦେ.ବ ଓ ବଣ—(ଅବଧାର୍ଥକ) ଏକ ହଳ ବା ଏକ ଯୋଡ଼ା ମାନ; Halika ଦଉଟି ମାତ୍ର—A pair only, two only. [ତୁ—ଏକଯୋଡ଼ା ଧୋବା ମଳକ, ଫଗାଲ କରନ୍ତୁ ଦୁଇ ହଳକ—ଉଗ] एकहल

ହଲନୀ—ସ. ବଣ ସ୍ତ୍ରୀ—(ହଲନ୍+ସ୍ତ୍ରୀ ଈ)—୧ । ଗୃହସ୍ଥୀ—1. The Halinī wife of a cultivator. ୨ । ଲଙ୍ଗଳୀ; ଲଦ୍ଦ ଲଙ୍ଗୁଳିଆ ଗୁଳ୍ମ (ବୈଦ୍ୟକ)—2. Wolfsbane; Aconitum Napellus. ୩ । ବଗଲଂକରଣୀ ଗୁଳ୍ମ (ବୈଦ୍ୟକ)—3. Gloreosa Superba plant.

ହଲପ୍ରିୟ—ସ.ବ—(ହଳକ୍=ବଳଃ ଦବ+ପ୍ରିୟ; ୬ତ୍ପୁ ଉତ୍)—କଦମ୍ବ Halipriya ବୃକ୍ଷ—Kadamba tree.

ହଲ ପ୍ରିୟା—ସ. ବ. ସ୍ତ୍ରୀ (୬ତ୍ପୁ ଉତ୍)—୧ । ରେବତ୍ତ; ବଳରାମଙ୍କ Haliprīyā ସ୍ତ୍ରୀ—1. The wife of Balarāma. ୨ । ସରଯୁ; ମଦରା; ମଦ (ସୁରଜଳଦର୍ଦ୍ଧ)—2. Wine.

ହଲିବା—ଦେ, କ୍ରି—(ସ. ହୁଲ୍ ଧାତୁ)—୧। ଇତସ୍ତତଃ ଗୁଲିତ ହେବା— Halibā 1. To move to and fro. ୨ । ଦୋହଲିବା; ହେଲନ, ନଡା ଇତଃସ୍ତତଃ ହୁଲିବା—2. To swing to and fro. हिलना ୩ । ଶ୍ଲଥ ହେବା—3. To become slack o loose. ୪ । ଦୋହଲିବା; କମ୍ପିତ ହେବା—4. To shake. ୫ । ନିଜ ଦେହକୁ କାର୍ଯ୍ୟକର ଗୁଳିତ କରିବା— 5. To move one's limbs. [ଯଥା—ସେ ଜମା କାମରେ ହଲିବାକୁ ନାହିଁ]

ହଲିବା ଲା) ପାଣିକି(କୁ) ଗୋଡ଼ ନ ବଢ଼ା(ଡ଼େ) ଇବା—ଦେ କ୍ରି— Halibā (lā) pāṇiki(ku) gorda na bardhā (rdhe) ibā (ଲକ୍ଷଣାର୍ଥ)ସାମାନ୍ୟ ମାନ ଅଥାନ୍ତ ବା ଗୋଳମାଳରେ ସମ୍ପର୍କନ ରଖିବା—Not to put one's legs into troubled water. [ତୁ—ଏବା ଅତ୍ୟନ୍ତ ଶାନ୍ତ ପ୍ରକୃତିକ ଲୋକର [ହଲିବା (ଲା) ପାଣିରେ ଗୋଡ଼ି ନଦେବା—ଅନ୍ୟତ୍ରୁଯ] ଲକ୍ଷଣ] କାଁଚା ଆଳେପା ନା ଦେଓୟା ऋंझटमे नहीं फंसना

ହଲିମା—ସ. ବ ସ୍ତ୍ରୀ—ସ୍କନ୍ଦଙ୍କ ମାତୃକା ବିଶେଷ (ହ. ବ)— Halimā Name of one of the foster-mothers of Skanda.

ହଲିଲା—ଦେ. ବଣ—ହଲୁଥିବା; ଦେହଲୁଥିବା—In motion; Halilā hanging. [ଯଥା—ସେ ହଲିଲା ପାଣିକି ଗୋଡ଼ ନଡା ହଲାଉଁଥା ବଦ ନାହିଁ]

ହଲିହଲିଆ—ପ୍ରାଦେ (ଗାଜପୁର) ବଣ—ଢିଲାଢିଲା—Slack; loos. Halibaliā [ଯଥା—ହଲିହଲିଆ କାମ]

ହଲିହଲିକା—ଦେ. ବ (ବୈଦ୍ୟକ—ଝାଁଟିକୁଣ୍ଡା (ଦେଶ)— Haibalikā Jhoṭi kuṭa (See)

ହଲୀ—ସ. ବଣ. ପୁଂ=(ହଲ+ଅଚ୍ଛ ଅର୍ଥରେ ଇନ୍, ହଳକ୍ ଶବ୍ଦ; ପୁ. Hai ୧୩୩. ୧୯)—୧ । ହଳଧର; କୃଷକ; ଚଷା; କୃଷିକର୍ମ— [ହଳଙ୍ଗ—ସ୍ତ୍ରୀ ବଣ] 1. A cultivator. ୨ । ବଳରାମ— 2. The elder step brother of Kṛushṇa ୩ । ଭଲକାର ଗୁଳ୍ମ [ସୁରଜଳଦର୍ଦ୍ଧ୍ନ]; ଲାଙ୍ଗଳିଆ ଗୁଳ୍ମ— 3. Wolfs bane. ୪ । ବଗଲ୍ୟ କରଣୀ ଗୁଳ୍ମ— 4. A plant; gloriose Superba.

ହଲୀନ—ସ. ବ—୧ । ଶାକ ବିଶେଷ [ଶାକ ଚଳୁକା]—A kind of. Halīna herbarious plant. ୨ । ଶାଗୁଆନ ଗଛ— 2. The teak wood tree.

ହଲୀନକ—ସ. ବ—ଶୀରବୃକ୍ଷ [ଦେଖ]— Hainaka Kshīrabṛuksha (See).

Digitized by srujanika@gmail.com

ହଳୀମ—ସ. ବ—କେତକୀ [ହି. ଶ]—
Halīma The yellow flowered Pandanus tree.

ହଳୀମକ—ସ.ବ—(ହଳ ଧାତୁ=ବିଲେଖନ କରିବା+କନ୍ଥି.ଇମନ୍,ଏହ ରୋଗରେ ଦେହରେ ଦାଗ ଦେଖାଯିବାରୁ)—ରୋଗ-ବିଶେଷ; ପାଣ୍ଡୁରୋଗର ବୃଦ୍ଧିଜନିତ ରୋଗବିଶେଷ; କାମଳ ରୋଗ—A disease; malignant devolop-ment of jaundice. [ଚ—ଏଥିରେ ଦେହର ବର୍ଣ୍ଣ ଶ୍ୟାମ, ଦୁରନ୍ତ ଓ ପୀତ ହୁଏ, ବଳର ଓ ଉତ୍ସାହର କ୍ଷୟ ହୁଏ; ସ୍ତ୍ରୀମାନଙ୍କୁ ଦେଖିଲେ ଏ ରୋଗୀଙ୍କର ବରଞ୍ଚି ଜନ୍ମେ। ଦେହ ଫୁଣ୍ଡାଇ ହୁଏ; ଶ୍ୱାସ, ଭୃଷ୍ଣା, ଶୋଥ, ଅରୁଚି ଓ ଭ୍ରମ ଜନ୍ମେ। ଦେହରେ ଲମ୍ବା ଓ ପତଳା ଦାଗମାନ ଦେଖାଯାଏ—ଭାବପ୍ରକାଶ]

ହଳୀଶା(ଷା)—ସ ବ [ଶସ୍ତ୍ରୀ ଉଚ୍ଚ; ହଳ+ଈଶା[ଷା]; ସ୍ୱରସନ୍ଧିର ନିୟମାନୁସାରେ 'ହଳେଷା' ନ ହୋଇ ହଳୀଶା(ଷା) ହୋଇଥିବାରୁ ନିପାତନ]—ଲଙ୍ଗଳର ଦଣ୍ଡ; ହଳର ଅଗ୍ର—The beam or shaft of a plough.

ହଳୀଶା(ଷା) ଲାଙ୍ଗଳୀଶା (ଷା) – ସ.ବ [ଏକାର୍ଥକ ସତ୍ତ୍ୱରୁ; ନିପାତନସିଦ୍ଧ ପଦ]– ଲଙ୍ଗଳର ଅଗ୍ର—The beam or shaft of a plough. ଦେ. ବ [ଲକ୍ଷଣାର୍ଥ] ସାଧାରଣ ନିୟମର ବ୍ୟତିକ୍ରମ ବା ନିପାତନ-ଜନିତ ଘଟନା—(figurative) An extraordinary or exceptional matter.

ହଳୁଆ—ଦେ. ବିଣ [ସ ହାଳିକ]—୧। ହଳିଆ ୧(୧) [ଦେଖ]—1. Halia 1 (See) ୨। ହଳସମ୍ବନ୍ଧୀୟ ହଳିଆ ହଳକା 2. Relating to plough, ୩। କୃଷିସମ୍ବନ୍ଧୀୟ—3, Agricultural. ୪। ବାତାନ ବରଦାଇହୁଇ ଋତୁମତ୍ତା [ଗାଈ]—ଗୋୟାରଗୋବିନ୍ଦ ବାଗର 4. [a cow] In her menses. ୫। ଚଲାଣ୍ଠିଆ; ଅଖାଡ଼ୁଆ—5. Churlish; rude. ଦେ: ବ—୧। ହଳୁଆ—1. Ploughman. ୨। ଗାଈର ଋତୁ—2. The menses of a cow. ୩। କୃଷକ; ଚଷା—3. Husbandman. ୪। ଗୋରୁମାନଙ୍କର କାମୋତ୍ତପ୍ତ ଅବସ୍ଥା—4. The rut of a cow.

ହଳୁଆ—ଗାଦେ (ଖଡ଼ଅଳ) ବ—ବ୍ରାହ୍ମଣଜାତିବିଶେଷ; ମାସ୍ତାନ ବ୍ରାହ୍ମଣ-Haluā Mastāna Brāhmaṇa.

ହଳୁଆ ପଡ଼ିବା—ଦେ. କି—୧। (ଗାଈ) ଋତୁମତ୍ତା ହେବା;ଜୋର ହେବା—Haluā pardibā 1. To be in the menses (said of a cow) ବାତାନ ବରଦାନା ୨। [ଗାଈ] ବୃଷ ଦ୍ୱାରା ସହବାସ କରିବା—2. To be cohabited or crossed by a bull [said of a cow]. ୩। (ଘଣ୍ଟ ବା ମନୁଷ୍ୟଙ୍କର ସ୍ତ୍ରୀମିଥୁନ)—ସଙ୍ଗମରେ ରତ ହେବା – 3. To pair; to mate [said of animals].

ହଳୁଆ ବ୍ରାହ୍ମଣ—ଗାଦେ [ଗଙ୍ଗାମ] ବ—ବଳସ୍ତ୍ର ଗାଈ ବ୍ରାହ୍ମଣ; Haluā brāhmaṇa ମାସ୍ତାନ ବ୍ରାହ୍ମଣ—Māstāna Brāhmaṇa. [ଦ୍ର—ଏମା ନ ଦୋଷୈଲ୍ କଲେନ୍ତ, ଦାସକାଟି ବାଦ୍ୟ ବଜାନ୍ତ, ପରିବ ଘର ଗୃଷ କରନ୍ତି ।]

ହଳୁହାର—ସଂ. ବ—ଯେଉଁ ଘୋଡ଼ାର ଅଣ୍ଡକୋଷ କଳା ଓ Haluhāra ମୁଣ୍ଡରେ ଦାଗ ଥାଏ (ହି. ଶ)—A horse with black testicle and mark on the head.

ହଳେ—ଦେ. ବ ଓ ବିଣ—୧। ଏକ ହଳ ମାପ—1. One pair Hale only. ୨। ଦୁଇଟମ୍ଭ ଭୂ—2. Two ଏକଯୋଡ଼ା ଯୈକହଳ only.

ହଳେ—ଗାଦେ (ଖଡ଼ଅଳ) ବ ଓ ବିଣ—ଏକ ଯୋଡ଼ା—Hale One pair; a pair of.

ହଳେଇ—ଦେ. ବିଣ. ସ୍ତ୍ରୀ—ହଳର ସ୍ତ୍ରୀଲିଙ୍ଗ—Haleī Feminiue orm of Haluā

ହଳୋ ଫସୋ—ଗାଦେ (ସମ୍ବଲପୁର) ବିଣ—ଢ ଲ—Halo phaso Loose; slack. [ଚିଲ୍ଲୋଘୋର—ଅନ୍ୟାରୂଢ]

ହଲ୍ଟ—ବୈଦେ. ବ (ଇଂ)—ଦାର୍ଯ୍ୟୋପଲକ୍ଷେ ଗତ୍ତ କରୁଥିବା କର୍ମଗୁଣ୍ଡଙ୍କ ର କୌଣସି ମୁକାମରେ ଏକ ବା ହଲ୍ଟ ହୋଲ୍ଟ ଚଉଥିକ ଦିନ ରହଣି—Halting of an officer during tour. ବୈଦେ ଅ (ଇଂ)—ଡ୍ରିଲ୍ କରୁଥିବା ଶିକ୍ଷକ ଓ ସୈନିକମନଙ୍କୁ ଠିଆ ହେବା ପାଇଁ ସେନାପତିଙ୍କର ଡାକ—Halt ! [Used in drill by the drill master or by the commander directing the marching students or soldiers to halt].

ହଲ୍ଟର—ବୈଦେ. ବ [ଇଂ]—ଘୋଡ଼ାର ଓ ଗାଈ ଗାଇବା ଲୋକର ବେକ ଗୁଡ଼ାଯାଇକରେ ବେଢ଼ାଯିବା ଚମଡ଼ାର Haltar ହଲ୍ଟର ହୌଲଟର ପଟ୍ଟି ବା ଦଉଡ଼ି—Halte

ହଲ୍ଟିଙ୍—ବୈଦେ. ବ (ଇଂ)—୧। ଗତ୍ତ କରିବା ଉପଲକ୍ଷରେ Halting କର୍ମଗୁଣ୍ଡମାନଙ୍କର କୌଣସି ସ୍ଥାନରେ ରହଣି—ହଲଟିଙ୍ଗ ହଲଟିଂଗ 1. Halting of an officer during tour. ୨। ହଲ୍ଟିଙ୍ଗ୍ଚର୍ଜ୍ (ଦେଖ) 2. Halting charj [See]

ହଲ୍ଟିଙ୍ଗ୍ଚର୍ଜ୍(ଫିସ୍)—ବୈଦେ. ବ (ଇଂ)—ଗତ୍ତ କରୁଥିବା କର୍ମଗୁଣ୍ଡ Halting charj[phis] କାର୍ଯ୍ୟୋପଲକ୍ଷରେ କୌଣସି ହଲଟିଙ୍ଗଚାର୍ଜ ହଲଟିଂଗ ଚାରଜ ସ୍ଥାନରେ ରହଣିକଲେ ସେଥି ପାଇଁ ଦୈନିକ ଯେଉଁ ଭତ୍ତା ପାଆନ୍ତି—Halting charge; halting fees of touring officers.

Digitized by srujanika@gmail.com

ହଳଦୀ—ପ୍ରାଦେ (ମେଦପ୍ରାପୁର) ବ—ହଳଦ—
Haldi Turmeric.

ହଳ୍ୟ—ବି. ବିଣ (ହଳ=ଲଙ୍ଗଳ+ଯ)—୧ । ହଳସମ୍ବନ୍ଧୀଯ—
Halya 1. Relating to plough. ୨ । କୃଷି ସମ୍ବନ୍ଧୀଯ—2. Relating to agriculture. ୩ । ହଳକୃଷ୍ଟ—(Land) Cultivated with plough. ସଂ. ବ—? । କୃଷିକ୍ଷେତ୍ର—1. A ploughed up field. ୨ । ବୈରୂପ୍ୟ; ବରୂପତା (ଶବ୍ଦକଳ୍ପଦ୍ରୁମ)—2. Haggard appearance.

ହଳ୍ୟା—ବ୍ୟ. ବ (ହଳ ଯ+ସ୍ତ୍ରୀ. ଥା)—ହଳସମୂହ—
Halyā A number of ploughs.

ହଲ୍ଲକ—ବି. ବ—୧ । ରକ୍ତୋତ୍ପଳ (ଅମର)—1. Red lotus. ୨ । କୋଧୋକ୍ତି—2. Expression of an angry person.

ହଲ୍ଲନ—ବି. ବ—୧ । ପ୍ରଚଳାଯିତ, ଘୂର୍ଣ୍ଣନ (ଜଟାଧର)—
Hallana 1. Moving. ୨। କଡ଼ ଲେଉଟାଇବା—2. Turning on the sides.

ହଲ୍ଲା—ଦେ ବ (ସଂ. ହଲ୍ଲକ=କୋଧୋକ୍ତି)—୧ । ଅର୍ତ୍ତନାଦ—
Halla 1. A loud cry made in distress.
ହଲ୍ଲା ହଲ୍ଲା ୨। ଘୋଡ଼ଘାଆ; ଚିତ୍କାର; ହୁଲ୍ଲଡ଼—2. A loud cry; uproar; hue and cry. ୩ । କୋଳାହଳ; ଜଟ୍ଟେଃସ୍ୱରରେ ଗୋଳମାଳ—3. Loud noise; ado. ୪ । କୌଣସି ବ୍ୟକ୍ତି ହଜିଗଲେ ତାହାର ମୁରବ୍ବୀ ବା ଅତ୍ମୀୟମାନେ ତାକୁ ଖୋଜାଇବା ପାଇଁ ତାହାର ବେଶଭୂଷା ଓ ବଦନ ବର୍ଣ୍ଣନା କରି ଥାନାରେ ଯେଉଁ ଇଜାହାର ଦଅନ୍ତି ଓ ଯଦ୍ଦ୍ୱାରା ପୁଲିଶ କର୍ମଚାରୀ ଦେଶର ସମସ୍ତ ଥାନାମାନଙ୍କରେ ଘୋଷଣା କରନ୍ତି । (ଏହା ସଦ୍ୟ ଲୁଚିଥିବା ଅପରାଧୀ ଧରିବାରେ କରାଯାଏ)—4. The information lodged with police of the missing of a person with his description and the proclamation of the police of this fact in all the police stations; police hue and cry. ୫ । ହାଲହୁଲ (ଦେଶ)—5. Hala huli (See). ୬ । ଯୁଦ୍ଧ ସମୟର ହଇଚଇ—6. Warcry.

ହଲ୍ଲା ଉଠା(ଠେ)ଇବା—ଦେ. କି—୧ । ହଲ୍ଲା ମଡ଼ା(ଡେ)ଇବା (ଦେଶ)—
Hallā uṭhā(ṭhe)ibā 1. Hallā matā(ṭe)ibā (See) ୨ । ହଲ୍ଲା ଉଠାନ ହଲ୍ଲା କରିବା (ଦେଶ)—2. Hallā karibā (See)
हल्ला उठाना

ହଲ୍ଲା କରିବା ଦେ କି—୧ । ଚିତ୍କାର କରିବା—1. To shout
Hallā karibā out; to make a loud cry. ୨। ହଇଚଇରେ
हल्ला करना ଅର୍ତ୍ତନାଦ କରିବା—2. To raise a hue and cry in distress; to raise an alarm. ୩। ଘୋଡ଼ଘାଆ କରିବା; ଜଟ୍ଟେଃସ୍ୱରରେ ଗୋଳମାଳ କରିବା—3. To make a noise. ୪। ହଜିଥିବା ବ୍ୟକ୍ତି ବା ଲୁଚିଥିବା ଅପରାଧୀକୁ ଖୋଜାଇବା ପାଇଁ ଥାନାରେ ଓ ଦେଶସାରା ତାହାର ବର୍ଣ୍ଣନା ଘୋଷଣା କରିବା—4. To publish a hue and cry regarding a missing person or an absconder. ୫ । କୌଣସି ବିଷୟ ସର୍ବସାଧାରଣରେ ଘୋଷଣା କରିବା—5. To publish a matter broadcast.

ହଲ୍ଲା ମଡ଼ା(ଡେ, ଗୁ, ଚେ)ଇବା—ଦେ. କି—୧। ହଲ୍ଲା କରିବା (ଦେଶ)
Hallā maṭā(ṭe,chā, che)ibā Hallā karibā (See)
ହଲ୍ଲା ମାତାନ, ହଲ୍ଲା ମଚାନ ୨ । କୌଣସି ବିଷୟକୁ ଉଚ୍ଚୈଃସ୍ୱରରେ
हल्ला मचाना ଘୋଷଣା କରିବା—2. To publish a matter aloud.

ହଲ୍ଲୀଷ (ସ)—ସଂ. ବ—(ହେଲା=ସ୍ତ୍ରୀମାନଙ୍କର ଗୁଢ଼ ବିଶେଷ; ଈଷା+
Hallisba(sa) ଲସ୍ ବା ଲସ୍ ଧାତୁ=ନୃତ୍ୟବିଶେଷ, ଘଟୁଜ୍ଞ ପ୍ରଦର୍ଶନ କରିବା+ଅଧି ଅ, କ୍ରିୟାଭଜନ)—୧। ସ୍ତ୍ରୀମାନଙ୍କ ସହ ନର୍ତ୍ତନ—(ଡିକାଣ୍ଡ ଶେଷ)—1. Dance with females; ball-dance ୨ । ଜଣେ ପୁରୁଷକୁ ଅଠଜଣ ସ୍ତ୍ରୀ ଗୋଲାକାରେ ବେଢ଼ି କରିବା ଏକ ପ୍ରକାର ନାଚ—2. A dance made in a ring formed by 8 women with a man in the centre. ୩ । ଗୀତନର୍ତ୍ତନକଳିତ ଏକାଙ୍କଯୁକ୍ତ ଲଘୁରୂପକ (ନାଟକ)—3. A kind of drama with one act accompanied by song & dance. [ଦ୍ର—ଏଥିରେ ଗୋଷ୍ଠୀ ମାତ୍ର ପୁରୁଷଥାନ୍ତି ଓ ଅତୋଷ୍ଠ ଚମ୍ପା ଦଶଟି ସ୍ତ୍ରୀ ମାତ୍ର ଥାଆନ୍ତି । ଉଦାହରଣ—ଦୋଲାବିଳାସକ—ମହାସୁନ୍ଦର ବିଜୟ ଦେବ—ଜଗନ୍ନାଥବଲ୍ଲଭ ପଞ୍ଜିକାରେ ପ୍ରକାଶିତ ନାଟ୍ୟଚନ୍ଦ୍ରିକା ପ୍ରବନ୍ଧ ।]

ହଲ୍ଲୀଷ(ସ)କ—(ହଲ୍ଲୀଷ [ସ]+ସ୍ୱାର୍ଥେକ)—୧ । ସ୍ତ୍ରୀମାନଙ୍କର ମଣ୍ଡଳକ
Hallīsha(sa)ka ନୃତ୍ୟ (ଜଟାଧର, ହେମଚନ୍ଦ୍ର)—1. A dance of females in a ring; a ring-dance of females. ୨ । ଏକ ପୁରୁଷ ସହିତ ବହୁ ସ୍ତ୍ରୀମାନଙ୍କର ମଣ୍ଡଳାକାର ନୃତ୍ୟ; ରାସକ୍ରୀଡ଼ା । (ଯଥା—ଶ୍ରୀକୃଷ୍ଣଙ୍କ ଗୋପୀଗଣ ସହ)—2. A ring dance of females round a male (e.g. of Śrīkrushṇa with the Gopis).

ହବାଲ୍—ବୈଦେ. ବ (ସଂ. ହବ୍ୟାଲ=ଇଚ୍ଛା)—ହବାଲ୍ (ଦେଶ)—
Hawāl Habāl [See]

ହବାଲ ଦାର୍—ବୈଦେ. ବ (ଅ. ହବାଲ୍+ଫା.ଦାର)—ହାଲ ଦାର୍
Hawāl-dār (ଦେଶ)—Hāl-dār (See)

ହବାଲତ୍—ବୈଦେ. ବ (ଅ)—ହୁଆଲତ୍ (ଦେଶ)—
Hawālat Huālat (See)

ହବାଲିତି—ବୈଦେ. ବଣ (ଆ)—ହୁଆଲତି (ଦେଶ)—
Hawāliti Huālati (See)

ହସ୍ଟେଲ୍—ବୈଦେ. ବ (ଇଂ)—ଛାତ୍ରାବାସ; ବୋର୍ଡ଼ିଙ୍—
Hastel Hostel; boarding.
ହୋଷ୍ଟେଲ ହୋଷ୍ଟେଲ

Digitized by srujanika@gmail.com

ହସ୍ (ଧାତୁ)—ସ—୧ । ହସିବା; ହାସ୍ୟ କରିବା—1. To laugh. Has (root) ୨ । ଉପହାସ କରିବା—2. To laugh at; to deride. ୩ । ପ୍ରସ୍ଫୁଟିତ ହେବା—3. To be full blown. ୪ । ପ୍ରକାଶିତ ହେବା—4. To be published; to appear.

ହସ୍‌ପା(ତି)ତା(ଟା)(ଳ)ଲ୍—କୈ.ଦେ. ବ [ଇଂ ହସ୍‌ପିଟାଲ୍]—ସାଧାରଣ Has-pā[pi]tā[ṭā]l[l] ଚାକୁରଖାନା; ହାସ୍‌ପାତାଳ— ହାସ୍‌ପାତାଳ ଅସ୍ପତାଲ Hospital.

[ଦ୍ର—ହସ୍‌ପିଟାଲରେ ଯେଉଁ ରୋଗୀମାନଙ୍କୁ ସ୍ଥାନ ଦିଆଯାଇ ଚିକିତ୍ସା କରାଯାଏ, ସେମାନଙ୍କୁ In-patients (ଭିତର-ରୋଗୀ) କୁହାଯାଏ । ଯେଉଁ ରୋଗୀମାନେ ସେଠାକୁ ଆସି ଚିକିତ୍ସିତ ହୋଇ ବା ଔଷଧ ସେବନ ସେଠାରୁ ଘରକୁ ଚାଲି ଯାଆନ୍ତି, ତାଙ୍କୁ Out patients (ବାହାର ରୋଗୀ) କୁହାଯାଏ । ହସ୍‌ପିଟାଲରେ ଦୁଇ ଶ୍ରେଣୀ ରୋଗୀଙ୍କର ଚିକିତ୍ସାର ବନ୍ଦୋବସ୍ତ ଥାଏ । କିନ୍ତୁ ଡିସ୍ପେନ୍‌ସରି [dispensary] ରେ କେବଳ ବାହାର ରୋଗୀଙ୍କ ଚିକିତ୍ସାର ବନ୍ଦୋବସ୍ତ ଥାଏ ଓ ରୋଗୀମାନଙ୍କ ପାଇଁ ଔଷଧର ବ୍ୟବସ୍ଥା କରାଯାଏ ।]

ହସ୍‌ପିଟ(ଟା)ଲ୍ ଅ(ଆ)ସିଷ୍ଟାଣ୍ଟ୍—କୈଦେ. ବ (ଇଂ)—ହାସ୍‌ପିଟାଲ Haspiṭa[ṭā]l a[ā]sishṭāṇṭ ଆସିଷ୍ଟାଣ୍ଟ (ଡେଶ)— Haspiṭāl āsishṭaṇṭ [See].

ହସ୍‌ବା—ଗ୍ରାଦେ (ଘାଟଶୀ କନ୍ଧାନ ଅଞ୍ଚଳର ପ୍ରଚଳିତ ଭାଷା) କ୍ରି-ହସିବା- Has-bā To laugh.

ହସ୍‌ଲିଆ—ଗ୍ରାଦେ (ଘାଟଶୀ କନ୍ଧ ନ ଅଞ୍ଚଳର ପ୍ରଚଳିତ ଭାଷା) କ୍ରି— Has-liā (ସେ) ହସିଲା—(He) Laughed.

ହସ—ସ.ବ (ହସ୍ ଧାତୁ=ହସ୍ୟ କରିବା+ଭାବ ଅ)—ହାସ୍ୟ Hasa (ଅମର)—Laugh; laughter. ବେ. ବ— ହାସି ହସୀ ହାସ୍ୟ କରିବା କର୍ମ—Laughing.

ହସ ଉଠିବା ବେ. ବ—ହସ୍ୟର ରୋଳ ଉଠିବା— Hasa Uṭhibā An uproar of laughter. ହାସିଉଠା ହଁସୀଉଠନା

ହସକ—ସ ବିଣ. ପୁଂ (ହସ୍ ଧାତୁ+କତୁ ଅକ)—ହାସ୍ୟକାରୀ— Hasaka Laughing. (ହସିକା—ସ୍ତ୍ରୀ]

ହସ କଉତୁକ (କୌତୁକ)—ବେ. ବ (ସଂ, ହସ+କୌତୁକ)— Hasa kautuka[kautuka] ହାସ୍ୟ ଓ କୌତୁକ— ହାସିତାମାସା ହଁସୀଖେଲ Laughter and amusements; merriment and laughter.

ହସ କଉତୁକ—ବେ.ବିଣ, ପୁଂ—ଯେ ସବୁବେଳ ହାସ୍ୟରେ ଓ କୌତୁକରେ ରତ—Fond of laugh and amusement. (ହସକଉତୁକିଆ—ଅନ୍ୟରୂପ (ହସକଉତୁକୀ—ସ୍ତ୍ରୀ) ହଁସୋର ଖେଲବାଡ

ହସ କଥା—ସ.ବ (ହସ+କଥା)—୧ । ହାସ୍ୟୋଦ୍ଦୀପକ ବିଷୟ— Hasa kathā 1. A matter for laughing at. ହାସିକଥା ହଁସୀକାବାତ ୨ । ଯେଉଁ କଥା ଶୁଣିଲେ ହସ ମାଡ଼େ—2. A laugh-provoking talk or speech.

ହସ କାନ୍ଦ [କାନ୍ଦଣା]—ବେ. ବ (ବିପରୀତାର୍ଥ ସହଚର)—୧ । Hasa kānda(kāndaṇā) ଆନନ୍ଦଜନିତ ହାସ୍ୟ ହାସିକାନ୍ଦା ହଁସୀରୁଲାଇ ଓ ଦୁଃଖଜନିତ କ୍ରନ୍ଦନ— 1. Laughing and weeping. ୨ । ପ୍ରଥମେ ହସିବା ଓ ତରେ କାନ୍ଦିବା ଓ ତତ୍ପରେ ହସିବା କ୍ରମ— 2. Laughing and weeping alternately. [ଦ୍ର—ଲୌକିକ ବିଶ୍ୱାସ ଯେ, ବଦ୍ଭତଗୁଡ଼ାଏ ହସିଲେ ଘରେ ପୁଣି କାନ୍ଦିବାକୁ ହୁଏ ଯେତେ ହସ ତେତେ କାନ୍ଦଣା—ଉଗ ।]

ହସକୁଳା(ଳି,ଡ଼ା)—ବେ. ବିଣ. ପୁଂ (ସଂ. ହର୍ଷାକୁଲ)—୧ । ଯେଉଁ ବ୍ୟକ୍ତି Hasa kulā(rā, ṛḍā) ସବୁବେଳେ ହସେ; ହସୁଆ— (ହାସ୍ୟକୁଡା—ଅନ୍ୟରୂପ) 1. Given to laughing. ହସକୁଳୀ ହସକୁଡ଼ୀ ହସକୁଣ୍ଡା } ୨ । ହର୍ଷଯୁକ୍ତ; ଆନନ୍ଦିତ—2. Joyful. ୩ । କୌତୁକ-ପ୍ରିୟ 3. Fond of amusement. ୪ । ସବୁବେଳ ହସ୍ୟଯୁକ୍ତ—4. Always smiling. ହାସିଖୁସି ହଁସୋର

ହସ ଖୁସି—ବେ. ବ (ସହଚର)—ଆନନ୍ଦ ଓ ଆନନ୍ଦଜନିତ ହାସ୍ୟ— Hasa khusi Pleasure and laugh. ହାସିଖୁସି ହଁସୀଖୁସୀ

ହସ ଖେଳ(ଡ଼)—ବେ. ବ [ସହଚର]—ହାସ୍ୟ ଓ କ୍ରୀଡ଼ା— Hasa khela(ṛḍā) Laughter and play. ହାସିଖେଳା ହଁସୀଖେଲ

ହସ ଗପ—ବେ. ବ—୧ । ହସ ଓ ଗଳ୍ପ—1. Laugh and talk. Hasa gapa ୨ । ହାସ୍ୟୋଦ୍ଦୀପକ ଗଳ୍ପ— ହାସିଗଳ୍ପ ହଁସୀକହାନୀ 2. A tale which provokes laughter.

ହସ ଚାପିବା—ବେ. କ୍ରି—ହସୁଥିଲେ ତାହା ବାହାରରେ ପ୍ରକାଶ ନ କରିବାକୁ ଚେଷ୍ଟା କରିବା— Hasa chāpibā To suppress a laugh. (ହସ ଚାପି ରଖିବା—ଅନ୍ୟରୂପ) ହାସିଚପା ହଁସୀରୋକନା

ହସଛେ—ଗ୍ରାଦେ (ଘାଟଶୀ କନ୍ଧାନ ଅଞ୍ଚଳର ପ୍ରଚଳିତ ଭାଷା)—କ୍ରି Hasachhe [ସେ] ହସୁଅଛୁ—(he, she) Is laughing.

ହସ ତ(ତା)ମ(ମା)ସା—ବେ. ବ(ସହଚର)—୧। ହସ କଉତୁକ[ଦେଶ] Hasa ta(tā)ma[mā]sā 1. Hasakautuka (See) ହାସିତାମାସା ହଁସୀତମାସା ୨ । ହସଖେଳ[ଦେଶ]— 2. Hasa khela (See)

ହସନ୍—ସ. ବିଣ. ପୁଂ (ହସ୍ ଧାତୁ=ହସିବା+କର୍ତ୍ତୃ (ଶତୃ) ଅତ୍; [ହସତ୍ ଶବ୍ଦ ୧ମା. ୧ବ)—ଯେ (ହସନ୍ତୀ—ସ୍ତ୍ରୀ) ହସୁଥାଏ; ହାସ୍ୟଯୁକ୍ତ—Laughing.

Digitized by srujanika@gmail.com

ବୈଦେ. ବ (ଫା. ହୁସେନ୍)—ହୁସେନ୍‌ର ଛାଚ ନାମ—Nickname of Hussen.

ହସନହା(ହେ)ନା—ବୈଦେ. ବ (ଥ.ହସ୍ନହାନା)—ଫୁଲଗଛବିଶେଷ—Hasau-hā(he)nā A kind of flowering shrub. ହସ୍ନହାନା ହୁସ୍ନହେନା [ଦ୍ର—ଏହା ଗଛମାନ ଝାମ୍ପୁଡା ବୁଦା ଘର ବହୁ ଶାଖାଯୁକ୍ତ ହୁଏ । ଏଥିରେ ପେନ୍ଥା ପେନ୍ଥା ଫୁଲ ଧରେ, ଫୁଲ ସଉରେ ଫୁଟି ସୌରଭ ଗ୍ରହଣରେ ବସ୍ତାର କରେ । ଫୁଲମାନ ସରୁଆ, ୮କ ଇଞ୍ଚ ଲମ୍ବ, ଶାଗୁଆ ଓ ହଲଦିଆପିଣା ବର୍ଣ୍ଣ; ଏହାର ଅକୃତ ଚଲ୍ଲମ ଘର ।]

ହସନ—ସ. ବ (ହସ୍ ଧାତୁ=ହାସ୍ୟ କରିବା+ଅନ ପ୍ରତ୍ୟୟ)—ହାସ୍ୟ; ହସିବା—Laughing. Hasana

ହସନୀ—ସ. ବ. ସ୍ତ୍ରୀ (ହସ୍ ଧାତୁ=ହାସ୍ୟ କରିବା+କର୍ତ୍ତୃ. ଅନ+ସ୍ତ୍ରୀ ଈ)—ଉମ୍ବେଇ—Fire pot; brazier. Hasanī

ହସନୀମଣି—ସ ବ (ହସନୀ+ମଣି)—ଅଗ୍ନି (ଜିକାଣ୍ଡଶେଷ)—Fire. Hasanīmaṇi

ହସନ୍ତ—ସଂ ବ ଓ ବଣ—ହଲନ୍ତ (ଦେଶ)—Hasanta Halanta (See)

ହସନ୍ତ ଚିହ୍ନ—ସଂ ବ—ହଲନ୍ତ ଚିହ୍ନ (ଦେଶ)—Hasanta chihna Halanta chihna (See)

ହସନ୍ତିକା—ସଂ ବ. ସ୍ତ୍ରୀ (ହସନ୍ତୀ+କ+ସ୍ତ୍ରୀ ଆ)—୧ । ଅଙ୍ଗାରଧାନୀ, ଉମ୍ବେଇ—1. A fire-pot. ୨ । ମଲ୍ଲିକାବଶେଷ (ମେଦନୀ)—2. A species of Jasminum Sambac. Hasantikā

ହସନ୍ତୀ—ସଂ ବ. ସ୍ତ୍ରୀ (ହସନ୍ତ+ସ୍ତ୍ରୀ ଈ)—୧ । ଅଙ୍ଗାରଧାନୀ; ଉମ୍ବେଇ (ଅମର)—1. A fire pot; brazier. ୨ । ମଲ୍ଲିକାବଶେଷ (ମେଦନୀ)—2. A species of Jasmine. ୩ । ଶାକ୍ତମାବଶେଷ (ମେଦନୀ)—3. A class of witches Hasantī

ହସ ମାଡ଼ିବା—ଦେ. କ୍ରି—ହସିବା ପାଇଁ ମନ ହେବା—Hasa mārdibā Being on the point of laughing ହାସି ପାଓୟା ହଁସୀଆନ

ହସ ମାରଦେବା—ଦେ. କ୍ରି—ହସ ଗୁପିବା (ଦେଶ) Hasa chāpibā (See) (ହସ ମାରବା—ଅନ୍ୟରୂପ) ହାସି ଚାପା ହଁସୀ ରୋକନା

ହସ ମାସ ପଶିବା—ଦେ. କ୍ରି (ବ୍ୟଙ୍ଗ୍ୟ)—ସବୁବେଳା ଅତ୍ୟନ୍ତ ହସିବା—Hasa māsa pasibā To laugh too much or always. ହାସୀର ମାସ ଆସା ହଁସୀକେ ଦିନ ଆନା [ଦ୍ର—କୌଣସି ବ୍ୟକ୍ତି ଏକାଦୃଷ୍ଟମେ ହସିଲେ ଲୋକେ କହନ୍ତି—ତାକୁ ହସ ମାସ ପଶିଛି !]

ହସ ମୁହଁ—ଦେ. ବ (ସଂ ହସ ଓ ମୁଖ)—ସବୁବେଳା ହସୁଥିବା ମୁଖ—Hasa muhañ Laughing face. ହାସି ମୁଖ ହଁସମୁଖ

ହସ ମୁହାଁ—ଦେ. ବଣ. ପୁଂ—୧ । ହାସ୍ୟବଦନଯୁକ୍ତ (ବ୍ୟକ୍ତି)—Hasa muhāñ 1. Having a smiling face. (ହସମୁହାଁ—ସ୍ତ୍ରୀ) ହାସି ମୁଖୋ ପୁଂ ହଁସ ମୁଖ ପୁଂ ହାସିମୁଖୀ ସ୍ତ୍ରୀ ହଁସ ମୁଖୀ ସ୍ତ୍ରୀ

ହସ ରଅ(ଭ,ହ)ସ—ଦେ. ବ [ସ ୪ସ ଓ ରହସ୍; ସଦୃଶର]—ହସ କଉତୁକ [ଦେଶ]—Hasa ra-a(bha, ha)sa Hasa kautuka (See) (ହସରଅ—ଅନ୍ୟରୂପ) ହାସି ତାମାସା ହଁସୀ ଖେଲ

ହସ ରଅ(ଭ,ହ)ସା—ଦେ. ବଣ. ପୁଂ—ହସ କଉତୁକ (ଦେଶ)—Hasra-a, [bha, ha]sā Hasakautuki (See) [ହସରଅ(ଭ,ହ)ସଥ—ଅନ୍ୟରୂପ] [ହସରଅ(ଭ,ହ)ସୀ. ହସରଅ[ଭ,ହ]ସେଇ—ସ୍ତ୍ରୀ] ହାସି ଖୁସି ହଁସି ଖେଲବାଡ଼େ

ହସର ପ[ଫ]ସର—ଦେ. ବଣ—ବଜା କାର୍ଯ୍ୟରେ କୌଣସି ସ୍ଥାନରେ ଇତସ୍ତତଃ ଯିବା ଅସିବା ଘୁରିବା—Hasara pa(pha)sara ଫପଲ ଦାଲାଲି କରେ ବେଡ଼ାଇ ଅସରପଶର Walking to and fro without any purpose. ଦେ. ବ—ଘରଘଷରେ; ଖୁରକୁ ଚମ ପଟ୍ଟରେ ଘଷାଇବାର ଶବ୍ଦ—The sound of stropping a razor.

ହସରା—ଦେ. ବଣ. ପୁଂ—ହସୁରା (ଦେଶ)—Hasarā Hasurā [See] [ହସସ୍—ସ୍ତ୍ରୀ]

ହସରେ ଉର୍ଦ୍ଦ(ଡ଼େ) ଇବା—ଦେ କ୍ରି—ବକ୍ରାଚ ବାକ୍ୟକୁ ଉପହାସକର Hasare urdā (rde) ibā ବ୍ୟଙ୍ଗକୁ ଅଗ୍ରାହ୍ୟ ବା ଅଗ୍ରାହ୍ୟ କରିବା ହେସେ ଉଡ଼ିୟେ ଦେଓୟା ହଁସୀମେଁ ଉଡା ଦେନା To laugh in derision at a speaker

ହସଲ—ପ୍ରାଦେ (ଗଞ୍ଜାମ) ବ. ଓ ବଣ—ଅସଲ—Ha-ala Capital

ହସ ଲାଗିବା—ଦେ. ବ—ଏକଜ ବହୁଲୋକଙ୍କ ମଧ୍ୟରେ ହାସ୍ୟରୋଳ ଉଠିବା—Hasa lāgibā Laugh going on in a gathering ହସଲାଗା ହଁସୀଲଗନା

ହସ ହସ—ଦେ.ବଣ [ସ. ସହାସ୍ୟ)—୧। ହାସ୍ୟଯୁକ୍ତ—1. Laughing. ୨ । ଈଷତ୍‌ହାସ୍ୟ ଯୁକ୍ତ—2. Smiling. [ଉ—ହାସିମୁଖ ହଁସତାହୁଆ ତା ଦେଖି ଯୁଧିଷ୍ଠିର ଡାକି ହସ ହସ—କୃଷ୍ଣସିଂହ. ମହାଭାରତ. ସଭା] Hasa hasa

ହସା—ଦେ. ବ [ସଂ ହସ୍ ଧାତୁ, ହସ]—୧ । ହାସ୍ୟ; ହସିବା—Hasā 1. Laughing; laugh. ୨ । ଈଷତ୍‌ହାସ୍ୟ ହାସ ହଁସୀ 2. Smile. (ଉ—ଦେଖିଲୁ ତୁମ୍ଭ ହଁସୀମୁଖ ଦରହାସୀ ମନ ସୁନ୍ଦର ମଧୁର ହସା—କବିସୂର୍ଯ୍ୟ. ସଙ୍ଗୀତ ।) ୩ । ଲୋକହସା; ଉପହାସ-3. Derision, ridicule. (ଉ—ଖର ଝଙ୍ଗ ଶବଦକୁ ତ ଏହ ଦଶା, ଢେଲେ ଶଜୁମୁଖେ ଥାଇବା ପିନା ହସା—କୃଷ୍ଣସିଂହ. ମହାଭାରତ. ବସ୍ତ୍ର)

Digitized by srujanika@gmail.com

ଦେ. ବଣ. ପୁଂ—(ଅନ୍ୟ ଯେ ସଙ୍ଗେ ଯୁକ୍ତ ହୁଏ; ଯଥା= ଦରହସା) ହସୁଆ; ଯେ ହସେ—Laughing.

ହସା(ସେ)ଇବା—ଦେ. କ୍ରି—(ସ. ହସ୍ ଧାତୁ=ହସିବାର ଜଣାଉଛୁ) Hasa(se)ibā —ହସିବା ପାଇଁ ବଧ କରେ—To cause a person to laugh. [ଉ—ଝରଡାକେ ହଁସାନା ରେହିକାରେକ୍ଟେ ଥରେ ଥରେ ତ ହସାଇବ—ରଜ ପ୍ରେମ-ସୁଧାକର୍ଷ] [ଉ—ହସାଇବା ଶବ୍ଦ ସଙ୍ଗେ 'ଖେଳାଇବା' 'ରସାଇବା' ସହଚରରୂପେ ବ୍ୟବହୃତ ହୁଏ। । ଯଥା—ଆଧୁନିକ କଣ୍ଡର ଗାର୍ଟନ୍ ପ୍ରଣାଳୀ ଅନୁସାରେ ପିଲାମାନଙ୍କୁ ହସାଇ ଖେଳାଇ ହଦ୍ୟା ଶିକ୍ଷା ଦିଅସ ଏ।

ସେଇଁ ଘରର ଗାମିଡକୁ ହସାଇ ରସାଇ ସେବା କରେ ସେ ଘରକର ଗାମିନଙ୍କ ପ୍ରିୟପାତ୍ର ହୁଏ।]

ହସା(ସେ)ଇରସା (ସେ)ଇ[ଖେଳାଇ]—ଦେ. ଅସମାପିକା କ୍ରିୟା ହସ୍ତ— Hasa(se)i rasa(se)i[khelāi] ମୁଖ୍ୟ କରି; ପ୍ରଥମତଃ ହାସିଯେ ରସିଯେ [ଖେଳିଯେ] ଉତ୍ପାଦନକରିବା— By producing glee; in a delightful manner.

ହସା(ସେ)ଇ ହସା(ସେ)ଇ ମାରିବା—ଦେ. କ୍ରି—କୌଣସି ବ୍ୟକ୍ତିକୁ Hasa(se)i hasa(se)i māribā ହାସ୍ୟୋଦ୍ଦୀପକ କଥାଦ୍ୱାରା ହାସିଯେ ହାସିଯେ ମାରା ଅଟ୍ଟହାସ୍ୟରୂପ ହସାଇବା—To cause a person to laugh inordinately; to provoke a person to repeated laughing-

ହସା(ସେ)ଇ ହସା(ସେ)ଇ ପେଟ ଦରଜ ହଇଯିବା ହସା(ସେ)ଇ ହସା(ସେ)ଇ ଅନ୍ତ ଛିଣ୍ଡାଇଦେବା } ଅନ୍ୟରୂପ

ହସାହସି—ଦେ. ବ ଓ ବଣ—୧ । ସମସ୍ତଙ୍କର ଜନ୍ତୁବ୍ୟକ୍ତିଙ୍କର ହାସ୍ୟ— Hasahasi 1. Laughing of many persons ହାସାହାସି assembled in a place. ୨ । ବହୁବାର ହସିବା ହସାହସି କ୍ରିୟା—2. The act of laughing many times. ୩ । ପରସ୍ପର ମଧ୍ୟରେ ହସ କୌତୁକ ଯୁକ୍ତ କଥୋପକଥନ—3. Conversation accompanied with mutual laugh. [ଉ—ଦୁହିଁ ସେ ପରସ୍ପରେ ହସାହସି ହେଲେ, କାଲ୍ୟକାଳ ବୃତ୍ତିକ କଥାବାର୍ତ୍ତା ହେଲେ। ଦୁହିଁକି ମହାଭାରତ ଦ୍ରୋଣ।]

ହସି—ଦେ. କ—(ସ. ହସିତ)—(ବଙ୍ଗଳାରୁ ଅନୁକରଣ)—ହାସ୍ୟ; ହସ Hasi ହାସି ହଁସି Laugh.

ହସିଆ-ଦେ. ବଣ-[ଅଦ୍ଭୁତ]-ହାସ୍ୟଯୁକ୍ତ; ହାସ୍ୟମୟ—Laughing.

Hasiā ଦେ. କ୍ରି—(ଅନୁଜ୍ଞା, କଡ଼ି 'ଉ' ସଙ୍ଗେ ଲ ଗ)-(verb ହେସେଆୟ imperative) Do thou come here laughing.

ହଁସୁଆ ଚାବ [ଉ—ହସିଥରେ। ଫୁଲଯେସିଥ ଭୁଦର ମୁସାସିଥ— ଅଦ୍ଭୁତ ସଙ୍ଗୀତ] ପ୍ରାଦେ (ଘାଟଣ) ବ (ଭୁଲ. ଏହ ଅର୍ଥରେ ହୁଡା ହସିଆ)—ଦାଥ—Sickle.

ହସାଇବା—ଦେ. କ୍ରି (ସ. ହସ ଧାତୁ)—୧ । ହାସ୍ୟ କରାଇବା; ମନର ଭାବ ଅଙ୍ଗଭଙ୍ଗୀଦ୍ୱାରା ପ୍ରକାଶ କରିବା—1. To laugh. [ହସା (ସେ) ଇବା—ଜିଜ୍ଞାସୁ]

ହସାଇବା—ଗ୍ରା. ବ ଓ ବଣ—(ସ. ହାସ୍ୟାର୍ଣ୍ଣବ)—୧ । ହାସ୍ୟାର୍ଣ୍ଣବ Hasāibaa(nna)ba (ଦେଶ)—1. Hāsyārṇṇaba ହାସ୍ୟାର୍ଣ୍ଣବ (See) ୨ । ହାସ୍ୟର ଢେଲ—2. A wave of ହାସ୍ୟାର୍ଣ୍ଣବ laughter.

ହସି ଉଠିବା—ଦେ. କ୍ରି—୧ । ହଠାତ୍ ହସିଦେବା—1. To burst Hasi uthibā suddenly into loud laughter. ହେସେଉଠିବା [ଉ—ଖାଇ ଜଣ ହସି ଉଠନ୍ତୁ ପୁଣି—ପାଟୀ ପରତେ ହଁସଉଠନା ଗୀତା] ୨ । (ଲକ୍ଷଣାର୍ଥ) ପୂର୍ଣ୍ଣବିକଶିତ ହେବା; ବଳଶିତ ହେବା—2. (figurative) To be fullblown. ୩ । (ଲକ୍ଷଣାର୍ଥ) ସାଜ ସଜ୍ଜା ଓ ଆଲୋକାଦ୍ୱାରା ଅତ୍ୟନ୍ତ ଶୋଭିତ ହେବା—3. (figurative) To shine with fittings and lights.

ହସିକା—ବ ବଣ. ସ୍ତ୍ରୀ (ହସକ+ସ୍ତ୍ରୀ ଆ, କମ୍ ହସ+ଇକ+ଆ)— Hasikā ୧ । ହାସ୍ୟରତ ସ୍ତ୍ରୀ (ଶବ୍ଦ ଜଲ୍ପନ୍ତ)—1. Laughing (female) ୨ । ହାସ୍ୟଯୁକ୍ତା—2. Smiling.

ହସି ଖୁସି—ଦେ. ବ—(ସ. ହସିତ ଓ ଅ, ଖୁସି)—୧ । ହସ ଉଲ୍ଲାସ; Hasi khusi ହସ ଖେଳ (ଦେଶ)—1. Hasa ହାସିଖୁସି khela (See) ୨ । ହାସ୍ୟ ଓ ଆନନ୍ଦ—2. Laugh ହଁସୀଖୁସୀ and delight.

ହସି ଖେଳି କୌଣସି କାର୍ଯ୍ୟ କରିବା-ଦେ.କ୍ରି—ମନର ସ୍ଫୂର୍ତ୍ତି ଓ ଆହ୍ଲାଦ Hasi kheli kaunasi karjya karibā ସହିତ କୌଣସି ହେସେ ଖେଳେ କାର୍ଯ୍ୟ କରା ହଁସି ଖେଳି କାମ କରିବା—To do any ହଁସ ଖେଳ କର କାମ କରନା work smilingly or with pleasure. [ଉ—ହସିଟେଳି ସେହୁ ଗମନ୍ତ ସମସ୍ତ, ଜାବନ ମଣନ୍ତୁ ମହୋତ୍ସବମୟ—ଗ୍ରାମାଚାଷ. ଚଲକା ।]

ହସିତ—ସ. ବଣ. ପୁଂ—(ହସ୍ ଧାତୁ=ହସିବା+କର୍ତ୍ତୃ. ତ)-୧ । କୃତ- Hasita ହାସ; ହାସ୍ୟଯୁକ୍ତ, ହାସ୍ୟ—1. Laughing. ୨ । ସ୍ମିତ—2. Smiling. ୩ । ଫୁଲ୍ଲ; ପ୍ରସ୍ଫୁଟିତ; ବିକଶିତ— [ହସିତା—ସ୍ତ୍ରୀ] 3. Fullblown (flower). ୪ । (ହସ୍ ଧାତୁ =ଉପହାସ କରିବ +କର୍ମ. ତ) ଯେଉଁ ଯାହାକୁ ଉପହାସ କରେନ୍ତି, ଉପହସିତ—4. Laughed at; scoffed at ସ. ବ. (ହସ୍ ଧାତୁ=ହସିବା+ଭାବ ତ) ୧ । ହାସ୍ୟ— 1. Laugh. [ଉ—ହସିତ ଛଥ ପ୍ରକାଶ; ହାସ୍ୟଚଳେ ଠୋଟ ଦେଖ] ୨ । ଅଳ୍ପମାତ୍ର ଦାନ୍ତ ଦେଖାଯିବା ହାସ୍ୟ ହସ—2. Laugh in which the teeth are partially seen. ୩ । ଉପହାସ—3. Ridicule; derision.

ହସିବା—ଦେ. କ୍ରି (ସ. ହସ ଧାତୁ)—୧ । ହାସ୍ୟ କରିବା; ମନର ଅଭିଳାଷ ମୁଖଭଙ୍ଗୀଦ୍ୱାରା ପ୍ରକାଶ କରିବା—1. To laugh. [ଉ—ଯୁଧିଷ୍ଠିର

Digitized by srujanika@gmail.com

[ହସଣ—ତାଡନା] ବଜା ଶବ୍ଦରେ ଦେଲେ ହସି—କୃଷ୍ଣସିଂହ ମନ୍ତ୍ର ଗ୍ରନ୍ଥ ସତ୍ତ] ୨। କୌଣସି ବ୍ୟକ୍ତିକୁ ଉପହାସ କରିବା —2. To laugh at a person. [ଉ—ଦୁଇଜଣ ଛାଣି କାଲକୁ ଯେ ହସେ, ହସି ସେ ତା ପଛେ ଅସି ଲୁଚ ଜସେ—ଗୁଧାନାଥ. ଦଟୋଉ] ୩। (ଫୁଲ) ପୂର୍ଣ୍ଣ ଫୁଟି ହେବା; ଫୁଟିବା - 3. To be full blown (said of flowers). ୪। (ଲକ୍ଷଣାର୍ଥ) ଉଜ୍ଜ୍ୱଳ ଦେଖାଯିବା; ଦୀପ୍ତି ପାଇବା—4. (figurative) To look bright; to shine. (ଦଥା—ଚୋବାଘରେ ପଡିବାରୁ ଏ ଲୁଗା ହସୁଛି) ୫। (ଲକ୍ଷଣାର୍ଥ) ଶୋଭାଯୁକ୍ତ ହେବା—5 (figurative) To be splendid. (ଉ—ହସିଲା ସୁନ୍ଦର ନଭ ତାରକା ଶୁଭ୍ରାଙ୍କିତ—ଗୋଲକ ଇନ୍ଦୁରେଖା) ୬। (ଲକ୍ଷଣାର୍ଥ) ଜଳନ୍ତା ଚୁଲି ଉପରେ ବସିଥିବା ପାତ୍ର ତଳିର ଜଳରେ ଲାଗିଥିବା ହାଣ୍ଡି ପୋର ଧୂଳିମାତ୍ର ଜଳି ଯାଇ ହେବା—6. (figurative) (said of an earthen pot to whose back particles of soot adhere) To be ignited at the bottom while, over fire.[ଯଥା—ହାଣ୍ଡି ହସୁଛି।] [ଦ୍ର - ସ୍ତ୍ରୀଲୋକମାନଙ୍କ ମଧ୍ୟରେ ଗୋଟିଏ ଲୌକିକ ବିଶ୍ୱାସ ପ୍ରଚଳିତ ଅଛି ଯେ, ଯେଉଁ ବ୍ୟକ୍ତିର ଘରେ ହାଣ୍ଡି ହସେ, ସେ ଘରବାରରେ ଶୀଘ୍ର ବିବାହାଦି ଦୈବିକ ମଙ୍ଗଳ କର୍ମ ହୁଏ। ଫଳତଃ ହାଣ୍ଡିର ତଳ ହାଣ୍ଡିଲାଭଳି ଛଡଳ ହୋଇ ଧୂଆ ହୋଇ ନ ଥିଲେ ସେହି ଜଳାରେ ଜଳି ଧରି ତାହା ଜଜଜଳ ଦଗେ] ୭। (ଲକ୍ଷଣାର୍ଥ) ପ୍ରଦୀପରେ ଜଳିବାରେ ମୂଲ ବା ଗୁଲ ଯୁକ୍ତ ହେବା—7. (figurative) (said of the wick of an oil lamp) To have blazing soots formed on the body of the wick. [ଉ—ଘର ହସିବାର ଦେଖାଗଲେ ସେହି ଦିନବାରରେ ଶୀଘ୍ର ମଙ୍ଗଳ ଉତ୍ସବ ହେବ ବୋଲି ସ୍ତ୍ରୀମାନେ ବିଶ୍ୱାସ କରନ୍ତି) (ଉ—ଅନ୍ତରରେ ଅନୁଭୂତ ଅନନ୍ତକୁ ମୂର୍ତ୍ତଭାବରେ ପ୍ରତିଭାତ କରିବାକୁ ହସିବା ଜଡବସ୍ତୁ ଏହା ଅସ୍ପଷ୍ଟାବ୍ୟ (ମୂକଜ ହସ) ଠାରୁ ଉଚ୍ଚହାସ୍ୟ (ହୋ ହୋ ହୋଇ ହସିବା) ପର୍ଯ୍ୟନ୍ତ ବିବିଧପ୍ରକାର ହାସ୍ୟ ଦ୍ୱାରା ପ୍ରକାଶିତ ହୁଏ ।]

ହସିଲ ହସିଲ—ବି. ବିଣ—ବରଡସ ଯୁକ୍ତ; ହସ ହସ; ଅସ୍ପଷ୍ଟାବ୍ୟ ଯୁକ୍ତ
Hasilā Hasilā —Smiling.
ହାସାହାସା ହସହସର
(ଉ—ହସିଲ ହସିଲ ହୋଇ ଉଜୁଲା ଅସିଲ—ଭଞ୍ଜ, ଦୋଷଦୁଷ୍ଟ ସ୍ୱଜଗ)

ହସି ହସି ନୋ(ଲୋ)ଟର କୋଟର ହେବା - ବି. କି—ଅତିଶୟ
Hasi basi no (lo)ṭara kotara hebā ଅନ୍ୟାରୂପ] ଅତ୍ୟନ୍ତ ବା ଅସମ୍ଭାଳ ହେବା—
ହସିହସି ଫେଡ଼ ଦରଜ ହେବା
ହସିହସି ଚନ୍ଦ୍ର ଚମତ୍କାର ଦିବା
ହସିହସି ଅଳ୍ପ ଛିଣ୍ଡିଯିବା
ହସିହସି ଗଡଗଡିବା—ଅନ୍ୟରୂପ
ହେସେ ହେସେ ପେଟ ଦରଜ ହଓୟା
हसहसकरनोटपोटहोना
To be beside one's self with fits of inordinate laughing.

ହସୁଆ - ବି. ବିଣ ପୁଂ—୧। ହସୁଡ (ଦେଶ)—1. Hasuṛa (See) Hasuṛā ୨। ଯେ ଅନ୍ୟ ଲୋକକୁ ହସାଇଥାରେ—2. One [ଉତ୍ତରପ, ହସେଇ—ସ୍ତ୍ରୀ] who provokes laughter
ହାସ୍ୟାମୋଦୀ ହସୋର in others.

ହସୁଡ—ବି. ବିଣ ପୁଂ—(ଭୁଲ, ଡାକୁଡ, ହସୁଡ, ଘାଡୁଡ ଇତ୍ୟାଦି) —
Hasuṛā ୧। (ପ୍ରଶଂସାର୍ଥ) ଅତ୍ୟନ୍ତ ହାସ୍ୟଜନକ; ଯେ ସବୁ । ହସ୍ୟାସ୍ପଦ;
[ହସୁଡ—ସ୍ତ୍ରୀ] ହେତୁରେତୁ; ଭେରେତା—1. Given to laugh-
[ବଡଘଡ—ଜାଡୁଡ] ing; addicted to laughing. ୨।
ହେସଡୋ ହାସ୍ୟଯୁକ୍ତ; ସହାସ୍ୟ—2. Smiling; laughing.
ହଂସୋର [ଦ—ଏହା ପ୍ରାୟ ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ହୋଇ ହାସ୍ୟର ପ୍ରକାର ବୁଝାଏ। ଯଥା—ଉରହସୁଡ, ଉଚ୍ଚିହସୁଡ]

ହସୁଡମୁହଁ—ବି. ବି—ସହାସ୍ୟ ମୁଖ; ସହସିତ ବଦନ—
Hasuṛā muhāṅ Smiling face,
ହାସିମୁଖ ହସମୁହ

ହସୁଡ ମୁହାଁ—ବି. ବିଣ. ପୁଂ—୧। ସହସିତବଦନଯୁକ୍ତ—1. Hav-
Hasuṛā muhāṅ ing a smiling face. ୨। ସରଷ
[ହସୁଡ(ଗ୍ଧ) ମୁହାଁ—ସ୍ତ୍ରୀ] ମୁହାଁ—2. Having a smiling
ହାସିମୁଖୀ ହସମୁହୀ or pleased exterior.

ହସ୍ତ—ସଂ. ବ—(ହସ ଧାତୁ=ହାସ୍ୟ କରିବା+କର୍ତ୍ତୁ. ତ, ପା. ହତ୍ତ)—
Hasta ୧। ହାତ; କବ୍ଜିଠାରୁ ଅଙ୍ଗୁଳିର ଅଗ ପର୍ଯ୍ୟନ୍ତ ଅଙ୍ଗ—
ସଂ. ପାଣି— 1. Hand [ଦ୍ର—କବ୍ଜିଠାରୁ ଅଙ୍ଗୁଳି
କର, ପାଣି, ଭୁଜ, ଅଗ ପର୍ଯ୍ୟନ୍ତ ଅଂଶକୁ ଏସ୍ତ ବୋଲୁଥା', କବ୍ଜିଣି
ପଞ୍ଚଶାଖ, ସମ, ଶପ୍ତ, ଠାରୁ କାନ୍ଧ ଉପର ପର୍ଯ୍ୟନ୍ତ ଅଂଶକୁ ବାହୁ
ଭୁଜାଦଣ୍ଡ, କର ବୋଲୁଥାଏ। କନ୍ଧୁ ଉଷାରେ ବାହୁଯୁକ୍ତ
ହସ୍ତକୁ ମଧ୍ୟ ହସ୍ତ ବୋଲି ବ୍ୟବହାର କରିଥାଏ] ୨। ହାତ
ଶୁଣ୍ଡ; ହାତୀର ଶୁଣ୍ଡ (ଏହା ହସ୍ତୀର ହାତପର କାମରେ ଲଗୁ ଥିବାରୁ; ହସ୍ତ ଥିବାରୁ ହସ୍ତୀର ନାମ ହସ୍ତୀ)—2. The trunk of an elephant. ୩। ୨୪ ଅଙ୍ଗୁଳ ପରିମିତ ଦୈର୍ଘ୍ୟ—3. A cubit; a unit of length; 24 fingers; about 1½ ft.[ଦ୍ର—ଅଠଗୋଟ ଯବଧାନର ଉଣ୍ଡୁଳ ଏକ ଅଙ୍ଗୁଳ ହୁଏ। ଏହିପର ୨୪ ଅଙ୍ଗୁଳ= =୧ ହାତ—ଇଥି ଜଉ ।] ୪। ହସ୍ତା ନକ୍ଷତ୍ର; ଜ୍ୟୋତିଷୋକ୍ତ ତ୍ରୟୋଦଶ ନକ୍ଷତ୍ର—4. The 13th asterism. ୫। ଗୁଚ୍ଛ (ଦେଶ ସକଳ ପରବର୍ତ୍ତୀ ଦେଲେ)-
5. Tuft (f hair).

ହସ୍ତକ—ବି. ବ—୧। କାଠ କରିବା ସମୟରେ ହସ୍ତାକର ଦଉଡିର
Hastaka କାଠୁଆ ଦ୍ୱାରା ଗାଁଠର ଉପରୁଭାଗ—
ହାବଭାବ ବତାନ 1. Mode of expressing the purport of a song by figures made with the hands by a dancer. (ଉ—ମୁଦ୍ରାଭଙ୍ଗୀ ଓ ହସ୍ତରୁ ମନୁଷ୍ୟଜଳର ଯଜ ଯଜ

Digitized by srujanika@gmail.com

ହବସ୍ତା ସୁନର ବୁଝାପଡ଼ୁଛ—କୃଗାଦିକ୍ ଉହ୍ଲଳ ଭଉବାର ।) ୨ । ହାତ—2. Hand. (ଜ୍ର – କାହା ହସ୍ତକ ହସ୍ତଚ୍ଛଳ, ଭଲେଖନମାନଙ୍କ ଧର୍ – ସାନକୃଷ୍ଣ ରଥକଲ୍ଲୋଳ ।)

ହସ୍ତ କଣ୍ଡୁ—ଦେ. ବ (ଲକ୍ଷଣାର୍ଥ)—ବାଞ୍ଛା କରିବା ଯାଇଁ ବା ଲେଖିବା Hasta kardu ଯାଇଁ ମ ରେ ଜାତ ଅତ୍ୟଧିକ ଉତ୍କଣ୍ଠା- ହସ୍ତକଣ୍ଡୁ, ହାତନିସ୍‌ପିସ୍ हस्तकंडु Inordinate desire for the exercise or use of one's hand; (metaphorically) an itching felt in one's hands

ହସ୍ତକତ—ବ ବଣ. ପୁଂ (ହସ୍ତତ+ସ୍ୱାର୍ଥେ ଇତ)-ହସ୍ତଯୁକ୍ତ (ବଶଦୋଷ) Hastakita Having hand or hands. (ହସ୍ତକତା—ସ୍ତ୍ରୀ)

ହସ୍ତ କଣ୍ଡୂୟନ—ସ ବ (୬ଷ୍ଠୀ ତତ୍; ହସ୍ତ+କଣ୍ଡୂୟନ)—୧। ହାତ ଚଲ୍ଲ କରିବା—1. Itching of the hands. ୨ । ହାତକୁ କୁଣ୍ଡେଇବା— 2. Scratching of the itching hands. Hasta kaṇḍūyana

ହସ୍ତ କୁଶଳ—ସ ବଣ. ପୁଂ (୬ମୀ ତତ୍; ହସ୍ତ+କୁଶଳ)—ହସ୍ତ- ଗୁଳନରେ ଦକ୍ଷ—Skilful in the use of one's hands; dexterous in handicrafts. Hasta kuśala (ହସ୍ତକୁଶଳତା—ସ୍ତ୍ରୀ) ହସ୍ତକୁଶଳତା, ହସ୍ତକୌଶଳ } —ବ

ହସ୍ତକୃତ—ବ ବଣ (୩ୟା ତତ୍; ହସ୍ତ+କୃତ)—୧ । ହସ୍ତଦ୍ୱାରା କର ଯାଇଥିବା – 1. Manufactured; made with the hands; being the handiwork of. ୨ । ହସ୍ତଗତ (ଦେଖ)— 2. Hastagata (See) Hastakṛuta

ହସ୍ତକ୍ଷେପ(କ୍ଷେପଣ)—ସଂ ବ (୬ଷ୍ଠୀ ତତ୍)—୧ । କୌଣସି କାର୍ଯ୍ୟରେ ହାତ ଦେବା; କାର୍ଯ୍ୟକୁ ଆରମ୍ଭ କରିବା—1. Doing of any work; taking of a work in hand; undertaking to do a work. ୨। (ଲକ୍ଷଣାର୍ଥେ) ଅନ୍ୟ କୃତ କାର୍ଯ୍ୟରେ ବାଧା ଚଳାଇବା; ଅନ୍ୟ କୃତ କାର୍ଯ୍ୟର ତତ୍ତ୍ୱା କରିବା— 2. Interference with the work done by another. Hastakshepa(kshepaṇa)

ହସ୍ତଗ—ସଂ ବଣ (ହସ୍ତ+ଗମ ଧାତୁ+ଡ଼ିଅ ଅ)—ହସ୍ତଗତ (ଦେଖ)— Hastaga Hastagata (See)

ହସ୍ତ ଗଣ୍ଠି—ଦେ. ବ (ସଂ ହସ୍ତ ଓ ଗ୍ରନ୍ଥି)—ହସ୍ତଗ୍ରନ୍ଥି (ଦେଖ)— Hasta gaṇṭhi Hastagranthi (See) ହାତଗାଣ୍ଠି हस्तग्रंथि

ହସ୍ତଗତ—ସଂ ବଣ (୬ଷ୍ଠୀ ତତ୍; ହସ୍ତ+ଗତ)—୧ । ଅଧୀନରେ ଆସିଥିବା Hastagata ଅଧିକାରକୁ ଆସିଥିବା—1. Brought under one's control. ୨ । ଅଧିକୃତ—2. Possessed; taken possession of. ୩ । ଅଧିକାରରେ ଆସି- 3. Come into one's possession. ୪ । ହସ୍ତରେ ଆସି—4. Got into one's hands. ୫ । ଆସି— 5 Received. ୬ । (ଲକ୍ଷଣାର୍ଥେ) ବଶୀଭୂତ; ଟଙ୍କାର କଥା ଖାଇଥିବା—6 (figurative) Suborned; gained over. (ଯଥା—ଅଥରଣକାର ସାକ୍ଷୀକୁ ହସ୍ତଗତ କରିବା ।)

ହସ୍ତଗିର୍—ବିବେ. ବଣ (ଅ)—ହସ୍ତଶିଳ୍ପରେ— Hastagir Dexterous in handicraft. ହସ୍ତଗିର हस्तकुशल

ହସ୍ତ ଗ୍ରନ୍ଥି—ସଂ ବ (ହସ୍ତ+ଗ୍ରନ୍ଥି)—ବୈବାହିକାଦିରେ ବରକନ୍ୟାର ଓ Hasta granthi କନ୍ୟାକର ଦୁଇ ହାତକୁ ଏକତ୍ର ବନ୍ଧନ କରିଥିବା ଯାଇଁ ଦଆଯିବା କୁଶଗଣ୍ଠି—Knot made of Kuśa grass by which the hands of the bride and bridegroom are tied on the marriage altar.

ହସ୍ତ ଗ୍ରହ(ଗ୍ରହଣ) –ସଂ ବ (୬ଷ୍ଠୀ ତତ୍)—ଅନ୍ୟର ହସ୍ତକୁ ଧରିବା (ବଶଦୋଷ)—Holding of the hand of another. Hasta graha(grahaṇa)

ହସ୍ତ ଗ୍ରାହ୍ୟ—ସଂ ବଣ (୩ୟା ତତ, ହସ୍ତ+ଗ୍ରାହ୍ୟ)—ହସ୍ତ ଦ୍ୱାରା ଗ୍ରହଣୀୟ—Fit to be taken by the hands. Hasta grāhya

ହସ୍ତ ଚାଳନା(ନା)—ସ ବ [୬ଷ୍ଠୀ ତତ୍; ହସ୍ତ+ଚାଳନା(ନା)]—୧। Hasta chāl na[nā] ହାତକୁ ଏଣେତେଣେ ଚଲାଇବା— 1. Moving of the hands. ୨। ହସ୍ତର ବ୍ୟାୟାମ— 2. Exercise of the hands.

ହସ୍ତ ଚ୍ୟୁତ—ସ ବଣ (୫ମୀ ତତ୍; ହସ୍ତ+ଚ୍ୟୁତ)—୧। ହସ୍ତରୁ ଚ୍ୟୁତ; Hasta chyuta ହସ୍ତରୁ ଚ୍ୟୁତ—1. Slipped out of one's hands. ୨ । (ଲକ୍ଷଣାର୍ଥ) ଅଧିକାରଚ୍ୟୁତ 2. [figurative] Slipped out of one's control.

ହସ୍ତଜ୍ୟୋଡ଼ି—ସ ବ (ବୈଦ୍ୟକ)—ଜରଜ୍ୟୋତିଷ୍ମତୀ—Name of a Hastajyordi plant. [ଦ୍ର – ଏହା ମହାଜଦ କରଯୋଡ़ା हाताजुड़ी ଖାଇବଶେଷ ବହା ରଥବତ ଓ ବଶକାରକ—ଗୁଜନଦର୍ଦ୍ଧା ।]

ହସ୍ତ ତାଳ—ସ ବ (ହସ୍ତତତ୍ ତାଲ; ସ. ଷ; ତତ୍)—ତରତାଳ— Hasta tāla Clapping.

ହସ୍ତତ୍ର—ସ.ବ (ହସ୍ତ+ତ୍ରୈ ଧାତୁ=ରକ୍ଷା କରିବା+କର୍ତ୍ତୃ.ଟ)—ହସ୍ତାବରଣ; Hastatra ତରବାଣ—A protector for the hand; glove.

ହସ୍ତ ଦକ୍ଷିଣ—ସ. ବଣ. ପୁଂ—ଦକ୍ଷିଣହସ୍ତ ଯୁକ୍ତ (ବଶଦୋଷ)— Hasta dakshina Having the right hand. (ହସ୍ତ ଦକ୍ଷିଣା—ସ୍ତ୍ରୀ)

ହସ୍ତ ଦୀପ (ପ୍ରଦୀପ)—ସ. ବ—(ସ. ଷ. ତତ୍, ହସ୍ତଧୃତ ଦୀପ)-ହାତରେ Hasta dīpa(pradipa) ଧରିବା ଦୀପ—Hand-lamp.

ହସ୍ତ ଧାରଣ—ସ. ବ—(୬ଷ୍ଠୀତତ୍ ; ହସ୍ତ+ଧାରଣ)—୧। ହାତ ଧରିବା; Hasta dhāraṇa କର ଗ୍ରହଣ; ଅଙ୍ଗୀକର କର ଧରିବା—1.

Digitized by srujanika@gmail.com

Holding the hands of another person. ୨। ମାରଣୋଦ୍ୟତ ବ୍ୟକ୍ତିର ହାତ ଧରି ଥକାଇ ତାହା ନିବାରଣ କରିବା—2. Preventig a person who is about to strike, by holding his hands.

ହସ୍ତ ନୈପୁଣ୍ୟ—ସଂ. ବ—(ଚତୁଷ୍ପଦ୍, ହସ୍ତ+ନୈପୁଣ)—୧। ହସ୍ତ Hasta naipunya ଚାଳନରେ ଦକ୍ଷତା; ହସ୍ତ ଲାଘବ—1. Dexterity in the use of the hands. ୨। ହାତର କାରିଗିରି—2. Skill or dexterity in handicraft; craftn anship.

ହସ୍ତ ପତ୍ର—ଦେ. ବ—(ଅଧୁନିକ ପ୍ରସ୍ତାବ, ଇଂରେଜରୁ ଅନୁବାଦ)—Hasta patra ହାଣ୍ଡବିଲ୍ (ଦେଖ)—Hāṇḍbil (See).

ହାଣ୍ଡବିଲ ହସ୍ତପତ୍ର

ହସ୍ତ ପଦ୍ମ—ଦେ. ବ—(ବର୍ତ୍ତିଆ ଶବ୍ଦ)—ରତ୍ନଚୁଡ଼ା (ଦେଖ)—Hasta padma Ratnachurḍā (See).

ହସ୍ତ ପୁଚ୍ଛ—ସ. ବ—ହସ୍ତାବୟବ ବିଶେଷ; କୋରକାକୃତ ହସ୍ତର ଅଙ୍ଗୁଳୀଗଣ—The fingers of the (ଅନ୍ୟ ସ. କାମ—କଲ୍ପିତ) hand contracted into the shape of a bud.

ହାତର ପୋଛା

ହସ୍ତ ପୃଷ୍ଠ—ସ. ବ—(ଚତୁଷ୍ପଦ୍)—ହାତ ପାପୁଲି; କରତଳର ପିଠିଘାଏ Hasta prushṭha The back of the palm.

ହସ୍ତ ପ୍ରସାରଣ—ସ. ବ—(ଚତୁଷ୍ପଦ୍; ହସ୍ତ+ପ୍ରସାରଣ)—ହାତକୁ ମେଲାଇବା; ହସ୍ତଦ୍ୱୟ ସ୍ତମ୍ଭିତ କରଣ—The extending of the hands. Hasta prasāraṇa

ହସ୍ତ ପ୍ରାପ୍ତ—ସ. ବିଣ—(ତତ୍ପୀତତ୍)—ହସ୍ତଗତ (ଦେଖ)—Hasta prāpta Hasagata (See).

ହସ୍ତପ୍ରାପ୍ୟ—ସ୍ତ୍ରୀ ବିଣ (ଜ୍ୟାତତ) ହସ୍ତଦ୍ୱାରା ପ୍ରାପଣୀୟ; ହାତ ଯାଥୁଆ—Hasta prāpya Attainable by the hands.

ହସ୍ତବଳୟ—ସ. ବ—ହାତରେ ପିନ୍ଧାଯିବା ଗହଣା—Hasta balaya ବାଳା ବାଜା Bracelet.

ହସ୍ତ ବଲା—ଦେ. ବ ଓ ବିଣ—ହାତତଳା; ଗୋଟିଏ ଦ୍ରବ୍ୟ ଗଢ଼ିବ ପୂର୍ବରୁ ହସ୍ତକୌଶଳର ପରୀକ୍ଷା କରିବା ପାଇଁ କାରିଗର ପ୍ରଥମେ ଯେଉଁ ବସ୍ତୁକୁ ଗଢ଼େ—A sample which an artist makes as a trial before preparing the actual article. [ଦୃ—ଡୋଳେ ଅଗ ଗଢ଼ିବ ବୋଲ କୁଶଦ୍ୱୀ, ହସ୍ତବଲା କରି ଗଢ଼ିଲ ଅପସର କୁମ୍ଭୀ ଦ୍ୱ ମହାଭାରତ।

ହସ୍ତ ବଳିବା—ଦେ. କ୍ରି—ହାତବଳିବା (ଦେଖ—Hasta balibā Hāta balibā (See)

ହସ୍ତ ବଲ୍ଲରୀ—ସ ବ—(ତତ୍ପୀତତ୍; ହସ୍ତ+ବଲ୍ଲରୀ)—ଅଙ୍ଗୁଠି—Finger. Hasta ballari (ଦୃ—ଚାହା ହସ୍ତକ ହସ୍ତବଲ୍ଲରୀ, କରସଞ୍ଜନ-ମାନକୁ ଦେଇ—ଘାଟକୁଣ୍ଡ, ରସକଲ୍ଲୋଳ)।

ହସ୍ତବାନ୍—ସ ବିଣ ପୁଂ—(ହସ୍ତବତ୍; ହସ୍ତ+ଅର୍ଥେ ମତ୍ୱର୍ଥ ବତ୍)—୧ Hastabān ହାତଥାଇ ହାତ ଅଛୁ—1. Having hands. ୨। (ହସ୍ତବତ୍—ସ୍ତ୍ରୀ) ଲଘୁହସ୍ତ—2. Skiful in the use of the hands; dexterous. ସ. ବ—ବଞ୍ଚକ; ଦ୍ୟୁତକର (ଜୁଆଡୋଷ) A cheat; a gambler.

ହସ୍ତ ବାମ—ସ. ବିଣ. ପୁଂ—ବାମହସ୍ତ ଯୁକ୍ତ (ବ୍ୟକ୍ତିଙ୍କୋଷ)—Hasta bāma Having the left hand. (ହସ୍ତବାମା—ସ୍ତ୍ରୀ)

ହସ୍ତ ବାରଣ—ସଂ.ବ—(ଜ୍ୟାତତ; ହସ୍ତ=ହାତ+ବାରଣ=ନିବାରଣ Hasta bāraṇa —୧। କର ଚାଳନଦ୍ୱାରା ନିଷେଧନ; କିରଦ୍ୱାରା ନିବାରଣରୂପ ସଙ୍କେତ—1 A sign made by the hands indicating to a person to desist. ୨। ମାରଣୋଦ୍ୟତ ବ୍ୟକ୍ତିକୁ ହାତଦ୍ୱାରା ବାଧା ପ୍ରଦାନ—2. Preventing a person by the hands from striking.

ହସ୍ତ ବିମ୍ବ—ସଂ. ବ—(ହସ୍ତ+ବିମ୍ବ)—୧। ପ୍ରତିଫଳ; ଚକ୍ଷୁରାଦିଦ୍ୱାରା Hasta bimba ଦେହର ଉଲେଖନ ବିଶେଷ। ଗନ୍ଧଦ୍ରବ୍ୟ ଚୂର୍ଣ୍ଣ ବିଶେଷ। (ଶବ୍ଦକଳ୍ପଦ୍ରୁମ)—1. A sort of toilet powder or paste ୨। କରର ପ୍ରତିବିମ୍ବ—2. The reflection or image of the hands.

ହସ୍ତବୁଜ(ଦି, ଜି ବି)—ଦେ. ବ—(ଫା. ହସ୍ତ=ବର୍ତ୍ତମାନତା+ବୁଜ୍=ଅଙ୍କତ)—୧। ବର୍ତ୍ତମାନର ଓ ଅତୀତର ହିସାବ—1. Account of the past and present. ୨। ହସ୍ତବୁଜ ଆଦାୟ ହେବା ସ୍ଥାୟୀ ଜମା—2. Realisable fixed rental. ୩। ଜମିଦାରୀର ମୋଟ ଅୟ—3. The total income of a zamindary. ବିଣ—ଯେଉଁ ଜମିଦାରୀରେ ଜମିଦାର ପ୍ରଜାମାନଙ୍କଠାରୁ ମଧ୍ୟସ୍ୱତ୍ୱାଧିକାରୀ (ଯଥା—ମକଦମ, ସରବରାକାର)ଙ୍କ ଦ୍ୱାରାରେ ଖଜଣା ଅଦାୟ ନ କରି ନିଜେ ବା ଗୁମାସ୍ତାଦ୍ୱାରା ପ୍ରଜାଙ୍କଠାରୁ ଖଜଣା ଅଦାୟ କରନ୍ତି—(a zemindari) Which is in the khas possession of the superior landlord, as distinguished from that of which he is in possession through tenure holders or Sarbarakars.

ହସ୍ତବୁଜ(ଜି ବି) ଜମିଦାରୀ (ମାହାଲ)—ଦେ. ବ—ଯେଉଁ ଜମିଦାରୀରେ ହସ୍ତବୁଜ ମହଲ ସରବରାକାର ନ ଥାଇ ନିଜେ ଜମିଦାର ବା ତାଙ୍କ ହସ୍ତବୁଜ ଜମିନଦାରୀ ଦ୍ୱାରେ ଜମିଦାର ପ୍ରଜାଙ୍କଠାରୁ ଖଜଣା ଅଦାୟ କରନ୍ତି—The zemindari of which the Zamindar realises rent direct from the rayats and not through middlemen.

ହସ୍ତ ମୈଥୁନ—ସଂ ବ—(ହସ୍ତ+ମୈଥୁନ)—ହସ୍ତ ଦ୍ୱାରା ଲିଙ୍ଗଚାଳନ Hasta maithuna ହସ୍ତକ ରେତଃ ସାଳନ—Masterbation.

ହସ୍ତଯନ୍ତ୍ର—ସଂ ବ (ସ. ଷ. ତତ୍ପୁ, ହସ୍ତଚାଳିତ ଯନ୍ତ୍ର, ହସ୍ତ+ଯନ୍ତ୍ର)—Hasa jantra ହସ୍ତଦ୍ୱାରା ବ୍ୟବହୃତ ପୂର୍ବକାଳର ଯୁଦ୍ଧାସ୍ତ୍ରବିଶେଷ—An ancient weapon of war used by the hand. [ଜ—ଏଉଥ ହସ୍ତଯନ୍ତ୍ର ଭୂଶଣ୍ଡୀ ମୁଖଜ—ହସ୍ତସିଂହ ମହାଭାରତ ବଳ।]

Digitized by srujanika@gmail.com

ହସ୍ତରେ—ଦେ ଅ—ହସ୍ତେ (ଦେଖ)—
Hastare ହାତେ हाथमें Haste (See).

ହସ୍ତ ରେଖା—ସଂ. ବ—(ମ. ଷ. ତତ୍ପୁ. ହସ୍ତ+ରେଖା)—କରତଳରେ
Hasta rekhā ଦେଖାଯିବା ଶୁଭାଶୁଭଜ୍ଞାପକ ରେଖାମାନ—The lines seen on the palm and utilised in palmistry in foretelling the future of a person.

ହସ୍ତ ଲଘୁତା(ଲଘବ)—ସଂ, ବ—(ଷଷ୍ଠୀତତ୍ପୁ; ହସ୍ତ+ଲଘୁତା)—ହସ୍ତ-
Hasta laghutā (lāghaba) ଚାଳନରେ ଦକ୍ଷତା ବା ନୈପୁଣ୍ୟ—Dexterity or skill in the exercise or use of one's hands.

ହସ୍ତ ଲିଖିତ—ସଂ. ବଣ—(ଷଷ୍ଠୀତତ୍ପୁ, ହସ୍ତ+ଲିଖିତ)—ହାତଦ୍ୱାରା
Hasta likhita ଲେଖାଯାଇଥିବା—In the handwriting (ବହୁବ୍ରୀ—ମୁଦ୍ରିତ) of; written by.

ହସ୍ତଲିଖିତ ପୁସ୍ତକ—ସଂ ବ—(ହସ୍ତ+ଲିଖିତ+ପୁସ୍ତକ)—ହାତଲେଖା।
Hastalikhita pustaka ବହି—Manuscript book.

ହସ୍ତ ଲିଖିତ ପୋଥି—ଦେ. ବ—(ସଂ ହସ୍ତଲିଖିତ+ଓ. ପୋଥି)—ହାତ-
Hastalikhita pothi ଲେଖା ତାଳପତ୍ର ପୁସ୍ତକ—Palm हस्तलिखित पुस्तक leaf munuscript.

ହସ୍ତ ଲିପି(ଲେଖ)—ସଂ ବ—(ଷଷ୍ଠୀତତ୍ପୁ,ହସ୍ତ+ଲିପି)—୧। ହସ୍ତାକ୍ଷର;
Hasta lipi (lekha) ହାତଲେଖା—1. Handwriting. ୨। କୌଣସି ବ୍ୟକ୍ତିଙ୍କ ହାତଦ୍ୱାରା ଲେଖା ହୋଇଥିବା ଚିଠି ବା ଚିଠି—2. A writing or document written by a person. ୩। ହାତ ସୁଧାରିବାପାଇଁ ତାଳପତ୍ରରେ ଓ କାଗଜରେ ଅଭ୍ୟାସ କରି ଲେଖାଯିବା ଲେଖା —3. Writing written for handwriting exercise. ଚେ ବ—ଛପାଖାନାକୁ ପଠାଯିବା ହାତ-
ହସ୍ତଲିପି ଲେଖା ପୁସ୍ତକ ବା କାଗଜ;କପି—Manuscript sent କାପି to the press for being printed.

ହସ୍ତ ସିଦ୍ଧି—ସଂ ବ—(ହସ୍ତ+ସିଦ୍ଧି)—୧। କରଦ୍ୱାରା ସାଧନ—1,
Hasta siddhi Doing a thing with the hands. ୨। ହସ୍ତ ନୈପୁଣ୍ୟ (ଦେଖ)—2. Hasta naipuṇya (See). ୩। ଦରମା; ମୂଲ—3. Salary; wages.

ହସ୍ତ ସୂତ୍ର—ସଂ ବ—(ଷଷ୍ଠୀତତ୍, ହସ୍ତ+ସୂତ୍ର)—୧। ବଳୟ; ହାତଖଡ଼ୁ
Hasta sūtra (ହେମଚନ୍ଦ୍ର)—1. Bracelet. ୨। କୌତୁକ-
ସୂତ୍ର;ବାହାଘରସମୟରେ ବରଙ୍କ ଓ କନ୍ୟାଙ୍କ ହାତରେ ବନ୍ଧାଯିବା ସୂତ୍ର; ମଙ୍ଗଳ ସୂତ୍ର—2 A thread worn on the wrist by the bride and bridegroom during marriage. [ଦ୍ର—ବିବାହ ସଂସ୍କାରରେ ମଙ୍ଗଳାର୍ଥ ଏହି ସୂତ୍ର ବରକନ୍ୟାଙ୍କର ଯଥାକ୍ରମେ ଦକ୍ଷିଣ ଓ ବାମ ହସ୍ତରେ ବାନ୍ଧିବାକୁ ହୁଏ । ନାଡୀମୁଖ ଶ୍ରାଦ୍ଧ ହୁଏ ଗଙ୍ଗାସ୍ନାନ କରି ୩ ଜଣ ସଧବା ସ୍ତ୍ରୀଲୋକ ବରଙ୍କର ଓ କନ୍ୟାଙ୍କର ମସ୍ତକକୁ ବସ୍ତ୍ରାଚ୍ଛାଦନ କରି ମସ୍ତକରେ ଅଉଅଡ ସତା(ଅବଳାହୁତା କନ୍ୟାଙ୍କ ଦ୍ୱାରା କଟା ହୋଇଥିବା ସୂତା) ୩, ୫ ବା ୭ ଖିଅ ବେଷ୍ଟନ କରନ୍ତି । ଉକ୍ତ ବେଷ୍ଟିତ ସୂତାକୁ ବରଙ୍କ ଓ କନ୍ୟାଙ୍କର ଯାଦ ବାଣ୍ଟେ ଗଲାଇଥଣି ତାକୁ ଡଲଘା ଦ୍ୱାରା ଉଜ୍ଜିତ କରନ୍ତି । ପରେ ଏହି ସୂତ୍ରକୁ ବରଙ୍କ ଡାହାଣ ହାତରେ ଓ କନ୍ୟାଙ୍କ ବାମ ହାତରେ ବେଗ୍ୱଏ ଦୁବ ସହିତ ବାନ୍ଧି ଦିଅନ୍ତି । ଏହି ହସ୍ତସୂତ୍ର ମାଙ୍ଗଳିକ ଦ୍ରବ୍ୟ ଅଟେ । ସାଉମଙ୍ଗଳା ଘରେ ଏ ହସ୍ତ ସୂତ୍ର ହାତରୁ କାଢ଼ି ଦିଅନାଏ—ବଣ୍ଟୋଷ।

ହସ୍ତ ହୋମ—ସ.ମ —(ଷଷ୍ଠୀ ତତ୍)—ସ୍ରୁବ ସରବତ୍ତେ ହାତଦ୍ୱାରା ଅଗ୍ନିରେ
Hasta homa ଘୃତାହୁତିଦାନ—Offering of ghee unto the Homa-fire with the hands of instead with a wooden spoon.

ହସ୍ତା—ସ ବ—[ହସ୍ତ+ସ୍ତ୍ରୀ ଆ]—ଜ୍ୟୋତିଷୋକ୍ତ ୨୭ ନକ୍ଷତ୍ର ମଧ୍ୟରୁ
Hastā ତ୍ରୟୋଦଶ ନକ୍ଷତ୍ର—The thirteenth asterism. [ଦ୍ର—ଏହା ହସ୍ତାକୃତି ଓ ଅଷ୍ଟତାରାବିଶିଷ୍ଟ । ଏହାର ଅଧିଦେବତା ସୂର୍ଯ୍ୟ । ଏ ନକ୍ଷତ୍ରରେ ଜନ୍ମିବା ମନୁଷ୍ୟ ଦାତା, ଯଶସ୍ୱୀ, ଧନସ୍ୱୀ, ଦେବବ୍ରାହ୍ମଣ ପୂଜକ, ସମଉଚ୍ଚାଳୀ ଓ ମାଉଜ୍ଜ ହୁଏ—କୋଷ୍ଠୀପ୍ରଦୀପ । ନକ୍ଷତ୍ର ଚକ୍ରରେ ଦେଖ ।]

ହସ୍ତାଏକ୍—ପ୍ରାଦେ (ସମ୍ବଲପୁର) ବ—ଦଂଷଗୁଳ ପକ୍ଷୀ—
Hastāek Grey laggoose.

ହସ୍ତାକ୍ଷର—ସ ବ—[ମ. ତ. ଷ୍ଟେ. ହସ୍ତ ଲିଖିତ ଅକ୍ଷର]—୧।
Hastākshara କୌଣସି ବ୍ୟକ୍ତିଙ୍କ ହାତଲେଖା—
1. Handwriting of a person. ୨। ସ୍ୱହସ୍ତଦ୍ୱାରା ଲିଖିତ ଅକ୍ଷର—2. One's own handwriting. ଦେ. ବ—ହାତଲେଖାକୁ ସୁନ୍ଦର କରିବାକୁ ଅଭ୍ୟାସ କରିଯିବା ପାଇଁ ପୁନଃ ପୁନଃ ଲେଖାଯିବା ଅଙ୍କତ—
Handwriting exercise.

ହସ୍ତାକ୍ଷର ପଦ୍ଧତି(ରୀତି)—ସ ବ (ଷଷ୍ଠୀ ତତ୍; ହସ୍ତାକ୍ଷର+ପଦ୍ଧତି)—
Hastākshara paddhati(rīti) ପ୍ରତ୍ୟେକ ବ୍ୟକ୍ତିଙ୍କର ହସ୍ତାକ୍ଷର ଲେଖିବାର ସ୍ୱତନ୍ତ୍ର ଢଙ୍ଗ ସଦ୍ଧ୍ୟାରୁ ତାହା। ଅନ୍ୟ ବ୍ୟକ୍ତିଙ୍କ ଲେଖାଠାରୁ ବାରି ହୋଇପଡ଼େ)—Peculiarity or mode of one's handwriting.

ହସ୍ତାଙ୍ଗୁଳ—ସ ବ (ଷଷ୍ଠୀ ତତ, ହସ୍ତ+ଅଙ୍ଗୁଳ)—କରାଙ୍ଗୁଳ; ହାତର
Hastāṅguli ଆଙ୍ଗୁଠି—The fingers of the hand.

ହସ୍ତାନା—ଦେ. ବ—(ଫା. ଦସ୍ତାନହ୍)—ହସ୍ତାନା—
Hastānā Gloves.
दस्ताना दस्ताना

ହସ୍ତାନ୍ତର—ସ ବ (କର୍ମଧା,ଅନ୍ୟ+ହସ୍ତ)—୧। ଅନ୍ୟ ବ୍ୟକ୍ତର ହାତ—
Hastāntara 1. Another person's hand. ୨। ଅନ୍ୟ ବ୍ୟକ୍ତର ଅଧିକାର—2. The possession of another person. ୩। ବିକ୍ରୟ ଓ ଦାନାଦି ଦ୍ୱାରା ସମ୍ପତ୍ତିର ଅଧିକାର ପରିବର୍ତ୍ତନ—3. Transfer of

Digitized by srujanika@gmail.com

property by sale, gift etc. ଦେ. ବଣ— ହସ୍ତାନ୍ତରିତ (ଦେଖ)—Hastāntarita (See)

ହସ୍ତାନ୍ତର ଆଇନ୍—ଦେ. ବ (ତତ୍ପୁ) (ହସ୍ତାନ୍ତର+ଆଇନ୍)—ସମ୍ପତ୍ତି Hastāntara āin ହସ୍ତାନ୍ତର ସମ୍ବନ୍ଧୀୟ ବଧି, ପ୍ରଥା ଓ ବିବାଦ ହସ୍ତାନ୍ତର ଆଇନ हस्तान्तर कानून ଯେଉଁ ଆଇନ୍ ଦ୍ୱାରା ନଗଦ ହୁଏ—The Transfer of Property Act, [ଦ୍ର—ବର୍ତ୍ତମାନ ପ୍ରଚଳିତ ସମ୍ପତ୍ତି ହସ୍ତାନ୍ତର ସମ୍ବନ୍ଧେ ୧୮୮୨ ସାଲରେ ପ୍ରଚଳିତ ୪ ଆଇନ୍ ଚଳୁଅଛି ।]

ହସ୍ତାନ୍ତର କରିବା—ଦେ. କ୍ରି—(ତତ୍ପୁ) ସମ୍ପତ୍ତିକୁ ବିକି, ଦାନ ବା Hastāntara karibā ପଟ୍ଟା ଦ୍ୱାରା ଅନ୍ୟ ବ୍ୟକ୍ତିର ଅଧିକାରକୁ ହସ୍ତାନ୍ତର କରା हस्तान्तर करना ଦେବା—To transfer a property (by sale, gift, lease etc.)

ହସ୍ତାନ୍ତର ଯୋଗ୍ୟ—ଦେ.ବଣ (ତତ୍ପୁ)—ଯେଉଁ ସମ୍ପତ୍ତି ବା ସ୍ୱତ୍ୱ Hastāntara jogya ଆଇନ୍ ଅନୁସାରେ ହସ୍ତାନ୍ତରିତ ହେବା ହସ୍ତାନ୍ତର ଯୋଗ୍ୟ हस्तान्तरयोग्य ଯାଇପାରେ—Transferable (property or right).

ହସ୍ତାନ୍ତରିତ—ବି. ବଣ—[ହସ୍ତାନ୍ତର+ଇତ]—୧। ଅପରର ଅଧିକାରକୁ Hastāntarita ପ୍ରଦତ୍ତ (ସମ୍ପତ୍ତି)—1. (property) Transferred to another. ୨। ଅନ୍ୟର ହସ୍ତଗତ; ସ୍ୱତ୍ୱଚ୍ୟୁତ ଅବସ୍ଥାପ୍ରାପ୍ତ—2. Gone over to the possession of another.

ହସ୍ତାବରଣ—ବି.ନ—[ଷଷ୍ଠୀତତ୍ ହସ୍ତ+ଆବରଣ]—୧। ଦସ୍ତାନା—1. Hastābaraṇa Gloves. ୨। ହାତକୁ ରକ୍ଷା କରିବା ପାଇଁ ଚିକ୍କାସିରା ଦୃଢ଼ ଦସ୍ତାନା—2. Mailed glove.

ହସ୍ତାବର୍ତ୍ତନ—ସଂ ବ [ଶ୍ୟା ତତ୍; ହସ୍ତ+ଆବର୍ତ୍ତନ)—୧। ହାତ Hastābarttana ଦ୍ୱାରା ଆଲୋଡ଼ନ ବା ଘାଣ୍ଟିବା— 1. Agitating or shaking with the hands. ୨। ହାତ ଘୁରାଇବା; ହସ୍ତଘୂର୍ଣ୍ଣନ; ହାତକୁ ବୁଲାଇବା— 2. Swinging round of the hands; moving one's hands in circles. ୩। ହାତ ଦ୍ୱାରା ସ୍ପର୍ଶ— 3. Touching with the hands. ୪। ହାତ ଝୁଲାଇବା—4, Hanging down one's hands.

ହସ୍ତାବଲମ୍ବନ—ସଂ ବ—[ଷଷ୍ଠୀ ତତ୍, ହସ୍ତ+ଅବଲମ୍ବନ]— Hastābalambana ୧। ହସ୍ତ ଗ୍ରହଣ; ଅନ୍ୟର ହାତକୁ [ହସ୍ତାବଲମ୍ବ—ଅନ୍ୟରୂପ] ଧରିବା—1. Holding the hand of another. ୨। କୌଣସି କାର୍ଯ୍ୟ ଭଲରେ ସାହାଯ୍ୟ ଲାଭ କରିବା ପାଇଁ ଅନ୍ୟର ହାତକୁ ଧରିବା—2. Holding the hand of another as a help for doing a thing.

ହସ୍ତାବାପ—ସଂ. ବ—[ଷଷ୍ଠୀ ତତ୍, ହସ୍ତ+ଅବାପ]—ଧନ ସାରିବା Hastābāpa ଯୋଦ୍ଧାଙ୍କ ଅଙ୍ଗୁଠିକୁ ରକ୍ଷା କରିବା ପାଇଁ ବ୍ୟବହୃତ ଚମଡ଼ାର ଖୋଲ—A leathern cap used on the fingers by an archer. [ବ—ଧନୁ ହସ୍ତାବାପ ଯେ ଦୁହିଁକି କାଟିଲେ, ଦୁଇ ପାର୍ଶ୍ୱି ସାରଥିଙ୍କର ପ୍ରାଣ ନେଲେ—କୃଷ୍ଣସିଂହ ସତ୍ୟାଶ୍ରୟଙ୍କ ଦ୍ରୋଣ] ସଂ ବଣ—ହସ୍ତ ଦ୍ୱାରା ଜଗଡ଼ିତ (ଶବ୍ଦକୋଷ)— Held tightly with the hand or hands; clasped.

ହସ୍ତାଭରଣ—ସ. ବ—(ଷଷ୍ଠୀ ତତ୍; ହସ୍ତ+ଅଭରଣ)— Hastābharaṇa ହାତରେ ପିନ୍ଧାଯିବା ଅଳଙ୍କାର—Ornament for the hand.

ହସ୍ତାମଳକ—ସ. ବ—(ସ. ଷ. ଲୋ;ହସ୍ତ ଧୃତ ଆମଳକ)—୧। ଅତଣା Hastāmalaka ହାତରେ ଧରିଯାଇଥିବା ଅଁଳା ତୋଳ— 1. Embelic myrobalan fruit held in the hand. [ଦ୍ର—ଏଣିକ ବେଦାନ୍ତରେ ଦୃଷ୍ଟାନ୍ତ ଭଳରେ ବ୍ୟବହୃତ । ହାତରେ ଗୋଟିଏ ଅଁଳା ତୋଳ ଧରି ଯାଇଥିଲେ ତତ୍ ବିଷୟକ ସମସ୍ତ ତଥ୍ୟ ଧାରଣାକୁ ଆଣି ପାରନ୍ତି ଓ ଉକ୍ତ ଫଳର ସବୁ ଦଗ ଭାଙ୍କ ଦୃଷ୍ଟିଗୋଚର ହୁଏ । ସେହିପରି ଯେଉଁ ବିଷୟର ସବୁଦଗ ଓ ସବୁତଥ୍ୟ ଅନ୍ଲୋଚନାକାରୀ ଜାଣି ପାରନ୍ତି ତାକୁ ହସ୍ତାମଳକ ସଙ୍ଗେ ତୁଳନା କରିଯାଏ ।] ୨। ଜଣାଶୁଣା ବସ୍ତୁ—2. A thing in one's possession or under one's control. ୩। ପ୍ରତ୍ୟକ୍ଷ ବିଷୟ—3. Anything which is perceived by the senses. ୪। ଶଙ୍କରାଚାର୍ଯ୍ୟକୃତ ଅଦ୍ୱୈତବାଦ ବିଷୟକ ଗ୍ରନ୍ଥ ବିଶେଷ—4. The title of a philosophical work by Śaṅkarāchārjya.

ହସ୍ତାର୍ପଣ—ସଂ. ବ—(ହସ୍ତ+ଅର୍ପଣ)—୧। କୌଣସି କାର୍ଯ୍ୟ ବା Hastārpaṇa ବସ୍ତୁ ଉପରେ ନିଜର ହାତକୁ ରଖିବା— 1. Laying one's hands on any person or thing. ୨। କୌଣସି କାର୍ଯ୍ୟ କରିବାକୁ ଆରମ୍ଭ— 2. Beginning to do a work; undertaking a work. ୩। (ଷଷ୍ଠୀ ତତ୍)—କୌଣସି ବସ୍ତୁକୁ ଅନ୍ୟ ବ୍ୟକ୍ତିଙ୍କ ହସ୍ତରେ ଦେବା—3. Consignment of a thing to a person.

ହସ୍ତାଲିଙ୍ଗନ—ସଂ. ବ.—(ଶ୍ୟା ତତ୍)—କର ମର୍ଦ୍ଦନ—Shake- Hastāliṅgana hand.

ହସ୍ତାହସ୍ତି—ସଂ ଅ (ହସ୍ତ+ହସ୍ତ+ଇ); ହସ୍ତମାନଙ୍କ ଦ୍ୱାରା ପ୍ରହାର ଯୁଦ୍ଧ Hastāhasti ଯୁଦ୍ଧ)—ହାତାହାତି; ଦୁଇ ଜଣଙ୍କ ମଧ୍ୟରେ ହାତାହାତି ହାथାबाँही ଯୁଦ୍ଧର ହାତ ଦ୍ୱାରା ଯୁଦ୍ଧ—Hand to hand fighting.

ହସ୍ତିକ—ସ. ବ—(ହସ୍ତିନ୍ ଶବ୍ଦ+ସମୂହାର୍ଥେକ)—ହସ୍ତିସମୂହ— Hastika A number of elephants.

ହସ୍ତିକକ୍ଷ—ସ. ବ—ବହୁପ୍ରକାର ବିଷାକ୍ତ କୀଟ (ହୁ. ଶ)— Hasti kakṣha A kind of poisonous insect.

Digitized by srujanika@gmail.com

ହସ୍ତିକକ୍ଷ୍ୟ—ପୁ. ବ—(ବହୁବ୍ରୀହି; ହସ୍ତି + କକ୍ଷ + ଯ)—୧ । ସିଂହ—Hasti kakshya (ଶବ୍ଦକଳ୍ପଦ୍ରୁମ)—1. Lion. ୨ । ବ୍ୟାଘ୍ର (ଶବ୍ଦକଳ୍ପଦ୍ରୁମ)—2. Tiger.

ହସ୍ତିକନ(ପତ୍ର)—ପୁ. ବ—(ବୈଦ୍ୟକ) ବୃହତ୍ କନ୍ଦବଶେଷ—A kind of root bulb; Raphanus sativus. ସଂ.ପର୍ଯ୍ୟା—[ଦ୍ର—ଏହା କୁ, ଭୁଷ୍ଟ ଓ କଫ, ବାତ, ଭୂତ ଦୋଷ, ସ୍ଥୂଳକନ୍ଦ, ଅଭକନ୍ଦକ, ଶ୍ୱସ, ଭୁଷ୍ଟ, ବଶ, ବସ୍ତ୍ରଂ ନାଶକ, ବୃହତ୍ ପତ୍ର, ହସ୍ତିକର୍ଣ୍ଣ, ଶୃଙ୍ଗବନ୍ତ କ; (ଗୁଜନ୍ଧର୍ଦ୍ଦଣ) । ଏହା ସ୍ୱଚ୍ଛଣ୍ଡିକ, ଉଗ୍ରଗୋପାଳ, କୋଙ୍କଣ ଦେଶରେ ଜନ୍ମେ ।] କୁଷ୍ଠଘ୍ନା, ଚିତ୍ରବାସୀ, ନଗ୍ନଜ୍ୟ, ଗଜକନ୍ଦ, ନାଗକନ୍ଦ (ଗୁଜନ୍ଧର୍ଦ୍ଦଣ)।

ହସ୍ତିକରଞ୍ଜ—ପୁଂ. ବ—ବଡ଼ କରଞ୍ଜ, ମହାକରଞ୍ଜ, —Hasti karañja Pongamia Indica. (tree).

ହସ୍ତିକରଞ୍ଜକ
ହସ୍ତିକରଣୀ
ହସ୍ତିଗ୍ରେହଣକ } ଅନ୍ୟରୂପ

ହସ୍ତିକର୍ଣ୍ଣ—ପୁଂ. ବ—୧ । ହାତିର କାନ—1. The ear of an elephant. ୨ । ଏରଣ୍ଡ—2. The castor oilseed plant; Clerodendrum Hastala [ଦ୍ର—ଏହାର ପତ୍ର ହସ୍ତିର କର୍ଣ୍ଣସଦୃଶ ବଡ଼ ଥିବାରୁ ।] ୩ । ପଲାଶ ଭେଦ—3. A species of Palāśa; Butea Supurba. ୪ । ଗଣଦେବତା ଭେଦ—4. Name of one of a class of Dieties. ୫ । ହସ୍ତିକନ—5 A kind of root bulb. ୬ । ରକ୍ତେରଣ୍ଡ—6 The red variety of castor oil seed plant. ୭ । କଚୁ; ସାରୁ (ହେ.ଶ)—7. Arum.

ହସ୍ତି କର୍ଣ୍ଣିକ—ପୁଂ. ବ—ପଲାଶ ଭେଦ (ଶବ୍ଦରତ୍ନାବଳୀ)—Hasti karṇṇaka A species of Palāśa.

ହସ୍ତିକା—ସ୍ତ୍ରୀ. ବ—ପ୍ରାଚୀନ ତନ୍ତ୍ରୀ ବାଦ୍ୟବିଶେଷ (ହେ. ଶ)—A Hastikā kind of stringed instrument used in ancient times.

ହସ୍ତିକୋଳି—ପୁଂ. ବ—ବଦର ଭେଦ—Hasti koli A species of Jujube. ସଂ.ପର୍ଯ୍ୟା—ଗୋପଘୋଷା, ଘୋଷା, ବଦରୀଫଳା—ରତ୍ନମାଳା

ହସ୍ତିଗିରି—ପୁଂ. ବ—(ନାମ) କାଞ୍ଚିଦେଶ—Hastigiri The country of Kāñchi in S. India.

ହସ୍ତି ଘୋଷା(ଘୋଷାତକୀ, ପର୍ଣ୍ଣି ପର୍ଣ୍ଣିକା)—ସ୍ତ୍ରୀ. ବ—ମହା କୋଷାତକୀ Hasti ghoshā (ghoshātaki, parṇṇa, parṇṇikā) ସଂ.ପର୍ଯ୍ୟା— ବୃହଦ୍ ଘୋଷା; ବଡ଼ ତରଡ଼ା; ମଧୁର ତରଡ଼ା—ଜାଲୀ, ମହତ୍ ଘୋଷା, A species of luffa; Luffa Aegyptica. ମହାକୋଷାତକୀ, [ଦ୍ର—ଏହା ସ୍ନିଗ୍ଧ, ସାରକ, ପିତ୍ତ ଓ ବାସୁ ସଦୃଶ ଗୁଣଯୁକ୍ତା, ମହାଫଳା, ଧାମାର୍ଗବ, ନାଶକ, ମଦନକନୋଦ ।] ଘୋଷକ ।

ହସ୍ତିଘ୍ନ—ପୁଂ. ତତ୍ପ—ହସ୍ତିନାଶକ—Killing elephants. ପୁଂ. Hastighna ବ—ମନୁଷ୍ୟ (ଶବ୍ଦକଳ୍ପଦ୍ରୁମ)—Man

ହସ୍ତିଚାରିଣୀ—ସ୍ତ୍ରୀ. ବ—ହସ୍ତିକରଞ୍ଜ (ଦେଶ)—Hasti chāriṇī Hasti karañja (See)

ହସ୍ତିଚାଳକ—ପୁଂ. ବ. ଯୁ.—(ହସ୍ତିନ + ଚାଳକ) ମାହୁନ୍ତ—Hastichālaka The driver of an elephant.

ହସ୍ତିଚାଳନ—ପୁଂ ବ—ହାତୀକୁ (ମାହୁନ୍ତର) ଚଲାଇବା—Hastichalana Driving of an elephant.

ହସ୍ତିଜିହ୍ୱା—ସ୍ତ୍ରୀ ବ—ଶରୀରସ୍ଥ ଦଶନାଡ଼ୀ ମଧ୍ୟରୁ ଗୋଟିଏ ନାଡ଼ୀ—One Hastijihwā of the ten veins of the body. [ଦ୍ର—ଏହା ଦକ୍ଷିଣ ଆଖିର ଗୋଟିଏ ନାଡ଼ୀ (ହେ ଶ)]

ହସ୍ତିଦନ୍ତ—ପୁଂ ବ—(ପ୍ରଶ୍ନୀତତ୍ତ୍ୱ)—୧ । ହାତୀଦାନ୍ତ—1. Tusk of Hastidanta elephant; ivory. ୨ । ମୂଳକ; ମୂଳା—2. Radish. ୩ । ଦ୍ରବ୍ୟରକ୍ଷାର୍ଥ ଭିତ୍ତିଠାରୁ ସ୍ଥାପିତ କୀଳକ; ନାଗଦନ୍ତ କାଠି—3. A peg driven into a wall for hanging articles.

ହସ୍ତିଦନ୍ତକ (ନ୍ତୀ)—ପୁଂ. ବ—ମୂଳକ; ମୂଳା [ଶବ୍ଦମାଳା]—Hasti dantaka (dantī) Radish.

ହସ୍ତିଦନ୍ତଫଳା—ସ୍ତ୍ରୀ ବ—ଏଙ୍ଗାରୁ (ଗୁଜନ୍ଧର୍ଦ୍ଦଣ); Hastidantaphalā କାକୁଡ଼—Cucumber.

ହସ୍ତିଦ୍ୱୟସ—ପୁଂ ବ—(ହସ୍ତି + ଦ୍ୱୟସ)—ଗଜ ପରିମାଣ—Hastidwayasa A measurement of elephants.

ହସ୍ତିନଖ—ପୁ. ବ—୧। (ହସ୍ତୀର ନଖପରି ଉନ୍ନତ ନମ୍ର ବା ଉନ୍ନୋତ ଥିବାରୁ ଦୁର୍ଗଦ୍ୱାରକୁ ଅବରୁଦ୍ଧ କରିବାଯାଇଁ ବନ୍ଧନମ୍ର ବ) ଉନ୍ନୋନ୍ନତ ମୃତ୍ତିକୂଟ ବା ମୃତ୍ତିକାସ୍ତୂପ (ଅମର); ଚୁରୁଜ—। (ଯାହା ଉପରେ ଠିଆ ହୋଇ ବଯସଙ୍କ ପ୍ରଭୃତି କାଣ୍ଡ ମରି ଯାଏ)—1. A sloping mound of earth in front of the gate of a fort. ୨। ହାତୀର ନଖ—2. The nail of the feet of an elephant

ହସ୍ତିନ—ପୁ. ବ (ହସ୍ତିନ୍ + ଅ)—ହସ୍ତିନା (ଦେଶ)—Hastina Hastinā (See)

ହସ୍ତିନ (ନା, ନୀ) ପୁର—ପୁଂ. ବ [ନାମ]—ହସ୍ତିନା (ଦେଶ)—Hastina (nā, nī) pura Hastinā (See)

ହସ୍ତିନା—ସ୍ତ୍ରୀ. ବ (ନାମ)—[ହସ୍ତିନ୍=ହସ୍ତୀ ନାମଧାରୀ ରାଜାଙ୍କ ପୁର) Hastinā ଚନ୍ଦ୍ରବଂଶୀୟ ହସ୍ତୀ ନାମକ ରାଜାଙ୍କ ନିର୍ମିତ ରାଜଧାନୀ; ଅଧୁନାକ ଦକ୍ଷୀର ପ୍ରାଚୀନ ନାମ (ହିନ୍ଦୁ ପାଣ୍ଡବଙ୍କ ରାଜଧାନୀ)—The ancient name of modern Delhi.

ସଂ ପର୍ଯ୍ୟା— [ଦ୍ର—ଅଧୁନାକ ପଣ୍ଡିତମାନେ ସ୍ଥିର କରୁ କାଗାହୁ; ଗଜାହୁ; ଅଛନ୍ତି ଯେ, ଏହା ଅଧୁନାକ ଦକ୍ଷୀ ନଗରୀର ଗଜାହ୍ୱୟ, ନାଗସାହ୍ୱୟ ୨୮ କୋଶ ଦୂରରେ ଥିଲା—(ହେ. ଶ) ଗଜସାହ୍ୱୟ ।

Digitized by srujanika@gmail.com

ହସ୍ତିନା ବାରୁଣା—ଦେ. ବ—(ସଂ ହସ୍ତିନାପୁର ଓ ବାରୁଣାବତ)—୧। Hastinā bārunā ଅତୁଳ ବିଭବ ବା ଐଶ୍ୱର୍ଯ୍ୟ—1. Immeasurable wealth. ୨। ହସ୍ତିନାପୁର ବା ବାରୁଣା ହସ୍ତିନାବାରୁଣା ବତ୍ତମାନ ସମୃଦ୍ଧ ସାମ୍ରାଜ୍ୟ ବା ନଗର—2. A country or town as the Hastināpura and the Bārunābata of old. [ଯଥା—ହସ୍ତିନା ବାରୁଣା ତ ରହୁ ନାହିଁ, ଏ ସମ୍ପତ୍ତି କେତେ ଦିନ ରହିବ ?]

ହସ୍ତି ନାସା—ସ. ବ (ଷଷ୍ଠୀ ତତ୍ପୁ)—ହାତୀର ଶୁଣ୍ଡ (ହି. ଶ)—Hastināsā The trunk of an elephant.

ହସ୍ତିନୀ—ସ. ବ ସ୍ତ୍ରୀ (ହସ୍ତିନ୍+ସ୍ତ୍ରୀ ଈ)—୧। କରଣୀ; ହାତୁଣୀ; ମାଇ ହାତୀ—1. A female elephant; a she-elephant. [ଦ୍ର—ବୈଦ୍ୟଶାସ୍ତ୍ରାନୁସାରେ କରେଣୁ, ରେଣୁକା, ଏହାର ଦୁଗ୍ଧ ମଧୁର, କଷାୟ, କରେଣୁକା, ଧେନୁକା, ସ୍ନିଗ୍ଧ, ସ୍ନିଗ୍ଧୋଷ୍ଣ, ଶୀତଳ, ଚକ୍ଷୁଷ୍ୟ, ବଳ-ବାସା, ବାସିତା, କରଣୀ ବର୍ବର ।]

ଏହାର ଦୋଷ—କଷାୟ, ଲଘୁ, ଉଷ୍ଣ, ଶୂଳଦର, ରୁଚିପ୍ରଦ, ଦୀପ୍ତିଦ, ସ୍ୱର୍ଯ୍ୟ-ବର୍ଦ୍ଧକ, ବଳପ୍ରଦ ।

ଏହାର ନବଗୁଣ—କଷାୟ, ଶୀତଳ, ଲଘୁ, ଉଷ୍ଣ, ବଷ୍ଟମ୍ଭୀ, ପିତ୍ତ କଫ କୃମି ନାଶକ ।

ଏହାର ଘୁଣ—କଫ ପିତ୍ତ କୃମି ବଷ ନାଶକ, କଷାୟ, ବଷ୍ଟମ୍ଭୀ, ଅର୍ଶରୁର—ରାଜନିର୍ଘଣ୍ଟ ।]

୨। ଚତୁର୍ବିଧା ସ୍ତ୍ରୀ ଜାତି ମଧ୍ୟରୁ ଏକଉମା—2. One of the 4 classes in to which females are divided. (ଦ୍ର—ଏହାଙ୍କ ଲକ୍ଷଣ—ସ୍ଥୂଳାଧରା, ସ୍ଥୂଳ-ଜଘନସ୍ତ୍ରୀଗା, ସ୍ଥୂଳାଙ୍ଗୁଳି, ସ୍ଥୂଳରୁଷ୍ଟ. ସ୍ଥୂଳୀଲା, ଭାମୋତ୍କୁଟା, ଗାଢ଼ ରତିପ୍ରିୟାବ, ଜଘନଜଙ୍ଘା ଫଳ ହସ୍ତିନୀସ୍ୟାତ୍—ରତିମଞ୍ଜରୀ] ୩। ହୃଦ୍ୱଳାସିନୀ; ସୁଗନ୍ଧିତ ଦ୍ରବ୍ୟବିଶେଷ (ଶଳଚନ୍ଦ୍ରିକା)—3. A kind of medicinal scent. ୪। ହସ୍ତିଶୁଣ୍ଡାବୃକ୍ଷ (ଦେଶ)—4. Hastiśuṇḍā bruksbya (See)

ହସ୍ତିପ—ସ. ବ ପୁଂ. (ହସ୍ତି ନ୍+ପା ଧାତୁ=ପାଳବା+କର୍ତ୍ତୃ ଅ)—୧। Hastipa ହାତୀଅଳି; ହସ୍ତିଚାଳକ; ମାହୁନ୍ତ—1. The driver of an elephant. ୨। ଗଜାରୋହୀ ଗଜାରୋହ, ହସ୍ତ୍ୟାରୋହ ଯୋଦ୍ଧା—2. A warrior fighting on an elephant.

ହସ୍ତିପକ—ସ. ବ—(ହସ୍ତିପ+ସ୍ୱାର୍ଥେକ)—ହସ୍ତିପ (ଦେଶ)—Hastipaka Hastipa (See)

ହସ୍ତିପକା—ଦେ ବ (ସଂ. ହସ୍ତିପକ)—ହସ୍ତିପ (୨) ଦେଖ—Hastipakā Hastipa (2) (See)

[ଦ୍ର—ଉତ୍ତର ଭୂମି ହସ୍ତିପକା; କଲେ ପ୍ରକାଶ ଇସ୍ପାତ ପତାକା—ଦୀନବନ୍ଧୁ. ରମ୍ୟକଥୋଳ]

ହସ୍ତିପର୍ଣ୍ଣୀ—ସ.ବ—୧। ମୋରଟା ଲତା (ରତ୍ନମାଳ)—1. A creeper with big leaves. ୨। କର୍କଟୀ—(ରାଜନିର୍ଘଣ୍ଟ)—2. Cucumber.

ହସ୍ତିପିପ୍ପଳି—ସ., ବ—ଗଜ ପିପଲୀ (ଦେଖ)—Hastipippalī Gajapippalī (See)

ହସ୍ତିପ୍ରମେହ (ମେହ)—ସ. ବ—ଏକ ପ୍ରମେହ ରୋଗ—A kind of gonorrohea; Hasti prameha (meha)

[ଦ୍ର—ଏ ରୋଗରେ ମୂତ୍ର ସଙ୍ଗେ ହସ୍ତୀମଦ ପରି ବସ୍ତୁ ବାହାର ବେଗରେ ସୂତାପରି ପଡେ ଓ ରହିରହି ପ୍ରସ୍ରାବ ହୁଏ (ହି. ଶ,]

ହସ୍ତିବାରୁଣୀ—ସ.ବ—କରଞ୍ଜୀ; ଗିଲ (ଗୁଳ୍ଫ)—A thorny plant. Hastibārunī

[ଦ୍ର—ଏହା ତ୍ରିମଳକାରକ, ଉଷ୍ଣ କଷାୟ, କଟୁ-ଷ. ପର୍ଯ୍ୟାୟ— ବଣାକ, ଜୀମୂତାର୍ଯ୍ୟ, ପିତ୍ତ, ଅର୍ଶ, କୃମି, କରଞ୍ଜିକା, ମର୍କଟୀ, ଜୀମୂତାର୍ଯ୍ୟ, କୁଷ୍ଠ, ପ୍ରମେହ ଓ ବମନ ନାଶକ] ଷଡ଼ଗ୍ରନ୍ଥ, ବାଯୁସୀ, କରଞ୍ଜୀ ।

ହସ୍ତିବାହ—ସଂ.ବ—(ହସ୍ତିନ+ବହ ଧାତୁ+କରଣ. ଅ)—ହାତୀଆଙ୍କୁଶ; ଗଜଚାଳନ ଦଣ୍ଡ ବା ଅଙ୍କୁଶ—Hastibāha A hooked iron stick used in driving an elephant.

ହସ୍ତିବିଷାଣୀ—ସଂ. ବ—କଦଳୀ (ରାଜନିର୍ଘଣ୍ଟ)—Hastibishāṇi Plantain.

ହସ୍ତିମଦ—ସଂ. ବ (ସ. ତ. ଙ୍ଗେ ବା ଷଷ୍ଠୀ ତତ୍, ହସ୍ତି+ମଦ)—Hasti mada କାମମତ୍ତ ହସ୍ତୀର ଗଣ୍ଡଦେଶସ୍ଥ ଦୁଇଖାଙ୍ଗର ଛିଦ୍ରରୁ ସଂ. ପର୍ଯ୍ୟାୟ— ବୋହିବା ଉତ୍କଟ ଗନ୍ଧଯୁକ୍ତ ଜଳୀୟ ରସ-ମଦ, ଗଜମଦ, ଗଜବାନ, A strong something juice କୁମ୍ଭମଦ, ଦନ୍ତୀମଦ, ଦାନବାରି, flowing from the temples ବାନ, ଦ୍ୱିପମଦ । of an elephant in rut.

[ଦ୍ର—ଏହା ସ୍ନିଗ୍ଧ, ଉତ୍ତ୍ର, କେଶ୍ୟ, ଅଘସ୍ପାର, ବଷ, କୁଷ୍ଠ, କଣ୍ଡୁ ବ୍ରଣ, ଦଦ୍ରୁ ଓ ସେସବନାଶକ (ରାଜନିର୍ଘଣ୍ଟ)

ହସ୍ତିମଲ୍ଲ—ସ.. ବ (ହସ୍ତିନ୍+ମଲ୍ଲ)—୧। ରଣହସ୍ତୀ—1. An elephant used in war. ୨। ଐରାବତ ହସ୍ତୀ—2. The elephant of Indra, ୩ ଗଣେଶ—3. A name of a Ganesa. ୪। ପାତାଳ ନିବାସୀ ଶଙ୍ଖ ନାଗ—4. Name of a white serpent of the nether world. ୫। ମହାମଲ୍ଲ—5. A great athlet. ୬। ଉତ୍ତୁଙ୍ଗ—6. A broken mound. ୭। ଧୂଳ ବର୍ଷଣ—7. Raining of dust ୮। ଖାଇଁଣ ରଦା (ହି. ଶ)—8. A mound of ashes.

ହସ୍ତିମାଂସ—ସଂ ବ (ଷଷ୍ଠୀ ତତ୍; ହସ୍ତିନ୍+ମାଂସ)—ହାତୀର ମାଂସ—Hastimāmsa The meat of elephant.

[ଦ୍ର—ବୈଦ୍ୟଶାସ୍ତ୍ର ମତେ ଏହା ଅମ୍ଳ, ଲବଣ, ମଧୁରରସ, ଗୁରୁପାକ, ସ୍ନିଗ୍ଧ, ଦୁର୍ଜର, ଅତିମାତ୍ର ଜନକ, ପୁଷ୍ଟିକର,

Digitized by srujanika@gmail.com

ବାତଶ୍ଲେଷ୍ମଜନକ, ବଳ ସ୍ତମ୍ଭକ ମତରେ ବାତଶ୍ଲେଷ୍ମ ନାଶକ)

ହସ୍ତିମୁଖ—ସଂ. ବ ପୁଂ (ବହୁବ୍ରୀ)—ଗଜାନନ; ଗଣେଶ—
Hastimukha Gaṇeśa

ହସ୍ତି ମୂର୍ଖ— ଦେ. ବଣ ଓ ବ--ମହାମୂର୍ଖ; ଗଜମୂର୍ଖ; ଅତି ନବୋଧ(ବ୍ୟକ୍ତି)-
Hasti mūrkha A very foolish or dunce person;
ହସ୍ତିମୂର୍ଖ ଗଧା a big dunce.

ହସ୍ତିମୂତ୍ର—ସଂ. ବ—(ଷଷ୍ଠୀ ତତ୍ପୁ, ହସ୍ତିନ୍+ମୂତ୍ର)—ହାତୀର ମୂତ୍ର—
Hasti mūtra The urine of elephant.

(ଦ୍ର—ବୈଦ୍ୟଶାସ୍ତ୍ରମତେ ଏହା କଷାୟତିକ୍ତରସଯୁକ୍ତ, ଉଷ୍ଣବୀର୍ଯ୍ୟ, ବାୟୁନାଶକ ଏବଂ କୁଷ୍ଠ, ଶ୍ୱାସ, ଶୂଳ ଓ କୃମିରୋଗରେ ଉପକାରକ ଏହାକୁ ଦେହରେ ଲଗାଇଲେ କଣ୍ଡୁ, ଦଦ୍ରୁ ଓ ବିସର୍ପ ରୋଗର ଉପଶମ ହୁଏ ।]

ହସ୍ତି ଯୂଥ—ସଂ. ବ—(ଷଷ୍ଠୀତତ୍)—ହାତୀଙ୍କ ଯତ୍ନ—
Hasti jūtha A herd of elephants.

ହସ୍ତି ରୋହଣକ—ସ. ବ—ହସ୍ତିକରଞ୍ଜ (ଦେଶ)—
Hasti rohaṇaka Hasti karaṇja (See)

ହସ୍ତିଲୋଧ୍ରକ—ସଂ. ବ—ଲୋଧ୍ର (ଗୁଜନବର୍ଘଣ୍ଟା) (ଦେଶ)—
Hasti lodhraka Lodhra (See).

ହସ୍ତିଶାଳା—ସ. ବ (ଷଷ୍ଠୀ ତତ୍)—ଯେଉଁ ଘରେ ହାତି ବନ୍ଧାଯାଅନ୍ତି; ପୀଲ୍‌ଖାନା; ହାତୀଶାଳ—A house for stabling elephants.
Hasti śāḷā

ହସ୍ତିଶୁଣ୍ଡ—ସ. ବ—(ଷଷ୍ଠୀତତ୍) ହାତୀର ଶୁଣ୍ଡ ବା ଥୋର ପାହାର—
Hasti śuṇḍa The trunk of an elephant.

ହସ୍ତିଶୁଣ୍ଡା(ଣ୍ଡୀ)—ସ ବ—ହାତୀଶୁଣ୍ଡା ଗୁଳୁ—Helistropium Indicum (plant).
Hasti śuṇḍā(ṇḍī)

ହସ୍ତିଶୁଣ୍ଡି[ଣ୍ଡୀ] } —ଅନ୍ୟରୂପ]
ହସ୍ତିଶୁଣ୍ଡୀ[ଣ୍ଡୀ] }

ଅନ୍ୟ ୫ ନାମ—ହସ୍ତିନୀ, ଶୁଣ୍ଡୀ, ଧୂଷର ପତ୍ରିକା, ଭୂରୁଣ୍ଡା, ଧୂସରପର୍ଣ୍ଣୀ] [ଦ୍ର—ଏହା ଓଡାଳଆ ପଡ଼ିଆ ଜାଗାରେ ଜନ୍ମିବା ବନ୍ୟ, ଶ୍ୱେତ, ଖରଲୋମଶ ବର୍ଷାଯୁଃ ଶାକବର୍ଗୀୟ, ଫୁଲ ନେଳଆ; ମଞ୍ଜରୀରେ ଦୁଇ ଧାଡ଼ି ଫୁଲ ଥରେ; ମଞ୍ଜରୀର ଅଗ ହାତୀ ଶୁଣ୍ଡ ପରି ବଙ୍କା ହୋଇଥାଏ । ଏହା କଟୁ, ଉଷ୍ଣବୀର୍ଯ୍ୟ, ସନ୍ନିପାତ ଓ କୃମିନାଶକ ଏବଂ ବାହ୍ୟ ଓ ଅଭ୍ୟନ୍ତର ପ୍ରୟୋଗରେ ସର୍ପ ଓ ବୃଶ୍ଚିକାଦିଙ୍କ ବିଷନାଶକ ।] ବେ. ବ—ହାତୀଶୁଣ୍ଡା ରୋଗ; ଯେଉଁ ବାତଜରରେ ପୁରୁଷଙ୍କ ଲଙ୍ଗରୁ ରକ୍ତ ଗଡ଼ି ତାହା (ହସ୍ତିଶୁଣ୍ଡ ପରି) ସ୍ଥୂଳ ହୋଇଯାଏ । —Elephantiasis of the penis; tumour on the penis.

ହସ୍ତିଶ୍ୟାମାକ—ସ. ବ ୧ । ହାଉଆ ଶୁଆଁ; ଶସ୍ୟବିଶେଷ; ଏକପ୍ରକାର ବଡ଼ ଶୁଆଁ ଧାନ—
Hasti śyāmāka କାଳା ସାବାଁ 1. A kind of wild grain.

[ଦ୍ର—ଏହା ଧାତୁଶୋଷକ, ପିତ୍ତଶ୍ଲେଷ୍ମନାଶକ, ବାୟୁ-ବର୍ଦ୍ଧକ ଓ ରୁକ୍ଷ, ଏବଂ ଶ୍ୟାମା ଧାନର ଅନ୍ୟଗୁଣବିଶିଷ୍ଟ-ସୂଚକବାଚକ ।] ୨ । ବାଇଗ ଶସ୍ୟ [ହି. ଶ]—
2. Indian maize.

ହସ୍ତି ଷଡ୍‌ଗବ—ସଂ. ବ—(ଷଷ୍ଠୀତତ୍)—ଏକଶାବସ୍ଥିତ ୬ଟି ହାତୀ—
Hasti shaḍgaba A collection of six elephants (Apte).

ହସ୍ତି ହସ୍ତ—ସ ବ [ଷଷ୍ଠୀ ତତ୍; ହସ୍ତିନ୍+ହସ୍ତ]—ହାତୀର ଶୁଣ୍ଡ—
Hasti hasta The trunk of elephant

ହସ୍ତୀ—ସ ବ. ପୁଂ [ହସ୍ତିନ୍ ଙ୍କେ ୧ମା ୧ବ] ହାତୀ; କରୀ; ଉଚ୍ଚତାରେ ଓ ଆକୃତିରେ ମିଳୁଥିବା ବୃହଦାକାର ଓ ଶୁଣ୍ଡଯୁକ୍ତ ପଶୁ—1. The elephant.
Hastī
[ହସ୍ତିନୀ—ସ୍ତ୍ରୀ]
ହାତୀ ହାତୀ

ସଂ. ପଞ୍ଚାସ୍ୟ—ଇଭ, କରୀ, ଅନେକପ, ଅନୁଃସ୍ୱେଦ, କଟଙ୍କା, କଟୀ, କରଟୀ, କରଭୀ, କରେଣୁ, କର୍ଣ୍ଣିକା, କୁଞ୍ଜର, କୁମ୍ଭୀ, ଗଜ, ଜଲକଟ, ଜଲକାଙ୍କ୍ଷ, ଘାର୍ଘମାରୁଚ, ଦନ୍ତାବଳ, ଦନ୍ତୀ, ଦ୍ୱିରଦ, ଦ୍ୱିରଦନ, ଦ୍ୱିପ, ଦ୍ରୁମାର, ନାଗ, ନର୍ଦ୍ଦର, ପଞ୍ଚନଖ, ପଦ୍ମୀ, ପିଣ୍ଡପାଦ, ପୀଲୁ, ପୁଷ୍କର, ପେଚଲ, ପେଟକୀ, ବଗ୍ଦଙ୍ଗ, ବାରଣ, ବଲ୍ଲୋମଜଙ୍ଘ, ବିଷାଣୀ, ଭଦ୍ର, ମତଙ୍ଗ, ମତଙ୍ଗଜ, ମହାବଳ, ମହାମଦ, ମହାମୃଗ, ମାତଙ୍ଗ, ରଜସ୍ୱଳା, ସ୍ୱଳାବ, ଲଡାଲକ, ଲଙ୍ଗୀ, ଶୂର୍ପକର୍ଣ୍ଣ, ଶୃଙ୍ଗାଳୀ, ଷଷ୍ଟିହାୟନ, ସାମଯୋନି, ସିନ୍ଦୁରଉଲକ, ସାମଜ, ସିନ୍ଧୁର, ସ୍ତମ୍ବେରମ, ସ୍ତରମ ।]

[ଦ୍ର—ପ୍ରାଚୀନ ଭାରତୀୟମାନେ ହସ୍ତୀମାନଙ୍କୁ ଗୁରୁ ଶ୍ରେଣୀରେ ବରଣ କରୁଥିଲେ । ଯଥା—

୧ । ଭଦ୍ର—ଉଚ୍ଚ ୭ ହାତ, ପାର୍ଶ୍ୱ ୮ ହାତ, ଉଦରର ପରିଧି ୧୦ ହାତ । ଏମାନେ ବର୍ତ୍ତୁଳାକାର, ବଳବାନ ଓ ସମାନ ପ୍ରତ୍ୟଙ୍ଗବିଶିଷ୍ଟ । ଏମାନଙ୍କ ଦନ୍ତର ବର୍ଣ୍ଣ ଈଷତ୍ ଫୁଲଝାମ୍ପିଶା ଫଳା ଭଳି ।

୨ । ମନ୍ଦ—ଉଚ୍ଚତା ଓ ଉଦର ପରିଧି ଭଦ୍ରଠାରୁ ହାତେ ଲେଖାଏଁ କମ୍; ପାର୍ଶ୍ୱଭାରେ ଭଦ୍ରର ସମାନ । ଏମାନେ ସ୍ଥୂଲୋଦର, ସିଂହଦୃଷ୍ଟି, ବୃହଚ୍ଚର୍ମ, ବୃହଦ୍-ଗଲଦେଶ, ପାର୍ଶ୍ୱମୁଣ୍ଡ ଓ ପାର୍ଶ୍ୱାବନ୍ଧୁର ।

୩ । ମୃଗ—ଏମାନେ ଉଚ୍ଚତା, ଦୈର୍ଘ୍ୟ ଓ ଉଦର-ପରିଧିରେ ଭଦ୍ରଠାରୁ ହାତେଲେଖାଏଁ କମ୍ । ଏମାନଙ୍କ ଚକ୍ଷୁ, ଦନ୍ତ, କର୍ଣ୍ଣ; ଶୁଣ୍ଡ କ୍ଷୁଦ୍ରତର, ତନ୍ମୂଳ ଓ ଅଗାର ଶବ୍ଦ ।

୪ । ମିଶ୍ର ବା ମିଶ୍ର ମାତଲୀ—ଉପର୍ଯ୍ୟୁକ୍ତ ତିନିପ୍ରକାରର ହସ୍ତୀଙ୍କର ଦୌଣସି ଦୌଣସି ଲକ୍ଷଣଯୁକ୍ତ ।

ମତାନ୍ତରରେ ପୂର୍ବୋକ୍ତ ଅଷ୍ଟାଦଶ ହସ୍ତୀଙ୍କ ନାମାନୁସାରେ ଶାସ୍ତ୍ରକାରମାନେ ହାତୀକୁ ଅଠ ଶ୍ରେଣୀରେ ବରଣ କରିଅଛନ୍ତି ।

Digitized by srujanika@gmail.com

୧ । ଔତ୍ତରବତ—ଘାଣ୍ଡୁର, ଘାର୍ଘ, ଅଳ୍ପ ଲୋମଯୁକ୍ତ, ଶୁଭ୍ରଦନ୍ତ ।

୨ । ପୃଣ୍ଡ୍ରକ—କୋମଳଦେହ, ଗଣ୍ଡଦନ୍ତ, ଅତ୍ୟନ୍ତ ଜଇପ୍ରିୟ ।

୩ । ବାମନ—ଖର୍ବଶରୀର, ଶୁଣ୍ଡଦନ୍ତ, ଲୋମଶ, ହ୍ରସ୍ୱ-ପୁଚ୍ଛ ଓ ହ୍ରସ୍ୱଜଙ୍ଘ ।

୪ । କୁମୁଦ—ଘାର୍ଘ, ବୃଦନ୍ତ, ସ୍ଥୂଳଗଣ୍ଡ, ମଲପୂର୍ଣ୍ଣ-ଦେହ, ଅତ୍ୟନ୍ତ କୋପନସ୍ୱଭାବ ।

୫ । ପୁଷ୍ପଦନ୍ତ—ଅନୁପଦେଶଜାତ, ହ୍ରସ୍ୱପୁଚ୍ଛ ଓ ଶୀଘ୍ରଗାମୀ ।

୬ । ସାଙ୍କଉତ୍ତୀମ—ମରୁପ୍ରଦେଶବରଣଜାତ, ଘାର୍ଘକାୟ, ଖର୍ବଶରୀର । (ଏମାନଙ୍କଠାରୁ ଗଜମୁକ୍ତା ମିଳେ ।)

୭ । ସୁପ୍ରତୀକ—ଘାର୍ଘଶୁଣ୍ଡ, ସ୍ଥୂଳଗଣ୍ଡ, ସଦ୍ଦା କ୍ଷୀପ୍ରିୟ, ହସ୍ତିସାରଢ ।

୮ । ଅଞ୍ଜନ—ସ୍ନିଗ୍ଧଦେହ, ଶ୍ୟାମବମୁଖ, ସ୍ଥୂଳଦନ୍ତ, ଜଳାଉଲାପୀ ।

ବର୍ତ୍ତମାନ ଓଡ଼ରଡର ହସ୍ତିବ୍ୟବସାୟୀମାନେ ହାତୀଙ୍କୁ ଘାଞ୍ଚ ଶ୍ରେଣୀରେ ବଣ୍ଟନ କରଅଛନ୍ତି ।

୧ । ବେହେଦର—ଯେଉଁ ହାତୀର କାନ ଉପରେ ଧଳା ଛଡ଼ା ଥାଏ । ଏମାନେ ଘାର୍ଘକାୟ ଓ ବଡ଼ ବଡ଼ ଚକ୍ଷୁ-ବିଶିଷ୍ଟ ।

୨ । ମୁଣ୍ଡ—ବସ୍ତ୍ରବପ୍ର, କୃଷ୍ଣବର୍ଣ୍ଣ, ଖୀଉବର୍ଣ୍ଣ ନୟନ-ବଗିଷ୍ଟ; ଏମାନେ ଦୁର୍ଦ୍ଦାନ୍ତ ।

୩ । ମୁରଙ—ଓଷ୍ଠାଧର କୃଷ୍ଣବର୍ଣ୍ଣ ହସ୍ତୀ ।

୪ । ମାଁଡ଼—ଘାଂଶୁବର୍ଣ୍ଣ ଓ ସଦ୍ଦାଜରେ ସାଧ ।

୫ । ବ୍ରଜଭୂତ୍—ସବୁଠାପେକ୍ଷା ଘାର୍ଘଜାତ୍ୟ ଓ ଶାନ୍ତ-ପ୍ରକୃତିବିଶିଷ୍ଟ (ଜ୍ଞାନେନ୍ଦ୍ର) ।

ଭାରତବର୍ଷର ଜଙ୍ଗଲମାନଙ୍କରେ ଓ ବ୍ରହ୍ମଦେଶରେ ବନ୍ୟହାତୀ ଥାଅନ୍ତି । ଗଉଣ୍ଡପ୍ରଭୃତି ଏବଂ ରାଜାମାନେ 'ଖେଦା' କରି ହାତୀମାନଙ୍କୁ ଧରି ଆଣି ପଣ କରି, ନାନା କାର୍ଯ୍ୟରେ ଲଗାନ୍ତି ଓ ଏମାନଙ୍କ ପିଠିରେ ଚଢ଼ନ୍ତି । ଏମାନେ ପୂର୍ବେ ଯୁଦ୍ଧରେ ବ୍ୟବହୃତ ହେଉଥିଲେ ।

ଆଫ୍ରିକାର ଜଙ୍ଗଲରେ ଓ ମରୁଭୂମିରେ ଥିବା ହାତୀମାନେ କ୍ଷୁଦ୍ରକାୟ ଓ ସହଜରେ ସାଧ ହୁଅନ୍ତି ନାହିଁ । ବ୍ରହ୍ମଦେଶରେ ମିଳୁଥିବା ଶ୍ୱେତବର୍ଣ୍ଣ ଯୁକ୍ତ ହସ୍ତୀକୁ ବୌଦ୍ଧ-ମାନେ ପୂଜା କରନ୍ତି ଓ ଏହା ସେ ଦେଶରେ ରାଜପୂଜିତ ଅଟେ ।

ପୁରାଣ ମତରେ ପୃଥିବୀର ଅଠ ଗୋଟି ଦିଗକୁ ଅଠଗୋଟି ହସ୍ତୀ (ଦିଗ୍ଦାରଣ) ଟେକି ଧରି ଅଛନ୍ତି । ଉକ୍ତ ହସ୍ତୀ-ମାନଙ୍କର ଗୋଟିଏ ଲେଖାଏଁ ହସ୍ତିନୀ ମଧ୍ୟ ଅଛନ୍ତି । ଇନ୍ଦ୍ରଙ୍କର ବାହନ ଔତ୍ତରବତ ହସ୍ତୀ ।

ହାତୀମାନେ ଦଳବଦ୍ଧ ହୋଇ ବନରେ ବୁଲନ୍ତି । ଗୋଟିଏ ବୃଦ୍ଧ ହସ୍ତୀ ସେ ଦଳର ନେତା ଥାଏ । ହସ୍ତୀମାନେ ଫଳ ପତ୍ର ଡାଳ ମୂଳ ଖାଇ ବଞ୍ଚନ୍ତି । ଜଙ୍ଗଲ ଜନ୍ତୁମାନଙ୍କରେ ଏମାନେ ସବୁଠାରୁ ପଶି ବଶେଷ ନଷ୍ଟ କରନ୍ତି । ୨ । ଚନ୍ଦ୍ରବଂଶୀୟ ପୂର୍ବତୋଲୁ ରାଜାଙ୍କ ପୁତ୍ର—2. Name of a king of the Lunar dynasty who founded the ancient Hastināpura (the modern Delhi). [ଦ୍ର—ଏ ହସ୍ତିନାପୁରକୁ ରାଜଧାନୀ କରିଥିଲେ । (ବିଷ୍ଣୁପୁରାଣ ୪ର୍ଥ ଅଂଶ, ୧୮ ଅଧ୍ୟାୟ) ଏହାଙ୍କର ରାଜନାମ—ଅଜମୀଢ଼, ପୁରୁମୀଢ଼, ଦ୍ୱିମୀଢ଼ ।] ୩ । ଅଜାମୋଦା—(ରାଜନିର୍ଘଣ୍ଟ); ବଙ୍ଗ—ଜୁଅଣୀ 3. Pimpinella Involucrata; Ligusticum Ajwan.

୪ । (ନାମ)—ଧୃତରାଷ୍ଟ୍ରଙ୍କ ଏକପୁତ୍ର (ହ୍ର. ଶ)—4. Name of a son of Dhṛutarāshṭra.

[ଦ୍ର—ହସ୍ତୀ ଶବ୍ଦ 'ହସ୍ତିନ୍' ଶବ୍ଦର ୧ମା ବିଭକ୍ତି ଅଟେ । ଏଥିପାଇଁ ଏହି ଶବ୍ଦ ଏକୁଟିଆ ବ୍ୟବହୃତ ହେଲାବେଳେ ହସ୍ତୀ ଲେଖାଯାଏ । କିନ୍ତୁ ଏହା ସଙ୍ଗେ ସମାସରେ ଅନ୍ୟ ଶବ୍ଦ ଯୁକ୍ତ ହେଲେ ଏହା "ହସ୍ତି" ରୂପ ଧାରଣ କରେ—ଯଥା—ହସ୍ତିକର୍ଣ୍ଣ, ହସ୍ତିଦନ୍ତ । ସଂସ୍କୃତ ଭିନ୍ନ ଭିନ୍ନ ଶବ୍ଦମାନଙ୍କର ସମାସରେ ଏହିପରିଅନୁଭବ ହୋଇଥାଏ]

ହସ୍ତେ—ଅ.ଅ.—ସ୍ୱୀକାର ସୂଚକ—An interjection indicating Haste consent. ଦେ.ଅ. ୧ । ଜରିଆରେ; ଦ୍ୱାରା; ମାଇଫତେ—ହସ୍ତେ, ହାତେ ଦ୍ୱାରା 1. Through; per. (ଯଥା—ତାଙ୍କ ହସ୍ତେ, ମୁଁ ତ ୧୦୯୍କା ପଠାଇଲି ।) ୨ । ଦ୍ୱାରା; ଦେହ—2. By. (ଯଥା—ଏହାଙ୍କ ହସ୍ତେ ଏ କାମ ହୋଇ ପାରିବ ନାହିଁ ।) ୩ । ଜଳଛରେ; ଠାରେ;ଅଧିକାରରେ—3. With; in the possession of. [ଯଥା—ମୋ ହସ୍ତେ ଧନ ନାହିଁ ।]

ହସ୍ତେକରଣ—ସଂ. ବ—(ଅଲୁକ୍ ସମାସ)—ପାଣିଗ୍ରହଣ; ବବାହ Hastekaraṇa (ଶବ୍ଦକଳ୍ପଦ୍ରୁମ)—Marriage.

ହସ୍ତୋଦକ—ସଂ. ବ—(ମ.ତ. ଲେ; ହସ୍ତଧୃତ ଉଦକ,ହସ୍ତ + ଉଦକ)—ହାତରେ ଧରି ହୋଇଥିବା ଜଳ—Water held in one's hands.

ହସ୍ତ୍ୟ—ସଂ. ତ୍ରି—(ହସ୍ତ+ଯ)—୧ । ହସ୍ତଦ୍ୱାରା କୃତ—1. Done by the hands; manufactured. ୨ । ହସ୍ତ ଦ୍ୱାରା ଦତ୍ତ—2. Given away by the hands.

ହସ୍ତ୍ୟଧ୍ୟକ୍ଷ—ସଂ. ବ—(ଷଷ୍ଠୀ ତତ୍ପୁ, ହସ୍ତିନ୍=ହାତୀ + ଅଧ୍ୟକ୍ଷ= ତତ୍ତ୍ୱାବଧାରକ ।)—ଗଜାଧ୍ୟକ୍ଷ; ରାଜାଙ୍କର ହାତୀମାନଙ୍କ ତତ୍ତ୍ୱ ନେବା ପାଇଁ ନିଯୁକ୍ତ ବ୍ୟକ୍ତି—An officer engaged to look after the elephants of a king.

ହସ୍ତ୍ୟଶନ—ସଂ. ବ—ଲେବନ୍ ଗଛ (ହ୍ର. ଶ)—The tree from which olibanum is got.

ହସ୍ତ୍ୟଶ୍ୱ—ସଂ.ବ. (ଦ୍ୱନ୍ଦ୍ୱ, ହସ୍ତିନ୍=ହାତୀ + ଅଶ୍ୱ)—ହାତୀ ଓ ଘୋଡ଼ା—Elephant and horse.

Digitized by srujanika@gmail.com

ହସ୍ତ୍ୟାଜୀବ – ସଂ.ବ୍ରୀ—(ବହୁବ୍ରୀ.ହ, ହସ୍ତିନ୍=ହାତୀ+ଆଜୀବ=ଜୀବିକା) Hastyājība ହସ୍ତି ବ୍ୟବସାୟୀ—A trader in elephants.

ହସ୍ତ୍ୟାୟୁର୍ବଦ—ସଂ. ଷ—(ହସ୍ତିନ୍=ହାତୀ+ଅୟୁର୍ବେଦ)—ହସ୍ତି- Hastyāyurbeda ଚିକିତ୍ସାଶାସ୍ତ୍ର—A treatise on the treatment of the diseases of elephants. [ଦ୍ର—ଗରୁଡ଼ ପୁରାଣ ୨୦୨ ଅଧ୍ୟାୟରେ ହସ୍ତ୍ୟାୟୁର୍ବେଦର ଚିକିତ୍ସା ବିଷୟ ବର୍ଣ୍ଣିତ ହୋଇଅଛି ।]

ହସ୍ତ୍ୟାରୋହ—ସଂ. ବ—(ହସ୍ତିନ୍=ହାତୀ+ଆରୋହ)—ହସ୍ତିଚାଳକ; Hastyārōha ମାହୁନ୍ତ—A driver of an elephant.

ହସ୍ତ୍ୟାରୋହୀ—ସଂ. ବ. ପୁଂ—(ହସ୍ତିନ୍=ହାତୀ+ଆରୋହୀ)—୧। ହାତୀ Hastyārohī ପିଠିରେ ଚଢ଼ିଥିବା ବ୍ୟକ୍ତି—A rider on an elephant. ୨। ଗଜାରୋହୀ ସୈନ୍ୟ—2. The division of an army which fights on (ହସ୍ତ୍ୟାରୋହିଣୀ—ସ୍ତ୍ରୀ) elephants.

ହସ୍ନହେନା—ବୈଦେ. ବ(ଫା)—ଗନ୍ଧଦ୍ରବ୍ୟବିଶେଷ—Mexican jasmine; Hasnahenā the lady of the night; Cestrum Hersu- ହାସ୍ନାହେନା tum or Cestrum Nocturm (Hains). ହସ୍ନହେନା [ଦ୍ର—ଏହାର ଫୁଲ ଉତ୍ତ ସବୁଜ ବର୍ଣ୍ଣ ଓ ଦଳଦଅ ଓ ୧ଟି ଲମ୍ବ ଓ ସରୁ, ରାତ୍ରିରେ ଫୁଲରୁ ସୁବାସ ଚଢ଼ଇ ।]

ହସ୍ପାତାଲ୍—ବୈଦେ. ବ—(ଇଂ. ହସ୍ପିଟାଲ୍)—ହସ୍ପାତାଲ; ହାସ- Haspātāl ପାତାଳ; ଡାକ୍ତରଖାନା, ଯେଉଁଠାରେ ରୋଗୀଙ୍କୁ (ହସ୍ପିଟାଲ୍—ଅନ୍ୟରୂପ) ରଖାଯାଇ ଚିକିତ୍ସା କରାଯାଏ—A ହାସପାତାଲ hospital for indoor patients. ଅସ୍ପତାଲ

ହସ୍ୟାନ୍ନ(ର୍ଣ୍ଣ)ବ—ଗ୍ରା. ବ—(ସଂ. ହାସ୍ୟାର୍ଣ୍ଣବ)—ହାସ୍ୟାର୍ଣ୍ଣବ (ଦେଖ)— Hasyānna(rṇṇa)ba Hasyārṇṇaba(See). ହାସ୍ୟାର୍ଣ୍ଣବ ବଣ—(ହାସ୍ୟାସ୍ପଦର ଅଣୁବ ବ୍ୟବହାର)—ହାସ୍ୟାସ୍ପଦ ହାସ୍ୟାର୍ଣ୍ଣବ Causing laughter; laughable.

ହସ୍ର—ସଂ. ବ.—(ହସ୍ ଧାତୁ=ଉପହାସ କରିବା+କର୍ମ. ର)—ମୂର୍ଖ— Hasra Dunce; an illiterate person.

ହ ହ—ଦେ. ଅ.—'ହ' ର ଦ୍ୱିରୁକ୍ତି; ବଳଦକୁ ଅଟକାଇବାର ଡାକ— Ha ha Repetition of the interjection Ha! ପ୍ରାଦେ. ହ ହାଁ ହାଁ (ପୁରା) 'ହଁ' ବା 'ହଁ'ର ଦ୍ୱିରୁକ୍ତି; 'ହଁ' (ଦେଖ)— Repetition of the interjection Ha!

ହହଳ—ସଂ. ବ.—ହଳାହଳ (ଶବ୍ଦଚନ୍ଦ୍ରିକା)— Hahala Mortal poison.

ହହା—ସଂ. ବ.—ହାହା ନାମକ ଗନ୍ଧର୍ବ (ଶବ୍ଦମାଳା)— Hahā A class of divine songsters.

ହହିଏ—ଗ୍ରା. ଅ.—ହଇହେ (ଦେଖ)— Hahie Haihe (See). (ହହ୍ୟେ—ଅନ୍ୟରୂପ)

ହା(ଧାତୁ)—ସଂ.—୧। ତ୍ୟାଗ କରିବା—1. To abandon. ୨। Hā (root) ଗତି କରିବା—2. To move.

ହା—ସଂ. ଅ—(ସ. ହା; ଅଦା)—୧ ଦୁଃଖାଦସୂଚକ (ଅମର)— Hā (Interjection) Oh; Ah! indicating sorrow. ୨। ଯନ୍ତ୍ରଣା ବା ଅର୍ତ୍ତିସୂଚକ (ଅମର)—2. Indicating distress or pang. ୩। ଶୋକସୂଚକ (ଅମର) —3. Indicating grief. ୪। ନିନ୍ଦା ବା କୁତ୍ସା ସୂଚକ (ମେଦିନୀ)—4 Indicating disparagement. ଦେ. ଅ—ଅନନ୍ଦସୂଚକ—Interjection ହା ହା expressing joy ଦେ. ବ—୧। ହାଇ ମାରିବାର ହା ଆହା ଶବ୍ଦ—1. The sound of yawning. ୨। ଘାତିତ ଅଁ କରି ଜୋର୍ ପୂର୍ବକ ନିଶ୍ୱାସ ମାରିବାର ଶବ୍ଦ—2. The sound of exhaling breath by opening ହା ହାମି the mouth. ୩। ହାଫା କରିବା ଶବ୍ଦ; ହାଫା (ଦେଖ)—3. Hāphā (See). ପ୍ରାଦେ (ଓଡ଼ିଆଳ)ବ— ତିକ୍ତ ଅସ୍ୱାଦ; ରୁଗ ଆସ୍ୱାଦ—Bitter taste.

ହା ଅନ୍ନ ହା ଅନ୍ନ କରିବା (ହେବା)—ଦେ.କ୍ରି—ଜରାହାର ବ୍ୟକ୍ତି ଖାଦ୍ୟ Hā anna hā anna karibā (hebā) ପାଇଁ ବଳଲ ହୋଇ ହାଅନ୍ନ ହାଅନ୍ନ କରା ଚତ୍କାର କରିବା—To raise a cry of ହା ଅନ୍ନ ହା ଅନ୍ନ କରନା distress in hunger.

ହା ଆ—ଗ୍ରା.ଅ—ଅନୁତାପସୂଚକ (ଦେଖ)—Alas! Hāya (See). (ଯଥା Hā-ā ହାୟ ହାୟ ହାଅରେ କପାଳ! ହାଅରେ ବିଧାତା!)—

ହାଆଡି—ପ୍ରାଦେ. (ଗଡ଼ଜାତ) ଅ—(ଜ୍ଞାପକାର୍ଥକ) ହେଇଟି—Oh Hā-āṭi there! (used in pointing out a thing).

ହାଆଡ଼ୁଡୁ(ବୁ)ଡ଼ୁ—ଦେ. ବ—ହାଡୁଡୁଡୁ (ଦେଖ)— Hā-āḍu-u(bu)ḍu Hāḍu uḍu (See). (ହାଡୁଡୁ—ଅନ୍ୟରୂପ) ହାଡୁଡୁ କବଡ଼ି

ହାଇ—ଦେ. ବ—(ସ. ହାର୍ଘିକା)—୧। ଜୃମ୍ଭା—1. Yawn, (ଉ— Hāi କୃଷ୍ଣ ବଦନେ ଉଠେ ହାଇ, ଅଙ୍ଗୁଳା ଦୁଇଁ ଦେଇ ହାଇ ଜମ୍ଭାଇ ଗୁହାଁ—ଜଗନ୍ନାଥ ଭାଗବତ ।] ୨। ଶୋକଜନିତ ଦୀର୍ଘନିଶ୍ୱାସ—2. Sigh of grief. ୩। ଶୋକାର୍ତ୍ତି ବା ଅତ୍ୟାଚୃତ ବ୍ୟକ୍ତିର ଅତ୍ୟାଚୟୀ ବ୍ୟକ୍ତିପ୍ରତି ଅଭିଶାପ- ସମ୍ଭଳିତ ଦୀର୍ଘନିଶ୍ୱାସ—3. Sighing accompanied by curse uttered by an oppressed against an oppressor. [ଉ—ଗଛର ଶାଇ, ମଣିଷର ହାଇ, ସହଁ ପଡ଼ ଭିଲାଇ ଯାଇ—ଭଗ ।] ଦେ.ଅ—(ସ.ହା) ଅଦ୍ୟା । ହାୟ !—Alas! Oh! [ଯଥା—ହାଇ ରେ ଜଞ୍ଜାଳ ! ହାଇରେ ବିଧାତା!] ବୈଦେ.ଭଣ—(ଇଂ;ଅନ୍ୟଶବ୍ଦ ହାଇ ହାଇ ପୂର୍ବକ ଯୁକ୍ତ ହୁଏ)—ଉଚ୍ଚ—High. (ଯଥା—ହାଇସ୍କୁଲ୍)

ହାଇଆ—ଦେ. ବିଣ. ପୁଂ—ଯେ ସବୁବେଳ ହାଇ ମାରିବାରେ ଅଭ୍ୟସ୍ତ— Hāiā Given to yawning. ବାର ବାର ଜମ୍ଭାଇ ଲେନେବାଲା (ହାଇୟା—ଅନ୍ୟରୂପ)

ହାଇ ଇଙ୍ଗ୍ଲିସ୍ ସ୍କୁଲ୍—ବୈଦେ. ବ (ଇଂ)—ଉଚ୍ଚଶ୍ରେଣୀର ଇଂରାଜ Hāi inglis skul ବିଦ୍ୟାଳୟ—High English school. ହାଇ ଇଂଲିଶ୍ ସ୍କୁଲ [ଦ୍ର—ଏହାର ଇଂ ସାଙ୍କେତିକ—H. E. ହାଇ ଇଙ୍ଗ୍ଲିଶ ସ୍କୁଲ school.]

Digitized by srujanika@gmail.com

ହାଇ ଇସ୍କୁଲ୍ (ସ୍କୁଲ୍)—ବୈ.ବି.ବ—(ଇଇଂ)—ଉଚ୍ଚଶ୍ରେଣୀର ଇଂରାଜୀ ବିଦ୍ୟାଳୟ—High English School. [ଦ୍ର—ହାଇ ଇଙ୍ଗ୍ଲିସ୍ ସ୍କୁଲର ସଂକ୍ଷିପ୍ତ ଉଚ୍ଚାରଣ ।]
Hāi iskul (skul)
ହାଇସ୍କୁଲ
हाईस्कुल

ହାଇ ଜଠିବା(ଆସିବା)—କ୍ରି.ବି—ଜୋରରେ ହାଇର ଉଦ୍ରେକ—Repeated yawning
Hāiuṭhibā(āsibā)
ହାଇଉଠା ଜମ୍ହାଇ ଉଠନା

ହାଇଏ—ବି.ବ—ଗୋଟିଏ ମାତ୍ର ଜୃମ୍ଭା—One yawn only.
Hāie
ଏକ ହାଇ ଏକଜମ୍ହାଇ

ହାଇଁ—ସର୍ବି.(ବଳ୍ପଜିର ପାଠଣା) ସବଂନାମ—ସେହି—That.
Hāiñ

ହାଇଁ ଠାନେ—ସର୍ବି.(ବଳ୍ପଜିର ପାଠଣା) କ୍ରି.ବିଣ—ସେଠାରେ—There; at that place.
Hāiñ ṭhāne

ହାଇଁ ପାଇଁ—ବି.ବିଣ—୧ । ବ୍ୟସ୍ତ; ବ୍ୟଥିତ—1. Distressed. ୨ । ଆଗ୍ରହାନ୍ୱିତ—2. Hankering.
Hāiñ paiñ
ହାଇଁପାଇଁ
[ଜ୍—ନ ଖାଇ ଅଥଣେ ପର ଖାଇବାକୁ ଭୁଚ୍ଛା ସିନା ହାଇଁପାଇଁ—ଉକାଣ୍ଡ ଗାଇଲଦ୍ଦା ।]
आइपाई

ହାଇ କାଇ—ବି.ବ—୧ । ଚଞ୍ଚଳତା ବା ଅସ୍ଥିରତା ପ୍ରକାଶ—1. Expression of haste or restlessness. ୨। ଚଞ୍ଚଳ—2. Restlessness. ବି.ବିଣ—ଚଂଚଳତା ୧। ଚଞ୍ଚଳ ବା ଅସ୍ଥିର—1. Restless. ୨ । ହାଇଁ ପାଇଁ (ଦେଖ)—2. Hāiñpāiñ (See).
Hāi kāi
ହାଇଁପାଇଁ

ହାଇକୋର୍ଟ୍(ର୍ଟ୍)—ବୈ.ବି. ବ (ଇଂ)—ଇଂରେଜଙ୍କ ଶାସନରେ ଭାରତର ହାଇକୋର୍ଟ ଉଚ୍ଚତମ ବିଚାରାଳୟ—High Court of Judicature. [ଦ୍ର—ଏଥିରେ କେତେଗୁଡ଼ିଏ ଜଜ ଥାଆନ୍ତି । ଏମାନଙ୍କୁ ଜଷ୍ଟିସ୍ (Justice) କୋଲ୍ଲଯାଏ । ତାଙ୍କ ମଧ୍ୟରେ ପ୍ରଧାନ ଜଜଙ୍କୁ ଚିଫ୍ ଜଷ୍ଟିସ୍ (Chief Justice) କୋଲ୍ଲଯାଏ । ସାଧାରଣ ମକଦ୍ଦମା ଏମାନେ ଯୋଡ଼ ଯୋଡ଼ ହୋଇ ବିଚାର କରିବାକୁ ବସନ୍ତି । ଏ ଯୋଡ଼ିଙ୍କୁ ଡିଭିଜନ୍ ବେଞ୍ଚ୍ (Division Bench) କୋଲ୍ଲଯାଏ । ଗୁରୁତର ଆଇନ୍ ସମସ୍ୟା ବିଚାର କରିବାକୁ ଦୁଇଜଣଙ୍କ ଅପେକ୍ଷା ଅଧିକ ଜଜ ବସନ୍ତି । ଏହାକୁ ଫୁଲ୍ ବେଞ୍ଚ୍ (Full Bench) କହନ୍ତି । ସ୍ପେସଲ୍ ବେଞ୍ଚ୍ (Special Bench) ସାମାନ୍ୟ ସାମାନ୍ୟ ମୂଲ୍ୟର ମକଦ୍ଦମା ଓ ଦଉର ମକଦ୍ଦମା ବିଚାର କରିବାକୁ ଜଣେ ଜଜ୍ ବସନ୍ତି । ଏହାକୁ ସିଙ୍ଗଲ୍ ବେଞ୍ଚ୍ (Single Bench) କହନ୍ତି । ହାଇକୋର୍ଟ୍‌ର ସିରସ୍ତାଦାରକୁ ରେଜିଷ୍ଟ୍ରାର୍ (Registrar) କହନ୍ତି । ହାଇକୋର୍ଟ୍‌ର ଅନେକଗୁଡ଼ିଏ ବିଚାର ବିଭାଗ ଅଛି ।—ଯଥା—୧ । ସରଜିନାଲ (Original). ୨ । ଅପିଲ (Appellate), ୩ । ରିଭିଜନ (Revisional). ୪ । ନୌବିଭାଗ—(Admiralty). ୫ । ବିବାହ ବିଭାଗ—(Matrimonial) ଇତ୍ୟାଦି । ପାଠନା ହାଇକୋର୍ଟ୍‌ରୁ ଦୁଇଜଣ ଜଜ୍ କଟକକୁ ୩ ମାସରେ ଥରେ ଆସି, ଓଡ଼ିଶାର ମକଦ୍ଦମାମାନ ବିଚାର କରନ୍ତି । ଏହାକୁ ସର୍କିଟ୍ କୋର୍ଟ୍ (Circuit Court) କହନ୍ତି । ଏହି ଶବ୍ଦ ସମ୍ପର୍କରେ କେତେଗୁଡ଼ିଏ ଇଂରାଜୀ ଶବ୍ଦ ଭାଷାରେ ଚଳିଥାଛି, ଯଥା—ରେଜିଷ୍ଟ୍ରାର୍, ଟ୍ରାନ୍ସ୍‌ଲେଟର୍, ରୁଲ୍, ସର୍କୁଲର୍, ଜଜ୍, ଜଷ୍ଟିସ୍ ।]
Hāikoṭ(rṭ)
ହାଇକୋର୍ଟ
हाईकोर्ट

ହାଇକୋର୍ଟ୍ ଓକିଲ(ଉକିଲ)- ବୈ.ବି. ବ—(ଇଂ. ହାଇକୋର୍ଟ+ଫା) ହାଇକୋର୍ଟ ଓକିଲ—ହାଇକୋର୍ଟରେ ଜବାବ-ସୁଆଲ କରିବାକୁ ସନ୍ଦପ୍ରାପ୍ତ ଓକିଲ—ହାଇକୋର୍ଟ ବକିଲ Vakil of the High Court.
Hāikoṭ okila (Bhakil)
हाईकोर्ट वकिल
[ଦ୍ର—ବ. ଏଲ୍ ପାସ୍ କରିବା ଓକିଲ୍ ଜଜ୍ଜ କୋର୍ଟରେ କେତେବର୍ଷ ଓକାଲତି କଲ୍ଲପରେ, କମ୍ବା କୌଣସି ହାଇକୋର୍ଟର ଉକିଲଙ୍କ ନକଟରେ ନିର୍ଦ୍ଦିଷ୍ଟକାଳ ଓ ଇଜ-ନବିସି (articled clerk) କାର୍ଯ୍ୟ କରିବା ପରେ ଓ ହାଇକୋର୍ଟ୍ ଜଜ୍‌ମାନଙ୍କ ନକଟରେ ଗୋଟିଏ ପରୀକ୍ଷାରେ ପାସ୍ କରିବା ପରେ ୫୦୦ଟଙ୍କା ରେସମ୍ ଦାଖଲ କରି 'ଉକିଲ୍' ସନନ୍ଦ ପାଆନ୍ତି ।]

ହାଇକୋର୍ଟିଆ—ବି. ବିଣ—୧ । ହାଇକୋର୍ଟରେ ଓକିଲର କରୁଥିବା—1. Serving in the High Court. ୨ । ହାଇକୋର୍ଟରେ ଓକିଲତି କରୁଥିବା—2. (Lawyer) Practising in the High Court. ୩ । ହାଇକୋର୍ଟ ସମ୍ବନ୍ଧୀୟ—Relating to the High Court.
Hāikoṭiā
ହାଇକୋର୍ଟିଆ ହାଇକୋର୍ଟକା

ହାଇ କ୍ଲାସ୍ ଇଙ୍ଗ୍ଲିସ୍ ସ୍କୁଲ—ବୈ.ବି ବ—(ଇଂ)—ଯେଉଁ ବିଦ୍ୟାଳୟରେ ଉଚ୍ଚ ଶ୍ରେଣୀ ପର୍ଯ୍ୟନ୍ତ ଇଂରାଜୀ ହାଇ ହଁଲିସ୍ ସ୍କୁଲ ଶିକ୍ଷା ବିଅଯାଏ—High class English School.
Hāi klās iṅgli-skul
हाईक्लास इंलिस स्कुल

ହାଇଚର୍ଚ୍(ଚ୍)—ବୈ.ବି. ବ—(ଇଂ)—ଚର୍ଚ୍ ଅଫ୍ ଇଂଲଣ୍ଡର ଗୋଟିଏ ଶାଖା ବା ସମ୍ପ୍ରଦାୟ—ହାଇଚାର୍ଚ High church; abranch or sect of the Church of England.
Hāi Charch (rchch)
हाईचर्च

ହାଇଛାଇ—ବି. ବ—ସୁଖ ଦୁଃଖ; ଭଲ ମନ—Pleasure and pain, good or bad.
Hāi chhāi
ଭାଲ ମନ୍ଦ आच्छा बुरा
[ଜ୍—ହାଇ ଛାଇ ନ ଲଗାଇ ଜଦ୍ଦା ମରିଥିନ । ପ୍ରାଚୀ ବ୍ରହ୍ମଜରୁଷଙ୍କ ଗାଲ୍ପ]

ହାଇ ଛଡ଼ିବା—ବି. କ୍ରି—ହାଇ ମାରିବା (ଦେଖ)—ଜମ୍ହାଇ ନେବା
Hāi chhāṛdibā
हाई तोला
Hāi māribā (See)

ହାଇ ଜମ୍ପ୍—ବୈ.ବି. ବ (ଇଂ)—ଭୂପୃଷ୍ଠରୁ ଉଚ୍ଚକୁ ଡେଇଁବା—High jump.
Hāi jamp

ହାଇଜା—ସା. ବ—ଉଇଜା; ଝାଡ଼ାଉଜ; ବିସୂଚିକା—Cholera.
Hāijā
ଓଳାଓଠା हैजा

Digitized by srujanika@gmail.com

ହାଇ ଟାଇଡ୍—ବୈ.ବେ. ବ (ଇଂ)—ଗୁର୍ଣ୍ଣିମାରେ ଓ ଅମାବାସ୍ୟାରେ
Hāi ṭāid ସମୁଦ୍ରରେ ଉଠିବା ଭଟିଭମ ଜୁଆର—
ହାଇ ଟାଇଡ ହାइ ଟାइड High tide.

ହାଇଡ ପାର୍କ୍—ବୈ.ବେ. ବ (ନାମ (ଇଂ)—ଇଂଲଣ୍ଡର ରାଜଧାନୀ
Hāid pārk ଲଣ୍ଡନ ନଗରୀର ଗୋଟିଏ ଅଂଶ, ଯେଉଁଠାରେ
ବଡ଼ଲୋକ ଓ ଧନୀମାନେ ବାସ କରନ୍ତି—Hyde park
ହାଇଡପାର୍କ हाइडपार्क of London town.

ହାଇଡ୍ରୋକ୍ଲୋରିକ୍ ଏସିଡ୍—ବୈ.ବେ. ବ (ଇଂ)—ହାଇଡ୍ରୋଜେନ୍ ଓ
Hāidroklorik esid କ୍ଲୋରାଇନ୍ ନାମକ ଉପାଦାନଦ୍ୱୟରୁ
ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ ଜଳୀୟ ପଦାର୍ଥ—
Hydrochloric acid.

ହାଇଡ୍ରୋଜେନ—ବୈ.ବେ. ବ (ଇଂ)—ଜଳର ଗୋଟିଏ ଉପାଦାନ
Hāidrojen ବାଷ୍ପ; ଜଳଜାତ ବାଷ୍ପ—Hydrogen.
ହାଇଡ୍ରୋଜେନ हाइड्रोजेन

ହାଇଦର୍—ବୈ.ବେ. ବ (ଅ)—ମୁସଲମାନଙ୍କ ନାମ—
Hāidar A name given to Mahommedans.
ହାଇଦର हाइदर

ହାଇଦର୍ ଅ(ଆ)ଲି—ବୈ.ବେ. ବ (ନାମ) (ଆ) ମୟୀଶୂରର ଜଣେ
Hāidar a(ā)li ସ୍ୱର୍ଗତ ସୁଲତାନ—(Hayder Ali); A late
ହାଇଦରଆଲି हाइदरअलि Sultan of Mysore.

[ଦ୍ର—ଏ ପ୍ରଥମ ମୟୀଶୂର ରାଜାଙ୍କ ସୈନ୍ୟଦଳଭୁକ୍ତ
ହୋଇ ଗୋଟିଏ ଶତ୍ରୁର କରିବା ପରେ ସେନାପତି ହୋଇ-
ଥିଲେ। ସେ ୧୭୬୧ ଖ୍ରୀ.ରେ ମୟୀଶୂର ରାଜାଙ୍କୁ ଗାଦିରୁ
ଉଡ଼ାଇ ଆପେ ମୟୀଶୂରର ସିଂହାସନରେ ବସିଲେ ଓ ଦାକ୍ଷି-
ଣାତ୍ୟର ନିଜାମଙ୍କ ସଙ୍ଗେ ଇଂରେଜଙ୍କ ବନ୍ଧୁତାରେ ସନ୍ଧିରେ
ଆବଦ୍ଧ ହେଲେ। ଏନ୍ତୁ ଏ ଦୁହିଙ୍କୁ ଇଂରେଜମାନେ ପସ୍ତୁ
କଲେ। ଘରେ ଏହାଙ୍କ ସଙ୍ଗେ ଇଂରେଜଙ୍କର ୧୭୬୯ ଖ୍ରୀ.ରେ
ସନ୍ଧି ହେଲା। କନ୍ତୁ ଉକ୍ତ ସନ୍ଧିର ସର୍ତ୍ତ ଅନୁସାରେ ଇଂରେଜ
ମାନେ ହାଇଦରଙ୍କୁ ମରହଟ୍ଟାଙ୍କ ବିରୋଧରେ ସାହାଯ୍ୟ
ଦେଲେ ନାହିଁ। ପ୍ରଥମ ମରହଟ୍ଟା ଯୁଦ୍ଧରେ ଏ ଇଂରେଜମାନଙ୍କ
ବିରୋଧରେ ମରହଟ୍ଟାମାନଙ୍କୁ ସାହାଯ୍ୟ କରିଥିଲେ। ତହିଁରେ
ଏହାଙ୍କ ସଙ୍ଗେ ଇଂରେଜମାନଙ୍କର ଦ୍ୱିତୀୟ ମୟୀଶୂର ଯୁଦ୍ଧ
(୧୭୮୦ ଖ୍ରୀ.) ହୋଇଥିଲା। ଏହାଙ୍କର ୧୭୮୨ ସାଲରେ
ମରୁ ହେବାରୁ ଏହାଙ୍କ ପୁତ ଟିପୁ ସୁଲତାନ୍ ମୟୀଶୂର
ସିଂହାସନରେ ବସିଲେ। ଏହାଙ୍କ ନାମ ଅନୁସାରେ
ଦକ୍ଷିଣର ହାଇଦରାବାଦ ରାଜ୍ୟର ନାମକରଣ ହୋଇଅଛି]

ହାଇଦ୍ରାବାଦ୍—ବୈ.ବେ. ବ (ନାମ)—୧। ଦାକ୍ଷିଣାତ୍ୟର ମୁସଲମାନ୍
Hāidarābād ନିଜାମଙ୍କ ଶାସିତ ମିଶ୍ରରାଜ୍ୟ ଓ ତହିଁର ରାଜଧାନୀ—
[ହାଇଦ୍ରାବାଦ୍—ଅନ୍ୟରୂପ] 1. Name of the Indian
ହାଇଦ୍ରାବାଦ State of Deccan governed by His
ହାइदराबाद Exalted Highness the Nizam and its
capital; Hyderabad.

[ଦ୍ର—ଏହା ପ୍ରାଚୀନ ଗୋଲକୁଣ୍ଡା ଓ ବ୍ରାହ୍ମଣୀ (ବାହମନୀ)
ରାଜ୍ୟ ଥିଲା। ଏହାର ଫେଥେଲ ୮୭୨୯ ବର୍ଗମାଇଲ୍,
ଲୋକସଂଖ୍ୟା ୧୧୩୪୨ଜନର ସେନ୍ସସ୍ ଅନୁସାରେ ୧କୋଟି
୪୪ ଲକ୍ଷ। ଏହାର ଉତ୍ତରରେ ଓ ପୂର୍ବରେ ମଧ୍ୟପ୍ରଦେଶ;
ଦକ୍ଷିଣରେ ମାଦ୍ରାଜ ପ୍ରଦେଶ; ପଶ୍ଚିମରେ ବମ୍ବେଇ ପ୍ରଦେଶ।
ଏହାର ଅଧୀଶ୍ୱରଙ୍କୁ 'ନିଜାମ୍ ଉଲ୍ ମୁଲ୍ କ୍' ବୋଲଯାଏ।
ଏହି ରାଜ୍ୟ ଶାସନାର୍ଥେ ୧୧ଟି ବିଭାଗରେ ବଣ୍ଟା। ଏହି
ରାଜ୍ୟ ମଧ୍ୟରେ ଇଂରେଜ ଶାସିତ ୪ଗୋଟି ସେନାନିବାସ
ବା ଛାଉଣୀ ଅଛି] ୨। ଅଫ୍ଗାନିସ୍ତାନର ସିନ୍ଧୁ ପ୍ରଦେଶର
ସିନ୍ଧୁ ନଦ ଉପରେ ଥିବା ଗୋଟିଏ ପ୍ରଧାନ ନଗର ଓ
ଛାଉଣୀର ନାମ—2. Name of a city in Sindh
on the Indus river,

ହାଇପର୍ବୋଲା—ବୈଦେ. ବ (ଇଂ) (ଗଣିତ ଓ ବିଜ୍ଞାନ)—ଗୋଟିଏ
Hāipar bolā ରେଖାକୁ ଲମ୍ବଭାବରେ ଗୋଟିଏ ସରଳ ରେଖା
ହାଇପର୍ବୋଲା ଦ୍ୱାରା କାଟିଲେ ତହିଁରୁ ଉତ୍ପନ୍ନ
ହେବା ବକ୍ରରେଖାର ଦୁଇଟି ଶାଖାର କ୍ଷେତ୍ରଦ୍ୱୟ—
Hyperbolā.

ହାଇପି ସାଇପି ହେବା—ଦେ. କ୍ରି—୧। କୃତ ବା ଅକୃତ କାର୍ଯ୍ୟ ପାଇଁ
Hāipi sāipi hebā ବିଶେଷ ଅନୁଶୋଚନା କରିବା—
ହାହୁତାଶ କରା पश्चात्ताप करना 1. To regret
much for a past action; to repent.
(ଉ—ଜେଜାବୁଆ ଅମ ସଜମା ନାମାଙ୍କି ବଦ୍ଦା କରି ଦେଲ
ବେଳେ, ହାତ ପୂର୍ ଆଠ ଗୁଲବାରୁ କେତେ ହାଇପି ସାଇପି
ହେଲେ—ଏକାଦଶୀ ବେପା, ଅବସର ସଙ୍ଗିମା।] ୨।
ହାଇଁଯାଇଁ ହେବା—2. To hanker for doing
ହାଇ ପାଇଁ ହଓୟା जालायित होना any thing
ବା କୌଣସି ଅପ୍ରାପ୍ତ ବସ୍ତୁ ପାଇବା ପାଇଁ ଲାଳାୟିତ ହେବା—
3. To have a hankering for a thing.

ହାଇ ପାରିବା—ଆଦେ (ସମ୍ବଲପୁର) କ୍ରି—ହାଇ ମାରିବା—
Hāi pāribā To yawn.

ହାଇପୋଡର୍ମିକ୍ ପିଚକାରୀ—ବେ. ବ (ଇଂ ହାଇପୋଡର୍ମିକ୍+ଓ,
Haipodarmik pichakārī ପିଚକାରୀ)—ଯେଉ
(ହାଇପୋଡର୍ମିକ୍ ସିରିଞ୍ଜ—ବୈଦେଶିକ ରୂପ) ପିଚକାରୀ ଦ୍ୱାରା ଜଳୀୟ
ହାଇପୋଡର୍ମିକ୍ ପିଚକାରୀ ଔଷଧ ରୋଗୀର ଚର୍ମ ଭିତରକୁ ଭର୍ତ୍ତି କରିଯାଏ-
हाईपोड़र्मिक पिचकारी Hypodermic syringe.

ହାଇଫେନ୍—ବୈବେ. ବ (ଇଂ)—(ଅଧୁନିକ ଲେଖାରେ ଇଂରାଜୀ ଶବ୍ଦର
Hāipben ଅନୁକରଣରେ ବ୍ୟବହୃତ)—ଦୁଇଟି ଶବ୍ଦ ବା ବର୍ଣ୍ଣ
(ହାଇଫନ୍—ଅନ୍ୟରୂପ) ସଯୋଜକ କ୍ଷୁଦ୍ର ଚିହ୍ନ; (-)—
ହାଇଫେନ हाईफेन Hyphen.

ହାଇବାଇ ହେବା—ଦେ. କ୍ରି—ହାଇଁଯାଇଁ ହେବା (ଦେଖ)—
Hāibāi hebā Hāiñpāiñ hebā (See)

ହାଇମରିଚ୍—ଆଦେ (ବାଲେଶ୍ୱର) ବ—ଜୁଣ୍ଡଗୋଡ଼ା ଗୁଳ୍ମ—
Hāi marichā Toddalia Aculeata (thorny
shrub).

Digitized by srujanika@gmail.com

ହାଇ ମାରିବା—ଦେ. କ୍ରି—୧ । ଜୃମ୍ଭଣ କରିବା; ଘାଣ୍ଟି ମେଲ୍ଲକର ଦାଣ୍ଟ ବାଟେ ବଧାସ ଛଡ଼ିବା—To yawn.
Hāi māribā
ହାଇତୋଳା ଜ'ମାଇଲେନା (ଉ—ମୁହୁର୍ମୁହୁ ହାଇ ମାର ଘୁଣ୍ଟିକ ଘୁଣ୍ଟି'ଇ—ବ୍ରଧାକାଥ ମହାପାତ୍ର ।) ୨ । (ଲକ୍ଷଣାର୍ଥ) ପରଶ୍ରୀକାତର ହେବା; ପରର ସୁଖ ଦେଖି ଦୁଃଖରେ ସାର୍ଘନିଃଶ୍ୱାସ ମାରିବା—2. To sigh at another's weal. (ଉ—ନ ମାର ପରକୁ ହାଇ ଗୋ। ନର ନାଶ୍ୱ ସେତେ ଅଛନ୍ତ ସଭାରେ ସଦ୍ୟ ଲଜ୍ଜୀ ଲୁଇ—ବାଲକୃଷ୍ଣ, ଫୁଲ ବହୁଳବେଣୀ ।) ୩ । ପ୍ରବଳ ପରାକ୍ରମୀ ଅତ୍ୟାଚାରୀର ଅତ୍ୟାଚାରକୁ ଦମନ କରିବା ପାଇଁ ସମର୍ଥ ନ ହେଇ (ନିଜଳ ବ୍ୟକ୍ତି) ଈଶ୍ୱରଙ୍କୁ ସାକ୍ଷୀ ରଖି ସାର୍ଘନିଃଶ୍ୱାସ ତ୍ୟାଗ କରିବା—3. To emit sighs by invoking God to witness the oppressions of an all powerful oppressor.

ହାଇରେ—ଦେ.ଅ (ସ.ହା)—ଶୋକାର୍ଥକ ଅବ୍ୟୟ—(ଯାହାକୁ ସମ୍ବୋଧନ କରିଯାଏ, ସେହି ଶବ୍ଦ ସଙ୍ଗେ ଲାଗେ)—Alas ! Oh !
Hāire
ହାୟରେ ହାୟରେ (ଯଥା—ହାଇ ରେ ବଧାତା ! ହାଇ ରେ କପାଳ !)

ହାଇରେ କପାଳ(ବିଧାତା)—ଦେ. ଅ—ଖେଦରେ ବା ଶୋକରେ
Hāire kapāla(bidhātā)
ହାୟରେ କପାଳ ହାୟରେ କପାଲ ବିଧାତାକୁ ବା କପାଳକୁ ନିନ୍ଦା କରି ଉଚ୍ଚାରଣ କରିବା ପଦ—(interjection) Alas, my luck!

ହଇଲାଣ୍ଡ୍—ବୈଦେ. ବ (ନାମ) (ଇଂ)—ସ୍କଟ୍‌ଲଣ୍ଡ୍‌ର ପାର୍ବତ୍ୟପ୍ରଦେଶ—
Hāilānḍ
ହାଇଲ୍ୟାଣ୍ଡ ହାଇଲେଂଡ The Highlands of Scotland.

ହାଇ ଲେବ(ଭ)ଲ୍‌କେନାଲ୍ (ନାଲ)—ବୈଦେ. ବ (ଇଂ)—ଓଡ଼ିଶା
Hāi leba(bha)lkenāl(nāla)
ରାଜଧାନୀ କଟକରୁ ୬ ମାଇଲ ଦୂରବର୍ତ୍ତୀ ଚଉଦୁଆରଠାରୁ ବରୂଣା ନଦୀର ଆନଙ୍କଟ୍‌ରୁ ବାହାର, ମେଦନୀପୁରର ଗେଉଁଖାଲ ପର୍ଯ୍ୟନ୍ତ ଖୋଳା ଦୋଇଥିବା ନାଳ, ଯାହାବାଟେ ଓଡ଼ଶାରୁ ବୋଟ ଓ ଡଙ୍ଗା ମେଦନୀପୁରକୁ ଯାତାୟାତ କରେ)—The High-level canal of Orissa.

ହାଇ(ଇଁ) ସାହାସ—ଦେ. ବ (ସ. ଦୁଃସାହସ)—ଦୁଃସାହସ—
Hāi(iñ) sāhāsa
ଦୁଃସାହସ ଦୁଃସାହସ Foolhardiness.

ହାଇ(ଇଁ)ସାହାସା(ସାହାସିଆ)—ଦେ. ବିଣ. ପୁଂ ଓ ସ୍ତ୍ରୀ—ଦୁଃସାହସିକ—
Hāi(iñ)sāhāsā(sāhāsiā)
[ହାଇ(ଇଁ) ସାହାସୀ(ସାହାସେଣ୍ଡ)—ସ୍ତ୍ରୀ] Foolhardy; rash.

ହାଇହାଇ କରିବା—ଦେ. କ୍ରି—ହାୟ୍ ହାୟ୍ କରିବା; ଶୋକ କରିବା—
Hāi hāi karibā
ହାୟହାୟକରା ହାୟ ହାୟ କରନା To bewail.

ହଇ(ସ୍ତ୍ରୀ)ହିଲ୍—ବୈଦେ.ବ (ଇଂ)—ସ୍ତ୍ରୀମାନଙ୍କ ବ୍ୟବହୃତ ଉଚ୍ଚ ଏଡ଼ୀଯୁକ୍ତ
Hāi hi[hī]l
ଜୋତା—High-heeled shoes for females.
ହାଇହିଲ ହାଇହିଲ

ହାଉ—ଦେ. ଅ (ଧ୍ୱନ୍ୟନୁକରଣ,ସ.ହା; ହାହାକାର)—ଶବ୍ଦଥା ବା ଚିତ୍ତ
Hāu
ବ୍ୟକ୍ତିର ଡାକ; ହଠାତ୍ ବିପଦ ଓ ତତ୍କର୍ତ୍ତବ୍ୟ-
ହାଉ ହାୟ ବିମୂଢ଼ ବ୍ୟକ୍ତିର ନିରର୍ଥକ ଧ୍ୱନି । (ଯଥା—ନଆଁ ଲଗିଲେ, ବାଘ ହାକୁଡ଼ିଲେ, ଡକାଏତ ଆକ୍ରମଣ କଲେ)—A sound of alarm made by a person who is bewildered and beset with sudden danger.

ହଠାତ୍ ହଠାତ୍ ଦେ. କ୍ରି. ବିଣ [ସ. ହଠାତ୍]—୧ । ହଠାତ୍—1. All at once. [ଯଥା—ବାରୁଦରେ ହାଉଳକନ ନଆଁ ଲଗିଗଲା ।] ୨ । ହଠାତ୍ ଓ ଅତି ତୀବ୍ରତ୍ୱରେ—2. All at once and very sharply. ଯଥା—ଧାରୁଆ ଲଙ୍କାମରିଚରେ ମୋ ଘାଣ୍ଟ ହାଉଳକନା ଜଳ ଛଟିଲା] ଦେ. ବ—୧। ଶୋକଜନିତ ହାହାକାର ବା ରୋଳ—1. The sound uttered by people in grief. [ଯଥା—ଗୃହସ୍ୱାମୀ
ହାୟ ହାୟ ମରିଯିବାରୁ ଭାଙ୍କ ଘରେ ଗୋଟାଏ ଗୋଟାଏ । ହାଉ ହଉଛୁ]—୨ । ଖୁବ୍ ଉତ୍ତପ୍ତ ଧାତୁ ବା ଘାଣ ବା ମାଟି ଉପରେ ଘାଣି ଛଞ୍ଚିଲେ ସେଥିରୁ ଉଠିବା ଉତ୍ତପ୍ତ ବାଷ୍ପ ବା ବାଷ୍ପ—2 Hot vapour rising from a parched ground or hot metal or pot when sprinkled with water.
(ଯଥା—ଜ୍ୟୈଷ୍ଠମାସରେ ପିତାପାଣିଆ ବର୍ଷା ହେଲ୍ଲ ଭୂଇଁରୁ ଗୋଟାଏ ହାଉ ଉଠେ) ୩ । ଶୋକ ବା ଉଦ୍ବେଜନିତ ଶ୍ୱାସଥା ବା ଜଦ୍‌ବେଗ; ଦକ—3. A restlessness produced by grief or fright.
[ଉ—ଏ ବାଣୀ ଶୁଣି ସେ ମନ୍ତ୍ରିମଣି ହୃଦେ ମଣିଲ ହାଉ—ମଧୁସୂଦନ]
[ଦ୍ର ହିନ୍ଦ ଭାଷାରେ 'ହାଉ' ଶବ୍ଦ ଶିଶୁମାନଙ୍କୁ ଉତ୍ତରିବା ପାଇଁ ଓଡିଆ ଭାଷାରେ ବ୍ୟବହୃତ 'ବୋଉ', 'ବୋଉମିନା' 'ଅନ୍ଧାରଗୁଡ଼' ଆଦ ଶବ୍ଦ ସହ ଜଲିତ କମାକାର ଉତ୍ପୃଙ୍କର ଭାବ ଅର୍ଥରେ ବ୍ୟବହୃତ ହୁଏ] ୪ । ଶୋକଜନିତ ସାର୍ଘ-ନିଶ୍ୱାସ—4. A sigh of grief. ୫ । ହାଉଥ—(ଦେଶ)—Hāuṅ (See) [ଉ—ଏ ହାଉ ସୁଗନ୍ଧ, କେତକୀ କୁସୁମ ଅଜିଆମୋଦ—ପ୍ରାଚୀ ରସବାଇଧି ।]

ହାଉଆ—ବୈଦେ. ବ—(ଫା, ହୱା)—୧ । ପବନ; ବାୟୁ—1. Air.
Hauā
୨ । ଜଳବାୟୁ—2. Climate. ୩ । (ଲକ୍ଷଣାର୍ଥ) ହାଓୟା ସଙ ର୍କ—3. (figurative) Connection. ୪ । ହବା (ଲକ୍ଷଣାର୍ଥ) ପ୍ରଭାବ— 4. (figurative) Influence.
[ଯଥା ତାଙ୍କ ଦେହରେ ସାହେବଙ୍କ ହାଉଥ ବାଜିଛୁ ।]

ହାଉଆ ଆ(ଅ)ବାଜ୍—ବୈଦେ. ବ—(ଫା.—ହବା+ଅବାଜ୍)—ଫାଙ୍କା
Hauā ā(a)bāj
ହବାଆବାଜ ଅବାଜ୍; ଶୂନ୍ ଅବାଜ୍; ବନ୍ଦୁକରେ ଗୁଳି ନ ଦେଇ ଫାଙ୍କାଆଓୟାଜ ଫରର୍ ହଲେ ସେଉଁ ଶବ୍ଦ ହୁଏ—Blank firing.

Digitized by srujanika@gmail.com

ହାଉଆ କଥା—ଦେ. ବ—୧ । ଅମୂଳକ ରଟଣା—1. Unfounded report. ୨ । ଶୁଣା କଥା—2. Hear-say matter.
Hāuā kathā ହାଉଆ କଥା ବାହିୟାତବାତ

ହାଉଆ କରିବା—ଦେ. କ୍ରି—ବୀଜିବା—To fan.
Hāuā karibā ହାଓୟା କରା ହବା କରନା

ହାଉଆ ଖାଇବା—ଦେ. କ୍ରି—ବାୟୁ ସେବନ କରିବ ; ଦେହରେ ବାୟୁ ଲଗିଲେ ଘର ଭିତରୁ ଥିବା ଓ ବାୟୁ ହାଉୟା ଖାଓୟା ବନ୍ଦୁଥିବା ସ୍ଥାନରେ ବସିବା ବା ବୁଲିବ —To take an airing.
Hāuā khāibā ହାଓୟା ଲଗିଲ ଘର ଭିତର ଥିବା ଓ ହାଓୟା ଖାଓୟା ବନ୍ଦ ଥିବା ସ୍ଥାନରେ ବସିବା ବା ବୁଲିବ —To take an airing.

ହାଉଆ ଗାଡ଼—ଦେ. ବ—(ଯେଉଁ ଗାଡିରେ ଘୋଡ଼ାଆଦ ଲଗି ନ ଥିବାରୁ ତାହା ବାୟୁଦ୍ୱାରା ବା ଶବ୍ଦରେ ଚଳୁଛ ହାଓୟାଗାଡି ବୋଲି ଲୋକେ ମନେକରନ୍ତି)—୧ । ପବନଦ୍ୱାରା ଚଳିତ ଗାଡ଼—1. Vehicle propelled by wind. ୨ । ମଟର ଗାଡ଼—2. Motor car. ୩ । ସାଇକେଲ—3. Bicycle.
Hāuā gāṛdi ହବାଗାଡି ଚଳନ୍ତ ଗାଡ଼ି

ହାଉଆ ଚକି (କ୍କି) ଦେ. ବ (ଫା.—ହୱା + ଚ, ଚକ)—୧ । ପବନ ଦ୍ୱାରା ଚଳିତ ଅଟାପେଷା କଳ—ହାଓୟା ଚାକି 1. Wind mill. ୨ । କାଗଜର ଚଢ଼େଇ—2, Paper kite.
Hāuā chaki (kki) ହବାଚକ୍କି

ହାଉଆ ଛାଡ଼ିବା—ଦେ. କ୍ରି—ବାୟୁ ଗମନାଗମନ ପଥରୁ ଅବରୋଧ ଦୂର କରି ଚଳାଚଳ କରିବା—To let in air; not to obstruct the free flow of air.
Hāuā chhārdibā ହବା ଛାଡ଼ନା

ହାଉଆ ଜାହାଜ—ବୈଦେ.ବ—(ଫା.—ହୱା + ଜହାଜ)—ଆକାଶ-ଯୋଡ—Aeroplane ; air-ship,
Hāuā jāhāja ହବାଇ ଜହାଜ

ହାଉଆ ଡିଗ୍ରୀ(କ୍ରୀ)—ବୈଦେ. ବ—(ଚଳରଅ)—(ଫା,—ହୱା + ଇଂ ଡିଗ୍ରୀ)—ଡିଗ୍ରୀ ହୋଇଥିବା ଟଙ୍କା କୌଣସି ହାଓୟାଡିକ୍ରି ଜଜ୍ଞିଙ୍କ ଫଉରୁ ଥଦାୟ ନ ହୋଇ ଦେଣଦାରଙ୍କ-ଠାରୁ ଥଦାୟ ହେବା ପାଇଁ କର୍ ଯାଇଥିବା ଡିଗ୍ରୀ—Personal decree or money decree.
Hāuā digrī (kri) ହବାଡିଗ୍ରୀ

ହାଉଆଦାର୍—ବୈଦେ. ବ—(ଫା)—ଯହିଁରେ ପବନ ଚଳାଚଳ ହୁଏ—Having free circulation of air
Hāuādār ହବାଦାର

ହାଉଆ ନିଲାମ (ମ)—ବୈଦେ. ବ—(ଚଳରଅ)—(ଫା)—ଖାତକ ଯେଉଁ ସମ୍ପତ୍ତିରେ ଡିଗ୍ରୀ ହୋଇଥିବା ଟଙ୍କା ଥଦାୟ ହାଓୟା ନିଲାମ ପାଇଁ ବନ୍ଧକ ନ ଥିବା ଭୂସମ୍ପତ୍ତିର ଅଦାଲତରେ
Hāuā nilāma (ma) ହବାନିଲାମ ବନ୍ଧକ—Sale by auction of properties attached in execution of a money decree and not of a mortgage decree.

ହାଉଆ ବଦଳ(ଲ)—ବୈଦେ. ବ. (ଫା. ହୱା + ଥ. ବଦଲ = ପରି-ବର୍ତ୍ତନ)—ସ୍ଥାନାନ୍ତରକୁ ଯିବା ଦ୍ୱାରା ଜଳବାୟୁ ପରିବର୍ତ୍ତନ—Change of climate.
Hāuā badala(li) ହବାବଦଲ

ହାଉଆ ବଦଳା(ଲେ)ଇବା—ଦେ. କ୍ରି—ଏକ ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟ ପକ୍ଷରେ ହିତକର ନ ହେଲେ ଶରୀରର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଯେ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା—To have a change of climate; to go to a place for change.
Hāuā badalā(le)ibā ହବାବଦଲାନା

ହାଉଆ ବନ୍ଧୁକ—ବୈଦେ. ବ—(ଫା. ହୱା + ଆ. ବନ୍ଦୁକ)—ହାଓୟାବନ୍ଧୁକ ବନ୍ଦୁକ—Air-gun
Hāuā bandhuka ହବାବନ୍ଦୁକ

ହାଉଁ—ଦେ. ଥ (ଧ୍ୱନ୍ୟନୁକରଣ)—୧ । ଖାଇବା ପାଇଁ ହଂସ୍ର ଜନ୍ତୁର ମୁଖବ୍ୟାଦାନ; ଅଁ—1. Opening of the mouth wide for eating a victim (said of a wild animal). ୨। (ଶିଶୁଭଜନ ବାକ୍ୟ) ଖାଇବା—2. (Nursery) Eating; meal.
Hāuñ ହାଁ ହାଁ

ହାଉଁ କରି(କିନି, କିନା, ଦସ୍, ଧସ୍)—ଦେ. କ୍ରି. ବଣ—ଦାଁତକରି (ଦେଖ)
Hāuñ kari(kini, kinā, das, dhas) Hāñuñ kari (See)

ହାଉଁ କରିବା—ଗ୍ରା.କ୍ରି—(ଶିଶୁରଞ୍ଜନ ବାକ୍ୟ)-ହାଁଦାଁତକରିବା—(ଦେଖ)
Hāuñ karibā Hāñuñ karibā (See)

ହାଉ ଖସିବା (ପଶିବା)—ଦେ. ବ—ହୃଦସ୍ପନ୍ଦରେ ଦକ ପଶିବା; ଉଦ୍ବେଗ ଜନିତ ଭୟ ବା ଶ୍ରମଜନିତ ଜାଉଡ଼େବା—Sudden terror or consternation. [ହୃ—ନାଶ୍ର ହୃଦସ୍ପନ୍ଦରୁ ଭାବନାଢ଼ୋକା ଉପୈଠନା ଖସି ପଡ଼େ ହାଉ—କବସ୍ପର୍ଶ ସଙ୍ଗୀତ] (ହାଉ ଖସି ପଡ଼ିବା, ହାଉପଶିଯିବା)—ଅନ୍ୟରୂପ
Hāu khasibā (pasibā) ବା ଶ୍ରମଜନିତ ଜାଉଡ଼େବା

ହାଉ ଜାଉ—ଦେ. ବ—ଗଣ୍ଡଗୋଳ; ହଟ୍ଟଗୋଳ; ଘୋଟଘାଟ—ଦେ. ବଣ—୧ । ପାଲୁ ପାଲୁ; ବେଶି ସଙ୍ଖ୍ୟାରେ ଇତସ୍ତତ; ହାଉଚାଉ ଖଦବଦ ବସିଥିବା ବା ଚଲନ୍ତ—1. In great numbers; abounding. (ଯଥା—କଟକ ସହରରେ ବାରୁ ଗୁଡ଼ାକ ହାଉ ଯାଉ ହେଉଛନ୍ତି) । ୨ । ଅସ୍ତବ୍ୟସ୍ତ; ବ୍ୟତିବ୍ୟସ୍ତ ତବାହ ଅଉ ବରକୁ; ବଦ୍ତ —2. Disturbed [ଯଥା—ଭୂମେ ପିଲ୍ଲମାନେ ମତେ ବେଢ଼ି ଏପର ହାଉଜାଉ କଲେ, ମୁଁ ମିଠେଇ ନ ବାଣ୍ଟି ଗଲିଯିବି]—୩। ଅତ୍ତ ବ୍ୟସ୍ତ; ବ୍ୟସ୍ତ ସମସ୍ତ—3. Pestered. [ଯଥା—ଖର୍ ଦନେ ଦଉଦଉଆ ଗୁଡ଼ୁଗୁଳରେ ଦେହରୁ ଝାଳ ବୋହୁ ଓ ଦେହଯାତ ଘିନିଘିନି ଫଳିବାରୁ ମଣିଷ ହାଉ ଯାଉ ହୋଇ ଯାଅନ୍ତୁ ।] ୪ । ଦୈ ଚୈ (ଦେଖ)—Hai chai (See). ୫ । (ଲକ୍ଷଣାର୍ଥ) ସମ୍ପର୍କ; ସମ୍ପର୍କ—5. Relationship; contact.
Hāu jāu ହଟ୍ଟଗୋଳ ହୋହଲ୍ଲା Ado; noise

ହାଉଡ଼ା—ଦେ. ବ (ନାମ)—ହାବୁଡ଼ା; କଲିକତାର ବସ୍ତ୍ୟତ ପାରରେ ଥିବା ନଗର ଓ ଜିଲ୍ଲା—Howrah; (District and town on the opposite side of Calcutta [ଦ୍ର—ଏଠାରେ ଗଙ୍ଗାନଦୀ ଉପରେ ଗୋଟିଏ ସୁପ୍ରସିଦ୍ଧ ସେତୁ (ପୋଲ) ଅଛି ।
Haurdā ହାଓଡ଼ା ହାବଡା

Digitized by srujanika@gmail.com

ଏଠାରେ ବେଙ୍ଗଲ ନାଗପୁର ରେଲୱେ ଓ ଇଷ୍ଟ ଇଣ୍ଡିଅନ୍ ରେଲୱେର ଗୋଟିଏ ସମ୍ମିଳିତ ବଡ଼ ଷ୍ଟେସନ୍ ଅଛି । ଦେ. ଚଣ ଘୁଂ (ସ. ଦ୍ୱାବ; ଯେଉଁ ବ୍ୟକ୍ତି ଦ୍ୱାବ (ହାଉଡ଼ା—ସ୍ତ୍ରୀ)) ବା ଇଙ୍ଗିତ ଦ୍ୱାରା ଭାବ ପ୍ରକାଶ କରେ)— ହାବା, ହାବୁ ବୌକା ୧ । ବୋବା—1. Dumb; mute. [ଉ—ହାଉଡ଼ା କଥା ହାଉଡ଼ା ମାଥ କାଣେ—ପଙ୍କାର ମୋଡ଼ନ ଛମାଣ ଥଠଗୁଣ ।] ୨ । ଖନା—2. Faltering in speech. [ଉ—ସଙ୍ଗୀତ ଜଳସାରେ ହାଉଡ଼ାଟା ମଧ୍ୟ ଆଁ କରୁ ହବ—ଭୃଗ]— ୩ । ଓଲ୍ଲୁ; ନିର୍ବୁଦ୍ଧି ଅ— 3. Foolisb; stupid; idiotic.

ହାଉଡ଼ା ପାର୍—ଦେ ବ—କଲିକତାର ବସ୍ତ୍ୱାଚ ପାର; ଗଙ୍ଗାର ଅପର Hāurdā pāri ପାର, ଯେଉଁ ପାରରେ ହାଉଡ଼ା ଅବସ୍ଥିତ— ହାଓଡ଼ାପାର ହାବଡ଼ାପାର The Howrah side of the river Ganges (opposite to Calcutta).

ହାଉଡ଼ି—ଦେ. ବ—(ଧ୍ୱନ୍ୟନୁକରଣ, ବମ୍ନ ଦ୍ୱାରା) —ହାକୁଟି— Hāurdi ଢେକୁର ଡକାର Belching.

ହାଉଡ଼ି ମାରିବା—ଦେ. କ୍ରି —ହାକୁଟି ମାରିବା (ଦେଖ) Hāurdi māribā Hākuṭi māribā (See) ଢେକୁର ତୋଳା ଡକାର କରନା

ହାଉଡୁ(ଡୁ)ଡୁ—ଦେ. ବ—ଡୁଡୁ (ଦେଖ)— Hāuḍu-u(bu)ḍu ହାଡୁଡୁଡୁ କବଡ଼ଡୀ Ḍudu (See) (ହାଉଡୁଡୁ—ଅନ୍ୟରୂପ)

ହାଉଦା—ବୈଦେ. ବ—(ଆ. ହାଓ୍ୱାଦା)—(ସ. ନାମ ବରଣ୍ଡକ)—୧। ହାତୀ ପିଠିରେ ମନୁଷ୍ୟଙ୍କ ବସିବା ପାଇଁ ଛାଉଣିବା ଗଦି ହାଓଦା ହୌଦା ଓ ବମ୍ବାନଯୁକ୍ତ ଅସନ—1. A stuffed and armed seat or cushion or litter with railings, put over the back of an elephant. [ଉ—ହାଉଦା ଅମାରଅଛୁ ଶିଙ୍କୁଳ, ଦୋଳର ଉଲ୍ଲଅ ଘଣ୍ଟିମାଳ । ବ୍ରଜନାଥ—ସମର ତରଙ୍ଗ ।] ୨ । (ଇଂ. ଚୌବାଚ୍ଚା ଚବଚ୍ଚା ହାଉଜ୍)—୨ । ପାଣି ସଞ୍ଚୟ କର ରଖିବା ପାଇଁ ଇଟାରେ ଓ ଚୁନରେ ପ୍ରସ୍ତୁତ କୁଣ୍ଡ; ଚଉବଚ୍ଚ—2. A reservoir for storing water.

ହାଉଦା କଷିବା—ଦେ. କ୍ରି—ହାତୀ ପିଠିରେ ହାଉଦାକୁ ଯକାଇ ଭାଲ୍ Hāudā kashibā ରଜ୍ଜୁ ଆଦି ଦ୍ୱାରା ଦୃଢ଼ ସଲଗ୍ନ କରିବା— To set the cushion on the back of the ହାଓଦା କସା ହୌଦାକସନା elephant tightly.

ହାଉ ପଶିବା—ଦେ. ବ—କୌଣସି ଅଦୃଶ୍ୟ ବିଷୟରୁ ଉତ୍ପନ୍ନ ହାଉ Hāu pasibā ମନରେ ଗୋଟାଏ ଶଙ୍କା ପଶିବା— The state of having a terror left in the mind after a sudden fright; alarm. [ଉ—ଘର [ହାଉ ପଶିବା—ଅନ୍ୟରୂପ] ଗୋଡ଼ ଗଲ୍ଲ ବୋଲି ଗୋଟାଏ ଭାଳୁ ଶୁଣିଲାପରି ମୋ ଦେହରେ ଗୋଟାଏ ହାଉ ପଶିଗଲ] ଭାବନା ଢୋକା ଦାଉପଠନା

ହାଉ ପୂରା(ରେ)ଇବା—ଦେ. କ୍ରି—୧ । ଅକସ୍ମିକ ବିପଦ ଘଟିଯିବାପରେ Hāu purā (re) ib ଆପଣା ମନକୁ ଶଙ୍କା କରିବା— 1. To continue to have the terror in one's mind even after a sudden fright is over. ୨ । କୌଣସି ଶୋକଜନକ ଘଟନା ଘଟିବା ପରେ ଆପଣା ମନରେ ସବଦା ସେହି ହାହାକାର ବା ଘୃଣା ଜଗାଇବାକୁ ସ୍ଥାନ ଦେବା—2. To continue to cherish the sighting till long after the matter for sigh is gone. ହା ହୁତାଶକରା ହାଉପଠାନା

ହାଉମରିଆ—ଗ୍ରାଦେ. (ଗଡ଼ଜାତ) ବ—ଭୂଣ ଘୋଡ଼ା ଗୁଳ୍ମ— Hāumarichia Toddalia Aculeata (thorny shrub). [ଉ—ଏହାର ଯତ୍ନକୁ ମକରଲେ ଭହିଁରୁ ମରତ ପର ଗନ୍ଧ ବାହାରେ । ଏହି ଯଜ୍ଞ ବ୍ରଣ ଆଦରେ ପକାନ୍ତି । ଯନ୍ତ୍ର ପେଟ ବାଗରେ ପକାଇଲେ ପାଅଶୁଗେ) ଚିତି ଆଡ଼ିଆ ପଡାଇଲେ ବଥ ଅଦ ପାରେ]

ହାଉୟା(ଆ)ଗୁଡ଼ି ମାରିବା—ଗ୍ରାଦେ. (ବାଲେଶ୍ୱର) କ୍ରି—ପବନ ଯେଉଁ Hāuyā(ā) chhārḍi māribā ଅଡୁଲୁ ବନ୍ଧୁଥାଏ ସେଥରୁ ଗୁଡ଼ିକୁ ଅନ୍ୟ ଥାଡ଼କୁ ଘେନଯାଇ ସେଥି ବସାଇବା—To take the paper kite from the direction of the wind tactfully to another direction.

ହାଉୟା(ଆ)ଗୁଡ଼ିଯିବା—ଗ୍ରାଦେ (ବାଲେଶ୍ୱର) କ୍ରି— ପବନ ନ ବହିବା Hāuyā(ā)chhārḍi jibā ଯୋଗୁଁ ଜମା ହେନ ବନ୍ଧୁଥିବ ଜଗରୁ ଗୁଡ଼ ଅନ୍ୟ ଅଡୁଲୁ ପିବା ଯୋଗୁଁ, ଗୁଡ଼ିର ଦେହରେ ଅଜ୍ଞ ପବନ ନ ଲାଗିବାରୁ ତହିଁ ପଲଟେ ଗୁଡ଼ି ଚଲୁ ଦେଖିପଡ଼ିବା—(a paper kite) To come down to the ground for want of a current of wind.

ହାଉୟା(ଆ) ଧରିବା—ଗ୍ରା ଦ. (ବାଲେଶ୍ୱର) କ୍ରି— ଗୁଡ଼ି ଦେହରେ Hāuyā(ā) dharibā ପବନ ବାଜିବାରୁ ଭାଙ୍ଗି ଯିବାକୁ ସମଥ ହେବା—(a paper kite) o be able to soar high by the effect of wind.

ହାଉର୍ ହାଉର୍ ହେବା—ଗ୍ରାଦେ (ସମ୍ବଲପୁର) କ୍ରି— (ଖାଇବସିବା Hāur Lāur Lelā ଲେଳ) ଅଧିକ ଖାଇବାକୁ ବଥ ବୋଲି ବାରମ୍ବାର ମାଗିବା—To repeatedly ask for more food being served on the plate.

ହାଉଲ ଗୁ(ଘା,ବା,ମା) ଉଲ ହେବା—ଦେ. କ୍ରି—(ସଂ. ଅବ୍ଦଲ)—୧। Hāula chā(pā,b ā,m ā) ula hebā କୌଣସି ବସ୍ତୁ ପାଇଁ ଆକୁଳ ବିକୁଳି ହଓୟା ବ୍ୟକ୍ତି ଓ ବସ୍ତୁତା ବେଢ଼ ଇତସ୍ତତଃ ଖୋଜି- ବ୍ୟସ୍ତ ହୋନା ହେବା ଧଡ଼ି ହେବା—1 To eagerly search after a thing. ୨। ଅତ୍ୟନ୍ତ ଅବ୍ଦଲ ଓ ବିହ୍ୱଳ ହେବା, ଉତ୍ତଳ ବିତଳ ହେବା— To be restles

Digitized by srujanika@gmail.com

with anxiety or pain ୩ । ଯାଗଲଘର ଇତସ୍ତତଃ ଘୂରବୁଲିବା—3. To wander like a madman; to move madly about. ୪ । ହାଉଳଖାଇବା; ଉଦ୍ଦେଶ୍ୟହୀନ ଭାବରେ ଇତସ୍ତତଃ ଗୁଲତ ଦେବା—4. To move here and there aimlessly

ହାଉଲ୍‌ଦାର୍—ବୈଦେ. ବ—ହାବଲ୍‌ଦାର୍ (ଦେଖ)—Hāul-dār Hābil-dār (See).

ହାଉଲା—ଦେ. ବଣ. ପୁଂ—(ସଂ. ବାତୁଲ)—୧ । ଯେଉଁ ଲୋକ ଶୀଘ୍ର ଚୁକ୍‌କଥା ଭୁଲିଯାଏ; ଯେଉଁ ବ୍ୟକ୍ତିର ଚହ ମନେ (ହାଉଲୀ—ସ୍ତ୍ରୀ) ରହେ ନାହିଁ—Hāulā 1. Forgetful (person). ୨ । ଯେ ସବୁ କଥା ସାମୋର ପକାଏ—2. Oblivious. ୩ । କାର୍ଯ୍ୟକଳାପରେ ଅସଂଯତ—3. Unsystematic or uncontrolled in action. [ବ୍ୟୁ—ହାଉଲା ଲୋକ ଏଡ ସ୍ଥାନରେ ଗୋଟିଏ ଜିନିଷ ରଖି, ଅନ୍ୟ ସ୍ଥାନ ଖୋଜେ; କାର୍ଯ୍ୟସ୍ଥଳକୁ ଗଲାବେଳେ ଘରୁ କେତେକ ଅବଶ୍ୟକ ସରଞ୍ଜାମ ସଙ୍ଗରେ ଘେନିଯିବାକୁ ଭୁଲିଯାଏ; ଯାହାକୁ ଯହା କରିବାକୁ ଦେଇଥାଏ, ତାହା ସାମୋର ପକାଏ ।]

ହାଉଲା—ବୈଦେ ବ—(ଚଉରଥ) (ଅ. ହବାଲ)—୧ । ଜିମାଦାରୀ—Hāulā 1. Custody. ୨ । ବଙ୍ଗଦେଶର ବାକରଗଞ୍ଜ ହାଓଲା, ହାଓୟାଲ୍ ଜିଲ୍ଲାରେ ଦଇତ ଜମିକୁ ଆବାଦ କରିବା ପାଇଁ ହବାଲା ଥବାଦକାରୀଙ୍କୁ ଦିଆ ଦଅଣିବା ଚାଲୁକ ବା ମଧ୍ୟସ୍ଥ—2. An undertenure in Backergunj district in Bengal granted for reclamation of waste land. [ବ୍ୟୁ—ଏହ ମଧ୍ୟସ୍ଥ ବା ହାଉଲା ନେଇଥିବା ବ୍ୟକ୍ତ (ହାଉଲଦାର୍) ପୁଣି ଅନ୍ୟ ଲୋକକୁ ଦରଅଣା ଦେଲେ ସେମାନଙ୍କୁ 'କମ୍ ହାଉଲା' କୋଲାଯାଏ ।]

ଦାଁଡ଼ କରୁଆର ୩ । ନୌକାର ଅସ୍ତ୍ର—3. Oar.

ହାଉଲ୍(ଲେ)ଇବା—ଦେ.କି—୧ । ଡଙ୍ଗାକୁ ଚଲାଇବା ପାଇଁ ଅସ୍ତ୍ର Hāulā(le)ibā ଚଳାଇବା—1. To row a boat; to ply ଦାଁଡ଼ଫେଳା ବା ଟାଣା the oar. ୨ । କୌଣସି କାର୍ଯ୍ୟର ଗତ କରୁଆର ଚଲାନା ବା ବେଗକୁ କମାଇବା—2. To slow down the pace or motion of any thing.

ହାଉ(ଓ)ଲାତ୍—ବୈଦେ. ବ—(ଅ. ହାବାଲାତ୍ ନଜରବନ୍ଦୀ; ହବାଲ୍=ସାରଫଡଦାଶ, ଜମାଦାଶ)—୧ । ଅଳ୍ପଦନ ପାଇଁ ହାଓଲାତ ବନା ସୁଧରେ ଦଅଣିବା ଋଣ—1. Loan ହଥକେର ହବାଲାତ୍ advanced without interest for short periods. ୨ । ଖୁଚରାମାନଙ୍କ ଦରମା ମିଳିବା ପୂର୍ବରୁ ସେମାନଙ୍କର ଆବଶ୍ୟକ ପଡ଼ିଲେ, ସେମାନଙ୍କୁ ଦଅଣିବା ଜୁଧାର ଧନ (ଯାହା ଦରମା ବାଦରେ ସେ ପଜୁ ବଅଡ଼ ।)—2. Advance made to a ହାଓଲାତ servant towards his pay. ୩ । ଜୁରପ୍ରାପ୍ତ ଅଗାଉ କର୍ମଚାରୀଙ୍କୁ ଅବଶ୍ୟକ ସରକାରୀ ବ୍ୟୟ ଚଲାଇବା ପାଇଁ ଦଅଣିବା ଟଙ୍କା (ଘରେ ହୁସାବ ମିଳାବଲ୍ଲ କରି ଯାହାର ବଲ୍ ମଞ୍ଜୁର୍ କରିଯାଏ ।)—Advance made to officers to meet current expenses. ୪ । ନ୍ୟାସ; ଡିପାଜିଟ୍—4 Deposit; money deposited in trust. ୫ । ତହବଲରୁ ଟଙ୍କା ସରଗଲେ ତହବଲର ଜିମାପ୍ରାପ୍ତ କର୍ମଚାରୀ ଯେଉଁ ଟଙ୍କା ଜୁଧାର ଦେଇ କାମ ଚଲାଇଥାଏ—(ଯାହା ଘରେ ତହବଲରୁ ଟଙ୍କା ଅଣିଲେ ସୁଝ ହୁଏ ।)—5. Advance made by a person in charge of cash to meet any urgent expense ୬ । ହାଜତ—6. Hajat; confinement of an undertrial person. ୭ । ହାଜତ ଘର—7. Lock-up ୮ । ନଜରବନ୍ଦୀ—8. Surveilance.

ହାଉଲାତି—ବୈଦେ. ବଣ—(ଆ ହାଉଲାତି; ହବାଲ୍)—ହାଉଲାତ୍ ବା ଜୁଧାର କରିଯାଇଥିବା (ଧନ)—Hāulāti Advanced money. ହାଓଲାତି ହାତଫେରୀ

ହାଉଲଦାର୍—ବୈଦେ. ବ (ଅ)—ବାକରଗଞ୍ଜଜିଲ୍ଲାର ହାଉଲ ନାମକ ମଧ୍ୟସ୍ୱତ୍ୱରୁ ଜମିଦାରଙ୍କଠାରୁ ପଟ୍ଟା ନେଇଥିବା ବ୍ୟକ୍ତ ସ୍ୱତ୍ୱାଧିକାରୀ—Hāuladār An under tenure-holder in Backergauj. [ବ୍ୟୁ—ଏହାର ଅଧସ୍ତନ ମଧ୍ୟସ୍ୱତ୍ୱାଧିକାରୀଙ୍କୁ କମ୍ ହାଉଲଦାର ବୋଲିଯାଏ] ହାଓଲାଦାର ହବାଲାଦାର

ହାଉଲା ବାଉଲା—ଦେ. ବଣ. ପୁଂ (ସଂ. ବାତୁଲ)—୧ । ବାତୁଲ—Hāulā bāulā 1. Mad. ୨ । ବାତୁଲତାପୂର୍ଣ୍ଣ—2. Mad [ହାଉଲୀ ବାଉଲୀ—ସ୍ତ୍ରୀ] denedo. ପାଗଳା ହାଉଲାବାଉଲା

ହାଉଲି—ଦେ.ବଣ—ନାନାଶ୍ରେଣୀର ବା ପ୍ରକାରର ମିଶା (ଧାନଗହଲଆଦି) Hāuli Mixed; of many sorts; medley. ବେ. ବ—୧ । ପୂର୍ଣ୍ଣରୂପେ ନଦ୍ରା ଛାଡ଼ି ନ ଥିବା ଅବସ୍ଥାରେ କଣ୍ଟାଳଦରୁ ଜଠି ଦଠାର୍ ଖୁଚ ଦେଇ ଦରଖୋଜ ଦେବା ବା ହାଉଡ଼ ଦେବା—1. Grovelling or groping when one has not fully shaken off his sleep. ୨ । ହାଉଡ଼ା ଦେବା; ହାଉଳ ହୋଇ ଖୋଜ ଦେବା—2. Groping after a thing in forgetfulness. ୩ । ଅଗ୍ନିର ଉତ୍ତାପ (ଗୋପୀନାଥ ନନ୍ଦ)—3. Heat of fire. ୪ । ଗଣ୍ଡଗୋଳ; ଗୋଳମାଳ; ମୁଖବନ୍ଧ; ହୁଇର—4. Noise; ado. [ବ୍ୟୁ—ମା ହୁଁଅଁ ଏ ହାଉଳିରେ ଗାଁ ଲୋକେ ଧଇଁ ପଡ଼ିଲେ—କୁନ୍ତଳାକୁମାରୀ. ନଥଭୁଣ୍ଡୀ]

ହାଉଦେ. (ସମ୍ବଲପୁର,ଗଡ଼ଜାତ) ବ.—ଚମ୍ପେଇନେଉଳ—A kind of lizard with a smooth skin and red tail. ମେଶାମେଶି

ହାଉଳିଆ—ପ୍ରାଦେ. (ସାଜପୁର) ବଣ—ଅବ୍ୟବସ୍ଥିତ—Unmethodical. Hāuliā [ଯଥା—ହାଉଳିଆ ଲୋକ]

Digitized by srujanika@gmail.com

ହାଉଳି ଖାଇବା—ଦେ. କି—ଶଯ୍ୟା ଉପରୁ ଉଠି ହଠାତ୍ ସ୍ପଷ୍ଟ ହୋଇ
Hāuli khāibā ବା ବାଲ୍ଲା ହୋଇ ବିଛଣାରେ ବା ଭୂମିରେ
ଦଗ୍ଧଣ୍ଡି ହେବା—1. To grope on the bed or
ground on being suddenly awaken from
deep sleep. [ଉ—ମାଇକ୍ରୋଅମାନେ ଜଦବାଲ୍ଲାରେ
ହାଉଳି ଖାଇ ଦେହ ଲୁଗା ଦେଇ + + + ଗଛ
ମୂଳରେ ବସି ଅଛନ୍ତି—ଫକୀର ମୋହନ. ଛମାଣ ଆଠଗଣ୍ଠି]
୨ । ଦଳ ଦଳ ହୋଇ ଇତସ୍ତତଃ ବୁଲିବା—2. To
move in crowds at random; to wonder
aimlessly in crowds. [ଯଥା—ଶ୍ରାବଣମାସରେ ମେଘ
ହାଉଳି ଖାଇଥାଏ] ୩ । ଭୟରେ କାନ୍ଦିଲା ବା ଅସ୍ଥିର
ହେବା—3. To become restless through
fear. ୪ । ଗଡ଼ାଗଡ଼ି ହେବା; ଚଡ଼ଚଡ଼ାଇ ହେବା—
4. To wallow or roll on the ground.
ହାତଡ଼ାନ ହାତୋଳନା

ହାଉଳି ଗୁଡ଼ଳ—ନାନା ଢଙ୍ଗର ମିଶା ଗଡ଼ଳ—Rice consisting
Hāuli chāula of many varieties mixed together.
[ଉ—ଏହିପରି ହାଉଳିଆଣ ଦ୍ରବ]
ମେଶାମେଶିଚାଲ ସହରଗଞ୍ଜାବାବଲ

ହାଉଳି ବାସନ—ଦେ. ବି—୧ । ମଲୋଇ ବାସନ; ନାନା କାରିଗରଙ୍କ
Hāuli bāsana ତିଆରି ନାନା ଢଙ୍ଗର ବାସନ—1. Uten-
sils of various makes. ୨ । ମଲୋଇ ବାସନ;
ଯେଉଁ ବାସନ ଏକ କାରିଗରର ଦାଢର ଜନ୍ୟ ପରମାସି
ବା ଉତ୍କୃଷ୍ଟ ଧରଣରେ ତୁଦେ—2. Utensils wh ch
are neith er excellent nor made to order
nor of one maker. [ଉ—ଏହିପରି ହାଉଳି
କଂସା, ଗିନା, ଥାଳ ଛାଲ ଆଦ ଦ୍ରବ୍ୟ]
ମେଶାମେଶିବାସନ ତରହତରହକେବରତନ

ହାଉଳି ମାଉଳି—ଦେ. ବିଣ—୧ । ଉଦ୍ଦେଶ୍ୟ ବିହୀନ ହୋଇ ଇତସ୍ତତଃ
Hāuli māuli ଘୂରିବ—1. Moving at random. ୨ ।
ହତଭମ୍ବ—2. Dumb founded. ୩ ।
ହତଭମ୍ବ ହୋଇ ଦଗ୍ଧଣ୍ଡି ଥିବା—3. Grop-
ing in bewilderment.
କିଂକର୍ତ୍ତବ୍ୟବିମୂଢ଼ କିଂକର୍ତ୍ତବ୍ୟବିମୂଢ଼

ହାଉଳେ—ଦେ. କି ବିଣ—(ସଂ.ଲଘୁ କ, ପ୍ରା.ଲହୁଅ; ଅଥବା ଉର୍ଦ୍ଧ୍ୱସ୍ୱ—
Hāule ହାଉଳେ)—୧ । ଅସ୍ତେ; ଧୀରେ; ଧୀରସ୍ଥିରରେ—
Slowly. [ଉ—ହାଉଳେ ହାଉଳେ, ଘାଡ଼ୁଳେ
ଘାଡ଼ୁଳେ—ଢ଼ଗ] ୨ । ଲଘୁ ଭାବରେ—2. Lightly;
[ହାଉଳେ ହାଉଳେ—ଅନ୍ୟରୂପ] slightly.
ଆସ୍ତେଆସ୍ତେ ହାଲ୍ଲେ

ହାଉସ୍—ବୈ.ଦେ. ବି (ଇଂ)—୧ । ଘର; ବାସସ୍ଥାନ—1. House.
Hāus ୨ । ଖାଣି ଉଚ୍ଚିବାଗାଇଁ ତିଆ ଜଳାଶୟ—2. A water
reservoir of masonry ୩ । ବଡ଼ ବଡ଼ ବ୍ୟାପାରୀଙ୍କ
କାରବାର ଦୋକାନର ଗଦ—3. Business house of
ହାଉସ ହାଉସ big merchants.

ହାଉସ୍ ଅଫ୍ କମନ୍ (କମନ୍ସ୍)—ବୈ.ଦେ. ବ (ଇଂ)—ଜନସାଧାରଣଙ୍କ
Hāus af kaman (kamans) ପ୍ରତିନିଧିମାନଙ୍କ ଦ୍ୱାରା ଜଦ୍ଧାଚତ ପ୍ରତିନିଧି-
ମାନଙ୍କ ଗଠିତ ବଲ୍ଲତ ପାର୍ଲିମେଣ୍ଟର ବା ଶାସନସମିତିର
ଶାଖାଦ୍ୱୟ ମଧ୍ୟରୁ ଏକତର—The House of
ହାଉସଅଫକମନସ ହାଉସଅଫକମନସ Commons.
[ଉ—ଏହାର ସଭ୍ୟସଂଖ୍ୟା ୬୧୫ । ଏମାନଙ୍କୁ ବର୍ତ୍ତମାନ
୫୦୦ ପାଉଣ୍ଡ୍ ଲେଖାଏଁ ଭତ୍ତା ମିଳେ । ସ୍ୱ ସ୍ୱ ନିର୍ବାଚନ
କ୍ଷେତ୍ରରେ ଭୂଇଁଦାଇଁ ସଭ୍ୟମାନେ ବନାତ୍ତାରେ
ରେଳରେ ମଧ୍ୟ ଯିବା ଆସିବା କରି ପାରନ୍ତି]

ହାଉସ୍ ଅଫ ଲର୍ଡ୍ସ୍—ବୈ.ଦେ. ବ (ଇଂ)—ଇଂଲଣ୍ଡର ଜମିଦାର ଓ
Hāus af lards ଧର୍ମଯାଜକଙ୍କଦ୍ୱାରା ଗଠିତ ପାର୍ଲିଅମେଣ୍ଟର ଶାଖା
The House of Lords. (ଉ—ଏ ସଭାରେ
ପିଅର୍ ବା ଇଂଲଣ୍ଡର ଜମିଦାର ବଂଶର ଜ୍ୟେଷ୍ଠ ପୁତ୍ରମାନେ
ଓ ୨୪ ଜଣ ଇଂଲଣ୍ଡର ବିଷପ୍ ଓ ୨୮ଜଣ ଅସ୍କଟ୍ଲଣ୍ଡର ଲର୍ଡ୍
ସ୍ଥାନ ପାଆନ୍ତି ଓ ୧୬ ଜଣ ଲର୍ଡ୍ ଯାବଜ୍ଜୀବନ ଜଦ୍ଧାଚତ
ହାଉସଅଫଲର୍ଡସ ହାଉସଅଫଲର୍ଡସ ଦ୍ରଅନ୍ତି]

ହାଉସ୍—ପ୍ରାଦେ. (ଦୃଢ଼) ବ—(ଅ. ହଉସ ଉତ୍ସାହ)—ଉତ୍ସାହ—
Hāusa Courage
ଉତ୍ସାହ ହୌସ

ହାଉହାଉ—ଦେ. ଅ (ଧ୍ୱନ୍ୟନୁକରଣ, ତୁଳ ଇଂ. ହାଉଲ୍)—୧ । ବହୁ
Hāuhāu ଲୋକଙ୍କ ଏକତ୍ର ଚାଟ କରିବା ବା ଘୋଗା କରିବା—
1. Making a row. (ଉ—ଗଣ୍ଡଅଡ଼େ ଲଗିଅଛ
ବୃଥା ହାଉହାଉ—ମଧୁସୂଦନ ଭବତା) ୨ । ଉଚ୍ଚ
ସ୍ୱରରେ ଅର୍ତ୍ତନାଦ କରି—2. Howling. ୩ । ଦୂରାଦୂର
ସମ୍ପର୍କରେ ରହଥ ଜାତିର ଦେବୀରୁ ବିପଦ ଯୋଡ଼ିଙ୍କ ଘାଟି
ଖରି ମାଗିଯିବାପାଇଁ ସେମାନଙ୍କ କରିବା ହାଉହାଉଶବ୍ଦ—
3. The confused sound of dismay made
by persons in bewilderment or terror on a
sudden calamity. ଦେ. କି. ବିଣ—୧ ।ହାଉଳିଭଳି;
ଗୁରୁ ଶୀଘ୍ର ଦାହ୍ୟ ଦ୍ରବାର୍ଥ (ଯଥା—ବୁଟା, ହୋଟ, ଚଳା
ଛଣା) ରେ ଜଥାଁ ଲଗିଥିବା ପ୍ରଭାବେ—1. In the
manner of a big fire furiously raging
and devouring combustible things very
quickly. ୨ । ଜଥାଁ ଭସ୍ମୀଭବର ରୂପେ ଓ ଶିଖା ସହିତ
ଜଳିବା ପ୍ରକାରେ—2 Furiously blazing (ଯଥା—
ଭୁଟାଭଦାରେ ଜଥାଁ ହାଉହାଉ ହୋଇ ଜଳୁଛି) ୩ ।
ଧାତୁଥ ଲଙ୍କା ପ୍ରଭୃତି ଉତ୍ତରେ ଲଗିବା ମାତ୍ରେ ତତ୍ସ୍ଥା ଜଥ
ଥିବ ଦେହରେ ଲଗିଲେ ଅନୁଭୂତ ହେବା ଜ୍ୱାଳାଘୋଡା—
Acute burning sensation, such as is
produced by eating very pungent things
or when the skin is burnt by fire.

Digitized by srujanika@gmail.com

[ଉଦା—ଦେହରେ ନାଇଟ୍ରିକ୍ ଏସିଡ୍ ବୋଳିଲରୁ ଦେହ ହାଉହାଉ ହାଉ ହାଉ ହୋଇ ଖୋଡ଼ିଲା ।]

ହାଉ ହାଉଆ—ଦେ. ବଣ. (ପୁଂ ଓ ସ୍ତ୍ରୀ)—ଯେଉଁ ଲୋକ ଖୁବ ଘାଣ୍ଟ କରି କଥା କହେ; ଅତି ବଡ଼ ଘାଣ୍ଟିଆ—Having a very loud voice.

ହାଉହାଉ ହେବା—ଦେ. କି—୧ । ବହୁ ଲୋକ ଘୋଘା କରିବା—1. (Many persons) To make a row or noise. ୨ । ଭୟରେ ବିଂଚିବିକ୍ୟ-ହଲ୍ଲାମଚାନା ହମ୍ଭଡ଼ ହୋଇ ଘୋଘା କରିବା—2. To utter loud and unmeaning sounds in terror. ୩ । ବହୁ ଲୋକ ବୃଥା ବାକ୍ୟ ବ୍ୟୟ କରିବା—3. (Many persons) To howl in vain.

ହାଏ—ଦେ. ଅ—(ସଂ. ହା)—ହା ! ହାସ୍ ! ହାଇ ! Alas ! ହାୟ ହାୟ

ହାଏଁଡ଼—ଘାଟେ (ସମଲପୁର) ବ—ହାଣ୍ଡି—Earthen pot. Hāeñd

ହାଏଣ୍ଡ୍‌ଫୋର୍—ଘାଟେ (ସମଲପୁର) ବ—ଦରଦିଆ ପିଠା—Par-boiled cake. Hāeñd-phor

ହାଏଣ୍ଡ୍—ଘାଟେ (ବଲାଙ୍ଗିର ଜିଲ୍ଲା) ବ—ହାଣ୍ଡି—An earthen pot. Hāeṇd

ହାଏର୍ ଗୁହାଏର୍—ଘାଟେ (ସମଲପୁର) ବ—ହାରି ଗୁହାରି (ଦେଖ) Hāer guhāer Hārigubāri (See)

ହାଏର୍ ଗୁହେର୍—ଘାଟେ (ଗଡ଼ଜାତ) ବ.—ହାରି ଗୁହାରି (ଦେଖ) Hāer guher Hāri guhāri (See)

ହାଏରେ କପାଳ (ବିଧାତା)—ଦେ. ଅ.—ହାରେ କପାଳ (ଦେଖ)—Hāere kapāla (bidhātā) Ah ! my luck ! as ill-luck would have it. ହାୟରେ କପାଳ ହାୟରେ କପାଳ

ହାଏଲ୍ ବୁକ୍(କୁ)ମ୍—ଘାଟେ (ସମଲପୁର) ବ.—ହାଲ ଖବର Hāel buka(ku)m News.

ହାଃ—ଦେ. ଅ—(ସଂ. ହା)—୧ । ବିସ୍ମୟ, ଦୁଃଖ, ଶୋକ ବା ଯାତନା-ସୂଚକ ଧ୍ୱନି—1. An exclamation of wonder, grief or distress; Ah ! Oh ! ୨ । ହର୍ଷସୂଚକ ଧ୍ୱନି—2. An exclamation joy Hah ! ୩ । ଦ୍ୱେଷାର୍ଥକ—3 .An exclamation of disgust or hatred. ଦେ. ବ—(ଓଡ଼ିଆ)—୧ । 'ହାଲ'ର ସାଙ୍କେତିକ—1. The abbreviation for 'Hāl'. ୨ । ହାଜର୍ ଓ ହାଜତ ଶବ୍ଦର ସାଙ୍କେତିକ—2. The abbreviation for 'Hājar and Hājitā. ହା ହା

ହାଁ—ଦେ. ଅ—(ହଜ ଭାଷାରେ ଦିର ଅବାଚ) —୧ । ହଁ—1. Yes. ୨। (ଉପସ୍ଥିତ ବା ଅଗରେ ଥିବା ବା ସମ୍ମୁଖରେ ଉପସ୍ଥିତ ଅଗରୁ ଥସୁଥିବା ବ୍ୟକ୍ତିକୁ ସାବଧାନ କରାଇବାଇଁ ସମ୍ବୋଧନ—2. An exclamation used in warning a person coming from the opposite side or who is present or in front. Hallo ! ୩ । ବାକ୍ୟଶେଷରେ ବକ୍ତାଙ୍କ ଧମକାଣ—3. A word indicating threat at the end of a speech. ୪ । ଗୁଡ଼େ ବୋଲିଯାଇ ସ୍ଥଗିତ ରହିଥିବା କଥାର ସ୍ରୋତକୁ ପୁନର୍ବାର ଚଲାଇବାର ଆଦ୍ୟରେ ବ୍ୟବହୃତ ଧ୍ୱନି—4. An expression used in resuming the thread of a narrative which had been stopped for a time. ୫ । ଅବରୋଧ କରିବାକୁ ଉଦ୍ୟତ ହେଉଥିବା ବ୍ୟକ୍ତିକୁ ନିବୃତ୍ତ କରିବା ପାଇଁ ସଙ୍କେତ—5. An exclamation used in stopping or preventing a person coming to attack. ଘାଟେ (ଚଡ଼ିଆଲ) ଅ—କ୍ରୋଧ ଓ ସ୍ୱୀକାର ସୂଚକ ଶବ୍ଦ—An interjection indicating rage and consent. ହଁ ହେଁ

ହାଁଇଁଆଁ—ଦେ. ବଣ—୧ । ଯେଉଁ ବସ୍ତୁ ଖାଇବା ପାଇଁ ହାଇଁ ହାଇଁ କରା ଲଳାୟିତ ଭାବ—1. Eagerly hankering to lat, ୨ । ବଡ଼ଘାଣ୍ଟିଆ—2. Of loud tone. ହେଁକୋଡ଼େକୋ ଶୋମାଶଂଖ

ହାଁଇଁଆନ୍ତ—ଦେ. ବଣ—ହସ୍ୟାନ୍ତ (ଦେଖ)—Hāñiñāānta Hayānta (See).

ହାଁଇଁଆଁ ପାଟି—ଦେ. ବ—୧ । ବଡ଼ଘାଣ୍ଟ; ଉଚ୍ଚୈଃସ୍ୱର—Loud voice. ୨ । ସୁବିଶାଳ ବ୍ୟାଦାନଯୁକ୍ତ ମୁଖ ହାଁକଡାକ ଶୋମାଶଂଖ —2. Wide yawning mouth.

ହାଁଇଁଆ ଘାଣ୍ଟିଆ (ପୁଂ) ହାଁଇଁଆଁ ଘାଣ୍ଟିଇ (ସ୍ତ୍ରୀ) } ବଣ

ହାଁଇଁପାଇଁ—ଦେ. ବ—କାମ କରିବାକୁ ବା ଖାଇବାକୁ ଲାଳସା—Hāñiñ pāñiñ Eagerness or hankering after a work or food. ଦେ. ବଣ—୧ । କାମ କରିବାକୁ ବା ଖାଇବାକୁ ଲାଳାୟିତ ବା ଆତୁର—1. Hankering after a work or food. ୨ । କୌଣସି କାର୍ଯ୍ୟ କରି ନ ପାର ଦୁଃଖିତ—2. Sorry not being able to do any work. [ତୁ—ତମ ସ୍ୱଗ ଦେଶି ସେମାନେ ହାଁଇଁଘାଇଁ—ଫକ୍କାରମୋହନ. ଉତ୍ସାଗ ଅଠଗୁଣ]

ହାଁଇଁପାଇଁଆଁ—ଦେ. ବଣ—ଲଳାୟିତ—Hāñiñ pāñiñāāñ Hankering. ଲାଳାୟିତ ଲାଳାୟିତ

ହାଁଇଁପାଇଁ ହେବା—ଦେ. କି—୧ । (ଖାଇବାକୁ, ପାଇବାକୁ ବା କରିବାକୁ) ଲଳାୟିତ ହେବା—1. To Hāñiñ pāñiñ hebā ଲାଳାୟିତ ହଓୟା hanker after a thing, food or work. ଲାଳୟିତହୋନା ୨ । ଅଲବ ବା ଅପ୍ରାପ୍ତ ବସ୍ତୁ ପାଇବାକୁ ଇଚ୍ଛୁକ ହେବା—2. To hanker after a thing which one has not get. ୩ । ଅତୁରଥ ହେବା—3. To be excessively eager after a thing.

Digitized by srujanika@gmail.com

ହାଁଇଁସାହାସ—ବେ. ବ—(ସଂ. ଦୁଃସାହସ)—ଦୁଃସାହସ—
Hāñiñsāhāsa Fool hardiness.
ଦୁଃସାହସ ଦୁଃସାହସ

ହାଁଇଁ ସାହାସା—ବେ. ବଣ. ସୁଂ—୧ । ଦୁଃସାହସଯୁକ୍ତ (କାର୍ଯ୍ୟ)—1 Hāñiñ sāhāsā Fool hardy (act); rash. ୨ । (ହାଁଇଁ ସାହାସିଅ—ଅନ୍ୟରୂପ) ଦୁଃସାହସିକ (ବ୍ୟକ୍ତି)—2 ହାଁଇଁ ସାହାସୀ / ହାଁଇଁ ସାହାସେଇ } ସ୍ତ୍ରୀ Foolhardy (person); eager to undertake more than ଦୁଃସାହସୀ ଦୁଃସାହସୀ what one is capable of doing.

ହାଁଇଁହାଁଇ—ବେ ଅ—ହାଁଇଁଯାଇଁ (ବେଶ)—
Hāñiñ bāñiñ Hāiñpāñiñ (See)

ହାଁଉଁ—ବେ. ଅ (ଶିଶୁବାକ୍ୟ)—୧ । ଶିଶୁମାନଙ୍କଦ୍ୱାରା ବାଘଅବଳ ଧ୍ୱନିର ଅନୁକରଣ—1 (Nursery term) Copying of the roar of tiger by children.

[ଦ୍ର— ଶିଶୁମାନେ ବାଘର ଅନୁକରଣ କରି ମୁହଁରେ ଲୁଗା ପକାଇ "ହାଁଉଁ ହାଁଉଁ" ଧ୍ୱନି କରି ଜଳଖିଆ ବ୍ୟଞ୍ଜକୁ ଆକ୍ରମଣ କରିବାର ଛଳନା କରନ୍ତି ।] ୨ । ଖାଦ୍ୟଜାତ; ଖାଇବା—2. Eating.

ହାଁଉଁ ଖାନା

ହାଁଉଁଆ—ବେ. ବଣ—୧ । ବଡ଼ ଘାଟିଆ—1 Of loud voice: Hāñuñañ loud-voiced. ୨ । ବ୍ୟାଦାନଯୁକ୍ତ ମୁଖ ବିଶିଷ୍ଟ—ହେଁକୋଡେକୋ ମୋମାଁଶଙ୍ଖ 2. Having a wide gaping mouth.

ହାଁଉଁଆଗୁଣ୍ଡା—ବେ. ବ—ଘାଟରେ ଗୁଡ଼ାଇବାପାଇଁ ବଳାଯିବା ବଡ଼ Hāñuñañ guṇḍā ଗୁଣ୍ଡା—A big ball of food ready to be taken at ore gulp.

ବଡ଼ଡେଲା ବଡାକାର

ହାଁଉଁଆଁପାଟି—ବେ. ବ—୧। ବଡ଼ଘାଟି;ଉଚ୍ଚୈସ୍ୱର—1. Loudvoice Hāñuñañ pāṭi ୨ । ବୃହତ୍ ମୁଖ—2. A big gaping mouth ବଡ଼ମୁଖ ମୋମାଶାଙ୍ଗ

ହାଁଉଁଆ ଭୁଣ୍ଡା(ଭୁଣ୍ଡିଆ)—ବେ. ବଣ—୧ । ବଡ଼ ଘାଟିଆ; ଉଚ୍ଚଭାଷୀ—Hāñuñañ tuṇḍā 1. Having a loud voice. ବଡ଼ମୁଖୋ ମୋମାଁଶଙ୍ଖ ୨ । ବଡ଼ ମୁଖ ବିବରଯୁକ୍ତ—2. Big-mouthed.
ହାଁଉଁଆଁ ଭୁଣ୍ଡା(ଭୁଣ୍ଡେଇ) / ହାଁଉଁଆଁ ଘାଣ୍ଟୀ (ଘାଣ୍ଟେଇ) } —ସ୍ତ୍ରୀ (ହାଁଉଁଆଁ ଘାଟିଆ—ଅନ୍ୟରୂପ)

ହାଁଉଁକରୁ—(କନା, କନ, ଦସ୍, ଧସ୍) — ବେ. କ୍ରି. ବଣ—ଶୀଘ୍ର Hāñuṟ kari(kinā, kini. das, dhas) ଅଢାଇକୁ ମାଡ଼ ଶୀଘଗୀର ଝଟ୍‌ସେ ବଡ଼ି ଆଗ୍ରହ ସହକ ଖାଇବା ପ୍ରକାରେ— (Eating) With avidity or gusto.

ହାଁଉଁକରିବା—ବେ. କ୍ରି—(ଶିଶୁ ବଚନ)—ଖାଇବା—
Hāñuñ karibā (Nursery) To eat.
ହାଁଉଁକରା ଖାନା

ହାଁକରା—ବେ. କ୍ରି—ହାଙ୍କିବା (ବେଶ)—
Hāñkibā Hankibā (See)

ହାଁକୁ—ପ୍ରାବେ—(ବଲ୍ଲଙ୍ଗିର ଘାଟଣା; କଳାଳ ପ୍ରଚଳିତ ରୂପ)—
Hāñku ସେପାଖକୁ—To that side.

ହାଁଜି ହାଁଜି—ବୈବେ. ଅ—କୌଣସି ବ୍ୟକ୍ତିକ କଥାରେ ସବୁବେଳେ
Hāñji hāñji ହଁ କରିବା—To ditto to a person
ହାଁଜି ହାଁଜି ହାଁଜି ହାଁଜି always.

ହାଁଟୁ(ଠୁ) —ପ୍ରାବେ (ସିଂଭୂମି) ବ—ଅଣ୍ଟୁ—
Hāñṭu (ṭhu) Knee.

ହାଁଡ଼ି—ପ୍ରାବେ (ସମ୍ବଲପୁର) ବ—ହାଣ୍ଡି—The earthen pot
Hāñṛḍi used for cooking purposes.

ହାଁଡ଼ି(ଡି)ଆ—ପ୍ରାବେ (ସମ୍ବଲପୁର) ବ—ହାଣ୍ଡିଆ (ବେଶ)—
Hāñṛḍi(ḍi)ā Hāṇḍiā (See).

ହାଁଡ଼ୁଆ—ପ୍ରାବେ (ଉଡ଼ଜାତ) ବ—ବାଉଁଶକଢ଼ଡ଼ାଦ୍ୱାରା ପ୍ରସ୍ତୁତ ଅଗ୍ଦୁର
Hāñṛḍuā —A pickle prapared from tender bamboo-shoots.

ହାଁଣି—ପ୍ରାବେ (ବଲ୍ଲଙ୍ଗିଘାଟଣା—ବଂଝାଲି ଭାଷା) ବ—ହାଣ୍ଡି—
Hāñṇiñ An earthen pot for cooking

ହାଁଥି—ପ୍ରାବେ (ସମ୍ବଲପୁର) ବ—(ସଂ. ହସ୍ତୀ) (ଭୁଲ. ଦ୍ର. ହାଥୀ)—
Hāñthi ହାଥୀ—Elephant.
ହାଁଥେଳ / ହାଁଥ୍‌ଳା } —ସ୍ତ୍ରୀ

ହାଁଥିଧରସା—ପ୍ରାବେ (ସମ୍ବଲପୁର) ବ—୧ । ହାତୀଦଣ୍ଡା; ଜଙ୍ଗଲରେ
Hāñthi dharasā ହାତୀମାନଙ୍କ ପଥ—1. Elephant-track in jungles. ୨ । ଗଗ୍ଦାପଥ—2. The milky way.

ହାଁଦେରେ—ପ୍ରାବେ. (ବଲ୍ଲଙ୍ଗିର ଘାଟଣା) ଅ—ଅରେ !
Hāñdere Hullo !

ହାଁଥୁଲ୍—ପ୍ରାବେ. (ସମ୍ବଲପୁର) ବ—ହାତୁଡ଼ି—
Hāñthul Hammer.

ହାଁପଣା—ବେ. ବ—(ଧ୍ୱନ୍ୟନୁକରଣ, ଏଦ୍ୱାରା ତଲାଇଲେ ବା ଭୂମିରେ ଆଘାତ କଲେ ଜଡ଼ ଜଡ଼ ଶବ୍ଦ ହୁଏ ବୋଲି ଏହି ନାମକରଣ)—କୁଲା; ସୂର୍ପ—Winnowing fan.
କୁଲା ସୂପ

ହାଁପିବା—ବେ. କ୍ରି—୧ । ବଡ଼ ଘରଶ୍ରମ ଯୋଗୁ ଘନ ଘନ ନିଶ୍ୱାସ
Hāñpibā ପକାଇବା —1. To gasp. ୨ । ବେଦମ୍ ହେବା
[ହାଁପିଯିବା—ଅନ୍ୟରୂପ] 2. To be out of breath.
ହାଁପାନ ହାଁପନା

ହାଁପୁଡ଼—ପ୍ରାବେ. (ସମ୍ବଲପୁର) ବ—ହାପୁଡ଼—
Hāñpuṛḍ Sipping l quid food with gulping
ହାପରାନ ସୁରୁକ sound.

ହାଁରେ—ବେ. ଅ (ସୁଦ୍ଧଙ୍କ ପ୍ରତି)—ଡାଇରେ (ବେଶ)—
Hāñre Haire (See)
[ହାଁ ରେ—ସ୍ୱୀକ ପ୍ରତି]

Digitized by srujanika@gmail.com

ହାଁ ରେ ହାଁ—ଦେ· ଅ—କେଲୁଣୀମାନଙ୍କର ନାଚ କରି ଗୀତ ବା ଡାହୁକ।
Hāñ re hāñ ବୋଲିବା ଶେଷରେଅଥର ଛନ୍ଦୀସୂ ଢେଲାକୁ ଲକ୍ଷ୍ୟ
[ହାଁ ଲେ ହାଁ—ସ୍ତ୍ରୀ ଙ୍କ ପ୍ରତି] କରି ବୋଲିବା ପଦ ବା ଚରଣ—
[ହାଁ ଲେ ହାଁ ହାଁ ହାଁ ହାଁ—ଅନ୍ୟ ଅଡାର ସ୍ତ୍ରୀଙ୍କ ପ୍ରତି] A con-
[ହାଁ ରେ ହାଁ ହାଁ ହାଁ ହାଁ—ଏଜନ ପୁରୁଷଙ୍କ ପ୍ରତି] cluding
exclamation after doggerels uttered by a Keluni woman while dancing and aimed at her male partner.

ହାଁସ୍—ପ୍ରାଦେ· (ଉତ୍କଳ ପ୍ରଭା) ବ—ହଂସ—
Hāñs Swan.

ହାଁସପାତାଳ୍—ବୈ·ଦେ· ବ (ଇଂ) ଆରୁର ଶାଳା—
Hāñspʏtāl Hospital.

ହାଁ ସାହସ ଦେ· ବ—ହାଁଇଁ ସାହାସ (ଦେଶ)—
Hāñ sāhāsa Hāñiñ'sābāsa (See)

ହାଁସାହାସା—ଦେ· ବିଶ· ସୂ—ହାଁଇଁସାହାସା (ଦେଶ)—
Hāñsāhāsā Hāñiñsābāsā (See)
[ହାଁ ସାହାସଥ—ଅନ୍ୟରୂପ]
[ହାଁ ସାହସୀ, ହାଁ ସା ।ସେଇ-ସ୍ତ୍ରୀ]

ହାଁସିଆ (ଇତ୍ୟାଦ)—ବୈଦେ· ବ (ଅ) (ଉତ୍କଳ)—ହାସିଆ ଇତ୍ୟାଦ
Hāñsiā (etc) (ଦେଶ —Hāsiā etc. (See)

ହାଁ ହାଁ—ଦେ· ଅ—୧ । ସାବଧନ । ହୁସିଆର୍ ! (ସମ୍ମୁଖରେ ଉପସ୍ଥିତ
Hāñ hāñ ଜଗରୁ ଆସୁଥିବା ବ୍ୟକ୍ତି କାଳେ ହାନୁତ ହିବେ
ହାଁ ହାଁ ଏଥିପାଇଁ ତାକୁ ସାବଧାନ କରିବା ପାଇଁ ଜଣାଟେ
ହାଁ ହାଁ ଡାକ) —1. (Interjection) Take care ! (an exclamation used to warn a person coming from the opposite direction (lest he clash with the speaker). ୨ । (କୌଣସି ବ୍ୟକ୍ତିକୁ ସାବଧାନ କରାଇବାରେ ବ୍ୟବହୃତ) ହୁସିଆର୍ !—2. (In cautioning a person) Take care ! Beware ! ୩ । (ଆକ୍ରମଣକାରୀ ବା କଳହକାରୀ ବ୍ୟକ୍ତିକୁ ବାରଣ ବା ନିଷେଧାର୍ଥକ ସମ୍ବୋଧନ) ବଡ କର ! ଥାଉ—3. (Interjection) Stop you ! (an expression indicative of preventing a person who is about to strike or is quarrelling). ୪ । (କୌଣସି ବ୍ୟକ୍ତି ଡାକିଲେ ତାକୁ ଔତ୍ସୁକ୍ୟ ସହିତ ଜବାବ ଦେବାରେ ବ୍ୟବହୃତ) ହଁ ଦଂ—4. (Interjection used in eagerly responding to a call) Yes, I am here ! ୫। (କ ର୍ଯ୍ୟରେ ଲଗିଥିବା ବ୍ୟକ୍ତିଙ୍କୁ ଉତ୍ସାହ ଦେବାରେ ବ୍ୟବହୃତ)କାମରେ ଲଗ—5. (Interjection used in encouraging persons engag d in some work) Go on ! Hurry on ! ୬ । ସମ୍ଭୋଗ କାଳରେ କାମୋନ୍ମତ୍ତ ସ୍ତ୍ରୀମାନଙ୍କର ଉଚ୍ଚାରିତ ଦରଫୁଟି ଧ୍ୱନି ବିଶେଷ—6. Half uttered sounds uttered by lustful young ladies in the course of coition or orgasm. [ବ୍ୟ—ହାଁ ହାଁ, ହୁଁ ହୁଁ, ନାଁ ନାଁ, ସନ୍ଧି ଯୁକ୍ତାକ୍ଷର ବିନ ଉଚ୍ଚାରଣ ହେଉଥିବା ଶବ୍ଦ ।]

ହାକ୍‌ଟି—ପ୍ରାଦେ· (ଓଡ଼ିଆଳ) ବ—ହାକ୍ଟୁଃ—
Hāk-ṭi Belching.

ହାକ୍‌ବା—ପ୍ରାଦେ. (ବଲଙ୍ଗିର ଗାଣ୍ଡଶା) କି (କନ୍ଧାନ ପ୍ରତଳଚ ଭାଷା)—
Hāk-bā ଡାକିବା—To call.

ହାକ—ଦେ. ବ—(ସଂ. ହକ୍କାର)—୧ । ହାକଟ; ନିମନ୍ତ୍ରଣ—1.
Hāka Invitation. ୨ । ଡାକଟ; ଆହ୍ୱାନ—2. Call.
ହାଁକ ୩ । ଉଚ୍ଚୈଃସ୍ୱରରେ ଡାକ—3. Calling aloud;
ହାକ halloo. [ବ୍ୟ—ଏହି ଶବ୍ଦ ଡାକ ଓ ବୋଲ ଶବ୍ଦ ପରେ ସ୍ୱତନ୍ତ୍ର ଶବ୍ଦରୂପେ ବ୍ୟବହୃତ ହୁଏ; ଯଥା ଡାକହାକ; ବୋଲ ହାକ]

ହାକଣା—ପ୍ରାଦେ (ଗଞ୍ଜାମ)ବ—(ସଂ. ହକ୍କାର)—ଡାକ; ଧ୍ୱନି; ଆହ୍ୱାନ-
Hākaṇā ଡାକ ବା ଧ୍ୱନି (ଗୋପୀନାଥ ନନ୍ଦ)—Call; hallcoing.

ହାକଣ୍ଡ—ଦେ· ବ (ସଂ. ଆକନ୍ଦ)—ଦାରୁଣ ଯୁଦ୍ଧ—
Hākaṇḍa ହାକଣ୍ଡ ଲଢାଇ Bitter fight.

ହାକ ଦେବା—ପ୍ରାଦେ (ବଲଙ୍ଗିର ଗାଣ୍ଡଶା) କ୍ରି—ଡାକିବା—
Hāka debā To call.

ହାକରା—ଦେ. ବ—(ସଂ. ହକ୍କାର)—୧ । ଡାକ; ଆହ୍ୱାନ—1. Call.
Hākarā ୨ । ହକରା (ଦେଶ)—2. Hakarā (See).
ହାଁକ ପ୍ରାଦେ (ସାଜପୁର) ବ—କନ୍ୟାର ଉଜସ୍ୱାଳା ଦେବା ପରେ
ହୁଲାହଟ ଗଣାଟୋଣ୍ଟ ସରିବା ଉତ୍ତାରେ ବରଘରୁ କନ୍ୟା ଜନକଙ୍କୁ ପଠାଯିବା ସଙ୍କଳ୍ପ—Formal invitation to the wife accompanied with presents, sent from the husband's side to the child wife after she has her first menses and after the astrological calculations are done.

ହାକରା ପାଲି—ଦେ. ବ ହକରାପାଲି (ଦେଶ)—
Hākarā pāli Hakarā pāli (See).

ହାକା—ପ୍ରାଦେ (ଗଡ଼ଜାତ) ବ—(ସଂ. ହକ୍କାର)—ଘାଟରେ ବା ମଞ୍ଚାରେ
Hākā ଧନୁ ବା ବନ୍ଧୁକ ଧରି ଜଗି ବସିଥିବା ଶିକାରୀମାନଙ୍କ ନିକଟକୁ ବନ୍ୟଜନ୍ତୁମାନଙ୍କୁ ଗଛଥଡ଼ି ହୁରୁଡ଼ାଇ ଆଣିବା ପ୍ରଥା —Beat; hunting by means of beating a certain area of jungle and driving in the beasts within that area to the hunters [ବ୍ୟ—ଯେତେବେଳେ ହାକାବାଲ୍ଲେକମାନେ (beaters) ଗଛଥଡ଼ ଘୋର ସେହ ସୀମା ମଧ୍ୟରେ ଥିବା ଜନ୍ତୁମାନଙ୍କୁ ଶିକାରୀଙ୍କ ଘାଣକୁ ହୁରୁଡ଼ାଇ ଆଣନ୍ତି ସେହ ଲୋକମାନେ ଉଚ୍ଚଧ୍ୱନି (ହକ୍କାର) କରନ୍ତି; ଏହି କାରଣରୁ ଏ ଶବ୍ଦର ବ୍ୟବହାର

Digitized by srujanika@gmail.com

ଦୋଇଅଛୁ ।] ହାଡେ (ବଲ୍ଲଙ୍କିର ଘାଟଣା) ବ—ପାରିଧି (ଦେଖ)—Pāridhi (See)

ହାଡା କରିବା—ହାଡେ (ବାମଣ୍ଡା) କ୍ରି—ଭାର୍ଡି ଚହଲେଇବା (ଦେଖ) Hāḍā karibā Bhārḍi chahaleibā (See)

ହାଡାଣ୍ଡ—ହାଡେ (ଉତ୍ତର ବାଲେଶ୍ୱର) ବ—ଠାକୁରଙ୍କ ପୋଖରୀ—A tank of belonging to an idol. Hāḍāṇḍa

ହାଡାବାଲ—ହାଡେ (ଗଡ଼ଜାତ)—ଯେଉଁ ଲୋକମାନେ ଶିକାରୀଙ୍କ ଘାଣକୁ ବନ୍ୟଜନ୍ତୁଙ୍କୁ ଘେରି ଘେରି ହୁରୁଡ଼ାଇ ଆଣନ୍ତି—Beaters. Hāḍā bālā

ହାଡାର—ଦେ. ବ—(ସଂ. ହୁଙ୍କାର)—ଉଚ୍ଚୈଃସ୍ୱରରେ ଦେବତଙ୍କ ନାମରେ ଜୟଜୟକାର—Loud acclamations in the name of a Deity. Hāḍāra [ଉ—ଦେଠ ଯେ ବଦନ ଦୋଇ କର ଧାନ ପିଣ୍ଡା ଅଗଣାରୁ ଖୁଣ୍ଟ, ଶିରେଘାଇ ଭାବା ହାକାର କରିଣ ଧୋଇଛୁ ଅଦଣା ଅର୍ଦ୍ଧ । ଧର୍ମପୁରାଣ]

ହାଡ ଡାକ—ଦେ. କ୍ରି ବଣ—୧ । ଉଚ୍ଚୈଃସ୍ୱରରେ—1. Loudly. Hāḍi dāḍi ୨। ପ୍ରକାଶ୍ୟରେ—2. Openly. [ଉ—ଭୂମ୍ବକୁ ହେଁକେ ଡେକେ ମାରିବୁ ଯେ କହୁଛୁଁ ହୁଡ ଡାକ—ଘୀଭାମ୍ବର—ବୁଲାଉଲାକର ନୂଆପୁରାଣ ।]

ହାକରା—ଦେ. କ୍ରି—(ସଂ. ହୁଙ୍କାର)—୧ । ଡାକିବା—1. o call. Hākibā ୨। ଉଚ୍ଚୈଃସ୍ୱରରେ ଅହ୍ୱାନ କରିବା—2.To call out; to halloo. ହାଁକା ବୁଲାନା [ଉ—ଡାକଡାକ କହିବୁ ସଉଜ, ଉଚ୍ଚାରି ନୁହେଁ ସଉକଥା କହିବାକୁ ଲେ ଜୋଇଲ—ବାଲକୃଷ୍ଣ ଅଭାଳ କୋଇଲ ।] ୩ । ନିମନ୍ତ୍ରଣ କରିବା—3. To invite. [ଉ—ଏହା ଡାକିବା ଶବ୍ଦ ପୂର୍ବେ ବା ପରେ ଏକାର୍ଥକ ସହଚରରୂପେ ବ୍ୟବହୃତ ହୁଏ । ଯଥା ଡାକିବା ହାକିବା, ହାକିବା ଡାକିବା; ତନ୍ମ କେବଳ ଭାଷାରେ ଏହ ଅର୍ଥରେ କେବଳ ହାକିବା ଶବ୍ଦ ବ୍ୟବହୃତ ହୁଏ ନାହିଁ ।]

ହାକିବା ଡାକିବା—ଦେ. କ୍ରି—(ଏକାର୍ଥକ ସହଚର ଶବ୍ଦ)—୧ । ଉଚ୍ଚୈଃସ୍ୱରରେ ଡାକିବା—1. To call aloud. Hākibā ḍākibā ୨ । ଡାକିବା ଓ ନିମନ୍ତ୍ରଣ କରିବା—2. To call and invite. ହାଁକାଡାକା ବୁଲାନା ପୁକାରନା ୩ । ପ୍ରକାଶ୍ୟରେ କହିବା—3. To speak out openly

ହାକିନୀ—ସ୍ତ्री. ବ—ଯାଦୁଗର; ଦୁର୍ଗାଙ୍କ ଅନୁଚରୀବିଶେଷ; ଯୋଗିନୀ; ଡାକିନୀ—One of the female demi gods; a class of companions of Goddess Durgā. [ଉ—ଏ ବୃନ୍ଦାବନଚନ୍ଦ୍ରେଶ୍ୱର ପୁତ୍ରଙ୍କୁ ୬୪ ଯୋଗିନୀଙ୍କ ମଧ୍ୟରେ ଏକଜଣ ।]

ହାକିନୀ ଶକ୍ତି—ସ୍ତ्री. ବ—ତନ୍ତ୍ର ବା ଯୋଗେ ଷୋଳ ଶସ୍ତରସ୍ଥ ଷଟଚକ୍ର ମଧ୍ୟରେ ଅବସ୍ଥିତା ଶକ୍ତି ବିଶେଷ—Name of a Deity or spirit inside the human body who can be realised by 'jogā'. Hākinī śakti

ହାକିମ—ବୈଦେ. ବ—(ଅ. ହକିମ୍)—୧ । ହକିମ୍ (ଦେଖ)—Hākima 1. Hakim (See) ୨ । (ଅ. ହାକିମ୍)—ନ୍ୟାୟାଧୀଶ; ବିଚାରପତ୍ତି—2. Judge; court of justice. ହାକୀମ ୩। କର୍ତ୍ତୃପକ୍ଷ—3. Authorities. ୪। ଉଚ୍ଚତମ କର୍ମଚାରୀ —4. The highest official; a high official; presiding officer; head of an office. ୫ । ଶାସନାଧୀନସ୍ଥ କର୍ମଚାରୀ—5. A person in authority. ୬। ଶାସନଭାରପ୍ରାପ୍ତ କର୍ମଚାରୀ; ଶାସନକର୍ତ୍ତା—6. Ruler; officer in charge of administration. ୭ । ସରକାରୀ କର୍ମଚାରୀ—7. Public servant. ୮ । ପ୍ରଭୁ; ସ୍ୱାମୀ—8. Lord; master. ୯। ତାସ୍ ଖେଳର ସାହେବ ଓ ଗଞ୍ଜପା ଖେଳର ରାଜା ଉଭୟ ଥିବା ଯନ୍ତ୍ର—9. The king-card of the game of cards and of Gañjapā.

ହାକିମ ଟିପ—ସ୍ତାଦେ—(ଗଞ୍ଜାମ) ବ—ଗଞ୍ଜପା ବା ତାସ୍ ଖେଳର ରାଜା—The king of cards. Hākima ṭipa

ହାକିମ ଯାଏ, ହୁକୁମ ଯାଏ ନାହିଁ—ଦେ. ପ୍ରବଚନ—କାଳକ୍ରମେ ହାକିମ ସ୍ଥାନରୁ ଅନ୍ୟ ସ୍ଥାନକୁ ବଦଳ ହୁଅନ୍ତି ବା ମୃତ ହୁଅନ୍ତି, ତନ୍ତୁ ତାଙ୍କ ପ୍ରଦତ୍ତ ହୁକୁମର ପରିବର୍ତ୍ତନ ଘଟେନାହିଁ—(a proverb) An officer may go out but the order stands. Hākima jāe hukuma jāenāhiṁ

ହାକିମ ହୁକୁ(କ)ମା—ଦେ. ବ—(ନିରର୍ଥକ ଦ୍ୱିତୀୟ ସହଚର ଶବ୍ଦ)—ନାନା ଶ୍ରେଣୀର ହାକିମମାନେ—ହାକିମହୁକୁମା ହାକୀମ ହୁକୁମା, Officers of various grades. Hākima huku(ka)mā

ହାକିମାତ୍—ବୈଦେ. ବ. (ଅ; ବହୁବଚନ)—ହାକିମ ମାନେ—ହାକିମାତ ହାକିମାତ୍ ହାକୀମାତ୍ Officials. Hākimāt

ହାକିମି—ବୈଦେ. ବ(ଅ)—୧ । ହାକିମଙ୍କ କର୍ମ ବା ଅଧିକାର—ହାକିମି ହାକିମା ୨ । ପ୍ରଭୁତ୍ୱ; ଅଧିକାର—2. Authority; mastery. ୩ ବୈଦ୍ୟକୀ; ଚିକିତ୍ସକତ୍ୱ—3. The state of being a Unani physician. ବଣ—୧ । ହାକିମ ସମ୍ବନ୍ଧୀୟ—1. Relating to a 'Hākima' ୨ । ହକିମ ସମ୍ବନ୍ଧୀୟ—2. Relating to Hakim. Hākimi

ହାକୁ—ସ୍ତାଦେ (ଘାଟଣା) ଅ.—ସେ ଆଡ଼କୁ (ଗାଅ)—(go) To that side, Hāku

ହାକୁଆ—ଦେ. ବଣ. ପୁଂ—୧ । ଯେ ଡାକେ—1. One who calls out. ୨ । ଯେଉଁ ଉତ୍ତମ ବା ପିଅଦା ଲୋକଙ୍କ [ହାତେ (କୋ) ଣ ସ୍ତ୍ରୀ] ହାକିମଙ୍କ ନିକଟକୁ ଡାକ ଆଣିବାକୁ ଆହ୍ୱାନକାରୀ ହାଁକପାରା ନିଯୁକ୍ତ ଥାଏ—2. A peon or servant whose duty it is to call connected persons to an authority. Hākuā

ହାକୁଚ (ଚି) କଣ୍ଢା—ଦେ. ବ—ବାସନାଦ ବର୍ଗର ବନ୍ୟ ଉଦ୍ଭିଦମୟ ଗୁଳ୍ମ ବିଶେଷ—Acanthus Ilicifolius. ହାକୁଚକାଁଟା ହାକୁଚ [ଉ—ଏହାର ସମ୍ପୂର୍ଣ୍ଣ ଉଦ୍ଭିଦ, ଉଣ୍ଢାଳା; ବାବଚୀ, ଫୁଲ ମାଲ, ଦର୍ଶାଦଳେ ପୁଷ୍ପେ; କେଶର ୬୫।, ଉଲ୍ଲମ୍ବରୁ ୬୫। ବଡ଼ ଓ ୬୫। ଛୋଟ । ଏ ଗଛ ଜଳା ଭୂମିରେ ଓ ଖାଣି କୂଳରେ ଜନ୍ମେ; ଏ ଗୁଳ୍ମ ୨ ଠାରୁ ୫ ଫୁଟ୍ ପର୍ଯ୍ୟନ୍ତ ବଢ଼େ; ଏ ଗୁଳ୍ମର ବର୍ଣ୍ଣ ମାଲ ।]

Digitized by srujanika@gmail.com

ହାକୁଚ ମଞ୍ଜି—ଦେ. ବ. (ସ. ବାକୁଚ)—ବାକୁଚ (ଦେଖ)
Hākuchi manji Bākuchi (See)

ହାକୁଟି—ଦେ. ବ—(ସ ହୁଟ୍ଟା: ଉଦ୍ଗାର)—୧ । ହୁଙ୍କାର; ଏରଣ୍ଡ; ଢେକୁର, ଢେକା, ହେକଚି ଆଦିରରେ ବହୁର୍ଜନ ବାସୂ—1. Belching. ଡଁକାର, ଢକାର ୨ । ହିକ୍କା—2. Hiccough.

ହାକୁଟି ଉଠିବା [ଉଠା(ଠେ)ଇବା]—ଦେ ବ—ଉପର୍ଯ୍ୟପରି ଢେକୁର ଉଠିବା
Hākuṭi uṭhibā[uṭhā(ṭhe)ibā Repeated belchings. ଢେକୁରଉଠ ଡଁକାର ଉଠନା

ହାକୁଟି ମାରିବା—ଦେ.କି—୧। ମୁଖ ଦ୍ୱାର ଉଦ୍ଗାର ବା ହିକ୍କା ଛଡ଼ିବା—
Hākuṭi māribā 1. To belch. [ଉ—ପ୍ରକଟି ଦଶନ ଢେକୁରତୋଳା ଡକାରକରନା ଘାଣ୍ଟି ମାରଇ ହାକୁଟି । ବ୍ରଧାନାଥ ସହାସାବା]—୨ । (ଲକ୍ଷଣାଦି) ଭୋଜନାନ୍ତେ ନଶ୍ଚିନ୍ତାହୋଇ କାଳ ଯାପନ କରିବା—2. (Figurative) To pass time in ease after meal.

ହାକୁଡ—ପ୍ରାଦେ. (ବାଲେଶ୍ୱର ଓ ସାଳପୁର) ବ—(ସ. କକୁଦ୍)—
Hākurda ଗୋରୁଙ୍କ କାନ୍ଧ ଉପରେ ଥିବା ଚୁଲ; କକୁଦ—
ହାକୁର, ଝୁଟୀ କିଲୋର The hump on the shoulder of kine. [ଉ—ହାକୁଡ଼ି ଗୋଟିଏ ଘାଣି କଖାରୁ ପର ପିଠି ଥଡ଼କୁ ନଇଁ ଚଢ଼ିଛି !—ଫକୀର ସ୍ୱାଇଁଳ ଛମାଣ, ଅଠଗୁଣ]

ହାକୁଡ଼ି ଖାଇବା—ଦେ.କି (ସ ଆକୁଳ)—୧ । (ଷଣ୍ଢ) ଡକାଛାଡିବା—
Hākurdi khāibā 1. To bellow or roar (said (ଯାଁଡ଼ର ଡାକ) of a bull). ୨ । (ନଈ) ବର୍ଷା ଯାଇ ଦୁଇ ହୋକଡାଇ କରନା କୂଳରୁ ଘାଣି ଉଛୁଲାଇବା—2. To inundate the two banks (said of a river in flood).

ହାକୁଳ ବିକୁଳ—ଦେ, ବଣ—(ସ. ଆକୁଳ ଓ ବିକଳ)—୧ । ଉତ୍ତଳ
Hākuli bikuli ବିକଳ; ଜ୍ୱାଳାରେ ଅସ୍ଥିର—1. Restless ହାକୁଲିବିକୁଲି ଆକୁଳ ବିକୁଳ through pain. ୨ । ହାଉଳ ଚାଉଳ (ଦେଖ)—2. Hāul chāul (See)

ହାକୁ ହାକୁ—ଦେ ଅ—୧ । ହାହୁ ହାଉ (ଦେଖ)—1. Hāu hāu
Hāku hāku ହାଉ ହାଉ ହାୟ ହାୟ (See)
୨ । ଚର୍ମରେ ଲଙ୍କା ପରଭ ଆଦ ଲଗି ଗୋଡ଼ିବାର ଜ୍ୱାଳା—
2. Acute burning sensation in the skin.

ହାକେଣୀ ପ୍ରା. ବ. ସ୍ତ୍ରୀ—୧ । ହାକିନୀ (ଦେଖ)—1. Hākiṇī
Hākeṇī (See). ୨ । ଗ୍ରାମଦେବୀ ବିଶେଷ—2. Name of ହାକିନୀ a village Goddess. [ଉ—ହାକେଣୀ, ଚାରେଣୀ ହାକିନୀ ଯେ ସଙ୍ଗଲଚଣ୍ଡୀ ଗ୍ରାମ—ଶୀତାମ୍ବର ଦସିଂହ ସ୍ତବ୍ଧ ।]

ହାଗା—ପ୍ରାଦେ (ବସ୍ତୁର) ବ—ହଗା; ହାଡ଼ା—Passing of
Hāgā stools.

ହାଗିବା—ପ୍ରାଦେ (ଦଲ୍ଲଙ୍କିର ଘାଟଣା) କି—ହାଡ଼ା ଫେରିବା—
Hāgibā To pass stools; to defecate.

ହାଞ୍ଚା (ଇତ୍ୟାଦି)—ଦେ. ବଣ—ହାଁଉଁଆ ଇତ୍ୟାଦି (ଦେଖ)—
Hāṅa (etc) Hāñuñā etc. (See).

ହାଙ୍କ—ଦେ. ବ—(ସ ହୁଙ୍କାର ବା ହୁଙ୍କାର)—୧ । ହାକ ; ଉଚ୍ଚୈଃ-
Hāṅka ସ୍ୱରରେ ଡାକ ; ଚଢ଼ାର— 1. Loud call. ୨ ।
ହାଁକ ହୁଙ୍କାର (ଦେଖ)—2. Huṅkāra (See). ପ୍ରାଦେ—
ହାକ (ଉତ୍ତର ବାଲେଶ୍ୱର) ବ—ଉଚ୍ଚସ୍ୱର—Loud voice.

ହାଙ୍କ ଛଡ଼ା(ଣ୍ଡି)ଯିବା—ଦେ. ବ—ଦୁଇ ଜଣଙ୍କର ଉଚ୍ଚୈଃସ୍ୱରରେ
Hāṅka chhirḍi (ṇḍi) jibā ବାଗ୍ବାଦ—Loud
ହାଁକାହାଁକି ହୋଇବା interchange of words between-
ଝାଁକଛିଡ଼ିନା 2 persons. [ଯଥା—ଜଣେ ଗାମୁଖ ମଲେଇବାକୁ ୨ ଘଣ୍ଟା ହେଲ ବୋକାମା ସଙ୍ଗେ ମୋର ହାଙ୍କ ଛଡ଼ା ଗଲ୍ଲଣି ।]

ହାଙ୍କପାଙ୍କ—ଦେ. ବ—ବ୍ୟାକୁଳତା ; ଅତି ବ୍ୟସ୍ତତା—(ଗୋବିନାଥ
Hāṅka pāṅka ନନ୍ଦ)—The state or condition of
ହାଁକପାଁକ being much perturbed ; distress.
ବ୍ୟାକୁଳତା ବଣ—ଅତି ବ୍ୟସ୍ତ ; ବ୍ୟାକୁଳ—(ଗୋବିନାଥ ନନ୍ଦ)—Much disturbed ; distressed.

ହାଙ୍କା—ଦେ. ବ—୧ । ହୁଙ୍କାର (ଗୋବିନାଥ ନନ୍ଦ) (ଦେଖ)—
Hāṅkā Huṅkāra (See). ୨ । ହାଙ୍କିବା (ଗୋବିନାଥ
ହାଁକ ହଙ୍କାର ନନ୍ଦ) (ଦେଖ)—2. Hāṅkibā (See)

ହାଙ୍କିବା—ଦେ. କି—(ସ ହୁଙ୍କାର)—୧ । ଗାଡ଼ ଚଲାଇବାଦ୍ୱେଳେ
Hāṅkibā ଶୂଳକ ଉଚ୍ଚୈଃସ୍ୱରରେ ଚଢ଼ାର କରେ)—ବଗିର ବା
(ହାଙ୍କିଦବା—ଅନ୍ୟରୂପ)—ଗାଡ଼ର ଅଶ୍ୱାଦଙ୍କୁ ଶୂଳକ କରିବା ;
(ହୁଙ୍କାଇବା—ପ୍ରଯୁକ୍ତ କରୂପ) ହଙ୍କାଇବା—1. To drive a
ହାଁକା vehicle (said of the driver). ୨ । କୌଣସି
ହାଁକନା କଥା ଉଚ୍ଚୈଃସ୍ୱରରେ କହିବା—2. To speak out loudly. [ଯଥା—ମୁଁ ମୋ ମନ କଥା ଗୃହପଦ କଥର ଉପରେ ହାଙ୍କି ଦେଲି ।] ୩ । ଉଚ୍ଚୈଃସ୍ୱରରେ ଗାଳଦେବା ; ଚାଡ଼ନା କରିବା—3. To chide or rebuke loudly. ୪ । ଧମକାଇ କରି ବା ମାଡ଼ ଦେଇ ଚଢ଼ଦେବା—4. To drive away a person from a place by threatening or beating. ୫ । ଉଚ୍ଚୈଃସ୍ୱରରେ ଚଢ଼ାର କରି ଡାକିବା—5. To halloo ; to bawl. [ଉ—ତୁ ହାଙ୍କିବୁ କେବେ, ଶୁଣିଣ ସ୍ୱପ୍ନେ ବଜପ୍ନେ କରିବେ । ପ୍ରାଚୀ କଳ ଚରିତ ।]

ପ୍ରାଦେ (ସଂହୃତ) କି—ଠେଲିଦେବା ; ମୁଦ୍ଦେଁ ମୁଦ୍ଦେଁ ଅପମାନ କରିବା ; (ଉଦ୍ଧତ୍ୟ) ପ୍ରଭୁଙ୍କୁ ଯବାବ୍ ଦେବା—
To show arrogance ; to show insubordination to one's master.

ହାଙ୍କୁଡ଼ (ର)—ପ୍ରାଦେ (ସାଳପୁର) ବ—(ସ କକୁଦ୍)—ଷଣ୍ଢର
Hāṅkurda (ra) ଚୁଲ—Hump of a bull.

ହାଙ୍କୁଡ଼ି ଖାଇବା—ପ୍ରାଦେ (ସାଳପୁର) କି—(ଷଣ୍ଢ) ଡକାଛାଡିବା—
Hāṅkurḍi khāibā To roar (said of a bull).

ହାଙ୍କୁଡ଼ିବା—ପ୍ରାଦେ (ଉତ୍ତର ବାଲେଶ୍ୱର) କି—ଘୋରୁଣ୍ଡିବା—
Hāṅkurḍibā To crawl on the ground.

Digitized by srujanika@gmail.com

ହାଙ୍ଗୀ—ପ୍ରାଦେ (ଜସ୍‌ପୁର) ନ—ଗୁହ୍ୟଦ୍ୱାର—
Hāṅg-ṇī Anus.

ହାଙ୍ଗ୍‌ମା (ମେ, ମ୍ୟା) ନ୍—ବୈଦେ. ନ—(ଇଂ)—ଅଥଗ୍ରଧୀଙ୍କୁ ଫାସି
Hāṅg-mā (me, myā) n ଦାଠରେ ଝୁଲାଇବା ଘାଇଁ
ହାଙ୍ଗ୍‌ମ୍ୟାନ୍ ହାଙ୍ଗମେନ ଜଯୁକ୍ତ ବ୍ୟକ୍ତ—Hang man.

ହାଙ୍ଗ(ଙ୍ଗା)ମା—ବୈଦେ. ନ - (ଫା, ହଙ୍ଗାମ୍ ; ଭୁଲ ସଂ. ସଙ୍ଗମ ;
Hāṅga(ṅgā)m ଅସ୍ତାଗି—ହଙ୍ଗମ=ଜଡତା)—୧। ଦୋଙ୍ଗାମ
ହାଙ୍ଗାମା ବଚାଦ ; ବଲବ—1. Quarrael ; dispute. ୨ ।
ହାଙ୍ଗାମା ବଚସା ; ବଚ୍‌ସ୍‌ର—2. Wordy quarrel. ୩ ।
ଗୋଳମାଳ—3. Noise ; row. ୪ । ଅଳ—
Importunity.

ହାଙ୍ଗମା କରିବା (ଜାଡିବା, ଲଗା [ଗେ] ଦେବା)—ଦେ. କ୍ରି—୧ ।
Hāṅgamā karibā (kārdhibā, lagā[ge]ibā
ହାଙ୍ଗାମା କରା ବବାଦ କରିବା—1. To dispute. ୨ । କଳ
ହାଁଗାମା କରନା ଜୁଟିବା—2. To quarrel.
୩ । ଅଥଗ୍ରଧ ସୃଜନ ଗୋଳମାଳ କରିବା—3. To set
up a criminal row. ୪ । (ଶିଶୁ ବା ବାଳକ
ବାଜବା) କୌଣସି ଦ୍ରବ୍ୟ ଘାଇଁ ଅଳଠ ହୋଇ ଅଳ
କରିବା—4. To importune for any thing
(said of wayward children).

ହାଙ୍ଗମାବାଜ୍—ବେ ବେଦେ. ଗଣ (ଫା. ହାଙ୍ଗମାବାଜ୍)—୧। କଳହପ୍ରିୟ-
Hāṅgamābāj 1. Quarrelsome. ୨ । ବବାଦପ୍ରିୟ—
2. Fond of dispute. ୩ । ଗୋଳମାଳ ପ୍ରିୟ—
ହାଙ୍ଗାମାବାଜ ହାଁଗମାବାଜ 3. Fond of row or affray.

ହାଙ୍ଗମା ହୁଜି(ଜ୍ଜି)ତ୍ ତି)—ବୈଦେ. ନ—(ଫା ହଙ୍ଗମାହ୍ ଓ
Hāṅgamā huji(jji)t(ti) ହୁଜ୍ଜତ ; ସଦ୍ଭବର ଶବ୍ଦ)—
[ହାଇସା ହୁଜୁ (ବ୍ଲ.) ତ୍ ଅନ୍ୟରୂ୍ପ] ୧ । ବବାଦ ବସମ୍ବାଦ; କଳ
ତକର୍ରର—1. Dispute and quarrel. ୨ । ଫଉଜ୍
ଦାଗ୍ଗ—2. Affray; show or use of criminal
force.

ହାଙ୍ଗାମାହୁଜ୍ଜତ ହାଁଗାମାଓଜ୍ଜତ

ହାଙ୍ଗର—ସଂ. ନ—(ହଁ।=ଅନୁକରଣ ଶବ୍ଦ, ମୁଖ ବସ୍ତାର ଘୁଂକ ଶବ୍ଦ
Hāṅgara +ର ଧାତୁ=ଟାସ କରିବା+ଉତ୍ତି. ଅ, ମୁଖ ବସ୍ତାର
ସଂ. ଘର୍ଘାଧ୍ୱ— ଓ ଶବ୍ଦ କର ଯେ ଅନ୍ୟ ଜନ୍ତୁକୁ ଗ୍ରାସ
ମଗର, ଅବଜ୍ଞାଜ, କରେ)—ମଗର; ବାଳଆ ଜାତିଯ ଗାଙ୍ଗୁଦନ୍ତ
ନକ୍ରଗ୍ରାଜ, ଅବଜ୍ଞାର, ବୃହଦାକାର ସମୁଦ୍ରଜାତ ଦଂଷ୍ଟ୍ର ପରିପ୍ରକଶେଷ
ଅଂ ହାଙ୍ଗର Shark; Carcharias Gangeticus.
ହାଙ୍ଗର, ହାଙର, ମଗର, ମକର ହାଗର

[ଦ୍ର— ଏହା ଲମ୍ବରେ ୫୬ ହାତ ପର୍ଯ୍ୟନ୍ତ ହୁଏ । ଏହା ବାଳଆ
ମାନ୍ଥ ଥରେ ଓ ଏହାର ଦାନ୍ତଖାଣ୍ଟରେ ଥିବା କରତଦାତ
ଥରେ ଦାନ୍ତ କ୍ରି ଗାଲସିମାନ ଏତେ ଦୃଢ଼ ଯେ, ଉଦ୍ଦାରା
ଯେ ମନୁଷ୍ୟ ଦେହର ଅଲଷଣ ମଧ୍ୟରେ ଦୁଇ ଗଡ଼ କରି
ଚିରିଦଏ ୬୫ ଦଉରେ ଅଉ ଜନ୍ତୁ କାଟି ପାରେ ।
ଏହାର ଦେହର ଚର୍ମ ଥରେ ମଣ୍ଡା ଅଟ୍ଟୁ ମୋଟ ହୋଇ ଲଙ୍ଗ
ଅଉଜ୍ଜ ଜଳଚର ସନ୍ତୁ ମୋଇ ଯାଇଥାଏ । ଏହା ସମୁଦ୍ରରେ
ଓ ଲୁଣିପାଣିରେ ରହେ । ଚୈତ୍ର, ବୈଶାଖ ଓ ଜ୍ୟୈଷ୍ଠ
ମାସରେ ଏହା ଜଲଜନ୍ତୁ ଜଳଚରଙ୍କୀ ଗଙ୍ଗା ଜଳରେ
ଦେଖାଯାଏ । ଏହା ଚଲିବାରେ ମଧ୍ୟ ଦେଖାଯାଏ । ହାଙ୍ଗର
ଦୁଇ ପ୍ରକାର । ୧—ଖଣ୍ଡା ମଗର (ଏହାର ମୁହଁର ଉପର
ଓଠରୁ ଗୋଟିଏ ପାଳଆ ଭଳି ଦୁଇ ଅଂଶିଆ କରତ ବାହାର
ଥାଏ । ୨—ମୁଣ୍ଡା ମଗର ଏହାର ଉପର ପାଟି ତଳପାଟି
ଅପେକ୍ଷା ଅଗରୁ ବାହାରିଥାଏ । ଏହି ମୁଣ୍ଡା ମଗରମାନେ
ମନୁଷ୍ୟକୁ ଅକ୍ରମଣ କରି ଗିଳି ଯାଆନ୍ତି । ସମୁଦ୍ରରେ ଏମାନେ
ଦଳବଦ୍ଧ ହୋଇ ଜାହାଜ ପଛରେ ଗୋଡ଼ାଇବା ଓ ଜାହାଜ
ଲଙ୍ଗର ହେବା ସ୍ଥାନରେ ଚରଣ କରିବା ଦେଖାଯାଏ ଓ
ଜାହାଜରୁ ମନୁଷ୍ୟ ପାଣିରେ ପଡ଼ିଗଲେ ହାଙ୍ଗର ତାଙ୍କୁ
ଖାଇଯାଆନ୍ତି । ଏକ ଏକ ଜାତିଯ ହାଙ୍ଗର ୩୦।୪୦ ଫୁଟ
ଲମ୍ବ ହୁଅନ୍ତି । ଗ୍ରୀଷ୍ମଋତୁରେ ଚନ୍ଦ୍ର ଅସ୍ତରେ ଓ ସକାଳ
ବାଜିଁବର ମୁହଁରେ ହାଙ୍ଗର ମୁହଁ ଅଳ୍ପ ଦେଖାଯାଏ ।
ବାଲ୍ମ (ବଳସ୍ୱ) ର ମୁହଁରେ ଚନ୍ଦ୍ର ହୋଇଥିବା ହାଙ୍ଗରର
ଉପର ମୁହଁର ପାଟି ଶୁଣ୍ଡ ପର୍ଯ୍ୟନ୍ତରୁ ଫଙ୍କା ହୋଇ
ଛୁଟିଥାଏ ।]

ହାଙ୍ଗର ପାଟିଆ (ମୁହଁ।)—ବେ. ବଣ—ହାଙ୍ଗରର ମୁଖର ଅକାର
Hāṅgara pāṭiā (mubāñ) ବଣିଷ୍ଟ; ମଗର ମୁହଁ।—Shark-
faced. (ଅଥା—ହାଙ୍ଗରମୁହଁ। ବାଳ୍ମ)
ହାଙ୍ଗରମୁଖୋ ହାଁଗରମୁହାଁ

ହାଙ୍ଗାମ୍ (ମା) (ଇତ୍ୟାଦି)—ବେଦେ. ନ—ହାଙ୍ଗମା ଇତ୍ୟାଦ (ଦେଖ)
Hāṅgām (mā) (etc) Hāṅgamā etc. (See)

ହାଙ୍ଗାମି—ବୈଦେ. ବଣ. ପୁଂ ଓ ସ୍ତ୍ରୀ—(ଫା)—ହାଙ୍ଗମାବାଜ (ଦେଖ)
Hāṅgāmi Hāṅgamābāj (See)
[ହାଙ୍ଗାମିଆଁ—ଅନ୍ୟରୂପ]

ହାଙ୍ଗାର୍—ବୈଦେ. ନ (ଇଂ)—ଏରୋପ୍ଲେନ୍ ବା ଜଡ଼ାଜାହାଜ ରହି-
Hāṅgār ବାର ଘର—Hangar; a place where
aer.planes are stabled.

ହାଚ୍‌କିବା—ପ୍ରାଦେ. (ଗଡଆଳ) କ୍ରି—ହିଞ୍ଚିବା—
Hāc.kibā To drag; to pull with a jerk.

ହାଚ୍‌କିବା ଖାଚ୍‌କିବା—ପ୍ରାଦେ (ଗଡଆଳ) କ୍ରି—ଝଟକାଓଟକ୍ସ କରିବା—
Hāch-ki ā ki ach-kibā To pull with jurks.

ହାଚ୍‌କି କଚ୍‌ଡି ହେବା—ପ୍ରାଦେ (ସମ୍ବଲପୁର) କ୍ରି—ଛେଚଡ଼ିବ
Hāch-ki kachārdi hebā ହେବ ; ଘଷିବା ଓ ଚଟଡ଼ା
ଖାଇବା—To be jerked and jolted. [ଉ—
ରାସ୍ତାରେ ଗୋରୁ ଗାଲ ଗାଡ଼ରେ ବଡ଼ ବାରଦ ଜଗୁଡ଼ି
ଦେଉଛନ୍ତି]

ହା (ହାଁ) ଛୁ(ଛି)ଅ—ଦେ. ଅ (ଧ୍ୱନ୍ୟନୁକରଣ)—ଶିଶୁର ଛିଙ୍କି ଯିବେଳେ
Hā (hañ) chhi (chchhi) a ଅଶୁଭ ନିବାରଣାର୍ଥ ଉଚ୍ଚାରିତ
ବଚନ—A word uttered to avert evil
ଚିହ୍ନେଅ ହାଞ୍ଚି from a sneezing child.

Digitized by srujanika@gmail.com

ହା' ଛୁ (ଛୁ)—ଦେ. ଅ—(ଧ୍ୱନ୍ୟନୁକରଣ)—ଛୁଙ୍କିବାର ଅନୁକରଣ ଶବ୍ଦ—The sound of sneez—ହେଚଛିଅ, ହାଛ୍ଚି

ହାଜତ—ବୈ.ଦେ. ବ (ଅ)—(ଫରଅ)—୧ । ବଗ୍ଗରଶେଷ ଥୂଂରୁ Hājat ଅଇଯୁକ୍ତ ବ୍ୟକ୍ତିକୁ ଅଟକାଇ ରଖାଯିବା କାଗ୍ଗଗୃହ—1. Hājat; prison for under-trial accused; lock-up. ୨ । ବଗ୍ଗବଧୀନ ମୁଦାଲ୍ଲର କାଗ୍ଗବାସ—2. Detention or confinement of an under-trial prisoner in the lock-up. [ଦ୍ର—ଏହ ଶବ୍ଦ ଇଂଗ୍ଲଣ୍ଡରେ ମଧ୍ୟ ବ୍ୟବହୃତ ହେଇଥଇ]

ହାଜତ ହାଜତ

ହାଜତ୍ ଘର—ଦେ. ବ (ଫରଅ)—ବଗ୍ଗର ଶେଷ ଥୂଂରୁ ଅଥାମୀକୁ Hājat ghara ଯେଉଁଘରେ ଅବରୁଦ୍ଧ କର ରଖାଯାଏ—ହାଜତଘର ହାଜତଘର Undertrial prison; lock-up

ହାଜତ୍ ଦେବା—ଦେ. କ୍ରି (ଫରଅ) –ବଗ୍ଗର ଶେଷ ନହେଉଣ ଅଥା Hājat debā ମାଲ୍କୁ ହାଜତରେ ରହିବାକୁ ଆଦେଶ ଦେବା—To order an undertrial prisoner to be kept in confinement or in the lock-up.

ହାଜତଦେଓୟା ହାଜତଦେନା

ହାଜତି – ବୈଦେ. ବଣ (ଫରଅ) (ଫା)—୧ । ହାଜତ୍ ସମ୍ବନ୍ଧୀୟ—1. Hājati Relating to Hājat. (ଯଥା—ହାଜତି ଅସାମୀ) ୨ । ହାଜତରେ ଅବରୁଦ୍ଧ—2. Confined in the lock-up.

ହାଜତି ହାଜତୀ

ହାଜତି ଆସାମୀ(ମୁଦାଲ୍ଲ)—ବୈଦେ. ବ (ଫରଅ) (ଫା)—ବଗ୍ଗର Hājati āsāmī (mudālā) ଥୂଂରୁ ଅଟକ ବା ଅବରୁଦ୍ଧ ହାଜତି ଆସାମୀ କଗ୍ଗାଇଥିବା ମୁଦାଲ୍ଲ—Undertrial prisoner.

ହାଜତୀ ଆସାମୀ

ହାଜର୍—ବୈଦେ. ବଣ—(ଅ ହାଜର୍) (ଫରଅ)—୧ । ଉପସ୍ଥିତ Hājar —1. Present. ୨ । ଅବସ୍ଥିତ; ବଦ୍ୟମାନ—2. ହାଜିର Existing. ୩ ଅଦାଲତଙ୍କ ବା ହାକିମଙ୍କ ସମ୍ମୁଖରେ ହାଜିର ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ—3. Attending court on the fixed date. ୪ । କୌଣସି କାର୍ଯ୍ୟ କରିବା ପାଇଁ ପ୍ରସ୍ତୁତ—4. Ready to do any act.

ହାଜର୍ ଆସାମୀ (ମୁଦାଲ୍ଲ)—ବୈଦେ. ବ (ଫା)—(ଫରଅ)—ହାଜର୍ Hājar āsāmī (mudālā) ଆସାମୀ (ଦେଖ)—Hājarā āsāmī (See).

ହାଜର୍ ଆସିବା—ଦେ. କ୍ରି (ଫରିଅ)—ହାଜର୍ ହେବା (ଦେଖ)—Hājar āsibā Hājar hebā (See).

ହାଜିର ହଓୟା ହାଜିର ଆନା

ହାଜର୍ କରା(ରେ)ଇବା (କରିବା)—ଦେ.କ୍ରି. (ଫରିଅ)—କୌଣସି Hājar karā[re] ibā [karibā] ବ୍ୟକ୍ତିକୁ ବା ବସ୍ତୁକୁ କୌଣସି ହାଜିର କରା ହାକିମଙ୍କ ସମ୍ମୁଖରେ ଉପସ୍ଥାପିତ କରିବା—To produce a person or thing before a person in authority.

ହାଜର୍ ଗୋର—ଦେ. ବ. (ଫରିଅ)—ଯେଉଁ ଗୋର ସର୍ବଦା ସବୁ Hājar chora ସାଇ ହାକିମଙ୍କ ଜଜଃରେ ଉପସ୍ଥିତ ହୁଏ—A ହାଜାରି ଚୋର thief who surrenders himself in ହାଜିର ଚୋର court. [ଦ୍ର—ହାଜର୍ ଗୋରକୁ ମଣ୍ଡାରୀ ମାଫ୍-ଗଗ ।]

ହାଜର୍ ଜବାବ—ବୈ ଦେ.ବଣ (ଫା) (ଫରିଅ)—୧। ଉତ୍ତର ଦେବାକୁ Hājar jabāb ପ୍ରସ୍ତୁତ—1. Ready to give reply. ୨ । ହାଜିର ଜବାବ ଉପସ୍ଥିତବୁଦ୍ଧି ବଶିଷ୍ଟ; ପ୍ରତ୍ୟୁତ୍ପନ୍ନମତ୍ତ—2, ହାଜିର ଜବାବ Having presence of mind. ୩ । ସଙ୍ଗେ (ହାଜର ଜବାବ—ବ) ସଙ୍ଗେ ଉତ୍ତର ଦେବାରେ ନିପୁଣ—3. Skilful in giving prompt reply.

ହାଜର୍(ରି)ଜାମିନ୍(ନୀ)—ବୈ ଦେ. ବ. (ଅ. ହାଜର୍+ଜମାନତ୍ Hājar[ri] jāmin[nī] (ଫରିଅ)—୧ । କୌଣସି ଅଥାମୀର ହାଜିର ଜାମିନ ବା ଥଥାର୍ଥ ବା ସାଥୀର ନିର୍ଦ୍ଦିଷ୍ଟ ତାରିଖରେ ହାଜିର ଜାମିନ ଅଦାଲତରେ ଉପସ୍ଥିତ ହେବାପାଇଁ ଜାଠାରୁ ନିଆଯିବା ଜାମିନ୍—1. Security taken from a person for his appearance in a court on a fixed date. ୨ । କୌଣସି ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ ତାରିଖରେ ଉପସ୍ଥିତ କରାଇବା ପାଇଁ ଦାୟିତ୍ୱ ନେବା ବ୍ୟକ୍ତି—2. A person who stands surety for the appearance of a person in court on a fixed date.

ହାଜର୍ ଦେବା—ଦେ. କ୍ରି (ଫରଅ)—୧ । ହାଜର୍ ହେବା (ଦେଖ)—Hājar debā 1 Hājirā debā (See). ୨ । ହାଜର୍ ହେବା. 2. Hājar hebā (See)

ହାଜର୍ ପା(ବା) ସ୍—ବୈଦେ.ବଣ (ଅ ହାଜର୍+ଫା. ପ୍ରତ୍ୟୟ ବାସ୍)—Hājar-pā (bā) s ୧ । ବରାବର ନିକଟରେ ଉପସ୍ଥିତ (ବ୍ୟକ୍ତି) 1. (a person)Constantly in attendance on some person. ୨ । ମନୁଷ୍ୟଙ୍କ ସଙ୍ଗେ ସବୁବେଳେ ଯାଇ ମେଳ ହେଉଥିବା (ବ୍ୟକ୍ତି)—2. Very social (person): constantly going to the people and mixing with them.

ହାଜିରପାସ ହାଜିରବାସ

ହାଜର୍ ପା (ବା)ସୀ—ବୈଦେ. ବ—(ଫା)—୧ । ସର୍ବଦା କୌଣସି Hājar-pā (bā) si ବ୍ୟକ୍ତିଙ୍କ ନିକଟରେ ଉପସ୍ଥିତ—1. ହାଜିରପାସୀ Constant attendance on a person. ହାଜିରବାସୀ ୨ । ଲୋକଙ୍କ ସଙ୍ଗେ ସର୍ବଦା ମିଳମିଶି ରହିବା—2. Constant mixing with the people.

ହାଜର୍ ହେ !—ବୈଦେ. ଅ—(ଅ. ବାକ୍ୟ) (ଫରଅ)—ନିର୍ଦ୍ଦିଷ୍ଟ ଜାଗାରେ ଅଥାମୀ ବା ଅନ୍ୟ କରରେ ଉପସ୍ଥିତ Hājar-he ! ହାଜିରହେଁ ଅଛ କି ନାହିଁ, ଏହା ଜାଣିବା ନମନ୍ତେ ଉଚ୍ଚ ବ୍ୟକ୍ତିର ହାଜିରହୁଁ ନାମଧର ଚପରାଶୀର ଡାକ—(Interjection used by the court-peon calliug aloud the name of the person whose presence is required in court on the date). Is (such or such a person) in attendance ?

Digitized by srujanika@gmail.com

ହାଜର୍ ହେବା—ଦେ. କ୍ରି (କରିଯ)—୧ । ଉପସ୍ଥିତ ହେବା—Hājar hebā 1. To be present; to attend. ହାଜିର ହଓୟା [ଉ—ଜଉବେଲ ବୁହିଁ ଶ୍ମୁରେ ହାଜର—ହେବା ହାଜିରହୋନା ବଧି ତାଙ୍କୁ ନାହିଁନ୍ତି ଗୋଚର । ସୁଧାନାଥ· ଦରବାର ।] ୨ । ସ୍ୱୟଂ ଉପସ୍ଥିତ ହେବା—2. To appear in person.

ହାଜର୍—ବୈଦେ. ବଣ(ଆ) (କରିଯ)—ହାଜର ହୋଇଥିବା; ଉପସ୍ଥିତ Hājarā Present; attending. ବ—୧। ହାଜିର୍ (ଦେଶ)—ହାଜିରା 1. Hājirā (See). ୨। ବଙ୍ଗଦେଶରେ ପ୍ରଚଳିତ ବଂଶୋ. ହାଜିରା ଯାଧୂ ଉପାଧି—2. A family title in Bengal.

ହାଜ (ଜି)ର୍ ଆସାମୀ (ମୁଦାଲ୍)—ବୈଦେ ବ—(ଫା) (କରିଯ)—Hāja(ji)rā āsāmī (mudālā) ୧ । ଦାକ୍ତମଙ୍କ ନକଟ ହାଜିର ଆସାମୀ ଉପସ୍ଥିତ ମୁଦାଲ୍—1. An accused attending the court. ୨ । ପୁଲସ୍ ରପୋର୍ଟ ସଙ୍ଗେ ସଙ୍ଗେ ଅଦାଲତକୁ ପଲଣ ଦଆଯାଇଥିବା ମୁଦାଲ୍—2. An accused who is being sent up to court along with the police report.

ହାଜ୍(ଜି)ର୍ ଡାକିବା—ଦେ. କ୍ରି—ହାଜିର୍ ବହି ଧର ସେଥିରେ ଥିବା ଲୋକମାନଙ୍କର ନାମ ଜଣଜଣକର ହାଜିରା ଡାକା ଉଚ୍ଚୈଃସ୍ୱରରେ ଡାକିବା—To call out the attendance roll.

ହାଜ୍(ଜି)ର୍ ଦେବା—ଦେ. କ୍ରି—ହାଜିର୍ ଡାକିବାବେଳେ ହାଜିର୍‌ରେ ନାମ ଲେଖାଥିବା ବ୍ୟକ୍ତି ସେଠାରେ ଉପସ୍ଥିତ ହାଜିରା ଦେଓୟା ହୋଇ 'ମୁଁ ଉପସ୍ଥିତ ଅଛୁ' ଏହା କହିବା—To respond to the call of one's name at roll call.

ହାଜ୍(ଜି)ର୍ ନେବା—ଦେ. କ୍ରି—୧ । ହାଜିର୍ ବହି ଧର ହାଜର ହୋଇଥିବା ବ୍ୟକ୍ତିମାନଙ୍କ ନାମ ଡାକିବା—ହାଜିରା ଲଓୟା 1. To call the attendace roll, ୨ । ହାଜର୍ ପକାଇବା (ଦେଶ)—2. Hājirā pakāiba (See).

ହାଜ (ଜି)ର୍ ପକା(କେ)ଇବା—ଦେ, କ୍ରି—ହାଜର୍ ଡାକିବା ବେଳେ ଉପସ୍ଥିତ ବ୍ୟକ୍ତିମାନଙ୍କ ନାମ ହାଜର୍ ବହିରେ ଟିପିବା—To mark or note the names of the persons present at the roll call.

ହାଜିରା ଲଓୟା ହାଜୀରୀ ଲୀଖନା

ହାଜ୍(ଜି)ର୍ ପୁସ୍ତକ (ବହି, ରେଜଷ୍ଟର୍)—ଦେ. ବ (ଆ. ହାଜର୍, ସଂ Hāja(ji)rā pustaka(bahi, regishṭarī) ପୁସ୍ତକ,ଆ. ବହି, ଇଂ· ରେଜଷ୍ଟର୍)—ଯେଉଁ ପୁସ୍ତକରେ ସମ୍ପର୍କୀୟ ବ୍ୟକ୍ତି ବା ଗ୍ରନ୍ଥ ମାନଙ୍କ ନାମ ଲେଖାଯାଇ ପ୍ରତିଦିନ ହାଜର ରଖାଯାଏ—ହାଜିରାବହି ହାଜିରୀବହୀ Attendance register.

ହାଜର୍ ମୁଦେଇ—ବୈଦେ. ବ (ଅ) (କରିଯ)—ହାକିମଙ୍କ ନକଟରେ Hājarā mudei ଫେରାଦ ହେବାଯାଇଁ ଉପସ୍ଥିତ ବାଦୀ—The plaintiff or complainant present in court.

ହାଜରିବାଦୀ ହାଜରମୁଦେଇ

ହାଜର—ସ୍ତ୍ରୀଦେ. (ଖଡ଼ିଆଳ) ବ—ଉପସ୍ଥିତି—Hājarī Arrival; presence; attendance.

ହାଜିର୍ (ରି)—ବୈଦେ. ବଣ(କରିଯ)—(ଅ. ହାଜାର୍)—ଉପସ୍ଥିତ—Hājir (ri) Present; attending; in attendance. ବ—(ଅ. ହାଜାର୍) ଉପସ୍ଥିତି—Attendance; ହାଜିର ହାଜିରୀ presence.

ହାଜର୍—ବୈଦେ. ବଣ (ଆ) (କରିଯ)—ଉପସ୍ଥିତ—Present; Hājirā attending. ବ—୧ । କର୍ମସ୍ଥଳରେ ଉପସ୍ଥିତି—1. Presence or attendance at the required place ୨ । ହାଜର୍ ବହି—2. Attendance register. ୩ । ବଙ୍ଗଦେଶର ପ୍ରଚଳିତ ବଂଶୋପାଧି ବିଶେଷ—3. A family-title in Bengal.

ହାଜିରା ହାଜୀରା

ହାଜିର୍—ବୈଦେ. ବ (ଅ. ହାଜର୍)—୧ । ହାଜର; ଉପସ୍ଥିତି—Hājiri 1. Presence. ୨ । ସାହେବମାନଙ୍କର ଜଳଯୋଗ—2. Taking of tiffin or refreshment by Europeans. ୩ । ହାଜର୍ ବହିରେ ଲକ୍ଷିତ ଉପସ୍ଥିତ ହେବାର ଚିହ୍ନ—3. Mark in the attendance register noted in respect of a person present at roll call. ବଣ—ହାଜର; ଉପସ୍ଥିତ—ହାଜିରି ହଦ୍ଦର Present, attending.

ହାଜୀ—ବୈଦେ.ବ(ଅ)—ଯେଉଁ ମୁସଲମାନ୍ ମକ୍କାକୁ ଯାଇ ସେଠାରେ ହଜ୍ ବା ଗୋଟାଏଡ କର୍ତ୍ତବ୍ୟ ସମ୍ପନ୍ନ କରିଥାଆନ୍ତି,—Hājī; a Mahomedan who has accomplished his pilgrimage to Mecca. ହାଜୀ ହାଜୀ

ହାଞ୍ଚି—ସ୍ତ୍ରୀଦେ. (ସମ୍ବଲପୁର) ବ—(ତୁଳ. ବ ହାଁରୀ)—ଛିଙ୍କ—Hañchi Sneezing.

ହାଞ୍ଚିବା—ସ୍ତ୍ରୀଦେ. (ସମ୍ବଲପୁର) କ୍ରି (ତୁଳ. ବ. ହାଁରୀ)—ଛିଙ୍କିବା—Hañchibā To sneeze.

ହାଞ୍ଜି ହାଞ୍ଜି କରିବା (ହେବା)—ବୈଦେ. କ୍ରି (ଫା—ହାଁ=ହଁ, ଜା= ହଁ ମଶାଶୟ !)—୧ । ଚୌଣସି ବ୍ୟକ୍ତିର ମନକୁ ଖୁସି କରିବାପାଇଁ ତାଙ୍କ ଆଖରେ ସବୁବେଳେ ହଁ କରିବା, ଅର୍ଥାତ୍, ସେ ଯାହା କହିବେ ତାହା, ଠିକ୍ ହେଉ ବା ବେଠିକ୍ ହେଉ, ଠିକ୍ ଅଛ ବୋଲ କରିବା; ଏଜନ ବା ଓଡେ। କରିବା—1. To ditto what a person says in respect of the correctness or otherwise of what he says; to fawn; to cringe; to flatter in a servile way. ୨ । ଚୌଣସି କାର୍ଯ୍ୟ କରିବାକୁ ଦୃଢ଼ସଙ୍କଳ୍ପ ନ କରି ଇତସ୍ତତଃ କରିବା—2. To hesitate ହାଁଜିହାଁଜିକରା ହାଁଜୀହାଁଜୀକରନା to do a thing

ହାଟ୍—ବୈଦେ. ବ (ଇଂ)—ଟୋପର; ସାହେବମାନଙ୍କ ପିନ୍ଧିବା ଉଲମ ଟୂପୀ, ହାଟ ହୈଟ

Digitized by srujanika@gmail.com

ହାଟ୍ କୋଟ୍—ବୈଦେ. ବ (ଇଂ; ସଦ୍ଭବର ସରଧେପୃ ଦ୍ୱସୃ)—ମୁଣ୍ଡରେ ପିନ୍ଧିବା
Hat kot ପିନ୍ଧା ସାଙ୍ଗେକ ଟୋପର ଓ ଦେହରେ ପିନ୍ଧାସିବା ସାମଲା
ଅଙ୍ଗେ ଚୋଲା, ବୋତାମ ବଥ ଲୁଗା।—Hat and coat.

ହ୍ୟାଟକୋଟ ହୈଟ୍‌କୋଟ

ହାଟ୍‌ପୀନ୍—କୈବେ. ବ (ଇଂ)—ମେମ୍‌ମାନଙ୍କ ମୁଣ୍ଡରେ ପିନ୍ଧାଯିବା
Hat pin ଟୋପି ମୁଣ୍ଡରୁ ଖସି ନ ପଡିବ ବୋଲି ମୁଣ୍ଡର ବାଳ ସଙ୍ଗେ
ବା ଟୋପି ସଙ୍ଗେ ହାଟ୍‌କୁ ସଂଲଗ୍ନ କରି ରଖିବାକୁ ଯେଉଁ
ଲମ୍ବ ମୁନଅ କାଠି ହାଟ୍‌ର ଏପାଖ ସେପାଖ ଫୁଟ୍

ହ୍ୟାଟ୍‌ପୀନ୍ ହୈଟ୍‌ପୀନ୍ ଥାଏ—Hatpin.

ହାଟ—ଦେ. ବ—(ସଂ. ହଟ୍ଟ)—୧ ।ଦ୍ରବ୍ୟ; ପଣ୍ୟ ବସ୍ତୁ ବିକ୍ରୟ ପାଇଁ ନାନା
Hāṭa ସ୍ଥାନରୁ ଆଣ୍ଟ ଅନେକ ବେପାରୀଙ୍କ ର ଏକତ୍ର ହେବାସ୍ଥାନ
ହାଟ ହଟ 1. Market; fair.

[ଦ୍ର—ହାଟ ଓ ବଜାରମଧ୍ୟରେ ପ୍ରଭେଦ ଏହିକ, ହାଟ ନିର୍ଦ୍ଦିଷ୍ଟ ସମୟରେ ବା ମ୍ପ୍ତାହର ନିର୍ଦ୍ଦିଷ୍ଟ ଥାଳ (ଦିନ) ରେ ବସେ, କେତେକ ସ୍ଥଳରେ ପ୍ରତିଦିନ ସନ୍ଧ୍ୟାବେଳେ ବା ସକାଳେ ହାଟ ବସେ ଓ ଛଅ ସମୟପ୍ରହର ଯାଏଁ ଯାଏ, ନାନାସ୍ଥାନରୁ ଲୋକେ ପଣ୍ୟ ଦ୍ରବ୍ୟମାନ ଅଣି ହାଟରେ ଯସତ୍ର ମେଲଇ ବସି ବିକ୍ରୟ ଓ କେତେକ ସମୟ ପରେ ହାଟ ଭାଙ୍ଗିଯାଏ ଓ ଦୋକା ବେପାରୀମାନେ ଯେଯାହା ଘରକୁ ଗଲେ ଯାଆନ୍ତି; ହାଟରେ ଅସ୍ଥାୟୀ ବା ଛଟା ଦୋକାନମାନ ମେଲ୍ଲା ପରାରେ ବା ଗଳଳଲେ ବସେ; କନ୍ତୁ ବଜାରରେ ସ୍ଥାୟୀ ଦୋକାନମାନ ସବୁବେଳେ ଦ୍ରବ୍ୟମାନ ଥାଏ। ହାଟରେ ସାଧାରଣତଃ ନିତ୍ୟ-ପ୍ରୟୋଜନୀୟ ଅଳ୍ପ ମୂଲ୍ୟର ପଦାର୍ଥମାନ ମିଳେ, କନ୍ତୁ ବଜାରରେ ସ୍ୱଳ୍ପ ମୂଲ୍ୟର ଦ୍ରବ୍ୟଠାରୁ ବହୁମୂଲ୍ୟର ସୌଖିନ୍ ଦ୍ରବ୍ୟଯନ୍ତ୍ର ସବୁ ଦ୍ରବ୍ୟ ସବୁଦା କିଣିବାକୁ ମିଳେ। ବଜାରର ଦୋକାନମାନେ ଜମିଦାରଙ୍କୁ ଜମିଟାଇଁ ବା ଘରଟାଇଁ ଭଜଣା ବା ଭଡ଼ା ଦଅନ୍ତି। କନ୍ତୁ ହାଟକୁ ଅସିବା ବେପାରୀମାନେ ଦ୍ରବ୍ୟର ପରିମାଣ ଅନୁସାରେ ଜମିଦାରଙ୍କ ତରଫର ହାଟ-ଦଣ୍ଡ ଅନୁ 'ଚୋଲା' ବା 'ଟଣି' ଦଅନ୍ତି। ହାଟରେ ବହୁଜନଙ୍କର ସମାଗମ ହୁଏ। ସେଥିଁ ଜାଉର ବା ପାଣ୍ଟକର ସ୍ତ୍ରୀଲୋକ ମାନେ ହାଟକୁ ଯାଇ ଅନ୍ୟ ବହି ଜିନିଷ ସେମାନଙ୍କୁ ହାତୁଅଜାଇ ବୋଲିପାରେ। ଉଦ୍ଦୃଙ୍ଖଳବଧ୍ୟ ହାଟକୁ ଗଲେ ଚୋରର ସମ୍ଭାବନା-ହାନ ଘଟେ; ଏଥିପାଇଁ ପ୍ରବଚନ ଅଛି ଯେ, 'ପାଣି ନାଶଯାଏ ଘାଟେ, ସ୍ତ୍ରୀ ନାଶଯାଏ ହାଟେ'। 'କାଟ ଛଡ଼, ବୋଡ଼ୁ ସିବେ ହାଟକୁ'—ବ୍ୟଙ୍ଗୋକ୍ତି ଯୁକ୍ତ ପ୍ରବଚନ—ଯେଉଁ ବଧୂ ହାଟରେ ପ୍ରକାଶ୍ୟ ସ୍ଥାନକୁ ଯାଆନ୍ତି ଓ ସେଠାରେ ଯାହାଙ୍କୁ ଅପାମର ସାଧାରଣ ଦେଖନ୍ତି, ଭାଙ୍କର ଯଦି ବାଟରେ ସିବାବେଳେ ଭାଙ୍କ ସଙ୍ଗେଥିବା ବ୍ୟକ୍ତି-ମାନେ ସେଥିକମାନଙ୍କୁ ଅଡ଼େଇ ସିବାକୁ ସାବଧାନ କରନ୍ତି, ଏହାର ତାତ୍ପର୍ଯ୍ୟପ୍ରଦ ପରିସ୍ଥିତିରେ ଏକ ପ୍ରବଚନ ବୋଲି ଯାଏ। ଏଥିରେ ସମ୍ଭବାର୍ଥକ ପ୍ରବଚନ—'ହାଣ୍ଡିରେ ଖାଏ, ଗୋଡ଼ରେ ପଡ଼ିଲେ ଗାଧୋଇ ଯାଏ'। 'ହାତ ଗଲସାଇଅଛୁ, ଫିଙ୍କୁଡ଼ି ଗଲବାକୁ ବାଟ ନାହିଁ।' 'ଓଡ଼ଣା ପଡ଼ିଛୁ ନାକ ପରେ, ଭୁଣ୍ଡ ଶୁଭୁଅଛୁ ଚଉପାଡ଼ିରେ।']

୨। (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟର ସାଧାରଣରେ ପ୍ରକାଶ କରିଦେବା; ଦୃଷ୍ଟା—2. (figurative) Publication of any secret or private matter. ୩। (ଲକ୍ଷଣାର୍ଥ) ଚୋରାଗୋପ୍ତା; ଗୋଳମାଳ; ଗଣ୍ଡଗୋଳ; ହଟ୍ଟଗୋଳ—3. (figurative) Ado; noise; uproar; row; golmal. [ଯଥା—ସେଠାରେ ହାଟ ଲଗିଛି।] ୪। (ଲକ୍ଷଣାର୍ଥ) ଯେଉଁଠାରେ ବହୁ-ଲୋକ ବା ଦ୍ରବ୍ୟ ସମବେତ ହୁଅନ୍ତି—4. (figurative) Rendezvous; a place of gathering. [ଜ—ଠିକର ଘଡ଼ୁଛୁ ଠାବେ ଠାବେ ନେଇ ଦେଖି ଏ ଚନ୍ଦ୍ରମା ହାଟ। ସ୍ୱଧାନାଥ—ଯାଜପୁର।]

ହାଟ ଆଣିବା—ଦେ. କ୍ରି—ହାଟରୁ ଦ୍ରବ୍ୟ କିଣିଥଣିବା—To pur-
Hāṭa āṇibā chase articles from a market.
ହାଟକରା ଘାଟେ (ଗଡ଼ଜାତ) ବ—ବଜାରରୁ ସବୁଦା ବା ପଣ୍ୟ
ହାଟମୋଲାନା ଆଣିବା—To bring commodities from
the bazar.

ହାଟ ଇଜ (ଜା)ରା—ଦେ. ବ (ସଂ. ହଟ୍ଟ+ଫା. ଇଜାର୍)—ହାଟ ବସିବା
Hāṭa ija (jā) rā ବେଳେ ହାଟକୁ ଅସିବା ବେପାରୀମାନଙ୍କ
ହାଟ ଇଜାରା ଠାରୁ ଟୋଲା ବା ଶୁଳ୍କ ଅଦାୟ କରିବାର
ହାଟଇଜାରା ଅଧିକାର (ଯାହା ହାଟର ଭୂସ୍ୱାମୀ କୌଣସି ବ୍ୟକ୍ତିକୁ
ଦେଇ ଥାଅନ୍ତି)—Farming or leasing out of a
market.

ହାଟ ଇଜ(ଜା)ରାଦାର୍—ଦେ. ବ—ହାଟର ଠେକାଦାର୍; ଜମିଦାରଙ୍କ
Hāṭa ija (jā) rādār ଠାରୁ ନିର୍ଦ୍ଦିଷ୍ଟ ଜମାରେ ହାଟଟୋଲା
ହାଟଇଜରାଦାର୍ ବା ଶୁଳ୍କ ଅସୁଲ କରିବା ପାଇଁ ପଟା ନେବା
ହାଟଇଜାରାଦାର ବ୍ୟକ୍ତି—The lessee or farmer of a
market.

ହାଟ ଇଜ(ଜା)ରା ଦେବା—ଦେ. କ୍ରି—(ଜମିଦାର) ହାଟରୁ ଶୁଳ୍କ
Hāṭa ija (jā) rā debā ବା ଟୋଲା ଅସୁଲ କରିବାର
ହାଟଇଜାରା ଦେଓୟା ଅଧିକାର ଜଣେ ବ୍ୟକ୍ତିକୁ ନିର୍ଦ୍ଦିଷ୍ଟ କାଳପାଇଁ
ହାଟଇଜାରାଦେନା ଠିକାଦେବା—To farm or lease out a
market to a person.

ହାଟ ଇଜ(ଜା)ରା ନେବା—ଦେ. କ୍ରି—ହାଟଟୋଲା ବା ଶୁଳ୍କ
Hāṭa ija (jā) rā nebā ଅସୁଲ କରିବାର ପଟ୍ଟା ଜମିଦାରଙ୍କ-
ହାଟ ଇଜାରା ଲଓୟା ଠାରୁ ନିର୍ଦ୍ଦିଷ୍ଟ ଜମାରେ ନେବା—To
ହାଟ ଇଜାରା ଲେନା take a market on lease or farm
from the Zamindar.

ହାଟ ଉଠା (ଠେ) ଇବା—ଦେ. କ୍ରି—୧। ହାଟ ଭାଙ୍ଗିବା (ଦେଖ)—
Hāṭa uṭhā (ṭhe) ibā 1. Hāṭā bhāṅgibā (See).
ହାଟଭାଙ୍ଗା ୨। ପ୍ରକାଶ କରିବା; କୌଣସି ବିଷୟ ପ୍ରଚାର
ହାଟଉଠାନା କରିବା—2. To publish or proclaim any
matter; to broadcast a thing.
ଫୈଲାନା

ହାଟକ—ସଂ. ବ—(ହଟ୍ ଧାତୁ=ପାଟ୍ଟି ସାରିବା+କର୍ତ୍ତୃ ଅଚ୍)—୧।
Hāṭaka ସ୍ୱର୍ଣ୍ଣ; ସୁନା—1. Gold. ୨। ମହାଭାରତର ସଭା-

Digitized by srujanika@gmail.com

ପଦୋକ୍ତ ଗୁହ୍ୟକର ବାସସ୍ଥାନ ନଗର ଓ ଦେଶବିଶେଷ — 2. Name of a country and town of ancient India, the place of residence of Guhyaka. ବର୍ଣ—ହାଟକ ବର୍ଣ ; ସ୍ୱର୍ଣ୍ଣମୟ— Golden.

ହାଟକମୟ—ବି. ବର୍ଣ (ହାଟକ+ମୟ)—ସ୍ୱର୍ଣ୍ଣମୟ—
Hāṭakamaya Golden.

ହାଟକ ଲୋଚନ—ସଂ. ବ (ନାମ)—ହିରଣ୍ୟାକ୍ଷ ଦୈତ୍ୟ (ହି. ଶ)
Hāṭaka lochana The demon Hiraṇāksha.

ହାଟ କରିଦେବା—ଦେ. କ୍ରି—କୌଣସି ଗୁପ୍ତ ବିଷୟକୁ ପ୍ରକାଶ କରିବା—
Hāṭa kari debā To proclaim any secret
ହାଟ କରେ ଦେଓୟା ଫୈଲାନା matter,

ହାଟ କରିବା—ଦେ. କ୍ରି—୧ । ହାଟରୁ ପ୍ରୟୋଜନୀୟ ଯଜ୍ୟ ଦ୍ରବ୍ୟ
Hāṭa karibā କିଣିବା—1. To purchase one's
ହାଟକରା necessary articles from a market.
ହାଟକରନା ୨ । ହାଟକୁ ନିଜର ବିକ୍ରେୟ ଯଜ୍ୟଦ୍ରବ୍ୟ ନେଇ ବିକ୍ରି କରିବା—2. To sell one's commodities in a market. ୩ । ମୋଷ୍ଟଏ ନୂତନ ହାଟ ପ୍ରତିଷ୍ଠିତ କରିବା— 3. To open or start a fair. ୪ । ବ୍ୟବସାୟ କରିବାପାଇଁ ହାଟକୁ ଯିବା—4. To go to a market for business. ୫ । (ଲକ୍ଷଣାର୍ଥ) ପ୍ରସିଦ୍ଧ ହାଣ୍ଡିକରେ ଦେଓୟା କରିବା ; କୌଣସି ବିଷୟ ସ୍ପଷ୍ଟ କରିବା— ଫୈଲାନା 5. (figurative) To proclaim or publish
ଲଟ୍ଟିଗୋଳକରା any matter. ୬ । (ଲକ୍ଷଣାର୍ଥ) (ହାଟରେ
ହାଟ କରନା ବହୁଜନ ସମାଗମସୋଗୁଁ ସବଦା ଗୋଳମାଳ ହେଉଥିବାରୁ) ଗୋଳମାଳ କରିବା; ହଟ୍ଟଗୋଳ କରିବା— 6. (figurative) To make a noise ; to set up a row.

ହାଟକୀୟ—ବି. ବର୍ଣ—(ହାଟକ+ଈୟ)—ସ୍ୱର୍ଣ୍ଣ ନିର୍ମିତ—
Hāṭakiya Golden.

ହାଟକେଶ—ସଂ. ବ—ହାଟକେଶ୍ୱର (ଦେଶ)—
Hāṭakeśa Hāṭakeśwar (See).

ହାଟକେଶ୍ୱର—ପୁଂ. ବ (ନାମ)—(ହାଟକଦେଶ ପ୍ରତିଷ୍ଠିତ ଈଶ୍ୱର)—
Hāṭakeśwara ଗୋଦାବରୀ ତୀରସ୍ଥ ଶିବଲିଙ୍ଗ ବିଶେଷ (ବାମନପୁରାଣ ୬୪ ଅଧ୍ୟାୟ)—Name of an image of Śiba on the Godābari river in South India. ଦେ. ବ—ପୁରୀ ଜିଲ୍ଲାର ଖୋର୍ଦ୍ଧାରୁ ୫ କୋଶ ଦୂରରେ ଅବସ୍ଥିତ ଉଷ୍ଣ ପ୍ରସ୍ରବଣ ବିଶିଷ୍ଟ ଖଣ୍ଡପଡ଼ା ଗ୍ରାମରେ ଥିବା ଶିବଲିଙ୍ଗ ଓ ଗ୍ରାମ—Name of a village and image of Śiba near a hotspring near Khurda in the Puri district. [ଜ—ହାଟକେଶ୍ୱରର ଉଷ୍ଣ ପ୍ରସ୍ରବଣ ରହି ବାମେଇର ବଡେ—ସ୍ୱଧାନାଥ, ଘାଟଙ୍ଗ]

ହାଟ ଘାଟ—ଦେ. ବ (ସଡ଼ରର ଶବ୍ଦ. ସଂ. ହଟ୍ଟ ଓ ଘଟ୍ଟ)—ବହୁଲୋକଙ୍କ
Hāṭa ghāṭa ସମାଗମ ସ୍ଥାନମାନ—Public places; places-
ହାଟଘାଟ ହାଟଘାଟ where people gather.

ହାଟ ଘୁଘୁ—ଦେ. ବ—ହାଟରେ ସମବେତ ବହୁଲୋକଙ୍କ କଥାବାର୍ତ୍ତାରୁ
Hāṭa ghu ghu ଉତ୍ପନ୍ନ ଅବ୍ୟକ୍ତ ଦୁ ଦୁ ଶବ୍ଦ—Indistinct noise arising from the congregation of people in the market. ପ୍ରାଦେ (ସୁରୀ) ବ (ବ୍ୟଙ୍ଗାର୍ଥ) ହାଟରେ ବଳୀ ଦେଉଥିବା ଖାଦ୍ୟ ପଦାର୍ଥମାନଙ୍କ ମଧ୍ୟରୁ ଉତ୍କୃଷ୍ଟ ପଦାର୍ଥ, ମାଛ—(Ironical; Best
ହଟଗୋଳ ହାଟହଲ୍ଲା artide found in the market) Fish.

ହାଟ ଚଲି (ଚଲିଆ)—ଦେ. ବ—ହାଟକୁ ଆସିବା ଦୋକାନ-
Hāṭa chali (chāliā) ମାନଙ୍କ ପଣ୍ୟ ଦ୍ରବ୍ୟମାନଙ୍କୁ ଖରାବର୍ଷାରୁ ରକ୍ଷା କରିବାପାଇଁ ନିର୍ମିତ ମେଲ୍ଲ ଚାଳଘର—Open sheds built in a market; market stalls.
ହାଟଚାଳା ହାଟଘର

ହାଟ ଜମା—ଦେ. ବ—ହାଟଜଳ ଜମିର ଜମିଦାର ହାଟର ଇଜରଦାର
Hāṭa jamā ବା ଦଣ୍ଡିଆଠାରୁ ଯେଉଁ ନିର୍ଦ୍ଦିଷ୍ଟ ବାର୍ଷିକ ଜମା ନିଅନ୍ତି—Fixed annual rent paid by the farmer or leasee of a market to the land-
ହାଟଜମା ହାଟଜମା owner.

ହାଟ ଝଡ଼ା—ଦେ. ବ—ରୂପାର୍ଜ ବା ସୁଅରେଗଚ୍ଛୁ ପିଲ୍ଲଙ୍କୁ ଗାଧୋଇ
Hāṭa jhardā ଦେବା ପାଣିରେ ମିଶାଇବା ପାଇଁ ଘୋଡ଼ଶ ବଣିଆମାନେ ସେମାନଙ୍କ ହାଟ (ଦୋକାନ) ଉଠାଇବା ବେଳେ ଭୂମିରେ ପଡ଼ିଥିବା ସେଉଁସବୁ ଧୂଳି, ଜଡ଼ରୁଟିର ଗୁଣ୍ଡ ଓ ବାଲି ଆଦି ଫଗ୍ଭ କରନ୍ତି—Sweepings from the floor an apothecary's shop collected by the apothecary and mixed with the bath-water of invalid rickety babies. [ଦ୍ର—ହାଟଝଡ଼ାକୁ ପାଣିରେ ମିଶାଇ ସେ ପାଣିରେ ରୁଗ୍ଣ ପିଲ୍ଲଙ୍କୁ ଗାଧୋଇ ଦେଲେ ପିଲ୍ଲଙ୍କର ସୁସ୍ଥ ହେବା ଲୋକେ ବିଶ୍ୱାସ କରନ୍ତି ।]

ହାଟ ଟୋଟା—ଦେ. ବ—ଯେଉଁ ଆମ୍ବ ଆଦି ଗଛର ଟୋଟାଇ ଗ୍ରୁଆରେ
Hāṭa toṭā ହାଟ ବସେ—A mango tope under which
ହାଟଟୋଟା ହାଟଗାଛୀ a fair is held.

ହାଟ ତୋଳା—ଦେ. ବ—ହାଟକୁ ଜିନିଷ ବିକ୍ରି କରିବାକୁ ଆଣିଥିବା
Hāṭa toḷā ବ୍ୟକ୍ତିମାନଙ୍କଠାରୁ ହାଟର ଇଜରଦାର ବା ଦଣ୍ଡିଆ ବା ଜମିଦାରଙ୍କ ପକ୍ଷରୁ ଲୋକଙ୍କଅସ୍ଥଳ କରିବା ପଣ୍ୟଦ୍ରବ୍ୟର ନିର୍ଦ୍ଦିଷ୍ଟ ଅଂଶ (ଯଥା—ଟୋକେଇର ବାଇଗଣରୁ ଏକ ସେର, ପଣେ ଅମ୍ବରୁ ଏପୁଞ୍ଜା, ଶଗଡ଼େ ପଦାର୍ଥରୁ ଏସେର ଇତ୍ୟାଦି) A fixed part of the commodities brought to a market for sale which is realised by the land-owner or his licencee. [ଦ—ହାଟକୁ ବିକ୍ରି କରିବାକୁ ଆସିଥିବା ଦ୍ରବ୍ୟର ଅଂଶକୁ ହାଟତୋଳା କୋଲୁଯାଏ, କିନ୍ତୁ ତହିଁ ପରିବର୍ତ୍ତରେ ଅଦାୟ କରାଯିବା ନଗଦ ପଇସାକୁ ଦଣି କୋଲୁଯାଏ । କିନ୍ତୁ ହାଟତୋଳା ଶବ୍ଦ ହାଟଦଣି ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ]
ହାଟତୋଳା ହାଟବଣ୍ଡି

ହାଟ ଦଣ୍ଡିଆ—ଦେ. ବ—ଯେଉଁ ବ୍ୟକ୍ତି ହାଟର ଜମିଦାର ବା ଇଜରା ଦାରଙ୍କ ପକ୍ଷରୁ ପଣ୍ୟ ବିକ୍ରେତାମାନଙ୍କଠାରୁ ହାଟ ତୋଲା ବା ହାରଘଣି ଆଦାୟ କରନ୍ତି—A person who is entrusted with the realisation of market rate from the stall-keepers.

Hāṭa ḍaṇḍiā

ହାଟଦଣ୍ଡିଆ ହାଟକାପୈକାର

ହାଟ ଦର (ଭାଉ)—ଦେ. ବ—କୌଣସି ଦ୍ରବ୍ୟର ପ୍ରଚଳିତ ଦାଣ୍ଡଭାଉ—

Hāṭa dara(bhāu)

ହାଟେରଦର ହାଟକାଦର

Market rate or market price of any commodity.

ହାଟ ନିଲାମ—ଦେ. ବ—(ଜମିଦାର) ହାଟଇଜାରାକୁ ଅର୍ଥାତ୍ ହାଟତୋଳା ଅସୁଲ କରିବା ଅଧିକାରକୁ ପ୍ରକାଶ୍ୟ ଭାବରେ ନିଲାମଡାକରେ ବିକ୍ରି କରିବା—Auction sale of the lease or farm of a market.

Hāṭa nilāma

ହାଟନିଲାମ ହାଟନିଲାମ

ହାଟ ନିଷ୍ପତ୍ତି—ଦେ. ବ—ବରେଇ ହାଟକ; ଯେଉଁ ଜାତିସମ୍ବନ୍ଧୀୟ ସାମାଜିକ ପ୍ରଶ୍ନ ବା ଅନ୍ୟ ସମସ୍ୟା ଜାତିଭାଇଙ୍କ ନକଟରେ ମୀମାଂସା ହୋଇ ନ ଥାରେ ତାହା ହାଟରେ ସମବେତ ବହୁ ସ୍ଥାନରୁ ଆଗତ ବହୁ ଜାତିସ୍ଥ ବ୍ୟକ୍ତିଙ୍କ ଆଗରେ ପକାଇ ମୀମାଂସା କରିବିବା ନିଷ୍ପତ୍ତି—The mode of adjudication of a social question or any other delicate point [which could not be settled by the caste panchayat)by the people assembled at a market. [ଉ—ଯେଉଁ ସାମାଜିକ ବିବାଦମାନ ଜାତିଅଣ ସଭାରେ ବା ଗ୍ରାମ ସଭାରେ ମୀମାଂସିତ ହୋଇ ନ ଥାରେ, ପଞ୍ଚମାନେ ହାଟକୁ ଯାଇ ହାଟରେ ସମବେତ ଜନତାଙ୍କ ଆଗେ ତାହା ଉପସ୍ଥାପିତ କରନ୍ତି ଓ ସେଠାରେ ସମବେତ ଅନେକ ବ୍ୟକ୍ତିମାନଙ୍କ ମଧ୍ୟରୁ ଅଧିକାଂଶ ଯାହା ମତ ଦିଅନ୍ତି ତାହା।

ହାଟବିଚାର ହାଟନିଷ୍ପତ୍ତି ପଞ୍ଚମାନେ ତୁଚ୍ଛତା କରନ୍ତି]

ହାଟ ପଣି—ଦେ. ବ—ହାଟକୁ ପଣ୍ୟ ବିକିବାକୁ ଆସିଥିବା ବିକ୍ରେତାମାନଙ୍କ ଠାରୁ ଜମିଦାର ବା ଇଜାରାଦାରଙ୍କ ତରଫରୁ ଆଦାୟ କରାଯିବା (ଦ୍ରବ୍ୟର ଅଂଶ ପରିବର୍ତ୍ତରେ) ନିର୍ଦ୍ଦିଷ୍ଟ ଶୁଳ୍କ—

Hāṭa pani

ହାଟତୋଳା ହାଟବଟ୍ଟି

Tax or fixed cash realised from persons who bring commodities to a market for sale.

ହାଟ ପାଳି—ଦେ. ବ—ହାଟ ବସିବାର ନିର୍ଦ୍ଦିଷ୍ଟ ଦିବସ—The week day on which a market sits.

Hāṭa pāli

ହାଟେରପାଳି [ଉ—ଗଣି ! କ ଖାଇବେ ମନ ! ହାଟ ପାଳକ ହାଟକାଦିନ ଚଉଡ଼ ଶୁଖୁଆ ଭେଲ୍ଲଆ ବାଇଗଣ। ଖାଲବାଲଙ୍କ ଗୀତ।]

ହାଟ ବଜାର—ଦେ. ବ—(ସପ୍ତାହର ଶବ୍ଦ)—(ସ. ଦ୍ଵନ୍ଦ୍ଵ ଓ ଘା. ବାଜାର)—ଅସ୍ଥାୟୀ ହାଟ ଓ ସ୍ଥାୟୀ ବଜାର—

Hāṭa bajāra

ହାଟବାଜାର Market and bazar

ହାଟ ବାଜାର ଦୋକାନମାନ ଅସ୍ଥାୟୀ ଓ ଛଟାଦୋକାନ ଅଟେ; ତନ୍ତୁ ବଜାରର ଦୋକାନମାନ ସ୍ଥାୟୀଦୋକାନ ଓ ତାହା ହାଟର ଦୋକାନ ପରି ହାଟଘାଲ ଦିନ ବସେ ନାହିଁ ବା ଭଙ୍ଗେ ନାହିଁ]

ହାଟ ବସା(ସେ)ଇବା—ଦେ. କ୍ରି—୧। କୌଣସି ସ୍ଥାନରେ ନୂଆ କରି ହାଟ ବସାନ 1. To start or open a new market at a place. ୨। ହାଟଘାଲ ଦିନ ହାଟରେ କ୍ରୟ ବିକ୍ରୟ ଆରମ୍ଭ କରିବା—2. To start the transactions of a market on a market day. ୩। (ଲକ୍ଷଣାର୍ଥ) ଜଣା କରିବା; କୌଣସି ଗୁପ୍ତ କଥାକୁ ପ୍ରକାଶ କରିବା—3. (figurative) To publish or promulgate any secret matter. ୪। କୌଣସି ଲୋକଙ୍କୁ ଏକ ସ୍ଥାନରେ ଜମା କରିବା—4. To gather a big crowd at a place. [ଉ—ଏତ ଖାଇ ଯୋଉଥିରେ ଗୁରୁଖାଇ ସାତ ଭଉଁରି ମଧ୍ୟେ ଗୋସ୍ତ-ଗୁଦ ବସାଇଲେ ହାଟ। ଖାଲବାଲଙ୍କ ଗୀତ।]

ହାଟ ବସିବା—ଦେ. ବ—୧। ନୂଆ ହୋଇ ହାଟ ପ୍ରତିଷ୍ଠିତ ହେବା—

Hāṭa basibā

ହାଟ ବସା ହାଟ ବୈଠନା

1. The opening or starting of a new market. ୨। ହାଟରେ କ୍ରୟ ବିକ୍ରୟ କାର୍ଯ୍ୟ ଚଳିବା—2. The holding of a market; transactions being conducted in a market. [ଉ—କାହିଁ ବସିଛୁ ହାଟ। ମଧୁସୂଦନ. ଶ୍ରୀଜମାଳା।] ୩। ହାଟରେ କ୍ରୟ ବିକ୍ରୟ କାର୍ଯ୍ୟ ଆରମ୍ଭ ହେବା—3. Opening and starting of the transactions in a market. ୪। (ଲକ୍ଷଣାର୍ଥ) କୌଣସି ବିଷୟ ସର୍ବସାଧାରଣରେ ପ୍ରକାଶ ହେବା; ଜଣା ପଡିବା—4 (figurative) Publication of any secret matter. [ଉ—ବ୍ରଜ ବଜାରେ ବସେ ଏହି ହାଟ। ଜଗତ୍ପତି. ଭାଗବତ।] ୫। (ଲକ୍ଷଣାର୍ଥ) କୌଣସି ପଦାର୍ଥର ବହୁ ପରିମାଣରେ କୌଣସି ସ୍ଥାନରେ ଜମା ହେବା—5. (figurative) The gathering of anything in profusion at a place. (ଯଥା—ଜାଗର ଯାଗ ଦିନ ତ୍ରିଜଗତ ମହାଦେବ ମଙ୍ଗଳମାନଙ୍କ ମେଳାରେ ରସିକତାର ଓ ରୂପର ହାଟ ବସେ।]

ହାଟ ବାଟ—ଦେ. ବ (ବରଥଁକ ସମ୍ପର୍କର ଶବ୍ଦ; ଅନ୍ତରଙ୍ଗ ଅର୍ଥ ଘରୁ ବାହାର ହାଟକୁ ଯିବାକୁ ହେଲେ ବାଟ ବା ରାସ୍ତା ହାଟବାଟ ଦେଇ ଯିବାକୁ ହୁଏ)—୧। ସଉଦା ବିକ୍ରିବାକୁ ବା ହାଟବାଟ, ହାଟବାଇ କିଣିବାକୁ ହାଟକୁ ଯିବା—1. Marketing. [ଉ—ଅଗେ ହାଟ ଅଗେ ବାଟ ଅଘରେଣ ବୁଝା। ପ୍ରାଚୀ. ବ୍ରହ୍ମବରୂପଣ ଗୀତା।] ୨। ହାଟରେ କ୍ରୟ ବିକ୍ରୟ—2. Transactions done in a market.

ହାଟ ବାହୁଡା—ଦେ. ବ—ହାଟରେ ବିକ୍ରୟ ବିକି ବା ହାଟରୁ କିଣିସ ଘରକୁ ଫେରି ଆସିବା—Return-ing from a market after selling

Hāṭa bāhurdā

ହାଟଥେକେ ଫେରା

Digitized by srujanika@gmail.com

ହାଟ ବାପସ or purchasing. ବଣ—ଯେଉଁ ବ୍ୟକ୍ତି ହାଟରୁ କଣା ବଜା କରି ଘରକୁ ଫେରି ଆସୁଥାଏ—(a person) Returning from a market after doing the marketing.

ହାଟ ଭଙ୍ଗିବା—ଦେ. କ୍ରି—୧ । (ହାଟର ବେଉଚା ବକେତାମାନଙ୍କ) Hāṭa bhāṅgibā ହାଟଘାଳ ଦଳ ହାଟର କାମ ବନ୍ଦ ଶେଷ ହାଟ ଭାଙ୍ଗା କରି ହାଟରୁ ଫେରି ଆସିବା—1. To leave **ହାଟ ଉଠାନା** the market after concluding the day's transactions; to close the transactions of a market at the close of the fixed time. ୨ । ଗୋଳମାଳ କରି ବା ହାଟକୁ ଆସିବା **ହାଟଭାଙ୍ଗା** ବ୍ୟକ୍ତିମାନଙ୍କ ଉପରେ ଯୁଲମ କରି ସେ ସ୍ଥାନରେ **ହାଟ ତୋଡ଼ନା** ଭବିଷ୍ୟତରେ ହାଟ ନ ବସିବାର କାରଣ ହେବା—2. To close down a market; to bring about the closing down of a market. ଦେ. ବ—ହାଟ ଭଙ୍ଗିଯିବା (ଦେଖ)

Hāṭa bhāṅgijibā (See)

ହାଟ ଭଙ୍ଗିଯିବା—ଦେ. ବ—୧ । ହାଟର କାରବାର ଶେଷ ହେବା ଘର Hāṭa bhāṅgijibā ହାଟକୁ ଆସିଥିବା ବ୍ୟକ୍ତିମାନଙ୍କ ପରସ୍ପର ଅଦ ନେଇ ଯେଉଁ। ଘରକୁ ଗୁଲଯିବା—1. The closing or conclusion of the transactions of a market; the breaking up of a fair. ୨ । ଅତ୍ୟାଚାର ବା ଅଭିରକ୍ଷା ତୋଳା ଆଦାୟ ବା ଶାନ୍ତିରଙ୍ଗ ଆଦ ଯୋଗୁ ଲୋକେ ହାଟକୁ ନ ଆସିବାରୁ ହାଟଟି ବନ୍ଦ ହୋଇଯିବା—2. The closing down or discontinuance of the holding of a market at a place (owing to oppression or insecurity).

ହାଟଭେଙ୍ଗେଯାଓୟା **ହାଟଉଠଜାନା**

ହାଟମୁଣ୍ଡେଇ—ଦେ. ବ—(ସ. ହଟ୍ଟମୁଣ୍ଡୀ) ହାଟଚଳି (ଦେଖ)—

Haṭamuṇḍei Hāṭachaḷi (See)

ହାଟ (ହାଟର) ଭିତରେ (ମଧ୍ୟେ) ବ୍ରହ୍ମଜ୍ଞାନ—ଦେ. ପ୍ରବଚନ—

Hāṭa (hāṭara) bhitare (madhye) brahmajñāna

୧ । ବହୁ ଲୋକଙ୍କ ଗଣ୍ଡଗୋଳ ସଭାରେ ଆଧ୍ୟାତ୍ମିକ ତତ୍ତ୍ୱ ବ୍ୟାଖ୍ୟା କରିବା ପ୍ରତି ଘଣ୍ଡପ୍ରୟ An analogy applied to a cases where a person wants to preach metaphysics to the throng assembled at

ହାଟେରମାଝେ ବ୍ରହ୍ମଜ୍ଞାନ **ହାଟକେମିତରମେ ବ୍ରହ୍ମଜ୍ଞାନ** a fair

[ଦ୍ର—ହାଟରେ ନାନା ଦେଶରୁ ନାନା ଉଦ୍ଦେଶ୍ୟରେ ସମବେତ ବହୁଲୋକ ସମାଗମ ହେବାରୁ ସଭା ଗଣ୍ଡଗୋଳ ହୁଏ । ସେଠାରେ ବ୍ରହ୍ମଜ୍ଞାନ ସମ୍ବନ୍ଧରେ ବା ଆଧ୍ୟାତ୍ମିକତତ୍ତ୍ୱ ବିଷୟରେ ବକ୍ତୃତା ବା ଉପଦେଶ ଦେଲେ ତାହା ଲୋକେ ଏ ହଟ୍ଟଗୋଳରେ ସ୍ଥିର ହୋଇ ଶୁଣି ପାରନ୍ତି ନାହିଁ । ଏହାର ଅବସ୍ଥାରେ ହାଟମଧ୍ୟରେ ବ୍ରହ୍ମଜ୍ଞାନ ଉପଦେଶ ଦେବାର ପ୍ରସ୍ତାବ ବୃଥା ମାତ୍ର ।] ୨ । ପ୍ରାଣୀ ଭିତରେ ବହୁଲୋକଙ୍କ ଉପସ୍ଥିତିରେ କୌଣସି ଗୁପ୍ତ ବତ୍ତବ୍ୟ ପ୍ରକାଶ କରିବା ସ୍ଥଳେ ପ୍ରଯୋଜ୍ୟ ପ ଚନ-2. An analogy used when a person speaks out any secret matter publicly.

ହାଟରବା—ପ୍ରାଦେ. (ହାଟଣା) କ୍ରି—ଚିତ୍କାର ଶବ୍ଦ କରିବା—

Hāṭarabā To utter a loud shout.

ହାଟ ରୁ(ରୋ)ଷମ—ଦେ. ବ—(ସ. ହଟ୍ଟ ଓ ଆ. ରୁସୁମ୍)—୧। ହାଟଫଣି Hāṭa ru(ro)shama (ଦେଖ)—Hāṭapaṇi (See)

୨ । ହାଟଜମା (ଦେଖ)—2. Hāṭajamā (See)

୩ । ହାଟର ମାଲିକ ବା ଇଜରଦାରଙ୍କ ନିର୍ଦ୍ଧାରିତ ଜମା ଛଡ଼ା ଜମିଦାରଙ୍କୁ ଦେବା ସଲମୀ ବା ଭେଟ—3. Perquisite or present made to a zamindar by a lessee of a market over and above the fixed rent.

ହାଟତୋଳା **ହାଟରୁସମ**

ହାଟରେ ପକା(ଟେଢ଼)ଇବା—ଦେ. କ୍ରି—୧ । ବହୁଦୋଳ ଘାତକ କରିବା; Hāṭare pakā (ke) ibā ଜାତିଥଣ ସମ୍ପ୍ରଦାୟ ବା ଗ୍ରାମ୍ୟ ବା ସ୍ଥାନୀୟ ସଭା ଏଭଳ ଦ୍ୱାରା ଅମୀମାଂସିତ ବିଷୟର ଅପକ୍ଷପାତ ଓ ସଦ୍ଭାବାଦସମ୍ପନ୍ନ ମୀମାଂସାଘାଇଁ ତାହା ହାଟରେ ସମବେତ ନାନା ଅଞ୍ଚଳରୁ ଆଗତ ନାନା ଜାତିର ବ୍ୟକ୍ତିମାନଙ୍କ ନିକଟରେ ମୀମାଂସାର୍ଥ ଉପସ୍ଥାପିତ କରିବା—1. To lay a difficult social question for decision before the people assembled at a market. ୨ । (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟକୁ ସଦ୍ଭାସାରଣରେ ଉଚ୍ଚୈଃସ୍ୱରରେ ପ୍ରକାଶ କରିବା; ପ୍ରଘଟ କରିବା—3. (figurative) To publish aloud any

ହାଟେଫେଲା **ହାଟମେଦେନା** secret.

ହାଟରେ ପଡ଼ିବା—ଦେ. କ୍ରି—୧ । (କୌଣସି ରଣାସା ବର୍ତ୍ତମାନ Hāṭare pardibā ହାଟକରେ ମୀମାଂସାର୍ଥ ଉପସ୍ଥାପିତ

ହାଟେପଡ଼ା **ହାଟକୋଲାବହୋନା** ହେବା—1. (a difficult social question) To be laid before the people assembled at a market for decision.

୨ । ଗୁପ୍ତ ବିଷୟ ସଦ୍ଭାସାରଣରେ ପ୍ରକାଶିତ ବା ଘୋଷିତ ହେବା—2. To be published broad-cast.

ହାଟରେ ପଡ଼ି ବାଟ(ଦାଣ୍ଡ)ରେ ଗଡ଼ଗାଡ଼ା(ଡ଼)ଇବା—ଦେ. କ୍ରି Hāṭare pardi bāṭa[dāṇḍa]re garḍa garḍā[rḍ]ibā

ହାଟେପଡ଼େରଟେଯାଓୟା **ଫୈଲଜାନା** (ସ. ପ ଷସ୍ଥ) ଦେଶଭମାନ ସବଂତ ବ୍ୟାପ୍ତ ହେବା—[any a ter] To become an open secret o co non knowledge throughout the land. (ଯଥା—ଅମୁକ ବଡ଼ଲୋକଙ୍କ ଘରର କଥାମାନ ହାଟରେ ପଡ଼ ବାଟରେ ଚଡ଼ଗଡ଼ଇଛଣି ।)

ହାଟ ଲଗିବା—ଦେ.ବ—୧ । ହାଟରେ କାମ ବନ୍ଦ ବନ୍ଦ ଆରମ୍ଭ ହେବା—

Hāṭa lāgibā 1. The conduct of the transactions

Digitized by srujanika@gmail.com

in a market. ୨ । ହୁଏ। ଲଗିବା; କୌଣସି ବିଷୟ ଦେଶ ଭିତରେ ପ୍ରଚାର ହେବା —2. The publication of any matter; a matter being made public ଂ । (ଲକ୍ଷଣାର୍ଥ) ହାଟର କାମ ଚଳିବାପରି ସଂସାର ଚଳିବା—3.(figurative) The going on of the world (which is compared to a fair).

ହାଟ ହୋଇଯିବା—ଦେ. କ୍ରି—ସଂଚାର ପ୍ରଚାରିତ ହେବା — Hāṭa hoi jibā To be published broadcast. ରଟେଯାଓୟା ଫୈଲଜାନା (ଉ- ସେହି ଦିନ ମଧ୍ୟରେ ଦେଶପାଇ ହାଟ ହୋଇଗଲା, ଧୂଳିଆ ବାବାଙ୍କ ପ୍ରଭୁତ୍ୱର ପ୍ରଥମ ହୋଇଛି —ଫକୀରମୋହନ ଗଲ୍ପସ୍ୱଲ୍ପ ।)

ହାଟୁଆ—ଦେ. ବଣ—ହାଟସମ୍ବନ୍ଧୀୟ—Relating to a market. Hāṭuā ବି. ପୁଂ—୧ । ଯେଉଁ ବ୍ୟକ୍ତି ପଣ୍ୟଦ୍ରବ୍ୟ ବିକ୍ରୟ [ହାଟେ(ଟେ।)ଇ—ସ୍ତ୍ରୀ] କରିବାକୁ ହାଟର ଅଂଶେ — ହାଟୁଆ; ହେଟୋ ହଟବୟା, ହଟବାର, ହଟୁଆ 1. A person who brings commodities to a market for sale; a stall-holder in a market. (ଉ— ହାଟରେ ହାଟୁଆ କେତେ ବସନ୍ତି ପ୍ରାଚୀ. ଘରଓଗୀତା ।) ୨ । ଯେଉଁ ବ୍ୟକ୍ତି ସଉଦା କରିବା ପାଇଁ ହାଟକୁ ଆସନ୍ତି- 2. A person who visits a market for marketing. ଂ । ହାଟୁଆକୁଳ (ଦେଖ) — 3. Hāṭuā kula [See] ହାଦେ [ଗଞ୍ଜାମ] ବି— ୧ । ବଡ଼; ସାନ କଳସୀ (ଗୋପୀନାଥ ନନ୍ଦ)— 1. A small pitcher ୨ । ମୃତ୍‌ପାତ୍ରବିଶେଷ (ଗୋପୀନାଥ ନନ୍ଦ) ସାନ ଥଳିକା—2. A sort of small earthen pot.

ହାଟୁଆ କୁଳ [ଜାତି, ପାଟକ]—ଦେ. ବି.—ଓଡ଼ଶାର କେତେକ ଶୂଦ୍ର ଜାତି, (ଯେଉଁ ହେଟୋ ଜାତ ବନିଯା ଜାତି ମାନଙ୍କର କୁଳସ୍ତ୍ରୀମାନେ ପଣ୍ୟଦ୍ରବ୍ୟାର୍ଥ ହାଟକୁ ବା ବଣ୍ଡକୁ ବାହାରନ୍ତି)— Certain castes of Śūdras in Orissa whose females come out to the public and to the market to sell articles. [ଦ୍ର—ପାଟକ ତଳେ ଟୀକା ଦେଖ । ଏମାନଙ୍କର ସଙ୍ଖ୍ୟା କମ୍ ଥିବାରୁ ଏମାନଙ୍କୁ ଇଂରାଜି ପାଟକ ବୋଲିସାଏ । ଏମାନଙ୍କୁ 'ଦୈଁକାଣିଆ ଜାତି' ମଧ୍ୟ ବୋଲିସାଏ । ଏ ଜାତିଙ୍କ ମଧ୍ୟରେ ସାମାଜିକ ନିୟମ ଖୁବ୍ କଡ଼ା । ଏମନ୍ତ କି, ଏମାନଙ୍କୁ କୌଣସି ଅସ୍ପୃଶ୍ୟ ବ୍ୟକ୍ତି ଛୁଇଁ ଦେଲେ ଏମାନେ ସମାଜରେ ପତିତ ହୁଅନ୍ତି । ଏମାନଙ୍କର ଜାତିଗତ ସମ୍ପତ୍ତିରେ ସାମାନ୍ୟ ସାମାନ୍ୟ ସାମାଜିକ ଦୋଷ ପାଇଁ ମଧ୍ୟ ଗୁରୁ ଦଣ୍ଡ ଦିଆଯାଏ । ଏ ହାଟୁଆଜାତିଙ୍କ ପ୍ରତ୍ୟେକଙ୍କର ଗୋଟିଏ ଲେଖାଏଁ ସାମାଜିକ ଖାଣ୍ଡି (ପଣ୍ଡ) ଅଛି ।]

ହାଟୁଆ ଭଣ୍ଡାରି—ଦେ. ବି—ଚମ୍ପୁଟିଅଙ୍କଠାରୁ ନିକୃଷ୍ଟ ଶ୍ରେଣୀର ଭଣ୍ଡାରି Hāṭuā bhaṇḍāri —An inferior caste of barbers. [ଦ୍ର—ଏମାନେ ଖତ ଅଥବା କନାର ମୁଠିରେ ଖେନ୍ତି । ଏମାନଙ୍କର ଅନ୍ୟ ନାମ 'କନାମୁଠିଆ ଭଣ୍ଡାରି' ।]

ହାଟୁଆରି—ଦେ. ବି— ୧ । ହାଟୁଆ ଜାତି ବାସ କରୁଥିବା ଗ୍ରାମ— Hāṭuāri 1. A village inhabited by Hāṭuā castes. ହାଟୁରା, ହାଟୁରିଯା, ହାଟୁରେ ବନିଯାକାଗାଁଵ ୨ । ହାଟୁଆ କୁଳ (ଦେଖ)—2. Hāṭuā kula [See] ହାଟୁଆ—୧ । ହାଟୁଆ କୁଳ ସମ୍ବନ୍ଧୀୟ—1. Relating to the Hāṭuā castes. ୨ । ହାଟସମ୍ବନ୍ଧୀୟ—. 2. Relating to market. ଂ । ହାଟକୁ ଲୋକ ଓ ପଦାର୍ଥ ବହନକାରୀ (ଡଙ୍ଗା, ଗାଡ଼ି ଆଦି)— 3. (boat or vehicle) Conveying or carrying people or things to and from a fair.

ହାଟୁଆରି ଡଙ୍ଗା ଦେ ବି—ଯେଉଁ ଡଙ୍ଗାରେ ହାଟକୁ ଯାଉଥିବା ଲୋକଙ୍କୁ ଓ ହାଟରୁ ଫେରା ଯାଉଥିବା ହାଟୁରେ ନୌକା ହାଟକୀ ନାଵ ପଣ୍ୟମାନଙ୍କୁ ବାହାରେ ପଡ଼ିବା ନଦୀରେ ଘାର ଉତ୍ତାର କରିଯାଏ—A boat which ferries market-going persons or commodities across a river which lies on the road.

ହାଟୁଆଳ—ଦେ: ବି – ହାଟଦଣ୍ଡିଆ (ଦେଖ)— Hāṭuāla Hāṭadaṇḍiā (See),

ହାଟୁପାଟୁ ହେବା—ଦେ. କ୍ରି—ଅଣ୍ଟାପାଟୁ ହେବା; କ୍ଷୁଧାରେ ଓ ତୃଷ୍ଣାରେ ଅତି ଅଜାନ୍ତ ଓ ମ୍ରିୟମାଣ ହୋଇ ଘାଟ ଆଟୁପାଟୁ ହଓୟା ଜାରୁବାତୁ ହୋନା ଘାରୁ ଘାରୁ ହେବା— To be dying with hunger and thirst.

ହାଡ଼—ଦେ. ବି (ସଂ. ହଡ୍ଡ)—୧ । ହଡ୍ଡି—1. Bone. [ଦ୍ର—ଏହା Hāṛda ଦେହମଧ୍ୟସ୍ଥ ଦୃଢ଼ତମ ଜୀବାଦାନ ଅଟେ । ହାଡ଼କୁ ହାଡ଼ ହଡ୍ଡୀ, ହାଡ଼ ମାଂସ ବେଢ଼ିଥାଏ । ଶରୀରର ଉଚ୍ଚ ଉଚ୍ଚ ସ୍ଥାନର ବା ଅଂଶର ନାମ ଅନୁସାରେ ହାଡ଼ର ଉଚ୍ଚ ନୀଚ ନାମ ହୋଇଥାଏ । ଯଥା – ମେରୁ ହାଡ଼, ବେଙ୍ଗିଣି ହାଡ଼, ଥଜର ହାଡ଼, କଣ୍ଠ ହାଡ଼, ନଳ ହାଡ଼, ଠେଙ୍ଗୁ ହାଡ଼, ଖପୁର ହାଡ଼, ତଳ ହାଡ଼ ଇତ୍ୟାଦି ।

ଜଗବନ୍ଧୁ ବିଦ୍ୟାଙ୍କ ପାଠୀନ ଉତ୍କଳ ଗ୍ରନ୍ଥରେ ଉଲ୍ଲଲିଖିତ ହାଡ଼ମାନଙ୍କର ନାମ ଉଲ୍ଲେଖ ଅଛି । ଯଥା— ଅଙ୍ଗା ହାଡ଼, ଉଲ୍ଲ ହାଡ଼, ଗୁଲ୍ଲ ହାଡ଼, ବଜ୍ର ହାଡ଼, ଗୁଲର ହାଡ଼, ମାଣିକ୍ୟ ହାଡ଼, ଶଙ୍ଖୀ ହାଡ଼, ବହୁଳ ହାଡ଼ ।

ଛୋଟ ଛୋଟ ଜୀବ (ଯଥା—ମାଛଙ୍କର କଣ୍ଟକ ବା ହୁତବଡ଼ ସରୁ ହାଡ଼କୁ କଣ୍ଟା ବୋଲିସାଏ (ଯଥା—

Digitized by srujanika@gmail.com

ମାଛ କଣ୍ଟା, ସାପ କଣ୍ଟା) । ପ୍ରାଣୀଙ୍କ ଦେହର ହାଡ଼ମାନ ଖଣ୍ଡ ଖଣ୍ଡ ଅଟେ, ମାଂସ ଏମାନ ପେଶି ଦ୍ୱାରା ଏକତ୍ର ଗ୍ରଥିତ ହୋଇଥାଏ ।] ୨ । (ଲକ୍ଷଣାର୍ଥ) ମନୁଷ୍ୟର ମନ ବା ହୃଦୟ—2. (figurative) Heart or mind. (ଯଥା—ଏ କଥା ଶୁଣି ମୋ ହାଡ଼ ଜଲଗଲା ।)

ହାଡ଼ କଙ୍କାଳ—ଦେ. ବି (ସଂ. ହଡ୍ଡ ଓ କଙ୍କାଳ)—ମାଂସଶୂନ୍ୟ ଅସ୍ଥିମାତ୍ର Hārḍa kaṅkāḷa Skeleton; bone shorn of ହାଡ଼କାଁକାଳ **अस्थिकंकाल** flesh.

ହାଡ଼ କଙ୍କାଳ ମାଳ(ଳା)—ଦେ.ବିଣ—ଦୁର୍ବଳ ବା ଅନଶନକ୍ଲିଷ୍ଟ; ଯେଉଁ Hārḍa kaṅkāḷa māḷa(ḷā) ବ୍ୟକ୍ତିର ଦେହରେ ଅସ୍ଥି ମାତ୍ର ହାଡ଼କାଙ୍କାଳେର ମାଳା **अवशिष्ट थाव**—1. (a person) **अस्थि कंकाल माळ, हडाबल** Reduced to skeleton; (a person) having nothing but skeleton left. ବ—ଅସ୍ଥିକଙ୍କାଳତ୍ୱ ମାଂସ—ଘ୍ନ ଅସ୍ଥିମାନଙ୍କ ଥାଟ – Skeleton.

ହାଡ଼କଞ୍ଚି—ଦେ. ବ—ହାବୁଚ କଣ୍ଟା ଗୁଳ— Hārḍakañchi Acanthus Illicifolius (plant),

ହାଡ଼କଟା—ଦେ. ବ —୧ । ହାଡ଼ ଓ ଶିଂଘ ଆଦ କାଟି ନାନାପ୍ରକାର Hārḍakaṭā ବ୍ୟବହାର୍ଯ୍ୟ ବସ୍ତୁ (ଯଥା—ବାଡ଼, ଛୁରି- ହାଡ଼କାଟା **हाडकटा** ବେଣ୍ଟ, କଠାଉ ଚୁଲ, ଘଣ୍ଟାଠି ଆଦ) ତିଆର କରିବା ଶୂଦ୍ର ଜାତି— 1. Bone-cutter; a caste of Śūdras who work on bones and horns. ୨ । କଂସାଇ— 2. Butcher.

ହାଡ଼ କଡ଼ କଡ଼ ଦେବା [ଡାକିବା] —ଦେ. ବ—ହାଡ଼ ଜଳିବା (ଦେଖ) Hārḍa karḍa karḍa hebā [ḍākibā] Hārḍa (ହାଡ଼ କଡ଼ିବା—ଅନ୍ୟରୂପ) jaḷibā [See].

ହାଡ଼ କଣ୍ଟା ରହିବା [ଦୋହ(ହୋ)ଲିବା]—ଦେ. ବି. [ସଂ. ହଡ୍ଡ ଓ Hārḍa kaṇṭā rahibā [loha[ho]libā] କଣ୍ଟକ]— ହାଡ଼ କାଂଟା ଥାକା **अस्थिमात्र** ରୋଗ ବା ବାର୍ଦ୍ଧକ୍ୟ [ହାଡ଼ କଣ୍ଟା ଦେଖା—କ୍ରିୟାରୂପ] ଯୋଗୁଁ ଲୋକର ଅସ୍ଥି- କଙ୍କାଳ ମାତ୍ର ରହିବା—Being reduced to skeleton owing to disease or old age.

ହାଡ଼କାଠ—ଦେ. ବ—ହାବୁଚ କଣ୍ଟା ଗୁଳ—Acanthus Illici- Hārḍa kāṭha folius (plant).

ହାଡ଼କୁ ମାଟିରେ ମିଶା(ଶେ)ଇବା—ଦେ. କ୍ରି—ଅତ୍ୟନ୍ତ ପରିଶ୍ରମ ବା Hārḍaku māṭire miśā(śe)ibā ଶ୍ରମସାଧ୍ୟ କାର୍ଯ୍ୟ କରିବା ହାଡ଼ ମାଟିକରା —To perform works of excessive **हाड़को मिट्टी करना** labour.

ହାଡ଼ ଖସିବା (ଖସେଇବା)—ଦେ. ବ—(ଅଘାତାଦ ଦ୍ୱାରା) ଅସ୍ଥି Hārḍa khasi ā(khaseijiba) ସ୍ୱସ୍ଥାନ ଚ୍ୟୁତ ହେବା— ହାଡ଼ ଖସେଯାଓୟା Dislocation of a bone. **हाड उखड़जाना**

ହାଡ଼(ଡ଼)ଗ(ଗା)ଡ଼ିଆ—ଦେ. ବ—ଗ୍ରାମର ମଲ୍ଲ ଗୋରୁ ଯେଉଁ ସ୍ଥାନରେ Harḍa(rḍi)ga(gā)rḍiā ପଡ଼ନ୍ତି—The pit into which ହାଡ଼ଭାଗାଡ଼ the carcases of dead cattle of a **पशुओंकीमृतघटी** village are thrown.

ହାଡ଼ଗଣ୍ଠି—(ଜୋଡ଼) –ଦେ.ବ—(ସଂ. ହଡ୍ଡ ଗ୍ରନ୍ଥି) ଓ ଦୁଇଟି ହାଡ଼ର Hārḍa gaṇṭhi (jorḍa) ଯୁକ୍ତ ହୋଇଥିବା ସ୍ଥାନ ବା ଗ୍ରନ୍ଥି— ହାଡ଼ର ଗାଈଠ **हड्डिकीगाँठ** Bone joint.

ହାଡ଼ଗିଳା – ଦେ· ବ—ଏକ ପ୍ରକାର କୂଳେଚର ପକ୍ଷୀ—A species Hārḍa gilā of wading birds; the adjutant ହାଡ଼ଗିଳା crane, the gigantic crane; Leptoptilus **हाडगिला** Dubius. [ଦ୍ର—ଏମାନେ ଦେଖିବାକୁ କରଘଡ଼, ଉଚ୍ଚତା ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ହୁଅନ୍ତି । ଏମାନଙ୍କ ମୁଣ୍ଡରେ ପର କାହିଁ; ଥଣ୍ଟା ବଡ଼ ଓ ସ୍ଥୂଳ । ଏମାନଙ୍କ ଗଳାରେ ଗୋଟିଏ ଚମର ଥଳ ଝୁଲୁଥାଏ । ଏମାନଙ୍କର ପକ୍ଷୀ ଓ ଲାଞ୍ଜ କଳାମିଶା ଶାଗୁଅ; ଲାଞ୍ଜ ଅତି ଛୋଟ ବା ଥୁଣ୍ଟା; ଛେଉ ଓ ଶୁଦ୍ଧ ଧଳା । ଏମାନେ ବର୍ଷା, ପରତ୍ ଓ ଶୀତ- କାଳରେ ବଲରେ ବୁଲି ସାପ, ମାଛ, ବେଙ୍ଗ ଓ ଗେଣ୍ଡା ଖାଆନ୍ତି । ଏମାନେ ମାଂସାଶୀ । ଏମାନେ ସାପକୁ ମାରି ଖାଆନ୍ତି ।]

ହାଡ଼ଗୁଣ୍ଡା—ଦେ. ବ—ଅସ୍ଥିର ଗୁଣ୍ଡି; ଭୂମିରେ ସାର ହଅଯିବା ପାଇଁ ଗୁଣ୍ଡା Harḍa guṇḍā କରି ଯାଇଥିବା ହାଡ଼—Bone meal ହାଡ଼ଗୁଁଡ଼ୋ **हड्डिकी बुकनी** used as manure.

ହାଡ଼ ଗୁଣ୍ଡାକରିବା—ଦେ. କ୍ରି—୧ । ହାଡ଼କୁ ଛେଚି ବା ପେଶି ଚୂନା Hārḍa guṇḍā karibā କରିବା—1. To make ହାଡ଼ ଗୁଁଡ଼ାକରା bone into powder. ୨। (ଲକ୍ଷଣାର୍ଥ) ଅତ୍ୟନ୍ତ **हड्डिबुकना** ପ୍ରହାର କରିବା—2. To beat excessively.

ହାଡ଼ ଗୋଡ଼—ଦେ. ବ—(ସଡ଼ରର ଶବ୍ଦ)—୧ । ଦେହର ଅସ୍ଥିମାନ — Hārḍa gorḍa 1. The bones of the body. ୨ । ହାଡ଼ଗୋଡ଼ ହାତ ଗୋଡ଼—2. The hands and the legs. **हड्डि** ୩ । ହାଡ଼ ଓ ଗୋଡ଼—3. Bone and leg.

ହାଡ଼ଗୋଡ଼ ଚୂନାକରିବା— ଦେ. କ୍ରି—ପ୍ରହାର ଦ୍ୱାରା ଦେହର ଓ Hārḍa gorḍa Chūnā karibā ଗୋଡ଼ର ହାଡ଼ମାନଙ୍କୁ (ହାଡ଼ ଗୋଡ଼ ଭାଙ୍ଗିବା—ଅନ୍ୟରୂପ) ଭାଙ୍ଗିଦେବା; ଅତ୍ୟନ୍ତ ହାଡ଼ଗୋଡ଼ଚୂନାକରା, ହାଡ଼ଗୋଡ଼ ଭାଙ୍ଗା ପ୍ରହାର ଦେବା—To **हड्डीतोड़ना** beat a person so as to break his bone and legs.

ହାଡ଼ ଚମ—ଦେ. ବ—(ସ. ହଡ୍ଡ+ଚର୍ମ)—୧ । ଅସ୍ଥି ଓ ଚର୍ମ— Hārḍa chama 1. Bone and skin. ୨ । (ରୋଗି ବା ହାଡ଼ଚାମଡ଼ା ବୃଦ୍ଧ ବା ଅନାହାରକ୍ଲିଷ୍ଟ ବ୍ୟକ୍ତିର) ମାଂସ ନ ଥିବା **हड्डीचमडा** ଚର୍ମବେଷ୍ଟିତ କଙ୍କାଳ—2. Bone without flesh; skeleton covered by the skin of famished or very old persons.

Digitized by srujanika@gmail.com

ହାଡ଼ ଚଡ଼ା—ଦେ. ବଣ. ପୁଂ—ହାଡଜଳା (ଦେଶ)—
Hārḍa chirḍā Hārḍa jalā (See).
[ହାଡ ଚିଡା(ଡେ)ଇ—ସ୍ତ୍ରୀ]

ହାଡ଼ ଚଡ଼ା(ଡ଼େ)ଇବା—ଦେ. କ୍ରି—ହାଡ ଜଳାଇବା (ଦେଶ)
Hārḍa chirḍā(rḍe)ibā Hārḍa jalāibā (See).

ହାଡ଼ ଜଳା—ଦେ. ବଣ (ସଂ. ହଡ୍ଡ ଓ ଜ୍ୱଳ ଧାତୁ)—୧ । ଯେଉଁ କଥାଦ୍ୱାରା ମନୁଷ୍ୟର ହାଡ ଜଳେ; ଅତ୍ୟନ୍ତ ହାଡ଼ଜଳା ବରକ୍ତିଉତ୍ପାଦକ(ବାକ୍ୟ)—1. (any word) Which
ଦେହଜଳାନେବାଲା produces much annoyance. ୨ । ପୁଂ. [ହାଡ ଜଳେଇ—ସ୍ତ୍ରୀ] ଅତ୍ୟନ୍ତ ବରକ୍ତକାରୀ (ବ୍ୟକ୍ତି)—2. Much
ହାଡ଼ଜଳାନିୟା ଦେହଯଲାନେବାଲା annoying (person).

ହାଡ଼ ଜଳା(ଲେ)ଇବା—ଦେ. କ୍ରି—କୌଣସି ବ୍ୟକ୍ତିକୁ ଅତ୍ୟନ୍ତ ବରକ୍ତି
Hārḍa jalā (le) ibā ବା କ୍ରୁଦ୍ଧ କରାଇବା—To enrage
ହାଡ଼ଜ୍ୱଳାନ or annoy a person.
ଦେହଜଲାନା

ହାଡ଼ ଜଳିବା—ଦେ. କ୍ରି—ଅତ୍ୟନ୍ତ ବରକ୍ତି ଓ କ୍ରୁଦ୍ଧ ହେବା—
Hārḍa jalibā Being much enraged or annoyed.
[ହାଡ଼ ଜଳିଯିବା—ଅନ୍ୟରୂପ] [ଦ୍ର—କ୍ରୋଧାଦ୍ଦି ଦ୍ୱାରା ଦେହର ହାଡ଼ ସୁଦ୍ଧା ଜଳ ଉଠିବା କାଲ୍ପନିକ ଅନୁଭୂତି ଅଟେ]
ହାଡ଼ଜଳା ଦେହଜଲନା

ହାଡ଼ ଜୋଡ଼ଦେବା(ଜୋଡ଼ିବା)—ଦେ. କ୍ରି—ଭଙ୍ଗି ଯାଇଥିବା ଅସ୍ଥି-
Hārḍa jorḍidebā(jorḍibā) ଖଣ୍ଡମାନଙ୍କୁ ବସାଇବା—
ହାଡ଼ ଜୋଡ଼ା To cause broken bones to be joined
ହଡ୍ଡୀ ଜୋଡ଼ ଦେନା together; to set fractured or dislocated bones.

ହାଡ଼ ପଗ୍(ଚେ)ଇବା—ଦେ. କ୍ରି (ଲକ୍ଷଣାର୍ଥ)—ଏପରି ଅଙ୍ଗରକ୍ତ ପ୍ରହାର
Hārḍa pachā(che)ibā ଦେବା, ଯଦ୍ଦ୍ୱାରା ହାଡ଼ ସୁଦ୍ଧା ହାଡ ବ୍ୟଥା କରେ ଦେଓୟା ଦରଜ ଓ ବେଦନାଯୁକ୍ତ ହୋଇଯାଏ—
ହଡ୍ଡୀ ପଚାନା (figurative) To beat excessively (so as to produce pain in the bones).

ହାଡ଼(ଡ଼ି) ପଡ଼ିଆ—ଦେ. ବ—ଗ୍ରାମର ଯେଉଁ ଗଡ଼ଅରେ ମଲା ଗୋରୁ-
Hārḍa(rḍi) parḍiā ମାନଙ୍କୁ ପକାଇ ଦଅନ୍ତି—The field
ହାଡ଼ ଭାଗାଡ଼ in a village into which dead cattle
ମାଲ ମୃତ୍ତଘଟି are thrown.

ହାଡ଼ ଫୁଟି—ଦେ. ବ—୧ । ଏକପ୍ରକାର ବହୁତେକ ବା କ୍ଷୁଦ୍ର ବସନ୍ତ
Hārḍa phuṭi ରୋଗ—1. Chicken pox; a mild
ପାନି ବସନ୍ତ variety of small pox; Varicella;
କୋଦ୍ରା horn pox.

[ଦ୍ର—ଏହା ବସନ୍ତ ରୋଗ ପରି ଭୟଙ୍କର ଓ ମାରାତ୍ମକ ନୁହେଁ । ଏଥିରେ ଦେହରେ ଜଳପୂର୍ଣ୍ଣ ବହୁତେକମାନ ବାହାର ହୋଇ ଦଳ ମଧ୍ୟରେ ମିଳାଇ ଯାଏ । ଏହା ଆକ୍ରମଣ କରିବା ପୂର୍ବରୁ ଜ୍ୱର ହୁଏ ଓ ଏଥିରେ ମନୁଷ୍ୟର ଦେହ ମଧ୍ୟରେ ଖୁବ୍ ପୀଡ଼ା ହୁଏ ଓ ଦେହର ହାଡ଼ମାନ ଶୁଖିଲେ ହେଲା ପରି ଜଣାଯାଏ । ଏଥିଯାଇଁ ଏହାର ନାମ ହାଡ଼ଫୁଟି ହୋଇଅଛି ।] ସ୍ତ୍ରୀଦେ. (ବାଲେଶ୍ୱର) ୧—ହାଡ଼ ଭଙ୍ଗା (ଦେଶ)—Hārḍa bhangā (See)

ହାଡ଼ ବା(ବେ)ଇ—ଦେ. ବ. ସ୍ତ୍ରୀ (ସଂ. ହଡ୍ଡ ମାଳଜା)—୧ । ଯୋଗିନୀ-
Hārḍa bā(be)i ବିଶେଷ; (ଅଜ ପୁରୁଣା) ଠାକୁରାଣୀ ବା ଗ୍ରାମ-
ହାଡ଼ବାଈ ଦେବୀବିଶେଷ—1. Name of a popular
ଗ୍ରାମକୀ ଦେବୀ Goddess (alleged to have wicked propensities). [ଦ୍ର—ଏ ଅପଦେବତା ବା ଭୂତଯୋନି-ବିଶେଷ । ଏହାଙ୍କର କୌଣସି ବ୍ୟକ୍ତିଠାରେ ଆବେଶ ହେଲେ, ଉକ୍ତ କୌଣସି ବ୍ୟକ୍ତିର ଗୃହରେ ଏହାଙ୍କର ଆବେଶ ହେଲେ, ସେ ବ୍ୟକ୍ତି ଅଧିକେ ଉକ୍ତ ସେ ଘରେ ନାନାବିଧ ଅଶୁଭକର ଦୈବୀ ଘଟଣା ବା ନୈସର୍ଗିକ କାଣ୍ଡମାନ ସଘଟିତ ହୁଏ । ଯଥା—ଘର ମଧ୍ୟରେ କେନ୍ଦ ନାହିଁ, ହଠାତ୍ ଝେଙ୍କା, ସଲମୁଣ୍ଡ, ଖପର୍, ବାଲି ଅବ ଅସି ପଡେ । ଯେତେ ସାବଧାନ ହେଲେ ମଧ୍ୟ ସେମାନ ଶୂନ୍ୟରୁ ଆସି ଏପର ଉପରେ ପଡ଼େ ଯେ, ତେଣିଠାରୁ ପଳାଇ ଯାହା ସହଜରେ ଜାଣି ହୁଏ ନାହିଁ । ଖାଇବାଯାଇଁ ପ୍ରସ୍ତୁତ ଦ୍ରବ୍ୟ ମଧ୍ୟରେ ଏବଂ ରନ୍ଧନ ହାଣ୍ଡି ମଧ୍ୟରେ ମଧ୍ୟ ବିଷ୍ଠା ମିଶିଯିବା ବା ବୋଳା ହେବା ଦେଖାଯାଏ । ଚାଙ୍କୁଣି ଘୋଡ଼ାଇ ରଖିଲେ ମଧ୍ୟ ଘାଣ୍ଟ ଉତରୁ ମଇଳା ବାହାରେ । ଏହାଙ୍କର ଯେଉଁ ଘରେ ହାଡବାଈ ପ୍ରବେଶ କରନ୍ତି ସେ, ଘରର ଅଧିବାସୀମାନଙ୍କୁ ଅତ୍ୟନ୍ତ ଜର୍ଜ୍ଜାଭନ ସହ୍ୟକରୁ ପଡ଼େ । ଲୋକଙ୍କର ବିଶ୍ୱାସ ଯେ; ଗୁଣିଅମାନେ ମନ୍ତ୍ରପଢ଼ି ବଳରେ ଏ ଦେବୀଙ୍କୁ କୌଣସି ବ୍ୟକ୍ତିଙ୍କ ଘରକୁ ପଠାନ୍ତି ଏବଂ ମନ୍ତ୍ର ପ୍ରଭାବରେ ମଧ୍ୟ ଦେବୀଙ୍କୁ ପ୍ରତ୍ୟାହାର କରନ୍ତି ।

ଜଟକ ନଗରର ଗ୍ରାଣ୍ଡାକୋଷ ଲେନ୍ ନିକଟସ୍ଥ ପ୍ୟାଣ୍ଡୀ ମୋଦକ ସେନ୍ ଗଳରେ ୧୯୨୯ ମାର୍ଚ୍ଚ-ଏପ୍ରେଲ ମାସରେ ଏପର ଘଟନା ଘଟିଥିବା ଏ ଗ୍ରନ୍ଥକାର ସ୍ୱଚକ୍ଷୁରେ ଦେଖିଛନ୍ତି ଏପର କି, ଅଳ୍ପାନ୍ତ ଘରବାସର ବ୍ୟକ୍ତିମାନେ ଅନ୍ୟ ଲୋକଙ୍କ ଘରକୁ ନିମନ୍ତ୍ରିତ ହୋଇ ଖାଇବାକୁ ଗଲେ ସୁଦ୍ଧା ସେଠାରେ ସେମାନଙ୍କ ଖାଇବା ପତ୍ରରେ ବିଷ୍ଠା ପଡ଼ିବା ଦେଖାଗଲା । ଅନ୍ୟ ଲୋକ ସେ ସ୍ଥାନକୁ ଆସି ହାଡବାଈ ଦେବୀଙ୍କୁ ନିନ୍ଦା କଲେ ତାହା ଉପରେ ମଧ୍ୟ ଝେଙ୍କା, ବିଷ୍ଠା ଆଦ ଅକସ୍ମାତ ଉପରେ ପଡିବା ଦେଖା ହୋଇଥିଲା । ଜେତେ ମାସ ଘରେ ଜଣେ ଗୁଣିଆ ଆସି ତାନ୍ତ୍ରିକ କର୍ମ ଅନୁଷ୍ଠାନ କରିବାରୁ ଏ ଜର୍ଜ୍ଜାଭନ ବନ୍ଦ ହେଲା ।] ୨ । ହାଡ଼ଫୁଟି ରୋଗର ଅଧିଷ୍ଠାତ୍ରୀ ଦେବୀ—
2. The Goddess presiding over chicken pox. [ଉ—ରୁଘାଇ ହାଡବାଇ, କଙ୍କାଇ ମହାମାସ୍ତ୍ରୀ, ଜମାଇ ଅନନ୍ତାଇ ପଟୋଳୀ ଭବତାଇ । ଗୀତାମର-ନୃସିଂହପୁରୁଣ ।]

(ତାକୁ) ହାଡ଼ବାଇ ଲଗିବା—ଦେ. ବ—୧ । (ଲକ୍ଷଣାର୍ଥ) କ୍ରୋଧରେ
Hārḍabāi lāgibā ଉନ୍ମତ୍ତବତ୍ ଚିତ୍ତ ହେବା—1. (figura-
ଘାଡ଼େ ଭୂତ ଚାପା ଭୂତ ଲଗନା tive) Being maddened

Digitized by srujanika@gmail.com

with rage. ୬ । ହାଡ଼ବାଇ ଠାକୁରାଣୀଙ୍କର କୌଣସି ବ୍ୟକ୍ତିଙ୍କ ଦେହରେ ବା ଗୃହରେ ଅବସ୍ଥିତ ହେବା— 2. (a person or house) Being possessed by the spirit of the Goddess Hārdabāi.

ହାଡ଼ଭଙ୍ଗା—ତତ୍. ବ (ଷ. ତତ୍ପୁ ଓ ଭଙ୍ଗ)—୧ । ଆଘାତ ଆଦି ହାରା ଅସ୍ଥି ରୁଗ୍ନ ହେବା— 1. Breaking or rupture of bone; bone fracture. ୨ । ଯବଅଇର; ଘଃବିର; ଗୃହକୋଣିଆ ଯବବର୍ଗିଷ୍ଠ ବନ୍ୟ ଲତାବିଶେଷ – 2. Vitis Quadrangularis, Cissus Quadrangularis; Vitis Vinifera (Kirtikar) [ତୁ—ଏହାର ଯବମାନ ୪।୫ ଅଙ୍ଗୁଳ ଓ ତେଘଡା ଗୃହକୋଣିଆ; ଖଣ୍ଡ ଖଣ୍ଡ ହୋଇ ଏକଦା ଶିକୁଳା ପରି ଲମ୍ବିଥାଏ । ଯବମାନଙ୍କର ଗୋଟିଏ ଡାଗରେ ପତ୍ର ଓ ଅନ୍ୟ ଡାଗରେ ତେର ଲମ୍ବିଥାଏ । ଉକ୍ତ ତେରମାନ ଅନ୍ୟ ଗଛ ଆଦିକୁ ଆଙ୍କଡ଼େଇ କରି ଧରେ । ଏହା ଭଙ୍ଗା ହାଡ଼ମାନଙ୍କର ମାଲ ମରି ଦେଖା ଦିବାରୁ ଏହାର ଏହି ନାମ ହୋଇଅଛି । ଏହାକୁ ବାଟି ବାନ୍ଧିଲେ ଭଙ୍ଗା ହାଡ଼ ଜୋଡ଼ ହୁଏ । ବୈଦ୍ୟଶାସ୍ତ୍ର ଅନୁସାରେ ଏହା ବାତଶ୍ଲେଷ୍ମାନାଶକ, ଭଗ୍ନ ଅସ୍ଥିର ସଯୋଜକ, ଜ୍ୱରଘ୍ନ, ସାରକ, କୃମିଘ୍ନ, ଅର୍ଶୋନାଶକ, ନେତ୍ରରୋଗରେ ଉପକାରୀ, ରୁକ୍ଷ, ସ୍ତମ୍ଭନ, ବଲକର, ଶୀତକ ଓ ପିତ୍ତଜନକ । ଏହାର ତୁକ୍ (ଛେଲି)ରେ ଜଳିଲେ କୀଟର ଚୂର୍ଣ୍ଣ ଓ ଭୁଷ ସହିତ ଶିମ୍ବି ଧାନ୍ୟକୁ ସେଥି ତଳ ତେଲରେ ପାକ କଲେ ଉଦ୍ଦାସ ବାତ ରୋଗର ଉପଶମ ହୁଏ ।] ଦେ. ବଣ—୧ । [ଅତ୍ୟୁକ୍ତି] ଯେଉଁ ପରିଶ୍ରମ ଦ୍ୱାରା ହାଡ଼ ଭଙ୍ଗିଯାଏ; ଅତ୍ୟଧିକ କାୟିକ [ପରିଶ୍ରମ]— 1. Excessive and bone-breaking (labour). ୨ । ଅତ୍ୟନ୍ତ କଷ୍ଟକର [ପ୍ରହାର]; ଯେଉଁ ପ୍ରହାର ଦ୍ୱାରା ହାଡ଼ ଭଙ୍ଗିଯାଏ —2. Excessive or cruel (beating). ୩ । ଅତ୍ୟନ୍ତ ଶ୍ରମସାଧ୍ୟ; ଯେଉଁ କାମ କରିବାକୁ ଅତ୍ୟଧିକ ପରିଶ୍ରମ କରିବାକୁ ପଡ଼େ— 3. (work) Involving excessive bodily exertion. ୪ । [ଲକ୍ଷଣାର୍ଥ] ମର୍ମଭେଦୀ (ବାକ୍ୟ)— 4. (figurative) Cutting (words); cutting to the quick. ହାଦେ [ବାଲେଶ୍ୱର] ବ— ଏକଜାତିୟ ପୋକ—A species of insect, [ତୁ—ଏମାନେ ଶାଗୁଆ ବର୍ଣ୍ଣ ବିଷାକ୍ତ ଘର, ମାନଙ୍କ ଦେହରେ ଲୋମ ନାହିଁ । ଏମାନେ ଶିଂଘରେ ଓ କାନ୍ଧରେ ଦଂଶି ବିଥନ୍ତି ।]

ହାଡ଼ଭଙ୍ଗା କଥା—ତତ୍. ବ (ଲକ୍ଷଣାର୍ଥ) —ମର୍ମଭେଦୀ ବାକ୍ୟ— Hārda bhangā kathā Cutting words; words ହାଡ଼ଭାଙ୍ଗାକଥା ଦେହଜଳନେବାଳାବାତ which cut to the quick.

ହାଡ଼ଭଙ୍ଗା ପରିଶ୍ରମ (ମିହନ୍ତ, ମେହନ୍ତ, ମେହେନତ)—ତତ୍. ବ— Hārdabhangā pariśrama (mihanta, mehanta, mehenata) ଅତ୍ୟନ୍ତ କାୟିକ ପରିଶ୍ରମ—Excessive bodily labour; (metaphorical) bone-breaking exertion. ହାଡ଼ଭାଙ୍ଗାପରିଶ୍ରମ ଜୀତୋଡ଼ପରିଶ୍ରମ

ହାଡ଼ଭଙ୍ଗା ପାହାର (ମାଡ଼)—ତତ୍. ବ—ଅତି କଷ୍ଟକର ପ୍ରହାର— Hārdabhangā pāhāra (mārda) Excessive or ହାଡ଼ଭାଙ୍ଗାମାର ହାଡ଼ତୋଡ଼ବାପାହାର very cruel beating.

ହାଡ଼ଭଙ୍ଗା ଶୀତ(ଜାଡ଼ୁଣି)—ତତ୍. ବ—ମର୍ମଭେଦୀ ଶୀତ; ଅତ୍ୟନ୍ତ Hārdabhangā sīta(jārda) ଶୀତ (ଶରୀରସ୍ଥ ଶୀତ, (ଯେଉଁ ଶୀତ ହାଡ଼କୁ ସ୍ପର୍ଶ କରେ ସେ ଶୀତ ଯାଏ ବା ଭଙ୍ଗି ପକାଏ)— Extreme or excessive chill; piercing cold. ହାଡ଼ଭାଙ୍ଗାଶୀତ ହାଡ଼ତୋଡ଼ନେବାଳାଶୀତ

ହାଡ଼ ଭାଙ୍ଗିବା—ତତ୍.କ୍ରି—୧ । ହାଡ଼ଗୋଡ଼ ଚୂନା କରିବା (ତତ୍ଶ)— Hārda bhāngibā 1. Hārda gorda chunā karibā (See) ୨ । ଅତିରିକ୍ତ ପରିଶ୍ରମ କରିବା—2. To do excessive labour. ତତ୍. ବ—ଆଘାତାଦି ଦ୍ୱାରା ଅସ୍ଥିର ଭଙ୍ଗ—Bone fracture, ହାଡ଼ଭାଙ୍ଗା ହାଡ଼ତୋଡ଼ନା

ହାଡ଼ ମାଉଁସ—ତତ୍. ବ (ସମାହାର ଶବ୍ଦ)—ଅସ୍ଥି ଓ ମାଂସ— Hārda māunsa Bone and flesh. (ଯଥା—ତା ଦେହରେ ହାଡ଼ ମାଉଁସ ହୋଇ ଥାଆପଛ ହୁଏ କି ନ ହୁଏ, ଅଥଚ ହାଡ଼ମାସ ହାଡ଼ମାଂସ ସେ ବୁଢ଼ିରେ ସଂସାରକୁ ଛଣୁଛୁ)

ହାଡ଼ ମାଳ—ତତ୍. ବ (ଷ. ତତ୍ପୁ ଓ ମାଳା)—୧ । ଅସ୍ଥିମାଳା; ଖଣ୍ଡଖଣ୍ଡ Hārda māla ଅସ୍ଥି ଦ୍ୱାରା ଗୁନ୍ଥା ହୋଇଥିବା ମାଳା (ଯାହା କାଳୀ ଠାକୁରାଣୀ ଗଳାରେ ଧାରଣ କରନ୍ତି—1. A necklace of bones strewn together. ୨ । ଅସ୍ଥିକଙ୍କାଳ ମାଳ; ଅତି ଜୀର୍ଣ୍ଣଶୀର୍ଣ୍ଣ ଅବସ୍ଥା—2. State of being reduced to skeleton. ୩ । (ସ୍ତୁତ୍ୟାଦି ପରିହୃତ ଧଳକ ପ୍ରତି ଗର୍ହଦ୍ୟୋତକ କ୍ୟବହୃତ ବ୍ୟଙ୍ଗ)— ଦ୍ୱାରମାଳ; ସ୍ୱକାର ଦ୍ୱାର—3. (ironical pronunciation) Gold necklace. ହାଡ଼ମାଳା ହାଡ଼ମାଳା

ହାଡ଼ ରସ (ସା)—ତତ୍. ବ—(ଷ. ତତ୍ପୁ ଓ ରସ)—୧ । ଅସ୍ଥି ମଧ୍ୟରେ Hārda rasa (sā) ଥିବା ମଜ୍ଜା ବା ତରଳ ବସ୍ତୁ—1. Bone-marrow. ୨ । (ଲକ୍ଷଣାର୍ଥ) ବହୁକାଳ ଅତ୍ୟଧିକ ଦ୍ୱାରା ଆକାନ୍ତ ରୋଗୀର ମୃତ୍ପ୍ରାୟ ଅବସ୍ଥାରେ ଝାଡ଼ା ସଙ ବହୁ-ର୍ଗତ ହେବା ପଚିବଳ ପଳ ରକ୍ତାର ଦୁର୍ଗନ୍ଧମୟ ରସ— 2. (figurative) A pulpy pus-like and ver

Digitized by srujanika@gmail.com

offensive reddish matter evacuated by a person in the last stage of chronic dysentery. [ଦ୍ର - ଅନ୍ତିମାର ରୋଗୀର ହାଡ଼ରସା ଗଳଇଲେ ବା ହଡରସା ବୋହୁଲେ ଲୋକେ ତାହାର ଅଶୁ ମୃତ୍ୟୁକୁ ପ୍ରତୀକ୍ଷା କରନ୍ତି] ୩ । ପ୍ରସବ ହେବା ପରେ ପ୍ରସୂତିଙ୍କ ପ୍ରସବ ଦ୍ୱାରରୁ ୩।୪ ଦିନ ପର୍ଯ୍ୟନ୍ତ ବୋହିବା ନାଲି ରଙ୍ଗର ସ୍ରାବ (ଡାକ୍ତର ଗ୍ରନ୍ଥକାରୋର. ପ୍ରସୂତି ଚର୍ଯ୍ୟା)— 3. Lochia. [ଦ୍ର—କ୍ରମେ କ୍ରମେ ଏହି ସ୍ରାବ ଫକା ଓ କଛ ଦିନ ପରେ ସାଦା ରଙ୍ଗର ହୁଏ]

ହାଡ଼େରରସ ହାଡରସ

ହାଡ଼ରସା ଗଳିବା (ବୋହିବା)—ଦେ. ବ—ଅନ୍ତିମାରର ମାରାତ୍ମକ ଅବ- Hārdarasā galibā (bohibā) ସ୍ଥାରେ ମୂଳବତ୍ ଦୁର୍ଗନ୍ଧ ଛାଡ଼ା ଦେବ —Last stage of chronic dysentery in which pulpy pus is evacuated.

ହାଡ଼ରସାବେରୁନ ହାଡ଼ରସନିକଳନା

ହାଡ଼ରସା ନକାଲିଦେବା (ନକାଲିବା, ବୁଦ୍ଧ ଇବା, ବାହାର କରିବା)— Hārdarasā nikālidebā (nikālibā, bubāibā, bāhāra karibā)—ଦେ. କି (ଅଙ୍ଗୁଳି)—ଅନ୍ୟକୁ ପ୍ରହାର କରିବା; ଏହାର ପ୍ରହାର ଦେବା, କ ସଦ୍ୟାସ୍ତ ଦେହର ହାଡ [ହାଡ଼ରସା ନକଲିବା; ହାଡ଼ରସା ବାହାରିବା—ଦ୍ୱି. ରୂପ] ଯାକ ଭାଙ୍ଗି ଯାଇ ଦେଥିରୁ ମଜ୍ଜା ବାହାର ହେଡ଼ା—To beat a person to pulp.

ହାଡ଼ରସାବାହିରକରା ହାଡରସନିକାଲଦେନା

ହାଡ଼ରୁ—ଦେ. ବଣ—୧ । ଅତି ଟାଣୁଆ (ମାଟି)—1. Very hard (soil). ୨ । ବୁଢ଼ା ଓ ସ୍ୱଳ୍ପ ପତ୍ର ଯୁକ୍ତ (ଗଛ)— 2. Old and leafless (tree) ୩ । (ପୁଂ) ହାଡୁଅ (ଦେଶ)—3. Hārduā (See)

Hārdarā

[ହାଡ଼ସ୍ୱ—ସ୍ତ୍ରୀ]

ପାଥୁରେ କଡା, ହଡୀଲା

ହାଡ଼ରୁ ମାଉଁସ ଖାଇବା (ରେକେଟିବା)—ଦେ. କି—୧ । ମାଂସଯୁକ୍ତ Hārdaru māuñsa khāibā (reketibā) ଅସ୍ଥିରୁ ଦକ୍ଷଦ୍ୱାର ମାଂସକୁ ପୃଥକ୍ କର ଟାଇବା (ସେଉଁପର କୁକୁର ଜରେ) [ହାଡ଼ରୁ ମାଉଁସ ରେକେଟି ଟାଇବା—ଅନ୍ୟରୂପ] 1- To chew away the flesh adhering to pieces of bone (as a dog). ୨ । (ଲକ୍ଷଣାର୍ଥ) ଅତ୍ୟନ୍ତ କଷ୍ଟ ଦେବା; ଅତି ଉତ୍ପୀଡ଼ିତ କରିବା—2. (figurative) To annoy or oppress extremely.

ହାଡଥେକେମାଂସଖାଓୟା ହାଡସେମାଂସଖାନା

ହାଡ଼ରୁ ମାଉଁସ ମିଳା(ଳେ)ଇଯିବା(ପଡ଼ିବା)—ଦେ. ବ (ଲକ୍ଷଣାର୍ଥ)— Hārdaru māuñsa milā(le)ijibā (pardibā) ଅତ୍ୟନ୍ତ କଷ୍ଟାଦନ ବା ଅତ୍ୟାଧିକ ରୋଗ କରିବା—(figurative) To be subjected to much annoyance or oppression.

ହାଡଥେକେମାସମଲିୟେଯାଓୟା ହାଡସେମାଂସମିଳାନା

ହାଡ଼ରୁ ରସ ନକାଲିବା (ବୁହାଇବା, ବାହାରକରିବା)—ଦେ. କି— Hārdaru rasa nikālibā (buhāibā, bāhārakaribā) ହାଡ଼ରସା ନକାଲିଦେବା (ଦେଶ)—Hārdarasā nikālidebā (See)

[ହାଡ଼ରୁ ରସ ନକଲିବା (ବୋହିବା, ବାହାରିବା)—ବିଶେଷୀ ରୂପ]

ହାଡ଼ ରେକ(କେ)ଟା—ଦେ. ବ—ମାଂସଯୁକ୍ତ ହାଡ଼କୁ ଚୋବାଇବା କର୍ମ Hārda reka(ke)tā —The act of chewing a meatless bone.

ହାଡଚର୍ବ୍ବଣ ହାଡଚର୍ବଣ

ହାଡେ [ଗଡ଼ଜାତ] ବ—ଦେଶୀ—Hyena.

ହାଡ଼ ରେକ(କେ)ଟିବା—ଦେ. କି—ମାଂସଯୁକ୍ତ ଅସ୍ଥିକୁ ଦାନ୍ତ ଦ୍ୱାରା Hārda reka(ke)ṭibā ଚୋବାଇବା—To chew a meatless bone.

ହାଡ଼ ଶିଙ୍କୁଳା—ପ୍ରାଦେ (ଜଯପୁର) ବ (ସଂ. ନାମ—ଅସ୍ଥି ଶୃଙ୍ଖଳା)— Hārda sinkulā ହାଡ଼ଭଙ୍ଗା ୨ [ଦେଖ]— Hārdabhangā 2 [See]. [ଦ୍ର—ହାଡ଼ ଭାଙ୍ଗିଗଲେ ବା ସନ୍ଧରେ ଦୋଇଗଲେ ଏହାକୁ ବାଡି ଭଙ୍ଗା ସ୍ଥାନରେ ଲଗାଇ ବନ୍ଧା ବାନ୍ଧିଦେଲେ ୮।୧୦ ଦିନ ମଧ୍ୟରେ ହାଡ ଯୋଡ଼ ହୋଇଯାଏ । ଏ ଗଛର ସବକୁ ଚଟଣି ଓ ବନ୍ଧୁ କରି ଟାଅନ୍ତି । ବାତ ରୋଗ ଏହାଦ୍ୱାରା ଉପଶାନ୍ତ ହୁଏ ।)

ହାଡ଼ ଶୂଳା—ଦେ. ବ—୧ । ଅସ୍ଥିଶୂଳ—1. Aching of the bones. ୨ । (ଲକ୍ଷଣାର୍ଥ) ହାଡ଼ ଜଳନ— 2. (figurative) Extreme annoyance. ବଣ—ମର୍ମଭେଦୀ (ବାକ୍ୟ)—Heart-rending; heart-piercing; cutting to the quick.

Hārda śūlā

ହାଡଶୂଳା

ହାଡ଼ଶୂଳା(ଳେ)ଇବା—ଦେ. ବ—୧ । (ଲକ୍ଷଣାର୍ଥ) ହାଡ଼ ଜଳବା— Hārda śūlā(le)ibā 1. Extreme annoyance. [ହାଡ଼ ଶୂଳା(ଳେ)ଇଦେବା—ଅନ୍ୟରୂପ] ୨ । ଅସ୍ଥିଶୂଳ—2. Aching of the bones.

ହାଡ଼ କନକନକରା ହାଡ଼ ମେଁ ଶୂଲହୋନା

ହାଡ଼ ସାର —ଦେ. ବଣ—ଅସ୍ଥିମାତ୍ରସାର; ଅସ୍ଥି କଙ୍କାଳ ବଶିଷ୍ଟ— Hārda sāra Reduced to skeleton.

ହାଡସାର ହାଡ଼ସାର

ହାଡ଼ ହାଡ଼ (ହାଡ଼ୁଆ)—ଦେ. ବଣ—୧ । ଅଧିକ ଅସ୍ଥି ମିଶ୍ରିତ (ମାଂସ) Hārda hārda (hārduā) 1. (meat) Consisting largely of bones. ୨ । ହାଡ଼ୁଅ; ଅସ୍ଥିମୟ— 2. Bony. ଦେ. ବ—ନଗଦ ଧନ—Hard cash.

ହାଡ଼ୁଆ—ଦେ. ବ—ଅସ୍ଥିଚର୍ମାବଶିଷ୍ଟ ଦେହ—A body reduced Hārduā to skeleton. ବଣ—୧ । ଅସ୍ଥିଚର୍ମାବଶିଷ୍ଟ— 1. Reduced to skeleton. ୨ । ହାଡ଼ୁଅ— 2. Bony.

ହାଡମାତ୍ର ହଡ଼ାବଲ

ହାଡ଼ି—ଦେ. ବ. ପୁଂ—(ସଂ. ହଡ୍ଡକ, ହଡ଼ଡ଼ା—୧ । ଚଣ୍ଡାଳ ଜାତି; Hārdi ମନୁଷ୍ୟମାନଙ୍କର ମଳ ଓ ଗୁସ୍ତାର ମଇଳ ସଫାରକାର୍ଯ୍ୟ, (ହାଡ଼ିଅଣୀ—ସ୍ତ୍ରୀ) ଗୋମାଂସ ଖାଦକ ଗତ ଅସ୍ପୃଶ୍ୟ ଜାତି; ମେଥରର ଜାତି; ମଲାଘଜର୍ଷୀ ଜାତି—1. A low untouchable caste whose work is to sweep nightsoil and the public roads. [ଦ୍ର—ଆମ ଦେଶରେ ହାଡ଼ମାନେ ସ୍ତ୍ରୀମର ଓ ନଗରର ଅବର୍ଜ୍ଜନା ସଫା କରନ୍ତି । ହାଡଅଣୀମାନେ ଖାଇଖାନା ସଫା କରନ୍ତି ଓ ହାଡ଼ମାନେ ବଖାମାନ ଗାଡ଼ିରେ ବା ଘରରେ

Digitized by srujanika@gmail.com

ନେଇ ଦୂରରେ ନିର୍ଦ୍ଦିଷ୍ଟ ସ୍ଥାନରେ ପୋତନ୍ତି । ହାଡ଼ିମାନେ ମଧ୍ୟବାଦ୍ୟ ଜ୍ୟୁତରେ ବାଜା ବଜାନ୍ତି ଓ ପେଛେଁ ବ୍ୟକ୍ତିର ଶବ ଉଠାଇ ନେବାକୁ କେହି ନ ଥାନ୍ତି, ତାଙ୍କ ଶବ ନେଇ ଯାଆନ୍ତି । କେଉଁ କେଉଁ ଦେଶରେ ହାଡ଼ିମାନଙ୍କର ଶ୍ରେଣୀ-ବିଶେଷ ଶୂକର ପାଳନ କରନ୍ତି । କେଉଁ କେଉଁ ଶ୍ରେଣୀ ତାଳ ଗଛରୁ ତାଳ କାଢ଼ନ୍ତି ଓ ଜେଜୁରି ଗଛରୁ ତାଡ଼ି ସଂଗ୍ରହ କରନ୍ତି । ବଙ୍ଗଦେଶରେ ହାଡ଼ିଅଣୀମାନେ ନବ-ଜାତ ଶିଶୁଙ୍କ ନାଭିନାଡ଼ି କାଢ଼ନ୍ତି । ହାଡ଼ିମାନେ ମୃଦ୍ଭାର କାଢ଼ନ୍ତି ଓ ସହରରେ ପାଇଖାନା ଓ ନର୍ଦ୍ଦମା ସଫା କରନ୍ତି । ମେଦନୀପୁର ଅଞ୍ଚଳରେ ଏମାନେ ସବାର କାନ୍ଥଆନ୍ତି ।

ଏମାନଙ୍କ ସମାଜରେ ବାଳକା ବଦାହ, ଯୁବତୀ ବିବାହ ଓ ବିଧବା ବିବାହ ପ୍ରଚଳିତ । ଏମାନଙ୍କ ଜାତିର 'ପଣ୍ଡିତ' ଅଖ୍ୟାଧାସ୍ତ ବ୍ୟକ୍ତି ବିବାହାଦିରେ ଏମାନଙ୍କ ପୌରୋହିତ୍ୟ କରନ୍ତି । ବଙ୍ଗଦେଶର ହାଡ଼ିମାନେ ଶାକ୍ତ । ଉତ୍ତର ବଙ୍ଗରେ ଅନେକ ଅଞ୍ଚଳରେ ଏମାନେ ମହା ସମାରୋହରେ କାଳୀ ପୂଜା କରନ୍ତି । କେହି କେହି ପଣ୍ଡିତ କହନ୍ତି ଯେ, ଏମାନଙ୍କ ପୂର୍ବପୁରୁଷମାନେ ଶାକ୍ତ ବୌଦ୍ଧ ଭାନ୍ତିକ ଥିଲେ ଓ ଏମାନଙ୍କ ମଧ୍ୟରେ ଅନେକ ସିଦ୍ଧ ପୁରୁଷ ଥିଲେ । ବଙ୍ଗଦେଶ ପ୍ରଚଳିତ ରାଣୀ ମୟନାବତୀ ଓ ରାଜା ଗୋବିନ୍ଦଚନ୍ଦ୍ରଙ୍କ ଗଳ୍ପରେ ହାଡ଼ିପା ନାମକ ଜଣେ ସିଦ୍ଧପୁରୁଷ ଏ ଦୁହିଙ୍କ ଗୁରୁଙ୍କ ଥିବା ବର୍ଣ୍ଣିତ ।

କ୍ରମଶଃ ମହାତ୍ମା ଗାନ୍ଧିଙ୍କ ପ୍ରବର୍ତ୍ତିତ ଅସ୍ପୃଶ୍ୟତା ବର୍ଜନ ଆନ୍ଦୋଳନର ଫଳରେ ଏମାନଙ୍କ ସମାଜରେ ଶିକ୍ଷା, ସଭ୍ୟତା, ମଦ୍ୟ ଓ ଗୋମାଂସ ବର୍ଜ୍ଜନ ପ୍ରବେଶ କରୁଅଛନ୍ତି; କେତେଗୁଡ଼ିଏ ଯୁବକ ଉଚ୍ଚ ଶିକ୍ଷା ଲାଭ କରୁଅଛନ୍ତି; ଏମାନଙ୍କ ପାଇ ସ୍ଥାନେ ସ୍ଥାନେ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ଖୋଲି ଯାଇଅଛି ଓ ଅନେକସ୍ଥଳରେ ସାଧାରଣ ବିଦ୍ୟାଳୟ-ମାନଙ୍କରେ ଉଚ୍ଚ ବର୍ଣ୍ଣର ଛାତ୍ରମାନଙ୍କ ସଙ୍ଗେ ଏକ ଶ୍ରେଣୀରେ ଓ ଏକାସନରେ ଏ ଜାତିର ଛାତ୍ରମାନେ ଶିକ୍ଷାଲାଭ କରୁଅଛନ୍ତି ।] ୨ । ଅତି ଜଘନ୍ୟ ଓ ଅପରିଷ୍କୃତ ବ୍ୟକ୍ତି; ଘୃଣା-ତ୍ମକ ବ୍ୟକ୍ତି—2. A person of very nasty habits. ୩ । ଅତି ଭୀରୁ ବ୍ୟକ୍ତି—3. A very coward person. ୪ । ହାଡ଼ିବନ୍ଧୁର ଡାକ ନାମ—4. Nickname for Hārdibandhu. ୫ । (ସ୍ତ୍ରୀ ଓ ପୁଂ) ଅପତ୍ୟାଣୀ ସ୍ତ୍ରୀ ଓ ପୁରୁଷଙ୍କ ନାମ—5. A name given to a girl and boy whose elder brother or sister has died before her or his birth. ବିଣ—୧ । ଘୃଣାତ୍ମକ—1. Of nasty habits. ୨ । କୌଣସି ବିଷୟ ପ୍ରତି ଭୟକୁଳା—2 Timid; of fearful nature. (ଯଥା—ସେ ମାଡ଼ି ଖାଇବାକୁ ଭୟ ହାଡ଼ି = ଅର୍ଥାତ୍ ସେ ମାଡ଼ି ଖାଇବାକୁ ଭୟ କରେ ।)

ହାଡ଼ିଆ—ଦେ. ବ ପୁଂ—୧ । ହାଡ଼ିବନ୍ଧୁର ଡାକନାମ—1. Nick Hārdiā name of Hārdibandhu. ୨ । ହାଡ଼ିଥଗର (ଦେଶ)—2. Hārdiābira (See)

ହାଡି ହାଡିଆ

ହାଡ଼ିଆଣୀ—ଦେ. ବ. ସ୍ତ୍ରୀ—(ପଂ ହାଡ଼ିଆ)—୧ । ହାଡ଼ିର ସ୍ତ୍ରୀଲିଙ୍ଗ-; Hārdiāṇī ହାଡ଼ି ଜାତିର ସ୍ତ୍ରୀ; ମେଥରାଣୀ; ଚଣ୍ଡାଳୀ— ହାଡ଼ିନୀ 1. A woman of the sweeper caste. ହାଡିଆନୀ [ଦ୍ର—ବଙ୍ଗଦେଶରେ ହାଡ଼ିଅଣୀମାନେ ନବଜାତ ଶିଶୁଙ୍କ ନାଭି ଛେଦନ କରନ୍ତି] ୨ । (ସଂ ଚର୍ଚ୍ଚିକା) ପକ୍ଷୀ; ଟିକଟିକି ଗୃହ ଗୋଧିକା; ହିଟ୍‌ଟିଟ୍‌—2. The house gecko; ଗିରଗିଟ the common house lizard; Hemidactylus. [ଦ୍ର—ହାଡ଼ିଅଣୀ ଅସ୍ପୃଶ୍ୟା ଥିବାରୁ ଓ ଦେହରେ ପକ୍ଷୀ ଘଡ଼ଲେ ସ୍ନାନ କରିବାର ବିଧି ଥିବାରୁ ପକ୍ଷୀର ଏହି ନାମ ଦୋଇଅଛି] ୩ । କାଳୀଙ୍କ କାମାଖ୍ୟାର ପ୍ରସିଦ୍ଧା ତନ୍ତ୍ରସିଦ୍ଧା ହାଡ଼ିବୀ ଚଣ୍ଡାଳୀର ନାମ—3. Name of a Hārdi woman ହାଡିଆଣୀ famed to be versed in Tāntra. [ଦ୍ର—ଅନେକ ଝଡ଼ା ଫୁଙ୍କା ମନ୍ତ୍ରରେ 'ଚଣ୍ଡୀ ହାଡ଼ିଆଣୀ'ଙ୍କ ନାମୋଲ୍ଲେଖ କରିଥାଏ]

ହାଡ଼ିଆଣୀ ଖଟିବା—ଦେ.ବ—ହାଡ଼ିଅଣୀର ପାଇଖାନା ସଫା କରିବା କର୍ମ Hārdiāṇī khaṭibā— The cleansing of a privy or latrine by a sweeper woman.

ମେଁଥରାଣୀଖାଟା ହାଡିଆଣୀଖଟଲା

ହାଡ଼ିଆଣୀ ଚଉଠି—ଗ୍ରାମ୍ୟ (ଗଡ଼ଜାତ)—୨. ଗଣେଶ ଚତୁର୍ଥୀ (ଦେଶ) Hārdiāṇī chauṭhi —Gaṇeśa chaturthī (See).

ହାଡ଼ିଆଣୀ ଛୁଆଁ—ଦେ, ବିଣ - ୧ । ମେଥରାଣୀକୁ ସ୍ପର୍ଶ କରିବା ଯୋଗୁ ହାଡ଼ିଆଣୀ ଛୁତ ଅପବିତ୍ରୀକୃତ (ବ୍ୟକ୍ତି)—(a person) Contaminated by the touch of a sweeper woman. ୨ । ଘରେ ଚଞ୍ଚୀପରଜ ଯୋଉଁ ଅପବିତ୍ରୀକୃତ (ବ୍ୟକ୍ତି)—2. (a person) Contaminated by the touch of a houselizard.

[ଦ୍ର—ଏ ଶବ୍ଦ ବିଶ୍ୱେଷ୍ୟରୂପେ ମଧ୍ୟ ଚଳେ]

ହାଡ଼ିଆ ବୀର—ଦେ. ବ—ଭାନ୍ତିକ ପ୍ରଯୋଗ ଦ୍ୱାରା ମନୁଷ୍ୟ ଦେହରେ Hārdiā bīra ଅବସ୍ଥା କରାଯିବା ଭୂତର ନାମ—Name of ଭୂତ ଭୂତ an evil spirit which is made, by employment of 'Tantric' black art, to possess a subject.

ହାଡ଼ିଘର ପଶା—ଦେ. ବଣ. ପୁ—୧ । ଯେଉଁ ବ୍ୟକ୍ତି ଯେଉଁ ବଳରେ Hārdi ghara paśā ବା ଅନ୍ୟ ଲୋକରେ ନିଜ ଜାତି ତ୍ୟାଗ (ହାଡ଼ିଘରପଶୀ—ସ୍ତ୍ରୀ) ହାଡ଼ି ଜାତିରେ ପ୍ରବେଶ କରେ—1. (a ହାଡ଼ିଘରେ ଢୋକା person) Who enters into the ହାଡ଼ୀଘର ପଇଠନେବାଲା Hārdi society out of the pale of his own society for want of food or for

for other reasons. ୨ । (ଗାଳି) ଯେଉଁ ବ୍ୟକ୍ତି ଜଳ ଜାତି ହରାଇଅଛି ଜାତିରେ ପ୍ରବେଶ କରେ—2. (a term of abuse) A person who loses his caste.

ହାଡ଼ ଘରେ ପଶିବା—ଦେ. କ୍ରି—୧ । ଖାଇବା ବା ଅନ୍ୟ ଲୋଭରେ Hārdi ghare pasibā ଜଳର ଉଚ୍ଚ ଜାତି ହରାଇ ହାଡ଼ଘରେ ହାଡିଘରେ ଢୋକା ଖାଇବା ବା ହାଡ଼ ଜାତିରେ ପ୍ରବେଶ କରିବା— **ହାଡ଼ିଘର ପୈଠନା** 1. To leave one's society and enter into Hārdi society. ୨। (ଲକ୍ଷଣାର୍ଥ)—(ଗାଳରେ ବ୍ୟବହୃତ)—2. (figurative) A term used in course of abuse. [ଦ୍ର—ହାଡ଼ଘରେ ପଶି ଯେଣ ପୁରଲ ନାହିଁ—ନ୍ୟାସୃ—ଯେଣ ହଜଲରେ ବା ଖାଇବା ଲୋଭରେ ହାଡ଼ଘରେ ପଶିବା ଲୋଭର ହାଡ଼ଘରେ ପଶି ସ୍ୱାମୀ ଯେଣ ନ ମରିଲେ ବା ସାଧ ନ ମେଣ୍ଟିଲେ ବା ଧନାଦି ଲୋଭରେ ମାତ କାର୍ଯ୍ୟ କରି ସ୍ୱଦ୍ଧା ଉକ୍ତ ଲୋଭ ବା ତୃଷ୍ଣା ନ ମେଣ୍ଟିଲେ ଏହା ଉକ୍ତାଂଶ ଦଅଯାଏ ।]

ହାଡ଼ି ଘୋଷରା—ଦେ. ବ—ଯେଉଁ ବ୍ୟକ୍ତିର ଶବକୁ ଶ୍ମଶାନକୁ ନେବାକୁ Hārdi ghosharā କେହ ଆତ୍ମୀୟ ବନ୍ଧୁରେ ନ ଥାନ୍ତି ଓ ମୁଦ୍ଦାଫରାସଟାନା ପଦାମାତ୍ର ଅଦ ସମୟରେ ଯେଉଁମାନେ ବର୍ତ୍ତମାନ **ହାଡିଘସୀଟା** ଅବସ୍ଥାରେ ମରଯାଅନ୍ତି ସେମାନଙ୍କ ଶବକୁ ଦଉଡ଼ିଦ୍ୱାରା ଟାଣି ମେହନ୍ତରମାନଙ୍କ ଦ୍ୱାରା ଶ୍ମଶାନକୁ ଘୋଷାରି ନେବା —The dragging of a corpse of a person dying homeless and friendless with a rope to the cremation ground or burial ground by sweepers.

ହାଡ଼ଛୁଆଁ—ଦେ.ବଣ—ଯେଉଁ ବ୍ୟକ୍ତି ଅସ୍ପୃଶ୍ୟ ହାଡ଼କୁ ସ୍ପର୍ଶ କରିବାରୁ Hārdi chhuāṅ ଅଶୁଦ୍ଧ ହୋଇଥାଏ ଓ ଯେଉଁ ଅଶୁଦ୍ଧି ବନା ହାଡିଛୋୟାଁ । ସ୍ନାନରେ ଓ ବନା ପ୍ରାୟଶ୍ଚିତ୍ତରେ ଦୂର ହୁଏ ନାହିଁ— **ହାଡ଼ୀଛୁତ** Contaminated by the touch of an untouchable Hārdi

ହାଡ଼ିଞ୍ଜ—ଦେଁ ଦେ. ବ—(ଇଂ; ନାମ)—ହାର୍ଡିଞ୍ଜ (ଦେଶ)— Hārdiñj Hardiñj (See)

ହାଡ଼ିପ(ପା)—ଦେ. ବ—(ସଂ. ହଡ୍ଡିପ)—୧ । ହାଡ଼ (ଦେଶ)— Hārdipa(pā) Hārdi (See) ୨ । ହାଡ଼ ବା ଜାତଜାତୀୟ ହାଡିପ ବୌଦ୍ଧ ଯୋଗସାଧକ ବଶେଷ; ବୌଦ୍ଧତାନ୍ତ୍ରିକ ସିଦ୍ଧପୁରୁଷ· **ହାଡୀପ** ବଶେଷ—2. Name of a Buddhist who had attained success in Joga; name of a Buddhist saint. [ଦ୍ର—ଏହାଙ୍କର ନାମ ଅସ ଦେଶରେ ଯୋଗୀମାନେ ବୋଲିବା 'ଗୋବନ୍ଦଚନ୍ଦ୍ର' ଗୀତରେ ଉଲ୍ଲେଖ ଅଛି । ଏ ଗ୍ରନ୍ଥ। ଗୋବନ୍ଦଚନ୍ଦ୍ରଙ୍କ ଗୁରୁ ଥିଲେ ।]

ହାଡ଼ି ପାଣ—ଦେ. ଅ—(ସଙ୍କଟର ଶବ୍ଦ)—ହାଡ଼ ଓ ପାଣ ଅଦ ଅସ୍ପୃଶ୍ୟ Hārdi pāṇa ନୀଚ ଜାତି—Persons of low untouchable castes. [ଦ୍ର—ଏହିପର ହାଡ଼ ବାଉରି, ହାଡୀଦୁସାଧ ହାଡ଼ ଚମାର, ହାଡ଼ କଣ୍ଡରା, ହଡ଼ି ଡମ ଅଦ ଶବ୍ଦମାନଙ୍କର ପ୍ରଯୋଗ ହୁଏ ।]

ହାଡ଼ ପୁଅ—ଦେ. ବ—୧ । ହାଡ଼ି ଜାତିର ସନ୍ତାନ; ହାଡି ସନ୍ତାନ; ହାଡ଼ Hārdi pua ଜାତୀୟ ବ୍ୟକ୍ତି—1. A person of ହାଡ଼ିପୋ ହାଡ଼ିର ଛେଲେ **ହାଡୀକା ଲଡକା** the Hārdi caste; an offspring of Hārdi parents. ୨ । ଏକପ୍ରକାର ଗାଳ—2. A term of abuse.

ହାଡ଼ ବାଇଦ (ବାଜା)—ଦେ. ବ—ବବାହାଦି ଉତ୍ସବ ଉପଲକ୍ଷରେ Hārdi bāida(bājā) ହାଡ଼ମାନଙ୍କ ବଜାଇବା ଢୋଲ, ମୁଚିବାଦ୍ୟ **ହାଡ଼ୀବାଜା** ନାରଘ, ଡେଙ୍ଗ ମୃଦଙ୍ଗ, ଡ୍ରମ୍ ଆଦ ବାଦ୍ୟ—Drums etc beaten by Hārdis during festivals.

ହାଡ଼ରେ ଯିବା—ଦେ. କ୍ରି—ହାଡ଼ ଘରେ ପଶିବା (ଦେଶ)— Hārdire jibā Hārdi ghare pasibā (See)

ହାଡ଼ୁ—ଦେ. ବ—ହାଡ଼ବନ୍ଧୁର ଆଦରାର୍ଥକ ଡାକ ନାମ—Fond Hārdu nickname of Hārdibandhu. ପ୍ରାଦେ ହାଡ଼ି (ସମଲପୁର, ଅସ୍ପୃଶ୍ୟ ଜାତି ବ୍ୟବହୃତ ଭାଷା) ବ-ଗୁଡ଼— **ହାଡ଼ି** Molasses.

ହାଡ଼ୁଆ—ଦେ. ବଣ—୧ । ଅସ୍ଥିମୟ—1. Full of bones ; Hārduā bony. ୨ । ହାଡ଼ଭଳ ଶକ୍ତ—2. Hard as bone. ହେଡୋ ୩ । ହାଡ଼ପର ସରୁ ଅଥଚ ଶକ୍ତ—3. **ହାଡ଼ମୟ, ହଡ଼ହା, ହଡ଼ିଲା** Slender and hard as bone. ୪ । ଅସ୍ଥିସାର (ମାଂସ)—4. (meat) Consisting chiefly or mixed mostly with bone.

[ହାଡୋ (ଡୋ) —ସ୍ତ୍ରୀ] ୫ । ପୁଂ—ଅସ୍ଥିସାର ବା କଙ୍କାଳସାର (ବ୍ୟକ୍ତି); ମାଂସପୁଞ୍ଜ (ବ୍ୟକ୍ତି)—Bony ; (a person) who is a bundle of bones. ୬ । କଙ୍କାଳମାତ୍ର-ଶେଷ—6. Reduced to skeleton. ବ—ହାଡ଼ବନ୍ଧୁର ଆଦରାର୍ଥକ ଡାକନାମ—Nickname for Hārdibandhu. ପ୍ରାଦେ (ସମଲପୁର) ବ— ଶୀଣକାୟ ବ୍ୟକ୍ତି—An emaciated person.

ହାଡ଼ୁଆଳୀ—ଦେ. ବଣ—ହାଡ଼ୁଆ (ମାଂସ)—(Meat) Consis- Hārduāḷī ng chiefly of or mixed mostly **ହାଡିୟାଳ** with bone. ବ—ପୁଷ୍ପକଳାର ଘାହାଡ଼ରେ **ହାଡ଼ୁଯୁକ୍ତ** ହେବା ବୃକ୍ଷବଶେଷ—1. Ligustrum Robustum; Lingustrum Roxburghii (Haines).

ହାଡ଼ୁଡୁ (ବୁ, ଡୁ) ଡୁ—ଦେ. ବ (ଧ୍ୱନ୍ୟନୁକରଣ; ଏଥିରେ ଖେଳାଳି- Hāḍu u (bu, du) ḍu ମାନେ 'ହା ଡୁ ଡୁ ଡୁ ଡୁ' ଶବ୍ଦ [ହାଡୁଡୁ—ଅନ୍ୟରୂପ] ଉଚ୍ଚାରଣ କରୁଥିବାରୁ)—ଡୁ ଡି **ହାଡୁଡୁଡୁ କବ (ବା) ଡୁବୀ** (ଦେଶ)—Dudu (See).

Digitized by srujanika@gmail.com

ହାଡ଼ୁବାହାର—କେ ଦେ. ବ—(ଇଂ. ହାର୍ବର୍) – ଜାହାଜମାନଙ୍କ Hārḍu bāhāra ରହିବା ସ୍ଥାନ; ବନ୍ଦର—Harbour. [ଉ—ବନ୍ଦର ××× ତନ ଘାଟରୁ। ହାଡ଼ୁବାହାରୁ ଲଙ୍ଗର ଉଠେଇ ବଂଦରଗାହ ଦେଲୁଁ। ପଙ୍କାରମୋହନ ଗ୍ରନ୍ଥାବଳୀ।]

ହାଡ଼େ ହାଡ଼େ—ଦେ. କ୍ରି. ବିଣ—୧। କୌଣସି ବ୍ୟକ୍ତି ପ୍ରତି ମନେ Hārḍe hārḍe ମନେ ଅତ୍ୟନ୍ତ ବିରକ୍ତ ହେବା ରୂପେ—ହାଡ଼େହାଡ଼େ I. Very much (annoyed with a person). ହାଡ଼ହାଡ଼ି [ଯଥା—ସେ ମତେ ସବୁଦେଲେ ହାଡ଼େ ହାଡ଼େ ଜଳୁଛି।] ୨। ଦେହର ଅତି ଲୁଚାଯିବା ବା ଗୁପ୍ତସ୍ଥାନ-ମାନଙ୍କରେ—2. In the most secret or concealed parts of the body. [ଯଥା—ଏ ମାଡ଼ ପିଲାର ହାଡ଼େ ହାଡ଼େ ବେଦଲା।] ୩। ହୃଦୟର ଅନ୍ତରତମ ପ୍ରଦେଶରେ—3. In the recesses of the heart. [ଯଥା—ସାଥୁଆଣୀଙ୍କ ଗାଳ ମୋ ହାଡ଼େ ହାଡ଼େ ବେଦଗଲା।]

ହାଡ଼େ ହୁଡ଼େ ଚଡ଼ିବା (ଜଳିବା)—ଦେ. କ୍ରି—ଅତ୍ୟନ୍ତ ବିରକ୍ତ ହେବା Hārḍe hārḍe chirḍibā (jaḷibā) ହେବା—To be very much teased or annoyed.

ହାଣ—ଦେ. ବ—(ସଂ. ହନନ)—୧। ହଣା; ହଣାହେବା; ଅସ୍ତ୍ରଶସ୍ତ୍ର-ହାନା ଦ୍ୱାରା କଟାହେବା—Cutting; being cut with a sharp weapon. ୨। ଦାରୁଣ ଶସ୍ତ୍ରଦ୍ୱାରା ହତ୍ୟା—ଛ ମାର 2. Murder or slaughter with a sharp weapon. ୩। ଅସ୍ତ୍ରଶସ୍ତ୍ରଦ୍ୱାରା କଠୋର ପ୍ରହାର—3. Hard beating with weapons. [ଉ—ବର୍ତ୍ତି ନ ଥାରଲେ କେହି ଅମର୍ତ୍ତି ସଂଯୁଗେ ସେ ଜ୍ୱାମରୁପୂରବର୍ତ୍ତି ରୋମବର୍ତ୍ତିହାଣେ। ବ୍ରଜନାଥ – ସତାସାବିତ୍ରୀ] ସ୍ତାଦେ (ବଲ୍ଲଙ୍କିର ଘାଟଣା) ବ—ଚାତୁର୍ଥ—Hunting.

ହାଣି କାଟ—ଦେ. ବ—(ଏକାର୍ଥକ ସଦୃଶର ଶବ୍ଦ)—ସଂ. ହନନ+ Hāṇa kāṭa କର୍ତ୍ତନ)—୧। ହଣାକଟା; ହଣା ଓ କଟା—ହାନାକାଟା 1. Cutting. ୨। ଯୁଦ୍ଧରେ ଶସ୍ତ୍ରାଦଦ୍ୱାରା ମାରକାଟ ହତ୍ୟା—2. Slaughter with weapons in war.

ହାଣକାଟ ମୁଣ୍ଡ—ସ୍ତାଦେ (ସାଜସ୍ତର) ବ—ଯେଉଁ ବ୍ୟକ୍ତି କର୍ତ୍ତବ୍ୟକ ବିଷୟରେ ଫଳ ପ୍ରତି ଆସ୍ଥା ନ ରଖି କାର୍ଯ୍ୟ କରେ—One who does work without any fear of consequence.

ହାଣକୁ ନେଲା ପରି (ଭଲି, ଭଲିଆ) ହେବା—ଦେ. କ୍ରି—କୌଣସି Hāṇaku nelā pari (bhaḷi, bhaḷiā) hebā ବ୍ୟକ୍ତିକୁ ହାଡ଼ିକାଠେ ନେଓୟା ମତନ ହତ୍ୟା କରିଯିବାକୁ ଜଣା ଖିଂଚାତାନି ହୋନା ଯାଉଅଛୁ ବୋଲି ଜାଣିଲେ ଯେଠାକୁ ଯିବାକୁ ଇଚ୍ଛୁକ ବ୍ୟକ୍ତି ଯେପରି ଅନଇଚ୍ଛା ଦେଖାଏ. ସେହିପରି ହେବା; କୌଣସି ସ୍ଥାନକୁ ଯିବା ପାଇଁ ଅତ୍ୟନ୍ତ ଅନଇଚ୍ଛା ପ୍ରକାଶ କରିବା ବା ଦଣ୍ଡାଦଣ୍ଡି ହେବା—To shrink from advancing to a place (of slaughter); to exhibit unwillingness to go to a place.

ହାଣି ଖା(ପା)ଇବା—ଦେ. କ୍ରି—ଅନ୍ୟ ବ୍ୟକ୍ତି ଦ୍ୱାରା ହତ୍ୟା ହୋଇ ହତ Hāṇa khā(pā) ibā ହେବା—To be killed by being cut with a weapon. [ଉ—ଘୃଷ୍ଟେ ହାଣ ଖାଇ ହେଲେ ସେହୁ ସିନା ବୃଥା ଅପଯଶ ସ୍ୱର୍ଗୀ— ହତହଓୟା ମାରାଜାନା ସ୍ୱଧାନାଥ. ପାବଂଗ।]

ହାଣି ଘା(ଘାଆ)—ଦେ. ବ—ହଣା ଘାଆ; ଅସ୍ତ୍ରାଘାତ ଜନ୍ୟତ କ୍ଷତ; କଟା Hāṇa ghā(ghā-ā) ଘାଆ—Cutting wound. [ଉ—କଟା ଘାଆ ଅପେକ୍ଷା ହଣା ଘାଆ ବୃଦ୍ଧତ୍ୱର] କାଟାଘା କାଟାଘାବ

ହାଣନ—ଦେ. ବ (ସଂ. ହନନ)—୧। ପ୍ରହାର—1. Beating. Hāṇana ୨। ହନନ (ଗୋସାଁନାଥ ଜନ୍ମ) (ଦେଖ)—ହାନନ ମାର 2. Hānana (See)

ହାଣ ମାର—ଦେ. ବ (ସହଚର ଶବ୍ଦ)—୧। ହଣା ଓ ମାରଣ; ହତ୍ୟା— Hāṇa·māra 1. Slaughter; slaying and killing. ୨। ଯୁଦ୍ଧରେ ଅସ୍ତ୍ରାଦଦ୍ୱାରା ହତ୍ୟା—2. Slaughter in a battle. ୩। ପଡ଼ିଆ ଜମିକୁ ହାଣି ସମତୁଲ କରିବା 3. Earth-cutting and levelling of a ମାରକାଟ ମାରକାଟ ground.

ହାଣି ମୁଣ୍ଡ (ହାଁ)—ଦେ. ବ—୧। ଯେଉଁସ୍ଥାନ (ଯଥା—ଯୁଦ୍ଧ ଭୂମି) ରେ Hāṇa muṇḍa (hañ) ସମ୍ମୁଖ ଯୁଦ୍ଧରେ ଲୋକେ ହାଣ ଖାଇ ଥା ଅନ୍ତି—1. A place where people are cut to death. ୨। ଯୁଦ୍ଧର ସମ୍ମୁଖ ଭୂମି—2. The front of battle. ୩। (ଲକ୍ଷଣାର୍ଥ) ଅତି ବିପତ୍-ସଙ୍କୁଳ ସ୍ଥାନ—3. (figurative) A very dangerous place. ୪। (ଲକ୍ଷଣାର୍ଥ) ଯେଉଁଠାକୁ ଗଲେ ମୃତ୍ୟୁ ସୁନିଶ୍ଚିତ—4. (figurative) A place where the risk to life is imminent. ୫। (ଲକ୍ଷଣାର୍ଥ) ଅତି ଦାୟିତ୍ୱପୂର୍ଣ୍ଣ ସ୍ଥାନ— 5. (figurative) A place of grave responsibility. ୬। ନଦୀର ବା ଜଳ ଅଟକ ରହିଥିବା ବନ୍ଧର ଯେଉଁ ସ୍ଥାନରେ ମାଟି ହଣା ହୋଇ ପାଣି ଅତି ବେଗରେ ବୋହୁଥାଏ—6. A place or breach in an embankment where the rush of water is very great. ୭। ଯେଉ ସ୍ଥାନରେ ବନ୍ଧ ହଣା ହୋଇଥାଏ—7. A place ଖାଁଡାରମୁଖ ମାରକାଟକୀଜଗହ where a bundh is cut.

ହାଣମୁହଁକୁ ଦେବା (ପେଲଦେବା)—ଦେ. କ୍ରି—୧। କୌଣସି ବ୍ୟକ୍ତିକୁ Hāṇa muhañku debā (pelidebā) ହତ୍ୟା ସ୍ଥାନକୁ (ଯଥା—ଯୁଦ୍ଧଭୂମିକୁ) ପ୍ରେରଣ କରିବା ବା ଠେଲଦେବା— 1. To send or push a person to a place of slaughter. ୨। (ଲକ୍ଷଣାର୍ଥ) ଅତି ବିପତ୍-ସଙ୍କୁଳ

Digitized by srujanika@gmail.com

ସ୍ଥାନକୁ ପଠାଇବା—2. (figurative) To send a person to a place of utmost danger.
ଖାଁଡ଼ାରମୁଖେପାଠାନ **मृत्युमुँ हमेंदेना**

ହାଣ ମହଁକୁ ନେଲାପରି (ଭଲି, ଭଳିଆ) ହେବା—ଦେ. କ୍ରି—ହାଣକୁ ନେଲାପର ହେବା (ଦେଶ)—Hāṇa muhañku nelā pari (bhali, bhalia) hebā Hāṇaku nelāpari hebā (See)

ହାଣି ଦେବା (ପକା[କେ]ଇବା)—ଦେ କ୍ରି—୧ । ଶୀଘ୍ର ହାଣିବା—Hāṇi debā (pakā [ke] ibā) 1. To kill or cut at once or quickly. ୨ । ସମ୍ପୂର୍ଣ୍ଣ ରୂପେ ହାଣିବା—2. To cut asunder; to cut off; to cut completely. ୩ । ହାଣିବା କାର୍ଯ୍ୟ ଶେଷ କରିବା; ହାଣି ସାରିବା—3 To finish cutting. ୪ । (ଲକ୍ଷଣାର୍ଥ) ହୃଦୟକୁ ବ୍ୟାକୁଳ କରିବା—4 (figurative) To cut to the quick. [ଜ୍ର-ସମ୍ମୋହନ ବାଣ ରଙ୍କ ଦେଲେ ହୃଦୟେ ହାଣି—ଗ୍ରାମାନାଥ. ଉତ୍କଳ ଗୁଟା] ୫ । (ଶଗଡ଼ଆଦ୍ଦ ଗୁଷା) ଶଗଡର ପଛରେ ଦୁଇଦଣ୍ଡାର ମୁଣ୍ଡିକୁ ମୁଠାଦ୍ୱାରା ଧରି ସଗଡ଼ର ଗତିକୁ ହଠାତ୍ ବୁଲାଇ ଦେବା—5. To turn suddenly the motion of a bullock cart by applying force to the posterior handles of the 2 beams of a cart. ହେନେଦେଓୟା, ହେନେଫେଲା **मारदेना**

ହାଣିବା—ଦେ. କ୍ରି (ସ. ହନ୍ ଧାତୁ)—୧ । ଦାତୁଆ ଶସ୍ତ୍ରଦ୍ୱାରା କାଟିବା Hāṇibā 1. To cut with a sharp weapon. (ଯଥା—ମାଛ ହାଣିବା, ଗଛ ହାଣିବା ଇତ୍ୟାଦି)—୨ । ଦାତୁଆ ଶସ୍ତ୍ରଦ୍ୱାରା ବଧ କରିବା ବା ମାର ପକାଇବା—2. To kill with a sharp weapon. (ଯଥା—ବୋଦା ହାଣିବା, ମଣିଷ ହାଣିବା ଇତ୍ୟାଦି) ୩ । (ଲକ୍ଷଣାର୍ଥ) (ହାଣିବାବେଳେ କଚ୍ଛପକୁ ଉଖାଇବା ପରି) ମୁଣ୍ଡକୁ ବେକର ଉଳକୁ ପିଠି ଅଡକୁ ଲଗାଇବା—3. (figurative) To make the back part of one's head touch the back. (ଯଥା—ବଗ ମୁଣ୍ଡକୁ ହାଣିଦେଇ ମାଛକୁ ଗିଳିଛି) ୪ । (ଲକ୍ଷଣାର୍ଥ) ଜଘନ୍ୟ କଥା କହିବା; ବାକ୍ୟବାଣ ପ୍ରୟୋଗ କରିବା—4. (figurative) To speak cruel or harsh words. (ଯଥା—ତାକୁ ମୁହଁ ମୁହଁ ଶତ୍ରୁପଦ ହାଣିଦେଲ ।) ୫ । (ଲକ୍ଷଣାର୍ଥ) କୌଣସିବ୍ୟକ୍ତିକୁ ମୁହଁ ମୁହଁ ଅପ୍ରିୟ ସତ୍ୟ କହିବା—5. (figurative) To speak a person plain truth to his face. ୬ । (ଲକ୍ଷଣାର୍ଥ) (ପବାସ୍ତ ଡାକରେ ଆଗରେ ଥିବା ବେହେରାମାନଙ୍କ ବ୍ୟବହୃତ ଡାକ 'ଦେ ହାଣିଦେ') ପବାସ୍ତର ବାଉଁଶରେ ବଳ ପ୍ରୟୋଗ କରି ପବାସ୍ତକୁ ଆଗକୁ ଠେଲିବା—6. (figurative) (used by palki-bearers) To push a palky towards the front by applying force to the pole from behind. ୭ । (ଲକ୍ଷଣାର୍ଥ) (ବ୍ୟଙ୍ଗ୍ୟ) ଅଉଷାଦ୍ୱାରେ ଭୋଜନ କରିବା—7. To eat voraciously. (ଯଥା—ଷୋକାଠା ଯେଣ୍ଟେ ପଙ୍ଗାଳ ହାଣି ଦେଇ ଏଣେତେଣେ ବୁଲୁଛୁ) ୮ । (ସାପ) ଦାନ୍ତଦ୍ୱାରା ଦୃଢ଼ରୂପେ ପ୍ରାଣୀକୁ କାମୁଡିବା—8. To bite furiously with the fangs (said of a serpent); to strike with the fangs. (ଯଥା—ଶାପ ଜ୍ୱରରେ ମୋ ଗୋଡ ଘଡଘଡିବାରୁ ସେ ମୋଡେ ଲଟଗ ଲାଗେ ଦୁଇଗ୍ଟେ ହାଣିଦେଲା ।) ପ୍ରାଦେ—(ବାଲେଶ୍ୱର) କ୍ରି—ଉପରୁ ଖୁବ୍ ଜୋରରେ ଗୋଡ଼ ମାରି ଅନ୍ୟ ଗୁଡ଼ୁଉଡୁଉ ଯେଷ୍ଟକସାଇ ଉଲ୍କୁ ଗୁଡ଼ୁକୁ କାଟିଦେବା—To cut the thread of another paper-kite by forcibly striking it with one's kite-string. ହାନା କାଟା **काटना**

ହାଣିବା କାଟିବା—ଦେ. କ୍ରି (ସଦୃଶର ଶବ୍ଦ)—ହାଣ କାଟ କରିବା—Hāṇibā kāṭibā To cut. ହାଁନା କାଟା **मारना काटना**

ହାଣିବା ମାରିବା—ଦେ. କ୍ରି (ସଦୃଶର ଶବ୍ଦ)—ହାଣ ମାର କରିବା—Hāṇbiā māribā To cut and kill. ହାନା ମାରା **काटना, मारना**

ହାଣୁଆ—ବି. ବିଣ—୧ । ଅଙ୍ଗ ଜଖମ୍ କିମ୍ବା ମର୍ମଭେଦୀ (କଥା)—Hāṇuā 1. Cutting to the quick. ମର୍ମଘାତୀ **कठोर** (ଯଥା—ତା ହାଣୁଆ କଥା ଘାତକ **घातक** ସୋଗେ ସମସ୍ତେ ତା ଉପରେ ବରଚ୍ଛି ଦୁଅନ୍ତି ।) ୨ । ହତ୍ୟାକାଣ୍ଡ; ଘାତକ (ବ୍ୟଙ୍ଗ)—2. Cutting; killing. (ଯଥା—ସେ ଜଣେ ହାଣୁଆ ଲୋକ ।) ୩ । ଯେଉଁ ଦେଶକୁ ବା ସ୍ଥାନକୁ ଗଲେ ମନୁଷ୍ୟର ହାଣ ଖାଇବା ସୁନିଶ୍ଚିତ—3. (a country or place) Where one is sure to be killed. (ଯଥା—ହାଣୁଆ ମୁଲୁକ, ହାଣୁଆ ମୁଲକ ।)

ହାଣ୍ଟଣ—ବି. ବ (ସ ହନ୍ଧନ; ଭ୍ରମଣ)—୧ । ପଦବ୍ରଜରେ ଭ୍ରମଣ—Hāṇṭaṇa 1. Travelling; walking. ୨ । ଅତ୍ୟଧିକ ହାଁଟନ **घुमाव** ଭ୍ରମଣ—2. Excessive walking. ୩ । ଏଣେ ତେଣେ ବୁଲା—3. Wandering; roving.

ହାଣ୍ଟ(ଣ୍ଟୋ)ର(ଳ,ଳା)—ବି. ବ (ଧ୍ୱନ୍ୟନୁକରଣ)—ଝାଲ; ବ୍ୟାଘ୍ର Hāṇṭa(ṇṭo)ra(la, lā) ଓ ହିଂସ୍ର ପଶୁ ପକ୍ଷୀର ଗର୍ଜନ ଶବ୍ଦ—ଗର୍ଜନ **गर्जन** Roar of a tiger or lion; bellowing of a bull.

ହାଣ୍ଟ(ଣ୍ଟୋ)ର(ଳ, ଳା) ଝଡ଼ିବା [ପକା(କେ)ଇବା]—ଦେ. କ୍ରି—Hāṇṭa(ṇṭo)ra(la, lā)chhārdibā[pakā(ke)ibā] ହଣ୍ଟାଳିବା (ଦେଶ)—Haṇṭālibā (See)

ହାଣ୍ଟ(ଣ୍ଟୁ,ଣ୍ଟୋ)ର(ଳ)ବା—ଦେ. କ୍ରି—ହଣ୍ଟାଳିବା (ଦେଶ)—Hāṇṭa(ṇṭu, ṇṭo)ri[li]bā Hāṇṭālibā [See]

Digitized by srujanika@gmail.com

ହାଣ୍ଟ[ଣ୍ଟୁ, ଣ୍ଟୋ]ର(ଳ)ଥ—ଦେ. ବର୍ଷ—ହନ୍ଟାଳଥ (ଦେଶ)—Hāṇṭa[ṇṭu,ṇṭo]ri(li) ā Haṇṭāliā [See]

ହାଣ୍ଟିବା—ଦେ. କି (ସ ହନ୍ଡ୍, ହନ୍ତ୍, ହେଡ୍, ଧାତୁ=ଗମନ କରିବା) Hāṇṭibā (ବଙ୍ଗାନୁକରଣ) ୧ । ପଦବ୍ରଜରେ ଗୁଲିବା—[ହନ୍ଟା(ଣ୍ଟୋ)ଇବା—ପ୍ରଯୋଜକରୂପ] 1. To walk; to travel on foot. ହାଁଟା ଘୁମନା ୨ । ଅଧିକ ଭ୍ରମଣ କରିବା—2. To travel or walk much. ୩ । ଏଣେତେଣେ ବୁଲିବା—3. To wander about. ପ୍ରାଦେ [ଗଡ଼ଜାତ] କ୍ରି—ହନ୍ଟାଳିବା (ଦେଶ)—Haṇṭāliba [See]

ହାଣ୍ଟୁ—ପ୍ରାଦେ (ସିଦ୍ଧଭୂମ) ବ. (ଭୁଲ ବ ହାଁଟୁ)—ଅଣ୍ଟୁ—Hāṇṭu (ହାଁଟୁ—ଅନ୍ୟରୂପ) Knee.

ହାଣ୍ଟୁ—ପ୍ରାଦେ (ସମଲପୁର) ବ—ଅଣ୍ଟୁ—Hāṇṭhu Knee.

ହାଣ୍ଡ୍—ବୈଦେ (ଇଂ)ବ—୧ । ଘଡ଼ିରେ ବା ଘଣ୍ଟାରେ ଘଣ୍ଟା, ମିନିଟ୍ ଓ ସେକେଣ୍ଡ୍ ଜ୍ଞାପକ କଣ୍ଟାମାନ—Hānḍ 1. The hands of a clock or watch. [ଯଥା—ଅୱାର୍ ହାଣ୍ଡ୍, ମିନିଟ୍ ହାଣ୍ଡ୍, ସେକେଣ୍ଡ୍ ହାଣ୍ଡ୍] ୨ । ହସ୍ତ; ହାତ—2. Hand. (ଯଥା—ସେକ୍ ହାଣ୍ଡ୍), ସେକେଣ୍ଡ୍ ହାଣ୍ଡ୍)

ହାଣ୍ଡ କଫ୍—ବୈଦେ. (ଇଂ) ବ—ଚୋର ଆଦଙ୍କ କଡ଼ରେ ପିନ୍ଧିବା ହାତକଡି Hānḍ kaph ହାତକଡ଼ି—Handcuff. ହାତକଡି ହାଥକଡ଼ି

ହାଣ୍ଡ୍କର୍ଚିଫ୍—ବୈଦେ. ବ (ଇଂ)—ହାତ ପୋଛିବା ପାଇଁ କ୍ଷୁଦ୍ର ପକେଟ୍‌ରେ ରଖାଯିବା ଛୋଟ ରୁମାଲ—Hāṇḍkar chiph ହ୍ୟାଣ୍ଡ୍କରଚିଫ୍ ହାଣ୍ଡ୍କର୍ଚିଫ୍ Handkerchief.

ହାଣ୍ଡ୍କାର୍ଟ୍—ବୈଦେ. (ଇଂ) ବ—ହାତ-ଠେଲି ବା ହାତ-ଓଟରା ଗାଡ଼ି—Hāṇḍkārṭ Hand cart. ହ୍ୟାଣ୍ଡ୍କାର୍ଟ ହାଣ୍ଡକାର୍ଟ

ହାଣ୍ଡ୍ଗ୍ରେନେଡ୍—ବୈଦେ. (ଇଂ) ବ—ହାତରେ ଧରି ଶତ୍ରୁ ଉପରକୁ ପୋଖାଡ଼ିବା ପାଇଁ ବ୍ୟବହୃତ ବନ୍ଧୋରବ ହ୍ୟାଣ୍ଡ୍ଗ୍ରେନେଡ ହାଣ୍ଡଗ୍ରେନେଡ଼ ଦ୍ରବ୍ୟପୂର୍ଣ୍ଣ କାଣ—Hand grenade.

ହାଣ୍ଡନୋ(ଲୋ)ଟ୍—ବୈଦେ. ବ (ଇଂ. ହାଣ୍ଡ୍ନୋଟ୍)—ଉଲବମାନେ ଟଙ୍କା ସୁଝିବା ପାଇଁ କର୍ଜର କର ମହାଜନକୁ ଖାତକଙ୍କ ଲେଖିଦେବା ଦଲିଲ—Handnote; I O U. (ଦ୍ର—ଏଥିରେ ଷ୍ଟାମ୍ପ୍ କାଗଜ ଦରକାର ହୁଏ ନାହିଁ । ସାଧା କାଗଜରେ ଖାତକ ରସିଦ ଟଙ୍କା ମାର୍ ଲେଖି ଦଅନ୍ତି—ମୁଁ ଏତକା ଆଣ (ମହାଜନ)ଙ୍କ ଉଲବମାନେ (କେବଳ ଅସଲ କମ୍ବା ଅସଲ ଓ ସୁଧ) ଅଦାୟ ଦେବ । ହାଣ୍ଡନୋଟ୍‌ରେ ନିଅଣ୍ଟ ଲେଖା ହୁଏ ନାହିଁ; କନ୍ତୁ ଏହା ଛଅ ବର୍ଷରେ ଉମାଦ ହୁଏ । ପ୍ରମିସେରି ନୋଟ୍‌ରେ ମହାଜନକୁ କମ୍ବା ମହାଜନ ଯାହାଙ୍କୁ ବର୍ଗାଦ କରିବେ, ତାଙ୍କୁ ଏହା ଦେବାକୁ ଖାତକ ଲେଖିଥାଆନ୍ତି । ହାଣ୍ଡନୋଟ୍‌ରେ ଉଲବ ମାନେ ସୁଝିବା ଲେଖା ଥାଏ । ପ୍ରମିସେରି ନୋଟ୍‌ରେ ସାକ୍ଷୀ ପଡନ୍ତି ନାହିଁ । ବାଣିଜ୍ୟ ବ୍ୟବସାୟୀ ଜଗତରେ ସେହି ହାଣ୍ଡନୋଟ୍ ଲେଖାପାଏ ଚାରୁ ହୁଣ୍ଡି ଚଳନ୍ତି ।)

ହାଣ୍ଡ୍ପମ୍ପ୍—ବୈଦେ. ବ (ଇଂ)—ହାତଦ୍ୱାରା ଗୁଳିତ କୂଅ ଅଦରୁ ପାଣି ଉଠାଇବା କଳ—Hānḍ pamp ହ୍ୟାଣ୍ଡପମ୍ପ ହାଣ୍ଡପମ୍ପ

ହାଣ୍ଡ୍ପ୍ରେସ୍—ବୈଦେ. ବ (ଇଂ)—ହାତରେ ଚଲାଇ ଛପା ଯିବା କଳ—Hānḍ pres Hand press. ହ୍ୟାଣ୍ଡପ୍ରେସ ହାଣ୍ଡପ୍ରେସ

ହାଣ୍ଡ୍ବା(ବ୍ୟା, ବେ)ଗ୍—ବୈଦେ. ବ (ଇଂ ହାଣ୍ଡ୍ବ୍ୟାଗ୍)—ବଜାର ହାତରେ ଝୁଲାଇ ବୋହନେବା ପାଇଁ ବ୍ୟବହୃତ ଛୋଟ ବାକ୍ସ ବା ଥଳ—Hānḍ bā(byā belg Hand bag. ହ୍ୟାଣ୍ଡବ୍ୟାଗ ହାଣ୍ଡବେଗ

ହାଣ୍ଡ୍ବାରୋ—ବୈଦେ. ବ (ଇଂ)—ଭାର ଜଳସଦ୍ଧ ଖଣ୍ଡୁର ବହିବାକୁ ବ୍ୟବହୃତ ଦୁଇ ଚକିଆ ଠେଲାଗାଡ଼ି—Hānḍ bāro Hand barrow. ହ୍ୟାଣ୍ଡବାରୋ ହାଣ୍ଡବାରୋ

ହାଣ୍ଡ୍ବିଲ୍—ବୈଦେ. ବ (ଇଂ)—କୌଣସି ବିଷୟର ବଜ୍ଞାପନ ବହୁ ଲୋକଙ୍କୁ ବାଣ୍ଟିବାପାଇଁ ଛପା ହୋଇଥିବା ଛୋଟ ହ୍ୟାଣ୍ଡବିଲ ହାଣ୍ଡବିଲ୍ କାଗଜ—Hānḍ bil Hand bill.

ହାଣ୍ଡ୍ବୁକ୍—ବୈଦେ. ବ (ଇଂ)—କୌଣସି ବିଶେଷ ବିଷୟ ଆଲୋଚନା ହାଣ୍ଡ୍ବୁକ୍ ହାଣ୍ଡବୁକ ଦୋଇଥିବା ଛୋଟ ପୁସ୍ତକ—Hānḍ buk Hand book.

ହାଣ୍ଡ୍ମିଲ୍—ବୈଦେ. ବ (ଇଂ)—ହାତଦ୍ୱାରା ଚଲାଯିବା ଚକ—Hānḍ mil Hand mill

ହାଣ୍ଡ୍ମେସିନ୍—ବୈଦେ. ବ (ଇଂ)—ହାତରେ ଚଲାଯିବା କଳ—Hānḍ mesin Hand machine. ହ୍ୟାଣ୍ଡମେସିନ ହାଣ୍ଡମେଶୀନ

ହାଣ୍ଡ୍ରାଇଟିଙ୍—ବୈଦେ. ବ—(ଇଂ)—୧ । ହସ୍ତାକ୍ଷର—1. Hand writing ୨ । ଅଯଥା ହସ୍ତାକ୍ଷରକୁ ସୁନ୍ଦର ହ୍ୟାଣ୍ଡରାଇଟିଙ୍ଗ୍ କରିବା ପାଇଁ ପିଲାମାନଙ୍କ ଅଭ୍ୟାସ କରିବା ଲେଖ । ହ୍ୟାଣ୍ଡ୍ରାଇଟିଙ୍ଗ୍ 2. Handwriting exercises by students.

ହାଣ୍ଡ୍ଲ୍ ବୈଦେ. ବ—(ଇଂ)—୧ । ଛୁରି ଆଦର ବେଣ୍ଟ—1. Hānḍl Handle of a knife etc. ୨ । ଲୁହାଜାତର ଗୁଞ୍ଜାଯିବା ପାଇଁ କାଠର ବେଣ୍ଟ ବା କାଠି; ଯେପ ଦୋଲଡର—2. Penholder ହ୍ୟାଣ୍ଡଲ ହାଣ୍ଡଲ

ହାଣ୍ଡ୍ଲାମ୍ପ୍—ବୈଦେ. ବ—(ଇଂ)—ହାତରେ ଧରି ଚଲ ପଡଲ ହେବା ପାଇଁ ବ୍ୟବହୃତ କାଚର ପ୍ରଦୀପ—Hānḍ lāmp Hand-lamp ହ୍ୟାଣ୍ଡଲାମ୍ପ ହାଣ୍ଡଲ୍ଯାମ୍ପ

Digitized by srujanika@gmail.com

ହାଣ୍ଡସ—ବୈଦେ (ଇଂ). ହ—ଏକ ହାତ. ହାତ୍ ଚଲାଯାଇ ଘାରବା ହାତ କରତ; ହାତକରତ—Hand saw.
Hāṇḍ sa ହ୍ୟାଣ୍ଡସ ହୈଁଡ୍ସ

ହାଣ୍ଡା—ଗାଦେ (ମେଦନୀପୁର) ହ—ହାଣ୍ଡି—Earthen cooking pot. ଗାଦେ (ରଡ଼ଙ୍ଗାଡ଼) ହ—ହାଣ୍ଡୁଆ ଦେଖ—Hāṇḍuā (See)
Hāṇḍā

ହାଣ୍ଡି—ଦେ. ହ—(ଙ୍କ ହାଣ୍ଡୀ, ହାଣ୍ଡିକା, ଘ୍ନ)—୧ । ମାଟିର ତଳୁଡ଼ା-ମୁଦ୍ଦାଁ।ଗାକଗାଡ଼—1. Wide-mouthed earthen pot for cooking. [ତ—ତଳୁଡ଼ାମୁହଁ। ଘାକଗାଣ୍ଡକୁ ସାଧାରଣତଃ ହାଣ୍ଡି କୁହଯାଅନ୍ତି; କନ୍ଦୁ ୧୪ ଫୁଟ୍ ଠାରୁ ୨ ଫୁଟ୍ ବ୍ୟାସ ବିଶିଷ୍ଟ ମୁହଁ ଥିବା ଘାଣ୍ଡକୁ ହାଣ୍ଡି କୋଲଯାଏ; ସେଥିରୁ ବଡ଼ ଘାଣ୍ଡକୁ ନନ୍ଦଇ କୋଲ୍ଲଯାଏ ଓ ଛୋଟ ଘାଣ୍ଡକୁ ଅଣ୍ଟିକା କୋଲ୍ଲଯାଏ ।
ହାଣ୍ଡି

ସବୁଠାରୁ ବଡ଼ ହାଣ୍ଡିକୁ ନନ୍ଦରା, ନନ୍ଦଇ, ତା ଅପେକ୍ଷା ଛୋଟକୁ ହାଣ୍ଡି, ତହିଁରୁ ଛୋଟକୁ ଚାଡ଼ଆ, ତହିଁ ଛୋଟକୁ ଅଣ୍ଟିକା, ତହିଁ ଛୋଟକୁ ଓଳ ଓ ତହିଁ ଛୋଟକୁ ବଡ଼ା କହନ୍ତି । ଯେଉଁ ଅଣ୍ଟକାରେ ବା ହାଣ୍ଡିରେ ଯେତେ ଓଜନର ଗୁଣ୍ଡଳ ରନ୍ଧଲେ ତାହା ଜଉର ନ ଘଟେ, ସେହି ପରମାଣ ଅନୁସାରେ ହାଣ୍ଡିର ନାମ ହୁଏ ଯଥା - ପାଥକଅ ହାଣ୍ଡି, (ଯହିଁରେ ପାଏ ଗୁଣ୍ଡଳର ଭାତ ରନ୍ଧା ଯାଇ ପାରବ)। ଏହାପର ସେରଙ୍କଅ, ଦସେରଅ, ଅଧଦଃରଅ ହାଣ୍ଡି ଇତ୍ୟାଦ । ହାଣ୍ଡିର ମୁହଁରେ ଘୋଡ଼ାଇବା ପାଇଁ ପଲମ, ଡେଲଜୁଣି, ପିଢ଼ାଣ ଓ ସବୁ ଅଦ ବ୍ୟବହୃତ ହୁଏ ।

ହାଣ୍ଡି ଅଦ ପ୍ରଥମେ କଞ୍ଚା ମାଟିରେ ଗଢ଼ାଯାଏ । ଘରେ ବହୁତ ଗୁଡ଼ଏ ହାଣ୍ଡିକୁ କୁମାରମାନେ 'ଶାଳ'ରେ ପୋଡ଼ନ୍ତି; ତତ୍ପରେ ତାହା ବ୍ୟବହାରଯୋଗ୍ୟ ହୁଏ । ଅନ୍ନପ୍ରସାଦ ରନ୍ଧାଯିବା ବଡ଼ ଘାଣ୍ଡକୁ ହାଣ୍ଡି କୋଲ୍ଲଯାଏ ଓ ଛୋଟ ଘାଣ୍ଡକୁ କୁଡ଼ାଅ ବା କୁଡ଼ୁଆ କୋଲ୍ଲଯାଏ (କୁଡ଼ୁଆଉଲେ ଟୀକା ଦେଖ) ।

ଉନ୍ନ ଉନ୍ନ ହାଣ୍ଡିର 'ଅରପ୍ରେଚ୍ଚ' ବ୍ୟବହାର, ଅକାର, ତହିଁରେ ରଖାଯିବା ବସ୍ତୁ ଓ ହାଣ୍ଡିର ଅବସ୍ଥା ଅନୁସାରେ ହାଣ୍ଡି ପୂର୍ବେ ଅନ୍ୟ ଶବ୍ଦମାନ ବ୍ୟବହୃତ ହୁଏ ଯଥା—ଅଥାନ ହାଣ୍ଡି, ଅନୁଡ଼ ହାଣ୍ଡି, ଅନ୍ନ ହାଣ୍ଡି, ଅମୃତ ହାଣ୍ଡି, ଅଇଁଶ(ଶି) ହାଣ୍ଡି, ଅଖୁଶାଳ ହାଣ୍ଡି,ଇ(ଏ)ମାର ହାଣ୍ଡି, ଉଖୁଡ଼ା ହାଣ୍ଡି, ଉଗୁଡ଼ା ହାଣ୍ଡି, କଞ୍ଚା ହାଣ୍ଡି, କଞ୍ଚା ହାଣ୍ଡି, କଳା ହାଣ୍ଡି, କାକକା ହାଣ୍ଡି, କୁଡ଼ୁଚ ହାଣ୍ଡି, କ୍ଷୀର ହାଣ୍ଡି, ଗୁଡ ହାଣ୍ଡି, ଗୋବରଘାଣି ହାଣ୍ଡି,ଗୋରୁ ହାଣ୍ଡି, ଚନ୍ଦ ହାଣ୍ଡି, ଚୁଅ ହାଣ୍ଡି ଚୁଆଁ ହାଣ୍ଡି,ଚୁଇଁଅ ହାଣ୍ଡି, ଛଲଛଳା ହାଣ୍ଡି, ଝୁଣ୍ଟ ହାଣ୍ଡି, ଟଇଲ ବା ଟେଁଲ ହାଣ୍ଡି, ଟେଣ୍ଡା ହାଣ୍ଡି, ଦଗଧ ବା ଦଗ୍ଧ ହାଣ୍ଡି, ଦଦର୍ ହାଣ୍ଡି, ଦଶଭୁଠ ହାଣ୍ଡି ବା ଦଶ ହାଣ୍ଡି, ଦୁଃଖୀଶ୍ୟାମ ହାଣ୍ଡି, ଦୁଧ ହାଣ୍ଡି, ଧାନ ଭୁଣ୍ଡୁଆଁ ହାଣ୍ଡି, ନର୍(ରେ)ଇଁଶ ହାଣ୍ଡି, ନୁଆ ହାଣ୍ଡି, ପଣା ହାଣ୍ଡି, ପରଣା ହାଣ୍ଡି, ପାଅ(ଇ)ଲଆ ହାଣ୍ଡି, ପାଗଛଡା ହାଣ୍ଡି, ପାଗ ହାଣ୍ଡି, ପାଣ ହାଣ୍ଡି, ପିଠ[ଠେ]ଲ ହାଣ୍ଡି, ପିଣ୍ଡ ହାଣ୍ଡି, ପିତଳ ହାଣ୍ଡି, ପୁଅକ ହାଣ୍ଡି, ପେଳ୍ଲାଣି ହାଣ୍ଡି, ବାଇଳ (ଳ) ହାଣ୍ଡି, ବାଇ ହାଣ୍ଡି, ବାଲ୍ଲଳା ହାଣ୍ଡି, ବସର୍ଜନହାଣ୍ଡି, ଭଜାଭଜ ହାଣ୍ଡି, ଭାତ ହାଣ୍ଡି, ଭୁର ହାଣ୍ଡି, ଘନେ(ଲ) ହାଣ୍ଡି, ମଙ୍ଗୁଳା ହାଣ୍ଡି, ମଠ ହାଣ୍ଡି, ମାଛ ହାଣ୍ଡି, ମାଟି-ଗୋବର ହାଣ୍ଡି, ମାଡ଼ ହାଣ୍ଡି, ମାସ(ରୁ)ହାଣ୍ଡି, ମୁଣ୍ଡିଅ ବା ମୁଣ୍ଡଆ ହାଣ୍ଡି, ଲଗାଯୋଗ୍ଯ ହାଣ୍ଡି; ସଜ ହାଣ୍ଡି, ସମାଦ୍ଧ(ଶ୍ୱ) ହାଣ୍ଡି ଇତ୍ୟାଦ ।

ହାଣ୍ଡି ଶବ୍ଦଯୁକ୍ତ ପ୍ରଚଳିତ ଉକ୍ତି, ପ୍ରବଚନ ଓ ନ୍ୟାସ୍—

ଅମୃତ ହାଣ୍ଡିରେ ବିଷ କଣିକାଏ,
ହାଣ୍ଡି ବ[କ] ଅମୃତରେ ବିଷ କଣିକାଏ—ନ୍ୟାସ୍ ।
ହାଣ୍ଡି ର(କ)ଭିତରୁ ଗୋଟିଏ ଚଥବା—ନ୍ୟାସ୍ ।
ସହସ୍ର ହାଣ୍ଡିକୁ (କ) ଏକ ଠେଙ୍ଗା—ନ୍ୟାସ୍
ହାଣ୍ଡି ଉପରେ ସବ୍ଦଃଏ—ନ୍ୟାସ୍ ।
ହାଣ୍ଡି ମୁହଁରେ ବା ଭୁରହାଣ୍ଡିରେ ଜଳ ଝୁଡ଼ା ଦେବା—ନ୍ୟାସ୍
ହାଣ୍ଡିରେ ଖାଏ, ଗୋଡରେ ପଡ଼ଲେ ଗାଧୋଇଯାଏ—ବ୍ୟଙ୍ଗ

ହାଣ୍ଡିକ ଚଟ୍ଟ ସବ୍ଦଃଓ—ନ୍ୟାସ୍
ହାଣ୍ଡିକ ଗୁହିଁ ସବ୍ଦଃଏ—ନ୍ୟାସ୍ ।
ସିମିଚ୍ଚି ହାଣ୍ଡି ସିମିଚି ସବ୍ଦ —ନ୍ୟାସ୍
ହାଣ୍ଡିକ ସବ୍ଦ ଗଞ୍ଜଗଟ୍ଟ—ନ୍ୟାସ୍ ।]

୨ । ହାଣ୍ଡି ଆକାରର ଧାତୁଘାଣ; ହଣ୍ଡା—2. Wide-mouthed metal pot. [ତ—ଯେଉଁ ଧାତୁରେ ବା ଦୋଅଁରେ ହାଣ୍ଡି ତିଆର ହୁଏ ତହିଁର ନାମ ଅନୁସାରେ ହାଣ୍ଡିର ନାମ ହୁଏ, ଯଥା—ପିତଳ ହାଣ୍ଡି, ତମ୍ବା ହାଣ୍ଡି, କାଚ ହାଣ୍ଡି । ଧାତୁର ବଡ଼ ହାଣ୍ଡିକୁ ହଣ୍ଡା ଓ ଛୋଟ ହାଣ୍ଡିକୁ ହାଣ୍ଡି କହନ୍ତି ।

୩ । ମୃତକ ଓ ଜୁତକ ଅଶୌଚରେ ସାଧାରଣତଃ ଏକାଦଶ ଦିନ ପାଇଁ ବ୍ୟବହୃତ ନୂତନ ହାଣ୍ଡି—3. The new set of earthen pots used on the 11th day of the impurity after a death or brith. ୪ । ମୃତକ ଓ ଜୁତକ ଅଶୌଚ ଉପଲକ୍ଷେ ମରୁଆ ହାଣ୍ଡିମାନ ଘାକଶାଳାରୁ ଅଣ୍ଟର କରି ନୂଆ ହାଣ୍ଡିରେ ପାକ କରିଯିବାରୂପ କର୍ମ—4. The act of replacing the old cooking pots by new ones some days after a death or birth in the family. [ତ—କଳ ପରିବାରରେ ବା କୁଟୁମ୍ବରେ କେହି ମଲେ ବା ଜନ୍ମ ହେଲେ ପରିବାରକୁ ଅଶୌଚ ଲାଗେ ଏବଂ ମୃତ ବ୍ୟକ୍ତିଙ୍କ ବୟସ ଅନୁସାରେ ଓ କୁଟୁମ୍ବିତାର ଦୂରତ୍ୱ ଅନୁସାରେ ୩ଦିନ ଠାରୁ ୧୧ଦିନ ପର୍ଯ୍ୟନ୍ତ

Digitized by srujanika@gmail.com

ଅଶୌଚ ପାଳନ କରେ । ଅଶୌଚ ଘରେ ପ୍ରତ୍ୟହ ପାଗଦାଣ୍ଡି-ସ୍ଥଳକ ପାକଶାଳାରୁ ବାହାର କରସାଇ ଗ୍ରାମସ୍ଥ ଦଣ୍ଡାରେ ଫୋପଡ଼ା କରେ ଓ ଘର ଲଣ୍ଡା ଗୋଟା ଦେବା ଘରେ ଏକ ସଜ ନୂଆ ଣ୍ଡି ଦ୍ୱାରା ପାକ କରଯାଏ । ମୃତକ ଅଶୌଚରେ ବର୍ଜିତ ହାଣ୍ଡିକୁ ବାଇଜ ହାଣ୍ଡି ବା ଜଳଜଳା ହାଣ୍ଡି କହନ୍ତି ।] * (ଲକ୍ଷଣାର୍ଥ) (ବଡ଼ାର ଆକାର ସଙ୍ଗେ ହାଣ୍ଡିର ସାଦୃଶ୍ୟ ଥିବାରୁ) ଉଦର; ପେଟ—5. (figurative) Belly. ୬ । ଗାଡ଼ିର ଚକର ମଝିରେ ଥିବ ଗୋଲ ମୁଣ୍ଡ କାଠ (ଯହିଁର କେନ୍ଦ୍ରର ଛିଦ୍ରବାଟେ ଅଶ ଗଲଥାଏ ଓ ଯହିଁରୁ ଚରମାନ ପହଲଆର ଲାଗିଥାଏ) ନାଭି—6. The hub or nave of a wheel. ୭। ନଡ଼ିଆ, ତାଳ ଓ ଝୁଣ୍ଟ ଗଛର ଗଣ୍ଡି ଭୂମିକୁ ଛଡ଼ିବା ଅବସ୍ଥାରେ ତାହାର ବେକ ପାଖ, ଯାହା ହାଣ୍ଡିପର ଭୂମି ଉପରେ ଦେଖାଯାଏ—7. The trunk or neck of a coconut or palm tree while leaving the ground. [ଦ୍ର—ଏହାର ଅବସ୍ଥାରେ 'ଗଛ ହାଣ୍ଡି ଛଡ଼ାଇଲି ବା ହାଣ୍ଡି ଉଠିଲଣି' କହନ୍ତି ।] ୮ । ପାକ; ରନ୍ଧେଇ—8. Cooking. (ଯଥା—ସେ କନ୍ୟା ଏ ଘରର ହାଣ୍ଡିରେ ଗୁଡ଼ୁଲ ପକାଇଛି ।) ୯ । ଅନ୍ନ ହାଣ୍ଡି; ଅନ୍ନ ମହାପ୍ରସାଦ ରଖାଯିବା କଡ଼ ଲୁଡ଼ୁଅ—9. Big and tall earthen pots for keeping 'Mahāprasāda' rice of Puri. [ଦ୍ର—ସାଧାରଣ ହାଣ୍ଡି ଏଣ୍ଟ ବୃତ୍ତାକାର ଅଟେ ଓ ବୃତ୍ତାର୍ଦ୍ଧର ବ୍ୟାସପାଖ ହାଣ୍ଡିର ମୁହଁ ଅଟେ; କନ୍ତୁ ମହାପ୍ରସାଦ ହାଣ୍ଡି ହାଣ୍ଡିର ହାଣ୍ଡି ଅଟେ। ଢେଙ୍ଗା ।

ହାଣ୍ଡି ଅଚ୍ଛୁଆଁ—ଦେ. ବଣ—ହାଣ୍ଡି ବାହାର (ଦେଖ)—Hāṇḍi achhuāṇ Hāṇḍi bāhāra (See)

ହାଣ୍ଡି ଅଣକ—ଦେ. ବ—(ସଙ୍କର ଶବ୍ଦ)—ପାକାର୍ଥ ବ୍ୟବହୃତ ହାଣ୍ଡି ଓ ହାଣ୍ଡିରେ ପାକ କରାଇଥିବା ପଦାର୍ଥକୁ ହାଁଡ଼ିହାତ। ଘୋଳାଇବା ବା ବାଣ୍ଟିବା ପାଇଁ ହାଣ୍ଡିଆରିକା ବ୍ୟବହୃତ ଅଣକ—Hāṇḍi aṇaka The cooking pot and the wooden spoon or ladle used in handling its contents.

ହାଣ୍ଡି ଅଲଗା (ଭିନ୍ନ, ଭିନ୍ନେ)—ଦେ.ବ—୧ । ଏକାନ୍ନବର୍ତ୍ତୀ ବ୍ୟକ୍ତିମାନଙ୍କ ହାଁଡ଼ିଭିନ୍ନ, ପୃଥକ୍‌ଅନ୍ନ ହାଣ୍ଡିଅଲଗ ରଜୁସ୍ରକାଶ; ହାଣ୍ଡି ବାହାର; (ରଜୁସ୍ରତା ସ୍ତ୍ରୀମାନଙ୍କର ପାକଶାଳାରେ ପ୍ରବେଶ ନକରିବା ଥିବାରୁ)—2. Menstruation of a female. ବଣ—୧ । ପୃଥକ୍‌ଅନ୍ନ ହୋଇଥିବା—1. Separated in mess. ୨ । ରଜୁସ୍ରତା ହୋଇଥିବା (ସ୍ତ୍ରୀ)—2. [a woman] Menstruated; in her menses

ହାଣ୍ଡି ଅଲଗ (ଭିନ୍ନ, ଭିନ୍ନେ) କରିବା—ଦେ କ୍ରି—ଏକାନ୍ନରେ ରହୁଥିବ Hāṇḍi alagā (bhinn) karibā ବ୍ୟକ୍ତିମାନେ ପୃଥକ୍‌ଭାବ ହାଁଡ଼ିଭିନ୍ନକରା ହେବା To be separated in mess ହାଁଡି ଅଲଗ କରନା

ହାଣ୍ଡି ଅଲଗା ହେବା—ଦେ. କ୍ରି—୧ । (ସ୍ତ୍ରୀ) ରଜୁସ୍ରତା ହେବା—To be Hāṇḍi alagā hebā in her menses. ୨ । ହାଣ୍ଡି ଅଲଗ ଛୋପଡ଼ା କରିବା (ଦେଖ)—2. Hāṇḍi alagā karibā (See) ହାଁଡ଼ି ଅଲଗ ହୋନା

ହାଣ୍ଡିଆ—ଦେ. ବଣ—୧ । ହାଣ୍ଡି ସମ୍ବନ୍ଧୀୟ—1. Relating to Hāṇḍiā Hāṇḍi (ଯଥା—ଜଳାହାଣ୍ଡିଆ ତାଳ) ୨ । ହେଡ଼େ ହାଣ୍ଡି ସଦୃଶ ଆକାରବିଶିଷ୍ଟ—2. Of the shape of a ହାଁଡ଼ୀକା Hāṇḍi ଦ୍ରାବେ (ଚଡ଼ଚାଉ) ବ—ମଦ୍ୟବିଶେଷ—A sort of intoxicating drink made by fermenting boiled rice; rice-beer [ଜ୍ର—ହିଂଦୁମ୍ବି କୋଲ୍ଲ ଦମ୍ଭଉ ସକଳ ହାଣ୍ଡିଆ ହାଣ୍ଡିରେ ଧର ଉହିଁ ମେଲ କେଶବମିଶ୍ର. ବୈଦେହୀଶ]

[ଦ୍ର—ଏହା କୋଲ୍ଲମାନଙ୍କର ଉପାସେବ୍ୟ ପାନୀୟ । ଉତ୍ସବାଦରେ କୋଲ୍ଲମାନେ ନିମନ୍ତ୍ରିତ ବ୍ୟକ୍ତିମାନଙ୍କୁ ଏହା ଦିଅନ୍ତି ।

ପ୍ରଥମେ ଦରଫୁଟା ଚଉଳକୁ ଚରୁଇ ଉପରେ ସେଳାଇ ଦଅନ୍ତି । ପରନ ବାଢ଼ ଉହିଁରୁ ସେଜ ଶୁଖିଗଲେ ତାକୁ ପୁଣି ହାଣ୍ଡିରେ ପ୍ରସ୍ତର ଏକପ୍ରକାର ଉଦ୍ଭିଦ ଧଳା ଚୂନା ଉହିଁରେ ମିଶାଇ ତାକୁ ଭଲ ଭଳ ପଙ୍କିନ୍ତୁ ସଡ଼ାନ୍ତି । ତାହା ସଡ଼ିଗଲେ ସେଥିରେ ପୁଣି ପାଣି ପୁରାଇ ତାକୁ ଚଢ଼ଉକର ଯେଉଁ ଡୋଡ଼ାଣି ଦ୍ୱାରା ତାକୁ ହାଣ୍ଡିଆ କହନ୍ତି । ଏହା ମାଦକ । କୋଲ୍ଲ ଭାଷାରେ ହାଣ୍ଡିଆକୁ 'ଉଅଙ୍ଗ' ବୋଲନ୍ତି ।]

ହାଣ୍ଡି ଅଟିକା—ଦେ.ବ (ସଙ୍କର ଶବ୍ଦ)—ବଡ଼ହାଣ୍ଡି ଓ ସାନହାଣ୍ଡି—Hāṇḍi āṭikā Earthen pots, big and small. ହାଁଡ଼ିତିଜେଲ ବଡ଼ୀହାଣ୍ଡୀଛୋଟୀହାଣ୍ଡୀ

ହାଣ୍ଡିଆ ତାଳ—ଦେ. ବ—ବଡ଼ ଓ ଗାଢ଼ କୃଷ୍ଣବର୍ଣ୍ଣ ତାଳ ଫଳ—Hāṇḍiā tāḷa A very big and fully black variety ହେଁଡ଼େତାଳ ବଡ଼ାତାଳ of palm fruit.

ହାଣ୍ଡିଆ ଦଉଡ଼—ସ୍ତ୍ରୀ.ବ. (ଆଳ) ବ—ଓଳଆରେ ପ୍ରସ୍ତୁତ ଶକ୍ତ ସୂତ୍ର Hāṇḍiā daurā ଜବ ଚ ଦ୍ୱାର ଅନୁଯାୟୀରେ ଘରସର ମାପ ଅନୁସାରେ ବ୍ୟବହୃତ ହେବା ଷ୍ଟୋଟ ଦଉଡ଼—Jute ropes used for straw packets for storing paddy and other grains. [ଦ୍ର—ଓଳଆ ବାହୁବା ବେଳେ ନୋଳ ଏବଂ ଛୋଟକୁ ଭୂଇଁରେ ବସ୍ତୁଇ ସାହ ତା ଉପରେ ହାଣ୍ଡିଆ ଦଉଡ଼ିକୁ ରଖି ତା ଉପରେ ଭୁଷାର ଗୁମସ୍ତାକୁଚ ପୁଲାକୁ ରଖନ୍ତି, ତା ଉପରେ ଧାନ ଗଦାକରନ୍ତି । ତତ୍ପରେ ହାଣ୍ଡିଆକୁ ଉପରକୁ ଉଠାଇ ଦେଲେ ଓଳଆର ପରସ୍ପର ଜଡ଼ୀଭୂତ ହୁଏ । ସେହି ଅବସ୍ଥାରେ ଓଳଆରେ ଧାନ

Digitized by srujanika@gmail.com

ହୁଣ୍ଡି କରେ; ଓଳଅ ବଦ୍ଧା ହରଲେ ହାଣ୍ଡିଅ ଦଉଡ଼ରୁ କାଢି ଅଣନ୍ତି ।]

ହାଣ୍ଡି ଉଠା ଚୋର—ଦେ. ବ—ଚୁଟିକା ଚୋର—
Hāṇḍi uṭhā chora Pilferer; petty thief.
ଛିଟକାଚୋର ଅଂଟୀବାଜ

ହାଣ୍ଡି ଉଠା ପଣା(ପଣିଆଁ)—ଦେ. ବ—ଚୁଟିକାଚୋର—
Hāṇḍiuṭhā paṇa(paṇiāṁ) Pilfering; stealing petty articles.
ଛିଟକାଚୋରୀ ହାତଲପକୀ

ହାଣ୍ଡି ଉଠିବା—ଦେ. ବ—ନଡ଼ିଆ ଓ ତାଳ ଆଦ ଗଛର ଭଣ୍ଡ ବା ଢେକ
Hāṇḍi uṭhibā ଭୂଇଁରୁ ଗଜିଯିବା ଅବସ୍ଥା—The coming out of bulbous neck of palm and cocoa-nut trees from the ground. [ଦ୍ର—ହାଣ୍ଡି ଉଠିବା ସରେ ବର୍ଷକୁ ବର୍ଷ ଭଲ୍ଲ ହାଣ୍ଡିର ଗଳ ଯାଏରୁ ପୁରୁଣା ବାହୁଡାମାନ ଖସି ପଡୁଥାଏ ଓ ଗଛର ଗଣ୍ଡି କ୍ରମଶଃ ହାଁଡ଼ିଓଠା ହଁଡାଉଠନା ଢେଙ୍ଗରେ ବଢ଼ୁଥାଏ ।]

ହାଣ୍ଡିଏ—ଦେ. ବ—୧ । ଏକହାଣ୍ଡି ପରମାଣ ମାତ୍ର—1. One potful; Hāṇḍie only. ୨ । ଏକହାଣ୍ଡି ପରମାଣ—2. A potful; quantity which will fill up one Hāṇḍi. ବଣ—୧ । ଏକହାଣ୍ଡି ପରମିତ—1. Measuring one potful; a potful of. ୨ । ବହୁ ପରମିତ—2. A large quantity of. (ଯଥା—ସକାଳୁ ଉଠି ଦେଖିଲୁ ବେଲକୁ ଛଅ ଗୋଷ୍ଠାଏ ଜନ୍ତୁଣ୍ଡିଆ ବାହୁଡ଼ାରେ ଏକହାଁଡ଼ି ଏକହାଣ୍ଡି ହାଣ୍ଡିଏ ଝାଡ଼ା ଫେରିଛୁ।)

ହାଣ୍ଡିଏ କୁଡ଼ି(ଡୁ)ଆଏ—ପ୍ରାଦେ, (ପୁଣ୍ଡ) ବ—ଏକହାଣ୍ଡି ମହାପ୍ରସାଦ
Hāṇḍie kuṛḍi(ṛḍu)āe ଅଲ ଓ ଏକ କୁଡୁଆ ମହାପ୍ରସାଦ ତିଅଣ—One big potful of Mahāprsāda rice and one small potful of Mahāprasāda curry. (ଦ୍ର—ଅନେକ ରାଜା ଓ ବଡ଼ଲୋକ ଜଗନ୍ନାଥକ୍ଷେତ୍ରରେ ଏବଂ ଲିଙ୍ଗରାଜଙ୍କଠାରେ ପ୍ରତିଦିନ କମ୍ପା ପ୍ରତି ଏକାଦଶୀ ବା ପ୍ରତି ପଙ୍କାନ୍ତକୁ ହାଣ୍ଡିଏ (ଅଳ୍ପ) କୁଡୁଆ (ତିଅଣ) ରେଜ ଦେବାଗାଇଁ ଜମି ସେମାନଙ୍କ ବଜ ବଜତ ପଣ୍ଡାମାନଙ୍କ ମାଧ୍ୟମରେ ଟଙ୍କା କରଅନ୍ତନ୍ତି)।

ହାଣ୍ଡିକ—ଦେ. ବଣ—ଏକହାଣ୍ଡି ପରମିତ—
Hāṇḍika One potful of.
ଏକହାଣ୍ଡୀ ଏକହାଣ୍ଡୀ

ହାଣ୍ଡିକ(କୋ)ଣରେ ସଢ଼ିବା—ଦେ.କି—(ପ୍ରାଚୀନ ସମାଜର ବଧୂ ଅନୁ-
Hāṇḍika(ko)ṇare sadhitā ସାରେ ସ୍ତ୍ରୀଲୋକମାନେ) ଚୌଣସି ଆଡ଼େ ନବାହାର ଦେବଳ ହାଣ୍ଡିଶାଳରେ ଘଡ଼ ଗୋଷେଇ କରବାରେ ବ୍ୟସ୍ତ ଥାଇ ଅନ୍ୟମନ୍ତ ଅବସ୍ଥାରେ ରହିବା—To rct in the corner of the kitchen (said of the women of our society who observe ହେଁଶେଲକୋଣେପଚା ରସୋଇଘରମେଁସଡନା purdab.

ହାଣ୍ଡି କରିବା—ଦେ. କି—କୁମ୍ଭ ହାଣ୍ଡି କରିବା; ଅଶୌଚ ସରେ
Hāṇḍi karibā ଯାଏରୁ ପୁରୁଣା ହାଣ୍ଡି ଗୁଡ଼ିକ ବାହି ନୂତନ ହାଣ୍ଡି ଦ୍ୱାରା କାମ କରିବା—To cook with a new set of earthen pots after a birth or death in the family. [ଜ୍ର—ହାଣ୍ଡି ନକରନ୍ତୁ ସଲେହ ଲ୍ଲାଭ—କବିସୂର୍ଯ୍ୟ. ହାସ୍ୟ କଲ୍ଲୋଳ]
ହାଁଡ଼ୀକାଟା ହାଣ୍ଡୀକାଟନା

ହାଣ୍ଡି କଳା—ଦେ. ବ—ଚୁଲି ଉପରେ ସାଧାରଣ ବ୍ୟବହାର ହାଣ୍ଡିର
Hāṇḍi kalā ପିଠିରେ ପଡ଼ିଥିବା କ୍ଷୁଦ୍ରକ୍ଷୁଦ୍ର ଅଙ୍ଗାରକଣମାନଙ୍କ ସ୍ତର—Layer of soot deposited on the back of earthen cooking pots set on the oven.
ହାଁଡ଼ିରକାଳା ହାଣ୍ଡୀକାକାଳା

ହାଣ୍ଡି କଳା ନ ପଡୁଣୁ—ଦେ. କି. ବଣ—(ଲକ୍ଷଣାର୍ଥ) ଅତ୍ୟନ୍ତଳ—
Hāṇḍi kalā na parḍuṇu (figurative) Shortly after ; in no time (literally; before a cooking pot is covered with a layer of soot.)

ହାଣ୍ଡି କାଠ—ଦେ. ବ—ରାନ୍ଧବାପାତ୍ରୀ (ଗ୍ୱଜଳ, ମୁଟ, ପରୁବାଅବ) ରୁ ରନ୍ଧବା ପାଇଁ ଅତ୍ୟାବଶ୍ୟକ ୨ଟି ବସ୍ତୁ (ଯଥା—ହାଁଡିକାଠ ହାଣ୍ଡି ବା ରାନ୍ଧବାର ଓ ଜାଳ)—Earthen pot and fuel required for cooking food.
ହାଣ୍ଡୀ ଲକଡୀ

ହାଣ୍ଡି କା (କି) ହାଣ୍ଡି—ଦେ. କି. ବଣ—୧। ହାଣ୍ଡି ହାଣ୍ଡି; ବହୁହାଣ୍ଡି
Hāṇḍi kā (ki) hāṇḍi ପରମିତ—1. In potfuls. ହାଁଡ଼ିହାଁଡ଼ି ୨ । ଉତ୍ତରମାଣରେ—2. Profusely. [ଯଥା—ହାଣ୍ଡୀକାହାଣ୍ଡି ତା ଗଦ କରିଯାଇ ହାଣ୍ଡିକ ହାଣ୍ଡି ଉଚ୍ଚ ଦୋହଗଲା ।] ୩ । ଏକ ହାଣ୍ଡି ପରେ ଅନ୍ୟ ହାଣ୍ଡି ପରିମିତ ଖାଦ୍ୟ ଏକାଦ୍ଧକ୍ରମେ—3. Potfuls after potfuls. [ଯଥା—ସେ ଦନକ ଉତ୍ତରେ ହାଣ୍ଡିକା ହାଣ୍ଡି ପିଠା ଖାଇ ପାର କରିଦେଲା ।] ବଣ—୧ । ବହୁହାଣ୍ଡି ପରମିତ—1 Many potfuls of. ୨ । ପ୍ରଚୁର—2. Profuse.

ହାଣ୍ଡି କୁ(କ)ଣ୍ଡେ(ଣ୍ଢେ)ଇ—ଦେ.ବ—(ନିରର୍ଥକ ଦ୍ୱିରୁକ୍ତି ସହିତ ଚ; କଂବା
Haṇḍi ku(ka)ṇde(ṇdhe)i ହାଣ୍ଡି ଓ କୁଣ୍ଡ)—୧ । ଗୃହର ହାଣ୍ଡିକୁଁଡ଼ି ବ୍ୟବହାର ପାଇଁ ଅବଶ୍ୟକ ପାତ୍ରସମୂହ ସମୁଦ୍ର (ହାଣ୍ଡି, ହାଁଡିଝୁଣ୍ଡୀ ମାଠିଆ, ଅଣ୍ଟିକା, ଘଡ଼ ଇତ୍ୟାଦି)—1. Various pots and utensils of a household. ୨ । ଗୃହର ସବୁପ୍ରକାର ରାନ୍ଧବାପାତ୍ର—2. Pots anp all other cooking vessels of a household.

ହାଣ୍ଡି ଖ (ଖ) ଡ଼ ଖ (ଖ)ଡ଼ [ଖୁଡୁଖୁଡୁ] କରିବା—ଦେ. କି—
Hāṇḍi kha (khu) ṛḍa kha (khu) ṛḍa [khurḍu khurḍu] karibā ହାଣ୍ଡି ଧଡ଼୍ ଧଡ଼୍ କରିବା—(ଦେଗ)
Haṇḍi dhaṛḍ dhaṛḍ karibā (See) [ଦ୍ର—ଖଡଖଡାରୁ ଖୁଡ଼ୁ(ଡ଼ୁ)ଖୁଡ଼ୁ (ଡୁ) ଖୁଡ଼୍ରଭର ଶବ୍ଦ ଅଟେ ।]

Digitized by srujanika@gmail.com

ହାଣ୍ଡି ଖପର—ଦେ ବ—ଭଙ୍ଗା ଦୋଇଥିବା ହାଣ୍ଡିର ଅଂଶମାନ— Hāṇdi khaparā Potsherds. ଖୋଲକୁଁଚି **ହାଣ୍ଡିର ଖପରା**

ହାଣ୍ଡିଖାଇ—ଦେ. ବିଣ. ସ୍ତ୍ରୀ—(ଗାଳ)—ଯେଉଁ ସ୍ତ୍ରୀଲୋକ ଏପରି Hāṇdi khāī ଲୋଭୀ ଓ ଛଳଚେଇ ଯେ, ସେ ହାଣ୍ଡିରୁ କାଢ଼ି (ହାଣ୍ଡିଖିଆ—ପୁଂ) ଅନ୍ୟ ଘରେ ଖାଇବାପାଇଁ ସମ୍ଭାଳି ଦୋଇ ହାଁଡ଼ିଖାକି ରହିଳା ଘର ହାଣ୍ଡିରେ ଘାଚ ଦୋଇଥିବା ଅନ୍ନ- **ଛିପାକର ଖାନେବାଲୀ** ବ୍ୟଞ୍ଜନାଦି ହାଣ୍ଡିରେ ଥାଇଁ ଥାଇଁ ଲୁଚେଇ କରି ସେଥିରୁ ଖାଇଯାଏ— (a term of abuse) (a woman) Who secretly eats cooked food from the cooking pots ; gluttonous ; greedy (woman).

ହାଣ୍ଡି ଖିଆ—ଦେ. ବ—ହାଣ୍ଡିରେ ଥିବା ଅନ୍ନାଦିକୁ ଗୋଟାଇରେ Hāṇdi khiā ଖାଇବା—Eating from the cooking ହାଁଡ଼ିଖାଓୟା pots. ବିଣ. ପୁ—ଯେଉଁ ପୁରୁଷ ଏପରି ଲୋଭୀ **ଛିପାକର ହାଡ଼ିମେଁ ଖାନା** ଓ ସେହି ଯେ ସେ ହାଣ୍ଡିରୁ ଖାଦ୍ୟ ହାଁଡ଼ିଖେକୋ ଖାଇଯାଏ—Glnttonous ; greedy (man) **ଛିପାକର ଖାନେବାଲା** (ହାଣ୍ଡିଖାଇ—ସ୍ତ୍ରୀ)

ହାଣ୍ଡି ଗଢ଼ା—ଦେ. ବ—କାଦୁଅକୁ ଚକ୍ରରେ ଓ ପିଟଣାରେ ବାଢ଼େଇ କଞ୍ଚା Hāṇdi gaṛdhā ହାଣ୍ଡି ତିଆରି କରିବା—Making of ହାଁଡ଼ିଗଢ଼ା pots out of clay [ଦ୍ର—କଞ୍ଚା ହାଣ୍ଡିକୁ ନିଆଁରେ **ହାଁଡବନାବଟ** ଶୁଖାଇ ଉତ୍ତପ୍ତ ଉତ୍ତାରେ ଘୋଡ଼ି କୁମ୍ଭାରମାନେ ଘୋଡ଼ା ହାଣ୍ଡି ତିଆରି କରନ୍ତି ।]

ହାଣ୍ଡି ଗଣା—ଦେ ବିଣ. ପୁଂ—ଟଣ୍ଡିଗଣିଆ; ଯେଉଁ ବ୍ୟକ୍ତି ଅନ୍ୟକୁ ଲୋଭୀ Hāṇdigaṇā ଥିବାରୁ କାଳେ ଘାଚକ ରହା ହୋଇଥିବା (ହାଣ୍ଡିଗଣିଆଁ—ଅନ୍ୟରୂପ) ଯଦାର୍ଥ [ଯଥା—ମତ୍ସ୍ୟ ଖଣ୍ଡ, [ହାଣ୍ଡିଗଣୀ, ହାଣ୍ଡିଗଣେଇ—ସ୍ତ୍ରୀ] ମାଂସଖଣ୍ଡ]କୁ ଜାଇଯିବ, ହାଣ୍ଡିଓଳା **ମକ୍ଷୀଚୂସ** ଏଥିଯାଇଁ ଖାଦ୍ୟଦ୍ରବ୍ୟକୁ ହାଣ୍ଡିରେ ଥିବା ଅବସ୍ଥାରେ ଖଣ୍ଡ ଖଣ୍ଡ କରି ଗଣିବା ଓ କେତେଜଣଙ୍କୁ କେତେ ଖଣ୍ଡ ଦିଆଗଲା, ତାହା ସୁଦ୍ଧା କରି ଅବଶିଷ୍ଟ କେତେ ରହିଲା,ଘାଚକଠାରୁ ରକ୍ଷିବା ନିମି- A person who is so miserly that he counts or often examines the contents of the cooking pots before they are served and who takes account of the contents from the cook from time to time

ହାଣ୍ଡି ଗରଭ(ଗର୍ଭ)—ଦେ. ବ—ହାଣ୍ଡି ପେଟ (ଦେଖ)— Hāṇdi garabha(garbha) Hāṇdipeṭa (See).

ହାଣ୍ଡି ଗରମ—ଦେ. ବ—ଜ୍ୱର ଗରମ; ମଥାରେ ଶୀତଳ ଓ ପେଟରେ Hāṇdi garama ଗରମ ହେବା ଅବସ୍ଥା; ଅମଗରମି— ପେଟ ଗରମ **ପେଟ ଗରମ** The state of the abdomen being hot and the head being cold.

ହାଣ୍ଡି ଗାଣ୍ଡି—ଦେ. ବ—ହାଣ୍ଡିର ଗୋଲାକାର ତଳଭାଗ ବା ପୃଷ୍ଠ— Hāṇdi gāṇdi The rounded buttom or ହାଁଡ଼ିର ତଳା **ହାଣ୍ଡିପେନ(ପେଁଦୀ)** back of an earthen pot [ଦ୍ର—ହାଣ୍ଡିର ଉପରଭାଗକୁ ହାଣ୍ଡିମୁହଁ, ହାଣ୍ଡିର ମଧ୍ୟ ଭାଗକୁ ହାଣ୍ଡିପେଟ ଓ ହାଣ୍ଡିମୁହଁର ପରିଧିକୁ ହାଣ୍ଡିଫନ କହନ୍ତୁ]

ହାଣ୍ଡିଗିଳା—ଦେ.ବିଣ.ପୁଂ-(ଗାଳ)—ଯେଉଁ ବ୍ୟକ୍ତି ହାଣ୍ଡିଏ ଖାଦ୍ୟ ଖାଇ Hāṇdigilā ପାରେ—(a term of abuse ପେଟୁକ **ଏକ ହାଣ୍ଡୀ ଖାନେବାଲା** Very gluttonous [ହାଣ୍ଡିଘିଳ, ହାଣ୍ଡିଖିଳେଇ—ସ୍ତ୍ରୀ] or greedy (person); a person who can eat a cooking pot ful of food at a time; 'gourmand.

ହାଣ୍ଡି ଘୋଡ଼ା(ଡ଼େ) ଇବା—ଦେ. କି—ହାଣ୍ଡି ଉପରେ ଅନ୍ୟ ହାଣ୍ଡି ବା Hāṇdi ghoṛdā(ṛde)ibā ଅନ୍ୟ ଘୋଡାଇବା ଜଳସ ହାଁଡ଼ି ଢାକା ଦେଓୟା **ହାଣ୍ଡୀ ଢାଁକନା** ଢାଙ୍କିବା— To cover an earthen pot with a lid or other earthen pot.

ହାଣ୍ଡି ଚଞ୍ଚା—ଦେ. ବ—ଚଡ଼େଇଗୋଷ୍ଠୀ ବର୍ଗର ପକ୍ଷିବିଶେଷ—The Hāṇdi chaṁchhā crowtit; the Indian ହାଁଡ଼ି ଚାଁଛା tree pie; Deudrocitta Rufa. [ଦ୍ର—ଏହାର ମୁଣ୍ଡ ଧୂସର, ପୁଚ୍ଛପ୍ରାନ୍ତ କୃଷ୍ଣ, ଚଞ୍ଚୁ ଜଲା, ନାସିକା ଲୋମାବୃତ । ଏମାନେ ପ୍ରାୟ ଭୂଇଁକୁ ଓହ୍ଲାନ୍ତି ନାହିଁ; 'ଗୋଟ୍ର ଗୋଟ୍ର' ରବ କରନ୍ତି । ଏହିହେତୁ ଏମାନଙ୍କ ନାମ କୁଟୁର ବା କୁଟୁର [ବ. କୋଟର], କେଉଁ କେଉଁ ଅଞ୍ଚଳରେ ଟକା ଗେରଣୀ [ବ.ଟାକାଗେରୁ] କହନ୍ତି । (ଯୋଗେଶଚନ୍ଦ୍ର) । ଏହାର ବର୍ଣ୍ଣ ହାଣ୍ଡିରୁ ଚଞ୍ଚା ହେବା ଜଳା ପର ଥିବାରୁ ଏହି ନାମ ହୋଇଅଛି ।]

ହାଣ୍ଡି ଚଢ଼ା(ଢ଼େ)ଇବା——ଦେ. କି—୧ । ସାକାର୍ଥ ସାକଭାଣ୍ଡକୁ ଚୁଲି ଉପରେ ବସାଇବା— ହାଁଡ଼ି ଚଢ଼ାନ **ହାଁଡି ଚଢାନା** 1. To set the (ହାଣ୍ଡି ଚଢ଼ିବା -ବିଶେଷ୍ୟ ଆକାର) cooking pot on fire ୨ । ରୁଷେଇ କରିବା, ଖାଦ୍ୟ ପାକ କରିବା; ରନ୍ଧିବା—2. To cook the food.

ହାଣ୍ଡି ଛଡ଼ା—ଦେ.ବ—୧। ସୂର୍ଯ୍ୟ ଗ୍ରହଣ ଓ ଚନ୍ଦ୍ରଗ୍ରହଣ ସମୟରେ ଜ୍ୟୋତିଷ- Hāṇdi chhāṛda ଶାସ୍ତ୍ର ଉପଦେଶ ଅନୁସାରେ ଗ୍ରହଣ ଲଗିବାଠାରୁ ମୁକ୍ତ ହେଉଁଯାଏଁ ନିର୍ଦ୍ଦିଷ୍ଟ ସମୟ ପାକକର୍ମର ରହିତ୍ୟ —1. The stoppage of cooking for certain period on the occasion of an eclipse. [ଦ୍ର—ସୂତକ ମନ୍ତରେ ରାହୁ ବା କେତୁ ଚନ୍ଦ୍ରଙ୍କୁ ବା ସୂର୍ଯ୍ୟଙ୍କୁ ଛୁଇଁବାରୁ ଛନ୍ଦଣ ହୁଏ । ରାହୁ ଓ କେତୁ ଅସୁର ବା ଚଣ୍ଡାଳ ଥିବାରୁ ସୂର୍ଯ୍ୟ ଓ ଚନ୍ଦ୍ର ଚଣ୍ଡାଳଙ୍କୁଆଁ ହୁଅନ୍ତି । ଚନ୍ଦ୍ର ସୂର୍ଯ୍ୟ ଚଣ୍ଡାଳ ଛୁଆଁ ହେବାରୁ ଜଗତର ଲୋକେ ମଧ୍ୟ ଚଣ୍ଡାଳ ଛୁଆଁ ହୁଅନ୍ତି । ଅତଏବ ଏପରି ଅପବିତ୍ର ଅବସ୍ଥାରେ ଖାଦ୍ୟାଦି ଛୁଇଁବା ବା ଖାଦ୍ୟାଦି ପାକ କରିବା

Digitized by srujanika@gmail.com

ବର୍ତ୍ତିବ । ଏଥିଯୋଗୁଁ ଷଷ୍ଠୀ ଅନ୍ନପ୍ରାଶରେ ଚଉ ପ୍ରଭୃତି ଲଟିବାଠାରୁ ମୋକ୍ଷ ହେବାର ବର୍ତ୍ତାରିତ ସମସ୍ତ ପର୍ଯ୍ୟନ୍ତ ଶାସ୍ତ୍ରରେ 'ହାଣ୍ଡିଚଢ଼ି' ହେବା ବିଧାନ ଅଛି । ମୋକ୍ଷ ହେବା ପରେ ମୋକ୍ଷ ସ୍ନାନ କରି ଉତ୍ତପରେ ପାକହାଣ୍ଡିକୁ ସ୍ପର୍ଶ ଓ ବ୍ୟବହାର କରିଯାଏ ।]

୨ । ହାଣ୍ଡିବାହାର [ହେ'ଣ]—2. Hāṇḍi bāhāra (See)

ହାଣ୍ଡି ଚ୍ଛଡ଼ିବା—ଦେ· କି [ହାଣ୍ଡି ଉଠିବା ବିଶେଷ୍ୟର କ୍ରିୟାରୂପ, ତାଳ, ନଡ଼ିଆ, କୌଣସି ବୃକ୍ଷର ବେକ ଭୂମିରୁ ଉପରକୁ ଉଠିଯିବା—(said of a growing palm tree)—(the neck) To become separated from the ground.

Hāṇḍi chhārḍibā

ହାଣ୍ଡି ଛୁଆଁ—ଦେ· ବ [ସ ଦ୍ଧଣ୍ଡ+ସ୍ପର୍ଶନ]—୧ । ଶ୍ୱଶୁରଘରକୁ ଆସିଥିବା ନବାଗତା ବଧୂର ବିବାହର ଚତୁର୍ଥ ଦିନ ପ୍ରଥମେ ପୌତାତ ଚତୁର୍ଥୀଭୋଜ ପାକ ହାଣ୍ଡିକୁ ଛୁଇଁ ପାକ କରିବା ଓ ସେହି ପରିବାରକୁ ପରିବାରର ବ୍ୟକ୍ତିଗଣ, କୁଟୁମ୍ବ ଓ ବନ୍ଧୁମାନଙ୍କ ଭୋଜନ କରିବା ରୂପ କର୍ମ - 1. The ceremony of the newly come daughter-in-law's first cooking in the family mess on the 4th day of marriage. [ଦ୍ର—ଏହି ଉପଲକ୍ଷରେ କୁଟୁମ୍ବ ଓ ବନ୍ଧୁମାନେ ନିମନ୍ତ୍ରିତ ହୋଇ ନବବଧୂଙ୍କ ନୂତନ ପାକରେ ପରିବାର ଭୋଜନ କରନ୍ତି ।] ୨ । ଋତୁସ୍ନାତା ସ୍ତ୍ରୀଙ୍କର ଋତୁର ଚତୁର୍ଥ ଦିନ ଶୁଦ୍ଧସ୍ନାନ କରି। ପରେ ପାକଶାଳାରେ ପାକ କରିବାରୂପ କର୍ମ—2. The act of a menstruated woman first cooking meals after her purificatory bath on the 4th day after the menses.

ହାଣ୍ଡିଛୋୟା ହାଣ୍ଡୀଛୁନା

ହାଣ୍ଡି ଛୁ(ଚ୍ଛୋ)ଇଁବା—ଦେ· କି (ସ ଦ୍ଧଣ୍ଡ+ଷ୍ଟୁଣ୍ ଧାତୁ)—୧ । (ପରିବାରକୁ ନବାଗତା ବଧୂ) ଚତୁର୍ଥୀ ଦିନ ପ୍ରଥମେ ପାକଶାଳାରେ ପ୍ରବେଶ କରି ପାକ କରିବା——1. To cook for the first time in the family-mess (said of a newly come bride) on the 4th day of marriage. ୨ । [ଋତୁସ୍ନାତା ସ୍ତ୍ରୀ] ଋତୁର ଚତୁର୍ଥ ଦିନ (ବା ସ୍ଥଳବିଶେଷରେ ପଞ୍ଚମ ଦିନ) ପାକଶାଳାରେ ପ୍ରବେଶ କରି ପାକ କରିବା—2. To cook after the menstrual period of impurity is over and after having the purificatory bath (said of a woman after her menses.

ହାଣ୍ଡିଛୁଆଁ ହାଣ୍ଡିଚୁଆଁ

ହାଣ୍ଡି ଜଳା—ଦେ.ବ—ହାଣ୍ଡିର ଦେହରେ ଥିବା ସୂକ୍ଷ୍ମ ଛିଦ୍ର (ଯାହା ଦ୍ୱାରା ଆସିକୁ ଦିଶେ ନାହିଁ, ମାତ୍ର ପାଣି ଘୁରାଇଲେ ସେଇଁ ବାଟେ ପାଣି ଝରେ—The invisible and leaking pores in some earthen pots.

Hāṇḍi jalā

ବାଲିକାଣା ହାଣ୍ଡୀଛିଦ୍ର

ହାଣ୍ଡି ଚଙ୍ଗ (ଙ୍ଗେ) ଡା—ଦେ· ବ—ପାକଶାଳାର ଏକ କୋଣରେ ମାଟିରେ ଖୋଳା ଗୋଲାକାର ପଲା ବା ଗାତ (ଯହିଁ ଉପରେ ହାଣ୍ଡି ପାଣି ଥିଅଗଲେ ତାହା ଟଳ ଟଳ ନାହିଁ ବା ଅଣ୍ଡେଇ ଯାଏନାହିଁ)—Niche or hole made in a raised platform in a corner of the cookroom to put the round-bottomed earthen pots on it, so that the pot does not list or heel on one side.

Hāṇḍi teṅga (ṅge) rḍā

ହାଣ୍ଡି ତେଲ(ଲା)ଉଣି (ତେଲୁଣି; ତେଲ୍ଲଣି; ପଲମ) —ଦେ. ବ — ଶରାବ ଓ ହାଣ୍ଡିର ମଝିରେ ଗୋଡ଼ାହେବାପାଇଁ ତିଆରା ମୃତ୍ତିକା ପାତ୍ର—An earthen pot and a pan to cover its mouth.

Hāṇḍi tela(lā)uṇi teluṇi; telāṇi;palama)

ହାଣ୍ଡି ଧଡ଼(ଡ଼)ଧଡ଼(ଡ଼)(ଧଡ଼ୁଧଡ଼) କରିବା—ଦେ.କି—ଏକ ସ୍ଥାନରେ ଥିବା ହାଣ୍ଡିକୁ ଦରଣ୍ଡିବା ବା ହାଣ୍ଡିରେ ହାତ ବା ମୁହଁ ପୂରାଇବା ସମୟରେ ହାଣ୍ଡିମାନଙ୍କର ପରସ୍ପର ସହିତ ବାଜିବା ଯୋଗୁ ଧଡ଼୍-ଧଡ଼୍ ଶବ୍ଦ ଉତ୍ପାଦିତ କରାଇବା—To cause the earthen pots to clash against each other and emit a 'dharḍ dharḍ' sound when some one or animal tries to grope in the dark or thrust one's hand or mouth into the pots. [ଉ—କାଳିଆ ବଲଦ ଗଛରେ ! ହାଣ୍ଡି କୁଣ୍ଢେଇ ସମ୍ଭାଳିଥିବୁ, ହାଣ୍ଡି ଧଡ଼୍ ଧଡ଼୍ କଲାରେ—ଶିଶୁ-ଶିକ୍ଷକ ଟୀକା] [ଦ୍ର—ଧଡ଼ ଧଡ଼ ଶବ୍ଦ ଅପେକ୍ଷା ଧୁଡ଼ୁ(ଡ଼ୁ) ଧୁଡ଼୍ (ଡ଼୍) କ୍ଷୁଦ୍ରତର ଶବ୍ଦ ଅଟେ ।]

Hāṇḍi dharḍ(rḍa) dharḍ(rḍa) (dhurḍu dhurḍu) kariba

ହାଣ୍ଡୀଧଡ଼ଧଡ଼କରା ହାଣ୍ଡୀହଡ଼ବଡ଼ାନା

ହାଣ୍ଡି ଧରା—ଦେ. ବଣ—ଯେଉଁ ବ୍ୟକ୍ତି ପରବେଷଣାର୍ଥେ ଅନ୍ନ ବ୍ୟଞ୍ଜନାଦି ପୂର୍ଣ୍ଣ ହାଣ୍ଡିକୁ ଧରେ—(A person) Holding a pot (containing curry etc) in order to serve out of it.

Hāṇḍi dharā

ହାଣ୍ଡି ନଉତି (ନୌତି)—ଦେ. ବ—(ସଦ୍ଭବର ଶବ୍ଦ)—ମଧ୍ୟମ ହାଣ୍ଡି ଓ ଅଳ୍ପବଡ଼ ହାଣ୍ଡି—Medium sized and big earthen pots.

Hāṇḍi nauti (nauti)

ହାଁଉଁଆଁଉଁ ଛୁଟୀବଡୀହାଣ୍ଡୀ

ହାଣ୍ଡି ନ ଛୁଇଁବା—ଦେ.କି—ଋତୁସ୍ନାତା ହେବା; ହାଣ୍ଡିବାହାର ହେବା—Hāṇui na chhuiṇibā [ଦ୍ର—ଋତୁସ୍ନାତା ସ୍ତ୍ରୀ ଋତୁସ୍ନାନ କରିବା ପୂର୍ବରୁ ରଜୋଦର୍ଶନର ୪ ଦିନ କାଳ ପର୍ଯ୍ୟନ୍ତ ପାକ ହାଣ୍ଡିକୁ ସ୍ପର୍ଶ କରନ୍ତି ନାହିଁ] । To be in her menses.

ହାଁଉଁନାଛୋୟା ହାଣ୍ଡୀନଛୁନା

Digitized by srujanika@gmail.com

ହାଣ୍ଡିପର ମୁହଁ କରିବା—ଦେ. କ୍ରି—ରୁକ୍ଷ କରିବା—
Hāṇḍi pari muhāṅ karibā To frown; to have a frowning or scowling face.
ହାଡ଼ିରମତନମୁଖକରା **हाण्डीकेजैशेमुखकरना**

ହାଣ୍ଡିପିଟା—ଦେ. ବିଣ—ଅତି କ୍ରୋଧୀ (ବ୍ୟକ୍ତି) (ଯେଉଁ ବ୍ୟକ୍ତି କ୍ରୋଧରେ ଚାକଡ଼ାଣ୍ଡିଯାକ ପିଟିକରି ଭାଙ୍ଗିପକାଏ)—
ବଦରାଗୀ **हांडी फोड़ने वाला** Very angry [person].

ହାଣ୍ଡି ପିଠି—ଦେ. ବ (ଙ ଷ୍ଠଣ୍ଡପୁଷ୍ଠ)—ହାଣ୍ଡିର ବାହାର ଗାତ୍ର—
Hāṇḍipiṭhi The outside or exterior of
ହାଁଡ଼ିରପିଠ **हांड़िकेबाहार** an earthen pot.

ହାଣ୍ଡି ପିଣ୍ଡି—ଦେ. ବ—ଚାକଶାଳାର ଏକ କୋଣରେ ଚାକହାଣ୍ଡିମାନ ରଖିବାପାଇଁ ତେଙ୍ଗଡ଼ାମାନ ଥିବା ପିଣ୍ଡି ବା
ହାଁଡ଼ିରପିଁଡ଼ି **हांड़ीपीड़ी** ମାଟିର ବେଦ—A raised earthen platform on which earthen pots are set down in a corner of the kitchen.

ହାଣ୍ଡି ପୃଥକ—ଦେ. ବ—ହାଣ୍ଡି ଭନେ (ଦେଖ)
Hāṇḍi pruthak Hāndi bhine (See)
(ହାଣ୍ଡି ପୃଥକ—ଭାମ୍ୟ ରୂପ)

ହାଣ୍ଡି ପେଟ—ଦେ. ବ—ହାଣ୍ଡିର ଅନ୍ତଃସ୍ଥଳ—
Hāṇḍi peṭa The inside of an earthen pot.
ହାଁଡୀର ପେଟ **हाण्डिकापेट** (ହାଣ୍ଡି ପେଟା—ବଣ)

ହାଣ୍ଡି ପୋଡ଼—ଦେ.ବ—କଞ୍ଚାହାଣ୍ଡିର ଭୂମ୍ବାଚାଲରେ ଜଳାରେ ପୋଡ଼ା
Hāṇḍi porda ଯାଇଥିବାର ପ୍ରକାର—The manner or
ହାଡ଼ିପୋଡ଼ quality of an earthen pot having been
हाण्डिकापकाव well burnt in the potter's oven.
(ଯଥା—ଅମ ଗାଆଁ କୁମ୍ଭାରର ଜଳାରେ ହାଣ୍ଡିଗୁଡ଼ାକ ଭଲ ପୋଡ଼ ନାହିଁ ।)

ହାଣ୍ଡି ପୋଡ଼ିବା—ଦେ.ବ—କୁମ୍ଭାର ପୁଆଳୁଆ ଜଳାରେ କଞ୍ଚା ହାଣ୍ଡି-
Hāṇḍi porḍibā ମାନ ଦୂରରୁ ସେ ସବୁକୁ ଅଗ୍ନିଦ୍ୱାରା ଦଗ୍ଧ
ହାଁଡ଼ୀ ପୋଡ଼ା କରିବା—To burn the earthen pots in
हाण्डि पकाना the potter's oven.

ହାଣ୍ଡି ଫନ୍ଦ—ଦେ. ବ—ହାଣ୍ଡିର ମୁହଁର ଗୋଟା ପଟ୍ଟ—The
Hāṇḍi phanda circular rim of an earthen pot.
ହାଁଡ଼ୀର ଫାନ୍ଦ (ଦ୍ର—ଏହୁ ଅଂଶ ହାଣ୍ଡିର ଅନ୍ୟ ଅଂଶ ଅପେକ୍ଷା
हाण्डिकाकाना ମୋଟ ଓ ଏଥାକୁ ଧରି ହାଣ୍ଡିକୁ ଚଢ଼ି ବା ଚୁଲି ଉପରୁ ଉଠାଇବାକୁ ସୁବିଧା ।)

ହାଣ୍ଡି ଫୁଟା—ଦେ. ବ—୧। (ଫୋଟା ଫୁଟ୍ ଫୁଟ୍ ଶବ୍ଦ କରେ ବୋଲି)
Hāṇḍi phuṭa ହାଣ୍ଡି ମସଲା ; ଉଅଣ ବଘାରିବା ପାଇଁ ଜଅଁ
ସମ୍ବରା, ପାଁଚପୋଡ଼ନ ଇତ୍ୟାଦି ସ୍ଥାପିତ ହାଣ୍ଡିରେ ଘିଅ ବା ତେଲ
पाँचफोड़न ଦେଇ ସେ ତେଲ ଜାଉଦେବାପାତ୍ରରେ ସେଥିରେ
ପକାଯିବା ସୋରଷ, ଲଙ୍କାମରଚ, ମେଥି, ପାଳମ୍ବସ୍ତ୍ରା, କଲାଜୀରା ଓ ଆଉଅଦ ମସଲା—1. Mustard seed, chilly etc used in seasoning curry by throwing them into boiling oil or ghee.
୨। କଟକଣା (ଦେଖ)—2. Kaṭakā (See).

ହାଣ୍ଡି ବଜା(ଜେ)ଇବା—ଦେ. କ୍ରି—ହାଣ୍ଡିରେ ଅଘାତ କରି ଶବ୍ଦ
Hāṇḍi bajā(je) ibā ଉତ୍ପାଦନ କରିବା ; ହାଣ୍ଡି ବଡ଼ କି
ହାଣ୍ଡୀ ବାଜାନ ଫଟା, ଏହା ପରୀକ୍ଷା କରିବା ପାଇଁ ହାଣ୍ଡିର ପିଠିରେ
हाण्डि बजाना ଆଙ୍ଗୁଠିଦ୍ୱାରା ଅଘାତ କରି ତହିଁରୁ ଶବ୍ଦ ଉତ୍ପାଦନ କରିବା—To strike an earthen pot with the palm or fingers so that it can be known from the sound whether the pot is cracked or sound.

ହାଣ୍ଡି ବାହାର—ଦେ. ବିଣ—ଋତୁମତ୍ତ (ସ୍ତ୍ରୀ)—
Hāṇḍi bāhāra Menstruated; in her menses.
ହାଣ୍ଡି ଭୁଆର
ହାଣ୍ଡି ଭାର୍ } —ଗ୍ରାମ୍ୟରୂପ
ଛୋଚ୍‌ପଡ଼ା **ऋतुमती**

ହାଣ୍ଡି ବାହାର ଦେବା—ଦେ. କ୍ରି—(ଋତୁମତ୍ତ ସ୍ତ୍ରୀ ଋତୁକାଳରେ ପ୍ରଥମ
Hāṇḍi bāhāra debā ଥରକ ପାକଶାଳାରେ ପ୍ରବେଶ କ
ଛୋଁଚପଡ଼ା କରିବା ଯୋଗୁଁ)—(ସ୍ତ୍ରୀ) ଋତୁମତ୍ତ ହେବା—To be
ऋतुमती होना in her menses; to be in the menstrual period.

ହାଣ୍ଡି ଭଙ୍ଗା—ଦେ. ବ—୧। ହାଣ୍ଡି ଉପରେ ଯଷ୍ଟି ଆଘାତପୂର୍ବକ
Hāṇḍi bhaṅgā ତାହାକୁ ଖଣ୍ଡ ଖଣ୍ଡ କରିବା କର୍ମ—1.
ହାଁଡ଼ି ଭାଙ୍ଗା Breaking an earthen pot into pieces
हाण्डी भांगना by striking blows on it. ୨। ଏକପ୍ରକାର
ଛୋଟ ଅଳାଉଆ ମାଛ—2. A kind of small fish; millers thumb; Uranidea Gobia. [ଦ୍ର—
ଏମାନେ ଲମ୍ବରେ ୮।୧୦ ଅଙ୍ଗୁଳ ପର୍ଯ୍ୟନ୍ତ ହୋଇଥା । ଶଙ୍ଖରର ଆକୃତି ଭୁଲାନରେ ଏମାନଙ୍କର ମୁଣ୍ଡ ବଡ଼ ଓ ଗାଇରେ ଦୁଇଟି ଦନ୍ତୁର କଣ୍ଟା ଥାଏ ।]

ହାଣ୍ଡି ଭାଙ୍ଗିବା—ଦେ. କ୍ରି—୧। (ଲକ୍ଷଣାର୍ଥ) ଅଇାଦ ଖାଇବା ପାଇଁ
Hāṇḍi bhāṅgibā ଚାକଶାଳାରେ ଯାଇ ଅଳ ବା ଉତ୍ପାଦ
ହାଁଡ଼ି ଭାଙ୍ଗା କରିବା—1. (figurative) To importune
हाण्डीभांगना for food at the cooking room. ୨।
(ଲକ୍ଷଣାର୍ଥ) ଅତି କ୍ରୁଦ୍ଧ ହୋଇ ଅତ୍ୟାଚାର କରିବା—2. (figurative) To commit oppression in anger. ୩। (ଲକ୍ଷଣାର୍ଥ) କୌଣସି ଗୁପ୍ତ ବିଷୟକୁ ଉଚ୍ଚୈଃସ୍ୱରରେ ପ୍ରକାଶ୍ୟ ସ୍ଥାନରେ ପ୍ରକାଶ କରିବା—3 (figurative) To publish a secret. (ଯଥା—
ସେ ହାଟରେ ତାଙ୍କ ଘରକଥା ଯାଇ ହାଣ୍ଡି ଭାଙ୍ଗିଛି ।)

ହାଣ୍ଡି ଭିନେ (ନ୍ନ, ନ୍ନେ)—ଦେ. ବ—ଅଲଗା ରୁଷେଇ; ପୃଥଗନ-
Hāṇḍi bhine (nna, nne) ର୍ଦ୍ଧା; ଏକାନ୍ନବର୍ତ୍ତୀ
ହାଁଡ଼ି ଭିନ୍ନ ବ୍ୟକ୍ତିମାନଙ୍କର ପୃଥଗନ ହେବା—Separation
हाण्डी अलग in mess (of hitherto joint persons); being separate in mess.

Digitized by srujanika@gmail.com

ହାଣ୍ଡିମଙ୍ଗଳଣ(ନ) (ମଙ୍ଗ[ଙ୍ଗୁ]ଳା)—ଦେ. ବ—ବରାହାଦର ପୂର୍ବ ଦିନ Hāṇḍi maṅgalaṇa (na) (maṅga [ṅgu] lā) ବା ହାଁଡ଼ିମଙ୍ଗଳା ମଙ୍ଗଳକୃତ୍ୟ ଦିନ ମଗଲ ପାଇ ଉମନ୍ତେ ଖାଦ୍ୟ ରନ୍ଧିବା କଡ଼ାହି ପୂଜନ ପ'ଇଁ ପାକଶାଳାରେ ନୂଆ ହାଣ୍ଡିରେ ସିନ୍ଦୂରଅଦି ଲଗାଇ ସ୍ତ୍ରୀ ଲୋକମାନଙ୍କର ହୁଳହୁଳ ପକାଇ ପାକ ଆରମ୍ଭ କରିବା ରୂପ ମଙ୍ଗଳକର୍ମ ସ୍ତ୍ରୀ-ଅଗ୍ଭର ଉଦ୍ଦେଶ—The ceremony of setting up a new earthen pots (after smearing vermilion on them) for cooking meals for a marriage feast.

ହାଣ୍ଡି ମଙ୍ଗୁଳିବା—ଦେ. କ୍ରି—ବରାହାଦରେ ପାକଶାଳାରେ ପାକ Hāṇḍi maṅguliba କରିବା କାର୍ଯ୍ୟର ଅନୁକୂଳ କରିବା ପାଇଁ ହାଁଡ଼ି ମଙ୍ଗଳା କେତେଗୋଟି ହାଣ୍ଡିରେ ସିନ୍ଦୂର ଲଗାଇ (କେତେ-କଡ଼ାହି ପୂଜା କରିବା ଗୃହିଣୀ ଅଦ୍ୟ ସ୍ତ୍ରୀଲୋକ) ହୁଳହୁଳ ପକାଇବା —To set up the first set of earthen pots with some ceremony for cooking the food for a marriage. ୨। (ଲକ୍ଷଣାର୍ଥ) [ଛୁଆଁ ଲୋକ, ଅର୍ଥାତ୍ ଯେଉଁ ଲୋକ ଦାଣ୍ଡକୁ ଯାଇ ତେଣୁ ଆସି ଲୁଗା ପାଲଟି ନ ଥାଏ କମ୍ବା ଯେଉଁ ଲୋକ ଗାଈରେ ପିନ୍ଧି ଶୋଇଥିବା ଲୁଗାକୁ ବଦଳି ନ ଥାଏ କମ୍ବା ଯେଉଁ ଲୋକ ଅସ୍ପୃଶ୍ୟ ବ୍ୟକ୍ତି ବା ରଜସ୍ବଳା ସ୍ତ୍ରୀକୁ ଛୁଇଁ ଲୁଗା ପାଲଟି ନ ଥାଏ] ପାକ ହାଣ୍ଡିକୁ ଛୁଇଁବା – 2. (figurative) To touch or lay hands on the cooking pots (said of a person who has become contaminated by touch). [ଉ—ଏପର କଲେ ପାକ ହାଣ୍ଡି ଯାକ ମାଡ଼ ହୋଇଯାଏ।]

ହାଣ୍ଡି ମଲା—ଦେ. ବ—୧। ହାଣ୍ଡି ତେଙ୍ଗଡ଼ା (ଦେଶ)—1. Hāṇḍi Hāṇḍi malā teṅgaṛā (See). ୨। ଅଗାଣ୍ଡି ଆ ହାଣ୍ଡିକୁ ବାଁଡେ ସମତଳ ଭୂମି ଉପରେ ଥୟ କର ରଖିବା ପାଇଁ ଭୂମିରେ ହାଣ୍ଡି ବିଡ଼ା ସ୍ଥାପିତ ହେବା ଗୁଣ୍ଠି, କଳା, କଦଳୀପତ୍ର ବା ଦଉଡ଼ା ଆଦିର ଗୋଲାକାର ଶୂନ୍ୟଗର୍ଭ ମୁଚୁଲା—2. A hollow ringed cushion (made of straw, rags, rope etc) to set round-buttomed pots stably on the ground.

ହାଣ୍ଡି ମସଲା—ଦେ. ବ—ହାଣ୍ଡି ଫୁଟା (ଦେଶ)—
Hāṇḍi masalā Hāṇḍi phuṭā (See)

ହାଣ୍ଡି ମାଠିଆ—ଦେ. ବ (ସମ୍ବନ୍ଧର ଶବ୍ଦ)—ହାଣ୍ଡି ଓ ଘଟ; ମାଟିର ଚାକ-Hāṇḍi māṭhiā ରାଡ଼ ଓ ଜଳପାତ୍ର (ହାଣ୍ଡିର ମୁହଁ ବଡ଼ ଓ ହାଁଡି କଳସୀ ମାଟିଥର ମୁହଁ ସରୁ)—Earthen pots for ହାଣ୍ଡୀ କଳସୀ cooking and narrow-necked pitchers for water.

ହାଣ୍ଡି ମାରୁ(ରୁ)—ଦେ. ବ—ଅସ୍ପୃଶ୍ୟ ବ୍ୟକ୍ତିର ପାକପାତ୍ରକୁ ଛୁଇଁବା Hāṇḍi mārā (ru) ହେତୁ ଅଶୁଦ୍ଧ ହୋଇଥିବା ହାଣ୍ଡି—ହାଁଡ଼ିମାରା Cooking pots defiled by the touch of ହାଁଡ଼ିଛୁଆ an untouchable person. ବ୍ୟୁ. ସ୍ତ୍ରୀ—ହାଣ୍ଡି ବାହାର (ଦେଶ)—Hāṇḍi bāhāra (See)-

ହାଣ୍ଡି ମୁହଁ—ଦେ. ବ—୧। ହାଣ୍ଡିର ଯେଉଁ ଖୋଲା ଅଂଶ ଉପରଆଡ଼କୁ Hāṇḍi muhāṁ ଥାଏ—1. The mouth of an ହାଁଡ଼ିମୁଖ earthen pot. ୨। ହାଣ୍ଡିପରି କୃଷ୍ଣବର୍ଣ୍ଣ ଓ ଅସୁନ୍ଦର ହାଁଡିକା ମୁହଁ ମୁହଁ—2. A face as black and ugly as an earthen pot.

ହାଣ୍ଡିମୁହାଁ—ଦେ. ବ୍ୟ—ଯେଉଁ ବ୍ୟକ୍ତିର ମୁହଁ ହାଣ୍ଡିପରି କଳା, Hāṇḍi muhāṁ ଫୁଲୁଆ ଓ ଅସୁନ୍ଦର—(a person) Having [ହାଣ୍ଡିମୁହାଁ—ସ୍ତ୍ରୀ a black, ugly and swollen face. ହାଁଡ଼ିମୁଖୀ ହାଁଡିମୁହାଁ

ହାଣ୍ଡିରେ ଖାଇବା—ଦେ. କ୍ରି—(ବ୍ୟଙ୍ଗାର୍ଥକ)—ହାଣ୍ଡିରୁ ଅନ୍ନ ବ୍ୟଞ୍ଜନ Hāṇḍire khāibā ପାଖାନ୍ତାରରେ ବାଡ଼ି ନ ଅଣି ସେହ୍ନ ହାଁଡ଼ି ଖାଓୟା ହାଣ୍ଡିରୁ ଗୋଟେରେ ଖାଇବା—To secretly ଛିପାକର ଖାନା eat rice and curry from the cooking pot (instead of taking it out on a plate). [ଉ—ହାଣ୍ଡିରେ ଖାଏ, ଗୋଡ଼ରେ ଚଢ଼ଲେ ଗାଧୋଇ ଯାଏ — ପ୍ରବଚନ—

ଯେଉଁ ବ୍ୟକ୍ତି ଗୋପନରେ ଘୃଣାସ୍ପଦ କର୍ମ, ସାଙ୍କ ଲୋକଙ୍କୁ ଦେଖାଇବା ପାଇଁ ଭଲ ଆଚରଣକୁ ଦୃଢ଼, ତାହା ପ୍ରତି ଏହି ପ୍ରବଚନ ପ୍ରଯୁଜ୍ୟ ହୁଏ।]

(ଅନ୍ୟର) ହାଣ୍ଡିରେ ଗୁଡ଼ାଲ ପକା(କେ)ଇବା—ଦେ. କ୍ରି—(ଲକ୍ଷଣାର୍ଥ) Hāṇḍire chāula pakā(ke)ibā (କୌଣସି ଚାକରୀ) ପତି ପତ୍ନୀ ନିର୍ବ୍ବନ୍ଧଥାକା କୌଣସି ପୁରୁଷକୁ ବରାହୁଡା ହେବା ଜହାଁ ମାଘି ଥା ସହାଁ ହୋନା ପାଇଁ ପ୍ରକାରନ୍ତରଙ୍କ ଦ୍ୱାରା ପୂର୍ବରୁ ସ୍ଥିରକୃତ ହୋଇଥିବା - (figurative)To have one's rice thrown in the cooking pot of another (said of a girl going to be married to a particular man.)

[ଉ – ହଜୁମାକଙ୍କର ବଖାଣ ଏହି ଯେ, ବରାହସମ୍ବନ୍ଧ ସନ୍ତୁଷ୍ୟକୃତ ହୁଏଁ; ତାହା ପ୍ରଜାପତିଙ୍କ ଘଟଣ ଓ ତାହା କନ୍ୟାର ଜନ୍ମ ପୂର୍ବରୁ ବଧାତା ସ୍ଥିର କର ଥାଅନ୍ତି। ବଧାତାଙ୍କ ନିୟମ ଅନୁସାରେ ଯେଉଁ କନ୍ୟା ତାହାର ଗୁଡ଼ାଳ ବା ଖାଦ୍ୟ ଯେଉଁ ବରର ହାଣ୍ଡିରେ ବା ପାକ-ହାଣ୍ଡିରେ ପୂର୍ବ ଜନ୍ମରେ ପକାଇଥାଏ, ସେ କନ୍ୟା ଅବଶ୍ୟ ସେହ୍ନ ବରକୁ ବରାଡ କରେ। ଏଥିପାଇଁ ଲୋକେ କହନ୍ତି 'ସେ ପିଲାଟି ଅନ୍ୟର ହାଣ୍ଡିରେ ଗୁଡ଼ାଳ ପକାଇଛୁ' ଅର୍ଥାତ୍ ସେ କନ୍ୟାଟି ଏକ ବର ଛଡ଼ା ଅନ୍ୟ କୌଣସି ବରକୁ ବରାହୁଡା ହେବ ନାହିଁ।]

ହାଣ୍ଡି(ଣ୍ଡେ)ଲ—ବୈ. ଦେ. ବ (ଇଂ)—ହାଣ୍ଡ୍ରଲ୍ (ଦେଶ)—
Hāṇḍi (ṇḍe)l Hāṇḍ-l (See)

ହାଣ୍ଡିଶାଳ—ଦେ. ବ—(ହାଣ୍ଡି ଓ ଶାଳା) —ରନ୍ଧଣା ଘର; ପାକଶାଳା, Hāṇḍi sāla ରୁଷେଇ ଘର—Cookroom; kitchen. ହେଁସେଲ,ହାଁଶାଲ [ଉ—ଗିରାଙ୍କ ଅନ୍ତଃପୁର ମାନ ହାଣ୍ଡିଶାଳ—ଦେଇ

Digitized by srujanika@gmail.com

ରଙ୍ଗୀଘର ଗୃହ ଦେଖିବ ଯେ ଦେବ କୁଶଳ । କୃଷ୍ଣସିଂହ ମହାତ୍ମରଙ୍କ ଉଦ୍‌ଯୋଗ]

ହାଣ୍ଡି ସଜ—ଦେ. ବ—ପାକଶାଳାରେ ରନ୍ଧନ ଦ୍ରାଇ ଉପଣା ଅନ୍ନ ଉଳ୍ଲ ଉଳ୍ଲ
Hāṇḍi saja ପ୍ରାମସ୍ତୀ ରନ୍ଧା ଦେବା ପାଇଁ ବ୍ୟବହୃତ ଏକ ସେଟ୍
ହାଁଡ଼ିସାଜ ବଡ଼ ଓ ସାନ ହାଣ୍ଡି—A set of earthen pots
(big and small) used for cooking various
kinds of food (rice, dal and curry
ହାଁଡ଼ୀକାସେଟ etc).

ହାଣ୍ଡି ସର(ଶ)ରା—ଦେ. ବ (ସଂସ୍କୃତର ଶବ୍ଦ) (ସଂ, ସ୍ଥାଣ୍ଡ+ସରବ; ଶରାବ)
Hāṇḍi sa(śa)rā ହାଣ୍ଡି ଓ ସେଥିର ପଲମ—
ହାଁଡ଼ି ସରା ହାଣ୍ଡୀ ସରାହ Earthen pot and
its small cover

ହାଣ୍ଡି ସରାଇ—ପ୍ରାଦେ (ସମ୍ବଲପୁର) ବ (ସଂସ୍କୃତର ଶବ୍ଦ)—ହାଣ୍ଡି କୁଣ୍ଡେଇ,
Hāṇḍi sarāi ନାନାପ୍ରକାର ମୃତ୍‌ଭାଣ୍ଡ—Various
earthenwares.

ହାଣ୍ଡି ହସିବା—ଦେ. ବ—ଜଳନ୍ତା ନଆଁ ଉପରେ ବସିଥିବା ହାଣ୍ଡିର
Hāṇḍi hasibā ପିଠିରେ ବା ହାଣ୍ଡିରେ ଲଢିଥିବା କଳାରେ
ହାଁଡ଼ିହାସା ମଳା ମଳା ହୋଇ ନଆଁ ଲାଗିବା (ତାହା
ହାଣ୍ଡିର ହସିବା ସଙ୍ଗେ ସଙ୍ଗେ ଜୁଳନା କରୁଥାଏ)—
ହାଁଡୀହଂସନା The soots on the back of a cooking
pot becoming ignited in patches while
the pot is on a brisk fire. [ଦ୍ର—ଫଳତଃ
ସାଧାରଣ ବ୍ୟବହୃତ ହାଣ୍ଡିର ପିଠି ଆଦରୁ କଳାରାଜ
ଉତ୍ତମରୂପେ ଧୂଂରୁ ଧୂଆ ହୋଇ ନ ଥିଲେ ତାହା ଜଳନ୍ତା
ନଆଁ ଉପରେ ବସିଲାବେଳେ ସେ କଳାର କଣିକା-
ମାନଙ୍କରେ ନଆଁ ଲଗି ତାହା ନଆଁରେ ତାତ୍ତି ଦାଏ କରେ ।
ଲେଖେ ଏହାକୁ 'ହାଣ୍ଡି ହସିବା' କହନ୍ତି ଓ ଯାହା ଦ୍ୱାର
ହାଣ୍ଡି ହସିବା ଦେଖାଯାଏ, ସେହି ପରବାରରେ ମୋଟ
ବରାବାର କୌଣସି ଶୁଭକର୍ଷାଳ ଘଟିବ ବୋଲି ଲୋକେ
ବିଶ୍ୱାସ କରନ୍ତି ।]

ହାଣ୍ଡି ହାଣ୍ଡି—ଦେ. କି. ବଣ ଓ ବଣ—ହାଣ୍ଡିକା ହାଣ୍ଡି (ଦେଖ)—
Hāṇḍi hāṇḍi Hāṇḍikā hāṇḍi (See)

ହାଣ୍ଡୁଆ—ପ୍ରାଦେ (ଗଡ଼ଜାତ ଓ ସିଂହଭୂମି) ବ—ବାଉଁଶ କରଡ଼ରେ
Hāṇḍuā ପ୍ରସ୍ତୁତ ବ୍ୟଞ୍ଜନ ବିଶେଷ—A kind of
curry prepared from tender shoots of
bamboo. [ଦ୍ର—ବାଉଁଶ କରଡ ଚୁନା ଚୁନା
ହୋଇ କଟାଯାଇ ଗୋଟିଏ ମାଟିଆ ହଣ୍ଡରେ ଭଟାଯାଏ ଓ
ତହିଁରେ ଦହିଁ ଗୋଳା ଦିଏ । ଦହି ଗୋଳା ହୋଇଥିବା
ଦ୍ରବ୍ୟକୁ କରଡ଼ ଓ ତାହା ଶୁଖିଗଲେ ତାକୁ ହାଣ୍ଡୁଆ
କହନ୍ତି; ଏହା ଉରକାଳ ଘର ରହେ ଦିଏ ।]

ହାଣ୍ଡୁଳା ମହି(ଇ)—ପ୍ରାଦେ (ଗଞ୍ଜାମ) ବ—କୋଳମଇ (ଦେଖ)—
Hāṇḍulā mahi(i) Kolmai (See).

ହାଣ୍ଡୋଳା—ଦେ. ବ—ପ୍ରାମାଞ୍ଚଳବାସୀମାନଙ୍କ ପାଇଁ କୁମ୍ଭାରଙ୍କ
Hāṇḍolā ଦ୍ୱାରା ଗୋଡ଼ାମାଟିରେ ପ୍ରସ୍ତୁତ ମନ୍ଦିର—
A small burnt earthen temple for
vilage Deities,

ହାତ୍—ଦେ ଅ—୧ । (ତାରଣାର୍ଥକ; ଉତ୍ତେଜନାର୍ଥକ) ଧର୍; ମାତ୍—
Hāt 1. Interjection, used in prohibiting
ଧାତ୍, ଧେତ୍ ହତ୍ or preventing. ୨ ।
ଅସନ୍ତୋଷସୂଚକ—2. interjection, used in
expressing dissatisfaction. ଂ । ହାତ୍ ହାତ୍
[ଦେଶ]—Hāt Hāt (See). ପ୍ରାଦେ [ସମ୍ବଲପୁର]
ଂଅ—ଅବଜ୍ଞାର୍ଥକ—ଦୂର୍—Fie.

ହାତ୍ ଉପର୍—ଦେ. ବ [ଯୁବକ ସ୍ୱାଧୀଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Hāt-upar ଆଦେଶ ବଚନ) ହାତ ଉପରକୁ ଉଠାଅ—
(a word of drill recently introduced)
Hands up

ହାତ୍‌କମର୍—ଦେ. ବ (ଯୁବକ ସ୍ୱାଧୀଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Hāt-kamar ଆଦେଶବଚନ)—କମର ଉପରେ ହାତ ରଖ-
(a word of drill) Hands by your
side !

ହାତ୍‌ଛନ୍ଦ—ଦେ. ବ [ଯୁବକ ସ୍ୱାଧୀଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀୟ
Hat-chhand ଆଦେଶବଚନ]—ଏକ ହାତକୁ
ଅନ୍ୟ ହାତଦ୍ୱାରା ଗ୍ରହଣଅ—(drill) Hands-
clasp !

ହାତ୍‌ଛଡ଼୍—ଦେ. ବ (ଯୁବକ ସ୍ୱାଧୀଶ୍ୟାମଙ୍କ ପ୍ରବର୍ତ୍ତିତ ଡ୍ରିଲ୍ ସମ୍ବନ୍ଧୀ ;
Hāt-chhārd ଆଦେଶବଚନ)—ହାତକୁ ତଳକୁ ଝୁଲାଅ-
(drill) Hands down !

ହାତ୍‌ଡ଼ି - ପ୍ରାଦେ (ସମ୍ବଲପୁର) ବ—ହାତୁଡ଼ି—
Hat-rdi Hammer.

ହାତ୍‌ତେରି[ତେରିକା(କି,କେ)]—ଦେ.ଅ—ଧତ୍ ତେରି ! [ଅସନ୍ତୋଷ ବା
Hāt-teri(terika[ki,ke) ଘୃଣାର୍ଥକ] ଛି ଛି !—
ଧାତ୍‌ତେରି ଧତ୍‌ତେରି Interjection used
in expressing disgust or hatred.

ହାତ୍(ଥ୍)ରସ୍—ଦେ. ବ [ନାମ]—ଇଷ୍ଟ୍ ଇଣ୍ଡିଆନ୍ ରେଲ୍‌ୱେର
Hāt-(th-)ras କଲିକତାରୁ ଦହ୍ଲୀ ଯାଇଥିବା ରେଳ ଲାଇନ୍‌ର
ହାତରସ ହଥରସ ଯାଇଥିବା ରେଳ ଲାଇନ୍‌ର
ଗୋଟିଏ ଷ୍ଟେସନ—Hathras; a junction in the
East-Indian-Railway main line from
Calcutta to the Punjab, from where a
branch line goes towards Mathurā and
another towards Bereli. (ଦ୍ର—ଏହା
ଯୁକ୍ତପ୍ରଦେଶର ଅଲିଗଡ଼ ଜିଲ୍ଲାର ଗୋଟିଏ ବାଣିଜ୍ୟକେନ୍ଦ୍ର
ନଗର । ଏହା ଆଗ୍ରାର ଉତ୍ତରକୁ ୨୯ ମାଇଲ୍ ଓ
ଅଲିଗଡ଼ର ଦକ୍ଷିଣକୁ ୨୧ ମାଇଲ୍ ଦୂର । ଏହିଠାରୁ
ମଥୁରକୁ ଗୋଟିଏ ଛୋଟ ଶାଖାଲାଇନ୍ ଓ ବେରଲିକୁ
ଅନ୍ୟ ଗୋଟିଏ ଲାଇନ୍ ବାହାରି ଯିବାକୁ ଦିଏ । ଏହିଠାରେ
ଗଙ୍ଗା କଥାରୁ ଅଲିଗଡ଼କୁ ଖୋଳାଯୋଇଥିବା କେନାଲ
ଆଲିଗଡ଼ ରାସ୍ତାକୁ ଭେଦ କରିଥିଛି ।]

Digitized by srujanika@gmail.com

ହାତ୍‌ଲି—ପ୍ରାଦେ (ସମ୍ବଲପୁର) ବ—ଗ୍ରୀଷ୍ମକାଳରେ ଅଳ୍ପ ଜଳ ଥିବା ନଦୀଗର୍ଭରେ ଡଙ୍ଗା ଚଳାଇବାକୁ ସୁବିଧା ହେଉନଥିବା ଗଭୀର ପାଣି ନ ଥିଲେ, ନଦୀଗର୍ଭକୁ ଖୋଳିବା ପାଇଁ ବ୍ୟବହୃତ କାଠର କୋଡ଼ି ବା ଫାଙ୍କୁଣା—A wooden spade for digging river-beds where the depth of water is too shallow for boats to ply during summer.

Hāt-li

ହାତ୍‌ଲୁବ୍‌—ପ୍ରାଦେ (ସମ୍ବଲପୁର) ବଣ ଓ ବ—ଛିଣ୍ଡିକା ଚୋର— Pilfererer.

Hāt-lubhi

ହାଡ୍‌ଶା—ଦେ. ବ—ହଡ୍‌ଶା (ଦେଶୀ)—

Hāt-śā Hat-śā (See)

ହାଟ୍ ହାଟ—ଦେ. ଅ—ବାରଣାର୍ଥକ ଧ୍ୱନି; ହଉଡ଼, କୁଆ, କୁକୁର, ଗୋରୁ ଅଦି କୌଣସି ଜୀବଜନ୍ତୁ ଓ ଦ୍ରବ୍ୟପଦାର୍ଥ ଖେଏଖେଏ ହତ୍‌ହତ୍ ଖାଇବାକୁ ଉପକ୍ରମ କଲେ ତାକୁ ଦୂରୁଡ଼ାଇବା ପାଇଁ ଉଚ୍ଚାରିତ ଧ୍ୱନି—Interjection used in driving or scaring away a cat, dog or cattle setting upon something to eat.

Hāt hāt

ହାତ—ଦେ. ବ (ସ. ହସ୍ତ; ପ୍ରା. ହତ୍ଥ)—୧ । ହସ୍ତ; କର; ଭୁଜ—

Hāta 1. Hand,

(ବ୍ୟ—କବ୍ଜୀଠାରୁ ମଣିବନ୍ଧ (କବଚି) ପର୍ଯ୍ୟନ୍ତ ଅଂଶକୁ ପ୍ରକୋଷ୍ଠ ଓ ଖୁଥାଠାରୁ ଆଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶକୁ ହାତ କୁହାଯାଏ ।

ସାଧାରଣତଃ କୁଆଠାରୁ ଆଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶକୁ ଲୋକେ ହାତ କୁହନ୍ତି; କିନ୍ତୁ କବ୍ଜୀଠାରୁ ଆଙ୍ଗୁଠି ଅଗ ପର୍ଯ୍ୟନ୍ତ ଅଂଶ ହାତ ବା ହସ୍ତ ଅଟେ ! ହାତର ଉଲ୍ଲ ଉଲ୍ଲ ଅଂଶର ନାମ । ଯଥା—ଆଙ୍ଗୁଠି ବ ଆଙ୍ଗୁଲି, ପଞ୍ଜା ବା ପଞ୍ଜୀ, ତେଲୁ ବା ଲେଉଡ଼, ତାପୁଲି ବା ପଇଠ, ଗଣ୍ଠିମୂଳ, କବଚି ବା ମଣିବନ୍ଧ, ହାତଗଣ୍ଠି (ଜ୍ୟେଷ୍ଠି, ବଡ୍ଡା, କବଜା), ହାତ ଉଣ୍ଡା, କବ୍ଜୀ, ବାହା ବା ବାହୁ, କୁଆ (ବା ଡେଣା ବା ହାତଟୁଆ), କାଖ, ମୁଠା ।

ହାତର ଉଲ୍ଲ ଉଲ୍ଲ ଅଂଶରେ ପିନ୍ଧାଯିବା ଅଳଙ୍କାର ମାନଙ୍କର ନାମ ଯଥା—

ଆଙ୍ଗୁଠିରେ—ମୁଦି; କରପୃଷ୍ଠରେ—କଇପଦୁ; କବଚି ବା ମଣିବନ୍ଧରେ—ଖଜୁ, କଲଅର ବା କଲଅର, ପଇଞ୍ଚ ବା ପଇଞ୍ଚ, ଶିକୁଳି, ବଙ୍କଫଲ, ଥଉଲ ଓ (ଲୁହା'ର) ଚାରଣି;

ହାତର ଉଣ୍ଡାରେ—ଚୁଡ଼ି, କାଚ (ଧାତୁନିର୍ମିତ ବା କାଚର ସରୁ ସରୁ ପଟ୍ଟ);

ବାହୁରେ—ବାଜୁ ବା ବାଜ, ବାଜୁବନ୍ଧ ବା ବାହୁଟି, ବାଙ୍କଡ଼େଇଁଆ ବା ବାଙ୍କଡ଼ଇଁଟ, ବଦ, କପୂରବାଲଅ, ତାଡ଼, ରସ୍ତଣିଆ ।

ହାତର ଉଲ୍ଲ ଉଲ୍ଲ ଅଂଶଦ୍ୱାରା ପ୍ରହାରର ନାମ ଯଥା—

୧ । ଗୋଟିଏ ଆଙ୍ଗୁଠି ଦ୍ୱାରା—ଟାକର, ଥୁ(ଥୋ)ଥା, ଥୁ(ଥୋ)ଟି, ଟୁକର ବା ଠୋକର, କଡ଼; ଦୁଇଟି ଆଙ୍ଗୁଠି ଦ୍ୱାରା ମାଂସକୁ ଜୋରରେ ଚପିବା=ମେଟା, ଚମ୍ପଟ; ବୁଢ଼ାଆଙ୍ଗୁଠି ଓ ବଙ୍କାକୃତ ବଗିଆଙ୍ଗୁଠି ଦ୍ୱାରା ଚମ୍ପଟାର ନାମ ଘୁଟିଆ ।

୨ । ଆଙ୍ଗୁଠି ସମେତ ହସ୍ତତଳ କରତଳ ଦ୍ୱାରା [ସ. ଚପେଟ) ଧୀରରେ ଆଘାତ—ଥାପଡ଼ା, ଚଟକଣି, ଗୁପୁଡ଼ ।

ଜୋରରେ ଆଘାତ – ଚାପୁଡ଼ା, ଗୁପୋଡ଼ା ବା ଜାବଡ଼ା, ଚଟକଣା ।

୩ । ପାଣିକୁଣ୍ଡ କରତଳ ଦ୍ୱାରା ଧୀର ଆଘାତ=ଟୁସୁକୁ ।

୪ । ବୁନ୍ଧାଙ୍ଗୁଷ୍ଠି ବା ମୁଠାଦ୍ୱାରା ଆଘାତ—

(କ) ମଠାର କାନି ଆଙ୍ଗୁଠି ପାଖ ଦ୍ୱାରା—ବଧା;

(ଖ) ମୁଠା ଦୋଇଥିବା ଆଙ୍ଗୁଠିମାନଙ୍କ ପୃଷ୍ଠ ଦ୍ୱାରା—ଚୁସା, ଚୁସି;

(ଗ) ମୁଠାର ବୁଢ଼ା ଆଙ୍ଗୁଠି ପାଖ ଦ୍ୱାରା—ମୁଥ;

(ଘ) ମୁଠାର ବୁଢ଼ା ଆଙ୍ଗୁଠି ପାଖ ଦ୍ୱାରା ମୁହଁରେ ଆଘାତ—ମୁଖୀ ।

୫ । ସ୍ତୋତ କରତଳ ବା ପଞ୍ଜା ଦ୍ୱାରା ଅନ୍ୟର ହସ୍ତସ୍ଥ ଆଙ୍ଗୁଠିମାନଙ୍କୁ ଚପିବା – ପଞ୍ଜା, ପଞ୍ଜା ।

୬ । ଲେଉଡ଼ ଦ୍ୱାରା ଠୋକ ଆଘାତ—ଲେଉଡ଼ା ।

୭ । (କ) ବୁଢ଼ା ଆଙ୍ଗୁଠି ଓ ବଗି ବା ମଝି ଆଙ୍ଗୁଠିକୁ ହସ୍ତତ କରିବା ଦ୍ୱାରା ରଚିତ ଅର୍ଦ୍ଧଚନ୍ଦ୍ର ଦ୍ୱାରା ବେକରୁ ପଛଆଡ଼ୁ ଠୋକ—ଚଲଥା,

(ଖ) ଏପ୍ରକାରରେ ବେକର ଅଗଆଡ଼ୁ ବା ଛାତିଆଡ଼ୁ ଧକ୍କା - ଚଲ୍ଲିଆ ।

୮ । କବ୍ଜୀଦ୍ୱାରା ଠୋକ—କବ୍ଜୀଆ, କବ୍ଜୀ ।

୯ । ବାହୁ ଓ ଭୁଜ ଦ୍ୱାରା ଠୋକ—ଧକ୍କା ।

ଏହା ଛଡ଼ା ହାତର ଆଙ୍ଗୁଠିମାନ ଦ୍ୱାରା କାନମୋଡ଼ା, ନାକମୋଡ଼ା, ଚୁଟିଛିଙ୍କା, ବାଲଧରା, ଅଣ୍ଟିରେ ଆଙ୍ଗୁଠି ଗୋଞ୍ଜିବା, ଗୁହ୍ୟଦ୍ୱାରରେ ଆଙ୍ଗୁଳି ମାରିବା (ଅଙ୍ଗୁଳି) ଇତ୍ୟାଦି ଅଘାତ କରଯାଏ ।

ହାତ ଶବ୍ଦଯୁକ୍ତ ପ୍ରବାଦ,ନ୍ୟାସ୍, ପ୍ରବଚନ ଆଦି:-ଯଥା—

୧ । ହାତରେ ଶଙ୍ଖା, ଦର୍ପଣ ଯାଏ କଅଁ ?—ନ୍ୟାସ୍ ।

୨ । ସୁନାମୁଦଆ ହାତରୁ ଟାକରୀଏ ଦାଇଲେ ଗଙ୍ଗାସ୍ନାନ ଫଳ ଯଇ—ଭଗ (ବ୍ୟଙ୍ଗ)

୩ । ହାତରେ ନ ମାର ଭୁତରେ ମାରବା—ନ୍ୟାସ୍

୪ । ହାତ ଘଣ୍ଟ ଘଣ୍ଟ ବାଡ଼ା ଘଣ୍ଟିବା—ନ୍ୟାସ୍

୫ । ହାତରୁ ଖାଇ ଘୋଡା ଅଗରେ ଡେଇଁବା—ନ୍ୟାସ୍

୬ । (ଟେକା) ହାତରୁ ଖସିଲେ ଅଣକାମୁଡ଼—ନ୍ୟାସ୍

୭ । ଦେବର ହାତର ଘାଅ ଖାଇବ ହାତରୁ ଔଷଧ ନାହିଁ —ନ୍ୟାସ୍

Digitized by srujanika@gmail.com

୮ । ଏ ହାତ କଥା ସେ ହାତକୁ ଅଗୋଚର—ନ୍ୟାସ୍ତ
୯ । ଏକ ହାତ ଅମୃତ ଭୁଞ୍ଜୁନ୍ତୁ, ଏକ ହାତ ନରକ ଘୋଟୁଚ—ନ୍ୟାସ୍ତ ।
୧୦ ଏକା ହାତକେ ତାଳ ବାଜେ ନାହିଁ—ନ୍ୟାସ୍ତ
୧୧ । ହାତ ଅଲସେ ଜଣବଙ୍କା—ନ୍ୟାସ୍ତ
୧୬ । ବାମନ ଦୋଇ ଚନ୍ଦ୍ରକୁ ହାତ ବଢ଼ାଇବା—ନ୍ୟାସ୍ତ
୧୩ । ହାତରେ ପାଞ୍ଚ ସଙ୍ଗଳବାର—ନ୍ୟାସ୍ତ ।]

୨ । ୨୪ ଅଙ୍ଗୁଳ ପାର୍ଘ ମାପ ବିଶେଷ—2. Cubit; a unit of measure of the breadth of 24 fingers.

[ଦ୍ର—ଲୁଗା ଆଦିରେ କବ୍ଜୀରି ଅଠୋରୁ ମଝି ଆଙ୍ଗୁଠିର ଅଗ ପର୍ଯ୍ୟନ୍ତ ହସ୍ତତ କରି ମାପିବା ଅଂଶକୁ ବା ଦେର୍ଘ୍ୟକୁ ଏକହାତ ବୋଲୁଥାଏ ଓ ହାତର ଅଙ୍ଗୁଠି-ମାନଙ୍କୁ ମୁଠା କରଦେଇ ମାପିଲେ କବ୍ଜୀରି ଅରଠାରୁ ମୁଠା ହୋଇଥିବା ଛାଣି ଅଙ୍ଗୁଠିର ମଝି ବେ ପର୍ଯ୍ୟନ୍ତ ଦୈର୍ଘ୍ୟକୁ ମୁଠୁଣି ବୋଲୁଥାଏ । ଏକହାତ=୨୪ଅଙ୍ଗୁଳ= ୧୮ ଇଞ୍ଚ୍=୬ଗଣ୍ଡେ । ଏକ ମୁଠିଣି=୧୮ ଅଙ୍ଗୁଳ= ୧୪ ଗଣ୍ଡେ । ୪୦୦୦ ହାତ=୧ କୋଶ]

୩ । ଶିଳ୍ପୀର କୃତ ହସ୍ତ; କାରୁ—3. The skilful hand of an artist manufacture; art. (ଯଥା—ଏହା ଗୋରହାଟର ଗାଲ୍‌ସ୍ କାମ)

୪ । ଅକ୍ତିଅର—4. Control. (ଯଥା—ଏ କଥାରେ କାହାର ହାତ ନାହିଁ) ୫। ଶକ୍ତି; ବଳ; କାର୍ଯ୍ୟକାରକତ୍ୱ; କ୍ଷମତା—5. Power; agency; potency. (ଯଥା—ତା ହାତରେ ଏ କାମ ହୋଇ ପାରିବ ନାହିଁ) ୬ । କର୍ମରେ ଦକ୍ଷତା; କୁଶଳ— 6. Skill. (ଯଥା—ସଶ କାଳି ହାତ ଓସ୍ତାଦିହତ ୭ ଖେଳାଳିମାନଙ୍କର ଥରେ ଖେଳ; ଖେଳରେ ଥର; ବାଜି—7. Playing of a game once; one time. (ଯଥା—ଅସିଲ, ହାତେ ତାସ ଖେଳବା) ୮ କୁର୍ତ୍ତାର ଅସ୍ତିନ୍ (କୁର୍ତ୍ତାର ସେଉଁ ଅଂଶକୁ ପିନ୍ଧାଳିକି ହାତ ଅଛାଦନ କରଥାଏ)—8.Sleeve of a coat or shirt. ୯ । ଅଧିକାର; ଦଖଲ— 9. Possession. (ଯଥା—ଏତେ ଦନେ ଏ ଦମ୍ପତ୍ତି ମୋ ହାତରୁ ଅସିଲ୍ଲ) ୧୦। ସମ୍ପର୍କ—10. Connection. ୧୧ । ପ୍ରଭାବ—11. Influence. ବଣ— ୧ । ହାତରେ ପିନ୍ଧ ଯିବ —1. Worn on the hand. (ଯଥା—ହାତମୁଦି) ୨ । ଶିଳ୍ପୀର ହସ୍ତ ଦ୍ୱାରା— 2. Manufactured by. (ଯଥା—ଗେରୁ ହାତ କାମ) ୩ । ହାତରେ ଥିବା; ହସ୍ତ ସମ୍ବନ୍ଧୀୟ— 3. Relating to the hand. (ଯଥା— ହାତ ଅଙ୍ଗୁଠି)

ହାତ ଅକ୍ଷର—ଦେ. ବ (ସ. ହସ୍ତ+ଅକ୍ଷର)— ୧ । କୌଣସି ବ୍ୟକ୍ତିର Hāta akshara ହସ୍ତାକ୍ଷର—1. Any person's hand-writing. ୨ । ହସ୍ତଲିଖିତ ଲେଖା—2. Manuscript writing (as opposed to printed matter.

ହାତେରଅକ୍ଷର **hastākṣar**

ହାତ ଅପହଞ୍ଚ—ଦେ. ବ—୧ । କୌଣସି ବସ୍ତୁର ହାତ ନ ପାଇବା Hāta apahañcha ସ୍ଥାନରେ ଅବସ୍ଥିତ—1 The position of any thing at a place which can not be reached by the hands; being out of the reach of the hands. ୨ । ଧରାଦ ହସ୍ତଗତ ନ ହେବା ଅବସ୍ଥା—2. The state of a thing not reaching one hands.

ନାଗାଲେରବାହିର **hāthaapahuñch**

ହାତ ଅଳସ—ଦେ. ବ—(ସ. ହସ୍ତ+ଅଳସ୍ୟ)—୧ । ହସ୍ତର ଅଳସ୍ୟ Hātā alasa—1. The idleness of the hand. (ଯଥା, ହାତେର ଆଳସ୍ୟ —ହାତ ଅଳସେ ଜଣ ବଙ୍କା) ୨ । ଅଳସ୍ୟ-ହାତ **ଆଳସ** ଯୁକ୍ତ ବ୍ୟକ୍ତିର ହସ୍ତ— 2. The hand of an idle person.

ହାତ ଆଙ୍ଗୁଠି(ଳି)—ଦେ. ବ—(ସ. ହସ୍ତ+ଅଙ୍ଗୁଳି)—ହସ୍ତର ଅଙ୍ଗୁଳି Hāta āṅguṭhi(li) —The fingers of the hand. ହାତେର ଆଙ୍ଗୁଟି [ଦ୍ର—ଏମାନଙ୍କର ନାମ ଯଥା-୧ । ବୁଢ଼ା ଅଙ୍ଗୁଠି—**ହାତ ଆଙ୍ଗୁଠି** ସ. ଅଙ୍ଗୁଷ୍ଠ; ଇଂ. Thumb.) ୨ । ବଗି ଅଙ୍ଗୁଠି (ଇଷତ୍ତଡ—ଗୋଡ଼ ଅଙ୍ଗୁଟି[ଳି]) (ସ. ତର୍ଜ୍ଜନୀ; ଇଂ. Index finger). ୩ । ମଝି ଅଙ୍ଗୁଠି (ସ. ମଧ୍ୟମା; ଇଂ. Middle finger). ୪ । ଚତ୍ତା ମୁଦ ଅଙ୍ଗୁଠି (ସ. ଅନାମିକା; ଇଂ Ring finger.) ୫ । ଛାଣି ଅଙ୍ଗୁଟି (ସ. କନିଷ୍ଠା ଇଂ. Little finger.)

ହାତ ଉଗୁ(ଚା, ଚେ, ଚ୍ଚେ, ଞ୍ଚା, ଞ୍ଚେ)ଇବା—ଦେ. କ୍ରି—କୌଣସି Hāta uchā (chchā, che, cbche, ñchā, ñcbe)ibā ହାତ ତୋଳା ବ୍ୟକ୍ତିକୁ ପ୍ରହାର କରିବା ପାଇଁ ହାତକୁ ଉପରକୁ **ହାତ ଉଠାନା** ଉଠାଇ ମାରିବାକୁ ଉଦ୍ୟତ ହେବା—To lift one's hand to strike a person.

ହାତ ଉଛୁଲା—ପ୍ରାଦେ (ଚଡ଼ଜାତ) ବ ଓ ବଣ—ଏକ କାର୍ଯ୍ୟରେ ବଦ ନ ପାରିବା, ହାତ ବାନ୍ଧି ରହିବା—Being engaged in a work, so as not to be able to put one's hands to any other work. ଦେ. ବ—କୌଣସି ବସ୍ତୁ ପାଇବା ପାଇଁ ଅଲ—Importunity for getting something.

ହାତ ଉଠା(ଟେ)ଇବା—ଦେ. କ୍ରି—୧ । ନମସ୍କାର ବା ସଲ୍ଲମ୍ କରିବା Hāta uṭhā (ṭhe)ibā ପାଇଁ ହାତ ଟେକିବା—1. To **ହାତ ଉଠାନା** raise one's hand to make obeisance. ୨ । କୌଣସି ବ୍ୟକ୍ତିକୁ ମାରିବା ବା ପ୍ରହାର କରିବା—2. To strike a person. ୩ ।ହାତ ଉଗୁଇବା (ଦେଖ) 3. Hāta uchāibā (See) ୪ । ମନ୍ତ୍ର ସମ୍ପିଦରେ ଉପସ୍ଥିତ ବ୍ୟକ୍ତିମାନଙ୍କର କୌଣସି ଉପସ୍ଥାପିତ ପ୍ରସ୍ତାବ ସମ୍ବନ୍ଧେ ଜଳଜଳର ଅଦଳତ ବା ପ୍ରତିକୂଳ ମତ ପ୍ରକାଶ

Digitized by srujanika@gmail.com

କରିବା ଉଦ୍‌ଘାଟନରେ ଜଣ ଜଣର ଗୋଟିଏ ହାତକୁ ଉପରକୁ ଟେକିଦେବା (ଏପରି କଲେ ଟେକା ଦୋଇଥିବା ହାତମାନଙ୍କ ସଂଖ୍ୟା ଗଣନା କରାଯାଇ ଏ ପ୍ରସ୍ତାବର ସପକ୍ଷରେ ବା ବପକ୍ଷ ହାତ ଓଠାନ, ହାତ ତୋଳା କେତେଜଣ ଅଛନ୍ତି, ତାହା ସହଜରେ ଜଣାଯାଏ)—To raise one's hand in voting at a meeting.

ହାତ ଉଧାର(ର୍)—ଦେ.ବ—ଅଳ୍ପ ସମୟ ସକାଶେ ଅନ୍ୟଠାରୁ ମୌଖିକ Hāta udhāra(ri) କଥାବାର୍ତ୍ତାରେ ନେବା ଋଣ—A ହାତକରଜା, ହାତଫିରି short term loan on verbal ହାତଉଧାର promise to pay. ଦେ. ବ—ଅଳ୍ପ ସମୟ ସକାଶେ ମୌଖିକ ଚୁକ୍ତିରେ ଋଣ କଥା ଯାଇଥିବା (ଧନ) —(amount) Borrowed for a short term on verbal promise.

ହାତ ଏଡ଼ିବା[ଏଡ଼ା(ଡ଼େ)ଇବା]—ଦେ. କ୍ରି—କୌଣସି ବ୍ୟକ୍ତିର Hāta erdibā[erdā(rde)ibā] ଅଧିକାରରୁ ବା ଦାଉରୁ ନିଜକୁ ବଞ୍ଚାଇବା—To evade the hands or clutches of another. (ଯଥା—ଏ ଭୂମଣ୍ଡଳରେ ସମସ୍ତ ହାତ ଏଡ଼ାନା **हथसे बचना** ହାତ ଏଡ଼ିବା କାହାର ଶକ୍ତି ନାହିଁ ।)

ହାତ ଓଠ ଧରିବା—ଦେ. କ୍ରି—କୌଣସି ବ୍ୟକ୍ତିର ହାତକୁ ଓ ଓଷ୍ଠକୁ ଧରି Hāta oṭha dharibā ନେହୁରା ହେବା ବା ବଳାତ ପ୍ରାର୍ଥନା ମିନତି କରା କରିବା—To solicit a favour of a **हाथ मुह धरना** person by taking hold of his hand and lip.

ହାତକ—ଦେ. ବ—୧ । ଏକହାତ ମାତ୍ର—1. One cubit only. Hātaka ୨ । ଗୋଟିଏ ହସ୍ତ ମାପ—2. One hand only. ଏକହାତ ମାତ୍ର (ଯଥା—ତାଙ୍କ ହାତକ ବହୁତ ଦେଖି) ୩ । ଏକ **एकहाथ** ହାତ ପରିମାଣ ବା ବସ୍ତୁ—3 The measure or contents or expanse of one cubit (ଯଥା—ହାତକ ୨୫ ଆଙ୍ଗୁଳ ବା ୨ ଗଜଣ୍ଡା ।) ବିଶ—ଏକ ହାତ ପରିମିତ—Measuring one cubit only. (ଯଥା—ହାତକ ସାଡ଼ୀରେ ଜଣକରୁ କେଶି କଥା ପରିବେ ନାହିଁ ।)

ହାତ କଟା—ଦେ. ବିଣ (ଘୁଂ)—୧ । ଯେଉଁ ବ୍ୟକ୍ତିର ହାତ କଟିଯାଇଛି Hāta kaṭā —1. Armless ; having the hands cut off. ୨ । ଯେଉଁ କୁର୍ତ୍ତାର ଆସ୍ତିନ ହାତକାଟା ନ ଥାଏ—2. Sleeveless (coat). ୩ । ଭୁଲା- **हाथकटा** ବଳଦାରୁ ନିଜ ହାତରେ ଚରଖାରା କଟାଯାଇଥିବା (ସୂତା); ଚରଖେ କଟା (ସୂତା)—3. Hand-spun (ହାତକଟୀ—ସ୍ତ୍ରୀ) (କଳକଟା—ଙ୍କର ବିପରୀତ) (thread).

ହାତ କଡ଼ି—ଦେ. ବ—ଅପରାଧୀଙ୍କ ଦୁଇ ଦ ଭକୁ ଚାନ୍ଧିବାପାଇଁ ବ୍ୟବହୃତ Hāta kaṛdi ଶିକୁଳି—Hand cuff; manacles. [ଦ୍ର— ଏଥିର ଦୁଇ ମୁଣ୍ଡରେ ଯେଉଁ ଘର ଥାଏ, ସେ ଘରରେ ଅପରାଧୀର ଦୁଇ ହାତର କବଜାକୁ ଦୃଢ଼ରୂପ ଗୁନ୍ଥି ପକାଇ ହାତକଡ଼ି **हातकड़ि** ଦେଲେ ତାହା ଫିଟିଟେ ନାହିଁ ।]

ହାତ କଣ୍ଡୁ—ଦେ. ବ—(ସଂ. ହସ୍ତ+କଣ୍ଡୁ)—ହାତ ଗଲୁ (ଦେଶ)— Hāta kaṇḍu Hātagalu (See).

ହାତ କଥା—ଦେ. ବ—କୌଣସି ବ୍ୟକ୍ତିର ଅଧିକୃତ ବାର୍ତ୍ତା— Hāta kathā Anything under one's control- ହାତର କଥା **हाथकी बात** [ଦ୍ର—ନ ଘାରଲେ ତାହା, ଖାରଷେଯେ ଥଣ୍ଡିବା ତ ନିଜ ହାତ କଥା । ଗ୍ରନ୍ଥାନାଥ. ସମ୍ବାଯାନ୍ତୁ]

ହାତକ(କୁ) ବି(ଦୁଇ)ହାତ କରିବା—ଦେ. କ୍ରି—୧। କୌଣସି ପଦାର୍ଥକୁ Hātaka(ku) di(dui)hāta karibā ହସ୍ତାନ୍ତରିତ କରିବା— ହାତକେ ଦୁହାତ କରା 1. To transfer a thing from one **एक हाथसे दोसरा हाथ करना** person to another. ୨ । (ବିବାହ ବେଳେ ବରର ଡାହାଣ ହାତ ଓ କନ୍ୟାର ଡାହାଣ ହାତ ଏକତ୍ର କରିଯାଇ ଉର୍ଦ୍ଧି ଘଡ଼ୁଥିବାରୁ)— କୌଣସି ବ୍ୟକ୍ତିକୁ ବିବାହିତ କରିଦେବା—2. To cause a person to get married. [ଦ୍ର—ବିବାହିତ ହେବାକୁ କ୍ଷମ କରିଦେବା ଅର୍ଥରେ ଦୁଇ ହାତକୁ ଗଣ୍ଠିବାନ୍ଧି କରିଦେବା ପ୍ରଥା ବୋଲିଯାଏ ।]

ହାତକ କୁ) ବି (ଦୁଇ)ହାତ ହେବା—ଦେ. କ୍ରି—ବିବାହିତ ହେବା— Hātaka(ku)di(dui)hāta hebā To become ହାତକେ ଦୁହାତ ହୋଇ ଶାଦୀହୋନା married.

ହାତ କନା—ପ୍ରାଦେ (ଗଞ୍ଜାମ) ବ—(ଅଧୁନିକ ପ୍ରଯୋଗ; ଇଂରାଜୀରୁ Hāta kanā ଅନୁକୃତ) ରୁମାଲ—Handkerchief.

ହତ କପାଳ—ଦେ. ବ—(ମନୁଷ୍ୟର କପାଳ ବା ଭାଗ୍ୟ ଯାହାଙ୍କ Hāta kapāla ହାତରେ)—ଶିବ; ମହାଦେବ —The God ହାତକପାଳ **महादेव** Śiba. [ଦ୍ର—ଆରେ ହାତା ଗଉ । ହାତ- କପାଳ ଦେବ କ ଏ ସମୟ ? ଜଗତ୍ସୂର୍ଯ୍ୟ. କବତା ।]

ହାତ କରତ—ଦେ. ବ—ଯେଉଁ ଖେଚ କରିବାକୁ ଜଣେ ମନୁଷ୍ୟ ଏକ Hāta karata ହାତରେ ଚଳାଇ ପାରେ—Hand-saw. ହାତକରାତ **आरी**

ହାତ କରିବା (କର ନେବା)—ଦେ. କ୍ରି—୧ । ଅନ୍ୟଥାରକୁ ଅଣିବା; Hāta karibā(kari nebā) ଅନ୍ୟଥାର କରିବା ; କରଗତ ହାତକରା କରିବା—1. To bring under one's control. **हाथ करना** [ଦ୍ର—× × × କୁବା ଗୁରୁତ୍ୱାକର ସମସ୍ତଙ୍କୁ ହାତ କରି ×××× ସରକାରରୁ ବାହାଲ ହୋଇ ଅସିଲା । ଫକୀରମୋହନ ଗଳ୍ପସ୍ୱଳ୍ପ ।]

୨ । କୌଶଳଦ୍ୱାରା କୌଣସି ବ୍ୟକ୍ତିକୁ କର୍ତ୍ତବ୍ୟଚ୍ୟୁତ କରିବା— 2. To suborn a person. ୩ । ହସ୍ତଗତ କରିବା; କୌଣସି ବସ୍ତୁକୁ ନିଜର ଅଧିକାରକୁ ଆଣିବା—3. To bring a thing into one's possession. ୪ । କୌଣସି ବୋଥକୁ କୌଶଳପୂର୍ବକ ହସ୍ତଗତ କରିବା—4. To possess a thing by hook

Digitized by srujanika@gmail.com

or crook. ୫ । (ଜଟିଳାର୍ଥ ଭାଷା) ଅପର ପକ୍ଷର ସାକ୍ଷୀଙ୍କୁ ନିଜର ଅନୁକୂଳରେ ଆଣିବା—5. To gain over a witness of one's opponent.

ହାତ କଳ—ଦେ. ବ—ଯେଉଁ କଳକୁ ମନୁଷ୍ୟ ହାତଦ୍ୱାରା ଚଲାଇ
Hāta kala ହାତରେ—Hand-machine ; a machine
ହାତ କଳ **हाथकल** driven by hand power.

ହାତ କଷା (କଷୋଟ, କଷୋଟି, କଷୋଟିଆ)—ଦେ. ବିଣ—କୃପଣ—
Hāta kashā (kashoṭa, kashoṭi, kashoṭiā)
କଞ୍ଜୁସ **हाथकट** Closefisted; miserly; stingy.

ହାତ କାଟିବା—ଦେ. କି—୧ । ଛୁରି, ପଜଲଆଦଦ୍ୱାରା ନିଜର ହାତକୁ
Hāta kāṭibā କାଟି ପକାଇବା—1. To cut one's
ହାତ କେଟେଫେଲା hand with a knife or other
हाथ काटना instrument. ଦେ. ବ—ଗୋଡ଼ଅଦ
ମୋଡ଼ିବା ବା ଘଷିବା ବା ଦେହର କୌଣସି ସ୍ଥାନ
ଚପିବାବେଳେ ଘପୁଥିବା ବ୍ୟକ୍ତିର ହାତର ପ୍ରସ୍ୱାଳନାଦିକୁ
ଜର୍ଜ୍ଜରିତ ବା ବଳ ଘଷାହେଉଥିବା ବ୍ୟକ୍ତିଙ୍କୁ କଷ୍ଟ ଦେବା
—Feeling of discomfort owing to the force of the hands of the person who does the massage. (ଯଥା—ଅରେ ଅସ୍ତେ ମୋଡ଼, ତୋ ହାତ ବଡ଼ କାଠୁଆ ।)

ହାତକାଟି ଲେଖିବା—ଦେ. କି—ନିଜେ ସ୍ୱାକ୍ଷର କରିବା—To sign
Hāta kāṭi lekhibā one's name.
ସ୍ୱାକ୍ଷର କରା **दस्तखत करना**

ହାତ କାଢ଼ିବା—ଦେ. କି—ଫୁଲ ଉଡ଼ାଇବା (ଦେଖ)—
Hāta kārḍhibā Phula urḍāiba (see).

ହାତ କଣ୍ଡୁ—ଦେ. ବ—(ବ୍ୟଙ୍ଗ୍ୟ)—(ଯ ହସ୍ତ ଓ କଣ୍ଡୁ)—ହସ୍ତଦ୍ୱାରା
Hāta kaṇḍu କରଣୀୟ କୌଣସି କର୍ମ କରିବା ପାଇଁ ଉତ୍କଣ୍ଠା
ହାତ ଚୁଲକାନି ବା ଅସ୍ଥିରତା—Restlessness or eager-
हाथ खुजलाहट ness to perform a thing.

ହାତ କା (କୁ) ବୁଡ଼ା (ଡ଼ୀ)—ଦେ. ବିଣ. ପୁ—୧ । ଅକାମୀ ବା (ସ୍ତ୍ରୀ);
Hāta kā (ku) burḍā (ḍi) ଅକର୍ମଠ—
(ହାତ କା (କୁ) ବୁଡ଼ୀ (ଡ଼ି) ସ୍ତ୍ରୀ)—1. A good-for-nothing
ଅକର୍ମା person. ୨ । କୋଡ଼ିଆ ବା ଅଳସୁଆ (ବ୍ୟକ୍ତି)—
कोढ़िआ 2. Idle ; loafing (person)

ହାତ କାମ—ଦେ. ବ—୧ । କାରିଗରର ହସ୍ତନିର୍ମିତ ଶିଳ୍ପକାର୍ଯ୍ୟ—
Hāta kāma 1, Mauufacture ; handwork.
(ଜଲକାମ—ବିପରୀତ) ୨ । କଳଦ୍ୱାରା ହୋଇ ନ ହୋଇ ହାତ
ହାତେରକାଷ ଦ୍ୱାରା ହୋଇଥିବା କାମ—2. Hand
हाथकाम made work.

ହାତକୁ ଆସିବା—ଦେ କି—୧ । ହସ୍ତଗତ ହେବା ; ମିଳିବା—
Hātaku āsibā 1. To be got or received.
ହାତେଆସା ୨ । କବଳସ୍ଥ ହେବା—To come under one's
हाथमे आना clutches or control.

ହାତ କୁଣ୍ଡାଇହେବା (ଗଲୁ କରିବା)—ଦେ. ବ—୧ । କୌଣସି କାର୍ଯ୍ୟ
Hāta kuṇḍāihebā (galu karibā) ସ୍ୱହସ୍ତରେ କରିବା
ହାତ ଚୁଲକାନି ହେଉଥିବା ପାଇଁ ଅନ୍ୟକୁ ଲଗାଯିବ ହେବା—
हाथ खुजलाना 1. Having hankering to do a thing with one's own hands. ୨ । (ଲୌକିକ ବିଶ୍ୱାସ) ଧନ ପ୍ରାପ୍ତିର ଲକ୍ଷଣ ଦେଖାଯିବା—2. (popular belief) The itching of the palm indicating the receipt of some money.
[ଦ୍ର—ଲେଉଡ଼ ହୁଣ୍ଡାଇ ହେବା ଅବସ୍ଥାଟି ଧନପ୍ରାପ୍ତିର ସୂଚନା ବୋଲି ଲୋକ ବିଶ୍ୱାସ ଅଛି ।]

ହାତକୁ ହାତ—ଦେ. କି. ବିଣ—୧ । ଏକ ହାତରୁ ଅନ୍ୟ ହାତକୁ
Hātaku hāta (ହସ୍ତାନ୍ତର) —1. (transferred) From
ହାତେ ହାତେ hand to hand. ୨ । ବସ୍ତୁବଦଳ; ନଗଦ—
हाथके हाथ, हाथों हाथ 2. In cash. ୩ । ତତ୍କ୍ଷଣାତ୍—
3. Immediately; at once.

ହାତ ଖ(ଖୁ)ଜୁ ବ(ବୁ)ଜୁ ଦେ. ବ—୧ । କାର୍ଯ୍ୟ କରିବା ପାଇଁ ହାତର
Hāta kha(khu)j ba(bu)j ଅସ୍ଥିରତା; ହସ୍ତ କଣ୍ଡୁ—
ହାତ ଚୁଲକାନି, ହାତ ନିସପିସ, 1, Restlessness of the
ହାତ ସଡ଼ସଡ଼କରା hand to do a work. ୨ । ଅସ୍ଥିର ହସ୍ତ—
हाथ खुजलाहट 2. Restless or active hands.
(ହାତ ଖୁଜୁବୁଜୁ—ଅନ୍ୟରୂପ)

ହାତ ଖଜବଜିଆ—ଦେ. ବିଣ, ପୁଂ—ଯେଉଁ ବ୍ୟକ୍ତି ଭୁଲ ଢୋଇ ବସି
Hāta khajabajiā ନ ପାର ସବୁବେଳେ ହାତକୁ ଏଣେ ତେଣେ
[ହାତ ଖୁଜ୍(ଜୁ)ବୁଜିଆ—ଅନ୍ୟରୂପ) ଚଲାଇ ଥାଏ—Restless;
ହାତ ନିସକିସେ having hands which will not
हाथ खुजलीवाला keep quiet.
[ହାତ ଖଡ଼ବଡ଼, ହାତ ଖଜବଜେଇ, ହାତ ଖୁଜୁ(ଜୁ)ବୁଜା, ହାତ ଖୁଜୁ(ଜୁ)ବୁଜେଇ ସ୍ତ୍ରୀ]

ହାତ ଖଡୁ—ଦେ. ବ—ହସ୍ତବଳଯ—Bracelet.
Hāta khardu ହାତଖାଡୁ, ବାଳା **बाला**

ହାତ ଖଣ୍ଡିଆ—ଦେ. ବିଣ. ପୁଂ (ଯ. ଖଣ୍ଡିତ ହସ୍ତ)—ଯେଉଁ ବ୍ୟକ୍ତିର
Hāta khaṇḍiā ହାତର କେତେକ ଅଂଶ ନ ଥାଏ—
ହାତ କାଟା Handless (person); a person who
हाथ कट्टा has not got any part of his hand.
(ହାତ ଖଣ୍ଡୀ—ସ୍ତ୍ରୀ)

ହାତ ଖାଲି—ଦେ. ବ—୧ । ଶୂନ୍ୟ ହସ୍ତ; ଶୂନ୍ୟତା—ନିର୍ଦ୍ଧନତା;
Hāta khāli ଶୂନ୍ୟତା—1. Pecuniary want; penni-
ହାତ ଖାଲି less condition. ୨ । କାର୍ଯ୍ୟରେ ନିଯୁକ୍ତ ନ
हाथखाली ଥିବା ଅବସ୍ଥା—2. State of unemployment.
୩ । କାର୍ଯ୍ୟରେ ଫୁରୁସତ୍—3. Leisure.

ହାତ ଖେଞ୍ଚ—ଦେ. ବ—ଅର୍ଥ ନ ଥିବା; ଅର୍ଥାଭାବ; ଦରଦାମ୍ ନ
Hāta khēnch ଥିବା ଅବସ୍ଥା—Penniless condi-
ଟାନାଟାନି **हाथ खालीसा** tion; want.

ହାତ ଗଢ଼ା—ଦେ. ବିଣ—୧ । ସ୍ୱହସ୍ତ ଦ୍ୱାରା ନିର୍ମିତ—1. Made by
Hāta gardhā one's hand. ୨ । କୌଣସି କାରିଗରର
ହାତଗଢ଼ା ନିର୍ମିତ—2. Manufactured by a certain
हाथसे बनाहुआ artist.

Digitized by srujanika@gmail.com

ହାତ ଗଣ୍ଠି—ଦେ. ବ (ସ. ହସ୍ତ ଓ ଗ୍ରନ୍ଥି)—୧ । କବଜି; ମଣିବନ୍ଧ— Hāta gaṇṭhi 1. Wrist. ୨ । ବରାହବେଷରେ କନ୍ୟା-
ହାତର ଗାଁଟ, କବ୍ଜି ପିତାଙ୍କର ବରକୁ କନ୍ୟା ଦାନ କରିବା ସମୟରେ
ହାଥ ଗାଁଠୀ(ଠି) କନ୍ୟାର ଡାହାଣ ହାତର ଲେଡ଼ ଉପରେ ବରର
ଡାହାଣ ହାତର ଲେଡ଼ କ୍ରି ସୁବ୍ରହ୍ମଣ୍ୟଙ୍କର ଓ କନ୍ୟ
ପିତାଙ୍କର ମନ୍ତ୍ରୋଚ୍ଚାରଣ ପୂର୍ବକ କୁଶକୁ ଗଣ୍ଠି ପକାଇ ବାନ୍ଧିବା
ରୂପ କର୍ମ—2. The marriage knot; the
ceremony of tying the right palm of the
ହସ୍ତଗ୍ରନ୍ଥି bride to that of the bridegroom by a
ହସ୍ତଗ୍ରନ୍ଥି Kusa-string tied in a knot by muttering
some formulas.

[ଦ୍ର—ଏହାହିଁ ବରାହ ବନ୍ଧନର ଚରମ । ହାତଗଣ୍ଠି ନ ପଡ଼ିବା ପର୍ଯ୍ୟନ୍ତ ବରାହ ସମ୍ପାଦିତ ହୋଇ ନ ଥାଏ ଓ ହାତଗଣ୍ଠି ପଡ଼ି ସାରିଲାରୁ ବରାହ କ୍ରିୟା ସମ୍ପନ୍ନ ହେଲା ବୋଲି ବରେଚତ ହୁଏ । ସୁବ୍ରହ୍ମଣ୍ୟ ବର କନ୍ୟାଙ୍କ ହାତ-ଗଣ୍ଠି ପକାନ୍ତି ଓ କନ୍ୟାକର୍ତ୍ତା ସମ୍ପ୍ରଦାନମନ୍ତ୍ର ପାଠ ଓ ଯୌତୁକ ଦାନ କରିବା ବାକ୍ୟ ଉଚ୍ଚାରଣ କରନ୍ତି; ଉତ୍ତରରେ ବର କନ୍ୟାକୁ ଗ୍ରହଣ କରିବାର ବାକ୍ୟ ଉଚ୍ଚାରଣ କରନ୍ତି; ତତ୍ପରେ ଅଳ୍ପ ହାତଗଣ୍ଠିକୁ ସୁବ୍ରହ୍ମଣ୍ୟ ବା କୌଣସି ଅବିବାହିତା ବାଳକା ଆସି ମୋଚନ କରନ୍ତି ।]

ହାତ ଗଣ୍ଠି ପଡ଼ିବା—ଦେ. କ—ବର ଓ କନ୍ୟାଙ୍କର ହସ୍ତଦ୍ୱୟ ବରାହ-
Hāta gaṇṭhi paṛdibā ବେଦୀରେ କୁଶ ଦ୍ୱାରା ବନ୍ଧା ହେବା-
ହାତ ଗାଁଠ ପଡ଼ା ବରାହ କର୍ମ ସମ୍ପାଦିତ ହେବା—The per-
ହାଥ ଗାଁଠ ପଡ଼ିବା formance of marriage by the
tying of the marriage-knot.

ହାତ ଗତ—ଦେ. ବଣ (ସ. ହସ୍ତଗତ)—୧ । ହସ୍ତଗତ; କରଗତ
Hāta gata (ବ୍ୟକ୍ତି)—1. Brought under control;
ହାତ ଗତ suborned. ୨ । ଅୟତ୍ତ—2. Under one's
ହସ୍ତ ଗତ control. ୩ । ଅଧିକାରକୁ ଆଣତ—3. Brought
into one's possession.

ହାତ ଗଳା(ଳେ)ଇବା—ଦେ. କି—କୌଣସି ଛିଦ୍ରରେ ଅଣ୍ଟା ହସ୍ତକୁ
Hāta galā(le)ibā ପୂରାଇବା To thrust one's hand
ହାତ ଢୁକାନ ହାଥ ଘୁସାନା (ହାତଗଳବା—କ.ରୂପ) into a hole,
ହାତ ଗଲୁ—ଦେ. ବ—୧ । ହାତକାଣ୍ଡ ; କୌଣସି କାମ କରିବାପାଇ
Hāta galu ଅତ୍ୟଧିକ ଆଗ୍ରହ ବା ଉତ୍କଣ୍ଠା—1. Excessive
ହାତ ଚୁଲକାନି eagerness to do a thing. ୨ । କରତଳ
ହାଥ ଖୁଜଲାହଟ ଚୁଣ୍ଡାଇ ହେବା—2. Itching sensation
felt in the plam. [ଦ୍ର—ଲୌକିକ ବିଶ୍ୱାସ ଅଛି ଯେ, ହାତର ଲେଡ ବା ଚକ୍ର ଚୁଣ୍ଡାଇ ହେଲେ ଅଚିରତ୍ କିଛି ଧନଲାଭ ହୁଏ ।]

ହାତ ଗୁଞ୍ଜା—ଦେ. ବ—ଅଙ୍କା ଗୁଞ୍ଜା; ଉତ୍କୋଚ—Illegal
Hāta gunjā ଘୁଷ ଘୁଷ gratification; bribe.

ହାତ ଗୁଣ—ଦେ. ବ (ସ. ହସ୍ତଗୁଣ)—ବ୍ୟକ୍ତିବିଶେଷଙ୍କ ଅସ୍ତ୍ରଚାଳନା ବା
Hāta guṇa ବିସ୍ଫୋରଣ—The special potency of
ହାତର ଗୁଣ ହାଥଗୁଣ particular person's hands.

[ଦ୍ର—ଲୋକେ ବିଶ୍ୱାସ କରନ୍ତି ଯେ, ବୈଦ୍ୟଙ୍କ ହାତ-ଗୁଣରେ ରୋଗୀର ଭଲ ବା ମନ ଘଟେ ; ଧନୁସ୍ତାମୀଙ୍କ ହାତ ଗୁଣରେ ଘୋଡ଼ା, ଗାଈ ଅବ ଅଶୁ ଜଧାନ୍ତ ବା ମର ଯାଆନ୍ତୁ; କୁଷ୍ଠ ରୋଗଶକର୍ତ୍ତାଙ୍କ ହାତ ଗୁଣରେ ଗଛମାନେ ଫଳବାନ୍ ବା ବାଞ୍ଝ ହୁଅନ୍ତୁ ଓ ଖାତଯାତବାଙ୍କ ହାତ-ଗୁଣରେ ବ୍ୟଞ୍ଜନା ସୁସ୍ୱାଦ୍ୟ ବା ଅଖାଦ୍ୟ ହୁଏ ।]

ହାତ ଗୋଡ଼—ଦେ ବ—(ପଦ୍ଧତର ଶବ୍ଦ)—୧ । ହସ୍ତ ଓ ପଦ—
Hāta gorda 1. Hand and leg. ୨ । ଦେହର ଅଙ୍ଗ
ହାତ ପାଁ ଉତ୍ତମାଙ୍ଗମାନ—2. The various limbs of the
ହାଥପୈର body. [ଯଥା—ସେ ଘୋଡ଼ାରୁ ପଡ଼ି ହାତଗୋଡ଼ ଭାଙ୍ଗି କର ଶୋଇଛି ।] ୩ । କଥାର ଅନ୍ତ: ବା କଥାର-
ମାଥା ମୁଣ୍ଡ ଠିକଣା; ଇସ୍ତଗା; କଥାର ଅର୍ଥବୋଧକତା—3. The
ସିରପୈର head and tail of any speech; the
meaning of any speech. (ଯଥା—ମୁଁ ତା କଥାର ହାତଗୋଡ଼ କିଛି ପାଇଲି ନାହିଁ ।) ୪ । ଅଗ-ଗୋଡା; ମୂଳ ଓ ଶେଷ—4. Beginning and end.

(ଭାର) ହାତ ଗୋଡ଼ କଥା କହିବା—ଦେ. ବ—ଅଭ୍ୟନ୍ତ ଅସ୍ଥିରତା
Hāta gorda kathā kahibā ପ୍ରକାଶ—Exhibition of
ହାକ ଚୋଖ କଥାକହା ହାଥ ପୈର ବୋଲନା restlessness

ହାତଗୋଡ଼ ଚଳିବା—ଦେ. ବ—କାର୍ଯ୍ୟ କରିବା ପାଇଁ ଦେହର
Hāta gorda chalibā ସାମର୍ଥ୍ୟ—Physical ability.
ହାତପା ଚଳା ହାଥ ପାବ ଚଲନା to do any work.

ହାତ ଗୋଡ଼ ଜଳା (ପୋଡ଼ା)—ଦେ. ବ—ହସ୍ତ ପଦର ଦାହ ରୋଗ—
Hāta gorda jalā (porḍā) A disease ; burning
ହାତ ପା ଜ୍ୱାଳା ହାଥପୈର ଜଲତା of the hands and feet.

ହାତଗୋଡ଼ ଧରା—ଦେ ବ—୧ । ତୋଷାମତ—1. Flattery.
Hāta gorda dharā ୨ । ହସ୍ତପଦ ପ୍ରାର୍ଥନା—2. Suppli
ହାତେପାୟେ ଧରା ହାଥପୈର ଧରନା cation.

ହାତଗୋଡ଼ ଧରିବା—ଦେ. କି.—ଗୋଡ଼ହାତ ଧରିବା (ଦେଖ)—
Hāta gorda dharibā Gorda hāta dharibā (See)
ହାତେପାୟେ ଧରା ହାଥପୈର ଧରନା (ଜୋଡ଼ନା)

ହାତଗୋଡ଼ ବନ୍ଧା—ଦେ. ବଣ—ପରାଧୀନତା ଯୋଗୁଁ ଅକ୍ଷମ ବା ଜଡ଼ପ୍ରା-
Hāta gorda bandhā ପ୍ରାୟ—Powerless owing to
ହାତପା ବାଁଧା one's subordination or subserviency.
ହାଥପୈର ବାଁଧା ବ—୧ । କୌଣସି ବିଷୟରେ ନିଜର ଅନାସୃତ୍ତ ବା ଉଦାସୀନ ହେବା ଅବସ୍ଥା—1. The state of having no resources. ୨ । ପରର ଅଧୀନତା ଯୋଗୁଁ କୌଣସି କାର୍ଯ୍ୟ କରିବାକୁ ଅକ୍ଷମତା—2. Utter powerlessness to do a thing. ୩ । ନିଜର ସ୍ୱାଧୀନତା ହରାଇବା—3. Loss of one's freedom of action

(ମୋର) ହାତଗୋଡ଼ ରହିବା (ରହିଯିବା)—ଦେ. ବ—କ୍ଲାନ୍ତଯୋଗୁଁ
Hāta gorda rahibā (rahijibā) ହାତର ଓ ଗୋଡ଼ର
ହାତପା ନା ଚଳା କାର୍ଯ୍ୟ କରିବାର ଶକ୍ତି ରହିତ ହେବା—Loss

Digitized by srujanika@gmail.com

ହାତପୈର ଗିନା of the power of movement owing to over exertion.

ହାତ ଘଷରୁ (ଘଷା, ଘଷିଆ) — ଦେ. ଵଃ—୧ । ଯେଉଁ ବସ୍ତୁ ସବଦା Hāta ghasharū (ghashā, ghasbiā) ବ୍ୟବହୃତ ହୋଇ ହାତଘଷା ଓ ହାତଦ୍ୱାରା ବହୁବାର ଘର୍ଷିତ ହୋଇ ଘଟଲା ବା **ହାତବିଷା** ଘଷରୁ ହୋଇଥାଏ—1. (a thing) Worn out ହାତ ଘଶା } ସ୍ତ୍ରୀ (ପୁଂ)—ଯେଉଁ ଜନ୍ତୁ (ବନ୍ଧୁ, କୁକୁରଅଦ by constant handling. ୨ । ଗାଘେଁଷା ଗୃହସ୍ଥାଳତ ଜନ୍ତୁ). ସବଦା ମନୁଷ୍ୟଙ୍କ ପାଖେ ଚଲପ୍ରଚଲ **ହାତପୋଷା** ହେବାରୁ ଓ ମନୁଷ୍ୟମାନେ ସେମାନଙ୍କୁ ସବଦା ଅଟକିବାରୁ ମନୁଷ୍ୟଙ୍କୁ ଭରନ୍ତି ନାହିଁ—2. (domestic animals which have) Turned quite familiar and fearless of human contact by costant mixing with men.

ହାତ ଚକ—ଦେ. ବ (ସଂ ହସ୍ତ + ଚକ୍ର)— ତେଣ୍ଡୁ—The middle Hāta chaki of the hollow of the palm.
ହାତେର ତେଲୋ **तरहथी**

ହାତ ଚଟୁଆ—ଗ୍ରାଦେ—(ଉତ୍ତର ବାଲେଶ୍ୱର) ବ—ହାତଚକ Hāta chaṭuā (ଦେଖ)—Hāta chaki (See).

ହାତ (ହାତରେ) ଚଢ଼ିବା—ଦେ. କି—ନଜର ଅଧିକାରକୁ ଆସିବା ; Hāta (hātare) chaṛdhibā ପ୍ରାପ୍ତ ହେବା—To be ହାତେ ଆସା received or got ; to come to the **ହାତମେଁ ଆନା** possession of.

ହାତ ଚଳା—ଦେ. ବ (ସଂ· ହସ୍ତ ଚଳନ)—୧ । ବ୍ରାହ୍ମଣମାନଙ୍କର ଅନ୍ନ- Hāta chalā ଭୋଜନାରମ୍ଭ ପୂର୍ବରୁ ମନ୍ତ୍ରୋଚ୍ଚାରଣପୂର୍ବକ ଜଳ ହାତଚଳା କରିବା—1. Sipping of a few drops of **ଖାନା ଆରମ୍ଭ** water by uttering some 'mantra's before beginning to eat.
୨ । ଭୋଜନ ଆରମ୍ଭ—2. The beginning of ହାତଚାଳନ eating. ୩ । ହସ୍ତଗୁଳନ; କାର୍ଯ୍ୟରେ ବା ଯୁଦ୍ଧରେ **ହାତ ଚଳନା** ହସ୍ତକୁ ଗୁଳତ କରିବା—3. The movement of the hands in work or fight.

ହାତ ଚଳା (ଳେ) ଇବା (ଗୁଳିବା)—ଦେ. କି—୧ । ବ୍ରାହ୍ମଣମାନେ Hata chalā (le) ibā (chālibā) ଏକ୍ତ୍ରଭୋଜନ ଉପ. ହାତଚାଳନ ଲକ୍ଷରେ ଭୋଜନାରମ୍ଭ ପୂର୍ବରୁ ସମସ୍ତେ ଯୁଗପତ୍ **ହାତ ଚଳାନା** ଚଳୁମନ୍ତ୍ର ବୋଲି ଗଣ୍ଡୂଷମାତ୍ର ଜଳ ଆଚମନ କରିବା—
1. To sip a few drops of water after uttering some formulas before beginning to eat during a caste dinner of Brāhmaṇas. [ଦ୍ର—ଏକ୍ତ୍ରଭୋଜନବେଳେ ସମସ୍ତଙ୍କ ଘରେ ଭୁଡ, ଭାଲ, ଘିଅ ଲଗି ସାରିବାପରେ 'ମହାଜନ-ମାନେ ହାତ ଚଳାନ୍ତୁ' ବା 'ମହାଜନମାନଙ୍କର ହାତ ଚଳୁ' ବୋଲି ସେମାନଙ୍କ ମଧ୍ୟରୁ ଜଣେ ଡାକଦେଲେ ସମସ୍ତେ ହାତ ଚଳାନ୍ତୁ ବା ଚଳୁ କରି ଭୋଜନ ଆରମ୍ଭ କରନ୍ତି ।]
୨ । (ବହୁଲୋକ) ଯୁଗପତ୍ ଖାଇବାକୁ ଆରମ୍ଭ କରିବା— (Many persons simultaneously) To begin to eat. ୩ । ହାତ ଚଲାଇବା (ଦେଖ)— Hāta chalāibā (See). ୪ । ଶିଘ୍ରତା ସହିତ କାର୍ଯ୍ୟ କରିବା—4. To hurry on with a work.

ହାତ ଚଲାଇବା—ଦେ. କି—କୌଣସି ବ୍ୟକ୍ତିକୁ ପ୍ରହାର କରିବା— Hāta chalāibā To strike or beat a person.
ହାତ ଚାଲାନ **हाथ चलाना**

ହାତ ଚଲିବା (ଗୁଲିବା)—ଦେ. ବ—୧ । ଭୋଜନକ୍ରିୟାର ଆରମ୍ଭ Hāta chalibā (chālibā) ହେବା—1. The beginn- ହାତଚଳନ ing of the operation of eating. ୨ । **ହାତଚଳନା** ଏକ୍ତ ଭୋଜନରେ ଜଳ କରିବା— 2. The sipping of a few drops of water before meal. ୩ । କାର୍ଯ୍ୟରେ ବା ଯୁଦ୍ଧରେ ହସ୍ତ ଗୁଳତ ହେବା—3. The moving of the hands in work or fight.

ହାତ ଗୃଖଣ୍ଡ—ଦେ. ବ (ସହଚର ଶବ୍ଦ)—ହାତ ଓ ଅର୍ଦ୍ଧହାତ ପରିମାଣ— Hāta chākhaṇḍa A cubit and half cubit; ହାତଚାଖଣ୍ଡ cubit and span; (lineal measure). **ହାତବିତା**

ହାତ ଚୁଟି ଖାଇବା—ଦେ. କି—୧। ଘୃଣ୍ଟି ସଙ୍ଗୋପାଙ୍ଗକ ପୂର୍ଣ୍ଣ ଭୋଜନ Hāta chāṭi khāibā କରିବା—1. To have ହାତଚେଟେ ଖାଓୟା **ହାତଚାଟକର ଖାନା** one's fill with complete satisfaction. ୨ । ଖାଦ୍ୟ-ଥାଳରେ କିଛି ଅବଶିଷ୍ଟ ନ ରଖିବା—3. To leave nothing in the plate after a hearty dinner.

ହାତ ଚିଟି(ଠି)—ଦେ. ବ—୧। କୌଣସି ବ୍ୟକ୍ତିଙ୍କର ସ୍ୱହସ୍ତଲିଖିତ ପତ୍ର Hāta chiṭi(ṭhi) —1. A letter written in a ହାତର ଲେଖା person's handwriting. **ହାତ ଚିଠି** ୨ । ହାତଚଠା (ଦେଖ)—2. Hāta chiṭhā (See)

ହାତ ଚଠା—ଦେ. ବ—୧ । ମହାଜନଙ୍କଠାରୁ ଖାତକଙ୍କର ବା ଛୁଟୁବା Hāta chiṭhā ବେପାରୀମାନଙ୍କର ପଣ୍ୟଦ୍ରବ୍ୟମାନ କିଣି ନେବା ହାତଚିଠା **हाथचिठा** ସମୟରେ ପଣ୍ୟଦ୍ରବ୍ୟର ଭାଲତା, ମୂଲ୍ୟ ଓ ଦର ଏବଂ ବେପାରୀ କେତେ ଟଙ୍କା ଦେଲେ ଓ କେତେ ଉଳକଠାରେ ବାକି ରହିଲା, ଏମାନ ଯେଉଁ ଚଠା କାଗଜରେ ଲେଖା ରହେ ଓ ଯାହାଁରେ ଖାତକ ଦସ୍ତଖତ କରନ୍ତି—1. A draft memo or note prepared during a transaction between a big merchant and a petty trader who takes commodities from the latter partly on cash and partly on credit. ୨ । ଟଙ୍କା ଅବ ପାଇବାର ରସିଦ—2. A receipt for money or articles received. ୩ । ହାଣ୍ଡନୋଟ୍— 3. Handnote.

Digitized by srujanika@gmail.com

ହାତ ଛଡ଼ା—ଦେ. ବଣ—(ସ. ହସ୍ତଚ୍ୟୁତ)—୧ । ହସ୍ତ ଚ୍ୟୁତ—
Hāta chhardā 1. Got away from one's hand. ୨। ଅଞ୍ଚଳଠାରୁ ବହିର୍ଗତ—2. Got away or removed from one's control. ୩ । ଅଧିକାରଚ୍ୟୁତ—
3. Taken away from one's possession.
ହାତଛାଡ଼ା **हाथसेनिकलाहुआ**

ହାତ ଛଡା—ଦେ. ବ—ବରାବ୍—Marriage.
Hāta chhandā [ଜ୍—× × × ବନ୍ୟାଞ୍ଚଳ ଠିକ କରିଛୁ, ଆଜ୍ଞା ହେଲେ ହାତଛଡା କରେଇ ଦେଇ—ଫକୀରମୋହନ-ବିୟେ **सादी** ଗଲ୍ପସ୍ୱଲ୍ପ]

ହାତ ଛୁ(ଛୋ)ଇଁବା—ଦେ. କି—ହାତ ଲଗାଇବା; କୌଣସି ବ୍ୟକ୍ତିକୁ
Hāta chhu(chho) iṅbā ପ୍ରହାର କରିବାଲାଇଁ ବା ଦେହରେ ହସ୍ତ ସ୍ପର୍ଶ କରିବା—To touch a person's body
ହାତଛୋଇଁ **हाथसे छुना** for striking blows.

ହାତ ଜମିବା(ଜମିଯିବା)—ଦେ. ବ—କୌଣସି କାର୍ଯ୍ୟରେ ସିଦ୍ଧହସ୍ତତା-
Hāta jamibā (jamijibā) ଜ୍ଞାନ—Attainment of
ହାତ ସଫାଇ ହେବା proficiency in a work.
हाथ बैठना(जमना)

ହାତ ଜୋଡ଼ିବା—ଦେ. କି—୧ । ଦୁଇ କରତଳକୁ ଏକତ୍ର କରି
Hāta jordibā ପ୍ରାର୍ଥନା କରିବା—1. To pray with folded palms. ୨ । କ୍ଷମା ପ୍ରାର୍ଥନା କରିବା—
2. To solicit pardon. ୩ । ନମସ୍କାର କରିବା—
3. To make obeisance. ୪ । ମିନତି କରିବା—
ହାତଜୋଡ଼କରା **हाथ जोड़ना** 4. To solicit.

ହାତ ଟେକା—ଦେ. ବ—୧ । ଅନୁତ୍ତମ ଥୁଞ୍ଚଳ ବଖପିକା ସାମାନ୍ୟ
Hāta ṭekā ଦାନ—1. A small gift given as a matter of favour. (ଯଥା—ସେ ସବୁଦିନ ହାତଟେକା କରି ବଅଣା ଟଇସା ଦେଇ) ୨ । ପ୍ରଣାମ; ନମସ୍କାର—
2. Obeisance. ଦେ.ବଣ—ଅନୁତ୍ତମ ପ୍ରଦତ୍ତ—

ହାତ ତୋଳା **हाथ उठाइ** Given as a favour.

ହାତ ଟେକିଆ—ଦେ. ବଣ—ପରର ଅନୁତ୍ତମଦ୍ୱାରା ପ୍ରଦତ୍ତ ଧନ ଉପରେ
Hāta ṭekiā ନିର୍ଭର କରୁଥିବା (ବ୍ୟକ୍ତି)—(Person) Depending upon the charity of others.
ହାତତୋଳା **हाथउठाइ**

ହାତ ଟେକିବା—ଦେ. କି—୧ । ନମସ୍କାର ବା ସଲାମ୍ କରିବା ନମସ୍କାର୍ଯ୍ୟ
Hāta ṭekibā ବା ସମାନ ପ୍ରଦର୍ଶନ କରିବାଲାଇଁ ହାତକୁ ଉପରକୁ ଉଠାଇବା—1. To raise or lift one's hands to make or accept another's obeisance. ୨ । ଭୋଟ୍ ଦେଇବେଳେ ହାତ ଉଠାଇବା
2. To lift up one's hands in voting. ୩ । ଅନ୍ୟକୁ ଆଶୀର୍ବାଦ କରିବାଲାଇଁ ହସ୍ତଉତ୍ତୋଳନ କରିବା—
3. To raise one's hands to bless a person.
ହାତଉଠାନ **हाथउठाना**

ହାତ ଟେକିକରି ଦେବା—ଦେ. କି—ଅଘଣା ଶ୍ରମିରେ କୌଣସି
Hāta ṭekikari debā ବ୍ୟକ୍ତିକୁ ଧନ ଦାନ କରିବା—
To bestow some money on a person out
ହାତ ଉଠିଯେ ଦେଓୟା **हाथउठाकर देना** of one's free wish.

ହାତ ଠାର—ଦେ. ବ—ହାତ ଓ ଅଙ୍ଗୁଠିମାନଙ୍କ ସଙ୍କେତ ଦ୍ୱାରା ମନର
Hāta ṭhāra ନାନାପ୍ରକାର ଭାବ ପ୍ରକାଶ କରିବା—Manual signs used as cyphers to express thought; mode of expressing thoughts by manual
ହାତଛାନୀ **हाथइसारा** signs.

ହାତ ଠାରିବା—ଦେ. କି—୧ । ହାତଦ୍ୱାରା ଇଙ୍ଗିତ କରିବା—
Hāta ṭhāriba 1. To beckon with the hand.
୨ । ହାତଠାରଦ୍ୱାରା ମନର ଭାବ ପ୍ରକାଶ କରିବା—
2. To express one's wishes by manual
ହାତଛା(ଶା)ନୀଦେଓୟା **हाथइसाराकरना** signs.

ହାତ ତଳଅ—ଦେ. ବଣ—୧ । ଅଧିନ (ବ୍ୟକ୍ତି)—1. Dependant
Hāta taliā on another. ୨ । ଅଧୀନ ବ୍ୟକ୍ତି; ଅଧିକାରର ବଶୀଭୂତ ବ୍ୟକ୍ତି—2. Being a creature of another; being under the control of another. ୩ । ନିମ୍ନତର ପଦସ୍ଥ (ବ୍ୟକ୍ତି)—
ହାତଧରା **अधीन** 3. Subordinate to a person.

ହାତ ତାଲି—ଦେ. ବ (ସ. ହସ୍ତ + ତାଳ)—କରତାଳ; ଦୁଇ କରତଳର
Hāta tāli ପରସ୍ପର ଆଘାତଦ୍ୱାରା ଉତ୍ପାଦିତ ଶବ୍ଦ—
ହାତତାଲି **हाथताली** Hand-clapping.

ହାତତାଲ ଦେବା (ମାରିବା)—ଦେ. କି—To clap the hands.
Hāta tāli debā (māribā) [ଦ୍—ପରକୁ ଉତ୍ସାହ କରିବା ବେଳେ ବା ସଭାରେ ବକ୍ତାଙ୍କୁ ପ୍ରଶଂସା କରିବା ବେଳେ ବା ବହୁ ଲୋକଙ୍କ ଦ୍ୱାରା କୌଣସି ପ୍ରସ୍ତାବ ଅନୁମୋଦନ ହେବାବେଳେ ଲୋକେ ହାତତାଳ ମାରନ୍ତି ।]
ହାତତାଳୀ ଦେଓୟା; ହାତତାଳୀ ମାରା **हाथताली देना**

ହାତ ଦାନ—ଦେ. ବ—କଉଡ଼ଖେଳରେ ଖେଳାଳି କଉଡ଼ମାନଙ୍କୁ ମୁଠାଇ
Hāta dāna ଧରି ଭୂଇଁରେ ପକାଇ ଦେଖୁରୁ କଉଡ଼ମାନଙ୍କର ଉତ୍ତ ବା ପିଠି ବାଗରେ ପଡ଼ିବା ଅନୁସାରେ ଗଣା ହେବା ଦାନ—The result of a throw of cowries in a game of cowries according to the cowries falling on the ventral or the dorsal side. [ଦ୍—ଏକ କଉଡ଼ି ଚଉ ହେଲେ=ଦଶ ବା କଶି, ଦୁଇ=ଦୁଗା, ତିନ=୩, ଗୁର=୪, ୫=ପଚଶ, ଛଅ=୩୦ ଓ ୧୬]
ହାତଦାନ **हाथदान**

ହାତ ଦୁହାଁ—ଦେ. ବ—ବାଛୁରୀ ମରିଯାଇଥିବା ଗାଈଠାରୁ ବିନା ବାଛୁ-
Hāta duhāṅ ରରେ ଦୁଧ ଦୋହିବା—Milching a cow (whose calf is dead) without engaging a calf. ବଣ—ଯେଉଁ ଗାଈକୁ ବିନା ବାଛୁରୀରେ
ହାତଦୋଆ **हाथदुहा** ଦୁହାଁଯାଏ—(a cow) Which can be milched without a calf.

Digitized by srujanika@gmail.com

ହାତ ଦେଖା—ଦେ. ବ—୧ । ନାଡ଼ ପରୀକ୍ଷା କରିବା; ରୋଗ ନିର୍ଣ୍ଣୟାର୍ଥ ରୋଗୀର ନାଡ଼ ଦେଖିବା—1. Feeling of the pulse of a patient. ୨ । ସାମୁଦ୍ରକ ଶାସ୍ତ୍ର ଅନୁସାରେ ମନୁଷ୍ୟର ଶୁଭାଶୁଭ ଜାଣିବାପାଇଁ ହସ୍ତର ରେଖାମାନ ଦେଖିବା; ଭାଗ୍ୟ ଗଣନା କରିବାପାଇଁ କୌଣସି ବ୍ୟକ୍ତିଙ୍କ କରତଳସ୍ଥ ରେଖାମାନଙ୍କ ପରୀକ୍ଷା—Examination of the lines on the palm of a person to ascertain his or her future by palmistry.

ହାତଦେଖା हाथदेखना

ହାତ ଦେଖାଇବା—ଦେ. କି—୧ । ରୋଗ ନିର୍ଣ୍ଣୟାର୍ଥ ନାଡ଼ ପରୀକ୍ଷା କରିବାପାଇଁ (ରୋଗୀ) ବୈଦ୍ୟଙ୍କୁ ହାତ ଦେଖାଇବା; କବିରାଜଙ୍କଦ୍ୱାରା ନିଜର ନାଡ଼ ପରୀକ୍ଷା କରାଇବା—1. To let one's hands to be seen by a physician to feel the pulse; to have one's pulse felt by a physician. ୨ । ହସ୍ତରେଖାମାନ ଦେଖି ଶୁଭାଶୁଭ ନିର୍ଣ୍ଣୟାର୍ଥ ସାମୁଦ୍ରକ ଶାସ୍ତ୍ରଜ୍ଞଙ୍କୁ ନିଜର କରତଳକୁ ଦେଖାଇବା—3. To show one's palms to a palmist. ୩ । (ରେଲ, ମଟର୍ ଆଦିର ଶୂଲକ ଓ ଗାର୍ଡ୍) ରେଲ ଆଦିର ଗତିକୁ ନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ସଙ୍କେତ କରିବାପାଇଁ ହାତକୁ ଉଠାଇବା—3. To show or raise one's hands as signal for a railway train or motor car. ୪ । (ସହରରେ ଜନତା ନିୟନ୍ତ୍ରଣ ଇତ୍ୟାଦି କାମ ପାଇଁ ନିଯୁକ୍ତ ପ୍ରହରୀମାନେ) ଯାନବାହନର ଗମନାଗମନକୁ ନିୟନ୍ତ୍ରିତ କରିବାପାଇଁ ନିର୍ଦ୍ଦିଷ୍ଟ ସଙ୍କେତ ପ୍ରୟୋଗ ପୂର୍ବକ ହାତ ଉଠାଇବା—4. (said of the policemen on duty at points of traffic-congestion in towns) To show the hand to control the passing vehicles.

ହାତଦେଖାନ हाथदिखाना

ହାତ ଦେଖିବା—ଦେ. କି—୧ । [ବୈଦ୍ୟ] ରୋଗୀର ନାଡ଼ ପରୀକ୍ଷା କରିବା—1. (a physician) To examine the pulse of a patient. ୨ । (ସାମୁଦ୍ରକଶାସ୍ତ୍ରଜ୍ଞ) କୌଣସି ବ୍ୟକ୍ତିଙ୍କ କରତଳସ୍ଥ ରେଖା ପରୀକ୍ଷା କରିବା—2. (a palmist) To examine the palm of a person.

ହାତ ଦେଖିବା—ଦେ. କି—୧ । [ବୈଦ୍ୟ] ରୋଗୀର ନାଡ଼ ପରୀକ୍ଷା କରିବା—1. (a physician) To examine the pulse of a patient. ୨ । (ସାମୁଦ୍ରକଶାସ୍ତ୍ରଜ୍ଞ) କୌଣସି ବ୍ୟକ୍ତିଙ୍କ କରତଳସ୍ଥ ରେଖା ପରୀକ୍ଷା କରିବା—2. (a palmist) To examine the palm of a person.

ହାତଦେଖା हाथदेखना

ହାତ ଦେବା—ଦେ. କି—୧ । କୌଣସି କାର୍ଯ୍ୟ କରିବାକୁ ଆରମ୍ଭ କରିବା—1. To begin to do a work. ୨ । କୌଣସି କାର୍ଯ୍ୟ କରିବାକୁ ଅଗ୍ରସର ହେବା—2. To undertake a work; to take a work in hand. ୩ । କୌଣସି ବସ୍ତୁକୁ ବା ଦେହକୁ ହାତଦ୍ୱାରା ସ୍ପର୍ଶ କରିବା; ହାତ ଲଗାଇବା—3 To touch (the body of a person or a thing) with one's hand ୪ । ରକ୍ଷା କିମ୍ବା ସତ୍ୟ କରିବା ନିମନ୍ତ୍ତେ କୌଣସି ବ୍ୟକ୍ତିଙ୍କ ହାତରେ ନିଜର ହାତକୁ ରଖିବା; ଦୃଢ଼ ଜବାବ ଦେବା—4. To give one's hand to a person as a solemn pledge for keeping one's promise. ୫ । ହସ୍ତଦ୍ୱାରା କୌଣସି ବସ୍ତୁକୁ ଅବଲମ୍ବନ କରିବା—5. To take hold of a thing. (ଯଥା—କୂଅ ଜଳରେ ହାତ ଦେଇ ଦେଇ ମୁଁ କୂଅ ଉପରୁ ଛୁଟି ଥଇଲି) ୬ । ଶପଥ କରିବା ପାଇଁ ଅନ୍ୟର ପାଦକୁ ବା ଦେହକୁ ବା ମସ୍ତକକୁ ବା ନିଜର ଉପବୀତକୁ ହାତଦ୍ୱାରା ଛୁଇଁବା—6. To touch another's leg or body or head or one's sacred thread while taking oath. ୭ । କୌଣସି ପଦାର୍ଥକୁ ସ୍ପର୍ଶ କରିବା—7. To touch any thing. (ଉ—ସରୁ ଚୋର, ଜନ୍ତୁ କାହିଁରେ ହାତ ଦବୁ ନାହିଁ—ଭଗ)। ୮ । ନିଜର ଦେହର କୌଣସି ଅଙ୍ଗରେ ନିଜର ହାତକୁ ସ୍ଥାପନ କରିବା—8. To place one's hand on any part of one's own body.

[ଦ୍ର—ଜାନରେ ହାତ ଦେବା :—

୧ । କୌଣସି ଅପ୍ରାସଙ୍ଗିକ କଥା ଶୁଣି ଅବାକ୍ ହେବା ।

୨ । କୌଣସି ଅଶ୍ରାବ୍ୟ ବା କଠୋର ଶବ୍ଦ କାନରେ ନ ପଶିବ ପାଇଁ ନିଜ କାନକୁ ହାତଦ୍ୱାରା ବନ୍ଦ କରିବା ।

ଖ । ମଥାରେ ବା ମସ୍ତକରେ ହାତ ଦେବା ବା ଦେଇ ବସିବା ।

୧ । ଅତ୍ୟନ୍ତ ଚିନ୍ତାରେ ନିମଜ୍ଜିତ ହୋଇଥିବାର ଭାବ ପ୍ରକାଶ କରିବା ।

୨ । ଦୁର୍ଭାବନା କରି ବସିବା ।

ଗ । ଓଠରେ ହାତ ଦେବା—ଚୁପ୍ ହେବା ନିମନ୍ତ୍ତେ ଉପସ୍ଥିତ ବ୍ୟକ୍ତିଙ୍କୁ ସଙ୍କେତ କରିବାକୁ ନିଜର ଦକ୍ଷିଣ ତର୍ଜ୍ଜନୀକୁ ଓଷ୍ଠଦ୍ୱୟରେ ନ୍ୟସ୍ତ ସ୍ଥାପନ କରିବା ।

ଘ । ଅନ୍ୟର ମୁହଁରେ (ଘାଟିରେ) ହାତ ଦେବା :—କୌଣସି ବ୍ୟକ୍ତିକୁ କଥା ଛୁଟାଇ ନ ଦେବା ପାଇଁ ତା ମୁଖରେ କରତଳକୁ ସ୍ଥାପନ କରିବା; କରତଳ ଦ୍ୱାରା ଅନ୍ୟ ବ୍ୟକ୍ତିର ମୁଖକୁ ବୁଜିବା ।

ଙ । ମସ୍ତକରେ ହାତ ଦେବା :—ଆଶୀର୍ବାଦ କରିବା ପାଇଁ ଅନ୍ୟ ବ୍ୟକ୍ତିଙ୍କ ମସ୍ତକରେ କରତଳକୁ ସ୍ଥାପନ କରିବା ।

ଚ । ଶପଥରେ ହାତ ଦେବା :—ଦୃଢ଼ ପ୍ରତିଜ୍ଞର ସ୍ପନ୍ଦନକୁ ଜାଣିବା ପାଇଁ କୌଣସି ବ୍ୟକ୍ତିର ଶପଥରେ କରତଳ ସ୍ଥାପନ କରିବା ।

ଛ । ନାକରେ ହାତ ଦେବା :—୧ । ନାକରେ ଦୁର୍ଗନ୍ଧ ନ ପଶିବ ପାଇଁ ନିଜର ନାକକୁ ବୁଜିବା ।

୨ । ନିଶ୍ୱାସ ବନ୍ଦ ହୋଇଥିବା ନ ହୋଇଥିବା ପରୀକ୍ଷା କରିବା ପାଇଁ ଅନ୍ୟ ବ୍ୟକ୍ତିର ନାସାରନ୍ଧ୍ରରେ ଆଙ୍ଗୁଠି ଲଗାଇବା ।]

Digitized by srujanika@gmail.com

ହାତଧର୍ ଗୋଡ଼ ଧର୍—ଦେ. ବ—କୌଣସି ବ୍ୟକ୍ତିଙ୍କ ହସ୍ତପଦାଦ Hāta dharā gorda dharā ଧାରଣପୂର୍ବକ ଅନୁନୟ ହାତ ପାୟେ ଧରା କା ସ୍ତବନସ୍ତୁ ପ୍ରାର୍ଥନା— **ହାଥ ପୈର ଧରନା** Humble solicitation or prayer by holding the hands and feet of another person.

ହାତ ଧରିବା—ଦେ. କି—୧ । ସ୍ତ୍ରୀକୁ ବରିବା କା ନେବାକୁ ଦେବା ପାଇଁ Hāta dharibā ପ୍ରାର୍ଥନା ପାଇଁ ଅନ୍ୟର ହସ୍ତକୁ ହାତେ ଧରା **ହାଥ ଧରନା** ଧାରଣ କରିବା- 1. To take hold of a person's hand in supplication or in asking forgiveness or tendering apology. ୨ । ସ୍ତ୍ରୀକୁ ବା ପୁରୁଷକୁ ବରାଡ଼ କରିବା; ପାଣିଗ୍ରହଣ କରିବା—2. To marry a person. (ଉ—ବ୍ରହ୍ମାଣ୍ଡ ନାଥ ହାତ ଧରି ଅନାଥ କ ଶ୍ରୁଅଛ ଜଗତେ—ଭଜ. ବୈଦେହୀଶ ବିଳାସ ।)

ହାତ ଧୁଆ—ଦେ. ବ—୧ । ମଇଳା ବା ଅଇଣ୍ଟା ହାତକୁ ଧୋଇବା— Hāte dhuā 1. Washing of unclean hand. ହାତ ଧୋୟା **ହାଥ ଧୁଲାଇ** ୨ । ଖାଇସାରିବା ପରେ ଯେଉଁ ବାସନ (ଭୁଣ୍ଡ)ରେ ହାତ ଧୋଇବାକୁ ଦିଏ— 2. A pan or bowl in which a person washes his or her hand after meal ୩ । ଗୋରୁଙ୍କ ଶବକୁ ଘରୁ ଉଠାଇ ନେଇ ଦଣ୍ଡାରେ ପକାଇବା ପାଇଁ ଯାଣ୍ଡାଡ଼ ଅଦଙ୍କୁ ଯେଉଁ ପାରିଶ୍ରମିକ ଦିଆଯାଏ— 3. Wages or remuneration paid to the Mehtars etc who remove the carcase of dead cows from the owner's house.

ହାତ ଧୋଇ ବସିବା—ଦେ. କି (ଲକ୍ଷଣାର୍ଥ)—୧ । କୌଣସି କାର୍ଯ୍ୟରୁ ଆପଣାର ସମସ୍ତ ସମ୍ପର୍କ ଉଠାଇବା— Hāta dhoi basibā (ହାତ ଧୋଇଖାଇ ବସିବା—ଅନ୍ୟରୂପ) 1. (figurative ହାତ ଧୁୟେ ବସା **ହାଥ ଧୋ ବୈ** To wash one's hand clean of any matter; to cut off all connections from any matter. ୨ । କଳ ଉପରେ କସ୍ତ କୌଣସି କାର୍ଯ୍ୟ ସମ୍ପନ୍ନ କରି ସାର ନିଶ୍ଚିନ୍ତ ହୋଇ ବସିବା—2. To sit quiet after finishing one's assigned work.

ହାତ ନଡ଼କା (ନଡ଼ନଡ଼) —ଦେ. ବିଣ—ସାଧାରଣ ହାତ ଯେପରି Hāta nardakā(narda narda) ତଳକୁ ଝୁଲୁଥାଏ— With the hands hanging to and fro. [ଉ—ସାଇଥିଲା ସଞ୍ଚ, ହାତ ନଡ଼କା ଗୋଡ଼ ନଡ଼କା, ଦେଖି ଅଇଲ ପରପକ୍ଷ—ଶିଶୁରଞ୍ଜନ ପଦ ।]

ହାତ ନଡ଼ବଡ଼ (ନୁଡୁବୁଡୁ)—ଦେ. ବ—ହାତ ଲଡ଼ବଡ଼ (ଦେଖ)— Hāta nardabarda(nurdubudu) Hāta lardabarda (See).

ହାତ ନଡ଼ବଡ଼—ଦେ. ବ ଓ ବିଣ—ହାତ ଲଡ଼ବଡ଼ (ଦେଖ)— Hāta nardabardi Hāta lardabardi (See)

ହାତ ନଡ଼ବଡ଼ିଆ (ନୁଡୁବୁଡ଼ିଆ)—ଦେ. ବିଣ. ସ୍ତ୍ରୀ ଓ ସ୍ତ୍ରୀ—୧ । ଯେ Hāta narda bardiā (nurdu burdiā) ଚୁଟିକା ଗୋଟ ଛିଞ୍ଚକେ ଚୋର ଚଉରାରେ ଅଭ୍ୟସ୍ତ—1. Pilfering. ୨ । ଉଦାହରଣରା, ଅଂଟୀବାଜ ଚୁଟିକା ଗୋଟ ସମ୍ବନ୍ଧୀୟ—2. Relating ହାତ ନଡ଼ବଡ଼ୀ (ନୁଡୁବୁଡୀ) } ସ୍ତ୍ରୀ to stealing; pil ହାତ ନଡ଼ବଡ଼େଇ (ନୁଡୁବୁଡେଇ) } fering

ହାତ ନଡ଼ବଡ଼ିଆ(ନୁଡୁବୁଡିଆ)ପଣ(ଖୋଇ)—ଦେ. ବ—ଚୁଟିକା ଗୋଟ Hāta nardabardiā(nurdu burdiā) paṇa (khoi) ଛିଞ୍ଚକେ ଚୁରୀ ଚଉରା ଅଭ୍ୟାସ—Pilfering habit. ଅଂଟୀବାଜୀ

ହାତ ନ ପାଇବା—ଦେ. ବ ୧ । କୌଣସି ବସ୍ତୁ ଅତି ଉଚ୍ଚରେ ଥିବାରୁ ସେ ସ୍ଥାନକୁ ହାତ ବଢ଼ାଇଲେ ତାହା ହାତ ନାପାଓ୍ୟା ହସ୍ତଗତ ହୋଇ ନ ପାରିବା—1. Being **ହାଥ ନ ପହୁଂଚନା** unable to reach one's hands to. (ହାତ ପାଇବା—ବଶସ୍ଥତ) a thing which is beyond the reach. (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବାକୁ ସାହସ ନ ହେବା—2. (figurative) Not having the courage to do a thing.

ହାତ ନଉଛୁଣା ମାଟି କରିବା—ଦେ. କି—(କୌଣସି ବ୍ୟକ୍ତିକୁ) ଉଚ୍ଛ Hāta niuchhuṇā māṭi karibā ଜ୍ଞାନ କରିବା—To disregard or slight a person.

ହାତ ପଅ(ଉ,ହ,ହୁ,)ଞ—ଦେ. ବିଣ—୧ । ହାତ ପାଇବା ସ୍ଥାନରେ Hāta pa-a (u, ha, hu) ñcha ଅବସ୍ଥିତ—1. Situated ହାତେର ନାଗାଲ within the reach of one's hands. **ହାତ ପହୁଂଚ** ହାତ ପଇଠ ହୋଇଥିବା; ହସ୍ତଗତ ହୋଇଥିବା— [ହାତ ଅପଅ(ଉ,ହ,ହୁ)ଞ—ବଶସ୍ଥତ] 2. Brought under one's control or possession. ବ—ହାତ ପାଇବା ସ୍ଥାନରେ ଅବସ୍ଥିତ—The state of a thing being within the reach of one's hands.

ହାତ ପଇ(ଏ)ଠ(ପୈଠ)—ଦେ. ବ—(ସଂ. ହସ୍ତ + ପ୍ରବିଷ୍ଟ)—ଧନାଦିର Hāta pai(e)ṭha(paiṭha) ହସ୍ତଗତ ହେବା ଅବସ୍ଥା— ହାତେଆସା State of some money coming to one's. **ହାଥମେଁ ଆନା** hands. [ଉ—ପୁନଶ୍ଚାର ହାତ ପୈଠ ହେବା ସଦୃଶ ନୂଦେଁ । ପକାରମୋହନ—ଉତ୍ସାଣ ଅଠଗୁଣ୍ଠ ।]

ହାତ ପଇଠି (ପୈଠି)—ଦେ. ବ—(ସ ହସ୍ତ + ପୃଷ୍ଠ)—କର ପଇଠି; Hāta paiṭhi (paiṭhi) ହାତର ପୃଷ୍ଠ, ପାପୁଲ—The ହାତେର ପିଠ **ତରହଥୀ** back of the palm.

Digitized by srujanika@gmail.com

ହାତ ପକା(କେ)ଇବା—ଦେ କି—୧ । ଅନ୍ୟ ବ୍ୟକ୍ତିଙ୍କ ଉପରେ ହସ୍ତ ରଖିବା—1. To place one's hands on another's body. ଯଥା—ସେ ହାତ ରାଖା **हाथ रखना** ଅମୁକ ଲୋକର କାନ୍ଧରେ ହାତ ପକାଇ ବୁଲୁଛି)—୨ । (ଲକ୍ଷଣାର୍ଥ) କୌଣସି ବସ୍ତୁକୁ ଅଧିକାର କରିବା; ହସ୍ତଗତ କରିବା—2. (figurative) To take possession of a thing. (ଯଥା—ସେ ଗୋଟିଏ ଭଲ ଗୁକରରେ ହାତ ପକାଇଛି)—୩ । ଦୁଇଜଣଙ୍କର ହାତର ପଞ୍ଜାଦ୍ୱାରା ବଳ କଷାକଷି ଦେବା—3. (two persons) To test each other's strength by mutual grappling of the palms. ୪ । (ବ୍ୟଙ୍ଗ୍ୟ) କୌଣସି ସ୍ତ୍ରୀକୁ ବା ପୁରୁଷକୁ ଅବୈଧ ପ୍ରଣୟ ଦ୍ୱାରା ବଶୀଭୂତ କରିବା—4 (ironical) To secure the illicit love of a person. ୫ । ହସ୍ତଦ୍ୱାରା ଆଘାତ କରିବା-5. To strike with the hands. (ଯଥା—ମୃଦଙ୍ଗ ଦୁଇ ପିଠିରେ ହାତ ପକାଇବା—ଚଗ)

ହାତ ପଙ୍ଖା—ଦେ ବ—୧ । ଯେଉଁ ବଞ୍ଚାକୁ ମନୁଷ୍ୟ ଜଗିଲେ ଗୁଳଡ ହୁଏ **हाथ पंखा** ହାତରେ ଚଳାଯାଉଥିବା ପଙ୍ଖା—Hand-fan. ୨ । ଯେଉଁ [ଦଳ ପଙ୍ଖା—ଇଟପ୍ରଭ] ପଙ୍ଖା ମନୁଷ୍ୟର ହାତଦ୍ୱାରା ଗୁଳଡ ହୁଏ; ହାତପାଖା **हाथ पंखा** ହାତଟଣା ପଙ୍ଖା—Hand-driven fan or punkha.

ହାତ ପଚା(ଚେ)ଇବା—ଦେ. କି—ହରଗଜରୁ ଫୁଲୁଛି ବା ପଡୁଛି ଜମା ମେଦୋଳ ସମୟରେ ବାଟ ଛାଡ଼ା ହାତ ରାଙ୍ଗା **हाथ रंगना** ହାତରେ ହଳୁଦଗୁଣ ଲେପି କରତଳ ଓ ଅଙ୍ଗୁଠି ଆଦିକୁ ରଞ୍ଜିତ କରିବା—To dye one's palms and fingers with bruised Henna and some other leaves.

ହାତ ପତର(ପତ୍ର)—ଦେ. ବ—ଗୁଡ଼ାପତ୍ର; ବାହାର ବନ୍ଧନ ଛେଦନ କରିବା ଉପଲକ୍ଷରେ ସ୍ତ୍ରୀଙ୍କ ଉପରେ ସ୍ୱାମୀଙ୍କର ତ୍ୟକ୍ତାତ୍ମକରେ ଛାଡ଼ପତ୍ର **तलाक** କହୁ ଦାବ ନାହିଁ ବୋଲି ସ୍ୱାମୀ ସ୍ତ୍ରୀଙ୍କୁ ଯେଉଁ ଦଲିଲ ଖଣ୍ଡି ଲେଖିଦିଅନ୍ତି—Deed of divorce.

ହାତ ପତା(ତେ)ଇବା—ଦେ. କି—୧ । (ଲକ୍ଷଣାର୍ଥ) କୌଣସି ବ୍ୟକ୍ତିଙ୍କ ନିକଟରେ କୌଣସି ପଦାର୍ଥ ଅଛ ପାଇବା ପାଇଁ ହାତ ପସାରିବା **हाथ पसारना** ଭାବରେ ମାଗିବା—1. (figurative) To extend one's palm to beg something of a person. ୨ । (ଲକ୍ଷଣାର୍ଥ) ନେଥିବା ଦେବା, ପ୍ରାର୍ଥନା କରିବା—2. (figurative) To supplicate. ୩ । କୌଣସି ବ୍ୟକ୍ତିଙ୍କୁ କୌଣସି ବସ୍ତୁ ମଗିବା ପାଇଁ ବା କୌଣସି ପଦାର୍ଥ ପ୍ରାପ୍ତ କରିବାକୁ କରତଳକୁ ପ୍ରସାରିତ କରି ଦେଖାଇବା—3. To extend one's palm to ask for a thing or to get a thing.

ହାତ ପଦ୍ମ—ଦେ. ବ—ଉପୁଡ଼ାପଟରେ ପିନ୍ଧାଯିବା ପ୍ରସ୍ଫୁଟିତ ପଦ୍ମାକାରବିଶିଷ୍ଟ ଅଳଙ୍କାର—An ornament Hāta padma **हाथपान, हाथ फुल** (shaped like a full blown lotus) worn on the back of the palm. [ଦ୍ର—ଏହା ଗୋଟିଏ ଗୋଲାକାର ଧାତୁ ଖଣ୍ଡ ଓ ଏହା ଏହାର ବଗରେ ଅଙ୍ଗୁଠିମାନଙ୍କ ସଙ୍ଗେ ଓ ଅନ୍ୟ ବଗରର ମଣିବନ୍ଧ ସଙ୍ଗେ ଶିକୁଳି ଦ୍ୱାରା ସଂଯୁକ୍ତ ହୋଇଥାଏ ।

ହାତ ପ(ପା)ମ୍ପ୍—କୌ.ଦେ. ବ (ଇଂ.ଝମ୍) ଯେଉଁ ପାଣିଉଠାଇବା କଳ—ହାତରେ ଗୁଳଉ ହୁଏ— Hāta pa(pā)mp **हाथपंप** Hand-pump ହାତପାମ୍ପ

ହାତ ପଶିବା—ଦେ. ବ—୧ । କୌଣସି ଛିଦ୍ରରେ ବାହାର ପ୍ରବେଶ—1. The thrusting of one's hands to a hole or opening. [ଦ୍ର—ହାତ ପଶୁ ପଶୁ ବାହା ପଶେ—ଦେ. ପ୍ରବଚନ—ଏହାର ତାତ୍ପର୍ଯ୍ୟ ଏହି ଯେ, ଦରମେଳ କବାଟର ଫାଙ୍କରେ ପ୍ରଥମେ ହାତ ପୂରାଇବା ବ୍ୟକ୍ତି କ୍ରମଶଃ ଠେଲି ଠେଲି ବାହୁ ଯଦ୍ଦୀନ୍ତ ପୂରାନ୍ତି; ସେହିପରି ପ୍ରଥମେ ସାମାନ୍ୟ ସମ୍ପର୍କମାତ୍ରରୁ ଆରମ୍ଭ କରି କ୍ରମେ କ୍ରମେ ପୂର୍ଣ୍ଣ ଅଧିକାର ସ୍ଥାପନ କରିବା ସ୍ଥଳରେ ପ୍ରଯୁଜ୍ୟ [ପ୍ରବଚନ ବା ନ୍ୟାସ୍ୱ ।] ୨ । କୌଣସି ବସ୍ତୁର ହାତ ଦ୍ୱାରା ବ୍ୟବହାର—2. The use of a thing by the hand. (ଯଥା·ଲଙ୍କାମରର ଗଛରେ ନଆ ହୋଇ ହାତ ପଶୁନି ।)

ହାତ ପାଆନ୍ତ(ନ୍ତା, ନ୍ତି)—ଦେ. ବ—ହାତକୁ ବଢ଼ାଇଲେ ହାତ ପହଞ୍ଚିବା ସୀମା ମଧ୍ୟରେ କୌଣସି ଦ୍ରବ୍ୟର ଅବସ୍ଥିତି— Hāta pāānta(ntā, nti) **हाथपहुंच** (ହାତପାଆନ୍ତଆ—ବଣ ରୂପ) ହାତର ନାଗାଲ Situation of a thing within the reach of a person's hands.

ହାତ ପାଇବା—ଦେ. ବ—କୌଣସି ବସ୍ତୁକୁ ହାତ ବଢ଼ାଇଲେ ତାହାର ହସ୍ତଗତ ହେବାର ସୀମା ମଧ୍ୟରେ ଅବସ୍ଥିତି— Hāta pāibā **हाथ पाना** ହାତ ପାଓୟା Being within the reach of one's hands.

(ମୁଣ୍ଡକୁ) ହାତ ପାଇବା—ଦେ. ବ—ନିଜର ସାଂସାରିକ କାର୍ଯ୍ୟ ନିଜେ (muṇḍaku) Hāta pāibā ପରିଚାଳନ କରିବାକୁ ସମର୍ଥ ହେବା; ନିଜକୁ ପୋଷିବାକୁ ନିଜେ ସମର୍ଥ ହେବା-Becoming able or fit to look after one's worldly affairs.

ହାତ ପାଞ୍ଚ—ଦେ. ବ—ହାତରେ ପାଞ୍ଚ (ଦେଖ)— Hāta pāñcha (ହାତର ପାଞ୍ଚ—ଅନ୍ୟରୂପ) **हाथ पांच** Hātare pāncha (See) ହାତେ ପାଁଚ

Digitized by srujanika@gmail.com

ହାତ ପାପୁଲି - ଦେ. ବ—କରପୃଷ୍ଠ—
Hāta pāpuli The back of the palm.
ହାତେରପିଠ तरहथी

ହାତପାହାନ୍ତ (ନ୍ତା, ନ୍ତି) — ଦେ. ବ—ହାତପାଅନ୍ତ (ଦେଶ)—
Hāta pāhānta(ntā,nti) Hātapā-ānta (Se-)
[ହାତପାହାନ୍ତଆ—ବଣ. ରୂପ]

ହାତ ପାହାରୁଣି—ଦେ. ବ—ଧାନ କୁଟିବାର କାଠର କଡ଼ ଦେମାନ୍ଦସ୍ତା;
Hāta pāhāruṇi ଉଦୂଖଳ—The big wooden
ଉଦୁଖଳ खल mortar used for husking paddy
[ଦ୍ର—ଏଥିରେ ଧାନ କୁଟିବା ପାଇଁ ବ୍ୟବହୃତ ପାହାରୁ (ହାତପାହୁରୁଣି—ଅନ୍ୟତ୍ର) मूषल କହନ୍ତି ।
ହାତ ପାହାରୁଣି ମୁଷଲ—ଦେ. ବ [ପାହାରୁଣିର ଦୁଇଟି ଅଙ୍ଗ]
Hāta pāhārṇṇi mūshala ଉଦୂଖଳ ଓ ମୂଷଳ—
ଉଦୁଖଳମୁଷଳ खलमूषल The wooden
mortar and the pestle for husking paddy.

ହାତ ପୂରା(ରେ)ଇବା—ଦେ. କ୍ରି—୧ । କୌଣସି ଛିଦ୍ର ବା ପାତ୍ର
Hāta purā(re)ibā ମଧ୍ୟରେ ହାତକୁ ପ୍ରବିଷ୍ଟ କରାଇବା—
ହାତଢୁକାନ हाथघुसाना 1. To thrust
one's hands into a hole or a pot (ଜ—
ବେଇଲେ ବେ, ନଇଲେ ହାତପୁରେଇ ବ୍ୟାଇବ—ଛଗ ।]
୨ । କୌଣସି କାର୍ଯ୍ୟକୁ ନିଜ ହାତରେ ନେବା—2. To
undertake any work. ୩ । କାର୍ଯ୍ୟ ଆରମ୍ଭ
କରିବା—3. To begin a work. ୪ । କୌଣସି
କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରିବା—4. To meddle
with any work.

ହାତ ପୂରା(ରେ)ଇ ବି(ବେ)ଆଇବା (ବ୍ୟାଇବା)—ଦେ. କ୍ରି—ପ୍ରସବ କରି
Hāta purā(re)i bi(be)āibā (byāibā) ପାରୁ ନ ଥିବା
ହାତ ପୂରିଯେ ପ୍ରସର କରାନ ପ୍ରସୂତିର ପ୍ରସବ ଦ୍ୱାର ବାଟେ (ଧାତ୍ରୀ) ହସ୍ତ
हाथ घुसाकर पैदा करना ପ୍ରବେଶ କରି ଗର୍ଭସ୍ଥ ଶିଶୁକୁ କାଢ଼ାର
କରି ଆଣିବା—To bring out the baby from
the womb of a woman who is in labour
pain and who has not strength enough
to eject the contents

ହାତ ପୋଛ୍(ଖାଲି)—ଦେ.ବ—୧ । ଅର୍ଥଶୂନ୍ୟ ଦଶା; ରିକ୍ତ ହସ୍ତତା—
Hāta pochh(khāli) 1. Penniless condition. ୨ ।
ହାତ ଖାଲି ହାତରେଥିବା ଧନ ସମସ୍ତ ବ୍ୟୟିତ ହେବା ଅବସ୍ଥା—
हाथ खाली 2. The condition of a person having spent the last pie he had got.
ଦେ. ବଣ—୧ । ଅର୍ଥଶୂନ୍ୟ (ବ୍ୟକ୍ତି)—1. Penniless
(person). ୨ । ଅର୍ଥଶୂନ୍ୟ (ଅବସ୍ଥା)—
2. Penniless (condition).

ହାତ ପୋଛା—ଦେ.ବ—ସିଥର କରିବା ପରେ ବାମ ହାତରେ ଲଗିଥିବା
Hāta pochhā ରୁଢ଼ ଓ ମଇଳା ଇତ୍ୟାଦିକୁ ପୋଛିବା ପାଇଁ
ହାତ ମୁହା କ୍ଷୁର ଉଣ୍ଡାମାନଙ୍କ ବ୍ୟବହୃତ ଦନ୍ତହୀନ କ୍ଷୁର—
हाथ पोंछा अस्तुरा A blunt razor used by the barbers to remove the stumps which they put on the left hand while shaving.

ହାତ ପୋଡ଼ା—ଦେ. ବ—ହସ୍ତଜ୍ୱାଳା ରୋଗ—The burning of
Hāta porḍā the hands; a disease consisting
ହାତ ଜାଳା of a burning sensation in the hands.
हाथ जलना

ହାତ ଫାଟି ପଡ଼ିବା—ଦେ. ବ—ଅତ୍ୟନ୍ତ ଗୁରୁଭାର ବହନ ବା ବଳା-
Hāta phāṭi paṛdibā ଯୋଗୁଁ ହାତରେ ଅସହ୍ୟ ବେଦନା
ହାତ ଫେଟେ ପଡ଼ା (ସତ୍ତେ ଯେପରି ହାତ ଫାଟିଯିବ) ଅନୁଭବ
हाथ फटजाना ହେବା—Feeling of extreme pain
(as of bursting) in the arms due to carrying a heavy load or aching.

ହାତ ବଜା(ଜେ)ଇବା—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର ଦେହରୁ ବା
Hāta bajā(je)ibā କୌଣସି ବସ୍ତୁକୁ ହାତ ଦ୍ୱାରା ସ୍ପର୍ଶ କରିବା
ହାତ ଲାଗାନ —1. To touch anything or body.
हाथ लगाना (ଯଥା—ଏ ଘଣ୍ଟାରେ କେହି ହାତ ବଜାଇଲେ ଘଣ୍ଟାଟି ବଜ ହୋଇଯିବ ।) ୨ । ହାତ ମାରିବା (ଦେଶ -
2. Hāta māribā (See)

ହାତ ବଢ଼ା(ଢ଼େ)ଇବା—ଦେ. କ୍ରି—ଉଚ୍ଚହୋଇଥିବା ଦ୍ରବ୍ୟକୁ ଧରିବା
Hāta bardhā(rdhe)ibā ପାଇଁ ହାତକୁ ଊର୍ଦ୍ଧ୍ୱକୁ ନେବା—
ହାତ ବାଢ଼ାନ To raise one's hand to catch a
हाथ बढ़ाना thing on high. [ଦ୍ର—ବାମନ ହୋଇ
ଚନ୍ଦ୍ରକୁ ହାତ ବଢ଼ାଇବା—ନ୍ୟାୟ । ଅସାଧ୍ୟ କାର୍ଯ୍ୟ
କରିବାକୁ ଆଶା କରିବା ରୁଗ୍ଣ ଦୁରବସ୍ଥା କରିବା ସ୍ଥଳରେ
ଏହି ନ୍ୟାୟର ଉଦାହରଣ ଦିଆଯାଏ ।]

ହାତ ବଳା—ଦେ. ବ—୧ । କାରିଗରମାନେ ନିଜର ଶିଳ୍ପକୁସ୍ତା
Hāta balā ଲାଭ କରିବା ପାଇଁ ପ୍ରଥମେ ଛବି ବା ଚିତ୍ର ବା ମୂର୍ତ୍ତି
ହାତ ପାକା ଗଢ଼ିବାର ଯେଉଁ ଅଭ୍ୟାସ କରନ୍ତି; ଛବି ଅଙ୍କ
हाथ पक्का करना ଏବଂ ମୂର୍ତ୍ତି ଗଢ଼ିବା ଅଭ୍ୟାସ—1. The practising
of neophytes in painting and sculpture; exercise of art by a neophyte. (ଜ—
ଅନ୍ୟମାନେ ଅସେ ଆଗେ ବଧ ସାଧ ପଦେ, ତହେଁ ହାତ-
ବଳା । ଗ୍ରାମ୍ୟକାଥ. ଯଯାଉ ।) [ଦ୍ର—କାରିଗରି ଶିକ୍ଷା
ଲଭିବା ବ୍ୟକ୍ତିମାନେ ନିଜ ନିଜର ହାତକୁ ସଡ଼ା ବା ସିଦ୍ଧ
କରିବା ପାଇଁ ଆଗ କରି ଗୁଡ଼ିଏ ଚିତ୍ର ବା ମୂର୍ତ୍ତି ଗଢ଼ନ୍ତି ଓ
ସେଥିରେ ଜ ଜ ଦୋଷ ରହିଲା, ତାହା ଦେଖି ଉତ୍କର୍ଷଭକ୍ତ
ସେମାନେ ସେ ଦୋଷମାନ ସଂଶୋଧନ କରନ୍ତି । ହାତବଳା
ଚିତ୍ର ଓ ମୂର୍ତ୍ତିମାନ ଅବଶ୍ୟ ନାନା ଦୋଷଯୁକ୍ତ ହୋଇଥାଏ
ଓ ସିଦ୍ଧହସ୍ତ କାରିଗରଙ୍କ ରଚିତ ମୂର୍ତ୍ତି ଅପେକ୍ଷା ଏହା
କଦାପି ହୁଏ ।] ୨ । ସିଦ୍ଧହସ୍ତତା ଲାଭ କରିବା ପାଇଁ
କାରିଗରଙ୍କ ଦ୍ୱାରା ପ୍ରଥମେ ଗଢ଼ା ହେବା ମୂର୍ତ୍ତି ବା ଚିତ୍ର—
2. Any picture or image done by an artist for practising ୩ । ହାତ ଅନ୍ୟକୁ

Digitized by srujanika@gmail.com

ପ୍ରହାର କରିବା—3. Suddenly striking another. ୪। ମାଡ଼ ଦେବାକୁ ହାତ ପ୍ରସାରିତ କରିବା—4. Extending one's hands to strike. ଗଢ଼ଣ—ହସ୍ତସିଦ୍ଧି ଲାଭ କରିବା ନମନକୁ ଚଳିତ (ଚଳ) ବା ଗଠିତ (ପୁର୍ତ୍ତ)—(picture or image) Made by a sculptor or painter to attain a practised hand.

ହାତ ବଳା(ଳେ) ଇବା—ଦେ. କ୍ରି—୧। ସିଦ୍ଧହସ୍ତ ହେବା ପୂର୍ବରୁ Hāta balā (le) ibā (ଶିଳ୍ପୀ) ଚିତ୍ର ଆଙ୍କିବା ବା ମୂର୍ତ୍ତି ଅଙ୍କ ଗଢ଼ିବାରେ ହାତକୁ ଦୋରସ୍ତ କରିବା ବା ଅଭ୍ୟାସ କରିବା; ହାତ ସାଧିବା—1. To practise by making works of art before one becomes a skilled artist; to exercise the hands to earn proficiency. ୨। ଅନ୍ୟକୁ ମାଡ଼ ମାରିବାଆଇଁ ହସ୍ତକୁ ପ୍ରସାରିତ କରିବା; ହାତ ଚୁଟାଇବା—2. To raise one's hand to strike a person or another. ୩। ଅନ୍ୟକୁ ମାଡ଼ ମାରିବା—3. To strike another.

ହାତ ପାକାମ **ହାଥପକ୍‌କାକରନା** **ହାଥ ସାଧନା**

ହାତ ବଳିବା—ଦେ. କ୍ରି—ଶିଳ୍ପ କାର୍ଯ୍ୟରେ ସିଦ୍ଧହସ୍ତ ହେବାପାଇଁ Hāta balibā ଅଭ୍ୟାସ କରିବା—To practise exercise on art. ବ୍ୟ—୧। ଶିଳ୍ପୀର ପ୍ରଥମ ଅଭ୍ୟାସ—1. Excers on art. ୨। ହାତଯିବା (ଦେଖ)—2. Hāta jibā (see) (ଯଥା—ପିଲ୍ଲଟିକୁ ମାରିବାରୁ ହାତ ପାକାନ **ହାଥପକ୍‌କାକରନା** (ମୋ ହାତ ବଳିଲା ନାହିଁ)

ହାତ ବସିବା—ଦେ. ବ୍ୟ—ଜନ୍ମ କରି କଳ ସିଦ୍ଧହସ୍ତତା ଲାଭକରିବା—Hāta basibā Acquisition of proficiency by constant exercise.

ହାତପାକା **ହାତବୈଟନା**

ହାତ ବାକସ (ବାକ୍ସ, ବାକୁସ)—ଦେ. ବ—୧। ହସ୍ତ ବାହ୍ୟ, ଯେଉଁ Hāta bākasa (bāksa, bākusa) ବାକସକୁ ହାତରେ ଓଜନାଇ ସବୁବେଳେ ଜଳଖଣ ବହିଯାଇ ଯାଏ—1. Hand-box; a box which can be carried by one's hand. [ତୁ—ଏଥିର ଉପର ଭାଗର ସହିତ ହାତଧା ଲାଗିଥାଏ] ୨। ଯେଉଁ ବାକସ ସବୁବେଳେ ବଡ଼ଲୋକମାନଙ୍କ ପାଖରେ ଥାଏ ଓ ଯହିଁରେ ଚଲନ୍ତି ଉଦ୍ଦରଣ ଓ ନଗଦ ପ୍ରୟୋଜନୀୟ କାଗଜପତ୍ର ରହେ—2. Cash box for daily use.

ହାତବାକ୍ସ **ହାଥବାକସ**

ହାତ ବାନ୍ଧି ବସିବା—ଦେ. କ୍ରି—କର୍ମଶୂନ୍ୟ ବା ବେକାର ହେବା—Hāta bāndhi basibā To be unemployed or idle; to be without any employment. (ତୁ—ହତାଦର ନୋହୁ ଦେଖ ଚଇ; ହାତ ବାନ୍ଧି ନ ବସନୁ ଶିଳଗୀ ସମାଜ ଲେ କୋଇଲି—ବାଲକୃଷ୍ଣ ଥକାଳ କୋଇଲି।)

ହାତ ବାରସୀ(ବାର୍ସୀ)—ଦେ. ବ—୧। ବଢ଼େଇ ସବୁଦା ନଜ ପାଖରେ Hāta bārasī(bārsī) ଅପଣାର ମନୋମତ ଯେଉଁ ହାତବାଇସ **ହାଥବଢଲା** ବାହୁଣୀଖଣ୍ଡି ରଖିଥାଏ—1. A small adze which suits a carpenter and of which he is fond and which he always carries with him; a carpenter's favourite adze. ୨। (ଲକ୍ଷଣାର୍ଥ) ସାହାଯ୍ୟକାରୀ ବ୍ୟକ୍ତି; ଯେଉଁ ବ୍ୟକ୍ତି ଦ୍ୱାରା କୌଣସି ବ୍ୟକ୍ତି ଅପଣାର କାର୍ଯ୍ୟ ସାଧନ କରାଇ ନଅନ୍ତି—2. (figurative) One's helper; a person whom a person uses as a tool for getting his works done. ବ୍ୟ—କୌଣସି ବ୍ୟକ୍ତିକର ପ୍ରତ୍ୟକ୍ଷ ସାହାଯ୍ୟକାରୀ—Renderer of direct help to a person.

ହାତ ବାନ୍ଧା(ବଥା)—ଦେ. ବ—ହସ୍ତ ବ୍ୟଥା ସୋଟ—

Hātā bindhā(batha) Aching or pain in the

ହାତ ବ୍ୟଥା **ହାଥପୋଡ଼ା** hands or arms.

ହାତ ବୁଣା—ଦେ. ବ—୧। ଲୁଗାକୁ ହାତ ଦ୍ୱାରା ଉନ୍ନରେ ବୁଣିବା—

Hāta bunā 1. Hand weaving of a cloth.

(କଲବୁଣା—ବଅସ୍ତ)' ୨। ମୋଜାକୁ ହାତରେ ବୁଣିବା—

ହାତବୋନା **ହାଥବୁନାବଟ** 2. The knitting of stockings by the hand. ବ୍ୟ—ହସ୍ତଦ୍ୱାରା ବସ୍ତ୍ରନ କରା ଯାଇଥିବା—Hand woven; hand knit.

ହାତ ବୁଲା(ଲେ)ଇବା—ଦେ. କ୍ରି ୧। ଗୁରୁଆଡ଼େ ହସ୍ତକୁ ବା ବାହୁକୁ Hāta bulā(le)ibā ସଞ୍ଚାଳନ କରିବା—1. To

ହାତବୁଲାନ **ହାଥ ଘୁମାନା** move one's hand about. ୨। ହାତଦ୍ୱାରା ଗୁରୁଆଡ଼େ ଦରୁଣ୍ଡିବା—2. To grope about with the hands. ୩। କୌଣସି ଅଙ୍ଗ ଉପରେ କରତଳକୁ ଇତସ୍ତତଃ ସଞ୍ଚାଳନ କରିବା—3. To move the palm over any part of the body. ୪। ଦେହକୁ ଅଡ଼ୁଁସିବା—4. To massage the body. ୫। ସ୍ନେହ ପଦାର୍ଥକୁ ଗ୍ରେର କରିବା—5. To pilfer. ୬। କୌଣସି ବ୍ୟକ୍ତିକୁ ଠକାଇ ବା ଫୁସୁଲାଇ କିଛି ଧନ ବା ପଦାର୍ଥ ନେବା—6. To take some money or thing from a person by cheating or wheedling him. ୭। ଘରେ ପଶି ଚୋର କରିବା—7. To steal from a house. (ଯଥା—ଚୋର ତା ଘରେ ହାତ ବୁଲେଇଦେଇ ଗଲେ ଯେ, ଜିନିଷ ଖଣ୍ଡିଏ ସୁଦ୍ଧା ଘରେ ନାହିଁ।) ୮। (ଲକ୍ଷଣାର୍ଥ) କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣରୂପେ ମନୋଯୋଗୀ ହେବା—8. (figurative) To be very attentive to a work. (ତୁ—ଜଲଭିର ସବାଙ୍ଗେ ସେ ବୁଲାଇବେ ହାତ, ସେବେ ତହିଁ କୁଢକାର୍ଯ୍ୟ ସେ ଅମୃତହସ୍ତା—ଚନ୍ଦ୍ରାମଣି ଦଳମାଦଭ୍ୟ।)

Digitized by srujanika@gmail.com

ହାତ ବୋତାମ—ଦେ. ବ (ସ ହସ୍ତ ଓ ଇଂ ବଟନ୍)—କାମିଜଆଦର Hāta botāma ଅସ୍ତିନ୍‌ର ଚଟ୍‌ରେ ଲଗିଥିବା ବୋତାମ— ହାତବୋତାମ **हाथबोताम** Sleeve button.

ହାତ ବୋଲିବା—ଦେ. କ୍ରି—୧ । ମଇଳା ଲଗିଥିବା ହାତରୁ ମଇଳା Hāta bolibā ଝଡ଼ିଯିବା ପାଇଁ କରତଳକୁ ନେଇ ହାତବୁଲାନ **हाथपोछना** ଲୁଗାରେ ବା କାନ୍ଥ ଆଦରେ ପୋଛୁଦେବା—1. To rub one's dirty palm on a wall or cloth to cleanse it. ୨ । କୌଣସି ବ୍ୟକ୍ତିଠାରୁ ଧନାଦି ନେଇ ଠକାଇବା—2. To cheat or wheedle out something from a person. ୩ । କୌଣସି ବ୍ୟକ୍ତିଠାରୁ ମାଗି କର ଧନ ନେବା—3. To beg money from a person. ୪ । କୌଣସି ବ୍ୟକ୍ତିଙ୍କୁ ଧନ ମାଗିବା—4. To ask money of a person.

ହାତବ୍ୟ—ଫ ବଣ. ପୁଂ—(ହା ଧାତୁ=ତ୍ୟାଗ କରିବା+କର୍ମ ତବ୍ୟ)— Hātabya ତ୍ୟକ୍ତ ହେବା ଯୋଗ୍ୟ—Fit to (ହାତବ୍ୟା—ସ୍ତ୍ରୀ) be given up or abandoned.

ହାତ ଭଣ୍ଡା—ଦେ. ବ—କବୁଣିଠାରୁ କବଜି ପର୍ଯ୍ୟନ୍ତ ହାତର ମାଂସଳ Hāta bhaṇḍā ଅଂଶ (ଯାହା ଆକାରରେ କଦଳୀ- ହାତେରଡିମେ **हाथपहुँचा** ଭଣ୍ଡା ପରି ଦେଖାଯାଏ)- The calf of the hand.

ହାତ ଭରତି(ର୍ତ୍ତି)କରିବା—ଦେ. କ୍ରି—ହାତ ପୁରାଇବା (ଦେଖ)— Hāta bharati (bharti) karibā Hāta purāibā (See)

ହାତ ଭୃଙ୍ଗି ହେବା—ଦେ. କ୍ରି—୧ । (ଲକ୍ଷଣାର୍ଥ) ଅନନ୍ଦରେ Hāta bhāṅgi hebā ଉତ୍‌ଫୁଲ୍ଲ ହେବା— ଆହ୍ଲାଦେଆଠଖାନା ହଓୟା **आनंदसेफुलना** 1. To feel overjoyed; to be overwhelmed with joy. (ଜ-ବଧୂ ସଧେ ହାତ ଭୃଙ୍ଗି ହେଉଛନ୍ତି ଯଶୋଦା ଡୋଡେ ବଲ୍ଲେକ—ଗୋପାଳକୃଷ୍ଣ ନବାଳୁସ୍ତଗ ।) ୨ । ଅତି ଆଗ୍ରହ ସହତରେ କାମନା କରିବା; ଲାଳାୟିତ ହେବା— 2. To hanker after.

ହାତ ମଉଜା(ମୋଜା)—ଦେ. ବ—ଦସ୍ତାନା; ହାତରେ ପିନ୍ଧାଯିବା Hāta maujā(mojā) ମୋଜା—Gloves. ହାତ ମୋଜା **हाथ मोजा**

ହାତ ମାଟି—ଦେ. ବ—୧ । ଝାଡ଼ା ଫେର ସାରିବା ପରେ ବାମ ହସ୍ତ Hāta māṭi ସାଧାରଣତଃ ଜଳ ଦ୍ୱାରା ଗୁହ୍ୟଦ୍ୱାର ଧୋଇବା ହାତ ମାଟି (ଇଅଶ୍ଚ ହେବା) ପରେ ହାତରେ ଲଗିଥିବା ମଳ **हाथ मिट्टी** ଆଦିକୁ ସଫା କରି ଧୋଇ ଦେବା ପାଇଁ ହାତରେ ମାଟି ଲଗାଇବା କର୍ମ—1. The act of smearing the palm of the left hand with clay to cleanse it after it has been used in washing the anus after evacuation. [ଭୁ—ହାତ୍ୟ ଶାସ୍ତ୍ର ଅନୁସାରେ ସଲୋତ୍ସର୍ଗ ପରେ ଗୁହ୍ୟ ଦ୍ୱାରରେ ୭ ଥର, କରତଳମାନଙ୍କରେ ୨ ଥର, ପାଦତଳମାନଙ୍କରେ ୫ ଥର ଲେଖାଏଁ ମାଟି ଲଗାଇ ଧୋଇବା ତର୍ତ୍ତବ୍ୟ ।] ୨ । ଇଅଶ୍ଚବା ପରେ ହାତକୁ ସଫା କରିବା ପାଇଁ ଆବଶ୍ୟକ ମୃତ୍ତିକା— 2. Earth required for cleansing the palm after washing the anus after evacuation.

ହାତ ମାଟି କରିବା—ଦେ. କ୍ରି—ଇଅଶ୍ଚବା ପରେ ହାତରେ ମାଟି ବୋଳ Hāta māṭi karibā ହାତକୁ ପରିଷ୍କାର୍ କରିବା—To smear ହାତ ମାଟି କରା the palms with clay in order to **हाथ मिट्टी करना** wash them after evacuation.

ହାତ ମାରିବା ଦେ. କ୍ରି—୧ । କୌଣସି ବ୍ୟକ୍ତିଙ୍କୁ ସତର୍କ କରାଇବା Hāta māribā ବା ତାଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ତାଙ୍କ ହାତ ମାରା ଦେହରେ ହାତକୁ ଧୀର ଭାବରେ ଛୁଆଁଇଁ ଦେବା— **हाथ मारना** 1. To touch another's body to draw his attention or to warn him. ୨ । ଅନ୍ୟ ବ୍ୟକ୍ତିଙ୍କର କୌଣସି ଅଙ୍ଗକୁ ଅହିଁବା—2. To massage any limb of another. ୩ । (ଲକ୍ଷଣାର୍ଥ) ଛେପ ପଦାର୍ଥ ଚେର କରି ନେବା—3. (figurative) To pilfer; to steal. ୪ । (ଲକ୍ଷଣାର୍ଥ) କେହି ଜଣେ ନ ଥିଲାବେଳେ କୌଣସି ପଦାର୍ଥ ଅତ୍ୟାତ୍ତ କରିବା—4. (figurative) To appropriate some thing to one's self when there is no one to watch. ୫ । ଗୋପନରେ ପରଦାର ସଙ୍ଗେ ସମ୍ଭୋଗ କରିବା—5. To enjoy another's wife in secret.

ହାତ ମୁଠା—ଦେ. ବ—(ସ ହସ୍ତ ଓ ମୁଷ୍ଟି)—୧ । ମୁଷ୍ଟିବଦ୍ଧ କରତଳ Hāta muṭhā —1. Fisted palm. ୨ । (ଲକ୍ଷଣାର୍ଥ) ହାତର ମୁଠାର ଜୋର ଅଧିକାର ବା ଅଧିନତା—2. (Figurative) **हाथमुट्ठी** One's control or possession or authority. (ଯଥା—ତୋଡ଼ର ବରଷର ପୁଅ ଏବିକ ଅଜୁ ବାପାଙ୍କ ହାତ ମୁଠା ଭିତରେ ରହିବ ନାହିଁ ।)

ହାତ ମୁଠା ଭିତରେ (ମୁଠାରେ)—ଦେ. ଅ—ନିଜର କର୍ତ୍ତୃତ୍ୱ Hāta muṭhā bhitare (muṭhāre) ଅଧୀନରେ— ହାତର ମୁଠାର ଭିତର Within one's control. [ବ— **मुट्ठीमें** ହାତର ମୁଠାରେ, ଥିବା ପରିବାରେ, ଧରାଛୁଆ ଭୋଡେ ମୁହିଁ—ମଧୁସୂଦନ. କୁସୁମାଞ୍ଜଳି ।]

ହାତ ମୁଠା ମୁଠା କରିବା—ଦେ. କ୍ରି—୧ ।(ଅପସ୍ମାରଅଥବା ମୂର୍ଚ୍ଛା- Hāta muṭhā muṭhā karibā ରୋଗଗ୍ରସ୍ତ ବ୍ୟକ୍ତିଙ୍କ ହାତ ହାତ ମୁଠା ମୁଠା କରା ମାରିବା ସମୟରେ ଚେତନାପ୍ରାପ୍ତ ରୋଗୀ) **हाथ सीकुड़ना** କିଛି ପଦାର୍ଥ ମୁଠାଇଲା ପରି କରତଳକୁ ବୁଜିବା— 1. To close the palm into a fist in a convulsive fit (said of a senseless patient while

Digitized by srujanika@gmail.com

in a fit). ୨ । (ଅସ୍ୱାଭାବିକ ବ୍ୟକ୍ତି) ଭୟରେ ହାତକୁ ବୁଜିବା—2. To close the fist in a fright. ୩ । (ଲକ୍ଷଣାର୍ଥ) ଭୟାକ୍ରାନ୍ତ ହେବା—3. (figurative) To be frightened or terrified. ୪ । (ଲକ୍ଷଣାର୍ଥ) କୌଣସି କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରିବା—4. (figurative) To show signs of unwillingness to do any work.

ହାତ ମୁଦ—ଦେ. ବ—(ସଂ. ହସ୍ତ ଓ ମୁଦ୍ରିକା)—ହାତର ଆଙ୍ଗୁଠିରେ Hāta mudi ପିନ୍ଧାଯିବା ମୁଦ୍ରିକା—Ring for a finger of the hand. [ଦ୍ର—ହାତମୁଦରେ ବସିଥିବା

ହାତ ଅଙ୍ଗୁଠୀ ପଥର ବା ଧାତୁ ଅନୁସାରେ (ଯଥା – ରତ୍ନମୁଦ, ସ୍ୱାସ୍ଥ୍ୟମୁଦ, ମାଲାମୁଦ, ଅଧିକ ମୁଦ ଇତ୍ୟାଦି), ମୁଦର ବ୍ୟବହାର ଅନୁସାରେ(ଯଥା—ବସ୍ତ୍ରମୁଦ,ସିଲ୍‌ମୁଦ,ସ୍ୱାକ୍ଷରମୁଦ), ମୁଦର ଉପକରଣ ଅନୁସାରେ (ରୂପାମୁଦ, ସୁନାମୁଦ, ଗଣ୍ଡାମୁଦ, କାଚକଡ଼ା ମୁଦ) ଓ ମୁଦର ପ୍ରକାର ଓ ଆକାର ଅନୁସାରେ (ଝୁମ୍‌କି ମୁଦ, ସାପମୁଦ), ମୁଦମାନଙ୍କର ଉଲ୍ଲ ଉଲ୍ଲ ନାମକରଣ ହୁଏ ।]

ହାତ ଯଶ—ଦେ.ବ—(ସଂ ହସ୍ତ ଓ ଯଶଃ)—କୌଣସି କାର୍ଯ୍ୟରେ ଫଳ-

Hāta jasa ଲାଭ ହେଲେ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କ କୁଶଳ ହାତ ଦଖ } ସ୍ତାମ୍ପରୂପ ସମ୍ବନ୍ଧେ ପ୍ରଶସ୍ତରତ ସୁନାମ;କୌଣସି ବ୍ୟକ୍ତିଙ୍କର
ହାତ ଯଚ୍ଚ } ସିଦ୍ଧହସ୍ତତା ବିଷୟରେ ପ୍ରଚାରିତ ସୁନାମ—

ହାତ ଯଶ Good name of a person for the skill of his hand; reputation of a particular person's skill. (ଯଥା—ଆପଣ ଏ ରୋଗୀକୁ ଭଲ କରିଦେଲେ ଆପଣଙ୍କର ହାତଯଶ ରହିବ ।)

(ମୋର)ହାତ ଯିବା(ବଳିବା,ଚଳିବା)—ଦେ.ବ—(କୌଣସି କଷ୍ଟର ବା

Hāta jibā (balibā, chalibā ଅନ୍ୟାୟ କାର୍ଯ୍ୟ କରିବାକୁ ହାତସରା କୌଣସି ବ୍ୟକ୍ତିଙ୍କର) ପ୍ରବଳତା ବା ଇଚ୍ଛା ନାଡ ଦେବା—

ହାତ ଉଠନା The arising in one's mind of the desire to do an unworthy or cruel act [ଯଥା—ଏଡ଼େ ସୁନ୍ଦର ଜୀବଟିକୁ ମାରିବାକୁ ତୁମ ହାତ କିପରି ଗଲା ?]

ହାତର କଥା—ଦେ. ବ—୧ । ନିଜର କର୍ତ୍ତୃତ୍ୱାଧୀନ ବିଷୟ—1. A

Hātara kathā matter within one's control. ହାତେର କଥା ୨ । ନିଜକୃତ ବିଷୟ—2. A matter of one's

ହାତକୀ ବାତ doing. ୩ । ନିଜର ଅଧିକାର ବା ସ୍ୱାଧିନସ୍ଥ ବିଷୟ—3. A matter under one's jurisdiction or authority. ୪ । ଶକ୍ତି ଦ୍ୱାରା ସାଧନୀୟ ବିଷୟ; ସାଧ୍ୟ ବିଷୟ—4. Anything within one's capacity or power.

ହାତର କାମ—ଦେ. ବ—୧ । ହାତର କଥା (ଦେଖ)

Hātara kāma 1. Hātara kathā (See)
ହାତେର କାଯ ୨ । ନିଜର କୃତ କାର୍ଯ୍ୟ—2. A work done
ହାତକା କାମ by one's self. ୩ । କୌଣସି କାରିଗର ଦ୍ୱାରା ଗଢ଼ା ହୋଇଥିବା କାର୍ଯ୍ୟ—3. Handiwork of an artist; manual work. ୪ । ସାଧାରଣ କୌଣସି କର୍ତ୍ତବ୍ୟ ବ୍ୟକ୍ତିଙ୍କ ଦ୍ୱାରା ଅନ୍ୟ ଦ୍ୱାରା ସମ୍ପାଦିତ ହୋଇ ନ ପାରେ—4. Anything which cannot be accomplished by any other person.

ହାତ ରନ୍ଧା(ରନ୍ଧଣା, ରୁଷାଇ, ରୁଷେଇ)—ଦେ. ବ (ସଂ. ହସ୍ତ ଓ ରନ୍ଧନ)

Hāta randhā(randhaṇā, rushāi, rushei)
ହାତେ ରାନ୍ଧା —୧ । ସ୍ୱହସ୍ତ ଦ୍ୱାରା ନିଜର ଖାଦ୍ୟ ଦ୍ରବ୍ୟର ପାକ—
ହାଥ ରସୋଇ 1. Cooking of one's meal by one's self; cooking for one's self. ୨ । କୌଣସି ବ୍ୟକ୍ତିଙ୍କ ହସ୍ତ ଦ୍ୱାରା କୃତ ପାକ—2. Cooking done by a particular person. (ଯଥା—ଆଜି ବଡ଼-ବୋହୂଙ୍କ ହାତରନ୍ଧାର ପାଳି ପଡ଼ିଛି ।) ୩ । କୌଣସି ବ୍ୟକ୍ତିଙ୍କ ହସ୍ତ ଦ୍ୱାରା ପାକ ହୋଇ ସାରିଥିବା ଖାଦ୍ୟ—3. Food cooked by a particular person. (ଯଥା—ସାଆନ୍ତାଣୀଙ୍କ ହାତରନ୍ଧା ନ ଖାଇଲ ଯଦି ମୋ ପେଟ ପୁରେ ନାହିଁ) ଦେ. ଉଣ—କୌଣସି ବ୍ୟକ୍ତିଙ୍କ ଦ୍ୱାରା ପକ୍ୱ (ଖାଦ୍ୟ)—(food) Cooked by a particular person.

ହାତର ଲେଖା—ଦେ. ବ—(କୌଣସି ବ୍ୟକ୍ତିଙ୍କ) ହସ୍ତାକ୍ଷର—

Hātara lekhā (a person's) Handwriting.
ହାତେର ଲେଖା ବ ଓ ଉଣ—ହାତ ଲେଖା (ଦେଖ)
ହାତକା ଲେଖ Hāta lekhā (See)

ହାତର ଲୋକ—ଦେ. ବ—୧ । ନିଜର ବଶୀଭୂତ ବ୍ୟକ୍ତି—

Hātara loka 1. A person who is one's own
ହାତେର ଲୋକ creature. ୨ । ନିଜର ଅଧୀନ ବ୍ୟକ୍ତି—
ହାତକା ଆଦ୍‌ମୀ 2. A person under one's control. ୩ । ନିଜର ଅଧୀନତାରେ କାର୍ଯ୍ୟ କରୁଥିବା ବ୍ୟକ୍ତି; ଅଧସ୍ତନ ବ୍ୟକ୍ତି—3. One's subordinate.

ହାତରୁ—ଦେ. କି. ବିଣ—୧ । ନିଜ ବ୍ୟୟରେ—1. Out of one's

Hātaru pocket; at one's own cost. [ଦ୍ର—ହାତରୁ ହାତ୍ ଥେକେ ଖାଇ ଘୋଡ଼ା ଅଗରେ ଦେଇଁବା—ନ୍ୟାୟ ।
ହାତସେ ଅର୍ଥାତ୍, ନିଜ ବ୍ୟୟରେ ଭୋଜନ କିମ୍ବା କର ଅନ୍ୟ ବ୍ୟକ୍ତିଙ୍କ ଚଢ଼ିଥିବା ଘୋଡ଼ାର ଆଗରେ ସହସ୍ର ଭଲ ଦରଦର୍ଶ୍ତ ପରି ଘରୁ ଖାଇ ଘର କାମ କରିବା ସ୍ଥଳରେ, ଅର୍ଥାତ୍, ଅବୈତନିକ ରୂପେ ପର ପାଇଁ ଶ୍ରମସାଧ୍ୟ କାମ କରିବା ସ୍ଥଳରେ ଏ ନ୍ୟାୟ ଲାଗେ ।] ୨ । ନିଜର କର୍ତ୍ତୃତ୍ୱରୁ (ଚ୍ୟୁତ ହେବା ବା ଖସିଯିବା)—2. (to slip) Out of one's control. (ଯଥା—ସେ ଲୋକଟା ମୋ ହାତରୁ ଖସିଗଲା ।) ୩ । ନିଜର ଅଧିକାରରୁ—3. Out of one's possession. (ଯଥା—ମୋ ହାତରୁ ଧନ ଏବେ ଯାଇଥିଲେ ମଧ୍ୟ ସମସ୍ତେ ଅନାଦର କରେ ।)

Digitized by srujanika@gmail.com

ହାତରୁ ଖସିବା(ଛୁଟିଯା)—ଦେ. କି—୧। ନଜର ଅଧିକାରରୁ ଚ୍ୟୁତ ହେବା—1. To slip out of one's control. ୨। ନଜର ହାତଥେ ଖସିଯିବା—2. To slip out of one's hands. [ଦୃ—ହାତରୁ ଖସିଲେ ଅଣବାନ୍ଧୁଡ଼ (ଦୃ)—ପ୍ରବଚନ। ଅର୍ଥାତ୍, ଯେଉଁ ବସ୍ତୁ ଅନ୍ୟ ବ୍ୟକ୍ତିକୁ ଦେବା ପୋଗାଡ଼ବାରୁ ଯାଇ ଦେକାନ୍ଦ ଅଘଣା ହାତରୁ ଛୁଟି ଯିବା ପରେ ତାକୁ ଫେରିଇ ଅଣିବା ଅଘଟାର ଶକ୍ତି ଅଙ୍ଗତ ହୁଏ, ସେହିପରି ପରର ଅନଷ୍ଟ କରିବା ପାଇଁ ଜଘାସ୍ତ ପ୍ରୟୋଗ କରି ସାର ପରେ ସଦ୍ଭସ୍ତ ଦେଷ୍ଟା କଲେ ମଧ୍ୟ ତାହା ପ୍ରତ୍ୟାହାର କରାଯାଇ ନ ପାରେ। ଏଥିର ସମାର୍ଥକ ଇଂ. ପ୍ରବଚନ—A thing done cannot be undon .]

ହାତରୁ ଖାଇବା—ଦେ. କି—ନଜର ଖାଦ୍ୟବସ୍ତୁ ନଜେ ଚଳାଇବା- Hātaru khāibā To meet one's own fooding ହାତ ଥେକେ ଖାଓୟା ହାତସେ ଖାନା expenses.

ହାତରେ—ଦେ. ଅ (ନିର୍ଦ୍ଦେଶ୍ୟର ସପ୍ତମୀ ବା କ୍ରିୟା ବିଭକ୍ତି)— Hātare ୧। ହସ୍ତରେ—1. In the hand. (ଉ—ପୂଅ ହାତେ ହାତଥେ ହାତରେ ପିଠା ଦେଲେ ଭଳି ଜଣ ବୋଧ—ଛଗ।) ୨। ନଜର ଅଧିକାରରେ—2. In one's own possession. ୩। (ଅନୁକର) ସମ୍ପର୍କ ଦ୍ୱାରା ଗଳତ ହେବା ଅବସ୍ଥାରେ—3. In the state of being guided by the advice of. (ଯଥା—ଗୁରୁ ବର୍ତ୍ତମାନ ୧୭ ଜଣ ଦେବାନଙ୍କ ହାତରେ ଅଛନ୍ତି।) ୪। ନଜ କବ୍ଜିରେ—4. Under one's control or mastery. [ଉ—ଭଣ୍ଡାର ହାତରେ ଯଡ଼ୁଛୁ ଚୁଟି, ସେଉଁକି ଛିଙ୍କି ଦେଶିକି ଜୁଟି—ଛଗ।] ୫। ନଜର କର୍ତ୍ତୃତ୍ୱର ଦଖୀଭୂତ ହୋଇ—5. Under one's authority or disposal. (ଯଥା—ମୋ ହାତରେ ବର୍ତ୍ତମାନ ୧୦ ଜଣ ଲୋକ ଅଛନ୍ତି।) ୬। (ଅନୁକର) ହାତ ଦ୍ୱାରା ମାପିଲେ—6. Measured by the hand of. [ଦୃ—ସେହା ହାତରେ ଯେ ଚଉଦ ଘା—ପ୍ରବଚନ—ଅର୍ଥାତ୍, ପ୍ରତ୍ୟେକ ବ୍ୟକ୍ତିର ଶରୀରରୁ ଗୃହିଁ ସେହ ଅନୁଯାୟୀରେ ତାହାର ହସ୍ତପଦାଦି ଅଙ୍ଗ ପ୍ରତ୍ୟଙ୍ଗ ଈଶ୍ୱର ଗଢି ଥାଅନ୍ତି ଓ ପ୍ରତ୍ୟେକ ବ୍ୟକ୍ତିର ଉଚ୍ଚତା ତାହାର ନଜର ହାତରେ ମାପିଲେ ୩୫ ହାତ ଥିବା ଦେଖାଯାଏ। କୌଣସି ସମାଜରେ ସମସ୍ତେ ନଜନଜକୁ ବଡ଼ ଲୋକ ବା ନେତା ବୋଲି ଜ୍ଞାନ କଲେ ଏ ପ୍ରବଚନ ବ୍ୟବହୃତ ହୁଏ। ଯେବେ ପ୍ରତ୍ୟେକ ବ୍ୟକ୍ତି ମନେ ମନେ ଭାବନ୍ତି ଯେ, "ମୋ ହାତରେ ମୁଁ ଚଉଦ ଘା" ଅର୍ଥାତ୍, ଏଠାରେ ମୋଠାରୁ କେହି ବଡ଼ ନାହିଁ, ଅତଏବ ଏମାନଙ୍କ ମଧ୍ୟରେ ମୋର ନେତା ହେବା ଭଳି ଲୋକ କେହି ନାହିଁ, ତେବେ ଏ ପ୍ରବଚନ ବୋଲିଯାଏ।]

୭। ଦ୍ୱାରା; ଦ୍ୱାରେ—7. By; by the agency of ୮। ମଧ୍ୟରେ—8. Through; per. (ଯଥା—ମୋ ହାତରେ ତୋ ମୁଣ୍ଡ ଅଛି) ୯। ନଜଠାରେ; ଜହ୍ନ-ବଲରେ—9. With or near a person; in the possession of. [ଦୃ—ହାତରେ କଥାଇ ମୂଲଉ ଥାଏ, ଦେଖୁଥିଲେ ସେଇ ଫୁଲଉ ଥାଏ—ଭଗ] ୧୦। ତୁଳନାରେ; ତୁଳନାରେ—10. In comparison with; when compared with. (ଉ—ଜଣେ ଜନ୍ମାନ ହାତରେ ସେ କ ସାର ?—ମାଲକଣ୍ଠ. ପିଲାଙ୍କ ଗୁଣାଯଣୀ) ୧୧। (ଅନୁକର) ସମ୍ମୁଖରେ ବା ଉପସ୍ଥିତିରେ— 11. In the presence of; before.

ହାତରେ ଅରଜିବା(ଅର୍ଜିବା)—ଦେ.କି—(ଲକ୍ଷଣାର୍ଥେ)—ନଜ କୃତ କାର୍ଯ୍ୟର ଦୋଷରେ ଫଳ ସ୍ୱରୂପ କୌଣସି ଫଳ ଭୋଗ କରିବା—(figurative) To reap the fruit of one's own action; to reap what one has sown.

(ମୋ) ହାତରେ କାମ ଥିବା—ଦେ. ବ—୧। ନଜେ କୌଣସି କାର୍ଯ୍ୟରେ ନିଯୁକ୍ତ ଥିବା—1. Being engaged or busy in any work. ୨। କୌଣସି କରିବାକୁ କେତେକ କାର୍ଯ୍ୟ ବାକିଥିବା—2. The state of a portion of any work still remaining to be done.

ହାତ ରେଖା—ଦେ. ବ (ସ. ହସ୍ତରେଖା)—ନଜଠାରୁ ସଦ୍ଦିବିଷ୍ଟ କରତଳ ରେଖାମାନ; କରରେଖା—The lines on the palm of the hand (which are taken into consideration by palmists). [ଦୃ—ଏହି ସବୁ ରେଖାଦ୍ୱାରା ସାମୁଦ୍ରିକ ଶାସ୍ତ୍ରମତରେ ମନୁଷ୍ୟର ଶୁଭାଶୁଭାଦର ଗଣନା କରାଯାଏ]

ହାତେର ରେଖା ହାତରେଖା

ହାତରେ ଚଢିବା—ଦେ. କି—ହସ୍ତଗତ ହେବା— Hātare chardhibā To come to one's hands. ହାତେ ଆସା ହାତମେଁଆନା

ହାତରେ ଚାନ୍ଦ ପାଇବା—ଦେ. କି—ବହୁକାଳରୁ ଇପ୍ସିତ ବସ୍ତୁ ପ୍ରାପ୍ତ ହେବା—To get a long- ହାତେ ଚାଁଦ ପାଓୟା ହାତମେଁଚାଂଦପାନା cherished thing.

(ଜଣଙ୍କର) ହାତରେ (ନଜର) ଚୁଟି ଦେବା—ଦେ. କି—ନଜଉପରେ କର୍ତ୍ତୃତ୍ୱ କରିବାର ଅଧିକାର ଅନ୍ୟ ଜଣକୁ ଅର୍ପଣ କରିବା—To cause another person to exercise control or mastery ହାତେ ଟିକି ଦେଓୟା ହାତମେଁଚୋଟୀଦେନା over one's self.

(ନଜର) ହାତରେ (ଅନ୍ୟବ୍ୟକ୍ତିର) ଚୁଟି ରଖିବା—ଦେ. କି—କୌଣସି ବ୍ୟକ୍ତି ଦ୍ୱାରା ଅଘଣାର ସମସ୍ତ ଅଯୁକ୍ତ

Digitized by srujanika@gmail.com

କର ରଖିବା—To keep a person under one's complete control.

ଟୀକିହାତେରାଖା **चोटीहामेंरखना**

ହାତରେ ଚୁଟି ରହିବା—ଦେ. ବ—ଏକ ବ୍ୟକ୍ତିଙ୍କ ସମ୍ପୂର୍ଣ୍ଣ ଆୟତ୍ତ ହୋଇ Hātare chuṭi rahibā ଅନ୍ୟ ବ୍ୟକ୍ତିର ଅବସ୍ଥିତ ହେବା ହାତେଟିକି ଥାକା **अवस्था**—(One person) Being the **हाथमें चोटी रहना** master over the destiny of another. [ଜ—ମହାମାନ୍ଙ୍କ ଦୃଷ୍ଟି ଅଛ ସମସ୍ତଙ୍କ ଚୁଟି (ହାତରେ ଚୁଟି ପଡ଼ିବା—ଅନ୍ୟରୂପ) ପ୍ରାରୀ ବ୍ରହ୍ମଜରୂପଣ ଗୀତା]

(ମୋର) ହାତରେ ଥିବା—ଦେ.କି—୧। ହାତରେରହିବା (ଦେଖ)— Hātare thibā 1. Hātare rahibā (See) ୨। (କୌଣସି କାର୍ଯ୍ୟ) (ମୋ ଦ୍ୱାରା) ସାଧନୀୟ ହେବା—2. (any work) To be accomplishable (by me). ୩। କୌଣସି କାର୍ଯ୍ୟ ଅସମ୍ପନ୍ନ ବା ଅର୍ଦ୍ଧସମ୍ପନ୍ନ ଅବସ୍ଥାରେ ଥିବା—3. To be pending (with me); to remain unaccomplished or half-

ହାତେଥାକା **हाथमें रहना** accomplished.

ହାତରେ ପଡ଼ିବା—ଦେ. କି—(କୌଣସି ବସ୍ତୁ, କୌଣସି ବ୍ୟକ୍ତିର) Hātare pardibā ଜରଗତ ହେବା—1. To come under one's clutches or hold. ୨। ଅପଣାର କର୍ତ୍ତୃତ୍ୱାଧୀନତାକୁ ଆସିବା—2. To come under one's sway or possession. ୩। ଅପଣାର ଅଧିକାରକୁ ବା ଦଖଲକୁ ବା ସ୍ୱାମିତ୍ୱକୁ ଆସିବା—3. To come under one's sway or possession. ୪। ଢାରୁଡ଼େ ପଡ଼ିବା (ଦେଖ)—4. Hāburde

ହାତେପଡା **हाथमेंआना** pardibā (See)

ହାତରେ ପାଇବା—ଦେ. କି—୧। (କୌଣସି ବ୍ୟକ୍ତି ବା ବସ୍ତୁକୁ) ଅଧି- Hātare pāibā ଣାର ଆୟତ୍ତ ବା ବଶୀଭୂତ କରି ପାଇବା—1. To get a thing under one's control or disposal. ୨। ନିଜର ନିକଟରେ ବା ସମ୍ମୁଖରେ ପ୍ରାପ୍ତ ହେବା—2. To get a thing at hand.

ହାତେପାଓୟା **हाथमेंपाना**

ହାତରେ ପାଞ୍ଚ—ଦେ. ବ—୧। ଅବଶିଷ୍ଟ ସମ୍ବଳ—1. One's Hātare pāñcha remaining property. ୨। ଅନ୍ତିମ ଆଶ୍ରୟର ସମ୍ବଳ; ଶେଷ ଭରସା—2. One's last resource. ୩। (ତାସ୍ ଖେଳ) ଖେଳଯିଟିରେ ଖେଳାଳି ଜୁ ମିଳିବା ତାସ—3. Trump card. [ଦ୍ର—ତାସ ଖେଳରେ ଯେଉଁ ପକ୍ଷର ଖେଳାଳି ଶେଷ ପିଟିକ ତାସ ଜଣେ ଜଣଙ୍କ ତାହାଙ୍କର ହାତରେ ପାଞ୍ଚ ଦୁଇ ଓ ଦେଖାଯାଇଁ ତାରୁ ଖେଳରେ ତାଙ୍କୁ ଅଧିକ ୫ଟି ନମ୍ବର ବେଶି ଦିଆଯାଏ। ଯାହାଙ୍କୁ ଖେଳରେ ଅଧିକ ନମ୍ବର ବେଶି ମିଳି ନ ଥାଏ ତାହାଙ୍କର ଅଞ୍ଚାଥାଏ ଯେ, ତାଙ୍କର ହାତରେ ପାଞ୍ଚ ରହି ଗଲେ ତାଙ୍କର ଜିତାଯଟି ହୋଇ ଯାଏ।] ୪। ଦ୍ରବ୍ୟ ଅବଶ୍ୟକ ବା ବିପଦ ଯାଇଁ ସଞ୍ଚିତ ଶେଷ ଉପାୟ—4. A thing kept for moments of danger

ହାତେରପାଞ୍ଚ **हाथमेंपांच** or necessity

ହାତରେ ବସିବା—ଦେ. କି—(ଅଳଙ୍କାର) ହାତକୁ ଚପିବା ବା କଷି Hātare basibā ହେବା—To press the hand (said of a tightly fitting ornament)

ହାତେ ବସେ ଯାଓୟା **हाथमें बैठाना**

ହାତରେ ମଣି(ନି)ଷ କରିବା—ଦେ. କି—୧। ନିଜେ ଯତ୍ନ ଓ ଲାଳନ Hātare maṇi(ni)sha karibā ପାଳନ କରି ଶିଶୁକୁ ଭଲ ମଣିଷରେ ପରିଣତ କରିବା—1. To bring up a child to be a good man. ୨। ଶିଶୁଠାରୁ ସାବାଳକ ହେବା ପର୍ଯ୍ୟନ୍ତ କୌଣସି ଶିଶୁକୁ ପାଳିବା—2. To bring up a child from infancy to

ହାତେ ମାନୁଷକରା **हाथमें मानुस करना** adolescence.

ହାତରେ ମାରିବା—ଦେ. କି—୧। ଦୁଇହାତ ପ୍ରହାର କରିବା— Hātare māribā 1. To beat with the hands. ୨। କୌଣସି ବ୍ୟକ୍ତିଙ୍କୁ ସ୍ୱୟଂ ବଧ କରିବା—2. To kill a person with one's hands. [ଦ୍ର—ହାତରେ ନ ମାର ଭତରେ ମାର—ନ୍ୟାୟ।

କୌଣସି ବ୍ୟକ୍ତିକୁ ଦଣ୍ଡ ଦେବାକୁ ହେଲେ ତାକୁ ନିଜ ହାତରେ ବଧ ବା ପ୍ରହାର ନ କରି ତାହାର ଦାନା-ପାଣି ବା ଅନ୍ନ ସ୍ଥାନ ବନ୍ଦ କରିଦେଲେ ସେ ସହଜରେ ଜବବ ହୋଇ ମରେ। ସେହିପରି କୌଣସି ବ୍ୟକ୍ତିର ମାଆର୍ ସମ୍ବନ୍ଧରେ ଅନାଷ୍ଟି ନ କରି ସରୋଷ ଭାବରେ ତାର ଗୁରୁତର ଅନାଷ୍ଟି କରିବା ସ୍ଥଳରେ ଏହି ନ୍ୟାୟର ଉଦାହରଣ

ହାତେମାରା **हाथमें मारना** ଦିଆଯାଏ।]

ହାତରେ ରଖିବା—ଦେ. କି—୧। (ଧନାଦି) ନିଜର ନିକଟରେ ଗଚ୍ଛିତ Hātare rakhibā ରଖିବା—1. To save money; to keep some money in one's hands. ୨। (କୌଣସି ମନୁଷ୍ୟକୁ) ନିଜର କର୍ତ୍ତୃତ୍ୱରେ ରଖିବା—2. To keep a person under one's control.

ହାତେରାଖା **हाथमेंरखना**

ହାତରେ ରହିବା—ଦେ. କି—୧। କୌଣସି ବ୍ୟକ୍ତିର କର୍ତ୍ତୃତ୍ୱରେ Hātare rahibā ରହିବା—1. To be under the control of a person. ୨। (ଧନ) କୌଣସି ବ୍ୟକ୍ତି ହାତରେ ସଞ୍ଚିତ ହେବା—2. (Money) To remain with a

ହାତେ ଥାକା ହାତେ ରହା **हाथमे रहना** person.

ହାତ ଲଗା(ଗେ)ଇବା—ଦେ. କି—୧। କୌଣସି ବ୍ୟକ୍ତିକୁ ପ୍ରହାର Hāta lagā(ge)ibā କରିବାପାଇଁ ବା ଦେହରେ ଦୁଇ ସ୍ପର୍ଶ ହାତଲାଗାନ କରିବା—1. To touch a person's body to **हाथलगाना** strike blows. ୨। କୌଣସି ଦ୍ରବ୍ୟରେ ଦୁଇ ସ୍ପର୍ଶ କରିବା—2. To touch a thing with one's hand. ୩। କୌଣସି ବ୍ୟକ୍ତିର ଦେହରେ ହାତ ସ୍ପର୍ଶ

Digitized by srujanika@gmail.com

କରିବା—3. To touch another's body with one's hands.
୪ । ଆଶୀର୍ବାଦାର୍ଥେ କୌଣସି ବ୍ୟକ୍ତିଙ୍କ ଦେହକୁ ବା ମସ୍ତକକୁ ଥଜ୍‌ବିବା ବା ସ୍ପର୍ଶ କରିବା—4. To touch or rub a person's body or head in order to bless him. ୫ । କୌଣସି ବ୍ୟକ୍ତିଙ୍କୁ ଚିକିତ୍ସା ବା ଆରୋଗ୍ୟ କରିବା ନିମନ୍ତେ ତାଙ୍କ ଦେହକୁ ସ୍ପର୍ଶ କରିବା—5. To touch a person's body with a view to cure or treat him. ୬ । କୌଣସି କାର୍ଯ୍ୟାରମ୍ଭ କରିବା—6. To begin to do a work.

ହାତ ଲଘୁପଣ – ଦେ. ବ (ସ. ହସ୍ତ + ଲଘୁତା) —ଚୋରଦୂତ; ଚୌର୍ଯ୍ୟ—Hāta laghu paṇa Theft; stealing. ଚୁରୀ ଚୋରି (ହାତ ଲଘୁପଣିଆଁ—ଅନ୍ୟରୂପ)

ହାତ ଲଡ଼କା (ଲଡ଼ବଡ଼)—ଦେ. ବଣ—ହାତ ନଡ଼କା (ଦେଖ)—Hāta lardakā (larda barda) Hāta nardakā (See)

ହାତ ଲଡ଼ବଡ଼ (ଲୁଡ଼ୁବୁଡ଼ୁ)—ଦେ. ବ—ଶ୍ଳେଷ ପଦାର୍ଥ ଚୋରି; Hata larda barda (lurdu burdu) ଚୌର୍ଯ୍ୟ—1. Pilfering; stealing of petty things. ୨ । ହାତ ନଡ଼ବଡ଼ି, ହାତ ଖଜ୍ ବଜ୍ (ଦେଖ)—2. Hāta khaj baj (See). ବଣ—ଚୋରି କରିବା (ପ୍ରକୃତ); ଚୌର୍ଯ୍ୟ ସମ୍ବନ୍ଧୀୟ—Theivish; stealing (habit).

ହାତ ଲଡ଼ବଡ଼—ଦେ. ବ—୧ । ଶ୍ଳେଷ ଚୋରି; ଛୁଟିକା ଚୋରି—1. Hāta larda bardi Stealing; pilfering. ୨ । ଚୌର୍ଯ୍ୟ ହାତନଡ଼ବଡ଼ି ଛିଚକେଚୁରୀ ପ୍ରକୃତ—2. Stealing (habit). ଛୋଟି ଚୋରି ବଣ—ଚୋର ପରିତ—Thievish. [ଯଥା—ହାତଲଡ଼ବଡ଼ ଚଃଇ]

ହାତ ଲଡ଼ବଡ଼ିଆ (ଲୁଡ଼ୁବୁଡ଼ିଆ)—ଦେ. ଙ—୧ । ଛୁଟିକା ଚୋର Hāta larda bardiā (lurduburdiā) ସମ୍ବନ୍ଧୀୟ (ପ୍ରକୃତ)—ହାତ ଲଡ଼ବଡ଼ୀ(ଲୁଡ଼ୁବୁଡ଼ୀ) ହାତ ଲଡ଼ବଡ଼େଇ(ଲୁଡ଼ୁବୁଡ଼େଇ) } ସ୍ତ୍ରୀ 1. Stealing; thievish [ଯଥା—ହାତ ନଡ଼ବଡ଼େ, ଛିଚକେ ଚୋର କଡ଼ବଡ଼ଆ ଗୋଇ] ୨ । ଦୁଃ. ଗୁହଚୋର, ଅଁଶୀବାଜ ଚୌର୍ଯ୍ୟ ସ୍ୱଭାବ ଯୁକ୍ତ; ଛୁଟିକା ଚୋରି କରିବାରେ ଅଭ୍ୟସ୍ତ—2. Thievish; naturally inclined to stealing. [ଯଥା—ହାତ ଲଡ଼ବଡ଼ିଆ ଲୋକ ।]

ହାତ ଲଗିବା—ଦେ. ବ—୧ । ହାତ ଛୁଇଁବା; କୌଣସି ପଦାର୍ଥକୁ ହସ୍ତଦ୍ୱାରା ସ୍ପର୍ଶକରଣ—1. Touching of a thing by the hand. ୨ । କୌଣସି ବ୍ୟକ୍ତିର ଦେହକୁ ଅନ୍ୟ ବ୍ୟକ୍ତିଦ୍ୱାରା ସ୍ପର୍ଶ କରିବା—2 Touching of a person's body by another's hands. ୩ । ବୈଦ୍ୟଙ୍କ ଦ୍ୱାରା ରୋଗୀର ଚିକିତ୍ସାରମ୍ଭକରଣ—3. Beginning of the treatment of a patient by a physician.

ହାତ ଲେଖା—ଦେ. ବ (ସ. ହସ୍ତ + ଲେଖ)—୧ । ହସ୍ତାକ୍ଷର—Hāta lekhā 1. Handwriting. (ଶ୍ରେଷ୍ଠ, ଚାଇ୍—ବିଶେଷ) ୨ । ହସ୍ତଲିଖିତ ଲେଖା—(ଶ୍ରେଷ୍ଠ - ବିଶେଷ୍ୟ) 2. Manuscript writing. ହାତେର ଲେଖା हाथ लेख ବଣ (ସ. ହସ୍ତ + ଲିଖିତ)—୧ । ସ୍ୱହସ୍ତଲିଖିତ—1. Written by one's hand. ୨ । ହସ୍ତଲିଖିତ (ପୋଥି ଆଦ)—2. Manuscript (writing); hand-written.

ହାତ ଲେଖା ଖାତା (ବହି)—ଦେ. ବ—୧ । ଯେଉଁ ଖାତାରେ Hāta lekhā khātā (bahi) ହସ୍ତାକ୍ଷର ଅଭ୍ୟାସ କରିଥାଏ—ହାତେର ଲେଖା ଖାତା हाथलिखी कौपी 1. Hand-(ଶ୍ରେଷ୍ଠ ବହି—ବିଶେଷ୍ୟ) writing exercise book. ୨ । ହାତରେ ଲେଖା ହୋଇଥିବା ପୁସ୍ତକ; ପାଣ୍ଡୁଲିପି-2. Manuscript.

ହାତ ଲେଡ଼ି—ଦେ. ବ—କରତଳର କେନ୍ଦ୍ରସ୍ଥ ଖାଲୁଆ ଅଂଶ—Hāta lerdi The hollow of the palm. ହାତେର ତେଲୋ तरहथी

ହାତ ଶଙ୍ଖା—ଦେ. ବ (ସ୍ତ୍ରୀଲୋକଙ୍କର) ହାତରେ ପିନ୍ଧାଯିବା ଶଙ୍ଖା—Hāta śaṅkhā Conch-shell bracelets worn ହାତେର ଶାଁଖା हातकीलहरी on the wrists (by females). [ଦୃ—ହାତ ଶଙ୍ଖା ଦରପଣ ଯାଏ ବା ହାତ ଶଙ୍ଖା ଦରପଣ ଯାଏ କଥାଁ ?—ପ୍ରବଚନ—ଯେଉଁ ସ୍ତ୍ରୀଲୋକ ନିଜ ହାତରେ ଦର୍ପଣଶଙ୍ଖଗଣ-ଖଚିତ ଶଙ୍ଖା ପିନ୍ଧିଥାଆନ୍ତି, ସେ ସେହି ଶଙ୍ଖାରେ ଥିବା ଦର୍ପଣକୁ ଗହଳିଲେ ନିଜର ମୁହଁ ଦେଖିପାରନ୍ତି ; ଏଥିର ସ୍ଥଳରେ ତାଙ୍କ ମୁହଁ ଦେଖିବା ପାଇଁ ତାଙ୍କର ଅନ୍ୟ ଦର୍ପଣ ଖୋଜା ହୁଏ ନାହିଁ; କୌଣସି ବିଷୟ ଜାଣିବାର ଉପାୟ ନିଜ ପାଖରେ ବିଦ୍ୟମାନ ଥାଉ ଥାଉ ଅନ୍ୟକୁ ବ୍ୟକ୍ତିଙ୍କୁ ଉପାୟାନ୍ତର ଖୋଜିବା ଅବଶ୍ୟକ ହୁଏ ନାହିଁ । ଏପରି ସ୍ଥଳରେ ଏହି ପ୍ରବଚନ ଲାଗେ ।]

ହାତ ସଫା (ସଫାଇ, ସଫେଇ) ଦେ. ବ (ସ. ହସ୍ତ + ଫା. ସଫାଇ)—Hāta saphā(saphāi, saphei) ୧ । ନିଜହସ୍ତତା; ହାତସାଫାଇ हाथसफाइ 1. Skilfulness; dexterity. ୨ । ସୂକ୍ଷ୍ମ କାରୁକାର୍ଯ୍ୟ—2. Very fine work of art. ୩ । (ବ୍ୟଙ୍ଗ୍ୟ)—ଧୂର୍ତ୍ତତା—3. (ironical) Cunning; craftiness. ଦେ. ବଣ—୧ । ନିଜହସ୍ତ [ବ୍ୟକ୍ତି]—1. Dexterous; skilful in hand work. ୨ । (ବ୍ୟଙ୍ଗାର୍ଥେ)—ଧୂର୍ତ୍ତ—2. Shrewd; crafty.

Digitized by srujanika@gmail.com

ହାତସା—ଦେ. ବ (ସ. ହସ୍ତ)—ପାତ୍ର ଓ ଡେଚ୍‌ଥର ଦରୁଜ ଆଦକୁ ଧରିବା ପାଇଁ ଅର୍ଦ୍ଧଚନ୍ଦ୍ରାକାର ଧାତୁ ଆଦର ବଳସୃ— ହାତଳ **हस्ता** Handle of a drawyer or pan.
Hātasa

ହାତ ସାଫି(ସାଫିଆନା) - ଦେ. ବ—ହାତ ସଫା (ଦେଖ) —
Hāta sāphi(sāphiānā) Hāta saphā (See)
ହାତସାଫାଇ **हाथसफाइ**

ହାତ ସାଧିବା(ସାଧନ କରିବା)—ଦେ. କି (ସ. ହସ୍ତ + ସାଧନ)—
Hāta sādhibā(sādhana karibā) କୌଣସି
ହାତ ସାଧନ କରା (ପାକାନ) **हाथ साधना** ହସ୍ତ-
କୌଶଳୀସୃ କାର୍ଯ୍ୟରେ କୃତିତ୍ୱ ଲାଭ କରିବା ପାଇଁ
ବାରଂବାର ଉକ୍ତ କର୍ମକୁ ଅଭ୍ୟାସ କରିବା—
To repeatedly exercise the hand to earn proficiency in a handiwork.

ହାତ ସିଆଁ (ସିଆଇ, ସିଲେଇ)—ଦେ. ବ—(ସିଲେଇ କଳଦ୍ୱାସ
Hāta siāṁ (silāi, silei ସିଲେଇ ନ କର) ହାତଦ୍ୱାସ
[କଳ ସିଲ୍(ଲେ)ଇ—ବଯଞ୍ଜନ] ସେଉଁବା ବା ସିଲେଇ କରିବା—
ହାତ ସେଲାଇ Hand sewing; sewing by the hand.
हाथसिलाइ ଜଣ—ହାତଦ୍ୱାସ ସିଆଁ ଦୋଇଥିବା—Hand-sewn.

ହାତ ସୁଖ—ଦେ. ବ—୧। ସ୍ପର୍ଶସୁଖ—1. Happiness or
Hāta sukha pleasure derived from the touch
ହାତର ସୁଖ of a thing. ୨। ଅନ୍ୟ ବ୍ୟକ୍ତିକୁ ମାଡ଼ ଦେବା
हाथसुख ବ୍ୟକ୍ତିଦ୍ୱାସ ଅନୁଭୂତ ସୁଖ—2. The pleasure
derived by a person who beats another.
[ଉ—ମାର ଗମ ଲଷ୍ଟ୍ରଣ ହାତସୁଖ କର । କୃଷ୍ଣସିଂହ ପହାଣ୍ଡାରଚ ବଳ ।]

ହାତସୁଖ କରିବା (କରନେବା)—ଦେ. କି—୧। ହସ୍ତଦ୍ୱାସ କୋମଳ
Hāta sukha Karibā)(Kari nebā) ସଦାର୍ଥର (ସଦା—
ହାତର ସୁଖ କରେଲଓୟା ଶିଶୁଙ୍କ ବା ସ୍ତ୍ରୀଙ୍କ କୋମଳ ଦେହର) ସ୍ପର୍ଶସୁଖ
हाथसुखकरलेना ଅନୁଭବ କରିବା—1. To enjoy the pleasure of touching soft things with one's hand.
୨। ଅନ୍ୟ ଲୋକକୁ ମାଡ଼ମାର ସୁଖ ଅନୁଭବ କରିବା—
2. To enjoy the pleasure of beating another person.

ହାତ ହଇଆର (ହତ୍ୟାର)—ଦେ. ବ—(ସ ହସ୍ତ ଓ ହେଇ=ଶସ୍ତ୍ର)—
Hāta hatiāra(hatyāra) ୧। ହାତଦ୍ୱାସ ବ୍ୟବହୃତ ଅସ୍ତ୍ର-
ହାତହତେର ଶସ୍ତ୍ର—1. Weapons used by the hand.
हाथ हथियार [ଉ—ଯେଉ ନିଜ ହାତ ହଇଆର, ନିଜର ସକଳେ ଯାଇ ଲଙ୍କା ଗଡ଼ଥରେ । ଉକାସ—କଃକ ବଜସୃ ନାଃକ]
୨। ଶିଳ୍ପୀର ପ୍ରଯୋଜନୀସୃ ଯନ୍ତ୍ରାଦ —2. The instruments or implements of an artisan.

ହାତ ହଲ୍ଲ(ଲେ)ଇବା—ଦେ. କି—୧। ହସ୍ତକୁ ଅସମ୍ମତି ବା ନିଷେଧ-
Hāta halā(le)ibā ସୂଚକ ଇତସ୍ତତଃ ସଞ୍ଚାଳନ କରିବା—1.
ହାତନଡ଼ାନ, ହାତଦୋଳାନ To wave the hand in token
हाथहिलाना of denying or refusing. ୨। ଗୁଲିବା-
ବେଳେ ହାତକୁ ଜୋରସୃ ପାଖରେ ଡଲକୁ ଲମ୍ବାଇ ଇତସ୍ତତଃ ଗୁଳତ କରିବା—2. To swing one's hanging hands while walking. [ଦୃ—ଏତତ୍ କରିବା ଗଦ ପ୍ରତାଗର ଲକ୍ଷଣ] ୩। ଅସ୍ଖାଳନ-ପୂର୍ବକ କଥା କହିବାବେଳେ ହସ୍ତକୁ ଇତସ୍ତତଃ ନାନା ପ୍ରକାରେ ସଞ୍ଚାଳନ କରିବା—3. To wave one's hands in various modes while vigorously speaking something. [ଦୃ—ଏହା କ୍ରୋଧ, ଅସ୍ଖାଳନ, ଗଦ ବା ଉତ୍ତିଜନାର ଚିହ୍ନ ।] ୪। ଉତ୍ତ ଉତ୍ତ ଠାରେ ଦ୍ୱାରସ୍ଥ ଭାବ ପ୍ରକାଶ କରିବା ପାଇଁ ହାତ ଚଲାଇବା—
4. To wave the hands as manual signs.

ହାତ ହେବା—ଦେ. କି—୧। କର୍ତ୍ତୃତ୍ୱାଧୀନ ହେବା—1. To come
Hāta hebā under the control of a person. ୨।
ହାତେଆସା (ସାକ୍ଷୀଆଦ) ବିପକ୍ଷ ପକ୍ଷର ଅନୁଚର ହେବା—2.
हाथमेंआना (a witness) To be gained over or suborned by the opposite side. ୩।
ହସ୍ତଗତ ହେବା—3. To come to one's hands.
୪। ଅଧିକାରଭୁକ୍ତ ହେବା—4. To come under one's possession.

ହାତାହାତି—ଦେ. ବ—(ସ ହସ୍ତାହସ୍ତି)—୧। ଏକ ହସ୍ତରୁ ଅନ୍ୟ
Hātā hāti ହସ୍ତକୁ ହସ୍ତାନ୍ତରକରଣ—Transfer of any
ହାତବଦଳାନ thing from hand to hand. ଦେ. କି ବିଣ—
हाथाहाथ (ସ ହସ୍ତାହସ୍ତି) ଦୁଇଜଣଙ୍କ ମଧ୍ୟରେ ହାତଦ୍ୱାସ ଯୁଦ୍ଧ ଓ ହାତାହାତି ଧରାଧରି ଅନୁସରଣ ଓ ପ୍ରହାର—Mutual fight
हाथावाहीं, हाथापाइँ with the hands; hand-to-hand-fight.

ହାତି(ତ୍ତି)—ଦେ. ବ—(ସ. ହସ୍ତି, ପ୍ରା. ହତ୍ଥି; ତୁଳ ସଂ. ହସ୍ତକ=ହାତ)
Hāti(ti) —୧। ଅତି ବୃହତ୍ ଶାକଭୋଜୀ ଚତୁଷ୍ପଦ ଜନ୍ତୁ—
1. Elephant; Elephas Maximus. [ଦୃ—ହାତି ଭାରତବର୍ଷର, ବ୍ରହ୍ମଦେଶର ଓ ଆଫ୍ରିକାର ଜଙ୍ଗଲରେ ବାସ କରନ୍ତି । ଭାରତୀସ ହାତିଙ୍କ ଅପେକ୍ଷା ଆଫ୍ରିକାର ହାତି ଅସୁନ୍ଦର ଓ ସାଜ । ବର୍ତ୍ତମାନ ଯୁଗରେ ପୃଥିବୀରେ ଦେଖାଯିବା ସମସ୍ତ ସ୍ଥଳଚର ଜୀବମାନଙ୍କ ମଧ୍ୟରେ ଆକୃତିରେ ହାତି ସର୍ବାପେକ୍ଷା ବୃହତ୍ତମ ଜନ୍ତୁ । ଏ ଉଚ୍ଚତାରେ ୧୧ ଫୁଟ୍ ପର୍ଯ୍ୟନ୍ତ ଓ ଲମ୍ବରେ ୧୫ ଫୁଟ୍ ପର୍ଯ୍ୟନ୍ତ ବଢ଼େ । ଏହାର ଗୋଡ଼ ସ୍ତମ୍ଭଗୋଟ ଗୋଟିଏ ଲେଖାଁ ଖମ୍ବପରି । ହାତିର ଚଲାଚଲ ଗୋଟିଏ ବିଶେଷ ଗୁଣ ଏହୁକ, ତାହା ଖପରଲ ଘରେ ଛୁଆଣି ହେବା ଦୁଇଁକରପର ପରସ୍ପର ଉପରକୁ ମାଡ଼ିଥିବା ଅନେକ ପ୍ରସ୍ତ ମୋଟା ହାଡ ସଦୃଶ ଦୃଢ଼ ମାଂସ ଖଣ୍ଡରେ ଗଠିତ । ହାତି ଯେତେବେଳେ ଚଲେ ଗୋଡ଼ ପକାଇ

Digitized by srujanika@gmail.com

ଅପଣା ଶୁଣ୍ଡରେ ଗୋଟିଏ ୧୦।୧୨ ଫୁଟ୍ ଲମ୍ବା ଗଛର ଶୁଖି ଧର ଗଲୁଥାଏ ଓ ଚଲଲା ବେଳେ ସେ ଶୁଣ୍ଡକୁ ଆଗରେ ଭୂମିରେ ମାର ମାର ଅଗ୍ରସର ହେଉଥାଏ। ହାଉପଲ ଜଙ୍ଗଲରେ ଦଳବଦ୍ଧ ହୋଇ ବଚରଣ କରନ୍ତି ଓ ସେମାନେ ଫଳ, ଗଛର ଡାଲପତ୍ର, ଶସ୍ୟ ଓ ଅନ୍ୟ ଅନ୍ୟ ଖାଦ୍ୟ ଖାଇ ଯାଆନ୍ତି। ଜଙ୍ଗଲ ଜଳାଶୟରେ ଥିବା ଧାନ କଆର ଓ ଅଖୁ-ସେତ ଅଦରେ ବଣ୍ୟ ହାଉମାନେ ପଶି ସେ ସେତକୁ ଖାଇ ଓ ମାଡ଼ ଚଳାଇ ଖୁବଖରାପ କରି ପକାନ୍ତି। ଜଙ୍ଗଲମାନଙ୍କରେ ଆଜିକାଲିରୁ ବଣ୍ୟ ହାଉ ପଲଙ୍କ ସିବା ଅସିବାର ସ୍ୱଳ୍ପମାନ ଅଛି। ସେ ସ୍ୱଳ୍ପମାନଙ୍କୁ ହାଉଦଣ୍ଡା (ହାଉଦାଣ୍ଡ) କୋଲ୍ଲଯାଏ। ଏକ୍ତ ହାଉଦଣ୍ଡାମାନ ଲମ୍ବରେ ଶତ ଶତ କ୍ରୋଶ ଥିବା ଦେଖାଯାଇଛି। ସେ ଦଣ୍ଡାଗୁଡ଼ିକ ଚଉଡ଼ାରେ ୨୦ ଫୁଟ୍ ଓ ଉଚ୍ଚତାରେ ୨୦ ଫୁଟ୍। ଏଥି ମଧ୍ୟରେ ଥିବା ଗଛ ବୃକ୍ଷକୁ ହାତିମାନେ ଏପର ସଫା କରି ଥାଆନ୍ତି ଯେ, ସେ ଦଣ୍ଡାମାନ ଦେଖିଲେ ଜଣାଯାଏ, ସତେ ଯେପର ତାହାର ତଳକୁ କେହି ବ୍ୟକ୍ତି ଓଳାଇ କରି ପରଷ୍କାର କରିଅଛି। ସେହି ହାଉଦଣ୍ଡାଗୁଡ଼ିକରେ ହାତିମାନେ ଏକ ସ୍ୱଳ୍ପର ଜଙ୍ଗଲରୁ ଅନ୍ୟ ସ୍ୱଳ୍ପର ଜଙ୍ଗଲକୁ ସିବା ଅସିବା କରନ୍ତି। ସେହିଦଣ୍ଡାରେ ହାତିମାନଙ୍କ ହାବୁଡ଼େ କେହି ଯଥୁକଯଡ଼ଲେ ତାହାର ଜୀବନ ଫଳକ ଉପସ୍ଥିତ ହୁଏ। ହାତିମାନେ ଗାଧୋଇ-ବାକୁ ସୁଖ ପାଆନ୍ତି ଓ ବଡ଼ ଜଳାଶୟରେ ସେମାନେ ପଶି ସ୍ନାନ କଲା ବେଳେ ସେ ପାଣିକୁ ଗୋଳ କରି ତହିଁରେ ଥିବା ପଦ୍ମ ବନକୁ ମାଡ଼ ଦଳ ନଷ୍ଟ କରି ଦଅନ୍ତି। ହାତିମାନଙ୍କର ସମ୍ଭୋ (ସଙ୍ଗମ) ସମୟରେ ଅର୍ଥାତ୍ ହାତିମାନେ ପତ୍ (ପସ୍ତୁ) ହୁଅନ୍ତି। ପସ୍ତୁ ହେଲା ବେଳେ ସେମାନଙ୍କର ଦୁଇପାଖ ଗଣ୍ଡ (କାନ ଓ କପାଳ ମଝି) ସ୍ଥଳରେ ଦୁଇଟି କଣା ଫିଟିଯାଏ ଓ ସେହି କଣା ବାଟେ ମତ୍ତ ହାତିଙ୍କ ଦେହରୁ ମଦ (ରସ) ଝରେ। ସେ ସମୟରେ ଅର୍ଥାତ୍ ହାତିମାନେ ବାପ୍ସା ହୋଇ ଅଟ୍ଟ ଦୁର୍ଦ୍ଦାନ୍ତ ହୋଇ ପଡ଼ନ୍ତି। ଗୃହପାଳିତ ହାତି ଓ ହାତୁଣୀମାନଙ୍କ ସଙ୍ଗମ ଦେଖାଯାଏ ନାହିଁ। କେଣ୍ଟୁ, ଗୃହ-ପାଳିତ ଘୋଡ଼ା, ଗୋରୁ, ମଇଁଷି ଅଦିଙ୍କ ପର ଗୃହପାଳିତ ହାତିଙ୍କର ବଂଶବୃଦ୍ଧି ହେବା ଦେଖାଯାଏ ନାହିଁ। ଏତେ ବଡ଼ ଜୀବର ଅଣ୍ଡି ଦୁଇଟି ମନୁଷ୍ୟର ଅଣ୍ଡିଠାରୁ ଜହ୍ନଟି ବଡ଼। ଏମାନଙ୍କ ଚମଡ଼ା ଅତ୍ୟନ୍ତ ମୋଟ ଓ ହାତିଙ୍କ ଗଣ୍ଡିର ଚମଡ଼ାରେ ଗୁଳି ବାଜିଲେ ସେମାନେ ଘାଇଆ ହୁଅନ୍ତି, କିନ୍ତୁ ମର ଯାଆନ୍ତି ନାହିଁ। କେବଳ ସେମାନଙ୍କ କପାଳର ମଝି ଯାଗାରେ ଗୁଳି ବାଜିଲେ ସେମାନେ ମରନ୍ତି (ହାତିଙ୍କ ଗଣ୍ଡିରେ ଓ ଗର୍ଭରେ ଗୁଳି ବାଜିଲେ ସେମାନେ ନ ମରି ବଳଲ ହୋଇ ବୁଲବା ବିଷୟ କବିସୂର୍ଯ୍ୟଙ୍କ ବିଶୋପ୍ସଚମ୍ପୁର 'ଗ' ଗୀତରେ (ଯଥା—'ଗଣ୍ଡି ଗର୍ଭେ ଗୁଳି ଗଲା ମର ଗଲ ବରେକ ଦେଲ ଘଉଡ଼') ବର୍ଣ୍ଣିତ ହୋଇଅଛି। ହାତିମାନେ ବୁଢ଼ା ହେଲେ ଓ ଦୁଇଟି ହାତି ଯୁଦ୍ଧ କରୁ କରୁ ଗଲେ; ସେତେବେଳେ ସେ ହାତିର ସୁରଗୁଡ଼ିକ ଯାଇ ହେଇ ଥାଏ ଓ ଗୋଡ଼ ଉଠାଇଲା ବେଳେ ସେଗୁଡ଼ିକ ଡୁବୁଲା ହେଇଥାଏ। ଏଥିପାଇଁ କହନ୍ତି ଯେ "ହାତି ଗୋଡ଼ତଳେ ପିମ୍ପୁଡ଼ି ନ ମରେ"। ଏହାର ଲାଙ୍ଗୁଡ଼ ସରୁ ଓ ଶୁଦ୍ର ଓ ତହିଁର ଅଗରେ କେଶ୍ୱ ବାଳ ଥାଏ। କାନ ଦୁଇଟି ଲୁଲଘର; ଦେହ ପାଣ୍ଡୁର ମିଶା କଳା। ଦେହରେ ଖୁବ ଅଳ୍ପ ଲୋମ; ମୁଣ୍ଡ ସଧ୍ୟ ବଡ଼। ଏହାର ନାକ ଓ ଉପର ଓଠଟି ସାର୍ଘ ହୋଇ ଭଲକୁ ଲମ୍ବିଥାଏ। ସେହି ଲମ୍ବା ନାକକୁ ଶୁଣ୍ଡ କହନ୍ତି। ଏହା ହାତିର ହସ୍ତ ବା କରର କାର୍ଯ୍ୟ କରୁଥିବାରୁ ଏ ଜୀବକୁ ସଂସ୍କୃତରେ ହସ୍ତୀ ଓ କରୀ କହନ୍ତି। ଓଡ଼ିଆରେ ହାତିଶୁଣ୍ଡକୁ ଥୋଡ ବା ଥୋଡ (ଥୋର)-ମାହାର କହନ୍ତି। ସେହି ଶୁଣ୍ଡରେ ଦୁଇଟି ଛିଦ୍ର ଥାଏ। ହାତି ସେହି ଶୁଣ୍ଡବାଟେ ପାଣି ଶୋଷିନେଇ ତାହା ଅଣି ପୁଣି ଶୁଣ୍ଡଦ୍ୱାର ଯାଏ ଉତରେ ପୁର୍ତ୍ତ୍ୱ; ସେ ଶୁଣ୍ଡକୁ ଡାଲର ଗୁଣ୍ଡଯାଏ ଗୁଡାଇ କରି ହିଁକି ଡାଲକୁ ସଙ୍ଗେ ଓ ଶୁଣ୍ଡଦ୍ୱାର ଯାଏ ଯାଏକୁ ଖାଦ୍ୟ ଅଣେ, କୌଣସି ପଦାର୍ଥକୁ ଧରେ ଓ ତଳୁ ଅଟ୍ଟ ଛିଦ୍ର ବସ୍ତୁ (ଯଥା—ଚୁଣ୍ଟି, ପାତ୍ରଲଅବ) ଉଠାଇ ପାରେ। ସେହି ଶୁଣ୍ଡ ବାଟେ ହାତି ନଶ୍ୱାସ ନଏ ଓ ପାଣିରେ ବୁଡ଼ଲବେଳେ ସେ ଶୁଣ୍ଡର ଅଗରୁ ପାଣି ଉପରକୁ ଟେକି ଥାଏ। ସେହି ଶୁଣ୍ଡରେ ସେ ପାଣି ଓ ଧୂଳ ଶୋଷିନେଇ ତାହା ପୁଣି ନଜ ଦେହକୁ କମ୍ବା ପାଖରେ ଠିଆହେବା ବ୍ୟକ୍ତିମାନଙ୍କ ଉପରକୁ ଫିଙ୍ଗେ। ସେ ଶୁଣ୍ଡଦ୍ୱାର ବଡ଼ ବଡ଼ ବରତାଳ ଗଛକି ତାହା ତୋଡ଼ି ହାତ ଦୂରକୁ ଫୋପାଡ଼ି ପାରେ। ଶୁଣ୍ଡ ଓ ତଳପାଟିର ସଙ୍ଗମ ସ୍ଥଳରୁ ଅର୍ଥାତ୍ ହାତିଙ୍କର ଦୁଇଟି ଦାନ୍ତ ପଦାକୁ ଗୋଜଆ ଓ ଉପରମୁହାଁ ହୋଇ ବାହାର ଥାଏ। ବଡ଼ ବଡ ହାତିଙ୍କର ଗୋଟିଏ ଗୋଟିଏ ଦାନ୍ତର ଓଜନ ୧ ବା ୧୪ ମଣ୍ଡଳ ହେବା ଦେଖା ଅଛି। (ମାଈ ଓ ମାଖନା ହାତିଙ୍କର ଦାନ୍ତ ଜନ୍ମେ ନାହିଁ)। ଏ ବଡ଼ ଦାନ୍ତକୁ ହାତିଦାନ୍ତ କୋଲ୍ଲଯାଏ। ଦାନ୍ତଦ୍ୱାର ହାତିମାନେ ଯଉସ୍ଥର ଯୁଦ୍ଧ କରି ପରସ୍ପର ଦେହରେ ଦାନ୍ତ ଉପାରୁଷି ହୁଅନ୍ତି ଓ ସବଳର ଦେହରେ ଏ ଦାନ୍ତକୁ ଫୁଟାଇ ଶୀଘ୍ର ମାଅନ୍ତି। ଏ ଦୁଇ ଦାନ୍ତ ଛଡ଼ା ହାତିଙ୍କର କଳଦାନ୍ତ ଅଛି। ସେ କଳଦାନ୍ତ-ମାନ ତାଟ୍ଟ ଉତରେ ଥାଏ।

ବଡ଼ ଜଙ୍ଗଲ ଓ ପାହାଡ଼ିଆ ସ୍ଥାନରେ ହାତିମାନେ ପଲ ବାନ୍ଧି ରହନ୍ତି ଓ ପ୍ରତ୍ୟେକ ପଲରେ ଗୋଟିଏ ବଡ଼ ଅର୍ଥାତ୍ ଦନ୍ତାହାତି ଦଳପତି ଥାଏ ଓ ସେ ଦଳକୁ ବାଟ କଢ଼ାଏ। ଆଗେ ଗଡ଼ଜାତରେ ହାତି ଧରବାପାଇଁ ଭୂଇଁ ଖୋଳି ଗାତ କରୁଥିଲେ ଓ ଗାତ ଉପରେ ପତଳା ଆବରଣ ବଖରଉଥିଲେ। ହାତିମାନେ ସେ ବାଟରେ ସିବା ବେଳେ ଗାତ ଉତରକୁ ଗଳି ପଡୁଥିଲେ। ଏଥିପାଇଁ ଦେଖାଯାଇଛି ଯେ, ହାତିଙ୍କ ଅନୁଭବ ଦଳପତି

ସେମାନଙ୍କର ଦାନ୍ତ ଝଡ଼ ଖଡ଼େ । ବଣରେ ଚଢ଼ୁଥିବା ଦାଉ-ଦାନ୍ତକୁ ଲୋକେ ଗୋଟାଇ ଅଣନ୍ତି । ଦାଉଦାନ୍ତର ବଣ୍ଟ ଦୁରଦ୍ରାଭ,ଗ୍ଲେଡ ଓ ଭଦ୍ୱାଗ୍ ଭ୍ରୁଲ୍ଟ୍ଟ୍ଟ ପଶାକାଠି,ପଶା ଗୋଟି, ପଲଙ୍କ, ବୁଣେଇ, ଘାଣଅ, କଠାରୁ ଚୁଲି, ବାଡ଼ି, ଫରୁଆ ଅଦ୍ଧ ଇଆର ଦୁଏ । ଦାଉ ଦାନ୍ତ ଶେତା ଧଳାଃ ସେଥିରେ ମଧ୍ୟ ଅନେକ ଜନ୍ତୁସ ଇଆର ଦୁଏ । ଦାଉ ଦାନ୍ତ ଓ ଦାଢ଼ ବହୁମୂଲ୍ୟ ଅଟେ । ଦାଉ ଦାନ୍ତ ସେର ୫ ଶ୍ଚ୍ଚ୍ଚ ଟଙ୍କାରେ ବିକି ହୋଇଥାଏ । ଦାଉ ମରଗଲେ ମଲ୍ଲ ଦାଉର ଦାନ୍ତ ଓ ଦାଢ଼ ବହୁମୂଲ୍ୟରେ ବକାଯାଏ । ଏଥିପାଇଁ ପ୍ରବଚନ ଅଛୁ 'ଦାଉ ବଞ୍ଚିଲେ ଲଖେ ଟଙ୍କା, ମରିଲେ ଲଖେ ଟଙ୍କା' । ଦାଉ ବଳବାନ୍ ଓ ବୃହତ୍ତ୍ତମ ସ୍ତନ୍ୟପାୟୀ ଜୀବ ଥିବାରୁ ଜୁରଡବାସୀମାନେ ସେମାନଙ୍କୁ ବଣରୁ ଧରି ଆଣି ମଣ (ସିଝନ୍ତା) କରି ନାନା କାର୍ଯ୍ୟରେ ଲଗାନ୍ତି । ପୁଙ୍କେ ଦାଉମାନେ ଯୁଦ୍ଧର ଗୋଟିଏ ଅଙ୍ଗ ଥିଲେ ଓ ଗୋଟିଏ ଦାଉ ଉପରେ ୮।୧୦ ଜଣ ସଶସ୍ତ୍ର ଯୋଦ୍ଧା ଅବସ୍ଥାନ କରି ଯୁଦ୍ଧ କରୁଥିଲେ ଓ ଚତୁରଙ୍ଗ ବଳରେ ଦାଉ ବା ହସ୍ତ୍ୟାରୋହୀ ସେନା ଦ୍ୱିତୀୟ ସ୍ଥାନ ଅଧିକାର କରୁଥିଲା । ବର୍ତ୍ତମାନ ଯୁଦ୍ଧ ନମନ୍ତେ ଅବଶ୍ୟକ ଅଙ୍ଗ ବଡ଼ ଡୋଗ ଓ ବଡ଼ ବଡ଼ ମୁଣ୍ଡି କାଠମ୍ନ ଅସମତଳ ଭୂମିରେ ଦାଉଙ୍କ ଦ୍ୱାରା ଟଣା ହୋଇ ସ୍ଥାନାନ୍ତରକୁ ନଆ ହୋଇଥାଏ । ଗଡ଼ଜାତର ଅସମତଳ ଓ ଜଙ୍ଗଲମୟ ଦେଶରେ ଦାଉ ଉପରେ ରାଜା ଓ ବଡ଼ ଲୋକମାନେ ଚଢ଼ି ଯିବା ଅସିବା କରନ୍ତି । ଦାଉ ମଧ୍ୟ ଖୁବ୍ ସାବଧାନତା ସହକାରେ ବାଲଆସ୍ତ ନଈରେ ପଶି ପାର ହୁଏ ଓ ଯେଉଁ ନଦୀଗର୍ଭରେ ଭୂଷା ବାଲି ଥାଏ, ତାହା ଦାଉ ଆଗରୁ ବାହ କରି ସେ ବାଟେ ନ ଯାଇ ଫେର୍ ଅସି ଅନ୍ୟ ବାଟେ ଯାଏ । ଅତି ଅସାଧ ପର୍ବତ, ଘାଟିଆଡ଼, ଏମନ୍ତ କ, ଯେଉଁଠାକୁ ମନୁଷ୍ୟ ଯିବାକୁ ଡରନ୍ତି, ସେଠାକୁ ଦାଉ ଅବଲୀଳାକ୍ରମେ ଯିବା ଅସିବା କରି ପାରେ । ଗୃହପାଳିତ ଶିକ୍ଷିତ ଦାଉମାନଙ୍କ ଉପରେ ଚଢ଼ି ଶିକାରୀମାନେ ବଣକୁ ଯାଇ ବନ୍ଧୁକ ଦ୍ୱାରା ବାଘ ଶିକାର କରନ୍ତି ।

ବଣଦାଉମାନଙ୍କୁ ପୂର୍ବେ ଷୋଳ ଲୋକେ ଧରୁଥିଲେ; ଦାଉମାନଙ୍କ ଚଲପ୍ରଚଳ ହେବା ଜଙ୍ଗଲରେ ଦାଉଙ୍କ ବୁଲିବା ଭଲ ଗଛର ଖଣି ଗାଉମାନ ଷୋଳ ଛାଉପରେ ବାଉଶ ଖଣ୍ଡା, ଘାସ ଓ ଡାଳମାନ ଘୋଡ଼ାଇ ଦେଉଥିଲେ ଓ ତହିଁ ଯାଖରେ ଦାଉଙ୍କ ଖାଦ୍ୟ ପଦାର୍ଥମାନ ରଖୁଥିଲେ । ଜଙ୍ଗଲରେ ଏହିପରି ୧୦।୧୬ ଟା ଷୋଡ଼ ଷୋଳା ହୋଇଥିଲା । ଦାଉମାନେ ଚରିବାକୁ ଅସିଲେ ସେମାନେ ସେହି ଷୋଡ ଉପରେ ଥିବା ଷୋଳ ମଧ୍ୟରୁ ଉପରକୁ ଛଠି ଅସି ପାରନ୍ତି ନାହିଁ । ୨।୩ ଦିନ ସେଠାରେ ଅନାହାରରେ ଥିବା କ୍ଲାନ୍ତ ହେଲେ, ଲୋକେ ଯାଇ ସେ ଷୋଡରେ କୌଶଳକ୍ରମେ ଥିବା ଦାଉକୁ ବାନ୍ଧିକରି ଘୋଷା ଦାଉଙ୍କ ସାହାଯ୍ୟରେ ଷୋଡରୁ ଉଠାଇ ଅଣି ସିଝନ୍ତା ବା ମଣ କରି ଘୋଷ ମଣାଉଥିଲେ; କିନ୍ତୁ ବର୍ତ୍ତମାନ ଏ ପ୍ରଣାଳୀରେ ଦାଉ ଧରା ନ ହୋଇ 'ଖେଦା' ଦ୍ୱାରା ଦାଉମାନେ ଧରା ଯାଇଅଛନ୍ତି । ଯେଉଁ ବାଟେ ଦାଉପଲ ଯାଅନ୍ତି ସେହି ଜଙ୍ଗଲର ଶୁଣ୍ଡଦୂର ପର୍ଯ୍ୟନ୍ତ ଇଟାଳ ସଡ଼ା ବଡ଼ ବଡ଼ କାଠ ଖଣ୍ଡମାନ ଗୋଡ଼ି'ଗୋଟିଏ ଗୋହୁଗ୍ଗା ବାଟ ଭିଆର କରାଯାଏ । ସେହି ବାଟରେ ଦାଉଙ୍କର ଲୋଭନୀୟ ନାନାବିଧ ଖାଦ୍ୟ (ଯଥା—ଧାନଢ଼ଳା, ଅଖୁ, ଜଡ଼ଅ, କଖାରୁ, ପାଚନ୍ତି ଓ କଞ୍ଚା କଦଳୀ ଇତ୍ୟାଦି) ଶୁଣ୍ଡଦୂର ଛଡ଼ା ଛଡ଼ା କରି ରଖାଯାଏ । ଦାଉମାନେ ସେହିସବୁ ଖାଦ୍ୟର ଲୋଭରେ ସେହି ଗୋହୁଗ୍ଗା-ବାଟେ ମୁହାଁନ୍ତି । ଗୋହୁଗ୍ଗାର ଶେଷ ମୁଣ୍ଡରେ ବଡ଼ ବଡ଼ ଶୁଣ୍ଡମାନ ଗୋଡାଯାଇ ୫୦।୫୦ଟି ଦାଉଙ୍କର ଏକତ୍ର ରହିପାରିବା ଭଳ ଗୋଟିଏ ବଡ଼ ଖୁଆଡ଼ ବା ଅଟେଇ ଭିଆର ହୋଇଥାଏ । ଅଟେଇର ବାଡରେ ଘୋଡା ହୋଇଥିବା ଶୁଣ୍ଡମାନ ପଶ୍ଚାତ୍ତରକୁ ଲଗାଲଗି ହୋଇ ଘୋଡା ହୋଇ ଶୁବ୍ ମଜଭୁତ କାମୁଡ଼ାରେ ଉଡ଼ା ହୋଇଥାଏ ଏବଂ ସେ ଶୁଣ୍ଡମାନଙ୍କରେ ବଡ଼ ବଡ଼ ମୁନଅଁ କଣ୍ଡା ମଗ୍ନ ସାଇଥାଏ; (ଦାଉମାନେ ସେ ବାଡରୁ ଖସିବାକୁ ବସିଲେ ବାଡ ଦେହରୁ ବାହାରିଥିବା ମୁନଅଁ କଣ୍ଡାମାନ ଦାଉଙ୍କ ଶୁଣ୍ଡରେ, ମୁଣ୍ଡରେ ଓ ଗୋଡରେ ଫୁଟିଯାଏ); ଅତଏବ ଦାଉମାନେ ସେ ବାଡରୁ ଖସିବା ବା ମାଡ଼ଦେଇ ପଳାଇ ଯାଇ ପାରନ୍ତି ନାହିଁ । ଏହି ଅଟେଇ ବା ଶୁଅଡକୁ 'ଖେଦା' ବୋଲାଯାଏ । ଗୋହୁଗ୍ଗାରୁ ସେ ଖେଦାକୁ ଅସିବା ବାଟର ଉର୍ଦ୍ଧ୍ୱଭାଗରେ ଦରୱଡ଼ ଦ୍ୱାରା ବାଟ ବନ୍ଦ କରିବା ପାଇଁ ଦୁଇଟି ଖୁବ୍ ବଡ କବାଟ ଦରୱଡ଼ ଦ୍ୱାରା ବନ୍ଧାଯାଇ ଝୁଲାଇକରି ରଖା ହୋଇଥାଏ । ଲୋକମାନେ ଗୋହୁଗ୍ଗାର ବାହାରେ ଓ ଅଟେଇର ବାହାରେ ଓ ଗଛ ଉପରେ ଜଗି ରହି ଥାଆନ୍ତି । ଖେଦା ଭିତରେ ମଧ୍ୟ ନାନାପ୍ରକାର ଲୋଭନୀୟ ଖାଦ୍ୟ ରହ୍ମା ହୋଇଥାଏ । ଦାଉମାନେ ଖୁବ୍ ସୋକ୍ରୁ ଗୋହୁଗ୍ଗା ବାଟେ ଖାଦ୍ୟ 'ଖାଇ ଖାଇ ଅସି ସେ ଖେଦାରେ ପଶିଯାଆନ୍ତି । ଖେଦାର ଅଧଃ ଯେତେବେଳେ ଦେଖନ୍ତି ଯେ, ସଥେଷ୍ଟସଂଖ୍ୟକ ଦାଉ ସେ ଖେଦା ଭିତରେ ପଶିଗଲେଣି, ସେ ଭତ୍ପ୍ରଶାତ୍ ଇସାରା ଦିଅନ୍ତି; ଇସାରା ପାଇବା ମାତ୍ରେ ପ୍ରବେଶ ଦ୍ୱାରର ଉର୍ଦ୍ଧ୍ୱଦେଶ ଅଟକା ହୋଇଥିବ କବାଟର ଦରୱଡ଼ାକୁ ଗଛ ଉପରେ ଜଗିଥିବା ଲୋକେ କାଟିଦିଅନ୍ତି ଓ ସେ କବାଟ ପଡ଼ିଯାଇ ଖେଦାର ବାଟ ବନ୍ଦ ହୋଇଯାଏ । କବାଟ ପଡ଼ିବାର ଗୋଲମାଲରେ ଦାଉଙ୍କର ଚୈତନ୍ୟ ଉଦୟ ହୁଏ । ଯେଉଁ ଦାଉମାନେ ଖେଦାରେ ପଶି ନ ଥାନ୍ତି ସେମାନେ ଲେଜ୍ଝଟକରି ଗୋହୁଗ୍ଗା ବାଟେ ପଳାଇ ଯାଆନ୍ତି ଓ ଯେଉଁମାନେ ଖେଦାରେ ପଶିଥାଆନ୍ତି ସେମାନେ ବାଟ ନ ପାଇ ଖେଦା ମଧ୍ୟରେ ଗଣ୍ଡଗୋଳ ଆରମ୍ଭ କରନ୍ତି ଓ ଖେଦାର ବାଡ଼କୁ ଅଯଗା ଅଥଣା ମୁଣ୍ଡଦ୍ୱାରା ଠେଲିବାକୁ ଚେଷ୍ଟା କରନ୍ତି । ବାଡ଼କୁ ଠେଲିବାବେଳେ ସେଥିରେ ଥିବା ମୁନଅଁ କଣ୍ଡା ଦାଉଙ୍କ ମୁଣ୍ଡରେ କେଶ ହୋଇ ଦାଉମାନେ ରକ୍ତାକ୍ତ ହୁଅନ୍ତି । ଖେଦାର ଶେଷପାଖେ ପଦାରେ କେଡ଼ି

Digitized by srujanika@gmail.com

କଟିଥିବା ଲୋକେ ବଜ୍ରଡ ଓ ବାଦ୍ୟର ଶବ୍ଦ କରି ସେଦା ଉପରେ ଥିବା ହାଉକୁ ଉଡ଼ନ୍ତି । ହାଉମାନେ ଯାରୁପର୍ଯ୍ୟନ୍ତ ଚଢ଼ାର ଓ ବଳପ୍ରକାଶ ଓ ଉର୍ଜ୍ଜନ ଗର୍ଜ୍ଜନ କରି ସେଦାରୁ ମୁଣ୍ଡରେ ଉହୁ ମାର ଉଲ୍ଲୁଡ଼ା ଦୋଇ ଓ ଖାଇବାରୁ ନ ପାଇ ତା ମଧ୍ୟରେ ୪।୫ ଦିନ ପଡ଼ ରହିବା ପରେ କ୍ଲାନ୍ତ ହୋଇପଡ଼ନ୍ତି । ସେତେବେଳେ ଦେଖାଯାଏ ଯେ, ହାଉଙ୍କର ଥୁଙ୍କର ବଳ ଗୁଜିଗଲାଣି, ସେହି ସମୟରେ ଶିକ୍ଷିତ ହାଉ ଓ ହାଉଣୀଙ୍କ ସେଦା ମଧ୍ୟରେ ପଶିଯାଏ; ସେହି ଶିକ୍ଷିତ ହାଉ ଓ ହାଉଣୀମାନେ ବନ୍ୟ ହାଉଙ୍କ ସଙ୍ଗେ ମିଳାମିଶା କରନ୍ତି । ଗୋଟିଏ ଲେଖାଁଏ ହାଉକୁ ଦୁଇଟି ଶିକ୍ଷିତ ହାତ୍ତା ବା ହାଉଣୀ କାବୁଜର ଦୁଇଥରି ଚପି ରଖନ୍ତି ଏବଂ ଇତ୍ୟବସରେ ସୁଯୋଗ ପାଇ ଲୋକେ ଏ ଦୁଆ ହାଉଙ୍କ ଗୋଡ଼ରେ ଓ ବେକରେ ଶିକୁଳି ଓ ଦଉଡ଼ି ବାନ୍ଧି ସେ ଦଉଡ଼ି ଓ ଶିକୁଳିକୁ ଶିକ୍ଷିତ ହାଉଙ୍କ ଗୋଡ଼ ଓ ବେକ ସଙ୍ଗେ ଛନ୍ଦିଦିଅନ୍ତି ଓ ଏହିପରି ସବୁ ହାଉଙ୍କୁ ବାନ୍ଧି ଗୋଟି ଗୋଟି କରି ବାହାରକୁ ଆଣନ୍ତି । ବାହାରକୁ ଆଣିବାବେଳେ ପ୍ରତି ବଣୁଆ ହାଉର ଦୁଇକଡ଼କୁ ଦୁଇଟି ଶିକ୍ଷିତ ହାଉ ବା ହାଉଣୀ ଗୃପିକରି ଧରି ଥାଆନ୍ତି ଓ ଦଉଡ଼ରେ ଛଡା ହୋଇ ଥାଆନ୍ତି । ଏଥିନ୍ତୁ କ, ନୂଆ ହାଉ ସ୍ୱାଧୀନଭାବରେ ଗତି କରି ପାରେ ନାହିଁ । ଏହିପରି ହାଉମାନଙ୍କୁ ବାହାରକୁ ଆଣି ସେମାନଙ୍କୁ ଶିକ୍ଷିତ ହାଉଙ୍କ ଦ୍ୱାରା ସବସ୍ତା କରନ୍ତି । ଅଷ୍ଟର୍ଜର ବଷପ୍ଟ ସେ, ସାଧାରଣତଃ ବଣହାଉମାନେ ଏକ ସାସ ମଧ୍ୟରେ ଶିକ୍ଷିତ ହୋଇ ସାହୁନ୍ତଙ୍କ ଡାକ ମାତ୍ର ବଶବର୍ତ୍ତୀ ହୋଇ ଯାଆନ୍ତି । ବର୍ତ୍ତମାନ ଗଡ଼ଜାତରେ ଓ ବ୍ରହ୍ମଦେଶରେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ତତ୍ତ୍ୱାବଧାନରେ ସେଦା ଦ୍ୱାରା ହାଉ ଧରା ଯାଉଅଛନ୍ତି ।

ହାଉ ଏପରି ବଳାଲକାପ୍ଟ ଜୀବ । ତାହାର ପିଠି ସମତଳ ନ ଥିବାରୁ ହାଉର ଖାଲ ପିଠିରେ ମନୁଷ୍ୟଙ୍କ ବସିବାର ସୁବିଧା ହୁଏ ନାହିଁ । ଏଥିପାଇଁ ପିଠିର କୁଜ ଓ ଖାଲ ଅଦଳ ବଦଳ ହୋଇଥିବା ଗୋଟିଏ ଗଦି (ଲଦନ) ତିଆରା ହୋଇ ତା ଉପରେ ପଲଙ୍କ ବା ସମାନ ଆକାରର ଗୋଟିଏ ଛତଯୁକ୍ତ ବା ଖୋଲା ଆସନ [ହାଉଦା, ଅମାର] ଉଡ଼ାଯାଏ । ରଜା ଓ ବଡ଼ଲୋକ ଅଦଳ ବଦଳ କରିବାପାଇଁ ଏ 'ହାଉଦା ବା ଅମାର' ବ୍ୟବହୃତ ହୁଏ; କିନ୍ତୁ ସାଧାରଣତଃ ହାଉ ଉପରେ ଲୋକଙ୍କର ବସି ଯା ଅସ କରିବା ପାଇଁ ଆଗରେ ଓ ପଛରେ ଲୁହାର ବାଡ ଥିବା ଆସନ ବା କଠାଲ ଉଡ଼ାଯାଏ । ସେହି ଲୁହାର ବାଡ଼କୁ ଅଙ୍କୁଶ ବା ଧରଙ୍କର ଅଗ୍ରେହୁଣକାସ୍ତ୍ର କହନ୍ତି । ହାଉର ପିଠିଉପରେ ଲଦନ ରଖାଯାଇ ହାଉ ପେଟବାଟେ ସୁତ୍ରଯିବା ଦଉଡ଼ି ଦ୍ୱାରା ସେ ଲଦନକୁ ହାଉ ପିଠିରେ ଉତ୍ତମରୂପେ ଉଡ଼ାଯାଏ । ତା ଉପରେ ଗୋଟିଏ ଝୁଲ (ବା ଗୁରଜୋଡିଆ ମୋଟ ରଙ୍ଗିନ ଗୁଦର) ପକାଯାଇ ତହିଁ ଉପରେ କଠଲ ବା ଅମାର ଉଡ଼ାଯାଏ । ଏହି କଠଲ ବା ଅମାର ହାଉର ବେକଥଡ଼େ ଓ ଲାଞ୍ଜଥଡ଼େ ଦଉଡ଼ିଦ୍ୱାରା ଦୃଢ଼ରୂପେ ଲଦନ ବା ଗଦି ସଙ୍ଗେ ବନ୍ଧାଯାଏ । ହାଉ ଉପରେ ପଡ଼ିବା ଝୁଲ ହାଉର କଡ଼ ପାଖରେ ଉଲଟା ଝୁଲୁଥାଏ ଓ ଭୂଇଁଠାରୁ ୧୩।୨ ହାତ ଉଚ ପର୍ଯ୍ୟନ୍ତ ଝୁଲୁଥାଏ । ଖୋଲାସାମ୍ବାରେ ହାଉ ଉପରେ ବହୁ ମୂଲ୍ୟର ଝୁଲ ଓ ସ୍ୱର୍ଣ୍ଣ ରୌପ୍ୟର ହାଉଦା କସାଯାଏ । ଗୋଟିଏ ଗୋଟିଏ କାରୁକାର୍ଯ୍ୟମଣ୍ଡିତ ଓ ଜରଖଚିତ ମଖମଲ ଝୁଲର ଦାମ ଲକ୍ଷେ ଟଙ୍କା ଓ ଗୋଟିଏ ଗୋଟିଏ ସୁନା ରୂପାର ଛତଯୁକ୍ତ ହାଉଦାର ମୂଲ୍ୟ ଦଶ ଲକ୍ଷ ଟଙ୍କା ଥିବା ଶୁଣା ଅଛୁ । ହାଉର ମୁଦିଁରେ ଓ ଶୁଣ୍ଡରେ ସିନ୍ଦୁର, ଗଡ଼ ଆଦ ହାତ୍ତା କାନାତ୍ତକାରର ଚିତ୍ର ମଧ୍ୟ କରାଯାଏ । କଠଲ, ଅମାର ବା ହାଉଦା ଉପରେ ସୁନା ଆଦ ବଢେ କରନ୍ତୁ ଓ ହାଉର ଗୁଳକ ମାହୁନ୍ତ ହାଉର ବେକ ଉପରେ ଦୁଇ ପାଖରେ ଗୋଡ଼ ଲମ୍ବାଇ ବସେ । ମାହୁନ୍ତ ତାହାର ଗୋଡକୁ ହାଉର କାନ ପାଖେ ଗୁଳତ କରି ଓ ନାନାପ୍ରକାରର ଡାକ ଡାକି ଓ ହାଉର ମୁଣ୍ଡ ଉପରେ ଲୌହ ଅଙ୍କୁଶ (ଅଙ୍କୁଶା ବା ଗଜବାଙ୍କ)ର ଅଗ୍ରଭାଗକୁ କେଶ୍ଚ ଓ ବେଳେ ବେଳେ ଦୁଷ୍ଟ ହାଉଙ୍କୁ ତେଣ୍ଟା ପରି ମୁହଁ ଭିତରେ ମାର ନିୟନ୍ତ୍ରିତ କରେ ।

ହାଉ ଭାରତବର୍ଷରୁ ପ୍ରଥମେ ଗ୍ରୀକ୍‌ମାନେ ଇତ୍ତୋପକୁ ନେଲେ । ଏଥିପୂର୍ବେ ମାଇବାର୍ ଜିଯଲୁରୁ ବାଣିଜ୍ୟାର୍ଥ ଇତ୍ତୋପକୁ ହାଉଦାନ୍ତ ନଆଯାଉଥିଲା । ହାଉର ଗୋଟିଏ ସଂସ୍କୃତ ନାମ ଇଭ ଓ ହାଉଦାନ୍ତର ଇଂରାଜୀ ଶବ୍ଦ ଆଇଭରି (Ivory) ଏହି ଇଭ ଶବ୍ଦରୁ ଜାତ । ଇଂରାଜ ଏଲିଫାଣ୍ଟ (Elephant) ଶବ୍ଦର ସ. ଇଭ ଶବ୍ଦ ସଙ୍ଗେ ସମ୍ପର୍କ ଅଛୁ ।

ଶିକ୍ଷିତ ହାତିମାନେ ମାହୁନ୍ତର ଡାକକୁ ମାତ୍ର ନାନାପ୍ରକାର କାର୍ଯ୍ୟ କରନ୍ତି । ଶିକ୍ଷିତ ହାଉମାନେ ଖୋଲାସାମ୍ବାରେ ସମାଲ ଧରିବା, ରଜାଙ୍କ ପାଲକି ପାଶ୍ୱେ ରହି ଚଅଁର ଓ ଅଲଂ ହକାଇବା, ରଜାଙ୍କ ଉପରେ ସ୍ୱର୍ଣ୍ଣ କଳସରେ ଜଳ ଛାଳି ଅଭିଷେକ କରିବା ଦେଖାଅଛୁ । ଏମାନେ ମାହୁନ୍ତର ଓ ସ୍ୱାମୀର ଅତ୍ୟନ୍ତ ଭକ୍ତ ଥିବା ଦେଖାଯାଏ । ହାତି-ମାନଙ୍କୁ ନିୟନ୍ତ୍ରିତ କରିବାରେ ବ୍ୟବହୃତ କେତେଗୁଡ଼ିଏ ଶବ୍ଦ ଯଥା—

ଅଗଡ୍ ! ଅଗଡ୍ ! ଅଗାଡ୍ ! ଓ ଅଗେଡ୍ !=ଅଗକୁ ଗୁଲ୍ । ଉସ୍ !=ପାଣିଗା । ତେଇ ! ବା ତୈଁ !=ଗୁଲ୍ । ମଇଲ୍ !=ଗୁଲ୍ । ଉତ୍ତେ !=ଶୋ, ଭୁଶିରେ ଦେହକୁ ଲମ୍ବାଇ କର ପଡ଼ । ଉରେବଡ୍ !=ପଛ ଗୋଡ଼କୁ ପାଦକର ବସ୍ । ଶୁଲେ !=ମାହୁନ୍ତର ହାତି ଉପରକୁ ଉଠିଯିବା ପାଇଁ ଆଗ ଗୋଡ଼କୁ ବଙ୍କା କର ଉଠା, ଜମ୍ବା ପଛରୁ ଲାଙ୍ଗୁଡ଼ ଧର କେହି ବ୍ୟକ୍ତି ଅମାର ଉପରୁ ଉଠି ଆସିବା ପାଇଁ ପଛ ଗୋଡ଼କୁ ବଙ୍କା ବା ସମକୋଣ ପରି

Digitized by srujanika@gmail.com

କରଦେ । ଧଡ଼୍ !=ଠିଆହୋ, ଅଟକ ଯା । ପିଚ୍ଛ !=ପଛକୁ ହଟ୍ । ଧଡ଼୍ରେ ମଇଲ୍ ଧଡ଼୍ !=ଅସମ ଭୂମିରେ ସାବଧାନ ହୋଇ ଗଲ୍ । କଇଠ୍ !=ଅଣ୍ଟୋଇ କର ବସ୍ । ଛର !=ଛୁ । ଏ କାର୍ଯ୍ୟ (ଯଥା—ବାଟଘାଟର ଗଛ ଅଡ଼ାକୁ ମୁଣ୍ଡ ବଢ଼ାଇବା) କରନାଁ ।

ହାଉ ଉପରେ ଅମାର ଅନ୍ଧ କଥା ହେବା ସରେ ହସ୍ତ୍ୟାନ୍ୱେଷୀଙ୍କର ହାଉ ଉପରକୁ ଉଠିସିବା ଯାଇଁ ମାଡୁନ୍ତର ଅଦେଖରେ ହାଉ ଆଣ୍ଠୁ ମାଡ଼ି ବସେ ଓ ଚଲ୍ଲ ଅମାର ଦେହକୁ ଗୋଟିଏ ଜଣୁଣି (ସିଡ଼ି) ଲଗାଯାଇ ସେହୁ ଜଣୁଣି ଦ୍ୱାର ରଚା ଅନ୍ଧ ହସ୍ତ୍ୟାନ୍ୱେଷୀ ବଶିଷ୍ଟ ବ୍ୟକ୍ତି ହାଉର ଉପରକୁ ଉଠନ୍ତି; ଜଲ୍ଲ ମାଡୁନ୍ତ ହାଉର କଙ୍କାଳକୃତ ଆଗ ଗୋଡ଼ ବାଟେ ହାଉର କାନ୍ଧ ଉପରକୁ ଅବଲୀଲାକ୍ରମେ ଚଢ଼ିଯାଏ ।

ହାଉର ଗୁଲକୁ ମାଡୁନ୍ତ ବୋଲ୍ଯାଏ ଓ ତାକୁ ସାହାଯ୍ୟ କରବାଯାଇଁ ନଯୁକ୍ତ ଗୁକରକୁ ମେଞ୍ଚ (ଇଂ. ମେଟ୍—Mate) ବୋଲ୍ଯାଏ ।

ହାଉର ରବ ଦୁଇ ପ୍ରକାର ଯଥା—୧ । ଜଲଦ ଗମ୍ଭୀର ଗର୍ଜନ । ୨ । ଭୁର ପର ଧ୍ୱନ ବା ପେଟକାଲ । ହାଉ ଶେଷୋକ୍ତ ଧ୍ୱନ କଲେ ହାଉ ପେଟକାଳୁଛୁ ବୋଲ୍ଯାଏ ।

ପୂର୍ବେ ଅମ ଦେଶରେ ରଜାମାନେ ଅପରାଧୀକୁ ଭୂମି ତଳେ ଶୁଆଇ ତା ଉପରେ ହାଉ ମଡ଼ାଇ ମାର ଯକାଉ ଥିଲେ ।

ଯୋଷା ହାଉ ଉପରେ ମାଡୁନ୍ତ ଚଢ଼ି ବଣକୁ ଯାଇ ହାଉର ଶୃଙ୍ଗ ଦ୍ୱାର ବରତାଇମାନ ଉଙ୍କ ଇ ହାଉ ଉପରେ ଘରକୁ ଲଦ କର ଅଣେ ଓ ତାହା ହାଉ ଖାଏ । ହାଉ ମଧ୍ୟ କଥା ଗଛର କନା ଖାଏ । ଯୋଷା ହାଉକୁ ଭୂତା ପିଣ୍ଡୁଳାରେ ଗୁଡ଼ାଇ ଧାନ ଓ ଗୁଡ଼ଲ ଆଦ ଖାଇବାକୁ ଦଅଯାଏ । ଗୋଟିଏ ହାଉ ପ୍ରତଦନ ଏକ ଗାଡ଼ ବରତାଳ ଓ ୨୦।୨୫ ଗଣ୍ଡି ଧାନ ଖାଇଯାରେ । ଏଥିପାଇଁ ହାଉ ଯୋଷିବା ବହୁ ବ୍ୟୟସାଧ୍ୟ । କୌଣସି ବ୍ୟକ୍ତିର ଭରଣ ପୋଷଣ ପାଇଁ ବହୁ ବ୍ୟୟ ହେଲେ, ଲୋକେ କହନ୍ତି ଯେ, ମୁଁ ଘରେ ହାଉ ଯୋଷିଛୁ ।

ହାଉମାନେ ବଡ଼ ଜୀବ ଥିବାରୁ ସାଧାରଣ ଜବଙ୍କ ପ୍ରତି ବ୍ୟବହୃତ ଭାଷା ତାଙ୍କ ସମ୍ବନ୍ଧେ ବ୍ୟବହୃତ ନହୋଇ ଗୋଟିଏ ହାଇକୁ 'ଘରେ ହାଉ' କହନ୍ତି । ହାଉ 'ମରଯିବା, ନକହି ହାଉ 'ବସି ବା' କହନ୍ତି ।

ହାଉ ଧୀର ମନ୍ଥର ଗତି ଲଘୁବେଳେ 'ଘାଡ଼ୁଲବା' ବା ଘଡ଼ଣ୍ଡ ପକାଇବା', ସାଧାରଣ ଗଲ ଗଲ୍ଲେ 'ଗଲ୍ଲବା', ଦ୍ରୁତ ଗତିରେ ଗଲ୍ଲେ 'ପଲ୍ଲସିବା' ଓ ଅତି ଦ୍ରୁତ ଗତିରେ ଗଲ୍ଲେ 'ଧପାଲ୍ଲବା ବା ହପାଲ୍ଲବା' କହନ୍ତି ।

ଜଙ୍ଗଲରେ ଜୀବମାନଙ୍କ ମଧ୍ୟରେ କେବଳ ସାଙ୍ଗ ସିଂହ ହାଉ ଅପେକ୍ଷା ବଳୁଆ ଓ ହାଉକୁ ଜୀବନରେ ମାରଯାରେ ।

ହାଉର କପାଳ ଉଦାହରତ ଦେଲେ ତାହା ମଧ୍ୟରୁ ଉତ୍କୃଷ୍ଟ ମୁକ୍ତା (ଗଜମୁକ୍ତା) ଜର୍ଗତ ହୁଏ ବୋଲ୍ ଅମର ପୁରାଣାଦରେ ବର୍ତ୍ତିତ ଅଛୁ । ହାଉମାନଙ୍କ ଦେହ ମେଘର ବର୍ଣ୍ଣପର କଳାମିଶା ପାଣ୍ଡୁଃ; ଜଲ୍ଲ ତ୍ରୁଟ୍ଟୁଦେଶରେ କ୍ୱଚତ୍ ଏକ ପ୍ରକାର ହାଉ ଦେଖା ଯାଆନ୍ତ, ସେମାନଙ୍କ ଦେହ ଧଳା । ଏହି ଶେତ ହସ୍ତୀକୁ ଦ୍ରୁଟ୍ଟୁ ଦେଶରେ ରଜା ଓ ବୌଦ୍ଧ ଓ ଜୈନମାନେ ପୂଜା କରନ୍ତ ।

ହାଉମାନଙ୍କର ବୁଦ୍ଧିର ବଚକ୍ଷଣତା ଓ ଦାଉସାଧ୍ୟତା ବଷୟରେ ନାନା ଗଲ୍ପ ଅଛୁ । ହନ୍ଦୁ ପୁରାଣ ମତରେ ପୃଥିବୀର ଅଠଦଗତ୍ର ୮ଗୋଟି ହାଉ (ଦକ୍ତସ୍ତୀ) ଟେକ ଧର ଅଛନ୍ତ ଓ ସେମାନଙ୍କର ଗୋଟିଏ ଲେଖାଏଁ ହାତୁଣୀ ଅଛନ୍ତ । ପୁରାଣୋକ୍ତ ଐରାବତ ହସ୍ତୀ କ୍ଷୀରସିନ୍ଧୁ ମନ୍ଥନ ସମୟରେ ସମୁଦ୍ରରୁ ଜାତ ହୋଇଥିଲା ଓ ସେ ଇନ୍ଦ୍ରଙ୍କର ବାହନ ଅଟେ । ମହାଦେବଙ୍କ ପୁତ୍ର ଗଣେଶଙ୍କର ଉତ୍ତତ୍ତକୁ ମୁଣ୍ଡକର ଶୋଇଥିବା ଅବସ୍ଥାରେ ତାଙ୍କ ଉପରେ ଶତ୍ରୁଙ୍କ ଶ୍ୱର୍ ଦୃଷ୍ଟି ପଡ଼ିବାରୁ ତାଙ୍କର ମସ୍ତକ ଛନ୍ନ ହେଲ୍ଲ ଓ ଗୋଡ଼ଗଲ୍ଲ । ପରେ ଶିବ ସେଠାରେ ଉପସ୍ଥିତ ହୋଇ ସେଠାରେ ପଶ୍ଚିମକୁ ମୁଣ୍ଡ କର ଶୋଇଥିବା ଗୋଟିଏ ହାଉର ମୁଣ୍ଡକୁ କାଟିଣି ଗଣେଶଙ୍କ ଗଣ୍ଡିରେ ଯୋଡ଼ ଦେଲାରୁ ପାବ୍ତୀଙ୍କ ଗେହ୍ନା ପୁଅ ଗଣେଶ ସେହୁଦନ ଠାରୁ 'ଗଜବଦନ' ହୋଇଗଲେ । ବସ୍ତୁ ପୁରାଣରେ ଲେଖା ଅଛୁ, ଗୋଟିଏ ଜୁମ୍ବୀର ହାତା ସଙ୍ଗେ ସଙ୍ଗାତ ବସି ସରେ ତାକୁ ଶୁଣ୍ଡ ପାଣିକୁ ନେଇ ମାର ସକାଇବାକୁ ବସିଲ୍ଲ । ଏହୁ ସମୟରେ ହାତ ଭଗବାନଙ୍କୁ ସ୍ମରଣ କରିବାରୁ ଭଗବାନ ସୁଦର୍ଶନ ଚକ୍ର ପେଣି ଜୁମ୍ବୀରକୁ ଛେଦ ଗଜକୁ ଉଦ୍ଧାର କଲେ । ପୌରାଣିକ ଚତ୍ରମାନଙ୍କରେ ହାତ ଲକ୍ଷ୍ମୀଙ୍କ ଉପରେ କଳସ ଢାଳୁଥିବା ଦେଖାଯାଏ ଓ ହାତ ଲକ୍ଷ୍ମୀଙ୍କ ବାହାନ ବୋଲ୍ କେହ କେହ କହନ୍ତ ।

କାହାଣୀରେ ଅଛୁ ଯେ, ପୂର୍ବେ ସ୍ୱର୍ଗର ରଜା ମର ଗଲେ ଓ କେହୁ ରଜା ହେବାକୁ ସ୍ୱର୍ଗତ ରଜାଙ୍କ ମୃତ୍ୟୁ ଯନ୍ତ୍ରରୁ ସ୍ଥିର ହୋଇ ନ ଥିଲେ ପାରମନ୍ତ୍ରୀମାନେ ସ୍ୱର୍ଗାଙ୍କ ପାଟହାଉକୁ ଗୋଟିଏ ଜଳପୂର୍ଣ୍ଣ ସୁବର୍ଣ୍ଣ କଳସ ଦେଇ ସ୍ୱର୍ଗ୍ୟ ଉମାସ ବୁଲବାକୁ ପଠାଇଥିଲେ । ହାତ ସେ କଳସକୁ ଶୁଣ୍ଡରେ ଟେକ ଧର ଯାଇଥିଲା ଓ ଯେଉଁ ବ୍ୟକ୍ତିଙ୍କ ମୁଣ୍ଡରେ ସୁବର୍ଣ୍ଣ କଳସକୁ ଢାଳିଥିଲ୍ଲ, ପାରମନ୍ତ୍ରୀମାନେ ତାହାକୁ ଅଣି ସ୍ୱର୍ଗାଦରେ ବସାଇଥିଲେ ।

କବମାନେ ଯୁବତୀ ସ୍ତ୍ରୀଙ୍କ ମନ୍ଥର ଗତିକୁ ହାତଙ୍କ ଧୀର ମନ୍ଥର ଗତି ସଙ୍ଗେ ତୁଳନା କର ନାସ୍ୱିକାମାନଙ୍କୁ ମନ୍ଥର-ଗମନା, ଗଜଗମନା ଆଦ ବଶେଷଣରେ ବଶେଷିତା କରନ୍ତ' ।

ଠିଆ ହୋଇ ବଶ୍ରାମ ନେଲ୍ଲବେଳେ ହାତ ଅଗକୁ ଘନକୁ ଦୋହଲୁଥାଏ । ଏହାକୁ ହାତ ଝୁଲବା କହନ୍ତ । ଶିଶୁମାନଙ୍କୁ ସ୍ତ୍ରୀଲୋକମାନେ କୋଳରେ ବସାଇ

Digitized by srujanika@gmail.com

ଝୁଲଇବା ବେଳେ 'ଦାଢ ଝୁଲବା' ସମ୍ବନ୍ଧେ ଶିଶୁରଞ୍ଜନ ଗୀତ ବୋଲନ୍ତି ।

ଦାଢମାନଙ୍କର ଗୋଡ଼ ଅତ୍ୟନ୍ତ ମୋଟା ଥିବାରୁ ଗୋଦର ଗୋଡ଼କୁ ଘାଣ୍ଟାଙ୍ଗମାନେ ଦାଢ ଗୋଡ଼ ସଙ୍ଗେ ତୁଳନା କର ଶ୍ଲିପଦ (ଗୋଦର) ରୋଗକୁ ଇଂରାଜୀରେ (Elephantiasis) ଦାଢଆ ରୋଗ ବୋଲ ନାମ ଦେଇ ଅଛନ୍ତି ଓ ସାବନ୍ତକ ଭାଷାରେ ଗୋଦର ଗୋଡ଼କୁ ଘୀଲଘାଙ୍ଗ (ଦାଢଗୋଡ଼) ବୋଲଯାଏ । ଶ୍ଲିପଦ ରୋଗଗ୍ରସ୍ତ ବର୍ଦ୍ଧିତା-କୃତ ସ୍ତନଯୁକ୍ତ ପୁରୁଷଲିଙ୍ଗକୁ ଦାଢ ଶୁଣ୍ଡ ସଙ୍ଗେ ତୁଳନା କର ସେ ରୋଗକୁ ଲୋକେ ଦାଢଶୁଣ୍ଡା ରୋଗ କହନ୍ତି ।

ଜୈନମାନେ ଦାଢ ପୂଜା କରନ୍ତି ଓ ଜୈନ ମନ୍ଦିର [ଯଥା—କଲ୍ୟଡାରେ ପରେଶନାଥ ମନ୍ଦିର]ରେ ଓ ବ୍ରହ୍ମ ଦେଶରେ ଦାଢଙ୍କ ମୂର୍ତ୍ତିମାନ ପ୍ରତିଷ୍ଠିତ ହୁଏ ।

ଉପେଦ୍ର, ଉଷ୍ଟ୍ର ଦାଢୀର ପ୍ରସବ ସମ୍ବନ୍ଧରେ ଲେଖିଅଛନ୍ତି ଯେ—ଦାଢୁଣୀ ଚର୍ମାବରଣ ଯୁକ୍ତ ଗୋଲାକାର ପିଣ୍ଡ ଗୋଟିଏ ପ୍ରସବ କରେ; ପରେ ଉକ୍ତ ପିଣ୍ଡକୁ ନଜର କାନରେ ବଞ୍ଚ ବଞ୍ଚ ଭହିଁର ଉପରର ଚର୍ମାବରଣକୁ ଫଟାଇ ଦଏ; ତାପରେ ତହିଁରୁ ଦାଢଛୁଆ ବାହାରେ ।

ଦାଢମାନଙ୍କର ଡ଼େଣୀ ଭଲ୍ଲୁକ ସମ୍ବନ୍ଧେ ଦନ୍ତୀ ଶବ୍ଦ ତଳେ ଟୀକା ଦ୍ରଷ୍ଟବ୍ୟ :—

ଦାଢ ଶବ୍ଦ ଯୁକ୍ତ କେତେଗୁଡ଼ିଏ ପ୍ରବଚନ, ପ୍ରବାଦ ନ୍ୟାୟ ଓ ବାକ୍ୟ ପ୍ରଚଳିତ ଅଛି ।

୧ । ଦାଢ ପାଡ଼ିବ ପାଡ଼ିବ,ଫୁସ୍—ପ୍ରବଚନ=ବହ୍ମାରମ୍ଭେ ଲଘୁ କ୍ରିୟା ।

୨ । ଦାଢ କଇଥ ଖାଇବା—ନ୍ୟାୟ=ବାଡ଼ାରେ ପରିବର୍ତ୍ତନ ନ ହୋଇ ଅନୁଦ୍ଦେଶ ଶୂନ୍ୟ ହେବା ।

୩ । ଦାଢ କଲରୁ (ଥୋଡ଼ରୁ) କଲେ(ଫୁଲାଏ,ଥୋଡ଼େ) ଖଇଲେ ବା ଜ୍ୱର ପଡ଼ିଲେ ପିମ୍ପୁଡ଼ିକ ଯୁଗେ (ଶତହେବଉଷ) —ନ୍ୟାୟ ।

୪ । ଦାଢ ଚଲା (ବେକ) ରେ ଘଣ୍ଟି ବାନ୍ଧିବା—ନ୍ୟାୟ

୫ । ଦାଢ ଗଳ ଯାଏ ପିମ୍ପୁଡ଼ି ନ ଗଳେ ବା ଦାଢ ଗଳ ଯାଉଛି ପିମ୍ପୁଡ଼ିକ ବାଟ ନାହିଁ—ପ୍ରବଚନ ।

୬ । ଦାଢ ଗାଧୁଅ ବା ଗାଧୋଇବା—ନ୍ୟାୟ

୭ । ଦାଢ ଗୋଡ଼ତଳେ ପିମ୍ପୁଡ଼ି ନ ମରେ— ଅନୁଭବ ସତ୍ୟ ।

୮ । ଦାଢକୁ ଦାଢ ଉଠାଏ—ନ୍ୟାୟ ।

୯ । ତୋର ଦାଢ ଘୋଡ଼ା ଝୁଲନ୍ତୁ ବା ଝୁଲଥାଅନ୍ତୁ— ଆଶୀର୍ବାଦ ବଚନ ।

୧୦ । ଦାଢ ଗୁଲି ଗୁଲି ଯେତେ, ଘୋଡ଼ା ଦଉଡ଼ ଦଉଡ଼ ସେତେ—ଅନୁଭବ ଓ ନ୍ୟାୟ ।

୧୧ । ଦାଢତଡ଼ାଠାରୁ ସକ୍ଷତ ନାହିଁ—ପ୍ରବଚନ ।

୧୨ । ଦାଢ ଖାଇଁଥିଲେ କଉଡ଼, ମଲେ କଉଡ଼; ବା ଦାଢ ଖାଇଁଲେ ମଲେ ଏକାକଥା—ପ୍ରବଚନ ।

୧୩ । ଦାଢ ଦାନ୍ତରେ ସୁନା ଝୁଅଣି ହେବା-ନ୍ୟାୟ ।

୧୪ । ଘୋଡ଼ା (ଦାଥୀ) ପର୍ ଦାଢ଼ଦା,ଦାଥୀ (ଘୋଡ଼ା) ପର୍ ଜାନ; ଜଲ୍ଦ ଯାଓ ଜଲ୍ଦ ଯାଓ ଜଥରନ୍ ହେଷ୍ଟିନ୍-ହୁଦ ପ୍ରବାଦ ।

୧୫ । ଦାଢଓର୍ ଜୀବର ମଣାଉ (ମାଛକୁ) ଉତ୍ତର—ପ୍ରବଚନ ।

୧୬ । ଦାଢ ବନସ୍ତରେ ଥିଲେ ରଜାଙ୍କର—ପ୍ରବଚନ ।

୧୭ । ଦାଢ ମୂଢ଼ଦେଲେ ପିମ୍ପୁଡ଼ିକ ପର୍ଦ୍ଦାର୍ଘ ବା ଦାଢ ମୂଢ଼ ପିମ୍ପୁଡ଼ିକ ପର୍ଦ୍ଦାର୍ଘ—ଅନୁଭବ-ନ୍ୟାୟ ।

୧୮ । ଦାଢଓର୍ ଜୀବର ଅଣ୍ଡି ସାନ ବା ଦାଢର ଅଣ୍ଡି ସାନ—ଅନୁଭବ, ଲୌକ ବଶ୍ୟାସ ।

୧୯ । ଦାଢଶାଳ ଭାଙ୍ଗିଗଲେ କଥଣ ମେଣ୍ଢା କୁଡ଼ାଏକୁ ଯୋଗ୍ୟ ହୁଏ ନାହିଁ ? ବା ଭାଙ୍ଗିଲା ଦାଢଶାଳ ସଙ୍ଗେ ଘୋଡ଼ାଶାଳ ସମାନ ହୁଏ ନାହିଁ—ପ୍ରବଚନ ।

୨୦ । ଗୁଣ୍ଡଏ ଗଲେ ଦାଢଏ ଅଣିବା—ପ୍ରବଚନ ।

୨୧ । ଦାଢ ଉପରେ ଧଂସା—ପ୍ରବଚନ ।

୨୨ । ଦାନ୍ତର ଔଅଳଥା ମାନ୍ତ୍ରକୁ ଲଗେ—ପ୍ରବଚନ

୨୩ । ଦାଢ ଦାନ୍ତରେ ବସିବା—ନ୍ୟାୟ ।

୨୪ । ଦାଢଓର୍ ଜନ୍ତୁ (ଜୀବ) ଅଙ୍କୁଶାରେ ଆସୃତ୍— ଅନୁଭବ ବଚନ ।

୨୫ । ଦାଢଦ୍ୱାର୍ ନ ମର୍ଇ ଦାଢଅଳ ଦାନ୍ତରେ ମର୍ଇବା—ନ୍ୟାୟ ।

ଦାଢ ସମ୍ବନ୍ଧୁକ୍ତ ଶିଶୁରଞ୍ଜନ ଗୀତ—

୧ । ଦାଢ ନେ, ଘୋଡ଼ା ନେ, ମୋ ପେଁଚାଳ ବଜେଇ ଦେ; ସାପ ଥିଲେ ବାହାର୍ ଯା !, ବେଙ୍ଗ ଥିଲେ କଣ୍ଠର କଣ୍ଠର ହଉଥା !

୨ । ଝୁଲ୍ ଦାଢ ! ଝୁଲ୍; ବାଆ ଘାଣି ଖାଇ ଫୁଲ୍ ।

୩ । ଝୁଲ୍ ଦାଢ ! ଝୁଲ୍ତେ; ବାଆ ଘାଣି ଖାଇ ଫୁଲ୍ରେ ।

୪ । ଦାଢ ଝୁଲ୍ଥାଏ ସୁନା ବଟିଗୁରେ କଥାକନ୍ଦା ଖାଇବାକୁ, କହେଇ ଝୁଲଇ ମାଥଙ୍କ କୋଳରେ ଦୁଧକଲେ ଖାଇବାକୁ ।

୫ । ଦାଢଓର୍ ଜୀବ ଥର ମାନ୍ତ୍ରକୁ ଠୁଳେ କ ଉତ୍ତରୀ ସେହ୍ନ, ମନ ମାନଅଛୁ ବୋଲ ସେ ରହିଛୁ ଅଙ୍କୁଶା ଶିରିଲ ସହି ।

୬ । ଦାଢ ! ଘାଣ୍ଟୁଣ୍ଡ (ଘାଣ୍ଟୁଲ) ପକାଏ ଧୀର୍ ।]

୨ । ଶୂଦ୍ରଙ୍କ ବଂଶୋପାଧି ବିଶେଷ—2. A family-title of some Sūdras. ୩ । (ଦାଢଘର) ବୃହତ୍କାୟ ବ୍ୟକ୍ତି—3. A very corpulent or fat person. [ଉ—ଦ୍ୱିତୀୟାର ଶଶି ଲେଖାପର ଦଶି ଗଲେନ୍ତ ସେ ଇନ୍ଦ୍ରାଳ ଦାଢ । କବିସୂର୍ଯ୍ୟ, ବଂଶୋତ୍କ ଚମ୍ପ ଦ ଗୀତ ।

Digitized by srujanika@gmail.com

୪ । (ହାତଘର) ଧୀରଗତି ବିଶିଷ୍ଟ ବ୍ୟକ୍ତି—4. A slowly walking person. ୫ । ଧୀରସ୍ଥିର ସ୍ୱଭାବବିଶିଷ୍ଟ ବ୍ୟକ୍ତି—5. A person of quiet nature. ୬ । ଗୋଟିଏ ହାତିଉପରେ ଲଦାଯିବା ପରିମିତ ବୋଝ—6. A load which can be carried on one elephant. (ଯଥା—ସେ ଗଛଏ ଗଲେ ହାତିଏ ଆଣେ) ୭ । (ହାତଶଢଙ୍ଗ) ଦଉ; ପାର୍ଶ୍ୱ—7. Side (ଯଥା—ସେ ଘୋଗଣ୍ଟି ଅମ ଘରର ବଁା। ହାତରେ ଅଛି) ୮ । ସତରଞ୍ଜି ବା ନ୍ୟାୟୁବଲ ଖେଳରେ ଯେଉଁ ଗୋଟିକୁ ହାତ ବୋଲି କଳ୍ପନା କରାଯାଏ (ଯାହାକୁ ଗଜବଳ ବୋଲାଯାଏ)—8. The ball representing the bishop in the game of chess. ୯ । ଆସାମ ଦେଶର ବଂଶୋପାଧି ବିଶେଷ—9. A family titlle in Assam. ବିଶ—୧ । ହାତରେ ଲଦା ଦେବା ପରିମିତ (ବୋଝ)—1. Elephant-load of (anything); suffcient for the load of an elephant. (ଯଥା—ସେ ଇନ୍ଦ ହାତ ଇନ୍ଦଷ ଆଣିଛି) ୨ । ହାତ ସମ୍ବନ୍ଧୀୟ—(ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ଯଥା—ହାତଶାଳ, ହାତ ଦାନ୍ତ, ହାତ ଥଣ୍ଟ)—2. Relating to the elephant. ୩ । ହାତ ସମ୍ବନ୍ଧୀୟ—3. Relating to the hand. (ଯଥା—ସ୍ୱହାତ କାମ, ପର ହାତ କାମ) ୪ । କୌଣସି ଦିଗରେ ଅବସ୍ଥିତ—4. Situated on any side. (ଯଥା—ସେ ଘର ବାଆଁହାତ ଗୋଟିଏ ଗୋଟ୍ଟା ଅଛୁ) ୫ । (ଏତେ) ହାତ ପରିମିତ—5. Measuring so many cubits. (ଯଥା—ନଅହାତ ଲମ୍ବା ମୋତେ ଅଣ୍ଟେ ନାହିଁ) କ୍ରି. ବିଶ—ବାମ ବା ଦକ୍ଷିଣ ହସ୍ତର ଦିଗରେ ବା ଆଡ଼ରେ—To the (right or left hand) side. (ଯଥା—ଗୁ ବସ୍ତବର ବାଆଁହାତ ଗଲେ ସମୁଦ୍ର କୂଳରେ ପହଞ୍ଚିବୁ)

ହାତଅଳ(ନ୍ଦ)—ଦେ. ବ—(ସଂ. ହସ୍ତିସ୍କନ୍ଧ)—ନାଥଗୁଳଆ ବା ଲମ୍ବା ଚାଁଦ ଓୟାରୀ ପାଖ

Hāti anda (ndha) ଗୁଳଆ ଘରର ଦୁଇ ଶେଷ ପ୍ରାନ୍ତର ଚାଳୁ The gable end of a thatched house; the gables at the end of a gabled roof.

ହାତି ଅମାରି—ଦେ. ବ—ହାତି ହାଉଦା (ଦେଶ)—

Hāti amāri The saddle of an elephant; howdah. ହାତିର ହାଉଦା ହାଥୀକା ହାଉଦା

ହାତଆ—ଦେ. ବିଶ—(ସ. ହସ୍ତ)—୧ । ଏତେ ହାତ ଲମ୍ବା—1. So Hātiā many cubits long. (ଯଥା—ଦଶହାତଆ ଲୁଗା) ହାତଲମ୍ବା ୨ । ଏତେଜଣଙ୍କ ଦ୍ୱାରା ସମ୍ପାଦନୀୟ ବା ସମ୍ପାଦିତ—2. Performable or done by so many persons. (ଯଥା—ପାଞ୍ଚହାତଆ କାମ ହେଇ ଯାଏ । ୩ । ହସ୍ତଯୁକ୍ତ; ହସ୍ତସମ୍ବନ୍ଧୀୟ—3. Relating to hand; having hands. (ଯଥା—ସେ ବଇଦ ଅମୁତ ହାତଆ ଜଣେ) ୪ । (ବାମ ବା ଦକ୍ଷିଣ) ହସ୍ତର ଦିଗ ସମ୍ବନ୍ଧୀୟ 4. Relating to the right hand or left hand side. (ଯଥା—ବାଁଆ ହାତଆ ସଡ଼କ ସେ ଗାଁଆଁ ମୁଣ୍ଡ ବାଟେ ଯାଇଛୁ) ୫ । ହାତିଘର ଅକାରବିଶିଷ୍ଟ; ଖୁବ ବଡ଼—5. Very big. (ଯଥା—ହାତିଆ କାଙ୍କଡ଼) ୬ । ହାତିଘର ସ୍ଥୂଳ ଚର୍ମ ଉତ୍ପାଦକ (ଯାଦୁ)—6. Thick-skinned (ring worm). (ଯଥା—ହାତିଆ ଯାଦୁରେ ତା ଦେହ ପୂର୍ଣ୍ଣ) ବ—ହାତଆଳ (ଦେଶ)—Hātiāla (See).

ହାତଆ କାଙ୍କଡ଼(ଣ)—ଦେ. ବ—(ଏହା ସାଧାରଣ କାଙ୍କୁଡ଼ଠାରୁ ବଡ଼ Hātiā kāṅkaṛda (ṇa) ଥିବାରୁ ସଂ. ନାମ-ବହ୍ୟାକର୍କୋଟକୀ)—[ସଂ. ନାମ— କାଙ୍କୁଡ଼ଘର ଏକ ପ୍ରକାର ବଡ଼ ଫଳ—A sort of cucurbitaceous fruit; Memordica Dioicicamale. [ଦ୍ର—ବୈଦ୍ୟକ ମତରେ ଯୋଗେଶ୍ୱରୀ, ଏହା ଲଘୁ, ବ୍ରଣଶୋଧକ, ତୀକ୍ଷ୍ଣ ଏବଂ କଫ ନାଶକ, ନଳ ଦମନ, ସଙ୍କୋଚକ, ବିସର୍ପ ଓ ବିଷନାଶକ—ଉଦ୍ଭିଦଗୁଣ ବିଷକଣ୍ଟକିନୀ] ଅଉଧାନ]

କାଂକରୋଲ ବାମ୍ଭ ଖରସା

ହାତଆ ଗୁଣ୍ଡୁରୀ—ପ୍ରାଦେ (ଗଡଜାତ) ବ—ଗୁଣ୍ଡରଘର ଏକପ୍ରକାର ବଡ଼ Hātia guṇḍuri ପକ୍ଷୀ—A big variety of Guṇḍuri bird.

ହାତଆ ଘାସ—ଦେ. ବ—ଧନଜୀ ପତ୍ର ପରି ଚଉଡ଼ାପତ୍ରବିଶିଷ୍ଟ ଏକ Hātiā ghāsa ପ୍ରକାର ଘାସ—A kind of broad-ହାତିୟା ଘାସ bladed grass; elephant grass.

ହାଥୀ ଘାସ [ଦ୍ର—ଏହା ଗାଈ ଗୋରୁଙ୍କ ଖାଦ୍ୟ; କୃଷି କଲେ ବହୁତ ଗଛ ଉଠେ । ଧନଜୀ ପତ୍ରର ସ୍ୱାଦ ଅଛି, ମାତ୍ର ଏହା ସ୍ୱଗନ୍ଧସ୍ଥଳ ।]

ହାତି ଆଙ୍କୁଶ(ଶା, ଶି)—ଦେ. ବ (ସ. ହସ୍ତୀ ଓ ଅଙ୍କୁଶ)—୧ । ଗଜବାଙ୍କ; Hāti āṅkuśa(śā, śi) ହାତିକୁ ଗୁଳତ କରିବା ପାଇଁ ଡାଙ୍ଗଶ ବ୍ୟବହୃତ ବଙ୍କାଗ୍ର ଲୌହ ଦଣ୍ଡ—1. A hooked **ହାଥୀ ଅଙ୍କୁସ** iron rod used in goading or driving elephants. ୨ । ଏକ ପ୍ରକାର କଣ୍ଟକଯୁକ୍ତ ଲତାଳଆ ଗଛ—2. A sort of thorny plant having hooked thorns; Pisonia Aculeata. [ଦ୍ର—ଏହା ଛତରେ ୨୦ ହାତ ପର୍ଯ୍ୟନ୍ତ ବଢି ଅନ୍ୟ ଗଛରେ ମାଡ଼େ ଓ ଏହାର କଣ୍ଟାମାନ ହାତି ଆଙ୍କୁଶ ଭଳି ବଙ୍କାଗ୍ର ।]

ହାତଆ ଦା(ସା)ଦୁ—ଦେ. ବ (ସ. ହସ୍ତୀ+ଦଦ୍ରୁ)—(ଏଥିରେ ଆକ୍ରାନ୍ତ Hātiā da(jā)du ଶସ୍ତରେ ଚର୍ମ ହାତିର ଚର୍ମ ପର ମୋଟା ହାତିୟା ଦାଦ ଢେବାରୁ)—ଏକ ପ୍ରକାର ଦୁରାରୋଗ୍ୟ ଦଦ୍ରୁ— **ହାଥିଆ ଦାଦ** A sort of ring worm; sceloderma; scelerema.

ହାତଆଳ—ଦେ. ବ (ସ. ହସ୍ତିପାଳ)—ହାତିପାଳ; ହାତି ମାହୁନ୍ତ; Hātiāla ହସ୍ତିଚାଳକ—The driver of an elephant. ହାତିୟାର(ଳ) ଫିଲବାନ, ମହାବତ

Digitized by srujanika@gmail.com

ହାତିଆ ଲାଉ—ବେ. ବ—ଲମ୍ବ ଓ ସରୁ ଲାଉ—A long and slender species of gourd.
Hātiā lāu
[ହାତି ବାନ୍ଧ(ଦାଁତ) ଲାଉ—ଗ୍ରାବେ. ଛଡ଼ାଥଲ ରୂପ]

ହାତିଆ ଶୁଆଁ—ବେ. ବ (ସଂ. ହସ୍ତି ଶ୍ୟାମାକ)—ଏକ ପ୍ରକାର ଶୁଆଁ ଧାନ—A sort of big 'Śuāñ' grain.
Hātiā śuāñ
ହାତିୟା ଶ୍ୟାମା [ଦ୍ର—ବୈଦ୍ୟକ ମତରେ ଏହା ରୁକ୍ଷ, ଧାତୁ-ବାୟୁବର୍ଦ୍ଧକ ଓ ଶ୍ୟାମାକ ଧାନ୍ୟର ଅନ୍ୟାନ୍ୟ ଗୁଣ-ବିଶିଷ୍ଟ ।]
हाथीआ सोआँ, काला सावाँ

ହାତିଏ—ବେ. ଵଣ—୧ । ଗୋଟିଏ ହାତିରେ ଲଦା ହେବା ବୋଝ ପରିମିତ—1. An elephant-load of. ୨ । ପ୍ରଚୁର ବହୁ ପରିମିତ—2. Large; much. ବ—ଏକ ଏକ ହାତି ହସ୍ତିରେ ଲଦା ହେବା ଭଲ ପଦାର୍ଥ ବା ଧନ—1. An elephant-load of things or property. ୨ । ବହୁ ଧନ—2. Great riches
हाथी एक हाथी
(ଯଥା—ସେ ଘରଏ ଗଲେ ହାତିଏ ଆଣେ ।)

ହାତି କଠଲା—ବେ ବ—ହାତି ଉପରେ ଲଦନ ଓ ଝୁଲ ପଡ଼ି ସାରିବା ପରେ ସାଧାରଣ ଲୋକଙ୍କ ଚଢିବା ପାଇଁ ବା ଉପରେ କସାଯିବା ଆଗରେ ପଛରେ ଲୁହାର ବାଡ଼ାଯୁକ୍ତ ଆସନ—A seat with railing in front and back which is put on an elephant for ordinary riding.
हाथी हौदा
[ଦ୍ର—ଏଥିରେ ବସିବା ଲୋକେ ଏହ କଠଲର ଲୁହାବାଡ଼କୁ ଧରି ବା ଆଉଜ କରି ବସନ୍ତି ଓ ଏହ ବାଡ଼ ସୋରୁଁ ହାତି ଉପରୁ ହଠାତ୍ ଚଢ଼ାଳମାନେ ଖସି ପଡ଼ନ୍ତି ନାହିଁ ।]

ହାତି କ(କା)ନା ଗଛ—ଗ୍ରାବେ. (ଗଡ଼ଜାତ) ବ—ହସ୍ତିକର୍ଣ୍ଣ ୩ (ଦେଖ)
Hāti ka(kā)nā gachha Hasti karṇṇa 3 (See)

ହାତି କ(କା)ନା (କାନଆଁ)ପଲାଶ—ଗ୍ରାବେ. (ଗଡ଼ଜାତ) ବ—ହସ୍ତିକର୍ଣ୍ଣ ୩ (ଦେଖ)
Hāti ka(kā)nā (kāniāñ)palāśa Hasti karṇṇa 3 (See)

ହାତି କଳସ ଢାଳିବା—ବେ. ବ—ହଠାତ୍ ଉଦ୍ଗ୍ୟୋଦସ୍ୟ ହେବା—ହାତୀ କଳସୀ ଢାଳା
Hāti kalasa ḍhāḷibā The dawning of an unthought of piece of good fortune.
हाथी कलस उंढेलना
[ଦ୍ର—ପୂର୍ବେ ଅନ୍ଧଳକ ଦେଶରେ ଧନ ସମ୍ପତ୍ତିମାନେ ହାତି-ହାଉରର ଶୁଣ୍ଡରେ ଜଳପୂର୍ଣ୍ଣ ଗୋଟିଏ ସୁନାର କଳସ ଧରଇ ହାତିକୁ ସଜ୍ୟ ଚମାମ ବୁଲାଉଥିଲେ । ହାତି ଯାହାଙ୍କ ମସ୍ତକରେ କଳସକୁ ଢାଳ ଦେଇଥିଲା ତାହାକୁ ସମସ୍ତେ ସଜା ବୋଲି ଜୟଜୟନ କରି ସିଂହାସନରେ ଅଭିଷିକ୍ତ କରୁଥିଲେ ।]

ହାତି କଷା—ବେ. ବ—ହାତିର ପିଠିରେ ଲଦନ ବା ହାଉଦା ଆଦ ଉଡ଼ ଚଢିବା ପାଇଁ ହାତିକୁ ପ୍ରସ୍ତୁତ କରିବା—ହାତୀ ସାଜାନ Equipment of an elephant ready
हाथी कसाई for riding by putting the howdāh on it.

ହାତି କଷିବା—ବେ.କ୍ରି—ହାତି ଉପରେ ଅମାର ବା ହାଉଦା ଉଡ଼ବା—ହାତୀ କସା Hāti kashibā To put or attach a hawdāh on the back of an elephant.
हाथी कसना

ହାତି କାନ—ବେ. ବ—ହସ୍ତି କର୍ଣ୍ଣ (ଦେଖ) Hāti kāna Hasti karṇṇa (See)

ହାତି କାନଆ(ଆଁ)—ବେ.ବଣ(ସଂ.ହସ୍ତିକର୍ଣ୍ଣ)—ହାତିର କାନପର ବଡ଼—ହାତୀ କାନିୟା Hāti kāniā(āñ) As big as elephant's ear.
हाथी कर्ण

(ହାତି କାନ —ଅନ୍ୟରୂପ) ବ (ସଂ. କାମ ରୋଲ ସମୁଦ୍ରା)—ଏକ ପ୍ରକାର ଶ୍ଲେଷ ବନ୍ୟ ଲତା—A sort of wild creeper; Leea Macrophylla.
[ଦ୍ର—ଏହାର ପତ୍ର ହାତିକାନ ପର ବଡ । ବର୍ଷା ଋତୁରେ ଏ ଲତା ଜନ୍ମେ; ଅନ୍ୟ ସମୟରେ ଦେଖାଯାଏ ନାହିଁ । ଏହାର ଫୁଲ ଛତ ଆଙ୍ଗୁଳିଆ ଲାଲ ଫୁଲ ପରି । ଏହାପର ପତ୍ର ବର୍ଷାପୂଃ ୧୪ ହାତ ଉଚ୍ଚ ଗଛ ମଧ୍ୟ ଅଛି ।]

ହାତି କାନ୍ଧରେ ବସିବା(ଚଢ଼ିବା)—ବେ. କ୍ରି—୧ । ହାତିର ସ୍କନ୍ଧ ଉପରେ (ମାଦ୍ଦନ୍ତ) ହାତିର କାଁଧେ ବସା ବସିବା—1. To sit on the shoulder of an elephant (said of the driver). ୨। (ଲକ୍ଷଣାର୍ଥ) ପ୍ରବଳ ଲୋକଙ୍କ ଆଶ୍ରୟ ଧରିବା; କୌଣସି ବଡ଼ ଲୋକଙ୍କଠାରେ ଶରଣାପନ୍ନ ହେବା—2. (figurative) To take the shelter of a great person.
हाथीका कंधापर बैठना

ହାତି(କି)କୁ ସିରସ୍ତା କରିବା—ବେ. କ୍ରି—ନୂଆ ହୋଇ ଧରା ହୋଇଥିବା ହାତୀକୁ ସାୟସ୍ତା କରା—ହାତୀକୋ ସୁଧାରନା Hāti(ki)ku sirastā karibā To train a newly caught elephant.
हाथीको सुधारना

ହାତି ଖେଦା—ବେ. ବ—୧ । ବନ୍ୟ ହସ୍ତୀଙ୍କ ଦଳ; ଖେଦାର ହାତି—Hāti khedā 1. Herd of wild elephants.
हाथी खेदा

୨ । ବଣୁଆ ହାତିକୁ ଧରବାପାଇଁ ଜଙ୍ଗଲ ମଧ୍ୟରେ ଘେରବନ୍ଧ କରିଯାଇ ଗୁରୁଅଢ଼େ ଖୁବ୍ ସଜବୁତ୍ ଖୁଣ୍ଟମାନ ପୋତା ଯାଇଥିବା ଅଟକଇ ବା ଖୁଆଡ—2. A barricade or enclosure set up in the forest surrounded by strong timber pallisades to catch elephants; Khedda.
[ଦ୍ର—ଏହ ଶବ୍ଦ ଇଂରାଜୀରେ ପ୍ରଯ୍ୟ ଖେଦା [khedda] ରୂପେ ଚଳୁଅଛି ।] ୩ । ବଣୁଆ ହାତିକୁ ଖେଦା ଦ୍ୱାରା ଧରିବା ପ୍ରଣାଳୀ—3. The mode of catching wild elephants by the khedda system. [ଦ୍ର—ହାତି ଶବ୍ଦ ତଳେ ଟୀକା ଦେଖ ।]

Digitized by srujanika@gmail.com

ହାତ ଖୋଜ—ଦେ. ବ—ହାତର ପଦଚହ୍ନ—The foot steps of an elephant.
Hāti khoja
ହାତୀର ପାୟେର ଦାଗ **ହାଥୀପୈରକାଚିହ୍ନ**

ହାତ ଖୋଜିଆ—ଦେ. ବିଣ—ହାତ ଖୋଜପରି ଗୋଲ ଓ ବଡ଼ ଆକାର-ବିଶିଷ୍ଟ—Big and circular like the foot steps of an elephant.
Hāti khojiā
ହାତୀପେୟେ **ହାଥୀପୈରକାଜୈସେ**

ହାତଖୋଜିଆ ଆଳୁ—ଦେ. ବ—ହାତ ଖୋଜିଟର ବଡ଼ ଓ ଗୋଲ ବିଶ୍ୱ-ବିଶିଷ୍ଟ ଏଜାତୀୟ ଦେଶୀ ଆଳୁ—A sort of circular big yam.
Hātikhojiā āḷu
ହାତୀପେୟେ ଆଳୁ **ଆରୁ**

ହାତ ଖୋଜିଆ ଗଛ—ଦେ. ବ—ମଣ୍ଡୁକପର୍ଣ୍ଣୀ (ଦେଖ)—
Hatikhojiā gachha Maṇḍukaparṇṇī (See)

ହାତ ଗରଜନ (ଗର୍ଜ୍ଜନ)—ଦେ. ବ—(ସଂ. ହସ୍ତୀ ଓ ଗର୍ଜ୍ଜନ)—ହାତୀର ଗମ୍ଭୀର ଗର୍ଜ୍ଜନ—The grave roar of an elephant.
Hāti garajana (garjana)
ହାତୀର ଗର୍ଜ୍ଜନ **ହାଥୀଗର୍ଜନ**

ହାତ ଗାଧୁଆ—ଦେ. ବ—ହସ୍ତି ସ୍ନାନ—The bath of an elephant.
Hāti gādhuā ହସ୍ତୀସ୍ନାନ **ହାଥୀକାସ୍ନାନ**

[ଦ୍ର—ହାତ ଗାଧୁଆ ନ୍ୟାସ୍ୱ—ନ୍ୟାସ୍ୱ । ହାତ ଗାଧୋଇ ସାର ପୁଣି ପଇଶଗରେ ସଣା, ମାଛୁଙ୍କ ଦେହରେ ବସାଇ ନ ଦେବାପାଇଁ ଶୁଣ୍ଡଦ୍ୱାରା ନିଜ ଦେହରେ ଟୁଳ ପକାଏ । ସେହି ପର କୌଣସି ପଣ୍ଡୁଅ ସ୍ଥଳରେ ଏହା ନ୍ୟାସ୍ୱ ଲାଗେ]

ହାତ ଗିରଦା (ଜା)—ସ୍ତ୍ରୀଦେ (ଓଡ଼ିଜାତ) ବି—ହାତିଖେଦା 2 (ଦେଖ)
Hāti giradā (ja) Hātikhedā 2 (See)

ହାତ ଘୋଡ଼ା—ଦେ. ବ—(ସଂ. ହସ୍ତୀ + ଘୋଟକ)—ହସ୍ତୀ ଓ ଘୋଟକ
Hāti ghoṛdā Elephant and horse.
ହାତୀ ଘୋଡ଼ା **ହାଥୀଘୋଡ଼ା**

ହାତୀଘୋଡ଼ା ଝୁଲିବା—ଦେ. ବ—(ଲକ୍ଷଣାର୍ଥ)—ଅତିଲାଭରେ ସମୃଦ୍ଧି ବା ବହୁତର ଉଦସ୍ୱ ହେବା ଓ ତନ୍ନିମିତ୍ତ ଘରେ ହାତିଘୋଡ଼ା ବନ୍ଧାହେବା—(figurative) Increase of prosperity and consequent maintenance of elephants and horses by a person.
Hāti ghoṛdā jhulibā
ହାତୀ ଘୋଡ଼ା ଝୁଲା **ହାଥୀଘୋଡ଼ାଝୂଲନା**

ହାତ ଚଳା(ଳେ)ଇବା—ଦେ. କି—(ସଂ. ହସ୍ତୀ + ଚଳ ଧାତୁ ଣିଚ୍ ଣିଳ ଧାତୁ)—ମାହୁନ୍ତ ରୂପେ ହସ୍ତୀକୁ ଗତିଲବ କରିବା—To drive an elephant.
Hāti chaḷā (ḷe) iṇā
ହାତୀଚାଲାନ **ହାଥୀ ଚଲାନା**

ହାତ ଗତି—ଦେ. ବ—(ସଂ. ହସ୍ତୀ + ଚଳନ)—ହସ୍ତୀର ଗତି—The movement of an elephant.
Hāti chāli

[ଦ୍ର—ଏହା ୩ ପ୍ରକାର ଯଥା—
୧ । ଧୀର ଗତି—ଥାପୁଲିବା ବା ଥାପୁଣ୍ଡ ପକାଇବା ।
୨ । ଉଦପେକ୍ଷା ଦ୍ରୁତଗତି-ଚଲ୍ଲଣିବା ।
୩ । ଖୁବ ଜୋର୍‌ରେ ଗତି—ଦଉଡ଼ାଇବା ବା ଧଉଡ଼ାଇବା ।
ହାତ ଗତି ଗତି ଯେତେ, ଘୋଡ଼ା ଦଉଡ଼ି ଦଉଡ଼ି ସେତେ
—ପ୍ରବଚନ

ହାତର ଅବସ୍ଥିତି ଅନୁସାରେ ଚାଲିବାର ଥାପୁଣ୍ଡ ଘୋଡ଼ାଅପେକ୍ଷା ଅଧିକ ଥିବାରୁ ହାତି ଗତି କଲା କଳି ଦ୍ରୁତ ସମୟରେ ଯେତେ ପଥ ଅତିକ୍ରମ କରେ ଘୋଡ଼ା ଦଉଡ଼ି ସେ ସେତିକି ପଥ ଯାଏ । ସେହିପରି ବଳବାନ୍ ଲୋକ ସାଧାରଣତଃ ଦ୍ରୁତ ସମୟରେ ଯେତେ ଦୂର ଯାଏ, ଦୁର୍ବଳ ବ୍ୟକ୍ତି ସେହି ସମୟରେ ତତ୍ତୁ ଚେଷ୍ଟା କଲେ ତାହାହିଁ କରେ । ଏହି ଉପଲକ୍ଷେ ହାତୀର ଚଳନ **ହାଥୀଚାଲ** ଏ ଉଦାହରଣ ଦିଆଯାଏ ।]

ହାତ ଚୋକ୍—ବୈ.ଦେ. ବ—(ଇଂ ଆର୍ଟିଚୋକ୍)—ସୂଯ୍ୟମୁଖି ଜାତୀୟ ବୃକ୍ଷବିଶେଷର ବଣ୍ଡିରୁ ବାହାରିବା ଆଳୁପରି ଏକ ପ୍ରକାର ଖାଦ୍ୟ—Artichoke; (tuberous) potato-like scales of the plant Helianthus Tuberosa. [ଦ୍ର—ଏହା ବିଲାତରୁ ଆମଦାନି ହୋଇ ଏ ଦେଶରେ ଫଳ ଓ ତୋରଣର ରକ୍ଷାପାଇ ଫିଆଯାଏ ।]
ହାତୀଚୋକ **ଆରଟୀଚୋକ**

ହାତ ଛୁଆ—ଦେ. ବ—(ସଂ. ହସ୍ତୀ ଓ ଶିଶୁ)—ହସ୍ତୀ ଶାବକ—
Hāti chhuā The young of an elephant.
ହାତୀର ବାଚ୍ଚା **ହାଥୀବଚ୍ଚା**

ହାତ ଝୁଲ—ଦେ. ବ—ହାତିର ଲଦନ ଉପରେ ଢଙ୍କାଯିବା ଗୁହ୍ୟକୋଣିଆ ସୋନ୍ନା ଆସ୍ତରଣ—The square trapping put on an elephant.
Hāti jhula
ହାତୀର ଝାଲର **ହାଥୀଝୁଲ** (ଦ୍ର—ଏହା ହାତିର କଡ଼ରେ ଭୂମିରୁ ୧୩/୨ ଫୁଟ ଉଚ୍ଚରେ ଝୁଲୁଥାଏ ।)

ହାତ କି(କୁ) ଟିପିବା—ଦେ. କି—(ମାହୁନ୍ତ) ହାତିକୁ ଆଗକୁ ଚଳାଇବା ପାଇଁ ତା ମୁଣ୍ଡରେ ଗୋଡ ଓ ଅଙ୍କୁଶ ମାରିବା—To goad an elephant to advance
Hāti ki(ku) ṭipibā
ହାତୀକୁ ଅଙ୍କୁଶମାରନା **ହାଥୀକୋଅଙ୍କୁଶମାରନା**

ହାତ ଟୋପ (ଟୋପର)—ଦେ. ବ—ବଣହାତିଙ୍କ ଧରି ହେବାପାଇଁ ବଣରେ ଖୋଳାଯିବା ବଡ଼ ଗର୍ତ୍ତ—Big holes dug in the ground to entrap elephants.
Hāti ṭopa (ṭopara)
ହାତୀଟୋପ **ହାଥୀବଫାନୈକାଗଡ୍ଢା**

(ଦ୍ର—ଏହାର ମୁହଁରେ ବାଉଁଶ ଗୁଣ୍ଡଡ଼ା, ଘାସଚେକା, ଛାଲ ଆଦ ବଖୁସାଇ ଏହାର ମୁହଁ ବୁଜା ହୋଇଥାଏ ଓ ତହିଁ ନଜଦିରେ ହାତିଙ୍କ ଖାଦ୍ୟ ରଖା ଯାଇଥାଏ । ହାତି ଏଠାକୁ ଚରିବାକୁ ଅସିଲେ ଏଠାରେ ଗର୍ତ୍ତ ଥିବା ଜାଣି ନ ପାର ତହିଁ ଉପରେ ଗୋଡ ଦେବାମାତ୍ରେ ଖାଲରେ ଗଳପଡ଼େ ଓ ଉଠିପାରେ ନାହିଁ । ସେଠାରେ ଅନାହାରରେ ୨।୪ ଦିନ ପଡି ରହିବା ପରେ ତାକୁ ଲୋକେ ନାନା କୌଶଳରେ ଦଉଡି ଦ୍ୱାରା ବାନ୍ଧି ଅନ୍ୟ ହିଂସ୍ର ହାତିଦ୍ୱାରା ଟାପରକୁ ଉଠାଇ ଅଣି ପୋଷ ମନାନ୍ତି ।)

ହାତ ଥୋଡ଼(ର)—ଦେ. ବ—(ସଂ. ଅଧର + ପ୍ରହାର, ଫଳତଃ ଏହା ହାତିଥୋଡ ଘାରୁ(ହା)ର ହାତିଥୋର ଘାହାର } ପ୍ରହାର କରେ)—ଅନ୍ୟରୂପ ।

Digitized by srujanika@gmail.com

ହସ୍ତୀଶୁଣ୍ଡ; ହାତିର ଶୁଣ୍ଡ—The trunk of elephant. ହାତୀର ଶୁଁଡ଼ ହାଥୀଶୁଣ୍ଡ

ହାତି ଦଣ୍ଡା (ଦା'ଣ୍ଡ, ଦା'ଣ୍ଡି)—ଦେ. ବ—(ସଂ. ହସ୍ତୀ ଓ ଦଣ୍ଡ)—Hāti daṇḍā (dāṇḍa, dāṇḍi) ୧। ଗଭୀର ଅରଣ୍ୟରେ ହାତୀ ରାସ୍ତା ହସ୍ତିଯୂଥମାନଙ୍କର ଗମନାଗମନ ପାଇଁ ହସ୍ତୀମାନଙ୍କ ହାଥୀ କା ରାସ୍ତା ଦ୍ୱାରା ପତ୍ରଚ୍ଛଦ ବହୁଶତ କୋଶ ଲମ୍ବ ମାର୍ଗ—1. A wide open track made by elephants in the dense forest running to hundreds of miles. ୨। ହାତିଗଲମାନଙ୍କ ଖୋଜ ଯର ଆକାଶରେ ଦକ୍ଷିଣ ପଶ୍ଚିମ କୋଣରୁ ଉତ୍ତର ପୂର୍ବ କୋଣକୁ ଲମ୍ବ ହୋଇ ଦେଖାଯିବା ଧଳା ମେଘର ଖଣ୍ଡମାନ— 2. A long track of isolated fleecy clouds (resembling the track of a herd of elephants) extending from the south-west to the north-east in the sky seen at times (this indicates that soon it will be raining). [ଦୃ—ଏହା ଦେଖାଗଲେ ଶୀଘ୍ର ବର୍ଷା ହେବ ବୋଲି ସୂଚିତ ହୁଏ।] ୩। ଗ୍ଭଯାପଥ— 3. The milky way.

ହାତିଦନ୍ତା ବାଇଗଣ—ଗ୍ରାଦେ (ଗଡ଼ଜାତ) ବ—ଏକପ୍ରକାର ଧଳା ଓ ଲମ୍ବା ବାଇଗଣ—A species of white long brinjal.

ହାତ ଦଳା(ଳେ)ଇବା(ମଡ଼ା[ଡ଼େ]ଇବା)—ଦେ. କ୍ରି—(ଥୁଙ୍କେ ସୂଜା-ମାନଙ୍କଦ୍ୱାରା ହାତିତେ ଦଳାନ ଅଧର୍ମୀମାନଙ୍କୁ ଦଣ୍ଡିବା ଦଣ୍ଡ ବିଶେଷ) ଅଧର୍ମୀ ହାଥୀସେ ପିଚବାନା ଉପରେ ହାତିକୁ ଚଢାଇ ହାତିର ଗୋଡ଼ଦ୍ୱାରା ଚାପି ଦଳାଇ କର ମାରଦେବା—To kill a person by causing him to be trodden on by an elephant.

ହାତି ଦଳିବା—ଦେ. ବ—ହାତିର ମନୁଷ୍ୟ ଉପରେ ପାଦ ପକାଇ ଚାପି ଦେବା—The treading by an elephant of a man. ହାତିପିଚାଇ

ହାତି ଦାନ୍ତ—ଦେ. ବ—(ସଂ. ହସ୍ତିଦନ୍ତ)—ଅଣ୍ଡିର ହାତିର ଗାଲ-ଟରୁ ବାହାରିଥିବା ଦୁଇଟି ଲମ୍ବା ଦାନ୍ତ—ହାତିର ଦାଁତ Tusks of an elephant; ivory. ହାଥୀଦାଁତ [ଦୃ—ଯେଉଁ ହାତିର ଦାନ୍ତ ବା ବଡ଼ ଦାନ୍ତ ଥାଏ ତାକୁ ଦନ୍ତୀ ହାତି କହନ୍ତି।

ହାତିଦାନ୍ତ ଦେଖିବାକୁ ହରତାଳ ସେତ ଓ ଏହାକୁ କାଟିବାର ଏଥିରେ ନାନାପ୍ରକାର ସର୍ଜ୍ଜି, ଚୁନବେଙ୍କ, ପଣା-କାଠି, ପଣାଗୋଟି, ଚୁଣେଇ, ପଲଙ୍କରେ ବସିବା ପାଉଁଶ ଥଦ ଉପର ହୁଏ। ଏହାର ମେର ୫ ୧୬୮ ଠାରୁ ୫୩୦୧ ପର୍ଯ୍ୟନ୍ତ ହୋଇଥାଏ। ହାତିଦାନ୍ତରେ ସୁନା ରୁପା ବସେଇ ଦେବା—ନ୍ୟାସ୍-ହାତିଦାନ୍ତ ପର ବହୁମୂଲ୍ୟ ବସ୍ତୁ ଉପରେ ସୁନାର ପତର ମଡ଼ାଇହେଲ୍ଲ ପର ଦୁଇଟି ବହୁମୂଲ୍ୟ ପଦାର୍ଥର ବା ସୁଗୁଣର ଏକତ୍ର ସମାବେଶ ହେବା ଦେଖାଗଲେ ଏ ନ୍ୟାସ୍ ପ୍ରୟୋଗ ।]

ହାତିଦାନ୍ତ ପଲଙ୍କ—ଦେ. ବ—(ସଂ. ହସ୍ତିଦନ୍ତ ଓ ପର୍ଯ୍ୟଙ୍କ)—ଯେଉଁ ହାତିର ଦାଁତର ପାଲଙ୍କ ପଲଙ୍କର ବାଡ଼ଅଦରେ ହାତିଦାନ୍ତର ପାତିଆ କୁଅଣି ବା ଖଣ୍ଡ ଦୋଇଥାଏ— Hātidānta palaṅka ହାଥୀଦାଁତ ପଲଙ୍କ A bedstead set with layers of thin ivory.

ହାତି ଦେବା ଛତି ଦେବା—ଦେ. କ୍ରି—୧। କୌଣସି ବ୍ୟକ୍ତିକୁ ବହୁ ମୂଲ୍ୟବାନ୍ ବସ୍ତୁ ପାରତୋଷିକ ଦେବାପାଇଁ ଅଙ୍ଗୀକାର କରିବା—Hāti debā chhati debā ଭୂଲ୍ୟବାନ୍ ଜିନିଷ ଦେବା—ହାତି ଘୋଡ଼ା ଦେଓୟା 1. To give great gifts to a ହାଥୀ ଘୋଡ଼ା ଦେନା person. ୨। କୌଣସି ବ୍ୟକ୍ତିକୁ ବହୁ ମୂଲ୍ୟବାନ୍ ବସ୍ତୁ ପାରତୋଷିକ ଦେବାପାଇଁ ଅଙ୍ଗୀକାର କରିବା—2. To promise to give great gifts to a person.

ହାତି ଧରା—ଦେ. ବ—ବଣ ହାତିକୁ ଘୋଷିବା ପାଇଁ ନାନା ଉପାୟରେ Hāti dharā ଜଙ୍ଗଲରୁ ଧରିବା—Catching of wild ହାତି ଧରା elephants. [ଦୃ—ଦୁଇ ପ୍ରକାରେ ବଣହାତି ହାଥୀଖେଦା ଧରାଯାଆନ୍ତି— ୧। ହାତିଙ୍କ ଚଲିବା ସ୍ଥାନରେ ସ୍ଥାନେ ସ୍ଥାନେ ଭୂମିରେ ବଡ଼ ଗହ୍ୱର ଗାତ (ଖୋପ) ଖୋଳି ତା ଉପରେ ବାଉଁଶ ଗୁଣ୍ଡଡ଼ା,ଘାସଚେଲା ଘୋଡ଼ାଇ ଦିଆ ହୋଇ-ଥାଏ; ହାତି ଚଲୁ ଚଲୁ ଖାତରେ ପଡ଼ଗଲେ ଆଉ ଉଠି ପାରେ ନାହିଁ। ତା ପରେ ଶିକ୍ଷିତ ପୋଷା ହାତିକୁ ନେଇ ଖୋପରେ ପଡ଼ିଥିବା ବଣ ହାତିକୁ ଉଠାଇ ଆଣି ଲେଜେ ବଣ କରନ୍ତି।

୨। ବଣରେ ଆବହମାନକାଳରୁ ପଡ଼ିଥିବା ହାତି-ଦାନ୍ତରୁ ସବୁଠୁ ବାଡ଼ ବାଡି ଶୁଣ୍ଡଦୂର ପର୍ଯ୍ୟନ୍ତ ଆଣି ସେଠାରେ ବଡ଼ ବଡ଼ କାଠର ଶୁଣ୍ଢଦ୍ୱାରା ଗୋଟେ ଖୁଅଡ଼ା ଭିଆର କରଯାଏ; କନ୍ଥା ହୋଇଥିବା ବାଡ଼ରେ ହାତିଙ୍କର ଲୋଭନୀୟ ଖାଦ୍ୟ ରଖାଯାଇଥାଏ। ହାତିପଲ ସେ ଖାଦ୍ୟକୁ ଦେଖି ଲେଭ୍‌ରେ କ୍ରମଶଃ ଅଗ୍ରସର ହୋଇ ସେ ଖୁଅଡ଼ାରେ ପଶିଗଲେ ଖୁଅଡ଼ାର ବାଡ଼କୁ ଜଗିଥିବା ଲୋକେ ଅଡ଼ୁଆ ବା ଲମ୍ବାବାଡ଼ ଦେଇ ବନ୍ଦ କରନ୍ତି ଓ ସେଥିରେ ବନ୍ଦୀହୋଇଥିବା ହାତିମାନଙ୍କୁ ଶିକ୍ଷିତ ହାତିମାନଙ୍କ ସାହାଯ୍ୟରେ ଆୟତ୍ତ କରନ୍ତି। ଏହି ଖୁଅଡ଼କୁ ଖେଦା କୋଲ୍ଲପାଏ।]

ହାତି ନେଦ (ଦା)—ଦେ. ବ—(ସଂ. ହସ୍ତୀ+ଲଣ୍ଡ)—ହସ୍ତୀଲଣ୍ଡ—Hāti neda (dā) The dung balls of elephants. ହାତିର ନାଦ(ଦା) ହାଥୀଲୀଦ

ହାତି ପଲ (ଲ୍ଲ, ଲ୍ହ, ଲ୍ଲ)—ଦେ. ବ—(ସଂ. ହସ୍ତୀ+ପାଲ=ପଂକ୍ତି) Hāti pala (lla, lha, hla) ବନ୍ୟ ହସ୍ତୀମାନଙ୍କର ସଙ୍ଘବଦ୍ଧ ହାତିର ପାଲ ଦଲ—Horde or herd of wild ହାଥୀଦଲ elephants. [ଦୃ—ପ୍ରତ୍ୟେକ ପଲରେ ଗୋଟେ ବୁଢ଼ା ବଳବାନ୍ ଦନ୍ତୀହାତି ଅଧିପତି ଥାଏ; ସେ ଅଗ୍ରେ ଅଗ୍ରେ ଯାଇଥାଏ ଓ ଦଳର ଅନ୍ୟ ହାତିମାନେ ତାହାର

Digitized by srujanika@gmail.com

ପଛେ ପଛେ ଯାଇଥାଆନ୍ତି । ହାତି ଝୁଅ ଓ ହାଡୁଗାମାନେ ଦଳର କେନ୍ଦ୍ରରେ ଥାଆନ୍ତି ଓ ତାଙ୍କ ଗୁଡ଼ାଖେ ଅନ୍ୟ ବଳଷ୍ଟ ହାତୀମାନେ ଘେରିଥାଆନ୍ତି ।]

ହାତି ପଲ୍ଲସିବା—ଦେ. ବ—ହାତିର ଦ୍ରୁତଗତି (ପାଦୁଲିବା ଓ ଧପାଇବାର ମଧ୍ୟବର୍ତ୍ତୀ ଗତି)—Swift motion of an elephant (midway between walking and running).

Hāti palāsibā
ହାତିର ଦୌଡ଼
ହାଥୀକା ଦୌଡ଼

[ଦ୍ର—ହାତିଗୁଲ ଚଲେ ଝାଁକା ଦେଖ ।]

ହାତି ପାଞ୍ଜର—ଗାଦେ (ପାଠଣା) ବ—ବନ୍ୟ ବୃକ୍ଷ ବିଶେଷ—Name of a wild tree.

Hāti pāṇjara
ହାତିବାଡ଼ଉଛ—ଅନ୍ୟରୂପ)

ହାତ ପାହୁଣ୍ଡ(ଲ)—ଦେ.ବ · ଚାଲିବାବେଳେ ହାତିର ଥରେ ପଦକ୍ଷେପ—One step of an elephant whilst walking.

Hāti pāhuṇḍa(la)
ହାତୀର ପଦକ୍ଷେପ
हाथीका डग

ହାତ ପାହୁଣ୍ଡ(ଲ) ପକା(କେ)ଇବା—ଦେ.ବ—ହାତିର ଧୀର ମନ୍ଥରଗମନ—The walking of an elephant in slow measured paces.

Hāti pahuṇḍa(la) pakā(ke)ibā
ହାତୀର ଧୀର ଚାଲ
हाथीका धीरे धीरे चलना

[ଦ୍ର—କଛୁ ଦୂରରୁ ବଣହାତିମାନେ ଘୋଷା ହାତିଙ୍କର ଗନ୍ଧ ବା ଉପସ୍ଥିତି ବାରଲେ ଓ ଘୋଷା ହାତିମାନେ ବଣହାତିଙ୍କର ଗନ୍ଧ ବା ଉପସ୍ଥିତି ବାରଲେ ଉଭୟେ ଘେଁକାଳ ମାରନ୍ତି । ସେହି ଘେଁକାଳ ଶୁଣି ବଣହାତିମାନେ ଘୋଷା ହାତିଙ୍କ ଥିବା ସ୍ଥାନକୁ ଅଗ୍ରସର ହୁଅନ୍ତି । ସେହି ସମୟରେ ଘୋଷା ହାତିଙ୍କ ଜଳଚରେ ଥିବା ଲୋକଙ୍କ ଜୀବନ ବିପନ୍ନ ହୁଏ ।]

ହାତ ପେଁକାଳ(ଲ)—ଦେ. ବ - ହସ୍ତୀର ତୁଣ୍ଡବଦ୍ଧ ଧ୍ୱନି—The trumpet-like sound made by an elephant.

Hāti pe-eñkāḷa(li)
[ହାତପେଁକାଳ(ଲ)—ଅନ୍ୟରୂପ]
ହାତୀର ଡାକ
हाथीकी पिहकारी

ହାତ ପେଁକାଳ ମାରିବା—ଦେ. ବ—ହସ୍ତୀର ତୁଣ୍ଡ ବଜାଇବା ପରି ଶବ୍ଦ କରିବା—An elephant's emitting a trumpeting sound.

Hāti pe-eñkāḷa māribā
ହାତି ପେଁକାଳ ମାରିବା
ହାତିପେଁକାଳିବା
ହାତ ପେଁକାଳିବା
—ଅନ୍ୟରୂପ
ହାତୀ ଡାକା
हाथी पिहकार मारना

ହାତ ପେଟ—ଦେ. ବ—୧ । ହାତିର ଗର୍ଭ—1. The belly of an elephant. ୨ । (ତୁଳନାର୍ଥକ) ହାତୀର ଭୁଁଡ଼ି **हाथी पेट** ବଡ ପେଟ; ଅତ୍ୟନ୍ତ ପେଟ—2. Pot-belly. ୩ । (ତୁଳନାର୍ଥକ) ଯେଉଁ ମନୁଷ୍ୟର ଗର୍ଭରେ ବହୁତ ଖାଦ୍ୟ ପଶେ – 3. The belly of a man who eats much (compared to the belly of an elephant) ୪ । [ଲକ୍ଷଣାର୍ଥ] ଯେଉଁ ବ୍ୟକ୍ତର ପେଟରେ ବା ମନରେ ଅନେକ ଗୁପ୍ତ କଥା ପ୍ରପଞ୍ଚ ନ ହୋଇ ରହେ—4. (figurative) The mind of a person who hears many things but divulges nothing.

ହାତ ପୋଷିବା— ଦେ. କି (ସ ହସ୍ତି ପୋଷଣ)—୧ । ଗୋଟିଏ ହାତିକୁ ଘରେ ରଖି ତାହାର ଖାଦ୍ୟାଦି ଚଲାଇବା Hāti posh b
ହାତୀ ପୋଷା **हाथी पोषना** 1. To maintain an elephant. ୨ । (ଲକ୍ଷଣାର୍ଥ) ଯେଉଁ ବ୍ୟକ୍ତିକୁ ପୋଷଣ କରିବା ବହୁ ବ୍ୟୟସାଧ୍ୟ, ସେପରି ବ୍ୟକ୍ତିକୁ ଭରଣପୋଷଣ କରିବା – 2. (figurative) To maintain a person, to maintain whom is very costly. [ଯଥା—ଆଜକାଲି ଝିଅଙ୍କୁ କଲେଜ୍‌ରେ ପଢ଼ାଇବା ଅର୍ଥ ଘରେ ହାତି ପୋଷିବା]

ହାତବଡ଼ୁଆ—ଦେ. ବ—ଅସାମ ଦେଶର ବ୍ରାହ୍ମଣମାନଙ୍କ ବଂଶୋପାଧି-ବିଶେଷ – A family-title
ହାତି ବଡୁୟା **हाथी बडुया** amongst the Assamese Brāhmaṇas.
Hātibarduā

ହାତବନ୍ଦ—ଦେ. ବ—ହାତଅନ୍ଦ (ଦେଶ)—Hātianda (See)
Hātibanda

ହାତ ବଳ —ଦେ. ବ (ସ ହସ୍ତି ବଳ)—
Hāti bala
ହାତୀର ବଳ **हाथी बल**
୧ । ପ୍ରାଚୀନ ହିନ୍ଦୁମାନଙ୍କର ଚତୁରଙ୍ଗ ସେନା ମଧ୍ୟରୁ ହସ୍ତ୍ୟାରୋହୀ ସେନା—1. The division of the army of ancient India consisting of elephant-riders. ୨ । ସତରଞ୍ଜ ଖେଳରେ ଗୋଟିଏପ୍ରକାର—2. A sort of ball in the game of chess (corresponding to the Bishop in the English game). (ଦ୍ର—ଏହା କୋଉବାଟରେ ଗୁଳିଚ ହୁଏ ।) ୩ । ହାତିର ବଳ ପରି ଖୁବ୍ ବଳ—3. Great strength like that of an elephant; the strength of an elephant.

ହାତ ବସିବା—ଦେ. ବ—ହାତି ଉପରେ ମନୁଷ୍ୟର ଚଢ଼ିବା ପାଇଁ ମାହୁନ୍ତର ଆଦେଶ ଅନୁସାରେ ଘୋଷା ହାତୀବସା **हाथी बैठाई** ହାତି ଅଣ୍ଟୋଇବା—The kneeling down of an elephant to enable a rider to get on it.
Hāti basibā

ହାତ ବସିଯିବା—ଦେ.ବ—ହାତି ମରିଯିବା—(euphemism) The dying of an elephant.
Hāti basijibā
ହାତୀ ମରେ ଯାଓୟା **हाथीबैठजाना**
(ଦ୍ର=ହାତି ବଡ଼ ଜୀବ ଥିବାରୁ ଏହାର 'ମରିଯିବା' ନ କହି 'ବସିଯିବା' କହନ୍ତି ।

ହାତବାଣ୍ଡା—ଗାଦେ (ଗଡନାଇ ଓ ଗଞ୍ଜାମ) ବ (ସ ହସ୍ତି ମେଢ୍ର)—ହାତି ପରି ବଡ଼ ଫଳବିଶିଷ୍ଟ ଏକପ୍ରକାର ଗଛ—A kind of big wild tree having fruits resembling the penis of an elephant.
Hātibāṇḍā

Digitized by srujanika@gmail.com

ହାତି ବୋଇତ—ଦେ. ବ [ସ. ହସ୍ତୀ + ବହ୍ନ] —ସମୁଦ୍ରରେ ହାତିକୁ ବୋହିନେବା ସଜାଣେ ପ୍ରସ୍ତୁତ ଜାହାଜ—
Hāti boita
हाती वहा जाहाज
हाथी बोट A ship to carry elephants on it in the ocean.
[ଦୃ—ଖାରବେଳ ଯେଉଁ 'ହାତି ବୋଇତ'ମାନ ପାଣ୍ଡ୍ୟ ରାଜାଙ୍କଠାରୁ ଅଧିକାର କରିଥିଲେ ସେମାନ ଅତ୍ୟନ୍ତ ଜନକ ଥିଲା । କଳିଙ୍ଗ ବଣିକମାନେ ଏହି ବୋଇତ ଚଳାଉ ଥିଲେ—କୃଷ୍ଣସିନ୍ଧୁ. ଉତ୍କଳ ଇତିହାସ ।]

ହାତି ମାହୁଣ୍ଟ (ମାହୁନ୍ତ)—ଦେ ବ—ହାତିଅଳ; ହସ୍ତୀପକ; ହସ୍ତୀଗୁଲକ;
Hāti māhuṇṭa (māhunta)
हाती माहुत
हाथीवान, हाथीवान
ଯେଉଁ ବ୍ୟକ୍ତି ହାତି କାନ୍ଧ ହାତୀରମାହୁତ ଉପରେ ବସି ହସ୍ତିକୁ ଗୁଳତ କରେ—The driver of an elephant.

ହାତି ମେଟ (ଣ୍ଟ)—ଦେ. ବ—(ସ. ହସ୍ତୀ ଓ ଇଂ ମେଟ୍)—ହାତିର
Hāti meṭa (ṇṭa)
हाती मेट
हाथीमेट
ଖାଇବା ଓ ଗାଧୋଇବା ସମୟରେ ହାତି ମାହୁନ୍ତକୁ ସାହାଯ୍ୟ କରିବା ନିମନ୍ତେ ନିଯୁକ୍ତ ଉଚ୍ଚ୍ୟ— A mate or attendant kept for helping the elephant-driver in looking after an elephant.

ହାତି ମେଦ—ଦେ. ବ—ହାତିର ପିଣ୍ଡାକାର ବସ୍ତୁ—
Hāti meda
हाती का लीद
हाथीलीद
The dung of an elephant.

ହାତି ରଜା—ଦେ. ବ. ପୁଂ—(ସ. ହସ୍ତିରାଜ)—ହସ୍ତୀଯୂଥର ନେତା ଦନ୍ତୀ
Hāti rajā
हाती का राजा
हाथीराजा
ହାତି—A male tusker who leads a herd of wild elephants.

ହାତି ରସ—ଦେ. ବ—(ସ. ହସ୍ତିରସ)—ମତ୍ତ ହସ୍ତୀର ଗଣ୍ଡରୁ ବୋହିବା
Hāti rasa
हाती का रस
हाथी का मद
ପଦାର୍ଥ—The juicy exudation coming out of the temples of a male elephant in rut.
(ହାତିର ରସ—ଅନ୍ୟରୂପ)

ହାତି ରସ ଦେବା—ଦେ.ବ—ମତ୍ତ ହସ୍ତୀର ଗଣ୍ଡରୁ ମଦସ୍ରାବ ହେବା—
Hāti rasa debā
हाती का रस बहना
हाथी मद झरना
An elephant in rut emitting juice from its temples.
ହାତି ରସ ଝିଙ୍କିବା
ହାତି ରସ ବୋହିବା
ହାତି ରସା(ସେ)ଇବା
ହାତି ରସିବା
} ଅନ୍ୟରୂପ

ହାତିରାମ—ଦେ.ବ. ପୁଂ—୧। (ବ୍ୟଙ୍ଗ୍ୟ)—ହାତିପରି ସ୍ଥୂଳକାୟ ବ୍ୟକ୍ତି—
Hātirām
हाथीराम
1. (ironical) Fat or corpulent person.
ହାତୀରାମ ୨। ହାତିପରି ଗମ୍ଭୀର ସ୍ୱଭାବ ବ୍ୟକ୍ତି—2. A person of calm temperament.
୩। ହାତିପରି ଧୀର ମନ୍ଥର ଗମନଶୀଳ ବ୍ୟକ୍ତି—3. A person of slow gait (compared to an elephant).

ହାତି ଲଣ୍ଡ (ଲେଦ, ଲେଦା, ଲେଦ)—ଦେ. ବ—ହାତି ନେଦ; ହାତିର
Hāti laṇḍa (leda, ledā, ledi)
ବସ୍ତୁ, ହସ୍ତୀର ବୃହତ୍ ହାତୀର ମେଦ
हाती का लिद
बड़ा पिण्ड—Big balls of elephant-dung.

ହାତି ଲଦନ—ଦେ. ବ—ଖୋଲ୍ ଓ କୁଶାଦ୍ୱାରା ପୃଷ୍ଠ ଅଞ୍ଚଳରେ ଗଦି-
Hāti ladana
हाती की गद्दी
ଆକାର ଗଦି (ଯାହା ହାତି ଉପରେ ପକାଯାଏ) —A pack-saddle put on the back of an elephant.
[ଦୃ—ହାତିର ପିଠିରେ ପ୍ରଥମେ ଲଦନ ଉଡ଼ା ଦେବା ପରେ ତହିଁ ଉପରେ କଠଲ ବା ହାଉଦା ସ୍ଥାପିତ ହୋଇ କଷାଯାଏ । ଲଦନର ପୃଷ୍ଠ ସମତୁଲ ହୋଇଥାଏ; କନ୍ତୁ ଲଦନର ଗର୍ଭକୁ ହାତିର ମେରୁଦାଣ୍ଡ ଲାଗିବା ଅଂଶରେ ଶୂନ୍ୟ କରି ଚିଅର କରାଯାଇ ଥାଏ ।]

ହାତି ଶାଳ—ଦେ. ବ—(ସ. ହସ୍ତିଶାଳା)—ଯୋଗ୍ୟ ହାତିଙ୍କ ରହିବା
Hāti śāla
हाती का साल
हाथीसार, हाथीखाना
ପାଇଁ ବ୍ୟବହୃତ ବଡ଼ ଘର—A big shed for housing an elephant.
[ଦୃ—ହାତିଶାଳ ଗୁଜୁରାଟରେ ଏ ମେଣ୍ଢା ଶାଳକୁ ଯୋଗ୍ୟ କୁହେଁ—ପ୍ରବଚନ । ହାତିପରି ବଡ଼ ଜୀବର ଶାଳ ଗୁଜୁରାଟରେ ଭାଡ଼ା ପିନ୍ଧା ହାତିର ରହିବା ପାଇଁ ଯୋଗ୍ୟ କୁଣାହିଁ; କନ୍ତୁ ତହିଁରେ ଅନାୟାସରେ ବହୁ ମେଷ ରହି-ପାରନ୍ତି । ଧନଶାଳୀ ବ୍ୟକ୍ତିଙ୍କର ବହୁତ ଗୃହ ହେଲେ ଉକ୍ତ ଗୃହଗୁଡ଼ିକ ଅବସ୍ଥା ଧନୀ ବ୍ୟକ୍ତିଙ୍କ ଚଳାଚଳ ପକ୍ଷରେ ଯଥେଷ୍ଟ କୁଣାହିଁ, କନ୍ତୁ ଭାଡ଼ା ଗୃହର ମ୍ଲେଚ୍ଛଙ୍କ ଚଳାଚଳ ପକ୍ଷରେ ଯଥେଷ୍ଟ କୁହେ; ଏହି ସ୍ଥଳରେ ଏ ପ୍ରବଚନର ପ୍ରଯୋଗ କରାଯାଏ ।]

ହାତି ଶୁଣ୍ଡ(ଣ୍ଢ)—ଦେ.ବ—(ସ.ହସ୍ତିଶୁଣ୍ଡ)—ହସ୍ତୀର ଥୋର ପାହାର—
Hāti śuṇḍa (ṇḍha)
हाती की सूंड
हाथीका सूड
The trunk of an elephant.

ହାତିଶୁଣ୍ଡା(ଣ୍ଢା)—ଦେ. ବଣ—ହସ୍ତିଶୁଣ୍ଡ ପରି ଆକୃତି ବିଶିଷ୍ଟ—
Hāti śuṇḍā (ṇḍhā)
हाती की सूंड़ा
हाथीसूंड़ा
Resmbling an elephant's trunk in shape. ବଣ—୧। (ଏକାର ଅକୃତି ହାତିଶୁଣ୍ଡପରି ଅନୁନ୍ନତ ହେବାରୁ) ଜଳସ୍ତମ୍ଭ; ସମସ୍ତ ହାତୀ ଶୁଁଡ଼, ହାତୀଶୁଁଡ଼ା ସମସ୍ତରେ ଆକାଶରୁ ଭୂମି ଉପରକୁ ବା
हाथीया सूंड़ जलସ୍ତମ୍ଭ—
1. Water spout (a natural phenomenon)
[ଦୃ—ଏହା ସାଧାରଣତଃ ନଦୀର ବା ସମୁଦ୍ରର ବା ଜଳାଶୟର ଜଳସ୍ତମ୍ଭ ଉପରେ ଆକାଶରୁ ଲମ୍ବିବା ଦେଖା-ଯାଏ । ଏହି ଜଳସ୍ତମ୍ଭ ଦ୍ୱାରା ମେଘକୁ ବହୁ ପରିମାଣରେ ଜଳ ଛଟିଯାଏ । ସାଧାରଣ ଲୋକେ ବିଶ୍ୱାସ କରନ୍ତି ଯେ, ଐରାବତ ହସ୍ତୀ ପୃଥିବୀକୁ ଶୁଣ୍ଡ ବଢ଼ାଇ ପାଣି ପିଉଅଛୁ । ଏଥି ପାଇଁ ଏହି ନାମ ହୋଇଅଛୁ । ସମସ୍ତ ସମସ୍ତରେ ଏ ଜଳସ୍ତମ୍ଭ ଶୁଖିଲା ଭୂମି ଉପରେ ଦେଖାଯାଏ ଓ ଏ ପ୍ରକାର ଜଳସ୍ତମ୍ଭ ଦ୍ୱାରା ଶୁଖିଲା ଭୂମି ଉପରେ ପଡ଼ିଲେ ଜଳ ଅଳ୍ପ ହୋଇ ପଡେ । ୨। ପୁରୁଷର ଲିଙ୍ଗକୁ ବ୍ୟଙ୍ଗଚ୍ଛଳେ ହାତିର

Digitized by srujanika@gmail.com

ହାତିଶୁଣ୍ଡ ପର ଫୁଲିବା ରୋଗ; ଲଙ୍ଗର ଶିଶ୍ନ ରୋଗ—2. Elephantiasis of the penis; tumour of the male organ. ୩। ହସ୍ତୀଶୁଣ୍ଡା (ଦେଶ)—3. Hasti Śuṇḍā (See).

ହାତି ସର୍—ଦେ. ବ—୧। ହାତି ବଣ୍ଡା (ଦେଶ)—1. Hāti Hāti sari daṇḍā (See). ୨। ହାତିଗଲଙ୍କ ହାତୀର ପାୟେର ଦାଗ କରୁଥିବା ଭୂମି ଉପରେ ଚଲୁଥିବା ହାତିଙ୍କ ହାଥୀକା ରାସ୍ତା ଯଦଚ୍ଛାରୁ ଏକାଧିକ୍ରମ ଦେଖା—2. The lines of foot steps left by a horde of wild elephants in the jungle.

ହାତି ସିରସ୍ତା—ଦେ. ବ—ଧରି ହୋଇ ଆସିଥିବା ବଣ ହାତିକୁ ମଣ Hāti sirastā ଜବ୍ଦ କରିବା—Training or breaking of ହାତୀ ସାୟେସ୍ତା a newly caught wild elephant. ହାଥୀ ସୁଧାର

ହାତି ହପାଲ—ଦେ. ବ—ହାତିର ଦ୍ରୁତତମ ଗତି—The swiftest Hāti hapāla trot of an elephant. ହାତୀର ଦୌଡ଼ ହାଥୀକା ଦୌଡ଼

ହାତି ହପାଲିବା—ଦେ. ବ—ହାତିର ଅତି ଦ୍ରୁତ ବେଗରେ ଗଲିବା—Hāti hapālibā The swift running of an ହାତୀ ଦୌଡ଼ା ହାଥୀକାଦୌଡ elephant.

ହାତି ହାଉଦା—ଦେ. ବ—(ସଂ. ହସ୍ତୀ ଓ ଫା. ହାଵ୍‌ଦାହ୍; ସଂ. ନାମ Hāti hāudā ବରଣକ)—ହାତିର ପିଠିରେ ଲଦନ ଓ ଛୁଟୁ ହାତୀ ହାଓଦା ପଡ଼ିବା ପରେ ତା ଉପରେ ଘଡାଯିବା ଛତ୍ରାଧାରୁ ଚାରୁଚାର୍କ- ହାଥୀ ହୌଦା ମଣ୍ଡିତ (ସ୍ଥାନେ ସ୍ଥାନେ ଛତ୍ରାବୃତ) ଆସନ—Howda; cushioned and sometimes canopied chair put on the back of an elephant. [ତୁ—ଏହ ଆରବ୍ୟ ହାଉଦା ଶବ୍ଦ ଇଂରାଜୀ ଭାଷାରେ ଚଳିଯାଇଛି। ଶୋଭାଯାତ୍ରାରେ ଓ ରାଜା, ମହାରାଜା ଓ ବଶିଷ୍ଟ ବ୍ୟକ୍ତିମାନଙ୍କର ହାତି ଉପରେ ଚଢ଼ିବା ଉପଲକ୍ଷରେ ହାତି ଉପରେ 'ହାଉଦା' କଥାଯାଏ। ସାଧାରଣ ବ୍ୟକ୍ତିଙ୍କ ଚଢ଼ିବା ପାଇଁ 'କଠଙ୍କ' କଥାଯାଏ। ଗୋଟିଏ ଗୋଟିଏ ହାଉଦାର ଓଜନ ୨।୩ ମଣ ଏବଂ ଉହାଁ ଉପରେ ସୁନାର ଓ ରୂପାର ପାଉଆ ସବୁ ମଡ଼ା ହୋଇଥାଏ ଓ କନ୍ଥ ମୂଲ୍ୟର ପଟର ଓ ଜରର ଛତି ବା ଗଦୁଆ ଥାଏ। ଗୋଟିଏ ଗୋଟିଏ ହାଉଦାର ମୂଲ୍ୟ ବନ୍ଥୁଲକ୍ଷ ଟଙ୍କା ଥିବା ଦେଖା ଯାଇଅଛି।]

ହାତୁ—ଦେ. ଅ—ହାତ୍ (ଦେଶ)—Hāt (See). କି. ବଣ—ହାତୁରୁ Hātu (ଦେଶ)—Hātaru (See).

ହାତୁଆ—ଦେ. ବ—ବହାର ପ୍ରଦେଶର ଜମିଦାର ବିଶେଷ—(ତୁ—ଏ Hātuā ଜମିଦାରର ଭୂସ୍ୱାମୀଙ୍କ ଜଘାଧ୍ୱ ସଜା)—Hātwa, the ହାତୁୟା name of an estate in Bihar of which the ହଥୁଆ proprietor is styled Rāja. ବଣ ସ୍ତ୍ରୀ—(ଅନ୍ୟ (ହାତେ [ତୋ]ର—ସ୍ତ୍ରୀ—ବଣ) ଶବ୍ଦ ସହରେ ଯୁକ୍ତ ହୁଏ—ପଥା

ହାତୟାଲା :—ମାରହାଉଆ; ଫୁର୍ଦ୍ଦ ହାଉଆ) ଦ୍ରବ୍ୟ ବଶିଷ୍ଟ— ହାଥ୍‌ୱାଲା (suffixed to another word)—Handed (as in Brisk-handed).

ହାତୁଁ—ଦେ. କି ବଣ—ହାତରୁ (ଦେଶ)— Hātuñ Hātaru (See). (ହାତୁରୁ—ଗ୍ରାମ୍ୟରୂପ)

ହାତୁଡ଼ା—ଦେ, ବ—(ସଂ. ହସ୍ତ)—୧। ବଡ଼ ହାତୁଡ଼, ସାଧା ହାତ୍ Hāturdā କମାରଶାଳରେ ଛତା ହୋଇଥିବା ଲୁହାକୁ ପିଟା ବଡ଼ହାତୁଡ଼ି ହଥୌଡ଼ା ଯାଏ—1. Sledge-hammer; a big hammer, [ତୁ—ଉତ୍କଳ ଲୌହ ଖଣ୍ଡକୁ ସଣ୍ଡାଶି ହାତ୍ କଥାଁରୁ ବାହାର କରି ଆଣି ଜଣେ ଲୋକ ସଣ୍ଡାଶିରେ ଉକ୍ତ ଲୌହ ଖଣ୍ଡକୁ ଦୃଢ଼ରୂପେ ଧରି ନେହୁ ଉପରେ ସ୍ଥାପିତ କରିଥାଏ ଓ ଅନ୍ୟ ଜଣେ ଲୋକ ଠିଆ ହୋଇ ହାତୁଡ଼ାର ବେଣ୍ଟକୁ ଦୁଇ ହାତରେ ଧରି ଉକ୍ତ ଲୁହାକୁ ପିଟେ। ଶ୍ରେଷ୍ଠ ହାତୁଡ଼ାକୁ ହାତୁଡ଼ି ବୋଲାଯାଏ ଓ ଅଳ୍ପ ଶ୍ରେଷ୍ଠ ହାତୁଡ଼କୁ ଚୁଲିଆ ବୋଲାଯାଏ।] ୨। ଖାଦିଜାଲ— 2. A kind of small long fishing net. [ତୁ—ଏ ଲମ୍ବା ଜାଲର ଦୁଇ ପ୍ରାନ୍ତରେ ଥିବା କାଠି ଦ୍ୱୟକୁ ଦୁଇ ଜଣ ଲୋକ ଖିଅ ଦେବା ଭଳି ହାତରେ ଧରି ମାଛ ଧରନ୍ତି। ଏ ଜାଲର ଧଡ଼ି ଦ୍ୱୟର ମଝିରେ ମଝିରେ ଖଣ୍ଡିଏ ଲେଖାଏଁ କାଠି ଲଗା ଯାଇଥାଏ।]

ହାତୁଡ଼ – (ହାତୁଡ଼ା + ସ୍ୱାର୍ଥେ ଇ)—ଶ୍ରେଷ୍ଠ ବା ମଧ୍ୟ ଭଳିଆ ହାତୁଡ଼ା— Hāturḍi Medium-sized or small hammer. ହାତୁଡ଼ି ହଥୌଡ଼ି

ହାତୁଡ଼ିଆ—ତ୍ରି ବଣ—୧। ଯେଉଁ ବ୍ୟକ୍ତି କମାରଶାଳରେ ହାତୁଡ଼ Hāturḍiā ଧରି ଲୁହାକୁ ପିଟେ—1. A person who ହାତୁଡ଼ି ପେଟା plies the hammer in a smithy. ହଥୌଡ଼ିୟା ୨। (ବଙ୍ଗଳାରୁ ଅନୁକୃତ) (ସଂ.ହତ୍ୟା) ଅନାଡ଼; ବୈଦ୍ୟ- ଶାସ୍ତ୍ରରେ ଅଜଣା; ଅଶିକ୍ଷିତ (ଚିକିତ୍ସକ)—2. Quack. (physician). ଦେ. ବ—୧। ଅନାଡ଼ି ବା ଅଶିକ୍ଷିତ ହାତୁଡେ, ହାତୁଡ଼ିୟା ବୈଦ୍ୟ; ଭୁବୈଦ୍ୟ-1. A quack.୨। ଯେଉଁ ନୀମ ହକୀମ, କଚବୈଦ୍ୟ ବୈଦ୍ୟ ବୈଦ୍ୟଶାସ୍ତ୍ର ଅନୁଶାସନରେ ଚିକିତ୍ସା ନ କରି ଦୁଇଚା ଦୁଇଟି ଓ ତେର ମୂଳ ଆଦି ପ୍ରୟୋଗ କରନ୍ତି— 2. A person who administers herbal medicines, not to be found in medical books

ହାତୁଣୀ—ଦେ. ବ. ସ୍ତ୍ରୀ (ସଂ. ହସ୍ତିନୀ; ପ୍ରା. ହତ୍ଥିଣୀ)—ମାଈ ହାତି— Hātuṇī She-elephant. ହାତିନୀ [ତୁ—ପାଣ୍ଡବ ଗୃହ ହାତି, ହାତୁଣୀ ଦ୍ରୌପଦୀ। ହଥିନି, ହଥନି କୃଷ୍ଣର୍ଷିଂଦ. ମହାଭାରତ. ଚଳ।]

ହାତୁରୁ—ଦେ. ବ—ହାତୁଡ଼ା (ଦେଶ)—Hāturḍā (See) Hāturā ଦେ. ବଣ. ସୁଂ—ହାତୁଆ (ଦେଶ) (ହାତୁରୁ—ସ୍ତ୍ରୀ. ବଣ) Hātuā (See) (ଯଥା—ମାର ହାତୁରୁ।)

Digitized by srujanika@gmail.com

ହାତୁଲ୍—ଗ୍ରାମ୍ୟ (ବଳଦଙ୍କିର ଗାତ୍ରଶୀ) ବ—ହାତୁଡ଼ା (ଦେଶ)
Hātul Hāturdā (See)

ହାତୁ(ତୁଁ) ହାତ୍—ଦେ. କ୍ରି. ବଶ—ହାତକୁ ହାତ (ଦେଶ)
Hātu(tuñ) hāt Hātaku hāta (See)

ହାତେ—ଦେ. ବଶ—୧ । ଏକ ହସ୍ତ ଲମ୍ବ—1. One cubit long.
Hāte [ଉ—ହାତେ ମାପି ଗୃଖଣ୍ଡେ ଗୁଲବ—ପ୍ରବଚନ ।
एक हात ଗୁଲୁଥିବା ବ୍ୟକ୍ତି ପ୍ରଥମେ ହାତେ ପରିମିତ ସ୍ଥାନକୁ
एक हाथ ମାପ କରି ମପା ଦୋଇଥିବା ସୀମା ମଧ୍ୟରୁ ଗୃଖଣ୍ଡେ
ପରିମିତ ସ୍ଥାନରେ ଗୋଡ଼ ଦେଇଲେ ତାହାର କୌଣସି
ଆପଦ ଘଟେ ନାହିଁ; ଉପରୋକ୍ତ ଦୁଇ ଦୃଷ୍ଟି ରଖି କାର୍ଯ୍ୟ
କରିବା ବା ଅସ୍ତ୍ରକୁ ଗୃହଁ ବ୍ୟସ୍ତ କରିବାକୁ ଉପଦେଶ ଦେଇଥିବା
ସ୍ଥଳରେ ଏ ପ୍ରବଚନର ଉଦାହରଣ ଦେଇଥାଏ ।] ୨ । ଏକ
ହାତ ମାତ୍ର ଲମ୍ବ ବା ସର୍ଦ୍ଦ ମାତ୍ର—2.Only one cubit
long. କ୍ରି. ବଶ—୧ଟେ ମାତ୍ର (ଖେଳ)—Once;
(to play) one round (of a game). (ଯଥା—
ଆସ, ଦୁଇଟ ଖେଳଦେବା ।)ବଶ ର ବଶ-ଏକହାତ ପରିମିତ
(ସର୍ଦ୍ଦ ବା ଲମ୍ବ)— One cubit only. [ଉ—ହାତେ
ଲମ୍ବ କାଢ଼ିବ ଶିଖା, ବେଶି ମରୁଥିବେ ସାଇ ପଡ଼ିଲା—
କୃଷି ବଚନ ।] ବ—ଏକ ହାତ ମାତ୍ର ଦୈର୍ଘ୍ୟ ବା ସ୍ଥୂଳ
ବା ଉଚ୍ଚତା—Breadth or length or height
of one cubit only. (ଯଥା—ଏ ବେଞ୍ଚିର ଗୋଡ଼ା
ଅଟେ ହାତେ ।) ଅ—୧ । ଦ୍ୱାରା; ଦେହ—1. By.
ହାତେ [ଉ—ଶ୍ରୀକୃଷ୍ଣଙ୍କ ହାତେ ଜ ହୁଅନ୍ତା ଏତେ କଥା ।
हाथसे କୃଷ୍ଣସିଂହ. ମହାଭାରତ. ସଭା ।] ୨ । ଜିମ୍ମାରେ—2. In
charge of. [ଉ—ସେଥିପାଇଁ ଦଶରଥ ମହା ଆନନ୍ଦରେ
ରମ ଲଷ୍ଟୁଙ୍କୁ ଡକାଇ ଅଣି ବଶ୍ୱାମିତ୍ରଙ୍କ ହାତେ ସମର୍ପଣ
କର ଦେଲେ । ମାଳଜଶ. ପିଲଙ୍କ ଜିମାସୃଣ ।]
ଜ । ମଧ୍ୟସ୍ଥତାରେ—3. Per (bearer); through.

ହାତେଇବା—ଦେ. କ୍ରି—୧ । ହସ୍ତ ଦ୍ୱାରା ଦେଖିବା ବା ଧରିବା—
Hāteibā 1. To handle. ୨ । ହସ୍ତ ଦ୍ୱାରା ପରୀକ୍ଷା କରିବା
हाताना —2. To examine by handling. ଜ ।
हाथ लगाना ହସ୍ତଗତ କରିବା; ଅସ୍ତ୍ରସାତ୍ କରିବା—3. To
appropriate; to bring a thing into one's
hands.

ହାତେରି—ଦେ ଅ—ହାତ୍ (ଦେଶ)—Hāt (See)
Hāteri .[ହାତେରିକା(କ, କେ)—ଅନ୍ୟରୂପ]

ହାତେରେ—ଗ୍ରା. ଅ—ହାତରେ (ଦେଶ)
Hātere Hātare (See)

ହାତେ ଲମ୍ବ(ମ୍ବା)—ଦେ. ବଶ—ଲମ୍ବରେ ଏକ ହାତ ପରିମିତ—
Hāte lamba(mbā) One cubit long. ବ—ଏକ
एक हात लम्बा ହାତ ପରିମିତ ଦୈର୍ଘ୍ୟ—Length of one
एकहाथ लम्बा cubit. [ଉ—ଏହୁପର ହାତେ ଉଚ୍ଚ(ଅ),
ହାତେ ତଳତ୍ତା, ହାତେ ଓସାର, ହାତେ ମୋଟ(ଟା),
ହାତେ ଗଜର ଅବ ହୁଏ ।]

ହାତେ ହାତ୍—ଦେ. ବଶ ଓ କ୍ରି. ବଶ—ହାତେ ହାତେ (ଦେଶ)
Hāte hāt Hāte hāte (See)

ହାତେ ହାତେ—ଦେ. ବଶ—୧ । ସଦ୍ୟଃପ୍ରାପ୍ତ (ଫଳ)—1.Instant-
Hāte hāte aneous (result); immediate. ୨ ।
हाते हाते ନଗଦ (ଟଙ୍କା ବା ଜେଣ ଦେଣ);ନଗଦା ନଗଦ—
हाथेहाथ 2. Cash (money or transaction).
କ୍ରି. ବଶ—୧ । ହାତକୁ ହୁ ତ; ହାତକା ହାତ; ସଦ୍ୟଃ;
हाथों हाथ ସଙ୍ଗେ ସଙ୍ଗେ—1. Immediately; instant)
aneously.(ଯଥା—ସେ ହାତେ ହାତେ ଫଳ ପାଇଗଲା ।)
୨ । ଏ ହାତରୁ ସେ ହାତ (ଟଙ୍କା ଦେବା ଜେବା);ନଗଦ;
ନଗଦା ନଗଦ; ଦସ୍ତ ବଦସ୍ତ (ଟଙ୍କା ଦେବା ବା ଜାବାର
କରିବା)— 2. In cash; from one hand to
another. (ଯଥା—ଏ ନମିତ୍ତ ଜରିସମନ ରେଜଷ୍ଟ୍ରର-
ଖାନାରେ ମୁଦ୍ରର ବାୟାନ୍ଦ ହାତେ ହାତେ ଦେଇ ଦେଲେ ।)
ହାତେ ହାତେ ଜ । ଜଳେ ଜଳେ; ସ୍ପଷ୍ଟ (ଜାଣ କରିବା); ସାକ୍ଷାତ୍
हाथसे —3. Personally; directly. (ଯଥା—ମୁଁ ହାତେ
ହାତେ ଗୃଖ ଦେଇଁ ।) ୪ । ଗୋର ମାଲ ସହିତ ବା ଗୋର
ଜରିଥିବା ଅବସ୍ଥାରେ; ଗୋରର ହାତରେ ମାଲ ରହିଥିବା
ଅବସ୍ଥାରେ (ଗୋରକୁ ଧରିବା)—4. (to catch a
thief) Red-handed; on the spot. (ଯଥା—
ଆମ ଘରେ ଯେଉଁ ଗୋର ପଶିଥିଲା ସେ ହାତେ ହାତେ
ଧରା ପଡ଼ିଗଲା ।) ୫ । ଏକ ହାତ ଲେଖାଏଁ (ବହୁତ୍ୱ
ବାଚକ)—5. One cubit each. (ଯଥା—ଗଲ୍ଲ
ବର୍ଷ ଏ ଯୋଗୁଁରେ ଛଡ଼ା ଦୋଇଥିବା ମାଇଯାକ ହାତେ
ହାତେ ଦଢ଼ିଛନ୍ତି ।)

ହାତେରି—ଦେ. ଅ—୧ । ହାତ୍ (ଦେଶ)—1. Hāt (See)
Hātteri ୨। ଘୃଣା ବା ଅସୂୟା ବା ଅଦ୍ଭୁତାସୂଚକ ଅବ୍ୟୟ—
[ହାତେରିଆ(କ, କେ)—ଅନ୍ୟରୂପ] 2. An interjection
हातेरि used in expressing disgust or revenge;
हात्तेरा Fie ! (ଯଥା—ହାତେରିତେ, ମୋ କଥା ମାନିଲୁ
ନାହିଁ, ଏବେ ଜଡ଼ାଏ ଖାଇଲୁ ! ଉଲ୍ଲ ଢେଙ୍ଗା ।)

ହାତ୍ର—ସ. ବ—(ହୃ ଧାତୁ=ହରଣ କରିବା + କର୍ମ. ତ୍ର)—୧ ବେତନ;
Hātra ଦରମା (ସିଦ୍ଧାନ୍ତ କୌମୁଦୀ)—1. Salary; pay.
୨ । (+କରଣ ତ୍ର) ପ୍ରମଥନ; ମନ୍ଥନ ବା (ସଂସ୍କୃତ ସାର)—
2. Agitating; disturbing. ଜ । (+ଜବ. ତ୍ର)
ମରଣ (ସଂସ୍କୃତ ସାର)—3. Death. ୪ । (+କର୍ତ୍ତୃ
ତ୍ର) ରାକ୍ଷସ (ସଂସ୍କୃତ ସାର)—4. Demon. ୫ । (+
ହିଂ. ତ୍ର) ଆଘାତ କରିବା; କ୍ଷତ କରିବା—5. Injuring
(Apte); hurting. ୬ । (+ହନଣ ତ୍ର) ମାରଣ;
ବଧ—6. Killing (Apte); murder.

ହାତ୍ୟନ୍ଦ (ନ୍ଧ)—ଦେ. ବ—ହାତିଅନ୍ଦ (ଦେଶ)—
Hātyanda (ndha) Hātianda (See)

ହାତ୍ୟାଳ—ଦେ. ବ—ହାତିଅଳ (ଦେଶ)—
Hātyāḷa Hātiāḷa (See)

Digitized by srujanika@gmail.com

ହାଥ୍—ଦେ. ଅ—ହାତ୍ (ଦେଶ) —
Hāth Hāta (See)

ହାଥ—ଦେ. ବ—[ସ ହସ୍ତ; ପ୍ରା. ହତ୍ତ, ହାତ୍ତ; ଭୁଲ. ସ. ମସ୍ତକରୁ ଓଡ଼ିଆ ପଥା; ବାସ୍ତୁକରୁ ଓଡ଼ିଆ ବଥୁଆ (ଶାଗ)]—ହସ୍ତ; ହାତ—
Hātha ହାତ Hand. [ଉ—ବୋଇଲ ମୋର ହାଥଧର, ତୋ ଘରେ ନ କରିବ ଶ୍ୱେଶ—ଭୂପତି. ପ୍ରେମ ସୁଧାମୃତ]
हाय

ହାଥି (ଇତ୍ୟାଦି)—ଦେ. ବ—ହାତି ଇତ୍ୟାଦି (ଦେଶ)—
Hāthi (etc) Hāti etc. (See)

ହାଥି ଧର୍‌ସା—ସ୍ତ୍ରୀଦେ. (ସମ୍ବଲପୁର) ବ—ହାତିଦଣ୍ଡା (ଦେଶ)—
Hāti dhar-sā 1. Hāti daṇḍā (See) ୨। ଛୟାପଥ—2. The milky way.

ହାଦ୍—ସ୍ତ୍ରୀଦେ (ଜୟପୁର) ଅ—ହେଇଟ୍—Here! Oh here!
Hād [ଉ—ହାଦ୍। ସାଢଉଠା ଗଲ୍ଲ]
(ହେଦ୍—ଅନ୍ୟରୂପ)

ହାଦେ—ଦେ. ଅ—୧। (ସ୍ତ୍ରୀଗଣ ବ୍ୟବହାର) ନିଶ୍ଚେ—Certainly.
Hāde [ଉ—ଶ୍ରୀରାମ ଲକ୍ଷ୍ମଣ ହାଦେ ସେ ଦୁଇ ଭାଇ ଧନୁ ଧରିଲେ ପୃଥିବୀ ଜିଣି ଯାଇଛି—ବଳରାମ. ବନପର୍ବ ରାମାୟଣ] ୨। ଶୀଘ୍ର—2. Soon. ୩। ହଠାତ୍—3. At once; immediately. ୪। ଅକସ୍ମାତ୍—4. All on a sudden; suddenly. ୫। ଅବଲୀଳାକ୍ରମେ; ସହଜ—5. Easily.
ନିଶ୍ଚୟ **ନିଶ୍ଚୟ**

ହା ଧିକ୍—ସଂ. ଅ—(ସ୍ତ୍ରୀ. ହ୍ରଦ)—୧। ଛି! ଧିକ୍! (ନିନ୍ଦା ଓ ଦୁଃଖାର୍ଥକ)
Hā dhik —1. Fie (in hatred). ୨। ଅହୋ! ହାୟ! (ଅନୁତାପାର୍ଥକ)—2. Alas! (in repentance) ୩। ହାଇରେ! ଆହା! (ଶୋକ ଓ ଦୁଃଖାର୍ଥକ)—3. Alas (in sorrow or grief).

ହାନ—ସଂ. ବ—(ହା ଧାତୁ=ତ୍ୟାଗ କରିବା+ଭାବ ଅନ)—୧।
Hāna ତ୍ୟାଗ (ଜଣାଧରି)—1. Abandonment. ୨। କ୍ଷତି—2. Injury. ୩। ବଳ—3. Power; might.
ସଂ. ବିଣ (+କର୍ମ ଉ) ତ୍ୟକ୍ତ—Abandoned.

ହାନି—ସଂ. ବ—(ହା. ଧାତୁ=ତ୍ୟାଗ କରିବା+ଭାବ ଇ)—୧। ଅପକାର; ବାଧା—1. Harm; detriment; prejudice. ୨। ନଷ୍ଟ; କ୍ଷତି; ଲୋକସାନ—2. Loss; damage; injury. ୩। କମିଯିବା—3. Diminishing; abatement. ୪। ନାଶ—4. Destruction. ୫। ଅପଚୟ—5. Waste. ୬। ଦୋଷ; ତ୍ରୁଟି—6. Fault; defect; shortcoming. ୭। ବିଫଳ—7. Want of success; failure. ୮। ଗତି-8. Movement.

ହାନି କଥା—ଦେ. ବ—୧। ହାନିଜନକ ବିଷୟ—1. A matter
Hāni kathā of loss. ୨। କ୍ଷତିକର ବିଷୟ—2. Losing concern. ୩। ଅନଷ୍ଟକର—3. Prejudicial
ହାନିକଥା **हानिकीबात** matter.

ହାନି କର (କାରକ)—ସଂ. ବିଣ—(ହାନି+କୃ ଧାତୁ+କର୍ତ୍ତୃ ଅ)—
Hāni kara (kāraka) ଅପକାରକ; ଯାହା କ୍ଷତି କରେ—Causing loss or damage; detrimental; prejudicial.

ହାନି କରିବା—ଦେ. କ୍ରି—୧। କ୍ଷତି କରିବା—1. To cause loss;
Hāni kariba to damage ୨। ଅପକାର କରିବା—
ହାନିକରା **हानिकरना** 2. to injure.

ହାନି ଜନକ—ସଂ. ବିଣ—ହାନିକର (ଦେଶ)—
Hāni janaka Hānikara (See)

ହାନିବଲ୍—ବୈ.ଦେ.ବ—(ନାମ)—ରୋମ ସାମ୍ରାଜ୍ୟର ବିରୋଧୀ ପ୍ରାଚୀନ
Hānibal ସ୍ପେନ୍ ରାଜ୍ୟର କାର୍ଥେଜ୍ ନଗରର ଜଣେ ପ୍ରସିଦ୍ଧ ସେନାପତି—Name of a famous general of Carthage who was an enemy of the ancient Roman Empire
ହାନିବଲ **हानिबल**
[ଉ—ଖ୍ରୀ. ପୂ ୨୪୨ରେ ଏହାଙ୍କର ଜନ୍ମ। ଏହାଙ୍କ ପିତା ହାମିଲ୍‌କାର ଜଣେ ପ୍ରସିଦ୍ଧ ସେନାପତି ଥିଲେ। ଏ ରୋମ୍‌କୁ ଆକ୍ରମଣ କରିବାରୁ ରୋମୀୟ ସେନାପତି ସିପିଓ ଏହାଙ୍କର ପ୍ରତିରୋଧ କରିବାକୁ ଅକ୍ଷମ ହେଲେ ଓ ହାନିବଲ୍ ରୋମ୍ ନଗରର ଦ୍ୱାରଦେଶ ପର୍ଯ୍ୟନ୍ତ ଅଗ୍ରସର ହେବାରୁ ସିପିଓ ଅନ୍ୟତ୍ରାସ୍ତେ ଗୁପ୍ତଭାବରେ ହାନିବଲ୍‌ଙ୍କ ନିଜ ସ୍ୱଦେଶକୁ ଆକ୍ରମଣ କଲେ ଓ ହାନିବଲ୍ ରୋମ୍‌କୁ ଫେରି ସ୍ୱଦେଶକୁ ଶତ୍ରୁ ହସ୍ତରୁ ରକ୍ଷା କରିବାକୁ ଚେଷ୍ଟା କଲେ ପରନ୍ତୁ ହେଲେ ଓ ଖ୍ରୀ. ପୂ ୧୮୭ ଅବ୍ଦରେ ଶତ୍ରୁ ହସ୍ତରୁ ନଷ୍ଟ ହୋଇବାଆଶଙ୍କି ବିଷ ଖାଇ ପ୍ରାଣତ୍ୟାଗ କଲେ]

ହାନିବା—ସ୍ତ୍ରୀଦେ. (ସମ୍ବଲପୁର) କ୍ରି—ହାଣିବା—
Hānibā To cut.

ହାନି (ନେ) ମା (ମ୍ୟା, ମେ) ନ୍—ବୈ.ଦେ. ବ (ନାମ)—ହାନିମାନ୍;
Hāni (ne) mā (myā, me) n 'ହୋମିଓପାଥି' ଚିକିତ୍ସାର ପ୍ରବର୍ତ୍ତକ ସ୍ୱର୍ଗତ ଜର୍ମାନ୍ ମହାପୁରୁଷ—Hahneman—the founder of the Homeopathic system of treatment.
[ଉ—ଚିକିତ୍ସାରେ ନବଯୁଗପ୍ରବର୍ତ୍ତକ ପୂଜ୍ୟଚରଣ ଖ୍ରୀଷ୍ଟିୟନ୍ ଫ୍ରେଡ୍ରିକ୍‌ସାମୁଏଲ୍ ହାନେମାନ୍ ୧୭୫୫ ଖ୍ରୀଷ୍ଟାବ୍ଦର ଅପ୍ରେଲ ମାସ ୧୦ ତାରିଖରେ ଜର୍ମାନର ଅନ୍ତର୍ଗତ ସାକ୍ସନ୍ ରାଜ୍ୟର ମାଇସେନ୍ ନଗରରେ ଗୋଟିଏ ଦରିଦ୍ର ମୃତ୍ତି ଓ ଚାକଥାଦର ଚିତ୍ରକାରଙ୍କ ଘରେ ଜନ୍ମଗ୍ରହଣ କରିଥିଲେ। ସେ ଅଳ୍ପ ବୟସରେ ଲେଖାପଢ଼ା ଶିଖିଥିଲେ। ସେ ନିଜ ହାତର ତିଆରି ମାଟି ପାତ୍ର ଜାଳ ଗୃହରେ ଘାଠ ପଡ଼ୁଥିଲେ। ସେ ଗ୍ରୀକ୍ ହିବ୍ରୁ, ଅରବି, ଲାଟିନ୍, ଇଟାଲିକ୍, ସ୍ପାନିଶ୍, ସିରିଆନ୍, ଫରାସୀ, ଜର୍ମାନ, ଇଂରାଜ ପ୍ରଭୃତି ଭାଷାରେ ଏକ ଚଳତା ଓ ବ୍ୟାପୃତ ବିଦ୍ୟାରେ ପୁରସ୍କୃତ ଥିଲେ। ୨୪ ବର୍ଷ ବୟସରେ ସେ ଏମ୍. ଡି, ଉପାଧି ପାଇଥିଲେ। ୧୭୮୬ ଖ୍ରୀଷ୍ଟାବ୍ଦରେ

Digitized by srujanika@gmail.com

କୁମାସ୍ସ ହେନଗ୍ୱେଷ୍ଟା ହୁଲ୍ମାର୍ ନାମ୍ନୀ ରୁସଗୃଣସମ୍ପନ୍ନା ଜଣେ ଜର୍ମାନ୍ ରମଣୀଙ୍କୁ ବବାହ କରିବାର କେତିଦିନ ପରେ ଡ୍ରେସ୍ଡେନ୍ ହାସପାତାଲରେ ପ୍ରଧାନ ଅସ୍ତ୍ରଚିକିତ୍ସକରୂପେ କାର୍ଯ୍ୟ କଲେ; ପରେ ଲାଇପ୍‌ଜିଗ୍ ନଗରର ସନ୍ନିକଟସ୍ଥ ଗୋଷ୍ଟଏ ଷ୍ଟ୍ରା ପଲ୍ଲୀଗ୍ରାମରେ ଅବସ୍ଥାନ କରି ଚିକିତ୍ସାବୃତ୍ତି ଅବଲମ୍ବନ କଲେ । ଦଶ ବର୍ଷକାଳ ବହୁ ପ୍ରତିପତ୍ତି ସହ ଡାକ୍ତରି କରିବା ପରେ ସେ ବୁଝିପାରିଲେ ଯେ, ଅନୁମାନରେ ରୋଗ ନିବାରଣ କରି ଅନେକସ୍ଥଳରେ ଅନୁମାନିକ ଔଷଧ ପ୍ରଦାନ କଲେ ସେଥିରେ ଭୟଙ୍କର ଅନିଷ୍ଟ ଘଟେ; ଏପରି କି, ଶେଷରେ ଅନେକ ରୋଗୀଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଘଟିଥାଏ । ସେ ଦୁଃଖିତ ହୋଇ ଶେଷରେ ଏହିପରି ଭ୍ରମପୂର୍ଣ୍ଣ ଚିକିତ୍ସା ଦ୍ୱାରା ଅସଦୁପାୟରେ ଅର୍ଥୋପାର୍ଜ୍ଜନ ଲାଳସା ପରିତ୍ୟାଗ କରି, କାଯନ୍ତ ଏହି କାଲ୍ପନିକ ଚିକିତ୍ସାପ୍ରଥା ଦୂର କରି ପ୍ରକୃତ ଚିକିତ୍ସାର ପଥ ଅବିଷ୍କାର କରି ଯାଇବେ, ଏହି ଚିନ୍ତାରେ ନିମଗ୍ନ ରହିଲେ । ସେହି ସମୟ ତାଙ୍କର ଅତି ଦୁଃସମୟ ଥିଲା ଓ ସେ ନାନାପ୍ରକାର ବିପଦ୍‌ଗ୍ରସ୍ତ ହୋଇ ପଡ଼ିଥିଲେ । ରସାୟନ ଶାସ୍ତ୍ର ଓ ନାନାପ୍ରକାର ବୈଜ୍ଞାନିକ ପୁସ୍ତକାଦି ଅନୁବାଦ କରିବାଦ୍ୱାରା ସେ ଅତି କଷ୍ଟରେ ଜୀବିକା ପ୍ରତିପାଳନ କରୁଥାଆନ୍ତି । ୧୭୯୦ ଖ୍ରୀଷ୍ଟାବ୍ଦରେ କାଲେନ ସାହେବ ପ୍ରଣୀତ ଇଂରାଜୀ ମେଟେରିଆମେଡିକା ଗ୍ରନ୍ଥ ଜର୍ମାନ୍ ଭାଷାରେ ଅନୁବାଦ କରିବା ସମୟରେ 'ସିଙ୍କୋନା' ନାମକ ଔଷଧରେ ଜ୍ୱରନାଶକ ଗୁଣ ଥିବାର ଯେଉଁ ବ୍ୟାଖ୍ୟା ହୋଇଅଛି ସେଥିରେ ସେ ତୃପ୍ତ ହେଲେ ନାହିଁ । ସିଙ୍କୋନା ଖାଇଲେ ଜ୍ୱର ଯାହାଁକି ଅରୋଗ୍ୟ ହୁଏ, ଏହି ଚିନ୍ତାରେ ସେ ଅଭିଭୂତ ହୋଇପଡ଼ିଲେ । ସିଙ୍କୋନା ଖାଇଲେ ଜ୍ୱର ଅରୋଗ୍ୟ ହୁଏ, ଏହି ସୂତ୍ରକୁ ଅନୁଧାବନ କରି ସୁସ୍ଥଶରୀରରେ ଅଧିକମାତ୍ରାରେ ସିଙ୍କୋନା ଖାଇ ସେ ଅନୁଭବରେ ବୁଝିଲେ ଯେ, ଏହା ବାସ୍ତବିକ ମାଲେରିଆ (ବା ବିଷମଜ୍ୱର ସଦୃଶ ଜ୍ୱର) ଉତ୍ପାଦନ କରେ, ଓ ସେଥିପାଇଁ ସିଙ୍କୋନାଦ୍ୱାରା ବିଷମଜ୍ୱରର ଔଷଧ । ସେତେବେଳେ ସେ ଭାବିଲେ ଯେ, ସିଙ୍କୋନା ପରି ଅନ୍ୟାନ୍ୟ ଔଷଧରେ ମଧ୍ୟ ରୋଗ ଉତ୍ପାଦକ ଓ ରୋଗନାଶକ, ଏହି ଉଭୟବିଧ ଗୁଣ ଥାଇପାରେ । ଏହି ପର୍ଯ୍ୟବେକ୍ଷଣରୁ ତାଙ୍କର ହୃଦୟରେ ହୋମିଓପାଥିକ ଚିକିତ୍ସାର ମୂଳମନ୍ତ୍ର ସମଃ ସମଂ ଶମୟନ୍ତି [Similia Similibus Curanter] ଉଦୟ ହେଲା । ସେହିଦିନଠାରୁ ସେ ଛଅ ବର୍ଷକାଳ ଅବିଶ୍ରାନ୍ତ ଗବେଷଣାରେ ନିମଜ୍ଜିତ ହୋଇ ନିଜର ଜୀବନରୁ ନାନା-ପ୍ରକାରରେ ବିପନ୍ନ କରି ନିଜେ ବହୁତ ଔଷଧ ପରୀକ୍ଷା କରି ପ୍ରମାଣ କରିବାକୁ ସମର୍ଥ ହୋଇ ମଧ୍ୟ ଅଧିକସଂଖ୍ୟାରେ ରୋଗୀଙ୍କୁ ଭିନ୍ନ ଭିନ୍ନ ଔଷଧ ସେବନ କରାଇ ସାଫଲ୍ୟଲାଭ କରି ଦେଖିଲେ ଯେ, ହୋମିଓପାଥି ସତ୍ୟ ଉପରେ ଦୃଢ଼ପ୍ରତିଷ୍ଠିତ ଅଟେ—କଳ୍ପନା ବା ଅନୁମାନ ଏହା'ର ଉତ୍ସ ନୁହେଁ । ସୁଧୀଶ୍ରେଷ୍ଠ ନିଜଠାରେ ଯେପରି ମାଧ୍ୟାକର୍ଷଣ ଶକ୍ତି ଅବିଷ୍କାରପୂର୍ବକ ଜଗତ୍ ଶାସ୍ତ୍ରକୁ ଜଡ଼ିତଜ୍ଞାନର ମେରୁଦଣ୍ଡ କରି ଯାଇଅଛନ୍ତି, ସିଙ୍କୋନା ଜ୍ୱରାଦି ରୋଗକୁ ନାଶ କରେ—ଏହି ସତ୍ୟ ସମାଧାନ କରିବାକୁ ଯାଇ ଛଅ ବର୍ଷକାଳ ଏହି ବିଷୟରେ ଗଭୀର ଗବେଷଣା କରି ୧୭୯୭ ଖ୍ରୀଷ୍ଟାବ୍ଦରେ ଡ୍ରେସ୍‌ଡେନ୍ ଜର୍ଣ୍ଣାଲ୍ ନାମକ ଚିକିତ୍ସାଜଗତର ଶ୍ରେଷ୍ଠ ପତ୍ରିକାରେ ହାନେମାନ୍ ଗୋଟିଏ ପ୍ରବନ୍ଧ ପ୍ରକାଶ କଲେ । ତାଙ୍କର ଏହି ନୂତନ ମତ ପ୍ରଚାର ହେବାମାତ୍ରେ ଚାରିଅଡ଼େ ହୁଲସ୍ଥୂଳ ପଡ଼ିଗଲା । କେତେଗୁଡ଼ିଏ ବଙ୍ଗ ଲୋକ ତାଙ୍କ ଶିଷ୍ୟ ହେଲେ; କିନ୍ତୁ ଅନେକ ସାଂଘାତିକ ସ୍ୱାର୍ଥବନ୍ଧ ଔଷଧଜୀବୀ ତାଙ୍କ ର ଓ ତାଙ୍କମତର ଘୋର ବିରୋଧୀ ହୋଇ ଉଠିଲେ । ଯେ ଅଗ୍ନିମନ୍ତ୍ରରେ ଦୀକ୍ଷିତ, ତାହାଙ୍କର ନିନ୍ଦାରେ ବା ପ୍ରଶଂସାରେ କଅଣ ଯାଏ ଅସେ ? ୧୮୦୫ ଖ୍ରୀଷ୍ଟାବ୍ଦରେ ସେ Fragmenta de viribus ନାମକ ପୁସ୍ତକ ଲାଇନ୍ସିଗ୍ ନଗରରେ ମୁଦ୍ରିତ କଲେ । ସୁସ୍ଥଶରୀରରେ ସତେଇଶଟି ଔଷଧ ସେବନ କରିବାରୁ ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଇଥିଲା, ତାହାସବୁ ସେ ଏଥିରେ ଲେଖି ଯାଇଛନ୍ତି । ଏହାହିଁ ହେଇଛି ପ୍ରଥମ ହୋମିଓପାଥିକ୍ ମେଟେରିଆ ମେଡିକା ବା ଭେଷଜଲକ୍ଷଣ ସଂଚୟ ଗ୍ରନ୍ଥ ଅଟେ । ୧୮୧୦ ଖ୍ରୀଷ୍ଟାବ୍ଦରେ ତାହାଙ୍କର ଅର୍ଗାନନ୍ [ବା ଆରୋଗ୍ୟ ସାଧନ] ନାମକ ବଡ଼ ଗ୍ରନ୍ଥ ପ୍ରକାଶିତ ହେଲା । ଏହି ଅମୂଲ୍ୟ ପୁସ୍ତକରେ ଯେପରି ପ୍ରଭୂତ ପାଣ୍ଡିତ୍ୟ ଓ ଅକାଟ୍ୟ ଯୁକ୍ତି ସହିତ ସଦୃଶବିଧାନତତ୍ତ୍ୱ ବିବୃତ ଓ ସମର୍ଥିତ ହୋଇଅଛି, ସେହିପରି ଉତ୍କୃଷ୍ଟ-ମୋଷଣାବଦ ବଙ୍ଗର ଚିକିତ୍ସାପ୍ରଥା ତହିଁରେ ତୀବ୍ର ଭାଷାରେ ସମାଲୋଚିତ ହୋଇଅଛି;ସୁତରାଂ ତାଙ୍କ ଶତ୍ରୁମାନଙ୍କ କୋପରେ ଅଧୀର ହୋଇପଡ଼ିଲେ । ପରେ ୧୮୧୨ ଖ୍ରୀଷ୍ଟାବ୍ଦରେ ବନ୍ଧୁ ନିର୍ଯ୍ୟାତନ ପରେ ସେ ନିଜ ଗୁଣରେ ଲାଇପ୍‌ଜିଗ୍ ବିଶ୍ୱବିଦ୍ୟାଳୟରେ ସଦୃଶବିଧାନଶାସ୍ତ୍ରାଧ୍ୟାପକ [Teacher of Homeopathy] ପଦରେ ଅଧିଷ୍ଠିତ ହୋଇ ଯୁନିକ ଛାତ୍ର ଓ ପ୍ରକାଶ ଚିକିତ୍ସକମାନଙ୍କୁ ତାଙ୍କ ଅବିଷ୍କୃତ ନବମନ୍ତ୍ରରେ ଦୀକ୍ଷିତ କରିବାରେ ଲାଗିଲେ ।

କେତେକାଳ ପରେ ବହୁତ ଦଳ ନାନାରକମ ଚିକାତ୍ସା କରି ଅବଶେଷରେ ଜର୍ମାନର କୁଲଭଲକୁ ଲାଇପଜିଗ [Leipzig] ହସ୍‌ପିଟାଲରୁ ତଡ଼ାଇଲେ । ସେହି ସମୟରୁ କୋଥନ୍ ନଗରରେ ସେ ୧୫ ବର୍ଷ କାଳ ଅବସ୍ଥାନ କଲେ । ସେଠାର ରାଜବଂଶୀୟ ସାମନ୍ତଙ୍କୁ ଦୁରାରୋଗ୍ୟ ବ୍ୟାଧିରୁ ମୁକ୍ତ କଲେ । ହାନେମାନ ସେଠାରେ ବହୁଳ ସମ୍ମାନ ସହିତ ରାଜବୈଦ୍ୟ ପଦରେ ନିଯୁକ୍ତ ହେଲେ । ତାଙ୍କର ଲୀଳାସ୍ଥଳ ଏହି କୋଥନ୍ ନଗରରେ ସହସ୍ର ସହସ୍ର ନରନାରୀ ଜଟିଳ ରୋଗୀ-ବ୍ୟକ୍ତିଙ୍କୁ ରୋଗମୁକ୍ତ କରି ସଦ୍ୟଃ ରୋଗର ପ୍ରକୃତ ନିଦାନ [ବା ମୂଳ କାରଣ ବା ତତ୍ତ୍ୱ] ଅବଧାରଣ କରିଥିଲେ ।

Digitized by srujanika@gmail.com

ସେ ୧୮୬୮ ଖ୍ରୀଷ୍ଟାବ୍ଦରେ ଜନ୍ମଜଡ଼ବିଜ୍ (ସୁସ୍ତଜନ ବ୍ୟାଧି) ଜଗତ୍ତରଣ ନାମକ ପୁସ୍ତକ ପ୍ରଣୟନ କରି ଭାଙ୍କର ଯଶଃସୌରଭକୁ ଏହି ସଭ୍ୟଜଗତରେ ପରିବ୍ୟାପ୍ତ କରାଇ ଥିଲେ । ତେତେବେଳେ ହାନେମାନଙ୍କ ପ୍ରଚଳିତ ସ୍ୱଳ୍ପ ଅନୁସାରେ ହୋମିଓପାଥିକ୍ ଔଷଧ ଅଳ୍ପକ ମାତ୍ରାରେ ବ୍ୟବସ୍ଥା କରୁଥିଲେ । ଦେଖିଲେ ସେଥିରେ ରୋଗ ଦୁଃସାଧ୍ୟ ହେଲ୍ଲ କଲ୍ଲ ଔଷଧ ସେବନର କଛୁକଣ ପରେ ବାଡ଼ି ବୃଦ୍ଧିପ୍ରାପ୍ତ ହେଲ୍ଲ । ଶେଷରେ ଶ୍ୱଶ୍ୱ ଅନଶ୍ୱର ସମ୍ଭାବନାରେ ସେ ଔଷଧର ମାତ୍ରା କମାଇବାରେ ଲାଗିଲେ । ଅବଶେଷରେ ସପ୍ତାଂଶରେ ବଲ୍ଲଭ ଔଷଧର କାର୍ଯ୍ୟକାରିତା ଦେଖି ସେ ବସ୍ତି ତ ହେଲେ । ତେତେବେଳେ ସେ ସିଦ୍ଧାନ୍ତ କଲେ କଲେ ଯେ, ରମର୍ଦ୍ଦନାଦ କ୍ରିୟାଦ୍ୱାରା କୌଣସି ପଦାର୍ଥ ସୂକ୍ଷ୍ମରୁ ସୂକ୍ଷ୍ମତର ଅଂଶରେ ବିଭକ୍ତ ହେଲେ, ଏହା ସ୍ଥୂଳ ଗୁଣ (ଜଡ଼ାଂଶ) ପରିହାରପୂର୍ବକ ବହୁଳ ସଦୃଶ ସରଳଗୁଣ ଧାରଣ କରେ; ଅର୍ଥାତ୍, ଉକ୍ତ ପଦାର୍ଥ ସେତେବେଳେ ଜଳର ରୂପ ବା ଶକ୍ତି ଦେଖାଏ ଓ ଏହି ଶକ୍ତିରେ ଶୀଘ୍ର-ପଥରେ ବହୁଳ ସଦୃଶ ଅଣୁ ପ୍ରବେଶପୂର୍ବକ ଶୀଘ୍ର ରୋଗ ନିବାରଣ କରିବାକୁ ସମର୍ଥ ହୁଏ ।

୧୮୩୧ ଖ୍ରୀଷ୍ଟାବ୍ଦରେ ଭାଙ୍କର ପତ୍ନୀବିୟୋଗ ହୋଇଥିଲ୍ଲ । ଅଶୀ ବର୍ଷ ବୟସରେ ଦ୍ୱିତୀୟଥର ମୌଲିନକାମ୍ନୀ ଫରାସି ଦେଶର ଜନୈକ ମହିଳାଙ୍କୁ ବିବାହ କର ଜୀବନର ଅବଶିଷ୍ଟାଂଶ ଫ୍ରାନ୍ସ ଦେଶର ରାଜଧାନୀ ପାରୀ ନଗରୀରେ ଆଠ ବର୍ଷ କାଳ ଜୀବନ ଯାପନ କର ୧୮୬୩ ଖ୍ରୀଷ୍ଟାବ୍ଦର ଜୁଲାଇ ମାସ ୨ ତାରିଖରେ ସେ ଇହଲୀଳା ସମ୍ବରଣ କଲେ ।

ସଦର୍ଭଲେଖକ—ଜନୈକ ଇଙ୍ଗଲ ହୋମିଓପାଥିକ୍ ମେଡ଼ିକଲ୍ କଲେଜର ପ୍ରିନ୍ସିପାଲ୍

ଡାକ୍ତର କଣ୍ଟର ମହାନ୍ତି H. M. D., F. H. A.]

ହାନି ଲଭ—ଦେ. ବ—[ବ୍ୟବସାଦାର୍ଥିକ ସମ୍ବନ୍ଧର ଶବ୍ଦ]—୧ । କ୍ଷତି ଓ ଲାଭ—Hāni labha 1. Loss and profit, ୨ । ହାନି ହାନିଲାଭ ବା ଲଭ—2. Loss or profit.

[ଉ—ତୁମ୍ଭର ହାନିଲାଭ ଯହିଁ, ଆମ୍ଭର ଭାଗଟିକ ଉହିଁ—ବୃପଦ୍ଦ. ପ୍ରେମ ସପ୍ତାମୃତ]

ହାନୁକ—ସଂ. ବ ଓ ବଣ. ପୁଂ.—(ହନ୍ ଧାତୁ + କର୍ତ୍ତୃ ଉକ]—ଘାତୁକ Hānuka Murderer; murderous

ହାନ୍ଦୁଲ—ପ୍ରାଦେ [ଶବ୍ଦଅଲ] ବ—ହାନ୍ଦୋଳା— Hāndul Litter.

ହାନ୍ଦୁଳା (ଇତ୍ୟାଦି)—ହାନ୍ଦୋଳା ଇତ୍ୟାଦ (ଦେଶ)— Hāndulā (etc) Hāndolā etc (See)

ହାନ୍ଦେ—ଗ୍ରା. ଅ—ହାଦେ (ଦେଶ)—Hāde (See). Hānde

ହାନ୍ଦୋଳ—ଦେ. ବ—(ସଂ. ଆନ୍ଦୋଳନ)—୧ । ଗୋଳମାଳ— Hāndola 1. Ado. ୨ । ଜଳଦ୍ର—2. Quar_ ଆନ୍ଦୋଳନ rel. ୩ । ଇତସ୍ତତଃ ସଞ୍ଚଳନ; ଆନୋଳନସଂଘୋଭ— ଆନ୍ଦୋଳନ 3. Moving to and fro; agitation; perturbation. ଗ୍ରା. ବ (ନାମ)—ହିନ୍ଦୋଳ ସ୍ୱଜ୍ୟର ଡାକ ନାମ; ଓଡ଼ଶାର ଗଡ଼ଜାତ ବିଶେଷ— Popular nickname of Hindol, an Orissan State. ବଣ (ସଂ ଆନ୍ଦୋଳିତ) ବିଘୋଷିତ; ଇତସ୍ତତଃ ସଞ୍ଚାଳିତ—Agitated. [ଉ—ଜଳସ୍ଥଳେ ମୀନ ଚରୁଥିଲ୍ଲ, ଜଳ ହାନ୍ଦୋଳ କରୁଦେଲ୍ଲ । ଜଗନ୍ନାଥ ସ୍ୱଗତ ।]

ହାନ୍ଦୋଳା—ଦେ. ବ—(ସଂ. ଆନ୍ଦୋଳିକା, ଏହାକୁ ବାହକମାନେ Hāndolā ବୋହୁଲ୍ଲବେଳେ ଏହା ଆନ୍ଦୋଳିତ ହେଉଥିବାରୁ)—ଦୋଳା, ଡୁଳୀ ୧ । ଶିବିକା ବା ଦୋଳା—1. A dooly; a palki; a covered litter; a chair carried by bamboos on the shoulders of bearers. [ଦ୍ର—ହାନ୍ଦୋଳା, ଡୋଲି, ଙ୍ଗିଆ, ପାଲ୍ଲିଙ୍କି, ସବାସ୍ତ, ଏ ସମସ୍ତ ଯାନର ଆଗରେ ଓ ପଛରେ ଲଗିଥିବା ବାଉଁଶ ଦ୍ୱୟକୁ ମନୁଷ୍ୟମାନେ କାନ୍ଧରେ ବାନ୍ଧୋଇ କର ନଥାନ୍ତି । ଡୋଲି ଓ ଖଟିଆ ଛେଡ଼ି ଓ ସାଧାରଣ ଯାନ । ହାନ୍ଦୋଳା ରାଜ ପରିବାରର ସ୍ତ୍ରୀମାନଙ୍କୁ ବହନ କରିବାରେ ବ୍ୟବହୃତ ହୁଏ ।] ୨ । (ସଂ. ଆନ୍ଦୋଳନ) ମାନସିକ ଆନ୍ଦୋଳନ ବା ଅସ୍ଥିରତା; ଚିନ୍ତା—2. Anxiety; mental agitation or perturbation. [ଉ—ସ୍ୱଜ୍ଞ ନ ହେଉ ଭାଙ୍କର ଯେ, ଜୀବନ ସଭ୍ୟତାର, ହାନ୍ଦୋଳାରେ ଯାଇ ମାଡାଙ୍କୁ କହିଲେ ଚପରି ହେବ କୁମର ଯେ। ବଶ୍ୱନାଥ ବଡ଼ଜ ଗ୍ରାମ୍ୟଋଣ ।] ୩ । (ସଂ ଆନ୍ଦୋଳନ) କର୍ତ୍ତବ୍ୟକାର୍ଯ୍ୟ ସ୍ଥିର କରିବାର ଅସମର୍ଥତା—3. Inability to arrive at a definite conclusion; hesitancy. ୪ । ହାଣ୍ଡୋଳା (ଦେଶ)—4. Hāndolā (See).

ହାନ୍ଦୋଳା(ଳେ)ଇବା—ଦେ. କ୍ରି—(ସଂ. ଆନ୍ଦୋଳନ) ୧ । ଇତସ୍ତତଃ Hāndolā(le)ibā ଆନ୍ଦୋଳିତ କରିବା—1. To rock to ଦୋଳାନ and fro. ୨ । ଅନ୍ଦୋଳିତ କରିବା; ଘାଣ୍ଟିବା; ହିଲାନା, ଡୋଲବାନା ଘୁଞ୍ଚାଇବା—2. To agitate. ୩ । (ପବନ) ଇତସ୍ତତଃ ବହିବା—3. To blow on all sides (said of wind). (ଯଥା—ଏଠାରେ ପବନ ଜୋର ହାନ୍ଦୋଳେଇବାରୁ ଚୁଲି ଲିଭିପାରୁ ନାହିଁ)

ହାନ୍ଦୋଳି—ଦେ ବ—(ସଂ ଆନ୍ଦୋଳନ)—ମାନସିକ ଆନ୍ଦୋଳନ— Hāndoli Mental agitation ବଣ—(ସଂ ଆନ୍ଦୋଳିତ) ତୋଳା ପାଡ଼ା ୧ । ଅନ୍ଦୋଳିତମନାଃ; ଚଞ୍ଚଳ—1. Perturbed; anxious. ୨ । ବିଷମ ସମସ୍ୟାରେ ପଡ଼ିଚ—2. In the horns of a dilemma; hesitating.

ହାନ୍ଦୋଳିବା—ଦେ. କ୍ରି—(ସଂ ଆନ୍ଦୋଳନ) ୧ । ଇତସ୍ତତଃ ଆନ୍ଦୋଳିତ Hāndolibā ବା ଚଳିତ କରିବା; ଦୁଆଳିବା—To rock to ଆନ୍ଦୋଳନ କରାନ and fro. ୨ । ଘାଣ୍ଟିବା—2. To agitate. ହିଲାନା, ଡୋଲବାନା ୩ । ଇତସ୍ତତଃ ଆନ୍ଦୋଳିତ ହେବା—3.

Digitized by srujanika@gmail.com

आन्दोलित हओया To rock to and fro. ୪ । (ପବନ) हिलना, डोलना ଇତସ୍ତତଃ ବୋହିବା —4. To blow on all sides.

ହାନ୍ଦୋଳ ହେବା—ବେ. କ୍ରି—୧ । ଆନ୍ଦୋଳିତ ହେବା—1. To be Handoli hebā agitated. ୨ । ମନରେ ଇତସ୍ତତଃ ଚଞ୍ଚଳ ଆନ୍ଦୋଳିତ ହଓୟା ହୋଇ କର୍ତ୍ତବ୍ୟ ସ୍ଥିର କରି ନ ପାରିବା—2. हिलना To be between the horns of a dilemma. ଆ। ଇତସ୍ତତଃ ସଂଚାଳିତ ହେବା—3. To be moved to and fro.

ହାନ୍ଦ୍ର—ସଂ ବ—(ହନଧାତୁ+ଉର ଦ୍ର) ମରଣ (ଜ୍ଞାନବୋଧ)—Hāndra Death

ହାପ୍(ଇତ୍ୟାଦି)—ବୈଦେ. ବ ଓ ବଙ୍ଗ (ଇଂ)—ହାଫ୍ ଇତ୍ୟାଦି (ଦେଖ) Hāp (etc) Hāph etc (See)

ହାପ୍ଗ—ପ୍ରା ଦେ (ଖଡ଼ଆଳ) ବ—ହାପୁରା (ଦେଖ)—Hāp·rā Hāpurā (See)

ହାପ୍ରିବା—ପ୍ରାଦେ (ଖଡ଼ଆଳ) କ୍ରି-ହାପୁରିବା; ତରଳ ବସ୍ତୁକୁ ହାଡ ଦ୍ୱାରା Hāp·r.bā. ଦୁଇ ଓଠ ସାହାଯ୍ୟରେ ମୁହଁ ଉଚ୍ଚରକୁ ଟାଣିକେବା—To sip liquid food by the lips

ହାପ୍ସି କଚ୍ଚୁଡ଼ି ହେବା—ପ୍ରାଦେ. (ସମ୍ଭଲପୁର) କ୍ରି—ଦୁଃଖରେ ବା Hāp-si kachārdi heba ଦୁଃଖରେ ବାଟଭୁଲ ତଳୁଡ଼ି ହେବା-To strike one's lembs on the ground being overpowered with grief or anger.

ହାପ—ପ୍ରା. ଦେ—(ଗଞ୍ଜାମ) ବ—ଏକ ପ୍ରକାର ଡାବଲମୁଆ ଖେଳ—Hāpa A kind of game played by boys with a stick and a small peg. [ଦ୍ର—ଗୋଟିଏ ସାନ ଗାତରେ ପିଲ ବା ଛୁଦ୍ର କାଷ୍ଠଖଣ୍ଡ ରଖି ତାହା ବାଡ଼ଦ୍ୱାରା ଦୂରକୁ ଫୋପାଡ଼ିଲେ ତାକୁ ଅନ୍ୟ ଦଳର ଖେଳାଳି ପ୍ରତିଘାତ କରି ଫେରାଇ ଦଏ। ଏହାପରି କରୁ କରୁ ଯେଉଁ ପକ୍ଷର ଖେଳାଳି ସେ ପିଲକୁ ଆଘାତ କରି ନ ପାରେ ସେ ହାରେ। ଗୋପିନାଥ ନନ୍ଦ ।]

ହାପର୍—ପ୍ରାଦେ (ଖଡଆଳ) ବ—ଅପସ୍ମାର ରୋଗ—Hāpar Epilepsy.

ହାପର—ପ୍ରାଦେ (ଉତ୍ତର ବାଲେଶ୍ୱର ଓ ଗଞ୍ଜାମ) ବ—୧ । (ସଂ ଖର୍ପର) Hāpara ସ୍ୱର୍ଣ୍ଣକାରର ଅଗ୍ନିକୁଣ୍ଡ; ଜମ୍ବେଇ—1. The oven of a goldsmith. ୨ । (ସ ଭସ୍ତା) ଭସା; ଭାତ୍ର—2. Bellows. ୩ । ଧାତୁ ଅବର୍ତ୍ତନ ପାତ୍ର; ଢୋଇ—3. Goldsmith's crucible; melting pot. ପ୍ରାଦେ-(ସମ୍ଭଲପୁର ଓ ଉତ୍ତର ଓଡ଼ଜାତ) ବ-ଅପସ୍ମାର ରୋଗ—Epilepsy. ବୈଦେ ବ—(ଆ. ହଫର୍) କର୍ଦ୍ଦମମୟ ଗାତ, ହଫର ହଫର ଯେଉଁ ଗାତରେ ଅଖୁମଞ୍ଜି (ପବ) ପୋତିଲେ ସେଥିରୁ ଗଜାମାନେ ବାହାରେ ଓ ପତ୍ରେ ସେତରେ ପୋତା ଯାଏ— Holes of mud for putting small lengths of sugarcane to cause them to sprout.

ହାପର ମଲ୍(ଲ୍ଲି)—ବେ. ବ (ସ. ରୁଦ୍ରବଲ୍ଲୀ)—ଉଗୁଡ଼ ବର୍ଗର Hāpara mali(lli) ଲତାଜାତୀୟ ଗୁଳ୍ମ ବଶେଷ—Vallaris ସ. ନାମ—ରୁଦ୍ରବଲ୍ଲି, ଶୀତଘ୍ନୀ, ଭୂମିମଞ୍ଜି, ଅଶ୍ମଘାତକା । ହାପରମାଲି मदनमाली Heynei. [ଦ୍ର—ଏହାର ପତ୍ର, ଅଗ୍ର-ମୁଖୀ ଓ ସୂକ୍ଷ୍ମ ଚକ୍ର ବିଶିଷ୍ଟ; ଫୁଲ ଧଳା, ସୁଗନ୍ଧ ଓ ଯେନ୍ତା ଗେନ୍ଥା; ଶୀତ ଓ ଗ୍ରୀଷ୍ମ-କାଳରେ ଫୁଲ ଧରେ; ଫଳ ଲମ୍ବା—ଯୋଗେଶ ଚନ୍ଦ୍ର । ଏହା ବ୍ରଣ, ଉତ୍ସର୍ଗତ ଓ କାର୍ତ୍ତିବ୍ରଣରେ ଉପକାରୀ । ବୈଦ୍ୟକ ।]

ହାପର୍ରା - ପ୍ରାଦେ (ଉତ୍କଳାତ) ବ—(ଧ୍ୱନ୍ୟନୁକରଣ)—୧। ଖେତରେ ଶସ୍ୟ Hāp·rā ଓ ଫଳ ଖାଇଯିବା ବନ୍ୟ ଜନ୍ତୁମାନଙ୍କୁ ଡରୁଡ଼ାଇବା ପାଇଁ କୃଷକମାନେ ଖେତରେ ଦୁଇଫାଳ ହୋଇଥିବା ଯେଉଁ ଗୋଟାଳିଆ ଲମ୍ବାଠିଣ ପୋତି ଥାଆନ୍ତି-1.A long thick bamboo split in two and driven into the ground in a field in order to scare away wild animals from injuring the crops. [ଦ୍ର—ଫଟା ହୋଇଥିବା ବାଉଁରେ ଗୋଟିଏ ଫାଳରେ ଦଉଡ଼ି ଲଗାଯାଇ ଥାଏ; ଉଡ଼ ମଧ୍ୟରେ ଥିବା ବଂଶକୁ ଦଉଡ଼ିବନ୍ଧା ଫାଳରେ ଦଉଡ଼ିକ ଟାଣି ଶବ୍ଦ ଉତ୍ପନ୍ନ କରାଯାଏ ଓ ଦଉଡ଼ିକୁ ଶବ୍ଦ ଦେବା ପୋଗୁଁ ବାଉଁଶର ଏକ ଫାଳ ଅନ୍ୟ ଫାଳରେ ବାନ୍ଧ ଗୋଟାଏ ଉଚ୍ଚ ଜାଗା ଉପରେ ଓ ସେ ଧ୍ୱନି ଶୁଣି ଫସଲ ଖାଇବାକୁ ଆସିଥିବା ଜନ୍ତୁମାନେ ସେତେ ଶବ୍ଦ ପଳାଇ ଯାଆନ୍ତି ।] ୨ । ହାପର ଦ୍ୱାରା ଜନ୍ମିବା ଧ୍ୱନି—2. The sound made by a split bamboo to scare away wild animals coming to a field to destroy crops.

ହାପଲ୍— ପ୍ରାଦେ (ଗଞ୍ଜାମ) ବ—୧ । କରତଳ ଦ୍ୱାରା ଘୁଟୁକୁ; କରତଳ-Hāpal ସ୍ପୋଟ—1. Clap; clapping with the hollowed palm. ୨ । ଆଙ୍ଗୁଠିର ଅଘାତ ଦ୍ୱାରା ଘୁଟୁକ— 2. Snapping of the fingers.

ହାପଲ୍ ମାରିବା—ପ୍ରାଦେ (ଗଞ୍ଜାମ) କ୍ରି—୧ । କରତଳ ଦ୍ୱାରା ଘୁଟୁକ Hāpal māribā ମାରିବା—1. To clap; to make a ଟୁସକୀ, ଟୁସୀ ମାରନା clapping sound with the hollowed palm struck on a fleshy part of the body. ୨ । ଅଙ୍ଗୁଠି ଦ୍ୱାରା ଘୁଟୁକ ମାରିବା— 2. To snap with the fingers.

ହାପ(ବ)ସୀ—ବୈଦେ. ବ (ଆ. ହାବ୍ସୀ; ଇଂ. ଆବିସିନିଆ) Hāp·(ba)sī —୧ । କାଫ୍ରୀ—1. A Kaffir or Negro. ହାବ୍ସୀ ୨ । ଆବିସିନିଆ ଦେଶବାସୀ—2. An Abyssi-ହବସୀ nian. ୩ । (କାଫ୍ରୀମାନେ କୃଷ୍ଣବର୍ଣ୍ଣ ଥିବାରୁ)— (ହାବ୍ସୀ, ହାବ୍ସୀ—ଅନ୍ୟରୂପ) କୃଷ୍ଣତମ୍ବା ଲୋକ—3. A black-skinned man.

Digitized by srujanika@gmail.com

ହାପିଜ୍—କେଁ ଦେ. ବ (ଅ)—ହାଫିଜ୍ (ଦେଶ)
Hāpij Hāphij (See)

ହା(ହାଁ)ପିବା—ଦେ. କି (ଧ୍ୱନ୍ୟନୁକରଣ ବା ସଂ. ହାଫିକା=ହାଇ)—
Hā(hāñ)pibā ୧ । ହାଣିବା; ଅତ୍ୟନ୍ତ ପରିଶ୍ରମ ସୋଗୁଁ ଘନଘନ
ହାଁପାନ ସ୍ୱାଭାବିକ ଶ୍ୱାସ ଛଡ଼ିବା—1. To gasp after
हाँपना exertion. ୨ । ରୁଦ୍ଧଶ୍ୱାସ ହେବା—2. To
be out of breath. ପ୍ରାଦେ (ସମ୍ବଲପୁର) କି—
ହାରିବା—To be defeated. (ଯଥା—ଖେଳରେ
ହାପିବା ।)

ହାପି ଯିବା—ପ୍ରାଦେ (ସାଜପୁଟ) କି—କାମ କରିବାକୁ ଛୁଟିଯିବା—
Hāpi jibā To miss an opportunity of doing
some work.

ହାପୁ - ସଂ. ବ (ଧ୍ୱନ୍ୟନୁକରଣ; ଡାଲି ଘାଣିଆ ହୋଇ ଥିବା ସୋଗୁ
Hāpu ଏହାକୁ ହାପୁର କରି ଖାଇବା ବେଳେ 'ହାପ୍ ହାପ୍' ଧ୍ୱନିରୁ
हापुरा ଉତ୍ପନ୍ନ)—୧ (ଶିଶୁ ବୋଧ ବଚନ) ମୁଗ ଆଦର
दाल ଘାଣିଆ ଡାଲି ଝୋଳ—1. Soup made of split
आफिं peas, moong etc. ୨ । (ସଂ. ଅହିଫେନ) —
अफीम ଆଫୁ; ଅଫିମ—2. Opium.

ହାପୁଆ—ପ୍ରାଦେ (ଝାଡ଼ଖଣ୍ଡ) ବଣ—ଅଫିମ ଖୋର; ଅଫିମୀ; ଆପୁଅ—
Hāpuā Addicted to the habit of taking
opium.

ହାପୁଡ଼ା(ଡ଼ି)—ଦେ. ବ (ଧ୍ୱନ୍ୟନୁକରଣ)—୧ । ଘାଣିଆ ଖାଦ୍ୟ (ଡାଲି,
Hāpuṛdā(rā) ଚାଉଳ, ବାଜି)କୁ ହାତର ପୋଷରେ ନେଇ ଦୁଇ
हापुरा ଓଷ୍ଠ ଦ୍ୱାରା ଶବ୍ଦ ଉତ୍ପାଦନ ପୂର୍ବକ ପାଟିରେ ପୋଛି କରି
सुरुक ଖାଇବା; ହାପୁରିବା କାର୍ଯ୍ୟ—1. The act of
sipping liquid food with a slight smack-
ing sound by taking it with the hollow-
ed fingers and puttnig it into the mouth.
[ଦ୍ର—ସୋଡ଼କା ଜନତ ଶବ୍ଦ ହାପୁର୍ ଶବ୍ଦ ଅପେକ୍ଷା
ଛୋଟର ।] ବଣ—ଥରେ ହାପୁର ଦେବା ପରିମିତ
(ଡାଲି ଆଦି)—(liquid food) Sufficient for
one sip.

ହାପୁଡ଼ା(ଡ଼େ, ଗ୍ର, ରେ)ଇବା—ଦେ. କି (ହାପୁଡ଼ିବା କ୍ରିୟାର ଣିଜନ୍ତ
Hāpuṛdā(ṛde, rā, re)ibā ରୂପ—(The causative
हापराना form of 'Hāpuṛdibā') —ଅନ୍ୟ ଲୋକ ଦ୍ୱାରା
सुरुकाना ହାପୁଡ଼ିବା କ୍ରିୟା କରାଇବା—To cause another
person to sip liquid food with a
smacking sound.

ହାପୁଡ଼ା(ଡ଼ି)ଏ—ଦେ. ବଣ—୧ । ଏକା ଥରକେ ହାପୁର ହେବା
Hāpuṛdā(rā)e ପରିମିତ—1. Sufficient for one sip.
एक हापुरा ୨ । ଅତି ସାମାନ୍ୟ ପରିମିତ—2. Little in
एक सुरुक quantity. (ଉ—ମାଟି ଖଣିରେ ଇଅଣ ହାପୁଡ଼ାଏ ।
ଉଗ ।) ଦେ. ବ—୧ । ଏକ ହାପୁଡ଼ା—1. One sip
only. ୨ । ଅତି ଅଳ୍প ପରିମାଣ—2. A little.

ହାପୁଡ଼ା(ଡ଼ି) ହାପୁଡ଼ି(ଣ୍ଡି)—ଦେ. ବ—ହପୁଡ଼ିବାର ବା ଉପଯୁକ୍ତପରି
Hāpuṛdā(rā) hāpuṛdi(ri) ହାପୁର କରି ଖାଇବା—
हापरा हापरि Sipping many times or repeated-
सुरुका सुरुकी ly.

ହାପୁଡ଼ି(ଣ୍ଡି)ବା—ଦେ. କି (ଧ୍ୱନ୍ୟନୁକରଣ)—ଘାଣିଆ ଖାଦ୍ୟକୁ ସଶବ୍ଦ
Hāpuṛdi(ri)bā ଶୋଷଣ କରି ଖାଇବା—
हापरा(सा) सुरुकना To sip liquid
food with a smacking sound. (ଉ—ଦେଢ଼
ବୋଲଇ ଭଲ୍ଲ ମନ୍ଥୁର ଉଅଣ ହାପୁରଲ୍ଲାଶରି ସନ୍ତୋଷ କଲ୍ଲ
ପ୍ରାଣ—କୃଷ୍ଣଦିବ ମହାଭାରତ ସଭା ।)

ହାପୁଡ଼ିକା—ସ ଦ—ଘରିବଣେଷ; ଖଞ୍ଜନଘରି—The watgtail
Hāputrikā bird; Motacella Hodgsoni.
(ହାପୁରୀ—ଅନ୍ୟରୂପ)
(ଅନ୍ୟ ସଂ ନାମ—ଖଞ୍ଜନକା, ଭୁଳକା, ସର୍ଦ୍ଦଗୀ, ପ୍ଲୋଟିକା
ଗୁଳଭଟ୍ଟିକା, ଗୋଘ୍ରାଣୀର, ପଙ୍କଜାଇ)
गुवा शालिक खंजन

ହାପୁଳେ—ପ୍ରାଦେ (ବାଲେଶ୍ୱର) ବଣ—ମେଞ୍ଚା ଏ; ପୁଳେ—
Hāpule A lump of.

ହାପୁ ହାପୁ ହେବା—ଦେ. କି (ଧ୍ୱନ୍ୟନୁକରଣ)—ଲଙ୍କାମରିଚ ଖାଇବା
Hāpu hāpu hebā ସୋଗୁଁ ଘାଣ୍ଟ ଜଳିବାରୁ ଘାଣ୍ଟକୁ
हापू हापू करा हाफ हाफ करना ବାରଂବାର ମେଲ୍ଲ କରି ପୁଣି
ବୁଜି ହାପୁ ହାପୁ ଶବ୍ଦ ଉତ୍ପାଦନ କରିବା—To produce
a smacking sound by emitting breath
with the lips and shutting them alter-
nately to alleviate the burning sensa-
tion due to taking some pungent thing.
୨ । ଅଫିମ ଖାଇବାରେ ଅଭ୍ୟସ୍ତ ବ୍ୟକ୍ତିଙ୍କର ଅଫିମ
ଖାଇବାର ନିର୍ଦ୍ଦିଷ୍ଟ ବେଳ ଗଡ଼ିଗଲେ ତେ ସେହିଁପରି ପାଟି
ଖାଲି ଖାଲି କରନ୍ତି ଓ ହକଳି ହୁଅନ୍ତି, ସେହିପରି ହେବା—
2. To repeatedly open and shut the
mouth with a gony like an opium eater
when his fixed time of the day for taking
the drug is passed without taking the
drug. ଙ୍ଗ । (ଲକ୍ଷଣାର୍ଥ) ହକଳି ହେବା; ବ୍ୟଥାର ଭାବ
ପ୍ରକାଶ କରିବା—(figurative) To give vent to
agony.

ହାପୋଲ—ଦେ. ବ—ହାମ୍ପୋଳ (ଦେଶ)—Hāmpola [See]
Hāpola (ଉ—ଶିଖଣ୍ଡୀର ପିଠିରେ ମାରଣ ହାପୋଲ—କୃଷ୍ଣଦିବ
ମହାଭାରତ ଉଦ୍‌ଯୋଗ ।)

ହାପୋଲି (ଇତ୍ୟାଦି)—ଦେ. ବ—ହାମ୍ପୋଳ ଇତ୍ୟାଦି (ଦେଶ)—
Hāpoli [etc] Hāmpoli etc [See]

ହାପ୍ପା—ଦେ. ଅ—ହାଫା (ଦେଶ)—
Hāpphā Haphā [See].

ହାପ୍ରା—ପ୍ରାଦେ (ସମ୍ବଲପୁର) ବ—ହାପୁର (ଦେଶ)—
Hāprā Hāpurā (See).

Digitized by srujanika@gmail.com

ହାପ୍‌ରିବା—ସାଦେ (ସମ୍ବଲପୁର) କ୍ରି—ହାପୁରିବା (ଦେଶ)—
Hāpribā Hāpuribā (See).

ହାଫ୍—ବୈଦେ. ଓ ଦେଶ (ଇଂ)—ଅର୍ଦ୍ଧ—Half. [ଦ୍ର—ଏହ
Hāph ଇଂରାଜ ଶବ୍ଦ ସଙ୍ଗେ ଅନେକଗୁଡ଼ିଏ ଇଂରାଜ ଓ
ହାଫ ହାଫ ଦେଶୀୟ ଶବ୍ଦ ଲଗି ଭୂପାରେ
ଚଳୁଅଛୁ; ଯଥା ହାଫ୍ ସ୍କୁଲ, ହାଫ୍ ମୋଜା ।]

ହାଫ୍ ଇଅର୍—ବୈଦେ. ବ (ଇଂ)—ଅର୍ଦ୍ଧ ବର୍ଷ; ଛଅ ମାସ; ଷଣ୍ମାସ—
Hāph-iar Half year.
ହାଫଇୟାର ହାଫଇଅର

ହାଫ୍ ଇଅର୍‌ଲି—ବେ. ବଣ—ଷାଣ୍ମାସିକ—Half yearly.
Hāph-iarly (ଯଥା—ହାଫ୍ ଇଅର୍‌ଲି ପରୀକ୍ଷା ।)
ହାଫଇୟାରଲି ହାଫଈଅରଲି

ହାଫ୍ ଇସ୍କୁଲ(ସ୍କୁଲ)—ବୈଦେ. ବ (ଇଂ ହାଫ୍ ସ୍କୁଲ୍) —ଶବବାର ଦିନ
Hāph-iskul(skul) ବା ଅନ୍ୟିଷ୍ଟ ଭୂପଲକ୍ଷରେ
ହାଫ'ଈସ୍କୁଲ ହାଫ ସ୍କୁଲ ପ୍ରଥମ ୨।୩ ଘଣ୍ଟା ପଢ଼ା
ହେବା ପରେ ବିଦ୍ୟାଳୟର ଛୁଟି ହୋଇଯିବା—
Half schcol.

ହାଫ୍ ଇଷ୍ଟ(ଷ୍ଟା)କିନ୍—ବୈଦେ.ବ (ଇଂ.ହାଫ୍ ଷ୍ଟକିଙ୍ଗ)—ଅଧା ମୋଜା-
Hāph ishṭa(shṭā) in ଯେଉଁ ଗୋଡ଼ ମୋଜା ଗୋଡ଼ଗଣ୍ଠୀର
ହାଫ ଇଷ୍ଟାକିନ ହାଫ ଷ୍ଟୌକିଂଗ ଅଧ ପର୍ଯ୍ୟନ୍ତ ଛଠିଥାଏ—
Half stockings; socks.

ହାଫ କଚ(ଚେ)ରି—ବୈଦେ. ବ (ଇଂ ହାଫ୍ ଓ ଫା. କଚ୍‌ହ୍ରୀ)—
Hāph kachi(che)ri ଅନିଷ୍ଟ ଘଟଣା ଭୂପଲକ୍ଷେ କେତେଜ
ହାଫ କାଛାରି ହାଫ କଚହରୀ ଘଣ୍ଟା କାମ
ହୋଇସାରିବା ପରେ କଚେରୀ କର୍ମ ବନ୍ଦ ହେବା—
A court or office getting a half holiday on a special occasion.

ହାଫ୍ ଗିନି(ସଭରିନ୍, ସଭରେନ)—ବୈଦେ. ବ (ଇଂ)—ଇଂଲଣ୍ଡ
Hāph gini(sabharin, sabharen) ପ୍ରଚଳିତ ଗିନି
ହାଫ ଗିନି ହାଫ ଗିନୀ ବା ସଭରିନ୍ ନାମକ
ସ୍ୱର୍ଣ୍ଣ ମୁଦ୍ରାର ଅର୍ଦ୍ଧ ମୂଲ୍ୟର ସ୍ୱର୍ଣ୍ଣ ମୁଦ୍ରା—Half gunea;
half sovereign.

ହାଫ୍ ଛୁଟି—ବେ. ବ—୧ । ଅଧା ଛୁଟି; କଚେରୀ ବା ସ୍କୁଲର ଦିନଭର
Hāph chhuṭi ଘଣ୍ଟା କାର୍ଯ୍ୟ ହେବା ପରେ ବନ୍ଦ ହେବା—
ହାଫ ଛୁଟୀ ହାଫ ଛୁଟୀ 1. Half holiday.
୨ । କାର୍ଯ୍ୟ କରିବା ବିଷୟରେ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳରୁ
ଅଧେ ସମୟ ଛୁଟି; ଅଧାଦିନ ଛୁଟି—2. Exemption
from duty for half a day.

ହାଫ୍ ଟିକ(ଟେ)ଟ୍—ବୈଦେ. ବ (ଇଂ)—୧ । ଅଧା ଟିକଟ; ପୁରା
Hāph ṭika(ke)ṭ ଟିକଟର ଅଧା ମୂଲ୍ୟର ଟିକଟ—1. Half-
ହାଫ ଟିକିଟ ticket. (ଦ୍ର—୧୨ ବର୍ଷରୁ ଉଣ୍ଣ ପିଲାମାନଙ୍କ
ହାଫ ଟିକିଟ ପାଇଁ ଅଧା ମୂଲ୍ୟରେ
ରେଳ ଆଦର ଟିକଟ ଦିଆଯାଏ ଓ ସେଥିପାଇଁ ଅଗେ
ଖଣ୍ଡେ ଟିକଟ ଚଉ ହୋଇ ଅଧା ଟିକଟ ମିଳୁଥିଲା;
ଆଜକାଲି ଅଧା ଦାମରେ ଗୋଖାଏ ପୂରା ଟିକଟ ମିଳୁଛି ।]
୨ । ଯାତ୍ରାର୍ଦ୍ଧ ଟିକଟର ଗୋଟିଏ ଫାଳ—2. The left
or right half of a return ticket. ୩ ।
ପ୍ଲାଟଫର୍ମ୍ ଟିକଟର ଗୋଟିଏ ଫାଳ—3. The left or
right half of a platform ticket.

ହାଫ୍‌ଟୋନ୍—ବୈଦେ. ବ (ଇଂ)—୧ । ଫଟୋଗ୍ରାଫର ସୂକ୍ଷ୍ମରେଖା-
Hāph-ṭon ସମନ୍ୱିତ ଦ୍ୱାରା ରଚିତ ଆଲୋକ ଚିତ୍ର ବା ଛବି; ଯେଉଁ
ଛବିରେ ଅଲୋକର ଉଜ୍ଜ୍ୱଳତାର୍ଦ୍ଧି ଓ ଛାୟାର କୃଷ୍ଣତାର୍ଦ୍ଧି ଗୁଡ଼ିଏ
ପତଳା ବା ଗାଢ଼ ସୂକ୍ଷ୍ମରେଖା ଟଙ୍କାଦେବା ଦ୍ୱାରା ବାହାର ହୁଏ—
A halftone (drawing or picture); drawing or picture in which light and shade are distinguished by fine points or parallel lines.
ହାଫଟୋନ ହାଫଟୋନ

ହାଫଟୋନ୍ ପ୍ରେସ୍—ବୈଦେ. ବ (ଇଂ)—ଯେଉଁ ଛାପାଖଲରେ ହାଫ୍-
Hāph-ṭon pres ଟୋନ୍ ବ୍ଲକ୍‌ରୁ ଛାପା ଛଠା ଯାଇପାରେ—
ହାଫଟୋନପ୍ରେସ ହାଫଟୋନପ୍ରେସ Halftone press.

ହାଫ୍‌ଟୋନ୍ ବ୍ଲକ୍—ବୈଦେ. ବ (ଇଂ) – ହାଫ୍‌ଟୋନ୍ ଚିତ୍ରମାନଙ୍କୁ
Hāph-ṭon blak କାଗଜରେ ଛାପିବାପାଇଁ ଉଆର କରାପିବା
ଧାତୁର ଛାଞ୍ଚ—Halftone block. [ଦ୍ର—ଏହ ବ୍ଲକ୍‌ରୁ
ହାଫ୍‌ଟୋନ୍ ଚିତ୍ରମାନ କାଗଜରେ ଛାପି ହୋଇପାରେ]
ହାଫଟୋନବ୍ଲକ ହାଫଟୋନବ୍ଲକ

ହାଫ୍ ନୋଟ—ବୈଦେ. ବ (ଇଂ)—କରେନ୍‌ସୀ ନୋଟ୍‌ର ଅଧଖଣ୍ଡେ—
Hāph-not Halfnote; half of a currency note.
[ଦ୍ର—କରେନ୍‌ସୀ ନୋଟ୍‌କୁ ଡାକରେ ଦୂରସ୍ଥ ବ୍ୟକ୍ତିଙ୍କ
ନିକଟକୁ ପଠାଇବାକୁ ହେଲେ କାଳେ ବାଟରେ ତାହା
ହଜିଯିବ, ଏଥିପାଇଁ ଉକ୍ତ ନୋଟ୍‌ର ପୂର୍ବାର୍ଦ୍ଧକୁ ଚିଠି ପ୍ରଥମେ
ପଠାଇବାକୁ ହୁଏ ଓ ତହିଁର ପ୍ରାପ୍ତି ରସିଦ ଆସିଲେ ଅପରାର୍ଦ୍ଧ
ପଠାଇବାକୁ ହୁଏ । କାରଣ, ହାଫନୋଟ୍ ଯାହାର ହାତୁଡ଼େ
ପଡ଼ିବ, ସେ ତାକୁ ଭଙ୍ଗାଇ ପାରିବ ନାହିଁ । ଉକ୍ତ ନୋଟ୍‌ର
ମାଲିକ ଅବଶିଷ୍ଟ ହାଫ୍‌ନୋଟଖଣ୍ଡି ସରକାରଙ୍କୁ ଦେଖାଇ
ଆର ହାଫ୍‌ନୋଟ୍ ଖଣ୍ଡିକ ହଜିଥିବା ବାବଦ ଏତଲ ଦେଇ
ପାରିବେ ଓ ସରକାରଙ୍କଠାରେ ଯାମିନ ଦେଇ ତାଙ୍କ
ନିକଟରେ ଥିବା ହାଫ୍‌ନୋଟ୍‌କୁ ଭଙ୍ଗାଇ ସରକାରଙ୍କଠାରୁ
ହାଫନୋଟ ହାଫନୋଟ ଟଙ୍କା ଆଣି ପାରିବେ]

ହାଫ୍ ପା(ପ୍ୟା,ପେ)ଣ୍ଟ୍—ବୈଦେ. ବ (ଇଂ)—ଅଣ୍ଡାଠାରୁ ଆଣ୍ଠୁ ପର୍ଯ୍ୟନ୍ତ
Hāph pā (pyā,pe)ṇṭ ଲମ୍ବିଥିବା ପାଇଜାମା—
ହାଫପ୍ୟାଣ୍ଟ ହାଫପେଣ୍ଟ Half pant.

ହାଫ ପେ—ବୈଦେ. ବ (ଇଂ)—ଅଧା ଦରମା; କୌଣସି ବ୍ୟକ୍ତିଙ୍କ
Hāph pe ଛବ୍ବିଶ ବେତନର ଅଧେ—
ହାଫପେ ହାଫପେ Half pay.

ହାଫ୍ ପେ ଛୁଟି—ବେ. ବ—ଅଧା ଦରମାରେ ମିଳିବା ଛୁଟି—
Hāph pe chhuṭi Leave on half pay.
ହାଫପେଛୁଟୀ ହାଫପେଛୁଟୀ

Digitized by srujanika@gmail.com

ସାଧାରଣ ଲେଖାରେ ଅପର ପୃଷ୍ଠାରେ ସୂଚିତ ହେଉଥିବା ଅକ୍ଷର ଓ ମାତ୍ରା ଏବଂ ଯୁକ୍ତାକ୍ଷର ଅକ୍ଷର ଓ ମାତ୍ରା ମଧ୍ୟରେ ପ୍ରବେଦ ରକ୍ଷା କରନ୍ତି ନାହିଁ; ଅତଏବ ଏହା ଦ୍ୱାରା ଶବ୍ଦ ବୌଣସି ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିଲେ ସେହି ଏ ଗ୍ରନ୍ଥାରେ ସ୍ଥଳରେ ନ ମିଳିବ, ତେବେ ସେହି ଶବ୍ଦ ପାଇଁ ଯଥାକ୍ରମେ ଉହାଁର ବିପରୀତ ଯୁ ବା ୧ ବର୍ଣ୍ଣ ବର୍ଣ୍ଣ ବା ମାତ୍ରାଯୁକ୍ତ ଶବ୍ଦ ଖୋଜିବାକୁ ହେବ । ଯଥା:— 'ଘର' ନ ମିଳିଲେ 'ଗାଈ' ଖୋଜିବେ; ମୂଢ' ନ ମିଳିଲେ 'ମୂଢ' ଖୋଜିବେ, 'ବଧୂ'ନ ମିଳିଲେ 'ବନ୍ଧୁ' ଖୋଜିବେ; 'ଅଙ୍ଗ'ନ ପାଇଲେ 'ଅଙ୍କା' ଦେଖିବେ; ଅଳତା'ନ ପାଇଲେ 'ଅଲ୍‌ତ' ଦେଖିବେ

ହାଫ୍‌ପେନ—ବୈଦେ. ବ (ଇଂ)—ଇଂଲଣ୍ଡ ପ୍ରଚଳିତ ଏକ ପେନିର ଅର୍ଦ୍ଧ ମୂଲ୍ୟର ମୁଦ୍ରା—Half penny.
Hāph-peni
ହାଫପେନି ହାଫପେନି

ହାଫ୍ ପ୍ରାଇସ୍—ବୈଦେ. ବ—(ଇଂ) ଅଧା ମୂଲ୍ୟ; ଅର୍ଦ୍ଧ ମୂଲ୍ୟ; ପଣ୍ୟ ଦ୍ରବ୍ୟର ପ୍ରକୃତ ବା ସାଧାରଣ ମୂଲ୍ୟର ଅଧା ମୂଲ୍ୟ—Half price. [ଦ୍ର—ଦୋକାନମାନେ ଦୋକାନ ସଫା କରିବାପାଇଁ ଦୋକାନର ଜିନିଷମାନଙ୍କୁ ବା ଦାଗ ଲଗିଥିବା ଜିନିଷମାନଙ୍କୁ ଅଧା ମୂଲ୍ୟରେ ବିକ୍ରି ଥାଆନ୍ତି]
Hāph-prāis
ହାଫପ୍ରାଇସ ହାଫପ୍ରାଇସ

ହାଫ୍ ବୁଟ୍—ବୈଦେ. ବ (ଇଂ)—ଯେଉଁ ବୁଟ୍ ଗୋଡର ଗୋଡ଼ର ଉଣ୍ଡା ପର୍ଯ୍ୟନ୍ତ ନ ଛୁଟି କଲାଗଣ୍ଠି ପର୍ଯ୍ୟନ୍ତ ଛୁଟିଥାଏ—
Hāph-but
ହାଫବୁଟ ହାଫବୁଟ Half boots.

ହାଫ୍ ମାର୍ଜିନ୍—ବୈଦେ. ବ (ଇଂ)—ଲମ୍ବ ଭାଗରେ ଅଧେ ଉଜା ହୋଇଥିବା ଗୋଟିଏ କାଗଜର ବା ପୃଷ୍ଠାର ଅଲେଖା ରଙ୍ଗାଯିବା ଫାଳ—Half margin.
Hāph mārjin
[ଦ୍ର—ପାଣ୍ଡୁଲିପି ଆଦି ଲେଖିବା ବେଳେ କାଗଜର ପୃଷ୍ଠାକୁ ବାମ ଓ ଡାହାଣ ଏପଟ ଦୁଇ ଭାଗରେ ଅଧଭାଙ୍ଗୁଣିଆ କରିଯାଇ ଉହାଁର ଗୋଟିଏ ଫାଳରେ ବା ଅଂଶରେ ଲେଖାଯାଏ ଓ ଆର ଫାଳକ ଅଲେଖା ରଖାଯାଏ । ଅଲେଖା ଫାଳରେ ଟୀକା ବା ମନ୍ତବ୍ୟ ଆଦି ପରେ
ହାଫମାର୍ଜିନ ହାଫମାର୍ଜିନ ଲେଖାଯାଇ ପାରେ]

ହାଫ୍‌ମାଷ୍ଟ୍—ବୈଦେ.ବ—(ଇଂ)—ଜାହାଜର ମାସୁଲର ଛଅ ଭାର ଅଧା ଠାରେ ଥିବା ଅଂଶ—Half mast.
Hāph-māsht
ହାଫମାଷ୍ଟ୍ [ଦ୍ର—ପାଶ୍ଚାତ୍ୟ ସଭ୍ୟତା ପ୍ରାପ୍ତ ଦେଶମାନଙ୍କରେ ସ୍ୱଜନ ପରିବାରର ବା ବିଶିଷ୍ଟ ବ୍ୟକ୍ତିଙ୍କ ମୃତ୍ୟୁ ଜନିତ ଶୋକ ପ୍ରକାଶ କରିବାର ସୂଚକରୂପେ ମାସୁଲର ଅଗରେ ଉଡୁଥିବା ପତାକାକୁ ହାଫ୍‌ମାଷ୍ଟ୍‌କୁ ନଯାଇ ଅଣିବାକୁ ହୁଏ ।]

ହାଫ୍ ମୋ(ମୌ)ଜା—ବୈଦେ. ବ—(ଇଂ ହାଫ୍ ଓ ଅ ମୋଜହ୍)—
Hāph mo(mau)jā
ଯେଉଁ ମୋଜା ଗୋଡ଼ ଉଣ୍ଡାର ଅଧାଯାଏ ହାଫମୋଜା ଚଢ଼ିଥାଏ—Half stockings; socks. [ଦ୍ର—
ହାଫମୋଯା ଏହାକୁ ପୁରୁଷମାନେ ବ୍ୟବହାର କରନ୍ତି ।]
(ଫୁଲ୍ ମେଜା—ବିପରୀତ)

ହାଫ୍‌ରେସନ୍—ବୈଦେ.ବ (ଇଂ)—ଅସମୟରେ ବା ଅବରୁଦ୍ଧ ଅବସ୍ଥାରେ
Hāph resan
ବା ବିପଦକାଳରେ ଖାଦ୍ୟଦ୍ରବ୍ୟ ନଅଣ୍ଟା ହେଲେ ସୈନ୍ୟ
ହାଫରେସନ ମାନଙ୍କୁ ନିର୍ଦ୍ଦିଷ୍ଟ ଖୋରାକର ଅଧାରେ୍‌ରେ ଦଆଯିବା
ହାଫରେସନ ଖୋରାକ—Half ration. (ଦ୍ର—କେତେକ ସ୍ଥଳରେ ଉଣ୍ଡା ସ୍ୱରୂପ ମଧ୍ୟ ସୈନ୍ୟମାନଙ୍କୁ ହାଫ୍‌ରେସନ୍ ଦିଆଯାଏ ।)

ହାଫ୍ ସ୍କୁଲ୍—ବୈଦେ. ବ—(ଇଂ)—ହାଫ୍ ଇସ୍କୁଲ୍ (ଦେଖ)—
Hāph skul
Hāph iskul (See).

ହାଫ୍ ଷ୍ଟକିଙ୍—ବୈଦେ. ବ—(ଇଂ)—ହାଫ୍ ମୋଜା (ଦେଖ)—
Hāph staking
Hāph-mojā (See).

ହାଫ୍‌ହଣ୍ଟିଙ୍—ବୈଦେ. ବିଶ—(ଇଂ)—୧ । ଯେଉଁ ଘଣ୍ଟାର ବା
Hāph-hanting
ଘଣ୍ଟେଇ ଘଡ଼ିର ମୁହଁ ଦବାକୁ ଧାଡୁମୟ ହାଫ ହଣ୍ଟିଙ୍ଗ ଗୋଡ଼ଣିରେ ମୁଦା ନ ଯାଇ ମଝିରେ ଗୋଟିଏ
ହାଫହଣ୍ଟିଂଗ ଚକ୍ରଚ୍ଛ ଥାକୁଡରେ କାଚ ଦଅସାଇଥାଏ—1. Half-hunting (watch). ୨ । ଯେଉଁ ଜୋତା ବା ବୁଟ୍ ବାନ୍ଧିବାକୁ ଫିତା ଥାଏ ଓ କଡ଼ରେ ଇବର ମଧ୍ୟ ଥାଏ—
2. Half-hunting (shoes and boots).
[ଦ୍ର—ଇଂରାଜ ହଣ୍ଟିଙ୍ (Hunting)ର ଅର୍ଥ ଶିକାର । ଶିକାରରେ ନିଯୁକ୍ତ ବ୍ୟକ୍ତିମାନଙ୍କର ବୁଟ୍ ବା ଜୋତା ଗୋଡ଼ରୁ ସହଜରେ ଖସିପିବ ନାହିଁ ବୋଲି ଯେଉଁ ଜୋତାରେ ବା ବୁଟ୍‌ରେ ଫିତା ବନ୍ଧା ହୋଇଥାଏ, ତାହା ହଣ୍ଟିଙ୍ ଜୋତା ବା ବୁଟ୍ ବୋଲିପାଏ ଓ ଶିକାରୀମାନଙ୍କ ବ୍ୟବହୃତ ଘଣ୍ଟାର ମୁହଁରେ କାଚର ଢାଙ୍କୁଣି ଥିଲେ ତାହା ଝାଙ୍କିଯାଇ ପାରେ, ଏଥିପାଇଁ ଉକ୍ତ ଘଡ଼ର ମୁହଁରେ ଧାଡୁମୟ ଢାଙ୍କୁଣି ଥାଏ ।
ଏପର ଘଣ୍ଟାକୁ ହଣ୍ଟିଙ୍ ଘାଡ଼ ବୋଲିଯାଏ ।]

ହାଫା—ଦେ.ଅ—(ସଂ· ହାର୍ଫିକା=ହାଇ, ବମ୍ବା ଧ୍ୱନ୍ୟନୁକରଣ; ଇଜା-
Hāphā
ପୁଡ଼ାକୁ ଆଁ ହୋଇଥିବା ପାତ୍ରରେ ମାଡ଼ ଦେଇ ହଠାତ୍ ହାପା ହାଫା କାଢ଼ି ଅଣ୍ଡିରାବେଳେ ଶୁଣାଯିବା ଧ୍ୱନିରୁ)—ଆଖିରେ ସାମାନ୍ୟ ଗୁଣ୍ଡଅଦ ପଡ଼ିଲେ କମ୍ବା ଆଖିରେ ଜ୍ୱାଳା ହେଲେ ଲଗାର ଗୋଟିଏ ଛୁଟ ପୁଡା କରି ତାହା ହାତରେ ଧରି ସେହି ପୁଡାକୁ ଆଁ ହୋଇଥିବା ପାତ୍ରରୁ ନର୍ଗତ ବାଷ୍ପରେ ମାଡ଼ିସାରି ତାହା ଉତ୍ତପ୍ତ ଥାଉଁ ଥାଉଁ ତାକୁ ଆଣି ଆଖିରେ ମାଡ଼ିବା—To press a ball of cloth into an aching eye after putting it on the mouth and yawning or blowing unto it. [ଦ୍ର—ଏହାର କରିବାର 'ହାପା' କଲେ ଦେଖାଯାଏ ଯେ, ଆଖିର ଜ୍ୱାଳାର ଅନେକ ପରମାଣୁରେ ଉପଶମ ହୁଏ ।]

ହାପା କରିବା—ଦେ. କି—କନା ପୁଡାକୁ ଆଁ ହୋଇଥିବା ପାତ୍ରରୁ
Hāphā karibā
ନର୍ଗତ ହେଉଥିବା ବାଷ୍ପରେ ମାଡ଼ ତାକୁ ହାପା ଦେଓୟା ଆଣି ଜ୍ୱାଳା ହେଉଥିବା ଆଖି ଉପରେ ମାଡ଼ିବା—
ହାଫା କରନା To press a ball of cloth on the aching eye after yawning or blowing into it.

ହାପିକା—ସଂ. ବ—(ହାଫ୍—ଧ୍ୱନ୍ୟର୍ଥକ+କ+ଆ)—ଜମ୍ଭା; ହାଇ—
Hāphikā
Yawning.
(ଅନ୍ୟ ସ—ଜମ୍ଭା, ଜୃମ୍ଭିକା)

ହାଫିଜ୍—ବୈଦେ.ବ—(ଆ)—୧ । ଯେଉଁ ମୁସଲମାନ ସମସ୍ତ କୋରାନ୍
Hāphij
ମୁହଁସ୍ଥ କଣ୍ଠସ୍ଥ କରିଥାଆନ୍ତି—1. A Mahomedan

Digitized by srujanika@gmail.com

୧	ଇ	ଉ	ଋ,ଌ	ଌ	ଏ	ହ୍ରସ୍ୱ ବର୍ଣ୍ଣ	ଅନୁନାସିକ ଯୁକ୍ତାକ୍ଷର	କ୍ଷ	ଜ୍ଞ	ଶ,ଷ	ଙ୍କ	ଇପ୍	ଉଅ	ଉ୍ଲ
୨	ଈ	ଊ	ୠ	ୡ	ଐ	ଅକାରାନ୍ତ ବର୍ଣ୍ଣ	ଅନୁସ୍ୱାର ବା ଚନ୍ଦ୍ରବିନ୍ଦୁଯୁକ୍ତ ବର୍ଣ୍ଣ	ତ୍ର	ଯ	ସ	ଗଁ	ଇଅ	ଈ	ଊ

ହାଫେଜ ହାଫିଜ who has committed the whole of the Koran into memory. ୨ । ପୁ. (ନାମ; ଅଖଣ୍ଡକ ଅର୍ପଣକ, ଭଣ୍ଡାରଧାରକ) ମୁସଲମାନଜଣେଷଙ୍କ ନାମ—2. A name given to Mahomedan. ୩ । ପାରସ୍ୟ ଦେଶୀୟ ପ୍ରଧାନ କବି ଶାମ୍ସୁଦ୍ଦିନ୍ ହାଫିଜଙ୍କର ଡାକ ନାମ—3. Nick-name of the Persian poet Samsuddin Hafiz.

ହାଫି(ପ୍ରି)ବା—ଗ୍ରାଦେ (ସମ୍ବଲପୁର)କ୍ରି—ହାପୁରିବା—
Hāphi(pri)bā To gulp or suck up a liquid food with a sound.

ହାଫିସ୍(ସି)—ବୈଦେ.ନ—(ଇଂ ଅଫିସ୍‌ର ଅଶୁଦ୍ଧ ଉଚ୍ଚାରଣ)—ଅଫିସ; କାର୍ଯ୍ୟାଳୟ—Office.
Hāphis(si)
ଆପିସ ଆଫିସ

ହାଫୁ—ଦେ. ବ—୧ । ହାଫ୍ (ଦେଶ)—1. Hāpu (See).
Hāphu ୨ । (ଶିଶୁ ବଚନ, ଧନ୍ୟବାଦାର୍ହ) ଫାପ ଲଉଇବା ବା ହାପୁ ଫୁକ ଉଷ୍ମ ଖାଦ୍ୟକୁ ଫୁଙ୍କିବା—2. Blowing air with the lips for cooling hot food or putting out the light of a lamp.

ହାଫୁ କରିବା—ଦେ. କ୍ରି—(ଶିଶୁ ବଚନ)—୧ । ଜଳୁଥିବା ଫାପକୁ
Hāphu karibā ଫୁଙ୍କି ଲିଭାଇବା—1. To blow out
ହାପୁ କରା a lamp, ୨ । ଉତ୍ତପ୍ତ ଖାଦ୍ୟକୁ ଶୀତଳ କରିବା ପାଇଁ
ଫୁଙ୍କଲା ଫୁଙ୍କିବା—2. To blow air into a hot food to cool it. ୩ । ଶିଶୁର ଆଖିକୁ ଫୁଙ୍କିବା—3. To blow unto the eyes of a child. [ଦ୍ର—କୌତୁକ ଦେଖିବାକୁ ବୟସ୍କମାନେ ଶିଶୁମାନଙ୍କୁ ନଜଡ଼କୁ ଡାକ ସେମାନଙ୍କ ମୁହଁ ହାମନାରେ ଆପଣାର ମୁହଁକୁ ରଖି ପଚାରନ୍ତି—
ପ୍ରଶ୍ନ—ତୋଠାକୁ ସିବୁ ? ଉତ୍ତର—ହଁ
ପ୍ରଶ୍ନ—ଅମ୍ବ ଖାଇବୁ ? ଉତ୍ତର—ହଁ
ପ୍ରଶ୍ନ—ବାଘ ଦେଖିଲେ ତ ଭରବୁ ନାହିଁ ? ଉ—ନଁ।; ଶିଶୁ ଏଭଳି କହିବା ମାତ୍ରେ ବୟସ୍କ ବ୍ୟକ୍ତି ଶିଶୁର ଆଖିକୁ 'ହାପୁ' କରି ଦିଅନ୍ତି ଓ ଶିଶୁ ଯଥାଶୀଘ୍ର ଚେଷ୍ଟା କଲେ ସୁଦ୍ଧା ତା ଆଖି ବୁଜି ହୋଇଯାଏ ଓ ବୟସ୍କ ବ୍ୟକ୍ତି କହନ୍ତି —ତୁ ତ ଭରିଲୁ (ଅତଏବ ତୋତେ ତୋଠାକୁ ନେବ ନାହିଁ ।)]

ହାଫୁର—ଗ୍ରାଦେ (ସମ୍ବଲପୁର)କ୍ର—(ଇ. ଅସ୍ମୋର, ଭୁଲ ଇଂ ଏପିଲେପ୍‌ସୀ)
Hāphur ଅପସ୍ମାର ରୋଗ—Epilepsy.

ହାବ୍‌କିବା—ଗ୍ରାଦେ. (ଖଡ଼ିଆଳ) କ୍ରି—କାମୁଡ଼ିବା—
Hāb-kibā To bite.

ହାବଡ଼ା(ଇତ୍ୟାଦି)—ଦେ. ବ—ହାବୁଡ଼ା ଇତ୍ୟାଦି (ଦେଶ)—
Hāb-rdā (etc) Hāburdā etc (See)

ହାବଡୁଡୁ—ଦେ. ବ—ଡୁ ଡୁ (ଦେଶ)—
Hāb-ḍuṇḍu Ḍu ḍu (See).

ହାବଡ଼ିବା—ଦେ (ସମ୍ବଲପୁର) କ୍ରି—ହାବୁଡ଼ିବା (ଦେଶ)
Hab-rdibā Hā burdibā (See).

ହାବ୍‌ସ—ଗ୍ରାଦେ (ଖଡ଼ିଆଳ) ବ—କଚଡ଼ା—
Hāb-sa Fall with a thud.

ହାବ୍‌ସି କଚାଡ଼ିହେବା—ଗ୍ର.ଦେ (ଖଡ଼ିଆଳ) କ୍ରି—ନଜେ ନଜେ କୋଡ଼ି-
Hāb-si kacharḍi hebā ଜଗୁଡ଼ ହୋଇ ଶୋକ କରିବା—To weep or wail by striking one's limbs on the ground.

ହାବ୍‌ସି ଦେବା—ଗ୍ରାଦେ—(ସାଧାରଣ) କ୍ରି—ଜଗୁଡ଼ି ଦେବା—
Hāb-si debā To dash a thing down.

ହାବ୍‌ସିବା—(ଖଡ଼ିଆଳ) କ୍ରି—ଜଗୁଡ଼ିବା
Hāb-sibā To dash a thing with a thud.

ହାବ୍‌ସି ହେବା ଗ୍ରାଦେ (ସମ୍ବଲପୁର) କ୍ରି—କ୍ରୋଧରେ ବା ଶୋକରେ
Hāb-si hebā ଭୂଲେ ଶୁଖିପିଣ୍ଡ ଦେବା—To strike one's limbs in the ground in a paroxysm of anger or grief.

ହାବ—ସ. ବ—(ହୁ ଧାତୁ=ଆଚ୍ଛନ୍ନ ଦେବା+ଅଣ୍ଡକରଣ ଅ, ଏଥିଦ୍ୱାରା
Hāba ଅନୁରାଗୀମାନେ କାମାନଳରେ ଆଚ୍ଛନ୍ନ ହଅନ୍ତି ବୋଲି)—୧ ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବଜଡିତ ବିଳାସ ବା ଲୀଳା; ସ୍ତ୍ରୀମାନଙ୍କର ଶୃଙ୍ଗାର ଭାବଜ ଓ ଶୃଙ୍ଗାରୋଦ୍ଦୀପକ କ୍ରିୟା ବା ଚେଷ୍ଟା; ବିଳାସ ବିଭ୍ରମ—[ଦ୍ର—ଯୁବାନୋଽନେନ ଦୃଷ୍ଟସ୍ତେ ନାସ୍ୟଧର୍ମବିନାଳଲେ, ଅତୋଽନରୁଚ୍ୟତେ ହାବ ସ୍ତେ ବିଳାସାଦସ୍ୟୋତ୍ତମାଃ)—1. Amorous gestures or movements of lustful women. ୨ । ସ୍ତ୍ରୀମାନଙ୍କର ଲଟକଣ୍ଠାଳ ଛଳ—2. Coquetry; blandishments of love. [ଦ୍ର— ସ୍ତ୍ରୀଭାବଭଙ୍ଗୀ, ଭ୍ରୂଭଙ୍ଗୀ, ନେତ୍ରଭଙ୍ଗୀ, ମୁଖଭଙ୍ଗୀ, ଅଙ୍ଗଭଙ୍ଗୀ, ଗମନଭଙ୍ଗୀ, ଆଦି ହାବ ଅଟେ । ଏହା ସ୍ତ୍ରୀମାନଙ୍କର ଯୌବନଜ, ବଳ୍ଲଭାଶ୍ରିତ ବିକାର । ଏହା ଦଶବିଧ । ଯଥା—ଲୀଳା, ବିଳାସ, ବିଚ୍ଛିତ୍ତି, ବିଭ୍ରମ, କିଳ, କିଳ୍ପିତ, ମୋଟ୍ଟାୟିତ, କୁଟ୍ଟମିତ, ବିବୋକ, ଲଲିତ (ଅମର, ଉଜ୍ଜ୍ୱଳ) ।] ୩ । (ହ୍ୱେ ଧାତୁ=ଅହ୍ୱାନ କରିବା+ଘଞ୍ ଆ)—ଅହ୍ୱାନ—3. Calling.

ହାବଡ଼ାଇବା—ଗ୍ରାଦେ (ଖଡ଼ିଆଳ) କ୍ରି—ଭେଟିବା; ହାବୁଡ଼ିବା—
Hābarḍāibā To meet, to come across; to encounter.
(ହାବଡ଼ିବା—ଅନ୍ୟରୂପ)

Digitized by srujanika@gmail.com

ହାବ ଭାବ—ଦେ. ବ (ସମ୍ଭବତ ଶବ୍ଦ; ସ. ହାବ ଓ ଭାବ)—
Hāba bhāba
ହାବଭାବ
ହାବଭାବ
—1. Gestures; airs. ୨ । ଭଙ୍ଗୀଭାଙ୍ଗି; ଆଚରଣ —2. Mode or manner of behaving one's self. ୩ । ଶୃଙ୍ଗାରାତ୍ମକ ଚେଷ୍ଟା—3. Dalliance; blandishment; coquetry.

ହାବଲ୍ଲି—ସ୍ରାଦେ (ସମ୍ବଲପୁର) ବ (ଇଂ. ହୁ. ହବେଲ୍ଲ)—ଘରକାଉର—
Hāballi
A building.

ହାବା—ଦେ. ବିଣ. ପୁଂ (ସ. ଅବାକ୍)—୧ । ବାକ୍‌ଶକ୍ତିହୀନ; ମୂକ;
Hābā
ମୂଙ୍ଗା—1. Dumb (person). ୨ । ଯେଉଁ ବ୍ୟକ୍ତି (ହାବାଣ୍ଡି, ହାବୁଣୀ—ସ୍ତ୍ରୀ) ମୁହଁଫିଟା କଥା କୁହବାକୁ ସଙ୍କୋଚ ବୋଧ କରେ);
ହାବା
ବୋକା, ମୁଂଗା
ଗୋରମ୍ଭହା—2. (a person) Who is not pushing or forward in speech. ୩ । ଅବୋଧ; ଓଜ୍ଜୁ; ଓଲମା; ଅଚତୁର—3. Stupid; foolish. ୪ । ପାଗଳ ପ୍ରାୟ ଯେ ଗୋଟାଏ ଅଡ଼ୁଆକୁ ଗୁହଁ ଚାହିଥାଏ—4. Idiotic; gaping. ବି. ପୁଂ—୧ । ମୂଙ୍ଗା ଲୋକ—1. A mute or dumb person. ୨ । ଅଚତୁର ବ୍ୟକ୍ତି; ଓଜ୍ଜୁ ଲୋକ; ଓଲମା ଲୋକ—2. A fool; a dunce. ୩ । ପାଗଳା-
3. An idiot. କ୍ରି.ବି. ବ (ଅନୁ. କୃଦ୍ଧା)—ପବନ ପରି ଦ୍ରୁତ ଗତି (ଗୋପୀନାଥ ନନ୍ଦ)—Very quick motion like that of air.

ହାବା ଗା(ଗେ, ଗୋ)ବା—ଦେ. କ୍ରି. ବିଣ—୧ । ଦେବା ଗେବା;
Hābā gā (ge, go)bā
ଏତେଇଁ ସେତେଇଁ ହାତ ମାର
ହାବା ଗୋବା
ଦେହରେ ତେଲ ବୋଳ ଦେବା ଭଳରେ—
ଇଦର ଉଦର
1. (smearing oil over one's body) In an irregular or uneven manner.
[ଉ—ତେଲ ଲଗେଇବ ହାବା ଗେବା, ଖାଇ ବସିବ ଆଗା । ଶୋଇ ପଡ଼ିଥିବ ଚଉ ଦୋଇ, ମାଡ଼ ବସିଥିବ ଜାଗା—ଚଗ ।] ୨ । ଚିଲମଚିଲି, ହେଲାଦସ୍ତି ବା ଅସ୍ତବ୍ୟର ରୂପେ (କାମ କରିବା)—2. (doing an act) In a slip-shod or slovenly manner. ବିଣ—୧ । ମୂଙ୍ଗା ଓ ଜଡ଼ବୁଦ୍ଧିଆ—1. Dumb and dunce. ୨ । ସରଳ ଓ ଅବୋଧ—2. Simple and foolish; idiotic.

ହାବାଡ଼ି—ଦେ. ବିଣ (ପୁଂ ଓ ସ୍ତ୍ରୀ) – ୧ । ହାବା; ମୂଙ୍ଗା—1. Dumb;
Hābārḍi
ହାବା
ବାକ
mute. ୨। ଅବୋଧ—2 Stupid; foolish; idiotic.
(ହାବାଡ଼ିଆ—ଅନ୍ୟରୂପ)

ହାବିବା—ଦେ. କ୍ରି (ସମ୍ଭବତଃ ଅ. ହାୱା=ପବନ ପରି ଗତି କରିବା)—
Hābibā
ଏକ ସ୍ଥାନରୁ ଅନ୍ୟତ୍ର ଶୀଘ୍ର ଗମନ କରିବା
(ଅହାବିବା—ବଧସ୍ତ)
(ଗୋପୀନାଥ ନନ୍ଦ)—To move
ଶିଗ୍‌ଗିର ଯାଓୟା
swiftly from one place to another.
ଜଲଦୀଜାନା

ହାବିଲ୍‌ଦାର୍—କୈ.ଦେ. ବ (ଅ. ହାୱାଲ୍ଲ=ରକ୍ଷଣ; ହାୱାଲ୍‌ଦାର୍
Hābil-dār
=ରକ୍ଷକ)—୧ । କ୍ଷୁଦ୍ର ଦେଶୀୟ ପଦାତିକ
ହାବିଲ୍‌ଦାର୍
ଦଳର ଦେଶୀୟ ଅଧିପ—1. Havildar, an
ହାବିଲଦାର
Indian corporal of a body of Indian foot soldiers; a sepoy-sergeant. ୨ । ଜିଲ୍ଲାର ପୁଲିସ ସାହେବଙ୍କ ଅଧୀନରେ ଥିବା ସିଲଟେଣ୍ଟ ପୁଲିସର ଜମାଦାର୍ – 2. Havildar of a company of military police under civil police. [ଦ୍ର—ଏହି ଅରବୀ ଶବ୍ଦ ଇଂରାଜୀରେ ବ୍ୟବହୃତ ହେଉଅଛି ।]

ହାବିଲି—କୈ.ଦେ. ବ (ଅ. ହାୱା=ପବନ; ଶୂନ୍ୟ; ହୱାଇ=ଯାହା
Hābili
୧ । ଶୂନ୍ୟରେ ଉଡ଼ିଯାଏ)—୧। ଆକାଶଗାମୀ ଅଗ୍ନିବାଣ
ହାୱା(ଉ)ଇ
ହବାଇ
—1. A kind of firework; rocket.
[ଦ୍ର—ଏଥିର ଜନ୍ମଦେଶରେ ଅଗ୍ନି ଯୋଗ କଲେ ଏହା ଦ୍ରୁତ ଗତିରେ ଆକାଶକୁ ଉଠିଯାଏ । ଏହାର ତଳ ଭାଗରେ ଗୋଟିଏ ଲମ୍ବା ସରୁ ବାଉଁଶ ଲଗିଥାଏ । ଜାହାଜ ସମୁଦ୍ରରେ ଚଳନ୍ତେ ହେଲେ ଓ ଅବରୁଦ୍ଧ ଦୁର୍ଗବାସୀମାନେ ବପନ୍ନ ହେଲେ ଦୂରବର୍ତ୍ତୀ ବ୍ୟକ୍ତିମାନଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବପନ୍ନ ବ୍ୟକ୍ତିମାନେ ହାବିଲ ଛଡ଼ନ୍ତି ଓ ତାହା ଦେଖି ଲୋକେ ବପନ୍ନ ବ୍ୟକ୍ତିମାନଙ୍କ ଅବସ୍ଥିତିର ଦିଗ ଠାଉରାଇ ତାଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହୁଅନ୍ତି ।]
୨ । (ଲକ୍ଷଣାର୍ଥେ) ହାବିଲପରି ଦ୍ରୁତଗତିଶୀଳ ଓ ଅସ୍ଥିର ବ୍ୟକ୍ତି—2. (Figurative) A restless and quickly moving person (compared to a rocket). ୩। (ଆ.ହବେଲି) ରାଜା ଓ ନବାବ୍ ଆଦିଙ୍କ
ହାବେଲି
ବାସସ୍ଥାନ ; ରାଜପ୍ରାସାଦ—3 Palace of kings;
ହବେଲୀ
royal premises. ୪ । ରାଜପ୍ରାସାଦର ଦିଭା—
4. The compound of a palace. [ଯଥା—କଟକଡ଼ାବିଲ (କଟକ ସହରର ଉତ୍ତର ପଶ୍ଚିମ ଅଂଶର ସଲଗ୍ନ ପ୍ରଗନ୍ନାର ନାମ ଓ କଟକ ମହରର ଉତ୍ତରପଶ୍ଚିମାର ଅନ୍ତର୍ଗତ ଅଞ୍ଚଳ)] ସ୍ରାଦେ (ଥଳ) ବ—ଶକଟାଦିର ଚକର ଅର—The spokes of a cart-wheel.

ହାବିଲ ଗଞ୍ଜ—ଦେ.ବ—ଅନେକ ହାବିଲ ଜଞ୍ଜା ହୋଇଥିବା ଅଗ୍ନିବାଣ
Hābili gañja
ହାୱାଇ ଥାକ
ହବାଇ ଗଂଜ
A cluster of rockets attached to a firework, which, when ignited, lets off simultaneously dozens of rockets.

ହାବିଲ ଛୁଡ଼ିବା—ଦେ. କ୍ରି—ହାବିଲ ବାଣକୁ ନଅଁ ଲଗାଇବା ପାଇ
Hābili chārḍibā
ଶୂନ୍ୟକୁ ଛଡ଼ିବା—To let off
ହାଉଇ ଛାଡ଼ା
ହବାଇ ଛୋଡ଼ନା
rockets into the air.

ହାବିଲଦାର—କୈ.ଦେ-ବ.(ଆ ହାୱାଲ୍‌ଦାର୍)—ହାବିଲ୍‌ଦାର (ଦେଖ)
Hābilidāra
ହାବିଲଦାର
Hābil-dār—(See)—
ହାବିଲଦାର

Digitized by srujanika@gmail.com

ହାବିସ୍ (ସି)—ବୈ.ଦେ. ବ—(ଲଂ ସ୍ପୃହ; ଜାହାଜଆ ଭଷା)—
Hābis (si) ୧ । ଉତ୍ତୋଳନ; ଉପରକୁ ଉଠାଇବା—(ଯଥା—ହାବିସ ହାବିସ ଲଙ୍ଗରକୁ ହାବିସ୍ କରିବା ।) 1. Lifting. ୨ । ବୋଇର ବା ଜାହାଜର ମଝରେ ଥିବା ଚକକୁ ଘୂରାଇ ଜାହାଜର ଗତିକୁ ଅଟକାଇବା କର୍ମ— 2. Stopping the motion of a boat or ship by turning the wheel at the helm. ୩ । ଜାହାଜର ଓ ବୋଇର ଗତି ବନ୍ଦ କରି ଜାହାଜକୁ ଅଟପ୍ରେତ ଘାଟକୁ ବାଗେଇବା କର୍ମ—3. Directing or regulating the position of a ship by stopping her motion. ୪ । ଜାହାଜକୁ ଚଲାଇବା ପାଇଁ ଲଙ୍ଗରର ଉତ୍ତୋଳନ—4. Weighing up or heaving of the anchor of a ship (in order to start). ୫ । (ମା) ଆବସିନିଆ ଦେଶ—5. Abyssinia. ୬ । ଆବସିନିଆ ଦେଶବାସୀ ବ୍ୟକ୍ତି—6. An Abyssinian. ବୈ.ଦେ. ବ—ଆବିସିନିଆଦେଶ ସମ୍ବନ୍ଧୀୟ—Pertaining to Abyssinia; abyssinian.

ହାବୁ—ଦେ ବଣ ଓ. ବ.—ହାବା—(ଦେଶ)—
Hābu Hābā (See)—
(ହାବୁଆ—ଅନ୍ୟ ବଣ ଓ ବ ରୂପ) ପ୍ରାଦେ (ଆଟଣା) ଅ—ସେ ହାବୁ, ହାବା ବୋକା, ମୂର୍ଖ ଆଡ଼କୁ—To that direction.

ହାବୁକା—ଦେ. ବ—୧ । ବାହୁ ଓ ହାତ ଦ୍ୱାରା ମରାଯିବା ଧକ୍କା—
Hābukā 1. Vigorous push given by the arms ଧାକ୍କା and hands. [ବ୍ୟୁ—କେଶାକର୍ଷଣ ହାବୁଟା ଗଡ଼ଗଡ଼ା ଧକ୍କା ଗୁପୋଡ଼ ବଦ୍ଧା କଡ଼,ଲେଡ଼ା ନାକମୋଡ଼ା କନ୍ଥୁଣୀ କୋରଡ଼ା ଘାଣ୍ଟୋଇ ଠେଙ୍ଗା ଦଉଡ଼ି (ମାଡ଼ର ପ୍ରକାର)] ୨ । ଘାଣିରେ ଠିଆ ହୋଇ ଦୁଇ ହାତ ଓ ବାହାଦ୍ୱାରା ଘାଣିକୁ ଧକ୍କା ମାରିବା—2. Pushing the water with the arms and hands. ୩ । ହାତରେ ଓ ବାହୁରେ ଧକ୍କା ମାରିବା ଦ୍ୱାରା ଜାତ ଜଳର ଢେଉ । 5. Wave resulting from push given to the water by the arms and hands. ୪ । ଜଳରେ ଜାତ ଢେଉ—4. Wave of water. ୫ । ଅସ୍ତ୍ର ବିଶେଷ—5. A kind of weapen. [ବ୍ୟୁ— ନାରସିଂହୀ ଓ ଦେବୀ ଶିବେ ହାବୁତାଣ୍ଟ, ମାରନ୍ତେ ମାଲଜଣ୍ଠ ଶିବ ହୋଇଲେଣ୍ଟ । କୃଷ୍ଣସିଂହ, ମହାଭାରତ, ଶାନ୍ତି ।]—

ହାବୁକା (କେ) ଇବା—ଦେ. କି—୧ । ଧକ୍କେଇବା; ମନୁଷ୍ୟକୁ ହାତ ହାବୁକା(କେ)ibā ଓ ବାହୁ ଦ୍ୱାରା ବଳପୂର୍ବକ ଧକ୍କା ମାରିବା—
ହାବୁକା ଦେବା } —ଅନ୍ୟରୂପ 1. To vigorously
ହାବୁକା ମାରିବା } push a person by
ଧାକ୍କା ଦେଓୟା ଧକ୍କା ଦେନା the arms.
and hands. ୨ । ଘାଣିକୁ ବାହୁଦ୍ୱାରା ବଳପୂର୍ବକ ଆନ୍ଦୋଳନ କରିବା—2. To give pushes to the water with one's arms and hands. ୩ । (ଘାଣି) ଢେଉ ଦ୍ୱାରା ଆନ୍ଦୋଳିତ ହେବା—3. To rise in waves or billows (said of water).

ହାବୁଗିଳା—ଦେ. ବଣ—ଅଭଦ୍ର; ଭୀତ; ଭରୁଆ—
Hābugilā Coward; timid.
ଭୀତୁ ଡ଼ରପୋକ

ହାବୁଡ଼ ଜାବୁଡ଼ କରି ଧରିବା—ଦେ. କି—ହଠାତ୍ ଅସି ଗୋଟାଏ
Hāburd jāburd kari dharibā ବ୍ୟକ୍ତିକୁ ବା ବସ୍ତୁକୁ ଅଧିକାର କରି ତାକୁ ଖୁବ୍ ଜୋରରେ ଚପି ଧରିବା—To take hold of a thing or person suddenly and to hold it tightly.
ଆଁକଡ଼େଧରା ଜୋରସେପକଡନା

ହାବୁଡ଼—ଦେ. ବ—(ସଂ. ଆବର୍ତ୍ତ ?)—୧ । ଦୁଇଜଣଙ୍କର ବା ଦୁଇ
Hāburda ବସ୍ତୁର ବିପରୀତ ଦିଗରୁ ହଠାତ୍ ହେଟ—1. Sudden meeting of two persons or things from opposite sides. ୨ । ଦୁଇ ଜଣଙ୍କର ହେଟ ବା ମିଳନ—2. Meeting of two persons. ୩ । ଅଦଉଆର; ଅଧିକାର—3. Control; power. [ବ୍ୟୁ—ମୋର ହାବୁଡ଼ୁ ଯିବ ତାହିଁ—ଜବସୂର୍ଯ୍ୟ. ସଙ୍ଗୀତ]
ହାବୁଡ଼ ଠକର

ହାବୁଡ଼ ପଡ଼ିବା—ଦେ. କି—ହାବୁଡି ପଡ଼ିବା (ଦେଶ)—
Hāburda pardibā Hāburdi pardibā (See)

ହାବୁଡ଼ା—ଦେ. ବ—୧ । ବିପରୀତ ଦିଗରୁ ଆସୁଥିବା ଦୁଇଟି ବସ୍ତୁର ବା
Hāburdā ବ୍ୟକ୍ତିଙ୍କର ସଂଘର୍ଷ—1. Sudden impact or
ହାବୁଡ଼ା clash of two things or persons proceeding from opposite directions; collision.
ହାବଡ଼ା ୨ । ଏକ ବସ୍ତୁ ଅସି ଅନ୍ୟ ବସ୍ତୁ ସଙ୍ଗେ ବାଜିଯାଇ ହଠାତ୍ ଅଟକି ଯିବା—2. Sudden stopping of a thing by coming against another thing. ୩ । ଦୁଇ ବସ୍ତୁର ବା ବ୍ୟକ୍ତିଙ୍କର ଅପ୍ରତ୍ୟାଶିତ ମିଳନ—3. Unexpected meeting of two things or persons. ୪ । କେଲାମାନଙ୍କର ହାବୁଡ଼ା ଖେଳ—4. A sort of movements of the arms by the wandering Kelās or gypsies by striking the arms on each flank. [ବ୍ୟୁ—ଶଅରୁଣୀଙ୍କର ଜାମୁତାଳ ନାଚ କେଲାର ହାବୁଡ଼ା ଖେଳ—କନକକୁଣ୍ଡୋର ଜର୍ଜ୍ଜରୀ] [ଉ—ଏଥିରେ କେଲାମାନେ ଅପଣାର ବାହୁର ତଳକୁ ଅପଣା ପାର୍ଶ୍ୱରେ ଜୋର୍ ଘୁଂଚ ସଜଦ ଆଘାତ କରନ୍ତି] ୫ । (ନାମ)କଲିକତାର ଅପରପାର୍ଶ୍ୱରେ ଥିବା ଗଙ୍ଗା ବା ହୁଗୁଳି ନଦୀର ଗଢବନ୍ଦୀ ନଗର ଓ ଜିଲ୍ଲା—5. Howrah, name of a district and town on the bank of the Ganges or the Hooghly opposite to Calcutta.

Digitized by srujanika@gmail.com

[ଦ୍ର—ଏହି ସ୍ଥାନରେ ମଫସଲର ନାନା ଦଗରୁ ଅସୁଥିବା ଛଙ୍ଗାମାନ ହାବୁଡୁଥିବାରୁ ସମ୍ଭବତଃ ଏହି ନାମ ହୋଇଅଛି ।

ହାବୁଡ଼ା ବଙ୍ଗ ପ୍ରଦେଶର ବର୍ତ୍ତମାନ ହୁଗଳୀ ଅନ୍ତର୍ଗତ ଗୋଟିଏ ଜିଲ୍ଲା । ଏହାର ଖେଡ଼ଫଳ ୫୯୦ ବର୍ଗମାଇଲ୍ । ଏ ଜିଲ୍ଲାର ଦୁଇଟି ସବ୍‌ଡିଭିଜନ୍ ବା ମହକୁମା-ହାବୁଡ଼ା ଓ ଚୁଲୁ ବାଡ଼ିଆ । ଏହି ଜିଲ୍ଲାର ସଦର ସବ୍‌ଡିଭିଜନ୍‌ର ସଦରଧାଡ଼ି ହାବୁଡ଼ା । ଏହା ବେଙ୍ଗଲ ନାଗପୁର ଓ ଇଷ୍ଟ ଇଣ୍ଡିଆନ୍ ରେଲ୍‌ର ଶେଷ ମୁଣ୍ଡ ଷ୍ଟେସନ । ଏହା ଗୋଟିଏ ବାଣିଜ୍ୟ ସ୍ଥଳୀ, ହୁଗଳୀ ନଦୀ ଉପରେ ଅବସ୍ଥିତ । କଲିକତା ସଙ୍ଗେ ଗୋଟିଏ ଘୋଷମାନ ଘୋଲଦ୍ୱାର ଏହା ସଯୁକ୍ତ ହୋଇଅଛି]

ହାବୁଡ଼ା କାଣ୍ଡ—ସାଦେ(ଗଡ଼ଜାତ) ବ—ହାବୁଡ଼ା (ଶର) (ଦେଖ)
Hāburḍā kāṇḍa Hāburḍā (śara) (See)

ହାବୁଡ଼ା(ଡ଼ି) ଖାଇବା—ଦେ କ୍ରି—୧ । ଉପଯୁକ୍ତ ଦଗରୁ ଆସୁଥିବା ଦୁଇଟି
Hāburḍā(ṛḍa) khāibā ବ୍ୟକ୍ତି ବା ଜନ୍ତୁ ପରସ୍ପର ସହିତ
ହମ୍ଭା ଗୋଟିଏ ବ୍ୟକ୍ତି ବା ବସ୍ତୁ ଅନ୍ୟ ଗୋଟିଏ ବ୍ୟକ୍ତି ବା
ହାବୁଡା ଖାଓୟା ଟକ୍କରଖାନା ବସ୍ତୁ ସହିତ ଜୋର୍‌ରେ ଅଘାତ କରିବା
—1. To collide. ୨ । ଉପଯୁକ୍ତ ଦଗରୁ ଆସୁଥିବା ଦୁଇ
ବ୍ୟକ୍ତି, ଜନ୍ତୁ ବା ଦଳ ପରସ୍ପରକୁ ଭେଟିବା—
2. To meet or encounter each other (said of two persons or animals or groups coming from opposite directions.)
[ଦ୍ର—ଗଛଡ଼ମାନଙ୍କ ମଧ୍ୟରେ ବଖାଣ ଅଛି ଯେ, କଲାଞ୍ଚମୁରୁ ଘଲେ ଗୋରୁଙ୍କର ବା ମଇଁଷିଙ୍କର ଘାଣି ପିଇ ଉଠି ଆସୁଥିବା ଅବସ୍ଥାରେ ଉପଯୁକ୍ତ ଦଗରୁ ପଲେ ଗୋରୁ ବା ମଇଁଷି ଯାଇ ସେମାନଙ୍କ ସଙ୍ଗେ ହାବୁଡ଼ା ଖାଇଲେ ଉଭୟ ଘଲରେ ଗର୍ଭିଣୀ ଗାଈଙ୍କର ବା ମଇଁଷିଙ୍କ ଗର୍ଭ ନଷ୍ଟ ହୋଇଯାଏ ।]

ହାବୁଡ଼ା ଖେଳ—ଦେ. ବ—ଜେଲାମାନଙ୍କର କ୍ରୀଡ଼ାବିଶେଷ—
Hāburḍā khela A sort of play played by a
ହାବୁଡ଼ା ଖେଳା Kelā by striking his arms on the flanks with a sound and singing songs with cadence. (ଦ୍ର—ଏଥିରେ କେଳା ନିଜର ବାହୁ ଉଭୟକୁ ନିଜର କଙ୍କାଳରେ ସଶବ୍ଦ ଅଘାତ ପ୍ରବକ ସେହି ଅଘାତଶବ୍ଦର ତାଳ ଅନୁସାରେ ହାବୁଡ଼ା ଗୀତ ବୋଲେ ଓ ନାଚେ ।

ହାବୁଡ଼ା ଖେଳିବା—ଦେ. କ୍ରି—(କେଳା) ହାବୁଡ଼ା ଗୀତ ବୋଲି ଆପଣା
Hāburḍā khelibā କଙ୍କାଳରେ ବାହୁକୁ ବାଡ଼େଇ ଗୀତ
ହାବୁଡ଼ାଖେଳା ବୋଲିବା—To strike one's arms on one's flanks and sing songs (said of a Kela).

ହାବୁଡ଼ା ଗୀତ—ଦେ. ବ—କେଳାମାନଙ୍କର ହାବୁଡ଼ା ଖେଳିବା ସମୟରେ
Hāburḍā gīta ଆପଣାର କଡ଼ରେ ବାହୁକୁ ସଶବ୍ଦ ଅଘାତ
ହାବୁଡ଼ାଗାନ କରି ସେହି ଶବ୍ଦର ତାଳ ଅନୁସାରେ ବୋଲିବା ଗୀତ—
Doggerels sung by the Kelās while playing the hāburḍā. [ଦ୍ର—କେଳାମାନଙ୍କ ହାବୁଡ଼ା ଖେଳ ସମୟରେ ବୋଲିବା ପଦ ଓ ଗୀତମାନ । (ଏହାପରି

ହାବୁଡ଼ାଇ ଦେବା – 4. To stop the motion of a moving thing by putting an obstacle before it.
ହାବଡାନ **ପହୁଁଚାନା, ଜୋଟବାନା**

ହାବୁଡ଼ା ଇଷ୍ଟ(ଶ୍ଟି,ଷ୍ଟେ)ସନ୍—ଦେ.ବ—ବେଙ୍ଗଲ୍ ନାଗପୁର ଓ ଇଷ୍ଟ୍-
Hāburḍā iṣṭa(śṭi,ṣṭe)san ଇଣ୍ଡିଆନ୍ ରେଲରେ
ହାବଡାଇଷ୍ଟେସନ **ହାବଡାସ୍ଟେସନ** କଲିକତାକୁ ଅସିବା ବ୍ୟକ୍ତିମାନଙ୍କର
ଓହ୍ଲାଇବା ଜଙ୍କ୍‌ସନ୍ ଷ୍ଟେସନ୍—
The Howrah terminal railway station of the B. N. and E. I. Railways.
(ହାବୁଡ଼ା ଷ୍ଟେସନ—ଅନ୍ୟରୂପ)

ହାବୁଡ଼ା(ଡ଼ି) ଖାଇବା—ଦେ କ୍ରି—୧ । ଉପଯୁକ୍ତ ଦଗରୁ ଆସୁଥିବା ଦୁଇଟି
Hāburḍā(ṛḍa) khāibā ବ୍ୟକ୍ତି ବା ଜନ୍ତୁ ପରସ୍ପର ସହିତ
ହମ୍ଭା ଗୋଟିଏ ବ୍ୟକ୍ତି ବା ବସ୍ତୁ ଅନ୍ୟ ଗୋଟିଏ ବ୍ୟକ୍ତି ବା
ହାବୁଡା ଖାଓୟା **ଟକ୍କରଖାନା** ବସ୍ତୁ ସହିତ ଜୋର୍‌ରେ ଅଘାତ କରିବା
—1. To collide. ୨ । ଉପଯୁକ୍ତ ଦଗରୁ ଆସୁଥିବା ଦୁଇ
ବ୍ୟକ୍ତି, ଜନ୍ତୁ ବା ଦଳ ପରସ୍ପରକୁ ଭେଟିବା—
2. To meet or encounter each other (said of two persons or animals or groups coming from opposite directions.)
[ଦ୍ର—ଗଛଡ଼ମାନଙ୍କ ମଧ୍ୟରେ ବଖାଣ ଅଛି ଯେ, କଲାଞ୍ଚମୁରୁ ଘଲେ ଗୋରୁଙ୍କର ବା ମଇଁଷିଙ୍କର ଘାଣି ପିଇ ଉଠି ଆସୁଥିବା ଅବସ୍ଥାରେ ଉପଯୁକ୍ତ ଦଗରୁ ପଲେ ଗୋରୁ ବା ମଇଁଷି ଯାଇ ସେମାନଙ୍କ ସଙ୍ଗେ ହାବୁଡ଼ା ଖାଇଲେ ଉଭୟ ଘଲରେ ଗର୍ଭିଣୀ ଗାଈଙ୍କର ବା ମଇଁଷିଙ୍କ ଗର୍ଭ ନଷ୍ଟ ହୋଇଯାଏ ।]

ହାବୁଡ଼ା(ଡ଼ି)ଇ ଦେବା—ଦେ. କ୍ରି—୧। ହଠାତ୍ ଆଣି ଉପସ୍ଥିତ
Hābu(bo)ṛḍa (ṛḍe)i debā କରାଇ ଦେବା—1. To produce suddenly. ୨ । ଗୋଟାଏ ବଡ଼ ବସ୍ତୁକୁ
ଆଗରେ ରଖି ଅନ୍ୟ ବସ୍ତୁର ଗତିକୁ ଅଟକାଇ ଦେବା—
2. To stop the motion or progress of a thing by suddenly putting an obstacle in front.
ହାବଡାନ **ପହୁଁଚାଦେନା**

ହାବୁ(ବୋ)ଡ଼ା(ଡେ)ଇବା—ଦେ କ୍ରି—(ହାବୁଡ଼ିବା କ୍ରିୟାର ଣିଜନ୍ତରୂପ)
Hābu(bo)ṛḍā(ṛḍe)ibā ୧। ଦୁଇଟି ବସ୍ତୁକୁ ବା ବ୍ୟକ୍ତିକୁ ଆଣି ଏକତ୍ର
Hāl-dār ନେବା ବ୍ୟକ୍ତି; ଆ ହବ୍ଦାଲ୍ଦାର୍=ଜମ୍ମାଦାର୍)—୧ ।
ଡୁଅଲ୍ଦାର୍; ଉତ୍କଳରେ ମୁସଲ୍ମାନ୍ ରାଜତ୍ୱ କାଳରେ
ସୁବାଦାରଙ୍କ ଅଧୀନତାରେ ନଯୁକ୍ତ ଗ୍ରାମର ରାଜସ୍ୱ ରାଜସ୍ୱ
ଗୁମସ୍ତା ବା କରଣ—1. The village accountant or official under the Subadar during the Mahomedan rule of India. [ଦ୍ର—ଏ କର୍ମଚାରୀ ଜଗାଖ ବର୍ତ୍ତମାନ ଚଂଶୋଧାଖରେ ପରଗଣା ଡୋଇଥାଛି] ୨ ।
ପ୍ରାଚୀନ କାଳର ହାଲ୍ଦାର୍ ପଦବୀ ପ୍ରାପ୍ତ କର୍ମଚାରୀମାନଙ୍କ
ବଂଶଧରମାନଙ୍କର ଅଧୁନିକ ବଂଶୋପାଖ—2. Family-
ହାଲଦାର ହାବଲଦାର title of the descendants of the ancient Haldars.

ହାଲ୍ ଦାରି—ବେ. ବ – ହାଲ୍ଦାର୍ର କାର୍ଯ୍ୟ—
Hāl-dāri The act or post of a Haldar.
ହାଲଦାରି ହବଲ୍ଦାରୀ

ହାଲ୍ ନିକାସ୍ (ସି) (ଚକ୍ତି)—ବେ.ବ—(ମହାଜନ୍ମା ଓ ଜମିଦାରୀ ସିରସ୍ତା)
Hāl-nikās (si) (chukti) ଚଳନ୍ତ ଅସୂଦ୍ୟପୁର ବା ବେଣା-
ଘାଟ୍ଣା ହିସାବରେ ଶେଷ ମୀମାଂସା—Clearing off
ହାଲନିକାଶ ହାଲଚୁକ୍ତି of the current account.

ହାଲ୍ ପା—ବେ. ବ—୧ । ବୋଦଲ୍ଲା; ବର୍ଷା ଓ ପବନ ସହିତ ଶୀତ
Hāl-pā ବୋଧ ହେଉଥିବା ଥାଗ—1. Cold and rainy and stormy weather. ୨ । ଶୀତର ଅନୁଭୂତି—
2. The feeling of cold. ବ୍ୟ—ଶୀତ ଓ ବର୍ଷାଯୁକ୍ତ
ହାଲପା ଠଣ୍ଡା (ଥାଗ)—Cold and rainy (weather)

ହାଲ୍ପା ପାଗ—ବେ. ବ—ଯେଉଁ ଥାଗରେ ବର୍ଷା ଓ ତୋଫାନ ଅତ
Hālpā-pāga ଯୋଗୁ ଖୁବ ଶୀତ ବୋଧ ହେଉଥାଏ—Very cold
ହାଲପା ଠଣ୍ଡାମୋସୁମୀ weather.

ହାଲ୍ପି ଯିବା —ବେ କ୍ରି—ଶୀତରେ ଥରବା—
Hāl-pi jibā To shiver in cold.
ହାଲପେଯାଓୟା ଠଣ୍ଡାସେ କାଁପନା

ହାଲ୍ ବକ(କେ)ୟା [ବାକି]—ବୈ ଦେ. ବଣ (ଫା)—[ଜମିଦାର୍ଯ୍ୟ ଓ
Hāl baki(ke)yā (bāki) ମହାଜନ୍ମା ସିରସ୍ତା]—୧ । ଚଳନ୍ତ
ବର୍ଷର ଓ ପୂର୍ବବର୍ଷମାନଙ୍କ ଦେୟ ବା ପ୍ରାପ୍ୟ—1. Due or payable for the current and for the past years. ୨ । ବର୍ତ୍ତମାନ ହିସାବ କରିବାରୁ କୌଣସି ବ୍ୟକ୍ତି ଉପରେ ପାବନା ପ୍ରାପ୍ୟ—2. Amounts found due to a person on taking account now. ବ—୧ । ଚଳନ୍ତ ବର୍ଷର ପ୍ରାପ୍ୟ ଓ ସାବକର ପ୍ରାପ୍ୟ ଯୋଗଦ—1. Amounts due or payable for the current as well as for the past years
ହାଲବକେୟା ୨ । ଆଜଦନ ସୁଦ୍ଧା ପାବନା ହରୁ ଟଙ୍କାର ମୋଟ ବାକି
ହାଲବକାୟା 2. Total dues found on taking account.

ହାଲ୍ ୱା—ବୈ ଦେ. ବ—ହାଲୁଆ (ଦେଶ)—
Hal-wā Hāluā (See).

ହାଲ୍ ୱା(ବା)ଇ—ବୈ ଦେ. ବ—ହାଲୁଇ (ଦେଶ)—
Hāl-wā(bā)i Hālui (See).

ହାଲ୍(ଲି)ଶା—ଦେ. ବ (ସଂ ହଲ; ଏହାର ଆକୃତି ହଳ ଥର ସୁବାରୁ).
Hāl-(li)śā ନୌକାର କଣ୍ଡି—The helm of a boat,
ହାଲ ଗଲହୀ, ପତବାର rudder.

ହାଲ୍ ସନ—ବୈ ଦେ. ବ [ଫରାସୀ; ଅ)—ଚଳନ୍ତ ବର୍ଷ—
Hāl sana Current year; present year.
ହାଲ ସନ ହାଲ୍ ସନ

ହାଲ୍ ସାକି(ଖି)ନ(ନି)—ବୈ ଦେ. ବ. (ଫରାସୀ; ଅ. ହାଲ୍ ସାକିନ୍)—
Hāl sā ki(khi)n(ni) କୌଣସି ବ୍ୟକ୍ତିର ବର୍ତ୍ତମାନ
ହାଲ ସାକିନ ହାଲ ସାକୀନ ବାସସ୍ଥାନ=
Present habitation or residence of a person. ବଣ—ଅମୁକ ସ୍ଥାନର ବର୍ତ୍ତମାନ ଅଧିବାସୀ—

Digitized by srujanika@gmail.com

At present resident of. [ଦ୍ର—ଏଥିର ସାଙ୍କେତିକ । ହା—ସା । କମ୍ପା । ଲ୍ଲା—ସା ।
ଯଥା—'ଶ୍ରୀ ଅମୁକ । ଲ୍ଲା—ସା । ନଆଗାଁ'ର ଅର୍ଥ କୁଆଗାଁରେ ବର୍ତ୍ତମାନ ବର୍ତ୍ତମାନ ବେଳେ ବାସ କରୁଥିବା ଅମୁକ ।]

ହାଲ୍ ହଇ(ଉ)କତ୍—ବୈଦେ.ବ—(ଆ. ହାଲ୍ = ଅବସ୍ଥା ଓ ହକକତ୍ = ବୃତ୍ତାନ୍ତ)—କୌଣସ ବ୍ୟକ୍ତିର ବା ସ୍ଥାନର ବା ବସ୍ତୁର ବା ବ୍ୟକ୍ତିଗତ ଅବସ୍ଥାର ବା ଉପସ୍ଥିତି ପରିସ୍ଥିତିର ସବିଶେଷ ବୃତ୍ତାନ୍ତ—

ହାଲ୍ ହକକ(ଥ)ତ୍ } ଅନ୍ୟରୂପ—
ହାଲ୍ ହକ୍ୟତ୍ }
ହାଲ୍ ହରକତ୍ }

Detailed description of the present condition of a person, place or thing,

ହାଲ ହକିକତ ହାଲ ହକିକତ

ହାଲ୍ ହଉଆଲ୍ (ହବାଲ୍, ହୁଆଲ୍)—ବୈଦେ. ବ—(ଆ.ହାଲ୍ = ଅବସ୍ଥା ଓ ହବାଲ୍ = ଜାମି; ଏଠାରେ ହାଲ୍ ଶବ୍ଦ ସଙ୍ଗେ ଜଡ଼ିତ ହୋଇ ଶବ୍ଦରୂପେ ହଉଆଲ୍ ବ୍ୟବହୃତ)—ହାଲ୍-ଚାଲ୍ (ଦେଖ)

Hāl hauāl (hawāl, huāl)

ହାଲଚାଲ ହାଲଚାଲ Hāl-chāl (See).

ହାଲ—ସ. ବ—(ହଲ + ଅଚ୍ ଅର୍ଥରେ ଅ)—୧। ବଳଭଦ୍ର—(ଶବ୍ଦକାଣ୍ଡ ଶେଷ)—1. The step-brother of Śrīkṛushṇa. ୨। ଶାଳିବାହନ ରାଜା (ହେମଚନ୍ଦ୍ର)—2. King Śalibāhana. ୩। (+ସ୍ୱାର୍ଥେ ଅ) ହଳ (ମେଦିନୀ)—3. Plough

Hāla

ହାଲ—ଦେ. ବ—୧। (ସ ବଳସ୍ୱ) ଗାଡ଼ିଚକ୍କର ଲୁହାର ବେଢ଼; ରଥ ଯାନର ଚକର ପାହୁଆ ଗୁର ସାଙ୍ଗେ ଘେରିଥିବା ଲୁହାର ପତଳା ବେଢ଼;ଛାମ—1. The iron rim round the wheel of a cart, coach or other vehicle. ୨। (ସ. ହଳ) ନୌକାର କର୍ଣ୍ଣ—2. The helm of a boat. ୩। (ଭୂଳ. ଇଂ.ହାଉଲ୍; ସ. ହଳ-ହଳା ହୋଳ ହଳା)—ହୁଲୁର; କୋଲାହଳ—3. Row; shout; howl. [ଉ—ସାରା ଫଉଜ ପଡ଼ଗଲା ହାଲ, ସରୁଠାରେ ପାଉଁଆ ପଲସଲ । ବ୍ରଜନାଥ. ସମରଉତରଙ୍ଗ ।] ୪। ମେଳ—4. Rising; riot. [ଉ—ଠାବେ ଠାବେ ମିଳ କରିବା ହାଲ, ଦାନା ନ ପଇ ହେବେ କଲବଲ । ବ୍ରଜନାଥ. ସମର ଉତରଙ୍ଗ ।] ବୈଦେ.ବ, ବଣ ଓ କ୍ରି.ବଣ—ହାଲ୍ ଇତ୍ୟାଦି (ଦେଖ)—Hāl etc (See) [ଦ୍ର—ହାଲ୍ ତଳେ ଥିବା ସମସ୍ତ ଶବ୍ଦ 'ହାଲ' ସୂକ୍ତ ହୋଇ ଲେଖାଯାଏ ତଳୁ 'ହାଲ୍' ରୂପେ ଉଚ୍ଚାରିତ ହୁଏ]

ହାଲ ହୁ(ଓ)ଲି—ଦେ. ବ (ସ. ହଳହଳା=ଅନବରତ କୋଳା-ହଳ=ଝଞ୍ଜାବାତ)—ହାଲ ହୁର (ଦେଖ)

Hāla u(o)li

Hāla huri (See)

ହାଲକ—ଦେ. ବ (ସ. ହୃଦସ୍ଥ; ପା. ହୃଟ୍ଠକ; କମ୍ପା ଆ. ହଲକ୍= ଗଳନଳୀ, କଣ୍ଠ)—୧। ହୃଦୟ; ଅନ୍ତଃକରଣ—

Hālaka

ହଲକ 1. Heart. ୨। ହୃଦୟ; ସାହସ—2. Courage.

ହଲକ ୩। ଦମ୍ଭ—3. Patience.

ହାଲକ—ସଂ. ବ—୧। ପୀତ-ହରିତବର୍ଣ୍ଣ ଅଶ୍ୱ (ହେମଚନ୍ଦ୍ର)—1. A horse of yellow and green colour. ୨। ହରିତବର୍ଣ୍ଣ ଅଶ୍ୱ—2. A horse of greenish colour.

Hālaka

(ମୋର) ହାଲକ ପାଇବା—ଦେ. ବ—କୌଣସି କାର୍ଯ୍ୟ କରିବାକୁ ସାହସ ବଢ଼ିବା—Having the heart or courage to do any act.

Hālaka pāibā

(ମୋର) ହାଲକ ବଢ଼ିବା—ଦେ. ବ—ସାହସ ବୃଦ୍ଧି ହେବା—Increase of courage.

Hālaka bardhibā

(ମୋର) ହାଲକ ଶୁଖିବା—ଦେ. ବ—ଦମ୍ଭ ବା ହେମତ୍ ଭାଙ୍ଗିବା—Losing of patience or heart. (ହାଲକ ଶୁଖିଯିବା, ହାଲକ ଘଉସିବା—ଅନ୍ୟରୂପ)

Hālaka śukhibā

ହାଲ କଷିବା(ଚିରିବା)—ଦେ. କ୍ରି—ଶଗଡ଼ର ଘହଁରର ଗୁର ସାଙ୍ଗରେ ଲୁହାର ବଳସ୍ୱକୁ ଢାଲ ଚଢ଼ା(ଟେ)ଇବା } ଅନ୍ୟରୂପ
ହାଲ ପିନ୍ଧା(ନ୍ଧେ)ଇବା } ଅନ୍ୟରୂପ
ସଂଯୋଗ କରିବା—To attach the iron rim round the wheel of a vehicle.

Hāla kashibā(bhirdibā)

ହାଲ ହାଲ କସିବା, ହାଲ ଚଢ଼ାନ, ହାଲ ପରାନ [ଦ୍ର—ହାଲମାନ ଲମ୍ବ ଓ ପିଧା ଥାଏ । ତାହାର ଦୁଇ ମୁଣ୍ଡକୁ ନୁଆଁଇଁ ସଂଲଗ୍ନ କରି ଅଗ୍ର ଭାଗରେ ଛରଳାଇ ଯୋଡ଼ ଦେଲେ ତାହା ବଳସ୍ୱାକୃତି ହୁଏ । ଗଛମ ଥାଉଁ ଥାଉଁ ତାକୁ ଶଗଡ଼ଚକ ଉପରେ ଉଡ଼ ଦଅସାଏ ଓ ତାହା ଶୀତଳ ହେଲେ ସଙ୍କୁଚିତ ହୋଇ ଚକକୁ ଜାବୁଡ଼ ଧରେ ।]

ହାଲକୁ—ଦେ. ଅ—୧। ବର୍ତ୍ତମାନ; ଏବେ; ଆଜିକାଲି—1. At present; now a days. [ଉ—ଜେଉଁଟି ବଡ଼ ଏଖନ ହାଲମେଁ ସୁଲଝଗୀ, ହାଲକୁ ପ୍ରଥମେ ଘରୁରେ ଚୁଡାଇଏ ଲଗିଛୁ । ଫକୀରମୋହନ. ଛମାଣ ଅଠଗୁଣ୍ଠ ।]
୨। ଅଲ୍ପଦିନ ହେଲ—2. Recently. ୩। ଚଲିତବର୍ଷ —3. This year.

Hālaku

ହାଲତ୍—ବୈଦେ. ବ (କତରଆ) (ଅ)—ଅବସ୍ଥା—Condition. [ଉ—ଅଘଣା କତସ୍ତ ଯାତାରେ ବସି ସରକାସ୍ତ କାମ ଅଞ୍ଜାମ କରୁଥିବା ହାଲତ୍—ଫକୀରମୋହନ. ଛମାଣ ଅଠଗୁଣ୍ଠ ।] ଅ—ହାଲତେ (ଦେଖ)—Hālate (See)

Hālat

ହାଲତ

ହାଲତେ—ବୈଦେ. ଅ (କତରଆ) (ଅ. ହାଲତ୍ମେଁ)—(ଅନୁ ତ) ଅବସ୍ଥାରେ—In the state or condition of; while in such a state.

Hālate

ହାଲତେ ହାଲତମେଁ

ହାଲପ(ପା)—ଦେ. ବ—ଅତି ଶୀତଳ ପବନ—Very cold wind

Hālapa(pā)

ହାଲପା ଟଣ୍ଡା ହବା

ଦେ. ବଣ—ଅତି ଶୀତଳ (ପବନ; ଋତୁ)—Very cold (wind; weather).

Digitized by srujanika@gmail.com

ହାଲ ଶଗଡ଼—ଦେ. ବ—ସେଇଁ ଶଗଡ଼ର ପହିଆରେ ହାଲ ଲଗିଥାଏ—
Hāla sagaṛda A cart with iron-rimmed wheel.
ହାଳ ଶକଟ ହାଳ ଛକଡ଼ା

ହାଲ(ଳା)ହଳ—ସଂ. ଅ (ହଳାହଳ + ସ୍ୱାର୍ଥେ. ଅ)—୧ । ହଳାହଳ; Hāla(lā)hala ଉତ୍ତ୍ରଃଷ—1. A very deadly poison. ୨ । ଏକ ପ୍ରକାର ବିଷ—2. A kind of poison. ୩ । ଏକ ପ୍ରକାର କୀଟ—3. A kind of insect.

ହାଲ ହଲୀ—ସଂ. ଇ—ଦ୍ରବ—Spirituous liquor
Hāla halī (Apte).

ହାଳ ହାଳ—ଦଂ, ବ—ହଳହଳା (ଦେଶ)
Hāla hāla Halahalā (See)

ହାଲ(ଲୋ)ହୁ(ହୋ)ର(ଳି)—ଦେ. ବ (ସଂ. ହଳହଳା = ଆରବ Hāla(lo)hu(ho)ri(li) ଡୋଲାହଳ; ସଂ. ହଲ୍ଲକ = ହୁଲର, ହାଳ ହୋଳ, ହାଲାହୁ(ହୋ)ଳ ଡୋଧୋକ୍ତି; ସଂ. ହୁଲ୍ଲୋଳ)
ହୋହଲ୍ଲା, ହାଲହୁଲ ୧ । ହୁଲ୍ଲା; ଡୋଲାହଳ; ଗୋଳମାଳ; ହୁଲର; ହୋହା; ଘୋଟଘା—1. Ado; hubbub; great noise. [ଉ—କେତେ ମଲେ ସେ ହେଲ୍ଲ ଜାହିଁ ଜଳ, ଯହିଁ ଶୁଣିବ ଭକା ହାଲହୋଲ । ବ୍ରଜନାଥ. ସମର ଭରଙ୍ଗ ।] ୨ । ଉତଲେ ବହୁବ୍ୟକ୍ତିଙ୍କ ଅର୍ତ୍ତନାଦ; ବିପଦ କାଳରେ ବହୁବ୍ୟକ୍ତିଙ୍କର ଧ୍ୱନଜନତ ରବ ବା ବୋବାଇ—2. Loud sound or combined or confused wailings of many persons in distress. [ଉ—ହାଲହୋଲ ଉଡ଼ଗଲ୍ଲ ଜଲଜା ଜଗତରେ । ସାରଳା. ଜଲଜା ରମାସୃଣ ।]

ହାଲ ଲୋ)ହୁ(ହୋ)ର(ଳି) ଛୁ(ପା)ଡ଼ିବା(ପକା[କେ]ଇବା)—ଦେ. କ୍ରି—
Hāla(lo)hu(ho)ri(li) chhā(pā)ṛdibā(pakā[ke]ibā)
ହାଲାହୁଲୋ କରା (ବହୁ ଲୋକ) ଡୋଲାହଳ ଦ୍ୱାରା ଜଣାଇବା—
ହୋହଲ୍ଲା କରନା, ହାଲହୁଲ କରନା To raise a great up roar or hubbub.

ହାଲ ହୁ(ହୋ)ର(ଳି) ପଡ଼ିବା —ଦେ. ବ—ଦୁଃଖର ବା ବହୁ ଲୋକଙ୍କ Hāla hu(ho)ri(li) paṛdibā ମଧ୍ୟରେ ଡୋଲାହଳ ହଲର ପଡ଼ା, ହାଲାହୋଲ ପଡ଼ା ହୋହଲ୍ଲା ହୋନା ଜାତ ହେବା—The raising of a loud noise by many persons in distress. (ଉ—ସମସ୍ତେ ଥାଡ଼ନ୍ତେ ବୋବାଳ, ଗ୍ରାମେ ପଡ଼ଲା ହାଲହୋଲ—ଗ୍ରମଦାସ ବାର୍ତ୍ତାଭାବ୍ତ ।

ହାଲା—ସ.ବ. ସ୍ତ୍ରୀ—[ହା ଧାତୁ = (ଲଜ୍ଜା) ତ୍ୟାଗ କରିବା + କରଣ ଅଳ Hālā + ଆ; ଯାହାର ପ୍ରଶ୍ନରେ ମନୁଷ୍ୟ ଲଜ୍ଜା ତ୍ୟାଗ କରେ] —୧ । ମଦ୍ୟ (ଅମର)—1. Wine. ୨ । ତାଳାଦିର ନିର୍ଯାସ; ତାଡ଼ି (ବ୍ରଜନାଦର୍ଘଣ୍ଟ)—2. Toddy. ୩ । ଅପଣା ସ୍ତ୍ରୀଙ୍କର କନିଷ୍ଠା ଭଗିନୀ; ଶାଳି—3. The younger sister of one's wife (Apte).

ହାଲ୍(ଲ୍ଲା)କ୍—ବୈଦେ. ବଣ—(ଆ ହାଲ୍ଲକ୍)—୧ । କ୍ଲାନ୍ତ—1. Hālā(llā)k Fatigued. ୨। ବନଷ୍ଟ—2. Destroyed; ହାଲାକ ହଲାକ damaged.

ହାଲ୍ଲୁର୍(ଲ୍) ଇତ୍ୟାଦି—ବୈଦେ. ବ—ହଲ୍ଲର୍ ଇତ୍ୟାଦି (ଦେଖ)—
Hālār(l) (etc) Hālār etc (See).

ହାଲାହ—ସ. ବ—ଚିତ୍ରବର୍ଣ୍ଣ ଘୋଟକ (ଶବ୍ଦରତ୍ନାବଳୀ)—A horse
Hālāha of veriegated colour.

ହାଲାହଳ—ସଂ. ବ—(ହଳାହଳ + ସ୍ୱାର୍ଥେ ଅ)—୧ । ହଳାହଳ Hālāhala (ଦେଖ)—1. Halāhala (See) ୨ । କୀଟ-ଅନ୍ୟ ସଂ ନାମ—ଅଞ୍ଜଳତା, ବଶେଷ (ବ୍ରଜନାଦର୍ଘଣ୍ଟ); ତାଡ଼ାଣୀ-ଦୃଶ୍ୟ ପତ୍ରାକାର ଶରୀର ଘୋଡ଼ ବା ତାଡ଼ାଣୀଆ ଘୋଡ଼—2. A kind of leaf insect; Phyllium Siccifolium. [ଦ୍ର—ଏ କୀଟ ସାମନାରୁ ଗୋଟିଏ ଗୋଡ଼କୁ ସମସ୍ତେ ସମସ୍ତେ ଅଞ୍ଜଳ କଲ୍ପତର ଦେଖି ଧରିଥାଏ ।]. ୩ । ଏକପ୍ରକାର ଟିକିଟିକି—3. A kind of lizard (Apte).

ହାଲାହଳ ଧର—ସଂ. ବ—ସର୍ପ (ଶବ୍ଦରତ୍ନାବଳୀ)—
Hālāhala dhara Serpent.

ହାଲ ହଲା—ଦଂ, ବ—୧ । ଅଞ୍ଜଳତା; କୀଟବଶେଷ; ତାଡ଼ାଣୀ ଘୋଡ଼
Hālāhalā 1. A kind of leaf insect. ୨ । କ୍ଷୁଦ୍ର ଦୃଶ୍ଚିକ; ଚୁଣ୍ଡୁଆ ମୂଷା—2. A small variety of mouse. ୩ । ଟିରିକା; ଗେରୁ—3. Red ochre; red chalk.

ହାଲାହଳ(ଳି)— ସଂ. ବ—ମଦ୍ୟ (ବ୍ରଜନାଦର୍ଘଣ୍ଟ)—
Hālāhala(li) Wine; spirituous liquor (Apte).

ହାଲ —ଦେ. ବଣ—(ଆ. ଖାଲି = ଶୂନ୍ୟ, ଶୂନ୍ୟଗର୍ଭ)—୧ । ଖାଲ
Hāli —1. Empty. ୨ । କାର୍ଯ୍ୟ ବା ଅବଲମ୍ବନ ରହିତ—ଖାଲି 2. Unemployed. ୩। ନିରାଶ୍ରୟ—3. Shelterless.
ଖାଲି ବ—୧ । କାର୍ଯ୍ୟାଭାବ; ଅବଲମ୍ବନ ରାହିତ୍ୟ—1. Want of employment. ୨। ନୌକାର ଚାଳି—2. The helm of a boat. ଅ—ହାଲିକ(ଦେଖ)—Hāliki (See)

ହାଲି—ବୈଦେ ବଣ—(କଚରଆ) (ଅ. ହାଲ୍) —୧ । ନୂତନ; Hāli ନବୋତ୍ପନ୍ନ; ଅଳ୍ପଦିନ ହେଲ୍ଲ ଜାତ ବା ଅଗତ—1. ହାଲି Recent; newly born. ବ—ବର୍ତ୍ତମାନକାଳ; ହାଲ୍—
ହାଲକା 2. The present. ଗାଦେ (ଉତ୍ତର ବାଲେଶ୍ୱର) ବଣ (ସଂ. ହରିତ) ଶାଗୁଆ—Green.

ହାଲିଆ—ବୈଦେ. ବଣ—(ଅ. ହାଲ୍ଲକ୍ = କ୍ଲାନ୍ତ, ବିବ୍ରତ; କମ୍ବା Hāliā ହାଲ୍ = ଅବସ୍ଥା; ଭୁଲ ସଂ ଥଲ୍ ଧାତୁ = କାରଣ, ହାଲ୍ଲାକ, ଆଳୀ ଭୂଷଣ, ପରିପାଟି; ଏଥିରୁ କ୍ଲାନ୍ତ ଅର୍ଥ ଆସିଥାଇ ପାରେ)
ଥକା —୧ । କ୍ଲାନ୍ତ; ପରିଶ୍ରାନ୍ତ—1. Fatigued. [ଉ—ତାହାଙ୍କ ଖୋଜ ଖୋଜ ହୋଇଲ ହାଲିଆ । ବୃଷ୍ଣସିଂହ ମହାଭାରତ ବନ ।] ୨ । ଶ୍ରନ୍ତ; ଭୟଭୀତ—2. Frightened; terrified. ୩ । ଚିନ୍ତାବ୍ୟାପ୍ତ ଚିତ୍ତ; ଚିନ୍ତିତ - 3. Very anxious; uneasy. [ଉ—

Digitized by srujanika@gmail.com

ପୁଙ୍କେ ଯାଇ କଣ୍ଠିଙ୍କୁ ବଡ଼ ଲଆରଲ୍ଲ, ନ ଦେଲବାରୁ ମୁହଁ ହାଲଅ ଦୋଇଲ୍ଲ । କୃଷ୍ଣସିଂହ ମହାପ୍ରଭୁ ଶାନ୍ତ ।] ୫ । ଶକ୍ତିହୀନ—4. Powerless. ୫ । ଦୁର୍ବଳ—5. Weak. ୬ । ବେଢ଼ାଲ୍; ଶୀର୍ଣ୍ଣ—6. Lean; reduced. ୭ । ଅସ୍ତ ବ୍ୟସ୍ତ; ଚଂଚଳିତ୍ୟବ୍ୟଥିତ—7. Disturbed; agitated; perturbed; confused.

ହାଲଅ ମାରିବା—ଦେ. କ୍ରି—୧। କ୍ଲାନ୍ତ ହେବା—1. To feel Hāliā māribā tired. ୨ । କ୍ଲାନ୍ତ ଅପନୋଦନାର୍ଥ ବିଶ୍ରାମ କରିବା—2. To take rest after labour. ଥକଜାନା

ହାଲିକ—ସ. ବି. ପୁଂ—(ହଳ+ଜାତକାର୍ଥେ ଇକ)—୧ । ହଳୁଆ; ଯେ Hālika କୃଷି କରେ—1. Ploughman. ୨ । ଚାଷୀ; କୃଷକ (ହାଳିକା—ସ୍ତ୍ରୀ) —2. Agriculturist; cultivator. ୩ । ହଳଆ ଚାକର—3. A servant kept for ploughing. ହଣ—ହଳ ସମ୍ବନ୍ଧୀୟ—Relating to the plough.

ହାଲିକ ବ୍ରାହ୍ମଣ—ପ୍ରାଦେ (ଗଞ୍ଜାମ) ବ—ହଳୁଆ ବ୍ରାହ୍ମଣ; ମାସ୍ତାନ ବ୍ରାହ୍ମଣ Hālika brāhmaṇa —Māstāna Brahmaṇa (See)

ହାଲିକ—ଓଦ. ବିଣ (ଥା· ହଲ୍କା=ବର୍ତ୍ତିମାନ କାଲର) —୧। ହାଲ୍କା; Hālika ଅଧୁନକ କାଲର—1. Modern; of the present (ହାଲିକାର—ଅନ୍ୟରୂପ) time. ୨ । ଅଲ୍ପଦନର—2. Recent. ହାଲେର ହାଲକା

ହାଲିକି—ଗ୍ରା. ଅ (ସ୍ମୀ ବଦ୍ଧକ୍ତିର ଚତ୍ତ, ତୁଳନାର୍ଥ)—ଠାରୁ; ଅପେକ୍ଷା— Hāliki Than. (ଯଥା—ସେ ମୋ ହାଲିକି ବଡ଼) ଚେୟେ, ଥେକେ ସେ

ହାଲିମ—ବୈଦେ. ବି (ପା ହାଲିମ୍)—ସର୍ଷପାଦି ବର୍ଗର କୃଷିଜାତ ଶାକ Hālima ବିଶେଷ—Common cress; Lepidium ସଂ.ଚନ୍ଦ୍ରଶୂର,] Sativum; Gynandropsis Pentaphylla. ଚନ୍ଦ୍ରିକା, [ଦ୍ର—ଏହାର ଫୁଲ ଧଳା ଓ ଛୋଟ, ଦଳ ଦୁଇଟି; କୁଇଁ ଚର୍ମଦ୍ରବ୍ୟୀ,] ବେପତ୍ରା; ବହାରରେ ଶୃଷ ହୁଏ । (ଯୋରେଶଚନ୍ଦ୍ର) ପଶୁମେଦନ କାରକା,] ଏହା ବଳ ଓ ପୁଷ୍ଟିପ୍ରଦ ଓ ହୃଦ୍ୟ, ବାତ, ନଡିମା, କାରମ୍ବା,] ଶ୍ଲେଷ୍ମା ଓ ଅଉସାର ରୋଗରେ ହିତକର, ଭଦ୍ରା, ସିତା,] ବାତରକ୍ତ ନାଶକ । ମାଶା ଏ ପଣା । ଏହାର ବାସସ୍ଥା, ସ୍ଥବାସର୍] ଅଳ୍ପରେ ପୋଷଣ ଦଆଯାଏ । ଏ ଗଛ ସମସ୍ତ ହାଲିମ ଚାନ୍ଦସୂର ଅପେକ୍ଷା ମହାଦେଶରେ ଜାତ ହୁଏ । ଏଥିର ସାଙ୍ଗରୁ ହାଲିଁ ହାଲିମ,ଚଂସୁର ଏକ ପ୍ରକାର ସୁଗନ୍ଧିତ ତୈଳ ବାହାରେ । ଆ. ହବୁର୍ ରସାଦ୍] ଛତୁଣୀ ଓ ଚର୍ମ ରୋଗରେ ଏ ତୈଳର ବଜ୍ରୁଲ୍ ଜାର୍ଜର୍ ବ୍ୟବହାର ହୁଏ ।

ଫା. ହାଲିମ୍,
ଭୁଗ୍ନେତାରା ତେଜକ୍
ତେ. ଅଦଭ୍ୟାଲୁ
ତା. ଅଲିବେରାଇ
ଗୁ. ଅସଲିଓହାଲିମ

ହାଲୀ—ସ.ବ (ହା ଧାତୁ=(ଲଜ୍ଜା) ତ୍ୟାଗ କରିବା+ଅଥଚରଣ ଅଲ+ଈ) – କନିଷ୍ଠା ଶାଳକୀ; ସ୍ତ୍ରୀକ ସାନ ଭଉଣୀ (ଡେମରଜ୍) —One's wife's younger sister.

ହାଲୁ—ସ· ବ (ହା ଧାତୁ=ତ୍ୟାଗ କରିବା+କର୍ମ. ଅଳୁ) —୧ । ଦନ୍ତ Hālu (ବିକାଶୁଶେଷ)—Tooth. ୨ । ବଦନ— 2. Face.

ହାଲୁଆ—ବୈଦେ.ବ (ଆ ହଲ୍ୱା; ସ.ନାମ—ଲଘୁପିକା; ତୁଳ. ଇଂ ଜେଲି) Hāluā —ସନ୍ଧନଯୋଗ; ସୁଜଜୁ ଜାତିରେ ଭାଜ ଚହଁରେ ହାଲୁୟା ହଲୱା ମିଠା, ଦୁଧ ବା ପାଣି ଦଆଯାଇ ସିଝ ଦେବା ପରେ ପ୍ରସ୍ତୁତ ମିଷ୍ଟାନ୍ନବିଶେଷ—Halwa; jelly. [ଦ୍ର—ଏହା ଇଂରାଜି ଶବ୍ଦରେ ମଧ୍ୟ ବ୍ୟବହୃତ ହେଉଅଛି ।] ପ୍ରାଦେ (ସମ୍ବଲପୁର) ବ— ବଡ଼ —Big.

ହାଲୁଆ ଗୁଣ୍ଡା—ପ୍ରାଦେ (ସମ୍ବଲପୁର)—ବ—ଫାଲୁଆ ଗୁଣ୍ଡା; ବଡ଼ ଗୁଣ୍ଡା Hāluā guṇḍā (ଚାଦ୍ୟ)—Big mouthful; (of food)

ହାଲୁଇ—ବୈଦେ. ବ (ଆ. ହଲ୍ୱାଇ—ଗୁଡଆ; ମିଷ୍ଟାନ୍ନକାର; ଅନ୍ୟରକ ଅର୍ଥ—ଯେ ହାଲୁଆ ଉଆର କରେ)— (ହାଲୁଇକାର—ଅନ୍ୟରୂପ) ପଶ୍ଚିମା ଗୁଡ଼ଆ— ହାଲୁଇକାର ହଲୱାଇ An upcountry confectioner.

ହାଲୁଇ ଦୋକାନ—ବୈଦେ· ବ(ଥ)—ପଶ୍ଚିମା ଗୁଡ଼ଆର ପୁର ମିଠାଇ ହାଲୁଇ ଦୋକାନ ଦୋକାନ—The shop of an up- ହଲୱାଇ ଦୁକାନ country confectioner.

ହାଲୁଏ—ଗ୍ରା. ବିଣ—ପୁଲାଏ—A lump of. (ଉ—ଅଲପେଇଣ୍ଟ । ଗାଲରୁ ହାଲୁଏ ମଉଁସ ଏକହାଲା ଥୋଡ଼ା ଖାଇବ—ସହଜାର ଅର୍ଥିକା ।)

ହାଲୁକ (ଇତ୍ୟାଦି)—ଦେ. ବ – ହାଲକ ଇତ୍ୟାଦ (ଦେଶ)— Hāluka (etc) Hālaka etc (See).

ହାଲୁକା—ଦେ· ବିଣ—ହାଲ୍କା (ଦେଶ)— Hālukā Hāl-kā (See). (ହାଲୁ ନାପଣ – ବ)

ହାଲୁକା(କେ)ଇବା—ଦେ, କ୍ରି—ଉତ୍ସାହ କରିବା— Hālukā(ke)ibā To lighten. ହାଲକାନ ହଲକା କରନା

ହାଲୁକା ଗୁଡ଼ି—ପ୍ରାଦେ (ବାଲେଶ୍ୱର) ବ—ଯେଉଁ ଗୁଡ଼ ଉଡାଇବା Hālukā gurḍi ବେଳେ ସୂତା ଉପରେ ଖୁବ୍ ଜୋର୍ ଟାଣ ବା ଚାରୁ ପଡ଼େ—

ହାଲୁ(ରି)ଲି—ଦେ. ବ—ହାଲହୁର (ଦେଶ)— Hālu(ri)li Hālahuri (See) [ହାଲୁହୁ(ହୋ)ଳ(ର)—ଅନ୍ୟରୂପ]

ହାଲୁର୍—ଦେ. ବ. ଓ ବିଣ—ହାଲୋର୍ [ଦେଶ]— Hālur Hālor (See)

Digitized by srujanika@gmail.com

ହାଲୁ ହାଲୁ—ଦେ. ବଣ—୧ । ଭୟ ଯୋଗୁଁ ହୃତ୍‌କମ୍ପଯୁକ୍ତ—
Hālu hālu 1. With heart palpitating
ବୁକୁ ହୁର ହୁର ଦିଲ ଦହଲା due to fear.
୨ । ଭୟ କମ୍ପିତ—2. Trembling through
ବୁକୁ ହୁର ହୁର ଦିଲ ଦହଲାଇ fear. ବ—
ଭୟଜନିତ କମ୍ପ—Trembling or shivering
due to fear.

ହାଲୁ ହାଲୁ ପଡ଼ିବା—ଦେ. କ୍ରି—ହାଲୁ ହାଲୁ ହେବା [ଦେଖ]—
Hālu hālu pardibā Hālu hālu hebā (See).

ହାଲୁ ହାଲୁ ହେବା—ଦେ. କ୍ରି—ହୃତ୍‌କମ୍ପିତ ହେବା; ଭୟଗ୍ରସ୍ତ ହେବା; ଭୟରେ
Hālu hā'u hebā କମ୍ପିବା—To shiver or
ବୁକୁ କାଁପା ଦିଲ ଦହଲନା tremble in fear.
ବ—୧ । ହୃତ୍‌କମ୍ପ ହେବା; ହୃଦୟ ଭୟରେ କମ୍ପିବା—
1. Palpitation or throbbing of the heart
through fear. ୨ । ଭୟରେ ଦେହ (ନଉମ୍ବ) କମ୍ପିବା
2. Trembling or shivering of the body
(buttocks) through fear.

ହାଲେ—ଖାଦେ (ଖଡ଼ଆଳ)ଅ,—୧ । ଆଶ୍ଚର୍ଯ୍ୟସୂଚକ ଶବ୍ଦ—1. An
Hāle exclamaton denoting astonishment.
୨ । ଏହିକ୍ଷଣି—2. Just now;at once; immediately.

ହାଲେ—ବୈଦେ. କ୍ରି ବଣ—(ଅ ହାଲ୍=ବର୍ତ୍ତମାନ)—ଅଳ୍ପଦିନ
Hāle ହାଲେ ହାଲମେଁ ହେଲା; ଏବେ—Recently.

ହାଲେଇ ଇତ୍ୟାଦି) ବୈଦେ· ବ.—ହାଲୁଇ ଇତ୍ୟାଦି ଦେଖ—
Hālei (etc) Hālui etc (See)

ହାଲୋ—ଦେ. ଅ—(ସଂ ହଳା; ସ୍ତ୍ରୀଲୋକମାନଙ୍କ ପ୍ରତି ସମ୍ବୋଧନରେ
Hālo ବ୍ୟବହୃତ)—ହଇଲୋ(ଦେଖ)—Hailo (See). ବୈଦେ
ହାଁଲୋ,ହାଲୋ ଏ ବ—(ଇଂ)—ହଁା ହେ !—Hallo !
ହାଁଲୋ ହେଅ।

ହାଲୋଇ (ଇତ୍ୟାଦି)—ବୈଦେ. ବ—ହାଲୁଇ ଇତ୍ୟାଦି (ଦେଖ)—
Hāloi (etc) Hālui etc (See)

ହାଲୋର୍(ଲ୍)—ଦେ. ବ—(ସଂ ଆଲୋକ; ଭୁଲ ଇଂ ହାଲୋ)—୧,
Hālor (l) ଉଜ୍ଜ୍ୱଳ ଆଲୋକ ରଶ୍ମି—1. Halo of light. ୨ ।
ଆଲୋକ (ସଂ ହୁଲ୍ଲୋଳ)—ହାଲହୁର (ଦେଖ)—2. Hālohuri
ଆଲୋକ (See) ବଣ—୧ । ଉଜ୍ଜ୍ୱଳ ଆଲୋକମୟ—
1. Brilliantly shining; very lustrous;
resplendent.

ହାଲୋର୍(ଲ୍)ମୟ—ଦେ. ବଣ—(ସଂ ଆଲୋକମୟ)—ପ୍ରାପ୍ତିମୟ—
Hāor (l)-maya Resplendent;brilliant; with a
ଆଲୋକମୟ ଆଲୋକମୟ halo of light.

ହାଲୋ(ଲୌ)ରି(ଲି)—ଦେ. ବ—ହାଲହୁର (ଦେଖ)—
Hālo (lau)ri (li) Hālahuri (See)

ହାଲୋଲିଆ—ଦେ ବଣପୁଂ—(ସଂ କୋଳାହଳକାରୀ; ସଂ ହୁଲ୍ଲୁଲା=
Hālolia ଅନନ୍ଦଜନିତ ଚୀତ୍କାରଧ୍ୱନି)—୧। ହୁଲ୍ଲଡ଼;କୋଳାହଳକାରୀ
(ହାଲୋଲେଇ—ସ୍ତ୍ରୀ] —1. Boisterous ୨ । ବିପଦ୍‌କାଳରେ
ହୁଲୋରିୟା ଆର୍ତ୍ତନାଦକାରୀ—2. Making loud wailing
ହଲ୍ଲା କରନେବାଲା cry in distress,

ହାଲ୍ଲା (ଇତ୍ୟାଦି)—ଦେ ବ—ହାଲ୍‌କା ଇତ୍ୟାଦି ଦେଖ—
Hālkā (etc) Hāl-kā etc (See)

ହାଲ୍ପା(ଇତ୍ୟାଦି)—ଦେ.ବ ଓ ବଣ—ହାଲ୍‌ପା ଇତ୍ୟାଦି (ଦେଖ)—
Hālpā (etc) Hāl-pā etc (See)

ହାଲ୍ୱା—ବୈଦେ. ବ (ଅ) ହାଲୁଅ (ଦେଖ)—
Hālwā Hāluā (See)

ହାଲ୍ୱି—ବୈଦେ. ବ (ଅ) ହାଲୁଇ (ଦେଖ)—
Hālwi Hālui (See)

ହାୱା (ଇତ୍ୟାଦି)—ବୈଦେ. ବ—ହାଉଆ ଇତ୍ୟାଦି (ଦେଖ)
Hāwā (etc) Hāuā etc (See)

ହାୱାଳି—ଦେ.ବ—ଏକ ପ୍ରକାର ବନ୍ୟଗଛ—
Hāwāli Thespesia Populnea Corra (wild tree)

ହାସ୍—ଦେ. ଅ—ମନୁଷ୍ୟଙ୍କ ଖାଦ୍ୟାଦିକୁ ଅକ୍ରମଣ କରୁଥିବା କୁଆ,
Hās ବରଡ଼ ଆଦିଙ୍କୁ ଦୂରଡ଼ାଇବାର ଶବ୍ଦ—Interjection
[ହାସ୍ ହାସ୍—ଅନ୍ୟରୂପ] used in scaring away crows
or cats setting on food etc.

ହାସ୍‌ପା(ପି)ତା(ତ,ତା)ଳ(ଲ୍)—ବୈଦେ· ବ—(ଇଂ ହସ୍‌ପିଟାଲ୍)—
Hās-pā(pi) tā (ta, tā)l(l) ଯେଉଁ ଡାକ୍ତରଖାନାରେ
ହାସ୍ପତାଳ ରୋଗୀଙ୍କୁ ରଖାଯାଇ ଚିକିତ୍ସା କରାଯାଏ; ଚିକିତ୍ସାଗାର—
ଅସ୍ପତାଳ Hospital for treatment of indoor
patients [ଦ୍ର—ଯେଉଁ ଡାକ୍ତରଖାନାରେ ରୋଗୀ
(Indoor patients)ଙ୍କୁ ଅଣାଯାଇ ସେମାନଙ୍କର
ଚିକିତ୍ସା କରିବାର ବନ୍ଦୋବସ୍ତ ଥାଏ,ତାହାକୁ ହାସ୍‌ପାତାଲ୍
(Hospital) ଓ ଯେଉଁ ଡାକ୍ତରଖାନାକୁ ଆସିବା ରୋଗୀ
(outdoor patients)ଙ୍କ ରୋଗ ପରୀକ୍ଷା କରାଯାଇ
ଔଷଧର ବ୍ୟବସ୍ଥା କରାଯାଇ ବା ଔଷଧ ଦିଆଯାଇ ଯେଉଁ
ଘରକୁ ଫେରାଯିବାର ଦିଆଯାଏ, ତାକୁ ଡିସ୍‌ପେନ୍‌ସର
(Dispensary) କୁହାଯାଏ ।
ଯେଉଁ ଶ୍ରେଣୀର ବା ସ୍ତରର ରୋଗୀ ଯେଉଁ ହସ୍‌ପାତାଲ୍‌ରେ
ଚିକିତ୍ସା ପାଆନ୍ତି ସାଧାରଣତଃ ସେହି ନାମ ଅନୁସାରେ
ହସ୍‌ପାତାଲ୍‌ମାନଙ୍କର ନାମକରଣ ହୁଏ—ଯଥା ଜେନେରାଲ୍
ହାସ୍‌ପାତାଲ୍, ସିଭିଲ୍ ହାସପାତାଲ, ମିଲିଟାରୀ ହାସପାତାଲ,
ପୁଲିସ୍ ହାସପାତାଲ, ଜେଲ୍ ହାସପାତାଲ, କଲେରା ହାସ-
ପାତାଲ, ପିଲଗ୍ରିମ ହାସପାତାଲ, କଲେଜ୍ ହାସପାତାଲ
ଇତ୍ୟାଦି]

ହାସ୍‌ପିଟାଲ୍ ଆସିଷ୍ଟାଣ୍ଟ୍—ବୈଦେ. ବ (ଇଂ)—ଅସିଷ୍ଟାଣ୍ଟ୍ ସର୍ଜନ୍ ସମାନ
Hās-pitāl āsishtānt ପଦରେ ନିଯୁକ୍ତ ଡାକ୍ତର—Hos-
ହସ୍ପିଟାଲ ଆସିଷ୍ଟାଣ୍ଟ pital Assistant; a doctor under
ଅସ୍ପତାଲଅସିସ୍ଟେଣ୍ଟ an Assistant Surgeon. [ଦ୍ର—
ଏମାନେ ନିମ୍ନତମ ସରକାରୀ ଡାକ୍ତର । ଇଣ୍ଡିଆର ପ୍ରଧାନ
ସରକାରୀ ଡାକ୍ତର ସିଭିଲ୍ ସର୍ଜନ୍, ତାଙ୍କ ତଳେ ଅସିଷ୍ଟାଣ୍ଟ
ସର୍ଜନ୍ ଓ ତାଙ୍କ ତଳେ ହସ୍ପିଟାଲ୍ ଅସିଷ୍ଟାଣ୍ଟ୍ ଥାଆନ୍ତି ।
ଏମାନେ ଦେଶୀୟ ବା ଖ୍ରୀଷ୍ଟୀୟ ଡାକ୍ତର ଅଟନ୍ତି ।

Digitized by srujanika@gmail.com

ହାସ୍ଲତ—ବୈଦେ. ବଣ (ଅ)—ହାସିଲାତ୍ (ଦେଶ)—
Hāslat Hāsilāt (See)

ହାସ—ସ.ବ—(ହସ ଧାତୁ=ହସିବା+ଘଞ୍‌ଅ)—୧। ହାସ୍ୟ; ହସ୍—
Hāsa 1. Laughter. ୨। ହସିବା କର୍ମ—2. Laughing. ୩। ହାସ୍ୟରସ—3. The sentiment producing laughter. ୪। ପରିହାସ—4. Jest. ୫। ଉପହାସ—5. Ridicule.

ହାସ ମଲ୍ଲି—ବଂ. ବ—ପ୍ରସ୍ଫୁଟିତ ମଲ୍ଲିପୁଷ୍ପ—A full blown Jasmine flower.
Hāsa malli
(ହାସମଲ—ଦେ. ରୂପ)

ହାସକ—ସଂ. ବଣ (ପୁଂ ହାସ୍ ଧାତୁ ଣିଚ=ହାସି ଧାତୁ+କ୍ୱୁଁ ଅକ)—ହସାଉଥିବା (ହ.ଶ)—Causing or provoking laughter. ସଂ, ବ. ପୁଂ—ବିଦୂଷକ—A buffoon; jester (Apte).
Hāsaka
(ହାସିକା—ସ୍ତ୍ରୀ)

ହାସକର—ସଂ. ବଣ.ପୁଂ—(ହାସ+କୃ ଧାତୁ+ଖଚ୍‌ ଅ)—ହସାଉ ବା ହାସ୍ୟ ଉତ୍ପାଦନ କରେ (ହ.ଶ)—Causing or provoking laughter.
Hāsa kara
(ହାସକରୀ—ସ୍ତ୍ରୀ)

ହାସନ—ସଂ. ବ—(ହସଧାତୁ ଣିଚ=ହାସି ଧାତୁ+ଭାବ. ଅନ)—ହସାଇବା (ହ.ଶ)—Provocation of laughter.
Hāsana

ହାସନିକ—ସ. ବ. ପୁଂ—(ହାସନ+ଇକ) ଆନୋଦର ବା କ୍ରୀଡ଼ାର ସହଚର—Boon companion.
Hāsanika
(ହାସନିକା—ସ୍ତ୍ରୀ)

ହାସଲ୍—ବୈଦେ. ବ (କଚ୍ଛଅ) (ଅ. ହାସିଲ୍=ପ୍ରାପ୍ତ)—୧। ପାଇବା; ପ୍ରାପ୍ତି—1. Getting; receipt. ୨। ଲାଭ—2. Profit; gain. ୩। ଉପାର୍ଜନ; ଅର୍ଜନ—3. Acquisition; earning. [ଉ—ସେଇ ବଲ୍ଲଭ ଇଲମ ହାସଲ କର ନେଇଛୁ]୪। ଫଳ;ଜମିର ଉତ୍ପାଦନଦ୍ରବ୍ୟ—4. Produce of land; fruit. ୫। ଫଳପ୍ରାପ୍ତି—5. The getting of a result or fruit. ୬। ସମ୍ପାଦନ—6. Accomplishment; achievement ୭। ଆଦାୟ;ଅସୁଲ—7. Realisation. ବଣ—୧। ପ୍ରାପ୍ତ; ଲବ୍ଧ—1. Got; gained. ୨। ଉପାର୍ଜିତ—2. Earned; acquired. ୩। ନିଜର ପରିଶ୍ରମାଦର ଫଳରୂପେ ପ୍ରାପ୍ତ—3. Got as a result or fruit of one's labour. ୪। ଫଳପ୍ରଦ; ଫଳନ୍ତ—4. Fruitful; fruit-producing. ୫। ଫଳପ୍ରସୂ—5. Productive. ୬। ସମ୍ପନ୍ନ—6. Accomplished; achieved. ୭। ଲାଭଜନକ—7. Profitable.
ହାସିଲ ହାସିଲ୍ ମଧ୍ୟ ଦାୟ ଦେଇଥିବା—8. Realised.

ହାସଲ୍ କରିବା—ବେ. କ୍ରି (କଚ୍ଛଅ)—୧। (ଧନ ବା ସମ୍ପତ୍ତି, ଫଳ, Hāsal karibā ଫଳ) ପାଇବା—1. To get (property etc.) ୨। (ନ ବା ସମ୍ପତ୍ତି) ଅର୍ଜନ କରିବା—2. To earn or aquire (wealth). ୩। (ବିଦ୍ୟାଆଦି) ଲାଭ କରିବା—3. To aquire (learning). ୪। ଜମି-ଆଦି) ଚଷ ବା ଆବାଦ କରିବା—4. To reclaim or bring (land) under cultivation. ୫। [ଉପରଓଳାଠାରୁ ହୁକୁମ ଆଦି) ପାଇବା; ପ୍ରାପ୍ତ ହେବା—5. To get or receive (order from an authority) ୬। ଅନ୍ୟ ବ୍ୟକ୍ତିଠାରୁ ହସ୍ତାନ୍ତର ଦ୍ୱାରା ପ୍ରାପ୍ତ ହେବା; ହସ୍ତଗତ କରିବା—6. To get on transfer from another. (ଯଥା—ମୁଁ ୩୪କା ଖରଚ କରି ମାଦ୍ରାସିସ ସାଲାରୁ ସହମୋଦର ନକଲ ହାସଲ କରିଅଛି) ୭। ଆଦାୟ କରିବା—7. To realise.
ହାସିଲକରା ହାସିଲକରନା

ହାସଲ୍ ହେବା—ବେ. କ୍ରି (କଚ୍ଛଅ)—୧। ପ୍ରାପ୍ତ ହେବା—
Hāsal hebā 1. To be got. ୨। ଉପାର୍ଜିତ ହେବା—2. To be aquired or earned. ୩। ଆବାଦ ହେବା—3. To be reclaimed or cultivated. ୪। ସମ୍ପନ୍ନ ହେବା—4. To be accomplished.
ହାସିଲହଓୟା ହାସିଲହୋନା

ହାସଲାତ୍—ବେ ବୈଦେ. ବଣ (କଚ୍ଛଅ) (ଅ)—ହାସିଲାତ୍ (ଦେଶ)—
Hāsalāt Hāsilāt (See)

ହାସଲି—ବୈଦେ. ବଣ (କଚ୍ଛଅ) (ଅ—ହାସିଲ୍)—୧। ହାସଲ କରିସାଇଥିବା; ପ୍ରାପ୍ତ—1. Got. ୨। ଅର୍ଜିତ—2. Aquired; earned. ୩। ଫଳରୂପେ ପ୍ରାପ୍ତ—3. Achieved.
Hāsali
ହାସିଲ ହାସିଲକିୟାହୁଆ

ହାସଲି ଜମି—ବେ. ବ—୧। ଫଳୋତ୍ପାଦକ ଜମି—1. Land yielding crops; fruit-producing land. ୨। ଆବାଦୀ ଜମି—2. Arable land.
Hāsali jami
ହାସିଲଜମି ହାସିଲକୀହୁଇଜମିନ

ହାସାଃ—ସ. ବ (ହସ୍ ଧାତୁ+ଅସ୍; ହସସ୍ ଶବ୍ଦ, ୧ମା. ୧ବ)—
Hāsāḥ (ବୈଦିକ ଶବ୍ଦ) ଚନ୍ଦ୍ର—(A vedic word) The moon.

ହାସିଆ—ବୈଦେ. ବ (କଚ୍ଛଅ) (ଅ ହାସିଯୃତ୍=ଧଡ଼; ବନାତ)—
Hāsiā ୧। ଲୁଗା ଆଦର ଧଡ଼—1. Border of a cloth. ୨। କାଗଜର ପାଶ ବା ଦାଢ଼—2. Edge or margin of a paper. ୩। ପୃଷ୍ଠାର ବା କାଗଜର ପାଶରେ ଲେଖିବା କୋଟ—3. Marginal notes ବଣ—୧। ହାସିଆ ସମ୍ବନ୍ଧୀୟ—1 Marginal. ୨। ହାସିଆରେ ଲିଖିତ—2. Marginally noted. (ଯଥା—ହାସିଆ ପାଣ୍ଡି)
ହାସିୟା ହାସିୟା

ହାସିଆ ଛାଡ଼ିବା—ବେ. କ୍ରି (କଚ୍ଛଅ)—ଦଲିଲର ଦୁଇପାର୍ଶ୍ୱରେ ସ୍ଥାନ
Hāsiā chhārdibā ଛାଡ଼ି ଲେଖିବା—To leave margins in the paper while writing a deed.
ହାସିୟାଛାଡା ହୈସିୟାଛୋଡ଼ନା

Digitized by srujanika@gmail.com

ହାସିଅତ୍ ରେଜଷ୍ଟର୍—ବୈଦେ. ବ (ଈତରଥ) (ଅ ହାସିସୃତ୍ ଓ ଇଂ ରେଜଷ୍ଟର୍) — କୋ ଅଫିସ୍‌ରେ ରଖାଯିବା ଏକପ୍ରକାର ରେଜଷ୍ଟର୍ ବହି —A kind of register maintained in the office of a Co-operatve Society.

ହାସିୟାତ୍‌ରେଜିଷ୍ଟରୀ ହୈସିୟାତରେଜୀଷ୍ଟରୀ

ହାସିଆ ଦସ୍ତ [ସ୍ତ]କ[ ]ତ୍—ବୈଦେ. (ଅ+ପା.)ବ—[ଈତରଥ] — Hāsiā dasa(sta)ka (kba)t ୧ । ଦଲିଲର ପାର୍ଶ୍ୱଦେଶରେ [ହାସିଅ ଦସ୍ତ (ସ୍ତ) ବ —ଅନ୍ୟରୂପ] କରାଯାଇଥିବା ସ୍ୱାକ୍ଷର— 1. Signature on the margin of a document. ୨ । ଦଲିଲର ପାର୍ଶ୍ୱଦେଶରେ ସାକ୍ଷୀମାନଙ୍କ ସ୍ୱାକ୍ଷର —2. The signatures of attesting witnesses on the margin of a deed.

ହା ସୟାଦସ୍ତଖତ ହାସିୟାଦ୍‌ସ୍ତଖତ

ହାସିଆ ନ୍ନ (ର୍ଣ୍ଣ)ବ—ଗା. ବ ଓ ବଣ (ସଂ. ହାସ୍ୟାର୍ଣ୍ଣବ)— ହାସ୍ୟାର୍ଣ୍ଣବ Hāsiā nna (rṇṇa)ba (ଦେଖ)—Hāsyārnnaba(See)

ହାସାର୍ଣ୍ଣବ ହସିୟାର୍ନବ

ହାସିଆ ପଡ଼ିବା—ବେ. କ୍ରି (ଈତରଥ)—ଦଲିଲର ସକ୍ଷ୍ୟାଦନ ସମ୍ବନ୍ଧେ Hāsiā pardibā ସାକ୍ଷୀ ରୂପେ ଦଲିଲର ପାର୍ଶ୍ୱରେ ଦସ୍ତଖତ୍ ହାସିୟା ପଡ଼ା କରିବା—To attest a document; to sign a document at the margin as attesting witness.

ହୈସିୟା ପଡନା

ହାସିଆ ଲ(ଲେ)ଖିତ—ବେ. ବଣ (ଈତରଥ) (ଅ. ହାସିଅତ୍ ଓ ସଂ. ହାସିଆ li(le)khita ଲିଖିତ)—ଦଲିଲର ପାର୍ଶ୍ୱରେ ଯେଉଁମାନଙ୍କ ହାସିୟା ଲିଖିତ ନାମ ଲେଖା ଥୋଇଥାବ - (persons) Whose names appear on the margin of a document; noted in the margin; marginally noted.

ହାସିଆ ସାକ୍ଷୀ—ବେ. ବ (ଈତରଥ) (ଅ. ହାସିଅତ୍ ଓ ସଂ. ସାକ୍ଷୀ)— Hāsiā sākshī ଯେଉଁ ସାକ୍ଷୀମାନେ ଦଲିଲର ପାର୍ଶ୍ୱରେ ଦଲିଲ-ହାସିୟା ସାକ୍ଷୀ ସମ୍ପାଦକର ସାକ୍ଷୀ ରୂପେ ଦସ୍ତଖତ୍ କର ଥାଆନ୍ତି— ହାଶିୟେକା ଗବାହ Attesting witnesses; witnesses whose names or signatures or marks appear in the margin of a deed.

ହାସିକା—ସଂ.,ବ(ହସ୍ ଧାତୁ+ଭାବ,ଇକ+ଆ)—୧ । ହାସ୍ୟ(ଦେଖନ୍ତୁ) Hāsikā 1. Laughter. ୨। ହାସ୍ୟରସ—2. The sentiment producing laughter. ୩ । (ହସ୍ ଧାତୁ ଣିଚ୍, ହାସି ଧାତୁ+କର୍ତ୍ତୃ. ଅକ+ସ୍ତ୍ରୀ. ଆ) ବହୁଷିକା; ବଚନ ଗୃହ୍ୟଙ୍ଗ ବା ଅଙ୍ଗଭଙ୍ଗୀ ଦ୍ୱାରା ହାସ୍ୟୋଦ୍ରେକକାରିଣୀ ଦାସୀ—3. A woman who by her movements causes people to laugh; a female jester. ୪ । (ବୈଦିକ) ଚନ୍ଦ୍ର—4. (vedic) The moon. ୫ । ହସ କୌତୁକ—5. Mirth; merriment (Apte).

ହାସିମ୍ ଖାଁ—ବେ. ବ (ନାମ)—ଓଡ଼ିଶାର ପ୍ରଥମ ମୋଗଲ୍ ସୁବାଦାର୍— Hāsim khāṅ Name of the first Mogbal Subadar or Governor of Orissa.

ହାସିମ୍ ଖାଁ

ହାସୀ—ସଂ. ବଣ(ହାସିନ୍ ଶବ୍ଦ ;ହସ୍ ଧାତୁ+କର୍ତ୍ତୃ.ଇନ୍; ବମ୍ବା ହାସ+ ଇନ୍; ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୁଏ; ଯଥା— (ହାସିନୀ – ସ୍ତ୍ରୀ) ଜଡହାସୀ; ଦରହାସିନୀ)—୧ । ହାସ୍ୟ କରୁଥିବା —1. Laughing. ୨ । ଶ୍ୱେତ (ହି. ଶବ୍ଦସାଗର)— 2. White.

ହାସୁ—ଦେ. ଅ—ହାସ୍ (ଦେଖ) Hāsu Hās (See)

(ହାସୁ ହାସ—ଅନ୍ୟରୂପ)

ହାସ୍ତିକ - ସଂ. ବ (ହସ୍ତିନ୍+ସମୂହାର୍ଥେ କ)—୧ । ହସ୍ତି ସମୂହ; Hāstika ହାତୀପଲ—1. A herd of elephants. ୨ । ହସ୍ତ୍ୟାରୋହ; ହାତୀରେ ଚଢ଼ିଥିବା ବ୍ୟକ୍ତି—2. An elephant rider; a rider on an elephant. ୩ । ମାହୁନ୍ତ—3. The driver of an elephant (Apte). ବଣ—ହସ୍ତି ସମ୍ବନ୍ଧୀୟ—Relating to the elephant.

ହାସ୍ତିନ—ସଂ. ବ (ହସ୍ତିନ୍+ଅ)—୧ । ହସ୍ତି ସମ୍ବନ୍ଧୀୟ— Hāstina 1. Relating to the elephant. ୨ । (ହସ୍ତ+ଇନ) ହସ୍ତ ସମ୍ବନ୍ଧୀୟ—2. Relating to the hand. ବ—୧ । (ହସ୍ତିନ୍+ଅ) ଗଜପରିମାଣ— (କିରାତ ଶ୍ଳେଷ) 1. A measure of an elephant. ୨ । (ହସ୍ତିନ+ଅ) ହସ୍ତିନାପୁର—2. The ancient capital of the Pāṇḍaba kings of India. [ଦ୍ର—ହସ୍ତିନ ନାମକ ସ୍ୱଜା ଏହ ନଗର ପ୍ରତିଷ୍ଠା କରଥିବାରୁ ଏହାପର ନାମ ଥୋଇଅଛ୍ତ ।]

ହାସ୍ତିନ ପୁର—ସ. ବ—ହସ୍ତିନାପୁର (ଦେଖନ୍ତୁ)—The ancient Hāstina pur capital of the Pāṇḍaba kings of India.

ହାସ୍ୟ—ସ ବ (ହସ୍ ଧାତୁ+ଭାବ. ଯ)—୧ । ହସ— Hāsya 1. Laugh; laughter. ୨ । ହସିବା କର୍ମ—2. Laughing. ୩ । ରସ-ବିଶେଷ; କୌତୁକୋଦ୍ରେକ ରସ—3. A sentiment producing laughter. [ଦ୍ର—ଯାହା ଦେଖିଲେ ବା ଶୁଣିଲେ ଲୋକ ନ ହସି ରହି ପାରେ ନାହିଁ ତାହା ହାସ୍ୟରସ । ଯଥା—ବକ୍ରୋକ୍ତାକାର, ବକ୍ରୋକ୍ତ ବେଶ, ବକ୍ରୋକ୍ତ ବାକ୍ୟ ଓ ବକ୍ରୋକ୍ତ ଚେଷ୍ଟା । ରସ ତଳେ ଟୀକା ଦେଖ ।

ହାସ୍ୟ ୬ ପ୍ରକାର ଥିବା ପ୍ରାଚୀନ ଗ୍ରନ୍ଥକାରମାନେ ବର୍ଣ୍ଣନା କରିଅଛନ୍ତି । ଯଥା—

ଜ୍ୟେଷ୍ଠମାନଙ୍କର ୧ ସ୍ମିତ, ଓ ୨ ହସିତ । ମଧ୍ୟମାନଙ୍କର ୩ ବିହସିତ ଓ ୪ ଅବହସିତ । ନୀଚମାନଙ୍କର ୫ ଅପହସିତ ଓ ୬ ଅତିହସିତ ।

Digitized by srujanika@gmail.com

୧ ସ୍ମିତ—ନୟନର ଈଷତ୍‌ବିକାଶ ଓ ସ୍ୟଳ୍ପଭାଧରଯୁକ୍ତ ହାସ୍ୟ ।

୨ । ଉତ୍ତସିତ—ଫୁଟିବାବେଳେ ଦାନ୍ତ ଚମ୍ବାଟ ଦେଖାଯିବା ହସ ।

୩ । ବିହସିତ—ମଧୁରସ୍ୱରଯୁକ୍ତ ହସ ।

୪ । ଅବହସିତ—ସ୍ତବ୍ଧ ଓ ଶିରଃକମ୍ପଯୁକ୍ତ ହାସ୍ୟ ।

୫ । ଅପହସିତ—ଚକ୍ଷୁରେ ଅଶ୍ରୁ ଦେଖାଯିବା ହାସ୍ୟ ।

୬ । ଅଟ୍ଟହସିତ—ଉଚ୍ଚିସ୍ୱର ହସ ।]

୪ । ପରିହାସ; ଠଟ୍ଟା—4. Jesting. ୫ । ଉପହାସ—5. Ridicule. ବିଣ [+କର୍ମ. ଯ] ଉପହସନୀୟ—Laughable; ridiculous.

ହାସ୍ୟ କଥା—ସ ବ—୧ । ହାସ୍ୟମୟ ବିଷୟ—1. A matter full of laughter. ୨ । ହାସ୍ୟୋଦ୍ରେକକାରୀ ବିଷୟ—2. A matter provoking laughter.

ହାସ୍ୟ କର—ସ ବିଣ—ହାସ୍ୟଜନକ; ହାସ୍ୟୋତ୍ପାଦକ—Hāsya kara Comic; comical, causing or producing laughter; making people laugh.

ହାସ୍ୟ କରିବା—ଦେ. କ୍ରି—୧ । ହସିବା—1. To laugh. ୨ । ଉପହାସ କରିବା—2. To laugh at, to ridicule. ହାସ୍ୟ କରିବା ହଁସୀ କରନା

ହାସ୍ୟ କୌତୁକ—ସଂ. ବ (ଦ୍ୱନ୍ଦ୍ୱ)—ହସ କୌତୁକ; ହସ ତାମସା—Hāsya kautuka Hilarity; laughter and amusement; merriment.

ହାସ୍ୟଚ୍ଛଟା—ସଂ ବ (ହାସ୍ୟ+ଛଟା; ୬ଷୀ ତତ୍ପୁ; ସନ୍ଧିଯୋଗୁ ଚ୍ଛ)—Hāsyachchhaṭā ୧ । ହସିବାର ଭଙ୍ଗୀ—1. Mode of laughter; manner of laughing. ୨ । ହାସ୍ୟଜନ୍ୟ ଶୋଭା—2. Grace due to a person's laugh. ୩ । ଶୋଭାଯୁକ୍ତ ହାସ୍ୟ—3. Graceful laughter.

ହାସ୍ୟ ଜନକ—ସଂ. ବିଣ—ଯେ ବା ଯାହା ହାସ୍ୟ ଉଦ୍ରେକ କରେ—Hāsya janaka Laugh-inducing; provoking or causing laughter.

ହାସ୍ୟ ତରଙ୍ଗ—ସଂ ବ (ଷଷ୍ଠୀ ତତ୍ପୁ)—୧ । ତରଙ୍ଗ ବା ଢେଉ ପରି ହାସ୍ୟର ଉପର୍ଯ୍ୟୁପରି ଉଠୁଥିବା ହସ; ହାସ୍ୟର ସ୍ରୋତ—Hāsya taraṅga 1. Wave of laughter. ୨ । (ନାମ) ସଂସ୍କୃତ ନାଟକବିଶେଷର ନାମ—2. Name of a Sanscrit drama.

ହାସ୍ୟ ଧ୍ୱନି—ସଂ ବ (ସ. ତ. ତତ୍ପୁ; ହାସ୍ୟଜନିତ ଧ୍ୱନି)—ଉଚ୍ଚହାସ୍ୟଜନିତ ଶବ୍ଦ—Hāsya dhwani The sound of loud laughter.

ହାସ୍ୟ ପରିହାସ—ସଂ ବ (ଦ୍ୱନ୍ଦ୍ୱ)—ହସ ଓ ଠଟ୍ଟା—Hāsya parihāsa Laugh and jesting.

ହାସ୍ୟ ପ୍ରଦୀପ୍ତ(ପ୍ରଫୁଲ୍ଲ)—ସଂ.ବିଣ (ତୃତୀୟା ତତ୍)—ହସ ଦ୍ୱାରା ଉଜ୍ଜ୍ୱଳିତ ବା ଶୋଭମାନ [ମୁଖ]-Hāsya pradīpta(praphulla) (face) Lit up with laughter; brimming with laughter.

ହାସ୍ୟ ପ୍ରିୟ—ସଂ. ବିଣ. ପୁଂ [ବହୁବ୍ରୀହି, ହାସ୍ୟ ପ୍ରିୟ ଯାହାର]—ଯେ ହସିବାକୁ ଭଲ ପାଏ—Fond of laughter, comical. Hāsya priya (ହାସ୍ୟପ୍ରିୟା—ସ୍ତ୍ରୀ)

ହାସ୍ୟ ବଦନ—ସଂ.ବ ଓ ବିଣ.ପୁଂ[ମ.ତ. ତତ୍ପୁ]—ହାସ୍ୟମୁଖ (ଦେଖ)—Hāsya badana Hāsya mukha (See). [ହାସ୍ୟବଦନା—ସ୍ତ୍ରୀ]

ହାସ୍ୟମୟ ସଂ. ବିଣ [ହାସ୍ୟ+ମୟ] ୧ । ହାସ୍ୟପୂର୍ଣ୍ଣ—Hāsya maya 1. Full of laughter; comical. [ହାସ୍ୟମୟୀ—ସ୍ତ୍ରୀ] ୨ । ହସୁଥିବା—2. Laughing.

ହାସ୍ୟ ମୁଖ—ସଂ. ବ [ମ. ତ. ତତ୍ପୁ]—ହାସ୍ୟଯୁକ୍ତ ବଦନ; ହସ ହସ ମୁହଁ—Hāsya mukha —Laughing face.

ବିଣ. ପୁଂ [ବହୁବ୍ରୀହି; ହାସ୍ୟ ଅଛି ମୃଗରେ ଯାହାର]—(ହାସ୍ୟମୃଗୀ—ସ୍ତ୍ରୀ) ହସମୁହଁ; ହସୁରମୁହିଁ—Having a laughing or smiling face.

ହାସ୍ୟ ରଞ୍ଜିତ ସଂ. ବିଣ (ତୃତୀୟା ତତ୍)—ହାସ୍ୟପ୍ରଦୀପ୍ତ [ଦେଖ]—Hāsya rañjita Hāsya pradīpta (See)

ହାସ୍ୟ ରସ—ସ. ବ—କାବ୍ୟରସବିଶେଷ; ଯାହା ଦେଖିଲେ, ପଢ଼ିଲେ ବା ଶୁଣିଲେ ମନୁଷ୍ୟ ନ ହସିକରି ରହି ପାରେ ନାହିଁ—Hāsya rasa The sentiment of laughter in literature. (ଦ୍ର—ରସ ତଳେ ଟୀକା ଦେଖ ।)

ହାସ୍ୟ ରସାତ୍ମକ—ସ. ବିଣ—ହାସ୍ୟରସଯୁକ୍ତ; ଯାହାଁରେ ହାସ୍ୟରସ ଅଛି—Hāsya rasātmaka (ହାସ୍ୟରସାତ୍ମିକା—ସ୍ତ୍ରୀ) Abounding in the sentiment of laughter.

ହାସ୍ୟରସାତ୍ମକ ନାଟକ—ସ, ବ—ଯେଉଁ ନାଟକରେ ହାସ୍ୟରସ ପ୍ରଧାନ Hāsya rasātmaka nāṭaka ଅଟେ—A comedy; a comical play.

ହାସ୍ୟ ରସିକ—ସ. ବିଣ.ପୁଂ—ହାସ୍ୟ ରସରେ ନିପୁଣ; ଯେ ଲୋକମାନଙ୍କୁ ହସାଇ ପାରେ—Hāsya rasika (ହାସ୍ୟରସିକା—ସ୍ତ୍ରୀ) (ହାସ୍ୟରସିକତା—ବ) Capable of causing people to laugh.

ହାସ୍ୟ ଲହରୀ—ସ. ବ—ହାସ୍ୟତରଙ୍ଗ (ଦେଖ)—Hāsya lahari Hāsya taraṅga (See)

ହାସ୍ୟ ସଂବରଣ (ସମ୍ବରଣ)—ସଂ. ବ—(ଷଷ୍ଠୀ ତତ୍)—ହାସ୍ୟକୁ ରୋକିବା; ଭିତରୁ ଉଠୁଥିବା ହସକୁ ସମ୍ଭାଳିନେବା—Hāsya saṁbaraṇa (samba raṇa) Restraining of one's rising laughter.

ହାସ୍ୟ ସଂବରଣ (ସମ୍ବରଣ) କରିବା—ଦେ. କ୍ରି—ହସ ମାଡ଼ିଲେ Hāsya saṁbaraṇa (sambaraṇa) karibā ତାହାକୁ

Digitized by srujanika@gmail.com

ସମ୍ଭାଳିବା ବା ରୁଣ୍ଡିବା—To control one's laughter; to restrain one's self from laughing. ହାସ୍ୟ ସଂବରଣ କରା ହସି ରୋକନା

ହାସ୍ୟା – ଇତ୍ୟାଦ ଦେ.ବ ଓ ଦେଶ—(ଉତ୍କଳଆ)—ହାସିଆ ଇତ୍ୟାଦ (ଦେଶ)—Hāsiā etc (See). Hāsyā (etc)

ହାସ୍ୟାନ (ନ୍ନ) ବ—ଭା. ବ—(ସ. ହାସ୍ୟାର୍ଣ୍ଣବ)—ହାସ୍ୟାର୍ଣ୍ଣବ (ଦେଶ)—Hāsyārṇṇaba (See) Hāsyāna (nna) ba

ଦେଶ—୧ । ହାସ୍ୟାସ୍ପଦ (ବ୍ୟକ୍ତି)—1. Ridiculous; laughed at; being the butt end of laughter. ୨ । ହାସ୍ୟଜନକ (କଥା)—2. Causing or producing laughter. ୩ । ଉପହାସାସ୍ପଦ—3 Subject to ridicule.

ହାସ୍ୟାନ (ନ୍ନ, ର୍ଣ୍ଣ) ବ କରିବା—ଦେ. କି—କୌଣସି କଥାକୁ ବା ବ୍ୟକ୍ତିକୁ ଉପହାସରେ ଉଡ଼ାଇ ଦେବା—To laugh at a person or a thing. ହାସ୍ୟାର୍ନବ କରା ହାସ୍ୟାର୍ନବକରନା Hāsyāna (nna, rṇṇa) ba karibā

ହାସ୍ୟାର୍ଣ୍ଣବ—ସ. ବଣ – (ସମୁଦ୍ର ସଙ୍ଗେ ତୁଳନାୟ ହାସ୍ୟ)—୧ । ବହୁଲୋକଙ୍କ ହାସ୍ୟ—1. The laughter of many persons. ୨ । ହାସ୍ୟତରଙ୍ଗ—2. Wave of laughter; hilarity; mirth. ୩ । (ନାମ; ଜଗଦୀଶଙ୍କ ରଚିତ ହାସ୍ୟୋଦ୍ଦୀପକ ସଂସ୍କୃତନାଟକ ବିଶେଷ—3. A Sanscrit comical drama or burlesque by Jagadīśa. ଦେ. ବଣ—ହାସ୍ୟାନବ (ଦେଶ)—Hāsyārṇṇaba

ହାସ୍ୟାଳାପ—ସ. ତ—(ସ. ପ. ତତ୍ପୁ)—ହାସ୍ୟଯୁକ୍ତ କଥୋପକଥନ ; ରସାଳାପ—Comical conversation. Hāsyālāpa

ହାସ୍ୟାସ୍ପଦ—ସ. ବଣ—୧ । ଯାହା ଦେଖିଲେ ହସମାଡ଼େ—1. Provoking laughter. ୨ । ଉପହସନୀୟ—2. Ridiculous Hāsyāspada

ହାସ୍ୟୋଦ୍ଦୀପକ—ସ. ବଣ—(ଷଷ୍ଠୀ ତତ୍ପୁ)—ଯାହା ଶୁଣିଲେ ବା ଦେଖିଲେ ହସମାଡ଼େ—Comical; burlesque. (ହାସ୍ୟୋତ୍ପାଦକ—ଅନ୍ୟରୂପ) Hāsyoddīpaka

ହା ହତାଶ—ପ୍ରାଦେ (ଖଡ଼ିଆଳ) ବଣ—ଅତ୍ୟନ୍ତ ନିରାଶ—Very much disappointed Hā batāśa

ହା ହତୋଽସ୍ମି—ସ. ବାକ୍ୟ (ଯୁଦ୍ଧପ୍ରସଙ୍ଗରେ)—(ଏଥିର ଅର୍ଥ ଅହା ! ମୁଁ ମଲି—(ଖେଦ ବା ଶୋକାର୍ଥକ ବାକ୍ୟ) ଅହା ! ମୋର ସର୍ବନାଶ ହେଲା—(Interjection) Alas ! I am done for. (ସ୍ତ୍ରୀଲିଙ୍ଗରେ—ହା ହତାସ୍ମି) Hā hato (a) smi

ହା ହନ୍ତ—ଦେ.ଅ—(ବିସ୍ମୟ ସୂଚକ) ଦୁଃଖ ବିସ୍ମୟସୂଚକ ଅବ୍ୟୟ—ଅହା ! ହାୟ ! ହା ହନ୍ତ ବ ବିଷମ ଅସାମଞ୍ଜସ୍ୟ । ନଳଚରୋଦ୍ଧର—ଜହ୍ନୁରଣୀ ।] Hā hanta Alas !

ହାହୁ [ହା] ଲ—ସ. ବ—ହଲାହଲ (ଗନ୍ଧରାଜଲି) [ଦେଶ]—Hā ha (hā) la Halāhāla (See).

ହା ହା—ସ. ଅ—[ହା=ଧ୍ୱନି+ହା. ଧାତୁ=ତ୍ୟାଗ କରିବା+ ଡୃଟ୍]—୧। ହାୟ୍ ହାୟ୍; ଅହା ! (ଖେଦ ବା ଶୋକଜନିତ ଧ୍ୱନି)—1. (Interjection) Alas ! (in lamentation). [ଉ—ମୋର ସ୍ୱତ୍ତା ଗ୍ରଗେ ଏହୁ ଘିତା ହା ହା ! ମୋହିତ ଗ୍ରଗେ ଏ ପଢ଼ି । ରଘାନାଥ—ଯାଦଙ୍ଗ ।] ୨ । ଅନୁତାପଜନିତ ଧ୍ୱନି—2. Alas ! (in regret) ୩ । (ବିସ୍ମୟଜନିତ ଧ୍ୱନି) ଓଡ଼ିଆ—3. Ha Ha ! (in wonder). ବ—[ହା ଶବ୍ଦ+ହା. ଧାତୁ= ତ୍ୟାଗ କରିବା+ଡୃଟ୍]—ଦେବଗନ୍ଧର୍ବ ବିଶେଷ—A class of Divine songsters. [ଉ—ଦେବତାମାନଙ୍କ ସ୍ତବରେ ନିଯୁକ୍ତ ଗନ୍ଧର୍ବମାନଙ୍କ ମଧ୍ୟରୁ ହାହା ଏକ ଶ୍ରେଣୀର ଅଟନ୍ତି । କେତେକ ଦେବ-ଗନ୍ଧର୍ବମାନଙ୍କ ଶ୍ରେଣୀ ଯଥା—ହାହା, ହୂହୂ, ବିଶ୍ୱାବସୁ, ତୁମୁରୁ, ଚିତ୍ରରଥ; ଏମାନେ ଦେବତାମାନଙ୍କର ଉପାସନା କରି ଗୀତ ଗାଆନ୍ତି] ଦେ. ଅ—୧ । ସ୍ମରଣାର୍ଥକ ଧ୍ୱନି—1. An exclamation of rememberance [ଉ—ହାହା ଜନମସ୍ୱ ରସ, ବେଳେ ଜାଣ କରୁଥିବ ସେ ଦୁରନ୍ତ—ଭଞ୍ଜ. କୋଟିବ୍ରହ୍ମାଣ୍ଡ ସୁନ୍ଦର] ୨ । ବିସ୍ମୟ ବା ସନ୍ତୋଷାର୍ଥକ ଧ୍ୱନି—2. An exclamation of satisfaction or wonder. (ଉ—ହାହା ଶୋଉଛୁ ସ୍ପଷ୍ଟକେଉଁ ନାମ ତାହାକୁ—ଭଞ୍ଜ. କୋଟି ବ୍ରହ୍ମାଣ୍ଡ ସୁନ୍ଦର)

ହାହୋ—ପ୍ରାଦେ. (ସମ୍ବଲପୁର) ଅ—ଆହେ !— Oh ! Hābo

ହାହାଁ—ଦେ. ଅ—ହାଁ ହାଁ (ଦେଶ)— Hāñ hāñ (See)

ହାହାଃ—ସଂ. ବ—(ହାହସ୍ ଶବ୍ଦ)—ଗନ୍ଧର୍ବ ବିଶେଷ— A class of divine songsters. Hā hāh

ହାହା କରିବା—ଦେ.କି—ଶୋଉରେ ବା ଖେଦରେ ହାହା ଧ୍ୱନି କରିବା —To lament or wail in distress. ହାହା କରା [ଉ—ମୁଲୁକ ଗାଇ ଦେଶି ସବୁ ପ୍ରାଣୀ ଦୁଃଖୀ, ଦୋଇ ହାହା କର ବୁଲଲେ ବେନି ଅଖି । କୃଷ୍ଣସିଂହ ମହାଭାରତ. କର୍ଣ୍ଣ ।] ହାହା କରନା

ହାହାକାର—ସ. ବ—(ହାହା+କୃ. ଧାତୁ+ଘଞ୍ ଅ)—୧ । ଶୋକଧ୍ୱନି —1. Loud lamentation; cry of distress. [ଉ—ଅଳ ପାଇଁ ଦେଖେ ହାହାକାର—ଅନାହାରେ କେତେ ଗଲେ ଯାନ୍ତ ଯମପୁର ଲେଖେ କୋଇଲି—ବାଲକୃଷ୍ଣ ଅଳାଳ କୋଇଲି ।] ୨ । ଯୁଦ୍ଧ କଳରବ (ଶବ୍ଦ କଲ୍ପଦ୍ରୁମ) 2. Noise or consternation of battle. Hāhā kāra

ହାହାକାର ମୟ—ସ. ବ — ହାହାକାରରବ ପୂର୍ଣ୍ଣ; ଶୋକପୂର୍ଣ୍ଣ— Sorrowful; full of a lamentation; lamentable. (ହାହାମୟ—ଅନ୍ୟରୂପ) ହାହାକାରମୟ Hāhākāra maya

Digitized by srujanika@gmail.com

ହାହା ପଦ(ଶବଦ)—ଦେ. ବ—ଖେଦସୂଚକ ହାହାକାର ଧ୍ୱନି—Hāhā pada(śabada) Exclamation giving vent to grief e. g. (Alas!) ହାହାଶବ୍ଦ [ଦ୍ର—ଅସ୍ପରେ ଦେଖି ହାହା ହାହା ଶବ୍ଦେ, ବଳ ଗର୍ଜ୍ଜଇ ଘୋରନାଦେ । ଜଗନ୍ନାଥ ଭାଗବତ ।]

[ହାହା ଧ୍ୱନି(ଶବ୍ଦ, ରବ)—ସଂ.ରୂପ

ହାହାହା—ପ୍ରାଦେ (ଝଡ଼ଅଳ) ଅ—(ଧ୍ୱନ୍ୟନୁକରଣ)—ଉଚ୍ଚ ହାସ୍ୟର ଶବ୍ଦ—The sound of loud laughter. Hāhāhā

ହାହା ହୁହୁ—ସଂ. ବ—(ଦ୍ୱନ୍ଦ୍ୱ)—ଦୁଇଟି ଶ୍ରେଣୀର ଗନ୍ଧର୍ବ— Hāhā hu hu Two classes of divine choristers.

ହା ହୁତାଶ—ଦେ. ବ—(ସଂ. ହାହାତୋସ୍ମି=ଅହୋ ! ମଲ୍ଲ)—୧ । ଦୁଃଖଗ୍ରସ୍ତ ବ୍ୟକ୍ତିର ଅର୍ତ୍ତସ୍ୱର—1. Hā hutāśa ହାହତାଶ ବା ଦୁଃଖଗ୍ରସ୍ତ ବ୍ୟକ୍ତିର ଅର୍ତ୍ତସ୍ୱର Cry of distress. ୨ । ହାହତାଶ ଶବ୍ଦୋକ୍ତି—2. Exclamation of grief of a person in distress. ୩ । ଅହୋ ! ମୋର ସର୍ବନାଶ ହେଲ୍ଲ, ଏହ ଦୁକ୍ତି କ୍ତା—3. The utter anxiety of a person who is in trouble. ହାହତାଶ—ହାହତାଶ ହୋଇ ଅର୍ତ୍ତସ୍ୱର କାଢ଼ା—Uttering cry of distress.

ହାହୁତାଶ କରିବା—ଦେ. କ୍ରି—୧ । ଦୁଃଖରେ ଅର୍ତ୍ତନାଦ କରିବା—1. Hā hutāśa karibā To utter a cry of distress. ହା ହୁତାଶ କରା ୨ । ଶୋକ ବା ଖେଦ କରିବା—2. To lament. ହାହତାଶକରନା

ହା ହୁତାଶ ହେବା—ଦେ. କ୍ରି—ଉଦ୍ଦେରେ ଅର୍ତ୍ତନାଦ କରିବା—To wail or lament in grief. Hāhutāśa hebā ହା ହୁତାଶ କରା ହାହତାଶହୋନା

ହାହ୍ନି(ହ୍ନେ)ମା(ମେ, ମ୍ୟା) ନ୍—ବୈଦେ. ବ—(ନାମ)—ଜୋର୍ମାନ୍ ଚିକିତ୍ସା ପ୍ରଣାଳୀର ହାନିମ୍ୟାନ ପ୍ରବର୍ତ୍ତକ ପ୍ରସିଦ୍ଧ ସ୍ୱର୍ଗତ ଜର୍ମାନ୍ ଡାକ୍ତର—Samuel Hāhnemann Christian Fredrich Hahnemann, the late German discoverer of Homeopathy. [ଦ୍ର—ପାଶ୍ଚାତ୍ୟ ଦେଶରେ ଆଲୋପାଥିକ୍ ଚିକିତ୍ସକଗଣ ଯେତେବେଳେ ଚିକିତ୍ସାବଜ୍ଞାନକୁ ଏକଗୁଁଆ କରି ରୋଗର ମୌଳିକ କାରଣ ଅନୁସନ୍ଧାନ କରିବା ପରିବର୍ତ୍ତେ ରୋଗୀମାନଙ୍କ ଉପରେ ଯଥେଚ୍ଛାଚାର ଅସ୍ତ୍ରୋପଚାର କରିବାରେ ପ୍ରବୃତ୍ତ ଥିଲେ, ସେତେବେଳେ ଇଉରୋପ ମହାଦେଶର ବଜ୍ଞାନକେନ୍ଦ୍ର ଜର୍ମାନୀ ଦେଶର ସାକ୍ସନ ପ୍ରଦେଶରେ ସାମୁଏଲ ହାହ୍ନେମାନ୍ ନାମକ ଜଣେ ଖଣଜନ୍ମା ପ୍ରତିଭାଶାଳୀ ମନୀଷୀ ୧୭୫୫ ଖ୍ରୀଷ୍ଟାବ୍ଦ ଅପ୍ରେଲ ୧୦ ତାରିଖରେ ଜନ୍ମଗ୍ରହଣ କଲେ । ବାଲ୍ୟକାଳରୁ ଏହ ମନୀଷୀ ସଙ୍ଗସ୍ତ ସଙ୍ଗସ୍ତ ସାତ ପ୍ରତିଘାତ ସହ୍ୟ କରି, ନାନା ବାଧାବିଘ୍ନ ଅତିକ୍ରମ କରି ନିଜର ଅସାମାନ୍ୟ ପ୍ରତିଭା ବଳରେ ଚିକିତ୍ସାଜଗତରେ ବପ୍ଳବ ଆନୟନ କରିଥିଲେ । ବାଲ୍ୟାବସ୍ଥାରେ ଗ୍ରୀକ୍ ଓ ମାତୃଭାଷା ଶିକ୍ଷା ଶେଷ କରି ସେ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିବାକୁ ଚେଷ୍ଟା କରିଥିଲେ; ମାତ୍ର ପିତାଙ୍କର ଅର୍ଥିକ ଅବସ୍ଥା ସଚ୍ଛଳ ନ ଥିବାରୁ ବାଧ୍ୟ ହୋଇ ଲେଖାପଢ଼ା ବନ୍ଦ କରିଥିଲେ । କଲେଜର ଅଧ୍ୟାପକମାନେ ହାହ୍ନେମାନଙ୍କ ପ୍ରତିଭାର ପରିଚୟ ପାଇ ବନା ବେତନରେ ତାଙ୍କୁ ପଢ଼ାଇବାକୁ ବଚ୍ଛା ହୋଇଥିଲେ । ବହୁକାଳ ଅଧ୍ୟୟନ କରି ସେ ଲିପ୍ଜିଗ୍ ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ସେଠାରେ ପରୀକ୍ଷଣ (experiment) କାର୍ଯ୍ୟ ପାଇଁ ସୁବିଧା ନ ଥିବାରୁ ସେ ଲିପ୍ଜିଗ୍‌ରୁ ଯାଇ ଲଓବାଲ୍‌ଡ଼୍ ଚିକିତ୍ସାଳୟରେ ଅଧ୍ୟୟନ କଲେ । ଲିପ୍ଜିଗ୍‌ରେ ପଢୁଥିବା ସମୟରେ ସେ କେତେଗୁଡ଼ିଏ ଇଂରାଜୀ ଗ୍ରନ୍ଥ ଜର୍ମାନ୍-ଭାଷାରେ ଅନୁବାଦ କରିଥିଲେ । ବାଇବେ ହାହ୍ନେମାନ ନିଜର ଅଧ୍ୟବସାୟ ଓ ପ୍ରତିଭା ବଳରେ ଲିପ୍ଜିଗ୍‌ର ପ୍ରଧାନ ଚିକିତ୍ସକ କୋସ୍ନାରନ୍‌ଙ୍କର ପ୍ରଧାନ ପାର୍ଶ୍ୱଚର ଓ ପ୍ରିୟପାତ୍ର ହୋଇ ପାରିଥିଲେ ।

ଅଧ୍ୟୟନକାଳ ଶେଷ ହୋଇ ଯିବାରୁ ହାହ୍ନିମାନ୍ ତାଙ୍କ ଶିକ୍ଷାଗୁରୁ କୋସ୍ନାରନଙ୍କ ଯତ୍ନରେ ଟ୍ରାନସିଲ୍‌ଭାନିଆ ପ୍ରଦେଶର ଶାସନକର୍ତ୍ତାଙ୍କର ଚିକିତ୍ସାଗାରର ଓ ପୁସ୍ତକାଗାରର ଅଧ୍ୟକ୍ଷ ପଦରେ ନିଯୁକ୍ତ ହେଲେ । ଏଠାରେ ତାଙ୍କ ଦୁଃଖଜଣାର ଅବସାନ ହେଲ ଏବଂ ବହୁକାଳର ପୋଷିତ ଆଶା ପରିପୂର୍ତ୍ତ ହେବାର ସୂଚନା ମିଳିଲ୍ଲା । ଏହ ପୁସ୍ତକାଗାରର ସୁଯୋଗ ପାଇ ସେ ଗ୍ରୀକ୍, ଲାଟିନ୍, ଇଂରେଜୀ, ଫ୍ରେଞ୍ଚ୍, ଇଟାଲିଆନ୍, ହିବ୍ରୁ, ସିରିଆକ୍ ଓ ଆରବୀ ଭାଷା ମାନ ଶିକ୍ଷା କରି ପାରିଥିଲେ । ମାତ୍ର ଏହ ସମ୍ମାନଜନକ ପଦବୀରେ ସେ ବେଶିଦିନ ରହି ପାରିଲେ ନାହିଁ । ଏମ୍. ଡ଼ି ଉପାଧି ପାଇବାକୁ ତାଙ୍କୁ ଏନଲାର୍ଜେଜକୁ ଯିବାକୁ ପଡ଼ିଲ୍ଲା । ସେଠାରେ ଉପାଧି ପାଇଁ ପ୍ରସ୍ତୁତ ହେବା ସଙ୍ଗେ ସଙ୍ଗେ ସେ ଔଦ୍ଭିଦ ବଜ୍ଞାନ ବିଷୟରେ ଗବେଷଣା କଲେ । ୧୭୭୯ ଖ୍ରୀଷ୍ଟାବ୍ଦରେ ୨୪ ବର୍ଷ ବୟସରେ ସେ ଏମ୍. ଡ଼ି. ଉପାଧି ଲାଭ କଲେ । ତତ୍ପରେ ସେ ହେଣ୍ଟ୍ଜୀକ ସହରରେ ଚିକିତ୍ସା ବ୍ୟବସାୟ ଆରମ୍ଭ କଲେ ଏବଂ ଉଦ୍ଭିଦ ଅଭ୍ୟଦନ ମଧ୍ୟରେ ଅନ୍ୟ ଏକ ପ୍ରଦେଶର ରାଜଧାନୀ ଚିକିତ୍ସକ ପଦରେ ନିଯୁକ୍ତ ହେଲେ । ଏହ ସମୟରେ ଜଣେ ଔଷଧ ବିକ୍ରେତା ହେସିଲ୍‌ରଙ୍କ କନ୍ୟା ହେନ୍ରିଏଟା କୁକ୍‌ଲର୍‌ଙ୍କୁ ସେ ବିବାହ କଲେ । ସୋସୋ ନାମକ ସ୍ଥାନରେ ଚିକିତ୍ସକ ଜାର୍ଫି କରୁଥିବା ସମୟରେ ଔଷଧ-ବିଦ୍ୟା, ଉଦ୍ଭିଦ୍‌ବିଦ୍ୟା ଓ ଔଷଧ ପ୍ରସ୍ତୁତ କରିବା ପ୍ରଣାଳୀ ସମ୍ବନ୍ଧରେ ସେ ଗଭୀର ଜ୍ଞାନ ଅର୍ଜ୍ଜନ କରିଥିଲେ; ସେଠାରୁ ସେ ଡ୍ରେସ୍‌ଡେନ୍ ସହରରେ ଯାଇ ପହଞ୍ଚିଲେ; ଏହ ସହରର ରାଜଧାନୀ ଚିକିତ୍ସାଳୟରେ ପ୍ରତିବନ୍ଧ ଚିକିତ୍ସକ ହୋଇ ବୈଷୟିକ ଶାସ୍ତ୍ରାଧ୍ୟକ୍ଷ ଡାକ୍ତର ହାଗ୍‌ନରଙ୍କ ନିକଟରେ ମନୋଯୋଗ-ପୂର୍ବକ ବୈଷୟିକ ଗୁପ୍ତ ଶିକ୍ଷା କଲେ । ମହାମତ ହାହ୍ନେମାନ୍ ନିଜର ଦୁର୍ବରସମ୍ପତ୍ତି ଓ ଗଭୀର ଅଧ୍ୟବସାୟ ବଳରେ ଅଳ୍ପ ପ୍ରସାଶ ଅଧ୍ୟାପକଙ୍କ ପ୍ରିୟ ଶିଷ୍ୟ ହୋଇ ପାରିଥିଲେ ଏବଂ ଚିକିତ୍ସାଳୟର ସମସ୍ତ ଗୁରୁ ସ୍ୱୟଂ ପ୍ରଦତ୍ତ କଲେ । କ୍ରମେ କ୍ରମେ ସେ ଚିକିତ୍ସା ବିଦ୍ୟାରେ ଯେଥାଉ ଅର୍ଜ୍ଜନ କଲେ ।

Digitized by srujanika@gmail.com

ଏହାପରର ପ୍ରାୟ ଦଶ ବର୍ଷକାଳ ବହୁ ଗବେଷଣା ଓ ସ୍ୱଳ୍ପାଧିକ ସହ ଡାକ୍ତର୍ଯ୍ୟ ବ୍ୟବସାୟ କରିବା ପରେ ହଉକାଳୀନ ଚକତ୍ସାବଧାନ ପ୍ରତି ମମାର୍ଷୀ ହାଏମାନ୍ଙ୍କର ଅଶ୍ରଦ୍ଧା ଜନ୍ମିଲା । ସେ କ୍ରମେ କ୍ରମେ ଅଲ୍ପୋଥାଥିକ୍ ଚକତ୍ସାର ଅସାଇତା ଓ ଅପକାରତା ବୁଝି ପାରିଲେ । ତେଣୁ ସେ ଏହି କଲ୍ପନାମୂଳକ ଚକତ୍ସା ପରିତ୍ୟାଗ କରି ରସାୟନ ଶାସ୍ତ୍ର ଅଲ୍ଲୋଚନା କରି ଉଦ୍ଭାବ ଜୀବନ ଯାପନ କରିବାକୁ ସଂକଲ୍ପ କଲେ । ସେହି ସମୟରେ ରସାୟନ ବିଦ୍ୟାର ଟେକ୍ଟେବୁଡ଼ଏ ମୂଳ ଗ୍ରନ୍ଥକୁ ନିଜର ସ୍ୱାଧୀନ ମତ ଅନୁସାରେ ବ୍ୟାଖ୍ୟା ଓ ସଂଶୋଧନ କରି ସେ ଗ୍ରନ୍ଥକାରମାନଙ୍କର ଭ୍ରମ ଦେଖାଇ ଦେଇଥିଲେ । ସେହି ସଂଶୋଧିତ ଗ୍ରନ୍ଥଗୁଡ଼ିକ ଅନେକ ସ୍ଥାନରେ ମୂଳଗ୍ରନ୍ଥ ଅପେକ୍ଷା ଅଧିକ ମୂଲ୍ୟବାନ୍ ବୋଲି ବୈଜ୍ଞାନିକ ଜଗତ୍ରରେ ଆଦୃତ ହେଲା । ଏହି ସମୟରେ ସେ 'ଉନେଗାର୍' (ମଦର କାଞ୍ଜି) ପ୍ରସ୍ତୁତ କରିବା ପ୍ରଣାଳୀ, ଔଷଧର ଉଣୁତ୍ତା ଓ ଅଧିକତା ଓ ଗ୍ରହଣୀୟ ଉପଯୋଗୀ ପଦାର୍ଥ ଓ ମଦ୍ୟ ପରୀକ୍ଷା ପ୍ରଣାଳୀ, ଘୋଟାସିଅମ୍ ଦ୍ୱାରା ସୋଡ଼ା ପ୍ରସ୍ତୁତ କରିବା, ମଦ ଦୂଷିତ ହେବାର କାରଣ, ସାରଦକୁ ତରଳ କରିବାର ପ୍ରଣାଳୀ ଇତ୍ୟାଦି ଆବିଷ୍କାର କରିଥିଲେ । ୧୭୮୫ ଖ୍ରୀଷ୍ଟାବ୍ଦରେ ସେ ସ୍କ୍ରୋଫୁଲ୍ଲା (ଗଣ୍ଡମାଳା) ଯକ୍ତ ଓ ତହିଁର ଚକତ୍ସା (Scrofula and its treatment) ନାମକ ଖଣ୍ଡିଏ ପୁସ୍ତକ ଲେଖିଥିଲେ । ଏହି ପୁସ୍ତକ ଖଣ୍ଡିକ ପଢ଼ିଲେ ସ୍ପଷ୍ଟ ବୁଝାଯାଏ ଯେ, ସେତେବେଳର ପ୍ରଚଳିତ ଚକତ୍ସା ବିଧାନ ପ୍ରତି ତାଙ୍କର ଘୋର ଅଶ୍ରଦ୍ଧା ଜନ୍ମିଥିଲା । ଏହି ସମୟରେ ପାଶ୍ଚାତ୍ୟ ଜଗତର ବହୁ ଚକତ୍ସା ଶାସ୍ତ୍ର ଅଧ୍ୟୟନ କରିବା ଫଳରେ ତାଙ୍କ ମନରେ ଦୃଢ଼ ଧାରଣା ଜନ୍ମିଲା ଯେ, ପ୍ରଚଳିତ ସଙ୍କଳ୍ପିତ ଚକତ୍ସା ପ୍ରଣାଳୀ କଲ୍ପନା-ମୂଳକ ଅଟେ ଓ ଏଥିରେ ରୋଗର ପ୍ରକୃତ ଔଷଧ ନିର୍ଦ୍ଧାରିତ ହୋଇ ନାହିଁ । ସେହି ସଂସ୍ଥାରୁ ସେ ପ୍ରଚଳିତ ଚକତ୍ସା ପ୍ରଣାଳୀର ଅମୂଳ ପରିବର୍ତ୍ତନ ପାଇଁ ବଦ୍ଧପରିକର ହେଲେ; ୧୭୯୦ ଖ୍ରୀଷ୍ଟାବ୍ଦରେ କଲେନ୍ ସାହେବଙ୍କ ପ୍ରଣୀତ ମେଟେରିଆ ମେଡିକା (ଭୈଷଜ୍ୟ ବିଦ୍ୟା) ଗ୍ରନ୍ଥକୁ ଜର୍ମାନ୍ ଭାଷାରେ ଅନୁବାଦ କଲେ । ସେହି ଗ୍ରନ୍ଥରେ ସିନ୍‌କୋନା ନାମକ ଔଷଧ ଜ୍ୱରନାଶକବୋଲି ଯେଉଁ ବ୍ୟାଖ୍ୟା ପଢ଼ିଲେ ସେଥିରେ ସେ ଏକମତ ହୋଇ ପାରିଲେ ନାହିଁ । ବିଶିଷ୍ଟ ଜ୍ୱରରେ ଔଷଧର କରୁଦ୍ଭାବୀପନ୍ନ ଗୁଣାବଳୀ ଗମ୍ଭୀର ଜ୍ୱରରେ ଅଲ୍ଲୋଚନା କରିବା ପରେ ତାଙ୍କ ମନରେ ଦୃଢ଼ ଧାରଣା ହେଲା ଯେ, ସୁସ୍ଥଶରୀରରେ ସିନ୍‌କୋନା ଜନ୍ୟ ଯେଉଁ ଜ୍ୱରେ ଲକ୍ଷଣ ପ୍ରକାଶ କରେ; ଏହି ଧାରଣାର ସତ୍ୟତା ଉପଲବ୍ଧି କରିବା ପାଇଁ ସେ ନିଜ ଶରୀରରେ କୁଇନାଇନ୍‌ର ଫଳ ପରୀକ୍ଷା କଲେ । ସେ ପ୍ରଥମେ ୪ ଡ୍ରାମ୍ କୁଇନାଇନ୍ ପାନ କରି ଦେଖି ପାରିଲେ ଯେ, ପାଳ-ଜ୍ୱରରେ ଯେଉଁ ସବୁ ଲକ୍ଷଣ ପ୍ରକାଶ ପାଏ, ସେହି ସବୁ ଲକ୍ଷଣ ତାଙ୍କ ଦେହରେ ପ୍ରକାଶ ପାଇଲା । ସେହି ଦିନରୁ ତାଙ୍କ ମନରେ ଧାରଣା ହେଲା ଯେ, କୁଇନାଇନ୍ ସୁସ୍ଥ ବ୍ୟକ୍ତିର ଦେହରେ ଯେଉଁ ସବୁ ଲକ୍ଷଣ ପ୍ରକାଶ କରେ, ତହିଁର ପ୍ରୟୋଗ ଦ୍ୱାରା ପୁଣି ସେହି ଲକ୍ଷଣମାନଙ୍କର ଅରୋଗ୍ୟ ହୁଏ ।

ଔଷଧର ପ୍ରକୃତ ଗୁଣ ପରୀକ୍ଷା କରିବା ପାଇଁ ସେ ନିଜେ ନାନାପ୍ରକାର ବିଷ ସେବନ କରି, ଗରଲ-ବିଜ୍ଞାନ ଅଧ୍ୟୟନ କରି, ବନ୍ଧୁବାନ୍ଧବଙ୍କ ଶରୀରରେ ମଧ୍ୟ ଔଷଧର ଫଳ ପରୀକ୍ଷା କରିବାରେ ଲାଗିଲେ । ଏହିପରି ୬ ବର୍ଷକାଳ ନାନାପ୍ରକାର ପରୀକ୍ଷା ଓ ଗବେଷଣା କରି 'ସମଃ ସମଂ ସମସ୍ୟତେ' (Similia Similibus Curantur-Like things are cured by the like) ସମଫଳ ଉତ୍ପାଦକ ପଦାର୍ଥ ଦ୍ୱାରା ସମଲକ୍ଷଣ ବିଶିଷ୍ଟ ରୋଗ ଅରୋଗ୍ୟ ହୁଏ, ଏହା ତଥ୍ୟ ଆବିଷ୍କାର କଲେ । ବୈଜ୍ଞାନିକ ବିଶ୍ଳେଷଣ ଆଜ ଗଛରୁ ଫଳ ଜସ୍ପିଡ଼ବାର କାରଣ ଅନୁସନ୍ଧାନ କରୁ କରୁ ଯେଉଁପରି ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ, ଯୁଗଜନ୍ମା ମାନବ-ବନ୍ଧୁ ହାହ୍ନେମାନ୍ ସେହିପରି 'ସିନ୍‌କୋନା ସେବନରେ କାହିଁକି କମ୍ପଜ୍ୱର ହୁଏ'? ଏଥିର କାରଣ ଅନୁସନ୍ଧାନ କରୁ କରୁ 'ସମମତ' ବା ହୋମିଓପାଥି (Homeopathy) ରୂପ ଅପୂର୍ବ ସତ୍ୟର ସନ୍ଧାନ ପାଇଲେ ।

୧୭୯୭ ଖ୍ରୀଷ୍ଟାବ୍ଦରେ ପ୍ରଥମେ ହୋମିଓପାଥି ସମ୍ବନ୍ଧୀୟ ତାଙ୍କର ଅବିଷ୍କାରଗୁଡ଼ିକ ହୁଫେଲ୍ଯାଣ୍ଡ୍ସ ଜର୍ଣ୍ଣାଲ୍(ପତ୍ରିକା)ରେ ମେଡିସିନ୍ ଅଫ୍ ଏକ୍ସପେରିଏନ୍ସ୍ (Medicine of Experience) ନାମକ ସନ୍ଦର୍ଭରେ ସେ ପ୍ରକାଶ କଲେ । ତହିଁର ଚଉଦ ପରେ ତାଙ୍କର ମେଟେରିଆ ମେଡ଼ିକା ପିରିୟ (Materia Medica Pura) ନାମକ ଖଣ୍ଡିଏ ଗ୍ରନ୍ଥର ପ୍ରଥମ ଖଣ୍ଡ ମୁଦ୍ରିତ ଓ ପ୍ରକାଶିତ ହେଲା । ଏହି ପୁସ୍ତକରେ ଓ ପ୍ରକାଶିତ ହେଲା । ଏହି ପୁସ୍ତକରେ ଓ ପ୍ରକାଶକାଳରେ ସେ ଦୃଢ଼ସ୍ୱରରେ ଘୋଷଣା କଲେ ଯେ, ହୋମିଓପାଥିକ୍ ଚକତ୍ସା ଯେ କେବଳ କେତେକ ରୋଗରେ ଉପକାରୀ, ତାହା ନୁହେଁ; ସମସ୍ତ ପ୍ରକାର ରୋଗର ଚକତ୍ସା ପାଇଁ ଏହି ବିଧାନ ସର୍ବୋତ୍କୃଷ୍ଟ । ତାଙ୍କର ଏହି ଅଭିନବ ମତ ପ୍ରଚାରିତ ହେବା ପରେ ଚାରିଆଡ଼େ ଗୋଟାଏ ହଟ୍ଟଗର ପଡ଼ିଯାଇ ହେଲା । ତାହାର ଫଳରେ ଅନେକ ସ୍ୱଳ୍ପାଧିକ ଥାଥିକ୍ ଡାକ୍ତର ତାଙ୍କର ଶିଷ୍ୟତ୍ୱ ଗ୍ରହଣ କଲେ । ଏଥିର ୫ ବର୍ଷ ପରେ ତାଙ୍କର ବିଖ୍ୟାତ ହୋମିଓପାଥିକ୍ ବିଜ୍ଞାନ ଗ୍ରନ୍ଥ 'ଅର୍ଗାନନ୍ (Organon) ପ୍ରକାଶିତ ହେଲା । ସେଥିରେ ସେ ତାଙ୍କର ନବାବିଷ୍କୃତ ଚକତ୍ସା ମତର ସମ୍ୟକ୍ ଅଲ୍ଲୋଚନା କଲେ । ଏହି ସମୟରେ ମଧ୍ୟ ସେ Fragmenta de Veritas (ସତ୍ୟର ଅଂଶମାନ) ନାମକ ପୁସ୍ତକ ଲାଟିନ୍ ଭାଷାରେ ପ୍ରକାଶ କଲେ । ସୁସ୍ଥ ବ୍ୟକ୍ତିଙ୍କ ଦେହରେ ସତ୍ତେଇଶଟି ଔଷଧ ପ୍ରୟୋଗ କରି ଯେଉଁ ସବୁ ଲକ୍ଷଣ ଦେଇଥିଲେ ତାହାହିଁ ସେହି ବହିରେ ସେ ଲିପିବଦ୍ଧ କଲେ । ଏହାହିଁ ପ୍ରଥମ ହୋମିଓପାଥିକ୍ 'ମେଟେରିଆ ମେଡ଼ିକା' ବା ରେ ଗଜ ବିଜ୍ଞାନ ଗ୍ରନ୍ଥ ।

Digitized by srujanika@gmail.com

୧୭୯୭ ଖ୍ରୀଷ୍ଟାବ୍ଦରେ ହାନେମାନ୍ ଫ୍ରେଙ୍କିଯାନ୍ ଫରେଷ୍ଟର ଅନ୍ତର୍ଗତ ଜର୍ଜସ୍ଥାନର ବାଉଲାଷ୍ଟମରେ ଚକ୍ଷୁରୁକ ପଦ ଗ୍ରହଣ କଲେ । ପୂର୍ବ ପ୍ରଚଳିତ ଚକ୍ଷୁସ୍ରା ପ୍ରଣାଳୀ ବିରୁଦ୍ଧରେ ପ୍ରଶ୍ନର କରି ଲକ୍ଷଣ ସଦୃଶ ଔଷଧମାନ ପ୍ରୟୋଗ କର ବାଉଲ-ମାନଙ୍କର ଚକ୍ଷୁସ୍ରା କରିବା ଦ୍ୱାରା ସେ ଅଘାତୁରୂପ ଫଳଲାଭ କଲେ । ଏହି ମନୀଷୀଙ୍କ ଚେଷ୍ଟାରେ ପୃଥିବୀରୁ ବାଉଲ-ମାନଙ୍କର ପ୍ରଚଳିତ ପାଶବ ଚକ୍ଷୁସ୍ରା ପ୍ରଥାର ମୂଲୋତ୍ପାଟନ ହେଲା । ତା ପରେ ସେ ଲିପ୍‌ଜିଗ୍ ବିଶ୍ୱବିଦ୍ୟାଳୟର ସମ୍ମାନିତ ଶାସ୍ତ୍ରାଧ୍ୟାପକ (Teacher of Homeopathy) ନିଯୁକ୍ତ ହେଲେ । ଏହି ସୁଯୋଗ ପାଇ ସେ ଛାତ୍ରମାନଙ୍କୁ ନିଜ ଗୃହରେ ସାଦରେ ଗ୍ରହଣ କରିବାରେ ଲାଗିଲେ । ଅର୍ଗାନନ୍ ଓ ହୋମିଓ ଚକ୍ଷୁସ୍ରା ସମ୍ବନ୍ଧୀୟ ପ୍ରକାଶିତ ପୁସ୍ତକର ଅକାଟ୍ୟ ଯୁକ୍ତିରେ ଓ ତାଙ୍କ ଅଭିନବ ଚକ୍ଷୁସ୍ରାପ୍ରଣାଳୀରେ ଚିକାଗାନ୍ତନ ଡାକ୍ତର ଔଷଧ ବ୍ୟବସାୟୀମାନଙ୍କର ହୁଡ୍‌କମ୍ପ ଜାତ ହେଲା । ନିଜନିଜ ବ୍ୟବସାୟର ବିପୁଳ କ୍ଷତି ହେବ ବୋଲି ଜାଣି ସେମାନେ ପ୍ରମାଦ ଗଣିଲେ; ତେଣୁ ସେମାନେ ଏକତ୍ର ମିଳିତ ହୋଇ ମହାତ୍ମା ହାନେମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଆରମ୍ଭ କଲେ । ଉକ୍ତ ସମୟରେ ଜର୍ମାନୀରେ ଅଇନ ପ୍ରଚଳିତ ଥିଲା ଯେ, ଚକ୍ଷୁରୁକମାନେ କେବଳ ଔଷଧର ବ୍ୟବସ୍ଥା ଦେଇବେ, ମାତ୍ର ଔଷଧ ବିକ୍ରୟକର ପାରିବେ ନାହିଁ । ସେହି ସୁବିଧା ପାଇ ସ୍ୱାର୍ଥାନ୍ଧ ଡାକ୍ତର ଓ ଔଷଧ ବ୍ୟବସାୟୀମାନେ ତାଙ୍କ ନାମରେ ଏହି ଅଯୋଗ କଲେ ଯେ, ସେ ଔଷଧ ବିକ୍ରୟ କରି ସେ କେବଳ ବିତରଣ କରୁଛନ୍ତି । ରାଜାଙ୍କର ଆଦେଶ ହେଲା, ସେ ହାନେମାନ ଔଷଧ ତିଆର କରି ପାରିବେ ନାହିଁ, କିମ୍ବା ବିତରଣ କରି ପାରିବେ ନାହିଁ ! ତେଣୁ ସେ ସେଠାରୁ ସମସ୍ତ ସମ୍ବାଦୁଭୂତିର ଆଶା ବିସର୍ଜନ କରି ହାମ୍ବର୍ଗ୍ ପ୍ରଦେଶକୁ ଯାତ୍ରା କଲେ । ତାଙ୍କ ନିକଟରେ ଯାହା କିଛି ଅର୍ଥ ସଞ୍ଚିତ ଥିଲା, ସେ ସମସ୍ତ ପଥ ମଧ୍ୟରେ ବ୍ୟୟିତ ହୋଇଗଲା । ଏହି ସମୟରେ ଅର୍ଥାଭାବରୁ ସେ ଦିନତିନିଜଣ ବନ୍ଧୁ ଲେଙ୍ଗଥାଆନ୍ତ ଏବଂ ବ୍ରିଜିରେ ରନ୍ଧନକାର୍ଯ୍ୟ ଆଦରେ ତାଙ୍କ ସ୍ତ୍ରୀଙ୍କୁ ସାହାଯ୍ୟ କରୁଥାଆନ୍ତି । ସେଠାରୁ ସେ ଡେମାରୁନ୍ ପ୍ରଦେଶକୁ ଗଲେ । ମାତ୍ର ସେଠାରେ ମଧ୍ୟ କିଛି ସୁବିଧା କରି ନ ପାରି ସ୍ୱଦେଶକୁ ଫେରିଆସିଲେ । ଏଥର ଚକ୍ଷୁରୁକମାନେ ତାଙ୍କର ଅଧିକତର ବିରୁଦ୍ଧାଚରଣ କଲେ । ତେଣୁ ସେ ପୁଣି ଡେମାରୁନ୍‌କୁ ଗଲଗଲେ । ଏହି ସମୟରେ ଜର୍ମାନୀରେ ଅଳ୍ପ ଜ୍ୱର (Scarletina fever) ପ୍ରବଳଭାବରେ ଦେଖିବାରୁ ହାନେମାନ୍ ବେଲ୍ଲଡୋନାକୁ ଏହି ରୋଗର ଔଷଧରୂପେ ପ୍ରୟୋଗ କରି ଅତ୍ୟଦ୍ଭୁତ ଫଳ ପାଇଲେ । ଏହା ଦେଖି ଅନ୍ୟାନ୍ୟ ହୋମିଓପାଥିକ୍ ଡାକ୍ତରମାନେ ମଧ୍ୟ ଗୋପନରେ ସେହି ଔଷଧର ବ୍ୟବସ୍ଥା ଦେବାରେ ଲାଗିଲେ । ଏହି ସମୟରେହିଁ ତାଙ୍କୁ ହୋମିଓପାଥିକ୍ ଚକ୍ଷୁସ୍ରା ପ୍ରଣାଳୀର ବିଶେଷତ୍ୱ ଦେଖାଇବା ପାଇଁ ସୁଯୋଗ ମିଳିଲା ।

ତାପରେ ଲିପ୍‌ଜିଗ୍‌ରେ ସେ ପ୍ରକାଶ୍ୟ ଭାବରେ ହୋମିଓ-ପାଥିକ୍ ଚକ୍ଷୁସ୍ରା ଆରମ୍ଭ କଲେ । ତାଙ୍କର ସେତେବେଳର ସେଡିକା ଗ୍ରନ୍ଥ ଛଅ ଖଣ୍ଡରେ ପ୍ରକାଶିତ ହେଲା । ଉକ୍ତ ପୁସ୍ତକର ପ୍ରକାଶ ହେବା ପରେ ଅନେକ ଲୋକ ତାଙ୍କର ଉପଦେଶ ଶୁଣିବାକୁ ଆସିଲେ । ସେଠାରେ ସେ ଆଉ କେତେ ଖଣ୍ଡି ପୁସ୍ତକ ପ୍ରଣୟନ କଲେ । ଏହି ସମୟରୁ ସେ ଜଣେ ସ୍ୱଦକ୍ଷ ଡାକ୍ତର ବୋଲି ଦେଶରେ ପରିଚିତ ହେଲେ; ମାତ୍ର ତାଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ପୁଣି ଗଢ଼ିଲା ଓ ପୁଣି ରାଜାଙ୍କର ଆଦେଶ ହେଲା ଯେ, ସେ ଔଷଧ ତିଆର କରି ପାରିବେ ନାହିଁ । ଆସ୍ତେ ଆସ୍ତେ ତାଙ୍କ ବିରୁଦ୍ଧାଚରଣ ଅତ୍ୟନ୍ତ ପ୍ରକଟିତ ହେଲା । ନୂତନ ସତ୍ୟର ପ୍ରକାଶ ପାଇଁ ଯୁଗେ ଯୁଗେ ମହାତ୍ମାମାନେ ଯେଉଁପରି ସ୍ପର୍ଦ୍ଧାକ୍ତ ଲୋକଙ୍କ ହସ୍ତରେ ନିର୍ଯ୍ୟାତନ ସହ୍ୟ କରିଛନ୍ତି, ମହାତ୍ମା ହାନେମାନଙ୍କ ଭାଗ୍ୟରେ ତାହାହିଁ ଘଟିଲା । ସେ ଶେଷରେ ସତ୍ୟ ପାଇଁ ଜୀବନ ଉତ୍ସର୍ଗ କଲେ । ୭୨ ବର୍ଷ ବୟସରେ ଚରନ୍ଦନ ପାଇଁ ତାଙ୍କୁ ନିର୍ବାସିତ କରାଇ ଆଲୋପାଥିକ୍ ଡାକ୍ତରମାନେ କ୍ରୋଧ ଶାନ୍ତ କଲେ । ମାତ୍ର ସତ୍ୟର ଉପାସକ ହାନେମାନ୍ ସ୍ୱୀୟ କର୍ତ୍ତବ୍ୟପଥରୁ ତିଳେ ମାତ୍ର ଘୁଞ୍ଚିଲେ ନାହିଁ । ସେ ଆନ୍‌ହାଲ୍ଟକଥନ୍ ସହରରେ ଯାଇ ଉପସ୍ଥିତ ହେଲେ । ସେଠାର ଶାସକ ଡିୟୁକ୍ ଫର୍ଡିନାଣ୍ଡ୍ ହୋମିଓପାଥିକ ଚକ୍ଷୁସ୍ରା ବ୍ୟବସାୟ ଚଳିବା ପାଇଁ ତାଙ୍କୁ ଖଣ୍ଡିଏ ସନନ୍ଦ ପ୍ରଦାନ କଲେ ଏବଂ ସ୍ୱଚ୍ଛନ୍ଦରେ ରହି ବ୍ୟବସାୟ କରିବାପାଇଁ ତାଙ୍କର ସମସ୍ତପ୍ରକାର ବନ୍ଦୋବସ୍ତ କରିଦେଲେ ଓ ଅଳ୍ପ ଦିନ ପରେ ହାନିମାନଙ୍କୁ କାଉନସିଲର୍ ଅଫ୍ ଷ୍ଟେଟ୍ (Councillor of State) ଉପାଧି ଦେଲେ । ଏହି ସମୟରେ ଇଉରୋପର ଗଣ୍ୟମାନ୍ୟ ଅସଖ୍ୟ ରୋଗୀ ତାଙ୍କ ପାଖକୁ ଚକ୍ଷୁସ୍ରା ପାଇଁ ଆସିଲେ । ୧୮୨୨ ଓ ୧୮୨୮ ଖ୍ରୀଷ୍ଟାବ୍ଦରେ ଯଥାକ୍ରମେ ଇଂଲଣ୍ଡର ବିଃ୍ୟାତ ଡାକ୍ତର ହୋମ୍ୟେନ୍ ଓ ଅମେରିକାର ସୁପ୍ରସିଦ୍ଧ ଡାକ୍ତର ହେରଙ୍ଗ୍ ହୋମିଓପାଥିକ୍ ଚକ୍ଷୁସ୍ରାପ୍ରଣାଳୀର ଅସାଧାରଣତା ପ୍ରମାଣ କରିବା ପାଇଁ ହାନମାନଙ୍କ ନିକଟକୁ ଆସିଥିଲେ; କିନ୍ତୁ ଯୁଦ୍ଧରେ ପରାସ୍ତ ହୋଇ ଓ ନିଜର ଭ୍ରମ ବୁଝିପାର ଶେଷରେ ସେ ଦୁଇଜଣ ବଡ଼ ହୋମିଓପାଥିକ ଡାକ୍ତର ପାଲଟିଗଲେ । ଏହି ଦୁଇଜଣ ଡାକ୍ତର ଇଂଲଣ୍ଡରେ ଓ ଆମେରିକାରେ ହୋମିଓପାଥିର ପ୍ରଚାର କଲେ । ୧୮୨୮ ଖ୍ରୀଷ୍ଟାବ୍ଦରେ ହାନିମାନ (Chronic disease) ପୁରାତନ ରୋଗ ବୋଲି ଗୋଟିଏ ଗ୍ରନ୍ଥ ୫ ଖଣ୍ଡରେ ସମାପ୍ତ କରି ପ୍ରକାଶ କଲେ ।

୧୮୩୦ ଖ୍ରୀଷ୍ଟାବ୍ଦରେ ହାନମାନଙ୍କର ହୃଦୟରେ ଦାରୁଣ ଆଘାତ ଦେଇ ତାଙ୍କର ପ୍ରଥମା ସହଧର୍ମିଣୀ ପ୍ରାଣତ୍ୟାଗ କଲେ । ୧୮୩୫ ରେ ସେ ପୁନର୍ବାର ବିବାହ କଲେ । ଏହି ବିବାହର ଘଟକା ଅତି ଅଦ୍ଭୁତ । ଜୁସ୍ତା ମେଲେନ୍ ଜି ହାର୍ଲେମାନ୍ନି ନାମ୍ନୀ ଜଣେ ଫରାସୀ ରମଣୀ ଯକ୍ଷ୍ମା

Digitized by srujanika@gmail.com

ରୋଗରେ ବଡ଼ଡାକ୍ତର ଯନ୍ତ୍ରଣା ଭୋଗି ବନ୍ଧୁ ଡାକ୍ତରଙ୍କ ଜଳଝରୁ ଦରଖାସ୍ତ ଦେଇ ଫେର ଶେଷରେ ହାର୍ଡିମାନଙ୍କ ଚକସ୍ତାରେ ଅରୋଗ୍ୟଲାଭ କରି ଚାଟୁ ବଡାଡ଼ ଜବାର ଇଚ୍ଛା ପ୍ରକାଶ କଲେ । ହାର୍ଡିମାନ୍ ସେଥିରେ ରାଜି ହେଲେ । ଅଳ୍ପ ଦିନ ପରେ ସ୍ତ୍ରୀକୁ ସଙ୍ଗରେ ନେଇ ସେ ପାସ୍ତ ନଗରରେ ଯାଇଁ ଉପସ୍ଥିତ ହେଲେ; ଶତାଧିକ ଔଷଧ ବଳ ଦେହରେ ଦେଖିବା କରି ଏକ ଜମାଗତ ପୀଡ଼ାଗ୍ରସ୍ତ ହୋଇ ଶେଷରେ ଡାକ୍ତର ସ୍ୱାସ୍ଥ୍ୟଭଙ୍ଗ ହେଲା । ଏବର୍ଷ ବସନ୍ତରେ ଟୀ ମୁକ୍ତହସ୍ତ ରୋଟରେ ଆବାନ୍ତ ହେଲେ; ଏହି ରୋଗରୁ ଆଉ ଅରୋଗ୍ୟଲାଭ କରି ପାରଲେ ନାହିଁ । ୧୮୫୪ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୨ତାରିଖରେ ଚକସ୍ତାଜଗତରୁ ଗଲ୍ଲର ଅନ୍ତରାଳରେ ଅବସର କରି ଚିରକାଳ ପାଇଁ ଇହଜଗତରୁ ବିଦାୟ ନେଲେ ।

ହାର୍ଡିମାନଙ୍କ ଜନ୍ମଭୂମିରେ ତାଙ୍କର ପ୍ରସ୍ତରମୟୀ ମୂର୍ତ୍ତି ସ୍ଥାପିତ ହୋଇଅଛି । ଉକ୍ତ ମୂର୍ତ୍ତିର ଗୁରୁପାଖେ ବେଲ୍ଲଟୋ । ଓ ଜଜଷ୍ଟେଲସ୍ ପ୍ରଭୃତି ବୃକ୍ଷ ଶୋଭାପାଇ ସେ ସ୍ଥାନର ସୌନ୍ଦର୍ଯ୍ୟ ବର୍ଦ୍ଧନ କରୁଅଛି । ତାହାର ଚତୁର୍ଦ୍ଦିଗରେ ଉଲ୍ଲାଲିନ୍ ପ୍ରଧାନ ପ୍ରଧାନ ଚକସ୍ତାଳକମାନଙ୍କର ନାମ ମଧ୍ୟ ଖୋଦିତ କରା ଯାଇଅଛି ।

ସନ୍ଦର୍ଭ ଲେଖକ—ଡାକ୍ତର ନଥନିଏଲ ମହାନ୍ତି ଏଚ୍. ଏମ୍ ଡ, ଏଫ୍. ଏଚ୍. ଏ, ପ୍ରିନସିପାଲ୍, ଉତ୍କଳ ହୋମିଓପାଥିକ୍ ମେଡ଼ିକାଲ୍ କଲେଜ୍.—କଟକ ।]

ହୁ (ଧାତୁ)—ଅ.—୧ । ଗମନ କରିବା—1. To go. ୨ । ବୃଦ୍ଧି ପାଇବା; ବଢ଼ିବା—2. To be increased; to grow. ୩ । ପ୍ରେରଣ କରିବା—3. To send.

Hi (root)

ହି—ଅ. ଅ—(ହୁ ଧାତୁ=ଗମନ କରିବା+କ୍ତି ଇ)—୧ । ହିଁ; ନିଶ୍ଚୟ-ବାଚକ—1. Certainly. (ଯଥା—ଉପରର ସାକ୍ଷ୍ୟ ମିଥ୍ୟା ହିଁ ମନୁଷ୍ୟତା) ୨ । ଅବଧାରଣାର୍ଥକ—2. Interjection used in ascertainment. (ଯଥା-ଏହାକୁ ମୁଁ ସ୍ଥିର କଲି) ୩ । ହେତ୍ୱର୍ଥକ—3. In reasoning. ୪ । ପ୍ରଶ୍ନାର୍ଥ.—4. In questioning. ୫ । ସମ୍ଭ୍ରମାର୍ଥକ-5. In respect. ୬ । ଅସୂୟାର୍ଥକ—6. In envy. ୭ । ଗାଦ ପୂରଣାର୍ଥକ-7. In concluding a sentence. ୮ । ବ୍ୟଗ୍ରତାର୍ଥକ-8. In anxiety. ୯ । ଶୋକାର୍ଥକ—9. In grief.

Hi

ହି—ଦେ.ଅ-ଦାନ୍ତକୁ ଅଳ୍ପ ଦେଖାଇ ଈଷତ୍ହାସ୍ୟ କରିବାର ଶବ୍ଦ—The sound of laughing by slightly exhibitng the teeth.

fi

ହିଅ(ଆ)ର୍ । ହିଅ(ଆ)ର୍ !—ବୈଦେ.ଅ (ଇଂ;ଅଧୁନକ ସଭା ସମିତିରେ ଇଂରାଜମାନଙ୍କ ଅନୁକରଣରେ ବ୍ୟବହୃତ ଶବ୍ଦଦ୍ୱୟ)—[ବକ୍ତାଙ୍କ ବକ୍ତୃତାର କୌଣସି ଅଂଶକୁ ପ୍ରଶଂସା କରି ଅନ୍ୟ ସମସ୍ତ ଶ୍ରୋତାମାନଙ୍କ ମନୋଯୋଗ ଆକର୍ଷଣ କରିବାପାଇଁ ଶ୍ରୋତାମାନଙ୍କ ମଧ୍ୟରୁ ଜଣେ ଶ୍ରୋତାଙ୍କ ଦ୍ୱାରା ଉଚ୍ଚାରିତ ଶବ୍ଦଦ୍ୱୟ । ଏଥିର ମର୍ମ୍ମ]—ବକ୍ତାଙ୍କର ବକ୍ତୃତାର ଏହି ଅଂଶରୁ ଆପଣମାନେ ମନୋଯୋଗ ପୂର୍ବକ ଶୁଣନ୍ତୁ—

Hia(ā)r hia(ā)r

ହିୟାରାହୟାର **ହିଅରହୋଅର** Hear hear!

ହିଅ(ଆ)ରିଙ୍ଗ୍—ବୈଦେ. ବ (ଜରିଆ) (ଇଂ)—ମକଦ୍ଦମାର ଶୁଣାଣି; ବିଚାର—Hia(ā)ring Hearing or trial of a case. [ଦ୍ର—ଉଚ୍ଚାରଣରେ ଏହି ଶବ୍ଦ ହିୟାରିଙ୍ଗ ହଅରିଙ୍ଗ ହେଉଛି ବୋଲି ଜଣାଯାଉ ନୁଏ]

ହିଅ(ଆ)ରିଙ୍ଗ୍ ଫି(ଫିସ୍)—ବୈଦେ.ବ(ଜରିଆ)(ଇଂ)—ଶୁଣାଣି ହେଉ Hia(ā)ring phi(phis) ଥିବା ମକଦ୍ଦମାର ଜବାବ ସୁଆଲ କରିଥିବା ଯୋଗୁ ଜିତିବା ପକ୍ଷର ଓକିଲଙ୍କ ଫିସ୍‌ପାଇଁ ହାରିଥିବା ପକ୍ଷଙ୍କ ଉପରେ ଡାକ୍ତମଙ୍କଦ୍ୱାରା ଜଗୀ ହୋଇଥିବା ଟଙ୍କା—Hearing fee of a case decreed by a court, to be paid to the winning side by the losing side.

ହିୟାରିଙ୍গ୍ଫି **ହିଅରିଙ୍ଗ୍ଫି**

ହିଆ—ଦେ. ବ (ସଂ ହୃଦୟ; ପ୍ରା. ହିଅଅ)—୧ । ହୃଦୟ; ଅନ୍ତଃକରଣ—1. Heart; mind. [ଉ—ଏହା ଶୁଣି ସୁଖୀ ହୋଇଛୁ ମୋର ହିଆ—କୃଷ୍ଣସିଂହ. ଅମାତ୍ୟଙ୍କର ବଚ] ୨ । ବକ୍ଷସ୍ଥଳ; ବୁକୁ; ଛାତି; ହୃତ୍ଦେଶ—2. Breast; chest. [ଉ—କୁଚ କୁମ୍ଭଥ, ମାଗୁଣ ଉଗଅ, ହିଆରେ କ ଥାଏ ବାଳ; ଏ ଉଜାଳି ପରଦେ ନ ଯିବ ଜାଇଁଥିବ ଯେତେଦାଳ --ଜଗ] ୩ । ଧୈର୍ଯ୍ୟ—3 Patience [ଉ—ସତ୍ତୋଦା ନ ଜାଣଇ ଏଡା, କେମନ୍ତେ ଧରବଟ୍ଟ ହିଆ—ଜଗନ୍ନାଥ. ଭାରବତ] ସବ୍ଦନାମ—୧ । (ସ. ଇଦମ୍, ପ୍ରା. ଇଦ୍ଦ)—ଏହା; ଦାହା; (କୌଣସି ବସ୍ତୁର ନାମ ମନେ ନ ପଡ଼ିଲେ ତାହିଁ ସ୍ଥଳରେ ବ୍ୟବହୃତ ସବ୍ଦନାମ)—1. This thing; that thing, (used in respect of a thing which slips of one's recollection at the moment). ୨ । ଅଶ୍ଳୀଳ ଶବ୍ଦ ବା ବାକ୍ୟ ମୁହଁରେ ନ ଧରି ତତ୍ପରିବର୍ତ୍ତରେ ବ୍ୟବହୃତ ଶବ୍ଦ--2. (Euphemism for any obscene expression which a person does not like to utter) That thing. [ଯଥା—ମୁଁ ଭାଲୁ ଏତେ ଖୋସାମତ କଲ ଯେ ସେ ଶୁଣିଲା ନାହିଁ ମୁ ଆଉ ତା ପଖକୁ ନ ଆସିଲେ ସେ ମୋର 'ହିଆ' କରି ଦେଇବ] [ଦ୍ର—ଏହିପର ସ୍ଥଳରେ କେହି କେହି 'ଅମୁକ, ଅମୁକେଇ, ଅମୁକ ନେଇ ସମୁକ, ଫଲାଣା ଇତ୍ୟାଦି ଶବ୍ଦ ବ୍ୟବହାର କରନ୍ତି]

ହିଆଡ଼େ—ପ୍ରାଦେ. (ଗଡ଼ଜାତ) ସବ୍ଦନାମ—ସେହିଆଡ଼େ—There; in that direction.

Hiārde

ହିଆଳି—ଦେ. ବଶ (ପ୍ରାଚୀନ ବ୍ୟବହାର) (ସ. ହୃଦୟ ଓ ଆଳସ୍ୟ)—ହୃଦ୍ୟ; ଅନନ୍ତଜନକ; ମନୋହର—Charming; pleasing. ପ୍ରାଦେ. (ଉତ୍କଳ ବାଲେଶ୍ୱର) ହ—ମନୋହର **ମନୋହର** ହିଁଆଳ (ଦେଶ)—Hiñāli (See)

Hiāli

ହିଉଗୋ—ବୈଦେ. ବ (ନାମ)—ଫରାସୀ ଗ୍ରନ୍ଥକର୍ତ୍ତା ଯୁଗର ଉତ୍କର୍ଷ ଲେଖକ ହିଉଗୋ ନାମକ ଜଣେ ପ୍ରସିଦ୍ଧ ଫରାସୀ ଗ୍ରନ୍ଥକାର ଓ ଔପନ୍ୟାସିକ—Victor Hugo, a famous author and novelist of the French Revolution age.

Hiugo

ହିଉଗୋ **ହଉଗୋ** (ଭ୍ୟୁଗୋ—ଅନ୍ୟରୂପ)

Digitized by srujanika@gmail.com

ହ୍ୟୁମ—ବୈଦେ. ବ (ନାମ)—ଡାଉଡ୍ ହ୍ୟୁମ୍ ନାମକ ଜଣେ ସ୍ୱର୍ଗତ
Hium ଇଂରାଜ—The late David Hume.
[ଦ୍ର—ଏ ଭରତକୁ ଇଂରାଜ ଗଭର୍ଣ୍ମେଣ୍ଟଙ୍କର ସ୍ୱାଜ-କର୍ମଗୁଡ଼ିକ ରୂପେ ଅବି ଭାରତୀୟଙ୍କର ସ୍ୱାଜଗଢିବା ଅଧିକାର ଲାଭ ଉଦ୍ଦେଶ୍ୟରେ ଇଣ୍ଡିଆନ୍ ନାସନାଲ୍ କଂଗ୍ରେସ୍ (Indian National Congress)ର ପ୍ରତିଷ୍ଠା କରିବା ପାଇଁ ଭାରତୀୟମାନଙ୍କୁ ପ୍ରବର୍ତ୍ତାଇ ଥିଲେ ଓ କାଳକ୍ରମେ ବର୍ତ୍ତେ ହିଉମ ହିଉମ କଂଗ୍ରେସର ସଭାପତି ନିର୍ବାଚିତ ହୋଇଥିଲେ]

ହ୍ୟୁମ ପାଇପ—ବୈଦେ. ବ—(ଏହି ପାଇପ୍‌ର ଆବିଷ୍କର୍ତ୍ତା ଓ ନିର୍ମାତା Hium pāip ହ୍ୟୁମ୍ ନାମକ ସାହେବଙ୍କ ନାମରୁ)—ସିମେଣ୍ଟ କଙ୍କ୍ରିଟ୍‌ରେ ନିର୍ମିତ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ପାଣି ଚଳାଇବା ପାଇଁ ଲୁହା ନଳ ପରବର୍ତ୍ତୀରେ ବ୍ୟବହୃତ ନଳ-
ହିଉମପାଇପ ହିଉମପାଇପ Hume pipe for water supply.

ହ୍ୟେ—ପ୍ରାଦେ. (ଖଡ଼ିଆଳ) କି—ହୁଏ—
Hie Is; becomes.

ହ୍ୟିଁ(ହିଁ)କା (ଇତ୍ୟାଦି)—ପ୍ରା. ବ (ସଂ. ହିକ୍କା)—ହିକ୍କା (ଦେଶ)—
Him(hiñ)kā etc. Hikkā (See). [ଦ୍ର—ହିଙ୍ଗଳ, ହିଙ୍ଗା, ହିଙ୍ଗୁ (ଇତ୍ୟାଦି), ହିଙ୍ଗୁଳ (ଇତ୍ୟାଦି), ହିଙ୍ଗୁଳା(ଇତ୍ୟାଦି), ହିଜିଡ଼ି (ଡ଼ା, ଡ଼ୀ), ହିଜଳ, ହିନ୍ତାଳ, ହିନା, ହିନ୍ଦୁ ଇତ୍ୟାଦି ଶବ୍ଦମାନଙ୍କର ହିଂଗଳ, ହିଁଗଳ ଆଦ ଅନୁସ୍ୱାର ଓ ଚନ୍ଦ୍ର-ବିନ୍ଦୁ ବିଶିଷ୍ଟ ଆକାରମାନ ଏ ଗ୍ରନ୍ଥର କଳେବର ବୃଦ୍ଧି ଆଶଙ୍କାରେ ଏଠାରେ ଦିଆଗଲା ନାହିଁ]

ହ୍ୟିଙ୍—ପ୍ରାଦେ. (ସମ୍ବଲପୁର) ବ—ହେଙ୍ଗୁ—(ତୁଳ. ହି. ହୀଂଗ୍)
Hiṁg Asafoetida.

ହ୍ୟିସକ—ସଂ.ବିଣ ପୁଂ—(ହନସ୍ ଧାତୁ=ବଧ କରିବା+କର୍ତ୍ତୃ.ଅକ)—
Himsaka ୧ । ହିଂସାକାରକ ; ହିଂସ୍ର—1. Mischi-(ଦ୍ୱିତି—ସ୍ତ୍ରୀ) evous ; seeking to hurt or kill. ୨ । ଘାତକ—2. Murderous. ୩ । ବିଦ୍ୱେଷକାରୀ; ଈର୍ଷାଯୁକ୍ତ—3. Malicious ; spiteful. ବ—୧ । ହିଂସ୍ର ଜନ୍ତୁ—1. Wild or murderous animal. ୨ । ଶତ୍ରୁ—2. Enemy. ୩ । ଅଥର୍ବବେଦବେତ୍ତା ବ୍ରାହ୍ମଣ (ଶବ୍ଦରତ୍ନାବଳୀ)—3. A Brāhmaṇa versed in the 'Atharba Beda'.

ହ୍ୟିସ (ସୁ) କା—ଦେ. ବିଣ. ସ୍ତ୍ରୀ—(ସଂ. ହିଂସକ ; ହିଂସ୍ରକ) ବିଦ୍ୱେଷ-
Himsa (su) kā କାରୀ ; ହିଂସ୍ରକ ; ଈର୍ଷାଯୁକ୍ତ—
[ହିଂସ (ସୁ) କା—ସ୍ତ୍ରୀ] Malicious ; spiteful.
ହିଂସ୍ରୁଟେ ଈର୍ଷାକରନେବାଲା

ହିଂସନ—ସଂ. ବ—(ହନସ୍ ଧାତୁ=ବଧ କରିବା+ଲ୍ୟୁ ଅନ)—
Himsana ୧ । ବଧ ; ଘାତ ; ହତନ—1. Slaughter ; killing ; murdering. ୨ । ପରାନିଷ୍ଟ ସାଧନ—(ଯଥା—ଚୌର୍ଯ୍ୟ)—2. Injuring others. ୩ । ପରାନିଷ୍ଟ ସାଧନେଚ୍ଛା—3. Desire to injure others ; mischievous intention. [ଦ୍ର—ଏହା ଦୁଇ ପ୍ରକାର ଯଥା—ପ୍ରାଣିବଧ କର୍ମରୂପ, ପ୍ରାଣିପୀଡ଼ନ କର୍ମରୂପ ।] ୪ । ଈର୍ଷା ; ବିଦ୍ୱେଷ—4. Spite ; malice. ୫ । ଅଦଭ୍ରଭ—5. Grudge.

ହିଂସା—ସଂ. ବ—(ହନସ୍ ଧାତୁ+ସ୍ତ୍ରୀ ଅ+ଆ)—୧ । ହିଂସନ
Himsā (ଦେଶ)—1. Himsana (See), ୨ । ହିଂସା ଇତ୍ୟାଦି (ଦେଶ)—2. Himsā etc (See). ବୈଦେ. ବ—ହିଁସା ଇତ୍ୟାଦି (ଦେଶ)—Hiṁsā etc (See).

ହିଂସା କରିବା—ଦେ. କ୍ରି—୧ । ବଧ କରିବା—1. To kill.
Himsā karibā ୨ । ପୀଡ଼ା ଦେବା—2. To injure or give pain. ୩ । ଈର୍ଷା କରିବା; ଅଦଭ୍ରଭ କରିବା ; ବିଦ୍ୱେଷ କରିବା—3. To be spite-ful; to grudge ; to envy. ୪। (ବୈଦେ—ପା. ହିଂସ୍)—ସଞ୍ଜାତ୍ୟଧିକର ବଣ୍ଟନ କରିବା—To partition a property.
ହିଂସାକରା ହିଂସାକରନା

ହିଂସା କର୍ମ—ସଂ. ବ—ଅଟବ୍ୟବେଦୋକ୍ତ ମନ୍ତ୍ରସନ୍ତାଦଦ୍ୱାରା ନିଷ୍ପାଦିତ
Himsā karma ମାରଣ, ଉଚ୍ଚାଟନ, ସ୍ତମ୍ଭନ, ମୋହନ, ବଶୀକରଣାଦି କର୍ମ ; ତାନ୍ତ୍ରିକ କର୍ମ; ଅଥର୍ବର (ଅସୁର)—Acts of injuring others by the employ-ment of the black art (mentioned in the Atharba Beda).

ହିଂସା ପ୍ରଣୋଦିତ—ସଂ. ବିଣ (ଂସ୍ଥା ତତ୍)—ହିଂସା ବା ବିଦ୍ୱେଷଦ୍ୱାରା
Himsā pranodita ପ୍ରଚୋଦିତ—Goaded or prompted by spite or malice.

ହିଂସା-ମୂଳକ—ସଂ. ବିଣ—(ବହୁବ୍ରୀ)—ଯେଉଁ କାର୍ଯ୍ୟର ମୂଳରେ
Himsā mūlaka ହିଂସା ଅଛି—Originating from malice or mischievous intent.

ହିଂସାରୁ—ସଂ. ବ—(ହନସ୍ ଧାତୁ+କରୁ ଆରୁ)—ବ୍ୟାଘ୍ର (ବିଲାଣ୍ଡ ଶ୍ରେଣୀ)—Tiger.
Himsāru

ହିଂସାଳୁ—ସଂ. ବିଣ—(ହନସ୍ ଧାତୁ+ଶୀଳାର୍ଥେ ଆଳୁ)—୧ ।
Himsāḷu ହିଂସାଶୀଳ ; ହିଂସ୍ର—1. Envious or spiteful. ୨ । ହନନଶୀଳ—2. Murderous.

ହିଂସାଳୁକ—ସଂ. ବ.ପୁଂ—(ହିଂସାଳୁ+ସଂଜ୍ଞାର୍ଥେ କ)—ହିଂସ୍ର
Himsāḷuka କୁକୁର (ହାବ୍ଦାବଳୀ)—Ferocious dog. ବିଣ—ହିଂସାଳୁ (ଦେଶ)—Himsāḷu (See).

ହିଂସାହିଂସି—ଦେ. ବ—୧ । ପରସ୍ପର ମଧ୍ୟରେ ହିଂସା—
Himsāhiṁsi 1. Mutual grudge ; spite. ୨ । ହିଂସା ପ୍ରତିହିଂସା—2. Spite and revenge.
ଈର୍ଷାଦ୍ୱେଷ ଈର୍ଷାଦ୍ୱେଷ

ହିଂସିତ—ସଂ. ବିଣ—(ହନସ୍ ଧାତୁ+କର୍ମ ତ)—୧ । ହତ—
Himsita 1. Killed; slaughtered. ୨ । ହିଂସାପ୍ରାପ୍ତ; ସାଦାରୁ ହିଂସା କରିଯାଇଥିବା—2. Injured.

Digitized by srujanika@gmail.com

ହିଂସିବା—ଦେ. କି—ହିଂସା କରିବା—(ଦେଶ —Himsā karibā Himsibā (See). [ଉ—ଘରେ ଯେହିଁ ଥହିଲା ଦରଶକୁ ଘାଏ, ତାହାକୁ କସିଣ ହିଂସନ୍ତି ପଦଏ । କୃଷ୍ଣବିଜୟ— ହିंसाकरना ମହାପ୍ରାରମ୍ଭ-ଶ୍ଲୋକ୍ୟ।] ହିंसाकरना

ହିଂସେକ—ବେ. ବ—ହିଂସକ ; ପରଦ୍ୱେଷୀ—Oppressive ; Himseka envious. [ଉ—କଥଠୀ ଲଖଠୀ ଯେ ଗ୍ଲେଚ୍ଛ ସାଙ୍କଥ ପରେ ଯେ ହିଂସେକ । ଯଶୋବନ୍ତ ଗ୍ରେମଭକ୍ତି ହିंसक ईर्षा करनेवाला ବ୍ରହ୍ମଗୀତା ।]

ହିଂସ୍ୟ—ସଂ. ବଣ ପୁଂ—(ହନ୍‌ସ୍. ଧାତୁ+କର୍ମ୍ମଣି ଯ)—୧ । ବଧ୍ୟ— Himsya 1. Deserving to be killed. ୨ । ହିଂସାର ଉପଯୋଗୀ—2. Deserving to be (ହିଂସ୍ୟ.—ସ୍ତ୍ରୀଲିଙ୍ଗ) injured.

ହିଂସ୍ର—ସଂ. ବଣ. ତ୍ରି—(ହନ୍‌ସ୍. ଧାତୁ+ଶୀଲାର୍ଥେ ର)—୧ । ହନ୍ତା; Himsra ପ୍ରାଣଘାତ—1. Musrderous. ୨ । ହିଂସାଶୀଲ; [ହିଂସ୍ରା - ସ୍ତ୍ରୀ] ଅନିଷ୍ଟକାରକ—2. Mischievous ; malignant. ୩ । ନିଷ୍ଠୁର—3. Cruel. ବ—୧ । ଶିବଙ୍କର ଘୋର ରୂପ—1. A fierce incarnation of Śiba. ୨ । ଶିବ ; ହର—2. Śiba. ୩ । ଭୀମସେନ (ଉଣାଦକୋଷ)—3. Bhīmasena (See).

ହିଂସ୍ରକ—ସଂ. ଣ—(ହିଂସ୍ର+ସ୍ୱାର୍ଥେ କ)—ହିଂସ୍ର (ଦେଶ)— Himsraka Himsra (See). ବ—ହିଂସ୍ର ପଶୁ— [ହିଂସ୍ରିକା—ସ୍ତ୍ରୀ] Ferocious animal.

ହିଂସ୍ରକ ଜନ୍ତୁ—ସଂ. ବ—ବ୍ୟାଘ୍ରାଦି ପ୍ରାଣଘାତକ ଜୀବ— Ferocious Himsraka jantu animal ; rapacious animal.

ହିଂସ୍ରକ ଜୀବ
ହିଂସ୍ରକ ପଶୁ
ହିଂସ୍ର ଜନ୍ତୁ
ହିଂସ୍ର ଜୀବ
ହିଂସ୍ର ପଶୁ
} —ଅନ୍ୟରୂପ

ହିଂସ୍ରକ ପ୍ରକୃତି—ସଂ. ବ—(କର୍ମ୍ମଧା)—ଅନ୍ୟର ଅନିଷ୍ଟ କରିବା ପ୍ରକୃତି- Himsraka prakṛuti Malignant or rapacious

ହିଂସ୍ରକ ସ୍ୱଭାବ ପୁଂ
ହିଂସ୍ର ପ୍ରକୃତି ପୁଂ ଓ ସ୍ତ୍ରୀ
ହିଂସ୍ର ସ୍ୱଭାବ ପୁଂ
} nature; Malicious nature. ଅନ୍ୟ ବଣ ରୂପ] ବଣ—ପୁଂ ଓ ସ୍ତ୍ରୀ (ବହୁ- ସ୍ତ୍ରୀହ) ହିଂସାଶୀଲ—

ହିଂସ୍ର ସ୍ୱଭାବା, ହିଂସ୍ରକ ସ୍ୱଭାବା—ସ୍ତ୍ରୀ ବଣରୂପ] Rapacious by nature.

ହିଂସ୍ରା—ସ. ବଣ—(ହିଂସ୍ର+ଅ)—ହିଂସ୍ରର ସ୍ତ୍ରୀ ଲିଙ୍ଗ—Feminine Himsrā of Himsra. ବ—୧ । ଏଲାବଲୀ; ଏଲବାଳୁକା (ମେଦନୀ, ହେମଚନ୍ଦ୍ର)—1. A scented herb. ୨ । କାକାଦନୀ; କଣ୍ଟେଇ କୋଳ (ମେଦନୀ, ହେମଚନ୍ଦ୍ର)— 2. Prickly night shade. ୩ । ମାଂସୀ; ଜଟାମାଂସୀ—3. Indian spikenard. ୪ । ଗବେଡୁକା; ଗବେଧୁକା; ଦେଧାନ (ଶବ୍ଦଚନ୍ଦ୍ରିକା)—4. A wild grain; Coix Barbata. ୫ । ନାଡ଼ (ଶବ୍ଦଚନ୍ଦ୍ରିକା)—5. Pulse. ୬ । ଶିର (ଶବ୍ଦଚନ୍ଦ୍ରିକା)— 6. Vein.

ହିଂସ୍ରିକା—ସ. ବଣ. ସ୍ତ୍ରୀ—ହିଂସ୍ରକର ସ୍ତ୍ରୀଲିଙ୍ଗ—Feminine of Himsrikā Himsraka. ବେ. ବର୍ଣ. ପୁଂ—୧ । ହିଂସ୍ର (ହିଂସ୍ରିକା—ସ୍ତ୍ରୀ) (ଦେଶ)—1. Himsra (See). ୨ । ହିंसुटେ ଈର୍ଷାଯୁକ୍ତ; ବିଦ୍ୱେଷଯୁକ୍ତ—2. Malicious; envious; ईर्षाकरनेवाला spiteful.

ହିଃ - ବେ. ଅ—ଅନ୍ୟ ବ୍ୟକ୍ତିକୁ ଉପହାସ କରି ଉଡ଼ାଇ ଦେବାର ଶବ୍ଦ— Hih (Interjection) (Used in scoffing a person) ହିः आः Heigh !

ହିଁ —ବେ. ଅ—(ସଂ. ହି)—୧ । (ଅବଧାରଣ ବା କଷ୍ଟସ୍ୱାର୍ଥକ) Hiñ ନିଶ୍ଚୟ—1. (Interjection) Certainly;undoubtedly. [ଉ—ଏ ପଥେ ଅଉହିଁ ଦୂରତ । ଭୂତ— ହୀ ହी ଗ୍ରେମପଞ୍ଚାମୃତ ।] ୨ । କେବଳ—2. Only. ୩ । ସୁଦ୍ଧା—3. Even. [ଉ—ଯାର ସ୍ପର୍ଶ ନାସ୍ତଚ ନାହିଁ, ସ୍ପର୍ଶଯି ବେଦହିଁ ନ ଯାଇ । ଜଗନ୍ନାଥ ଭଗବତ ।] ୪ । ଏବଂ; ମଧ୍ୟ—4. Also; and. [ଉ—ପିତା ମାତାହିଁ ଭାଇଭଉଜନ, ପତ୍ନୀ ଭନଯି ଗୁରୁଜନ । ଜଗନ୍ନାଥ ଭାଗବତ । ୫ । ସମ୍ଭବତଃ—5. Perhaps. ବ—ଦାନ୍ତକୁ ଈଷତ୍ ହୀଁ ହୀଁ ମେଲ୍ଲକର ଅନୁନାସିକ ହାସ୍ୟ କରିବା ଶବ୍ଦ—Nasal sound of laughter by slightly opening the teeth.

ହିଁଆଲି(ଲି) —ପ୍ରାଦେ (ମେଦନୀପୁର) ବ—(ବଙ୍ଗଳାରୁ ଗୃହୀତ; ସଂ. Hiñāli (li) ପ୍ରହେଳିକା)—୧ । ପ୍ରହେଳିକା; ଧନ୍ଦଳ; ନାଆଁ ବଥା 1. Riddle. ୨ । ଚୂଡ଼ାର୍ଥକ ପ୍ରଶ୍ନ; ସମସ୍ୟା— 2. Conondrum.

ହିଁଚୁଡ଼ି —ପ୍ରାଦେ (ମେଦନୀପୁର) ବ—ପଶସକଠା— Hiñchurḍa Young jack fruit.

ହିଁସ୍—ଦେ (ସମ୍ବଲପୁର ଓ ବଙ୍ଗଙ୍ଗିର ପାଠଣା) ବ—(ସ.ଈର୍ଷା)— Hiñs ଈର୍ଷା ୧ (ଦେଶ) Irshā 1 (See).

ହିଁସା—ତ୍ରି ବେ. ବ (ଅ.ହିସ୍ସା) —କୌଣସି ବସ୍ତୁରେ ବା ବ୍ୟବସାୟରେ Hiñsa ଅଂଶ—Share. ବେ. ବ—ହିଂସନ (ଦେଶ)— ହିସ୍ୟା हिस्सा Himsana (See).

ହିଁସାଦାର —ବେ ବେ. ବ—(ଅ. ହିସ୍ସାଦାର୍)—୧ । ଭାଗଦାର; Hiñsādār ସମ୍ପତ୍ତିରେ ଅଂଶିଦାର—1. Shareholder; ହିସ୍ସାଦାର cosharer. ୨ । ବ୍ୟବସାୟରେ ଅଂଶିଦାର—2. हिस्सेदार Partner in business.

ହିଁସାଦାରି —ବେ ବେ. ବ(ଥ)—୧ । ସମ୍ପତ୍ତିରେ ଭାଗଦାର ହେବା ଅବସ୍ଥା— Hiñsā dāri 1. Coparcenery. ୨ । ବ୍ୟବସାୟରେ ଭାଗଦାର— ହିସ୍ସାଦାରି हिस्सेदारा 2. Partnership.

ହିଁସ୍ୟା—ପ୍ରାଦେ (ସାଗପୁର) ବ—ହିଁସା (ଦେଶ)—Hiñsā (See) Hiñsyā

ହିଁ ହିଁ—ବେ. ଅ—ଦାନ୍ତକୁ ଈଷତ୍ ବନ୍ଧାଇପୂର୍ବକ ଧ୍ୱନିକର ଦର୍ଶିବାର Hiñ hiñ ଶବ୍ଦ—(Interjection) The sound of

Digitized by srujanika@gmail.com

ହିଁ ହିଁ ହୀ ହୀଁ laughing audibly by slightly showing the teeth. [ଦ୍ର—ହଁ ହଁ ଅପେକ୍ଷା ଜୋରରେ ଦାନ୍ତ ବାହାର କରି ହେଁ ହେଁ କୋଲାଯାଏ ।]

ହିଁହିଁକା—ଦେ. ଅ—ଶିଶୁମାନଙ୍କର ପରସ୍ପର ବିରୁଦ୍ଧ ଭାବରେ
Hiñhiñkā ଚିଡ଼ାଇବାର ଧ୍ୱନି—(Interjection) Used by children ironically scoffing at each other. [ଦ୍ର—ଜଣେ ପିଲା ଆଉ ଜଣେ ପିଲାକୁ ଧରିବାକୁ ଗୋଡ଼ାଇ ଗୋଡ଼ାଇ ତାକୁ ଧରି ନ ପାରିଲେ ବିଜୟୀ ପିଲା ବିରୁଦ୍ଧ ଭାବରେ ଏହା କହିଥାଏ । ଯଥା—ହିଁହିଁକା ମତେ ଧରିଲୁ ?]

ହିଁହିଁୟା—ଦେ. ବିଣ. ପୁଂ—(ଅନାଦର ବା ନିନ୍ଦାସୂଚକ)—ଯେଉଁ
Hiñhiñyā ବ୍ୟକ୍ତି ସବୁବେଳେ ହିଁ ହିଁ ହୋଇ ହସୁଥାଏ—(ହେଁହେଁଇ—ସ୍ତ୍ରୀ) Given to constantly laughing ସେ ହିଁହିଁ କରେ हींहीं करनेवाला . loudly.

ହିଁ ହିଁ ହେବା—ଦେ. କ୍ରି—ଅନୁଚିତ ରୂପେ ସବଦା ହିଁ ହିଁ ହୋଇ
Hiñ hiñ hebā ହସିବା—To constantly laugh ହିଁ ହିଁ କରା हीं हीं करना loudly and improperly. (ହିଁ ହିଁ ଫିଁ ଫିଁ ହେବା—ଅନ୍ୟରୂପ)

ହିକ୍‌ମତ୍—ବୈ.ଦେ. ବି (ଆ. ହିକ୍‌ମତ୍=ଜ୍ଞାନ; ଗୃଢ଼ତତ୍ତ୍ୱ)—୧। ଜ୍ଞାନ—
Hik-mat 1. Knowledge. ୨ । ପଟୁତା; ଗୃଢ଼ତତ୍ତ୍ୱ—
ହିକ୍‌ମତ୍ 2. Art; shrewdness; skill. ୩ । ବିଦ୍ୟା—
हिकमत 3. Learning; arts. ୪ । ମାନସିକ ପ୍ରଖରତା—4. Sharpness of intellect. ୫ । ତାନ୍ତ୍ରିକ ମନ୍ତ୍ର-ଯନ୍ତ୍ରାଦି ଅଭିଚାର; ମାରଣ, ବଶୀକରଣ, ସ୍ତମ୍ଭନ, ମୋହନ ଆଦି ବିଦ୍ୟା—5. The black art; employment of magic in subduing or injuring persons. ୬ । ଅଦ୍ଭୁତ ଫଳପ୍ରଦ ମନ୍ତ୍ର—6. Mystic incantations producing wonderful results. ୭ । ଅଦ୍ଭୁତ ଫଳପ୍ରଦ ଔଷଧ ବା ଦ୍ରବ୍ୟ—7. Any article or medicine producing wonderful results.

ହିକ୍‌ମତ୍ କରିବା—ଦେ.କ୍ରି—ଔଷଦ କରିବା;ମନ୍ତ୍ରଯନ୍ତ୍ର ପ୍ରୟୋଗ କରିବା—
Hik-mat karibā To employ black art or mys-
ହିକ୍‌ମତ୍ କରା tic formulae towards a person.
हिकमत करना

ହିକ୍‌ମତ୍‌ବାଜ୍—ବୈ.ଦେ. ବିଣ (ଫା)—୧ । ମନ୍ତ୍ରଯନ୍ତ୍ରଜ୍ଞ—
Hik-mat-bāj 1. Magician; skilled in Tantric
ହିକ୍‌ମତ୍‌ବାଜ୍ art; skilled in the black art.
हिकमतबाज ୨ । ଚତୁର—2. Shrewd. ୩ । କୌଶଳୀ—3. Artful; skilful.

ହିକ୍‌ମତି—ବୈ.ଦେ. ବି (ଫା)—୧ । : ହିକ୍‌ମତ୍ (ଦେଶ)
Hikmati 1. Hikmat (See)
ହିକ୍‌ମତି ୨ । ମନ୍ତ୍ରଯନ୍ତ୍ରାଦିର ପ୍ରୟୋଗ—2. Employment
हिकमती of black magic. ବିଣ—୧ । ହିକ୍‌ମତ୍ ସମ୍ବନ୍ଧୀୟ —1. Relating to the black art.

ହିକମତୀ ୨ । ହିକ୍‌ମତ୍ ବାଜ (ଦେଶ)—2. Hik-mat-bāj (See)

ହିକ୍‌ମତିଆ—ଦେ. ବିଣ. ପୁଂ—ହିକ୍‌ମତ୍‌ବାଜ୍ (ଦେଶ)
Hik-matia Hik-mat-bāj (See)
(ହିକ୍‌ମତେଇ—ସ୍ତ୍ରୀ)

ହିକମିତ୍—ବୈ.ଦେ. ବି (ଆ)—ଦର୍ଶନ ଶାସ୍ତ୍ର—
Hik-mit Philosophy.
ହିକ୍‌ମିତ୍ दर्शन शास्त्र

ହିକା – ଦେ. ବି (ସଂ. ହିକ୍କା)—ହିକ୍କା (ଦେଶ)
Hikā Hikkā (See)

ହି(ହେ)କୁଆ—ଗ୍ରା. ବି (ସଂ. ହିକ୍‌କା)—ହିକ୍‌ଡ଼ା—Hiccough.
Hi(he)kuā [ଉ—କାଶ, ଶ୍ୱାସ, ହିକୁଆ ଯେ ଅଙ୍ଗାଙ୍କି ଧରାଡ଼ି । ହିକା हिचकी ଶୀତାମ୍ବର ନୃସିଂହ ପୁରୁଷ ।]

ହିକେ(କ୍ୱ)ଇବା—ଦେ. କ୍ରି (ସଂ. ହିକ୍‌କା)—ହିକ୍‌କା ମାରିବା;ହୃଦଯନ୍ତ୍ରରୁ
Hike(kke)ibā ଶ୍ୱାସବାୟୁ ବାହାର ଅସି ନ ପାରିବା ଯେଉଁ ରୁଦ୍ଧ ହିଁ ଚକି ଉଠା, ହେଁକଟି ମାରା ଶ୍ୱାସ ଗଡ଼ିବା —To hiccough.
हिचकना (ହିକେଇ ହେବା—ଅନ୍ୟରୂପ)

ହିକ୍ଷୁ (ଧାତୁ)—ସ—୧ । ହିଂସା କରିବା—1. To kill; to injure.
Hikk (root) ୨ । କଣ୍ଠାସବାୟୁରୋଧ ଜନିତ ଶବ୍ଦ କରିବା—2. To hiccough. ୩ । କୂଜନ କରିବା; ଅବ୍ୟକ୍ତ ଶବ୍ଦ କରିବା - 3. To utter an indistinct sound

ହିକ୍କା—ସଂ. ବି (ହିକ୍‌ଚ=ଧ୍ୱନି ବିଶେଷ+ଅ; କମ୍ବା ହିକ୍‌ଚ ଧାତୁ=
Hikkā କୂଜନ କରିବା+ଭାବ ଅ+ଆ; ଭୁଲ୍‌ରେ ହିକ୍‌କ୍ଷ)-୧ । ହାଙ୍କୁଟ—1. Belching. ୨ । ରୋଗୋତ୍ପତ୍ତି-ବିଶେଷ; ରୁଦ୍ଧଶ୍ୱାସବାୟୁର ସାମୟିକ ବହିର୍ଗମନ ରୂପ ରୋଗ —2. Hiccough resulting in gasping of the wind enclosed in the stomach. [ଦ୍ର — ଶବ୍ଦର ମଧ୍ୟରୁ ବାୟୁ ନାକଦ୍ୱାର ବା ପାଟି ଦ୍ୱାର ଯାଇ ତାହା ନାଉରେ ବା ହୃଦଯନ୍ତ୍ରରେ ଅଟକି ସରଳ ସ୍ୱାଭାବିକ ନାକ ବାଟେ ବା ମୁଖ ବାଟେ ବାହାର ନ ଆସିବାରୁ ହିକ୍‌କା ଜାତ ଓ ହିକ୍‌କା ରୋଗ ଜାତ ହୁଏ । ଏହା ଅତିଭୁକ୍ତ ହେଲେ ଶୀଘ୍ର ପୂର୍ବରୋଗ ଓ ମାରାତ୍ମକ ହୋଇ ଜାତ । ହିକ୍‌କାରେ ରୁଦ୍ଧ ବାୟୁ ପାଟି ବାଟେ ଯଦାକୁ ସରଳ ସ୍ୱଭାବରେ ବାହାର ଯାଏ ନାହିଁ । ହାଙ୍କୁଟରେ ରୁଦ୍ଧ ବାୟୁ ପାଟି ବାଟେ ବାହାର ଥାଏ । ଫଳତଃ ରୁଦ୍ଧ ବା ଅସମ୍ପୂର୍ଣ୍ଣ ହାଙ୍କୁଟକୁ ହିକ୍‌କା ଅଟେ ।

ବୈଦ୍ୟଶାସ୍ତ୍ର ଅନୁସାରେ ହିକ୍‌କାକୁ ୫ ଶ୍ରେଣୀରେ ବିଭକ୍ତ କରା ଯାଇଅଛି ।

ଅନ୍ନଜା—ଅଜି ମାତ୍ର ଭୋଜନ ଜନିତ ।

ଯମଳା—ଥିରଃ ଓ ଗ୍ରୀବା କମ୍ପଯୁକ୍ତ ।

କ୍ଷୁଦ୍ରା—ସାମୟିକ ଉତ୍ପତ୍ତି ହୋଇ ବହୁ ବଳେ ବନ୍ଦ ହୋଇ-ଯିବା ହିକ୍‌କା ।

ଗମ୍ଭୀର—ନାଭି ଦେଶରୁ ଉଠିଥିବା ଓ ଗମ୍ଭୀର ଶବ୍ଦଯୁକ୍ତ ଓ ଅନେକ ଉପଦ୍ରବଯୁକ୍ତ ହିକ୍‌କା ।

Digitized by srujanika@gmail.com

ସଦ୍ଦଙ୍ଗ ବା ସଦ୍ଦା ହୁକ୍‌କା—ମର୍ମସ୍ଥାନ (ଯଥା—ହୃଦୟ, ବସ୍ତି, ଶିରଃ, ନାଭ ଆଦି)ମାନଙ୍କରୁ ଉଠି ସବଦା ଦେଖା ଯାଇଥିବା; ଏହା ଅସାଧ୍ୟ ।

ଏହା ସ୍ନେଗ କୁପିତ କଫରୁ ଓ ବାୟୁରୁ ଜାତ ହୁଏ ।]

ହିକ୍କା ଉଠିବା—ଦେ. ବ—୧ । ରୁଦ୍ଧବାୟୁ ଜନିତ ହୁକ୍‌କା ବା ଅସଂଖ୍ୟ
Hikkā uthibā ବା ଅସହଣତ ହାନ୍ଦି ଉପସ୍ଥିତ ହେବା—
ହେଁଚ୍‌କି ଉଠା हिचकी उठना 1. Hiccough.

୨ । ମୃତ୍ୟୁ ପୂର୍ବରୁ ଅଶନ୍ତ ସବନ ଉଠିବା—
2. Hiccough on the eve of death; gasping before death.

ହିଗୁଡ଼ି—ଦେ. ବ—ଏକ ପ୍ରକାର ଖେଳ—
Higurdi A kind of game.

[ଉ—ବାଗୁଡ଼ ହିଗୁଡ଼ି ଅବ ନାଟା ଖେଳ ଖେଳନ୍ତି ସନ ରହ୍ୟାଇ । ଅଉସନ୍ୟ. ବଦଗୁ ଚନ୍ଦ୍ରାମଣି ।]

ହିଙ୍କା—ଗ୍ରା. ବ (ସଂ. ହୁକ୍‌କା)—ହୁକ୍‌କା (ଦେଖ)
Hiṅkā Hikkā (See)

[ହିଁ(ହିଂ)କା—ଅନ୍ୟରୂପ]

ହିଙ୍କାର—ସଂ. ବ (ହିଂ=ଧ୍ୱନି+କୃ ଧାତୁ+କର୍ତ୍ତୃ ଅ)—ବ୍ୟାଘ୍ର (ଶବ୍ଦ କଲ୍ପଦ୍ରୁମ)—Tiger.
Hiṅkāra

ହିଙ୍ଗୁ—ଦେ. ବ (ସ ହିଙ୍ଗୁ)—ହିଙ୍ଗୁ ସଦୃଶ, କନ୍ତୁ ଗୁଣରେ ଓ ଗନ୍ଧରେ
Hiṅg-rdā ଜାତୀୟତର ଜାତିଯାସବିଶେଷ—
ହିଂ हिंग Asafoetida of European commerce. [ଦ୍ର—ଏହାର ଗୁଲ୍ମର ନାମ Ferula Foetida ସାଦେ (ଗଣ୍ଡାମ) ବ—ନାଡ଼ିହିଙ୍ଗୁ (ଦେଖ)
Nārdi hiṅgu (See).

ହିଙ୍ଗୁଳ—ଦେ. ବ (ସ ଭୁଜୁଲ)—ହିଙ୍ଗୁଳ—
Hiṅgaḷa Vermilion; cinnabar.

[ହିଁ(ହିଁ)ଗଲ—ଅନ୍ୟରୂପ]

ହିଙ୍ଗୁଳ ହିଗୁଁଳ

ହିଙ୍ଗ(ଙ୍ଗୁ)ଳ ରଙ୍ଗ—ଦେ. ବ—୧ । ହିଙ୍ଗୁଳଜାତ ବର୍ଣ୍ଣ; ଗାଢ଼ ରକ୍ତବର୍ଣ୍ଣ
Hiṅga(ṅgu)ḷa raṅga 1. Vermillion colour.
ହିଙ୍ଗୁଳ ରଂ हिंगुल रंग scarlet colour;

୨ । ଗଞ୍ଜପା ସାରର ରଙ୍ଗବିଶେଷ; ବତ୍ତ ରଙ୍ଗ—
2. One of the colours of the cards of 'Gañjapā' game.

ହିଙ୍ଗ(ଙ୍ଗୁ)ଳ ଶିଳ—ଦେ. ବ (ସ ହିଙ୍ଗୁଳ ଓ ଶିଲା)—ଚିତ୍ରକାରମାନେ
Hiṅga(ṅgu)ḷa śila ଯେଉଁ ଶିଳରେ ହିଙ୍ଗୁଳ ବାଟନ୍ତି—
ହିଙ୍ଗୁଳ ଶିଳ हिंगुल शील A slab of stone in which painters pestle cinnabar for painting.

ହିଙ୍ଗା—ଦେ. ବଣ—୧ । ଦେଙ୍ଗା; ଅକାମିକା (ବ୍ୟକ୍ତି)—
Hiṅgā 1. Worthless; goodfornothing.

[ହିଁ(ହିଁ)ଗା—ଅନ୍ୟରୂପ] ୨ । ଅକାମିକା ଓ ଅସ୍ମଗବୀ (ବ୍ୟକ୍ତି)—
ଅକର୍ମଣ୍ୟ ବେକାର 2. Worthless and boastful (person); worthless and egoistic.

ସାଦେ (ବଲ୍ଲଙ୍କିର ସାଟଣା) ବ—ଗୃହ ଘରର ରୁଅ—
The slanting rafters of a thatched house.

ହିଙ୍ଗିଡ଼ି—ଦେ. ବ—ଏକଜାତୀୟ ଖେଳ—Name of an out door
Hiṅgirdi game. (ଉ—ଗୋବଡ ବଦ୍ୟାଧର ମେଳ କର ହିଙ୍ଗିଡ଼ି ଖେଳରେ ଘୋଡ଼ା ମଡ଼ାଇଦେଇ ଏହାଙ୍କୁ ମାର ପକାଇଲେ—ଜଗବନ୍ଧୁ ପ୍ରାଚୀନ ଉତ୍କଳ ।)

ହିଙ୍ଗୁ—ସଂ. ବ (ହନ୍ତ+ଗମ ଧାତୁ=ଗମନ କରିବା+କର୍ତ୍ତୃ ଉ, କନ୍ତା
Hiṅgu ହନ୍ ଧାତୁ+କର୍ତ୍ତୃ ଉ; ଯାହା ଅଗ୍ନିମାନ୍ଦ୍ୟାଦି ଅନ୍ୟ ସଂ ନାମ—ସଦ୍ଧସ୍ତବେଧୀ; ରୋଗକୁ ହନନ କରି ନାଶ
ସଦ୍ଧସ୍ତବେଧ, ସଦ୍ଧସ୍ତଭେଦା, କରେ)—୧ । ହେଙ୍ଗୁ—
ଜଦୁକ, ବାହ୍ଲୀକ, ଜତୁ, 1. Asafoetida; Ferula
ଗୃହ୍ମଣୀ, ରାମଠ, ରମଠ, Marthex; Marthex
ଜନ୍ତୁଘ୍ନ, ପିଣ୍ୟାକ, ମଧୁର, Assafoetida(Kirtikar)
ବାହ୍ଲୀ, କେଶର, ଜତୁଗନ୍ଧ, [ଦ୍ର—ଏହା ଧାନ୍ୟାବର୍ଗର
ଭୂତାର, ଜନ୍ତୁନାଶକ, ଶାକବର୍ଗେଷର ମୂଳ (Ferula
ସୂପାଙ୍ଗ, ରସୋତ୍ତମ, Alliacc ae)ରୁ ପ୍ରାପ୍ତ ତୀବ୍ର-
ଉତ୍ରଗନ୍ଧିର୍ଯ୍ୟ, ଅତୁଗ୍ରଗନ୍ଧ, ଗନ୍ଧ ନିର୍ଯ୍ୟାସକୁ ଶୁଖାଇ ପ୍ରସ୍ତୁତ
ଜରଣ, ଭେଦନ, ଦୀପ୍ତ, ହୋଇ। ଦ୍ରବ୍ୟ । ଏହା ଗନ୍ଧ
ଅଗୁଡ଼ଗନ୍ଧ, ଅତୁଗ୍ର, ସାରସ୍ୟର ଗୋତ୍ସାନ୍,
ଉତ୍ରଗନ୍ଧ, ପିଣ୍ଡଣ୍ୟ, ହିମାଳୟର ପଶ୍ଚିମ ପ୍ରାନ୍ତ
ଭୂତନାଶନ, ରୁଷଘ୍ନ, ଓ ଅଫଗାନସ୍ଥାନରେ ଜନ୍ମେ ।
ସୁପଧୂପନ, ସୂପଭୂଷଣ, ହିଙ୍ଗୁ ଗଛର ମୂଳରୁ ବହ
ସୂପାଙ୍ଗ, ଜଳେ ସେଥିରୁ ଦୁଣା ପର
ହୀଂ, ହୀଂଗ୍, ବମ୍ ଏକପ୍ରକାରନିର୍ଯ୍ୟାସ ବାହାରେ
हिंग, हिंगु, बम ଏହା ଟପେନ ଖଲା ଓ
ଫା. ଅଙ୍ଗୁଜା, ଆଶା ଦୃଢ଼ ଥାଏ; ଘରେ ପୀତ
ଅ. ଭୁଲ୍‌ଭିତ୍, ହୁଲ୍‌ଟିତ୍ ମିଶ୍ରିତ ସାଟଳବର୍ଣ୍ଣ ହୋଇ
ତେ. ଇଙ୍ଗୁ; ଇଙ୍ଗୁର ଶୁଖିଯାଏ ।
ମ. ଇଙ୍ଗ ହିଙ୍ଗୁ ସଦୃଶ, କନ୍ତୁ ଗନ୍ଧରେ
ତା. ଲେମ୍ବୁ, ପିରଙ୍ଗାମ୍ ଓ ଗୁଣରେ ଜତୁଷ୍କ ନିର୍ଯ୍ୟାସ
ମା. ଅଙ୍ଗୁ, ହିଙ୍ଗ ଅନ୍ୟ ଏକପ୍ରକାର ଗୁଲ୍ମରୁ
ଲ. ଫୋଏଟିଡ଼ା ଜାତ ହୁଏ, ତାହୁ ହିଙ୍ଗଡ଼ା
ବ୍ର, ସାଇସ୍ପେଙ୍ଗା ଜଦ୍ରନ୍ତ । ଗନ୍ଧବହୁଳ। ମଧ୍ୟ

ଏକପ୍ରକାର ହିଙ୍ଗୁ (ଯୋଗେଶଚନ୍ଦ୍ର) । ଏହା ହୃଦ୍ୟ, କୃମି, ଉଷ୍ଣ ଏବ କୃମି, ବାତ, କଫ, ବବନ୍ଧ (କୋଷ୍ଠବଦ୍ଧତା), ଆଧ୍ମାନ (ପେଟଫମ୍ପା), ଶୂଳ, ଗୁଲ୍ମ ଓ ବାତସ୍ରୋଗନାଶକ; ଚକ୍ଷୁଷ୍ୟ; ପାଚନ; ରୁଚ୍ୟ; ବହ୍ନିଦୀପକ, ପିତ୍ତବର୍ଦ୍ଧକ ଓ ଅଜୀର୍ଣ୍ଣ ରୋଗରେ ଉପକାରକ । ଏହା ରେଚକ ଓ ଉତ୍ତୋଜନାଶସାରକ ।

ସ୍ତ୍ରୀଲୋକମାନଙ୍କ ହୃଷ୍ଟିରଥ ବା ମୂର୍ଚ୍ଛାରୋଗରେ ହେଙ୍ଗୁ-ଅର୍କ ବ୍ୟବହାର କଲେ ଉପକାର ହୁଏ । ଶିଶୁମାନଙ୍କର

Digitized by srujanika@gmail.com

ହୁଡ଼ୁକ୍କ ଓ କଣ୍ଠଶ୍ୱାସରେ ଏହା ଉପକାରୀ । ଦେହ ପୋଡ଼ଗଲେ ଏହାକୁ ପାଣିରେ ଘଷି ଲଗାଇ ଦେଲେ ଜ୍ୱାଳା କମିଯାଏ ଓ କ୍ଷତ ଶୀଘ୍ର ଶୁଖିଯାଏ । ଅଧିକପରିମାଣରେ ହିଙ୍ଗୁ ସେବନ କଲେ ଜରାୟୁ ନଷ୍ଟ ହୁଏ ।

ଏହା ବାତଶ୍ଲେଷ୍ମଜ ଶୂଳ, ଅଜୀର୍ଣ୍ଣ ଓ କୋଷ୍ଠବଦ୍ଧତା ରୋଗର ଔଷଧରୂପେ ସତତ୍ୱତର ବ୍ୟବହୃତ ହୁଏ । ଅଧ୍ୟ ଦେଶରେ ଏହାକୁ ବଡ଼ରେ ମିଶାନ୍ତି ଓ ଇଅଶରେ ବଘାରନ୍ତି । ମାରୱାଡ଼ୀମାନେ ଇଥଣରେ ଓ ଡାଲରେ ବହୁପରିମିତ ହିଙ୍ଗୁ ବ୍ୟବହାର କରନ୍ତି । ଡାକ୍ତରମାନେ କୋଷ୍ଠକାଠିନ୍ୟ ରୋଗରେ ହିଙ୍ଗୁମିଶ୍ରିତ ଅର୍କ ଓ ପାଣି ଖୁଆନ୍ତି ଓ ଗୁହ୍ୟଦ୍ୱାର ବାଟେ ପିଚକାରୀ ଦିଅନ୍ତି । କେତେକ ବ୍ୟକ୍ତଙ୍କୁ ଏହାର ଗନ୍ଧ ଅସହ୍ୟ ହୁଏ ।]

ଅନ୍ୟ ସଂ. ବଂପେଣୀ; ବେଣୁପତ୍ରୀ; ପିଣ୍ଡା, ଶିବାଶିକା; ବଂଶଦଳା; ଗାଈକା; ଜାଣ୍ଡିପତ୍ରିକା ବାଁଶପାତା ଘାସ

୨ । ବଂଶପତ୍ରୀ (ଗ୍ରନ୍ଥ— ପ୍ରକାଶ); ଏକପ୍ରକାର ଘାସ; ବାଲ୍ଲଶପତ୍ରୁରଥ ଘାସ—2. A kind of grass with leaves like the bamboo leaves. [ଦ୍ର—ଏହା ହିଙ୍ଗୁପତ୍ରୀ ତୁଲ୍ୟ ଗୁଣଦାୟକ । ଏହା ମଧୁରରସ, ଶୀତଳ, ରୁଚିକର ଓ ପିତ୍ତରକ୍ତଦୋଷନାଶକ ଓ ଶ୍ରମାନଳର ଦୂଷ୍ଟବର୍ଦ୍ଧକ ।]

ହିଙ୍ଗୁ ନାଡ଼ିକା—ସ. ବ—ନାଡ଼ୀହିଙ୍ଗୁ ; ଏକପ୍ରକାର ହିଙ୍ଗୁ—Hiṅgu nārḍikā A sort of asafoetida. [ଦ୍ର—ଅନ୍ୟ. ସ ନାମ—ନାଡ଼ୀ ହିଙ୍ଗୁ, ପଲାଶାଶ୍ୟ, ଜଙ୍ଘୁକା, ଗ୍ରନ୍ଥୀ, ବଂଶପତ୍ରୀ, ପିଣ୍ଡାହ୍ୱ, ସ୍ୱଗନ୍ଧି, ନାଡ଼ୀହୀଂଗୁ, କଲାପତିହୀଂଗ ମ. ନାଡ଼ୀଇଙ୍ଗୁ ତା. କଲଦଉ ତେ. ଚବ୍ଦୁଙ୍ଗ, କାରୁଇଙ୍ଗବା ଅ. କନଗାଇ୍

ହିଙ୍ଗୁନିର୍ଯ୍ୟାସ—ସ. ବ—୧ । ହିଙ୍ଗୁ ଗଛର ଚେରର ରସ ବା ଅଠା—Hiṅgu nirjyāsa 1. The asafoetida juice; the juice of the root of the asafoetida plant, ୨ । ନିମ୍ବବୃକ୍ଷ (ଅମର)—2. the Neem tree.

ହିଙ୍ଗୁପତ୍ର—ସ. ବ—ଇଙ୍ଗୁଦୀ ବୃକ୍ଷ (ରାଜନିର୍ଘଣ୍ଟ)—Terminalia Hiṅgu patra Catapha (Kirtikar.)

ହିଙ୍ଗୁପତ୍ରୀ—ସ. ବ—(ଏହାର ପତ୍ର ହିଙ୍ଗୁ ଗୁଳର ପତ୍ର ସଦୃଶ ଥିବାରୁ)—Hiṅgu patrī ଏକପ୍ରକାର ତୃଣ; ବାଲ୍ଲଶପତ୍ରୁରଥ ଘାସ ପତ୍ର ଏକପ୍ରକାର ଘାସ—A srot of grass ; Balamites Ruxburghi. [ଦ୍ର —ଏହା ମଧୁର, ଶୀତଳ, ରୁଚିକର ଓ ପିତ୍ତରକ୍ତଦୋଷନାଶକ ଓ ଶ୍ରମାନଳର ଦୂଷ୍ଟବର୍ଦ୍ଧକ ।]

ଅନ୍ୟ ସଂ. ପୃଥୂକା, ପୃଥୁ, ପୃଥୁଳା, ବଂଶ, ବୃକ୍ଷପତ୍ରୀ, ବାହ୍ଲିକା, ବାହ୍ଲୀ, ବାହ୍ଲୀକା, ଗାର୍ଦ୍ଦିକା, ବାଟୁପତ୍ରୀକା, କାରବୀ,

ଦାରୁପତ୍ରୀ, ହିଙ୍ଗୁପତ୍ର) ମଳବଦ୍ଧତା, ଶ୍ଲୀପଦ, ବାୟୁ ଓ ଗୁଲ୍ମ ବଂଶପତ୍ରତୃଣ, ରାଧୁନୀ ନାଶକ ଓ କୃମିନାଶକ; ଏହା ଉରୋଗ୍ଲାନେ ବଘରଗାଏ ଏବଂ ଏହାର ଗନ୍ଧ ଭିଷଜ୍ ହିଙ୍ଗୁ ଗନ୍ଧ ପରି । ବଂଶପତ୍ରୀଠାରୁ ଏହା ପୃଥକ୍ ଅଟେ ।]

ହିଙ୍ଗୁପତ୍ରୀ—ସ. ବ—ବଂଶପତ୍ରୀ (ରତ୍ନମାଳା)—A kind of grass with leaves like bamboo leaves.

ହିଙ୍ଗୁଳ (ଳ, ଲୁ)—ସ. ବ—(ହିଙ୍ଗୁ+ଲ. ଧାତୁ=ଭକ୍ଷଣ କରିବା+ Hiṅgula (li, lu) କର୍ତ୍ତୃ ଅ. ଇ, ଉ, ଏହା ହିଙ୍ଗୁର ବର୍ତ୍ତି ଅନ୍ୟ ସ ନାମ—ଦରଦ, ଭକ୍ଷଣ କରିଥିବାରୁ)—ହିଙ୍ଗୁଳ ; ମ୍ଲେଚ୍ଛ, ଚୀନାଙ୍ଗ, ଚୂର୍ଣ୍ଣସାରଦ, ସାରଦବଲ୍ଲଭ ଘୋର ଲୋହିତ ବର୍ତ୍ତି ରକ୍ତ, ସକଂଟଶୀର୍ଷ; ହଂସ୍ୱପାଦ, ଖନିଜପଦାର୍ଥବିଶେଷ—Cinnabar; ରୁରୁବନ୍ଧ, ଇଙ୍ଗୁଳ, ରକ୍ତ- sulphate of mercury. [ଦ୍ର— ସାରଦ, ବଙ୍ଗର, ସୁରଙ୍ଗ, ଏହା ଗୋଟିଏ ଉପରସ ; ଏହାକୁ ସୁଗର, ରଞ୍ଜନ, ରଞ୍ଜକ, ବାଟି ଚିତ୍ରକରମାନେ ରଙ୍ଗ ତିଆରି ଚର୍ମୀବନ୍ଧ, ମଣିରଙ୍ଗ, କରନ୍ତି ଓ ଗଞ୍ଜପା ସାରର ଗୋଟିଏ ରସୋଭବ, ଉସଗର୍ଭ ରଙ୍ଗର ଘାସ ଏଥିରେ ଚର୍ଚ୍ଚିତ ହୁଏ । ହୀଂଗୁଳ ସିନ୍ଦୁରଫ, ଏହା ଶାସ୍ତ୍ରବିଧିମତେ ଶୋଧିତ ହୋଇ ହୀଂଗୁଲ, ଈଂଗୁର ଊର୍ଦ୍ଧ୍ୱପାତନ ନାମକ ଅନୁଷ୍ଠାନରେ ଫା. ସିଙ୍ଗ୍‌ଫ୍ ଉମ୍ବରୁ ଯନ୍ତ୍ରରେ ପାକ କରାଯାଇ ଆ. ଜଞ୍ଜଫର ଔଷଧରେ ବ୍ୟବହୃତ ହୁଏ । ଶୋଧିତ ତେ. ହଙ୍ଗୁଲକାମୁ ହିଙ୍ଗୁଳ ମଧୁର-ତିକ୍ତ-ଉଷ୍ଣ-କଷାୟରସ, ଜୀବାଣୁନାଶକ, ଜ୍ୱରୋପଶମକାରକ ଏବଂ ଜ୍ୱର, ପ୍ଲୀହା, କାମଳା, ଆମବାତ; ନେତ୍ର ରୋଗ, କଫ, ପିତ୍ତ, ଦୁଷ୍ଟଶ୍ୱାସ, କୃମି ଓ ବିଷଦୋଷ ନାଶକ; ରୂପ ଓ କାମ ଭେଦରେ ହିଙ୍ଗୁଳ ୩ ପ୍ରକାର ଯଥା—୧ । ଚର୍ମୀବ—ଶ୍ୱେତବର୍ଣ୍ଣ । ୨ । ଶୁକ ତୁଣ୍ଡିକ—ଈଷତ୍ ପୀତବର୍ଣ୍ଣ । ୩ । ହଂସପାଦ—ଜବା (ମନ୍ଦାର) ପୁଷ୍ପ ସଦୃଶ ଲୋହିତବର୍ଣ୍ଣ । ଏଥିମଧ୍ୟରେ ହଂସପାଦ ହିଙ୍ଗୁଳ ସର୍ବୋତ୍କୃଷ୍ଟ ଏବଂ ଔଷଧରେ ଓ ରଙ୍ଗରେ ବ୍ୟବହୃତ ହୁଏ । ହିଙ୍ଗୁଳକୁ ମେଣ୍ଢୀଦୁଧ, ଝଡ଼ା ରସ ଓ ଅଦାରସରେ ୭ ଥର ଲେଖାଏଁ ବଜୁରିରେ ସିଝାଇଲେ ଏହା ଶୋଧିତ ହୁଏ ଓ ଶୋଧିତ ହିଙ୍ଗୁଳ ଔଷଧରେ ଲାଗେ ।

ଖଲଲାଡ ହିଙ୍ଗୁଳକୁ ଝରସରେ ମର୍ଦ୍ଦନ କରି ଚାଷାକୁ ଗୋଟିଏ ହାଣ୍ଡିରେ ପୁରାଇ କଅଁଳରେ ବସାଇ ଉକ୍ତ ହାଣ୍ଡି ଉପରେ ଗୋଟିଏ ଜଳପୂର୍ଣ୍ଣ ହାଣ୍ଡି ରଖିଯାଏ ଓ ଉପରେ ଥିବା ହାଣ୍ଡିର ପାଣି ଗରମ ହୋଇଗଲାରୁ ତାକୁ ଢାଳ ପୁଣି ଥଣ୍ଡା ପାଣି ଭର୍ତ୍ତି ହାଣ୍ଡିରେ ପୂରାଯାଏ । ଏହିପରି (ଉମ୍ବରୁ ଯନ୍ତ୍ରରେ) ପାକ କଲେ ଉପର ହାଣ୍ଡିର ତଳଦେଶରେ ପାରଦସ୍ତର ବସିଯାଏ; ଉକ୍ତ ପାରଦ ବିଶୁଦ୍ଧ ପାରଦ ଅଟେ ।]

ହିଙ୍ଗୁଳ ବର୍ତ୍ତି—ସଂ. ବ—ହିଙ୍ଗୁଳ ପରି ଗାଢ଼ ରକ୍ତବର୍ତ୍ତି—Hiṅgula barṇṇa Vermilion colour. (ହିଙ୍ଗୁଳ ରଙ୍ଗ—ଅନ୍ୟରୂପ)

Digitized by srujanika@gmail.com

ହିଙ୍ଗୁଳ ଶୋଧନ—ସଂ.ବ— ମେଣ୍ଢୀମୂତ୍ର, କ୍ଷାରରସ ଓ ଅଦାରସଦ୍ୱାରା ୭ଥର ଭାବନା ଦେଇ ହିଙ୍ଗୁଳକୁ ଔଷଧାର୍ଥେ ଶୁଦ୍ଧ କରିବା—Refining of cinnabar for medicinal purpose.

Hiṅgula Śodhana

ହିଙ୍ଗୁଳା—ସଂ. ବ—ବାମନ ପୁରାଣୋକ୍ତ ଦେଶ ବିଶେଷ—Name of a country mentioned in the 'Bāmana Purāṇa'.

(ହେଙ୍ଗୁଳା—ଦେ. ରୂପ)

[ଦ୍ର—ଏଠାରେ ଦୁର୍ଗାଙ୍କର ଚଉଁରା ନାମ୍ନୀ ଅବତାର ଅଧିଷ୍ଠିତ । (ବାମନ ପୁରାଣ) ।] ଦେ. ବ—ହିଙ୍ଗୁଳାଇ (ଦେଖ)—Hiṅgulāī (See). [ଜ—ସ୍ୱାହା ସହଚଳ ହିଙ୍ଗୁଳାଙ୍କ ବରେ । ବ୍ରଧାନାଥ—ନଉଚେଣ୍ଟସ୍ୱ ।] ବିଣ—ହିଙ୍ଗୁଳବର୍ଣ୍ଣ ବିଶିଷ୍ଟ ; ଗାଢ଼ ରକ୍ତବର୍ଣ୍ଣ—Of vermilion colour.

ହିଙ୍ଗୁଳା (ଳେ) ଇ—ଦେ. ବ—(ସଂ ହିଙ୍ଗୁଳ; ଏହାଙ୍କର ଅଗ୍ନିରବର୍ଣ୍ଣ Hiṅgulā (le) ī ହିଙ୍ଗୁଳ ରଙ୍ଗ ଥିବାରୁ)—୧ । ଓଡ଼ିଶାର ହିଙ୍ଗୁଳା ଠାକୁରାଣୀ, ହିଙ୍ଗୁଳା ଦେବୀ, ହେଙ୍ଗୁଳା (ଳେ)ଇ, ହିଙ୍ଗୁଳାଇ } —ଅନ୍ୟରୂପ ଗଡ଼ଜାତ ତାଳଚେରରେ ଥିବା ଗୋପାଳପ୍ରସାଦ ଗ୍ରାମରେ ଅଧିଷ୍ଠିତା ଅଗ୍ନି-ରୂପ ଧାରଣୀ ଦେବୀ ବିଶେଷ—1. A Goddess worshipped in the shape of fire in the Orissan State of Talcher.

ହିଙ୍ଗୁଳାମାଇ

[ଦ୍ର—ବସନ୍ତକାଳରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀଠାରୁ ତାଳଚେର ରାଜ୍ୟର ଗୋପାଳ-ପ୍ରସାଦ ଗ୍ରାମରେ ପ୍ରତିଷ୍ଠିତା ହିଙ୍ଗୁଳା ଦେବୀଙ୍କ ଯାତ୍ରା ଜଗତ୍ପ୍ରସିଦ୍ଧ । ଗୋପାଳପ୍ରସାଦ ଗ୍ରାମର ଭୂଗର୍ଭରେ ପଥର-କୋଇଲାର ଖଣି ଥିବାରୁ ସେହି ଖଣିରୁ (ଖଣିର ପଥର କୋଇଲାରୁ) ଉଠୁଥିବା ବାମ୍ପ (Coal gas) ରେ ଅଗ୍ନି ସଯୁକ୍ତ ହୋଇ ସ୍ୱତଃ ଜ୍ୱଳା ଜଳ ଉଠେ । ଏଣୁ ସାଧାରଣ ଲୋକେ ଏହାକୁ ହିଙ୍ଗୁଳାଙ୍କ ଜଳନ୍ତା ହେବା କହିଥାଆନ୍ତି । ଦେବୀଙ୍କ ଯାତ୍ରା ସଙ୍ଗେ ସଙ୍ଗେ ଏହି ଅଗ୍ନିରେ ଜୀବନ୍ତ ଛଗ, ମେଷ, କୁକୁଡ଼ ପ୍ରଭୃତି ଓ ଶାଢ଼ୀ, କନ୍ଦ, ଗଜମୁଆଁ ଓ ଖଜାଅଦ ବଳିରୂପେ ନିକ୍ଷେପ କରିବା ପ୍ରଥା ବହୁକାଳରୁ ଚଳିଆସୁଅଛି । ଏହି ଯାତ୍ରାରେ ବାମଣ୍ଡା, ପାଲଲହଡ଼ା, ଅଡୁଗୁଳ, ଢେଙ୍କାନାଳ ପ୍ରଭୃତି ସ୍ଥାନମାନଙ୍କରୁ ୮।୧୦ ହଜାର ନରନାରୀ ରୁଣ୍ଡ ହୁଅନ୍ତି (ଶଶିଭୂଷଣ ରହିଲ ରଚିତ) । ଏହି ବିଷୟ ଜଣେ ବ୍ରଧାନାଥ ତାଙ୍କ ପ୍ରଣୀତ ମହାଯାତ୍ରା କାବ୍ୟର ଷଷ୍ଠ ସର୍ଗରେ ସୂଚନା କରିଅଛନ୍ତି । ଗୋପାଳପ୍ରସାଦଗ୍ରାମ ଜଳଟରେ ସିଙ୍ଗଡ଼ା ନଦୀ ପ୍ରବାହିତ । କିଂବଦନ୍ତୀ ଅଛି ଯେ, ଏଠାରେ ଅକସ୍ମାତ୍ ଅନଳର ଆବିର୍ଭାବ ହୋଇ ହିଙ୍ଗୁଳାଦେବୀଙ୍କର ଅଧିଷ୍ଠାନ ହୁଏ । (ବ୍ରଧାନାଥ- ଚନ୍ଦ୍ରାବଳୀ- ଟୀକା)]

୨ଁ। (ସଂ. ହିଙ୍ଗୁଳାଈ) ଆସାମ ଜ୍ୱାଲାମୁଖୀ ଗାର୍ଥରେ ପୂଜିତା ଦେବୀଙ୍କ ନାମ—

2. Name of a popular Goddess worshipped in Jwālāmukhī in Assām.

ହିଙ୍ଗୁଳା(ଳେ)ଇବା—ଦେ. କି—୧ । ହିଙ୍ଗୁଳ ରଙ୍ଗରେ ରଞ୍ଜ କରିବା—ହିଙ୍ଗୁଳେ ଚିତ୍ର କରା ହିଁଗୁଲ ଲଗାନା lion colour. ୨ । ରଞ୍ଜ (ହେଙ୍ଗୁଳାଇବା—ଅନ୍ୟରୂପ) କରିବା—2. To paint.

Hiṅgula(le)ibā 1. To paint with the vermi-

ହିଙ୍ଗୁଳାକ୍ଷୀ—ସଂ. ବ. ସ୍ତ୍ରୀ—ଜ୍ୱାଲାମୁଖୀ ଗାର୍ଥରେ ପୂଜିତା ଦେବୀ ବିଶେଷ

Hiṅgulākshī —Name of a Goddess worshipped in Jwālāmukhī in Assam.

ହିଙ୍ଗୁଳା ପୀଠ—ଦେ. ବ—ତାଳଚେର ରାଜ୍ୟର ସିଙ୍ଗଡ଼ା ନଦୀ କୂଳସ୍ଥ

Hiṅgula pīṭha

ହିଙ୍ଗୁଳା ପୀଠ—ଅନ୍ୟରୂପ) ଗୋପାଳପ୍ରସାଦ ଗ୍ରାମରେ ହିଙ୍ଗୁଳାଇ ଠାକୁରାଣୀଙ୍କର ଅଧିଷ୍ଠିତ ସ୍ଥାନ—The shrine of Goddess Hiṅgulā in the village of Gopālaprasāda in Talcher state of Orissa

[ଦ୍ର—ଶବ୍ଦ ହିଙ୍ଗୁଳାପୀଠ ତଳ ଦ୍ରଷ୍ଟ ଯଥା ଅରମ୍ଭରେ ବର୍ଦ୍ଧିଶିଖା ନଦୀସ୍ଥ ଜଣାଏ ବ୍ରଧାନାଥ ମହାଯାତ୍ରା ।]

ହିଙ୍ଗୁଳା ଯାତ୍ରା (ଯାତ)—ଦେ. ବ—ତାଳଚେର ରାଜ୍ୟର ଗୋପାଳପ୍ରସାଦ

Hiṅgulā jātrā (jāta)

ହେଙ୍ଗୁଳା(ଳେ)ଇ ଯାତ୍ରା, ହେଙ୍ଗୁଳା ଯାତ୍ରା } ଅନ୍ୟରୂପ ଗ୍ରାମରେ ଚୈତ୍ର ଶୁକ୍ଳ ଚତୁର୍ଦ୍ଦଶୀରେ ଅଗ୍ନିରୂପେ ପୂଜିତା ହିଙ୍ଗୁଳାଇ ଠାକୁରାଣୀଙ୍କ ଉତ୍ସବ—A festival held in a village named Gopāla prasāda in Talcher on the 14th day of the bright fortnight of the month of Chaitra in honour of Goddess 'Hiṅgulāī'.

ହିଙ୍ଗୁଳ—ସ. ବ—ହିଙ୍ଗୁଳ (ଜଣାଧର) (ଦେଖ)—

Hiṅguli Hiṅgula (See)

ବିଣ—ହିଙ୍ଗୁଳିଆ (ଦେଖ)—Hiṅgulīā (See)

ହିଙ୍ଗୁଳିଆ—ସ. ବିଣ—୧ । ହିଙ୍ଗୁଳ ସମ୍ବନ୍ଧୀୟ—1. Relating to Hiṅgulīā cinnabar. ୨ । ହିଙ୍ଗୁଳ ରଞ୍ଜିତ—2. Painted with vermilion. ୩ । ହିଙ୍ଗୁଳ ବର୍ଣ୍ଣ ବିଶିଷ୍ଟ; ଲାଲ—3. Scarlet.

ହିଙ୍ଗୁଳିକା—ସ. ବ—କଣ୍ଟକାରୀ (ଶବ୍ଦ ଚନ୍ଦ୍ରିକା)—

Hiṅgulikā Solanum Xanthocarpum (plant).

ହିଙ୍ଗୁଳିବା—ଦେ. କି—(ସ. ହିଙ୍ଗୁଳ)—ହିଙ୍ଗୁଳରେ ରଞ୍ଜ କରିବା—

Hiṅgulibā To paint with vermilion.

[ହେଙ୍ଗୁଳିବା—ଅନ୍ୟରୂପ]

ହିଁଗୁଲଲଗାନା

ହିଙ୍ଗୁଳୀ—ସଂ. ଇ—୧ । ବାଇଗଣ (ଥମ୍ବର)—1. Brinjal. ୨ । ବୃହତ୍ତା (ଖରପ୍ରକାଶ), ବଡ଼ାଚୁଡ଼ୀ; ବୈଁଚୋଲ—2. Solanum Indicum.

Hiṅgulī

[ହେଙ୍ଗୁଳୀ—ଦେ ରୂପ]

ହିଙ୍ଗୁଶିରାଟିକା—ସଂ. ବ—ବଶପତ୍ରୀ (ରତ୍ନମାଳା)—

Hiṅguśirāṭikā A kind of grass with leaves like bamboo leaves.

ହିଚ୍କି—ତ୍ରାଦେ (ସମଲପୁର) ବ—(ସଂ ହିକ୍କା, ଭୁଲ; ହି. ସ୍ତ୍ରୀଲିଙ୍ଗ)—

Hich-ki ହିକ୍କା ରୋଗ—Hiccough.

Digitized by srujanika@gmail.com

ହିଚ୍‌କି କଚାଡ଼ି—ପ୍ରାଦେ (ସମ୍ବଲପୁର) ବଣ—ହାଚକି କଚାର୍ଦ୍ଦି (ଦେଶ)
Hich-ki kachārdi —Hāchaki kachārdi (See)

ହିଚ୍‌କିବା—ପ୍ରାଦେ (ଗଡ଼ଅଳ)—କି—୧ । ଡରବା—1. To fear.
Hich-kibā ୨ । ଅସମ୍ମତହେବା—2. To disagree.

ହିଚ୍‌କିବା—ପ୍ରାଦେ (ସମ୍ବଲପୁର) କି—ଝୁଣ୍ଟିପଡ଼ିବା—
Hich-kibā To stumble.

ହିଚ୍‌କିର୍—ପ୍ରାଦେ (ସମ୍ବଲପୁର) ବଣ—ଅପମାନିତ; ଲଜ୍ଜିତ—
Hich-kirā Insulted; put to shame.

ହିଚ୍‌ଖିଚାଇବା—ପ୍ରାଦେ (ସମ୍ବଲପୁର) କି—ଟାଣିବା—
Hich-khichāibā To draw; to drag.

ହିଜ୍‌ର୍(ର୍)—ବୈଦେ. ବଣ—(ଅ. ହିଜ୍‌ରା=ମକ୍କାଠାରୁ ହଜ୍‌ରତ୍‌ ମହମ୍ମଦଙ୍କର ମଦନାକୁ ଶତ୍ରୁ ଭୟରେ ପ୍ରସ୍ଥାନ)—
Hij-rā (ri) [ହିଜ୍‌ର(ଜ୍ର)ସନ—ଅନ୍ୟରୂପ] ମକ୍କାଠାରୁ ହଜ୍‌ରତ୍‌ ମହମ୍ମଦଙ୍କର ପ୍ରସ୍ଥାନ
ହିଜରି ଦବସର ଚରଦନ (୬୨୨ ଖ୍ରୀଷ୍ଟାବ୍ଦ ୧୬ ଜୁଲାଇ)ଠାରୁ
ହୀଜରୀ ଗଣନା ଅରବ୍ଧ ହୋଇଥିବା ମୁସଲମାନମାନଙ୍କର ଅବ୍ଦ ବା ବର୍ଷ (ଏହା ଅବ୍ଦ=୧୨ଟି ଚନ୍ଦ୍ରମାସ=୩୫୪ $\frac{11}{30}$ ଦନ)
—The Mahomedan calender year. [ଦ୍ର—ସନ ଭଳେ ଟୀକା ଦେଖ ।]

ହିଜ୍‌ଲି(ଲି)—ଦେ. ବ—(ନାମ)—ମେଦନୀପୁର ଜିଲ୍ଲାର ହଲଦୀ ନାମକ
Hij-li (li) ନଦୀ—Name of a river in Midnapur.

ହିଜଡ଼ା—ଦେ. ବ. ପୁଂ—୧ । ହେଞ୍ଜଡ଼ା; ପୁରୁଷତ୍ୱ ଓ ପୁରୁଷ ଲକ୍ଷଣଶୂନ୍ୟ
Hijarda ପୁରୁଷ; ନପୁଂସକ; ଖୋଜା—1. A eunoch; a
ହିଜଡ଼ା male hermaphrodite. ୨ । ସ୍ତ୍ରୀ ଓ ପୁରୁଷ ଲକ୍ଷଣ
ହୀଜଡା ବିଶିଷ୍ଟ ପୁରୁଷ (ଯାହାର ସ୍ତନ ଓ ଶ୍ମଶ୍ରୁ ଥାଏ)—2. A male with female characteristics; a female having male characteristics. ବଣ—୧ । ନିର୍ଲଜ୍ଜ—1. Shameless; immodest. ୨ । ହେଞ୍ଜଡ଼ା ୧ (ଦେଶ)—2. Henjardā 1 (See)

ହିଜଡ଼ା—ଦେ. ବ ଓ ବଣ—(ପୁଂ ଓ ସ୍ତ୍ରୀ)—୧ ହିଜଡ଼ (ଦେଶ)—
Hijardā 1. Hijārda (See). ୨ । ହିଜଡ଼ୀ (ଦେଶ)—
2. Hijardī (See).

ହିଜଡ଼ୀ—ଦେ. ବ ସ୍ତ୍ରୀ—(ସ. ସ୍ତ୍ରୀନପୁଂସକ)—ହେଞ୍ଜଡ଼ୀ; ସ୍ତ୍ରୀତ୍ୱହୀନା ନାରୀ;
Hijardī ଅପୁତ୍ରୀ ସ୍ତ୍ରୀ; ଯେଉଁ ନାରୀର ଋତୁଥଦ ଯୌବନ ଲକ୍ଷଣ
ହିଜଡ଼ୀ ପ୍ରକାଶିତ ହୁଏ ନାହିଁ—A female hermaphro-
ହୀଜଡ଼ୀ dite; a woman whose menses do not appear and who shows some male characteristics. ବଣ. ସ୍ତ୍ରୀ—୧ । ନିର୍ଲଜ୍ଜା—1. Shameless; immodest (female). ୨ । ହେଞ୍ଜଡ଼ୀ ୧ । (ଦେଶ)—2. Henjardī (See).

ହିଜ(ଜ୍‌)ରତ—ବୈଦେ.ବ—(ଅ)—ମହମ୍ମଦଙ୍କର ମକ୍କା ଛାଡ଼ି ଖ୍ରୀ୬୨୨ରେ
Hija(j-)rat ମଦନାକୁ ପ୍ରସ୍ଥାନ—The departure of the
ହିଜରତ Prophet Mahammad in 622 A. D. from
ହଜରତ Mecca to Madina. [ଦ୍ର—ଏହାଦନଠାରୁ ହିଜ୍‌ର ସନର ଗଣନା ଆରମ୍ଭ କରାଯାଇଛି ।]

ହିଜର୍(ର୍)—ବୈଦେ. ବ—(ଅ)—ହିଜର୍ (ଦେଶ)—
Hijir(rā) Hij-rā (See).

ହିଜଲ ବାଦାମ—ପ୍ରାଦେ (ମେଦନୀପୁର) ବ—ଲକା ଆମ୍—
Hijili bādāma Casbew nut; Anacardium
ହିଜଲୀ ବାଦାମ Occidentale (tree and its flowered
ହୀଜଲୀ ବାଦାମ fruit).

ହିଜ୍ଜ—ସ. ବ—ହିଞ୍ଜଲ (ଦେଶ)—
Hijja Hiñjala (See).
(ହିଜ୍ଜଲ—ଅନ୍ୟରୂପ)
(ହିଜଲ—ଦେ. ରୂ)

ହିଞ୍ଚିଡ଼ିବା - ଦେ. କି—ଟାଣିବା—
Hiñchirdibā To drag; to haul.
ହିଁଚଡ଼ାନ ଖାଁଚନା

ହିଞ୍ଜଡ଼—ଦେ. ବ ଓ ବଣ—ହିଜଡ଼ (ଦେଶ)—
Hiñjarda Hijarda (See).

ହିଞ୍ଜଡ଼ା—ଦେ. ବ ଓ ବଣ—(ପୁଂ ଓ ସ୍ତ୍ରୀ)—୧ । ହିଜଡ଼ (ଦେଶ)—
Hiñjardā 1. Hijarda (See). ୨ । ହିଜଡ଼ୀ (ଦେଶ)—
2. Hijardi (See)

ହିଞ୍ଜଡ଼ୀ ଦେ. ବ ଓ ବଣ—ସ୍ତ୍ରୀ—ହିଜଡ଼ୀ (ଦେଶ)—
Hinjardī Hijardī (See).

ହିଞ୍ଜଳ—ଦେ. ବ—ହିଞ୍ଜଳ (ଦେଶ)—
Hinjali Hinjili (See)

ହିଞ୍ଜଳ—ଦେ. ବ—(ସ. ହିନ୍ତାଳ; ଇନ୍ତାଳ)—ଜମ୍ବୁକାଦିବର୍ଗର ନାଉରୁହତ୍‌
Hinjala ଉରୁ—Barring tonia Acutangulia;
ସ—ଇନ୍ତାଳ, ହିନ୍ତାଳ, Barringtona Racemosa tree.
ନତ୍ତାଳ, ଅମୁଜ, ପିଚ୍ଚିଳ, [ଦ୍ର—ଏ ଗଛ ଜଳକୂଳରେ ଜନ୍ମେ;
ଜଳକାକ୍ଷି, ଧଳଦ, କାନ୍ତି, ଏହାର ପତ୍ର ଏକୋତ୍ତର। ଫଳ ଅରକ୍ତ;
ଜଳଦ, ପାର୍ଶ୍ୱପତ୍ରକ. କେଶର ରକ୍ତବର୍ଣ୍ଣ; ଗ୍ରୀଷ୍ମକାଳରେ
କଷାଜ, ରକ୍ତକାର୍ମୁକ, ଫୁଟେ; ମଞ୍ଜରୀ ପାର୍ଶ୍ୱ; ବର୍ଷାକାଳରେ
ପାର୍ଶ୍ୱପତ୍ରିକା । ପତ୍ର ଝଡ଼ିପଡ଼େ । ଫଳଗୁଡ଼ିକ ଦୀର୍ଘଫଳ
ହିଜ୍ଜଲ, ସମୁଦ୍ରଫଳ ଅତ୍ୟନ୍ତ ବିଶିଷ୍ଟ (ଯୋଗେଶଚନ୍ଦ୍ର) । ଏହା
ଈଜର, ସମୁଦ୍ଦର ଫଳ କଟୁରସ, ଜ୍ୱରଘ୍ନ, ମଳସଂଗ୍ରାହକ, କଫପିତ୍ତ-
ଈଜଲ ହାଜ୍‌ଜଲ କାଟକ, ବାୟୁରୋଗ ନାଶକ, ଭୂତାବେଶର
ନ. ପର୍ଣ୍ଣକ ଓ ଗ୍ରହାବେଶର ଶାନ୍ତିକାରକ; ଏହା ପତ୍ର ଓ
ତା. ତାରେଗଣଟିଲେ ବଷାପତ୍ର] ୨ । ନପୁଂସକ—2. Eunoch
ତେ. କାନଯ୍ୟ [ଜ—ସବୁଜାଭରେ ଅଣ୍ଡିର ପାଇ ଅଛନ୍ତି,
ସେଥିମଧ୍ୟରେ ଚ ଗୋଟାଏ ଗୋଟାଏ ହିଞ୍ଜଳ ଦେଖାଯାଏ
ଘଙ୍କାରମୋହନ, ଛମାଣ ଆଠଗୁଣ୍ଠ ।]

ହିଞ୍ଜଳ କାନ୍ଥି—ଦେ. ବ (ନାମ)—ମେଦନୀପୁରରେ ହିଜଳ ନାମରେ
Hinjalakānthi ଖୋଟିଏ ନଦୀଥିବାରୁ)—ମେଦନୀପୁର
ଖୋଟିଏ ସବ୍‌ଡ଼ିଭିଜନ୍‌ ଓ ନଗର— Contai; a
Sub-division and town in the district of Midnapur.

Digitized by srujanika@gmail.com

ହିଞ୍ଜିଡ଼ା—ଦେ. ବ ଓ ବଣ—ହିଜଡ଼ (ଦେଶ)—
Hiñj ṛdā Hijaṛda (See)
(ହିଞ୍ଜିଡ଼ୀ—ସ୍ତ୍ରୀ)

ହିଞ୍ଜିବା—ପ୍ରାଦେ. (ଗଚ୍ଛଜାତ) କି—୦ । ଝୁରିବା—
Hiñjiribā 1. To pine after. (ଉ—ମାତୃକୋଳଛଡ଼ା ହୋଇ କେତେକାଳ ପର୍ଯ୍ୟନ୍ତ ହିଞ୍ଜିର ହିଞ୍ଜିର ଶିଶୁଟି କ୍ଷୀଣ ଓ ଶକ୍ତିହୀନ ହୋଇପଡ଼େ—ଗଚ୍ଛଜାତ ବାସିନ୍ଦା ।] ୨ । (ବଲ୍କଳିରଗଛଟଣା) କି—ଶୁଖିଯିବା—2. To become dry. ୩ । (ସମ୍ବଲପୁର) କି—ଶୀର୍ଣ୍ଣ ହେବା—3. To wither; to become emaciated. (ପଥା—ମୁଁ ସେ କଥା ଭାବି ଭାବି ହିଞ୍ଜିର ଗଲଣି ।)

ହିଞ୍ଜିଲି—ଦେ. ବ (ସ ହିଙ୍ଗୁଳି=ବାଇଗଣ; ଏହାର ପତ୍ର ବାଇଗଣପତ୍ର ଅପେକ୍ଷା ବର୍ଣ୍ଣିଷ୍ଠ ଥିବାରୁ; କମ୍ବା ହିଞ୍ଜଳ କାଠି ଅଞ୍ଚଳରୁ ପ୍ରଥମେ ଏହା ଆମଦାନ ହୋଇଥିବାରୁ)—ଦାକ୍ଷିଣ ଭାଷା, ମେଦନୀପୁର, ବଙ୍ଗଦେଶର ଯଶୋହର ଓ ନଦୀଆ ଅଞ୍ଚଳରୁ ଏ ଦେଶକୁ ଆଣାଯାଇ ଅଳ୍ପଦିନ ହେଲ୍ଲ ଗୃହ କରାଯାଉଥିବା ଏକ ପ୍ରକାର ତମାଖୁ ବା ଧୂଆଁ ପତ୍ର—A mild species of tobacco recently introduced into Orissa from Bengal and the Deccan.
ହିଞ୍ଜିଲି
ହିଙ୍ଗୁଳି
ହିଂଗଲୀ
[ଦ୍ର—ଏହାର ପତ୍ରର ବର୍ଣ୍ଣ କଳା; ଆମ ଦେଶୀ ଧୂଆଁପତ୍ର ପରି ଏହା ମାଟିରେ ଖୋତା ଯାଇ ଗଉରେ ଶୁଖାଯାଏ କାହିଁ; ଏହା ସେଉଡୁ କଟା ହୋଇ ଖଇରେ ଝଡାଯାଇ ପବନ ବାଡ ଶୁଖିଯାଏ । ଏହାର ପିକାର ଧୂଆଁ କଡ଼ା ହୁଏଁ ।]

ହିଞ୍ଜୀର—ସ. ବ (ହନ୍ ଧାତୁ+କିପ୍. ଇର+ଅ, ଜାତଭେଦ)—
Hiñjira ହସ୍ତିଗତବନ୍ଧନ; ହାତିବନ୍ଧା ଦଉଡ଼ ବା ଶିକୁଳି—The chain or rope for the elephant's legs.

ହିଞ୍ଜୁଳ—ସ. ବ—ହିଜଳ (ଦେଶ)
Hiñjula Hiñjala (See)

ହିଟ୍—ବୈ.ଦେ. ବ (ଇଂ, କ୍ରିକେଟ୍ ଖେଳରେ ବ୍ୟବହୃତ)—
Hiṭ ୧ । କ୍ରିକେଟ୍ ବଲ୍‌ର ଷ୍ଟିକେଟ୍‌ରେ ଆଘାତ—
ହିଟ୍, ହିଟ 1. Hit; hitting of the wicket by a cricket ball. ୨ । ବଲ୍‌କୁ ବାଟ୍ ଦ୍ୱାରା ଆଘାତ—2. Hitting of the ball by the bat.

ହିଟ୍ କରିବା—ଦେ. କି—(କ୍ରିକେଟ୍ ବଲ୍) କ୍ରିକେଟ୍‌ରେ ବାଜିବା—
Hiṭ karibā To hit (said of a ball hitting the wicket).
ହିଟ କରା ହିଟ କରନା

ହିଟ୍‌ଲର୍—ଦେ. ବ (ନାମ)—ପ୍ରଜାତନ୍ତ୍ର ଶାସିତ ଅଧୁନିକ ଜର୍ମାନୀର ଡରେକ୍ଟର ବା ଛଗ୍ୟନଯୁକ୍ତା—Herr Hitler of Germany.
ହିଟ୍‌ଲର୍ ହିଟଲର
[ଦ୍ର—ଏହାଙ୍କ ନେତୃତ୍ୱରେ ଜର୍ମାନ୍‌ମାନେ ଜୁଗୋସ୍ଲାଭିଆ, ପୋଲ୍ଣ୍ଡ, ନରୱେ, ବେଲ୍‌ଜିଅମ୍ ଆଦ ସ୍ୱଜ୍ୟକୁ ଅକ୍ରମଣ ଓ ଅଧିକାର କରିବାରୁ ପଶ୍ଚିମ ପ୍ରତିକାରାର୍ଥ ଇଂଲଣ୍ଡ ଓ ଫ୍ରାନ୍ସ ୧୯୩୯ ସାଲରେ ଏହାଙ୍କ ସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ଏ ପରେ ଫ୍ରାନ୍ସକୁ ପରାଜିତ କରିବାରୁ ଫ୍ରାନ୍ସ ଏହାଙ୍କ ସଙ୍ଗେ ସନ୍ଧି କଲ୍ଲ । ବର୍ତ୍ତମାନ (୧୯୪୦ ଜୁନ) ଇଂରେଜଙ୍କର ଏହାଙ୍କ ସଙ୍ଗେ ଯୁଦ୍ଧ ଚାଲିଛି ।]

ହିଟାଇବା—ପ୍ରାଦେ (ଉଡ଼ାଜାତ ଓ ଗଡ଼ଆଲ) କି—୧ । ଫିଟାଇବା—
Hiṭāibā 1. To open. ୨ । (ଭତ୍ତଡ଼ୀକୁଆ) ଆଣିବା; ବାହାର କରିବା—2. To bring forth.

ହିଟି ପଡ଼ିବା—ପ୍ରାଦେ (ଗାଟଣା) କି—ଥରିପଡ଼ିବା—
Hiṭi paṛdibā To fall down.

ହିଟିବା—ପ୍ରାଦେ (ଗାଟଣା) କି—୧ । ଝୁଣ୍ଟିବା—1. To stumble. ୨ । ଖସି ପଡ଼ିବା—2. To slip down,
Hiṭibā
ପ୍ରାଦେ (ଝଡ଼ିଆଲ) କି—ଫିଟିବା; ମୁକୁଳିବା—To be opened; to be released.

ହିଡ଼୍ (ଧାତୁ)—ସ—୧ । ଗତି କରିବା—1. To move.
Hiṛd (root) ୨ । ଅନାଦର କରିବା—2. To slight.

ହିଡ଼୍(ଡ଼)ମି(ମୋ)ଚ୍ଚୁ(ଚି)—ଦେ. ବ (ସ. ହ୍ରଲମୋଚିକା) ଖୋମ-
Hiṛd(ṛḍ)mi(mo)chā(chi) ବ୍ରହ୍ମାଦ ବର୍ଗର ଜଳଜ ଈଷତ୍ତିକ୍ତ
(ହିଡ୍‌ହିଡ଼େଇ—ଅନ୍ୟରୂପ) ଶାକ ବଟେଷ—A salad herb; Enhydra Hingcha; Enhydra Heloncha; Enhydra Fluctuans (Kirtikar).
ସ. ବ୍ରାହ୍ମୀ, ହ୍ରଲମୋଚିକା, ହ୍ରଲମୋରୀ, ବ୍ରାହ୍ମୀ, ଶଙ୍ଖଧ୍ୱ, ଆମୃତ୍ସ, ପଦ୍ମପ୍ରାଗ୍ରୀ, ପନ୍ୱି, ଚକ୍ରାଙ୍କୀ, ଜଳପ୍ପି
ହିଂଚା,ହେଲେଞ୍ଚା,ହିଂଚେଶାକ
ହରହୁଜ, ହୁରହୁଁଚ
[ଦ୍ର—ଏହା ଈଷତ୍ତିକ୍ତ ରସ, ଶୀତଳ, ସାରକ ଏବଂ ଶୋଥ, କୁଷ୍ଠ, କଫ ଓ ପିତ୍ତ ନାଶକ । ଏହା କୃମି ଓ ଚର୍ମ ରୋଗରେ ହିତକର ।]

ହିଡ଼—ଦେ. ବ [ସ. ଆଳ(ଳୀ)]—୧ । କଆରର ବା ଖେତର ସୀମାବନ୍ଧ—1. The boundary ridge of a cultivated field. [ଦ୍ର—ଏହାକୁ ଆଳି, ଆଲ୍, ଆଡ଼ି, ଆରି, ଆଡ, ମେଡ ବଲରେ ଘାଣିକୁ ଅଟକାଇ ରଖାଯାଏ ।]
ହିଡ଼
ହିର୍ଦ୍ଦ
୨ । ମାଟିର ଛୋଟ ବନ୍ଧ—2. A small earthen ridge. ୩ । ଦାନ୍ତମାନ ଯେଉଁ ମାଂସମୟ ବନ୍ଧ ଉପରେ ସ୍ଥିତ; ଦାନ୍ତର ମୂଳ; ଦାନ୍ତର ମାଡ଼—3. The gum; the ridge in the mouth on which the teeth stand. ପ୍ରାଦେ (ଗଞ୍ଜାମ) ବ—ପୁଷ୍କରଣୀର ଭିଡ଼ା ବା ଚତୁଃପାର୍ଶ୍ୱସ୍ଥ ବନ୍ଧ—The embankments on the 4 sides of a tank.

ହିଡ଼ କଟ—ଦେ. ବ (ସ. ଆଳ ଓ କର୍ତ୍ତନ)—ପ୍ରତ୍ୟବର୍ଷ କଆରର
Hiṛda kati ହିଡ଼ର ପାର୍ଶ୍ୱସ୍ଥ ଘାସ ଓ ମାଟିକୁ ଚାଛିବା—
ଆନହିଁଟା Annual scraping of the edges of the
ମେଡ ଛାଁଟାଇ ridges of a paddy field.

ହିଡ଼(ଡ଼) କାଉଚିଆ—ଦେ. ବଣ—୧ । ଅସମତଳ (ପଥ ବା ଜମି)—
Hiṛda(ṛḍi) kāuchiā 1. Rugged; rough (path or land). ୨ । କମଗଣଃ ଉଠାଣି ଓ ଗଡାଣି; ଉଚ୍ଚାବଚ—
ଉଁଚାନୀଚା 2. Undulating.

Digitized by srujanika@gmail.com

ହିଡ଼ ଦେବା'ବ'ନ୍ଧିବା)—ଦେ. କି—ମାଟି ଦ୍ୱାରା କ୍ଷେତର ଗୁରଣାଙ୍କେ Hirda debā(bāndhibā) ହୁଡ଼ ପ୍ରସ୍ତୁତ କରିବା—To आଳି ଦେଓୟା raise or make a ridge round a field. मेड बाँधना [ଉ—୧୯୩ ନଇଁଥଉ ହୁଡ଼ କାନ୍ଧୁଅଛ । ଫଳାର [ହିଡ଼ ଯକା(କେ)ଇବ ଅନ୍ୟରୂପ) ମେଦନ. ଚମାଣ ଥଠଗୁଣ୍ଠ ।]

ହିଡ଼(ଉ) ମୁଣ୍ଡା—ଦେ. ବ (ସ. ଅଳ ଓ ମୁଣ୍ଡ)—ହୁଡ଼ର ଉପରିଭାଗ—Hirda(rdi) muṇḍā The crest of a ridge. आलमाथान [ଉ—ପୁଅଲୁ ଖାଇଲ୍ଲ ହୁଡ଼ମୁଣ୍ଡାରେ, ପିମ୍ପୁଡ଼ मेडके उपर ଖାଇଲେ କାନ ମୁଣ୍ଡ ରେ । ଶୀଶୁ ଗୀତ ।]

ହିଡ଼ମ୍ବ—ସଂ. ବ (ନାମ)—ହିଡ଼ମ୍ (ଦେଖ) Hirdamba Hirdimba (See)

ହିଡ଼ମ୍ବା—ଦେ. ବ. ସ୍ତ୍ରୀ (ନାମ)—ହୁଡ଼ମ୍ବା (ଦେଖ) irdambā Hirdimbā (See)

ହିଡ଼ ହିଡ଼ା—ଦେ. ବଣ ପୁଂ—ରନ୍ଧୁଣା; ମାତିଷିଆ (ଗୋପୀନାଥ ନନ୍ଦ) Hirda birdā —Hanker ng after food; begging मेगे खेको माँगनेवाल food from others. [ଦେଖ ହୁଡ଼ା(ଡ଼ଇ—ସ୍ତ୍ରୀ]

ହିଡ଼ିମ୍ବ—ସଂ. ବ. ପୁଂ (ନାମ)—୧ । ଭଳଟ ଓ ମହାକାୟ ରାକ୍ଷସ ଭେଷ Hirdimba —1. A demon killed by Bhīma (ହୁଡ଼ମ୍ବାସୁର—ଅନ୍ୟରୂପ) and whose sister Bhīma married. [ଦ୍ର—ଜତୁ ଗୃହରେ ଅଗ୍ନି ଲଗାଇ ପାଣ୍ଡବମାନେ ବାରଣାବତରୁ ପଳାଇଯିବା ବେଳେ ବନ ମଧ୍ୟରେ ଅନ୍ୟ ପୁଅମାନଙ୍କ ସଙ୍ଗେ କୁନ୍ତୀ ଜଦ୍ଦା ଚଲେ ଓ ଭୀମ ଜଗି ରହିଲେ । ସେ ବଣରେ ବାସ କରୁଥିବା ନରମାଂସଭୋଜୀ ହୁଡ଼ମ୍ବାସୁର ଭ୍ରାତା ହୋଇ ପାଣ୍ଡବମାନଙ୍କୁ ବଧ କରିବାକୁ ଭାଇର ଭଗିନୀ ହୁଡ଼ମ୍ବାକୁ ପାଣ୍ଡବମାନଙ୍କ ଶୋଇବା ସ୍ଥାନକୁ ପଠାଇଲା । କିନ୍ତୁ ହୁଡ଼ମ୍ବା ପାଣ୍ଡବମାନଙ୍କ ନିକଟକୁ ଆସି ଭୀମଙ୍କୁ ଦେଖି ଭାଇ ରୂପରେ ଓ ବଳରେ ମୁଗ୍ଧ ହୋଇ ଭାଇ ପ୍ରଣୟ ପ୍ରାର୍ଥନା କଲା ଓ ହୁଡ଼ମ୍ବ ରାକ୍ଷସର ବଳରେ ପାଣ୍ଡବମାନେ ନ ପଡ଼ିବେ ବୋଲି ଭୀମଙ୍କୁ ସତର୍କ କଲା । ଉପରେ ଭଉଣୀର ଫେରିବାର ବଳମ ଦେଖି ହୁଡ଼ମ୍ବ ନିଜେ ସେ ସ୍ଥାନରେ ଉପସ୍ଥିତ ହୋଇ ନିଜକୁ ଭୀମଙ୍କଠାରେ ଆତ୍ମରକ୍ଷା ହେବାର ଦେଖି ମାରିବାକୁ ବସିଲା । ଭୀମ ଏହା ଦେଖି ସେ ରାକ୍ଷସ ସଙ୍ଗେ ଯୁଦ୍ଧ କରି ତାକୁ ବଧ କଲେ ଓ ହୁଡ଼ମ୍ବାକୁ ପତ୍ନୀରୂପେ ଗ୍ରହଣ କଲେ । ମହାଭାରତ—ଆଦ] ୨ । ହୁଡ଼ମ୍ବ ରାକ୍ଷସର ବାସ କରୁଥିବା ବନ ବିଶେଷ—2. Name of a jungle where the demon Hirdimba lived.

ହୁଡ଼ମ୍ବଜିତ୍ (ଭିତ୍)—ସଂ. ବ—ହୁଡ଼ମ୍ବାସୁରର ନିହନ୍ତା ଭୀମ—Hirdimba jit (bhit) Bhīma, the slayer of demon [ହୁଡ଼ମ୍ବ ନିସୂଦନ—ଅନ୍ୟରୂପ] Hirdimba.

ହୁଡ଼ମ୍ବା—ସ. ବ ସ୍ତ୍ରୀ—(ନାମ)—ହୁଡ଼ମ୍ବ ରାକ୍ଷସର ଭଉଣୀ—Hirdimbā The sister of the demon Hirdimba. (ହୁଡ଼ମ୍ବାସୁତ—ଅନ୍ୟରୂପ) [ଦ୍ର—ଏ ଭୀମଙ୍କ ପ୍ରଥ ପ୍ରଣୟିନୀକୁ। ହେବାରୁ ଭୀମ ମାତା ଓ ଭ୍ରାତାମାନଙ୍କ ସମ୍ମତିରେ ଏହାକୁ ପତ୍ନୀରୂପେ ଗ୍ରହଣ କଲେ । ହୁଡ଼ମ୍ବା ଭୀମକୁ ପୃଷ୍ଠରେ ନେଇ କାନାଆଡ଼େ ଶୂନ୍ୟରେ ଭ୍ରମଣ କରି ରମ୍ୟ ସ୍ଥାନମାନଙ୍କରେ ଭ୍ରମଣ କଲ୍ଲ ଓ ଭୀମଙ୍କ ଔରସରେ ହୁଡ଼ମ୍ବାର ଘଟୋତ୍କଚ ନାମରେ ପୁତ୍ର ଜନ୍ମ ହେଲ୍ଲ—ମହାଭାରତ. ଆଦ] ୨ । ହନୁମାନଙ୍କ ସ୍ତ୍ରୀ—2. Name of the wife of the Hanumān.

ହୁଡ଼ମ୍ବା ପତି—ସଂ.ବ ପୁଂ—(ଷଷ୍ଠୀ ତତ୍ପୁ) ହନୁମାନ ଶ୍ରୀରାମଚନ୍ଦ୍ରଭକ୍ତ)—Hirdimbā pati The great monkey hero; the devoted servant of Ramachandra. ୨ । ଭୀମସେନ—2. Bhīmasena.

ହୁଡ଼ମ୍ବା ରମଣ—ସ. ବ ପୁଂ (ଷଷ୍ଠୀ ତତ୍ପୁ)—୧ । ହନୁମାନ (କ୍ରିୟାଶ୍ରେଷ) — Hirdimbā ramaṇa 1. The great monkey hero. ୨ । ଭୀମ—2. Bhīma.

ହୁଣ୍ଡ୍ (ଧାତୁ)—ସ ଅକ—୧ । ଗମନ କରିବା—1. To go. ୨ । ରମଣ Hiṇḍ (root) କରିବା—2. To copulate. ୩ । ଲେଖିବା— 3. To write ୪ । ଘୃଣା କରିବା—4. To hate. ୫ । ଉପହାସ କରିବା—5. To scoff; to ridicule.

ହୁଣ୍ଡନ—ସଂ. କ—(ହୁଣ୍ଡ୍ ଧାତୁ+ଭାବ ଅନ)—୧ । ଭ୍ରମଣ; ଗମନ— Hiṇḍana (ସେଦଗ)—1. Going; walking. ୨ । ସ୍ପରତ; ରମଣ (ସେଦଗ)—2. Copulation. ୩ । ଲେଖନ (ଭଗ)—3. Writing

ହୁଣ୍ଡି (ଇଡ୍ୟାଦ)—ଦେ. ବ—ହେଣ୍ଡି ଇତ୍ୟାଦ (ଦେଖ)— Hiṇḍi (etc) Heṇḍi etc. (See)

ହୁଣ୍ଡିଆ (ଇତ୍ୟାଦ)—ଦେ. ବ ପୁଂ—ହେଣ୍ଡିଆ ଇତ୍ୟାଦ (ଦେଖ)— Hiṇḍiā (etc) Heṇḍiā etc (See)

ହୁଣ୍ଡିକ—ସଂ. ବ ପୁଂ—୧ । ଗଣକ; ଦୈବଜ୍ଞ; ଲଗ୍ନାଗୁର୍ଯ୍ୟ (ଦ୍ୱାତ୍ରିବଲୀ); Hiṇḍika ଫଳଜ୍ୟୋତିଷୀ—1. An astrologer. ୨ । ସୁତ ମାଗଧାଗ୍ରଣୀ; ଭାଟମାନଙ୍କ ସରଦାର—2. The master of the heralds or min strels,

ହୁଣ୍ଡିବା—ଧାଦେ (ଇସ୍ପୃପ୍ତ) କି—ଘୂରି ବୁଲିବା; ଏଣେତେଣେ ବୁଲିବା Hiṇḍibā To rove about, to wander.

ହୁଣ୍ଡିବାଦାମ—ଦେ. ବ—ଅଣ୍ଡାମାନ ଦ୍ୱୀପରେ ଜାତ ଜଙ୍ଗଲୀ ଉତ୍ପାଦନ Hiṇḍi bādāma ବୃହତ୍ ବୃକ୍ଷ ବିଶେଷ—Name of a big tree found in the Andaman island. [ଦ୍ର—ଏ ବୃକ୍ଷର ଜଙ୍ଗଲୀ ଏକ ପ୍ରକାର ମୂଲ୍ୟବାନ୍ ଅଠା (ଗୋନ୍ଦ) ଫୁଏ ଓ ଏ ଫଳ-ବୀଜରୁ ବହୁତ ତେଲ ଫୁଏ; ଏ ତେଲ ବାଦାମ ତେଲ ରୂପେ ଘିଅ ଆଦ ସଙ୍ଗେ ମିଶାଯାଇ ହିଣ୍ଡିବାଦାମ हिण्डीबादाम ବଜାରରେ ବିକ୍ରି ହୁଏ—(ହି. ଶ)

ହୁଣ୍ଡି ମାରିବା—ଦେ. କି—ହେଣ୍ଡି ମାରିବା (ଦେଖ)— Hiṇḍi māribā Heṇḍi māribā (See)

ହୁଣ୍ଡିର—ସଂ. ବ—(ହୁଣ୍ଡ୍ ଧାତୁ+କରୁ ଇର)—ହୁଣ୍ଡୀର (ଦେଖ) Hiṇḍira Hiṇḍīra (See)

Digitized by srujanika@gmail.com

ହିଣ୍ଡୀ—ସଂ. ବ ସ୍ତ୍ରୀ—(ହିଣ୍ଡ୍ ଧାତୁ+କର୍ତ୍ତୃ ଅ+ଈ)—ଦୁର୍ଗା (ହିନ୍ଦୀ Hindī ଶବ୍ଦ)—Goddess Durgā.

ହିଣ୍ଡୀପ୍ରିୟତମ—ସଂ. ବ ପୁଂ—(ସ୍ତ୍ରୀ ତତ୍)—ଶିବ; ମହାଦେବ (ହିନ୍ଦ Hindīpriyatama ରତ୍ନାବଳୀ)—God Śiba.

ହିଣ୍ଡୀର—ସଂ.ବ—(ହିଣ୍ଡ୍ ଧାତୁ+କର୍ତ୍ତୃ ଈର)—୧। ସମୁଦ୍ର ଫେନ [ଅମର) Hiṇḍira 1. The foam of the sea. ୨। ଏକପ୍ରକାର ସାମୁଦ୍ରିକ ଜୀବର ଅସ୍ଥି (ଅମର)—2 Cuttlefish bone ୩। ବାଇଗଣ; ବାଇଗଣ (ମେଦନୀ)—3 Brinjal. ୪। ପୁରୁଷ (ମେଦନୀ)—4. A male; a man. ୫। ରୁଚକ (ଜଣାଦ କୋଷ); ସାଜପୁର; ତତ୍ତ୍ୱ—5. Citron. ୬। ଡାଳମ ଦଚ୍ଚ (ହି. ଶ)—6. Pomegranete tree.

ହିଣ୍ଡୁକ—ସଂ ବ—(ହିଣ୍ଡ୍ ଧାତୁ+କର୍ତ୍ତୃ କ)—ଶିବ (ହି ଶ)— Hiṇḍuka Śiba

ହିଣ୍ଡୋଳ—ବେ. ବ—ହିଣ୍ଡୋଳ (ଦେଶ)— Hiṇḍola Hindola See)

ହିତ—ସ. ବଣ (ଧା ଧାତୁ=ପୋଷଣ କରିବା+ କର୍ମ୍ମ ତ)—୧। Hita କଲ୍ୟାଣକର; ଉପକାରକ—1. Beneficial. (ହିତା—ସ୍ତ୍ରୀ) ୨। ମଙ୍ଗଳଦାୟକ—2. Auspicious. (ଅହିତ—ବିପରୀତ) ୩। ପଥ୍ୟ—3. Beneficient; fit to be taken. ୪। ଅନୁକୂଳ—4. Propitious; favourable. ୫। ଉପଯୁକ୍ତ; ଯୋଗ୍ୟ—5. Befitting; suitable; fit. ୬। ପ୍ରିୟ—6. Dear; beloved; liked. ବ (ହି ଧାତୁ+କ୍ତ ତ)—୧। ଶୁଭ; ମଙ୍ଗଳ; କଲ୍ୟାଣ—1. Weal; wellbeing; welfare. ୨। ଉପକାର—2. Good; benefit; good service. ୩। ଗମନ; ଗତି—3. Going; motion. ୪। ପ୍ରାପ୍ତି—4. Acquisition; getting.

ହିତକ—ସ. ବ. ପୁଂ—(ହିତ+କ)—୧। ଶିଶୁ (ସଜଳଘଣ୍ଟା)— Hitaka 1. Child. ୨। ଶିଶୁକାଠ—2. Sissoo wood. ୩। ପଶୁ ଶାବକ (ହି. ଶ)—3. The young one of any beast.

ହିତ କଥା—ସଂ. ବ (କର୍ମ୍ମଧା)—ସତ୍ପରାମର୍ଶ; ମଙ୍ଗଳଜନକ ବାକ୍ୟ ବା Hita kathā ଉପଦେଶ—Good counsel; beneficial or good advice. ବେ. ବ—୧। ଶୁଭଜନକ ବିଷୟ—1. Beneficial matter. ୨। ଉତ୍ତମ କାର୍ଯ୍ୟ—2eGood work.

ହିତକର—ସଂ. ବଣ (ହିତ+କୃ ଧାତୁ+କର୍ତ୍ତୃ ଅ)—୧। ଉପକାରକ; Hitakara କଲ୍ୟାଣକର; ମଙ୍ଗଳଜନକ— (ହିତକରୀ—ସ୍ତ୍ରୀ) 1. Beneficial. ୨। ଅନୁକୂଳ-2. Favourable; propitious. ୩। ହିତକାରୀ; ଉପକାରୀ—3. Rendering good service.

ହିତ କରିବା—ବେ. କ୍ରି—ଉପକାର କରିବା; ମଙ୍ଗଳ ସାଧନ କରିବା- Hita karibā To benefit; to render good service. ହିତ କରନା

ହିତକା—ଗ୍ରା. ବଙ. (ସଂ ହିତକାରୀ)—ମଙ୍ଗଳ ସାଧକ— Hitakā Doing good. [ଉ—ଛତ୍ରି ଭଗବତ ଭକ୍ତ ହିତକା, ଦ୍ୱାଦଶ ସ୍କନ୍ଧରୁ କଲ ମୁଁ ଟୀକା—ପ୍ରାତୀ. ପରତେଗୀତା ।]

ହିତ କାମ—ସଂ. ବଣ. ପୁଂ (ବହୁବ୍ରୀ; ହିତ ଅଟେ କାମ=ଇଚ୍ଛା ଯାହାର)—ହିତକାମୀ (ଦେଶ)— Hita kāma (ହିତକାମା—ସ୍ତ୍ରୀ) Hitakāmī (See).

ହିତ କାମନା—ସଂ ବ [ସ. ଷ. ତତ୍ପୁ ବା ୪ର୍ଥୀ ତତ୍]—୧। ହିତେଚ୍ଛା; Hita kāmanā ମଙ୍ଗଳ ବା ଉପକାର କରିବାର ଇଚ୍ଛା— 1. Desire to do good. ୨। ସଦୁପକାର କରିବା ଇଚ୍ଛା—2. Benevolence.

ହିତକାମୀ—ସଂ ବଣ. ପୁଂ [ହିତକାମିନ୍ ଶବ୍ଦ ୧ମା ୧ବ]—ଆଶୀର୍ବାଦକ; Hita kāmī ହିତେଚ୍ଛୁ; ଯେ ମଙ୍ଗଳ କାମନା କରେ— [ହିତକାମିନୀ—ସ୍ତ୍ରୀ] Wishing for the welfare of a person.

ହିତକାରୀ—ସଂ ବଣ. ପୁଂ [ହିତକାରିନ୍ ଶବ୍ଦ, ୧ମା ୧ବ]—ଯେ Hitakārī ହିତ କରେ; ଉପକାରକ— [ହିତକାରିଣୀ—ସ୍ତ୍ରୀ] Rendering good; beneficient. ବ—ଉପକାରକ ବ୍ୟକ୍ତି—Benefactor.

ହିତ ଚିନ୍ତକ—ସଂ ବ ଓ ବଣ [୬ଷ୍ଠୀ ତତ୍]—କୌଣସି ବ୍ୟକ୍ତିର Hita chintaka ମଙ୍ଗଳ ବାଞ୍ଛାକାରୀ ବ୍ୟକ୍ତି— Wellwisher.

ହିତ ଚିନ୍ତନ(ନ୍ତା)—ସଂ ବ—କୌଣସି ବ୍ୟକ୍ତିର ମଙ୍ଗଳକାମନା- Hita chintana[chintā] Good wishes for a person.

ହିତତା—ସଂ ବ [ହିତ+ତ୍ୱ ତା]—ଉପକାରିତା— Hitatā Beneficialness.

ହିତ ପ୍ରଣୀ—ସଂ ବ.ପୁଂ [ହିତ+ପ୍ରାଣିନ୍,୧ମା ୧ବ]—ଗୁପ୍ତର (ଶବ୍ଦରତ୍ନାବଳୀ) Hita praṇī —A messenger; spy; informer.

ହିତବଚନ (ବାକ୍ୟ)—ସଂ ବ—୧। ହିତୋପଦେଶ— Hita bachana (bākya) 1, Good advicer. ୨। ଯେଉଁ ବାକ୍ୟ ଦ୍ୱାରା ମନୁଷ୍ୟର ଉପକାର ହୁଏ—2. Beneficial or sound advice.

ହିତ ବାଞ୍ଛା—ସଂ ବ -ହିତକାମନା (ଦେଶ)— Hita bāñchhā Hita kāmanā (See).

ହିତବାଦୀ—ସଂ. ବଣ (ହିତବାଦିନ୍ ଶବ୍ଦ; ହିତ+ବଦ୍ ଧାତୁ କର୍ତ୍ତରି Hitabādī +କର୍ତ୍ତୃ ଇନ୍; ୧ମା. ୧ବ)— (ହିତବାଦିନୀ—ସ୍ତ୍ରୀ) ହିତକଥନଶୀଳ; ହିତଭାଷୀ; ଯେଉଁ ବ୍ୟକ୍ତି ହିତ କଥା କହେ; ସତ୍ ପରାମର୍ଶଦାତା— Giving good advice.

Digitized by srujanika@gmail.com

ହିତ ବୋଧ—ସଂ. ବ—ମଙ୍ଗଳ ସମ୍ବନ୍ଧେ ଜ୍ଞାନ—
Hita bodha Understanding of good.

ହିତ ଭାଷଣ—ସଂ. ନ (୬ଷ୍ଠୀ ତତ୍)—ହିତ ବାକ୍ୟର କଥନ—
Hita bhāshana Giving of good advice.

ହିତଭାଷୀ—ସଂ. ବଣ [ହିତଭାଷିନ୍ ଶବ୍ଦ; ହିତ+ଭାଷ ଧାତୁ=କହିବା +କର୍ତ୍ତୃ ଇନ୍; ୧ମା. ୧ବ]—ହିତବାଦୀ (ଦେଶ)—Hitabādī (See).
Hita bhāshī (ହିତଭାଷିଣୀ - ସ୍ତ୍ରୀ)

ହିତ ସାଧକ—ସଂ. ବଣ. ପୁଂ—ଯେ ହିତ ସାଧନ କରେ; ହିତକାରକ—
Hita sādhaka Rendering good service; beneficient.
(ହିତସାଧିକା—ସ୍ତ୍ରୀ)

ହିତ ସାଧନ(ନା)—ସଂ. ନ (୬ଷ୍ଠୀ ତତ୍)—ମଙ୍ଗଳ ସାଧନ; ହିତ ବା ଉପକାର କରଣ—
Hita sādhana (nā) Rendering of good or beneficial service.

ହିତା—ସଂ. ବଣ. ସ୍ତ୍ରୀ—(ହିତ+ଆ)—ହିତର ସ୍ତ୍ରୀଲିଙ୍ଗ—Feminine of Hita. ସଂ. ନ—ରକ୍ତବାହୀ ଶିରା ବିଶେଷ (ହୃ ଣ)—
Hitā A class of veins ପ୍ରା. ବଣ—(ପ୍ରାଚୀନପଦ୍ୟ)—(ସଂ ହିତ) ହିତକର; ପଥ୍ୟ—Beneficial (ଉ—ଗୋମସ୍ପେ ଦେଲେ ଠିଅଡା, ଯେ ପ୍ରଭୁ ଗୋତ୍ରାଣ୍ଡଣ ହିତା—ଜଗନ୍ନାଥ ଭାଗବତ)

ହିତାକାଂକ୍ଷା—ସଂ ନ (୬ଷ୍ଠୀତତ୍)—ହିତକାମନା [ଦେଶ]—
Hitākāṁkshā Hitakāmanā [See].
[ହିତାକାଙ୍କ୍ଷା—ଅନ୍ୟରୂପ]

ହିତାକାଂକ୍ଷୀ—ସଂ. ବଣ. ପୁଂ—(ହିତକାଂକ୍ଷିନ୍ ଶବ୍ଦ, ୧ମା. ୧ବ; ହିତ-କାଂକ୍ଷା+ଇନ୍)—ହିତକାମୀ; ଯେ ଅନ୍ୟର ମଙ୍ଗଳ କାମନା କରେ—Wishing one's welfare.
Hitākāṁkshī
[ହିତାକାଙ୍କ୍ଷିଣୀ, ହିତାକାଙ୍କ୍ଷିଣୀ - ସ୍ତ୍ରୀ]

ହିତାନୁଷ୍ଠାତା—ସଂ ବଣ. ପୁଂ (ହିତ+ଅନୁ+ସ୍ଥା ଧାତୁ+କର୍ତ୍ତୃ ତୃ; ହିତାନୁଷ୍ଠାତୃ ଶବ୍ଦ, ୧ମା. ୧ବ)—ହିତ ସାଧକ [ଦେଶ]—
Hitānushṭhātā (ହିତାନୁଷ୍ଠାତ୍ରୀ—ସ୍ତ୍ରୀ) Hita sādhaka (See).

ହିତାନୁଷ୍ଠାନ—ପ. ନ—(ହିତ+ଅନୁଷ୍ଠାନ)—ହିତସାଧନ; କଲ୍ୟାଣ ସାଧନ—1. The rendering of good Service. ୨। ହିତକର ଅନୁଷ୍ଠାନ—2. Beneficial institution ୩। ହିତକର କାର୍ଯ୍ୟ—3. Beneficia work.
Hitānusṭhāna

ହିତାବଳୀ—ସ. ନ—(ହିତ+ଅବଳୀ)—ଔଷଧ ଗୁଳ୍ମ ବିଶେଷ—
Hitābalī Name of a herb. [ଦ୍ର—ଏହା ସାରକ, ଉତ୍କ୍ଲେଶ; ଅନ୍ୟ ସ ନାମ— ପ୍ଲୀହା, ଗୁଲ୍ମ, ଜ୍ୱର, କୃମି, କୁଷ୍ଠ, ଅତ୍ୟୁଗ୍ର ଖର୍ଜ୍ଜୁ ହୃଦ୍‌ରୋଗ, କୁଷ୍ଠଘ୍ନ, ଓ କଣ୍ଡୁ ବିନାଶକ (ରାଜନିର୍ଘଣ୍ଟ)।]
ଗ୍ରନ୍ଥି, ଅଙ୍ଗାର କୁଷ୍ଠକ,
ଅଙ୍ଗାର ଗ୍ରନ୍ଥି, ଗ୍ରନ୍ଥିଳ

ହିତାବହ—ସ. ବଣ—ହିତକାରୀ (ବି.ଣ)—
Hitāvaha (ହିତାବହା—ସ୍ତ୍ରୀ) Beneficial.

ହିତାର୍ଥ—ସ. ନ—ମଙ୍ଗଳ ଉଦ୍ଦେଶ୍ୟ—Beneficial aim. ବଣ—Hitārtha. (ବହୁବ୍ରୀ) ମଙ୍ଗଳ ବା ଶୁଭ ଉଦ୍ଦେଶ୍ୟ ଯୁକ୍ତ—Aiming at one's walfare. ବେ. କ୍ରି ବଣ—(ସ. ହିତାର୍ଥ°) ହିତାର୍ଥେ (ଦେଶ)—Hitārthe (See)

ହିତାର୍ଥୀ—ସ. ବଣ. ପୁଂ—(ଉପପଦ ତତ୍‌ପୁରୁଷ; ହିତଅର୍ଥ ଅର୍ଥ=ଉଦ୍ଦେଶ୍ୟ ସାଧାରଣ; ହିତ+ଅର୍ଥ+ଇନ୍; ହିତାର୍ଥିନ୍ (ହିତାର୍ଥିନୀ—ସ୍ତ୍ରୀ) ଶବ୍ଦ; ୧ମା ୧ବ)—ହିତକାମୀ (ଦେଶ)—
Hitārthī Hitakāmī (See).

ହିତାର୍ଥେ—ଦେ. କ୍ରି. ବଣ—(ସ. ହିତାର୍ଥ°; ହିତାର୍ଥୀ)—ମଙ୍ଗଳାର୍ଥେ; ହିତାର୍ଥେ ମଙ୍ଗଳ ଉଦ୍ଦେଶ୍ୟରେ—Aiming at one's welfare; for the good of. (ଯଥା - ସେ ଦେଶର ହିତକେଲିୟେ ହିତାର୍ଥେ ପ୍ରାଣ ତ୍ୟାଗ କଲେ)
Hitārthe

ହିତାହିତ—ସଂ ନ—(ଦ୍ୱନ୍ଦ୍ୱ)—୧। ହିତ ଓ ଅହିତ; ମଙ୍ଗଳ ଓ ଅମଙ୍ଗଳ—. Weal and woe. ୨। ଉପକାର ଓ ଅପକାର—2. Benefit and harm. ବଣ—୧। ଉତ୍ତମ ଓ ମନ୍ଦ—1. Good and evil. ୨। ପଥ୍ୟାପଥ୍ୟ—2. Beneficial and injurious to health.
Hitāhita

ହିତାହିତଜ୍ଞ—ସଂ. ବଣ. ପୁଂ—ହିତାହିତ ବିବେଚକ (ଦେଶ)—
Hitāhitajña Hitāhita bibechaka (See)
(ହିତାହିତଜ୍ଞା - ସ୍ତ୍ରୀ)

ହିତାହିତ ଜ୍ଞାନ—ସଂ. ନ—୧। ହିତାହିତ ବିବେଚନା (ଦେଶ)—
Hitāhita jñāna 1. Hitāhita bibechanā (See)
୨। ମନୁଷ୍ୟ ଯେ ଈଶ୍ୱରପ୍ରଦତ୍ତ ମାନସିକ ଶକ୍ତିଦ୍ୱାରା ଜ୍ଞାତବ୍ୟ ଓ ଅଜ୍ଞାତବ୍ୟ ବିଷୟରେ—2. Conscience.

ହିତାହିତ ବିଚାର—ସଂ ନ—(ଦ୍ୱନ୍ଦ୍ୱ, ୭ମୀ ତତ୍) ହିତ ବା ଭଲ କର୍ମ ଓ ଅହିତ ବା ମନ୍ଦକାର୍ଯ୍ୟ ସମ୍ବନ୍ଧେ ବିଚାର—
Hitāhita bichāra Discrimination between good and evil.

ହିତାହିତ ବିବେକ—ସଂ.ନ—(ଦ୍ୱନ୍ଦ୍ୱ; ୭ମୀତତ୍)-କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ। ବା ଧର୍ମାଧର୍ମ ସମ୍ବନ୍ଧେ ବିଚାର ବା ବିବେଚନା
Hitāhita bibeka —Conscience.
(ହିତାହିତ ବିବେକୀ—ବଣ ପୁଂ)
(ହିତାହିତ ବିବେକ ମା—ବଣ. ସ୍ତ୍ରୀ)

ହିତାହିତ ବିବେଚକ—ସଂ ବଣ ପୁଂ—୧। ହିତାହିତଜ୍ଞ; ଯେ ହିତାହିତ ବିବେଚନା କରେ—1.
Hitāhita bibechaka Discriminating between what is beneficial and what not.
(ହିତାହିତ ବିବେଚତା—ସ୍ତ୍ରୀ) ୨। କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାରଶୀଳ; ବିବେକବାନ—
2. Conscientieous.

ହିତାହିତ ବିବେଚନା—ସଂ. ନ—୧। କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ସମ୍ବନ୍ଧେ ବିଚାର—1. Discrimination
Hitāhitā bibechanā

Digitized by srujanika@gmail.com

between good and evil. ୨। ଭଲମନ ବୁଝିପାରିବାର ଈଶ୍ୱରଦତ୍ତ ପ୍ରବୃତ୍ତି—2. Concience. ୩। ଭଲ ଓ ମନ୍ଦକାର୍ଯ୍ୟ ସମ୍ବନ୍ଧେ ବଜାର—3. Consideration of what is good and what is not good.

ହିତେ—ଦେ. ଅ—(ପ୍ରାଚୀନପଦ୍ୟ) ସକାଶେ ; ପାଇଁ—For. [ଜ୍ର— Hite ଅଙ୍ଗା ଆଜ ସେତେ ଅସଂବେ ପ୍ରାଣେ, ଭଜ ଶ୍ରୀମୁଖ ଦରଶନ ହିତେ । ଅଉସନ୍ଥ୍ୟ. ଭଦ୍ରଚନ୍ଦ୍ରାମଣି ।]

जन्ये वास्ते

ହିତେଚ୍ଛା—ସ. ବ—ହିତ କାମନା (ଦେଖ)— Hitechchhā Hitā kāmanā (See).

ହିତେଚ୍ଛୁ—ସଂ. ବଣ. ତ୍ରି ଓ ସ୍ତ୍ରୀ—ହିତକାମୀ (ଦେଖ)— Hitechchhu Hita kāmī (See).

ହିତେଚ୍ଛୁକ—ସ. ବଣ. ତ୍ରି—ହିତକାମୀ (ଦେଖ)— Hitechchhuka Hita kāmi (See). [ହିତେଚ୍ଛୁତା—ସ୍ତ୍ରୀ]

ହିତେ ବିପରୀତ ଘଟିବା (ଫଳିବା, ହେବା)—ଦେ. ବ—[ପ୍ରବଚନ]— Hite biparīta ghaṭibā (phaḷibā, hebā) ଭଲ କରିବାକୁ ଯାଇ ମନ୍ଦଫଳ ଘଟିବା—A thing turning out to be evil though done with the best intentions. ହିତେ ବିପରୀତ ହଓୟା हित करनेसे अहित होना

ହିତେ ବିପରୀତ ବୁଝିବା—ଦେ. କି—ହିତ କହିବା ବା କରିବା Hite biparīta bujhibā ବ୍ୟକ୍ତିର ବାକ୍ୟକୁ ବା ଅଥକୁ ମନ ବା ଅହିତ ବୋଲି ଜ୍ଞାନ କରିବା—To misunderstand a matter spoken or done with the best of motives. ହିତେ ବିପରୀତ ବୁଝା हितमे अहित समझना

ହିତୈଷଣା—ସଂ ବ—(ହିତ+ଏଷଣା=ଇଚ୍ଛା)—ହିତେଚ୍ଛା ; ହିତ Hitaiṣhaṇā କାମନା ; ପରର ଉପକାର କରିବାର ପ୍ରବୃତ୍ତି— Benevolence ; good wish.

ହିତୈଷିଣୀ—ସ. ସ୍ତ୍ରୀ (ହିତୈଷିନ୍+ସ୍ତ୍ରୀ. ଈ)—ହିତୈଷୀର ସ୍ତ୍ରୀ-ଲିଙ୍ଗ—Feminine of Hitaiṣhī. [ଦ୍ର—ବାମଣ୍ଡାର ଭୂତପୂର୍ବ ନରପତି ସ୍ୱର୍ଗୀୟ ୫ର ବାସୁଦେବ ସ୍ୱଳ ଦେବଙ୍କ ଅନୁକୂଲ୍ୟରେ ଦେବଗଡ଼ ସ୍ୱଜଧାମାରୁ ପ୍ରଥମେ 'ସମଲପୁର ହିତୈଷିଣୀ' ନାମରେ ଶୁଣ୍ଡିଏ ଓଡ଼ିଆ ସାପ୍ତାହିକ ସମ୍ବାଦ ପତ୍ର ପ୍ରକାଶିତ ହେଉଥିଲା । ଏଥିରେ ଦେଶର ସମ୍ବାଦଛଡ଼ା ସାହିତ୍ୟ ବିଷୟକ ଚର୍ଚ୍ଚା ହେଉଥିଲା । ସ୍ୱର୍ଗୀୟ ବାସୁଦେବ ନିଜେ ମଧ୍ୟ ଏଥିରେ ପ୍ରବନ୍ଧ ମାନ ଲେଖୁଥିଲେ । ତାଙ୍କ ଅନ୍ତେ ତାଙ୍କର ସୁଯୋଗ୍ୟ ପୁତ୍ର ସ୍ୱର୍ଗତ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କ ଅନୁକୂଲ୍ୟରେ ମଧ୍ୟ ଏହା କେତେକ ଦିନ ଚଳିଲା । ସ୍ୱର୍ଗୀୟ ଜଲମଣି ବିଦ୍ୟାରତ୍ନଙ୍କ ସମ୍ପାଦକତ୍ୱରେ ଏ ପତ୍ରିକା ସବିଶେଷ ଉନ୍ନତି ଲାଭ କରିଥିଲା ।]

ହିତୈଷିତା—ସଂ. ବ—(ହିତୈଷିନ+ତ୍ୱ ବା)—ପରୋପକାରତା; ହିତ Hitaiṣhitā କାମନା କରିବାର ଅବସ୍ଥା—The state of wishing the well being of others.

ହିତୈଷୀ—ସଂ.ବଣ.ପୁଂ—(ହିତ+ଇଷ୍ ଧାତୁ+କର୍ତ୍ତୃ ଇନ୍=ହିତୈଷିନ Hitaiṣhī ଶବ, ୧ମା. ୧ବ)—୧। ହିତକାମୀ; ହିତାକାଂକ୍ଷୀ— 1. Well wishing; seeking good. ୨। ପରୋପକାର ପାପରତଚ୍ଛୁ—2. Desirous of benefitting others; benevolent. [ବ୍ୟୁ—ଏ ଶବ୍ଦର ପାର୍ଶୀ ରୂପାନ୍ତର—ଖୈରଖାହ୍] ବ. ପୁଂ—ହିତେଚ୍ଛୁ ବ୍ୟକ୍ତି— A person desirous of rendering good service toothers.

ହିତୋକ୍ତି—ସଂ. ବ—(କର୍ମଧା)—ହିତବଚନ (ଦେଖ)— Hitokti Hitabachana (See)

ହିତୋପଦେଶ—ସଂ ବ—୧। ସତ୍ ପରାମର୍ଶ; ହିତ ବଚନ—Good Hitopadeśa advice. ୨। (ନାମ) ବିଷ୍ଣୁ ଶର୍ମାଙ୍କ ପ୍ରଣୀତ ଗଦ୍ୟପଦ୍ୟାତ୍ମକ ସଂସ୍କୃତ ଗ୍ରନ୍ଥ ବିଶେଷ—2. Name of a Sanskrit work in prose or poetry (like the Aesop's fables) inculcating sound moral lessons. [ବ୍ୟୁ—ଏହି ଗ୍ରନ୍ଥ ୪ ଗୋଟି ପ୍ରସ୍ତରେ ବା ଅଧ୍ୟାୟରେ ବିଭକ୍ତ । ଯଥା—ମିତ୍ରଲାଭ, ସୁହୃଦ୍ ଭେଦ, ବିଗ୍ରହ ଓ ସନ୍ଧି । ଏହା ମାତ୍ରାବୃତ୍ତ ମଧ୍ୟରେ ଗଣ୍ୟ । ଏଥିରେ ଜନ୍ତୁ ଓ ମନୁଷ୍ୟମାନଙ୍କ କଥୋପକଥନ ଓ ଅନୁଭବ ଛଳରେ ଗୁଢ଼ଏ ଉପଦେଶ ସୂର୍ଣ୍ଣି ଭଲ ଲିପିବଦ୍ଧ ହୋଇଅଛୁ ।]

ହିଦାଏତ୍—ବୈ.ଦେ. ବ—(କରିଅ) (ଆ. ହିଦାୟତ୍=ପଥ ପ୍ରଦର୍ଶନ) Hidāet ୧। ଅବସ୍ଥା; ବନ୍ଧୁ—1. Regulation; rule. [ହିଦାତ୍(ଦ୍)—ଦେ. ରୂପ] ୨। ରୁଇଦାଦ୍; ଯେଉଁ ଲେଖାରେ ହିଦାୟତ ପୂର୍ବର ଘଟଣା ବା ବନ୍ଧ ବ୍ୟବସ୍ଥା ଆଦି ଲିପିବଦ୍ଧ ହିଦାୟତ ହୋଇଥାଏ—2. A writing or document recording the history or rules regarding some matter. ୩। ଆଦେଶ (ହି.ଶ)—3. Order. ୪। ନଦେଶ (ହି.ଶ)—4. Indication. ୫। (ନାମ) ପୁଂ —ମୁସଲମାନମାନଙ୍କ ନାମ—A name given to Mahomedan males.

ହିନ୍ତି ବି(ମି)ନ୍ତି—ପ୍ରାଦେ (ସମ୍ବଲପୁର) ବ—(ସ୍ୱଳତା ଓ ବଳତା)— Hin-ti bi(mi)n-ti ବଳତା; ନମ୍ରତା—Humility.

ହିନ୍(ନେ,ନି)ହୟାତ୍—ବୈ.ଦେ. ବ—(ଜରିଅ)—୧। (ଅ. ହିନେ- ହିନ୍(ne,ni)hayāt ହୟାତ୍, ସ୍ଥାନ+ହୟାତ୍=ଜୀବନକାଳ) ଜାୟଗିର ମହାରାଣା ଜାତିର; ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କ ଭରଣ ପୋଷଣାର୍ଥ ହାନହୟାତ ସ୍ୱଜାଙ୍କ ଦ୍ୱାରା ତାଙ୍କ ଜୀବନକାଳ ପର୍ଯ୍ୟନ୍ତ ଦତ୍ତ ହୋଇଥିବା

ହିନ୍ ହୟାତ୍ ଜାଗିର ହିନ୍ ହୟାତ୍ ମାଫି } ପ୍ରଥମ ଅର୍ଥରେ ଅନ୍ୟରୂପ

ସମ୍ପତ୍ତି—1. Jaigir or property granted by the king for the

Digitized by srujanika@gmail.com

maintenance of a respectable person or family for his life time. ୨ । ଜୀବିତକାଳ 2. Life time.

ହିନ୍(ନ)ହିନା—ପ୍ରାଦେ(ସମ୍ବଲପୁର) ବ—(ଧ୍ୱନ୍ୟନୁକରଣ, ତୁଳନା କର Hin(ni)hina ଏକାର୍ଥବୋଧକ ହିନ୍ଦୀ—ହିନ୍ ହିନାହିନ୍) ଅଶ୍ୱର ହ୍ରେଷା; The neighing of a horse.

ହିନ୍(ନ)ହିନାଇବା—ପ୍ରାଦେ (ସମ୍ବଲପୁର) କ୍ରି—(ଘୋଡ଼ା) ହ୍ରେଷାରବ କରିବା—To neigh. Hin(ni)hināibā (ତୁଳନାକର ହିନ୍ଦୀ ଏହି ଅର୍ଥରେ ହିନ୍ ହିନାନା।)

ହିନଖଣ୍ଡିଆ—ଦେ. ବିଣ—୧। ଅକାମିଲା—1. Worthless. ୨। Hini khaṇḍiā ଦୁର୍ବଳ—2. Weak. [ତୁ—ବାଲଜାଇ ଅକେଜୋ କମଜୋର ଗଣ୍ଡୁ ହିନଖଣ୍ଡିଆ ବାହାଣ। ଉଗ।]

ହିନୁ—ପ୍ରାଦେ (ବଲ୍ଲଙ୍କିର ପାଠଣା) ସର୍ବନାମ—ସେଠାକୁ— Hinu To that place

ହି(ଖି)ନ୍ତାଳ—ସଂ. ବିଣ—{ ଖ୍ତାନ=ଅଧମ+ଡାଲ; ଜଘାଡନ ସିଦ୍ଧ)—ଭାଲାଦ ବର୍ଗର ଖର୍ଜୁର ଗଣର ବୃକ୍ଷବିଶେଷ; ଗୁଆ ଅନ୍ୟ ସଂ. ନାମ—ଖଗରେଷ୍ଠ, ଖ୍ତାନ୍ତାଳ, ସୁଲଡାଳ, ବକ୍ଷପତ୍ର, ବୃହଦ୍ଦଳ, ସ୍ଥିରପତ୍ର, ଦ୍ୱିଧାଲେଖ୍ୟ, ଶିରପତ୍ର] ଅସ୍ତ୍ରିର୍ଦ୍ରିକ, ଗର୍ଭଚ୍ଛାଦା, ମାଲଡାଳ, ଖାଷଣ୍ଡ, ବନ୍ଧୁକଞ୍ଜକ, ଡାଲପାର, ବୃହତ୍ତାଳ, ଦ୍ୱିମନ୍ଦାଷକ ହିନ୍ତାଳ, ହାଂତାଳ ହି'ତାଲ ଡେ, ହିନ୍ତାଳ୍ ଫା. ଡାଲ୍ ଅ. ଡାର୍

ଜାତିସ୍ଥ ସମୁଦ୍ର ଉପକୂଳରେ ଜାତ ବୃକ୍ଷବିଶେଷ; ଫେନ୍ତାଳ—Phoenix Paludosa. [ତୁ—ସମୃଦ ବଜଟବର୍ତ୍ତୀ ବନରେ (ଗଙ୍ଗାର ମୁହାଣ ସୁନ୍ଦର ବଣରେ, ମହାନଦୀର ମୁହାଣ ଯାଗ୍ୟାପ ଆଦ ସ୍ଥାନରେ ସମୁଦ୍ର ଉପକୂଳରେ) ଏ ଗଛ ଜନ୍ମେ। ଏହି ଗଛ ୩୦ ଫୁଟ ମୋଟ ହୁଏ ଓ ୧୦।୧୨ ଫୁଟ ଉଚ୍ଚ ହୁଏ (ସୋଗେଷ୍ଟନ୍)। ସମୁଦ୍ର ଉପକୂଳସ୍ଥ ପ୍ରଦେଶରେ ନଷ୍ଟ ମୁହାଣରେ ଏହାର ଘୋର ଜଙ୍ଗଲ ବଢ଼ିଥାଏ। ଏହି ଗଛକୁ ଲୋକେ କାଷ୍ଟ ପାଇଁ ରୁଆ କରନ୍ତି ଓ ଏ ରୁଆ ବହୁଦିନ ସ୍ଥାୟୀ ହୁଏ। ଏଥିପାଇଁ ପ୍ରବଚନ ଅଛି—

'ଘୋଡାଶାଳ, ଉଲ୍ଲୁଡାଳ,
ରୁଆ ହିନ୍ତାଳ, ଉଣ୍ଡି ବେଡାଳ,
ଘରଣୀ ଚେଡାଳ,
ତେବେ ସେ ଘରଯାଏ ଅପାରକାଳ।'

ସାଢଜାତିସ୍ଥ ତୃଣବୃକ୍ଷ ମଧ୍ୟରୁ ଏହା ଏକଉତ୍ତମ (ସାତ ତୃଣବୃକ୍ଷ ଯଥା—ଖୁବାକ, ଡାଳ, ହିନ୍ତାଳ, ଡାଡ଼ି, କେତକୀ, ଖର୍ଜୁର, ନାଡ଼ିକେଳ)। ଜଙ୍ଗଲର ଉପକଣ୍ଠରେ ଅଥବା ସନ୍ତାନଅ ଜମିରେ ମଧ୍ୟ ଏ ଗଛ ଜନ୍ମେ (ହୁ·ଶ)। ବୈଦ୍ୟକ ମତରେ ଏହା ମଧୁରସ୍ନିଗ୍ଧରସ, କଫକୃତ୍, ପିତ୍ତଦାହନାଶକ, ଶ୍ରମଚ୍ଛର୍ଦ୍ଦି-ପିପାସା, ଶିଶିର, ବାତଦୋଷକୃତ୍ (ରାଜନିର୍ଘଣ୍ଟ)।

ହିନ୍—ଦେ. ବି. (ଫା)—ଭାରତବର୍ଷ; ହିନ୍ଦୁସ୍ଥାନ—India; Hind Hindustan. [ତୁ—ଏ ଶବ୍ଦ ପ୍ରକୃତରେ 'ସିନ୍ଧୁ' ହିନ୍ଦ୍ ହିନ୍ଦ ଶବ୍ଦର ଫାରସୀ ଉଚ୍ଚାରଣ। ପ୍ରାଚୀନକାଳରେ ଭାରତସ୍ଥ ଆର୍ଯ୍ୟ ଓ ପାରସିକ ଆର୍ଯ୍ୟମାନଙ୍କ ମଧ୍ୟରେ ଘନିଷ୍ଠ ସମ୍ବନ୍ଧ ଥିଲା। ପାରସିକମାନେ ସଜ୍ଞ ସଜ୍ଞାଦନାର୍ଥେ ଏ ଦେଶରୁ ସେ ଦେଶକୁ ଓ ସେ ଦେଶରୁ ଏ ଦେଶକୁ ଯିବା ଆସିବା କରୁଥିଲେ। ଶାକଦ୍ୱୀପର ସପ ବ୍ରାହ୍ମଣମାନେ ପାରସ୍ୟର ଜରୁରୁପଦ୍ଦଗ୍ରାମରୁ ଥିଥିଲେ। ୫୨୦ ଖ୍ରୀଷ୍ଟାବ୍ଦ ପୂର୍ବେ ପ୍ରଥମ ଦାରୁଙ୍କ ରାଜତ୍ୱ କାଳରେ ସିନ୍ଧୁ ନଦର ପାର୍ଶ୍ୱବର୍ତ୍ତୀ ପ୍ରଦେଶ ପାରସିକମାନେ ଅଧିକାର କରିଥିଲେ। ପ୍ରାଚୀନ ପାରସିକ ଭାଷାରେ ସଂସ୍କୃତ 'ସ' ଅକ୍ଷରର ଉଚ୍ଚାରଣ 'ହ' ଥିଲା। ତୁଳନା କର ସଂ. ସପ୍ତ, ଫାରସୀ 'ହପ୍ତ।' ଏହ ନିମନ୍ତେ ସିନ୍ଧୁର ଉଚ୍ଚାରଣ ହିନ୍ଦୁ ବା ହିନ୍ଦ୍ ହେଇଥିଲା। ଧୀରେ ଧୀରେ ହିନ୍ଦ୍ଅଦ୍ଦ ସମସ୍ତ ଭାରତ ପ୍ରତି ପ୍ରଯୁକ୍ତ ହେଲା। ପାରସିକ ଧର୍ମଶାସ୍ତ୍ର ଅବେସ୍ତାରେ ବେଦର ସପ୍ତସିନ୍ଧୁ 'ହପ୍ତହିନ୍ଦ' ନାମରେ ଅଭିହିତ ହୋଇଅଛୁ। ପ୍ରାଚୀନ ଯୁନାନୀମାନେ ପାରସ୍ୟକୁ ଆସିବାରୁ ସେମାନେ 'ହିନ୍ଦ୍'କୁ 'ଇଣ୍ଡ୍' ଉଚ୍ଚାରଣ କଲେ ଓ ଏହି ଇଣ୍ଡ୍ ଶବ୍ଦରୁ ଭାରତର ପାଶ୍ଚାତ୍ୟ ନାମ ଇଣ୍ଡିଆ ବା ଇଂରାଜ ଇଣ୍ଡିଆ ହେଲା— (ହୁ.ଶ)]

ହିନ୍ଦୀ—ବୈ.ଦେ. ବିଣ (ଆ ଓ ଫା ହିନ୍ଦ୍=ଭାରତବର୍ଷ; ଏ ଶବ୍ଦ ସଂ. 'ସିନ୍ଧୁ' ଶବ୍ଦରୁ ଜାତ)—ଭାରତସ୍ଥ ହିନ୍ଦୁସ୍ଥାନ ସମ୍ବନ୍ଧୀୟ Hindī हिन्दी हिन्दी —Indian. ବ—ଉତ୍ତର ପଶ୍ଚିମ ଭାରତବାସୀ ହିନ୍ଦୁମାନଙ୍କ ବ୍ୟବହୃତ ସଂସ୍କୃତମୂଳକ ଭାଷା The Hindi language. [ତୁ—ଉତ୍ତର ଭାରତରେ ଚଳୁଥିବା ହିନ୍ଦୀ ଓ ଉର୍ଦ୍ଦୁ ଭାଷା ଏକ ନୁହେଁ। ହିନ୍ଦୁମାନେ ହିନ୍ଦୀ ଭାଷା ଓ ମୁସଲମାନମାନେ ଉର୍ଦ୍ଦୁ ଭାଷା ବ୍ୟବହାର କରନ୍ତି। ହିନ୍ଦୀ ଭାଷା ସଂସ୍କୃତ ମୂଳକ ଓ ସଂସ୍କୃତଶବ୍ଦବହୁଳ। ଉର୍ଦ୍ଦୁ ଭାଷା ଆରବ୍ଦୀ ଓ ପାର୍ସୀ ମୂଳକ ଏବଂ ଆରବ୍ଦୀ ଓ ପାର୍ସୀ ଶବ୍ଦ ବହୁଳ। ହିନ୍ଦୀ ଭାଷା ଦେବନାଗରୀଅକ୍ଷରରେ ଲେଖାଯାଏ ଉର୍ଦ୍ଦୁ ଭାଷା ଆରବ୍ଦୀ ଓ ପାର୍ସୀ ଅକ୍ଷରରେ ଲେଖାଯାଏ।

ଭାରତରେ ଯୁକ୍ତ ପ୍ରଦେଶ (United Provinces; The Provinces of Agra and Oudh), ବିହାର (Bihar), ପଞ୍ଜାବ (Panjab) ପ୍ରଦେଶରେ ଏ ଭାଷା ଅନେକ ହିନ୍ଦୁଙ୍କର ମାତୃଭାଷା ଓ କଚରଅ ଭାଷା ରୂପେ ବ୍ୟବହୃତ।

ଏହି ଭାଷା ଭାରତର ସବୁ ଅଞ୍ଚଳର ଲୋକେ ଅଳ୍ପ ବହୁତ ବୁଝି ପାରନ୍ତି ଓ ଭାରତର ଅଂଶବାସୀ ବ୍ୟକ୍ତି ଏହାରେ କଥା କହି ପାରନ୍ତି। ଏହା ଭାରତର ସର୍ବଜନବୋଧ୍ୟ ଭାଷା (Lingua Franca) ଅଟେ।

ଏହି ହିନ୍ଦୀ ଭାଷାକୁ ଓ ଦେବନାଗରୀଅକ୍ଷରକୁ ଭାରତର ସର୍ବତ୍ର ଚଳାଇବା କାରଣ ମହାତ୍ମା ଗାନ୍ଧୀ ପ୍ରମୁଖ ଦେଶନେତା ଭାରତ ସେବା ଚେଷ୍ଟା କର ଭାରତର ସର୍ବ ପ୍ରଦେଶରେ 'ହିନ୍ଦୀ ପ୍ରଚାରଣୀ ସଭା' ସ୍ଥାନ ପ୍ରତିଷ୍ଠିତ କରିଅଛନ୍ତି।

ତୁଳସୀ ଦାସଙ୍କ ରାମାୟଣ ଓ ତୁଆମାନ ହିନ୍ଦୀ ଭାଷାରେ ରଚିତ। ହିନ୍ଦୀ ସାହିତ୍ୟରେ ମୌଳିକ ଗ୍ରନ୍ଥ ଓ ରଚନା ଅପେକ୍ଷା ସଂସ୍କୃତ ଓ ଇଂରାଜି ଆଦରୁ ବହୁ

Digitized by srujanika@gmail.com

ଅନୁବାଦ-ଗ୍ରନ୍ଥ ପ୍ରକାଶିତ ହୋଇ ଏ ଭାଷାର ଓ ସାହିତ୍ୟର କଲେବର କ୍ରମଶଃ ପୁଷ୍ଟ ହେଉଅଛି ।

ସ୍ଥୂଳତଃ କହିବାକୁ ଗଲେ ଭାରତର ଉତ୍ତରପଶ୍ଚିମ ବା ଅର୍ଯ୍ୟାବର୍ତ୍ତ ବା ହିନ୍ଦୁସ୍ଥାନ (ବିନ୍ଧ୍ୟ ପର୍ବତର ଉତ୍ତରରେ ଥିବା ଭୂଭାଗ)ରେ ହିନ୍ଦୁମାନଙ୍କ ଦ୍ୱାରା ହିନ୍ଦୀ ଭାଷା ବ୍ୟବହୃତ ଓ ଏହି ହିନ୍ଦୀ ଭାଷାର ଅନେକଗୁଡ଼ିଏ ପ୍ରାଦେଶିକ ଭାଷା ଅଛି । ଓଡ଼ିଆମାନଙ୍କ ମଧ୍ୟରେ ଅଧିକାଂଶ ପୁରୁଷ ହିନ୍ଦୀ ବୁଝି ପାରନ୍ତି । ଏହି ଭାଷା ସାରଲ୍ୟବ୍ୟଞ୍ଜକ ବୋଲି ଓଡ଼ିଆମାନେ ଭାବନ୍ତି । ଏମନ୍ତୁ କି, କ୍ରୋଧ ହେଲେବେଳେ, ପ୍ରୌଢ଼ି କଲ୍ଲବେଳେ ଅମ୍ମମାନଙ୍କ ମୁହଁରୁ ଦୁଇପଦ ହିନ୍ଦୀ ଭାଷା ବାହାରିପଡ଼େ । ଏହି ଭାଷାକୁ ହିନ୍ଦୁସ୍ଥାନୀ, ଖୋଲ୍‌ଟା, ଖୋଲ୍‌ଟ ମଧ୍ୟ କୁହାଯାଏ ।

ମୁସଲମାନ୍‌ମାନେ ସର୍ବପ୍ରଥମେ ଉତ୍ତର ଭାରତ ଅଧିକାର କଲେ ଏବଂ ଦିଲ୍ଲୀ, ଆଗ୍ରା, ଜୌନପୁର ଏମାନଙ୍କ ରାଜଧାନୀ ହେଲା । ଅତଏବ ଉତ୍ତର ଭାରତରେ ପ୍ରଚଳିତ ଭାଷାକୁ ମୁସଲମାନ୍‌ମାନେ ହିନ୍ଦୁସ୍ତୀ ବା ହିନ୍ଦୀ ନାମରେ ଡାକିଲେ । ମୁସଲମାନ୍ ଅଗମନ ଯୁଦ୍ଧରୁ ସମଗ୍ର ଉତ୍ତର ଭାରତରେ କାବ୍ୟଭାଷାରୂପେ ଶୌରସେନୀ ବା ନାଗର ଅପଭ୍ରଂଶରୁ ବିକଶିତ ଭାଷାର ପ୍ରସ୍ତର ଥିଲା । ମୁସଲମାନ୍‌ମାନେ ଆସି ଦିଲ୍ଲୀ ଓ ମିରଟ୍‌ର ଆଖପାଖରେ ପ୍ରଚଳିତ ଭାଷାକୁ ଅପଣାର କଟନେଲେ ଓ ତହିଁର ଢଗର ବଢ଼ାଇଲେ । ଏହିପରି ଏହି ଭାଷା ଦେଶର ବହୁ ଅଂଶର ଶିଷ୍ଟସମାଜରେ ପ୍ରଚଳିତ ଭାଷା ହେଲା । ଏବ ଶତାବ୍ଦୀରେ ଏହି ଭାଷାରେ ପଦ୍ୟ ରଚନା ଚଳେ, ଯହିଁରେ କାବ୍ୟଭାଷା ବା ବ୍ରଜ ଭାଷାର ବହୁତ ଅଭାବ ଥିଲା । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ ଦିଲ୍ଲୀ ଓ ମିରଟ୍ ଅଞ୍ଚଳରେ ପ୍ରଚଳିତ ଭାଷା (ଖଡ଼ୀବୋଲି', ସାହା ପ୍ରଥମେ ଗୋଟିଏ ପ୍ରାଦେଶିକ ଭାଷା ଥିଲା) ସାହିତ୍ୟ ପାଇଁ ମୁସଲମାନ୍‌ମାନେହିଁ ପ୍ରଥମେ ଗ୍ରହଣ କଲେ । ମୁସଲମାନ୍‌ମାନେ ଏ ଖଡ଼ୀବୋଲିକୁ ଶିଷ୍ଟସମାଜର ଭାଷାରୂପେ ଗ୍ରହଣ କଲେ; କିନ୍ତୁ ମୁସଲମାନ୍ ଓ ମୋଗଲଙ୍କ ଶାସିତ ଉତ୍ତରଭାରତରେ ସାଧାରଣ ସାହିତ୍ୟିକ ଭାଷା ରୂପେ ବ୍ରଜଭାଷା (ବ୍ରଜସ୍ଥାନୀ ଭାଷା ମଧ୍ୟ ଯହିଁର ଅନ୍ତର୍ଗତ ଥିଲା) ଓ ଅବଧୀ (ଅଯୋଧ୍ୟା ପ୍ରଚଳିତ ଭାଷା) ରହିଲା । ଇତି ମଧ୍ୟରେ ମୁସଲମାନ୍‌ମାନେ ଖଡ଼ୀବୋଲିକୁ ଆରବୀ ଓ ପାରସୀ ଶବ୍ଦମାନଙ୍କ ଦ୍ୱାରା ଅଳଙ୍କୃତ କରି ଲଟିଲେ ଓ ତହିଁରୁ ଉର୍ଦ୍ଦୁ ଭାଷା ଉତ୍ପନ୍ନ ହେଲା । ଏମନ୍ତୁ କି, ଧୀରେ ଧୀରେ ମୁସଲମାନ୍‌ମାନେ ଗୋଟିଏ ସ୍ୱତନ୍ତ୍ର ସାହିତ୍ୟିକ ଭାଷାର ଓ ସାହିତ୍ୟର ସୃଷ୍ଟି କଲେ, ଯହିଁରେ ବିଦେଶୀ ଭାବର ଓ ସଂସ୍କୃତର ପ୍ରାଧାନ୍ୟ ରହିଲା । ଏହା ମଧ୍ୟ ମନେ ରଖିବାକୁ ହେବ ଯେ, ଏହି (ଉର୍ଦ୍ଦୁ) ସାହିତ୍ୟ ପଦ୍ୟମୟ ହୋଇ ରହିଲା । ପଇନ୍ତୁ ଶିଷ୍ଟ ସମାଜର ଯଥୋପଯୁକ୍ତ ଭାଷା ରୂପେ ଖଡ଼ୀ ବୋଲିର ପ୍ରସ୍ତର ଉତ୍ତର ଭାରତର ଏକ କୋଣରୁ ଅନ୍ୟ କୋଣ ପର୍ଯ୍ୟନ୍ତ ବ୍ୟାପିଲା । ଯେତେବେଳେ ଇଂରାଜମାନେ ଭାରତକୁ ଆସିଲେ, ସେମାନେ ଏହି ଖଡ଼ୀ ବୋଲିକୁ ଶିଷ୍ଟ ସମାଜରେ ପ୍ରଚଳିତ ହୋଇଥିବା ଦେଖିଲେ; ଅତଏବ ଜନତର ସୁବିଧା ପାଇଁ ଇଂରାଜମାନଙ୍କ ଧ୍ୟାନ ଏହି ଖଡ଼ୀବୋଲି ପ୍ରତି ଆକୃଷ୍ଟ ହେଲା ଏବ ଏମାନେ ଏହି ବୋଲିରେ ଗଦ୍ୟ ସାହିତ୍ୟର ଅବତାରଣା ପାଇଁ ଯତ୍ନ କଲେ । କିନ୍ତୁ ଉଦ୍ଦେଶ୍ୟରୁ ମୁସଲମାନ୍‌ମାନେ ଓ ଆପଣା ପାଇଁ 'ଉର୍ଦ୍ଦୁ' ନାମକ ସ୍ୱତନ୍ତ୍ର ସାହିତ୍ୟିକ ଭାଷାର ପ୍ରତିଷ୍ଠା କରିସାରିଥିଲେ । ଏହି କାରଣରୁ ଗଦ୍ୟ ସାହିତ୍ୟ ପାଇଁ ଗୋଟିଏ ସର୍ବଜନଗ୍ରାହ୍ୟ ଭାଷାର ବ୍ୟବହାର ଅସଂଭବ ବୋଧ ହେଲା । ଅତଏବ କଲିକତାର ଫୋର୍ଟ୍ ଉଲିଅମ୍ କଲେଜ୍‌ର ପ୍ରୋତ୍ସାହନରୁ 'ଖଡ଼ୀବୋଲି'ର ଦୁଇଟି ଆକାରରେ ଗଦ୍ୟ ସାହିତ୍ୟର ନର୍ମାଣ ଆରମ୍ଭ ହେଲା । ଯଥା—ଉର୍ଦ୍ଦୁ ଓ ହିନ୍ଦୀ । ଏହି ପ୍ରକାରେ ହିନ୍ଦୁ ଗଦ୍ୟ ସାହିତ୍ୟରେ ଖଡ଼ୀବୋଲି ସୃଷ୍ଟାତ ହେଲା; କିନ୍ତୁ ବହୁକାଳ ବ୍ରଜଭାଷା ପଦ୍ୟର ଭାଷା ହୋଇ ରହିଲା । ବନାରସର 'ଭାରତେନ୍ଦୁ' ହରିଶ୍ଚନ୍ଦ୍ରଙ୍କ କାଳ ପର୍ଯ୍ୟନ୍ତ ଏହି ଅବସ୍ଥା ରହିଲା । ପରେ ହିନ୍ଦୀ ସାହିତ୍ୟସେବକମାନଙ୍କ ଧ୍ୟାନ ଗଦ୍ୟ ଓ ପଦ୍ୟ, ଏ ଉଭୟ ପାଇଁ ଏକମାତ୍ର ଭାଷା ଚଳାଇବା ଦିଗକୁ ଗଲା । ଅଧିକାଂଶ ଲୋକ 'ଖଡ଼ୀବୋଲି'ରେ ରଚିତ ପଦ୍ୟ ଉପରେ ଜୋର୍ ଦେଲେ ଓ କେତେକାଳ କେବଳ 'ଖଡ଼ୀବୋଲି'ରେ ହିନ୍ଦୁ କବିତା ଲେଖାଗଲା । ଏହି ପ୍ରକାରେ ହିନ୍ଦୀ ସାହିତ୍ୟ ଉତ୍ତରେ ୩ଟି 'ବୋଲି' ବା ଭାଷା ପଡ଼ିଗଲା:— ଖଡ଼ୀବୋଲି, ବ୍ରଜଭାଷା ଓ ଅବଧୀ । ହିନ୍ଦୀ ସାହିତ୍ୟ ଜାତିକା ପାଇଁ ଏହି ୩ ଭାଷାରେ ଅଭିଜ୍ଞତା ଆବଶ୍ୟକ । ସାହିତ୍ୟିକ 'ଖଡ଼ୀବୋଲି'ର ହିନ୍ଦୁ ଓ ଉର୍ଦ୍ଦୁ, ଦୁଇ ଶାଖା ହୋଇ ଯିବାରୁ ସାଧାରଣ କାର୍ଯ୍ୟୋପଯୋଗୀ ବ୍ୟବହୃତ ମିଳିତ ଭାଷାକୁ ଇଂରାଜମାନେ 'ହିନ୍ଦୁସ୍ତାନୀ' ଭାଷା ଆଖ୍ୟା ଦେଲେ—ହିନ୍ଦୁ ଶବ୍ଦସାଗର ।]

ହିନ୍ଦୀ ପ୍ରଚାରିଣୀ ସଭା—ଦେ ବ—ଭାରତରେ ସର୍ବତ୍ର ହିନ୍ଦୀ ଭାଷା ପ୍ରଚାରିତ Hindī prachāriṇī sabhā କର ଏହାକୁ ଭାରତର ସଂଜ୍ଞନ-ବ୍ୟବହୃତ ଭାଷାରୂପେ ଦୃଢ଼ ଭିତ୍ତିରେ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ସ୍ଥାପିତ ସଭା—

The Society formed to promulgate and popularise the Hindi language as the Lingua Franca of India.

ହିନ୍ଦୀ ରେବ(ଵ)ନ୍ଦ—ବୈ ଦେ. ବ—(ଫା)—ରେଉଚନି (ଦେଶ)— Hindi reba(wa)nd Reuchini (See)

ରେବନଚନୀ **ହିଂଦିରେବଂଦ, ରେବଂଦଚିନି**

ହିନ୍ଦୁ—ଜେ. ବ—ବେଦ ମତରେ ଧର୍ମକର୍ମ ସାଧନ କରୁଥିବା ଓ ବେଦୋକ୍ତ Hindu ଆଚାର ପାଳନ କରୁଥିବା ଜାତି; ଭାରତୀୟ ଅର୍ଯ୍ୟଜାତି—

The religious sect professing the tenets of and following the conduct laid down in the Bedas. [ଦ୍ର—ସଂସ୍କୃତ 'ସିନ୍ଧୁ' ଶବ୍ଦରୁ ଏଶବ୍ଦ

Digitized by srujanika@gmail.com

ଅଗତ । ଗ୍ରୀକ୍‌ଭାଷାରେ ସିନ୍ଧୁ ନଦର ନାମ ଇଜସ୍, ହିବ୍ରୁ ଭାଷାରେ ଭାରତର ନାମ ହିନ୍ଦ=ଗୌରବାନ୍ୱିତ ସ୍ୱଜାତି, ଜେନ୍ଦ୍ ଭାଷାରେ ଭାରତର ନାମ ହିନ୍ଦବ୍ ଓ ଗ୍ରୀକ୍ ଭାଷାରେ ଇଜ୍‌କୋଶ୍, ଇନ୍ଦଓସ୍, ଓ ପ୍ରାଚୀନ ବା ପାରସ୍ୟର ଭାଷାରେ ହିନ୍ଦୁ । ହିନ୍ଦୁ ଦେଶର ଅଧିବାସୀ ମାନଙ୍କୁ ଗ୍ରୀକ୍ ଓ ଯବନଧର୍ମାବଲମ୍ବୀମାନେ ହିନ୍ଦୁ ବୋଲି ଡାକିଲେ ।

କେହି କେହି କହନ୍ତି ଯେ, ସଂସ୍କୃତ ସିନ୍ଧୁ ଶବ୍ଦରୁ ହିନ୍ଦୁ ଶବ୍ଦର ଉତ୍ପତ୍ତି ହୋଇଅଛି; କିନ୍ତୁ ମେରୁତନ୍ତ୍ର ନାମକ ଗ୍ରନ୍ଥରେ ଶିବପାର୍ବତୀ ସମ୍ବାଦରେ 'ଘ୍ଲେଚ୍ଛ ଦୁଷ୍ଟସ୍ୱଭାବ୍ୟେବ ହିନ୍ଦୁ ଇତ୍ୟୁଚ୍ୟତେ ପ୍ରିୟେ' ଅର୍ଥାତ୍, ଯେଉଁମାନେ ଘ୍ଲେଚ୍ଛ ବ୍ୟକ୍ତିମାନଙ୍କୁ ଘୃଣା କରନ୍ତି ସେହିମାନଙ୍କୁ ହିନ୍ଦୁ ବୋଲିଯାଏ—ଏହିରୂପ ବ୍ୟୁତ୍ପତ୍ତି ହୋଇ ଯାଇଅଛି ।

ପାରସୀ ବା ମୁସଲମାନେ ସିନ୍ଧୁ ନଦୀର ନାମକୁ ହିନ୍ଦ୍ ବୋଲି ଉଚ୍ଚାରଣ କରୁଥିଲେ ଓ ସିନ୍ଧୁନଦକୂଳବାସୀ ଆର୍ଯ୍ୟମାନଙ୍କୁ ହିନ୍ଦୁ ନାମରେ ଡାକିଲେ ଓ ହିବ୍ରୁର ପୂର୍ବବର୍ତ୍ତୀ ଦେଶମାନଙ୍କୁ ହିନ୍ଦ୍ ବା ହିନ୍ଦୁସ୍ତାନ ନାମ ଦେଲେ ।

ହିନ୍ଦୁମାନଙ୍କର ନବ୍ୟତର ବ୍ରହ୍ମାନ୍ଦ ସାରେ 'ଆର୍ଯ୍ୟ' ଶବ୍ଦର ଅର୍ଥ—ବଳିଷ୍ଠ, ମାନ୍ୟ ଓ ସତ୍‌କୁଳୋଦ୍ଭବ । ଋଗ୍‌ବେଦସଂହିତାରେ—ହିନ୍ଦୁଧର୍ମାବଲମ୍ବୀ ଲୋକମାନେହିଁ ଆର୍ଯ୍ୟ ବୋଲି ଲକ୍ଷିତ ହୋଇଅଛନ୍ତି ।

ଋଗ୍‌ବେଦର ଅନ୍ୟତ୍ର ଆର୍ଯ୍ୟ ଓ ଦସ୍ୟୁ ଶବ୍ଦ ଯେଉଁ ଯେଉଁ ଅର୍ଥରେ ଲେଖା ହୋଇଅଛି, ତାହା ବିବେଚନା କରି ଦେଖିଲେ ଆର୍ଯ୍ୟ ଶବ୍ଦ ସମଗ୍ର ହିନ୍ଦୁ ଜାତିକୁ ବୁଝାଇ ଥିବା ବୋଲି ଅନୁମିତ ହୁଏ । ଅଥର୍ବ ବେଦସଂହିତାରେ ସମଗ୍ର ଲୋକଙ୍କ ଶୂଦ୍ର ଓ ଆର୍ଯ୍ୟ, ଏହି ଦୁଇ ଭାଗରେ ବାଣ୍ଟି ଯାଇଅଛନ୍ତି ।

ଶତପଥ ବ୍ରାହ୍ମଣରେ ଓ କାତ୍ୟାୟନ ପ୍ରଣୀତ ଶ୍ରୌତସୂତ୍ରରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ, ଏହି ବର୍ଣ୍ଣତ୍ରୟଙ୍କୁହିଁ ଆର୍ଯ୍ୟ ଥିବା ଲେଖା ଅଛି ।

ଆର୍ଯ୍ୟ ଶବ୍ଦର ଅର୍ଥ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଏହି ତିନି ବର୍ଣ୍ଣ । ଚତୁର୍ଥ ବର୍ଣ୍ଣର ନାମ ଶୂଦ୍ର । ବୋଧହୁଏ ଶୂଦ୍ର ବର୍ଣ୍ଣ ଆର୍ଯ୍ୟ ବଂଶୀୟ ନୁହେଁ ।

ଆର୍ଯ୍ୟମାନେ ଭାରତ ବର୍ଷକୁ ଆସି ଶୂଦ୍ର ନାମକ ଅନାର୍ଯ୍ୟ ଜାତିବଶେଷକୁ ଅପଣାର ସମାଜଭୁକ୍ତ କରି ନେଇଥିଲେ । ମନୁସଂହିତା ୨।୨୨ ରେ ହିନ୍ଦୁମାନଙ୍କର ଅବାସ ଭୂମି ଆର୍ଯ୍ୟାବର୍ତ୍ତ ବୋଲି ଉଲ୍ଲିଖିତ ହୋଇଅଛି ।

ମନୁ ସଂହିତା ଦ୍ୱିତୀୟ ଅଧ୍ୟାୟରେ ଲେଖାଅଛି ଯେ, ଉତ୍ତରରେ ହିମାଳୟ, ଦକ୍ଷିଣରେ ବିନ୍ଧ୍ୟାଚଳ, ପୂର୍ବରେ ପୂର୍ବ ସମୁଦ୍ର ଓ ପଶ୍ଚିମରେ ପଶ୍ଚିମ ସମୁଦ୍ର, ଏହି ଚତୁଃସୀମାବଦ୍ଧ ଭୂଖଣ୍ଡର ନାମ ପଣ୍ଡିତମାନେ ଆର୍ଯ୍ୟାବର୍ତ୍ତ ବୋଲି ଜାଣନ୍ତି । ଏହି ବଚନ ରଚନା ସମୟରେ ଆର୍ଯ୍ୟ ଶବ୍ଦେ ହିନ୍ଦୁମାନଙ୍କର ଜାତିଗତ ସାଧାରଣ ନାମ ଥିଲା ବୋଲି କହିବାକୁ ହେବ ।

ଆର୍ଯ୍ୟାବର୍ତ୍ତ ଆର୍ଯ୍ୟମାନଙ୍କର, ଅର୍ଥାତ୍ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ, ଏହି ତିନ ବର୍ଣ୍ଣର ନିବାସ ଭୂମିଥିଲା, ଏହା ମନୁ-ସଂହିତାରେ ସ୍ପଷ୍ଟ ରୂପେ ପ୍ରକଟିତ ହୋଇଅଛି । (ପ୍ରକୃତିବାଦ) । ଆର୍ଯ୍ୟ ଶବ୍ଦର ଅର୍ଥ ସଭ୍ୟ ଓ ଶ୍ରେଷ୍ଠ । ଇଂରାଜ, ରୋମ୍, ଗ୍ରୀକ୍, ଜର୍ମାନ୍ ପ୍ରଭୃତି ପାଶ୍ଚାତ୍ୟ ସଭ୍ୟ ଜାତିମାନେ ନିଜକୁ ଆର୍ଯ୍ୟ ବୋଲି ଗୌରବ କରନ୍ତି । ଏହ ଆର୍ଯ୍ୟନାମ ଭୁଲି ଆମେମାନେ ବିଦେଶୀଙ୍କଠାରୁ ହିନ୍ଦୁ ନାମ ଗ୍ରହଣ କରିଅଛୁଁ । ହିନ୍ଦୁ ଶବ୍ଦର ଅର୍ଥ ପାର୍ଶୀ ଭାଷାରେ ଗୋଲାମ ଓ ଦସ୍ୟୁ ; ପ୍ରକୃତରେ ବୈଦିକଧର୍ମାବଲମ୍ବୀ ଭାରତବାସୀ ଓ ସେମାନଙ୍କ ବଂଶଧରମାନେ ଆର୍ଯ୍ୟ ଅଟନ୍ତି । ମୁସଲ୍‌ମାନ୍ ଓ ଅମୁସଲମାନଙ୍କ ମଧ୍ୟରେ ପ୍ରଭେଦ ଜ୍ଞାପନାର୍ଥେ ମୁସଲମାନମାନେ ଭାରତସ୍ଥ ଆର୍ଯ୍ୟଙ୍କୁ ହିନ୍ଦୁ ନାମ ଦେଇଥିଲେ ।

(ଫାଳବନ୍ଧୁ ଆଣ୍ଟୁଫି ବେଦ ଶାସ୍ତ୍ରୀଙ୍କ ସମାଦତ ଆର୍ଯ୍ୟ ସମାଜର ବଙ୍ଗଳା ମୁଦ୍ରଣ ଆର୍ଯ୍ୟ ଗୌରବ, ୧୯୧୪ ସଂଖ୍ୟା) ।]

ସଂସ୍କୃତ ସାହିତ୍ୟରେ ଏ ଶବ୍ଦର ପ୍ରଥମ ଉଲ୍ଲେଖ ଶିବ-ରହସ୍ୟ ଓ ମେରୁତନ୍ତ୍ରରେ ଦେଖାଯାଏ—

ହିନ୍ଦୁଧର୍ମ ପ୍ରଲେପ୍ତାରଃ ଭବନ୍ତ୍ୟନ୍ଧ କଲୌଯୁଗେ—

ଶିବ ରହସ୍ୟ

ପଞ୍ଚଶାନାଃ ସପ୍ତମୀସ୍ତ୍ର ନବସାଢ଼ା ମହାବଲାଃ
ହିନ୍ଦୁଧର୍ମ ପ୍ରଲେପ୍ତାରୋ ଜାୟନ୍ତେ ଚକ୍ରବର୍ତ୍ତିନଃ ।
ଘ୍ଲେଚ୍ଛ ଦୁଷ୍ଟସ୍ୱଭାବ୍ୟେବ ହିନ୍ଦୁରିତ୍ୟୁଚ୍ୟତେ ପ୍ରିୟେ ।
ପୂର୍ବାମ୍ନାୟେ ନବଶତଂ ଷଡ଼ଶୀତିଃ ପ୍ରକୀର୍ତ୍ତିତାଃ—

ମେରୁତନ୍ତ୍ର

ସମ୍ଭବତଃ ଉଦ୍ଧୃତାଂଶ ଦୁଇଟି ପ୍ରକ୍ଷିପ୍ତ । ଯଦି ହିନ୍ଦୁଧର୍ମ ବୋଲି କୌଣସି ଭାରତସ୍ଥ ଧର୍ମ ଥାଆନ୍ତା, ତାହେଲେ ବେଦ ପୁରାଣ ପ୍ରଭୃତି ଗ୍ରନ୍ଥରେ ତହିଁର ଉଲ୍ଲେଖ ହୋଇଥାଆନ୍ତା । ଆଜିର ମଧ୍ୟ ଭାରତର କୌଣସି ପ୍ରାଦେଶିକ ଭାଷାରେ ମୌଳିକ ଶବ୍ଦରୂପେ 'ହିନ୍ଦୁ' ବା 'ହିନ୍ଦୀ' ଶବ୍ଦର ସନ୍ଧାନ ମିଳେ ନାହିଁ ।

କିନ୍ତୁ ଭାରତ ବାହାରେ ଅନେକ ଭାଷାରେ ଏ ଶବ୍ଦର ସୂଚନା ମିଳେ । 'କୋରାନ'ରେ ହିନ୍ଦୁ ଶବ୍ଦର ସପ୍ରେକ୍ଷ ବ୍ୟବହାର ଦେଖାଯାଏ । 'ଅବେସ୍ତା' ନାମକ ଅରବ୍ୟ ଗ୍ରନ୍ଥରେ ହପ୍ତହନ୍ଦ ମନ୍ତ୍ରଦଙ୍କ ଜାମାତା କହିଛନ୍ତି "ଅଛପାବ ରହ୍ମାନ୍-ଅଲ୍-ହିନ୍" ଅର୍ଥାତ୍ ହିନ୍ଦୁସ୍ଥାନର ସୁଗନ୍ଧ ଅତି ମନୋରମ ।

ଗ୍ରୀକ୍ ଭାଷାରେ 'ହିନ୍ଦ୍' ଶବ୍ଦର ଅର୍ଥ 'କୃଷ୍ଣବର୍ଣ୍ଣ' । ଭାରତବାସୀଙ୍କ ଦେହର ବର୍ଣ୍ଣ ଗ୍ରୀକ୍‌ମାନଙ୍କ ତୁଳନାରେ ଅବଶ୍ୟ କଳା । ସମ୍ଭବତଃ ଉତ୍ତରବର୍ତ୍ତି କୃଷ୍ଣକାୟ ଲୋକଙ୍କର ବାସଭୂମି ବୋଲି ଏହି ଦେଶକୁ ଗ୍ରୀକ୍‌ମାନେ 'ହିନ୍ଦ୍' ବା 'ଇଣ୍ଡି' ଅଖ୍ୟା ଦେଇଥିଲେ ।

Digitized by srujanika@gmail.com

ଔତିହାସିକ ମଧ୍ୟଯୁଗରୁ ଏହି ଶବ୍ଦ ଧର୍ମ ବୁଝାଇବାରେ ପ୍ରଯୁକ୍ତ ହୋଇ ଆସିଅଛି ।

(ଲେଖକ—ଯୋଗେନ୍ଦ୍ରଚନ୍ଦ୍ର ଦାସ କଣ୍ଟକ ।)

ଭାରତବର୍ଷରେ ଜୋପନିବେଶ କରି ବାସ କରିଥିବା ଆର୍ଯ୍ୟ ଜାତିର ଯେଉଁ ବଂଶଧରମାନେ ପ୍ରବର୍ତ୍ତିତ ବା ପଞ୍ଚବତ ଆର୍ଯ୍ୟ ଧର୍ମର ସଂସ୍କାରକୁ ଓ ସାମାଜିକ ବ୍ୟବସ୍ଥାକୁ ମାନକରି ଚଳୁଛନ୍ତି, ଅର୍ଥାତ୍ ଯେଉଁମାନେ ବେଦ, ସ୍ମୃତି, ପୁରାଣକୁ ଅଥବା ଏ ତିନି ମଧ୍ୟରୁ ଯେଉଁଥିକୁ ମାନି ଚଳନ୍ତି, ସେମାନଙ୍କୁ ହିନ୍ଦୁ କୁହାଯାଏ । ଏହି ନାମ ପ୍ରାଚୀନ ପାରସିକମାନେ ସର୍ବପ୍ରଥମେ ଭାରତୀୟ ଆର୍ଯ୍ୟମାନଙ୍କୁ ଦେଇଥିଲେ ଓ ସେମାନଙ୍କଠାରୁ ଏହା ପୃଥିବୀରେ ପ୍ରଚଳିତ ହୋଇଛି । ପ୍ରାଚୀନ ଭାରତୀୟ ଆର୍ଯ୍ୟମାନେ ଅପଣାର ଧର୍ମକୁ 'ବର୍ଣ୍ଣାଶ୍ରମ ଧର୍ମ' ନାମ ଦେଇଥିଲେ । ଏମାନେ ଭାରତର ଆଦିମ ଅଧିବାସୀ ଅନାର୍ଯ୍ୟ ଦ୍ରାବିଡ଼ୀୟମାନଙ୍କୁ ଅଣଗଣା ସମାଜରେ ମିଶାଇ ନେବାପାଇଁ ପ୍ରକାଶ କଲେ ଯେ, ଏମାନେ ଅମୁକ ଋଷି ବା ଅମୁକ ସ୍ୱୟମ୍ଭୁଙ୍କ ସନ୍ତତି ଅଟନ୍ତି । ପରେ ଭାରତକୁ ଆସି ବସତି କରିଥିବା ଶକ, ଦୂଣ ଓ ଯବନମାନଙ୍କୁ ମଧ୍ୟ ଦକ୍ଷିଣୁଙ୍କ ଗାତ୍ରଙ୍କଠାରୁ ଉତ୍ପନ୍ନ ବୀରମାନଙ୍କ ବଂଶଧର ଅଥବା ପତିତ କ୍ଷତ୍ରିୟ ବୋଲି ଆର୍ଯ୍ୟମାନେ ମାନିନେଲେ । ପ୍ରାଚୀନକାଳରେ ଆର୍ଯ୍ୟ ସଭ୍ୟତାର ଦୁଇ କେନ୍ଦ୍ର ଥିଲା; ଯଥା—ଭାରତ ଓ ପାରସ୍ୟ । ଏମାନଙ୍କ ମଧ୍ୟରେ ପ୍ରଭେଦ ଅତି ଅଳপ୍ପ ଥିଲା । ଦୂଣମାନେ ପ୍ରଥମେ ପାରସିକ ସଭ୍ୟତାକୁ ଗ୍ରହଣ କଲେ; ଉପରନ୍ତୁ ଭାରତକୁ ଆସି ସେମାନେ ଭାରତୀୟ ସଭ୍ୟତାକୁ ଗ୍ରହଣ କରି ଭାରତୀୟ ଆର୍ଯ୍ୟମାନଙ୍କ ସଙ୍ଗେ ମିଳିତ ହେଲେ । ଶକମାନେ ମଧ୍ୟ ଆର୍ଯ୍ୟ ଜାତିର ଗୋଟିଏ ଶାଖା ଥିଲେ । ପରେ ଯେତେବେଳେ ପାରସ୍ୟବାସୀମାନେ ମୁସଲମାନ୍ ଧର୍ମ ଗ୍ରହଣ କଲେ, ସେତେବେଳେ ସେମାନେ ହିନ୍ଦୁ ଶବ୍ଦ ସଙ୍ଗେ କାଫିର୍, କୃଷ୍ଣ-ବର୍ଣ୍ଣ, ଲୁଣ୍ଠନ ଆଦି ଅର୍ଥର ଯୋଜନା କଲେ । କିନ୍ତୁ ଯେତେ ଦିନ ପାରସିକମାନେ ଆର୍ଯ୍ୟଧର୍ମର ଅନୁସରଣ କରିଥିଲେ ସେତେ ଦିନ ସେମାନେ ହିନ୍ଦୁ ନିବାସୀ ଅର୍ଥରେ ହିନ୍ଦୁ ଶବ୍ଦ ବ୍ୟବହାର କରୁଥିଲେ । ଏହି ଶବ୍ଦର ଏହି ଅର୍ଥ ପାରସ୍ୟରେ ମୁସଲମାନ୍ ଧର୍ମର ପ୍ରଚାର ବହୁ ପୂର୍ବରୁ ଚଳି ଅସିଥିଲା । ପରେ ମୁସଲମାନ ଧର୍ମର ପ୍ରଚାର ପରେ ହିନ୍ଦୁ ଶବ୍ଦର ନୂଆ ଅର୍ଥ ପ୍ରଚାରିତ ହେଲା । ମେରୁ-ତନ୍ତ୍ର ଆଦି କେତେକ ଅଧୁନିକ ତନ୍ତ୍ରରେ ହିନ୍ଦୁ ଶବ୍ଦ ସଂସ୍କୃତ ଭାଷାରୁ ଅସିଛି ବୋଲି ପ୍ରମାଣ କରିବାକୁ ଯେଉଁ ପ୍ରକୃତି-ପ୍ରତ୍ୟୟର କଳ୍ପନା ହୋଇଅଛି, ତାହା କାଲ୍ପନିକ ଅଟେ—ହିନ୍ଦୁ ଶବ୍ଦସାଗର ।]

ହିନ୍ଦୁ—ହିନ୍ଦୁମାନଙ୍କ ସମ୍ବନ୍ଧୀୟ—Relating to the Hindus or ancient Indians.

ହିନ୍ଦୁଆଣି Hindu-āni—ବେ. ବ (ବଙ୍ଗଳାରୁ ଅନୁକୃତ)—ହିନ୍ଦୁଙ୍କ ଧର୍ମ କର୍ମ ଓ ଆଚରର ବ୍ୟବହାର—The conduct

ହିସାବ ବୁଝ(ଝୋ)ଝ୍ କମିସନ୍—ବେ. ବ—(କରଣଥ)—ହିସାବ ବୁଝିବା Hisāba bujha(jho)ṭ kamisan ନିକଦମାରେ ପ୍ରତିବାଦୀଠାରୁ ହିସାବ ବୋଝା କମିଶନ ହିସାବ ବୁଝିନେବା ପାଇଁ କୌଣସି ବ୍ୟକ୍ତି **ହିସାବ ବୁଝୌବଲ କମୀଶନ** (କମିସନର)ଙ୍କ ପ୍ରତି ଅଦାଲତଙ୍କ ଅଦେଶ ବା ହୁକୁମନାମା—A writ or commission issued to a person by a court for taking accounts from a defendant.

ହିସାବ ବୁଝ(ଝୋ)ଝ୍ କମିସନର୍—ବେ. ବ—(କରଣଥ)—ପ୍ରତିବାଦୀ- Hisaba bujha(jho)ṭ kamisanar ଠାରୁ ହିସାବ ବୁଝି ହିସାବ ବୋଝା କମିଶନାର ନେବା ପାଇଁ ଅଦାଲତଙ୍କ ନିଯୁକ୍ତ ବ୍ୟକ୍ତି **ହିସାବ ବୁଝନେବାଲା କମିସ୍ନର** —A commissioner appointed to take accounts from a defendant.

ହିସାବ ବୁଝ(ଝୋ)ଝ୍ ମକଦମା—ବେ. ବ—(କରଣଥ)— Hisāba bujha(jho)ṭ makadamā ଧନାଦର ପ୍ରତିପ୍ରତି ହିସାବ ବୋଝା ମକଦ୍ଦମା କୌଣସି ବ୍ୟକ୍ତି, ଅଘୋଷୀରେ ହଂସାଦାରଙ୍କୁ **ହସାବବୁଝୌବଲ ମୁକଦ୍ମା** ବା ମାଲିକଙ୍କୁ ହିସାବ ବୁଝାଇ ଦେଇ ନ ଥିଲେ ଅଦାଲତଙ୍କ ସମ୍ମୁଖରେ ହିସାବ ବୁଝାଇ ଦେବାପାଇଁ ଜିଲ୍ଲ ବ୍ୟକ୍ତ ନାମରେ କରିଯିବା ମକଦମା—Account suit; a suit for accounts.

ହିସାବ ବୁଝା—ବେ. ବ—ହିସାବ ବୁଝ୍ଝ୍ (ଦେଖ)— Hisāba bujhā Hisāba buj haṭ (See)

ହିସାବ ବୁଝା(ଝେ)ଇବା—ବେ. କି—ଅପଣା ଜିମ୍ମାରେ ଥିବା ତତ୍ତ୍ୱଲ Hisāba bujhā(jhe)ibā ଓ ଅସ୍ୱ ବ୍ୟୟର ହିସାବ ମାଲିକଙ୍କୁ ହିସାବ ବୋଝାନ ବୁଝାଇ ଦେବା—To render and explain **ହିସା ବୁଝାନା** accounts.

ହିସାବ ବୁଝି ନେବା—ବେ. କି—କୌଣସି ବ୍ୟକ୍ତିଠାରୁ ସମ୍ପୂର୍ତ୍ତିରୂପେ Hisāba bujhi nebā ହିସାବ ସଫାହା କରିନେବା (ସେପରିକି, ହିସାବ ବୁଝେ ଲଓୟା ଭାଠାରେ ଥାଉ କହି ହିସାବ ବାକିନ ରଖେ)— **ହିସାବବୁଝନେନା** To take accounts finally from a person.

ହିସାବ ବୁଝିବା—ବେ. କି—ଅସ୍ୱ ବ୍ୟୟର ଉତ୍ତରସ୍ୱାସ୍ୱ ବ୍ୟକ୍ତିଠାରୁ Hisāba bujhibā ହିସାବକୁ ସଫାହା କରିବା— ହିସାବ ବୁଝା **ହିସାବ ବୁଝନା** To examine accounts.

ହିସାବ ମଜୁରା—ବୈ.ବେ. (ଆ. ଫା) ବ (କରଣଥ)—ଦୁଇଜଣଙ୍କର Hisāba majurā ଦେୟର ଓ ପ୍ରାପ୍ୟର ହିସାବ ଅନୁସାରେ ହିସାବ ମଜୁରା **ହିସାବମୁଜରା** ଜଣକର ଦେୟକୁ ଜଗତ

Digitized by srujanika@gmail.com

ନ ଦେଇ ତାହା ଅପର ବ୍ୟକ୍ତିଠାରୁ ପ୍ରାପ୍ୟ ଧନରେ ସଜୁଡ଼ି କରିବା—Setting off of dues etc. in an account (instead of making cash payment).

ହିସାବ ମି(ମେ)ଳ—ଦେ. ବ—୧। ଅପର ହିସାବ ସଙ୍ଗେ ବ୍ୟୟର Hisāba mi(me)la ହିସାବର ଠିକ୍‌ଭାବେ ମିଳିଯିବା—
ହିସାବମିଳ **हिसाबमेल** 1. Tallying of accounts, ୨। ହିସାବରେ ଲେଖା ଥିବା ଜମା-ଖରଚ ଉଦ୍ବୃତ୍ତଲବାକ ସଙ୍ଗେ ଠିକ୍ ହେବା—2. Tallying of the cash balance with the receipts and expenditure.

ହିସାବ ମି(ମେ)ଳ କରିବା—ଦେ. କ୍ରି—ହିସାବ ଦ୍ୱାରା ଅନ୍ୟ ବ୍ୟୟ ସଙ୍ଗେ Hisāba mi(me)la karibā ଉଦ୍ବୃତ୍ତଲର ସାମଞ୍ଜସ୍ୟ [ହିସାବମି(ମେ)ଳା(ଳେ)ଇବା—ଅନ୍ୟରୂପ] ପ୍ରଚ୍ଛାଦନ
ହିସାବ ମିଳାନ **हीसाब मिलाना** କରିବା ବା ପରୀକ୍ଷା କରିବା—To square up the accounts.

ହିସାବି—ବି ଦେ. ବଣ (ଆ)—୧। ହିସାବ ସମ୍ପର୍କୀୟ—1. Relating Hisābi to account. ୨। ମିତବ୍ୟୟୀ—2. Prudent; [ହିସାବିଆ—ଦେଶଜରୂପ] economical. ୩। ଯେଉଁ ବ୍ୟକ୍ତି (ଗରଜିସାବ; ବେ ହିସାବ—ବିପରୀତ) ଆତ୍ମବ୍ୟୟ ଓଲ୍ଲ ଚଳନାଦି ସବୁ ହିସାବୀ ବିଷୟରେ ସତର୍କ—3. Careful in every thing.
हीसाबी ୪। ଯେଉଁ ବ୍ୟକ୍ତି ଅଙ୍କ ପଷ୍ଟାଇ ଭଲ କାର୍ଯ୍ୟ କରେ—4. Calculating (person). ୫। ଯେଉଁ ବ୍ୟକ୍ତି ଠାରେ ହିସାବ ଲେଖିବାର ଭାର ଥାଏ—5.(a person Entrusted with the writing of accounts.

ହି ହି—ଅ. ଅ—ଆହ୍ଲାଦଜନକ ଅନୁକରଣ ଶବ୍ଦ (ଶବ୍ଦକଳ୍ପଦ୍ରୁମ)—
Hi hi (Interjection) An exclamation of joy.
ଦେ. ଅ—ହି ହିଁ (ଦେଖ)—Hi hiñ (See)

ହି(ହିଁ)ହିଁ—ଦେ.ଅ—ଧ୍ୱନିପୁଞ୍ଜକ ଦାନ୍ତକୁ ଅଳ୍ପ ବକଟିତ କରି ଉପୁଜିବା କର୍ମ-
Hi(hiñ)hiñ Sound of a moderately loud laugh
ହିଁ ହିଁ with slight exhibition of the teeth.
ହୀଁ ହୀଁ [ଦ୍ର—ହିଁ ହିଁ ଠାରୁ ଦୈହିକ ଉତ୍ତରର ଶବ୍ଦ ।]

ହି(ହିଁ)ହିଁୟା—ଦେ. ବଣ—ଯେଉଁ ଲୋକ ସବଦା ଜୋର ହାସ୍ୟ କରେ-
Hi(hiñ)hiñyā Given to loud laughter.
हीं हीं करने वाला ଯେ ହିଁହିଁ କରେ ହାସେ

ହି(ହିଁ)ହିଁ ହେବା—ଦେ. କ୍ରି—ଜୋର ହାସ୍ୟ କରିବା—
Hi(hiñ)hiñ hebā To laugh loudly.
ହା ହା କରେ ହାସା, ହି ହି କରେ ହାସା **हीं हीं करना**

ହୀ—ଅ (ଧ୍ୱନ୍ୟନୁକରଣ)—୧। ଜୋର ହାସ୍ୟର ଶବ୍ଦ—1. Sound of
Hī loud laugh. ୨। ବିସ୍ମୟାର୍ଥକ (ଅମର)—2. An exclamation of wonder. ୩। ଦୁଃଖାର୍ଥକ (ମେଦନୀ)—3. Exclamation of sorrow. ୪। ହେତ୍ୱର୍ଥକ (ମେଦନୀ)—4. Exclamation of reason. ୫। ରୋଷାର୍ଥକ (ମେଦନୀ)—5. Exclamation of grief. ୬। ଶୋକାର୍ଥକ (ହଂଚ ରତ୍ନାବଳୀ)—6. Exclamation of lamentation.

ହୀନ—ବି. ବଣ ପୁଂ (ହା ଧାତୁ=ତ୍ୟାଗ କରିବା+କର୍ମ. ତ; ଅନ୍ୟ ଶବ୍ଦ Hīna ପରେ ଯୁକ୍ତ ହେଲେ ତତ୍ତତ୍ପୂର୍ବ ତତ୍ତ୍ୱରୁପ ସମାସ ହୁଏ)—
(ହୀନା—ସ୍ତ୍ରୀ) ୧। ବରହିତ—1. Deprived of. (ଯଥା—ରାଜ୍ୟହୀନ, ଦୃଷ୍ଟିହୀନ ।) ୨। ପରତ୍ୟକ୍ତ; ବର୍ଜିତ—2. Abandoned by. (ଯଥା—ସ୍ୱଜନହୀନ, ବନ୍ଧୁହୀନ) ୩। ଶୂନ୍ୟ—3. Empty of. (ଯଥା—ଜଳହୀନ ହ୍ରଦ) ୪। ଊନ 4. Wanting in; deficient in. (ଯଥା—ଲକ୍ଷ୍ମୀହୀନ; ଦୃଢ଼ହୀନ) [ଦ୍ର—ଏହାର ସମସ୍ତାର୍ଥକ ଇଂରାଜ ପ୍ରତ୍ୟୟ ଲେସ୍ (Less) ଯଥା—Powerless, friendless] ୫। (ଯତ୍ନାକା ବ୍ୟବହୃତ ହେଲେ)ନିକୃଷ୍ଟ—5. Inferior. ୬। (ଏକାକା ବ୍ୟବହୃତ) ମାତ; ଅଧମ—6. Bad; wretched; mean; low; base. [ଉ—ନ ଧରିବା ହୀନ ଖୋଇ ଗୋ ! ଘର କଥା ନେଇ ପର ଆଗେ କହ, ହେବା ନାହିଁ କାହି ଦୋଷୀ ଗୋ । ବାଲକୃଷ୍ଣଂଗୁରୁ ଲବଙ୍ଗଲତା ।]. ୭। (ଏକାକା ବ୍ୟବହୃତ) ନିନ୍ଦିତ; ନିନ୍ଦନୀୟ—7. Blameworthy. ଦେ. ବ (ପୁଂ ଓ ସ୍ତ୍ରୀ)—ଅପତ୍ତିଆଣୀ ଲୋକଙ୍କୁ ଦର୍ଶାଇବା ନାମ—A name given to males and females whose elders died before the former were born.

ହୀନ ଅବସ୍ଥା—ଦେ. ବ—୧। ହୀନତ୍ତା (ଦେଖ)
Hīna abasthā 1. Hīnastā (See)
ହୀନ ଅବସ୍ଥା ୨। ହୀନାବସ୍ଥା (ଦେଖ)
हीन अवस्था, बुरी हालत 2. Hīnābasthā (See)
(ହୀନ ଅବତ୍ତା, ହୀନ ଅବତ୍ତା—ଗ୍ରାମ୍ୟ ରୂପ)

ହୀନ କପାଳ—ଦେ. ବ (ସ. ହୀନ ଓ କପାଳ)—ମନ୍ଦ ଭାଗ୍ୟ—
Hīna kapāla Ill luck; bad luck.
ହୀନ କପାଳ **मन्द भागय**

ହୀନ କପାଳିଆ—ଦେ. ବଣ. ପୁଂ—ମନ୍ଦ ଭାଗ୍ୟ; ଦୁର୍ଭାଗ୍ୟ—
Hīna kapāliā Ill-fated; unlucky.
[ହୀନ କପାଳି, ହୀନ କପାଳେଇ—ସ୍ତ୍ରୀ]
ହୀନ କପାଳେ, ପୋଡ଼ା କପାଳେ **मन्द भागय**
(ହୀନ କପାଳିଆ—ଗ୍ରାମ୍ୟ ରୂପ)

ହୀନ କର୍ମ—ସ. ବ (କର୍ମଧା)—୧। ନୀଚ କର୍ମ—1. Menial work,
Hīna karma ୨। ନିନ୍ଦିତ କର୍ମ—2. Blameworthy
(ହୀନ କରମ—ଦେ. ରୂପ) act. ୩। ମନ୍ଦ ଭାଗ୍ୟ—3. Ill luck.

ହୀନ କର୍ମୀ—ସ. ବଣ (ବହୁବ୍ରୀ; ହୀନ+କର୍ମନ୍; ୯ମା. ୧ବ)—
Hīna karmā ୧। ନିନ୍ଦିତ କର୍ମକାରୀ—1. Performing
(ହୀନ କରମା—ଦେ. ରୂପ) blameworthy acts.
୨। ମନ୍ଦଭାଗ୍ୟ—2. Unfortunate; luckless.
[ହୀନ କରମା, ହୀନ କର୍ମା—ଗ୍ରା. ରୂପ]

Digitized by srujanika@gmail.com

ହୀନ କୁଳ—ସଂ. ବ—ନୀଚ କୁଳ—
Hīna kula Low caste; low family.

ହୀନ ଗନ୍ଧ ବର୍ଗ—ସଂ. ବ—କକଡ଼ାଶୃଙ୍ଗୀ ଆଦ ୨୩ ପ୍ରକାର ଔଷଧ
Hīna gandha barga ଦ୍ରବ୍ୟ (ହରେକୃଷ୍ଣ ଦ୍ରବ୍ୟଗୁଣ)—
A collection of 23 medicinal herbs.

ହୀନ ଚେତାଃ—ସଂ. ବଣ (ବହୁବ୍ରୀ.ହି; ହୀନ + ଚେତସ୍; ୧ମା. ୧ବ)—
Hīna chetāh ନୀଚ ମନାଃ—Low-minded.

ହୀନ ଜାତି—ସଂ. ବ—ଅଧମ ବା ନୀଚ ଜାତି—
Hīna jāti Low caste.

ହୀନତା(ତ୍ୱ)—ସଂ. ବ (ହୀନ + ତ୍ୱ. ତା, ତ୍ୱ)—୧ । କ୍ଷୁଦ୍ରତା—
Hīnatā(twa) 1. Littleness. ୨ । ନୀଚତା—2. Lowness; meanness. ୩ । ଶୂନ୍ୟତା—3. Emptiness. ୪ । ଉଣତା—4. Deficiency.

ହୀନ ତେଜାଃ—ସଂ. ବଣ (ବହୁବ୍ରୀ.ହି; ହୀନ + ତେଜସ୍; ୧ମା. ୧ବ)—
Hīna tejāh ୧ । ହୀନପ୍ରଭ (ଦେଶ)—1. Hīnaprabha (See). ୨ । ଦୁର୍ବଳ—2. Weak.

ହୀନ ଦୃଷ୍ଟି—ସଂ. ବ (କର୍ମଧା; ହୀନ + ଦୃଷ୍ଟି)—୧ । ନୀଚ ନଜର—
Hīna drushṭi 1. Mean view. ୨ । ପରଶ୍ରୀକାତରତା—
ହୀନ ଦୃଷ୍ଟି } ଗ୍ରାମ୍ୟ ରୂପ 2. Envy at another's weal.
ହୀନ ଦୃରୁଷ୍ଟି } ୩ । କୃପଣତାଯୁକ୍ତ ଦୃଷ୍ଟି—
3. Miserly view. ୪ । କୃପଣତା—4 Miserliness.

ହୀନ ଦୃଷ୍ଟିଆ—ବେ. ବଣ. ପୁଂ—୧ । ପରଶ୍ରୀକାତର—1. Envi-
Hīna drushṭiā ous. [ଦ୍ର—ଏହ ଲୋକମାନେ ପରଦ୍ରବ୍ୟ
(ହୀନ ଦୃଷ୍ଟିଆ—ସ୍ତ୍ରୀ) ବା ପରକୁ ବେଶୀ ଦ୍ରବ୍ୟାଦି ଦଆଯିବା କଥା
ହୀନ ଦୃରୁଷ୍ଟିଆ } ଗ୍ରା. ରୂପ ସହ ଘାରନ୍ତ ନାହିଁ ।] ୨ । କୃପଣ—
ହୀନ ଦୃରୁଷ୍ଟିଆ } 2. Very miserly.
ହୀନ ଦୃଷ୍ଟି ହୀନନଜର ବାଲା

ହୀନ ପକ୍ଷ—ସଂ. ବ—୧ । ଦୁର୍ବଳ ପକ୍ଷ—1. Weak party or
Hīna paksha side. ୨ । ତର୍କରେ ପ୍ରମାଣାଦି ଦ୍ୱାରା ସିଦ୍ଧ
ହୋଇ ନ ଥାଇବା ବିଷୟ (ନ୍ୟା. ଶ) 2. Anything not established by evidence etc in argument. ୩ । ମକଦ୍ଦମାରେ ବା ଯୁଦ୍ଧରେ ହାରିଯିବା ପକ୍ଷ—3. The defeated party in a case or war. ୪ । ପ୍ରମାଣବିଷୟରେ ଦୁର୍ବଳ ମକଦ୍ଦମା (ନ୍ୟା. ଶ)
—4. Weak case.

ହୀନ ପ୍ରକୃତ—ସଂ. ବ—(କର୍ମଧା; ହୀନ + ପ୍ରକୃତ)—ନୀଚ ପ୍ରକୃତ—
Hīna prakṛuti Low nature. ବଣ ପୁଂ ଓ ସ୍ତ୍ରୀ—
(ବହୁବ୍ରୀ.ହି)—୧ । ନୀଚ ସ୍ୱଭାବ ବଶିଷ୍ଟ—1. Of mean nature. ୨ । କ୍ଷୁଦ୍ରାଶୟ—2. Low-minded.

ହୀନପ୍ରଭ—ସଂ. ବଣ. ପୁଂ—(ବହୁବ୍ରୀ.ହି; ହୀନ + ପ୍ରଭା)—୧ । କ୍ଷୀଣ-
Hīna prabha ଜ୍ୟୋତି; ସ୍ୱଳ୍ପଦୀପ୍ତି ବଶିଷ୍ଟ—1. Shorn of
(ହୀନପ୍ରଭା—ସ୍ତ୍ରୀ) splendour. ୨ । ଦୀପ୍ତିହୀନ—2. Lustreless.

ହୀନ ପ୍ରାଣୀ—ସଂ. ବଣ ପୁଂ—(ବହୁବ୍ରୀ.ହି; ହୀନ + ପ୍ରାଣ)—୧ । ନୀଚମନାଃ-
Hīna prāṇa କର୍ତ୍ତା—1. Low or mean minded.
(ହୀନପ୍ରାଣା—ସ୍ତ୍ରୀ) ୨ । ଦୁର୍ବଳ—2. Weak. ୩ । ଶକ୍ତିହୀନ—
3. Powerless.

ହୀନବର୍ଣ୍ଣ—ସଂ. ବ—ନୀଚଜାତି—Low caste. ସ. ବଣ. ପୁଂ—
Hīna barṇṇa ନୀଚଜାତି ବଶିଷ୍ଟ—Of low caste.
(ହୀନବର୍ଣ୍ଣା—ସ୍ତ୍ରୀ ବଣ)

ହୀନ ବଳ(ବୀର୍ଯ୍ୟ)—ସଂ.ବଣ—(ବହୁବ୍ରୀ.ହି; ହୀନ + ବଳ, ବୀର୍ଯ୍ୟ)—୧ ।
Hīna bala(bīrjya) ଦୁର୍ବଳ—1. Weak. ୨ । ଶକ୍ତିଶୂନ୍ୟ—
2. Powerless. ୩ । ଯାହାର ବଳ କମିଯାଇଅଛୁ—
3. Shorn of strength.

ହୀନବସ୍ତା(ସ୍ଥା)—ଗ୍ରା. ବ—ସ. ହୀନବସ୍ଥା) - ହୀନସ୍ତା (ଦେଶ)—
Hīnabastā(sthā) Hinastā (See). ବ ଓ ବଣ—
ହୀନଅବସ୍ଥା ହତହତା.(ଦେଶ)—Hatahatā (See).
ଖରାପ ହାଲତ

ହୀନ ବାଦ—ସଂ. ବ (କର୍ମଧା)—୧ । ମିଥ୍ୟା ତର୍କ (ନ୍ୟା. ଶ)—1. False
Hīna bāda argument. ୨ । ମିଥ୍ୟା ସାକ୍ଷ୍ୟ (ନ୍ୟା.ଶ)—
2. False evidence; perjury.

ହୀନବାଦୀ—ସଂ. ବଣ. ପୁଂ—(ହୀନ + ବଦ୍ ଧାତୁ + କର୍ତ୍ତୃ ଇନ୍; ୧ମା
Hīna bādī ୧ବ)—୧ । ବାଳ୍ୟ ବର୍ଜିତ; ମୂଳ (ବୈଷ୍ଣବଚରନ୍)
(ହୀନବାଦିନୀ—ସ୍ତ୍ରୀ) —1. Dumb. ୨ । ବର୍ତ୍ତୁବାର୍ଥବାଦୀ; ଯେଉଁ
ବ୍ୟକ୍ତି ପୂର୍ବେ କହିଥିବା କଥାର ବିରୁଦ୍ଧ କଥା କହେ
(ନାରଦ)—2. (A person) Who speaks a thing different from what he told before.
୩ । ମିଥ୍ୟା ସାକ୍ଷୀ—3. A false witness. ୪ । ମକଦ୍ଦମାରେ ହାରିଯାଇ ଥିବା ବାଦୀ ବା ମୁଦ୍ଦଇ (ନ୍ୟା.ଶ)—
4. A plaintiff or complainant who has his case dismissed.

ହୀନବିଷ -ସ. ବଣ— (ବହୁବ୍ରୀ.ହି)—୧ । କ୍ଷୀଣ ବିଷଯୁକ୍ତ; ସ୍ୱଳ୍ପଗରଳ
Hīna bisha ବିଶିଷ୍ଟ—1. Slightly poisonous. ୨ ।
ବିଷହୀନ—2. Having no poison; non venemous.

ହୀନବୁଦ୍ଧି—ସଂ. ବ—(କର୍ମଧା)—୧ । ନୀଚ ବୁଦ୍ଧି; ନୀଚ ମନ; ନୀଚ ମତ୍ତ
Hīna budhi —1. Low or mean mind. ୨ ।
ମନ୍ଦ ବୁଦ୍ଧି—2. Evilmindedness. ୩ । କ୍ଷୀଣ ବୁଦ୍ଧି—
3. Stupidity. ୪ । ଅବୋଧତା—4. Folly. ୫ ।
କ୍ଷୁଦ୍ର ବୁଦ୍ଧି—5. Humble intellect. ବଣ—
(ବହୁବ୍ରୀ.ହି)—୧ । ନୀଚମନାଃ—1. Low-minded.
୨ । ଅବୋଧ—2. Stupid. ୩ । କ୍ଷୁଦ୍ରବୋଧଃ;
କ୍ଷିଣବୁଦ୍ଧି ବଶିଷ୍ଟ—3. Of low understanding.

ହୀନ ବୃତ୍ତି—ସ. ବ—(କର୍ମଧା; ହୀନ + ବୃତ୍ତି)—ନୀଚ ବୃତ୍ତି; ନିନ୍ଦିତ
Hīna brutti ବ୍ୟବସାୟ—Low occupation. ବଣ—
(ବହୁବ୍ରୀ.ହି)—୧ । ନିନ୍ଦିତ ଉପାୟରେ ଜୀବିକା ନିର୍ବାହ-

Digitized by srujanika@gmail.com

କାର୍ଯ୍ୟ—1. Earning livelihod by blameworthy means. ୨। ନୀଚପ୍ରକୃତିକ—2. Of mean nature.

ହୀନ ବେଶ—ସଂ. ବ—(କର୍ମଧା.ତତ୍ପୁ) ମଳିନ ବେଶ; ଖରାପ ବେଶ—Hīna beśa Poor dress. ବଣ. ପୁଂ—(ବହୁବ୍ରୀ.ହି) —(ହୀନବେଶା—ସ୍ତ୍ରୀ) ଖରାପବେଶଧାରୀ—Poorly dressed.

ହୀନ ଭାଗ୍ୟ—ସ.ବ—(କର୍ମଧା; ହୀନ+ଭାଗ୍ୟ)—ମନ୍ଦ ଭାଗ୍ୟ—Ill luck. Hīna bhāgya ବଣ ପୁଂ [ବହୁବ୍ରୀ.ହି] ମନ୍ଦଭାଗ୍ୟ—Unlucky. [ହୀନଭାଗ୍ୟା—ସ୍ତ୍ରୀ]

ହୀନ ମତି—ସ. ବ ଓ ବଣ ପୁଂ ଓ ସ୍ତ୍ରୀ—ହୀନବୁଦ୍ଧି (ଦେଖ)—Hīna mati Hīna buddhi (See)

ହୀନମାନ—ଦେ. ବଣ—ହୀନମାନିଆ (ଦେଖ)—Hīnamāniā(See)

Hīnamāna [ଈ—ନସର୍ଜ୍ଜ କେଡ଼େ କରମ ହୀନମାନ—କୃଷ୍ଣସିଂହ ମହାଭାରତ—ବନ] ବ—୧। ଅପମାନ—1. Dishonour. ୨। ଦୁର୍ଦ୍ଦଶା—2. Wretched condition. ୩। ଅବେହାଳତ ନିକୃଷ୍ଟ ବ୍ୟବହାର—[ହୀନମାନ—ଗ୍ରାମ୍ୟରୂପ] 3. Inferior treatment. ୪। ଅନାଦର; ମନ୍ଦ ବ୍ୟବହାର—4. Bad treatment, disregard.

ଅପମାନିତ ଅପମାନିତ

ହୀନମାନ କରିବା—ଦେ. କ୍ରି—୧। ମନ୍ଦ ବ୍ୟବହାର କରିବା—1. To Hīnamāna karibā treat badly. ୨। ଅନ୍ୟର ତୁଳନା ରେ ନିକୃଷ୍ଟ ବ୍ୟବହାର କରିବା—[ହୀନମାନ କରିବା—ଗ୍ରାମ୍ୟରୂପ] 2. To treat in an inferior manner.

ଅପମାନକରନା ଅପମାନକରା

ହୀନମାନ ହେବା—ଦେ. କ୍ରି—୧। ମନ୍ଦ ବ୍ୟବହାର ପାଇବା—Hīnamāna hebā 1. To be treated badly. (ହୀନମାନ ହେବା—ଗ୍ରାମ୍ୟରୂପ) ୨। ଅନ୍ୟ ବ୍ୟକ୍ତିର ତୁଳନାରେ ନିକୃଷ୍ଟ ବ୍ୟବହାର ପାଇବା—2. To get inferior treatment.

ଅପମାନିତ ହଓୟା ଅପମାନିତହୋନା

ହୀନମାନିଆ(ଆଁ)—ଦେ. ବଣ ପୁଂ—୧। ମନ୍ଦବ୍ୟବହାର ପ୍ରାପ୍ତ—Hīnimāniā(āñ) 1. Badly treated. ୨। ଦୁର୍ଦ୍ଦଶା ଗ୍ରସ୍ତ [ହୀନମାନିଆ(ଆଁ)—ଗ୍ରାମ୍ୟରୂପ] 2. In wretched condition. (ହୀନମାନା—ସ୍ତ୍ରୀ) ୩। ଅପମାନିତ—3. Slighted; disrespected; disregarded. ୪। ଅନ୍ୟମାନଙ୍କ ତୁଳନାରେ ନିକୃଷ୍ଟ ବ୍ୟବହାର ପ୍ରାପ୍ତ—4. Getting inferior treatment when compared to others. ୫। ମନ୍ଦ; ନିକୃଷ୍ଟ—5. Bad; inferior

ଅପମାନିତ ଅପମାନିତ

ହୀନ ମୂଲ୍ୟ—ସ. ବ—ଅଳ୍ପ ଦାମ (ସାଙ୍କଡଲ୍ୟ)—Hīna mūlya Small price.

ହୀନ ଯାନ—ସ. ବ—ବୌଦ୍ଧଙ୍କ ସମ୍ପ୍ରଦାୟଭେଦ; ଅନ୍ୟ ବୌଦ୍ଧମତାବଲମ୍ବୀ Hīna jāna ସମ୍ପ୍ରଦାୟ; ବୌଦ୍ଧ ସମ୍ପ୍ରଦାୟର ଅନ୍ୟତମ ଶାଖା—A sect of orthodox Buddhists.

[ଦ୍ର—ଭଗବାନ ବୁଦ୍ଧଙ୍କ ପ୍ରବର୍ତ୍ତିତ ଆଦ୍ୟ ଧର୍ମମତାବଲମ୍ବୀମାନେ ପ୍ରଥମେ ଶ୍ରାବକଯାନ ଓ ପ୍ରତ୍ୟେକ ବୌଦ୍ଧ ବୁଦ୍ଧଯାନ ନାମରେ ଖ୍ୟାତ ଥିଲେ । ସେମାନଙ୍କ ମତରେ ଯେଉଁମାନେ ଭଗବାନ ବୁଦ୍ଧଙ୍କ ଏକ ଜାତିର ଶିଷ୍ୟାନୁଶିଷ୍ୟଗଣଙ୍କ ମୁହଁରୁ ଧର୍ମୋପଦେଶ ଶୁଣିଥିଲେ ସେମାନେହିଁ ନିର୍ବାଣ ଲାଭର ଅଧିକାରୀ । ପରବର୍ତ୍ତୀ କାଳରେ କେତେକ ବୌଦ୍ଧାଚାର୍ଯ୍ୟ ଘୋଷଣା କଲେ ଯେ, ସମସ୍ତ ଜଗତ୍ ନିର୍ବାଣ ଲାଭର ଅଧିକାରୀ ଏବଂ ସମସ୍ତେ ଏହା ନିର୍ବାଣ ଧର୍ମରେ ଦୀକ୍ଷିତ ହୋଇ ପାରନ୍ତି । ସେମାନଙ୍କର ଏହି ମତୋଦ୍ଦେଶ୍ୟ ପାଇଁ ସେମାନେ ମହାଯାନ ନାମରେ ଖ୍ୟାତ ହେଲେ ଏବଂ ହୀନ ବା ସଙ୍କୀର୍ଣ୍ଣ ସୀମା ମଧ୍ୟରେ ନିର୍ବାଣତତ୍ତ୍ୱକୁ ଆବଦ୍ଧ ରଖିଥିଲେ ବୋଲି ପୂର୍ବୋକ୍ତ ଆଦ୍ୟ ବୌଦ୍ଧ ସଂପ୍ରଦାୟ ଗଣ ହୀନଯାନ ନାମରେ ଖ୍ୟାତହେଲେ । ସମ୍ରାଟ୍ କନିଷ୍କଙ୍କ ସମୟରେ ବୌଦ୍ଧ ସମାଜରେ ହୀନଯାନ ଓ ମହାଯାନ ଏହି ଦୁଇ ଗୋଟି ପ୍ରଧାନ ବିଭାଗର ନାମକରଣ ହୋଇଥିଲା ।

ଏହି ହୀନଯାନ ଶାଖାର ପ୍ରଚୁର ସିଂହଳ, ବ୍ରହ୍ମଦେଶ ଓ ଶ୍ୟାମ ଆଦ ଦକ୍ଷିଣ ଆସିଆରେ ହୋଇଥିବାରୁ ଏହାର ଅନ୍ୟ ନାମ 'ଦକ୍ଷିଣଶାଖା' । ଯାନ ଶବ୍ଦର ଅର୍ଥ ନିର୍ବାଣ ଅଭିମୁଖେ ବା ମୋକ୍ଷ ଅଭିମୁଖେ ବହନ କରି ନେବା ଯାନ ବା ରଥ । ହୀନଯାନ ସମ୍ପ୍ରଦାୟର ସିଦ୍ଧାନ୍ତ ବୁଦ୍ଧ ଦେବଙ୍କ ଉପଦେଶକୁ ଅନୁସରଣ କରୁଥିଲା । ତେବେ ମହାଯାନ ଶାଖାରେ ନ୍ୟାୟ, ଯୋଗ, ତନ୍ତ୍ର ଆଦ ପ୍ରବେଶଲାଭ କରିବାରୁ ଏହା ଜଟିଳ ହୋଇ ପଡିଲା । ହୁ. ଶ]

ହୀନ ଯୋଗ—ସଂ ବଣ ପୁଂ—(ବହୁବ୍ରୀ.ହି) ଯୋଗଭ୍ରଷ୍ଟ (ହୁ.ଶ)—Hīna jōga Slipped from the path of jōga. ସଂ. ବ—(ଆୟୁର୍ବେଦ) ଉଚିତ ପରିମାଣ ଅପେକ୍ଷା ଅଳ୍ପ ପରିମାଣରେ ଔଷଧର ମିଶ୍ରଣ (ହୁ.ଶ)—Mixing of less quantities of ingredients in a modicine than is proper.

ହୀନ ଯୋନି—ସ. ବ (କର୍ମଧା)—ନୀଚଜାତି—Low caste. ବଣ.ପୁଂ ଓ Hīnajōni ସ୍ତ୍ରୀ (ବହୁବ୍ରୀ.ହି)—ନୀଚଜାତିଯ—Of low birth.

ହୀନ ରସ—ସ. ବ—ଏକ ରସର ବର୍ଣ୍ଣନ ସମୟରେ ବିରୁଦ୍ଧ ରସର ପ୍ରସଙ୍ଗ Hīna rasa ରୂପ କାବ୍ୟଦୋଷବିଶେଷ (ହୁ. ଶ)—A defect in composition where a contrary sentiment is expressed to the sentiment described.

ହୀନ ଶକ୍ତି—ସଂ. ବ—(କର୍ମଧା)—କ୍ଷୀଣ ସାମର୍ଥ୍ୟ—Slight strength Hīna śakti or power. ବଣ.ପୁଂ ଓ ସ୍ତ୍ରୀ (ବହୁବ୍ରୀ.ହି)—ହୀନବଳ (ଦେଖ)—Hīnabala (See)

ହୀନ ସଖ୍ୟ—ସଂ. ବ—ନୀଚ ବ୍ୟକ୍ତି ସହିତ ମିତ୍ରତା—Hīna sakhya Friendship with low persons.

ହୀନ ସେବା—ସ. ବ—(କର୍ମଧା)—ନୀଚ ବ୍ୟକ୍ତିର ସେବା—Service Hīna sebā rendered to a mean person. [ଈ—

Digitized by srujanika@gmail.com

ଏଥିରେ ଲୋକେ ଦଅନ୍ତୁ ବଇଲ, ମନୁଷ୍ୟତା ହୀନସେବା ହୀରେ ବଳ—ବ୍ୟଧାନାଥ. ଦରବାର)

ହୀନସ୍ଥା(ସ୍ଥା)—ସ୍ତ୍ରୀ. ବ (ସ. ହୀନ ଓ ଅବସ୍ଥା)—ଦୁର୍ଦ୍ଦଶା—
Hīrastā(sthā) Evil condition. ବ ଓ ବଣ—
ଦୁର୍ଦ୍ଦଶା ଦୁର୍ଦ୍ଦଶା ଦୁରବସ୍ଥା (ଦେଶ)—
Haṭahaṭā (See)

ହୀନାୟିଆ—ତ୍ରା. ବଣ ପୁଂ (ସ. ହୀନାବସ୍ଥା)—୧ । ଯେଉଁ ଲୋକ ଖରାପ
Hīnā_tiā ଦୁରବସ୍ଥା ଦୁଃ—1. One who is in a
(ହୀନସ୍ତ୍ରୈ—ସ୍ତ୍ରୀ) bad plight. ୨ । ଯେଉଁ ଲୋକ
ଦୁର୍ଦ୍ଦଶାଗ୍ରସ୍ତ ଦୁର୍ଦ୍ଦଶାଯୁକ୍ତ ଅନ୍ୟକୁ ଦୁରବସ୍ଥା କରେ—
ଦୁର୍ଦ୍ଦଶାକାରୀ ଦୁର୍ଦ୍ଦଶା ଘଟାନେବାଲା 2. One who
puts another in a bad plight.

ହୀନା—ସ. ବଣ—ହୀନର ସ୍ତ୍ରୀଲିଙ୍ଗ—Feminine of Hīna.
Hīnā ଛୋଟଜାତିରେ ହୀନଜାତିବାଲା ଦେ. ବଣ. (ପୁଂ
ଓ ସ୍ତ୍ରୀ)—୧ । ହୀନବୃଦ୍ଧିଆ—1.Of low mind.
୨ । ହୀନବୁଦ୍ଧିଆ—2. Of evil disposition. ୩ ।
କୃପଣ—3. Miserly. ୪ । ବ୍ୟଦ୍ଦୁଲ୍ଲଖ—4. Parsi
ହୀନା ହୀନେ monious. ବ (ପୁଂ ଓ ସ୍ତ୍ରୀ)—ହୀନର ଡାକନାମ
—Nickname for calling Hīna.

ହୀନାଙ୍ଗ—ସଂ. ବଣ. ପୁଂ [ବହୁବ୍ରୀ.ହି: ହୀନ+ଅଙ୍ଗ]—୧ । ଛଇଲାଙ୍ଗ—
Hīnāṅga 1-Defective in limb; mutilated.
(ହୀନାଙ୍ଗୀ—ସ୍ତ୍ରୀ) ୨ । ଯାହାର କୌଣସି ଅଙ୍ଗ ନ ଥାଏ—
2. Wanting in some limbs,

ହୀନାଙ୍ଗୀ—ସଂ. ବଣ—ସ୍ତ୍ରୀ (ହୀନାଙ୍ଗ+ସ୍ତ୍ରୀ ଈ)—ହୀନାଙ୍ଗର ସ୍ତ୍ରୀଲିଙ୍ଗ—
Hīnāṅgī Feminine of Hīnāṅga.
ବ (ସ୍ତ୍ରୀ)—କ୍ଷୁଦ୍ର ପିପୀଲିକା (ହେମଚନ୍ଦ୍ର)—
The tiny ant.

ହୀନାବସ୍ଥା—ସଂ ବ [କର୍ମଧା; ହୀନ+ଅବସ୍ଥା]—୧ । ମନ୍ଦ ଅବସ୍ଥା—
Hīnābasthā 1. Wretched condition.
[ହୀନଅବସ୍ଥା—ତ୍ରା. ରୂପ] ୨ । ନୀଚ ଅବସ୍ଥା—
2. Low condition. ୩ । ଦରିଦ୍ରାବସ୍ଥା—
3. Penurious condition.

ହୀନାର୍ଥ—ସଂ ବଣ. ପୁଂ [ବହୁବ୍ରୀହି]—୧ । ବ୍ୟର୍ଥମନୋରଥ—
Hīnārtha 1. Unsuccessful. ୨ । ଯାହା
ଲାଭଜନକ ନୁହେଁ [ହି. ଣ]—2. Profitless.

ହୀନିତ—ସଂ ବ (ଗଣିତ; ହୀନ+ଇତ)—ବିୟୋଗ ଚିହ୍ନ; (—)—
Hīnita The sign of minus; (—)

ହୀନିମାନ (ଇତ୍ୟାଦି) ତ୍ରା. ବଣ—ହୀନମାନିଆ [ଦେଶ]—
Hīnimāna (etc) Hīnamāniā (See)
(ହୀନମାନିଆ—ଅନ୍ୟରୂପ) ବ—ହୀନମାନ ଇତ୍ୟାଦି (ଦେଶ)—
(ହୀନମାନା—ସ୍ତ୍ରୀ. ବଣ) Hīnamāna etc (See)

ହୀନିସ୍ଥା—ତ୍ରାଦେ (ଗାଠଣୀ) ବ—ଅପମାନ—
Hīnisthā Insult.

ହୀନୋପମା—ସଂ ବ—(କର୍ମଧା)—ବଡ଼ ଉପମେୟ ସାଇଁ ଖଞ୍ଜାଯିବା ଶ୍ରେଷ୍ଠ
Hīnopamā ଉପମାନ (ହି ଣ)—Comparision of great
thirgs with small.

ହୀନ୍ତାଳ—ଦେବ (ହିନ୍ତାଳର ରୂପାନ୍ତର)—ହିନ୍ତାଳ[ଅମରଟୀକା] (ଦେଶ)
Hīntāḷa Hintāḷa (See)

ହୀୟମାନ—ସଂ ବଣ [ହା ଧାତୁ=ତ୍ୟାଗକରିବା+କର୍ମ ଆନ]—ଯାହା
Hīyamāna ହ୍ରାସପ୍ରାପ୍ତ ହେଉଅଛି; ଯାହା କ୍ଷୟ ପାଉଅଛି—
[ହ୍ରାୟମାନା—ସ୍ତ୍ରୀ] Diminishing; waning.

ହୀର—ସଂ ବ (ହୃ ଧାତୁ=ଦରଣକରିବା+କର୍ତ୍ତୃ ଅ; ବାଚାଭନ]—୧ ।
Hīra ୧ । ଶିବ (ମେଦିନୀ)—1 God Śiba.
୨ । ହାର [ଜଟାଧର]—2. Garland. ୩ । କୁଳଶ;
ଇନ୍ଦ୍ରଙ୍କ ଅସ୍ତ୍ର; ବଜ୍ର [ସ୍ୱଳଜଦର୍ଘଣ; ମେଦିନୀ]—
3. The weapon of Indra; thunder. ୪ ।
ହୀରକ; ହୀର (ସ୍ୱଳଜଦର୍ଘଣ)—4. Diamond, ୫ । ସର୍ପ
[ହେମଚନ୍ଦ୍ର]—5. Serpent. ୬ । ସିଂହ[ଶବ୍ଦଳଲ୍ପଦ୍ରୁମ]
6. Lion. ୭ ।ମୋତିମାଳା [ହି. ଣ]—7. A string
of pearls. ୮ । [ନାମ] ଜୈନଗ୍ରନ୍ଥକାର ଶ୍ରୀହର୍ଷ
କବିଙ୍କ ପିତାଙ୍କର ନାମ [ନୈଷଧ ୨ୟ ସର୍ଗ]—
Name of the father of the poet Śriharsha.
୯ । ବର୍ଣ୍ଣବୃତ୍ତବିଶେଷ (ହି ଣ)9, Name of a metre.
[ଦ୍ର—ଏଥିର ପ୍ରତ୍ୟେକ ଚରଣରେ ଭଗଣ, ସଗଣ, ନଗଣ
ଜଗଣ, ଓ ରଗଣ ଥାଏ [ହି ଣ] ।

ହୀରକ—ସଂ ବ [ହୀର+ସ୍ୱାର୍ଥେ କ]-ବହୁମୂଲ୍ୟ ଖଣିଜ ରତ୍ନବିଶେଷ—
Hīraka Diamond,
ଅନ୍ୟ ସଂ ନାମ— [ଦ୍ର—ରତ୍ନ ତଳେ ଟୀକା ଦେଖ । ଏହା
ବଜ୍ର, ସ୍ଥଟ, ଦର୍ଘୀଚସ୍ତି, ସାଧାରଣତଃ ଶ୍ୱେତବର୍ଣ୍ଣ ଓ ଅତ୍ୟୁଜ୍ଜ୍ୱଳ ସ୍ୱଚ୍ଛ-
ଚନ୍ଦ୍ର, ବଜ୍ରକ, ଦୃଢ଼ୀମୁଖ, ବଶିଷ୍ଠ । ଏହା ଶ୍ୱେତ (ରଙ୍ଗୁଜାଉ), ରକ୍ତ
ବଜ୍ରରକ, ମଣିବର, (ଝିଙ୍କିଯି ଲାଲ), ପୀତ [ବୈଶ୍ୟଜାତି] ଓ
ରତ୍ନମୁଖ୍ୟ ଓ ବଜ୍ରର କୃଷ୍ଣ (ଶୂଦ୍ର ଜାତି) ଭେଦରେ ୪ ପ୍ରକାର ।
ଅନ୍ୟ ସମସ୍ତ ନାମ ଶାସ୍ତ୍ର ଅନୁସାରେ ହୀରକର ସ୍ତ୍ରୀ, ପୁଂ ଓ
ହୀରା, ହୀରେ ନପୁଂସକ ଭେଦ ସଧ ଅଛି । ପୁଗୋଲ
ହୀରା ସ୍ୱାସ୍ତ୍ରିମାନ୍, ବୃଦ୍ଧତ୍ୱର ହୀରକ ପୁରୁଷ ଜାତୀୟ
ଫା: ଇଲ୍ଲାଣ୍ ଓ ସଂଜ୍ଞାବିଶିଷ୍ଟ । ଷଟ୍‌କୋଣ ଯୁକ୍ତ ଓ ରେଖା
ଡେ. ବଜ୍ରଂମ୍ବ ବଦ୍ଧ ବଶିଷ୍ଟ ହୀରକ ସ୍ତ୍ରୀ ଜାତୀୟ । ଏହା
ସ୍ତ୍ରୀମାନଙ୍କର କାନ୍ତ ବର୍ଦ୍ଧକ ଓ ସ୍ତମ୍ଭଦ । ହିକୋଣ ବଶିଷ୍ଟ
ସାର୍ଘାକାର ହୀରକ ନପୁଂସକ । ଏହା ଅକର୍ମଣ୍ୟ ଓ
ଡେଜୋହୀନ ।

ହୀରକ ଦକ୍ଷିଣ ହୀରତର ଗୋଲକୃଣ୍ଡା ଅଞ୍ଚଳରେ ଖଣିରୁ
ମିଳେ । ଆଫ୍ରିକାରେ ମଧ୍ୟ ହୀରାଖଣି ଅଛି । ପୁଟିଂ ସମ୍ବଲ-
ପୁରରେ ହୀରା ମିଳୁଥିଲା ଓ ତାହା ଇଉରୋପରେ ବଖ୍ୟାତ
ଥିଲା । ଏଥିପାଇଁ ସମ୍ବଲପୁରର ଗୋଟିଏ ନାମ ହୀରାଖଣ୍ଡ ।
ବସ୍ତୁତଃ ଦେଶରୁ ମିଳିବା ହୀରକରୁ ବସ୍ତୁତଃ, ସ୍ୱଚ୍ଛତାରୁ ଓ
ସ୍ୱଚ୍ଛାବର୍ତ୍ତୁ ବୋଲୁଥାବ ।

Digitized by srujanika@gmail.com

ହୀରକୁ କଷକାଷର ମୂଳ ମଧ୍ୟରେ ବହୁତ କର୍ ୨ ଥର ଗଳସ୍ତନ ପାକ କଲେ କମ୍ବା ଅଷ୍ଟମୂଳରେ ବା ଭେଳ ମୂଳରେ ଥରେ ମର୍ଦ୍ଦନ କର୍ ୭ଥର ପୁଟ ଦଗ୍ଧ କଲେ ଏହା ଶୋଧିତ ଓ ମାରତ ହୁଏ । ଅଶୋଧିତ ହୀରକ କୁଷ୍ଠ, ପାର୍ଶ୍ୱବେଦନା, ପଙ୍ଗୁତ୍ୱ ଓ ସାଣ୍ଡୁରୋଗ ଉତ୍ପାଦନ କରେ । ଶୋଧିତ ଓ ମାରତ ହୀରା ଉରମାୟୁ, ବଳ, ସ୍ୱାର୍ଥ, କାନ୍ତି, ଶୁକ୍ର ଓ ସ୍ୱଜ ବୃଦ୍ଧି କରେ ଓ ସମସ୍ତ ରୋଗ ନଷ୍ଟ କରେ । ଏହା ଉଷ୍ଣବୀର୍ଯ୍ୟ ରସାୟନ ଓ ବୃଷାକୁ ।

ଏହା ସୁନା ଇତ୍ୟାଦି ଅପେକ୍ଷା ଦୃଢ଼ତର । ହୀରଦ୍ୱାରା କାଚ ଉପରେ ଗାର ପକାଇଲେ କାଚ କାଟି ହୁଏ । ସାଧାରଣତଃ ହୀରକୁ ଅଳଙ୍କାରରେ ବସାଇ ଧନୀମାନେ ପିନ୍ଧନ୍ତି । କଥିତ ଅଛି ଯେ, ନଳ ରାଜାର ମୁନ୍ଦରେ ବସିଥିବା ହୀରକ ଖଣ୍ଡକୁ ବସନ୍ତରସ୍ତ କେହି କେହି ଧନୀ ଚୁରୁମି ଚୁରୁମି ପଶିଯାଇ ଅଛନ୍ତି । ଏହା ବିଶୁଦ୍ଧ କୋଇଲା (Pure carbon) ର ଅବସ୍ଥାଭେଦ ବୋଲି ରସାୟନିକ ବିଶ୍ଳେଷଣ ପ୍ରକ୍ରିୟାଦ୍ୱାରା ଦେଖା ଯାଇଅଛି ।

ପୃଥିବୀରେ ଏପର୍ଯ୍ୟନ୍ତ କୋହିନୂର ନାମକ ହୀରା ସର୍ବାପେକ୍ଷା ବଡ଼ ଗୋଲକୁଣ୍ଡାର ଖଣିରୁ ମିଳିଥିଲା ।

ରସାୟନ ଶାସ୍ତ୍ର ଅନୁସାରେ ହୀରା କୋଇଲାର ରୂପାନ୍ତର ଓ ଏହା ପ୍ରାକୃତିକ ଅବସ୍ଥାରେ ଖଣିରୁ ମିଳେ । କୌଣସି ପ୍ରକାର ଉଜ୍ଜ୍ୱଳ ବସ୍ତୁକୁ ହୀରାସଙ୍ଗେ ତୁଳନା କରିଯାଏ ।]

ହୀରକ ଖଚିତ—ସଂ. ବ—[ତୃ ଷଷ୍ଠୀତତ୍ପୁ.]—ଯେଉଁ ଅଳଙ୍କାର ଆଦିରେ
Hīraka khachita ଏକ ବା ବହୁ ହୀରାଖଣ୍ଡ ବସାଯାଇ ଅଛି—
Set with diamond; diamond-set.

ହୀରକ ଖଣ୍ଡ—ସଂ. ବ—[ଷଷ୍ଠୀତତ୍ପୁ.] ଖଣ୍ଡେ ହୀରା ; ହୀରାରୁ ଖଣ୍ଡେ—
Hīraka khaṇḍa A bit of diamond.

ହୀରକ ଜୁବିଲୀ—ଦେ. ବ—(ସଂ. ହୀରକ ଓ ଇଂ. ଜୁବିଲି)—କୌଣସି
Hīraka Jubilī ରାଜା ୫୦ ବର୍ଷ ରାଜତ୍ୱ କଲେ କମ୍ବା ଦମ୍ପତି ୫୦ ବର୍ଷ ଦାମ୍ପତ୍ୟ ଜୀବନ ଅତିବାହିତ କଲେ ସେହି ଉପଲକ୍ଷରେ ଅନୁଷ୍ଠିତ ଆନନ୍ଦସୂଚକ ଉତ୍ସବ—
Diamond Jubilee (on the occasion of a king completing 50 years of reign and a couple completing 50 years of married
ହୀରକ ଜୁବିଲୀ **ହାରକ୍‌ଜୀବନ୍ତୀ** life)
[ତୃ—ମହାରାଣୀ ଭିକ୍ଟୋରିଆଙ୍କର ହୀରକ ଜୁବିଲୀ ଉତ୍ସବ ୧୮୭୭ ସାଲରେ ବ୍ରିଟିଶ୍ ସାମ୍ରାଜ୍ୟରେ ସର୍ବତ୍ର ପ୍ରତିପାଳିତ ହୋଇଥିଲା । ଏହାପରେ ୬୫ ବର୍ଷ ରାଜତ୍ୱ ବା ଦାମ୍ପତ୍ୟ ଜୀବନ ଉପଲକ୍ଷରେ ଉତ୍ସବକୁ ସିଲ୍‌ଭର୍ ଜୁବିଲୀ କୋଲ୍ଲସାଏ ।]

ହୀରକାଙ୍ଗୁରୀୟ—ସଂ ବ—(ସ. ଯ. ଲୋ; ହୀରକ+ଅଙ୍ଗୁରୀୟ)—
Hīrakāṅguriya ହୀରକସା ମୁଦି; ହୀରକ ଖଚିତ ମୁଦ୍ରିକା—
(ହୀରକାଙ୍ଗୁରୀୟକ—ଅନ୍ୟରୂପ) Diamond ring ; a ring set with diamond. [ତୃ—ଶୁଣାଅଛୁ ଯେ, ତାଙ୍କରେ ପିନ୍ଧାଯାଇଥିବା ହୀରାମୁଦିକୁ ଚୁରୁମି ଅନେକ ଉପାୟ ବଡ଼ଲୋକ ଅପହରଣ କରିଥାଆନ୍ତି ।]

ହୀରା—ସଂ. ବ—(ହୃ- ଧାତୁ=ହରଣ କରିବା+କର୍ତ୍ତୃ ଅ+ଆ)—
Hīrā ୧ । ଲକ୍ଷ୍ମୀ (ଦେବତା)—1. The Goddess of wealth and prosperity. ୨ । ଚୌଲାମୁକ; ଅସରପା ; ଚୌଳଥାପିକା—(ପୋକ)—2. Cockroach. ୩ । ପିମ୍ପୁଲିକା (ଡେମରଡ)—3. Ant. ୪ । କାଶୁଡ଼ା [ବ୍ରଜକର୍ଦ୍ଦଳ]; ଗମ୍ଭାରୀଗଛ—4. Gmelina Arborea (a timber tree).
ଦେ. ବ—(ସଂ. ହୀରକ) ୧ । ହୀରକ—1. Diamond.
ହୀରା ୨ । [ଅନ୍ୟ ଶବ୍ଦ ସଙ୍ଗେ (ଯଥା-ନାଗସ୍ତ୍ରୀ ହୀରା) ଓ ଅନ୍ୟ
ହୀରା ଶବ୍ଦ ପ୍ରସଙ୍ଗରେ (ଯଥା—ସେ ମନୁଷ୍ୟଙ୍କ ମଧ୍ୟରେ ହୀରା) ବ୍ୟବହୃତ ହେଲେ] ଶ୍ରେଷ୍ଠବସ୍ତୁ ବା ମନୁଷ୍ୟ—2.(When used with reference to other things or persons) A very excellent thing or person. ୩ । (ସ୍ତ୍ରୀ) ସ୍ତ୍ରୀଲୋକମାନଙ୍କୁ ଦିଆଯିବା ନାମ —3. A name given to females.

ହୀରା କଣି—ଦେ. ବ—(ସ. ହୀରକ ଓ କଣ)—ହୀରାର କ୍ଷୁଦ୍ରଖଣ୍ଡ—A
Hīrā kaṇi small bit of diamond. [ତୃ—ହୀରାଦ୍ୱାରା ହୀରେର ଟୁକ୍‌ରା କାଚ କାଟି ହେଉଥିବାରୁ କାଚ କାଟିବା ପାଇଁ
ହୀରାକନ ଅଗରେ ହୀରାକଣି ବସା ଯାଇଥିବା ଶଳାକା ବ୍ୟବହୃତ ହୁଏ ।] ୨ । ଏକ ପ୍ରକାର ସରୁଧାନ—2. A species of fine paddy,

ହୀରା ଖଣ୍ଡ—ଦେ.ବ—୧। ସମ୍ବଲପୁରର ନାମାନ୍ତର—1. A name of
Hīrā khaṇḍa Sambalpur. [ତୃ—ପୂର୍ବେ ଏଠାରେ ମିଳୁଥିବା ହୀରା ଇତ୍‌ରୋପରେ ପ୍ରସିଦ୍ଧ ଥିଲା । ପ୍ରଥମେ ସମ୍ବଲପୁରର ନାମ ରତ୍ନାକଣ୍ଡ ଥିଲା । ପରେ ରତ୍ନା ବଳରାମ ଦେବଙ୍କ ଅଧୀନତାରେ ଏହା ଅଠର ଗଡ଼ଜାତର ଚକ୍ରବର୍ତ୍ତୀ ରାଜାଙ୍କର 'ହୀରାଖଣ୍ଡ' ହୋଇଥିଲା ।] ୨ । ସମ୍ବଲପୁର ଜିଲ୍ଲାରେ ମହାନଦୀରେ ଥିବା ଗୋଟିଏ ଦ୍ୱୀପ—2. Name of an island in the bed of the Mahanadi in the district of Sambalpur. [ତୃ—ଏହାର ଦୈର୍ଘ୍ୟ ୪ ମାଇଲ । ଏଠାରେ କଙ୍କରୁ ହୀରା ଆମଦାନ କରାଯାଇଥିଲା । ଜଗବନ୍ଧୁ ପ୍ରାଚୀନ ଉତ୍କଳ ।]

ହୀରାଙ୍ଗ—ସଂ ବ—(ବହୁବ୍ରୀ.ହି; ହୀର=ବଜ୍ର; ହୀରକ ପର ଦୃଢ଼ ଅଙ୍ଗ
Hīrāṅga ଯାହାର)—ଇନ୍ଦ୍ରଙ୍କ ବଜ୍ରାସ୍ତ୍ର (ଶବ୍ଦମାଳା)—
Indra's thunderbolt.

ହୀରା ନୀଳା ମୋତି ମାଣିକ(କ୍ୟ)—ଦେ. ବ—(ସଦ୍ଗଚର ଶବ୍ଦଗଣ)—
Hīrā nīlā moti māṇikā(kya) ୧ । ଚାରି ପ୍ରକାରର ହୀରା ନୀଳା ମୁକ୍ତା ମାଣିକ ରତ୍ନ; (ହୀରକ,
ହୀରା ନୀଳା ମୋତି ମାଣିକ ନୀଳମଣି, ମୁକ୍ତା ଓ ମାଣିକ୍ୟ)
—1. Four kinds of gems

Digitized by srujanika@gmail.com

(viz, diamond, emerald, pearl, and ruby). ୨ । ଅସଂଖ୍ୟ ଧନରତ୍ନ—2. Countless gems and riches. (ଯଥା—ରଜା ଘରେ ହୀରା ମାଲା ମୋତି ମାଣିକ ବରଛ ହୋଇଛୁ)

ହୀରବଜ୍ରଧର ଦେଓ—ପାଟଣାର ଜନୈକ ପୂର୍ବତନ ରାଜା—
Hira Bajradhara Deo — Name of a former Raja of the Patna State

ହୀରମନ୍—ଦେ. ବ—(ସମ୍ଭବତଃ ହୀରଓ୍ = ଶାଗୁଆ ଓ ମଦନ = ଶାସ୍ତ୍ର ପଢ଼ୀ ରୁ)—ଶୁକପକ୍ଷୀ ଜାତୀୟ ପୂର୍ବାଞ୍ଚଳୀୟ ଦ୍ୱୀପ-ହୀରାମନ୍ ତୋତା } ଅନ୍ୟରୂପ ଘୁଞ୍ଚୁରୁ ଏ ଦେଶକୁ ଅଣାଯାଇ ହୀରାମନ୍(ମୋ)ହନ୍ } ପୋଷା ଯାଉଥିବା ଏକ ପ୍ରକାର ହୀରାମନ୍ ଟୁଅ— Parakeet; a species of parrot of the East Indies; Eclectus Pectoralis. ହୀରାମୋହନ୍ [ଦ୍ର—ଏହାର ଅର୍ଦ୍ଧ ଜାତୀୟ ହରତ୍ ବା ଶାଗୁଆ ନୋତା ଓ ଡେଣାର ମୂଳ ପାଖରେ ଅମ୍ବ ଆକାର ନାଲ ଚକ୍ର ଥାଏ; ଲାଙ୍ଗୁଡ଼ ଶ୍ୱେତ; ସ୍ତ୍ରୀ ପକ୍ଷୀର ସମସ୍ତ ଶରୀର ଉଜ୍ଜ୍ୱଳବର୍ଣ୍ଣ । ଏମାନେ ଦେଶୀ ଶୁଆଙ୍କ ପରି ପଦ ଧରନ୍ତି ନାହିଁ; କନ୍ତୁ ଗୋଷ୍ଠୀ କେଁ କେଁ ଧ୍ୱନି କରନ୍ତି । ଏମାନଙ୍କ ଆକୃତି ଅମ୍ବ ଦେଶର ନାଡ଼ାକା ଶୁଆଙ୍କ ପରି ବଡ଼ ।]

ହୀଳ—ସଂ. ବ—ରେତଃ (ଶବ୍ଦକଳ୍ପଦ୍ରୁମ)—
Hīla — Semen virile.

ହୀଲୁକ—ସଂ ବ—ଗୌଡ଼ୀୟସଦ୍ୟ (ଶବ୍ଦରତ୍ନାକର)—
Hīluka — A kind of wine.

ହୀହୀ—ସଂ—(ଧ୍ୱନ୍ୟନୁକରଣ)ଅ—୧ । ଉଚ୍ଚହାସ୍ୟ ଧ୍ୱନି; ଉଚ୍ଚହାସ୍ୟର ସ୍ରୋତ ବା ସ୍ରୋତ—1. A continued gush of loud laugh. ୨ । ହାସ୍ୟ (ସ୍ରୋତଗା) —2. Laughter. ୩ । ବିସ୍ମୟ (,,) —3. Wonder.
ହୀ(ଧାତୁ)—ସଂ.—୧ । ଘିଅ ଦେବା—1. To offer ghee unto fire. ୨ । ଖାଇବା—2. To eat.
ହୁ - ଦେ. ଅ—୧ । ହଠାତ୍; ଝଟକ—1. Suddenly. ୨ । ଜଳୁଥିବା ପ୍ରବଳ ବେଗରେ ବ୍ୟାପିବା ପ୍ରକାର—2. The mode of blazing fire spreading swiftly.
ହୁଇଁ ହୁ ୩ । ନିଶ୍ଚୟାର୍ଥକ ବା ଅବଧାରଣାର୍ଥକ, ଯେ, ଯେ, କେ ଶବ୍ଦମାନଙ୍କ ପରେ ଯୁକ୍ତ ହୁଏ (ଯଥା—ଯେଉଁ, ସେହୁ, ଯେହୁ)—3. An adjunct joined to the prononus je, se, & ke, indicating certainty. ପ୍ରାଦେ—(ଶଢ଼ଆଳ)ଅ—କୋଳାହଳ— Tumult; ado.
ହୁଅ —ଦେ. କ୍ରି—(ସମ୍ଭୂ ଉ-ଉବ)—ସଂସ୍କୃତ ଭୂ ଧାତୁ ଓଡ଼ିଆ 'ହେବା' ହୁଅ ବା 'ହବା' କ୍ରିୟାର ଅନୁଜ୍ଞା ବଚନ ଓ ବହୁବଚନରେ ହଅ ହୋଅ ତୁମେ ଓ ତୁମେମାନେ କର୍ତ୍ତାସଙ୍ଗେ ବ୍ୟବହୃତ କ୍ରିୟାରରୂପ —(you) Be; form of the verb To be in the imperative mood, singular and plural.

ହୁଅଇ —ଦେ. କ୍ରି (ସ. ଉବଚ)—ହୁଏ; ସଂସ୍କୃତ ଭୂ ଧାତୁର ତୃତୀୟ ପୁରୁଷ ଏକ ବଚନରେ ବ୍ୟବହୃତ ରୂପ—
Huai — ହୁଏ ହୋ (He, she, it) Is.
ହୁଅନ୍ତି—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନ କାଳର ତୃତୀୟ ପୁରୁଷ ସମ୍ମାନାର୍ଥ ଏକ ବଚନ (ସେ), ତୃତୀୟ ପୁରୁଷ ବହୁ
Huanti — ହୁଅନ୍ତି ବଚନ (ସେମାନେ), ଦ୍ୱିତୀୟ ପୁରୁଷ ସମ୍ମାନାର୍ଥ ଏକ ହୋତେହେଁ ବଚନ (ଆପଣ), ଦ୍ୱିତୀୟ ପୁରୁଷ ସମ୍ମାନାର୍ଥ ବହୁବଚନ (ଆପଣମାନେ) କର୍ତ୍ତା ପରେ ଲଗିବା କ୍ରିୟା—Form of the verb 'To be' in the present tense with 3rd person singular (honorific) He, 3rd person plural (honorific) They, 2nd person singular (honorific) you, 2nd person plural (honorific) you.
ହୁଅସି—ଦେ. କ୍ରି (ପ୍ରାଚୀନ ବ୍ୟବହାର) (ସ. ଭବସି)—'ହୁଅ'ର
Huasi — ପ୍ରାଚୀନ ଆକାର—The old from of imperative 'be'.
ହୁଅନ୍ତି—ଦେ. କ୍ରି—ଅନାର୍ଯ୍ୟ ଜାତି ବିଶେଷ—Name of an aboriginal tribe.
ହୁଆଁ
ହୁଆଲ୍ —ବୈ.ଦେ. ବ (ଆ. ହୱାଲ୍)—୧ । ଅବସ୍ଥା—1 Condition; state. ୨ । ଗତି—2. Movement. ହାଲ ୩ । ସଂବାଦ—3, News. ୪ । ବୃତ୍ତାନ୍ତ—4. Facts. ଅହବାଲ
ହୁଆଲ୍ଦାର୍—ବୈ.ଦେ. ବ. ପୁଂ (ଫା. ହୱାଲ୍ଦାର୍)—
Huāl-dār — ୧ । ହାଲ୍ଦାର୍ (ଦେଶ) 1. Hāl-dār (See)
(ହୁଆଲ୍ଦାରଅଣୀ—ସ୍ତ୍ରୀ) ୨ । ହାବଲ୍ଦାର୍ (ଦେଶ)—2. Hābil-dār (See)
ହୁଆଲ୍ଦାରି—ବୈ.ଦେ. ବ—ହାଲ୍ଦାର (ଦେଶ)
Huāl-dāri — Hāl-dāri (See)
ହୁଆଲତ୍—ବୈ.ଦେ. ବ (ଆ. ହୱାଲତ୍)—୧ । ହାଉଲାତ୍ (ଦେଶ)
Huālat — 1. Hāulāt (See).
ହାଓଲାତ୍ ୨ । ଯୁରୁଆ ଶବ୍ଦର ଚଲାଇବା ଘାଇଁ ଶବ୍ଦର ଘୁର-
ଅଗାଉ, ହବାଲତ୍ ପ୍ରାପ୍ତ କର୍ମଗୁଡ଼ିକ ଦ୍ୱାରା ଉଦ୍ଭବିଲରୁ ଆଉରୁ କଥାଟିକା ଧନ—2. Advance.
[ଦ୍ର—ଏ ଟଙ୍କା ପ୍ରଥମେ ଛକୁ କର୍ମଗୁଡ଼ିକ ନାମରେ 'ହୁଆଲତ୍' ଚଳେ ଲେଖା ହୁଏ । ଘରେ ସେ ଶବ୍ଦର ଚଲ୍ ବା ହିସାବ ଓ ଘୁଡ଼ଚର ବା ରବିଦ ଥଦ ଦାଗଲ କରେ ଏ ଟଙ୍କା ଭାଙ୍ଗର 'ହୁଆଲତ୍' ଚଳ ଖାରଜ ହୋଇ 'ଶବ୍ଦ ଚଳେ ହିସାବ ଚଢ଼େ ।]

Digitized by srujanika@gmail.com

ହୁଆଲତ୍ ଖାତା(ବହି)—ବୈ.ଦେ. ବ—ଯେଉଁ ଖାତାରେ ହୁଆଲତ୍ Huālat khātā(bahi) ଦେବା ବ୍ୟକ୍ତିଙ୍କ ନାମ ଓ ହୁଆଲତ ଟଙ୍କାର ହାଓଲାତ ଖାତା ପରିମାଣ ଲେଖାଯାଏ—A book showing
ଅଗାଊ ଖାତା the sums advanced to different persons.

ହୁଆଲତ୍ ଦେବା—ଦେ. କି—ପରେ ଖରଚର ହିସାବ ଦେବା ପାଇଁ Huālat debā ବୈଶିଷ୍ଟ ବ୍ୟକ୍ତିଙ୍କୁ ଅଗଭୁରା ଧନ ଦେବା—
ହାଓଲାତ ଦେଓୟା To advance money to a person
ଅଗାଊ ଦେନା on the understanding that he will submit bills duly later on.

ହୁଆଲତ୍ ନେବା—ଦେ. କି—ପରେ ହିସାବ ଦେବା ପାଇଁ ଚଳତ୍ଫଣ୍ଡରୁ Huālat nebā ଅଗଭୁରା ଟଙ୍କା ଆଣିବା—To take an
ହାଓଲାତ ଲଓୟା advance from a fund with a
ଅଗାଊ ଲେନା view to submit due accounts later on.

ହୁଆଲତି—ବୈ.ଦେ. ବିଣ—୧। ହୁଆଲତ ସମ୍ବନ୍ଧୀୟ— Huālati 1. Relating to 'Huālat'.
ହାଓଲାତି ୨। ହୁଆଲତ ଦଅା ଯାଇଥିବା—
ଅଗାଊକା 2. (money) Advanced.

ହୁଆ ହୁଆ—ଦେ. (ଧ୍ୱନ୍ୟନୁକରଣ) ଅ—ଛଲୁଅମାନଙ୍କର ହୁକେ ହୁକେ Huā huā ଧ୍ୱନି—The howling sound of jackals.
ହୁକାହୁୟା ହୁଆଁହୁଆଁ

[ଦ୍ର—ସଂସ୍କୃତ ସଗୃଳଲ୍ଲୁ ଗୃହିଁଣ ଛଲୁଅ, ବୋବାଇଲେ ଅଣ୍ଡେ ହୋଇ ହୁଆ ହୁଆ—ହୃଷ୍ଟସିଂହ ସଦ୍ଭାସ୍ତରଭ. ଛତ୍ର୫]

ହୁଆ ହୁଟା—ପ୍ରାଦେ. (ଓଡ଼ିଆଳ) ବ—୧। କଳହଜଅ—1. Quarrel. Huāhuṭā ୨। ଗାଳ—2. Abuse; reproach. ୩। ଗୋଳମାଳ—3. Noise; uproar.

ହୁଇଟ୍‌ନି—ବେ.ଦ (ନାମ)—ଅମେରିକା ଯୁକ୍ତରାଜ୍ୟବାସୀ ଜନୈକ ପ୍ରାଚ୍ୟ- Huiṭ-nī ବିଷୟଜ୍ଞ ସ୍ୱର୍ଗତ ପଣ୍ଡିତ—W. D. Whitney, a
ହୁଇଟନୀ ହୁଇଟନି late American Orientialist scholar.
(ହୁଇଟ୍‌ନା—ଅନ୍ୟରୂପ) [ଦ୍ର—ଏ ଖ୍ରୀ. ୧୮୬୭ରେ ଜନ୍ମ ଗ୍ରହଣ କରି ୧୮୯୪ ରେ ପ୍ରାଣତ୍ୟାଗ କରିଥିଲେ। ଏ ସମ୍ବନ୍ଧରେ ଅଛି ବିଦ୍ୱାନ୍ ଥିଲେ ଓ ଏହାଙ୍କ ରଚିତ ସଂସ୍କୃତ ବ୍ୟାକରଣ କର୍ତ୍ତୃମାନ ପର୍ଯ୍ୟନ୍ତ ପାଶ୍ଚାତ୍ୟ ଜଗତରେ ପ୍ରାମାଣିକ ଗ୍ରନ୍ଥରୂପେ ପରିଗଣିତ। ଆମେରିକାରେ ପ୍ରତିଷ୍ଠିତ ପ୍ରାଚ୍ୟ ସମିତିର ଏ ପୃଷ୍ଠପୋଷକ ଓ ସଭ୍ୟଥିଲେ। ସେଞ୍ଚୁରି ଡିକ୍‌ସନାରୀ (Century Dictionary) ନାମକ ପ୍ରକାଣ୍ଡ ଇଂରାଜି ଅଭିଧାନର ଏ ପ୍ରଧାନ ସମ୍ପାଦକ ଥିଲେ।

ହୁଇଲ୍—ବୈ.ଦେ. ବ (ଇଂ.ହ୍ୱୀଲ୍)—ଚକ— Huil ହୁଇଲି ହ୍ୱୀଲ Wheel.
(ହ୍ୱୀଲ୍—ଅନ୍ୟରୂପ) ଦ୍ର—ଏହି ଇଂରାଜୀ ଶବ୍ଦର ସ୍ୱତନ୍ତ୍ର ବ୍ୟବହାର ନାହିଁ। କିନ୍ତୁ ଅନ୍ୟ ଶବ୍ଦ ସହିତ ଏହି ଶବ୍ଦ ଇଂରାଜ ଜାତିରୁ ଅତିକାଳ ଓଡିଆରେ ବ୍ୟବହୃତ ହୁଏ। ଯଥା—ଫ୍ଲାଇହୁଇଲ୍ (fly wheel), କଗ୍ ହୁଇଲ୍ (Cog wheel)]

ହୁଇ ହୁଟି—ପ୍ରାଦେ (ଓଡ଼ିଆଳ,ଧ୍ୱନ୍ୟନୁକରଣ) ଅ—ହୁତେହୁତେ; ଚଲୁଅଙ୍କ Huihuṭi ରବ—The howling of jackals.

ହୁଉଁ ହୁଉଁ—ଦେ. ଅ—କୁମ୍ଭାଟୁଆ ଆଦି ପକ୍ଷୀମାନଙ୍କର ରବ ବା ଶବ୍ଦ— Hu-uñ hu-uñ The cooing of birds such as Kumbhāṭuā. (ଉ—ତାଳ ବାଦ୍ୟଙ୍କାରେ ଲୁଚ କୁମ୍ଭାଟୁଆ ରବୁଥିଲା ହୁଉଁ ହୁଉଁ—ନଜରଗୋରା. ବର୍ଷାଋତୀ)

ହୁଉ କ(କି)ରି (କନା, କନ, ଦସ୍, ଧସ୍)—ଦେ. କି ବିଣ—୧। ଝଟିତି; Hu ka(ki)ri (kinā; kini das dhas) ହଠାତ୍—
1. Suddenly. ୨। ହଠାତ୍ ଅତି ପ୍ରଖର ଭାବରେ (କଥାଁ ଜଉଠି ବ୍ୟାପିବା ପ୍ରକାରେ)—2. Furiously (said of a fire raging and spreading rapidly). (ଯଥା—ଘାଳ ଗଦାରେ କଥାଁ ଲାଗି ହୁଉକନ ହୁଟ କରେ ହୁହୁକରକେ ଜଳ ଉଠିଲା)

ହୁଏ—ଦେ. କି—(ସଂ ଭବତି, ପ୍ରା ହୋଇ)—ହୁଅଇ (ଦେଖ)— Hue Huai (See) ଅ—(ବଙ୍ଗଳାରୁ ଅନୁକୃତ)—
ହୁଏ ସମ୍ଭବତଃ—× × × ହୁଏ ତାହାଙ୍କର ତାର୍ଫରେ ଗଫଲତି, କ ହୋଇ ହୁଏ ଚିଲ୍ଲ—ଫଙ୍କାର ମୋହନ. ଉମାଣ ଆଠଗୁଣ୍ଠ] ପ୍ରାଦେ— (ଘାଟଣା) ଅ—ହଁ—Yes.

ହୁଏନ୍‌ସାଂ—ବୈ.ଦେ. ବ (ନାମ)—ହୁଏନ୍‌ସା (ଦେଖ)— Huemsāṁ Huen-sā (See)

ହୁଏତ—ଦେ. ଅ—(ଓଡ଼ିଆରେ ଅଧୁନାକ ପ୍ରଚଳିତ, ବଙ୍ଗଳାରୁ ଅନୁକୃତ) Hueta ୧। ସମ୍ଭବତଃ—1. Probably; may be. ୨। ନଚେତ୍, କଉବା, କମ୍ବା ଆଦି ଶବ୍ଦର ଅନୁପୂର୍ବକପ୍ରଯୋଗ 2. A word used relatively before nor, or; either. (ଯଥା—ହୁଏତ ରାମ ନଉବା ଶ୍ୟାମ ସେଠାକୁ ଯିବେ) ୩। ବୋଧହୁଏ—It seems; meseems.

ହୁଏନ୍‌ସା(ସାଂ)—ବୈ.ଦେ. ବ (ଚନ ଦେଶୀୟ ନାମ)—ଜଣେ ବିଖ୍ୟାତ Huen-sā(sāṁ) ଚୀନ ଦେଶୀୟ ପର୍ଯ୍ୟଟକଙ୍କ ନାମ—Name of
ହୁଏନ୍‌ସାଙ୍ (ନ୍) —ଅନ୍ୟରୂପ] a celebrated Chinese traveller Huen Thsang.

[ଦ୍ର—ଏ ଭାରତବର୍ଷରେ ଖ୍ରୀ' ୬୨୬ଠାରୁ ୬୫୪ ପର୍ଯ୍ୟନ୍ତ ଅବସ୍ଥାନ କରି ଭାରତରେ ବୌଦ୍ଧଧର୍ମ ପୁସ୍ତକମାନ ଆଲୋଚନା କରି ଭାରତର ଇତିହାସ ଓ ଭୂଗୋଳ ଅଧ୍ୟୟନ କରିଥିଲେ। ଏହାଙ୍କ ଚୀନିକନାମର ଉଚ୍ଚାରଣ 'ହୁଏନ୍‌ସେନସିଙ୍'। ଏ ଭାରତ ବିଷୟକ ଯେଉଁ ବୃତ୍ତାନ୍ତମାନ ଲିପିବଦ୍ଧ କରିଯାଇ ଅଛନ୍ତି ତାହା ଭାରତର ପୁରାବୃତ୍ତ ଜାଣିବାପାଇଁ ବିଶେଷ ସାହାଯ୍ୟ କରେ। ଏହାଙ୍କ ପୁସ୍ତକର ନାମ 'ସିୟୁକି'। ଏହାଙ୍କର ଭାରତକୁ ଅସିବା ସମୟରେ ବୌଦ୍ଧଧର୍ମାବଲମ୍ବୀ ବର୍ଦ୍ଧବର୍ଦ୍ଧନ ରାଜା ହର୍ଷିତ ଶୀଳାଦିତ୍ୟ ନାମ ଗ୍ରହଣ କରି ଅର୍ଯ୍ୟାବର୍ତ୍ତରେ ରାଜତ୍ୱ କରୁଥିଲେ। ଏ ସମୟ। କନ୍ନଡ଼ିସୁ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ୫ ବର୍ଷ ଧରି ବୌଦ୍ଧ ଦର୍ଶନ ଶାସ୍ତ୍ର ଓ ବୌଦ୍ଧ ଦର୍ଶନ ଶାସ୍ତ୍ର ଶିକ୍ଷା କରିଥିଲେ। ଏହାଙ୍କ ସମୟରେ

Digitized by srujanika@gmail.com

ଖ୍ରୀଷ୍ଟରୁ ବୌଦ୍ଧ ଧର୍ମର ପ୍ରଚାର ଦ୍ୱାରା ଢୋଇ ଆସୁଥିଲା । ଏ ଖ୍ରୀଷ୍ଟବାସୀଙ୍କୁ ଟୁବ୍ ପ୍ରଶଂସା କରି ଅଛନ୍ତି । ଏ ଓଡ଼ଶା ଦେଶି ଓଡ଼ଶାର ଇଥା ଖ୍ରୀଷ୍ଟର ପ୍ରଧାନ ବନ୍ଦର ତାମ୍ରଲିପ୍ତ ବିଷୟ ବର୍ଣ୍ଣନା କରି ଅଛନ୍ତି । ଏହାଙ୍କ ସମୟରେ ଖ୍ରୀଷ୍ଟ ୧୩୯ ଗୋଟି ବୁଦ୍ଧଙ୍କରେ ବିଶ୍ୱାସ ଥିଲା ଓ ଉହାଁ ମଧ୍ୟରୁ ୧୧୦ ଗୋଟି ବୁଦ୍ଧଙ୍କରେ ଏ ନଗର ପରିତ୍ୟଗ କରିଥିଲେ । ଜୁଲିୟସ୍ ବା ଓଡଶାବାସୀଙ୍କୁ ମଧ୍ୟ ଏ ପ୍ରଶଂସା କରି ଅଛନ୍ତି । ଏହା ଦେଶର ଶ୍ରେଷ୍ଠଫଳ ୧୫୦ ମାଇଲ୍ ଥିବା ଏ ଉଲ୍ଲେଖ କରି ଅଛନ୍ତି ।]

ହୁଏଲ୍—ବୈଦେ. ବ (ଇଂ)—ଉମ୍ବା ମାଛ—Whale.

Huel ଗ୍ରାଦେ (ଘାଟଣା) ବ—ଗାତ—Hole.

ତିମି ମାଛ ହ୍ୱେଲ୍ (ହ୍ୱେଲ୍—ଅନ୍ୟରୂପ)

ହୁଏଲ୍ ବୋନ୍—ବୈଦେ. ବ (ଇଂ)—ଉମ୍ବା ମାଛର ଡାଡ଼—

Huel bon Whale bone.

ତିମିର ହାଡ଼ ହ୍ୱେଲ ବୋନ (ହ୍ୱେଲ୍ ବୋନ୍—ଅନ୍ୟରୂପ)

ହୁଏଲର୍—ବୈଦେ. ବ (ଇଂ)—ଉମ୍ବା ମାଛ ଧରିବାରେ ବ୍ୟସ୍ତ ଜାହାଜ

Huelar A whaler; a ship engaged in catch-

ହ୍ୱେଲାର ହ୍ୱେଲର (ହ୍ୱେଲର୍—ଅନ୍ୟରୂପ) ing whales.

ହୁଓ—ଦେ. ବ ଓ ଅ—ହୋ (ଦେଖ)

Huo Ho (See)

ହୁଓ ମତା(ତେ)ଇବା—ଦେ. କ୍ରି—ହୋ ମଚାଇବା (ଦେଖ)

Huo matā(te)ibā Ho matāibā (See)

ହୁଂ—ସ. ଅ—ହୁମ୍ (ଦେଖ)—Hum (See)

Hum ଗ୍ରାଦେ—ହୁଁ (ଦେଖ)—Huñ (See)

ହୁଁ—ଦେ. ଅ (ସଂ. ହୁମ୍)— ୧ । ହୁଁ (ସ୍ୱୀକାର ବୋଧକ)—1. (Interjection indicating assent) Yes.

Huñ

(ହୁଁଁ—ଅନ୍ୟରୂପ) ୨ । ହୁଁ; ସମ୍ମତି ସୂଚକ—2. An interjection indicating agreement.

ହଁ ହୁଁ

୩ । (କଥା କହୁଥିବା ବ୍ୟକ୍ତିଙ୍କୁ କଥା କହିସିବା ନମନ୍ତେ ଉତ୍ସାହିତ କରିବାରେ ଓ କଥିତଙ୍କ ଉକ୍ତିକୁ ଶ୍ରୋତାଙ୍କର ଶୁଣୁଥିବାର ଦର୍ଶନ ସ୍ୱରୂପ ଶ୍ରୋତାଙ୍କ ଦ୍ୱାରା ବ୍ୟବହୃତ ଅବ୍ୟୟ) ହଁ, ମୁଁ ଶୁଣୁଅଛୁ—3. (interjection) 'Yes !' 'then !' (used by the hearer in the course of attending to a speaker's talk or in responding to a course of speech.) [ଉ—କଥା ସୁନର ହୁଁକୁ—ଉଗ] ୪ । ଥରେ ବୋଲ୍ଯାଇ ବନ୍ଦ କରି ଯାଇଥିବା କଥାକୁ ଅରମ୍ଭ କରିବା ପାଇଁ କଥିତଙ୍କୁ ଅନୁରୋଧ ସୂଚକ ଧ୍ୱନି—4. (interjection used in requesting a person to continue a subject which had been stopped short) ହୁଁ, ତତ୍ ପରେ କଅଣ ହେଲ କହ !—Please go on ! ୫। ଅବଜ୍ଞା ସୂଚକ—5. Interjection denotting derision. [ଉ—ଚମ୍ପା ଅବଜ୍ଞା କରି ଗମ୍ଭୀର ସ୍ୱରରେ କହିଲ ହୁଁ—ଫଲ୍ଗୁମୋହନ. ଛମାଣ ଅଠଗୁଣ]

୬ । (ଅନୁଜ୍ଞା) ଛଡ଼ା; ବ୍ୟତୀତ—6. Except; besides. [ଉ—ସ୍ୱପ୍ନରେ ଉର୍ବ୍ୱଶୀରେ ଦୋନ୍ତ, ଚକ୍ଷୁ ହୁଁ ଅନ ନ ଜାଣନ୍ତ । ଜଗନ୍ନାଥ. ସ୍ୱରଚ ।] ୭ । କ୍ରୋଧ ବା ସାମର୍ଥ୍ୟ ପ୍ରକାଶକ ଧ୍ୱନି; ହୁଙ୍କାର—7. Interjection; uttered in anger or in giving vent to one's strength. ୮ । ଲମ୍ଫକି ଉଠିବା ବେଳେ ଜୋରରେ ଶବ୍ଦ—8. Sound uttered by one going to spring up with force. ୯ । କପୋତ ଓ ହୁଁ ହାଁ ଚଢ଼େଇଙ୍କ ଧ୍ୱନି—9. The sound or cooing of doves and owls. ୧୦। ଜଣଙ୍କରେ ଡାକୁଥିବା ବ୍ୟକ୍ତିକୁ ଅନଭ୍ୟୁଚ୍ଚ ବା ଅତ୍ୟଳ୍ପ ସ୍ୱରରେ ଜବାବ ଦେବାର ଧ୍ୱନି—1. An interjection used in responding to a call of a person near by. ୧୧ । ସ୍ମରଣାର୍ଥକ—11. Interjection indicating recollection of some thing past. ୧୨ । (ନିଷେଧାର୍ଥକ) ଉହୁଁ; ଉଁହୁଁ—12. Interjection used in preventing. ୧୩ । (ଅନ୍ୟ ଶବ୍ଦ ସଙ୍ଗେ ଯୁକ୍ତ ଯଥା—ଆଜହୁଁ ବେଲହୁଁ (ଅମୁକ ସମୟଠାରୁ—13. Since. [ଉ—ସ୍ୱେମିଶ ! ସ୍ୱଜହୁଁ ମୁ ସିଦ୍ଧ । ଭୂପଦ୍ଧ. ପ୍ରେମ ଅଟ୍ଟାମୃତ ।] ୧୪ । (ଅନ୍ୟ ସର୍ବନାମ ଶବ୍ଦେସଙ୍ଗେ ଯୁକ୍ତ ଯଥା—ଉହୁଁ, ତାହୁଁ, କାହୁଁ, ଯାହୁଁ) ଠାରୁ; ଅପେକ୍ଷା—14. Than. [ଉ—ପବନହୁଁ ବେଗ ଶକ୍ତି ଧର—ଭୂପଦ୍ଧ ପ୍ରେମପଞ୍ଚାମୃତ ।] ୧୫ । ଆଗରେ କାନ୍ଧେଇଥିବା ସବାସ୍ତ ବେହେରାମାନଙ୍କର ଗୁଲିବା ଆରମ୍ଭ କରି ଡାକ ଡାକିବାର ପ୍ରଥମ ଡାକ—15. A sound made by Pālki bearers in the beginning of their march. [ଦ୍ର—ଜଳ ମନକୁ ଗୁଣ୍ ଗୁଣ୍ କରି ସଙ୍ଗୀତାଲାପ କରିବା ସମୟରେ ଲୋକେ ଏହି ଶବ୍ଦକୁ ହ୍ରସ୍ୱ କରି ବହୁବାର ଉଚ୍ଚାରଣ କରନ୍ତି ।

ଅନାଦର ଓ ଘୃଣା ପ୍ରଦର୍ଶନ କଲବେଳେ ଲୋକେ ଏହି ଶବ୍ଦକୁ ପାଦ ତଳେ ଥରେ ଉଚ୍ଚାରଣ କରନ୍ତି । ଯଥା—ହୁଁ ! ଦେଖିବା ତୁ ଟୋକାକାରି କରୁଛ କେତେ ?]

ହୁଁ କ'ରି—ଦେ. କ୍ରି. ବଳ—ହୁଁ ହାର ଉଚ୍ଚାରଣ ପୂର୍ବକ (ବଳର

Huñ ka(ki)ri ଦେଖାଇବା)—(To show one's

[ହୁଁକଳା (ବ)—ଅନ୍ୟରୂପ] strength) By uttering the

ହୁଁ କରେ ହୁଙ୍କରକେ sound of Huñ.

ହୁଁ କରିବା(ମାରିବା)—ଦେ. କ୍ରି—୧ । ଅନ୍ୟ ବ୍ୟକ୍ତିର କଥାରେ ବା

Huñ karibā (maribā) ପ୍ରସ୍ତାବରେ ସାଉଦେବା; ସମ୍ମତ

ହୁଁ କରା . ଦେବା—1. To agree to what another is

ହୁଁ କରନା saying. ୨ । କଥା ବା କାହାଣୀ କହୁଥିବା ବ୍ୟକ୍ତିକୁ କଥା କହିବା ନମନ୍ତେ ଉତ୍ସାହିତ କରିବା ଓ ଶ୍ରୋତା ମନୋଯୋଗପୂର୍ବକ କଥିତ ବିଷୟ ଶୁଣୁଅଛନ୍ତି ଏହା ଜଣାଇବା ପାଇଁ ମଝିରେ ମଝିରେ ହୁଁ ଶବ୍ଦ ଉଚ୍ଚାରଣ

Digitized by srujanika@gmail.com

କରିବା—2. To utter the sound of Huñ while attending to a person's conversation or story. ପ୍ରାଦେ (ଜଡ଼ଅଳ) କି—ସ୍ୱୀକାର କରି ହୁଁ କରିବା—To utter the exclamation Huñ in token of agreement or disagreement.

ହୁଁ ଚୁଁ—ଦେ. ଅ—୧ । କୌଣସି ଆଦେଶର ଲଙ୍ଘନସୂଚକ Huñ chuñ ବା ଅସନ୍ତୁଷ୍ଟିସୂଚକ ବାକ୍ୟର ପ୍ରକାଶ—1. ହୁଁଚୁଁ Expression of dissent from or disobedience ହାଁନା to an order. ୨। ଦଲଚଲ; ଇତସ୍ତତଃ ଚଳନ ବା ଗତି—2. Slight movement to and fro. ୩। ସାମାନ୍ୟ ମୃଦୁ ଶବ୍ଦ—3. Slight sound. ବଣ—ଯେଉଁ ବ୍ୟକ୍ତି କଥା ବା ଆଦେଶକୁ ଲଙ୍ଘନ କରେ ବା ଅସନ୍ତୁଷ୍ଟି ପ୍ରକାଶ କରେ—Expressing dissent from or disapproval of or disobedience to an order.

ହୁଁଚୁଁ କରିବା—ଦେ. କି—୧ । ପ୍ରଭୁଙ୍କ ଆଦେଶ ପ୍ରତି ଅବଜ୍ଞାସୂଚକ Huñ chuñ karibā ଉତ୍ତର ଦେବା—1. To retort to ହୁଁଚୁଁକରା one's master's order. ୨। କଥାକୁ ବା ଆଦେଶକୁ ହୁଁଚୁଁ କରନା ଲଙ୍ଘିବା—2. To disobey or disregard an order. ୩। ଅସନ୍ତୁଷ୍ଟିସୂଚକ ଲକ୍ଷଣ ପ୍ରକାଶ କରିବା—3. To give vent to one's disapproval or disagreement. ୪। ଦଲ୍‌ଚଲ୍ ହେବା; ଇତସ୍ତତଃ ଗୁଳଉ ହେବା—4. To move slightly to and fro

ହୁଁଚୁଁ ହେବା—ଦେ. କି—୧ । ସାମନ୍ୟ ମାତ୍ର ଇତସ୍ତତଃ ଗୁଳଉ ହେବା Huñchuñ hebā —1. To move slightly to and fro ହୁଁଚୁଁହଓୟା ୨। ଆଦେଶକୁ ସାମାନ୍ୟମାତ୍ର ଲଙ୍ଘନ କରିବା—2 To ହୁଁଚୁଁହୋନା slightly disobey an order. ୩। ସାମାନ୍ୟ ମାତ୍ର ଶବ୍ଦ କରିବା—3 To make a slightly audible sound.

ହୁଣ୍ଟ୍—ପ୍ରାଦେ (ଭତଡ଼ଭ୍ରଗା) ବ—ଓଟ—
Huñṭ Camel.

ହୁଁଡାର—ପ୍ରାଦେ (ଜଡ଼ଅଳ) ବ—ଗଧ୍ରଥ—
Huñdāra Wolf; byena.
(ହୁଣ୍ଡାର—ଅନ୍ୟରୂପ)

ହୁଁ ବ(ମ, ମେ)ର ଭାଇ—ପ୍ରା. ଅ (ସଂ. ହୁମ୍ ଓ ହିନ୍ଦୀ ମେରା= Huñ ba(ma, me)rā bhāi ମୋର+ଭାଇ=ଦେ ଭାଇ)—[ହୁଁ ବ(ମ, ମେ, ମ)ର ଭାଇରେ(ଲେ)—ଅନ୍ୟରୂପ] ସବାଲ୍-ବେହେରାକର ଡାକଵଶେଷ—A halloo uttered by the palki-bearers.
[ଦ୍ର—ସବାଲ ବେହେରାମାନେ ସବାଲ କାନ୍ଧେଇ ଅଗ୍ରସର ହେବା ବେଳେ ପ୍ରଥମେ 'ହୁଁ' ଧ୍ୱନି କରନ୍ତି । ତା ପରେ 'ହୁଁ ମେରା ଭାଇ' ଡାକ ତା ପରେ କମଶଃ ଗଭୀରତର ସଙ୍ଗେ ସଙ୍ଗେ ନାନା ଅର୍ଥବ୍ୟଞ୍ଜକ ଡାକମାନ ଡାକନ୍ତି ।]

ହୁଁ ହାଁ—ଦେ. ଅ (ସଦୃଶର ଶବ୍ଦ)—୧ । ସମ୍ମତିସୂଚକ ଧ୍ୱନିଦ୍ୱୟ— Huñ hāñ 1. Two sounds indicating consent ହୁଁ ହାଁ ହାଁ ହୁଁ or approval. ୨ । ସବାଲ୍ ବେହେରାଙ୍କ ଡାକ ଵଶେଷ—2. A halloo uttered by palki-bearers. [ଦ୍ର—ପ୍ରଥମ ବେହେରା 'ହୁଁ' ଧ୍ୱନି କରିବା ପରେ ଦ୍ୱିତୀୟ ବ୍ୟକ୍ତି 'ହାଁ' ଧ୍ୱନି କରେ ।] ୩ । ହୁଁ ହାଁ ଚଢ଼େଇ ଦମ୍ପତିଙ୍କର ଧ୍ୱନିଦ୍ୱୟ—3. The two responding sounds of a pair of Huñ Hāñ birds. ପ୍ରାଦେ (ଜଡ଼ଆଳ) ଅ—ଶିଶୁର ଶବ୍ଦ—Sound utterrd by infants.

ହୁଁ ହାଁ ଚଢ଼େଇ—ଦେ ବ—ଏକ ପ୍ରକାର ପାର୍ବତ୍ୟ ଓ ଜଙ୍ଗଲୀ ଘେଗୁ— Huñ hāñ chardhei ଡାଉସୁ ବଡ଼ ଚଢ଼େଇ—A kind of ହୁମ୍‌ହୁମେ ପାଖୀ big owl making a very ferocious ହୁହୁଆ booting sound in the night.
[ଦ୍ର—ଏମାନେ ଗଭୀର ରାତ୍ରିରେ ଜଙ୍ଗଲରେ ପଚାଶଫୁଟରୁ ବହୁ ଦୂରରେ ବା ନଈର ଏପାର ସେପାରରେ ଥାଇ ରବ କରନ୍ତି । ଗୋଟିଏ ଚଢ଼େଇ 'ହୁଁ' ବୋଲି ଘୋର ଗମ୍ଭୀର ରବ କରେ ଓ ସେଥିର ପରେ ଅନ୍ୟ ପକ୍ଷୀ 'ହାଁ' ବୋଲି ରବ ଦିଏ ।]

ହୁଁ ହୁଁ ଦେ. ଅ—୧ । ସମ୍ମତିସୂଚକ ହୁଁ ଧ୍ୱନିର ଦ୍ୱିତ୍ୱ— Huñ huñ 1. Doublet of 'Huñ'. ୨ । ପାରା ଓ ହୁଁ ହୁଁ ହୁଁହୁଁ କପୋତାଦି ପକ୍ଷୀମାନଙ୍କର ଉଚ୍ଚାରିତ ଧ୍ୱନି— 2. The cooing sound of doves and pigeons. [ଉ—ଶବ୍ଦ ପାରାବତ ହୁଁ ହୁଁ ଆରମ୍ଭି, ବେଗ୍ରରେ ଦ୍ୱିଜ ସମ୍ଭତ ଲଭ । ଉଜ୍ଜ· ବୈଦେହୀଶବଲାସ ।] ୩ । ସମ୍ଭୋଗ କାଳରେ ମତ୍ତତା ଯୋଗୁଁ କାମୁକା ସ୍ତ୍ରୀମାନଙ୍କର ଉଚ୍ଚାରିତ ମଧ୍ୟର ଅସ୍ପଷ୍ଟ ଶବ୍ଦ ଵଶେଷ—3, A sound uttered by lustful young women during orgasm. [ଉ—ହାଁ ହାଁ ହୁଁ ହୁଁ ନାଁ ନାଁ ମଲ ଇଷି ଗୁଣାକୁ କଷ ଭୁଲ୍ଲଇବ । ଉଜ୍ଜ· ପ୍ରେମସୁଧାକାବ୍ୟ ।]

ହୁକ୍—ବୈଦେ. ବ (ଇଂ. ହୁକ୍)—କଣ୍ଟାର ଖାଲୁର କଣ୍ଟା; ଖାଲୁର Huk ଅଙ୍କୁଶ—A hook.

ହୁକ୍‌ମତ୍(ତି)—ବୈଦେ. ବ ଆ. ହୁକୁତ୍)—ହୁକୁମତ୍ (ଦେଖ) Huk-mat(ti) Hukumat (See)

ହୁକ୍ ହୁକ୍ (ଇତ୍ୟାଦି)—ଦେ. ଅ—ହୁକୁ ହୁକୁ (ଦେଖ) Huk-huk (etc) Huku huku (See)

ହୁ କ(କି)ର(କିନା, କିନି)—ଦେ. କି. ବଣ—ହୁଉ କରି (ଦେଖ) Hu ka(ki)ri(kinā, kini) Hu-u kari (See)

ହୁକା—ବୈଦେ. ବ (ଫା. ହୁକ୍କା)—୧ । ଗୁଡ଼ାଖୁ ଖାଆଁ ପିଇବା ପାଇ Hukā ବ୍ୟବହୃତ ନଳଯୁକ୍ତ ଯନ୍ତ୍ର; ଗୁଡ଼ଗୁଡ଼ି—1. A hookāh; ହୁକା ହୁକ୍କା hubble bubble; a pipe for smoking tobacco.

Digitized by srujanika@gmail.com

୨ । ଅଫିମ ବା ମଦତ ଧୂଆଁ ପିଇବା ପାଇଁ ବ୍ୟବହୃତ ନଳଯୁକ୍ତ ଯନ୍ତ୍ର—2. A pipe for smoking opium. [ଦ୍—ଧୂଆଁପତ୍ରର ଧୂଆଁ କଡ଼ା ଥିବାରୁ ଧୂଆଁପତ୍ରକୁ ଗୁଣ୍ଡା କର ସେଥିରେ ଗୁଡ଼ ଓ ଡେଡେଇ ମସଲା ମିଶାଇ ଗୁଡ଼ାଖୁ (ବ. ତାମାକ୍) ନାମର ଏକ ପ୍ରକାର କାବୁଆ ଦ୍ରବ୍ୟ ପ୍ରସ୍ତୁତ କରାଯାଏ । ଏହି ଗୁଡ଼ାଖୁକୁ ଗୋଟିଏ ମାଟିର କାହାଳ ବା ଚଲମ୍ (ବ. ଚଲ୍‌କେ, ଚଲମ୍) ଉପରେ ରଖି ତନ୍ମଧ୍ୟରେ ଅଙ୍ଗାର ବା ଅଙ୍ଗାର ସଦୃଶ ଜମିଚ ମିଠା (ଟିକିଆ) ଦେଇ ଅଗ୍ନି ସଂଯୋଗ କରାଯାଏ । ସେହି ଚଲମ୍‌ର ତଳେ ବା ଗାଣ୍ଡି ଅଡ଼େ ଗୋଟିଏ ଛିଦ୍ର ଥାଏ । ସେହି ଚଲମକୁ ଗୋଟିଏ ନଳ (ବ. ନଲ୍) ଉପରେ ବସାଇବାକୁ ହୁଏ । ସେ ନଳର ଚଲମ୍ବଣ୍ଡ ବା ନାଳଗୁ ଗୋଟିଏ ଫମ୍ପା ନଡ଼ଆ (ବ. ଖୋଲ୍, ମାଲ୍ଲ) ମଝରେ ଥିବା ଘାଣିରେ ରୁଜ ଥାଏ । ସେହି ନଡ଼ଆର ଅଧଯାଏ ପାଣି ପୂର୍ଣ୍ଣ ଯାଇଥାଏ ଓ ନଡ଼ଆର ଗୋଟିଏ ପାର୍ଶ୍ୱରେ ଗୋଟିଏ କଣା କରାଯାଇ ଥାଏ । ସେହି ଛିଦ୍ରରେ କେହି କେହି ମୁହଁ ଲଗାଇ ଧୂଆଁ ଖୋଷନ୍ତି ଓ କେହି କେହି ସେହି ଛିଦ୍ରରେ ଖଣ୍ଡିଏ ସରୁ ଖୋସେଇ ନଳ (ବ. ସରୁକା) ଗୁଞ୍ଜି ସେହି ନଳକୁ ଚୁପୁଲିଲେ ନଡ଼ଆରେ ପାଣି ନ ଥିବା ଉପର ଅଂଶରେ ଚଲମରେ ଥିବା ଗୁଡ଼ାଖୁ ଯୋଡ ସାଇ ଉହିଁର ଧୂଆଁ ନଳ ବାଟେ ଆସି ନଡ଼ଆରେ ଥିବା ପାଣି ଉପରକୁ ଗୁଡ଼୍‌ଗୁଡ଼୍ ଶବ୍ଦ କରି ଉଠି ଅସେ ଓ ନଡ଼ଆର ପାର୍ଶ୍ୱସ୍ଥ ଛିଦ୍ର ବାଟେ ଭାଙ୍ଗି ପାଟିକୁ ଆସେ । ଏଉଦ୍ଦ୍ୱାରା ଗୁଡାଖୁ ଧୂଆଁର ମିଷ୍ଟ ସ୍ୱାଦ ମନୁଷ୍ୟ ଭୋଗ କରେ । ହୁକା ଟାଣିବା ବେଳେ ଚଲମର ଧୂଆଁ ନାଳଗୁ ବାଟେ ନଡ଼ଆର ପାଣି ଉପର ଦେଇ ଉଠିବା ବେଳେ ଗୁଡ଼୍‌ଗୁଡ଼୍ ଶବ୍ଦ ହୁଏ ।

ହୁକା ସାଧାରଣତଃ ୨ ପ୍ରକାରର—୧ । ନଡ଼ଆ ହୁକା—ଏହାର ଗାଣ୍ଡି ନ ଥିବାରୁ ଏହାକୁ ଉଳେ ଉଙ୍ଗି ଦେଲେ ଏହା ଚଳି ପଡେ । ଏଥିପାଇଁ ଗୋଟିଏ ନଡ଼ଆ ସମ୍ଭାଇବା ଉଳ ପାଇ ଆକୃଉର ବଇଠକ ଦରକାର ହୁଏ । ୨ । ଅଲ୍‌ବଲ୍ଲା ହୁକା—ଏଥିରେ ନଡ଼ଆ-ଜଳାଧାର ପରିବର୍ତ୍ତେ ଧାତୁ-ନିର୍ମିତ ସମତଳ ଆଧାର ବ୍ୟବହୃତ ହୁଏ ଓ ଏଥିରେ ସରୁକା ପରିବର୍ତ୍ତେ ଗୋଟିଏ ଲମ୍ବ ଓ ନମ୍ରମାସ୍ୟ ନଳ ଲଗିଥାଏ । ନଡ଼ଆ ହୁକାକୁ ମନୁଷ୍ୟ ହାତରେ ନ ଧରଲେ ଧୂମପାନ କର ପାରନ୍ତି ନାହିଁ, କନ୍ତୁ ଅଲବଲ୍ଲା ହୁକାକୁ ଉଳେ ଥୋଇ ଖଣ୍ଡତୁର ଛଡ଼ାରେ ବସି ବା ଶୋଇ ଧୂମପାନ ସୁଖ ଉପଭୋଗ କରାଯାଏ ।

ଅଫିମକୁ ଥୋଡ଼ା ପିଜୁଳି ପତ୍ର ସଙ୍ଗେ ନଖଁରେ ଗନ୍ଧ 'ମଦତ' ବା 'ଗୁଲ' ନାମକ' ଗୁଲା (ଇଂ. ଗୋଲକ) ଉଆର କରାଯାଏ । ଏହି ଗୁଲ ଖାଇବା ପାଇଁ ଯେଉଁ ହୁକା ବ୍ୟବହୃତ ହୁଏ ତହିଁର ଚଲମ୍ ଗୁଡ଼ାଖୁ ଜେମ ପରି ଛୋଟାକାର ନ ହୋଇ ଭାଙ୍ଗାର ସରୁଆ ମୁହଁରେ ଗୋଟିଏ ସାନ ଛିଦ୍ର ଥାଏ ଓ ସରୁକା ପରିବର୍ତ୍ତରେ ଗୋଟିଏ ଲମ୍ବ ସିଧା ନଳ ସେଥିରେ ଲଗିଥାଏ । ମଦଉର ଗୋଟିଏ ଛୁଞ୍ଚା ବା ଗୁଲାକୁ ଚଲମର ଅଗର ଛିଦ୍ର ଉପରେ ରଖି ତହିଁରେ ଲମ୍ବ ଝିଅ ଦ୍ୱାରା ଅଗ୍ନି ସଂଯୋଗ କଲ୍ଲ ବେଳେ ଗୁଲ ଖାଇବା ଲୋକ ବଡ ସତ୍‌କାରରେ ମୁହଁ ଲଗାଇ ଖୋଷି ଜଏ ଓ ମଦଉରୁ ଜର୍ଗତ ଧୂଆଁ ସେ ନଳ ବାଟେ ପାଟିକୁ ଯାଏ ।

ହୁକାର ଉଲ୍ଲ ଉଲ୍ଲ ଅଙ୍ଗ ଓ ଉପକରଣ :—

୧ । କାହାଳ, ଚଲମ (ବ. ଚଲ୍‌କେ, ଚଲକା) ଧାତୁର ଫୁଲ ଆକୃତି ଜିନିଷ, ତଳେ ଛିଦ୍ର ଥିବା ମାଟିର ପାତ्र ।

୨ । ଠିକର (ବ. ଠିକ୍‌ର), ଚଲମର ଜମ୍ମସ୍ଥ ଛିଦ୍ରର ମୁହଁରେ ଦଅଯିବା ଗୋଡ ବା ଖପର୍ଗ । ଏହା ଥିବାରୁ ଚଲମର ଛିଦ୍ର ମଧ୍ୟକୁ ଗୁଡ଼ାଖୁ ବା ଜଅଁ ପଶିଯାଏ ନାହିଁ ।

୩ । ଟିକିଆ (ବ. ଟିକିଆ), ଅଙ୍ଗାରଗୁଣ୍ଡା ସଙ୍ଗେ ପେଳ ମିଶାଇ ଶୁଖା ଯାଇଥିବା ପିଠା । ଏଥିରେ ତଣ୍ଡୁଳ ଜଅଁ ଥରେ ଓ ଚଲମରେ ଗୁଡ଼ାଖୁ ରଖି ତା ଉପରେ ଖଣ୍ଡି କେତେ ଟିକିଆ ରଖି ଜଅଁ ଲଗାଇ ଦେଲେ ଶୀଘ୍ର ସମୁଦାୟ ଟିକିଆରେ ଜଅଁ ଲାଗି ଗୁଡ଼ାଖୁ ଖୋଡ ଯାଏ ।

୪ । ନଳ, ନଲ, ନଳଗୁ (ବ. ନଲ୍ଲଗୁ, ନଲ୍‌ଡେ), ଗୋଟିଏ କାଠର ସରୁ ନଳ । ଏହାର ମୁଣ୍ଡଖାଲକୁ ଚଲମର ଜମ୍ମସ୍ଥ ଛିଦ୍ରରେ ଗୁଞ୍ଜିବାକୁ ହୁଏ ଓ ତଳ ପାଖଟି ନଡ଼ଆରେ ପଶି ଥାଏ ।

୫ । ନଡ଼ଆ (ବ. ଖୋଲ, ମାଲ୍ଲ), ଗୋଟିଏ ନଡ଼ଆ ଉତ୍ତରୁ ଶସ୍ତାକ କୋତ୍ତ ଢୋଇ ତାହାର ଠିକ୍ ମଝି ଉପରେ ଗୋଟିଏ ଛିଦ୍ର କର ଯାଇଥାଏ । ସେହି ଛିଦ୍ର ବାଟେ ନଳର ଜମ୍ମ-ମୁଣ୍ଡକୁ ଭର୍ତ୍ତି କରାଯାଏ ଓ ଉକ୍ତ ନଡ଼ଆ କୁକ୍ଷାର ପାର୍ଶ୍ୱରେ ଗୋଟିଏ ଛିଦ୍ରରେ ଓଠଲଗାଇ ବା ସରୁକା ଦ୍ୱାରା ଧୂଆଁ ଟାଣିବାକୁ ହୁଏ ।

୬ । ସରୁକା, ସିରୁକା (ବ. ସରୁକା, ନଲ), ନଡ଼ଆ କୁକ୍ଷାର ପାର୍ଶ୍ୱସ୍ଥ ଛିଦ୍ରରେ ଲଗିଥିବା ଖୋସେଇ ନଳ । ଏହାକୁ ମୁହଁରେ ଧର ଖୋସିଲେ ନଡଆ କୁକ୍ଷା ମଧ୍ୟରେ ଜମା ଢୋଇଥିବା ଧୂଆଁ ପାଟିକୁ ବାହାର ଆସେ ।

୭ । ଭାଉଆ (ବ. ଭାଉଆ) ହୁକାର ଚଲମରେ ଥିବା ଅଗ୍ନିଯୁକ୍ତ ଗୁଡ଼ାଖୁର ଧୂଆଁ ପବନରେ ଉଡ଼ି ନ ଯିବା ପାଇଁ ଚଲମ ଉପରେ ଯୋଡ଼ା ଯିବା ଗୋଟିଏ ଛିଦ୍ରଯୁକ୍ତ ଆବରଣ ।

୮। ଗଜ, ଶିଜ (ବ. ଗଜ, ଛିଁଚ୍‌କେ)—ହୁକାର ନଳର ବା ଚଲମର ଛିଦ୍ର ସରୁ ଦ୍ୱାରା କନ୍ଦ ଢୋଇ ଯାଇଥିଲେ ତାହା ସଫା କରିବା ପାଇଁ ବ୍ୟବହୃତ ଲୁହାର ସୋଝ ତାର ବା ଉଜ ।*

୯ । ଗୁଡ଼ାଖୁ (ବ. ତାମାକ୍)—ଗୁଡ଼ ଓ ସୁବାସିତ ମସଲା ମିଶା ଧୂଆଁପତ୍ର ଗୁଣ୍ଡ ।]

ଭାଦେ (ମେଦମାପୁର) ୧—ଡୁକା—Ant hill.

Digitized by srujanika@gmail.com

ହୁକା ଖାଇବା(ଟାଣିବା, ପିଇବା)—ଦେ. କ୍ରି—ହୁକା ଦ୍ୱାରା ଧୂମ ପାନ Hukā khāibā(ṭāṇibā, pi-ibā ଇତ୍ୟାଦି —To smoke ହୁଁକା ଟାନା ହୁक्का पीना with a hubble bubble.

ହୁକା ଗୁଲ—ଦେ. ବ—ହୁକାରେ ବ୍ୟବହୃତ ହୋଇଥିବା ଦଗ୍ଧ ଗୁଡ଼ାଖୁ— Hukā gula Burnt tobacco-mixture after ହୁଁକାର ଗୁଲ राख ic is used in a hookāh.

ହୁକା ପାଣି – ଦେ. ବ—ହୁକାରେ ବ୍ୟବହୃତ ଜଳ, ଯାହାର ମଧ୍ୟ ଦେଇ ଗୁଡ଼ାଖୁ ଧୂଆଁ ବାହାର ଅସି ଥାଏ—The used ହୁଁକୋର ଜଳ हुक्का पानी water of a hookāh.

ହୁକା ବଇଠକ(ବଇଠି) ଦେ. ବ—ଅଗାଣ୍ଡିଆ ହୁକାକୁ ସ୍ଥିର କରି Hukā baiṭhaki(baiṭhi) ରଖିବା ପାଇଁ ବ୍ୟବହୃତ ବଇଟି- [ହୁକା ବୈଠକ(ବୈଠି)—ଅନ୍ୟରୂପ] ଲଗା ଅଧାର— ହୁଁକୋର ବୈଠକ A stand for keeping the Hookāh हुक्कावैठकी erect.

ହୁକା ବର୍‌ଦାର—ବୈ.ଦେ. ବ—(ଫା)—ବଡ଼ଲୋକଙ୍କସଙ୍ଗେ ହୁକା Hukā bar-dār ବହନ କରିବା ଭୃତ୍ୟ—A servant ହୁଁକା ବର୍‌ଦାର୍ carrying the hookāh in the retinue of हुक्का वरदार a rich person.

ହୁକିଟୋଳା - ଦେ. ବ—(ନାମ)—ଜଟକ ଛାଡ଼ାରେ ଅବସ୍ଥିତ ମହାନଦୀ Hukiṭolā ମୁହାଣ ଫଲସ୍‌ପଏଣ୍ଟ୍ ବତ୍ତିଘର ନିକଟସ୍ଥ ବସତି— Name of a village near the Falsepoint light house at the mouth of the Mahā-nadī river inthe Cuttack district.

ହୁକୁମ୍—ବୈ.ଦେ. ବ—(ଅ. ହୁକ୍‌ମ୍)—୧ । ଅଜ୍ଞା; ଆଦେଶ—1. Hukum ହୁକୁମ୍ हुक्म Order; command. [ଦୃ—ହାକିମ ବଡ଼ ନୁହେଁ ହୁକୁମ ବଡ଼—ପ୍ରବଚନ। ଏଥିର ଅର୍ଥ—ହାକିମ ତୁମ ଅପେକ୍ଷା ଜଣେ ସାଧାରଣ ଲୋକ ଅଟନ୍ତି, କିନ୍ତୁ ତାଙ୍କର କ୍ଷମତା ବଳରେ ସେ ଯେଉଁ ଆଦେଶ ଦଅନ୍ତି ତାହାହିଁ ବଡ଼ ଅଟେ ।]

୨ । ମୀମାଂସା—2. Decision. ୩ । ବିଚାରର ଫଳ— 3. The result of judgement; judicial decision, [ଦୃ—ହାକିମ ଫେରେ, ତ ହୁକୁମ ଫେରେ ନାଁ—ପ୍ରବଚନ। ଏଥିର ଅର୍ଥ—ଜେ ହାକିମ ବଦଳ ହୋଇଲେ ବା ମୃତ ହେଲେ ତାଙ୍କ ସ୍ଥାନରେ ଅନ୍ୟ ହାକିମ ଆସନ୍ତି, କିନ୍ତୁ ପ୍ରଥମ ହାକିମଙ୍କ ପ୍ରଦତ୍ତ ହୁକୁମ ଅପରିବର୍ତ୍ତିତ ରହେ ।] ୪ । ବିଚାର ଫଳର ଲିପି—4. Decree. ୫ । କୌଣସି ଦେବାନୁଗୃହୀତ ମନୁଷ୍ୟଙ୍କ ଦ୍ୱାରା ପ୍ରଚାରିତ ହେବା ଦେବାଦେଶ—5. An order of a Deity conveyed through a favoured person; Divine command. [ଦୃ—ରୋଗ ଇତ୍ୟାଦି ଦୂର ହେବାପାଇଁ, କାମ୍ୟ ଫଳର ବାଞ୍ଛାସିଦ୍ଧିପାଇଁ ଲୋକେ ଦେବତାଙ୍କୁ ଅନୁସରଣ କରନ୍ତି । ଉକ୍ତ ଦେବତା ପ୍ରାର୍ଥୀ ବ୍ୟକ୍ତିକୁ ସ୍ୱପ୍ନାଦେଶ ଦଅନ୍ତି, କାମ୍ୟ ଉକ୍ତ ଦେବତାଙ୍କର ବିଶେଷ ଅନୁଗ୍ରହ ଥିବା ବ୍ୟକ୍ତିକୁ ଦେବତା ତାଙ୍କ ଆଦେଶ ଜଣାନ୍ତି ଓ ଉକ୍ତ ବ୍ୟକ୍ତି ଦେବତାଙ୍କ ଆଦେଶକୁ ପ୍ରାର୍ଥୀଙ୍କୁ ଜଣାନ୍ତି ।] ୬ । ଦେବାଦେଶପ୍ରାପ୍ତ ଔଷଧ—6. A medicine got by a Divine command. ୭ । ତାସ୍ ବା ଗଞ୍ଜିଫା ଖେଳରେ ରାଜା, ରାଣୀ ଅଦ୍ଦ ବେଗମ ଉପରେ ତାସ୍—7. King and queen cards and other cards of higher value in the game of cards or gañjapā.

ହୁକୁମ୍ ଅମାନ୍ୟ—ଦେ. ବ—କୌଣସି ଆଦେଶକୁ ନ ମାନିବା— Hukum amānya Disobedience of an order. ହୁକୁମ ଅମାନ୍ୟ हुक्म अमान्य

ହୁକୁମ୍ କରିବା—ଦେ. କ୍ରି—୧ । ଆଦେଶ ଦେବା—1. To give Hukum karibā or issue an order. ୨ । ଆଜ୍ଞା ହୁକୁମ କରା ପାଳନ କରିବା—2. To carry out an order. हुक्म करना

ହୁକୁମ୍ ଚଲା(ଲେ)ଇବା—ଦେ. କ୍ରି—୧ । ଆଦେଶ ଦେବା—1. To Hukum chalā(le)ibā pass an order. ୨ । ହୁକୁମ ହୁକୁମ ଚାଲାନ ପ୍ରଚାର କରିବା—2. To promulgate an हुक्म चलाना order.

ହୁକୁମ୍ ଜାରି—ବୈ.ଦେ. ବ (ଫା) (ଜରିଆ) – ୧ । ଆଜ୍ଞା ପ୍ରଚାର— Hukum jāri 1. Promulgation of an order. ୨ । ହୁକୁମ ଜାରି ହାକିମଙ୍କ ପ୍ରଦତ୍ତ ଆଦେଶର ସାଧାରଣରେ ପ୍ରଚାର- हुक्मजारी କରଣ ବା ଜ୍ଞାପନ—2. Conveying or publishing of an order passed by an authority. ୩ । ଲାଞ୍ଛନଦେହରେ ସଦ୍ୟ ଆଜ୍ଞା ଅନୁସାରେ କାର୍ଯ୍ୟ ହେବାର ଅବସ୍ଥା—3. The state of an order being carried out without fail.

ହୁକୁମ୍ ତାବେ—ବୈ.ଦେ. ବିଣ—(ଫା) (ତରଫ ଅ)—୧ । କୌଣସି Hukum tābe ବ୍ୟକ୍ତିର ଆଜ୍ଞାର ଅଧୀନ—1. Subservient ହୁକୁମ ତାଁବେ to a person's order. ୨ । ଅଧସ୍ତନ; ଅଧୀନ— हुक्म वरदार 2. Subordinate.

ହୁକୁମ୍ ତାମିଲ୍—ବୈ.ଦେ. ବ—(ଅ)—ଆଦେଶ ପାଳନ— Hukum tāmil Carrying out of an order. ହୁକୁମ ତାମିଲ हुक्म तामिल

ହୁକୁମ୍‌ଦାର୍—ବୈ.ଦେ. ବ—(ଅ)—ଆଜ୍ଞାବହ ଭୃତ୍ୟ; ଅର୍ଦ୍ଦଲି— Hukum-dār An orderly. ହୁକୁମଦାର हुक्म वरदार

ହୁକୁମ୍ ଦେବା—ଦେ. କ୍ରି—୧ । ଆଦେଶ ପ୍ରଦାନ କରିବା—1. To Hukum debā give an order. ୨ । ପ୍ରାର୍ଥନାକାରୀଙ୍କ ହୁକୁମ ଦେଓୟା ଦେବାଦେଶ ଜଣାଇବା—2. To convey हुक्म देना a Deity's order to a devotee.

ହୁକୁମ୍‌ନବିଶ୍—ବୈ.ଦେ. ବ—(ଫା) (ତରଫ ଅ)—ଯେଉଁ କର୍ମଚାରୀ Hukum nabis ହାକିମଙ୍କ ପ୍ରଦତ୍ତ ଆଦେଶସମୂହକୁ ଲିପିବଦ୍ଧ ହୁକୁମନବିଶ କରି ରଖନ୍ତି— A clerk whose duty it is हुक्म नवीश to record and register orders passed.

Digitized by srujanika@gmail.com

ହୁକୁମ୍ ନାମା—ବୈଦେ. ବ (ଉତ୍ତରପ)(ଫା)—ଆଦେଶ ପତ୍ର; ଆଜ୍ଞାପତ୍ର; ଆଦେଶ ଲିପି—A written order; a warrent.

Hukum-nāmā ହୁକ୍ମନାମା

ହୁକୁମ୍ ବଜା(ଜେ)ଇବା—ଦେ. କ୍ରି—ଆଦେଶ ପାଳନକରିବା—To carry out an order.

Hukumbajā(je)ibā ହୁକ୍ମବଜାନା

ହୁକୁମ୍ ବଜାୟ୍—ବୈଦେ. ବ—(ଅ. ହୁକ୍ମ ଓ ଫା ବଜାଗ୍)—୧। ଆଦେଶ ପାଳନ—1. Carrying out of an order. ୨। ପୂର୍ବ ପ୍ରଦତ୍ତ ବା ପ୍ରଥମ ପ୍ରଦତ୍ତ ଆଦେଶର ଅପରିବର୍ତ୍ତନ—2. Confirmation of an order previously passed.

Hukum bajāy ହୁକ୍ମବଜାୟ

ହୁକୁମ୍ ବର୍‌ଦାର୍—ବୈଦେ. ବଣ (ଅ)—୧। ଆଜ୍ଞା ପାଳନକାରୀ—1. Carrying out an order. ୨। ଆଦେଶାନୁବର୍ତ୍ତୀ—2. Obedient; subservient. ବ—୧। ଆଜ୍ଞାପାଳକ ଭୃତ୍ୟ—1 An obedient servant. ୨। ଦାକ୍ତରଙ୍କ ହୁକୁମ ଅନୁସାରେ ଯେଉଁ ଗୃକର ଏଗେ ଡେଣେ ଯାଅସ କରେ—2 An orderly.

Hukum bar-dār ହୁକ୍ମବରଦାର

ହୁକୁମ ବର୍‌ଦାର୍—ବୈଦେ. ବ(ଆ)—ଆଜ୍ଞାନୁବର୍ତ୍ତିତା—Hukum bar-dāri The state of carrying out orders; subserviency. ହୁକ୍ମବରଦାରି

ହୁକୁମ୍ ବହି—ବୈଦେ. ବ(ଅ)—ଯେଉଁ ପୁସ୍ତକରେ ଦାକ୍ତରଙ୍କ ପ୍ରଦତ୍ତ ହୁକୁମମାନ ଧାସ୍ତବାହୁକରୂପେ ଲିପିବଦ୍ଧ ହୁଏ—Hukum bahi Order book ହୁକ୍ମବହି

ହୁକୁମର ଗୃକର—ଦେ. ବ—ଆଜ୍ଞାପାଳନକାରୀ ଭୃତ୍ୟ—A servant whose duty is to carry out orders

Hukumara chākara ହୁକ୍ମକାନୌକର

ହୁକୁମ ରଦ୍(ଦ୍ଦ)—ବୈଦେ.ବ (ଉତ୍ତରପ)—(ଅ)—ପ୍ରଦତ୍ତ ଆଦେଶର ଖଣ୍ଡନ—Nullification or setting aside of an order

Hukuma rad(dd) ହୁକ୍ମରଦ୍

ହୁକୁମ ଲେଉଟା(ଟ)ଇବା—ଦେ.କ୍ରି—କୌଣସି ହୁକୁମ ଦେଇସରେ ତାକୁ ରଦ୍ଦ କରିବା—To undo an order

Hukuma leuṭā(ṭe)ibā ହୁକ୍ମରଦ୍ଦକରନା

ହୁକୁମ ଲେଉଟିବା—ଦେ. ବ—ହୁକୁମ ଦେଇସରେ ତା ଫେରିଯିବା—Upsetting of the order.

Hukuma leuṭibā ହୁକ୍ମଜାରୀହୋନା

ହୁକୁମ ସାଦର ହେବା—ଦେ. ବ—ଆଦେଶ ପ୍ରଚାରିତ ହେବା—The issue of an order.

Hukuma sādar hebā ହୁକୁମ ହଓୟା

ହୁକୁମତ୍ (ତ୍ତି)—ବୈଦେ ବ—(ଆ ହୁକ୍ମତ୍)—୧। ପ୍ରଭୁତ୍ୱ—1. Mastery. ୨। ଅଧିକାର—2. Authority ୩। ରାଜତ୍ୱ; ଶାସନ—3. Reign, dominion; administration ୪। ଯେଉଁ ଅଧିକାର ବଳରେ କୌଣସି ବ୍ୟକ୍ତି ଅନ୍ୟ ବ୍ୟକ୍ତି ଉପରେ ଆଦେଶ ଜାରିକରେ ବା ପ୍ରଭୁତ୍ୱ କରେ—4- Position of authority.

Hukumat(ti) 1. ହୁକୁମତ

ହୁକୁମତ କରିବା (କାର୍‌ଦିବା)—ଦେ. କ୍ରି—ଆପଣାର ପ୍ରଭୁତ୍ୱ ବା ଅଧିକାର ସର୍ବସାଧାରଣରେ ଦେଖାଇ ଦେବା—To show off one's authority; to boast of one's position of authority

Hukumati karibā (kārdhibā) ସ୍ୱକ୍ଷମତାର ପ୍ରଦର୍ଶନ କରିବା

[ହୁକୁମତ ଜାହିରକରିବା, ହୁକୁମତ ଜାହିର୍(ର)କରିବା—ଅନ୍ୟରୂପ]

ହୁକୁମତ୍‌କର୍ତ୍ତା ହୁକୁମତକରତା

ହୁକୁମା—ଦେ. ବ—ଇତ୍ୟାଦି ଅର୍ଥରେ ହାକମ୍ ଶବ୍ଦର ପରେ ପଦ୍ଧତିର ଶବ୍ଦରୂପ ବ୍ୟବହୃତ ଶବ୍ଦ—A word used after the word 'Hākim' to denote etcetera. (ଯଥା—ହାକମ୍ ହୁକୁମା)—

Hukumā ହାକିମ୍ ହିକାମ

ହୁକୁହୁକା—ଦେ. ବଣ. ସୂଂ—(ଯେଉଁ ବ୍ୟକ୍ତି) କୌଣସି କାର୍ଯ୍ୟ କରିବାକୁ ଅତ୍ୟଧିକ ଆଗ୍ରହାତିଶଯ୍ୟ ପ୍ରକାଶ କରେ—ନିଶ୍‌ପିଶେ ଅଗୁଆ (ହୁକୁହୁକେଇ—ସ୍ତ୍ରୀ) Showing much hankering to do a thing.

Hukuhukā ହୁକୁହୁକୁ

ହୁକୁହୁକୁ—ଦେ (ଧ୍ୱନ୍ୟନୁକରଣ) ଅ—୧। ଦାଇଁ ଘାଇଁ; କୌଣସି କାର୍ଯ୍ୟ କରନ୍ତେ ଅତ୍ୟଧିକ ଆଗ୍ରହାତିଶଯ୍ୟ ବା ଉଦ୍‌ବିଗ୍ନତା-ହାଁଇ ପାଁଇ ଅଗୁଆ ପ୍ରକାଶ—1. Hankering after any thing; eagerness to do a thing. ୨। ଅନଭିଜ୍ଞ ବ୍ୟକ୍ତିର କାର୍ଯ୍ୟ କରିବା ପାଇଁ ଅତ୍ୟଧିକ ଆଗ୍ରହାତିଶଯ୍ୟ—2 Eagerness of a biginner or a novice. ୩। ନଈ ପାଣିର ସ୍ରୋତ ବୋହି ଯିବାର ଧୀର ଶବ୍ଦ—3. The gliding sound of the flowing river—current. (ଉ—ନଈପାଣି ହୁକୁହୁକୁ, କଏ ନେଇ ଗଲ ଭଲମାନକୁ, ମୋ ଗଲାମାଳା ମାଣିକକୁ, କେଲାଙ୍କ—ଗୀତ।) ୪। ପେଗୁର ରବ—4. The hooting of the Owl.

Huku huku hebā ହୁକୁହୁକୁ ହେବା

ହୁକୁହୁକୁ ହେବା—ଦେ. କ୍ରି—୧। କୌଣସି କାର୍ଯ୍ୟ କରନ୍ତେ ଅତ୍ୟଧିକ ଆଗ୍ରହାତିଶଯ୍ୟ ବା ଉଦ୍‌ବିଗ୍ନତା ପ୍ରକାଶ ନିଶ୍‌ପିଶକରା ଅଗୁଆହୋନା କରିବା—1. To hanker after a thing. ୨। (ନଈର ପାଣି) ବୋହିବା ସମୟରେ ଧୀର ଶବ୍ଦ କରିବା—2. To make a gliding sound (said of the current of a river).

ହୁକେ—ଦେ. (ଧ୍ୱନ୍ୟନୁକରଣ) ଅ—ରାତ୍ରିରେ ପ୍ରତ ପହର ଅନ୍ତରରେ ବଲୁଆମାନଙ୍କ ସମ୍ମିଳିତ ବୋବାଳି ଧ୍ୱନି—The howling of jackals in the night at intervals of 3 hours since evening. [ଉ—ହୁକେ—ହୁକେ—ହୋ ! ବଲୁଆ ଡାକିଲେ ଠିକ୍ ଅଧରାତି। ଫଟାର ମୋହନ, ଛମାଣ ଅଠଗୁଣ୍ଠ]

ହୁକେ, ହୁକେହୁକେ, ହୁକେ ହୁକେ ହୁ (ହୋ) } ଅନ୍ୟରୂପ

Huke ହୁକ୍କା ହୁକ୍କାହୁଆ

ହୁକ୍କା (ଇତ୍ୟାଦି) ବୈଦେ. ବ—ହୁକା ଇତ୍ୟାଦି (ଦେଖ)—Hukkā eto (See).

Hukkā (etc)

Digitized by srujanika@gmail.com

ହୁଷ୍ଲ—ପ୍ରାଦେ (ଶଢ଼ିଆଲ) ବଣ—ଢିଲ୍ଲ—Slack; loose. Hug-lā

ହୁ(ଭ)ଗ୍ଲିବା—ପ୍ରାଦେ (ଶଢ଼ିଆଲ) କ୍ରି—ଢିଲ୍ଲ ହେବା—To be slack; to be loosened. Hu(bha)g-libā

ହୁଗାଲିବା—ଦେ. କ୍ରି—୧ । ହୁଗ୍ଲବା କ୍ରିୟାର ଣିଜନ୍ତରୂପ; ହୁଗୁଲାଇବା; ଶ୍ଲଥ କରାଇବା—To slacken; to loosen. ୨ । (ହୁଗ୍ଲବାର ସକର୍ମକରୂପ) ନିକାଳନା ବେଣ୍ଟରୁ କଟୁଖ, ବୁରୁଡ଼ି ଆଦିକୁ ହୁଗ୍ଲା କରିବା—2. To loosen an instrument or weapon from its handle.

ହୁଗୁଲା—ଦେ. ବଣ—୧ । ଶିଥିଲ; ଶ୍ଲଥ; ଢିଲ୍ଲ—1. Loose; slack. ୨ । ସାଢ଼ା ଠିକ୍‌ରୂପେ ଛିଦ୍ରରେ ବସି ନ ଥାଏ—2. Not fitting tightly. ୩ । ଯେଉଁ ଅଳଙ୍କାର ବା ପୋଷାକ ଦେହରେ ଠିକ୍‌ଭାବେ ନ ବସେ—3. Loose (garment or ornament). ୪ । ସାଢ଼ା ହଲହଲେ ଢିଲା ହଲ ହଲ ହେଉଥାଏ—4. Shaky.

ହୁଗୁଲା(ଲେ)ଇବା—ଦେ. କ୍ରି—(ହୁଗ୍ଲବାର ସକର୍ମକ ରୂପ)—ଶ୍ଲଥ କରିବା; ଶିଥିଳ କରିବା; ଶିଥିଳାଇବା; ହୁଗାଳିବା—To loosen, to slacken. ହଲହଲ କରା ଢିଲାକରନା

ହୁଗୁଳି—ଦେ. ବଣ (ନାମ)—୧ । ଗଙ୍ଗା ନଦୀର ଯେଉଁ ଶାଖା କଲିକତା ବାଟେ ବଙ୍ଗୋପସାଗରକୁ ଯାଇଅଛି—1. The name of the branch of the Ganges flowing along Calcutta. ୨ । ବଙ୍ଗ ପ୍ରଦେଶର ବର୍ଦ୍ଧମାନ ବିଭାଗର ଡୋଙ୍ଗଲ ଛଣ୍ଟା ଓ ସବ୍‌ଡିଭିଜନ୍ ଓ ହୁଗ୍ଲି ନଦୀର କୂଳସ୍ଥ ନଗରର ନାମ—2. Name of a district, subdivision and town on the river Hoogly in the Burdwan division of the Bengal Presidency. [ଦ୍ର—ଏହି ଜିଲ୍ଲାର ୩ଟି ସବ୍‌ଡିଭିଜନ୍ ଅଛି । ଯଥା—ହୁଗ୍ଲି, ଶ୍ରୀରମ୍ପୁର ଓ ଆରମ୍ବାଗ । ଏହି ଜିଲ୍ଲାର ରାଜଧାନୀ—ଚୁଞ୍ଚୁଡ଼ା] ଦେ. ବଣ—(ବ୍ୟଙ୍ଗ) ଯେଉଁ ବଢ଼େଇର କାମମାନ ଖାପ ନଖାଇ ହୁଗୁଳା ହୁଏ—A carpenter whose handiworks do not fit well. ହୁଗୁଳି ହୁଗୁଲି

ହୁଗୁଳ ପଡ଼ିବା—ଦେ. କ୍ରି—(କୀଳାଆଦି) ଛିଦ୍ରରୁ ଶିଥିଳ ହୋଇ ବାହାର ଯିବା—To come out of a hole by becoming loose (said of pegs etc. fitted to a hole). ହଲହଲେ ହଓୟା ନିକଳପଡ଼ନା

ହୁଗୁଳିବା—ଦେ. କ୍ରି—୧। ହୁଗୁଳା ହେବା; ଚୁଟ୍ଟି ବା ବନ୍ଧନରୁ ଶ୍ଲଥ ହେବା—1. To be slackened; to become slack. ୨ । ଛିଦ୍ରରୁ ଶ୍ଲଥହେବା—2. To become loosened from the hole or socket. ୩ । ଖସିଯିବା; ସ୍ଥାନରୁ ଚ୍ୟୁତ ହେବା—3. To be dislocated. (ଦ୍ର—ସେ ସକାଶୁ ଭାଡ଼ାର ଭାଡ଼ି ହୁଗ୍ଲିଲା—କୃଷ୍ଣସିଂହ ମହାପାତ୍ରଙ୍କ—ବଳ)

ହୁଗୁଳି ମ(ମା)ହାରଣା—ଦେ ବ(ବଙ୍ଗ)—ଯେଉଁ ବଢ଼େଇର କାରଗରି କାମ ମନ ହୁଗୁଳା ହୁଏ—(ironical) A carpenter whose handiworks do not fit well. ଢିଲାକରନେବାଲାମିସ୍ତ୍ରୀ

ହୁଙ୍କା—ଦେ. ବ—(ସଂ. ଶଙ୍କୁ)—ଉଇ ବଳା; ଉଇମାନଙ୍କ ନର୍ମ୍ମିତ ମାଟିର ଉଚ୍ଚ ସ୍ତୂପ—Ant-hill; mound raised by white ants. [ଉ—ଉଇହୁଙ୍କା ତୋଳା ସ୍ତୂପ ଗୋ ! ଅନ ସଉ ମାଃ ଭଲବ ଜାବନେ, ଉଠି, ପଡ଼ି, ବୁଡ଼ି, ଛନ୍ତି ଗୋ—ବାଲକୃଷ୍ଣ, ଫୁଲ ବଉଳ ବେଣ୍ଟି] ଦେଦେ (ପା) ୧—ହୁକା (ଦେଖ)—Hukā (See).

ହୁଙ୍କା ଗୋସା(ସେ)ଇଁ—ଦେ. ବ—ବିବଦମାନ ପୁରୁଷମାନଙ୍କ ଉପସ୍ୟା କରୁଥିବା ସ୍ଥାନରେ ହୁଙ୍କା ଜନ୍ମେ—ଏହିପରି ଅନୁମାନ କରି ସାଧାରଣ ଲୋକେ ଯେଉଁ ହୁଙ୍କାକୁ ପୂଜା କରନ୍ତି—Ant hill worshipped as the seat of some departed saint on which has grown a big ant hill.

ହୁଙ୍କା ଛତୁ—ଦେ. ବ—ହୁଙ୍କା ଉପରେ ଯେଉଁ ଛୁଦ୍ର ଛୁଦ୍ର ଛତୁ ଉଠିଥାଏ—A species of mushroom growing on ant hills.

ହୁଙ୍କାପିଠା—ଦେ. ବ—ହୁଙ୍କାକୁ ଦିଶି ବା ଭାଙ୍ଗି ସେ ମାଟିକୁ ଗୁରପାଖେ ଭୂମି ଉପରେ ଖେଲାଇବା—Breaking up of an anthill and strewing the earth around. ବଣ—୧ । ଯେଉଁ ବ୍ୟକ୍ତି କୌଣସି ପ୍ରଭେଦ ନରଖି ସମସ୍ତଙ୍କୁ ଏକାପରି ଅତ୍ୟାଚାର କରି ଶାସନ କରେ—1. (A person) Ruling with an iron hand without distinction (lit. earlly a person who levels upantbills). ୨ । ଅତ୍ୟାଚାରୀ—2. Oppressive. ହୁଙ୍କାପିଠା ଦିଅ—ଦେ. ବ—ଉଇହୁଙ୍କାର ମୃତ୍ତିକା—The earth from an anthill. ଉଇମାଟି ଦୀବରାମିଟ୍ଟୀ

ହୁଙ୍କାର—ସ. ବ—(ହୁମ୍=ଅନୁକାର ଶବ୍ଦ+କୃ, ଧାତୁ+ଘଞ୍ ପ୍ରତ୍ୟୟ)—୧ । ବଳ ପ୍ରକାଶ ପୂର୍ବକ ହୁଁ ଶବ୍ଦ—1. A sound (hoom) uttered by one making a big effort. [ଦ୍ର—ମାରିବା ଉଦ୍ଦେଶ୍ୟରେ ସ୍ଥାନାନ୍ତରରୁ ଦୌଡ଼ି ଆସିବାବେଳେ ହୁଙ୍କାର କରେ ଓ ସାଉଁଳମାନେ ଯୁଦ୍ଧ କରିବାବେଳେ ମଧ୍ୟ ହୁଙ୍କାର କରନ୍ତି ।] ୨ । ଯୋଦ୍ଧାର ବା ସାହସର ଘୋଷଣା ଯୁକ୍ତ ଗର୍ଜ୍ଜନ—2. The war-roar of a warrior. ୩ । କପୋତର ହୁଁ ହୁଁ ଶବ୍ଦ—3. The hooting or cooing of doves. ୪ । ବନ୍ୟ ବରାହର ଧ୍ୱନି—4. The roar of a boar. ୫ । ଗର୍ଜ୍ଜନ—5. Roar.

ହୁଙ୍କାର କରିବା—ଦେ. କ୍ରି—ବଳ ପ୍ରକାଶ ପୂର୍ବକ 'ହୁମ୍' 'ହୁମ୍' ରବ ଉଚ୍ଚାରଣ କରିବା—To make a Huṅkāra karibā

Digitized by srujanika@gmail.com

ହୁଙ୍କାର କରା 'hum' sound while making a big effort. हुंकार करना

ହୁଙ୍କାର୍‌ବା—ଦେ. କ୍ରି—୧ । ହୁଙ୍କାର କରିବା—1. To make a Huṅkāribā 'hum' sound while making a big effort. [କ୍ର—ବୁଲ୍ଲଇଣ ଦିଙ୍କିଦେଲ୍ଲ ସେ ଭୁଜ ହୁଙ୍କାରେ । ସ୍ୱଧାନାଥ, ବେଣୀ ସଂହାର ।] ୨ । ହୁଙ୍କାର ଦ୍ୱାରକ ଉତ୍ତୁକିବା—2. To make an effort or to raise one's self with a Hum sound. ୩ । ଉତ୍ଥାରିବା; କୌଣସି କଥାର ବା ପ୍ରସ୍ତାବର ସୂଚପାତ କରିବା—3. To introduce or hint a proposal; to make the first hint regarding a matter.

ହୁଙ୍କିବା—ଦେ. କ୍ରି—୧ । ଚଳିବା; ଟିକେ ମାତ୍ର ଚଳତ ଦେବା—1. Huṅkibā To move a little. ୨ । ଉତ୍ତୁକିବା—2. ନଡ଼ା To raise one's self up with an effort. टससे मस होना

ହୁଙ୍କୃତ(ତି)—ସ. ବ—(ହୁମ୍ + କୃତ; କୃତ୍ତ)—ହୁଙ୍କାର (ଦେଶ)—Huṅkṛuta(ti) Huṅkāra (see).

ହୁଙ୍ଗ୍(ଙ୍ଗୁ)ଳା—ଦେ. ବଣ. ପୁଂ—ଫାଙ୍ଗୁଳା (ଦେଶ)—Huṅg-(ṅgu)lā Phāṅgulā (See). (ହୁଙ୍ଗୁଳା—ସ୍ତ୍ରୀ)

ହୁଙ୍ଗ୍(ଙ୍ଗୁ)ଳା(ଳେ)ଇବା—ଦେ. କ୍ରି—ଘୁଙ୍ଗାଳିବା (ଦେଶ)—Huṅg(ṅgu)lā(le)ibā Ghuṅgālibā (See). (ହୁଙ୍ଗାଳବା—ଅନ୍ୟରୂପ)

ହୁଙ୍ଗ୍(ଙ୍ଗି)ବା—ଗ୍ରାଦେ (ସମ୍ବଲପୁର) କ୍ରି—କାହୁଡ଼ ମାରିବା—Huṅg-(ṅgi)bā To sting.

ହୁଙ୍ଗା—ଦେ. ବଣ. ପୁଂ—ଘୁଙ୍ଗା (ଦେଶ)—Huṅgā Ghuṅgā (See). (ହୁଙ୍ଗୀ—ସ୍ତ୍ରୀ)

ହୁଙ୍ଗାହୁଙ୍ଗି—ଗ୍ରାଦେ. (ଖଡ଼ିଆଳ) ବ—ଅନ୍ୟୋନ୍ୟରେ ଭୁସାଭୁସି—The act of thrusting each other's mutual poking. ବଣ—ଅନ୍ୟୋନ୍ୟରେ ଭୁସାଭୁସି ଦେଉଥିବା—Poking each other.

ହୁଙ୍ଗି ଦେବା—ଗ୍ରାଦେ. (ସମ୍ବଲପୁର) କ୍ରି—୧ । ଭୁସିଦେବା—1. To poke. ୨ । ବଥକୁ ଫୋଡ଼ିବା—2. To pierce a boil with a pointed needle or pin. (ହୁଙ୍ଗିବା—ଅନ୍ୟରୂପ)

ହୁଙ୍ଗିବା—ଗ୍ରାଦେ (ଖଡ଼ିଆଳ, ସମଲପୁର) କ୍ରି—ଭୁସିବା—To poke. Huṅgibā

ହୁଙ୍ଗୁର୍‌ଡ଼ି—ଗ୍ରାଦେ. (ବାଲେଶ୍ୱର) ବ—(ଧ୍ୱନ୍ୟନୁକରଣ) ଘୁଙ୍ଗୁଡ଼ି (ଦେଶ)—Ghuṅgurḍi (See). Huṅgurḍi [କ୍ର—×××ଚୌକିଦାର ଦୁଇଜଣଙ୍କ କାକର ହୁଙ୍ଗୁଡ଼ି ଛାଡ଼ ଏହୁ ଭ୍ରମପ୍ରମାଦର କାରଣ ଅଟେ । ପଙ୍କାରମୋହନ ଉମାଣ. ଥଠଗୁଣ୍ଠ ।]

ହୁଙ୍ଗୁଳା ପୁ(ଫୁ)ଙ୍ଗୁଳା—ଦେ. ବଣ. ପୁଂ—ଫାଙ୍ଗୁଳା (ଦେଶ)—Huṅgulā pu(phu)ṅgulā Phāṅgulā (See) [ହୁଙ୍ଗୁଳୀପୁ(ଫୁ)ଙ୍ଗୁଳୀ—ସ୍ତ୍ରୀ]

ହୁଚ୍‌କା—ଗ୍ରାଦେ (ଖଡ଼ିଆଳ) ବ—ଥର; ବାର—Huchkā Time.

ହୁଚ୍‌କି—ଗ୍ରାଦେ (ଖଡ଼ିଆଳ) ବ—୧ । ହିକ୍କା—1. Hiccough. ୨ । ହାକ୍‌ଟି (ଦେଶ)—2. Hāk-ṭi (See). Huch-ki

ହୁଚୁର୍ଣ୍ଣା(ର୍ଣ୍ଣା)—ଗ୍ରାଦେ. (ସମ୍ବଲପୁର) ବ—ବାହୁ ଥପ୍ପୋଟ—The act of patting one's own arm. Huchurṇṇā(rṇṇā)

ହୁଜୁକ୍(ଗ୍)—ଦେଦେ. ବ—(ଉର୍ଦ୍ଦୁ ଭୁଜ୍‌କ୍=ଜାକଜମକ)—୧ । ଜାକଜମକ—1. Splendour. ୨ । ଗୋଳହୁଜୁକ ଯୋଗ; ଘୋଘା—2. Ado; row. ୩ । କ୍ଷଣସ୍ଥାୟୀ ଟେକମଟକ ଜନରବ—3. Short-lived rumour. Hujuk(g)

ହୁଜୁକ୍(ଗ୍) ମତା(ତେ)ଇବା—ଦେ. କ୍ରି—ଗୋଳଯୋଗ ଜାତ କରାଇବା Hujuk(g)matā(te)ibā (ବଙ୍ଗଳାରୁ ଅନୁକୃତ) To set up a row. हुजूम मातान होहल्ला मचाना

ହୁଜ(ଜି)ତ୍—ଦେଦେ. ବ—(ଆ. ହୁଜ୍ଜତ୍) —ହୁଜ୍ଜତ୍ (ଦେଶ)—Huja(ji)t Hujjat (See).

ହୁଜ(ଜି)ତି—ଦେଦେ. ବଣ (ଆ)—ହୁଜ୍ଜତି (ଦେଶ)—Huja(ji)ti Hujjati (See). [ହୁଜ(ଜୁ)ଉଆ—ଦେ. ରୂପ]

ହୁଜୁତି—ଗ୍ରାଦେ. (ସାଜପୁର) ବ—ଅଳି (ଦେଶ)—Aḷi (See). Hujuti (ଯଥା—ପିଲାଟା ସାର ହୁଜୁତି ଲଗାଇଛି)

ହୁଜୁର୍ (ଇତ୍ୟାଦି)—ଦେଦେ. ଅ ଓ ବ (ଆ)—ହଜୁର ଇତ୍ୟାଦି Hujur (etc) Hajur etc (See).

ହୁଜ୍ଜ(ଜ୍ଜି,ଜ୍ଜୁ)ତ୍—ଦେଦେ. ବ—(ଆ—ହୁଜ୍ଜତ୍)—୧ । ଜଳ ଜକଡ଼ର Hujja(jji; jju)t —1. Quarrel. ୨ । ବାଗ୍‌ବିତଣ୍ଡା—2. ହୁଜ୍ଜତ Wordy wrangle. ୩ । ତର୍କ—3. Argument हुज्जत

ହୁଜ୍ଜ(ଜ୍ଜି, ଜ୍ଜୁ)ତି—ଦେଦେ. ବଣ(ଆ)—୧। କଳହପ୍ରିୟ; କଳହପ୍ରିୟ— Hujja(jji, jju)ti 1. Quarrelsome. ୨ । ବାଗ୍‌ବିତଣ୍ଡାକାରୀ [ହୁଜ୍ଜ(ଜ୍ଜି, ଜ୍ଜୁ)ଉଆ—ଦେରୂପ] —2. Wrangling. ୩ । 3. Argumentative; given to argument.

ହୁଞ୍ଚୁର୍‌ଡ଼ା—ଦେ. ବ—ବଳାତ୍କାରରେ କୌଣସି ବସ୍ତୁକୁ ଅନ୍ୟଠାରୁ ଝିଙ୍କି Huñchurḍā ଛଡ଼ାଇ ନେବା—Forcible snatching ଛିନାନ ଝପଟ away of a thing from another.

ହୁଞ୍ଚୁର୍‌ଡ଼ିବା—ଦେ.କ୍ରି—କୌଣସି ବସ୍ତୁକୁ ବଳାତ୍କାରରେ ଅନ୍ୟଠାରୁ ଝିଙ୍କି Huñchurḍibā ଛଡ଼ାଇ ନେବା—To snatch away a ଛିନାଇୟା ନଓୟା thing with violence from another. ଝପଟଲେନା [କ୍ର—ହୁଞ୍ଚୁଡ଼ି ସେ ଶକ୍ତି ସାର ନେଲ୍ଲ କାମ ହାତେ—ସ୍ୱଧାନାଥ କେଣୀ ସଂହାର ।

ହୁଟ୍—ଅବ. ଅ—୧ । (ଅବଜ୍ଞାର୍ଥକ, ନିଷେଧାର୍ଥକ) ଦୂର; ଧୁତ୍— Huṭ 1. Interjection indicating disregard and

Digitized by srujanika@gmail.com

ଧ୍ୟେତ୍ ହତ prevention. ୨ । (ସ. ଏଟିତ) ହଠାତ୍—
ହୁଟ୍ ଝଟସେ 2. Suddenly; soon.

ହୁଟ୍ କଥା—ଦେ. ବ—ସାମାନ୍ୟ କଥା ବା ବିଷୟ—
Huṭ kathā A slight matter.
ତୁଚ୍ଛ କଥା ଛୀଟୋବାତ

ହୁଟ୍ କିନା (ନି, ରି)—ଦେ. କ୍ରି ବଣ—ଏଟିତ୍; ହଠାତ୍—
Huṭ kinā (ni; ri) Suddenly; all at once.
[ହୁଟ୍(ଧ)ସ—ଅନ୍ୟରୂପ]
ହୁଟ୍‌କରେ ଝଟସେ

ହୁଡ୍ ବୈ.ଦେ. ବ—(ଇଂ)—ମଟର୍‌କାର୍ ଓ ବଗି ଆଦର ଉପରର
Huḍ ଦେଖାଯାଏ—Hood of a motorcar or carriage.
ହୁଡ ହୁଡ଼

ହୁଡ୍‌କା—ଦେ. ବ—ହୁଡ଼ୁକା (ଦେଶ)—
Huḍ-kā Hurḍukā (See)

ହୁଡ଼୍‌ହୁଡ—ସ. ବ—(ହୃଡ୍ ଧାତୁ ଦ୍ୱିହ + ଅ)—୧ । ସଦ୍ଭାବ—
Hurḍ hurḍa 1. Collection; heap; coming together. ୨ । ଜନତା; ଭିଡ଼—2. Crowd.

ହୁ (ଧାତୁ)—ସ.—୧ । ସଦ୍ଭାବ କରିବା; ଏତ୍ର କରିବା—1, To
Hurḍ(root) gather together; to heap up.
୨ । ଗତିକରିବା—2. To move. ୩ । ମଗ୍ନହେବା· ମଜ୍ଜନ କରିବା—3. To sink; to dive. ୪ । ସଘାତ କରିବା—4. To strike. ୫ । ଏକତ୍ର ହେବା; ସମବେତ ହେବା—5 To be gathered at one place.

ହୁଡ଼—ସ. ବ—(ହୃଡ଼୍ ଧାତୁ+କର୍ତ୍ତୃ ଅ) —୧ । ଭେଡ଼; ମେଷ; ମେଣ୍ଢା
Hurḍa (ହେମଚନ୍ଦ୍ର, ବୈଜୟନ୍ତୀକୋଷ)—1. Ram; sheep. ୨ । ଚୌର୍ଯ୍ୟ ନିବାରଣାର୍ଥ ଭୂମିରନ୍ଧ୍ରରେ ଲୌହମୟ ତୀକ୍ଷ୍ଣ ଶଙ୍କୁ—2. Iron nails or pins driven into the ground to prevent thieves entering a place. ୩ । ଲୌହଦଣ୍ଡ—3. Iron cudgel, ୩ । ଲଗୁଡ଼ (ମହାଭାରତ)—4. A cudgel; stick. ୫ । ଲୁହାର ଗଦା—5. A big iron club. ୬ । (+ ଅଧିକରଣ ଅ) ସୈନ୍ୟାଶ୍ରୟ ସ୍ଥାନ; ବୁରୁଜ—6· A room or shelter for soldiers ୭। (+କର୍ମ ଅ) ରଥୋପରେ ନିଜର (ମଲ୍ଲଯୁଦ୍ଧ) ତ୍ୟାଗାର୍ଥ ଦାରୁ (ମହାଭାରତ)—7. A bar of wood in a car on which the rider can ease himself. ୮ । (+ଭାବ ଅ) ଜନତା—8. Crowd. ୯ । ସୈନ୍ୟବ୍ୟୂହ—9. A body of soldiers; army. ଦେ. ବ—୧ । ଯୁଆ ଖେଳରେ ରଖାଯିବା ବାଜି; ପଣ—1. A stake in a game of hazards. [ଓ—ଖେଳରେ ହୁଡ଼ ଯାହା କରିବ ସେ ଧନୁ—କୃଷ୍ଣସିଂହ ମହାଭାରତ. ସଭା] ୨ । ପଶା-ଖେଇରେ ବା କଉଡ଼ି ଖେଳରେ ଅସଙ୍ଗତ ଦାନ ପଡ଼ିବାଯୋଗୁ ଖେଳାଳୀର ଦାନ ମାରିପିବା ଓ ପାରିବାକୁ ଯାଇଥିବା ଖେଳ କଥା ହେବା ବା ଘଟିବା—2. An unfavourable turn of the dice in a game leading to the defeat of a player. ୩ । କଥାଚ୍ଛଳରେ ମଜ୍ଜି ଯିବା ଜଡ ବା ରଖାଯିବା ପଣ—3. Wager. [ଓ—ଅଳ୍ପ ଆସିବେ ବଳିଛ ଶୁଣି ଚୋର ହୋଇ; ବାଲାମଣି ହୁଡ଼ ରଖୁଥିବ ସତ ପାଇଁ—ଭଞ୍ଜ. କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ]

ଭୁଲ ୪ । ଭ୍ରମ; ଭ୍ରାନ୍ତି; ତୁଲ—4. Mistake; blunder.
ଭୁବ [ଓ—ବୋଧୁକହେ ଅଷ୍ଟପୂର୍ବ ନାହା;ତୁବି ହୁଡରୁ ତ ଢେଙ୍କ ଏହା—କବିସୂର୍ଯ୍ୟ] ୫ । ବିସ୍ମରଣ—2. Forgetting; oblivion. ୬ । ଦୋଷ—6. Fault; defect. ୭ । ଭଂଶ; ଲୋପ—7. Destruction. ୮ । ଅପରିଷ୍କାରତା—8. Uncleanliness. ପ୍ରାଦେ (ଝଡ଼ଆଲ) ବ—ଖେଳରେ ହାର ଜିତ—Winning and defeat in a game.

ହୁଡ଼ୁକ୍—ପ୍ରାଦେ. (ବିଂହୃତ୍ରିମ୍) ବ—କବାଟର ଉତ୍ତର ଅଡ଼ର ଲାଲଣି—
Hurḍak Wooden bar used in shutting a door from inside.

ହୁଡ଼ କରିବା—ଦେ. କ୍ରି—୧ । ହୁଡ଼ ମାରିବା (ଦେଶ)—
Hurḍa karibā Hurḍa māribā (See)
୨ । ଭ୍ରମ କରିବା—2. To commit a mistake· ୩ । ବାଜି ରଖିବା—3 To lay a wager. [ଓ—ଖେଳିଲୁ ପଣ। ତାଙ୍କ ସଙ୍ଗତେ ହୁଡ଼ କର—କୃଷ୍ଣସିଂହ ବାଜି ରାଖା दावरखना ମହାଭାରତ—ଆଦ]

ହୁଡ଼ାକା—ସଂ. ବ—(ହୃଡ୍ ଧାତୁ+କର୍ତ୍ତୃ ଅଡ଼+ଆ)—ସଦ୍ଯ ସଂସର୍ଗ
Hurḍakā ତ୍ୟାଗିତା ସ୍ତ୍ରୀ—A woman who has given up cohabitatoin or does not live with her husband
ଦେ. ବ—ହୁଡୁକ (ଦେଶ)—Hurḍuka (See)

ହୁଡ଼ୁକ୍କ—ସଂ· ବ—(ହୃଡ୍ ଧାତୁ+କର୍ମ ଅକ୍) —୧ । ବାଦ୍ୟଭେଦ—
Hurḍakka (ମେଦନୀ)—1. A kind of musical instrument· ୨ । ଦାଉଦ; ଡାହୁକଘଷୀ (ମେଦନୀ) 2. A water fowl. ୩ । ମଦମତ୍ତ ବ୍ୟକ୍ତି (ମେଦନୀ)—3. Intoxicated person. ୪ । ଦଣ୍ଡିକ; ଲୌହଦଣ୍ଡ (ଶବ୍ଦରତ୍ନାବଳୀ;—4. Iron bar. ୫। କବାଟ ଲାଲବାର କାଷ୍ଠ ବା ଲୌହ ଦଣ୍ଡ ; ଅର୍ଗଲ—5. A bar used in shutting the door. ୬ । ମତ୍ତ ବ୍ୟକ୍ତି —6. Infuriated or maddened person· ୭ । କବାଟ ବଡ କରିବାଘାଇଁ ବ୍ୟବହୃତ ବଙ୍କା ଲୌହ ଶଳାକା; ଡିକିଅ—7. A door-hook. ୮ । ଛୋଟ ଛେଣ୍ଟ ଢୋଲ; ଘଗୁଡ଼ି (ହି. ଣ)—8. A small two faced drum; ୯ । ଲୁହାର ଗମା ବଥାଯାଇ ଥିବା ଦଣ୍ଡ (ହି. ଣ)—9. A bar set with iron rings.
ବଣ. ପୁଂ—୧ । ମଦମତ୍ତ—1. Intoxicated; arro-

Digitized by srujanika@gmail.com

(ହୁଡ଼ୁକା—ସ୍ତ୍ରୀ) gant. ୨ । ମତ୍ତ—2. Maddened; infuriated.

ହୁଡ଼ ମାରିବା (ରଖିବା)—ଦେ. କି—ଖେଳରେ ପଣ ରଖିବା—To Hurda māribā (rakhibā) put stakes at ବାଜିରାଖା **ବାଜୀରଖନା** gambling. [ଉ—ଦୋଇଲେ ସେହୁ ବେନ ହୁଡ଼ ମରମର । କୁଷ୍ଣସିଂ. ମହାଭାରତ ଆଦ]

ହୁଡ଼ ହେବା—ଦେ. କି—ଭୁଲ ହୋଇଯିବା—To be forgotten. Hurda hebā [ଉ—ମୋ ବୋଲ କରଣ ଗୋଟିଏ ସ୍ତିତ୍ୱ ଗଡ଼, ଭୁଲ ହଓୟା ଦର୍ଶନେ ଦେବ ବୁଦ୍ଧି ଯହୁଁ ହେବ ହୁଡ଼ **ଭୁଲହୋନା** କୁଷ୍ଣସିଂ ମହାଭାରତ. ଆଦ]

ହୁଡ଼ା—ଦେ. ବ—(ସଂ. ହୃଡ଼୍ ଧାତୁ=ସଂହତ ହେବା)—୧ । Hurdā ପୋଖରୀର ବା ବଲର ମାଟିର ଉଚ୍ଚ ବନ୍ଧ—1. Earthen ଆଡ଼ି **ମୀଁଡା** embankment or big ridge of a ଲମ୍ବା ଟିପି **ଡରକୀ** tank or field. ୨ । ମାଟିର ଲମ୍ବା ସ୍ତୂପ—2. A long earthen mound. ୩ । ପଣାଣୀହୁଡ଼ା; ଶ୍ମଶାନଟିପି **ସାଡା** ଶ୍ମଶାନସ୍ଥ ମୃତ୍ତିକା ସ୍ତୂପ—3. A big earthen mound in the cremation ground [ଦ୍ର—ଶ୍ମଶାନରେ ଶବକୁ ପୋଛିବା ପାଇଁ ବା ପୋଡ଼ିବା ପାଇଁ ଗାତମାନ ଖୋଳାଯାଏ । ସେ ଗାତରୁ ବାହାରଥିବା ବା ବଲ ଉଡିବା ମାଟି ଜମା ହୋଇ ଯେଉଁ ମୃତ୍ତିକା ସ୍ତୂପ ହୁଏ ତାକୁ ହୁଡ଼ା ବୋଲାଯାଏ । ଅତଏବ ଶ୍ମଶାନ ଅର୍ଥରେ ମଧ୍ୟ 'ପଣାଣିହୁଡ଼ା' ବା 'ହୁଡ଼ା' ଶବ୍ଦର ବ୍ୟବହାର ହୁଏ ।] ୪ । ଶ୍ମଶାନ—4. Cremation ground. ୫ । ମାଟିରଢେଲା **ମିଟ୍ଟୀକାଗୋଲା** ମୃତ୍ତିକା ପିଣ୍ଡ—5. A ball of earth. ୬ । ମୁହଁ ହୁଡ଼ିବା; ଭର୍ତ୍ସନା; ଗାଳ—ଗାଳି **ଗାଳୀ** 6. Abuse; rebuke. ଦେ. ବଣ. ପୁଂ—ଗାଳିମୁଖୀ **ଗାଳୀଦେନେବାଲା** ୧। ଯେଉଁ ଲୋକ ମୁହଁ ହୁଡ଼େବା ଭୁବାକ୍ୟ (ହୁଡ଼ଇ - ସ୍ତ୍ରୀ) କରେ—1. Abusive; calling names. ହୁଡ଼ାନେ **କନ୍ନାକରନେବାଲା** ୨ । ଯେଉଁ ଲୋକ ଖେଳରେ ଅନ୍ୟକୁ ଠକାଏ—2. (a person) Using unfair means in a game. ପ୍ରାଦେ (ଗଡ଼ଜାତ ଓ ଉତ୍କଳ କାଲେଖରେ) ବ—ଢେକା; ଲେଷ୍ଟ୍ର—A clod of earth used in throwing at others.

ହୁଡ଼ା(ଡ଼େ)ଇବା—ଦେ. କି. (ସଂ. ହୃଡ଼୍ ଧାତୁ=ଠକିବା; ପ୍ରତାରଣା Hurdā(rde)ibā କରିବା; ସଂ. ହୃର, ହୃର=ପ୍ରତାରକ)—ହଡ଼ାନ **କନ୍ନାକରନା** 1. To cheat. ୨ । ପ୍ରତିଦ୍ୱନ୍ଦ୍ୱୀକୁ ଖେଳରେ ଧୋକାଇବା—2. To use unfair means in a game. ୩ । ହିସାବରେ ଗୋଲମାଲ କର ହୁଡ଼ାନ **ବେଇମାନୀକରନା** କୌଣସି ବ୍ୟକ୍ତିକୁ ତାହାର ଗ୍ରାପ୍ୟରୁ ବା ଲଭରୁ ବଞ୍ଚିତ କରିବା—3. To cheat or defraud a person by false accounting. ପ୍ରାଦେ (ସମ୍ବଲପୁର) କି—ହୁଡ଼ାଇବା (ଦେଖ)—Urdāibā (See).

ହୁଡ଼ାକୁ ଯା !—ଦେ.ବାକ୍ୟ—(ଗାଳରେ ବ୍ୟବହୃତ) ହୁ ମର୍—(A term Hurdāku jā of abuse or curse) May you go to ମରେ ଯା **ମରଜା** sleep in the cremation ground; i.e. May you die.

ହୁଡ଼ାକୁ ଯିବା—ଦେ. କି—୧ । ପୋଖରୀପାଶି ଯିବା; ଝାଡ଼ା ଫେରିବାକୁ ଯିବା—1. To go out ଘାଟେବସତେଯାଓୟା to answer the call of nature **ଟଟ୍ଟୀଜାନା** ୨ । ମରିବା—2. To die.

ହୁଡ଼ା ବାନ୍ଧିବା—ପ୍ରାଦେ (ଉତ୍କଳ କାଲେଖରେ) କି.—ମାନସିକ କର Hurdā bāndhibā ଠାକୁରଙ୍କ ଜଳଝରେ ଢେକା ବାନ୍ଧିବା—To tie a dry clod of earth before an Idol in token of one's vow to offer some bhog when a particular desire of his is fulfilled by that Deity.

ହୁଡ଼ାହୁଡ଼ି—ଦେ. ବ—୧ । ବୋଲବୋଲ; ପରସ୍ପର ଦୁର୍ବାକ୍ୟରେ Hurdā hurdi ଗାଳ ଦଅଦେଇ—1. Mutual recri ହୁଡ଼ାହୁଡ଼ି mination; mutual calling of bad names. ହୁଡ଼ୋହୁଡ଼ି ୨। ପରସ୍ପର ଠେଲାଠେଲି—2. Mutual pushing; **ଗଲାଗାଲୀ** jostling [ଉ—ଅବ୍ୟନ୍ତ ଭସ୍ମେ ରଣ ଶୁଭ୍ର ଉଲାନ୍ତ ହୁଡ଼ାହୁଡ଼ି ପଡ଼ ହୁଡାହୁଡି । ଜଗନ୍ନାଥ ଭଗବତ ।] ୩। ମଲ୍ଲଯୁଦ୍ଧ—**ଧକାଧକ୍କି** 3. Mutual beating; affray.

ହୁଡ଼ୁଡ଼ି—ଦେ. ବ—(ସଂ. ହୃଡ଼ ଧାତୁ=ସଂହତ କରିବା)—୧ । ହୁଡ଼ୁ; Hurdi ଉଚ୍ଚୈଃସ୍ୱରରେ ଡାକ—1. Hallooing. ୨। ଘୋ-ଜୋରେ ଡାକ ଘା; ଗୋଳମାଳ; କୋଳାହଳ—2. Uproar. **ଜୋରସେ ପୁକାର** [ଉ—ମୁହୂର୍ତ୍ତେ ଚୌଦିଗେ ପଡ଼ଗଲ୍ଲ ହୁଡ଼ୁ । ସ୍ୱଧନାଥ ନଳକେଶ୍ୱର ।] ୩ । ଛୋଟ ପାହାଡ଼—3. ଛୋଟ ପାହାଡ଼ Hillock. [ଉ—ଗଲେଣି ହୁଡ଼ୁ-ଚୁଡ଼ାକୁ. **ପହାଡୀ** ଉଡ଼ ଉହଗେ ବାର ଶୁଭ୍ର—ଅଜସ୍ତୁତନ୍ତ୍ର. ଶେଷ ବଦ୍ଧୀ । ୪। (ଜାହାଜଥ ସ୍ୱଷା) ସମୁଦ୍ର ଉପକୂଳରେ ବାଣିଜ୍ୟ କରିବାରେ ବ୍ୟବହୃତ ଛୋଟ ଜାହାଜ—4. (nautical) A small ship carrying on trade along the sea-coast.

ହୁଡ଼ୁ କରିବା—ପ୍ରାଦେ. (ବାକି) କି—ଦୁଇଜଣଙ୍କର ଦୁଇଟି ବଳଦକୁ Hurdi karibā ଯୁଗ କରି ହଳ କରିବା; ସାଅଁରଥ କରିବା—To use two bullocks belonging to two persons in ploghing by turns each other's fields.

ହୁଡ଼ିବା—ଦେ. କି—(ସଂ. ହୃଡ଼ୁକ୍=ମଦମତ୍ତ ବ୍ୟକ୍ତି)—୧ । ଭୁଲ Hurdibā କରିବା—1. To commit mistake. [ଉ—ଭୁଲ କରା ପ୍ରମୋଦରେ ଜଡ଼ଣ ବଘଦେ ହୁଡ଼ିଲେ । କୃଷ୍ଣସିଂହ **ଭୁଲକରନା** ମହାଭାରତ ଆଦ ।] ୨ । ଭୁବାକ୍ୟ କହିବା; ଗାଳି ଦେଓୟା ଗାଳଦେବା; ସୋଧିବା; ଭର୍ତ୍ସନା କରିବା—To **ଗାଳୀଦେନା** call names; to abuse, [ଉ—ଏରୁଥ ବତନରେ ସୋତେ କଥାଁ ହୁଡ଼ । କୃଷ୍ଣସିଂହ ମହାଭାରତ ବନ ।] ୩ ।

Digitized by srujanika@gmail.com

ବ୍ୟରେ କୌଣସି କଥା ଛଡ଼ାଯିବା—3.To leave out a thing by oversight. [ଉ—ବାହୁଡ଼ି ହୁଡ଼ିବ କ ଏତେ ଶୁଭ ଯୋଗ—ଭଞ୍ଜ କେଦେସ୍ତ୍ରଶବଳାସ ।] ୪ । ପାସୋରିବା; ବସୁରିବା; ଦେଇ ନ ପାରିବା; ଭୁଲିଯିବା—4. To forget. [ଉ—ଭୁମ୍ମାନନାରେ ହୁଡ଼ିଲ ସବୁ ଶୋକ, ମାର ଏବେ କଣ୍ଠିଙ୍କୁ ସାରଙ୍କ ନାଯୁକ—କୃଷ୍ଣସିଂହ ମହାପ୍ତରଇ. କଣ୍ଠ ।] ୫ । କୌଣସି ବ୍ୟକ୍ତିକୁ ଅପମାନ ଦେବା—5. To slight a person. ୬ । (ଧର୍ମ, ସତ୍ୟ ବା ପ୍ରତିଜ୍ଞା) ଲଘନ କରିବା—9. To break (one's duty or promise) [ଉ—ଯୁଧିଷ୍ଠିର କାମ ଲେଇ ଉପରେ ଘଉ, କେତେବେଳେ ଯାଅନ୍ତୁ ନାହିଁ ଧର୍ମ ହୁଡ଼ – କୃଷ୍ଣସିଂହ ମହାପ୍ତରଉ, ବନ ।] ୭ । ବାଜି ମରିବା—7. To lay stake or wager in a game [ଉ—ଡେଲେ ହୁଡ଼ୁଥିବା ଶଦାର୍ଥ ହାରିଦେଲେ – କୃଷ୍ଣସିଂହ ମହାପ୍ତରଉ ବନ ।] ୮ । ଭୂମିରେ ଲେଟିବା—8. To roll on the ground. [ଉ—ମୁଣ୍ଡେ ହୁଦପ୍ତେ କରତାଡ଼, ଘଡ଼ନ୍ତ ମପ୍ତାଉଳେ ହୁଡ଼—ଜଗନ୍ନାଥ ଭ୍ରତବଉ ।] ୯ । (କର୍ତ୍ତବ୍ୟ)ପାଳନ କରିବାକୁ ଭୁଲିଯିବା 4. To forget to do (one's duty). ୧୧ । (କର୍ତ୍ତବ୍ୟ)ପାଳନ ନ ଇରିବା—10.Not to carry out (one's duty) [ଉ—ଠୁଳରେ ସରଏ ଜ୍ଞବ ଗୋ, ଠେଁସା ଠେଁସି ହୋଇ କର୍ତ୍ତବ୍ୟ ହୁଡ଼ଲେ ଜ୍ଞଇବ ଜ୍ଞଇଉ ନାବ ଗୋ—ବାଳକୃଷ୍ଣ·ଫୁଲ ବଉଳବେଣୀ ।]

ହୁଡ଼ୁକ—ଦେ. ବ—(ସଂ. ହୁଡ଼ୁକ୍)—୧ । କବାଟ ଙ୍ଗାଳିବା ପାଇଁ Hurduka ବ୍ୟବହୃତ କାଷ୍ଠ ବା ଲୌହଦଣ୍ଡ ବା ଅର୍ଗଳ—1. ହୁଡ଼କୋ An iron or wooden bar used for shutting ହୁରୁକ the door ୨ । କବାଟକୁ ବନ୍ଦ କରିବା ପାଇଁ ବ୍ୟବହୃତ କଳାଗ୍ର ଲୁହାର ଶଳାକା; ଡିଙ୍କିଅ—2. A hooked iron bar used in fastening doors.

ହୁଡ଼ୁକା—ଦେ. ବ. ସ୍ତ୍ରୀ—(ସଂ. ହୁଡ଼ୁକ୍ଷା) ୧ । ସଲେଣ୍ଡ ସ୍ତ୍ରୀ; ସେଉଁ ସ୍ତ୍ରୀ Hurdukā ସଉ ସସର୍ଗ ତ୍ୟାଗ କର ବାପ ଘରକୁ ପଳାଇସାଏ—I. A woman who does not like to live with her husband and flees away to her father's house. ୨ । ସେଉଁ ସ୍ତ୍ରୀ ସଉ ସଙ୍ଗେ ରହେ ନାହି—2. A woman who forsakes her husband. ୩ । ହୁଡ଼ୁକ (ଦେଶ)—3. Hurdaka (See).

ହୁଡ଼ୁକୀ—ଦେ. ବ. ସ୍ତ୍ରୀ—ହୁଡ଼ୁକା ୧ ଓ ୨ (ଦେଶ)—
Hurdukī Hurdukā 1 & 2 (See).

ହୁଡ଼୍(ଡ୍ଡୁ)କ୍କ—ସ. ବ—(ହୁଡ଼୍ କ୍=ଅନୁକରଣ ଶବ୍ଦ+କ୍କି. ଧାତୁ Hurdu(ddu)kka ଶବ୍ଦ କରିବା+ଅ)—ହୁଡ଼ୁକୁ (ଦେଶ)—
Hurdakka (See).

ହୁଡ଼୍ଡ—ସ. ଅ—ବୃଷର ଶବ୍ଦ (କାଶୀଖଣ୍ଡ); ଷଣ୍ଢର ଡେଙ୍କାଳ—
Hurdut The bellowing of a bull.

ହୁଡ଼ୁପୀ—ପ୍ରାଦେ (ଗଞ୍ଜାମ) ବ—କଣ୍ଟେଇ କୋଳ (ଦେଶ)—
Hurdupī Kaṇṭai koli (See).

ହୁଡ଼(ଡ୍ଡୁ)ମ(ମ୍ବ)ଗେହୀ—ଦେ.ବଣ ଓ ସ୍ତ୍ରୀ—(ଅଶ୍ଳୀଳ ଗାଳ; ସ.ହୁଡ଼ୁକ୍କା·
Hurd(rdu)m(mb)gehī =ଅଉ ସସର୍ଗ ତ୍ୟାଗିନୀ ସ୍ତ୍ରୀ) ବ୍ୟଙ୍ଗ—
ଖାନ୍‌କୀ Adulteress (a trem of indecent abuse,
ବ୍ୟଭିଚାରିଣୀ

ହୁଡ଼ୁମ—ଦେ. ବ—(ସ. ହୁଡ଼ୁମ୍ବ)—ହୁଡ଼ୁମ୍ବ (ଦେଶ)—
Hurduma Hurdumba (See).

ହୁଡ଼ୁମା—ଦେ. ବଣ. ସୁଂ—୧ । ହୁରୁମା; ଅତ୍ୟନ୍ତ ଦୁଷ୍ଟ—1. Very
Hurduma wicked- ୨ । କାଣ୍ଡଜ୍ଞାନଶୂନ୍ୟ—
(ହୁଡ଼ୁମୀ—ସ୍ତ୍ରୀ) 2. (a person) Careless of conse-
ଦୁଷ୍ଟ quences. ୩ । ଦୁଃସାହସିକ—3. Foolhardy;
ହୁଡ଼ very rash.

ହୁଡ଼ୁମ୍ବ—ସ. ବ—(ହୁଡ଼୍ ଧାତୁ+ଉମ୍ବ ଅନ୍ତ) —୧ । ଉତ୍ପୃଷ୍ଟଚପିଟିକ;
Hurdumba ଚୁଡ଼ାଭଜା (ଶବ୍ଦମାଳା, ଶବ୍ଦକଳ୍ପଦ୍ରୁମ, ବୈଦ୍ୟକ)
—Fried pressed paddy. ୨ । ମୁଢ଼ି—
ହୁଡ଼୍ମ,ହୁଡ଼ିମ୍ବ 2. Fried rice. [ଦ୍ର—ଧାନକୁ ଥରେ ଉଷାଇଁଲେ
ହୁଡ୍ଡୁମ୍ବ ସେଥିରୁ ଉତ୍ପନ୍ନ ଗୁଣ୍ଡଳ ହୁଏ । ଧାନକୁ ଦୁଇଥର ଉଷାଇ
ମ. ହୁଡ଼ୁଡ଼ା ଚାଉଳ ଶୁଖାଇ କୁଟିଲେ ସେଉଁ ଗୁଣ୍ଡଳ ବାହାରେ ସେ
ଚାଉଳ. ହୁରୁମ୍ ଗୁଣ୍ଡଳକୁ ଭିଜଲେ ମୁଢ଼ି ବଡ଼ ବଡ଼ ହୁଏ । ଦୁଇଥର
ଉତ୍ପୃଥଁ ଧାନକୁ ହାଣ୍ଡିରେ ଭିଜ ଉଜାଡୋଇଥିବା ସତୁଷ
ଧାନକୁ କୁଟିଲେ ଚୁଡ଼ା ହୁଏ ଓ ଚୁଡ଼ା ଝିକଏ ଓଦା ଥାଇଁ
ଥାଇଁ ଚୁଡ଼ାକୁ ଭିଜଲେ ହୁଡ଼ୁମ୍ ହୁଏ । ଅମ ଦେଶରେ
କେଉଁଠି କେଉଁଠୀମ.ନେ ଚୁଡ଼ା ଓ ହୁଡ଼ୁମ୍ ଉଆର କରନ୍ତି
ଓ ଗୁଡ଼ିଅ ଗୁଡ଼ିଅଣୀମାନେ ମୁଢ଼ି ଉଆର କରନ୍ତି । ବଙ୍ଗ
ଦେଶରେ କୁଡାର (ବଢ଼େଇ)ମାନେ ଚୁଡ଼ା ଓ ହୁଡ଼ୁମ୍
କରନ୍ତି । ହୁଡ଼ୁମ୍ ମଟିଅର ଫୁଲଥାଏ ଓ ଏହା ମୁଢ଼ି
ଅପେକ୍ଷା ଲଘୁପାକ । ସଜ ହୁଡ଼ୁମ୍ ଖେଇଲ୍ଲବେଳେ
ମଡ଼୍ ମଡ଼୍ ଶବ୍ଦ ହୁଏ । ବୈଦ୍ୟ ଶାସ୍ତ୍ରରେ ରୋଗୀକୁ
ହୁଡ଼ୁମ୍ ଦେବାର ବ୍ୟବସ୍ଥା ଅଛି ।]

ହୁଡ଼ୁହୁଡ଼ା—ପ୍ରାଦେ (ମେଦନୀପୁର) ବ—(ସ. ହୁରହୁର)—ଆଦଭ୍ୟଭକ୍ତା;
Hurdu hurdā ଅଣସୋରିଷିଆ (ବନ୍ୟଶାକ ବିଶେଷ)—
Cleome Viscosa (plant), [ଦ୍ର—ଏହା ଭନ
ଗୁଜାର—ଏକ ଜାଉର ଫଳ ଫଳଦଅ, ଏକ ଜାଉର ଫଳ
ଅରକୁ ଓ ଏକ ଜାଉର ଫଳ ଧଳା ।

ହୁଣ୍ଡ୍(ଧାତୁ)—ସ—୧। ରାଶି କରିବା; ଗଦା କରିବା—1. To heap
Hund (root) up; to gather together. ୨ । ଏକତ୍ର
ହେବା—2. To be gathered at one place.

ହୁଣ୍ଡ—ସ. ବ (ହୁଣ୍ଡ ଧାତୁ+କର୍ତ୍ତୃ ଅ)—୧। ବ୍ୟାଘ୍ର (ଶବ୍ଦକଳ୍ପଦ୍ରୁମ)—
Hunda 1- Tiger. ୨ । ଗ୍ରାମ୍ୟଶୂକର (ଶବ୍ଦ କଳ୍ପଦ୍ରୁମ)—
2. A hog. ୩ । ମୃଗ (ଶବ୍ଦକଳ୍ପଦ୍ରୁମ)—

Digitized by srujanika@gmail.com

3. Dunce; illiterate person. ୪। ରାକ୍ଷସ (ଶବ୍ଦକଳ୍ପଦ୍ରୁମ)—4. Demon. ୫। ଗୁଆଁର; ଜଙ୍ଗୋଧ ବ୍ୟକ୍ତି—5. A fool; simpleton. ୬। ମେଣ୍ଢା (ହୁ. ଶ)
6. Sheep. ୭। ଶସ୍ୟର ବାଳ (ହୁ. ଶ)—7. The horns on grains. ୮। (ଦକ୍ଷାଧ୍ୱରଭୋକ୍ତା) ବଙ୍କର ଜାତି ବିଶେଷ (ହୁ. ଶ)—8. Name of a tribe of barbarians of ancient India.

ହୁଣ୍ଡା—ଦେ. ବିଣ ପୁଂ—(ସଂ. ମୁଣ୍ଡ)—୧। ମୂର୍ଖ—1. Illiterate.
Hunḍā ୨। ଓଲୁ; ଜଡବୋଧ; ଜଡବୁଦ୍ଧି; ସ୍ଥୂଳବୁଦ୍ଧି; ଓଲମା—
(ମୁଣ୍ଡୀ—ସ୍ତ୍ରୀ) 2 Foolish; stupid; thoughtless. ୩। ହୌତକା, ହୁଣ୍ଡା ଗୁଆଁ—3. Fool hardy; rash. ୪। ମେଧା;
ଗଁବାର ମେଧକା; ସ୍ଥୂଳକାୟ—4. Fat. ୫। ସ୍ଥୂଳକାୟ ଓ ଜଡବୁଦ୍ଧି—5. Fat and foolish. ବ—୧। ଓଲୁ ବ୍ୟକ୍ତି—1. A fool, ୨। ମୂର୍ଖ—2. A dunce.
ଗୌୟାର ୩। ଗୁଆଁର ବ୍ୟକ୍ତି—3. A foolhardy person.
ଗଁବାର [ଜ୍ର—କାଶୀଜ୍ଞାନପ୍ରାଜ କାଶୀପୁଷ୍ଟ ହୁଣ୍ଡା—ଗ୍ରାଜାଧ ଦରବାର] ୪। ହେଠାବାଘ; ରଖିଆ—4. Hyena
ନେକଡ଼େବାଘ wolf. ୫। ସେଉଁ ବ୍ୟକ୍ତି ଆଗପଛ ନ ଗୁଣି ବୌଣସି
ମେଡ଼ିୟା କାମ କରେ—5. Thoughtless person; a person who acts without foresight. ୬। ସ୍ଥୂଳକାୟ ଓ ଜଡବୋଧ ବ୍ୟକ୍ତି—6. A stout and foolish person.

ହୁଣ୍ଡା ତମସୁକ—ଦେ. ବ—ଲେଖା ତମସୁକ ଯାହାଙ୍କଠାରୁ ମହାଜନଙ୍କୁ
Hunḍā tamasuka ଦଆଯିବା ସାଦା ବା ଅଲେଖା ଷ୍ଟାମ୍ପ—
Blank stamp given to a creditor in the
ହୁଣ୍ଡା ତମସୁକ **ସାଦାତମସୁକ** place of a written bond.

ହୁଣ୍ଡାପଣ—ଦେ. ବ—୧। ମୂର୍ଖପଣ; ଜଡବୋଧତା—1. Foolishness
Hunḍāpaṇa folly. ୨। ଆଗପଛ ଜବଗୁର କାମ କରିବା ଅବସ୍ଥା—2. Foolhardiness; thoughtlessness; absence of forethought or foresight
ହୁଣ୍ଡାମି **ଗଁବାରପଣ** (ହୁଣ୍ଡାଖଣ୍ଡିଆଁ—ଅନ୍ୟରୂପ)

ହୁଣ୍ଡାମି—ଦେ. ବ—(ବଙ୍ଗଳାର ଅନୁକରଣ)—ହୁଣ୍ଡାପଣ (ଦେଖ)—
Hunḍāmi Hunḍāpaṇa (See)
[ଦ୍ର—କେତେ ଆଧୁନିକ ଲେଖକ ଏ ଶବ୍ଦକୁ ଲେଖାରେ ବ୍ୟବହାର କରୁଥିବା ଦେଖାଯାଏ। ଏହିପରି ଚଗଲ୍ଲମି, ଦୁଷ୍ଟାମି, ଭଣ୍ଡାମି ଆଦି ଶବ୍ଦ ଓଡ଼ିଆରେ କ୍ରମଶଃ ଚଳିବା ଦେଖାଯାଉଛି। ଦୁଷ୍ଟାମି ଶବ୍ଦ ଓଡ଼ିଆରେ ସର୍ବବାଦି ସମ୍ମତ ହୋଇ ଚଳିଗଲଣି।]

ହୁଣ୍ଡା ମୂଲ—ଦେ. ବ—ବୌଣସି ଦ୍ରବ୍ୟକୁ ଓଜନ ନ କରିଯାଇ ବା
Hunḍā mūla ଜାଣି ପଦାର୍ଥର ଜାଣି ଷ୍ଟାମ୍ପ ଓ ନକ୍ସାଟା ଦେଖି ନ
ଥାଉକୋଦାମ କରିଯାଇ ନରୂପିତ ହେବା ମୂଲ୍ୟ—A fixed price
ହୁଣ୍ଡାଦାମ set on an article without reference to its weight or quality.

ହୁଣ୍ଡାର(ଳ)—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) ବ—ହେଠା; ଗଧିଆ—
Hunḍār(l) Wolf; hyena.

ହୁଣ୍ଡାଳ—ପ୍ରାଦେ (ସିଂହଭୂମି) ବ—ହେଠା—Wolf; hyena. ପ୍ରାଦେ
Hunḍāla (ସମ୍ବଲପୁର ଓ ଗଡ଼ଜାତ) ବ—ଚିତାବାଘ—
Leopard; spotted tiger. [ଜ୍ର—ମହାବଳଶାଳୀ ଜନ୍ତୁଳ ଯେ ସ୍ଥାନେ ହିଂସ୍ରକ ଅଟେ ହୁଣ୍ଡାଳ—ବଳବତ୍ତା ଦେବ ଚଉରଜା।]

ହୁଣ୍ଡାଳିଆ—ଦେ. ବିଣ—ହୁଣ୍ଡା ବ୍ୟକ୍ତିର ଆଚରଣ ସୂଚକ (ଭାଷି)—
Hunḍāliā (Action) Befitting a fool.
ହୁଣ୍ଡାମି **ଗଁବାରକେଜିସେ**

ହୁଣ୍ଡି—କୈଦେ. ବ—(ଫା)—ବାଣିଜ୍ୟ ବ୍ୟବସାସ୍ଥ ଜଣଲୋକଙ୍କରେ
Hunḍi ସ୍ଥାନାନ୍ତରରେ ଟୌଣସି ବ୍ୟକ୍ତିକୁ ଟଙ୍କା ଦଆଯିବା ପାଇଁ
ହୁଣ୍ଡି **ହୁଣ୍ଡୀ** ବାଦ୍ଧ ଚିଠି—A bill of exchange. [ଦ୍ର—
ବାଣିଜ୍ୟ ବ୍ୟବସାୟରେ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ ନଗଦ ଟଙ୍କା ପଠାଇବାର ସବୁବେଳେ ସୁବିଧା ନ ଥାଏ ଓ ସେଥିପାଇଁ ବହୁତ ଖରଚ ଲାଗେ। ଏଥିପାଇଁ ଜଣେ ବ୍ୟବସାୟୀଙ୍କର ଏକ ସ୍ଥାନରୁ (ଯଥା—କଟକରୁ) ଅନ୍ୟ ସ୍ଥାନକୁ (ଯଥା ବମ୍ବେଇକୁ) କିଛି ଟଙ୍କା ପଠାଇବାକୁ ହେଲେ ନଗଦ ଟଙ୍କା ଲୋକ ଦ୍ୱାରା ବା ମନି ଅର୍ଡର କରି ପଠାଇଲେ ଦେବଶୀ ଖରଚ୍ଚ ଲାଗିବ, ଏଥିପାଇଁ ଜରୁରୀ ଦୂରବର୍ତ୍ତୀ ସ୍ଥାନରେ (ଯଥା, ବମ୍ବେଇରେ) ଓ ଏଠାରେ (ଯଥା, କଟକରେ) ଯାହାଙ୍କର କାରବାର ଚଳୁଅଛି ଏପର ଜଣେ ବ୍ୟବସାୟୀଙ୍କ କଟକରେ ଜରୁରୀ ଟଙ୍କାକୁ ପ୍ରୋରଣୋଛୁ ବ୍ୟକ୍ତି ଜମା ବା ଡିପୋଜିଟ୍ କରି ଦଅନ୍ତି ଓ ଜରୁରୀ ଟଙ୍କାକୁ ଡିପୋଜିଟ୍ ରଖିବା ବ୍ୟବସାୟୀ ତାଙ୍କର ଦୂରଦେଶ (ବମ୍ବେଇ)ରେ ଥିବା ଗୁମାସ୍ତାଙ୍କ ଜରିଟକୁ ହୁଣ୍ଡି ବା ବାଦ୍ଧ ଚିଠି ଏହି ମର୍ମରେ ଲେଖି ଦଅନ୍ତି ଯେ, ଟଙ୍କା ପ୍ରେରଣକାରୀ କମ୍ପା ତାଙ୍କର ଗୁମାସ୍ତାଙ୍କୁ ଦୂର ଦେଶରେ (ବମ୍ବେଇରେ) ଏତିକ ଟଙ୍କା ଏହି ବାଦ୍ଧଚିଠି ଦେଖିବା ମାତ୍ରକେ ଦେବ। ଏତଦ୍ଦ୍ୱାରା ପ୍ରଥମ ମହାଜନ କେତେଗୁଡ଼ିଏ ଖରଚ୍ଚରୁ ରକ୍ଷା ପାଆନ୍ତି ଓ ଏଥିସୋଗୁଁ ପ୍ରଥମ ମହାଜନ ଦ୍ୱିତୀୟ ମହାଜନଙ୍କୁ କିଛି କମିସନ୍ ଦଅନ୍ତି। ହୁଣ୍ଡିର ଅନ୍ୟ ଗୋଟିଏ ସୁବିଧା ଏହି କି, କେତେକ ହୁଣ୍ଡିକୁ ଦୂରସ୍ଥାନରେ ଦେଖାଇବା ମାତ୍ରେ ଦେଖିବା ବ୍ୟକ୍ତି ଜରୁରୀ ହୁଣ୍ଡିରେ ବାଦ୍ଧ ହୋଇଥିବା ଟଙ୍କାକୁ ହୁଣ୍ଡି ଦେଖାଇବା ବ୍ୟକ୍ତିକୁ ନଗଦ ସଙ୍ଗେ ସଙ୍ଗେ ଦେବେ। ଏହାକୁ ଦର୍ଶନହୁଣ୍ଡି କହନ୍ତି। କେତେକ ହୁଣ୍ଡିକୁ ଦୂର ସ୍ଥାନର ବ୍ୟକ୍ତି ଦେଖିବାର ୨୧ ବା ୫୧ ବା ୩୧ ଦିନ ମିଆଦରେ ଟଙ୍କା ଦଅନ୍ତି। ଏହାକୁ ମୁଦତ ହୁଣ୍ଡି ବା ମିଆଦୀ ହୁଣ୍ଡି ବୋଲିଯାଏ। ଏହି ହୁଣ୍ଡି ଯେଉଁ କାଗଜରେ ଲେଖାଯାଏ ସେ କାଗଜରେ ନିର୍ଦ୍ଦିଷ୍ଟ ମୂଲ୍ୟର ସରକାରୀ ଷ୍ଟାମ୍ପ (Stamp) ଲଗାଯାଏ। ଅର୍ଥାତ୍ ପ୍ରତ୍ୟେକ ହୁଣ୍ଡି ପାଇଁ ସରକାରଙ୍କୁ ଷ୍ଟାମ୍ପ ରୂପେ କିଛି ଦେବାକୁ ପଡ଼େ। ଏହି ପାରସୀ ଶବ୍ଦ ଓଡ଼ିଆରେ ଓ ଇଂରାଜୀରେ ମଧ୍ୟ ଚଳୁଅଛି।]

Digitized by srujanika@gmail.com

ହୁଣ୍ଡିଆନ୍—ଦେ. ବଣ—ଯେଉଁ ଲୋକ ହୁଣ୍ଡି ଦ୍ୱାରା ଅନ୍ୟ ସ୍ଥାନରୁ ଟଙ୍କା ପାଇବା ପାଇଁ ଉକ୍ତ ବଲ୍ଲଲକୁ ଗ୍ରହଣ କରେ—The person in whose favour a Hundi or bill of exchange is drawn.

ହୁଣ୍ଡି କମିସନ୍ (ନ)—ବୈଦେ ବ—(ଫା. ହୁଣ୍ଡି+ଇଂ କମିସନ୍)—Hundi kamisan(ni) ହୁଣ୍ଡି ଦ୍ୱାରା ଲଜଲ ଟଙ୍କାକୁ ପୌଣସି ହୁଣ୍ଡି କମିସନ ହୁଣ୍ଡୀ କମୀଶନ ବ୍ୟବସାୟୀଙ୍କ ଦ୍ୱାରା ଦୂର ଦେଶକୁ ଠାଣିବା ପୋଗୁଁ ଉକ୍ତ ବ୍ୟବସାୟୀଙ୍କୁ ପୁରସ୍କାର ସ୍ୱରୂପ ଯେଉଁ ଟଙ୍କା ଦିଆଯାଏ—Commission paid by a person remitting money by a bill of exchange.

ହୁଣ୍ଡି କରିବା—ଦେ. କି—୧ । ଦୂର ଦେଶକୁ ଅଥଣାର ଟଙ୍କାକୁ ହୁଣ୍ଡି ପ୍ରେରଣ କରିବା—1. To remit money to a distant place by means of a bill of exchange. ୨ । ହୁଣ୍ଡି ଦେବା (ଦେଶ)—2. Hundi debā (See).

ହୁଣ୍ଡି କାରବାର—ଦେ. ବ—ହୁଣ୍ଡି ସମ୍ପର୍କରେ କମିସନ ଗ୍ରହଣ କରିବା Hundi kārabāra ବ୍ୟବସାୟ—Hundi business; ହୁଣ୍ଡିକାରବାର ହୁଣ୍ଡୀକାରବାର the business of getting commission on accepting money for a hundi.

ହୁଣ୍ଡି ଦେବା—ଦେ. କି—କୌଣସି ବ୍ୟକ୍ତିଙ୍କଠାରୁ ଏକ ସ୍ଥାନରେ ଟଙ୍କା Hundi delā ଗ୍ରହଣ କର ଅନ୍ୟସ୍ଥାନରେ ଉକ୍ତ ଟଙ୍କା ପାଇବା ହୁଣ୍ଡି ଦେଓୟା ପାଇଁ ଦତ୍ତ ଛଠି ଲେଖି (ଟଙ୍କା ଦେଖିବା ବ୍ୟକ୍ତି) ହୁଣ୍ଡୀଦେନା ଉପାଜିତ କଲ୍ଲବାଲଙ୍କୁ ଦେବା—To give a bill of exchange to a depositor.

ହୁଣ୍ଡି ବାଲ୍ଲା—ବୈଦେ. (ଫା) ବ—ହୁଣ୍ଡି ଦ୍ୱାରା କାରବାର ଚଲାଉଥିବା Hundi bālā ମହାଳନ—A merchant carrying on ହୁଣ୍ଡିଓୟାଲା ହୁଣ୍ଡୀବାଲା hundi business.

ହୁଣ୍ଡି ଭଙ୍ଗା(ଙ୍ଗେ) ଇବା—ଦେ. କି—ଦୂର ଦେଶରେ ଜଣେ ବିଶ୍ୱସ୍ତ ବ୍ୟକ୍ତିଙ୍କୁ Hundi bhangā(nge)ibā ହୁଣ୍ଡି ଦେଇ ତାଙ୍କଠାରୁ ବରାବର ହୁଣ୍ଡି ଭାଙ୍ଗାନ ଟଙ୍କା ଜଉଦ ବୁଝିନେବା ବା ଆଦାୟ କରିବା—ହୁଣ୍ଡୀ ଭଂଗାନା To encash a bill of exchange

ହୁଣ୍ଡି ମିଆଦ୍(ଦି)—ବୈଦେ. (ଫା) ବ—ହୁଣ୍ଡି ଦେଖିବା ଲୋକର ହୁଣ୍ଡି Hundi miād(di) ଦେଖାଇବା ଲୋକକୁ ବରାବର ଟଙ୍କା ଦେବା ପାଇଁ ହୁଣ୍ଡିମେୟାଦ ହୁଣ୍ଡିରେ ଯେଉଁ ସମୟ (୩୧ ଦିନ, ୭୧ଦିନ, ୯୧ଦିନ) ହୁଣ୍ଡୀମିୟାଦ୍ ନିର୍ଦ୍ଦିଷ୍ଟ ଥାଏ—The time fixed for payment of the money covered by a bill of exchange some days after the presentation of the bill.

ହୁଣ୍ଡୀ—ଦେ. ବଣ ଓ ବ - ୧। ହୁଣ୍ଡାର ସ୍ତ୍ରୀଲିଙ୍ଗ—1. The feminine Hundi of Hundā. ୨ । ହୁଣ୍ଡା (ଦେଶ)—2, Hundā (ହୁଣ୍ଡେଇ—ଅନ୍ୟରୂପ) (See). ବୈଦେ. ବ—ହୁଣ୍ଡି ଇତ୍ୟାଦି ହୁଣ୍ଡୀ ଗଁବାରିନ (ଦେଶ)—Hundi etc (See)

ହୁତ୍—ଦେ. (ଧ୍ୱନ୍ୟନୁକରଣ) ଅ—୧ । ଧୂତ୍; କୌଣସି ବ୍ୟକ୍ତିକୁ ବା Hut ଜନକୁ ଦଉଡ଼ିବା ବ୍ୟକ୍ତିବାଚକ ଉଚ୍ଚାରିତ ଧ୍ୱନି—1. (ଦ୍ୱିତ ହୁତ୍—ଅନ୍ୟରୂପ) (Interjection) Exclamation ଧୁତ୍ ହତ uttered by a person driving away a person or animal from a place. ୨ । ହୁତୁ (ଦେଶ)—2. Hubu (See). ପ୍ରାଦେ (ଖଡ଼ଅଲ) ଅ (ହୁତ୍—ଅନ୍ୟରୂପ) ବାଚଣାର୍ଥକ; ନିଷେଧାର୍ଥକ—Interjection used in prohibiting or preventing.

ହୁତ୍ କରିବା—ଦେ. କି—୧ । ଦଉଡ଼ିବା—1. To drive away- Hut karibā ୨ । ନିବାରଣ ପୂର୍ବକ ତଡିବା—2. To scare ଧୁତ୍ କରା ହୁତ କରନା away.

ହୁତ—ସଂ. ବଣ—(ହୁ ଧାତୁ=ହୋମ କରିବା+କର୍ମବା)—୧ । ସମ୍ପୋ- Huta ଜାତଣ ପୂର୍ବକ ଦେବତାଙ୍କ ଉଦ୍ଦେଶ୍ୟରେ ହୋମାଗ୍ନିରେ (ଘୃତାଦି-ସ୍ତ୍ରୀ) ପ୍ରକ୍ଷିପ୍ତ (ଘୃତାଦ)—1. (Ghee etc) Offered unto the fire in the name of a Deity. ବ —୧ । ଯଜ୍ଞରେ ସମ୍ପୋଜାତଣ ନିମନ୍ତ ପ୍ରକ୍ଷିପ୍ତ ଘୃତାଦ—1. Ghee etc offered unto fire. ୨ । (ଅଧିକରଣ ଓ) ହୋମାଗ୍ନି—2. The sacrificial fire ଏବା (+ଭାବଚ) ହୋମ—3. Sacrifice or offering of ghee etc into fire. ଚ । ଶିବ (ହୁ ଶ)—4. Siba.

ହୁତ ବହ—ସଂ. ବ—(ହୁତ=ଘୃତାଦ+ବହ୍ ଧାତୁ+କର୍ତ୍ତୃ ଅ)—ଅଗ୍ନି Hu'a baha (ହୋମବହ)—Fire.

ହୁତ ଭକ୍ଷ—ସଂ. ବ (ହୁତ+ଭକ୍ଷଧାତୁ+କର୍ତ୍ତୃଅ)—ଅଗ୍ନି (ହୁ. ଶ)—Huta bhaksha Fire.

ହୁତଭୁକ୍ ସଂ. ବ—(ହୁତ୍=ଘୃତାଦ+ଭୁଜ ଧାତୁ=ଖାଇବା+କର୍ତ୍ତୃ ବ୍ୟୁତ୍, ହୁତଭୁକ୍ ଶବ୍ଦ ୧ମା ୧ବ)—୧ । ଅଗ୍ନି (ଅମର)—1. Fire. ୨ । ଧଳାଚତାମୂଳ; ଚତ୍ରକ ବୃକ୍ଷ (ଅମର)—2. Plumbago Zeylanica (a plant).

ହୁତଭୁକ୍‌ପ୍ରିୟା—ସଂ. ବ—ସ୍ତ୍ରୀ—ଅଗ୍ନିଭାର୍ଯ୍ୟା; ସ୍ୱାହା (ଅମର)—The Hutabhuk-priyā mystic syllable Swāhā (personified as the wife of the Fire-god).

ହୁ (ହୋ)ତଲା—ପ୍ରାଦେ (ଖଡ଼ଅଲ) ବଣ ଓ ବ—ଗୋଟିଏ ହାତରେ Hu(ho)talā ଧରି ହେବା ବା ପରିମିତ (ବସ୍ତୁ)—As much as can be held by one hand.

ହୁତ ଶେଷ—ସଂ. ବ—ହୋମରେ ଆହୁତି ଦଆଯିବା ପରେ ବଳି ପଡ଼ିଥିବା Huta śesha ସାମଗ୍ରୀ—Things remaining after offering unto the fire.

ହୁତାଗ୍ନି—ସଂ. ବ—ହୋମାଗ୍ନି—Sacrificial fire. ବଣ (ବହୁବ୍ରୀ) Hutāgni —୧ । ଅଗ୍ନିହୋତ୍ରୀ—1. Performing the Agni hotra. ୨ । କୃତହୋମ—2. (a person) Who has performed a Homa

Digitized by srujanika@gmail.com

ହୁତା—ସ. ବଣ—(ହୁତ+ସ୍ତ୍ରୀ. ଆ)—ହୁତର ସ୍ତ୍ରୀଲିଙ୍ଗ—Feminine Hutā of Huta. ବେ. ବଣ—କୌଣସି କାର୍ଯ୍ୟରେ ନିଯୁକ୍ତ (ବ୍ୟକ୍ତି) - (Person) Employed in any work. ବ—୧ । ସମ୍ପର୍କ; କାର୍ଯ୍ୟ ସଙ୍ଗେ ସମ୍ବନ୍ଧ—1. Connection with any work. ୨ । ଦାୟିତ୍ୱ—2. Responsibility.

ହୁତାବଶିଷ୍ଟ—ସ,ବଣ—ହୋମରୁ ବଳି ପଡ଼ିଥିବା—Remaining after Hutābasishṭa the offering unto fire.

ହୁତାବଶେଷ—ସ. ବ—ହୁତ ଶେଷ(ଦେଶ)—Hutaśesha (See) Hutābaśesha

ହୁତାଶ—ସଂ. ବ—(ହୁତ=ହୁତ+ଅଶ୍ ଧାତୁ+କର୍ତ୍ତୃ ଅ)—୧ । ହୁତଭୁକ୍; ଅଗ୍ନି; ହୁତାଶନ—1. Fire. ୨ । ତିନ ସଂଖ୍ୟା (ହୁ. ଶ)—2. The number three. ୩ । ତରକଗୁଳ୍ମ (ହୁ. ଶ)—3. Plumbago Zeylanica plant. ବେ. ବଣ—(ସ. ଦ୍ୱା ହୁତୋଽସ୍ମିନ୍ ବା ହୁତାଶ)—୧ । ହୁତାଶ—1. Desperate; hopeless. ୨। କ୍ରୋଧରେ ପ୍ରଜ୍ୱଳିତ—2. Burning with rage. ୩ । ବିପଦରେ ବା ଶୋକରେ ଅର୍ତ୍ତନାଦକାରୀ—3. Uttering cry of grief or of distress. ୪ । କାଣ୍ଡ ଜ୍ଞାନ ଶୂନ୍ୟ—4. Unmindful or careless of consequence. ବ—୧ । ବିପଦ ବ୍ୟକ୍ତିର ଖେଦ ସୂଚକ ଶବ୍ଦ ବା ଅର୍ତ୍ତନାଦ—1. Cry of distress or grief. ୨ । ହତାଶ ଅବସ୍ଥା—2. Desperation; hopelessnes.

ହୁତାଶନ—ସଂ. ବ—(ବହୁଗ୍ରହି; ହୁତ=ହୁତ ଅଟେ ଅଶନ=ଭୋଜନ ଯାହାର)—୧ । ଅଗ୍ନି—1. Fire. ୨ । ଶିବ (ଶବ୍ଦ କଳ୍ପଦ୍ରୁମ)—2. God Śiba.

ହୁତାଶନେ—ତ୍ରା. କ୍ରି. ବଣ—ହୁ ହୁ ହୋଇ—Raging or burning briskly (said of fire); in a blazing manner. [ଜ—ଅନଳ ଯେସନ ହୁତାଶନେ ଜଳୁଥାଇ — ଗ୍ରାରୀ. ଦ୍ରୁଜନରୂପଣ ଗୀତା]

ହୁତାଶିଆ—ବେ. ବଣ ସୁଂ—, ସଂ ହୁତାଶ)—୧ । ହତାଶ; ଆଶାହତ ହେବାରୁ କାଣ୍ଡଜ୍ଞାନ ଶୂନ୍ୟ—1. Desperate; disregardful of consequences. ୨ । (ସଂ; ହୁତାଶ=ଅଗ୍ନି; ଅଗ୍ନିସଦୃ) ଅତ୍ୟନ୍ତ କ୍ରୋଧୀ—2. Very angry; of a violent disposition;

ହୁତାଶି ହେବା—ବେ କ୍ରି (ସ. ଦ୍ୱାହୁତୋଽସ୍ମି)—୧ । କାତରହେବା—ବହୁଗଞ୍ଜ ହେବା; ଚଞ୍ଚଳ ବିକଳ ହେବା—1. To be much perplexed. ୨ । ବିପଦ୍ଗ୍ରସ୍ତ ହେବା—2. To be in danger. ୩ । କିଂକର୍ତ୍ତବ୍ୟ ବିମୂଢ଼ ହେବା—3. To become bewildered or upset. ୪ । ହୁତାଶ ହେବା—4. To become desperate.

ହତାଶି ହଓୟା अस्तव्यस्तहोना

ହୁତାହୁତ—ତ୍ରାବେ (ଘାଟଣା) ବ ଃ—କ୍ରମଶଃ ପରବର୍ତ୍ତୀ; ପରଚ୍ଛୁପଚ୍ଛ—Hutāhuti Succeeding. କି ବଣ—କ୍ରମଶଃ ପରେ ପରେ In succession.

ହୁତା ହେବା—ବେ କ୍ରି—୧ । କୌଣସି କାର୍ଯ୍ୟରେ ନିଜକୁ ନିଯୁକ୍ତ Hutā hebā କରିବା—1. To engage one's self in any work. ୨ । କୌଣସି କାର୍ଯ୍ୟ କରିବାକୁ ଅଗ୍ରସର ହେବା—2. To come forward to do any work. ୩ । କୌଣସି ବିଷୟରେ ଦାୟିତ୍ୱ ଗ୍ରହଣ କରିବା—3. To undertake the responsibility for any work. ୪ । ଦାୟୀ ହେବା—4. To be-ରତ ହଓୟା **नियुक्तहना** come responsible for any work.

ହୁତି—ସ. ବ—(ହୁ ଧାତୁ+କ୍ତି ଇ) —ହବନ; ହୋମ—Sacrifice; Huti vedic ritual consisting of offering of ghee to the Deities through fire. ବେ. ବ—୧ । ହୁତା (ଦେଖ)—1. Hutā (See) ୨ । (ସ. ଉତ୍ପତ୍ତି) ହୋଇ; ହେବାକଥା; କୌଣସି କାର୍ଯ୍ୟ ହେବାର ଅବସ୍ଥା—2. The state of an act being done. ୩ । କାର୍ଯ୍ୟ ସମ୍ପନ୍ନ ହେବାର ନିଶ୍ଚୟତା—3. Certainty of a work being accomplished. ୪ । କାର୍ଯ୍ୟ ସମ୍ପାଦନ ହେବାର ଦୃଢ଼ ଜବାବ—4. Promise or assurance of a work being performed

ହୁତି ନ ହୁତି—ବେ. ବ—(ସ. ଉତ୍ପତ୍ତି ନ ଉତ୍ପତ୍ତି) —୧ । ହୋଇ ନ Huti na huti ହୋଇ; ହେବା ନ ହେବା; କୌଣସି କାର୍ଯ୍ୟର ହେବା କା ନ ହେବା—1. To be or not to be. ୨। କୌଣସି କାର୍ଯ୍ୟ ହେବାର କା ନ ହେବାର ଜବାବ—2. Promise or assurance that anything will or will not be done. (ଯଥା —ମୁଁ ଭଲ ବଳ ହେଲ୍ଲ ଭାଙ୍କ ପାଖରେ ଅଙ୍ଗୀକାର କଲି, ମାତ୍ର ସେ ମନ୍ତେ ହୁତି ନ ହୁତି କହି କହିଲ ନାହିଁ)

ହଓୟା ନା ହଓୟା होना न होना

ହୁ ଦ(ଧ)ସ୍—ତେ. କ୍ରି ବଣ —ହୁଙ୍କର (ଦେଶ)— Hu da(dha)s Hūṅkari (See)

ହୁଦା(ଦ୍ଦା)—ବୈ ବେ. ବ—(ଅ. ଓଦ୍ଦା=ସଦଗୁ, ସଦଗୁସୂଚକ ଚିହ୍ନ)—୧ । ରାଜପୁରୀ ମାନଙ୍କର ପୋଷାକରେ Hudā(ddā) ଜଳର ସଦ୍ଗୁସୂଚକ ଧାତୁଫଳକ ବା ଜରଦ୍ଦୁଜ ବା ଚିହ୍ନ—1. Badge; a metal plate worn on the dress of peons. ୨ । ଅଧିକାର ପରିଚୟସୂଚକ ଚିହ୍ନ—2. A badge of authority. ୩ । ଅଧିକାର; ଆଧିପତ୍ୟ—3 Authority; mastery, domination. ୪ । ଔଚିତ୍ୟ—4. Propriety. ତ୍ରାବେ—(ଘାଟଣା) ବ—ଦଳ; ଗୋଷ୍ଠୀ; ସମୂହ—Band;flock; company. ତ୍ରାବେ (ଜଣାଇ) ବ—ହଳ—Plough ତ୍ରାବେ. (ଖଡଅଳ) ବ—୧ । କାଉର ଅଗ୍ରଭାଗ—1. The pointed end of a stick. ୨ । କାଠର

Digitized by srujanika@gmail.com

ଅଗଦ୍ୱାର୍ ଖୋବା—2. A push or poking with the end of a stick.

ହୁଦା ମାରିବା—ପ୍ରାଦେ. (ଖଣ୍ଡଆଳ) କ୍ରି—ବାଡ଼ର ଅଗ୍ରଦ୍ୱାରା ଠେଲି ଦେବା—To push by the point of a stick.
Hudā māribā

ହୁନ୍—ପ୍ରାଦେ. (ଭତଡ଼ୁଲୁଖା) ସର୍ବନାମ—ସେ—
Hun He; she.

ହୁନ୍‌କେ—ପ୍ରାଦେ. (ଭତଡ଼ୁଲୁଖା) ସର୍ବନାମ—ତାହାର—
Hun-ke His.

ହୁନ୍‌ମନ୍—ପ୍ରାଦେ (ଭତଡ଼ୁଲୁଖା) ସର୍ବନାମ—ସେମାନେ—
Hun-man They.

ହୁନ—ଦେ. ବ—(ସଂ. ଧନ; ହୁଣ, ହୁନ=ପ୍ରାଚୀନ ସ୍ୱର୍ଣ୍ଣମୁଦ୍ରାବିଶେଷ)
Huna ୧ । ଧନ; ସମ୍ପତ୍ତି—1. Riches. ୨ । ନଗଦ ଧନ—2. Cash. ୩ । ସଞ୍ଚିତ ଧନ; ଉଚ୍ଚିତ ଧନ; ପୁଞ୍ଜୀକୃତ ଧନ—3. Hoard ପ୍ରାଦେ (ଝଡ଼ର ବାଲେଶ୍ୱର) ବ—ଅଲ୍ପମୂଲ୍ୟର ବସ୍ତୁ—A thing of low price.

ହୁନର୍ (ଇତ୍ୟାଦି)—ଦେଦେ. ବ—(ଫା ହୁନର୍=କଳା, କାରିଗର)
Hunar(etc) ହୁନର୍ (ଇତ୍ୟାଦି) (ଦେଖ)—
Hundar (etc) (etc)

ହୁନରୀ ଦେଦେ. ବଶ ସ୍ତ୍ରୀ ଓ ପୁ—(ଫା)—ହୁନରିଆ (ଦେଖ)—
Hunarī Hundariā (See)
(ହୁନରିଆ—ଅନ୍ୟରୂପ)

ହୁନାଁର୍—ପ୍ରାଦେ (ଘାଟଶି, କଟ୍ଟାଳ ଭାଷା) ବ (ସଂ.ହୁଣ୍ଡ)—ହେୟାନ୍ୟ—
Hunāñr Hyena wolf.

ହୁନୁ—ପ୍ରାଦେ (ଘାଟଶି, କନାଳ ଅଞ୍ଚଳ ଭାଷା) ବ—ମାକଡ଼—
Hunu Monkey.

ହୁନର୍—ଦେଦେ. ବ—(ଫା. ହୁନର୍=ଦକ୍ଷତା, କଳା, କାରିଗର)—
Hundar ୧ । କୁଶଳତା; ଦକ୍ଷତା—1. Skill. ୨ । କୌଶଳ—2. Tact. [ଉ—କାହିଁ ସେ ହୁନର ଯେ ହୁନର ବଳେ ପୁରୁଷ ହେବ ରମଣୀ । ବ୍ରଧାନାଥ-ସ୍ୱାଉ ।) ୩ । ଭେଲକି; ମାୟା; ଇନ୍ଦ୍ରଜ—3. Magic. [ଦ୍ର—ଜନ୍ମେ ଜନ୍ମ କଳରେ ଅଦଭୁତ ହୁନରେ ଥଣ୍ଟି ଭାଳ ଜଉଉର । ମଧୁସୂଦନ·ନଦ୍ଧପ୍ରଜ୍ଞ ।] ୪ । ଛଇ; ରଙ୍ଗ—4. Sportiveness. ୫ । ଅମୋଦପ୍ରମୋଦ—5. Amusements. ୬ । ସୁଆଙ୍ଗ—6. Farce. ୭ । ଜିଦ; ଜବ—7. Importunity. ୮ । ଅଡମ୍ବର—8. Show. ୯ । ଚତୁରତା—9. Cleverness.
ହୁନର ହୁନର

ହୁନର କରିବା (କାଢ଼ିବା)—ଦେ. କ୍ରି—୧ । ସୁଆଙ୍ଗ ଲଗାଇବା—
Hundara karibā (kārdhibā) (ହୁନର ଲଗା[ଗ]ଇବା—ଅନ୍ୟରୂପ) To bring out a show; to make a farce. ୨ । ଇନ୍ଦ୍ରଜ ଦେଖାଇବା—2. To exhibit magical show. ୩ । କୌଶଳ ଦେଖାଇବା—3. To show one's skill. ୪ । ଜିଦ ଧରିବା; ଜିଗର୍ କରିବା—4. To importune.
ହୁନର କରା ହୁନର ଦିଖାନା

ହୁନରିଆ—ଦେ. ବଶ ପୁ ଓ ସ୍ତ୍ରୀ—(ଫା. ହୁନର୍=ଦକ୍ଷ)—
Hundariā ୧ । ଛଇଲ—1. Sportive; fond of [ହୁନର୍, ହୁନରେଇ—ସ୍ତ୍ରୀ] sport. ୨ । ସୁଆଙ୍ଗିଆ—2. Showy; fond of show. ୩ । ଜିଗରିଆ—3. Importunate. ୪ । କୌଶଳୀ; ଦକ୍ଷ—4. Skilful. ୫ । ଭେଲକିଆ—5. Skilful in magic.
ଭାଁଡ଼ ହୁନରମଂଦ (ହୁନର—ଅନ୍ୟରୂପ)

ହୁପ୍—ଦେଦେ. ବ—(ଇଂ. ହୋପ୍)—୧ । ଆଶା—1. Hope.
Hup. ୨ । ସାହସ; ବେପରୁଆ—2. Courage; bravery. ୩ । (ଫା· ହୁର୍)—ହୋସ୍; ସ୍ମରଣ—3. Recollection; remembrance. ୪ । [ଇଂ. ହୁଫ୍]—ପଶୁମାନଙ୍କ ଖୁରା—Hoof of beasts
ହୋପ, ହୂପ ହୋପ

ହୁପା—ପ୍ରାଦେ (ଝଡ଼ଆଳ) ବଶ—୧ । ଅଛ ସାହସୀ—1. Very.
Hupā (ppā) courageous ୨ । ଅମାନଆ—2. Di obedient.
ପ୍ରାଦେ (ଜଭଜା) ବ—ଗୋଇଁଷି ଗଲ ଚଲାମାନ୍ଙ୍କା ଯୋଗୁ ଭୂମିରେ ସେଇଁ ଗହ୍ୱରଥା ଗାଉମାନ ଫୁଟୟୋଏ—Holes made on the surface of the ground by the trampling of herds of domestic buffaloes.

ହୁବ୍—ଦେଦେ ବ (ଅ. ହୁବ୍, ହୁବ୍—ଅନୁରାଗ, ଉତ୍ସାହ)— ୧ । ଦୋଷ
Hub ସ୍ମରଣ; ଖିଅଲ—1 Recollection; memory; remembrance. ୨ । ବଳ; ସାହସ; ଅସ୍ପ୍ରତ୍ୟୟ—2. Courage; confidence in one's strength. (ଯଥା—ଏକଥା ଭୁମ୍ଭକୁ କହିବାକୁ ମୋ ହୁବ୍ ହଉଛି ନାହିଁ ।)

ହୁବ୍ କରିବା—ଦେ. କ୍ରି—ସ୍ମରଣ କରିବା—To remember; to
Hub karibā ସ୍ମରଣ କରା याद्करना recollect.

ହୁବ୍ ପଟିବା(ପାଇବା)—ଦେ. ବ—୧ । ସାହସର ସଞ୍ଚୟ—
Hub paṭibā (pāibā) 1. Abundance of courage. ୨ । ଆତ୍ମ ପ୍ରତ୍ୟୟର ଉଦ୍ଭବ—2. Dawning of self-confidence.

ହୁବ୍ ହେବା—ଦେ. କ୍ରି—୧ । ସ୍ମୃତି ହେବା—1. To be remem-
Hub hebā bered. ୨ । ମନରୁ ଯାଖୋର ନ ଯିବା—ମନେ ହଓୟା याद्होना 2. Not to slip out from one's memory.

ହୁବ୍(ବେ)ହୁ—ବିଦେ, ବଶ—(ଅ. ହୁବହୁ=ଅଚଳ)—୧ ।
Hub (be)hu ଅବିକଳ; ଉଚ୍ଚରୂପ—1. Exact copy ହୁବହୁ हूबहू o'; exactly similia·. ୨ । ସବାଙ୍ଗରେ [ହୁବ୍(ବେ)ହୁ—ଅନ୍ୟରୂପ] ସମାନ—2. Similar in all respects. ୩ । ଆଦର୍ଶାନୁରୂପ—3. Exactly corresponding to the model.

Digitized by srujanika@gmail.com

ବଣ—ଅବଶିନ୍‌ରୂପ କରିଲ—Exact copy; exact reproduction. କି- ବଣ—ଅବିକଳରୂପେ —In an exactly similar manner.

ହୁବୁକା—ଦେ. ବ—୧ । ଚମକବା (ଗୋପୀନାଥ ନନ୍ଦ)—1. Star-Hubukā ting up. ୨ । ହୁବୁଡ଼ିବା (ଗୋପୀନାଥନନ୍ଦ)—ଚମକ ଚମକ 2. Shying. ୩ । ଉପରକୁ ଡେଇଁବା,—3. Springing up.

ହୁବୁକିବା—ଦେ. କି—୧ । ଚମକିବା (ଗୋପୀନାଥ ନନ୍ଦ)—1. To Hubukibā start up. ୨ । ହୁବୁଡ଼ିବା (ଗୋପୀନାଥନନ୍ଦ) ଚମକାନ —2. To shy; to be startled. ୩ । ଉପରକୁ ଚମକନା ଡେଇଁବା (ଗୋପୀନାଥ ନନ୍ଦ)—3. To spring up.

ହୁ ବେଗେ—ଗ୍ରାଦେ (ସମ୍ବଲପୁର) କି ବଣ—୧ । ହଠାତ୍—1. All Hu bege on a sudden. ୨ । ଅତି ଶୀଘ୍ର—2. Very soon. ୩ । ଉତ୍ତସଣାତ—3. Immedi ately;all at once.

ହୁଭୁରିବା –ଗ୍ରାଦେ (ଘାଟଣା) କି—ଗାଳଦେବା— Hubhuribā To call names.

ହୁମ୍—ଅ. ଅ—ସମ୍ମତି, ସ୍ମୃତି, ଅସାକୃତ, ଅର୍ଥପ୍ରଶ୍ନ, ଅଭ୍ୟନୁଜ୍ଞା, ଉର୍କ, Hum ଉତ୍ତର ଆଦ ସ୍ଥଳରେ ଉଚ୍ଚାରିତ ଧ୍ୱନି—(Interjection) An exclamation uttered in consenting,recollecting,questioning,allowing, arguing and guessing. ଗ୍ରାଦେ (ସମ୍ବଲପୁର) ବ—ହୋମ—Offering unto fire. ଦେ. ଅ—ହୁଁ (ଦେଶ)—Huñ (See). ଗ୍ରାଦେ (ଖଡ଼ଆଳ; ଧ୍ୱନ୍ୟନୁକରଣ) ଅ—କୌଣସି ଉଡ଼ା କାମରେ ଲାଗିଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ପାଇଁ ଉଚ୍ଚାରିତ ଧ୍ୱନି—An exclamation uttered by a Persen to encourage others engaged in a laborious task. [ହୁ—ଏ ଶବ୍ଦ ଶୁଣିଲେ ସମସ୍ତେ ଜୋର୍ ଲଗାଇ କାମ କରନ୍ତି ।]

ହୁମ୍‌କି—ଦେ. ବ—୧ । ଭୟ ପ୍ରଦର୍ଶନ (ଗୋପୀନାଥ ନନ୍ଦ)—1. Hum-ki Threat; frightening. ୨ । ଗାଳିଜଲା—2. ହୁମ୍‌କି ଧମକୀ Abuse threatening abuse.

ହୁମ୍‌ଜୁଲି—ଗ୍ରାଦେ. (ଖଡ଼ଆଳ) ବଣ—ସମାନସ୍ତର—Of the same Hum-juli or similar status or position.

ହୁମ୍‌ଡ଼ାଇବା—ଗ୍ରାଦେ (ସମ୍ବଲପୁର) କି—ଝୁଣ୍ଟିବା—To trip Hum-rdāibā while walking; to stumble.

ହୁମ୍‌ଦୁମ୍—ଦେ. ଅ—୧ । ବାଳକମାନେ ଦୌଡ଼ ଧାପଡ଼ ଓ କଳ ଶବ୍ଦ Hum dum କରି ଇତସ୍ତତଃ ଦେବା ଦ୍ୱାରା ଉତ୍ପନ୍ନାଇବା ହୁମ୍‌ହୁମ୍ ଗୋଳମାଳ—1. Boisterous noise by restless ଧୁମ and moving children. ୨ ଦୌଡ଼ାଧପଡ଼—2. Brisk running.

ହୁମ୍ ଫଟ୍ ସ୍ୱାହା—ଵଂ, ମନ୍ତ୍ରାଂଶ—ଦେବତା ପୂଜା ସମୟରେ ଉଚ୍ଚାରିତ Hum phaṭ swāhā ମନ୍ତ୍ର ବିଶେଷ—A mystic formula used during worship.

ହୁମ୍ ବ(ମ,ମେ)ରା ଭାଇ—ଗ୍ରା. ଅ—ହୁଁ ବଡ଼ଭାଇ (ଦେଶ) Hu n ba(ma,me)rā bhāi Huñ barā bhāi (See). [ହୁମ୍ ବ(ମ, ମେ)ର ଭାଇରେ(ଲ୍ଲେ)—ଅନ୍ୟରୂପ]

ହୁମ୍‌ରାବା—ଗ୍ରାଦେ (ବଲଙ୍ଗିର ଘାଟଣା) କି—(ଶିଶୁ) ସ୍ତନ୍ୟ ପାନ Hum-rābā କରିବା ପାଇଁ ଆରମ୍ଭ କରିବା—To begin to suck (said of an infant).

ହୁମ୍ ହୁମ୍—ଗ୍ରା. ବଣ—ଅତିରକ୍ତ ଆଗ୍ରହାନ୍ୱିତ; ଲାଳାୟିତ— Hum hum ଲାଳାୟିତ ଲାଳାୟିତOver eager; hankering

ହୁମ (ଇତ୍ୟାଦି)—ଗ୍ରା. ବ—ହୋମ ଇତ୍ୟାଦି (ଦେଶ) Huma (etc) Homa etc (See)

ଗ୍ରାଦେ (ସମ୍ବଲପୁର) ବ. ବାଳକାଙ୍କ କ୍ରୀଡ଼ା ବିଶେଷ; ହୁମା (ଦେଶ)—A kind of game of girls.

ହୁମ ଝୁମ—ଗ୍ରାଦେ (ବାଲେଶ୍ୱର) ବଣ—ଆଗୁଆ—Forward. Huma Juma [ବ – ଯର ଉପକାର କରିବାକୁ ଯେପର ହୁମ୍ ଝୁମ୍, ଉପରେ ବଡ଼ ବଢିଆ କରିବାକୁ ସେହିପର ସଜବୁତ୍ ଫଟ୍ଟାର ମୋହନ. ଛୁମାଣ, ଆଠଘୁଣ୍ଟ]

ହୁମା—ଦେ.ବ—ଗଞ୍ଜାମର ଗୋଟିଏ କ୍ଷୁଦ୍ର ଜମିଦାରୀ ଓ ନଗରର ନାମ— Humā Name of a small zamindary and town ହୁମା in Ganjam.

୨ । ସମ୍ବଲପୁର ସଦରଠାରୁ ଆଠକୋଶ ଦୂରସ୍ଥିତ ଓ ପ୍ରସିଦ୍ଧ ଶିବଲିଙ୍ଗଙ୍କ ମନ୍ଦିର ବିଶିଷ୍ଟ ଗ୍ରାମ—2. Name of a village 15 miles from Sambalpur. [ହୁ—ଏ ଗ୍ରାମ ଧାମା ଥାନାର ଇଲ୍ଲକାରେ; ଏଠାରେ ମହାନଦୀ କୂଳରୁ ଲାଗି ଗୋଟିଏ ପ୍ରସିଦ୍ଧ ଶିବମନ୍ଦିର ଅଛି । ଏ ମନ୍ଦିରର ଗର୍ଭଗୃହ ଗୋଟିଏ ଭୂଗର୍ଭସ୍ଥ ସୁଡ଼ଙ୍ଗଦ୍ୱାରା ମହାନଦୀ ସଙ୍ଗେ ସଂଯୁକ୍ତ ଓ ସେହିଦ୍ୱାରାରେ ମହାନଦୀ ଥାଣି ଗର୍ଭଗୃହ ଉତରରୁ ଯିବା ଆସିବା କରେ ଓ ଦେଉଳରୁ ପାଦୁକ ପାଣି, ଫୁଲ, ବେଲପତ୍ରୀ ନଈକୁ ବହି ଆସେ । ଉକ୍ତ ମନ୍ଦିରର ସୁଡ଼ଙ୍ଗ ସଲଗ୍ନ ମହାନଦୀରେ ଗୋଟିଏ ଗଣ୍ଡ (ସୁଗଭୀରଜଳ) ଅଛି । ସେ ଗଣ୍ଡରେ ବଡ଼ ବଡ଼ ମାଛ ଓ କଇଁଛ (କୂର୍ମ) ଅଛନ୍ତି । ଯାତ୍ରୀମାନେ କୂଳରେ ଥାଇ ପାଣିରୁ ଟିଠାଇ, ଖଇ ଆଦ ପକାଇଲେ ମାଛ ଓ କୂର୍ମମାନେ କୂଳ ଜଳକୁ ଆସି ସେମାନ ଖାଆନ୍ତି । ମନ୍ଦିରର ଅନତିଦୂରରେ ହୁମା ଗ୍ରାମ ଅବସ୍ଥିତ । ଏ ଶିବଲିଙ୍ଗ ପାତାଲଫୁଟା ବା ପାତାଳୀ ଲିଙ୍ଗ ଅଟନ୍ତି ।] ବୈ ଦେ. ବ. (ଗା)—୧ । ହୁଁ ହାଁ ଚଢ଼େଇ (ଦେଶ)—1 Huñhāñ chardhei (See) ୨ । କଳ୍ପିତ ପକ୍ଷିବିଶେଷ—A bird of the folk-tales [ହୁ—ପ୍ରସିଦ୍ଧି ଅଛି ଯେ ଏ ହାଡ ଖାଇ ବଞ୍ଚେ ଓ ଯାହାଙ୍କ ଉପରେ ଏ ପକ୍ଷୀର ଛାୟା ପଡ଼ିଯାଏ ସେ ବାଦସାହା ହୁଏ—ହ. ଶ)

ହୁମା ଖଣ୍ଡ—ଦେ. ବ—ପନ୍ଦରଶ ଶତାବ୍ଦୀରେ ସମ୍ବଲପୁର ରାଜ୍ୟର ନାମ— Humā khanda The name of the state of Sambalpur in the 15th century A. D

Digitized by srujanika@gmail.com

ହୁମାଗୁଞ୍ଜୁ—ସ୍ତ୍ରୀ (ଓଡ଼ିଆଲ) ବ—ଉଲୂକ ବଂଶର; ଏକ ପ୍ରକାର ପେଚା—A species of owl. [ହୁ—ଏ ଉଲୂକଠାରୁ କ୍ଷୁଦ୍ର ବଡ଼ ।]

ହୁମଡେଇଁ—ଦେ.ବ ଓ ବଣ ସ୍ତ୍ରୀ [ଗାଳି]—ଯେଉଁ ସ୍ତ୍ରୀ ସର୍ବଦା ଘରେ ନ ରହି ଗ୍ରାମରେ ଯାଘରେ ତା ଘରେ ସର୍ବଦା ବୁଲିବାକୁ ସୁଖପାଏ—(a term of abuse) A woman who likes to loaf about in the houses of villagers.

ହୁମାୟୁନ୍—ବୈଦେ. ବ—(ନାମ)—ଦିଲ୍ଲୀର ଦ୍ୱିତୀୟ ମୋଗଲ୍ ସମ୍ରାଟ୍ ବାବରଙ୍କ ପୁତ୍ର ଓ ଅକବରଙ୍କ ପିତା—The 2nd of the Moghal emperors, son of Bābar and father of Akbar. [ହୁ—ଖ୍ରୀଷ୍ଟୀୟ ୧୫୩୦ ଅବ୍ଦରେ ବାବରଙ୍କ ମୃତ୍ୟୁପରେ ଦିଲ୍ଲୀର ସିଂହାସନ ଅଧିକାର କରି ୧୫୫୬ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ଏହାଙ୍କର ଅନ୍ୟ ଭଳି ଭାଇ ଉନ୍ନ ଉନ୍ନ ଦେଶ ଜାଗିର ସ୍ୱରୂପ ପାଇଥିଲେ । କଥିତ ଅଛି ଯେ ଏହାଙ୍କର ପିତାଙ୍କର ସାଙ୍ଘାତିକ ପୀଡ଼ିତ ଥିବା ଅବସ୍ଥାରେ ଭବିଷ୍ୟଦ୍‌ବକ୍ତାମାନେ କହିଥିଲେ ଯେ, ଦୁଇଜଣଙ୍କ ମଧ୍ୟରୁ ଜଣକର ଜୀବନ ଉତ୍ସର୍ଗ ହେଲେ ଆଉଜଣକ ବଞ୍ଚିବ । ଏପର ଅବସ୍ଥାରେ ବାବର ନିଜ ଜୀବନକୁ ଉତ୍ସର୍ଗ କର ପୁତ୍ରଙ୍କ ବଞ୍ଚିବା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲେ । ଫଳତଃ ହୁମାୟୁନ୍ ଆରୋଗ୍ୟ ଲାଭକଲେ । ତତ୍ପରେ ବାବର ସେହି ରୋଗରେ ପ୍ରାଣତ୍ୟାଗ କଲେ । ହୁମାୟୁନଙ୍କ ଅମଳରେ କାବୁଲର ଜଣେ ଜାଗିର୍‌ଦାର ସେରସାହା ବଦ୍ରୋହୀ ହୋଇ ଏହାଙ୍କୁ ୧୫୩୯ ସାଲରେ ପରାସ୍ତ କରିବାରୁ ଏ ରାଜ୍ୟକୁ ପଳାଇଗଲେ ଓ ସେରସାହା ୧୫୪୦ରୁ ୧୫୪୫ ପର୍ଯ୍ୟନ୍ତ ଦିଲ୍ଲୀ ସିଂହାସନ ଅଧିକାର କଲେ । ସେରସାହା ରାଜପୁତମାନଙ୍କ ସଙ୍ଗରେ ଯୁଦ୍ଧ କର ଦୃଢ ହେବାରୁ ତାଙ୍କ ପୁତ୍ର ଇସ୍‌ଲମ୍ ବା ସେଲିମ୍ ସାହା ୧୫୪୫ରୁ ୧୫୫୨ ପର୍ଯ୍ୟନ୍ତ ରାଜତ୍ୱ କଲେ । ସେଲିମ୍ ସାହାଙ୍କ ପରେ ତାହାଙ୍କର ଭାଇ ମହମ୍ମଦ୍ ଅଦଲ୍ ସାହା ୧୫୫୨ରେ ସିଂହାସନ ଆରୋହଣ କଲେ । ଅଦଲ୍ ସାହା ଅତ୍ୟନ୍ତ ବିଳାସପ୍ରିୟ ଥାଇ ରାଜକାର୍ଯ୍ୟ ହୁମୁନାମକ ଜଣେ ମାରବାଂଶୀୟ ହିନ୍ଦୁଙ୍କ ହସ୍ତରେ ନ୍ୟସ୍ତ କରିଥିଲେ । କେତେକ ଅଫଗାନ୍ ସର୍ଦ୍ଦାର ଓ ଅଦଲ୍ ସାହାଙ୍କ ଶତ୍ରୁ ଇବ୍ରାହିମ୍ ଖାଁ ଅଦଲ୍ ସାହାଙ୍କ ବିରୁଦ୍ଧରେ ବଦ୍ରୋହୀ ହେଲେ ଓ ଦିଲ୍ଲୀ ଏବଂ ଆଗ୍ରା ଅଧିକାର କରି ଆପଣାକୁ ସିକନ୍ଦରସାହା ସମ୍ରାଟ୍ ବୋଲି ଘୋଷଣା କଲେ । ଏହି ସୁଯୋଗରେ ହୁମାୟୁନ୍ ପାରସ୍ୟ ରାଜାଙ୍କ ସାହାଯ୍ୟରେ ଗୁଡ଼ିଏ ସୈନ୍ୟ ସଂଗ୍ରହ କର ପଞ୍ଜାବ ଅକ୍ରମଣ କରି ୧୫୫୫ ସାଲରେ ସିନ୍ଧୁନଦ ନାମକ ସ୍ଥାନରେ ତାଙ୍କୁ ପରାସ୍ତ କର ଦିଲ୍ଲୀ ଓ ଆଗ୍ରା ଅଧିକାର କରି ସମ୍ରାଟ୍ ହେଲେ ଓ ୧୫୫୬ ସାଲରେ ପ୍ରାଣ-ତ୍ୟାଗ କଲେ । ତାଙ୍କ ପରେ ତାଙ୍କର ୧୩ ବର୍ଷ ବୟସ୍କ ପୁତ୍ର ଅକବର ଦିଲ୍ଲୀର ସମ୍ରାଟ୍ ହେଲେ । ହୁମାୟୁନଙ୍କର ରାଜ୍ୟରୁ ବତାଡ଼ିତ ହୋଇ ବଦେଶରେ ବାସ କରୁଥିବା ଅବସ୍ଥାରେ ଅମରକୋଟ୍ ଠାରେ ଖ୍ରୀ ୧୫୫୨ ରେ ଅକବର ଜନ୍ମ ଗ୍ରହଣ କରିଥିଲେ ।]

ହୁ(ବା)ମାରିବା—ସ୍ତ୍ରୀ (ଖଡ଼ିଆଳ) କ୍ରି—ସ୍ନେହ କରିବା—To love.

ହୁମୁଡ଼େ—ସ୍ତ୍ରୀ (ସାଧାରଣ) କ୍ରି. ବଣ—ଦଣ୍ଡେ; ମୁହୂର୍ତ୍ତମାତ୍ର—One moment only.

ହୁମୁ ହୁମୁ ହେବା—ସ୍ତ୍ରୀ (ସାଜପୁର) କ୍ରି—ଅତ୍ୟନ୍ତ ସ୍ୱଗୋଡ଼ିତ ହେବା—To be very angry.

ହୁମୋ—ସ୍ତ୍ରୀ (ସମ୍ବଲପୁର) ବ—ବାଳକାମାନଙ୍କର ଏକ ପ୍ରକାର ଖେଳ—A kind of outdoor game amongst girls. [ହୁ—ଏଥିରେ ବାଳକା ଓ ଯୁବତୀମାନେ ଦୁଇ ଦଳରେ ବାଣ୍ଟି ହୋଇ ପରସ୍ପର ଠାରୁ ଶହେହାତ ଛଡ଼ା ଧାଡ଼ିବାନ୍ଧି ଠିଆ ହୁଅନ୍ତି । ପ୍ରଥମେ ଦଳେ ଗୀତ ବୋଲି ବୋଲି ଅପର ଦଳ ଅଡ଼କୁ ଅଗ୍ରସର ହୋଇ ପୁଣି ନିଜ ସ୍ଥାନକୁ ଲେଉଟି ଯାଆନ୍ତି । ତତ୍ପରେ ଅପର ଦଳ ଗୀତ ବୋଲି ବୋଲି ସେହିପରି କରନ୍ତି ।

ହୁମୋ ଗୀତ—

ହୁମୋ ନନ ନନ ଦଶ ବୋଇଲ ରେ
ହୁମୋ ନନ ନନ ଦଶ ବୋଇଲ ରେ,
ନ ଖାଇଁ ନ ପିଇଁ ଗୁଆ ଘନରେ
ନ ଯାଉ ଭୁମ୍ବର ଦେଶ,
ବୋଇଲ ରେ, ନ ଯାଉ ଭୁମ୍ବର ଦେଶ ।
ହୁମୋର ଗଈଆ ବୋଇଲ ରେ ହୁମୋର ଗଈଆ
ମୋ ଗଈଆକୁ କେ ମାଇଲ୍ଲ
ରକତ ଝୋଲିଥରେ, ରକତ ଝୋଲିଆ ।]

ହୁମ୍ପା ବେ. ବଣ—୧ । ଯେ ସମସ୍ତଙ୍କୁ ଠେଲି କରି କଥା କହେ; ଅଗବୋଲା (person). ୨ । ଯାହାଠାରେ ଶିଷ୍ଟାଚାର ଓ ଭଦ୍ରତା ନାହିଁ (ଗୋପୀନାଥ ନନ୍ଦ)—1. Forward ଅଳଗଟେଟା (person). ୨ । ଯାହାଠାରେ ଶିଷ୍ଟାଚାର ଓ ଭଦ୍ରତା ନାହିଁ (ଗୋପୀନାଥ ନନ୍ଦ)—2. Devoid of manners.

ହୁର୍‌କୁଣ୍ଡିବା—ସ୍ତ୍ରୀ (ସମ୍ବଲପୁର) କ୍ରି—ମୁଣ୍ଡିଆ ମାରିବା; ମୁଣ୍ଡଦ୍ୱାରା ଢୁଷିବା—To butt with the head; to ram.

ହୁର୍‌କୁଲ୍‌ବା—ସ୍ତ୍ରୀ (ଖଡ଼ିଆଳ) କ୍ରି—ଗୁଞ୍ଜିବା—To thrust a thing into other things.

ହୁର୍‌ଗୁନିବା—ସ୍ତ୍ରୀ (ସମ୍ବଲପୁର) କ୍ରି—ଚିନ୍ତା କରିବା; ଝୁରିବା—To think; to pine after.

ହୁର୍(ରୁ)ଜୁର୍—ଦେ. ବ—୧। ଅତ୍ୟାଚାର—1. Oppression. ୨। ଲୁଟପାଟ depredation, ୩। ସର୍ବନାଶ ଓ ଧ୍ୱଂସ ଘଟାଇବା—3. Devastating. ଲୁଟଖସୋଟ

ହୁର୍ (ରୁ) ଜୁର୍ (ରୁ) କରିବା—ଦେ. କି—୧ । ଅତ୍ୟାଚାର କରିବା—1. Hur(ru) jur(ru) karibā To oppress. ୨ । ଲୁଣ୍ଠପାଟ ଲୁଟପାଟ କରା କରିବା—2. To plunder. ୩ । ସର୍ବନାଶ ଓ ଲୁଟଖସୋଟ କରନା ଧ୍ୱଂସ କରିବା—3. To devastate; to depredate

ହୁର୍ (ରୁ)ଜୁରିଆ ଦେ.ବିଣ ପୁଂ—୧। ଅତ୍ୟାଚାରୀ—1. Oppresive. Hur(ru)juriā ୨। ଲୁଣ୍ଠପାଟକାରୀ—2. Plundering. [ହୁର୍(ରୁ)ଜୁରେଇ -ସ୍ତ୍ରୀ] ୩ । ଧ୍ୱଂସକାରୀ— ଅତ୍ୟାଚାରୀ ଲୁଟନେଖସୋଟନେବାଲା 3. Depredatory devastating.

ହୁର୍ (ରୁ) ଦ(ଦୁ) ଙ୍ଗ(ଙ୍ଗା)—ଦେ. ବିଣ ପୁଂ—୧ । ଅସ୍ଥିର (ବ୍ୟକ୍ତି) Hur(ru da(du)ng(ngā) 1. Restless. ୨ । ଦୃଢ଼ସମର୍ଥ; ଓ ସବଳ—2. Stout and strong. ୩ । ଡେଙ୍ଗା 3. Tall. ୪ । ଅଗାଡ଼ିଆ; ଦୁଣ୍ଡା ଅବିମୃଶ୍ୟକାରକ— 4. Foolhardy; rash. ୫ । ଦୁଷ୍ଟ—5. Wicked. ହୁଡ଼ୁଦ୍ଦୋ ହୁଡ଼ଦ୍‌ଙ୍ଗା

ହୁର୍ (ରୁ)ମତ୍—ବୈଦେ. ବ (ଥ)—୧ । ଇଜ୍ଜତ୍; ମନ୍ତତ; ସମ୍ଭ୍ରମ— Hur(ru)mat 1. Dignity; honour; respect. ୨ । ହୁରମତ ହୁରମତ ସତୀତ୍ୱ—2. Chastity.

ହୁର୍ମତ୍ ଦାର୍—ବୈଦେ. ବିଣ(ଫା)—ହୁରମତିଆ (ଦେଶ)— Hur-mat-dār Hurmatiā (See)

ହୁର୍ମତ ଦାବି—ବୈଦେ. ବ (କଚରିଆ—ଇଜ୍ଜତ ଦାବି; ସାଲଦାନ Hur-mat dābi ଘାଇଁ ଦାବି—Claim of damage for ଇଜ୍ଜତ୍‌ଦାବୀ ଇଜତ୍‌ଦାବୀ loss of honour.

ହୁର୍ମତ୍ ଦାବି ମକଦମା—ବୈଦେ. ବ (କଚରିଆ)—ନଷ୍ଟ ସମ୍ମାନର Hur-mat dābi makadamā ସଚ୍ଚଇଁ ପୂରଣାର୍ଥ ଦାବର କରିବା ମକଦମା—Case or suit claiming damages for loss of honour; defamation ଇଜ୍ଜତ୍ ଦାବୀ ମୋକଦ୍ଦମା ହୁରମତଦାବୀମୁକଦମା suit.

ହୁର୍ମତ୍ ନେବା (ସାରିବା)—ଦେ. କି—୧ । ଇଜ୍ଜତ୍ ନେବା; ସମ୍ମାନ Hur-mat nebā (sāribā) ନାଶ କରିବା—1. To dishonour a person; to disgrace. ୨ । ବଳତ୍କାର ସ୍ତ୍ରୀର ସତୀତ୍ୱ ନାଶ କରିବା—2. To deflour a lady, ଇଜ୍ଜତ୍‌ଲେଓୟା ହୁରମତଲେନା to commit rape.

ହୁର୍ମତ୍ ରଖିବା—ଦେ. କି—ସମ୍ମାନ ବଜାୟ ରଖିବା; ବେଇଜ୍ଜତରୁ Hur-mat rakhibā ରକ୍ଷା କରିବା—To save a person from disgrace or dishonour. ଇଜ୍ଜତ୍‌ରାଖା ହୁରମତରଖନା

ହୁର୍ମତ—ବୈଦେ. ବିଣ (ପୁଂ ଓ ସ୍ତ୍ରୀ, ଫା)—ହୁରମତିଆ (ଦେଶ)— Hur-mati Hur-matiā (See)

ହୁର୍ମତିଆ—ଦେ. ବିଣ—ହୁରମତ୍‌ଦାର୍; ସମ୍ଭ୍ରାନ୍ତ; ମାନ୍ୟ— Hur-matiā Respectable; honourable. (ହୁରୁମତେଇ—ସ୍ତ୍ରୀ) ଇଜ୍ଜତ୍‌ଦାର ହୁରମତଦାର

ହୁର୍ମା(ଇତ୍ୟାଦି)—ଦେ. ବିଣ—ହୁରୁମା (ଇତ୍ୟାଦି) (ଦେଖ)— Hur-mā (etc) Hurumā etc. (See)

ହୁର୍ମୁଖିଆ—ପ୍ରାଦେ. (ବଲ୍ଲଙ୍ଗିର ଘାଟିଣୀ) ବିଣ. ପୁଂ—୧। ଅବଧୂତିଆ; ଉଦାସୀନ—1. Indifferent [ହୁରମୁଖିଏନ—ସ୍ତ୍ରୀ] ୨ । ଯେ ଅଗପଛ ନ ବଚୁର କାର୍ଯ୍ୟକରେ 2. Acting without calculation.

ହୁର୍‌ରେ—ବୈଦେ.ଅ(ଇ')—ଅନନ୍ତସ୍ଫୂଚକ ଧ୍ୱନି—(Interjection Hur-re Hurrah! an exclamation of joy. ହୁରରେ ହୁର୍ରେ

ହୁର୍‌ସିବା—ପ୍ରାଦେ. (ସମ୍ବଲପୁର) କି—ହୁଙ୍ଗିଦେବା (ଦେଖ)— Hur-sibā Hungidebā (See) [ହୁରସ୍ପଲବା—ଅନ୍ୟରୂପ]

ହୁର୍‌ହୁତ୍—ପ୍ରାଦେ (ବାଲେଶ୍ୱର) ଅ (ଧ୍ୱନ୍ୟନୁକରଣ)—ଡକାଇତମାନେ Hur-hut ଗ୍ରେଟକର ପଳାଇଯିବା ବେଳେ ଲୋକଙ୍କୁ ଭୟ ଦେଖାଇବାପାଇଁ ପେଟ୍ରି 'ହୁରହୁତ୍' ଧ୍ୱନି କରନ୍ତି—A loud sound made by dacoits while decamping after commissiou of the offence.

ହୁର୍ ହୁରିଆ —ପ୍ରାଦେ (ଖଡ଼ିଆଳ) ବିଣ—୧ । ଚଞ୍ଚଳ ସ୍ୱଳ୍ପବାପନ୍ନ— Hur-huriā 1. Quick-minded. ୨ । ଦୁଷ୍ଟ— 2. Wicked. ୩ । ବାଳଗୃପଲ୍ୟ ବିଶିଷ୍ଟ—3. Childish.

ହୁରବ—ସ. ବ (ହୁ=ଧ୍ୱନି ଅଟେ ରବ ଯାହାର)—ଶୃଗାଳ— Huraba Jackal.

ହୁରା—ପ୍ରା. ବ - (ଇଚ୍ଛାର ବ୍ୟବହୃତ)—୧ । ହୁର୍ଡ଼ା (ଦେଶ)— Hurā 1. Hurdā (See) ୨ । ହୁଲା (ଦେଶ) — 2. Hulā (See)

ହୁରା ମାରିବା—ପ୍ରାଦେ. (ସମ୍ବଲପୁର) କି—ମୁନାଥାଁ ବାଉଁଶ ଦ୍ୱାରା) Hurā māribā ଗେଞ୍ଜିବା—To poke with a pointed rod.

ହୁରି—ଦେ. ବ—(ସଂ. ହୋଲା; ହୋଲ୍ଲକା) —୧ । ହୋଲ୍ଲକା (ଦେଖ Huri 1. Holākā (See). ୨ । ହୃଷୀକେଶର ଡାକନାମ— ହୋଲୀ 2. Name for calling Hrushikesa. ବୈଦେ. ହଲୀ ବ—୧ । (ଫା)—ହୁଲର; ଉଚ୍ଚୈଃସ୍ୱରରେ ଡାକଗଡ଼ା— 1. Hallooing; hue and cry. [ଉ—ମୃଗକୁ ବ୍ୟାଘ୍ର ବୋଲ ଉରି, ଘଡ଼ଲ୍ଲ ଗୋଖି ମଧ୍ୟେ ହୁର—ଭୂପତି ପ୍ରେମ-ପଞ୍ଚାମୃତ] ବୈଦେ. ବ(ଅ)—ସ୍ୱର୍ଗରମ୍ଭା—2. Houri; fairies of heaven of Mahomedans.

ହୁରିଆ—ଦେ. ବିଣ. ପୁଂ—୧ । ଯେ ଉଚ୍ଚୈଃସ୍ୱରରେ ହୁଲର କରେ— Huriā 1. Hallooing. [ଉ—ବଦୁର. ବୋଇଲେ ଭୂ ଅଟଇ ହୁରିଅ—କୃଷ୍ଣସିଂହ ମହାଭୁରତ. ସଭା] ୨ । ଲୁଣ୍ଠି-ଥଗ—2. Dacoit. ୩ । ସ୍ୱଲାଙ୍କ ନଦ୍ଦରରେ ଥଇଥୁବା ଘାଇତ—3. Palace guard. [ଉ—ପ୍ରେଷକେଇ ହୁରିଆ ଠୁଳ, ବାଇ ଯାଇଥିଲୁ ବୋଲ କଲେ ସେ ଗୋଲ— ପ୍ରାଚୀ. ନଳଚରିତ] ପ୍ରାଦେ—(ଖଡ଼ିଆଳ ଓ ସମ୍ବଲପୁର)

Digitized by srujanika@gmail.com

ବ—ଘରହାସ—Jesting. ବଶ—ଘରହାସୀ; ଇଚ୍ଛିତ-ଥଲ—(relative) Fit to jest or cut jokes with.

ହୁଲ୍‌ୟେ ଲୁଟପାଟକରନେବାଲା

ହୁରିଆ କରିବା—ପ୍ରାଦେ. (ସମ୍ବଲପୁର) କି—ଥଟ୍ଟା ଘରହାସ କରିବା—To jest; to cut jokes.

Huriā karibā

ହୁର କରିବା [ଛଡ଼ିବା, ପାଡ଼ିବା, ପକା(କେ)ଇବା]—ଦେ. କି—Huri karibā [chhārdibā, pārdibā, pakā(ke)ibā] ଉଚ୍ଚୈଃସ୍ୱରରେ ଚଲ୍ଲାର କରିବା—To halloo; to raise a hue and cry. [ଉ—'ସୁଖ ସୁଖ' ହୁର ଛଡ଼ିବ ସରବେ ସୁଖନୁଦେ ଚରସ୍ତାସ୍ୱୀ—ନଦକଶୋର ଶର୍ମ୍ମିଷ୍ଠା] [ହୁର ଉଠିବା (ଘଡ଼ିବା)—ବଶେଷ୍ୟରୂପ]

ହୁଲିକରା, ଚିତ୍କାର କରା ହହଲ୍ଲାମଚାନା

ହୁର ଖେଳ—ଦେ. ବ—ହୋଲି ଖେଳ (ଦେଖ)—Huri khela Holi khela (See)

(ହୁରଖେଳବା—କି)

ହୁର ଗୀତ—ଦେ. ବ—ହୋଲି ଗୀତ [ଦେଖ] Huri gīta Holi gītā (See).

ହୁରଜୁର—ଦେ. ବ—ଜବରଦସ୍ତି ଗ୍ରହଣ—Huri juri Coercion; forcible taking

ହୁରିବା—ପ୍ରାଦେ (ଖଡ଼ିଆଳ ଓ ପାଟଣା) କି—ଗାଳଦେବା—Huribā To rebuke; to call names.

୨ । (ସମ୍ବଲପୁର) କି—ଗାତଥଦ୍ଦରେ ବାଉଁଶ ଥୂଉିବା—2. To thrust a bamboo into a hole.

ହୁର ହଟା—ଦେ. ବ—(ସହଜର ଶବ୍ଦ)—ହରହଟା, (ଦେଖ)—Huri haṭā Hari haṭā 2 (See

ହୁର ହା(ହୁ)ଲର—ଦେ. ବ (ସହଜର ଶବ୍ଦ)—ଗୋଳମାଳ; ଉଚ୍ଚୈଃସ୍ୱରରେ ଡାକ ଓ ଘୋଷା—Huri hā(hu)lara Uproar; great row.

ହୋହା ହୋହଲ୍ଲା

[ଉ—ଗ୍ରାମ୍ୟାକ ହୁର ଢାଲର ଘଡ଼ଗଲ୍ଲ । ଫକାରମୋଡ଼ନ. ଭ୍ରମାଣ ଥଠଗୃଣ ।]

ହୁରୁକୁ—ଦେ. ବ—ମିଛ କଥାରେ ଭୟ ଜନ୍ମାଇବା—Frightening on false pretexts.

ମିଥ୍ୟା ଭୟ ଝୁଟା ଭୟ

ହୁର(ରୁ)ଗୁଜିବା—ପ୍ରାଦେ. [ସମ୍ବଲପୁର] କି—ଝୁରିବା—Huru(r)gunibā To pine after some thing.

ହୁରୁଣ୍ଟକ—ସଂ. ବ—ହାତୀର ଅଙ୍କୁଶ (ହି. ଶ)—Huruṭṭaka An elephant's goad.

ହୁରୁଡ(ଡ଼୍)ହୁରୁଡ୍(ଡ଼୍) ବେଙ୍ଗା—ଦେ. ଅ—ହାବୁଡ଼ା ଖେଳବା ସମୟରେ Hurur̤d(r̤du)hurur̤d(r̤du)beṅgā କେଲାମାନଙ୍କ ବୋଲବା ଗୀତର ଘୋଷା—Refrain of songs or couplets sung by the 'Kelās' while playing 'Hāburdā'. [ଉ—ହୁରୁଡ୍ ହୁରୁଡ୍ ବେଙ୍ଗା, ଡୋ ଗାଣ୍ଡକ ଲେଙ୍ଗା, ଷାଠିଏ ଟଙ୍କା ଦେଙ୍ଗା—କେଲା ଗୀତ ।]

ହୁରୁଡା—ଦେ. ବ—୧ । ହୁରୁଡ଼ାଇବା କର୍ମ—1. The act of Hurur̤dā 'Hurur̤dāibā'. ୨ । ଶବ୍ଦ ଓ ଅଷ୍ଫାଳନପୂର୍ବକ ହୋହା କରା ଜନ୍ତୁ ଆଦିକୁ ଉଡ଼ାବା—2. Scaring away of animals by sounds etc.

ହୁରରା ବଶ—୧ । ଥୁଣ୍ଟରୁ ଜନ୍ତୁମାନଙ୍କୁ ହୁରୁଡ଼ାଇବା ଯୋଗୁଁ ଭୀତ ଓ ଚଞ୍ଚଳ ହୋଇଥିବା (ଜନ୍ତୁ)—1. (animals which have become) Timid and wary, having once been scared away. [ଉ—ଯୋଗଖୁରେ ଥରେ ଜାଲ ପଡ଼ିଥିଲେ ସେ ଯୋଗଖୁରେ ବାଳ ରହି ଯାଇଥିବା ମାନ୍ଥଯାକ ହୁରୁଡ଼ା ହୋଇ ଯାଥନ୍ତି ।

ଏକାଗ୍ରଚିତ୍ତର ଶିକାରୀର ଚଞ୍ଚଳର ଅବାଜ୍ ଶୁଣି କଳର ଜନ୍ତୁମାନେ ହୁରୁଡ଼ା ହୋଇ ଯାଥନ୍ତି ।] ୨ । ଚମକା; ଯେଉଁ ଜନ୍ତୁ ସାମାନ୍ୟ କଥାରେ ଚମ୍ପଇ—2. Shying (animal); likely to bolt. (ଯଥା—ହୁରୁଡ଼ା ଘୋଡ଼ା, ହୁରୁଡ଼ା ବଳଦ ।) ପ୍ରାଦେ (ଖଡ଼ିଆଳ) ବ—ଗାଳ—Abusive language. ପ୍ରାଦେ (ଗଡ଼ଜାତ) ବ—ଜଙ୍ଗଲ ଯାଗରେ ଫସଲ (ଗ୍ରଣ୍ଠି, ବାଇଗଣ, ହରଡ଼ ଆଦ) ବଲରେ ବାଡ଼ୁ, ପିରଗ ଆଦ ଜନ୍ତୁଙ୍କୁ ଗ୍ରାଉରେ ହୁରୁଡ଼ାଇବା ଜନ୍ୟରେ ଗୋଟିଏ ହାଣ୍ଡିରେ ଚୁନ ବୋଳ କମ୍ବା ଗାଳ ଆଦରେ ମଣିଷର ମୁଣ୍ଡ ଓ ମଧ୍ୟ ଭାଗର କଣ୍ଡ କଥାର ମଝିରେ ବାଉଁଶ ଉପରେ ଜଡ଼ ରଖାଯିବା ପଦାର୍ଥ—2. A figure-head kept in corn fields to scare away animals in the night; scare-crow. [ଉ—ଜନ୍ତୁମାନେ ବୁଝରେ ଏହାକୁ ମନୁଷ୍ୟ ଭ୍ରମ କର ଶସ୍ୟ ଖେଯିବୁ ଆସନ୍ତି ନାହିଁ ।]

ହୁରୁଡ଼ା(ଡ଼େ)ଇବା—ଦେ. କି (ସ. ଦେଉ୍ ଧାତୁ=ଗତି, ଅନାଦର ଖେଦାନ କରିବା; ହୃତ ଧାତୁ=ଗତି କରିବା; ହୁରରାନା ଭୟ ଦେଖାଇ ଉଡାବା; ଘଉଡ଼ାବା—To scare or drive away animals by shouting and chasing.

ହୁରୁଡ଼ିବା—ଦେ କି (ସ. ହୃତ୍ ଧାତୁ=ଗତି କରିବା)—୧ । ଉଚ୍ଚ ଧ୍ୱନି ଶୁଣି ଭୟ ପାଇ ପଳାଇବା—1. To flee away on hearing a loud sound. ଚମକେ ପାଳାନ

ହୁରରନା ୨ । (ଘୋଡ଼ା, ବଳଦ ଆଦ) ଚମକିବା; ଚମକି କର ଦଉଡ଼ିବା—2. To shy; to bolt. ପ୍ରାଦେ (ଖଡ଼ିଆଳ) କି—୧ । ଗାଳ ଦେବା—1. To abuse, to call bad names. ୨ । ଉଡ଼ାବା—2. To drive away.

ହୁରୁଦ—ସ୍ତ୍ରୀ. ବ (ସ. ହୃଦୟର ଅଶୁଦ୍ଧ ଉଚ୍ଚାରଣ)—ହୃଦୟ (ଦେଖ) Huruda Hṛudaya (See)

(ହୁରୁଦୟ—ଅଳ୍ପାର୍ଥେ) ହୃଦି ହିରଦ୍ୟ

ହୁରୁଦିବା—ପ୍ରାଦେ (ବଲଙ୍ଗିର ପାଟଣା) କି—କଳହ କରିବା—To quarrel. Hurudibā

Digitized by srujanika@gmail.com

ହୁରୁପୁନିବା—ସ୍ରାଦେ (ସାଧୁଭାଷା) କ୍ରି—ଚିନ୍ତା କରିବା—
Hurupunibā To think.

ହୁରୁମ୍ -ସ୍ରାଦେ (ସମ୍ବଲପୁର) ନ—ହୁଡୁମ୍ (ଦେଖ)
Hurum Hurdumba (See)

ହୁରୁମ—ସ୍ରାଦେ (ଓଡ଼ିଆ, ସଂ ହୁଡୁମ୍) ବ—୧ । ଭଜାଚାଉଳ—1. Fried rice. ୨ । ଧାନ—2. Fried paddy. ୩ । ଘଡ଼ା ଘଡ଼ଙ୍କରେ ପକାଯିବା ମାଟିମିଶା କଙ୍କର—3. Gravels mixed with soil used in spreading metal on roads

ହୁରୁମା—ଦେ. ବିଣ. ପୁଂ—୧ । କାଣ୍ଡଜ୍ଞାନଶୂନ୍ୟ; ଅଗାଡୁ ଆ—1. Hurumā Rash; foolhardy. ୨ । ଦୁଷ୍ଟ—2. Wicked; (ହୁରୁମୀ—ସ୍ତ୍ରୀ) wanton. ୩ । ଖଜ୍‌ବଜିଆ; ଅସ୍ଥିର—3 Restless. ହୁଣା ହୁଡୁ

ହୁରୁମା ପଣ—ଦେ. ବ—୧ । ଅସ୍ଥିରତା—1. Restlessness. ୨ Hurumā paṇa ଦୁଷ୍ଟପଣ—2. Wickedness. ୩ । [ହୁରୁମା ପଣିଆ(ଆଁ)—ଅନ୍ୟରୂପ] ଅଗାଡୁପଣ—3. Foolhardiness; rashness. ଅସ୍ଥିରତା ହୁଡୁପନ

ହୁରୁମାସ—ଦେ. ବ—କାର୍ଯ୍ୟକରଣାର୍ଥ ଆଦେଶ; ଫରମାସି [ଗୋଶାଳାଧ Hurumāsa ନଦ]— Order for doing [ହୁରୁମାସ ଫରମାସ—ଅନ୍ୟରୂପ] some work.

ହୁଲ୍‌ଭର—ସ୍ରାଦେ—[ଦେଖ୍‌ାଯଡ଼ା] ବ—ଗଣ୍ଡଗୋଳ; ହୁଲ୍ଲର— Hul-kar Ado; hue and cry.

ହୁଲ୍‌କାର୍—ଦେ. ବ—ହୋଲ୍‌କାର (ଦେଖ)
Hulkār Holkāra (See)

ହୁଲ୍‌ଗୁଜିଆ—ସ୍ରାଦେ (ଓଡ଼ିଆଳ) ବିଣ—୧ । ଅଧୀର—1. Impatient. ୨ । ସନ୍ଦିଗ୍ଧ—2. Doubtful; suspicious.
Hul-gujiā

ହୁଲ୍‌ଗୁଲା—ସ୍ରାଦେ (ଓଡ଼ିଆ ଓ ବିଣ—ଢିଲା; ଝୁଗୁଲା— Hul-gulā Slack; loose.

ହୁଲ୍‌ହୁଲା—ସ୍ରାଦେ (ଗଡ଼ଜାତ) ବ—ଏକ ପ୍ରକାର ବୁଁ ହାଁ ଚଢ଼େଇ—
Hul-hulā A species of 'huñ hāñ' bird.

ହୁଲ୍(ଲ୍)ସ୍ଥୁଲ୍(ଲ)—ଦେ. ବ ଓ ବିଣ—ହୁଲସ୍ଥୁଲ (ଦେଖ)
Hul(l)sthūl(l) Hula sthūla (See). [ଦ୍ର—ଲଙ୍କାରେ ଉଲ୍ ହୁଲ୍ ସ୍ଥୁଲ୍ ପଡ଼ିଗଲା । ମାଲକଣ୍ଠ. ପିଲ୍ଲଙ୍କ ରାମାୟଣ]

ହୁଲ୍(ଧାତୁ)—ସଂ.—ଗତି କରିବା.—To move.
Hul (root)

ହୁଳ—ଦେ. ବ. (ସଂ. ଅଳ)—୧ । ସୂଚ୍ୟାଗ୍ରାଗ୍ର; ମୁନ—1. A fine point. ୨ । ବରୁଡ଼ି, ମହୁମାଛି ଓ ବିଛା ଆଦିର ହୁଳ ନୋକ ନାଖୁଡ଼—2. Sting of bees, wasps and ହୁଳ ସୁଂଗ scorpions. ୩ । ଧନୁର ଅଗ୍ରାଗ୍ର—3. The ହୁଳ ନୋକ end of a bow. [ଉ—ଧନୁ ହୁଳେ ଟେକ୍‌ଣ ତାହାକୁ ଅଣିଲେ. କୃଷ୍ଣସିଂହ. ମହାଭାରତ ଆଦ] ୪ । ଶରର ଅଗ୍ରାଗ୍ର—4. The barb of an arrow.

ହୁଳ—ସ୍ରାଦେ (ସିଂହଭୂମି) ବ—ବୃଷ୍ଟିଖଣ୍ଡର—Hailstone.
Hula

ହୁଲକୁ—ସ୍ରାଦେ (ଗଡ଼ଜାତ) ବ—(ସଂ. ଦୋଳକା)—ଦୋଳ
Hulaku ସମସ୍କୃତରେ ଗଡ଼ଜାତର କେତେକ ନୀଚ ଶ୍ରେଣୀର ଲୋକଙ୍କର (ପୁରୁଷ—ସ୍ତ୍ରୀ, ସ୍ତ୍ରୀ—ପୁରୁଷ) ମିଶି ପରସ୍ପର ଅସଭ୍ୟ ଭାଷାରେ ଗାଳି ଦିଆଦେଇ ଦୋଳା— Calling vulgar names mutually among the low caste people in the Orissa States during Dola festival. [ଦ୍ର—ଏମାନଙ୍କର ବିଶ୍ୱାସ ଯେ ନ କଲେ ଏମାନଙ୍କୁ ବାଘ ଖାଇଯିବ ।]

ହୁଲକୁ ଯିବା—ସ୍ରାଦେ (ବୌଦ୍ଧ) କ୍ରି—ଫାଲ୍ଗୁନ ମାସରେ ଅଶ୍ଳୀଲ ଗୀତ
Hulaku jibā ଗାଇ ବୁଲିବା—To sing in decent songs during Dola.

ହୁଲ ଫୁଟା(ଟେ)ଇବା—ଦେ. କ୍ରି—୧ । ନାଡୁଡ଼ରେ ମାରିବା—
Hula phuṭā(ṭe)ibā 1. To sting. ୨ । ଶରର ହୁଳଫୁଟାନ ସୁଗଗରୋନା ଘାଣ୍ଟାଚ୍ଛଦ୍ମାସ୍ତ୍ର ଭେଦ କରିବା—2. To pierce with the fine point of an arrow.

ହୁଲର୍—ବୈଦେ. ବ—(ଅ, ଭୂଲ. ଇଂସ୍ପାନ୍ଧ ଫାଲ୍ଲ) —୧ । ଚିତ୍କାର; ହୁରୁ; ଉଚ୍ଚଧ୍ୱନି—1. Halloo; loud sound. ହଲାହଲି ହୋହଲ୍ଲା; ହୁଲ୍ଲଡ ୨ । କୋଳାହଳ; ଘୋଘା— 2. Noise; uproar. ୩ । ବିପଦର ଆର୍ତ୍ତସ୍ୱର— 3. The loud sound of a person in distress.

ହୁଲର୍ କରିବା(ଗ୍ଭଡିବା)—ଦେ. କ୍ରି — ଉଚ୍ଚୈଃସ୍ୱରରେ ଚିତ୍କାର
Hular karibā(chhārdibā କରିବା; ହୁରୁ ଗଡ଼ିବା— ହଲାହଲି କରା ହୁଲ୍ଲଡ଼କରନା To halloo; to raise a [ହୁଲର ପକା(କେ)ଇବା ଅନ୍ୟରୂ] hue and cry.

ହୁଲରିଆ—ଦେ. ବିଣ. ପୁଂ.—ହୁରିଆ; ଯେ ଉଚ୍ଚଧ୍ୱନି କରେ—
Hulariā Hallooing; raising loud cry; raising ଚୌଗାନେ ହୁଲ୍ଲଡବାଜ (ହୁଲସ୍ତ୍ରୀ,ହୁଲରେଇ—ସ୍ତ୍ରୀ)a hue and cry

ହୁଲସ୍ଥୁଲ—ଦେ.ବ (ବଙ୍ଗଳାରୁ ଅନୁକୃତ; ସଂ, ହୁଲ ହୁଲ୍ଲୀ ଓ ସ୍ଥୂଲ)—
Hula sthūla ୧ । ହୋଲାହଲ; ହୁଲ୍ଲର; ଗଣ୍ଡଗୋଳ ହଲ୍‌ସ୍ଥୂଲ୍ ହୁଲ୍ଲଡ ଘୋଘା; ଦୁଷ୍ଟଗୋଳ; ଗୋଳମାଳ — 1. A great stir; ado; row. ୨ । ଗଣ୍ଡଗୋଳମୟ ସାରପିଟ—2. Rowdyism. ୩ । ଆଡ଼ମ୍ବର— 3, Grandeour. ବିଣ—ଗଣ୍ଡଗୋଳ ପୂର୍ଣ୍ଣ— Noisy; full of ado.

ହୁଲସ୍ଥୁଲ କାଣ୍ଡ(ବ୍ୟାପାର)—ଦେ. ବ—(ବଙ୍ଗଳାରୁ ଅନୁକୃତ)—
Hula sthūla kāṇḍ (byāpāra) ୧ । ଭୂମୁଲକାଣ୍ଡ—1. ହଲସ୍ଥୂଲକାଣ୍ଡ An affair of much ado; a great row. ଧୂମଧାମ ୨ । ମହା ଆଡ଼ମ୍ବର ପୂର୍ଣ୍ଣ କାର୍ଯ୍ୟ—2. A grand affair.

ହୁଲହୁଲା—ଦେ. ବ—(ସଂ. ହୁଲହୁଲୀ)—ହୁଲହୁଲି (ଦେଖ)—
Hulahulā Hulahulī (See).

Digitized by srujanika@gmail.com

ହୁଲହୁଲ—ଦେ. ବ—ହାଲହୁଲ (ଦେଖ)—
Hula huli Hālahuli (See).

ହୁଲହୁଲି—ପ୍ରାଦେ (ଖଡ଼ଆଳ) ବ—ମନ୍ଦ ମନ୍ଦ ବେନ—Gentle
Hulahuli breeze. ଅ—ସ୍ତ୍ରୀ ଲୋକମାନଙ୍କର ମଙ୍ଗଳ କାର୍ଯ୍ୟରେ କରିବା ହୁଲହୁଲ ଶବ୍ଦ—Sound of 'Hula huli' made by the females during social ceremonies.

ହୁଲହୁଲିଆ—ପ୍ରାଦେ (ଖଡ଼ଆଳ) ବ—ଶାକ ପ୍ରଭୃ ବିଶେଷ—A
Hulahuliā species of potherb. [ବ୍ୟୁ—ଲୋକମାନେ ଏହାର ଶାଗ ଖାଆନ୍ତି ।]

ହୁଲହୁଲୀ—ସ୍ତ୍ରୀ. ବ—(ଧ୍ୱନ୍ୟନୁକରଣ)—ଶୁଭକାର୍ଯ୍ୟ ଉପଲକ୍ଷରେ
Hulahulī ସ୍ତ୍ରୀମାନଙ୍କ ଜିହ୍ୱାଦ୍ୱାରା କୃତ ମୁଖବାଦ୍ୟ; ଉଲୁଧ୍ୱନି—A sound made by women wagging the tongue inside the mouth while emitting a shrill sound. [ବ୍ୟୁ—ଆମ ଦେଶରେ ଆନନ୍ଦ ଉତ୍ସବରେ ପୁରୁଷମାନେ 'ହରିବୋଲ' ଓ ସ୍ତ୍ରୀମାନେ ହୁଲହୁଲୀ ଦିଅନ୍ତି ।] ଦେ. ବ—ଦେବୀ ବିଶେଷ—Name of a popular Goddess. [ବ୍ୟୁ—ଭାଦ୍ରବୀ, ଆଶ୍ୱିନୀ ଯେ ରଙ୍ଗିଣୀ ହୁଲହୁଲୀ, ଏ ସବୁ ଦେବୀଙ୍କି ଯେ ଯୋଜଣ ତୋର କେଳ—କୃଷ୍ଣସିଂହ ମହାଭାରତ ଆଦି ।]
ପ୍ରାଦେ (ଗଡ଼ଜାତ) ବ—ଶୁଭ ବା ମାଙ୍ଗଲିକ କାର୍ଯ୍ୟ; ବିବାହାଦି—Festive functions (e. g. marriage).

ହୁଲହୁଲୀ ଦେବା—ଦେ କି—ମୁଖରେ ଉଲୁ ଧ୍ୱନି କରିବା—To
Hulahulī debā make a vibrating shrill sound [ହୁଲହୁଲୀ ଘେରା(ଦେ)ଉଠିବା—ଅନୀରୂପ] with the tongue.
ଉଲୁଦେଓୟା ଉଲୁଧ୍ୱନିକରନା

ହୁଲା—ଦେ. ବ—(ସ. ଜ୍ୱଳ=ଜ୍ୱାଳା)—୧ । ଅଗ୍ନିର ଜ୍ୱାଳା;
Hulā ଅଗ୍ନିଶିଖା; ଜ୍ୱଳନ୍ତ ଅଗ୍ନିର ଶିଖା—1. Flame of fire. ଶିଖା, ହଳକା ୨ । ଉତ୍ତପ୍ତ ପଦାର୍ଥରୁ ଉଠୁଥିବା ପ୍ରଖର ଉତ୍ତାପ—2. ଲପଟ Great heat emitted by a hot thing. ୩ ।
ମଶାଲ ମଶାଲ; ଦିବ୍ଭଡ଼—3. Torch. [ବ୍ୟୁ—ଛାଡ଼ା ଶୁଖିଲ ମଶାଲ ଲୋକେ ଲଗାଇଣ ହୁଲା, କାଚକୁ ଅସିଣ କଲେ ସେ ସଂଚୋଲା—କୃଷ୍ଣସିଂହ ମହାଭାରତ ବିରାଟ ।]
ବଡ଼ ବଉଳା, ପାଳ, ନଡ଼ଆଖୋସା ଆଦିର ବଡ଼ା ବନ୍ଧା ଦୋଇ
ଝକ ଜଳାଇ ଲଗାଯାଇଥିବା ଅଗ୍ନିଦଣ୍ଡ; ବଡ଼ଆ; ଜଳାଅଣା—4. A bundle of straw or cocoanut leaves made into a firebrand. [ବ୍ୟୁ—ସବେ ସନ୍ଧିମ ବନେ ଘେଲ ହସ୍ତରେ ଥିବା ହୁଲା ଜ୍ୱାଳ । ଭୂଷଣ ପ୍ରେମ ଘନ୍ଥାମୃତ ।]

ହୁଲା—ପ୍ରାଦେ (ବଲ୍ଲଙ୍କିର ପାଟଣା) ବ—ଗଲା; ଥଲବାଲ—Pit made
Hulā around a tree to water it. ପ୍ରାଦେ (ଖଡ଼ଆଳ) ୧ । ଦଳ; ଘଳ—1. Flock; batch. ୨ । ଶୁଙ୍ଖିଲ ବାଉଁସ କାଠିଗୁଡ଼ିଏ ଏକାଠି ବଡ଼ା ବନ୍ଧାଯାଇ ଉହିଁରେ ଜଳଅଁ ଲଗାଯିବା ହୁଲା—2. Torch made of bamboo sticks tied together.

ହୁଲାଇବା—ପ୍ରାଦେ (ସମ୍ବଲପୁର) କି—ଉପହାସରେ ତାଳ ମାରିବା—
Hulāibā To clap in ridicule or jest.

ହୁଲା ଉଠିବା—ପ୍ରାଦେ (ଖଡ଼ଆଳ) ବ—ଗରମ ବୋଧ ହେବା—
Hulā uṭhibā The feeling of heat.

ହୁଲାସ—ଦେ. ବ (ସ. ଉଲ୍ଲାସ)—ଉଲ୍ଲାସ; ଆନନ୍ଦ—
Hulāsa Delight; joy.
ଉଲ୍ଲାସ हिलोस

ହୁଲାହଲା—ପ୍ରାଦେ (ଖଡ଼ଆଳ) ଅ—ଦଳଦଳ ହୋଇ—
Hulāhalā In crowds; in batches.

ହୁଲାହୁଲି—ଦେ. ବ—(ସ. ହୁଲହୁଲି)—ହୁଲହୁଲ (ଦେଖ)—
Hulāhuli Hula huli (See) [ବ୍ୟୁ—ଯେଉଁ ଉତ୍ତମ ସାପାବଳ, ସଥେ ନାସ୍ତିଏ ହୁଲାହୁଲି । ଜଗନ୍ନାଥ ଭାଗବତ ।]

ହୁଲାହୁଲି—ପ୍ରାଦେ (ସମ୍ବଲପୁର) ବ—ହୁଲହୁଲୀ (ଦେଖ)—
Hulāhulī Hulahulī (See).

ହୁଲି—ଦେ. ବ—ନଦୀରେ ଥିବା ଛୋଟ ଛୋଟ ମତ୍ସ୍ୟ ବିଶେଷ
Huli (ଟୋର୍ଗିନାଥ ନଦ)—A species of small fish found in rivers. ପ୍ରାଦେ (ବାମଣ୍ଡା) ବ—ଛୋଟ ସାହାଡ଼—Hillock.

ହୁଲି—ଦେ. ବ—(ସ. ହୋଡ଼)—ଛୋଟ ଡଙ୍ଗା; ସାନ ଓ ସରୁ ସାମ୍ପୁଅ
Huli ଡଙ୍ଗା—A small narrow boat; a long canoe. (ହୁଲି ଡଙ୍ଗା—ଅନ୍ୟରୂପ) [ବ୍ୟୁ—ଏହା ଖଣ୍ଡିଏ କାଠରେ ଉଆର; ଡୋଙ୍ଗା ଲମ୍ବ ୫ । ୬ ହାତ; ଏଥିରେ ଜଣେ କମ୍ବା ଦୁଇ ଜଣ ଡ଼ୋଙ୍ଗୀ. ମନୁଷ୍ୟ ବସି ପାରନ୍ତି ।]

ହୁଲି(ଲି)ଆ—କେଁଦେ ବ—(କଚରଅ) (ଥ ହୁଲି ସ୍ୱାହ୍ = ମନୁଷ୍ୟର
Hulī(li)ā ଦେହରେ ଥିବା ବଶିଷ୍ଠ ଚର୍ମ)—୧। ଫେରାର୍ ଅପରାଧୀର ହୁଲିୟା ବା ଚାଲାଇ ଯାଇଥିବା ବା ହଜିଥିବା ବ୍ୟକ୍ତିର ଅନୁସନ୍ଧାନାର୍ଥ ହୁଲିୟା ଦେଶର ସବଡ଼ ପୁଲିସ ଦ୍ୱାରା ଘୋଷଣା ପ୍ରଚାର—1. Promulgation of a 'hue-and-cry' proclamation by the police for finding out an absconder or a missing person. ୨ । ପଳାଇଥିବା ବ୍ୟକ୍ତିକୁ ଖୋଜିବା ପାଇଁ ପୁଲିସରେ ଦିଆଯିବା ଏତ୍ତଲ୍ଲ—2. Information lodged with the police to find out a lost person. ୩ । ପଳାଇ ଯାଇଥିବା ବା ହଜିଥିବା ବ୍ୟକ୍ତିର ଦେହର ବଶିଷ୍ଠ ଚିହ୍ନମାନ (ଯାହା ସମ୍ବାଦଦାତା ପୁଲିସ କର୍ମଚାରୀଙ୍କୁ ଜଣାନ୍ତି) 3. Description of the peculiar features of a missing or absconding person supplied to the police by an informant.

ହୁଲିଆ କରିବା—ଦେ. କି (କଚରଅ)—୧ । ହଜିଥିବା ବ୍ୟକ୍ତିର
Huliā karibā ଲକ୍ଷଣ ବା ଚିହ୍ନମାନ ପ୍ରକାଶ ପୂର୍ବକ ଥାନାରେ

Digitized by srujanika@gmail.com

ହୁଲିଆ କରା ଇଜାହାର ଦେବା—1. To lodge information with the police for finding out a missing or absconding person. ୨। ଦଉଡୁଥିବା ବା ଲୁଚୁଥିବା ବ୍ୟକ୍ତି ବା ଫେରାର ଅସାମୀକୁ ଧରିବା ପାଇଁ ଦେଶର ସର୍ବତ୍ର ଘୋଷଣା ପ୍ରଚାର କରିବା—2. To publish a hue-and-cry proclamation throughout the country for a missing or absconding person.

ହୁଲିଆ ଜାରି—ବୈ ଦେ. ବ—(ଦ୍ରଚରଥ) $\sqrt{\text{ହୁ}}$ (ଅ+ଘା)—ଦଉଡୁଥିବା ବ୍ୟ। Huliājāri ଫେରାର ବ୍ୟକ୍ତିକୁ ଧରିବା ପାଇଁ ଘୋଷଣା ପ୍ରଚାର— Publication of a hue-and-cry proclamation for finding out a missing or absconding person.

ହୁଲି କରିବା—ପ୍ରାଦେ (ସମ୍ବଲପୁର ଓ ଗଡ଼ଜାତ) କ୍ରି—ବଡ଼ ଘାଣ୍ଟ Huli karibā କରିବା—To make a loud sound

ହୁଲୁ(ଲୁ)—ଦେ. ବ—(ଘ. ହୁଲ ହୁଲୀ, ଜଲୁଲ)—ହୁଲ ହୁଲୀ (ଦେଖ) Hulu(lu) Hulahulī (See)

ହୁଲୁ(ଲୁ)ଦ୍ୱିବ } ଅନ୍ୟରୂପ
ହୁଲୁ ହୁଲୀ }

ହୁଲୁଙ୍ଗା—ପ୍ରାଦେ (ସିଂହଭୂମି) ବ୍ୟ—ଶ୍ଲଥ; ଢିଲା—Loose; Hulungā slackened,

ହୁଲୁଣା—ପ୍ରାଦେ (ବାଲେଶ୍ୱର ପ୍ରାନ୍ତ) ବ—ମଧ୍ୟ ଉଳଥ ହାଣ୍ଡି— Huluṇa Medium-sized earthen cooking pot.

ହୁଲୁର୍(ରୁ)ଶିଙ୍ଗା(ଙ୍ଘା)—ଦେ. ବ. —ଅନୁଗୁଳ ଗଡ଼ଜାତର Hulur(ru) Śiṅgā(ṅghā) ପ୍ରାଚୀନ ରାଜଧାନୀ—The ancient capital of the former Angul State.

ହୁଲୁର୍(ରୁ) ହୁଲ୍ଲର୍(ରୁ) ହେବା—ଦେ.କ୍ରି—୧। ହୁଗୁଳା ହୋଇ ଢଳିବା- Hulur(ru)hulur(ru)hebā 1. To shake in a slack ଢଳଢଳେ ହେଉଥିବା ହଲହଲ ହୋଇବା manner. ୨। କମ୍ପିବା— 2. To shiver; to tremble. [ଯଥା—ଲଢ଼େଇକୁ ଯିବା କଥା ଶୁଣି ତା ବୁକୁ ହୁଲୁ ହୁଲୁ ହେଉଅଛି]

ହୁଲୁସା(ସେ)ଇବା—ଦେ,କ୍ରି (ସଂ. ଉତ୍ସସିତ) ୧। ଉତ୍ସସିତ କରିବା— Hulusā(se)ibā 1. To gladden. ୨। ମାଟିକୁ ଉଲ୍ଲସିତ କରା ହୁଲସାନା ଖଣ୍ଟୁରେଇ କର ଝୁଡୁଝୁଡୁ କରିବା— 2. To loosen the earth.

ହୁଲୁସିବା—ଦେ. କ୍ରି—(ସ, ଉତ୍ସସିତ) ୧। ଉତ୍ସସିତ ହେବା—1. To Hulusibā be delighted ୨। ରୋମାଞ୍ଚିତ ହେବା— ଉଲ୍ଲସିତ ହୁଏ ହୁଲସନା 2. To be horripilated.

ହୁଲୁହୁଲିଆ—ଦେ. ବଣ—ଫସଫା; ଉତ୍ସାସିଥ—Light, loose. Hulu huliā ହଲହଲେ ଝୁରଝୁରୀ

ହୁଲୋର୍(ଲ୍)—ବୈଦେ. ବ—(ଥ)—ହୁଲର୍)—୧। ହୁଲର୍(ଦେଖ) Hulor(l) 1. Hular (See). ୨। ହାଲୋର୍(ଦେଖ)— 2. Halor (See)

ହୁଲ୍ଲ—ସଂ. ବ—ଏକପ୍ରକାର ନୃତ୍ୟ (ହରିବଂଶ)—A kind of dance. Hulla

ହୁଲ୍ଲି ଧୁକା—ପ୍ରାଦେ (ସମ୍ବଲପୁର) ବ—ଶୀତଳ ଧୀର ପବନ—Cold Hullidhukā mild wind.

ହୁସ୍—ବୈଦେ. ବ—(ଘା. ହୋସ୍=ଜ୍ଞାନ; ଚୈତନ୍ୟ; ତୁଳ. ସଂ. Hus ହୃଂଶ=ଚୈତନ୍ୟ)—୧। ଜ୍ଞାନ; ବସ୍ତୁର ଶକ୍ତି—1. Discre- ହୁଁସ ହୋସ tion. ୨। ହୋସ୍; ଚୈତନ୍ୟ—2. Consciousness; sense. ୩। ସ୍ମରଣଶକ୍ତି—3 Recollection. ୪। ଶିଶୁର ବୟସ ବୃଦ୍ଧି ସଙ୍ଗେ ଜାତ ବିବେଚନା ଶକ୍ତି—4. Discretion attained by a child when he grows up, ଦେ, ଅ— ହୁସ୍‌କିନା (ଦେଖ) Hus-kinā (See), ପ୍ରାଦେ (ସମ୍ବଲପୁର) ବ—ପିଲାଙ୍କ ଖେଳ ବିଶେଷ—A kind of game amongst boys

ହୁସ୍‌କିନା[ନି]—ଦେ. ଅ—୧। ହୁ କର; ହଠାତ୍—1. Suddenly, Huskinā[ni] ୨। ଭୂମିକମ୍ପ; ହଠାତ୍ ଜୋର୍‌ରେ [ହୁସ୍‌ଦ(ଧ)ସ୍—ଅନ୍ୟରୂପ] ଉପରୁ ପତନ ଶବ୍ଦ— ହୁସ୍‌କରେ ଏକାଏକ 2. Sound produced by sudden heavy fall from a high place.

ହୁସ୍ ପାଇବା—ଦେ. ବ.ା (ବୟୋବୃଦ୍ଧି ସଙ୍ଗେ) ବସ୍ତୁର ଶକ୍ତି ଜ୍ଞାତ ହେବା- Hus pāibā Attainment of discretion. ହୁସ୍ ପାଓୟା ହୋସ

ହୁସ୍‌ଭର୍(ରି)—ବୈଦେ. କ୍ରି. ବଣ [ଘା. ହୋସ୍‌ଭର୍]—ଜାଣତରେ; Husbhar(ri) ଜ୍ଞାନତଃ—Knowingly; consciously. (ହୁସ୍‌ଭରିରେ—ଅନ୍ୟରୂପ) (ଯଥା-ମୁଁ ହୁସ୍‌ଭର୍‌ଏ କାମ କରି ନାହିଁ) ଜାନତ ହୁସମର

ହୁସ୍ ହୁସ୍—ପ୍ରାଦେ (ଖଡ଼ିଆଳ; ଧ୍ୱନ୍ୟନୁକରଣ) ଅ—ଧାନ ଭୁଷା Hus hus ବେଳେ ସ୍ତ୍ରୀମାନଙ୍କ ଜଉାରିତ ଧ୍ୱନି— The hissing sound produced by females while husking paddy.

ହୁସ୍ ହେବା—ଦେ. ବ—୧। ଚୈତନ୍ୟଲାଭ ହେବା— Hus hebā 1. Regaining of consciousness ହୁଁସ ହୋସ or sense. ୨। ସ୍ମରଣ ହେବା; ମନେ ପଡ଼ିବା—2. Recollection; revival in memory

ହୁସିଆର୍—ବୈଦେ. ବଣ [ଘା ହୋସିୟାର୍]—୧। ସତର୍କ; Husiār ସାବଧାନ—1. Careful. [ଜ—ସେ ବଡ଼ିନ ହୁଁସିୟାର ହୋସିୟାର ହିକ୍କାହିକ୍କିରୁ ଜସ୍ତାର, ଲାଇ ଲାଗି ଥଗୁଁ ହୁଅ ହୁସିଆର—ରାଧାନାଥ ବରବାର ।] ୨। ଜାଗରୁଆର୍—2. Watchful; cautious. ୩। ବିଚକ୍ଷଣ; ଚତୁର—3. Clever. ୪। ପ୍ରାପ୍ତ-ବ୍ୟବହାର; ସଂସାର କାର୍ଯ୍ୟ ବୁଝିବାକୁ ସମର୍ଥ [ସବଜ]— 4. Able to manage one's affairs; major. ୫। ଯେଉଁ ବ୍ୟକ୍ତି ଆଗ ପଛ ଭାବି କାମ କରେ— 5. Prudent. ଅ [ସତର୍କ କରିବା ପାଇଁ ବ୍ୟବହୃତ

Digitized by srujanika@gmail.com

ବାକ୍ୟ] ସାବଧାନ ହୁଅ ! ସାବଧାନ ହୁଅ !—(interjection) Take care !

ହୁସିଆର୍‌ବର୍‌(ର୍)—ବୈ.ଦେ. କ୍ରି. ବଣ [ଫା. ହୋସିଅର୍‌ବର] Husiār-bhar(ri)—୧ । ସାବଧାନତା ସହକାରେ-[ହୁସିଆର୍‌ବରରେ—ଅନ୍ୟରୁପ] 1. Carefully. ୨ । ଖବ୍‌ ହୁଁସିୟାର ହଇୟା ହଶିୟାରିସେ ସତର୍କ ହୋଇ—2. Very watchfully.

ହୁସିଆର୍‌—ବୈ.ଦେ. ବ (ଫା. ହୋସିଅର୍‌)—୧ । ସାବଧାନତା—ହୁଁସିୟାରି Husiāri 1. Carefulness. ୨ । ଚତୁରତା—2. Cleverness. ୩ । ସତର୍କତା—3. Watchfulness; caution. ହୋଶିୟାରୀ

ହୁସେନ୍‌—ବୈ.ଦେ. ବ (ଆ. ହୁସୈନ୍‌)—ହୋସେନ୍‌ (ଦେଖ) Husen Hosen (See)

(ଉ—ଗତ ଗଛରବ ହେଜ ଗୋ, ଧୀରଭୁବେ ସଦା କରସ
କରିବା, ଜଗନ୍ନାଥ ଦାଶ ଚେଜ ଗୋ—ଗୁରୁ ଲବଙ୍ଗଲତା,
ବାଲକୃଷ୍ଣ)—4. To distinguish; to find out.
[ଉ—ସମୁଦ୍ର ମଧ୍ୟେ କାଠି ଗୋଡ କେ ହେଜବ ।
କୃଷ୍ଣସିଂହ ମହାପାତ୍ରଙ୍କ ଅଦ] ୫ । ଗ୍ରାହ୍ୟ କରିବା;
ଗାତର କରିବା—5. To show regard for; to
care for. (ଉ—ସେ କାଣ୍ଡକୁ ନ ହେଜ ଅଜଣ ସୁତ,
ବଲ୍ଲେ ସେହୁ କାଣ୍ଡମାନଙ୍କୁ କଦ୍ଦ୍ରୁତ — କୃଷ୍ଣସିଂହ.
ମହାଭାରତ. ଦ୍ରୋଣ ।) ୬ । ଧ୍ୟାନ କରିବା—6 To
meditate. (ଉ—ଏମନ୍ତେ କୃଷ୍ଣରୂପ ହେଜ । ଧ୍ରୁବ
ଗଦ୍‌ଗଦେ ଚକ୍ଷୁ ବୁଜ । ଜଗନ୍ନାଥ. ଭାଗବତ)
୭ । ଜାଣିବା— 7. To know.
(ଉ—ଯାହା ମାଗିଲ ବଅ ଯୁଜ ସେ କଥା ଅଛଇଁ ମୁ
ହେଜି—ଜଗନ୍ନାଥ. ଭାଗବତ ।) ୮ । ଜାଣିବା;
ଖୋଜିବା—8. To trace; to find out. [ଉ—
ବସ୍ତୁ ଅର ପଚ୍ଛିଲେ ଅର୍ଦ୍ଧଚନ୍ଦ୍ରର ଛଳେ ଗୁପ୍ତ ହେଜ
ପ୍ରଯୋଗ କଲେ ସେ—ଭଞ୍ଜ. ବୈଦେପ୍ରୀଶବଲାସ ।]

ହେଜୁଆ—ଦେ. ବଣ. ପୁ—ସେ ଟୁଙ୍କ କଥାକୁ ସ୍ମରଣ ରଖିପାରେ—
Hejuā Able to remember things of a retentive
ମନେ ରଖିତେପଟୁ यादरखनेवाला memory.
[ହେଜ(ଜା)ଉଆ—ସ୍ତ୍ରୀ]

ହେଞ୍ଜ(ଞ୍ଜି)ଡ଼ା—ଦେ. ବଣ ପୁଂ—୧ । ହେରେସା; ଯେ ସବଦା ଉଚ୍ଚ
Heñja(ñje)ṛdā ହାସ୍ୟ କରେ—1. Given to loud
laugh. ୨ । ନଲ୍ଲଜ୍ଜ— . Shameless. ୩ ।
ହେଞ୍ଜଳା (ଦେଖ)—3. Heñjalā (see).
(ହେଞ୍ଜଡ଼ୀ—ସ୍ତ୍ରୀ) हिजड़ा वेहाया

ହେଞ୍ଜ(ଞ୍ଜି)ଳା—ଦେ. ବ ଓ ବଣ—ପୁଂସତ୍ୱ ବଘ୍ନନ ପୁରୁଷ—
Heñja(ñje)lā An impotent person (male)
(ହେଞ୍ଜଳୀ—ସ୍ତ୍ରୀ) ଦୀଞ୍ଜଡ଼ା हीजडा

ହେଠ୍—ଦେ. ଅ—୧ । ବଗିର ଘୋଡାକୁ ଚଲାଇବାବେଳେ ଚାଳକଙ୍କ
Heṭ ଉଚ୍ଚାରିତ ଧ୍ୱନି—1. Sound uttered by a driver
in gading a horse in a carriage. ୨ । ହଟ୍;
ମନୁଷ୍ୟକୁ ବା ଜନ୍ତୁକୁ ପଛକୁ ହଟାଇବାପାଇଁ ଉଚ୍ଚାରିତ
ହେଟ୍ हट ଶବ୍ଦ—2. A sound uttered while directing
a person or animal to move back.

Digitized by srujanika@gmail.com

ହେଟ୍‌ରେଇବା—ଦେ. କ୍ରି—ପୁନଃ ପୁନଃ ବରକୁ କର କହିବା—
Heṭ-reibā To ply with importunities; to importune.
ହେଟରାନ ବାରବାରତଙ୍ଗକରନା

ହେଟ ହେଟ୍—ପ୍ରାଦେ (ଗଡ଼ଆଲି) ଅ—ଘୋଡ଼ା ଚଲାଇବା ବେଳେ
Heṭ heṭ ଉଚ୍ଚାରଣ ଶବ୍ଦ—Sound uttered by a driver while driving a horse.

ହେଟ(ଠ)—ଦେ. ବିଣ—(ସ ଅଧଃ; ପାଲି—ହେଟ୍‌ଠା; ପ୍ରା ହୁଏଟ୍‌ଠ—
Heṭa(ṭha) ସଂ. ଅଧଃ; ସ ଅଧସ୍ତଃ=ପ୍ରା ଅଦ୍ଧଟ୍‌ଠ) ୧ । ନତ—
ହେଁଟ 1. Bent. ୨ । ବମ୍ବକୁ ନତ; ତଳଅଡୁକୁ ନଇଁଥିବା—
ହେଟ 2. Bent downwards. [ଉ—ଶିର କର ହେଟ; ନ
ପଞ୍ଜାବୀ. ହେଠ ଘୁରଇ ଘେଟ; କମ୍ମାଇ ମାଇଛ ନଜାଣି—ଉକାପ୍ତ
ଗୁ. ହେଠେ, ସିନ୍ଧୁ. ହେଠେ) —ଗୀତଲହସ୍ତ]

ହେଟ(ଠ) କରିବା—ଦେ. କ୍ରି—ନଇଁଇବା; ବମ୍ବକୁ ନତ କରିବା—
Heṭa(ṭha) karibā To bend downwards; to bow down.
ହେଁଟ କରା ହେଟକ ରନା

ହେଟ(ଠ)ବଦନ (ମୁଖ, ମାଥ)—ଦେ. ବ—ଅଧୋବଦନ; ଅବନତ
Heṭa(ṭha) badana (mukha, māṭha) ମସ୍ତକ; ଲଜ୍ଜାବ-
[ହେଟ(ଠ)ମୁହଁ—ଅନ୍ୟରୂପ] ନତ ମସ୍ତକ; ବମ୍ବକୁ ନତ ମସ୍ତକ—
Face bent downwards; drooping head. [ଉ—ଦୋଇଅଛୁ ହେଟ ମୁଖ ଯେ; ତୁମ୍ଭ ଚରେ ପଦ ନଖ
ଯେ—ବଶ୍ଚନାଥ. ବଚଜ ରାମାୟଣ) ବିଣ. ପୁଂ—ହେଟ-
ହେଁଟମାଥା ହେଟବଦନ ମୁହାଁ (ଦେଶ) —Heṭamuhān (See
[ହେଟ(ଠ)ବଦଣା, ହେଟ(ଠ)ମୁଣ୍ଡୀ—ସ୍ତ୍ରୀ. ବିଣ]

ହେଟ(ଠ)ମୁହାଁ—ଦେ. ବିଣ ପୁଂ—୧ । ଅଧୋବଦନ; ଅଧୋମସ୍ତକ;
Heṭa(ṭha)muhāṅ ଲଜ୍ଜା ବା ଶୋକରେ ଯାହାର ମସ୍ତକ ଭଲକୁ
[ହେଟ(ଠ)ମୁହାଁ—ସ୍ତ୍ରୀ] ହୋଇ ଅଛୁ—1. With face bowed down; with a drooping head (due to shame or ୨ । ଘୋଡାମୁହାଁ—2. One
ହେଁଟବଦନ ହେଟମୁଁହା who has his face bent down.

ହେଟ(ଠା)—ଦେ. ବି—(ସ, ହେଟ୍ ଧାତୁ=ହେଟ୍ଟଦେବା; ଅବଜ୍ଞା
Heṭā(ṭhā) କରିବା; ବ ମନୁଷ୍ୟକୁ ଦେଖିଲେ ହେଟ୍ଟଦବ—
(ହେଟା ବାଘ—ଅନ୍ୟରୂପ) ଓ ତାକୁ ଦେଖାଏ ବୋଲି; ସଂ.
ନାମ ଈହାମୃଗ) ଗଧିଆ ବାଘ—Hyena; Hyena
Striata. ପ୍ରାଦେ (ଯାଜପୁର) ବିଣ—ଅବାଧ୍ୟ—
Disobedient; refractory. (ଯଥା—ହେଟା ଗୁଜର)
ପ୍ରାଦେ (ଗଡ଼ଜାତ) ସର୍ବନାମ—୧ । (ବସ୍ତୁ ବା ବ୍ୟକ୍ତି
ନର୍ଦ୍ଦେଶକ) ଏଇଠା—1. This. ୨ । (ଅବଜ୍ଞାର୍ଥକ)
ସେଇଠା; ସେହିଠା—2. That (in contempt).
୩ । ସେ ସ୍ଥାନ; ସେଠା—3. That place; there.
ନେକଡ଼େବାଘ, ହୋଁଦଡ଼ ହୁଡାର,ଲକୁକଡବଘା
ଲଗ୍‌ଘଡ଼ ମେଡିୟା

ହେଟା(ଟେ,ଠା,ଟୋ)ଇବା—ଦେ. କ୍ରି—୧ । କଥା କହୁଥିବାବେଳେ ଯୋଗ
Heṭā(ṭe, ṭhā, ṭhe)ibā ଦେଇ ବା ଉତ୍ସାହିତ କର
ଯୁଗିୟେ ଦେଓୟା ସମାଲନା କଥାକୁ ସାହାଯ୍ୟ ଦେବା—
1. To help a speaker; to encourage or prompt a speaker by supporting him. ୨ । ପଛରୁ ଥାଇ ସାହାଯ୍ୟ କରିବା ବା ଉତ୍ସାହିତ କରିବା—
2. To help or encourage a person from
ନୋୟାନ ନବାନା behind. ୩ । ନଇଁଇବା
ନମ୍ର କରିବା—3. To bend. ୪ । ଯଥେଷ୍ଟ ହେବା;
ଅଣ୍ଟିବା—4. To suffice. (ଯଥା—ଏ ପରିବାରିକ
ଏତେ ଲୋକଙ୍କୁ ହେଟେଇବ ନାହିଁ ।)

ହେଟାଗଡ଼ିଆ—ପ୍ରାଦେ (ଯାଜପୁର) ବିଣ—ଅରୁଣାଖାରୁଡ଼ା; ଅସମତଳ—
Heṭāgaṛdiā Rough; of uneven surface.

ହେଟାଗାଣ୍ଡି—ଦେ. ବି (ହେଟାମାନଙ୍କ ଦେହ ଭୁଲନାରେ ପିଣ୍ଡି ଓ ଅଗ
Heṭāgāṇḍi ଗୋଡ଼ ଅପେକ୍ଷା ପଛ ଗୋଡ ସାନ ଓ ପିଠିର
ନେକଡ଼େ ପୌଦ ଲଗ୍‌ଘଡ଼ଗାଣ୍ଡ ଅର ଅପେକ୍ଷା ଶେଷଆଡ଼
ନମ୍ର ଓ ଅସୁନ୍ଦର ଦେଖା ଯାଉଥିବାରୁ)—ହେଟା ପର
ଅସୁନ୍ଦର ନତ ପିଣ୍ଡି—Low and small buttocks like those of a hyena.

ହେଟାଗାଣ୍ଡିଆ—ଦେ. ବିଣ—ଯେଉଁ ବ୍ୟକ୍ତିର ପିଣ୍ଡି ହେଟାର ପାଣ୍ଡି ପର
Heṭāgāṇḍiā ଅସୁନ୍ଦର—Having unseemly
(ହେଟ ଗାଣ୍ଡେଇ—ସ୍ତ୍ରୀ) and small buttocks like
ନେକଡ଼େ ପୌଦା ଲଗଘଡ଼ଗାଣ୍ଡୀ the hyena.

ହେଟାଗୁ(ଗୋ)ଡ଼ି—ପ୍ରାଦେ (ଗଞ୍ଜାମ) ବି—ନେତୁଡ଼େଇବା ଦଣ୍ଡ;
Heṭāgu(go)ṛdi ପୂର୍ବକାଳରେ ପ୍ରଚଳିତ ଦଣ୍ଡବିଶେଷ—
A punishment (formerly in vogue) consisting of making a person to bend by standing like a hyena with the two feet and the two palms set on the groun
[ଉ—ଏଥିରେ ଦୁଇ ନତ ଗୋଡ଼କୁ ଓ ଦୁଇ କରତଳକୁ
ଭୂଇଁରେ ଲଗାଇ ଠିଆ ହେବା ଅବସ୍ଥାରେ ନଇଁପଡ଼ିବାକୁ
ହୁଏ । ଏଥର ଫଳେ ହେଟା ପର ଅଗଯାଏ ଛଡ଼
ଓ ପଛଯାଏ ସାନ ଦେଖାଯାଏ । ତେଣୁ ଏ ଦଣ୍ଡର ନାମ
ଏଥର ହଆ ସାଇଅଛି ।]

ହେଟା ଦର—ପ୍ରାଦେ (ବାଲେଶ୍ୱର) ବ — ଡ଼ଦାଦର —
Heṭā dara Disregard; contempt; derision.
(ଉ— × × × କାହୁଁ ଗୋଟାଏ ଅସି
ମୋ ଭୁଅକୁ ହେଟାଦର କରିବ, ମାତ୍ରେଭ୍‌ଣ୍ଡଁ କାହ୍ନିବ—
ତା ବଳଲ ସହ୍ୟ ଘାରିବ ନାହିଁ—ଫଲ୍ଗୁରମୋଦ୍ଦନ
ଗଲ୍ପସ୍ୱଲ୍ପ)

ହେଟା ମୁଣ୍ଡ—ପ୍ରାଦେ (ଗଡଅଲ) ବିଣ (ହେଟାର ମୁଣ୍ଡ କାନ୍ଧ ଅପେକ୍ଷା
Heṭā muṇḍa ନତ ହୋଇଥିବାରୁ)—ନତମସ୍ତକ—Down-
(ହେଟାମୁଣ୍ଡିଆ—ଅନ୍ୟରୂପ) faced; with head bowed down.

ହେଟାମୁଣ୍ଡିଆ—ଦେ. ବିଣ—ହେଟା ପର ଯେଉ ପଶୁର ମଣ୍ଡ କାନ୍ଧ
Heṭā muṇḍiā ଅପେକ୍ଷା ସାନ ହୋଇଥାଏ—
ନେକଡ଼େମୁଖୀ ଲଗ୍‌ଘଡମୁଣ୍ଡା (aquadruped]

Digitized by srujanika@gmail.com

Having the head at a lower level than the shoulder. ବ—ବହୁଶାଖାଯୁକ୍ତ ଗୁଳ୍ମ ବିଶେଷ—A species of plant having many branches; Trichodesma Indicum (Haines.) (ଦ୍ର—ଏହା ୧ ରୁ ୧୪ ଫୁଟ୍‌ଯାଏ ଉଚ୍ଚ ହୁଏ; ଫୁଲ ଧଳାମିଶା ନେଳଥ

ହେଟାର—ପ୍ରାଦେ(ପାଟଣା)ଅ (ମାଳ ଅଞ୍ଚଳ ବ୍ୟବହୃତ ଭାଷା)ସେଥିପାଇଁ—Hetāra For that; therfore.

ହେଟାଫୁଲିଆ—ପ୍ରାଦେ (ଖଡ଼ଆଳ) ବ—ବନ୍ୟ ଗୁଳ୍ମ ବିଶେଷ—Heṭā huliā A wild plant [ଦ୍ର—ଏହାର ଫୁଲ ଭଲରୁ ମୂତ୍ର କରିଥାଏ ।]

ହେଟି(ଠି)—ଦେ. ଅ—(ନିର୍ଦ୍ଦେଶାର୍ଥ) ହେଇଟି—Look there ! Heṭi(ṭhi) there it is ! [ତ—ହେଇଟି ଦେଖ, ହେଟି ଐଦେଖ यहाँ ମା ଚେଟି କୁଞ୍ଜ ଭୁଟୀରେ । ନନ୍ଦଙ୍କ ଜବ୍‌ଡ ସଙ୍ଗୀତ ।] ପ୍ରାଦେ (ଗଡ଼ଜାତ) ସର୍ବନାମ—ସେଠି; ସେଠାରେ—There.

ହେଟିଣି(ନି)—ପ୍ରା. ଅ ଓ ସର୍ବନାମ—ହେଟି (ଦେଶ)—Heṭiṇi(ni) Heṭi (See).

ହେଟି(ଠି)ଦେବା—ଦେ. କ୍ରି—(ସ. ହେଠ୍. ଧାତୁ=ଅବଜ୍ଞା କରିବା)—Heṭi(ṭhi) debā ୧ । ମାନ୍ୟ ବ୍ୟକ୍ତିକୁ ଅବଜ୍ଞା କରିବା—ଅବହେଳା କରା अनादरकरना 1.To disregard; to slight. [ହେଟି(ଠି)ବା—ଅନ୍ୟରୂପ] ୨ । ଆଦେଶକୁ ଲଙ୍ଘନ କରିବା—2.To disobey an order. ୩। (ଉତ୍ତମ ବା ପିତୃ) ସ୍ୱାମୀଙ୍କ ବା ଗୁରୁଜନଙ୍କ ଆଗରେ ଅବଜ୍ଞାସୂଚକ ଉତ୍ତରଦେବା 2. To give taunting reply to a master's or guardian's commands.

ହେଟେଟେ—ପ୍ରାଦେ (ପାଟଣା) ବିଣ—ବେଶୀ—Heṭete Much.

ହେଠ୍(ଧାତୁ)—ସ.—୧ । ବାଧାଦେବା (ଜଳ ଚଲ୍ଲଦ୍ରୂପ)—1. To Heṭh (root) obstruct; to impede. ୨ । ଅବଜ୍ଞା କରିବା—2. To disregard; to slight.

ହେଠ—ସ. ବ—(ହେଠ୍. ଧାତୁ+ଭାବ ଅ)—୧ । ବାଧା (ସେଦଗା)—Heṭha Obstruction; impediment. ୨ । କ୍ଷତି—2. Loss; injury. ଦେ. ବିଣ—ହେଟ (ଇତ୍ୟାଦି) (ଦେଶ)—Heṭa etc (See). (ଉ—କେବେବେଳେ ନ କହେ ବାଣୀ ହେଠ ବଦନ, ଦେଖିଣ ଭ୍ରମର କୋପ କଲ୍ପିତ ମନ । ପ୍ରାଚୀ. ଶଶିସେଣା)

ହେଠାନେ—ପ୍ରାଦେ (ବଚ୍ଛିର ପାଟଣା) ସର୍ବ—ସେ ସ୍ଥାନରେ; Heṭhāne ସେଠାରେ—In that place; there.

ହେଠୁ(ଠୁଁ)—ପ୍ରା. ଅ—ଏହାଠାରୁ; ଏଠାରୁ—From this place. Heṭhu(ṭhuñ) ହେଥା ଥେକେ यहांसे

ହେଡ୍(ଧାତୁ)—ସ.—୧ । ବେଷ୍ଟନ କରିବା (ଦୁର୍ଗାଦାସ)—1. To enHed(root) velop; to surround. ୨ । ବାଡ଼ ଘେରିବା;ବାଡ଼ ଦେଇବା—2. To fence round. ୩ । ଘୃଣା କରିବା—3. To hate; to express contempt. ୪ । ଅବଜ୍ଞା କରିବା—4. To disregard; to slight. ବୈଦେ. ବ. (ଇଂ)—୧ । ବର୍ଗ; ହେଡିଙ୍—1. Head; item; heading. ହେଡ୍ ହେଡ (ଯଥା—ଏ ଖରର କେଉଁ ହେଡ୍‌ରେ ଲେଖାଯିବା) ୨ । ମସ୍ତିଷ୍କ; ବୁଦ୍ଧି — 2. Brain; intellect. (ଯଥା—ଏ ପିଲ୍ଲଟାର ମଣିଷରେ ଖର ହେଡ୍ ଅଛି) ବିଣ—(ଅନ୍ୟ ଶବ୍ଦ ପୂର୍ବେ ଯୁକ୍ତ ହୁଏ) ନେତୃ ସ୍ଥାନୀୟ—Headi principal; chief. (ଦ୍ର—ଏହି ଇଂରାଜି ଶବ୍ଦ ଅନ୍ୟ ଇଂରାଜି, ଯୋବନିକ ଓ ସଂସ୍କୃତଭାଭିବ ଶବ୍ଦ ପୂର୍ବେ ଯୁକ୍ତ ହୋଇ ବ୍ୟବହୃତ ହୁଏ । ଯଥା—ହେଡ୍ ମାଷ୍ଟର୍, ହେଡ୍ ମୌଲଭୀ ହେଡ୍ ପଣ୍ଡିତ ଇତ୍ୟାଦି)

ହେଡ୍‌ଅ(ଆ)ଫିସ୍—ବୈଦେ. ବ—(ଇଂ.)—ସଦର ବା ମୂଳଧାଗାରେ ଥିବା କୌଣସି ବିଭାଗର ସର୍ବୋଚ୍ଚ କାର୍ଯ୍ୟାଳୟ—ହେଡ୍ ଅଫିସ ହେଡଵର୍କିସ Head office.

ହେଡ୍‌ଅମୀନ୍—ବୈଦେ ବ—(ଇଂ. ହେଡ୍ ଓ ଫା. ଅମୀନ୍)—ହେଡ୍ ଆମିନ ହେଡଅମୀନ ଜମି ମାପିବା କର୍ମଚାରୀମାନଙ୍କ ମଧ୍ୟରେ ପ୍ରଧାନ କର୍ମଚାରୀ—Head amin; head surveyor.

ହେଡ୍ ଆସିଷ୍ଟାଣ୍ଟ୍—ବୈଦେ. ବ—(ଇଂ)—ଉଚ୍ଚ କର୍ମଚାରୀ ବା ଦାଢ଼ମଙ୍କ ସିରସ୍ତାଦାର—Head assistant. ହେଡ୍ ଆସିଷ୍ଟାଣ୍ଟ ହେଡଅସିସ୍ଟେଣ୍ଟ

ହେଡ୍ ଏକଜାମିନର୍—ବୈଦେ. ବ—[ଇଂ]—ଅନ୍ୟମାନଙ୍କୁ ପରୀକ୍ଷା କରିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରଧାନ ବ୍ୟକ୍ତି—Head examiner. ହେଡ୍ ଏକଜାମିନର ହେଡଏକଯାମିନେଲନ

ହେଡ୍ କନ୍(ନ)ଷ୍ଟବଲ୍—ବୈଦେ. ବ—(ଇଂ) —କନଷ୍ଟବଲ୍‌ମାନଙ୍କ ମଧ୍ୟରେ ସର୍ଦ୍ଦାର୍—Head constable. ହେଡ୍ କନଷ୍ଟବଲ ହେଡ କନିସ୍ଟେବିଲ

ହେଡ୍ କିରାଣୀ (ଣା) —ବୈଦେ ବ—(ଇଂ ହେଡ୍ ଓ ଫା-ହିନ୍ଦୀ)—Hed kirāṇī (ṇā) ହେଡ୍ କ୍ଲର୍କ୍ (ଦେଶ)—Hed klark ହେଡ୍‌କେରାଣୀ ହେଡକିରାନି (See)

ହେଡ୍ କୁଆର୍ଟର (କ୍ୱାର୍ଟର୍)—ବୈଦେ. ବ—(ଇଂ.)—ଦାଢ଼ମଙ୍କ ସଦର ସ୍ଥାନ; ମୂଳଧାଗା—Hed kuārṭar (kwārṭar) (ହେଡ୍ କ୍ୱାର୍ଟର୍—ଅନ୍ୟରୂପ) Head-quarters. ହେଡକ୍ୱାର୍ଟର ହେଡକ୍ୱାଟର

ହେଡ୍‌କୁଲି—ବୈଦେ. ବ—(ଇଂ ହେଡ୍ ଓ ତୁର୍କୀ. କୁଲ)—କୁଲି—Hed kuli ସର୍ଦ୍ଦାର୍—Head cooly; head labourer. ହେଡ୍‌କୁଲି ହେଡକୁଲି

ହେଡ୍ କ୍ଲା(କ୍ଲା)ର୍କ୍—ବୈଦେ. ବ—(ଇଂ)—କାର୍ଯ୍ୟାଳୟରେ କାମକାଜ ମଧ୍ୟରେ ପ୍ରଧାନ ବ୍ୟକ୍ତି—Hed kla(klā)rk Head clerk. ହେଡ କ୍ଲାର୍କ ହେଡକ୍ଲାର୍କ

ହେଡ୍‌ନୋଟ୍—ବୈଦେ.ବ—(ଇଂ)—ପ୍ରତ୍ୟେକ ଅଧ୍ୟାୟର ବା ନଜର୍‌ର ଉପରିସ୍ଥ ଅରମ୍ଭରେ ଉକ୍ତ ଅଧ୍ୟାୟରେ ବା ନଜର୍‌ରେ ଲିଖିତ ବିଷୟର ସାରାଂଶ ବା ଟୀକା—Hednote of every chapter or ruling. ହେଡନୋଟ ହେଡନୋଟ

Digitized by srujanika@gmail.com

ହେଡପଣ୍ଡିତ—ଦେ. ବ—(ଇଂ ହେଡ୍ ଓ ସ. ପଣ୍ଡିତ)—ପଣ୍ଡିତ ଓ ହେଡପଣ୍ଡିତ ପଣ୍ଡିତମାନଙ୍କ ମଧ୍ୟରେ ପ୍ରଧାନ ପଣ୍ଡିତ—Head-pandit.

Hed pandita ଦେଶୀୟ ଭାଷା ଶିକ୍ଷା ଦେବାପାଇଁ ନିଯୁକ୍ତ ହେଡପଣ୍ଡିତ

ହେଡ ପିଅ(ଅ)ନ୍—କୈ.ଦେ. ବ—(ଇଂ)—ପିଅନମାନଙ୍କ ସର୍ଦ୍ଦାର—Head peon.

Hed pia(u)n ହେଡପିଅନ

ହେଡ୍‌ବଏ—କୈ.ଦେ. ବ—(ଇଂ)—୧ । କ୍ଲାସରେ ସୋଗ୍ୟତାରେ ସର୍ବପ୍ରଥମ ସ୍ଥାନ ଅଧିକାର କରିବା ଛାତ୍ର—1. Head boy in a class. ୨ । କ୍ଲାସ୍‌ର ଅନ୍ୟ ଛାତ୍ରଙ୍କ ପ୍ରତ୍ୟକ୍ଷ ହେଡ୍‌ମୋନିଟର ରୂପେ ନିଯୁକ୍ତ ଉତ୍ତମ ବାଳକ; ବଡ଼ଗଣ୍ଡ —2. The monitor of a class.

Hed bae ହେଡବୟ ହେଡ୍‌ମୋନିଟର

ହେଡ୍ ବାବୁ—ଦେ. ବ (ଇଂ. ହେଡ୍ ଓ ଦେ. ବାବୁ)—ଅଫିସ୍‌ର ବାବୁ ବା ଦେଶୀୟ କର୍ମଚାରୀଙ୍କ ମଧ୍ୟରେ ପ୍ରଧାନ କର୍ମଚାରୀ —Head babu of an office.

Hed bābu ହେଡ଼ ବାବୁ ହେଡ ବାବୁ

ହେଡ୍ ମଉଲବ(ମୌଲବ)—କୈ.ଦେ. ବ (ଇଂ. ହେଡ୍ ଓ ଅ. ମୌଲଭୀ) ମୁସଲମାନଙ୍କ ଅରବୀ,ଉର୍ଦ୍ଦୁ ବା ପାରସୀ ଭାଷା ଶିଖାଇବା ଶିକ୍ଷକମାନଙ୍କ ମଧ୍ୟରୁ ପ୍ରଧାନ ଶିକ୍ଷକ —Head moulvi.

Hed maulabi(maulabi) ହେଡ଼ ମୌଲବୀ ହେଡ ମୌଲବୀ

(ହେଡ୍ ମଉଲ୍ଲି,ହେଡ୍ ମୌଲ୍‌ବ, ହେଡ୍ ମୌଲ୍‌ବି—ଅନ୍ୟରୂପ)

ହେଡ୍ ମା(ମେ, ମ୍ୟା)ନ୍—କୈ.ଦେ. ବ (ଇଂ)—୧ । ଗ୍ରାମର ମୁଖିଆ ବ୍ୟକ୍ତି; ସେ ଗ୍ରାମବାସୀମାନଙ୍କ ମଧ୍ୟରୁ ହେଡ଼ ମ୍ୟାନ ପ୍ରଜାନଧ୍ୟ ସ୍ୱରୂପ ସ୍ୱଜ କର୍ମଚାରୀଙ୍କ ସଙ୍ଗେ ସମ୍ପର୍କ ହେଡ ମେନ ରଖନ୍ତି—1. Village headman. ୨ । ଜାତି-ଗୁଡ଼ିକ ମଧ୍ୟରେ ସର୍ଦ୍ଦାର—2. Headman of a caste-guild.

Hed mā(me, mya)n ହେଡ଼ ମ୍ୟାନ ହେଡ ମେନ

ହେଡ୍ ମାର୍କ—କୈଦେ. ବ (ଇଂ)—ଛାତ୍ରମାନଙ୍କୁ ପ୍ରଦତ୍ତ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେବା ପାଇଁ ଯେତେ ନମ୍ବର ପାଇବ, ପ୍ରଶ୍ନୋତ୍ତରାର୍ଥ ନିର୍ଦ୍ଦିଷ୍ଟ ପୂରା ନମ୍ବର—Head mark.

Hed mārk ହେଡ଼ ମାର୍କ ହେଡ ମାର୍କ

ହେଡ୍ ମାଲି—ଦେ. ବ (ଇଂ. ହେଡ୍ ଓ ସ. ମାଳାକାର)—ଉଦ୍ୟାନ ରକ୍ଷକ ମାଳମାନଙ୍କର ସର୍ଦ୍ଦାର—Head māli; head gardener.

Hed māli ହେଡ଼ ମାଳି ହେଡ ମାଳୀ

ହେଡ ମାଷ୍ଟର୍—କୈଦେ. ବ. ପୁଂ(ଇଂ)—୧ । ବିଦ୍ୟାଳୟର ପ୍ରଧାନ ଇଂରାଜ ଶିକ୍ଷକ—1. Head master of a school. ୨ । ଇଂରାଜ ବିଦ୍ୟାଳୟର ପ୍ରଥମ ଶିକ୍ଷକ—2. Head master.

Hed māshtar ହେଡ଼ ମାଷ୍ଟାର ହେଡ ମାଷ୍ଟର

ହେଡ ମାଷ୍ଟରୀ—ଦେ.ବ.ଶ—ହେଡ୍ ମାଷ୍ଟର୍‌ଙ୍କ କର୍ମ—The post or work of a head master; head mastership.

Hed māshtarī ହେଡ଼ ମାଷ୍ଟାରୀ ହେଡ ମାଷ୍ଟରୀ

ହେଡ ମିଷ୍ଟ୍ରେସ୍—କୈଦେ. ବ. ସ୍ତ୍ରୀ (ଇଂ)—ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ—Head mistress

Hed mishtres ପ୍ରଧାନ ଶିକ୍ଷୟିତ୍ରୀ ହେଡମିଷ୍ଟ୍ରେସ

ହେଡ୍ ମିସ୍ତ୍ରି (ମିସ୍ତ୍ରୀ)—କୈ. ଦେ. ବ—(ଇଂ. ହେଡ୍ ଫା. ମିସ୍ତ୍ରୀ)—ରାଜ ବା କାରଗରମାନଙ୍କ ସର୍ଦ୍ଦାର—Hed mistirī (mistrī) ହେଡ଼ ମିସ୍ତିରୀ ହେଡମିସ୍ତ୍ରୀ Head mason; head mistry.

ହେଡ୍ ଲାଇଟ୍—କୈ.ଦେ. ବ—(ଇଂ)—ମଟର୍ ବା ରେଲଗାଡ଼ି ଆଗର ସବୁଠାରୁ ଉଚ୍ଚ ଓ ଶକ୍ତିଶାଳୀ ଆଲୁଅ (ଯାହାଦ୍ୱାରା ହେଡଲାଇଟ ଆଗର ସବୁଦୂରାର୍ଥ ସ୍ପଷ୍ଟରୂପେ ଦେଖାଯାଏ)—Head-light.

Hed lāiṭ ହେଡ଼ ଲାଇଟ୍ ହେଡଲାଇଟ

ହେଡଲାଇନ୍(ନି)—କୈ.ଦେ. ବ—(ଇଂ. ହେଡ୍ ଲାଇନ୍)—କାହାର ପ୍ରତ୍ୟେକ ପୃଷ୍ଠାରେ ଲେଖାଥିବା ବିଷୟର ସୂଚନା ଲେଟା ଦୋଇଥିବା ଧାଡ଼, ଯାହା ପୃଷ୍ଠାର ଶିରୋଦେଶରେ ଥାଏ—Head-line.

Hed lāin(ni) ହେଡ଼ ଲାଇନ୍ ହେଡଲାଇନ

ହେଡ୍ ସଇ(ହି)ସ (ସୈସ)—କୈ.ଦେ. ବ—(ଇ' ହେଡ୍ ଓ ଫା. ସାଇସ) ଘୋଡ଼ା ସଇସମାନଙ୍କ ସର୍ଦ୍ଦାର—A head groom for horses.

Hed sai(hi)sa(saisa) ହେଡ଼ ସଇସ ହେଡସାଇସ

ହେଡ ସ୍ଲୁଇସ୍—କୈ.ଦେ. ବ—(ଇଂ)—ଅନଇଟ୍ ରେ ବା କେନାଲ୍‌ରେ ଜଳ ଯିବାପାଇଁ ନର୍ମିତ ଫୁଟାମାନଙ୍କ ମଧ୍ୟରେ ହେଡ଼ ଶ୍ଲୁଇସ ସବୁଠାରୁ ବଡ଼ ଫୁଟାର—Head-sluice of an anicut.

Hed sluis ହେଡ଼ ସ୍ଲୁଇସ ହେଡ ସ୍ଲୁଇସ

ହେଡ଼ଜ—• ବ—ସ(ହେଡ଼୍. ଧାତୁ + ଜଣ୍. ଅଜ)—କ୍ରୋଧ (ଶବ୍ଦକଳ୍ପଦ୍ରୁମ)—Anger; rage.

Herdaja ହେଡ଼ଜ

ହେଡ଼ା—ଦେ. ବ—(ସ. ହଡ୍ଡ=ହାଡ଼)—୧ । ହାଡ଼ସହିତ ମାଂସ—1 Meat attached to bone. ୨ । ଗୋମାଂସ—2 Beef. ୩ । ଜନ୍ତୁଷ୍ଟ ଜନ୍ତୁର ମାଂସ—3. Meat of an infer; or animal. ୪ । ପଚାମାଂସ—4. Rotten meat.

Herdā ହେଡ଼ା ହେଡା

ହେଡ଼ା ଖିଆ—ଦେ. ବଣ. ପୁଂ—୧ । ଗୋମାଂସ ଭକ୍ଷଣ; ସେଉ ବ୍ୟକ୍ତି (ହେଡ଼ାଖାଇ—ସ୍ତ୍ରୀ) partaking of beef. ୨ । (ଗାଳି) ନିଷିଦ୍ଧ ଗୋଖାଦକ ମାଂସ ଖାଦକ—2. Partaking of forbidden meat.

Herdā khiā ହେଡ଼ା ଖିଆ ହେଡା ଖିଆ

ହେଡ଼ାଖିଆ କାମ—ଦେ. ବ—(ଲକ୍ଷଣାର୍ଥ)—ଜଘନ୍ୟ, ଜଘନ୍ୟ ଓ ନିନ୍ଦିତ କାର୍ଯ୍ୟ—(figurative) Reprehensible and forbidden act.

Herdākhiā kāma ହେଡ଼ାଖିଆ କାମ ହେଡାଖିଆ କାମ

ହେଡ଼ାବୁକୁ—ସ. ବ—ଅଶ୍ୱ ବ୍ୟବସାୟୀ (ଜିତାଣ୍ଡ ଶେଷ)—A horse-seller; horse-dealer.

Herdābukka ହେଡ଼ାବୁକ୍କ ହେଡାବୁକ୍କ

ହେଡିଙ୍—କୈ.ଦେ. ବ (ଇଂ)—କୌଣସି ଲେଖାର ଶିରୋନାମା—Heding

Heding (ହେଡିଂ—ଅଶୁଦ୍ଧ ରୂପ) ହେଡିଙ୍ ହେଡିଂ

Digitized by srujanika@gmail.com

ହେଣ୍ଟର(ଳା)—ଦେ. ବ—ବାଘର ବା ସିଂହର ହାଣ୍ଡୋଳ; ଗର୍ଜ୍ଜନ—
Heṇṭarā(lā) Roar of a tiger or lion.
ଗର୍ଜ୍ଜନ **गर्जन** (ହେଣ୍ଟରିବା—କ୍ରି ଯୁ)

ହେଣ୍ଟର(ରେ)ଇବା—ଦେ. କ୍ରି (ସ. ହେଡ ଧାତୁ)—୧ । କଥାକୁ ଏଣ
Heṇṭarā(re)ibā ଦେବା—1. To disregard a per-
ହେଁଟରାନ, ଏଡ଼ାନ son's word. ୨ । (ଉଦ୍ଧତ୍ୟ ବା ଶିଷ୍ଟ୍ୟ)
बेखातिर करना ଅବଜ୍ଞାସୂଚକ ଉତ୍ତର ଦେବା—2. To give
ଚେତାନ a sneering or insubordinate or
बारबार याद करना jeering reply. ୩ । କୌଣସି ଲୋକକୁ
କୌଣସି କାର୍ଯ୍ୟ କରିବାକୁ ବାରଂବାର ତେଡାଇବା—
3. To urge a person repeatedly to do a
thing by goading him often.

ହେଣ୍ଟା—ଦେ. ବଣ—ଅସାବଧା; ବେଖାତିରିଆ (ଲୋକ)—
Heṇṭā Insubordinate.
ବେଖାତିରେ **बेखातिरिया**

ହେଣ୍ଟା(ଣ୍ଟେ)ଇବା—ଦେ. କ୍ରି—୧ । ଘଷାଇବା; ଚଟୁଅଡ଼ୁ ଯେଇବା—
Heṇṭā(ṇṭe)ibā 1. To push on from behind.
ପିଛୁନେ ଥାକା ୨ ଃ। ସାହାଯ୍ୟ କରିବା—2. To help. ୩ ।
मदद करना ଅଣ୍ଟିବା—3. To suffice. (ଯଥା—ଦ ସେର ମୃଗ
ଯଥେଷ୍ଟ ହଓୟା ଡାଲ ହଲେ ଶହେ ଜଣଙ୍କୁ ହେଣ୍ଟାଇବ ।)
बस होना

ହେଣ୍ଟାର(ଳ)—ଦେ. ବ—ହାଣ୍ଡୋଳ; ବାଘର ବା ସିଂହର ଗର୍ଜ୍ଜନ—
Heṇṭāra(la) Lion's or tiger's roar.
ଗର୍ଜ୍ଜନ **गर्जन**

ହେଣ୍ଟାର(ଳ)ବା—ଦେ. କ୍ରି—ହାଣ୍ଡୋଳବା; (ବାଘ, ସିଂହ) ଗର୍ଜ୍ଜିବା—
Heṇṭāri(li)bā To roar (said of a tiger or
ଗର୍ଜ୍ଜନ କରା **गर्जन करना** lion.)

ହେଣ୍ଟିବା—ଦେ. କ୍ରି (ସ. ହେଡ ଧାତୁ)—ଆଦେଶକୁ ବା କଥାକୁ
Heṇṭibā ଠେଁସି ଦେବା; ଅବଜ୍ଞା କରିବା—To disregard
ଏଡ଼ାନ **बेखातिर करना** an order or request.
(ହେଣ୍ଟି ଦେବା—ଅନ୍ୟରୂପ)

ହେଣ୍ଟେଇବା—ଗ୍ରାମ୍ୟ (ଉତ୍ତର ବାଲେଶ୍ୱର) କ୍ରି—ହାଣ୍ଡିବା; ଗର୍ଜ୍ଜନ
Heṇṭeibā କରିବା— To roar; to howl.
ଦେ. କ୍ରି—ହେଣ୍ଟାଇବା (ଦେଖ)—Heṇṭāibā (See)

ହେ(ହ୍ୟା)ଣ୍ଡ (ଇତ୍ୟାଦି)—ବୈ.ଦେ.ବ (ଇଂ)—ହାଣ୍ଡ ଇତ୍ୟାଦି (ଦେଖ)
He(hyā)ṇḍ (etc) Hāṇḍ etc. (See)

ହେଣ୍ଡା—ଦେ. ବ—୧ । କଷ ବାଦ୍ୟ; ହାବୁଡ଼ା; ବାହୁର ତଳ ଅଂଶକୁ
Heṇḍā ପାର୍ଶ୍ୱରେ ଆଘାତ କରି କରାଯିବା ଶବ୍ଦ (ଆହ୍ଲାଦ
ବଗଲ ବାଜନା ସୂଚକ)—1. Sound made by striking
काँख बजाना the lower side of the arm on the
ନିଷ୍କର୍ମା **बेकार** flank. ୨ । ପୁଂ—ନିଷ୍କର୍ମା ବ୍ୟକ୍ତି—2. Idle
(ହେଣ୍ଡୀ—ସ୍ତ୍ରୀ) person. ୩ । ଖାଇ ପିଇ ଅଚନ୍ତା ହୋଇ ଏଣେ
ତେଣେ ବୁଲୁଥିବା ବ୍ୟକ୍ତି—3. A loafer. ବଣ. ପୁଂ—
ମୂର୍ଖ—Illiterate.

ହେଣ୍ଡା ମାରିବା—ଦେ. କ୍ରି—୧ । କଷ ବାଦ୍ୟ ବଜାଇବା; ବାହୁର
Heṇḍā māribā ତଳରେ ମାର ଶବ୍ଦ କରିବା—1. To
ବଗଲ ବାଜାନ make sounds by striking one's
काँख बजाना arms on the flanks.
୨ । (ଲକ୍ଷଣାର୍ଥ) ଆହ୍ଲାଦ ବା ଆନନ୍ଦ ପ୍ରକାଶ କରିବା—
2. (figurative) To give vent to delight.
ଟୋଟୋକରା ୩ । ନିଷ୍କର୍ମା ଓ ନିଷ୍କର୍ମା ହୋଇ ବୁଲିବା—
बेकार होकर घूमना 3. To loaf about.

ହେଣ୍ଡି—ଦେ. ବ—ହେଣ୍ଡା ୧ (ଦେଖ)
Heṇḍi Heṇḍā 1 (See)
କଙ୍କବାଦ୍ୟ **काँखबाजा**

ହେଣ୍ଡିଆ—ଦେ. ବ. ପୁଂ—୧ । ଯେଉଁ ବ୍ୟକ୍ତି ବାହୁର ତଳକୁ ତଳର
Heṇḍiā ପାର୍ଶ୍ୱରେ ବାଡ଼େଇ ଶବ୍ଦ କରେ—1. A person
ବଗଲ ବାଜାନେ who produces sounds by strik-
काँख बजानेवाला ing the arms on the flanks.
୨ । ପୂର୍ବେ ପ୍ରତ୍ୟୁଷ ସମୟରେ ବ୍ରାହ୍ମଣମାନଙ୍କର ଅଷାଢ଼, କାର୍ତ୍ତିକ, ମାଘ ଓ ବୈଶାଖ ମାସରେ ବ୍ରତକାଳ ବ୍ରାହ୍ମଣମାନଙ୍କର ପ୍ରାତଃସ୍ନାନପାଇଁ ଜଦ୍ରା ଉଙ୍ଗାଇବ ଉଦ୍ଦେଶ୍ୟରେ ଯେଉଁ ଶୂଦ୍ର ସେବକ ବାଣ୍ଡରେ ହେଣ୍ଡି ମାର ବୁଲିବାକୁ ନିଯୁକ୍ତ ହେଉଥିଲେ—
2. A Śūdra village servant who used to get service-tenure from the Raja for awakening Brahmans of a Brahman village of the Puri district early in the morning in the sacred months of Ashārdha, Kārtika, Māgha and Baiśākha (to enable them to have their morning bath) by loudly striking his arms on the flanks. [ଦ୍ର—ବର୍ତ୍ତମାନ ଏହି ପ୍ରଥା ଆଉ ଚଳୁ ନାହିଁ; ତାହେଣ, ଏବେ ଶତ ଶତ ବ୍ରାହ୍ମଣଙ୍କ ବସତି ଶାସନମାନଙ୍କରେ ପ୍ରାତଃସ୍ନାୟୀ ଜଣେ ଦୁଇଜଣ ଦେଖା ଯାଆନ୍ତି । କଳ୍ପ ଏ ପର୍ଯ୍ୟନ୍ତ 'ହେଣ୍ଡିଆ ଜାଗିର' ଓ 'ହେଣ୍ଡିଆ ଶର' ଜମିହୁ ହେଣ୍ଡିଆମାନଙ୍କ ବଂଶଧର ଓ ସେମାନଙ୍କ ଶରଦାରମାନେ ଦଖଲ କରୁ ଅଛନ୍ତି । ବ୍ରାହ୍ମଣମାନେ ଜଦ୍ରାରୁ ଉଠିବା ସମୟରେ ପ୍ରଥମେ ଶୂଦ୍ରଙ୍କ ଘାଟି ଶୁଣିବେ ନାହିଁ, ଏଥିପାଇଁ ଉକ୍ତ ଶୂଦ୍ର ସେବକଙ୍କର ଘାଟ ନ କର ହେଣ୍ଡି ମାରିବାର ବ୍ୟବସ୍ଥା ହୋଇଥିଲା ।]

ହେଣ୍ଡିଆ ଜାଗିର(ହେତା)—ଦେ. ବ—ହେଣ୍ଡିଆମାନଙ୍କ ଭରଣ-
Heṇḍiā jāgiri(hetā) ପୋଷଣାର୍ଥ ରାଜାଙ୍କ ଦ୍ୱାରା ଦତ୍ତ
ଯାଇଥିବା ଜମି—Service lands given to
'Heṇḍiās' by Rājās.

ହେଣ୍ଡି ମାରିବା—ଦେ. କ୍ରି—ହେଣ୍ଡା ମାରିବା (ଦେଖ)
Heṇḍi māribā Heṇḍā māribā (See)

Digitized by srujanika@gmail.com

ହେଣ୍ଡୁଆ—ସାଦେ (ସମ୍ବଲପୁର) ବ—ବାଉଁଶ କଇଁରୁ ବା ଗଜାରୁ ପ୍ରସ୍ତୁତ ଖାଦ୍ୟ ବ୍ୟଞ୍ଜନ ବିଶେଷ—
Henḍuā A curry prepared from the tender shoots of bamboo.

ହେତ୍(ଇତ୍ୟାଦି)—ଦେ. ଅ—ହାତ୍ ଇତ୍ୟାଦି (ଦେଖ)—
Het (etc) Hāt etc. (See)

ହେତ୍—ସାଦେ (ଖଡ଼ିଆଳ) ବ—ସ୍ମରଣ—
Het Recollection; remembrance.

ହେତ୍‌କି—ସାଦେ (ଝଡ଼ିଆଳ) ସର୍ବନାମ—ସେତିକି; ସେହି ପରିମାଣ
Het-ki That much; so much ବିଣ—ସେହି ପରିମିତ —That much of.

ହେତ୍‌କେ—ସାଦେ (ସାନ୍ତଣା) ଅ—ତତ୍ପରେ—
Het-ke Then; after that; thereafter.

ହେତ୍‌ଚେତ୍—ସାଦେ (ଝଡ଼ିଆଳ) ବ—୧ । ବୁଦ୍ଧି; ଜ୍ଞାନ—
Het-chet 1. Knowledge; sense. ୨ । ଚେତନା—2. Consciousness.

ହେତ୍‌ଚେତ୍ ବୁଡ଼ିବା—ସାଦେ. (ଝଡ଼ିଆଳ) ବ—ଚେତନା ନାଶହେବା
Het-chet burḍibā —Losing of conciousness.

ହେତା—ଦେ. ବ—୧ । ପ୍ରଶସ୍ତ ଜମି (ଗୋର୍ଘାନାଥ କବି)—1. An extensive plot of land. ୨ । ଚୋଠିଅଙ୍କୁ ଓ ଗ୍ରାମ ସେବକଙ୍କୁ ଦିଆଯିବା ଜାଗିର୍—2. Service-land given to ploughmen and village (communal) servants. ୩ । ପ୍ରତ୍ୟେକ ଗ୍ରାମର ପ୍ରଧାନଙ୍କୁ ସେ ଗ୍ରାମର ସିଦ୍ଧ ଜମାବନ୍ଦ ୨୦ଏକର ରେ ଏକ ଏକର ହିସାବରେ ଭୋଗ କରିବାକୁ ଦିଆଯିବା ଜାଗିର—3. Jagir at the rate of one acre for every 20 acres of assessed lands, granted to the head man of a village. ସାଦେ (ସମ୍ବଲପୁର) କି—ହୁଅନ୍ତା—Would be. ସାଦେ (ସମ୍ବଲପୁର, ଗଡ଼ଜାତ) ସର୍ବନାମ—ଅମୁକ—Such and such.

ହେତାଇବା—ସାଦେ (ଖଡ଼ିଆଳ) କି—୧ । ହେତୁ କରିବା; ସ୍ମରଣ H tāibā କରିବା—1. To remember; to recollect. [ଦେଖିବା—ପ୍ରଥମଅର୍ଥରେ ଅନ୍ୟରୂପ] ୨ । ଚେତାଇବା—2. To remind.

ହେତାର୍—ସାଦେ (ସମ୍ବଲପୁର) ସର୍ବନାମ (ଷଷ୍ଠୀ ବିଭକ୍ତି)—ଏହାର—
Hetār Of this (person or thing). ସାଦେ (ଖଡ଼ିଆଳ) ସର୍ବନାମ—ତାହାର—His; her.

ହେତି ଦେ. ବ—(ହନ ଧାତୁ=ବଧ କରିବା+କତ୍ତରି ଇ; ନଘାତନ)
Heti ୧ । ଅସ୍ତ୍ର (ଅମର)—1. Weapon. ୨ । (+କତ୍ତରି. ଇ) ସୂର୍ଯ୍ୟ-କିରଣ (ଅମର)—2. Sun's rays. ୩ । ଅଗ୍ନିଶିଖା (ଅମର) 3 Flame of a fire. ୪ । ତେଜୋମାତ୍ର (ଉତ୍କଳ) 4. Any lustre or ray. ୫ । କାର୍ଯ୍ୟସାଧନୋପାୟ; ସାଧନ (ଶ୍ରୀଧର ସ୍ୱାମୀ); ହେତୁ—5. Expediency; means. ୬ । କାରଗର ଅଦଙ୍ଗ ଯନ୍ତ୍ର (ହ. ଶ)—6. Implement; tool; instrument. ୭ । ଅସ୍ତ୍ର ଆଦର ଘୋଟ (ହ. ଶ)—7. Stroke of a weapon. ୮ । ଧନୁର ଟଙ୍କାର (ହ. ଶ)—8, Twang of a bow. ୯ । (ନାମ) ରାକ୍ଷସ ବିଶେଷ—9. Name of a demon. [ଦ୍ର—ଏ ପ୍ରଥମ ରାକ୍ଷସସ୍ରଜ ଥିଲେ ଓ ତେଣୁ ନମାସରେ ସୂର୍ଯ୍ୟଙ୍କ ରଥରେ ରହୁଥିଲେ । ଏ ପ୍ରତେଉଙ୍କ ଖାଇ ଓ ବଦ୍ୟୁତ୍‌କେଶଙ୍କ ଘିଅ ଥିଲେ । (ହ୍ରି. ଶ) [ଜ୍ର—ରାକ୍ଷସ କୁଳରେ ଜାତ, ହେତି ପ୍ରହେତି ବଙ୍ଗ୍ୟାତ । ବିଶ୍ୱନାଥ ବରତ ସ୍ତମାପୃଣି]

ହେତିକି ବେଳେ(ଲେ)—ସାଦେ (ଜଲଙ୍ଗିର ସାନ୍ତଣା)କି.ବିଣ—ସେତିକି ବେଳେ—Then at time.

ହେତି ପାଶ୍—ବୈ.ଦେ.ବ(ଙ୍)—ତିବ୍ବତ ସୀମାରେ ହିମାଳୟର ଗୋଟିଏ ଗିରିସଙ୍କଟ—Name of a pass of the Himalayas in the border of Tibet. [ଦ୍ର—ଏହା ୧୫ ହଜାର ଫୁଟ୍ ଉଚ୍ଚତାରେ ଅବସ୍ଥିତ । ଏହା ବରଫରେ ପୂର୍ଣ୍ଣ । ଏ ସଙ୍କଟର ଅତ୍ତତାରୁ ଯଦ ସ୍ଖଳତ ହେଲେ ତଳକୁ ପଡ଼ ମନୁଷ୍ୟ ବରଫରେ ଗୋଡ଼ି ହୋଇଯଉ ଓ ଏବାଟେ ଚାଲିଲାବେଳେ ଥଣ୍ଡା ଯୋଗୁ ଗୋଡ଼ହାତ ଲୁଟି-ଲୁଟି ହୋଇଯାଏ]

ହେତିବା—ସାଦେ (ଝଡ଼ିଆଳ) କି—ସ୍ମରଣ କରିବା; ଚେତିବା—
Hetibā To remember; to recollect.

ହେତୁ—ସଂ ବ (ହି ଧାତୁ=ଗମନକରିବା+କତ୍ତୁରି ତୁ)—୧ । କାରଣ (ଅମର)—1, Cause; reason. ୨ । ପ୍ରୟୋଜନ—2. Necessity; use. ୩ । ଅଭିପ୍ରାୟ; ଉଦ୍ଦେଶ୍ୟ—3. Aim; object; intention. ୪ । ବୀଜ-4. Seed. ୫ । ମୂଳ—5. Root; prime cause; origin. ୬ । ଯୁକ୍ତି—6. Reasoning. ୭ । କାବ୍ୟାଲଙ୍କାରବିଶେଷ; କାରଣ ସତ୍ତତ କାର୍ଯ୍ୟର ଅଭେଦ କଥନ—7. A rhetorical figure where the cause and effect are spoken as the same. [ଦ୍ର—ଏ ଅଳଙ୍କାରରେ ହେତୁ ଓ ହେତୁମାନ ଅଭେଦ-ରୂପେ କଥିତ ହୁଏ । ଅର୍ଥାତ୍, କାରଣକୁ କାର୍ଯ୍ୟ ବୋଲ ବୋଲାଯାଏ । ଯଥା—ଦୁଇହିଁ ବଳ ଅଟେ—ହ୍ର. ଶ ।] ୮ । (ନ୍ୟାୟଦର୍ଶନ) ପ୍ରମାଣକାରକ ବିଷୟ—8. (logic) Anything which proves a proposition. [ଦ୍ର—ନ୍ୟାୟଦର୍ଶନରେ ତର୍କରେ ୫ଟି ଅବୟବ ମଧ୍ୟରେ ହେତୁ ଦ୍ୱିତୀୟ ଅଟେ । 'ଉଦାହରଣର ସାଧର୍ମ୍ୟ ବା ବୈଧର୍ମ୍ୟରୁ ସାଧ୍ୟର ଧର୍ମର 'ସାଧନ' ହେତୁର ଲକ୍ଷଣ ଅଟେ । 'ଯଦ୍ୟତ ବହ୍ନିମାନ୍ ଅଟେ' ଏହି ପ୍ରତିଜ୍ଞାର ହେତୁ "କାରଣ, ଯତ୍ତତ ଧୂମବାନ୍ ଅଟେ"—ହ୍ର. ଶ ।] ୯ । (ବୌଦ୍ଧ ଦର୍ଶନ) ମୂଳ କାରଣ—9. (Buddhist philosophy) Root cause. [ଦ୍ର—ବୌଦ୍ଧ ଦର୍ଶନ ଅନୁସାରେ ମୂଳ କାରଣକୁ ହେତୁ ଓ ଗୌଣ କାରଣକୁ ପ୍ରତ୍ୟୟ

ବୋଲ୍ଲସାଏ—ହୁ. ଶ ।] ୧° । (ତର୍କବିଜ୍ଞାନ) ଯେଉଁ ବିଷୟର ବଳରେ ଅମ୍ଭେମାନେ କୌଣସି ସିଦ୍ଧାନ୍ତରେ ଉପନୀତ ହେଉଁ—10. [logic] The basis on which we arrive at a conclusion. [ଦ୍ର—ଏହା ତର୍କବିଜ୍ଞାନର ପାରିଭାଷିକ ଶବ୍ଦ । ଯୁକ୍ତିରେ ଦର୍ଶିତ ବିଷୟ ସନ୍ଦିଗ୍ଧ । ଯଥା—ହେତୁ ଓ ସିଦ୍ଧାନ୍ତ । ଯେଉ ବିଷୟରେ ଅମ୍ଭେମାନେ ଉପନୀତ ହେଉଁ ତାହା ସିଦ୍ଧାନ୍ତ ଏବଂ ଯାହା ବଳରେ ଉକ୍ତ ସିଦ୍ଧାନ୍ତ ସୁସ୍ଥିତ ହୁଏ, ତାହା ତତ୍ପ୍ରତି ହେତୁ । ହେତୁ ଓ ସିଦ୍ଧାନ୍ତ ପରସ୍ପର ସଂବଦ୍ଧାନ୍ୱିତ ।

ହେତୁ ଶବ୍ଦ ଦ୍ୱ୍ୟର୍ଥସୂଚକ । ଏକ ଅର୍ଥରେ ହେତୁ ଶବ୍ଦ ଯଥାର୍ଥ ହେତୁବୋଧକ; ଅନ୍ୟ ଅର୍ଥରେ ହେତୁ ଦୁଇପ୍ରକାର । ଯଥା — ଦୁଷ୍ଟ ହେତୁ ଓ ଯଥାର୍ଥ ହେତୁ । ଯେଉଁହେତୁ ସେହି ସିଦ୍ଧାନ୍ତ ପ୍ରତିପାଦନ କରିବା ନିମିତ୍ତ ଯଥେଷ୍ଟ, ସେହି ହେତୁ ସେହି ସିଦ୍ଧାନ୍ତର ଯଥାର୍ଥ ହେତୁ । ଯଦି ହେତୁ ଓ ସିଦ୍ଧାନ୍ତ ଏହାର ଦୁଇ ବିଷୟ ହୁଏ ଯେ, ହେତୁକୁ ସ୍ୱୀକାର କଲେ ସିଦ୍ଧାନ୍ତକୁ ଅସ୍ୱୀକାର କରି ଯାଇ ପାରେ, ତେବେ ଉକ୍ତ ହେତୁ ଦୁଷ୍ଟ ହେତୁ ବା ହେତ୍ୱାଭାସ ନାମ ।

ଯଷ୍ଟ୍ୟର୍ଦ୍ଧିଗାଣୀ ତତ୍ତ୍ୱଜ୍ଞୌରଙ୍ଗ—ବୈଶେଷିକ ଦର୍ଶନ । ଶୃଙ୍ଗବର୍ଶିଷ୍ଟତା ଗୋରୁର ଉପଯୁକ୍ତ ହେତୁ ହୋଇ ନ ପାରେ; କାରଣ, ଗୋରୁର ଶୃଙ୍ଗ ଅଛି, ମଧ୍ୟ ହରିଣ ମହିଷ ପ୍ରଭୃତିଙ୍କର ଶୃଙ୍ଗ ଅଛି । ସୁତରାଂ ଶୃଙ୍ଗ ଥିଲେ ଗୋରୁ ହେବ, ଏପ୍ରକାର ଯୁକ୍ତି ଅସିଦ୍ଧ ।

ହେତୁ(=Reason) ଓ କାରଣ (=Cause) ଏକାର୍ଥସୂଚକ ନୁହେଁ । 'ହେତୁ' ତର୍କାଙ୍ଗଗତ ପ୍ରଶ୍ନ, 'କାରଣ' ବାସ୍ତବ ଜଗତ୍‌ପ୍ରତି ପ୍ରଯୋଜ୍ୟ । କାରଣଶବ୍ଦ ଶକ୍ତି ପରମ୍ପରାକ । ସିଦ୍ଧାନ୍ତ ହେତୁରେ ଥାଏ; କିନ୍ତୁ କାର୍ଯ୍ୟ କାରଣରୁ ସୃଷ୍ଟି ହୁଏ । ହେତୁ-ସିଦ୍ଧାନ୍ତ ଦେଶସମ୍ପର୍କୀୟ; କାରଣ-କାର୍ଯ୍ୟ କାଳସମ୍ପର୍କୀୟ । ଘଟ ରୂପର କାରଣ ଅଟେ, ହେତୁ ନୁହେଁ । ତ୍ରିଭୁଜର ତିନୋଣର ହେତୁ, ତହିଁର କାରଣ ନୁହେଁ ।

ପ୍ରୋଫେସର୍

ଶ୍ରୀ ବସିନବହାରୀ ଘୋଷ ଏମ୍. ଏ.]

ସ୍ମରଣ ଯାଦ ଦେ. ବ—୧। ସ୍ମରଣ—1. Recollection. (ଉ—ଘଡ଼ନ୍ତି ଶୁଣନ୍ତି ଯାହା ବାରେକମାତ୍ରର, ଜଗତ ତାହାକୁ ହେତୁ ନୁହେଁ ତା ଜ୍ଞାନ—ଚନ୍ଦ୍ରାମଣି. ବଙ୍ଗବାଦରତ୍ନ ।] ୨ । ଜ୍ଞାନ—2. Knowledge.

ଜ୍ଞାନ ଜ୍ଞାନ ୩ । ଚୈତନ୍ୟ; ଚେତନା—3. Consciousness; sense. (ଉ—ସ୍ୱପ୍ନ ମନେକଲେ ସମ୍ପୂର୍ଣ୍ଣ ବାହ୍ୟ ହେତୁ, ଅସି ରଖିବେ ଜ ହୃତ୍ପର ଦେହ ହେତୁ—କୃଷ୍ଣଜିତ. ମହାଭାରତ ବନ ।) ୪ । ମନୋଯୋଗ—4. Attention. (ଉ—ବେଦ ପଢ଼ିଲେ ହେତୁ ଦେଇ ବେଦର ବ୍ରହ୍ମ ଭେଦ ଯାଇ—ପ୍ରାଚୀ. ଜଗତ୍ଶାସ୍ତ୍ରାଦ୍ୟୟ ।) ୫ । ବିବେଚନା—

ହେତୁ ହେତୁ 5. Discretion. ଅ—ହେତୁରୁ; କାରଣରୁ—Because of; owing to. (ଉ—ପୁଅଙ୍କର ବୟର ନ କର ବେଦଯଜ୍ଞ, ସେ ହେତୁ ଘଟଇ ଅସି ସମସ୍ତ ବପତ୍—ବଳଭାଥ. ବିରହ ସ୍ତମାପ୍ତି ।]

ହେତୁକ—ସ. ବ—(ହେତୁ+ସ୍ୱାର୍ଥିକ) —କାରଣ; ହେତୁ—Cause.

Hetuka ବଣ—(ହେତୁ+କ)—୧ । ହେତୁ ସମ୍ବନ୍ଧୀୟ—1. (ହେତୁକୀ—ସ୍ତ୍ରୀ) Relating to cause. ୨ । (ଅନ୍ୟ ଶବ୍ଦ ସଙ୍ଗେ ସମାସରେ ଯୁକ୍ତ ହୋଇ, ଯଥା—ରୋଗ ହେତୁକ)—ଅମୁକ କାରଣରୁ ଜାତ ବା ଉଦ୍ଭବ—2. Caused by; arising from.

ହେତୁ କରିବା—ଦେ. କି—୧ । ସ୍ମରଣ କରିବା; ମନେ କରିବା—1.

Hetu karibā To recollect; to refresh one's memory. [ଉ—ସେ ଜଳ କୃଷ୍ଣ ଅନ୍ତେ ବଦ୍ୟ। ଯାଦ୍‌କରନା ଗଲ୍ଲଘର, ଘଡ଼ଲ ଉତ୍ତାରେ ତା ବୃଦ୍ଧି ହେତୁ କର। କୃଷ୍ଣସିଦ୍ଧ ମହାଭାରତ ଆଦ] ୨ । ମନୋଯୋଗ ଦେବା ମନୋଯୋଗଦେଓଯା —2. To attend to. [ଉ—ବସିଲେ ସଦ୍‌ବୃତ୍ତ ଅବୋଧ, ଶୁଣ ବଦୁର ହେତୁ କର । ଜଗନ୍ନାଥ ଭାଗବତ ।]

ହେତୁତା(ତ୍ୱ)—ସ.ବ (ହେତୁ+ତ୍ୱ.ତା,ତ୍ୱ)—ହେତୁର ଧର୍ମ; କାରଣତ୍ୱ

Hetutā(twa) —The state of being the cause.

ହେତୁ ଦୋଷ—ସ. ବ (ଦୁଷ୍)—ହେତ୍ୱାଭାସ (ଦେଖ)—

Hetu dosha Hetwābhāsa (See).

ହେତୁ ପାଇବା—ଦେ. ବ—୧ । ସ୍ମରଣପଥାରୂଢ଼ ହେବା; ମନେପଡ଼ିବା-

Hetu pāibā 1. Recollection; coming or recurring to one's mind. ମନେପଡ଼ା ଯାଦ୍‌ହୋନା (ଯଥା—ମୋର ଏଠାକୁ ଆସିବାକୁ ହେତୁ ପାଇଲା ନାହିଁ ।) ୨ । (୮।୯ ବର୍ଷ ବୟସ୍କ ବାଳକ ବାଳିକାଙ୍କ ଠାରେ) ସୁବୋଧଶକ୍ତିର ବା ବିବେକର ଉଦୟ—2. Dawning of discretion in a boy or girl. (ଯଥା—ମୋ ହେତୁ ପାଇବା ଦିନରୁ ମୁଁ ଦେଖି ଆସୁଛି ଯେ, ଜଣକରେ ମାରବାଡ଼ୀମାନେ ଦୋକାନ କରୁଛନ୍ତି ।) କି (କନ୍ୟା) ପ୍ରଥମ ଋତୁମତୀ ହେବା—ଫଳ ଦେଖା ଋତୁମତୀ ହୋନା To be menstruated. for the first time. (ଯଥା—ତାଙ୍କ କନ୍ୟାଟି ହେତୁ ପାଇଲଣି ।)

ହେତୁବାଦ—ସ. ବ (ଶ୍ରୁତି ଉକ୍ତ)—୧ । ହେତୁ ବା କାରଣ କଥନ; ହେତୁବାଦ କୌଣସି ବିଷୟ ବା ଆଇନ୍ ଲେଖିବା ପୂର୍ବରୁ ହେତୁବାଦୀ—ପୁଂ } ବଣ ହେତୁବାଦିନୀ—ସ୍ତ୍ରୀ } ବଣ ହେଉଁ କାରଣରୁ ବା ଉଦ୍ଦେଶ୍ୟରୁ ତାହା ପ୍ରଣୀତ ହୋଇଅଛି ତହିଁର ବିବରଣ କଥନ—1. Preamble; statement of

reasons. ୨ । ତର୍କବଦ୍ୟା (ଖି. ଶ.)—2. The art of science of Reasoning. ୩ । କୁତର୍କ (ହି. ଶ)—3. Bad argument. ୪ । ନାସ୍ତିକତା (ଖି. ଶ)—4. Atheism.

ହେତୁ ବଦ୍ୟା (ଶାସ୍ତ୍ର)—ସ. ବ—ତର୍କଶାସ୍ତ୍ର (ହି. ଶ)—
Hetu bidyā(śāstra) Logic.

ହେତୁମାନ୍—ସ. ବଣ (ହେତୁମତ୍ ଶବ୍ଦ;ହେତୁ+ଅସ୍ତ ଅର୍ଥେ ମତ୍)—
Hetu mān କାରଣ ଯୁକ୍ତ (ଯାଣିଗ୍ରା ସ୍ତୁ)—Having a (ହେତୁମତ୍ତା—ସ୍ତ୍ରୀ) cause or reason.

ହେତୁରୁ(ରେ)—ଦେ. ଅ—(ସ. ହେତୋଃ, ହେତୁନା)—କାରଣରୁ;
Heturu(re) ଲଗି; ଯୋଗୁଁ; ଯାଇଁ—Owing to; for କାରଣେ the reason of; on account of. [ଉ—ଶବ୍ଦରୁ କାରଣାସେ ତ ଅଛି ହେତୁରେ ଅର୍ଥ୍ଯନ୍ତ, ପଠିଅଇଛ ମୁହଁ ଇତ୍ୟାଦି ଲେଖବାକୁ । କୃଷ୍ଣବିଂହ ମହାପାତ୍ରଙ୍କ ବଳ ।]

ହେତୁ ହୁଡ଼ା(ରା)—ଦେ. ବଣ. ପୁଂ—(ଯେ ହେତୁ ବା ଚୈତନ୍ୟକୁ ହୁଡ଼
Hetu hurḍā(rā) ଥାଏ)—୧ । ଅଜ୍ଞାନ; ବେହୋସ୍—1. [ହେତୁହୁଡ଼ୀ(ସ୍ତ୍ରୀ)—ସ୍ତ୍ରୀ] Unconscious; senseless. ୨ । ବେହୁଁଶ ମତ୍ତ—2. Intoxicated. ୩ । ଭୋଳା—3. ବେହୋସ Forgetful. [ଉ—ହେତୁହୁଡ଼ା ହୋଇଣ ସେ ଶଙ୍କାର ମତ୍ତ मत्त ଭେଳେ—ସାରଳା ମହାଭାରତ ଅଦି]

ହେତୁ ହେତୁମଦ୍ଭାବ—ସଂ. ବ—(ଦ୍ୱନ୍ଦ୍ୱ, ଷଷ୍ଠୀତତ୍)—କାର୍ଯ୍ୟ କାରଣ
Hetu hetumadbhāba ଭାବ; କାରଣ ଓ କାର୍ଯ୍ୟର ପରସ୍ପର ସମ୍ବନ୍ଧ (ଖି. ଶ)—The relationship of the cause and the effect.

ହେତୁ ହେତୁମଦ୍ଭୂତ କାଳ—ସଂ. ବ—(ବ୍ୟାକରଣ)—ଭୂତ ବା ଅଟ୍ଟାତ
Hetu hetumadbhūta kāla କାଳର ଏକ ଭେଦ, ଯହିଁରେ କାରଣରୂପେ ସୂଚିତ ବିଷୟର ଅଭାବ ଯୋଗୁଁ କାର୍ଯ୍ୟର ଅଭାବ ସୂଚିତ ହୁଏ (ହି.ଶ)—A form of the past tense in which the absence of the result is indicated by the absence of the cause. [ଉଦାହ ରଣ—ଯେବେ ତୁମେ ସେଠାକୁ ଯାଇଥାଆନ୍ତ, ତେବେ ତୁନ୍ତ ଧନ ପାଇଥାଆନ୍ତ ।]

ହେତୂପମା—ସଂ. ବ—ଉତ୍ପ୍ରେକ୍ଷା (ଅଳଙ୍କାର ବିଶେଷ) (ହି. ଶ)—
Hetūpamā Name of a rhetorical figure.

ହେତେବେଳେ—ଦେ (ଗଡ଼ଜାତ) ସର୍ବନାମ—(ଇତର ବ୍ୟବହୃତ
Hete bele ଭାଷା)—ସେତେବେଳେ—Then; at that time.

ହେତ୍ୱାଭାସ—ସଂ. ବ—(ହେତୁର ନ୍ୟାୟ ଅଭାସ=ଅନୁରୂପ ଯାହାର)—
Hetwābhāsa (ନ୍ୟାୟଦର୍ଶନ) ଦୁଷ୍ଟତର୍କ; କୁତର୍କ; ତର୍କବାସ୍ ଫାଙ୍କି; ଅସତ୍ ହେତୁ—(Logic) Fallacious reasoning; faliacy. [ଉ—ଏହା ହେତୁପର ଜଣାଯଉଁ, ଅଥଚ ପ୍ରକୃତ ହେତୁ ନୁହେ । ଯଥା—ସେଇଁଠାରେ ନଥାଁ ଥାଏ ସେଠାରୁ ଧୂଆଁ ଉଠେ; ପବନରୁ ଧୂଆଁ ଉଠେ; ଅତଏବ ପବନରେ ନଥାଁ ଅଛି । ଏହା ୫ ପ୍ରକାର—୧ । ସବ୍ୟଭିଚାର ବା ଅନୈକାନ୍ତିକ । ୨ । ବରୁଦ୍ଧ । ୩ । ପ୍ରକରଣ ସମ । ୪ । ସାଧ୍ୟସମ । ୫ । କାଳାତ୍ୟୟାପଦିଷ୍ଟ ।]

ହେଥା—ଦେ. (ପ୍ରାଚୀନ ପ୍ରୟୋଗ) ଅ—(ସଂ. ଅତ୍ର; ପ୍ରା; ଏତ୍ଥ)—
Hethā ହେଥାୟ ହିଁଥା ଏଠାରେ—Here.

ହେଥି—ପ୍ରାଦେ (ଗଡ଼ଖଲ)ଅ—ସେଥି; ସେଥିରେ—
Hethi In that.

ହେଥୁ—ପ୍ରାଦେ (ସମ୍ବଲପୁର) ଅ—ଅତଏବ—
Hethu Therefore.

ହେଦା—ଦେ. ବ—ଦୁଦୁରା (ଦୁତ୍ତୁରସ୍ୟ ଦ୍ରବ୍ୟଗୁଣ)—
Hedā ଧୁତୁରା धतुरा Thorn apple.

ହେଦେ—ପ୍ରାଦେ (ଗଡ଼ଜାତ) ଅ—ଏହି ଦେଖ !—Oh See ! ପ୍ରାଦେ
Hede (ଭଲାହାଣ୍ଡୁ) ସର୍ବନାମ—ଏହି ସ୍ଥାନରେ; ଏଠାରେ—In this place; here.

ହେଦେରେ—ପ୍ରାଦେ (ଗଡ଼ଜାତ) ଅ (ଇତର ବ୍ୟବହୃତ)—ଏହିପରି—
Hedere Like this.

ହେନ୍‌ତା(ତି)—ପ୍ରାଦେ (ଗଡ଼ଖଲ) ଅ—ସେପରି—
Hen-tā (ti) Like that; in that way.

ହେନ—ଦେ. ସର୍ବନାମ—(ପ୍ରାଚୀନ ପଦ୍ୟରେ ବ୍ୟବହୃତ; ତୁଳନାକର
Hena ଅଦୂରକ ବଙ୍ଗଳାରେ ଏହି ଅର୍ଥରେ ବ୍ୟବହୃତ ଏହି ଶବ୍ଦ ।)
ହେନ ୧ । ଏହି—1. This. [ଉ—ହେନ ସମସ୍ତେ ଏକଦନେ, ଯହ ସଦସ୍ୟକୁଳେ ମୁଳଜନେ—ଜଗନ୍ନାଥ ଭାଗବତ] ୨ । ହେନ, ଏମନ ଏହିପରି—2. Like this. [ଉ—ହେନ ଅବବେଳ ଈସତରକ, ପେସା ଯାହିଁ । ସଦନ କରେ । ପ୍ରାଚୀ ଶିଶୁ ଶଙ୍କର· ଭାଷା ଅଭିଳାଷ ।]

ହେନ ତେନ—ପ୍ରାଦେ (ଉତ୍ତର ବାଲେଶ୍ୱର) ଅ—ଇଆଡୁ ସିଆଡୁ;
Hena tena ଏଣୁତେଣୁ—In some way or other; in this way or that

ହେନ ସମୟେ - ଦେ. (ପ୍ରାଚୀନ ପ୍ରୟୋଗ) ଅ—ଏହି ସମୟରେ; ଠିକ୍
Hena samaye <ଭକ୍ତବେଳେ—Just at this time. ହେନ ସମୟରେ [ଉ—ହେନ ସମୟେ ଉତ୍ତର ପାହାଡ଼, କହିଲ କନ୍ୟା-
ଉସୀ समय ପୁରେ ଉତ୍ତରେ । ଶିଶୁଙ୍କର ଭାଷା ଅଭିଳାଷ ।]

ହେନା(ନ୍ନା) ବୈଦେ. ବ (ଅ. ହିନ୍ନା)—୧ । ମଞ୍ଜୁଅଡ; ମେହେନ୍ଦି—
Henā(unnā) 1. Alcanna; Tinctoria; alcanet. [ଉ—ହେନା <ଥିର କାଠ ଓ ତେରଙ୍କ ତେଲରେ ସିଝାଇଲେ ତେଲର ରଙ୍ଗ ମେଁହଦୀ ଗାଢ଼ ନାଲ ହୁଏ । ଏଥିର ପତ୍ରକୁ ବାଟି ମୁସଲମାନ୍‌ମାନେ ନଖ, ଦାଢ଼ି ଅଦରେ ଲଗାଇ ନାଲ କରନ୍ତି ।] ୨। ହୁସନ୍‌ହେନା; ହୋସନାହେନା ସୁଗନ୍ଧ ପୁଷ୍ପ ଓ ଗୁଳ୍ମ ବିଶେଷ—2. A kind of ହୋସ୍‌ନହେନା flowering shrub. [ଉ—ଏହି ଫୁଲ ସେନ୍ଥା ସେନ୍ଥା ଢୋଇ ସଜ୍ୟାରେ ଫୁଟେ ଓ ରାତ୍ରିସାକ ଚାହାର ଚତୁଃପାର୍ଶ୍ୱରେ ଥିବା ସ୍ଥାନସାନଙ୍କୁ ସୁଗନ୍ଧରେ ଆମୋଦିତ କରେ; ଦିନରେ ଫୁଲର ମୁଖ ବନ୍ଦ ହୋଇଯାଏ ଓ ସୁଗନ୍ଧ ରହେ ନାହିଁ । ଗୋଟିଏ ଫୁଲ ଏକାଦିକ୍ରମେ ୨।୩ ଦିନ ଫୁଟିବା ପରେ ଝଡ଼ିପଡ଼େ ।]

Digitized by srujanika@gmail.com

ହେନ—ପ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) (ଓ ଇତର ବ୍ୟବହୃତ) କ୍ରି
Heni (ମୁଁ) ହେଲି (ଦେଶ)—(I) Have been.

ହେନେ—ପ୍ରାଦେ (ସମ୍ବଲପୁର) ଅ—୧ । ତେଣେ; ତହିଁ; ସିଅଡ଼େ—1
Hene There; in that quarter. ୨ । ଏଣେ; ଇଅଡ଼େ—
2. Here; in this quarter. ପ୍ରାଦେ (ସମ୍ବଲପୁର) ଅ
—ହେଲେ; ସତ ହୁଏ—In case.

ହେନ୍ତା—ପ୍ରାଦେ (ସମ୍ବଲପୁର ଓ ଗଡଜାତ) ଅ—ଏପରି; ଏହିପରି—
Hentā In this manner; thus. ସର୍ବନାମ—୧ । ଏହି
—1.This. ୨ । ସେହି—2. That.

ହେନ୍ତାଳ—ଦେ. ବ—ହିନ୍ତାଳ (ଦେଖ)—
Hentāla Hintāla (See)

ହେନ୍ତାହେନ୍ତି—ପ୍ରାଦେ (ବଲ୍ଲଙ୍ଗିର ପାଠଶା) ଅ—ସେହିପରି—
Hentā henti Like that.

ହେପା—ପ୍ରାଦେ (ଗଞ୍ଜାମ) ବି—୧ । ସ୍ମରଣ; ଖିଆଲ୍; ହୋସ୍—1
Hepā Recollection; memory. ୨ । ହୋସ୍; ଚେତନ୍ୟ;
ଜ୍ଞାନ—2. Sense; consciousness. ୩ । ମନୋ-
ଯୋଗ—3. Attention.

ହେପାଜ(ଜି)ତ୍(ଇତ୍ୟାଦି)—ବୈଦେ. ବ—ହିପାଜତ୍ ଇତ୍ୟାଦି (ଦେଖ)
Hepāja(ji)t(etc) Hipājat etc (See)

ହେପ୍ଲାଇବା—ପ୍ରାଦେ (ସମ୍ବଲପୁର) କ୍ରି—ଠେଲିବା—
Heplāibā To push forward.

ହେବ୍‌କା—ପ୍ରାଦେ (ଖଡ଼ିଆଳ) ବ—ଧକ୍କା; ଦାବୁକା—
Heb-kā Push.

ହେବ୍‌ଲି ହେବ୍‌ଲି—ପ୍ରାଦେ. (ଖଡ଼ିଆଳ) ବ ଓ ବଣ—ଅନ୍ୟୋନ୍ୟରେ
Heb-li heb-li ଠେଲାପେଲି—Mutual pushing.

ହେବ୍‌ଲିବା—ପ୍ରାଦେ (ଖଡ଼ିଆଳ) କ୍ରି—ଠେଲିବା; ଘେଲିବା—
Heb-libā To push on.

ହେବ—ଦେ. କ୍ରି—(ସଂ ଭୂ ଧାତୁ; ଭବିଷ୍ୟତ୍ କାଳ —୧ । ହେବା
Heba କ୍ରିୟାର ଭବିଷ୍ୟତ୍ କାଳ ଏକ ପୁରୁଷ ଏକବଚନ (ସେ;
ହବେ ତାହା) କର୍ତ୍ତାସଙ୍ଗେ ବ୍ୟବହୃତ ଆକାର—1. (He; she;
ହୋଗା it) Will be. ୨ । ପ୍ରଥମ (ଏବଂ) ପୁରୁଷ ବହୁବଚନ (ଭୁମେ)
ହବେ ଓ ବହୁବଚନ (ଭୁମେମାନେ) କର୍ତ୍ତା ସଙ୍ଗେ ବ୍ୟବହୃତ
ହୋଗା (ଏକବଚନ) ଆକାର—2. (You or ye) Will be. ଅ—
ହୋଗେ (ବହୁବଚନ) ପ୍ରାୟ—Nearly; about. [ଯଥା—
ସେଠାରେ ଶହେ ହେବ ଲୋକ (ଅର୍ଥାତ୍ ପ୍ରାୟ ଶହେ
ହବେ ପ୍ରାୟ: ଲୋକ)ଜମା ହୋଇଥିଲେ]

ହେବା—ଦେ. କ୍ରି—(ସଂ. ଭୂ ଧାତୁ, ପ୍ରା ହୋ ଧାତୁ; ଏହାର ପ୍ରାମ୍ୟ ଓ
Hebā ଚଳିତ ଭାଷାରେ ବ୍ୟବହୃତ ରୂପ ହବା)—୧ । (କୌଣସି
ହଓୟା କର୍ମ) ସମ୍ପନ୍ନ ହେବା; ନିଷ୍ପନ୍ନ ହେବା—1. (any act)To
ହୋନା be accomplished. (ଯଥା—ବାପାଙ୍କ ଶ୍ରାଦ୍ଧ ହେଲା,
ତାଙ୍କ ବଦାହ ହେଲା) ୨ । ଘଟିବା—2.To happen.
[ଭ—ହୋଇନାହିଁ କ ହେବନାହିଁ; ମାଆଁ ଦେଉଶୁର,
ଗାଆଁ ଭଇବୋଦ୍, ମୁଣ୍ଡରେ ଓଢ଼ଣା ଦେଇନାହିଁ, କ ଦବ
ନାହିଁ—ଛଗ] ୩ । ଫଳିବା ବା ଧାରଣ କରିବା—
ହଓୟା 3.To bear (fruit) (ଯଥା—ଗଛରେ ଫଳ ହେଲାଣି)
ହୋନା ୪ । ପରିବର୍ତ୍ତିତ ହେବା; ଘାଲଟିବା— 4.To become;
to turn to. [ଭ—ଉଲୁ ହୋଇଗଲ ଜଳ—
ସ୍ୱାଭାବିକ. ସହାସାକା] ୫ । ଅଧୀନ ବା ଆୟତ୍ତ ହେବା—
5. To come under one's control. (ଯଥା—
ତାର ବଦ୍ୟା ହେଲ, ମାତ୍ର ଗୁଣ ହେଲ ନାହିଁ) ୬। ପ୍ରାପ୍ୟ
ହେବା; ପାଇବା — 6. To become due.
(ଯଥା—ମୋର ଭୁମ୍ଭ ଉପରେ ଉଜୁରୀ ହେଲଣି)
୭ । (ଦାଲ) ଅଉଟାହୁତ ହେବା; ଗତ ହେବା—
7. To pass (said of time). (ଯଥା—ତାଙ୍କର
ସତର ଆଉରୁ ୪ ଦିନ ହେଲ) । ୮। ପହଞ୍ଚିବା— 8.
To reach; to arrive at. [ଭ—ଏଥି ଅନୁରେସେ
ବଭ୍ରାଙ୍କ ଋଷି, ଫଳମୂଳ ଧରି ଅଶ୍ରମେ ହେଲେ ଅସି—
କୃଷ୍ଣବିଂହ ମହାଭାରତ—ବନ] ୯ । (ବନ୍ୟା) ଜ୍ଞାନ
ପାଇବା; ସାବଯୋଗ୍ୟ ହେବା; ରଜସ୍ୱଳା ହେବା—
9. To attain maturity (said of a girl).
(ଯଥା—ତାଙ୍କ ବନ୍ୟାଭାରଯୋଗି ହୋଇଗଲଣି) ୧୦ ।
ଯୋଗ୍ୟ ହେବା—10. To become fit. (ଯଥା—
ତା ପୁଅ ପଢ଼ିକ ହୋଇ ଗଲେଣି) ୧୧ । ହସ୍ତଗତ
ହେବା—11. To come to the possession of.
(ଯଥା—ତାଙ୍କର ଅଖଣ୍ଡ ଜମିଦାରୀ ହେଲଣି) ୧୨ ।(ଫସଲ)
ଜନ୍ମିବା; ଉତ୍ପନ୍ନ ହେବା—12. To grow. (ଯଥା—
ବର୍ଷ ମୋ ବାଡ଼ିରେ ତୋବ ହେଲ ନାହିଁ) ୧୩ । ସମ-
ବେତ ହେବା—13. To collect together; to
be gathered. (ଯଥା—ଆଜ ସଭାରେ ୫ ଜଣ
ହେଲେଣି) । ୧୪। ଅବସ୍ଥିତ ହେବା; ଉପସ୍ଥିତ ହେବା;
ସ୍ଥିତ ହେବା; ବଦ୍ୟମାନ ହେବା—14. To be. ୧୫ ।
(ଅନ୍ୟ କ୍ରିୟାରୁ ଉତ୍ପନ୍ନ ବିଶେଷଣ ସଙ୍ଗେ ଯୁକ୍ତ ହୋଇ କର୍ମ
ବାଚ୍ୟ ହୁଏ)—15.To be (passive voice)[ଯଥା—
ଖିଆ ହେବା—To be eaten. ମରାହେବା—To
be killed. ଧରା ହେବା—To be caught]
୧୬ । ଭୂ ଧାତୁର ଭବିଷ୍ୟତ୍ କାଳ ୧ମ ପୁରୁଷ ଏକବଚନ
(ଅମ୍ଭେ) ଓ ବହୁବଚନ (ଅମ୍ଭେମାନେ) କର୍ତ୍ତା ସଙ୍ଗେ ଲଗିବା
ଆକାର—16. (I, we) Shall be. [ଦ୍ର—ହେବା
କ୍ରିୟା ଅନ୍ୟ ବିଶେଷଣ ଶବ୍ଦ ସଙ୍ଗେ ଯୋଗ ହେଲେ ଭିନ୍ନ ଅର୍ଥରେ
ବ୍ୟବହୃତ ହୁଏ । ଯଥା—ସମ୍ପନ୍ନ ହେବା; କୃତ୍ତ ହେବା; ବୃଦ୍ଧ
ହେବା; ଅନଭ୍ୟସ୍ତ ହେବା; ମୃତ ହେବା । ଏହା କ୍ରିୟା-
ବାଚକ ବିଶେଷଣ ଆକାର ସଙ୍ଗେ ମଧ୍ୟ ଭିନ୍ନାର୍ଥବାଚ୍ୟ ରୂପେ
ବ୍ୟବହୃତ ହୁଏ । [ଯଥା—ଖିଆ ହେବା, ପଢ଼ାହେବା, ଭୋଳା
ହେବା ଇତ୍ୟାଦି] । ଏହି କ୍ରିୟା ବିଶେଷ୍ୟ ପଦ ସଙ୍ଗେ
ଭବିଷ୍ୟତ୍ ଅର୍ଥରେ ମଧ୍ୟ ବ୍ୟବହୃତ ହୁଏ ।:[ଯଥା—ମୃତ୍ୟୁ
ହେବା; ଧନ ହେବା; ପ୍ରହାର ହେବା ଇତ୍ୟାଦି] ।
ଏହା କର୍ତ୍ତାରୂପେ ବ୍ୟବହୃତ ବିଶେଷ୍ୟ ଓ ସର୍ବନାମ ଯୁକ୍ତ
ହୋଇ ବ୍ୟବହୃତ ହୁଏ । ଯଥା—ମୁଁ ହେଲି; ଘର ହେବ]

Digitized by srujanika@gmail.com

ହେଁଦେ. ବ (ଭବିଷ୍ୟ) (ଅ ହୁଵନ୍) —ହବା ଇତ୍ୟାଦ (ଦେଖ)—Hibā etc (See)

ହେବା—ଦେ. କି (ସଂସ୍କୃତ. ଭୂ ଧାତୁ)—୧ । ଥିବା । ୨ । ରହିବା

Hebā [ଦ୍ର—ଓଡ଼ିଆ ହେବା କ୍ରିୟାର ବହୁତ ଭାଲର ରୂପ ବମ୍ବରେ ପ୍ରଦର୍ଶିତ ହେଲା । ପ୍ରଥମ ପୁରୁଷ ଏକ ବଚନରେ ଅଦର ଅର୍ଥରେ 'ଅମ୍ଭେ ବା ଅମ୍ଭେ' ଓ ବହୁବଚନରେ 'ଅମ୍ଭେ, ଅମ୍ଭେ ବା ଅମ୍ଭେମାନେ', ଦ୍ୱିତୀୟପୁରୁଷ ଏକ-ବଚନରେ ଆଦର ଅର୍ଥରେ 'ତୁମ୍ଭେ ବା ତୁମେ' ଓ ବହୁବଚନରେ 'ତୁମ୍ଭେ','ତୁମେ' ବା ତୁମ୍ଭେମାନେ', ତୃତୀୟ ପୁରୁଷ ଏକବଚନରେ ଆଦର ଅର୍ଥରେ ସେ ଓ ବହୁବଚନରେ ସେମାନେ ଏବ ଦ୍ୱିତୀୟ ପୁରୁଷ ଆଦର ଅର୍ଥରେ ଅଯଣ ଓ ଅଯଣମାନେ'—ଶେଷୋକ୍ତ ଦୁଇର ରୂପ ଏକାପଣ୍ଡ) ।

୧ । (କ) ବଶୁଦ୍ଧ ବର୍ତ୍ତମାନ

ପ୍ରଥମ ପୁରୁଷ (ମୁଁ)—ଦ୍ୱିତୀୟ ପୁରୁଷ (ତୁ)—ତୃତୀୟପୁରୁଷ (ସେ)

ଏକବଚନ—(ମୁଁ) ହେଉଛି; ହେଉଅଛି—(ତୁ) ହେଉଛୁ; ହେଉଅଛୁ—(ସେ) ହେଉଛି; ହେଉଅଛି

ବହୁବଚନ—(ଆମ୍ଭେମାନେ) ହେଉଛୁଁ; ହେଉଅଛୁଁ—(ତୁମ୍ଭେମାନେ) ହେଉଛ; ହେଉଅଛ—(ସେମାନେ) ହେଉଛନ୍ତି; ହେଉଅଛନ୍ତି

୧ । (ଖ) ଜଟ୍ୟ ପ୍ରବୃତ୍ତ ବର୍ତ୍ତମାନ

ଏକବଚନ—(ମୁ) ହୁଏଁ—(ତୁ) ହେଉ—(ସେ) ହୁଏ; ହୁଅଇ

ବହୁବଚନ—(ଅମ୍ଭେମାନେ) ହେଉଁ—(ତୁମ୍ଭେମାନେ) ହୁଅ—(ସେମାନେ) ହୁଅନ୍ତି

୧ । (ଗ) ସମ୍ଭାବ୍ୟ ବର୍ତ୍ତମାନ

ଏକବଚନ—(ମୁଁ) ହୋଇଥାଅନ୍ତି—(ତୁ) ହୋଇଥାଅନ୍ତୁ—(ସେ) ହୋଇ ଥାଅନ୍ତୁ।

ବହୁବଚନ—(ଅମ୍ଭେମାନେ) ହୋଇଥାଅନ୍ତୁ—(ତୁମ୍ଭେମାନେ) ହୋଇ-ଥାଅନ୍ତୁ—(ସେମାନେ) ହୋଇଥାଆନ୍ତୁ

୧ । (ଘ) ଆନୁମାନିକ

ଏକବଚନ—ହୋଇଥିବି—ହୋଇଥିବୁ—ହୋଇଥିବ

ବହୁବଚନ—ହୋଇଥିବୁଁ—ହୋଇଥିବେ—ହୋଇଥିବେ

୧ । (ଙ) ଅନୁଜ୍ଞା ଅଦେଶାର୍ଥକ

ଏକବଚନ—ହୁଏଁ—ହୁଅ, ହୋ—ହେଉ

ବହୁବଚନ—(ମୁ) ହେଉଁ—(ତୁ) ହୁଅ—(ସେ) ହୁଅନ୍ତୁ

୨ । (କ) ବଶୁଦ୍ଧଭୂତ

ଏକବଚନ—(ମୁ) ହେଲି—(ତୁ) ହେଲୁ—(ସେ) ହେଲା

ବହୁବଚନ—ହେଲୁଁ—ହେଲ—ହେଲେ

୨ । (ଖ) ପ୍ରାଗ୍‌ଭୂତ

ଏକବଚନ—ହୋଇଥିଲି—ହୋଇଥିଲୁ—ହୋଇଥିଲା

ବହୁବଚନ—ହୋଇଥିଲୁଁ—ହୋଇଥିଲ—ହୋଇଥିଲେ

(ଗ) ଅନଦ୍ୟତନଭୂତ

ଏକବଚନ—ହୋଇ(ଅ)ଛି—ହୋଇ(ଅ)ଛୁ—ହୋଇ(ଅ)ଛି

ବହୁବଚନ—ହୋଇ(ଅ)ଛୁଁ—ହୋଇ ଅଛ—ହୋଇ ଅଛନ୍ତି

୨ । (ଘ) ଅସମ୍ପୂର୍ଣ୍ଣ ଭୂତ

ଏକବଚନ—ହେଉଥିଲି—ହେଉଥିଲୁ—ହେଉଥିଲା

ବହୁବଚନ—ହେଉଥିଲୁଁ—ହେଉଥିଲ—ହେଉଥିଲେ

୨ । (ଙ) ସମ୍ଭାବ୍ୟ ଭୂତ

ଏକବଚନ—ହୋଇଥାଆନ୍ତି—ହୋଇଥାଆନ୍ତୁ—ହୋଇଥାଆନ୍ତା

ବହୁବଚନ—ହେଉଥାଆନ୍ତୁ—ହୋଇଥାଆନ୍ତୁ—ହୋଇଥାଆନ୍ତେ

୩ । (କ) ଶୁଦ୍ଧ ଭବିଷ୍ୟତ୍

ଏକବଚନ—ହେବି—ହେବୁ—ହେବ

ବହୁବଚନ—ହେବୁଁ—ହେବ—ହେବେ

(ଖ) ପ୍ରାଗ୍ ଭବିଷ୍ୟତ୍

ଏକବଚନ—ହୋଇଥିବି—ହୋଇଥିବୁ—ହୋଇଥିବ

ବହୁବଚନ—ହୋଇଥିବୁଁ—ହୋଇଥିବ—ହୋଇଥିବେ

(ଗ) ସମ୍ଭାବ୍ୟ ଭବିଷ୍ୟତ୍

ଏକବଚନ—ହୁଅନ୍ତି—ହୁଅନ୍ତୁ—ହୁଅନ୍ତୁ।

ବହୁବଚନ—ହୁ ନ୍ତୁ—ହୁଅନ୍ତୁ।—ହୁଅନ୍ତେ

(ଘ) ଅସମ୍ଭଲ ଭବିଷ୍ୟତ୍

ପ୍ରାଗ୍‌ଭବିଷ୍ୟତ୍ ରୂପ ସହ

ଅସମାପିକାକ୍ରିୟା—ହୋଇ; ହୁଅନ୍ତେ; ହେବାରୁ; ହେଲାରୁ

କ୍ରିୟାବାଚକ ବଶେଷ୍ୟ—ହେବା

କ୍ରିୟାବାଚକ ବଶେଷଣ—ହେବା

ଲେଖକ—ପଣ୍ଡିତ ଲୁଲମଣି ବାଶ ବାବ୍ୟଶାର୍ମା ।]

ହେବା କଥା ନୁହେଁ(ନାହିଁ)—ଦେ. ଅବ୍ୟୟ ରୂପେ ବ୍ୟବହୃତ ବାକ୍ୟ—ହବାର କଥା ନୟେ 1. (interjection) (a sentence used in astonishment or wonder) Oh wonder! [ହେବା ଵଥା ନୁହେଁ—ଗ୍ରାମ୍ୟରୂପ] ୨ । (ଖେଦ ବା ବବକ୍ତସୂଚକ) ଏହା ଅତି ଦୁଃଖର ବଷୟ—2. (Interjection) (denoting sorrow or displeasure) This is a matter of great regret. ହୋନେକୀବାତନହୀଁ

ହେବା କରିବା—ଦେ- କି (ଭବିଷ୍ୟ)—ହବା କରବା (ଦେଖ)—Hebā karibā Hibā karibā (See)

ହେବାକୁ—ଦେ. କି—ଘଟିବାକୁ; ବଦ୍ୟମାନ ହେବାକୁ—To be. Hebāku ଅ—୧ । ହେବାପାଇଁ; ହେବା ନମନ୍ତେ; ହେବା ସକାଶେ—1. For being; for the purpose of being. (ଯଥା—ସେ ଓକିଲ ହେବାକୁ ଲଖ ପଢ଼ୁଛନ୍ତି) ୨ । ହେବା ସମୟରେ; ହେବା ବେଳକୁ—2. At the time of. (ଯଥା—ମୁଁ ଘମଙ୍କଠାରୁ ବବାସୀ ହେବାକୁ ଶାସ୍ତ୍ର ହତେ ହତେ ହୋନେକା ବଖତ ଆସି ପହଞ୍ଚି ଗଲେ)

ହେବା ଗେ(ଡ଼, ଡେ, ଢ଼, ଢ଼େ)ବା—ଦେ. ବଶ—୧ । ଅନିୟମିତ, ଏଲାମେଲୋ, ଆଧଘେଁଚା ୨ । ଯତ୍ନହୀନ ଓ ଅସମ୍ପୂର୍ଣ୍ଣ (କାର୍ଯ୍ୟ)—ଅନିୟମିତ Hebā ge (ḍi, ḍe, ḍhi, ḍhe)bā 1. Irregular. 2. Careless and incomplete; slovenly done (work). [ତୁ—ଅସତାର୍ଯ୍ୟଂ ତାବତ୍କର୍ଯ୍ୟଂ ନର

Digitized by srujanika@gmail.com

କାଫିଂ ହେବା ଗେବା—ଡ଼ଗ] ଅ—ଅସମତଳ; ଅରୁଡ଼ା ଆବଡ଼ାଖାବଡ଼ା ଖାବଡ଼ା; ଅସମାନ; ଖାଲଟିଆ—3. Rough; ଆବଡ ଖାବଡ undulating; not level. କି. ବ୍ୟ—୧ । ଯତ୍ନହୀନ ଭାବରେ (କାମ କରିବା)—1. Carelessly. ୨ । ଅସମ୍ପୂର୍ଣ୍ଣ ରୂପେ—2. Incompletely; in a slip shod manner; in a slovenly manner. [ଜ—ତେଲ ଲଗାଇବ ହେବା ଗେବା] ୩ । ଯେନ ତେନ ପ୍ରକାରେଣ—3. Anyhow.

ହେବା ନ ହେବା—ଦେ· କ୍ର—୧ । କାର୍ଯ୍ୟର ସିଦ୍ଧି ବା ଅସିଦ୍ଧି— Hebā na hebā 1. To be or not to be; ହଓୟା ନଁ ହଓୟା ହୋନା ନ ହୋନା success or (ହବା ନ ହବା—ଗ୍ରାମ୍ୟରୂପ) failure. ୨ । ସ୍ୱୀକୃତି ବା ଅସ୍ୱୀକୃତି—2. Consent or refusal.

ହେବାନାମା—ବୈଦେ. ବ (ଫା, କଚରଅ) ହିବାନାମା (ଦେଶ)— Hebānāmā Hibānāmā (See)

ହେବାରୁ(ରେ)—ଦେ. ଅ—ହେବା ଯୋଗୁଁ; ହେବା ହେତୁ; (ଅନ୍ୟକ) Hebāru(re) କାରଣରୁ—Owing to. (ଯଥା— ହଓୟାତେ ହୋନେସେ ଅଳ୍ପ ବର୍ଷା ହେବାରୁ ମୁଁ ଘରୁ ବାହାର ନାହିଁ ।)

ହେବି—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ୍ କାଳ ୧ମ (ଉତ୍ତମ) ପୁରୁଷ, Hebi ଏକବଚନ ଅନାଦରାର୍ଥକ (ମୁଁ) କର୍ତ୍ତା ସଙ୍ଗେ; ହଇବ ହୋଉଁଗା ବ୍ୟବହୃତରୂପ—[I] will be; shall be.

ହେବୁ—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ୍ କାଳ ୨ୟ (ମଧ୍ୟମ) ପୁରୁଷ Hebu ଏକବଚନ ଅନାଦରାର୍ଥକ (ତୁ) କର୍ତ୍ତା ସଙ୍ଗେ ହଇବି ହୋଗା ବ୍ୟବହୃତ ରୂପ—(Thou) shalt be.

ହେବୁଁ—ଦେ. କ୍ରି—ଭୂ ଧାତୁର ଭବିଷ୍ୟତ କାଳ ପ୍ରଥମ (ଉତ୍ତମ) ପୁରୁଷ Hebuñ ସାମାନ୍ୟାର୍ଥକ ୧ ବଚନ (ଆମ୍ଭେ) ଓ ବହୁବଚନ ହଇବ ହୋଇଁ (ଆମ୍ଭେମାନେ) କର୍ତ୍ତା ସଙ୍ଗେ ବ୍ୟବହୃତ ରୂପ—[I or we) Shall be; will be

ହେବୃ(ବ୍ରୁ)—ବୈଦେ. ବ ଓ ବଣ (ଇଂ)—ହିବ୍ରୁ (ଦେଶ)— Hebṛu(bru) Hibṛu· [See]

ହେବେ—ଦେ. କ୍ରି (ଭୂ ଧାତୁ ଭବିଷ୍ୟତ କାଳ)—୧ । ୨ୟ ପୁରୁଷ ଅଳ୍ପ Hebe ସାମାନ୍ୟାର୍ଥକ ୧ ବଚନ (ଅପଣ) ଓ ବହୁବଚନ ହଇବେନ ହୋଇଁ (ଅପଣମାନେ)—1.(You) Shall be. ୨ । ୩ୟ ପୁରୁଷ ସାମାନ୍ୟାର୍ଥକ ୧ ବଚନ (ସେ) ଓ ବହୁବଚନ (ସେମାନେ)—2. (He or they) Shall be. ଅ—ହେବ (ଦେଶ)—Heba [See]

ହେମ—ସଂ ବ (ହି ଧାତୁ=ଗମନ କରିବା+କର୍ତ୍ତା ମନ୍; ହେମନ୍; ୧ମା Hema ୧ବ)—୧ । ସ୍ୱର୍ଣ୍ଣ [ଅମର]—1. Gold. ୨ । ଧୁସ୍ତୁର;ଧାତୁର (ଅମର)—2.The Dhāturā plant. ୩ । କେଶର; ଜାଫ୍ରାନ୍ (ରକ୍ତ ବର୍ଣ୍ଣ)—3. Saffron. ୪ । ହିମ (ଉରଡ); କାକର—4. Dew. ୫ । ହିମ (ଉରଡ); ହେମନ୍ତକାଳ—5. Beginning of winter. ୬ । ମାଷ ଯବମାଣ; ଏକ ପଣା ତୋଳନ (ବୈଦ୍ୟକ)—6. A unit of weight; one tenth of a Tolā. ୭ । କୃଷ୍ଣବର୍ଣ୍ଣାଶ୍ୱ (ଶବ୍ଦ କଳ୍ପଦ୍ରୁ)—7. A black horse. ୮ । ବୁଧଗ୍ରହ (ଶବ୍ଦକଳ୍ପଦ୍ରୁମ)—8.The planet mercury. ୯ । ବରଫ (ହି· ଶ)—9. Snow. ୧୦ । ସ୍ୱର୍ଣ୍ଣଖଣ୍ଡ (ହି· ଶ)—10. A bit or piece of gold. ୧୧। କତିଭଥ; କଇଥ (ହି,ଶ)—11. Wood apple. ୧୨। ନାଗକେଶର (ହି. ଶ)—12. Messua Ferra [tree and flower]. ୧୩। ବାଦାମୀରଙ୍ଗର ଘୋଡ଼ା (ହି· ଶ)—13. A horse of almond colour. ୧୪। ବୁଦ୍ଧଦେବ (ହି. ଶ)—14. The Buddha.

ହେମ ହେମ 1. Nickname of Hemachandra, Hemanta Kumāra etc. ୨ । (ସ୍ତ୍ରୀ) ହେମପ୍ରଭା, ହେମଲତା, ହେମନ୍ତକୁମାରୀ, ହୈମବତୀ ଆଦର ଡାକନାମ—2. Nickname of Hemaprabhā etc. ପ୍ରାଦେ (ଖଡ଼ଆଳ) ବ—ଶୀତ; କାକର—Cold; coolness.

ହେମ କନ୍ଦଳ—ସଂ ବ—ପ୍ରବାଳ; ପୋଡ଼ଳା (ହେମତନ୍ତ୍ର)— Hema kandala Coral.

ହେମ କାକର—ଦେ.ବଣ—ହେମପର ଅର୍ଥାତ୍ ବରଫ ପର ଅତି ଥଣ୍ଡା— Hema kākara ହିମଶୀତଳ ହିମଶୀତଳ Icy; ice-cold. [ଉ—ଦାସେ ! ପାଣିରେ ବୁଡ଼ିଲେ ମାସେ, ପାଣି ହେଲା ହେମକାକର, ଦାସେ ହେଲେ ବୁଡ଼ା ମାଇନ୍ଦ — ଶିଶୁବଚନ ।]

ହେମ କାନ୍ତି—ସଂ ବ—୧ । (୬ଷ୍ଠୀ ତତ୍) ସୁନାର ପ୍ରଭ— Hemakānti 1. Lustre of gold. ୨ । [ବହୁଗ୍ରାହ୍] ଦାରୁହଳଦୀ (ରାଜନିଘଣ୍ଟୁ)—2. Berberis Cristata· ୩ । ଅମ୍ବଜଣିଆ ଅଦା; ଆମ୍ବ ଅଦା [ହି.ଶ]—3.Curcoma Zeodaria, ସଂ ବଣ, ପୁଂ [ବହୁଗ୍ରାହ୍] ସ୍ୱର୍ଣ୍ଣାଭ; ସୁନା ପର କାନ୍ତି ଶିଖୁ— Of golded hue.

ହେମକାର—ସଂ ବ—ସ୍ୱର୍ଣ୍ଣକାର, ସୁନାବନିଆ [ମଧ୍ୟମ୍ବୃଗ] Hemakāra Goldsmith

ହେମ କାର୍କଇ—ଦେ ବ [ବୈଦ୍ୟକ] ଏକପ୍ରକାର ଔଷଧ ଗୁଳ୍ମ— Hema kārkai Name of a medicinal plant. [ଦ୍ର—ଏହାର କେହୁ କେହୁ ଶାଖାଶବ୍ଦେ କହନ୍ତି । ଏ ଗୁଳର ଫଳକୁ ଘିଅରେ ଭଜି ଅଥବା ଭରତାରେ କର ଖାଇଲେ ଅର୍ଶର ଯନ୍ତ୍ରଣା ପ୍ରଶମିତ ହୁଏ । ଏହାର ଅନ୍ୟ ଅନେକ ଗୁଣ ମଧ୍ୟ ଅଛି—ଦ୍ରବ୍ୟଗୁଣଦ୍ରୁମ ।]

ହେମ କିଞ୍ଜଲ୍କ—ସଂ ବ-ନାଗକେଶର [ରାଜନିଘଣ୍ଟୁ ଦେଶ] Hemakiñjalka Nāgakeśara [See]

Digitized by srujanika@gmail.com

ହେମ କୁମ୍ଭ (କଳସ, ଘଟ)—(ସ ଯ ଲେ)—ସ୍ୱର୍ଣ୍ଣନର୍ମିତ ଘଡ଼ା—
Hema kumbha [kalasa, ghaṭa] A golden pitcher.

ହେମ କୂଟ—ସଂ ବି.(ବହୁବ୍ରୀ.ହି; ହେମମୟ ଅଟେ କୂଟ=ଶୃଙ୍ଗ ଯାହାର)—
Hema kūṭa ପୁରାଣୋକ୍ତ ହିମାଳୟର ଉତ୍ତରସ୍ଥ ପର୍ବତ ବିଶେଷ (. ଅମର)—Name of a mythological mountain to the north of the Himalyas. [ଦ୍ର—ପୁରାଣ ମତରେ ଏହା କିମ୍ପୁରୁଷ ଓ ଭାରତବର୍ଷ ମଧ୍ୟସ୍ଥ ସୀମା ପର୍ବତ । ଏହାର ୧୦ ସହସ୍ର ଯୋଜନ ଦୈର୍ଘ୍ୟ, ୨ ସହସ୍ର ଯୋଜନ ପ୍ରସ୍ଥ ଓ ୨ ସହସ୍ର ଯୋଜନ ବସ୍ତାର ଅଟେ ।]

ହେମ କେତକି—ସ. ବ—ସ୍ୱର୍ଣ୍ଣକେତକ; କେତକୀଫୁଲ (ସ୍ୱଳ୍ପବର୍ଦ୍ଧା)—
Hema ketaki The yellow-flowered Pandanus Odoratissimus; Pandanus Asiculatus.

ହେମ କେଦାର—ଦେ. ବ—୧ । ଏକପ୍ରକାର ଗନ୍ଧ—
Hema kedāra 1. Name of a sweet scented root of a plant; a kind of achorus root. ୨ । ହେମସାଗର ୨ (ଦେଖ)—2. Hema sāgara 2 (See)
ହେମକେଦାର ଜବଦ୍ଦର

ହେମ କେଳି—ସ. ବ—ଅଗ୍ନି [ଶବ୍ଦମାଳା]—
Hema keli Fire.

ହେମ କେଶ—ସ. ବ—ଶିବ [ଶବ୍ଦ କଲ୍ପଦ୍ରୁମ]—
Hema kesa Śiba.

ହେମକ୍ଷୀରି—ସ. ବ—ସ୍ୱର୍ଣ୍ଣକ୍ଷୀରି ବୃକ୍ଷ, ଅଗର ଗୁଲ୍ମ—
Hema kshīri Gamboje thistle.

ହେମ ଗନ୍ଧିନୀ—ସ. ବ—ଦୋଣଚା ନାମକ ଗନ୍ଧଦ୍ରବ୍ୟ [ରତ୍ନମାଳା]—
Hema gandhinī A scented herb.

ହେମଗିରି—ସ୦. ବ—[ସ୍ୱର୍ଣ୍ଣମୟ] ସୁମେରୁ ପର୍ବତ—
Hema giri The mythological gold mountain at the north end of the world.

ହେମ ଗୋରୀ—ଦେ.ବ ଓ ବଣ ସ୍ତ୍ରୀ—[ସଂ ହେମଗୌରୀ]—କନକଗୌରୀ; ସୁନାଘର ଶଙ୍ଖରକାନ୍ତ ବର୍ଣ୍ଣବିଶିଷ୍ଟା [ସ୍ତ୍ରୀ]—Fair-skinned woman.
Hema gorī

ହେମ ଗୌର—ସଂ. ବିଣ ପୁଂ—୧ । ସ୍ୱର୍ଣ୍ଣସଦୃଶ ଗୌରବର୍ଣ୍ଣ ଚର୍ମଯୁକ୍ତ—
Hema gaura 1. Fair-skinned like gold. ୨ । କଳିଙ୍ଗଜ ବୃକ୍ଷ [ସ୍ୱଳ୍ପବର୍ଦ୍ଧା]; ବବୁର ଗଛ—
2. Acacia Arabica tree.

ହେମ ଗୌରାଙ୍ଗ—ସଂ ବିଣ ପୁଂ—ସ୍ୱର୍ଣ୍ଣତୁଲ୍ୟ ଗୌରବର୍ଣ୍ଣାଙ୍ଗ ବିଶିଷ୍ଟ
Hemagaurāṅga [ସ୍ୱନଘୁବ୍ରୀ]—Fair-skinned; (ହେମଗୌରାଙ୍ଗୀ—ସ୍ତ୍ରୀ) golden complexioned.

ହେମଘ୍ନ—ସଂ ବ—(ହେମ+ହନ୍ ଧାତୁ+କର୍ତ୍ତୃ. ଅ)—ସୀସାଧାତୁ—
Hemaghna Lead (metal).

ହେମଘା—ସଂ.ବ—(ହେମଘ୍ନ+ଆ)—ହଳଦୀ (ହି.ଶ)
Hemeghnā Turmeric.

ହେମଚନ୍ଦ୍ର—ସ.ବ—୧। (ସ. ଯ ଲେ)—ସ୍ୱର୍ଣ୍ଣନର୍ମିତ ଚନ୍ଦ୍ର; ସୁନାର ଗଢ଼ନ
Hema chandra 1. A gold model of moon. ୨ । ହେମଚନ୍ଦ୍ର ଇକ୍ଷ୍ୱାକୁ ବଂଶୀୟ ରାଜାଙ୍କ ପୁତ୍ର (ହି.ଶ)—2. ହେମଚନ୍ଦ୍ର Name of a king of the Ikshwāku dynasty.

ହେମଚନ୍ଦ୍ର ହେମଚନ୍ଦ୍ର ଦେ. ବ. ପୁଂ—୧ । ପୁରୁଷଙ୍କୁ ରଖାଯିବା ନାମ—
1. A name given to males. ୨ । ଅଭିଧାନ ଚିନ୍ତାମଣି ନାମକ ସଂସ୍କୃତ ଅଭିଧାନ ଗ୍ରନ୍ଥକାର—
2. Name of a Sanskrit lexicographer. [ଦ୍ର —ଏହାଙ୍କୁ ଲୋକେ 'ସ୍ୱର ହେମଚନ୍ଦ୍ର' ବୋଲି ଡାକୁଥିଲେ । ଏ ଗୁଜରାଟର ପ୍ରସିଦ୍ଧ ଜୈନ ପଣ୍ଡିତ ଥିଲେ । ଏହାଙ୍କର ଜନ୍ମ ଖ୍ରୀ ୧୦୯୦ ଓ ମୃତ୍ୟୁ ଖ୍ରୀ. ୧୧୭୪ରେ ହୋଇଥିଲା । ଏ ଜଣେ ବହୁବଜ୍ଞୀ ପଣ୍ଡିତ ଥିଲେ । ଏ ବୈଶ୍ୟ ଜାତୀୟ ଶ୍ୱେତାମ୍ବର ଜୈନ ଥିଲେ । ଏ ସିଦ୍ଧା କୁମାରପାଳଙ୍କ ଆଶ୍ରୟରେ ଥିଲେ । ଏହାଙ୍କ କୃତ ଅଭିଧାନ ଚିନ୍ତାମଣି, ଅନେକାର୍ଥ କୋଷ, ସିଦ୍ଧ ଶବ୍ଦାନୁଶାସନ, ପ୍ରାକୃତ ବ୍ୟାକରଣ, ପ୍ରାକୃତ ଅଭିଧାନ, ଦେଶୀ ଶବ୍ଦସଂଗ୍ରହ ଶଲାକା, ସଂସ୍କୃତ ବ୍ୟାକରଣ, ଦେଶୀ ନାମ ମାଳା, ଉଣାଦି ସୂତ୍ର-ବୃତ୍ତି ପ୍ରଭୃତି ବର୍ତ୍ତମାନ ଆଜ ସୁଦ୍ଧା ଭାରତରେ ପ୍ରାମାଣିକ ଗ୍ରନ୍ଥରୂପେ ଅଦ୍ୟତ ବ୍ୟବହୃତ ହେଉଅଛି ।]

ହେମଚନ୍ଦ୍ର ବନ୍ଦୋପାଧ୍ୟାୟ—ଦେ. ବ (ନାମ)—ବଙ୍ଗର ଜନୈକ ସ୍ୱର୍ଗତ
Hemachandra bandopādhyāya କବି—Name of a late famous poet of Bengal. [ଦ୍ର—ଏହାଙ୍କ ଜନ୍ମ ଖ୍ରୀ ୧୮୩୮ ଓ ମୃତ୍ୟୁ ୧୯୦୩ ସାଲରେ ହୋଇଥିଲା । ଏ ହୁଗୁଳ ଜିଲ୍ଲାର ବନ୍ଦ୍ୟୋପାଧ୍ୟାୟ ବ୍ରାହ୍ମଣ କୁଳରେ ଜନ୍ମଗ୍ରହଣ କରିଥିଲେ । ଏ ବି. ଏ., ବି. ଏଲ୍ ପାଶ୍ କରି କିଛି ଦିନ ମୁନ୍‌ସଫ ହୋଇ ପରେ କଲିକତା ହାଇକୋର୍ଟରେ ଓକାଲତି କଲେ । ବୃଦ୍ଧାବସ୍ଥାରେ ଏ ଚକ୍ଷୁ ହରାଇଥିଲେ । ଏ ମାଇକେଲ୍ ମଧୁସୂଦନଙ୍କ ମେଘନାଦବଧ କାବ୍ୟର ଟୀକା କରିଥିଲେ, ଏବଂ ନିଜେ ଅନେକ ସୁଲଳିତ କବିତା ମଧ୍ୟ ରଚନା କରିଥିଲେ । ଏହାଙ୍କ ରଚିତ ଚିନ୍ତା ତରଙ୍ଗିଣୀ, ବୃତ୍ର ସଂହାର କାବ୍ୟ, ସାରବାଦ୍ଦ ଓ କବିତାବଳି ପ୍ରଭୃତି ବର୍ତ୍ତମାନ ପ୍ରସିଦ୍ଧ । ବଙ୍କିମଚନ୍ଦ୍ର ଏହାଙ୍କୁ ମାଇକେଲ୍ ମଧୁସୂଦନଙ୍କ ସଙ୍ଗେ ସମାନ ବୋଲି ଗଣନା କରିଥିଲେ ।]

ହେମ ଚମ୍ପକ—ଦେ. ବ (ଅଧୁନାକ)—ବିଦେଶୀ ପୁଷ୍ପ ବୃକ୍ଷ ବିଶେଷ—
Hema champaka Magnollia Grandiflora.
ସଂ.ବ—ହଳଦିଆ ଚମ୍ପା ଫୁଲ ଓ ଗଛ—The yellow-flowered Champaka tree and its flower.

ହେମଜ—ସଂ. ବ—ସୁନା ଧାତୁ (ହି. ଶ)—Tin (metal).
Hemaja

ହେମଜାଲ—ଦେ. ବ—ଲତା ବିଶେଷ—A kind of creeper.
Hemajāla

Digitized by srujanika@gmail.com

ହେମଜ୍ୱାଳ – ସଂ.ବ. (ବହୁବ୍ରୀ.ସ;ହେମ+ଜ୍ୱାଳା)—ଅଗ୍ନି (ହେମାଳା)—Hema jwāla Fire.

ହେମ ଝରି—ଦେ. ବ—ସ୍ୱର୍ଣ୍ଣର ଗଡୁ ବା ଢାଳ—Golden pitcher. Hema jhari ହେମଝାରା ସୋନେକୀଝରୀ

ହେମ(ମ୍ମ)ତ୍(ଇତ୍ୟାଦି)—ବୈଦେ. ବ(ଅ)—ହିମ୍ମତ୍ ଇତ୍ୟାଦି (ଦେଶ)-Hema(mma)t(etc) Himmat etc (See).

ହେମତାର—ସଂ. ବ—୧ । ଜଡୁମ୍ବର ବୃକ୍ଷ (ଶବ୍ଦମାଳା)—1. The wild fig tree. ୨ । ତୁତିଆ (ହି. ଶ)—2. Blue vitriol; copper sulphate. Hema tāra

ହେମତି—ବୈଦେ. ବଣ—(ଅ)—ହିମ୍ମତ (ଦେଶ)—Himmati Hemati (ହେମଚ୍ଛଅ—ଦେ.ରୂପ) (See).

ହେମ ତୁର୍କୁଣୀ—ସ୍ତ୍ରୀଦେ (ଗଡ଼ଜାତ) ବ—ବନଲତା ବିଶେଷ—A kind of wild creeper. Hema turkuṇī [ଡ—ଏହା ଭୂମିରେ ମାଡ଼େ; ଯଦ୍ଦ ଦୁଇଫାଳଆ । ଏହା ଗୋରୁ ଗାଈଙ୍କ ପ୍ରତି ଉପକାର୍ଯ୍ୟ ଅଟେ]

ହେମ ତୁଲା—ସଂ. ବ—ସ୍ୱର୍ଣ୍ଣର ତୁଲାଦାନ; ଦାତାଙ୍କ ସମାନ ଓଜନ ସୁନାର ଦାନ (ହି. ଶ)—A present of one's weight of gold to Brāhmaṇas. Hema tulā

ହେମ ଦୁଗ୍ଧକ (ଦୁଗ୍ଧ)—ସଂ. ବ—ଜଡୁମ୍ବର ବୃକ୍ଷ—(ଅମର)—The wild fig tree; Ficus Glomerata. Hema dugdhaka(dugdha) ବଣ—ଶୀତବର୍ଣ୍ଣ କ୍ଷୀରଯୁକ୍ତ—Having golden juice.

ହେମଦୁଗ୍ଧା—ସଂ. ବ—ସ୍ୱ ଗାମ୍ଭ(ଜଙ୍ଗଲିଆ)—Gāmboje thistle (a plant). Hema dugdh

ହେମଦୁଗ୍ଧୀ—ସଂ. ବ—(ହେମ ଦୁଗ୍ଧିନ୍ ଶବ୍ଦ; ୧ମା. ୧ବ)—୧ । ସଜ୍ଞ-ଡୁମ୍ବର ବୃକ୍ଷ (ଶବ୍ଦ ରତ୍ନାବଳୀ)—1. Ficus Glomerata; Ficus Gibbosa. ୨ । ୨ । ସ୍ୱର୍ଣ୍ଣଗୈରୀ—(ବ୍ରଜ ଭର୍ଦ୍ଦଣ୍ଡ)—2. Gamboje thistle (a plant). Hema dugdhī

ହେମ ଧାନ୍ୟକ—ସଂ. ବ—ତିଳ; ଗଧା (ବୈଦ୍ୟକ)—Sesamum Niger (see 1). Hema dhānyaka

ହେମନ୍ତ—ସଂ. ବ—(ହନ୍ ଧାତୁ=ବଧ କରିବା+ମନ୍; କର୍ମ। ହେମନ୍+ତ)—ହିମଋତୁ; ଅଗ୍ରହାୟଣ ଓ ପୌଷମାସାତ୍ମକ ଋତୁ—The 1st two months of winter. [ଡ—ଏହା ବର୍ଷକର ୬ ଋତୁ ମଧ୍ୟରେ ଶରତ୍ ଋତୁର ପରେ ଘଟିବା ଋତୁ ଅଟେ ।] ବୈ.ବ—ହିମାଳୟ ହେମନ୍ତ ୧ । (ସଂ. ହିମବତ୍) ହିମାଳୟ ପର୍ବତ—1. The Himalayas. ୨ । ହେମନ୍ତ କୁମାରର ଡାକ ନାମ—2. Nickname of Hemanta kumāra. ବୈଦେ. ବ (ଅ) ହିମ୍ମତ୍ (ଦେଶ) ହିମ୍ମତ ହିମ୍ମତ Himmat (See)

ହେମନ୍ତ ନାଥ—ସଂ. ବ—ବେଲ (ଶବ୍ଦ ଚନ୍ଦ୍ରିକା)—Wood apple. Hemantanātha

ହେମନ୍ତ ବାଳୀ(କୁମାରୀ,ବାଳା)—ଦେ.ବ—୧ । ପାର୍ବତୀ—1. Pārbatī. Hemanta bālī (kumārī, bālā) [ଉ—ମଧ୍ୟ ପଦ ହିମଗିରିକନ୍ୟା ହେମନ୍ତକନ୍ୟା ଯାହେ ମଞ୍ଜି ହେମନ୍ତ ବାଳୀ । ଶିଶୁ ଶବ୍ଦର ଉଷା ଅଉଲାଷ] ୨ । (ନାମ) ସ୍ତ୍ରୀ ଲୋକଙ୍କ ସଅମ୍ପିକା ନାମ—2. A name given to females.

ହେମ ପର୍ବତ—ସଂ.ବ—୧ । ସୁମେରୁ ଗିରି (କୁବେରାୟୁଧ)—The mythological mountain at the north extremity of the world. Hema parbata ୨ । ଦାନ ନମନ୍ତେ ଉତ୍ସର୍ଗ ସ୍ୱର୍ଣ୍ଣ ଗଦା (ହି. ଶ)—2. A heap of gold given away to Brāhmaṇas [ଡ—ଏହା ମହାଦାନମଧ୍ୟରେ ଏକ ଅଟେ ।

ହେମ ପୁଷ୍ପ—ସଂ ବ—୧ । ଅଶୋକ ପୁଷ୍ପ (ମେଦଗା) 1. Aśoka flower. ୨ । ଜବା ପୁଷ୍ପ; ମନ୍ଦାର ଫୁଲ (ମେଦଗା)—2. The china rose. ୩ । ଚମ୍ପକ ବୃକ୍ଷ (ଶବ୍ଦଚନ୍ଦ୍ରିକା) 3. The Champaka tree. ୪ । ନାଗକେଶର (ହି. ଶ)—4. Mesua Ferra (tree and flower). Hema pushpa

ହେମ ପୁଷ୍ପକ—ସଂ ବ—୧ । ଚମ୍ପକ ବୃକ୍ଷ (ଅମର)—1. The Champaka tree; Michelia Champaka. ୨ । ଲୋଧ୍ର (ବ୍ରଜ ଭର୍ଦ୍ଦଣ୍ଡ) 2. Symplocus Racemosa. Hema pushpaka

ହେମପୁଷ୍ପିକା—ସଂ. ବ—ସ୍ୱର୍ଣ୍ଣଯୂଥିକା (ଅମର)—The yellow-flowered variety of Jasminum Auriculatum. Hema pushpikā

ହେମ ପୁଷ୍ପୀ—ସଂ. ବ—୧ । ମଞ୍ଜିଷ୍ଠା (ଶବ୍ଦମାଳ)—1. Indian madder plant; Rubia Cordifolia. ୨ । ସ୍ୱର୍ଣ୍ଣଜବନ୍ତୀ (ବ୍ରଜ ଭର୍ଦ୍ଦଣ୍ଡ)—2. The yellow variety of Celtis Orientalls. ୩ । ଇନ୍ଦ୍ର ବାରୁଣୀ (ବ୍ରଜ ଭର୍ଦ୍ଦଣ୍ଡ)—3. Colocynth (creeper). ୪ । ସୁନାର ଗଛ; ସ୍ୱର୍ଣ୍ଣଲୀ (ବ୍ରଜ ଭର୍ଦ୍ଦଣ୍ଡ)—4. Cassia Fistula (tree). ୫ । ମୁସଲୀ; ଭାଲ ମୂଳୀ (ବ୍ରଜ ଭର୍ଦ୍ଦଣ୍ଡ)—5. Asparagus Sarmentosus. ୬ । ବଣ୍ଟାକାଶ; ଅଙ୍କବନ୍ତ (ବ୍ରଜ ଭର୍ଦ୍ଦଣ୍ଡ)—6, Solanum Xanthocarpum (plant). Hema pushpī

ହେମ ଫଳା—ସଂ. ବ—ସ୍ୱର୍ଣ୍ଣ କଦଳୀ; ଚମ୍ପା କଦଳୀ (ବ୍ରଜ ଭର୍ଦ୍ଦଣ୍ଡ)—A variety of banana. Hema phalā

ହେମ ବପୁ—ବେ. ବ. ପୁଂ ଓ ସ୍ତ୍ରୀ—(ସଂ ହେମବପୁସ୍)—ହେମଗୌର (ସୁନାବରଣ) ବର୍ଣ୍ଣର, ସୁନ୍ଦର ଶରୀର ବିଶିଷ୍ଟ (ପୁରୁଷ ବା ସ୍ତ୍ରୀ)—Fair-complexioned (person). Hema bapu (ଉ—ପୁରୁଷରେ ବସାଇ କର୍ପୂର, ଚୂନ ସୁନ ଜଳରେ ଲଗାଇବା କେଉଁ ଗୃହସ୍ଥ ହେମବପୁର—ଭଜ. ଦ୍ରୌପଦୀଧାରଣ ।)

Digitized by srujanika@gmail.com

ହେମ ବଲ—ସଂ. ବ—ମୌକ୍ତିକ; ମୁକ୍ତା (ରତ୍ନଜନ୍ୟଗ୍ରନ୍ଥି)—
Hema bala Pearl.

ହେମ ମୟ—ସଂ, ବଣ, ପୁଂ (ହେମ+ମୟ)—୧। ସୁନାରେ ତିଆରି—
Hemamaya 1. Made of gold. ୨। ସୁନାଲି-
(ହେମମୟୀ—ସ୍ତ୍ରୀ) 2. Golden.

ହେମ ମାଲା—ସଂ. ବ—୧। ସୁନାର ହାର—1. Gold necklace.
Hema mālā ୨। (ନାମ) ଯମ ସ୍ତ୍ରୀ—2. Name of the wife of God Jama. ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କୁ ଦିଆଯିବା ନାମ—A name given to females.

ହେମ ମାଳୀ—ଦଂ. ବ (ହେମ+ମାଳ+ଇନ୍; ୯ମା. ୧ବ)—
Hemamāli ୧। ସୂର୍ଯ୍ୟ (ଭବିଷ୍ୟତ୍‌ପୁରାଣ)—
ହେମ ମାଳୀ ହେମ माली 1. The Sun.
୨। (ନାମ) ଖର ରାକ୍ଷସର ସେନାପତି (ହ୍ର. ଶ)—
2. Name of a general of the army of Khara demon. ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକଙ୍କ ନାମ—A name given to females.

ହେମ ଯୂଥିକା—ସଂ. ବ—ସ୍ୱର୍ଣ୍ଣଯୂଥିକା; ସ୍ୱର୍ଣ୍ଣଯୁଇ (ରତ୍ନଜନ୍ୟଗ୍ରନ୍ଥି)—
Hema jūthikā The yellow-flowered variety of Jasminum Auriculatum.

ହେମ ରାଗ—ସଂ. ବ (ଷଷ୍ଠୀ ତତ୍)—ସ୍ୱର୍ଣ୍ଣବର୍ଣ୍ଣ—
Hema rāga Golden colour.

ହେମ ରାଗିଣୀ—ସଂ. ବ (ହେମରାଗ+ଇନ୍+ସ୍ତ୍ରୀ ଈ)—ହରିଦ୍ରା
Hema rāgini (ହିତାଶ୍ରଶେଷ); ଦଲଦା—Turmeric.

ହେମରାଜ—ଦେ. ବ (ସଂ ହେମସାଗର)—ହେମସାଗର ୧ (ଦେଖ)—
Hema rāja 1. Hema sāgara 1 (See)

ହେମ ରେଣୁ—ସଂ ବ—୧। ସୁନାର ଧୂଳି—
Hema reṇu 1. Dust of gold. ୨। ତ୍ରସରେଣୁ (ହ୍ର. ଶ) (ଦେଖ)—2. Trasareṇu (See)
୩। କୁକଲାସ; ଏଣ୍ଡୁଅ (ମେଦଗା)—3. Chameleon.
୪। ତକ୍ଷେଇ ନେଉଳ (ହ୍ର. ଶ.) ଦେଖ—
4. A species of golden house-lizard.

ହେମ ଲତା—ସଂ. ବ—ସ୍ୱର୍ଣ୍ଣଜୀବନ୍ତୀ [ରତ୍ନଜନ୍ୟଗ୍ରନ୍ଥି]—Yellow
Hema latā variety of Jībantī.
ହେମଲତା हेमलता ଦେ. ବ. ସ୍ତ୍ରୀ—ସ୍ତ୍ରୀଲୋକମାନଙ୍କ ନାମ—
A name given to females.

ହେମ ଲମ୍ବ[ଲମ୍ବକ]—ପୁ. ବ—ବାର୍ହସ୍ପତ୍ୟ ୬୦ ସମ୍ବତ୍ସର ମଧ୍ୟରେ
Hema lamba (lambaka) ୩୧ଶ ବର୍ଷର ନାମ [ହ୍ର.ଶ]—
Name of the 31st of the 60 years of the planet Jupiter.

ହେମଶ—ତ୍ରାଦେ. [ଗଙ୍ଗାମ] ବ.—୧। ମନୋଯୋଗ—
Hemaśa 1. Attention. ୨। ସ୍ନେହ—
2. Affection; attachment.

ହେମଶଙ୍ଖ—ପୁ. ବ—(ବହୁବ୍ରୀହି)—ବିଷ୍ଣୁ (ହିତାଶ୍ର ଶେଷ)—
Hema śaṅkha Bishṇu.

ହେମ ଶାକର—ପ୍ରାଦେ. (ଉଡ଼ଜାଉ) ବ—ଔଷଧ ଗୁଳ୍ମ ବିଶେଷ—
Hema śākara Name of a medicinal plant.
[ଦ୍ର—ଏହା ସୋଣସ୍ୱ କୁଳରେ ଓ ଘାଣି କୁଳରେ ଜନ୍ମେ; ଏହାର ପତ୍ରକୁ ତେଲରେ ଭାଜି ବାତ ଧରିଥିବା ଅଙ୍ଗରେ ଉଷୁଳେ ଉପକାର ହୁଏ]

ହେମ ଶିଖା—ସଂ ବ—ସ୍ୱର୍ଣ୍ଣଶିଖି (ଶବ୍ଦରତ୍ନାବଳୀ)—
Hema śikhā Gamboje thistle (plant).

ହେମ ସାଗର—ସଂ. ବ—୧। ଘିଅ କୁଆଁରୀ ପର ପାର୍ବତ୍ୟ ଓ ମାଂସଳ
Hema sāgara ଶାକ ବିଶେଷ—1. Kalanchoe Laciri-
ଫା. କଲଞ୍‌ହୋୟାଟ୍ ata (herb); Kālauchoe Laciniatā
ହେମସାଗର (Kirtikar) [ଦ୍ର—ଏହାର ପତ୍ର ମୋଟ, ମାଂସଳ
हेमसागर ଓ ପଶାକାରରେ କଟାକଟା; ଫୁଲ ଗୋଛ ଓ ଡୁଲଦଅ (ଯୋଗୋଟରନ୍ଦ୍) ଏହା ବଗିଚାର ଓ ଘରଦୁଆରେ ଜନ୍ମେ। ଅଙ୍ଗାବର ପାହାଡ଼ରେ ଏ ଗଛ ମନକୁ ଛୁଇଁ] ୨। ଫୁଟି-
ଫୁଟିଥିବା ଗଛଟର ପାର୍ବତ୍ୟ ଶାକ ବିଶେଷ—2. Bryo phyllum Calycinum. [ଦ୍ର—ଏହା ଦୁଇହାତ ପର୍ଯ୍ୟନ୍ତ ଉଚ୍ଚ ହୋଇ ବଢେ। ଏହାର ପତ୍ର ମୋଟ, ମାଂସଳ, ଲେମ୍ବୁପତ୍ର ଓ ଅମ୍ଳ। ଛାଇ ସ୍ଥାନରେ ଏହାର ପତ୍ରକୁ ରଙ୍ଗିଲେ ପତ୍ର ଦେହରୁ ଲୁଆଁ ବାହାର ଅନେକ ଗଛ ହୁଏ; ଫୁଲ ବଡ଼ ବଡ଼ ଓ ବାଇଗଣୀ ଲାଲ। ଏହା ବର୍ଷାଦିନେ ଫୁଟେ। ଏହି ଗଛ ୨୦୦ ବର୍ଷ ତଳେ ମଲକା ଦ୍ୱୀପପୁଞ୍ଜରୁ ଘୁରଇକୁ ଅଗାଡ ହୋଇଥିଲା]

ହେମ ସାର—ସଂ. ବ—ଭୁଜ୍ଜ; ଭୁଜିଆ (ରସତନ୍ତ୍ରକା)—
Hema sāra Sulphate of copper.

ହେମ ସୁତା—ସଂ. ବ—ପାର୍ବତୀ (ହ୍ର. ଶ)—
Hemasutā Goddes Pārbatī.

ହେମ ସୂତ୍ର (ସୂତ୍ରକ)—ସଂ. ବ—ସ୍ୱର୍ଣ୍ଣସୂତା; ଗୋପ (ଅଳଙ୍କାର ବିଶେଷ)—
Hema sūtra(sūtraka) A gold chain in the shape of a string.

ହେମ ହସ୍ତି ରଥ—ସଂ. ବ—ମହାଦାନ ବିଶେଷ; ଷୋଡ଼ଶ ମହାଦାନାନ୍ତ-
Hema hasti rath ର୍ଗତ ଦାନ ବିଶେଷ—A kind of gift prescribed in the Hindu Śāstras, consisting of a model of a car drawn by elephants, both made of gold.
[ଦ୍ର—ସ୍ୱର୍ଣ୍ଣର ଗୋଟିଏ ଚତୁଷ୍ଚକ ବିଶିଷ୍ଟ ରଥ ମଣିମଣ୍ଡିତ କରି ସେଥିମଧ୍ୟରେ ନାଗସୃଗ ଓ ଲକ୍ଷ୍ମୀମୂର୍ତ୍ତି, କୃଷ୍ଣାଜିନ, ଜଳ, ଅଷ୍ଟାଦଶ ଧାନ୍ୟ, ଗୁଜନ, ଆସନ, ଚନ୍ଦନ, ପାଦ, ଛତ୍ର, ଦର୍ପଣ ଓ ପାଦୁକା ସ୍ଥାପନ କରିଯାଏ।
ଧ୍ୱଜରେ ଗରୁଡ଼ମୂର୍ତ୍ତି ଓ ସାମନାରେ ଗଣେଶଙ୍କ ମୂର୍ତ୍ତି ସ୍ଥାପନ କରିଯାଏ। ରଥରେ ସ୍ୱର୍ଣ୍ଣନିର୍ମିତ ଓ ମୁକ୍ତା-ଦାମବିଭୂଷିତ ୪୫ ଘାଣ୍ଟା ଲଗାଯାଏ ଓ ୮୫ ଗାଈ, ବତାଳ

Digitized by srujanika@gmail.com

ଓ କୌଷେୟ ବସ୍ତ୍ରାଦି ସହିତ ଏହା ବ୍ରାହ୍ମଣଙ୍କୁ ଦାନ କରିଯାଏ । ଏଥିର ଫଳ ଶିବଲୋକ ପ୍ରାପ୍ତି—ମତ୍ସ୍ୟପୁରାଣ ।]

ହେମା Hemā —ନ°. ବ ପୁଂ—(ହି ଧାତୁ=ଉମନ କରିବା+କର୍ତ୍ତୃ ମନ୍; ହେମନ୍ ଶବ୍ଦ ୧ମା ୧ବ)—୧ । ବୃଧଗ୍ରହ (ହିକାଣ୍ଡଶେଷ)—1. The planet mercury. ୨ । (ହେମନ୍+ଆ) (ସ୍ତ୍ରୀ) ସୁନ୍ଦରୀ ସ୍ତ୍ରୀ (ଶବ୍ଦକଳ୍ପଦ୍ରୁମ)—2. A fair woman. ୩ । ଅପ୍ସରୀମାନେ (ଶବ୍ଦକଳ୍ପଦ୍ରୁମ)—3. The heavenly nymphs. ୪ । ଗୌର: ହେମାଙ୍ଗୀନାମ୍ନ—4. A woman of fair complexion. ହେ.ବ.ପୁଂ—୧।ହେମଚନ୍ଦ୍ରାଦ୍ୟ ନାମ ବିଶିଷ୍ଟ ପୁରୁଷଙ୍କ ଡାକନାମ—1. Nickname of Hemachandra etc. ୨ । (ସ୍ତ୍ରୀ) ହେମଚନ୍ଦ୍ରାଦ୍ୟ ନାମବିଶିଷ୍ଟା ସ୍ତ୍ରୀଙ୍କ ଡାକନାମ—2. Nickname of Hemamāli etc.

ହେ ମା—ଦେ. ଅ—୧ । ମାତା ଓ ମାତୃ ସ୍ଥାନୀୟା ସ୍ତ୍ରୀଙ୍କୁ ସମ୍ବୋଧନ—He ma 1. Exclamation uttered in addressing one's mother and elderly ladies. [ଦ୍ର—କନ୍ୟା ଓ କନ୍ୟା ସ୍ଥାନୀୟା ସ୍ତ୍ରୀଙ୍କୁ ପ୍ରଥ ଏହି ସମ୍ବୋଧନ ଓ ମା ! କରିଯାଏ] ୨ । (ବିସ୍ମୟ ବା ଭୟଜନକ ଧ୍ୱନି) ମାଆଲୋ !—ହେ ! ମା । 2. An exclamation of wonder or fear.

ହେମାଙ୍ଗ—ସ. ବ ପୁଂ—(ବହୁବ୍ରୀ ହି; ହେମ=ସୁବର୍ଣ୍ଣବର୍ଣ୍ଣ ଅଙ୍ଗ ଯାହାର) Hemāṅga ୧। ହିରଣ୍ୟଗର୍ଭ; ବ୍ରହ୍ମା (ମେଦନୀ)—1. Brahmā; the Creator. ୨ । ସହସ୍ରନାମୋକ୍ତ ବିଷ୍ଣୁଙ୍କ ନାମ (ମହାଭାରତ)—2. One of the names of Bishnu. ୩ । ଗରୁଡ଼ (ମେଦନୀ)—3. The king of birds. ୪ । ସିଂହ (ମେଦନୀ)—4. Lion. ୫ । ହେମାଦ୍ରି; ସୁମେରୁ ପର୍ବତ (ମେଦନୀ)—5. The Sumeru mountain. ୬ । ଚମ୍ପକ ବୃକ୍ଷ (ଶବ୍ଦରତ୍ନାବଳୀ)—6. The Champaka tree. ୭ । (ନ. ତ. ତତ୍ପୁ) ସୁବର୍ଣ୍ଣନର୍ମିତ ଅଙ୍ଗ ବା ଅବୟବ—7. Golden limbs. ୮ । ସୁନାଥର ଗୋରବର୍ଣ୍ଣ—8. Limbs of golden colour. ବଣ. ପୁଂ—(ବହୁବ୍ରୀ)—ହେମ ଗୌର; ସୁନାଥର ଗୋରା—Fair-skinned; of golden complexion.

(ହେମାଙ୍ଗୀ—ସ୍ତ୍ରୀ. ବଣ)

ହେମାଙ୍ଗଦ—ସ. ବ (ନ. ତ ତତ୍ପୁ) ୧ । ସୁନାର ବାଜୁ—1. Golden Hemāṅgada armlet. ୨ । (ନାମ) ବସୁଦେବଙ୍କ ଏକ ପୁତ୍ର (ହ. ଶ)—2. Name of a son of Basudeba. ୩ । (ନାମ) କଳିଙ୍ଗ ଦେଶର ଜଣେ ରାଜା (ହ. ଶ)—3. Name of a king of Kaliṅga. ସଂ. ବହି. ପୁଂ ସୁନାର ବାଜୁ ପରିଧାନ କାରୀ—Wearing a golden armlet.

(ହେମାଙ୍ଗଦା—ସ୍ତ୍ରୀ. ବଣ)

ହେମାଙ୍ଗୀ—ସଂ. ବଣ ପୁଂ—(ହେମାଙ୍ଗିନ୍ ଶବ୍ଦ, ହେମାଙ୍ଗ+ଇନ୍) — Hemāṅgī ହେମଗୌର (ଦେଖ)—Hemagaura (See)

ସ. ବଣ ସ୍ତ୍ରୀ—ସୁବର୍ଣ୍ଣପରି ଗୌରବର୍ଣ୍ଣ ଅଙ୍ଗ ବିଶିଷ୍ଟା (ସ୍ତ୍ରୀ)—Golden-complexion ed (woman).

ହେମାଚଳ—ସଂ. ବ—ସୁମେରୁ ପର୍ବତ—

Hemāchala The Sumeru mountain.

ହେମାଜୁ(ଜୋ)ରି—ସ୍ଥାନେ [ଯାଜପୁର] ବ—ହୁରଜୁରି [ଦେଶ]—

Hemāju(jo)ri Hurijuri (See)

ହେମାଦ୍ରି—ସ. ବ—୧ । ସୁମେରୁ ପର୍ବତ (ଅମର)—1. The Hemādri mythological mountain at the north end of the worl ; ୨। (କାମ) ଜଣେ କ୍ଷତ୍ରିୟ ରାଜା ଓ ଗ୍ରନ୍ଥକାର—2. Name of a Kshatriya king and author. [ଦ୍ର—ଏ ଚତୁର୍ବର୍ଗ ଚିନ୍ତାମଣି, କାମଧେନୁ ଓ କଲ୍ପଦ୍ରୁମ ନାମକ ସୁବୃହତ୍ତ ରଚନା କରିଥିଲେ । ଏ ଖ୍ରୀଷ୍ଟୀୟ ୧୩ଶ ଶତାବ୍ଦୀରେ ଥିଲେ । ଚତୁର୍ବର୍ଗଚିନ୍ତାମଣି ଗ୍ରନ୍ଥ ଦାନ, ବ୍ରତ, ଶୌଚ, ମୋକ୍ଷତତ୍ତ୍ୱ ଓ ପରିଶିଷ୍ଟ, ଏଥର * ଖଣ୍ଡରେ ରଚିତ । ହ. ଶ] ୩ । ସ୍ୱର୍ଣ୍ଣଝୀରୀ (ଭରେକ୍ଟସ୍ ଦ୍ରବ୍ୟଗୁଣ)—3. Gamboje thistle (a plant).

ହେମାଦ୍ରିକା—ସଂ. ବ—ସ୍ୱର୍ଣ୍ଣଝୀରୀ (ହ. ଶ)

Hemādrikā Gamboje thistle.

ହେମାଦ୍ରି ଜରଣ—ସଂ. ବ—ସ୍ୱର୍ଣ୍ଣଝୀରୀ (ରତ୍ନମାଳା)—

Hemādri jaraṇa Gamboje thistle.

ହେମାନ୍(ମ୍) ଦା(ଦି)ସ୍ତା — ବୈଦେ. ବ — (ଆ)—ହିମାନ୍ ଦସ୍ତା (ଦେଖ)—Himān-dastā (See).

ହେମାଭ—ସଂ. ବଣ. ପୁଂ—(ବହୁବ୍ରୀ; ହେମ+ଆଭା)—ସ୍ୱର୍ଣ୍ଣାଭ; ସ୍ୱର୍ଣ୍ଣବର୍ଣ୍ଣଯୁକ୍ତ—

Hemābha Golden; gold-coloured.

[ହେମାଙ୍ଗ—ସ୍ତ୍ରୀ]

ହେମାମ୍ବା] ରଡ଼ି(ରବ)—ଦେ. ବ [ସଂ ଧ୍ୱନ୍ୟା]—ଗୋରୁକ ବୋବାଳ, ହମ୍ବାଧ୍ୱନି—Lowing or bellowing of kine.

Hemā'mbā) rardi(rāba) ହମ୍ବାରବ ହାମ୍ବାରବ हंभारंभा

[ଉ—ଧାମନ୍ତି ହେମାମ୍ବାରେ ଧେନୁବାର—ଅଭିମନ୍ୟୁ. ବଦଗୁରୁକ୍ରାମଣି ।]

ହେମାଳ୍—ସ୍ଥାନେ [ସମ୍ବଲପୁର, ଗଡ଼ଜାତ] ବିଓ ବଣ-ହେମାଳ [ଦେଶ]

Hemāl Hemāla (See)

ହେମାଳ—ଦେ. ବ—(ସଂ ହିମକାଳ)—୧ । ହିମକାଳ; ହେମନ୍ତଋତୁ; Hemāla ମାର୍ଗଶିର ଓ ପୌଷମାସ)—1. The 1st two ହେମାଳ months of winter. ୨ । (ସଂ. ହୈମଲ) ଅଧିକ ହିମାଳ, ଠାଣ୍ଡା ଥଣ୍ଡା ଋତୁ—2. Cold or chilly weather.

ବଣ—(ସ. ହୈମଲ) ୧ । ଅତି ଶୀତଳ—1. Very (ହେମାଳା—ସ୍ତ୍ରୀ ବଣ) cold;chilly. ୨। (ପୁଂ) ଯାହାର ଦେହ ଅତି ଶୀତଳ ହୋଇଥାଏ—2. Cold-bodied. ୩ । ଅତ୍ୟନ୍ତ ଶୀତସ୍ପର୍ଶ—3. Very cold to the touch.

ସ୍ଥାନେ (ଗଡ଼ଜାତ) ବଣ—ଗୋଠର ସବୁଯାକ ଗାଈ

କୌଣସି ଅଜଣା କାରଣରୁ (ଯଥା—ବାଘ ଦେଖି ବା କୌଣସି ଭୟଙ୍କର ଶବ୍ଦ ଶୁଣି) ଝୁରୁଡ଼, ଲଣ୍ଡଭେଣ୍ଡ, ଦମ୍ଭାବ କର ଏଣେ ତେଣେ ଦଉଡ଼ୁଥିବା—The state of the cattle of a flock shying and running helter skelter owing to some unforeseen cause (e. g. on seeing a tiger or on hearing a terrific roar). ସଂ. ବ—ସାପକ ସ୍ୱରର ଘୁଣ, ସ୍ୱର୍ଗୀ ଭଣେଷ (ହି. ଶ)—Name of secondary air in music.

ହେମାଳୟ—ତ୍ରା ବ—ହିମାଳୟ—The Himalayas.
Hemālaya ହିମାଳୟ हिमालय

ହେମାଳିଆ—ଦେ. ବଣ—୧ । ଅତିଶୀତଳ—1. Very cool; chilly. ୨ । ଅତି ଶୀତଳ—2. Very cold to touch. ୩ । (ପୁଂ) ସାଧାରଣ ଦେହ ଅତି ଶୀତଳ ହେମାଳ ଲୋକ—3. Having a cold body. ବ—୧ । [ହେମାଳେ (ଲୋ)ଇ—ସ୍ତ୍ରୀ ବଣ] ଗୋଳଘୋଟା; ଗୋଳମାଳ—1. Ado; confusion. ୨ । ଅରାଜକତାଜନିତ ଗୋଳମାଳ ହୋହଲ୍ଲା—2. Confusion due to anarchy. ୩ । ସମସ୍ତଙ୍କୁ ନିଜି ଲୁଟଗାଟ କରିବା—3. Promiscuous looting.

ହେମାଳିଆ କରିବା—ଦେ. କି—୧ । ସମସ୍ତଙ୍କୁ ନିଜି ଲୁଟ ଉରଜୁ କରିବା Hemāliā karibā —1. To loot promiscuously ଲୁଟପାଟକରିବା ୨ । ଗୋଳମାଳ କରିବା; ଘୋଟା କରିବା—2. To ହୁଜୁତ କରିବା make an ado.

ହେମାହ୍ୱ—ସଂ. ବ—(ହେମ ଅର୍ଥେ ଅହ୍ୱା=ନାମ ସାଙ୍ଗାର)—ହେମ ନାମରେ କଥିତ—Called by the name of Hema. ବ—୧ । ବନ ଚମ୍ପକ (ରାଜ ନିର୍ଘଣ୍ଟ)—1. Wild Champaka tree. ୨ । ଧୁସ୍ତୁର; ଧାତୁରା (ଶବ୍ଦଚନ୍ଦ୍ରିକା)—2. The Dhāturā plant.

ହେମାହ୍ୱା—ସଂ. ବଣ—(ହେମାହ୍ୱ+ଆ)—ହେମାହ୍ୱର ସ୍ତ୍ରୀଲିଙ୍ଗ—Hemāhwā The feminine of Hemāhwa. ବ—୧ । ସ୍ୱର୍ଣ୍ଣ ଜିବନ୍ତୀ (ରାଜନିର୍ଘଣ୍ଟ)—1. Yellow variety of Jībantī herb. ୨ । ସ୍ୱର୍ଣ୍ଣଝୀଣ୍ଟ; ଅଗର ଗୁଳ୍ମ (ବୈଦ୍ୟକ)—2. Gamboje thistle (a plant).

ହେମି—ତ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର ଓ ଇତର ବ୍ୟବହୃତ) କି—Hemi 'ହେବ' କ୍ରିୟାର ଅପଭ୍ରଂଶ—A slang form of Hebi (I shall be). (ଯଥା—ମୁଁ ତ କେନ୍ତା କଲେ ଉବସିକ୍ଷୁ ପାରନ୍ତେମି)।

ହେମିସ୍ଫିଅର୍—ବୈ.ଦେ. ବ—(ଇଂ)—୧ । ଗୋଲାର୍ଦ୍ଧ—1. Hemi-Hemisphiar sphere. ୨ । ଗୋଲାକାର ପଦାର୍ଥରୁ ଯାହେ— ହେମିସ୍ଫିୟାର 2. Half of a round thing. ୩ । ଭୂଗୋଳର ଅର୍ଦ୍ଧେ—3. Half of the globe.

ହେମ୍ନ—ସଂ. ବ—ମଙ୍ଗଳଗ୍ରହ (ହି. ଶ)—
Hemna The planet Mars.

ହେମ୍ପାଳ—ତ୍ରାଦେ (ସମ୍ବଲପୁର ଓ ବାଲେଶ୍ୱର) ବ—ଭୋଜ; ମହୋତ୍ସବ; ଜନ୍ତ୍ରାଳ
Hempāla —A feast; banquet; big picnic.

ହେମ୍ନା—ସଂ. ବ—ବୁଧଗ୍ରହ (ଜ୍ୟୋତିଷ୍ମତ୍)—
Hemnā The planet Mercury.

ହେୟ—ସଂ. ବଣ—(ହା. ଧାତୁ=ତ୍ୟାଗ କରିବା+କର୍ମ ଯ)—୧ । Heya ତ୍ୟାଜ୍ୟ, ଅଗ୍ରାହ୍ୟ—1. Fit to be abandoned or (ହେୟା—ସ୍ତ୍ରୀ) rejected; avoidable. ୨ । ତୁଚ୍ଛ—2. Despicable. ୩ । ଅତି ସାଟ—3. Very mean. ୪ । ଅତି ମନ୍ଦ—4. Very bad.

ହେୟ କରିବା—ଦେ. କି—୧ । ତୁଚ୍ଛ କରିବା; ଘୃଣା କରିବା—1. Heya karibā To treat with contempt. ୨ । ତ୍ୟାଗ ହେୟକରା କରିବା; ଅଗ୍ରାହ୍ୟ କରିବା; ଗ୍ରହଣ ନ କରିବା—2. To ହେୟ କରନା reject; to abandon.

ହେୟ ଜ୍ଞାନ—ସଂ. ବ—୧ । ତୁଚ୍ଛଜ୍ଞାନ—1. Slight. ୨ । ଘୃଣା— Heya jñāna 2. Contempt; feeling of disgust. ୩ । ବେଖାତିର—3. Disregard.

ହେୟଜ୍ଞାନ କରିବା—ଦେ. କି—୧ । ବେଖାତିର କରିବା—1. To Heyajñāna karibā disregard; to slight. ୨ । ଘୃଣା କରିବା—2. To hate. ୩ । ଘୃଣା ଦୃଷ୍ଟିରେ ଦେଖିବା—3. To look down upon with ହେୟଜ୍ଞାନକରା ହେୟଜ୍ଞାନକରନା contempt.

ହେୟା—ତ୍ରାଦେ (ଗଡ଼ଜାତ) ସର୍ବନାମ—୧ । ଏହା, ଏହୁଆ; ଏହୁତା; Heyā ଏହାର୍ଥେ—1. This. ୨ । ତାହା; ସେହୁଆ; ସେହୁତା; 2. That.

ସଂ. ବଣ. ସ୍ତ୍ରୀ—ହେୟର ସ୍ତ୍ରୀଲିଙ୍ଗ—Feminine of Heya.

ହେୟାର୍—ବୈ.ଦେ. ବ (ଇଂ)—କେଶ; ବାଳ—
Heyār ହେୟାର हेयार Hair.
[ଦ୍ର—ଏହି ଶବ୍ଦ ଅନ୍ୟ ଇଂରାଜି ଶବ୍ଦ ସଙ୍ଗେ ମଧ୍ୟ ଯୁକ୍ତ ହୋଇ ବ୍ୟବହୃତ ହୁଏ। ଯଥା—ହେୟାର ଅଏଲ୍; ହେୟାର-ବ୍ରୁସ୍ ଇତ୍ୟାଦି]

ହେୟାର୍ ଅୟେ(ଏ)ଲ୍—ବୈ.ଦେ. ବ (ଇଂ)—କେଶରେ ଲଗାଇବାପାଇଁ Heyār aye(e)l ବ୍ୟବହୃତ ସୁବାସିତ ତେଲ—Hair oil. ହେୟାରଅୟେଲ ହେୟାରଅୟେଲ

ହେୟାର୍ କଟର୍ (କ୍ଲିପର୍)—ବୈ.ଦେ. ବ (ଇଂ)—(ଘୋଡ଼ା ଆଦିର) Heyar katar(kliper) ବାଳ କାଟୁଥିବା ଯନ୍ତ୍ର—
ହେୟାରକଟର ହେୟାରକଟର Hair clipper; hair cutter.

ହେୟାର୍ କିଲ୍(ଲ)ର୍—ବୈ.ଦେ. ବ (ଇଂ)—କେଶ ବା ଲୋମ ନାଶକ Heyār kila(lā)r ଔଷଧ—Hair killer.
ହେୟାରକିଲାର ହେୟାରକିଲର

Digitized by srujanika@gmail.com

ହେୟାର୍‌ କ୍ଲଥ୍‌—ବୈଦେ. ବ (ଇଂ)—ଘୋଡ଼ା ଅଦଙ୍କ ବାଳରେ ବୁଣା ଲୁଗା—Hair cloth.
Heyar klath
ହେୟାର କ୍ଲଥ ହେୟାର କ୍ଲଥ

ହେୟାର୍‌ ଡାଇ—ବୈଦେ. ବ (ଇଂ)—ଧଳାବାଳକୁ ରଙ୍ଗାଇବା ଦ୍ରବ୍ୟ; ମୁଣ୍ଡର ବଳଧ—Hair die.
Heyār ḍāi
ହେୟାରଡ଼ାଇ ହେୟାରଡାଇ

ହେୟାର୍‌ ପିନ୍‌—ବୈଦେ. ବ (ଇଂ)—ସ୍ତ୍ରୀଲୋକମାନଙ୍କ ଖୋସାରେ ବା ବେଣୀରେ ମରସିବା କଣ୍ଟା—Hair pin.
Hayār pin
ହେୟାରପୀନ ହେୟାରପୀନ

ହେୟାର୍‌ ବ୍ରୁ(ବ୍ର)ଶ୍‌—ବୈଦେ. ବ (ଇଂ)—ମୁଣ୍ଡ କୁଣ୍ଡାଇବାର ବୁରୁଶ—Hair brush.
Heyār bru(bra)s
(ହେୟାର ବୁରୁଶ—ଅନୀରୂଢ)
ହେୟାବ୍ରସ ହେୟାବ୍ରସ

ହେୟାର୍‌ ସାହେବ—ବୈଦେ. ବ (ଇଂ)—ଗ୍ରାରତବାସୀମାନଙ୍କୁ ଇଂରାଜ Heyār sāheb ଶିକ୍ଷା ଦେବାର ପ୍ରଧାନ ଉଦ୍ୟୋଗୀ ଓ କଲିକତା
ହେୟାରସାହେବ ବୃନ୍ଦ ବା ହେୟାର୍‌ ସ୍କୁଲର ସ୍ଥାପୟିତା, 'ଡାଉଜ୍‌ ହେୟାରସାହେବ ହେୟାର୍‌' ନାମକ ଜଣେ ସ୍କଟ୍‌ଲଣ୍ଡବାସୀ ସ୍ୱର୍ଗତ ସାହେବ
—The late David Hare, the founder of the Calcutta Hare school.

[ଦ୍ର—ଏ ଖ୍ରୀ: ୧୭୭୫ ରେ ସ୍କଟ୍‌ଲଣ୍ଡରେ ଜନ୍ମଗ୍ରହଣ କର ୧୮୧୨ରେ କଲିକତାରେ ପ୍ରାଣତ୍ୟାଗ କରିଥିଲେ । ଏ ୧୮୦୦ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ଅସି କଲିକତାରେ ଘଡ଼ି ମରାମତି ବ୍ୟବସାୟ କରୁଥିଲେ । ଏ ୧୮୧୭ ସାଲରେ ରାଜା ରାମମୋହନ ରାୟ, ରାଜା ରାଧାକାନ୍ତ ଦେବ ଓ କଲିକତା ହାଇକୋର୍ଟର ପ୍ରଧାନ ବିଚାରପତି ସର୍‌ ଏଡ୍‌ୱାର୍ଡ୍‌ ହାଏଡ୍‌ ଇଷ୍ଟ୍‌ଙ୍କ ସହାୟତାରେ ଇଂରାଜ ଛାତ୍ରଶିକ୍ଷା ପାଇଁ କଲିକତାରେ ହିନ୍ଦୁସ୍କୁଲ୍‌ ପ୍ରତିଷ୍ଠା କଲେ ଓ ପାଠ୍ୟପୁସ୍ତକ ପ୍ରକାଶାର୍ଥ ସ୍କୁଲ୍‌ବୁକ୍‌ ସୋସାଇଟି ନାମକ ଗୋଷ୍ଠିଏ ସଦ୍ଧ ସ୍ଥାପନ କଲେ । ସେ ଏହି ସ୍କୁଲରେ ଶିକ୍ଷକତା କରୁଥିଲେ ଓ ଛାତ୍ରମାନଙ୍କୁ ପୁଅପରି ସ୍ନେହ ଓ ଅଦର କରୁଥିଲେ । ଏହାପରେ ସେ କଲିକତା ଛୋଟ ଅଦାଲତରେ ଜଜ୍‌ ନାଯୁକ୍ତ ହେଲେ । ସେ ବସୁନ୍ଧରା ତ୍ୟାଗରେ କଲିକତାରେ ପ୍ରାଣତ୍ୟାଗ କଲେ । ତାଙ୍କର ସ୍ମରଣାର୍ଥ ପ୍ରସ୍ତର ମୂର୍ତ୍ତି ପ୍ରେସିଡେନ୍ସି କଲେଜ୍‌ ଓ ହେୟାର୍‌ ସ୍କୁଲର ମଧ୍ୟବର୍ତ୍ତୀ ସ୍ଥାନରେ ସ୍ଥାପିତ ହୋଇଅଛି । ହିନ୍ଦୁ ସ୍କୁଲକୁ ତାଙ୍କର ସ୍ମରଣାର୍ଥ ହେୟାର୍‌ ସ୍କୁଲ୍‌ ନାମ ଦିଆଗଲା; ଓ ଏ ଯେଉଁ ଗଳରେ ବାସ କରୁଥିଲେ ସେ ଗଳର ନାମ ହେୟାର୍‌ ଷ୍ଟ୍ରିଟ୍‌ ଦିଆଗଲା । (ସ୍ତମ୍ଭଚନ୍ଦ୍ର)]

ହେୟାର୍‌ ସ୍କୁଲ୍‌—ବୈଦେ. ବ (ଇଂ)—କଲିକତାର ହେୟାର ସାହେବ ଅଦଙ୍କ ପ୍ରତିଷ୍ଠିତ ଉଚ୍ଚ ଇଂରାଜୀ ବିଦ୍ୟାଳୟ—
ହେୟାରସ୍କୁଲ ହେୟାରସ୍କୁଲ Calcutta Hare school.
(ଦ୍ର—ଏହା ବର୍ତ୍ତମାନ ପ୍ରେସିଡେନ୍ସି କଲେଜ ସଲଗ୍ନ ହୋଇଅଛି)

ହେୟା(ୟାଁ)ଲି—ଦେ. ବ—୧ । ଗୁପ୍ତ ବିଷୟ (ଗୋଶୀନାଥ ନନ୍ଦ)—
Heyā(yāñ)li 1. Secret. ୨ । (ଉଦାହରଣ) ହେୟାଁଲି ସ. ପ୍ରହେଳି) ନାମକ ବିଷୟ; ପ୍ରହେଳିକା —2. Riddle; conondrum. ୩ । ବିଦ୍ରୂପ—3. Ironical riddle.
ହେୟାଁଲି ପହଲିଁ

ହେୟୋଲୋ—ପ୍ରାଦେ. (ଗଡ଼ଜାତ) ଅ—ବୈଠି (ଦେଶ)—
Heyolo Baiṭhi (See)

ହେୟୋ—ବୈଦେ. ଅ (ଇଂ)—ଲୋକକୁ ସାବଧାନ କରାଇବା, ଧମକାଇବା ଓ ଗାଡ଼ି ଚଲାଇବାରେ ବ୍ୟବହୃତ ଧ୍ୱନି—
ହେୟୋ ହେୟୋ (Interjection) Heigh Ho!

ହେର୍‌(ଧାତୁ)—ସ.—ବୃଦ୍ଧି କରାଇବା—
Her (root) To cause increase.

ହେର୍‌କାଣ୍ଡିଆ—ପ୍ରାଦେ. (ଗଡ଼ଜାତ) ବିଣ—୧ । ଗଡ଼ୁଣ ଓ ଉଠାଣିଆ (ସ୍ଥାନ)—1. Undulating. ୨। ଉଡ଼ାଖାଇଆ; ଉଚ୍ଚାବଚ; ଅସମତଳ (ସ୍ଥାନ)—2. Rugged; rough (place). ୩ । ଯେଉଁ ସ୍ଥାନରେ ବଢ଼ିବାର ଉଠିବାର ଓ ଖସିବାର ବହୁତ—3. A locality in which there are many ups and downs.
ହେର୍‌କାଣ୍ଡିଆ ଆବରଖାବର

ହେର୍‌ଢେରିଆ—ପ୍ରାଦେ. (ଗଡ଼ଜାତ) ବ—ଅସ୍ପଷ୍ଟ (ବାକ୍ୟ)—
Her teriā Indistinct (speech).

ହେର୍‌ନା—ପ୍ରାଦେ. (ଗଡ଼ଅଳ) ବ—ହରିଣ—
Her-nā Stag; deer.

ହେର୍‌ଫେର୍‌—ଦେ. ବ—୧। ଯା ଅସ—1. Coming and going. ୨ । ଏଣେ ତେଣେ ବୁଲିବା—2. Roving. ୩ । ଇତସ୍ତତଃ ଯାଆସ କରିବା; ହଇଲ—3. Walking to and fro; sauntering. ୪ । ନେଇଥିବା ଦ୍ରବ୍ୟାଦିକୁ ଫେରାଇ ଦେବା—4. Returning of things taken. ୫ । ଅଦଳ ବଦଳ; ପରିବର୍ତ୍ତନ; ବଦଳ—5. Change; exchange. [ଦ୍ର—ହେର୍‌ଫେର୍‌ରେ ଏକସ୍ଥାନରୁ ଗୋଟିଏ ବସ୍ତୁକୁ ନେଇ ଅନ୍ୟ ସ୍ଥାନରେ ରଖାଯାଏ ଓ ସେଥିପାଇଁ ସ୍ଥାନରେ ଥିବା ବସ୍ତୁକୁ ଅଣି ପ୍ରଥମ ସ୍ଥାନରେ ରଖାଯାଏ । ଯଥା:—ଗାଡ଼ିର ଘୋଡ଼ା ଦୁହିଁକୁ, ଶଗଡ଼ର ବା ହଲର ବଳଦ ଦୁହିଁକୁ ଏହିପରି ହେର୍‌ଫେର୍‌ କରାଯାଏ) ୬ । ମନର ପରିବର୍ତ୍ତନ; ମାନସିକ ଅବସ୍ଥାର ପରିବର୍ତ୍ତନ—6. Change of mental condition. ୭ । ଜିନିଷର ଅଦଳ ବଦଳ—7. Exchange or barter of things. ବିଣ—୧ । ଅଦଳ ବଦଳ କରାଯାଇଥିବା—1. Exchanged. ୨ । ପରିବର୍ତ୍ତିତ—2. Changed. ୩ । ଅଉଟାଣିଆ—3. Coming and going. ୪ । ପରିଭ୍ରମଣ କରୁଥିବା 4. Walking; sauntering.
ହେର୍‌ଫେର୍‌ ହେବା

ହେର୍‌ଫେର୍‌ କରିବା—ଦେ. କି—୧ । ଅଦଳ ବଦଳ କରିବା—
Her-pher karibā 1. To exchange.
ହେରଫେର କରନା ହେରଫେର କରନା ୨ । ପରିବର୍ତ୍ତନ କରିବା; ବଦଳାଇବା—2. To change.

ହେର୍‌ଫେର୍‌ ହେବା—ଦେ. କି—୧ । ଇତସ୍ତତଃ ହଇଲବା—
Her-pher hebā 1. To walk or saunter.

Digitized by srujanika@gmail.com

ହେରଫେର ହଓୟା ହେରଫେର ହୋଇବା, ହେରନା ଫେରନା ୨ । ବ୍ୟାୟାମାର୍ଥ ଦେହ ଘୂଳନା କରିବା— 2. To move one's limbs for exercise.

ହେର(ର)ସା—ଦେ.ବଙ.ଧୁ—(ଯେ ହେଷାରୁ;ଯେ ହ୍ରେଷାରବ କରେ)— (ହେରସୀ—ସ୍ତ୍ରୀ) ୧ । ଯେ ହ୍ରେଷାରବ କରେ; ଦରଦସା— 1. Given to loud laughing. ବେହାୟା ହିଁ ହିଁ କରନେବାଲା ୨ । ଭେରେଣ୍ଡା; ନଲ୍ଲର୍କ—2. Shameless. (ହେର୍‌ସାଘଣ, ହେର୍‌ସାଘଣିଅଁ, ହେର୍‌ସାଗିର—ବ)

ହେର—ସଂ ବ—(ହୃ ଧାତୁ+କର୍ମ ର)—୧ । ଅସ୍ତ୍ରସ୍ତ ମାୟା (ଶବ୍ଦ-କଲ୍ପଦ୍ରୁମ)—1. Demoniac illusion. ୨ । ହଳଦୀ; ଦୁଲଗା (ଶବ୍ଦ କଲ୍ପଦ୍ରୁମ)— 2. Turmeric. ୩ । ମୁକୁଟଭେଦ (ଶବ୍ଦକଲ୍ପଦ୍ରୁମ)— 3. A sort of crown. ଦେ. (ପ୍ରାଚୀନ ପ୍ରୟୋଗ) କ୍ରି (ହେରବା କ୍ରିୟାର ଅନୁଜ୍ଞାରୂପ) (ତୁମ୍ଭେ) ଦେଖ— (Imperative mood) (you) See.

ହେରକ—ଏଂ ବ—ଶିବଙ୍କ ଗଣ ବିଶେଷ (ହ୍ର. ଶ)— Heraka Name of a class of attendants of Śiba.

ହେରଣ(ଣା)—ଦେ. ବ (ପ୍ରାଚୀନ ପ୍ରୟୋଗ, ସଂ. ଦୃଶ୍; ପ୍ରା. ହେର ଧାତୁ)—୧ । ଦର୍ଶନ—1. Sight. ହେରଣ ଦର୍ଶନ, ହେରନା ୨ । ଦେଖିବା— 2. seeing

ହେରମ୍ବ—ସଂ ବ (ଯ ହ=ଶିବ, ରୁଦ୍ର—ଏହି ଶବ୍ଦର ୨ୟ ବଡବଚନ ହେ=ରୁଦ୍ରଙ୍କ ନଜରରେ+ରମ୍ବ୍ ବା ରମ୍ ଧାତୁ=ଶବ୍ଦ କରିବା, ରହିବା+କର୍ତ୍ତୃ ଅ; କମ୍ବା ହେର୍ ଧାତୁ=(ସ୍ନେହ) ବୃଦ୍ଧି କରିବା+ସଂଜ୍ଞାର୍ଥେ ଅମ୍)—୧ । ଗଣେଶ; ବିନାୟକ (ଅମର)— 1. The elephant-headed son of Śiba. [ଦ୍ର—'ଓଁ ଗଂ' ଏହାଙ୍କ ବୀଜମନ୍ତ୍ର ।] ୨ । ମହିଷ; ମଇଁଷି (ମେଦନୀ)—2. Buffalo. ୩ । ବୌଦ୍ଧ ବିଶେଷ (ନିର୍ବାଣଶେଷ)—3. Name of a class of Buddhist saints. [ଦ୍ର—ଅନ୍ୟ ଅର୍ଥରେ ଏ ଶବ୍ଦର ଅନ୍ୟ ପର୍ଯ୍ୟାୟ ହେରୁକ, ଚଣ୍ଡ ସମ୍ବର, ଦେବ, ବଜ୍ରକର୍ତ୍ତା, ଲମ୍ବୋଦର, ଶଶିଶେଖର, ବକ୍ରତୁଣ୍ଡ (ନିର୍ବାଣଶେଷ)]

ହେରମ୍ବ ଜନନୀ—ସଂ ବ ସ୍ତ୍ରୀ (୬ଷ୍ଠୀ ତତ୍)—ଦୁର୍ଗା (ଶବ୍ଦରତ୍ନାବଳୀ)— Heramba janani Goddess Durgā.

ହେରମ୍ବନାଥ—ସଂ ବ—୧ । ଗଣେଶ; ହେରମ୍ବ; ଗଣପତି— Herambanātha 1. God Ganeśa. ୨ । ଶିବଲିଙ୍ଗ ବିଶେଷ—2. Name of an image of Śiba, ଦେ. ବ.ପୁ—ପୁରୁଷଙ୍କ ନାମ—A name given to males.

ହେରମ୍ବ ହଟ୍ଟ—ସଂ ବ (ନାମ)—ଦକ୍ଷିଣରତ୍ନଦେଶସ୍ଥ ଦେଶବିଶେଷ Heramba haṭṭa (ଶବ୍ଦରତ୍ନାବଳୀ)— Name of a country in South India.

ହେରା—ଦେ. ବ (ପ୍ରା. ହେର୍ ଧାତୁ; ସଂ ଦୃଶ୍ ଧାତୁ=ଦେଖିବା)— Herā ୧ । ଦର୍ଶନ; ଦେଖା—1. Seeing; ହେରା ଦର୍ଶନ,(ହି)ହେରନା sight. ୨ । ହେରା ପଞ୍ଚମୀ (ଦେଖ)—2. Herā pañchami (See) ପ୍ରାଦେ (ସମ୍ବଲପୁର; ଗଡ଼ଜାତ) ସଙ୍ଗନାମ—ଏଇଗୁଡ଼ିକ— Thes².

ହେରାଇବା—ଦେ. କ୍ରି (ପ୍ରାଚୀନ ପ୍ରୟୋଗ ଓ ପଦ୍ୟ)—୧ । ହେରିବା କ୍ରିୟାର ଣିଜନ୍ତ ରୂପ—1 The causative form of Heribā. ୨ । ଦେଖାଇବା—2. To show (ଉ—ଜାଣୀବାମ ତୁହ୍ନି କାହିଲା ଘରେ, ଯୌବନ ହେରାଇ ଛାଡନ୍ତୁ ବାସେ—ପ୍ରାଚୀ ରତ୍ନଯ୍ୟମଞ୍ଜୁଷା ।]

ହେରାଗୋହିରି ସାଇ(ହି)—ଦେ. ବ—ପୁରୁଣା ସହରର ଗୋଟିଏ ସାହି ବା ଗଳି—One of the lanes of the Puri town. [ଦ୍ର—ଏମ୍ବରତଃ ଲକ୍ଷ୍ମୀଙ୍କ ପ୍ରତିମାକୁ ହେରା ପଞ୍ଚମୀ ଦିନ ଏହି ଗୋହିରି ବା ଗଳି ବାଟେ ଗୁଣ୍ଡିଚା ମନ୍ଦିରରେ ଅବସ୍ଥିତ ଜଗନ୍ନାଥଙ୍କ ଦେଖିବାକୁ ନିଆ ଯାଇଥିବାରୁ ଏହାପର ନାମ ହୋଇଅଛି ।]

ହେରା ପଞ୍ଚମୀ (ଯାତ୍ରା) —ଦେ. ବ (ହେରିବା=ଗ୍ରହଁବା, ଦେଖିବା)— Herā pañchami (jātrā) ଅଷାଢ଼ ଶୁକ୍ଳ ପଞ୍ଚମୀ ବା ଷଷ୍ଠୀ ଦିନ ପୁରୀ ଜଗନ୍ନାଥଙ୍କ ଯାତ୍ରାବିଶେଷ— One of the festivals of Lord Jagannātha held in Puri on the 5th or the 6th day of the bright lunar fortnight of Ashārḍha. (ଦ୍ର—ଏ ଦିନ ରଥରେ ଗୁଣ୍ଡିଚା ମନ୍ଦିରକୁ ଯାଇଥିବା ଜଗନ୍ନାଥଙ୍କୁ ବଡ଼ଦେଉଳରୁ ଲକ୍ଷ୍ମୀ ହେରିବାକୁ (ଦେଖିବାକୁ) ଯାଆନ୍ତି ବୋଲି ଏହି ନାମ ହୋଇଅଛି । ଜଗନ୍ନାଥ ଭାଇ ବଡ଼ଖୁଣ୍ଟ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଘୋଳ ଉଦ୍ୟାନ ବହାର କରିବାକୁ ଯାଇଥିବାରୁ ଓ ଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ରଥଯାତ୍ରାର ପଞ୍ଚମ ଦିନ ଲକ୍ଷ୍ମୀ ଜଗନ୍ନାଥଙ୍କୁ ଦେଖିବାକୁ ଲୁଚିଛପି ଗୁଣ୍ଡିଚା ଘରକୁ ଯାଆନ୍ତି ଓ ଲକ୍ଷ୍ମୀଙ୍କ ସକାଶେ ଜଗନ୍ନାଥଙ୍କ ଉପରେ ଅଭିମାନ ଓ ରାଗ ଥିବାରୁ ଗୁଣ୍ଡିଚାଘରଯାଏ ରହି ଯାଇଥିବା ଜଗନ୍ନାଥଙ୍କ ନନ୍ଦିଘୋଷ ରଥରୁ ଶବ୍ଦେ ଚାଠ ଗୁର୍ଜି ଦେଇ ଅସନ୍ତି । ଜଗନ୍ନାଥ ଲକ୍ଷ୍ମୀଙ୍କୁ ଚୌଣ୍ଡି ପ୍ରକାରେ ସାନ୍ତ୍ୱନା ସାନ୍ତ୍ୱନା ଓ ବୁଝାବୁଝି କରି ଶୀଘ୍ର ଫେରି ଅସିବେ ବୋଲି କବାବ ଦେଇ ବାହୁଡ଼ାଇ ଅଣନ୍ତି । ଏ ଦିନଟିଠାରେ ମଣ୍ଡପରେ ଜଗନ୍ନାଥ ଓ ମହାଲକ୍ଷ୍ମୀଙ୍କର କଳାପଣା ଦେଖିଲେ ବିଶେଷ ପୁଣ୍ୟଲାଭ ହୁଏ ।)

Digitized by srujanika@gmail.com

ହେରଥା ଖେଳବା—ଦେ. କ୍ରି—(ଜାହାଜଥ ଗତି) —Heriā khelibā ସନ୍ଧୁଖଥାଡୁ ବହୁଥିବା ପବନକୁ ଥଡ଼େଇ ଦେବାଇଁ କୌଶଳ କ୍ରମେ ଝଙ୍କା ହେବା ପାଇଁ ସାହାଯ୍ୟରେ ପବନ ଯେଉଁଥାଡୁ ବହୁଥଇ ସେହି ଥାଡୁକୁ (ଜାହାଜ) ସର୍ପାକାରରେ ଗତି କରିବା—(nautical) (a ship) To take a zigzag course by manoeuvring with the sails against the wind. [ଉ—ଲଙ୍କାଦ୍ୱୀପ ଅଭିମୁଖରେ ଯାଉଥିବା ଶତ ଶତ ଜାହାଜ ସମୁଦ୍ର ମଧ୍ୟରେ ହେରଥା ଖେଳୁଥିଲେ ! ଫକୀରମୋହନ ଗଲ୍ପସ୍ୱଲ୍ପ ।]

ହେରଥା ବସିବା—ଦେ. କ୍ରି (ଜାହାଜଥ ଭାଷା)—(ଜାହାଜ) କୌଣସି Heriā basibā ଦିଗକୁ ବଙ୍କାଚାବେ ଗତି କରିବା—(nautical) (a ship) To move tortuously towards any direction. [ଉ—ଅନ୍ନ କାଳରା ପ୍ରସାଦ ବାଟ ବଦଳ ପୂର୍ବ ହେରଥା ବସିଲା ।]

ହେରଥା ମାରିବା—ଦେ. କ୍ରି—(ଜାହାଜଥ ଭାଷା) ଜାହାଜର ଅଗ ପାଖର Heria māribā ପାଲକୁ ଦଉଡ଼ିଦ୍ୱାରା ଟାଣିକରି ବାନ୍ଧିବା—ହେରିୟାନା (nautical) To tie the front sail of a ship ହେରିୟା ମାରନା tightly with ropes.

ହେରକ—ସଂ. ବ—୧ । ଚର; ଦୂତ [ହେମଚନ୍ଦ୍ର] —1. Messenger. Herika emissary. ୨ । ଭେଦ ବୁଝିବା ପାଇଁ ଜଣକୁ ଚର; ଗୁପ୍ତଚର [ହ୍ରି. ଶ]—2. Spy; informer.

ହେରକା —ଗ୍ରା. ଅ (ଅନ୍ୟ ବିଶେଷ୍ୟ ପରେ ବ୍ୟବହୃତ ହୁଏ)—ପ୍ରଭୃତି; Herikā ଇତ୍ୟାଦି—And others; et cetera. ପ୍ରଭୃତି [—ସେଠାରେ ସୁଗ୍ରୀବ ହନୁମାନ୍ ହେରକାଙ୍କୁ ଦେଖି ଆଦି କହିଲା, 'ମୁଁ ରାବଣର ଭାଇ ବିଭୀଷଣ'—ଫାଲକୃଷ୍ଣ. ସିଲ୍ଲଙ୍କ ରାମାୟଣ ।]

ହେରିଙ୍—ବୈଦେ. ବ (ଇଂ ହେରିଙ୍ଗ୍)—ପୋହଲା ବା ଏଣ୍ଡୁଲା Hering ମାଛ ପର ଏକପ୍ରକାର ସୁଖାଦ୍ୟ କ୍ଷୁଦ୍ର ସାମୁଦ୍ରିକ ହେରିଙ୍ଗ୍ ଜଳୀୟ ପ୍ରାଣୀ—Herring; a kind of sea-ହେରିଙ୍ଗ fish; Clupea Harengus. [ଉ—ଏମାନେ ଲମ୍ବରେ ୧ ଫୁଟ୍ ପର୍ଯ୍ୟନ୍ତ ବଢ଼ନ୍ତି ଓ ସମୁଦ୍ରରେ ଭେଲା ଭେଲା ହୋଇ ବିଚରଣ କରନ୍ତି । ଗୋଟିଏ ଗୋଟିଏ ଝାଙ୍କରେ ଲକ୍ଷ ଲକ୍ଷ ମାଛ ଥାଆନ୍ତି । ଏମାନେ ଇଉରୋପର ଓ ଆମେରିକାର ଆଟ୍‌ଲାଣ୍ଟିକ୍ ମହାସାଗର ଉପକୂଳରେ ଦେଖା ଯାଆନ୍ତି ଓ ଏହାକୁ ମାରି ଲୁଣ ଦେଇ ଶୁଖୁଆ କରି ବୋଇଲରେ ଓ ଟିଣରେ ପୁରି କରି ସାହେବମାନେ ବିଦେଶକୁ ଖାଦ୍ୟ ପାଇଁ ରପ୍ତାନି କରନ୍ତି । ଏମାନଙ୍କର ଦେହରେ ଗୋଟିଏ ମାତ୍ର ସମାନ୍ତରାଳ ଶାଖାଯୁକ୍ତ ସେରୁଦାଢ଼ କଣ୍ଟା ଥାଏ ।]

ହେରିଙ୍ଗୁ—ବୈଦେ (ଇଂ) ପ୍ରାଦେ (ଗଙ୍ଗାମ) ବ—ମକଦ୍ଦମାର ଶୁଣାଣି—Heriṅgu The hearing of a case before a court.

ହେରିବା—ଦେ. କ୍ରି (ପ୍ରାଚୀନ ଓ ପଦ୍ୟରେ ବ୍ୟବହୃତ)—(ସଂ. ଦୃଶ୍ ଧାତୁ; ପ୍ରା. ଦେର୍ ଧାତୁ)—୧ । ଦେଖିବା—1. To see. ହେରା ହେରନା [ଉ—ଠିକର ଚଢ଼ୁଛ ଠାବେ ଠାବେ ନେତ୍ର ହେର ଏ ଚନ୍ଦ୍ରମା ହାତି । ରଘାନାଥ. ପାବଂତୀ ।] ୨ । ଗବେଷିବା—2. To look at. [ଉ—ଜାହାଜର ଅଧ୍ୟକ୍ଷ ପଶ୍ଚାତ୍ପଟ ହେର । କୃଷ୍ଣସିଂହ. ମହାଭାରତ, ଥାଦ ।]

ହେରୁକ—ସଂ. ବ—୧ । ବୁଦ୍ଧଭେଦ (ମେଦଙ୍ଗ); ବୋଧିସତ୍ତ୍ୱ ବିଶେଷ—Heruka 1. Name of the Buddha in one of his previous existence. ୨ । ମହାକାଳ ଶିବଗଣ ବିଶେଷ (ମେଦଙ୍ଗ)—2. A class of Mahākāla Śiba's attendants. ୩ । ଶିବଲିଙ୍ଗ ବିଶେଷ (କାଳକାପୁର୍ଣ୍ଣ)—3. Name of an image of Śiba. ୪ । ଗଣେଶ (କାଳକାପୁରୁଣ)—4. God Gaṇeśa.

ହେରୁଚ୍ଚେ—ସ୍ତ୍ରୀଦେ (ବଲ୍ଲଙ୍କିର ପାଠଣା) କ୍ରି—(ସେ) ଦେଖୁଅଛୁ—Heruchhe. (He) Is seeing.

ହେରେସା—ଦେ. ବିଣ ପୁଂ—ହେର୍‌ସା (ଦେଖ)—Here-sā Her-sā (See). (ହେରେସୀ—ସ୍ତ୍ରୀ)

(ହେରଦାଣ, ହେରେସା ଖଣିଆ, ହେରେସାଗିରି—ବ)

ହେରେସେସଇବା—ଦେ. କ୍ରି—ହେଁ ହେଁ ହୋଇ ବଲ୍‌ଲ୍ଲ ଭାବରେ He·eseibā ହସିବା; ହେଁ ହେଁ ଫେଁ ଫେଁ ହେବା—(ଦେଖାଦେଖି ହେବା—ଅନ୍ୟରୂପ) To laugh loudly in a ହିହିକରେ ହାସା shameless manner. ହେଁହେଁ ଫେଁଫେଁ ହୋନା

ହେର୍ନା(ସ୍ତ୍ରୀ)—ପ୍ରାଦେ (ବଲ୍ଲଙ୍କିର ପାଠଣା) ବ—ହରଣ—Hernā'rṇṇa) Deer.

ହେର୍ଷାମି—ଗ୍ରା. ବ—(ବଙ୍ଗଳାରୁ 'ଘଣ' ସ୍ଥାନରେ 'ମି'ର ବ୍ୟବହାର ଅନୁକୃତ)—ବଲ୍‌ଲ୍ଲ—Shamelessness. ବେହାୟାପନା ନିର୍ଲଜପନ

ହେଲ୍ (ଧାତୁ)—ସଂ.—୧ । ଅବଜ୍ଞା କରିବା—1. To disregard; Hel (root) to slight. ୨। ଦ୍ୱେଷ । ଘୃଣା କରିବା—2. To hate. ୩ । ହେଳ କରିବା—3. To disport.

ହେଲ୍‌ଥ୍ (ଇତ୍ୟାଦି)—ବୈ ଦେ. ବ—ହେଲ୍ଥ ଇତ୍ୟାଦି (ଦେଖ)—Hel·th (etc) Helth etc (See).

ହେଲ୍‌ପେଟେଇବା —ପ୍ରାଦେ (ସିଂହଭୂମି) କ୍ରି—ଠେଲିଦେବା—Hel-peṭeibā To push.

ହେଲ୍‌ହା—ପ୍ରାଦେ (ସମ୍ବଲପୁର) ବ—ହେଳା; ଅସାବଧାନତା—Hel-hā Carelessness; negligence.

ହେଲ—ପ୍ରା. ବ (ସଂ. ହେଳା)—ହେଳା (ଦେଖ)—Helā (See) Hela [ଉ—ବ୍ରାହ୍ମଣ ବୋଇଲେ ମୋ ଭାଗ୍ୟର ବଳରେ, ଭୂମିର ହେଲ ଅଙ୍ଗ ଥରି ହେଲ ମୋ ହେଲରେ । କୃଷ୍ଣସିଂହ ମହାଭାରତ ବନ ।]

Digitized by srujanika@gmail.com

ହେଲ୍—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନ ସମୀପ ଭୂତକାଳ Hela ପ୍ରଥମ ପୁରୁଷ ୧ବଚନ ଅଜଗର୍ଥକ (ତୁମ୍ଭେ) ଓ ବହୁବଚନ ହଇଲେ (ତୁମ୍ଭେମାନେ) କର୍ତ୍ତାସଙ୍ଗେ ବ୍ୟବହୃତ—(you) Have been. ହୁଏ

ହେଲଇଁ—ଗ୍ରା. କ୍ରି—(ମୁଁ) ହେଲ— Helaiñ (I) Have been.

ହେଲଉଁ—ପ୍ରାଦେ (କୃତ) କି—୧। ହେବା ଯୋଗୁଁ; ହେବାହେତୁ— Helauñ 1. Because of; having been. (ଯଥା – ମୁଁ ସିନା ହଓୟାତେ ଶାନ୍ତ ହେଲଉଁ ତୁ ମୋ ସାଙ୍ଗେ କଳ କରୁକୁ) ୨। ହେବା ହୋନେସେ ପରେ—2. After having been. (ଯଥା—ମୁଁ ସ୍ନୁ ହେଲଉଁ ତୁ ପିବୁ)

ହେଲଉଁ ହେଲା—ଦେ. ବ—(ସଂ ହେଲା)—୧ । ଢିଲମ୍ଢିଲ୍ଲ; Helauñ helā କାର୍ଯ୍ୟରେ ଖଇଗୁ କରିବା—1. Slackness ହେଲମ ଢିଲ୍ଲ୍ } ଅନ୍ୟରୂପ in work ୨ । ଅତ୍ୟନ୍ତ ହେଲ୍ଲଢିଲ୍ଲ ଅବହେଳା—2. Much disregard or neglect. ୩। ଦୀର୍ଘସୂତ୍ରିତା—3. ଢିଲାପନ, ହେଲେଁ Dilatoriness. ୪ । ଅତ୍ୟନ୍ତ ହେଳା—4. ହେଳାଗୋଛା Much negligence. ବଣ—୧ । ଦୀର୍ଘସୂତ୍ରୀ—ଢିଲା 1. Dilatory. ୨। କାର୍ଯ୍ୟରେ ତ୍ରୁଟିକାରୀ—2. Negligent.

ହେଲଢେ—ପ୍ରାଦେ (ଘାତଣା)ଅ—(ମାଲ ଅଞ୍ଚଳ ବ୍ୟବହୃତ)—ନିକଟରେ Helaḍe —Near by.

ହେଳଣା(ଣା) – ଦେ. ବ—(ସଂ ହେଳନ)—୧ । ଘୃଣା—1. Hatred. Helaṇa(ṇā) ୨ । ଅବଜ୍ଞା—2. Disregard.

ହେଳଣି(ନି)– ଦେ.କ୍ରି (ତୁମ୍ଭେ, ତୁମ୍ଭେମାନେ)—ହେବାକ୍ରିୟା ସମ୍ପନ୍ନ କର Helaṇi (ni) ସାରିଲଣି—(Expressing the comple- ହଇଲେ tion of the verb expressed by the verb to be) (you) Have been. ହୁଏ [ଏକ ବଚନ (ତୁମ୍ଭେ) ଓ ବହୁବଚନ (ତୁମ୍ଭେମାନେ) ହେଲ] ।

ହେଳନ(ନା)—ସଂ. ବ (ହେଳ ଧାତୁ+ଭାବ ଅନ; + ଆ) ୧। ଅବଜ୍ଞା Helana(nā) କରିବା—1. Slighting;disregarding. ୨। କ୍ରୀଡ଼ା କରିବା; କେଳ କରିବା (ହୃ. ଣ)—2. Sporting. ୩। ଅବମାନନ—3. Insulting (Apte). ୪ । କେଳ —4. Wanton dalliance (Apte) ୫ । ଘୃଣା— 5. Contempt (Apte) ୬। ଅବହେଳା (କ୍ଲୀବଲିଙ୍ଗ) 6. Neglect; negligence.

ହେଳ ମେଳ—ଦେ. ବ—୧। ମିଳାମିଶା—1. Mixing in society. Hela mela sociability. ୨ । ଘନିଷ୍ଠତା—2. ମେଳାମେଶା Intimacy. ୩ । ସଙ୍ଗ; ସାହଚର୍ଯ୍ୟ—3. Compa- ମେଳଚୋଳ nionship.

ହେଳମେଳ ହେବା—ପ୍ରାଦେ (କୃତ) କ୍ରି—ଚୌଣସି ବ୍ୟକ୍ତିଙ୍କ ସହିତ Hela mela bebā ସମ୍ପର୍କ ସ୍ଥାପନ ପାଇଁ ମିଳାମିଶା କରିବା —To establish intimacy with a person.

ହେଳୟା—ସଂ. କ୍ରି. ଣ (ହେଳା ଶବ୍ଦର ଆତ୍ମା ବହୁଳି ୧ବ)—୧ । Helayā ଅବଜ୍ଞାକରେ—1. Easily. ୨ । କ୍ରୀଡ଼ାରେ ଓ କ୍ରୀଡ଼ାରେ— 2. In sport.

ହେଳ(ଳା)ରେ—ଦେ. କ୍ରି. ବ—ଅନ୍ୟାସରେ; ସହଜରେ—Easily; Hela (lā)re without trouble. [ଉ—ମନୋରଥକୁ ସିଦ୍ଧ (ହେଲେ—ଅନାୟାସରେ) କର ତ ହେଳରେ—କୃଷ୍ଣସିଂହ ମହାପାତ୍ରଉତ] ହେଳାୟ ବିନା ପରିଶ୍ରମରେ

ହେଳା—ସ. ବ—(ହେଳ୍ ଧାତୁ=ଘୃଣା କରିବା+ଭାବ. ଅ+ଆ)— Helā ୧ । ଅବଜ୍ଞା (ମେହନ୍ତ)—1. Disregard; slight. ୨ । ଦୀର୍ଘସୂତ୍ରିତା—2. Tardiness; dilatoriness. ୩ । ଅବଲୀଳା—3. Ease; facility. ୪ । କାର୍ଯ୍ୟ କ୍ଷେତ୍ରରେ ଅଣ୍ଟିବା; କାର୍ଯ୍ୟରେ ତ୍ରୁଟି—4. Negligence. ୫ । ଅଯତ୍ନ; ଗର୍ବ ଦେଖାଇବ—5. Neglect; want of care. ୬। ଅବହେଳା—6. Negligence. ୭। ଖେଳ; କ୍ରୀଡ଼ା (ହୃ. ଣ)—7. Play; sport; pastime. ୮ । ହେଳ; କାମକ୍ରୀଡ଼ା (ହୃ. ଣ)—8. Dalliance. ୯ । ଶୃଙ୍ଗାରସୂଚିକା ଲୀଳା; ସ୍ତ୍ରୀମାନଙ୍କର ସଙ୍ଗୋଗ ଇଚ୍ଛାର ଜ୍ଞାପକ କ୍ରିୟା-ଚେଷ୍ଟେ (ଅଙ୍ଗ); ସ୍ୱରୁଚରେ ପ୍ରୌଢ଼େଚ୍ଛା ପ୍ରକାଶ— 9. Giving vent to a strong hankering after cohabitation on the part of young females. ୧୦ । ସ୍ତ୍ରୀମାନଙ୍କର ଶୃଙ୍ଗାର ସୂଚକ ଭାବ ବା ଅଙ୍ଗଭଙ୍ଗୀ ବା ଚେଷ୍ଟା— 10. Postures and gestures expressed by the limbs on the part of amorous women, courting cohabitation. [ଉ—ସ୍ତ୍ରୀମାନଙ୍କର ସ୍ୱରୁଚେଚ୍ଛାରୁ ମନରେ 'ଭାବ' ଜାତ ହୁଏ; ଭାବରୁ 'ହାବ' ଜାତ ହୁଏ; ହାବରୁ 'ହେଳା' ପ୍ରକାଶିତ ହୁଏ (ଭରତ)] । ୧୧ । ଅତି କାମାତୁର ନାୟିମାନଙ୍କର ସ୍ୱରୁଚୋତ୍ସୁକତାଇଁ ପ୍ରୌଢ଼େଚ୍ଛା—12. Strong sexual desire of amorous women (Apte). ୧୨ । ଚନ୍ଦ୍ରିକା; ଜ୍ୟୋତ୍ସ୍ନା—12. Moonlight (Apte). ୧୩ । ସଙ୍ଗୀତର ସ୍ୱରରେ ବା କମ୍ପନରେ ସ୍ତମ୍ଭନ—13. Pause in a note or shaking (Apte) ୧୪ । ଅପମାନ —14. Insult (Apte). ୧୫। ଅପଷ୍ଟାନ—15. Disrespect (Apte). ୧୬ । ଘୃଣା—16. Contempt (Apte). ଦେ. ବ—ବଲମ୍—Delay. [ଉ—ଦେ। ହେଳା ଦେରି କାନ୍ଥ ଉପା ମାଲା ପଡ଼ ନଳ ଗଳ, ସନ୍ଧ୍ୟାଅ କରୁଅଛ ଏଥି ବୋଲା ହେଳା—କୃଷ୍ଣସିଂହ ମହାପାତ୍ରଉତ ବଳ]

ହେଲ୍ଲ—ପ୍ରାଦେ (ଔତ୍ତଅଳ) ବ—ହେଳା —Neglect; delay; Helā negligence. ବଣ (ପୁଂ)—ଅଳସ୍ୟ—Idle. ଦେ. କ୍ରି (ହେଲ୍ଲେଇ—ସ୍ତ୍ରୀ. ବଣ) —ହେବା କ୍ରିୟାର ବର୍ତ୍ତମାନସମୀପ ଅତୀତକାଳ ଜ୍ଞାପ୍ୟ ପୁରୁଷ, ଅନାଦରାର୍ଥକ ଏକ ବଚନରେ (ସେ କର୍ତ୍ତା ସଙ୍ଗେ) ବ୍ୟବହୃତ ଅକ୍ଷର; (ସେ ବା ତାହା)

Digitized by srujanika@gmail.com

ହେଲ୍ଲା—(He or it) Happened. ଦେ. ଅ—(ପ୍ରଶ୍ନାର୍ଥକ) ଏବା କ୍ରମର ମନୋମତ ହେଇଛି ?—ହ'ଲ ହୁଆ Do you agree ? Are you agreed ?

ହେଲ୍ଲାଇବା—ସ୍ରାଦେ (ସମ୍ବଲପୁର) କ୍ରି—ଅନ୍ୟର ଅନିଷ୍ଟ କରିବାପାଇଁ Helāibā ପରୋକ୍ଷରେ ପ୍ରବର୍ତ୍ତାଇବା—To incite another to injure a person, behind his back.

ହେଲ୍ଲାଇଁ—ଦେ. କ୍ରି (ଥମ୍ଭେ, ଥମ୍ଭେମାନେ)—ହେଲୁଁ (ଦେଶ) Helāiñ Heluñ (See)

ହେଲା(ଲେ)ଇବା—ଦେ. କ୍ରି—୧। ଶ୍ଲଥ କରିବା—1. To slacken. ୨। କାର୍ଯ୍ୟରେ ତ୍ରୁଟି ବା ହେଳା କରିବା—2. To neglect in doing work.

ହେଲା କରିବା—ଦେ. କ୍ରି—୧। କାର୍ଯ୍ୟରେ ତ୍ରୁଟି କରିବା—1. To neglect a work. ୨। କାମରେ ଖଇନ୍ନ କରିବା—2. To slacken one's ardour or vigour in a work. ୩। ଶ୍ଲଥ କରିବା; ଢିଲା କରିବା—3. To slacken. ୪। ବିଳମ୍ବ କରିବା—4. To delay. ୫। ଅବଜ୍ଞା କରିବା—5. To disregard. ୬। ଧ୍ୟାନ ନ ଦେବା; ଘରେଇ ନ କରିବା—6. Not to mind.

ହେଲା ଦସ୍ତି—ଦେ. ବ (ସ. ହେଲା ଓ ପା. ଦସ୍ତି=ଗତିଶ୍ଚ)—Helā dasti ୧। ଗତିମନ୍ଥରତା—1. Tardiness; dilatoriness. ୨। ଅବହେଳା; ହେଳା—2. Negligence. ବିଣ—ହେଲାଦସ୍ତିଆ (ଦେଶ) Helādastiā (See)

ହେଲା ଦସ୍ତିଆ—ଦେ. ବିଣ—୧। ଗତିମନ୍ଥର—1. Tardy; dilatory. ୨। ଯେ କାର୍ଯ୍ୟରେ ଚିଲ୍ଲ କରେ—2. Negligent; neglectful. ୩। ଗତିମନ୍ଥରକାରୀ (କାର୍ଯ୍ୟ)—3. Dilatory (work).

ହେଲାପେଲା—ସ୍ରାଦେ (ଖଡ଼ିଆଳ) କ୍ରି. ବିଣ—ଯଥାତଥା; ଯେ କୌଣସି ପ୍ରକାରେ—Anyhow. [ଉ—ବୁଢ଼ୀ ବେଲକେ ନାଉ ଘଟିଲା, ହେଲାପେଲା କର ବଳ ଯାଏଲା—ଭୃଗ ।]

ହେଲା ବୁକ୍କ—ସ. ବ—ଅଶ୍ୱ ବଣିଜୀ (ଦାରୁବଲୀ)—Horse seller; a horse dealer (Apte).

ହେଲା ବୁଦ୍ଧି—ଦେ. ବ—ଅବଜ୍ଞା—Disregard. [ଉ—ତାହା ଠାରେ ଲୋକେ ଯେ ହେଲା ବୁଦ୍ଧି କହି । ହେଳା ବୁଦ୍ଧି ଅବହେଳନା ବୁଦ୍ଧି କୃଷ୍ଣକିଂ. ମହାଭାରତ ବନ ।]

ହେଲ୍ଲ ବୋଲି ଜାଣିବା—ଦେ. କ୍ରି—(କୌଣସି ବିଷୟ) ଅତି ଶୀଘ୍ର Helā boli jāṇibā ଘଟିବ ବୋଲି ଜ୍ଞାତ ହେବା—To know that a thing is about to happen. [ଉ—ଜନ୍ମ ମରିବାକୁ ଯାଗ ମୁଁ କରୁଛୁ, ଏ କଥା ହେଲ ବୋଲି ଜାଣ କମଳାକି । କୃଷ୍ଣକିଂ. ମହାଭାରତ ବନ ।]

ହେଲା ମାତ୍ରକେ(ମାତ୍ରେ)—ଦେ. କ୍ରି. ବିଣ—ଅକ୍ଲେଶରେ; ଅବଲୀଳା Helā mātrake(mātre) କ୍ରମେ—Easily. [ଉ—ଜଂସ ହେଲାଙ୍କରେ } —ଅନ୍ୟରୂପ ଅତି ଯେ ଦୈତ୍ୟବଳ, ହେଲା ହେଲାରେ } ମାତ୍ରକେ କଲେ ନାଶ—ସ୍ରାଚୀ ଅବହେଳେ ବିନା ପରିଶ୍ରମରେ ମୃଷ୍ଟିଭମ ଚଦ୍ରୋଦୟ ।]

ହେଲି—ସ. ବ (ହୃଳ୍ ଧାତୁ=କଷାକର୍ଷି କରିବା+କର୍ତ୍ତୃ ଇ)—୧ Heli ହେଲା (ରବି) (ଦେଶ)—1. Helā (See). ୨। ହେଲୀ (ଦେଶ)—2. Helī (See).

ହେଲି—ଦେ. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଅଦ୍ଯତନ ୧ମ ପୁରୁଷ ଅନାଦରାର୍ଥକ ୧ ବଚନରେ (ମୁଁ କର୍ତ୍ତା ସଙ୍ଗେ)—Heli ହଇଲାମ ହୁଆ (I) Have been.

ହେଲି ଦେ. ବ (ଇଂ)—ଅଧୁନିକ ଅବସ୍ଥିତ ଧୂମକେତୁର ନାମ—Hailey's comet. ହେଲି ହେଲି

ହେଲିକାସ୍ତ—ସ. ବ (ଜ୍ୟୋତିଷ ପରିଭାଷା)—ସୂର୍ଯ୍ୟର ଅତି ନିକଟରେ Helikāsta ଥିବାରୁ ସୂର୍ଯ୍ୟର ତେଜ ହ୍ୱାସ ଘୋଡ଼ାଇ ଦୋଇ ଯାଇଥିବା ତାରାର ଅସ୍ତଗିବା ଅବସ୍ଥା—(astronomy) Heliacal setting of a star.

ହେଲିକୋଦୟ—ସ ବ (ଜ୍ୟୋତିଷ ପରିଭାଷା)—ସୂର୍ଯ୍ୟଙ୍କୁ ସଂକ୍ରମଣ Helikodaya କରିବା ଯୋଗୁଁ କେତେକ ସମୟ ଅଦୃଶ୍ୟ ହେବା ପରେ ସୂର୍ଯ୍ୟୋଦୟ ପୂର୍ବରୁ ପୌଣସି ତାରାର ଉଦୟ ହେବାବେଳେ ଦେଖାଯିବା ଅବସ୍ଥା—(astronomy) Heliacal rising of a star

ହେଲିଣି—ଦେ. କ୍ରି—ହେଲି (ଦେଶ)—Helini Heli (See).

ହେଲିବା—ଦେ. କ୍ରି—୧। ହେଳା କରିବା (ଦେଶ)—Helibā 1. Helā karibā (See) ୨। ଅବଜ୍ଞା କରିବା—2. To disregard. [ଉ—ପ୍ରବୋଧୁଁ ପ୍ରବୋଧୁଁ ପ୍ରବୋଧ ହେଳଣ କସ୍ତୁରୀରୁ ଜନ ଚେତ—ନଜକଶୋର ଶର୍ମଣ୍ଡା ।]

ହେଲି ସେଲିସ୍—ବୈ ଦେ. ବ (ନାମ)—ଅବସିନିଆର ସ୍ୱଜ୍ୟଚ୍ୟୁତ Heli selis ସମ୍ରାଟ—Name of the defeated king ହେଲିସେଲିସ ହେଲିସିଲିସ of Abyssinia who left his kingdom in 1937 being unable to continue fight with Italy. [ଉ—୧୯୩୭ ଖ୍ରୀଷ୍ଟାବ୍ଦରେ ଏହାଙ୍କ ସହିତ ଇଟାଲୀର ଘୋର ଯୁଦ୍ଧ ହୋଇଥିଲା । ସେହି ଯୁଦ୍ଧରେ ଏ ଅଞ୍ଚଳର ହୋଇ ଆବସିନିଆ ଛାଡ଼ି ପଳାଇ ଯାଇଥିଲେ ।]

ହେଲି—ସଂ ବ (ହେଡ୍ ଧାତୁ+କର୍ତ୍ତୃ. ଇ; ହୃଳ୍ ଧାତୁ+କର୍ତ୍ତୃ. ଇନ୍)—Helī ୧ମା. ୧ବ)—୧। ସୂର୍ଯ୍ୟ (ନିରୁକ୍ତ ଶେଷ)—1. The sun. ୨। (+ଉବ.ଇ) ଆଲିଙ୍ଗନ (ଶବ୍ଦକଳ୍ପଦ୍ରୁମ)—2. Em-

Digitized by srujanika@gmail.com

brace. ୩ । ହେଳ—3. Amorous dalliance (Apte).

ହେଲୁ—ବି. ବଣ [ସଂ ହେଳା]—୧ । ଶିଥିଳୀକୃତ—
Helu 1. Slackened. ୨ । ହେଳାଦସ୍ତିଆ [ଦେଶ]—
ଆଳସେ ଢିଲା 2. Helādastiā (See)
ଢିମାପନା ଢିଲାପନ ହ—୧ । କାର୍ଯ୍ୟଗତର ଧୀରତା—1. Slowness of the progress of a work. ୨ । ହେଳା (ଦେଶ)—୨. Helā (See). ୩ । କାର୍ଯ୍ୟର ଶିଥିଳତା—3. Slackness or slowness of work.

ହେଲୁ—ବି. କ୍ରି—ହେବାକ୍ରିୟାର ବର୍ତ୍ତମାନସମୀପ ଭୂତକାଳ ମଧ୍ୟମପୁରୁଷ
Helu ଅନାଦରାର୍ଥେ ଏକ ବଚନ (ତୁ)—(Thou)
ହଇଛି ହୁଅ Hast been.

ହେଲୁଁ—ବି. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଅଘ୍ୟତନକାଳ ୧ମ
Heluñ ପୁରୁଷ ଆଦରାର୍ଥକ (ଅମ୍ଭେ) ଓ ବହୁବଚନ (ଅସ୍ମେମାନେ)
ହଲାମ, ହଲୁମ ହୁଏ [I or we] Have been.

ହେଲୁଆ—ବି. ବଣ ପୁଂ—ହେଲାଦସ୍ତିଆ (ଦେଶ)—
Heluā Helādastiā (See)
(ହେଲେଇ—ସ୍ତ୍ରୀ)

ହେଲୁଣି—ବି. କ୍ରି—୧ । ହେଲୁ (ଦେଶ)—1. Helu (See). ୨ ।
Heluṇi ହେଲୁଁ (ଦେଶ)—2. Heluñ (See).

ହେଲେ—ବି. କ୍ରି ବଣ—୧। (ସଂ. ହେଳୟା) ଅକ୍ଲେଶରେ; ସହଜରେ;
Hele ଅକଲ୍ପଳା କ୍ରମେ—1. Easily; with very little difficulty. [ତୁ—ବାଳକ ବଧ କଲ ହେଲେ, ବଳ ବାଳଲ ସିନ୍ଧୁ ଜଳେ—ବଳରାମ ଦାସ—କମଳଲୋଚନ ଚଉତିଶା] ୨। ଈଷତ ମାତ୍ର; ଈଷତ ସ୍ପର୍ଶ—2. Slightly. [ତୁ—ରମିଲେ ସେ ଭୋ ଯଦ ଚନ୍ଦ୍ରକ ଚୁଲାଇଲେ, ଗୃହିଁ ଦେଲୁ ନାହିଁ ହେଲେ—କବସୂର୍ଯ୍ୟ ସଙ୍ଗୀତ] ୩। ସାମାନ୍ୟ ଚେଷ୍ଟାରେ—3. With very little effort.
ଅବହେଳେ ବିନାପରିଶ୍ରମରେ

ହେଲେ—ବି. କ୍ରି—୧ । ହେବା କ୍ରିୟାର ବର୍ତ୍ତମାନ ସମୀପ ଭୂତକାଳ
Hele ମଧ୍ୟମ ପୁରୁଷ ୧ ବଚନ ଉତ୍ତମାନାର୍ଥକ (ଆଜ୍ଞା), ବହୁବଚନ
ହଇଲେ (ଅପରମାନେ), ଅନ୍ୟ ପ୍ରଥମ ପୁରୁଷ ୧ବଚନ ସମ୍ଭାନାର୍ଥକ (ସେ) ଓ
ହୁଏ ବହୁବଚନ (ସେମାନେ)—1. [You; ye; be; they]
ହଓୟାର Have been. ୨ । (ଅସମାପିକା କ୍ରିୟା) (କ) ହେବାରୁ
1. Being. (ଖ) ହେବା ଉତ୍ତାରୁ—ii. After being. (ଗ) ଯଦି ହୁଅନ୍ତା—iii. If (it) would be. [ଯଥା—ଝିଙ୍କାଣିଏ ହେଲେ ମୋ ଖରତ ଚଳ ଯାଅନ୍ତା] ଅ—୧ । ସୁଦ୍ଧା—1. Even. [ତୁ—ଦେବଗର ଧନ୍ୟା ଦେଶରେ ଘାର୍ଥ ଗଡ଼ି; ତେବେ ହେଲେ ଅଧର ଦାନ୍ତ ଥିଲେ ଉଡ଼—କୃଷ୍ଣସିଂହ ମହା ସ୍ୱରତ ବଳ] ୨। ମଧ୍ୟ—
ହଲେଓ 2. Also. [ତୁ—ଖଳଜନ ବାଣୀ ସତ୍ୟ ଘର ମଣି; ନ ଗ୍ରହିଁଲେ ହେଲେ ମୋତେ — କବସୂର୍ଯ୍ୟ. ସଙ୍ଗୀତ]

ହେନେମି ୩ । ଘତ୍ତେ—3. Notwithstanding. [ତୁ—ଜବେଦନ କରୁଛୁ, କରଜଞ୍ଜ ଧରୁଛୁ, ହେଲେ ହେନ୍ତ ଅରୁତ ଜଦ୍ୟାହାରେ—କବସୂର୍ଯ୍ୟ, କଣୋତ୍ସବଗୀତ] ୪ । କନ୍ତୁ; ମାତ୍ର—4. But. [ତୁ—ହେଲେ 'ମୁଁ ତ' ଏମାନଙ୍କ ଘର ଅଗାଠୁଆ କରସ୍ତନ ହୋଇଛୁ ?—ଫକୀର ମୋହନ ଗ୍ରନ୍ଥାଣ ଅଠଗୁଣ] ପ୍ରାଦେ (ଯାଜପୁର) ଅ—ଥରେମାତ୍ର—Once only. (ଯଥା—ମୁ ବଲ୍ଲୁ ଏ ବର୍ଷ ଦଳ ହେଲେ ନେଇଛି

ହେଲେଇଁ—ବି. କ୍ରି—ହେବା କ୍ରିୟାର ବର୍ତ୍ତମାନସମୀପ ଭୂତକାଳ
Heleiñ ୧ମ ପୁରୁଷ ଆଦରାର୍ଥକ ଏକବଚନ (ଅମ୍ଭେ) ଓ ବହୁ ବଚନ (ଅସ୍ମେମାନେ)—(I and we) Have been.
ହଇଲାମ ହୁପେ

ହେଲେଇ ଗେଲେ(ଲ୍ଲେ,ଲ୍ଲେ)ଇ—ପ୍ରାଦେ. (ପାଠଶା) ବଣ—ଖେଳବସର
Heleigele(lbe, hle)i —Fondled.

ହେଲେଣି—ବି. କ୍ରି—ହେଲେ ଲ (ଦେଶ) —
Heleṇi Hele (See).

ହେଲେହେଁ—ବି. ଅ—ହେଲେ ସୁଦ୍ଧା; ହୋଇଥିଲେ ସୁଦ୍ଧା—
Helehen Even if it were
ହଇଲେଓ ହୋନେସମି

ହେଲେ ହେଲେ—ବି. ଅ—ହେଲେ ସୁଦ୍ଧା—
Helehele Even if.
[ତୁ—ହେଲେହେଲେ ସୂର୍ଯ୍ୟ ଦେବତା ହେ ହୃଦସ୍ଥ, ହେଲ ବୁଝି ମଣିଲ ସବୁର ହୃଦସ୍ଥ—କୃଷ୍ଣସିଂହ ମହାଽରତ ଦ୍ୱାଣ]
ହଲେଓ ହାନେସମି

ହେଲୋ—ବି. ଅ—(ସ୍ତ୍ରୀ ମାନଙ୍କୁ ସମ୍ବୋଧନ) ହେ !
Helo (Interjection used in addressing females)
ହ୍ୟାଁଲୋ ହେସ (ହେଲ୍ଲୋହେ—ଅନ୍ୟରୂପ) Oh !

ହେଲୋଦ—ପ୍ରାବେ (ବଙ୍ଗଳିର ପାଠଶା) ବ—ହଳଦୀ—
Heloda Turmeric

ହେଲ୍ଥ—ବୈଦେ. ବ (ଇଂ)—ସ୍ୱାସ୍ଥ୍ୟ—
Helth Health.
ହେଲ୍‌ଥ ହେଲ୍‌ଥ

ହେଲ୍ଥ ଅଫିସର—ବୈଦେ. ବ (ଇଁ)—ନଗରର ବା ଜିଲ୍ଲାର ସ୍ୱାସ୍ଥ୍ୟ ସମ୍ବନ୍ଧେ ଦୃଷ୍ଟି ରଖିବାପାଇଁ ନିଯୁକ୍ତ
Helth ophisar ହେଲ୍‌ଥଆଫିସର କର୍ମଗୃଷ୍ଟ—Health-officer.

ହେଲ୍ଥ ଡିପାର୍ଟମେଣ୍ଟ—ବୈଦେ. ବ (ଇଂ)—ପ୍ରଜାଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧେ
Helth dipārtment କଟକଣା କରିବା କାର୍ଯ୍ୟ ତତ୍ତ୍ୱାବଧାରଣ କରିବା ସରକାର ବିଭାଗ—Health department of the Government.
ହେଲ୍‌ଥଡ଼ିପାର୍ଟମେଣ୍ଟ ହେଲ୍‌ଥଡିପାର୍ଟମେଣ୍ଟ

ହେଷ୍(ଧାତୁ)—ସଂ—୧ । (ଘୋଡ଼ା) ହ୍ରେଷାଧ୍ୱନି କରିବା—
Hesh (root) 1. To neigh (said of a horse).
୨। (ଗଧ) ବୋବାଇବା—2. To bray (said of anass).

ହେଷ(ଷା)—ସଂ ବ—(ହେଷ୍ ଧାତୁ+ଘଞ୍ ଅ; +ଟାପ୍)—୧ । ହ୍ରେଷା;
Hesha(shā) ଘୋଡ଼ାର ହେଁହେଁ ରବ—1. Neighing

Digitized by srujanika@gmail.com

of a horse. ୨। ଘୋଡ଼ର ବୋବାଳ—2. Braying (of an ass) (Apte).

ହେଷିନୀ—ସଂ. ବ. ସ୍ତ୍ରୀ—(ହେଷିନ୍+ଈ)—ଘୋଡ଼ୀ—Heshinī A mare.

ହେଷୀ—ସଂ. ବ (ପୁଂ) (ହେଷା+ଇନ୍; ୪ମା ୧ବ)—ଅଶ୍ୱିଘୋଡ଼ା—Heshī A horse.

ହେଷ୍ଟିଙ୍ଗ୍ସ୍—ବୈ.ବେ. ବ (ଇଂ) (ନାମ)—୧। ୱାରେନ୍ ହେଷ୍ଟିଙ୍ଗ୍ସ୍; ଭାରତର ପ୍ରଥମ ଗଭର୍ଣ୍ଣର୍ ଜେନେରଲ୍—Warren (ହେଷ୍ଟିଂସ୍—ଅଶୁଦ୍ଧରୂପ) Hastings; the first Governor General of India.

ହେଷ୍ଟିଂସ୍ ହେସ୍ଟୀଂସ

[ଦ୍ର—ଏ ଖ୍ରୀ: ୧୭୩୨ ରେ ଜନ୍ମ ଗ୍ରହଣ କରି ୧୮୧୮ ରେ ପ୍ରାଣତ୍ୟାଗ କରିଥିଲେ । ଏ ପ୍ରଥମେ ଇଷ୍ଟ୍ ଇଣ୍ଡିଆ କୋମ୍ପାନୀଙ୍କ ଅଧୀନ କର୍ମଚାରିର ଚାକିରି ପାଇ ୧୭୫୦ ଖ୍ରୀଷ୍ଟାବ୍ଦରେ ଭାରତକୁ ଆସିଥିଲେ ଓ ଅସଧାରଣ ତତ୍ପର ଅଧ୍ୟବସାୟ ଓ ବୁଦ୍ଧିବଳରେ କମ୍ପାନୀଙ୍କ ପକ୍ଷରୁ ୧୭୫୮ ଠାରୁ ୧୭୭୪ ଯାଏଁ ମୁରସିଦାବାଦ୍‌ର ନବାବ୍‌ଙ୍କ ଦରବାରରେ ରେସିଡେଣ୍ଟ୍ ହୋଇ ରହିଲେ; ପରେ କଲିକତା କାଉନ୍‌ସିଲ୍‌ର ସଭ୍ୟ ହେଲେ । ୧୭୭୫ ସାଲରେ ଇଂଲଣ୍ଡକୁ ଫେରିଯିବା ବେଳକୁ ଏ ପ୍ରଭୁତ ଅର୍ଥ ସଞ୍ଚୟ କରିଥିଲେ । ପୁଣି ୫ବର୍ଷ ପରେ କମ୍ପାନୀ ଏହାଙ୍କୁ ମାଦ୍ରାଜ କାଉନ୍‌ସିଲ୍‌ର ସଭ୍ୟପଦ ସଙ୍ଗୀସଜ୍ଜ ରୂପେ ୧୭୭୯ ସାଲରେ ଭାରତକୁ ପଠାଇଲେ । ୧୭୭୯ ସାଲରେ ଲର୍ଡ଼ କ୍ଲାଇବ୍ ଭାରତରୁ ବିଦାୟ ଗ୍ରହଣ କଲେ ଓ ହେଷ୍ଟିଙ୍ଗ୍ସ୍ ୧୭୭୨ ସାଲରେ କଲିକତା କାଉନସିଲ୍‌ର ସଭ୍ୟପଦ, ଅର୍ଥାତ୍ ବଙ୍ଗଳାର ଲଟ ହେଲେ । ସେତେବେଳେ କମ୍ପାନୀଙ୍କର ପ୍ରାୟ ୨ କୋଟି ଟଙ୍କା ଋଣ ଥିଲା । ଏ ଭଳର ବୁଦ୍ଧିବଳରେ ବଙ୍ଗ ପ୍ରଦେଶରେ ସୁଶାସନର ଓ ସୁବ୍ୟବସ୍ଥାର ବ୍ୟବସ୍ଥା କର ସେଇର ଉଦାସୀନ ଅସଜକତା ନିବାରଣ କଲେ ଓ କ୍ଲାଇବ୍‌ଙ୍କ ଅର୍ଜିତ ରାଜ୍ୟର ସୀମା ବଢ଼ାଇ କମ୍ପାନୀଙ୍କ ରାଜସ୍ୱରେ ଅନେକ ଗୁଡ଼ିଏ ରାଜ୍ୟ ମିଶାଇଲେ । ଏ ବଜାରସର ରାଜା ଓ ଅଯୋଧ୍ୟାର ନବାବଙ୍କଠାରୁ ବହୁ କୋଟି ଟଙ୍କା ଆଦାୟ କଲେ, ଓ ମରହଟ୍ଟା, ହାଇଦ୍ରାବାଦ ଓ ମହୀଶୂରର ନବାବଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । କିନ୍ତୁ କଲିକତା କାଉନସିଲ୍‌ର ଅନ୍ୟ ସଭ୍ୟମାନଙ୍କ ସଙ୍ଗେ ଏହାଙ୍କର ଅମେଳ ହେବାରୁ ଅନେକ ବିଭ୍ରାଟ ଘଟିଲା । ଏହାଙ୍କ ଅମଳରେ କମ୍ପାନୀଙ୍କର ପୁଣି ୩ କୋଟି ଟଙ୍କା ଋଣ ବଢ଼ିଲା । ଶେଷରେ ହେଷ୍ଟିଙ୍ଗ୍ସ୍ ୧୭୮୩ ସାଲରେ ଇସ୍ତଫା ଦେଇ ୧୭୮୫ ସାଲରେ ବିଲାତକୁ ଫେରିଗଲେ ଓ ସେଠାରେ ଏହାଙ୍କ ନାମରେ ପାର୍ଲିଅମେଣ୍ଟ୍ ମହାସଭାରେ ଏଡମଣ୍ଡ୍ ବର୍କ୍ ନାମକ ଜଣେ ପ୍ରସିଦ୍ଧ ବକ୍ତା ସଭ୍ୟ ସାଇତରେ ଗୁରୁତର ଓ ଜଘନ୍ୟ ଅଗ୍ରଦ୍ଧ ଓ ଅତ୍ୟାଚାର କରିଥିବା ଯୋଗୁଁ ଅଭିଯୋଗ ଅଣିଲେ । ଏ ମକଦ୍ଦମାର ବିଚାର ପାଇଁ ୧୭୮୮ ସାଲରୁ ୧୭୯୫ ସାଲ ପର୍ଯ୍ୟନ୍ତ ୭ ବର୍ଷ ଲାଗିଲା । ସାରାଜୀବନ ଅର୍ଜିତ ଧନ ଅଧିକାଂଶ ମକଦ୍ଦମାରେ ବ୍ୟୟ କରି ହେଷ୍ଟିଙ୍ଗ୍ସ୍ ବହୁ ଦୁଃଖ ଭୋଗ କରି ଅଭିଯୋଗରୁ ମୁକ୍ତିଲାଭ କଲେ । କୋମ୍ପାନୀଙ୍କ ପ୍ରଦତ୍ତ ପେନ୍‌ସନ୍ ଭୋଗକରି ଏ ୧୮୧୮ ସାଲରେ ପରଲୋକଗମନ କଲେ ।] ୨ । ଲର୍ଡ଼ ହେଷ୍ଟିଙ୍ଗ୍ସ୍; ଭାରତର ଗଭର୍ଣ୍ଣର ଜେନରଲ୍ ଲର୍ଡ଼ ମଇରାଙ୍କର ଉପାଧି—2. The title of Lord Moira, a Governor General of India. [ଦ୍ର—ଏ ଖ୍ରୀ: ୧୮୧୩ ରୁ ୧୮୨୩ ପର୍ଯ୍ୟନ୍ତ ଭାରତର ଗଭର୍ଣ୍ଣର୍ ଜେନରଲ୍ ହୋଇଥିଲେ । ଏହାଙ୍କ ସମୟରେ ଭାରତରେ ପ୍ରାଥମିକ ଶିକ୍ଷା ବିସ୍ତାର, ନେପାଳ ଯୁଦ୍ଧ, ପିଣ୍ଡାରୀ ଯୁଦ୍ଧ ହୋଇଥିଲା । ଏହାଙ୍କ ଅମଳରେ ପ୍ରଥମ ବଙ୍ଗଳା ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା ।] ୩ । ଇଂଲଣ୍ଡର ସସେକ୍ସ ନାମକ କାଉଣ୍ଟୀର ଗୋଟିଏ ବଡ଼ ଗ୍ରାମ ଓ ବନ୍ଦର—3. Name of a port town in the county of Sussex in England.

ହେସ୍‌ନେ—ସ୍ତ୍ରୀ.ବେ (ସମ୍ବଲପୁର) ସର୍ବନାମ—ସେମାନେ—Hes-ne They.

ହେସୁ—ପ୍ରା.ବେ (ସମ୍ବଲପୁର) ବ(ଝଗଡ଼ାଉଙ୍କ ବ୍ୟବହୃତ ଶବ୍ଦ)—ଧାନ—Hesu Paddy.

ହେହେ—ସଂ ଅ—୧। ହେ ର ଦ୍ୱିରୁକ୍ତି; କଥାରେ ଜୋର୍ ଦେବା ପାଇଁ ବା ଉତ୍ତେଜନା, ଖୋସାମତ, ଉପହାସ ସ୍ଥଳରେ ହେ ସମୋଧନର ଦୁଇ ଥର ପ୍ରୟୋଗ—Hehe 1. A doublet of Oh; Oh ho ! Ho Ho ! ୨। ହେ (ହେଚ)—2. He (See)

ହେହୈ—ସଂ ଅ—ସମ୍ବୋଧନ; ଦୃଢ଼ ବା ଅଭ୍ୟାନ (ମେନ୍ଦଣା)—He hai Exclamation used in addressing and calling. ବେ. ଅ—ହେ ହୈଓ (ହେଚ)—He haio (See)

ହେହୈଓ—ବେ. ଅ—ଘୋଡ଼ାଗାଡ଼ ଚଲାଇବା ସମୟରେ ଗାଡ଼ୀ-ଚାଳକମାନଙ୍କର ଅଶ୍ୱଚାଳନ ଧ୍ୱନି—He haio ହୈହେଓ ହୈହୈଯ An exclamation of coachmen while driving horses.

ହୈ—ସଂ. ଅ (ସଂ ହ୍ୱେ ଧାତୁ=ଡାକିବା+ଭାବ ଅର୍ଥ)—୧। ସମ୍ବୋଧନ (ମେନ୍ଦଣା)—Hai 1. Interjection used in addressing. ୨। ଅଭ୍ୟାନ (ମେନ୍ଦଣା)—2. Interjection used in calling. ୩। ନିଷେଧ—3. Negation. ୪। ବାକ୍ୟ ପୂରଣ—4. At the end of a sentence. ୫। ସତର୍କତାରେ 5. Warning. ବେ. ଅ—୧। ହଁ (ସମ୍ମତିସୂଚକ)—ହାଁ ହାଁ 1. (Interjection used to express consent or agreement) Yes!

Digitized by srujanika@gmail.com

୨ । ଉଚ୍ଚସ୍ୱରରେ ଲୋକଙ୍କୁ ଡାକିବାକୁ ବା ତାଙ୍କ ଦୃଷ୍ଟି ଆକର୍ଷଣ ବା ପ୍ରଶ୍ନ କରିବାକୁ ଅନ୍ୟ ଧ୍ୱନି ସୂଚକ (ଯଥା ହେ, ଓହେ ଏ, କହେ, ବେ, ରେ, ଲୋ, ହେ, ହୋ) ବ୍ୟବହୃତ—(ଯଥା—ହୈଏ, ହୈହେ, ହୈକହେ, ହୈବେ, ହୈରେ, ହୈଲୋ, ହୈହେ, ହୈହୋ)—2. Used with another interjection to call a person near by or to draw his attention or to question something. ୩ । (ସାର୍ଥ ଜ୍ଞାପକ)—ହୋ ବୁଲାବଡାମାନଙ୍କର ଡାକ—3. A halloo of hawkers.

ହୈଏ Haie ଦ. ଅ—ମାନ୍ୟ ବ୍ୟକ୍ତି (ଯଥା—ପିତା ସ୍ୱାମୀ, ଶ୍ୱଶୁର, ଶାଶୁ, ଜ୍ୟେଷ୍ଠତାତ ଜ୍ୟେଷ୍ଠତାତ)ଙ୍କ ପ୍ରତି ସ୍ତ୍ରୀମାନଙ୍କଦ୍ୱାରା ଓହେ, ହଁ ହେ ବ୍ୟବହୃତ ସମ୍ବୋଧନସୂଚକ ଅବ୍ୟୟ—Interjection used to superiors by females.

ହୈଓ Haio ଦେ. ଅ—ହୈହୋ (ଦେଖ)—Haiho (See).

ହୈ କଏ(ହେ) Hai kie(be) —ଦେ. ଅ—ଉଚ୍ଚସ୍ୱରରେ ସନ୍ନିକୃଷ୍ଟସ୍ଥ ବ୍ୟକ୍ତିଙ୍କୁ ଡାକିବା, ଦୃଷ୍ଟି ଆକର୍ଷଣ କରିବା ଓ ପ୍ରଶ୍ନ କରିବା ଉପଲକ୍ଷରେ ବ୍ୟବହୃତ—An interjection used by one in addressing, putting questions to or inviting attention of a superior who is near by.

ହୈ କରେ Hai kibe —ଦେ. ଅ—ଅବଜ୍ଞାର୍ଥକ ପ୍ରଶ୍ନସୂଚକ ସମ୍ବୋଧନ—Interjection used in asking an inferior in derision. ଓରେ, ହଁରେ ଅରେ

ହୈକରେ Hai kire (ହୈକଲେ—ସ୍ତ୍ରୀଙ୍କ ପ୍ରତି) —ଦେ. ଅ—ସ୍ୱରୁଷଙ୍କ ପ୍ରତି ପ୍ରଯୁକ୍ତ ଅନାଦରାର୍ଥକ ପ୍ରଶ୍ନସୂଚକ ସମ୍ବୋଧନ—An interjection used in asking one's male inferior. ହଁରେ ଅରେ

ହୈକହୋ Haikiho —ଦେ. ଅ—ବହୁ ବ୍ୟକ୍ତିଙ୍କୁ ବା ସୁପରିଚିତ ଅନ୍ୟ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—Interjection used in addressing a number of people or one's own acquaintance. ଓହେ, ହଁହେ ଅହୋ

ହୈଗୋ Haigo —ଦେ. ଅ—ସଖୀ ସମ୍ବୋଧନ—An interjection used by a lady to her female companion. ହଁଗା, ଓଗୋ ହୈଗୋ

ହୈଚୈ Haichai —ଦେ. ଈ—(ବଙ୍ଗଳାରୁ ଅନୁଭୃତ)—୧ । ଗୋଓଘା; ଗୋଳମାଳ—1. Ado; noise. ୨ । ଘଣ୍ଟାଚଳନା; ହୈରେ ହୋହଲ୍ଲା ଦାଉରାଜୁ—2. Turmoil.

ହୈଜା—ବୈଦେ. ଈ—(ଆ, ହୈଜଈ)—ହଇଜା (ଦେଶ)—Haijā Haijā (See). [ଦ୍ର—ହଇଜା ରୋଗୀଙ୍କର ଝାଡ଼ା ଓ ବାନ୍ତିକୁ ନେଇ ଗୋଶସ୍ତରେ ପକାଇଲେ ଏବଂ ସେହି ଗୋଶସ୍ତର ପାଣି ଲୋକେ ପିଇଲେ ତାଙ୍କୁ ହଇଜା ଧରେ । ଅଧିକ ପରିମାଣରେ ଖାଇଲେ ପିଇଲେ ଅଳାଣ୍ଡ ଛାଡ଼ା ହୁଏ । ସେହି ଅଳାଣ୍ଡ ଛାଡ଼ା ହଇଜା ମଧ୍ୟ ଘାଲଟ ପାଏ । କୋମା ବାସିଲସ୍ (Comma Bacillus) ନାମକ ଏକ ଜୀବାଣୁ କୀଟାଣୁ କୌଣସି ପ୍ରକାରରେ ଅନ୍ତରେ ପ୍ରବେଶ କଲେ ହଇଜା ହୁଏ । ଘରେ କାମ ଘର ଜକଟରେ ହଇଜା ରୋଗୀଙ୍କୁ ଦେଖି ଭୟ କଲେ ସେହି ଭୟରେ ମଧ୍ୟ ହଇଜା ଧରେ । ମଇଳା, ଘଗ୍ନ ନର୍ଦ୍ଦମା, ଖାଇଖାନା ଓ ଖାଇରେ (ଠୁବରେ) ପାଣି ଯଦି ଦୁର୍ଗନ୍ଧ ବାହାରେ ଅନେକ ସମୟରେ ହଇଜା ହୁଏ । ଦୁଧରେ ଗଉଡ଼ମାନେ ଗୋଶସ୍ତର ମଇଳା ପାଣି ଅନେକ ସମୟରେ ମିଶାନ୍ତି; ଯଦି ସେହି ପାଣି ବଖାରୁ ଦୋଇଆଏ, ସେହି ଦୁଧ ପିଇଲେ ହଇଜା ହୁଏ । ଗ୍ରେଟି-ମନୁଷ୍ୟଙ୍କ ଦ୍ୱାରା ଏ ରୋଗ ବ୍ୟାପିବା ବ୍ୟତୀତ ଏହି ରୋଗ ମାଛିମାନଙ୍କ ଦ୍ୱାରା ମଧ୍ୟ ବ୍ୟାପିଯାଏ । ମାଛି ଦୂଷିତ ଖାଦ୍ୟରେ ଓ ରୋଗୀର ମଳମୂତ୍ରରେ ବସି ସେଠାରୁ ଉଡ଼ି ଅସି ଉକ୍ତ ଜୀବାଣୁକୁ ନେଇ ସୁସ୍ଥଲୋକମାନଙ୍କ ଖାଦ୍ୟକୁ ଦୂଷିତ କରନ୍ତି ।

ପ୍ରତିଷେଧକ ଉପାୟ—ଜର୍ମଳ ସ୍ଥାନରେ ବାସ କରିବା, ଅଳ୍ପ ପରିମାଣରେ ଲଘୁପାକ ଦ୍ରବ୍ୟ ଆହାର କରିବା, ସେହି ଖାଲ୍ଯ ନ ରଖିବା, ଘଗ୍ନ ମାଛ ମାଂସ ନ ଖାଇବା ଉଚିତ । ହଇଜା ରୋଗୀଙ୍କର ବାନ୍ତି ଓ ମଳ ମିଶିଥିବା ପାଣି ବ୍ୟବହାର କରିବ ନାହିଁ । ଘର ମଧ୍ୟରେ କୌଣସି ସନ୍ଦିସ୍ଥାନ ସ୍ଥାନ ଓ ଗୋବର ପତ୍ର ଦୁର୍ଗନ୍ଧ ବେଜିଥିଲେ ସେଠାରେ କଥାଁ ଜଳାଇ ଚୂନ ଓ ଫିନାଇଲ୍-ମିଶା ପାଣି ପକାଇ ଘରେ ଓ ଘର ଗୁଦାଖାରେ ଗନ୍ଧକ ଓ ଉତ୍ତପ୍ତ ଧୂଆଁ ଦେବା ଉଚିତ । ଏଣ୍ଡି ଗୃହଭିତ୍ତି ଲମ୍ବ ଓ ଚଉଡ଼ା । ଖାଣ୍ଡି ଚମା ପାତଥା ନାଉ ଭଳେ ସବୁବେଳେ ରଖିବା ଉଚିତ । ଯୋତା ଓ ମୋଜା ମଧ୍ୟରେ ଗନ୍ଧକ ଚୂର୍ଣ୍ଣ ଛୁଞ୍ଚ ବ୍ୟବହାର କରିବା ଉଚିତ । ହଇଜା ରୋଗୀଙ୍କର ଝାଡ଼ା ବାନ୍ତି ଓ ପରସ୍ତା ଦୂରକୁ ନେଇ ମାଟି ଘଡରେ ପୋତି ଘକାଇବ । ଦୁଧ ଗରମ କରି ପିଇବ । ଖାଦ୍ୟ ପଦାର୍ଥରେ ମାଛି ନ ବସିବା ପାଇଁ ସବୁଦା ଢାଙ୍କି ପୋତାଇ ରଖିବା ଉଚିତ । ଗରମ ପାଣିରେ ଖାଧୋଇବ ଏବଂ ଗରମ ପାଣି ପିଇବ । ରୋଗୀଙ୍କ ସେବା କରୁଥିବା ଲୋକମାନଙ୍କର ଗରମ ପାଣିରେ ହାତ ଗୋଡ଼ ଧୋଇବା ଉଚିତ । ଛୋଟ ପିଲାମାନଙ୍କୁ ସବୁବେଳେ ସାବଧାନତା ପୂର୍ବକ ରଖିବ । କଞ୍ଚା ବା ବେଶୀ ପରିପାଚିଥିବା ଫଳ ଖାଇବ ନାହିଁ । ଏହି ରୋଗରେ ସରୁ ପାଚ୍ଚଲେ ଏବଂ କ୍ରୁପମ୍ ମେଟାଲିକମ୍ (Cuprum metalicum) ୩୦ କମ୍ବା ୨୦୦ଶକ୍ତି ପାଣି ଦଳେ ଓ ଘଣ୍ଟର ଘନେ ଥରେ ଲେଖାଏ ଖାଇଲେ ହଇଜାର ଆକ୍ରମଣରୁ ରକ୍ଷା ମିଳେ । ହଇଜା ରୋଗୀଙ୍କୁ ଛୁଆଁ ଛୁଇଁ କଲେ ହଇଜା ଉଦଁନାହିଁ । ଏହି ରୋଗ ଶୁଦ୍ଧ

Digitized by srujanika@gmail.com

ବ୍ୟାପକ ହୋଇ ଏକ ସମୟରେ ଅନେକ ଲୋକ ଆକ୍ରାନ୍ତ ହୁଅନ୍ତି ।

ପ୍ରଧାନ ଲକ୍ଷଣ—

ହଇଜା ପ୍ରଥମରେ ଅଳ୍ପାଳ୍ପ ତରଳ ଝାଡ଼ା ଆକାରରେ ପ୍ରକାଶ ହୁଏ । ତାହା ସହଜ ମୂଣ୍ଡ ସାମାନ୍ୟ ବାନ୍ତି ଓ ଦେହ ବୁଲାଏ ।

ପରେ ସେହି ଅଳ୍ପାଳ୍ପ ତରଳ ଝାଡ଼ା ଜଳୀୟ ଆକାର ଧାରଣ କରେ । ପ୍ରଥମ ଅବସ୍ଥାରେ ଝାଡ଼ାର ବର୍ଣ୍ଣ ଥାଏ; କଳ୍ପ ପରେ ସେହି ବର୍ଣ୍ଣ ଶୀଘ୍ର ଲେପ ହୋଇ ଗହଳ ଧୂଆ ପାଣିପର, ପେଜଗର କମ୍ବା ସଫା ପାଣିପର ଝାଡ଼ା ହୁଏ । ଝାଡ଼ା ଅଳ୍ପ ପରିମାଣରେ ହେଲେ ସେଥିରେ କୌଣସି ପ୍ରକାର କଷ୍ଟ ହୁଏ ନାହିଁ; ନଭୁବା ସେଥିରେ ଅତ୍ୟନ୍ତ କଷ୍ଟ ହୁଏ । କ୍ରମେ କ୍ରମେ ଅଳ୍ପ ପରିମାଣରେ ଜଳୀୟ ପଦାର୍ଥ ବାନ୍ତି ହୁଏ । ଅଭିଶୟ ଶୋଷ ହୁଏ । ଶିର ପ୍ରଶିର ଟିପ୍ ଟିପ୍ ହୋଇ ଲୋଗ୍‌କୋଗ୍ ହୋଇଆସେ । ପରିସ୍ରା ବନ୍ଦ ହୋଇଯାଏ, ଦେହର ବର୍ଣ୍ଣ ନେଳ ହୋଇ ଯାଏ । ହାତର ଓ ଗୋଡ଼ର ଅଙ୍ଗୁଠିମାନଙ୍କ ଚମଡ଼ା ଲୋଗ୍‌କୋଗ୍ ହୋଇଯାଏ । ଆଖି ଭିତରକୁ ପଶିଯାଏ, ନିଶ୍ୱାସ ପ୍ରଶ୍ୱାସ ଥଣ୍ଡା ଜଣାଯାଏ । ଥଣ୍ଡା ଝାଳ ବହେ । ସ୍ୱର କମିଯାଏ । ରୋଗୀ ଅସ୍ପଷ୍ଟ ଅସ୍ପଷ୍ଟ କଥା କହେ । ନିଶ୍ୱାସ ମାରୁତାଳୁ କଷ୍ଟ ହୁଏ । କ୍ରମେ ନାଡ଼ୀ ଦୁର୍ବଳ ହୋଇ ଶେଷରେ ନାଡ଼ୀର ଗତି ବନ୍ଦ ହୋଇଯାଏ । ହିକ୍କା ଉଠେ, ପରିସ୍ରା ବନ୍ଦ ହୋଇ ରୋଗୀ ପ୍ରଳାପ କରେ । ହୃତ୍‌ପିଣ୍ଡର କାର୍ଯ୍ୟ ବନ୍ଦ ହୋଇଯାଏ । ଛଟପଟାରେ ଘଡ଼ ଘଡ଼ ପିଣ୍ଡରେ ଓ ଠେଙ୍ଗୁରେ ଘାଆ (Bed so ହୋଇଯାଏ । କାନ ମୂଳରେ ଦୁଇଟି ଦୁଇ ହୁଏ; ଆଖିରେ ଘାଆ ହୁଏ । ରକ୍ତ କମିଯିବାର ସବୁ ପ୍ରକାର ଲକ୍ଷଣ ଦେଖାଯାଏ ।

ହଇଜା କେତେ ପ୍ରକାର ଓ ତହିଁର ପ୍ରଭେଦ—

୧ । କଲେରା ଡାଇରିକ୍ (Diarrhoeaic variety)—ଅଳ୍ପ ପରିମାଣରେ ପତଳ ପତଳ କେବଳ ଝାଡ଼ା ହୁଏ ।

୨ । କଲେରା ଗାଷ୍ଟ୍ରିକ୍ (Gastric variety)—ପାକସ୍ଥଳୀରେ ଉତ୍କ୍ଲେଶ ହୋଇ ଦେହ ବୁଲାଏ ଓ ଅନବରତ ଝାଡ଼ା ବାନ୍ତି ହୁଏ ।

୩ । କଲେରା ଗାଷ୍ଟ୍ରୋ—ଏଣ୍ଟେରିକ୍ (Gastro enteric variety)—ଝାଡ଼ା ଓ ବାନ୍ତି ସ୍ଥାନ ଭିତରେ ଖୁବ୍ ବେଦନା ସହିତ ହୁଏ ।

୪ । କଲେରା ଶୁଷ୍କ—(Dry variety)—ଏହାର ଲକ୍ଷଣ-ସାଧାରଣ ହଇଜା ପରି ପ୍ରଥମେ ତରଳ ଅଳ୍ପାଳ୍ପ ଝାଡ଼ାପର ହୁଏ ନାହିଁ । ରୋଗ ଏକବାରେ ପ୍ରବଳ ଭାବରେ ପ୍ରକାଶ ହୁଏ । କେତେବେଳେ ଥରେ ବା ଦୁଇଥର ଝାଡ଼ା ଓ ବାନ୍ତି ହୋଇ ରୋଗୀ ୨।୩ ଘଣ୍ଟା ମଧ୍ୟରେ ମରଯାଅନ୍ତି । ଏହାକୁ କ୍ରୋଟାଡ କହନ୍ତି । କେହି କେହି ରୋଗୀ ଝାଡ଼ାବାନ୍ତି ନ ହୋଇ ଧନ୍ତ ମରିପାଅନ୍ତି । ଏଥିର ହଇଜା ପ୍ରାୟ ଦେଖାଯାଏ ନାହିଁ ।

୫ । କଲେରା ଆକ୍ୟୁଟ୍ (Acute variety)—ରୋଗୀ ପ୍ରଥମେ ମନେ କରନ୍ତି, ସତେ ଯେପରି ତାଙ୍କର ଜ୍ଞାନ ନାହିଁ । ମୂଣ୍ଡ ଓ ଛାତି ଘୂରୁଛି ଜଣାଯାଏ । ହାତଗୋଡ଼ ନସ୍ତେଜ ଜଣା-ଯାଏ । ପେଟ ଗୁଡ଼ୁ ଓ ଗଡ଼ଗଡ଼ ହେବା ଆରମ୍ଭ ହୁଏ । ବାନ୍ତି ହୁଏ; ଝାଡ଼ା ବାନ୍ତି ଆରମ୍ଭ ହୁଏ । ଝାଡ଼ା ମିଠା ମିଶା ଓ ପାଣିପର ପତଳା ହୁଏ । ଧୀରେ ଧୀରେ ପରିସ୍ରା ବନ୍ଦ ହୁଏ ଓ ନାଡ଼ ଦୁର୍ବଳ ହୋଇଯାଏ; ଆଖି ବସିଯାଏ; ଗଳା ବସିଯାଏ; ମୁହଁ ଶୁଖିଯାଏ; ଦେହ ମାଲକଣ୍ଡି ଦେଖାଯାଏ; ପୁରୁର ପରିମାଣରେ ଝାଳ ବହେ ।

୬ । କଲେରା ହିମୋରାଜିକ୍ (Haemorrhagiec variety) କ୍ରୁଆଷ୍ପ ହଇଜା—ଏହି ହଇଜାରେ କେବେ କେବେ ପ୍ରଥମରେ ଝାଡ଼ା ସହିତ ରକ୍ତ ଥାଏ । କେବେ କେବେ ପ୍ରଥମରେ ହଇଜା ପରି କେତେବାର ଝାଡ଼ା ବାନ୍ତି ହୋଇ ଶେଷରେ ଝାଡ଼ାରେ ରକ୍ତ ଦେଖାଯାଏ । ଝାଡ଼ାର କ୍ଲୁଟିକ୍ ଚାଉଳ ଘୋଳା ତରଳପଦାର ପରି ଶସ୍ତ ଦେଖାଯାଏ । କେତେବେଳେ ବା ଗୋଲାପି ରଙ୍ଗର ଝାଡ଼ା ହୁଏ । ଝାଡ଼ା ଅଳ୍ପ ପରିମାଣରେ ହୁଏ । ଝାଡ଼ାର ଅତ୍ୟନ୍ତ ଦୁର୍ଗନ୍ଧ ହୁଏ । କେତେବେଳେ ବା ବେଦନା ହୁଏ ନାହିଁ । ଏହି ଜାତୀୟ ହଇଜାରେ ବହୁ ରୋଗୀ ମୃତ୍ୟୁମୁଖରେ ପଡ଼ନ୍ତି । ଯେଉଁ ମାନେ ଗଙ୍ଗାଇ, ଚରଣାମୃତ ପାନ୍ତି ବା ଅଛରକୁ ମଦ ପିଅନ୍ତି ସେମାନଙ୍କୁ ଏହିପରି ହଇଜା ଅଧିକ ଆକ୍ରମଣ କରେ ।

୭ । କଲେରା ଇନ୍‌ଫ୍ଲାମେଟରି (Inflamatory variety)—ଏହିପରି ହଇଜାରେ ନାଡ଼ୀ ପୂର୍ଣ୍ଣ ଓ ଚଞ୍ଚଳ ଗତି କରେ, ଶରୀର ଗରମ ହୋଇ ଉଠେ; ଆଖି ଓ ମୁହଁ ନାଲିଆ ଦେଖାଯାଏ । ଉପରେ ହଇଜାର କେତୋଟି ପ୍ରକାର କୁହାଗଲେ ସୁଦ୍ଧା ସାଧାରଣତଃ ଡାକ୍ତରମାନେ ଏହାକୁ ଦୁଇ ଭାଗରେ ବିଭକ୍ତ କରନ୍ତି ।

୧ । କଲେରିନ୍ (Cholerine) ଓ

୨ । ଆସିଆଟିକ୍ କଲେରା (Asiatic cholera).

୧ । କଲେରିନ୍ (Cholerine)

ପ୍ରଥମରେ ଅମ୍ଳ ଓ ଅଜୀର୍ଣ୍ଣ ଯୋଗୁ ତରଳ ଝାଡ଼ା ହୋଇ ଶେଷରେ ଏହି ଜାତୀୟ ହଇଜା ଆରମ୍ଭ ହୁଏ । କୌଣସି ସ୍ଥାନରେ ହଇଜା ହୋଇଥିଲେ ସେଠାରୁ ଭୟ ପାଇ ଅହିବା ବ୍ୟକ୍ତିଙ୍କର ତରଳ ଝାଡ଼ା ହୋଇ ଶେଷରେ ଏହି ଜାତୀୟ ହଇଜାରେ ପରିଣତ ହୁଏ । ଏହି ହଇଜାରେ ପ୍ରଥମେ ସ୍ପାସ୍‌ମଡିକ ଝାଡ଼ା ହୋଇ କ୍ରମେ ଝାଡ଼ା ପତଳା ହୁଏ । ମଳଥର ଝାଡ଼ା ହେବା ପରେ ପ୍ରକୃତ ହଇଜାରେ ପରିଣତ ହୁଏ । ଅନେକ ସମୟରେ ଦେଖାଯାଏ ଯେ, ଜଣେ ଦୁଇଜଣ ପୂର୍ବରୁ ସେଥି ଜରୁର ହୋଇ ତରଳ ଝାଡ଼ା ହୋଇ ଶେଷରେ ରୋଗ ହଇଜାରେ ପରିଣତ ହୁଏ ।

Digitized by srujanika@gmail.com

ପରେ ଅଳ୍ପକ ପରିମାଣରେ ଝାଡାବାନ୍ତି ହୋଇ କେତେ ବେଳେ ଅଙ୍ଗ ଅବଶ (Paralytic), କେତେବେଳେ ବା ଲ୍ଲେଗ୍ଟ୍ କୋଗ୍ ବା ଶିରସଇ ବା ଅଷ୍ଟେପିକ ଦ୍ୱିଜାର ଆଂଶିକ ଲକ୍ଷଣ ଦେଖାଯାଏ । ଏହ୍ନ ଜାତୀୟ ଦ୍ୱଇଜାରେ ପ୍ରଥମେ ପେଟରେ ଯନ୍ତ୍ରଣା ହୁଏ ନାହିଁ । ପରେ ରୋଗ ବୃଦ୍ଧି ହେଲେ ଯନ୍ତ୍ରଣା ହୁଏ । କାହାର କାହାର ଆରମ୍ଭଠାରୁ ଶେଷ ପର୍ଯ୍ୟନ୍ତ ଯନ୍ତ୍ରଣା ହୁଏ ନାହିଁ । ଅଳ୍ପକ ଝାଡ଼ା ବାନ୍ତି ହେଲେ ଶସ୍ତ୍ରର ଥଣ୍ଡା ଓ ଜାଲବର୍ତ୍ତି ଦେଖାଯାଏ । ନାଡ଼ି ଦୁର୍ବଳ ହୁଏ, କେତେବେଳେ ନାଡ଼ ମିଳେ ନାହିଁ । ମନେ ରଖିବାକୁ ହେବ ଯେ, ଚ୍ରଡଣୀ ରୋଗରେ ବହୁତ ଅର ଝାଡ଼ା ହେଲେ ମଧ୍ୟ ନାଡ଼ ମିଳେ ନାହିଁ । ଅଥଚ ରୋଗୀକୁ ଏକ ବାରଇ ସନ୍ନିପାତ ହୁଏ ନାହିଁ ।

୬ । ଅସିଆଟିକ୍-କଲେରା (Asiatic cholera)

ଏହ ଦ୍ୱଇଜା ପ୍ରାୟ ସାଘାତିକ (almost fatal) ହୁଏ । ଏଥିରେ ଗୋଟିଏ ଯୋଡ଼ଏ ଝାଡ଼ା ପରେ ରୋଗୀ-ଙ୍କର ସନ୍ନିପାତ ହୋଇ ଯାଏ । (ଦ୍ୱଇଜାର ସାଘାତିକ ବଶ ଉତ୍ତରେ ମିଶି ଯିବାରୁ ଏତେ ଶୀଘ୍ର ସନ୍ନିପାତ ହୋଇପାରେ) । କେତେବେଳେ ବା ୨।୮ ଟି ଝାଡ଼ା-ବାନ୍ତି ପରେ ସନ୍ନିପାତ ହୁଏ (ଏହ୍ନପର ଯେଉଁ ସନ୍ନିପାତ ହୁଏ ତାହାର କାରଣ :— କ୍ରମାଗତ ଝାଡ଼ା ବାନ୍ତି ହୋଇ ରକ୍ତରୁ ଜଳୀୟ ପଦାର୍ଥ ସବୁ ବାହାରଯାଏ । ସେଥିଯାଇଁ ଶିର ଉତ୍ତରେ ଥିବା ରକ୍ତ ବସିଯାଏ ଏବଂ ରକ୍ତ ଚଳାଚଳ ହୋଇପାରେ ନାହିଁ; ଫଳରେ ନାଡ଼ କ୍ରମଶଃ ଦୁର୍ବଳ ହୁଏ କମ୍ପା ଏକ୍‌ଦମ୍ ବନ୍ଦ ହୋଇଯାଏ; ସେଥିପାଇଁ ରୋଗୀଙ୍କର ସନ୍ନିପାତ ହୋଇଯାଏ) । ରୋଗୀଙ୍କର ଆଖି, ମୁହଁ ପଶିଯାଏ; ଥାଳ ବଢ଼େ; ରୋଗୀ ଅସ୍ଥିର ହୁଅନ୍ତି; କେବଳ ଟଙ୍ଗା ପବନ ଲୋଡ଼ନ୍ତି ଓ ପାଣି ପିଇବାକୁ ମାଗନ୍ତି; ତାଙ୍କର ନଶ୍ୱାସ ମାରିବାକୁ କଷ୍ଟ ହୁଏ । କେତେବେଳେ ବା ରୋଗୀ ରପ୍ ହୋଇ ପଡ଼ି ଥାଆନ୍ତି ଓ ମହଁରେ ମହଁରେ ଖୁବ୍ ଜୋରରେ ନଶ୍ୱାସ (ଅଣଗୃଷ ପବନ) ଛଡ଼ନ୍ତି; ଗଳାର ସ୍ୱର କମିଯାଏ; ରୋଗୀ କଥା ବାର୍ତ୍ତା ଜନେଇ ଜନେଇ କରି ଦଉନ୍ତି; ବେଳେ ବେଳେ ବା ମଲ୍ଲପର ଜସ୍ତ୍ରବ ଧ ହୋଇ ପଡ଼ି ରହନ୍ତି (ଦ୍ୱଇଜା ରୋଗୀ ମଲ୍ଲପଡ଼ ହୋଇ ପଡ଼ିଲେ ମଧ୍ୟ ଉତ୍ତରେ ଜ୍ଞାନ ସମ୍ପୂର୍ଣ୍ଣ ଥାଏ ଓ ଅଜ୍ଞାନ ହୁଅନ୍ତି ନାହିଁ); ପରସ୍ରା ବନ୍ଦ ହୁଏ । ଏହ୍ନପର ଅବସ୍ଥା ରୋଗୀଙ୍କର ହେଲେ ପ୍ରାୟ ୨୪ ଘଣ୍ଟା ମଧ୍ୟରେ ମୃତ୍ୟୁ ହୁଏ । ଯଦି ଭଗବାନଙ୍କର ଦୟା ହୁଏ ତେବେ ପ୍ରତିକ୍ରିୟା ଆରମ୍ଭ ହୁଏ ଓ ରୋଗୀ ବଞ୍ଚିଯାଅନ୍ତି ।

ଅସିଆଟିକ୍ କଲେରା ପୁଣି ଦୁଇ ଭାଗରେ ବଭକ୍ତ—

୧ ।ଅଷ୍ଟେପିକ (Spasmodic)

୨ ।ଅବସାଦକ ବା ପାଷାଘାତିକ (Paralytic)

ଅଷ୍ଟେପିକ କଲେରାର ଲକ୍ଷଣ—ଏହ ଦ୍ୱଇଜାରେ ଶରୀର, ପିଠି, ହାତରେ ଓ ଗୋଡ଼ରେ ଶିରସ୍ପର୍ଶୀ ଜ୍ୱଡୋ; ହାତ ଗୋଡ଼ର ଆଙ୍ଗୁଳ ବଙ୍କାବଙ୍କା ହୋଇଯାଏ । ରୋଗୀ କଷ୍ଟଯୋଗୁଁ ହାଇ ଛାଡନ୍ତି ଓ ଚଲ୍ଲାର କରନ୍ତି ।

[ଶିରସ୍ପର୍ଶୀ ଜ୍ୱଡିବା କାହାକୁ କହନ୍ତି ? ଅସ୍ମାନଙ୍କ ଶସ୍ତ୍ରରରେ ରକ୍ତ ଚଳାଚଳ କରବାପାଇଁ କେତେଗୁଡ଼ଏ ମୋଟା ଓ ସରୁ ଶିରା ଅଛୁ । ଦ୍ୱଇଜାର ବଷ ଶସ୍ତ୍ରରରେ ପ୍ରବେଶ କଲେ ଜୀବଜ ଶକ୍ତି (vital force) ସେହ୍ନ ବଷକୁ ଶସ୍ତ୍ରର ଉତରୁ ବାହାର କର ଦେବାପାଇଁ ଝାଡା-ବାନ୍ତି କରାଏ; ଝାଡାବାନ୍ତି ଅଳ୍ପକ ପରିମାଣରେ ହେଲେ ତା ସହ୍ନିତ ରକ୍ତର ଜଳୀୟ ଅଂଶ ବାହାର ଯାଏ । ସେତେବେଳେ ରକ୍ତ ଗାଢ଼ ହୋଇ ବସିଯାଏ ଓ ଶିରା ଉତରେ ଅଟକ ରହିଯାଏ ଓ ରକ୍ତ ଚଳାଚଳର ବାଟ ବନ୍ଦ ହୋଇଯାଏ । ଏହାକୁ ଶିରସ୍ପର୍ଶୀ ଜ୍ୱଡିବା (spasm) କହନ୍ତି] ଏହ୍ନ ଶିରସ୍ପର୍ଶୀ ଜ୍ୱଡିବା ବନ୍ଦ କରବାକୁ ହେଲେ ରୋଗୀକୁ ପ୍ରଚୁର ପରିମାଣରେ ଥଣ୍ଡା ବା ଉତ୍ତମ ପାଣି ପିଇବାକୁ ଦେବ ।

ଆଲୋଚ୍ୟ ଡାକ୍ତରମାନେ "ସାଲ୍ଇନ୍" (ଲୁଣଥାଣି) ଇନ୍‌ଜେକ୍‌ସନ୍ ଦ୍ୱାରା ଶିରା ବାଟେ ଶସ୍ତ୍ରର ଉତରେ ଅନେକ ପରିମାଣରେ ଥାଣି ପୂରନ୍ତି । ଏପର କରିବା ଯୋଗୁଁ ଜମି ଯାଇଥିବା ରକ୍ତ ଶୀଘ୍ର ତରଳ ହୋଇ ରକ୍ତଚଳାଚଳ ଆରମ୍ଭ ହୁଏ । ଏଥିରେ ଶିରସ୍ପର୍ଶୀ ଜ୍ୱଡିବା କମିଯାଏ ଓ ରୋଗୀ ସୁସ୍ଥ ହୁଅନ୍ତି । ଯାହା ହେଉ, ଏହ୍ନ ଜାତୀୟ ଦ୍ୱଇଜା ହେଲେ ରକ୍ତ ଶିରସ୍ପର୍ଶୀ ଜ୍ୱଡିବା ଛଡ଼ା ଝାଡ଼ାବାନ୍ତି ନ ହୋଇ ସନ୍ନିପାତ ହୁଏ । ହାତର ଓ ପାଦର ନଖ ନୀଳବର୍ଣ୍ଣ ହୁଏ । ପ୍ରଥମରୁ ଅଳ୍ପ ଶିରସ୍ପର୍ଶୀ ଜ୍ୱଡେ; ନଶ୍ୱାସ ମାରିବାକୁ କଷ୍ଟ ହୁଏ ଓ ରୋଗୀ ଅତ୍ୟନ୍ତ ଅସ୍ଥିର ହୁଅନ୍ତି । ଝାଡ଼ାବାନ୍ତି ଆରମ୍ଭ ହେବା ପୂର୍ବରୁ ନାଡ଼ୀ ଖୁବ୍ ଜୋର୍‌ରେ ଓ ଚଞ୍ଚଳ ହୁଏ । ଅଳ୍ପ କେତେଗୁଡ଼ଏ ଲକ୍ଷଣ ଥାଏ । ଷ୍ଟେଥେସ୍‌କୋପ୍ ଦ୍ୱାରା ପରୀକ୍ଷା କଲେ ହୃତ୍‌ପିଣ୍ଡ ଖୁବ୍ ଜୋର୍‌ରେ ଧଡ଼ ଧଡ଼ ହୋଇ ଚାଲିବା ଶୁଣାଯାଏ । ଏହ୍ନ ଲକ୍ଷଣଗୁଡ଼ିକ ପାଷାଘାତିକ (paralytic variety) ଜାତୀୟ ଦ୍ୱଇଜା ଲକ୍ଷଣର ସମ୍ପୂର୍ଣ୍ଣ ବପରୀତ । ପାଷାଘାତିକ (paralytic) ଦ୍ୱଇଜାର ଲକ୍ଷଣ ଅଷ୍ଟେପିକ (spasmodic ଲ୍ଲେଗ୍ ବୋଗ୍ ହୋଇ ଶେଷ ହେବା) ଜାତୀୟ ଦ୍ୱଇଜା ଲକ୍ଷଣର ସମ୍ପୂର୍ଣ୍ଣ ବପରୀତ; ଅର୍ଥାତ୍ ଏଥିରେ ରୋଗୀ ପ୍ରଥମରୁ ସ୍ଥିର ହୋଇ ପଡ଼ି ଥାଆନ୍ତି, ଛଟପଟ ଅଦୌ ହୁଅନ୍ତି ନାହିଁ । ଷ୍ଟେଥେସ୍-କୋପ୍ ଦ୍ୱାରା ହୃତ୍‌ପିଣ୍ଡ ପରୀକ୍ଷା କଲେ ସ୍ପନ୍ଦନର ଆଘାତ ଅତ୍ୟନ୍ତ ଧୀରେ ଧୀରେ ଶୁଣାଯାଏ, କମ୍ପା ସମସ୍ତ ସମସ୍ତରେ ଅଦୌ ଶୁଣାଯାଏ ନାହିଁ । ହୃତ୍‌ପିଣ୍ଡର ବଳ କମ୍ ହେବାରୁ ରକ୍ତ ଚଳାଚଳରେ ବାଧା ପଡ଼େ । ସେଥିଯାଇଁ ନଶ୍ୱାସ ମାରିବାକୁ କଷ୍ଟ ହୁଏ । ଶସ୍ତ୍ରର ଥଣ୍ଡା ଓ ଜାଲବର୍ତ୍ତି ହେବା ଉତ୍ତମ ଲକ୍ଷଣସବୁ ପ୍ରକାଶ ହୁଏ । ଅଳ୍ପର କାର୍ଯ୍ୟକାରୀ ଶକ୍ତି

Digitized by srujanika@gmail.com

ବନ୍ଦ ହୋଇ ଯିବାରୁ ସେଠ ଫାମ୍ପେ । ମୂତ୍ରଯନ୍ତ୍ର କାର୍ଯ୍ୟକାରୀ ନ ହେବାରୁ ପରସ୍ରା ବନ୍ଦ ହୋଇଯାଏ । ଏହିଠାରେ ମନେ ରଖିବାକୁ ହେବ ଯେ, ପୂର୍ବୋକ୍ତ ଅଜେପିକ ଜାଙ୍ଗୟି ହଇଜାର ପ୍ରଥମ ଅବସ୍ଥାରେ ଆକ୍ଷେପ (ଲୋଟୁକୋଟୁ ହେବା) କମିଯାଇ କେତେବେଳେ କେତେବେଳେ ଏହିପ୍ରକାର ପାଚାଘାତିକ (paralytic) ହଇଜାର ସବୁ ଲକ୍ଷଣ ପ୍ରକାଶ ହୁଏ ।

ହଇଜା ରୋଗୀଙ୍କର ଶୁଭ ଲକ୍ଷଣ—

ସନ୍ଧିପାତ ଅବସ୍ଥାରେ ନାଡ଼ ଗୁଲିବା; ଶରୀରରୁ ଏକଦମ୍ ଜଡ଼ାପ କମିଯିବା; ଶୀଘ୍ର ଶୀଘ୍ର ପ୍ରତିକ୍ରିୟା (reaction) ଆରମ୍ଭ ହେବା; ଝାଡ଼ାର ରଙ୍ଗ ପରିବର୍ତ୍ତନ ଓ ବହଳତା ହେବା; ଦେହରେ ଗରମ ଅସିବା ଓ ଅଣ୍ଡିର ଓ ମୁହଁର ଜ୍ୟୋତି (ତେଜ) ଆସିବା; ଶ୍ୱାସ ପ୍ରଶ୍ୱାସ ନେବାକୁ କଷ୍ଟ ନ ହେବା; ବଦ ଓ ଶାନ୍ତ ବୋଧ ହେବା; ସନ୍ଧିପାତ ଓ ଭଲ ଆଡ଼କୁ ଅସିବାର ମଧ୍ୟବର୍ତ୍ତୀ ସମୟରେ ହୁକ୍କା ହେବା ଏବ ସନ୍ଧିପାତ ଅବସ୍ଥାର ଯେଉ ହାତକୁ ନାଡ ଜଣାଯିବା ।

ହଇଜା ରୋଗୀଙ୍କର ଅଶୁଭ ଲକ୍ଷଣ—

ରୋଗୀଙ୍କର ଶୀଘ୍ର ଶୀଘ୍ର ବଳ କମିଯିବା, ରୋଗୀ ଅଜ୍ଞାନ ହେବା, ସନ୍ଧିପାତ ହେବା, ଛଟପଟ ହେବା, ଶ୍ୱାସ ମାରିବାକୁ କଷ୍ଟ ହେବା, ନାଡ଼ୀ ନ ମିଳିବା, ଅନେକକ୍ଷଣ ପର୍ଯ୍ୟନ୍ତ ସନ୍ଧିପାତ ହୋଇ ରୋଗୀ ପଡ଼ ରହିଥିବା, ଉଲ୍ଟି ବାନ୍ତି ଓ ଝାଡ଼ା ହେବା, କନ୍ଥ ସମସ୍ତ ପର୍ଯ୍ୟନ୍ତ ପିତ୍ତ ନ ବାହାରିବା ଓ ପରସ୍ରା ବନ୍ଦ ହୋଇଯିବା, ସର୍ବଦା ଶିମ୍ବଳି ଉଠିବା, ଅନବରତ ଝାଙ୍ଗାବାନ୍ତି ହେବା; ପ୍ରଳାପ (Delirium); ଅନ୍ଧତ୍ୱ; ପାଟିରେ ପାଣି ଦେଲେ କ୍ଷଣି ପାଣି ବାହାରକୁ ବୋହୁ ଅସିବା; ଅଜଣାରେ ଝାଡ଼ା ହୋଇଯିବା; ରୋଗୀ ନସ୍ତବ ହୋଇ ପଡ଼ ରହିଥିବା; ଇଜ୍‌ରମିଆ (ପରସ୍ରାର ବିଷାକ୍ତ ପଦାର୍ଥ ରକ୍ତରେ ମିଶିଲେ ଇଜ୍‌ରମିଆ ହୁଏ); ହୃତପିଣ୍ଡର କାର୍ଯ୍ୟ ବନ୍ଦ (Heart-failure) ପ୍ରଭୃତି ହଇଜାର ଅଶୁଭ ଲକ୍ଷଣ ।

ହଇଜାର ଚାରି ଚାରି ଅବସ୍ଥା :—

୧ମ ଅବସ୍ଥା ବା ଅକ୍ରମଣ ଅବସ୍ଥା
(Stage of invasion)

ପ୍ରଥମରେ ଧୀରେ ଧୀରେ ଅଳ୍ପ ଅଳ୍ପ ତରଳ ଝାଡ଼ା, ବାନ୍ତି ଓ ପେଟରେ ଯନ୍ତ୍ରଣା ପ୍ରଭୃତି ଲକ୍ଷଣ ଉପସ୍ଥିତ ହୁଏ । ପୁଣି କେତେବେଳେ ବା ହଠାତ୍ ଦେଖାଯାଏ—ଅଳ୍ପ ପରିମାଣରେ ଘନ ଘନ ପାଣି ପର ତରଳ ଝାଡ଼ା ହୁଏ । ଝାଡ଼ାର ରଙ୍ଗ ପ୍ରଥମେ ଦୁଲଦଥ, ପରେ ଗୁଜ୍‌ଲଧୂଅ ପାଣି ପର ପକା ହୁଏ, ପ୍ରବଳ ବାନ୍ତି ହୁଏ । ଗୋଡ ହାତରେ ଶିମ୍ବଳି ଉଠିବା ପ୍ରଭୃତି ଲକ୍ଷଣ ସବୁ ଗୁଡ଼ିଁ ଗୁଡ଼ିଁ ବଢ଼ିଯାଏ ।

୨ୟ ଅବସ୍ଥା-ପୂର୍ଣ୍ଣ ଭାବରେ ପ୍ରକାଶ ପାଇବା ଅବସ୍ଥା (Stage of full development),

୩ୟ ଅବସ୍ଥା—ସନ୍ଧିପାତ ଅବସ୍ଥା (Stage of collapse)

୪ର୍ଥ ଅବସ୍ଥା—ପ୍ରତିକ୍ରିୟା ଅବସ୍ଥା (Stage of reaction),

୫ମ ଅବସ୍ଥା—ପରବେଶୀ ଜ୍ୱରସନ୍ତାପ (Stage of seaqelae)].

ହୈତି—ଦେ. ଅ—ସମ୍ମତି ଓ ଜଣ୍ଡପ୍ରାର୍ଥକ ଦିଂ ଜନ୍ତେ—

Haiti Yes certainly.
ହାତୋ ହାଁ

ହୈଡ଼ିମ୍ବ—ପ ବ. ପୁଂ (ହିଡ଼ମ୍ବା + ଅପତ୍ୟାର୍ଥେ ପୁଂଲିଙ୍ଗ + ଅ)—

Hairdimba ହିଡ଼ମ୍ବା ରାକ୍ଷସୀ ଗର୍ଭରୁ ଜାତ ଭୀମସେନ ପୁତ୍ର ଘଟୋତ୍କଚ - The son of Bhīma by demoness Hirḍimbā.

ହୈତ—ଦେ. ଅ – (ଶବ୍ଦାନ୍ତେ 'ତ'ର ଦୀର୍ଘ ଉଚ୍ଚାରଣ)—(ଜଣ୍ଡପ୍ରାର୍ଥକ ଅବ୍ୟୟ) ହଁତ; ହଁ, ଜନ୍ତେ—Yes, certainly; Oh yes !

Haita
ନିଶ୍ଚୟ ହଁ।

ହୈତୁକ —ସଂ. ବଣ. ପୁଂ—(ହେତୁ + କ) – ୧ । ସତ୍ ଯୁକ୍ତି ବ୍ୟବହାର୍ଯ୍ୟ (ବ୍ୟକ୍ତି) (ମନୁ)—1. Using good reasonings or arguments. ୨ । ଯୁକ୍ତିଦ୍ୱାରା ଦୋଷକର୍ମରେ ସନ୍ଦେହକାରୀ (ବିଷ୍ଣୁପୁରାଣ) – 2. A person who by reasoning doubts good works. ୩ । ହେତୁ ବା କାରଣ ସମ୍ବନ୍ଧୀୟ—3. Relating to cause. ୪ । ଯୁକ୍ତି ସମ୍ବନ୍ଧୀୟ—4. Relating to reasoning

Haituka
(ବ୍ୟକ୍ତି) (ମନୁ)—
(ହୈତୁକୀ—ସ୍ତ୍ରୀ)

ହୈବେ—ଦେ. ଅ—ଅବଜ୍ଞାର୍ଥକ ସମ୍ବୋଧନ—

Haibe Interjection used in contempt or disregard.
ହାଁରେ ଅରେ

ହୈମ—ସ. ବଣ—(ହିମ + ସମ୍ବନ୍ଧାର୍ଥେ ଅ)—୧। ହିମୋଦ୍ଭବ, ତୁଷାରୋତ୍ପନ୍ନ—

Haima ଭବ—1. Born of or produced by cold or snow. ୨ । ତୁଷାରାଚ୍ଛାଦିତ—2. Covered with snow. ୩ । ଅତି ଶୀତଳ 3. Chilly; very cool; cold. ୪ । (ହେମନ୍ + ଅ) ସ୍ୱର୍ଣ୍ଣ ନିର୍ମିତ; ହେମଜାତ; ହେମମୟ; ହିରଣ୍ମୟ (ମୃଚ୍ଛକଟ)—4. Made of gold. ୫ । ସ୍ୱର୍ଣ୍ଣବର୍ଣ୍ଣ ବିଶିଷ୍ଟ—5. Of golden colour. ବ—୧ । ଭୂନିମ୍ବ, ଭୂଇଁନିମ୍ବ (ରାଜନିର୍ଘଣ୍ଟ) 1. Andrographis Paniculata (plant). ୨ । ଶିଶିର—2. Dew; hoar frost.

ହୈମଁ—ଦେ. ଅ—୧ । ସମ୍ମୁଖସ୍ଥ ନିକଟବର୍ତ୍ତୀ ବ୍ୟକ୍ତିକୁ ସମ୍ବୋଧନ କରିବା ବା ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ବୋଧନ—1. Interjection used in drawing the attention of a familiar person near by. ୨। ହଁମ (ଅବଜ୍ଞାରେ ବ୍ୟବହୃତ)—2. (Interjection) Yes, I do not care.

Haimañ

ହୈମ କିରଣ—ସ. ବ—(କର୍ମଧା)—ସ୍ୱର୍ଣ୍ଣବର୍ଣ୍ଣଯୁକ୍ତ ରଶ୍ମି—

Haima kiraṇa Golden ray.

Digitized by srujanika@gmail.com

ହୈମ ଦ୍ୟୁତ—ସଂ. ବ—(କର୍ମଧା)—୧। ସ୍ୱର୍ଣ୍ଣମସ୍ ପ୍ରଭ—1. Golden. Haima dyuti lustre. ୨। ସ୍ୱର୍ଣ୍ଣର ଉଜ୍ଜ୍ୱଳତା—2. Lustre of gold.

ହୈମନ—ସ. ବଣ – (ହେମନ୍+ଅ)—୧। ସ୍ୱର୍ଣ୍ଣମସ୍—1. Golden. Haimana (Apte). ୨। ସ୍ୱର୍ଣ୍ଣ ନିର୍ମିତ—2. Made of (ହୈମୀ—ସ୍ତ୍ରୀ) gold (Apte). ୩। ସ୍ୱର୍ଣ୍ଣ ସମ୍ବନ୍ଧୀୟ—3. Relating to gold (Apte). ୪। (ହେମନ୍+ଭବାର୍ଥେ ଅ, ତ ଲୋପ) ହିମଜାତ—4. Born of or produced by Hima. ୫। ହୈମନ୍ତିକ; ହିମକାଳୋଦ୍ଭବ—5. Growing in the prime of winter. ବ—୧। ହେମନ୍ତ ଋତୁ (ଶବ୍ଦରତ୍ନାବଳୀ); ମାର୍ଗଶିର ଓ ପୌଷମାସ, ସଉନ୍ତରେ କାର୍ତ୍ତିକ ଓ ମାର୍ଗଶିର ମାସ—1. The 1st two months of winter. ୨। ମାର୍ଗଶୀର୍ଷ ମାସ (ବ୍ରଜବର୍ଦ୍ଧ୍ୟ)—2. The month of Mārgasira. ୩। ହିମକାଳୋଦ୍ଭବ ଷଷ୍ଟିକ ଧାନ୍ୟ; ଷାଠିକା ଧାନ; ଲଘୁ ଶାରଦ ଧାନ (ବ୍ରଜ ବଚ୍ଚଭ)—3. A variety of paddy ripening in the beginning of winter; early winter paddy. [ଦ୍ର—ଏହା ମଧ୍ୟ ଓ ବୃଦ୍ଧ ଅଟେ ।]

ହୈମନ୍ତ—ସ ବଣ (ହେମନ୍ତ+ଭବାର୍ଥେ ଅ)—୧। ହେମନ୍ତଋତୁଜାତ; ହେମନ୍ତଋତୁ ଜାତ—1. Growing in (ହୈମନ୍ତୀ—ସ୍ତ୍ରୀ) 'Hemanta'. ୨। ହେମନ୍ତସମ୍ବନ୍ଧୀୟ—2. Relating to Hemanta. ବ—୧। ହେମନ୍ତ ଋତୁ; ମାର୍ଗଶିର ଓ ପୌଷମାସ—1. The first two months of winter. ୨। ଶୀତଋତୁ—2. Winter.

ହୈମନ୍ତିକ—ସ. ବଣ—(ହେମନ୍ତ+ଭବାର୍ଥେ ଇକ)—୧। ହେମନ୍ତ Haimantika କାଳ ଜାତ—1. Growing in the Hemanta (ହୈମନ୍ତିକୀ—ସ୍ତ୍ରୀ) season. ୨। ହେମନ୍ତକାଳୀନ—2. Relating to Hemanta. ୩। ଶାରଦ ଧାନ; ଶାଳି ଧାନ (ଚଥ୍ୟାଦ ଚତୁ)—3. The early winter paddy.

ହୈମବତ—ସଂ. ବଣ.ତ୍ରି—(ହିମବତ୍+ଅ)—ହିମାଳୟ ସମ୍ବନ୍ଧୀୟ—Haimabata Himalayan. ବ—୧। ଭାରତବର୍ଷ (ହିକାଣ୍ଡ (ହୈମବତୀ—ସ୍ତ୍ରୀ) ଶେଷ)—1. India. ୨। ବତ୍ସନାଭ (ହେମବତ୍ସ)—2. A kind of poison.

ହୈମବତ ବର୍ଷ—ସ. ବ—ଭାରତବର୍ଷ (ବ୍ରହ୍ମାଣ୍ଡପୁରାଣ); ହିମାଳୟର Haimabata barsha ଦକ୍ଷିଣବର୍ତ୍ତୀ ଦେଶ—India (bounded by the Himalayas on the north

ହୈମବତୀ—ସଂ.ବଣ. ସ୍ତ୍ରୀ—(ହୈମବତ+ସ୍ତ୍ରୀ.ଈ)—ହୈମବତର ସ୍ତ୍ରୀଲିଙ୍ଗ Haimabatī —The feminine of Haimabata ବ. ସ୍ତ୍ରୀ —୧। (ହିମବତ୍+ଅସତ୍ୟାର୍ଥେ ଅ+ସ୍ତ୍ରୀ ଈ)—ପାର୍ବତୀ; ଉମା (ଅମର)—1. Goddess Pārbatī. ୨। ହରୀତକୀ (ଅମର)—2 Myrobalan. ୩। ସ୍ୱର୍ଣ୍ଣକ୍ଷୀରୀ (ମେଦନୀ)—3. Gamboje thistle plant. ୪। ଶ୍ୱେତବଚ;ଗୋବଚା ବଚ(ମେଦନୀ)—4.The white variety of Acorus Calamus. ୫। ଗଙ୍ଗା (ହିମାଳୟୋଦ୍ଭବା ଥିବାରୁ) (ଧରଣୀ)—5. The Ganges. ୬। ରେଣୁକା ନାମକ ଗନ୍ଧଦ୍ରବ୍ୟ (ବ୍ରଜ ନର୍ଘଣ୍ଟ)—6. A scented herb. ୭। କପିଳ ଦ୍ରାକ୍ଷା (ବ୍ରଜନର୍ଘଣ୍ଟ)—7.Brown grape. ୮। ଅତସୀ (ବ୍ରଜ ନର୍ଘଣ୍ଟ)—8. Common flax; linseed. ଦେ.ଣ ସ୍ତ୍ରୀ—ସ୍ତ୍ରୀ ଲୋକଙ୍କ ନାମ—A name given to females.

ହୈମମୃଦ୍ରିକ—ସ. ବଣ—(ବହୁବ୍ରୀହି; ହୈମୀ ମୁଦ୍ରା ଅଛୁ ଯାହାର)—Haimamudrika ସ୍ୱର୍ଣ୍ଣ ମୁଦ୍ରା ବଶିଷ୍ଟ; ସୁନାମୁନ୍ଦିଯୁକ୍ତ (ମୁଗ୍ଧବୋଧ)—Having golden rings.

ହୈମଳ—ସଂ. ବ – (ହିମଲ+ଅ)—ହୈମନ; ହେମନ୍ତଋତୁ (ଶବ୍ଦ Haimala ରତ୍ନାବଳୀ)—The first two months of winter.

ହୈମା (ମୀ)—ସଂ. ବଣ—(ହୈମ+ଆ; ସ୍ତ୍ରୀ ଈ)—ହୈମର ସ୍ତ୍ରୀଲିଙ୍ଗ Haimā (mī) Feminine of Haima. ବ—ପୀତ ଯୂଥିକା (ଶବ୍ଦ ରତ୍ନାବଳୀ); ସ୍ୱର୍ଣ୍ଣଯୂଇ ଫୁଲ—Yellow variety of Jasminum Auriculatum.

ହୈୟଙ୍ଗବୀନ—ସଂ.ବ—(ଦ୍ୟୁଃ=ଗତକାଲ+ଗୋ+ଭବାର୍ଥେ ଇନ, Haiṅgabīna ନଞାଦିନ ସିଦ୍ଧ)—୧। ସଦ୍ୟଃ ଗୋଦୋହନଭବ ଘୃତ (ଅମର); ଗତକାଲି ଗାଈ ଦୁହାଁ ଯାଇଥିବା ଦୁଧକୁ ମହ ପକାଇ ବସାଦହି କରି ତହିଁରୁ ଅଜ ସକାଳେ ଲହୁଣି ବାହାର କରି ସେହି ଲହୁଣୀରୁ ଯେଉଁ ଘିଅ ହୁଏ—1. Ghee prepared from yesterday's milk. ୨। ନବନୀତ; ଲହୁଣୀ (ରତ୍ନମାଳା, ବ୍ରଜ ନର୍ଘଣ୍ଟ)—2. Butter.

ହୈରିକ—ସଂ. ବ—ଚୌର; ଚୋର (ଧରଣୀ)—Hairika Thief.

ହୈରେ—ଦେ. ଅ (ପୁରୁଷ ପ୍ରତି)—ଅପଶା ଅପେକ୍ଷା ନୀଚ ବ୍ୟକ୍ତି ପ୍ରତି Haire ପ୍ରଯୁକ୍ତ ସମ୍ବୋଧନ—Interjection used in addହଁରେ, ଓରେ ressing one's inferior. [ଦ୍ର—କୃତଚ୍ ଏହା ଅରେ ଅଟେ ପରତତ ଆସଣାର ସ୍ତ୍ରେଚ୍ଛାଚାର ସ୍ତ୍ରୀ (ସଖା—ଶିଷ୍ୟା, ସ୍ତ୍ରୀ, କନ୍ୟା, ସାନ ଭଉଣୀ)ଙ୍କ ପ୍ରତି ମଧ୍ୟ ବ୍ୟବହୃତ ହୁଏ ।]

ହୈହ(ହେ)ସ୍—ସ. ବ (ନାମ)—୧। ପ୍ରାଚୀନ ଭାରତର ପଶ୍ଚିମପ୍ରାନ୍ତସ୍ଥ Haiha(he)ya ଦେଶ ବିଶେଷ—1. Name of an ancient country in western India. ୨। ସ୍ୱଳ୍ପ କାର୍ତ୍ତବୀର୍ଯ୍ୟ (ହେମଚନ୍ଦ୍ର) (ଏ ହୈହୟ ଦେଶର ରାଜା ଥିବାରୁ)—2. King Kārttabīrjya of ancient India. ୩। ପ୍ରାଚୀନ ଭାରତର ସ୍ୱଳ୍ପବଂଶ ବିଶେଷ—

Digitized by srujanika@gmail.com

3. Name of a royal dynasty of ancient India.

[ଦ୍ର—ମତ୍ସ୍ୟପୁରାଣ, ବିଷ୍ଣୁପୁରାଣ ଓ ଦେବୀ ଭାଗବତରେ ଉକ୍ତ ଯେଉଁ ସ୍ଥାନରେ ବର୍ଣ୍ଣିତ ଉପାଖ୍ୟାନମାନଙ୍କରୁ ହୈହୟ ବଂଶର ବିବରଣ ସଂକଳିତ ହୋଇଥାରେ।

ଦେବୀ ଭାଗବତ ୬ଷ୍ଠ ଅଧ୍ୟାୟ (୧୬ଶ ଠାରୁ ୨୬ଶ ଶ୍ଲୋକରେ) ବର୍ଣ୍ଣିତ ହୋଇଅଛି ଯେ, ଚନ୍ଦ୍ରବଂଶୀୟ ଯଯାତି ତାଙ୍କ ଶ୍ୱଶୁର ଶୁକ୍ରାଚାର୍ଯ୍ୟଙ୍କ ଅଭିଶାପ ଫଳରେ ବାର୍ଦ୍ଧକ୍ୟ ଲଭିବାରୁ, ପିତାଙ୍କ ବାର୍ଦ୍ଧକ୍ୟକୁ ଗ୍ରହଣ କରି ତାଙ୍କ ଯୌବନକୁ ପିତାଙ୍କୁ ଦେବାକୁ ଯଯାତି ତାଙ୍କ ପୁତ୍ର-ମାନଙ୍କୁ (ଶର୍ମିଷ୍ଠାଙ୍କ ଗର୍ଭଜାତ ଦ୍ରୁହ୍ୟ; ଅନୁ ଓ ପୁରୁ ଓ ଦେବଯାନୀଙ୍କ ଗର୍ଭଜାତ ତୁର୍ବସୁ ଓ ଯଦୁଙ୍କୁ) କହିଲେ। ଏ ପ୍ରସ୍ତାବରେ ଅନ୍ୟ ପୁତ୍ରମାନେ ରାଜି ହେଲେ ନାହିଁ, କନିଷ୍ଠ ପୁରୁ ରାଜି ହୋଇ ପିତାଙ୍କ ବାର୍ଦ୍ଧକ୍ୟ ଗ୍ରହଣ କଲେ ଓ ପିତାଙ୍କୁ ଆପଣା ଯୌବନ ଦେଲେ। ଯଯାତି ପୁତ୍ରଙ୍କ ଉପରେ ପ୍ରସନ୍ନ ହୋଇ ତାଙ୍କର ହସ୍ତିନାପୁର ସିଂହାସନ ପୁରୁକୁ ଦେଲେ ଓ ପୁରୁ ପୌରବ ବଂଶର ଅଧିକାସ୍ତ ହେଲେ। ତୁର୍ବସୁ ରାଜ୍ୟର ଦକ୍ଷିଣପୂର୍ବ ଅଂଶ ପାଇଲେ, ଯଦୁ ଉତ୍ତର-ପଶ୍ଚିମାଂଶ, ଦ୍ରୁହ୍ୟ ପଶ୍ଚିମାଂଶ ଓ ଅନୁ ଉତ୍ତରାଂଶ ପାଇଲେ। (ହରିବଂଶ ୧ମ ଅଧ୍ୟାୟ)

ତୁର୍ବସୁ ଅପୁତ୍ରକ ଥିବାରୁ ଅରଣ୍ୟକୁ ଯାଇ ପୁତ୍ର-ଲାଭାର୍ଥ ନାରାୟଣଙ୍କୁ ପ୍ରାର୍ଥନା କଲେ।

ଥରେ ସୂର୍ଯ୍ୟଙ୍କ ପୁତ୍ର ଦରବକ୍ତ୍ର ଇନ୍ଦ୍ରଙ୍କ ଉଚ୍ଚୈଃଶ୍ରବା ଅଶ୍ୱ ଉପରେ ଚଢି ବିଷ୍ଣୁ ଦର୍ଶନାର୍ଥ ବୈକୁଣ୍ଠକୁ ଯାଉ-ଥିଲେ। ଲକ୍ଷ୍ମୀ ସେ ଘୋଡାକୁ ଗୃଧ୍ର ଏପର ଭଳିଥା ହୋଇଥିଲେ ଯେ, ସେ ବିଷ୍ଣୁଙ୍କ ପ୍ରଶ୍ନର ଉତ୍ତର ଦେଲେ ନାହିଁ। ବିଷ୍ଣୁ କ୍ରୁଦ୍ଧ ହୋଇ ଲକ୍ଷ୍ମୀଙ୍କୁ ଶାପଦେଲେ। ସେହି ଶାପ ଫଳରେ ଲକ୍ଷ୍ମୀ କେତେକାଳ ଘୋଟକୀ (ବଡୀ) ହୋଇ ପୃଥିବୀରେ ବିଚରଣ କଲେ। ଲକ୍ଷ୍ମୀ ଘୋଟକୀ ରୂପେ ତମସା ଓ ଯମୁନା ସଙ୍ଗମ ସ୍ଥଳରେ ବିଚରଣ କରୁଥିଲେ। ମହାଦେବ ତାଙ୍କର ଏ ଦୁରବସ୍ଥା ଦେଖି ଦୟାର୍ଦ୍ର ହୋଇ ଏ ଦୁଃଖରୁ ଲକ୍ଷ୍ମୀଙ୍କୁ ମୁକ୍ତ ଦେବା ସକାଶେ ବିଷ୍ଣୁଙ୍କୁ ଅନୁରୋଧ କଲେ ଓ ବିଷ୍ଣୁ ସ୍ୱୀକୃତ ହେଲେ। ଏହି ସମୟରେ ତୁର୍ବସୁ ନାରାୟଣଙ୍କ ପାଖ ଗୋଟିଏ ପୁତ୍ର ଲାଭ କରିବାଇଁ ବିଷ୍ଣୁଙ୍କୁ ବର ମାଗିଲେ। ବିଷ୍ଣୁ ଅଶ୍ୱରୂପ ଧାରଣ କରି ଅର୍ଦ୍ଧନାରୀରୂପିଣୀ ଲକ୍ଷ୍ମୀଙ୍କ ସଙ୍ଗେ ମିଳିତ ହେଲେ। ଏ ସଙ୍ଗମର ଫଳରେ ଗୋଟିଏ କୁମାର ଜନ୍ମଗ୍ରହଣ କଲେ ଓ ସନ୍ତାନଙ୍କ ଜନ୍ମସରେ ଲକ୍ଷ୍ମୀ ଓ ବିଷ୍ଣୁ ସାଇ ବୈକୁଣ୍ଠରେ ବାସ କଲେ। ବିଷ୍ଣୁ ତୁର୍ବସୁଙ୍କୁ ଏହି କୁମାରଙ୍କୁ ଦାନ କଲେ। ତାଙ୍କୁ ଏକବୀର ନାମ ରଖାଗଲା। ହୟା ଓ ହୟଙ୍କ ସଙ୍ଗମରୁ ଜାତ ହୋଇ-ଥିବା ବୁ ତାଙ୍କର ଅନ୍ୟ ନାମ ହୈହୟ ହେଲା। ସେ ତୁର୍ବସୁଙ୍କ ସିଂହାସନ ଅଧିରୋହଣ କଲେ ଓ ତାଙ୍କ ନାମ ଅନୁସାରେ ସେହି ରାଜବଂଶର ନାମ ହୈହୟ ବଂଶ ହେଲା। ଏ ରୈଭ୍ୟଙ୍କ କନ୍ୟା ଏକବଲୀଙ୍କୁ ବରାହ ଭଲେ ଓ ଏ କନ୍ୟାକୁ ହରଣ କରିବାକୁ ଉଦ୍ୟତ ଭାଲକେତୁ ସହସ୍ରକୁ ବଧ କଲେ।

ଏ ଏକସହସ୍ରଙ୍କ ପୁତ୍ର କୃତବୀର୍ଯ୍ୟ ଓ କୃତଧର୍ମଙ୍କ ପୁତ୍ର କାର୍ତ୍ତବୀର୍ଯ୍ୟ। (ଧର୍ମଗ୍ରନ୍ଥ ନାମକ ଇଂରାଜ ସରକାର ୭।୧୦।୩୯ ତାରିଖର ସଖ୍ୟାରୁ ସଂକଳିତ)।]

ହୈହେ—ଦେ. ଅ—ମାନ୍ୟାସ୍ପଦା ସ୍ତ୍ରୀ ବା ପୁରୁଷଙ୍କ ପ୍ରତି ପ୍ରଯୁକ୍ତ Haihe ସମ୍ବୋଧନ—Interjection used to one's superiors (males or females).

ହୈହୈ—ଦେ, ଅ—ଦ୍ୱିରୁକ୍ତି; ସମ୍ମତିସୂଚକ—Interjection Hai hai used in consent. ଦ୍ର—ହୈ ଚୈ (ଦେଶ)—Hai chai (See)

ହୈହୋ—ଦେ. ଅ—୧। ଆପଣାଠାରୁ ମାନ୍ୟତର ଓ ସୁପରିଚିତ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—1. Interjection used familiarly to persons higher than one's self. ୨। ବହୁ ବ୍ୟକ୍ତିଙ୍କ ପ୍ରତି ସମ୍ବୋଧନ—2. Interjection used in addressing a number of persons.

ହୋ—ଅ. ଅ (ସମ୍ବୋଧନ; ହ୍ୱେ ଧାତୁ=ଡାକିବା+କରଣ ଓ)—୧। ସମ୍ବୋଧନ (ସେବକା)—1. Interjection used in addressing. ୨। ଆହ୍ୱାନ (ସେବକା)—2. Interjection used in calling. ୩। ବିସ୍ମୟ (ଅମର)—3. Interjection expressing wonder. ଦେ. ଅ—ବହୁ ଦୂରରୁ କୌଣସି ବ୍ୟକ୍ତିଙ୍କୁ ଡାକିବାରେ ବ୍ୟବହୃତ ଉଚ୍ଚ ଓ ଘୋର ଧ୍ୱନି—Vociferous long sound used in calling aloud from afar.

ହୋ ହୋ ଦେ. ବ—୧। କୋଲ୍ହ ଜାତି ଓ ସେମାନଙ୍କର କଥିତ ଭାଷା—1. A non-aryan class and their language. [ଦ୍ର—ଏମାନଙ୍କର ଲିଖିତ ଭାଷା ନାହିଁ।] ୨। ଘୋଟଘାଟ; ଗୋଲମାଲ—2. Ado; noise. ୩। ଜଣେ ଲୋକ ଦ୍ୱାରା ଆରବ୍ଧ ଧ୍ୱନିରେ ବା କାର୍ଯ୍ୟରେ ମୂଳ କାରଣ ନ ବୁଝି ବହୁ ଲୋକଙ୍କର ସାଉଯାଇ କରିବା ଗୋଲମାଲ—3. Noise or uproar initiated by one person and joined up by many persons without enquiring into or knowing the origin thereof; a wild goose chase.

ହାହାକାର ହାय तोबा ୪। ବହୁତ୍ରସ୍ତ ହୋଇଲେ ବହୁ ବ୍ୟକ୍ତିଙ୍କର ଆର୍ତ୍ତନାଦ—4. Sound of distress made by many persons in common danger. ୫। ଖେତରୁ ତଡେଇବାକୁ ଓ ବାଡରୁ

ହୋ ହୋ ହୋ ହୋ ପାକୁଡିଙ୍କୁ ଖସୁଡାଇବା ଧ୍ୱନି—5. Sound made in driving or chasing away birds and monkeys from fields etc.

Digitized by srujanika@gmail.com

ହଓ ହୁଁ ଦେ. କ୍ରି—ହେବା କ୍ରିୟାର ଅନୁଜ୍ଞା ମଧ୍ୟମ ପୁରୁଷ ଏକବଚନ ଅନାଦରାର୍ଥକ (ତୁ) ରୂପ Imperative form of verb to be;(Thou)Be. [ଦ—ଓଡ଼ିଆରେ କ୍ରିୟାମାନଙ୍କର ଅନାଦରାର୍ଥକ ମଧ୍ୟମ ପୁରୁଷ ଏକବଚନ (ତୁ କର୍ତ୍ତାଙ୍କେ ବ୍ୟବହୃତ) ରୂପ ଧାତୁ-ରୂପମାନଙ୍କର ମୂଳ ସ୍ୱରଜ ରୂପେ ଗୃହୀତ ହୋଇ ସେଥିରେ ଇଛ, ଇଲ, ଇଥିଲ, ଉଛ, ଉଥିଲ, ଇବ, ଇଥିବ ଆଦ ଅଙ୍ଗମାନ ଲଗି ଉଲ ଉଲ କାଳ ବୁଝାଏ । ଏହିସବ ଗୁଡ଼ିଏ ମୂଳ ସ୍ୱରଜ:—ଗୋ, ଖା, ଧର୍, ବସ୍—ଶ୍ରୀ ପଣ୍ଡିତ ମଲକଣ୍ଠ ଦାଶ ।]

ହୋଅ—ଦେ.କ୍ରି (ପ୍ରାଚୀନ ପ୍ରୟୋଗ)—ହୁଅ (ଦେଖ)—Hua (See)

Hoa [ତୁ—ଦ୍ୱାରେ କେତୁ ନ ଦେଖୁ ଉଉରେ ହୋଅ—ପ୍ରାଚୀ ଚଲଚ୍ଚିତ୍ର ।)

ହୋଅଇ—ଦେ. କ୍ରି (ପ୍ରାଚୀନ ଓଡ଼ିଆ କବିତାରେ ବ୍ୟବହୃତ; ସ ବୃ ଧାତୁର ଓଡ଼ିଆ ତୃତୀୟ ପୁରୁଷ ଅନାଦରାର୍ଥକ ଏକବଚନ)—ହୁଅଇ; ଅନ୍ତେ—Is.

Hoai ହୟ ହୋତାହେ

(ତୁ—ଜ୍ଞେଣେ ହୋଅଇ ରସ ଭୋଗ; ସବୁଙ୍କୁ ନୋହେ ଉପଯୋଗ—ବୃଦ୍ଧଉ ପ୍ରେମପଞ୍ଚାମୃତ ।)

ହୋଅନ୍ତୁ—ଦେ. କ୍ରି (ପ୍ରାଚୀନ ପ୍ରୟୋଗ)—ହୁଅନ୍ତୁ (ଦେଖ)—Huanti (See)

Hoanti ହୟେନ ହୋତେହେଁ

[ତୁ—ଯଜ୍ଞାଦ ଦାନ ଧର୍ମେ ସତ; ହୋଅନ୍ତୁ କୃଷ୍ଣ ସର୍ବଫଳ—ବୃଦ୍ଧଉ ପ୍ରେମପଞ୍ଚାମୃତ ।]

ହୋ ଆଡ଼େ—ପ୍ରାଦେ (ଥାଣା) ଅ—ସିଆଡ଼େ; ସେହ ଅଞ୍ଚଳେ—There; in that part.

Ho ārde

